# ରତ୍ନମଣି-ଗ୍ରନ୍ଥାବଳୀ

## ଗଦ୍ୟବିଭାଗ


କବିବର ... ଷଣର

ଶ୍ରୀ ଉ... . ଏ.


odia.org


ବାଣୀ-ସାହିତ୍ୟ-ମନ୍ଦିର
ଭଦ୍ରକ

ପ୍ରଥମ ମୁଦ୍ରଣ

ମୂଲ୍ୟ—ଛଅ ଟଙ୍କା ମାତ୍ର

# ଭକ୍ତ୍ୟୁପହାର

ନୀରବ ସାହିତ୍ୟିକ, ଉତ୍କଳସାହିତ୍ୟ ପ୍ରେମିକ, ମାତୃସାହିତ୍ୟର ମୂର୍ତ୍ତିମନ୍ତ
ଉତ୍ସାହଦାତା କେନ୍ଦୁଝରର ଛୋଟରାୟ ସାହେବ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ
ଲକ୍ଷ୍ମୀନାରାୟଣ ଭଞ୍ଜ ଦେବ ମହୋଦୟଙ୍କ ଶ୍ରୀକର-କମଳରେ
ଅନ୍ତରର ଭକ୍ତି ପ୍ରୀତିର ନିଦର୍ଶନସ୍ୱରୂପ ମୋର
"ରୂପାଚୁଡ଼ି" ଉପନ୍ୟାସଖଣ୍ଡି ଭକ୍ତ୍ୟୁପହାର
ଅର୍ପିତ ହେଲା ।

ଭଦ୍ରଖ
୬।୧।୧୯୪୦

ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ଉପାଦୁଷ

# ଉଦ୍‌ଷାଦ୍ଦଣୀ

## ପ୍ରଥମ ପରିଚ୍ଛେଦ

"କି ହୋ ଉଠ ହୋ, ବେଳ ଅସ୍ତ ହୁଡ଼ିବାକୁ ବସିଲାଣି—ତେବେ ବି ନିଦ ଭାଙ୍ଗୁ ନାହିଁ, ଏ କି ଗହନ ନିଦ ଲୋ ମାଆସୁଣୀ!" ପିଣ୍ଡାରେ ଶୁଖୁଥିବା କେତେ ଖଣ୍ଡ ଲୁଗା ତୋଳୁଁ ତୋଳୁଁ ଉଷା ସୁପ୍ତ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ବାକ୍ୟ ପ୍ରୟୋଗ କରୁଥିଲେ। ତାଙ୍କର ଅଧେ ମନ ଲୁଗାତୋଳାରେ—ଆଉ ଅଧିକ ସ୍ୱାମୀଙ୍କ ନିଦ୍ରାଭଙ୍ଗରେ ନିଯୁକ୍ତ ଥିଲା। କିନ୍ତୁ ତାଙ୍କର ଏ ସୁଆଗ-ଶ୍ଳୋକ ସ୍ୱାମୀ ନିତ୍ୟାନନ୍ଦ ଦାସ ଡାକ ନାମ ନିତେଇ ଦାସଙ୍କ କର୍ଣ୍ଣକୁହର ସ୍ପର୍ଶ କରିପାରିଲା ନାହିଁ; ସ୍ୱାମୀଙ୍କ ନାସିକା ଗର୍ଜନରେ ଧକ୍କା ଖାଇ ଆକାଶରେ ମିଳେଇ ଗଲା। ସ୍ୱାମୀଙ୍କ କାନକୁ ନ ଗଲା ତ ନାହିଁ, ନିଦ୍ରାଦେବୀଙ୍କ ସିଂହାସନ ତଳେ ପହଞ୍ଚି ପାରିଥିଲେ ସେ ଟିକିଏ ଅତେଇ ହୋଇ ଯାଇଥାଆନ୍ତେ; "ଗହନ" ଏତେ ବଡ଼ ବିଶେଷଣଟାଏ ଲାଭ କରି ସେ କଦାଚ ଅକୃତଜ୍ଞ ହୁଅନ୍ତେ ନାହିଁ। ନିଦ୍ରାଦେବୀ ବୋଧହୁଏ ଶଂଖଚିଲ ମୁହଁ ଚାହିଁ ଘରୁ ବାହାରିଥିଲେ; ନଚେତ୍ ଏଭଳି ଉଚ୍ଚ ସାର୍ଟିଫିକେଟ ତାଙ୍କ ଭାଗ୍ୟରେ ଘଟି ନ ଥାନ୍ତା। ଉଷା ଲୁଗାଗୁଡ଼ିକ ଅଲଗୁଣିରେ ସଜାଡ଼ି ରଖିଲେ। ତହିଁ ପରେ ସ୍ୱାମୀଙ୍କ ପିଠି ପାଖରେ ବସି ତାଙ୍କୁ ହଲାଇ ଦେଇ ଡାକିଲେ,—

"ସୁନ୍ଦୁରୀବାପ! ସୁନ୍ଦୁରୀବାପ! କି ହୋ ଉଠ ହୋ।"

କନ୍ୟା ସୁଭଦ୍ରା ଜନ୍ମ ହେଲା ଦିନୁ ଗୃହିଣୀ ସ୍ୱାମୀଙ୍କୁ "ସୁନ୍ଦୁରୀବାପ" ଉପାଧିରେ ଭୂଷିତ କରିଅଛନ୍ତି; ପ୍ରତିଦାନରେ ସେ ସୁଦ୍ଧା ସ୍ୱାମୀଙ୍କଠାରୁ "ସୁନ୍ଦୁରୀମା" ଉପାଧି ଲାଭ କରିଅଛନ୍ତି। ପ୍ରଣୟିନୀଙ୍କ ସୁଆଗ-ଶୀତଳ ହସ୍ତର ଅମୃତସ୍ପର୍ଶରେ ହେଉ ବା ପ୍ରେମ-ସ୍ନିଗ୍ଧ ଆହ୍ୱାନରେ ହେଉ, ଦାସେ ଦେହରୁ ନିଦ ଝାଡ଼ିଝୁଡ଼ି ଦେଇ ଉଠି ବସିଲେ। ନିଦଟା ଯେ ପାକଳ ହୋଇ ନାହିଁ, ତାଙ୍କର ଜବାକୁସୁମସଙ୍କାଶ ଅର୍ଦ୍ଧନିମୀଳିତ ନେତ୍ର ସେଥିର ନୀରବ ସାକ୍ଷ୍ୟ ପ୍ରଦାନ କରୁଥିଲା। ସେ ଆଖି ମଳି ମଳି ନିଦ୍ରୋତ୍ଥିତ ପାଣ୍ଡୁର ମୁଖରେ ହର୍ଷ-ଉଲ୍ଲାସର ମୃଦୁ-ହାସ୍ୟ ଫୁଟାଇ ସ୍ତ୍ରୀର ବାହୁରେ ଈଷତ୍ ପ୍ରେମ-ଠେଲା ମାରି କହିଲେ—"ହଠାତ୍ କେତେ ସ୍ୱପ୍ନଟା ଭାଙ୍ଗି ଦେଲ। ଆଃ, ସ୍ୱପ୍ନଟା ଯଦି ସତ ହୋଇଯାଆନ୍ତା, ତେବେ କି ମଜା ସୁନ୍ଦୁରୀମା!"

ଉଷା—ହଁ, ସପନ ସତ ହବ, ତତଲା ପାଣିରେ ଘର ପୋଡ଼ିଯିବ, ଖପ୍ପରେ ଖଇ ଭଜା ହେବ, ଆଉ ତୁମେ ବସି ମଜା ଲୁଟିବ! ସପନରେ କଅଣ ହୋଇଥିଲ—ସ୍ୱର୍ଗର ଇନ୍ଦ୍ର, ନା ମର୍ତ୍ତ୍ୟର ନରେନ୍ଦ୍ର?

ନିତେଇ—ତା' କିଛି ବଡ଼ କଥା ନୁହେଁ।

ଉଷା—କିଲୋ ମା, ତା'ଠଉଁ ବ ବଡ ! ଅଚ୍ଛା ତେବେ କି ସପନ କହୁଛ ଟିକିଏ ଶୁଣେ; ଆଉ ସୁଖ ସପନରେ ଧନ କଟିଯାଏ କି ନା, ଥରେ ପରୀକ୍ଷା କରେଁ ।

ନାତେଇ କହିଲେ—'ତେବେ ଶୁଣ କହୁଚି । ଏଥର ସ୍ୱପ୍ନ ଦେଖୁଥିଲି ଯେ, ବେଳ ରତ ରତ ହେଉଥାଏ, ମୁଁ ଆମ ବାଡି ପଛ ନଈକୂଳରେ ବୁଲୁଥିଲି । ଅସ୍ତଗାମୀ ସୂର୍ଯ୍ୟର ରକ୍ତବୋଳା ପୀତ କିରଣ ନଈପାଣିରେ ପଡି ବଡ ସୁନ୍ଦର ଦିଶୁଥାଏ—ସତେ ଯେପରି ବିଶ୍ୱକର୍ମା ଅଉଟା ସୁନା ତଳେ ନାଲି ରଙ୍ଗ ଢାଳି ଦେଇଛି ! ଦୂରରେ ପର୍ବତଟା ଓଲଟା କୋହ୍ଲ ପରି ଦିଶୁଥାଏ । ବଣିଆର ସ୍ୱଭାବ, ସେ ଆଉଟି ସାରି କୋହଟା ଉବୁଡେଇ ପକାଏ । କୁଲିମାନେ କାମ ଶେଷରେ ଦଳ ଦଳ ହୋଇ ଘରକୁ ଫେରିଗଲା ପରି ପକ୍ଷୀମାନେ ସେହି କିରଣସାଗର ଗର୍ଭରେ ବୁଡ ବୁଡ ଭାସି ଯାଉଥାଆନ୍ତି । ଗୋଟିଏ "ଜଳପିଂପି" ଚଢେଇ ନଈକୂଳ କୋଚଲା ଗଛରେ "ଜଳପିଁ ପିଁ, ଜଳପିଁ ପିଁ" ଶବ୍ଦ କରୁଅଛି । ଅନୁନାସିକ ସ୍ୱରରେ ସେ କାହାକୁ କି ଜଳ ପିଇବାକୁ କହୁଅଛି, ତାହା ସେହି ଏକା ଜାଣେ । ପୂର୍ବଦିଗ ଶରତ୍ ନିରସ ମୁଖରେ, ଉଦାସବ୍ୟଥିତ ନେତ୍ରରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖୁଅଛି । ଗୋଟାଏ ଧଳା ଛିନ୍ନ ମଲ୍ଲୀମାଳା ବାୟୁରେ ଉଡିଗଲା ପରି ଧାଡି ଧାଡି ହୋଇ ବଗ ଉଡି ଯାଉଛନ୍ତି । ପବନ ଫୁର୍ ଫୁର୍ ହୋଇ ବହୁଛି; ଦୂର ଉପବନର ଶେଫାଳୀ-ସୌରଭ ସେଥିରେ ଭାସି ଆସୁଛି । ନଈ ଆରପାରିରେ ଖଣ୍ଡିଅଭ୍ରତ ଚକ୍ରାକାରରେ ବାଲି ଉଡାଇ ଖେଳୁଛି । ଏହା ସବୁ ଦେଖି ଦେଖି ମୁଁ ନଈକୂଳରେ ବୁଲୁଥାଏ । ବୁଲୁଁ ବୁଲୁଁ ଆସି ଆମ ନାଡେଇ ଅମ୍ବଗଛମୂଳରେ ପହଞ୍ଚିଲି । ଦେଖିଲି, ତା' ମୂଳରେ ଯେଉଁ କୁଣ୍ଡାଟା ଅଛି, ସେଥିରୁ ଝିଣ୍ଟିପୋକ ବାହାରିଲା ପରି ଭଳ ଭଳ ହୋଇ ଟଙ୍କାଗୁଡାକ ବାହାରି ପଡୁଛି । ଦେଖିକରି ତ ମୁଁ ତାଟଙ୍କା ହୋଇଗଲି; ମୋର ମୁଣ୍ଡ ଘୂରିଗଲା । ମୁଁ କଅଣ କରିବ, କିଛି ଠିକ୍ କରିପାରିଲି ନାହିଁ । ଯାହା-ହେଉ, ଧୀରେ ଧୀରେ ଯାଇ ଦେଖିଲି, ସତକୁ ସତ ଟଙ୍କାଗୁଡାଏ ! ମୋର ଛାତି ଦାଉଁ ଦାଉଁ ହୋଇ ଉଠିଲା । କାଳେ କେହି ଯେବେ ଆସି ଦେଖେ, ତେବେ ସର୍ବନାଶ ! ସେଆଡକୁ କେହି ନ ଆସିବାଲାଗି କେତେ ଠାକୁରଙ୍କୁ ମୁଣ୍ଡମାରି ମାନସ କଲି । ଶେଷରେ ଗାମୁଛାରେ ଦି-ଚୁଙ୍କଲା ଟଙ୍କା ବାନ୍ଧିଲି; ଆଉ ଲୁଗାକାନି ଫିଟାଇ ଚୁଙ୍ଗୁଲାଏ ବାନ୍ଧିଲି । ତେବେ ବି ସରିଲା ନାହିଁ । ତେଣିକିବେଳେ ମୋର ତଣ୍ଟିଟା ମୋଟା ହୋଇଗଲା । ଆଉ ଉପାୟ ନ ଦେଖି କେତେଗୁଡାଏ ଟଙ୍କା ଥଳିରେ ଚାଉଳ ନାଇଲା ପରି ଗିଳି ପକାଇଲି । ଦେଖୁଁ ଦେଖୁଁ ପେଟଟା ହାଣ୍ଡିପେଟ ପରି ଢୋଲ୍ ହୋଇଗଲା । ଆଉ ଅଳିଚଳି ନ ପାରି ଶୋଇ ରହିଲି । ଘଡିକ ପରେ ତମେ ଯାଇ ପହଞ୍ଚିଲ । ମୋତେ ଦେଖି ତମେ ଛାନିଆ ହୋଇଗଲ । ମୁଁ କହିଲି, "ଦେଖୁଛ କଅଣ ସୁବୁଦ୍ଧିମା ଚଞ୍ଚଳ ଯାଇ ଆମ ଗୁହାଳକଣା ସିଉଡାଟା ଘେନିଆସ, ବୋଝେକେତେ ଟଙ୍କା ଘରକୁ ବୋହିନେଇ ଯା, ମୁଁ ଟଙ୍କା ଗିଳି ଅଳିଚଳି ପାରୁ ନାହିଁ ।" ତୁମେ ଧାଇଁ ଯାଇ ସିଉଡା ଆଣି ଟଙ୍କା ବୋହି ନେଇଗଲ; ସବୁ ସରିଲାରୁ ମୋ ପାଖରେ ଆସି ଠିଆ ହେଲ । ମୁଁ ଟିକିଏ କଡ ନେଉଟାଇବାବେଳେ ପେଟ ଫାଟିଯାଇ ଟଙ୍କାଗୁଡାକ ଝମ୍ ଝମ୍ ହୋଇ ବାହାରି ପଡିଲା । ସଙ୍ଗେ ସଙ୍ଗେ ମୁଁ ମଧ୍ୟ ମରିଗଲି ।" ସୁବୁଦ୍ଧିମା ମୁହଁଟାକୁ ପେଣ୍ଡ ପରି କରି କହିଲେ—"ଥାଉ ହୋ ଥାଉ, ଏ କି ଅଶୁଭ କଥା ? ଅଲେଇ ବଲେଇ ସବୁ ଧୋଇଯାଉ, ସେ କଅଁ ସପନରେ କଅଁ ଲାଗୁ, ମୁଁ ଆଉ ଶୁଣିବି ନାହିଁ ।" ତହୁଁ ଦାସେ ମୁରୁକି ମୁରୁକି ହସି କହିଲେ—"ଶୁଣତ, ଆଉ ଅଳପ ଅଛି । ସେଇଠୁ କଣ ହେଲା କି, ମୁଁ ତ ମରିଗଲି; ମାତ୍ର ସବୁ ଦେଖୁ-ଥାଏଁ, ଶୁଣୁଥାଏଁ । ମୋ ପେଟରୁ ବାହାରିଥିବା ଟଙ୍କାଯାକ ତମେ ଘରକୁ ନେଇଗଲ । ସବୁ ହାଣ୍ଡି, ଅଣ୍ଟିଆ, ମଠିଆରେ ସାଇତି ରଖି ଘରେ କୁଞ୍ଚି ଦେଇ ପୁଣି ମୋ ପାଖକୁ ଆସି ଗୁଣ୍ଡୁ ଗୁଣ୍ଡୁ ହୋଇ ବାହୁନି କାନ୍ଦି ବସିଲ । ଠିକ୍ ନିଶବଦ ସ୍ୱରରେ ହରପାର୍ବତୀ ବାସୁଆବଳଦ ଉପରେ ବସି କାଥାବାର୍ତ୍ତା କହୁ କହୁ ଆକାଶରେ ଯାଉଥିଲେ । ଆଉ କିଛି କଥା ନୁହେଁ—ତାଙ୍କ କୈଳାସର ଭୂତସାହୀ କଥା । କାଳିଆ ଭୂତକୁ ଭାରି ଜ୍ୱର; ସେ କୁଇନାଇନ୍ ଖାଇ ଖାଇ ବାଉଳା ହୋଇ-

ଗଲାଣି । ଧନ୍ଦାଭୂତର ମାଇପଟା ଖାଲି ଉଲେଇ—ସେ ଗନ୍ଧ ଗନ୍ଧ ହାଣ୍ଡିରେ ଖାଉଛଏ । ଝଙ୍କିଟା ଭୂତଟା ବାବା ଖେଳରେ ହଳହଳା ସବୁ ଶଳି ସାରିଲାଣି । ଗିଧ୍ନିଆଭୂତର ପୁଅ ଏଥର ଏମ୍. ଏ. ପାସ କରି ଉତ୍ତର-କୈଳାସ କଲେଜର ମେଳେଷ୍ଟର ହୋଇଅଛି । ଏହିପରି କେତେ କଥା କହି କହି ଯାଉଥିଲେ । ତମ କାନ୍ଦଣା ଶୁଣି ପାର୍ବତୀ କହିଲେ—"ରୁହ ରୁହ ମହେଶ୍ୱର, ଏତେ ରାତିରେ ମଞ୍ଚରେ କିଏ କାନ୍ଦୁଛି, କାହାର କି ଦୁଃଖ ? ଏତେ ଲୋକଙ୍କର କଷ୍ଟ ଫେଡି ଆସିଲେ,ଏବେ ଚାଲ କିଏ କାନ୍ଦୁଛି ଦେଖିବା ।" ଈଶ୍ୱର କହିଲେ—"ତମର ଆଉ କିଛି ନାହିଁ, କିଏ କେଉଁଠି କାନ୍ଦିଲା—କାହାର କି କଷ୍ଟ ହେଲା, ଖାଲି ଏହି ବେଉସା । ମୁଁ ଆଉ ଯାଇପାରିବ ନାହିଁ, ତମେ ଯିବ ତ ଯାଅ । ମାଇପିଲୋକଙ୍କର ଆଉ କିଛି ନାହିଁ—ଖାଲି ପରଘର କଥା ।" ପାର୍ବତୀ ଆଉ କିଛି ନ କହି ମୁହଁ କୁଞ୍ଚୁଣ୍ଡା କରି ବସିଲେ । ତାଙ୍କ ଆଖିରୁ ଝର ଝର ହୋଇ ଲୁହ ଗଡ଼ି-ପଡିଲା । ମହାଦେବ ଲଜ୍ଜାବୋଳା ଅପ୍ରତିଭ ଦୃଷ୍ଟିରେ ପାର୍ବତୀଙ୍କ ମୁହଁକୁ ଚାହିଁ ଧୀରସ୍ୱରରେ କଅଁଳେଇ କହିଲେ—"ଗଉରୀ, ମୁଁ ତମକୁ କିଛି କହିଲି କି ? ଭଙ୍ଗ ଆଉ ଅଫିମ ସବୁ ଢକ୍ଢକ କରି ଭାଙ୍ଗ ଘୁଣ୍ଟିଥିଲା, ଜାଣୁଛ ଏଥର ଧରି ପକେଇଛି ଯେ, ବେଳେ ବେଳେ ମୁଁ ବେହୋସ ହୋଇଯାଉଛି, ଏପରି କି ମୋ ଭିତରେ ମୁଁ ରହିପାରୁ ନାହିଁ । ଯେବେ କିଛି ଅନ୍ୟାୟ କଥା କହିଥାଏ, ତେବେ ତୁମ୍ଭ ଥାଇତ ଭାଇତ ସ୍ୱାମୀର ଦୋଷ ଧରିବ ନାହିଁ ।" ଏହା କହି ମହାଦେବ ମୌନ ହୋଇ ରହିଲେ । ତାଙ୍କର ବାର୍ଦ୍ଧକ୍ୟ ରେଖାଙ୍କିତ ମୁଖରେ, ଆଉ ବ୍ୟଥାସିକ୍ତ ଦୃଷ୍ଟିରେ ଲଜ୍ଜା ମୂର୍ତ୍ତି ଧରି ଖେଳି ବୁଲିଲା । ପାର୍ବତୀଙ୍କ ରୁଦ୍ଧ ବେଦନା କ୍ରମଶଃ ଫୁଲି ଉଠି ଛାତି ଫଟାଇ ବାହାରି ଆସିବାର ଉପକ୍ରମ ହୋଇଥିଲା । ଅଭିମାନ ହୃଦୟକବାଟ ଭାଙ୍ଗି ବାହାରକୁ ବାହାରି ଆସୁଥିଲା;ମାତ୍ର ସ୍ୱାମୀଙ୍କ କାକୁତି ଶୁଣି ସେ ସବୁ ଭୁଲିଯାଇ ହସି ପକାଇ କହିଲେ—"ବୃଥାରେ କି ତୁମ୍ଭଙ୍କୁ ଲୋକେ ଭୋଳାମହେଶ କହନ୍ତି । ଏହିକ୍ଷଣି ମାଇପିଲୋକଙ୍କର ସ୍ୱଭାବକୁ ନିନ୍ଦା କରୁଥିଲ , ତାହାସବୁ ଭୁଲିଗଲ ?" ଶିବ କହିଲେ—"ଏଁ, କିଏ ନିନ୍ଦା କରୁଥିଲା ? ନାରୀଙ୍କ ସ୍ୱଭାବ ବଡ କୋମଳ, ଆଉ ଜଳ ପରି ଶୀତଳ ପୁଣି ତରଳ । ସେମାନଙ୍କର କୋମଳବୃତ୍ତି ସଂସାରକୁ ବଞ୍ଚେଇ ରଖିଛି । ସେମାନଙ୍କର ସ୍ନେହ, ଭକ୍ତି, ଦୟା, ମାୟା ଆଉ ପରୋପକାରିତା ସେମାନଙ୍କ ପ୍ରାଣର ଦୁର୍ଲଭ ଦେବତ୍ୱ ; ବିଧାତା ସେମାନଙ୍କର ଦେହ ପାଣିରେ ଗଢିଅଛି । ଖାଲି ଏତିକି ଯେ, ସେମାନେ ଟିକ୍‌ଲି ପରି ନିଜର ରୂପଶିଖାରେ ନିଜେ ନ ପୋଡି ଅପରକୁ ପୋଡି ମାରନ୍ତି; ମାତ୍ର ସେ କିଛି ନୁହେଁ । ହଁ, କଣ କହୁଥିଲ—କିଏ କାନ୍ଦୁଛି, ସ୍ୱପ୍ନ ପରି ମୋର ଟିକିଏ ଟିକିଏ ହେଜୁ ହେଉଛି । ଅଚ୍ଛା, ଚାଲ ଦେଖିବା—ଆମର ସୃଷ୍ଟି, ଭଲ ମନ୍ଦ ଆମେ ନ ଦେଖିଲେ ଆଉ କିଏ ଦେଖିବ ? ତମର ଏହି ପରୋପକାରିତା ଗୁଣ ହେତୁ ମୁଁ ତମକୁ ଅର୍ଦ୍ଧାଙ୍ଗରେ ମିଶାଇ ରଖିଛି, ଆଉ ଗଙ୍ଗାକୁ ମସ୍ତକରେ ଧରି ବୁଢା-କାଳରେ ହଟହଟା ହେଉଛି । ସେଥିପାଇଁ ଦେବତା-ମାନେ ପଛରେ ଥଟା କରନ୍ତି—କରନ୍ତୁ,ସେ ପିଲାଛୁଆଙ୍କ ନାରୀମାହାତ୍ମ୍ୟ କାହୁଁ ବୁଝିବେ ?" ଶିବ ଏହା କହି ପାର୍ବତୀଙ୍କୁ ଘେନି ଆମ ପାଖରେ ଆସି ପହଞ୍ଚିଲେ । ତମଠାରୁ ସବୁ ଶୁଣି ମୋ ଉପରେ ଫୁଲପାଣି ଛିଞ୍ଚି-ଦେଲେ; ସେଇଠୁ ମୁଁ ଧଡପଡ ହୋଇ ଉଠି ବସିଲି । ଏହି ସମୟରେ ତମ ଡାକ ଶୁଣି ନିଦ ଭାଙ୍ଗିଗଲା ।"

ଉଷା କହିଲେ—"ହଁ, ଅଚ୍ଛା ସପନ ଦେଖିଛ, ଏବେ ମୁହଁ ଧୋଇ ଆସ, ପିଣ୍ଡାରେ ପାଣି ଅଛି । ମୁଁ କିଛି ଗଣ୍ଡାଏ ଆଣେ, ପାଟିରେ ପକାଇବ ।" ଏହା କହି ଉଷା ସ୍ୱାମୀଙ୍କ ପାଖରୁ ଉଠିଗଲେ ଏବଂ ଗୃହାନ୍ତରରୁ ପୋଡପିଠା ଆଉ ଦୁଧ ଆଣି ସ୍ୱାମୀଙ୍କ ଆଗରେ ଥୋଇ ଖଣ୍ଡେ ପଙ୍ଖା ଧରି ମାଛି ତଡିବାକୁ ଲାଗିଲେ । ଭୋଜନ ଶେଷରେ ଦୁଇଖଣ୍ଡ ପାନ ଆଣି ଦେଲେ । ଦାସେ ଷୋଳବର୍ଷା ଭୋଜନ କରି ପାନ ଖାଇ ଦାଣ୍ଡଆଡକୁ ବୁଲିବାକୁ ଗଲେ ।

## ଦ୍ୱିତୀୟ ପରିଚ୍ଛେଦ

ଶ୍ରୀସ୍ୱରୂପନଗରବାସୀ ନିତ୍ୟାନନ୍ଦ ଦାସ ଜଣେ ବର୍ଦ୍ଧିଷ୍ଣୁ ଗୃହସ୍ଥ । ସେ ଜାତିରେ ବ୍ରାହ୍ମଣ ବୈଷ୍ଣବ । ଦାରପରିଗ୍ରହଣ, ଆମିଷଭକ୍ଷଣ ପ୍ରଭୃତି ଗୃହସ୍ଥ-ସୁଲଭ ଆଚାରବ୍ୟବହାରରେ ସେ ସମ୍ପୂର୍ଣ୍ଣ ସଂସାରୀ ହୋଇ ସୁଦ୍ଧା ଅବିକଳ ବୈଷ୍ଣବ । ତାଙ୍କ ନାମର ତିନି ସଂସ୍କରଣ ହୋଇଯାଇଅଛି । ପ୍ରଥମ—ନିତ୍ୟାନନ୍ଦ ଦାସ, ଦ୍ୱିତୀୟ—ନିତେଇ ଦାସ, ତୃତୀୟ—ନିତେଇ ଗୋସାଇଁ । ପ୍ରଥମଟି ପେଡିବନ୍ଧା ପୋଷାକୀ ନାମ—ଦ୍ୱିତୀୟଟି ଅପ୍ରଚଳିତ ଏବଂ ତୃତୀୟ ନାମରେ ସେ ସାଧାରଣରେ ପରିଚିତ । ଦାସେ ଯୁବକ ନୁହନ୍ତି କିମ୍ବା ପ୍ରୌଢ଼ ନୁହନ୍ତି—ମଧ୍ୟମ ବୟସ୍କ । ମସ୍ତକ ମୁଣ୍ଡିତ; କେବଳ ଚାରଙ୍ଗୁଳ ଦେଙ୍ଗପରି କେସିଏ ଚୈତନ ଚୁଟି ମସ୍ତକର କେନ୍ଦ୍ର-ସ୍ଥଳରେ ଫର୍‌ଫର୍ ହୋଇ ଉଡୁଥାଏ । ଏହାହିଁ ତାଙ୍କର ବୈଷ୍ଣବପତାକା । ଯଜ୍ଞଭୂମି ତିଳତଣ୍ଡୁଳିତ ହେଲା ପ୍ରାୟ ବିଶାଳ ବକ୍ଷ କୃଷ୍ଣଶୁକ୍ଳ ଲୋମରାଜିରେ ଆବୃତ । ବର୍ଣ୍ଣ ନ ଗୌର, ନ କୃଷ୍ଣ, ନ ଶ୍ୟାମ; ଅର୍ଥାତ୍ ଏ ତିନିଙ୍କର ମିଶାମିଶି । ଲୋକଟି ବାହାରକୁ ଖୁବ୍ ସରଳସୁନ୍ଦର; ମାତ୍ର ଭିତରଟାରେ ଦୁରଭିସନ୍ଧି-ଜୀବାଣୁ ସଲ୍‌ସଲ । ଛାଲ-କୁଆଚୋରି, ପିସାଦ, ଖଚ, ମିଛ, ଦଗାବାଜୀ, ପରର ଅନିଷ୍ଟଚିନ୍ତା ପ୍ରଭୃତି ଦୁଷ୍ଟା ସରସ୍ୱତୀଙ୍କ ଭଣ୍ଡାରରେ ଯେତେ ପ୍ରକାର ଅବିଦ୍ୟା-କୁବିଦ୍ୟା ଅଛି, ସବୁଥିରେ ସେ ଗ୍ରାଜୁଏଟ୍ । ଏଥିପାଇଁ ଲୋକେ ତାଙ୍କୁ ତିଙ୍କିବାହନ ଋଷିବିଶେଷଙ୍କ ନାମରେ ଅଭିହିତ କରନ୍ତି । ଲୋକନିନ୍ଦା, ଗାଳିପ୍ରଭୃତି ପାଇଁ ତାଙ୍କର ତିଳେ ମାତ୍ର ଭ୍ରୂକ୍ଷେପ ନାହିଁ ; ଯେହେତୁ ନିନ୍ଦା କିମ୍ବା ଗାଳିରେ ତ ଆଉ ଦେହରେ ଫୋଟକା ହୋଇଯାଏ ନାହିଁ । ସେ ସବୁ ସଙ୍ଗରେ ତାଙ୍କର ବାଲ୍ୟସ୍ନେହର ଗ୍ରନ୍ଥିବନ୍ଧନ ହୋଇଯାଇଅଛି । ବନ୍ଧୁତାର ସ୍ୱାଭାବିକ ଯୋଗସୂତ୍ର ପରି ସେ ଗ୍ରନ୍ଥିବନ୍ଧନ ଶିଥିଳ ବା ଛିନ୍ନ ହେବାର ନୁହେଁ । ହୃଦୟଟି କୁମ୍ଭୀପାକ କୁଣ୍ଡତୁଲ୍ୟ ପବିତ୍ର ଏବଂ ନିର୍ମଳ । ପ୍ରତାରଣା ଏବଂ ପ୍ରଗଲ୍ଭତାକୁ ବୈଷ୍ଣବଶିରୋମଣି ଦାସେ ମୁକ୍ତିର ସ୍ୱଚ୍ଛରଥ୍ୟା ତୁଲ୍ୟ ମଣନ୍ତି । ତୃଣୁ ପରି ସହିଷ୍ଣୁ, ହେବା ବୈଷ୍ଣବଧର୍ମର ମୂଳମନ୍ତ୍ର । ଦାସେ ଏ ଉକ୍ତିର ଜୀବନ୍ତ, ଜ୍ୱଳନ୍ତ ଏବଂ ସତ୍ୟଧୃତ ଦୃଷ୍ଟାନ୍ତ । ଆଗ୍ନେୟ ଶ୍ଳେଷବାଣୀ ଅଥବା ବିଦ୍ରୂପର ବୈଶାଖ ଝଞ୍ଜାପବନ, କାହିଁରେ ସେ ବିଚଳିତ ହେବାର ପାତ୍ର ନୁହନ୍ତି । ସକଳ ପ୍ରକାର ଉତ୍ତାପ ତାଙ୍କ ଦେହରେ ସୁସହ । ଦାସଙ୍କର ମହାଜନୀ କାରବାର ଅଛି । ମାଲ ବନ୍ଧା ରଖି ଟଙ୍କା କରଜ ଦିଅନ୍ତି । ସୁନା ରୁପା ବ୍ୟତୀତ ସେ କଂସା ପିତ୍ତଳ ଛୁଅନ୍ତି ନାହିଁ । ବ୍ୟବସାୟ ବିଷୟରେ ସେ ନିତାନ୍ତ ନାବାଳକ ନୁହନ୍ତି; ଏମନ୍ତ କି, ସେ ବିଦ୍ୟାରେ ସ୍ୱୟଂ ଚିତ୍ରଗୁପ୍ତ ସୁଦ୍ଧା ତାଙ୍କଠାରେ ପରାଜୟ ସ୍ୱୀକାର କରିବେ । ଶହେ ଟଙ୍କାର ପଦାର୍ଥ ବନ୍ଧା ରଖି ସେ ବଡ଼ ଜୋର ଚାଳିଶ ଟଙ୍କା ଧାର ଦିଅନ୍ତି । ବ୍ୟବହାରରେ ତାଙ୍କର ମୁହଁଲାଜ ନାହିଁ । ମାଅର ସୁଧ ଭାଇ ହେଉ ପଛେ, ମୁଦିଟିଏ ବନ୍ଧା ନ ଦେଲେ ତାଙ୍କ-ଠାରୁ ପଇସାଟିଏ ଆଣିବାର ଉପାୟ ନାହିଁ । ସୁଧକୁ ସେ ଦେହର ରକ୍ତଠାରୁ ଅଧିକ ଜ୍ଞାନ କରନ୍ତି; ସୁତରାଂ ମାସିକ ଚକ୍ରବୃଦ୍ଧି କ୍ରମେ କଡ଼ା କ୍ରାନ୍ତି ପର୍ଯ୍ୟନ୍ତ ହିସାବ କରି ନିଅନ୍ତି । ଏ ହେତୁ ଦୁଷ୍ଟଲୋକେ ତାଙ୍କୁ "ଶିଝ" ବୋଲି କହନ୍ତି; କିନ୍ତୁ ଅବଶ୍ୟ ପଛରେ—ଆଗରେ କହିବାର କାହାରି ସାହସ ଘଟେ ନାହିଁ । ସମୟ ଅସମୟ ତ ସମସ୍ତଙ୍କର ଅଛି ! ରାତିଅଧରେ ଗହଣା ଧରି ତାଙ୍କ ଦ୍ୱାରରେ ଠିଆ ହେଲେ ସେ ଗରଜ ମେଣ୍ଟାଇ ଦେବେ; ସୁତରାଂ ତାଙ୍କୁ ଚଟେଇଲେ କିମ୍ବା ବିରକ୍ତ କଲେ ନିଜର କ୍ଷତି ସିନା ! ବିଶେଷତଃ ଆଉଦୀର୍ଘ ପାଞ୍ଚକୋଶ ମଧ୍ୟରେ ଦାସଙ୍କ ଭଳି ମହାଜନ ଆଉ କେହି ନାହିଁ । ଲୋକେ କହନ୍ତି, ଯକ୍ଷ ତାଙ୍କ ଘରେ ଟଙ୍କା ଢାଳିଦେଇ ଯାଇଥିଲା; ମାତ୍ର ଆମ୍ଭେମାନେ ବହୁବର୍ଷବ୍ୟାପୀ ବହୁ ଅନୁସନ୍ଧାନରେ ଅବଗତ ହୋଇ-ଅଛୁଁ ଯେ, ବେପାରରେ ଦାସେ ବଢ଼ିଅଛନ୍ତି । କିନ୍ତୁ ସେ ବେପାର ମୂଳରେ ପାପର ଗୋଟାଏ ଭୀଷଣ ଛାୟା ଅଛି ।

ନିତେଇ ଗୋସାଇଁଙ୍କ ଘରକୁ ତିନି ପ୍ରାଣୀ—ସେ ନିଜେ, ତାଙ୍କର ସ୍ତ୍ରୀ ଏବଂ ଶିଶୁ କନ୍ୟା ସୁଭଦ୍ରା ।

ଏହା ଛଡ଼ା ସଙ୍ଗାତ ପୁଅ ସମା ତାଙ୍କ ଆଶ୍ରୟରେ ଥାଏ । ସମାର ପରିଚୟ ପାଠକ ପରେ ଜାଣି ପାରିବେ । କନ୍ୟାଟି ପ୍ରତି ପିତାମାତାଙ୍କର ଭାରି ସ୍ନେହ । ଅତି ଆଦରରେ ତାହାର ସୁଭଦ୍ରା ନାମକୁ କୋମଳ କରି "...ସୁଦୁସି" ବୋଲି ଡାକନ୍ତି । ନିତେଇ ଗୋସାଇଁ କନ୍ୟାଟିକୁ ଗେହ୍ଲା ବୋଲି ମଧ୍ୟ ଡାକନ୍ତି; ମାତ୍ର କେବେ ହେଲେ ତାହା ଚଣାଗଣ୍ଡେ ବା ମିଠାଇଟାଏ କିମ୍ବା ଭଲ ଫଳ ବା ଭଲ ଦରବ ଗୋଟାଏ କିଣି ଦେବାର କେହି ଦେଖି ନାହାନ୍ତି । କେବଳ କଥାରେ ତାକୁ କୁବେର ସଂପତ୍ତି ଦିଅନ୍ତି । ଝିଅଟିର ସବୁ ଅଳି ମା ପାଖରେ । କଥାରେ କହନ୍ତି—"ଝିଅଲାଗି ମା ଚୋରଣୀ ।" ସୁତରାଂ ଲୁଚାଇ ଚୋରାଇ କେବେ କେବେ ପଇସାକର ହେଉ ବା ଅଧଲାକର ହେଉ ବୁଟ କିଣି ଉଷା ଝିଅକୁ ଖୁଆନ୍ତି । ଏସବୁ ଅଯଥା ଖର୍ଚ୍ଚକୁ ଗୋସାଇଁ ସୁଖ ପାଆନ୍ତି ନାହିଁ । ପରିମିତ ବ୍ୟୟ ତାଙ୍କ ଜୀବନର ସଫଳ ରହସ୍ୟ । ତାଙ୍କର ଦକ୍ଷିଣ ହସ୍ତ ଦାନର ସ୍ୱାଦ ଥରେ ସୁଦ୍ଧା ଚାଖି ନାହିଁ; କିନ୍ତୁ ଗ୍ରହଣ ବିଷୟରେ ଅସାଧାରଣ ନିପୁଣ । ଭିଖାରୀକୁ ଭିକ୍ଷାଦାନ ସମାଜରେ ନିଷ୍କର୍ମତା ଏବଂ ଆଳସ୍ୟର ମାତ୍ରାବୃଦ୍ଧି ପାପ ବ୍ୟତୀତ ଆଉ କିଛି ନୁହେଁ । ସୁତରାଂ ସେଭଳି ପାପକୁ ସେ ତିଳେ ମାତ୍ର ପ୍ରଶ୍ରୟ ଦିଅନ୍ତି ନାହିଁ । ଗତର ଖଟାଇ ଖାଇବା ସକାଶେ ଈଶ୍ୱର ସମସ୍ତଙ୍କୁ ହାତଗୋଡ ଦେଇଅଛନ୍ତି; ଭିଖାରି-ଗୁଡାକ ତାହା ନ କରି ପରର ଗଳଗ୍ରହ କାହିଁକି ହେବେ ? ଦାସେ ଚାଉଳ, ଲୁଣ, ତେଲ ସବୁ ସିନ୍ଦୁକରେ ପୁରିଦେଇ ରଖି ଥାଆନ୍ତି । ଦୁଇ ଓଳି ରୋଷାଇ ବେଳେ ନିଜେ ବାହାର କରି ଦିଅନ୍ତି । ସ୍ତ୍ରୀ ହାତରେ ଦେଲେ କାଳେ ସେ ଅପବ୍ୟୟ କରି ପକାଇବ, ଏହି ଆଶଙ୍କାରେ ନିଜେ ସାଇତି ସମ୍ଭାଳି ରଖନ୍ତି । ଜଗତରେ କାହାରିକୁ ତାଙ୍କର ବିଶ୍ୱାସ ନାହିଁ; ବୋଧହୁଏ ନିଜକୁ ସୁଦ୍ଧା ନିଜର ବିଶ୍ୱାସ ନାହିଁ । ଏପରି ଅବସ୍ଥାରେ ସ୍ତ୍ରୀକୁ ବା କିପରି ବିଶ୍ୱାସ କରିବେ ? ବିଶେଷତଃ ସ୍ତ୍ରୀକୁ ବିଶ୍ୱାସ କରିବ ନାହିଁ ବୋଲି ଶାସ୍ତ୍ରକାରମାନେ ସୁଦ୍ଧା କଡା ଆଇନ୍ ବାନ୍ଧିଦେଇ ଅଛନ୍ତି । ହାଣ୍ଡିରେ କେତେ ଭାତ ଅଛି, ତାହା ଆଗେ ନ ଅଣ୍ଡାଳି ଦାସେ ରାନ୍ଧିବାକୁ ଚାଉଳ ଦିଅନ୍ତି ନାହିଁ । ଦିନେ ସମା ହାଟରୁ ତିନି ପଇସାର ବାଇଗଣ କିଣି ଆଣିଥିଲା । ଦାସେ ତ ଦେଖି ହତଜ୍ଞାନ ! ତାଙ୍କ ଆଖିରୁ ନିଆଁ ଝୁଲ ଖସିପଡିଲା । ସେ ମୁଣ୍ଡରେ ହାତ ଦେଇ ବସିପଡି କହିଲେ—"ଆରେ ସମା, ତୋର ଭଲା ଏ କି ଅକଲ ? ତୁ ତିନି ତିନି ପଇସାର ବାଇଗଣ କିଣି ଆଣିଲୁ ଯେ, ସେଗୁଡାକ କଅଣ ହେବ, କହନି ? ଅଧେ ପୋଡିଚାଳି ଖାଇବ, ଅଧେ ପଚିଗଲେ ଫୋପାଡି ଦେବ ।" ସମା କହିଲା—"ତିନି ପଇସାର ବାଇଗଣ କେତେ ଯେ, ପୋଡି ଖାଇବେ, ରାନ୍ଧିବେ, ପୁଣି ଫୋପାଡି ଦେବେ । ସବୁ ତ ତିନି ପୁଞ୍ଜା, ପୁଞ୍ଜାଏ ପୁଞ୍ଜାଏ ରାନ୍ଧିଦେଲେ ତିନି ଓଳିରେ ଶେଷ; ଆଉ ସେ ଛଅଧ ନଅଧ କୁଆଡୁ ହେବ ?" ଦାସେ ଏହା ଶୁଣି ଟିକିଏ ଅପ୍ରତିଭ ହେଲେ; ମାତ୍ର ଲଜ୍ଜିତ ହେଲେ ନାହିଁ । ଶୁଷ୍କହାସ୍ୟରେ କହିଲେ—"ଆରେ ଓଲୁ, ମୁଁ କଅଣ ଖାଇବାକୁ ମନା କଲି ? ମୁଁ କହୁଛି କଅଣ କି, ବାଇଗଣଟା ବଡ ଗରିଷ୍ଠ ପଦାର୍ଥ—କାହୁ କୁଣ୍ଡିଆର ମୂଳ, ସେଥିରୁ ଗୋଟାଏ ରାନ୍ଧିଲେ ତେର । ଜଣକା ନୂଳେ ନୂଳେ ଖାଅ, ଆଉ କେତେ ଖାଇବ ?" ସମା ଟିକିଏ ସ୍ୱଗିଉଠି କହିଲା—"ହଁ, ବାଇଗଣ ଯେ ଖାଉଛନ୍ତି, ସେ କାହୁ କୁଣ୍ଡିଆରେ ଛିଡି ପଡୁଛନ୍ତି !" ଦାସେ ବିରକ୍ତ ହୋଇ କହିଲେ—"ସମସ୍ତଙ୍କ କଥା କହନା ସମା, ନିଜ କଥା କହ । କେଉଁଠାଗୁଡାକ ଦିନରାତି ପାଣିରେ ପଡିଛନ୍ତି, ତୁ ସେପରି କଲେ ବଞ୍ଚିପାରିବୁ ? ଆଜିକାଲି ଟୋକାଗୁଡାକ ଭଲ କହିଲେ ମନ୍ଦ ବୁଝନ୍ତି, ଖାଲି ଯୁକ୍ତି ଆଉ ମୁହେଁ ମୁହେଁ ଜବାବ, କଳିକାଳ ପରା !" ଏହା କହି ଦାସେ ସମାକୁ କିଛି କହିବାକୁ ନ ଦେଇ ଥମ୍ ଥମ୍ ହୋଇ ଦାଣ୍ଡକୁ ଚାଲିଗଲେ ।

ଦାସେ ଜଣେ ନିଃସ୍ୱାର୍ଥ ବ୍ୟକ୍ତି । କିପରି ଘରକୁ ଭାଙ୍ଗି ଦୁଇ ଘର ହେବ, ମାଲି ମୋକଦ୍ଦମାରେ କିଏ କିପରି ସର୍ବସ୍ୱାନ୍ତ ହୋଇ ତାଙ୍କ ପାଖରୁ କରଜ ନେବାକୁ ଆସିବ, ଗ୍ରାମର ଏହି ହିତଚିନ୍ତାରେ ସେ ସର୍ବଦା ବ୍ୟାପୃତ । ଏହି ଚିନ୍ତାକୁ ସେ ଅନ୍ନପରିପାକର ହଜମୀ ବଟିକାତୁଲ୍ୟ ମଣନ୍ତି । ତାଙ୍କର ମୁକ୍ତ, ନିସ୍ପୃହ, କର୍ମଚଞ୍ଚଳ ଜୀବନ ଦିବାରାତ୍ର ପରଛିଦ୍ରାନ୍ୱେଷଣରେ ନିଯୁକ୍ତ । ଏଭଳି ନିଃସ୍ୱାର୍ଥପରାୟଣ ନ ହେଲେ ସେ ଗାଁରୁ

ଖାଇ ପରିତୃପ୍ତା କାହିଁକି ବା କରନ୍ତେ ? ବିଧାତାର ଘଟସୂତ୍ରରୁ ତାଙ୍କୁ ଉପଯୁକ୍ତ ସ୍ତ୍ରୀରତ୍ନଟିଏ ମଧ୍ୟ ମିଳିଥିଲା । ଦାସେ ଯେପରି କଣ୍ଟକବୃକ୍ଷ, ଉଷା ସେହିପରି କଣ୍ଟୁରି ଲତା । ତାଙ୍କ ପକ୍ଷରେ ଏରୂପ ସଙ୍ଗିନୀ ଲାଭ ବିଧାତାର ଦକ୍ଷିଣ ହସ୍ତର ସର୍ବଶ୍ରେଷ୍ଠ ମଙ୍ଗଳ ମହାଦାନ । ଯେମନ୍ତ କି ପଞ୍ଚ ଗୁଣର ଅଲୌକିକ ଐଶ୍ୱର୍ଯ୍ୟ ପରୀ ଶରୀରକୁ ଆଶ୍ରୟ କରି ମୂର୍ତ୍ତି ଧାରଣ କରିଥିଲା । ସେ ମୂର୍ତ୍ତିକୁ ଚାହିଁ ଦେଲେ ଦର୍ଶକର ଲୁବ୍ଧ ଦୃଷ୍ଟି ଅନ୍ୟତ୍ର ଲାଗି ନ ରହି ସେ ମହାମୂର୍ତ୍ତିର ପଦପ୍ରାନ୍ତକୁ ଓହ୍ଲାଇ ଆସି ପଳାୟନର ପଥ ଖୋଜି ବୁଲେ । ବୋଧହୁଏ ପାଠକମାନେ ଟିକିଏ ରୂପବର୍ଣ୍ଣନା ପ୍ରତି ଲାଳାୟିତ ହୋଇପାରନ୍ତି । ମାତ୍ର ରୂପବର୍ଣ୍ଣନା କରିବାକୁ ଲେଖକର ସମୟାଭାବ । ତଥାପି ପାଠକମାନଙ୍କର ମନୋଭଙ୍ଗ ଆଶଙ୍କାରେ ଅତି ସଂକ୍ଷେପରେ ବାଧ୍ୟ ହୋଇ କହିବାକୁ ପଡୁଅଛି ଯେ—

"ମର୍କଟବଦନା ସମା ସ୍ଥୂଳକଟୀ କ୍ଷୀଣା ଶ୍ୟାମା
ଦଶଇ ଛାମୁରେ ଦନ୍ତ ଯେହ୍ନେ ମନ୍ଦର ।"

ଗର୍ବୋଜ୍ଜ୍ୱଳ ମୁଖର ତୁଳନା ନାହିଁ । ମସ୍ତକରେ ନାରୀସୌଭାଗ୍ୟର ସର୍ବଶ୍ରେଷ୍ଠ ଐଶ୍ୱର୍ଯ୍ୟ ସିନ୍ଦୂର ମଣ୍ଡଳ ରେଲ ଇଞ୍ଜିନର ବକ୍ଷଚକ୍ଷୁ ପରି ଧପ୍ ଧପ୍ ହୋଇ ଜଳି ଉଠୁଥାଏ । ହସ୍ତରେ ଚାରିଖଣ୍ଡ ମଳିନ ଶଙ୍ଖା ବ୍ୟତୀତ ଅନ୍ୟ ଆଭରଣ ନାହିଁ । ଅଳଙ୍କାରଦ୍ୱାରା ସ୍ୱଭାବ ସୌନ୍ଦର୍ଯ୍ୟ ଢାଙ୍କିଯିବ ବୋଲି ଯେ ଉଷା ସୁନ୍ଦରୀ ଭୂଷଣ-ହୀନା, ଏପରି କେହି ମନେ କରିବେ ନାହିଁ । ସେଥିର ପ୍ରକୃତ କାରଣ—ଅପବ୍ୟୟ ନିବାରଣ । ଅଳଙ୍କାର ଗଢାଇଲେ ବଣିଆ ବାଣ ନେବ, ପୁଣି ଅଳଙ୍କାର ଯୋଡିଗଲେ ମଧ୍ୟ କ୍ଷତି; ତାହା ଉପରେ ଭାଙ୍ଗିଯିବା, ହଜିଯିବା ଭୟ ମଧ୍ୟ ଅଛି । ଏହିପରି ନାନା କାରଣରୁ ସେ ଭୂଷଣବର୍ଜିତା । ଦାନୀପଣରେ ସ୍ୱାମୀଙ୍କଠାରୁ ଉଷା ଦୁଇପଣ ସରସ । ଅନ୍ୟ କଥା ଥାଉ, କେହି ଯଦି ଦେହର ମଳି ଟିକିଏ ମାଗେ, ତେବେ ତାହା ଦେବାକୁ ସେ ପରାଙ୍ମୁଖ । ଯଥା ଗୁରୁ ତଥା ଶିଷ୍ୟ; ବରଂ ଶିଷ୍ୟ ବିଦ୍ୟାଗରୀୟସୀ । ସୁତରାଂ ଅଧିକ କହିବାର ଆବଶ୍ୟକତା ନାହିଁ । ବିଶେଷତଃ ବଡଘରର କଥା ପଦାରେ ପକାଇବାକୁ ଲେଖକ ଏକାନ୍ତ ନାରାଜ ।

ଦାସେ ହାଟ ବଜାର ତେତେ କରନ୍ତି ନାହିଁ, କରିବାର ଆବଶ୍ୟକତା ମଧ୍ୟ ନ ଥାଏ । ବାଡିରେ ଗୋଟାଏ ଅଣ୍ଟାଳ ତେନ୍ତୁଳୀ ଗଛ ଏବଂ ଆଠ ଦଶଟା ଅମୃତଭଣ୍ଡା ଗଛ ଅଛି । ସବୁଦିନେ ଅମୃତଭଣ୍ଡା, ତେନ୍ତୁଳୀ ଅମ୍ବିଳ ହୁଏ ; ଯେହେତୁ ତାହା ନିର୍ଦ୍ଦୋଷ ଖାଦ୍ୟ । ତେନ୍ତୁଳୀ ଷଡରସର ସମବାୟ ଏବଂ ମୁଖରୋଚକ । ଅମୃତଭଣ୍ଡା କଥା କହିବା ନିଷ୍ପ୍ରୟୋଜନ । ତାହାର ମୂଳ ତିନ ଅକ୍ଷରରୁ ଗୁଣ ଅନୁମେୟ । ଏହି ଦୁଇ ମହାପଦାର୍ଥର ଗୁଣ ବର୍ଣ୍ଣନାରେ କୌଣସି ପ୍ରାକୃତିକ କବି ଦାସଙ୍କର ସହି ନୁହନ୍ତି । ସବୁ ଦୋଷ କେବଳ ମିଠାର । ଦୁନିଆଁସାକର ରୋଗଚୁଡାକ ସେହି ମିଠାରେ ବାଜି ବାଜି ହେଉଥାନ୍ତି । ସେଥିପାଇଁ ଝିଅଟିର ପୋଡାକପାଳରେ ପୋଡପିଠା ଛଡା ଆଉ କିଛି ଘଟେ ନାହିଁ । ଦାସଙ୍କର ଚାଷ ନାହିଁ । ଚାଷ କଲେ ତହିଁକି ଷୋଳଖଣ୍ଡି ଲୋଡା, ତାହା ଉପରେ ପୁଣି ଜମିଦାରର ଦୌରାତ୍ମ୍ୟ ଅଛି—ସୁତରାଂ ଏତେ ଅଡୁଆକୁ ନ ଯାଇ ଚାଉଳ କିଣି ଖାଇବା ଭଲ । ଦାସଙ୍କ ଘରେ ଗାଈଟିଏ ସୁଦ୍ଧା ନାହିଁ । ଦୁଧଗୁଡାକ ତାଙ୍କ ବଂଶର କାହାରି ପେଟରେ ଟଳେ ନାହିଁ—ବାଇ ଧରେ । ପୁନେଇ ପର୍ବରେ ପଇସା ଅଧଲାକର କିଣି ଆଣି କାମ ଚଳାଇ ନେବାକୁ ହୁଏ । ଗାଈଟିଏ ରଖିଲେ କେତେ ଖର୍ଚ୍ଚ । ତାହାପାଇଁ ଘାସ, କୁଟା, କୁଣ୍ଡା ଇତ୍ୟାଦି ଲୋଡା । ରଖୁଆଳ କିଛି ମାଗଣା ଗାଈ ରଖିବ ନାହିଁ; ପ୍ରତି ମାସ ବର୍ତ୍ତନ ଦାବି କରିବ । ଏ ତ ହେଲା କଳିକାଳ, ଗରୁ ଖାଇ ବ୍ରାହ୍ମଣ ବୈଷ୍ଣବଙ୍କୁ ସେବା କରି ଅଖଣ୍ଡ ପୁଣ୍ୟାର୍ଜନ କରିବାକୁ କାହାରି ଇଚ୍ଛା ନୁହେଁ; ପୁଣି ଛୋଟ ଲୋକଗୁଡାକର ଲମ୍ଫର ବେଶି ।

ଦାସଙ୍କର ପୂର୍ବ ଅବସ୍ଥା ଭଲ ନ ଥିଲା । ଦଲାଲି ବେଉସାରେ ଅନ୍ନଗଣ୍ଡାକ କଷ୍ଟସୃଷ୍ଟେ ଚଳିଯାଏ । ତରକାରୀର ବ୍ୟବସ୍ଥା ପୂର୍ବରୁ କୁହାଯାଇଅଛି । ଏହା ଛଡା ଦଶ ପନ୍ଦର ଟଙ୍କାର ଖଣ୍ଡେ ତେଜାରତି ଦୋକାନ ଥିଲା । ସେଥିର ଲାଭରେ ଲୁଣ ତେଲ ଚଳେ; ଆଉ ଲୁଗାପଟା ଖଣ୍ଡେ ଖଣ୍ଡେ କିଣାଯାଏ । କାହାରି ଅବସ୍ଥା ସବୁଦିନେ ସମାନ ରହେ ନାହିଁ; ଦାସଙ୍କ ଅବସ୍ଥାର ମଧ୍ୟ ପରିବର୍ତ୍ତନ ଘଟିଲା । ଅଳପ କାଳ ମଧ୍ୟରେ ସେ ସୌଭାଗ୍ୟଦେବତାର ପ୍ରିୟପୁତ୍ର ହୋଇ ବସିଲେ ।

## ତୃତୀୟ ପରିଚ୍ଛେଦ

"ସଙ୍ଗାତେ ଘରେ ଅଛ ନା, ସଙ୍ଗାତେ, ହେ ସଙ୍ଗାତେ !" ଉଷା ଖରପଦକ୍ଷେପରେ ଗୃହାନ୍ତରରୁ ଆସି ସ୍ୱାମୀଙ୍କୁ କହିଲେ—"ତମକୁ ଝାମ୍ପା ବାପ ଡାକୁଛନ୍ତି ।" ଝାମ୍ପା ଅର୍ଥ ଶ୍ୟାମା । ଉଷାଙ୍କ ଶ୍ୱଶୁର ନାମ ଶ୍ୟାମ ଦାସ; ସୁତରାଂ ସେ ଶ୍ୟାମା ବୋଲି କିପରି କହିବେ ? ପତିକୁଳର ଗୁରୁଜନମାନଙ୍କର ନାମ ବାଆଁରେଇ କହିବା ହିନ୍ଦୁ-ନାରୀମାନଙ୍କର ଚିରନ୍ତନୀ ଧାରା । କିନ୍ତୁ ପିତୃକୁଳର ଗୁରୁଜନମାନଙ୍କ ନାମ ଧରିବାରେ ସେରୂପ କିଛି ବାଧ୍ୟବାଧକତା ନାହିଁ ; କେବଳ ପତିକୁଳର ଗୁରୁଜନମାନଙ୍କ ନାମ ଉଚ୍ଚାରଣ କରିବା ମହାପାପ ! ଦାସେ ତେତେବେଳେ ଖଣ୍ଡେ ତାସ୍‌ଲୁଗା ସିଉଁଥିଲେ । ଛୁଞ୍ଚିମୁନ ପରି ତାଙ୍କର ମନ ଲୁଗାରେ ଲାଖି ରହିଥିଲା । ପତ୍ନୀଙ୍କ କଥା ଶୁଣି ତାଙ୍କର ଦୃଷ୍ଟି ଲୁଗାରୁ ବାହାରି ଆସି ପତ୍ନୀଙ୍କ ମୁଖାରବିନ୍ଦରେ ନିବଦ୍ଧ ରହିଲା । ସେ କିଛିକ୍ଷଣ ଫଲ୍ ଫଲ୍ ହୋଇ ଚାହିଁ ରହି ପଚାରିଲେ—"କିଏ ଡାକୁଛି ?" ଉଷା କପଟରୋଷ ପ୍ରକାଶପୂର୍ବକ କଥା ଉପରେ ଟିକିଏ ଜୋର ଦେଇ ଈଷତ୍ ଲଘୁସ୍ୱରରେ କହିଲେ—"ତମରି ସଙ୍ଗାତ ଡାକୁଛନ୍ତି । ସେ ପହୁଡେ ହେଲା ଦାଣ୍ଡରେ ଠିଆ ହୋଇ ପଣେ କି ଛ ବୋଡି ଡାକ ମାରି ହାଲିଆ ହୋଇଗଲେଣି, ତମ ଗହୀର କାନକୁ କଅଣ ଶୁଭୁ ନାହିଁ ? ଏ କି କାନ ଲୋ ମା, କମାରଶାଳରୁ କାନଟା ପଟେଇ ଅଣୁ ନାହିଁ ।" ଦାସେ ଟିକିଏ ହସି ଦେଇ କହିଲେ—"ହଁ, ତମରି ଜିଭ ପରି କାନଟାକୁ ଶାଣ ଦେଇ ଆଣିଲେ ହୁଅନ୍ତା ।"

ଉଷା—କି, ମୋ ଜିଭଟା କଅଣ ଏତେ ଧାରୁଆ ?

ଦାସେ—ଶ୍ୟାମ୍ ଶ୍ୟାମ୍, କିଏ କହିଲା ? ତମ ଜାତର ଜିଭ ପୁଣି ଧାରୁଆ ହେବ ? ଯେଉଁ ଜିଭ କଣରେ ଓକିଲ ବାରିଷ୍ଟର ହାର ମାନିବେ, ସେ ଜିଭ କି କାହାର ଧାରୁଆ ହୋଇପାରେ ? ସାଙ୍ଗେ ସାଙ୍ଗେ ଧାର ଛୁଇଁଦେଇ ପୁଣି ତରଳ ଲଦି ଦେବ ।

ଉଷା—ତେବେ ମାଇପେ ସବୁ ମହାଜନ, ଆଉ ମଣିପେ ସବୁ ଖାତକ ?

ଦାସେ—ଯୁଗେ ଯୁଗେ, ନା ଆଜି ?

ଉଷା—କାହିଁକି ତମେ ଏତେ ଧାରୁଆ ହୁଅ ?

ଦାସେ—ଯୁଗ ନ ଗଲାକୁ । ନ ହେଲେ ଉପାସ ରହିବାକୁ ହେବ ଯେ ! ଆଉ ରାନ୍ଧିଦେବ କିଏ ?

ଉଷା—ରାନ୍ଧିବା ଛଡା ଆମର ଆଉ କିଛି ଗୁଣ ନାହିଁ ?

ଦାସେ—ହଁ, କଳି କରିବା, ଗାଳି ଦେବା, ଘର ଭାଙ୍ଗିବା, ଅଭିରୁଷା ଦେଇ ବସିବା—ଏହିପରି ଢେର ଢେର ମହତ୍ ଗୁଣ ଅଛି । ତମ ଜାତିଟା ଗୁଣର ଖଣି; ଗୁଣ ନାହିଁ ବୋଲି କିଏ କହିବ ?

ଉଷା—ତେବେ ନିତେ ନିତେ ରାନ୍ଧି ଖାଅ ନାହିଁ କାହିଁକି ?

ଦାସେ—ବିଧାତା ଯୋଗ୍ୟତା ଦେଇଥିଲେ ଆଉ ଏତେ ହଟହଟା କାହିଁକି ହୁଅନ୍ତୁ ?

ଉଷା—ହଟହଟା କଅଣ ?

ଦାସେ—ଏଇ ଖାଇବା ପିନ୍ଧିବାକୁ ଦେଇ ମନ ଯୋଗାଇ ସବୁ ଫରମାସ୍ ଯୋଗ କରିବାରେ ହାଇର କରି ସୁଦ୍ଧା ଦେଲକେ ତୁଷ୍ଟି ଛକେଇ !

ଉଷା—ଯାଅ ଯାଅ, ଢେର କହିଲଣି । ଏବେ ସଙ୍ଗାତ କଙ୍କଡା ଗାତକୁ ସଖୋଳିବ ଯାଅ ।

ଦାସେ ଆଉ କିଛି ନ କହି ଉଠିଗଲେ । ଦାଣ୍ଡ କବାଟ ଖୋଲି ଦେଇ ହର୍ଷୋଜ୍ଜ୍ୱଳ ମୁଖରେ କହିଲେ, "ଏ କିଏ ସଙ୍ଗାତେ, ଘରକୁ ନ ଆସି ଦାଣ୍ଡଟାରେ କାହିଁକି ଠିଆ ହୋଇଛ ? ଆସ ଆସ, ମୁଁ ବହୁଣା ଖଣ୍ଡେ ଆଣେ ।" ଆଗନ୍ତୁକ କହିଲେ—"ନା ନା, ବହୁଣାର ଦରକାର ନାହିଁ, ଭାରି ଜରୁରୀ କାମ ଅଛି । ତମେ ଟିକିଏ ଆମ ଘରଯାଏ ଆସ ।"

ଦାସେ—କାମଟା କଅଣ, ଶୁଣେ ।

ଆଗନ୍ତୁକ—ଆମ ଘରକୁ ଗଲେ ନୀରୋଳାରେ କହିବ ।

ଦାସେ—ଏଠି ଆଉ କିଏ ଅଛି କି ?

ଆଗନ୍ତୁକ—ଦେଖୁ ନ ଥିଲେ ସଙ୍ଗାତୁଣୀ ତ ଅଛନ୍ତି, ଷଟ୍‌କାନ ମନ୍ତ୍ରଭେଦ ।

ଦାସେ—ମୁଁ ତାଙ୍କୁ ମନା କରିଦେବି, ସେ କାହାରି ପାଖରେ କହିବେ ନାହିଁ ।

ଆଗନ୍ତୁକ—ନା, ନା, ସଙ୍ଗାତ, ସେ ଭାତିକି ବିଶ୍ୱାସ ନାହିଁ । ସେମାନଙ୍କ ପେଟରେ କଥା ଜୀର୍ଣ୍ଣ ହୁଏ ନାହିଁ । ଯାହା ଶୁଣିବେ,ତାହା ଅନ୍ୟକୁ ନ କହିବାଯାଏ କଥାଟା ଶୂଳ ବ୍ୟାଧି ପରି ତାଙ୍କ ପେଟକୁ ବନ୍ଧେ । ଅନ୍ୟ ପାଖରେ ଓକାଳି ପକାଇଲେ ଯାଇଁ ପେଟ ଥଣ୍ଡା ହୁଏ ।

ଦାସେ ଆଉ ଅଧିକ କିଛି ନ କହି ଦାଣ୍ଡ କବାଟ କିଳିଦେବାପାଇଁ ଝିଅକୁ ଗୋଟାଏ ଡାକଦେଇ ସଙ୍ଗାତଙ୍କ ସଙ୍ଗେ ସଙ୍ଗେ ଚାଲିଲେ । ବାଟରେ ଯାଉଁ ଯାଉଁ ଦୁଇ ସଙ୍ଗାତଙ୍କ ମଧ୍ୟରେ ଅନେକ କଥା ହେଲା; ମାତ୍ର ସେ ସବୁ ଅପ୍ରାସଙ୍ଗିକ, ସୁତରାଂ ଲେଖିବା ନିଷ୍ପ୍ରୟୋଜନ ।

ଟାଁମ୍ପଣ୍ଡରେ ରାଧିକା ଦାସଙ୍କର ଘର । ଦ୍ୱାଦଶ ବର୍ଷୀୟ ପୁତ୍ର ରାମଚନ୍ଦ୍ର ବ୍ୟତୀତ ସଂସାରରେ ତାଙ୍କର ଆଉ କେହି ନାହିଁ । ପିତା ପୁତ୍ରକୁ ରାମା ବୋଲି ଡାକନ୍ତି । ଅତି ସ୍ନେହରେ ପିତାମାତା ସନ୍ତାନର ନାମ କୋମଳ ଏବଂ ମଧୁର କରିବାକୁ ଯାଇ କଠୋର ଏବଂ ତାଚ୍ଛଲ୍ୟରେ ଭକ୍ତ କରିଦିଅନ୍ତି । ଏ ଦେଶୀୟ ପିତା-ମାତାଙ୍କର ଏହା ଗୋଟାଏ ବିକୃତ ରୁଚି । ସନ୍ତାନକୁ ଚିରକାଳ ଏହି ସ୍ନେହର ଯନ୍ତ୍ରଣା ସହିବାକୁ ହୁଏ । ଏ ଦୋଷ ପିତାମାତାଙ୍କର । ସେମାନେ ସୁନ୍ଦର ପ୍ରତିମା ବଦଳରେ ମାଙ୍କଡ ଗଢି ବସନ୍ତି । ରାମଚନ୍ଦ୍ର ଶାନ୍ତ ଏବଂ ସୁଶୀଳ ବାଳକ; ସେ ଅପର ପ୍ରାଇମେରି ପର୍ଯ୍ୟନ୍ତ ପଢିଅଛି । ରାଧିକା ଦାସ କେଉଁ ଗଡଜାତର ଫରେଷ୍ଟ ଇନ୍‌ସପେକ୍ଟର କାର୍ଯ୍ୟରେ ନିଯୁକ୍ତ ଥିଲେ । ମାତ୍ର ଦକ୍ଷିଣ ହସ୍ତର ଅତିରିକ୍ତ ସଂପର୍କ ରଖିବାରୁ ସେହି ପୁଣ୍ୟବଳରେ କର୍ମଚ୍ୟୁତ ହୋଇ କେତେ ବର୍ଷ ହେଲା ଘରେ ବସି ପୂର୍ବସଞ୍ଚିତ ଅର୍ଥର ସଦ୍‌ବ୍ୟବହାର କରୁଅଛନ୍ତି । ଲୋକେ କହନ୍ତି,ସେ ଦଶହଜାର ଟଙ୍କା ପୋତି ରଖିଅଛନ୍ତି । ମାତ୍ର ଆମ୍ଭେମାନେ ଗୁପ୍ତ ଅନୁସନ୍ଧାନଦ୍ୱାରା ଅବଗତ ହୋଇ-ଅଛୁଁ, ମୋଟରେ ସେ ପାଞ୍ଚହଜାର ଉପାର୍ଜନ କରିଥିଲେ । ସେଥିମଧ୍ୟରୁ ଦୁଇହଜାର ଶେଷ ହୋଇଯାଇଅଛି; ଅବଶିଷ୍ଟ ତିନିହଜାର ମାତ୍ର ଭୂଗର୍ଭରେ ନିହିତ ଅଛି । ପୂର୍ବୋକ୍ତ ଜଗେଇ ଦାସ ତାଙ୍କର ସଙ୍ଗାତ । ଉଭୟେ ପରସ୍ପରକୁ ଖୁବ୍ ବିଶ୍ୱାସ କରନ୍ତି । ସମଜାତୀୟ ହେତୁ ଖିଆଣ ପିଆଣ ମଧ୍ୟ ଚଳେ । ଅଭାବ ପଡିଲେ ଜଗେଇ ସଙ୍ଗାତଙ୍କ ନିକଟରୁ ଧାର ଉଧାର ଆଣନ୍ତି ଏବଂ ଯଥାସମୟରେ ପରିଶୋଧ କରିଦିଅନ୍ତି । ପରସ୍ପର ମଧ୍ୟରେ ଏପରି ନିବିଡ ସଦ୍‌ଭାବ ଯେ, ଭିତରେ ପାଣି ଗଳେ ନାହିଁ ।

ଦୁଇ ସଙ୍ଗାତ ହାତ ଧରାଧରି ହୋଇ ନଈ ବନ୍ଧେ ବନ୍ଧେ ଚାଲିଅଛନ୍ତି । ସୂର୍ଯ୍ୟ କ୍ରମେ କ୍ରମେ ପଶ୍ଚିମ ଆକାଶରେ ଢଳି ପଡିଲେ । କୁସୁମହୃଦରା ସୂର୍ଯ୍ୟମୁଖୀ ସୂର୍ଯ୍ୟ ଆଡକୁ ଅନାଇଁ କାତର କରୁଣ ଚକ୍ଷୁର ମୌନ ଭାଷାରେ କି ଆବେଦନ ଜଣାଇଲା,ତାହା ସେ ଜାଣେ କିମ୍ବା ଅନ୍ତର୍ଯ୍ୟାମୀ ଜାଣନ୍ତି । ଦେଖୁଁ ଦେଖୁଁ ସେ ମୂର୍ଚ୍ଛିତ ହୋଇପଡିଲା । ପକ୍ଷୀମାନେ ରବ ରବ ତାହାର ମୂର୍ଚ୍ଛା-ଭଙ୍ଗର ଚେଷ୍ଟା କଲେ; ମାତ୍ର ସେ ନିଦାରୁଣ ମୂର୍ଚ୍ଛା ଆଉ ଭାଙ୍ଗିଲା ନାହିଁ । ଆକାଶରେ ସୌରକର-ରଞ୍ଜିତ ମେଘମାଳା ଦେବବାଳାକୁଳର ସୁବର୍ଣ୍ଣ ପଣତ ପ୍ରାୟ ସୁନ୍ଦର ଦିଶିଲା । ନଦୀର ତରଙ୍ଗାଘାତରେ ଅସ୍ତୋନ୍ମୁଖ ସୂର୍ଯ୍ୟବିମ୍ବ ଶତଖଣ୍ଡ ହୋଇ ଭାଙ୍ଗି ଯାଉଥାଏ ଏବଂ ମୁହୂର୍ତ୍ତକ ଯୋଡ ହୋଇ ଯାଉଥାଏ । ପୁଳିନ ପ୍ରଦେଶର ବାଲୁକାରାଶି ରୌପ୍ୟଚୂର୍ଣ୍ଣ ପରି ଜକଜକ ଦିଶୁଥାଏ । ନଦୀମଧ୍ୟସ୍ଥ ପାଣିବେତ ଉପରେ କଜ୍ଜଳପକ୍ଷୀ ଦଂପତି ଦୋଳିଖେଳରେ ନିଯୁକ୍ତ ରହି ସୁଖାନନ୍ଦ ଉପଭୋଗ କରୁଥାନ୍ତି । ଗୃହପ୍ରତ୍ୟାଗତ ଗୋଯୂଥର ଦୂରାଗତ ହମ୍ବା ଶବ୍ଦ ସମୀରଣର ମୃଦୁ ହିଲ୍ଲୋଳରେ ଭାସି ଆସୁଥାଏ । ଚକ୍ରବାକ ଚକ୍ରବାକୀ ହୃଦୟର ଗଭୀରତମ ପ୍ରଦେଶରୁ ଗୋଟାଏ ଗୋଟାଏ ଦାରୁଣ ବେଦନାଭରା ଦୀର୍ଘ ତପ୍ତ ଶ୍ୱାସ ଉଠିଆସି ବାୟୁରେ ମିଳେଇ ଯାଉଥାଏ । କ୍ରମେ ସୂର୍ଯ୍ୟ ଅଦୃଶ୍ୟ ହେଲେ । ଉତ୍‌କ୍ଷିପ୍ତ କିରଣଜାଳ ଆକା-ଶରେ ମିଶିଗଲା । ଲଜ୍ଜାବନମ୍ରା ନବବଧୂ ପ୍ରାୟ ସନ୍ଧ୍ୟା ଧୀରେ ଧୀରେ ଅବତୀର୍ଣ୍ଣ ହେଲା । ତାହାର ଝୁଣ୍ଟିଆ ଶବ୍ଦ ପ୍ରାୟ ଝିଲ୍ଲୀରବ ମୃଦୁ ମୃଦୁ ଶ୍ରୁତିଗୋଚର ହେଲା ; ଭାଲଭୂଷା ହୀରକ ଟିକିଲି ତୁଲ୍ୟ ଶୁକ୍ରଥିତାରା ଝଟକି ଉଠିଲା । ଅନ୍ଧାର ମାଡି ଆସିଲା । ମଶକକୁଳର ମୃଦୁ ବଂଶୀସ୍ୱନରେ ଗୃହପ୍ରାଙ୍ଗଣ ମୁଖରିତ ହେଲା । ଗବା-କ୍ଷରୁ ତୀବ୍ର ଧୂମରାଶି ଉତ୍‌ଥିତ ହେଲା । ଏହି ସମୟରେ ଦୁଇ ସଙ୍ଗାତ ଗୃହରେ ଯାଇ ପହଞ୍ଚିଲେ ।

ରାଧିକା ଦାସଙ୍କର ପ୍ରକୃତ ବୈଷ୍ଣବଲକ୍ଷଣ ଯାହା ଥାଉ, ମାତ୍ର ବାହ୍ୟାଡମ୍ବର ଯଥେଷ୍ଟ ଥିଲା । ମସ୍ତକରେ ଦୀର୍ଘ ରାମାନନ୍ଦୀ ଚିତା, କଣ୍ଠରେ ତଗର ତଗର ତିନ-ଫେର ତୁଳସୀ ମାଳ, କାନ୍ଧରେ ନାମାବଳୀ—ଏହି ସମସ୍ତ ଦ୍ୱାରା ତାଙ୍କର ବୈଷ୍ଣବତ୍ୱ ସ୍ପଷ୍ଟ ଉଠୁଥିଲା । ସର୍ବାଙ୍ଗରେ ବିବିଧ ତୀର୍ଥର ଛାପା ମୁଦ୍ରିତ ହୋଇ ବୈଷ୍ଣବ ଧର୍ମର ବିଜ୍ଞାପନ ଲଗା ହେଲା ପ୍ରାୟ ଦିଶୁଥାଏ । ହସ୍ତରେ ବିଶାଳ ମାଳଝୁଲି ବାଉବସା ପ୍ରାୟ ଦୋହଲୁଥାଏ । ମାଳଜପାର ସମୟ ଅସମୟ ନାହିଁ; କଥା କହିଲା ବେଳେ, ଚାଲି ଚାଲାବେଳେ, ପୁଅକୁ ଗାଳିଦେଲା ବେଳେ ମାଳଜପା ଅବିରାମ ଗତିରେ ଚାଲିଥାଏ । ଦିନେ ମାଳଝୁଲି ଧରି ମାଛ ମୂଲେଇବା ସମୟରେ ଅମ୍ବୀ କେଉଟୁଣୀ ପଚାରିଲା, "ସାଆନ୍ତେ, ତମ ହାତରେ ଚିଙ୍ଗୁଡ଼ି ପଶିଛି ନା କଅଣ ? ହାତରେ କଣା ଗୁଡ଼ାଇଛ କାହିଁକି ?" ଦାସେ ଶ୍ଳେଷ-ଉଷ୍ଣ ସ୍ୱରରେ କହିଲେ—"ଦୂର୍ ପାପିଷ୍ଠା ! ମାଳ ଜପୁଛି, ନା ହାତରେ କଣା ଗୁଡ଼େଇଛି ।" କୈବର୍ତ୍ତ-ସୁନ୍ଦରୀଟି ସାମାନ୍ୟ ବାକ୍ୟନିପୁଣା ନୁହେଁ; ସେ ମୁହାଁ ଖାଣ୍ଡିଆ ଢଙ୍ଗରେ କହିଲା—"କି ସାଆନ୍ତେ, ଚିଡୁଛ କାହିଁକି, ମାଛ କିଣୁ କିଣୁ ବି ମାଳ-ଜପା, ଏହା ତ ମୁଁ କେଉଁଠି ଦେଖି ନାହିଁ ।" ଦାସେ ଆଉ କିଛି ନ କହି ପୃଷ୍ଠଭଙ୍ଗ ଦେଲେ ।

ଦାସେ ଦାଣ୍ଡଦ୍ୱାରରେ ଠିଆ ହୋଇ ଡାକିଲେ—"ରେ ରାମା, ମାଳଝୁଲିଟା ନେଇ ଯା, ଆଉ ଖଣ୍ଡେ କଚଣା ଆଣ ।" ରାମା କଚଣା ଖଣ୍ଡେ ଆଣି ଦାଣ୍ଡମେଲାରେ ବିଛାଇ ଦେଇ ପିତାଙ୍କ ହସ୍ତରୁ ମାଳଝୁଲି ନେଇ ରଖାଇବାର ବ୍ୟବସ୍ଥା କରିବା ସକାଶେ ଘର ଭିତରକୁ ଚାଲିଗଲା । ଦୁଇ ସାଙ୍ଗାତ ବସି ଅନେକ ବେଳଯାଏ କଥା କୁହାକୁହି ହେଲେ । ସେ ଅନେକ କଥା; ତାହା ସବୁ ଶୁଣିବାକୁ ଶ୍ରୋତାମାନଙ୍କର ଧୈର୍ଯ୍ୟ କୁଲାଇବ ନାହିଁ, ସମ୍ଭବତଃ ସମୟାଭାବ ମଧ୍ୟ ଘଟିବ । ତେବେ ସଂକ୍ଷେପରେ ଏତିକି କହିଲେ ହେବ ଯେ, ଆତ୍ମଶୌଚୀ, ପରଘର କଥା, କାହାକୁ କିଏ ବାଉଳି ପେଷିଲା, କାହା କାହା ମଧ୍ୟରେ ଆସନ୍ନ ମୋକଦ୍ଦମାର ସମ୍ଭାବନା, କିଏ ଅଗାଧୁଆ ପାନ ଖାଇ ଜାତିଧର୍ମ ନଷ୍ଟ କଲା, ଏହିପରି ଦେଶହିତକର ଏବଂ ଜନହିତକର ପ୍ରସଙ୍ଗର ଆଲୋଚନା ହେଲା । ଅନନ୍ତର ନଟେଇ ଦାସ ପଚାରିଲେ —"କଅଣ ଗୁପ୍ତ କଥା କହୁଥିଲ ସାଙ୍ଗାତେ, ଭୟ ନା ଲଜ୍ଜା ?"

ରାଧିକା ଦାସ—ନା, ଭୟର କଥା କିଛି ନୁହେଁ, ମୁଁ କାଲି ବୃନ୍ଦାବନ ଯିବି । ପାଞ୍ଚ ବର୍ଷ ହେଲା ତ ଯିବି ଯିବି କହି ଯାଇ ପାରିଲି ନାହିଁ । ମନୁଷ୍ୟ ଜୀବନ ପାଣି ଫୋଟକା ପରି, ଏହି ଅଛି ତ ଏହି ନାହିଁ । ବୟସ ଯେତିକି ଯାଉଛି, ଜରା ସେତିକି ଆକ୍ରମଣ କରୁଛି; ତହିଁ ଉପରେ ପେଟବନ୍ଧା ବେମାରିଟା ତ ଜୀବନର କଣ୍ଟକ ହୋଇ ରହିଛି । ଭାବିଲି, ଆଉ ଠାଳ ମଠାଳ କରିବା ଭଲ ନୁହେଁ, ଥରେ ଯାଇ ରାଧାକୃଷ୍ଣଙ୍କ ଚରଣ ଦର୍ଶନ କରି ଆସେଁ, ତେଣିକି କପାଳରେ ଯାହା ଥାଉ । କାଲି ବୋଲିପଦା ମହନ୍ତ ଗୋସାଇଁ ବୃନ୍ଦାବନ ଯିବେ; ମୁଁ ତାଙ୍କରି ସଙ୍ଗରେ ଯିବି । ନ ହେଲେ, ଏପରି ସଙ୍ଗ ଆଉ ପାଇବି ନାହିଁ । ଦୁଇ ମାସ ମଧ୍ୟରେ ଫେରି ଆସିବି ।

ନଟେଇ—ଏ ତ ଖୁବ୍ ଭଲ କଥା ସାଙ୍ଗାତ ! କପାଳରେ ନ ଥିଲେ ଏରୂପ ସୁଯୋଗ ଘଟେ ନାହିଁ । ମନୁଷ୍ୟଜନ୍ମ ଲାଭ କରି ଚତୁର୍ଥ-କାଳରେ ତୀର୍ଥବ୍ରତ ନ କଲେ ଆଉ କଅଣ କରିବ ? ତମ ସାଙ୍ଗରେ ଯିବାକୁ ମୋର ବି ଭାରି ଇଚ୍ଛା ହେଉଛି; ମାତ୍ର ହେଲେ କଅଣ ହେବ, ତମ ସାଙ୍ଗାତୁଣୀଙ୍କ ଦେହ ଭଲ ନାହିଁ । ତାଙ୍କୁ କେମିତି ଛାଡ଼ିକରି ଯିବି ? ତମେ ତ ଜାଣ, ସେ ଭାରି ସୁକୁମାରୀ ମଣିଷ, ଟିକିଏ ଅପଚାର କଲେ କିଛି ଗୋଟାଏ ରୋଗ ଧରି ପକାଏ । ତାହା ଉପରେ ପୁଣି ଦୋକାନ ଖଣ୍ଡ ଅଛି; ତାକୁ ବା କାହାକୁ ଦେଇ ଯିବି ? ଅଚ୍ଛା ହେଉ, ତମେ ଫେରି ଆସିଲେ ଦୋକାନଟା ତମ ଜିମା ଦେଇ ଆମେ ଦି ପ୍ରାଣୀ ଯିବୁଁ ।

ରାଧିକା—କିଛି ପରବାଏ ନାହିଁ; ଦୋକାନ ମୁଁ ସମ୍ଭାଳିବି । ଆଉ ଗୋଟେ କଥା ଏହି ଯେ, ଟଙ୍କା ଲୋଟାଟିଏ ଅଛି, ତାହାକୁ ତମ ପାଖରେ ରଖିଯିବି । ପାଞ୍ଚବର୍ଷ ଚାକିରି କରି ପାଞ୍ଚହଜାର ଟଙ୍କା ରୋଜଗାର କରିଥିଲି । କେବେ ତ କାହାରିଠାରୁ କଣାକଉଡ଼ି କଭେ ସୁଦ୍ଧା ଲାଞ୍ଚ ନେଇ ନାହିଁ, ତେବେ ପଚିଶ ଶଗଡ଼ କାଠକୁ ପାଞ୍ଚଶଗଡ଼ ବୋଲି ଲେଖିଦେଲେ ଶଗଡ଼ଆ-ମାନେ ଖୁସିରେ ପାଞ୍ଚ ଟଙ୍କା ଦେଇଯାଆନ୍ତି । ତାହା

ତ ଆଉ ଲାଞ୍ଚ ନୁହେଁ—ସେମାନେ ଯାଚି ଭରି ଦେଇ ଯାଆନ୍ତି । ଲାଞ୍ଚ ଖାଇ ପାପ ସଞ୍ଚୟ କରିବା ମୋ ଭାଗ୍ୟରେ ନାହିଁ । ତେବେ ବି ଶଳା ଚୁଗୁଲିଆଗୁଡ଼ାକ ରଜାଙ୍କ ପାଖରେ ଖତମିଛ ଫୋଡ଼ିଲେ । ଆଜି-କାଲି ଯୁଗରେ ତ ଖାଗଖିଆଙ୍କୁ ପେଟଭିଆ ଦେଖିପାରେ ନାହିଁ । ନିହାତି ବେକାର ହୋଇ କାମ ଛାଡ଼ିଦେଇ ଚାଲି ଆସିଲି ।

ନଟେଇ—ହେଉ, ସେଥିରେ କଅଣ ଅଛି ? ଚାଣକ୍ୟରେ ଅଛି—ଅସ୍ଥାନରେ ରତ୍ନ ପଡ଼ିଥିଲେ ଉଠାଇ ଆଣିବ । ଲୋକେ ଯାଚି ଭରି ଦେଲେ ନ ନେବ କାହିଁକି ? ତମେ ତ ଆଉ କାହାରିକି ତଣ୍ଡି ବାନ୍ଧି ନେଉ ନାହଁ ଯେ, ଦୋଷ ହେବ । ତାହା ଯେବେ ଲାଞ୍ଚ ନେବା ହେଲା, ତେବେ ସଂସାରରେ ସମସ୍ତେ ଲାଞ୍ଚ ନଅନ୍ତି । ଆଜିକାଲି ବା କିଏ ଲାଞ୍ଚ ନ ନିଏ ? କାହାରିକୁ ଯଦି କହିବ—ଏ ଖାଗକେସର ନେଇ ଯା ନି, ସଙ୍ଗାତ ଘରେ ଦେଇ ଆସିବୁ, ସେ କହିବ ପଇସାଟାଏ ଦେବୁ ନା ? ଏହା କଅଣ ଲାଞ୍ଚ ନୁହେଁ ?

ରାଧିକା—ଛାଡ଼ ସେ କଥା । ସେହି ପାଞ୍ଚ ହଜାର ମଧ୍ୟରୁ ଦୁଇ ହଜାର ଖର୍ଚ୍ଚ ହୋଇଗଲାଣି । ଆଉ ତିନି ହଜାର ଅଛି । ତମେ ଏ କଥା ସ୍ୱାମୀଙ୍କୁ କହିବ ନାହିଁ । ଆଜିକାଲିର ପିଲାଙ୍କୁ ବିଶ୍ୱାସ ନାହିଁ । ସେଦିନ ଶୁଣିଲ ପରା, ରଘୁଆ ବାରିଆ କୁଥଲୀରେ ପଇସାଟାଏ ଲୁଚାଇ ରଖିଥିଲା; ତାହା ପୁଅ କିମିତି ସନ୍ଧାନ କରି କେଉଁ ଛଟ-କରେ ତାହା କାଢ଼ି ନେଇ ଯାଇ ବୁଟ କିଣି ଖାଇଦେଲା । ଉକାସି ବିଶ୍ୱାଳ ତା ପୁଅକୁ ବାଇଗଣ ଭାଡ଼ ଜଗିବାକୁ ପଠାଇଥିଲା; ଟୋକାଟା କଅଣ କଲା କି, ଦୁଇପୁଞ୍ଜା ବାଇଗଣ ଦେଇ ଛେନା ଖାଇଲା । ଆମ ସ୍ୱାମୀ ବି ଅଳ୍ପ ବୁଝିବା ନୁହେଁ । ଚାଉଳ ଦେଇ ମୁଢ଼ି ଖାଏ, ମୁଁ ତେର ଥର ଦେଖି କିଛି କହେ ନାହିଁ—ମା-ଛେଉଣ୍ଡିଆ ପିଲାଟା, କାଳେ ତା ମନକୁ ବାଧିବ । ତାହାରି ଲାଗି ମୁଁ ସାଇତିଛି; ନ ହେଲେ ମୋର ଟଙ୍କା କଅଣ ଲୋଡ଼ା ? ତେଣୁ ଫେରି ତାକୁ ହାତଛନ୍ଦା କରି ପକେଇ ଘର ଦୁଇଖଣ୍ଡ କରିଦେଲେ ମୁଁ ଖଲାସ । ତେଣିକି ତାହା କର୍ମରେ ଯାହା ଥାଉ । ଆଉ ଗୋଟାଏ ମୋର ସଙ୍କଳ୍ପ ଅଛି—ସୋମେଶ୍ୱର ମହାଦେବଙ୍କ ମନ୍ଦିର ଆଉ ବେଢ଼ା ଶଆରି କରିଦେବି । ଏତିକି କରିସାରିଲେ ମୁଁ କୌଣସି ତୀର୍ଥରେ ଯାଇ ରହିବି ।

ନଟେଇ ଦାସ ଟଙ୍କା କଥା ଶୁଣି ମନେ ମନେ ନିଜର ଅଦୃଷ୍ଟକୁ ଧନ୍ୟବାଦ ଦେଲେ । କିଏ ଯେପରି ଅଲକ୍ଷ୍ୟରେ ଗୋଟାଏ ଛୁରି ଆଣି ତାଙ୍କ ଦେହରେ ପୂରାଇ ଦେଲା । ଶରୀରର ରକ୍ତରେ ଆନନ୍ଦର ବିଜୁଳି ଚରିଗଲା । ଶିରାପ୍ରଶିରା ଅପୂର୍ବ ପୁଲକରେ ଚଞ୍ଚଳ ହୋଇଉଠିଲା । ସେ ଆତ୍ମସମ୍ବରଣ କରି କହିଲେ, "ନା, ମୁଁ ସ୍ୱାମୀଙ୍କୁ ସେ କଥା କାହିଁକି କହିବି ? ଏକା-ଳର ପିଲା ଟଙ୍କା ପଇସା ଦେଖିଲେ କି ଅସ୍ଥିର ହୋଇ ରହିବେ ? କିଛି ଭୟ ନାହିଁ ସଙ୍ଗାତ, ତମ ଟଙ୍କା ଶିବ ନିର୍ମାଲ୍ୟ ପରି ରଖି ଦେଇଥିବି, ତମେ ଆସିଲାକ୍ଷଣି ନେବ । ତମ ଟଙ୍କାରେ ହାତ ଦେଲେ ମୋତେ ମହାପ୍ରସାଦ ଦ୍ରୋହୀ ହେବାକୁ ହେବ । ଭଗବାନ ସେ ବୁଦ୍ଧି ନ ଦିଅନ୍ତୁ । ଆଜିଯାଏଁ ତ କାହାରି ହଳଦିଆ ପାଣିରେ ଗୋଡ଼ ଧୋଇ ନାହିଁ । ବିଶ୍ୱାସରେ ବିଷ ମିଶାଇବାଠାରୁ ପାପ ଆଉ କଅଣ ଅଛି ? ସବୁ ପାପକୁ ପାର ଅଛି—ସେ ପାପକୁ ପାର ନାହିଁ ।"

ରାଧିକା—ଆଉ ସ୍ୱାମୀ ତମକୁ ଲାଗିଲା । ମୁଁ ତାହାର ଦୁଇ ମାସର ଖାଇବା ଖର୍ଚ୍ଚ ଦେଇଯିବି, ସେ ତମରି ଘରେ ରହିବ ।

ନଟେଇ— ଗଭୀର ବିସ୍ମୟରେ) "ଏ କଅଣ କହୁଛ ସଙ୍ଗାତେ ? ପିଲାଟା କେତେ ଅବା ଭାତ ଖାଇବ ଯେ, ସେଥିଲାଗି ମୁଁ ଖର୍ଚ୍ଚ ନେବି ! ସ୍ୱାମୀ ତମର ପୁଅ, ମୋର କି କେହି ନୁହେଁ ? ମୋର ହୃଦୟ ଚିରି ସେହି ରକ୍ତରେ ତମର ଗୋଡ଼ ଧୋଇ ଦେଲେ ବି ତମ ଉପକାର ମୁଁ ଶୁଝି ପାରିବି ନାହିଁ । ସ୍ୱାମୀମା ମୃତ୍ୟୁ-ଶଯ୍ୟାରେ ତମ ସଙ୍ଗାତୁଣୀଙ୍କୁ ଯାହା କହିଯାଇଥିଲେ, ତାହା କି ମୁଁ ଏତେ ଶୀଘ୍ରେ ଭୁଲିଯିବି ? ସେ ଦିନଟା ଆଜିଯାଏଁ ମୋ ହୃଦୟରେ ଗୁନ୍ଥା ହୋଇ ରହିଛି ।"
ଏହା କହୁଁ କହୁଁ ବ୍ୟାକୁଳଶୋକରେ ତାଙ୍କର କଣ୍ଠସ୍ୱର ଆର୍ଦ୍ର ହୋଇ ଆସିଲା; ଚକ୍ଷୁରୁ ଦୁଇଟୋପା ପ୍ରତାରଣାର ଅଶ୍ରୁ ମଧ୍ୟ ସ୍ରବି ଆସିଲା । ସେ ତାହାକୁ ହାତପିଠିରେ ପୋଛି ପକାଇଲେ । ପ୍ରତାରକର ଅସାଧ୍ୟ କିଛି ନାହିଁ, ଶୂନ୍ୟରେ ତାହାର ନେତ୍ର ଅଶ୍ରୁବୃଷ୍ଟି ହୋଇଯାଏ ।

ତାହାର କଥାରେ ଅମୃତ ଏବଂ ହୃଦୟରେ ପ୍ରାଣଘାତୀ ହଳାହଳ ଥାଏ, ସାରସ୍ୱତ ନଷ୍ଟ ତାହା ବାରିପାରେ ନାହିଁ ।

ଏହିପରି କଥାବାର୍ତ୍ତାରେ ରାତ୍ରିର ପ୍ରଥମ ପ୍ରହର କଟିଗଲା । ତହୁଁ ଦୁଇ ସଙ୍ଗାତ ଘର ଭିତରକୁ ଯାଇ ଭୋଜନରେ ବସିଲେ । ଶ୍ୟାମା ପରିବେଷଣରେ ନିଯୁକ୍ତ ହେଲା । ଭୋଜନାନ୍ତେ ଶ୍ୟାମା ଖାଇବାକୁ ଗଲା । ଏହି ଅବସରରେ ସ୍ୱାଧିକା ଦାସ ଟଙ୍କାଲୋଟାଟି ଆଣି ସଙ୍ଗାତଙ୍କ ହାତରେ ଦେଲେ ।

ସ୍ୱାଧିକା ଦାସ, ତୁମ୍ଭେ ବଡ ଅପରିଣାମଦର୍ଶୀ ! ନରକର ପୂତିଗନ୍ଧକୁ ସ୍ୱର୍ଗର ପାରିଜାତଗନ୍ଧ ଓ ମଳୟାନିଳ ମଣୁଅଛ; ମାତ୍ର ଏହାର ଫଳ ବଡ ଭୟମୟ ହେବ । ନିଦାଘ-ମଧ୍ୟାହ୍ନର ଖରତପ୍ତ ବାୟୁରେ ଶିମିଳୀ ତୂଳା ପ୍ରାୟ ତୁମ୍ଭର ସବୁ ଆଶା କୁଆଡେ ଉଡିଯିବ ।

କଳେଇ ଟଙ୍କାଲୋଟା ଧେନି ଘରକୁ ଆସିଲେ । ଅଧିକନ୍ତୁ ଶ୍ୟାମାର ଦୁଇ ମାସର ଖାଇବା ଖର୍ଚ୍ଚ ଚଉଦ ଟଙ୍କା ମଧ୍ୟ ଆଣିଲେ । ଭାଗ୍ୟଦେବ, ତୁମ୍ଭର ଗତି ବଡ ବିଚିତ୍ର ! ତୁମ୍ଭେ କେତେବେଳେ କାହା ପଦାର୍ଥ କାହାକୁ ଆଣିଦିଅ, ତାହା ବୁଝିବା ଅସାଧ୍ୟ । ପ୍ରାୟଶଃ ସମସ୍ତଙ୍କ ଭାଗ୍ୟରେ ଏହିପରି ଗୋଟାଏ ଗୋଟାଏ ଆକସ୍ମିକ ଘଟଣା ଅଲକ୍ଷ୍ୟରେ ଆସି ଜୀବନଟାକୁ ଓଲଟ ପାଲଟ କରିଦିଏ; ନୂତନ ଉଦ୍ଦେଶ୍ୟ ଜୀବନର ଗତିକୁ ନୂତନ ଆଡକୁ ଘେନିଯାଏ ।

## ଚତୁର୍ଥ ପରିଚ୍ଛେଦ

କଳେଇ ଦାସ ଟଙ୍କାଲୋଟାଟି ଧେନି ଏକମୁହାଁ ହୋଇ ଘରକୁ ଚାଲି ଆସିଲେ । ତାଙ୍କୁ ଆଉ ବାଟ ଅବାଟ ଜଣାଗଲା ନାହିଁ । ଚୋର ପରି ଚାରିଆଡକୁ ଚାହିଁ ଚାହିଁ ଅତି ସାବଧାନରେ ଆସି ଦାଣ୍ଡ କବାଟରେ ଆଘାତ କଲେ । ଉଷା ସେଥିରୁ ସ୍ୱାମୀଙ୍କର ଆଗମନ ସୂଚନା ପାଇ ତତ୍ପର ହୋଇ ଆସି କବାଟ ଫିଟାଇ ଦେଲେ । ଦାସେ କବାଟ କିଳି ଦେଇ ଆସିବାକୁ ସ୍ତ୍ରୀକୁ ଆଦେଶ ଦେଇ ଘର ଭିତରକୁ ଚାଲି ଆସିଲେ । ଉଷା ସ୍ୱାମୀଙ୍କ ଆଦେଶ ପାଳନ କରି ପଛେ ପଛେ ଆସି କହିଲେ— "ଆଜି ତ ସଙ୍ଗାତଙ୍କର ଭାରି ସତ୍କାର !"

ଦାସେ—କେଉଁ ଦିନ ସତ୍କାର ନ ଥାଏ କି ?

ଉଷା—ଏତେ ରାତି ହେଲାଣି; ସେଥିଲାଗି କହୁଥିଲି, ଆଜି ସତ୍କାରଟା ବେଶି । ଏତେ ତରବରରେ କାହିଁକି ଡାକି ନେଇ ଯାଇଥିଲେ ?

ଦାସେ—ତମେ ଦୀପ ଆଣ, କହୁଛି ।

ଉଷା ଶୋଷେଇ ଘରୁ ଦୀପ ଆଣି ଦେଖିଲେ, ସ୍ୱାମୀଙ୍କ ମୁଖ ଗମ୍ଭୀର । ଗୋଟାଏ ଅବ୍ୟକ୍ତ ଆନନ୍ଦର ଜ୍ୟୋତି ମୁଖ ଏବଂ ନେତ୍ରରୁ ଝରି ପଡୁଛି । ଉଷା କିଛି କାରଣ ନିରୂପଣ କରି ନ ପାରି ସ୍ୱାମୀଙ୍କ ମୁଖକୁ ଜିଜ୍ଞାସୁ ଦୃଷ୍ଟିରେ ଅନାଇ ରହିଲେ । ଦାସେ କିଛି ନ କହି ଟଙ୍କାଲୋଟାଟା ଝମ୍‌ଝାମ୍ କରି ଢାଳି ପକାଇଲେ । ଉଷା ଦେଖି ବାଟଙ୍ଗା ହୋଇଗଲେ । ତାଙ୍କ ଚିତ୍ତ-କ୍ଷେତ୍ରରେ କି ଏକ ଅଭୂତପୂର୍ବ ଆନନ୍ଦର ବନ୍ୟାଧାର ଚାଲିଗଲା । ସେ ଆନନ୍ଦ ଚକ୍ଷୁଗୋଲକ ଭେଦ କରି ହୃଦୟ ମଧ୍ୟରେ ପ୍ରବେଶ କଲା । ସେ ଆନନ୍ଦ ଅମୃତ-ଠାରୁ ମଧୁର । ପ୍ରାଚୀକୋଳରେ ପୂର୍ଣ୍ଣଚନ୍ଦ୍ରର ଉଦୟ ଦେଖି କୁମୁଦିନୀ ଯେପରି ଆନନ୍ଦିତ ହୁଏ, ଉଷା ଟଙ୍କା ଦେଖି ସେହିପରି ଆନନ୍ଦିତ ହେଲେ । ତାଙ୍କ ହୃଦୟ-ଉଦ୍ୟାନରେ ବସନ୍ତର ଆବିର୍ଭାବ ହେଲା—ଆଶା-ଲତାରେ କେତେ ରଙ୍ଗର ଫୁଲ ଫୁଟି ଉଠିଲା । ସେହି ଟଙ୍କାରେ ସେ ସ୍ୱୀୟ ଭାବ-ସୌଭାଗ୍ୟର ଶୁଭମୟ ସୂଚନାଲିପି ପାଠ କଲେ ଏବଂ ଆନନ୍ଦଗଦ୍‌ଗଦ ସ୍ୱରରେ କହିଲେ—"କାର୍ତ୍ତିକମାସ ବଳରୁ କଷ୍ଟେ ମାଣ୍ଡ ଧାନ ଆଣିଲ ପରା ଏ ଟଙ୍କାଗୁଡାକ କୁଆଡୁ ଆଣିଲ ? ଏ ସଙ୍ଗାତ କେଉଁଠୁ ଚୋରି କରି ଆଣିଲ କି ହୋ ?" ଦାସେ କହିଲେ—"ଏ ସଙ୍ଗାତଙ୍କ ଟଙ୍କା । ସେ କାଲି ବୃନ୍ଦାବନ ଯିବେ, ଟଙ୍କା ରଖିବାକୁ ଦେଇଛନ୍ତି । ଦୁଇ ମାସ ପରେ ଆସିଲେ ନେବେ ।"

ଉଷା—ସେ ଆଗେ ବନ୍ଦି କରି ଅସୁ, ନେବ। ବୁଢା ଖୁବ୍ଭଲ ଏତେ ଠଙ୍କା ରଖିଥିଲା ! ଧୂଳିଆଭଣ୍ଡାର ଏତେ ଗୁଣ !

ଅନନ୍ତର ଉଷା ପଣନ୍ତ କାନି ବେକରେ ପକାଇ ଠଙ୍କା ଗଦାକୁ ବାରମ୍ବାର ଜୁହାର ହୋଇ କହିଲେ—"ମା ଲକ୍ଷ୍ମୀଠାକୁରାଣି ସୁଦୟା କରି ଆଜି ଗୁରୁବାରରେ ମୋ ଘରକୁ ଆସିଛ, ସବୁଦିନେ ଏଇଠି ଥା, ମା ସାଆନ୍ତାଣି ! ମୁଁ ତମକୁ ଖୁବ୍ ଭଲ କରି ପୂଜା କରିବି; ତମର ଏ ଦାସୀ ପୋଇଲୀର ମନୋବାଞ୍ଛା ପୂର୍ଣ୍ଣ କର ମା !" ଲକ୍ଷ୍ମୀ ଠାକୁରାଣୀଙ୍କୁ ଏହିପରି ବର ମାଗି ସ୍ୱାମୀଙ୍କୁ କହିଲେ—"ଆଉ ତାଳିଲ କାହିଁକି, ରଖିଦଅ।"

ଦାସେ—ସଙ୍ଗାତେ ଛଅହଜାର ବୋଲି କହିଲେ, ଜାଣେ କଣ ଥିବ, ଗଣି ରଖିବା ଭଲ।

ଉଷା—ହଁ, କହନ୍ତି ପରା—ପାଣି ପିଇବ ଛାଣି, ପଇସା ନେବ ଗଣି।

ତହୁଁ ଦାସେ ଗଣି ଦେଖିଲେ—ଠଙ୍କା ଏବଂ ନୋଟ ମିଶି ଛଅହଜାର ଠଙ୍କା ଠିକ୍ ହେଲା। ସେ ଗଣି ସାରି କହିଲେ—"ଗୋଟାଏ କଥା ଏକା ଅଡୁଆ। ତାହା କଣ କି, ସଙ୍ଗାତେ ସ୍ୱାମୀକୁ ଆମ ଘରେ ଛାଡି ଯିବାକୁ କହୁଛନ୍ତି। ତାହାର ଦୁଇ ମାସର ଖାଇବା ଖର୍ଚ୍ଚ ଚଉଦ ଠଙ୍କା ଅଲଗା ଦେଇଛନ୍ତି।"

ଉଷା—ଚଉଦ ଠଙ୍କା ତ ଦେଇଛନ୍ତି; ଆଉ ଅଡୁଆ କଣ ?

ଦାସେ—ଜଣେ ମଣିଷ ପୋଷିବା ଯିମିତି, ଗୋଟେ ହାତୀ ପୋଷିବା ସିମିତି। ଚଉଦଟା ଠଙ୍କା କେତେ ? ବସି ଖାଇଲେ ଗଙ୍ଗାବାଲି ବି ସରିଯିବ।

ଉଷା—ହଁ, ତାକୁ ବସେଇ ଖାଇବାକୁ ଦେବି, ସେ ମୋର ଗୁରୁଗୋସାଇଁ !

ଦାସେ—ଆଉ ସେ କଅଣ କରିବ ?

ଉଷା—କଅଣ କରିବ ? କି, ସେ ଏତେ ଗେହ୍ଲା କଅଁର ନା ? ତମେ ବଡ ବଜାରରୁ ସଉଦା କିଣି ଦେଲେ ସେ ଦୋକାନକୁ ବହି ଆଣିବ; ଆଉ ତମେ ଖାଇବାକୁ ଆସିଲେ, ସେ ଦୋକାନ ଜଗିବ।

ଦାସେ—ଆହା କି ସୁନ୍ଦର ବୁଦ୍ଧି ! ନ ଜାଣି କହନ୍ତି ମାଇପି ବୁଦ୍ଧି ! ଦୋକାନଟି ତ ତାହା ହାତରେ ଦେଲେ କହାଲି ! ସବୁ ଖାଇ ଖୋଇ ବସିବ ସେ।

ଉଷା—କି, ତମେ ତାକୁ କୁଞ୍ଚିକାଠି କାହିଁକି ଦବ କି ?

ଦାସେ—କୁଞ୍ଚି ପକାଇ ଆସିଲେ ସେ ଜଗି କେତେ—ନ ଜଗି କେତେ ?

ଉଷା—କୁଞ୍ଚି ପକେଇଲେ କଅଣ ହବ, କବାଟଖଣ୍ଡ ତ ଦଦରା। ଡାକୁଣୀଖିଆ ଠାଉରିଆ ଯେବେ ପେଲି ଦେଇ ପଶି ଦୋକାନରେ କଳାକନା ବୁଲେଇ ଦେଇ ବେକାଳ ବୁଡେଇ ଦେଇ ଚାଲିଯିବ ? ମାଇପି ବୁଦ୍ଧି ଖରାପ, ଆଉ ମିଣିପିବୁଦ୍ଧି ବଡ ଭଲ। ଉଠ ଉଠ, ସଞ୍ଜ ଡେରି ହେଲାଣି, ମୁଁ ଭାତ ଆଣେ।

ଦାସେ—ମୁଁ ଖାଇ ଆସିଛି।

ଉଷା—ଖାଇ ଆସିଛ ? ତେବେ ମୁଁ ଭାତ ପଖାଳିଦିଏଁ। ମାଛଭଜା ହୋଇଥିଲା କି ?

ଦାସେ—ନା, ମାଛ ଭଜା କାହିଁ, ହୋଇଥିଲା ଏଣ୍ଡ୍ରୁଡେଣ୍ଡ୍ରୁ କିଛି।

ଉଷା—ସଙ୍ଗାତ ପୋଡାମୁହାଁ ତ ଆଙ୍ଗୁଳି ଚାଟୁମି ଭାତ ଖାଇବ, ସେ ପୁଣି ମାଛ କିଣି ଖାଇବ କଉଁଠି ?

ଉଷା ସଙ୍ଗାତଙ୍କୁ ଏହିପରି ମଧୁର ଆଶୀର୍ବାଦୀ ବିଶେଷଣରେ ଅଳଙ୍କୃତ କରି ଭାତ ପଖାଳିବାକୁ ଚାଲିଗଲେ। ସେ ଦିନ ଗୁରୁବାର; ସୁତରାଂ ଉଷା କିଛି ଖାଇଲେ ନାହିଁ।

ତହିଁ ପରଦିନ ରାଧିକା ଦାସ ସ୍ୱାମୀକୁ ସଙ୍ଗାତ ଘରେ ଛାଡି ତୀର୍ଥଯାତ୍ରା କଲେ। ଉଷା ସ୍ୱାମୀକୁ ଖୁବ କପଟ ସମାଦରରେ ଗ୍ରହଣ କଲେ। କହିଲେ, "ଆରେ ବାପ, ଆ, ଏ ତ ତୋହରି ଘର। କହନ୍ତି ପରା—'ମା ପାଳେ ନା ମାଉସୀ ପାଳେ।' ମୁଁ କେତେ ଛଟପଟ ହୁଏଁ, ମା-ଛେଉଣ୍ଟିଟି କିମିତି ଅଛି ଥରେ ଦେଖନ୍ତି। ତୁ ପୋଡାମୁହାଁ ପୁଅ ତ କେବେ ଏଣିକି ମୁହିଁ କରୁ ନାହିଁ। ତୋ ମା ମରିବାବେଳେ କହିଥିଲା—'ନାନି, ତୁ ସ୍ୱାମୀକୁ ଦେଖିବୁ।' ହାୟ ! ସେ କଥା କି ମୁଁ ପାସୋରି-ଯିବି ?" ଏହା କହି ଦୁଇ ହାତପିଠିରେ ଲୁହ ପୋଛି ପକାଇଲେ; ମାତ୍ର ପ୍ରକୃତରେ କାନ୍ଦିଥିଲେ କି ନା, ତାହା ଦେବଧର୍ମଙ୍କୁ ଗୋଚର। କାନ୍ଦି ନାହାନ୍ତି ବୋଲି କହିଲେ କେହି ବିଶ୍ୱାସ କରିବେ ନାହିଁ; କିନ୍ତୁ ଅବିଶ୍ୱାସ କରିବାର କାରଣ ମଧ୍ୟ ନାହିଁ। ସ୍ୱାମୀ ପିତୃବନ୍ଧୁ ଘରେ

ରହିଲା । ଦାସ ଦଂପତିଙ୍କୁ ସେ ମଉସା ମାଉସୀ ବୋଲି ଡାକେ । ଉଷା ତାକୁ ଝିମା ବୋଲି ଡାକନ୍ତି; ଦାସେ ସବୁବେଳେ ବ୍ୟାପରେ ଧନରେ କହନ୍ତି । ସୁମା ପାଇଁ ସକାଳ ସଞ୍ଜ ଦୁଇବେଳା ଜଳଖିଆ ସକାଶେ ଅଧପଇସାର ମୁଡି ଖଞ୍ଜି ହୋଇଗଲା । ସୁମା ଜଗନ୍ନାଥ ମହାପ୍ରଭୁଙ୍କ ପରି ମାଉସୀ ହାଣ୍ଡିରେ ଅପାତ ସୁଖରେ ରହିଲା । ତାହାର ସ୍ୱାସ୍ଥ୍ୟରକ୍ଷା ବିଷୟରେ ମଉସା ମାଉସୀ ଭାରି ସାବଧାନ । କାଳେ ସେ ଗଣ୍ଡାଏ ଭାତ ଅଧିକ ଖାଇ ଦେଇ ଅଜୀର୍ଣ୍ଣକୁ ଆମନ୍ତ୍ରଣ କରି ବସେ, ସେଥିପାଇଁ ଦାସଦଂପତି ଅତିରିକ୍ତ ସତର୍କତା ଅବଲମ୍ବନ କରନ୍ତି । ରୋଗ ହେଲେ ଆଉ ଯାହା ହେଉ; ମାତ୍ର ଡାକ୍ତରଙ୍କୁ ପଇସା ଗଣିବାକୁ ହେବ, ତାହା ଏକାନ୍ତ ଅସହ୍ୟ । ଦେଶରୁ ଅର୍ଥ ଟାଣିବାକୁ ହେଲେ ଡାକ୍ତର କିମ୍ବା ଓକିଲ, ମୋକ୍ତାର ବ୍ୟବସାୟ କରିବା ଆବଶ୍ୟକ । ସେମାନଙ୍କ ପରି ନିଷ୍ଠୁର ଭାବରେ ଅର୍ଥଶୋଷଣ ଅନ୍ୟ କେହି କରି ପାରିବେ ନାହିଁ । ସେମାନେ ବ୍ୟବସାୟରେ ଯେପରି ସ୍ୱାଧୀନ, ଅନ୍ୟର ଅବସ୍ଥା ନ ବୁଝି ସଦୟଭାବରେ ଅର୍ଥଶୋଷଣ କରିବାରେ ତତୋଽଧିକ ସ୍ୱାଧୀନତମ; ଆଉ ପରକୁ ଲାଞ୍ଛିତ, ଅପଦସ୍ଥ କରିବା ଯାହାର ପୁଣ୍ୟମୟ ସାଧୁ ସଙ୍କଳ୍ପ, ତାହାର ସମ୍ବାଦପତ୍ରର ସଂପାଦକ ହେବା ଉଚିତ । ହାତରେ କାଗଜ ଖଣ୍ଡେ ଥିଲେ ମୁରବିପଣ ଦେଖାଇବାର ସମଧିକ ସୁବିଧା ହୁଏ । ପ୍ରତିଶୋଧଗ୍ରହଣ ବିଷୟରେ ସେରୂପ ଅମୋଘ ବ୍ରହ୍ମାସ୍ତ୍ର ଆଉ ଭୂମଣ୍ଡଳରେ ନାହିଁ । ତିରସ୍କାର, ବିଦ୍ରୂପ, ଲାଞ୍ଛନା, ଗଞ୍ଜନାପୂର୍ଣ୍ଣ ଗୋଟାଏ ଗୋଟାଏ ଅଗ୍ନିଗର୍ଭ ପ୍ରବନ୍ଧ ଲେଖି ତଳେ ଶ୍ରୀଟାଏ କାଟିଦେଲେ କିମ୍ବା 'କ', 'ନ' ପ୍ରଭୃତି ଏକାକ୍ଷରୀ ନାମଟାଏ ଥୋଇଦେଲେ ଯଥେଷ୍ଟ । ସମ୍ବାଦପତ୍ର ପରିଚାଳନ ଦେଶହିତର ଗୋଟିଏ ସୁନ୍ଦର ବ୍ୟବସାୟ । ଯେ ଦେଶ, ଜାତି, ସମାଜ, ଶିକ୍ଷକମାନଙ୍କ ମତର ବିରୋଧୀ ହେଲା ବା ବିରୋଧୀ ହେବାର କଳ୍ପନା କଲା କିମ୍ବା ଜନ୍ମାନ୍ତରେ କରିପାରେ ବୋଲି ବିବେଚିତ ହେଲା, ସେହି ଉନ୍ମାଦଗ୍ରସ୍ତ ବା ନିର୍ବୋଧ ମସ୍ତକରେ ବଜ୍ରପାତ ନ ହେବ କାହିଁକି ? ସଂପାଦକମାନଙ୍କ ମଧ୍ୟରେ ଯେଉଁମାନେ ଦ୍ରଷ୍ଟା, ସେହିମାନେ ସିନା ସତ୍ୟ, ନ୍ୟାୟ, ଧର୍ମକୁ ଭାର କରି ବସନ୍ତି । ସେଥିର ଫଳସ୍ୱରୂପ ସେମାନେ ଅନ୍ନବସ୍ତ୍ର ବ୍ୟତୀତ ଆଉସବୁ ବିଷୟରେ ସୁଖୀ; ସେମାନେ ନିତାନ୍ତ ଅବଚକ୍ଷଣ ଏବଂ ଅଧିବନ୍ଧର । ସ୍ୱାର୍ଥଜ୍ଞାନ ସେମାନଙ୍କର ନାସ୍ତି । ମାନବହୃଦୟକୁ ତ କେଉଁକାଳେ ବିଶ୍ୱାସ ନାହିଁ । ପ୍ରକୃତିଦେବୀଙ୍କର ଜଗନ୍ମୋହିନୀ ଶୋଭା ପରି ସେ କ୍ଷଣ କ୍ଷଣକେ ଅଭିନବ ରୂପ ଧାରଣ କରେ । ଯେଉଁମାନଙ୍କର ଏଭଳି ପରିବର୍ତ୍ତନ ଘଟେ, ସେମାନଙ୍କୁ ପ୍ରକୃତ ହୃଦୟୀ ନ କହି ଆଉ କଅଣ କୁହାଯିବ ? ପ୍ରତ୍ୟୁତ ଯେଉଁମାନଙ୍କ ହୃଦୟର ପରିବର୍ତ୍ତନ ନାହିଁ, ସେମାନେ ବାସ୍ତବରେ ହୃଦୟହୀନ କିମ୍ବା ବଡ଼ ଜଳାଶୟ ପରି ଲୁଷିତହୃଦୟ; ନଚେତ୍ ଟିକିଏ ସଦୟ ଭାବରେ କହିଲେ ଦୁର୍ବଳହୃଦୟ ।

ଖଣ୍ଡେ ଲୁଗା କିଣିବା ସକାଶେ ସୁମା ପିତାଙ୍କଠାରୁ ଟଙ୍କାଟିଏ ନେଇ ରଖିଥିଲା । ଦିନେ ସେହି ଟଙ୍କାଟି ମଉସାଙ୍କ ହାତରେ ଦେଇ କହିଲା—"ମୋ ପାଇଁ ଖଣ୍ଡିଏ ଚାଳିଶ ଇଞ୍ଚିଆ ଲୁଗା ଆଣିବ ।" ମଉସା ମନେ ମନେ ଭାବିଲେ—"ଟୋକାଟା ଭାରି ଉଡୁଆ । ଆଠ ଅଣାର ଖଣ୍ଡେ ଗାମୁଛା କିଣିଲେ ଆଠ ଅଣା ବଳିବ, ସେଥିରେ ତାହାର ଦୁଇ ମାସର ମୁଡି ଖର୍ଚ୍ଚ ଚଳିଯିବ; ମୁଁ ବି ଗୋଟାଏ ଅକାରଣ ତଣ୍ଡରୁ ବାହି ପାଇବି ।" ଏହା ଭାବି କହିଲେ—"ଏଡେ ଓସାରିଆ ଲୁଗାଟାଏ କଅଣ ହେବ, ଛନ୍ଦିହୋଇ କଚାଡି ପଡିବୁ, ଗୋଡହାତ ଭାଙ୍ଗିଯିବ । ଖଣ୍ଡେ ଛଅହାତି ମୋଟା ଗାମୁଛା କିଣିଦିଏଁ, ଭଲ ହେବ । ଗାମୁଛା ଖୁବ୍ ବଇଁଚିରି ଯାଏ, ସେଥି-ଲାଗି ମୁଁ ପରା ସବୁବେଳେ ଗାମୁଛା ପିନ୍ଧେଁ । ବଡ ଲୁଗା ପିନ୍ଧିଲେ ଦେହରୁ ଝାଳ ବାହିବ, ଦେହଟା ବି ଗନ୍ଧେଇବ ।" ସୁମା ତ ମଉସାଙ୍କ ସୌଖୀନପଣ ଜାଣେ; ସୁତରାଂ ସେ ଦ୍ୱିରୁକ୍ତି କଲା ନାହିଁ । ତନ୍ତୁ ମଉସାଙ୍କ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲା । ଦାସେ ବଜାରରୁ ସଉଦା କିଣି ଦିଅନ୍ତି, ସୁମା ତାହା ଦୋକାନରୁ ବହି ଆଣେ । ଦାସେ ଖାଇବାକୁ ଆସିଲେ ସେ ଦୋକାନ ଜଗେ; ବେଳେ ବେଳେ ଦାସଙ୍କ ଶିଶୁକନ୍ୟା ସୁନ୍ଦରୀକୁ କାଖେଇ ବୁଲାଏ । ଏତେ ସୁଖରେ ଥାଇ ହୁଏତ ସେ ମୃତା ମାତାକୁ ସ୍ମରଣ କରି ସମୟ ସମୟରେ କାନ୍ଦେ । ସେହି ସୁପ୍ତ ସ୍ମୃତି ପୁଣି କାହିଁକି ଜାଗି ଉଠେ—

ନିର୍ବାଣୋନ୍ମୁଖ ଅନଳ ପୁଣି କାହିଁକି ଜଳି ଉଠେ, ତାହା କିଏ କହିବ ? ତେବେ ଏତିକି କୁହାଯାଇପାରେ ଯେ, ଯେଉଁ ଦୁଃଖ ହୃଦୟରେ ଦାଗ ରଖିଯାଏ, ତାହା ପାସୋରି ହୁଏ ନାହିଁ । ଯେଉଁ ମାତା ଶୋକ-ତାପ-ଦଗ୍ଧ ଜଗତରେ ବିଧାତାର ଆଶୀର୍ବାଦ, ତାହାର ଅମର ସ୍ମୃତି କିଏ ଭୁଲିପାରେ ?

ସମୟ କାହାରିକୁ ଅପେକ୍ଷା କରି ବସି ରହେ ନାହିଁ କିମ୍ବା ତାହାର ସ୍ୱଭାବ ଗତି ଦ୍ରୁତ ହୁଏ ନାହିଁ । ଜଳଘଡି ପରି ସେ ସର୍ବଦା ସମାନ ଭାବରେ ଚାଲିଥାଏ ! ଦେଖୁଁ ଦେଖୁଁ ମାସେ କାଳ ଅତୀତ ହୋଇଗଲା । ଦିନେ ସେ ଗ୍ରାମକୁ ପୋଷ୍ଟ ପିଅନ ଆସିଲା । ଆଠ ଦିନରେ ଥରେ ତାହାର ଆସିବାର ପାଳି; ମାତ୍ର ସେ ସବୁ ପାଳି ଆସେ ନାହିଁ । ହାଟଦିନ ଗାଁ ଲୋକଙ୍କ ଦ୍ୱାରା ଚିଠିପତ୍ର ପଠାଇଦିଏ । ଯେବେ ମନିଅର୍ଡର ଥାଏ, ତେବେ ଆସେ । ରେଜିଂ ଚିଠି ସୁଦ୍ଧା ହାଟୁଆଙ୍କ ହାତରେ ପଠାଇଦେଇ ହାତରୁ ପଇସା ପୋଷ୍ଟ ଅଫିସରେ ଦାଖଲ କରିଦିଏ । ଯେଉଁ ଦିନ ଗାଁକୁ ଆସେ, ସେଦିନ ଆଦାୟ କରି ନିଏ । ସମସ୍ତେ ତ ଚିହ୍ନା ଲୋକ, ଫାଙ୍କିଦେବ ଅବା କିଏ ? ବିଶେଷତଃ ଯାହାର ରେଜିଂ ଚିଠି ଆସେ, ତାହାର ମନିଅର୍ଡର ବି ଆସେ । ମନିଅର୍ଡର ଟଙ୍କା ପିଅନ ଆଣି ଦିଏ । ତେଣେତେବେଳେ ଯାହାଠାରେ ରେଜିଂ ଚିଠି ମାସୁଲ ବାକି ଥାଏ, ତାହା କାଟିନିଏ । ବିଦ୍ୟୁତ୍ ଦେଖିଲେ ଯେପରି ବର୍ଷା ହେବାର ଜଣାଯାଏ, ପିଅନକୁ ଦେଖିଲେ ସେହିପରି ଗ୍ରାମରେ କାହାର ମନିଅର୍ଡର ଆସୁଥିବାର ଜଣାଯାଏ । "ପିଅନ ଆସିଛି, ପିଅନ ଆସିଛି" ବୋଲି ଗ୍ରାମଯାକ ଚହଳ ପଡିଗଲା । କେହୁ ଚିଠି ଆସିଛି କି ନାହିଁ ବୁଝିବାକୁ ଧାଇଁଲା—କେହୁ ବା କାହାର ଟଙ୍କା ଆସିଛି ଜାଣିବାକୁ ଆସିଲା । ଏହିପରି ଦଳେ ଲୋକ ତାହାକୁ ଘେରି ଚାଲିଲେ । ସେ କ୍ଷୁଦ୍ରବାହିନୀଦ୍ୱାରା ପରିବେଷ୍ଟିତ ହୋଇ ସେନାପତି ପରି ଗ୍ରାମ ମଧ୍ୟରେ ଅଗ୍ରସର ହେଲା । ପିଅନର ପରିଧେୟ ଖଣ୍ଡିଏ ଆଣ୍ଠୁଭିଡା ଲୁଗା, ଦେହରେ ଗୋଟାଏ ତୋରିଆ କୋଟ, ତାହା ଉପରେ ଖଣ୍ଡେ ଲାଲ ଲୁଗା ଦୁଇ ପରସ୍ତ ହୋଇ କାନ୍ଧରେ ପଡିଅଛି । ବୋଧହୁଏ, ସେ ଖଣ୍ଡିକ ପଗଡି ବସ୍ତ୍ର । କୌଣସି ପାପରୁ ତାହାର ଅଧୋଗତି ଘଟିଅଛି । ସେ ଶିରୋଭ୍ରଷ୍ଟ ହୋଇ କାନ୍ଧରେ ଆସି ଶରଣ ପଶିଅଛି । ତାହାର କାନ୍ଧରେ ଗୋଟାଏ ଚମଡା ବ୍ୟାଗ୍ ଏବଂ ହାତରେ ତାଡାଏ ଚିଠି ଧରିଅଛି । ପିଅନ ଆସି ଜଣକ ପିଣ୍ଡାରେ ବସିଲା । ସେ ଘରବାଲୀର ନାମ ପାଣୁଆ ମା । ତାହାର ପୁଅ କଲିକତାରୁ ପାଞ୍ଚ ଟଙ୍କା ମନିଅର୍ଡର କରି ପଠାଇଅଛି । ସେ ଆଙ୍ଗୁଳିଟିପ ଦେଇ ଟଙ୍କା ଗଣି ନେଲା ଏବଂ ତାଠୁଁଟି ପଇସା ଥୋଇ ଦେଇ କହିଲା—"ନିଅ ବାପ, ତମ ପୁଅ ପାନ ଖାଇବ ।" ପିଅନ ଟିକିଏ ମୁରୁକି ହସି କହିଲା—'ନା, ମୁଁ ପଇସା ନେବ ନାହିଁ, ତୁ ରଖ ।'

ପାଣୁଆ ମା—ଅଳ୍ପ ହେଲା ବୋଲି ନେଉ ନାହିଁ ? ମୁଁ ଗରିବ ଲୋକ, କେତି କାହୁଁ ଦେଇ ପାରିବି, ନିଅ ବାପ, ମୋ ସୁଣତି ।

ପିଅନ—'ନା ଲୋ ମାଉସି, ମୁଁ କାହାରିଠାରୁ ପଇସା ନିଏ ନାହିଁ, ତୁ ଗରିବ ଲୋକ, ନେଇଯା ।'

ପାଣୁଆ ମା—'ତମ ଆଗରୁ ଯେ ଆସୁଥିଲା, ସେ ତ ନ ନେଲେ ଟଙ୍କା ଦିଏ ନାହିଁ, ଆଉ ତମେ ନବ ନାହିଁ କାହିଁକି ?'

ପିଅନ—'ସେ ନେଉ ପଛେ, ମୁଁ ସରକାରରୁ ଦରମା ନେଉଛି, ଆଉ ଲାଞ୍ଚ ନେଇ କାହିଁକି ପାପ ମୁଣ୍ଡେଇବି ?'

ପାଣୁଆ ମା ପଇସା ଉଠାଇ ନେଇ କହିଲା—'ହଁ ବାପ, ତମେ ସତ୍ ଲୋକ, ଗରିବଙ୍କ ତଣ୍ଡି ଚିପି କାହିଁକି ନେବ ? ମୁଁ ଅଲାଗୀଠା ଜାଣେ ନାହିଁ ବୋଲି ଯାଚୁଥିଲି, ମୋର ଦୋଷ ଧରିବ ନାହିଁ । ତମ ପୁଅର କୋଟି ପରମାୟୁ ହେଉ । ତେବେ ଏହି ପଇସାକ ନେଇ ଖଣ୍ଡେ "ପୋଷ୍ଟକାଗଜ" ଦିଅ ।'

ପିଅନ—'ପୋଷ୍ଟ କାର୍ଡର ଦାମ୍ ପଇସେ ନୁହେଁ—ଦି ପଇସା ।'

ପାଣୁଆ ମା—'କି, ମୁଁ ବୁଦସ୍ତା ଏଇ ଦିନେ ପଇସାକୁ କିଣିଥିଲି, ଆଜି ପୁଣି ଦିପଇସା ହୋଇଗଲା !'

ପିଅନ—'ବୁଦ୍ରସ୍ତା ତୋର ଯେତେ ବୟସ ଥିଲା, ଏ ବର୍ଷ କେତିକି ଅଛି ନା ବଢିଚି ? ଆଗରୁ ପୋଷ୍ଟକାର୍ଡ ପଇସେ ଥିଲା, ଏଣିକି ବଢି ଯାଇଛି ।'

ପାଣୁଆ ମା—ହଉ,ତେବେ ଦେଢପଇସା ନେଇ ଖଣ୍ଡେ ଦଅ । ସବୁଥିରେ ତ ନିଆଁ ଲାଗିଲା, ଆଉ ସେ କାହିଁକି ବାକୀ ଥାଆନ୍ତା ।

ପିଅନ—ଶୁଣୁଆ ମାନ୍ଛ ପର ତ ମୂଲଉଛୁ ଲୋ ମାଉସି ! ମୋ କଥା ସତ କି ମିଛ, ତୁ ଆଉ କାହାକୁ ପଚାରି ବୁଝ ।

ପାଣୁଆ ମା—ନା ବାପ,ଆଉ କାହାକୁ ପଚାରିଯିବି କାହିଁକି ? ହେଇଥିବ, ତମେ କଣ ମିଛ କହୁନ୍ତ ନା !

ପାଣୁଆ ମା ଦୁଇପଇସା ଦେଇ ପୋଷ୍ଟକାର୍ଡ ଖଣ୍ଡିଏ ନେଇ ଚାଲିଗଲା । ଏହି ସମୟରେ ନାଠୁ ବାରିକ ଆସି ପହଞ୍ଚିବାରୁ ପିଅନ କହିଲା—"କି ବାରିକ ପୁଅ, ମାସେ ହେଲା ତ ଚିଠି ଦେଇ ପଠାଇଥିଲି, ଆଜିଯାଏ ପଇସାର ଦେଖା ନାହିଁ । ଅଚ୍ଛା ହେଉ,ଏଥର ଚିଠି ଆସିଲେ ମାସେ ରଖି ତେବେ ଯାଇ ଦେବି ।" ନାଠୁ ନେହୁରା ହୋଇ କହିଲା—"ନା ବାବୁ, ତମକୁ ଜୁହାର ହଉଚି, ତମେ ଆସିଥିଲେ ପଇସା ନେଇଯାଇଥାଆନ୍ତ, କାହିଁ ମାସେ ହେଲା ତ ଆସି ନାହଁ । ନଡ଼ି ପୁହାଣ ଯେଉଁ ଦିନ ଚିଠି ଆଣି ଦେଲା,ମୁଁ ସେହିଦିନ ଦିଅଣା ପଇସା ଠାକୁର ଅହ୍ଲଣିଆଁ ପର ଘୁଣ୍ଡିଆରେ ବାନ୍ଧି ରଖି ଦେଇଥିଲି; ଆଜି ତମ ଆସିବା ଶୁଣି ଘେନି କରି ଧାଇଁଚି । ଏହି ନିଅ ତମ ପଇସା ।" ନାଠୁ ଦୁଇଅଣିଟିଏ ପିଅନ ହାତରେ ଦେଲା । ପିଅନ ତାହା ନେଇ ବ୍ୟାଗ୍‌ରେ ପକାଇ ଦେଲା । ଅନନ୍ତର ପିଅନ ପଚାରିଲା—"ବାରିକ ପୁଅ, ତମ ଗାଁରେ ରାମଚନ୍ଦ୍ର ଦାସ କିଏ ?"

ନାଠୁ—ରାମଚନ୍ଦ୍ର ଦାସ ? ଏ ଗାଁରେ ଆଉ ରାମଚନ୍ଦ୍ର ଦାସ କିଏ ? ଆଉ କଉଁ ଗାଁ ହୋଇଥିବ ପରା ?

ପିଅନ—ନା, ଆଉ କଉଁ ଗାଁ ନୁହେଁ, ପ୍ରିୟପୁର ଗ୍ରାମ—ମଣ୍ଡାସାହି ପୋଷ୍ଟ ବୋଲି ସାଫ୍ ଲେଖାଅଛି । ଚିଠିଖଣ୍ଡ ବୃନ୍ଦାବନରୁ ଆସିଛି ।

ନାଠୁ—ହଁ, ହଁ, ଏବେ ବୁଝିଲି । ରାଧିକା ଦାସ ପୁଅ ରାମା ହୋଇଥିବ । ତାହାରି ବାପ ତ ବୃନ୍ଦାବନ ଯାଇଛି; ସେହି ଦେଇଥିବ । ରାମା ନିତେଇ ଦାସ ଘରେ ଅଛି; ତାଙ୍କ ଦୋକାନକୁ ଗଲେ ରାମାକୁ ଦେଖିବ ।

ତହୁଁ ପିଅନ ବ୍ୟାଗ୍ କାନ୍ଧରେ ପକାଇ କଲମଟା କାନରେ ଖୋସିଦେଇ ନିତେଇ ଦାସଙ୍କ ଦୋକାନ ଆଡ଼କୁ ଗଲା । ସେଦିନ ଦାସଙ୍କର ଦୋକାନ ବନ୍ଦ; ସେ ରାମାକୁ ସଙ୍ଗରେ ଘେନି ଅନ୍ୟ ଗ୍ରାମକୁ ମହୋତ୍ସବ ନିମନ୍ତ୍ରଣରେ ଯାଇଥିଲେ । ଦୋକାନରେ କୁଞ୍ଚି ପଡ଼ିଥିବାର ଦେଖି ପିଅନ ଚିଠି ଖଣ୍ଡିକ କବାଟ ଫାଙ୍କରେ ଘର ଭିତରକୁ ପକାଇ ଦେଇ ଚାଲିଗଲା ।

## ପଞ୍ଚମ ପରିଚ୍ଛେଦ

ରାତି ପାହି ଆସିଲା । ସପ୍ତର୍ଷିମଣ୍ଡଳୀ ଦେବକାସାର ମାନସସରୋବରରୁ ଯଜ୍ଞପୁତ ହସ୍ତରେ ସୁବର୍ଣ୍ଣ କମଳ ତୋଳି ନେଇ ବ୍ରହ୍ମପୂଜା ସମାଧାନପୂର୍ବକ ତପସ୍ୟାର୍ଥେ କେଉଁ ଅଜ୍ଞାତ ତପୋବନ ଉଦ୍ଦେଶ୍ୟରେ ଯାତ୍ରା କଲେ । ସେମାନଙ୍କ ପୂଜାପୁଷ୍ପ ସ୍ଥାଣୀମୂଳରେ ଉଷାର ମୁକୁଟମଣି ପ୍ରାୟ ପ୍ରତିଭାତ ହେଲା । ସ୍ୱଚ୍ଛିର ପଣତଖଚିତ ଶତଶତ ମଣିମୁକ୍ତାପ୍ରାୟ ତାରକାରାଜି କେଉଁଆଡ଼େ ଝଡ଼ିପଡ଼ିଲେ । ଦେବ କରୁଣା ସମୀରଣରୂପ ଧରି ଶୀତଳ ଆଶୀର୍ବାଦ ବିତରଣରେ ସହସ୍ରହସ୍ତ ହୋଇ ସର୍ବତ୍ର ବିଚରଣ କଲା । ଧରଣୀ-ବଦନରେ କୋଟି ଲାବଣ୍ୟଶ୍ରୀ ଫୁଟି ଉଠିଲା । ନବସ୍ୱଚ୍ଛାରୂପେ ନବ ଦିନମଣି ସପ୍ତାଶ୍ୱଯୋଜିତ ରଥରେ ବସି ବିଶ୍ୱବିଜୟାର୍ଥେ ବହିର୍ଗତ ହେଲେ । ବିହଗ ବଶ୍ୱବତ୍ସଳରେ ତାଙ୍କର ବିଜୟବାଦ୍ୟ ଏକତାନ ସ୍ୱରରେ ବାଜି ଉଠିଲା । ସ୍ୱର୍ଣ୍ଣମୟ ସୁଣ୍ଣୋପ୍ରଭାତ ଦିବସର ହିରଣ୍ମୟ ଦୀପ୍ତିରେ ବୁଡ଼ିଗଲା ।

ନିତେଇ ସକାଳୁ ଉଠି ଦାନ୍ତପନ ଘଷି ଦୋକାନକୁ ଗଲେ । ଦ୍ୱାର ଖୋଲିବା ମାତ୍ରେ ଚିଠିଖଣ୍ଡିକ ତାଙ୍କ ଦୃଷ୍ଟିରେ ପଡ଼ିଲା । ସେ ତାହା ଉଠାଇ ନେଇ ପାଠ କରିବାକୁ ଲାଗିଲେ । ଚିଠିଖଣ୍ଡ ଲୁଲିପଦା ମହନ୍ତଙ୍କ

ହ୍ୱାସ୍ ଶ୍ୟାମା ନାମରେ ଲିଖିତ । ସେଥିରେ ଅନ୍ୟ କିଛି ନାହିଁ; କେବଳ ଏତିକି ଲେଖାଅଛି ଯେ—"ଶ୍ୟାମ, ବଡ ଦୁଃଖର କଥା—ଏହି ମାସ ତେର ଦିନ ମଙ୍ଗଳବାର ସକାଳେ ତୋର ପିତା ପେଟବନ୍ଧା ରୋଗରେ ବୃନ୍ଦାବନ ଧାମରେ ଦେହତ୍ୟାଗ କଲେ । ତୋର ଜାଣିବା କାରଣ ଲେଖିଲୁଁ; ତୁ ବିଧିମତ ଅଶୌଚ ଧାରଣ କରିବୁ ।" ଦାସେ ଚିଠିଖଣ୍ଡ ଥରେ ପଢିଲେ—ଦୁଇ ଥର ପଢିଲେ—ତିନି ଥର ପଢିଲେ—ପୁଣି ଆଉ ଥରେ ପଢିଲେ । ଏହିପରି ଯେତେ ଥର ପଢିଲେ, ସେତିଥର ତାଙ୍କ ମୁଖମଣ୍ଡଳରୁ ହର୍ଷର ଦୀପ୍ତି ଝଡି ପଡୁଥାଏ । ଶେଷରେ ଦୋକାନ ବନ୍ଦ କରି ସେ ଏହି ଶୁଭସମ୍ବାଦ ପ୍ରଣୟିନୀଙ୍କ କର୍ଣ୍ଣଗୋଚର କରିବା ସକାଶେ ଗୃହାଭି-ମୁଖରେ ଧାବିତ ହେଲେ । ଗୃହରେ ପହୁଞ୍ଚି ଦେଖିଲେ, ଉଷା ସୁନ୍ଦରୀ ରାନ୍ଧନକାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଦାସେ ପଚାରିଲେ—'ଶ୍ୟାମ କାହିଁ ?' ଉଷା ପଛକୁ ଫେରି ଅନାଇ କହିଲେ—'ସେ ମୁଡି ପାଇଁ ଗୁଡିଆଘରକୁ ଯାଇଛି । କି, କାହିଁକି ?' ଦାସେ ପତ୍ନୀଙ୍କ ପାଖରେ ବସି ପଛ ଚାରିଆଡକୁ ଚାହିଁ ଦେଇ ମୃଦୁସ୍ୱରରେ କହିଲେ—'ଶୁଣିଲଣି ଗୋଟାଏ କଥା ?'

ଉଷା—କି କଥା ?

ଦାସେ—ସଙ୍ଗାତଙ୍କର କାଳ ହୋଇଗଲା ।

ଉଷା—ସତେ ?

ଦାସେ—ଏହି ପରା, ମହନ୍ତ ଚିଠି ଲେଖିଛନ୍ତି ବୃନ୍ଦାବନରୁ ।

ଏହା କହି ଚିଠିଖଣ୍ଡ ଆଟୁଲବୁଲ ପଢିଗଲେ । ଉଷା ଦୁଇ ତିନି ଥର "ଚୁ ଚୁ" କରି ବାହାରେ ଟିକିଏ ବିଷାଦ ପ୍ରକାଶପୂର୍ବକ କହିଲେ—'ମୁଁ କହୁଥିଲି ପରା, ଏ ବୁଢାକାଳରେ କି ଆଉ ବୁଲାଚଲା ଦେହରେ ସହିବ ?'

ଦାସେ—ତମ କାଳତୁଣ୍ଡରୁ ଯାହା ବାହାରିଥିଲା, ସେହି କଥା ଘଟିଲା ।

ଉଷା—ମୁଁ କଅଣ କାଳତୁଣ୍ଡୀ ? ଅଚ୍ଛା ହଉ, କାଳତୁଣ୍ଡୀ କଥା ପଛକୁ ବୁଝିବ ।

ଏହା କହି ସ୍ୱାମୀଙ୍କ ମୁଖକୁ ଚାହିଁ ଟିକିଏ ହସି ଦେଲେ । ତାଙ୍କ ମୁହଁରୁ ତ୍ୱରା ଟିକିଏ ରୋଷ ହସ ବାହାରି ପଡିଲା । ଏହି ସମୟରେ ଶ୍ୟାମ ଆସି ପହୁଞ୍ଚିବାରୁ ଉଭୟେ ମୁଖ ଗମ୍ଭୀର କରି ବସି ରହିଲେ । କିଛିକ୍ଷଣ ନୀରବରେ ଅତିବାହିତ ହେଲା । ପରେ ଉଷା ଫଁ କରି ଗୋଟାଏ କପଟ ଦୀର୍ଘଶ୍ୱାସ ତ୍ୟାଗ କରି କହିଲେ—"ସେ ପୁଣ୍ୟବନ୍ତ, ତୀର୍ଥରେ ତାଙ୍କର ମରିବାର ଯୋଗ ଥିଲା । ଆଉ କାହାର କଅଣ ଯିବ—ପିଲାଟା ମଝି ଦରିଆରେ ଭାସିଲା ।" ଶ୍ୟାମ କିଛି ବୁଝି ନ ପାରି ପଚାରିଲା,—"ମାଉସି ! କିଏ ମଲା ?" ଦାସେ ଚିଠିଖଣ୍ଡକ ତାହା ପାଖକୁ ପକାଇ ଦେଇ କହିଲେ—"ନେ ରେ ବାପ ପଢ ।" ଶ୍ୟାମ ଚିଠି ପଢିସାରି ଧଡ କରି ବସିପଡିଲା । ଅଣ୍ଟିରେ ଥିବା ମୁଡି ବୁଣି ହୋଇ ପଡିଲା ! ତାହା ମୁଣ୍ଡରେ ଆକାଶ ଭାଙ୍ଗି ପଡିଲା । ଶୋକର ଶତ-ବୃଶ୍ଚିକଦଂଶନରେ ହୃଦୟ ଜଳିଗଲା । ପୁତ୍ର ପକ୍ଷରେ ପିତୃ-ଶୋକଠାରୁ ବଳି ଭୀଷଣ ଶୋକ ଆଉ କଅଣ ଅଛି ? ତାହାର ଦେହ ଘନ ଘନ ଶୀତେଇ ଉଠିଲା—ଆଖି ଆଗରୁ ଦିବସର ଆଲୁଅ କିଏ ଲିଭାଇ ଦେଲା । ସେ କାନ୍ଦିବାକୁ ଇଚ୍ଛା କଲା; ମାତ୍ର କାନ୍ଦି ପାରିଲା ନାହିଁ । ଯେପରି ତାହାର ଚକ୍ଷୁରୁ କିଏ ଲୋତକ ହରି ନେଇଗଲା ! ଗ୍ରୀଷ୍ମ ନଦୀସ୍ରୋତ ପ୍ରାୟ ଶୋକର ତୀବ୍ରଉତ୍ତାପରେ ଅଶ୍ରୁନିର୍ଝର ଶୁଷ୍କ ହୋଇଗଲା । ସେ ସଂସାରରେ ନିଃସଙ୍ଗ, ନିଃସହାୟ ! ଯାହାର ଦୁଃଖରେ ଆହା ବୋଲିବାକୁ କେହି ନାହିଁ, ଯାହାକୁ ସମସ୍ତେ ଛାଡି ଚାଲିଗଲେ, ତାହାକୁ ଅଶ୍ରୁ ବା ଛାଡି ନ ଯିବ କାହିଁକି ? ଆକସ୍ମିକ ଆଘାତର ବେଗ ସହ୍ୟ କରିବା ବୟସ୍ଥ ଲୋକ ପକ୍ଷରେ ବଡ କଠିନ; କୋମଳପ୍ରାଣ ବାଳକର ତ କଥା ହିଁ ନାହିଁ । ଅବ୍ୟକ୍ତ ଯାତନାରେ ତାହାର ଛାତି ଫାଟିଗଲା, ତାହାର ମୃତ ପିତା ଛାୟାମୂର୍ତ୍ତି ଧରି ଦୃଷ୍ଟି ସମକ୍ଷରେ ଘୂରି ବୁଲିଲା । କେଉଁଠୁ ଏ ଦାରୁଣ ଶୋକ ଆସି ତାହାର ଜୀବନର ଗଣ୍ଡିକୁ ଓଲଟପାଲଟ କରିଦେଲା । ସଂସାରରେ ତାହାର ଆଉ ଅବଲମ୍ବନ କଅଣ ଅଛି ? ନୀରବବେଦନରେ ସେ ନିଜର ବକ୍ଷ ନିଜେ ବିଦାରି ପକାଇଲା । ଚନ୍ଦ୍ରକୁ ମେଘ ଢାଙ୍କିଲା ପ୍ରାୟ ଶୋକର ଗଭୀର କାଳିମା ତାହାର ବାଳ ଲାବଣ୍ୟଶ୍ରୀ ଲୁଚାଇ ଦେଲା । ସେ ଗୋଟାଏ ଦୀର୍ଘଶ୍ୱାସ ତ୍ୟାଗ କଲା । ସେ ତପ୍ତଶ୍ୱାସରେ ଯେଉଁ ଅସହ୍ୟ ଯାତନା ବିଜଡିତ ଥିଲା,

ତାହା କିଏ ଜାଣିବ ? ବାଳକର କୋମଳ ପ୍ରାଣ ଆଉ କେତେ ସହିବ ? ଦେଖୁ ଦେଖୁ ସେ ମୂର୍ଚ୍ଛିତ ହୋଇ ଢଳେ ଢଳି ପଡ଼ିଲା । ହାୟ, ଗ୍ରୀଷ୍ମର ଅନଳଶ୍ୱାସରେ ଫୁଲ୍ଲ ପ୍ରାୟ ଶୋକର ତପ୍ତଶ୍ୱାସରେ ବାଳକଟି ଝାଉଁଳି ପଡ଼ିଲା ।

ଦାସେ ରାମାକୁ ଉଠାଇ ବସାଇଲେ । ଉଷା ପାଣି ଆଣି ତାହା ମୁହଁକୁ ଛାଟିଲେ । ରାମା କେତେ କ୍ଷଣ ପରେ ଆଖି ମେଲି ଚାହିଁଲା; କିନ୍ତୁ ମୂର୍ଚ୍ଛା ତାହା ପକ୍ଷରେ ଭଲ ଥିଲା । ମୂର୍ଚ୍ଛାପରି ଦୁଃଖୀର ଦୁଃଖହର ଔଷଧ ଆଉ କିଛି ନାହିଁ । ମାତୃକୋଳରେ ପୀଡ଼ିତ ଶିଶୁ ପୀଡ଼ା ଭୁଲିଲା ପ୍ରାୟ ମୂର୍ଚ୍ଛା-କୋଳରେ ଦୁଃଖୀ ସମସ୍ତ ଦୁଃଖଯନ୍ତ୍ରଣା ଭୁଲିଯାଏ । ମୂର୍ଚ୍ଛାର ସ୍ପର୍ଶରେ କଅଣ ଅଛି କେଜାଣି, ସେଥିରେ ଦୁଃଖୀ ଯେପରି ଶାନ୍ତିଲାଭ କରେ, ବୋଧହୁଏ ସ୍ୱର୍ଗରେ ସେପରି ଶାନ୍ତିଲାଭର ସ୍ଥାନ ନାହିଁ । ମୂର୍ଚ୍ଛାଭଙ୍ଗ ସଙ୍ଗେ ସଙ୍ଗେ ରାମାର ସୁପ୍ତଶୋକ ଜାଗି ଉଠିଲା । ବନ୍ଧ ଭାଙ୍ଗିଗଲେ ରୁଦ୍ଧ ଜଳସ୍ରୋତ ଯେପରି ପ୍ରବଳ ବେଗରେ ବହି ଆସେ, ତାହାର ନୟନରୁ ଅଶ୍ରୁଧାରା ସେପରି ଅସମ୍ଭାଳବେଗରେ ବହି ଆସିଲା । ସେ ଘଣ୍ଟାଏ ଯାଏ ଧକେଇ ହୋଇ ଖୁବ୍ କାନ୍ଦିଲା—କାନ୍ଦିକାନ୍ଦି ନିସ୍ତେଜ ହୋଇପଡ଼ିଲା । ଶୋକର ପ୍ରଥମ ବେଗ ଟିକିଏ ଊଣା ହୋଇ ଆସିଲା ; କିନ୍ତୁ ସଂପୂର୍ଣ୍ଣ ତିରୋହିତ ହେଲା ନାହିଁ । ଦମକା ତୋଫାନ ପରି ରହି ରହି ଥରେ ଥରେ ପ୍ରବଳ ହୋଇ ଉଠୁଥାଏ । ଯେପରି ତାହା କଲିଜାରେ କିଏ ମୁହୁର୍ମୁହୁ ପ୍ରତପ୍ତ ଲୌହର ଚେଙ୍କା ଲଗାଇ ଦେଉଅଛି । ଉଷା ପ୍ରବୋଧ ଦେଇ କହିଲେ —"ଆଉ କାନ୍ଦିଲେ କଅଣ ହେବ ରେ ବାପ, କାହାର ବାପ ମା ସବୁଦିନେ ବଞ୍ଚି ରହିଲେଣି, ନା ରହିବେ । ମୁଣ୍ଡ କୋଡ଼ି ହୋଇ ଫଟାଇ ଦେଲେ କି ମଲା ମଣିଷ ବଞ୍ଚି ମଶାଣିପଦାରୁ ଉଠି ଆ'ବ ନାହିଁ । ତୁ ତ ବାର ତେର ବର୍ଷର ହେଲୁଣି, ମୁଣ୍ଡକୁ ହାତ ପାଇ ଆସିଲାଣି, ତୋର ପେଟ କଅଣ ଅପୋଷା ରହିବ ? ତୁ ହେମତ ଧର । ଆଉ ଇମିତି ହେଲେ କଅଣ ହେବ ?" ଦାରୁଣଶୋକ କି ଏ ପ୍ରବୋଧ ମାନିବ ? ଉତ୍କୂଳ ବନ୍ୟାସ୍ରୋତ କି ବାଲି ବନ୍ଧରେ ସମ୍ଭାଳି ହେବ ? ଶୋକର ଶାନ୍ତି ସାନ୍ତ୍ୱନାରେ ନୁହେଁ—ଅଶ୍ରୁରେ । ଦୁଃଖୀ ପକ୍ଷରେ ଅଶ୍ରୁ ବିଧାତାର ଦୟାର ଦାନ । ଅଶ୍ରୁ ଦୁଃଖ ଦେବାପାଇଁ ଆସେ ନାହିଁ —ଦୁଃଖ ହରିବାପାଇଁ ଆସେ । ଅଶ୍ରୁରେ ଯାତନା ଧୋଇ ଯାଏ । ଅଶ୍ରୁ ନ ଥିଲେ ଶୋକ ଦୁଃଖର ଅସହ୍ୟ ଗୁରୁଭାରରେ ମାନବ ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିଯାଆନ୍ତା । ଅଶ୍ରୁପରି ବିପଦ୍‌ବନ୍ଧୁ ଜଗତରେ ଆଉ କେହି ନାହିଁ । ରୋଗରେ, ଶୋକରେ, ବିପଦରେ ସେ ବଳେ ବଳେ ଆସି ସାନ୍ତ୍ୱନା ଦିଏ । ସେ ମାନବର ମହାହିତୈଷୀ; ତାହାର ଋଣ ମାନବ ଜନ୍ମଜନ୍ମରେ ପରିଶୋଧ କରିପାରିବ ନାହିଁ । ଅଶ୍ରୁ ଦେବତା । ସଦ୍ୟ-ପିତୃହୀନ ବାଳକ ରାମା ବିସ୍ତର କାନ୍ଦିଲି ;ସେଥିରେ ତାହାର ଦୁର୍ବହ ହୃଦୟଭାର କ୍ରମଶଃ ଲଘୁ ହୋଇ ଆସିଲା । ମନ୍ତ୍ରଦ୍ୱାରା ସର୍ପବିଷ ଓହ୍ଲାଇ ଗଲା ପରି କ୍ରନ୍ଦନଦ୍ୱାରା ତାହାର ଶୋକ ଧୀରେ ଧୀରେ ଓହ୍ଲାଇ ଆସିଲା । ପ୍ରଥମ ଦିନର ଶୋକ ଦ୍ୱିତୀୟ ଦିନକୁ ତେତେ ରହିଲା ନାହିଁ; ତୃତୀୟ ଦିନ ଆହୁରି ଊଣା ହୋଇ ଆସିଲା । ମାନବ ସ୍ୱଭାବ ଏହିପରି; ସେଥିରେ ଶୋକ ସ୍ଥାୟୀ ହୋଇ ରହି ପାରେ ନାହିଁ । ମାନବ ଯଥା-ସମୟରେ ଶୋକଜଗତରୁ ବାସ୍ତବଜଗତକୁ ଫେରି ଆସେ । ବାତ୍ୟା-ଭୀଷଣ ଅମାନିଶାର ଅବସାନରେ ଯେପରି ପ୍ରାଚୀଦିଗରେ ଊଷାର ପଙ୍କଜ ପାଟଳମୂର୍ତ୍ତି ଫୁଟି ଉଠେ, ସେହିପରି ମାନବର ଶୋକାନ୍ଧକାର ହୃଦୟରେ ଆଶାର ଆଲୋକ ଫୁଟି ଉଠେ । ଶୋକ ଦୁଃଖର ଆତିଶଯ୍ୟରେ ମାନବ ଆତ୍ମହତ୍ୟା କରିବାକୁ ବସେ; ମାତ୍ର ପାରେ ନାହିଁ । ସଂସାରରେ କେହି ସହଜରେ ମରିବାକୁ ଇଚ୍ଛା କରେ ନାହିଁ—ଅତି ବଡ଼ ଦୁଃଖୀ ସୁଦ୍ଧା ନୁହେଁ । ସଂସାରର ଆକର୍ଷଣ ତାହାକୁ ଟାଣି ଧରେ । ଯାହାର କିଛି ମାତ୍ର ଅବଲମ୍ବନ ନାହିଁ—ସଂସାର ଯାହା ପକ୍ଷରେ ଅଗ୍ନିମୟୀ ମରୁଭୂମି ତୁଲ୍ୟ, ସେ ସୁଦ୍ଧା ମରିବାକୁ ଇଚ୍ଛା କରେ ନାହିଁ । ଯମ ଯାହାର କଣ୍ଠ ପର୍ଯ୍ୟନ୍ତ ଗ୍ରାସ କରି ପକାଏ, ସେହି ପରଲୋକର ଯାତ୍ରୀ ସୁଦ୍ଧା ମରିବାକୁ ମନ ବଳାଏ ନାହିଁ । ଯଦି କେହି ମରିବାକୁ ଇଚ୍ଛା କରେ, ତେବେ ତାହା ରୋଗ, ଶୋକ ଦାରିଦ୍ର୍ୟ ବା ଅଭିମାନର କ୍ଷଣିକ ଉତ୍ତେଜନା ମାତ୍ର । ଆଶା ତାହାର ହାତ ଧରି ମରଣପଥରୁ ଟାଣିଆଣେ ।

ଲୋକେ ଯେଉଁ ମାଟିରେ ପଡନ୍ତି, ସେହି ମାଟି ଧରି ଉଠନ୍ତି । ଆଶା କହେ—"ଫେରି ଆ, ଫେରି ଆ, ଦୁର୍ଲଭ ମାନବ ଜନ୍ମ ହରାଇ ବସ ନା । ଆଜ ଦୁଃଖ ସହିଲେ କାଲି ସୁଖ ପାଇବୁ ।" ଆଶା ସିନା ମାନବ ଜୀବନର ଭାର ବହନ କରେ । ଜୀବନ ଯେତେ ଦୁଃଖମୟ ହେଉ ପଛେ ତାହା କେହି ଦୁର୍ବହ ମଣେ ନାହିଁ ।

ସୁମାର ପିତୃଶ୍ରାଦ୍ଧ ହୋଇଗଲାଣି । ଗ୍ରାମବାସୀ ଏବଂ ମଉସାଙ୍କ ସାହାଯ୍ୟରେ କାମଟା ଭଲା ଅଧିକରେ ଚଳିଗଲା । ସୁମା ମନରେ ଯଥେଷ୍ଟ ସାନ୍ତ୍ୱନା ମଧ୍ୟ ଆସିଲାଣି । ତାହା ଦୃଷ୍ଟିପଥରେ ଅତୀତର ଯବନିକା ଟଣାହୋଇ ଯାଇଅଛି । ବର୍ତ୍ତମାନ ସେ ଆଉ ଶୋକ-ପିଢ଼ୁଲା ନୁହେଁ—ତାହା ମୁଖମଣ୍ଡଳରୁ ଶୋକର ଛାୟା ଅପସୃତ ହୋଇ ପୂର୍ବପରି ହର୍ଷର ରେଖାପାତ ହେଲାଣି । ଜଗତରେ ସମସ୍ତଙ୍କର ଏହିପରି ହୋଇ-ଥାଏ । ଶୋକର ବିସ୍ମୃତି ଅଛି । ଶୋକର ବିସ୍ମୃତି ନ ଥିଲେ ମାନବସୃଷ୍ଟି କେଉଁ କାଳରୁ ଲୋପ ପାଇ ସାରନ୍ତାଣି । ଯେଉଁ ପ୍ରକୃତି ଶୋକ ଆଣିଦିଏ, ବିସ୍ମୃତି ସୁଦ୍ଧା ସେହି ଆଣି ଦିଏ । "ମୃତ୍ୟୁକୋଳରେ ଜୀବନ ଏବଂ ଜୀବନ ବକ୍ଷରେ ମୃତ୍ୟୁର ଛାୟା" ଏହା ଜାଣି ସୁଦ୍ଧା ଲୋକେ ସ୍ୱଜନବିୟୋଗରେ ଶୋକ କରନ୍ତି; ମାତ୍ର ସେ ଶୋକ କ୍ଷଣିକ । ପାଣିରେ ଲୁଣ ପରି ଅନ୍ତ୍ୟେଷ୍ଟି ପରେ ତାହା ମିଳେଇଯାଏ । ମନୁଷ୍ୟ ଜାତି ବଡ ଅକୃତଜ୍ଞ; ତାହାର ଶ୍ରଦ୍ଧା ଭକ୍ତି ସ୍ମୃତିପୂଜା ଶ୍ମଶାନ ପାଣିରେ ଗାଧୋଇ । ସେ ମୃତ ସଙ୍ଗେ ସଙ୍ଗେ ସ୍ମୃତିକୁ ବିସର୍ଜନ ଦିଏ । ଜୀବିତକାଳରେ ଯେ ପ୍ରାଣର ପ୍ରାଣ ଥାଏ, ମୃତ୍ୟୁ ପରେ ସେ ପରଠାରୁ ପର ହୁଏ ! ଏଥିରେ ପୁଣି ସଂସାରରେ ମାୟାମମତା ପ୍ରବଳ । ଯେଉଁ ମାୟାମମତା ଲାଳସା-ମିଶ୍ରିତ, ତାହା ଅସ୍ଥାୟୀ ଏବଂ ବ୍ୟର୍ଥ । ଲାଳସା, ସ୍ନେହ ଏବଂ ପ୍ରେମକୁ ଅପବିତ୍ର କରେ ।

ଶୋକ ମନୁଷ୍ୟକୁ ଦଗ୍ଧ କରିବାକୁ ଆସେ ନାହିଁ —ଶିକ୍ଷା ଦେବାକୁ ଆସେ । ଶୋକ ପରି ଶିକ୍ଷକ ଆଉ ନାହିଁ । ଶୋକ ଉଦ୍ଧତକୁ ଶାନ୍ତ କରେ—କ୍ରୋଧୀକୁ ଶୀତଳ କରେ—ଅସଂଯତକୁ ସଂଯତ କରେ—ଅଳସକୁ କର୍ମୀ କରେ ଏବଂ ପରମୁଖାପେକ୍ଷୀକୁ ସ୍ୱାବଲମ୍ବୀ କରେ । ସ୍ଥୂଳତଃ ଶୋକ ମାନବ ପ୍ରକୃତିକୁ ଭାଙ୍ଗି ଦେଇ ନୂତନ ପ୍ରକାରରେ ଗଢି ଦିଏ; ଚରିତ୍ରକୁ ନିର୍ଦ୍ଦୋଷତା ଆଡକୁ ଘେନିଯାଏ । ସେହି ଶୋକ ସୁମାକୁ ସ୍ୱାବଲମ୍ବନ ଏବଂ ସାହସର ଦୀକ୍ଷା ଦେଇ ଯାଇଅଛି । ବର୍ତ୍ତମାନ ତାହାର ସ୍ଫୂର୍ତ୍ତି ଦେଖିଲେ ଏହା ସହଜରେ ପ୍ରତୀୟମାନ ହୁଏ । ସୁମାର କାର୍ଯ୍ୟର ମଧ୍ୟ ଯଥେଷ୍ଟ ଉନ୍ନତି ଘଟିଅଛି, ଅର୍ଥାତ୍ ସେହି ବୟ-ସରେ ସେ କ୍ଲାସ ପ୍ରମୋସନ ପାଇଅଛି । ବର୍ତ୍ତମାନ ସଉଦା ବହିବା, ଦୋକାନ ଜଗିବା ଏବଂ ଝିଅ କାଖେଇବାରେ ତାହାର କର୍ତ୍ତବ୍ୟ ସୀମାବଦ୍ଧ ନୁହେଁ । ଚାଉଳ ଧୋଇ ଆଣିବା, ପୋଖରୀରୁ ପାଣି ବହି ଆଣିବା ପ୍ରଭୃତି କେତେକ ନୂତନ କାର୍ଯ୍ୟର ଭାରବହନରେ ତାହାର କର୍ତ୍ତବ୍ୟର ସୀମା ବିସ୍ତର ବିସ୍ତୃତ ହୋଇଅଛି । ତାହାର ହସ୍ତାକ୍ଷରଗୁଡିକ ମୁକ୍ତା ପରି ଗୋଲ ଏବଂ ସୁନ୍ଦର । ପ୍ରତ୍ୟହ ସନ୍ଧ୍ୟାବେଳେ ଦାସେ ତାହାଦ୍ୱାରା ଦୋକାନରେ କାଲିସଉଦାର ଫର୍ଦ୍ଦ ଲେଖାଇ ରଖନ୍ତି । ମଉସା ପୁତୁରା ମଧ୍ୟରେ ଅନେକ କଥା ହୁଏ । ତାହା ଅନ୍ୟ କିଛି ନୁହେଁ—କେବଳ ପରନିନ୍ଦା, ପରକୁତ୍ସା ଇତ୍ୟାଦି ସତ୍ ପ୍ରସଙ୍ଗ । ସୁମାକୁ ତାହା ଭଲ ନ ଲାଗିଲେ ସୁଦ୍ଧା ସେ ଶୁଣିବାକୁ ବାଧ୍ୟ । ସମୟ ସମୟରେ ମଉସା ସଦୁପଦେଶ ଦିଅନ୍ତି । ପ୍ରତିବେଶୀ ପକ୍ଷରେ ଏହା ଦିଅ, ତାହା ଦିଅ ବୋଲି କହି କୌଶଳରେ ନିଜର ଉଦ୍ଦେଶ୍ୟ ସିଦ୍ଧ କଲା ପରି କହନ୍ତି—"ସୁମା, ଆମ ଗାଁ ଟୋକା-ଗୁଡାକ ବେଶି ଖାଇ ଅଳସୁଆ ଆଉ ରୋଗା ହୋଇ ଯାଉଛନ୍ତି । ଅଧିକଗୁଡାଏ ଖାଇବା ଭଲ ନୁହେଁ—ସେଥିରେ ଦେହ ମାଟି ହୋଇଯାଏ ସିନା । ଯେଉଁ-ମାନେ ବହୁତ ଗିଳନ୍ତି, ସେମାନେ ଚଞ୍ଚଳ ମରିଯାନ୍ତି । ମୋ ଖାଇବା ତ ତୁ ରୋଜ ଦେଖୁଛୁ; ଚାଉଳ ତିନି ମୁଠାର ଭାତ ହେଲେ ମୋର ତେର ।" ସୁମା ମନେ ମନେ କହେ—"ହଁ, ତମେ ଅଳପ ଅଧାସୀ; ତମ ଭାତ ଥାଳିକି ତ ବିରାଡି ଡେଇଁ ପାରିବ ନାହିଁ ।" କିନ୍ତୁ ପ୍ରକାଶ୍ୟରେ କିଛି କହେ ନାହିଁ । ମଉସାଙ୍କ ଇଙ୍ଗିତ ଯେ, ସୁମାକୁ ଅଳପ ଖାଇବା ପାଇଁ ପ୍ରବର୍ତ୍ତନା,

ତାହା ସେ ବୁଝିପାରେ । ପାନ ଖାଇଲେ ଦାନ୍ତ ପଡ଼ିଯାଏ, ତେଲ୍ ଲଗାଇ ଗାଧୋଇଲେ ଲୁଗାରେ ତେଲଚିଟା ଲାଗି ଗନ୍ଧାଏ ଏବଂ ଲୁଗା ମଇଳା ହୋଇ ଅଳ୍ପଦିନରେ ଚିରିଯାଏ । ପିଠା, ମିଠା ବା ମାଛ ବଡ଼ ଗରିଷ୍ଟ ପଦାର୍ଥ; କେବଳ ପାଣି ନିର୍ଦ୍ଦୋଷ । ତାହା ଯେତେ ପିଇବ, ତେତେ ଉପକାର; ଯେହେତୁ ତାହା ଅଜୀର୍ଣ୍ଣ ପଦାର୍ଥ । ଏହିପରି ଅନେକ ମୂଲ୍ୟବାନ୍ ଉପଦେଶଦ୍ୱାରା ମଙ୍ଗରାଜ ଅନୁଗ୍ରହ କରି ପ୍ରତ୍ୟହ ସ୍ତ୍ରୀଙ୍କର କର୍ଣ୍ଣ ପବିତ୍ର କରନ୍ତି ।

ଦିନେ କଥାପ୍ରସଙ୍ଗରେ ଉଷା ସ୍ୱାମୀଙ୍କୁ ପଚାରିଲେ—"ସଙ୍ଗାତ ଯେ ତମ ଘରେ ଟଙ୍କା ରଖି ଯାଇଛନ୍ତି, ଏ କଥା ତମେ ସ୍ତ୍ରୀଙ୍କୁ କହିଛ କି ?" ଦାସେ କହିଲେ—"ନା, ତାଙ୍କୁ କହିବାକୁ ତା ବାପ ମନା କରି ଯାଇଛି । କହିଥିଲା—ଏତେ ଟଙ୍କା ଅଛି ବୋଲି ଜାଣିଲେ ଖେପଟା ଟୋକାଟାର ମନ ମୋଟା ହୋଇଯିବ । କି, ତମେ କାହିଁକି ଏହି ପଚାରୁଛ ?" ଉଷା କହିଲେ—"ସ୍ତ୍ରୀ ଜାଣିଲେ ମାଗିବ ନାହିଁ କି ? ଗାଁରେ ସବୁତ୍ରେ ପୋଡ଼ାମୁହାଁମାନେ ତାଙ୍କୁ କେତେ ବୁଦ୍ଧି ଦେବେ ।" ଦାସେ ସ୍ତ୍ରୀର ମନ ବୁଝିବାପାଇଁ କହିଲେ—"ତାହାର ମାଲ୍ ସେ ନେବ ନାହିଁ ? ପର ମାଲ୍ ନେଲେ ଯେ ଅଧର୍ମ ହେବ ।" ଉଷା ସ୍ୱାମୀଙ୍କ ଉପରେ ଟିକିଏ ବିରକ୍ତ ହୋଇ କହିଲେ—"କି, ତମେ ତାହା ଘରୁ ଚୋରି କରି ଆଣିଛ କି ଅଧର୍ମ ହେବ ?" ଦାସେ ସ୍ତ୍ରୀର ମନ ବୁଝିଲେ ଏବଂ ମନେ ମନେ କହିଲେ—"ପ୍ରକୃତ ସହଧର୍ମିଣୀ।" ଅନନ୍ତର ଟିକିଏ ଗମ୍ଭୀର ହୋଇ କହିଲେ—"ତାହାର ତ ତ ବୋଉହଣା ମାଲ ନୁହେଁ, ଚୋରିମାଲ୍ ସିନା ।" କେହି କୌଣସି ଅନ୍ୟାୟ କାର୍ଯ୍ୟ କରି ବସିଲେ ସେ ଦୋଷ କଟାଇବାକୁ ଯୁକ୍ତିର ଅଭାବ ହୁଏ ନାହିଁ । ତାହା ବ୍ୟର୍ଥ ଯୁକ୍ତି ହେଉ ବା ମନକୁ ଆଖି ଠାରିବା ହେଉ; ସେହି ପରି ଯୁକ୍ତି ନ ଥିଲେ ମନୁଷ୍ୟ ଅନୁତାପରେ ଜଳିପୋଡ଼ି ମରନ୍ତା ।

ଉଷା—ଏଁ, ସେ ପରା ଚାକିରି କରିଥିଲା ?

ଦାସେ—ଚାକିରି କରି କେତେ ଦରମା ପାଉଥିଲା ଯେ, ଦିନେ ଚଳି—ଘର ଚଳାଇ ଅତକିର ଏତେ ଟଙ୍କା ଜମା କରି ରଖିଥିଲା ! ହୋଉଏ ଶଗଡ଼ କାଠ ଦେଇ ଦଶ ଶଗଡ଼ ବୋଲି ଲେଖିଦିଏ; ଆଉ ଦଶ ଶଗଡ଼ର ଦାମ ନିଜେ ନିଏ । ଏହା ଚୋରି ନୁହେଁ ଆଉ କଅଣ ? ଲାଞ୍ଚ ଖାଇବା ଆଉ ଚୋରି କରିବା ଏକ କଥା । ମୁନିବର ଦାନା ଖାଇ ତାହାର କ୍ଷତି କରିବା ନିମକହାରାମୀ ନୁହେଁ କି ?

ଉଷା—ତେବେ ଅଧର୍ମ ହେବ ବୋଲି କାହିଁକି କହୁଥିଲ ? ଏ କାଳରେ ଧର୍ମ ଅଧର୍ମ କିଏ ମାନୁଛି ? ପର ଧନ ଘରେ ନ ପଶିଲେ କେହି ବଡ଼ ହୁଏ ନାହିଁ । ତମେ ସେ ଉଜୁଡ଼ା ବୁଦ୍ଧି ଛାଡ଼ ସେହି ଟଙ୍କାରେ ବେପାର କର । ଧାନ ଯେପରି ଶସ୍ତା ହୋଇଛି, କିଣି ରଖିଦେଲେ ପଛକୁ ଖୁବ୍ ଲାଭ ହେବ ।

ଦାସେ—ହଁ, ତାହା ଜାଣି ହେଲା ; ଆଉ ସ୍ତ୍ରୀ କଥା କଅଣ କରାଯିବ ?

ଉଷା—ସ୍ତ୍ରୀ ଯିମିତି ଅଛି ସିମିତି ରହିବ, ଆଉ କଅଣ ? ବେପାର କଲେ ତ ଜଣେ ମଣିଷ ଦରକାର, ସେ ସୁଣି ପଇସା ନେବ । ସ୍ତ୍ରୀ ତ ଆଉ ପଇସା ନେବ ନାହିଁ—ମୁଠେ ଭାତ ଖାଇବ ସିନା । ସେହି କାମ ସେ କରୁ । ଆଉ ଗୋଟାଏ କଥା—ଘର କରି କେତେବେଳେ କଅଣ ଆପଦ-ବିପଦ ଘଟିବ, ଜଣେ ମଣିଷ ପାଖରେ ଥିଲେ କି ଭଲ ନୁହେଁ ?

ଦାସେ—ସେ ମୂଣ୍ଡ ମାଣ୍ଡି ରହିଲେ ସିନା !

ଉଷା—ନ ରହି ଆଉ କଉଁ ଗାତକୁ ଯିବ ? ମାକୁ ଖାଇଲା—ବାପକୁ ବ ତ ଖାଇଲା, ଆଉ କିଏ ଆଶ୍ରା ଭରସା ଅଛି ଯେ, କଉଁଠିକି ଯିବ ? ଯେବେ ଦୁଃଖ ଭାତରେ ତାହାର ଗଳା କୁଣ୍ଡେଇ ହେବ, ତେବେ ଗଲେ ଯିବ । ତେତେବେଳର କଥା ଦେଖାଯିବ । ଧାନ ଥିଲେ ତମ ଧାନ ଘର ଅଛିଆ ରହିବ, ନା ତଣ୍ଡେଇ-ପାଣି ବିନା ଲୁଣ ଅମରି ରହିବ ? ଭାତ ଥିଲେ କେତେ ଭାଲୁଅ ଆସି ମିଳିବେ । ଏହି କଥାକୁ—"ଏତେ ଡର ପଡ଼ିଛି, ନା ତେର ହାତ ଲମ୍ବ ଘର ପଡ଼ିଛି ।" ଆମ ଘରଠୁଁ ଆଉ କଉଁଠି ବେଶି ସୁଖ ପାଇବ ଯେ, ଯିବ ।

ଦାସେ—ହଁ, ସୁନ୍ଦୁରି ମା, ତମେ ଯାହା କହିଲ ତାହା ଠିକ୍ । ଗଲେ ସେ ତା କପାଳ ଭୋଗ ଯିବ,

ଆମର କଅଣ ନେଇଯିବ ? କଥାରେ କହନ୍ତି ପରା—"ଯେଣେ ଯା, କପାଳ ଘେନି ବୁଲୁଥା ।" ବେଳେ ବେଳେ ତମେ ଯେଉଁ କଥା କୁହ, ତାହା ବେଦର ଗାର । ତମ ବୁଦ୍ଧି ଆଗରେ ମରଦଙ୍କ ବୁଦ୍ଧି ବି ସରି ନୁହେଁ ।

ଉଷା—ମିଣିପେ ପାଠ ପଢିଲେ ବୋଲି ତାଙ୍କର କଅଣ ବେଶୀ ବୁଦ୍ଧି ! ଉଷା ବୈଷ୍ଣବାଣୀ ସାମାନ୍ୟ ନୁହେଁ—ସାତଟା ମରଦର କାନ କାଟି ଛାଡ଼ିଦେବ ।

ଦାସେ—ହଁ, ତାହା ତମେ କରିପାର; ସେକଥା କିଛି ବଡ଼କଥା ନୁହେଁ । ସାତଟା କାହିଁକି, ସାତ ଗଣ୍ଡା ମରଦଙ୍କୁ ବି ପାଠ ପଢେଇ ଛାଡ଼ିଦେବ । ତମ ଜାତିଟା ଏକା ସେହିପରି ! ଘୋଡ଼ା ଚଢି ଜାଣିଥିଲେ ତ ଯାଇ ଯୁଦ୍ଧ କରନ୍ତ; ଭାଗ୍ୟେ ସେ ବିଦ୍ୟାଟା ହାସଲ କରି ପାରି ନାହିଁ ।

ଉଷା—କି, ଏବେ ଗରଜ ପଡ଼ିଛି, ଘୋଡ଼ା ଚଢିବୁଁ କାହିଁକି ? ଖାଲି କି ତ ଦେଖୁ ନାହିଁ । ତମେ କଚାସିରେ ଯାହା କରି ନ ପାରିବ, ଆମେ କଟାକ୍ଷରେ ତାହା କରିଦେବୁଁ ।

ଦାସେ—ନ ଜାଣି ତମକୁ ବିଧାତା ସେ ବ୍ରହ୍ମାସ୍ତ୍ର ଦେଇଛି କି ? ମଣିଷ କି ଛାର, ସେ ଅସ୍ତ୍ରରେ ତମେ ଭୂତପ୍ରେତଙ୍କୁ ବି ବଶ କରିପାର । ଢେର ବେଳ ହେଲାଣି; ଏବେ ଟିକିଏ ତେଲ ଦିଅ—ଗାଧୋଇ ଯାଏଁ ।

ଉଷା ତେଲଘଡ଼ି ଆଣି ସ୍ୱାମୀଙ୍କୁ ଦେଲେ । ଦାସେ ତେଲ ଲଗାଇ ଗାଧୋଇବାକୁ ଗଲେ । ଉଷା କି କାର୍ଯ୍ୟ କରିବା ସକାଶେ ଗୃହାନ୍ତରକୁ ଗମନ କଲେ ।

## ଷଷ୍ଠ ପରିଚ୍ଛେଦ

ସ୍ତ୍ରୀଙ୍କର ପରାମର୍ଶାନୁସାରେ ଦାସେ ପାଞ୍ଚଶ ଟଙ୍କାର ବରି କିଣିଲେ । ସେ ବର୍ଷ ବଙ୍ଗଦେଶରେ ବରି ଫସଲ ଭଲ ହୋଇ ନ ଥିବାରୁ ମାରୁଆଡ଼ି ମହାଜନମାନେ ମୋଫସଲରୁ ବରି କିଣି କଲିକତା ପଠାଇଲେ । ଦୁଇ ମାସ ପରେ ବରି ଅତ୍ୟନ୍ତ ମହଙ୍ଗା ହୋଇଗଲା । ସେହି ସୁଯୋଗରେ ଦାସଙ୍କର ସଞ୍ଚିତ ବରି ହଜାରେ ଟଙ୍କା ମୂଲ୍ୟରେ ବିକ୍ରୀତ ହୋଇଗଲା । ଏହି ଅପ୍ରତ୍ୟାଶିତ ଲାଭରେ ଦାସଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା । ଉଷାସୁନ୍ଦରୀଙ୍କ ଗୋଡ଼ ତଳେ ପଡ଼ିଲା ନାହିଁ । ସେ ସ୍ୱାମୀଙ୍କୁ କହିଲେ—"ଦେଖିଲ, ମୋର ବୁଦ୍ଧି କି ଜୋର ? ଏକାଥରକେ ପାଞ୍ଚଶ ଟଙ୍କା ଲାଭ । ତମ ଲେଖାରେ ମାଇପିଲୋକଗୁଡ଼ାକ କିଛି ନୁହନ୍ତି—ସେଗୁଡ଼ାକ ଖାଲି ଖାଇଭାଲୁ । ଏବେ ଜାଣ ଯେ, ପାଠ ପଢି ନ ଥିଲେ ବି ମାଇପିଲୋକଙ୍କର ବୁଦ୍ଧି ଅଛି ।" ଦାସେ କହିଲେ—"ତମର ବୁଦ୍ଧି ଥାଇ ପାରେ; ମାତ୍ର ତମରି ବୁଦ୍ଧିରେ ପରା ଜଗନ୍ନାଥ ମହାପ୍ରଭୁ ଖଣ୍ଡିଆ ।" ଉଷା କହିଲେ—"ତମେ ଯେତେ ଠିକିଲେ ବି ମୁହଁଟାଣ ଛାଡ଼ ନାହିଁ, ଏହା ତମ ପୁରୁଷ-ଜାତିର ଲକ୍ଷଣ ।" ଉଭୟଙ୍କ ମଧ୍ୟରେ ଏହିପରି ଯୁକ୍ତିତର୍କ ପ୍ରଦର୍ଶନଦ୍ୱାରା ଗୋଟାଏ ମଧୁର ଦାମ୍ପତ୍ୟ-କଳହ ହୋଇଗଲା । ଦାସେ ମୁହଁରେ ଯାହା କହନ୍ତୁ; ମାତ୍ର ମନେ ମନେ ସ୍ତ୍ରୀ ବୁଦ୍ଧିର ପ୍ରଶଂସା ନ କରି ରହି ପାରିଲେ ନାହିଁ । ତହିଁ ପରବର୍ଷ ଦାସେ ବରି ଚାଷୀମାନଙ୍କୁ ଆଗତୁରା କିଛି ଟଙ୍କା ଦେଇ ଅମଳ ବେଳେ ସୁଧର ସୁଧ କଷି ବରି ଆଦାୟ କଲେ । ସେଥିରୁ ସୁଦ୍ଧା ତାଙ୍କର ଅଳ୍ପ ଲାଭ ହେଲା ନାହିଁ । ବ୍ୟବସାୟରେ ସେ କ୍ରମଶଃ ବଢିବାକୁ ଲାଗିଲେ । ଅନେକ ସମୟରେ ହ୍ରାସବୃଦ୍ଧିର ଗୋଟାଏ ଏକଚାଟିଆ କ୍ରମ ଦେଖାଯାଏ । ବଢିବାବେଳେ ସଂପତ୍ତି ବଢୁଥାଏ; ମାତ୍ର ଛିଡ଼ିବାକୁ ଆରମ୍ଭ କଲେ ଛିଡ଼ିବା ଅନିବାର୍ଯ୍ୟ ହୁଏ । ଚନ୍ଦ୍ର ଶୁକ୍ଳପକ୍ଷରେ କ୍ରମଶଃ ବଢୁଥାଏ; ମାତ୍ର ବୃଦ୍ଧିର ଶେଷସୀମା ଛୁଇଁଲେ ସେହିଠାରୁ କ୍ଷୟ ହୋଇଆସେ । କ୍ଷୟ ଶେଷସୀମାରେ ପହଞ୍ଚିଲେ ପୁଣି ବୃଦ୍ଧି ଆରମ୍ଭ ହୁଏ, ଏହା

ପ୍ରାକୃତିକ ନିୟମ । ଗ୍ରୀଷ୍ମତାପ-ତପ୍ତ ଜୀର୍ଣ୍ଣପତ୍ର ଶୁଷ୍କ ଶାଖାତରୁ, ବର୍ଷାର ପ୍ରଥମ ବାରିସେକରେ ନବଶାଖା ପଲ୍ଲବରେ ମଣ୍ଡିତ ହେଲା ପ୍ରାୟ ଦାସଙ୍କର ଦାରିଦ୍ର୍ୟ-ଶୁଷ୍କ ଭାଗ୍ୟ-ତରୁ କ୍ରମେ ସରସ ସଫଳ ହେବାର ଦେଖି ଗ୍ରାମବାସୀମାନେ ପରସ୍ପର ଆଖି ଠାରଠାରି ହେବାକୁ ଲାଗିଲେ । ପ୍ରଥମରେ ଫୁସ୍‌ଫାସ୍, ତହୁଁପରେ ପ୍ରକାଶ୍ୟ ରଟନା ଆରମ୍ଭ ହେଲା । କେହି କହିଲା—'ଏ ସ୍ୱଧିକା ଦାସଙ୍କ ଟଙ୍କାର ମହିମା । କେହି ବା କହିଲା—'ନା, ନଟେଇ ଦାସଙ୍କୁ କଉଁଠୁ ଗୋଟାଧନ ମିଳିଗଲା ।' ଏ ବିଷୟ ନେଇ ନାନା ଯୁକ୍ତିତର୍କ ପ୍ରଦର୍ଶିତ ହେଲା । ରଙ୍କ ମଳିକ କହିଲା—'ଦୁଇ ସଙ୍ଗାତଙ୍କର ତ ଅଭେଦ ପ୍ରୀତି ଥିଲା; ତୀର୍ଥଯାତ୍ରା ସମୟରେ ସ୍ୱଧିକା ଦାସ ସଙ୍ଗୀତଙ୍କ ହାତରେ ରଖିଯାଇଥିବ ।' ନିଧି ସ୍ୱାଇଁ କହିଲା—'ସ୍ୱଧିକା ଦାସ କି ସଂସାରରେ କାହାରିକୁ ବିଶ୍ୱାସ କରିବାର ପାତ୍ର—ସଙ୍ଗାତ ହେଉ ବା ପୁରୁ-ଗୋସେଇଁ ହେଉ । ତାହା ପାଖରେ କିଛି ଟଙ୍କା ଥିଲା ସତ; ସେ ତାହା ସାଙ୍ଗରେ ନେଇଯାଇଥିବ ।' ସଦେଇ ଲେଙ୍କା ଘର ନଟେଇ ଦାସଙ୍କ ଘରକୁ ଲାଗିଛି; ମଧ୍ୟରେ ପାଚେରି କାନ୍ଥର ବ୍ୟବଧାନ । ଲେଙ୍କାପୁଅ ସ୍ୱକର୍ଣ୍ଣ-ଶ୍ରୁତ, ସ୍ୱନେତ୍ର-ଦୃଷ୍ଟ ପ୍ରମାଣ ଦେଖାଇ କହିଲା, "ନା ରେ, ଅସଲ କଥା ତମେ କେହି ଜାଣ ନାହିଁ—ଯକ୍ଷ ତା ଘରେ ଟଙ୍କା ଢାଳି ଦେଇ ଯାଉଛି । ଗଲା ବର୍ଷ ମୋତେ ବାତ ଜର ହୋଇଥିଲା—ଯେତେ ଔଷଧ ଖାଇଲି, କିଛି ହେଲା ନାହିଁ । ଶେଷେ ହାଟରୁ "କୁଇନ ଔଷଧ" [କୁଇନାଇନ୍] ଚାରି ପଇସାର ଆଣି ଖାଇଦେଲି । ସେଦିନ ରାତିରେ ଆଉ ନିଦ ହେଲା ନାହିଁ । କଣ୍ଠା ଛାଟି ପିଟିଲା ପରି ଯନ୍ତ୍ରଣାରେ ପଡ଼ି ଛଟପଟ ହେଉଥାଏ । ଠିକ୍ ରାତି ଅଧବେଳେ ନଟେଇ ଦାସ ଦାଣ୍ଡମେଲାରେ ଫଡ଼୍‌ଫାଡ଼୍ ଶବ୍ଦ ଶୁଭିଲା । କୁକୁଡ଼ାକୁ କାଟି ଦେଲେ ଯେପରି ଫଡ଼୍‌ଫଡ଼୍ ଶବ୍ଦ ହୁଏ, ଠିକ୍ ସେହିପରି । ତାହା ସାଙ୍ଗେ ସାଙ୍ଗେ ଝଣଝାଣ ଶବ୍ଦ ବି ହେଉଥାଏ । ମୁଁ ଭାବିଲି, ଟଙ୍କା ପରି ଝଣଝାଣ କଅଣ ଶୁଭୁଛି ? ପାଚେରି ଉପରୁ ମୁଣ୍ଡ ଟେକି ଦେଖିଲି, ଶାଗୁଣା ପରି ଗୋଟାଏ ପକ୍ଷୀ ଡେଣା ଝାଡ଼ି ଦେଉଛି; ଆଉ ତା'ଦେହରୁ ଟଙ୍କାଗୁଡ଼ାକ ଝମ୍ ଝମ୍ ହୋଇ ଝଡ଼ି ପଡ଼ୁଛି । ଉଃ, କହିଲାବେଳକୁ ଦେହ ଶୀତେଇ ଉଠୁଛି । ବରକୋଳି ଗଛ ହଲେଇ ଦେଲେ କୋଳି-ଗୁଡ଼ାକ ଯିମିତି ଝଡ଼ି ପଡ଼େ, ସିମିତି ଟଙ୍କା ଝଡ଼ୁଛି । ନଟେଇ ଦାସ ଆଉ ତାହା ଭାର୍ଯ୍ୟା ଦୁଇଟା ସିଉଡ଼ାରେ ସେ ଟଙ୍କାଗୁଡ଼ାକ ବୋହି ନେଇ ଘର ମଝିରେ କୁଡ଼େଇ ଦେଇ ଆସୁଛନ୍ତି—ଏହା ମୁଁ ନିଜେ ଦେଖିଛି—ଶୁଣିବା କଥା ନୁହେଁ ।" ଏ କଥାକୁ କେହି ବିଶ୍ୱାସ କଲା, କେହି ବା ମନେ କଲା—ମାହାଳିଆ ଗାଲୁଆ କଥା ।

ମୋଫସଲ ଗାଁରେ ସନ୍ଧ୍ୟା ସମୟରେ ଜଣ ଜଣଙ୍କ ପିଣ୍ଡାରେ ଦଶ ପାଞ୍ଚ ଜଣ ବସି ସନ୍ଧ୍ୟାସମିତି କରନ୍ତି । ଏହା ସବୁ ଗାଁରେ ହୁଏ । ସମିତିରେ ଆଉ ଯାହା ହେଉ; ମାତ୍ର ପର ଛିଦ୍ର ଆଲୋଚନା ଅଧିକ ହୁଏ ।

ଦିନେ ସେହିପରି ଗୋଟିଏ ସମିତିରେ ଦାସଙ୍କର ଆକସ୍ମିକ ଉନ୍ନତିର କଥା ପଡ଼ିଲା । ପଛରେ ସମସ୍ତେ କୁହାକୁହି ହୁଅନ୍ତି; ମାତ୍ର ଦାସଙ୍କୁ ପଚାରିବାକୁ କାହାରି ସାହା ଘଟେ ନାହିଁ । ଆଉ ପଚାରିବାର ବା ଅଧିକାର କାହାର ଅଛି ? ସେଦିନ ସନ୍ଧ୍ୟାସମିତିର କେତେ ଜଣ ସଭ୍ୟ ସ୍ୱାମାକୁ ଗୋପନରେ ଡାକି ଆଣି ପଚାରିଲେ —"କହ ରେ ସ୍ୱାମା, ତୋ ବାପ ଯେ ଏତେ ଟଙ୍କା ରଖିଥିଲା, ତାହା କଅଣ ହେଲା ?" ସ୍ୱାମା କହିଲା— "ବାବା ଟଙ୍କା ରଖିବା କଥା ମୁଁ ଜାଣେ ନାହିଁ । ଛଅ ବର୍ଷ ହେଲା ସେ ବାକିସ୍ତ ଛାଡ଼ି ଘରେ ବସିଥିଲେ । ଯାହା ରଖିଥିବେ, ତାହା ଖର୍ଚ୍ଚ ହୋଇଯାଇଥିବ ।" ତହୁଁ କେହି କେହି ମୁରୁକି ହସି କହିଲେ—"ନା ରେ, ତୁ ପୁଞ୍ଚାଟା କଣ ଜାଣୁ ? ତୋ ବାପ ତେର ଟଙ୍କା ରଖିଥିଲା । ତାହା ସବୁ ନଟେଇ ଦାସ ହାତରେ ପଡ଼ିଛି । ଦେଖୁ ନାହୁଁ—ତାହାର ତ କିଛି ଥିଲା ନାହିଁ, ସେ ହଜାର ହଜାର ଟଙ୍କାର କାରବାର କୁଆଡ଼ୁ କରୁଛି ? ଯା ହେଉ, ତୁ ତାକୁ ପଚାର ।" ସ୍ୱାମା ମଙ୍ଗିଲା ନାହିଁ; ଅଧିକନ୍ତୁ କହିଲା—"ମିଛଟାରେ ମଉସାଙ୍କ ମନରେ କାହିଁକି କଷ୍ଟ ଦେବ ? ସେ କହିବେ—ମୋର ଖାଇ ପିଇ ମୋତେ କଳଙ୍କ ଦେଲା । ମୋ କପାଳରେ ସୁଖ ଥିଲେ ମୋତେ ମିଳିବ; ଲୁଚାରେ କଲି କଳି ବେମାନ ହେବ କାହିଁକି ?" ଏହା ଶୁଣି ସ୍ୱାମାକୁ ଆଉ କେହି କିଛି କହିଲେ ନାହିଁ ।

ବ୍ୟବସାୟରେ ଦାସଙ୍କର ବିଲକ୍ଷଣ ଉନ୍ନତି ହେଉଅଛି । ତିନି ବର୍ଷ ମଧ୍ୟରେ ମୂଳଧନ ଚତୁର୍ଗୁଣ ହୋଇ ପଡ଼ିଲାଣି । ବ୍ୟବସାୟ ଏବଂ ମହାଜନୀ ଉଭୟ ଆଡ଼ୁ ଲାଭ ହେଉଅଛି । ମହାଜନୀ କାରବାରରେ ଷ୍ଟିପ-ତମସୁକ ନାହିଁ—ସୁନାରୁପାର ଅଳଙ୍କାର ବନ୍ଧା ରଖି ମୂଲ୍ୟର ଅଧେ ଟଙ୍କା କରଜ ଦିଅନ୍ତି । ଟଙ୍କାର ମାସିକ ସୁଧ ଦୁଇ ପଇସା । ତାହାରି ଅତି ଅସମସ୍ତ ପଡ଼ିଲେ ସୁଧର ମାତ୍ରା ଅଧିକ ହୁଏ । ବଉଳପୁର ସାମନ୍ତରାୟ ଢର ବସି ଅଛିଲାଣି; ଆଉ ପୂର୍ବପରି "ଘୋ-ଘୋ" ନାହିଁ । ଭାଇମାନେ ଭିନେ ବାହାର ହୋଇ ଛନ୍ନଛତର ହୋଇ ଗଲେଣି । ଲାଟବନ୍ଦୀ ଖଜଣା କେହି ଦେଲେ ନାହିଁ ନ ଦେଲେ ସଂପତ୍ତି ନିଲାମ ହେବ, ଏହି ଭୟରେ ବୁଢ଼ା ସାମନ୍ତରାୟ ଅସ୍ଥିର ହୋଇ ଉଠିଲେ ଏବଂ ସ୍ୱହସ୍ତରୁ ଖଜଣା ଦେଇ ସଂପତ୍ତି ରକ୍ଷା କରିବାକୁ ଅଭିଳାଷୀ ହେଲେ । କିନ୍ତୁ ହସ୍ତରେ କିଛି ନାହିଁ । ଅଗତ୍ୟା ତାଙ୍କୁ ଗହଣା ବନ୍ଧା ଦେବାକୁ ହେଲା । ସେ ଦେଢ଼ଶ ଟଙ୍କାର ଗୋଟାଏ ସୁନାମାଳ ଦାସଙ୍କ ପାଖରେ ବନ୍ଧା ରଖି ପଚସ୍ତରି ଟଙ୍କା କରଜ ନେଲେ; ଚାରି ପାଞ୍ଚ ଦିନ ପରେ ଟଙ୍କା ଦେଇ ଗହଣା ମୁକୁଳେଇ ନେବେ । ଟଙ୍କା ମୁଣ୍ଡରେ ପଇସ ଏ ଲେଖାଏଁ ସୁଧ ଧାର୍ଯ୍ୟ ହେଲା । ଦାସେ ପ୍ରଥମରେ ଟଙ୍କା ଦେବାକୁ ମନା କରିଥିଲେ; ମାତ୍ର ସୁଧର ମାତ୍ରା ବେଶି ହେବାର ଦେଖି ବିଶେଷତଃ ପରୋପକାର କାମନାରେ ଶେଷରେ ସ୍ୱୀକୃତ ହେଲେ । ସୁନାମାଳର ଓଜନ ସାତ ଭରି ହେଲା । ଦାସେ ମାଳ ଗୁନ୍ଥା ସୂତା ଭରିଏ କାଟି ଦେଇ ଛ ଭରି ଧରିଲେ । ଭରି ପଚିଶ ଟଙ୍କା ଧରିଲେ ମାଳଟିର ମୂଲ୍ୟ ଦେଢ଼ଶ ଟଙ୍କା ହେବ । ସୁତରାଂ ଦାସଙ୍କର ଅଚ୍ଛେଦ୍ୟ ଅକାଟ୍ୟ ଆଇନ ଅନୁସାରେ ପଚସ୍ତରି ଟଙ୍କା ଦେବାର ଧାର୍ଯ୍ୟ ହେଲା । ସେ ଗୁମାକୁ ଲେଖିବାକୁ କହିଲେ । ସ୍ୱୟଂ ଦାସେ ବ୍ୟାସଦେବଙ୍କ ଆସନ ଅଧିକାର କଲେ; ଆଉ ଗୁମା ଗଣେଶ ହୋଇ ଲେଖିବାକୁ ବସିଲା । ଅତଃପର ମାଲ ମହାଭାରତ ଲେଖା ଆରମ୍ଭ ହେଲା । ଦାସେ ଯାହା କହିଲେ ଗୁମା ତାହା ଲେଖିଲା । ଲେଖା ଶେଷରେ ଗୁମା ପଢ଼ି ଶୁଣାଇ ଦେଲା । ସେଥିରେ ଏହିପରି ଲେଖା ହେଲା—"ଗୁନ୍ଥା ସୂତା ସହିତ ଗୋଟାଏ ସୁନା କଣ୍ଠିମାଳର ଓଜନ ସାତ ଭରି । ତାହା ପାଞ୍ଚଖିଆ ଲାଲ ସୂତାରେ ଗୁନ୍ଥା । ସେଥିରେ ବାର ଗଣ୍ଡା କଣ୍ଠି ଅଛି; ଗୁନ୍ଥା ପୁରୁଣା । ମାଳର ଲମ୍ବ ଏକ ହାତ ଦଶ ଅଙ୍ଗୁଳି, ମଝିରେ ଗୁନ୍ଥା ଅଳ୍ପ ଛିଡ଼ିଯାଇଅଛି । ନଗଦ ନେବାର ପଚସ୍ତରି ଟଙ୍କା, ଦିନକୁ ଟଙ୍କା ପ୍ରତି ସୁଧ ଏକ ପଇସା । ସନ ୧୨୯୧ ସାଲ ମେଷ ମାସ ୧୩ ଦିନ ବେଳ ଛ ଘଡ଼ି ସରିକି ।" ସାଆନ୍ତେ ସମଦୀ ଘରକୁ ଟଙ୍କା ପାଇଁ ଲୋକ ପଠାଇଥିଲେ । ସେଠାରୁ ଟଙ୍କା ଆସିବାକୁ ବିଳମ୍ବ ହେବ । ଏଣେ କାଲି ଲାଟବନ୍ଦୀ ତାରିଖ, ଆଜି ଟଙ୍କା ଦାଖଲ ନ କଲେ ସଂପତ୍ତି ନିଲାମ ହେବ । ସୁତରାଂ ବାଧ୍ୟ ହୋଇ ସାଆନ୍ତଙ୍କୁ ମାଳ ବନ୍ଧା ଦେଇ ଟଙ୍କା କରଜ କରିବାକୁ ହେଲା ।

ଚାରି ଦିନ ପରେ ସାଆନ୍ତଙ୍କ ସମଦୀ ଘରୁ ଟଙ୍କା ଆସି ପହଞ୍ଚିଲା । ତହୁଁ ସାଆନ୍ତେ ଗୁମାସ୍ତା ହାତରେ ଟଙ୍କା ଦେଇ ମାଳ ମୁକୁଳାଇବାକୁ ପଠାଇଲେ । ଗୁମାସ୍ତା ସାଧୁ ମହାପାତ୍ର ଦାସଙ୍କ ପାଖରେ ଟଙ୍କା ଗଣିଦେଲେ । ପାଞ୍ଚ ଦିନର ସୁଧ ପାଞ୍ଚ ଟଙ୍କା ତେର ଅଣା ତିନିପଇସା ହେଲା; ମାତ୍ର ଗୁମାସ୍ତା ପାଞ୍ଚଟଙ୍କା ତେରଅଣା ଦେଲେ । ଏକାବେଳକେ ତିନିପଇସା ଊଣା ଦେଖି ଦାସଙ୍କର ହଲକ ଉଡ଼ିଗଲା । ସେ ଗୁମାସ୍ତା ହାତ ଧରି କାନ୍ଦି ପକାଇ କହିଲେ—"ଦେଖୁଛ ତ ଭାଇ, ମୋର ଜମିଦାରୀ ଅଛି ନା ମୌରସୀ ଅଛି; ନା ଚାକିରି ଅଛି, ନା ଚାଷ ଅଛି । ସୁଧଗଣ୍ଡାକ କେବଳ ମୋର ଭରସା । ସେଥିରୁ କାଟି ପକାଇଲେ ମୁଁ କଅଣ କରିବି ? ଗୁରୁବାର ଏକାଦଶୀ ନ ମାନି ରାତି ଅଧରେ ଟଙ୍କା ବାହାର କରି ଦେଇ ତମର ମହତ ରଖିଦେଲି, ସେଥିରେ ତମେ ଏମିତି ଅନ୍ୟାୟ କଲେ ମୋର ଗତି କଅଣ ?" ଗୁମାସ୍ତା ଦାସଙ୍କର ବିକଳ ଦେଖି ଦୁଇଟି ପଇସା ଅଣ୍ଟିରୁ ବାହାର କରି ଦେଲେ । ଦାସେ କିଛିକ୍ଷଣ ଗୁମାସ୍ତାଙ୍କ ମୁହଁକୁ ଦୀନ ନୟନରେ ଅନାଇ ରହି କହିଲେ—"ତେବେ କି ଗୋଟାଏ ପଇସା କାଟିଲ ?" ଗୁମାସ୍ତା କହିଲେ—"ଆଉ ପଇସା ନାହିଁ, ମୁଁ କାଲି ଦେଇପଠାଇବି ।" ଦାସେ ଟିକିଏ ମୁରୁକି ହସି ଧୀର ସ୍ୱରରେ କହିଲେ—"ତେବେ କାଲି ସକାଳେ ଗୁମାକୁ ପଠାଇଦେବ ।" ଗୁମାସ୍ତା ବିରକ୍ତ ହୋଇ କହିଲେ—

"ଗୋଟାଏ ପଇସା ଲାଗି ଏତେ ଅବିଶ୍ୱାସ କି ହେ, କାହିଁକି କାହାକୁ ପଠାଇବ; ମୁଁ ଏହିକ୍ଷଣି ଯାଇ ପଠାଇ ଦେଉଛି ।" ଗୁମାସ୍ତାଙ୍କର ବିରକ୍ତି ଦେଖି ଦାସେ ଆଉ କିଛି କହିଲେ ନାହିଁ; ଘରକୁ ଯାଇ ମାଲଟି ସିନ୍ଦୁକରୁ ବାହାର କରି ଆଣି ତାଙ୍କ ହାତରେ ଦେଲେ । ଗୁମାସ୍ତା ଚାଲିଗଲା ପରେ ଦାସେ ଘରକୁ ଯାଇ କହିଲେ—"ସୁମା, ଦେଖିଲୁ କଳିଯୁଗର ବେଭାର, ଆଉ କି ସତେ ସେ ପଇସାଟା ଦେବ—କହିଲେ ଅଳ୍ପକେ କୋପ ।" ସୁମା କହିଲା—"ପାଞ୍ଚ ଦିନରେ ପାଞ୍ଚ ଟଙ୍କା ତେରଅଣା ଦିପଇସା ସୁଧ ହେଲା; ଆଉ ପଇସାଟେ ନ ଦେଲା ତ ନାହିଁ ।" ଦାସେ କହିଲେ—"ହଁ ରେ, ପଇସାଟା ତ ତୋ ଆଖିକି ମାଟିଗୋଡି ପରି କଣୁଛି ! ସୁଖ ଅଧରେ ଟଙ୍କା ଦେଇ ନ ଥିଲେ ଯେ ସଂପତ୍ତି ନିଲାମ ହୋଇଯାଆନ୍ତା, ତାହା କିଏ ବୁଝୁଛି ।" ଦାସଙ୍କ କଥା ଶେଷ ନ ହେଉଣୁ ଉଷା ଝଙ୍କାର ଦେଇ କହିଲେ—"ତ ହାର ତ ମଝିରେ ପୁଞ୍ଜୁଛି, ସେ ନ କହିବ କାହିଁକି ? ତାହାର କଅଣ ଯାଉଛି କି, 'ବାଉ ଚଢେଇର ଡଣ ଯାଏ, ନା, ବା କଲେ ବସା ଦୋହଲୁଥାଏ !' ପଇସାଟେ ଗଲେ ଯେ ଦିହରୁ ରକ୍ତ ଝଳକେ ଯାଉଚି, ତା' କିଏ ବୁଝୁଚି ? ପର ହୋଡିହୁଣା ତ ବାଆ ପରି ଲାଗୁଚି !" ସୁମା ଆଉ କିଛି କହିଲା ନାହିଁ । କେବଳ ସେହି ପଦକ କହିଥିଲା ବୋଲି ନୀରବରେ ନିଜକୁ ଧିକ୍‌କାର ଦେଇ କାନ୍ଦୁଣ ମାନ୍ଦୁଣ ହୋଇ ଦାଣ୍ଡକୁ ବାହାରି ଗଲା ।

ତିନି ବର୍ଷ ଯାଏ ଦାସଙ୍କର ଖୁବ୍ ଲାଭ ହେଲା; ମାତ୍ର ଚତୁର୍ଥ ବର୍ଷ ସେପରି ହେଲା ନାହିଁ । ସେ ବର୍ଷ ଛଅଶ ଟଙ୍କାର ମୁଗ କିଣି ମହରଗବେଳେ ବିକିବେ ବୋଲି ରଖି ଦେଇଥିଲେ । ମନୁଷ୍ୟର ଆଶା ଏକଆଡେ ଯାଏ; ମାତ୍ର ବିଧିନିର୍ବନ୍ଧ ଅନ୍ୟ ଆଡେ ଯାଏ । ଛ ମାସ ପରେ କୀଟ ଲାଗି ମୁଗ ସବୁ ନଷ୍ଟ କରିଦେଲେ । ଶସ୍ୟ ସବୁ ଯାଇ ଖାଲି ଚୋପା ରହିଲା । ଗୋରୁଙ୍କୁ ଖୁଆଇବା ସକାଶେ ମହଣ ଚାରିଅଣା ହିସାବରେ ଲୋକେ ତାହା କିଣିନେଲେ । କ୍ଷତି କେବଳ ଏତିକି ନୁହେଁ; ଦାସେ ଚବିଶ ଟଙ୍କାର ସୁଣି କିଣି ରଖିଥିଲେ; କିନ୍ତୁ ସେ ବର୍ଷ ସୁଣି ଫସଲ ଅଧିକ ହେବାରୁ ଦର ବୃଦ୍ଧି ନ ହୋଇ କ୍ରମଶଃ ହ୍ରାସ ହେବାକୁ ଲାଗିଲା । ସୁତରାଂ ଦାସଙ୍କର ସଞ୍ଚିତ ସୁଣି ଅର୍ଦ୍ଧମୂଲ୍ୟରେ ବିକ୍ରୀତ ହେଲା । ଦୁଇ-ଥରରେ ତାଙ୍କର ପ୍ରାୟ ହଜାରେ ଟଙ୍କା କ୍ଷତି ହେଲା । ଦାସଦଂପତି ମୁଣ୍ଡରେ ହାତ ଦେଇ କାନ୍ଦିଲେ; ଦୁଇ ତିନି ଦିନଯାଏଁ ତାଙ୍କ ଘରେ ଅରନ୍ଧ ଅବାଡ ହେଲା । ଉଷା ସ୍ୱାମୀଙ୍କୁ କହିଲେ—"ତମେ ସେ ମତାମସି ପୋଡା ବେପାର ଆଉ କର ନାହିଁ । ବେପାର ବାଘ ଅଧାର, ମିଳିଲା ତ ଚାରିପଇସା ମିଳିଲା, ନ ହେଲେ ନାହିଁ । ତମେ ବି ଏତେ ଲଟପଟ ହୋଇପାରିବ ନାହିଁ । ମହାଜନୀ ସର୍ବଗୁଣେ ଭଲ । ପୁଞ୍ଜି ରଖି ଅଧା ଦେବ; ସେଥିରେ ନୋ ନାହିଁ କି ଧୋ ନାହିଁ । ବେପାର ବନ୍ଦ କରି ଏଣିକି ମହାଜନୀ ଭଲ କରି ଚଳାଅ ।" ଦାସେ କହିଲେ—"ହଁ ସୁନ୍ଦୁରୀ ମା, ତମେ ଯା' କହିଲ ସତ । ମହାଜନୀରେ ଧୋଇ ନାହିଁ କି ମରୁଡି ନାହିଁ; ଏଣିକି ସେହି ମହାଜନୀ କରିବା ଭଲ । ଦଶ ଟଙ୍କା ଦେଲେ କୋଡିଏ ଟଙ୍କାର ମାଲ ଘରେ ରହିବ । କେହି ବନ୍ଧାମାଲ ମୁକୁଳେଇ ନ ପାରିଲେ ଆମ ଟଙ୍କା ତ କୁଆଡେ ଯିବ ନାହିଁ; ବରଞ୍ଚ ଦ୍ୱିଗୁଣ ହୋଇ ରହିବ ।" ସେହିଦିନୁ ଦାସେ ବେପାର ଛାଡି ମହାଜନୀ କରୁଅଛନ୍ତି । ସୁମାର ଟଙ୍କା ପ୍ରସାଦରୁ ସେ ଏବେ ବଡ ମହାଜନ ।

## ସପ୍ତମ ପରିଚ୍ଛେଦ

ନତେଇ ଦାସଙ୍କର ମହାଜନୀ କାରବାର ସୁନ୍ଦରରୂପେ ଚାଲୁଅଛି । ଦାସେ ଆଉ କୁଆଡେ ଅଧିକ ଯିବା ଆସିବା କରନ୍ତି ନାହିଁ; ବଗ ମାଛକୁ ଧ୍ୟାନ କରି ବସିଲା ପରି ଦାଣ୍ଡପିଣ୍ଡାରେ ଖାତକମାନଙ୍କ ଆଗମନ ପ୍ରତୀକ୍ଷାରେ ବସିଥାଆନ୍ତି । କେହି କରଜ ନେବାକୁ ଆସେ, କେହି ଋଣ ପରିଶୋଧ କରିବାକୁ ଆସେ, କେହି ବା ସୁଧ ଦେବାକୁ ଆସେ । ଦାସେ ସେହି ବ୍ୟବହାରରେ ଲାଗିଥାନ୍ତି । ଶ୍ୟାମା ପାଖରେ ବସି ଲେଖାଲେଖିରେ ନିଯୁକ୍ତ ଥାଏ । ବେପାର ବନ୍ଦ ହେବାରୁ ଶ୍ୟାମା ଏଣିକି ଅନ୍ୟ କାର୍ଯ୍ୟ କରେ । ଦୁଇ ବଖତ ରନ୍ଧନର ଭାର ତାହା ଉପରେ ନ୍ୟସ୍ତ ଅଛି । ତାହା ପ୍ରତି ମାଉସୀଙ୍କର "ବାପରେ, ଧନରେ" ସମ୍ବୋଧନ ଆଉ ନାହିଁ । କୁଡ଼ି-ଡାକୁଣିଖିଆ, ଅଲ୍‌ପାଇଶ ପ୍ରଭୃତି ଉଚ୍ଚ ଉପାଧିମାନ ମହଦାଗ୍ରସୁଜ୍ଞାନରେ ତାହାକୁ ଆଲିଙ୍ଗନ କରିଅଛନ୍ତି । ମଉସା ମାଉସୀ ତାହାକୁ କଥା କହିଲାବେଳେ କିପରି ଗୋଟାଏ ଖିନ୍‌ଖିନିଆ ଭାବ ପ୍ରକାଶ କରନ୍ତି; ଶ୍ୟାମା ସେଥିର କିଛି ଉପଯୁକ୍ତ କାରଣ ଖୋଜି ପାଏ ନାହିଁ । ସବୁବେଳେ ମୁହଁକୁ କୁଣ୍ଡୁଆ କରି ଥାଏ । ଦିନେ ସେ କେଉଁଠୁ ଖଣ୍ଡେ ପାନ ଖାଇ ଆସିଥିଲା । ମାଉସୀ ତାହା ଦେଖି କ୍ରୋଧରେ ଜଳି ଉଠି କହିଲେ—"କି ରେ, ତୁ ଏତେ ରସିକ ନା ? ପାନ କେଉଁଠୁ ଆଣି ଖାଇଲୁ ? 'ଢେଡା ରସିକ, କଖାରୁ ଫୁଲକୁ ପାରଡା ଫୋକ' ବୋଲି ଯାହା କହନ୍ତି, ତାହା ସତ ! ହାଟ ସଉଦାରୁ ରେସା କାଟି ପାନଖିଆ ହେଉଚ ।" ଶ୍ୟାମା କହିଲା—"କେତେ ହାଟ ଖର୍ଚ୍ଚ ହୁଏ ଯେ, ସେଥିରୁ ପୁଣି ମୁଁ ରେସା କାଟି ପାନ ଖାଏଁ ।" ଉଷା କହିଲେ—"ମୋ ଘରଠୁଁ ଆଉ କାହାର ବେଶି ଖର୍ଚ୍ଚ ହୁଏ ରେ ନିମକହାରାମ ? ଆଠଅଣିକି ଆଠଅଣି ହାଟ ପାଳି ଦିନ ଯେ ତୁ ଚାରି ଚାରିଟା ପଇସା ନେଇ ହାଟକୁ ଯାଉ, କି ସଉଦା ଆଣୁ ? ଖୁଲୁଟା ବାଇଗଣ ବା ପୁଞ୍ଜା, ସାଉଣ୍ଟା ପୋଇନାଡ଼ୀ ଚାରିଖଣ୍ଡ, ଆଉ କେବେ କେବେ ଘୁଷୁରି ଲେଣ୍ଡି ପରି ସାରୁ ଦିଟା—ଏତିକି ନା, ଆଉ କିଛି ? କହିଲେ ପୁଣି ଚଳ ମାଡୁଛି---ସୁନା ଦିହକୁ ବାଧୁ ଯାଉଛି !" ଶ୍ୟାମାର କଣ୍ଠ ଆର୍ଦ୍ର ହୋଇ ଆସିଲା । ସେ କାନ୍ଦ କାନ୍ଦ ସ୍ୱରରେ କହିଲା—"ଏତେ ଅବିଶ୍ୱାସ ଯଦି, ତେବେ ମୋତେ ହାଟକୁ କାହିଁକି ପଠାଅ ?" ଉଷାଙ୍କୁ ଆଉ ସମ୍ଭାଳେ କିଏ ! ସହସା ଯେପରି ଆଗ୍ନେୟଗିରିର ରୁଦ୍ଧମୁଖ ମୁକୁଳା ହୋଇଗଲା ! ସେ ଗର୍ଜି ଉଠି କହିଲେ—"କି ରେ ବର୍ଷଂଶଖାଇ ଷଣ୍ଡ ଅଣ୍ଟୁକୁଣ୍ଠି ପୁଅ, ତୋ ମଗଜକୁ ପିତ୍ତ ଉଠିଲାଣି କି ? ତୁ ମୁହଁରେ ଜବାବ ଦେଉଚୁ ? କୁକୁରକୁ ମୁହଁ ଦେଲେ ସେ ମୁଣ୍ଡରେ ଚଢେ । ବେମାନ୍, ଅସତ୍, ଗୋଖୁର ସାପକୁ ଦୁଧ ଦେଇ ପୋଷିଲେ, ସେ ନ କାମୁଡ଼ିବ କାହିଁକି ?" ଶ୍ୟାମା ମାଉସୀଙ୍କର ଉଗ୍ରଚଣ୍ଡୀ ମୂର୍ତ୍ତି ଦେଖି ଆଉ ସେଠାରେ ନ ରହି ଦାଣ୍ଡକୁ ପଳାଇଗଲା । ତାହାର ହୃଦୟ ଘୃଣା, ବିସ୍ମୟ ଏବଂ ଅନୁଶୋଚନାରେ ଦଗ୍ଧ ହୋଇଗଲା । ସେ ନିର୍ଜନରେ ବସି କିଛିକ୍ଷଣ ଅଶ୍ରୁ ବିସର୍ଜନ କରି ଏବଂ ଦୁରଦୃଷ୍ଟକୁ ତୀବ୍ର ଧିକ୍କାର କରି ଶାନ୍ତିଲାଭ କଲା । ଉଷା ଏହିପରି ତାକୁ ଯେତେବେଳେ କଟୁ ତିରସ୍କାରରେ ବିଦ୍ଧ କରନ୍ତି, ତେତେବେଳେ ସେ ନିର୍ଜନ ସ୍ଥାନକୁ ଯାଇ ସର୍ବସନ୍ତାପହର ଅଶ୍ରୁର ଶରଣାପନ୍ନ ହୁଏ । ଅଶ୍ରୁ ତାହାକୁ ପ୍ରବୋଧ ଦେଇ ପୁଣି ସଂସାରକୁ ଫେରାଇ ଦିଏ । ଅଶ୍ରୁ ପରି ଦୁଃଖୀର ସମ୍ବଳ, ଯନ୍ତ୍ରଣାର ଔଷଧ ଆଉ କଅଣ ଅଛି ?

ଶ୍ୟାମା ସମୟ ସମୟରେ ବସି ଅନେକ କଥା ଭାବେ । ଭବିଷ୍ୟତ୍ ରାଜ୍ୟରେ ପଶି ନିଜ ଜୀବନର ଅବଲମ୍ବନ ପଥ ଖୋଜି ବୁଲେ । ଆଶା ତାହା ସଙ୍ଗରେ ଆସି ହସ ଲଗାଏ । କେତେବେଳେ ତାହା ଆଗରେ ଠିଆ ହୋଇ ହସି ଉଠେ; ପୁଣି କ୍ଷଣକେ ଅନ୍ଧକାର-ସମୁଦ୍ରରେ ବୁଡିଯାଏ । ତେତେବେଳେ ସେ ଆଖି ଆଗରେ ଘୋର-ଘୋରତର ଅନ୍ଧକାର ଦେଖେ । ସେ ଯେଉଁ ଆକାଶକୁସୁମ ଆକାଶରେ ଫୁଟାଇ ଥାଏ, ତାହା ଆକାଶରେ ଶୁଖିଯାଇ ଝଡିପଡେ । ସେ କେତେବେଳେ ଭାବେ—"ବିରାଟ ବିଶାଳ ପ୍ରକୃତି ରାଜ୍ୟରେ କ୍ଷୁଦ୍ରାଦପି ଅତି କ୍ଷୁଦ୍ର କୀଟପତଙ୍ଗ ପାଇଁ ସ୍ଥାନ ଅଛି;

କେବଳ ମୋ ପାଇଁ କି ଟିକିଏ ସୁଦ୍ଧା ସ୍ଥାନ ନାହିଁ ? ମୁଁ କଣ ଅନ୍ୟ କେଉଁ ସୃଷ୍ଟିରୁ ନିର୍ବାସିତ ହୋଇ ଆସିଛି ! ସଂସାରରେ ଯେ ନିତାନ୍ତ ଅକ୍ଷମ, ଜରା-ବ୍ୟାଧି-ଦାରିଦ୍ର୍ୟରେ ଯେ ନିପୀଡ଼ିତ-ନିଷ୍ପନ୍ଦ, ସେ ସୁଦ୍ଧା ଉପବାସ ରହୁ ନାହିଁ ! ପାଠ ପଢ଼ି ମୁଁ କଅଣ ପେଟ ଚାଖଣ୍ଡିକ ସମ୍ଭାଳି ପାରିବି ନାହିଁ ? କେଉଁଠି ଖଣ୍ଡେ ପାଠଶାଳା କରି ରହିଲେ ବି ଚଳିବ । ସେଥିରେ କିଛି କିଛି ସଞ୍ଚୟ କରି ପାରିବି । ଶଏ ଦୁଇଶ ହାତରେ ହେଲେ ଖଣ୍ଡେ ଦୋକାନ କରିବି । ତେଣିକି ଆୟ କ୍ରମେ ବୃଦ୍ଧି ଲାଭ କରିବ । ଜମି ବାଡ଼ି କିଣିବାର ସୁବିଧା ହେବ । ହଳ ବଳଦ ରଖି ଚାଷ କରାଇବି, ବେପାର ବି ଚାଲୁଥିବ । ତାହା ହେଲେ ଅନ୍ୟ ଲୋକ ଆସି ମୋତେ ଈର୍ଷ୍ୟା କରିବ—ମୋତେ କାହାରି ଦ୍ୱାରସ୍ଥ ହେବାକୁ ପଡ଼ିବ ନାହିଁ ।" କେତେବେଳେ ଏ ଚିନ୍ତାସ୍ରୋତ ବଦଳି ଯାଇ ଅନ୍ୟ ଆଡ଼କୁ ଗତି କରେ । ସେ ଭାବେ—"ମୋର କିଏ ଅଛି ଯେ, ମୋପାଇଁ ଚେଷ୍ଟା କରି ପାଠଶାଳା ଖଣ୍ଡେ କରାଇଦେବ । ମୁଁ ତ ଆଉ ଫେରି-ବାଲାଙ୍କ ପରି ଗ୍ରାମ ଗ୍ରାମ ବୁଲି 'କିଏ ମୋତେ ମାଷ୍ଟର ରଖିବ ହୋ—କିଏ ମୋତେ ମାଷ୍ଟର ରଖିବ ହୋ, କିମ୍ବା ଚାଏ ମାଷ୍ଟର—ଚାଏ ମାଷ୍ଟର' କହି ନିଜକୁ ବିକ୍ରୟ କରିପାରିବି ନାହିଁ । ସେ ଯେ ବଡ଼ ଲଜ୍ଜାର କଥା ! ଯାଉ, ସେ ସବୁ କଳ୍ପନାରେ କି ଫଳ ? ଯେଉଁପରି ଅଛି—ସେହିପରି ଥାଏ । ମଉସା ମାଉସୀଙ୍କ ଗାଳିଗଞ୍ଜନା ତ ମୋ ଦେହରେ ସହିଗଲାଣି । ଏତେ ଦିନଯାଏଁ ତାଙ୍କର ଦାନା ଖାଇ ଆସିଲି; ଅକୃତଜ୍ଞ ହୋଇ କାହିଁକି ପାପରେ ବୁଡ଼ିବି ? ତେବେ ସେ ଯଦି ସ୍ୱଇଚ୍ଛାରେ ମୋତେ ଘରୁ ବାହାରି ଦିବାକୁ କହନ୍ତି, ସେ ଅଲଗା କଥା । ତେତେବେଳେ ଯାହା କର୍ତ୍ତବ୍ୟ, ତାହା କରାଯିବ । ଆଗରୁ ସେ ଭାବନା କାହିଁକି ?" ସ୍ୱାମୀ ଏହିପରି କେବେ ଆଲୁଅ, କେବେ ଅନ୍ଧକାର ଦେଖେ ।

ଚିନ୍ମୟପୁର ଗ୍ରାମର କେତେ ଜଣ ଯୁବକ ନିଷ୍କର୍ମା ହୋଇ ଘରେ ବସିଅଛନ୍ତି । ସେମାନଙ୍କ ବିଦ୍ୟାର ସୀମା ମାଟ୍ରିକ୍ୟୁଲେସନ ଗଣ୍ଡି ମଧ୍ୟରେ ଆବଦ୍ଧ । ଅକସ୍ମାତ୍ ସେମାନଙ୍କର ଅନ୍ତର ସୁପ୍ତ-ଭାବ ନବୀନ ଝଙ୍କାରରେ ବାଜି ଉଠିଲା—ଯେପରି କି ଗୋଟାଏ ମହତ୍ ସଙ୍କେତ ସ୍ୱର୍ଗର ଉର୍ଦ୍ଧ୍ୱତମ ପ୍ରଦେଶରୁ ଓହ୍ଲାଇ ଆସି ସେମାନଙ୍କ ପ୍ରାଣକୁ ସ୍ପର୍ଶ କଲା । ସେମାନେ ଦେଶୋନ୍ନତି ସାଧନ ମାନସରେ ଅତିଷ୍ଠ ଅଥୟ ହୋଇ ପଡ଼ିଲେ । ସେମାନଙ୍କଦ୍ୱାରା ଦେଶୋନ୍ନତିର ସୁଦୂର ସମ୍ଭାବନା ଅଛି କି ନାହିଁ, ତାହା ମା ସରସ୍ୱତୀଙ୍କୁ ଗୋଚର; ମାତ୍ର ସେମାନେ ଦେଶୋଦ୍ଧାର ବ୍ରତ ଧାରଣ କରି ଉନ୍ନତି-ସ୍ୱର୍ଗ୍ୟର ନିଃସ୍ୱାର୍ଥ ସନ୍ନ୍ୟାସୀ ହୋଇ ଉଠିଲେ । ସେମାନେ ଗୋଟାଏ ସଭା କରି ଦେଶକୁ ସପ୍ତସ୍ୱର୍ଗର ଊର୍ଦ୍ଧ୍ୱକୁ ଉଠାଇବାର ବ୍ୟବସ୍ଥା ଧାର୍ଯ୍ୟ କଲେ । ଅନେକ ବକ୍ତୃତା, ଅନେକ ବାଦାନୁବାଦ ପରେ ସାର ହେଲା—ଗ୍ରାମରେ ଗୋଟାଏ ପାଠାଗାର ଏବଂ ଗୋଟାଏ ନୈଶ ବିଦ୍ୟା-ଳୟର ପ୍ରତିଷ୍ଠା କରି ଆପାତତଃ ଗ୍ରାମକୁ ଅଧାସ୍ୱର୍ଗକୁ ଟେକି ଦେବେ । ସବୁ କାର୍ଯ୍ୟ ଅର୍ଥସାପେକ୍ଷ; "ଟଙ୍କା ସର୍ବାର୍ଥ ସାଧିକା" ବୋଲି ସଂସ୍କୃତଜ୍ଞ ପଣ୍ଡିତମାନେ ପ୍ରବଚନ ବାନ୍ଧି ଦେଇଛନ୍ତି । ମୂର୍ଖ ମୂଷୁଣ୍ଡା ଲୋକେ କହନ୍ତି—"ଆଲୋ ମଉସା, ଜଡ଼ ପଇସା ।" ଉକ୍ତ ଦୁଇଟି ଅନୁଷ୍ଠାନ ସକାଶେ ସଭ୍ୟମାନେ ଗୋଟାଏ ଚାନ୍ଦାଖାତା ବାହାର କରି ବକ୍ତୃତା ଦେଇ ବୁଲିଲେ । ମଫସଲିଆ ମୂର୍ଖ ଲୋକେ ନୈଶ ବିଦ୍ୟାଳୟର ଅର୍ଥ ବୁଝି ପାରିଲେ ନାହିଁ । ବଣ୍ଟୁ ପଣ୍ଡିତେ ଜଣେ ନଡ଼ଲିଆ ଲୋକ । ସେ ଶବ୍ଦ ସାଧି କହିଲେ ନିଶ ଶବ୍ଦର ଉତ୍ତର ସମ୍ବନ୍ଧାର୍ଥରେ ଅ ପ୍ରତ୍ୟୟ କଲେ ନୈଶ ଶବ୍ଦ ନିଷ୍ପନ୍ନ ହେଲା । ନୈଶ ଶବ୍ଦର ଅର୍ଥ ନିଶ ସମ୍ବନ୍ଧୀୟ ଅର୍ଥାତ୍ ଯାହାର ନିଶ ଉଠିଅଛି । ଅତଃ ନିଶୁଆ ବା ନିଶ ଉଠି-ଥିବା ଅ-ବାଳକମାନେ ଯେଉଁଠାରେ ପଢ଼ନ୍ତି, ତାହା ନୈଶ ବିଦ୍ୟାଳୟ । ସଭ୍ୟମାନେ ବାଦ୍ୟ ବଜାଇ, ଜାତୀୟ ଗୀତ ଗାଇ ଚାନ୍ଦା ଆଦାୟ କରିବାକୁ ବାହାରିଲେ । ଗ୍ରାମର ପିଲା ଏବଂ ଦର୍ଶକମାନେ ସଭ୍ୟମାନଙ୍କର ଦଳ ପୁଷ୍ଟି କଲେ । ଆନନ୍ଦ ଧ୍ୱନିରେ ଗ୍ରାମ ଉଛୁଳି ଉଠିଲା—ଯେପରି ଗୋଟାଏ ସଜୀବ ଆନନ୍ଦସ୍ରୋତ ଚାଲି ଯାଉଅଛି । ନିତେଇ ଦାସ ଗ୍ରାମର ବଡ଼ ମହାଜନ । ଅଧିକା ଚାନ୍ଦା ପାଇବା ଆଶାରେ ଦେଶଭକ୍ତ ବୈତନିକ ଦଳ ସର୍ବାଗ୍ରେ ଯାଇ ତାଙ୍କର ଦ୍ୱାରରେ ଉପସ୍ଥିତ ହେଲେ । ଦେଖୁଁ ଦେଖୁଁ ଚାରିଆଡ଼ୁ ଲୋକେ

ଅସି ଭୁକ୍ତ ହେଲେ । ଦାସଙ୍କ ଦ୍ୱାର ଆଗରେ ଗୋଟାଏ ଛୋଟ ସଭା ବସିଗଲା । ସଭ୍ୟ ମଧ୍ୟରୁ ଜଣେ ଜଳଦ-ଗମ୍ଭୀର ସ୍ୱରରେ ବକ୍ତୃତା ଆରମ୍ଭ କଲେ । ନୂଆ ଶିଖାଳି ପହଁରିବା ସମୟରେ ହାତଗୋଡ ପିଟି ହେଲା ପରି ସେ ନୃତ୍ୟଭଙ୍ଗୀରେ ହାତମୁହଁ ହଲାଇବାକୁ ଲାଗିଲେ। ହେଲେ ବେଳେ୍ ଗଲା ଖଙ୍କାର ଦେଇ ବକ୍ତୃତାର ପଥ ସାଫ୍ କରି ଦେଉଥାଆନ୍ତି । ବକ୍ତୃତା ଏହିପରି ହେଲା—

"ଭାଇମାନେ,

ବର୍ତ୍ତମାନ ଯେଉଁ ଆଡକୁ ଚାହିଁ, ଦେଖିବ—ନଈବଢି ପରି ଉନ୍ନତିର ସୁଅ ମାଡି ଯାଉଅଛି । ଧନରେ, ମାନରେ, ଶିକ୍ଷାସଭ୍ୟତାରେ ଭାରତର ଅନ୍ୟାନ୍ୟ ଜାତି ଆମ୍ଭ ଓଡିଆ ଜାତିର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ । କେବଳ ଆମ୍ଭ ମାତୃଭୂମି ଉତ୍କଳ ସବୁ ବିଷୟରେ ପଶ୍ଚାତ୍‌ପଦ । ଏ ଦୋଷ କାହାର ନୁହେଁ—ଆମ୍ଭମାନଙ୍କର । ଯେଉଁ ଦେଶ ଦେବଭୂମି ନାମରେ ପୁରାଣେତିହାସରେ ଆଖ୍ୟାତ, ଯେଉଁ ଦେଶର ପୁଣ୍ୟ-ପୁତ ଗିରି, ନଦୀ, ଆଧ୍ୟାତ୍ମିକ ସଂପଦର ଆଗାର, ଯାହାର ଜୀର୍ଣ୍ଣଶୀର୍ଣ୍ଣ ଭଗ୍ନମନ୍ଦିର ପ୍ରାଚୀନ ଇତିହାସର ସୁବର୍ଣ୍ଣ ସମାଧି, ଯାହାର ବନପ୍ରକୃତି ସୌନ୍ଦର୍ଯ୍ୟର ନିର୍ଦ୍ଦୋଷ ଆଦର୍ଶ, ଯାହାର ସାହିତ୍ୟ, ଜ୍ୟୋତିଷ, ଆୟୁର୍ବେଦ ପ୍ରଭୃତି ଜ୍ଞାନଗରିମାର ଉତ୍ତୁଙ୍ଗ ହିମାଳୟ, ଯାହାର ଶାସ୍ତ୍ରପୁରାଣ ଅନ୍ୟ ଦେଶର ଆଦର୍ଶ, ଯାହାର କଳାଶିଳ୍ପ ପୃଥିବୀରେ ଅତୁଳନୀୟ, ହାୟ, ସେହି କୋଟିତୀର୍ଥମୟୀ, ବିଶ୍ୱନମସ୍ୟା, ଦେବସ୍ତୁତା ଉତ୍କଳର କି ମର୍ମନ୍ତୁଦ ଦୁର୍ଦ୍ଦଶା ! କୋଟିସୁତ କୋଳରେ ଧରି ସେ ଆଜି ନିରାଶ୍ରୟା ପରି ଦୀନା, ହୀନା, ଲାଞ୍ଛିତା ଏବଂ ଅବଜ୍ଞାତା ! ଏହା କି ସାମାନ୍ୟ ପରିତାପର କଥା ! ଉତ୍କଳ ଆମ୍ଭର ମା, ଆମ୍ଭ ପିତା ପିତାମହଙ୍କର ମା, ଆମ୍ଭ ମାତା ମାତାମହୀଙ୍କର ମା, ଆମ୍ଭ ବଂଶର ଆଦିମାତା । ଏପରି ସର୍ବଗୁଣବତୀ, ଅନ୍ନପୂର୍ଣ୍ଣା ମା ବିଶ୍ୱମଣ୍ଡଳରେ ଆଉ କାହାର ଅଛି ? ଉତ୍କଳ ଆମ୍ଭ ପ୍ରାଣର ପ୍ରାଣ, ଆତ୍ମାର ଆତ୍ମା, ହୃଦୟର ଦେବତା, ଦେହର ଶକ୍ତି, ନୟନର ଜ୍ୟୋତି, ରୋଗର ଔଷଧ, ଭୋଗର ସ୍ୱର୍ଗ, ଇହକାଳର ସର୍ବସ୍ୱ ଏବଂ ପରକାଳର ମୁକ୍ତି । ତାହାର ଗୋଟିଏ ରେଣୁ କୋଟିଏ ସ୍ୱର୍ଣ୍ଣମୁଦ୍ରାରୁ ଅଧିକ । ଉତ୍କଳ ଆମ୍ଭର ଜନ୍ମଭୂମି; ଜନ୍ମଭୂମି ସ୍ୱର୍ଗଠାରୁ ବଳି ଗରୀୟସୀ । ଉତ୍କଳର ଜଳ-ବାୟୁ-ମୃତ୍ତିକାରେ ଆମ୍ଭର ଶରୀର ଗଠିତ ହୋଇଅଛି ଏବଂ ପରିପୁଷ୍ଟ ହେଉଅଛି । ଆମ୍ଭର ରକ୍ତ, ମାଂସ, ଅସ୍ଥି ଏବଂ ଚର୍ମ ଉତ୍କଳର ରସରେ ନିର୍ମିତ । ସେ ନିଜର ତନୁ କ୍ଷୟ କରି ଆମ୍ଭମାନଙ୍କୁ ବଢାଉଅଛି, ଜୀବିତାବସ୍ଥାରେ କୋଳରେ ଧାରଣ କରି ଖାଦ୍ୟପେୟ ଦାନରେ ପରିତୁଷ୍ଟ କରୁଅଛି ଏବଂ ମୃତ୍ୟୁ ପରେ ମଧ୍ୟ କୋଳରେ ଧରି ଅନନ୍ତ ଅମୃତରାଜ୍ୟକୁ ଘେନିଯିବ । ଏ ଶରୀର ତାହାରି ଦେହରୁ ଉତ୍ପନ୍ନ ଏବଂ ଶେଷରେ ତାହାରି ଦେହରେ ଲୀନ ହେବ । ଦୋଷ ଦେଖିଲେ ମା ବିରକ୍ତ ହୁଏ; ମାତ୍ର ସହସ୍ର ଦୋଷରେ ଦେଶମାତା ବିରକ୍ତ ବା କ୍ରୁଦ୍ଧ ହୁଏ ନାହିଁ । ସେ ଚିରସ୍ନେହମୟୀ, ସର୍ବଂସହା । ହାୟ, ଆମ୍ଭେ ଏରୂପ ଅସୀମ କରୁଣାମୟୀ ମାକୁ ଚିହ୍ନି ପାରିଲେ ନାହିଁ । ଆମ୍ଭ ଭଳି ଅକୃତଜ୍ଞ ଅଭାଜନ ଆଉ କିଏ ଜଗତରେ ଅଛି ? ଭାଇମାନେ, ମୋହ-ମୁଦ୍ରିତ ନେତ୍ର ଉନ୍ମୀଳନ କର—ମାତୃଦ୍ରୋହ ପାପର ପ୍ରାୟଶ୍ଚିତ୍ତ କର । ସକାଳୁ ଉଠି ଉତ୍କଳକୁ ସ୍ମରଣ କର—ଉତ୍କଳକୁ ଆତ୍ମାରେ ମିଶାଇ ନିଅ—ପ୍ରାଣରେ ଗୁନ୍ଥି ନିଅ ଏବଂ ଦେହରେ ବୋଳି ନିଅ । ମା ମା ବୋଲି ସାଶ୍ରୁନେତ୍ରରେ, ଉଚ୍ଚ ଆତୁରକଣ୍ଠରେ ଆହ୍ୱାନପୂର୍ବକ ମାତୃପାଦପଦ୍ମରେ ଶ୍ରଦ୍ଧା-ଭକ୍ତି ପ୍ରୀତି-ପୁଷ୍ପାଞ୍ଜଳି ଢାଳି ଦିଅ । ଯାହାର ଅତୀତ ଅଛି, ତାହାର ଭବିଷ୍ୟତ୍ ଅଛି, ଏହା ସୁକଠୋର ଚିରନ୍ତନ ସତ୍ୟ ବାଣୀ । ଉତ୍କଳର ଅତୀତ ସମୁଜ୍ଜ୍ୱଳ ଥିଲା; ସୁତରାଂ ଭବିଷ୍ୟତ ସମୁଜ୍ଜ୍ୱଳତର ହେବ । ଅତୀତର ସେହି ପରମ ଗୌରବମୟୀ ପବିତ୍ର ଉଜ୍ଜ୍ୱଳ ସ୍ୱର୍ଣ୍ଣବେଦୀ ଉପରେ ଆମ୍ଭମାନଙ୍କର କଲ୍ୟାଣକର ଭବିଷ୍ୟତ୍ ଗଠିତ ହେବ । ଅତି ପୁଣ୍ୟଫଳରେ—ଅତି ତପସ୍ୟାବଳରେ—ଅତି ସୌଭାଗ୍ୟରେ ଏ ଦେଶରେ ଜନ୍ମଲାଭ କରାଯାଏ । ଏ ଦେଶରେ ସବୁ ମହତ୍ । ଏ ଦେଶର ନଦୀର ନାମ ମହାନଦୀ, ପର୍ବତର ନାମ—ମହେନ୍ଦ୍ର, ସମୁଦ୍ରର ନାମ—ମହୋଦଧି ଏବଂ ଅଧିଷ୍ଠିତ ଦେବତାଙ୍କର ନାମ—ମହାବାହୁ ଜଗନ୍ନାଥ । ଆକୁମାରୀ ହିମାଳୟ ସବୁସ୍ଥାନର ଲୋକେ ଆସି ଏ ଦେଶର ପୁଣ୍ୟରେଣୁ ମସ୍ତକରେ

ଧାରଣପୂର୍ବକ ଜୀବନ ଏବଂ ଜନ୍ମ ସାର୍ଥକ ମଣନ୍ତି । ସେହି ହେତୁ ଏ ଦେଶର ଗୌରବତ ନାମ—ମର୍ତ୍ତ୍ୟବୈକୁଣ୍ଠ । ଏଭଳି ମହୁମିତ ଦେଶ ମର୍ତ୍ତ୍ୟମଣ୍ଡଳରେ ନାହିଁ—ନ ଥିଲା—ନ ହେବ । ଭାରତ ପାରିଜାତ, ଉତ୍କଳ ତାହାର ସୁଗନ୍ଧ; ଭାରତ ଚନ୍ଦ୍ର, ଉତ୍କଳ ତାହାର ଜ୍ୟୋତ୍ସ୍ନା; ଭାରତ ସ୍ୱର୍ଗ, ଉତ୍କଳ ଅମୃତ; ଭାରତ ତପୋବନ, ଉତ୍କଳ ଯଜ୍ଞବେଦୀ; ଭାରତ ସିଂହାସନ, ଉତ୍କଳ ସେଥିରେ ଅଧିଷ୍ଠିତ ଦେବତା; ଏମନ୍ତ କି ଭାରତ କଳେବର, ଉତ୍କଳ ଆତ୍ମା । ଏଭଳି ଦେଶରେ ଜନ୍ମଲାଭ କରି—ଏଭଳି ଉଚ୍ଚ ଅଧିକାର ପାଇ ସୁଦ୍ଧା ଆମ୍ଭେମାନେ ନଗଣ୍ୟ ! ସଭ୍ୟ ଶିକ୍ଷିତ ଜାତି ତାଲିକାରେ ଆମ୍ଭମାନଙ୍କ ନାମରେ ଗାର ସୁଦ୍ଧା ପଡୁ ନାହିଁ । ଏ ଦୁଃଖ ମଲେ ବି ପାସୋରି ହେବ ନାହିଁ ।

"ଶିକ୍ଷା ଉନ୍ନତିର ଜୀବନ । ଆମ୍ଭମାନଙ୍କର ଶିକ୍ଷା ବିଶେଷ ତ ହୋଇ ନାହିଁ । କୃତଘ୍ନ ବ୍ୟକ୍ତି ସୌହାର୍ଦ୍ଦ୍ୟ ତ୍ୟାଗ କଲା ପ୍ରାୟ ଆମ୍ଭେମାନେ ପ୍ରାୟଶଃ ତାହାକୁ ଅପ୍ରିୟ ମଣି ପରିତ୍ୟାଗ କରିଅଛୁଁ । ଏହା ଆମ୍ଭମାନଙ୍କର ଅଦୃଷ୍ଟର ଦୋଷ ନୁହେଁ—ଆଳସ୍ୟ ଏବଂ ଅପରିଣାମ-ଦର୍ଶିତାର ଫଳ । କୃଷି, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ପ୍ରଭୃତି ସମସ୍ତ ଶିକ୍ଷାର ଅନ୍ତର୍ଗତ । ଆମ୍ଭେମାନେ ଶିକ୍ଷିତ ହେଲେ ଦେବ କରୁଣାମୂର୍ତ୍ତି ଧରି ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ । ଆମ୍ଭମାନଙ୍କର ଏହି ପ୍ରିୟପୁର ଗ୍ରାମରେ ଗୋଟିଏ ଅପର ପ୍ରାଇମେରି ସ୍କୁଲ ଛଡା ଶିକ୍ଷାର ଅନ୍ୟ କିଛି ବ୍ୟବସ୍ଥା ନାହିଁ । ବିଶେଷତଃ ଶ୍ରମଜୀବୀ ବୟସ୍କମାନଙ୍କ ସକାଶେ ଶିକ୍ଷାର ସୁବିଧା କିଛି ନାହିଁ । ସେହି ଅଭାବ କିଞ୍ଚିତ୍ ପୂରଣ କରିବା ଲାଗି ଆମ୍ଭେମାନେ ଗୋଟିଏ ନୈଶ ବିଦ୍ୟାଳୟ ଏବଂ ଗୋଟିଏ ପାଠାଗାର ସ୍ଥାପନର ମାନସ କରିଅଛୁଁ । ଏଥିପାଇଁ ଆମ୍ଭେମାନେ ସାଧାରଣଙ୍କର ସହାୟତା ପ୍ରାର୍ଥନା କରୁ-ଅଛୁ । ନିତ୍ୟାନନ୍ଦ ଦାସ ଆମ୍ଭ ଗ୍ରାମର ପ୍ରଧାନ ମହାଜନ । ଏ କାର୍ଯ୍ୟରେ ପ୍ରଥମ ସହାୟ ହେବା ସକାଶେ ଆମ୍ଭେମାନେ ତାଙ୍କୁ ସାଦର ଆହ୍ୱାନ କରୁଅଛୁଁ ଏବଂ ପ୍ରଥମରେ ତାଙ୍କର ଦ୍ୱାରସ୍ଥ ହୋଇଅଛୁଁ ।" ବକ୍ତା ଏତିକି କହି ନୀରବ ହେଲେ । ସଭ୍ୟମାନେ କରତାଳି ଧ୍ୱନି କଲେ । ତାଙ୍କ ଦେଖାଦେଖି ଉପସ୍ଥିତ ଦର୍ଶକବୃନ୍ଦ ଘନ ଘନ କରତାଳି ବଜାଇଲେ । ସେ ଧ୍ୱନିରେ ଗଗନପବନ ତରଙ୍ଗିତ ହୋଇଉଠିଲା । ଦାସେ ଦାଣ୍ଡପିଣ୍ଡାରେ ବସିଥିଲେ । ସ୍ୱମା ପାଖରେ ବସି ମଉସାଙ୍କ ଶ୍ରୀମୁଖ-ଉଚ୍ଚାରିତ ବାଣୀ ମହାଜନୀ ଖାତାରେ ଲେଖୁଥିଲା । ଦାସେ ଏତେବେଳଯାଏଁ ମୌନବ୍ରତୀ ହୋଇ ବକ୍ତୃତା ଶୁଣୁଥିଲେ । ବକ୍ତୃତା ଶେଷ ହେଲାରୁ ବକ୍ତାଙ୍କୁ ପଚାରିଲେ—"ମୋତେ କଅଣ କରିବାକୁ କହୁଛ ?"

ବକ୍ତା—ନୈଶ ବିଦ୍ୟାଳୟ ପାଇଁ ଆପଣ କିଛି ଚାନ୍ଦା ଦେଉନ୍ତୁ ।

ଦାସେ—ମୂଲିଆ ପାଠ ପଢି କଅଣ କରିବେ ? ଉକୀଲ ହେବେ ନା ଦପ୍ତରୀ ହେବେ ?

ବକ୍ତା—ଖାଲି ଓକୀଲ, ଦପ୍ତରୀ ହେବା ଲାଗି କଅଣ ପାଠ ପଢନ୍ତି ? ପଢିବାର କି ଆଉ କିଛି ଉଦ୍ଦେଶ୍ୟ ନାହିଁ ? ପାଠ ପଢିଲେ ମୂଲିଆମାନଙ୍କର ଖୁବ୍ ଉପକାର ହେବ । ଧର୍ମଶାସ୍ତ୍ର ପଢିବେ, ଧର୍ମକୁ ଚହ୍ନିବେ । ଶାସ୍ତ୍ର ପୁରାଣ ପଢିଲେ ସେମାନଙ୍କର ମନ ଖୁସି ହେବ, ପରିଶ୍ରମ ହ୍ରାସ ହେବ । ଜମିଦାରଙ୍କୁ ଖଜଣା ଦେଇ ପାଉତି ନେଲେ ତାହା ଠିକ୍ ଅଛି କି ନାହିଁ, ଜାଣିପାରିବେ ।

ଦାସେ—ହୁଁ, ଅଚ୍ଛା ଭଲ କଥା, ତେବେ ଯେମାନେ ପଢିବେ, ସେମାନେ ଅବଧାନଙ୍କୁ ଦରମା ଦେଇ ରଖିବେ । ମୁଁ ତ ଆଉ ପାଠ ପଢିବାକୁ ଯିବି ନାହିଁ, ତେବେ ଚାନ୍ଦା କାହିଁକି ଦେବି ? ମୋର କି ଉପକାର ହେବ ?

ବକ୍ତା—ଦେଶର ଉପକାର ହେଲେ ଆପଣଙ୍କର କି ଉପକାର ହେଲା ନାହିଁ ?

ଦାସେ—ହୁଁ, ଦେଶଲୋକେ ଖାଇଲେ ମୋ ପେଟ ପୂରିଯିବ !

ବକ୍ତା—ଆପଣ ଯାହା ଦେବେ ଦେଉନ୍ତୁ, ଆଉ ଏତେ ତର୍କ କରୁଛନ୍ତି କାହିଁକି ?

ଦାସେ—ମୁଁ କଅଣ ଦେଇ ପାରିବି ? ମୋର କଣ ଅଛି—ଚାଷ, ନା ଚାକିରି, ନା ବେପାର, ନା

ଜମିଦାରୀ ? ତେବେ ତୁମେମାନେ ଯେତେବେଳେ ଆସିଛ, ଚାରି ପଇସା ଦେଉଛି ନେଇଯାଅ ।

ବକ୍ତା—ଆମେ କଅଣ ଭିକ ମାଗିବାକୁ ଆସିଛୁଁ ଯେ, ଚାରିଟା ପଇସା ଦେଉଛନ୍ତି ।

ଦାସେ—ନା, ତମେ ଜମିଦାରୀରୁ ମାଲଗୁଜାରୀ ଅସୁଲ କରିବାକୁ ଆସିଛ ! ଯାଉ, ଏତେ କଥାରେ କଅଣ ଅଛି, ପାଞ୍ଚଟି ପଇସା ନେଇକରି ଯାଅ । ଲେଖ ରେ ସୁମା—ଆଜି ତାରିଖରେ ଧର୍ମାର୍ଥରେ ଦେବାର ପାଞ୍ଚ ପଇସା ।

ବକ୍ତା—ଏତେ ଅଡ଼ା କାହିଁକି ? କିଛି ନ ଦେଲେ ବି ଆମେ ଚାଲିଯିବୁଁ । ଆମେ ତ କିଛି ତଣ୍ଡକାର ନୋହୁଁ । ଅପଣଙ୍କ ପାଞ୍ଚପଇସା ରଖିଥାଉନ୍ତୁ ।

ଦାସେ—ତେବେ ତମ ଖୁସି ବାବା, ପାଞ୍ଚପଇସା ନ ନେଲେ ଯାଅ ।

ଦାସଙ୍କର ଏ ଶେଷ କଥା ଶୁଣି ଦେଶହିତୈଷିଦଳ ନୀରବରେ ପ୍ରସ୍ଥାନ କଲେ ଏବଂ ଦାସେ ମଧ୍ୟ ଗୋଟାଏ ଦୁର୍ଗ୍ରହ କବଳରୁ ରକ୍ଷା ପାଇ ନିଃଶ୍ୱାସ ଛାଡ଼ି ବଞ୍ଚିଲେ ।

## ଅଷ୍ଟମ ପରିଚ୍ଛେଦ

ସବୁ ଦିନ କାହାର ସମାନ ଯାଏ ନାହିଁ । ମନୁଷ୍ୟ ଜୀବନରେ ନାନା ଆପଦ ଅଛି; ରୋଗ ସେଥି ମଧ୍ୟରେ ପ୍ରଧାନ । ଶରୀରର ବ୍ୟାଧିମନ୍ଦିର ବୋଲି ମହାବାକ୍ୟ ଅଛି । ଛାଗକୁ ବାଘ ଛକିଲା ପ୍ରାୟ ରୋଗମାନେ ମାନବ ଜୀବନକୁ ଚାରିଆଡ଼ୁ ଛକି ବସିଅଛନ୍ତି; ଟିକିଏ ସୁବିଧା ପାଇବା ମାତ୍ରେ ଆକ୍ରମଣ କରନ୍ତି । ଲତେଇ ଦାସଙ୍କୁ ଗତ କେତେ ଦିନ ହେଲା ସନ୍ଧ୍ୟା ସମୟରେ ଅଳ୍ପ ଅଳ୍ପ ଜ୍ୱର ହେଉଥିଲା । ତାହା ପ୍ରତି ସେ ବେଶୀ ଲକ୍ଷ୍ୟ ରଖି ନ ଥିଲେ । ଜ୍ୱର କ୍ରମଶଃ ପ୍ରବଳ ହୋଇ ଉଠିଲା । ଦିନରେ ବା ରାତିରେ କେତେବେଳେ ହେଲେ ଜ୍ୱର ଓହ୍ଲାଇଲା ନାହିଁ । ଦାସେ ନିତାନ୍ତ ଦୁର୍ବଳ ହୋଇ ଶଯ୍ୟାଶ୍ରୟୀ ହେଲେ । ଉଷାଙ୍କର ଉତ୍କଣ୍ଠା ବୃଦ୍ଧି ହେବାକୁ ଲାଗିଲା । ସେ ସ୍ୱାମୀଦ୍ୱାରା ଶଙ୍କରନାଥ ବୈଦ୍ୟଙ୍କୁ ଡକାଇ ପଠାଇଲେ । ଶଙ୍କର-ନାଥ ଜାତିରେ ଯୋଗୀ, କେନ୍ଦରା ବଜାଇ ଭିକ ମାଗେ ଏବଂ ବୈଦ୍ୟବୃତ୍ତି କରେ । ଗୋଟାଏ ବିଶାଳ ଔଷଧ ବଟୁଆ ତାହାର କାଖତଳେ ଝୁଲୁଥାଏ । ସେ ପ୍ରତ୍ୟହ ତାଳମୂଳ ଢେଙ୍କିରେ କୁଟି ଚାଲୁଣୀରେ ଚଲାଇ ଔଷଧ ପ୍ରସ୍ତୁତ କରେ । ତାହାର ତିନି ପୁରୁଷରେ କେହି ପାଠଶାଳା ମାଡ଼ି ନ ଥିଲେ ସୁଦ୍ଧା ସେ ସ୍ଥଳବିଶେଷରେ ଛନ୍ଦେ ଛନ୍ଦେ ସଂସ୍କୃତ ଶ୍ଳୋକ ରଚନା କରି ଆବୃତ୍ତି କରେ । ଏହା ତାହାର ଅସାଧାରଣ ପ୍ରତିଭାର ଫଳ । କବିରାଜ ଯଥାସମୟରେ ଆସି ପହଞ୍ଚିଲା । ଉଷା ସ୍ୱାମୀଙ୍କ ପାଖରେ ବସି ତାଙ୍କ ମୁଣ୍ଡରେ ହାତ ବୁଲାଇ ଦେଉ-ଥିଲେ । ବୈଦ୍ୟଙ୍କୁ ଦେଖି ଟିକିଏ ଦୂରକୁ ଘୁଞ୍ଚି ବସିଲେ । ବୈଦ୍ୟ ପଚାରିଲା—"ମହାଜନଙ୍କୁ କେବେ ଜ୍ୱର ହେଲା ? ମୁଁ ତ ଶୁଣିକରି ଧାଇଁଛି । ତା ମା କହୁଲା,—'ଗାଧୋଇ ଆସିଛ, ଗଣ୍ଡେ କିଛି ପାଟିରେ ପକାଇ ଦେଇ ଯା ।' ମୁଁ କହିଲି—'ନା, ମହାଜନଙ୍କୁ ଜର, ଘଡ଼ି ଅଧରେ ତାଙ୍କ ଦ୍ୱାରରେ ଠିଆ ହେଲେ ସେ ମହତ ବଢ଼ିଯିବ କିଅନ୍ତି; ଆଉ କେଉଁ ହୋଇଛି ନା ଘଡ଼ିଏ ଠାଳି ଦେବ ।' କାହିଁ, ହାତ ଦେଖାଇଲ ।" ଦାସେ ଦୁଇ ତିନି ଥର 'ଉହୁ' କରି ଡାହାଣ ହାତଟି ବଢ଼ାଇ ଦେଲେ । ବୈଦ୍ୟ ନାଡ଼ୀ ଦେଖି କହିଲେ—"ବାତ, ପିତ୍ତ, ଶ୍ଳେଷ୍ମ ସାଙ୍ଗରେ ଆମ୍ବ ଦୋଷ ମିଶିଗଲା; ମୋତେ ଟିକିଏ ଆଗରୁ ଖବର ଦେଲ ନାହିଁ ! ଅଚ୍ଛା, କିଛି ଭୟ ନାହିଁ, ମୁଁ ଔଷଧ ଦେଇ ଯାଉଛି । ପାଠ କହୁଛି ପରା—

"କର୍କଟୋ ମର୍କଟୋ ପିତ୍ତ ଶୁଣ୍ଠୀବୃନ୍ତେନ
ଗୋଲଯେତ୍ ।
ବଟିକା ହରତ ମାତ୍ରେଣ ନିଜ ଦୋଷ ବିନଶ୍ୟତି ।"

ଏହା କହି ବଟୁଆରୁ କିଛିଟା ଚୂର୍ଣ୍ଣ ବାହାର କରି ଉଷାଙ୍କ ହାତରେ ଦେଇ କହିଲା, "ମହୁରେ ଗୋଳି ଏ ଔଷଧ ତିନି ପାଳ ଖୁଆଇବ ।" ଉଷା ପଚାରିଲେ—

"ସେହି ଯେ କଟକଟ ମଟମଟ ଉଷୁଦ କହିଲ, ଏ ସେହି ଉଷୁଦ ନା ?" ବୈଦ୍ୟ ହସି ହସି କହିଲା—"କଟକଟ ମଟମଟ ନୁହେଁ—କର୍କଟ ଯେ କଙ୍କଡ଼ା, ମର୍କଟ ଯେ ମାଙ୍କଡ଼, ତାହାର ପିତ୍ତ ଏ ଔଷଧରେ ପଡ଼େ ।"

ଉଷା—ଏଁ, କଙ୍କଡ଼ା ଢାଣି ଗଡ଼ିଆରୁ କଠା ଅଣ୍ଟାଳି ଆଣି ଚିପି ଦେଇ ପିତ୍ତ କାଢ଼ିଲ, ଆଉ ମାଙ୍କଡ଼ ପିତ୍ତ କିମିତି କାଢ଼ିଲ ? ମାଙ୍କଡ଼ଟାକୁ ପିଟି ମାରି ପକାଇଲ ନା କଅଣ ?

ବୈଦ୍ୟ—ନ ମାରିଲେ ହବ କିମିତି ? ବୈଦ୍ୟ ହବା କଅଣ ଥଟ୍ଟା ତାମସା କଥା ! ଏତେ ବୈଦ୍ୟ ତ ଅଛନ୍ତି, ବଟୁଆ ଝୁଲେଇ ଚାଲିଛନ୍ତି, ଅଚ୍ଛା ଭଲା ପଚାରନ୍ତି ଯାଇ—ଏ ଔଷଧର ନାଁ କେହି ଜାଣନ୍ତି ନା ? ଖାଲି ଭଣ୍ଡଗୁଡ଼ାକ, ବୈଦ୍ୟ ନା ଯମଦୂତ । ଆଜ୍ଞା ଭଲା ଶଙ୍କର ଯୋଗୀ ଆଗରେ କିଏ କଥା କହିବ—ଏତେ ବାପର ପୁଅ କିଏ ଅଛି ଦେଖିବା ! ଏଗୁଡ଼ାକ ତିନି ଜନ୍ମଯାଏଁ ମୋ ପାଖରୁ ପାଠ ପଢ଼ିଲେ ସରିବ ନାହିଁ । ସେ ଦିନ କଅଣ ହେଲା, ଶୁଣିବ ? ଆମେ ତ ଯୋଗୀ, ସନ୍ନ୍ୟାସୀ ଜାତି, ଭିକ ମାଗିବା ଆମର ଧର୍ମ । ଯେତେ ସଂପତ୍ତି ଥାଉ ପଛକେ ଭିକ ନ ମାଗିଲେ ଆମର ଅଧର୍ମ ହେବ । ସେଦିନ ଆର ସାହିକି ଭିକ୍ଷା କରିବାକୁ ଯାଇଥିଲି । ମକଦମ ଘରେ ପହଞ୍ଚି କେଦାର ରାଗ'ରେ ପଦେ ଗୀତ ଗାଇଲାକ୍ଷଣି ବୁଢ଼ୀ ସାଆନ୍ତାଣୀ ଭିକ ଆଣି ଦିଅନ୍ତି । ସେଦିନ ଘଡ଼ିଏଯାଏଁ କେହି ଶୁଣିଲେ ନାହିଁ । ଘର ଭିତରେ ଗୋଳମାଳ ଶୁଭୁଥାଏ । ମକଦମଙ୍କ ସାନପୁଅଟି ଦାଣ୍ଡରେ ଖେଳୁଥିଲା । ତାକୁ ପଚାରିଲି । ସେ କହିଲା—"ବାବାଙ୍କୁ ଜର, ଚାରି ପାଞ୍ଚ ଜଣ ବଇଦ ତାଙ୍କ ପାଖରେ ବସିଛନ୍ତି ।" ଏହା ଶୁଣି ମୁଁ ଭିତରକୁ ଯାଇ ଦେଖିଲି, ମକଦମ ଖଟରେ ଶୋଇଛନ୍ତି । ଚେତନା ଚେତେ ନାହିଁ, କି ଆଖି ବି ଫିଟୁ ନାହିଁ । ବୈଦ୍ୟମାନେ କି ଔଷଧ ଦେବେ ବୋଲି ବଡ଼ ଭାବନାରେ ପଡ଼ିଛନ୍ତି । ମୋତେ ଦେଖି ଜଣେ କହିଲା—'ହେଇଟି ଶଙ୍କରନାଥ ବି ଆସିଲାଣି ।' ଆଉ ଜଣେ କହିଲା, 'ଶଙ୍କରନାଥ ଆମରି ପରି ଜଣେ ନା ଆଉ କିଛି ବଡ଼ ?' ଏ କଥାଟା ମୋତେ ବଡ଼ ବାଧିଲା । ମୁଁ କିଛି ନ କହି ବଟୁଆରୁ ବଟିଟିଏ ବାହାର କରି ସେଥିରୁ ଫାଳେ ଖାଇବାକୁ ଦେଲି । ସେ ବଟି ପେଟରେ ପଡ଼ିଲାକ୍ଷଣି ମକଦମ ଡାହାଣ ଆଖି ମେଲି ଚାହିଁଲେ; ଆଉ ତାଙ୍କ ଡାହାଣ ପଖଟାଯାକ ଶୀତଳ ହୋଇ ଆସିଲା । ତହୁଁ ମୁଁ ବୈଦ୍ୟମାନଙ୍କୁ କହିଲି—"ମୁଁ ଫାଳେ ଜ୍ୱର ଛଡ଼ାଇ ଦେଲି, ତୁମ୍ଭେମାନେ ମିଶି ଆରଫାଳକ ଛଡ଼ାଇ ଦିଅ ।" ଏହା ଶୁଣି ସମସ୍ତଙ୍କ ମୁହଁ କଳା ପଡ଼ିଗଲା; ପାଟିରୁ "ଉଁ କି ଚୁଁ" କଥା ବାହାରିଲା ନାହିଁ । ସେଇଠୁଁ ମୁଁ ଆର ବଟି ଫାଳକ ଦେଲି । ମକଦମ ତାହା ଖାଇ ଧଡ଼କରି ଉଠି ବସିଲେ; ଆଉ ମୋତେ ଟାଣି ନେଇ ପାଖରେ ବସାଇ କହିଲେ—"ଶଙ୍କର, ତୁ ଆଜି ମୋତେ ବଞ୍ଚେଇ ଦେଲୁ—ତୁ କଅଣ ନେବୁ କହ । ତୁ ଯାହା କହିବୁ, ମୁଁ ତାହା ଦେବି ।" ମୁଁ କହିଲି—"ଅବଧାନ, ତମ ଘର ଭିକମୁଠାକ ତ ମୋର ଆଶ୍ରା; ଆଉ କହିବି ପୁଣି କଅଣ ?" ମକଦମ ମୋତେ ଲୁଗା ଯୋଡ଼େ ଆଉ ପାଞ୍ଚଟଙ୍କା ଦେଇ ବିଦା କରିଦେଲେ । ଏହା ଦେଖି ବୈଦ୍ୟଗୁଡ଼ାକ କିଏ କୁଆଡ଼େ ପଳାଇଲେ, ତାହାର ପତ୍ତା ମିଳିଲା ନାହିଁ । ରୋଗ ଚିହ୍ନିଲେ ହେବ, ନା ଖାଲି ବୈଦ୍ୟ ହୋଇ କଅଣ ହେବ ? ଏହି ଯେ ମହାଜନଙ୍କର ଜର, ତାହାର ଲକ୍ଷଣ କେହି କହି ପାରିବେ ? ଜରରେ ତାଙ୍କର ଗୋଡ଼ହାତ ଘୂରେଇ ହେଉଥିବ—ମୁଣ୍ଡ ବିନ୍ଧୁଥିବ—ଆଖି ଫାଟି ପଡ଼ୁଥିବ—ନାକ ଧକ୍‌ଧକ୍ ହେଉଥିବ—ପେଟ ଟାଣୁଥିବ, ଆଉ ମନ ଛଟ ଛଟ ହେଉଥିବ ।" ବୈଦ୍ୟର କଥା ନ ସରୁଣୁ ଦାସେ କହିଲେ—"ହଁ ରେ ଶଙ୍କରୁ, ତୁ ଯାହା କହିଲୁ, ତାହା ଠିକ୍ । ତୋତେ ମୁଁ ଖୁସି କରି ଦେବି, ତୁ ମୋତେ ଭଲ କରି ଦେ ।" ଏହା ଶୁଣି ବୈଦ୍ୟ ମନେ ମନେ କହିଲା—"ଆଉ ଅଧିକ କିଛି ନ ଦିଅ ପଛକେ, ଅଠଦିନ ତଳେ ଚଂପାକଢ଼ୀମାଳ ବନ୍ଧା ଦେଇ ଯେଉଁ ତିନି ଟଙ୍କା ନେଇଛି, ତେତିକ ଛାଡ଼ିଦେଲେ ମୋର ଆନନ୍ଦ । ଆଉ ତମେ କିଛିଦିନ ବିଛଣାରେ ପଡ଼ି ନ ରହିଲେ କି ସହଜରେ ତମଠାରୁ ପଇସା ବାହାରିବ ! ମୋ ହାତରେ କିଛିଦିନ ଆଗେ ଜର ଲୁଅ—ମୁଁ ବି ସେହିପରି ଔଷଧ ଦେଉଛି ।" ଅନନ୍ତର ପ୍ରକାଶରେ କହିଲା—"ତମ କଥାରେ ମୋର ହେଲା ଅଛି ନା ?

ଦୁଇଟା ଦିନ ମଧ୍ୟରେ ଯେବେ ଜ୍ୱର ଛଡ଼ାଇ ନ ଦେବି, ମୋ ନା ଶଙ୍କରନାଥ ନୁହେଁ ।" ଏହା କହି ବୈଦ୍ୟ ବିଦାୟ ନେଲା ।

ବୈଦ୍ୟର ଅମୃତହସ୍ତ ଗୁଣରୁ ହେଉ ବା ଔଷଧ ଗୁଣରୁ ହେଉ, ଜର ଆଉ ଦାସଙ୍କୁ ଛାଡ଼ି ଅନ୍ୟତ୍ର ଯିବାକୁ ଇଚ୍ଛା କଲା ନାହିଁ । ସମୟ ସମୟରେ ଦାସଙ୍କର ମୂର୍ଚ୍ଛା ହେବାର ଉପକ୍ରମ ହେଲା । ଉଷା ଅତି କାତର ହୋଇ ପଡ଼ିଲେ । ବାତ୍ୟା-ବିକ୍ଷୁବ୍ଧ ସମୁଦ୍ର ପ୍ରାୟ ତାଙ୍କର ହୃଦୟ ଘନ ଘନ ଆଲୋଡ଼ିତ ହୋଇ ଉଠିଲା । ପ୍ରତିବେଶୀମାନେ ଡାକ୍ତର ଡାକିବାକୁ ଉପଦେଶ ଦେଲେ । ଉଷା ଶ୍ୟାମାକୁ ଅଠଅଣା ପଇସା ଦେଇ ଡାକ୍ତର ପାଖକୁ ପଠାଇଲେ । ଶ୍ୟାମା ଯାଇ ଡାକ୍ତରଙ୍କୁ ରୋଗର ବିବରଣ ଏବଂ ରୋଗୀର ଅବସ୍ଥା ଜଣାଇଲା । ମାତ୍ର ଡାକ୍ତର କହିଲା—"ଟଙ୍କାଏ ଭିଜିଟ୍ ନ ଦେଲେ ମୁଁ ଯାଇ ପାରିବ ନାହିଁ; ଅଠଅଣା ପଇସାପାଇଁ ଦେଢ଼କୋଶ ବାଟ ମୋର କିଏ ଯିବ ?" ତହୁଁ ଶ୍ୟାମା ଫେରି ଆସି ମାଉସୀଙ୍କୁ କହିଲା, "ଡାକ୍ତର ଆସିଲା ନାହିଁ; ସେ କହିଲା—ଟଙ୍କାଏ ନ ନେଲେ ଏତେ ବାଟ ଆସିପାରିବ ନାହିଁ ।" ଉଷା କିଛିକ୍ଷଣ ଶ୍ୟାମା ମୁହଁକୁ ଉଦାସନେତ୍ରରେ ଅନାଇ କହିଲେ—"ଏତେ ବାଟ କେତେ ରେ ? ବାଟ ଚାରିପାହୁଲ ଆସିବାକୁ କଅଣ ତାର ଗତର ଛିଡ଼ି ପଡ଼ିବ, ନା ସିଧା ଦିହକୁ ବାଧିଯିବ ? ତେବେ ତୁ ଆଉ ଅଠଅଣା ନେଇ ଯା । ଆଉ ଗୋଟେ କଥା କରିବୁ—ଚାରିଅଣା ପଇସା କୁଅଁକାନିରେ ବାନ୍ଧି ନାହି ମୁଣ୍ଡରେ ଖୋସି ଦେଇ ଥା । ଆଗେ ବାରଅଣା ଦେବୁ, ସେଥିରେ ଯେବେ ସେ ଡାକୁଣୀଟିଆ ନ ମଙ୍ଗେ; ତେବେ ଆଉ ଚାରିଅଣା ଦେଇ ଡାକି ଆଣିବୁ । ତା' ଘରକୁ କଅଣ ରୋଗ ବୈରାଗ ଯାଏ ନାହିଁ—ସେ କଅଣ ସବୁଦିନେ ଲୁହାରେ ମୁଣ୍ଡ ବାନ୍ଧି ରହିଥିବ ? ଅନ୍ୟାୟ କରି ଅଲପାଇଷ କେତେଦିନ ବଞ୍ଚିବ ? ଅସତ୍ ଧନ ଅଗ୍ନି ଖାଇଯିବ ।" ଶ୍ୟାମା କହିଲା "ଏ ତ ଅଚ୍ଛା ବୁଦ୍ଧି, ଚାରି-ଅଣା ଲୁଚାଇ ରଖି ପଛରେ ଦେଲେ ସେ କହିବ, ମତେ ବାରଅଣା ମାତ୍ର ନେବାପାଇଁ ତୁ ଏ ଚାତୁରୀ ଖେଳୁ-ଥିଲୁ । ସେତେବେଳେ ଦୋଷ ମୋର ହେବ । ସେ ତ ଏ ଗାଁରେ ଯାହା ଘରକୁ ଆସିଲେ ଟଙ୍କାଏ ନିଏ; ଆଜି ତମଠୁଁ ବାରଅଣା ନେବ ?" ଉଷା ଈଷତ୍ ରୁଷ୍ଟ ସ୍ୱରରେ କହିଲେ—"ସେ ତାହା କାହୁଁକି କହିବ ? ତୁ ଆଗେ ବାରଅଣା ଦେଇ ଦେଖିବୁ, ସେ ଯେବେ ନ ଆସେ, ତେବେ ଆଉ ଚାରିଅଣା ଦେଇ କହିବୁ ଔଷଧଖର୍ଚ୍ଚ ଲାଗି ଏହି ଚାରିଅଣା ଅଲଗା ଦେଇଛନ୍ତି । ନିର୍ବୁଦ୍ଧି ଅଠା, ତୋର ଦୋଷ କାହିଁକି ହେବ ?" ଶ୍ୟାମା ମନେ ମନେ ମାଉସୀଙ୍କ ବୁଦ୍ଧିର ପ୍ରଶଂସା କରି ପୁନଶ୍ଚ ଡାକ୍ତର ଡାକିବାକୁ ଗଲା । ମାତ୍ର ମାଉସୀଙ୍କ କହିଲା ପରି ଏତେ ଛନ୍ଦ ଫିକର ନ କରି ଡାକ୍ତର ଆଗରେ ଟଙ୍କାଟି ଥୋଇ ଦେଲା । ଏଥର ଡାକ୍ତର ଆଉ ମନା ନ କରି ଶ୍ୟାମା ସଙ୍ଗରେ ଆସିଲା ।

ଡାକ୍ତର ପହିଲ ସାହୁ ଜାତିରେ ତେଲୀ । ବୟସ ପ୍ରାୟ ପଚିଶ କି ଛବିଶ ହେବ । ସେ କଂପାଉଣ୍ଡରୀ ପାସ୍ କରି ଔଷଧପତ୍ର କିଣି ଆଣି ଘରେ ରହି ବ୍ୟବସାୟ କରେ । ତାହାର ସ୍ୱଭାବ ଟିକିଏ ଅତିରଞ୍ଜନପଟୁ । ମୁଣ୍ଡବ୍ୟଥା ପାଖରୁ ପେଟଟଣାଯାଏ ସେ ସବୁ ରୋଗରେ ହାର୍ଟ୍‌ଫେଲ୍ ହେବାର ସ୍ୱପ୍ନ ଦେଖେ । ରୋଗୀ ଦେଖି-ବାକୁ ଆସିଲେ ଅତି ସାବଧାନ ହୋଇ ଆସେ—ଦେହରେ ତିନି ଚାରିଟା କୋଟ୍ ଘୋଡ଼ି ହୋଇ ମୁଣ୍ଡରେ ଟୋପି ଦେଇ ଏବଂ ଗୋଡ଼ରେ ଜୋତା ମୋଜା ପିନ୍ଧି ରୋଗୀ ପାଖକୁ ଆସେ । କେବଳ ଏତିକି ନୁହେଁ, ଲୁଗାରେ ଅତର ଏବଂ ଏସେନ୍ସ ଛିଞ୍ଚା ହୋଇଥାଏ । ଏତେ ସାବଧାନତା ସତ୍ତ୍ୱେ କାଳେ ରୋଗିଦେହର ବିଷାକ୍ତ ବାଷ୍ପ ଅନ୍ୟ ବାଟ ନ ପାଇ ଆଖିବାଟେ ତାହା ଦେହ ଭିତରକୁ ଚାଲିଯାଏ, ସେଥିପାଇଁ ସେ ଯୋଡ଼ାଏ ମୋଟା ଚଷମାରେ ଚକ୍ଷୁ ଆବୃତ କରିଥାଏ । ଡାକ୍ତର ଆସି ଦାସଙ୍କର ନାଡ଼ୀ ପରୀକ୍ଷା କରି ଦଣ୍ଡେ ଯାଏ ସ୍ତବ୍ଧ ହୋଇ ଠିଆ ହେଲା । ତହୁଁପରେ ପଚାରିଲା—"ଆଉ କେହି ଔଷଧ ଦେଇଥିଲା କି ?" ଶ୍ୟାମା କହିଲା—"ଶଙ୍କରନାଥ କି ଚୂର୍ଣ୍ଣ ଦେଇଥିଲା ।" ଡାକ୍ତର ବିକୃତ ମୁଖଭଙ୍ଗୀ କରି କହିଲା—"ସେହି ତ ରୋଗ ବିଗାଡ଼ି ଦେଇ ଯାଇଛି, ସେ ମୂର୍ଖଟା କଅଣ ଜାଣେ ? ଅଚ୍ଛା, ଚଞ୍ଚଳ ଜଣେ ଭିସ୍ତାସେରି ଡାକିଆଣ; ରୋଗୀର ମୁଣ୍ଡ

ଶୌଚ କରି ପାଣି ଢାଳିବାକୁ ହେବ ।" ଉଷା କହିଲେ—"ଛତୁଆ ମଲୁ; ମୁଣ୍ଡରେ ପାଣି ଢାଳିବ, ସନ୍ନିପାତ ହୋଇଯିବ ନାହିଁ କି ?" ଡାକ୍ତର କହିଲା—"ତାହା ନ କଲେ ହାର୍ଟଫେଲ୍ ହୋଇଯିବ ।" ଏହା କହି ଜ୍ୱରର ମାପକାଠି ଥାର୍ମୋମିଟର ଯନ୍ତ୍ର ପକେଟରୁ ବାହାର କରି ତାହା କାଖସନ୍ଧିରେ ଯାକିବାକୁ ରୋଗୀକୁ କହିଲା । ଡାକ୍ତର ପ୍ରଥମ ଥର ନ ଆସି ଆଠ ଅଣା ସ୍ଥଳରେ ଟଙ୍କାଏ ନେବାରୁ ଏକେ ତ ତାହା ପ୍ରତି କ୍ରୋଧରେ ଉଷାଙ୍କର ହାତ କଳିଯାଉଥିଲା; ତାହା ଉପରେ ଜ୍ୱରକାଠି ଦେଖି ଗର୍ଜି ଉଠି ସେ କହିଲେ—"ଏ କି ନବରଙ୍ଗ, ପଇସା ଖାଇବାର ଖେଳ ନା କଅଣ ? ଛତୁଆ ମଲୁ, ମୁଣ୍ଡରେ ପାଣି ଢାଳିବ, କାଠିରେ ଜର ମାପିବ, ଏହି ଡାକ୍ତର ନା ଆଉ କିଛି ? ଏଥିଲାଗି ପୁଣି ରୋଗୀ ନ ଦେଖୁଣୁ ଅଗତୁରା ଟଙ୍କେ ! ନା, ନା, ସେଖଣ୍ଡ କି ହାଡ, ନା କାଠି, ତାଙ୍କ ଦେହରେ ଲଗାଅ ନାହିଁ, କି ମୁଣ୍ଡରେ ପାଣିଫାଣି ଢାଳ ନାହିଁ ।" ଡାକ୍ତର କହିଲା—"ତାହା ନ କଲେ ହାର୍ଟଫେଲ୍ ହେବ ଯେ ।" ଉଷା କହିଲେ—"କଅଣ ହାଟଫଲ ହେବ ? ଜର ତ ହେଉଛି; ଆଉ ହାଟଫଲ ଗୋଟେ ପୁଣି କଅଣ ?" ଡାକ୍ତର ଟିକିଏ ମୁରୁକି ହସି ସ୍ୱାମୀକୁ ଅନାଇ କହିଲା—"ସ୍ତ୍ରୀଲୋକ କି ନା, ବୁଝିପାରୁ ନାହାନ୍ତି ।" ପରେ ଉଷାଙ୍କୁ ଲକ୍ଷ୍ୟ କରି କହିଲା, "ହାର୍ଟଫେଲ୍ କଅଣ କି, ଦମ୍ ବନ୍ଦ ହୋଇଯିବ । ଆଉ ଏ ଯନ୍ତ୍ରକୁ ଛୁଇଁଲେ ବି କିଛି ଦୋଷ ନାହିଁ । ଦେହରେ କେତେ ତାପ ଅଛି, ତାହା ଏଥିରେ ଜଣାଯାଏ । ଏହା କାଚର ନଳ—ହାଡ ନୁହେଁ, କି କାଠ ନୁହେଁ । ଏହି ଦେଖ, ପାରା ଏହି ଯନ୍ତ୍ରର ଏହିଠାରେ ଥିଲା; ଏବେ ଏତେ ଉପରକୁ ଉଠିଗଲା ।" ଅନନ୍ତର ଯନ୍ତ୍ରଟି ଉଷାଙ୍କ ପାଖକୁ ନେଇ-ଯାଇ କହିଲା—"ପାରା ଏହିଠାରୁ ଏତେ ଛାଡିଗଲା, ଏହି ଦାଗଠାରୁ ଏହି ଦାଗଯାଏଁ ଯେତେ, ଦେହରେ ତେତେ ତାପ ଅଛି ।" ଉଷା କହିଲେ—"ତାପ କଅଣ ଏତେ ବହଳରେ ଦେହ ଉପରେ ବସିଯାଇଛି, ନା ତମେ ମାପି ପକେଇଲ ? ମୁଁ ସେ ଯନ୍ତ୍ରଫନ୍ତ୍ର ଜାଣେ ନାହିଁ । ବଇଦ ସିନା ନାଡୀ ଦେଖି ଛୁତ ଦେଖି ଉଷୁଦ ଦଅନ୍ତି; ଆଉ ପଣ୍ଡାକାରେ ଜମି ମାପିଲା ପରି କାଠିରେ କିଏ ଜର ମାପେ ? ତମେ ନାଡୀ ଦେଖି ଉଷୁଦ ଦବ ତ ଦିଅ, ନ ହେଲେ ଚାଲିଯାଅ, ଟଙ୍କାଟା ପଛକେ ଖାଇଲ ତ ଖାଇଲ । ଧର୍ମ ଥିଲେ ବୁଝାମଣା କରିବ ।" ଡାକ୍ତର ଉଷାଙ୍କର ତଙ୍ଗତାଙ୍ଗ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ମନେ ମନେ କହିଲା—"ମୁଁ ଢେର ମାଇକିଣା ଦେଖିଛି; ମାତ୍ର ଏଭଳି ମାଇକିଣା ଦେଶ ଦୁନିଆରେ ଦେଖି ନାହିଁ । ଏ ମାଇକିଣାଟା ତ ମର୍ଦ୍ଦଙ୍କର ବାପ; ଏହାର ଆଖି କାନ ଫୁଟା କରୁଛି ।" ଡାକ୍ତର ଛ ପୁଡିଆ ଔଷଧ ପକେଟରୁ ବାହାର କରି ସ୍ୱାମୀ ହାତରେ ଦେଇ କହିଲା—"ଏହାକୁ ଥରକେ ଗୋଟାଏ ଲେଖାଏଁ [illegible] ପାଣିରେ ଦିନରେ ତିନି ଥର କରି ଖୁଆଇବ ।" ଏହା କହି ପ୍ରସ୍ଥାନ କଲା ।

ଡାକ୍ତରୀ ଔଷଧରେ କିଛି ଫଳ ହେଲା ନାହିଁ । ଆଉ ଔଷଧ ବା କଅଣ କରିବ ? ଔଷଧ ସିନା ପ୍ରାକୃତିକ କ୍ରିୟାର ସହାୟ କରେ । ରୋଗ ଅସାବଧାନତାର ଶାସ୍ତି । ସେହି ଶାସ୍ତି ଭୋଗ ପରେ ପ୍ରକୃତି ଆପେ ଆପେ ରୋଗ ଭଲ କରିଦିଏ । ଯେଉଁ ପ୍ରକୃତି ଭାଙ୍ଗେ, ସେହି ପୁଣି ଗଢିଦିଏ; ସେହି ରୋଗ ଆଣିଦିଏ—ଯଥା-ସମୟରେ ସେହି ଭଲ କରିଦିଏ । ଔଷଧ ଉପଲକ୍ଷ୍ୟ ମାତ୍ର । ପ୍ରକୃତିଠାରୁ ବଳି ବୈଦ୍ୟ ନାହିଁ; ସାବଧାନତା ପରି ଔଷଧ ନାହିଁ । ସ୍ଥାନୀୟ ଅପର ପ୍ରାଇମେରୀ ସ୍କୁଲର ଶିକ୍ଷକଙ୍କ ନାମରେ ଖଣ୍ଡେ କି ଓଡିଆ ଖବରକାଗଜ ଆସେ । ସ୍ୱାମୀ ଥରେ ସେହି କାଗଜରେ ଜ୍ୱରର କେତେଗୁଡିଏ ମୁଷ୍ଟିଯୋଗ ପଢିଥିଲା । ତାହା ସାଧାରଣ ଜ୍ୱରର ଔଷଧ ନୁହେଁ—ପାଳିଜ୍ୱରର ଛୁଟୁକା । ଦାସ-ଙ୍କର ଜ୍ୱର କିଛିଦିନ ପରେ ପାଳିଜ୍ୱରରେ ପରିଣତ ହେଲା । ସ୍ୱାମୀ ସେହି ମୁଷ୍ଟିଯୋଗ ପ୍ରୟୋଗ କଲା । ତାହା ଅନ୍ୟ କିଛି ନୁହେଁ—ଗୋଟାଏ ଉଦ୍‌ଭିଦର ମୂଳ । ଜ୍ୱର ପାଳିଦିନ ସେହି ମୂଳ ଆଣି ତାହାକୁ ସାତଖିଅ ଲାଲସୂତାରେ ବାନ୍ଧି କଟିଦେଶରେ ବାନ୍ଧିବାକୁ ହୁଏ । ସେହି ଔଷଧ ଗୁଣରେ ହେଉ ବା ଦାସଙ୍କ ସୌଭାଗ୍ୟର ଆଶୀର୍ବାଦ ଫଳରେ ହେଉ, ଛୁଟୁକା ପ୍ରୟୋଗ ପରେ ଦାସଙ୍କୁ ଆଉ ଜ୍ୱର ହେଲା ନାହିଁ । କଥାରେ କହନ୍ତି—ଦାରୁ ଲାଗେ ନାହିଁ, ଦୁଆ ଲାଗେ । ଅନେକ ସ୍ଥଳରେ ଦେଖାଯାଏ—

ବଡ ବଡ ଔଷଧ ସେଉଁଠାରେ ପରାସ୍ତ ହୁଏ, ସାମାନ୍ୟ ଲୁଟୁଡ଼ିରେ ସେ ରୋଗ ଭଲ ହୋଇଯାଏ । ଦ୍ରବ୍ୟଗୁଣର ମାହାତ୍ମ୍ୟ ଅସାଧାରଣ । ଯାହାକୁ ହେୟ ଜ୍ଞାନ କରାଯାଏ, ସମୟରେ ତାହା କୋଟିଏ ଟଙ୍କାର ଉପକାରରେ ଆସେ । ଦାସଙ୍କର ଶରୀରରେ କ୍ରମଶଃ ନବବଳର ସଞ୍ଚାର ହେଲା । ଗ୍ରୀଷ୍ମତାପଦଗ୍ଧ ନିଷ୍ପତ୍ର ତରୁ ନବବର୍ଷାର ଅମୃତ ଜଳ ପାନ କରି ପୁଷ୍ପପଲ୍ଲବରେ ଶୋଭିତ ହେଲା ପ୍ରାୟ ଛ ମାସ ମଧ୍ୟରେ ଦାସଙ୍କର ନଷ୍ଟ ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ଫେରି ଆସିଲା । ଏହି ଉପକାର ହେତୁ କିଛି ଦିନଯାଏ ଶ୍ୟାମାର କିଞ୍ଚିତ୍ ଭାଗ୍ୟୋଦୟ ହୋଇଥିଲା । ମାଉସୀଙ୍କର ପୂର୍ବ ପ୍ରଦତ୍ତ ବିଶେଷଣ ତାହା ପ୍ରତି ପ୍ରଯୁକ୍ତ ହେଲା ନାହିଁ । ମାତ୍ର ସେ ଭାବ ଅଧିକ ଦିନ ସ୍ଥାୟୀ ହେଲା ନାହିଁ । ପାପିହୃଦୟର କ୍ଷଣିକ ଧର୍ମଭାବ ପରି ଉଦୟର ପର ମୁହୂର୍ତ୍ତରେ ତାହା ବିଲୟ ଭଜିଲା । ପୂର୍ବ ପରି ମାଉସୀ ସେହି ପ୍ରିୟ ବିଶେଷଣ-ଗୁଡ଼ିକ ପୁନଶ୍ଚ ଶ୍ୟାମା ପ୍ରତି ପ୍ରୟୋଗ କଲେ । ଏ ସଂସାର ଏହିପରି, ଏଠାରେ ଉପକାରର ପ୍ରତ୍ୟୁପକାର ସୁଲଭ ନୁହେଁ; ଲାଞ୍ଛନା ହିଁ ସୁଲଭ । ଯେଉଁ ପାଷଣ୍ଡ ଉପକାର ଗ୍ରହଣ କରି ଶିଶୁପରି ମୁହୂର୍ତ୍ତକେ ଭୁଲିଯାଏ, ସେ ଉନ୍ମାଦ-ଗ୍ରସ୍ତ କିମ୍ବା ହୃଦୟ ବୋଲିବା ପଦାର୍ଥ ତାହା ଶରୀରରେ ନାହିଁ । ସେ ପଶୁଠାରୁ ଅଧମ ଏବଂ ଅମେଧ୍ୟଠାରୁ କୋଟି ଗୁଣ ଘୃଣ୍ୟ । ତାହାର ନାମୋଚ୍ଚାରଣ ପାପଜନକ ।

## ନବମ ପରିଚ୍ଛେଦ

ସୁଭଦ୍ରା ଶ୍ୟାମାକୁ ଶ୍ୟାମାଭାଇ ବୋଲି ଡାକେ ଏବଂ ଅନ୍ତରରୁ ଭଲ ପାଏ । ସେ ଶ୍ୟାମାର କାଖରେ ବଢ଼ିଅଛି । ସୁଭଦ୍ରା ବର୍ତ୍ତମାନ ଶିଶୁ ନୁହେଁ—ସେ ବଢ଼ିଗଲାଣି । ସେ ତାହାର ବାଲ୍ୟକାଳର ବାହନ ଏବଂ କ୍ରୀଡ଼ାର ସଙ୍ଗୀ, ତାକୁ ସେ ଭଲ ନ ପାଇବ ବା କିପରି ? ଜନନୀ ଯେତେବେଳେ ଶ୍ୟାମାକୁ କଠୋର ଉଷ୍ମ ଭର୍ତ୍ସନାରେ ଅଭ୍ୟର୍ଥନା କରନ୍ତି; ସୁଭଦ୍ରା ସେତେବେଳେ ମୁହଁଟି ଶୁଖାଇଦିଏ ଏବଂ ମନେ ମନେ ଜନନୀଙ୍କ ପ୍ରତି ବିରକ୍ତ ହୁଏ । ଦିନେ ଦାସଦଂପତି ଘରେ ବସି ଖୋସ-ଗଳ୍ପରେ ନିଯୁକ୍ତ ଥିଲେ । କନ୍ୟା ସୁଭଦ୍ରା ପାଖରେ ବସିଥିଲା । ସେ ମାକୁ କହିଲା—"ମା, ତୁ ଶ୍ୟାମାଭାଇକି ଏତେ ଗାଳି ଦେଉ କାହିଁକି ? ମୁଁ ଢେର ଥର ଦେଖିଛି —ତୁ ଗାଳିଦେଲେ, ସେ ବାଡ଼ିଆଡ଼େ ଯାଇ କାନ୍ଦେ ।" ଉଷା କନ୍ୟାର ଏ ଅପ୍ରତ୍ୟାଶିତ କଥା ଶୁଣି ଈଷତ୍ କ୍ରୁଦ୍ଧ ସ୍ୱରରେ କହିଲେ—"ହଁ ଲୋ ଗେହ୍ଲେଇ-ଚୁଲେଇଟା, କେତେ ବଢ଼େଇ ଚଢ଼େଇ କଥା କହୁଚୁ ! ମୁଁ ତାକୁ ଇମିତି ଚେଙ୍କେ ଦିଏଁ ଯେ, ସେ ବାଡ଼ିଆଡ଼କୁ ଯାଇ ଆଖିରୁ ଲେମ୍ବୁରସ ଗଡ଼େଇ ପକାଏ ।" ଅନ୍ୟ କେହି ଏପରି କଥା କହିଥିଲେ, ଉଷା ତାହାର ମହତ ସାରି ଦେଇଥାଆନ୍ତେ; ମାତ୍ର ଆଉ କେହି କହି ନାହିଁ —କନ୍ୟା କହୁଛି । ସ୍ନେହର ଯନ୍ତ୍ରଣା ତ ସହିବାକୁ ହୁଏ; ସୁତରାଂ ଅଧିକ କିଛି ନ କହି ଏତିକି ମାତ୍ର କହି ମୁହଁ ଭାରି କରି ତୁନି ହେଲେ । କନ୍ୟାଟି ମଧ୍ୟ ଛାଡ଼ିବାର ପାତ୍ରୀ ନୁହେଁ—ସେ ଉତ୍ତରାଧିକାରିଣୀ-ସୂତ୍ରରେ ଜନନୀର ଗୁଣ ପ୍ରାପ୍ତ ହୋଇଅଛି । ସେ ପୁନଶ୍ଚ କହିଲା—"ତୁ ତାକୁ କାହିଁକି ଗାଳି ଦେଉ ? ସେ ତ ଆମ ଘରେ ଏତେ କାମ କରେ; ଗାଳିଦେଲେ ତାକୁ ବାଧିବ ନାହିଁ ?" ମାତା ଝଙ୍କାର ଦେଇ କହିଲେ—"ତୋହରି ପରି ଗେଲହେମାଦେଇକି ଫୁଲପାଣି ଯିମିତି ବାଧେ, ସିମିତି ତାକୁ ବାଧି ଯାଉଛି । ତାକୁ ନ ବାଧୁ ପଛକେ ତୋତେ ଆଗେ ବାଧି ଯାଉଥିବ । କଥା କହିବାର ସାଠଣା ଦେଖ ।" ମାତା-ପୁତ୍ରୀର କଥୋପକଥନ ଶୁଣି ଦାସେ ହୋ ହୋ କରି ହସିଉଠି କହିଲେ—"ଝିଅ ଯାହା କହିଲା ସତ, ତମେ ତାକୁ ଗାଳିଦିଅ ନାହିଁ ନା ? ପର ପୁଅକୁ ସବୁବେଳେ ଉଠୁଣୁ ବସୁଣୁ ଏପରି ଗାଳିଦେବା ଭଲ ନୁହେଁ ।" ଉଷା କ୍ରୋଧମିଶ୍ରା ବିଦ୍ରୂପ ସ୍ୱରରେ କହିଲେ—"ନା, ଏଣିକି ଆଉ ଗାଳି ଦେବ ନାହିଁ—ଦୁବ ବରକୋଳି ପତ୍ର ଦେଇ ପୂଜା କରିବ ! ହାତ ଯୋଡ଼ି କହିବ, ଠାକୁରେ, ଆସ—ଇଷ୍ଟଦେବତା, ଗୁରୁ ଗୋସାଇଁ, ଆସ, ତମକୁ ପିଢ଼ାପାଣି ଦେଇ ଫୁଲଚନ୍ଦନରେ ପୂଜା କରିବ ! ମୁଁ ସିନା ଗାଳିଦିଏଁ, ତମେ ଏବେ ମୁଣ୍ଡେଇ

କରି ବସ । ସ୍ୱାମୀ ଉପରେ ତ କାହିଁକି ଭାରି ମୁହଁ ଦେଖୁଛ । ଜର ଭଲ କରି ଦେଲା ବୋଲି କି ?" ଏହା କହି କାହ୍ନାଣେ ଛଅଟା ଡଗ ଉଚ୍ଚାରି ପକାଇଲେ । ସ୍ତ୍ରୀମାନେ ସ୍ୱଭାବତଃ ପଦ୍ୟପ୍ରବଣ ଜୀବ; ସେମାନେ ଯୋଗୀ ଭିକାରୀ ଗୀତ ଶୁଣିବାକୁ ଭଲ ପାଆନ୍ତି ଏବଂ କଥା କଥାକେ ଛଅଟା ଡଗ ମେଲି ପଦ୍ୟପ୍ରିୟତାର ପରିଚୟ ଦିଅନ୍ତି । ବିଧାତା ସେମାନଙ୍କୁ ପଦ୍ୟ ଉପାଦାନରେ ସୃଷ୍ଟି କରିଅଛନ୍ତି । ସେମାନେ କବିତାର ସଜୀବ ସଚଳ ପ୍ରତିମା । ପହଲୀ ଯୋଟାରେ କବି, ମହାକବି, ଅତିକବି ସୁଦ୍ଧା ତାଙ୍କ ସରି ନୁହନ୍ତି । ଗଛ, ପତ୍ର, କାଣ୍ଡ, ବାଡ ସମସ୍ତଙ୍କୁ ଲକ୍ଷ୍ୟ କରି ସେମାନେ ଝୁଣ୍ଟେ ଝୁଣ୍ଟେ ପଦ୍ୟ ରଚନା କରିଯାଆନ୍ତି । ସେମାନଙ୍କ ପରି ଆଶୁକବି ମହୀମଣ୍ଡଳରେ ବିରଳ । କବିତା କଳାରେ ନିପୁଣ ହେବାରୁ ସେମାନଙ୍କର କଳାବତୀ ଆଖ୍ୟା ସାର୍ଥକ ହୋଇଅଛି । ଉପମା, ଉତ୍ପ୍ରେକ୍ଷା ତ ସେମାନଙ୍କର ଜିହ୍ୱାଗ୍ରରେ; ସେମାନଙ୍କର କ୍ରନ୍ଦନ ସୁଦ୍ଧା କବିତା । ଶ୍ୱଶୁରାଳୟକୁ ଯିବାବେଳେ ସେମାନଙ୍କର କବିତାଶକ୍ତି ଶତଗୁଣିତ ହୋଇଉଠେ । ରୂପକଥାରେ ତ ସେମାନେ ରୂପବତୀ । ସନ୍ଧ୍ୟାବେଳେ ଠାକୁରମାଙ୍କ ମୁଖକମଳ-ନିଃସୃତ ରୂପକଥା ଶୁଣିବାର ସୌଭାଗ୍ୟ ଯେଉଁମାନଙ୍କ ଜୀବନରେ ଘଟିଅଛି, ସେହିମାନେ ଏ ଉକ୍ତିର ଜୀବନ୍ତ ସାକ୍ଷୀ । ଦାସେ ସ୍ତ୍ରୀଙ୍କ ବିଦ୍ରୂପ ବାଣୀରେ କିଞ୍ଚିତ୍ ଅପ୍ରତିଭ ହୋଇ କହିଲେ—"ସ୍ୱାମୀ ଜ୍ୱର ଭଲ କରୁ ବା ନ କରୁ, ସମସ୍ତେ ତାହାରି ଛୁଟୁକାରେ ଜ୍ୱର ଭଲ ହେଲା ବୋଲି କହୁଛନ୍ତି ।" କ୍ରୁଦ୍ଧା ତରୁଣୀ ପତ୍ନୀ ଉଷା ପଁ କରି ଗୋଟିଏ ନିଃଶ୍ୱାସ ପକାଇ ଉଦାର ଗମ୍ଭୀର ସ୍ୱରରେ କହିଲେ—"ହଁ, ସ୍ୱାମୀ ଛୁଟୁକାରେ ଜର ଭଲ ହୋଇଗଲା ! ପଇସା କଉଡି ତ ମାଟି ଗୋଡି ପରି ମୁଠା ମୁଠା କରି ବୁଣିଲ—ବୈଦ୍ୟବଇଦ ବି ଛାଡି ଅଲଗା ହେଲେ, ବୁଢୀ ଡାକ୍ତର ତ ଏକା ଟଙ୍କେ ନେଲା, ପୋଡାମୁହାଁ ଶଙ୍କରା ଯୋଗୀ ଦୁଇ ଥରରେ ଛ ପଇସା ଲେଖାଏଁ ଶିଳଅଣା ନେଲା, ତାହାରି ଓଷୁଦରେ ତ କିଛି ହେଲା ନାହିଁ, ଆଉ ସ୍ୱାମୀ ଭଲ କରିଦେଲା ! 'ଢେଙ୍କି ପଡାରେ ବେକାରେ—ଛୁ କରି ମଣ୍ଡଳରେ ଲେଖାରେ ।' ବୋଲି କଲେ ପାଳୁରେ ବଲ କରି ଦେଲେ; ଆଉ କିଏ ଭଲ କରିବ ? ମୁଁ ନ ଖାଇ ନ ପିଇ କାନ୍ଦି କାଟି ଯେତେ ଠାକୁରଙ୍କୁ ଡାକିଛି, ମୁଁ ଜାଣେ କି ମୋର ମନ ଜାଣେ । ଯେତେ ଦିନଯାଏଁ ତମେ ଜରରେ ପଡିଲ, ସେତେ ଦିନଯାଏଁ ମୋ ପେଟକୁ ଦାନା ଯାଇ ନାହିଁ, କି ଆଖିକି ନିଦ ଆସି ନାହିଁ । କାନ୍ଦି କାନ୍ଦି ଆଖି ଦି'ଟା ତ ଗେଣ୍ଡା ପରି ଫୁଲିଗଲା । ଠାକୁରେ ମୋ ଗୁହାରି ଶୁଣିଲେ । ଦେବତା ଋଣରୁ ଆଜିଯାଏଁ ବି ମୁଁ ପାର ହୋଇ ନାହିଁ । ପୀରଙ୍କୁ ପଇସାକର ସିରିଣୀ ମନାସିଛି, ଜଗନ୍ନାଥମେଳା ସତ୍ୟଛି, ଗ୍ରାମଦେବତୀଙ୍କି ଛେଳିଆପଣା ଯାଚିଛି । କିମିତି ତାହା ସବୁ ଦେବି, ମୋତେ ବୁଦ୍ଧି ଦିଶୁ ନାହିଁ । ମନ ଯାହା ହେଉଛି, ତାହା ସେ ଦିନସାରା କରୁଛି, ସେ ଜାଣେ । ଆଉ କିଏ ଜାଣିବ ? କାନ୍ଦି କାନ୍ଦି ପୋଡା ଆଖିକି ବି ଭଲ ଦିଶୁ ନାହିଁ । ଯା' ହେଉ, ତମେ ଭଲ ହେଲ, ଏହା ମୋର ବଡ଼ାବଡ଼ଙ୍କ ଭାଗ୍ୟ । ମୋତେ ଦିଅଣା ପଇସା ଦିଅ, ମୁଁ ଏ ଦେବଋଣରୁ ପାର ହୁଏଁ; ତେବେ ଯାଇ ମୁଁ ଗଙ୍ଗାରେ ସ୍ନାତ ସିନାନ କଲା ପରି ମଣିବି ।"

ଏହି ସମୟରେ ଦାଣ୍ଡରେ କିଏ ଡାକିଲା—"ଦାସ ପୁଅ, ଏ ଆଡକୁ ଆସିବ ନା !" "ହଁ ଯାଉଛି" ବୋଲି କହି ଦାସେ ତରବର ହୋଇ ଉଠି ଆସିଲେ । ଦାଣ୍ଡ କବାଟ ଖୋଲି ଆଗନ୍ତୁକ ଉପରେ ଦୃଷ୍ଟି ପଡିବା ମାତ୍ରେ ସହାସ୍ୟ ବଦନରେ କହିଲେ—"କିଏ ହରି ବାବୁ, କି ବାପା, ଏତେବେଳେ କୁଆଡେ ?" ଆଗନ୍ତୁକ ଯୁବକ କହିଲା, "ତମରି ପାଖକୁ ଆସିଛି ।"

ଦାସେ—କି, କଥା କଅଣ ?

ଆଗନ୍ତୁକ—କଥା କଅଣ କି, ତଳ କୋର୍ଟରେ ତ ମୋର ଡିଗ୍ରୀ ହୋଇଥିଲା; ମାତ୍ର ଜଜ୍‌କୋର୍ଟରେ ସେ ରାୟ ଫେରିଗଲା । ତେବେ ମୋତେ ହାଇକୋର୍ଟ କରିବାକୁ ହେବ । ଓକିଲ ପାଖକୁ ଯାଇଥିଲି; ଏହି ବାଟେ ଆସେ ତମ, କଣ୍ଡକି ଆସିଲି—ଘରକୁ ବି ଯାଇ ନାହିଁ ?

ଦାସେ—ଓକିଲ କଅଣ କହିଲା ? ରାୟ ନକଲ ତାକୁ ଦେଇଥିଲ ନା ?

ଆଗନ୍ତୁକ—ମୁଁ ଯାଇ ପହଞ୍ଚିଥିଲା ବେଳେ ଓକିଲ ଖଣ୍ଡେ କି ଆଇନ ବହି ପଢୁଥିଲା । ମୋ ଆଗରୁ ପାଞ୍ଚ

ଛ ଜଣ ଯାଇ, କେହି ବସିଥିଲା, କେହି ବା ଠିଆ ହୋଇଥିଲା । ମୁଁ ସେମାନଙ୍କ ପାଖରେ ଯାଇ ଛିଡ଼ା ହେଲି । ଓକିଲ ମୋତେ ଟିକିଏ ଅନାଇ ଦେଇ ଆଉ କିଛି କହିଲା ନାହିଁ—ପୂର୍ବପରି ବହି ପଢ଼ି ରହିଲା । କିଛିକ୍ଷଣ ପରେ ଜଣେ ମୌକିଲ ତିନୋଟି ଟଙ୍କା ଅଣ୍ଟାରୁ କାଢ଼ି ତାହା ପାଖରେ ରଖିଦେଲା । ଓକିଲ ବହି ବନ୍ଦ କରି ତାହା ସଙ୍ଗରେ କଥାବାର୍ତ୍ତା କଲା—ମୋକଦ୍ଦମାର ହାଲ ବୁଝିଲା । ଓକିଲ ମୋତେ କଥା ନ କହିବାର କାରଣ ବୁଝି ପାରିଲି; ସବୁ ତ ପଇସାର ଖେଳ । ଯାହାହେଉ, ମୁଁ ବି ତିନି ଟଙ୍କା ଥୋଇଦେଲି । ତେତେବେଳେ ବେଞ୍ଚ ଉପରେ ବସିବାକୁ କହି ଗପ୍ପ ନକଲ ପଢ଼ିଲା । ପଢ଼ି ସାରି ନଥିଟା ଫୋପାଡ଼ି ଦେଇ କହିଲା—"ତଳ କୋର୍ଟର ଓକିଲ ଏ ମୋକଦ୍ଦମାଟା ମାଟି କରି ଦେଇଛି । ଭଲ ଭଲ ନଜିର ଥିଲା, ତାକୁ ସେ ଧରି ପାରି ନାହିଁ । ତମେ କାହାକୁ ଓକିଲ ଦେଇ-ଥିଲ ?" ମୁଁ କହିଲି—"ସପନ ବାବୁ ମୋର ଓକିଲ ହୋଇଥିଲେ ।" ସେଇଠୁ ଠୋ ଠୋ କରି ହସି ଉଠି କହିଲା—"ସପନକି ଓକିଲ କରିଥିଲ ? ତାହାର ଆଇନ୍ ବହି ଅଛି ନା ? ଯେତେବେଳେ ଯେଉଁ ବହି ଦରକାର ହୁଏ, ମୋଠାରୁ ମାଗି ନେଇଯାଏ । ହାକିମ ସଙ୍ଗରେ ତ ତାର ଦେଢ଼କୁରର ଭାଇବନ୍ଧୁ ସମ୍ବନ୍ଧ—କେହି କାହାର ମୁହଁ ଦେଖନ୍ତି ନାହିଁ । ସେ ଚହୁଟ୍ ଲେଖିବା ଲୋକ, ସେ କି ଓକାଲତି କରିବ ? ଆଜିକାଲି କେତେ ନୂଆ ନୂଆ ଆଇନ ବାହାରୁଛି, ତାହା ସବୁ ଆଣି ପଢ଼ିଲେ ସିନା ହେବ । ଏହି ଦେଖ ମାସକ ମଧ୍ୟରେ ମୁଁ ତିନି ଆଲମାରି ନୂଆ ଆଇନ ବହି ଆଣି ରଖିଛି । ଏତେ ଓକିଲ ତ ଅଛନ୍ତି, ଯାଅ ନି ଭଲା କାହା ପାଖରେ ଖଣ୍ଡେ ପାଇବ କି ? ସେମାନେ ସବୁ ଏହି ବହିର ନାଁ ଅଗେ ଜାଣନ୍ତି ନା ? ଆଇନ କାନୁନରେ ମୁଁ ପୋକ; ଏ କାଲିକା ଅଣ୍ଡା ଟୋକାଟୁକାକ ମୋ ଆଗରେ ଦକଡ଼ାର ନୁହନ୍ତି । କାଲିର ଗୋଟାଏ ମକଦ୍ଦମାର ହାଲ ଶୁଣିବ ? ସପନର ମାଉସୀପୁଅ ଭାଇ ରଘୁ ମୁଦ୍ଦାଲା ପକ୍ଷରେ ଥିଲା, ମୁଁ ମୁଦେଇ ପକ୍ଷରେ ଥିଲି । ମୁଦ୍ଦାଲାର ସାକ୍ଷୀ କହିଲା—"ମୁଦ୍ଦାଲା ମୁଦେଇକି ମାରି ନାହିଁ—ଗାଳି ଦେଇଛି ।" ଏହା କହି ଥରିଲା । ମୁଁ ଜାଣି ନେଲି, ସାକ୍ଷୀ ଭୟରେ ଥରିଲାଣି । କେସ୍ରେ ସେ ସହଜରେ ପଡ଼ିଯାଇ ସତ କଥା ପ୍ରକାଶ କରିବ । ତହୁଁ ମୁଁ ତାକୁ ଧମକ ଦେଇ କହିଲି—'ଦେଖ୍, ଏ ଧର୍ମଦ୍ୱାର, ଏଠି ମିଛ କହିଲେ ଜେଲ୍ ଖଟିବୁ । ଅଚ୍ଛା, ତୋ ଓକିଲ କି ତୋତେ ଏହିପରି କହିବାକୁ ଶିଖାଇଥିଲା ?' ସାକ୍ଷୀର ତୁଣ୍ଡ ଆପା ଅପା ମାରିଗଲା । ସେ ହାତ ଯୋଡ଼ି କହି ପକାଇଲା—'ହଁ ହଜୁର, ଓକିଲବାବୁ ସେଇଆ କହି ଦେଇଥିଲେ ।' ମୁଁ କହିଲି—'ତେବେ ସତ କଥା କଅଣ କହ ?' ସାକ୍ଷୀ କହିଲା—'ସତ କଥା ଏହି ଯେ, ମୁଦ୍ଦାଲା ମୁଦେଇ ଗାଲକୁ ବି ଚାପଡ଼ ମାରିଛି ।' ସେଇଠୁ ମୁଁ ହାକିମଙ୍କୁ କହିଲି—'ହଜୁର, ଓକିଲ ମିଥ୍ୟା ଶିକ୍ଷା ଦେଇଥିବାର ସାକ୍ଷୀ ସ୍ୱୀକାର କରୁଛି; ଅତଏବ ଓକିଲର ସନନ୍ଦ ରଦ୍ଦ କରାଯାଉ ।' ହାକିମ କହିଲେ—'ତୁମ୍ଭେ ଦଫା ଦେଇ ଲେଖି ଆଣ ।' ମୁଁ ସିରସ୍ତାକୁ ଆସି ଲେଖିବାକୁ ବସିଛି, ଓକିଲବାବୁ ଆସି ହାତଗୋଡ଼ ଧରି କୁହାର ନେହୁରା ହେଲେ । ମୁଁ ଆଉ ବକଲ ସହି ପାରିଲି ନାହିଁ; ହାକିମଙ୍କୁ ଯାଇ କହିଲି—'ହଜୁର, ଓକିଲ ନୂଆ ଲୋକ, ତାହାର ଏ ପ୍ରଥମ ଦୋଷ କ୍ଷମା ଦିଆଯାଉ ।' ହାକିମ ତାକୁ ସାବଧାନ କରାଇ ଦେଇ ଖଲାସ ଦେଲେ । ଏହିପରି କେତେ କଥା ବକିଗଲା । ଓକିଲ ମୋକଦ୍ଦମା ବଗାଡ଼ି ଦେଇଥିବା କଥା ଶୁଣିଲା ବେଳୁ ମୋର ତ ବ୍ରହ୍ମତାଳୁରେ ବଢ଼ା କାମୁଡ଼ିଲାଣି; ତାହା କଥ ଶୁଣୁଛି କିଏ ? ବ୍ୟବସାୟୀମାନେ ତ ଆପଣା ପ୍ରୌଢ଼ୀ ଦେଖାଇବା ଲାଗି ସମବ୍ୟବସାୟୀର ନିନ୍ଦା କରନ୍ତି । ସେ ଯାହା ହେଉ, ମୁଁ ପଚାରିଲି—"ସତେ କଅଣ ମୋକଦ୍ଦମା ଚଳିବ ନାହିଁ ନା ବାବୁ ?" ସେ କହିଲା—"ବଡ଼ କଷ୍ଟରେ ଚଳିବ । ଅଚ୍ଛା, ତମେ ପଞ୍ଚଶ ଠଙ୍କା ଦେବ ନା ? ତାହାହେଲେ ଶେଉଳ ମାଛକୁ ପୋହଳରେ ମାଡ଼ ବସି ପେଖସାଆଡ଼ରେ ଆଣି କଡ଼ାଇ ଦେଲା ପରି ମୋକଦ୍ଦମାଟା ତମରି ପାଖରେ ଆଣି କଡ଼ାଇ ଦେବ । ମୋର ଅସାଧ୍ୟ କିଛି ନାହିଁ; ମୁଁ କଳାକୁ ଧଳା ଏବଂ ଧଳାକୁ କଳା କରିପାରେ ।" ମୁଁ କହିଲି—"ଅବଧାନ, ମୁଁ ଗରିବ ଲୋକ, ଋଣରେ ବୁଡ଼ି ମଲିଣି ; ଏତେ ଦେଇ ପାରିବ ନାହିଁ—ଷଏଷ୍ଟି ଟଙ୍କା ଦେବ ।" ସେଇଠୁ ମୁହଁଟାକୁ ଖଟା ଖାଇଲା ପରି କରି

କହିଲା—"ତେବେ ଗଛମୂଳରେ ଯାଇ ଖୋଜ; ଶହେ ଟଙ୍କାରେ ପଚାଶଟା ଗଛମୂଳିଆ ଓକିଲ ମିଳିବେ।" ମୁଁ ଆଉ କଅଣ କରିବି, ତେର କୁହାବୋଲା କରିବାରୁ ଦି'ଶ ଟଙ୍କାରେ ମଙ୍ଗିଲା।

ଦାସେ—ବାବୁ, ମାମଲା ନୁହେଁ ସେ—ମା-ମଲା! ମା ମରିଗଲେ ଯେପରି ଦଶ ଖଣ୍ଡି ଲୋଡା ହୁଏ, ଆଉ ଦଶ ଆଡେ ଖର୍ଚ୍ଚ ଲାଗେ, ମାମଲାରେ ସେହିପରି। ପାଣି ପରି ଟଙ୍କା ଖର୍ଚ୍ଚ ନ କଲେ ମାମଲା ଜିଣି ହୁଏ ନାହିଁ। ମାମଲା ଜିଣିବା କାଠିକର ପାଠ। ବାର ଲୋକଙ୍କୁ ବଶ କରିବ—ବାରଲୋକଙ୍କ ଗୋଡ ଧରିବ, ତେବେ ଯାଇ ହେବ। ମାନ ଧରି ବସିଲେ କିମ୍ବା ପଇସା ଖର୍ଚ୍ଚକୁ ଡରିଲେ ମାମଲାମୋକଦ୍ଦମାରେ ପଶିବା ଉଚିତ ନୁହେଁ। ପଇସା ଖର୍ଚ୍ଚ ହେଉ ପଛେ, ବିଷୟ ରକ୍ଷା କରିବ। ବିଷୟ ଗଲେ ମହତ ଯିବ। କହନ୍ତି ପରା—"ସବୁ ଯାଉ ମହତ ଥାଉ, ମହତ ଗଲେ ନ ମିଳେ ଆଉ।" ତମେ ହେଲ ଖାନ୍‌ଦାନ୍ ବୁନିୟାଦ୍; ମହତକୁ ଜଗିବା ତମର ଦରକାର। ତମର ପଇସା ବଡ ନୁହେଁ—ମାନମହତ୍ତ୍ୱ ବଡ। ପଇସା ଖର୍ଚ୍ଚ ହେଉ, ବିଷୟ ରକ୍ଷା ହେଲେ ସେହି ବିଷୟରୁ ଖର୍ଚ୍ଚର ସହସ୍ରଗୁଣ ପଇସା ମିଳିବ। ପୋଖରୀଟା ଯଦି ତମର ହୁଏ, ବର୍ଷରେ ସେଥିରୁ ଶହେ ଟଙ୍କାର ମାଛ ବିକ୍ରି ହେଲେ ଦଶ ବର୍ଷରେ ହଜାରେ ଟଙ୍କା ହେବ। ଅଥଚ ପୋଖରୀଟା ପୁରୁଷାନୁକ୍ରମେ ତମର ରହିବ। ଏତେବେଳେ ଆଉ ପଇସାକୁ ଡର ନାହିଁ ବାବାଜି, ଶ୍ମଶାନରେ ପ୍ରସବ କରି ଡାଆଣୀକି ଡରିଲେ ଚଳିବ ନାହିଁ।

ଆଗନ୍ତୁକ—ନା, ଦାସପୁଅ, ପଇସା ଖର୍ଚ୍ଚକୁ ମୁଁ ଡରୁ ନାହିଁ। ଏ ମୋକଦ୍ଦମାରେ ଖଇ ପରି ଟଙ୍କା ବିଞ୍ଚୁଛି; ମୁଁ ଭାଙ୍ଗସି ହୋଇ ସାରିଲଣି। ମୁଁ ହଟିଯିବା ଲୋକ ସିନା—ହଟିଯିବା ଲୋକ ନୁହେଁ।

ଦାସେ—ତାହା କଅଣ ମୁଁ ଜାଣେ ନାହିଁ? ତମ ପରି ଲୋକ ଦେଶ ଦୁନିଆରେ ଆଉ ଜଣେ ଅଛି ନା ହେବ! ଆଚ୍ଛା, ଓକିଲ କାହାକୁ କଲ?

ଆଗନ୍ତୁକ—ସମସ୍ତେ କହିଲେ ଦୀନୁ ବାବୁ ଖୁବ୍ ଟାଣୁଆ ଓକିଲ; ମୁଁ ସେଇଥିକୁ ଓକିଲ କରିଛି।

ଦାସେ—ଭଲ କାମ କରିଛ ବାପ! ଓଃ, କେତେ ଛନ୍ଦ ଫିକର ସେ ଜାଣେ। ହାକିମ ଆଗରେ ସୁଆଲ କଲାବେଳେ ତାହା ପାଟିରେ ତ ବାଟୁଳି ବାଜେ ନାହିଁ। ତେବେ ଜାଣ ଯେ, ମୋକଦ୍ଦମାଟା ତମ ମୁଠାଭିତରେ ରହିଲାଣି। ଦୀନୁ ବାବୁ ଯେତେବେଳେ ଆଇନ ବହିଗୁଡାକ ହାକିମ ଆଗରେ ଧୁମ୍‌ଧାମ୍ କରି କଚାଡେ, ତେତେବେଳେ ହାକିମ ତ ତାଟଙ୍ଗା ହୋଇଯାଏ। ମୁଁ କେତେ ଥର ଆଖିରେ ଦେଖିଛି ପରା! କି ତେଜ ରେ ବାବା, ଯିମିତି ଗୋଟାଏ ମହାବଳ ବାଘ ତ!

କିନ୍ତୁ ଆମ୍ଭେମାନେ ହଲପ୍ କରି କହୁ ପାରୁଁ, ଓକିଲର ବକ୍ତୃତା ଶୁଣିବା ଦୂରେ ଥାଉ ଦାସଙ୍କର ଊର୍ଦ୍ଧ୍ୱ ତିନି ପୁରୁଷରେ ହାକିମଙ୍କ ମିସଲ କେହି ଦେଖି ନାହିଁ।

ଆଗନ୍ତୁକ—ତମକୁ ଏକା ଶହେ ଟଙ୍କା ଚଳାଇ-ବାକୁ ହେବ ଦାସପୁଅ। ମୁଁ କାଲି ଓକିଲକୁ ଦେବି ବୋଲି କହି ଆସିଛି। ହାତଉଧାରି ଦେବାକୁ ମୁଁ କହୁ ନାହିଁ; ମୋର ଘରତଳି ବନ୍ଧା ରଖି ଟଙ୍କା ଦେବ।

ଦାସେ—ଛି ଛି, ଏ କଅଣ କହୁଛ ବାବାଜି! ତମଠଉଁ ଘରତଳି ବନ୍ଧା ରଖି ଟଙ୍କା ଦେବି! ଏ କଥା କହିବାକୁ ତମ ଜିଭ ନଉଟିଲା ନା? ତମ ବାପଙ୍କ ସଙ୍ଗରେ ମୋର ଯେ ଭାବ, ତାହା ତମେ କଅଣ ଜାଣିବ! ତମେ ତ ସେତେବେଳେ ପିଲା। ସେ ପୁଣ୍ୟାତ୍ମା ସ୍ୱର୍ଗରେ ଅଛନ୍ତି, ମୁଁ ନରକରେ ଘାଣ୍ଟି ହେଉଛି। ପୁରୁଷୋତ୍ତମ ପଟ୍ଟନାୟକ, ନାଁ ଶୁଣିଲେ ଗର୍ଭିଣୀ ଗାଈ ବାଟ ଛାଡି ଅଲଗା ହୋଇଯାଉଥିଲା। ହାୟ ହାୟ, କି ମଣିଷ ଚାଲିଗଲା ରେ! ଟଙ୍କା ମୋ ହାତରେ ଥିଲେ ତମକୁ କହିବାକୁ ହୁଅନ୍ତା କାହିଁକି? କଣ କି ବାବାଜି, ଟଙ୍କା ସବୁ ମୋଫସଲରେ ପଡି ରହିଲା। ଜାଣ ତ—ଏ କାଳରେ ଦେବା ମରିବାକୁ କେହି ସୁଖ ପାଏ ନାହିଁ। ଶହେ ଟଙ୍କା ହାତରେ ଥିଲା, କାଲି ସଞ୍ଜରେ ଜଣେ ଆସି ଜୁହାର ନଳୁଟି ହୋଇ ନେଇଗଲା। କିଛି ମାଲ ଯଦି ଆଣନ୍ତ, ତେବେ ଆଉ କାହାରି ପାଖରେ ଦେଖନ୍ତି।

ଆଗନ୍ତୁକ—ମାଲ୍ ଅଉ କାହିଁ ? ଅଳଙ୍କାର ଯାହା ଥିଲା, ତାହା ତ ଆଗରୁ ସବୁ ବଳି ଭାଙ୍ଗି ମୋକଦ୍ଦମାରେ ଲଗାଇ ସାରିଛ ।

ଦାସେ—ଦେଖ, ଯଦି ଅଉ କିଛି ଥାଏ । ନ ହେଲେ ତ ମୋତେ ଅଉ କିଛି ବାଟ ଦିଶୁ ନାହିଁ । ଆଚ୍ଛା, ପଟ୍ଟନାୟକଙ୍କଠିଅଙ୍କୁ ଯାଇ ପଚାରି ବୁଝନ—ଭଙ୍ଗା ଛୁଟା ସୁନା ରୁପା ଗହଣା ଯଦି ତାଙ୍କ ପାଖରେ କିଛି ଥାଏ । ଏ ଯୁଗରେ ତ କାହାରିକି ବିଶ୍ୱାସ ନାହିଁ, ଘରଚଳି ବନ୍ଧା ଦେବା ମୋ ବିଚାରରେ ଭଲ ନୁହେଁ ।

ଆଗନ୍ତୁକ—ହେଉ, ତେବେ ପଚାରି ବୁଝି କାଲି କହିବି ।

ଏହା କହି ଆଗନ୍ତୁକ ଚାଲିଗଲେ; ଦାସେ ମଧ୍ୟ କାର୍ଯ୍ୟାନ୍ତରରେ ନିଯୁକ୍ତ ହେଲେ ।

## ଦଶମ ପରିଚ୍ଛେଦ

ହରି ପଟ୍ଟନାୟକ ଜଣେ ଲାଖେରାଜଦାର । ତାଙ୍କର ବିଷୟ ସଂପତ୍ତି ଚଳନୋପଯୋଗୀ ଥିଲା; ମାତ୍ର ଭାଗ୍ୟ-ଧ୍ୱଂସପନ୍ଥୀ ଆଳସ୍ୟ, ବିଳାସ ତାଙ୍କର ଭାଗ୍ୟଲିପି ଅଧେ ଲିଭାଇ ଦେଇ ଅଧେ ଅସ୍ପଷ୍ଟ କରିଦେଲାଣି । ସେ ଟିକିଏ ମୃଦୁ ଏବଂ ହୁରୁଲା; ଅର୍ଥାତ୍ ମଉଜୀ ଧରଣର ଲୋକ । ଅତି ଭୋଗାକାଙ୍କ୍ଷା ପତନର କାରଣ, ତାହା ହିଁ ତାହାଙ୍କ ଭାଗ୍ୟରେ ଘଟିଥିଲା । କର୍ପୂର ଯାଇ କନା ଅଛି; ତଥାପି ପୁରୁଣାଘର ବୋଲି ତାଙ୍କ ପ୍ରତି ଗ୍ରାମବାସୀ-ମାନଙ୍କର ଖାତିର ଗୌରବ ଅଛି । ଗ୍ରାମରେ ସେ ହରିବାବୁ ନାମରେ ପରିଚିତ । ସେ, ତାଙ୍କର ସ୍ତ୍ରୀ ଏବଂ ଏକମାତ୍ର ପୁଅ—ଘରକୁ ଏହି ତିନି ପ୍ରାଣୀ । ପୁତ୍ର ଶ୍ରୀକାନ୍ତ ପଞ୍ଚଦଶ ଅତିକ୍ରମ କରି ଷୋଡଶ ବର୍ଷରେ ଉପନୀତ ହୋଇଅଛି । ସେ କଟକରେ ଏଣ୍ଟ୍ରାନ୍ସ ପଢୁଅଛି । ଘରୁ କିଛି ସାହାଯ୍ୟ ପାଏ ନାହିଁ । କଟକରେ ଦୁଇଟି ପିଲାର ଗୃହଶିକ୍ଷକ ହୋଇ ନିଜର ବ୍ୟୟ ଚଳାଇନିଏ । ପିଲାଟି ଶାନ୍ତ, ସୁଶୀଳ, ମେଧାବୀ ଏବଂ ଅଧ୍ୟୟନପ୍ରିୟ । ତାହାର ସ୍ମୃତିଶକ୍ତିର ଅସାଧାରଣ ବିକାଶ ଦେଖି ତାହାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଶିକ୍ଷକମାନେ କଳ୍ପନା କରନ୍ତି । ସେ ଏ ବର୍ଷ ଏଣ୍ଟ୍ରାନ୍ସ ପରୀକ୍ଷା ଦେବ ।

ହରିବାବୁଙ୍କ ପିତାମହ ଲକ୍ଷ୍ମଣ ପଟ୍ଟନାୟକ ଗ୍ରାମର ମଧ୍ୟବିତ୍ତ ଗୃହସ୍ଥ ହୃଷୀ ପଣ୍ଡାଙ୍କ ପାଖରେ ନିଜର ଗୋଟାଏ ପୁଷ୍କରିଣୀ ବନ୍ଧା ରଖିଥିଲେ; ମାତ୍ର ମୁକୁଲାଇ ପାରି ନାହାନ୍ତି । ପୁଷ୍କରିଣୀର ପୁନରୁଦ୍ଧାର ତାଙ୍କ ପୁତ୍ରଙ୍କ ଜୀବନରେ ମଧ୍ୟ ଘଟି ନାହିଁ । ପୋଖରୀଟି ବର୍ତ୍ତମାନ ହୃଷୀ ପଣ୍ଡାଙ୍କ ପୁତ୍ର ମଧୁ ପଣ୍ଡାଙ୍କ ଦଖଲରେ ଅଛି । ସେଥିରୁ ପ୍ରତିବର୍ଷ ପ୍ରାୟ ଶତାଧିକ ଟଙ୍କାର ମାଛ ବିକ୍ରି ହୁଏ । ଏ ବର୍ଷ ଏତେ ଅଧିକ ମାଛ ଥିଲେ ଯେ, ମାଛ ବିକ୍ରିରୁ ମଧୁଙ୍କର ତିନିଶ ଟଙ୍କା ଆୟ ହୋଇଥିଲା । ସେ ଯତ୍‌ସାମାନ୍ୟ ଘରେ ଖାଇବା ସକାଶେ ରଖି ଅଉ ସମସ୍ତ ବିକ୍ରି କରି ଦିଅନ୍ତି । ଭୋଜନ ଏବଂ ବିକ୍ରୟ ମଧ୍ୟରେ ବିତରଣର ମଥଃ ଦୃଷ୍ଟି ବାଳୁ ସ୍ଥାନ ଥାଏ ନାହିଁ । ଗ୍ରାମବାସୀଙ୍କ ମଧ୍ୟରୁ କେହି କେହି ମଧୁଙ୍କୁ କହିଲେ—"ସେ ଖରାରୁ ମାଛ ଧରାଗଲେ ପଟ୍ଟନାୟକଘର ଗାଁରେ ବାଣ୍ଟୁଥିଲେ; ମାତ୍ର ତମେ ନେଲା ଦିନୁ ଅଉ ସେ ଧାରା ନାହିଁ । ଗାଁ ମଝିରେ ପୋଖରୀ, ସମସ୍ତେ ଆଶା କରିଛନ୍ତି; ତମେ ଅଧେ ବିକ୍ରି କରି ଅଧେ ସମସ୍ତଙ୍କୁ ବାଣ୍ଟିଦିଅ ।" ମଧୁ ଏ ଅନ୍ୟାୟ ପ୍ରସ୍ତାବରେ ସମ୍ମତ ନ ହୋଇ କହିଲେ, "ବାପ ଆମର ଅଞ୍ଜୁଳାଏ ଟଙ୍କା ଦେଇ ପୋଖରୀ କରିଥିଲେ, ମୁଁ ମାଛ ନ ବାଣ୍ଟି ଆଉ କଅଣ କରିବି ? ଟଙ୍କାଗୁଡ଼ାକ ରଖିବାକୁ ଜାଗା ମିଳୁ ନ ଥିଲା ପରା ! ଗାଁରେ ଯାହାର ଯାହା ହୁଏ, ମୋତେ ଆଣି ଦେଇ ଯାଆନ୍ତି ! ଅଧେ କାହିଁକି, ସବୁ ବାଣ୍ଟିଦେବି । ତାହାହେଲେ ପୋଖରୀରୁ ମୋର ଅଉ ଆୟ କଅଣ ହେଲା ? ପୋଖରୀଟା ପୋତି ଦେଇ ଧାନ କି ଅନ୍ୟ ଫସଲ କଲେ ମୋର କେତେ ଲାଭ ହୁଅନ୍ତା ? ପୃଥ୍ୱୀଦେବୀଙ୍କ ଦେହରେ ଅଙ୍ଗୁଳିଏ ସ୍ଥାନ ଖାଲି ରଖିଲେ ତାଙ୍କ ପ୍ରତି ଘୋର ଅବମାନନା କରାହେବ । ମାଟିରେ

ବତ୍ର ମିଶିକରି ଅଛି, ତାହା ବାଛି ନେବାକୁ ହେବ । ମାଟିରୁ ଫସଲ ଉଠାଇ ସେହି ଫସଲ ବିକିଲେ ଯେଉଁ ଟଙ୍କା ମିଳେ, ସେହି ଟଙ୍କା ମାଟି ଭିତରେ ଥିଲା । ଯେଉଁ ଭୂମିରୁ ଯେତେ ଆଦାୟ ହୋଇପାରିବ, ତାହା ବୁଝିବ ।" ପଣ୍ଡା ମଧ୍ୟ ଚାଷ କରନ୍ତି; ମାତ୍ର ତାହା ପୃଥ୍ୱୀଦେବୀଙ୍କ ଅବମାନନା ଆଶଙ୍କାରେ ନୁହେଁ—ନିଜର ଆବଶ୍ୟକ ସକାଶେ । ପ୍ରସ୍ତାବକମାନେ ପଣ୍ଡାଙ୍କର ଏ ସୂକ୍ଷ୍ମତମ ଗବେଷଣାର ମର୍ମ ନ ବୁଝି ତାଙ୍କ ପ୍ରତି ଗୋଟାଏ ବିଦ୍ୱେଷ ଭାବ ପୋଷଣ କଲେ । ସେମାନେ ଯାଇ ହରିବାବୁଙ୍କୁ କହିଲେ—"ପୋଖରୀଟା ପାଇଁ କିଛି ଚେଷ୍ଟା କରୁ ନାହିଁ କାହିଁକି ? ମଧୁ ପଣ୍ଡାର ଚୁଆପିଲା ମାଛ ଖାଉଥିବେ; ଆଉ ତମ ଚୁଆପିଲା ଚାହିଁ ବସିଥିବେ—ଏହା କେଉଁ ଭଲ କଥା ? ସେ ଯେତେ ଟଙ୍କାକୁ ବନ୍ଧା ରଖିଥିଲା, ତାହାର ଶଏ ଗୁଣ ମାଛ ବିକ୍ରିରୁ ଆଦାୟ କରି ନେଇ ସାରିଲାଣି । ପୋଖରୀ ଦାବୀରେ ତମେ ମୋକଦ୍ଦମା କର; ଆମ୍ଭେ-ମାନେ ସାକ୍ଷୀ ହେବୁଁ । ତମର ପୋଖରୀ ବୋଲି ବା କିଏ ନ ଜାଣେ ? ପିଲାଠାରୁ ବୁଢ଼ାଯାଏ ସମସ୍ତେ କହୁଛନ୍ତି—ପଟନାୟକଘର ପୋଖରୀ । ତମ ପକ୍ଷରୁ ଆମ୍ଭେମାନେ ଯାଇ ତାକୁ କହିବୁଁ; ସେ ଛାଡ଼ିଦେଲା ତ ଭଲ, ନ ହେଲେ ତମେ ମୋକଦ୍ଦମା କର ।" ପ୍ରସ୍ତାବକମାନଙ୍କ ମଧ୍ୟରେ ନିତେଇ ଦାସ ଅଗ୍ରଣୀ । ହରିବାବୁ କହିଲେ—"ଅଚ୍ଛା ହେଉ, ତୁମ୍ଭେମାନେ ଆଗେ ଯାଇ ପଚାର, ପରେ ଯାହା ହେବ ଦେଖାଯିବ ।" ଅଯାଚିତ ଭାବରେ ସହାନୁଭୂତି ମିଳିଲେ ନଷ୍ଟସମ୍ପତ୍ତି ଉଦ୍ଧାର କରିବାକୁ କାହାର ବା ଇଚ୍ଛା ନ ହୁଏ ? ପ୍ରସ୍ତାବକମାନେ ଆଶାନୁରୂପ ଉତ୍ତର ପାଇ ମଧୁ ପଣ୍ଡାଙ୍କୁ ଯାଇ କହିଲେ—"ହରିବାବୁ ଆମ୍ଭମାନଙ୍କଦ୍ୱାରା କହି ପଠାଇଲେ, ତମେ ତାଙ୍କ ପୋଖରୀଟା ଏବେ ଛାଡ଼ିଦିଅ ।" ପଣ୍ଡା ମୂଳ କାରଣଟା ବୁଝିପାରି କହିଲେ—"ମୂଳ ପଚାଶ ଟଙ୍କା, ଆଉ ଚାଳିଶ ବର୍ଷର ସୁଧ ହିସାବ କରି ଦେଇ ପକାଇଲେ ପୋଖରୀ ଛାଡ଼ିଦେବାରେ ମୋର ଆପତ୍ତି ନାହିଁ । ଟଙ୍କାରେ ମାସକୁ ଦୁଇ ପଇସା ସୁଧ ଧରିଲେ ସୁଦ୍ଧା ମୋର ମୂଳ କାଳନ୍ତର ମିଶି ଛଅଶ କି ସାତଶ ଟଙ୍କା ହେବ ।"

ପ୍ରସ୍ତାବକ—ତାହା ହୋଇପାରେ; ମାତ୍ର ପ୍ରତି-ବର୍ଷର ମାଛ ବିକ୍ରି ହିସାବରେ ଶଏ ଟଙ୍କା ହେଲେ ଚାଳିଶ ବର୍ଷରେ ତୁମ୍ଭେ ଚାରି ହଜାର ଟଙ୍କା ନେଇ ସାରିଲଣି । ତାହା ଯଦି ହରିବାବୁ ଦାବୀ କରନ୍ତି ?

ମଧୁ—ହେଉ, ସେ ଦାବୀ କରି କେଉଁ ବାଗେ ନେବେ, ନେଉନ୍ତୁ ।

ପ୍ରସ୍ତାବକ—କେଉଁ ବାଗେ କଣ, ମୋକଦ୍ଦମା କରିବେ ।

ମଧୁ—ଉତ୍ତମ କଥା, ମୋକଦ୍ଦମା କରନ୍ତୁ—ମୁଁ ସୋରିଷ ଖୋଳି ପଶିବି ନାହିଁ !

"ଅଚ୍ଛା, ତେବେ ଦେଖାଯିବ" ବୋଲି କହି ପ୍ରସ୍ତାବକମାନେ ଫେରି ଆସି ହରିବାବୁଙ୍କୁ ସାଲଙ୍କାରରେ ଫୁଲାଇ-ଫେଣାଇ ସବୁ କଥା ଜଣାଇଲେ । ତହୁଁ ମୁନସଫ୍ କୋର୍ଟରେ ଦଖଲ ଉଚ୍ଛେଦ ମୋକଦ୍ଦମା ଦାଏର ହେଲା ଏବଂ ଯଥାସମୟରେ ହରିବାବୁଙ୍କର ଜୟ ହେଲା । ଗ୍ରାମବାସୀଏ ହାତତାଳି ଦେଇ ଆନନ୍ଦ ପ୍ରକାଶ କଲେ । ଅନନ୍ତର ମଧୁ ଜଜ୍‌କୋର୍ଟରେ ଅପିଲ କରି ଡିଗ୍ରୀ ପାଇଲେ । ମୋକଦ୍ଦମାର ଗତି କ୍ରମେ ଊର୍ଦ୍ଧ୍ୱକୁ ଉଠିଲା । ହରିବାବୁ ହାଇକୋର୍ଟ କରିବେ ବୋଲି ଟଙ୍କା କରଜ ପାଇଁ ନିତେଇ ଦାସଙ୍କ ନିକଟକୁ ଆସିଥିଲେ । ଉଭୟଙ୍କ ମଧ୍ୟରେ ଯେଉଁ କଥୋପକଥନ ହେଲା, ତାହା ପାଠକମାନେ ପୂର୍ବରୁ ଜାଣିଅଛନ୍ତି ।

ହରିବାବୁ ଘରେ ପହଞ୍ଚିଲେ । ତାଙ୍କର ମୁଖ ଚିନ୍ତାଚ୍ଛାୟାଚ୍ଛନ୍ନ । ପତ୍ନୀ ଅନ୍ନପୂର୍ଣ୍ଣା ତାଙ୍କର ଏ ଭାବ ଲକ୍ଷ୍ୟ କଲେ; ମାତ୍ର ଅଗାଧୁଆ ଅଖିଆ ରନ୍ଧାଳିଆ ବେଳରେ ପ୍ରଶ୍ନ କରିବା ଅନୁଚିତ ମଣି ନୀରବରେ ସ୍ୱାମୀଙ୍କ ପରିଚର୍ଯ୍ୟାରେ ନିଯୁକ୍ତ ହେଲେ । ଅନ୍ନପୂର୍ଣ୍ଣା ଯେପରି ଗୃହକାର୍ଯ୍ୟପ୍ରବୀଣା, ସେହିପରି ପତିଭକ୍ତିପରାୟଣା । ସ୍ୱାମୀଙ୍କ ପାଦୋଦକ ସେବନ ନ କରି ସେ ଜଳ ସୁଦ୍ଧା ଗ୍ରହଣ କରନ୍ତି ନାହିଁ । ଅଧୁନିକ ପାଠେଇ ବହୂ-ମାନଙ୍କର ସ୍ୱାମୀଙ୍କ ଉପରେ କର୍ତ୍ତୃତ୍ୱ ସ୍ଥାପନକୁ ସେ ଅନ୍ତରର ସହିତ ଘୃଣା କରନ୍ତି । ସ୍ୱାମୀଙ୍କୁ ନ ପଚାରି ସେ କୌଣସି କାର୍ଯ୍ୟ କରନ୍ତି ନାହିଁ । ଥରେ ହରିବାବୁ କହିଥିଲେ—"ତମେ ଏ ଘରର ଘରଣୀ, ଯାହା ଭଲ ବୁଝିବ ତାହା କରିବ; ସବୁବେଳେ ମୋତେ ପଚାରି

କାର୍ଯ୍ୟ କରିବା ଉଚିତ ନୁହେଁ ।" ଅନ୍ନପୂର୍ଣ୍ଣା କହିଲେ, "ପ୍ରଭୁ, ଉଚିତ ଅନୁଚିତ ଜାଣେ ନାହିଁ, ମୁଁ ଅଜ୍ଞାନା ଅବଳା; କେବଳ ମାତାଙ୍କର ଉପଦେଶରୁ ଏତିକି ଜାଣିଛି ଯେ—ସ୍ୱାମୀ ଦେବତା, ଦେବତାଙ୍କ ଆଦେଶ ନ ନେଇ ନିଜ ଇଚ୍ଛାରେ କିଛି କରିବା ଦେବପୂଜକୀର କାର୍ଯ୍ୟ ନୁହେଁ । ମୁଁ ଏ ଘରର ଗୃହିଣୀ ନୁହେଁ—ଦାସୀ ମାତ୍ର । ମୋର ଦାସୀ ଉପାଧି ଗୃହିଣୀ ଉପାଧିଠାରୁ କୋଟିଗୁଣେ ଗୌରବାବହ ।" ଧନ୍ୟ ଅନ୍ନପୂର୍ଣ୍ଣା, ତୁମ୍ଭେ ଗୃହିଣୀ ନୁହଁ—ଗୃହର ଦେବୀ ! ତୁମ୍ଭ ପରି ସହଧର୍ମିଣୀ ଭାଗ୍ୟରେ ମିଳନ୍ତି । ତୁମ୍ଭେ ଅନ୍ନପୂର୍ଣ୍ଣାରୂପରେ ଏ ଘରେ ଅଛ ବୋଲି ଏତେ ପତନ ସତ୍ତ୍ୱେ ଆଜି ସୁଦ୍ଧା ଏ ଘର ଅନ୍ନଶୂନ୍ୟ ହୋଇ ନାହିଁ ।

ଅନ୍ନପୂର୍ଣ୍ଣା ଲୋଟା, ଗାମୁଛା ଏବଂ ତେଲଘଡି ଆଣି ପିଣ୍ଡାରେ ରଖିଦେଲେ । ହରବାବୁ ତେଲ ଲଗାଇ ଗାଧୋଇବାକୁ ଗଲେ । ସେ ଗାଧୋଇ ଆସି ପୂଜା କରିବେ, ଏହି ଅବସରରେ ଅନ୍ନପୂର୍ଣ୍ଣାଙ୍କୁ ଅନ୍ନବ୍ୟଞ୍ଜନ ରନ୍ଧନ କରିବାକୁ ହେବ । ସେ ପୋଥିଗାଦି ଘରେ ମୁଠାଏ ପାଣି ଛିଞ୍ଚିଦେଇ କମ୍ବଳ ଖଣ୍ଡେ ଚାରି ଚଉତା କରି ବିଛାଇ ଦେଲେ ଏବଂ ବ୍ୟାସାସନ ସହିତ କୋଥଳି ଆଣି ତାହା ଉପରେ ରଖିଦେଇ ରାନ୍ଧ-ଶାଳକୁ ଗଲେ । ଦୁପଖା ଚୁଲ୍ଲୀ ଲଗାଇଦେଇ ଭାତଡାଲି ବସାଇ ଦେଲେ । ଭାତଡାଲି ହୋଇ ସାରିଲା ବେଳକୁ ପରିବା କଟା, ବେସର ବଟା ହୋଇଯାଇଥିଲା । ତାହା ପରେ ସନ୍ତୁଳା ହୋଇଥିବା ମାଛ, ବଡି, ବାଇଗଣ ପୋଡ଼ ଭୁଣା ହେଲା । କାଲି ସଞ୍ଜରୁ ଆମ୍ବିଳ ରନ୍ଧା ହୋଇ ଅଛି; ସୁତରାଂ ଆଉ କିଛି ରାନ୍ଧିବାର ଆବଶ୍ୟକତା ହେଲା ନାହିଁ । ସ୍ୱାମୀ ସ୍ନାନ କରି ଆସିଲେ । ଅନ୍ନପୂର୍ଣ୍ଣା ମଠା ଲୁଗାଟା ତାଙ୍କ ହାତକୁ ବଢାଇଦେଲେ । ସ୍ୱାମୀ ଲୁଗା ପାଲଟି ସାରିଲା ପରେ ତାଙ୍କ ପାଲଟା ଲୁଗା ନେଇ ଶୁଖାଇ ଦେଲେ ଏବଂ ସ୍ୱାମୀଙ୍କ ଗୋଡ ଧୋଇ ଦେଇ ପଣତ କାନିରେ ପୋଛି ଦେଲେ । ହରବାବୁ ପୂଜା ସାରି ଭୋଜନରେ ବସିଲେ । ଅନ୍ନପୂର୍ଣ୍ଣା ପଂଖା ଧରି ବିଞ୍ଚି ଦେଉଁ ଦେଉଁ "ଏହା ଖାଅ, ତାହା ଖାଅ" ବୋଲି ଅନୁରୋଧ କରିବାକୁ ଲାଗିଲେ । କିନ୍ତୁ ହରବାବୁ ସେଦିନ ଖୁବ୍ ଊଣା ଖାଇଲେ । ତାଙ୍କର ତେଲ-ଲଗାଠାରୁ ଖାଇବା ପର୍ଯ୍ୟନ୍ତ ଅନ୍ୟମନସ୍କ ଭାବ ଅନ୍ନପୂର୍ଣ୍ଣାଙ୍କର ଦୃଷ୍ଟି ଏଡ଼ି ପାରି ନ ଥିଲା । ସେ ଖାଇ ସାରି ହାତ ଧୋଇ ଖଟ ଉପରେ ବସିଲେ । ଅନ୍ନପୂର୍ଣ୍ଣା ତାଙ୍କୁ ପାନ ଦେଇ ସାରି ପଚାରିଲେ—"ଆଜି ତମ ମୁହଁ ଏମିତି କାହିଁକି ଦିଶୁଛି ?"

ହରବାବୁ—କିମିତି ଦେଖୁଛ ?

ଅନ୍ନପୂର୍ଣ୍ଣା—ଯିମିତି କି ଗୋଟାଏ ଚିନ୍ତା ତମକୁ ଘାରି ପକେଇଛି ।

ହରବାବୁ—ଆଉ କିଛି ନୁହେଁ, ସେହି ମୋକଦ୍ଦମା କଥା ଭାବୁଥିଲି ।

ଅନ୍ନପୂର୍ଣ୍ଣା—ଅପିଲ୍ କରିବ ପରା ?

ହରବାବୁ—ହଁ, ଅପିଲ୍ କରିବ ଯେ, ତାହା ତ ଆଉ ଖାଲି ହାତରେ ହେବ ନାହିଁ !

ଅନ୍ନପୂର୍ଣ୍ଣା—କଉଁଠୁ ହେଲେ କିଛି ଟଙ୍କା ଉଧାର ଆଣ ।

ହରବାବୁ ମୁହଁରେ ଟିକିଏ ଶୁଷ୍କ ହାସ୍ୟ ଫୁଟାଇ କହିଲେ,—"ତମେ କି ପିଲା ମଣିଷ ଶ୍ରୀକାନ୍ତବଉ, କିଟଙ୍କାରେ ଅପିଲ୍ ହେବ ! ସମୁଦ୍ରକୁ ଶଙ୍ଖେ ପାଣି, ଉଟ ମୁହଁକୁ ଜୀରା ! ଏକା ଓକିଲ ତ ଦୁଇଶ ଟଙ୍କା ନେବ । ଆଜି ଯାଇ କଥା କରି ଆସିଲି । ସେ କାଲି ଶହେ ଟଙ୍କା ନେବ; ମୋକଦ୍ଦମା ଶେଷରେ ଆଉ ଶହେ ଟଙ୍କା ନେବ ବୋଲି ଜବାବ ହେଲା । ନିତେଇ ଦାସ ପାଖକୁ କରଜ ଆଣିବାକୁ ଯାଇଥିଲି । ତାହା ପାଖରେ ଟଙ୍କା ନାହିଁ । ସେ କହିଲା, 'କିଛି ମାଲ ଆଣିଲେ ମୁଁ ଆଉ ଜାଗାରୁ କରିଦେବ ।' ଆଚ୍ଛା ଶ୍ରୀକାନ୍ତବଉ, ଆମ ଘରେ ଭଙ୍ଗା ଦୁନା ଗହଣା କିଛି ଅଛି କି ?" ଅନ୍ନପୂର୍ଣ୍ଣା କହିଲେ—"ତିନି ଚାରି ଟଙ୍କାର ସୁନା ରୁପା ଅଛି, ସେତକ ଥିବା କଅଣ ହେବ ? ଥାଇ ଥାଇକି ଅଛି ସେହି ରୁପାଚୁଡ଼ୀ ହଳକ, ସେ ତ ଲକ୍ଷ୍ମୀଚୁଡ଼ୀ—ତାକୁ ଦେବି ନାହିଁ । ମୋ ଶାଶୂ ମୋତେ କହିଯାଇଛନ୍ତି—ଯେତେ ଦୁଃଖ ହେଉ, ଖାଇବାକୁ ପଛେ ନ ମିଳୁ, ଏ ଚୁଡ଼ିକି ବିକିବୁ ନାହିଁ କି ବନ୍ଧା ପକେଇବୁ ନାହିଁ । ଶାଶୁଙ୍କ ଆଜ୍ଞା ତ ମୁଁ କେବେ ଏଡ଼ି ପାରିବି ନାହିଁ ।" ହରବାବୁ କହିଲେ—"ଶାଶୁଙ୍କ ଆଜ୍ଞା ଲଙ୍ଘନ କରିବାକୁ କିଏ କହୁଛି ? ଆଉ ତମେ ସେ ପାପୀ ନୁହଁ !

ତେବେ ବଳିବ ନାହିଁ ସିନା, ବନ୍ଧା ଦେବାରେ ଦୋଷ କଅଣ ? ଆପଦ ବେଳେ କି ଗରଜ ବେଳେ କାମରେ ଆସିବ ବୋଲି ସିନା ପଦାର୍ଥ କରାଯାଇଥାଏ । ଆଉ ତ କିଛି ନାହିଁ; ଅଛି କେବଳ ଘରଡଲିଖଣ୍ଡ ।” ସ୍ୱାମୀଙ୍କ କଥା ଶେଷ ନ ହେଉଣୁ ଅନ୍ନପୂର୍ଣ୍ଣା ଚମକି ଉଠି କହିଲେ—“ନା ନା, ଚୂଡ଼ୀ ପଛେ ବନ୍ଧା ଦିଅ; ଘରଡଲି ଦିଅ ନାହିଁ । ଭଗବାନ୍ ଛୁଆଖଣ୍ଡ ଦେଇଛନ୍ତି; ସେ ପୁଣି ମୁଣ୍ଡ ଲୁଚ୍ଚିବ କେଉଁଠି ? ମୋର ସତ ମାଲ ହୋଇଥିଲେ ମୋର ଚୂଡ଼ୀ ମୋ ଘରକୁ ଆସିବ । ତମେ କିଛି ଚିନ୍ତା କର ନାହିଁ, ଚୂଡ଼ୀ ବନ୍ଧା ଦେଇ ଟଙ୍କା ଆଣ ।”

ତହିଁ ପର ଦିନ ଅନ୍ନପୂର୍ଣ୍ଣା ସିନ୍ଦୂକରୁ ଚୂଡ଼ୀ ବାହାର କରି ସ୍ୱାମୀଙ୍କୁ ଦେଲେ । ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ପଡ଼ିଲା । କାଳେ ତାହା ସ୍ୱାମୀଙ୍କ ଦୃଷ୍ଟିରେ ପଡ଼ିଯିବ, ଏହି ଭୟରେ ସେ ମୁହଁକୁ ପଛକୁ ଫେରାଇ ନେଇ ଅତି ସାବଧାନରେ ଲୋତକରେଖା ଲୁଗାକାନିରେ ଲିଭାଇ ଦେଲେ । ହରି ବାବୁ ଚୂଡ଼ୀ ନେଇ ପ୍ରସ୍ଥାନ କଲେ । ଅନ୍ନପୂର୍ଣ୍ଣାଙ୍କ ପଣ-ଗୋସାଇଁ ଶ୍ୱଶୁର ଟଙ୍କାରେ ଟଙ୍କାଏ ବାଣ ଦେଇ ଉକ୍ତ ଚୂଡ଼ୀ କଲିକତାରୁ ପ୍ରସ୍ତୁତ କରାଇ ଆଣି-ଥିଲେ । ଚୂଡ଼ୀ ତାଇମନ୍‌କଟା; ଗଢ଼ଣ ଏବଂ କାରୁକାର୍ଯ୍ୟ ଅତି ଚମତ୍କାର । ବିବିଧ ବର୍ଣ୍ଣର ମୂଲ୍ୟବାନ୍ ପଥରଯୋଗେ ଚୂଡ଼ୀର ସୌନ୍ଦର୍ଯ୍ୟ ଶତଗୁଣ ବଢ଼ିଅଛି । ଘରର ଗୃହିଣୀ ଗୁରୁବାର-ଓଷାଦିନ ସେହି ଚୂଡ଼ୀ ପିନ୍ଧି ଧାନ ସେର ପୂଜା କରନ୍ତି; ସେହି ହେତୁରୁ ତାହାର ନାମ ଲକ୍ଷ୍ମୀଚୂଡ଼ୀ ହୋଇଅଛି । ଅନ୍ନପୂର୍ଣ୍ଣାଙ୍କ ପଣଗୋସାଇଁ ଶାଶୂଙ୍କ ଅମଳରୁ ତାଙ୍କ ଘରେ କ୍ରମାନ୍ୱୟରେ ଏହି ଧାରା ଚଳି ଆସୁଅଛି ।

ହରିବାବୁ ଦାସଙ୍କ ହାତକୁ ଚୂଡ଼ୀ ବଢ଼ାଇ ଦେଇ କହିଲେ—“ଆଉ କିଛି ନାହିଁ, ୯ ଲକ୍ଷ୍ମୀଚୂଡ଼ୀ ହଳକ ଥିଲା । ଶ୍ରୀକାନ୍ତ ବଡ଼ ଦେଉ ନ ଥିଲେ, ଅନେକ କୁହାବୋଲା କରି ଆଣିଲି ।” ଦାସେ ଅନେକ ଥର ଲେଉଟାଇ ପାଲଟାଇ ଦେଖିଲେ । ଦୁଷ୍ଟ ପ୍ରଲୋଭନ ଅଲକ୍ଷ୍ୟରେ ଅନାହୂତ ଭାବରେ କାହିଁ ଆସି ତାଙ୍କର ହୃଦୟକୁ ଆକ୍ରମଣ କଲା । ସେ ମନେ ମନେ ଭାବିଲେ—“ଏଥିରେ ଲାଗିଥିବା ପଥରର ମୂଲ୍ୟ ଦୁଇଶ ଟଙ୍କାରୁ କମ ହେବ ନାହିଁ । ତାହା ଉପରେ ରୂପାର ମୂଲ୍ୟ ଅଛି । ଏ ଚୂଡ଼ୀ ବନ୍ଧା ରଖି ଶଏ ଟଙ୍କା ଦେଲେ କିଛି କ୍ଷତି ନାହିଁ । ବର୍ତ୍ତମାନ ଟଙ୍କା ଦେଲେ ହରିବାବୁ ମୋର ଚୂଅଟା ଉଣି ପକାଇବେ; ଯେ ହେତୁ ଅନ୍ୟ କେଉଁ-ଠାରୁ ଆଣି ଦେବି ବୋଲି ତାଙ୍କୁ ମୁଁ ଆଗରୁ କହିଥିଲି । ବର୍ତ୍ତମାନ କୌଣସି କୌଶଳରେ ତାଙ୍କ ଘରକୁ ପଠାଇ ଦେବା ଉଚିତ ।” ସେ କୂଟବୁଦ୍ଧିରେ ପ୍ରବୀଣ, କୂଟକପଟର ସୂକ୍ଷ୍ମସୂତ୍ରଗୁଡ଼ାକ ତାହା ଆଖି ଆଗରେ ଖେଳିବୁଲେ । ସୁତରାଂ ତାଙ୍କୁ ଅଧିକକ୍ଷଣ ଭାବିବାକୁ ହୁଏ ନାହିଁ । ଦାସେ ହରି ବାବୁଙ୍କୁ କହିଲେ—“ତମେ ଘରକୁ ଯାଅ; ମୁଁ ବେଳ ଓଳିକଠେଇଁ ଟଙ୍କା ନେଇ ଦେଇ ଆସିବି । ଜଣକୁ କହିଥିଲି, ସେ ଦେବାକୁ ରାଜି ହୋଇଛି । ଚାରିଟା ଖାଇଦେଇ ମୁଁ ଏହିଲାଗେ ତାହା ପାଖକୁ ଯିବି । ତମ କଥାରେ କି ମୋର ହେଲା ଅଛି ବାବୁ ? ତମକୁ କହିଦେଇ ମୁଁ ମୋର ଚେଷ୍ଟାରେ ଲାଗିଛି । କାଲି ତମେ ଗଲା ପରେ ମୁଁ ତେର ହାଇପିଆଇପି ହେଲି । କହିଲି—“ବାବୁ ମନରେ କଅଣ ଭାବିବେ, ସେ ତ ଦିନେ କହନ୍ତି ନାହିଁ । ଦଇବେ ଆଜି କହିବାକୁ ମୋ ହାତରେ ଟଙ୍କା ନାହିଁ । ହେଉ, ସେଥିରେ କଅଣ ଅଛି, ଗରଜ ମେଣ୍ଟିଗଲେ ହେଲା ।” ହରିବାବୁ ଆଉ କିଛି ବାକ୍ୟବ୍ୟୟ ନ କରି ଚାଲିଗଲେ । ଦାସେ ଘର ଭିତରକୁ ଯାଇ ଉଷାଙ୍କୁ ଚୂଡ଼ୀ ଦେଖାଇଲେ । ଉଷା କହିଲେ—“ଜିନିଷ ପରି ଜିନିଷ ଗୋଟାଏ ଏଡ଼ା, ଘର କରି ଇମିତି ପଦାର୍ଥ ରଖିଲେ ସିନା ସୁନ୍ଦର, ଖାଲି ଟଙ୍କା ରଖି କଅଣ ହେବ ? ଚୂଡ଼ୀ ହଳକ ଦେଖିଲା ବେଳୁ ଲୋଭ ହେଉଚି ।” ଦାସେ ଶୁଷ୍କମୁଖରେ କହିଲେ—“ଲୋଭ ହେଲେ କଅଣ ହେବ, ଯାହାର ଜିନି ସେ ତ ନେଇଯିବ ।”

ଉଷା—ଟଙ୍କା ଆଗେ ଦଉ । ଇମିତି କେତେ ମାଲ୍ ତ ବନ୍ଧାଛନ୍ଦା ପକାଇ ମୁକୁଲେଇ ପାରିଲା ନାହିଁ—ସବୁ ପର ଖାଇଲେ; ଆଉ ଏ ଚୂଡ଼ୀ ମୁକୁଲେଇ ନେଇଯିବ ।

ଦାସେ—ଯେବେ ଟଙ୍କା ଦିଏ ?

ଉଷା—ଦେଲେ ? ତମେ ଯାହା କହୁଚ ମୁଁ ଶୁଣିନାହିଁ କି ? ଆଉ କେଉଁଠୁ ଟଙ୍କା ଆଣି ଦେବ ବୋଲି କହୁଛ ପରା ? ଯେବେ ଟଙ୍କା ଆଣିବ, ତେବେ ତମେ

କହିବ—ଯାଁ' ଘରେ ବନ୍ଧା ରଖିଥିଲି, ତାଁ' ଘରୁ ଚୋର ନେଇଗଲା ।

ଦାସେ—ଓଃ, କେତେ ଛନ୍ଦ ଫିକର ତମକୁ ଜଣା, ଧନ୍ୟ ତୁମର ବୁଦ୍ଧି !

ଉଷା—ସେ କଥା ପଛକୁ କହିବ, ଆଗେ ଚୂଡ଼ୀ ସିନ୍ଦୁକରେ ରଖିଦେଇ ତାହାକୁ ଟଙ୍କା ଦେଇ ଆସ ।

ପତ୍ନୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଦାସେ ଚୂଡ଼ୀ ନେଇ ସିନ୍ଦୁକରେ ରଖିଦେଲେ ଏବଂ ଟଙ୍କା ବାହାର କରି ହରିବାବୁଙ୍କ ଘରକୁ ଗଲେ । ହରିବାବୁ ବାଟକୁ ପରି ଚାହିଁ ବସିଥିଲେ । ଦାସେ ତାଙ୍କ ହାତରେ ଟଙ୍କା ଗଣିଦେଇ କହିଲେ—"ବଡ କଷ୍ଟରେ ମିଳିଲା ବାବୁ ! ଆଗେ କହିଲା, ଟଙ୍କାରେ ଅଣେ ସୁଧ ନ ହେଲେ ଦେବ ନାହିଁ । ଅନେକ ବୁଝାଇ ଶୁଝାଇ କୁହାବୋଲା କରି ଦୁଇ ପଇସା ସୁଧରେ କଥା କରି ଆଣିଲି; ତେବେ ସୁଦ୍ଧା କହୁଛି—ଦୁଇ ମାସ ମଧ୍ୟରେ ନ ନେଲେ ଚାରିପଇସା ସୁଧରୁ ଊଣା ହେବ ନାହିଁ । ସମାନସ୍କନ୍ଧ ଲୋକ ହେଲେ ସିନା କଥା କହିବି; ଆଉ ବଡ଼ ବୁଢ଼ୀଅସୁଣୀଙ୍କି କଅଣ କହିବ ? ଏ ତ ପୁଣି ହେଲା ଲୁଚାଚୋରି ବେଭାର ।" ହରିବାବୁ କହିଲେ—"ଯାହା ହେଉ, ତମ ଉପକାର ମୁଁ ଶୁଝି ପାରିବ ନାହିଁ ।" ଦାସେ ତାଙ୍କୁ ଅଧିକ କହିବାକୁ ନ ଦେଇ କହିଲେ—"ଏ କି କଥା କହୁଛ ବାବୁ, ସମୟ ଅସମୟ ସମସ୍ତଙ୍କର ଅଛି, ମୋର ଅସମୟ ପଡିଲେ ତମେ କଅଣ ସାହାଯ୍ୟ କରିବ ନାହିଁ ? ଆଉ ଗୋଟାଏ କଥା କଅଣ କି ବାବୁ, ମୁଁ କାହାରି ବଳକ ସହି ପାରିବା ଲୋକ ନୁହେଁ; ମୋ କୋଷ୍ଠୀରେ ତାହା ନାହିଁ । ବଖତ ବେଳେ ଯେ କାହାର ଉପକାର ନ କରେ, ସେ କି ମନୁଷ୍ୟ ? ପାଖରେ ନ ଥିଲେ ମୁଁ କରଜ କରି ଆଣିଦିଏ; ମାତ୍ର କାହାକୁ ମନା କରେ ନାହିଁ । ତମେ ତ ସବୁ ଜାଣ, ଆଉ ଅଧିକ ବା କଅଣ କହିବ ?" ଏହା କହି ଦାସେ ବିଦାୟ ନେଲେ ଏବଂ ହରିବାବୁ ଟଙ୍କା ଘେନି ଓକିଲ ପାଖକୁ ଗଲେ ।

## ଏକାଦଶ ପରିଚ୍ଛେଦ

ହରିପୁର ଗ୍ରାମରେ ଗୋଟିଏ ଅପର ପ୍ରାଇମେରି ସ୍କୁଲ ଅଛି, ପାଠକମାନେ ଏହା ପୂର୍ବରୁ ଜାଣିଅଛନ୍ତି । ସରବରାକାର ବଂଶୀଧର ସେନାପତି ସେହି ସ୍କୁଲର ସଂପାଦକ । ସରବରାକାରୀରୁ ତାଙ୍କର ବାର୍ଷିକ ସହସ୍ରାଧିକ ଟଙ୍କା ଅଦାୟ ହୁଏ । ତାହା ଛଡା ଆଠହଳ ବଳଦର ଚାଷ ଅଛି; ସୁତରାଂ ଅବସ୍ଥା ଖୁବ୍ ସ୍ୱଚ୍ଛଳ । ତାଙ୍କ ଦାଣ୍ଡ ଆଗରେ ଅଲଗା ଗୋଟାଏ ବଙ୍ଗଳା ଅଛି । ସେହି ବଙ୍ଗଳାରେ ସ୍କୁଲ ହୁଏ । ସେନାପତିଙ୍କର ଦୁଇଟି ପୁଅ ସ୍କୁଲରେ ପଢନ୍ତି । ସ୍କୁଲଦ୍ୱାରର ସମ୍ମୁଖସ୍ଥ ସ୍ୱୀୟ ପ୍ରଶସ୍ତ ପିଣ୍ଡାରେ ଖଣ୍ଡେ କମ୍ବଳ ବିଛାଇ ସେନାପତି ତାହା ଉପରେ ସିରସ୍ତା ବାନ୍ଧି ସିହା, ଉଆରିଜା ଏବଂ ଚେକ୍ ପାଉଁତି ଖାତା ସଙ୍ଗରେ ଯୁଦ୍ଧରେ ପ୍ରବୃତ୍ତ ଥାଆନ୍ତି । ମଧ୍ୟେ ମଧ୍ୟେ ହଳିଆମାନଙ୍କୁ କାର୍ଯ୍ୟର ବରାଦ୍ କରନ୍ତି, ହାତ ଫେରାଦ ବୁଝନ୍ତି; ସର୍ବୋପରି ସ୍କୁଲର କାର୍ଯ୍ୟପ୍ରତି ଦୃଷ୍ଟି ରଖିଥାଆନ୍ତି । ଏକ ସଙ୍ଗରେ ଅନେକ କାର୍ଯ୍ୟ କରିବାରୁ ଲୋକେ କହନ୍ତି—ସେନାପତି ଅଷ୍ଟାବଧାନୀ ନୁହନ୍ତି—ବହୁ ଅବଧାନୀ । ଯେଉଁ ପିଲାମାନେ ପଡା କରି ନ ଥାନ୍ତି, ମାଷ୍ଟର ସେମାନଙ୍କୁ ଠିଆ କରାଇ ଦଅନ୍ତି । ତାହା ଦେଖି ସେନାପତି ହସି ହସି କହନ୍ତି—"ମାଷ୍ଟର ବାବୁ, ଏଟା ଦଣ୍ଡ ନା ଦୟା । ବସି ବସି ଗୋଡ ଲାଟିଯାଉଥିବ, ଟିକିଏ ଠିଆ ହେବା ଭଲ, ଏ ଯେ ଶାପରେ ବର ! କିଏ ପଡା କରି ନାହିଁ—ଗୋପୀ ବେହେରା ପୁଅ ନା ? ହଁ, ସେ ଚେଙ୍ଗକଲକା ଭାରି ସଇତାନ୍ । ଆରଟା କିଏ ? ପଞ୍ଚୁଆ କି ? ସେ ବି ବଦମାସଙ୍କର ଓସ୍ତାଦ୍ । ସେ ମେଣ୍ଢାବାଳିଆଟା ତ ଚାଲନ୍ତା ଶଗଡରେ ହାତ ଦେବା ଲୋକ ! ପକାଅ ସେ ବଟାକୁ ଧାନକୁଟା ହେଟାଗୁଡ ।" ଏଣେ ମନେ ମନେ ଭାବୁଥାନ୍ତି—ଅହା, ଟୁଆଟାମାନେ କେତେବେଳୁ ଠିଆ ହେଲେଣି—ଗୋଡ ଫାଟି ପଡୁଥିବ । ପୁଣି କ୍ଷଣକ ପରେ କହନ୍ତି—"ମାଷ୍ଟରପୁଅ, ଅଚ୍ଛା

ଏଥରକ ସେମାନଙ୍କଠାରୁ ଜାମିନ୍ ମୁଚାଲିକା ନେଇ ବସିବାକୁ କୁହ; ଆଉ ଦିନେ ପଢ଼ା ନ କଲେ ପିଣ୍ଡିପିଣ୍ଡିଆ ବାଉଁଶ ବାଡ଼ିରେ ଡାଙ୍ଗେଇ ଦେଇଯିବ ।" ବାଳକମାନଙ୍କ ପ୍ରତି ସେ ସର୍ବଦା ଏହିପରି ସଦାସ୍ୟ ଶାସନ ପ୍ରୟୋଗ କରନ୍ତି । ସେନାପତି ମାଷ୍ଟରଙ୍କର ପିତୃବୟସୀ । କେବେ ତାଙ୍କୁ ମାଷ୍ଟରବାବୁ, କେବେ ବା ମାଷ୍ଟରପୁଅ ବୋଲି ସ୍ନେହ ସମ୍ବୋଧନ କରନ୍ତି । ଦିନେ ମାଷ୍ଟର ଜଣେ ଛାତ୍ର ପ୍ରତି ବିରକ୍ତ ହୋଇ କହିଲେ—"ତୁ ରାମାୟଣଟା ସାରା ପଢ଼ି ଶେଷ କଲୁ, ଆଉ ରାବଣ କେଉଁ ସ୍ଥାନରୁ ସୀତାଙ୍କୁ ନେଇଗଲା, ଏତକ ମନେ ରଖି ପାରିଲୁ ନାହିଁ ?" ଏହା ଶୁଣି ସେନାପତି ପିଲାଟିକୁ ଡାକି କହିଲେ—"କି ରେ, ପଞ୍ଚବଟୀ ବନସ୍ତରୁ ପରା ? ରାବଣେଶ୍ୱର ଯେତେବେଳେ ସୀତାଙ୍କୁ ହରଣ କରି ନେଲା, ପକ୍ଷୀଟଟା ଖଣ୍ଡେ ଯୁଧ୍ୟ କଲା । ହାୟ ରେ, ହାୟ ରେ, କି ହକିସୁତ୍ ସେ ! ତାହା ଶୁଣିଲେ କି ଆଖିରେ ଲୁହ ରହିବ !" ପିଲାମାନେ ସେନାପତିଙ୍କ କଥା ଶୁଣି ହସି ଉଠିଲେ । ହାସ୍ୟର କାରଣ ସେ ମାଷ୍ଟରଙ୍କୁ ପଚାରନ୍ତେ ମାଷ୍ଟର ସଲଜ୍ଜ ହାସ୍ୟରେ କହିଲେ—"ଆପଣ ରାବଣକୁ ରାବଣେଶ୍ୱର, ସୀତାଙ୍କୁ ସୀତଆ ଆଉ ଯୁଦ୍ଧକୁ ଯୁଧ୍ୟ ବୋଲି ଅଶୁଦ୍ଧ କରି କହିବାରୁ ପିଲାମାନେ ହସୁଛନ୍ତି ।" ତହୁଁ ସେନାପତି କହିଲେ—"ହଁ ହୋ, ଆମେ ମରହଟ୍ଟୀ ଲୋକ, ଅଶୁଧ୍ୟ ଫଶୁଧ୍ୟ ଆମର କିଏ ଏତେ ବିଚାରୁଛି ? ସୀତା ସେ—ସୀତଆ ସେ—ସୀତଯ୍ୟା ବି ସେ—ସବୁ ଏକାକଥା । ଅଚ୍ଛା, ମାଷ୍ଟରପୁଅ, ଏବେ କେଉଁଠି ଯୁଧ୍ୟ ଲାଗିଛି ନା ?" ମାଷ୍ଟର କହିଲେ—"ନା, ଜର୍ମାନୀ ହାରିଗଲା, ଆମ ଚକ୍ରବର୍ତ୍ତୀ ଜିଣିଲେ; ଆଉ ଯୁଧ୍ୟ-ଖବର କିଛି ଶୁଣାଯାଉ ନାହିଁ ।" ସେନାପତି କହିଲେ—"ସେଥର ଯେତେବେଳେ ବଲେଇତୀ ରଜା ସାଙ୍ଗରେ ଭାରତେସୁରଙ୍କ ଘର ଯୁଦ୍ଧ ଲାଗିଥିଲା, ସେତେବେଳେ ମୁଁ କଲିକତାକୁ ଗଙ୍ଗାସ୍ନାନ କରିବାକୁ ଯାଇଥିଲି । ଦିନେ ହୁଜୁକ ଉଠିଲା—କୁଂପାନୀ ସମସ୍ତଙ୍କୁ ଯୁଧ୍ୟକୁ ନେଇଯିବ । ସେଇଠୁ ଛାଟିପିଟି ହୋଇ କିଏ କେଉଁବାଟେ ପଳାଇ ଆସିଲା ଯେ, ଆଉ କାହାରି ଚୁଳି ଦିଶିଲା ନାହିଁ । ଡେର ବେଳ ହେଲାଣି ମାଷ୍ଟରପୁଅ, ୟେଇ ଚାରିଟା ହିସାବ ପଚାରି ଏବେ ପିଲାଙ୍କୁ ଛାଡ଼ି-ଦିଅ ।" ସଂପାଦକଙ୍କ ଆଦେଶାନୁସାରେ ମାଷ୍ଟର ମାନସାଙ୍କ ଚର୍ଚ୍ଚାରେ ମନୋନିବେଶ କଲେ । ସେ ଜଣେ ପିଲାକୁ ପଚାରିଲେ—"ମାସକୁ ତିନି ଟଙ୍କା ହେଲେ ଦଶ ଦିନକୁ କେତେ ହେବ ?" ସେନାପତି ଏହା ଶୁଣି ତାଟଙ୍କା ହୋଇ କହିଲେ—"ଏତେ ବଡ଼ ହିସାବ କଅଣ ପିଲାମାନେ କହିପାରିବେ ? ତିନି ଟଙ୍କାକୁ ମାସକ ତିରିଶ ଦିନରେ ହରି ତାକୁ ପୁଣି ଦଶଦିନକୁ ମାଡ଼ି ଦଶରେ ଗୁଣିବ; ଏତେ ହିସାବଟେ ପିଲାଏ ତୁଣ୍ଡେ ତୁଣ୍ଡେ କିମିତି କହିବେ ?" ମାଷ୍ଟର କହିଲେ—"ତାହାର ସହଜ ସୂତ୍ର ଅଛି, ମାସକ ତିନି ଦଶ ଦିନ, ତିନି ଦଶକୁ ତିନି ଟଙ୍କା ହେଲେ ଦଶ ଦିନକୁ ଟଙ୍କାଏ ପଡ଼ିଲା ।" ସେନାପତି ଖୁସି ହୋଇ କହିଲେ—"ଠିକ୍ ଠିକ୍, ଏତେ ସହଜ ସୂତ୍ର ଅଛି ? କହନ୍ତି ସିନା, ସର୍କାରି ପାଠ ଏକା ଏକା ଅସଲ ପାଠ ।"

ରମା ସମୟ ସମୟରେ ଯାଇ ସେହି ସ୍କୁଲରେ ବସେ । କେବେ ପିଲାମାନଙ୍କୁ ପାଠ କହିଦିଏ, ମାନସାଙ୍କ ପଚାରେ, ସାନ ପିଲାଙ୍କର ହସ୍ତାକ୍ଷର ସଂଶୋଧନ କରିଦିଏ । ଏହିପରି ମାଷ୍ଟରଙ୍କର ଅନେକ ସହାୟତା କରେ । ମାଷ୍ଟର ମଧ୍ୟ ତାକୁ ଆନ୍ତରିକ ଭଲ ପାଆନ୍ତି । ସେଦିନ ମାଷ୍ଟରଙ୍କ ପାଖରୁ ସେ ଖଣ୍ଡେ ପାନ ଖାଇ ଯାଇଥିବାରୁ ମାଉସୀଙ୍କଠାରୁ ଯେଉଁ ଗାଳି ପୁରସ୍କାର ପାଇଥିଲା, ପାଠକ ତାହା ଜାଣିଅଛନ୍ତି । ଉଷା ତାକୁ ସ୍କୁଲକୁ ଯିବାକୁ ମନା କରନ୍ତି; ମାତ୍ର ସେ ତାହା ଶୁଣେ ନାହିଁ । ଏ ହେତୁ ରମା, ମାଷ୍ଟର ଏବଂ ସ୍କୁଲ ଉଷାଙ୍କର ଚକ୍ଷୁଶୂଳ । ରମର ବିଦ୍ୟାନୁରାଗ ଏବଂ ସାଧୁ ବ୍ୟବହାର ଦେଖି ସେନାପତି ତାକୁ ଆନ୍ତରିକ ସ୍ନେହ କରନ୍ତି । ତାଙ୍କ ପିଲା ଦୁଇଟିକୁ ପାଠ କହିଦିଏ ବୋଲି ତାଙ୍କ ଗୃହିଣୀ ହରିପ୍ରିୟା ମଧ୍ୟ ରମା ପ୍ରତି ସୁପ୍ରସନ୍ନା । ହରିପ୍ରିୟା ସମୟ ସମୟରେ ରମାକୁ ଡାକି ନେଇ ଆଦର କରି ଜଳଖିଆ ଦିଅନ୍ତି—ଖିଆପିଆ ବେଳ ହୋଇଥିଲେ ଭାତ ଦିଅନ୍ତି । ପାଖରେ ବସାଇ ଦୁଃଖ କଷ୍ଟର କଥା, ମାଉସୀଘରର କଥା, ମାଉସୀଙ୍କ ବ୍ୟବହାର, ଏସବୁ ଶୁଣି ଅନୁକଂପାର ଦୀର୍ଘଶ୍ୱାସ ତ୍ୟାଗ କରି କହନ୍ତି—"ହାୟ, ଯାହା କହନ୍ତି—'ପର ଘର ଥାଇ ପର ପସାଣି, କୋକିଳା ଶୋଷିଲା ଦୁଇ ନ ଜାଣି ।' ରମ, ତୁ ମୋତେ

ପର ଭାବରୁ ନାହିଁ; ମୋ ଘୁଣଟି, ଭୋକ ହେଲେ ମୋ କଣକି ତାଲ ଆସି ଗୁଣ୍ଡାଏ ଖାଇଦେଇ ଯିବୁ । ମୋର ଚେମା, ଶୁକୁଠା, ଲହେଁ ଯେମିତି; ତୁ ବି ସିମିତି ।” ଚେମା, ଶୁକୁଠା ହରପ୍ରିୟାଙ୍କର ଦୁଇଟି ସୁନ୍ଦର ନାମ । ତାଙ୍କର ଅନେକ ପିଲା ମରି ମରି ଶେଷକୁ ଏହି ଦୁଇଟି ଅଛନ୍ତି । ପିଲା ଦୁଇଟି ସୁଶ୍ରୀ ଏବଂ ସବଳ; ସେମାନଙ୍କର ଚେମା, ଶୁକୁଠା ନାମ କେହି ଅନୁମୋଦନ କରିବେ ନାହିଁ । କିନ୍ତୁ ମାତୃହୃଦୟ ସର୍ବଦା ଆଶଙ୍କା-ପ୍ରବଣ । କଦର୍ଯ୍ୟ ନାମ ଶୁଣିଲେ ଯମ ଘୃଣା କରି ପାଖ ପଶିବ ନାହିଁ, ଏହି ଧାରଣାରେ ଏରୂପ ନାମ ରଖାଯାଇଅଛି । ସୁତରାଂ ସ୍ୱାସ୍ଥ୍ୟସଂପଦର ପୂର୍ଣ୍ଣ ଅଧିକାରୀ ହୋଇ ସୁନ୍ଦର ପିଲା ଦୁଇଟି ଚେମା, ଶୁକୁଠା ଅପବାଦ ବୃଥାରେ ବହୁଅଛନ୍ତି ଏବଂ ଆଜୀବନ ବହୁଥିବେ । ହରପ୍ରିୟାଙ୍କ ଅସରନ୍ତି ସ୍ନେହଧାରାରେ ଅଭିଷିକ୍ତ ହୋଇ ସୋମା ସ୍ୱୀୟ ଭବିଷ୍ୟତ୍ ସମ୍ବନ୍ଧରେ ଆଶ୍ୱସ୍ତ ହେଲା । ଚିରନବୀନ ହୃଦୟ ବାଲ୍ୟ ଜୀବନରେ ଏହିପରି ଉଜ୍ଜ୍ୱଳ ଅମଳିନ ରେଖାପାତ କରେ । ସ୍ନେହର ଅବସାନ ନାହିଁ; ତାହାର କ୍ରମବୃଦ୍ଧି ସମସ୍ତଙ୍କର କାମନୀୟ । ଏହି ଅଯାଚିତ ସ୍ନେହକୁ ଦୃଢ଼ କରିବା ସକାଶେ ସୋମା ହରପ୍ରିୟାଙ୍କ ସହିତ ଗୋଟାଏ ସଂପର୍କ ସ୍ଥାପନର ଇଚ୍ଛା କଲା । ଦିନେ ମୁଠିଏ ମହାପ୍ରସାଦ ଆଣି ହରପ୍ରିୟାଙ୍କ ହାତରେ ଗୁଞ୍ଜି ଦେଇ କହିଲା—“ତମେ ମୋର ଧରମ ଭଉଣୀ ।” ଏହା କହି ତାଙ୍କ ଗୋଡପାଖରେ ଗୋଟାଏ ଦଣ୍ଡବତ କଲା । ହରପ୍ରିୟା ତାହା ମସ୍ତକରେ ସ୍ନେହର ସ୍ନିଗ୍ଧଶୀତଳ ହସ୍ତ ବୁଲାଇ ଦେଇ କହିଲେ, “ହଁ ରେ, ମୁଁ ତୋର ଭଉଣୀ, ଆଜି ନୁହେଁ, ଆଗରୁ ହୋଇସାରିଛି । ମୁଁ ଯେବେ ନୂଆବୋହୂଅସୁଣୀ ହୋଇ ଏ ଘରକୁ ଆସିଲି, ସେତେବେଳେ ମୋର ଶାଶୁ ନଣନ୍ଦ, କି ଯାଆ ଯଉଲା କେହି ନାହାନ୍ତି । ତୋ ମା ସାଙ୍ଗରେ ଧରମ ମା ବସିଲି, ସେ ମୋତେ ଗାଧୋଇବାକୁ ନେଇ-ଯାଏ, ଖୁଆଏ, ପିଆଏ, ବୋଧ ଶୋଧ କରେ । ସେ ମୋତେ ଝିଅଠାରୁ ଅଧିକ ସ୍ନେହ କରୁଥିଲା । ହାୟ, ମୋର ସେ ଦେବୀତୁଲ୍ୟ ଦୟାବତୀ ମା ଆଜି ସ୍ୱର୍ଗରେ ।” ଏହା କହୁଁ କହୁଁ ତାଙ୍କର ନେତ୍ର ଅଶ୍ରୁସିକ୍ତ ହୋଇ ଆସିଲା । ସେ ସୋମାକୁ ପାଖକୁ ଟାଣି ନେଇ ସ୍ନେହାର୍ଦ୍ର କଣ୍ଠରେ କହିଲେ—“ତୁ ମୋର ସାନଭାଇ, ମୋ ପାଖରେ ଲାଜ କରିବୁ ନାହିଁ, ଯେତେବେଳେ ତୋର ଯାହା ଦରକାର, ମୋତେ କହିବୁ ।” ସୋମା ଏ କଥା ଶୁଣି ସ୍ତମ୍ଭିତ ହୋଇଗଲା ଏବଂ ଭାବିଲା—“ଏ ସାମାନ୍ୟ ମାନବୀ ନୁହେଁ, ମାନବୀ-ହୃଦୟ କି ଏତେ ପ୍ରଶସ୍ତ ହୋଇପାରେ ! ଏ ମୋର ମାତୃଦେବୀଙ୍କର କରୁଣା, ମୋତେ ଆଶ୍ରୟ ଦେବା ପାଇଁ ମୂର୍ତ୍ତିମତୀ ହୋଇ ସ୍ୱର୍ଗରୁ ଓହ୍ଲାଇ ଆସିଅଛି । ଏହାର ବଚନରେ କି କେବଳ ଅମୃତ ଅଛି—ହୃଦୟରେ କି ସ୍ନେହ, ଅନୁକଂପା ଭିନ୍ନ ଆଉ କିଛି ନାହିଁ ! ଦୟାଦେବୀ କି ଅଶ୍ରୁରୂପରେ ଏହାର ନେତ୍ରରେ ଆଶ୍ରୟ ନେଇଅଛନ୍ତି ? ଏ ଦେବୀ ନୁହେଁ—ଦେବୀର ଆରାଧ୍ୟା ମହାଦେବୀ !” ଏହା ଭାବି ମାଉସୀ ଏବଂ ହରପ୍ରିୟାଙ୍କର ତୁଳନା କଲା—“ଗୋଟିଏ ଆଷାଢ଼ୀ ଅମାବାସ୍ୟାର ଘନଘଟାଚ୍ଛନ୍ନ ରଜନୀ, ଅପରଟି ବାସନ୍ତୀପୂର୍ଣ୍ଣିମାର ଧବଳ ଜ୍ୟୋତ୍ସ୍ନାମୟୀ ଯାମିନୀ; ଗୋଟିଏ ବିଷଲତା, ଅପରଟି ଅମୃତ-ବଲ୍ଲରୀ; ଗୋଟିଏ ଉଗ୍ରା ମୁଖରା ଚଣ୍ଡାଳୁଣୀ, ଅପରଟି ଶାନ୍ତା ସୁଶୀଳା ସୁପ୍ରବନ୍ଦା ବ୍ରାହ୍ମଣୀ; ଗୋଟିଏ ତପ୍ତ ବାଲୁକାମୟ ମରୁଭୂମି, ଅପରଟି ସ୍ୱଚ୍ଛଶୀତଳତୋୟା ତରଙ୍ଗିଣୀ; ଗୋଟିଏ ନରକର ଦୁର୍ଗନ୍ଧ ପଙ୍କ, ଅପରଟି ସ୍ୱର୍ଗର ସୌରଭମୟ ଶତଦଳ; ଗୋଟିଏ ଉଚ୍ଛିଷ୍ଟ ଜଳ, ଅପରଟି ତୀର୍ଥବାରି ।” ସୋମାର ଅନ୍ତଃକରଣ ଏକଆଡ଼େ ଯେତେ ଫିଟିଯାଉଥିଲା, ଅନ୍ୟ ଆଡେ ସେତେ ଗୁଡ଼ାଇ ହୋଇଯାଉଥିଲା । ଏକ ବୃକ୍ଷର ଲତା ଯାଇ ଅନ୍ୟ ବୃକ୍ଷରେ ମାଡ଼ିଲେ ପ୍ରଥମ ବୃକ୍ଷ ପ୍ରତି ସେ ଆଉ ପୂର୍ବ ପରି ନିର୍ଭର କରେ ନାହିଁ; ସୋମା ସେହିପରି ହରପ୍ରିୟାଙ୍କୁ ପାଇ ମାଉସୀଙ୍କ ପ୍ରତି କ୍ରମଶଃ ମମତାହୀନ ହେବାକୁ ଲାଗିଲା । ସେ ହରପ୍ରିୟାଙ୍କୁ ନାନୀ ବୋଲି ଡାକେ; ଚେମା, ଶୁକୁଠା ତାହାକୁ ମାମୁ ବୋଲି ଡାକନ୍ତି । ସୋମା ଏଣିକି ଅଧିକାଂଶ ସମୟ ସେନାପତିଙ୍କ ଘର ପାଖରେ କଟାଏ । ବାଳକ ସ୍ନେହର ବଶ; ସେ ଯାହାଠାରୁ ସ୍ନେହ ପାଏ, ତାହାକୁ ଆତ୍ମୀୟ କରିନିଏ । ଦିନେ ହରପ୍ରିୟା କହିଲେ, “ସୋମ, ତୁ ମୋତେ ଆଉ ତମେ ନ କହି ତୁ ବୋଲି କହିବୁ ।” ସୋମା ଟିକିଏ କୁଣ୍ଠିତ ହୋଇ କହିଲା—“ତୁ ବୋଲି କହିବାକୁ ମୋର ତୁଣ୍ଡ ଲେଉଟିବ ନାହିଁ ।”

ହରିପ୍ରିୟା କହିଲେ—"ନା, ମୋ ସୁନାଟି, ତୁ ବୋଲ କହିବୁ ।" ସେହି ଦିନଠାରୁ ସୁମା ତାଙ୍କୁ ଆଉ ତମେ ନ କହି ତୁ ବୋଲି କହେ ।

ଶରତ୍‌କାଳ ପରେ ହେମନ୍ତ ହିମକିରୀଟ ମସ୍ତକରେ ଧରି ଆସି ହେଲା । ବାତ୍ୟାବିକ୍ଷୁବ୍ଧ ସାଗର-ଗର୍ଭରେ ତରଣୀ ଇତସ୍ତତଃ ଧାବିତ ହେଲା ପ୍ରାୟ ନୀଳ ପ୍ରଶାନ୍ତ ଅନନ୍ତ ଅମ୍ବର ପ୍ରଦେଶରେ ବର୍ଷଣକ୍ଳାନ୍ତ ଘନଯୂଥ ଘୂରି ବୁଲିଲେ । ସୂର୍ଯ୍ୟ ବଡ ବିମର୍ଷ । ତାଙ୍କର ମର୍ତ୍ତ୍ୟବାନ୍ଧବୀ ସରୋବରପ୍ରେମୀ କମଳିନୀ ମର୍ତ୍ତ୍ୟରୁ ବିଦାୟ ନେଇଅଛି । ସେ ଏତେ ବଡ ଶୋକ ସହିବେ କିପରି ? ବଡଲୋକ ପ୍ରକାଶ୍ୟ ଭାବରେ କାନ୍ଦିଲେ ସମସ୍ତେ ତାଙ୍କୁ ଧୈର୍ଯ୍ୟ-ହୀନ କହିବେ । ସୁତରାଂ ରଜନୀରେ କେଉଁ ଅଜ୍ଞାତ ଶୂନ୍ୟରେ ଲୁଚି ରହି ଶିଶିରଛଳରେ ଅଶ୍ରୁ ବର୍ଷଣ କଲେ । ପ୍ରେମିକର ସେହି ପୁଣ୍ୟାଶ୍ରୁ, ପ୍ରେମିକାର ସମାଧିରେ ପୁଷ୍ପବୃଷ୍ଟି ତୁଲ୍ୟ । ଲାଳସାବିହୀନ ପ୍ରେମ ବଡ ପବିତ୍ର । ଧାନ୍ୟଗୁଚ୍ଛର ମଧୁର ସୌରଭରେ ଚତୁ-ର୍ଦ୍ଦିଗ ଆମୋଦିତ ହେଲା । ଧାନ୍ୟକ୍ଷେତ୍ରର ସ୍ଥାନେ ସ୍ଥାନେ ପକ୍ୱ ଆଶୁଧାନ୍ୟର କିଆରି ପ୍ରକୃତି ତାପସୀର ବସ୍ତ୍ରରେ ତାଳି ପଡିଲାପ୍ରାୟ ଦୂରରୁ ଦେଖାଗଲା । ଶ୍ୱେତବର୍ଣ୍ଣ ଫୁଲ ଉଦ୍ୟାନରେ ଶତସ୍ୱର୍ଗର ସୁଷମାବିଭବ ଅଜାଡିଦେଲା । ଶ୍ୱେତବର୍ଣ୍ଣ ଗଛଗୁଡିକ ଛତ୍ରଧର, ତାହାର ଫୁଲ ହେମନ୍ତର ହେମକାନ୍ତ ଶ୍ୱେତଛତ୍ର । ନଦୀର ଦୁଇକୂଳରେ କାଶତଣ୍ଡ ଫୁଲ ଫୁଟି ଧଳଧଳିଆ ଲୁଗା ଶୁଖା ହେଲା ପ୍ରାୟ ଦିଶିଲା । ନଦୀ ମୃଦୁ କୁଳକୁଳୀ ଦେଇ ଚାଲିଲା । ଦୁଇ କୂଳରେ ପକ୍ଷୀମାନଙ୍କର କଳରବ ବସିଲା । ଏତେ ଧଳଧଳିଆ ଲୁଗା—ଏତେ ଆୟୋଜନ କେଉଁ ଭାଗ୍ୟ-ଧରର ବିବାହ ସକାଶେ, କିଏ କହିବ ? କାର୍ତ୍ତିକବ୍ରତୀଏ ରାତି ଥାଉଁ ଥାଉଁ ସ୍ନାନ କଲେ । ସେମାନଙ୍କର ଶଙ୍ଖ ହୁଳହୁଳୀ ଶବ୍ଦ ଉଛୁଳି ପଡିଲା । ଦେବାଳୟରେ ମଙ୍ଗଳାଳତିର ଘଣ୍ଟା, ଘଣ୍ଟ, ଝାଞ୍ଜ, କାହାଳ, ମୃଦଙ୍ଗର ମଙ୍ଗଳ ମଧୁର ସ୍ୱର କର୍ଣ୍ଣରେ ଅମୃତ ବୃଷ୍ଟି କଲା । ଆନନ୍ଦ ଏବଂ ପବିତ୍ରତା ଚାରିଆଡେ ଖେଳି ବୁଲିଲା । କାର୍ତ୍ତିକ-ପୂର୍ଣ୍ଣିମାରେ ବ୍ରତ ଉଦ୍‌ଯାପିତ ହେଲା । ସେଦିନ ପ୍ରାତଃକାଳରେ ନଦୀବକ୍ଷ ଅସଂଖ୍ୟ କଦଳୀପଟନିର୍ମିତ ବୋଇତରେ ଅପୂର୍ବଶ୍ରୀ ଧାରଣ କଲା । କେତେ ବୋଇତ ଅନେକ ଦୂରଯାଏ ଭାସିଗଲା—କିଏ ଖଣ୍ଡେ ଦୂରରେ ଅଟକିଲା, କେହି ବା ଆଉରି ଭାବିଲା ନାହିଁ । ତଦ୍ୱାରା ପୁଣ୍ୟପୂର୍ଣ୍ଣ, ଖଣ୍ଡପୁଣ୍ୟ ଏବଂ ଅ-ପୁଣ୍ୟ ସୂଚିତ ହେଲା । ବୋଇତସ୍ଥ ଦୀପାବଳୀ ନଦୀର ସ୍ୱଚ୍ଛଫେନପୁଞ୍ଜ ପ୍ରାୟ ସୁନ୍ଦର ଦିଶିଲା । ରାତିରେ ମଧୁର ମଧୁର ଶୀତ ବୋଧ ହେଲା । ହେମନ୍ତ କାଳ ବଡ ସୁନ୍ଦର, ମଧୁର, ପବିତ୍ର ଏବଂ ଶାନ୍ତିପ୍ରଦ । କିନ୍ତୁ ଜ୍ୱରର ପ୍ରକୋପ ସର୍ବତ୍ର ଦେଖାଯାଏ । ସେ ଜ୍ୱରକୁ କାର୍ତ୍ତିକ-ଲାଗିଜ୍ୱର କହନ୍ତି । ସେ ବର୍ଷ ହରିପ୍ରିୟାଙ୍କୁ ଜ୍ୱର ହେଲା । ପ୍ରଥମତଃ ସେ ଜ୍ୱରକୁ ହେୟ ଜ୍ଞାନ କଲେ; ମାତ୍ର କିଛିଦିନ ପରେ ଜ୍ୱର ଭୀଷଣ ହୋଇଉଠିଲା । ପ୍ରଳାପ, ମୂର୍ଚ୍ଛା ପ୍ରଭୃତି ଲକ୍ଷଣ ମଧ୍ୟ ଦେଖାଗଲା । ସେନାପତିଙ୍କ ପରିବାର ଆଶଙ୍କାରେ ଅଧୀର ହୋଇ ଉଠିଲେ । ସବୁଠାରୁ ଅଧିକ ଅଧୀର ହେଲା ସୁମା । ସେ କେତେ ଦେବତାଙ୍କର ଚରଣୋଦକ, ଚନ୍ଦନତୁଳସୀ ଏବଂ ପ୍ରସାଦୀଫୁଲ ଆଣି ନାନୀଙ୍କର ଦୈବୀ ଚିକିତ୍ସା କଲା—କେତେ ଦେବତାଙ୍କୁ ଡାକିଲା—କେତେ ଦେବତାଙ୍କୁ ଭୋଗ ମାନସ କଲା; ମାତ୍ର କାହିଁରେ ଜ୍ୱର ଛଣା ହେଲା ନାହିଁ । ସେନାପତି ବୈଦ୍ୟ ଡାକି ଔଷଧର ବ୍ୟବସ୍ଥା କଲେ । ସୁମା ନ ଖାଇ ନ ଶୋଇ ପ୍ରାଣପଣରେ ଚିକିତ୍ସା କଲା । ଭଉଣୀ ବସି ଯଥାସମୟରେ ଔଷଧ ଖୁଆଏ, ସ୍ୱହସ୍ତରେ ପଥ୍ୟ ପ୍ରସ୍ତୁତ କରିଦିଏ । ରୋଗିଣୀ ପଥ୍ୟ ନ ଖାଇଲେ ସୁମା କାନ୍ଦିପକାଏ ଏବଂ କହେ—"ମୋ ସୁନାଟି ନାନୀ, ତୁ ଖା; ନ ଖାଇଲେ ମୁଁ ତୋର ଗୋଡତଳେ ମୁଣ୍ଡ ପିଟି ଦେବି ।" ହରିପ୍ରିୟା ରୋଗି-ସୁଲଭ ଟିକିଏ ଫିକା ହସ ହସି କହନ୍ତି—"ଆଚ୍ଛା, ତେବେ ଅଳ୍ପ ଦେ ।" ସୁମାମୁଖରେ ହାସ୍ୟରେଖା କ୍ରନ୍ଦନ ମଧ୍ୟରେ ଫୁଟି ଉଠେ । ସେ କେଉଁଠାରୁ ଡାଳିମ୍ବ, କେଉଁଠାରୁ ସିଦ୍ଧଗ୍ରେ, କେଉଁଠାରୁ କମଳା ସଂଗ୍ରହ କରି ଆଣି କହେ—"ନାନୀ,ଏ ସବୁ ଜଳୁଆ ପାଣିକି ଭଲ ଲାଗେ ।" ଏ କଥା ମଧ୍ୟରେ କି ଅଗାଧ ସ୍ନେହ—କି ପ୍ରାଣର ମମତା ପ୍ରଚ୍ଛନ୍ନ ଥାଏ, ତାହା ହରିପ୍ରିୟା ବୁଝନ୍ତି । ଲୀଳାୟିତ ଆନନ୍ଦରେ ତାଙ୍କ ରୋଗଶୀର୍ଣ୍ଣ ହୃଦୟ ଫୁଲି ଉଠେ । ସେ ହସି ହସି କହନ୍ତି—"ସୁମ, ଆର ଜନ୍ମରେ ତୁ ମୋର ପୁଅ ଥିଲୁ ।" ଔଷଧଠାରୁ ସେବାର ମୂଲ୍ୟ ଅଧିକ । ସୁମାର

ସେବାଶୁଶ୍ରୂଷାଗୁଣରେ ହରପ୍ରିୟା ଧୀରେ ଧୀରେ ଆରୋଗ୍ୟ ଆଡକୁ ଅଗ୍ରସର ହେଲେ । କ୍ରମଶଃ ତାଙ୍କ ଶରୀରରେ ବଳ ସଞ୍ଚିତ ହୋଇଆସିଲା । ସେ ରୋଗ-ଶଯ୍ୟା ଛାଡି ଅଳ୍ପ ଅଳ୍ପ ଚଲାବୁଲା କଲେ । କେତେ ଦିନ ପରେ ତାଙ୍କର ନଷ୍ଟସ୍ୱାସ୍ଥ୍ୟ ବାରପଣ ଫେରି ଆସିଲା । ରାମାର ସୁପରିଚର୍ଯ୍ୟାର ପ୍ରଶଂସା ତାଙ୍କ ମୁହଁରେ ସର୍ବଦା ଲାଗି ରହିଲା । ସେ କହିଲେ—"ରାମ, ତୁ ମୋତେ ଯମମୁହଁରୁ ଛଡାଇ ଆଣିଲୁ; ତୋର ଏ ଉପକାର ମୁଁ ଶୁଝି ପାରିବି ନାହିଁ !" ରାମା ଲଜ୍ଜିତ ହୋଇ କୃତ୍ରିମ କୋପ ପ୍ରକାଶପୂର୍ବକ କହିଲା—"ଯା, ସେପରି କଥା କହିଲେ ମୁଁ ଆଉ ତୋ ଘରକୁ ଆସିବି ନାହିଁ । ଭାରି କାମଟେ କରି ପକାଇଲି ଯେ, ସେଥିଲାଗି ହରଘଡି ସେହି କଥା ତୋର ଭଜନମାଳ ହୋଇଛି ।"

ହରପ୍ରିୟାଙ୍କର ଜ୍ୱର ଛାଡିଗଲା; ମାତ୍ର ଦୁର୍ବଳତା ଯାଇ ନାହିଁ । ଅଳଙ୍କାରବିରଳ ଶୀର୍ଣ୍ଣଶରୀରରୁ ଗୋଟାଏ ସ୍ନିଗ୍ଧ ସରଳ ସୌନ୍ଦର୍ଯ୍ୟ ଫୁଟି ବାହାରୁଅଛି । ସ୍ୱଭାବ-ସୁନ୍ଦର ରୂପକୁ ଅଳଙ୍କାରରେ ଭାରାକ୍ରାନ୍ତ କଲେ ତାହାର ସୌନ୍ଦର୍ଯ୍ୟ ନଷ୍ଟ ହୁଏ । ହରପ୍ରିୟା ପିଣ୍ଡାରେ ଖୁଣ୍ଟକୁ ଆଉଜି ଗୋଡ ଲମ୍ବାଇ ବସିଅଛନ୍ତି—କମଳ-କୋଳରେ ସୌରଭ ପ୍ରାୟ କୋଳରେ ଗୋଟିଏ ଶିଶୁ । ଏହି ସମୟରେ ରାମା ଗୋଟିଏ ସୁପୁଷ୍ଟ ସୁପକ୍ୱ ସପୁରିପଣସ ହାତରେ ଧରି ଉପସ୍ଥିତ ହେଲା । ଶିଶୁଟି ସୁନ୍ଦର ମୁଖରେ କୋଟି ଲାବଣ୍ୟର ହାସ ଖେଳାଇ କହିଲା—"ଏ, ମାମ୍ !" ରାମା ଫଳଟି ତାହା ପାଖରେ ଥୋଇଦେଲା । ଶିଶୁ ଫଳଟି ଧରି ଗୋଟାଯାକ ଗିଳିଦେବାକୁ ସମୁଦ୍ୟତ ହେଲା; ମାତ୍ର ବହୁ ଉଦ୍ୟମ ବିଫଳ ହେବାରୁ ଶେଷରେ ଗୋଡରେ ଫଳଟି ଗଡାଇ ଦେଇ କହିଲା—"ଦାଃ" । ଅନନ୍ତର ଠିଆ ହୋଇ ଜନନୀର ବାମକର୍ଣ୍ଣଟି ଭୋଜନ କରିବାକୁ ଚେଷ୍ଟା କଲା । ଜନନୀ ଟାଣି ଆଣି କୋଳରେ ବସାଇଲେ । ଶିଶୁର ଲୀଳା ଦର୍ଶନରେ ହରପ୍ରିୟା ଏବଂ ରାମା ଉଭୟେ ନିବିଷ୍ଟମନା ଥିବାରୁ ଏ ପର୍ଯ୍ୟନ୍ତ କେହି କାହାକୁ କିଛି କହି ନ ଥିଲେ । ଏବେ ହରପ୍ରିୟା କଥା କହିଲେ । ସେ ରାମାକୁ ଅନାଇ ପଚାରିଲେ—"ଏ ସପୁରିପଣସଟି କେଉଁଠୁ ଆଣିଲୁ ?" ରାମା କହିଲା—"ଜଣକର କଲିକତାରୁ ଖଣ୍ଡେ ଚିଠି ଲେଖି ଦେଇ ଆଣିଲି; ସେ ଯାଚକରି ଦେଲା । ନାନି, ତୁ ଏଥିରୁ ଚାରି ଖଣ୍ଡ ଖାଇଲେ ତୋର ଜର ଅରୁଚି ଛାଡିଯିବ; ମୁଁ କାଟି ଆଣେ ?" ନାନୀ ଟିକିଏ ହସି ଦେଇ ରାମା ପିଠିରେ ବାତ୍ସଲ୍ୟହସ୍ତ ବୁଲାଉଁ ବୁଲାଉଁ କହିଲେ—"ନା ରେ, ମୋର ଅରୁଚି ଛାଡିଗଲାଣି ।" ରାମା ବାଳକୋଚିତ ଅଭିଯୋଗ ସ୍ୱରରେ କହିଲା—"ହଁ, ଛାଡିଗଲାଣି ! ତୁ କିଛି ଖାଉ ନାହୁଁ—ବଞ୍ଚିବୁ କିମିତି ? ନା, ତୁ କହ, ମୁଁ କାଟି ଆଣେ ।" ରାମାର ଏହି ଆତ୍ମୀୟତାରେ ମୁଗ୍ଧ ହୋଇ ହରପ୍ରିୟା କହିଲେ—"ନା ରେ ରାମ, ତୋ ନାନୀ ମରିବ ନାହିଁ—ତୁ ଭାବନା କର ନା ।" ଏହି ସମୟରେ ଶିଶୁଟି ତାହାର କ୍ଷୁଦ୍ର କୋମଳ ସୁନ୍ଦର ହାତ ଦୁଇଟି ରାମ ଆଡକୁ ବଢାଇ ଦେଇ କହିଲା—"ଦେ, କାମ୍ ।" ଶିଶୁଟି ହରପ୍ରିୟାଙ୍କର କନ୍ୟା ଉମା । ରାମା କହିଲା—"କେଉଁ ଉମା କହିଲାଣି ଖାଇବ ।" ଏଣିକି ମାତ୍ର କହି ଆଉ ନାନୀଙ୍କ ସମ୍ମତିର ଅପେକ୍ଷା ନ ରଖି ପଣସ କାଟିବାକୁ ଚାଲିଗଲା । କେତେ କ୍ଷଣପରେ ଗୋଟାଏ ପଥର ଥାଳୀରେ ଖଣ୍ଡୀକୃତ ସପୁରି ଥାଳୀଏ ନେଇ ଫେରି ଆସିଲା । ହରପ୍ରିୟା କହିଲେ—"ସେ ଘର ସିନ୍ଦୁକ ଉପରେ ରଖି କିଛି ତାଙ୍କ ଦେଇଥା, ସେ ଆସିଲେ ତାଙ୍କୁ ଦବୁ, ପିଲାଙ୍କୁ ଦବୁ, ତୁ ଖାଇବୁ, ଆଉ ମୋତେ ଦିଖଣ୍ଡ ଦବୁ ।" ରାମ ଆଦେଶ ପାଳନ କଲା । ହରପ୍ରିୟା ଦଣ୍ଡେଯାଏଁ ତାହା ମୁହଁକୁ ଚାହିଁ ରହି ପଚାରିଲେ—"ତୋ ମୁହଁ ଶୁଖିଲା ଦିଶୁଛି କାହିଁକି ରେ ରାମ, ଖାଇ ନାହୁଁ କି ?" ରାମା ତଳକୁ ଚାହିଁ କହିଲା—"ହଁ, ଖାଇଛି ।" ନାନୀ କହିଲେ—"ତୋ ମନ ଖୁସି ନାହିଁ କାହିଁକି—କେହି ଗାଳି ଦେଇଛି କି ରେ ?" ରାମ ମୁହଁ ଥମ୍ ଥମ୍ କରି କହିଲା—"ଗାଳି ମୋର କେତେବେଳେ ଛାଡ କି !" ଏହି ସମୟରେ କାହାର ଦମ୍ ଦମ୍ ପଦଶବ୍ଦ ଶୁଭିଲା । ଭାଇ ଭଉଣୀ ଦୁହେଁ ଦ୍ୱାରଆଡକୁ ଉତ୍ସୁକଦୃଷ୍ଟିରେ ଚାହିଁ ରହିଲେ । କ୍ଷଣକ ପରେ ଉଷାଙ୍କର ମୁହଁ ଦେଖାଗଲା । ରାମର ମୁହଁ କଳା ପଡିଗଲା । ଉଷା କ୍ରୁଦ୍ଧା ତଂସୁଣୀ ପ୍ରାୟ ଫଁ ଫଁ ହୋଇ ବ୍ୟର୍ଥରାଗରେ ଫୁଲି ଉଠି କହିଲେ—"ତମର ଭଲା ଏ କି ବିଚାର ଚେମାମା ? ସବୁବେଳେ ସେ ଟାମା ତମ ଘରେ ଆସି ବସୁଛି,

ତମେ ଚେବେ ହେଲେ ବି ତାକୁ ଦାଣ୍ଡ଼ ନାହିଁ ?” ଏ କଥା ଶୁଣି ହରିପ୍ରିୟାଙ୍କର ଗୋଡଠାରୁ ମୁଣ୍ଡ ଯାଏଁ କ୍ରୋଧାଗ୍ନି ଚଢ଼ିଗଲା । ସେ ଆତ୍ମସମ୍ବରଣ କରି କହିଲେ—“କି ଅନ୍ୟାୟ କାମଟା ସେ କରି ପକାଇଲା ଯେ, ମୁଁ ତାକୁ ଦାଣ୍ଡିବି ? ପିଲା ଲୋକ, ଟିକିଏ ଖେଳିଲା ବୁଲିଲା; କଅଣ ହେଲା ?”

ଉଷା—ତେବେ ତମେ ତା’ ମୁହଁ ବଢଉଚ ।

ହରିପ୍ରିୟା—ବେଶ୍ କଲି, ମୁହଁ ବଢେଇଲି । ତା ମୁହଁ ବଢି ନାହିଁ ଯେ, ତମେ ତାକୁ ସବୁବେଳେ ଗାଳି ଦେଇ ଦେଇ ତମରି ମୁହଁ ବଢିଯାଇଚି ।

ଉଷା—ମୋ ଗାଳିଟା ତମକୁ ଏତେ ବାଧେ କାହିଁକି ?

ହରିପ୍ରିୟା—ମୁଁ ପିଲାଛୁଆର ମା, ମୋତେ ବାଧିବ ନାହିଁ ? ସେ ମୋର ଧର୍ମର ଭାଇ; ମୋତେ ବାଧିବ ନାହିଁ ଆଉ କାହାକୁ ବାଧିବ ? ମା’ ବାପ-ଛେଉଣ୍ଡିଆ ପିଲାଟାକୁ ତମେ କାହିଁକି ସବୁବେଳେ ଗାଳି ଦେବ; ତା ପ୍ରାଣକୁ କଅଣ ବାଧିବ ନାହିଁ ?

ଉଷା—ମୋ ଘରେ ରହୁଚି; ଭଲ ମନ୍ଦରେ ମୁଁ ପଦେ କହିବ ନାହିଁ ?

ହରିପ୍ରିୟା—ସେ କଅଣ ତମର କିଣା ଚାକର ହୋଇ ତମ ଘରେ ରହୁଚି ? ତାହାର ସବୁ ଖାଇଲ, ଆଉରି ତା ଉପରେ ଗାଳି ?

ଉଷା ଅଧେ କ୍ରୁଦ୍ଧ ଅଧେ ଭୀତ ହୋଇ କହିଲେ, “ଆମେ ତାର କଅଣ ଖାଇଲୁଁ ?” ହରିପ୍ରିୟା ଟିକିଏ ଉତ୍ତେଜିତ ହୋଇ କହିଲେ—“କଅଣ ଖାଇଲ କେହି ଜାଣେ ନାହିଁ—‘ହାତୀ ମଲା ଭୁଲା ଡାକୁଣୀ ପଡିଛି ।’ ତା’ ବାପର ଟଙ୍କା ନ ପାଇଥିଲେ କଉଁଠି ଉତ୍ତୁଣିକା ବଡ ମହାଜନ ହୋଇଥା’ନ୍ତ ?” ଉଷା ଏ କଥା ଶୁଣି ଏକାବେଳକେ ଶୀତଳ ହୋଇ ପଡି ହରିପ୍ରିୟାଙ୍କ ବାକ୍ୟବାଣ ସହଜରେ ହଜମ କରିଦେଲେ । ଟଙ୍କା କଥା କାଳେ ଅଧିକ ପ୍ରକାଶ ହୋଇପଡେ, ଏହି ଆଶଙ୍କାରେ “ହଁ, ସେ ଭାରି ଟଙ୍କାଟିଆ”—କେବଳ ଏତକ କହି ଫେରିଗଲେ । ନଚେତ୍ ସେ ଯୁଦ୍ଧରେ ପୃଷ୍ଠଭଙ୍ଗ ଦେବାର ପାତ୍ରୀ ନୁହନ୍ତି ।

ଏହି ବାଦାନୁବାଦ ମଧ୍ୟରେ ଶ୍ୟାମ କେତେବେଳେ କେଉଁ ବାଟେ ଯାଇ ମଉସା ଘର ପିଣ୍ଡାରେ ବସିଲାଣି । ଆଜି ତାହାର ଆଉ ନିସ୍ତାର ନାହିଁ । ଅତଃପର କି ଶାସ୍ତି ତାହା ଭାଗ୍ୟରେ ଅଛି, ତାହାହିଁ ଭାବୁଅଛି । ଅନୁତାପ ଏବଂ ଆତ୍ମଗ୍ଲାନି ଦୁଷ୍ଟ କୀଟ ପରି ତାହା ହୃଦୟକୁ କୋରି ପକାଉଅଛି । ସେ କାହିଁକି ନାନୀ ଘରକୁ ଗଲା, ନ ଯାଇଥିଲେ ତ ଆଉ ଏତେ ଭାବିବାକୁ ହୁଅନ୍ତା ନାହିଁ । ଏହିପରି ନାନା କଥା ଭାବି ସେ ଆସନ୍ନ ବିପଦ ପ୍ରତୀକ୍ଷାରେ ଭୀତଚିତ୍ତରେ ମୁହଁ ଶୁଖାଇ ବସିଅଛି । ଏହି ସମୟରେ ସୁଭଦ୍ରା ଆସି କହିଲା,—“ତୁ କୁଆଡେ ଯାଇଥିଲୁ ଶ୍ୟାମା ଭାଇ ? ମା ତୋତେ କେତେ ଗାଳିଦେଇ ଖୋଜିବାକୁ ଯାଇଛି । ତୁ ଆମର ଏତେ କାମ କରୁଛୁ, ତେବେ ବି ଜଅଁମାଟା ତୋତେ ଦେଖି ପାରୁ ନାହିଁ ।” ଶ୍ୟାମା ତାହା ମୁହଁକୁ ଅନାଇ ଟିକିଏ ହସି ଦେଇ ତାହା ମୁଣ୍ଡରେ ଗୋଟାଏ କ୍ଷୁଦ୍ର ସ୍ନେହ-ଚାପଡା ମାରି କହିଲା—“ତୁର୍ ବାୟାଣି, ତାହା କହନ୍ତି ନାହିଁ । ସୁଭଦ୍ରା ସହାନୁଭୂତିବୋଳା ଅଭିମାନ ସ୍ୱରରେ କହିଲା—“ହଁ, କହନ୍ତି ନାହିଁ, ତୁ ଯେ କାନ୍ଦୁ ! ମିଛ ନୁହେଁ ଶ୍ୟାମା ଭାଇ, ମା ଯେତେବେଳେ ତୋତେ ଗାଳିଦିଏ, ମୋତେ ଭାରି ବିକଳ ଲାଗେ—ମୁଁ ତୋ କାନ୍ଦଣା ସହିପାରେ ନାହିଁ, ମୋତେ ବଡ ବାଧେ ।” ଏହିପରି ନାନା କଥା କହି ସହାନୁଭୂତିରେ ଶ୍ୟାମାକୁ ଆଚ୍ଛନ୍ନ କରି ପକାଇଲା । ଶ୍ୟାମା ଗୋଟାଏ ଦୀର୍ଘଶ୍ୱାସ ଛାଡି ମନେ ମନେ କହିଲା—“ହାୟ, ଏ ବାଳିକାଟି ଗୋବର ଗଦାର ପଦ୍ମଫୁଲ ।” ଏହି ସମୟରେ ଉଷା ରାଗରେ ଗରଗର ହୋଇ କାହା ଉଦ୍ଦେଶ୍ୟରେ ବିବିଧ ଅଖାଦ୍ୟ ଅପେୟର ବ୍ୟବସ୍ଥା କରି କରି ଘର ପାଖରେ ଆସି ଉପସ୍ଥିତ ହେଲେ । ଶ୍ୟାମାକୁ ଦେଖି କିଛି କହିଲେ ନାହିଁ—କେବଳ ବିଷବୋଳା ଅନଳନେତ୍ରରେ କେତେ ଥର ଚାହିଁ ଚାହିଁ ଘରଭିତରକୁ ଚାଲିଗଲେ ।

## ଦ୍ୱାଦଶ ପରିଚ୍ଛେଦ

ଉଷା ହରିପ୍ରିୟାଙ୍କ ସଙ୍ଗରେ କଳହ କରି ଆସିବାବେଳେ ତାଙ୍କର ସ୍ୱାମୀ ଘରେ ନ ଥିଲେ । ସ୍ୱାମୀ ତାଙ୍କର ଯନ୍ତ୍ରଣାନ୍ୱିତ କ୍ଷତର ଶୀତଳ ଅମୃତ ପ୍ରଲେପ, ଦୈନ୍ୟର ଭିକ୍ଷା, ନୈସ୍ୱଶ୍ୟର ଧୈର୍ଯ୍ୟ ଏବଂ ମତର ସମର୍ଥକ । ତାଙ୍କ ପାଖରେ ହରିପ୍ରିୟାଙ୍କର କଟୁ ଭର୍ତ୍ସନା କଥା ନ କହିଲେ ତାଙ୍କର ମାନସିକ କ୍ଳେଶ ଦୂର ହେବ ନାହିଁ—ପୁଞ୍ଜପୁଞ୍ଜ ଘା ପରି ହୃଦୟ ପିଣ୍ଡିପିଣ୍ଡି ହେଉଥିବ । କଥାଗୁଡ଼ାକ ତାଙ୍କ ପେଟରେ ଜୀର୍ଣ୍ଣ ନ ହୋଇ କଳକଳ ବଳବଳ ହେଉଥାଏ  ଅଧୀର ରୋଗୀ ଚିକିତ୍ସକଙ୍କୁ ଚାହିଁ ବସିଲା ପରି ସେ ବ୍ୟାକୁଳ ଉତ୍କଣ୍ଠାସହକାରେ ସ୍ୱାମୀଙ୍କ ଆଗମନ ପ୍ରତୀକ୍ଷାରେ ନିର୍ନିମେଷ ନେତ୍ରରେ ଚାହିଁ ବସିଥାନ୍ତି । ମନେ ମନେ ନାନାକଥା ଭାବୁଥାନ୍ତି । ହୃଷ୍ଟିଅଣୀ-ସ୍ମୃତି ମଧ୍ୟେ ମଧ୍ୟେ ହରିପ୍ରିୟାଙ୍କ ଭର୍ତ୍ସନାର ତୀବ୍ର ତପ୍ତ ବାଷ୍ପ ଆସି ତାଙ୍କ ହୃଦୟରେ ପ୍ରବେଶ କରାଇ ଦେଉଥାଏ । ସେହି ଅସହ୍ୟ ଅନଳ ବାଷ୍ପରେ ତାଙ୍କର ଅନ୍ତରାତ୍ମା ହାଉ ହାଉ ହୋଇ ଜଳିଉଠୁଥାଏ । ମାତ୍ର ଏ ଦାରୁଣ ଅବସ୍ଥା ତାଙ୍କୁ ଅଧିକ କ୍ଷଣ ସହିବାକୁ ହେଲା ନାହିଁ । ଘଣ୍ଟାକ ପରେ ନିତେଇ ଦାସ ଆସି ଘରେ ପହଞ୍ଚିଲେ । ଶ୍ରାବଣର ବୃଷ୍ଟିଗର୍ଭା କାଦମ୍ବିନୀ ଅସମ୍ଭାଳ ଜଳରାଶି ଢାଳି ଦେଲା ପରି ଉଷା ଏକନିଃଶ୍ୱାସରେ କଳହର ବିବରଣ ଉଦ୍ଗାର କରି ପକାଇଲେ । ହରିପ୍ରିୟା ଯାହା ଯାହା କହିଥିଲେ, ତାହାକୁ ଫେଣାଇ, ଫୁଲାଇ, ଆଉ କେତେ ଆକାଶ-ତୋଳା ନିର୍ମଳ ମିଥ୍ୟା ତହିଁରେ ମିଶାଇ ସ୍ୱାମୀଙ୍କୁ ଉପହାର ଦେଲେ । ଉଷା ଠାକୁରାଣୀ କଥାକୁ ଯେପରି ପୃଥୁଳ କରିପାରନ୍ତି, କୌଣସି ଦକ୍ଷ ବୈୟାକରଣିକ ପ୍ରତିପଦରେ ବିଶେଷଣ ଏବଂ ଅଳଙ୍କାର ପ୍ରୟୋଗଦ୍ୱାରା ବାକ୍ୟକୁ ସେପରି ପୃଥୁଳ କରି ପାରିବେ ନାହିଁ । କଥାକୁ ସପ୍ତରଙ୍ଗରେ ରଞ୍ଜିତ କରିବା ଉଷାଙ୍କର ଗୋଟାଏ ଅଲୌକିକ ଶକ୍ତି । ବହୁ ଅନୁଶୀଳନଦ୍ୱାରା ସେ ଏହି ଶକ୍ତି ବୃଦ୍ଧି କରିଅଛନ୍ତି । ଦାସେ ମନୋଯୋଗପୂର୍ବକ ସବୁ କଥା ଶୁଣି ସହଧର୍ମିଣୀଙ୍କୁ କହିଲେ—"ତମେ ସେଠିକି କଳି କରିବାକୁ ଚାହିଁକି ଗଲ ?" ଉଷା କହିଲେ—"ମୁଁ ସେହି ରୂଲପଶା ଠାମାକୁ ଖୋଜିବାକୁ ଯାଉଥିଲି । ମୁଁ କହିଲି—ରେମାମା, ତମେ ସୁଦ୍ରା ଠୋକାଠାକୁ ଟିକିଏ ବାଣ୍ଟ ନାହିଁ ? ଏତକ କହୁଚି, ଆଉ ଯାଏଁ କୁଆଡେ ! ତାହା ମନକୁ ଯାହା ଆସିଲା, ତାହା କହିଗଲା । ଶେଷରେ ଶୁଖି ଶୁଖି ଗୋଟାଏ ପେଚୁଣୀ ପରି ଦଣ୍ଡଚି, ତେବେ କ ଡ଼ି ଦମାଡ଼ି ଲୋ ମା ! ବଡଲୋକର ମାଉପ ବୋଲି ଏତେ ପୁଲାଣ, ଜାଣ କଅଣ ? ବଡ ଲୋକ ହେଲେ ତୋ ଘରକୁ, ତୋ ବଡଲୋକିକୁ କିଏ ଧୋଇ ପିଇବ, ନା ଘୋରି ପିଇବ ଲୋ ରଣ୍ଡ ଅଣ୍ଟକୁଡ଼ୀ ପୁତଖାଇ ନିର୍ବଂଶୀ ? ମୋତେ ଫେର୍ କହୁଚି—ତାହାର ଟଙ୍କାରେ ତ ତମେ ମହାଜନ ହୋଇଉଚ, ନ ହେଲେ ଲେଙ୍ଗୁଟିଆ ବଷ୍ଟମ ଜାତ, ଭିକ ମାଗୁ ମାଗୁ ଦିନ ସରୁ ନ ଥାନ୍ତା ! ଏ କଥା ଶୁଣି ତ ମୋତେ ଭେଳକା ମାରି ନେଇଗଲା । କାଲେ କେହି ଶୁଣିବ, ଏହି ଭୟରେ ମୁଁ ଆଉ ପାଟି ଫିଟାଇ ନାହିଁ । 'ସେ ଭାରି ଟଙ୍କାଟିଆଠା-ଖାଲି ଏତକ କହି ଦେଇ ଏକ-ମୁହାଁ ହୋଇ ପଳାଇ ଆସିଲି । ମୁଁ ଜାଣେ ପରା—ଏ ଗାଁବାଲା ଡାକୁଣୀଖିଆମାନେ ଠାମାକୁ ଠେଇ ଦେଉଛନ୍ତି । ମୁଁ ଖୁଆଇ ପିଆଇ ବଢ଼ାଇଲି, ଏବେ ମୁଣ୍ଡକୁ ହାତ ପାଇଲା ଯେ, ବଇଜଲା ପର ଶିଖାରେ ପଡି ମୋତେ ମାନିବ ନାହିଁ ।" ଦାସେ କହିଲେ—"ମୋର ତ ସେହି ଡର, କାଲେ ସିମା ପର ବୁଦ୍ଧିରେ ପଡି ଟଙ୍କା ଦାବୀ କରି ବସିବ । ପାଇବ ତ ଛିପଲା ! ଏ ନିତେଇ ଦାସ ଷାଉଘାଟର ପାଣୀ ପେଇଦେବା ଲୋକ । ଆଉ କେହି ନୁହେଁ ଯେ, ଛାନିଆ ହୋଇଯିବ ! ତେବେ ଗୋଟାଏ ଗୋଳମାଳ ହେବା ଭଲ ନୁହେଁ । ସେ ପାପ ମୋ ଘରୁ ଗଲେ ମଙ୍ଗଳ; ମାତ୍ର ବାହାର କରିଦେଲେ ଗୋଟାଏ କଳଙ୍କ ହେବ । ସେ ଯେପରି ଆପେ ଆପେ ଯାଏ, ତମେ ସେହି ବାଟ କର, ସୁଦ୍ରୁସ ମା !" ସୁଦ୍ରସ ମା କହିଲେ—"ସେ ବାଗ ମୋତେ ଆସେ, ସବୁ ଖଞ୍ଜ ମେତେ ଜଣା, ଖାଲି ଝିଅଟାର ବାହାଘର ହୋଇଗଲେ ମୋର ମନ୍ତ୍ର ମୁଁ ପ୍ରୟୋଗ କରିବ । ଠାମା ଥିଲେ ସେତେବେଳେ ଅନେକ କାମ କରିବ । ଝିଅ ଘିଅ, ତାକୁ ସବୁଦିନେ କିଏ ରଖି ପାରିବ ? ଦେଖୁ ଦେଖୁ

ତାହାର ବି ତ ଅସି ଏଗାର ବର୍ଷ ପୁରିଗଲା, ଏବେ ତମେ ପାନ ଖୋଇ ।"

ଦାସେ—ପାନ ତ ଠିକ୍ ହୋଇଛି—ସେହି ବଲଗାଁ ଅଧିକାରୀଙ୍କ ପୁଅ । ପିଲାଟି ରୂପବାନ୍, ଗୁଣବାନ୍—ବିଷୟ ସମ୍ପତ୍ତି ଗୋଟାଏ ଜମିଦାର ପରି । ସେଠାରେ କଲେ ଆମକୁ ବି ଗହଣା ଲାଗିବ ନାହିଁ—ସେ ସବୁ ଗହଣା ଆଣି ତାଙ୍କ ବହୂକୁ ପିନ୍ଧାଇ ନେଇଯିବେ ବୋଲି କହୁଛନ୍ତି ।

ଉଷା—ଛି, ଛି, ବାପ ହୋଇ ତମେ ଏ କଥା କହୁଚ ନା ? ସାତଟା ନାହିଁ କି ପାଞ୍ଚଟା ନାହିଁ, ଧାଇଁ ଧାଇଁ ଝିଅ ବୋଲି ଖଣ୍ଡେ, ତାକୁ ଯାହି ଖଣ୍ଡ ଗହଣା ବି ଦେବ ନାହିଁ ! ସେ ତ ବଡ ଲୋକ, ତାଙ୍କ ବହୂକୁ ସେ ସୁନାରୁପାରେ ଛାଇଦେଇ ପାରନ୍ତି; ତେବେ ତମକୁ ଲୋକେ କଅଣ କହିବେ ? ଆଉ ଝିଅଟିକି ବି କାଳକାଳକୁ ଗୋଟାଏ ଖୁଣ୍ଟା ରହିବ । ତମେ କିଛି ନ କଅ ପଚ୍ଛକେ, ମୁଁ ସେହି ଚୂଡ଼ୀ କପଟ ମୋ ଝିଅକୁ ଦେବି ।

ଦାସେ—କି ଚୂଡ଼ୀ ?

ଉଷା—ସେହି ହରି ବାବୁଘର ଚୂଡ଼ୀ, ସେ ମୋ ଝିଅଲାଗି ଚୂଡ଼ୀ ଏକା ।

ଦାସେ—ଏଁ, ସେ ଦୁଇଶ ଟଙ୍କାର ମାଲ, ଏତେ ଦାମୀ ଜିନିଷଟା ଦେବ ନା ?

ଉଷା—ହେଲେ ଦଶ ଟଙ୍କା; ପୁଅ ହୋଇଥିଲେ ସବୁ ଖାଆନ୍ତା, ଝିଅ ହେଲା ବୋଲି କଅଣ ତାହାର ଦୋଷ ହେଲା ?

ଦାସେ—ସବୁ ତ ତାହାର, ଆମର ଆଉ କିଏ ଅଛି ଯେ ନେବ ?

ଉଷା—ସବୁ ତାହାର ବୋଲି ସେ ଖଣ୍ଡେ ଚିରି ଲୁଗା ପିନ୍ଧି ଶ୍ୱଶୁର ଘରକୁ ଯାଉ ? ଝିଅ ଜନ୍ମ କରିଚ, ତମ ମନଟା କି ଟିକିଏ ବଥଉ ନାହିଁ ! ମୁଁ କାହାରି କଥା ଶୁଣିବି ନାହିଁ, ମୋ ଝିଅକୁ ଚୂଡ଼ୀ ଦେବି—ଦେବି—ଦେବି, ଏହା ମୋର ସତ୍ୟ । ଆଉ ବାହାଘର ଯେପରି ଏହି ଆସନ୍ତା ବୈଶାଖରେ ହୁଏ, ତାହା କର ।

ଦାସେ—ହଁ, ବୈଶାଖରେ ନିଶ୍ଚୟ ହେବ । ମୁଁ ତାଙ୍କୁ କହିଛି, ସେ ଖଣ୍ଡିଏ ପାଲିଙ୍କି ଆଉ ଦଶ ପନ୍ଦର ଜଣ ଭିତରେ ବରଯାତ୍ରୀ ଆଣିବେ । ଏକା ପାଲିଙ୍କିରେ ବର କନ୍ୟା ବସିବା ତ ଆମ ଜାଗାରେ ଚଳେ; ଆଉ ବାଜାଦାର, ନିଶାଣଦାର ପ୍ରଭୃତି ଗୁଡ଼ାଏ ଲୋକଙ୍କୁ ଖୁଆଇବା କି ଲାଭ ?

ଉଷା—ହାୟ, ମୋର ପୋଡା କପାଳ ! ବାହାଘର, ବାଜା ବାଜିବ ନାହିଁ । ଆଉ କଣ ବର କୁଲା ପିଟି ପିଟି ଆସିବ ?

ଦାସେ—ଅଃ, ବାଜା ବାଜିବ ନାହିଁ ବୋଲି ମୁ କହୁଛି ନା ? ତେବେ ବେଣ୍ଡିବାଜାଏ କିଅଁ, ଦଜଣ ଢୋଲିଆ, ଜଣେ ମହୁରିଆ ହେଲେ ତେର । ସେ ସିନା ବଡ ଲୋକ, ଆମେ ତା ସାଙ୍ଗରେ ପଠ ଦେଇ ପାରିବା ନା, ଆମ ଶକ୍ତିକି ଚାହିଁ ତ ଆମେ ଖର୍ଚ୍ଚ ଚଳିବା; ଆଉ ଛୁଞ୍ଚାଟାରେ ପାଣି ହାଣ୍ଡି ପୋଷିବାରେ ବା ଫଳ କଅଣ ?

ଉଷା—ଦଶ ଜଣ ବରଯାତ୍ରୀ ଆସିବେ ପରା ? ଛି ଛି, ତମେ ନିଜର ମହତ୍ତ୍ୱ ନିଜେ ଖାଇ ଅସିଲ । ସେମାନେ ତମ ଓଜନ କରି ନେଲେ । ତମକୁ ଭଲ କରି ପଟାଏ ଚିତା କାଟିବେ ବୋଲି ଦଶଜଣ ଆଣିବାକୁ କହିଥିବେ । ଗୋଟିଏ ବୋଲି ପୁଅ, ପୁଣି ବଡଲୋକ, ସେ ପାଣି କଣ୍ଡସ୍ୱଠାରୁ ହୀନ ହୋଇ ଦଶ ଜଣ ବରଯାତ୍ରୀ ଘେନି ଆସିବ, ଏ କଥା ତମ ମନକୁ ଆସିଲା ? ଯେତେ ବରଯାତ୍ରୀ ଆସିବେ, ତମେ ତ ଆଉ କାହାରିକୁ କିଛି ବିଦାକୀ ଦେବ ନାହିଁ—ମୁଠେ ଖାଇବାକୁ ଦେବ । ମୁଁ ଜାଣେ ସେ ଶହେ ଲୋକ ଆଣିବ, ଆଉ ଆମ ଗାଁର ବି ଶହେ ଲୋକ ହେବେ । ଏହି ଦୁଇଶ ଲୋକର ଖାଇବା ସରଞ୍ଜାମ ଦରକାର । ତାହା ବି କିଣିବାକୁ ହେବ ନାହିଁ—ଘରୁ ବାହାର କରି କାମ ଚଳାଇବ । ସେ ସବୁ ଭାର ମୋର, ତମେ କିଛି ଚିନ୍ତା କର ନାହିଁ ।

ଦାସେ ବୁଝିଲେ—ଝିଅ ବିବାହରେ ଉଷା ଟିକିଏ ଆଡମ୍ବର କରିବେ । ପ୍ରତିବାଦର ଫଳ ଲାଞ୍ଛନା, ଗଞ୍ଜଣା ଭିନ୍ନ ଆଉ କିଛି ନୁହେଁ । ସୁତରାଂ ନୀରବରେ ସମ୍ମତି ଜ୍ଞାପନ କଲେ ।

ମାସ ପରେ ମାସ ଗତ ହେଲା । ବୈଶାଖ ପନ୍ଦର ଦିନକୁ ବିବାହ ଲଗ୍ନ ସ୍ଥିର ହେଲା । ଦେଖୁଁ ଦେଖୁଁ ସେହି ଦିନଟି ଆସି ଉପସ୍ଥିତ ହେଲା । ବର ସୁଅସ୍ତ୍ର, ଘୋଡା, ବାଣ, ଫୁଲଝାଡ଼ ଏବଂ ବନ୍ଧ ବାଦ୍ୟ ବାଦକ ସହିତ ସମାରୋହ ସହ ଆସି ଉପସ୍ଥିତ

ହେଲା । ସଙ୍ଗରେ ଶତାଧିକ ବରଯାତ୍ରୀ । ଦାସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ଏବଂ ପତ୍ନୀଙ୍କ ଅନୁମାନକୁ ଧନ୍ୟବାଦ ନ ଦେଇ ରହି ପାରିଲେ ନାହିଁ । ମନେ ମନେ କହିଲେ—"ବଡଲୋକକୁଟୁମ୍ବଙ୍କର ସ୍ୱଭାବ ବଡ ହୀନ । କଥାରେ ଯାହା କହନ୍ତି, କାର୍ଯ୍ୟରେ ତାହାର ଠିକ୍ ଓଲଟା । ଲୋକଙ୍କୁ ଅପଦସ୍ଥ କରି ପାରିଲେ ସେମାନେ ମୁଣ୍ଡରେ ପାଟଶାଢୀ ବାନ୍ଧନ୍ତି । ଦାସେ ଜାମାତାଙ୍କୁ ବରଣ କରି ବେଦୀ ଉପରେ ନେଇ ବସାଇଲେ । କନ୍ୟା ସ୍ୱର୍ଣ୍ଣର ଅଳଙ୍କାରରେ ମଣ୍ଡିତ ହୋଇ ବରର ବାମପାର୍ଶ୍ୱରେ ଉପବେଶନ କଲା । ପୁରୋହିତ 'ରାମସ୍ୟ ସୀତା, ରାବଣସ୍ୟ ମନ୍ଦୋଦରୀ' ମନ୍ତ୍ର ପଢି ବରକନ୍ୟାର ହସ୍ତଗ୍ରନ୍ଥି ବନ୍ଧନ କଲେ । ଶଙ୍ଖ, ହୁଳହୁଳି ଏବଂ ବାଦ୍ୟରବରେ ଦାସଙ୍କର ଗୃହ, ଦାଣ୍ଡ ଉଚ୍ଛୁଳିଲା । ତେଣେ ଭିତରପୁରରେ ରନ୍ଧନର ଆୟୋଜନ ଲାଗିଲା । ଗ୍ରାମର କେତେ ଜଣ ସ୍ତ୍ରୀଲୋକ ଆସି ଯୋଗ ଦେଲେ । କିଏ ପରିବା ଯୋଗାଡିଲା, କିଏ ଚାଉଳ ଧୋଇବାରେ ଲାଗିଲା, କିଏ ପାଣି ଆଣିଲା ଏବଂ କିଏ ରାନ୍ଧି ବସିଲା । କାମବାର୍ଯ୍ୟବେଳେ ଡାକ ବା ନ ଡାକ, ପ୍ରତିବେଶୀମାନେ ଆପେ ଆପେ ଆସି କାମ ତୁଲାଇ ଦିଅନ୍ତି—ଏ ସୁଧାସ୍ୱ ପଲ୍ଲୀ ସମାଜରେ ଅଛି । ଏହିପରି ସହାନୁଭୂତି ପଲ୍ଲୀସମାଜର ପ୍ରାଣ ଏବଂ ବିଶେଷତ୍ୱ । ମନୁଷ୍ୟର ସଙ୍ଘବଦ୍ଧ ହୋଇ ରହିବାର ଉପକାରିତା ଏହିଠାରେ । ଏହିପରି ପ୍ରୀତି ସୌହାର୍ଦ୍ଦ୍ୟ ଅଛି ବୋଲି ପଲ୍ଲୀସମାଜ ସଭ୍ୟ-ଶିକ୍ଷିତ ନାଗରିକ ସମାଜର ଶୀର୍ଷସ୍ଥାନରେ ଅବସ୍ଥିତ । ପଲ୍ଲୀ-ପ୍ରାଣ ଯେପରି ଏକସୂତ୍ରରେ ଗୁନ୍ଥା, ନାଗରିକ ପ୍ରାଣ ସେପରି ନୁହେଁ । ତାହା ଶିଥିଳ ଏବଂ ଖାପଛଡା । ସହରବାସୀ ତାହାର ପ୍ରତିବେଶୀକୁ ଚିହ୍ନେ ନାହିଁ; ମାତ୍ର ସମଗ୍ର ପଲ୍ଲୀର ବୃଦ୍ଧିନଷ୍ଟ ପ୍ରତ୍ୟେକ ପଲ୍ଲୀବାସୀ ଅବଗତ । ଦେଖା ହେଲେ "ଭଲ ଅଛନ୍ତି" ଏହି ସଂକ୍ଷିପ୍ତ ଶିଷ୍ଟାଚାର ବାକ୍ୟ ସହରବାସୀଙ୍କର ପରିଚୟ; ମାତ୍ର ପଲ୍ଲୀବାସୀର ପରିଚୟ ଭିନ୍ନ ପ୍ରକାର । ସହରବାସୀର ପରିଚୟ ବାକ୍ୟରେ ଏବଂ ପଲ୍ଲୀବାସୀର ପରିଚୟ ପ୍ରାଣରେ ।

ବରଯାତ୍ରୀମାନଙ୍କର ଖିଆପିଆ ଲାଗିଲା । ଗ୍ରାମ୍ୟ ଏବଂ କେତେ ଜଣ ଗ୍ରାମବାସୀ ପରିବେଷଣରେ ନିଯୁକ୍ତ ହେଲେ । କେତେ ଦିନ ହେଲା ଗ୍ରାମର ପ୍ରଶଂସା ମାଉସୀଙ୍କ ମୁହଁରେ ଧରୁ ନାହିଁ । କେତେବେଳେ କହନ୍ତି—"ଠାମା ମୋର ଏକା ମାଧିଆ ବଉଣ ଘର ।" କେବେ କହନ୍ତି—"ଠାମା ପରି ପୁଅଟେ ଆଉ ଅଛି ନା, ସେ ପୁଅଟେ ନୁହେଁ ଯେ, ସୁନା ମୁଣ୍ଡେ । କାମ କରିବାକୁ ଗୋଟେ ହାରବର ।" ଗ୍ରାମ ମାଉସୀଙ୍କର ଏ ଉତ୍ତାଳିଆ ପ୍ରଶଂସାର ଅର୍ଥ ବୁଝେ ଏବଂ ମୃଦୁ ମୃଦୁ ହସେ । ଅପରଠାରୁ କାମ କରାଇ ନେବା ବିଷୟରେ ଉଷା ଖୁବ୍ ପ୍ରବୀଣା । ଗାଁ ମାଇକିନିଆମାନେ କହନ୍ତି—"ଦାସଘର ବହୂ କଥା ଉପରେ ଯେଉଁ କାମ କରାଇ ଦିଅନ୍ତି, ଆଉ କେହି ପାଞ୍ଚ ଟଙ୍କା ଖର୍ଚ୍ଚ କରି ତାହା କରାଇ ପାରିବ ନାହିଁ ।" ଉଷାଙ୍କର ଏ ପ୍ରଶଂସା ଅର୍ଥହୀନ ନୁହେଁ । ବାସ୍ତବରେ ଜଣଜଣଙ୍କ କଥାରେ କି ମୋହମାଦକତା ଥାଏ, ସେଥିରେ ସମସ୍ତେ ମୋହିତ ହୁଅନ୍ତି । ଏ ମୋହନମନ୍ତ୍ର ସମସ୍ତେ ଜାଣନ୍ତି ନାହିଁ—ଯେଉଁମାନେ ଉଷାଙ୍କ ପରି ଚତୁର, ସେହିମାନେ କେବଳ ଜାଣନ୍ତି । ବିବେକବାଣୀ ପରି ସେମାନଙ୍କ କଥା ଏଡି ହୁଏ ନାହିଁ ।

ବରକନ୍ୟା ବେଦୀରୁ ଉଠି କୁଣ୍ଡିଖେଳ ପରେ 'ଶୀତଳହୁଣ୍ଡୀ' କରିବାକୁ ବସିଲେ; ମାତ୍ର ବର 'ଶୀତଳହୁଣ୍ଡୀ' ନ କରି ରୁଷି ବସିଲା । ଏହି ସମୟରେ ଜାମାତାକୁ କିଛି ଦେବାକୁ ହୁଏ, ଏହା ଦାସେ ଜାଣନ୍ତି ଏବଂ ସେଥିର ବ୍ୟବସ୍ଥା ମଧ୍ୟ ଆଗରୁ କରି ରଖିଅଛନ୍ତି । ତିନିବର୍ଷ ତଳେ ଦାସେ ଗୋଟାଏ ସୁନାମୁଦି ବନ୍ଧା ରଖିଥିଲେ । ଚକ୍ରବୃଦ୍ଧି ସୁଧ ଦେବାକୁ ଅକ୍ଷମ ହୋଇ ଦ୍ରବ୍ୟସ୍ୱାମୀ ଆଉ ତାହା ମୁକୁଳାଇ ପାରି ନାହିଁ । ସୁତରାଂ ନ୍ୟାୟତଃ ଏବଂ ଧର୍ମତଃ ଦାସେ ସେଥିର ସଂପୂର୍ଣ୍ଣ ଅଧିକାରୀ । ମୁଦିର ବର୍ଣ୍ଣରୁ ସେ ସୁନା, କି ରୂପା କିମ୍ବା ରୂପା ସୁନା ମିଶାମିଶି, କିଛି ଜଣାଯାଏ ନାହିଁ; କିନ୍ତୁ ଉଷା ସେହି ମୁଦି ଦେଖି କହିଥିଲେ "ଏ ନଇ ସୁନା" ଅର୍ଥାତ୍ ସଭ ସୁନା । ଦାସେ ସେହି ମୁଦିଟି ଜାମାତାକୁ ଦେବେ ବୋଲି ସ୍ଥିର କରି ସେଥିରେ ମୁଣ୍ଡ ବସାଇବା ସକାଶେ ତାହାକୁ ସାତ ଦିନ ହେଲା ହଳଦୀରେ ପୋତି ରଖିଥିଲେ । ସେହି ମୁଦିଟି ଦୁର୍ଜ୍ୟସ୍ତୁ

ଅଭିମାନୀ ନବଜାମାତାର ଅଙ୍ଗୁଳିରେ ପିନ୍ଧାଇ ଦେଇ କହିଲେ—"ବାବା, ଶୀତଳଚୁଣ୍ଡ୍ରୀ କର । ଘର ତୁମର, ଦୁଆର ତୁମର, ସବୁ ତୁମର; ତୁମେ ଘରର ପୁଅ ଅଇ ରୁଷୁଛ କାହାକୁ ? ତୁମର ତ ନେବାବେଳ ଲାଗି ଆସୁଛି, କାଲି ଛାଡ଼ି ପଅରିଦିନ ଗୋଡ଼ଦେଖାକୁ ଆସିବ, ପୁଣି ପୁନେଇଖିଆ ଅଛି, ମୋ ଘୁଣିତ ବାବା, ଆଉ ରୁଷ ନାହିଁ ।" ଶଶୁରଙ୍କର ଏହି ଉଦାସ୍ୟର ଆଶାବାଣୀ ଉପରେ ବିଶ୍ବାସ କରି ଜାମାତା ଶୀତଳଚୁଣ୍ଡ୍ରୀ କଲେ । ତହୁଁପରେ ଅନ୍ୟ କେତେକ ସ୍ତ୍ରୀଆଚାର ସମାଧାନାନ୍ତେ ବିବାହ ଶେଷ ହେଲା । ସନ୍ଧ୍ୟାସମୟରେ ବରକନ୍ୟା ବିଦାୟ ହେଲେ । କନ୍ୟା ଶଶୁରଘରର ଅଲଙ୍କାରମାନ ପିନ୍ଧିଅଛି । ସେଠାରୁ ଏତେ ଅଲଙ୍କାର ଆସିଥିଲା ଯେ, ଦେହରେ ସ୍ଥାନାଭାବ ହେତୁ କେତେ ବଳି ପଡ଼ିଲା । ଦାସେ ପିଠଉ ଗାର ପରି ଯେଉଁ କେତେଖଣ୍ଡ ଶୀଣ୍ଟ ଅଳଙ୍କାର କରିଥିଲେ, ତାହା ଝୁମ୍ପା ରହିଗଲା । କିନ୍ତୁ ସେ ସମସ୍ତ କନ୍ୟାର ପେଡ଼ୀରେ ଦିଆଗଲା । ବିଦାୟ ସମୟରେ ଉଷା କନ୍ୟା ହସ୍ତରୁ ଶଶୁରଘର ଚୁଡ଼ୀ ଓହ୍ଲାଇ ପୂର୍ବୋକ୍ତ ହରିବାବୁଘର ରୁପାଚୁଡ଼ୀ ପିନ୍ଧାଇ ଦେଲେ । ତହିଁ ପରେ ନାନା ଛନ୍ଦରେ ନାନା ସ୍ୱରରେ ବାହୁନି କାନ୍ଦି ଜାମାତା ହସ୍ତରେ କନ୍ୟାକୁ ସମର୍ପି ଦେଲେ ଏବଂ ହାତ ଯୋଡ଼ି ଧରି ଅଲେଳ କନ୍ୟାର ଦୁଷ୍ଟ ଦୋଷ କ୍ଷମା କରିବା ସକାଶେ ବାରମ୍ବାର ଅନୁରୋଧ କଲେ । ସନ୍ଧ୍ୟାପରେ ବରକନ୍ୟା ବିଦାୟ ହୋଇଗଲେ । କନ୍ୟା ପକ୍ଷରୁ ସ୍ୱାମୀ ବାହୁଡ଼ା ବରକନ୍ୟା ଛାଡ଼ିବାକୁ ଗଲା । ଦାସେ ଝିଅକୁ ଯୌତୁକ ମଧ୍ୟ ଦେଇଥିଲେ । ଯୌତୁକରେ ହାଣ୍ଡିଫୁଟା ଜୀରାମରିଚଠାରୁ ଝୁଂପା, ମାଳ, କାଠକୁଣ୍ଢେଇ ଏବଂ କାଠପାଳଅ ଯାଏ ହରେକ ପଦାର୍ଥ ଥିଲା । ଗ୍ରନ୍ଥବାହୁଲ୍ୟ ଭୟରେ ତାହା ସବୁ ଲିଖିତ ହେଲା ନାହିଁ ।

ନଈବଢ଼ି ପରି ମୋକଦ୍ଦମା କେତେବେଳେ କେଉଁ କୂଳ ଖାଏ, ତାହା ଆଗରୁ ଜଣା ହୁଏ ନାହିଁ । ପୋଖରୀ ମୋକଦ୍ଦମା ହାଇକୋର୍ଟରେ ହରିବାବୁଙ୍କ ପକ୍ଷରେ ନିଷ୍ପତ୍ତି ହେଲା । ଅଧିକନ୍ତୁ ହରିବାବୁ ଖେସାରତ୍ ସ୍ୱରୂପ ତିନଶ ଟଙ୍କା ପାଇଲେ । ଗ୍ରାମବାସୀମାନେ ଆନନ୍ଦରେ ଉନ୍ମତ୍ତ ହୋଇ ବିଜୟଉତ୍ସବ ସକାଶେ ହରିବାବୁଙ୍କୁ ଧରି ବସିଲେ । ହରିବାବୁ ସେମାନଙ୍କୁ ଶହେ ଟଙ୍କା ଦେଲେ । ଗ୍ରାମବାସୀମାନେ ସେହି ଟଙ୍କାରେ ନାନାପ୍ରକାର ଉତ୍ସବ କଲେ । ପୋଖରୀ ଅଡ଼ରେ ସାତ ଦିନ ଯାଏଁ ଯାତ୍ରା ଏବଂ ବାଦୀପାଲା ଲାଗିଲା; ପୋଖରୀରୁ ମାଛ ଧରାଯାଇ ଭୋଜି ହେଲା; ଗ୍ରାମର ଆବାଳବୃଦ୍ଧ ସମସ୍ତେ ଭୋଜି ଖାଇ ହରିବାବୁଙ୍କର ଜୟଜୟକାର ଉଚ୍ଚାରଣ କଲେ । କେବଳ ପ୍ରତିବାଦୀ ହୃଷୀ ପଣ୍ଡାର କେହି ଭୋଜିକୁ ଆସିଲେ ନାହିଁ । ଗ୍ରାମବାସୀମାନେ ପ୍ରତିଶୋଧ ଗ୍ରହଣ କରି ବିପୁଳ ଆନନ୍ଦ ଉପଭୋଗ କଲେ । ମୋକଦ୍ଦମାରେ ଉଭୟ ପକ୍ଷର ଯାହା ଖର୍ଚ୍ଚ ହେଲା, ସେଥିରେ ସେହିପରି କୋଡ଼ିଏଟି ପୋଖରୀ କିଣା ହୋଇପାରିଥାଆନ୍ତା । ହରିବାବୁ ମୋକଦ୍ଦମାରେ ପ୍ରାୟ ସର୍ବସ୍ୱାନ୍ତ ହେଲେ ।

## ତ୍ରୟୋଦଶ ପରିଚ୍ଛେଦ

ନଟେଇ ଦାସଙ୍କ କନ୍ୟାର ବିବାହ ହୋଇଗଲା । ହରିବାବୁଙ୍କର ମୋକଦ୍ଦମାରେ ଜୟ ହେଲା । ଆମୋଦ ଅହ୍ଲାଦରେ କିଛି ଦିନ ଅତିବାହିତ ହେଲା । ହରିବାବୁ ଖର୍ଚ୍ଚାସ୍ୱରୂପ ଯେଉଁ ତିନିଶ ଟଙ୍କା ପାଇଥିଲେ ସେଥିରୁ ଶହେ ଟଙ୍କା ବିଜୟୋତ୍ସବ ସକାଶେ ଦେଇଥିଲେ । ଅବଶିଷ୍ଟ ଦୁଇଶ ମଧ୍ୟରୁ କେତେ ଟଙ୍କା ଖର୍ଚ୍ଚରେ ଉଡିଗଲାଣି । ତାଙ୍କର ପୂର୍ବପୁରୁଷମାନେ ସାହାଖର୍ଚ୍ଚୀ ଥିଲେ । ହରିବାବୁ ମଧ୍ୟ ସେମାନଙ୍କର ସେହି ପ୍ରତିଷ୍ଠା ରକ୍ଷା କରି "ବଂଶଭୂଷଣ", "ଯୋଗ୍ୟପୁତ୍ର" ଆଖ୍ୟାର ଅଧିକାରୀ ହୋଇଛନ୍ତି । ପୂର୍ବପୁରୁଷମାନେ ବିପୁଳ ଉପାର୍ଜନକ୍ଷମ ଥିଲେ; ସେମାନଙ୍କ ଅମଳରେ ଦୋଳ-ଯାତ୍ରାରେ ତିନି ମହଣ ଅବିର ଖର୍ଚ୍ଚ ହେଉଥିଲା । ବର୍ତ୍ତମାନ ଶୂନ୍ୟହସ୍ତ ହୋଇ ମଧ୍ୟ ହରିବାବୁ ସେହି ଧାରା ପାଳନ କରି ଆସୁଅଛନ୍ତି । ପୂର୍ବେ ବହୁକୁଟୁମ୍ବ ଥିଲେ, ଦଶହରାରୁ ପାଞ୍ଚହାଣ୍ଡି ମଣ୍ଡାପିଠା ହେଉଥିଲା । ବର୍ତ୍ତମାନ କୁଟୁମ୍ବ ବିରଳ; ତଥାପି ସେହି ପାଞ୍ଚହାଣ୍ଡିରୁ ଊଣା ହୁଏ ନାହିଁ । ଋଣ କରି ବଂଶୀୟ ପ୍ରତିଷ୍ଠା ରକ୍ଷା କରାଯାଏ । ସେ ଋଣ ପରିଶୋଧ ବେଳକୁ ଭୂସଂପତ୍ତି ବିକ୍ରୟ ଅନିବାର୍ଯ୍ୟ ହୋଇଉଠେ । ଏହିପରି ଅନ୍ଧ ଅଭିମାନ ଏବଂ ଅଦୂରଦର୍ଶିତା ହେତୁ ସେ ବିପୁଳ ସଂପତ୍ତି ହରାଇ ବସିଅଛନ୍ତି । ତଥାପି ତାଙ୍କର ଚେତନା ହେଉ ନାହିଁ; କିନ୍ତୁ ଏହା ତାଙ୍କର ଦୋଷ ନୁହେଁ, ଦୋଷ ସଂସାରର । ସଂସାର-ସାଗରରେ ସଂପତ୍ତିର ଜୁଆରଭଟ୍ଟା ଚିରକାଳ ଲାଗିଅଛି । ସେ ଛିଡିବାପାଇଁ ନୁହେ । ଯେଉଁମାନେ କଥାକେ କଥାକେ ମାନହାନିର ବ୍ୟର୍ଥ ସ୍ୱପ୍ନ ଦେଖନ୍ତି, ସେମାନେ ମାନର ଅର୍ଥ ଜାଣନ୍ତି ନାହିଁ । ମାନର ଅର୍ଥ ବଡଲୋକି ବା ଆଭିଜାତ୍ୟ ପ୍ରଦର୍ଶନ ନୁହେଁ—ନିଜସ୍ୱ ଅର୍ଥାତ୍ ମନୁଷ୍ୟତ୍ୱ ରକ୍ଷା । ପତ୍ନୀ ଅନ୍ନପୂର୍ଣ୍ଣାଙ୍କ ତାଡନାରେ ହରିବାବୁ ରୂପାଚୂଡୀର ସୁଧ ହିସାବ କରିବା ସକାଶେ ଦାସଙ୍କ ଘରକୁ ଆସିଲେ । ଦାସେ ତାଙ୍କୁ ଆଦରରେ ଗ୍ରହଣ କରି ବସିଥିବା ନଡିଆ ଚଟାଇର ବଳକା ସ୍ଥାନରେ ବସାଇ ହସି ହସି କହିଲେ—"କି ବାବୁ, ମୋ କଥା ହେଲା ନା ? ମୁଁ କହୁଥିଲି ପରା ହାଇକୋର୍ଟରେ ମୋକଦ୍ଦମା ନିଶ୍ଚେ ଓଲଟି ଯିବ । ଡିଗ୍ରୀ ତ ହେଲା, ଏବେ ମିଠେଇଖିଆ ଅଣ । କାହିଁକି ବା ଜୟ ନ ହେବ, ତମ ଗୋସିବାପ ଆଉ ବାପ ତ କାହାରି ହଳଦିଆ ପାଣିରେ ଗୋଡ ଧୋଇବା ଲୋକ ଥିଲେ ନାହିଁ; ତମେ କି ତ ସୁନାମୁଣ୍ଡେ,ତମର ସତ୍‌ସଂପତ୍ତି କୁଆଡେ ଯିବ ? ହେଲେ, ହୃଷୀ ପଣ୍ଡା ପୁଅ ମଧୁଆର ଦର୍ପ ଚୂର୍ଣ୍ଣ ହୋଇଗଲା । ଭୋଜି ଦିନ ଆଉ ସେ ଘରୁ ବାହାରିଛି କି ? ଚୋର ମୁହଁରେ ଲୁଣ ଦେଲା ପରି ମୋଉ ହୋଇ ଘର କୋଣରେ ଲୁଚି ରହିଲା । ତମେ ଏକା ଖୁବ୍ ପଟେ ଦେଇଛ ବାବୁ !" ହରିବାବୁ ଦାସଙ୍କ ପ୍ରଶଂସାରେ ଫୁଲି ଉଠି କହିଲେ—"ଋଣରେ ଏକା ବୁଡିଗଲି ଦାସପୁଅ; ଢେର ଟଙ୍କା ଖର୍ଚ୍ଚ ହେଲା ।"

ଦାସେ—ଟଙ୍କା ଖର୍ଚ୍ଚ ନ ହେଲେ କେଉଁ କାର୍ଯ୍ୟ ହୋଇପାରିବ ବାବୁ ? ନଷ୍ଟ ସଂପତ୍ତି ଉଦ୍ଧାର କରିବା କି ସାମାନ୍ୟ କଥା ? ସେଥିରେ ଖର୍ଚ୍ଚ ନ କଲେ ଚଳିବ କିପରି ? ଆଉ ଖର୍ଚ୍ଚ କଥା ବାବୁ କୁହ ନାହିଁ । ଏହି ଯେ ବଭାଘରଟା କଲି, ହିସାବ କଲେ ହଜାରେ ଟଙ୍କା ଖର୍ଚ୍ଚରୁ କେତେ କଉଡି ଊଣା ହେବ ନାହିଁ । ଏହା ଛଡା ଚାମ ଆଉରି ସୁନାହାର ସୁନା ବାଜୁ ହେଉଥିବା କଣ ଦେଇଛନ୍ତି ବୋଲି ଶୁଣୁଛ । କଥାରେ କହନ୍ତି ପରା—ଝିଅ ଲାଗି ମା' ଚୋରଣୀ !

ହରି—ଯା'ହେଉ ବଭାଘରଟି ସୁରୁଖୁରୁରେ ହୋଇଗଲା—ବଡ ଆନନ୍ଦର କଥା ।

ଦାସେ—ହଁ ବାପ, ତମ ଦୟାରୁ କିଛି ବିଘ୍ନ ଘଟି ନାହିଁ ।

ହରି—ରାମ ରାମ, ମୁଁ ତ କିଛି କରି ନାହିଁ ।

ଦାସେ—ଏଁ, କିଛି କରି ନାହିଁ, ପାଞ୍ଚ ଜଣ ମିଶି କାମଟି ତୁଲାଇ ଦେଲ—ସେହି ଢେର । କଥ ପଦକ ଛଡା ମୁଁ ଆଉ କିଛି ଖୋଜେ ନାହିଁ ବାପ !

ହରିବାବୁ ଯହିଁ ଲାଗି ଆସିଛନ୍ତି, ସେ କଥା କିଛି ହୋଇ ନାହିଁ; ସୁତରାଂ ଦାସଙ୍କର ଏସବୁ ବାଜେ କଥା ତାଙ୍କୁ ଭଲ ଲାଗୁ ନାହିଁ । କେବଳ ବକ୍ତାର ଆଗ୍ରହାତି-

ଶଯ୍ୟାରେ ଶୋଇବାକୁ ବାଧ୍ୟ ହେବାକୁ ପଡୁଅଛି । ଏହା ଚକ୍ଷୁଲଜ୍ଜାର ବଳହାର ଯନ୍ତ୍ରଣା । ଯାହା ହେଉ, ଦାସଙ୍କ କଥା ଶେଷରେ ହରିବାବୁ କହିଲେ—"ଚୂଡ଼ୀର ସୁଧ କେତେ ହେବ, ମୁଁ ବୁଝିବାକୁ ଆସିଥିଲି । ଅସଲ, ସୁଧ ଯାହା ହେବ, ତାହା ଦେଇ ଚୂଡ଼ୀହଳକ ମୁକୁଳାଇ ନେବ ।"

ଦାସେ—ହେଉ, ମୁଁ ପଚାରି ବୁଝି ତମକୁ କହିବ । ବୋଧ ହୁଏ ବର୍ଷେ ହେବ ପରା ? ଦେବାବେଳେ ତ କହିଥିଲା—ଦୁଇମାସ ମଧ୍ୟରେ ନ ନେଲେ ଅଣାକିଆ ସୁଧରୁ ଊଣା କରିବ ନାହିଁ । ଝୁଣ୍ଟିପ୍ରତି ଆଙ୍ଗୁଳିଠା କଥା କରୁଥିବାରୁ ମୁଁ ତେର ଦିନୁ ସେ ସାହିକୁ ଯାଇ ନାହିଁ । କଥା ଛାଡିଗଲେ ସାତ ଆଠ ଦିନ ପରେ ଯାଇ ବୁଝି ଆସିବି ।

ହରି—ସୁଧ ଟିକିଏ ଊଣା ହେଲା ପରି କରିବ ।

ଦାସେ—ସେ କଥା କଅଣ ମୋତେ କହିବାକୁ ହେବ ? ମୋ ପାରୁପର୍ଯ୍ୟନ୍ତ ଯାହା ହେବ, ମୁଁ ତାହା କରିବ । ତମେ ତ ମୋର ଆପଣାର ଲୋକ, ତମ କାମରେ କି ମୋର କପଟ ଅଛି ?

ଏହା କହି ହରିବାବୁଙ୍କୁ ବିଦାୟ କରିଦେଲେ ।

ଆଠ ଦିନ ଗଲା, ପନ୍ଦର ଦିନ ଗଲା, ମାସେ ଗଲା; ତଥାପି ଦାସଙ୍କର ସାକ୍ଷାତ ନାହିଁ । ହରିବାବୁ ବି ହେଲାରେ ତାଙ୍କ ଘରକୁ ଆସି ପଚାରି ପାରି ନାହାନ୍ତି । ଦିନେ ଅକସ୍ମାତ୍ ଉଭୟଙ୍କର ସାକ୍ଷାତ୍ ହୋଇଯିବାରୁ ନ ପଚାରୁଣୁ ଦାସେ ଆଗରୁ କହି ପକାଇଲେ—"ମୁଁ ତୁମରି ପାଖକୁ ଯାଉଥିଲି ବାବାଜି ! ଯାହା ପାଖରେ ଚୂଡ଼ୀ ବନ୍ଧା ଅଛି, ସେ ତାହା ବାପ ଘରକୁ ଯାଇଛି । ମାଇକିଣା କେଭାବ ପରା, ବୁଝିଲ ନା ବାବୁ ? ତମ ମାଉସୀ ସିନା ଟଙ୍କା ଆଣି ଦେଇଥିଲେ । ହେଉ, ସେ ବାପଘରୁ ଆସିଲେ ଟଙ୍କା ଦେଇ ଚୂଡ଼ୀ ମୁକୁଳାଇ ଆଣିବା ।" ଏହା ପରେ ଆହୁରି ଦୁଇ ମାସ ଅତୀତ ହେଲା । ଦିନେ ହରିବାବୁ ଦାସଙ୍କ ଘରକୁ ଆସି ବୁଝିଗଲେ—ଚୂଡ଼ୀ ବନ୍ଧା ରଖିଥିବା ସ୍ତ୍ରୀ ବ୍ୟକ୍ତି ବାପଘରଠାରେ ଶକ୍ତ ପୀଡ଼ିତ ଅଛି । ସେ ଭଲ ହୋଇ ଫେରି ଆସିବାଯାଏଁ ଅପେକ୍ଷା କରିବାକୁ ହେବ । ତାହା ପରେ ହରିବାବୁ ଆଉ ଯେତେ ଥର ଦାସଙ୍କ ଘରକୁ ଆସିଅଛନ୍ତି, ପ୍ରତିଥର ତାଙ୍କର ଦେଖା ନ ପାଇ ଫେରି ଯାଇଅଛନ୍ତି । କେବେ ଦାସେ ଘରେ ନ ଥିବାରୁ ଦେଖା ହୁଏ ନାହିଁ; କେବେ ବା ଘରେ ଥାଇ ଦେଖା ଦିଅନ୍ତି ନାହିଁ—ଘରେ ନାହାନ୍ତି ବୋଲି ଉଷା ହରିବାବୁଙ୍କୁ ଫେରାଇ ଦିଅନ୍ତି । ଏହିପରି ଟାଳଟୁଳରେ ବର୍ଷେ କାଳ କଟିଗଲା । ହରିବାବୁଙ୍କ ମନରେ ସନ୍ଦେହ ଘନୀଭୂତ ହୋଇ ଉଠିଲା । ଦେବପୀଠରେ ରୋଗୀ ଧାରଣା ଦେଲା ପ୍ରାୟ ସେ ଦାସଙ୍କ ଦାଣ୍ଡଦ୍ୱାରରେ ଲଗି ବସିଲେ । ଉଷା କହିଲେ—"ସେ ଘରେ ନାହାନ୍ତି; ଶଙ୍କରପୁର ଯାଇଅଛନ୍ତି । ଆସିଲେ ତମ ଘରକୁ ପଠାଇ ଦେବି; ନ ହେଲେ କାହାରିକୁ ପଠାଇ ତମକୁ ଡାକି ଆଣିବି । ତମେ ଘରକୁ ଯାଅ । ସେ ରାତିରେ ଆସିବେ କି ପାହାନ୍ତିରେ ଆସିବେ; ତମେ କେତେବେଳଯାଏଁ ବସି ରହିବ ?" ହରିବାବୁ କୌଣସି କଥା ନ ମାନି କହିଲେ—"ସେ ଯେତେବେଳେ ଆସନ୍ତୁ, ମୁଁ ସେତେବେଳଯାଏଁ ବସି ରହିଥିବି । ଦାସେ ଘରଭିତରେ ଥାଇ ଉଷାଙ୍କଦ୍ୱାରା ଉପରୋକ୍ତମତେ କହି ପଠାଇଥିଲେ; ମାତ୍ର ହରିବାବୁଙ୍କ ଦୃଢ଼ତା ଶୁଣି କିଂକର୍ତ୍ତବ୍ୟବିମୂଢ଼ ହେଲେ । ଘରୁ ନ ବାହାରିଲେ ଅନ୍ୟ ଶିକାର ଆସି ଫେରିଯାଇପାରେ; ଏଣେ ଘରେ ନ ଥିବା କଥା ହରିବାବୁଙ୍କୁ କୁହା ଯାଇଅଛି, ଅକସ୍ମାତ୍ ଘରୁ ବାହାରିଲେ ସେ ଅବା କଅଣ ମନରେ କରିବେ ! କିନ୍ତୁ ଗୋଟାଏ ବିଶ୍ୱାସଯୋଗ୍ୟ କାରଣ ଦେଖାଇବା ଦରକାର । ଏହିପରି କେତେ କଥା ଭାବିବାକୁ ଲାଗିଲେ । ମାତ୍ର ମିଥ୍ୟାର ଆଶ୍ରୟ ନେଲେ କାରଣର ଅଭାବ ହୁଏ ନାହିଁ । ଶେଷରେ ଦାସେ ତାହା ହିଁ କଲେ । ସେ ନିଦ୍ରାରୁ ଉଠି ଆସିଲା ପରି ଆଖି ମଳି ମଳି ଆସି କହିଲେ—"କି ବାବୁ, କେତେବେଳୁ ଆସିଲଣି ? ତମ ମାଉସୀ ମୋତେ କେତେ ବେଳାରୁ ହେଲେଣି । କହିଲେ—'ତମେ କୁମ୍ଭକର୍ଣ୍ଣ ପରି ଘରେ ଶୋଇଛ, ମୁଁ ନ ଜାଣି ପଟ୍ଟନାୟକ ପୁଅଙ୍କୁ କହିଦେଲି—ସେ ଶଙ୍କରପୁର ଯାଇଛନ୍ତି, ସେ କଅଣ ମନରେ କରିବେ ?' ଶଙ୍କରପୁର ଯିବାଲାଗି ମୁଁ ଘରୁ ଲୁଗାପଟା ପିନ୍ଧି ବାହାରି ଆସି ଦେଖିଲି ଯେ, ଖରା ଭାରି ଟାଣ ହୋଇଛି । ମୋର ଆଉ ବହକ ଖଟିଲା ନାହିଁ; ଫେରି ଆସି ଘରେ

ଖୋଇଲି । ତମ ମାଉସୀ ତାହା ଜାଣନ୍ତି ନାହିଁ । ଖବର ମିଳିଲେ ମୁଁ ଆଜି ତମ ଘରକୁ ଯାଇଥାନ୍ତି ।"

ହରିବାବୁ କହିଲେ—"ସିବା'ର ଆଉ ଦରକାର ନାହିଁ; ସେ ଚୂଡ଼ୀ ଦେବ କି ନାହିଁ, କଅଣ ବୁଝିଲ ? ବୁଝିବ ବୋଲି ତ ବର୍ଷେ ହେଲା କହୁଛ, ଏ ବର୍ଷର ସୁଧ ମୋତେ କଣ ବୃଥା ଦେବାକୁ ହେବ ? ତମ ଉଦ୍ଦେଶ୍ୟ କଅଣ, ମୁଁ କିଛି ବୁଝି ପାରୁ ନାହିଁ ।"

ଦାସେ—ନା ବାବୁ, ଉଦ୍ଦେଶ୍ୟ କିଛି ନୁହେଁ; ଆଉ ସେ ତମ ଚୂଡ଼ୀ ନ ଦିଅନ୍ତା ବା କାହିଁକି ? ସେପରି ଅସତ୍ ଲୋକ ସେ ନୁହେଁ । ସେ ତମ ମାଉସୀଙ୍କର ସହୀ; ଦୁହିଙ୍କର ଖୁବ୍ ବିଶ୍ୱାସୀ କାରବାର ଚଳେ । ବାପଘର ପାଖରେ ସେ ଅନେକ ଦିନ ବେରାମ ପଡ଼ିଗଲା । ବେରାମ ପଡ଼ିଲା ବା ମଲା; ସେଥିରେ କିଛି ଯାଏ ଆସେ ନାହିଁ; ମାଲଟା ମୁକୁଳାଇ ଆଣିଲେ ଆମର ପାଇଟି ଶେଷ ! ସେଦିନ ତାହା କଥା ଶୁଣି ମୋତେ ମୂର୍ଚ୍ଛା ମାଡ଼ି ନେଇଗଲା । ତମ ରାଣ ବାବୁ; ତମ ଦେହ ଛୁଇଁ କହୁଛି;ସେହି ଦିନୁ ମୋତେ ରାତିରେ ନିଦ ହେଉ ନାହିଁ । ମନ ଯାହା ହେଉଛି, ତାହା ମୁଁ ଜାଣେ । ସେଥିଲାଗି ମୁଁ ପରି ବଳେଇକି ଯାଏ ନାହିଁ । ପାଖରେ ଟଙ୍କା ଥିଲେ ଯେ ମାଗେ, ତାକୁ ଦିଏ, ନ ଥିଲେ ମନା କରିଦିଏ । ତମେ ମୋତେ କଅଣ ଜ୍ଞାନ କରିବ, ଏହି ଲଜ୍ଜାରେ ମୁଁ ମରିଯାଉଛି ବାବାଜି !

ହରି—କଥା କଅଣ କୁହ ।

ଦାସେ—କଣ କହିବି ବାବୁ, ତୁଣ୍ଡ ଫିଟୁ ନାହିଁ । ସେ କହୁଛି—ତମ ଚୂଡ଼ୀ ତାହା ଗହଣା ବାକ୍ସରେ ରଖି ବାପଘରକୁ ନେଇ ଯାଇଥିଲା, ସେଠାରୁ ବାକ୍ସଟି ଚୋର ନେଇଗଲା । ବାକ୍ସ ଚୋରିଯିବା ସତ ବୋଲି ସେ ଗାଁଲୋକେ ସ୍ୱୀକାର କରୁଅଛନ୍ତି । ଆଉ ସେ ତ ମିଛ କହିବା ଲୋକ ନୁହେଁ । ସେଦିନ ମୋତେ ଦେଖିଲା-କ୍ଷଣି କାନ୍ଦି ପକାଇ କହିଲା—'ଦୁଇ ବର୍ଷର ସୁଧ ଦେଢ଼ ଶହେ ଟଙ୍କା; ଆଉ ଅସଲ ଶଏ ଟଙ୍କା—ଏପରି ଅଢେଇଶ ଟଙ୍କା ମୋର ପାଣିରେ ପଡ଼ିଲା ! ଡାକୁଣିଖିଆ ଚୋର ମୋ ମୁଣ୍ଡରେ କଳାକନା ବୁଲେଇ ଦେଲା ।

ଏ କଥା ଶୁଣି ହରିବାବୁଙ୍କ ମୁଣ୍ଡରେ ବଜ୍ର ଖସି ପଡ଼ିଲା । ତାଙ୍କର କଣ୍ଠସ୍ୱର ଘୃଣା । ବିସ୍ମୟ, ଅନୁଶୋଚନା, ତୀବ୍ରତା ଏବଂ କଠୋରତାରେ ଭଗ୍ନ ହୋଇଉଠିଲା । ସେ ରୁଦ୍ରସ୍ୱରରେ କହିଲେ—"ମିଥ୍ୟା କଥା,ଏହା ମୋର ଆଦୌ ବିଶ୍ୱାସ ହେଉ ନାହିଁ । ବୋଧହୁଏ ଏଥିରେ କିଛି ଚକ୍ରାନ୍ତ ଅଛି ।" ଦାସେ ତତୋଧିକ ରୁଦ୍ରସ୍ୱରରେ କହିଲେ—"ମୁଁ କଅଣ ଚକ୍ରାନ୍ତ କଲି ?" ହରିବାବୁ କହିଲେ—"ତାହା ବଡ଼ନ ନୁହେଁ ! ମାଲ ଘରେ ରଖି ତମେ ମୋ ସଙ୍ଗରେ ଚାଲାକି ଖେଳୁଛ ? ସେ ବାଲିଙ୍ଗି ରଖିଦେଇ ମୋ ଲକ୍ଷ୍ମୀଚୂଡ଼ୀ ଆଣି ଦିଅ, ମୁଁ ତମର ସୁଧ ଅସଲ ହିସାବ କରି ଦେବି, ନଚେତ୍ କଉଡ଼ି ସୁଦ୍ଧା ଛାଡ଼ିବି ନାହିଁ ।" ଦାସଙ୍କ ଆପାଦମସ୍ତକ କ୍ରୋଧରେ ଥରି ଉଠିଲା । ସେ ଗର୍ଜି ଉଠି କହିଲେ—"ଏ କଳିକାଳର ଧର୍ମ—ଯାହାର ଉପକାର କରିବ, ସେ ଦୁର୍ନାମ ଦେବ । ମୋର ବୁଦ୍ଧିରେ ମାମଲା କିଣି ବିଷୟ ପାଇଲ; ମୁଁ ପରଘରୁ ଟଙ୍କା ଆଣି ଦେଇ ଶେଷରେ ହେଲି ଚୋର ! ଅଚ୍ଛା ଯାଅ, ମୋର କଅଣ କରିବ କର, ମୁଁ ତମର ମାଲ ରଖି ନାହିଁ କି ଦେଖି ନାହିଁ । ଚୋର ଉପରେ ମୋର ବଳ କଅଣ ଅଛି ? ତମ ଘରୁ ଚୋର ନେଇ ଯାଇଥିଲେ ତମେ କଅଣ କରନ୍ତ ?"

ହରିବାବୁ—ବଡ଼କୁହାପଣ ଘରେ ବାନ୍ଧି ରଖ; ଭଲ ଗଣ୍ଡ ଅଛି ତ ମୋର ମାଲ ଆଣି ଦିଅ ।

ଦାସେ—ନ ଦେଲେ ତମେ ମୋର କଅଣ କରି ପାରିବ ?

ହରି—ମୁଁ କିଛି କରି ନ ପାରେ ପଛକେ; ମାତ୍ର ଧର୍ମ ଚାରି ଯୁଗରେ ଅଛି, ସେହି ତମକୁ ଦଣ୍ଡିବ । ଚୋରଙ୍କର ସର୍ଦ୍ଦାର ତମେ ।

ହରିବାବୁ ଏହା କହି ଦାଣ୍ଡରୁ ମୁଠେ ଧୂଳି ଉଠାଇ ଦେଇ ଅଶ୍ରୁସିକ୍ତ ନେତ୍ରରେ କହିଲେ, "ମୋର ମାଲ ଯେ ରଖିଥିବ,ସେ ଏହି ଧୂଳି ପରି ଉଡ଼ିଯିବ ।"

ଦାସେ—ଓଃ; ଦୁର୍ବାସା ଋଷିଙ୍କ ଅଭିଶାପ; କଅଣ କରିବ ! ସୋଡ଼ଷ ଖୋଳି ପଶିବ ପରା !

ହରିବାବୁ ଆଉ କିଛି ନ କହି ଉଠି ଚାଲିଗଲେ । ଦାସେ ମଧ୍ୟ ଘରଭିତରକୁ ଗଲେ । ଉଷା ହସି ହସି ଆସି ସ୍ୱାମୀଙ୍କୁ କହିଲେ—"ଖୁବ୍ କହିଲ, ମୋ ମନକୁ ବେଶ୍ ଆସିଲା । ପଚାଶ କରଣ ଶୋଭାର ମଗଜ ବଢ଼ିଗଲାଣି ।" ସ୍ୱାମୀ ଏତେବେଳଯାଏ ନୀରବ ହୋଇ

ବସିଥିଲା । ମାଉସୀଙ୍କ କଥା ଶୁଣି ଜାତୀୟ ଘୃଣାସହକାରେ କହିଲା—"ତାହାର ବନ୍ଧାଚୁଡ଼ୀ ଝିଅକୁ ଦେଇ କାହିଁକି ଏତେ ଗର୍ବ ଲଗାଉଛ ?" ଶ୍ୟାମା ଏଣିକି କହି ଆଉ ଯାଏ କୁଆଡ଼େ ! ବିବାହ ପରେ ତ ତାହା କୋଷ୍ଠୀର ଗ୍ରହଗୁଡ଼ାକ ଅବଳ ହୋଇ ଆସିଥିଲେ; ଏବେ ପୁଣି ଘନଘଟା ଘୋଟିଲା । ଉଷା ଗର୍ଜି ଉଠି କହିଲେ—"ସତଅଠା ସତ କଥା କହି ପକାଇଲୁ । ସେ ଆମ ଘରେ ଚୁଡ଼ୀ ବନ୍ଧା ପକାଇବା ତୁ ଜାଣୁ ନା ? ମୋ ବାପଘର ଚୁଡ଼ୀ ମୁଁ ଝିଅକୁ ଦେଉଛି; କାହା ବାପ ଗୋସେଇଁବାପର ମାଲ ଦେଇ ନାହିଁ । କରଣ ଘର କଳା କୁଟକୁଟ ଅଲକ୍ଷଣ ଚୁଡ଼ୀ ନାଇବାକୁ ମୋ ଝିଅ ଝୁରୁଥିଲା ! ନ ଜାଣି ତୁ କାହିଁକି କଥା କହୁଛୁ ରେ—ବେମାନ୍ କୁକୁର ! ଯାହାର ଖାଉଛୁ, ତାହାର ଗୋଡ଼କୁ କଣ୍ଟା ହେବୁ ।" ଶ୍ୟାମା ଆଉ କିଛି ନ କହି ଅନ୍ୟତ୍ର ଚାଲିଗଲା ।

ହରିବାବୁ ଘରେ ପହଞ୍ଚି ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ସବୁ କଥା କହିଲେ । ଅନ୍ନପୂର୍ଣ୍ଣାଙ୍କର ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା । ସେ ବସିପଡ଼ି କହିଲେ—"ହାୟ, ମୋର ଲକ୍ଷ୍ମୀଚୁଡ଼ୀ ଗଲା ? ଏତେ ଦିନଯାଏ ଲକ୍ଷ୍ମୀଠାକୁରାଣୀ ମୋ ଘରେ ଥିଲେ, ଏବେ ଚାଲିଗଲେ । ଶ୍ରୀବତ୍ସ ରାଜାଙ୍କୁ ତ ବିପଦ ଗ୍ରାସିଥିଲା, ପୋଡ଼ାମାଛ ଧୋଇଁ ଧୋଇଁ ପହଁରି ଚାଲିଗଲା—ଆମେ ଅବା କେଉଁ ଛାର !

ଯାହା ହେବାର ହେଲା, ତମେ ଆଉ ସେଥିଲାଗି ଦୁଃଖ କର ନାହିଁ । କପାଳରେ ଯାହା ଥିବ ହେବ, କପାଳ ଏକା ମୂଳ । ଏତେ ବିଷୟ ସମ୍ପତ୍ତି ଗଲା, ଦେହ ସହିଲା; ଆଉ ଚୁଡ଼ୀ ଦିଖଣ୍ଡରେ କଅଣ ଅଛି ?" ଏହି ସମୟରେ ଦାଣ୍ଡରେ ଡାକପିଅନ ଡାକିଲା । ହରିବାବୁ ଉଠିଯାଇ ଖଣ୍ଡେ ଚିଠି ଘେନି ଆସିଲେ । ଚିଠି ଖୋଲି ପଢୁ ପଢୁ ତାଙ୍କ ମୁଖ ଅପୂର୍ବ ଆନନ୍ଦରେ ଉଦ୍ଦୀପ୍ତ ହୋଇ ଉଠିଲା । ସେ ମୁଖରେ ହାସ୍ୟରେଖା ଫୁଟାଇ ପତ୍ନୀଙ୍କୁ କହିଲେ—"ଶ୍ରୀକାନ୍ତ ଚିଠି ଲେଖିଛି, ସେ ଏଫ୍. ଏ. ପାସ କରି ବୃତ୍ତି ପାଇଛି ।" ଅନ୍ନପୂର୍ଣ୍ଣାଙ୍କର ମାତୃହୃଦୟ ଆନନ୍ଦରେ ନାଚି ଉଠିଲା । ସେ କହିଲେ—"ଏବେ ଆମର ଦୁଃଖ ଗଲା, ମା ମଙ୍ଗଳା ମୋ ଶ୍ରୀକାନ୍ତକୁ ଘଣ୍ଟ ଘୋଡ଼ାଇ ରଖିଥିଲେ ଆମର ଯେଉଁ ଘରକୁ ସେହି ଘର ପୁଣି ହେବ । ବିପଦବେଳେ ଶୁଭ-ସମ୍ବାଦ ଭାଗ୍ୟ ଫେରିବାର ଲକ୍ଷଣ । ମା ଲକ୍ଷ୍ମୀଠାକୁରାଣୀ ଫେର୍ ଅନ୍ୟ ରୂପରେ ଆସିବେ । ମା ମୋର ଚଞ୍ଚଳା, ସେ ଏକ ଜାଗାରେ ରହନ୍ତି ନାହିଁ, ତାଙ୍କର ଯିବା ଆସିବା ଲାଗିଥାଏ । ମା ମୋର ଭକ୍ତି ପରୀକ୍ଷା କରୁଛନ୍ତି ।" ଯେଉଁଠାରେ ଦୁଃଖର ଅନ୍ଧକାର ଘୋଟିଥିଲା, ସେଠାରେ ଆନନ୍ଦର ଆଲୋକ-ଲହରୀ ଖେଳି ଉଠିଲା । ପଙ୍କ ମଧ୍ୟରେ ପ୍ରଚ୍ଛନ୍ନରେ ପଦ୍ମ ଥିଲା ପରି ଦୁଃଖ ମଧ୍ୟରେ ଆନନ୍ଦ ଥାଏ ।

## ଚତୁର୍ଦ୍ଦଶ ପରିଚ୍ଛେଦ

ଶ୍ୟାମାକୁ ଜ୍ୱର-ଦୁଇ ଦିନ ହେଲା ତାହା ପେଟକୁ ଗୋଟାଏ ଦାନା କି ଟୋପାଏ ପାଣି ଯାଇ ନାହିଁ । ଦୁଇ ଦିନ ଜ୍ୱରରେ ଠୋକାଠୋ ଝଡ଼ିଗଲାଣି । ସେ କୁଞ୍ଚିକାଳ ଘୋଡ଼ି ଯାକିସୁକି ହୋଇ କାନ୍ଥପିଣ୍ଡାରେ ଶୋଇଅଛି । ଭିତରୁ ମାଉସୀ ଡାକିଲେ—"ଠାମା ରେ ଠାମା" । ଶ୍ୟାମା ଅତି କଷ୍ଟରେ ଉଠି କହିଲା—"ହୁଁ, ଯାଉଛି ।" ଏ କଥା ମାଉସୀଙ୍କ କାନକୁ ଶୁଭିଲା କି ନାହିଁ, ତାହା ଅନ୍ତର୍ଯ୍ୟାମୀଙ୍କୁ ଗୋଚର; ମାତ୍ର ସେ ନ ଶୁଣିଲା ପରି ପୁନଶ୍ଚ ଡାକିଲେ—"ରେ ଠାମା, କି ରେ କାନରେ କଅଁ ଲାଗିଛି କି ? ପାଞ୍ଚକାହାଣ ଡାକ ଉଡ଼ିଗଲାଣି, ମୁହଁରୁ ପଦେ ଭାଷା ବାହାରୁ ନାହିଁ ।" ଶ୍ୟାମା କହିଲା—"ମୁଁ ତ ଜବାବ ଦେଇ ଆସୁଛି, ଆଉ ନ ଶୁଣିଲ କିମିତ ? ଜମାରୁ ତ ତିନିଥର ଡାକିଲ, ପାଞ୍ଚକାହାଣ ବୋଲି କିମିତ କହୁଛ ? ଆସିବାଯାଏ ହେଉ ନାହିଁ ନା କଅଣ ?" ଉଷା ଧମକ ଦେଇ କହିଲେ—"କି ରେ, ତୁ ତ ଭାରି ବଡ଼ି ବଡ଼ି କଥା କହୁଛୁ ? ଯା, ଏହି ଗଗରା ନେଇ ପୋଖରୀରୁ ଗଗରେ ପାଣି ଆଣ ।" ଶ୍ୟାମା କହିଲା—"ଜ୍ୱରରେ ମୋ ଦେହ ଥରୁଛି, ମୁଁ ଯାଇ ପାରିବ ନାହିଁ ।" ଉଷା

କହିଲେ—"କଅଣ କହିଲୁ—ଯାଇ ପାରିବୁ ନାହିଁ ? ଆଉ ଖାଇ ପାରିବୁ ନା ? ତୋ ଚୌଦପୁରୁଷର ମୁଁ କିଛି ଖାଇଚି କି ରେ—ସନ୍ଧ ବାଡି ପରଶିବ, ତୁ ଗିଳିବୁ ? ଖାଇବାବେଳକୁ ଫାଲୁଅ ଟୁଣ୍ଡା ବଳି ଯେପି ଦେବ, ଆଉ କାମଟାଏ କରିବାବେଳକୁ ଗତର ଛିଡି ପଡୁଛି ।" ସୁମା ଟିକିଏ ବିରକ୍ତ ହୋଇ କହିଲା—"ତୁ ସବୁବେଳେ ମୋ ଚୌଦପୁରୁଷ ନାଁ ଧରିବୁ ନାହିଁ ।" ଉଷା ରେଲ ଇଞ୍ଜିନ ପରି ରକ୍ତନେତ୍ର ଧପ୍ ଧପ୍ କରି କହିଲେ—"ଚୌଦପୁରୁଷ ନାଁ ଧରିବି ନାହିଁ ତୋତେ ଡରିବି ! କି ରେ ତୁ ତ ଭାରି ହୁମ୍ ହୁମ୍ ହେଉଚୁ, ମାରିବୁ କି ରେ ? ଅଇଁଠାଚଟା କୁକୁରର ଚାଉର ଦେଖ ।" ଜ୍ୱରରେ ସୁମାର ଦେହ ଜଳୁଛି, ପେଟ ଜଳୁଛି, ପୁଣି ମନ ଜଳୁଛି; ଏଥି ତ୍ରିତାପ ଉପରେ ସେ ଆଉ ମାଉସୀଙ୍କର ଭର୍ତ୍ସନା-ଉତ୍ତାପ ସହି ପାରିଲା ନାହିଁ । ସେ ଏହାଠାରୁ ବଳି ଅନେକ କଟୁକଥା ସହ୍ୟ କରିଅଛି, ସହ୍ୟ କରି କରି ତାହାର ଦେହ ପଥର ହୋଇ ଯାଇଅଛି; ତଥାପି ସେ ଆଜ ସହି ପାରିଲା ନାହିଁ । ସହିବାର ତ ସୁଦ୍ଧା ଗୋଟାଏ ସୀମା ଅଛି; ତାହାର ରକ୍ତ-ମାଂସର ଶରୀର ଆଉ କେତେ ସହିବ ? ସେ ଆଖିରେ ଲୁହ ଡଳ ଡଳ କରି କହିଲା—"ଯା, ମୁଁ ଆଉ ତୋ ଘରେ ରହିବି ନାହିଁ; ତୁ ଯାହା କହିବାର କହୁଥା ପଛକେ, ମୁଁ ଚାଲିଯାଉଛି ।" ଉଷା କହିଲେ—"ଗଲେ ଢୋଉ ଗାତକୁ ଯିବୁ ଯା ରେ ଚୁଲିପଶା, ମୁଁ ତୋ ପଛରେ ଗୋଡାଇଯିବି କି ?" କେବଳ ଏତିକି ନୁହେଁ—ଆହୁରି କେତେ ଉଗ୍ର ଭର୍ତ୍ସନା ମଧ୍ୟ କଲେ ଏବଂ ସୁମାର ଚୌଦପୁରୁଷ ଉଦ୍ଦେଶ୍ୟରେ ଅକଥ୍ୟ ଅମେଧ୍ୟ ପଦାର୍ଥ ବିଶେଷରେ ଶ୍ରାଦ୍ଧ ବାଡିଲେ । ତାହା ସବୁ ପାଠକ-ମାନଙ୍କୁ ଶୁଣାଇବା ଶିଷ୍ଟାଚାର-ବିରୁଦ୍ଧ; ସୁତରାଂ ଲିଖିତ ହେଲା ନାହିଁ । ସେଥିରେ ବକ୍ତାର ତୁଣ୍ଡ, ଶ୍ରୋତାର କର୍ଣ୍ଣ ଏବଂ ପବିତ୍ର ଲେଖନୀ-ମୁଖ କଳୁଷିତ ହେବ । ସୁମା ଶୁଣି ନ ଶୁଣିଲା ପରି କିଛି ନ କହି ଘରୁ ବାହାରି ଗଲା । ବୈଶାଖ ମାସ, ମଧ୍ୟାହ୍ନ ସମୟ, ଭୀଷଣ ରୌଦ୍ରରୂପ ଅଗ୍ନିକୁଣ୍ଡରେ ଚୌଦିଗ ସମାଚ୍ଛନ୍ନ । ଗ୍ରାମ ନିସ୍ତବ୍ଧ, ପଥ ନିର୍ଜନ, ପଶୁପକ୍ଷୀର ଶବ୍ଦ ସୁଦ୍ଧା ଶୁଣାଯାଉ ନାହିଁ । ସୁମା ସେହି ନିର୍ଜନ ପଥରେ ଚାଲିଲା । ଖରାରେ ମୁଣ୍ଡ ଫାଟି ଯାଉଅଛି, ତପ୍ତଧୂଳିରେ ଗୋଡ ଜଳି ଯାଉଅଛି, ଖରସ୍ପର୍ଶ ପବନରେ ଶରୀରରେ ତପ୍ତ ଲୌହଶଳାକା ବିଦ୍ଧ ହେଲା ପ୍ରାୟ ଯନ୍ତ୍ରଣା ଅନୁଭୂତ ହେଉଅଛି; କିନ୍ତୁ କାହିଁରେ ସୁମାର ଭ୍ରୂକ୍ଷେପ ନାହିଁ । ସେ ଲକ୍ଷ୍ୟହୀନ ଭାବରେ ଚାଲିଅଛି । ନିୟତି ତାହାକୁ କେଉଁଆଡକୁ ଘେନି ଯାଉଅଛି, ତାହାର ଏ ଯାତ୍ରାର ଶେଷ କେଉଁଠାରେ, ସେ କିଛି ଭାବିବାକୁ ନାହିଁ, ଯନ୍ତ୍ରଚାଳିତ ପ୍ରାୟ କେବଳ ଚାଲିଅଛି । କେଉଁଠାକୁ ଯାଉଅଛି, ତାହା ସେ ନିଜେ ଜାଣେ ନାହିଁ । କିଛିକ୍ଷଣ ପରେ ଗ୍ରାମର ଉପକଣ୍ଠବର୍ତ୍ତୀ ପୁଷ୍କରିଣୀ କୂଳରେ ଗୋଟାଏ ବଟବୃକ୍ଷର ଛାୟାରେ ଯାଇ ବସିଲା । ଚାରିଆଡ ନିସ୍ତବ୍ଧ, ପ୍ରଖର ରୌଦ୍ରରେ ସମ୍ମୁଖବର୍ତ୍ତୀ ନୀଳ ବିଶାଳ ପ୍ରାନ୍ତର ନାନାବର୍ଣ୍ଣ ଧାରଣ କରୁଥାଏ । ସୂର୍ଯ୍ୟ ସେହି ପ୍ରାନ୍ତରରେ ଅମିତ ଉତ୍ତାପ ଢାଳି ଦେଉଥାଆନ୍ତି । ଗୋଟିଏ ସିନ୍ଦୂରମୁଣ୍ଡୀ ପକ୍ଷୀ ଘନ ପତ୍ରାନ୍ତରାଳରେ ଦେହ ଲୁଚାଇ "ଖଟରେ ଶୋ, ଖଟରେ ଶୋ" ଶବ୍ଦରେ ଦିଗନ୍ତ ମୁଖରିତ କରୁଅଛି । କ୍ଷୁଦ୍ର ପକ୍ଷୀଟି କାହାକୁ ଖଟରେ ଶୋଇବାପାଇଁ ଅଳି କରୁଅଛି, ତାହା ସେହି ଜାଣେ । ବିଶାଳ ପ୍ରାନ୍ତର-ବକ୍ଷରେ ବିସ୍ତୀର୍ଣ୍ଣ ମରୀଚିକା କୃଷ୍ଣବେଣୀ ବିସ୍ତାରପୂର୍ବକ ନାଚି ନାଚି ଚାଲି ଯାଉଥାଏ । ମର୍ମପୀଡିତର ଖରସ୍ପର୍ଶ ଶ୍ୱାସ ଆଶାକୁ ଝାଉଁଇ ଦେଲା ପ୍ରାୟ ନିଦାଘ ପବନ ଗଛର ପତ୍ର ଝାଉଁଇ ଦେଇ ବହି ଯାଉଥାଏ । ପୁଷ୍କରିଣୀରେ ବନ୍ଧୁପିତାଙ୍କର ମଧୁର, ଶୀତଳ, ତରଳ କୃପା ବାରିରାଶିରୂପରେ ସଞ୍ଚିତ । ନୀଳ ଜଳଦର୍ପଣରେ ତୀରସ୍ଥ ବୃକ୍ଷରାଜି ସୁନ୍ଦର ମୁଖଛାୟା ଅବଲୋକନ କରି ନିଜର ସୌନ୍ଦର୍ଯ୍ୟରେ ନିଜେ ମୁଗ୍ଧ ହେଉଥାଆନ୍ତି । ପୁଷ୍କରିଣୀଟି ବିବିଧ ଜଳପୁଷ୍ପରେ ଅଲଙ୍କୃତ । ଯେମନ୍ତ କି ସୌନ୍ଦର୍ଯ୍ୟର ବହୁ ଉପାଦାନ ତାହା ବକ୍ଷରେ ଇତସ୍ତତଃ ରହିଅଛି । ଜଳଚର ପକ୍ଷିବୃନ୍ଦ ମୁଣ୍ଡ ଉପରେ ଚିର ଚିର ଚକ୍ରାକାରରେ ଉଡି ବୁଲୁଥାନ୍ତି । ଆକାଶରେ କେତେ ଖଣ୍ଡ କ୍ଷୁଦ୍ର ମେଘ ପବନ ସଙ୍ଗରେ ଲୁଚା-କାଳୁଛି ଖେଳି ବୁଲୁଥାଆନ୍ତି । ଖଣ୍ଡେ ଘୂର୍ଣ୍ଣୀବାୟୁ ଅକସ୍ମାତ୍ ଆବିର୍ଭୂତ ହୋଇ ଗଛ ପତ୍ର ହଲାଇ ଛିନ୍ନପତ୍ର ଏବଂ ବକ୍ରଶାଖାରେ ତାହାର କ୍ରୀଡାର ଚିହ୍ନ ରଖି ଚୋର ପରି ଅନ୍ତର୍ହିତ ହୋଇଗଲା । ଜଳପାସିବାର ଭୀଷଣ ଭଉଁସରେ ଜୀବକୁଳ ଘୁରି

ଝୁଲିଲା ପ୍ରାୟ ଶୁଷ୍କ ପତ୍ରସବୁ ଆକାଶରେ ଉଡ଼ି ବୁଲିଲେ । ଚାରିଆଡ଼େ ଏତେ ସୌନ୍ଦର୍ଯ୍ୟ, ଲାବଣ୍ୟମୟୀ ପ୍ରକୃତିର ଏତେ କ୍ରୀଡ଼ା; କିନ୍ତୁ ଶ୍ୟାମା ଦୃଷ୍ଟି ସେଥିପ୍ରତି ଲେଶ ମାତ୍ର ନାହିଁ । ସେ ନିଜର ଦୁରଦୃଷ୍ଟସହ କଳହରେ ନିଯୁକ୍ତ । ଦୁଃଖୀର ହୃଦୟ ସୌନ୍ଦର୍ଯ୍ୟପିପାସୁ ନୁହେଁ—କୋଟି ସୌନ୍ଦର୍ଯ୍ୟ ତାହା ଚକ୍ଷୁରେ ତୁଚ୍ଛ । ସେ ତାହାର ଦୁଃଖଦୁର୍ଭାବନାରେ ସର୍ବଦା ତନ୍ମୟ । ସୌନ୍ଦର୍ଯ୍ୟ ସମ୍ପଦ ତାହା ନିକଟରେ ବିଡ଼ମ୍ବନା ମାତ୍ର । ଦୁଃଖୀର ଜୀବନ ଚିର ନିରାନନ୍ଦ ଏବଂ ସର୍ବଦା ହାହା-କାରମୟ ।

ମାଉସୀଙ୍କ ଦୁର୍ବାକ୍ୟ ଭର୍ତ୍ସନା ପ୍ରାୟ ଶ୍ୟାମାର ହୃଦୟକୁ ଭିତରେ ଭିତରେ ଦଗ୍ଧ କରୁଅଛି । ସେ ମନେ ମନେ ଭାବୁଅଛି, କର୍ମହୀନ—ଆନନ୍ଦବିକାଶଶୂନ୍ୟ ଜୀବନ କେବଳ ଶରୀରର ବିଫଳଭାର ମାତ୍ର । ନିଃସଙ୍ଗ ଜୀବନ ମରୁଭୂମି ତୁଲ୍ୟ ନୀରସ ଏବଂ ନୈରାଶ୍ୟମୟ । ହୃଦୟର ଶୂନ୍ୟତାକୁ ଘେନି କାଳଯାପନ କରିବା ଦୁର୍ବହ ଯନ୍ତ୍ରଣା ଭିନ୍ନ ଅନ୍ୟ କିଛି ନୁହେଁ । ବିଧାତା କି ମାନବକୁ ଯନ୍ତ୍ରଣାର ଅନଳକୁଣ୍ଡରେ ଦଗ୍ଧ କରିବାପାଇଁ ଅସହାୟ କରି ଜନ୍ମ ଦିଅନ୍ତି ? କେହି କେହି ଏହାକୁ କର୍ମଫଳ ବୋଲି କହନ୍ତି । କିନ୍ତୁ ଯାହାର କର୍ମ ନାହିଁ, ତାହାର କର୍ମଫଳ ଭୋଗ ବିଷମ ସମସ୍ୟା ନୁହେଁ କି ? ଏହା ଶିରୋନାସ୍ତି ଶିରୋବ୍ୟଥା ପରି କଥା ସିନା ! ମୁଁ ବାଳକ, କର୍ମଜୀବନର ବହୁଦୂରରେ ଅବସ୍ଥିତ; ମୋର ପୁଣି କର୍ମଫଳ ? ଏହା ଆଶ୍ଚର୍ଯ୍ୟରୁ ଆଶ୍ଚର୍ଯ୍ୟତର ନୁହେଁ କି ? ତେବେ କି ଲୋକେ ଇହଜନ୍ମର ସୁଖଦୁଃଖକୁ ପରଜନ୍ମର କର୍ମଫଳ ବୋଲି ନିର୍ଦ୍ଦେଶ କରନ୍ତି ? ପୂର୍ବଜନ୍ମ ସତ୍ୟ କି ମାନବର କଳ୍ପନା, ତାହା ବୁଝିବା ତ ମୋ ଭଳି କ୍ଷୁଦ୍ର-ପ୍ରାଣ ଅଜ୍ଞାନ ବାଳକ ପକ୍ଷରେ ଅସମ୍ଭବ ! ଏହିପରି ଭାବୁଁ ଭାବୁଁ ମଧ୍ୟରେ ମଧ୍ୟରେ ମାଉସୀଙ୍କ ଦୁର୍ବାକ୍ୟର ସ୍ମୃତି ଉପସ୍ଥିତ ହୋଇ ତାହାର ଚିନ୍ତାସୂତ୍ର ଛିଡ଼ାଇ ଦେଉଥାଏ । ସେହି ସ୍ମୃତିରୁ ପୁଣି ନୂତନ ଚିନ୍ତାର ସୂତ୍ର ବାହାରି ପଡ଼ୁଥାଏ । ଏହିପରି ଭାବରେ କିଛି ସମୟ ଅତିବାହିତ ହେଲା । ଦୂରରେ ଗୋଟିଏ ସ୍ତ୍ରୀମୂର୍ତ୍ତି ଦେଖି ହଠାତ୍ ତାହାର ଦୃଷ୍ଟିପଥରୁ ଚିନ୍ତାର ଯବନିକା ଅପସୃତ ହୋଇଗଲା । ପିତ୍ତଳକଳସୀ କାଖରେ ଜଣେ ସ୍ତ୍ରୀ ପୋଖରୀ ଆଡ଼କୁ ଆସୁଅଛି । କଳସୀରେ ରଶ୍ମି ପଡ଼ି ଜ୍ୟୋତି ବାହାରୁଅଛି । ସେହି ଜ୍ୟୋତିରେ ତାହାର ମୁଖମଣ୍ଡଳ ଉଦ୍ଭାସିତ । ଯେପରି କି ଦେବୀ-ପ୍ରତିମା ମୁଖରୁ ପ୍ରଭା ନିର୍ଗତ ହେଉଅଛି । ସେ ଦେଖୁଁ ଦେଖୁଁ ଆସି ଶ୍ୟାମା ପାଖରେ ଉପସ୍ଥିତ ହୋଇ ନାନା କଥା କହି ସ୍ନେହର ଉଚ୍ଛ୍ୱାସରେ ତାହାକୁ ଆଚ୍ଛନ୍ନ କରି ପକାଇଲା । ଅଦୃଷ୍ଟର କି ଅଦ୍ଭୁତ ପରିବର୍ତ୍ତନ ! କେଉଁଠାରୁ ଏ ସ୍ନେହମୟୀ ଆସି ତାହାର ଅନ୍ଧକାରମୟ ଶୂନ୍ୟ ହୃଦୟକୁ ସ୍ନେହର ଜ୍ୟୋତ୍ସ୍ନାରେ ପୂର୍ଣ୍ଣ କରିଦେଲା ? ପାଠକ ଚିହ୍ନିଲେ କି ଏ ରମଣୀରତ୍ନ କିଏ ? ଏ ସେହି ବଂଶୀଧର ସେନାପତିଙ୍କ ସହଧର୍ମିଣୀ ହରିପ୍ରିୟା—ଶ୍ୟାମାର ଧର୍ମଭଉଣୀ । ଶ୍ୟାମା ତାଙ୍କୁ ଦେଖି ବିସ୍ମିତ ହୋଇ ପଚାରିଲା, 'କି ନାନି, ତୁ ଏ ଖରାରେ କାହିଁକି ଆସିଲୁ ?' ହରିପ୍ରିୟା କହିଲେ—"ଗାଧୋଇ ଆସିବା ବେଳେ ଦେଖିଥିଲି, ବୁଢ଼ିଆ ପାଣ ପୁଅଟି ଭାରି କାନ୍ଦୁଥିଲା । ସେ କାଲି ରାତିରୁ ଭାତ ଖାଇ ନାହିଁ । ଅହା, ମାଛେଉଣ୍ଡ ପିଲାଟି"—ଏତିକି କହି କାନ୍ଦି ପକାଇଲେ । ଲୁଗା କାନିରେ ଲୁହ ପୋଛୁ ପୋଛୁ କହିଲେ—"ମନଟା ଘାଣ୍ଟି ଚକଟି ହେଲା ରେ ଶ୍ୟାମ, ସେହି ପିଲାଟିପାଇଁ । ଏହି ପିତ୍ତଳ ମାଠିଆରେ ଭାତ ଆଣିଥିଲି । ତାକୁ ଦେଇ ମାଠିଆଟା ଧୋଇ ନେବାକୁ ଆସିଛି । ତ ଦିନ ହେଲି ତୋର କାହିଁକି ଦେଖା ନାହିଁ ?" ଶ୍ୟାମା କହିଲା—"ମୋତେ ଜର ।" "ଏଁ, ଜରରେ ଏଠି ଆସି ବସିଚୁ ! କି ଆମ ଘରକୁ ଗଲୁ ନାହିଁ ? ଦେହ ତ କଣ୍ଟା ପରି ହୋଇ କଳା ପଡ଼ିଗଲାଣି—ଆଖି କାନ ଭିତରକୁ ପଶିଗଲାଣି; ତୁ କେତେ ଦିନ ହେଲା ଖାଇ ନାହୁଁ ରେ ? ମାଉସୀ କିଛି କହୁଚି କି ?" ହରିପ୍ରିୟା ଏହା କହି ଶ୍ୟାମାର ଦେହରେ ମୁଣ୍ଡରେ ସ୍ନେହର ହାତ ବୁଲାଇ ଦେଲେ । ଶ୍ୟାମା ଅଶ୍ରୁ-ସଜଳ ନେତ୍ରରେ କେବଳ ଏତିକି କହିଲା—"ମୁଁ ତାହା ଘରୁ ବାହାରି ଆସିଲି—ଆଉ ଯିବ ନାହିଁ ।" ହରିପ୍ରିୟା ବୁଝିଲେ ଘଟଣା ଗୁରୁତର ହୋଇଅଛି; କିନ୍ତୁ ସେତେବେଳେ ଆଉ କିଛି ପଚାରିବା ଉଚିତ ନୁହେଁ ଭାବି କହିଲେ—"ଅଚ୍ଛା ବଳୁ ବାହାରି ଆସିଲୁ, ଚାଲ ମୋ ଘରକୁ । ସେ ଆଉ ମାଉସୀ ଘର ନୁହେଁ—ତୋର ନାନୀଘର । ଆଜିଠାରୁ

ତୁ ମୋର ବଡପୁଅ ।” ଏହା କହି ସୁମାର ହାତ ଧରି ଉଠାଇ ନେଇଗଲେ । ମାଟିଆଠା ପୋଖରୀରେ ଧୋଇ ନେଇ ସୁମାକୁ ଆଗରେ ଚଲାଇ ନିଜେ ପଛେ ପଛେ ଚାଲିଲେ । ଘରେ ପହଞ୍ଚି ସୁମାକୁ ପୁଷ୍ଟିକର ଲଘୁପଥ୍ୟ ଖାଇବାକୁ ଦେଇ ପରିଷ୍କୃତ ବିଛଣାରେ ଶୁଆଇଲେ । ଘୋଡିବାପାଇଁ ପେଡିରୁ ଖଣ୍ଡେ ବାରହାତୀ ଧଡି ବାହାର କରିଦେଲେ । ସନ୍ଧ୍ୟା ସମୟରେ ବୈଦ୍ୟ ଡକାଇ ଦେଖାଇଲେ । ବୈଦ୍ୟ ପ୍ରତ୍ୟହ ଆସି ଔଷଧ ଦେଲା । ହରିପ୍ରିୟା ରୋଗୀର ଶୁଶ୍ରୂଷାଭାର ଗ୍ରହଣ କଲେ । ଉପଯୁକ୍ତ ଔଷଧ, ପଥ୍ୟ ଏବଂ ପରିଚର୍ଯ୍ୟାରେ ସୁମା ସାତ ଆଠ ଦିନ ମଧ୍ୟରେ ଜ୍ୱରମୁକ୍ତ ହେଲା ।

ଦିନେ ହରିପ୍ରିୟା ସ୍ୱାମୀଙ୍କ ଗୋଡ ଘଷୁ ଘଷୁ ମିନତି ସ୍ୱରରେ କହିଲେ—“ମୁଁ ଗୋଟେ କଥା କହିବି, ତମେ ରଖିବ ନା ?” ସ୍ୱାମୀ କହିଲେ—“ମୁଁ ତମର କେଉଁ କଥା ନ ରଖି ଏଡିଦିଏ ?” ହରିପ୍ରିୟା ଲଜ୍ଜିତ ହୋଇ କହିଲେ—“ତାହା ମୁଁ କହୁଛି ନା ? ଏବେ ମୋ କଥାଟା ଶୁଣ—ସୁମାକୁ ତମ ଘରେ ରଖ । ସେ ନିତେଇ ଦାସ ଘରୁ ବାହାରି ଆସିଚି, ଆଉ ସେଠିକି ଯିବ ନାହିଁ । ପିଲାଟା କେତେ ଗାଳଗଞ୍ଜନା ସହିବ ? ତାହା ଉପରେ ପୁଣି ପେଟକଷ୍ଟ ! ଅନାଥ ପିଲାଟିର କଷ୍ଟ ଦେଖି ମୋତେ କାନ୍ଦ ମାଡେ ।” ଏହା ଶୁଣି ବଂଶୀଧର ସେନାପତି କହିଲେ—“ଏ ତ ଅତି ଭଲକଥା, ପିଲାଟି ଖୁବ୍ ଚମ୍ପାଚତୁର, ପାଞ୍ଚଅକ୍ଷର ବି ପଢିଛି, ଆମ ଘରେ ରହୁ । ପିଲା ଦୁହିଁଙ୍କୁ ସ୍କୁଲରେ ପଢାଇବ, ଦିନରେ ପାଉତିପତ୍ର ଲେଖିବ । ମୋର ବି ଜଣେ ଗୁମସ୍ତା ଦରକାର ଥିଲା; ସୁମା ସେ କାମ ବେଶ୍ କରି ପାରିବ । ଗୁମାସ୍ତା ଜଣେ ରହିଲେ ମାସକୁ ସାତ ଟଙ୍କା ଦରମା ନିଅନ୍ତା; ସୁମ ଆମ ଘରେ ଖାଇବ, ଆଉ ପାଞ୍ଚ ଟଙ୍କା ଦରମା ନେବ ।” ଏହି ପ୍ରସ୍ତାବ ପରେ ଉପର୍ଯୁକ୍ତ ସର୍ତ୍ତରେ ସୁମା ସେନାପତିଙ୍କ ଘରେ ରହିଲା । ତାହାର ଦୁଃଖ-ଦିନ ଶେଷ ହୋଇ ସୁଖ-ଦିନ ଆରମ୍ଭ ହେଲା ।

ସୁମା ଦାସଙ୍କ ଗୃହତ୍ୟାଗ କଲାବେଳେ ଦାସେ ଥିଲେ ନାହିଁ; ପରେ ଆସି ସ୍ତ୍ରୀଙ୍କଠାରୁ ଶୁଣିଲେ । ମାତ୍ର ଦୁଃଖିତ ହେଲେ ନାହିଁ । ମନ୍ଦ ଯାହା ଖୋଜୁଥାଏ, ଦୈବ ଯଦି ତାହାହିଁ ବ୍ୟବସ୍ଥା କରେ, ତେବେ ତାହା ତ ଆନନ୍ଦର କଥା, ସେଥିରେ ଦୁଃଖିତ ହେବାର ବା କାରଣ କଅଣ ଅଛି ? ଦାସେ କହିଲେ—“ଗଲା, ପାପ ଗଲା; ସେ ଆପେ ଆପେ ଯାଇଛି, ଏହା ଖୁବ୍ ଭଲ କଥା—ଅତି ସୌଭାଗ୍ୟର କଥା । ଆମେ ତାଡି ଦେଇ-ଥିଲେ ଗାଁ ଲୋକେ ଗୋଟାଏ ଦୁର୍ନ୍ନାମ ଦିଅନ୍ତେ । କୁଆଡେ ଗଲା, କିଛି ଜାଣ କି ?” ଉଷା କହିଲେ—“ସେନାପତି ଘରୁଟା ଉଠିଣି ବାସୁଛି ପରା; ସେଇଠିକି ଯାଇଥିବ ଆଉ କେଉଁ ଚୂଲୀକି ଯିବ ? ସେନାପତି ମାଇପ ଧର୍ମ ଭଉଣୀ ହୋଇଛି । ସେ ମୋଠୁଁ ବେଶି ମନ୍ତ୍ରିବ—ନିଘା କରିବ । ଯାଉ ପଛକେ—ଅତେଇ ଦିନ । ଦେଖିବ—କୁଲକୁକୁର ବାରଘର ଅଇଣ୍ଠାପତ୍ର ଚାଟି ଚାଟି ଫେର୍ ଆସିବ । ବାର ବର୍ଷର ଉଷୁନା ଧାନ ଢିଙ୍କିଶାଳକୁ ନ ଆସି ଆଉ କୁଆଡେ ଯିବ ?” ଦାସେ କହିଲେ—“ଖବରଦାର, ଫେର୍ ଆସିଲେ ସେ ବେମାନକୁ କଥା ସୁଦ୍ଧା କହିବ ନାହିଁ ।” ଉଷା ମୁହଁଟାକୁ ମୋଡି ଦେଇ ବ୍ୟଙ୍ଗସ୍ୱରରେ କହିଲେ—“ହଁ, ସେ ମୋତେ ଗୟାରେ ପିଣ୍ଡ ଦେବ ପରା, କଥା କହିବି, ନା ମୁଣ୍ଡୀ ଛାଞ୍ଚୁଣୀରେ ପିଟିବି ! ସେ ବାହାରିଗଲା—ଏହା ଆମ ବଡାବଡର ଭାଗ୍ୟ । ଏଇଥିରେ ପୁଣି ସଣ୍ଡ ଅସ୍ଥିକୁଡୀଏ କହନ୍ତି—‘ଠୋକାଠାକୁ କେତେ ଦିନ ସତି ଗଞ୍ଜୁଛି ।’ କି ଲୋ ଘରଭାଙ୍ଗୀ ନିର୍ମୂଳୀ ବଂଶଖାଇଏ, ଠୋକାଠାର ଗୁଣ ତ କେହି ବୁଝିବ ନାହିଁ; ସବୁବେଳେ ମୋହରି ନାଁରେ ଦୁର୍ନ୍ନାମ ଦେଇ ବୁଲୁଥିବ ! ମୁଁ ତମ ପୁଅଘଇତାର କିଛି ଖାଇଛି, ନା ତମ ମୁହଁରେ ନିଅଁ ଲେଣ୍ଡୁଅ ଜାଳିଛି ।” ଏତିକି ମାତ୍ର କହି ଉଷା କି କାର୍ଯ୍ୟ କରିବାକୁ ଅନ୍ୟତ୍ର ଚାଲିଗଲେ । ଦାସେ ସ୍ତ୍ରୀଙ୍କର ଯଥେଷ୍ଟ ପ୍ରଶଂସା କରି ମନେ ମନେ କହିଲେ—“ଧନ୍ୟ ଉଷା, ଧନ୍ୟ ତମର ଉପସ୍ଥିତ ବୁଦ୍ଧି ! ତମ ବୁଦ୍ଧି ଆଗରେ ସାତଟା ହାକିମର ବୁଦ୍ଧି ହାର ମାନିବ । ତମ ପରି ବୁଦ୍ଧିମତୀ ସ୍ତ୍ରୀ ପାଇ ମୁଁ ଭାଗ୍ୟବାନ । ଯେ ଖଞ୍ଜରେ ତମେ ସୁମାକୁ ବାହାର କଲ, ସେ ଖଞ୍ଜ ଆଉ କେହି ଜାଣିବ ନାହିଁ, କି ସେ ବୁଦ୍ଧି ଆଉ କାହା ମୁଣ୍ଡରେ କଣ୍ଢେଇବ ନାହିଁ । ତମ ପରି ସ୍ତ୍ରୀରତ୍ନ ମୋତେ ଜନ୍ମେ ଜନ୍ମେ ମିଳୁଥାଉ । ତମେ ମୋର ଉପଯୁକ୍ତ ସ୍ତ୍ରୀ; ମାତ୍ର ମୁଁ ତୁମ୍ଭର ଉପଯୁକ୍ତ ସ୍ୱାମୀ ନୁହେଁ । ଆର ଜନ୍ମରେ ଯଦି ତମେ ସ୍ୱାମୀ ହୁଅନ୍ତ, ଆଉ

ମୁଁ ତମର ସ୍ତ୍ରୀ ହୋଇ ଚରଣସେବାର ସୌଭାଗ୍ୟ ଲାଭ କରନ୍ତି, ତେବେ ଷୋଳବର୍ଷା ସ୍ତ୍ରୀଭଯୋଗ୍ୟ ହୁଅନ୍ତା ।”

ସ୍ୱାମୀ ବାହାରିଗଲ; ଦାସଦମ୍ପତି ତାହାର ଖୋରାକୀ ପୋଷାକୀ ଯୋଗାଇବାରୁ ନିସ୍ତାର ପାଇଲେ । ସ୍ୱାମୀ ସୁଦ୍ଧା ମାଉସୀଙ୍କ ଆଶୀର୍ବାଦ ଭଣ୍ଡାରରୁ ରକ୍ଷା ପାଇ ନାହୁ ମଧୁସୂଦନ ସ୍ମରଣପୂର୍ବକ ଗଙ୍ଗାରେ ସାତ ସ୍ନାନ କଲ । ଏଥିରେ ଉଭୟ ପକ୍ଷର ଅନାବିଳ ମଙ୍ଗଳ । ଏରୂପ ଆକାଙ୍କ୍ଷିତ ମଙ୍ଗଳ ବହୁ ଭାଗ୍ୟରେ ଏବଂ ବହୁ ତପସ୍ୟାରେ ଉପଲବ୍ଧ ହୁଏ । ହେଲେ ଉଷାଙ୍କୁ ବଡ ହରବରରେ ପଡିବାକୁ ହେଲ । ପାଣୀ ଅଣିବା, ଚାଉଳ ଧୋଇବା, ଭାତ ରାନ୍ଧିବା ପ୍ରଭୃତି କାର୍ଯ୍ୟରୁ ସେ ନିସ୍ତାର ପାଇଥିଲେ । ସ୍ୱାମୀ ଅଭାବରେ ସେହି ସମସ୍ତ ଭାର ତାଙ୍କୁ ପୁନଶ୍ଚ ମୁଣ୍ଡାଇବାକୁ ହେଲ । ଦିନେ ମୁହଁସଞ୍ଜବେଳେ ସେ ପୋଖରୀକୁ ଚାଉଳ ଧୋଇବାକୁ ଗଲେ । ଚାଉଳ ଧୋଇ ସାରି ଆଡି ଉପରେ ଚାଉଳଧୁଆ ରଖି ଦେଇ ଲୁଗା ପଖାଳିବାକୁ ଗଲେ । ସେ ଯେଉଁ-ଠାରେ ଚାଉଳଧୁଆ ରଖିଲେ, ତତ୍‌ପୂର୍ବରୁ ନାଥିଆମା ପାଲୁଣୀ ଚାଉଳ ଧୋଇ ତାହା'ର ଖଣ୍ଡେ ଛଡାରେ ରଖିଥିଲ । ସେଦିନ ନାଥିଆ ଘରେ ପଖାଳ ବାସୀଇବାକୁ କିଛି ଥିଲ ନାହିଁ ; ସେ ପୋଖରୀରେ ଗେଣ୍ଡା ଅଣ୍ଡାଳୁ ଥିଲ । ସେଥିରୁ ଚାରିଟା ହେଲେ ତାହାର ତରକାରୀ ଚଳିଯିବ । ଉଷା ଲୁଗା ଧୋଇ ସାରି ଭୁଲରେ ନାଥିଆମାର ଚାଉଳ-ଧୁଆଟି ଘେନି ଚାଲି ଆସିଲେ । ସନ୍ଧ୍ୟାର ଅନ୍ଧକାରରେ ଏରୂପ ଭ୍ରମ ଘଟିବା ବିଚିତ୍ର ନୁହେଁ । ନାଥିଆମା ଉଷାଙ୍କ ଚାଉଳ ଧୁଆଟି ନେଇ ଘରକୁ ଗଲ । ସେଦିନ ଚାଉଳ ଧୁଆ ବଦଳ କେହି ଜାଣି ପାରିଲେ ନାହିଁ । ତହିଁ ପରଦିନ ସକାଳେ ନାଥିଆମା ଚାଉଳଧୁଆ ଘେନି ଦାସଙ୍କ ଘରକୁ ଆସି ଉଷାଙ୍କୁ କହିଲ—“ସାଆନ୍ତାଣୀଏ, କାଲି ସଞ୍ଜବେଳେ ଚାଉଳଧୁଆଟା ବଦଳ ହୋଇ ଯାଇଥିଲ । ମୁଁ ତମ ଚାଉଳଧୁଆଟା ଅଣିଛି; ତାକୁ ରଖି ମୋ ଚାଉଳଧୁଆଟା ଦିଅ । ଆଜି ସକାଳେ ଦେଖିଲି ଯେ, ଏଟା ମୋ ଚାଉଳ-ଧୁଆ ନୁହେଁ; ଏଟା ପୁରୁଣା, ମୋର ନୂଆ । ମୁଁ କହିଲି, ପୋଖରୀ କୂଳକୁ ଆଉ ତ କେହି ଆସି ନାହାନ୍ତି; ଏକା ସାଆନ୍ତାଣୀଏ ଆସିଥିଲେ । ସେ ବଦଳରେ ମୋ ଚାଉଳ-ଧୁଆଟା ନେଇ ଯାଇଥିବେ, ଏହା କହି ତମ ଚାଉଳ-ଧୁଆ ଘେନି ଧାଇଁ ଆସିଲି ।” ଉଷା ନିଜର ଚାଉଳ-ଧୁଆ ଚିହ୍ନି ଜିଭ କାମୁଡି ପକାଇ ଚାଠଙ୍କା ହୋଇ-ଗଲେ; ତାଙ୍କ ଛାତି ଦାଉଁ ଦାଉଁ ହୋଇ ଉଠିଲା । ସେ ମନେ ମନେ ଭାବିଲେ—“ତେବେ କଣ କାଲି ରାତିରେ ମୁଁ ପାଣଚାଉଳ ରାନ୍ଧିଥିଲି । ଏ ତ ବଡ ବିଷମ କଥା । କେହି ଯେବେ ଏହା ଶୁଣେ, ତେବେ କଅଣ ହେବ ?” କିନ୍ତୁ ପ୍ରତ୍ୟୁତ୍ପନ୍ନମତି ବଳରେ ସେଥିର ପ୍ରତି-କାରର ଉପାୟ ସ୍ଥିର କରିନେବାକୁ ତାଙ୍କର ବିଳମ୍ବ ହେଲ ନାହିଁ । ସେ ନାଥିଆମାଆକୁ ଅନେକ ନେହୁରା ହୋଇ କହିଲେ—“ନାଥିଆମା, ମୁ ତୋତେ ଚାରିଅଣା ପଇସା ଦେଉଛି, ତୋ ପୁଅ ରାଣ ତ; ତୁ ଏ କଥା କାହାରିକୁ କହିବୁ ନାହିଁ । ଅଜାଣତରେ ତ ହୋଇଗଲା, ଆଉ କଅଣ କରିବ ?” ନାଥିଆମା କହିଲ—“ଏଁ, କଅଣ କହୁଚ ସାଆନ୍ତାଣୀଏ, ଆଖି ବୁଜିଁ ଛି, ମୁଁ କାହାକୁ କହିଲେ ମୋ ଜିଭ ଛିଡି ପଡିବ । ମୁଁ ଆଉ କାହା ପରି ଖଚେଇ ଓଲଗାଲୀ ନୁହେଁ ଗୋ ମା'ସାଣି ! ଛି, ଛି, ଠାକୁରେ ମୋତେ ସେ ବୁଦ୍ଧି ଦେଇ ନାହାନ୍ତି । ସେ ଦିନ ଖିରି ପଧାନ ବିଲରୁ ରଥିଆ ଧାନ ଚୋରି କରି ନେବାବେଳେ ମୁଁ ଯାଇ ହାବୁଡିଗଲି । ରଥିଆ ଯୋଡହାତ ଧରି କହିଲା—‘ମାଉସି, କାହାରି ଆଗରେ କହିବୁ ନାହିଁ ।’ ମୁଁ ଆଜିଯାଏଁ ସେ କଥା କାହାରିକି କହିଚି ନା ? ସବୁ କଥାକୁ ପାର ଅଛି, ଖଟମିଛକୁ ପାର ନାହିଁ । ପାଲୁଣୀ ହେଲି ବୋଲି ମୁଁ କଅଣ ଏ କଥା ଜାଣେ ନାହିଁ ? ତମେ ରାଣ ପକେଇ କହିଲ; ମୁଁ ପୁଣିପରା କାହାକୁ କହିଦେବି ? ଆଉ ଦିନେ ତମ ମୁହଁକୁ ଚାହିଁ ପାରିବି ନା ? ଗୋଟିଏ କଥା କହିବି ସାଆନ୍ତାଣୀଏ, ପେଟେ ଭୋକ, ମୁହେଁ ଲାଜ କାହିଁକି ? ମୁଁ ପଇସା ନେବି ନାହିଁ —ମୋର ଯେଉଁ ବୁଣାଖଣ୍ଡିକ ଛ ଅଣାକୁ ବନ୍ଧା ଦେଇ-ଥିଲି, ମୋର ସେହି ବୁଣାଖଣ୍ଡିକ ଦିଅ ।” ଉଷା ଦ୍ୱିରୁକ୍ତି ନ କରି ଘରୁ ବୁଣାଖଣ୍ଡିକ ଅଣି ନାଥିଆମାକୁ ଦେଲେ ଏବଂ ତାହାର ଚାଉଳଧୁଆଟି ମଧ୍ୟ ଦେଲେ । ନାଥିଆମା ଅତି ଆନନ୍ଦରେ ଉଷାଙ୍କୁ ଜୁହାର ହୋଇ

ଚାଲିଗଲା । ବାଟରେ ଯାଉଁ ଯାଉଁ ତାହାର ସହୀ ବାସୁଣୀକୁ ଦେଖି କହିଲା—"ସହି, ଏ ଗୁଣାଖଣ୍ଡ ମୋ ନାକରେ ପିନ୍ଧାଇ ଦେବଟି ।" ବାସୁଣୀ ଗୁଣା ପିନ୍ଧାଇ ଦେଇ ପଚାରିଲା—"ଆଜ ଗୁଣା ମୁକୁଲାଇ ଆଣିଲୁ କି ? ସୁଧ କେତେ ନେଲା ?" ନାଥିଆମା ଏଣିକି ତେଣିକି ଅନାଇଁ ଦେଇ ବାସୁଣୀ କାନ ପାଖରେ ଖୁବ୍ ଲୁଚି ଲୁଚିଭାବରେ ଆମୂଳ ବର୍ଣ୍ଣନା କରିଗଲା । ବାସୁଣୀ ବସିପଡି ଗାଲରେ ହାତ ଦେଇ କହିଲା—"ସତ ନା ସହି, ବୈଷ୍ଣବ ହୋଇ ପାଣଚାଉଳ ସିନ୍ନି ଖାଇଲା ! ତାଙ୍କ ଜାତିରେ ତ ବଟା ଲାଗିବ ?" ନାଥିଆମା କହିଲା —"କିଏ କାହିଁକି ଜାଣିବ ଯେ ବଟା ଲାଗିବ । ମୋ ରାଣ ଲୋ ସହି, ଏ କଥା କାହାରିକି କହିବ ନାହିଁ, ସୁକୁରିମା ମୋତେ ତେର ରାଣ ପକାଇ କହିଛି ।" ବାସୁଣୀ କହିଲା,"ମୋର କି ଗରଜ ପଡିଛି,ମୁଁ କହିବି ? ଯାର ପାପ ତାର, ମୋର କଅଣ ଗଲା ?" ଅନନ୍ତର ଦୁଇ ସହୀ ଦୁଇ ଆଡକୁ ଚାଲିଗଲେ ।

କଥା ଲୁଚି ରହେ ନାହିଁ, ସମୟରେ ଫୁଟି ବାହାରେ । କିଛି ଦିନ ପରେ ଏକଥା ପୂର୍ବୋକ୍ତ ପାଠାଗାରର ସଭ୍ୟମାନଙ୍କର କର୍ଣ୍ଣଗୋଚର ହେଲା । ଦାସେ ସେମାନଙ୍କୁ ଚାନ୍ଦା ନ ଦେଇ ଯଥା ବିଦ୍ରୂପ କରିଥିଲେ, ଏହା ପାଠକମାନଙ୍କର ସ୍ମରଣ ଥିବ । ଏତେଦିନ ପରେ ସେମାନଙ୍କୁ ପ୍ରତିଶୋଧର ସୁବର୍ଣ୍ଣସୁଯୋଗ ମିଳିଲା । ସେମାନେ ଗ୍ରାମରେ କହି ବୁଲିଲେ । ଫଳରେ ଦାସଙ୍କୁ ଧୋବା, ଭଣ୍ଡାରି ମନା ହେଲା—ସେ ଏକଘରିଆ ହୋଇ ରହି ପ୍ରମାଦ ଗଣିଲେ । ଦାସେ ପୂର୍ବରୁ ସ୍ତ୍ରୀଙ୍କଠାରୁ ଘଟଣା ଶୁଣିଥିଲେ । ଏତେ ବଡ କଥାଟା ଛଅଣା ପଇସାରେ ଉଡାଇ ଦେଇଥିବାରୁ ସ୍ତ୍ରୀଙ୍କ ବୁଦ୍ଧିର ପ୍ରଶଂସା ମଧ୍ୟ କରିଥିଲେ । ଆତ୍ମଶୁଦ୍ଧି ସକାଶେ ସ୍ତ୍ରୀପୁରୁଷ ଉଭୟେ ଗଙ୍ଗୋଦକ ପାନ କରିଥିଲେ । ଅଜ୍ଞାତପାପର ଏହା ସଙ୍ଗୋପନ ପ୍ରାୟଶ୍ଚିତ୍ତ । ଏତେ କରି ସୁଦ୍ଧା କିଛି ହେଲା ନାହିଁ—କଥାଟା ଫୁଟିଉଠି ପ୍ରକାଶ ପାଇଲା । ମାତ୍ର ଦାସେ ହଟିବାର ପାତ୍ର ନୁହନ୍ତି, କଥାଟାକୁ ଉଡାଇ ଦେବା ସକାଶେ ସେ ଯଥେଷ୍ଟ ଚେଷ୍ଟା କରିଥିଲେ; କିନ୍ତୁ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ସେ ପ୍ରଥମରେ କହିଲେ—'ନାଥିଆମାର କଥା ସମ୍ପୂର୍ଣ୍ଣ ମିଥ୍ୟା । ତନା ସୁଧରେ ତାହାର ଗୁଣାଖଣ୍ଡିକ ନ ଦେବାରୁ ସେ ଏହି ମିଥ୍ୟାପବାଦର ଆଶ୍ରୟ ନେଇଅଛି । ଏହିପରି କହିବା ପାଇଁ ସେ ଦାସଙ୍କୁ ଧମକାଇ ଯାଇଥିଲା ।' ଦ୍ୱିତୀୟରେ କହିଲେ—'ପାଠାଗାରର ମେମ୍ବରମାନଙ୍କୁ ଚାନ୍ଦା ନ ଦେବାରୁ ସେମାନେ ନାଥିଆମାଦ୍ୱାରା ଏହି କାଣ୍ଡ ଭିଆଇ-ଅଛନ୍ତି ।' ଏହିପରି ନାନା କାରଣ ଦେଖାଇ ସେ ନିଜର ନିର୍ଦ୍ଦୋଷିତା ସପ୍ରମାଣ କରିବାପାଇଁ ପ୍ରୟାସ କରିଥିଲେ । ଦୋଷୀ ଦୋଷମୁକ୍ତ ହେବାପାଇଁ ଯେତେ ଚେଷ୍ଟା କରୁ ପଛେ, ଧର୍ମର ଭୟ ସୁନିଶ୍ଚିତ । ନାଥିଆମା ମହାପ୍ରସାଦ ଧରି ସତ୍ୟ କଥା କହିଗଲା । ଧର୍ମ ଭୟ ତାହାର ଅଛି, ସୁତରାଂ ଛଅଣା ପଇସାପାଇଁ ସେ କାହିଁକି ମିଥ୍ୟା କହି ନରକଗାମୀ ହେବ ? ବିଶେଷତଃ ମିଥ୍ୟା କହି ଧର୍ମକୁ ଲଙ୍ଘିଲେ ସେ ଜାତିରେ ଅଟକ ହେବ । ଜାତି ଆଗରେ ହାତୀ ଯାଇ ପାରେ ନାହିଁ—ପାଲୁଣୀମୁଣ୍ଡ ନାଥିଆମା ଅବା କେଉଁ ଛାର ? ମିଥ୍ୟାଜାଲ ବୁଣି ପାପଗୋପନର ଚେଷ୍ଟା କରିଥିବା ହେତୁ ସମସ୍ତେ ଦାସଙ୍କୁ ଛି-ଛାକାର କଲେ । ଶେଷରେ ଦାସେ କିଂକର୍ତ୍ତବ୍ୟବିମୂଢ ହୋଇ ପ୍ରାୟଶ୍ଚିତ୍ତର ବିଧାନ ଆଣିବା ସକାଶେ ବ୍ରାହ୍ମଣ-ଶାସନକୁ ଗଲେ । ବିଧାନଦାତା ତର୍କଶାର୍ଦ୍ଦୂଳ ମହାଶୟ ଏତେ ବଡ ପାପର ପ୍ରାୟଶ୍ଚିତ୍ତ ବିଧାନ ଏକାକୀ ଦେବାକୁ ଭୀତ ଏବଂ ଅସ୍ୱୀକୃତ ହୋଇ କହିଲେ— ପାଞ୍ଚ ଶାସନଯାକର ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ସଭା ନ କଲେ ସେ ବିଧାନ ଦେଇ ପାରିବେ ନାହିଁ । ତେଣୁ ଦାସେ ଅଗତ୍ୟା ପାଞ୍ଚ ଶାସନକୁ ନିମନ୍ତ୍ରଣ କରିବାକୁ ଗଲେ; ମାତ୍ର ଉପଯୁକ୍ତ ଶାସନମର୍ଯ୍ୟାଦା ନ ପାଇଲେ ବ୍ରାହ୍ମଣମାନେ ଆସିବେ ନାହିଁ ବୋଲି କହିଲେ । ଦାସଙ୍କ ପକ୍ଷରେ ଏହା ଗଳଗଣ୍ଡରେ ବିସ୍ଫୋଟକ ତୁଲ୍ୟ ହେଲା । ଯାହା ହେଉ, ସେ କାନ୍ଦିକୁହାଇ ପ୍ରତି ବ୍ରାହ୍ମଣ-ଶାସନକୁ ଦଶଟଙ୍କା ଲେଖାଏଁ ପ୍ରଣାମୀ ଦେଲେ । ବ୍ରାହ୍ମଣମାନେ ସଭା କରି ବିଧାନ ଦେବାର ସ୍ଥିର ହେଲା ।

ମିଥ୍ୟା ଆବରଣରେ ସତ୍ୟକୁ ଘୋଡାଇ ରଖି ହୁଏ ନାହିଁ । ଅଗ୍ନି ଉପରେ ପର୍ବତ ପ୍ରମାଣ କୁଟାପତ୍ର ଢାଙ୍କିଲେ ସୁଦ୍ଧା ଅଗ୍ନି ଲୁଚି ରହେ ନାହିଁ; କୁଟାପତ୍ରସବୁ ପୋଡି ଦେଇ ସେ ଆତ୍ମପ୍ରକାଶ କରେ । ଟିକି ଲୁଗାରେ ତାଳ ପଚାଇଲେ ତାହା ନିଶ୍ଚୟ ଫୁଟି ବାହାରିବ । ସତ୍ୟର

ତେଜ ବନ୍ୟାକାଳୀନ ନଦୀସ୍ରୋତ ପରି ପ୍ରଖର; ସହସ୍ର ବାଲିବନ୍ଧ ତାହାର ଗତି ପ୍ରତିହତ କରିପାରେ ନାହିଁ । ଦାସେ ସତ୍ୟ ଗୋପନ କରିବାକୁ ଏତେ ଚେଷ୍ଟା କଲେ; ମାତ୍ର କାହିଁରେ କିଛି ହେଲା ନାହିଁ । କୃତକର୍ମର ଅବଶ୍ୟମ୍ଭାବୀ ଫଳ ତାଙ୍କୁ ଭୋଗ କରିବାକୁ ହେଲା । କୃତକର୍ମର ଫଳ ନିଶ୍ଚିତ ପରି ଅବ୍ୟର୍ଥ, ନିୟତିର ଗତି ରୁଦ୍ଧ କରିବାକୁ ସ୍ୱୟଂ ବିଧାତା ପୁରୁଷ ସୁଦ୍ଧା ଅକ୍ଷମ । ତେବେ ମିଥ୍ୟା ବା ପାପର ଫଳ ହଠାତ୍ ଫଳେ ନାହିଁ । ନୌକା ବୋଝାଇ ହେଉଁ ହେଉଁ ବୁଡ଼େ ନାହିଁ—ବୋଝାଇ ଅତିରିକ୍ତ ହେଲେ ବୁଡ଼ିଯାଏ ।

## ପଞ୍ଚଦଶ ପରିଚ୍ଛେଦ

ଯଥାସମୟରେ ଗ୍ରାମର ଉପକଣ୍ଠସ୍ଥ ବିସ୍ତୃତ ଆମ୍ରୋଦ୍ୟାନରେ ବିରାଟ ସଭା ବସିଲା । ପାଞ୍ଚ ଶାସନର ପଣ୍ଡିତ ଅପଣ୍ଡିତ ବ୍ରାହ୍ମଣମାନେ ଆସି ଆସନ ଗ୍ରହଣ କଲେ । ଅସଂଖ୍ୟ ଦର୍ଶକ ଜନତାକୁ ପୁଞ୍ଜୀକୃତ କଲେ । ବିଜନ ଉଦ୍ୟାନ ଜନାରଣ୍ୟରେ ପରିଣତ ହେଲା । ଦାସେ ଗଳବସ୍ତ୍ର ହୋଇ ହାତ ଯୋଡ଼ି ଏକପାଖରେ ଠିଆ ହେଲେ । ସଭାର କାର୍ଯ୍ୟ ଆରମ୍ଭ ହେଲା । ଆଜି ସୁଦର୍ଶନ ଶର୍ମା ସଭାରେ ଉପସ୍ଥିତ ଅଛନ୍ତି । ସେଥିପାଇଁ ସଭାର କାର୍ଯ୍ୟ ଖୁବ୍ ସତର୍କତାର ସହିତ ପରିଚାଳିତ ହେଉଅଛି । ସୁଦର୍ଶନ ଶର୍ମା ଜଣେ ପ୍ରତିଭାଶାଳୀ ସୁପଣ୍ଡିତ, ସ୍ପଷ୍ଟବାଦୀ ଏବଂ ବିଦ୍ୱାନ୍ ହେତୁ ସମସ୍ତେ ତାହାଙ୍କୁ ଭୟଭକ୍ତି କରନ୍ତି । ଏତେ ବଡ଼ ପଣ୍ଡିତ; ମାତ୍ର ଉପାଧିଶୂନ୍ୟ । ତାହାଙ୍କି କେଜାଣି ସେ ଉପାଧିକୁ ଭଲ ପାଆନ୍ତି ନାହିଁ । ପ୍ରତ୍ୟୁତ ଉପାଧିକୁ ଉନ୍ନତିର ବ୍ୟାଧି ବୋଲି କହନ୍ତି । ଯେଉଁମାନେ ଉପାଧିକୁ ସ୍ୱର୍ଗଦ୍ୱାରର ସିଡ଼ୀ ବୋଲି ଜ୍ଞାନ କରନ୍ତି, ସେମାନେ ଅବଶ୍ୟ ଏକଥାକୁ ସୁଖ ମଣିବେ ନାହିଁ । ଯେଉଁ ଉପାଧି ଲାଗି କେତେ କେତେ ଲୋକ ଲାଳାୟିତ, ଯାହାପାଇଁ ଜଗତର କେତେ ଧନ, କେତେ ସ୍ତୁତି ବ୍ୟୟିତ ହେଉଅଛି, ସେହି ଚାକଚକ୍ୟଶାଳୀ ମହାର୍ଘ ସୁବର୍ଣ୍ଣମୁକୁଟକୁ ସୁଦର୍ଶନ ଉପେକ୍ଷା-ଚୋପର କରନ୍ତି । ଏହା ତାଙ୍କର ରୁଚିବୈଷମ୍ୟ ଛଡ଼ା ଅନ୍ୟ କିଛି ନୁହେଁ । ମାତ୍ର ସେଥିପାଇଁ ତାଙ୍କୁ ଦୋଷୀ କରିବା ଅନ୍ୟାୟ ଏବଂ ଅର୍ବାଚୀନତାର ପରିଚାୟକ—ଯେହେତୁ "ଭିନ୍ନରୁଚିର୍ହିଲୋକଃ" ବୋଲି ଉକ୍ତିବାକ୍ୟ ଅଛି । ସଂସାରରେ ଏପରି ଅନେକ ଲୋକ ଅଛନ୍ତି—ଇଚ୍ଛା କଲେ ସେମାନେ ଉପାଧି ଭଣ୍ଡାର ଲୁଣ୍ଠନ କରି ପାରନ୍ତେ; ମାତ୍ର ଆଜୀବନ ନିରୁପାଧିକ ।

ସଭାପକ୍ଷରୁ ଗୋଟିଏ ସବ୍ କମେଟି ସ୍ଥାପିତ ହେଲା । ତର୍କଶାର୍ଦ୍ଦୁଳ, ବେଦାନ୍ତବାଗୀଶ, ନ୍ୟାୟପଞ୍ଚାନନ ଏବଂ ଶାସ୍ତ୍ରରତ୍ନାକର, ଏହି ଚାରିଜଣ ସେଥିର ମେମ୍ବର ହେଲେ ଏବଂ ବିଦ୍ୟାଭୂଷଣ ପ୍ରେସିଡେଣ୍ଟ ବା ଚେୟାରମେନ୍ ହେଲେ । ଦାସଙ୍କ ବିଚାର ଭାର ସେହି ସବ୍-କମେଟି ଉପରେ ନ୍ୟସ୍ତ ହେଲା । କମେଟି ବିଚାର ଆରମ୍ଭ କଲେ । ତର୍କଶାର୍ଦ୍ଦୁଳ କହିଲେ—"ପାଣ ପାପିଷ୍ଠ ବୋଲି କଥାରେ କହନ୍ତି । ପାଣ ହାଡ଼ି ପ୍ରଭୃତି ଅସ୍ପୃଶ୍ୟ, ଅଧମ ଜାତିଗୁଡ଼ାକ ଚଣ୍ଡାଳଶ୍ରେଣୀର ଅନ୍ତର୍ଗତ । ପାଣଚାଉଳ ସିଝି ଖାଇବା ଆଉ ପାଣଘରୁ ଖାଇବା ଏକା କଥା ।" ତର୍କଶାର୍ଦ୍ଦୁଳ ଏତିକି ମାତ୍ର କହିଛନ୍ତି, ବେଦାନ୍ତବାଗୀଶ ଆଉ ତାଙ୍କୁ କହିବାକୁ ଅବସର ନ ଦେଇ ହଠାତ୍ କହି ଉଠିଲେ—"ଅରୁଆଚାଉଳ ଖାଇଥିଲେ ଦୋଷ କିଛିର୍ ଜଣା ହୋଇ ପାରନ୍ତା; ମାତ୍ର ସେ ଉଷୁନାଚାଉଳ ।" ନ୍ୟାୟପଞ୍ଚାନନ କହିଲେ—"ସେ ଚାଉଳ ପୁଣି ଶୁଖିଲା ନୁହେଁ—ଓଦା; ପାଲୁଣୀ ତାକୁ ଧୋଇଥିଲା ।" ବୁଢ଼ାଜଣ ପ୍ରଧାନ ପଣ୍ଡିତଙ୍କୁ ନିଜର ମତ ସମର୍ଥନ କରିବାର ଦେଖି ତର୍କଶାର୍ଦ୍ଦୁଳ ରଣଜୟୀ ବୀର ପରି ଦର୍ପରେ ଫୁଲିଉଠି ଅଧିକତର ଉତ୍ସାହିତ ହୋଇ କହିଲେ—"ମୁଁ ସେଥିଲାଗି କହୁଛି—ଦାସଙ୍କ ପ୍ରତି ଚଣ୍ଡାଳାନ୍ନ ଭୋଜନର ଦୋଷ ଲେଗିଲା ।" ଶାସ୍ତ୍ରରତ୍ନାକର ଦାସଙ୍କର ଜଣେ ଖାତକ, ସମୟ ସମୟରେ ଦାସେ ଅନୁଗ୍ରହ କରି ମାଲ ବାଲା ରଖି ତାଙ୍କର ଘରଟି ବଞ୍ଚାଇ ଦେଇଛନ୍ତି—ଅବଶ୍ୟ ଆସଲ ସୁଧ ବୁଝିନେବା ବେଳେ କଉଡ଼ିଏ କାହାକୁ ଛାଡ଼ନ୍ତି ନାହିଁ । ତଥାପି ଆବଶ୍ୟକ ବେଳେ ବ୍ରାହ୍ମଣର ମହତ୍ତ୍ୱ ରଖିଦେବା ସାମାନ୍ୟ ଅନୁଗ୍ରହର କଥା ନୁହେଁ । ଅନୁଗ୍ରହହେତୁ

ଦାସଙ୍କ ପକ୍ଷରେ ଓକିଲାତି କରିବା ଶାସ୍ତ୍ରରତ୍ନାକରଙ୍କର ଏକାନ୍ତ କର୍ତ୍ତବ୍ୟ । ସେ କହିଲେ—"କିନ୍ତୁ ସେ ଦୋଷ ଜ୍ଞାନକୃତ ନୁହେଁ ।" ଏହା ଶୁଣି ପ୍ରେସିଡେଣ୍ଟ ବିଦ୍ୟାଭୂଷଣ ମଧ୍ୟାହ୍ନସୂର୍ଯ୍ୟ ପ୍ରାୟ ପ୍ରଚଣ୍ଡ ତେଜରେ କହିଲେ—"ହଉହେ, ଜ୍ଞାନକୃତ ହେଉ ବା ଅଜ୍ଞାନକୃତ ହେଉ ଚଣ୍ଡାଳାନ୍ନ ଭୋଜନ ମହାପାପ । ପାଠ କହୁଛି ପରା 'ଅଜ୍ଞାନେ ବା ସଜ୍ଞାନେ ବା' ତେଣିକି କଅଣ ମନରେ ପଡୁ ନାହିଁ । ମନୁ କି ପରାଶର କି ଯାଜ୍ଞବଲ୍କ୍ୟ କାହିଁରେ ଏ ବାକ୍ୟ ଅଛି, ଆମ ସୁଧି ଥିଲେ କହିଦିଅନ୍ତା । ଓଃ, ଶ୍ଲୋକଟା ଅଗ ଜିଭରେ ଅଟକିଛି, ଆସୁଛି, ପୁଣି ଅଳ୍ପକେ ଫେରି ଯାଉଛି । ତର୍କଶାର୍ଦ୍ଦୂଳେ, ଏଣିକି ଏହିପରି ହେଲା ! ବଳ, ବିକ୍ରମ, ମେଧା ସବୁ ଜରା-ରାକ୍ଷସୀ ଶୋଷି ନେଲା । ଇନ୍ଦ୍ରିୟସବୁ ଅବଶ ହୋଇ ପଡିଲା—ମସ୍ତିଷ୍କ ଦୁର୍ବଳ ହୋଇଆସିଲା—ଗଲା ସବୁ ଆଉ କଅଣ ! ହାୟ ରେ, ସେକାଳ ଆଉ ଏକାଳ ! ଦିନରେ ମୁଁ ପଚାଶ ଶ୍ଲୋକ ମୁଖସ୍ଥ କରୁଥିଲି । ସେ ଶକ୍ତି କୁଆଡେ ଉଡିଗଲା ! ଯାହାକୁ ଶତ ସହସ୍ରବାର ଆବୃତ୍ତି କରିଥିଲି, ତାହାର ମୂଳ ଏବେ ପଇଟିବାକୁ ନାହିଁ, କି ମୂଳ ପଇଟିଲେ ଶେଷ ପଇଟୁ ନାହିଁ ।" ବିଚାର ସଭାରେ ବିଦ୍ୟାଭୂଷଣଙ୍କର ଏରୂପ ଆତ୍ମଶ୍ଲାଘା କାହାରି କାହାରିକୁ ଭଲ ଲାଗିଲା ନାହିଁ । ସେମାନେ ମୁଖ ଏବଂ ନେତ୍ରଭଙ୍ଗୀରେ ବିରକ୍ତି ପ୍ରକାଶ କଲେ । ଏପରି ଦୁଷ୍ଟ ଲୋକ ସୁଦ୍ଧା ଅନେକ ଅଛନ୍ତି, କେହି ଚିତ୍ତବିନୋଦନ ସକାଶେ ଟିକିଏ ଆତ୍ମସ୍ତୁତି କଲେ ତାହା ସେମାନଙ୍କର ସହ୍ୟ ହୁଏ ନାହିଁ । ବିଦ୍ୟାଭୂଷଣେ ତ କାହାରି କିଛି ଅନିଷ୍ଟ କରି ନାହାନ୍ତି—ଆତ୍ମପ୍ରଶଂସା ଗାଉଅଛନ୍ତି ମାତ୍ର । ତାହା ତ ଆଉ କାହାରି ପୈତୃକ ସମ୍ପତ୍ତି ନୁହେଁ । ତଥାପି ଯଦି କାହାରି ଦେହରେ ତାହା ନ ଚଳିଲା, ତେବେ ସେ କୋଷ୍ଟିମୁଖ ହୋଇ ଆତ୍ମସ୍ତୁତି କରନ୍ତୁ; ବିଦ୍ୟାଭୂଷଣେ ତ ତାଙ୍କୁ ନେତୃସ୍ଥ ହୋଇ ମନା କରୁ ନାହାନ୍ତି । ଯାହାହେଉ ବିଦ୍ୟାଭୂଷଣେ ସେମାନଙ୍କର ମନୋଗତ ଭାବ ବୁଝିପାରି କଥାଟା ଭିନ୍ନ ଆଡକୁ ଫେରାଇ ନେଇ କହିଲେ—"ଯାଉ ସେ କଥା, 'ଗତସ୍ୟ ଶୋଚନା ନାସ୍ତି ।' କେହି କେହି ମନରେ କରିବେ, ସଭାରେ ବସି ନିଜର କୃତିତ୍ୱ ବାଢିବାକୁ ଲାଗିଲେ—କେହି ବା କହିବେ ଓଃ, ପଚାଶ ଶ୍ଲୋକ କେତେ, ଆମେ ଶହେ ଶ୍ଲୋକ ଦିନରେ କଣ୍ଠସ୍ଥ କରିଦେଉଁ । ଟୋକାଗୁଡାକ—ବୟସ କେତେ, ଜ୍ଞାନ କେତେ, ଆଉ ଅନୁଭବ ଅବା କେତେ । ଖାଲି ଆମେ ବଡ ! ବଡ ହୁଅ, ତାଳଗଛ ପରି ବଡ ହୁଅ ! କିଏ ମନା କରୁଛି, ନା ଈର୍ଷା କରୁଛି ? କିନ୍ତୁ ଆମଠାରୁ ତମର କେତେ ଶିଖିବାକୁ ଅଛି, ତାହା ଜାଣ ନାହିଁ । ହଁ, କହୁଥିଲି, ଦାସଙ୍କ ସମ୍ବନ୍ଧରେ ମୋର ମତ ଏହି ଯେ, ତାଙ୍କର ଦୋଷ ଗୁରୁତର, ସେହି ଅନୁସାରେ ସେ ପ୍ରାୟଶ୍ଚିତ୍ତ କରନ୍ତୁ । ପ୍ରାୟଶ୍ଚିତ୍ତରେ ଅଠର କାହାଣ କଉଡି ଦାନ କରିବାକୁ ହେବ । ସ୍ତ୍ରୀ ପୁରୁଷ ଦୁହେଁ ତିନିଦିନ ନିର୍ଜଳା ଉପବାସ କରିବେ । ଶେଷ ଦିନ ଗଣ୍ଡୂଷେ ଘୃତପାନ କରିବେ । ଷୋଡଶଦାନ, ବ୍ରାହ୍ମଣଭୋଜନ, ଜାତି ପ୍ରତିବେଶୀ ଭୋଜନ, ଏ ସବୁ କାର୍ଯ୍ୟ ହେବ । ପ୍ରତି ବ୍ରାହ୍ମଣ-ଶାସନକୁ ଶହେ ଶହେ ଟଙ୍କା, ସ୍ଥାନୀୟ ଦଧିବାମନ ଠାକୁରଙ୍କୁ ଶହେ ଟଙ୍କା, ଆଉ ପାଠାଗାରକୁ ପଚାଶ ଟଙ୍କା ଦେବାକୁ ହେବ । ଏହା ଛଡା ସହସ୍ରାଭିଷେକ, ସହସ୍ରନାମ ଜପ, ଚଣ୍ଡୀପାଠ ଆଦି ଧର୍ମକାର୍ଯ୍ୟ କରାଯିବ । ଏହା ହିଁ ଶାସ୍ତ୍ରର ନିୟମ ।"

ସୁଦର୍ଶନ ଶର୍ମା ଏତେବେଳଯାଏଁ ନୀରବ ଥିଲେ । ପ୍ରାୟଶ୍ଚିତ୍ତର ବ୍ୟବସ୍ଥା ଶୁଣି ଦଣ୍ଡାୟମାନ ହୋଇ କହିଲେ—"କେବଳ ଶାସ୍ତ୍ରର ବିଧାନ ଧରି ବସିଲେ ଚଳିବ ନାହିଁ । ବିଚାର ସମୟରେ ନ୍ୟାୟର ମାନଦଣ୍ଡରେ ବିଚାରକୁ ମାପି ମାନବୋଚିତ ଦୟା ଦାକ୍ଷିଣ୍ୟ ପ୍ରଦର୍ଶନ ବିଚାରକର ଧର୍ମ । ବିଚାର ନିଃସ୍ୱାର୍ଥ ନ ହେଲେ ତାହା ମଳିନ ଏବଂ ପଙ୍କିଳ ହୁଏ; ଅର୍ଥାତ୍ ବିଚାରରେ ସ୍ୱାର୍ଥର ଆବର୍ଜନା ପ୍ରବେଶ କଲେ ବିଚାର ପଣ୍ଡ ହୁଏ । ଦାସଙ୍କ ସ୍ତ୍ରୀ ପାଣିଚାଉଳ କାହିଁକି ଆଣିଲେ, ପ୍ରଥମରେ ତାହା ବିଚାର କରିବା ଆବଶ୍ୟକ । ଚାଉଳ ପାଞ୍ଚସେର ବା ଦଶସେର ନୁହେଁ, ଅଥବା ଅତର ପରି ତାହା ବାସୁ ନ ଥିଲା । ତେବେ ସେଥିପ୍ରତି ଲୋଭ କାହିଁକି ହେବ ? ଶାସ୍ତ୍ରରତ୍ନାକର ଅଜ୍ଞାନକୃତ ଦୋଷ ବୋଲି ଯାହା କହିଥିଲେ ତାହା ଯଥାର୍ଥ । ବାସ୍ତବରେ ସନ୍ଧ୍ୟାର ଅନ୍ଧକାରରେ ଭୁଲ ଘଟିଅଛି । ତେବେ ଦୋଷ ଗୋପନ କରିବା ଅବଶ୍ୟ ଅନ୍ୟାୟ । ଦାସେ ଜାଣି

ପାଞ୍ଚଲକ୍ଷପତି ବିଚାରପ୍ରାର୍ଥୀ ହୋଇଥିଲେ ସହଜ ବ୍ୟବସ୍ଥା ପାଇ ଥାଆନ୍ତେ । ସେ ତାହା ନ କରି ଉତ୍କୋଚ ଦେଇ ଦୋଷ ଲୁଚାଇ ରଖିବାର ଚେଷ୍ଟା କରିଥିଲେ । ପାପ ଗୋପନ କରିବା ମହାପାପ । ସେଥିପାଇଁ ଦାସେ ଦଣ୍ଡାର୍ହ । ମନୁଷ୍ୟ ମନୁଷ୍ୟର ଅସ୍ପୃଶ୍ୟ ନୁହେଁ, ପାଣ ହାଣ୍ଡି ପ୍ରଭୃତି ଘୃଣିତ କାର୍ଯ୍ୟ କରିବାରୁ ଅସ୍ପୃଶ୍ୟ । ନତୁବା ସେମାନେ ଜନ୍ମ ବିଧାତାର ସୃଷ୍ଟ ନୁହନ୍ତି । ସେମାନେ ଘୃଣିତ ବ୍ୟବହାର ତ୍ୟାଗ କଲେ ସମାଜ ସେମାନଙ୍କୁ କଦାଚ ତୁଚ୍ଛ ନୟନରେ ଦେଖିବ ନାହିଁ । ସେମାନେ ଅବଧି କଦାଚାର ଛାଡ଼ିପାରି ନାହାନ୍ତି; ସୁତରାଂ ଅସ୍ପୃଶ୍ୟ ହୋଇ ରହିଅଛନ୍ତି । "ଅଜ୍ଞାନେ ବା ସଜ୍ଞାନେ ବା" ଏ ବାକ୍ୟର କିଛି ଅର୍ଥ ନାହିଁ । ଏରୂପ ବାକ୍ୟ ଯଦି କୌଣସି ଶାସ୍ତ୍ରରେ ଥାଏ, ତେବେ ତାହା ପ୍ରକ୍ଷିପ୍ତ କିମ୍ବା କୌଣସି ସ୍ୱାର୍ଥସର୍ବସ୍ୱର କପୋଳକଳ୍ପିତ ଉକ୍ତି । ଅରୁଆ କିମ୍ବା ଶୁଖିଲା ଚାଉଳର ଅଳ୍ପ ଦୋଷ, ଆଉ ଉଷୁନା କିମ୍ବା ଓଦା ଚାଉଳର ଅଧିକ ଦୋଷ—ଏହା ସୁଦ୍ଧା ହାସ୍ୟକର କଥା । ଦାସେ ଦୋଷ କରିଅଛନ୍ତି; ସୁତରାଂ ପ୍ରାୟଶ୍ଚିତ୍ତଦଣ୍ଡ ଭୋଗ କରିବେ । ଅବସ୍ଥା-ଦୃଷ୍ଟିରେ ଦଣ୍ଡର ବ୍ୟବସ୍ଥା ହୁଏ । ଜଣେ ଭିକ୍ଷୁକ ଏହି ପାପ ବା ଦୋଷ କରିଥିଲେ ତାହା ପ୍ରତି କିରୂପ ଦଣ୍ଡ-ବିଧାନ ହୁଅନ୍ତା ? ପ୍ରାୟଶ୍ଚିତ୍ତ କରିବା ଲଜ୍ଜା ବା ଅପମାନର କଥା ନୁହେଁ । ପ୍ରାୟଶ୍ଚିତ୍ତ ହିନ୍ଦୁର ନିତ୍ୟକର୍ମ । ପ୍ରାୟଶ୍ଚିତ୍ତର ଅର୍ଥ—ଦାନ । ଗୃହସ୍ଥ ଭିକାରୀକୁ ଭିକ ଦିଏ । ତାହା ତାହାର ପ୍ରାୟଶ୍ଚିତ୍ତ । ପାପର ଶ୍ରେଷ୍ଠ ପ୍ରାୟଶ୍ଚିତ୍ତ ଅନୁତାପ । ସେହି ଅନୁତାପକୁ ସ୍ଥାୟୀ କରିବା ସକାଶେ ଦାନ ବା ବ୍ୟୟ କରାଯାଏ । ନଚେତ୍ ମନୁଷ୍ୟ ଭୁଲିଯାଇ ପୁଣି ପାପରେ ଲିପ୍ତ ହେବ, ଆଉ ପ୍ରାୟଶ୍ଚିତ୍ତର ଗୁରୁତ୍ୱ ରହିବ ନାହିଁ । ଦଣ୍ଡ ଦେହକୁ ନ ବାଜିଲେ ମନରେ ରହେ ନାହିଁ । ଅର୍ଥଦଣ୍ଡ ଦେହକୁ ଲାଗେ; ସୁତରାଂ ମନରେ ରହେ । ଅଳ୍ପ ଅର୍ଥଦଣ୍ଡ ଧନୀମାନଙ୍କୁ ବାଜେ ନାହିଁ । ଦାସେ ଧନୀ—ଅତଃ ଦଣ୍ଡର ମାତ୍ରା ଅଧିକ ନ ହେଲେ ତାଙ୍କୁ ବାଧିବ ନାହିଁ । ତାଙ୍କ ପ୍ରତି ଯାହା ଅର୍ଥଦଣ୍ଡର ବ୍ୟବସ୍ଥା ହେବ, ସେହି ଅର୍ଥ କୌଣସି ସତ୍କାର୍ଯ୍ୟ ବା ସାଧାରଣହିତକର କାର୍ଯ୍ୟରେ ଲାଗିବା ଉଚିତ । ବ୍ୟବସ୍ଥା କଲା ଖାଇବା ବ୍ରାହ୍ମଣର ଧର୍ମ ନୁହେଁ । ଶାସନକୁ ଯେଉଁ ଅର୍ଥ ଦାନ କରାଯିବ, ସେହି ଅର୍ଥ ଶାସନର କୌଣସି ହିତାନୁଷ୍ଠାନରେ ବ୍ୟୟିତ ହେବା ବାଞ୍ଛନୀୟ ।

ଘୃତ ପାନ କରି ଉପବାସ ରହିଲେ ଦେହ ଶୁଦ୍ଧ ହେବ ନାହିଁ । ଯେଉଁ ଶରୀର ମଳ-ମୂତ୍ରରେ ପୂର୍ଣ୍ଣ, ସେ ଶୁଦ୍ଧ ହେବ କିପରି ? ପକ୍ଷାନ୍ତରେ ମଳମୂତ୍ର ଅଭାବରେ ଶରୀର ରହିବ ନାହିଁ । ଯାହାର ମନ ପବିତ୍ର, ସେ ଚିରପବିତ୍ର । ପାପୀର ମନ ଅନୁତାପରେ ପବିତ୍ର ହୁଏ । ମନ ତ କାମନାରେ ସତତ କଳୁଷିତ । ପୁଣି କାମନା ବ୍ୟତୀତ ମନର ଅସ୍ତିତ୍ୱ ନାହିଁ । ଜ୍ଞାନୀମାନେ କହନ୍ତି—କର୍ମ କାମନା କରିବ; ମାତ୍ର ଫଳ କାମନା କରିବ ନାହିଁ । ଏହା ଜ୍ଞାନୀଙ୍କର କଥା; ମାତ୍ର ଅଜ୍ଞାନ ପକ୍ଷରେ ଅଡୁଆ ମହାଭାରତ । ଫଳ ପାଇଁ ସିନା କର୍ମ । ଫଳ-କାମନା ଛାଡ଼ି କାହିଁକି କିଏ କର୍ମ କରିବ ? ଝୁମ୍ପି ପା-ଖାମସ୍ତ ଶରୀର ଧରି ଫଳ କାମନା ନ କରିବ ବା କିପରି ? ଏ ସବୁ ବଡ଼ ଗଭୀର କଥା—ଉଚ୍ଚକଥା । ଅନେକ ସାର୍ବଭୌମ ପଣ୍ଡିତ ସୁଦ୍ଧା ଏ କଥା ମୀମାଂସା କରିବାକୁ ଯାଇ ଛନ୍ଦି ହୁଅନ୍ତି । ସେ ଯାହାହେଉ, ମୋର ମତ ଏହି ଯେ, ସସ୍ତ୍ରୀକ ଦାସେ ତିଳସୁବର୍ଣ୍ଣ ପ୍ରାୟଶ୍ଚିତ୍ତ କରନ୍ତୁ ଏବଂ ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ଆସନ୍ତୁ । ଏହା ଶାସ୍ତ୍ରୀୟ ଦଣ୍ଡ । ସାମାଜିକ ଦଣ୍ଡ ଏହି ଯେ, ବ୍ରାହ୍ମଣଭୋଜନ, ଜାତିପ୍ରତିବେଶୀ ଭୋଜନ କରାଇ ପାଞ୍ଚ ଶାସନକୁ ଶଏଟଙ୍କା ଦେବେ । ସେହି ଟଙ୍କାରେ ପାଞ୍ଚ ଶାସନର କେନ୍ଦ୍ରସ୍ଥଳରେ ଗୋଟିଏ ଟୋଲ୍ ସ୍ଥାପିତ ହେବ । ସେଥିରେ ଶାସନର ବ୍ରାହ୍ମଣ-ପିଲାମାନେ ଶିକ୍ଷାଲାଭ କରିବେ । ଏହା ଛଡ଼ା ଦଧିବାମନ-ମନ୍ଦିର ସଂସ୍କାର ସକାଶେ ଶଏଟଙ୍କା ଆଉ ପାଠାଗାର ସକାଶେ ପଚାଶ ଟଙ୍କା ଦେବାକୁ ହେବ ।" ଶର୍ମାଙ୍କର ଏ ବ୍ୟବସ୍ଥା ଶୁଣି ଅନେକେ ଆଖି ଠାରାଠାରି ହେଲେ । ଯେଉଁମାନେ ପଣେ ଅର୍ଜନ ଆଶାରେ ଆସିଥିଲେ, ସେମାନଙ୍କର ମୁହଁ ଶୁଖିଗଲା । କେହି କେହି କୁହାକୁହି ହେଲେ—"ଭସ୍ମା ସମସ୍ତଙ୍କ କପାଳ ବୁଡ଼ାଇଲା । ଅଳ୍ପାୟୁଷ ଯେଉଁ ଠିକି ଗଲା, ସେଠି ଏହିପରି କଲା । ବ୍ରାହ୍ମଣ ହୋଇ ବ୍ରାହ୍ମଣର ଦାନା ବୁଡ଼ାଇଲା । ଏଥିରେ କି ତାର ମଙ୍ଗଳ ହେବ ? ବ୍ରହ୍ମ ନିଃଶ୍ୱାସରେ ନିର୍ବଂଶିଆ ଠକ୍ ପରି ଗଡ଼ି ପଡ଼ିବ ।"

ପଛରେ ଏହିପରି ଅଭିଶାପ ଦେଲେ; ମାତ୍ର ସମ୍ମୁଖରୁ ଆସି ଯୁକ୍ତି କରିବାକୁ କେହି ସାହସୀ ହେଲେ ନାହିଁ । କେତେଜଣ ପେଟରେ ଭୋକ ରଖି ମୁହଁରେ ସନ୍ତୋଷ ପ୍ରକାଶପୂର୍ବକ କହିଲେ—"ଏ ଅତି ଉତ୍ତମ ବ୍ୟବସ୍ଥା । ଶାସନମାନଙ୍କରୁ ବିଦ୍ୟା ବୁଡିବାକୁ ବସିଲାଣି । ଟୋଲ ହେଲେ ପିଲାମାନେ ପଢି ମନୁଷ୍ୟ ହେବେ । ଶଏ ଟଙ୍କାରେ ଦୁଃଖେକଷ୍ଟେ ବର୍ଷେ ଯାଏଁ ଟୋଲ ଚଳିଗଲେ ତେଣିକି ସର୍କାରୀ ସାହାଯ୍ୟ ମିଳି ପାରିବ । ତାହାହେଲେ ଟୋଲଟି ସ୍ଥାୟୀ ହୋଇ ରହିବ । ଏ ଗୋଟାଏ କେତେ ମହତ୍ କାର୍ଯ୍ୟ । ଏହା ନ କରି ଶଏଟଙ୍କାକୁ ପାଖପାଖର ବ୍ରାହ୍ମଣ ବାଣ୍ଟି ନେଲେ ଘରପିଛା ତିନିଅଣା ପଡନ୍ତା । ତିନିଅଣା ପଇସାରେ କାହାର ବା ଯୁଗ କଟିଯିବ ? ଧର୍ମକୁ ଆଶ୍ରା କରି କାଳଯାପନ କରିବ ସିନା; ଧର୍ମକୁ ବିକି ଭାଙ୍ଗି ଖାଇବା ତ ବ୍ରାହ୍ମଣର କର୍ମ ନୁହେଁ ! ତାହା ବ୍ରାହ୍ମଣର ଅକର୍ମ । ଏହି ଅକର୍ମ ହେତୁ ବ୍ରାହ୍ମଣ-ପ୍ରାଧାନ୍ୟ କ୍ରମରେ ଲୋପ ପାଇ ଆସୁଅଛି ।" ଫଳତଃ ଶର୍ମାଙ୍କ ବ୍ୟବସ୍ଥା ସର୍ବସମ୍ମତିକ୍ରମେ ଧାର୍ଯ୍ୟ ହେଲା । ଅନନ୍ତର "ହରିବୋଲ" ଶବ୍ଦ ସହ ସଭା ଭଙ୍ଗ ହେଲା ।

ପ୍ରଥମ ପ୍ରାୟଶ୍ଚିତ୍ତ ବ୍ୟବସ୍ଥା ଶୁଣି ଦାସଙ୍କୁ ମୂର୍ଚ୍ଛା ମାରିନେବାର ଉପକ୍ରମ ହୋଇଥିଲା ; କିନ୍ତୁ ଦ୍ୱିତୀୟ ବ୍ୟବସ୍ଥା କିଞ୍ଚିତ୍ ଆଶ୍ୱାସନା ପ୍ରଦାନ କଲା । ଉଷା ଫିଁ କରି ଗୋଟାଏ ନିଃଶ୍ୱାସ ଛାଡି ସ୍ତବ୍ଧ ହୋଇ ରହିଲେ । କିଛିକ୍ଷଣ ପରେ ଉଦାସ, ଗମ୍ଭୀର, ଶୋକାର୍ଦ୍ର ସ୍ୱରରେ କହିଲେ—"ସ୍ୱାମୀ ଅବଳ ନ ହେଲେ କି ଏତେ ଅପଦ ଘଟିବ ?" ଉଷା ଏଣିକି ମନ୍ଦ ଘଟଣାଗୁଡାକୁ ଗ୍ରହଦୋଷ ଆଡକୁ ଠେଲି ଦିଅନ୍ତି । ଶାଗ କାଟୁ କାଟୁ ଅସାବଧାନତାବଶତଃ ହାତ କଟିଗଲା—ତାହା ଗ୍ରହ-ଦୋଷ । ଗୋରୁ ଚାଳ ଓଲାରି ଖାଇଲା—ସେ ସୁଦ୍ଧା ଗ୍ରହଦୋଷ । ଉଷାଙ୍କ ବିଚାରରେ ଆତ୍ମଦୋଷ ବୋଲି କୌଣସି ପଦାର୍ଥ ଜଗତରେ ନାହିଁ । ଥିଲେ ଅନ୍ୟର ଥିବ; ମାତ୍ର ତାଙ୍କର ନାହିଁ । ସବୁ ଦୋଷ ସେହି ଗ୍ରହ-ଗୁଡାକର । ସେମାନଙ୍କର ଅଦୃଷ୍ଟ ବଡ ମନ୍ଦ । ବୋଧହୁଏ ସେମାନଙ୍କର ସୁଦ୍ଧା ଗ୍ରହଦୋଷ ପଡିଅଛି । ଯଥା-ସମୟରେ ଯଥାବିଧି ପ୍ରାୟଶ୍ଚିତ୍ତାଦି ହୋଇଗଲା । ଏଣିକି ପୁରୀ ଯିବାଲାଗି ଭାଲୁଣି ପଡିଲା । ଘରେ କାହାକୁ ରଖି ଯିବେ, କିଛି ସ୍ଥିର ହୋଇ ପାରିଲା ନାହିଁ । ଉଷା ଜଣକୁ ମନୋନୀତ କଲେ ଦାସଙ୍କ ମନକୁ ଆସେ ନାହିଁ । ସେହିପରି ଦାସଙ୍କ ବଛା ଲୋକ ଉଷାଙ୍କର ପସନ୍ଦ ହୁଏ ନାହିଁ । ଏହି ମତବିରୋଧ ମଧ୍ୟକୁ ଯେତେ ଲୋକ ଆସିଲେ ସମସ୍ତେ ବେପସନ୍ଦ ହୋଇଗଲେ । ଉଷା ଯାହାର ନାମ କହନ୍ତି; ଦାସେ କହନ୍ତି—"ଛି, ସେଟା କଟା ଚୋର ।" ଦାସେ ଯାହାର ନାମ କହନ୍ତି, ଉଷା କହନ୍ତି—"ଏଁ, ସେ ଗୋଖୁର ସାପ । ତାକୁ ପୁଣି ବିଶ୍ୱାସ ଅଛି ?" ବେପସନ୍ଦ ଲୋକଯାକ ପ୍ରତ୍ୟେକେ ଏହିପରି ଗୋଟାଏ ଗୋଟାଏ ବିକ୍ରର୍ଜନା ପୁରସ୍କାର ଲାଭ କରନ୍ତି । ଅନୁପସ୍ଥିତ କାଳରେ ଘରେ ଚୋରି ହୋଇ ପାରେ, ଘର ପୋଡି ଯାଇପାରେ ଅଥବା ଯେ ଘର ଜଗିଥିବ ସେ ଚିତା କାଟି ପାରେ । ଏହି ସବୁ ଆଶଙ୍କା ଦାସଙ୍କୁ ଘେରି ପକାଇଲା । ସେ ଏତେଦିନେ ସ୍ୱମାର ଅଭାବ ଅନୁଭବ କରି କହିଲେ—"ସ୍ୱମା ଥିଲେ ଆଉ କିଛି ଚିନ୍ତା ଥାଆନ୍ତା ନାହିଁ ।" ଉଷା ଅବଜ୍ଞାର ଲଘୁହାସ୍ୟ ଅଧରରେ ଖେଳାଇ କହିଲେ—"ଆହା କି ସାଧୁପୁରୁଷ ! ସେ ଡାକୁଣୀଟିଆକୁ ଘର ଜଗାଇ ଚୋର ହାତରେ ପସ୍ତି କୁଞ୍ଚିକାଠି ଦେଇ ଯାଆନ୍ତି ? ସେ ଅଲ୍ଲାଇଷର ନାଁ ଧର ନାହିଁ !" ଦାସଙ୍କମତ ଅନନ୍ୟୋପାୟ ହୋଇ ପରି-ଶେଷରେ ଝିଅର ଶଶୁର ସେହି ବେଲଗାଁ ଅଧିକାରୀଙ୍କୁ ଘର ଜଗାଇ ପୁରୀ ଯାତ୍ରା କଲେ । ରେଲ ସୁବିଧା ହେତୁ ଦିନକ ମଧ୍ୟରେ ପୁରୀରେ ପହଞ୍ଚିଲେ । ସେହି ଦିନ ରାତିରେ ଦାସେ ସ୍ୱପ୍ନ ଦେଖିଲେ—ଘରେ ଚୋର ପଶି ସବୁ ବହି ନେଇ ଯାଉଅଛନ୍ତି । ସେ ସ୍ତ୍ରୀଙ୍କୁ ଡାକିବାକୁ ଚେଷ୍ଟା କରୁଅଛନ୍ତି; ମାତ୍ର ଭୟରେ କଣ୍ଠ ଶଳ ମାରି ଯାଉଛି । ଦାସେ ହଠାତ୍ ବଲବଲାଇ ଉଠିଲେ—"ସୁ ସୁ ସୁ ଦୁସ୍ୱମା ଚ ଚ ଚ ।" ଅର୍ଥାତ୍ ସୁଦୁସ୍ୱମା, ଚୋର, ଚୋର, ଚୋର, । ହଠାତ୍ ଦାସଙ୍କର ନିଦ ଭାଙ୍ଗିଗଲା, ଦେହ ଶୀତେଇ ପଡିଲା, ମନ ଭାରି ଘାଣ୍ଟି ଗୋଳେଇ ହେଲା । ସେ ସ୍ତ୍ରୀଙ୍କୁ ଉଠାଇ ସ୍ୱପ୍ନକଥା କହିଲେ । ଉଷା ଶୁଣି ଆଶଙ୍କାରେ ଅସ୍ଥିର ହୋଇ ପଡିଲେ ଏବଂ କହିଲେ—"ତୀର୍ଥସ୍ନାନ, ଠାକୁରଦର୍ଶନ ତ ସରିଯାଇଛି, ମୋ ମନ ବଡ ଉଚ୍ଛନ୍ନ ହେଲାଣି, ଚାଲ ଏହି ସନ୍ଧଗାଡିରେ ବାହାରିଯିବା ।"

ଦାସେ ମଧ୍ୟ ସେହି କଥା ଭାବୁଥିଲେ । ସୁତରାଂ ସହଜରେ ସମ୍ମତ ହୋଇ ଆଉ କାଳବିଳମ୍ବ ନ କରି ସେହି ରାତିରେ ସୁରିରୁ ବାହାରି ଆସିଲେ । ଘରେ ପହୁଞ୍ଚି ଦେଖିଲେ, ତାଙ୍କ ସ୍ୱପ୍ନର ଗୋଟିଏ ବର୍ଣ୍ଣ ସୁଦ୍ଧା ସତ୍ୟ ନୁହେଁ । ତହୁଁ ତାଙ୍କର ଛାତିଦୁଲୁକା ବନ୍ଦ ହୋଇଗଲା; ସେ ଦୀର୍ଘଶ୍ୱାସ ଛାଡ଼ି ଆଶ୍ୱସ୍ତି ଲାଭ କଲେ । ବାଟରେ ଅସୁଁ ଅସୁଁ କେତେ ଦେବତାଙ୍କୁ ଡାକୁଥିଲେ; ମାତ୍ର ଘରେ ପହୁଞ୍ଚି ଆଉ ତାହାଙ୍କୁ ଡାକିବା ଉଚିତ ମନେ କରି ନାହାନ୍ତି । ଦାସଙ୍କର ଦେବଭକ୍ତି ଏବଂ କୃତଜ୍ଞତା ସବୁଦିନେ ଏହିପରି । ଏକା ଏହି ଦାସେ ନୁହନ୍ତି—ଏହିଭଳି ସଂସାରରେ ଯଥେଷ୍ଟ ସୁଲଭ । ବିପଦବେଳେ ସେମାନେ କେତେ ଦେବଦେବୀଙ୍କୁ ଡାକନ୍ତି ଏବଂ ଉତ୍କୋଚର ପ୍ରଲୋଭନ ଦେଖାନ୍ତି; ମାତ୍ର ବିପଦ ମେଣ୍ଟିଗଲେ ଆଉ କିଛି ମନରେ ଥାଏ ନାହିଁ । ସେମାନେ କୁକୁଡ଼ା ପରି ବଡ଼ ଚତୁର ଜୀବ; ଦେବତାଙ୍କୁ ସୁଦ୍ଧା ବୁଦ୍ଧାଙ୍ଗୁଳି ପ୍ରଦର୍ଶନ କରିପାରନ୍ତି । କୁକୁଡ଼ା-ସକାଳୁ ଉଠି କହେ, "ରଖ୍ ମା ମଙ୍ଗଳା ରଖ"; ପୁଣି ସନ୍ଧ୍ୟା ସମୟରେ ନିରାପଦ ସ୍ଥାନରେ ରହି କହେ—"ଠକ୍ ମା ମଙ୍ଗଳା ଠକ୍ ।" ସେ ଯାହା ହେଉ, ଦାସେ ପୁରୀ ଯାଇ ଗୋଟାଏ ସତ୍‌କାର୍ଯ୍ୟ କରିଆସିଥିଲେ । ଜଗନ୍ନାଥଙ୍କୁ ଦଶ ଟଙ୍କା ବାର୍ଷିକ ବୃତ୍ତି ଦେବେ ବୋଲି ଗରୁଡ଼ ସ୍ତମ୍ଭରେ ମୁଣ୍ଡ ମାରି କହିଆସିଥିଲେ; ମାତ୍ର ଜଗନ୍ନାଥଙ୍କ ଭାଗ୍ୟରେ ସେହି ବୃତ୍ତିଲାଭ ଥରକରୁ ଅଧିକ ଘଟି ନାହିଁ । ଦାସେ ପ୍ରଥମ ବର୍ଷ ଦଶ ଟଙ୍କା ପଠାଇଥିଲେ; କିନ୍ତୁ ଦ୍ୱିତୀୟ ବର୍ଷ ତାଙ୍କର ଇନ୍‌କମ୍ ଟାକ୍ସ ଦଶ ଟଙ୍କା ବଢ଼ିଯିବାରୁ ଜଗନ୍ନାଥଙ୍କ ବୃତ୍ତିଚ୍ଛେଦ କରାଯାଇ ସେହି କ୍ଷତି ପୂରଣ କରିବାକୁ ହେଲା । ଏଥିରେ ଦାସଙ୍କର କିଛି ଦୋଷ ନାହିଁ—ଏହା ଜଗତର ଭାଗ୍ୟବିଧାତା ଜଗନ୍ନାଥଙ୍କର ଦୁର୍ଭାଗ୍ୟର ଦୋଷ ! ଜଗନ୍ନାଥେ ଇନ୍‌କମ୍ ଟାକ୍ସ ଡେପୁଟିଙ୍କୁ ଟେକ୍ସ ବୃଦ୍ଧିର ବୁଦ୍ଧି ନ ଦେଇଥିଲେ ସେ ଯାବଚ୍ଚନ୍ଦ୍ରାର୍କେ ପୁତ୍ରପୌତ୍ରାଦିକ୍ରମେ ଦାସଙ୍କ ବୃତ୍ତିର ଅଧିକାରୀ ହୋଇପାରିଥାଆନ୍ତେ ।

## ଷୋଡ଼ଶ ପରିଚ୍ଛେଦ

ପ୍ରାୟଶ୍ଚିତ୍ତରେ ଦାସଙ୍କର ପାଞ୍ଚ ଶତ ଟଙ୍କା ବ୍ୟୟିତ ହେଲା; କିନ୍ତୁ ଦାସେ ହଜାରେ ବୋଲି କହି ବୁଲିଲେ । ତାଙ୍କର ଏ ବିପଦରେ ଅନେକ ଲୋକ ଦୁଃଖିତ ହେଲେ ନାହିଁ । ଜଣକର ଦୁଃଖରେ ଆଉ ଜଣେ ସୁଖୀ, ଏହା ମାନବପ୍ରକୃତିର ମହତ୍ ଦୋଷ । କେତେ ଦିନଯାଏ ଦାସଙ୍କ ପ୍ରକୃତିର ସମାଲୋଚନା ଯଥାତଥା ହେବାକୁ ଲାଗିଲା । ବନ୍ଧୁକର ଶବ୍ଦ ମୁହୂର୍ତ୍ତକ ମଧ୍ୟରେ ମିଳାଇଯାଏ; ମାତ୍ର ଧୂଆଁ କିଛିକ୍ଷଣ ରହି ଘୂରିବୁଲେ । ମଙ୍ଗଳା ମା କହିଲା—"ମୋହର ନିଃଶ୍ୱାସ ପଡ଼ିଲା । ମୋର ପୈରପିଗ୍ ଦିଖଣ୍ଡ ଘରେ ରଖି କହିଲା—'ନା, ମୋ ଘରେ ନାହିଁ, ଥିଲେ ତ ଖାତାରେ ଲେଖା ହୋଇଥାଆନ୍ତା ।' ତୁ କେବେ ବାହାର କରି ନେଇ ପ୍ରସାଦ ଖାଉଛୁ ।' ଏହା କହି ମୋ ଉପରେ ଆହୁରି ତେରିମେରି ହେଲା । ଯେତେ କହିଲି, ଟିକେ ମାନିଲା ନାହିଁ । କଅଣ କରିବ, କାଳ ମୁଣ୍ଡ ଆଉଁଷି ହୋଇ ଆସିଲା !" ତେମୀ ଗଉଡୁଣୀ କହିଲା—"ମୋତେ କଅଣ କହୁଛୁ ଲୋ ଭଉଣି, ମୁଁ ସବୁ ଅଙ୍ଗେ ନିଭେଇଛି ! ଏତେ ଏତେ ରୁପା ଚକି ଦିଖଣ୍ଡ ଦେଇ ତିନି ଥରରେ ତିନି ଅଞ୍ଜୁଳା ପଇସା ନେଲଣି, ତେବେ ବି କହୁଛି—'ହେଲା ନାହିଁ ।' ନେଉ ଆଉ କେତେ ନେବ; ଦେବଧର୍ମ ଅଛି, ସେହି ଏକା ବୁଝାମଣା କରିବ ।" ଉଦିଆ ପୋଖରୀରୁ ଓଦା ସତ ସତ ହୋଇ ଉଠିଆସି କହିଲା—"ହଁ ଲୋ ତେମୀ ନାନି, ଦେବଧର୍ମ ବୁଝାମଣା କରିସାରିଲଣି । ଏଥର ଖୁବ୍ ଗୁଡ଼ାଏ ବାହାରିଗଲା ଯେ ! ଯେତିକି କରିବୁ ଛନ୍ଦମନ୍ଦ, ତେତିକି ନେବ ଗୋପାଳଚନ୍ଦ୍ର । ପାଞ୍ଚ ଶାସନରେ ତ ପାଞ୍ଚପୁଡ଼ି ଚାଳିଦେଇଛି ; ନ ହେଲେ କଅଣ ଜାତି ହୋଇପାରିଥାନ୍ତା ?" କିନ୍ତୁ ପାଠକ ପୂର୍ବରୁ ଜାଣିଅଛନ୍ତି ଯେ, ଦାସେ ପାଞ୍ଚ ଶାସନକୁ ପାଞ୍ଚକୋଡ଼ି ମାତ୍ର ପ୍ରଣାମୀ ଦେଇଅଛନ୍ତି । ଉଦିଆ ମୁଖରେ ସେହି ପାଞ୍ଚକୋଡ଼ି ପାଞ୍ଚପୁଡ଼ି ହୋଇଅଛି—ଦାସଙ୍କ ଚକ୍ରବୃଦ୍ଧି ସୁଧକୁ ସୁଦ୍ଧା ଅତିକ୍ରମ କରିଗଲା ! ପୁନଶ୍ଚ ଉଦିଆ କହିଲା—"ଶୁଣ୍ ତେମୀ ନାନି, ମୋ ଆଖିରେ ଗଙ୍ଗାଜଳୀ ଅଛି, ମୁଁ

ଓଦାଳୁଗା ପିନ୍ଧିଛି, ତୁ ବଡ ଭଉଣୀ ପରି, ମଙ୍ଗଳା ମା ମାଉସୀ ମା ପରି, ଦୁଆଁଖି ଚୁଉଛି, ମୁଁ ତମ କଥାରେ ମିଛ କହୁ ନାହିଁ। ଆମେ ତାହାର ଉଦାହରଣ କଥାକୁ ଜାଣ ପାରୁଥାଉଁ। ସେ କଅଣ କଲା ଶୁଣିବୁ? ବୁଧା ମୁଦ ବନ୍ଧା ଦେଇ ଚାରିଅଣା ନେଇଥିଲା। କଅଣ କହିବ ଲୋ ଭଉଣି, ଯୁଆଡୁ ଯେତେ ଆଣିଲେ ବି ମଡାମରା ପେଟ ଚାଖଣ୍ଡକୁ ଅଣ୍ଟିଲା ନାହିଁ। ବର୍ଷେ ବର୍ଷେ ଛଅ ମାସ ହୋଇଗଲା। ତା ବାପ ଦିନେ ପଇସା ନେଇ ମୁଦଟା ମୁକୁଳାଇବାକୁ ଗଲା। ମୂଳ ଚାରିଅଣା ନେଲା, ସୁଧ ଅଣେ ନେଇ ଅଧିକ ଦିପଇସା ନେଲା; ତେବେ ଯାଇ ମୁଦ ଦେଲା। ଗରିବଙ୍କ ତଣ୍ଟି ଚିପି ଟଙ୍କାରେ ଅଣାଏ ସୁଧ ନେଲେ ତାହା କି ଧର୍ମ ସହିବ? ଆଉ ଗୋଟାଏ କଥା ଶୁଣିବୁ? ଆମ ତୋମା ବାହାଘର-ବେଳେ ଚାଉଣ୍ଡୀ ଛଟା ଟଙ୍କା ନେଇଥିଲା। କଅଣ କହିବ ଲୋ ନାନି, ତୁ ପରତେ ଯିବୁ ନାହିଁ—ଅର ମାସରେ କାଇକତାରୁ ଆସି ପଚା ଅଧସେରେ ଟଙ୍କା ନେଇ ତାଳିଦେଇ ଆସିଲା। ସେହି ଯେ କି ଋଷି ନା ମୁନି ସମୁଦ୍ର ଶୋଷିଥିଲା, ନଡେଇ ଦାସ ତାହାରି ପରି ସମୁଦ୍ର ଶୋଷିବା ଲୋକ।" ଏହିପରି ଅନେକ ଲୋକ ଅନେକ କଥା କହନ୍ତି; ମାତ୍ର ଦାସେ ସେ କଥାରେ କର୍ଣ୍ଣପାତ କରନ୍ତି ନାହିଁ। ସେ କହନ୍ତି—"ନିନ୍ଦା ପ୍ରଶଂସା ପବନର ଧନ।" ଏହା ଯଥାର୍ଥ କଥା। କୁକାର୍ଯ୍ୟ ସୁକାର୍ଯ୍ୟର ନିନ୍ଦା ପ୍ରଶଂସା ପ୍ରଥମରେ କିଛି ଦିନ-ଯାଏଁ ଲୋକେ ଗାଉଥାନ୍ତି; ମାତ୍ର ତେଣିକି ତାହା ମିଳାଇଯାଏ। ସେଥିରେ କାହାର ବା କ୍ଷତିଲାଭ ହେବ ଯେ, ସବୁଦିନେ ସେହି କଥା କାଏ ଘେନି ବସିଥିବ?

ସମା ବାହାରିଗଲା ଦିନଠାରୁ ପ୍ରାୟ ପ୍ରତିରାତ୍ରରେ ଦାସେ କୁସ୍ୱପ୍ନ ଦେଖୁଅଛନ୍ତି। ସିଂହ ବ୍ୟାଘ୍ରାଦି କେବେ ଆକ୍ରାନ୍ତ ହେଉଅଛନ୍ତି; କେବେ ବା ସମାର ମୃତ ପିତା ସାଧିକା ଦାସଦ୍ୱାରା ପ୍ରହୃତ ହେଉଅଛନ୍ତି। ଏହିପରି ନାନା ସ୍ୱପ୍ନ ଦେଖନ୍ତି। ଥରେ ସ୍ୱପ୍ନ ଦେଖିଲେ—ଗୋଟାଏ ବିରାଟ କଙ୍କାଳାକାର ଅଦୃଷ୍ଟଅଶ୍ରୁତପୂର୍ବ ଜୀବ ମାନବଭାଷାରେ "ରେ ରେ ରେ ରେ" କହି ହସ୍ତମୁଷ୍ଟି ଉତ୍ତୋଳନପୂର୍ବକ ଦାସଙ୍କ ଆଡକୁ ଧାଇଁ ଆସିଲା। ଦାସେ ଭୟରେ ଚାଉଳ ଖାଇ ଉଠି ବସି ଥରିବାକୁ ଲାଗିଲେ; ଆଉ ଥରେ ସ୍ୱପ୍ନ ଦେଖିଲେ—ସାଧିକା ଦାସ ତାଙ୍କୁ ଅନର୍ଗଳ ପ୍ରହାର କରୁଅଛି। ସେ ଭୟବ୍ୟାକୁଳ କଣ୍ଠରେ "ମରିଗଲି ମରିଗଲି ସଙ୍ଗାତେ, ଆଉ ମାର ନାହିଁ—ତମକୁ ଜୁହାର ହେଉଛି" ବୋଲି କହି ନିଦ୍ରାରୁ ଉଠି ବସି ମୂର୍ଚ୍ଛିତ ହେଲେ। ସ୍ୱାମୀଙ୍କ ବ୍ୟାକୁଳ ବାଣୀରେ ଭଗାଙ୍କର ନିଦ ଭାଙ୍ଗିଗଲା। ସେ ଦାସଙ୍କ ମୁଖରେ ଜଳସେଚନପୂର୍ବକ ତାଙ୍କୁ ସଚେତ କରାଇଲେ। ସ୍ୱାମୀଙ୍କ ମୁଖରୁ ସ୍ୱପ୍ନବୃତ୍ତାନ୍ତ ଶୁଣି ଭଗାଙ୍କ ମନରେ ମଧ୍ୟ ଭୟ ଜାତ ହେଲା। ପୁନଶ୍ଚ ଆଉ ଥରେ ସ୍ୱପ୍ନ ଦେଖିଲେ—ଗୋଟାଏ ବୃହତ୍ ମର୍କଟ ଦାନ୍ତ ରଗଡି ଧାଇଁ ଆସି ତାଙ୍କ ମୁଣ୍ଡ ଉପରକୁ ଖପ୍ କରି କୁଦା ମାରି ମୁଣ୍ଡଟା ଲହୁଲୁହାଣ କରିଦେଲା। ପ୍ରଥମତଃ ଦାସେ ଏସବୁ କୁସ୍ୱପ୍ନକୁ ଖାତର କଲେ ନାହିଁ; ମାତ୍ର ସ୍ୱପ୍ନ କ୍ରମଶଃ ଭୀଷଣରୁ ଭୀଷଣତର, ଭୀଷଣତମ ହେବାରୁ ଭୟରେ କାତର ହୋଇପଡିଲେ। ସ୍ୱପ୍ନ ସତ୍ୟ କି ମିଥ୍ୟା, ଅନେକ ଜାଣିବା ଲୋକଙ୍କୁ ପଚାରିଲେ। କେହି କହିଲା—ସପନ ମିଛ; କେହି କହିଲା, ସତ ନୁହେଁ କି ମିଛ ନୁହେଁ। କେହି ବା କହିଲା—କେତେ ସ୍ୱପ୍ନ ମିଛ ହୁଏ, ପୁଣି କେତେ ସତ ବି ହୁଏ। ସ୍ୱପ୍ନ ସତମିଛ ମିଶାମିଶି—ଅଧେ ସତ, ଅଧେ ମିଛ। ଦାସେ ସ୍ୱପ୍ନକଥା ଭଗାଙ୍କ ବ୍ୟତୀତ ଅନ୍ୟ କାହାରିକୁ କହନ୍ତି ନାହିଁ। ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିଲା ପରି କାଳେ ସ୍ୱପ୍ନକଥା ମଧ୍ୟରୁ ଆଉ କିଛି ବାହାରିପଡେ, ସ୍ୱପ୍ନ-ଗୋପନର ଏହା ହିଁ କାରଣ। ଏହି ଅମଙ୍ଗଳ ସ୍ୱପ୍ନର ଫଳ କଅଣ ହେବ, ଦାସେ ଏହି ଭାବନାରେ ସର୍ବଦା ଶଙ୍କିତ ରହିଲେ।

ପାଠକ, ଏବେ ବଲଗାଁ ଅଧିକାରୀ ଘର ବାଇଚାଲ ଟିକିଏ ବୁଝିବେ ଚାଲନ୍ତୁ। ପଦନ ଅଧିକାରୀ ଜଣେ କ୍ଷୁଦ୍ର ଜମିଦାର। ତାଙ୍କର ଦୁଇଖଣ୍ଡ ଗାଁ ଅଛି। ସେଥିରୁ ବାର୍ଷିକ କର ସହସ୍ରାଧିକ ଟଙ୍କା ଆଦାୟ ହୁଏ। ଏହା ଛଡା ସାତ ହଳ ବଳଦର ଚାଷ। ଜଣେ ଗୁମାସ୍ତା ଅଛି; ସେ ବିଷୟସମ୍ପତ୍ତି ତତ୍ତ୍ୱାବଧାନ କରେ। ଅଧିକାରୀଙ୍କ କନିଷ୍ଠ ଭ୍ରାତା ନିରପତ୍ୟ; ଅଧିକାରୀଙ୍କର ଏକମାତ୍ର ପୁତ୍ର ବୀରଭଦ୍ର ସମ୍ପତ୍ତିର ଭାବୀ ଉତ୍ତରାଧିକାରୀ। ଏହି ବୀରଭଦ୍ର ସୁଭଦ୍ରାର ସ୍ୱାମୀ। ଅଧିକାରୀଙ୍କ ଘରେ ଦାସ ଦାସୀ ଅଛନ୍ତି; ମାଉସୀ, ପିଉସୀ, ମଉଳାପୁଅ ଭାଇ ପ୍ରଭୃତିର

ସୁଦ୍ଧା ଅଭାବ ନାହିଁ । ସେଥିମଧ୍ୟରେ କେତେ ଅସ୍ଥାୟୀ ଏବଂ କେତେ ବା ସ୍ଥାୟୀ । ଯେଉଁଠାରେ ପାଣି ଥାଏ, ସେଠାରେ ନାନା ଜଳଚର ଆଶ୍ରୟ ନିଅନ୍ତି । ଜମିଦାର ଘର ବୋଲି କେତେ ଦୂର ଏବଂ ନିକଟ ସମ୍ପର୍କୀୟ ଅନାଥ-ଅନାଥା ଆସି ଆଶ୍ରୟ ନେଇଅଛନ୍ତି । ଅଧିକାରୀଙ୍କର ପାଞ୍ଚପୁର ଘର; ସବୁ ଘର ମାଟି । କେତିଆ ଖଣ୍ଡ ବଡଲୋକ ଘରର ପରିଚାୟକ । ଦାଣ୍ଡ ଆଗରେ ଫଳବୃକ୍ଷର ବିସ୍ତୃତ ଉଦ୍ୟାନ । ସେଥିରେ ଆମ୍ବ, ପଣସ, ତାଳ, ନଡିଆ, ତେନ୍ତୁଳି, କରମଙ୍ଗା, ବରକୋଳି, କେଉଁଠ, ଟଭା, କମଳା, ସାଲଗା, ଜାମୁ, ଅଉ, ସପୁରୀ, ଡାଳିମ୍ବ, ଚୂଆ, ଲଙ୍କାଆମ୍ବ ପ୍ରଭୃତି ଗୃହସ୍ଥର ଆବଶ୍ୟକୀୟ ସକଳ ପ୍ରକାର ବୃକ୍ଷ ଅଛି । ଘର ପଛପଟକୁ ବିସ୍ତୀର୍ଣ୍ଣ ଶାକଶବଜିର କ୍ଷେତ୍ର । ବାଡିରେ ଗୋଟିଏ ପୋଖରୀ ଅଛି; ସେଥିରେ ଭଲ ଭଲ ମାଛ ଛଡା ହୋଇ-ଅଛି । ପୋଖରୀ ଆଡ ଉପରେ ପ୍ରକାଣ୍ଡ କଦଳୀ ତୋଟା; ସେଥିରେ ଯେତେବେଳେ ଖୋଜ, ଦଶ ପନ୍ଦର କାନ୍ଦି କଦଳୀ ଥାଏ । ପରିବାର ପାଳନର ଉପଯୋଗୀ ସମସ୍ତ ପଦାର୍ଥ ଅଧିକାରୀ କୃଷିରୁ ଉତ୍ପାଦନ କରନ୍ତି; କେବଳ ଲୁଣ, ପାନ ପ୍ରଭୃତି ସାମାନ୍ୟ କେତେଟା ପଦାର୍ଥ କିଣିବାକୁ ହୁଏ । ବାଡିରେ କପା ଚାଷ ହୁଏ; ସେଥିରେ ବର୍ଷକର ଲୁଗା ଚଳିଯାଏ । ଘରେ ଗାଈ ଥିବାରୁ ଦୁଧ, ଦହି, ଘିଅ ସୁଲଭ । ମୂଳରେ କହିବାକୁ ଗଲେ ଅଧିକାରୀଙ୍କର ଗାର୍ହସ୍ଥ୍ୟ ଅଭାବ କିଛି ନାହିଁ । ସୁତରାଂ ସୁଖ-ସ୍ୱାଚ୍ଛନ୍ଦ୍ୟରେ ସେ କାଳଯାପନ କରନ୍ତି । ସୁଭଦ୍ରା ଏକମାତ୍ର ବଧୂ ହେତୁ ଶ୍ୱଶୁରଙ୍କର ସ୍ନେହପୁତ୍ତଳୀ; ଶାଶୁଙ୍କର ଜୀବନଧନ । ସୁଭଦ୍ରା ସୁଦ୍ଧା ଉଭୟଙ୍କୁ ପିତୃମାତୃ ତୁଲ୍ୟ ଭକ୍ତି କରେ । ଶାଶୁ ଶ୍ୱଶୁର ଦୁହେଁ ସେହି ବହୂଟିକୁ ବସୁମତୀରେ ହାତ ମାରିବ ଦିଅନ୍ତି ନାହିଁ । କିନ୍ତୁ ସୁଭଦ୍ରାର ଇଚ୍ଛା ଅନ୍ୟ ପ୍ରକାର, ସେ ସ୍ୱହସ୍ତେ ରାନ୍ଧି ପରିବାରବର୍ଗଙ୍କୁ ଖୁଆଇପାରିଲେ ଅସୀମ ତୃପ୍ତି ଏବଂ ପ୍ରୀତି ଅନୁଭବ କରେ । ସୁଭଦ୍ରା ପ୍ରଥମେ ପ୍ରଥମେ ଶାଶୁ ଶ୍ୱଶୁରଙ୍କୁ ଲାଜ କରୁଥିଲା; କିନ୍ତୁ ସେଥିରେ ସେମାନେ କୁଣ୍ଠିତ ହେବାରୁ ଆଉ ଲାଜ କରେ ନାହିଁ । ସେ ଶାଶୁଙ୍କୁ ମା ଏବଂ ଶ୍ୱଶୁରଙ୍କୁ ବାବା ବୋଲି ଡାକେ । ସେମାନେ ସୁଦ୍ଧା ତାକୁ କନ୍ୟାଧିକ ସ୍ନେହାଦର କରନ୍ତି । ସୁଭଦ୍ରା ବାଳିକା କନ୍ୟା ପରି ସେମାନଙ୍କ ନିକଟରେ ନାନାପ୍ରକାର ଅଳି ଅଝଟ କରେ । ଶାଶୁ ଶ୍ୱଶୁର ସେଥିରେ ଅପାର ଆନନ୍ଦ ଉପଭୋଗ କରନ୍ତି । ଶ୍ୱଶୁର ରାନ୍ଧିବାକୁ ନିଷେଧ କରି କହନ୍ତି—"ମୋ ସୁନା ତ ମା, ତୁ କେବେ ଚୁଲି କଡକୁ ଯିବୁ ନାହିଁ ।" ସୁଭଦ୍ରା କହେ—"ହଁ ବାବା, ମୁଁ ତମ କଥା ମାନିବି; ଆଉ ମୁଁ ପିଠା କରିବି, ତମେ ଏକା ଖାଇବ । ମନା କଲେ ମୁଁ ଭାତ ଖାଇବି ନାହିଁ, କାନ୍ଦିବି ।" ଶ୍ୱଶୁର ହସି ହସି ସ୍ନେହମିଶା ମଧୁର କୋଧରେ କହନ୍ତି—"କର ବାମ୍ବୁଣୀ, ଯାହା ତୋର ଇଚ୍ଛା, ମୁଁ ଆଉ ତୋତେ ପାରିବି ନାହିଁ ।" ରାତିରେ ଶୋଇବାବେଳେ ସୁଭଦ୍ରା ଶାଶୁଙ୍କ ଗୋଡ ଘଷି ଦେବାକୁ ଯାଏ; ମାତ୍ର ନିଷେଧ କଲେ ମୁଖ ଗମ୍ଭୀର କରି ବୁଲି ବସେ—ଆଖିରେ ଲୁହ ଟଳ ଟଳ କରେ । ଶାଶୁ ତାକୁ ପାଖକୁ ଟାଣି ନେଇ କେତେ ଆଦର କରନ୍ତି । ସୁଭଦ୍ରା ଶାଶୁଙ୍କ କୋଳରେ ମୁହଁ ଲୁଚାଇ କହେ—"ମା, ତମ ଗୋଡତଳେ ପଡୁଛି, ମୋତେ ଗୋଡ ଘଷିବାକୁ ମନା କରିବ ନାହିଁ ।" ଶାଶୁ କହନ୍ତି—"କି ଜଞ୍ଜାଳୀ ହେଲୁ ତୁ ମା, ଆଚ୍ଛା ଟିକିଏ ଦେ ।" ସୁଭଦ୍ରାର ଆନନ୍ଦ ଆଉ କହିଲେ ନ ସରେ; ସେ ହସି ହସି ଦ୍ୱିଗୁଣ ଆଗ୍ରହରେ ଶାଶୁଙ୍କ ପଦସେବାରେ ଲାଗିଯାଏ । ଯେଉଁ ଘରେ ଏଭଳି ଶାଶୁ, ଶ୍ୱଶୁର ଏବଂ ଏଭଳି ବଧୂ ଥାଆନ୍ତି, ସେ ଘର ବାସ୍ତବରେ ସୁଖର ସ୍ୱର୍ଗ; ଅନାବିଳ ଅମୃତଧାର ସେହି ଘରେ ଚିର ପ୍ରବାହିତ ହୁଏ । ଆଉ ଯେଉଁ ଘରେ ଶାଶୁ ବହୂର ବିରୋଧ, ସେ ଘରେ ନରକର କୀଟ ସଲ ସଲ ! ଯେଉଁ ଘରେ ସ୍ନେହପ୍ରୀତିର ପ୍ରତିଦାନ ନାହିଁ—ଶ୍ରଦ୍ଧାଭକ୍ତିର ମୂଲ୍ୟ ନାହିଁ, କେବଳ ଦ୍ୱେଷ, କଳହ ଏବଂ ପରଶ୍ରୀକାତରତା ଅହରହ ଆତ୍ମପ୍ରକାଶ କରେ, ସେ ଘର ଭୀଷଣ ଶ୍ମଶାନ ଛଡା ଅନ୍ୟ କିଛି ନୁହେଁ । ସେ ଘରେ ସୁଖ ନାହିଁ—ଶାନ୍ତି ନାହିଁ, ଅଛି କେବଳ ଦୁଃଖ-ଦାବାନଳର ଅସହ୍ୟ ଉତ୍ତାପ ଏବଂ ଅଶାନ୍ତିର ପ୍ରାଣଘାତୀ ହଳାହଳ ! ସେ ରୂପ ଘରେ ବାସ କରିବା ଅପେକ୍ଷା ହିଂସ୍ରଜନ୍ତୁସଙ୍କୁଳ ଅରଣ୍ୟରେ ବାସ କରିବା କୋଟି ଗୁଣରେ ଶ୍ରେୟ ।

ସୁଭଦ୍ରା ସ୍ୱହସ୍ତରେ ଚାଉଳ ବାଟି ପିଠା ପୋଡେ । ସେହି ପିଠା, ଦୁଧ ଏବଂ ଗୁଡ ଶ୍ୱଶୁରଙ୍କୁ ଜଳଖିଆ ଦିଏ । ଶ୍ୱଶୁରଙ୍କ ଭୁକ୍ତାବଶେଷକୁ ଦେବପ୍ରସାଦ ମଣି

ଆନନ୍ଦରେ ଭୋଜନ କରେ । କୁଣ୍ଢାଇ ଖେଳ ସୁଭଦ୍ରାର ଅତି ପ୍ରିୟ । ଦୁଇଟି କୁଣ୍ଢାଇକୁ ବର କନ୍ୟା ବେଶରେ ସଜ୍ଜିତ କରି ବିବାହ ଦିଏ—ହୁଳହୁଳି ଦେଇ ଶଙ୍ଖ ବଜାଏ । ସେ ତାହାର କନ୍ୟାର ବିବାହ । କନ୍ୟା ବିବାହ ଉପଲକ୍ଷରେ କେନେ କେନେ ଶାଶୂ ଶ୍ୱଶୁରଙ୍କୁ ନିମନ୍ତ୍ରଣ କରେ । ଶ୍ୱଶୁରଙ୍କୁ କହେ—"ବାବା, ଆଜି ମୋ ଝିଅର ବାହାଘର, ତମେ ଦେଖିବ ଆସ ।" ବିବାହ ସ୍ଥଳରେ ଶାଶୁ ଶ୍ୱଶୁର ଉପସ୍ଥିତ ହୋଇ ସରଳା ବାଳିକା-ବଧୂର କୌତୁକକ୍ରୀଡ଼ା ଦେଖି ମହୀରେ ଥାଇ ସ୍ୱର୍ଗସୁଖ ଉପଭୋଗ କରନ୍ତି । କେନେ ଅଧିକାରୀ କହିଲେ—"ମା, ଏହି ମାଟି-କୁଣ୍ଢେଇଟାକୁ ଜୁଇଁ ନ କରି ମୋତେ କଲେ କି ଚଳିବ ନାହିଁ ?" ସୁଭଦ୍ରା କହିଲା—"ନା ବାବା, ଏ ପେଚାମୁହାଁଟା ମା'ଙ୍କର ସଉତୁଣୀ ହେବ—ତାଙ୍କୁ ଗଞ୍ଜିବ?" ଅନନ୍ତର କନ୍ୟା ଗାଲରେ ଖୁଦାଏ ବସିଗଲା । ସୁଭଦ୍ରାର କଥା ଶୁଣି ବୃଦ୍ଧ ଅଧିକାରୀ-ଦମ୍ପତି ନ ହସି ରହିପାରିଲେ ନାହିଁ । ସୁଭଦ୍ରାର ଏଭଳି ଆଚରଣ ଦେଖି କେହି କେହି ତାହାକୁ ପାଗଳୀ ମନେ କରିପାରନ୍ତି; ମାତ୍ର ଏହା ତାହାର ଅଲକ୍ଷଣପଣ ବା ବେହିଆମି ନୁହେଁ । ବାଳିକା ହୃଦୟର ସରଳ, ସୁନ୍ଦର, ନିର୍ମଳ ଭାବ ଏବଂ ପବିତ୍ର ପ୍ରେମ ତାହା'ର କାର୍ଯ୍ୟରୁ ଫୁଟି ବାହାରୁଅଛି । ସେ ଦେବଦୁର୍ଲଭ ପ୍ରେମର ପୂର୍ଣ୍ଣାଦର୍ଶ ମର୍ତ୍ତ୍ୟରେ ଦେଖାଉଅଛି । ଏହି ଅନାବିଳ ପ୍ରେମଦ୍ୱାରା ପର ଆପଣାର ହୁଏ । ଏଭଳି ପ୍ରେମ ଲାଭ କରି କେହି ଅନାତ୍ମୀୟ ରହିପାରେ ନାହିଁ । ଏହି ପ୍ରେମ ଯେ ଲାଭ କରେ, ସେ ସୌଭାଗ୍ୟବାନ୍ ଏବଂ ସୁଖୀ । ଯେଉଁ ଗୃହରେ ଏହି ପ୍ରେମର ଅଭିନୟ ହୁଏ, ସେ ଘର ଚିର ମହୋତ୍ସବମୟ; ସେ ଘର ପବିତ୍ର—ସେ ଘରର ମାଟି ପବିତ୍ର, ସେ ଘରର ବାୟୁ ପବିତ୍ର । ବଧୂମାନଙ୍କୁ କାଠି କାଉଡ଼ି କରି ରଖିବା ମୂର୍ଖଙ୍କ ଏହିପରି ପ୍ରେମର ପ୍ରତିମା ଗଢ଼ିବା ମୂର୍ଖ, ଭୁକ୍ତଭୋଗୀ ଭିନ୍ନ ସେ ସୁଖର ଆସ୍ୱାଦନ ଅନ୍ୟ କେହି ବୁଝିବାକୁ ଅକ୍ଷମ ।

ସୁଭଦ୍ରା କେବଳ ଶାଶୁଶ୍ୱଶୁରଙ୍କର ସ୍ନେହପାତ୍ରୀ ନୁହେଁ—ତାହାର ବ୍ୟବହାର ତାହାକୁ ସମସ୍ତଙ୍କର ଅନୁରାଗର ପାତ୍ରୀ କରିଅଛି । ଦାସଦାସୀମାନେ ତାକୁ "ମା ଲକ୍ଷ୍ମୀ" ବୋଲି କହନ୍ତି । ସେମାନଙ୍କୁ ସୁଭଦ୍ରା ଇତର ଚକ୍ଷୁରେ ଦେଖେ ନାହିଁ । ଆଦରଦ୍ୱାରା ଆଦର କିଣା ହୁଏ । ଯେ ଅନ୍ୟକୁ ଆଦର କରେ, ସେ ଅନ୍ୟଠାରୁ ଆଦର ପାଏ । ସଦ୍‌ବ୍ୟବହାରରେ ଜଗତ ବଶୀଭୂତ ହୁଏ । ସଦ୍‌ବ୍ୟବହାରରେ ଶତ୍ରୁ ସୁଦ୍ଧା ମିତ୍ର ହୁଏ । ଯେ ସମସ୍ତଙ୍କୁ ଆତ୍ମୀୟ କରିପାରେ, ଜଗତରେ ସେହି ଏକା ଅଜାତଶତ୍ରୁ । ସୁଭଦ୍ରା ନିଜ ଗୁଣରେ ସ୍ୱାମିସୋହାଗିନୀ ହୋଇଅଛି । ସ୍ଥୂଳତଃ ସୁଖ ତାହାକୁ ଚାରି ଆଡ଼ୁ ବେଷ୍ଟନ କରି ରଖିଅଛି ।

କାଲି ପ୍ରଥମାଷ୍ଟମୀ; ବଡ ପୁଅ ବା ବଡ ଝିଅର ପରୁଆଁ ହେବାର ଦିନ । ନ ଥିଲା ଘରର ବଡ ପୁଅ ବା ବଡ ଝିଅ ନୂଆ ଲୁଗା ପିନ୍ଧନ୍ତି; ମାତ୍ର ଥିଲା ଘରର ସାନ ବଡ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ଗ୍ରାମରେ କର୍ମଚାଞ୍ଚଲ୍ୟର ସ୍ରୋତ ବହିଯାଉଅଛି । ସ୍ତ୍ରୀଲୋକମାନଙ୍କ ବ୍ୟସ୍ତତା ଅଧିକ—କିଏ ହଳଦିବଟାରେ ଲାଗିଅଛି, କିଏ ଲୁଗା ହଳଦୀରେ ଶୁଖାଉଅଛି, କିଏ ହଳଦିଆ ଲୁଗା କୁଞ୍ଚାଉଅଛି, କିଏ ବା ଝିଅଘରକୁ ଖବର ଦେବା ସକାଶେ ପିଠଉ ପାଣିରେ ହାଣ୍ଡି ଭଳାଉଅଛି, କାହା ଘରେ ପିଠା ହେବାପାଇଁ ବାଟିବଟା, କାହା ଘରେ ଚୂନାକୁଟା, କାହା ଘରେ ନଡ଼ିଆକୋରା ଲାଗିଅଛି । ଉତ୍ସବଠାରୁ ଉତ୍ସବ ପୂର୍ବଦିନରେ ଆନନ୍ଦ ଅଧିକ । ରାତି ପାହିଲେ ସମସ୍ତଙ୍କ ଘରେ ପିଠାପଣା ହେବ; ସମସ୍ତଙ୍କର ମନ ସୁଖ-ସାଗରରେ ଭାସୁଅଛି । ପିଲାମାନଙ୍କର ତ ଆନନ୍ଦର ସୀମା ନାହିଁ । ସେମାନେ ମନଫୁଲଣା ଗୀତ ଗାଇ ଖେଳାକୁଦା କରୁଅଛନ୍ତି । ସେମାନେ ସ୍ୱଭାବତଃ ଉଦରସର୍ବସ୍ୱ, କାଲି ଉଦରପୂଜାର ଭୂରି ବ୍ୟବସ୍ଥା ସ୍ମରଣ କରି ଅପୂର୍ବ ଆନନ୍ଦରେ ପ୍ରମତ୍ତ । ଅଧିକାରୀଙ୍କ ଘରେ ବିପୁଳ ଆୟୋଜନ ଲାଗିଅଛି । ଜମିଦାର ଘର, କେତେ ଦୁଃଖୀ, ରଙ୍କୀ, ଛିଣ୍ଡା ପିଠା, ଘାଣ୍ଟିଆ ମାଗିବାକୁ ଆସିବେ । ସେଥିପାଇଁ ଆଜିଠାରୁ ପିଠା ଛଣା ଆରମ୍ଭ ହେଲାଣି । ସୁଭଦ୍ରା ତାହାର ପୁତ୍ତଳୀ ପୁତ୍ରକନ୍ୟାମାନଙ୍କ ସକାଶେ ନୂଆଲୁଗା, ନୂଆଝୁମା, ନୂଆମାଳ, ନୂଆହାତପଙ୍ଖା ପ୍ରଭୃତି ସଂଗ୍ରହ କରି ରଖିଅଛି । ମା ନ ହେଉଣୁ ତାହାର ମାତୃତ୍ୱ ବିକଶିତ ହୋଇଉଠିଅଛି । ନାରୀଜୀବନର ଏହା ସ୍ୱାଭାବିକ ଧର୍ମ, ଅଥବା ପୂର୍ବଜନ୍ମର ସଂସ୍କାର । ସୁଭଦ୍ରାର ପୁତ୍ରକନ୍ୟାମାନେ କାଲି ପରୁଆଁ ହେବେ;

ସୁତରାଂ ତାହାର ମାତୃହୃଦୟରେ ହର୍ଷ ଉଚ୍ଛୁଳି ଉଠୁଅଛି । ସେ ଅଳଙ୍କାର ପେଡ଼ୀ ଫିଟାଇ ମନୋମତ ଅଳଙ୍କାରମାନ ବାହାର କଲା । ତାହା ପରିଷ୍କୃତ କରି କାଲି ପିନ୍ଧିବ । ସୁନା ଅଳଙ୍କାରକୁ ବଟାହୁଳଦିରେ ପୋଛି ରଖିଲା ଏବଂ ରୁପା ଅଳଙ୍କାରମାନ ଗୋଟାଏ ହାଣ୍ଡି-ମଧ୍ୟରେ କ୍ଷାରଜଳରେ ବତାଇଦେଲା । ଉଭୟ ଅଳଙ୍କାର ପାତ୍ର ଖଟତଳେ ନେଇ ରଖିଦେଲା । ରାତିସାରା ବତୁରିଥିଲେ ଅଳଙ୍କାର ଦେହରୁ ସହଜରେ ମଳି ଛାଡ଼ିଯିବ; ସୁତରାଂ ତାକୁ ଆଉ ଅଧିକ ପରିଶ୍ରମ କରିବାକୁ ହେବ ନାହିଁ ।

## ସପ୍ତଦଶ ପରିଚ୍ଛେଦ

"ଇଚ୍ଛାମୟ ତୁମ୍ଭ ଦେ ରାମ୍ ।" ବୋଲି ବୁଝିବାକୁ ବସିଲାଣି, ସୂର୍ଯ୍ୟଦେବ ଫଗୁଖେଳ ଖେଳି ଖେଳି କ୍ରମଶଃ ଦିଗ୍‌ମଣ୍ଡଳ ଉହାଡ଼ରେ ଲୁଚି ଯାଉଅଛନ୍ତି, ଏହି ସମୟରେ ଦାଣ୍ଡଦ୍ୱାରରୁ ଭିକାରୀର ଶବ୍ଦ ଶୁଭିଲା—"ଓଁ ଭଗ୍ୟା, ମୁଷ୍ଟିଏର ଭିକ୍ ମିଲ ଯାୟ ।" ଅଧିକାରୀଙ୍କ ଗୃହିଣୀ ଘରଭିତରୁ ଭିକାରୀର ଡାକ ଶୁଣି ଭିକାଞ୍ଜଳି ଧରି ବାହାରି ଆସିଲେ । ସୁଭଦ୍ରା ତାଙ୍କ ପଛେ ପଛେ ଆସିଲା । ଶାଶୁ ଭିକ ଦେଇସାରି ପଛକୁ ଅନାଇ ଦେଖିଲେ, ତାଙ୍କର ଦୟାସୁନ୍ଦରମୁଖୀ, ସହାସବଦନା ବଧୂ ଦଣ୍ଡାୟମାନ । ଅଧିକାରୀ ଗୃହିଣୀ ସ୍ନେହାର୍ଦ୍ର ସ୍ୱରରେ ପଚାରିଲେ—"ତୋର ଗହଣା ଶୀତଲେଇ ରଖିଛୁ କି ମା ?" ସୁଭଦ୍ରା କହିଲା—"ନା ମା, କ୍ଷାରପାଣିରେ ବତୁରେଇ ଦେଇଛି, କାଲି ସକାଳେ ସଫା କରି ପିନ୍ଧିବି ।" "ଆଚ୍ଛା କରୁ ମା," ଶାଶୁ ଏହା କହି ପୁନଶ୍ଚ ପଚାରିଲେ—"କାହିଁରେ ବତୁରେଇ କେଉଁଠି ରଖିଲୁ ?" ସୁଭଦ୍ରା କହିଲା—"ଗୋଟାଏ ହାଣ୍ଡିରେ ବତୁରେଇ ବାପାଙ୍କ ଖଟତଳେ ରଖି ଦେଇଛି ।" ଭିକାରୀ ଭିକ ନେଇ ସାରି ସୁଦ୍ଧା କାହିଁକି କେଜାଣି ମନୋଯୋଗପୂର୍ବକ ଶାଶୁବୋହୂଙ୍କ କଥା ଶୁଣୁଥିଲା । ଅଧିକାରୀଙ୍କ ସ୍ତ୍ରୀ ବଧୂକୁ ଘେନି ଘର ଭିତରକୁ ଚାଲିଗଲେ; ଭିକ୍ଷୁକ ମଧ୍ୟ ପ୍ରସ୍ଥାନ କଲା । ଭିକ୍ଷୁକ ଜଣେ ଜଟାଧାରୀ ବାବାଜି; ବିଶାଳ ଜଟା କୁଣ୍ଡଳୀକୃତ ହୋଇ ତାହା ମୁଣ୍ଡରେ ଗୋଟାଏ ବୋଝ ବସିଲା ପରି ଜଣୁଥାଏ । ପରିଧେୟ କୌପୀନ, ତହିଁ ଉପରେ ଖଣ୍ଡିଏ ବହିର୍ବାସ ଅଛି । ଘନ ଲମ୍ବ କୃଷ୍ଣ ଶ୍ମଶ୍ରୁ, ଆବକ୍ଷଲମ୍ବମାନ, କାନ୍ଧରେ ଝୁଲାଝୁଲି ଏବଂ ହାତରେ ଗୋଟାଏ ଲୁହା ଚିମୁଟା । ବର୍ଣ୍ଣ ଶ୍ୟାମ; ତହିଁ ଉପରେ ବହୁଳଭାବରେ ଭସ୍ମ ବିଲିପ୍ତ । ତାକୁ ଦେଖିଲେ ଛଦ୍ମବେଶୀ ପରି ବୋଧହୁଏ ।

ସେ ସମୟରେ ଚୋରଗୋଳ ଶୁଣାଯାଉଥାଏ । ଆଜି ଏ ଗ୍ରାମରେ ଚୋରି ହେଲା, କାଲି ସେ ଗ୍ରାମରେ ହେଲା, ଏହିପରି ଭୀତିଜନକ ସମ୍ବାଦ ପ୍ରତ୍ୟହ ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଆସିବାକୁ ଲାଗିଲା । ଗୃହସ୍ଥମାନେ ଭୟରେ ଥରହର କମ୍ପିଲେ । ଧନୀମାନଙ୍କର ଭାବନା କହିଲେ ସରିବ ନାହିଁ । ଚିନ୍ତାର ହିମାଳୟ ପର୍ବତ ସେମାନଙ୍କ ମୁଣ୍ଡରେ ସବୁବେଳେ ଲଦି ହୋଇ ରହିଲା । ରାତିରେ ନିଦ୍ରା ହେଲା ନାହିଁ । ଚୋରିକଥା ଶୁଣିଲା ମାତ୍ରେ ଦେହ ଶୀତେଇ ଉଠିଲା, ରୋମ ଟାଙ୍କୁରି ଉଠିଲା । କିନ୍ତୁ ଦରିଦ୍ରର ଚିନ୍ତା, ଭାବନା କିଛି ନାହିଁ । ତାହାର କଅଣ ଅଛି ଯେ, ଚୋର ନେବ ? ଦୈନ୍ୟ ଧନରେ ସେ ସିନା କୁବେର; ମାତ୍ର ଯାଚିଦେଲେ ସୁଦ୍ଧା ଚୋର ସେ ଧନ ନେବ ନାହିଁ । ତେବେ ସୁଖୀ କିଏ—ଧନୀ, ନା ଦରିଦ୍ର ? ଜଞ୍ଜାଳ ଶୂନ୍ୟ ସୁଖ ନାମରେ ଅଭିହିତ ହୁଏ, ତେବେ ଧନୀ ସେ ସୁଖ ଘେନି ଥାଉ; ମାତ୍ର ଦରିଦ୍ରର ସେ ସୁଖକୁ କୋଟିଏ ଜୁହାର । ତାହାର ଦୁର୍ବଳ ଶରୀରର ଦୁର୍ବଳ ଶକ୍ତି ସେ ସୁଖର ଗୁରୁଭାର ବହିପାରିବ ନାହିଁ । ଚୋରି ନିବାରଣର ଉପାୟ ନିର୍ଦ୍ଧାରଣ ସଭା ପ୍ରତି ଗ୍ରାମରେ ବସିବାକୁ ଲାଗିଲା । କେହି କହିଲା—"ଭଗବାନ ଯାହା କରିବେ, ମନୁଷ୍ୟର ତାହିଁ କଅଣ ଅଛି ?" କେହି ବା ପ୍ରତିବାଦ କରି କହିଲା—"ଏଭଳି କଥାର କିଛି ମୂଲ୍ୟ ନାହିଁ; ଏହା କ୍ଲୀବ କାପୁରୁଷର ଉକ୍ତି । ଭଗବାନ କଅଣ ଆସି ଚୋର ଜଗିବେ ?

ଦେବତାବିଶ୍ୱାସ ଅବଶ୍ୟ କର୍ତ୍ତବ୍ୟ; ମାତ୍ର ଦେବତାଙ୍କ ପ୍ରତି ଏକାନ୍ତ ନିର୍ଭରଶୀଳ ହେବା ଉଚିତ ନୁହେଁ । ସେଥିରେ ଦେବଦତ୍ତ ପୌରୁଷର ଅବମାନନା ହୁଏ, ସୁତରାଂ ଦେବତାଙ୍କର ଅବମାନନା ହୁଏ । ଆତ୍ମରକ୍ଷା ସକାଶେ ଈଶ୍ୱର ମନୁଷ୍ୟକୁ ଶକ୍ତି ଦେଇଅଛନ୍ତି । ସେହି ଶକ୍ତି ଉପରେ ମନୁଷ୍ୟକୁ ନିର୍ଭର କରିବାକୁ ହେବ; ନଚେତ୍ ହାତଗୋଡ ଯୋଡି ବସି ସବୁକାର୍ଯ୍ୟରେ ଈଶ୍ୱର ଈଶ୍ୱର ବୋଲି ଆର୍ତ୍ତ କରୁଣସ୍ୱରରେ ଚିତ୍କାର କଲେ କିଛି ହେବ ନାହିଁ ।" ଏହିପରି କେତେ ବାଦପ୍ରତିବାଦ ଲାଗିଲା । ଶେଷରେ ସ୍ଥିର ହେଲା—ସମସ୍ତେ ଯଥାସାଧ୍ୟ ସାବଧାନ ରହିବେ; ଗ୍ରାମର ଗଳିମାନ ରାତିରେ ଆଲୋକିତ ହେବାର ବ୍ୟବସ୍ଥା କରାଯିବ । ପ୍ରତ୍ୟେକ ପରିବାର ପାଳି କରି ରାତି ଜାଗରଣପୂର୍ବକ ନିଜ ନିଜ ଘର ଜଗିବେ ଏବଂ ଯୁବକ ଦଳ ରାତିସାରା ଗ୍ରାମରେ ବୁଲି ପହରା ଦେବେ । ଏହି ବ୍ୟବସ୍ଥାମତେ କାର୍ଯ୍ୟ ସାଧନ ହେଲା; ମାତ୍ର ଚୋରର ଉପଦ୍ରବ କ୍ରମଶଃ ବଢିବାକୁ ଲାଗିଲା । ସେ ଚୋର ବଡ ଅଦ୍ଭୁତ ଧରଣର । ରାତିରେ ସ୍ତ୍ରୀଲୋକମାନେ ଶୋଇଥିବାବେଳେ ଚୋର ଆସି ହାତ, ଗୋଡ, ନାକ, କାନ, କଟି, କଣ୍ଠର ଅଳଙ୍କାର ବାହାର କରି ନେଇଯାଏ; ଅଥଚ ସୁପ୍ତ ବ୍ୟକ୍ତି କିଛିମାତ୍ର ଜାଣି-ପାରେ ନାହିଁ । ସକାଳୁ ଉଠି ଦେଖିଲାବେଳକୁ ଦେହ ଖାଲି ! ମନ୍ତ୍ରଶକ୍ତିରେ କାର୍ଯ୍ୟ କଲା ଭଳି ଚୋର ଆସି ଚୋରି କରି ନେଇଯାଏ । ଚୋରକୁ ଧରିବା ଦୂରେ ଥାଉ, ତାହାକୁ କେହି ଦେଖି ସୁଦ୍ଧା ପାରନ୍ତି ନାହିଁ । ଚୋର ଖୁବ୍ ଉଚ୍ଚମନା; ଇତର ପଦାର୍ଥ ସେ ଛୁଏଁ ନାହିଁ । ସୁନାରୁପାର ଅଳଙ୍କାର ଏବଂ ଟଙ୍କା ପଇସା ଛଡା ପିତ୍ତଳ, କଂସା ବା ଲୁଗାପଟା ଚୋରି କରିବା ତାହାର କୋଷ୍ଠିରେ ନାହିଁ ।

ନିବିଡ ଅରଣ୍ୟ; ତରୁଲତାମାନ ଏରୂପ ନୀରନ୍ଧ୍ର ସମାବିଷ୍ଟ ଯେ, ସୌରକରରେଖା ତାହା ଭେଦ କରି ଭିତରେ ପଶିପାରେ ନାହିଁ । ସେଠାରେ ରଜନୀରାଣୀ ଅଖଣ୍ଡ ରାଜତ୍ୱ କରନ୍ତି । କବିଭାଷାରେ କହିଲେ—ସର୍ବତ୍ର ଅବ୍ୟାହତଗତି ସ୍ୱୟଂ ଯମରାଜା ସୁଦ୍ଧା ସେ ବନରେ ପଶିବାକୁ ଭୀତ ହେବେ । ନିର୍ଜନ ନିସ୍ତବ୍ଧ ସ୍ଥଳ; ମାତ୍ର ନୀରବ ନୁହେଁ । ପକ୍ଷୀଗଣର କଳକାକଳି ସେ ଅରଣ୍ୟକୁ ଶୋଭା ଦାନ କରୁଅଛି । ତାହାର ବନ୍ୟ ହିଂସ୍ର-ଜନ୍ତୁର ରୁଦ୍ର ହୁଙ୍କାରରେ ସତତ ବ୍ୟାପ୍ତ । ଯେତେ ଭୀଷଣ ସ୍ଥାନ ହେଲେ ସୁଦ୍ଧା କଳ୍ପନାର ଗତି ନିରଙ୍କୁଶ । ଭୟ ତାହାର ଗତି ପ୍ରତିହତ କରି ପାରେ ନାହିଁ; ଭୟର ସେ କ୍ଷମତା ଆଦୌ ନାହିଁ । କଳ୍ପନା ସେ ଅରଣ୍ୟ ମଧ୍ୟରେ ପଶି ଦେଖିଲା, ଏକ ସ୍ଥାନରେ ଗୋଟାଏ ଗୁପ୍ତ ସୁଡଙ୍ଗପଥ ମାଟିତଳକୁ ଯାଇଅଛି । ତାହା ଆରବ୍ୟୋପନ୍ୟାସ ଲିଖିତ 'ଆଲି-ବାବା' ଗଳ୍ପର ସେହି "ସିସେମ୍ ଦ୍ୱାର ଖୋଲ" ସୁଡଙ୍ଗର ଅନୁରୂପ । ଉପରୁ ତାହାର ଚିହ୍ନବର୍ଣ୍ଣ ବାରି ହୁଏ ନାହିଁ । ସୁଡଙ୍ଗରେ କିଛି ଦୂର ଗଲେ ଆଉ ଗୋଟାଏ ଦ୍ୱାର ପଡେ; ତେଣିକି ଦୁଇ ପରସ୍ଥ ଘର । ତାହା ସ୍ୱପ୍ନପୁର କି ମାୟାପୁର କିମ୍ବା ବାସୁକିର ଅସୁରଙ୍କର ପାତାଳପୁର, ଜାଣି ହୁଏ ନାହିଁ । ପ୍ରଥମ ପରସ୍ଥରେ ଦୁଇଗୋଟି ଘର—ଗୋଟିଏ ଅସ୍ତ୍ରାଗାର ଏବଂ ଅପରଟି ମନ୍ତ୍ରଣାଗାର । ଅସ୍ତ୍ରାଗାରରେ ଧନୁ, ତୀର ବର୍ଚ୍ଛା, ଖଣ୍ଡା, ଠେଙ୍ଗା ପ୍ରଭୃତି ପ୍ରାଚୀନ ଅସ୍ତ୍ର ବ୍ୟତୀତ ଆଧୁନିକ ଆଗ୍ନେୟାସ୍ତ୍ର ଥିଲା ନାହିଁ । ବୋଧହୁଏ ହିଂସ୍ରଜନ୍ତୁର ଉପଦ୍ରବ ନିବାରଣ ସକାଶେ ଏହି ଅସ୍ତ୍ରସମୂହର ପ୍ରୟୋଜନ ହୁଏ । ଦ୍ୱିତୀୟ ପରସ୍ଥରେ ଧନାଗାର, ଶୟନଗୃହ ଏବଂ ରନ୍ଧନଶାଳା । ମନ୍ତ୍ରଣାଗାରରେ ତିନି ଜଣ ଲୋକ ବସିଅଛନ୍ତି । ଲଣ୍ଠନ ଆଲୋକରେ ଗୃହ ଆଲୋକିତ । ଉପରୁ ବଂଶୀ-ଶବ୍ଦ ଶୁଭିଲା । ତତ୍‌କ୍ଷଣାତ୍ ଉପବିଷ୍ଟ ତିନି ଜଣ ମଧ୍ୟରୁ ଜଣେ ଉଠିଯାଇ କିଛିକ୍ଷଣ ପରେ ଆଉ ଜଣେ ଲୋକକୁ ସଙ୍ଗରେ ଘେନି ଆସିଲା । ତାହାର ରୂପବେଶ ଠିକ୍ ପୂର୍ବୋକ୍ତ ଭିଖାରୀ ବୈଷ୍ଣବ ପରି । ପାଠକ, ଚିହ୍ନି ପାରିଲେ କି ? ଅଧିକାରୀଙ୍କ ଘର ପାଖରେ ଯେଉଁ ଭିଖାରୀକୁ ଦେଖିଥିଲେ, ଏ ସେହି । ଉପବିଷ୍ଟ ଲୋକ ମଧ୍ୟରୁ ଜଣେ ପଚାରିଲା—"କି ବାଉରି, ଖବର କଅଣ ? ଆଉ ତ କେହି କିଛି ଶିକାର ପାଇ ନାହାନ୍ତି; ତୁ କିଛି ପାଇଛୁ କି, କହ ।" ବାଉରି କହିଲା—"ପାଇଛି ସର୍ଦ୍ଦାର !" ତହୁଁ ସମସ୍ତଙ୍କ ମୁଖ ପ୍ରସନ୍ନ ହୋଇଉଠିଲା; ସମସ୍ତେ ଜିଜ୍ଞାସୁ ଦୃଷ୍ଟିରେ ବାଉରି ମୁହଁକୁ ଅନାଇ ରହିଲେ । ବାଉରି କହିଲା—"ମୁଁ ଭିକ ମାଗି ମାଗି ଯାଉ ଥାଉଁ ଅଧିକାରୀ ଘରେ ପହଞ୍ଚିଲି । ଅଧିକାରିଣୀ

ଲକ ଅଣି ଦେଲା । ତାହା ପଛେ ପଛେ ତା ବହୂ ଅସିଲା । ଶାଶୁ ତାକୁ ପଚାରିଲା—'ଗହଣା ଓହ୍ଲାଇ ରଖିଛୁ କି ?' ବହୂ କହିଲା—'ହାଣ୍ଡି ଭିତରେ ଯାର-ପାଣିରେ ଭିଜାଇ ବାବାଙ୍କ ଘର ଖଟତଳେ ରଖି-ଦେଇଛି ।' ମୁଁ ଏଣିକି ତଥ୍ୟ ଅଣିଛି ସର୍ଦ୍ଦାର ! ଅଜି କେତେ ଜଣଙ୍କୁ ଉଷୁଦ ଦେଇଥିଲି, କେତେ ଜଣଙ୍କର ହାତ ଦେଖି ଫଳ କହିଥିଲି । ସେଥିରୁ ଛଅଟା ବା ସାତଟା ପଇସା ମିଳିଥିଲା, ତାହା ଇଲପାନରେ ଯାଇଛି ।" ସର୍ଦ୍ଦାର ହର୍ଷଉତ୍ସାହମିଶ୍ରା ସ୍ୱରରେ କହିଲା—"ସାବାସ୍ ବାଉରି, ଜିତ୍‌ଦହେ, ବାହାଦୁର ଏକା ତୁ ଖୁବ୍ ସନ୍ଧାନ ଅଣିଛୁ । ଅଜ ଯାହା ମିଳିବ, ସେଥିରୁ ତୋର ଭାଗ ତୋତେ ଦିଆଯାଇ ଅଧିକା ପାଞ୍ଚଟଙ୍କା ଦିଆଯିବ । କାଲି ପଡ଼ୁଅଁ ଅଷ୍ଟମୀ, ଗହଣା ସଫା କରିବାପାଇଁ ବାହୁରେଇ-ଥିବ । ଅଧିକାଶର ଶୋଇବା ଘର ଖଟତଳେ ଗହଣା ହାଣ୍ଡି ଅଛି ସିନା ? ଅଚ୍ଛା ହେଉ, ସେ କାମ ତମେ କେହି କରିପାରିବ ନାହିଁ—ମୋତେ ଯିବାକୁ ହେବ । ବଡଘରର ବଡ କଟକଣା, ସେଠୁ ମାଲ ଅଣିବା ଅଉ କାହା ପକ୍ଷରେ ସହଜ ନୁହେଁ—ତାହା କାଠିକର ପାଠ ! ଜମିଦାର ବହୂର ଗହଣା, ତାହା ହଜାରେ ଟଙ୍କାରୁ ବେଶି ହେବ । ଅଜ କପାଳରେ ଭଲ ଯୋଗ ଅଛି । ବାଉରି ସମସ୍ତଙ୍କର ଭାବୀ ଅଦୃଷ୍ଟର ଶୁଭ ସମ୍ବାଦ ଅଣି ଦେବାରୁ ସମସ୍ତେ ତାକୁ ପ୍ରଶଂସା କଲେ । କେହି କେହି ତାହା ସଙ୍ଗରେ କୌତୁକ ଲଗାଇଲେ—କେହି ଭଟା ଟାଣି ନେଲା, କେହି ବାଡ଼ି ଝିଙ୍କି ଖସାଇ ପକାଇଲା । ଏହିପରି ବନ୍ଧୁବାଧ ଅମୋଦ-ପ୍ରମୋଦ ଚାଲିବାକୁ ଲାଗିଲା ।

ସର୍ଦ୍ଦାର ଭୀଷଣା ନାମ୍ନି ସାର୍ଥକନାମା ପୁରୁଷ । ଅକୃତି ପ୍ରକାଣ୍ଡ; ଶରୀରରେ ଅତିମାନୁଷୀ ବଳ । ବାଡି-ଖେଳରେ ଅଦ୍ୱିତୀୟ । ଦୁଇ ହାତରେ ଦୁଇଖଣ୍ଡ ବାଡି ବୁଲାଉଥିବା ବେଳେ ଚାରି ଜଣ ଲୋକ ଚାରି ପାଖରୁ ବାଡ଼ିଲା ବାଡ଼ିଲେ ଗୋଟାଏ ମୁଣ୍ଡା ତାହା ଦେହରେ ବାଜେ ନାହିଁ । ଖଣ୍ଡେ ବାଡ଼ିରେ ସେ ଶହେ ଜଣ ବଳବାନ୍ ଲୋକଙ୍କୁ ଅକ୍ଳେଶରେ ପରାସ୍ତ କରିପାରେ । ମନୁଷ୍ୟଟି ଏପରି ସ୍ଥୂଳ ଯେ, ତାକୁ ଘେରିଲେ ପାଞ୍ଚ ଜଣ ଘଡ଼ା ଯାଉଥାରେ । ଗୋଡ ହାତ ଲୌହଦଣ୍ଡ ପରି ଶକ୍ତ । ଦେଡ ସେର ଚାଉଳର ଭାତ ଏବଂ ତଦୁପଯୋଗୀ ତରକାରି ତାହାର ଲଘୁ ଅହାର ବୋଲି ଜଣାଅଛି । ଗୋଟାଏ ବଡ ବୁଦା ବା ଖାସୀ ନ ହେଲେ ସେ ମାଂସ ଖାଇବାକୁ ମଙ୍ଗେ ନାହିଁ । ଚୋରି ବିଦ୍ୟାରେ ତାହା ପରି ଅଦ୍ଭୁତ ପାରଦର୍ଶୀ ଦେଶରେ ଅଉ କେହି ଥିଲେ ନାହିଁ । ସେଥିରେ ଯଦି ପ୍ରାଇଜ୍ ଥାଆନ୍ତା, ତେବେ ସେ ସର୍ବୋଚ୍ଚ "ନୋବଲ୍" ପ୍ରାଇଜର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ ହୁଅନ୍ତା । ଖଣ୍ଡେ ସ୍ଥୂଳ ଲମ୍ବ ବଂଶଖଣ୍ଡ ସାହାଯ୍ୟରେ ସେ ଅବଲୀଳାକ୍ରମେ ଉଚ୍ଚ ପ୍ରାଚୀର ଲଙ୍ଘନ କରିପାରେ । ତାହା ସମ୍ବନ୍ଧରେ ଅତି ଅଦ୍ଭୁତ କିମ୍ବଦନ୍ତୀ ଜନମୁଖରେ ଶୁଣାଯାଏ । ନିମ୍ନରେ ଗୋଟିଏ ମାତ୍ର ଲିଖିତ ହେଲା ।

ଭୀଷଣାର କିଛି ଚାଷ ଜମି ଥିଲା । ଧାନ ବର୍ଷକ ଚଳିଯାଏ । ଲୁଗାପଟା ଏବଂ ବାକି ଖର୍ଚ୍ଚ ସେ ଚୌର୍ଯ୍ୟବୃତ୍ତିରୁ ସଂଗ୍ରହ କରେ । ସେ ଜଣେ ସ୍ୱନାମଧନ୍ୟ ଦସ୍ୟୁ ବୋଲି ସେ ଅଞ୍ଚଳରେ ପ୍ରସିଦ୍ଧ । ଦୁଇ ଜଣ ମନୁଷ୍ୟଙ୍କୁ କାଖରେ ଯାକି ଦ୍ରୁତଗାମୀ ଅଶ୍ୱଗତିରେ ସେ ଦୁଇ ତିନି କୋଶ ପର୍ଯ୍ୟନ୍ତ ଦୌଡ଼ିପାରେ । ବାଘ ଭାଲୁକୁ ତାହାର ଭୟ ନାହିଁ । ଥରେ ଗୋଟାଏ ବୃହତ୍ ମହାବଳ ବ୍ୟାଘ୍ର ଗ୍ରାମର ଗୋଟାଏ କୁହାଳରେ ପଶି-ଥିଲା । ଗ୍ରାମର ଲୋକମାନେ ଠେଙ୍ଗା ବର୍ଚ୍ଛା ଧରି ବାଘକୁ ଆକ୍ରମଣ କଲେ; କିନ୍ତୁ ବଣାଳ ବନସ୍ୱାମୀର ରାଜା, ଉଗ୍ର ପଶୁଶ୍ରେଷ୍ଠ ମହାବଳ କି ଠେଙ୍ଗାବାଡ଼ିକୁ ଖାତର କରିବ ? ସେ କୁହାଳରୁ ବାହାରି ଆସିଲାବେଳେ କିଏ କେଉଁଆଡେ କର୍ଣ୍ଣା ଖୁଞ୍ଚି ମାଡି ପଳାଇ ଯାଇ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କଲେ । କେବଳ ଭୀଷଣା ବ୍ୟାଘ୍ରର ସମ୍ମୁଖରେ କିଛି ଦୂରରେ ଠିଆ ହୋଇ ରହିଲା । ବ୍ୟାଘ୍ର ତାହା ଉପରକୁ ଡୁମା ମାରିଲାକ୍ଷଣି ସେ ବାମହସ୍ତରେ ବ୍ୟାଘ୍ର ଚର୍ଣ୍ଣକୁ ଏରୂପ ଦୃଢ ମୁଷ୍ଟିରେ ଚିପି ଧରିଲା ଯେ, ବାଘ ତତ୍‌କ୍ଷଣାତ୍ ଶ୍ୱାସରୁଦ୍ଧ ହୋଇ ବ୍ୟାଘ୍ରଲୀଳା ସମ୍ବରଣ କଲା । ପୂର୍ବରେ କୋଲ୍ୟାଇଅଛି—ଭୀଷଣା ଅଦ୍ଭୁତ ଚୋର । କେତେବେଳେ କେଉଁ ବାଟେ ଆସି କେଉଁ ଛାଟକରେ ଚୋରି କରି ଚାଲିଯାଏ, ତାହା କେହି ଜାଣିପାରନ୍ତି ନାହିଁ । ଅନେକେ କହନ୍ତି—ସେ ଚୋରି ବିଦ୍ୟାର ମନ୍ତ୍ର ଜାଣେ । ଭଲେ ସେ ଖଇଣା ଦେବାଳ

ଜମିଦାର ଘରକୁ ଯାଇଥିଲା, ସେଠାରେ ସ୍ଥିର ହୋଇଗଲା । ଜମିଦାର ସର୍ବଦା ତାହା ସଙ୍ଗରେ ଥଟ୍ଟାଟାପରା ଲଗାନ୍ତି—ତାହାକୁ "ଖାଣ୍ଟିଭୂଷଣ" ବୋଲି ଡାକନ୍ତି । ଜମିଦାର କହନ୍ତି—"ଖାଣ୍ଟିଭୂଷଣ, ଆମ ଘରେ କେବେ ହାତ ଭୁଲାଇବୁ ନାହିଁ ଟି ।" ଅବଶ୍ୟ ସେ ହସି ହସି ପରିହାସରେ ଏହା କହୁଥିଲେ । ଭୀଷଣା ଜିହ୍ୱା-ଦଂଶନପୂର୍ବକ ଅତୀବ ଦୀନ ସ୍ୱରରେ କହିଲା—"ସାମ୍ ସାମ୍, ତମ ଜାଗାରେ ଘର କରି ତମରି ଜମିରେ ଚାଷ କରି ଖାଉଛି, ତମ ପାଖରେ ଦ୍ରୋହୀ ହେଲେ ମୋତେ ଧର୍ମ ଦଣ୍ଡିବ ନାହିଁ କି ସାଆନ୍ତେ ? ତାହା ହେବାର ଥିଲେ କି ଏତେ ଦିନଯାଏ ହୋଇ ନ ଥାନ୍ତା ? ହାତ ଭୁଲାଇଲେ ତମେ ଆଗେ ଜାଣିପାରିବ ନା ?" ଜମିଦାର କହିଲେ—"ନା ରେ, ମୁଁ ଗେହ୍ଲାରେ କହୁଥିଲି । ଅଚ୍ଛା, ଚୋରି କରିବାର ମନ୍ତ୍ର କଅଣ ସତରେ ଅଛି ?"

ଭୀଷଣା—ହଁ, ମନ୍ତ୍ର ନାହିଁ କଅଣ, ମଞ୍ଜି ନ ହେଲେ ଗଛ କମିତି ହେବ ?

ଜମିଦାର—କି ମନ୍ତ୍ର କହନ୍ତି ଶୁଣିବା ।

ଭୀଷଣା—ଶୁଣିବ କଅଣ ସାଆନ୍ତେ, ପରଖି ଦେଖିବ ତ ଦେଖ ।

ଜମିଦାର—କମିତି ପରଖିବ ?

ଭୀଷଣା—ତମେ କବାଟ କିଳିଦେଇ ଘରକୁ ଯାଅ । କିଛି ଭୟ ନାହିଁ ଯେ, ମନ୍ତ୍ରର ଗୁଣ ଦେଖିବ—ଏକା ମାଣେ ଜମି ମୋତେ ବକ୍ସିସ୍ ଦେବ ।

ଅନନ୍ତର ଜମିଦାର କୌତୂହଳପରବଶ ହୋଇ ସେଠାରୁ ଉଠିଗଲେ । ପ୍ରଥମରେ ଦାଣ୍ଡ କବାଟ କିଳିଲେ, ଦ୍ୱିତୀୟରେ ମଝି କବାଟ କିଳିଲେ, ତହୁଁ ପରେ ଅମାର ପରସ୍ତର କବାଟ କିଳି ଘର ଭିତରକୁ ଗଲେ ; ମାତ୍ର ଦୀପାଲୋକରେ କାହାର ଛାୟାପାତ ଦେଖି ଚମକି ପଡ଼ି ଫେରି ଚାହିଁ ଦେଇ ଦେଖିଲେ, ଭୀଷଣା ତାଙ୍କର ପୃଷ୍ଠଭାଗରେ ସହାସ୍ୟ ବଦନରେ ଦଣ୍ଡାୟମାନ । ଜମିଦାର ଏ ଅଲୌକିକ ବ୍ୟାପାର ଦେଖି ତାଟଙ୍କା ହୋଇ କହିଲେ—"ମୁଁ ତ ତିନି କବାଟ କିଳି କିଳି ଆସିଲି, ତୁ ମୋ ପଛେ ପଛେ କିପରି ଆସିଲୁ ?" ଭୀଷଣା କହିଲା—"ମୁଁ ଶିକୁଳି ପିଠାଇ ପିଠାଇ ଆସିଲି । ଶିକୁଳି ପିଠା-ଇବା କିଛି ଭଲ କାମ ନୁହେଁ—କବାଟରେ ହାତ ଦେଲାକ୍ଷଣି ଫିଟିଯାଏ । ମନ୍ତ୍ର ଅଛି କି ନାହିଁ, ଏବେ ବୁଝିଲ ତ ସାଆନ୍ତେ ?" ଜମିଦାର ଯାଇ ଦେଖିଲେ ପ୍ରକୃତରେ ତିନିଦ୍ୱାରଯାକ ମୁକୁଳା । ଭୀଷଣା ସମ୍ବନ୍ଧରେ ଏହିପରି ଅନେକ କିମ୍ବଦନ୍ତୀ ଶୁଣାଯାଏ ।

ଥରେ ପ୍ରବଳ ଦୁର୍ଭିକ୍ଷ ହେଲା । ସେହି ଦୁର୍ଭିକ୍ଷ ତିନି ବର୍ଷ ପର୍ଯ୍ୟନ୍ତ ବ୍ୟାପି ରହିଲା । ଥିଲା ଲୋକଙ୍କୁ ଅଧିକ ବାଧିଲା ନାହିଁ ; ମାତ୍ର ନ ଥିଲା ଲୋକେ ଘରେ ଯାହା ଥିଲା, ସବୁ ବିକି ଭାଙ୍ଗି ଖାଇ ଶେଷକୁ ଛଟପଟ ମଲେ । ଏହା ତ ସଂସାରର ରୀତି, ଆପେ ଥିଲେ ବାପର ନାମ, ପ୍ରତି-ବେଶୀ ମଲା କେତେ, ଗଲା କେତେ, କିଏ ପଚାରେ ? ଯାହା ହେଉ, ଭୀଷଣା ଏ ଭୀଷଣ ଦୁର୍ଭିକ୍ଷରେ ବଡ଼ କଷ୍ଟ ପାଇଲା । ବିଲରେ ଧାନ ହେଲା ନାହିଁ—ମୂଲ ମଜୁରି ମିଳିଲା ନାହିଁ—ସର୍ବୋପରି ଚୋରିର ଅଭାବ । ସମସ୍ତେ ତ ସର୍ବସ୍ୱାନ୍ତ ! କାହା ଘରେ କଅଣ ଅଛି ଯେ, ସେ ଚୋରି କରି ଆଣି ଉଦର-ଦେବତାଙ୍କୁ ନୈବେଦ୍ୟ ଦେବ ? କଦାଚିତ୍ କେଉଁଠାରୁ କିଛି ଅଳଙ୍କାର ମିଳିଲେ, ତାହା ନେବ ବା କିଏ ? ଭରିଏ ସୁନା ବଦଳରେ ପୁଡ଼ିଏ ଧାନ ମିଳୁ ନାହିଁ । ଖାଇବାକୁ ନ ପାଇ ଭୀଷଣାର ସ୍ତ୍ରୀ ମରିଗଲା । ସେଥିରେ ଭୀଷଣାର ଅଣୁମାତ୍ର ଶୋକ ନାହିଁ । ଶୋକ ହେବ ବା କିପରି ? ସେ ତ ଏ କାନ୍ତାର କାଳରେ ଭୀଷଣାକୁ ଭାରମୁକ୍ତ କରିଦେଇ ଗଲା । ଭୀଷଣାର ଆଉ କେହି ନାହିଁ, ସେ ଏବେ ସଂସାର-ମରୁପଥରେ ସାହାସୋଦରଶୂନ୍ୟ ଏକୁଟିଆ ନିଃସ୍ୱ ପାନ୍ଥ । ଖାଦ୍ୟା-ଭାବରେ ପ୍ରାଣ କିପରି କଲବଲ ହୁଏ, ତାହା ସେ ଭୁକ୍ତଭୋଗୀ ହୋଇ ବୁଝିଲା । ଧନିଲୋକମାନଙ୍କ ଉପରେ ତାହାର ଖୁବ୍ କ୍ରୋଧ ଏବଂ ବିଜାତୀୟ ଘୃଣା ଜାତ ହେଲା । ସେ ଭାବିଲା—ଧନୀଗୁଡ଼ାକ ବଡ଼ ନିର୍ମମ । ସେମାନେ ଧନ ସଞ୍ଚୟ କରି ରଖିବେ ; ଗରିବମାନେ ମୁଠାଏ ଖାଇବାକୁ ନ ପାଇ ମରିବେ, ଏହା କେଉଁ ନ୍ୟାୟର କଥା ? ଆଉ ଧନରେ ବା ଧନୀର କି ଅଧିକାର ? ଧନ ତ କାହାର ନୁହେଁ—ତାହା ମାଟିର । ଧନ ମାଟିରୁ ଜନ୍ମେ, ପୁଣି ସେହି ମାଟିରେ ମିଶେ । ଧନୀ ଅଧିକ ପରି-ଶ୍ରମ କରି ସଞ୍ଚୟ କରେ, ସେ ପ୍ରୟୋଜନରୁ ଅଧିକ ଉପାର୍ଜନ କାହିଁକି କରେ ? ଯଦି କରେ, ତେବେ ସେ ଅଭାବଗ୍ରସ୍ତଙ୍କୁ ନ ଦେଇ କାହିଁକି ସଞ୍ଚୟ କରେ ? କି

ଖାଇବାକୁ ନ ପାଇ ମରୁଥିବ, ଆଉ ଜଣେ ଖାଇଁ ଖାଇଁ ତାହା ଦେଖୁଥିବ, ଏହା କି ଧର୍ମ ?” ଏହିପରି କେତେ କଥା ଭାବି ସେ ପ୍ରତିଜ୍ଞା କଲା—ଦୁର୍ଭିକ୍ଷ ପାହିଲେ ସେ ଦରିଦ୍ରପୋଷଣବ୍ରତ ଧାରଣ କରିବ । ଯାହା ଉପାର୍ଜନ କରିବ, ତାହା ଦରିଦ୍ରନାରାୟଣଙ୍କ ସେବାରେ ଉତ୍ସର୍ଗ କରିବ । ଧନ୍ୟ ଈଶ୍ୱର ! ତୁମ୍ଭେ କେତେବେଳେ କାହା ମନରେ କି ଭାବ ଆନୟନ କର, ତାହା ତୁମ୍ଭଙ୍କୁ ହିଁ ଗୋଚର । ଦୟାମାୟାପରିଶୂନ୍ୟ ଦୁର୍ବୃତ୍ତ ଖଣ୍ଡ ହୃଦୟ ସୁଦ୍ଧା ଘଟନାବିଶେଷରେ ଦୟାପ୍ରବଣ ହୁଏ । ଭୀଷଣା ପ୍ରତିଜ୍ଞା କଲା; ମାତ୍ର କି ଉପାୟରେ ତାହା ପାଳନ କରିବ ଭାବିବାକୁ ଲାଗିଲା । ପ୍ରତିଜ୍ଞା କରିବା ଯେପରି ସହଜ, ତାହା ପାଳନ କରିବା ସେପରି ସହଜ ନୁହେଁ । ପ୍ରତିଜ୍ଞା ପାଳନ ସମସ୍ତଙ୍କଦ୍ୱାରା ହୁଏ ନାହିଁ । ଯାହାର ହୃଦୟ,ମନ ଦୃଢ଼,ସେ ପ୍ରତିଜ୍ଞା ପାଳନ କରେ । ଯେ ମୂଢ଼ ସେ ପ୍ରତିଜ୍ଞା ପାଳନ କରେ—ଯେ ଏ ଦୁହିଙ୍କର ମଧ୍ୟବର୍ତ୍ତୀ, ସେ ପାରେ ନାହିଁ । ଭୀଷଣା ଭାବି ଚିନ୍ତି ସ୍ଥିର କଲା—ସବୁଠାରୁ ସହଜ ଉପାୟ ଚୋରି । ସେ ସୁଦ୍ଧା ତାହାର ପ୍ରିୟ ଅଭ୍ୟସ୍ତ ବିଦ୍ୟା; ସୁତରାଂ ତାହାରି ସାହାଯ୍ୟରେ ପ୍ରତିଜ୍ଞାକୃତ ବ୍ରତ ପାଳନ କରିବ । ପର ଦ୍ରବ୍ୟ ଅପହରଣ ଅସତ୍ କାର୍ଯ୍ୟ ବୋଲି ପ୍ରଥମତଃ ତାହାର ବିବେକ ତାକୁ ଭୟ ଦେଖାଇଥିଲା; ମାତ୍ର ସେ ଭାବିଲା— ସମସ୍ତେ କି କେବଳ ସତ୍ ଉପାୟରେ ଧନ ସଞ୍ଚୟ କରନ୍ତି ? ଅସତ୍ କି ଟିକିଏ ସୁଦ୍ଧା ନାହିଁ ? ଅସତ୍ ନ ପଶିଲେ ତ ଧନ ବଢ଼େ ନାହିଁ, ଏହା ଅନେକର ଦେଖାଯାଏ । ତେବେ ଅସତ୍ ଉପାୟରେ ସଞ୍ଚିତ ଧନ ନେଇ ସତ୍କାର୍ଯ୍ୟରେ ବ୍ୟୟ କଲେ ଦୋଷ କଅଣ ? ସେପରି ଦାନରେ ପୁଣ୍ୟ ନ ହେଲେ ସୁଦ୍ଧା ପାପ ନାହିଁ । ମୁଁ କିଛି ମୋ ପାଇଁ ଚୋରି କରିବ ନାହିଁ—କରିବ ଅକ୍ଷମ ଦରିଦ୍ରର ପ୍ରାଣରକ୍ଷା ପାଇଁ । ତାହାର ସର୍ବସ୍ୱ ତ ଲୁଣ୍ଠନ କରିବ ନାହିଁ—ସଞ୍ଚୟର କିୟଦଂଶ ମାତ୍ର ଗ୍ରହଣ କରିବ । ସେଥିରେ ତାହାର କି କଷ୍ଟ ହେବ ? ହେଲେ ସୁଦ୍ଧା ଦରିଦ୍ରର ପ୍ରାଣବିୟୋଗ କଷ୍ଟ ତୁଳନାରେ ତାହା କିଛି ହିଁ ନୁହେଁ । ଦରିଦ୍ରସେବାରେ ଲାଗିଲେ ଅସତ୍ ଧନର ଅପବିତ୍ରତା ଛୁଟିଯିବ । କାହାରି ଉପାର୍ଜନ ଖାଣ୍ଟି ସତ୍ ନୁହେଁ । କୃଷକ ମାଟିଗୁଣ୍ଡମିଶା ଧାନ ଚାଉଳ ପ୍ରଭୃତି ବିକେ, ବ୍ୟବସାୟୀ କେଉଁଠାରେ ଟଙ୍କାରେ ଅଣାଏ, କେଉଁଠାରେ ଦୁଇ ଅଣା, କେଉଁଠାରେ ବା ଚାରି ଅଣା କିମ୍ବା ଚତୁର୍ଥ ଲାଭ ନିଏ, ମହାଜନ ଚକ୍ରବୃଦ୍ଧି ହିସାବରେ ସୁଧର ସୁଧ ତସ୍ୟ ସୁଧ ଗ୍ରହଣ କରେ, ବୈଦ୍ୟ ସାମାନ୍ୟ ଅନାୟାସଲବ୍ଧ ମୂଳ ଚେର ଦେଇ ଶତ ଶତ ଟଙ୍କା ଔଷଧ ଖର୍ଚ୍ଚ ଉଠେ, ଅମଲାମାନେ ଦରମା ନେଇ ଉପରି ପାନଖର୍ଚ୍ଚ ନିଅନ୍ତି —ଏ ସବୁ କି ଅସତ୍ ଉପାର୍ଜନ ନୁହେଁ ?

ତିନି ବର୍ଷ ପରେ ଦୁର୍ଭିକ୍ଷ ଅନ୍ତର୍ହିତ ହେଲା । ସୁବୃଷ୍ଟିଦ୍ୱାରା ଶସ୍ୟକ୍ଷେତ୍ରମାନ ଶସ୍ୟସମ୍ଭାରରେ ପୂର୍ଣ୍ଣ ହେଲା । ଲୋକଙ୍କର ଦୁର୍ଦ୍ଦଶା ଘୁଞ୍ଚିଗଲା । ଭୀଷଣା ତାହାର ପ୍ରତିଜ୍ଞାପାଳନରେ ମନୋନିବେଶ କଲା । ସେ ଉପରୋକ୍ତ ଅରଣ୍ୟରେ ଗୁପ୍ତ ଗୃହ ପ୍ରସ୍ତୁତ କରି ରହିଲା । ଅନେକ ଶିଷ୍ୟ ମଧ୍ୟ ଆସି ମିଳିଲେ । ସେମାନେ ଛଦ୍ମବେଶରେ କ୍ରମେ କ୍ରମେ ବୁଲି ଚୋରି କରନ୍ତି । ସେମାନଙ୍କର ଯାହା ଅସାଧ୍ୟ, ତାହା ସ୍ୱୟଂ ଭୀଷଣା ସାଧନ କରେ । ସମସ୍ତେ ତାହାକୁ ସର୍ଦ୍ଦାର ବୋଲି ଡାକନ୍ତି । ଅପହୃତ ଅର୍ଥ ଘେନି କାଶୀ, ବୃନ୍ଦାବନ,ଶ୍ରୀକ୍ଷେତ୍ର ପ୍ରଭୃତି ତୀର୍ଥ ସ୍ଥାନରେ ଦରିଦ୍ର, ରୋଗୀ ଓ ଅକ୍ଷମମାନଙ୍କ ସେବାରେ ବ୍ୟୟିତ ହୁଏ ।

## ଅଷ୍ଟାଦଶ ପରିଚ୍ଛେଦ

ଭୀଷଣା ଯଥାସମୟରେ ଅଧିକାରୀଙ୍କ ଘରେ ପ୍ରବେଶ କରି ରୁପାଗହଣା ହାଣ୍ଡିଟି ଅପହରଣ କଲା । ହଳଦି ତାଟିଆ ଭିତରେ ସୁନାଗହଣା ଥିଲା, ତାହାକୁ ନେଇ ପାରି ନାହିଁ । ସେଥି ପ୍ରତି ତାହାର ଦୃଷ୍ଟି ପଡ଼ି ନାହିଁ କିମ୍ବା ନେବାକୁ ଅବସର ପାଇ ନାହିଁ । ସକାଳୁ ଉଠି ସୁଭଦ୍ରା ଦେଖିଲା, ଗହଣାହାଣ୍ଡି ନାହିଁ । ଭୟବିସ୍ମୟରେ ତାହାର ଅଙ୍ଗ ହାଲୁ ହାଲୁ ହେଲା— ନେତ୍ରଦ୍ୱୟ ଅଶ୍ରୁରେ ଆର୍ଦ୍ର ହୋଇ ଆସିଲା । ସେ

ଯାଇଁ ଯାଇ ଶାଶୁଙ୍କୁ ଏ ସମ୍ବାଦ ଜଣାଇଲା । ଶାଶୁ ଆସି ଦେଖିଲେ ବହୂ କଥା ଯଥାର୍ଥ । ସଙ୍ଗେ ସଙ୍ଗେ ଝିମିଲୀତୂଳାରେ ନିଆଁ ଚଳିଲା ପରି ଚୋରି କଥା ଅଧିକାରୀଙ୍କ ଗୃହରେ, ପ୍ରତିବେଶୀ ଗୃହରେ, ତଦନନ୍ତର ଗ୍ରାମରେ ବିକ୍ଷିପ୍ତ ହୋଇ ପଡ଼ିଲା । ଅଧିକାରୀ ଆଶ୍ଚର୍ଯ୍ୟାନ୍ୱିତ ହେଲେ; ଭାବିଲେ ଏ କି ଅଦ୍ଭୁତ ଚୋର ! ସୁନା-ଗହଣା ହଜାର ଟଙ୍କାର ହେବ, ତାକୁ ଛାଡ଼ି ରୁପାଗହଣାକୁ ଲୋଭ କଲା ! ରୁପାଗହଣା ତିନିଶ ଟଙ୍କାରୁ ବେଶି ହେବ ନାହିଁ । ଏପରି ଦୟାଳୁ ଚୋର କାହୁଁ ଆସିଲା ! ଚୋର ହୋଇ ଅଳ୍ପରେ ସନ୍ତୁଷ୍ଟ—ଏ ତ ବଡ଼ ମଜା ଚୋର ! ବୋଧ ହୁଏ, ସେ ଚୋର ନୁହେଁ—ସଞ୍ଚମୀ ସାଧୁ ସନ୍ନ୍ୟାସୀ, ବହୁତ ରଖି ଅଳ୍ପ ମାତ୍ର ନେଇ ଯାଇଅଛି । ଏପରି ଚୋର ହାତରେ ଭଣ୍ଡାରର ଚାବି ସମର୍ପିଦେବା ଉଚିତ । ଚୋରର ଆସିବା ଯିବାର କିଛି ଚିହ୍ନ ନାହିଁ; ଚୋର କବାଟ ଠେଲି ଘରେ ପଶି ଯିବାବେଳେ କବାଟ ବସାଇ ଦେଇଯାଇଅଛି । ଅଧିକାରୀଙ୍କ ଗୃହର ଆଶ୍ରିତ ଅଥବା ଦାସଦାସୀ ମଧ୍ୟରୁ କେହି ଏ କୀର୍ତ୍ତି ରଖି-ଥିବାର କାହାରି କାହାରି ଧାରଣା ହେଲା । ସେମାନେ ମଧ୍ୟ ଶଙ୍କିତ ହେଲେ । କେହି କାନ୍ଦି ପକାଇଲା, କେହି ଅଖି ଛୁଇଁ ନିୟମ କଲା, କେହି ବା ଅଭିମାନ ପ୍ରକାଶ କଲା ; ମାତ୍ର ଅଧିକାରୀ କାହାରିକୁ କିଛି କହିଲେ ନାହିଁ । ସେ ଧର୍ମଭୀରୁ, ଅଦୃଷ୍ଟବାଦୀ; ସୁତରାଂ ଚୋରି ଅପରାଧଟା ଅଦୃଷ୍ଟ ଉପରେ ଆରୋପ କରି କହିଲେ—"ସବୁ ଅଦୃଷ୍ଟ କରେ; ଅଦୃଷ୍ଟ ଛଡ଼ା କର୍ତ୍ତା କେହି ନାହିଁ ।" ପୁତ୍ରବଧୂକୁ ପ୍ରବୋଧ ଦେଇ କହିଲେ—"ମା, ତୁ ମନରେ କିଛି ଦୁଃଖ କର ନା, ମୁଁ ପନ୍ଦର ଦିନ ଭିତରେ ତୋର ଗହଣାସବୁ ଗଢ଼ାଇ ଦେବି ।" ତାଙ୍କ ଗୃହିଣୀ କହିଲେ—"ମୋର ଭାଗ୍ୟ ଯେ ସୁନା ଚୋରି ଯାଇ ନାହିଁ—ରୁପା ଯାଇଛି, ତାହା ଭଲ ହୋଇଛି । କହନ୍ତି ପରା—'ସୁନା ଶୁନ୍ କରେ, ରୁପା ରୁପ୍ କରେ ।' ସୁନା ଚୋରିଗଲେ ଘର ଶୂନ୍ ହୁଏ ଆଉ ରୁପା ଚୋରି-ଗଲେ ଘରର ରୂପ ବାହାରେ—ଶ୍ରୀ ବଢ଼େ । ଦୁଃଖ ଏତିକି ଯେ, ବହୂ ବାପଘରୁ ଯେଉଁ ସୁନ୍ଦର ଚୁଡ଼ି କି ପଟି ଆଣିଥିଲା, ସେ ଗଲା । ନେଉ ଯେ ନେଲା, ମୋ ପୁଅବହୂଙ୍କର ଅଳେଇ ବଳେଇ ଯାଉଛି ନେଉ ।" ଅଧିକାରୀ କହିଲେ—"ଓଃ, ଏହି କଥାକୁ ଦୁଃଖ ! ମୁଁ ଆର ମାସରେ କଲିକତାରୁ ତାହାଠାରୁ ସୁନ୍ଦର—ତାହାଠାରୁ ଦାମିକା ଚୁଡ଼ି ଆଣି ଦେବି । ଏ କି ଚୁଡ଼ି ! ମୁଁ ଯାହାକୁ ଆଣିବି, ଦେଖିବ—ସେ ଏହାର କାନ କାଟିଦେବ ।" ଗୃହିଣୀ କହିଲେ—"ତମେ ଗହଣା ଗଢ଼ାଇଦେବା ଯାଏଁ ବହୂ ମୋ ଗହଣା ପିନ୍ଧିଥାଉ ।" ଏହା କହି ନିଜ ଦେହରୁ ଗହଣା ଖୋଲି ସୁଭଦ୍ରାକୁ ପିନ୍ଧାଇଦେଲେ ।

ସୁନାରି ଅଗାଧୁ ସ୍ୱସ୍ତି ଭୀଷଣାର ବାଲ୍ୟକାଳର କ୍ରୀଡ଼ାସଙ୍ଗୀ । ତୁଳସୀପତ୍ରରେ ଦୁହେଁ ସଙ୍ଗାତ ବସିଥିଲେ । ସେହି ବାଲ୍ୟପ୍ରଣୟ ଯୌବନରେ ଅଧିକତର ପ୍ରସାର ଲାଭ କରିଅଛି । ଦୁଇ ସଙ୍ଗାତ ମଧ୍ୟରେ ଅଖଣ୍ଡ ବିଶ୍ୱାସ । ଭୀଷଣା ଯେଉଁ ଅଳଙ୍କାରମାନ ଚୋରି କରି ଆଣେ, ଅଗାଧୁ ତାହାକୁ ଆଉଟି ମୁଣ୍ଡା କରିଦିଏ । ସେଥିରୁ ଚାରି ପଣ ଅଗାଧୁ ନିଏ, ଅବଶିଷ୍ଟ ବାର ପଣ ଭୀଷଣା ନିଏ । ସେମାନଙ୍କ ମଧ୍ୟରେ ଏହିପରି ଚୁକ୍ତି ହୋଇଅଛି । ଭୀଷଣା ସୁଭଦ୍ରାର ଗହଣା ନେଇ ଅଗାଧୁ ଘରଠାରେ ଉପସ୍ଥିତ ହେଲା । ଅଗାଧୁ ଚୁଲ୍ଲୀ ବ୍ୟତୀତ ଆଉ ସମସ୍ତ ତରଳାଇବାକୁ ଲାଗିଲା । ଭୀଷଣା ହସି ହସି ପଚାରିଲା—"ସଙ୍ଗାତେ, ଆଜି ଉପ୍ପରି ଲାଭ କେତେ ହେଲା ?" ଅଗାଧୁ କହିଲା—"ନା ଭାଇ, ମୁଁ ସିଁଧି ଚୋର ପାଇଁ କିଛି କରେଁ ନାହିଁ । ତମେ ସଙ୍ଗାତ ମହାପ୍ରସାଦ ଦ୍ୱାରେ, ତମ ରାଣ ସଙ୍ଗାତେ, ମିଛ କହୁ ନାହିଁ, ଲକ୍ଷ୍ମୀଦୋକାନ ଘେନି ନିଆଁ ପାଖରେ ବସିଛି, ଅବିଶ୍ୱାସ କାମକୁ ମୋର ପ୍ରାଣଭୟ । କହୁ ପୁଛି ଚାରି ପଇସା ଅଧିକ ବାଣି ନେବି ପଛକେ, ସୁନା ରୁପା ଧାଳେ ଲୁଚାଇବି ନାହିଁ । ତାହା ମହାପାପ ! ଜାଣୁ ଜାଣୁ ଅସତ୍ କାମ କାହିଁକି କରିବି ? ଅନ୍ୟାନ୍ୟ ବଣିଆମାନେ କରୁ ନାହାନ୍ତି କି, ମୋର ସେ କଥାକୁ ଲୁହାର । ଭଇଗା ବଣିଆ କଥା ଶୁଣିଛ ? ସେ କାହାର କାମ ସାରି ଦୋକାନ ଘେନି ଅସୁଥିଲା । ବଳିଆ ମା ଗଡ଼ିଅଣି କହିଲା—ରେ ଭଇଗ, ମୋ କାନରୁ ନୋଳି ଦି ପଟ କାଟିଦେବନି ବାପ ! ଭଇଗ ତା କାନର ନୋଳି ଦେଖି ସାରି କହିଲା—କମୁଠା ମୋ ପାଖରେ ନାହିଁ, ଉପରଓଳି ଆଣି କାଟି ଦେଇଯିବି । ଘରକୁ ଆସି ସେହିପରି ହୁଲେ ନୋଳି ପିନ୍ଧିଲାରେ ତିଆର

ନେଇ ବଳିଆ ମା ଘରକୁ ଗଲା । ତାହା କାନରୁ ନୋଳି କାଢ଼ି ପାଣିରେ ଯାକିଦେଲା, ଆଉ ପିତଳ ନୋଳି ତାକୁ ଦେଇ ଆସିଲା । ବଳିଆମା ନୋଳି ବଦଳ ବୋଲି ଯାହାକୁ ଦେଖାଇଲା, ସେ କହିଲା ପିତଳ । ତହୁଁ ସେ ଆସି ସୁଇଗା ସାଙ୍ଗରେ କଳି କଲା; ମାତ୍ର ସୁଇଗା ଚୁଲେ ମାନିଲା ନାହିଁ । ତଳେ ସେ ବଳିଆ ଘର ଦାଣ୍ଡ ବାଟେ ଯାଉଥିଲା, ବଳିଆ ଧରି ଗୋଟାକେତେ ଡିପାଳି ବଡ଼ାଇବାକୁ ନୋଳି ଦାମ୍ ଦଶ ଟଙ୍କା ଦେଇ କର୍ଜ ଉଦ୍ଧାର ପାଇ ଆସିଲା । ତାହା କଥା ଶୁଣିଲେ କାନରେ ହାତ ଦେବ । କୁହୁର ତଳି ଦୁଇ ପରସ୍ତ କରି ମଝିରେ ଫାଙ୍କ ରଖିଥିବ । ସୁନା କି ରୁପା ଅଉଟିଲାବେଳେ ସେ ଫାଙ୍କରେ କେତେ ଗଳିଯିବ, ତାହା କିଏ କପରି ଜାଣିବ ? ପୁଣି ସାନ କୁହୁରେ ବେଶି ରୁପା ପକାଇ ଅଉଟିବ । ସେ ରୁପା ଉଚ୍ଛୁଳିପଡ଼ି ନିଆଁ ଉତ୍ତାପରେ ଅଙ୍ଗାର ତଳକୁ ଗଳିଯାଏ, ସେ ତାହାର ଲାଭ । ଅଉଟା ସୁନା ବା ରୁପାକୁ ଜୋରରେ ଫୁଙ୍କିଲେ ସେଥିରୁ କେତେ ଖସିପଡ଼ି ପାଉଁଶ ତଳକୁ ଚାଲିଯାଏ; ଏ ବାଟରେ ବି ସେ ଚୋରି କରି ନିଏ । ରୁପା ଅଉଟିବାବେଳେ କଳା ରୁପା ପାଣି ଭିତରେ ରଖିଥାଏ; ଫୁଙ୍କି ଫୁଙ୍କି ନଳ ଭିତରେ ତାହାକୁ କୁହୁରେ ଗଳାଇପକାଇ କହେ, ଏ ରୁପାଗୁଡ଼ାକ କଳା । ନ ଜାଣିଲା ଲୋକ ଏ କଥା ବୁଝି ନ ପାରି ଅଳ୍ପ ଦାମରେ ବିକି ଦେଇଯାଏ । ଏକା ସୁଇଗା ନୁହେଁ ଯେ, ସବୁ ବଣିଆ ଏହିପରି ଚୋରି କରନ୍ତି । ତାହାଙ୍କ କେକାଣି ସଙ୍ଗାତେ, ମୁଁ ଏତା ସେ ଠକ ବଦ୍ମାସ ପାଖ ପଶେ ନାହିଁ ।

ଅଉଟା ଶେଷରେ ରୁପା ଓଜନ କରାଗଲା । ତାହା ଦୁଇଶ ଟଙ୍କାର ହେଲା । ଅଗାଧୁ ପୁଷ୍ଟିର ଅଂଶ ପଚାଶ ଟଙ୍କା ଏବଂ ଭୀଷଣାର ଅଂଶ ଦେଢ଼ଶ ଟଙ୍କା । ଅଗାଧୁ ସେହି ଦେଢ଼ଶ ଟଙ୍କା ଦେଇ କହିଲା—"ଏ ଚୂଡ଼ୀ ନ ଗଢ଼ାଇ ବିକି କଲେ ଅଧିକ ଟଙ୍କା ହେବ । ମୁଁ ଏହାକୁ ଟାଙ୍ଗଣରେ ସଫା କରି ବିକ୍ରୟ କରିବି । ତୁମର ଅଂଶ ଯାହା ହେବ, ତାହା ତୁମ୍ଭକୁ ଦେବି ।" ଭୀଷଣା ସଙ୍ଗାତ କଥାରେ ସମ୍ମତ ହୋଇ ଚାଲିଗଲା । ଅଗାଧୁ ଚୂଡ଼ୀକୁ ଭଲରୂପେ ଦେଖିଲା ଏବଂ ତାହାର ଗଠନର ଚମତ୍କାରିତାରେ ମୁଗ୍ଧ ହେଲା । ସେ ଭାବିଲା, "ଏ ଦାମରେ ଟଙ୍କାକୁ ଟଙ୍କେ ଲାଭ ମିଳିବ । ଏହା ଅଡ଼ାଇଶ ଟଙ୍କାରୁ ଊଣା ହେବ ନାହିଁ; ମାତ୍ର ସଙ୍ଗାତକୁ ଦୁଇଶ ଟଙ୍କା ବୋଲି କହିବି । ସେ ଭାଗରୁ ପଚାଶ ଟଙ୍କା ମିଳିବ, ତାହା ଛଡ଼ା ମୋର ଭାଗ ବି ପଚାଶ ଟଙ୍କା ପାଇବି ।" ଅନନ୍ତର ସେ ଚୂଡ଼ୀକୁ ପରିଷ୍କୃତ କରି ଘରେ ରଖିଦେଲା । ଅଗାଧୁ ସ୍ତ୍ରୀ ସୁଶୀଳା ସେ ଚୂଡ଼ୀର କାରୁକଳା ଦେଖି ଭାବିଲା—"ସ୍ତ୍ରୀ ଜନ୍ମ ଲଭି ଏପରି ଗୋଟାଏ ଅଳଙ୍କାର ପିନ୍ଧି ନ ପାରିଲେ ଜନ୍ମ ବୃଥା । ଗହଣା ପିନ୍ଧି ମନର ଅଭିମାନ ଯେବେ ନ ତୁଟିଲା, ତେବେ ସେ କି ଗହଣା ?" ଚୂଡ଼ୀ ପ୍ରତି ତାହାର ଭାରି ଲୋଭ ହେଲା; ମାତ୍ର ସେ ଲଜ୍ଜାରେ ସ୍ୱାମୀକୁ ତାହା କହି ପାରିଲା ନାହିଁ । ଲାଲସା ତ ସହଜରେ ଦମିତ ହେବାର ନୁହେଁ । ସୁଶୀଳା ଚୂଡ଼ୀ ବାହାର କରି ପ୍ରତ୍ୟହ ଘଣ୍ଟାଏ ପର୍ଯ୍ୟନ୍ତ ଲେଉଟାଇ ପାଲଟାଇ ଦେଖେ; ମାତ୍ର ଆକାଂକ୍ଷା ତୃପ୍ତ ହୁଏ ନାହିଁ । ପ୍ରିୟ ବସ୍ତୁକୁ ଯେତେ ଦେଖିଲେ ତେତେ ଆକାଂକ୍ଷା ବଢ଼େ । ସୁଶୀଳା ଅପୂର୍ଣ୍ଣ ଆକାଂକ୍ଷାର ଗୁରୁ ଭାର ହୃଦୟରେ ବହନ କରି ଦେଖିସାରିଲା ପରେ ଚୂଡ଼ୀକୁ ଯଥାସ୍ଥାନରେ ରଖିଦିଏ ଏବଂ ଗୋଟାଏ ଅତୃପ୍ତ ଲାଲସାର ଦୀର୍ଘଶ୍ୱାସ ତ୍ୟାଗ କରି କାର୍ଯ୍ୟାନ୍ତରରେ ରତ ହୁଏ ।

ଦୁର୍ଭିକ୍ଷଯୋଗୁଁ ଏକାଦିକ୍ରମେ ତିନିବର୍ଷକାଳ ବିବାହ ବା ଶୁଭକାର୍ଯ୍ୟ ହୋଇ ପାରି ନାହିଁ । ଏ ବର୍ଷ କୃଷିର ଅବସ୍ଥା ସନ୍ତୋଷଜନକ; ସୁତରାଂ ଅନେକଙ୍କ ଘରେ ବିବାହାଦି ମଙ୍ଗଳାନୁଷ୍ଠାନ ହେଉଅଛି । ବଡ଼ ଲୋକମାନେ ଆଡ଼ମ୍ବରରେ କାର୍ଯ୍ୟ କରୁଅଛନ୍ତି; ମାତ୍ର ଗରିବମାନେ ଦୂଇହାତ ପାଣିହାତ କରି କୌଣସିମତେ କାର୍ଯ୍ୟ ତୁଲାଇ ନେଉଅଛନ୍ତି । ତୋପ ଶବ୍ଦରେ ରାତିରେ ଘନ ଘନ ନିଦ ଭାଙ୍ଗିଯାଉଅଛି । ଗଉଡ଼, ଭଣ୍ଡାରୀ ବାଦ୍ୟକାର ପ୍ରଭୃତି କେତେକ ଲୋକଙ୍କ ଭାଗ୍ୟରେ ଉପାର୍ଜନର ଏକାଦଶ ବୃହସ୍ପତି ଯୋଗ ଘଟିଅଛି । ସୁଶୀଳାର ସାନ ଭଉଣୀର ବିବାହ ଏହି ମାସ ପନ୍ଦର ଦିନରେ ହେବ । ଭଣ୍ଡାରୀ ଆସି ଗୁଆ ଦେଇଗଲାଣି । ଅଗାଧୁ ଭାର ବେଭାରର ଆୟୋଜନରେ ଲାଗିଅଛି । ବିବାହର ପାଞ୍ଚଦିନ ପୂର୍ବରୁ ସୁଶୀଳାର ବାପ ତାକୁ ନେଇଯିବା ପାଇଁ ଆସିଲା । ସୁଶୀଳା ସୁଯୋଗ ପାଇ ସ୍ୱାମୀଙ୍କୁ

କହିଲା—"ମୁଁ କଅଣ ହାତରେ ଏହି କାଚ ପିନ୍ଧି ବାପଘରକୁ ଯିବି, ଲୋକେ ବା କଅଣ କହିବେ ? ତମକୁ ପଚାଶ ଜଣ ଭଲ ଲୋକ ଚିହ୍ନନ୍ତି; ଧନୀ ବୋଲି ଜାଣନ୍ତି, ସେମାନେ ତମକୁ ନିନ୍ଦା କରିବେ ସିନା ! କହିବେ —'ଦେଖଉଟ ବଡ଼େ ମାଛ, ଖାଏ କଙ୍କଡ଼ା ।' ବଣିଆର ସୁନାରୁପାର କାରବାର, ସ୍ତ୍ରୀର ହାତରେ ଦୁଇ ଚୁଡ଼ୀ ବି ଦେଇ ନାହିଁ । ଏହା ଶୁଣି ବାପଘର ପାଖରେ ଲାଜରେ ମୋର ମୁଣ୍ଡ ତଳକୁ ହେବ ।" ସଗାଧୂ କହିଲା— "କାହିଁକି ମୁଣ୍ଡ ତଳକୁ ହେବ, ତୁ ସେହି ପଥରବସା ଚୁଡ଼ୀ ପିନ୍ଧି ମୁଣ୍ଡ ଉପରକୁ କରି ଯା । ସେ ଚୁଡ଼ୀ ତ ବିକୀ ହେବ, ତୁ ଫେରି ଆସିଲେ ସଫା କରି ରଖି ଦେବି ।" ଏହା ଶୁଣି ସୁଶୀଳା ଯତ୍ପରୋନାସ୍ତି ଆନନ୍ଦ ଲାଭ କଲା । ଆକାଙ୍‌କ୍ଷା ସଫଳ ହେଲେ କିଏ ବା ଆନନ୍ଦିତ ନ ହୁଏ ? ସୁଶୀଳା ଚୁଡ଼ୀ ପିନ୍ଧି ସଜବାଜ ହୋଇ ବାପଘରକୁ ଗଲା ।

ଝିଅ ଶ୍ୱଶୁରଘରୁ ବାପଘରକୁ ଆସିଲେ ସଂକ୍ରାମକ ରୋଗ ପରି ବାପଘର ଗାଁର ପ୍ରତି ଘରେ ନ ବୁଲି କ୍ଷାନ୍ତ ହୁଏ ନାହିଁ । ଏତଦ୍ଦ୍ୱାରା ଗ୍ରାମ ସନ୍ଦର୍ଶନ ଏବଂ ବସ୍ତ୍ରାଳଙ୍କାରର ପାରିପାଟ୍ୟଦ୍ୱାରା ଶ୍ୱଶୁରାଳୟର ବିଭବ ପ୍ରଦର୍ଶନ ଉଭୟ କାର୍ଯ୍ୟ ହୁଏ । ବିଭବପ୍ରଦର୍ଶନଦ୍ୱାରା ଆତ୍ମପ୍ରଶଂସା ଉପଭୋଗ କରିବା ସ୍ତ୍ରୀଜାତିର ସ୍ୱଭାବ । ଯାହାର କିଛି ନାହିଁ, ସେ ବନ୍ଧୁ ଘରକୁ, ପିତ୍ରାଳୟକୁ କିମ୍ବା ଯାତ୍ରା ଦେଖିବାକୁ ଗଲେ ସାହିପଡ଼ିଶାରୁ ଲୁଗା ବା ଗହଣା ମାଗିନେଇ ପିନ୍ଧି ଯାଏ । ନିଜର ବିଭବକୁ ଟିକିଏ ବୃଦ୍ଧି କରି ଦେଖାଇବା ଅନେକଙ୍କର ଇଚ୍ଛା । ସେଥିରେ ସେମାନେ ଗୋଟାଏ ଆନନ୍ଦ, ଆମୋଦ ଓ ତୃପ୍ତିଲାଭ କରନ୍ତି । ଅନେକ ଦୁରବସ୍ଥ ଶିକ୍ଷିତ ଯୁବକ ବନ୍ଧୁମାନଙ୍କଠାରୁ ଛତି, ଘଣ୍ଟି, ସୁନାମୁଦି ପ୍ରଭୃତି ଧାର ନେଇ ଶ୍ୱଶୁରାଳୟକୁ ଯିବାର ଦେଖାଯାଏ । କେତେ କପଟି ଖାଲି ଶୁଦ୍ଧା ବଡ଼ଲୋକ ସାଜନ୍ତି । ଧୋବା ଓ ମୋଚି ସେହି ବଡ଼ଲୋକମାନଙ୍କର ମହାଶ୍ରୟ । ସେମାନେ ଧୋତି, କୋଟ, କାମିଜ, ଜୋତା ପ୍ରଭୃତି ଭଡ଼ା ନେଇ ବଡ଼ଲୋକୀ ରୂପ ସ୍ୱର୍ଗର ଶିଖିରେ ଆରୋହଣ କରନ୍ତି । ସେଥିଦ୍ୱାରା ସେମାନେ ବଡ଼ଲୋକ ନ ହେଉନ୍ତୁ ପଛେ; ମାତ୍ର ବଡ଼ଲୋକୀର ସାଧ ମେଣ୍ଟାଇନିଅନ୍ତି । ଆଉ ଆତ୍ମପ୍ରଶଂସାର ତ ପରିମାଣ ନାହିଁ । ବିଦ୍ୟା, ବୁଦ୍ଧି, ଅଳଙ୍କାର୍ଯ୍ୟ, ଧନ, ମାନ, ପରୋପକାରିତା ତ ଜଗତରେ ସମସ୍ତଙ୍କର ଅଛି । କେହି କେହି ଯେଉଁ ଧନ ଏକୁଟିକର କିମ୍ବା ଏଥିମଧ୍ୟରୁ ନ୍ୟୂନକଳ୍ପେ କୌଣସି ଗୋଟିକର ବ୍ୟାଖ୍ୟାନ ସୁବିଧା ଦୁର୍ଭାଗ୍ୟବଶତଃ ନ ପାଆନ୍ତି, ସେଦିନର ବ୍ୟଞ୍ଜନ ସେମାନଙ୍କୁ ଅଲଣା ଲାଗେ । ଏହିପରି ଆତ୍ମପ୍ରଶଂସାରୂପ ଆତ୍ମହତ୍ୟା ପ୍ରାୟ ପନ୍ଦର ପଣ ଲୋକେ କରନ୍ତି ।

କୃପାସିନ୍ଧୁ ପଟ୍ଟନାୟକ ଗ୍ରାମର ବଡ଼ଲୋକ ଏବଂ ଜମିଦାର । ସେ ଡିଷ୍ଟ୍ରିକ୍ଟବୋର୍ଡ଼ଦ୍ୱାରା ବହୁ ଅର୍ଥ ଉପାର୍ଜନ କରିଥିଲେ । ଦଶବର୍ଷ ହେଲା ଜମିଦାରୀ କିଣି ଜମିଦାର ହୋଇ ବସିଅଛନ୍ତି । ତାଙ୍କର ଠାକୁରବାଡ଼ୀ ଅଛି, ସୁବର୍ଣ୍ଣନିର୍ମିତ ବୃହତ୍ ଗୋପାଳମୂର୍ତ୍ତି ରତ୍ନସିଂହାସନରେ ଅଧିଷ୍ଠିତ । ଠାକୁର ମନ୍ଦିରର ସିଂହଦ୍ୱାରରେ ଚନ୍ଦନ କାଷ୍ଠର ଯାଉଁଳି କବାଟ ଲାଗିଅଛି । ଅତିଥି ଅଭ୍ୟାଗତ ଯେତେ ଆସନ୍ତି, ସମସ୍ତେ ଠାକୁରବାଡ଼ୀରେ ପ୍ରସାଦ ପାଆନ୍ତି । ଜମିଦାର ଘର—ସୁଆରି, ପାଲିଙ୍କି, ଘୋଡ଼ା ପ୍ରଭୃତି ଯାନବାହନର ଅଭାବ ନାହିଁ । ଅଭାବ କେବଳ ଆଧୁନିକ ଡାମଗାଡ଼ି ବିଳାସ ଯାନ ମୋଟରକାର, ସାଇକେଲ ପ୍ରଭୃତିର । ପଟ୍ଟନାୟକେ ସେଭଳି ମାର୍ଜିତ ରୁଚିର ରସିକ ନୁହନ୍ତି । ମୋଫସଲ ଗ୍ରାମର ହୁଡ଼ବାଡ଼ ଡେଇଁ ସେ ଯାନବାହନ ବା କପରି ଚାଲି ପାରିବ ? ଜମିଦାରଙ୍କର କୋଠା ନାହିଁ, ପକ୍‌କା କୋଠା ତାଙ୍କ ଘରକୁ ସହେ ନାହିଁ । ଘର ସବୁ ପାଞ୍ଚଶେଣିଆ; ଖୁଣ୍ଟି, ଚୌକାଠବନ୍ଧ ପ୍ରଭୃତି ବିବିଧ କାରୁକାର୍ଯ୍ୟମଣ୍ଡିତ ଏବଂ ସୁନ୍ଦର । ତାଙ୍କର ବାର ଅମାର ଧାନ ଅଛି, ନିଅଣ୍ଟ ହେଲେ ପ୍ରଜାମାନେ ସେହି ଧାନ କରଜ ନିଅନ୍ତି । ପଟ୍ଟନାୟକେ ତଣ୍ଟି ଚିପି ପ୍ରଜାପାଳନ କରନ୍ତି ନାହିଁ, ଦୁଃଖ ବା ବିପଦବେଳେ ପ୍ରଜା ଆସି ତାଙ୍କ ଦ୍ୱାରରେ ଠିଆ ହେଲେ ସେହି ଦୁଃଖ ବା ବିପଦକୁ ସେ ନିଜ ଦେହକୁ ନେଇ ସେଥିର ପ୍ରତିକାର କରନ୍ତି । ଧାନର ସୁଧ ଗ୍ରହଣ କରନ୍ତି ନାହିଁ, ପ୍ରଜାର ଅବସ୍ଥାକୁ ଚାହିଁ ସେହି ତୁଳନାରେ ବିନା ସୁଧରେ ଧାନ କରଜ ଦିଅନ୍ତି । ପ୍ରଜାମାନେ ତାଙ୍କୁ ପିତୃଭୁଲ୍ୟ ଭକ୍ତି କରନ୍ତି । ସେ ସର୍ବସ୍ୱଗୁଣସମ୍ପୂର୍ଣ୍ଣ; କିନ୍ତୁ ଅତି ସଞ୍ଚୟୀ ନୁହନ୍ତି କିମ୍ବା ବ୍ୟୟସଙ୍କୋଚ

କଣ ସନ୍ଦେହର ଚେଷ୍ଟା କରନ୍ତି ନାହିଁ । ପକ୍ଷାନ୍ତରରେ ଅଯଥା ବ୍ୟୟ ସୁଦ୍ଧା ତାଙ୍କର ପ୍ରକୃତିସିଦ୍ଧ ନୁହେଁ ।

ସୁଶୀଳା ଦିନେ ସେହି ଜମିଦାରଙ୍କ ଘରକୁ ବୁଲିବାକୁ ଗଲା । ଜମିଦାର କନ୍ୟା ସୁକୁମାରୀ କେତେ ଜଣ ସମବୟସ୍କା ସଙ୍ଗିନୀ ସହ ତାସ ଖେଳରେ ନିଯୁକ୍ତ ଥିଲା । ସୁଶୀଳାକୁ ଦେଖି କହିଲା—"କି ଲୋ ସୁଶୀ ଅପା, କେବେ ଆସିଲୁ ? ଶ୍ୱଶୁର ଘରର ଭାଲିଗ୍ୱତ ଖାଇବୁ ସବୁ ? ଆ, ଆ, ବସ ।" ସୁଶୀଳା ଯାଇ ବସିଲା । ସମସ୍ତେ ଖେଳରୁ ନିବୃତ୍ତ ହୋଇ ତାହା ସହିତ କଥୋପକଥନରେ ନିଯୁକ୍ତ ହେଲେ । ନାନା କଥା ପରେ ସୁକୁମାରୀ ପଚାରିଲା—"ସୁଶୀ ଅପା, ଆମ ଗାଁ ପରି ତୋ ଶ୍ୱଶୁର ଗାଁରେ ନଈ ଅଛି ନା ?" ଆଉ ଜଣେ ପଚାରିଲା—"ସେ ଗାଁରେ ଗୋଲାପ ଫୁଲ ମିଳେ ନା ?" ଏହିପରି କିଏ କହିଲା—"ସେ ଗାଁର ବହୁ, ଝିଅ ଖୁବ୍ ଗହଣା ନାଇଁଛନ୍ତି ନା ?" କେହି କହିଲା—"ସେମାନେ ବାଗ୍ ଖେଳ ଜାଣନ୍ତି ନା ?" କେହି ବା ସେ ଗାଁରେ ଡାଆଣୀ ଟିରକୁଣୀ ଅଛନ୍ତି କି ନାହାନ୍ତି ପଚାରିଲା । ସୁଶୀଳା ପ୍ରଶ୍ନରେ ପୋଡି ପଡି ସଂକ୍ଷେପରେ ଯଥାଶକ୍ତି ଉତ୍ତର ଦେଇ ହାଲିଆ ହୋଇପଡିଲା । ଏହି ସମୟରେ ଅନ୍ୟ କକ୍ଷରୁ "ସୁକୁ ଲୋ, ସୁକୁ ଲୋ" ବୋଲି ଡାକି ଡାକି ଜମିଦାରଗୃହିଣୀ ଆସି ସେଠାରେ ଉପସ୍ଥିତ ହେଲେ । ସେ ସୁକୁମାରୀକୁ "ସୁକୁ" ବୋଲି ଡାକନ୍ତି । ଏହା ସ୍ନେହର ଡାକ । ସ୍ନେହରେ ସେ କନ୍ୟା ନାମର ଶେଷ ଦୁଇ ଅକ୍ଷର ଲୋପ କରିଅଛନ୍ତି । ଏହିପରି ଲୋପକରଣରେ ସ୍ନେହଶୀଳା ଜନନୀମାନେ ଅଭ୍ୟସ୍ତା । ସେମାନେ ସନ୍ତାନର ନାମ କୋମଳ କରିବାକୁ ଯାଇ ବିକଳାଙ୍ଗ କରନ୍ତି । ଜମିଦାର-ଗୃହିଣୀ କହିଲେ—"ଏ କାଗଜରେ କି ଖେଳ ଖେଳୁଛ ଲୋ ? ଏ କାଳକୁ କେତେ ଢଙ୍ଗର ବାହାରୁଛି, ଆମବେଳେ ଏ ସବୁ ଥିଲା ନାହିଁ । ଗପାଖେଳ, ନ ହେଲେ କଉଡିଖେଳ, ଆଉ କାଗଜରେ କଅଣ ଖେଳୁଛ ?" ସୁକୁମାରୀ କହିଲା—"କଅଣ କହିଲୁ, ତମବେଳେ ଥିଲା ନାହିଁ ? ତମ ବେଳ କେବେ ଲୋ, କାଲିକା ଅଣ୍ଡା ଖଣ୍ଡକ, କହୁଛ ଆମ ବେଳ ।" ଏହା ଶୁଣି ସମସ୍ତେ ହସି ଉଠିଲେ । କନ୍ୟାମୁଖରୁ ଜନନୀସୁଲଭ ଅମୂଲ୍ୟ ବାତ୍ସଲ୍ୟ-ବାଣୀ ଶୁଣି ଜମିଦାର ଗୃହିଣୀଙ୍କ ମାତୃ-ହୃଦୟରେ ଅପୂର୍ବ ଆନନ୍ଦ ଉଚ୍ଛଳି ଉଠିଲା । ସେ ଶାସନ ଭୁଲିଯାଇ ସ୍ନେହଶୀତଳ ଦୃଷ୍ଟିରେ କନ୍ୟାର ମୁଖ ଅବଲୋକନପୂର୍ବକ ସଦୟ ସହର୍ଷ କଣ୍ଠରେ କହିଲେ—"ଯାହା ଖେଳୁଛୁ ଖେଳ ପଛକେ, ତୋ ଭାଇଙ୍କୁ ପାନ ଦେଇଆସିଛୁ ନା ?" ସୁକୁମାରୀ କହିଲା—"ଆମେ ଦୁହେଁ ବଡ ନୂଆବହୁଙ୍କୁ କହି ଆସିଛୁଁ, ସେ ତାଙ୍କର ହାତରେ ଭାଇଙ୍କଠାକୁ ପାନ ଦେଇ ପଠାଇବେ ।"

ଜମିଦାର ଗୃହିଣୀ—ତମେ ଦୁହେଁ କିଏ ?

ସୁକୁମାରୀ—ମୁଁ, ଆଉ ସାନ ନୂଆବହୁ ।

ଜମିଦାର-ଗୃହିଣୀ—ସାନ ନୂଆବହୁ ବି ତୋର ଅସିଛି ! କାହିଁ ସେ ?

ଏହି ସମୟରେ ପାର୍ଶ୍ୱସ୍ଥ ଗୃହ ମଧ୍ୟରୁ ଗୋଟିଏ ସାଳଙ୍କାରା ସୁନ୍ଦରୀ କିଶୋରୀ ବାହାରି ଆସି ହସି ହସି କହିଲା—"ମା, ତମେ ଗାଳିଦେବ ବୋଲି ମୁଁ ଡରେ ଲୁଚିଥିଲି । ଆମେ ବଡ ଅପାଙ୍କୁ କହି ଛୁଟି ନେଇ ଆସିଛୁଁ ।" ଜମିଦାର-ଗୃହିଣୀ କନ୍ୟାସମା ସାନବହୂର ମସ୍ତକରେ ମାତୃସ୍ନେହର ହସ୍ତ ବୁଲାଉଁ ବୁଲାଉଁ କହିଲେ—"ବଡବହୂକୁ କହି ଆସିଛୁ, ସେ କଅଣ କହିଲା ?" ସାନବହୂ କହିଲା—"କହିବେ ଆଉ କଣ, କେବେ କିଛି କହନ୍ତି ନା ଆଜି କହିବେ ! ଯେବେ ଯାହା କରିବୁଁ ବୋଲି କହିଲେ ସେ ମନା କରନ୍ତି ନାହିଁ; ହସି ହସି କହନ୍ତି—ହେଉ ଯାହା କରିବ କର । ସେ ଆମକୁ ଯିମିତି ଗରଧା କରନ୍ତି, ଏ ଗାଁରେ କେତେ ମା ବି ଝିଅମାନଙ୍କୁ ସିମିତି ଗରଧା କରନ୍ତି ନାହିଁ । ସବୁ କାମ ସେ ନିଜେ କରନ୍ତି, ଆମକୁ ତ କିଛି କରାଇ-ଦିଅନ୍ତି ନାହିଁ, ଆମେ ଆଉ କଅଣ କରିବୁ ?" ସାନ ବୋହୂର କଥା ନ ସରୁଣୁ ସୁକୁମାରୀ କହିଲା—"ବୋଉ, ଆଜି କଥା ଶୁଣିବୁ ?" ମୁଁ କହିଲି—ବଡନୂଆବହୂ, ଆମେ ବି ବାଜି ତାସ ଖେଳିବୁ । ସେ କହିଲେ—"ହେଉ, ଆର ବାହାରେ ଯାଇ ଖେଳ; ସାଆନ୍ତାଣୀଏ ଦେଖିଲେ ବଳିହେବେ ।" ଏହା ଶୁଣି ଜମିଦାର-ଗୃହିଣୀ କହିଲେ—"ତମେ ଆଜ୍ଞା ଅବଧାନ ପାଇଛ, ତମେ ଅବଧାନ ବୋଲି ମାନିବ କଅଣ, ଅବଧାନ

ତମ ବୋଲି ମାନେ । ଆହା, ମା ମୋର ସାକ୍ଷାତ୍ ଲକ୍ଷ୍ମୀ, ବହୂ ନୁହେଁ ଯେ—ସୁନା ମୁକ୍ତେ । ସ୍ୱର୍ଗରେ ମୁଁ ତାହା ପରି ବହୂ ପାଇଛି । ଏତେ ନାମ କହିବ, ତେବେ ବି ମୁହଁରେ ଟିକିଏ ହେଲେ ଊଁ ହୁଁ କଥା ନାହିଁ । ଗୁରୁଜନଙ୍କୁ କି ଭକ୍ତି ! କେହି ଦେବତାଙ୍କୁ ବି ସେପରି ଭକ୍ତି କରିବ ନାହିଁ । ତମେ ଖେଳ ଲୋ ମା, ମୁଁ ମନା କରୁ ନାହିଁ । ବଡଘରର ଝିଅ ବହୂ, ଖେଳିବ ନାହିଁ କାହିଁକି ? ତେବେ ସବୁବେଳେ ଖେଳିଲେ କାମଦାମ ଶିଖିବ କିପରି ?" ଏହି ସମୟରେ ସୁଶୀଳା ଉପରେ ଦୃଷ୍ଟି ପଡିବାରୁ ପଚାରିଲେ—"ଏ ଝିଅଟି କିଏ ଲୋ ମା ?" ସୁକୁମାରୀ କହିଲା—"ତାକୁ ତୁ ଚହ୍ନି ପାରୁ ନାହୁଁ ବଉ ! ସେ ଆମ ବଣିଆଘରର ଝିଅ ସୁଶୀଳା ପରା !" ସୁଶୀଳା ଉଠିଯାଇ ଜମିଦାର-ଗୃହିଣୀଙ୍କ ଗୋଡ ତଳେ ଜୁହାର ହେଲା । ଜମିଦାରଗୃହିଣୀ ତାହାକୁ ଉଠାଇ ଦେଇ ଦେଇ କହିଲେ—"ଉଠ, ମା, ଉଠ । ଅହ୍ୟସୁଲକ୍ଷଣୀ ହୋଇଥା, ପାକଲା ବାଳରେ ସିନ୍ଦୂର ନା । ଗହଣାଗଣ୍ଠିଟିଏ ତ ଢେର ନାଇଚି, ଶ୍ୱଶୁରଘର ଖୁବ୍ ଥିଲା ଘର । ଝିଅଟିର କପାଳ ଭଲ, ଖୁବ୍ ସୁଖରେ ପଡିଲା ।" ଏହା କହି ସୁଶୀଳାର ହାତ ଟାଣି ନେଇ କହିଲେ—"ଏ ଚୁଡ଼ୀ କିଏ ଗଢିଛି ଲୋ ମା ?" ସୁକୁମାରୀ କହିଲା—"ତାହାର ଶ୍ୱଶୁର ପୁଅ ଗଢିଥିବ । ସେ ଜଣେ ଭଲ କାରିଗର ଯେ !" ଶ୍ୱଶୁର ପୁଅର ପ୍ରଶଂସା ଶୁଣି ସୁଶୀଳାର ଛାତି ଆନନ୍ଦରେ ଫୁଲେଇ ହୋଇଗଲା । ସେ ପ୍ରଶଂସା ରେ ତାହାର ସୁଦ୍ଧା ଭାଗ ଅଛି, ସେ ଏତେ ବଡ ଗୁଣିଜନର ଘରଣୀ, ଏହା କି ତାହା ପକ୍ଷରେ ସାମାନ୍ୟ ଗୌରବର କଥା ! ଯଦିଚ ତାହା ଶ୍ୱଶୁର ପୁଅର ସେପରି ଚୁଡ଼ୀ ଗଢିବାର ଯୋଗ୍ୟତା ନାହିଁ, ତଥାପି ସେ ଅନ୍ୟ-ର ଗଢା ବୋଲି କହି ନିଜର ଗୌରବ ହରାଇବ କାହିଁକି ? ହସ୍ତଗତ ସମ୍ପତ୍ତି ଆଉ ଗୌରବ ହରାଇବାକୁ କିଏ ବା ଇଚ୍ଛା କରେ ? ସେ କିଛି ନ କହି ଅଳ୍ପ ଅଳ୍ପ ହସି ମୌନତାଦ୍ୱାରା ସମ୍ମତି ପ୍ରକାଶ କଲା । ଜମିଦାରଗୃହିଣୀ କହିଲେ—"ଠିକ୍ ଢଳଢଳ ଗଢଣ ପରି ହୋଇଛି !" କେହି କହିଲା—"ମୟୂର ଦୁଇଟି ଅଚ୍ଛା ସୁନ୍ଦର ଦିଶୁଛି !" କେହି କହିଲା—"ଗୋଲାପ ଫୁଲଗୁଡିକ ଯିମିତି ସତକୁ ସତ ଗୋଲାପ ଫୁଲ !" ଏହିପରି ଚୁଡ଼ୀର ପ୍ରଶଂସା ସମସ୍ତଙ୍କ ମୁଖରୁ ଅନର୍ଗଳ ବହିର୍ଗତ ହେବାକୁ ଲାଗିଲା । ଜମିଦାରଙ୍କ ସାନବହୂ ଶାଶୁଙ୍କ ପାଖରେ ଅଳି କରି କହିଲା—"ମା, ଆମ ସୁକୁ ଲାଗି ଏହିପରି ଚୁଡ଼ୀ କିଣନ୍ତ କି, ସୁକୁ ହାତକୁ ଖୁବ୍ ମାନନ୍ତା ।" ସୁଶୀଳା କହିଲା—"ଏ କ ସେହି ବିକୀ ଚୁଡ଼ୀ ନୁହେଁ କି ? ଗଢା ହୋଇ ଘରେ ଥିଲା, ମୁଁ ନାଇକରି ଆସିଛି ଦିନା ! ଆମର ତ ବଣିଆ ଘର, ବାର ପଦାର୍ଥ ତିଆରି ହେଉଥାଏ, ମୁଁ ତାହା ନାଇଥାଏଁ, କେହି ଖୋଜିଲେ ବିକୀ କରିଦେଉଁ ।" ଜମିଦାରଗୃହିଣୀ କହିଲେ—"ଅଚ୍ଛା, ତେବେ ଏହି ହଳକ ଆମେ କିଣିବୁଁ । ମୁଁ ଆଜି ତା' ବାପାକୁ କହେ, ସେ କାଲି ପୁଷ୍ଟିପୁଅକୁ ଡକାଇଆଣି ଦରଦାମ୍ କରି କିଣିବେ ।"

ଜମିଦାରଙ୍କ ହୁକୁମରେ ଅଗାଧୁ ପୁଷ୍ଟି ଯଥାସମୟରେ ଆସି ଉପସ୍ଥିତ ହେଲେ । ଚୁଡ଼ୀଜଡିତ ପଥରର ଦର କରାଗଲା । ସର୍ବସମ୍ମତ ଚୁଡ଼ୀର ମୂଲ୍ୟ ଦୁଇଶ ପଚିଶ ଟଙ୍କା ଧାର୍ଯ୍ୟ ହେଲା । ଜମିଦାର ଟଙ୍କା ଦେଇ ଚୁଡ଼ୀ କ୍ରୟ କଲେ ।

ଏଣେ ନିତେଇ ଦାସଙ୍କର ସ୍ୱପ୍ନର ବିରାମ ନାହିଁ । ଦିନ ଯେତେ ଅତୀତ ହେଉଅଛି, ସ୍ୱପ୍ନ ସେତେ ଭୀଷଣ ହେଉଅଛି । ଦାସେ ଭୀତ ଏବଂ ବିରକ୍ତ । ସ୍ୱପ୍ନକବଳରୁ ତ୍ରାଣ ଲଭିବା ସକାଶେ କଅଣ କରିବେ ଖ୍ୱବ କିଛି ସ୍ଥିର କରି ପାରିଲେ ନାହିଁ । ନିଦ୍ରା ନ ହେଲେ ସ୍ୱପ୍ନ ହେବ ନାହିଁ; ସୁତରାଂ ନିଦ୍ରାଦେବୀଙ୍କୁ ମିନତିକାକୁତି କଲେ । ଦେବୀଙ୍କ ଦୟାଲାଭରୁ ବଞ୍ଚିତ ହୋଇ ଶେଷରେ କ୍ରୁଦ୍ଧ ହୋଇ ତାଙ୍କୁ ଅଭିଶାପ ପ୍ରଦାନ କଲେ । ନିଦ୍ରାର ତ ଆଉ କାହାରି ସ୍ତବ ବା ଶାପ ପ୍ରତି ଭ୍ରୂକ୍ଷେପ ଥାଏ ନାହିଁ—ସେ ତାହାର କର୍ତ୍ତବ୍ୟ ସାଧନ କରି ଯାଏ । ଦୁଃଖ ଯେତେବେଳେ ଆସେ, ଉପର୍ଯ୍ୟୁପରି ଆସି କାଟ୍‌ପୋଡିକ ଉପରେ ନିଆଁ ଚେଙ୍କା ବସାଇଦିଏ । ଦାସଙ୍କର ମନସ୍ତାପ ସୀମା ନାହିଁ, ତହିଁ ଉପରେ ଯେଉଁ ରାତିରେ ଗାଁ ଅଧିକାରୀଙ୍କ ଘରେ ଚୋରି ହେଲା, ସେହି ରାତିରେ ଦାସଙ୍କ ଘରେ ସୁଦ୍ଧା ଚୋରି ହେଲା । ଏହା ଶୁଣି କେହି କେହି ପରିହାସ କରି କହିଲେ—ଦୁଇ ସମ୍ବନ୍ଧୀଙ୍କ ଅଦୃଷ୍ଟ ଏକ ସୂତ୍ରରେ ଗ୍ରନ୍ଥା । ସନ୍ଧ୍ୟା

ସମୟରେ ଜଣେ ଖାତକ ଋଣ ପରିଶୋଧ କରିବାକୁ ଆସିଲା । ବାକ୍ସରୁ ତାହାର ବନ୍ଧକ ମାଲ ବାହାର କରି ଦାସେ ତାକୁ ଦେଲେ; ମାତ୍ର ବାକ୍ସକୁ ସିନ୍ଦୁକ ଭିତରେ ରଖିବାକୁ ଭୁଲିଯାଇ ଉପରେ ରଖି ଦେଇଥିଲେ । ସେ ଗାମୁଛା ପଲଟି ବହିର୍ଦ୍ଦେଶ ଗଲେ । ଉଷା ରୋଷାଇ-ଶାଳରେ ଥିଲେ । ଏହି ଅବସରରେ ଘରେ ଚୋର ପଶି ବାକ୍ସ ଚୋରି କରି ନେଇଗଲା । ସେ ବାକ୍ସରେ ଅନେକ ଲୋକଙ୍କର ବନ୍ଧକ ମାଲ ଥିଲା । ଦାସେ ଶେଷରେ ଦେଖିଲେ ବାକ୍ସ ନାହିଁ । ସେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ । ତାଙ୍କ ଆଖି ଆଗରେ ବାଇସ୍କୋପ ଖେଳି ବୁଲିଲେ । ଉଷା ଡୋଣ୍ଡ କରାଡ଼ ହୋଇ କାନ୍ଦିଲେ । ଚିନ୍ତା ଉପରେ ଚିନ୍ତା ଆସି ଦାସଦମ୍ପତୀଙ୍କୁ ଘାରି ପକାଇଲା । ତାଙ୍କୁ ଅନ୍ନ ଜଳ ବିଷ ହେଲା । ପର ମାଲ ଚୋରି ଗଲା—କିଏ କେତେ ଟଙ୍କା ଦାବୀ କରିବ, ସେ କାହାକୁ କଅଣ କହି ଶାନ୍ତ କରିବେ, ଏହି ଚିନ୍ତା ତାଙ୍କୁ ଅନବରତ ଦଗ୍ଧ କରିବାକୁ ଲାଗିଲା । ରାତିରେ ସ୍ୱପ୍ନ ଏବଂ ଦିନରେ ଚିନ୍ତା ଦାସଙ୍କର ଜଗାସାଥୀ ହୋଇ ରହିଲା ।

---

## ଊନବିଂଶ ପରିଚ୍ଛେଦ

ଏବେ ଥରେ ଶ୍ୟାମର ତତ୍ତ୍ୱ ନେବା ଆବଶ୍ୟକ । ସେ ଗୋଟିଏ ଅନାଥ ବାଳକ, ତାହାର କଣ ହେଲା, ସେ କପରି ଅଛି, ତାହା ବୁଝିବା ସାଧାରଣ କର୍ତ୍ତବ୍ୟ । ସେଥିରେ ପୁଣ୍ୟାର୍ଜନ ହୁଏ । ଅନ୍ୟଥା ମନୁଷ୍ୟତ୍ୱ, ମହତ୍ତ୍ୱ ବା ବିଶେଷତ୍ୱ—ଯାହା ମନୁଷ୍ୟ ପ୍ରତି ଦେବତାଙ୍କ ଦାନ, ତାହାର ଅବମାନନା ହେବ । ଯେ ସାଧାରଣ କୃପାପାତ୍ର, ସେ ସାଧାରଣର ପରିବାରଭୁକ୍ତ । ସେ କୃପା ଖୋଜୁ ବା ନ ଖୋଜୁ, କୃପା ତାକୁ ଖୋଜେ । ଏହିପରି କାର୍ଯ୍ୟରେ ମାନବର ମହତ୍ତ୍ୱର ବୃତ୍ତିମାନ ବିକଶିତ ହୋଇ ଉଠେ । ଦୟା ଏବଂ ପରୋପକାର, ଏ ଦୁଇଟି ମାନବକୁ ଦେବତ୍ୱ ଆଡ଼କୁ ଘେନିଯାଏ; କିନ୍ତୁ ହାୟ, ସମବେଦନା ଆଧୁନିକ ସମାଜରେ ବିରଳ । ଗ୍ରାମର ଜଣେ ହୀନାବସ୍ଥ ହେଲେ ତାହାର ପ୍ରତିବେଶୀମାନେ ଗୋଟାଏ ଉଲ୍ଲାସ ଉପଭୋଗ କରନ୍ତି । ପ୍ରତ୍ୟକ୍ଷରେ ଦୁଃଖ ଓ ପରୋକ୍ଷରେ ଆନନ୍ଦ, ଏହା ସମବେଦନା ନୁହେଁ—ସମବେଦନାର ମାରାତ୍ମକ କଳଙ୍କ । ଯେଉଁ ସମବେଦନାରେ ଆନ୍ତରିକତା ନାହିଁ, ତାହା ସମବେଦନା ହିଁ ନୁହେଁ । ପରର ବେଦନା ନିଜ ଦେହକୁ ଆଣିବାର ନାମ ସମବେଦନା । ପଛରେ ସୁଖାନୁଭବ ନ କରି ସୁଦ୍ଧା ଚୁ ଚୁ କରିବା ଏକପ୍ରକାର ସମବେଦନା ହୋଇ ପାରେ; ମାତ୍ର ସେ ସମବେଦନାର ଜୀବନ ନାହିଁ—ନିଷ୍ଫଳ ।

ଶ୍ୟାମା ଏବେ ଶ୍ୟାମ ହୋଇଯାଇଅଛି । ଏହିପରି ସମସ୍ତଙ୍କୁ ହେବାକୁ ହୁଏ । ବୟୋବୃଦ୍ଧିରେ—ପ୍ରତିଷ୍ଠା ଏବଂ ଯୋଗ୍ୟତାର ପରିବର୍ତ୍ତନରେ କେତେ ଗୋବରା ଗୋବର୍ଦ୍ଧନ ହୁଅନ୍ତି—ଗୋପୀଆ ଗୋପୀନାଥ ହୁଏ—ଅନନ୍ତା ଅନନ୍ତରାମ ହୁଏ । ଏହିପରି ବାଲ୍ୟସୁଲଭ ବିକୃତ ନାମ ପ୍ରକୃତ ଆଡ଼କୁ ଫେରି ଆସେ । ଏହା ସୁସଭ୍ୟ ଅସଭ୍ୟ ବା ଶିକ୍ଷିତ ଅଶିକ୍ଷିତ ଉଭୟ ସମାଜର ଧାରା । ପଣୁଆ କଣ୍ଡସକୁ ପାଣୁଆ ମଳିକ ନ କହି ପାଣୁ ମଳିକ କହନ୍ତି—ରଘୁଆ ସେଠୀ ବୁଢ଼ା ହେଲେ ରଘୁ ବେହେରା ହୁଏ—ରଘୁଆ ବେହେରା ହୁଏ ନାହିଁ । ସେ ଯାହାହେଉ, ଶ୍ୟାମାର ଦ୍ୱିତୀୟ ସଂସ୍କରଣ ହୋଇ ଯାଇଅଛି, ଏଣିକି ତାକୁ ଶ୍ୟାମ ବୋଲି କହିବାକୁ ହେବ ।

ଶ୍ୟାମ ବାହାରି ଆସିବାର ଦୁଇଦିନ ପରେ ନଟେଇ ଦାସ ଲୋକଦେଖା ଭାବରେ ତାକୁ ନେବାକୁ ଆସିଥିଲେ । କହିଲେ—"ମା ଯେ ମାଉସୀ ସେ, ବୁଢ଼ୀ ଲୋକ କଅଣ ସବୁ କହିଦେଲା, ସେଥିଲାଗି କି ରାଗ କରି ଚାଲିଆସିବା ଭଲ ହେଲା ବାବା ? ତୋ ମା ତୋତେ କହୁଥିଲେ ତୁ କି ଏହିପରି ରାଗରେ ଘରୁ ବାହାରିଯାଆନ୍ତୁ ? ଘର କରିଥିଲେ ସବୁ ହୁଏ, ମାଇପେ କହନ୍ତି—'ହାଣ୍ଡି ଥିଲେ ଶିହାଣ ବାଜେ ।' ଶ୍ୟାମ ତାଙ୍କୁ ଆଉ ଅଧିକ ଉପକ୍ରମଣିକାର ଅବସର ନ ଦେଇ କହିଲା—"ମୁଁ ତ ବୁଝି ଆସି ନାହିଁ, ତୁମେ କହୁଛ କାହାଙ୍କ ମଉସା ? ରାଗ, ଅଭିମାନ

ରହିବାର ସ୍ଥାନ ମୋର ସଂସାରରେ ନାହିଁ, ବିଧାତା ମୋର ସେ ସୌଭାଗ୍ୟ ଛଡ଼ାଇ ନେଇଅଛନ୍ତି । ଯେପରି ବଣିକ ଥିଲବେଳେ ମୁଁ ତମର କାମ କରୁଥିଲି, ଏବେ ତମର କିଛି କାମ ନାହିଁ, ତେବେ ବୃଥା ତମର ଗଳଗ୍ରହ ହେବି କାହିଁକି ? ମୋତେ ବଡ଼ ସଙ୍କୋଚ ବୋଧ ହେବାରୁ ମୁଁ ସ୍ୱଇଚ୍ଛାରେ ଚଳି ଆସିଲି । ଏଣିକି ମୁଁ ମୋର କିଛି ସୁବିଧା ଦେଖିବି, ଚିରକାଳ ତ ତମ ଘରେ ରହିବି ନାହିଁ, ତମେ ଆଉ ବଳାଅ ନାହିଁ—ଯାଅ ।" ବାସେ ସୁନ୍ଦା ଏହିପରି କଥା ଖୋଜୁଥିଲେ, ସ୍ୱାମୀର ମନ ବଡ଼ନେଇ ଆଉ କିଛି ନ କହି ଚାଲିଗଲେ । ମନେ ମନେ ଖୁସି ହୋଇ କହିଲେ—ଭଗବାନ ରକ୍ଷା କଲେ, ଏବେ ଲୋକାପବାଦରୁ ନିସ୍ତାର ପାଇଲି । ଶ୍ୱଶୁରଙ୍କ ତ ସବୁବେଳେ ଅହନ୍ତା ଲଗାଇଛନ୍ତି, ପୁଣି କହନ୍ତି—ଠୋକାଠା ବାଗରେ ଚାଲିଗଲା, ଜଣେଇ ଦାସ ଭାଣିବା ଶୁଣିବା ଲୋକ ହୋଇ ଥରେ ଖୋଜିଲା ବି ନାହିଁ । ଏବେ ସେ କଳଙ୍କ ଗଲା । ସ୍ୱାମୀ କହିଲା—"ଚିରକାଳ ତ ତମ ଘରେ ରହିବି ନାହିଁ, ତାହା ସତ । ପର ବଳଦରେ କିଏ ବା କେତେ ଦିନ ହଳ କରିବ ? ଯାହାହେଉ, ଏଣିକି ସେ ତାହା କଥା ବୁଝିବ, ମୋର ବି ଘରେ ଭଲ ରହିବ, ଏହା ଉଭୟ ପକ୍ଷରେ ମଙ୍ଗଳ । କିନ୍ତୁ ସୁନ୍ଦରୀ ମାତ୍ର କି ସୂକ୍ଷ୍ମ ବୁଦ୍ଧି ! ଏଥିହେତୁ ମୁଁ ତାକୁ ପ୍ରାଣର ସହିତ ଭଲପାଏଁ । ସେ ଯଦି ପୁରୁଷ-ହୃଦୟ ଘେନି ପୁରୁଷ ଜାତିରେ ଜନ୍ମ ଲଭିଥାଆନ୍ତା, ତେବେ ତାହା ପରି ଗୁଣବତୀ ବୁଦ୍ଧିମତୀ ସ୍ତ୍ରୀ ପୁରୁଷ କେଉଁରେ କି ଅମୂଲ୍ୟ ସମ୍ପଦ, ତାହା ସେ ବୁଝିପାରନ୍ତା ! ତେବେ ସେ ଯେ ବୁଝି ନ ପାରେ, ତାହା ନୁହେଁ—ଅନେକ ସମୟରେ ବୁଝେ, ଅନ୍ତତଃ ମୋଠାରୁ ଖୁବ୍ ଅଧିକ ବୁଝେ । ମୋର ଘରକରଣା ତ ତାହାରି ବୁଦ୍ଧିରେ । ସେ ଯେବେ "ମୁଁ" ହୋଇଥାଆନ୍ତା, ଆଉ ମୁଁ "ସେ" ହୋଇଥାନ୍ତା, ତେବେ ମୁଁ ତାହା ପାଦୋଦକ ସେବା କରନ୍ତି । ସେ ଧନ୍ୟ, ତାହା ଯୋଗୁଁ ମୁଁ ମଧ୍ୟ ଧନ୍ୟ । ତାହାର ଗୌରବରେ ମୋର ଗୌରବ—ତାହାର ସୁଖଶାନ୍ତିରେ ମୋର ସୁଖଶାନ୍ତି । ଏହିପରି ଅର୍ଦ୍ଧାଙ୍ଗି ବିଭାଗ ବିଧାତା ଘଟସୃଜନର ଏକ ଅପୂର୍ବ କୌଶଳ । ସେ ଅଧେ ମୁଁ ଅଧେ, ଦୁହେଁ ମିଶି ଏକ । ଶୁଭଙ୍କରୀ ଧାରଣାନୁସାରେ ସେ ମୁଁ ମିଶି ମୁଁ, ଆଉ ମୁଁ ସେ ମିଶି ସେ ।" ବାସେ ଏହିପରି ଅଦ୍ଭୁତ ଅନେକ କଥା ସ୍ୱର ସ୍ୱର ଗୃହରେ ଆସି ଉପସ୍ଥିତ ହେଲେ । ତାହା ସବୁ ଲେଖିବା ଅନାବଶ୍ୟକ ।

ବଂଶୀଧର ସେନାପତିଙ୍କ ଗୃହରେ ସ୍ୱାମୀ ସୁଖଶାନ୍ତିରେ କାଳଯାପନ କରୁଅଛି । କେତେଟା ଘଟଣା ଦ୍ୱାରା ତାହାପ୍ରତି ସେନାପତି ଦମ୍ପତୀଙ୍କର ବିଶ୍ୱାସ ବଦ୍ଧମୂଳ ହୋଇଅଛି । ଦିନେ ଜଣେ ଭଦ୍ରକଶ୍ରେଣୀସ୍ଥ ଲୋକ ଆସି ସେନାପତିଙ୍କୁ କହିଲା—"ମୋର ପେଟବନ୍ଧା ରୋଗ, ମୁଁ କଷ୍ଟ ସହି ନ ପାରି ବାବା ବୈଦ୍ୟନାଥଙ୍କ ପୀଠରେ ଯାଇ ଧାରଣା ପଡ଼ିଥିଲି । ବାବାଙ୍କର ଚରଣାମୃତ ଛଡ଼ା ଏକୋଇଶ ଦିନଯାଏଁ ମୁଁ ଅନ୍ନଜଳ ସ୍ପର୍ଶ କରି ନାହିଁ । ମୋର ମନ ପରଖିବା ପାଇଁ ବାବା ମୋତେ ଅନେକ ଭୟ ଦେଖାଇଲେ । ଦିନେ ସ୍ୱପ୍ନ ଦେଖିଲି—ଗୋଟାଏ ବାଘ ମୋତେ ଖାଇବା ପାଇଁ ପାଟି ଆଁ କରି ଗର୍ଜି ଗର୍ଜି ଧାଇଁ ଆସୁଅଛି । ଓଃ, କେଡେ ପାଟି ତା'ର; ଯେପରି ଗୋଟାଏ ଘରର ଦ୍ୱାର । ଦାନ୍ତଠାମାନ ମୂଳା ପରି । ସେକଥା କହିବା ବେଳକୁ ଦେହ ଶୀତେଇ ଉଠୁଛି । ଆଉ ଥରେ ସ୍ୱପ୍ନ ଦେଖିଲି—ନାଗସାପ ଗୁଡ଼ାଏ ମୋର ଗୋଡ଼ଠାରୁ ମୁଣ୍ଡଯାଏଁ ଗୁଡ଼ାଇ ହୋଇ ଫଁ ଫଁ ଶବ୍ଦ କରି ମୋ ଦେହରେ ଚୋଟ ଉପରେ ଚୋଟ ମାରୁଅଛନ୍ତି । ଏହିପରି ତେର ଭୟଙ୍କର ସ୍ୱପ୍ନ ଦେଖିଲି, ତେବେ ବି ଧାରଣା ଭାଙ୍ଗି ଉଠିଲି ନାହିଁ; ଖୁବ୍ ନିଷ୍ଠା କରି ପଡ଼ି ରହିଲି । ଏକୋଇଶ ଦିନ ରାତିରେ ବାବା ଗୋଟାଏ ବୁଢ଼ାରୂପରେ ସ୍ୱପ୍ନରେ ଦେଖାଦେଇ କହିଲେ—"ମାତୃଶାପରେ ତୋର ଏ ରୋଗ ହୋଇଅଛି; ଏହା ତୋର ସ୍ୱୋପାର୍ଜିତ । ତ୍ରିଯୁଗପୁରନିବାସୀ ବଂଶୀଧର ସେନାପତିଙ୍କ ସ୍ୱାମୀ ଗତଜନ୍ମରେ ତୋର ମା ଥିଲା । ତୁ ତାକୁ ଦିନେ ନିଷ୍ଠୁର ପ୍ରହାରରେ ଜର୍ଜରିତ କରିଥିଲୁ । ସେଥିରେ ବୁଢ଼ୀର ଶୀତଳ ମାତୃହୃଦୟ ଉତ୍ତପ୍ତ ହୋଇ ଉଠିଲା । ସେ ଅଭିଶାପ ଦେଲା—ତୋତେ ପେଟବନ୍ଧା ହେଉ । ବୁଢ଼ୀ ଉତ୍ତେଜନାରେ କହିପକାଇ ପଛରେ ଅନୁତାପ କରିଥିଲା । ପର ଧର୍ମରେ ଆତ୍ମଧର୍ମ ଲୁଚିଯାଏ; ମାତ୍ର ମିଶିଯାଏ ନାହିଁ । ଉତ୍ତାପରେ ଜଳ ବାଷ୍ପ ହୋଇ ସ୍ୱଧର୍ମ ତରଳତା ତ୍ୟାଗ କରେ; ମାତ୍ର ଏକାବେଳକେ

ତ୍ୟାଗ କରେ ନାହିଁ—ପୁନଶ୍ଚ ସ୍ୱଧର୍ମ ପ୍ରାପ୍ତ ହୁଏ, ଜନନୀ ହୃଦୟ ଠିକ୍ ସେହିପରି । କ୍ରୋଧ ଭିତରେ ତାହାର ମାତୃତ୍ୱ ବୁଡିଯାଏ; କିନ୍ତୁ ପରକ୍ଷଣରେ ଭାସି ଉଠେ । ତୋର ସେହି ପୂର୍ବଜନ୍ମର ମା ବଂଶୀଧର ସେନାପତିଙ୍କ ସ୍ତ୍ରୀଙ୍କର ପ୍ରସାଦ ସେବା କଲେ ତୁ ରୋଗ-ମୁକ୍ତ ହେବୁ ।" ଏହି ହୁକୁମ ଦେଇ ବାବା ଅନ୍ତର୍ଦ୍ଧାନ ହୋଇଗଲେ । ମୋର ନିଦ ଭାଙ୍ଗିଗଲା, ମୁଁ ଧାରଣାରୁ ଉଠି ଏହି ବାଟେ ଆସିଲି । ମୋର ଘର ତବଲପୁର । ଏଠାରୁ ପାଞ୍ଚ କୋଶ ବାଟ ହେବ । ମୁଁ ଜାତିରେ ଗୁଡିଆ; ମୋର ନାମ ରଙ୍କ ସାହୁ । ମୁଁ କାଲି ସ୍ନାନ କରି ଶୁଚି ହୋଇ ମା ସାଆନ୍ତାଣୀଙ୍କ ପ୍ରସାଦ ପାଇବି, ଏତିକି ଜଣା କରୁଛି ।" ସେନାପତି ଜଣେ ସ୍ୱଭାବତଃ ଧର୍ମଭୀରୁ । ଦେବତାଙ୍କ ଆଦେଶ ଶୁଣି କହିଲେ—"ହେଉ ଦେବତାଙ୍କର ଯେବେ ଆଜ୍ଞା, ତେବେ କାଲି ସକାଳେ ଆସିବୁ ଯା ।" ଆଗନ୍ତୁକ କହିଲା—"ନା, ଆଉ ଯିବ କୁଆଡେ ? ଆଜି ତ ଆଉ କିଛି ଖାଇବି ନାହିଁ—କାଲି ମାଙ୍କ ପ୍ରସାଦ ପାଇଲା ପରେ ଖାଇବି । ଆଜି ରାତିଟା ପିଣ୍ଡାପିଣ୍ଡିରେ ଶୋଇପଡି କଟାଇଦେବି ।" ସେ ଏତିକି ମତ କହି ପିଣ୍ଡା ଉପରେ ଯାଇ ବସିଲା । ସେନାପତି ଘରଭିତରକୁ ଯାଇ ସ୍ତ୍ରୀ ହରିପ୍ରିୟାଙ୍କୁ ଘଟଣା କହିଲେ । ହରିପ୍ରିୟା ଶୁଣି ଜିହ୍ୱାଗ୍ରଦଂଶନପୂର୍ବକ କହିଲେ—"କଅଣ ମିଶିପଟାକୁ ଅଇଣ୍ଠା ଦେବି ! ମୋ ଅଇଣ୍ଠା ଖତ ଉଷୁନ୍ତ ନା ମୂଳକା ସେ ଖାଇଲେ ରୋଗ ଭଲ ହୋଇଯିବ ?" ସେନାପତି କହିଲେ—"ଦେବତାଙ୍କ ଆଜ୍ଞା, ଦୋଷ କଅଣ ? ତମେ ତ ଯାଚିକରି ଦେଉନାହଁ—ସେ ମାଗୁଛି । ତାହାର ରୋଗ ଭଲ ହୋଇଗଲେ ତମଲାଗି ଜଣକର ଉପକାର ହେବ । ସେଥିରେ ତମର କ୍ଷତି କିଛି ନାହିଁ ବରଂ ଧର୍ମ ହେବ ।" ହରିପ୍ରିୟା କହିଲେ—'ଏଁ, ଆଚ୍ଛା କହୁଛ ! ନା, ମୁଁ ଜାଣି ଜାଣି ଅଇଣ୍ଠା କେବେ ଦେବି ନାହିଁ । ଭାତ ବାଡି ମୁଁ ସେଥିରୁ ଟିକିଏ ଉଠାଇ-ନେବି; ଆଉ ଯାହା ରହିବ, ତାହା ପଛକେ ସେ ଖାଉ ।" ସେନାପତି କହିଲେ—"ହେଉ, ସେହି କଥା ହେବ ।"

ରାତିରେ ସମସ୍ତେ ଖାଇ ସାରି ଶୋଇଲେ । ଆଗନ୍ତୁକ ଉପବାସ ବ୍ରତ ପାଳନ କରି ପିଣ୍ଡାରେ ଶୋଇଲା । ମାଷ୍ଟର ଏବଂ ସମସ୍ତେ ଘରେ ଶୋଇଲେ । ଗ୍ରୀଷ୍ମକାଳ—ଗୋରୁମାନେ ଗୁହାଳରେ ବନ୍ଧା ନ ହୋଇ ସେନାପତିଙ୍କ ଦାଣ୍ଡରେ ବନ୍ଧା ହୁଅନ୍ତି । ଅର୍ଦ୍ଧରାତ୍ର ସମୟରେ ଆଗନ୍ତୁକ ଉଠିଆସି ପଘା ସହିତ ଗୋଟାଏ ବଳଦକୁ ଖୁଣ୍ଟରୁ ଫିଟାଇ ଧୀରେ ଧୀରେ ଟାଣିବାକୁ ଲାଗିଲା; ମାତ୍ର ଅଜଣା ଲୋକ ଦେଖି ବଳଦ ଯିବାକୁ ଆପତ୍ତି କଲା—ଖୁରା କଚାଡି ଛାଟିପିଟି ହେଲା—ଶବ୍ଦ କଲା । ସେହି ଶବ୍ଦରେ ସାମନ୍ତ ନିଦ ଭାଙ୍ଗିଗଲା । ସେ ଉଠିଆସି ଦେଖିଲା, ଗୋଟାଏ ଲୋକ ବଳଦଟାକୁ ଟାଣି ନେଇ ଯାଉଛି । ସାମନ୍ତ ଧାଇଁ ଯାଇ ଚୋରକୁ କୁଣ୍ଢାଇ ଧରି ଉଚ୍ଚରେ ଡାକ ଛାଡିଲା—"ଧାଇଁ ଆସ ହୋ, ଚୋର !" ସାମନ୍ତର ଚିତ୍କାର ଶୁଣି ମାଷ୍ଟର ଉଠି ଆସିଲେ, ସେନାପତି ଉଠି ଆସିଲେ, ଗ୍ରାମର ଅନେକ ଲୋକ ଜୁଟି ଧାଇଁ ଆସିଲେ । ମହା ହୁଲସ୍ଥୁଲ ପଡିଗଲା । କେତେ ଜଣ ଯାଇ ଚୋରକୁ ପଛିମା କରି ଖୁଣ୍ଟରେ ବାନ୍ଧି ପକାଇଲେ । କେହି କେହି ଚୋରକୁ ଉତ୍ତମ ମଧ୍ୟମ ଦକ୍ଷିଣା ଦେବାକୁ ଉଦ୍ୟତ ହେଲେ; ମାତ୍ର ସେନାପତି ନିଷେଧ କରିବାରୁ ନିରସ୍ତ ହେଲେ । ତହୁଁ ପରଦିନ ଜଣେ ଭଦ୍ରବ୍ୟକ୍ତି ଚୋରକୁ ଚିହ୍ନିପାରି ତାହାର ପ୍ରକୃତ ପରିଚୟ ସେନାପତିଙ୍କୁ ପ୍ରଦାନ କରିବାରୁ ସେ ଚୋରକୁ ଛାଡିଦେଲେ । ଚୋର କାହାରିକୁ କିଛି ନ କହି ମୌନ ବ୍ରତ ଧରି ଚାଲିଗଲା ।

ଚୋରର ପରିଚୟ ଜାଣିବା ସକାଶେ ଅନେକେ ଆଗ୍ରହ ପ୍ରକାଶ କରୁଥିବେ । ସେମାନଙ୍କର କୌତୂହଳ ଚରିତାର୍ଥ କରିବା ସୁଦ୍ଧା ଗ୍ରନ୍ଥକାରର କର୍ତ୍ତବ୍ୟ । ଚୋର ଜଣେ ଭଦ୍ରସନ୍ତାନ; ତାହାର ନାମଧାମ ପ୍ରକାଶ କରିବା ଶିଷ୍ଟାଚାରସମ୍ମତ ନୁହେଁ । ତାହାର କଳ୍ପିତ ଛଦ୍ମ-ନାମ—ରଙ୍କ ସାହୁ; ଏଣିକି ସେ ଏହି ନାମରେ ଜ୍ଞାପିତ ହେବ । ରଙ୍କ ଶିକ୍ଷିତ, ଅବସ୍ଥାପନ୍ନ ଏବଂ ସଦ୍‌ବଂଶଜ । ଯୌବନ ପ୍ରାରମ୍ଭରେ ସେ ଇନ୍ଦ୍ରିୟଲାଳସାକୁ ବନ୍ଦୀ କରି ରଖିଥିଲା । ଶାସ୍ତ୍ରପୁରାଣ ପ୍ରଭୃତି ସଦ୍‌ଗ୍ରନ୍ଥ ପାଠରେ ସେ ସମୟ ଅତିବାହିତ କରୁଥିଲା । ଏହେତୁ ଅନେକେ ତାକୁ ଯୌବନ-ଯୋଗୀ ବୋଲି କହୁଥିଲେ; କିନ୍ତୁ ଯୌବନ ବଡ ଅବିଶ୍ୱାସୀ; ସେ ଦଣ୍ଡକେ ବୁଡାଇମାରେ । ପିତୃ-ବିୟୋଗ ପରେ ରଙ୍କ ସମ୍ପତ୍ତିର ଅଧିକାରୀ ହେଲା । ପୂର୍ଣ୍ଣ ଯୌବନକାଳ, ହୁକୁଣ୍ଡ ବିଳାସ-

ବାସନା ତରୀର ଉପରକୁ ଝାମ୍ପ ମାରିବାକୁ ସମୁଦ୍ୟତ, ଆକାଂକ୍ଷାର ଭୃତ୍ୟ ଧନୀ ସନ୍ତାନ ଆଉ କେତେ ଦିନ ସଂଯମ ରକ୍ଷା କରିବାକୁ ସମର୍ଥ ହେବ ? ସୁତରାଂ ସେ ବିଳାସ ପଦରେ ଆତ୍ମବିକ୍ରୟ କଲା ଏବଂ ସ୍ୱାମୀ କନ୍ୟାଭ୍ରାର୍ଥୀର ଆଦେଶ ପାଳନ କଲା ପରି ବିଳାସକାମନାର ଆଜ୍ଞାବହ ହୋଇ ରହିଲା । ପୂର୍ବ ତପସ୍ୟାବଳରୁ କେତେ ଜଣ ବନ୍ଧୁ ଆସି ମିଳିଲେ । ସେମାନେ ବିଳାସର ନାନା ପନ୍ଥା ଦେଖାଇଦେଲେ । ତହୁଁ ପଞ୍ଚକାମନାର ପୂଜା ଆରମ୍ଭ ହେଲା । କ୍ରମେ ଆଡ଼ମ୍ବର ବୃଦ୍ଧି ଲଭିଲା । ସାଧନାର କ୍ଷେତ୍ର ଯେତେ ବିସ୍ତୃତ ହେଲା, ତେତେ ସାଧକ ଆସି ପୂଜାରେ ଯୋଗ ଦେଲେ । କଠୋରସାଧନାରେ ସିଦ୍ଧି ମଧ୍ୟ ମିଳିଲା । ସେ ସିଦ୍ଧିର ଅର୍ଥ—ଦରିଦ୍ର ପଞ୍ଚାକ୍ଷରୀ ମହାମନ୍ତ୍ର ଜପ । ତେଣିକି ଜୁଆଖେଳର ଆଶ୍ରୟ ଗ୍ରହଣ କରିବାକୁ ହେଲା । ଲକ୍ଷ୍ମୀ-ନିସ୍ତାରିଣୀ ଜୁଆଦେବୀ ବରଦାୟିନୀ ହେଲେ । ସେ ବର ପ୍ରଭାବରେ ରଙ୍କର ପେଟଚିନ୍ତା ଛଡ଼ା ଅନ୍ୟ କିଛି ଚିନ୍ତା ରହିଲା ନାହିଁ । ଧନସମ୍ପତ୍ତି ଗଲା—ବିଲବାଡ଼ି ଗଲା—ଶେଷକୁ ଘର ଖଣ୍ଡି ସୁଦ୍ଧା ଗଲା । ରଙ୍କ ସକଳ ଜଞ୍ଜାଳରୁ ମୁକ୍ତ ହେଲା । କେବଳ ରହିଲା ପେଟ । ସେ ତ ଆଉ ବିକ୍ରୀ ହେବାର ପଦାର୍ଥ ନୁହେଁ—ଯାଚି ଚୁକ୍ତି ଦେଲେ ସୁଦ୍ଧା କେହି ନେବେ ନାହିଁ । ସମ୍ପତ୍ତିର ତିରୋଧାନ ସଙ୍ଗେ ସଙ୍ଗେ ବନ୍ଧୁମାନେ ବି ଅଦୃଶ୍ୟ ହେଲେ । ନଈରେ ପାଣି ଥିବାବେଳେ କେହି ପାଣି ପିଇବାକୁ , କେହି ବା ଗାଧୋଇ ଦେହ ଶୀତଳ କରିବାକୁ ଆସନ୍ତି; ମାତ୍ର ନଈ ଶୁଖିଗଲେ ସେହି ଜଳସ୍ରୋତର ଧାର ସୁଦ୍ଧା ଶୁଖିଯାଏ; ଆଉ କେହି ପାଖ ଛୁଅନ୍ତି ନାହିଁ । ଏ ସଂସାରରେ ସମ୍ପତ୍ତି ସଙ୍ଗରେ ବନ୍ଧୁତ୍ୱର ସମ୍ପର୍କ ଏହିପରି । ରଙ୍କ ଏବେ ଦାଣ୍ଡର ଭିଖାରୀ । ପରିଶ୍ରମ କରି ଖାଇଲେ ଭଦ୍ର ସନ୍ତାନର ମାନହାନି ହେବ; ସୁତରାଂ ସେ ତାହା କରେ ନାହିଁ । ପରିଶ୍ରମ ମାନବର ଜୀବନ, ତାକୁ ଯେ ମାନହାନିକର ମଣେ, ମାନର ଅର୍ଥ ସେ ଜାଣେ ନାହିଁ କିମ୍ବା ତାହାର ମାନ ଆଦୌ ନାହିଁ । ଏରୂପ ମାନକାଙ୍ଗାଳୀ ଭଦ୍ରସନ୍ତାନର ସଂଖ୍ୟା ଯେତେ ଊଣା ହୁଏ, ମା ବସୁମତୀର ଭାର ତେତେ ଲଘୁ ହେବ । ଯେ ପାଞ୍ଚ ହଜାର, ଦଶ ହଜାର ଟଙ୍କାର ଚାକିରି କରେ, ସେ ଚାକରିଆ, ଆଉ ଯେ କାଠ ଭାଙ୍ଗି ଚାରି ପଇସା ଉପାର୍ଜନ କରେ, ସେ ସ୍ୱାବଲମ୍ବୀ । ସ୍ୱାବଲମ୍ବୀର ଆସନ ସର୍ବୋଚ୍ଚରେ ନିର୍ଦ୍ଦିଷ୍ଟ । ସୁଖ ତାହାରି ଜୀବନରେ ଥାଏ । 'ପରିଶ୍ରମରେ ମାନ ଯାଏ', ଏହା ଅଳସର ଭାଷା । ରଙ୍କ ଏଣିକି ମିଥ୍ୟା, ପ୍ରତାରଣା ଏବଂ ଚୌର୍ଯ୍ୟର ଆଶ୍ରୟ ନେଇଅଛି । ତାହା ହିଁ ତାହାର ନ୍ୟାୟବିଚାରରେ ମାନବୃଦ୍ଧିର ସୁଗମ୍ୟ ସ୍ୱର୍ଣ୍ଣ-ସୋପାନ । ସେ ଦୂରବର୍ତ୍ତୀ ଗ୍ରାମକୁ ଯାଇ ବିଭିନ୍ନ ବେଶ ଧରି କେଉଁଠାରେ କହେ —"ମୁଁ ଦେଶୀ, ଘରପୋଡ଼ିରେ ମୋର ତିନିଟା ବଳଦ ପୋଡ଼ି ମଲେ । ପାପରୁ ମୁକ୍ତ ହେବା ପାଇଁ ମୁଁ ଭିକ୍ଷା କରି ବୁଲୁଅଛି ।" କେଉଁଠାରେ କହେ—"ମୁଁ ଯୋଗୀ; ଦେବତାଙ୍କ ହୁକୁମରେ ଅମୁକର ପ୍ରସାଦ ପାଇବାକୁ ଆସିଅଛି ।" ଏହିପରି ନାନା କଥା କହି ବୁଲେ ଏବଂ ବେଲା ବାସନଠାରୁ ଗୋରୁ ବାଛୁରୀ ପର୍ଯ୍ୟନ୍ତ ଯେଉଁଠାରେ ଯାହା ପାଏ, ତାହା ଚୋରି କରି ଉଦର-ପୂଜା କରେ । ସେ ଦିନ ସେ ଗ୍ରାମ ଲାଗି ସେନାପତିଙ୍କ ବଳଦଟା ନେଇ ପାରିଲା ନାହିଁ ।

ଆଉ ଦିନେ ସେନାପତି ତାଙ୍କ ସୁନାମୁଦୀ ପୋଖରୀ ଆଡ଼ରେ ଛାଡ଼ି ଆସିଥିଲେ । ହୀରାବଣିଜଡ଼ିତ ସେହି ମୁଦୀର ମୂଲ୍ୟ ପ୍ରାୟ ଶତାଧିକ ଟଙ୍କା ହେବ । ରାମ ଗାଧୋଇଯିବାବେଳେ ତାହା ଦେଖି ଘେନି ଆସିଲା; ମାତ୍ର ଆତ୍ମସାତ୍ ନ କରି ସେନାପତିଙ୍କୁ ଆଣି ଦେଲା । ଏହିପରି କେତେଟା ଘଟଣାରେ ରାମପ୍ରତି ସେନାପତି ଦମ୍ପତିଙ୍କର ବିଶ୍ୱାସ ଏବଂ ଆତ୍ମୀୟତା ବଦ୍ଧମୂଳ ହୋଇଅଛି । ରାମ ଦିନରେ ଖଜଣା ଆଦାୟ କରେ, ରାତିରେ ସେନାପତିଙ୍କ ପୁଅଦୁହିଁଙ୍କୁ ପଢ଼ାଏ । ଚାଷକାର୍ଯ୍ୟ ପରିଚାଳନ ଏବଂ ପରିଦର୍ଶନର ଭାର ତାହା ପ୍ରତି ନ୍ୟସ୍ତ ଅଛି । ସେନାପତି କ୍ରମେ କ୍ରମେ ସମସ୍ତ ଭାର ରାମକୁ ଦେଇ ନିଶ୍ଚିନ୍ତ ହେଲେ । ରାମ ସୁଦ୍ଧା ଦକ୍ଷତାର ସହିତ ସମସ୍ତ ସମ୍ପାଦନ କରେ । ସେନାପତି ସମୟେ ସମୟେ କହନ୍ତି—"ରାମ ହେତୁ ଏବେ ମୁଁ ନିଶ୍ଚିନ୍ତ ହୋଇ ନିଃଶ୍ୱାସ ମାରିବାକୁ ଅବସର ପାଇଲି ।" ରାମ ଖଜଣା ଆଦାୟ କରି ଆଣିଦିଏ, ସେଥିରୁ ଗୋଟାଏ ପଇସା ଊଣା ହୁଏ ନାହିଁ । ନ

ହରିପ୍ରିୟା କହିଲେ—“ରାମ, ତୁ ଯେଉଁଦିନ ଯାହା ଆବାସ୍ କରୁ, ସବୁ ଆଣିଦେଉ, ଦୁଇଟା ପଇସା ଖର୍ଚ କରି ଚୂଡ଼ାପାଣି ମନାଏ ବି କରୁ ନାହୁଁ । ଦିନଠାରୁ ରାତି ବୁଲି ବୁଲି ତୋତେ କ୍ଲେଶ ଶୋଷ ବି ଲାଗେ ନାହିଁ ?” ରାମ କହିଲା—“କେତେ ଘଣ୍ଟା ହେଲା ତୋ ଘରୁ ଖାଇକରି ଗଲି ଯେ କ୍ଲେଶ କରିବ ?” ହରିପ୍ରିୟା କ୍ରୁଦ୍ଧ ସ୍ୱରରେ କହିଲେ—“କଅଣ କହିଲୁ—ମୋ ଘର, ଆଉ ତୋ ଘର ନୁହେଁ ? ତୁ ଇମିତି ଗୋଚ-ଛଣ୍ଡା କଥା କାହିଁକି କହୁ ରେ ? ମୁଁ କଅଣ ତୋତେ କାହିଁରୁ ଅନ୍ତର କରିଛି ? ଫେର୍ ତାହା କହିବୁ ନାହିଁ ।” ରାମ ହସି ହସି କହିଲା—“ନା, ଆଉ ତୋ ଘର ବୋଲି କହିବ ନାହିଁ ନାନି, ଭୁଲ୍ ଖସିଗଲା—ଏବେ ଆମ ଘର ବୋଲି କହିବ ।” ରାମ ଏହିପରି ସ୍ନେହସ୍ୱର୍ଗରେ ସ୍ନେହାମୃତ ପାନ କରି ପରମାନନ୍ଦରେ ଦିନଯାପନ କରୁଅଛି ।

ଦିନେ ସେନାପତି ଏବଂ ହରିପ୍ରିୟା କଥାବାର୍ତ୍ତା ହେଉଥିଲେ । କଥାର ତ ହାତ ଗୋଡ ନାହିଁ ! ସେ ବକ୍ରଭଙ୍ଗୀରେ ଶାଖା, ପ୍ରଶାଖା, ଉପଶାଖା ବିସ୍ତାର କରି ଲତା ପରି ଚାଲେ । ପ୍ରଥମରେ ଦାମ୍ପତ୍ୟ ପରିହାସ ଚାଲିଥିଲା, ତହୁଁରୁ ପାରିବାରିକ କଥା ବାହାରି ଆସିଲା । ପାରିବାରିକ କଥା ହେଉଁ ହେଉଁ ମଝିରୁ ରାମ କଥା ବାହାରି ପଡ଼ିଲା । ହରିପ୍ରିୟା ସ୍ୱାମୀଙ୍କୁ ପଚାରିଲେ—“ରାମ କଥା କଅଣ ବିଚାର କରୁଛ ? ତାହାର ବୟସ ଅଧିକ ହୋଇଗଲା, ଏବେ ବିବାହର ଚେଷ୍ଟା ଦେଖ ।” ସେନାପତି କହିଲେ—“ମୁଁ ବି ତାହା ଭାବୁଛି, ଆଖି ଫେରାଇ କନ୍ୟାପାତ୍ରୀ ଖୋଜୁଛି, ମିଳିଲେ ହାତଛନ୍ଦା କରିଦେବି; ମାତ୍ର ଆଗେ ଘର ନ କଲେ କିପରି ହେବ ? ମୁଁ ସ୍ଥିର କରିଛି—ଆମ ଘରର ପୂର୍ବପଟକୁ ଯେଉଁ ପଡ଼ିଆଖଣ୍ଡ ଅଛି, ତାହା ରାମକୁ କିଣିଦେଇ ସେହିଠାରେ ଘର ତୋଳିଦେଲେ ଭଲ ହେବ । ମୋ ପାଖରେ ତାହାର ଦରମା ଟଙ୍କା ଅନେକ ଜମି ରହିଲାଣି । ସେହି ଟଙ୍କାରେ ଭୂମି କିଣିଦେବି । ତାହାର ପୂର୍ବଘର ବାଡ଼ୀରୁ ଶତାଧିକ ଟଙ୍କା ମିଳିଛି, ସେଥିରେ ଘର ତିଆରି ହୋଇପାରିବ । ରାମକୁ ଘର ଦୁଇଖଣ୍ଡ କରିଦେଇ ହାତକୁ ଦୁଇ ହାତ କରିପକାଇଲେ ମୁଁ ତାହା ଋଣ ସୁରେ ନିଶ୍ଚିନ୍ତ ହେବି । ଆମ ଇଲାକାରୁ ପାଞ୍ଚ ମାଣ ଜମି ତାକୁ ଦେବି । ସାଧାରଣ ଯେଉଁପରି ଖଜଣା ଦେଇ ଚାଷ କରନ୍ତି, ସେ ବି ସେହିପରି କରିବ । ମୋ ଆଶ୍ରୟରେ ସେ ଅଛି, ତାହାର ଭବିଷ୍ୟତ୍ ମଙ୍ଗଳ ଚିନ୍ତା ମୋତେ କରିବାକୁ ହେବ—ମୁଁ ସେଥି ସକାଶେ ଧର୍ମତଃ ଦାୟୀ । ଆଉ ପିଲାଟି ଯେପରି ସଚ୍ଚରିତ୍ର, ଭଗବାନ୍ ତାହାର ନିଶ୍ଚୟ ସେହିପରି ମଙ୍ଗଳ କରିବେ । ସେନାପତିଙ୍କର କଥା ଯାହା, କାର୍ଯ୍ୟ ତାହା । ଛଅ ମାସ ମଧ୍ୟରେ ଭୂମିକିଣା, ଘରତୋଳା ଶେଷ ହୋଇଗଲା । ତହୁଁ ପରେ ରାମ ପାଇଁ ପାତ୍ରୀର ଅନୁସନ୍ଧାନ ଲାଗିଲା ।

ଭାଦ୍ରମାସରେ ବୋଇତାଳୁର ମଧୁରତା ଉଡ଼ିଯାଏ । ସେ ମଧୁରତା କେତେବେଳେ ଆସେ, ପୁଣି କେତେବେଳେ ଚାଲିଯାଏ, ତାହା ଜାଣି ହୁଏ ନାହିଁ । ମାନବର ଭାଗ୍ୟ ଠିକ୍ ସେହିପରି । ତାହାର ଆସିବା ଯିବା ସମସ୍ତ, ପୂର୍ବରୁ ଜାଣିବାର ଉପାୟ ନାହିଁ । ବିଧାତାର ଆଶୀର୍ବାଦ-ବୋଲା ଅଦୃଶ୍ୟ ମଙ୍ଗଳହସ୍ତ କେତେବେଳେ କାହା ଭାଗ୍ୟକୁ ସ୍ପର୍ଶ କରେ, ତାହା କୌଣସି ଗଣକ ଗଣନା କରି କହିପାରେ ନାହିଁ । ସୌଭାଗ୍ୟ ଯେତେବେଳେ ଆସେ, ଉପର୍ଯ୍ୟୁପରି ଆସେ—ଅବ୍ୟାହତ ଗତିରେ ଆସେ । ଯେଉଁଠାରେ ଭାଗ୍ୟ ଗଢାହୁଏ, ସେ ବଡ ଅଗମ୍ୟ ପ୍ରଦେଶ । ତାହା ଦେଖିବା ଦେବଚକ୍ଷୁର ଅସାଧ୍ୟ । ଭଙ୍ଗା ଗଢା କାର୍ଯ୍ୟରେ କାଳ ଖୁବ୍ ନିପୁଣ; ନର ଭାଗ୍ୟ ତାହା ହସ୍ତର କ୍ରୀଡାପୁତ୍ତଳୀ । ସେ ବାରମ୍ବାର ଭାଙ୍ଗି ବାରମ୍ବାର ଗଢିଦିଏ । ଏହି ଭଙ୍ଗାଗଢା ଭିନ୍ନ ତାହାର ଅନ୍ୟ କାର୍ଯ୍ୟ ନାହିଁ । ସୌଭାଗ୍ୟ-ଲକ୍ଷ୍ମୀ ରାମର ଅଜ୍ଞାତରେ ଆସି ଅମୃତ ହସ୍ତରେ ତାକୁ ଆଲିଙ୍ଗନ କଲେ । ଦିନେ ସର୍କାରି ପିଆଦା ଖଣ୍ଡିଏ ନୋଟିସ ଘେନି ଆସିଲା । ତାହା ଜିଲା ମାଜିଷ୍ଟ୍ରେଟଙ୍କ କୋର୍ଟରୁ ରାମଚନ୍ଦ୍ର ଦାସ ନାମରେ ପ୍ରେରିତ । ସେଥିରେ ଏହିପରି ଲେଖା ଥିଲା—“ରାମଚନ୍ଦ୍ର ଦାସ ସା ତ୍ରିୟପୁର ପ୍ର. ସୁନାଏଁସି ଜିଃ ସଦର—ଏହିକ ହାଟଖଲାନିବାସୀ ଗୋପାଳକୃଷ୍ଣ ଅଧିକାରୀ ନିଃସନ୍ତାନ ଅବସ୍ଥାରେ ମୃତ ହେବାରୁ ଅନ୍ୟ ଉତ୍ତରାଧିକାରୀ ଅଭାବରୁ ତାଙ୍କର ଲାଖସ୍ୱାଳ ପ୍ରଭୃତି ସମ୍ପତ୍ତି ତାଙ୍କ ଭଣଜା ସଦେଇ ଦାସଙ୍କର ପ୍ରାପ୍ୟ । ସର୍କାରୀ ତଦନ୍ତରେ ଏହା ଧାର୍ଯ୍ୟ ହୋଇଅଛି; କିନ୍ତୁ ସଦେଇ ଦାସ ଏବଂ ତାଙ୍କ ପୁତ୍ର

ସାଧିବା ଦାସ ଇହଲୋକରେ ନାହାନ୍ତି; ସୁତରାଂ ବର୍ତ୍ତମାନ ତୁମ୍ଭେ ସମ୍ପତ୍ତିର ଅଧିକାରୀ । ଅତଏବ ଏ ନୋଟିସଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି କି, ତୁମ୍ଭେ ଏକସପ୍ତାହ ମଧ୍ୟରେ ସଦର କୋର୍ଟରେ ହାଜର ହୋଇ ଦଖଲନାମା ଗ୍ରହଣ କରିବ । ପ୍ରକାଶ ଥାଉ କି, ଉକ୍ତ ଗୋପାଳକୃଷ୍ଣ ଅଧିକାରୀ ନଗଦ ପାଞ୍ଚ ହଜାର ଟଙ୍କା ରଖି ଯାଇଅଛନ୍ତି । ତାହା ସୁଦ୍ଧା ତୁମ୍ଭେ ପାଇବ ।" ଦଣ୍ଡକ ମଧ୍ୟରେ ଏ ସମ୍ବାଦ ଗ୍ରାମରେ ରାଷ୍ଟ୍ର ହୋଇଗଲା । ସମସ୍ତେ ଆନନ୍ଦ ପ୍ରକାଶ କରି ଶ୍ୟାମକୁ ଭାଗ୍ୟବାନ୍ ବୋଲି କହିଲେ । ସେନାପତି ଦମ୍ପତିଙ୍କ ଆନନ୍ଦର ସୀମା ରହିଲା ନାହିଁ । ନିରାନନ୍ଦ କେବଳ ନିତେଇ ଦାସ ଏବଂ ତାଙ୍କର ସହଧର୍ମିଣୀ ।

ଶ୍ୟାମ ଯଥାସମୟରେ ସଦରକୋର୍ଟରୁ ସମ୍ପତ୍ତିର ଦଖଲନାମା ଆଣିଲା । ସେନାପତି ସେ କାର୍ଯ୍ୟରେ ତାକୁ ଅର୍ଥ ଏବଂ ପରିଶ୍ରମଦ୍ୱାରା ଯଥେଷ୍ଟ ସାହାଯ୍ୟ କଲେ । ଶ୍ୟାମର ନବଲବ୍ଧ ସମ୍ପତ୍ତିର ଆୟ ବାର୍ଷିକ ଚାରିଶ ପଚାଶ ଟଙ୍କା । ଏହାଛଡ଼ା ବାଟିଏ ହାତଚାଷ ଅଛି । ଶ୍ୟାମ ସେ ସମ୍ପତ୍ତି ବିକ୍ରୟ କରି ପ୍ରିୟପୁରରେ ନୂତନ ସମ୍ପତ୍ତି କ୍ରୟପୂର୍ବକ ସୁଖରେ ଅବସ୍ଥାନ କଲା । ପରର ଗଲଗ୍ରହ ଅନାଥ ବାଳକ କ୍ଷଣକ ମଧ୍ୟରେ ବଡ଼ଲୋକ ହୋଇ ବସିଲା । ଭାଗ୍ୟଦେବୀ ଅନୁଗ୍ରହ କଲେ ଏହିପରି କରନ୍ତି । ଯଥାସମୟରେ ଶ୍ୟାମର ବିବାହ ହୋଇଗଲା । ସେ ଆଉ ଗରିବ ନୁହେଁ—ଧନୀ । ଧନି-କନ୍ୟାକୁ ବିବାହ କରି ଯଥୋପଯୁକ୍ତ ଯୌତୁକ ମଧ୍ୟ ପାଇଲା । ଶ୍ୟାମ ସେନାପତିଙ୍କର ଗୁମାସ୍ତା କାର୍ଯ୍ୟ କରୁଥିଲା; ମାତ୍ର କିଛିଦିନ ପରେ ନିଜେ ଜଣେ ଗୁମାସ୍ତା ରଖିଲା ଏବଂ ଗ୍ରାମର ଜଣେ ଗଣ୍ୟ ମାନ୍ୟ ଲୋକ ହୋଇ ଉଠିଲା । ଗରିବ ହଠାତ୍ ଧନୀ ହୋଇ ଉଠିଲେ ଧରାକୁ ସରା ଜ୍ଞାନ କରେ; ମାତ୍ର ଶ୍ୟାମ ସେ ଧରଣର ଲୋକ ନୁହେଁ । ଧନପ୍ରାପ୍ତିରେ ତାହାର କୌଣସି ପ୍ରକାର ଔଦ୍ଧତ୍ୟ ଦେଖାଗଲା ନାହିଁ । ବର୍ତ୍ତମାନ ସେ ସେନାପତିଙ୍କର ସମକକ୍ଷ । ଉଭୟ ପରିବାର ଅଖଣ୍ଡ ସ୍ନେହ-ସୌହାର୍ଦ୍ଦ୍ୟରେ ବାସ କଲେ ।

---

## ବିଂଶ ପରିଚ୍ଛେଦ

"ଧାଇଁ ଆସ ହୋ ଘର ପୋଡ଼ିଗଲା ।" ରାତି ଅଧରେ ଏହି ଶବ୍ଦ ଶୁଭିଲା । ଶୁକ୍ଳପକ୍ଷ ରଜନୀ, ଦ୍ୱାଦଶୀର ଅପୂର୍ଣ୍ଣ ଚନ୍ଦ୍ର ଆକାଶରେ ହସୁଅଛି । ତାରାଗଣ ପରସ୍ପରର ମୁହଁ ଚାହିଁ ଚାହିଁ ହୋଇ ନୀରବ ହାସ୍ୟରେ ଉନ୍ମତ୍ତ । ବସୁନ୍ଧରା କୌମୁଦୀ-ବସନ ପରିଧାନ କରି ପୁଷ୍ପାଲଙ୍କାରରେ ସଜ୍ଜିତ ହୋଇ ହସୁଅଛି । ପାଦପ-ଜନନୀ କୋଟିପୁଷ୍ପ-କନ୍ୟା କୋଳରେ ଧରି ହସୁଅଛି । ଚରାଚର ହାସ୍ୟମଗ୍ନ । ହାସ୍ୟର ମେଳା ବସିଅଛି—ହାସ୍ୟର ମହୋତ୍ସବ ଲାଗିଅଛି । ସେ ହାସ୍ୟରୁ ଅମୃତ ଝରି ପଡ଼ୁଅଛି । ଜ୍ୟୋତ୍ସ୍ନାମୃତରେ ହାସ୍ୟାମୃତ ମିଶି ଅଭିନବ ଅମୃତ ଜାତ ହେଉଅଛି । ଜ୍ୟୋତ୍ସ୍ନାହାସିନୀ ଯାମିନୀ ଶୋଭାର ହାଟ ବସାଇଦେଇଅଛି । ସର୍ବତ୍ର ଶୋଭାର ମହାପୂଜା ଲାଗିଅଛି । ସେହି ପୂଜା ଫଳରେ ଅସୁନ୍ଦର ସୁନ୍ଦର ହୋଇଅଛି । ମହାକାଶ ତାରା-ନେତ୍ରରେ ଊର୍ଦ୍ଧ୍ୱରୁ ସେହି ସୁଷମା ପୂଜା ଦେଖି ମୁଗ୍ଧ ଏବଂ ସ୍ତବ୍ଧ ହୋଇ ରହିଅଛି । ପେଚକର ଶବ୍ଦ ଶୁଣାଯାଉ ନାହିଁ । ସେ କୋଟରରୂପ ଶୋକ-ଗୃହରେ ଚକ୍ଷୁ ବୁଜି ନୀରବ ଦୁଃଖର ଯନ୍ତ୍ରଣା ଭୋଗ କରୁଅଛି । ପ୍ରକୃତିର ଏହି ମନୋମୋହିନୀ ଶୋଭା ତାହା ପ୍ରାଣରେ ଅସହ୍ୟ । ମତ୍ସରୀ ନେତ୍ରରେ ପର ଗୁଣ ବିଷ ତୁଲ୍ୟ; ସୁତରାଂ ତାହା ତାକୁ ଭଲ ଲାଗିବ କାହିଁକି ? ଗ୍ରୀଷ୍ମକାଳର ରାତି । ପବନ ଟିକିଏ ବେଗରେ ବହୁଅଛି । ଶୃଗାଳଯୂଥ ବନ-ବଣରୁ ଅର୍ଦ୍ଧରାତ୍ରିଜ୍ଞାପକ ତୂର୍ଯ୍ୟଧ୍ୱନି କଲେ । ଏହି ସମୟରେ ଶବ୍ଦ ଶୁଭିଲା—"ଧାଇଁ ଆସ ହୋ, ଘର ପୋଡ଼ିଗଲା ।" ଏହା ଶୁଣି ଆବାଳବୃଦ୍ଧ ଗ୍ରାମବାସୀ ଧାଇଁଲେ । "କାହା ଘର, କାହା ଘର" ବୋଲି ସମସ୍ତେ ସମସ୍ତଙ୍କୁ ପଚାରୁଅଛନ୍ତି; ମାତ୍ର ଉତ୍ତର କାହାରି ମୁହଁରେ ନାହିଁ । ଯେ ଘଟଣାସ୍ଥଳରେ ପହଞ୍ଚିଲା, ସେ କହିଲା—"ଧାଇଁ ଆସ ହୋ, ଘର ପୋଡ଼ିଗଲା ।" କେହି ଧାଇଁ ଆସୁଁ ଆସୁଁ କହିଲା—"ଧାଇଁ ଆସ ହୋ, ଘର ପୋଡ଼-

ଗଲା ।'' କେହି ନଡ଼ବାଉଁଶରେ ହାଉଳି ଖାଇଯାଇ ଘର ଭିତରୁ କହିଲା—'ଧାଇଁ ଆସ ହୋ, ଘ-ଘ-ଘ ।' ବହ୍ନିମୁଖୋତ୍‌ଥିତ ଶବ୍ଦ ପ୍ରଜ୍ୱଳିତ ହୋଇ ନିଶୀଥ ନିସ୍ତବ୍ଧତାକୁ ମୁଖରିତ କଲା । ସ୍ତ୍ରୀଲୋକମାନେ ନିଜ ନିଜ ପିଲାକୁ ହଳଦୀ ପାଣି ଛାଟିଲେ । କେହି କହିଲା—"ମୁଁ କି କରିବି ଲୋ ମାଗୁଣି, କାହା ଘର ଲୋ !" କେହି କିଛି ନ ଦେଖି ନ ଶୁଣି କହିଲା—"ହାୟ, ହାୟ, ହାୟ, ସବୁ ଗଲା—ଜଳି ଖାକ୍ ହୋଇଗଲା !" କେହି ବା ହାତ ଯୋଡ଼ି ଜୁହାର ହୋଇ କହିଲା—"ହେ ଅଗ୍ନି-ଦେବତା, ଶାନ୍ତ ହୁଅ, ପ୍ରଭୁ, ଶାନ୍ତ ହୁଅ ।'' ବଉଳିଆ ମା କହିଲା—"ମୁଁ ଆମ ବହୂସାଆନ୍ତାଣୀଙ୍କି ବସିବାର କହୁଛି ଶହୁରି ଝିଅ, ଖରବଳ—ବସ୍ୟାର ହେଉଛି, ପରର ଭାଲ ଥିବ କାଳକୂଟ । ସେ ଫେର୍ ତାହା ମାନିବ? ତୁ ଯେତେ ମାଠିବୁ ମାଠ୍ ମୁଁ ସେହି ଦରପୋଡ଼ା କାଠ । ହାଣ୍ଡି ଉପରକୁ ହାତେ ନିଆଁ ନ ଉଠାଇ ସେ ପୁଣି ପସି ଚୁଲି ଜାଳିବ ! ଅଜକାଲି ବହୂଝିଅଙ୍କୁ ତ କଥାରେ ଜିଣିପାରିବ ନାହିଁ, କହିବ ବା କଅଣ ? ଜୁହାର ଲୋ ମାଗୁଣି, ଭଅଁଦେବତା ଛାଡ଼ି ତାଙ୍କୁ ଆଗେ ଜୁହାର ।'' ଭଣିଆ ବଉ କହିଲା—"ଏକା ତୋହରି ବହୂ ନା ଲୋ ପିଟେଇ ନାନି, ସଂସାରଯାକ ତ ଏକା, କାନ୍ଦିବୁ କାହାକୁ ? ଆମ ଠାକୁରାଣୀର କଥା ଶୁଣିଲେ ତୁ କାଠ ହୋଇଯିବୁ—କାନରେ ହାତ ଦେବୁ । ବହୂ ତ ବହୂ, ସାଧୁଆ ମା ବହୁ ! ଶହ' ପଚାଶରେ ସିମିତି ଗୋଟେ ବହୂ ମିଳିବ ନାହିଁ ; କାମଦାମକୁ ତ ଉପମା ଦେବାକୁ ନାହିଁ, ଶାଶୁ ଶଶୁରଙ୍କର 'ପାଦୁକା' ନ ପାଇ ଟୋପେ ପାଣି ମୁହଁକୁ ନେବ ନା ? ବାପଘରୁ କି ଅଟୁଆସି ସ୍ୱର ବୋଝ ଚାଲିଛି, ଆଉ ଆମର ଏ ଖୁଣ୍ଟୀ କର୍ମୁଳୀଙ୍କ ପରି ନା ?" ଏହିପରି ନାନା କଥାରେ ଘରପୋଡ଼ି କଥା ଲୁଚିଗଲା । ଏହି ସମୟରେ ଜଣେ ଫେରିଆସି କହିଲା—"ନଟେଇ ଦାସ ଘର ପୋଡ଼ି ଯାଉଛି ।" ଏହା ଶୁଣି ସମସ୍ତେ ଘଡ଼ି କଳସୀ ଘେନି ଧାଇଁଲେ ।

ଗ୍ରୀଷ୍ମକାଳ, ଚାଳ ଶୁଖି ଶୁଖି ରହିଅଛି—ସେଥିରେ ନିଆଁ ଲାଗିଲେ କି ଆଉ ରକ୍ଷା ଅଛି ? ପବନର ସାହାଯ୍ୟ ପାଇ ଅଗ୍ନି ଭୀଷଣ ଆକାର ଧାରଣ କଲା । କୃଷ୍ଣ ଉତ୍‌ଫଣ ନାଗ ପ୍ରାୟ ଶିଖା-ଜିହ୍ୱା ଲହ ଲହ କରି ଗମ୍ଭୀର ଗର୍ଜ୍ଜନସହ ଶୂନ୍ୟକୁ ଘନ ଘନ ଚାଟିବାକୁ ଲାଗିଲା । ଦଗ୍ଧ ବାଉଁଶ ଗଣ୍ଠିର ଠେ ଠା ଶବ୍ଦରେ ଅଦ୍ଭୁତ ହୋଇ ନିକଟବର୍ତ୍ତୀ ଗ୍ରାମର ଅଧିବାସୀମାନେ ଆସି ଜୁଣ୍ଡ ହେଲେ । କାହାରି ଆପଦ ବିପଦ ହେଲେ ପଲ୍ଲୀବାସୀ ସମସ୍ତେ ଆସି ତାହାକୁ ସାହାଯ୍ୟ କରନ୍ତି । ଯେତେ-ବେଳେ ଶତ୍ରୁ ସ୍ୱୟଂ ଶତ୍ରୁତା ଭୁଲି ବିପନ୍ନ ଶତ୍ରୁକୁ ଅନୁଗ୍ରହର ପାତ୍ର ମଣେ । ଏହି ଅନୁକମ୍ପା, ସହାନୁଭୂତି ଏବଂ ସମଦର୍ଶିତା କେବଳ ପଲ୍ଲୀ ପ୍ରାଣରେ ସୁଲଭ । ସାହରିକ ସଭ୍ୟ ଜୀବନକୁ ଏହା ସ୍ପର୍ଶ କରେ ନାହିଁ । ଯେଉଁଠାରେ ପ୍ରତିବେଶୀ ପ୍ରତିବେଶୀ ମଧ୍ୟରେ ପରିଚୟ ନାହିଁ, ସେଠାରେ ଏକପ୍ରାଣତା କାହୁଁ ଆସିବ ? ଅଗ୍ନି ନିର୍ବାଣର ଯଥେଷ୍ଟ ଚେଷ୍ଟା ହେଲା; ମାତ୍ର ଆଶାନୁରୂପ ଫଳ ହେଲା ନାହିଁ । ସେ ସମୟରେ ପବନ ଏରୂପ ପ୍ରବଳ ହେଲା ଯେ, ଅଗ୍ନିର ଉତ୍ତାପରେ ଶତହସ୍ତ ଦୂରରେ ସୁଦ୍ଧା ତିଷ୍ଠିବା କଷ୍ଟକର ହେଲା । ତଥାପି ଲୋକେ ହାଣ୍ଡି କଳସୀରେ ପାଣି ଆଣି ଦୂରରୁ ଥାଇ ନିକ୍ଷେପ କଲେ । ଚିର କ୍ଷୁଧାତୁର ସର୍ବଗ୍ରାସୀ ଅନଳର କି ତୃପ୍ତି ଅଛି ! ଯେତେ ଖାଇଲେ ସୁଦ୍ଧା ତାହାର କ୍ଷୁଧା ନିବୃତ୍ତ ହୁଏ ନାହିଁ । ଏହି ବିଶ୍ୱ-ବିଧ୍ୱଂସୀ ବୈଶ୍ୱାନର ମହାପ୍ରକୃତିର ଗୋଟିଏ ଶକ୍ତି । ତାଙ୍କର ଏହିପରି ଅନନ୍ତ ଶକ୍ତି ଅଛି । ଯାହାର ଗୋଟିଏ ଶକ୍ତି ମୁହୂର୍ତ୍ତକରେ କୋଟିଏ ବ୍ରହ୍ମାଣ୍ଡ ଗ୍ରାସ କରିପାରେ, ତାହାର ସମସ୍ତ ଶକ୍ତି କେତେ ପ୍ରବଳ, ଏହା ଚିନ୍ତା କଲେ ମସ୍ତିଷ୍କ ଝାଏଁ ଝାଏଁ ହୋଇଯାଏ । ହାୟ, ସେହି ମହାଶକ୍ତିମତୀଙ୍କ ସନ୍ତାନ ହୋଇ ମାନବ କି ହୀନଶକ୍ତି ! ଦେଖୁଁ ଦେଖୁଁ ଶୋଇବା ଘରେ ନିଆଁ ଲାଗିଲା । ଦ୍ୱାରର ସମ୍ମୁଖସ୍ଥ ଚାଳ ଭୁ-ଭୁ ହୋଇ ଜଳି-ଉଠିଲା । ଉଷା "ଆତ୍ମାନଂ ସତତଂ ରକ୍ଷେତ୍" ନୀତି ଧରି ଆଗରୁ ବାହାରି ଆସିଥିଲେ; ମାତ୍ର ଦାସେ ବାହାରି ପାରି ନାହାନ୍ତି । ମୁଣ୍ଡ ଉପରେ ଜ୍ୱଳନ୍ତ ଅନଳ, ଘର-ଭିତର ଧୂଆଁରେ ଅନ୍ଧକାରମୟ, ଏରୂପ ଅବସ୍ଥାରେ ଘରେ ପଶି ତାଙ୍କୁ ଆଣିବ କିଏ ? ତେବେ ସୁଦ୍ଧା ଲୁଗା-ପଟା ଭିଡ଼ି କେହି କେହି ଦ୍ୱାର ପର୍ଯ୍ୟନ୍ତ ଅଗ୍ରସର ହେଲେ; ମାତ୍ର ଘର ଭିତରକୁ ପଶିବାକୁ କାହାରି ବହପ ଜୁଟିଲା ନାହିଁ । ଉଷା କାନ୍ଦି କାନ୍ଦି କଟା କୁକୁଡ଼ା ପରି ଭୂଇଁରେ

ପଡ଼ି ଛଟପଟ ହେବାକୁ ଲାଗିଲେ—ଆତୁର ହୋଇ ଚିତ୍କାର କଲେ; ମାତ୍ର ଜ୍ୱଳନ୍ତ ଅନଳ ମଧ୍ୟରେ ପଶି ଜନକନନ୍ଦିନୀ ସୀତାଙ୍କ ସତୀ-କାନ୍ତିର ଅଂଶଭାଗିନୀ ହେବାକୁ ସାହସିନୀ ହେଲେ ନାହିଁ। ପ୍ରାଣର ମମତା କାହାର ନାହିଁ, ପ୍ରାଣ ଆଗରେ ପତି, ପୁତ୍ର, ଆତ୍ମୀୟ କେହି କିଛି ନୁହେଁ। ଜନନୀ ସନ୍ତାନଗତପ୍ରାଣା; ମାତ୍ର ସନ୍ତାନର ମୃତ୍ୟୁରେ କେତେ ଜଣ ଜନନୀ ମରିଯାଆନ୍ତି? ଉପସ୍ଥିତ ଜନମଣ୍ଡଳୀ ସମସ୍ତେ ହାହାକାର କରୁଅଛନ୍ତି; ମାତ୍ର ଦାସଙ୍କୁ ଆସନ୍ନ ମୃତ୍ୟୁକବଳରୁ ଉଦ୍ଧାର କରିବାକୁ କେହି ସାହସୀ ହୋଇ ପାରୁନାହାନ୍ତି। ସମସ୍ତେ ଛନିପିଲା ପରି କଅଁଳୁ ଚାହିଁ ରହିଅଛନ୍ତି। ଏହି ସମୟରେ ଜଣେ ଅସୀମ ସାହସିକ ଯୁବକ ଦୁଇ ପଟ ସଦ୍ୟସିକ୍ତ ଅଖାରେ ଶରୀର ଏବଂ ମସ୍ତକ ଆବୃତ କରି କ୍ରୁତଗତିରେ ଆସି ଉପସ୍ଥିତ ହେଲା। ସମସ୍ତେ ବିସ୍ମୟ-ବିମୁଗ୍ଧନେତ୍ରରେ ତାହାକୁ ଅନାଇ ରହିଲେ। ଯୁବକ ଏକ ଲମ୍ଫରେ ଘର ଭିତରେ ପଶି ମୂର୍ଚ୍ଛିତ ଦାସଙ୍କୁ କାଖରେ ଯାକି ଧରି ପୁଣି ଏକ ଲମ୍ଫରେ ଆସି ବାହାରେ ଠିଆହେଲା। ତାହା ଦେଖି ସମସ୍ତଙ୍କ ମନରୁ ଗୋଟାଏ ଦୁର୍ଦ୍ଦୈବର ଆଶଙ୍କା ଦୂର ହୋଇଗଲା। ଅନେକଙ୍କ ମୁଖରେ ଆନନ୍ଦର ରେଖାପାତ ହେଲା। ଚାରି ଆଡ଼ୁ ଯୁବକ ଉପରେ ଧନ୍ୟ ଧନ୍ୟ ଶବ୍ଦ ବୃଷ୍ଟି ହେବାକୁ ଲାଗିଲା। କେହି ଯୁବକର ଗୁଣର ପ୍ରଶଂସା କଲା—କେହି ସାହସର ପ୍ରଶଂସା କଲା—କେହି ବା ବଳର ପ୍ରଶଂସା କଲା। କେହି କହିଲା—ସାହସ ନ ଥିଲେ ଦେହରେ ଭୀମର ବଳ ଥାଇ କଅଣ ହେବ? କେହି କହିଲା—ବଳ ଥିଲେ ସିନା ସାହସ ବାନ୍ଧିବ। କେହି କହିଲା—ହୃଦୟରେ ଦୟା ମାୟା ନ ଥିଲେ ବଳ ସାହସରେ ବା କଅଣ ହେବ? ଏହିପରି ନାନା ବାଦ ପ୍ରତିବାଦ ହେବାକୁ ଲାଗିଲା। ପାଠକ, ଏହି ପରୋପକାରୀ ମହାପ୍ରାଣ ଯୁବକକୁ ଚିହ୍ନିପାରିଲେ କି? ଏ ସେହି ଆପଣମାନଙ୍କର ପୂର୍ବପରିଚିତ ରାମଚନ୍ଦ୍ର ଦାସ। ସେ ନିଜ ପ୍ରାଣର ମାୟା ତ୍ୟାଗ କରି ଦାସଙ୍କର ପ୍ରାଣ ରକ୍ଷା କଲା। ନିଜର ଅର୍ଦ୍ଧାଙ୍ଗୀ ସହଧର୍ମିଣୀ ଯାହା କରି ନ ପାରିଲା, ଜଣେ ପର ତାହା କଲା। ବିଚିତ୍ର ସଂସାରରେ ମାନବ ପ୍ରକୃତି ବିଚିତ୍ର!

ଉପସ୍ଥିତ ଜନମଣ୍ଡଳୀ ମଧ୍ୟରୁ କେହି ଦାସଙ୍କୁ ବାହୁ ଠେସ ଦେଇ ବସାଇଲା—କେହି ମୁହଁରେ ପାଣିଛିଟା ଦେଲା। କେତେ ଜଣ ଗାମୁଛାରେ ଚାରି ଆଡ଼ୁ ବିଞ୍ଚିଲେ। କିଛିକ୍ଷଣ ପରେ ଦାସଙ୍କର ଚେତନା ଫେରି ଆସିଲା। ସେ ନେତ୍ର ଫେଡ଼ି ଚାହିଁ ସଙ୍କେତରେ ଜଳପାନର ଇଚ୍ଛା ପ୍ରକାଶ କଲେ। କିଛି ଜଳପାନ ପରେ ଗୋଟାଏ ବେଦନାଭରା ଦୀର୍ଘଶ୍ୱାସ ଛାଡ଼ି କହିଲେ—ମୋତେ ଏଠିକି କିଏ ଆଣିଲା? ଜଣେ କହିଲା—ରାମଚନ୍ଦ୍ର। ଦାସେ ଏହି ଭୀଷଣ ଶୁଭସମ୍ବାଦରେ ଚମକି ଉଠି କହିଲେ—"ଏଁ, ରାମ!" କଥା ସଙ୍ଗେ ସଙ୍ଗେ ଗୋଟାଏ ତୀବ୍ର ଉତ୍ତେଜନା ବାହାରି ଆସିଲା। ମସ୍ତିଷ୍କ ଦୁର୍ବଳ, ଏତେ ଉତ୍ତେଜନା ସେ ସହିବ କିପରି? ଦାସେ ପୁନଶ୍ଚ ମୂର୍ଚ୍ଛିତ ହୋଇ ପଡ଼ିଲେ। ଏଥିମଧ୍ୟରେ ରାମର ଆଉ ଅଧ୍ୟାଏ ପ୍ରଶଂସା କୀର୍ତ୍ତିତ ହୋଇଗଲା। ତାହା ଶୁଣି ଉଷାଙ୍କର ମୁଖ ଲଜ୍ଜାରେ ପାଣ୍ଡୁରତା ଭଜିଲା; ମାତ୍ର ସେ ନିଜ ଭାବ ଲୁଚାଇବା ପାଇଁ ପାଣ୍ଡୁର ମୁଖକୁ ଜୋରପୂର୍ବକ ପ୍ରଫୁଲ୍ଲତା ଟାଣି ଆଣି ଖେଦମିଶ୍ରିତ ଉଦାସ ସ୍ୱରରେ କହିଲେ—"ହାୟ! ପୂର୍ବ ଜନ୍ମରେ ସେ ମୋର ପୁଅ ଥିଲା।" କିଏ ଜଣେ ଦୁଷ୍ଟ ଲୋକ ଏହା ଶୁଣି ପଛଆଡ଼ୁ ବିକୃତ ସ୍ୱର ଭଙ୍ଗୀରେ କହିଲା—"ହଁ, ତୁ ତାର ସ୍ନେହବତୀ ମା ଥିଲୁ, ସେଥିଲାଗି ଏ ଜନ୍ମରେ ଘରୁ ଗାଡ଼ିଦେଲୁ!" ଉଷା ଏହା ଶୁଣିଲେ; ମାତ୍ର ନ ଶୁଣିଲା ପରି କିଛି କହିଲେ ନାହିଁ। କହିବାର ସେ ସମୟ ନୁହେଁ, ବୁଦ୍ଧିମତୀ ଉଷା ଏହା ବୁଝି ନୀରବ ରହିଲେ। ନଚେତ୍ ଉଷାଙ୍କୁ ନୀରବ କରି ରଖିବା ଭଳି ପାତ୍ର ସେ କାଳରେ ଅନ୍ତତଃ ପ୍ରିୟପୁରର ଚତୁଃପାର୍ଶ୍ୱବର୍ତ୍ତୀ ଦଶଖଣ୍ଡି ଗ୍ରାମରେ କେହି ଜନ୍ମଗ୍ରହଣ କରି ନ ଥିଲେ। ସେ ଯାହାହେଉ, ଦୁଷ୍ଟ ଲୋକଟାର ଏଭଳି କଥା କହିବା ଉଚିତ ହୋଇ ନାହିଁ। କଥା କହିବାର କି କାଳାକାଳ ବିଚାର ନାହିଁ? ବିପଦବେଳେ ମର୍ମଭେଦୀ କଥା କହିଲେ ବିପନ୍ନର ପ୍ରାଣକୁ ବଡ଼ ବାଧେ। ସେ ଦୁଷ୍ଟ ଦୁର୍ଭାଷୀ ଲୋକଟା ବଞ୍ଚିଥାଉ ବା ମରି ପୁନର୍ଜନ୍ମ ଗ୍ରହଣ କରିଥାଉ, ତାକୁ ସାମାଜିକ ଦଣ୍ଡରେ ଦଣ୍ଡିତ କରିବା ସମାଜପତିମାନଙ୍କ ସହସ୍ର କର୍ମସତ୍ତ୍ୱେ ସର୍ବାଗ୍ରେ ଅବଶ୍ୟ କର୍ତ୍ତବ୍ୟ।

ଘଣ୍ଟାକ ପରେ ଦାସଙ୍କର ପୁଣି ମୂର୍ଚ୍ଛାଭଙ୍ଗ ହେଲା । ସେ ଉଠି ବସି କହିଲେ—"ଓଃ, କି କୁସ୍ୱପ୍ନଟାଏ ଦେଖିଲି ! ରାମ, ରାମ, ହରେକୃଷ୍ଣ, ରାଧେକୃଷ୍ଣ । ସ୍ୱପ୍ନ ଦେଖିଲି—"ଆମ ଘର ପୋଡ଼ିଗଲା, ସୁନ୍ଦରୀମା ପୋଡ଼ି ମଲେ, ମୁଁ ଖୁବ୍ କାନ୍ଦିବାକୁ ଚେଷ୍ଟା କଲି; ମାତ୍ର କାନ୍ଦି ପାରିଲି ନାହିଁ । ସେହି କାନ୍ଦଣାଟା ମୋ କଣ୍ଠରେ ଅଟକିଗଲା, ମୁଁ ଧଇଁସଇଁ ହେବାରୁ ନିଦ ଭାଙ୍ଗିଗଲା ।" ଆକସ୍ମିକ ବିପଦରେ ଦାସଙ୍କ ମସ୍ତିଷ୍କର ଯନ୍ତ୍ରମାନ ବିଶୃଙ୍ଖଳ ହୋଇ ଯାଇଅଛି; ତେଣୁ ସେ ସତ୍ୟକୁ ସ୍ୱପ୍ନ ବୋଲି ସ୍ଥିର କରିଅଛନ୍ତି । ଜନମଣ୍ଡଳୀ ମଧ୍ୟରୁ କେହି କହିଲା—"ଦାସେ ପାଗଳ ହୋଇଯିବେ ।" କେହି କହିଲା—ଗୋଟିଏ ପଇସା ଯାହାର ମା' ବାପ, ଏତେ ବଡ଼ କ୍ଷତିରେ ସେ ପାଗଳ ନ ହୋଇ ଆଉ କଅଣ ହେବ ? ଦାସେ ନାନା ପ୍ରକାର ପ୍ରଳାପ କରିବାକୁ ଲାଗିଲେ । ତହୁଁ ଚାରି ଜଣ ଲୋକ ତାଙ୍କୁ ଟେକି ନେଇ ଜଣେ ପ୍ରତିବେଶୀର ଦାଣ୍ଡ ମେଲିରେ ଶୁଆଇଦେଲେ । ଉଷା ସାଶ୍ରୁନୟନରେ ସ୍ୱାମୀଙ୍କ ଶୁଶ୍ରୂଷାରେ ନିଯୁକ୍ତ ହେଲେ । ଅନନ୍ତର ଘରପୋଡ଼ିର ମୂଳତତ୍ତ୍ୱ ଅନୁସନ୍ଧାନ ଲାଗିଲା । ଉଷା କହିଲେ—"ଘରେ ଧୂଆଁ ବେଶି ହେବାରୁ ମୁଁ ନିଆଁ ଉହ୍ନେଇଟା ଆଣି ପିଣ୍ଡାରେ ରଖିଦେଇ ଗଲି । ପିଣ୍ଡା ଚାଳରେ ଖଣ୍ଡେ ଲୁଗା ଟଙ୍ଗା ହୋଇଥିଲା । ସେହି ଲୁଗା ଫିଟି ଉହ୍ନେଇରେ ପଡ଼ି ନିଆଁ ଉପରକୁ ଉଠିଗଲା, କି କେହି ଜାଣିଶୁଣି ଦୁସ୍‌ମନ୍ ଲଗାଇଦେଲା, ତାହା ଯେ ଅନୁମାନ କରୁଛି, ସେହି ଜାଣେ ।" ଅନୁମାନ କରିବା ଲୋକ ଯାହା ଜାଣୁ; ମାତ୍ର ଉପସ୍ଥିତ ଜନମଣ୍ଡଳୀ ଜାଣିଲେ ଯେ, ପ୍ରଥମ କାରଣଟି ସତ୍ୟ; ନଚେତ୍ କେହି ଲଗାଇ ଦେଇଥିଲେ ବାହାର ପାଖରୁ ନିଆଁ ଲାଗି-ଥାଆନ୍ତା; କିନ୍ତୁ ପ୍ରଥମେ ଭିତରୁ ନିଆଁ ଲାଗିବାର ସମସ୍ତେ ଦେଖିଅଛନ୍ତି । ଘରପୋଡ଼ିରେ ଦାସଙ୍କର ପ୍ରାୟଶଃ ସର୍ବସ୍ୱ ନଷ୍ଟ ହେଲା । କଥାରେ କହନ୍ତି—"ଚୋର ପଛକେ ସାତ ଥର ନେଉ, ଥରେ ଘରପୋଡ଼ି ନ ହେଉ ।" ଘରପୋଡ଼ିରେ ଭାଗ୍ୟ ବିରୁଦ୍ଧ ହୋଇଯାଏ । ସେରୂପ ଦଣ୍ଡ ମହାଶତ୍ରୁ ପ୍ରତି ସୁଦ୍ଧା ବାଞ୍ଛନୀୟ ନୁହେଁ । ଘରପୋଡ଼ି ମୁହୂର୍ତ୍ତକ ମଧ୍ୟରେ ଅମୀରକୁ ଫକୀର କରିଦିଏ । ଦୀନ ଦରିଦ୍ରର ତ କଥା ହିଁ ନାହିଁ; ଘର-ପୋଡ଼ିରେ ସେମାନଙ୍କର ଜନ୍ମ ସରିଯାଏ । ଘରର ଚାଳ କଡ଼ି ଛିଡ଼ି ପଡ଼ିଲା, ନିଆଁର ତେଜ ଊଣା ହୋଇ ଆସିଲା । କାନ୍ଥଗୁଡ଼ାକ ମସ୍ତକହୀନ ପିଶାଚ ମୂର୍ତ୍ତି ପରି ଭୟଙ୍କର ଦିଶିଲା । ଗ୍ରାମବାସୀମାନେ ପାଣୀ ଢାଳି ନିଆଁ ଲିଭାଇ-ଦେଲେ । ଘରେ ଯାହା ଥିଲା, ସବୁ ପୋଡ଼ି ଛାରଖାର ହୋଇଯାଇଅଛି । କଂସା ପିତ୍ତଳର ବାସନ ତରଳି ମୁଣ୍ଡା ହୋଇଯାଇଅଛି, କେତେ ଅଧେ ତରଳି ବିକୃତ ଆକାର ଧାରଣ କରିଅଛି । ଟଙ୍କା ଏବଂ ସୁନାରୁପାର ଅଳଙ୍କାରମାନ ତରଳି ଏକାଠି ମିଶିଯାଇଅଛି । କେତେ ପୋଡ଼ି ଅଙ୍ଗାର ହୋଇଯାଇଅଛି । ତାହା ସବୁ ଦେଖିଲେ ଶତ୍ରୁର ହୃଦୟ ସୁଦ୍ଧା ସମବେଦନାରେ ତରଳି ହୋଇ ଅଶ୍ରୁ ରୂପରେ ବହିଯିବ ।

ବିପଦରେ ଧୈର୍ଯ୍ୟଧାରଣ କରି ହୁଏ ନାହିଁ; ମାତ୍ର ଅତି ବିପଦରେ ଦେହ କାଠ ହୋଇଯାଇ ଯେତେବେଳେ ଆଶା ନୈରାଶ୍ୟରେ ପରିଣତ ହୁଏ, ତେତେବେଳେ ଧୈର୍ଯ୍ୟ ଧରି ହୁଏ । ଯେଉଁ ପ୍ରକୃତି ଅଧୈର୍ଯ୍ୟ ଆନୟନ କରେ, ସେହି ପ୍ରକୃତି ସଂଯମ ଏବଂ ସାନ୍ତ୍ୱନା ମଧ୍ୟ ଆଣିଦିଏ । ଉଷା ଏପର୍ଯ୍ୟନ୍ତ ଧୈର୍ଯ୍ୟ ଧରିଥିଲେ; ମାତ୍ର ସ୍ୱାମୀଙ୍କର ଅବସ୍ଥା ଦେଖି ଆଉ ଧୈର୍ଯ୍ୟ ସମ୍ଭାଳି ପାରିଲେ ନାହିଁ । ତାଙ୍କର ଧୈର୍ଯ୍ୟର ବାନ୍ଧ ଭାଙ୍ଗିଗଲା । ସେ ଭେଁ ଭେଁ କରି ରଡ଼ି ପକାଇଲେ । ରାମ ଯେତେ-ବେଳେ ବିରୁଦ୍ଧ ବୃକ୍ଷରୁ ଦାସଙ୍କୁ ଘେନି ଆସିଲା, ତେତେବେଳେ ମେଞ୍ଚାଏ ନିଆଁ ଦାସଙ୍କ ପିଠିରେ ଖସି ପଡ଼ିଥିଲା । ମୂର୍ଚ୍ଛିତାବସ୍ଥାରେ ଦାସେ ତାହା ଜାଣି ପାରି ନାହାନ୍ତି । ପିଠିରେ ଗୋଟାଏ ଚାଳ ଆକାରରେ ଚମ ସିଝିଯାଇ ଫୋଟକା ହୋଇଯାଇଅଛି । ମୂର୍ଚ୍ଛାଭଙ୍ଗ ପରେ ଦାସେ ସେହି ଯନ୍ତ୍ରଣାରେ ଅସ୍ଥିର ହେଲେ । ବାପ ଲୋ, ମା' ଲୋ, ମରିଗଲି ଲୋ କହି ଉଚ୍ଚରେ ଚିତ୍କାର ଛାଡ଼ିଲେ । ଉଷା ସ୍ୱାମୀଙ୍କ ପିଠି ଦେଖି ତଳେ କୋଡ଼ିକରାଡ଼ି ହୋଇ କାନ୍ଦିବାକୁ ଲାଗିଲେ । ସମୟ ସମୟରେ ତାଙ୍କର ମୂର୍ଚ୍ଛା ହେବାର ଉପକ୍ରମ ହେଲା । ଗ୍ରାମବାସୀମାନେ ତାଙ୍କୁ ସାନ୍ତ୍ୱନା ଦେଲେ; ବୈଦ୍ୟ ଆଣାଇ ଦାସଙ୍କର ଚିକିତ୍ସା କଲେ । ବୈଦ୍ୟ ଫୋଟକାରେ ଶୀତଳ ପ୍ରଲେପ ଲଗାଇଦେଲା । ଯନ୍ତ୍ରଣା କିଅଁଟିଏ ଊଣା ପଡ଼ିଲା; ମାତ୍ର ଫୋଟକା ଫାଟିଯାଇ ଘା ହୋଇଗଲା । ଗ୍ରାମବାସୀମାନେ ଉଷାଙ୍କୁ ଏବଂ ଦାସଙ୍କୁ ଉପଯୁକ୍ତ ଗୃହରେ ରଖି ଯଥାସାଧ୍ୟ ଯତ୍ନ କରିବାକୁ ଲାଗିଲେ ।

## ଏକବିଂଶ ପରିଚ୍ଛେଦ

ଅସ୍ଥାୟୀ ସଂସାରରେ ସୁଖ, ଦୁଃଖ, ବିପଦ, ସମ୍ପଦ— ସବୁ ଅସ୍ଥାୟୀ । ବିଧାତା ଯାହାକୁ ବିପଦ ଦିଏ, ବିପଦ ସହିବାର ଶକ୍ତି ମଧ୍ୟ ତାହାକୁ ଦିଏ । ମନୁଷ୍ୟ ଦେହରେ ସବୁ ସହିଯାଏ—ବିପଦ ବି ସହିଯାଏ । ବିପଦ ସ୍ଥାୟୀ ହୋଇଥିଲେ, ମାନବପ୍ରାଣ ତିଷ୍ଠି ପାରନ୍ତା ନାହିଁ । ବିପଦ ଆସିବାବେଳେ ହାତୀ ପରି ହୋଇ ଆସେ ଏବଂ ଯିବାବେଳେ ପିମ୍ପୁଡ଼ି ପରି ହୋଇ ଯାଏ । ଦାସେ ଏବଂ ଉଷା ଧୈର୍ଯ୍ୟ ଧାରଣ କଲେଣି । ସଚ୍ଛିଦ୍ର ଘଟରୁ ବିନ୍ଦୁ ବିନ୍ଦୁ ହୋଇ ଜଳ ବାହାରିଲା ପରି ଉଭୟଙ୍କ ହୃଦୟରୁ ଅଧୈର୍ଯ୍ୟ ଅନ୍ତର ହୋଇଗଲାଣି । ଦାସଙ୍କର କ୍ଷତ ମଧ୍ୟ ଶୁଷ୍କ ହୋଇଗଲାଣି । ନୂତନ ଘର ପ୍ରସ୍ତୁତ ହୋଇ ସାରିଅଛି । ଦାସଙ୍କର ଆଉ କିଛି ଚିନ୍ତା ନାହିଁ—କେବଳ ଆଶଙ୍କା ଏତିକି ଯେ, ଘରପୋଡ଼ିରେ ଯେଉଁମାନଙ୍କର ଅଳଙ୍କାର ନଷ୍ଟ ହୋଇଗଲା, ସେମାନେ ଦୁଇ ଚୁଣ ଦାବୀ କରିବେ—ଦୁଷ୍ଟ ଲୋକେ ମୋକଦ୍ଦମା କରିବେ । ତାଙ୍କର ଏ ଆଶଙ୍କା ଅଚିର ଭବିଷ୍ୟତରେ ଫଳବତୀ ହୋଇଥିଲା । କେହି କେହି ମୋକଦ୍ଦମାର ଭୟ ଦେଖାଇ ଦୁଇ ଚୁଣ ଆଦାୟ କରିଥିଲେ ।

ରାମର ଉପକାର ଦାସ ଦମ୍ପତିଙ୍କ ହୃଦୟରେ ମୁଦ୍ରିତ ହୋଇ ଯାଇଅଛି । ଯାହା ପ୍ରତି ଏତେ ଉତ୍ପୀଡ଼ନ, ସେ ବାରମ୍ବାର ପ୍ରାଣ ରକ୍ଷା କଲା, ଏହି ଲଜ୍ଜା ଏବଂ ଅନୁଶୋଚନାରେ ଉଭୟଙ୍କ ହୃଦୟ ଦଗ୍ଧ ହେଉଅଛି । ବିପଦ ଏବଂ ବୟୋଧର୍ମରେ ଦର୍ପୀର ଔଦ୍ଧତ୍ୟ ଚୂର୍ଣ୍ଣ ହୋଇଯାଏ ଏବଂ ମନରେ ସଂଯମ ଆସେ । ଦାସଦମ୍ପତିଙ୍କର ତାହା ହିଁ ହୋଇଅଛି । ଏଣିକି ରାମ ପ୍ରତି ପୂର୍ବ ଘୃଣା ନାହିଁ । ବାତ୍ସଲ୍ୟ, କୃତଜ୍ଞତା ଘୃଣାର ଆସନରେ ଉପବିଷ୍ଟ । ଦିନେ ଉଷା ରାମାକୁ କୁଣ୍ଢାଇପକାଇ ଅଶ୍ରୁସଜଳନେତ୍ରରେ କହିଲେ—"ମୋ ବାପ, ମୋ ଧନ, ମୋ ଉପରେ ଆଉ ରାଗ ରଖିବୁ ନାହିଁ । ମୁଁ ତୋର ମା ପରି, ମା ଦୋଷ କି ପୁଅ ଧରେ ବାପ ? ମୋ ବୁଦ୍ଧିରେ ନିଆଁ ଲାଗିଲା, ମୁଁ ପୋଡ଼ାମୁହିଁ" ସେଦିନ ପଦେ କହିଦେଲି, ସେଥିଲାଗି ମନ ଯାହା ହେଉଛି, ତାହା ମୁଁ ଜାଣେ । ତୁ ମୋର ପ୍ରାଣଦାତା, ଆଜିଠାରୁ ତୁ ମୋର ପୁଅ, ମୋର ଦୋଷ କ୍ଷମା କର ବାପ !" ରାମ ହସି ହସି କହିଲା—"ନା, ମାଉସି, ତୁ ଦୁଃଖ କର ନା, ମୁଁ ତୋର ଦୋଷ ଧରି ନାହିଁ କି ରାଗି ନାହିଁ । ମୋର ସ୍ୱଭାବ ସେପରି ନୁହେଁ, ମୁଁ ତୋର ଉପକାର ଶୁଝି ପାରିବି ନାହିଁ । ତୁ ବାମ୍ଭୁଣୀ ପରି କଅଣରୁ ତାଏ ବକିଯାଉଛୁ, ମୁଁ ତାହା କିଛି ବୁଝିପାରୁ ନାହିଁ । ମୁଁ ଖାଲି ଉପକାରଟାଏ କରି ପକାଇଛି ଯେ, ତୁ ସେଥିଲାଗି ଏତେ ଲଘୁ ହେଉଛୁ !" ରାମ ଏହା କହି ହାସ୍ୟୋଜ୍ଜ୍ୱଳ ମୁଖରେ ପ୍ରସ୍ଥାନ କଲା ।

ପାପୀ ଅସ୍ୱୀକୃତ ପାପ ପାସୋରିଯାଇ ପାରେ; ମାତ୍ର ପାପ ପାପୀକୁ ପାସୋରି ପାରେ ନାହିଁ । ପାପସ୍ମୃତି କେବେ ମିଳାଇଯାଏ ନାହିଁ, ସମୟରେ ଫୁଟି ଉଠି ମନକୁ ଆକ୍ରାନ୍ତ କରେ ଏବଂ ନାନା ପ୍ରକାର ବିଭୀଷିକା ଦେଖାଏ । ମୃତ୍ୟୁ ପୂର୍ବରୁ କୃତପାପ ସକାଶେ ଅନେକଙ୍କୁ ଅନୁତାପ କରିବାର ଦେଖାଯାଏ । ଅନ୍ତିମ କାଳରେ ପାପପୁରୁଷ ଆସି ଦେଖାଦିଏ । ସେତେବେଳେ ପାପୀର ଅବସ୍ଥା ଦେଖି ଦୟା ଜାତ ହୁଏ । ଅସ୍ୱୀକୃତ ଉଲଗ୍ନ ପାପର ଭୀଷଣ ମୂର୍ତ୍ତି ସମ୍ମୁଖରେ ଦେଖି, ଦୀପ ଫୁଙ୍କିଦେଲେ ଘର ଯେପରି ଅନ୍ଧକାର ହୋଇଯାଏ, ପାପୀର ହୃଦୟ ଠିକ୍ ସେହିପରି ହୋଇଯାଏ । ଦାସଙ୍କର ବୟସ ଯଥେଷ୍ଟ ହୋଇଅଛି, ଚିତ୍ରଗୁପ୍ତ ଅଫିସରୁ ଉଆରଣ୍ଟ ବାହାରିବାକୁ ଆଉ ଅଧିକ ବିଳମ୍ବ ନାହିଁ । ଏଣିକି ଅସ୍ୱୀକୃତ କରଣୀମାନ ତାଙ୍କର ମନରେ ପଡ଼ୁଅଛି । ଦାସେ କିଛି ସେଗୁଡ଼ାକର ପେଟ ଧରି ସାଧ୍ୟସାଧନା କରୁନାହାନ୍ତି; ମାତ୍ର ସେହି ଦୁଷ୍ଟ ସ୍ମୃତିଗୁଡ଼ାକ ବଳେ ବଳେ ଆସି ତାଙ୍କୁ ବିବ୍ରତ କରୁଛନ୍ତି—ଘଉଡ଼ିଲେ ସୁଦ୍ଧା ଯାଉ ନାହାନ୍ତି । ଦାସେ କେବେ କାହାକୁ କପଟ ଠକାଇଅଛନ୍ତି—କାହାକୁ କପଟ ଫାନ୍ଦି ଦେଇଅଛନ୍ତି—କପଟ ବିଶ୍ୱାସରେ ବିଷ ମିଶାଇଅଛନ୍ତି, ସବୁ ଗୋଟି ଗୋଟି ହୋଇ ତାଙ୍କ ସ୍ମୃତିପଥରେ ପଥିକ ହେଉଅଛନ୍ତି । ସମସ୍ତ ସମୟରେ ହରି ପଟ୍ଟନାୟକଙ୍କର ଅଭିଶମ୍ପାତ ମନରେ ପଡ଼ିଯାଇ ଦେହ ଥରି ଉଠୁଅଛି । ଦିନରେ ଉଗ୍ର ସ୍ମୃତିଭୁଜଙ୍ଗିଣୀର ତୀବ୍ର ଦଂଶନ, ରାତିରେ ଦୁଃସ୍ୱପ୍ନର ବିଭୀଷଣ

କଣାଘାତ, ଦାସେ ତାହାର ଜ୍ୱାଳା କେତେ ସହିବେ ? ସ୍ୱୀୟକୃତ କର୍ମ ସହାଶେ ସେ ନିଜେ ଦାୟୀ, ସେ ଦାୟିତ୍ୱ ଅନ୍ୟ କାହାରି ମସ୍ତକରେ ଲଦିଦେଇ ଖଲାସ ହୋଇଯିବାର ଉପାୟ ନାହିଁ । ସେଥିପାଇଁ ଯଦି ତାଙ୍କୁ ଏକ ବିଷମ ସଙ୍କଟ ସ୍ଥାନରେ କୈଫିୟତ୍ ଦେବାକୁ ପଡ଼ିବ । ସେ କି କୈଫିୟତ୍ ଦେବେ, ତାଙ୍କ କୈଫିୟତ୍ କି ଏକଚୁଟିଆ ଚିତ୍ରଗୁପ୍ତର ମନକୁ ଆସିବ ? ସେ ତ ଗୋଟିଏ କଥା ଛାଡ଼ିବାର ପାତ୍ର ନୁହେଁ—ଖୋଳତାଡ଼ି ନଚେଇ ନଚେଇ ପଚାରିବ । ସେ ତ ଆଉ ଦାସଙ୍କଠାରୁ ଟଙ୍କା କରଜ ନେଇ ନାହିଁ ଯେ, ଚକ୍ଷୁଲଜ୍ଜା, ମୁଖଲଜ୍ଜା କରିବ ! ସେ ଯେଉଁପରି ଖରଗୁଣ୍ଡା, ତାହା ମୁହଁ ଉପରେ କିଏ କଥା କହିବାକୁ ବା ସାହସୀ ହେବ ? ଅବଧାନର ରୁଦ୍ରମୂର୍ତ୍ତି ଦେଖି ଚାଟଶାଳୀ ମୁହଁରୁ ସତ କଥା ବାହାରିପଡ଼ିଲା ପରି ତାହା ଆଗରେ ସତ କଥା ଆପେ ବାହାରିପଡ଼ିବ । ଯୁକ୍ତିତର୍କ ବା ଫନ୍ଦି ଫିକର ତ ତାହା ପାଖରେ ଚଳିବ ନାହିଁ, ପୁଣି ସତ ନ କହିଲେ ଦୁଇଗୁଣ ଦଣ୍ଡବିଧାନ କରିବ । କିଛି ନ କହି ମୌନ ହୋଇ ରହିଲେ ଥଟ୍ଟା ବିଦ୍ରୂପ କରିବ—ମର୍ମବିନ୍ଧା କଥା କହିବ । ସେ ଗୋଟାଏ ମହାପାତ୍ର; ଦୟା କ୍ଷମା ତ ବିଧାତା ତାହା କୋଷ୍ଠିରେ ଲେଖି ନାହିଁ । କାନ୍ଦି କାନ୍ଦି ତାହା ଗୋଡ଼ତଳେ ମୁଣ୍ଡ ପିଟିଦେଲେ ବି ସେ ଆଉ ନେତ୍ରରେ ଚାହିଁବ ନାହିଁ । ମୂଷା ଛିଙ୍କିଲେ କି କହିବ "ଚିରଞ୍ଜୀବୀ ହୋଇଥା" ବୋଲି ଆଶୀର୍ବାଦ କରିବ ! ତେବେ ଦାସଙ୍କର ପରକାଳ ଗତି କଅଣ ହେବ ? ସେ ଯେଉଁ ଆଡ଼କୁ ଚାହୁଁଅଛନ୍ତି, ସେଆଡ଼େ ଗଛରେ, ପତ୍ରରେ, ଆକାଶରେ, ବାୟୁରେ ତାଙ୍କର କୃତକର୍ମ ମୂର୍ତ୍ତି ଧରି ତାଙ୍କୁ ନିଷ୍ଠୁର ବ୍ୟଙ୍ଗ ବିଦ୍ରୂପ କରୁଅଛି । କିଏ ଯେପରି ତାଙ୍କ ହୃଦୟ ଭିତରେ ଥାଇ ତାଙ୍କ ପ୍ରତି ପ୍ରଚ୍ଛନ୍ନ ଶ୍ଳେଷୋକ୍ତି ପ୍ରୟୋଗପୂର୍ବକ କର୍ କର୍ ହୋଇ ହସି ଉଠୁଅଛି; ବେଳେ ବେଳେ ହାତତାଳି ଦେଇ ନାଚି ବୁଲୁଅଛି । କେବେ ବା ଚିତ୍କାର କରି କହୁଅଛି —"ଛି, ଛି, ଛି, ଛି ! କେତେ ଧନ ପାଇଁ କେତେ କଥା କଲୁ !" ଦାସେ ମୃଦୁ ସ୍ୱରେ କହୁଅଛନ୍ତି—"ହାୟ, ହାୟ ! ବାସ୍ତବରେ ମୁଁ କେତେ ଧନ ପାଇଁ କେତେ କଥା କଲି ! ମନୁଷ୍ୟ ଜୀବନ ଜଳବୁଦ୍ବୁଦ ପରି—ଏହି ଅଛି, ଏହି ନାହିଁ । ଏହିପରି ଆଖି ବୁଜିଲେ କେଉଁଠି କେହି ନାହିଁ—ସବୁ ଅନ୍ଧକାର । ତେବେ ଏତେ ଲୋକ କାହିଁକି—ପ୍ରତାରଣା କାହିଁକି—ସମ୍ପତ୍ତି ଉପାର୍ଜନ କାହିଁକି ? ସମ୍ପତ୍ତି ବା ମୋର କଅଣ ହେବ ? ମଲା ପରେ ପୁଣି ଆସି ଏହି ଘରେ ଜନ୍ମ ହୋଇ ତ ସମ୍ପତ୍ତି ଭୋଗ କରି ପାରିବି ନାହିଁ କିମ୍ବା ଯିବାବେଳେ ସଙ୍ଗରେ ନେଇଯାଇ ପାରିବି ନାହିଁ, ତେବେ ପରକୁ ପୀଡ଼ା ଦେଇ ସମ୍ପତ୍ତି ଅର୍ଜିଲି କାହା ଲାଗି ? ମୁଁ ମନୁଷ୍ୟ ହୋଇ ମନୁଷ୍ୟକୁ ପ୍ରବଞ୍ଚିତ କରିଅଛି—ମାନବପ୍ରାଣ ବହି ମାନବ ପ୍ରାଣରେ ଆଘାତ ଦେଇଅଛି—ମାନବ-ଶୋଣିତ ଶୋଷଣ କରିଅଛି—ମାନବ ନେତ୍ରରୁ ତପ୍ତାଶ୍ରୁ ବହାଇଅଛି । ମୁଁ ଆତ୍ମଦ୍ରୋହୀ, ମୁଁ ଆତ୍ମଘାତୀ, ମୋର ପାପର ପ୍ରାୟଶ୍ଚିତ୍ତ ନାହିଁ । ହାୟ, ପୂର୍ବରୁ ମୋର ଏ ବୁଦ୍ଧି ନ ହେଲା କାହିଁକି ? ମୁଁ ନିଜେ ମୋର ପରକାଳ ବିଷମୟ କରିଅଛି—ସ୍ୱଖାତ କୂପରେ ବୁଡ଼ି ମରିଅଛି । ନିଜକୁ ନିଜେ ପ୍ରତାରିତ କରିଅଛି, ବିପନ୍ନ କରିଅଛି—ଦୋଷ ଅନ୍ୟ କାହାର ନୁହେଁ, ମୋର । ହାୟ, ମୋର ଇହକାଳ ନଷ୍ଟ, ପରକାଳ ଅଗ୍ନିମୟ, ଶାନ୍ତିଲାଭର ତୃତୀୟ ସ୍ଥାନ ନାହିଁ । ମୁଁ ଏବେ ଗ୍ରହ-ନକ୍ଷତ୍ରଶୂନ୍ୟ ତରଙ୍ଗ-ଭୀଷଣ ଅକୂଳ ଜଳଧି ଗର୍ଭରେ ଭାସମାନ । ଜୀବନ ମୋ ପକ୍ଷରେ ବିଡ଼ମ୍ବନା, ମୃତ୍ୟୁ ମଧ୍ୟ ମଙ୍ଗଳଜନକ ନୁହେଁ ।" ଦାସେ ଆହାର ନିଦ୍ରା ତ୍ୟାଗ କରି ସବୁବେଳେ ଏହିପରି ଅନୁଶୋଚନାରେ ଦଗ୍ଧ ହେଉଅଛନ୍ତି । ଅନୁତାପର ଦାହିକା ଶକ୍ତି ଅତି ଅସହ୍ୟ ଏବଂ ମାରାତ୍ମକ । ତାହା ତୁଳନାରେ ପାର୍ଥିବ ଅନଳ ଖୁବ୍ ଶୀତଳ । ଅନଳରେ ଶରୀର ଦଗ୍ଧ ହୁଏ; ମାତ୍ର ଅନୁତାପରେ ଶରୀର ଥାଏ—କିନ୍ତୁ ମନ, ଆତ୍ମା, ହୃଦୟ ସବୁ ଭସ୍ମୀଭୂତ ହୋଇଯାଏ । ଅନୁତାପଠାରୁ ମୃତ୍ୟୁ କୋଟି ଗୁଣରେ ଶ୍ରେୟଃ । ଅନୁତାପ ଜୀବନ୍ତ ମୃତ୍ୟୁ । ମୃତ୍ୟୁରେ ଶୋକ, ତାପ, ଯନ୍ତ୍ରଣା ସବୁ ଶେଷ ହୋଇଯାଏ ଏବଂ ଅନୁତାପ ବଞ୍ଚାଇରଖି ତିଲତିଲ କରେ । ତାହାଠାରୁ ବଳି ଯନ୍ତ୍ରଣା ଆଉ ନାହିଁ । ଉଷା ସ୍ୱାମୀଙ୍କର ଏ ଭାବ ଦେଖି କହନ୍ତି—"ଆମେ ଅନ୍ୟକୁ ଦଗା ଦେଉଥିଲେ, ବିଧାତା ଏବେ ଆମକୁ ଦଗା ଦେଲା । ସେଥିପାଇ

ଦୁଃଖ କଲେ କଅଣ ହେବ ? ତାହା ତ ଆମର ବୋଇଲା ଗଛର ଫଳ, ଆମେ ଭୋଗ ନ କରି ଆଉ ତାହା କିଏ ଭୋଗ କରିବ ? ଦୋଷ ତମର ନୁହେଁ—ମୋର । ମୁଁ ପାପିଷ୍ଠା ତମକୁ ଉସ୍କାଇ ଏ ପାପ କରିଅଛି । ମୁଁ ବି କଷ୍ଟ ପାଉଛି; ଆଉ ତମେ ମୋର ସ୍ୱାମୀ, ମୋର ଗୁରୁ, ମୋର ଦେବତା, ତମକୁ ବି କଷ୍ଟ ଦେଉଛି । ଜାଣି ଶୁଣି ମୁଁ ଦେବତାଙ୍କୁ ଦୁଃଖ ଦେଇଛି, ଏ ପାପରେ ମହାନରକରେ ବି ମୋର ଠାବ ନାହିଁ । ସ୍ୱାମୀ କୁପଥ-ଗାମୀ ହେଲେ ତାଙ୍କୁ ସତ୍ ପଥକୁ ଟାଣିଆଣିବା ସ୍ତ୍ରୀର କର୍ତ୍ତବ୍ୟ; ମାତ୍ର ମୁଁ ତାହା ନ କରି ତମକୁ କୁପଥକୁ ଠେଲି ଦେଇଅଛି । ମୁଁ ସତୀର କାର୍ଯ୍ୟ କରି ନାହିଁ—ଲୋଭରେ ପଡ଼ି ପେତୁଣୀର କାର୍ଯ୍ୟ କରିଅଛି । ତମକୁ ପାପରେ ବୁଡ଼ାଇଲି, ମୁଁ ବି ପାପରେ ବୁଡ଼ିଲି । ମୋତେ ଧିକ୍, ମୋର ନାରୀଜନ୍ମକୁ ଶତ ଧିକ୍ ! ନାରୀର ପବିତ୍ର କର୍ତ୍ତବ୍ୟରେ ଜଳାଞ୍ଜଳି ଦେଇ ମୁଁ ନାରୀ ନାମକୁ କଳଙ୍କିତ କରିଅଛି; ଲୋଭରେ ଅନ୍ଧ ହୋଇ ମୁଁ ନିଜର ସ୍ୱାଭାବିକ ଧର୍ମ ଭୁଲିଯାଇଅଛି ।" ଦାସେ ଏବଂ ଉଷା ପ୍ରତ୍ୟହ ଏହିପରି ଅନୁତାପରେ ଦଗ୍ଧ ହେଉଅଛନ୍ତି ।

ମାନବ ପ୍ରକୃତି କି ବିଚିତ୍ର ! କାହାର ପ୍ରକୃତି କେବେ, କି ଭାବରେ ପରିବର୍ତ୍ତିତ ହେବ, ତାହା ବୁଝିବା ଅସାଧ୍ୟ । ସ୍ୱଭାବର ବିରୁଦ୍ଧ ବୁଦ୍ଧି ଘଟେ । ଅନେକ ମଧୁମକ୍ଷୀ-କୃପଣ ବ୍ୟକ୍ତି ହଠାତ୍ ମୁକ୍ତହସ୍ତ ହୋଇ ବଡ଼ ବଡ଼ କାର୍ଯ୍ୟ କରିଯାଆନ୍ତି । କେତେ ନଷ୍ଟାପର ଧାର୍ମିକ ପଞ୍ଚମକାରର ପୂଜକ ପାଲଟିଯାଆନ୍ତି । କେତେ ଚୋର ସାଧୁ ହୋଇ ଯାଆନ୍ତି । ପ୍ରକୃତିର ଏହି ପରିବର୍ତ୍ତନ ଅନେକଙ୍କ ଭାଗ୍ୟରେ ଘଟିବାର ଦେଖାଯାଏ । ଦିନେ ଉଷା କଥାପ୍ରସଙ୍ଗରେ ସ୍ୱାମୀଙ୍କୁ କହିଲେ—"ଆମର ତ କାଳ ଆସି ଶେଷ ହେବାକୁ ବସିଲା, କଥାରେ କହନ୍ତି—ଚଳିକାଳ ଷାଠିଏ । ତମର ଆସି ପାଖ ପାଖ ହୋଇଗଲା, ମୋର ବି ଆସି ପାଖ ପାଖ ହୋଇଗଲା । ବିଧାତା ତ ଆମ ଭାଗ୍ୟରେ ପୁତ୍ରସୁଖ ଲେଖିନାହିଁ । ତେବେ ଏ ସମ୍ପତ୍ତି ଅର୍ଜନ କାହା ଲାଗି ? ଆମେ ଭୋଗ କରି ନ ପାରିଲେ ପୁଣି ଆମ ପୁଅ ଭୋଗ କରିବ ବୋଲି ମନରେ ଗୋଟାଏ ଆନନ୍ଦ ଜାତ ହୁଅନ୍ତା । ସେ ସୁଖ ତ କପାଳରେ ନାହିଁ, ଖୋଜିଲେ କାହୁଁ-ମିଳିବ ? ମୋ ବିଚାରରେ ସମ୍ପତ୍ତିର କିଛି ଗୋଟାଏ ବିଳାସ କରି ଦେଇ କୌଣସି ତୀର୍ଥସ୍ଥାନରେ ଯାଇ ରହିବା ଭଲ । ତୀର୍ଥସ୍ଥାନରେ ମଲେ କାରଣ ଅଛି ବୋଲି କହନ୍ତି; ତମର ମନ ବି ଭଲ ହେବ । ତୀର୍ଥବାସରେ ଭୂତ ପ୍ରେତ ଛାଡ଼ିଯାଏ—କୁସ୍ୱପ୍ନ ବା କି ଛାର ! ତମ କୁସ୍ୱପ୍ନ ବି ଛାଡ଼ିଯିବ ।" ଦାସେ ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ଅତ୍ୟୁତ୍ସୁକ କହିଲେ—"ମୋର ବି ସେହି ଇଚ୍ଛା ସୁନ୍ଦୁରୀମା ! ତମେ କାଲେ ମନରେ କଅଣ କରିବ ବୋଲି ତମକୁ ତାହା କହି ନ ଥିଲି । ତୀର୍ଥରେ ମନ ପବିତ୍ର ହୁଏ—ପାପ କ୍ଷୟ ବି ହୁଏ । ତେବେ ସମ୍ପତ୍ତିର ବ୍ୟବସ୍ଥା କଅଣ କରିବ ?" ଉଷା କହିଲେ—"ଯାହାଙ୍କର ମାଲ ପୋତିଗଲା, ତମେ ଆଗେ ତାଙ୍କର ଟଙ୍କା ଶୁଝିଦିଅ, ତାହା ପରେ ସମ୍ପତ୍ତିର ବ୍ୟବସ୍ଥା କରିବ । ପୋତା ସୁନାରୁପାଗୁଡ଼ାକ ବିକିଦିଅ, ଯେଉଁ ଦଶ ହଜାର ଟଙ୍କା ମାଟି ଭିତରେ ପୋତା ହୋଇଅଛି, ତାକୁ ବାହାର କରି ଯାହା ମୋଟ ହେବ, ତାହା ସେଥିରୁ ନେଇ ଭରଣା କର ।" ଦାସେ ପତ୍ନୀଙ୍କ ପରାମର୍ଶାନୁସାରେ କାର୍ଯ୍ୟ କଲେ । ଦଗ୍ଧାବଶିଷ୍ଟ ସୁନା-ରୁପା ଯାହା ଥିଲା, ତାହା ବିକ୍ରୟ କରି ଦେଖାଗଲା, ସମସ୍ତ ପରିଶୋଧ କରିବାକୁ ଅନ୍ତତଃ ଦୁଇ ହଜାର ଟଙ୍କା ଆବଶ୍ୟକ । ତାହା ଗଚ୍ଛିତ ପୁଞ୍ଜିରୁ ଦିଆଗଲା । ଯାହାର ଯାହା ହେଲା, ସେ ତାହା ପାଇଲା । ଯେ ମୋକଦ୍ଦମାର ଭୟ ଦେଖାଇଲା, ସେ କିଛି ଅଧିକ ପାଇଲା । ଦାସେ ଅପରକୁ ମୋକଦ୍ଦମା କରିବାକୁ ପରାମର୍ଶ ଦେବାରେ ଧୁରନ୍ଧର; ମାତ୍ର ନିଜେ ମୋକଦ୍ଦମା କରିବାକୁ କିମ୍ବା ମୋକଦ୍ଦମା ଭିତରେ ରହିବାକୁ ବଡ଼ ଭୟ କରନ୍ତି । ତାଙ୍କ ପାଖରେ ଆଉ ଆଠ ହଜାର ଟଙ୍କା ଅଛି । ଉଷା କହିଲେ—"ଠାମାର ଟଙ୍କା ନ ଶୁଝିଲେ ଆମର ପାପକ୍ଷୟ ହେବ ନାହିଁ । ସେଥିଲାଗି ତାହା ବାପ ତମକୁ ସ୍ୱପ୍ନ ଦେଖାଉଛି । ତାହାର ତିନି ହଜାର ଟଙ୍କା, ଆଉ ହଜାରେ ବେଶି କରି ତାକୁ ଚାରି ହଜାର ଦିଅ । ନ ହେଲେ ସେ ଆର ଜନ୍ମରେ ଚାଣ୍ଡାଉପରେ ପଡ଼ି ହୋଇ ଆଦାୟ କରିବ । ଦୁଇ ହଜାର ଟଙ୍କା, ଘର ଆଉ ଜମିବାଡ଼ି ଯାହା ଅଛି, ତାହା ଝିଅକୁ ଦେଇଯାଅ । ଆଉ ଯେଉଁ ଦୁଇ ହଜାର ରହିଲା, ତାହା ଘେନି ଆମେ

ଯୁଗ୍ମ ଯା'ଇ କୌଣସି ମଠରେ ଆଶ୍ରୟ ନେବା ।" ଉଷାଙ୍କର ଏ ପ୍ରସ୍ତାବ ନତେଇ ଦାସଙ୍କର ମନୋନୀତ ହେଲା ।

ଦାସଙ୍କର ଉତ୍ତର ଶୁଣି ଗ୍ରାମବାସୀଏ ଚମତ୍କୃତ ହେଲେ । କେହି କହିଲା, ଏ ଗୋଟାଏ କୌତୁକ ନା କଅଣ ? କେହି କହିଲା—ଏହା ପ୍ରତାରଣା ପରି ବୋଧ ହେଉଛି । ଯେଉଁମାନେ ଦାସଙ୍କର ଉପସ୍ଥିତ ମନର ଅବସ୍ଥା ପରିଜ୍ଞାତ, ସେମାନେ କହିଲେ—ଏହା ପ୍ରକୃତ । ଏହିପରି କିଏ ବିଶ୍ୱାସ କଲା, ଆଉ କିଏ ବା ନ କଲା । ଏଣେ ଦାସଙ୍କର ତୀର୍ଥଯାତ୍ରାର ଦିନ ଧାର୍ଯ୍ୟ ହେଲା । ଦିନେ ଦାସେ ସ୍ୱାମକୁ ଡାକିଆଣି କହିଲେ—"ବାବା, ସାଆନ୍ତେ ବୃନ୍ଦାବନ ଯିବାବେଳେ ମୋ ପାଖରେ ତିନି ହଜାର ଟଙ୍କା ରଖିଯାଇଥିଲେ । ମୁଁ ସେହି ଟଙ୍କାରେ ମହାଜନୀ କରି ବଡ଼ ମହାଜନ ହୋଇଥିଲି । ପାପ ବୁଦ୍ଧି ହେତୁ ମୁଁ ତୋତେ କହି ନାହିଁ । ମୋ ପାପର ଦଣ୍ଡ ମୁଁ ଢେର ବେଶି ଭୋଗକଲିଣି । ଚୋରି, ଘର-ପୋଡ଼ି, ପୀଡ଼ା, ଅର୍ଥନାଶ, ମନସ୍ତାପ ସେହି ପାପର ଫଳ । ମୁଁ ତୋତେ ଆଉ ହଜାରେ ଅଧିକ ଦେଇ ଚାରି ହଜାର ଦେଉଛି, ତୁ ଏହା ନେଇ ମୋତେ ଋଣମୁକ୍ତ କର । ଏ ତୋ ବାପର ଟଙ୍କା, ତୁ ଏହାକୁ ନେଲେ ମୁଁ ଯାଇ ନିଶ୍ଚିନ୍ତ ହୋଇ ତୀର୍ଥସ୍ଥାନରେ ବସି ଦେବତା-ସେବାରେ ପ୍ରାଣ ଉତ୍ସର୍ଗ କରିବି ।" ସ୍ୱାମ ଏହା ବିଶ୍ୱାସସୂତ୍ରରେ ପୂର୍ବରୁ ଶୁଣିଥିଲା । ବର୍ତ୍ତମାନ ଦାସଙ୍କ ମୁଖରୁ ଶୁଣି ବିସ୍ମିତ ନ ହୋଇ ଶାନ୍ତ ଗମ୍ଭୀର ସ୍ୱରରେ କହିଲା—"ବାପ ଟଙ୍କା କି ପାପ ଟଙ୍କା, ତାହା ମୁଁ ଜାଣେ ନାହିଁ; ବାପ ବି ମୋତେ କହିଯାଇ ନାହାନ୍ତି । ତୁମ୍ଭେ ଯଦି କେବେ କହିନାହଁ । ମୁଁ ସେ ଅଂଶୀ ମାଲ କାହିଁକି ନେବି ?" ଶେଷ କଥାଟା କହି ପକାଇ ସ୍ୱାମ ବଡ଼ ଅପ୍ରତିଭ ହେଲା ଏବଂ ତାହା ଢାଙ୍କିବା ପାଇଁ ହଠାତ୍ ଅନ୍ୟ କଥାର ଅବତାରଣା କରି କହିଲା—"ବାପ ଯଦି ମୋତେ ସେଥିରୁ ବଞ୍ଚିତ କରି ଯାଇଅଛନ୍ତି, ତେବେ ମୋର ତାହା ନେବା ଉଚିତ ନୁହେଁ ।" ଦାସେ କହିଲେ—"ଟଙ୍କା କଥା ତୋତେ କହିବାକୁ ସାଆନ୍ତେ ମନା କରିଯାଇଥିଲେ । ତେବେ ତାଙ୍କ ମୃତ୍ୟୁ ପରେ ମୋର କହିବା ଉଚିତ ଥିଲା; ମାତ୍ର ଦୁଷ୍ଟ ପାପବୁଦ୍ଧି କହିବାକୁ ଦେଲା ନାହିଁ ।" ଉଷା ଦାସଙ୍କୁ ଆଉ କହିବାକୁ ଅବସର ନ ଦେଇ ସ୍ୱାମର ହାତ ଧରିପକାଇ ବିନୟ-କୋମଳ ବାଣୀରେ କହିଲେ—"ବାପ, ମୁଁ ଗୋଟିଏ କଥା କହିବି, ତୁ ଆମର ପୋଷ୍ୟପୁତ୍ର ହ; ଘର, ଦ୍ୱାର, ସମ୍ପତ୍ତି ଯାହା ଅଛି, ସବୁ ତୋତେ ଦେଇଯିବି । ତାହାହେଲେ ପରକାଳରେ ଆମର ପାଣି ଅଞ୍ଜୁଳାକର ଭରସା ରହିବ ।" ସ୍ୱାମ ଏହା ଶୁଣି ମନେ ମନେ ବିରକ୍ତ ହେଲା; ମାତ୍ର ମୁଖରେ ବା କଥାରେ ବିରକ୍ତି ଭାବ ପ୍ରକାଶ ନ କରି ଧୀର କଣ୍ଠରେ ସରଳ ଭାବରେ କହିଲା—"ତାହାହେଲେ ମୋର ପିତୃକୁଳର ପାଣି ଅଞ୍ଜୁଳାକର ଭରସା ଏକାବେଳକେ ବୁଡ଼ିବ ? ତାହା କପରି ହେବ ? ଟଙ୍କା ନେଇ ମୁଁ ଯାହା କରିବି, ତୁମ୍ଭେ ଯଦି ସେଥିରେ ଆପତ୍ତି ନ କରିବ, ତେବେ ମୁଁ ନେବାକୁ ପ୍ରସ୍ତୁତ ଅଛି । ମୁଁ ଯାହା କରିବି, ସେଥିରେ ତୁମ୍ଭର ପାଣି ଅଞ୍ଜୁଳାକର ଭରସା ରହିବ ।" ଉଷା ଏହା ଶୁଣି ଆନନ୍ଦିତ ହୋଇ କହିଲେ—"ତୋର ମାଲ, ତୁ ଯାହା କଲୁ, ଆମର ସେଥିରେ କହିବାର ଅଧିକାର କଅଣ ଅଛି ?" ଅନନ୍ତର ଘରୁ ଟଙ୍କା ଆଣି ସ୍ୱାମକୁ ଦେଲେ, ସ୍ୱାମ ତାହା ନେଇ ପ୍ରସ୍ଥାନ କଲା ।

ସ୍ୱାମ ଟଙ୍କା ନେଲା; ମାତ୍ର ଆତ୍ମସାତ୍ କରିବାକୁ ଇଚ୍ଛା କଲା ନାହିଁ । ସେ ମନେ ମନେ ଭାବିଲା, "ପିତାଙ୍କର ମୋତେ ଦେବାର ଇଚ୍ଛା ଥିଲେ ସେ ମୋତେ ଲୁଚାନ୍ତେ କାହିଁକି ? ଯାହା ପିତୃଦତ୍ତ ନୁହେଁ, ତାହା ଆତ୍ମସାତ୍ କରିବା ଅନୁଚିତ । ଏହି ଟଙ୍କାରେ ଦାସଙ୍କର ଦୁର୍ଗତି । ବୋଧହୁଏ ଟଙ୍କାର କିଛି ମୂଳ ଦୋଷ ଅଛି । ଅସଦୁପାୟରେ ଉପାର୍ଜିତ ଅର୍ଥ ବରଦାୟକ ହୁଏ ନାହିଁ । ପରମେଶ୍ୱର ତ ମୋର ଅଭାବ ରଖିନାହାନ୍ତି । ସୁତରାଂ ଅର୍ଥ ଲୋଭ ଭଲ ନୁହେଁ । ତେବେ ଏହି ଟଙ୍କାକୁ କୌଣସି ସତ୍କାର୍ଯ୍ୟରେ ଲଗାଇଲେ ସଦ୍‌ବ୍ୟବହାର ହେତୁ ଅର୍ଥ ଧନ୍ୟ ହୁଅନ୍ତା । ଗ୍ରାମର ଉନ୍ନତିକର କାର୍ଯ୍ୟରେ ଏହି ଅର୍ଥ ଉତ୍ସର୍ଗ କରିବି । ସକଳ ଉନ୍ନତିର ମୂଳ ଶିକ୍ଷା । ଗ୍ରାମରେ ଗୋଟିଏ ପାଠାଗାର ସ୍ଥାପିତ ହୋଇଅଛି ; ମାତ୍ର ଶିକ୍ଷିତ ସଂଖ୍ୟା ମୁଷ୍ଟିମେୟ । ପାଠକ ନ ଥିଲେ ପାଠାଗାର ଥାଇ କଅଣ ହେବ ? ବର୍ତ୍ତମାନ ପାଠକ ପ୍ରସ୍ତୁତ କରିବା ଆବଶ୍ୟକ । ଗ୍ରାମରେ ଶିକ୍ଷ

ବସ୍ତାର ଅପବ୍ୟୟ ଇମେସା ପରିଧି ମଧ୍ୟରେ ଆବଦ୍ଧ ! ଏହି ସ୍କୁଲଟିକୁ ମାଇନର ସ୍କୁଲ କଲେ ଆପାତତଃ ଶିକ୍ଷାର ଅଭିବୃଦ୍ଧି ହେବ । ଚାରି ହଜାର ଟଙ୍କାର ସୁଧରେ ଗୋଟିଏ ମାଇନର ସ୍କୁଲ ସୁନ୍ଦର ଚଳିପାରିବ ।” ସ୍ୱପ୍ନ ଏ ବିଷୟରେ ଗ୍ରାମବାସୀଙ୍କର ପରାମର୍ଶ ଲୋଡ଼ିଲା । ସମସ୍ତେ ସାଧୁ ସାଧୁ କହି ତାହାର ଅଦ୍ଭୁତ ସ୍ୱାର୍ଥତ୍ୟାଗ ଏବଂ ଦେଶ-ପ୍ରୀତିକୁ ଶତ ମୁଖରେ ପ୍ରଶଂସା କଲେ । ଯଥାସମୟରେ ସ୍କୁଲ ସ୍ଥାପିତ ହେଲା । ଦାସଙ୍କ ସ୍ମୃତି-ସ୍ୱରୂପ ତାହାର ନାମ ନିତ୍ୟାନନ୍ଦ ମାଇନର ସ୍କୁଲ ରଖାଗଲା ।

ଦାସେ ଝିଅ ନାମରେ ଘର ଏବଂ ଭୂମିବାଡ଼ୀ ରେଜେଷ୍ଟ୍ରୀ କରିଦେଇ ଓ ନଗଦ ଦୁଇ ହଜାର ଟଙ୍କା ଦେଇ ଅବଶିଷ୍ଟ ଦୁଇ ହଜାର ସମ୍ବଳ ଘେନି ସ୍ୱର୍ଗ ଯାତ୍ରା କଲେ । ଶେଷଜୀବନରେ ସେ ଗୋଟାଏ ସାଧୁ ଆଦର୍ଶ ଦେଖାଇଲେ । ଯାହାର ମନ୍ଦ ଗୁଣ ଥାଏ, ତାହାଠାରେ ଭଲ ଗୁଣ ସୁଦ୍ଧା କିଛି ଥାଏ । ଜଗତରେ ଏକାଧାରେ ଭଲ ବା ଏକାଧାରେ ମନ୍ଦ କିଛି ନାହିଁ । ଭଲରେ ମନ୍ଦ ଥାଏ, ମନ୍ଦରେ ସୁଦ୍ଧା ଭଲ ଥାଏ । ମନ୍ଦ ମନ୍ଦସ୍ୱରେ ଥାଏ, ଯେତେବେଳେ ଧର୍ମଭୟ ଆସେ, ସେତେ-ବେଳେ ମନ୍ଦରୁ ଭଲ ବାହାରିପଡ଼େ ।

## ଦ୍ୱାବିଂଶ ପରିଚ୍ଛେଦ

ହରି ପଟ୍ଟନାୟକ ପୋଷଣସ୍ଥ ମୋକଦ୍ଦମାରେ ସର୍ବୋଚ୍ଚ ବିଚାରାଳୟର ଜୟ-ପତ୍ର ମସ୍ତକରେ ବାନ୍ଧି ଯେତେବେଳେ ଆସି ଗୃହରେ ଉପସ୍ଥିତ ହେଲେ, ସେତେବେଳେ ସେ ଜୟଦୃପ୍ତ । ବିଜୟ-ଗୌରବ ତାଙ୍କ ମନକୁ ଏପରି ଆଚ୍ଛନ୍ନ କରିଅଛି ଯେ, ସେ ନିଜର ଅବସ୍ଥା ବିସ୍ମୃତ ହୋଇଅଛନ୍ତି । ସେ ଯେ ସର୍ବସ୍ୱାନ୍ତ ହୋଇଅଛନ୍ତି, ଏ କଥା ତାଙ୍କ ମନରେ ପ୍ରବେଶ କରୁ ନାହିଁ । ମୋକଦ୍ଦମାରେ ତାଙ୍କର ସର୍ବସ୍ୱ ଉଡ଼ିଯାଇଅଛି, ଜମିଦାରୀ ନେଇ ମଝି ନାଉରେ କଲାଣି, ତଥାପି ତାଙ୍କର ବିଶ୍ୱାସ—ସେ ସନ୍ତରଣ କରୁଅଛନ୍ତି । ଯେଉଁ ତିନଶ ଖେସାରତ ପାଇଥିଲେ, ଭୋଜିରେ ଏବଂ ବାଜାପାଲିରେ ସେଥିରୁ ଶଏ ଟଙ୍କା ଖର୍ଚ୍ଚ ହୋଇ ସାରିଅଛି । ଅବଶିଷ୍ଟ ଦୁଇଶ ରୁପାଚୁଡ଼ୀ ମୁକୁଳାଇବା ଉଦ୍ଦେଶ୍ୟରେ ଥିଲା, ତାହା ତ ହେଲା ନାହିଁ; ସୁତରାଂ ସେ ଟଙ୍କା ବି ଟୁଟୁର ଟୁଟୁର ସରିଲାଣି । ଏଣିକି ପଟ୍ଟନାୟକେ ଶୂନ୍ୟହାସ୍ୟ । ଅସାମୟିକ ଏକାଦଶୀ ଦାରିଦ୍ର୍ୟ-ବ୍ରତର ନିୟମ । ତାଙ୍କ ଅଦୃଷ୍ଟରେ ତାହା ବି ସଫଳ ହେଲାଣି ! ଦିନେ ଦାଣ୍ଡ ମେଲରେ ବସି କଅଣ ଆକାଶପାତାଳ ଭାବନାରେ ତନ୍ମୟ ଥିବାବେଳେ ଅନ୍ନପୂର୍ଣ୍ଣା ଘରୁ ବାହାରି ଆସି କହିଲେ—“ଆଜି କଅଣ ହେବ ?” ହରି ବାବୁଙ୍କ ପିଠିରେ ଯେପରି କିଏ ଜୋରରେ ଚାବୁକେ ପିଟିଦେଲା । ସେ ଚମକି ଉଠି ସ୍ତ୍ରୀଙ୍କ ମୁହଁକୁ ଅନାଇଦେଇ କହିଲେ, “ଏଁ, କଅଣ ?” ଉତ୍ତର କହିଲେ—“ବେଳ ଆସି ପହରେ କି ପାଞ୍ଚଘଡ଼ି ହେଲାଣି, ଏବେଯାଏଁ ଚୁଲିକି ଲେଞ୍ଜୁଅ ଯାଇ ନାହିଁ, ଆଉ କଅଣ ? ଘରେ ଚାଉଳ କି ପଇସାଏ କିଛି ନାହିଁ ।” ହରି ବାବୁ ଏହା ଶୁଣି ଖୁବ ସ୍ଫୁର୍ତ୍ତି ଦେଖାଇ କହିଲେ—“ହେଉ, ତେବେ ମୋ ଚାଦରଖଣ୍ଡ ଆଣ ।” ଅନ୍ନପୂର୍ଣ୍ଣା ଚାଦର ଆଣି ସ୍ୱାମୀଙ୍କ ହସ୍ତରେ ଦେଇ କାର୍ଯ୍ୟାନ୍ତରରେ ଚାଲିଗଲେ । ହରି ବାବୁ ଚାଦର ଖଣ୍ଡି ଦେହରେ ପକାଇ କେଉଁଠାକୁ ଯିବେ, କିଛି ସ୍ଥିର ନ'ହାନ୍ତି, କେବଳ କି ଗୋଟାଏ ଉତ୍ତେ-ଜନାରେ ଚାଦର ମାଗି ନେଲେ । ଏତେବେଳେ କେଉଁ-ଠାକୁ ଯାଇ କାହା ପାଖରେ ହାତ ପାତିବେ, ଏହା ଭାବିବାକୁ ଲାଗିଲେ; ମାତ୍ର ଯେଉଁ ଦିଗକୁ ଚାହିଁଲେ, ସେ ଦିଗ ରୁଦ୍ଧ । ବିକ୍ରୟ କରିବା ବା ବନ୍ଧକ ଦେବା ଭଳି କୌଣସି ପଦାର୍ଥ ତାଙ୍କର ନାହିଁ, କାହାଠାରୁ ହାତ ଉଧାର ମିଳିବାର ସୁଦ୍ଧା ଆଶା ନାହିଁ—ଦୋକାନୀମାନ-ଙ୍କର ବାକି ଅଛି, ସେ ଆଉ ବାକି ଦେବେ ନାହିଁ; ସୁତରାଂ ଆପାତତଃ କର୍ତ୍ତବ୍ୟ କଅଣ, ଏହା ହିଁ ଭାବୁ-ଅଛନ୍ତି, ଏହି ସମୟରେ ଦେଖିଲେ ତାଙ୍କ ଦାଣ୍ଡ ଆଗ ବାଟରେ ସଦେଇ ପାତ୍ରୀ ଯାଉଅଛନ୍ତି । ସଦେଇ ପ୍ରୌଢ଼ ବ୍ରାହ୍ମଣ, ବିଷୟବାନ ଏବଂ ପଟ୍ଟନାୟକଙ୍କ ମୋକଦ୍ଦମାର

ଅନ୍ୟତମ ପ୍ରବର୍ତ୍ତକ । ହରି ବାବୁ ତାଙ୍କୁ ଦୂରରୁ ପ୍ରଣାମ କରି କହିଲେ—"କି କକା, କୁଆଡେ ଯାଇଥିଲ ?" ପାତ୍ରୀ ଅଞ୍ଜଳିବସ୍ତ୍ରାରସୁର୍ବକ "ମାର୍କଣ୍ଡେୟ ପରମାୟୁ ଲାଭ କର—କୁବେର ସମ୍ପତ୍ତି ଲାଭ କର" ପ୍ରଭୃତି କେତେ ଅଘଟନୀୟ ଆଶୀର୍ବାଦ କରିଗଲେ ! ତହୁଁପରେ ଆସି ହରି ବାବୁଙ୍କ ପାଖରେ ବସିପଡି ଏଣ୍ଡୁଅ ପରି ମୁଣ୍ଡିତ ମସ୍ତକ ହଲାଇ ହଲାଇ କହିଲେ—"ବାପର ପୁଅ ଏକା ବାବାଜି ତମେ ! ଖୁବ୍ ଜିଣିଛ, ମୋକଦ୍ଦମାଟାକୁ ଠାଣି ଗୋଷାରି ଆଣିଲ । ବାଃ, ବାଃ, ନ ହେଲେ କି କରଣବଟା !" ହରି ବାବୁ ଆତ୍ମପ୍ରଶଂସା ଶୁଣି ମୁରୁକି ମୁରୁକି ହସିଲେ ଏବଂ ଗମ୍ଭୀର ହୋଇ କହିଲେ—"କିନ୍ତୁ ମୋକଦ୍ଦମାରେ ମୋର ସମ୍ପତ୍ତି ସରିଗଲା କକା !" ହରି ବାବୁ ପାତ୍ରୀଙ୍କୁ କକା ବୋଲି ଡାକନ୍ତି; ନିକର ଅନେକ ଭୂମି ତାଙ୍କୁ ବିକ୍ରୟ କରିଅଛନ୍ତି । ପାତ୍ରୀ କହିଲେ—"ଓଃ, ଯାଉ ବାପା ! ସମ୍ପତ୍ତି ବଡ ନା ମାନ ବଡ ? ମାନ ତ ରହିଲା ! କହନ୍ତି ପରା—'ଯାଉ ଜାନ୍, ଥାଉ ମାନ୍ ।' ଜୀବନ ପଛେ ଯାଉ, ମାନ ଥାଉ; ସମ୍ପତ୍ତି ବା କି ଛାର ! କିଏ ସବୁଦିନେ ସମ୍ପତ୍ତି ଘେନି ବସିଛି ? ଅଚ୍ଛା ବାବାଜି, ମୋକଦ୍ଦମାରେ ସବୁ କେତେ ଟଙ୍କା ଖର୍ଚ୍ଚ ହେଲା ?" ହରି ବାବୁ କହିଲେ—"ସବୁ ଲେଖି ରଖିଛି । ସେ ଦିନ ମେଟ କଲି ଯେ, ହେଲା ଚଉଦଶ ପଞ୍ଚାନବେ ଟଙ୍କା ତେର ଅଣା ତିନି ପଇସା ଅଧଲେ ।" ପାତ୍ରୀ ବିସ୍ମୟମିଶା ହାସ୍ୟରେ କହିଲେ—"ହେଉ, ସେ ହେଲାହେଲା ସହିତ ପନ୍ଦରଶ ହେଲା; କିନ୍ତୁ ବାବାଜି, ତମେ ବଡ ବାହାଦୁର, ଏ ମୋକଦ୍ଦମା ପଚାଶ ଶହରେ କି ମୁଣ୍ଡି ଲାଗନ୍ତା ନାହିଁ ! ତମେ ବୋଲି ଏତେ ଅଳ୍ପ ଖର୍ଚ୍ଚରେ ହାଇକୋର୍ଟରୁ ମୋକଦ୍ଦମା ଜିଣି ଆଣିଲ । ଆଉ କେହି ହୋଇଥିଲେ ତାହାର ସାଧ୍ୟ କଅଣ ? ଯାହାହେଉ, ତମେ ଗୋଟାଏ ଖାଣ୍ଟି ରଖିଲ—ନାମ କି ରଖିଲ ।" ହରି ବାବୁ କହିଲେ—"ମୁଁ ଏବେହିଁ ତମ ଜଣିକି ବାହାରିଥିଲି କକା, ଗୋଟାଏ ଟଙ୍କା ଦରକାର ଅଛି । ଉଧାର ଦେଇଥାଅ, ତିନି ଚାରି ଦିନ ଭିତରେ ଶୁଝି-ଦେବି ।" ପାତ୍ରୀ ଟିକିଏ କୃତ୍ରିମ ଦୁଃଖ ପ୍ରକାଶ କରି ମୃଦୁ ସ୍ୱରରେ କହିଲେ—"ଟଙ୍କା ?" ସକାଳୁ କହିଥିଲେ ଦେଇଥାଆନ୍ତି ବାପା ! ଟଙ୍କା ଥିଲା ଯେ, ଗୋପିଆ ପୁଅର ଆଜ କାନଫୋଡା, ସେ ସକାଳୁ ଆସି ବସିଲା; କହିଲା ପାଞ୍ଚଟା ଟଙ୍କା ନ ଦେଲେ କର୍ମ ବନ୍ଦ । ଜାଣ ତ ବାପ ତମେ—ମୁଁ କାହାରି କଥା ଏଡିପାରେ ନାହିଁ । କଅଣ କରିବି, ତାକୁ ପାଞ୍ଚ ଟଙ୍କା ଦେଲି । ଆଉ ଗୋଟାଏ ପଇସା ପଡିଲା କି ପାଖରେ ନାହିଁ । ହାୟ, ହାୟ, କେଡେ କଥା ହେଲା, ତମେ ଅକାରଣ ମୁହଁ ହସାଇଲ ! ଦୁଇ ତିନି ଦିନ ପରେ ହେଲେ ନିଶ୍ଚେ ଦିଅନ୍ତି ।" ପାତ୍ରୀ ଏହା କହି ଆଉ ଅପେକ୍ଷା ନ କରି ଉଠିଗଲେ । ହରି ବାବୁ ଆଉ କିଛି କହିଲେ ନାହିଁ; ମନେ ମନେ ଭାବିଲେ—"ମୋହୋର ବୟସ ନେଇ ଏ ଲୋକଟା ବଞ୍ଚିଛି; ବେଳେ ବେଳେ ଟଙ୍କାଟାଏ ଉଧାର ମାଗିଲେ ପାଞ୍ଚ ଟଙ୍କା ଦେଇ ପକାଉଥିଲା, ଆଜ ଗୋଟାଏ ଟଙ୍କା ଲାଗି ଏତେ ଅବିଶ୍ୱାସ—ଏତେ ଚାତୁରୀ—ପୁଣି ଏତେ କପଟ-ଦୁଃଖ ପ୍ରକାଶ ! କାଲେ ମୁଁ ଆଉ କିଛି କହିବି, ଏହି ଭୟରେ ତରତର ହୋଇ ଉଠି ଚାଲିଗଲା । ଧନ୍ୟ ମନୁଷ୍ୟ ପ୍ରକୃତି ! ବିଷୟ ଥିବାବେଳେ ସମସ୍ତେ ବନ୍ଧୁ । ଏଭଳି ଲୋକେ ଖାଲି ମୁଖମାଧୁରୀ ପ୍ରକାଶରେ ପଟୁ; ମାତ୍ର ଦୟା ବା ସହାନୁଭୂତି ପଦାର୍ଥଟା ହୃଦୟରେ ନାହିଁ । ମୋର ବଡ ଭୁଲ ହେଲା, ମୁଁ ନ ବୁଝି ନ ଶୁଣି ଏଭଳି ପାଷଣ୍ଡଟା ପାଖରେ ଭିକ୍ଷା କରିଲି; ବରଂ ନୀରବରେ ଉପବାସ ରହିବା ଭଲ; ମାତ୍ର ଏମାନଙ୍କୁ ଧାର ଉଧାର ମାଗିବା ମୂର୍ଖତା ବ୍ୟତୀତ ଆଉ କିଛି ନୁହେଁ ।" ହରି ବାବୁ ଏହିପରି ଅନୁତାପ କରୁଅଛନ୍ତି, ଏହି ସମୟରେ ଡାକ ପିଅନ ଆସି କହିଲା—"ବାବୁ, ତମର ଦଶ ଟଙ୍କାର ଗୋଟାଏ ମନିଅର୍ଡର ଅଛି ।" ଏହା କହି ଫାରମ ବାହାର କରି ଦେଲା । ହରି ବାବୁ ଦସ୍ତଖତ କରି ଟଙ୍କା ନେଇ ଘର ଭିତରକୁ ଗଲେ । ତାଙ୍କର ପୁଅ ଶ୍ରୀକାନ୍ତ କଟକରୁ ଏହି ଟଙ୍କା ପଠାଇଥିଲା ।

ଶ୍ରୀକାନ୍ତ ସଙ୍ଗରେ ପାଠକମାନେ ପୂର୍ବରୁ ପରିଚିତ ହୋଇଅଛନ୍ତି । ଏଣ୍ଟ୍ରାନ୍ସ ପରୀକ୍ଷାଠାରୁ ତାହା ଭାଗ୍ୟରେ କମାନ୍ୱୟରେ ବୃତ୍ତି ଲାଗିରହିଅଛି । ସିଏ ମେଧାବୀ; ଶକ୍ତିର ସୁବ୍ୟବହାରଦ୍ୱାରା ମେଧାଶକ୍ତି ଉଜ୍ଜ୍ୱଳତର ହୋଇଅଛି । ତାହାର ବେଶଭୂଷାର ଆଡମ୍ବର ନାହିଁ; ଘଡି, ଚେନ୍, ଚଶମା ପ୍ରଭୃତି ଶିକ୍ଷିତର ଭୂଷଣ ତାକୁ ସ୍ପର୍ଶ କରେ ନାହିଁ । ତାହାର ସୁରକ୍ଷା-

ନିପୁଣ ହସ୍ତ ତାହାର ପୁସ୍ତକ ପ୍ରଭୃତି ବ୍ୟବହାର୍ଯ୍ୟ ପଦାର୍ଥକୁ ପୁରୁଣା କରାଇଦିଏ ନାହିଁ। ତାହାର ପୁସ୍ତକମାନ ସେ ବର୍ଷେକାଳ ବ୍ୟବହାର କରି ପୁଣି ସେହି ନୂତନ ମୂଲ୍ୟରେ ବିକ୍ରୟ କରେ। ସମୟର ଅପବ୍ୟୟ ତାହାଠାରେ ନାହିଁ, ପରିଶ୍ରମର ସୁଖ ଏବଂ ମୂଲ୍ୟ ସେ ଭଲ ଜାଣେ। ନିଜର ଦୈନିକ ପାଠ ଶେଷ କରି ଅବଶିଷ୍ଟ ସମୟରେ ଅନ୍ୟ ପିଲାଙ୍କୁ ପଢାଏ। ସେଥିରେ ତାହାର କିଛି ଉପାର୍ଜନ ହୁଏ। ବୃତ୍ତି ଟଙ୍କାରେ କଲେଜ ଖର୍ଚ୍ଚ, ଖାଇବା ଖର୍ଚ୍ଚ ପ୍ରଭୃତି ଚଳିଯାଏ, ଛାତ୍ର ପଢାଇବାରୁ ଯାହା ପାଏ, ତାହା ଘରକୁ ପଠାଏ। ଛାତ୍ରାବସ୍ଥାରୁ ସେ ପିତାମାତାଙ୍କ ପୋଷଣଭାର ଗ୍ରହଣ କରିଅଛି। ପିତାଙ୍କର ସାହାଖର୍ଚ୍ଚୀପଣ ତାକୁ ଜଣା, ଅର୍ଥଦାସ ପୂର୍ବରୁ ବିସର୍ଜନ ପିତାଙ୍କର ଧର୍ମ। ତେଣୁ ଏକକାଳୀନ ନ ପଠାଇ କେବେ ପାଞ୍ଚ ଟଙ୍କା, କେବେ ଦଶ ଟଙ୍କା, କେବେ ପନ୍ଦର ଟଙ୍କା—ଏହିପରି ଥରକୁଥର ପଠାଏ। ହରି ବାବୁଙ୍କର ତେତିକି ମାତ୍ର ସମ୍ବଳ ହେଲେହେଁ ଆଡମ୍ବର ଛାଡିଯାଇ ନାହିଁ। ଅନ୍ନପୂର୍ଣ୍ଣା କେବେ କେବେ ପ୍ରତିବାଦ କଲେ କହନ୍ତି—"ମୋର ତ ଖର୍ଚ୍ଚୀହାତ, ପିଲାଦିନର ଅଭ୍ୟାସ ସହଜରେ ଛାଡିବ କିପରି ?"

ସବୁଦିନେ କାହାର ସମାନ ଅବସ୍ଥା ଥାଏ ନାହିଁ। ଉତ୍ଥାନ ପରେ ପତନ ଏବଂ ପତନ ପରେ ଉତ୍ଥାନ ସୃଷ୍ଟିର ଚିରନ୍ତନ ନିୟମ। ହରି ବାବୁଙ୍କର ହୀନାବସ୍ଥା ଆଉ ନାହିଁ। ଗ୍ରୀଷ୍ମକାଳରେ ଯେଉଁ ଗଛ ପେଣ୍ଡି ଶୁଷ୍କ ହୋଇଯାଏ, ବର୍ଷାକାଳରେ ସେ କଅଁଳଉଠେ। କ୍ରମେ ଶାଖାପତ୍ରର ବହୁଳତାରେ ପୁଣି ପୂର୍ବପରି ହୋଇଉଠେ। ହରି ବାବୁଙ୍କର ଦୁର୍ଭାଗ୍ୟ-ତରୁ କଅଁଳି ଉଠି ପୂର୍ବାବସ୍ଥା ପ୍ରାପ୍ତ ହେବାକୁ ବସିଲାଣି। ତାଙ୍କ ପୁତ୍ର ଶ୍ରୀକାନ୍ତ ତାଙ୍କର ପୂର୍ବାବସ୍ଥା ଫେରାଇ ଆଣିଅଛି। ଶ୍ରୀକାନ୍ତ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦୁଇ ବର୍ଷ ହେଲା କଟକରେ ଓକିଲାତି କରୁଅଛି। ସତ୍ୟବାଦୀ, ଧର୍ମଭୀରୁ ଏବଂ ସଚ୍ଚରିତ୍ର ହେତୁ ଏହି ଅଳ୍ପ ସମୟ ମଧ୍ୟରେ ସେ ବ୍ୟବହାର-ବାଦ୍ୟାରେ ଯଥେଷ୍ଟ ପ୍ରତିଷ୍ଠା ମଧ୍ୟ ଲାଭ କରିଅଛି। ଓକିଲାତି ଗୋଟିଏ ପବିତ୍ର ସାଧୁ ବ୍ୟବସାୟ। ଯହିରେ ଦୁର୍ବଳର ସ୍ୱତ୍ୱ ରକ୍ଷା—ପ୍ରକାଶ୍ୟଭାବରେ ନ୍ୟାୟରକ୍ଷା କରିହୁଏ, ତାହାଠାରୁ ବଳି ମହତ ବ୍ୟବସାୟ ଆଉ କଅଣ ଅଛି ? ମିଥ୍ୟା, ପ୍ରବଞ୍ଚନା, କୁଟିଳତା, ଜଟିଳତାର ସଂମିଶ୍ରଣରେ ଉକ୍ତ ବ୍ୟବସାୟ କଳୁଷିତ ହୁଏ। ଯେଉଁମାନେ ପବିତ୍ର ବ୍ୟବସାୟରେ ଅବର୍ଜନା ମିଶାନ୍ତି, ସେମାନେ ଗଙ୍ଗାରେ କୁମ୍ଭୀର। ଶ୍ରୀକାନ୍ତ ମିଥ୍ୟା କିମ୍ବା ଅଚଳ ମୋକଦ୍ଦମା ଧରେ ନାହିଁ, ଅଥବା ମକ୍କେଲର ଚଣ୍ଡି ଚିପି ଫିସ୍ ଆଦାୟ କରେ ନାହିଁ। ମୋକଦ୍ଦମା ଗ୍ରହଣ କରେ, ପାରୁପର୍ଯ୍ୟନ୍ତ ସେଥିରେ ପରିଶ୍ରମ କରେ। ବିଶ୍ୱସ୍ତଭାବରେ କାର୍ଯ୍ୟ କରିବାରୁ ଅଧିକ ମୋକଦ୍ଦମା ତାହା ପାଖକୁ ଆସେ ଏବଂ ଅର୍ଥାଗମ ସୁଦ୍ଧା ଯଥେଷ୍ଟ ହୁଏ। ତାହାର ଯେତିକି ସମ୍ପତ୍ତି ନଷ୍ଟ ହୋଇଥିଲା, ଦୁଇ ବର୍ଷ ମଧ୍ୟରେ ସେ ତେତିକି ସମ୍ପତ୍ତି କରି ସାରିଲାଣି।

ଶ୍ରୀକାନ୍ତ ଅବଧି ଅବିବାହିତ। ଉପାର୍ଜନକ୍ଷମ ନ ହେବାଯାଏଁ ବିବାହ କରିବ ନାହିଁ ବୋଲି ସେ ପ୍ରତିଜ୍ଞାବଦ୍ଧ ହୋଇଥିଲା। ବର୍ତ୍ତମାନ ଆଉ ତାହାର ବିବାହରେ ଅସମ୍ମତି ନାହିଁ। ଅନେକ ସ୍ଥାନରୁ ପ୍ରସଙ୍ଗ ଆସିଲାଣି; ମାତ୍ର କେଉଁଠାରେ ଜାତକର ମେଳ ଖଟୁ ନାହିଁ, କେଉଁଠାରେ ବା କନ୍ୟା ଅପସନ୍ଦ ହେଉଛି। ବିବାହ ତ ବିଧିନିର୍ବନ୍ଧ, ଯେଉଁଠାରେ ହେବାର ଥିବ ହେବ ; ସେ ଯାହା ହାଣ୍ଡିରେ ଚାଉଳ ଦେଇଥିବ, ସେ ତାହା ଘରକରଣା କରିବ। ଶ୍ରୀକାନ୍ତ ସକାଶେ ଅନେକ ବଡ ବଡ ଘରୁ ପ୍ରସଙ୍ଗ ଆସିଲାଣି। ଧନ, ମାନ, କୁଳ, ଶୀଳ, ଶିକ୍ଷା, ସୌନ୍ଦର୍ଯ୍ୟ ଯାହାକୁ ଏକାଧାରେ ଆଶ୍ରୟ କରିଅଛନ୍ତି, ତାହାକୁ କନ୍ୟାଦାନ କରିବାକୁ କାହାର ଇଚ୍ଛା ନୁହେଁ ? ସେପରି ପାତ୍ର ମିଳିବା ତ ସୌଭାଗ୍ୟର କଥା। ଶେଷରେ କୃପାସିନ୍ଧୁ ପଟ୍ଟନାୟକଙ୍କ ଘରେ ସମ୍ବନ୍ଧ ସ୍ଥିର ହେଲା। କୃପାସିନ୍ଧୁ ପଟ୍ଟନାୟକଙ୍କୁ ପାଠକ ପୂର୍ବରୁ ଚିହ୍ନିଅଛନ୍ତି। ସେ ଜଣେ ଜମିଦାର। ତାଙ୍କର କନ୍ୟା ସୁକୁମାରୀ ରୂପଗୁଣରେ ଅତୁଳନୀୟା। ଗ୍ରାମର ସ୍ତ୍ରୀଲୋକମାନେ କହନ୍ତି—ବିଧାତା ତାହାକୁ ଗୋଟିଏ ଚାଉଳରେ ଗଢିଅଛି। ବଡଘରର ଝିଅ ବୋଲି ଗର୍ବ ଅହଙ୍କାର ନାହିଁ। ଲଜ୍ଜାରେ ତ ଲାଜକୁଳୀ ଲତା, ରନ୍ଧାବଢା କାମପାଇଁ ତ ପଟାନ୍ତର ନାହିଁ। ତାହାର ରୂପ ସୁନ୍ଦର, କାର୍ଯ୍ୟ ସୁନ୍ଦର ଏବଂ ସ୍ୱଭାବ ସୁନ୍ଦର। ସୁକୁମାରୀ ଶ୍ରୀକାନ୍ତର ଉପଯୁକ୍ତ ସଙ୍ଗିନୀ।

ଜମିଦାର ଘରେ ପୁଅର ବିବାହ ହେବ—ଏଥି ଆନନ୍ଦରେ ଏବଂ ବିପୁଳ ପ୍ରାପ୍ତ୍ୟାଶାରେ ହରି ବାବୁଙ୍କର ଛାତି ଫୁଲିଉଠିଲା । ବରପଣ ଏବଂ ଯୌତୁକର ପ୍ରକାଣ୍ଡ ଦାବୀ କରିବା ସକାଶେ ତାଙ୍କର ହିତୈଷୀ ଭାଇବନ୍ଧୁମାନେ ପରାମର୍ଶ ଦେଲେ । କେହି କହିଲା—"ପୁଅ ଯେପରି ଯୋଗ୍ୟ, କେତେ ଜମିଦାରୀ ତାହା ଖୋଜିବେ ।" କେହି ବା କହିଲା—"ଲକ୍ଷେ ଟଙ୍କା ଦେଲେ ବି ଏପରି ଯୋଗ୍ୟ ପାତ୍ର ମିଳିବ ନାହିଁ !" ଏହି ସବୁ କଥା ହରି ବାବୁଙ୍କ ଆଶା-ବହ୍ନିର ଆହୁତି ହେଲା । ସେ ଗୋଟାଏ ପ୍ରକାଣ୍ଡ ତାଲିକା ପ୍ରସ୍ତୁତ କଲେ । ସେଥିରେ ଜମିଦାରୀ, ଘୋଡ଼ା, ସୁଅସ୍ରୀ, ପାଲିଙ୍କି, ଖଟ, ସିନ୍ଦୁକ, ଚୌକି, ଆଲମାରୀ ପ୍ରଭୃତି ବଡ଼ଲୋକୀର ପର୍ଯ୍ୟାପ୍ତ ଉପକରଣ ଥିଲା । ତାଲିକାରେ କେବଳ ହାତୀର ନାମ ଥିଲା ନାହିଁ । ମଟରକାର ତ ସେ ସମୟରେ ଏ ଦେଶକୁ ବେଶୀ ଆସି ନ ଥିଲା; ନଚେତ୍ ସେଥିରୁ ଅନ୍ତତଃ ଗୋଟାଏ ତାଲିକାରେ ସ୍ଥାନ ପାଇ ଥାଆନ୍ତା । ଏହା ଛଡ଼ା କନ୍ୟାକର୍ତ୍ତାଙ୍କୁ ନଗଦ ପାଞ୍ଚ ହଜାର ଟଙ୍କା ଦେବାକୁ ହେବ । ସେ ହତଭାଗ୍ୟ କାହିଁକି ଝିଅ ଜନ୍ମ କଲା ? ସୁତରାଂ ଏସବୁ ଦଣ୍ଡ ଦେବାକୁ ନିଶ୍ଚୟ ବାଧ୍ୟ—ଶତ ବାର ବାଧ୍ୟ । ଶ୍ରୀକାନ୍ତ ଏ ତାଲିକା ଦେଖି ନିତାନ୍ତ ଘୃଣା ସହକାରେ କହିଲା—"ବାବା, କେବେ ମୋତେ ଓଜନ କରି ବିକିବେ; ଘୋଡ଼ା ବଳଦ ପରି ଦାନ୍ତ ଶିଙ୍ଗ ଦେଖାଇ କୁତ୍ସା ମୂଲରେ ବିକିବେ ନାହିଁ । ତାହା ହେଲେ ଦାମ କଣା ହେବ । କାହାରି ଘର ଲୁଟ କରି ଆଣି ବଡ଼ଲୋକ ହେବାକୁ ମୋର ଇଚ୍ଛା ନାହିଁ । କୌଣସି ପ୍ରକାର ପଣ ରହିଲେ ମୁଁ ବିବାହ କରିବି ନାହିଁ ।" ପୁଅର ଏ ପ୍ରତିଜ୍ଞା କର୍ଣ୍ଣରୁ କର୍ଣ୍ଣାନ୍ତର ହୋଇ ଶେଷରେ ହରି ବାବୁଙ୍କର କର୍ଣ୍ଣଗୋଚର ହେଲା । ସହସ୍ର ବଜ୍ର ତାଙ୍କ ମୁଣ୍ଡରେ ଖସିପଡ଼ିଲା; କିନ୍ତୁ ଅନ୍ନପୂର୍ଣ୍ଣା ବୁଦ୍ଧିମତୀ ଏବଂ ହୃଦୟବତୀ । ସେ ପୁତ୍ରର ମନ ବୁଝିପାରି ସ୍ୱାମୀଙ୍କୁ କହିଲେ—"ତମର କଅଣ ନାହିଁ ଯେ, ତମେ ପର ଧନକୁ ଲୋଭ କରୁଛ ? ଆମେ ଦୁଃଖ ପାଇଥିଲେ ସତ, ଏବେ ତ ଆମର ଯେଉଁ ଘରକୁ ସେହି ଘର ହେଲା । ଏହା ଛଡ଼ା କହ—ଶ୍ରୀକାନ୍ତ ନା ଆଉ କେହି ? ସେହି ତ ଆମର କୁବେରର ସମ୍ପତ୍ତି, ତମେ ପର ସମ୍ପତ୍ତି କାହିଁକି ଖୋଜୁଛ ? ପୁଅର ମନ ଭାଙ୍ଗିବା ଭଲ ନୁହେଁ, ତମେ ଏତେ ଲୋଭ କର ନାହିଁ ।" ଅନନ୍ତର ତାଲିକା ଫର୍ଦ୍ଦଖଣ୍ଡି ସ୍ୱାମୀଙ୍କ ହାତରେ ଦେଇ କହିଲେ—"ତମେ ଯାହା ଖୋଜୁଛ, ସବୁ ଏଥିରେ ଅଛି, ନେଇ ସନ୍ତୁଷ୍ଟ ହୁଅ ।" ସ୍ତ୍ରୀଙ୍କ ପ୍ରତ୍ୟୁତ୍ପନ୍ନମତିର ପ୍ରାଖର୍ଯ୍ୟ ଦେଖି ହରି ବାବୁ ନ ହସି ରହିପାରିଲେ ନାହିଁ । ଏହା ପରେ କନ୍ୟାପକ୍ଷକୁ ସେ ଆଉ କୌଣସି ସର୍ତ୍ତରେ ଆବଦ୍ଧ କରି ନାହାନ୍ତି ।

ବିବାହର ଦିନ ଯେତେ ନିକଟବର୍ତ୍ତୀ ହୋଇ ଆସିଲା, ଉଭୟ ପରିବାର ମଧ୍ୟରେ ଆନନ୍ଦ ଏବଂ ଚାଞ୍ଚଲ୍ୟ ସେତେ ବର୍ଦ୍ଧିତ ହେବାକୁ ଲାଗିଲା । ଦେଖୁଁ ଦେଖୁଁ ବିବାହର ଶୁଭଦିନ ଆସି ଉପସ୍ଥିତ ହେଲା । ସମାରୋହରେ ଉତ୍ସବ ଲାଗିଲା । ଉଭୟ ପକ୍ଷ ବଡ଼ଲୋକ, ସମାରୋହ ହେବାର ତ କଥା । ଶୁଭବିବାହକ୍ରିୟା ଯଥାରୀତି ସମ୍ପନ୍ନ ହେଲା । ବର ସଭାରେ ବର କନ୍ୟା ଉଭୟ ପକ୍ଷର ଟିକିଏ ସଂଘର୍ଷଣ ଲାଗିଥିଲା—ତାହା ସାହିତ୍ୟସାଧନା ସମ୍ବନ୍ଧରେ । କେତେ ଗୀତ, ଶ୍ଳୋକର ବ୍ୟାଖ୍ୟା ଏବଂ ଅର୍ଥ ହୋଇଗଲା; ମାତ୍ର କେହି କାହାକୁ ଜିଣି ପାରିଲେ ନାହିଁ—ଦୁଇ ପକ୍ଷ ସମାନ ହୋଇଗଲେ । ପୂର୍ବେ ବିବାହସଭାରେ ଜାତୀୟ-ସାହିତ୍ୟର ଚର୍ଚ୍ଚା ହେଉଥିଲା । ମାତୃ-ସାହିତ୍ୟ ପ୍ରତି ଲୋକଙ୍କର କିରୂପ ଆଗ୍ରହ, ସମ୍ମାନ ଥିଲା, ତାହା ଏଥିରୁ ସହଜରେ ଅନୁମେୟ । ହାୟ, ସେହି ପ୍ରଥା ଏଣିକି ବିରଳ ପରିଲକ୍ଷିତ ହେଉଅଛି, ଏହା ଦାରୁଣ କ୍ଷୋଭର ବିଷୟ । ବରଯାତ୍ରୀମାନଙ୍କୁ ବହୁତ ସତ୍କାର କରାଗଲା । ସେବା ସେମାନଙ୍କ ସମ୍ମାନକୁ ବଳି ପଡ଼ିଲା । କୃପାସିନ୍ଧୁ ପଟ୍ଟନାୟକଙ୍କୁ ସମସ୍ତେ ଧନ୍ୟ ଧନ୍ୟ କହିଲେ । ଏକମାତ୍ର ଆଦରିଣୀ କନ୍ୟାର ବିବାହରେ ଜମିଦାର ହୃଦୟ ଖୋଲି ଦେଇଥିଲେ । ବଡ଼ ବଡ଼ ଘରମାନଙ୍କରେ ଯେପରି ଦାନ ଯୌତୁକ ଦିଆଯାଏ, ପଟ୍ଟନାୟକେ କନ୍ୟାଜାମାତାଙ୍କୁ ସେହିପରି ଦେଇଥିଲେ । ବିବାହ ଶେଷରେ ବର କନ୍ୟାକୁ ଘେନି ଫେରିଆସିଲା । ଅନ୍ନପୂର୍ଣ୍ଣା ବଧୂବରଣ ବନ୍ଦାପନା ଶେଷରେ ନବବଧୂର ହସ୍ତ ଧରି ଘରକୁ ଆଣିବା ସମୟରେ ସୁକୁମାରୀ ହସ୍ତରେ ରୁପାଚୁଡ଼ୀ ଦେଖି ଅଧୀର ଆନନ୍ଦରେ କହିଉଠିଲେ—"ଏତେ ଦିନେ ମୋ ଚୂଡ଼ୀ ଘରକୁ ଆସିଲା ! ଖାଲି ଆସି ନାହିଁ—

ମା ଲକ୍ଷ୍ମୀଙ୍କି ସାଙ୍ଗରେ ଘେନି ଆସିଛି ।" ଏହା କହି ବଧୂକୁ କୋଳ କରି ଘର ଭିତରକୁ ନେଇଗଲେ । ତାଙ୍କ ଅଧରରୁ ତୃପ୍ତିର ହାସ ଏବଂ ନୟନରୁ ଆନନ୍ଦାଶ୍ରୁ ଝରି ପଡ଼ିଲା—ହୃଦୟ ପ୍ରେମରେ ପୁରି ଉଠିଲା । ପାଠକ, ଏ ରୁପାଚୁଡ଼ୀକୁ ଚିହ୍ନି ପାରିଲେ କି ? ଯେଉଁ ଚୁଡ଼ୀ ହରି ବାବୁ ଦାସଙ୍କ ପାଖରେ ବନ୍ଧା ରଖିଥିଲେ —ଦାସେ ତାହା ଝିଅକୁ ଦେଲେ—ଝିଅ ଘରୁ ଭୀଷଣ ଚୋର ଚୋରି କରି ନେଇ ଅଗାଧୁ ପୁଷ୍ଟି ବଣିଆକୁ ବିକିଲା—ଅଗାଧୁଠାରୁ କୃପାସିନ୍ଧୁ ପଟ୍ଟନାୟକ କିଣିଥିଲେ । ଏ ସେହି ରୁପାଚୁଡ଼ୀ ! ଯାହାର ପଦାର୍ଥ, ଶେଷରେ ତାହା ପାଖକୁ ଆସିଲା । ସବୁ ପଦାର୍ଥ କେଉଁଠି ଯାଏ ନାହିଁ । ଧର୍ମତଃ, ନ୍ୟାୟତଃ ଯାହା ଯାହାର କଷ୍ଟାର୍ଜିତ, ତାହା ହସ୍ତାନ୍ତର ହୋଇ ରହିପାରେ ନାହିଁ—ଚୋରି ଗଲେ କିମ୍ବା ହଜିଗଲେ ସମୟରେ ତାହା ଆପେ ଆପେ ଆସେ । ଧର୍ମ, ନ୍ୟାୟ ଏବଂ ସତ୍ୟର ମହିମା ଚିରକାଳ ଅକ୍ଷତ । ସଦୁପାର୍ଜିତ ଧନ ଯିବାବେଳେ ଏକୁଟିଆ ଯାଏ; ମାତ୍ର ଆସିବା ବେଳେ କଳନ୍ତର ସହ ଆସିବାର ଅନେକ ଦେଖାଯାଏ । ତାହାର ଯିବା ଆସିବା ବିଚିତ୍ର । ସେ ଆସିବା ପାଇଁ ଯାଏ । ସମୁଦ୍ର ଜଳ ବାଷ୍ପ ହୋଇ ଉପରକୁ ଯାଏ; କିନ୍ତୁ ଯଥାସମୟରେ ବସୁନ୍ଧରା ଘେନି ଫେରିଆସେ ।

# ଟଙ୍କାଗଛ

# ଉପହାର

ଜାତୀୟ-ଜୀବନ-ସ୍ଥାପକ, ଜାତୀୟ-ସାହିତ୍ୟ-ପ୍ରାଣ, ଉତ୍କଳ-ମାତାର କୃତୀ ସନ୍ତାନ, ଉଦାରହୃଦୟ,
ଶ୍ରୀଯୁକ୍ତ ରମାନାରାୟଣ ମିଶ୍ର, ଏମ୍.ଏ,ବି.ଏଲ୍.,ଏ.ଏଲ୍.ସି. ମହୋଦୟ, ଶ୍ରୀ କର-କମଳେଷୁ

ଭକ୍ତିଭାଜନ ଶ୍ରୀମନ୍ ମହୋଦୟ,

ଏକାଧାରରେ ଧନ, ମାନ, ବିଦ୍ୟାର ଦୃଷ୍ଟାନ୍ତ ଏ ସଂସାରରେ ବିରଳ ନୁହେଁ, ସେ ପ୍ରସଙ୍ଗରେ ହୃଦୟର ସମାବେଶ କ୍ୱଚିତ୍ ପରିଲକ୍ଷିତ ହୁଏ । ସରୋବର ମାତ୍ରେ କମଳ ପ୍ରସ୍ଫୁଟିତ ହୁଏ ନାହିଁ । ହୃଦୟ-ଦେବତାର ପୁଣ୍ୟ ସିଂହାସନ ସ୍ୱତନ୍ତ୍ର । ଯାହାଙ୍କ ଦେହରେ ସେହି ଦେବତାଙ୍କର ଅଧିଷ୍ଠାନ, ତାହାଙ୍କ ପୟରତଳେ ଶିର ସ୍ୱତଃ ନତ ହୋଇପଡ଼େ । ତାଙ୍କର ଜୀବନ ବ୍ୟକ୍ତିଗତ ନୁହେଁ-- ଜାତୀୟ ଜୀବନ । ଆପଣ ସ୍ୱତଃପ୍ରବୃତ୍ତ ହୋଇ ମୋହର ଖଣ୍ଡିଏ ପୁସ୍ତକ ଛପାଇ ଦେବାକୁ ଆଗ୍ରହ ପ୍ରକାଶ-କରିଅଛନ୍ତି ବୋଲି ମୁଁ ଯେଉଁ ଦିନ ମୋର ଅନ୍ତରଙ୍ଗ ବନ୍ଧୁବର ସାହିତ୍ୟବତ୍ସଳ, ପ୍ରସିଦ୍ଧ "ମୁକୁର" ପତ୍ରର ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଦୟାନିଧି ମିଶ୍ର ବି. ଏ, ଏଲ୍. ଟି, ମହୋଦୟଙ୍କଠାରୁ ଶୁଣିଲି, ସେହି ଦିନ ବୁଝିଲି, ଆପଣ କେବଳ ଧନୀ, ମାନୀ, ବିଦ୍ୱାନ ନୁହନ୍ତି; ଅଧିକନ୍ତୁ ହୃଦୟୀ । ଆପଣଙ୍କ ଜୀବନ ଯେ ଜାତୀୟ ଜୀବନ, ଆପଣଙ୍କର ଅନେକ କାର୍ଯ୍ୟ ସେଥିର ଜୀବନ୍ତ ସାକ୍ଷ୍ୟ ପ୍ରଦାନ କରୁଅଛି । ଏହିସବୁ ସତ୍କାର୍ଯ୍ୟ ହେତୁ ଆପଣଙ୍କ ପ୍ରତି ହୃଦୟର ଭକ୍ତି ସ୍ୱତଃ ପ୍ରଧାବିତ ହୁଏ । ସେଥିର ନିଦର୍ଶନ ସ୍ୱରୂପ "ଏହି ଟଙ୍କାଗଛ" ଉପନ୍ୟାସ ଖଣ୍ଡି ଆପଣଙ୍କ ଦେଶସେବା-ପୂତ କର-କମଳରେ ଶ୍ରଦ୍ଧୋପହାର ଅର୍ପଣ କଲି । ଆପଣ ଏହାକୁ ସାଦରେ ପରିଗ୍ରହଣ କଲେ ବିଶେଷ ଅନୁଗୃହୀତ ହେବି ।

ଭଦ୍ରଖ
୨୦।୯।୨୪

ପ୍ରଣତ
ଶ୍ରୀ ଚିନ୍ତାମଣି ମହାନ୍ତି

# ଟଙ୍କାଗଛ

## ପ୍ରଥମ ପରିଚ୍ଛେଦ

କେନ୍ଦୁଝର ରାଜ୍ୟର ସୀମାରେ ସୁନାଘାଇ ନାମରେ ଗୋଟିଏ ପର୍ବତ ଅଛି । ପର୍ବତଟି ଅତି ବଡ଼ କିମ୍ବା ଅତି ସାନ ନୁହେଁ—ତାହା ମଧ୍ୟଭଳିଆ । ପର୍ବତର ପାଦଦେଶରେ ଗୁରୁପାଦତଳେ ଶିଷ୍ୟବୃନ୍ଦ ବସିଲା ପ୍ରାୟ କିମ୍ବା ଦେବପାଦତଳେ ପୂଜାପୁଷ୍ପପୁଞ୍ଜ ପ୍ରାୟ ଶୀତଳପୁର ଗ୍ରାମ ଅବସ୍ଥିତ । ଗ୍ରାମ ଉପକଣ୍ଠରେ କୋଇଲାଖି ନଦୀ କଳକଳ ନାଦରେ ବହିଯାଉଅଛି । ଦୂରରୁ ତାହା ଭକ୍ତକଣ୍ଠରେ ତୁଳସୀମାଳା ପ୍ରାୟ ସୁନ୍ଦର ଦିଶେ । ଗ୍ରାମଟି ପର୍ବତର ପାଦଦେଶଠାରୁ କଟିପର୍ଯ୍ୟନ୍ତ ବିସ୍ତୃତ । ଦେଖିଲା ମାତ୍ରେ ବୋଧହୁଏ, ଯେମନ୍ତ କି ସୁନ୍ଦରୀ ନବଯୌବନୀ ନୀଳପାଟରଚିତ ଅପସର ଉପରେ ଦେହଲତା ନ୍ୟସ୍ତ କରି ଆରାମରେ ବସିଅଛନ୍ତି । ଗ୍ରାମରେ ପ୍ରାୟ ପଞ୍ଚଶତାଧିକ ଘର । ଛତିଶ ପାଟକର ଲୋକ ବାସ କରନ୍ତି । ଘରଗୁଡ଼ିକ ଧାଡ଼ି ଧାଡ଼ି ହୋଇ ନିର୍ମିତ । ମଧ୍ୟରେ ପ୍ରଶସ୍ତ ପଥ । ଗ୍ରାମର ଶାଖାପ୍ରଶାଖା ମଧ୍ୟ ଅଳ୍ପ ନୁହେଁ । ରାସ୍ତାଗୁଡ଼ିକ ଛକମୟ । ପର୍ବତ ଶିଖର ଉପରୁ ଚାହିଁଲେ ଗ୍ରାମଟି ନିପୁଣ ଶିଳ୍ପୀ ଅଙ୍କିତ ଖଣ୍ଡିଏ ଛବି ପରି ସୁନ୍ଦର ଦିଶେ । ଗ୍ରାମର ଛକ ରାସ୍ତାମାନ ଚିରଦେବତାଙ୍କର ଅସଂଖ୍ୟ ପଶାପାଲି ଏକାଠି ବିସ୍ତୃତ ହେଲାପ୍ରାୟ ବଡ଼ ରମଣୀୟ ବୋଧହୁଏ । ଘରଗୁଡ଼ିକ ସେହି ପଶାପାଲିର ସାରି, କିଏ ଯୁଗ ବାନ୍ଧିଅଛି—କିଏ ଡବଲ ଯୁଗ ବାନ୍ଧିଛି—କେତେ ବା ଯୁଗ ନ ବାନ୍ଧି ଇତସ୍ତତଃ ରହିଅଛି । ଗ୍ରାମବାସୀଏ ସମସ୍ତେ କୃଷିଜୀବୀ ଲୋକ; ସୁତରାଂ ନବୀନ ଶିକ୍ଷା ବା ନବୀନ ସଭ୍ୟତାର ଜ୍ୱାଳାକର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ହୃଦୟରେ ସ୍ଥାନ ପାଇ ନାହିଁ । ସମସ୍ତେ ଅପ୍ରବାସୀ, ଗୃହବାସ କରି ରହନ୍ତି । ନିଜର ଗ୍ରାମଟି ସେମାନଙ୍କ ନିକଟରେ ବିଶାଳ ସଂସାର । ନିଜର ଗ୍ରାମ ଛାଡ଼ି କେହି କେବେ ବିଦେଶ ଯାଇଥିବାର ଶୁଣାଯାଇ ନାହିଁ । ଏହେତୁ ସାହରିକ ଦୂଷିତ ରୁଚି ବା ଅତିସିଆଣପଣ ସେମାନଙ୍କୁ ସ୍ପର୍ଶ କରିପାରି ନାହିଁ ।

ଗ୍ରାମର ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ଗୋଟିଏ ଗୋଟିଏ ସାହି ଗୋଟିଏ ଗୋଟିଏ ଜାତି ସକାଶ ନିର୍ଦ୍ଦିଷ୍ଟ । ଅର୍ଥାତ୍ ବ୍ରାହ୍ମଣ ସାହିରେ କେବଳ ବ୍ରାହ୍ମଣ ବ୍ୟତୀତ ଅନ୍ୟ ଜାତିର ଘର ନାହିଁ । ସେହିପରି କରଣ ସାହିରେ କେବଳ କରଣ, ଧୋବା ସାହିରେ କେବଳ ଧୋବା, ଏହିପରି ପ୍ରତି ସାହିରେ ଗୋଟିଏ ଗୋଟିଏ ଜାତି ବାସ କରନ୍ତି ; ଏତେ ବଡ଼ ଗ୍ରାମ, ଏତେ ଲୋକଙ୍କର ବାସ; ମାତ୍ର ଗ୍ରାମଟି ପରିଷ୍କାରପରିଚ୍ଛନ୍ନ, ଯେପରି କି ପରିଚ୍ଛନ୍ନତା ରୂପ ଧରି ହସିଖେଳି ଗ୍ରାମସାରା ବୁଲୁଅଛି । ଗ୍ରାମର ପବିତ୍ରତା କେତେ-ବେଳେ ମଳିନ ହୁଏ ନାହିଁ । କଥାରେ କହନ୍ତି, ଗାଁପରିମଳ ଧୋବାତୁଠରୁ ଜଣା । ଶୀତଳପୁର ଗ୍ରାମର ପରିଚ୍ଛନ୍ନତା ଦେଖିଲେ ଗ୍ରାମବାସୀଙ୍କର ହୃଦୟନିହିତ ସୁରୁଚିର ସୁନ୍ଦର ପରିଚୟ ମିଳେ । ଗ୍ରାମମୁଣ୍ଡରେ ଚଣ୍ଡୀଙ୍କର ମନ୍ଦିର । ମନ୍ଦିରଟି ପ୍ରସ୍ତରନିର୍ମିତ ଏବଂ ଆପାଦମସ୍ତକ ସୂକ୍ଷ୍ମଶିଳ୍ପ-କଳାରେ ମଣ୍ଡିତ । ତାହା ଅତୀତର ଅମର ମୋହନ ମାଧୁରୀ ବୋଝ ହୋଇ ସଦର୍ପରେ ଉଚ୍ଚ ହୋଇଅଛି । ମନ୍ଦିରଟି ଉତ୍କଳର ଅତୀତ ଶିଳ୍ପସମୃଦ୍ଧିର ମୂକସାକ୍ଷୀ । ତାହାକୁ

ଦେଖିଲେ ଖଣ୍ଡିଏ ପ୍ରାଚୀନ ଇତିହାସ ପାଠକଲା ପ୍ରାୟ ବୋଧହୁଏ । କି ପ୍ରେମର ଅମର ଭାଷା ମନ୍ଦିରର ପାଷାଣ ହୃଦୟରେ ନୀରବରେ ଧ୍ୱନିତ ହେଉଅଛି, ତାହା ଶୁଣିଲେ ଏବଂ ପାଷାଣ ଛନ୍ଦରେ ରଚିତ କି ସ୍ୱପ୍ନ ସଙ୍ଗୀତ ମନ୍ଦିର ଦେହରେ ମୂର୍ଚ୍ଛିତ ହୋଇଅଛି, ତାହା ପାଠ କଲେ, ଆଉ ଶିଳ୍ପକଳାର ସୌନ୍ଦର୍ଯ୍ୟର ଉଚ୍ଛ୍ୱାସ ଅନନ୍ୟମନା ହୋଇ ଅନୁଧ୍ୟାନ କଲେ ଦର୍ଶକର ହୃଦୟ ନିର୍ବାକ୍ ବିସ୍ମୟରେ ଅଭିଭୂତ ହୁଏ । ମନ୍ଦିରମଧ୍ୟସ୍ଥ ଚଣ୍ଡୀମୂର୍ତ୍ତି କି ସୁନ୍ଦର ! ସତେ ଯେପରି ଦର୍ଶନମାତ୍ରେ ଦେବୀ ଦର୍ଶକର ଅନ୍ତଃକରଣର ଅନ୍ତସ୍ତଳନିହିତ ଭକ୍ତି-ବିତ୍ତ ନିଃଶେଷ କରି ଜୁରି ନେଉ-ଅଛନ୍ତି । ମୂର୍ତ୍ତିଟି ସ୍ୱୟଂ ବିଶ୍ୱବିଧାତାଙ୍କର କମ୍ରା ଶୋଭ-ଦେବୀଙ୍କର କାହାର ପୂଜାପ୍ରତିମା, ତାହା କିଏ କହି-ପାରିବ ? ମୁଖ ଏବଂ ନେତ୍ରରୁ ଆନନ୍ଦ ଏବଂ ତୃପ୍ତିର ଅମୃତଧାରା ଝରିପଡ଼ୁଅଛି । ପ୍ରଶସ୍ତ ଲଲାଟ ପଟରେ ଅପୂର୍ବ ଅମରା ପ୍ରତିଭା ଖେଳି ବୁଲୁଅଛି । ଦେହକାନ୍ତି ସିନ୍ଦୁର ରାଗରେ ସମୁଜ୍ଜ୍ୱଳ ଏବଂ ସୁମଧୁର । ଯେମନ୍ତ କି ଔଜ୍ଜ୍ୱଲ୍ୟ ମାଧୁର୍ଯ୍ୟକୁ କୋଳରେ ଧରି ବସିଅଛି । ଅଧରପ୍ରାନ୍ତ ପ୍ରଦୀପ୍ତ ହାସ୍ୟରେଖା ସ୍ୱର୍ଗରୁ ଗୋଟାଏ ମହିମାର ରଶ୍ମି ଛିଡ଼ିପଡ଼ିଲା ପ୍ରାୟ ପ୍ରତୀୟମାନ ହୁଏ । ମନ୍ଦିର ସମ୍ମୁ-ଖରେ ବୃହତ୍ ପୁଷ୍କରିଣୀ ସେବାଦାସୀରୂପେ ଦେବୀଙ୍କୁ ଖଟିଅଛି । ପୁଷ୍କରିଣୀଟି କମଳ, କୁମୁଦ, କହ୍ଲାର ପ୍ରଭୃତିରେ ଅଳଙ୍କୃତ । ତହିଁରେ ନାନାଜାତୀୟ ପକ୍ଷୀ ଦୁର୍ବୋଧ୍ୟ " କୈକନ୍ତ୍ରି "ଭାଷାରେ ପରସ୍ପରକୁ ସମ୍ଭାଷଣ କରୁଅଛନ୍ତି । ସମସ୍ତେ ଏକାବେଳକେ ସ୍ନେହ-ପ୍ରେମାଳାପରେ ନିଯୁକ୍ତ; କିନ୍ତୁ କାହା କଥା କିଏ ଶୁଣୁଛି, ତାହା ଜାଣିବାର ଉପାୟ ନାହିଁ । ସେମାନଙ୍କର ଏହି କଳ କୋଳାହଳର ମଧୁର ବାଣୀ ଶୁଣିଲେ ଚିତ୍ତ ମୁଗ୍ଧ ହୁଏ; ମାତ୍ର ପ୍ରମତ୍ତ ହୁଏ ନାହିଁ । ସେମାନେ କେବଳ ଗଳ୍ପାମୋଦରେ କାଳହରଣ କରୁ ନାହାନ୍ତି । କୀଟପତଙ୍ଗ ଧରି ଉଦରନାମକ ଧ୍ୱଂସପଟ୍ଟୁ ଦେବତାଙ୍କୁ ମଧ୍ୟେ ମଧ୍ୟେ ଉତ୍ସର୍ଗ କରୁଅଛନ୍ତି । ସରସୀ-ସମୀରର ଲୀଳା ଅକଥନୀୟ । ସେ କେତେବେଳେ କେତେ ରଙ୍ଗ କରୁଅଛି ! ସେ କେବେ ପକ୍ଷୀମାନଙ୍କୁ ଯୂଥଭ୍ରଷ୍ଟ କରି ଏକ ପାଖରୁ ଅନ୍ୟ ପାଖକୁ ଭସାଇ ଘେନିଯାଉଅଛି । କେବେ ବା ଲୁଚି ଲୁଚି ଆସି ପଛରୁ ଫୁଲର ଦେହ ଛୁଇଁ ଦେଇ ହୋ ହୋ ରବରେ ହସି ହସି ଫୁଲର ସୁରଭି ଚୋରି କରି ତାହାକୁ ନିଜ ଦେହରେ ବୋଳିହୋଇ ପଳାଇଯାଉଅଛି । ଦୁଷ୍ଟ ଅବାଧ ପିଲାତୁଲ୍ୟ ଏହିପରି ସେ କେତେ ଉପଦ୍ରବ କରୁଅଛି, ସେଥିର କଳନା ନାହିଁ ।

ଗାଁଆର ମୁଣ୍ଡରେ ସିଦ୍ଧେଶ୍ୱର ଶିବଙ୍କର ମନ୍ଦିର । ମହାଦେବଙ୍କ ପରି ମନ୍ଦିରଟି ନିରାଡ଼ମ୍ବର ଏବଂ ନିରଳ-ଙ୍କାର । ବାହନ ବୃଷଭ ମନ୍ଦିର ମଧ୍ୟରେ ଶୋଇ ସ୍ୱୀୟ ପ୍ରଭୁଙ୍କ ଅଖଣ୍ଡ ଧ୍ୟାନରେ ନିମଗ୍ନ ରହିଅଛି । ଗ୍ରାମବାସୀଏ ଏହାକୁ "ବାସୁଆ ବଳଦ" ବୋଲି କହନ୍ତି । ଏହା ବ୍ୟତୀତ ଗ୍ରାମର ମଧ୍ୟଭାଗରେ ଆଉ ଗୋଟିଏ ରମଣୀୟ ମନ୍ଦିର ଅଛି । ସେଥିରେ ପ୍ରତାପୀ ଦେବତା ଗୋପୀନାଥ ଅଧିଷ୍ଠିତ । ଏହି ମନ୍ଦିର ସମ୍ମୁଖରେ ତିନିଗୋଟି ପ୍ରକାଣ୍ଡ ବଙ୍ଗଳା ଅଛି । ସାଧୁ, ସନ୍ଥ ବା ଅତିଥି ଅଭ୍ୟାଗତ ଆସିଲେ ସେଠାରେ ରହନ୍ତି । ଗୋପୀନାଥ ଦେବଙ୍କ ମନ୍ଦିର ସଂଲଗ୍ନରେ ଗୋଟିଏ ପୋଥିଗାଦି ଅଛି । ସେଥିରେ ତାଳପତ୍ରଲିଖିତ ଶାସ୍ତ୍ରପୁରାଣ-ଠାରୁ କାବ୍ୟନାଟକ ପର୍ଯ୍ୟନ୍ତ ଅନେକ ସଦ୍‌ଗ୍ରନ୍ଥ ସଞ୍ଚିତ ହୋଇଅଛି । ପ୍ରତ୍ୟହ ସନ୍ଧ୍ୟା ସମୟରେ ସେଠାରେ ପୁରାଣ ଆଦି ପାଠହୁଏ । ସମୟ ସମୟରେ ଗ୍ରାମବାସୀଙ୍କର ଦୋଷାପରାଧର ପଞ୍ଚାୟତ ବିଚାର ମଧ୍ୟ ସେହିଠାରେ ହୁଏ । ଏହି ତିନି ଦେବତାଙ୍କ ନୀତି ଚଳିବା ସକାଶେ ମରହଟ୍ଟା ସୁବାଦାର ଭୋଁସଲା ରଘୁଜି ଯଥେଷ୍ଟ ଭୂସମ୍ପତ୍ତି ଖଞ୍ଜିଦେଇ ଯାଇଅଛନ୍ତି । ସେଥିର ଆୟରେ ଦେବ-ଦେବୀଙ୍କର ସେବା ସୁଚାରୁରୂପେ ଚଳି ଆସୁଅଛି । ମରହଟ୍ଟା-ମାନେ ଅତ୍ୟାଚାରୀ ଶୋଷଣପଟୁ ଥିଲେ ସତ୍ୟ; ମାତ୍ର ଦେବଭକ୍ତି ସେମାନଙ୍କର ଗୋଟିଏ ପ୍ରଶଂସନୀୟ ଗୁଣ ଥିଲା । ଚନ୍ଦ୍ରର କିରଣ ଚନ୍ଦ୍ରକଳଙ୍କକୁ ଘୋଡ଼ାଇ ରଖିଲା ପ୍ରାୟ ଏହି ମହତ୍ ଗୁଣଟି ସେମାନଙ୍କର ସମସ୍ତ ଦୋଷ ଢାଙ୍କି ରଖିଅଛି । ବର୍ତ୍ତମାନ ଉତ୍କଳର ମଠବାଡ଼ିମାନଙ୍କରେ ଯେଉଁ ସବୁ ଭୂସମ୍ପତ୍ତି ଦେବପୂଜାର ସମ୍ବଳ ଅଛି, ସେଥି ମଧ୍ୟରୁ ଅଧିକାଂଶ ମରହଟ୍ଟା ରାଜପ୍ରଦତ୍ତ । ସେମାନଙ୍କର ଏହି ମହାଦାନ ସେମାନଙ୍କୁ ଚିରସ୍ମରଣୀୟ କରି ରଖିଅଛି ଏବଂ ଚିରକାଳ ରଖିଥିବ । ଏଥିରେ ସନ୍ଦେହର ଅବକାଶ ମାତ୍ର ନାହିଁ । ସୁକୀର୍ତ୍ତିହିଁ ମାନବକୁ ଅମର କରି ରଖେ ; ସୁକୀର୍ତ୍ତି ଅମରତ୍ୱର ପ୍ରାଣପୋଷୀ ପୁଷ୍ଟିକର ଖାଦ୍ୟ ।

# ଦ୍ୱିତୀୟ ପରିଚ୍ଛେଦ

ଶୀତଳପୁର ଗ୍ରାମର ଯେଉଁ ସବୁ ଉନ୍ନତିର ଆଭାସ ଦିଆଗଲା, ତାହା ମୂଳରେ ନିଶ୍ଚୟ ଜଣେ କର୍ମକୁଶଳ ବ୍ୟକ୍ତିଙ୍କର ମଙ୍ଗଳ ହସ୍ତ ଲୁକ୍କାୟିତ ଅଛି । ମସ୍ତିଷ୍କଶୂନ୍ୟର ମସ୍ତିଷ୍କ-ବ୍ୟଥା ଯେପରି ଅସମ୍ଭବ, କର୍ତ୍ତାଶୂନ୍ୟ କର୍ମ ସେହିପରି ଅସମ୍ଭବ । ଫୁଲହାର ମଧ୍ୟସ୍ଥ ସୂତା ପରି କାର୍ଯ୍ୟ ମଧ୍ୟରେ କାରଣ ଅପ୍ରକଟ ଥାଏ । କର୍ମ ଥିଲେ କର୍ତ୍ତା ଅବଶ୍ୟ ଅଛି, ପଣ୍ଡିତମାନେ ଏହି ସୂତ୍ର ଧରି ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ କରନ୍ତି । ଶୀତଳପୁର ଗ୍ରାମର ଉନ୍ନତିରେ ଜଣେ କର୍ତ୍ତା ଅଛନ୍ତି—ସେ ହେମନ୍ତ ସାମନ୍ତ । ହେମନ୍ତ ଜାତିରେ ଖଣ୍ଡାୟତ, ତାଙ୍କର ପୂର୍ବପୁରୁଷମାନେ ଦକ୍ଷିଣରୁ ଆସି ଏହି ଗ୍ରାମରେ ବାସ କରିଥିଲେ । ହେମନ୍ତ ଅବସ୍ଥାପନ୍ନ ବ୍ୟକ୍ତି । ସେ କେନ୍ଦୁଝର ରାଜାଙ୍କ ନିକଟରୁ ୨୫ ବାଟି ନିଷ୍କର ଭୂମି ପାଇଥିଲେ । ସେହି ଭୂମିର ଆୟରେ ତାଙ୍କର ସଂସାରଯାତ୍ରା ସୁଖସ୍ୱାଚ୍ଛନ୍ଦ୍ୟରେ ନିର୍ବାହିତ ହୁଏ । ଏହା ବ୍ୟତୀତ ସେ ଜଣେ ଆଦର୍ଶ କୃଷକ । ଧାନ, ମୁଗ, ବିରି, ସୋରିଷ, ହରଡ ଓ ଆଖୁରସ ପ୍ରଭୃତିରୁ ୧୦।୧୫ ହଜାର ଟଙ୍କା ତାଙ୍କର ବାର୍ଷିକ ଆୟ ହୁଏ । ସେ ଜଣେ ସତ୍ୟନିଷ୍ଠ, ନ୍ୟାୟପ୍ରାଣ, ସଚ୍ଚରିତ୍ର ଏବଂ ଦୟାଧର୍ମପରାୟଣ ପରୋପକାରୀ ବ୍ୟକ୍ତି । ଅତିଥି-ଅଭ୍ୟାଗତ ଦ୍ୱାରରୁ କେବେ ନିରାଶ ହୋଇ ଫେରନ୍ତି ନାହିଁ । ଅଧିକନ୍ତୁ ସେ ଗୁପ୍ତଦାନରେ ମହାଦାତା । ତାଙ୍କର ଦକ୍ଷିଣ ହସ୍ତର ଦାନ ବାମ ହସ୍ତ ଜାଣିପାରେ ନାହିଁ । କୃତୀ ବ୍ୟକ୍ତି-ମାନଙ୍କ ବୈଚିତ୍ର୍ୟମୟ କର୍ମଜୀବନ ପଛରେ ଏହିପରି ଅନେକ ମଣିମାଣିକ୍ୟ ଲୁକ୍କାୟିତ ଥାଏ, ତାହା ଲୋକ-ଲୋଚନର ଅଗୋଚର ।

ସାମନ୍ତେ ସ୍ୱାଧୀନଚେତା ପୁରୁଷ; ସୁତରାଂ ଅନ୍ୟର କଶାଘାତ ତାଙ୍କୁ ଜୀବନରେ କେବେ ସହ୍ୟ କରିବାକୁ ପଡ଼ି ନାହିଁ । ଗ୍ରାମର ପ୍ରତ୍ୟେକ କଲ୍ୟାଣ କାର୍ଯ୍ୟରେ ସେ ପୁରସ୍କାର * ହୋଇ ବାହାରନ୍ତି । ଗ୍ରାମରେ କେହି ଆପଦ-ବିପଦରେ ପଡ଼ିଲେ ପ୍ରାଣପଣ ଯତ୍ନରେ ସେ ତାହାକୁ ଉଦ୍ଧାର କରନ୍ତି । ଏହି ହେତୁ ସମସ୍ତେ କହନ୍ତି—"ସାଆନ୍ତେ ରାଜା ନ ହେଲେ ହେଁବା ଏ ଗ୍ରାମର ରାଜାଠାରୁ ବଳନ୍ତି ।" କେବଳ କହନ୍ତି ନାହିଁ, ରାଜାତୁଲ୍ୟ ଭକ୍ତିଶ୍ରଦ୍ଧା ମଧ୍ୟ ପ୍ରଦର୍ଶନ କରନ୍ତି । ଗ୍ରାମବାସୀମାନେ କେହି ଭାଗରେ, କେହି ବା ଖଜଣା ଦେଇ ସାମନ୍ତଙ୍କ ଜମି ଚାଷକରନ୍ତି । ଅଭାବ ପଡ଼ିଲେ ଧାନ କିମ୍ବା ଟଙ୍କା କରଜ ନିଅନ୍ତି । ସାଧାରଣ ସୁଧଜୀବୀ ବାର୍ଦ୍ଧକ୍ୟିକ ପରି ସାମନ୍ତେ ଖାତକର ଚର୍ମ ଚାପି ତାହାର ଶୋଣିତଶୋଷଣର ବ୍ୟବସ୍ଥା କରନ୍ତି ନାହିଁ । ତାଙ୍କର ସୁଧର ହାର ଟଙ୍କାରେ ମାସିକ ଅଧ ପଇସା ଏବଂ ଦଶ ପୁଞ୍ଜି ଧାନରେ ଏକପୁଞ୍ଜି । ପୁନେଇ ପର୍ବରେ ଗ୍ରାମ-ବାସୀଏ ନିମନ୍ତ୍ରିତ ହୋଇ ତାଙ୍କ ଘରେ ଆହାର କରନ୍ତି । ତାଙ୍କ ଘରେ ଥରେ ଯାହାର ପାଦ ପଡ଼ିଅଛି, ସେ କାହିଁ ଘରପରି ଘରଟାଏ ଏହା ! ବାସ୍ତବରେ ତାଙ୍କର ନର-ଦୁର୍ଲଭ ଦେବବ୍ୟବହାରରେ ଆବାଳବୃଦ୍ଧ ସମସ୍ତେ ସନ୍ତୁଷ୍ଟ, ଏହା କହିବା ବାହୁଲ୍ୟ ମାତ୍ର । ସାମନ୍ତଙ୍କ ପରି ହୃଦୟୀ ଜଗତରେ ବିରଳ ପରିଲକ୍ଷିତ ହୁଅନ୍ତି । ଯେଉଁ ସ୍ଥାନ ସେ ପରୋପକାରର ସୁବିଧା ପାଆନ୍ତି, ସେସ୍ଥାନକୁ ସେ ସୌଭାଗ୍ୟର ସ୍ୱର୍ଗ ବୋଲି ମନେ କରନ୍ତି । ମାତ୍ର ଏତେ ସୁଖ, ଏତେ ସୌଭାଗ୍ୟରେ ସୁଦ୍ଧା ସାମନ୍ତଙ୍କ ଜୀବନରେ ଗୋଟାଏ ଅପୂର୍ଣ୍ଣତା ସୃଷ୍ଟି କରୁଥିଲା । ବିଧାତା ସୃଷ୍ଟିରେ କିଛିହେଁ ପରିପୂର୍ଣ୍ଣ ନୁହେଁ । ଦରିଦ୍ରର ଧନର ଅଭାବ, ଧନୀର ପୁତ୍ରକନ୍ୟା ଅଭାବ, ଏହିପରି ଗୋଟାଏ କୌଣସି ନା କୌଣସି ଅପୂର୍ଣ୍ଣତା ସମସ୍ତଙ୍କ ପ୍ରାଣରେ ଲାଗି ରହିଅଛି । ପୂର୍ଣ୍ଣତାପ୍ରଦାନ ଯେପରି ବିଧାତାଙ୍କର ମାନ-ହାନିକର । ମନୁଷ୍ୟ ଅବସ୍ଥାର ଦାସ; ମାତ୍ର ଅବସ୍ଥା ମନୁଷ୍ୟର ଦାସ ନୁହେଁ । ହେମନ୍ତଙ୍କ ଜୀବନ-ଗ୍ରନ୍ଥର ଶେଷ ଅଧ୍ୟାୟ ଦୁଃଖପୂର୍ଣ୍ଣ ଥିଲା । ଦୁଃଖ-ବଜ୍ରମୁଠିର ପ୍ରଚଣ୍ଡ ଆଘାତ ତାଙ୍କର ହୃଦୟ-ପଞ୍ଜରକୁ ଚୂର୍ଣ୍ଣୀଭୂତ କରି-ଦେଇଥିଲା । ଗତ ସନ ବୈଶାଖ ମାସରେ ତାଙ୍କର ଗୁଣବତୀ ସତୀ ସହଧର୍ମିଣୀ ନଶ୍ୱର ଇହଧାମ ତ୍ୟାଗକରି

* ଅଗ୍ରଗାମୀ

ଅବିନଶ୍ୱର ଅନନ୍ତ ଧାମକୁ ଚାଲିଯାଇଛନ୍ତି । ସେ ସ୍ମୃତିର ଅଗ୍ନିରେଖା ଅବଧି ଲିଭି ନାହିଁ । ସେହି ନିଦାରୁଣ ସ୍ମୃତିର ଚର୍ଚ୍ଚି ଚପି ମାରିବାକୁ ଯେତେ ଚେଷ୍ଟା କଲେହେଁ ସେ ମଲା ନାହିଁ । ଯେତେ ଥର ମରେ, ପୁଣି ପର ମୁହୂର୍ତ୍ତରେ ଜୀଇଉଠେ । ଦୁର୍ଜନର ପରମାୟୁ ଅଧିକ, ଏହା ସ୍ୱତଃସିଦ୍ଧ କଥା ।

କେତେ ଲୋକ ଆସି କେତେ କଥା କହି ବୁଝାଇଲେ । କେହି କହିଲା—"ଜୀବନ ସିନା ମୃତ୍ୟୁ ମହାସମୁଦ୍ରର କ୍ଷୀଣ ଲହରୀ । ତାହା ଏହି ମାତ୍ର ଅଛି, ଏହି ମାତ୍ର ନାହିଁ । ଆପଣ ସେଥିପାଇଁ ଦୁଃଖ କରନ୍ତୁ ନାହିଁ ।" କେହି କହିଲା, "ଆପଣ ଦ୍ୱିତୀୟ ସଂସାର କରନ୍ତୁ ।" ସାମନ୍ତେ ହସି ହସି କହିଲେ, "ଏ ତ ଆଚ୍ଛା ଉପଦେଶ ! ଶ୍ମଶାନ ପଥରେ ଚାଲୁଁ ଚାଲୁଁ ପୁଣି କୌତୁକ ଯୁଆଗ କାହିଁକି ? ଯେ ମୋର ଇହପରତ୍ରାର୍ଥକାରିଣୀ ସ୍ତ୍ରୀ ଥିଲା ନାହିଁ, ସେ ମୋର ରୋଗର ଚିକିତ୍ସକ, ଶୋକର ସାନ୍ତ୍ୱନା, ବିପଦର ମନ୍ତ୍ରୀ ଏବଂ ଗୃହର ଅଳଙ୍କାରସ୍ୱରୂପ । ତାହା ଅଭାବରେ ଧୂମ-ମଳିନ କାଚାଧାରମଧ୍ୟସ୍ଥ ଦୀପଶିଖା ପରି ମୋର ଗୃହ ହତଶ୍ରୀ ଦିଶୁଅଛି । ତାହାର ଅମର ସ୍ମୃତି ଗଗନପବନରେ ତରଙ୍ଗିତ ହୋଇ ରହିଅଛି । ତାହାର ଗୁଣ ମୋତେ କନ୍ଦାଉଅଛି । ସଂସାରରେ ଗୁଣବତୀ ସ୍ତ୍ରୀ ମନୁଷ୍ୟର ଦ୍ୱିତୀୟ ଜୀବନ । ତାହାର ପବିତ୍ର ଅଧିକାର ମୁଁ ଅପରକୁ ଦେବାକୁ ଏକାନ୍ତ କୁଣ୍ଠିତ । ମୃଗୁଣୀ ବ୍ୟତୀତ ବାଘୁଣୀ କି ମୃଗର ବ୍ୟଥା ବୁଝିବ ? ଚନ୍ଦନ ବ୍ୟତୀତ ଅଗ୍ନି କି ଦାହଶାନ୍ତିର ହେତୁ ହେବ ? ବର୍ଷାର ବାରିପ୍ରବାହ ତୁଲ୍ୟ ମୋର ଚକ୍ଷୁଧାରା ଖରଗତିରେ ପ୍ରବାହିତ ହେଉଅଛି ସତ୍ୟ; ମାତ୍ର ତାହା ତାହା ପାଇଁ ନୁହେଁ । ସେ ସତୀ ଚିରେଭୂଷା, ହସି ହସି ସତୀ ସ୍ୱର୍ଗକୁ ଚାଲିଯାଇଅଛି ! ତାହା ପାଇଁ ଶୋକ କରି ମୁଁ ତାହାର ମୁକ୍ତିପଥର କଣ୍ଟକ ହେବି କାହିଁକି ? ମୋର ଦୁଃଖ ମୋର ବାଳିକା କନ୍ୟା ସକାଶ । ସେ ତାହା ମାତାର ସ୍ମୃତିର ମୂର୍ତ୍ତି ସ୍ୱରୂପ । ରୂପ ଅଳଙ୍କାରକୁ ଏବଂ ଅଳଙ୍କାର ରୂପକୁ ଉଜ୍ଜ୍ୱଳ କଲା ପରି ସେ ଉଭୟେ ଉଭୟକୁ ସୁନ୍ଦର କରିଥିଲେ । ତାହାର ଦେବୀକଳ୍ପା ଜନନୀ ତାହାଠାରେ ନିଜର ଅନେକ ଗୌରବମୟ ପବିତ୍ର ନିଦର୍ଶନ ରଖିଯାଇଅଛି । ହାୟ ! ମାତୃହରା ମା ମୋର କପରି ବଞ୍ଚିବ ? ଊଷାର ଅଙ୍କଭ୍ରଷ୍ଟ ହୋଇ କୁଆଁତାରାଟି କେତେ କ୍ଷଣ ବଞ୍ଚିପାରେ ? ଦୁରନ୍ତ ବାତ୍ୟା ଲତାକୁ ଉପାଡ଼ିଦେଲେ ସୁକୁମାର ଫୁଲଟି ମଉଳି ଝଡ଼ିପଡ଼ିବ ସିନା ! ମୃଗୁଣୀକୁ ବ୍ୟାଘ୍ର ଭକ୍ଷଣ କଲେ ଦୁଗ୍ଧଜୀବୀ ମୃଗଶିଶୁର ଯେଉଁ ଦଶା ହୁଏ, ମୋର କନ୍ୟାଟିର ସେହି ଦଶା ହେବ, ଏହା ଭାବି ମୁଁ ଦୁଃଖିତ ଏବଂ ଚିନ୍ତିତ । ନଚେତ୍ ସେ ତ ମୋତେ ଅର୍ଦ୍ଧମୁକ୍ତ କରିଦେଇଅଛି, ଏହା ତ ମୋ ଭାଗ୍ୟରେ ମନ୍ଦର ଭଲ । ଏ ସଂସାର ବଡ଼ ବିଷମ । ଏଠାରେ ଯାହାର ବନ୍ଧନ ଯେତିକି ଛିଡ଼ିଥିବ, ସେ ତେତିକି ମୁକ୍ତ ହୋଇଥିବ । ଯେଉଁମାନେ ଚିରକୁମାର, ସେମାନେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ ଏବଂ ସୌଭାଗ୍ୟବାନ୍ । ସେମାନଙ୍କର ସ୍ୱାଧୀନଚେତା ସଂସାରରେ ପ୍ରତିହତ ହୁଏ ନାହିଁ । ଯାହା ପାଇଁ ସଂସାରରେ କେହି କାନ୍ଦିବାକୁ ନାହିଁ, ସେ ଧନ୍ୟ । ତାହାର ଜୀବନ ଚିରଜୀବିତ । ଅନ୍ୟଥା କୁଟୁମ୍ବୀ ଲୋକର ଜୀବନ ମୃତ ଏବଂ ଅସାର । ତାହାର ଇଚ୍ଛା ଏକଆଡ଼େ ଯାଏ ଏବଂ କାର୍ଯ୍ୟ ଅନ୍ୟଆଡ଼େ ଯାଏ । ସେ ଶୃଙ୍ଖଳାବଦ୍ଧ ଏବଂ ତାହାର କାମନା ବିଶୃଙ୍ଖଳ । ତାହାର ମନ ବୁଦ୍ଧି ତାହାର ନୁହେଁ, ସେ ପରିବାର ହସ୍ତର କ୍ରୀଡ଼ାପିତୁଳା ଏବଂ ନାକଫୋଡ଼ା ବଳଦ !

ସମୟ ଏବଂ ନଦୀସ୍ରୋତ କେବେ ପଛକୁ ଫେରି ଚାହାନ୍ତି ନାହିଁ କିମ୍ବା କାହାରିକୁ ଅପେକ୍ଷା କରନ୍ତି ନାହିଁ । ସେମାନେ ସର୍ବଦା ସମାନଭାବରେ ଚାଲିଥାଆନ୍ତି । ଦେଖୁଁ ଦେଖୁଁ କେତେ ବର୍ଷ ଚାଲିଗଲା । ସାମନ୍ତଙ୍କ କନ୍ୟା କଣ୍ଠେଶ୍ୱମଣି ଉପଯୁକ୍ତା ହେବାରୁ ସାମନ୍ତେ ତାହାକୁ ସତ୍ପାତ୍ରରେ ଅର୍ପଣ କରି ତାହା ସମ୍ବନ୍ଧରେ ନିଶ୍ଚିନ୍ତ ହେଲେ । ତାଙ୍କର ସନ୍ତାନ ତିନୋଟି, ଦୁଇଟି ପୁତ୍ର ଏବଂ ଗୋଟିଏ କନ୍ୟା । ଜ୍ୟେଷ୍ଠ ପୁତ୍ର ଗୋପାଳର ସ୍ୱଭାବଚରିତ୍ର ଠିକ୍ ପିତାଙ୍କ ପରି । ସୁବର୍ଣ୍ଣରୁ ଅଳଙ୍କାର ଜାତ ହେଲା ପ୍ରାୟ ସେ ପିତୃସଦ୍‌ଗୁଣର ଉପଯୁକ୍ତ ଦାୟାଦ । ମାତ୍ର ସାନ ପୁଅଟି ତାର ଠିକ୍ ବିପରୀତ । ସେ ଭାରି ଚୁକୁଳିଆ, ଗାଁ ପିଲାଙ୍କ ସଙ୍ଗରେ ଖୁଡ଼େଇ ହୋଇ ଲାଗିବା ତାହାର ଗୋଟାଏ ପ୍ରକୃତି । ୧୬।୧୭ ବର୍ଷର ହେଲାଣି, ତଥାପି ଅନକ୍ଷର । ନାମ

ମଧୁ, କିନ୍ତୁ ସ୍ୱଭାବ ବଡ଼ ଶାନ୍ତ । ସାଆନ୍ତେ ତାଙ୍କୁ ପଢ଼ାଇବାର ବ୍ୟବସ୍ଥା କରି ଝଙ୍କଡ଼ରୁ ଜଣେ ଓଝା ଅବଧାନ ଅଣାଇଲେ । ସେ କାଳର ଓଝାମାନେ ଖଣ୍ଡେ ଖଣ୍ଡେ ନିଆଁମୁଣ୍ଡା ଡମ୍ବା ଜଣେ ଜଣେ ଦୁର୍ବାସା ଋଷିତୁଲ୍ୟ ଥିଲେ । ସେମାନେ ଅଣ୍ଟିମାନରେ ଗୋଟିଏ ଗୋଟିଏ ହିମାଳୟ ପର୍ବତ । ନିଜକୁ ମୁଁ ବୋଲି କହିଲେ ସେମାନଙ୍କର ମାନ ହାନି ହୁଏ, ସୁତରାଂ ଆମେ ବୋଲି କହନ୍ତି । କଥା କଥାକେ ତୁଷା, କଥା କଥାକେ ଅପମାନ । ଯାହାହେଉ ମଧୁ ଯେପରି କାମୁଡ଼ା ଘୋଡ଼ା ଅବଧାନ ତାହାଙ୍କୁ ସେହିପରି ସୈତାନ ସଇସ ମିଳିଲା । ମାତ୍ର ମଧୁର ଅଦୃଷ୍ଟ ଭଲ, ଅବଧାନେ ଦିନେମାତ୍ର ରହି ଚିର ବିଦାୟ ନେଲେ । ନୈଶ ଭୋଜନ ସମୟରେ ଦୈବାତ୍ ଅବଧାନଙ୍କ ଭାତରୁ ଗୋଟାଏ ଧାନ ବାହାରିଲା । ଆଉ ସମ୍ଭାଳେ କିଏ ? ରାଗରେ କଣ୍ଟିଆ ମାଛ ପରି ଫୁଁ ଫାଁ ହୋଇ ଧଡ଼ପଡ଼ ଉଠିପଡ଼ି କହିଲେ,—

"କୁଣ୍ଡା ସଲ ସଲ ସେଜ ବଲ ବଲ ସୁଣ୍ଡାକେ
ଛ ଗଣ୍ଡା ଧାନ,
ଖାଆନ୍ତି କି ଏହା ଗଣ୍ଡାକଡ଼ା ଭଡ଼ା
ପିଣ୍ଡାବସା ଅବଧାନ ।"

ଯେତେ ବୁଝାଇଲେ ଅବଧାନେ ଆଉ ରହିଲେ ନାହିଁ । ତହୁଁ ଆରଦିନ ସକାଳୁ ଉଠି ବୁଜୁଳାବୁଜୁଳି ଏବଂ ପୋଥିପତ୍ର ଧରି ଚାଲିଗଲେ । ମଧୁ ମହା ଖୁସି, ତାଳି ଚାପଡ଼ା ମାରି କହିଲା,—

"କେଉଟ, ଯେଉଁ ବାଟେ ଆସିଥିଲ ସେହି ବାଟେ ନେଉଟ ।"

ପଛରେ ଶୁଣାଗଲା, ଅବଧାନେ ଯିବାବେଳେ ବାଟରେ ବ୍ରାହ୍ମଣୀର ରୌଦ୍ରମୂର୍ତ୍ତି ଉଦ୍ଦେଶ୍ୟରେ ନାନା ଅଖାଦ୍ୟ ଏବଂ ଅପେୟ ପଦାର୍ଥରେ ଶ୍ରାଦ୍ଧ ବାଡ଼ି ବାଡ଼ି ଯାଉଥିଲେ । ଆହୁରି ମଧ୍ୟ ଛଟା ମେଲି କହୁଥିଲେ,—

ଶୀତଳପୁରିଆ ପଢନ୍ତି ପାଠ,
ଯେବେ ପଢନ୍ତି ଦିନା ଆଠ ଆଠ,
ଯେବେ ନ ବରଷେ ପାଣି,
ତେବେ ଯାଆନ୍ତି ତେଣ୍ଡା ଟାଣି ।

ସେ କାଳର ଓଝାମାନେ ଛଟା, ଢଗ ଏବଂ ତୁଣ୍ଡେ ତୁଣ୍ଡେ ଅନୁପ୍ରାସ ରଖି କବିତା ରଚନାରେ ଖୁବ୍ ନିପୁଣ ଥିଲେ । ପୁଣି ଶିଷ୍ୟଙ୍କୁ ଗାଳିମାଡ଼ରେ ସମ୍ବର୍ଦ୍ଧନା କରିବାକୁ ମଧ୍ୟ ତତୋଽଧିକ ନିପୁଣ ଥିଲେ । ସେମାନଙ୍କର କୀର୍ତ୍ତି-କାହାଣୀ ଲେଖି ବସିଲେ ମହାଭାରତ ଭଳି କେତେ ଖଣ୍ଡ ପ୍ରକାଣ୍ଡ ପୋଥି ହେବ । ଗର୍ବରେ ତ ନବାବଙ୍କ ନାତି ତାଙ୍କୁ ସରି ନୁହେଁ ।

ଅନନ୍ତର ଅନ୍ୟ ଜଣେ ଶିକ୍ଷକ ଅଣାଇ ମଧୁର ଶିକ୍ଷାର ବ୍ୟବସ୍ଥା କରାଗଲା । କାଳିଦାସଙ୍କ ପରି ମଧୁଙ୍କି ମା ସରସ୍ୱତୀଙ୍କର ବରପୁତ୍ର, ସୁତରାଂ ମହାଶ୍ରୁତିଧର । ଗଣ୍ଡାକ ସୁବିକଡ଼ା ବୋଲି ଆଜି ତାଙ୍କୁ ଶିଖାଇ ଦେଇ କାଲି ପଚାରିଲେ, ଛ' କଡ଼ା କମ୍ବା ତେର କଡ଼ା କହେ । ଗୁରୁଦେବ ଛାତ୍ରର ଏହି ଅସାଧାରଣ ସ୍ମୃତିଶକ୍ତିରେ ତାଟଙ୍କା ହୋଇ କୃତାର୍ଥ ମଣନ୍ତି ଏବଂ ତାହାକୁ ଜନ୍ମ ବିଶେଷ ବୋଲି ଅଭିହିତ କରନ୍ତି । କେବେ ଅବା ପୁରସ୍କାର ସ୍ୱରୂପ ଗୋଟି କେତେ ମଧୁର ପ୍ରହାର ସ୍ନେହୋପହାର ପ୍ରଦାନ କରନ୍ତି । ମଧୁ ବସ୍ତୁତଃ ନାସ୍ତୁର ହୋଇ ଲୁଚେ । ଥରେ ଥରେ ତାହାକୁ ୪।୫ ଦିନଯାଏ ଗଛରେ ଚଢ଼ି ଲୁଚିବାର ଦେଖାଯାଇଅଛି । ସାମନ୍ତଙ୍କ ହାଣ୍ଡିଶାଳ ଘର ଓଳରେ ଗୋଟାଏ ପ୍ରକାଣ୍ଡ ଝଙ୍କାଳିଆ ତେନ୍ତୁଳି ଗଛ ଅଛି । ସେହି ଗଛଟି ମଧୁସୂଦନଙ୍କର ମହଦାଶ୍ରୟ । ରାତିରେ ସମସ୍ତେ ଖାଇସାରି ଶୋଇଲେ ମଧୁ ଗଛରୁ ଓହ୍ଲାଇ ହାଣ୍ଡିଶାଳରେ ପଶି ପଖାଳର ସଦ୍ବ୍ୟବହାର କରି ଶୋଇପଡ଼େ ଏବଂ ରାତି ନ ପାହୁଣୁ ପୁଣି ଗଛକୁ ଉଠି ଆତ୍ମଗୋପନ କରେ । ପିତା ପୁତ୍ରର ଏହିପରି ବ୍ୟବହାରରେ ବିରକ୍ତ ହୋଇ ତାହାର ପଢ଼ାଶୁଣା ବନ୍ଦ କରିଦେଲେ ଏବଂ ମନେ ମନେ ଭାବିଲେ, ନ ପଢ଼ିଲା ତ ନାହିଁ ମନକୁ ବାଧିଲେ ମା' ଚେଉଣ୍ଡି ପିଲାଟା ପୁଣି କି ଉପଦ୍ରବ କରି ବସିବ । ଆଉ ପଢ଼ି ଅବା କଣ କରିବ, ଚାକିରି କରିବାକୁ ତ ଯିବ ନାହିଁ ? ମୋର କଅଣ ଅଭାବ ଯେ, ପର ଗୋଡ଼ତଳେ ମୁଣ୍ଡ ରଖିବ ? ବଡ଼ିଲେ, ବୁଦ୍ଧି ହେଲେ, ବଳେ ବିଷୟ-ବାସରେ ଲାଗିବ । ମନ୍ତ୍ର ଯାହା ଖୋଜୁଥିଲା, ବୈଦ୍ୟ ତାହା ବତାଇଲା । ସୁତରାଂ ମଧୁ ସେହିଦିନଠାରୁ

ଶିକ୍ଷାରେ ଜଳାଞ୍ଜଳି ଦେଇ ତାସ୍, ପଶା ନେଇ ବସିଲି । କିନ୍ତୁ ଅବଧାନେ ଯେ ଏତେ ମାରିଥିଲେ, ତାଙ୍କ କବୁଣୀରେ ଉପଯୁକ୍ତ ଗୁରୁଦକ୍ଷିଣା ନ ଦେଲେ ତାଙ୍କୁ ଆଜୀବନ ଋଣୀ ହୋଇ ରହିବାକୁ ହେବ । ଏହା ଭାବି ଗୁରୁଙ୍କର ଗୋଟିଏ କୁଶପୁତ୍ତଳା ପ୍ରସ୍ତୁତ କରି ତାହା ଅଗ୍ନିଦେବଙ୍କୁ ସମର୍ପଣ ପୂର୍ବକ ସେ ଋଣରୁ ମୁକ୍ତ ହେଲି । ଗୁରୁଦେବ ଏହା ଶୁଣି ଛାତ୍ରକୁ ଆଶୀର୍ବାଦ କରି କହିଲେ 'ତୁ ଜାଇଫୁଲର ପରମାୟୁ ଘେନି ବଞ୍ଚିଥା'ରେ ମଧୁଆ ।'

ଦିନେ ହେମହରି ସାଆନ୍ତେ ବଡ଼ ପୁଅକୁ ଡାକି କହିଲେ,—ଗୋପାଳ, ମୋର ତ ଜୀବନର ସନ୍ଧ୍ୟାକାଳ ଉପସ୍ଥିତ, ଏଣିକି ଅନ୍ଧକାର ମାଡ଼ି ଆସିବ । ଏ ସଂସାର ସଂସାର ନୁହେଁ --ଏହା ଅସାର । ଏଠାରେ ଲୋକେ ଉପାଧି ଖୋଜି ଖୋଜି ବ୍ୟାଧିଗ୍ରସ୍ତ ହୁଅନ୍ତି, ତଥାପି ଲାଳସା ପୂର୍ଣ୍ଣ ହୁଏ ନାହିଁ । ଶେଷରେ ଅତୃପ୍ତ ଲାଳସାର ଦୁର୍ବିସହ ଭାର ହୃଦୟରେ ବହନ କରି ହାହାମୟ ଜୀବନ ଘେନି ସଂସାରରୁ ଫେରି ଆସନ୍ତି । ଆସକ୍ତି-ଅନଳ ବଡ଼ ଦୁର୍ବାର, କୋଟି ବ୍ରହ୍ମାଣ୍ଡ ଜାତ କଲେ ସୁଦ୍ଧା ସେ ତୃପ୍ତ ହୁଏ ନାହିଁ । ମନୁଷ୍ୟ ମାଟିର ସନ୍ତାନ, ଦୁଇଦିନେ ମାଟିରେ ମିଶିଯିବ । ଭ୍ରାନ୍ତ ମନୁଷ୍ୟ ଏହି କଠୋର ସତ୍ୟ ଭୁଲିଯାଇ ବିଷୟ ନିଶାରେ ଭୋଳ ହୋଇଥାଏ । ଯେଉଁ କୃତୀ ପୁରୁଷ କର୍ମରୂପ ଅଗ୍ନିପରୀକ୍ଷାରେ ଶରୀର ଏବଂ ମନ ବିଶୁଦ୍ଧ କରିପାରେ, ତାହାର ସୌଭାଗ୍ୟ-ଶୁକ୍ତିକାରେ ଦେବ କୃପାରୂପ ସ୍ୱାତୀ ନକ୍ଷତ୍ରର ବୃଷ୍ଟିବାରିପାତ ହୋଇ ମୁକ୍ତିରୂପ ମୁକ୍ତା ଲାଭହୁଏ । ସ୍ୱର୍ଗର ଗୌରବମାଲ୍ୟର ସେହି କେବଳ ଅଧିକାରୀ । ଏହା ଭାବି ମୁଁ ପାର୍ଥିବ ନଶ୍ୱର ବିଷୟ-ରାଜ୍ୟରୁ ଅବସର ନେବାକୁ ଇଚ୍ଛା କରିଅଛି । ଏଣିକି ଦଶର ଏବଂ ଦେଶର ସେବା କରି ପରକାଳର ସମ୍ବଳ ସଂଗ୍ରହ କରିବି । ତୁ ଦୁଇବର୍ଷ ବିଷୟବାଡ଼ି ଯେପରି ରକ୍ଷଣାବେକ୍ଷଣ କରୁଛୁ, ସେହିପରି କରୁଥା । ଆଶୀର୍ବାଦ କରୁଛି—ଈଶ୍ୱର ତୋତେ ସର୍ବଦା ସୁମତି ପ୍ରଦାନ କରନ୍ତୁ । ମୁଁ କାଲିଠାରୁ ଗ୍ରାମର ଉନ୍ନତିରେ ଆତ୍ମନିୟୋଗ କରିବି ।" ପିତାଙ୍କର ଏହି ସାଧୁ ପ୍ରସ୍ତାବରେ ସାଧୁ ପୁତ୍ର ସମ୍ମତ ହୋଇ କହିଲା, "ପିତଃ, ଆପଣ ଦୂରତୀର୍ଥକୁ ଗଲେ ବିଷୟ ସମ୍ଭାଳିବାକୁ ମୋର ବହିକି ଶକ୍ତି ନାହିଁ । ମାତ୍ର ଆପଣ ତ ଏହିଠାରେ ରହିବେ । ଆପଣଙ୍କ ଉପଦେଶମତେ କାର୍ଯ୍ୟ କରିବି, ଏଥିରେ ମୋର ଚିନ୍ତା ବା ଭୟ କଅଣ ? ମୁଁ ଅଯୋଗ୍ୟ ହେଲେ ସୁଦ୍ଧା ଆପଣଙ୍କ ଅବ୍ୟର୍ଥ ଦେବ-ଆଶୀର୍ବାଦ ମୋତେ ନିଶ୍ଚୟ ସୁପଥ ଦେଖାଇବ । ହିମାଳୟ ପଦ-ପ୍ରାନ୍ତରେ କ୍ଷୁଦ୍ରତରୁପ୍ରାୟ ମୁଁ ଆପଣଙ୍କ ପଦତଳେ ବସି ନୀତି ଉପଦେଶ ଗ୍ରହଣ କରିବି, ଏହା ତ ମୋର ସୌଭାଗ୍ୟର କଥା ।" ଏହା ଶୁଣି ପିତା କହିଲେ, "ଗୋପାଳ, ଦୂର ତୀର୍ଥକୁ କାହିଁକି ଯିବି ? ତୀର୍ଥ ଦର୍ଶନରେ ପୁଣ୍ୟ ବା ମୁକ୍ତି ଥିଲେ ଆଜନ୍ମ ତୀର୍ଥବାସୀଙ୍କର ପାପ ବା ବନ୍ଧନ କଅଣ ? ତୀର୍ଥର ମାହାତ୍ମ୍ୟ ଅସ୍ୱୀକାର୍ଯ୍ୟ ନୁହେଁ; ମାତ୍ର ତୀର୍ଥ ମାନବକୁ ଯାହା ଦାନ କରେ, ତାହା ଯେବେ ଏହି ଗ୍ରାମରୁ ମିଳିପାରେ, ତାହାହେଲେ ଏହି କ୍ଷୁଦ୍ର ଗ୍ରାମଖଣ୍ଡି ସୁଦ୍ଧା ତୀର୍ଥ ହୋଇପାରେ । ଏହା ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ସ୍ୱାସ୍ଥ୍ୟପ୍ରଦ ହୁଏ, ଆଉ ଏହାର ପ୍ରତ୍ୟେକ ଅଧିବାସୀ-ହୃଦୟରୁ ଦ୍ୱେଷ, ଈର୍ଷା, ପାପ, ତାପ ଇତ୍ୟାଦି ଦୂରୀଭୂତ ହୋଇ ସ୍ନେହ, ପ୍ରେମ, ମୈତ୍ରୀ, ଦୟା, କ୍ଷମା, ସାଧୁତା ପ୍ରଭୃତି ପ୍ରକୃତ ଧର୍ମଭାବରେ ସମସ୍ତେ ମଣ୍ଡିତ ହୁଅନ୍ତି, ତେବେ ଏ ସ୍ଥାନ ଦେବବାଞ୍ଛିତ ପୁଣ୍ୟତୀର୍ଥରେ ପରିଣତ ନ ହେବ କାହିଁକି ? ଅଧିକନ୍ତୁ ମାତୃସମା ମାତୃଭୂମିଠାରୁ ବଳି ତୀର୍ଥ କେଉଁଠାରେ ଅଛି ? ସ୍ୱର୍ଗ ଯାହାକୁ ସରି ନୁହେଁ, ଆଉ କିଏ ବା ତାହାର ସମାନ ହେବ ? ଏ ଶରୀର ମାତୃମହୀର ଅଂଶରୁ ଜାତ ହୋଇଅଛି । ସୁତରାଂ ଶେଷରେ ତାହାର ଅଂଶ ତାହାର ଦେହରେ ମିଶାଇବା ହିଁ କର୍ତ୍ତବ୍ୟ ଏବଂ ଧର୍ମ । ଅତଏବ ତୀର୍ଥମୃତ୍ୟୁରେ କେଉଁ କାରଣ ଅଛି ?" ଏହା ଶୁଣି ଗୋପାଳ ଆନନ୍ଦଗଦ୍‌ଗଦ କଣ୍ଠରେ କହିଲା, "ପିତଃ, ଆଜି ମୁଁ ଆପଣଙ୍କ ମୁଖରୁ ତୀର୍ଥତତ୍ତ୍ୱ ଶୁଣି କୃତାର୍ଥ ହେଲି । ଆପଣ ନର ନୁହନ୍ତି, ଦେବତା । ମୁଁ ଦେବପିତାଙ୍କର ପୁତ୍ର ବୋଲି ବାସ୍ତବରେ ଗର୍ବ ଅନୁଭବ କରୁଅଛି । ମୋର ଏ ଗର୍ବ ନିରର୍ଥକ ନୁହେଁ, ପ୍ରକୃତ ସତ୍ୟାନୁପ୍ରାଣିତ ।" ପିତା ପୁତ୍ରର ଏବଂବିଧ ବାକ୍ୟ ଶୁଣି କହିଲେ, "ଗୋପାଳ, ପ୍ରାଣର ଗୋପାଳ, ତୋ ପରି ଗୁଣଧର ସୁପୁତ୍ର ଏବଂ ବଧୂ-ମାତାଙ୍କ ପରି ଲକ୍ଷ୍ମୀକଳା ସୁବଧୂ ପାଇ ମୁଁ ନିଜକୁ ଧନ୍ୟ ମଣିଅଛି ।

ଉଭୟେ ଦୀର୍ଘଜୀବୀ ହୋଇ ସଂସାରରେ ଅକ୍ଷୟ କୀର୍ତ୍ତି ଉପାର୍ଜ୍ଜନ କର, ମୋର ଏହୁ ଆଶୀର୍ବାଦ ।”

ହେମନ୍ତର ସାମନ୍ତ ଗ୍ରାମରୁ କେତେ ଜଣ ନିଜର ମନୋମତ ଚରିତ୍ରବାନ୍ ସହକାରୀ ବାଛିନେଇ ସେମାନଙ୍କ ସାହାଯ୍ୟରେ ଗ୍ରାମର ସଂସ୍କାରରେ ପ୍ରବୃତ୍ତ ହେଲେ । ବସନ୍ତ ଏବଂ ମହାମାରୀରେ ପ୍ରତିବର୍ଷ ଗ୍ରାମର ଅନେକ ଲୋକ ମରନ୍ତି । ସେଥିର କାରଣ ପାନୀୟ ଜଳର ଅଭାବ । ସାମନ୍ତଙ୍କର ଦୃଷ୍ଟି ପ୍ରଥମେ ସେହି ଦିଗରେ ପଡ଼ିଲା । ତହୁଁ ସେ ଗ୍ରାମବାସୀମାନଙ୍କୁ ଡକାଇ, ଗୋଟିଏ ସ୍ଥାନ ଦେଖାଇ ଦେଇ କହିଲେ, “ତୁମ୍ଭେମାନେ ପ୍ରତ୍ୟହ ବିଲରୁ ଫେରିଲାବେଳେ ତୋଳେ ଲେଖାଏଁ ମାଟି ଏହିଠାରୁ ଖୋଳିନେଇ ଗ୍ରାମର ମଝି ଦାଣ୍ଡରେ ପକାଇବ । ମଝି ଦାଣ୍ଡଟା ଏପରି ଖାଲ ଯେ, ବର୍ଷା ହେଲେ କାଦୁଅରେ ଅତି କଦର୍ଯ୍ୟ ହୋଇଯାଏ । ସେହିପରି କରିବାରୁ ଅଳ୍ପଦିନ ମଧ୍ୟରେ ଗୋଟିଏ ସୁପେୟ ଜଳର ପୁଷ୍କରିଣୀ ଖୋଳା ହୋଇଗଲା । ଅଧିକନ୍ତୁ ଯାହା ଦେଖା, ତୋଳି ବକା ଏକ ସଙ୍ଗରେ ହେଲାପରି ଗ୍ରାମ ମଧ୍ୟରେ ଗୋଟିଏ ପ୍ରଶସ୍ତ ସଡ଼କ ପ୍ରସ୍ତୁତ ହୋଇଗଲା । ଅଥଚ ଗୋଟାଏ ପଇସା ଖର୍ଚ୍ଚ ହେଲାନାହିଁ । ତହିଁପରେ ସାମନ୍ତେ କହିଲେ, “ଗାଧୋଇବା ସମୟରେ ସମସ୍ତେ ପୁରୁଣା ପୋଖରୀରୁ ମେଞ୍ଚାଏ ଲେଖାଏଁ ଦଳ ଏବଂ ପଙ୍କ ନେଇ ଆଡ଼ରେ ପକାଇବ ।” ଏହି କୌଶଳରେ ମାସକ ମଧ୍ୟରେ ପୁରୁଣା ପୋଖରୀଟିର ସଂସ୍କାର ହୋଇଗଲା । ଶସ୍ୟ ଅମଳ ସମୟରେ ପ୍ରତ୍ୟେକ ଚାଷିଠାରୁ କିଛି ଶସ୍ୟ ଆଦାୟ କରି ସେହି ଶସ୍ୟ-ବିକ୍ରୟଲବ୍ଧ ଅର୍ଥରେ ଗୋଟିଏ ପାଣ୍ଠି କରାଗଲା । ଗ୍ରାମର ପଞ୍ଚାୟତ ବସାଇ ଝଗଡ଼ାବିବାଦ ବୁଝାଗଲା । ସ୍ଥଳ-ବିଶେଷରେ ଦୋଷୀକୁ ସାମାନ୍ୟ ଅର୍ଥଦଣ୍ଡ ହୁଏ । ତାହା ଅର୍ଥ ପାଣ୍ଠିକୁ ଆହୁରି ପୁଷ୍ଟ କଲା । ପାଣ୍ଠିର ଅର୍ଥରେ ପାଠଶାଳା, ଔଷଧାଳୟ, ପାନ୍ଥଶାଳା ପ୍ରଭୃତି ସ୍ଥାପିତ ହେଲା । ଗ୍ରାମର ଉପକଣ୍ଠରେ ଗୋଟିଏ ସାପ୍ତାହିକ ହାଟ ବସିଲା । ତଦ୍ଦ୍ୱାରା ଗ୍ରାମବାସୀଙ୍କର ବିକା କିଣାର ସୁବିଧା ହେଲା । ଏହିପରି ଯେଉଁ ଦିଗରେ ଯାହା ଅଭାବ ଦେଖାଗଲା, ତାହା ପୂର୍ଣ୍ଣ କରି ଦିଆଗଲା । ଏହିପରି କରିବା ଦ୍ୱାରା ଗ୍ରାମଟି ଗୋଟିଏ ସହର ତୁଲ୍ୟ ସର୍ବାଙ୍ଗସୁନ୍ଦର ହୋଇ ଉଠିଲା । ନାଗରିକ ଉପାଦାନର ଆଉ ଅଭାବ ରହିଲା ନାହିଁ । ଗ୍ରାମବାସୀମାନେ ପରମୁଖାପେକ୍ଷୀ ନ ହୋଇ ସ୍ୱାବଲମ୍ବୀ ହୋଇ ଉଠିଲେ । କେତେ ଜଣ ସ୍ୱେଚ୍ଛାସେବକ ବାହାରି ରାତିରେ ଜଗି ଗ୍ରାମକୁ ଚୋର ଖଣ୍ଟ ଉପଦ୍ରବରୁ ରକ୍ଷା କଲେ । ଲୋକଙ୍କର ସଦ୍ଭାବ ସମ୍ପ୍ରୀତି କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ଗ୍ରାମଟି ଗୋଟିଏ ପରିବାର ତୁଲ୍ୟ ହୋଇ ରହିଲା । ଯେଉଁମାନେ ରାଜକୀୟ ସାହାଯ୍ୟ ବ୍ୟତୀତ ଗ୍ରାମର ଶ୍ରୀବୃଦ୍ଧି ଅସମ୍ଭବ ବୋଲି ଉଚ୍ଚ ଚିତ୍କାରରେ ଗଗନପବନ ବିଦୀର୍ଣ୍ଣ କରନ୍ତି, ସେମାନେ ଶୀତଳପୁରର ଉନ୍ନତି ଦେଖି କିଛି ଶିକ୍ଷା କରିବେ କି ?

# ତୃତୀୟ ପରିଚ୍ଛେଦ

ସୁନାଘାଇ ପର୍ବତର ସର୍ବୋଚ୍ଚ ଚୂଡ଼ା ବଡ଼ ଭୀଷଣ ଏବଂ ଦୁରାରୋହ । କେବଳ ଦୁରାରୋହ କାହିଁକି, ଅନାରୋହ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ, ଯେମନ୍ତ କି ଖଣ୍ଡେ ପ୍ରଶସ୍ତ ସ୍ଥୂଳ ପାଷାଣ କାଟିଦେଲା ପ୍ରାୟ ସରଳ ଭାବରେ ଠିଆ ହୋଇଅଛି । ତଳୁ ପ୍ରାୟ ୫୦ ହାତ ପର୍ଯ୍ୟନ୍ତ ବୃକ୍ଷଲତାଶୂନ୍ୟ । ଉପରେ ଗୋଟାଏ ଗୁମ୍ଫା ଅଛି । ତଳୁ ଚାହିଁଲେ ଗୋଟାଏ ବିରାଟବପୁ ଦୈତ୍ୟ ବିକଟମୁଖ ବ୍ୟାଦାନ କରି ବସି ରହିଲାପ୍ରାୟ ଦେଖାଯାଏ । ଚୂଡ଼ା ଉପରେ ସମୁନ୍ନତକାୟ ତରୁ, ଗହଳ ଲତା ଏବଂ ବିସ୍ତୃତ କଦଳୀବନ ସେହି ମହାଦୈତ୍ୟ ମସ୍ତକସ୍ଥ ଅଯତ୍ନବିନ୍ୟସ୍ତ କେଶରାଶି ପରି ପ୍ରତୀୟମାନ ହୁଏ । କଦଳୀଗଛଗୁଡ଼ିକ କେଉଁ ପୀତ, କେଉଁ ଅପୀତ, ଏବଂ କେଉଁ ବା ହରିତ ବର୍ଣ୍ଣର ଫଳଭାରରେ ଆନତ । ତଳୁ ତାହା ଦେଖି ମର୍କଟଯୂଥର ରସନା ଲାଳାୟିତ ହୁଏ । ତହୁଁ ସେମାନେ ଶତ ଅସମ୍ଭାଳ ଆଶା-ଭର ହୃଦୟରେ ବହନ କରି ଅଧୀର ଆଗ୍ରହରେ ଉପରକୁ ଉଠିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି । ସହସ୍ର ଚେଷ୍ଟାରେ ମଧ୍ୟ ପହଞ୍ଚି

ଅଗ୍ରସର ହୋଇପାରନ୍ତି ନାହିଁ । ଚତୁଃଷ୍ପାର୍ଶ୍ୱ ଏପରି ପିଚ୍ଛିଳ ଯେ, ଗୋଡ଼ ଦେବାର ଉପାୟ ନାହିଁ । କପିକୁଳର ସହସ୍ର ଲମ୍ଫଝମ୍ପ ବିଫଳ ହୁଏ । ଯେତେବେଳେ ସେମାନେ ଅକୃତକର୍ମା ହୋଇ ଅତୃପ୍ତ ବାସନାର ବ୍ୟର୍ଥଭାର ବହନ କରି ଫେରି ଯାଆନ୍ତି, ସେତେବେଳେ ବୋଧ ହୁଏ ମନକୁ ଏହିପରି ପ୍ରବୋଧ ଦିଅନ୍ତି—"ଛି, କଦଳୀ ଫଳଗୁଡ଼ାକ ବଡ଼ ବିସ୍ୱାଦୁ, କୋଡ଼ଲା-କରଞ୍ଜ-ପକ୍ୱ ଶ୍ରେଣୀ ଉଦ୍‌ଭୂତ ମର୍କଟ ମହାଜାତିର ଖାଦ୍ୟ ନୁହେଁ। ଇତର ଅସଭ୍ୟ ମାନବଜାତି ସକାଶେ ବିଧାତା ତାହା ସୃଷ୍ଟିକରି-ଅଛନ୍ତି । ବାନରଜାତି ବରଂ ଅନାହାରରେ ମରିବ, ମାତ୍ର ଏରୂପ କଦର୍ଯ୍ୟ ପଦାର୍ଥ ଉଦରସ୍ଥ କରି ଉଦରକୁ ଅପବିତ୍ର କରିବା ତାହାର ଧର୍ମ ନୁହେଁ । ଘୃଣ୍ୟ ତୁଚ୍ଛ କଦଳୀଫଳରେ କିଅଁ ଲାଭ କଖାରୁର ମାଧୁର୍ଯ୍ୟ ଅଛି, ନା ରସଗନ୍ଧ ଅଛି ? ଆମ୍ଭେମାନେ ସ୍ୱୟଂ ଭଗବାନ ରାମଚନ୍ଦ୍ରଙ୍କର ବାହନ, ସୁତରାଂ କଦଳୀ ଖାଇ ଜାତି ହରାଇଲେ ସେ କି ଆଉ ଆମ୍ଭମାନଙ୍କୁ ପୂର୍ବପରି ସ୍ନେହ କରିବେ ? ବରଂ ଜାତିଭ୍ରଷ୍ଟ ହେବା ହେତୁ କୁମ୍ଭୀପାକ ରାଜ୍ୟକୁ ପଠାଇବାର ବ୍ୟବସ୍ଥା କରିବେ । ଇଃ, କଦଳୀ ଫଳଗୁଡ଼ାକ ପୁଣି କି ଦୁର୍ଗନ୍ଧ, ତାହା ପେଟ ଭିତରକୁ ଗଲେ ଜନ୍ମକାଳର ମାତୃସ୍ତନ୍ୟ ସୁଦ୍ଧା ଉଦ୍‌ଗୀରିତ ହୋଇ ପଡ଼ିବ । ମୂର୍ଖ ନିର୍ବୋଧ ମାନବଗୁଡ଼ାକ କିପରି ତାକୁ ଖାଆନ୍ତି ? ହଁ, ନ ଖାଇବେବା କାହିଁକି, ସେମାନେ ତ ଆଉ ଉପାଦେୟ ଖାଦ୍ୟପ୍ରିୟ ବାନରଜାତି ପରି ସୁରୁଚିମାନ ନୁହନ୍ତି । ବନ୍ଧ୍ୟବର୍ତ୍ତିତ ବାନରଜାତି ପରି ସେଉଁମାନେ ସୁନ୍ଦର ହୋଇପାରନ୍ତି ନାହିଁ, କିମ୍ବା ବୁଦ୍ଧିମାନ୍ ହୋଇ ପାରନ୍ତି ନାହିଁ, ବନ୍ଧ୍ୟବର୍ତ୍ତିତ ବାନରଜାତି ପରି ଯାହାର ମସ୍ତିଷ୍କ ବା ପ୍ରତିଭା ନାହିଁ, ସେ କି ଗୋଟାଏ ଜାତିରେ ଲେଖା ? ମାନବଜାତି ସୃଷ୍ଟି କରିବା ବିଧାତାର ଗୋଟାଏ ପ୍ରକାଣ୍ଡ ଭୁଲ କିମ୍ବା ବଦ୍ରୂପାତ୍ମକ ଖିଆଲ ଛଡ଼ା ଆଉ କିଛି ନୁହେଁ ।"

ଗଛମାନଙ୍କର ପ୍ରକାଣ୍ଡ ଚେର ଦ୍ୱାରା ପାଷାଣଚଡ଼ା ଅନେକଧା ବିଦୀର୍ଣ୍ଣ ହୋଇଯାଉଅଛି । ଗଛମାନଙ୍କୁ ସ୍ଥାନ ଦେବାରୁ ତାହାର ଏହି ଫଳ ଲାଭ ହୋଇଅଛି । ବୋଧହୁଏ ପ୍ରଥମେ ଜନ୍ମ ସମୟରେ ଗଛ କହିଥିବ,—"ଭାଇ ପାଷାଣ, ସମସ୍ତେ କାଳର ଅଧୀନ । ତାହାର ଧ୍ୱଂସକାରୁଣ ଅମଙ୍ଗଳ ହସ୍ତ ସମୟରେ ସମସ୍ତଙ୍କୁ ସଂସାରରୁ ପୋଛିଦେବ, ଏହା ଧ୍ରୁବ ସତ୍ୟ । ତୁ ମୋତେ ନିଜ ବକ୍ଷରେ ଟିକିଏ ସ୍ଥାନ ଦେଲେ ମୁଁ ତୋତେ କଠୋର ବଜ୍ରବନ୍ଧନରେ ଏପରି ବାନ୍ଧି ରଖିବି ଯେ, କାଳର କି ସାଧ୍ୟ ଯେ ତୋତେ ସ୍ପର୍ଶ କରିପାରିବ ? ଅଧିକନ୍ତୁ ମୁଁ ତୋର ଅଙ୍ଗସ୍ଥ ମୁଣ୍ଡରେ ଛତାରୂପେ ରହି ଖରବର୍ଷା ପ୍ରଭୃତି ପ୍ରକୃତିର ଉଗ୍ର ଉପଦ୍ରବରୁ ଅନନ୍ତକାଳଯାଏ ତୋତେ ରକ୍ଷା କରିବି ।" ପାଷାଣ ଗଛର ଏହି ଷଡ଼୍‌ଯନ୍ତ୍ର ବୁଝି ନପାରି ମହାଉପକାରୀ ଜ୍ଞାନରେ ତାହାକୁ ସ୍ଥାନ ଦେଲା । ସେହି ଅପରିଣାମଦର୍ଶିତାର କୁଫଳ ଏବେ ତାକୁ ଭୋଗିବାକୁ ହେଉଅଛି । ଅବିଶ୍ୱାସୀ ଗଛ ତାହାର ହୃଦୟର ଶୋଣିତ ଶୋଷଣପୂର୍ବକ ତାହାକୁ ଏବେ ଶୋଷଣ କରିବାକୁ ବସିଅଛି । ଖଳ ଲୋକ ଏହିପରି ମଧୁର କଥାରେ ଚିତ୍ତ ହରଣ କରି ସରଳ ଲୋକକୁ ନଷ୍ଟ କରେ । ଶେଷରେ ନିଜେ ସୁଦ୍ଧା ନଷ୍ଟ ହୁଏ । ତାହା ପ୍ରତାରଣାର ଅନିବାର୍ଯ୍ୟ ପୁରସ୍କାର । ଧର୍ମ ପାଖରେ କାହାରି ପ୍ରତାରଣା ଚଳିପାରେନାହିଁ, ଧର୍ମ ସମଦର୍ଶୀ ଏବଂ ଦୋଷୀର ଦଣ୍ଡଦାତା ।

ଚୂଡ଼ାର ଉପରିସ୍ଥ ଅରଣ୍ୟ ବୃକ୍ଷମାନଙ୍କର କାରାଗାର ସ୍ୱରୂପ । ତଳସ୍ଥ ସମସ୍ତ ବୃକ୍ଷର ହସ୍ତପଦ ବେଢ଼ିରଖିବା ପରି ନିବିଡ଼ ଲତାବନ୍ଧନରେ ଆବଦ୍ଧ । ସେ ବନ୍ଧନ ପ୍ରଥମରେ ବଡ଼ ସୁଖସ୍ପର୍ଶ ଏବଂ ମଧୁରସ ଥିଲା, କିନ୍ତୁ ବର୍ତ୍ତମାନ ଜ୍ୱାଳାପ୍ରଦ । ସେଥିରେ ବୃକ୍ଷର ପ୍ରାଣ ଓଷ୍ଠାଗତ । କେବଳ ଗୋଟିଏ ଗୋଟିଏ ପତ୍ର ଲତାସନ୍ଧିରୁ ବାହାର କରି ଉଚ୍ଛ୍ୱାସ ଅତି କଷ୍ଟରେ ନିଃଶ୍ୱାସ ମାରି ନାହିଁ ମଧୁସୂଦନ ଡାକୁଅଛି । ସ୍ଥାନେ ସ୍ଥାନେ ଫୁଲ ଫୁଟି ବନ ଆଲୋକିତ କରି ବସି-ଅଛି । ଫୁଲ ସମୂହ ଭାବମଗ୍ନ ହୋଇ ମୁଗ୍‌ଧପ୍ରାଣରେ ପକ୍ଷିସଙ୍ଗୀତ ଶ୍ରବଣ କରୁଅଛନ୍ତି । ବେଳେ ବେଳେ ଭ୍ରମର ଏବଂ ପ୍ରଜାପତି ଆସି ଗୋପନରେ ଫୁଲ କାନରେ କଅଣ କହିଯାଉଅଛନ୍ତି । ତାହା ଶୁଣି ଫୁଲ ସ୍ରୋତ-ମଧ୍ୟସ୍ଥ ପାଣିବେତ ପରି ଭୟରେ କମ୍ପି ଉଠୁଛି । ସେଠାରେ ଗୋଟାଏ ଗୁମ୍ଫା ଥିବାର ପୂର୍ବରୁ ଉକ୍ତ ହୋଇଅଛି । ତାକୁ ଦେଖିଲେ ଅତୀତର ବ୍ୟଥା ଆସି ହୃଦୟରେ ଆଘାତ କରେ । ପୂର୍ବେ ଗିରିଗୁହାମାନ

ଆଧ୍ୟାତ୍ମିକ ସମ୍ପଦର ଆଳୟ ଥିଲା । ତାହା ଭାରତୀୟ ଶାସ୍ତ୍ର ପୁରାଣର ଆବିଷ୍କାରସ୍ଥାନ ବା ଅନୁଶୀଳନଶାଳା । ତ୍ରିକାଳଜ୍ଞ ମୁନି-ଋଷିମାନେ ତାହାର ଶାନ୍ତିମୟ କୋଳରେ ବସି ଭବିଷ୍ୟତ ବଂଶଧରମାନଙ୍କ ହିତ ସକାଶେ ବହୁ ଚିନ୍ତା କଳ୍ପନା କରୁଥିଲେ । ତାଙ୍କର ସେହି କଳ୍ପନାରୁ ଅସଂଖ୍ୟ ମଣିମୁକ୍ତା ଝରି ପଡ଼ୁଥିଲା । ସେହି ରତ୍ନରାଜି ଏବେ ଭାରତ ବାହାରକୁ, ବର୍ତ୍ତମାନ ସମଗ୍ର ଜଗତର ମହାର୍ଘ ସମ୍ବଳ ହୋଇଅଛି । ହାୟ, ଏବେ ସେ ଗୌରବକାଳ ବହୁ ଦୂରରେ ରହି ଅଛି । ଆଉ ସେ ମୁନିଋଷି ନାହାନ୍ତି, କି ଗୁମ୍ଫାର ସେ ପବିତ୍ରତା ନାହିଁ । ତ୍ରିଲୋକପାବନୀ ଗଙ୍ଗା କର୍ମନାଶାରେ ପରିଣତ ହୋଇଅଛି । ଅମୃତ-ଭାଣ୍ଡିରେ ଆମିଷ ରନ୍ଧାର ବ୍ୟବସ୍ଥା ହୋଇଅଛି । ହାୟ, ଦୁରନ୍ତ କାଳର କି ଅଦ୍ଭୁତ କ୍ଷମତା ! ଯାହା ଧର୍ମର କ୍ଷେତ୍ର ଥିଲା, ତାହା ପାପର ବିଳାସଭୂମିରେ ପରିଣତ ହୋଇଅଛି । ଦେବନିବାସ ସ୍ୱର୍ଗ ଘୋର ନରକଠାରୁ ବଳିଅଛି । କେତେକ ବର୍ଷ ପୂର୍ବେ ଏହି ଗୁମ୍ଫାରେ ଯେଉଁ ପୈଶାଚିକ ତାଣ୍ଡବଲୀଳା ସଂଘଟିତ ହୋଇଥିଲା, ତାହା ଶୁଣିଲେ ମନୁଷ୍ୟ କଥା ତେଣେ ଥାଉ, ଦେବତାଙ୍କର ସୁଦ୍ଧା ଧୈର୍ଯ୍ୟଭଙ୍ଗ ହେବ । ଗୁମ୍ଫାକୁ ଉଠିବାର ଉପାୟ ନାହିଁ ବୋଲି ପୂର୍ବରୁ କୁହାଯାଇ ଅଛି । ପର୍ବତ ଚୂଡ଼ାର ପାଦଦେଶରୁ ଗୋଟିଏ ସ୍ଥୂଳ ଲତାଯାଇ ଗୁମ୍ଫାମୁଖସ୍ଥ ଗୋଟିଏ ହରିଡ଼ା ଗଛରେ ମାଡ଼ିଅଛି । ତାହାକୁ ଧରି କେହି ଅତି ସାହସିକ ବହୁକଷ୍ଟରେ ଗୁମ୍ଫାକୁ ଯାଇପାରେ । ସାହସିକତା ଅବଶ୍ୟ ଭଲ, ମାତ୍ର ଅତି ସାହସିକତା ସେଥିର ଠିକ୍ ବିପରୀତ । ଲବଣ ପଦାର୍ଥର ସ୍ୱାଦୁ ବଢ଼ାଏ, ମାତ୍ର ସେଥିର ଆଧିକ୍ୟ ବାଞ୍ଛନୀୟ ନୁହେଁ । ତଦ୍ଦ୍ୱାରା ପଦାର୍ଥ ତିକ୍ତ ଏବଂ ଅଖାଦ୍ୟ ହୋଇଯାଏ । ସେହିଲତାଟା ଅଜଗରସର୍ପ ଗୁମ୍ଫାରୁ ବାହାରି ତଳକୁ ଆସିଲା ପ୍ରାୟ ଦେଖାଯାଏ ।

କେତେକ ବର୍ଷ ପୂର୍ବେ ସେହି ଗୁମ୍ଫାରେ ଜଣେ କାପାଳିକ ବାସ କରୁଥିଲା । ପୂର୍ବୋକ୍ତ ଲତା ତାହାର ଆରୋହଣୀ ଏବଂ ଅବରୋହଣୀର କାର୍ଯ୍ୟ କରେ । କାପାଳିକମାନେ ଧର୍ମନାମରେ ଯେଉଁ ବୀଭତ୍ସ ଜଘନ୍ୟ ଅପ-ଧର୍ମର କାର୍ଯ୍ୟ କରନ୍ତି ତାହା କାହାରି ଅବିଦିତ ନୁହେଁ । ଲୋକଟା ଦେଖିବାକୁ ଖଣ୍ଡେ ସଚଳ ଅନ୍ଧକାର ପ୍ରାୟ କୃଷ୍ଣବର୍ଣ୍ଣ । ସେ ମନୁଷ୍ୟ କି ଦୈତ୍ୟର ବଂଶଧର ସହସା ସହଜ ଦୃଷ୍ଟିରେ ତାହା ବାରି ହୁଏ ନାହିଁ । ମୁହଁଟା ବଡ଼ କଦାକାର, ଗଭୀର ବସନ୍ତ ଚିହ୍ନରେ ତାହା ଖଣ୍ଡେ ଲୁହାର ଜାଲିଚଟୁ ପରି ଦିଶେ । ବିରଳ ଶ୍ମଶ୍ରୁଜାଲ ସେ ଭୟଙ୍କର ମୁଖକୁ ଅଧିକ ଭୟଙ୍କର କରିଅଛି । କପାଳରେ ରକ୍ତ ଚନ୍ଦନର ତ୍ରିବଳୀ ଚିତା । ଗୋଡ଼ଯୋଡ଼ାକ ଋଷ ଭାବରେ କେନ୍ଦୁ କାଷ୍ଠର ଉପମା ଧାରଣ କରିଅଛି । ଆଉ ଅଧିକ ରୂପ ବର୍ଣ୍ଣନାର ଆବଶ୍ୟକ ନାହିଁ । ସ୍ଥୂଳ ଦୀର୍ଘ ମୂର୍ତ୍ତି ଶରୀରର ଅମାନୁଷୀ ବଳର ପରିଚୟ ଦେଉଅଛି । ବଳରେ ଛଳରେ ବା କଳରେ କୌଶଳରେ ମନୁଷ୍ୟ ଧରି ଆଣି ଇଷ୍ଟ ଦେବୀଙ୍କ ନିକଟରେ ନର ବଳି ପ୍ରଦାନ ତାହାର ସ୍ୱାଭାବିକ ଧର୍ମ । ବାସ୍ତବରେ ଏହା ସ୍ୱାଭାବିକ କି ଅସ୍ୱାଭାବିକ ସେଥିର ବିଚାର ଧର୍ମତତ୍ତ୍ୱବିତ୍‌ମାନେ କରିବେ ମାତ୍ର ଲେଖକ ମତରେ ଏହା ଘୋର ବ୍ୟଭିଚାର ଏବଂ ପ୍ରାୟଶ୍ଚିତ୍ତଶୂନ୍ୟ ମହାପାପ । ଏହିପରି ଧର୍ମଭେକଧାରୀ ମହାପାଷଣ୍ଡମାନଙ୍କ ସକାଶେ ମୁକ୍ତିର ସିଂହଦ୍ୱାର ଚିର ଅର୍ଗଳବଦ୍ଧ, ଏଥିରେ ସନ୍ଦେହର ଅବକାଶ ନାହିଁ । ମନୁଷ୍ୟ ପ୍ରାଣ ଧରି ମନୁଷ୍ୟ ପ୍ରାଣକୁ ଯେ ନିର୍ବିକାର ଚିତ୍ତରେ ହରଣ କରେ ଧର୍ମ ଦେବ ତାହାର ମୁଖାବଲୋକନ ସୁଦ୍ଧା ଭ୍ରମରେ ବା ସ୍ୱପ୍ନରେ ହେଲେ କରନ୍ତି ନାହିଁ । ହତ୍ୟା କୌଣସି କାଳରେ ଧର୍ମ ନାମରେ ଅଭିହିତ ହୋଇ ପାରେ ନାହିଁ । ଦେବତାଙ୍କ ନିକଟରେ ନରବଳି ଏହା ଅତି ଜଘନ୍ୟ ଭୁତକ* ଲୋମହର୍ଷୀ ବ୍ୟାପାର । ଯେଉଁ ଦେବତା ମାନବର ପ୍ରାଣଦାତା ଏବଂ ରକ୍ଷାକର୍ତ୍ତ୍ରୀ ସେହି ଦେବତା କି ମାନବଖାଦକ, ଏହା ବିଷମ ସମସ୍ୟା ନୁହେଁ କି ? ଯେଉଁ ଶାସ୍ତ୍ରରେ ଏପରି ଆଦେଶ ଥାଏ ତାହାକୁ କଦାପି ଧର୍ମଶାସ୍ତ୍ର ବୋଲି ଯାଇ ନ ପାରେ । ସେପରି ଅଶାସ୍ତ୍ରକୁ ଚଣ୍ଡାଳ ହସ୍ତରେ ପୋଡ଼ିଦେବା ଉଚିତ ।

* ଅପୌରୁଷକ

# ଚତୁର୍ଥ ପରିଚ୍ଛେଦ

ଏଣେ କାପାଳିକ ଗୋଟିଏ ଦରିଦ୍ର ବାଳକକୁ ଖାଦ୍ୟ ଲୋଭରେ ହରେଇ ଆଣି ଅତି ଗୋପନରେ ଗୁମ୍ଫା ମଧ୍ୟରେ ବନ୍ଦୀ କରି ରଖିଥିଲା । ଶବସାଧନା ଶେଷରେ ପିଲାଟିକୁ ଦେବୀଙ୍କ ନିକଟରେ ବଳି ଦେବ ଏହାହିଁ ତାହାର ଅଭିସନ୍ଧି । କିନ୍ତୁ ଅଗ୍ନି, ପରି ପାପ କେବେହେଁ ପ୍ରଚ୍ଛନ୍ନ ରହିପାରେ ନାହିଁ । ଶତ ଆବରଣ ଭେଦି ତାହା ଆତ୍ମ ପ୍ରକାଶ କରେ । ଏହି ସମୟରେ ଦୁଇ ଜଣ ସାହେବ ଶିକାର ଉଦ୍ଦେଶ୍ୟରେ ଆସି ଶୀତଳପୁର ଗ୍ରାମ ନିକଟସ୍ଥ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ତମ୍ବୁ ପକାଇଲେ । ସେମାନଙ୍କ ସଙ୍ଗରେ ଅନେକ ଲୋକ ଓ ହାତହତିଆର ଯଥେଷ୍ଟ ଥିଲା । ସାହେବଦୁହିଁଙ୍କ ମଧ୍ୟରେ ଜଣେ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଏବଂ ଅନ୍ୟ ଜଣଙ୍କ ତାଙ୍କର ବନ୍ଧୁ । କଲେକ୍ଟର ସାହେବ ଭଦ୍ରଖ ଗସ୍ତରେ ଆସି ବନ୍ଧୁ ଅନୁରୋଧରେ ପାରିଧି କରିବାକୁ ଆସି ଅଛନ୍ତି । ସ୍ୱୟଂ କଲେକ୍ଟର ସାହେବ ଆସିବାର ଜାଣି ନିକଟବର୍ତ୍ତୀ ବଅନ୍ତ ଥାନାର କର୍ମଚାରୀ ଚୌକିଦାରବୃନ୍ଦ ତାହାଙ୍କୁ ସମ୍ମାନ ଦେବାକୁ ଆସିଲେ । ସାହେବ ସେମାନଙ୍କଠାରୁ ସ୍ଥାନୀୟ ହାଲଚାଲ ବୁଝି ଗ୍ରାମର ପ୍ରଧାନ ଲୋକଙ୍କୁ ଡାକିବା ସକାଶ ଥାନାର ଜମାଦାରଙ୍କୁ ଆଦେଶ ଦେଲେ । ତହୁଁ ଜଣେ କନେଷ୍ଟବଲ ଯାଇ ହେମହରି ସାମନ୍ତଙ୍କୁ ଆଣି ଉପସ୍ଥିତ କଲା । ସାମନ୍ତେ ପିନ୍ଧାଟାଏ ପିନ୍ଧି ଚୌମୁହିଁ ଖଣ୍ଡିଏ କାନ୍ଧରେ ପକାଇ ଆସିଥିଲେ । ଜମାଦାର ତାଙ୍କୁ ସାହେବଙ୍କ ପାଖକୁ ଘେନିଯାଇ କହିଲେ,—"ହଜୁର ଗ୍ରାମର ପ୍ରଧାନଲୋକ ହେମହରି ସାମନ୍ତ ଆସିଅଛନ୍ତି ।" ସାମନ୍ତେ ଡରଭର ହୋଇ ଲୁଗା ପଟା ସମ୍ଭାଳି ସାହେବଙ୍କୁ ସଲାମ କରି ଠିଆ ହେଲେ । ସାହେବ ଭଲ ଓଡ଼ିଆ କହିପାରନ୍ତି । ସାମନ୍ତଙ୍କୁ ଖାଲି ଦେହରେ ଆସିବାର ଦେଖି ମୃଦୁ ହସି କହିଲେ, "ତୁମେ ପୋଷାକ ନ ପିନ୍ଧି ଖାଲି ଦେହରେ କାହିଁକି ଆସିଛ ?" ସାମନ୍ତେ ହାତ ଯୋଡି କହିଲେ, "ହଜୁର ଏହାହିଁ ଆମ୍ଭର ଜାତୀୟ ପୋଷାକ । ଭାରତ ଯୋଗୀ-ସନ୍ନ୍ୟାସୀଙ୍କ ଦେଶ । ଭାରତବାସିଏ ଯୋଗୀସନ୍ନ୍ୟାସୀଙ୍କ ବଂଶଧର । ଖୋଳଘଞ୍ଚ ବସ୍ତ୍ର ବନ୍ଧା ହୋଇ ରହିବା ତାଙ୍କ ସ୍ୱାସ୍ଥ୍ୟ ପକ୍ଷରେ ଅନୁକୂଳ ନୁହେଁ । ଆମ୍ଭର ଉଷ୍ଣପ୍ରଧାନ ଦେଶ, ସୁତରାଂ ଏହି ପୋଷାକ ଆମ୍ଭର ଯଥେଷ୍ଟ । ବିଶେଷତଃ ଆପଣ ତେର ଦରିଆ ପାର ହୋଇ ଆମ୍ଭ ଦେଶକୁ ଆସି ଅଛନ୍ତି । ଏ ଗରମ ଦେଶରେ ସୁଦ୍ଧା ଆପଣ ଜାତୀୟ ପୋଷାକ ତ୍ୟାଗ କରି ନାହାନ୍ତି । ମୁଁ ମୋର ମାତୃଭୂମି କୋଳରେ ଥାଇ ଜାତୀୟ ଆଦର୍ଶ କାହିଁକି ଛାଡ଼ିବି ?" ସାହେବ ସାମନ୍ତଙ୍କର ଜାତୀୟତା କଥା ଶୁଣି ଭାରି ସନ୍ତୁଷ୍ଟ ହେଲେ, ଏବଂ କହିଲେ,—"ସାମନ୍ତ, ତୁମ୍ଭେ ଜଣେ ମନୁଷ୍ୟ ପରି ମନୁଷ୍ୟ । ସେ ଯାହାହେଉ, ଆମ୍ଭେ କାଲି ସକାଳେ ଶିକାର କରିବା ସକାଶ ଏହି ପର୍ବତକୁ ଯିବୁଁ, ବାଟ ଦେଖାଇବା ସକାଶ ତୁମ୍ଭ ଗ୍ରାମରୁ କେତେ ଜଣ ଉତ୍ତମ ଜାଣିବା ଲୋକ ଦେବ । ସେମାନଙ୍କ ନ୍ୟାଯ୍ୟ ପାରିଶ୍ରମିକ ଆମ୍ଭେ ଦେବୁଁ ।" ସାମନ୍ତ କହିଲେ— "ଯେ ଆଜ୍ଞା ହଜୁର, କାଲି ମାଛ ଅନ୍ଧାରରୁ ୨୦ ଜଣ ଲୋକ ପଠାଇବି; ମାତ୍ର ପାରିଶ୍ରମିକର ଆବଶ୍ୟକତା ନାହିଁ । ଆମ୍ଭେମାନେ ହିନ୍ଦୁ, ରାଜାଙ୍କୁ ଦେବତାତୁଲ୍ୟ ଜ୍ଞାନ କରୁଁ । ଆପଣ ରାଜା, ଆମ୍ଭେମାନେ ପ୍ରଜା, ଭାଗ୍ୟକୁ ରାଜ-ଅତିଥି ଆମ୍ଭମାନଙ୍କ ଗ୍ରାମରେ ବିଜେ କରି ଅଛନ୍ତି, ତରିକ ଆମ୍ଭେମାନେ କି ସତ୍କାର ଅବା କରି-ପାରିବୁଁ ? ପଥ ଦେଖାଇ ଟିକିଏ ସହାୟତା କରିବୁଁ —ସେଥି ସକାଶ ପାରିଶ୍ରମିକ କାହିଁକି ? ଆପଣ ପିତା ଆମ୍ଭେମାନେ ପୁତ୍ର, ପିତାଙ୍କର କାର୍ଯ୍ୟକରି ପୁତ୍ର କି ପାରି-ଶ୍ରମିକର ଦାବୀ କରେ ? ଆପଣ ଦୟାକରି ଆମ୍ଭମାନଙ୍କୁ ଦର୍ଶନ ଦେଇଅଛନ୍ତି, ଏତିକିରେ ଆମ୍ଭେମାନେ କୃତାର୍ଥ ଏବଂ ତାହାହିଁ ଆମ୍ଭମାନଙ୍କର ଆଶାତୀତ ପାରିଶ୍ରମିକ ।" ସାହେବ ଏହା ଶୁଣି ଅତୀବ ସନ୍ତୁଷ୍ଟ ହେଲେ, ଏବଂ ସାମନ୍ତଙ୍କ କର ମର୍ଦ୍ଦନ କରି କହିଲେ, "ବାସ୍ତବରେ ଓଡ଼ିଆ ଜାତି ଆଦର୍ଶ ରାଜଭକ୍ତ ।" ଏହିପରି କଥୋପକଥନ ପରେ ସମସ୍ତେ ସଲାମ କରି ସାହେବଙ୍କଠାରୁ ବିଦାୟ ନେଲେ । ସାହେବ ବସ୍ତ୍ରାବାସରେ ରାତ୍ରିଯାପନ କଲେ ।

ଯଥାସମୟରେ ପୂର୍ବ ଦିଗରେ ସିନ୍ଦୂର ଫାଟିଲା । ରଜନୀ ରାଣୀ ପ୍ରଭାତର ଶିଶିର-ଜଳରେ ସ୍ନାନ ସାରି ନୂଆ ଭୂଆସୁଣି ପ୍ରାୟ କେଉଁଠାରେ ଯାଇ ଲୁଚି ରହିଲେ । କାକ-କୋକିଳାଦିର ସୁରଲହରୀ ଉଚ୍ଛୁଳି ଉଠିଲା । ପ୍ରାଚୀଦିଗ୍‌ବଧୂର ଚିର-ସିନ୍ଦୂରପ୍ରାୟ ନବୀନ ତପନ ଉଦିତ ହୋଇ ଧରଣୀକି ନବବଳ, ନବୋତ୍ସାହ ଏବଂ ନବ ଜୀବନ ଦାନ କଲେ । କିରଣକାନ୍ତ ପ୍ରଭାପତି ସୂର୍ଯ୍ୟ ପ୍ରତ୍ୟହ ଶିଶୁ, ଯୁବା, ପ୍ରୌଢ ଏବଂ ବୃଦ୍ଧ ଏହି ଚତୁର୍ବିଧ ଅବସ୍ଥା ଧାରଣ କରନ୍ତି । କାହାରି ଅବସ୍ଥା ଚିର ସ୍ଥିର ନୁହେଁ, ବୋଧହୁଏ ସଙ୍କେତରେ ଏହି ଉପଦେଶ ପ୍ରଦାନ କରନ୍ତି । ଉଚ୍ଚ ତରୁକୁଳ ବାଳସୂର୍ଯ୍ୟର ପ୍ରବାଳକିତ କିରଣ-କିରୀଟ ମସ୍ତକରେ ଧାରଣ କରି ପବନ-ହିଲ୍ଲୋଳଚ୍ଛଳରେ ଆନନ୍ଦରେ ଅଙ୍ଗଭଙ୍ଗୀପ୍ରଦର୍ଶନ କରିବାକୁ ଲାଗିଲେ । ପର୍ବତମାନେ ବେଶ ପରିବର୍ତ୍ତନ କଲେ । ସେମାନେ ମୟୂରକଣ୍ଠିଆରଙ୍ଗ ପରିଚ୍ଛଦ ତ୍ୟାଗ କରି ଅମଳ ପାଟଳ ବସ୍ତ୍ରରେ ରଞ୍ଜିତ ହେଲେ । ଜଙ୍ଗଲପକ୍ଷୀର କଣ୍ଠ-ବଂଶୀ ତାରସ୍ୱରରେ ବାଜି ଉଠିଲା । ଏଥି ପୂର୍ବରୁ ସାମନ୍ତଙ୍କ ପ୍ରେରିତ ଲୋକମାନେ ଆସି ଉପସ୍ଥିତ ହୋଇଥିଲେ । ସ୍ଥାନୀୟ ପୋଲିସ ଫୌଜ ଆସି ସାହେବଙ୍କୁ ସଲାମ ଭେଟି ଦେଲେ । ସାହେବ ଦୁହେଁ ପ୍ରାତଃକାଳୀନ ବାଲ୍ୟଭୋଗ ପରେ ଶକ୍ତିରୂପିଣୀ ଗୃ-ଦେବୀଙ୍କର ଆରାଧନା ଶେଷ କରି ଅଶ୍ୱାରୋହଣପୂର୍ବକ ବହିର୍ଗତ ହେଲେ । ସମସ୍ତ ଫୌଜ ତାଙ୍କରି ପଛେ ପଛେ ଚାଲିଲେ । ସମସ୍ତଙ୍କ ହସ୍ତରେ ଅସ୍ତ୍ରଶସ୍ତ୍ର ଝକ୍‌ଝକ୍ ହୋଇ ଜଳି ଉଠିଲା । ସାହେବଦ୍ୱୟଙ୍କ ପକେଟରେ ପିସ୍ତଲ ଏବଂ ହସ୍ତରେ ରିଭଲଭର । ଅନ୍ୟ ସମସ୍ତେ କେହି ଧନୁର୍ବାଣ, କେହି କୃପାଣ, କେହି ଠେଙ୍ଗା ଏବଂ କେହି ବା ବର୍ଚ୍ଛା ଧରିଅଛନ୍ତି । ସାହେବ ପର୍ବତ ମୂଳରେ ଉପସ୍ଥିତ ହୋଇ ଦେଖିଲେ, ପର୍ବତକୁ ଉଠିବା ପଥ ଏପରି ଉପଳ-ବନ୍ଧୁର ଯେ, ସେଥିରେ ଅଶ୍ୱ ଚାଳନା ଅସମ୍ଭବ । ତହୁଁ ସେ ଓହ୍ଲାଇ ଅଶ୍ୱକୁ ସଇସ ହସ୍ତରେ ଅର୍ପଣ କଲେ । ତାଙ୍କର ବନ୍ଧୁ ମଧ୍ୟ ତାଙ୍କର ଅନୁକରଣ କଲେ । କଲେକ୍ଟର ଘୋଡାରେ ଗ୍ରୀବା ଅଉଁସି ଦେଇ କହିଲେ, "ଘୋଡା, ତୁମ୍ ହିଆଁ ଖଡ଼େ ରହୋ, ହାମ ଆତାହେ । ଲେକିନ ଦେଖୋ ବଦମାସୀ ମତ କରୋ ।" ଘୋଡାଟି ଦୁଇ ତିନି ଥର ନାକ ଫୁରୁଡି ମାରି ସ୍ୱାମୀ ପ୍ରଭୁଙ୍କର ଆଦେଶ ସମର୍ଥନ କଲା । ତହୁଁ ସାହେବ ଯୁଦ୍ଧ ବାହିନୀଟି ସେନା ଗିରି ଆରୋହଣ କଲେ । ଗଡ-ପଥରେ ଅସଂଖ୍ୟ ପ୍ରକାର ଫୁଲ ଫୁଟିଥିବାର ଦେଖି ଦ୍ୱିତୀୟ ସାହେବଟି ଆଖି ବାଟରେ ପଶିଲା ପରି ହୋଇ ତାହା ତୋଳି ପକେଟସ୍ଥ କରିବାକୁ ଲାଗିଲେ । ସମସ୍ତ ପକେଟ ପୂର୍ଣ୍ଣ ହୋଇଗଲା ; ତଥାପି ଫୁଲ ତୋଳାର ବିରାମ ନାହିଁ । କଲେକ୍ଟର ତାହା ଦେଖି ମୃଦୁ ହସି କହିଲେ,—"ପ୍ରିୟ ବନ୍ଧୁ, ତୁମର ତ ଭାରି ଲୋଭ ଦେଖୁଛି ।" ବନ୍ଧୁବର ପ୍ରତ୍ୟୁତ୍ତର ଦେଲେ,—"ଲୋଭନୀୟ ପଦାର୍ଥ ଦେଖିଲେ କାହାର ବା ଲୋଭ ନ ହୁଏ ?" ବାସ୍ତବରେ ଅମ୍ବ, ମାଛ, ଛତୁ, ଫୁଲ—ଏ ସୁଲେଷ୍ଟି ପଦାର୍ଥ ଉପରୁ ସହଜରେ ଲୋଭ ସମ୍ବରଣ କରି ହୁଏ ନାହିଁ । ଯେତେ ସଂଗ୍ରହ କଲେ ସୁଦ୍ଧା ଲୋଭ ତେତେ ବଢୁଥାଏ । ଖାତକ ଯେତେ ପରିଶୋଧ କରେ, ଲୁବ୍‌ଧକ ମହାଜନର ଚକ୍ରବୃଦ୍ଧି ସୁଧ ତେତେ ବଢେ । ସାହେବ ଦୁହେଁ ଇଂରାଜିରେ କଥାବାର୍ତ୍ତା କହୁଥିଲେ; ମାତ୍ର ସାଧାରଣ ସୁବିଧା ନିମନ୍ତେ ତାହା ଓଡିଆରେ ଅନୁବାଦ କରି ଦିଆଗଲା । ଏଥିରେ ଇଂରାଜି ପଢା ପାଠକମାନଙ୍କ ମଧ୍ୟରୁ କେହି କେହି ବିରକ୍ତ ହୋଇ ପାରନ୍ତି, ମାତ୍ର ଲେଖକ ନାଚାର । ଇଂରାଜି ବିଦ୍ୟାରେ ଲେଖକର ଜ୍ଞାନ ଅସାଧାରଣ ଅର୍ଥାତ୍ ଏ ବି ସି ଡି ରେ ପର୍ଯ୍ୟବସିତ । ସୁତରାଂ ଇଂରାଜୀରେ ଲେଖକ ଦିଗ୍‌ବିଜୟୀ ଆଲେକଜାଣ୍ଡର । ପାଠକ ଅବଧାନ ହସିବେ ନାହିଁ ।

ଚକ୍ରବ୍ୟୂହ ରଚନାରେ ଖଣ୍ଡେ ବଣ ଆବଦ୍ଧ କରାଗଲା । ବ୍ୟୂହର ପରିଧି ଉପରେ ଦୁଇହାତ ଅନ୍ତରରେ ଜଣେ ଜଣେ ଅସ୍ତ୍ରଧାରୀ ଅସ୍ତ୍ରାବଧାନୀ ହୋଇ ଜଗି ରହିଲେ । କେତେଜଣ ଭିତରେ ପଶି ବଣ ହନ୍ତାଳିବାକୁ ଲାଗିଲେ । ସେମାନଙ୍କ ବିକଟ କୁହାଟ ଓ ଧୁମ୍‌ଧାମ୍ ପ୍ରହାର ରବରେ ଜନ୍ତୁଗୁଡ଼ାକ ସଂତ୍ରସ୍ତ ଏବଂ କିଂକର୍ତ୍ତବ୍ୟବିମୂଢ଼ ହୋଇ ସୂର-ଆଡ଼େ ଦୌଡ଼ାଦୌଡ଼ି କରିବାକୁ ଲାଗିଲେ । ମାତ୍ର କେଉଁ ଆଡେ ଯିବେ ? ଯେଣେ ଗଲେ ତେଣେ ଯମଦୂତସମ ପରି ଅସ୍ତ୍ରଧାରୀମାନେ ଉଭା ହୋଇଅଛନ୍ତି । ବ୍ୟୂହର ଦୁଇପାଖରେ ଦୁଇଟା ବାଟ ଥିଲା, ସେଠାରେ ସାହେବ ଦୁହେଁ ସତର୍କ ଦୃଷ୍ଟିରେ ଜଗି ବସିଥାଆନ୍ତି । ପଶୁ

ସୁନ୍ଦାକର କି କରୁଣ ବ୍ୟାକୁଳ ସ୍ୱହାଁଣୀ—କି ମୌନ କାତର ପ୍ରାଣଭିକ୍ଷା, ତାହା ଦେଖି ମୃଗୟୁମାନଙ୍କର ପାଷାଣ ହୃଦୟ ତରଳିବ କି ? ମୃଗୟା ଯେ ସେମାନଙ୍କର ବ୍ୟସନ ଏବଂ ଆମୋଦ । ହାୟ ମାନବ, କି କଠୋର କଳ୍‌ରେ ତୁମ୍ଭର ହୃଦୟ ଗଢା ହୋଇଅଛି ! ଦୁର୍ବଳର ପ୍ରାଣ ଯେଉଁ ତୁମ୍ଭର ଆମୋଦ । ଆଚ୍ଛା, ତୁମ୍ଭ ଉପରେ କେହି ଏପରି ଅତ୍ୟାଚାର କଲେ ତୁମ୍ଭେ ସହିବ ତ ? ନା ପିନାଲ୍‌କୋଡ଼ର ଧାରା ଅଣ୍ଟାରେ ତାର ବାନ୍ଧିଦେଇ ଅତଳ ସାଗରରେ ବୁଡ଼ାଇ ଦେବ ? ତୁମ୍ଭେ ଶୋଣିତପ୍ରିୟ ମର୍ତ୍ତ୍ୟ, ମାତ୍ର ଅନେକଙ୍କ ଶୋଣିତର ଯମ । ଏହି ଯେ ବନଲକ୍ଷ୍ମୀ ହରିଣ ଶିଶୁଟି ନାନାଭଙ୍ଗୀରେ ଗୀବା ଭଙ୍ଗି ନାଚି ଖେଳି ବୁଲୁଅଛି,—ତରଙ୍ଗ ତରଳ-ସ୍ୱହାଁଣୀରେ ଅଲୋକିତ କରୁଅଛି, ଏ ଶୋଭା କି ତୁମ୍ଭର ଅସହ୍ୟ ? ଯଦି ଚକ୍ଷୁଶୂଳ ହୋଇଥାଏ, ତେବେ ନିଜର ଚକ୍ଷୁଦ୍ୱୟ ତୀକ୍ଷ୍ଣ କଣ୍ଟକରେ ଫୁଟାଇ ଦିଅ । ହା ନିର୍ମମ, ହା ସ୍ୱାର୍ଥପର, ହା ଉଦରସର୍ବସ୍ୱ, ଏଥିପାଇଁ କି ତୁମ୍ଭକୁ ବିଧାତା କ୍ଷମତା, ବିବେକଶକ୍ତି ଏବଂ ଜ୍ଞାନ ଦେଇଅଛି ? ତୁମ୍ଭେ ସେହି ବିଧିଦତ୍ତ ମହାରତ୍ନର ସଦ୍‌ବ୍ୟବହାର କରୁଅଛ ତ ? ମୃଗୟାର ଉଦ୍ଦେଶ୍ୟ ହିଂସ୍ରଜନ୍ତୁନିପାତ—ନିରୀହ ପ୍ରାଣୀର ପ୍ରାଣବଧ ନୁହେ । ଯାଉ ସେ କଥା, ମୃଗୟାପ୍ରିୟମାନେ ଏହା ଶୁଣିଲେ ମୃଗୟା ଛାଡ଼ି ଲେଖକକୁ ମୃଗୟା କରିବାକୁ ବାହାରିବେ, ନଚେତ୍ ରାଗରେ ଗରଗର ହୋଇ ତାହାର ସପ୍ତପୁରୁଷର ଶ୍ରାଦ୍ଧ ବାଡ଼ି ବସିବେ ।

ପାରିଧିରେ ଅନେକ ପଶୁ ମଲେ । କେତେ କେଉଁ କେଉଁ କୁଞ୍ଜଗହ୍ୱରରେ ପଳାଇ ଯାଇ ପ୍ରାଣରକ୍ଷା କଲେ । ସାହେବଙ୍କ ଅବ୍ୟର୍ଥ ଲକ୍ଷ୍ୟକୁ ଯେ ବଞ୍ଚିଗଲା, ସେ ନବଜୀବନ ଲାଭ ତୁଲ୍ୟ ମଣିଲା । ସାହେବ ସେ ବଣ ଛାଡ଼ି ପର୍ବତର ଶେଷ ଚୂଡ଼ାକୁ ଯିବାକୁ ବାହାରିଲେ । ପଥପ୍ରଦର୍ଶକମାନେ କହିଲେ,—'ହଜୁର, ସେ ଚୂଡ଼ା ବଡ଼ ଦୁରାରୋହ, ତାହା ଉପରକୁ ଉଠିବାର ଉପାୟ ନାହିଁ । ତାହାର ତିନିପାଖ ସମାନ, ମାତ୍ର ଗୋଟାଏ ପାଖରେ ଟିକିଏ ସୁବିଧା । ପର୍ବତର ଗୋଟାଏ ନାସୀ ସେହି ପାଖରେ ମିଶି ଥିବାରୁ ସେହି ବାଟେ ଉଠି ପାରିବାର ସମ୍ଭାବନା; କିନ୍ତୁ ନାସୀଖଣ୍ଡକ ଭାରି ଜଙ୍ଗଲ-ବୃତ । ସେ ପଥରେ ବନ୍ୟଜନ୍ତୁମାନେ ସୁଦ୍ଧା ପାରୁନଲେ ଅଗ୍ରସର ହୋଇ ପାରନ୍ତି ନାହିଁ ।' ସାହେବ କହିଲେ,—"ଜଙ୍ଗଲ୍ କାଟିକେ ହାମ୍‌କୁ ହୁଆ ଲେ ଚଲ୍ ।" ଖୋଦ୍ କଲେକ୍‌ଟରଙ୍କର ହୁକୁମ, କିଏ ତାହା ଅନ୍ୟଥା କରିପାରେ ? ତତ୍‌କ୍ଷଣାତ୍ ଅନେକ ଲୋକ ଜଙ୍ଗଲ କାଟିବାକୁ ଲାଗିଲେ । ସେମାନଙ୍କ ପ୍ରତାପ ହାକିମ ପ୍ରତାପକୁ ବଳିଗଲା । ମଧ୍ୟାହ୍ନ ସୂର୍ଯ୍ୟର ପ୍ରଖର ଉତ୍ତାପ ମସ୍ତକରେ ସହି ହୁଏ; ମାତ୍ର ସୂର୍ଯ୍ୟତାପରେ ଉତ୍ତପ୍ତ ବାଲୁକାକଣାର ଉତ୍ତାପରେ ପୋଡ଼ିଗଲ କଲପାଏ । ଯାହାହେଉ, ବଡ଼ କଷ୍ଟରେ ହାତେ ଓସାରରେ ବାଟ ପ୍ରସ୍ତୁତ ହେଲା । କଲେକ୍‌ଟରଙ୍କର ଫୌଜ ସେହି ବାଟେ ଯାଇ ଗିରିଚୂଡ଼ାରେ ଉପସ୍ଥିତ ହେଲେ । ସାହେବ ଇତସ୍ତତଃ ପାଦଚାରଣ କରୁ କରୁ ଗୁମ୍ଫା ମୁଖରେ ଯାଇ ପହୁଞ୍ଚି ସେଠାରେ ଯାହା ଦେଖିଲେ, ସେଥିରେ ତାଙ୍କର ରୋମ ଟାଙ୍କୁରି ଉଠିଲା । ସେ ଦେଖିଲେ, ଗୁମ୍ଫାର ଗର୍ଭ ଖୁବ୍ ପ୍ରଶସ୍ତ, ମାତ୍ର ଦ୍ୱାରଟି ସାନ । ଭିତରଟା ଅନ୍ଧକାର, କେବଳ ଦ୍ୱାର ଛିଦ୍ର-ପଥରେ ଅଳ୍ପ ଅଳ୍ପ ଆଲୋକ ଭିତରକୁ ଯାଉଅଛି । ଜଣେ କାପାଳିକ ଗୁମ୍ଫା ମଝିରେ ଗୋଟାଏ ଗଳିତ ଶବ ପୃଷ୍ଠରେ ବସି ଚକ୍ଷୁ ବୁଜି ଧ୍ୟାନରେ ନିମଗ୍ନ ରହିଅଛି । ଗୁମ୍ଫା ଅନ୍ଧକାର ଏବଂ କାପାଳିକ କୃଷ୍ଣବର୍ଣ୍ଣ, ଏହା ପୂର୍ବରୁ କୁହାଯାଇଅଛି । ସୁତରାଂ ଖଣ୍ଡେ ଅନ୍ଧକାର ଆଉ ଖଣ୍ଡେ ଅନ୍ଧକାରକୁ କୋଳରେ ଧରି ବସିଲା ପ୍ରାୟ ଦିଶୁଅଛି । କାପାଳିକର ବାମପାଖରେ ଗୋଟିଏ ୧୦।୧୨ ବର୍ଷର ପିଲା ହାତ ଗୋଡ଼ ବନ୍ଧା ହୋଇ ପଡ଼ିଅଛି । ଛିନ୍ନ ମଳିନ ବସ୍ତ୍ର ମଧ୍ୟରୁ ତାହାର ମଧୁର ସୌନ୍ଦର୍ଯ୍ୟ ଫୁଟି ଉଠୁଅଛି । ଧାରାଶ୍ରାବଣପରି ଆଖିରୁ ଲୁହ ବହି ଯାଉଅଛି । ତାହା ମୁଣ୍ଡଉପରେ ଦୁଇଖଣ୍ଡ ପୋଡ଼ା କନ୍ଦମୂଳ ଏବଂ ନର-କପାଳରେ ମନାଏ ପାଣି ଥୁଆ ହୋଇଅଛି, ମାତ୍ର ବାଳକଟି ତାହା ଛୁଇଁ ନାହିଁ । କାପାଳିକର ଦକ୍ଷିଣ ପାଖରେ ଗୋଟାଏ ମଳିନ ମାଟିଦୀପ ମିଞ୍ଜି ମିଞ୍ଜି ହୋଇ ଜଳୁଅଛି ଏବଂ ଗୋଟାଏ ଠେକାରେ ଠେକାଏ ପାଣି ରହିଅଛି । ପଣେ କି ଛବୋଡ଼ ନରମୁଣ୍ଡ ଏବଂ ନରପଞ୍ଜର ଗୁମ୍ଫାର ଗୋଟିଏ କୋଣରେ ଗଦା ହୋଇଅଛି ।

ଏହିସବୁ ଭୟଙ୍କର ବୀଭତ୍ସ କାଣ୍ଡ ଦେଖି ସାହେବଙ୍କର ନେତ୍ର ସ୍ଥିର ଏବଂ ପାଦ ଅଚଳ ହୋଇଗଲା । ସାହେବ ଏ ଦେଶର ନରହନ୍ତା କାପାଳିକମାନଙ୍କ କୁକର୍ମ ପୂର୍ବରୁ ଶୁଣିଥିଲେ । ଏବେ ପ୍ରତ୍ୟକ୍ଷରେ ଦେଖି ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟାଇଲେ । ଯାହାହେଉ, ସେ ଏକାନ୍ତ ଅବସନ୍ନ ଏବଂ ଅବାଧ ଗୋଡ଼ଯୋଡ଼ାକୁ ଟାଣିଟୁଣି କୌଣସିମତେ ସେଠାରୁ ଆସି ନିଜର ଶିକାର ସଙ୍ଗୀମାନଙ୍କ ନିକଟରେ ପହଞ୍ଚିଲେ । ତାଙ୍କର ବନ୍ଧୁ ତାଙ୍କଠାରୁ ଏହି ବ୍ୟାପାରର ବର୍ଣ୍ଣନା ଶୁଣି ଅତିଶୟିତ ଆଗ୍ରହ ସହକାରେ ଗୁମ୍ଫାକୁ ଯିବାକୁ ଉଦ୍ୟତ ହେଲେ, ମାତ୍ର ସାହେବ ତାଙ୍କୁ ଏକାକୀ ଯିବାକୁ ନିଷେଧ କରିବାରୁ ସେ ନିରସ୍ତ ହେଲେ ।

ଅନନ୍ତର ସାହେବ ତାଙ୍କ ବନ୍ଧୁଙ୍କ ସହିତ ଗୋଟାଏ ଛାୟାପ୍ରଦ ଗଛମୂଳରେ ଦୁଇଖଣ୍ଡ ବୃହତ୍ ପ୍ରସ୍ତରାସନରେ ବସି ବିଶ୍ରାମ କଲେ । କିଛିକ୍ଷଣ କଣ ଚିନ୍ତା କରି ସଙ୍ଗରେ ଯାଉଥିବା ଲୋକମାନଙ୍କୁ ଡାକି ଗୁମ୍ଫା ଦ୍ୱାରପାଖରେ ସତର୍କ ଦୃଷ୍ଟିରେ ଜଗିରହିବାକୁ କହି କାପାଳିକକୁ ଧରିବା ସକାଶେ ପୋଲିସକୁ ଆଦେଶ ଦେଲେ । କନେଷ୍ଟବଲମାନେ ଗୁମ୍ଫାଭିତରେ ପଶି କାପାଳିକକୁ ଡାକିଲେ, ମାତ୍ର କାପାଳିକର ଉତ୍ତର ନାହିଁ, ସେ ପୂର୍ବପରି ଧ୍ୟାନମଗ୍ନ । ତହୁଁ କନେଷ୍ଟବଲମାନେ ନିଜର ଘରଆଡ଼ ସମ୍ପର୍କ ଧରି ଉଚ୍ଚ ଚିତ୍କାର କରି ଡାକିଲେ, ତଥାପି କାପାଳିକ ଅଚଳ ଏବଂ ନିସ୍ପନ୍ଦ । ଶେଷରେ ଜଣେ ଯାଇ ଖୁବ୍ ଜୋରରେ ଧକ୍କାଏ ଦକ୍ଷିଣା ଦେବାରୁ କାପାଳିକ ଉଠି କହିଲା—କିଏ ରେ ତୁ ମରିବାପାଇଁ ଏଠାକୁ ଆସିଲୁ ! କନେଷ୍ଟବଲ କହିଲା—ଜାଣୁନାହୁଁ, ମୁଁ ତୋର ବାପ, ଭଲ ଗତି ଅଛି ତ ବାହାରକୁ ଚାଲ, କଲେକ୍ଟର ସାହେବଙ୍କର ହୁକୁମ । ଏଥର କାପାଳିକ ଧଡ଼କରି ଠିଆ ହୋଇ କ୍ରୋଧ-କଷାୟିତ ଦୃଷ୍ଟିରେ କନେଷ୍ଟବଲକୁ ଚାହିଁ କହିଲା—କେଉଁ କଲେକ୍ଟର ସେ ? ମୁଁ ତେର କଲେକ୍ଟର ଦେଖିଛି, ଏଠୁ ପଳା; ନ ହେଲେ ଅଭିଶାପରେ ଜାଳିଦେବି । ଏହା କହି ବିର୍ ବିର୍ ହୋଇ ଅସ୍ପଷ୍ଟ ଦୁର୍ବୋଧ୍ୟ ଭାଷାରେ କଅଣ ଗୋଟାଏ ଆବୃତ୍ତି କରିବାକୁ ଲାଗିଲା । ତାହା କୌଣସି ମନ୍ତ୍ର ନୁହେ । କନେଷ୍ଟବଲକୁ ଭୟ ଦେଖାଇବାର ବୃଥା ଯତ୍ନ ମାତ୍ର । କନେଷ୍ଟବଲ ସେଥିରେ ଭୟ କଲାନାହିଁ । ସେତ ସିଂହର ଦୂତ, ଶୃଗାଳର ଆସ୍ଫାଳନରେ କାହିଁକି ବା ଭୀତ ହେବ ? କନେଷ୍ଟବଲ ମନେ ମନେ ଭାବିଲା, ଏ ରକ୍ତ-ମାଂସ ବିନା ଉପହାରରେ ସହଜରେ କବଜ ହେବାର ଜନ୍ତୁ ନୁହେ—ତେବେ ଆଉ ଅପେକ୍ଷା କାହିଁକି, ଏହାର ଗଣ୍ଡକର୍ଣ୍ଣମୂଳ ଛଡ଼ାଇ ଦିଏଁ । ଏହା ଭାବି କାପାଳିକର ଗାଲରେ ପଟାସ୍ କରି ଚାପୁଡ଼ାଏ ବସାଇଦେଲା । କାପାଳିକ କ୍ରୋଧରେ ଅଧୀର ହୋଇ କନେଷ୍ଟବଲର ବଂଶ ସଦ୍ୟ ନିପାତ କରିବାପାଇଁ ଯମରାଜାଙ୍କୁ ସନିର୍ବନ୍ଧ ନିମନ୍ତ୍ରଣ କଲା, କିନ୍ତୁ ଯମରାଜା କାହିଁକି କେଜାଣି ସେ ନିମନ୍ତ୍ରଣ ଗ୍ରହଣ କଲେନାହିଁ । କାପାଳିକର କ୍ରୋଧ ତପ୍ତ ତୈଳପରି ଟକମକ ହୋଇ ଫୁଟି ଉଠିଲା । ସେ ପ୍ରଖର ଦୃଷ୍ଟିରେ କନେଷ୍ଟବଲର ମୁହଁକୁ ଚାହିଁରହିଲା । ସେ ଭୀଷଣ ଦୃଷ୍ଟି ଯେମନ୍ତ କି କନେଷ୍ଟବଲର ଶରୀର ଭେଦକରି ତାହାର ମନ ମଧ୍ୟରେ ପଶି କଅଣ ଦେଖିବାକୁ ଲାଗିଲା । ପରିଶେଷରେ ଅନନ୍ୟୋପାୟ ହୋଇ, 'ଯଃ ପଳାୟତି ସଃ ଜୀବତି' ନୀତିର ଅନୁସରଣରେ ପ୍ରବୃତ୍ତ ହେଲା, ମାତ୍ର ଦ୍ୱାରପାଖରେ ଲୋକ ଜଗିଥିବାରୁ ସେ ଉପାୟ ରୁଦ୍ଧ । ତହୁଁ ସେ କାରାବେଷ୍ଟିତ ବ୍ୟାଘ୍ର ପ୍ରାୟ ଗର୍ଜନ କରି ନିଜର କ୍ରୋଧରେ ନିଜେ ଦଗ୍ଧୀଭୂତ ହେବାକୁ ଲାଗିଲା । କିଛି କ୍ଷଣ ପରେ ଧାଇଁଯାଇ ଗୋଟାଏ ଗୁପ୍ତ ଦ୍ୱାର ଖୋଲିଦେଲା । କନେଷ୍ଟବଲମାନେ ଦେଖିଲେ, ସେଠାରେ ମୃଣ୍ମୟୀ ଭୈରବୀମୂର୍ତ୍ତି ସିଂହାସନରେ ଉପବିଷ୍ଟା । କାପାଳିକ ଦେବୀଙ୍କ ହସ୍ତରୁ ସିନ୍ଦୂରଲିପ୍ତ କରବାଳ ଟାଣିଆଣି କନେଷ୍ଟବଲମାନଙ୍କୁ ଆକ୍ରମଣ କଲା । ତାହାର ଶରୀରର ଅମାନୁଷିକ ବଳହେତୁ କନେଷ୍ଟବଲମାନେ ତାହାର ପାଖ ପଶିବାକୁ ସାହସୀ ନ ହୋଇ ଚିତ୍କାର ଆରମ୍ଭ କଲେ । ଗୋଳମାଳ ଶୁଣି ସାହେବଦ୍ୱୟ ଧାଇଁଆସି ଘଟଣା-ସ୍ଥଳରେ ଉପସ୍ଥିତ ହେଲେ । ଦେଖିଲେ, କାପାଳିକ ଆତ୍ମରକ୍ଷା ସକାଶେ ଶିକ୍ଷିତ ଯୋଦ୍ଧା ପରି ପ୍ରବଳ ବେଗରେ ତରବାରି ଘୂରାଉଅଛି । ତହୁଁ ସେ ଦୁହେଁ ରିଭଲ୍ଭର୍ ଧରି କାପାଳିକର ଶରୀର ଲକ୍ଷ୍ୟ କରି ଠିଆହେଲେ । କଲେକ୍ଟର କହିଲେ; "ତରବାରି

ଛୋଡ଼ ଦୋ, ନେହି ତ ଗୁଲ୍ କରକେ ମାରଦେଙ୍ଗେ ।’ ସାହେବଙ୍କୁ ଦେଖି କାପାଳିକ ପ୍ରକୃତିସ୍ଥ ହୋଇ ଠିଆ-ହେଲା । ଏହି ଅବସରରେ ଦୁଇ ଜଣ କନେଷ୍ଟବଲ ପଛରୁ ଆସି ତାହା ହାତରୁ ତରବାରୀ ଛଡ଼ାଇନେଲେ । ଅବଶିଷ୍ଟ କନେଷ୍ଟବଲମାନେ କାପାଳିକକୁ ପଶ୍ଚିମା କରି ବାନ୍ଧିପକାଇଲେ । ଆଉ ତାହା ମୁହଁରେ ଭାଷା ନାହିଁ । ସେ ମଣ୍ଡହୋଇଥିବା ବଳଦ ପ୍ରାୟ ବିନା ଆପତ୍ତିରେ ଗୁମ୍ଫା ଭିତରୁ ବାହାର ଆସିଲା । ତାକୁ ବାହାରକୁ ଆଣି କନେଷ୍ଟବଲମାନେ ସାହେବଙ୍କ ଆଦେଶାନୁସାରେ ବନ୍ୟଲତାଦ୍ୱାରା ଗୋଡ଼ଠାରୁ ବେକପର୍ଯ୍ୟନ୍ତ ବାନ୍ଧିଲେ । ପରେ ଯାଇ ଗୁମ୍ଫାମଧ୍ୟରୁ ବାଳକଟିକୁ ଉଦ୍ଧାର ଆଣିଲେ । ବାଳକଟିର ମୁହଁରୁ ଭାଷା ବାହାରୁ ନ ଥିଲା । କେବଳ ଦଣ୍ଡକେ ଘଣ୍ଟାକେ ଗୋଟାଏ ଗୋଟାଏ ଦୀର୍ଘନିଃଶ୍ୱାସ ଛାଡୁଥାଏ । ତାହାହିଁ ତାହାର ପ୍ରାଣର ଅନ୍ତର ଭାଷା । ଦାରୁଣ ଯନ୍ତ୍ରଣାରେ ତାହାର ଭାଷା ସୁଦ୍ଧା ବାଷ୍ପ ହୋଇ-ଯାଇଥିଲା । ସେ ପିତାମାତାର ମମତା ଛାଡିଥିଲା, ସ୍ୱଦେଶର ସୁଖ ଛାଡିଥିଲା, ପ୍ରାଣର ଆଶା ଛାଡିଥିଲା, ମାତ୍ର ବାହାରେ କାପାଳିକର ବନ୍ଧନ ଅବସ୍ଥା ଦେଖି ଏବଂ ସାହେବ ଓ ଅନ୍ୟାନ୍ୟ ଲୋକମାନଙ୍କୁ ଦେଖି ତାହାର ହୃଦୟକାନନର ଶୁଷ୍କ ଆଶା-ଲତା ପୁନଶ୍ଚ କଅଁଳି ଉଠିଲା । କେତେକକ୍ଷଣ ପରେ ସେ କ୍ଷୀଣକଣ୍ଠରେ କହିଲା—“ଟିକିଏ ପାଣି ଦିଅ । ଓଃ, ତୃଷାରେ ଛାତି ଫାଟିଯାଉଛି ।” ସାହେବଙ୍କ ବବୁର୍ଚ୍ଚି ପାନୀୟ ଜଳ ଧରି ସଙ୍ଗରେ ଯାଇ-ଥିଲା । ସେହି ଜଳ ତାହାକୁ ପିଇବାକୁ ଦିଆଗଲା । ସେ ଟିକିଏ ପ୍ରକୃତିସ୍ଥ ଏବଂ ସବଳ ହେଲା । ତହୁଁ ସମସ୍ତେ ତାକୁ ଏବଂ ତାହାର ଲୁବୀ ପ୍ରାଣହନ୍ତା କାପାଳିକକୁ ଘେନି ପର୍ବତରୁ ଅବତରଣ କଲେ ।

## ସପ୍ତମ ପରିଚ୍ଛେଦ

ଜନରବର ସହସ୍ରରୂପ ଏବଂ ପ୍ରତ୍ୟେକର ସହସ୍ର ରସନା । ସେ କେଉଁଠାରେ ପରିବର୍ତ୍ତିତ, କେଉଁଠାରେ ରୂପାନ୍ତରିତ, କେଉଁଠାରେ ପଲ୍ଲବିତ ଏବଂ କେଉଁ-ଠାରେ ବା ଅଳଙ୍କୃତ ହୋଇ ଜନମୁଖରେ ଉଡିବୁଲେ । ସ୍ୱଳ୍ପସମୟ ମଧ୍ୟରେ ଏହି ଘଟଣା ଜଳରେ ତୈଳବିନ୍ଦୁ ପ୍ରାୟ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବ୍ୟାପ୍ତ ହୋଇଗଲା । ବୃହତ୍ ଜଳାଶୟର ବନ୍ଧ ଭାଙ୍ଗିଗଲେ ଯେପରି ଜଳସ୍ରୋତ ପ୍ରବଳ ବେଗରେ ପ୍ରବାହିତ ହୁଏ, କିମ୍ବା ସମାଜଶୃଙ୍ଖଳ ଛିନ୍ନ ବା ଶିଥିଳ ହୋଇଗଲେ ଯେପରି ସ୍ୱେଚ୍ଛାଚାରିତାର ସ୍ରୋତ ପ୍ରବାହିତ ହୁଏ, ସେହିପରି ଜନସ୍ରୋତ ସାହେବଙ୍କ ତମ୍ବୁ-ଅଭିମୁଖରେ ଧାବିତ ହେଲା । ଆବାଳବୃଦ୍ଧବନିତା ସମସ୍ତେ ପିପୀଲିକା-ଶ୍ରେଣୀପରି ଧାଇଁ ଆସିଲେ । କାହାର ମୁଣ୍ଡର ପେଣ୍ଡାବାଳ ଫିଟିଯାଇ ବୀରଭଦ୍ରର ନିଶାଣପରି ଉଡୁଅଛି; ମାତ୍ର ସେ ଆଡକୁ କାହାରି ଦୃଷ୍ଟି ନାହିଁ, ସ୍ତ୍ରୀମାନେ ଦଳଦଳ ହୋଇ ଧାଇଁ-ଅଛନ୍ତି, କାହାର ପିଲା ପଛରେ କାନ୍ଦି କାନ୍ଦି ଆସୁଅଛି, କେହି ବା ଥରକୁ ଥର ହାବୁଡ଼ ଖାଇ ଆଣ୍ଠୁ ଘଷି ଲହୁଲୁହାଣ ହୋଇଗଲାଣି, ମାତ୍ର ସେଆଡ଼କୁ ନଜର ନାହିଁ । ମନ୍ଦୋଦରୀ ଓରଫ୍ ମନ୍ଦ ଅପା, ମୂଷୀ ମା, ବେଙ୍ଗ ନାନୀ, ମେଙ୍କୀ, ବୃନ୍ଦା ମାଉସୀ ଏହିପରି ଯେତେ ଅପା, ନାନୀ, ମାଉସୀ, ପିଉସୀ ଗାଁରେ ଥିଲେ, ସମସ୍ତେ ଅସମ୍ଭାଳ ହୋଇ ଧାଇଁ ଧାଇଁ ଚାଲିଛନ୍ତି । ମେଙ୍କୀ କହିଲା, “ମନ୍ଦ ଅପା, କଲଟର ସାହେବ ପର୍ବତରୁ ଗୋଟାଏ ଖାଅନ୍ତା ଭୂତ ଧରିଆଣିଛି । ସେ ଭୂତଟା କାଲେ ଗୋଟାଏ ପିଲାକୁ ଧରି କଞ୍ଚା ଖାଇ ଯାଉଥିଲା ।” ବେଙ୍ଗ କହିଲା,—ଛଟେକୀଟା କେତେ ଛଟକରେ କଥା କହୁଛି । ଖାଅନ୍ତା ଭୂତ କେହି କେବେ ଦେଖିଛି ନା ! ସାହେବ ତ ଗୋଟେ ଭାଲୁ ଧରିଆଣିଛି !

ମେଙ୍କୀ– କାଲୋ, ତୁ ମତେ ଗାଳି ଦଉଚୁ ? ତୁ ଛଟକୀ ହୁ, ମଟକୀ ହୁ, କଟକୀ ହୁ ।

ବେଙ୍ଗ—ଦେଖ ଲୋ ମନ୍ଦୀ ଅପା, ମୁଁ ଗାଳି ଦେଲି କେତେବେଳେ ? ଲଅଁଗିଳି, ମିଛେଇ, ବାରୁଅଳୀଟାକୁ କିଏ ପାରିବ ଲୋ ମା !

ମେଙ୍କୀ—ଫେର କହୁଛୁ, ଚୁପ୍ ହୁ ।

ବେଙ୍ଗ—ଅନା ଲୋ ମୁଛୁସି ମା, ମୁଁ କଅଣ କହିଲି ?

ମେଙ୍କୀ—ହଁ, କହିଚୁ, ଅଲବତ କହିଚୁ, ନ କହିଲେ ବି କହିଚୁ । ମତେ ଯେ ବେହେଡାଦାନ୍ତୀ କହିଲୁ, ସେଇ ବେହେଡାଦାନ୍ତୀ;ମତେ ଯେ କାଳକୁଛୁସୀ କହିଲୁ, ସେଇ କାଳକୁଛୁସୀ, ମତେ ଯେ ଠିଆଚୁରୁଣୀ କହିଲୁ ସେଇ ଠିଆଚୁରୁଣୀ, ତାର ଅଁଶ ବଁଶ ସାଇ-ପଡିଶା ସମସ୍ତେ ଠିଆଚୁରୁଣୀ ।

ବେଙ୍ଗ—ଶୁଣୁଥା ଲୋ ମନ୍ଦୀ ଅପା, ଆପଣା ଗୁହିପୁରାଣ ଆପେ କିମିତି କାଢି ହଉଚି ।

ମେଙ୍କୀ—ରଣ୍ଡ ଅଣ୍ଟୁକୁଡ଼ୀର ମୁଣ୍ଡ ବୁଲେଇଲଣି, ଅରେ ରେ ମତେ କହିବ, ଅଉ କିଏ କରି ପାଇଚି ପରା ! ଏଠି କିଏ ମତେ କହିବ, ମୋର ଗାଡ, ନା ଚୁଲି, ନା ନିଆଁ, ନା ପାଉଁଶ, ନା ଅଡ଼ୀ ?

ମନ୍ଦ ଅପା ମଧ୍ୟସ୍ଥ ହୋଇ କହିଲୁ, "ଯା ଲୋ ଯା, ସେ ତତେ କଅଣ କହିଲୁ ଯେ, ଏତେ କଥା କହି ପୁହୁଳି ଫୁଟିଯାଉଛୁ ?'

ମେଙ୍କୀ—ନା ଲୋ ମନ୍ଦୀ ଅପା, ମୁଁ କଅଣ ସତରେ ଗାଳି ଦଉଚି ନା, ଭଉଣୀ ଲେଖାରେ ଟେଣ୍ଟ-ଟାପରାରେ କହୁଚି ନା । ଭଉଣୀ ବୋଲି ଖରଧା କଲି, କଅଣ ହେଲୁ ?

ବେଙ୍ଗ—ଅତି ଖରଧାର ପିଆଜ ମୁଠେ, ବଣଟେ ପକେଇଲେ ସେଁ ସେଁ ଉଠେ । ମା ଲୋ ଖରଧା !

ମୁଛୁସିମା—ଆଲୋ ମେଙ୍କୀ, ତୁ ଏତେ ଗେଲ୍ହେଇ, ଚୁଲେଇ, ଦୁଲେଇ ନା । ତା ସାଇପଡିଶା ତୋର କଅଣ କଲେ—ତୋ ମୁହଁରେ ନିଆଁ ନେଣ୍ଡୁଆ ବୁଲେଇଲେ, ନା ତୋତେ ଅଦ୍ଧଚଣା କାଠରେ ଠେଙ୍ଗିଲେ ।

ମେଙ୍କୀ—ଇଲୋ ତୁ କିଏ ଲୋ, ତୁ କାହିଁକି ଫାଟରୁ ବାହାରିଲୁ ? ମୁଁ ତତେ କିଛି କହୁନାହିଁ ଯା ।

ମେଙ୍କୀ ଜାଣେ, ମୁଛୁସିମା ସଙ୍ଗରେ ଦ୍ୱନ୍ଦ୍ୱଯୁଦ୍ଧରେ ଜିଣିବା ସହଜ କଥା ନୁହେ । ସେ ଅଣ୍ଟାରେ ଲୁଗା ଭିଡି ଦେଇ କଳି କରୁଥିଲେ, ସାତଦିନ ସାତରାତି କଟିଗଲେ ସୁଦ୍ଧା ସେ ଥକିବ ନାହିଁ । ସୁତରାଂ ମେଙ୍କୀ ଆଉ ଅଗ୍ରସର ନ ହୋଇ ଥଣ୍ଡା ପଡିଗଲା । ତହିଁ ଏତିକିରେ ନାରଦ ମୁନିଙ୍କ କଳି-ଧୁକୁଡି ମୁଣିରେ ଡୋର ବନ୍ଧା ଗଲା ।

ଯଥା ସମୟରେ ପୋଲିସ ପରିବେଷ୍ଟିତ ଅସାମୀକୁ ଘେନି ସାହେବ ଆସି ଉପସ୍ଥିତ ହୋଇ ଦେଖିଲେ, ତାଙ୍କ ଗୃହଟି ଆଗରେ ବିଶାଳ ନରସାଗରର ସୃଷ୍ଟି ହୋଇ-ଅଛି । ସାହେବ ସେହି ସାଗର ସନ୍ତରଣ କରି ତମ୍ବୁ ଭିତରକୁ ଗଲେ । କାପାଳିକକୁ ଦେଖି ଜନସାଗର ଉଦ୍‌ବେଳିତ ହୋଇ ଉଠିଲା । କେହି କହିଲା, ଏଟା ମନୁଷ୍ୟ ନୁହେ, ରାକ୍ଷସ । କେହି କହିଲା ଖଣ୍ଡେ ଦର-ପୋଡ଼ା କାଠ । କେହି ବା କହିଲା, ନା,ନା, ଏଟା ତ ସବାଖିଆ ଅଘୁରି (ଅଘୋରପନ୍ଥୀ), ତା ନ ହେଲେ କି ମନୁଷ୍ୟମାଂସ ଖାଆନ୍ତା ? ଏହାକୁ ଜୀଅନ୍ତା ପୋଡିବା ଉଚିତ । ଚାରିଆଡ଼ୁ ଏହିପରି ବାକ୍ୟବାଣ ବର୍ଷିତ ହେଲା; ମାତ୍ର କାପାଳିକ ନୀରବ । ପଙ୍କମଗ୍ନ ହସ୍ତୀର ଦୁଃଖ ବା କଣ, ସେତେବେଳେ ତାକୁ ବେଙ୍ଗ ଗୋଇଠା ମାରି ପାରେ । ସାହେବ ପୋଲିସକୁ ହୁକୁମ ଦେଲେ, "ଆସାମିକୋ ଲେକରକେ ଭଦ୍ରଖ ହାଜତଖାନାମେ ରଖୋ, ଦୋ ରୋଜ୍‌କା ବାଦ୍ ଉହାଁ ବିଚାର ହୋଗା ।' ତତ୍‌କ୍ଷଣାତ୍ ହୁକୁମ ପାଳିତ ହେଲା । ପୋଲିସ ଆସାମୀକୁ ଘେନି ଭଦ୍ରଖ ଅଭିମୁଖରେ ପ୍ରସ୍ଥାନ କଲା । ଏଣେ ଜନ ସମୁଦ୍ରରେ ଭଟା ପଡିଗଲା, ଦର୍ଶକବୃନ୍ଦ ସ୍ୱୀୟ ସ୍ୱୀୟ ଗୃହକୁ ଫେରିଗଲେ । ସ୍ଥାନଟି ପୂର୍ବ ପରି ନିର୍ଜନରେ ପରିଣତ ହେଲା । କାପାଳିକର କବଳରୁ ଯେଉଁ ପିଲାଟିକୁ ଉଦ୍ଧାର କରି ଅଣାଯାଇଥିଲା, ସେହି ପିଲାଟି ତମ୍ବୁରେ ରହିଲା; ସାହେବ ତାହାର ଖାଦ୍ୟ ପାନର ବ୍ୟବସ୍ଥା କରି ଦେଲେ । ସେହି ଦିନ ସନ୍ଧ୍ୟା ସମୟରେ ସାହେବ ପିଲା-ଟିକୁ ଆତ୍ମପରିଚୟ ପଚାରିଲେ । ସେ କହିଲା—

"ମୋର ନାମ ବିଶ୍ୱନାଥ, ଘର ବସନ୍ତିଆ ଗ୍ରାମରେ । ମୋର ପିତା ମାତା ଛଡ଼ା ଆଉ କେହି ନାହାନ୍ତି, ପିତାଙ୍କ ନାମ ଆକୁଳ ମିଶ୍ର । ଆମ୍ଭେମାନେ ବଡ଼ ଗରିବ, ଭିକ୍ଷା ଦ୍ୱାରା ଉଦର ପୋଷଣ କରୁଁ । କାଲି ମୁଁ ଗାଁରେ ବୁଲି ଭିକ ମାଗୁଥିଲି; ଏହି ବୈଷ୍ଣବଟା ମୋତେ କହିଲା —ମୁଁ ତୋର କୁଣ୍ଡଳ ରଖିଛି ଦେବ ବୋଲି । ମୁଁ ତାହା ସଙ୍ଗରେ ଆସିଲି, ସେ ମୋତେ ଗ୍ରାମ ଭିତରକୁ ନେଇ

ଯାଇ ବାନ୍ଧି ରଖିଲା । ଏହା କହୁ କହୁ ପଲ୍ଟିର ଚକ୍ଷୁ ଅଶ୍ରୁସଜଳ ହୋଇ ଆସିଲା, କଣ୍ଠ ବାଷ୍ପରୁଦ୍ଧ ହୋଇଗଲା, ଆଉ ସେ କିଛି କହି ପାରିଲା ନାହିଁ । ଦୁଇ ଆଣ୍ଠୁ ଭିତରେ ମୁହଁ ଲୁଚାଇ ବସି ରହିଲା । ଦୁଃଖୀର ଅଶ୍ରୁ ଏହିପରି ଚଞ୍ଚଳ । ସହାନୁଭୂତିର ସ୍ଥାନ ପାଇଲେ ତାହାର ଉତ୍ସ ଆପେ ମୁକୁଳା ହୋଇଯାଏ । ଏହା ଦେଖି ସାହେବଙ୍କ ଦୟାର ହୃଦୟ ବିଗଳିତ ହୋଇଗଲା । ସେ ତାହାକୁ ମଧୁର ବାକ୍ୟରେ ସାନ୍ତ୍ୱନା ଦେଇ କହିଲେ—"ଆଉ ତୋର କିଛି ଭୟ ନାହିଁ, କାଲି ତୋର ବାପ ମାଙ୍କୁ ଦେଖିବୁ । ଏହା କହି ସାହେବ ସେହିକ୍ଷଣି ଦୁଇଜଣ ଚୌକିଦାରଙ୍କୁ ବସନ୍ତିଆ ଗ୍ରାମକୁ ପଠାଇ ଦେଲେ ଏବଂ କହିଲେ ଅତୁଳ ମିଶ୍ରକୁ ଅତିଶୀଘ୍ର ଆଣି ହାଜର କର । ଚୌକିଦାର ଦୁହେଁ "ଯେ ହୁକୁମ୍" କହି ସାହେବଙ୍କୁ ଦୁଇ ହାତରେ ସଲାମ କରି ବସନ୍ତିଆ ଅଭିମୁଖରେ ଧାବିତ ହେଲେ ।

ଅତୁଳ ମିଶ୍ର ଘରେ ଦୁଇ ଦିନ ହେଲା ଅରନ୍ଧ ଅବାଡ଼ । ପୁଅଟି ଭିଷା କରିବାକୁ ଯାଇ ଫେରିଲାନାହିଁ । ବଣ ଜଙ୍ଗଲ ରାଜ୍ୟ, ବାଘ ନେଲା କି ଅନ୍ୟ କିଛି ଦୁର୍ଘଟଣା ଘଟିଲା, ଏହି ଚିନ୍ତାରେ ଗେରସ୍ତ ଘରଣୀ ଅସ୍ଥିର । ଗତ ଦୁଇପ୍ରହର ସମୟରେ ଚୌକିଦାର ଦୁହେଁ ଯାଇ ସେମାନଙ୍କୁ ସମ୍ବାଦ ଦେଲେ । ପୁଅ ଜୀବିତ ଅଛି, ଏହା ଶୁଣି ବ୍ରାହ୍ମଣଦମ୍ପତି ଦୀର୍ଘନିଃଶ୍ୱାସ ଛାଡି ଆଶ୍ୱସ୍ତ ହେଲେ । ଚିନ୍ତାର ଗୁରୁଭାର ସେମାନଙ୍କ ମସ୍ତକରୁ ଓହ୍ଲାଇ ଗଲା । ଆଉ କାଳବିଳମ୍ବ ନକରି ସେମାନେ ସେହିକ୍ଷଣି ଘରୁ ବାହାରି ପ୍ରଭାତ ସମୟରେ ଆସି ଶୀତଳ ପୁରରେ ପହଞ୍ଚିଲେ । ପୁଅକୁ ଦେଖି ପିତାମାତାଙ୍କର ବାତ୍ସଲ୍ୟସ୍ରୋତ ଉଚ୍ଛୁଳି ଉଠିଲା । ସେମାନେ ଭେଁ ଭେଁ କରି ରଡି ପକାଇଲେ । ପୁଅ ମଧ୍ୟ ବାପମାଆଙ୍କୁ ଦେଖି କାନ୍ଦ ପକାଇଲା । ବ୍ରାହ୍ମଣଟି ଶାନ୍ତ, ଶିଷ୍ଟ ଏବଂ ଧୀର ପ୍ରକୃତିର ଲୋକ; ମାତ୍ର ବ୍ରାହ୍ମଣୀ ତାହାର ବିପରୀତ । ସେ ମୁଖରା, ପ୍ରଖରା ଏବଂ ଉଗ୍ରଚଣ୍ଡୀ । ଗୋଟିଏ ସଜଳ ଜଳଦ ଏବଂ ଅନ୍ୟଟି ଅଗ୍ନିଗର୍ଭା ସୌଦାମିନୀ, ଗୋଟିଏ ସରସ ସହକାର ଏବଂ ଅନ୍ୟଟି ବିଷାକ୍ତ କଣ୍ଡୁରିଲତା, ଗୋଟିଏ ଶୀତଳ ଚନ୍ଦନତରୁ ଅନ୍ୟଟି ଉଦ୍ଧତ ଫଣିନୀ, ଏହିପରି କୋମଳ-କଠୋରର ଅପୂର୍ବ ବିରୁଦ୍ଧ ସମାବେଶ । କାନ୍ଦୁ କାନ୍ଦୁ ବ୍ରାହ୍ମଣୀ ଆଗ୍ନେୟ ଗିରି ସ୍ତୂପପରି ଗର୍ଜିଉଠି ଅନଳ-ତିରସ୍କାର ଉଦ୍‌ଗାର କରିବାକୁ ଲାଗିଲା । ଚୌକିଦାରକୁ ସେହି ରୁଦ୍ରସ୍ୱରରେ ପଚାରିଲା—"ହଇରେ ଜେନା ପୁଅ, ସେ କୁଟୀ ଡାକୁଣିଟିଆ ବଇଷମା କୁଆଡେ଼ ଗଲା, ଦେଖିଲେ ତା' ଗାଲରୁ କଲେ କାମୁଡ଼ି ଆଣନ୍ତି । ଅଲପାଇଷ ମଣଷ ମାଆଁସ ଖାଇ ବଇଷମ ଭୁଲିଉଚି । ତ' ଗୋଇଠା ମାରି ତା' ମୁଣ୍ଡ ଫଟେଇଦେଇ ଅନ୍ତ-ବୁଜଳା ଟାଣିଆଣନ୍ତି ।" ଏହି ସମୟରେ କନେଷ୍ଟବଲ ଧମକ ଦେବାରୁ ବ୍ରାହ୍ମଣୀ ଆଉ କାପାଳିକର ଆଦ୍ୟ ଶ୍ରାଦ୍ଧରେ ଅଗ୍ରସର ନ ହୋଇ ନୀରବ ହୋଇଗଲା । ତେଣେ ସାହେବ ଏ ଗୋଳମାଳ ଶୁଣି ସେଠାରେ ଆସି ଉପସ୍ଥିତ ହେଲେ । ଚୌକିଦାର ସଲାମ କରି କହିଲା—"ହଜୁର, ଏହି ଅତୁଳ ମିଶ୍ର ଆସିଲା ।" ତହୁଁ ବ୍ରାହ୍ମଣ ସଲାମ କରି କହିଲା, "ହଜୁରଙ୍କ ଋଣ ମୁଁ ସାତ ଜନ୍ମରେ ଶୁଝି ପାରିବି ନାହିଁ । ହଜୁର ଗୋଟିକୁ ବଞ୍ଚାଇ ତିନୋଟିର ପ୍ରାଣ ରକ୍ଷା କଲେ ।" ବ୍ରାହ୍ମଣର କଥା ନ ସରୁଣୁ ବ୍ରାହ୍ମଣୀ ତରତରରେ ଠିଆହୋଇ କହିଲା—"ସାଇବ ହଜୁର, ତମର ପାଲିଙ୍କି ପାଟଛତା ହଉ, ତମ ପୁଅ ନାତି ବୁଢ଼ା ହୋଇଥାଆନ୍ତୁ, ତମର ବଡ଼ ସୁକିରି ହଉ ମୁଁ ଏଇ କଇଲାଣ କରୁଚି ବାବା ।" ସାହେବ ମୃଦୁ ହସି ବ୍ରାହ୍ମଣକୁ କହିଲେ—"ତୋର ପୁଅକୁ ନେଇ ଆଜି ଭଦ୍ରଖ ଯା, ତୋତେ ସର୍କାରରୁ ଖର୍ଚ୍ଚ ଦିଆଯିବ ।" "ହଜୁର ମା ବାପ, ହଜୁରଙ୍କ ହୁକୁମ ମୋର ଶିରୋଧାର୍ଯ୍ୟ," ବ୍ରାହ୍ମଣ ଏହା କହି ପୁଅକୁ ନେଇ ଭଦ୍ରଖ ଗଲା । ବ୍ରାହ୍ମଣୀ ନିଜ ଗୃହାଭିମୁଖରେ ପ୍ରସ୍ଥାନ କଲା । ଯାଉଁ ଯାଉଁ ବାଟସାରା କାପାଳିକର ଚଉଦ ପୁରୁଷ ଉଦ୍ଦେଶ୍ୟରେ ଖାଦ୍ୟପାନର ବ୍ୟବସ୍ଥା କରି କରି ଯାଉଥିଲା । କେବଳ ଏତିକି ନୁହେଁ, ମହାଦାନଶୀଳା ପଣରେ କାପାଳିକର ମାତା, କନ୍ୟା, ସ୍ତ୍ରୀ ପ୍ରଭୃତିଙ୍କୁ ମଧ୍ୟ ପାଣ, ହାଣ୍ଡି, ପଠାଣମାନଙ୍କୁ ଦାନ କରିବାକୁ ଭୁଲି ନଥିଲା । କେହି କେହି ପଚାରିପାରନ୍ତି, ସେମାନଙ୍କର

ଅପରାଧଟା କଅଣ ? ମାତ୍ର ଏରୂପ ପ୍ରଶ୍ନ ନିତାନ୍ତ ଅସଙ୍ଗତ ଏବଂ ଅଜ୍ଞତାସୂଚକ । ରାବଣ ସୀତାଙ୍କୁ ଚୋରି କଲା, ମାତ୍ର ସମୁଦ୍ର ଦଣ୍ଡ ପାଇଲା—ଗୁଣ୍ଡି ଷଣ୍ଢ ଧାନ ଖାଇଲା, ଆଉ ଚନ୍ଦ୍ରୀ ବନ୍ଧାରେ ପଡ଼ିଲା, ଏ ପ୍ରବାଦ ତ ଯୁଗେ ଯୁଗେ ଚଳି ଆସୁଛି । ଜଣେ ଦୋଷ କଲେ ଆଉ ଜଣେ ଦଣ୍ଡ ପାଏ, ଏହା ନୂତନ କଥା ନୁହେ—ଚିରନ୍ତନୀ ଶାଶ୍ୱତୀ ଧାରା ।

ଭଦ୍ରଖର କଡ଼ାକିଆ ପୋଖରୀ ଉପରେ କଲେକ୍ଟର ସାହେବଙ୍କର ତମ୍ବୁ ପଡ଼ିଛି । କଡ଼ାକିଆ ପୋଖରୀ ନାମ ଶୁଣି କେହି କେହି ଆଶ୍ଚର୍ଯ୍ୟ ହୋଇ ପାରନ୍ତି । କଡ଼ାଏ କଉଡ଼ିରେ କି ଗୋଟାଏ ପୋଖରୀ ଖୋଳା ହୋଇପାରେ ? ପ୍ରକୃତ କଥା ଏହି ଯେ, ଥରେ ଘୋର ଦୁର୍ଭିକ୍ଷ ପଡ଼ିଥିଲା । ସେହି ଦୁର୍ଭିକ୍ଷରେ ଗୋଟାଏ କଖାରୁ ପତ୍ରର ମୂଲ୍ୟ ବାରବୋଡ଼ି ହୋଇଥିଲା । ଏଥିରୁ ଅନ୍ୟାନ୍ୟ ପଦାର୍ଥର ଦୁର୍ମୂଲ୍ୟତା ସହଜରେ ଅନୁମେୟ । ଭାତହାଣ୍ଡିରୁ ଗୋଟାଏ ଚିପିଲେ ସମସ୍ତ ହେବା ନ ହେବା ଜଣାଯାଏ । ସେହି ଦୁର୍ଭିକ୍ଷରେ କେତେ ନାରୀ ହତପତିକା ହୋଇଥିଲେ—କେତେ ପୁରୁଷ ହତପତ୍ନୀକ ହୋଇଥିଲେ—କେତେ ଶିଶୁ ମାତୃ-ପିତୃ-ଅଙ୍କ ଶୂନ୍ୟ କରି ଅକାଳରେ କାଳଗ୍ରସ୍ତ ହୋଇଥିଲେ—କେତେ ବଂଶ ନିର୍ମୂଳ ହୋଇଥିଲା, ତାହା ଭାବିଲେ ଅନ୍ତରାତ୍ମା ଥରି ଉଠେ । ସେହି ଦୁର୍ଭିକ୍ଷରେ ମନୁଷ୍ୟ ମନୁଷ୍ୟ-ମାଂସ ଖାଇଥିବାର ଦେଖାଯାଇଥିଲା । ହାୟ ଉଦରରାକ୍ଷସ, ତୋର ଅସାଧ୍ୟ କଅଣ ଅଛି ? କୋଟିଏ ସଂସାର ଗ୍ରାସ କଲେ ସୁଦ୍ଧା ତୋର ଦୁର୍ବାର ଲାଳସା ତୃପ୍ତ ହୁଏ ନାହିଁ । ତୁ ଅଗ୍ନି ତୁଲ୍ୟ ସର୍ବଭୁକ୍; ସମସ୍ତେ ତୋର ଅଧୀନ, ମାତ୍ର ତୁ କାହାର ଅଧୀନ ନୋହୁ । ସେହି ଦୁର୍ଭିକ୍ଷ ସମୟରେ ଉପରୋକ୍ତ ପୋଖରୀଟି ଖୋଳାଯାଇଥିଲା । ଯେ କୋଦାଏ ମାଟି ଖୋଳି ପକାଇବ, ସେ କଡ଼ାଏ କଉଡ଼ି ମଜୁରି ପାଇବ, ଏହିପରି ନିୟମ ଥିଲା । ସେହିହେତୁ ପୋଖରୀର ନାମ କଡ଼ାକିଆ ପୋଖରୀ ହୋଇଅଛି । ଆଜି ସେହି ପୋଖରୀ-ଆଡ଼ ଲୋକାରଣ୍ୟ । ଏମନ୍ତ କି ତିଳଧାରଣର ସ୍ଥାନ ନାହିଁ । କାପାଳିକକୁ ଦେଖିବାପାଇଁ ଲୋକେ ଚୁଡ଼ା ଗୁଡ଼ଲ ବାନ୍ଧି ବହୁ ଦୂରରୁ ଆସିଅଛନ୍ତି । ତମ୍ବୁ ମଧ୍ୟରେ କଲେକ୍ଟରର ସାହେବଙ୍କର ମିସଲ ବସିଅଛି । ଦୁଇଜଣ ଦୀର୍ଘାକୃତି ଭୋଜପୁରୀ ସିପାହୀ ତମ୍ବୁ-ଦ୍ୱାରରେ ପ୍ରହରୀ ନିଯୁକ୍ତ । ସେମାନେ କାନ୍ଧରେ ବନ୍ଧୁକ ପକାଇ ପ୍ରଭୁତ୍ୱର ଗର୍ବସ୍ଫୀତ ମସ୍ତକ ସଞ୍ଚାଳନ ପୂର୍ବକ "ଚୁପ୍ ରହୋ, ଚୁପ୍ ରହୋ" କହି ଗୋଳମାଳ ଭାଙ୍ଗିବା ଦୂରେ ଥାଉ, ତାହାକୁ ଆହୁରି ସ୍ଥୂଳ କରୁଅଛନ୍ତି । ସାହେବ ମିସଲ ଉପରେ ବସି ଖଣ୍ଡେ ଇଂରାଜୀ ସମ୍ବାଦପତ୍ର ପଢ଼ୁଅଛନ୍ତି । ପେସ୍କାର ଖଣ୍ଡେ ବେଞ୍ଚରେ ବସି ତାଡ଼ାଏ ନଥି ସଜାଡ଼ି ରଖୁଅଛି । ଏହି ସମୟରେ ଦୁଇଜଣ କନେଷ୍ଟବଲ ଆସାମୀକୁ ଆଣି କାଠ-କାମରା ଭିତରେ ପୂରାଇ ଦ୍ୱାର ପକାଇଲେ । ବ୍ରାହ୍ମଣ ବାଳକଟି ମଧ୍ୟ ଆସି ଠିଆହୋଇ ରହିଲା । ଯେଉଁ ସମୟର କଥା ଲେଖା ଯାଉଅଛି, ସେ ସମୟରେ ଜଜ୍-ପଦର ସୃଷ୍ଟି ହୋଇ ନଥିଲା । ମାଜିଷ୍ଟ୍ରେଟମାନେ ଜଜ୍-କ୍ଷମତା ପାଇ ବିଚାର କରୁଥିଲେ । ଅନନ୍ତର ବିଚାର ଆରମ୍ଭ ହେଲା । ସାହେବଙ୍କ ଆଦେଶମତେ ପେସ୍କାର ଆସାମୀକୁ ପୁଛି ପଚାରିଲା—ତୋର ନାମ କଅଣ ?

ଆସାମୀ—ନିର୍ମାଳୀ ପଣ୍ଡା ।

ପେସ୍କାର—ଘର କେଉଁଠି ?

ଆ—ଢେଙ୍କାନାଳ ଇଲାକାରେ; ମାତ୍ର ମୁଁ କୋଡ଼ିଏ ବର୍ଷ ହେଲା ଗୃହତ୍ୟାଗୀ ହୋଇ ଯଥେଚ୍ଛା ଭ୍ରମଣ କରୁଅଛି ।

ପେ—ଘରେ ତୋର କିଏ ଅଛି ?

ଆ—କେହି ନାହାନ୍ତି । ମୁଁ ଚିରକୁମାର ।

ପେ—ତୋର ବୟସ କେତେ ?

ଆ—ପଞ୍ଚାବନ ବର୍ଷ ।

ପେ—ତୋର ବ୍ୟବସାୟ କଅଣ ?

ଆ—କିଛି ନାହିଁ । ମୁଁ କାପାଳିକ-ଦୀକ୍ଷା ଗ୍ରହଣକରି ଶ୍ମଶାନରେ ବସି ଶବସାଧନା କରେ ।

ପେ—କାହିଁକି ତାହା କରୁ ?

ଆ—ଇଷ୍ଟ ସିଦ୍ଧି ପାଇଁ ।

ପେ—ଇଷ୍ଟ ସିଦ୍ଧି କଣ ?

ଆ—ଜଗତରେ ମୋର ଅସାଧ୍ୟ କିଛି ରହିବ ନାହିଁ, ଯାହା ଇଚ୍ଛା କରିବି, ତାହା ହେବ ।

ପେ—ରାଜା ହୋଇପାରିବୁ ?

ଆ—ତାହା ବଡ଼ ଆଶ୍ଚର୍ଯ୍ୟ ନୁହେ । ଏ ବିଦ୍ୟା ସାଧନ କଲେ ମୁଁ ଅଜର ଅମର ହୋଇ ପାରିବି ।

ଏହା ଶୁଣି ସାହେବ ହସି ପକାଇଲେ । ଦର୍ଶକମଣ୍ଡଳୀରୁ ମଧ୍ୟ ଉଚ୍ଚହାସ୍ୟ ଉଠିଥିବ ହେଲା । ମାତ୍ର କନେଷ୍ଟବଲମାନେ "ଷ୍ଟେପ୍ ଷ୍ଟେପ୍" କହି ଥମାଇଦେଲେ । ପୁନଶ୍ଚ ପେସ୍କାର ପ୍ରଶ୍ନ କଲେ—ତୁ ଏ ପିଲାକୁ କାହିଁକି ଧରି ନେଇଥିଲୁ ? ( ପିଲାକୁ ଦେଖାଇଦେଇ )

ଆସାମୀ—ଦେବୀଙ୍କ ପାଖରେ ବଳି ଦେବାପାଇଁ । ୧୦୮ ନରବଳି ଦେଲେ ମୋର ମନ୍ତ୍ର ସିଦ୍ଧ ହେବ ।

ପେସ୍କାର—ଆଜି ପର୍ଯ୍ୟନ୍ତ କେତେ ନରବଳି ଦେଲୁଣି ?

ଆ—ଛୟାନବେଟି ।

ଗୁମ୍ଫାରୁ ଆଣିତ ନରକପାଳ ଗଣାଯାଇ ଦେଖାଗଲା, ସଂଖ୍ୟା ଠିକ୍ ଅଛି । ସାହେବଙ୍କ ଆଦେଶରେ ପୂର୍ବରୁ ତାହା ପୋଲିସ ଆଣି ରଖିଥିଲା । ଏହାପରେ ପିଲାର ଜବାନବନ୍ଦୀ ନିଆଗଲା । ପେସ୍କାର ପଚାରିଲେ, ତୋର ନାମ କଅଣ ?

ପିଲା—ବିଶ୍ୱନାଥ ମିଶ୍ର ।

ପେ—ବୟସ କେତେ ?

ପି—ତେର ବର୍ଷ ।

ପେ—ଘର କେଉଁଠି ?

ପି—ବସନ୍ତିଆ ଗ୍ରାମରେ ।

ପେ—ତୋର ବାପର ନାମ କଣ ?

ପି—ଆକୁଳ ମିଶ୍ର ।

ପେ—ତୋର ବ୍ୟବସାୟ କଣ ?

ପି—ଭିକ୍ଷା ।

ପେ—ତୋତେ ଏ ଲୋକଟା କପରି ନେଇଗଲା?

ପି—ମୁଁ ଗାଁରେ ଭିକ ମାଗୁଥିଲି । ମୋତେ ପୁଞ୍ଜାଏ ମିଠେଇ ଖାଇବାକୁ ଦେଇ କହିଲା, ମୁଁ ତେର ଚାଉଳ ରଖିଛି, ଦେବି ଚାଲ । ଏହା କହି ମୋତେ ଗୁମ୍ଫାକୁ ନେଇଗଲା । ମୁଁ ସେଠାରେ ମୂର୍ତ୍ତିର ଆଉ ମଣିଷ ମୁଣ୍ଡ ଦେଖି ଛାନିଆ ହୋଇ ପଳାଇ ଆସିବାକୁ ବସିଲି । ଏ ଲୋକଟା ମୋ ପିଠିରେ ଲୁହା ଚିମୁଟାରେ ପାହାରେ ପକାଇଲା । ତାହାପରେ ମତେ ବାନ୍ଧି ରଖିଲା ।

ସାହେବ ସ୍ୱୟଂ ଆସାମୀକୁ ଧରିଥିବା ସ୍ଥଳେ ଆଉ ସାକ୍ଷୀର ଆବଶ୍ୟକତା ହେଲା ନାହିଁ । ତହୁଁ ସାହେବ ରାୟ ଲେଖିବାକୁ ବସିଲେ । କିଛିକ୍ଷଣ ପରେ ଲେଖିସାରି କାଗଜ ଖଣ୍ଡ ପେସ୍କାର ହାତକୁ ବଢାଇ ଦେଲେ । ପେସ୍କାର ରାୟ ପଢି ଶୁଣାଇ ଦେଲା । ରାୟରେ ଏହିପରି ଲେଖାଥିଲା—"ନିର୍ମାଲ୍ୟ ପଣ୍ଡା କାପାଳିକ ଜଣେ ଭୟଙ୍କର ନରହନ୍ତା । ସେ ୯୬ଟା ମନୁଷ୍ୟ ମାରି ବଳି ଦେଇ ଅଛି । ଏହି ଗୁରୁତର ଅପରାଧରେ ତାହାକୁ ଫାଶି ହୁକୁମ ହେଲା ।"

ଆଦେଶ ଶୁଣି ଦର୍ଶକମଣ୍ଡଳୀ ଆନନ୍ଦରେ କରତାଳି ଦେଇ ପ୍ରସ୍ଥାନ କଲେ । କନେଷ୍ଟବଲମାନେ ଆସାମୀକୁ ହାଜତକୁ ନେଇଗଲେ । ବ୍ରାହ୍ମଣ ତାହାର ପୁଅକୁ ଘେନି ଏବଂ ସରକାରରୁ ପାଞ୍ଚ ଟଙ୍କା ବାଟଖର୍ଚ୍ଚ ନେଇ ଘରକୁ ଗଲା ।

# ଷଷ୍ଠ ପରିଚ୍ଛେଦ

ପାଠକ, ଏବେ ପୂର୍ବୋକ୍ତ ଗୁମ୍ଫାକୁ ଫେରି ଯିବା ଚାଲନ୍ତୁ । ସେଠାରେ ଆଉ ସେ ଦୁରନ୍ତ ବର୍ବର କାପାଳିକ ନାହିଁ । ତାହାର ଦୁଷ୍କୃତ ତାହାକୁ ଫଳଭୋଗ ଅଡ଼କୁ ଟାଣି ନେଇଗଲାଣି । ସେଠାରେ ସେ ତାହାର କର୍ମ ବୃକ୍ଷର ଫଳ ଭୋଗ କରିବ । ରାଜଦରବାରରେ ତାହାର ବିଚାର ଶେଷ ହେଲା; ମାତ୍ର ରାଜାଧିରାଜଙ୍କ ମହାଦରବାରରେ କି ବିଚାର ହେବ, ତାହା କିଏ କହିପାରେ ? ସେ ବିଚାରାଳୟ ନରନେତ୍ରର ଅଗୋଚର । ବିନା ଆହ୍ୱାନରେ ସେଠାକୁ ଯିବାର କାହାରି ଅଧିକାର ନାହିଁ । ଯାହାକୁ ହୁକୁମ ହୁଏ, ସେହି କେବଳ ସେଠାକୁ ଯାଇପାରେ । ସେଠାରେ ସାକ୍ଷ୍ୟ ଗୃହୀତ ହୁଏ ନାହିଁ କିମ୍ବା ଆସାମୀର ଜବାନବନ୍ଦୀ ଶୁଣାଯାଏ ନାହିଁ । ରାଜପ୍ରତିନିଧି ଚିତ୍ରଗୁପ୍ତ ନଥି ଦେଖି ଯାହା କରେ, ତାହାହିଁ ଚୂଡ଼ାନ୍ତ ବ୍ୟବସ୍ଥା । ସେ ବ୍ୟବସ୍ଥା ଉପରେ ଆଉ ଓଜର ଆପତ୍ତି ଚଳେ ନାହିଁ । ସେ ନଥି ମଧ୍ୟ ଅଦ୍ଭୁତ, ସେ ଯେତେ ଗୋପନରେ ଯାହା କରୁଥାଉ ତାହା ସବୁ ଆପେ ଆପେ ସେ ନଥିରେ ଲେଖା ହୋଇ ଯାଇ ଥାଏ । ଅପରାଧୀ ବ୍ୟତୀତ ସେ ଦରବାରର ବିଚାର ଆଉ କାହାରି ଜାଣିବାର ଉପାୟ ନାହିଁ । ସେଠାକୁ ଯିବା ସକାଶେ ମହାପ୍ରତାପୀ ଲଙ୍କେଶ୍ୱର ପାହାଚ ବାନ୍ଧି ଦେବାକୁ ମନସ୍ଥ କରିଥିଲା । ତେତିକି କରିଦେଇଥିଲେ ସମସ୍ତଙ୍କର ଦରବାର ଦେଖିବାର ଏବଂ ବିଚାର ଶୁଣିବାର ସୁବିଧା ହୋଇ ଥାନ୍ତା, ଆଉ ଓକିଲ ମୋକ୍ତାରମାନଙ୍କର ସୁଦ୍ଧା ଆୟବୃଦ୍ଧିର ଗୋଟାଏ ବୃହତ ଉପାୟ ହୋଇପାରିଥାଆନ୍ତା, ଯେହେତୁ ସେ ନିରୁକିଲ ରାଜ୍ୟରେ ଓକିଲ ବା ମୋକ୍ତାର ନାହାନ୍ତି । ଏମନ୍ତ କି କାଣ୍ଡିଆଲ ସୁଦ୍ଧା ନାହାନ୍ତି । କାହିଁକି କେଜାଣି, ସେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓକିଲ ମୋକ୍ତାର ପ୍ରସବ ବିଷୟରେ ଆଜନ୍ମବନ୍ଧ୍ୟା । ତାହାର ଏହି ବନ୍ଧ୍ୟାତ୍ୱ ଦୂରୀକରଣର ଚେଷ୍ଟା ଏଠାର ବିଶ୍ୱପଣ୍ଡିତମାନେ ଅଦ୍ୟାବଧି କରିନାହାନ୍ତି, ଭବିଷ୍ୟତକୁ କରିବେ କି ନାହିଁ, ସେଥିର କୌଣସି ନୋଟିସ ବିଜ୍ଞାପନ ସୁଦ୍ଧା ବାହାରିବାକୁ ନାହିଁ । ରାବଣର ଛପନଗଣ୍ଡା ଯୁଗ ବଞ୍ଚିବାର କଥା ଥିଲା, ମାତ୍ର ରାମଚନ୍ଦ୍ର ସେଥିରୁ କେତେଗଣ୍ଡା କାଟିଛାଟି ପକାଇଲେ । ସେଥିପାଇଁ ତାହାର ଏ ସାଧୁ ସଙ୍କଳ୍ପ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ । ରାବଣର ସାଧୁ କାର୍ଯ୍ୟ ଏତିକି ଯେ, ସେ ସୀତାଙ୍କୁ ହରିକରି ନେଇଯାଇଥିଲା । ଏତିକି ନ କରିଥିଲେ ଆଜି ରାମାୟଣ ପୋଥିଖଣ୍ଡେ ଆଖିରେ ପକାଇବାକୁ ମିଳନ୍ତା ନାହିଁ । ପାଠକ ଅବଧାନ, ପ୍ରସଙ୍ଗଭଙ୍ଗ ହେତୁ ବିରକ୍ତ ହେବେ ନାହିଁ । ପ୍ରତ୍ୟହ ଏକା ଲୁଣ ଖାଇଲେ ସେ ଲୁଣପ୍ରତି ଗୋଟାଏ ଅରୁଚି ଜନ୍ମିବା ସ୍ୱାଭାବିକ । ସୁତରାଂ ମଧ୍ୟେ ମଧ୍ୟେ ଲୁଣ ପରିବର୍ତ୍ତନ ଆବଶ୍ୟକ । ନାଟକରେ ବିଦୂଷକ-ସୃଷ୍ଟିର କାରଣ ଜାଣନ୍ତି ତ ? କରୁଣରସ ଦେଖି ଦର୍ଶକର ଧୈର୍ଯ୍ୟଭଙ୍ଗ ହେବାର ଆଶଙ୍କା ଥାଏ । ସେହି ଆଶଙ୍କା ନିବାରଣ ସକାଶ ବିଦୂଷକର ଅବତାରଣା ଆବଶ୍ୟକ ହୁଏ । ତୃଷା ସହିତ ଜଳଗ୍ଲାସର ଯେଉଁ ସମ୍ପର୍କ, କ୍ଷୁଧା ସହିତ ମୋହନଭୋଗର ଯେଉଁ ସମ୍ପର୍କ, ଅଥବା ଜ୍ୱରସଙ୍ଗରେ କୁଇନାଇନର ଯେଉଁ ସମ୍ପର୍କ, ନାଟକ ସହିତ ବିଦୂଷକର ସେହି ସମ୍ପର୍କ । ଟୀକା ଟିପ୍ପଣୀ ସହ ଏତେ ବୁଝାଇ ଶୁଝାଇ କହିଲାଉତ୍ତାରୁ ଯଦି କେହି ବିରକ୍ତ ହୋଇ ମୁହଁ କୁଞ୍ଚୁଣ୍ଡା କରନ୍ତି, ତେବେ ଏ କଥା ଏଇଠାରୁ ଇତିଶ୍ରୀରେ ପର୍ଯ୍ୟବସିତ ହେଉ ।

ଗୁମ୍ଫାରେ ଆଉ କୀଟ, ଦୂଷିତ ଗଳିତ ଶବର ପୂତିଗନ୍ଧ ନାହିଁ । ସେ ସ୍ଥାନ ଏବେ ନରହତ୍ୟାରେ କଳୁଷିତ ନୁହେଁ—ତେବେ ଅନ୍ୟ ପ୍ରକାରରେ ସ୍ଥାନର ଅଦୃଷ୍ଟ ପରିବର୍ତ୍ତିତ ହୋଇଅଛି, ତାହା ଏବେ ସଫା ସୁତୁରା । ସ୍ଥାବର ଜଙ୍ଗମ ସମସ୍ତଙ୍କର ଅଦୃଷ୍ଟ ଅଛି, ଏବଂ ସେ ଅଦୃଷ୍ଟ ସତତ ପରିବର୍ତ୍ତନଶୀଳ । ପରିବର୍ତ୍ତନ ସଂସାରର ଧର୍ମ, ଯେଉଁ ଆଡ଼କୁ ଚାହିଁବ, ସେ ଆଡ଼େ ଦେଖିବ ପରିବର୍ତ୍ତନ ସ୍ରୋତ ଅଶିଥିଳ ଗତିରେ ଅବିରାମ ପ୍ରବାହିତ ହେଉଅଛି । ଏହି ପରିବର୍ତ୍ତନ ହେତୁ ଜଗତ ନିତ୍ୟ ନୂତନ । ଅଦୃଷ୍ଟ ମନୁଷ୍ୟକୁ ଆଶ୍ରା କରିଥାଏ, ମାତ୍ର

ମନୁଷ୍ୟ ଅଦୃଷ୍ଟର ଅଧୀନ । ଦେହ ଜାତ ମନ, କିନ୍ତୁ ଦେହ ମନର ଦାସ ବା ବାହନ । ମନର ସଙ୍କେତ ଅନୁସାରେ ଦେହ ଚାଳିତ ହୁଏ । ବୃକ୍ଷରୁ ଫଳ ଜାତ ହୁଏ, ମାତ୍ର ଫଳ ବୃକ୍ଷର ଜନକ,–ଏ ରହସ୍ୟ ଭେଦ କରିବା ମନୁଷ୍ୟ ଶକ୍ତିର ସାଧ୍ୟାତୀତ । ଅଦୃଷ୍ଟ ଚିରସ୍ଥାୟୀ ନୁହେଁ । କାହାର ଅଦୃଷ୍ଟ ଦୁର୍ଭିକ୍ଷ ମେଘ କିମ୍ବା ଦରିଦ୍ରର ଆଶା ପରି ଉଇଁ ଅନ୍ତର୍ହିତ ହୁଏ । କାହାର ଅଦୃଷ୍ଟ ବା କ୍ଳାନ୍ତ ପଥିକପରି କ୍ଷଣେମାତ୍ର ବିଶ୍ରାମକରି ଯାଏ । ସୁତରାଂ ଅଦୃଷ୍ଟର ପରିବର୍ତ୍ତନ ସମସ୍ତଙ୍କର ଅଛି । ଯାହାର ପରିବର୍ତ୍ତନ ନାହିଁ, ତାହାର ଅଦୃଷ୍ଟ ନାହିଁ କିମ୍ବା ଅସ୍ତିତ୍ୱ ନାହିଁ । ଯେତେବେଳେ ଅଦୃଷ୍ଟ ସୁପ୍ରସନ୍ନ ହୁଏ, ସେତେବେଳେ ଜୀବନର ବିରାଟ ଅନ୍ଧକାର ମଧ୍ୟରେ ପ୍ରାଣର ସୁପ୍ତ ତାର ନବୀନ ମଧୁର ଝଙ୍କାରରେ ବାଜି ଉଠେ, ଆଉ ଅଦୃଷ୍ଟ ଅପ୍ରସନ୍ନ ହେଲେ ଜୀବନଗ୍ରନ୍ଥର ସମସ୍ତ ଅଧ୍ୟାୟ ଦୁଃଖମୟ ହୁଏ ଏବଂ ହୃଦ୍‌ଗତ ବୀଣାଧ୍ୱନି ପ୍ରାୟ ଆଶା କ୍ଷୀଣରୁ କ୍ଷୀଣତର ହୋଇଆସେ । ଯେ ଅଦୃଷ୍ଟବାନ ସେ ଅସୁନ୍ଦର ହେଲେ ସୁଦ୍ଧା ଚିର ସୁନ୍ଦର; ଆଉ ଦୁରଦୃଷ୍ଟ କନ୍ଦର୍ପ ତୁଲ୍ୟ ସର୍ବାଙ୍ଗସୁନ୍ଦର ହେଲେ ସୁଦ୍ଧା କୁତ୍ସିତ । ଦୁରଦୃଷ୍ଟର ଅଦୃଷ୍ଟହିଁ ତାହାର ବିମାତା ସ୍ୱରୂପ । କପାଳଚକ୍ରର ଅଗାଧ ସମୁଦ୍ରରେ ନିମଗ୍ନ ନୌକା ଆପେ ଆପେ ଭାସି ଉଠେ ଏବଂ ହୀନ କପାଳିଆର ନୌକା ଶୁଖିଲା ଭୂଇଁରେ ବୁଡିଯାଏ । ଏଥିପାଇଁ ପ୍ରାଚୀନ ନୀତି ଶ୍ଳୋକ କହେ—ସମୁଦ୍ର ମନ୍ଥନ ବେଳେ ହରି ଲକ୍ଷ୍ମୀଙ୍କୁ ଲାଭକଲେ, ମାତ୍ର ମହାଦେବଙ୍କ ଭାଗରେ ପ୍ରାଣନାଶୀ ବିଷ ଲାଭହେଲା । ସୁତରାଂ ଭାଗ୍ୟରେ ସବୁ ହୁଏ, ମାତ୍ର ବିଦ୍ୟାରେ ବା ପୌରୁଷରେ କିଛି ହୁଏ ନାହିଁ । ଏ କଥା ଆଧୁନିକ ଲୋକଙ୍କୁ ଭଲ ଲାଗିବ ନାହିଁ । ସେମାନେ କହନ୍ତି,—"ଯତ୍ନ କଲେ ରତ୍ନ ମିଳେ ।" କିନ୍ତୁ ଅନେକ ସ୍ଥଳରେ ଦେଖାଯାଏ, ଯତ୍ନ କଲେ ସୁଦ୍ଧା ରତ୍ନ ମିଳେ ନାହିଁ ଏବଂ ବିନା ଯତ୍ନରେ ରତ୍ନ ମିଳିଥାଏ । ଏ ବିରୋଧ ମତର ମୀମାଂସା ସାଧାରଣ ବୁଦ୍ଧିର ଅତୀତ । ଆମ୍ଭେମାନେ ସେ ଭାର ନୈୟାୟିକମାନଙ୍କ ଉପରେ ନ୍ୟସ୍ତ କରି କ୍ଷାନ୍ତ ହେଲୁଁ । ବୈୟାକରଣିକମାନେ ଯେଉଁ ପଦ ସାଧି ନ ପାରନ୍ତି ତାହାକୁ ନିପାତନ ସିଦ୍ଧ ବୋଲି କହି ନିଜର ମାନମହତ୍ତ୍ୱ ରକ୍ଷା କରନ୍ତି । ନୈୟାୟିକମାନେ ସେହି ପନ୍ଥା ଧରିଲେ ମୀମାଂସା ସରଳ ହେବ ଏବଂ ସେମାନେ ମଧ୍ୟ ରକ୍ଷା ପାଇଯିବେ । ଆଉ ଯଦି ସେମାନେ "ମଧ୍ୟରେ ସ୍ଥିତାସ୍ତୁ ପନ୍ଥା" ଧରି ଅଦୃଷ୍ଟ ଏବଂ ଉଦ୍ୟୋଗକୁ ପରସ୍ପରସାପେକ୍ଷ ବୋଲି ସ୍ୱୀକୃତି ଦିଅନ୍ତି । ତେବେ ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ ସତ, ମାତ୍ର ମୀମାଂସାଟା ଆହୁରି ଜଟିଳ କୁଟିଳ ହୋଇ ଉଠିବ । ଆଉ, ସେ ନୀରସ ଚର୍ଚ୍ଚାରେ କି ଲାଭ ? କଥାକୁ ଟପୁଡିଲେତ ଆଉ ରସ ମିଳିବ ନାହିଁ ବରଂ ରସଭଙ୍ଗ ହେଲା ବୋଲି ରସପାୟୀ ରସିକ ପଣ୍ଡିତମାନେ ଉଚ୍ଚ ଚିତ୍କାର କରି ମଥା ଚୋଡ ହେବେ । କଥାଟା ଟିକିଏ ଆଡ଼ ବାଙ୍କ ହେଲେ ସେମାନେ ରସ ଭଙ୍ଗର ସ୍ୱପ୍ନ ଦେଖନ୍ତି । କଥା କଥାକେ ସମାଲୋଚନା ସେମାନଙ୍କର ମୌଳିକ ସ୍ୱଭାବ ବୋଲିବା ବାହୁଲ୍ୟ, ସେଭଳି ଉଲୁଣିମସି ସମାଲୋଚକମାନଙ୍କ ସକାଶେ ଏହା ଲେଖା ଯାଉନାହିଁ ।

କାପାଳିକର ଉଜ୍ଜ୍ୱଳ କୀର୍ତ୍ତି ପରେ ପ୍ରାନ୍ତ ଗିରିଗହ୍ୱରର କଣ୍ଟକବନ ନିର୍ଜନତାର ସୁଖ ଶୟନାଗାର ହୋଇଥିଲା । ଭୟରେ ଆଉ ସେଠାକୁ କେହି ଯିବାକୁ ସାହସୀ ହୁଅନ୍ତି ନାହିଁ । ଦିନ ଦ୍ୱିପ୍ରହରବେଳେ ସେଠାରେ ଭୂତପ୍ରେତମାନେ ନାଚୁଥିବାର ଅନେକେ ଦେଖିଅଛନ୍ତି, ମାତ୍ର ତାହା କେହି କହି ପାରନ୍ତିନାହିଁ । ଦିନେ ଯୋଗୀ ସେଠି ଧୋବା ଖାର ପୋଡିବା ସକାଶେ ପର୍ବତକୁ ଯାଇଥିଲା । ସେ ସ୍ୱୟଂ ସ୍ୱଚକ୍ଷୁରେ ଦେଖି ଆସିଲା— ସୁଙ୍ଗାଏ କି ପଣେ ଭୂତ ଗିରି ଚୂଡ଼ା ଉପରେ ଗୋଡ ଲମ୍ବାଇ ବସି ତକୁଲି ପିଠା ଖାଉଥିଲେ । ସେ ଗୁଣିଆ ବୋଲି ଦେହ କଳି ହୋଇ ସେ ଦୃଶ୍ୟ ଦେଖି ଆସିଲା । ନଚେତ୍ ଅନ୍ୟ କେହି ହୋଇଥିଲେ ସେହି ମୁହୂର୍ତ୍ତରେ ମରିଯାଇ ଥାଆନ୍ତା ।

ସେ ଏହି କଥା ଗ୍ରାମରେ ପ୍ରଚାର କଲା ଦିନଠାରୁ ଆଉ କେହି ପର୍ବତଚୂଡ଼ା ଆଡ଼କୁ ଚାହାନ୍ତି ନାହିଁ । ଯୋଗୀ ସେଠି ଜଣେ ଖାଣ୍ଟିଆ ଗୁଣିଆଁ, ସେ ଏପାରି ଗଛ ସେପାରି କରିପାରେ ବୋଲି ଗ୍ରାମବାସୀମାନଙ୍କର ବିଶ୍ୱାସ । ସୁତରାଂ ତାହା କଥା ଯେ ବେଦବାଣୀ ପରି ଚଳିବ

ସତ୍ୟ; ଏଥିରେ ଅଣୁମାତ୍ର ବା ପରମାଣୁମାତ୍ର ସନ୍ଦେହ ନାହିଁ । ବ୍ରହ୍ମାଣ୍ଡି କେତେକାଳଯାଏ କାପାଳିକର ବିରହ ବେଦନା ସହିଲା ପରେ ଆଡ଼କାଟିମାନେ କିଛିଦିନ ତାହା ଗର୍ଭରେ ଆଶ୍ରୟ ନେଇଥିଲେ । ଇଂରେଜ ଶାସନ ପୂର୍ବରୁ ଯେଉଁମାନେ ଡକାୟତି କରୁଥିଲେ, ସେମାନେ ଇଂରେଜ ଶାସନ ସ୍ଥଳରେ ଡକାୟତି ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ବୃତ୍ତିଚ୍ଛେଦ ହେତୁ ସେମାନଙ୍କ ପିଲା କୁଟୁମ୍ବମାନଙ୍କୁ ମାସରେ ଚବିଶ ଏକାଦଶୀ କରିବାକୁ ପଡ଼ିଲା । ତହୁଁ ସେମାନେ ଅନନ୍ୟୋପାୟ ହୋଇ ସ୍ୱ ବଟିସ୍ୱରେ କୁଲି ବିକ୍ରୟ ବ୍ୟବସାୟ ଆରମ୍ଭ କଲେ । ସେମାନେ ଗ୍ରାମେ ଗ୍ରାମେ କୁଲି ମନୁଷ୍ୟ ଚୋରି କରି ସ୍ୱ ବଟିସ୍ୱରେ ବିକ୍ରୟପୂର୍ବକ ଯଥେଷ୍ଟ ଅର୍ଥୋପାର୍ଜନ କରୁଥିଲେ । ପୂର୍ବେ ଡକାୟତିଦ୍ୱାରା ସେମାନେ ଧନରତ୍ନ ଅପହରଣ କରୁଥିଲେ, ଏବେ ଜନ-ରତ୍ନ ଅପହରଣ କଲେ । ସୁତରାଂ ଉଭୟ ବ୍ୟବସାୟ ମଧ୍ୟରେ ସେତେ ଅସାମଞ୍ଜସ୍ୟ ନ ଥିଲା । ଦଗ୍ଧୋଦର-ତାଡ଼ନାରେ ମନୁଷ୍ୟ କେଉଁ ପାପ କରିବାକୁ ବା ପଶ୍ଚାତ୍ପଦ ! ଉଦରଟି ସୃଷ୍ଟି କରି ନ ଥିଲେ ବୋଧହୁଏ ବିଶ୍ୱବିଧାତାଙ୍କ ସୃଷ୍ଟି ଅସମ୍ପୂର୍ଣ୍ଣ ରହିଯାଇଥାଆନ୍ତା । ହା ବିଧାତଃ, ଉଦରରୂପ ଅଗ୍ନିକୁଣ୍ଡ କି ତୁମ୍ଭଙ୍କୁ ଦଗ୍ଧ କରେ ନାହିଁ ? ଆଡ଼କାଟି ଦଳ ଛଦ୍ମବେଶ ଧରି ବିବିଧ କୌଶଳରେ ମନୁଷ୍ୟ ହରଣ କରନ୍ତି । ସେମାନେ ନାନାଭାଷାରେ ସୁପ୍ରବୀଣ ଏବଂ ନାନାଜାତିର ବେଶଭୂଷା ଅବିକଳ ଅନୁକରଣ କରିପାରନ୍ତି । ଏହି ହେତୁରୁ ସେମାନଙ୍କୁ ଚିହ୍ନିବା ନରନେତ୍ରର ଅସାଧ୍ୟ । କେତେବେଳେ ସେମାନେ ଧର୍ମଭେକଧାରୀ ଜମାଏତ ବେଶରେ ଗ୍ରାମରେ ପ୍ରବେଶ କରନ୍ତି—କେତେବେଳେ ବା ସିନ୍ଦୂର, ହେଙ୍ଗୁଳ, ପ୍ରବାଳ ପ୍ରଭୃତି ମୋଫସଲ-ଦୁର୍ଲ୍ଲଭ ପଦାର୍ଥମାନ ଘେନି ବ୍ୟବସାୟୀବେଶରେ ଆସନ୍ତି । କେଉଁଠାରେ ଛୁରୀ, କଟୁରୀ, କୁକ୍ରି ବିକ୍ରୟ ଛଳନାରେ ନେପାଳୀ ବେଶ ଧରି ବୁଲନ୍ତି —କେଉଁଠାରେ ସିଦ୍ଧ ବାବାଜି ହୋଇ ଅକାଟ୍ୟ ଆଲ୍ଲାବଳରେ ରୋଗ ଉଡ଼ାଉଥାନ୍ତି—କେଉଁଠାରେ ଆଶ୍ଚର୍ଯ୍ୟ ହସ୍ତକୌଶଳଜନିତ ତାମାସା ଦେଖାଇ ନିରୀହ ଅଶିକ୍ଷିତ ପଲ୍ଲିବାସୀମାନଙ୍କୁ ଭେଲକି କରୁଥାନ୍ତି ।

ଏହିପରି ସାପଖେଳା, ଭାଲୁମାଙ୍କଡ଼ ନାଚ, ଡାଆଣୀ-ଝଡ଼ା କପାଳ କରକୋଷ୍ଠୀଗଣନା ପ୍ରଭୃତି ଦୁଷ୍ଟ ସରସ୍ୱତୀ-ଭଣ୍ଡାରରେ ଯେତେ ଭଣ୍ଡ ଅପବିଦ୍ୟା ଅଛି, ସବୁଥିରେ ସେମାନେ ସିଦ୍ଧହସ୍ତ । ଏ କାଳରେ ଭଣ୍ଡବିଦ୍ୟାର ଯେତେ ଆଦର, ପ୍ରକୃତ ବିଦ୍ୟାର ସେତେ ଆଦର ନାହିଁ । ହରି ସଙ୍କୀର୍ତ୍ତନ କଲେ ସାଧ୍ୟସାଧନାରେ ସୁଦ୍ଧା ଦଶଜଣ ଶ୍ରୋତା ମିଳିବା ଦୁଷ୍କର; ମାତ୍ର କେଳାକେଳୁଣୀ ସୁଆଙ୍ଗ ବାହାର କଲେ ବିନା ଆହ୍ୱାନରେ ହଜାର ହଜାର ଦର୍ଶକ ଉପସ୍ଥିତ ହେବେ ! ଏକସ୍ଥାନରେ ଅଭିନୟ ହେଉଥିଲା । ଅଭିନୟ ପୂର୍ବରୁ ରଙ୍ଗାଳୟରେ ଅସଂଖ୍ୟ ଦର୍ଶକ ଉପସ୍ଥିତ ହୋଇ ରଙ୍ଗାଳୟକୁ ପୂର୍ଣ୍ଣ କରିଦେଲେ । ଅଭିନେତୃବର୍ଗ ଶକୁନ୍ତଳା ନାଟକ ଅଭିନୟ କଲେ । ଜଗଜ୍ଜୟୀ ମହାକବି କାଳିଦାସଙ୍କ ରଚନା, ଅଭିନେତାମାନେ ସୁଶିକ୍ଷିତ; ସୁତରାଂ ମଧୁ ଉପରେ ମଧୁବୃଷ୍ଟି ହୋଇଗଲା । ରଙ୍ଗସ୍ଥଳରେ ଅନାବିଳ ଅମୃତର ସ୍ରୋତ ସହସ୍ର ଧାରରେ ପ୍ରବାହିତ ହୋଇଗଲା; ମାତ୍ର ୩।୪ ଗୋଟି ଦୃଶ୍ୟ ସମାପ୍ତ ନହେଉଣୁ ଅଧିକାଂଶ ଦର୍ଶକ ଉଠି ବାହାରିଗଲେ । କେହି କହିଲା, "ଛାରି ନାହିଁ, କି ବୁଲ୍ ବୁଲ୍ କେନା ଚୌକିଆ ବି ଆସିଲା ନାହିଁ, ଏ ପୁଣି କି ଅପୂର୍ବ ଯାତ୍ରା ।" କେହି ବା କହିଲା—"ମାଲୁଣୀ-ସୁଆଙ୍ଗ ବା ବଧୂ-ବୈଦ୍ୟ ସୁଆଙ୍ଗ ହୋଇଥିଲେ କେଡ଼େ ମଜା ହୋଇଥାନ୍ତା । ଭୁଇଁଠାରେ ସ୍ୱତ ଅନିଦ୍ରା ହେଲି ! ଯାତ୍ରା ନା ଫାତ୍ରା, ଛି ଛି, ଏହା ଜାଣିଥିଲେ ମୁଁ କେବେ ଆସି ନଥାନ୍ତି ।" ଏହାଠାରୁ ବଳି ରୁଚି-ବିକୃତିର ସ୍ପଷ୍ଟ ଦୃଷ୍ଟାନ୍ତ ଆଉ ଅଧିକ କଅଣ ହୋଇପାରେ ? ସାହିତ୍ୟକ୍ଷେତ୍ରରେ ମଧ୍ୟ ସେହି ଦଶା—ସେହି ସ୍ୱାଭଲ ତାଣ୍ଡବ ! ଆଇନାଭୁଣୀ-ରହସ୍ୟ, ଡଅରଖୁଦଜ କଳି, ଦେବଗୁରୁ ଭାଇବୋହୂ ରହସ୍ୟ ପ୍ରଭୃତି ଇତର ଶ୍ରେଣୀର ଅପାଠ୍ୟ ପୁସ୍ତକରେ ସାହିତ୍ୟବିପଣୀ ପୂର୍ଣ୍ଣ । ଏହି ସମସ୍ତ ଆଦର୍ଶଶୂନ୍ୟ ଅ-ପୁସ୍ତକର ବିକ୍ରୟାଧିକ୍ୟ ଦେଖିଲେ ଚକ୍ଷୁରୁ ରକ୍ତ ସ୍ରାବ ହୁଏ ଏବଂ ଉନ୍ନତିର ଆଶା ସୁଦୂର ପଶ୍ଚାତ୍‌କୁ ଘୁଞ୍ଚିଯାଏ । ହାୟ, ମାତୃ-ସାହିତ୍ୟର ଏ ଅବର୍ଜନା ବାସ୍ତବରେ ଶୋକାବହ । ଯେଉଁମାନେ ଏହି ଆବର୍ଜନା ବୃଦ୍ଧି କରି ପବିତ୍ର ଦେବମନ୍ଦିରକୁ ସୁର-

ସ୍ରୋତରେ କଳୁଷିତ କରୁଅଛନ୍ତି, ହେ ବଜ୍ରଧର ବଜ୍ରାଘାତରେ ତୁମ୍ଭେ ସେମାନଙ୍କୁ ଆଶୀର୍ବାଦ ପ୍ରଦାନକର, ତୁମ୍ଭ ନିକଟରେ ଏତିକି ପ୍ରାର୍ଥନା ।

କଲିକତା ଅଞ୍ଚଳରୁ ଦଳେ ଆଡ଼କାଟି ଆସି ପୂର୍ବୋକ୍ତ ଗୁମ୍ଫାରେ ଆଶ୍ରୟ ନେଇଥିଲେ । ସେମାନେ କୌପୀନଧାରୀ ଭସ୍ମବୋଳା ସାଧୁ ବେଶରେ ବାହାରନ୍ତି । ତାହାର ତାହାର ମସ୍ତକରେ କୃତ୍ରିମ ଜଟା ଏବଂ ମୁଖରେ କୃତ୍ରିମ ଶ୍ମଶ୍ରୁ । ଲୋକଗୁଡ଼ିକ ବଳିଷ୍ଠ, ହାତଗୋଡ଼ ଖୁନ୍ଦଲ ପ୍ରାୟ ଦେଖାଯାଏ । ତାହା ଏପରି ମାଂସଳ ଯେ, ଶିରା ପ୍ରଶିରା ଆଦୌ ବାହାରକୁ ଦେଖାଯାଏ ନାହିଁ । ବୋଧହୁଏ ସଣ୍ଡାସୀରେ ଟାଣିଲେ ସୁଦ୍ଧା ଦେହର ଚମ ଧାରେ ମାଧ ଉପରକୁ ଉଠିବ ନାହିଁ । ସେମାନଙ୍କ ସରଦାର ଜଣେ ଅଲୌକିକ ରୂପବାନ୍ ସୁପୁରୁଷ, ଠିକ୍ ଯେପରି ଅମାବାସ୍ୟାର ସହୋଦର । ବସିଥିଲେ ମନୁଷ୍ୟ କି ପାଷାଣ-ପ୍ରତିମା, ତାହା ବାରି ହୁଏନାହିଁ । ଦେହଟା ଥାଲୁଲ ଥୁଲୁଲ୍ । ପୂର୍ଣ୍ଣଗର୍ଭା ସ୍ତ୍ରୀପରି ଉଦର ତଳକୁ ଝୁଲିପଡ଼ିଅଛି । ଆରକ୍ତ ନେତ୍ର କାଚଖଣ୍ଡ ପରି ଧପ୍ ଧପ୍ ହୋଇ ଜଳୁଅଛି । ଅନ୍ୟର କଥା କିଏ ପଚାରେ, ତାହାର ମଧୁର ମୂର୍ତ୍ତି ଦେଖିଲେ ଭୟ ସୁଦ୍ଧା ଭୟରେ ମୂର୍ଚ୍ଛିତ ହୋଇପଡ଼ିବ । ଲୋକଟା ଶାସ୍ତ୍ରଜ୍ଞ ପରି ବୋଧ ହୁଏ । ଯେହେତୁ ସସ୍ତ୍ରୀକୋ ଧର୍ମମାଚରେତ୍," ଏହି ଶାସ୍ତ୍ରାଦେଶ ତାହାଠାରେ ବ୍ୟର୍ଥ ହୋଇନାହିଁ—ପ୍ରତ୍ୟେକ ଅକ୍ଷରେ ଅକ୍ଷରେ ପାଳିତ ହୋଇଅଛି । ସ୍ତ୍ରୀରତ୍ନଟି ସୂର୍ପଣଖା ଅଥବା ତ୍ରିଜଟାର ବଂଶଧାରିଣୀ । ରୂପର ଆଲୋକରେ ଚୌଦିଗ ଅନ୍ଧକାରମୟ । ଆଉ ରୂପବର୍ଣ୍ଣନାର ଅଧିକ ଆବଶ୍ୟକତା ନାହିଁ, ଯେହେତୁ ସ୍ତ୍ରୀରୂପ-ବର୍ଣ୍ଣନା ହାଲ ଆଇନରେ ଏକାବେଳକେ ମନା । ତଦ୍ଦ୍ୱାରା ଅଶ୍ଳୀଳତା-ଦୋଷ ପାଠକମାନଙ୍କୁ ସ୍ପର୍ଶ କରିବାର ଆଶଙ୍କା ଅଛି । ଭାଗ୍ୟତଃ ଭଞ୍ଜ, କବିସୂର୍ଯ୍ୟ ଆଗରୁ ଦେହତ୍ୟାଗ କରିଅଛନ୍ତି । ନହୁବା ସେମାନଙ୍କୁ ଅନ୍ତତଃ ଆଣ୍ଡାମନ ଦ୍ୱୀପରେ ବାସ କରିବାକୁ ହୋଇଥାନ୍ତା ।

# ସପ୍ତମ ପରିଚ୍ଛେଦ

ସୂର୍ଯ୍ୟ ଅସ୍ତ ହେଲେ । ବାରୁଣୀ ରାଣୀ କୁଙ୍କୁମ ଉକୁଟାଇ ହୋଇ, କସ୍ତୁରୀ ଲେପି ହେଲା । ଦ୍ୱିଜନାମଧାରୀ ପକ୍ଷୀକୁଳ ଲଳିତ ରବଛଳରେ ସନ୍ଧ୍ୟାଗାୟତ୍ରୀ ଜପ କଲେ । ବାନପ୍ରସ୍ଥକେମା କୁସୁମ-ସୁନ୍ଦରୀ ଅଧର ବିସ୍ତାରି ହସି ଉଠିଲା । ସେ ସ୍ମରୁ ହାସରୁ ଅମୃତ ଝରି ପଡ଼ିଲା । ସନ୍ଧ୍ୟାରାଣୀ ବିବନ୍ଧବେଣୀ ଫିଟାଇ ଦେଲେ । ସେହି ନୀରନ୍ଧ୍ର କୃଷ୍ଣକେଶରାଶିରେ ଚରାଚର ବିଶ୍ୱର ବଦନମଣ୍ଡଳ ଆଚ୍ଛନ୍ନ ହୋଇଗଲା । ସରସୀବାଳା ସତୀ କମଳିନୀ ମହାଦୁଃଖରେ ଚକ୍ଷୁ ବୁଜି ପତି ଧ୍ୟାନରେ ନିମଗ୍ନ ହେଲା । କୁଳବଧୂକୁଳ ସନ୍ଧ୍ୟାବତୀ ଜାଳି ତୁଳସୀ ଚଉରା ଆଲୋକିତ କଲେ । ଯେମନ୍ତ କି ସେମାନେ ନୀରବ ସଙ୍କେତ ଭାଷାରେ ଏହି ଉପଦେଶମାନ ଜଗତକୁ ପ୍ରଦାନ କଲେ ଯେ, 'ହୃଦୟର ଅଜ୍ଞାନତା ମଧ୍ୟରେ ଜ୍ଞାନ-ଦୀପ ଜାଳି ହୃଦୟକୁ ଉଜ୍ଜ୍ୱଳ କର ।" ଊର୍ଦ୍ଧ୍ୱରେ ଦେବସ୍ଥାନରେ ଦେବଶଯ୍ୟା ବିଛା ହୋଇଗଲା । ସେହି ଶଯ୍ୟାବିଜଡ଼ିତ ମଣିମୁକ୍ତା-ହୀରକାଦି ଜ୍ୟୋତି ବିସ୍ତାର ପୂର୍ବକ ଝକ୍ ଝକ୍ ହୋଇ ଜଳି ଉଠିଲା । ସେହି ଜ୍ୟୋତି ମଧ୍ୟରେ ଅନନ୍ତ ଜ୍ୟୋତିଷ୍ମନ୍ତଙ୍କର ସ୍ୱରୂପ ପ୍ରକାଶିତ ହେଲା । ଦେବାଳୟରେ ଶଙ୍ଖ ଘଣ୍ଟା ବାଜିଉଠିଲା । ତହିଁ ସଙ୍ଗେ ସଙ୍ଗେ ଭକ୍ତକଣ୍ଠରୁ ଛନ୍ଦିତ ସଙ୍ଗୀତ ସ୍ୱରରେ ମଧୁର ପବିତ୍ର ପ୍ରାର୍ଥନା-ବାଣୀ ଉତ୍ଥିତ ହେଲା—"ହେ ସତ୍ୟ ଶିବ ଚିରସୁନ୍ଦର, ତୁମ୍ଭ ଅସୀମ ମହାମହିମାକୁ କୋଟି ନମସ୍କାର । ହେ ସଦାଶୁଦ୍ଧ, ଅପାପବିଦ୍ଧ,ତ୍ୟାଗର ଗଙ୍ଗାଜଳରେ ମୋର କ୍ଷୁଦ୍ର ପାପ ଆତ୍ମାକୁ ଶୁଦ୍ଧ କରି ସତ୍ୟର ଆଲୋକରେ ସମୁଜ୍ଜ୍ୱଳ କର । ହେ ପୂର୍ଣ୍ଣବ୍ରହ୍ମ, ମୋର ଅପୂର୍ଣ୍ଣ ଆତ୍ମାକୁ ପୂର୍ଣ୍ଣତା ଆଡ଼କୁ ଘେନିଯାଅ । ତୁମ୍ଭ ପ୍ରସାଦରୁ ସେ ଧର୍ମର ଗୌରବମାଳ୍ୟ ଲୁଣ୍ଠନ କରିବାକୁ କ୍ଷମ ହେଉ । ହେ ପ୍ରଭୋ, ତୁମ୍ଭେ ମୋର ପରମ ଚରମାଶ୍ରୟ ଏବଂ ଆତ୍ମୀୟ ଅପେକ୍ଷା ପରମ ଆତ୍ମୀୟ । ହେ ଅନ୍ତର୍ଯ୍ୟାମୀ, ମୋ ମଧ୍ୟରେ ତୁମ୍ଭେ

ପ୍ରକାଶିତ ହୁଅ । ତୁମ୍ଭର ଉପଯୁକ୍ତ ଭୃତ୍ୟ ହେବାର ଶକ୍ତି ଏବଂ ସୌଭାଗ୍ୟ ମୋତେ ପ୍ରଦାନ କର । ଭକ୍ତି ଏବଂ ପ୍ରେମାଶ୍ରୁରେ ତୁମ୍ଭ ଚରଣରେଣୁ ଧୋଇଦେବାର ଅଧିକାର ଦେଇ ଯେଉଁ ଦେଶରେ ପାପ, ତାପ, ରୋଗ, ଶୋକ ଏବଂ ମୃତ୍ୟୁ ନାହିଁ, ସେହି ଅମୃତ ରାଜ୍ୟରେ ମୋତେ ଅନନ୍ତ କାଳ ସକାଶେ ସ୍ଥାନ ପ୍ରଦାନ କର । ମୁଁ ଅତି ମୂଢ ଅକିଞ୍ଚନ । ମନ୍ତ୍ର ଜାଣେ ନାହିଁ । ସ୍ତୁତି ଜାଣେ ନାହିଁ । ତୁମ୍ଭର ନାମ ମୋର ଆତ୍ମଶୁଦ୍ଧିର ଅଗ୍ନିମନ୍ତ୍ର ଏବଂ ମୋର ପ୍ରାଣର ଭାଷା ତୁମ୍ଭର ସ୍ତବ ସ୍ୱରୂପ ହେଉ, ଏହାହିଁ ତୁମ୍ଭର ସ୍ୱର୍ଗପ୍ରଦ ପାଦପଦ୍ମରେ ଏ ଅଧମର ଐକାନ୍ତିକୀ ପ୍ରାର୍ଥନା ।

ଠିକ୍ ଫୁଲ୍ ସଞ୍ଜବେଳେ ସାତଜଣ ବୈଷ୍ଣବ ଆସି ଶୀତଳପୁର ଗ୍ରାମର ଶିବ ମନ୍ଦିରରେ ଉପସ୍ଥିତ ହେଲେ । ସେଥିରୁ ଛଜଣ ଖିରବାସୀ ଏବଂ ଜଣେ ଅଖିରିଆ । ଖିରବାସୀଙ୍କର ଆନ୍ୟ କିଛି ଖିର ନୁହେଁ—କେବଳ କମ୍ବଳ ଏବଂ ଧର୍ମ ପୁସ୍ତକର ଗୋଟାଏ ଗୋଟାଏ ଖିଜୁଳା କାଖରେ ଗଳାଇ ବୁଲୁଥିଲେ ମାରିଅଛନ୍ତି । ହାତରେ ଖଣ୍ଡେ ସ୍ଥୂଳ ବିଶାଳ ଯଷ୍ଟି । ଅଖିରିଆ ଜଣକ ବୋଧହୁଏ ଦଳର ଅଧ୍ୟକ୍ଷ । ତାହାର ଦେହ କିପରି କଳା । କାନ୍ଧରେ ଗୋଛାଏ ଶୁକ୍ଳସୂତ୍ର, ତାହାର ବ୍ରାହ୍ମଣତ୍ୱର ପରିଚାୟକ । ତାହା ମୁଣ୍ଡନିପଥର ଚୂଡ଼ାରୁ ନିର୍ଝର ବହି ଆସିଲା ପରି ଦିଶୁଅଛି । ପାଠକ, ସୁନାଘାଇ ଗ୍ରାମରେ ଯେଉଁ ଅଡ଼କାଟି ସରଦାରକୁ ଦେଖିଥିଲେ, ଏ ଲୋକଟା ଠିକ୍ ସେହି ଧରଣର । ଯେମନ୍ତ କି ଏକମାତା-ଗର୍ଭଜ ଦୁଇଟି ଯାମଳ ସହୋଦର । ସମସ୍ତଙ୍କ ବେଶଭୂଷା ଓଡ଼ିଆଙ୍କ ପରି ଏବଂ ଭାଷା ମଧ୍ୟ ବିଶୁଦ୍ଧ ଓଡ଼ିଆ । ବାବାଜିମାନଙ୍କ ଆଗମନରେ ଗ୍ରାମସାରା ଗୋଟାଏ ଚହଳ ପଡ଼ିଗଲା । ଦଳଦଳ ହୋଇ ଲୋକେ ଦେଖିବାକୁ ଧାଇଁଲେ । ଗ୍ରାମର ଅନ୍ୟତମ ପଞ୍ଚାୟତ ନକୁଳ କାଣ୍ଡାଳ ବୈଷ୍ଣବ ଦଳର ଜଣକୁ ଡାକି ନିରୋଳାରେ ସେମାନଙ୍କର ପରିଚୟ ଜିଜ୍ଞାସା କଲେ । ସେ କହିଲେ—"ଯାହାଙ୍କ କାନ୍ଧରେ ପଇତା ଅଛି, ସେ ଜଣେ ସିଦ୍ଧ ପୁରୁଷ । ବାବା ବୈଦ୍ୟନାଥ ତାହାଙ୍କୁ ପ୍ରସନ୍ନ ହୁଅନ୍ତି । ବାବାଙ୍କ ଆଜ୍ଞାରେ ସେ ଗ୍ରାମେ ଗ୍ରାମେ ବୁଲି ରୋଗ ଭଲ କରୁଅଛନ୍ତି । ଏ ଗ୍ରାମରେ ମାସେ ରହିବା ସକାଶେ ତାଙ୍କ ପ୍ରତି ବାବାଙ୍କର ସ୍ୱପ୍ନାଦେଶ ହୋଇଅଛି । ଆମ୍ଭେ ଛଜଣ ତାଙ୍କଦ୍ୱାରା ଉପକୃତ; ସୁତରାଂ ତାଙ୍କର ସେବକ ହୋଇଅଛୁଁ । ସିଦ୍ଧ ବାବାଜିଙ୍କ ଅଲୌକିକ ମହିମା ଶୁଣିଲେ ତୁମ୍ଭେ ତାଟଙ୍କା ହୋଇଯିବ । ମୁଁ ଜନ୍ମାନ୍ଧ ଥିଲି, ତାଙ୍କର କୃପାରୁ ଚକ୍ଷୁଦାନ ପାଇଅଛି । ଆମ୍ଭମାନଙ୍କ ସଙ୍ଗରେ ଆଉ ଜଣେ ଅଛି, କୁଷ୍ଠ ରୋଗରେ ତାହାର ହାତ ଗୋଡ଼ ଅଙ୍ଗୁଳି ଛିଡ଼ି ଯାଇଥିଲା; ମାତ୍ର ଏହି ମହାପୁରୁଷଙ୍କ ହୁକୁମରେ ବସନ୍ତ କାଳରେ ଲଣ୍ଡାଗଛ କଅଁଳିଲା ପରି ତାହାର ଅଙ୍ଗୁଳି ସବୁ କଅଁଳି ଉଠିଲା । ଆଉ ଜଣେ ଗୋରା ହୋଇ ଚେଙ୍ଗା ଲୋକ ଅଛି, ସେ ଲମ୍ବ ଜନ୍ତୁର (ରାତିରେ ସାପର ନାମ ଧରନ୍ତି ନାହିଁ) ଦଂଶନରେ ମରିଯାଇଥିଲା । ତାକୁ ଶ୍ମଶାନକୁ ନେଇ ଦାହ କରିବା ସମୟରେ ସାଧୁ ମହାତ୍ମା ସେଠାରେ ପହଞ୍ଚି ଛୁଇଁ ଦେଲା କ୍ଷଣି ସେ ବଞ୍ଚି ଠିଆହେଲା । ଅନ୍ୟ ତିନି ଜଣ ମଧ୍ୟରୁ ଜଣେ କାଲ, ଜଣେ ଜଡ଼ା, ଜଣେ ଯକ୍ଷ୍ମାରୋଗୀ ଥିଲା । ବୈଶାଖୀ ପବନ ଶିମିଳି ତୁଳାକୁ ଉଡ଼ାଇ ଦେଲା ପରି ସିଦ୍ଧ ବାବାଜି ଲହମାକେ ସେମାନଙ୍କର ରୋଗ ଉଡ଼ାଇ ଦେଲେ । ଆମ୍ଭେମାନେ ଗରିବ ଲୋକ, ତାଙ୍କର କି ଉପକାର କରି ପାରିବୁଁ; ସୁତରାଂ ସଙ୍ଗରେ ରହି ସେବା କରୁଅଛୁଁ ।" ଏହି କଥାଗୁଡ଼ିକ ସେ ଆତ୍ମପ୍ରାଧାନ୍ୟର ସୁଅ ଦେଇ ଏରୂପ ସାଳଙ୍କାରରେ ବର୍ଣ୍ଣନା କଲା ଯେ, ସେଥିରେ କାହାରି ସନ୍ଦେହର ଅବକାଶ ରହିଲା ନାହିଁ । ମୋଫସଲିଆ ଅଶିକ୍ଷିତ ଲୋକେ କୂଟ କପଟର ଧାର ଧାରନ୍ତି ନାହିଁ । ସେମାନଙ୍କର ହୃଦୟ ସରଳ, ବ୍ୟବହାର ସରଳ ଏବଂ ବିଶ୍ୱାସ ମଧ୍ୟ ସରଳ । ସୁତରାଂ ସେମାନେ ସିଦ୍ଧ ବାବାଜିଙ୍କର ମହିମା ଶୁଣି ଆନନ୍ଦରେ ଆର୍ଦ୍ର ହୋଇଗଲେ । ବର୍ତ୍ତମାନ ମୋଫସଲିଆ ଲୋକେ ସବୁ ଆଇନ କାନୁନ ଜାଣିଲେଣି । ମାତ୍ର ସେ କାଳର ନିରୀହ ପଲ୍ଲୀବାସୀ ଠିକ୍ ତାଙ୍କର ବିପରୀତ ଥିଲେ । ଏ କାଳର ମୋଫସଲିଆଣୀ ସ୍ତ୍ରୀ ମାନେ ସୁଦ୍ଧା ହିନ୍ଦି ଭାଷା ଶିଖିଲେଣି ଏବଂ ନବାବ ପୁଅକୁ ଜବାବ ଦେଲେଣି । ପୁରୁଷମାନଙ୍କ କଥାତ ସ୍ୱତନ୍ତ୍ର । ସେହିକ୍ଷଣି ସାଧୁଙ୍କ ପରିଚର୍ଯ୍ୟା

ଆକାଶ ଧୂମ୍ ପଡ଼ିଗଲା। ସେହି ରାତି ମଧ୍ୟରେ ସାଧୁଙ୍କ ପାଇଁ ଡାଳପତ୍ରରେ ତିନିବଖରା ଘର ତିଆର ହୋଇଗଲା। ଗ୍ରାମର ପାଣ୍ଠିରୁ ଖର୍ଚ୍ଚ କରି ସେମାନଙ୍କ ଆହାର୍ଯ୍ୟ ପଦାର୍ଥ କିଣି ଦିଆଗଲା। ସାମନ୍ତଙ୍କ ସାନ ପୁଅ ମଧ୍ୟ ଘରୁ ଗୋଟାଏ ଖଟ ଆଣି ସିଦ୍ଧ ବାବାଜିଙ୍କ ଶୋଇବା ଘରେ ପକାଇ ଦେଲା। ବାବାଜି ମହାପ୍ରଭୁ ଜୋଇଁ କୁଣିଆଙ୍କ ପରି ଆଦର ଅଭ୍ୟର୍ଥନା ପାଇ ପରମ ସୁଖରେ ରାତି ଯାପନ କଲେ। ଗ୍ରାମବାସୀମାନଙ୍କର ଆନନ୍ଦ ହୃଦୟରେ ନ ଧରି ଉଚ୍ଛୁଳି ପଡ଼ିଲା। ଆତୁର ହତାଶ ରୋଗୀଙ୍କ ରୁଦ୍ଧ ହୃଦୟ-ଦ୍ୱାରରେ ଆଶା-ମାୟାବିନୀ ଘନଘନ ଆଘାତ କରିବାକୁ ଲାଗିଲା। କେହି ଭାବିଲା— ଗ୍ରାମରେ ଆଉ ରୋଗ ରହିବ ନାହିଁ। ଶିଶିରୁ କର୍ପୂର ଉଡ଼ିଗଲା ପରି ସିଦ୍ଧ ବାବାଜିଙ୍କ ହୁକୁମରେ ରୋଗ-ବ୍ୟାଧି ସବୁ ଉଡ଼ି ଯିବ। ଅନ୍ଧ ଭାବିଲା— ମୁଁ ଏବେ ଚକ୍ଷୁଷ୍ମାନଙ୍କୁ ଦୃଷ୍ଟି ଶକ୍ତିରେ ପରିହାସ କରିବି। ବଧିର ଭାବିଲା— ମୋର କଷ୍ଟ ଏବେ ଶେଷ ହେଲା। ବନ୍ଧ୍ୟା ସ୍ତ୍ରୀମାନେ ପୁତ୍ରବତୀ ହେବାର ଆଶା ଧରିଲେ। କେହି ଅବା ସ୍ୱପ୍ନରେ ନବ ଜାତ ପୁତ୍ରର ମୁଖ ଚୁମ୍ବନ କରି ଅପାର ଆନନ୍ଦରେ ନିମଗ୍ନ ହେଲା। ଏହିପରି ସମସ୍ତେ ଆଶା ଭରରେ ଭାରାକ୍ରାନ୍ତ ହେଲେ। ସେମାନଙ୍କର ଏ ଆଶା ସତ୍ୟ ହେବ କି ମିଥ୍ୟା ହେବ, ତାହା ଭବିତବ୍ୟତାକୁ ଗୋଚର; ମାତ୍ର ମିଥ୍ୟା ହେଲେ ସୁଦ୍ଧା ଦୁଃଖର କାରଣ କିଛି ନାହିଁ; ଯେହେତୁ ଏ ରୂପ ମଧୁର ମିଥ୍ୟା ବଡ଼ ସୁଖକର ଏବଂ ରୁଚିପ୍ରଦ। ସମସ୍ତେ ଆଜି ଆଶା-ନିଶାରେ ବିଭୋଳ। କେବଳ ପତିବିଧୁରା ବିଧବା-ମାନଙ୍କ ହୃଦୟରେ ଆଶା ତରଙ୍ଗ ଉଠାଇ ପାରିଲା ନାହିଁ। ସେମାନଙ୍କର ମୃତ ସ୍ୱାମୀଙ୍କୁ ଉଠାଇ ଆଣିବାର କ୍ଷମତା ସିଦ୍ଧ ବାବାଜିଙ୍କର ନାହିଁ, ଏହା ସେମାନେ ଜାଣନ୍ତି। ସେହି କାର୍ଯ୍ୟଟି ସ୍ୱୟଂ ବିଧାତା ପୁରୁଷଙ୍କର ଅସାଧ୍ୟ। ଧନ୍ୟ ଆଶାର ପଦ୍ମତୋଳା ମନ୍ତ୍ର! ସେହି ମନ୍ତ୍ର ବଳରେ ସେ ମୃତ ସର୍ପକୁ ଖେଳାଇପାରେ।

ତହିଁ ପରଦିନଠାରୁ ସିଦ୍ଧବାବାଜିଙ୍କର କାର୍ଯ୍ୟ ଆରମ୍ଭ ହେଲେ। ତାଙ୍କ ଆସନ ସମ୍ମୁଖରେ ଗୋଟାଏ ଅଗ୍ନିକୁଣ୍ଡ ସ୍ଥାପିତ ହେଲା। ବାବାଜି ପ୍ରତ୍ୟହ ସେହି ଅଗ୍ନିରେ ଘୃତାହୁତି ପ୍ରଦାନ ପରେ ଉପସ୍ଥିତ ରୋଗୀ ମାନଙ୍କୁ ହୁକୁମ ଦିଅନ୍ତି। ସେହି ସମୟରେ ଉପରୋ କ୍ତ ଜଣ ସେବକ ତାଙ୍କ ପାଖରେ ଉପସ୍ଥିତ ର ମୋକ୍ତାରି କରନ୍ତି। ବାବାଜିଙ୍କ ଦକ୍ଷିଣ ପାର୍ଶ୍ୱରେ ତିନିଟା ହାଣ୍ଡିରେ ମୋଦକ, ଚୂର୍ଣ୍ଣ ଏବଂ ବଟିକ ବିଭୂତିବୋଲା ହୋଇ ରକ୍ଷିତ ହୋଇଥାଏ। ସେଗୁଡ଼ି କିଛି ଔଷଧ; ମାତ୍ର ବାବାଜିଙ୍କ ସ୍ୱହସ୍ତ ନିର୍ମିତ ବୋଲି ଲୋକେ ଜାଣନ୍ତି। ରୋଗୀ ଆସି ବାବାଜିଙ୍କ ସମ୍ମୁଖରେ ଉପସ୍ଥିତ ହେଲାକ୍ଷଣି ତାହାକୁ ରୋଗ ବିଷୟ ପ୍ରଶ୍ନ କରିଯାଏ। ପାର୍ଶ୍ୱସ୍ଥ ମୋସାହେବମାନେ ଏହି ପ୍ରଶ୍ନ କରନ୍ତି। ତହିଁ ପରେ ଦୁଇ ହାତରେ ଫୁଟୁକି ମାରି "ଯା ଉଡ଼ିଯା, ଯା ଉଡ଼ିଯା" ବୋଲି କେତେଥର କହି କାହାକୁ ଚୂର୍ଣ୍ଣ, କାହାକୁ ବଟିକା, କାହାକୁ ମୋଦକ ଦେଇ କହନ୍ତି—ଏହି ବିଭୂତି ନେଇ ଯା, ଖାଇଲେ ଭଲ ହୋଇଯିବୁ। ଦିନେ ଜଣେ ଶୂଳରୋଗୀ ଆସି ପହଞ୍ଚିଲା। ଶୂଳ-ବେଦନାରେ ଛଟପଟ ହୋଇ ଅସ୍ଥିର ହେଉଥାଏ। ବାବାଜି ଫୁଟୁକି ମାରି "ଯା ଉଡ଼ିଯା, ଯା ଉଡ଼ିଯା" କରିବା ବେଳେ ଜଣେ ମୋସାହେବ "ଛାଡ଼ିଲା କି ନାହିଁ" ବୋଲି ବାଧିତକୁ ବାରମ୍ବାର ପ୍ରଶ୍ନ କଲା। ରୋଗୀ "ନା" ବୋଲି କହିବାରୁ ଆଉ ଜଣେ ମୋ-ସାହେବ କହିଲେ—"ଏଟା ମହାପାପୀ, ଏହାର ରୋଗ କି ଭଲ ହେବ? ସିଦ୍ଧ ବାବାଜିଙ୍କ ହୁକୁମ ମାନେ କେତେ ରୋଗୀ ଭଲ ହୋଇ ଯାଉଛନ୍ତି, ଦୁଇଘଣ୍ଟା ହେଲା ହୁକୁମ ଦେଇ ଏହାର ରୋଗ ଭଲ ହେଉନାହିଁ। ପଳା, ହାରାମଜାଦା ପାପି!" ରୋଗୀ ଏହା ଶୁଣି ମହା ମୁସ୍କିଲରେ ପଡ଼ିଲା। ରୋଗ ତ ଛାଡ଼ିଲା ନାହିଁ; ଅଧିକନ୍ତୁ ଏତେ ଲୋକଙ୍କ ସାକ୍ଷାତରେ ମହାପାପୀ ବୋଲି କଳଙ୍କିତ ହେଲା। ଏଣୁ ସେ ବାଧ୍ୟ ହୋଇ "ହଁ ଛାଡ଼ିଗଲା" ବୋଲି କହିବାରୁ ତତ୍କ୍ଷଣ ପାର୍ଶ୍ୱଚର ଖୁସିଠାଏ ହୋଇ-କହିଲା—ନା, ଏ ପାପୀ ନୁହେଁ, ଏହାର ପୂର୍ବସଞ୍ଚିତ ଧର୍ମବଳ କିଛି ଅଛି। ଏହିପରି ପ୍ରତ୍ୟହ ଶତ ଶତ ରୋଗୀ କେହି ଔଷଧରେ, କେହି ବିଶ୍ୱାସରେ ଏବଂ କେହି ବା ପାର୍ଶ୍ୱଚରମାନଙ୍କ ଭର୍ତ୍ସନାରେ ଭଲ ହେବାକୁ ଲାଗିଲେ। ଆଉ ଅ-ଭଲ କେହି ରହିଲା ନାହିଁ। ସିଦ୍ଧ ପୁରୁଷଙ୍କ

ସୁଖ୍ୟାତି ନଦୀବନ୍ୟା ପରି କ୍ରମଶଃ ବୃଦ୍ଧି ହେବାକୁ ଲାଗିଲା । ତହୁଁ ସହସ୍ର ସହସ୍ର ରୋଗୀ ଦୂର ଦୂରାନ୍ତରରୁ ଆସି ଥାନା ପଡିଲେ । ଆଉ ଦିନେ ଜଣେ ଅନ୍ଧ ଆସିଲା । ସିଦ୍ଧ ବାବାଜି ଟିକିଏ ବିଭୂତି ନେଇ ତାହା ଆଖିରେ ଲଗାଇଦେଲା କ୍ଷଣି ସେ ଚକ୍ଷୁ ମେଲି ଚାହିଁଲା । ଏ ଘଟଣା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ସେହିଦିନଠାରୁ ବାବାଜିଙ୍କ ସୁଖ୍ୟାତି ଶତଗୁଣ ବଢିଗଲା । ଦଳ ଦଳ ହୋଇ ରୋଗୀ ଆସି ଜୁଟି ହେଲେ । କେହି ଦୁଧ, କେହି ଛେନା, କେହି ଦହି, କେହି ଘିଅ, କେହି ସରୁଚାଉଳ କେହି କନ୍ଦଳ କଦଳୀ, କେହି ପାଚିଲା ବାସନା କଦଳୀ କେହି ନଡିଆ, କେହି ସପୁରି ପଣସ, କେହି ପାଚିଲା ଆମ୍ବ ଆଣି ବାବାଜିଙ୍କୁ ଭେଟିଲେ । ଏହି ଉପାଦେୟ ପଦାର୍ଥମାନ ଏକା ବାବାଜିଙ୍କ ଭୋଗରେ ଆସେନାହିଁ, ମୋସାହେବମାନଙ୍କର ସୁଦ୍ଧା ଉଦରସ୍ଥ ହୁଏ । ସେମାନଙ୍କର ଆନନ୍ଦ ଏବଂ ଉତ୍ସାହର ସୀମା ନଥାଏ । ବିଶେଷତଃ ମନ ମାଛି ଅଟିକା ପାଖରେ ଥିଲା ପରି ସେମାନଙ୍କର ଧ୍ୟାନ ସେହିସବୁ ପଦାର୍ଥ ପାଖରେ ଥାଏ । ନିତ୍ୟ ଏହି ରାଜଭୋଗ ପାଇ ସେମାନଙ୍କ ନାହି ଲେଉଟି ପଡିଲା, ଦେହରେ ମଧ୍ୟ ଅସମ୍ଭାବିତ ପରିବର୍ତ୍ତନ ଘଟିଲା । ବାବାଜିଙ୍କ ଦେହ ମଧ୍ୟ ତେଲ ନିଗିଡି ପଡିଲା ପରି ଚିକ୍କଣ ଦିଶିଲା । କିଛିଦିନ ପରେ ଜଣେ କାଲ ଆସିଲା । ବାବାଜି ତାହାକୁ ପଚାରିଲେ— ତୋର କି ବେମାର ?

କାଲ କହିଲା—ମୋ ନାମ କଣ୍ଟୁରି ବେହେରା ।

ବାବାଜି—ଆରେ ତୋର ରୋଗ କଣ ?

କାଲ—ମୁଁ ଜାତିରେ ଗଉଡ, ମୋ ପୁଅ ଗଉଡ, ମୋ ବାପ ବି ସେଇ ଗଉଡ ଥିଲା ।

ବାବାଜି— ( ଈଷତ୍ ହାସ୍ୟ ସହ ) ଆରେ ମୁଁ ପଚାରୁଛି କଅଣ, ତୁ କହୁଛୁ କଅଣ ?

କାଲ—ଘର କଥା ପଚାରୁଛ ? ସେହି ବଣାଳପଡା ଦେଇ ଯେଉଁ ବାଟ ପଡିଛି, ସେହି ବାଟେ ଯାଇ ତିନିଗଛିଆ ପଦା ପାର ହୋଇଗଲେ ଯେଉଁ ଗାଁଖଣ୍ଡି ଦେଖାଯାଏ, ସେହି ଆମ ଗାଁ ।

ବାବାଜି—( ଉଚ୍ଚଚିତ୍କାର କରି ) ତୋର କି ରୋଗ କହ ?

କାଲ—ବେଙ୍ଗଲାଙ୍ଗୁଡ଼ ପରି ଖଣ୍ଡେ ପୁଅ ମହାପ୍ରଭୁ, ତା ନା ଶଙ୍କର । ଆଉ ପୁଣ୍ଡେ ଅଲଣା ବଅଣ ( ଝିଅ ) ।

ବାବାଜି ବିରକ୍ତ ହୋଇ ନୀରବ ରହିଲେ । ତାଙ୍କ ଖଟା ଖାଇବା ପରି ମୁହଁ କରିବାର ଦେଖି ଜଣେକ ପାର୍ଶ୍ୱଚର କାଲର କାନ ପାଖରେ ତାଳି ବଜାଇ ମାରି ଖୁବ୍ ବଡ ପାଟିରେ ପଚାରିଲା—ତୁ କାହିଁକି ଆସିଛୁ କହ ?

କାଲ—( ବାବାଜିଙ୍କ ମୁହଁକୁ ଚାହିଁ ଅଳ୍ପ ହସି ଦେଇ କହିଲା )—ନା, ମହାପ୍ରଭୁ, ଘରେ ଗାଈ ଦୋହଲ ନାହାନ୍ତି । ଥିଲେ କି ମୁଁ ଠେକିଏ ଘିଅ ନଆଣିଥାନ୍ତି ।

ପାର୍ଶ୍ୱଚର—ଆରେ ନାହିଁ ନାହିଁ, ତୋର କି ବେମାର ବୋଲି ଗୁମୁରୁ ପଚାରି ଆଜ୍ଞା ହେଉଛନ୍ତି ।

କାଲ—ମୋ କାନକୁ ଶୁଭୁ ନାହିଁ, ତମର ଧର୍ମ ହେବ ମହାପ୍ରଭୁ, ମୋତେ ଭଲ କରିଦିଅ । ମୁଁ ବଡ କଷ୍ଟ ପାଉଛି ।

ବାବାଜି କାଲକୁ ହସ୍ତ-ସଙ୍କେତରେ ଡାକି ଆଗରେ ବସାଇଲେ । ଯଜ୍ଞକୁଣ୍ଡରୁ ଟିକିଏ ପାଉଁଶ ଆଣି ତାହା କାନରେ ପକାଇ ଫୁଙ୍କି ଦେଲାକ୍ଷଣି ସେ ଠୋ ଠୋ ହୋଇ ହସି ଉଠି ଲମ୍ବ ଖମ୍ବ ହୋଇ ବାବାଜିଙ୍କ ଗୋଡ଼ତଳେ ପଡିଗଲା ଏବଂ କହିଲା—ଏବେ ମୋତେ ସବୁ ଶୁଭିଲାଣି, ତୁମ୍ଭ ଋଣ ମୁଁ ଶୁଝି ପାରିବି ନାହିଁ, ମହାପ୍ରଭୁ ! ମୁଁ ବଡ ଗରିବ, କଅଣ ଅବା ଦେଇ ତମକୁ ଖୁସି କରିବି । ଯେବେ କହିବ ତେବେ ପୁଣିଏ ହଳଦିଆ ପୁରୁଣା ମାସ୍ଟର ଆଉ ମୁଠାଏ କଉମାଛ ଆଣି କାଲି ଦେଇଯିବି ।" ଏହା ଶୁଣି ଜଣେ ପାରିଷଦ କ୍ରୋଧକମ୍ପିତ ସ୍ୱରରେ କହିଲା—ଦୂର ହ ବଦ୍‌ଜାତ ଅଣ୍ଡିଆ ଗଉଡ । ଏହା କହି ତାହାକୁ ମାରିବା ସକାଶ ବଦ୍ଧମୁଷ୍ଟି ହୋଇ ଧାଇଁବାରୁ ସିଦ୍ଧ ପୁରୁଷ ନିଷେଧ କରି କହିଲେ, ସେ ମୂର୍ଖ ମୁଣ୍ଡୁରା ଲୋକ, ନ ଜାଣି କହି ପକାଇଲା, ସେଥିପାଇଁ କଅଣ ବେଦ ଅଶୁଦ୍ଧ ହୋଇଗଲା ? ଏହା ଶୁଣି ପାରିଷଦ ଲଜ୍ଜାରେ ଅଧୋବଦନ ହୋଇ ରହିଲା । ଅନନ୍ତର ବାବାଜି ଗଉଡକୁ ଡାକି ଶାନ୍ତଶିଷ୍ଟ ଭାଷାରେ

କହିଲେ—ଆମ୍ଭେ ସାଧୁସନ୍ଥ ଲୋକ,ଆମିଷ ଆମର ଚଳେ ନାହିଁ,ତାହା ଆଣିବାର ଦରକାର ନାହିଁ । ଏହା ଶୁଣି ପଉଡ ଆନନ୍ଦିତ ହୋଇ ସାଧୁଙ୍କ ପଦରେଣୁ ଗ୍ରହଣ-ପୂର୍ବକ ବିଦାୟ ହୋଇଗଲା । ପୂର୍ବୋକ୍ତ ଅନ୍ଧ ଏବଂ ବଧିର କେଉଁଠାରୁ ଆସିଥିଲେ, ଏହା ଜାଣିବା ନିମନ୍ତେ ପାଠକମାନଙ୍କର କୌତୂହଳ ଜନ୍ମିଥିବ; ମାତ୍ର ଆମ୍ଭେମାନେ ତାହା ଜାଣୁଁ । ସେହି ବିଦ୍ୟା ବଳରେ ଗଣନା କରି ଜାଣିଅଛୁଁ ଯେ, ସେମାନେ ସୁନାଘାଇ ପର୍ବତର ଗୁମ୍ଫାରୁ ଆସିଥିଲେ । ଏହିପରି କରିବାକୁ ସେମାନେ ପୂର୍ବରୁ ଉପଦିଷ୍ଟ ହୋଇଥିଲେ । ଏକଥା ଆମ୍ଭମାନଙ୍କ ବ୍ୟତୀତ କୁଆକୋଇଲି ସୁଦ୍ଧା ଆଜି ଅବଧି ଜାଣିନାହାନ୍ତି । ପାଠକମାନଙ୍କୁ ସନିର୍ବନ୍ଧ ଅନୁରୋଧ ଯେ, ସେମାନେ ଏ ବିଷୟ କାହାରି ପାଖରେ ପ୍ରକାଶ କରିବେ ନାହିଁ । ପରର ଗୁପ୍ତ ରହସ୍ୟ ପ୍ରକାଶ କରିବା ଶିଷ୍ଟାଚାରବିରୁଦ୍ଧ । "ଷଡ଼୍‌କାନ ମନ୍ତ୍ର ଭେଦ" ବୋଲି ନୀତିବାକ୍ୟ ଅଛି । କିନ୍ତୁ-କଣ୍ଡୁୟନ ନିବୃତ୍ତି ସକାଶ ନିତାନ୍ତ ଅନିଚ୍ଛାସତ୍ତ୍ୱେ ଯଦି କେହି ଭ୍ରମରେ କାହାରି ପାଖରେ କହିପକାନ୍ତି, ତେବେ ଏହା ଗୋପନ ରଖିବା ସକାଶ ଶ୍ରୋତାକୁ ସେ ବାରମ୍ବାର ଶପଥ କରାଇ ନିଷେଧ କରିବେ ।

ବାବାଜୀଙ୍କର ଶିଷ୍ୟ-ସେବକ ସଂଖ୍ୟା କ୍ରମଶଃ ବୃଦ୍ଧିଲାଭ କରିବାକୁ ଲାଗିଲା । ସାମନ୍ତଙ୍କ ସାନ ପୁଅ ମଧୁ ସେଥି ମଧ୍ୟରେ ପ୍ରଥମ । ସେ ବାବାଜୀଙ୍କର ଦକ୍ଷିଣ ହସ୍ତ । ଭଣ୍ଡାର ଘର ତାହାର ଜିମା । ଯେଉଁ ଦିନ ଯାହା ଉପହାର ଆସେ, ମଧୁ ତାହାର ରକ୍ଷଣାବେକ୍ଷଣ କରେ । ସେ ଦିନସାରା ବାବାଜୀ ପାଖରେ ଥାଏ । ସାମନ୍ତ ଏହା ଶୁଣି ରୁଷ୍ଟ ନ ହୋଇ ବରଂ ହୃଷ୍ଟ ହେଲେ । ମନେ ମନେ ଭାବିଲେ—"ଲେଖାପଢ଼ା ଠୋକାଠା ତ କିଛି ହେଲା ନାହିଁ, ଖାଲି ଦୁଷ୍ଟାମୀ, ଗୁଲିକା ଖଗଡ଼ରେ ହାତ ଦେବାଛଡ଼ା ଆଉ କିଛି ନାହିଁ । ଭୁଆଲିଆ ହୋଇ ବୁଲିବା ଅପେକ୍ଷା ସାଧୁ ସେବାରେ ନିଯୁକ୍ତ ରହିବା ବରଂ ଭଲ । ସାଧୁ-ସହବାସରେ ମନର ପରିବର୍ତ୍ତନ ଘଟିପାରେ ।" ବାବାଜୀ ଯୋଗୀଙ୍କ ହୁକୁମ ଦେଇସାରି ସନ୍ଧ୍ୟା ସମୟରେ ବିଶ୍ରାମ କରନ୍ତି, ଶିଷ୍ୟମାନଙ୍କର ସେବା ଗ୍ରହଣ କରନ୍ତି ଏବଂ ସେମାନଙ୍କ ସହ ନାନା ବିଷୟର କଥୋପକଥନ କରନ୍ତି । ବାବାଜୀଙ୍କ ଭୋଜନ ଶେଷରେ ସମସ୍ତେ ପ୍ରସାଦ ସେବା କରି ବିଦାୟ ହୋଇଯାନ୍ତି, କେବଳ ମଧୁ ଘରକୁ ନ ଯାଇ ସେହିଠାରେ ରହେ । ବାବାଜୀଙ୍କ ପ୍ରତି ତାହାର ଅଚଳା ଭକ୍ତି । ବାବାଜୀ ମଧ୍ୟ ତାହାକୁ ଅତ୍ୟନ୍ତ ବିଶ୍ୱାସ କରନ୍ତି ଏବଂ ସ୍ନେହ-ଚକ୍ଷୁରେ ଦେଖନ୍ତି । ବାବାଜୀ ଶୋଇଲେ ମଧୁ ତାଙ୍କର ଗୋଡ଼ ଘଷିଦିଏ । ଦିନେ ପଦସେବା କରିବା ସମୟରେ ବାବାଜୀ ତାହାକୁ ସ୍ନେହ-ସିକ୍ତ ମଧୁର ସ୍ୱରରେ ପଚାରିଲେ—"ମଧୁ, ତୁ କିଛି ପଢାଶୁଣା କରିଛୁ ?" ମଧୁ କହିଲା,—"ନା ଆଜ୍ଞା, ପାଠ ମୋ ଦେହରେ ଗଲା ନାହିଁ । ଆଉ ପଢି ଅବା କଅଣ କରନ୍ତି ? ଖାଲି ଅବଧାନ ହାତରୁ ମାଡ଼ ଖାଇ ଖାଇ ମରନ୍ତି ସିନା । ବଡ଼ ହୋଇଗଲେ ଚାଷବାସ କାମର ତନ୍ଖ ନେବି । ପାଠ ପଢି ତ ଲୋକେ କରସ୍ତାନ ହୋଇଯାଉଛନ୍ତି । ସେମାନଙ୍କର ଜାତିପତି ଅଛି, ନା ଜ୍ଞାନଧ୍ୟାନ ଅଛି । ବାପମା କି ମୁରବିଙ୍କି ସୁଦ୍ଧା ଖାତର ନାହିଁ ।" ବାବାଜୀ ଏହା ଶୁଣି ମଧୁ ପିଠିରେ ହାତ ବୁଲାଇ କହିଲେ—"ମଧୁ, ତୁ ଭଲ ପିଲା, ଯା କହିଲୁ ସତ । ଯେଉଁମାନେ ଦୁଇ ଅକ୍ଷର ଇଂରେଜୀ ପଢିଅଛନ୍ତି, ସେମାନଙ୍କର ଜାତି କୁଳର କିମ୍ବା ଧର୍ମାଧର୍ମର ବିଚାର ନାହିଁ । ଅଖାଦ୍ୟ ଖାଇ ନାନା ଅପଚାର କରୁଅଛନ୍ତି । ସେମାନେ ସର୍ବଖୋଟ, ଯା ହାତରେ ଇଚ୍ଛା ତା ହାତରେ ଖାଉଅଛନ୍ତି ।" ଏହିପରି ନାନା କଥା ହେଉଁ ହେଉଁ ମଧୁ ପଚାରିଲା,—ବାବାଜି, ତମେ ତ ଢେର 'ଭେଷୁଦ୍ର' ବାଣ୍ଟୁଛ, ତାହା ସବୁ କେଉଁଠୁ ଆଣ ?

ବାବାଜି—ତାହା ସବୁ ମୁଁ ନିଜେ ତିଆର କରିଛି, ବାବା ।

ମଧୁ—ତା ସବୁ ସରିଗଲେ ପୁଣି କଅଣ କରିବ ?

ବାବାଜୀ—ସରିଗଲେ ପୁଣି ତିଆର କରିବ ।

ମଧୁ—ଏତେ ଟଙ୍କା କେଉଁଠୁ ଆଣ ?

ବାବାଜି—ଟଙ୍କାଲାଗି ଆମର ଭାବନା କଅଣ ? ଆମ ରାଜ୍ୟରେ ଟଙ୍କାର ଗଛ ଅଛି । ଯେବେ ଦରକାର ପଡ଼େ, ଗଛରୁ ତୋଳିଆଣୁ ।

ମଧୁ—(ଆଶ୍ଚର୍ଯ୍ୟ ହୋଇ) ଏଁ, ଟଙ୍କାର ଗଛ, ସତ କହୁଛ ବାବାଜି !

ବାବାଜି—ସତ କହୁ ନାହୁଁ, କଅଣ ମିଛ କହୁଛି ? ଆମେ ବୈରାଗୀ ଲୋକ, ମିଛ କଥା କେବେ ମୁହଁରେ ଧରୁ ନାହୁଁ ବାବା । ମିଛ କହିବା ବଡ଼ ପାପ । ତୁ ପିଲାଲୋକ ତାହା ଜାଣୁ ନାହୁଁ ।

ମଧୁ—ଟଙ୍କା କଅଣ ଗଛରେ ଫଳେ, ମୁଁ ଏହା ଆଜିଯାଏ ଜାଣି ନଥିଲି ।

ବାବାଜି—ହଁ ବାବା, ଗଛରେ ଫଳେ । ତୁ ପିଲାଲୋକ, ତାହା କାହୁଁ ଜାଣିବୁ ? ଅନେକ ପୁରୁଣା ବୁଢ଼ା ବି ତ ତାହା ଜାଣନ୍ତି ନାହିଁ ।

ମଧୁ—ଟଙ୍କା ଲଗାଇଲେ ଗଛ ହବନା ?

ବାବାଜି—ନା ବାବା, ଏ ମାଟିରେ ଟଙ୍କାଗଛ ହୁଏ ନାହିଁ । ସବୁ ଜାଗାରେ କି ସବୁ ଗଛ ହୁଏ ? ଆମ ଦେଶ ମାଟିରେ ଟଙ୍କା ଲଗାଇଲେ ଗଛ ହୁଏ ।

ମଧୁ—ତମ ଦେଶ କେଉଁଠି ?

ବାବାଜି—ଆମ ଦେଶ ପଶ୍ଚିମରେ । ଢେର ବାଟ ବାବା, ଢେର ବାଟ ।

ମଧୁ—ଟଙ୍କାଗଛ କମିତି, ମୁଁ ଦେଖନ୍ତି ।

ବାବାଜି—ତୁ ପିଲାଲୋକ, ଏତେ ବାଟ ଯାଇ ପାରିବୁ ?

ମଧୁ—ହଁ ବାବାଜି, ତମ ସାଙ୍ଗରେ ଗଲେ ଯାଇପାରିବି । ତମ ଗୋଡ଼ତଳେ ପଡ଼ୁଛି, ମୋତେ ସାଙ୍ଗରେ ନେଇଯିବ ନା, ମୋ ରାଣ ପଡ଼ିଆଅନି ।

ବାବାଜି—ତମ ଘରଲୋକେ କି ତୋତେ ଛାଡ଼ିଦେବେ ?

ମଧୁ—ସେମାନେ ଜାଣିବେ କାହିଁକି ? ମୁଁ ଲୁଚି କରି ତମ ସାଙ୍ଗରେ ଚାଲିଯିବି । ତମ ଗୁରୁ ତୁହଟି ବାବାଜି, ତମକୁ ଜଗନ୍ନାଥ ତୁହି, ମୁକର ମୁକର ସାଙ୍ଗରେ ନେଇଯିବ । ନ ହେଲେ ମୁଁ ପଛରେ ଗୋଡ଼େଇ ଯିବି । ଖବରଦାର ମନା କରିବ ନାହିଁ—ମନା କଲେ ତମରି ଗୋଡ଼ତଳେ ମୁଣ୍ଡ କୋଞ୍ଚିହୋଇ ମରିଯିବି ।

ସମସ୍ତଙ୍କ କଥାରେ ଅତିରିକ୍ତ ବିଶ୍ୱାସ କରିବା ମଧୁର ଗୋଟାଏ ଉତ୍କଟ ରୋଗ । ଟଙ୍କାଗଛ କଥାରେ ତାହାର ଦୃଢ଼ ବିଶ୍ୱାସ ଜାଣି ଏବଂ ତାହାର ଅସାଧାରଣ ଆଗ୍ରହ ଓ ଅଟଳ ପ୍ରତିଜ୍ଞା ଦେଖି ବାବାଜି ମନେ ମନେ ଭାବିଲେ, ମନ୍ତ୍ର ଧରିଅଛି, ବଶୀଭୂତ ସର୍ପକୁ ଟିକିଏ ଖେଳାଇ ପେଡ଼ିରେ ପୁରାଇବା ଉଚିତ । ଏହା ଭାବି ସେ ସ୍ପଷ୍ଟ କହିଲେ—'ତୁ କପରି ଯିବୁ, କେହି କି ଜାଣିପାରିବେ ନାହିଁ ?'

ମଧୁ—ତମ ଗୋଡ଼ ଛୁଇଁ କସମ କରି କହୁଛି, ମୁଁ କାହାରି ପାଖରେ କହିବି ନାହିଁ । କହିଲେ ମୋର ଛାତି ଫାଟିଯିବ । ରଜ ସଂକ୍ରାନ୍ତି ଦିନ ସୁନାଘାଇ ପର୍ବତରେ ସୀତାକୁଣ୍ଡ ଯାତ୍ରା ହେବ । ଯାତ୍ରା ଦେଖିବା ବାହାନାରେ ମୁଁ ସେଠାକୁ ଯିବି । ବାବାଜି ମହାପ୍ରଭୁ, ତମେ ଯାତ୍ରା ଦେଖି ଯିବନା ? ଗଲେ ମୁଁ ସେହି ବାଟେ ତମ ସାଙ୍ଗରେ ଚାଲିଯିବି । ମତେ ଏଥିକି ଗୋଟିଏ ଟଙ୍କାଗଛ ଦବ । ମୁଁ ଆସିବାବେଳେ ଘେନି ଆସିବି ।

ବାବାଜି—ଗୋଟାଏ କାହିଁକି, ପାଞ୍ଚଟା ଦେବି, ଆଉ ତତେ ଆଣି ଘରପାଖରେ ଛାଡ଼ିଯିବି ।

ମଧୁ—ତା ହେଲେ ତ ମଜା ହେବ । ଟଙ୍କାଗଛ ଦେଖିଲେ ବାପା ଖୁସି ହୋଇ ମତେ ଆଉ କିଛି କହିବେ ନାହିଁ ।

ବାବାଜି—ତୋତେ ପାଞ୍ଚଟାଯାକ ଫଳନ୍ତି ଟଙ୍କା ଗଛ ଦେବି । ଯେତେବେଳେ ଇଚ୍ଛା, ସେତେବେଳେ ତୁ ଟଙ୍କା ତୋଳି ଆଣି ଖର୍ଚ୍ଚ କରିବୁ । ଢେର ରାତି ହେଲାଣି, ଏବେ ଶୋଇପଡ଼ ।

ବାବାଜି ଏହା କହି ନିଦ୍ରାଦେବୀଙ୍କର ସ୍ନିଗ୍ଧ ଶୀତଳ ଅଙ୍କାଶ୍ରୟୀ ହେଲେ । ଦଣ୍ଡକ ମଧ୍ୟରେ ତାଙ୍କର ନାସିକା-ଶଙ୍ଖ ଘଡ଼ ଘଡ଼ ଶବ୍ଦରେ ବାଜିଉଠିଲା । ମାତ୍ର ମଧୁ ଶୋଇଲା ନାହିଁ । ଆନନ୍ଦ ଏବଂ ଉତ୍କଣ୍ଠା ନିଦ୍ରାଦେବୀଙ୍କୁ ତାହା ପାଖ ପୂରାଇ ଦେଲେ ନାହିଁ ।

ଉତ୍କଣ୍ଠା ସଙ୍ଗରେ ନିଦ୍ରାର ସପତ୍ନୀବାଦ । ଅତି ଦୁଃଖ ଏବଂ ଅତି ଆନନ୍ଦରେ ନିଦ୍ରା ହୁଏ ନାହିଁ । ତାହାର ମନ ସେହି ଝଙ୍କାଗଛ ପାଖକୁ ବାରମ୍ବାର ଯାତାୟାତ କଲା । ଭବିଷ୍ୟତ ଅନିଶ୍ଚିତ ସୁଖଚିନ୍ତା ତାହା ହୃଦୟକୁ ଆଲିଙ୍ଗନ କଲା । ଦୁରାକାଙ୍କ୍ଷାର ସୁଦୂର ଉଦାତ୍ତ ଆହ୍ୱାନମନ୍ତ୍ର ବଳେ ବଳେ ଆସି କର୍ଣ୍ଣକୁହରରେ ପ୍ରବେଶ କଲା । ନୀରବ ବ୍ୟାକୁଳ ବାସନା ତାହାର ପ୍ରାଣ-ବୀଣାରେ ଘନ ଘନ ଆଘାତ କରିବାକୁ ଲାଗିଲା । କଳ୍ପନା-ବିହଙ୍ଗୀ ପକ୍ଷ ବିସ୍ତାର କରି ଆକାଶ ପାତାଳରେ ଉଡ଼ି ବୁଲିଲା । ଅଧୀର ଆଗ୍ରହ ତାହାର ଚିନ୍ତାକୁ ସୁବର୍ଣ୍ଣର ଆକାର ପ୍ରଦାନ ପୂର୍ବକ ପ୍ରାଣବନ୍ତୀ କରି ଖେଳାଇବାକୁ ଲାଗିଲା । ଗ୍ରାମ ମଧ୍ୟରେ ସେ ସବୁଠାରୁ ବଡ଼ ଲୋକ ହେବ—ପର୍ବତ ଉପରେ ସପ୍ତତଳ ସୁବର୍ଣ୍ଣ ପ୍ରାସାଦ ନିର୍ମାଣ କରି ଅର୍ଦ୍ଧ ସ୍ୱର୍ଗରେ ବାସ କରିବ—ଶତ୍ରୁମାନଙ୍କୁ ସୁକଠୋର ପ୍ରତିଶୋଧ ଦେବ ଏହିପରି ନାନା କଥା ଭାବୁ ଭାବୁ ଶେଷରାତ୍ରରେ ଶୋଇ ପଡ଼ିଲା । ସୁପ୍ତାବସ୍ଥାରେ ନାନାବିଧ ସୁଖ ସ୍ୱପ୍ନ ଦେଖି ବେଳେ ବେଳେ ହସି ଉଠୁଥାଏ । ସେ ସ୍ୱପ୍ନ ସୁଦ୍ଧା ସେହି ଝଙ୍କା ଗଛର ସ୍ମୃତି ସୌରଭରେ ଆମୋଦିତ । ହାୟ ପ୍ରଗଲ୍‌ଭତା ତୋର ଅସାଧ୍ୟ କଣ ? ଅଜ୍ଞାନ ବାଳକଟିକୁ ଏରୂପ ବିଫଳ ହୁଟ ହୁଟାରେ ପକାଇ ତୁ କି ଆନନ୍ଦ ଉପଭୋଗ କରିବୁ, ତାହା ତୋତେହିଁ ଗୋଚର ।

# ଅଷ୍ଟମ ପରିଚ୍ଛେଦ

ଗୋପୀନାଥ ମନ୍ଦିର ସଂଲଗ୍ନ ବଙ୍ଗଳାରେ ପ୍ରତ୍ୟହ ପୁରାଣ ପାଠ ହୁଏ, ଏହା ପାଠକମାନେ ପୂର୍ବରୁ ଜାଣି ଅଛନ୍ତି । ଆଜି ସନ୍ଧ୍ୟା ସମୟରେ ଶ୍ରୋତା ଏବଂ ଶ୍ରୋତ୍ରୀ-ବର୍ଗ ସେଠାରେ ଜୁଣ୍ଡ ହୋଇଅଛନ୍ତି । ପୁରାଣ ପାଠକ ବ୍ରାହ୍ମଣ ଆସି ନାହିଁ ; ସୁତରାଂ ବସିବାଠାରୁ ଘଷିବା ଭଲ ଏହି ନ୍ୟାୟରେ ସମସ୍ତେ ଗଳ୍ପାମୋଦରେ ମଗ୍ନ । ସ୍ତ୍ରୀ ପୁରୁଷମାନଙ୍କ ବସିବା ସକାଶ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଦିଷ୍ଟ ଅଛି । ପୁରୁଷମାନେ ଭବିଷ୍ୟତ କୃଷିସମ୍ବନ୍ଧରେ ନାନାବିଧ ଆଲୋଚନା କରୁଅଛନ୍ତି । ସେ ନୀରସ ଆଲୋଚନା ପ୍ରତି ରସଜ୍ଞ ପାଠକ ନାରୀସମାଜ ଆଡ଼କୁ ଦୃଷ୍ଟି ନିକ୍ଷେପ କରନ୍ତୁ । ସେଠାରେ ବୃଦ୍ଧା ପ୍ରୌଢ଼ା ଯୁବତୀ ସକଳ ଶ୍ରେଣୀସ୍ଥ ନାରୀ ଉପସ୍ଥିତ ଅଛନ୍ତି । ପୁରାଣ ପାଠ ସ୍ଥାନରେ ଉପସ୍ଥାନରେ କାହାରି କାହାରି ସନ୍ଦେହ ହୋଇ ପାରେ; ମାତ୍ର ଧର୍ମାର୍ଜ୍ଜନରେ ସମସ୍ତଙ୍କର ସମାନ ଅଧିକାର । ମାନବ ଜୀବନ ଜଳସ୍ଫୋଟକ ତୁଲ୍ୟ କ୍ଷଣସ୍ଥାୟୀ, ମୃତ୍ୟୁ ବଡ଼ ଅବିଶ୍ୱାସୀ । ତାହା କେତେବେଳେ ଅଲକ୍ଷ୍ୟରେ ଆସି ଉପସ୍ଥିତ ହେବ, କିଏ କହିପାରେ ? ହୁଏତ ଏହି ମୁହୂର୍ତ୍ତରେ ସୁଦ୍ଧା ଉପସ୍ଥିତ ହୋଇପାରେ । ପିଲାଟିର ଜନ୍ମପରେ ସେ ବଢୁଛି ବୋଲି ସମସ୍ତଙ୍କର ଧାରଣା; ମାତ୍ର ଏ ମାନବୀ ଧାରଣାରେ ମୃତ୍ୟୁ ଗୋପନରେ ହସୁଥାଏ । ପିଲାଟି ଯେଉଁଦିନ ଜନ୍ମ ହେଲା, ସେହି ଦିନଟି ତାହା ପରମାୟୁରୁ କଟିଗଲା । ମୃତ୍ୟୁର ଅଚ୍ଛିନ୍ନ ଫାଶ ଗଳାରେ ଲଗାଇ ଜୀବ ମାତୃଗର୍ଭରୁ ଭୂମିଷ୍ଠ ହୁଏ । ମୃତ୍ୟୁ ସେହି ସେହି ଫାଶ ସତତ ନିଜ ଆଡ଼କୁ ଟାଣୁଥାଏ । ଏହିପରି ଟାଣି ଟାଣି ଜୀବକୁ ହାତ ପାଖରେ ପାଇଲା ମାତ୍ରେ ତାହାର ତଣ୍ଟି ଚିପିଦିଏ । ଆଉ ବିସ୍ତୃତ ଭୂମିକାର ଆବଶ୍ୟକତା ନାହିଁ । ଫଳିତାର୍ଥ ଏହି ଯେ, ଧର୍ମାର୍ଜ୍ଜନ ବୃଦ୍ଧାବସ୍ଥାକୁ ନ ରଖି ବାଲ୍ୟକାଳରୁ ଆରମ୍ଭ କରିବା ଉଚିତ । ସ୍ତ୍ରୀମାନଙ୍କ ମଧ୍ୟରେ ନାନା କଥାର ଆଲୋଚନା ଲାଗି ଅଛି । କେହି କହୁଛି—ସାଆନ୍ତଘର ନୂଆ ବୋହୂଟି ଖୁବ ସିଆଣୀ । ସବୁବେଳେ ଲୋଟଣୀ ପାରି ପରି କାମପାଇଟିରେ ଲାଗିଥାଏ । ଶାଶୁ ମଲାପରେ ତେତେବଡ଼ ଘରଟାକୁ ଏକାକେ ସମ୍ଭାଳି ନେଲା । ଶାଶୁ ପରି ସେ ବି ପଶୁପକ୍ଷୀର ପେଟକଥା ବୁଝିପାରେ । ପୁଣି ଶଶୁର ପ୍ରତି କି ଭକ୍ତି । ଶଶୁର କହନ୍ତି—ମୋ ଘରୁ ଲକ୍ଷ୍ମୀ ଯାଇଥିଲା, ଏବେ ଦ୍ୱିତୀୟ ଲକ୍ଷ୍ମୀ ଆସି ପହଞ୍ଚିଲା । ଶଶୁର ତ ବୋହୂଙ୍କୁ ମା ଛଡ଼ା ଆଉ କିଛି ଡାକନ୍ତି ନାହିଁ । କେହି କହିଲା—କଶାକ ଘର ମଝିଆଁ ବୋହୂଟା ବଡ଼ ଅଲାଜୁକୀ । ମାସେ

ହୋଇ ନାହିଁ ଜ୍ୱର ରୋଗ ଆସିଲା; ମାତ୍ର ଏଥି ମଧ୍ୟରେ କଥା କହିଲାଣି, ସମସ୍ତଙ୍କ ଘରକୁ ଯିବା ଆସିବା କଲାଣି । ଓଲେଇ ବୋଲି ତ ସବୁଠି—ଶିକାରେ ଥୋ ତ ପାଣ୍ଟିରେ ଥୋ । ଶାଶୁଟା ତ ହନ୍ତସନ୍ତ ହୋଇ ମଲାଣି । ହଁ, ମାଇକିଣିଆ ଜନ୍ମ ପାଇ ଯାହାର ଲାଜ-ସରମ ନାହିଁ, ପୋଡ଼ ଯାଉ ତା ଜୀବନ । ମଣୀ କହିଲା, 'ଦେଖୁନାହିଁ ନା ବଣିଆଘର ଝିଅଟାକୁ । ମଣିପଙ୍କ ପର ଝୁମ୍ ଝୁମ୍ ହୋଇ ବୁଲିବ, ମିଣିପଙ୍କ ଗୋଠରେ ଯାଇ ବସିବ । ସେହିପରି ଗୋଟେ ଗୋଟେ ଅଣ୍ଡିରାଚଣ୍ଡୀ ଥାଆନ୍ତି ।' ଧାଙ୍ଗିଡ଼ମା କହିଲା, 'ବହୂ ତ ବହୂ ଏବା ମୋର ବହୂ । ଛଅଟାର ମା ହେଲାଣି, ତା ମୁହଁ ଦେଖିବ ଦଶିବ ନା ? ସବୁବେଳେ ଓଢଣା ପଡେଇ ହାତ । ସ୍ୱାମୀ ଘର ଛଡ଼ା ଦାଣ୍ଡ ପିଣ୍ଡା କିମିତ, ଦେଖିନାହିଁ । ବେଳେବେଳେ ମୋ ଉପରେ ରାଗ ହୋଇ ଉଠ ଉଠ ହୁଏ, ସେହି ସ୍ୱାମୀ ଭିତରୁ, ଆଉ ସାମନାକୁ ଆସିବ ନା ! ରମ୍ଭାବତୀରେ ତ ଦ୍ରୌପଦୀ, ଅନାବନା ବଣସାଗ କେରେ ଶିଝାଇ ଦେଉ ପଛେ, ସେଇଆକୁ ଖାଇ ସମସ୍ତଙ୍କର ସନ୍ତୋଷ । ମା ମୋର "ଅଇ ସୁଲକ୍ଷଣୀ" ହୋଇ ଥାକଲା ବାଳବେ ସୁନ୍ଦର ନାଉ, ମୋର ସବୁବେଳେ ଏହି କଲ୍ୟାଣ । ଏକା ଛିଡ଼ିଏ ଅଲଗା ସିନା, ତା ପଛେ ହେଉ । ଶଶୁରର ତ ଜୀବନ, ସେ ବାଉଳି ଲକ୍ଷ୍ମୀ ବୋଲି କହନ୍ତି ।' ଶୁକୁଟୀ କହିଲା, "ହଁ ଲୋ ବଡ ମା, ତୋ ବହୂ ସୁଣି ଆଉ ଗୋଟେ, ଡାହୁଁ ରାଣୀ ଡାହୁଁ ଚନ୍ଦ୍ରକାଣୀ; ସ୍ୱାସ-ବଣି, ଡାହୁଁ ବାଆଁଶ ଵଣି । ସିମିତି ଗୋଟେ ବହୂ ଦେଶ ଦଣ୍ଡପାଟରେ ଅଛି ନା । ଆମ ଗାଉଁର ଠାକୁରାଣୀକୁ ସେ ଦିନ ମା କହିଲା—'ରାଉଳ ଝିଅ, ଆଜି ମୁଠେ ଫୁଟେଇ ଦେ, ମୁଁ ପାରିବ ନାହିଁ, ଦେହଟା ମୋର ଭଲ ନାହିଁ ।' ଏତିକି କହି ଆଉ ଯାଏ କୁଆଡେ ? ଗର୍ଜି ଉଠି ଛଅପୁର କମ୍ପାଇ ଦେଲା, ଆଉ ଶାଶୁଟାକୁ ଯା କହିଲା, ତାହା ତ ମୁହଁର ଧରିହେବ ନାହିଁ । ଜୁହାର ଲୋ ମା ରାଣୀ ତା ପାଟିକି । 'ଛି ଲୋ ଛତ୍ରୁ, ମେଘ ବରଷିଲେ ବେଙ୍ଗେ ଖାଆନ୍ତୁ ।' ଶୁଣିଲେ ମୋ ଚୁଟି ପିଠି ଉଠି ଯିବ ଲୋ ମା । ସତ୍ତଳଖାଇ ଡାଇକିଣୀଟା ଆମ ଘର-ଟାକୁ ଚୂନା କରିଦେଲା ।" ଏହିପରି ସମାଲୋଚନା ହେଉଁ ହେଉଁ ଶୁକୁଟୀ ଭଣ୍ଡାରୁଣୀ ଆସି ପହଞ୍ଚିଲା । ମଣୀ କହିଲା, "କିଲୋ ଶୁକୁଟୀ ଅପା, ତୋର ଆଜି ଏତେ ଉଚ୍ଛୁର କାହିଁକି ?" ଶୁକୁଟୀ ମୁହଁ ଶୁଖାଇ କହିଲା, "କଅଣ କହିବ ଲୋ ଭଉଣୀ, ଘରକୁ ତ ଏକା; ଯାହା ନ କଲେ ତାହା ନ ଚଲେ । ଧାନ ପୁଞ୍ଜାଏ ଡିଙ୍କିରେ ପଶିଥିଲି ଯେ, ଶୁଖେଇ ଦେବାକୁ କେହି ନାହିଁ । ତା ବାପ ପୋଡ଼ାମୁହାଁକୁ ନେହୁରା ହୋଇ କହିଲି ଯେ, ସେ ଗର୍ଜିଲା, 'ମୁଁ ସିଦ୍ଧ ବାବାଜି ଜଣକ ଯାଉଚି, ମୋର ପେଟ ମର୍ମ କଥା ପଚାରିବ ।' ପୋଡ଼ିଯାଉ ତା ପେଟ, ମଲା ରେ ତୋ କଥାରେ ସିଦ୍ଧ ବାବାଙ୍କ କୁଆଡେ ଯାଉଛନ୍ତି, ନା ତୁ କୁଆଡେ ଯାଉଛୁ । କାଲି ଗଲେ କଣ ହୁଅନ୍ତା ନାହିଁ ! ଆଉ ସତକ ଆସି ଗିଳିବୁ କଅଣ ?"

ମଣୀ—କିଲୋ ବୁଢାକୁ ଏତେ ଗାଳି ଦେଉଚୁ ନା ?

ଶୁକୁଟୀ—ବୁଢା ଉପରେ ତ ତୋର ଖୁବ ମୁଆଁସ ଲୋ ମଣୀ, ବୁଢାକୁ ନବୁ କି, ନେ ଭଲା କମାସ ଉଧାର ?

ମଣୀ—ଦୁର୍ ହୋ ରାଣ୍ଡ । "ସେ ତ ସେ, ଆଉ ପୋଡ଼ମୁହାଁ ନଶୁଆ କିଏ ।" ମରଣ ନାହିଁ ତୋତେ ?

ଶୁକୁଟୀ—କିଲୋ, ମୁଁ ତ ଗାଳି ଦେଉଥିଲି, ତୁ କଣ କଲ୍ୟାଣ କରୁଛୁ ? ମୁଁ ମଲେ ବୁଢା ମୁହଁରେ ନିଆଁ ଦେବ କିଏ ଲୋ ?

ମଣୀ—ତୁ ଆଗେ ମରିବୁ କି ସେ ଆଗେ ମରିବ, କିଏ ଜାଣେ ?

ଶୁକୁଟୀ—ମୋ ଆଗରୁ ସେ ମରିଗଲେ ତରିଯିବ ଲୋ, ମୁଁ ତାକୁ ନ ଖାଇଲେ କି ମୋ ପେଟ ପୂରିବ ? ନା ଲୋ ମଣୀ, ରାଗିଲୁ କି, ମୁଁ ଖେଳ କରୁଚି ଲୋ । ଆଉ ତୋ ବୁଢାଟି ବଞ୍ଚିଥାଉ । 'ସଞ୍ଜେ ଫୁଟି ସକାଳେ ଯାଉ କଣ୍ଟି ଫୁଲର ଆୟୁଷ ପାଉ ।' ତାର କୋଟି ପରମାୟୁ ହେଉ, ସେ ପିଣ୍ଡାରେ ବସି ଖୁଁ ଖୁଁ ହୋଇ କାଶୁଥାଉ, କାନ୍ଦ ନା ଭଉଣୀ, କାନ୍ଦ ନା ।

ଶୁକୁଟୀ ଭଣ୍ଡାରୁଣୀ ଖୁବ ନକଲିଆଣୀ—ସେ କାନ୍ଦିବା ଲୋକଙ୍କୁ ହସାଇଦେବ । ତା କଥା ଶୁଣି ସମସ୍ତେ ହସିଉଠିଲେ । ତହୁଁ ସେ ପୁନଶ୍ଚ ମଣୀକୁ କହିଲା—'ଆଉ ତୁହି ନିଷ୍ପାପ କରମ ଭଉଣୀ, ସିଦ୍ଧ ବାବାଜି କଣ ପଳେଇଛନ୍ତି ? ଧାନ କଟା ଶୁଖେଇ

ଦେଇ ଯାଇଥିଲେ କଣ ତୁ ଅନ୍ଧ ନାହିଁ ? ଏଥିରେ ପୁଣି ମୁଁ ଗାଳି ଦେଲି ବୋଲି ମୋତେ ଦୋଷ ଦେଉଛୁ ପରା ?'

ମଖୀ କିଛି ନ କହୁଣୁ ରୁକ୍ମଣୀ ଅପା କହିଲା—'ନା ଲୋ ବାଳିକା ଝିଅ, ବାବାଜି ଆଉ ଏ ଗାଆଁରେ ବେଶି ଦିନ ରହିବେ ନାହିଁ । ମାସେ ଏ ଗାଁରେ ରହିବେ ବୋଲି ବାବା ବୈଦ୍ୟନାଥ ଠାକୁରଙ୍କର ହୁକୁମ ହୋଇଥିଲା । ମାସେ ତ ଆସି ହୋଇଗଲା, ସେ ସଂକ୍ରାନ୍ତି ଦିନ ଏ ଗାଁକୁ ଆସିଥିଲେ । ଏ ସଂକ୍ରାନ୍ତି ଆଉ ଦି ଦିନ ଅଛି । ଏହି କାଲି କି ପଅର ଦିନ ଚାଲିଯିବେ ।' ରୁକ୍ମଣୀ ଅପା ବୁଢ଼ୀ, ବୟସର ପରିମାଣ ନାହିଁ । ସେ ଗାଁଯାକର ଅପା, ସମସ୍ତେ ତାକୁ ଅପା ବୋଲି ଡାକନ୍ତି । ସେ କାହାର ତିନି ପୁରୁଷର ଅପା, କାହାର ବା ଦୁଇ ପୁରୁଷର ଅପା । ଅପା ପଦଟା ତାହାର ଇସ୍ତମରାର ରେଜେଷ୍ଟ୍ରି ପଟ୍ଟା । ସେ ପଦରୁ ତାକୁ ଖାରଜ କରିବାର ଅଧିକାର କାହାରି ନାହିଁ । କେଉଁ କାଳରୁ କିଏ ତାକୁ ଏ ପଦର ସାଟି ଦେଇଅଛି, ତାହା କେହି ଜାଣନ୍ତି ନାହିଁ ।

ମଖୀ କହିଲା—"ରୁକ୍ମଣୀ ଅପା, ବାବାଜି ଆଉ କେଉଁ ଗାଁକୁ ଯିବେ ?"

ରୁକ୍ମଣୀ ଅପା—ବାବା ବୈଦ୍ୟନାଥଙ୍କର ଯେଉଁ ଗାଁକୁ ଯିବାର ହୁକୁମ ହେବ, ସେହି ଗାଁକୁ ଯିବେ । ସେ କେତେବେଳେ ଯିବେ, ତାହା କେହି ଜାଣିପାରିବେ ନାହିଁ । ରାତିଅଧରେ ବାବାଙ୍କର ହୁକୁମ ହେଲେ, ସେ ସେହିକ୍ଷଣି ଉଠି ଚାଲିଯିବେ ।

ମଖୀ—ତାଙ୍କପରି ସିଦ୍ଧ କେବେ ଏ ଗାଁକୁ ଆସି ନ ଥିଲେ । କେତେ ଅନ୍ଧ ଆଉ କାଲକୁ ବି ସେ ଭଲ କରିଦେଇ ଗଲେ ।

ଶୁକୁଟୀ—ଖାଲି ଅନ୍ଧ, କାଲ କାହିଁକି ଲୋ କେତେ ବାଞ୍ଝ ବି ତ ପୁଅଝିଅର ମା ହେଲେ । ତା ବାପ ସେ ଦିନ କହୁଥିଲା, ଅର ବର୍ଷ ସେ କେଉଁ ଗାଁରେ ଥିଲେ, ସେ ଗାଁର ପୁଞ୍ଜେ କି ଛଟା ବାଞ୍ଝ ଏ ବର୍ଷ ପୁଅଝିଅ କୋଳରେ ଧରି ବସିଛନ୍ତି ।

ଲଳିତା—ସେ ଦିନ ଆଉ ଜଣେ ଅନ୍ଧ ଆସିଲା-ତାକୁ ତ କାହିଁ ଭଲ କରିପାରିଲେ ନାହିଁ । ତାକୁ କହିଲେ, ଅର ଜନ୍ମରେ ତୁ ମାଆକୁ ଗୋଇଠା ମାରିଥିଲୁ, ତାହାରି ଶାପରେ ତୁ ଏ ଜନ୍ମରେ ଅନ୍ଧ ହେଲୁ । ତୋର ମାତୃଶାପ ମୋଚନ ନ ହେଲେ ତୁ ଭଲ ହେବୁନାହିଁ । ସେ ବିଚରା କାନମୁଣ୍ଡ ଅଉଁଷି କାନ୍ଦି କାନ୍ଦି ଚାଲିଗଲା ।

ରୁକ୍ମଣୀ ଅପା—ସେଥିକି ଆଉ ସିଦ୍ଧ ବାବାଜି କଣ କରିବେ ? କପାଳରେ ନ ଥିଲେ ସେ ଆଉ କଣ କରିବେ ମା ? କଥାରେ କହନ୍ତି—'କଅଁ ଦେବତା, ବାହୁକୁ ବଳ ।'

ଲଳିତା ତେବେ ଆଉ ସିଦ୍ଧ କଅଣ ? ଜଣକୁ ଭଲ କରିବେ, ଆଉ ଜଣକୁ ନିରାଶ କରିବେ, ଏ କଥା ତ ମୁଁ କେଉଁଠି ଶୁଣି ନଥିଲି ।

ମଖୀ—ଏଟା ବଡ଼ ନିନ୍ଦୁକୀ, ପାପମୁକ୍ତ ନ ହଲେ, ସିଦ୍ଧ କଅଣ କରିବେ ?

ଲଳିତା—ଭୁଟା ଏକା ବଡ଼ ଭଲ । ସମସ୍ତେ କହୁଥିବେ, ମୁଁ କଥା କହିଲେ ସମସ୍ତଙ୍କ ମୁହଁରେ ନିଆଁ ଲାଗିଯାଏ । ଲଳିତା ଏହା କହି ରାଗରେ ଗରଗର ହୋଇ ଉଠିଗଲା ।

ଏହି ସମୟରେ ସୁବର୍ଣ୍ଣପଣ୍ଡା ଆସି ଉପସ୍ଥିତ ହେବାରୁ ସମସ୍ତେ ନୀରବ ହୋଇଗଲେ । ଉଦ୍‌ବେଳ କଥାସମୁଦ୍ରରେ ଭଟ୍ଟା ପଡ଼ିଗଲା । ସ୍ତ୍ରୀ ପୁରୁଷ ଉଭୟେ ସଙ୍ଗରୁ ବ୍ରାହ୍ମଣ ଗୋସାଇଁଙ୍କ ଉପରେ ଦଣ୍ଡବତ ବୃଷ୍ଟି ହୋଇଗଲା । ବ୍ରାହ୍ମଣ ଅଞ୍ଜଳି ବିସ୍ତାରପୂର୍ବକ ଦୁଇଆଡ଼କୁ ଅପାଙ୍ଗଦୃଷ୍ଟି ନିକ୍ଷେପ କରି ଗୋଟିଏ ମାତ୍ର ଆଶୀର୍ବାଦଦ୍ୱାରା ସମସ୍ତ ଦଣ୍ଡବତ ଋଣ ପରିଶୋଧ କରିଦେଲେ । ଆଶୀର୍ବାଦର କୃପଣତା ଦେଖି ଉଭୟ ସମାଜ ସେହି ଗୋଟିକୁ ଅର୍ଦ୍ଧ ଅର୍ଦ୍ଧ ଭାଗରେ ବିଭକ୍ତ କରିନେଲେ । ପୂର୍ବରୁ ସେଠାରେ ଲୋଟାଏ ପାଣି ରଖାଯାଇଥିଲା । ବ୍ରାହ୍ମଣ ସେଥିରେ ଗୋଡ଼ ଧୋଇପକାଇ ପୋଥିଘର ମଧ୍ୟରୁ ବ୍ୟାସାସନରେ ରକ୍ଷିତ ଖଣ୍ଡିଏ ପୋଥି ଆଣି ନଡ଼ିଆ ଚଟେଇ ଆସନରେ ବସିପଡ଼ିଲେ । କେହି କିଛି ପ୍ରଶ୍ନ ନ କରୁଣୁ ସେ ସ୍ୱତଃ ପ୍ରବୃତ୍ତ ହୋଇ କହିଲେ—'ଆଜି ଗୋଟାଏ ଅର୍ଜ୍ଜନ ପଡ଼ିଥିଲା । ସେଠାରୁ ଆସୁଁ ଆସୁଁ ଟିକିଏ ବିଳମ୍ବ ହୋଇଗଲା । ଦୁଇକୋଶ ବାଟ ଧାଇଁ ଧାଇଁ ଯାଇଥିଲି; ମାତ୍ର ଅଲ୍ପାୟୁଷ ଭସ୍ମ ଗୋଟାଏ ପଇସା

ବହାଉ ହେଲା । କାନରେ ବାନ୍ଧିବାକୁ ମୁଡିଗଣ୍ଡି ମୁଠାଏ ମୁଦ୍ଧା ମିଳିଲା ନାହିଁ । ଆଉ ଜଳପାନରେ ବି ତୃପ୍ତି ହୋଇପାରିଲା ନାହିଁ । ଉଖୁଡ଼ାଗୁଡ଼ାକ ଏପରି ପିଟା ଯେ, ମୁହଁରେ ଦେଇହେଲା ନାହିଁ । ବହୁ ମଇଁକଇ ତ ଝମେଳ କଲା । ମୁଣ୍ଡି ଚପାଠା କି ବ୍ରାହ୍ମଣ-ମର୍ଯ୍ୟାଦା ବୁଝିବ ? ତା ବୋପା ଜନ୍ମକେ କେବେ କାମ କରି ଶିଖିଥିଲା !" ଏହାପରେ କର୍ମକର୍ତ୍ତାର ଚତୁର୍ଦ୍ଦଶ ପୁରୁଷର ଶ୍ରାଦ୍ଧ ବାଢି ସାରି ଅଣ୍ଟିରୁ ନାସଦାନି ବାହାର କଲେ । ବଙ୍କଠାଲ ମୁଖଭଙ୍ଗୀ କରି ନାସ ଶୁଙ୍ଘିଦେଇ ଚୁଟିଟା ପକେଇ ନେଇ ପୋଥିରୁ ଡୋର ଫିଟାଇଲେ । ଏହି ସମୟରେ ହରିବୋଲ, ଶଙ୍ଖ ଏବଂ ହୁଳାହୁଳୀ ଶବ୍ଦରେ ଦିଗନ୍ତ ଉଛୁଳି ପଡିଲା । ଆଜି ରାମାୟଣ ଲଙ୍କାକାଣ୍ଡର ଇନ୍ଦ୍ରଜିତ ବଧ ହେବ । "ରାମଂ ଲକ୍ଷ୍ମଣପୂର୍ବଜଂ" ଶ୍ଳୋକ ଆବୃତ୍ତି କରି ବ୍ରାହ୍ମଣ ପୁରାଣପାଠରେ ନିଯୁକ୍ତ ହେଲେ । ବୀର ରସର କଥା ପଢିଲାବେଳେ ତାଙ୍କର ତର୍ଜନ ଗର୍ଜନର ସୀମା ନ ଥାଏ । କେବେ ଆଖି ତରାଟି, କେବେ ମୁଣ୍ଡ ହଲାଇ, କେବେ ଦାନ୍ତ ନିକୁଟି, କେବେ ବା ତଳେ ମୁଷ୍ଟ୍ୟାଘାତ କରି ନାନା ଅଭିନୟ କରିବାକୁ ଲାଗିଲେ । ବିଶେଷତଃ ହନୁମାନର ଯୁଦ୍ଧ ପଢିଲାବେଳେ ସେ ନିଜକୁ ନିଶ୍ଚୟ ହନୁମାନ ଜ୍ଞାନ କରୁଥାଆନ୍ତି । ହନୁମାନ ସଙ୍ଗରେ ତାଙ୍କର ଆକୃତିଗତ ସୌସାଦୃଶ୍ୟ ମଧ୍ୟ ଅନେକ ପରିମାଣରେ ଥିଲା । କେବଳ ଗୋଟିଏ ଲାଙ୍ଗୁଳର ଅଭାବ । ବିଧାତା ତେତିକି ପୂର୍ଣ୍ଣ କରିଥିଲେ ସେ ହନୁମାନର ଉପଯୁକ୍ତ ବଂଶଧର ହୋଇଥାଆନ୍ତେ ।

ଏଣେ ସ୍ତ୍ରୀମହଲର ଖୋସଗଳ୍ପ କ୍ରମଶଃ ଗଣ୍ଡଗୋଳରେ ପରିଣତ ହେଲା । ଭଜୁ ପଡିଆରୀ ବିରକ୍ତ ହୋଇ କହିଲା—"ମାଇପେଗୁଡ଼ାକ ପୋଥି ଶୁଣିବାକୁ ଆସନ୍ତି ନା ଗପ କରିବାକୁ ଆସନ୍ତି ? ଏଗୁଡ଼ାକର ସ୍ୱଭାବ ଏହିପରି ।" ତହୁଁ ଶୁକୁଟୀ ଭଣ୍ଡାରୁଣୀ କହିଲା, "ମାଇପେ ଏକା ବଜାର ବଜାର ବୁଲନ୍ତି ଖାଲି, ମିଣିପେଗୁଡ଼ାକ ଭଲ, ସେ ତାଙ୍କ ପାଟି ସିଇଁଦେଇ ଥାଆନ୍ତି ।"

ଭଜୁ—ତମେ ବି ଶୁଣିବ ନାହିଁ, କି ଆଉ କାହାକୁ ଶୁଣେଇ ଦେବ ନାହିଁ । କହିଲେ ଏତେ ଚଳିଛ କାହିଁକି ?

ଶୁକୁଟୀ—କି, ଆମେ କଅଣ ଶୁଣୁନାହୁଁ, ତମେ ଏକା ଶୁଣୁଛ ?

ଭଜୁ—ଆଚ୍ଛା, କି କଥା ପଢିଲେ କହିଲୁ ଭଲା ?

ଶୁକୁଟୀ—କହିବ ? ବିଭୀଷଣ ଲକ୍ଷ୍ମଣଙ୍କୁ ନେଇ ଇନ୍ଦ୍ରଜିତର ଯାଗ ଭାଙ୍ଗିବାକୁ ଯାଉଛନ୍ତି ।

ଭଜୁ—ଆରେ, ଚୁଆରଅଣୀ ଭଣ୍ଡାରୁଣୀ କହିଲା ତ ରେ ।

ଶୁକୁଟୀ—ଗପ କଲୁ ବୋଲି ଆମେ କି ଆଉ ଶୁଣୁନାହୁଁ ? ଆମେ ମାଇପି ଲୋକେ ତୁଣ୍ଡ ବନ୍ଦ କରି ରହିପାରୁ ନାହିଁ । କଥା କହୁ ତଥା ବି ଶୁଣୁ, ଗୀତ ବି ଶୁଣୁ । ଆମେ କଥା ଭିତରେ ସବୁ କରିପାରୁ । ବିଧାତା ଆମ ମାଇପି ଜାତିକି ସେ କଳା ଦେଇଛି ।

ଭଜୁ—ସେ କଳା ଦେଇଛି ? ଆଚ୍ଛା କହନି, ଏହାପରେ ଆଉ କି ଚରିତ ପଢିବ, ତେବେ ଜାଣିମା ତମେ କଳାବନ୍ତୀ ।

ଶୁକୁଟୀ—ଏହାପରେ ଲକ୍ଷ୍ମଣଙ୍କୁ ରାବଣ ଆସି ଶକ୍ତିଶେଳ ବାନ୍ଧିବ । ମୁଁ ଜାଣେନାହିଁ, ଏ ସବୁ ବେଶି ଜାଣନ୍ତି । ଶୁକୁଟୀ ଭଣ୍ଡାରୁଣୀକି କେଉଁ ଶାସ୍ତ୍ର ଅଛପା, ହାବ ନି କାହାକୁ, କିଏ ଏତେ ଜାଣିବାର ପରଖ ନବା ।

ପୁରାଣପଣ୍ଡା—ରେ ଭଜୁଆ, ତୁ ତାକୁ କଥାରେ ପାରିବୁ ନା । ପାଠ ଚାଲିଛି ପରା—"ନାରାଣାଂ ନାପିତୋ ଧୂର୍ତ୍ତଃ ।"

ଭଜୁ—ହଉ ଗୋସାଇଁ ମହାପ୍ରଭୁ, ମୋର ପକ୍ଷେ ହାର ହେଲା, ତମେ ପୋଥି ପଢ ।

ପୁରାଣପଣ୍ଡା—ନା, ଆଜି ଏତିକି ଥାଉ । ସପ୍ତର୍ଷି କେତେ ଉପରକୁ ଉଠିଗଲେଣି, ଆଜି ରାତି ଭୋର ହେଲାଣି ।

ବ୍ରାହ୍ମଣ ଏହା କହି "ଭୀମସ୍ୟାପି ରଣେ ଭଙ୍ଗଃ" ଉଚ୍ଚାରଣ ପୂର୍ବକ ପୋଥିରେ ଡୋର ବାନ୍ଧିଲେ । ତହୁଁ ପୁନଶ୍ଚ ହରିବୋଲ, ହୁଳାହୁଳୀ ଏବଂ ଶଙ୍ଖଶବ୍ଦ ପୁଥୁଳରେ ଉଠି ନୈଶ ମାରୁତକୁ ମୁଖରିତ କଲା । ସଭା ଭଙ୍ଗ ହେଲା । ସମସ୍ତେ ଗୃହାଭିମୁଖରେ ପ୍ରସ୍ଥାନ କଲେ । କେବଳ ରାମ, ହରି, ଗୋପାଳ ପ୍ରଭୃତି କେତେଜଣ ବସି ରହି ନାନା ପ୍ରକାର ଗଳ୍ପ କରିବାକୁ ଲାଗିଲେ ।

ରାମ—ଆମ ଗାଁରେ କେତେ ଗହଳଚହଳ ଲାଗିଥିଲା । ସିଦ୍ଧ ବାବାଜି ଚାଲିଗଲେ ସବୁ ଶୂନଶାନ ପଡ଼ିଯିବ, ଗାଁଟା ଖାଁ ଖାଁ ଗୋଡ଼େଇବ ।

ହରି—ବାବାଜିଙ୍କ ଯିବାଦିନ ଗୋଟେ ମଉଛବ କଲେ ଭଲ ହୁଅନ୍ତା, ଦଶ ଜଣ ମୁହଁ ଧୁଅନ୍ତେ ।

ଗୋପାଳ—ନା, ତାହା ହୋଇପାରିବ ନାହିଁ । କାଲି ସାଆନ୍ତେ ପଚାରିଥିଲେ; ମାତ୍ର ବାବାଜି ମନା କଲେ । କହିଲେ, ମୁଁ କେବେ ଯିବି, କହିପାରୁ ନାହିଁ । ବାବାଙ୍କର ହୁକୁମ ଏହିକ୍ଷଣି ହେଲେ ଆଉ ଦଣ୍ଡେ ରହି-ପାରିବ ନାହିଁ ।

ରାମ—କେତେ ଲୋକଙ୍କୁ ସେ ଭଲ କଲେ ! ଯାହାର ଟିକିଏ ପେଟ ଟାଣିଲା, ସେ ତାଙ୍କ ପାଖକୁ ଧାଇଁ ଯାଇଁ ବିଭୂତି ଟିକିଏ ଖାଇ ଆସିଲା, ସାଙ୍ଗେ ସାଙ୍ଗେ ପେଟଟଣା ଠୁକ୍ କରି ବନ୍ଦ ହୋଇଗଲା ।

ହରି—ମୋର ତେଢ଼େବଡ଼ ମୁଣ୍ଡବଥା ଭଲ କରିଦେଲେ । ସେ ଯେଉଁ ବିଭୂତି ଦେଲେ, ତାହା ଟିକିଏ ପାଉଁଶିଆ ବାସେ; ମାତ୍ର ମିଠା ଲାଗେ । ସବୁ ତାଙ୍କ ମହିମା, ନ ହେଲେ କି ପାଉଁଶ ମିଠା ଲାଗନ୍ତା ?

ଗୋପାଳ—ଭାଇ, ମୋ ପେଟବଥା ରୋଗ ଆଉ ନାହିଁ, ସତେ ସେ ଜଣେ ମହାପୁରୁଷ । ଆମ ଭାଗ୍ୟରେ ଥିଲେ ଯିବାବେଳେ ତାଙ୍କ ଚରଣ ଦର୍ଶନ ଘଟିବ, ନ ହେଲେ ନାହିଁ ।

ରାମ—ମହାପୁରୁଷ ନୁହନ୍ତି କଅଣ ? ଯେ ଭଲ ନ ହେବ, ତାକୁ ତ ସଫା କହିଦେଲେ ଯେ, ତୁ ପୂର୍ବ ଜନ୍ମରେ ଅମୁକ ପାପ କରିଛୁ, ଏ ଜନ୍ମରେ ତାହା ଖଣ୍ଡନ ହେବନାହିଁ ।

ହରି—ତାଙ୍କ ଯାଗକୁଣ୍ଡରୁ ବିଭୂତି ଆଣି ରଖିବା । ଘର୍‌କରିଥାଇ, କେତେବେଳେ କାହାକୁ କଅଣ ହେବ। କିଛି କିଛି ରଖିବା ଭଲ ।

ଗୋପାଳ ବୁଝ୍ , ସେ ହାତରେ ଛୁଇଁ ନ ଦେଲେ ତାହା କାଟିବ କି ? ତୁ ଜାଣୁ କି ଖାଲି ପାଉଁଶରେ ରୋଗ ଭଲ ହୋଇଯାଉଛି ? ନାରେ, ସେ ମହାତ୍ମାଙ୍କ ହାତର ମହିମା ।

ରାମ—ରାତି ହୋଇ ଗଲାଣି, ଚାଲ ଏବେ ଖାଇ-କରି ଶୋଇବା । ତହୁଁ ସମସ୍ତେ ଉଠି ସ୍ୱ ସ୍ୱ ଗୃହାଭି-ମୁଖରେ ଗମନ କଲେ ।

# ନବମ ପରିଚ୍ଛେଦ

କାଲି ସୁନାଘାଇ ପର୍ବତରେ ସୀତାକୁଣ୍ଡ ଯାତ୍ରା । ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ଏହି ଯାତ୍ରା ହୁଏ । ସେ ଦିନ ବହୁ ଯାତ୍ରୀ ସୀତାକୁଣ୍ଡରେ ସ୍ନାନ କରନ୍ତି । ସୁନାଘାଇର ଅପର ନାମ ଚକ୍ରତୀର୍ଥ ପର୍ବତ । ଏହି ନାମ ସାଧାରଣରେ ପରିଚିତ । ଚକ୍ରତୀର୍ଥ ନାମ ସମ୍ବନ୍ଧରେ ଏହିରୂପ କିମ୍ବଦନ୍ତୀ ଅଛି ଯେ, ବନବାସ କାଳରେ ରାମଚନ୍ଦ୍ର ଏହି ପର୍ବତରେ କିଛିଦିନ ଅବସ୍ଥାନ କରିଥିଲେ । ସେତେବେଳେ ପର୍ବତରେ ଜଳର ଅଭାବ ଥିଲା । ଏହି ଅଭାବ ମୋଚନ ସକାଶେ ଚକ୍ର-ଅସ୍ତ୍ରଦ୍ୱାରା ଖଣ୍ଡିଏ ପଥର ଉଠାଇ ଦେଇ ଝରଣା ଆବିଷ୍କାର କଲେ । ସେହି ଦିନଠାରୁ ପର୍ବତର ନାମ ଚକ୍ରତୀର୍ଥ ହେଲା । ଯାତ୍ରୀମାନେ ସେହି ଝର ଜଳରେ ସ୍ନାନକରି ନିଜକୁ ପବିତ୍ର ଜ୍ଞାନ କରନ୍ତି । ଏହି କିମ୍ବଦନ୍ତୀରେ ଐତିହାସିକ ସତ୍ୟତା କି ପରିମାଣରେ ନିହିତ, ତାହା ଐତିହାସିକମାନଙ୍କର ବିଚାର୍ଯ୍ୟ । ଯାତ୍ରାକୁ ଯିବା ସକାଶେ ସମସ୍ତଙ୍କ ମନରେ ଗୋଟାଏ ଉତ୍କଣ୍ଠା ଏବଂ ଆନନ୍ଦ ଖେଳିଯାଉଛି । ସେହି ଅଧୀର ଉତ୍କଣ୍ଠା ଅନେକଙ୍କ ପକ୍ଷରେ ଅସହ୍ୟ ହେଉଅଛି । କିପରି ଆଜି ଦିନଟା ଗତ ହେବ, ସେମାନେ ଏହି ପ୍ରତୀକ୍ଷାରେ ଅଛନ୍ତି । କେତେବେଳେ ସୂର୍ଯ୍ୟ ଅସ୍ତ ହେବ ବୋଲି କେହି କେହି ପଶ୍ଚିମଦିଗକୁ ଚାହିଁ ବସିଅଛନ୍ତି । ବୋଧହୁଏ କ୍ଷମତା ଥିଲେ ସେମାନେ ସମୟକୁ ଠେଲି ଦେଇ ଅଳ୍ପ କରିଦିଅନ୍ତେ । ଉତ୍ସବର ପୂର୍ବ ଦିନକୁ ସମସ୍ତେ ହ୍ରସ୍ୱ କାମନା କରନ୍ତି; ମାତ୍ର ସେ ଦିନଟା ସବୁ-ଠାରୁ ଦୀର୍ଘ ବୋଧହୁଏ । କେହି କେହି ଦୀର୍ଘ ଦିନକୁ

ଅଭିଶାପ ପ୍ରଦାନ କଲେ । ସେମାନଙ୍କ ମତରେ ଦିନ ଦ୍ୱିପ୍ରହରବେଳେ ସନ୍ଧ୍ୟା ହୋଇଗଲେ ଠିକ୍ ହୁଅନ୍ତା; ମାତ୍ର ତାହା ହେଲା ନାହିଁ । ଯେହେତୁ ସେରୁପ ହେବା ପ୍ରକୃତିର ନିୟମ ନୁହେଁ । ଇଚ୍ଛା ସଙ୍ଗେ ସଙ୍ଗେ ଯଦି କାର୍ଯ୍ୟ ହୋଇଯାଉଥାଆନ୍ତା, ତେବେ ଆଉ ଚିନ୍ତା କଅଣ ଥିଲା ? ବିଧାତା ତେଣିକି ନ କରି ଉଦ୍‌ବେଗୀ ମନୁଷ୍ୟ ମନରେ ବଡ କଷ୍ଟ ଦିଏ । ସେଥିରେ ବିଧାତାର କଅଣ ବା କ୍ଷତି ହୋଇଥାଆନ୍ତା ? ବରଂ ତାହା ନ କରି ସେ ତାହାର ସୃଷ୍ଟିକୁ ଅସମ୍ପୂର୍ଣ୍ଣତା ଦୋଷରେ ଦୂଷିତ କରି ରଖିଅଛି । ସପ୍ତସମୁଦ୍ରର ଜଳରେ ଧୋଇଲେ ସୁଦ୍ଧା ବିଧାତାର ଏ କଳଙ୍କ କ୍ଷାଳିତ ହେବନାହିଁ । ଏହିପରି ଅନେକ ତ୍ରୁଟି, ବିଚ୍ୟୁତି ଦେଖି ମନେହୁଏ, ବିଧାତାର ବୁଦ୍ଧିବୃତ୍ତି ନିତାନ୍ତ କୁନ୍ଥା—ଅର୍ଥାତ୍ ତାହାର ସୃଷ୍ଟ ମନୁଷ୍ୟର ବୁଦ୍ଧିବୃତ୍ତି ପରି ତୀକ୍ଷ୍ଣ ନୁହେ । ବାସ୍ତବରେ ବିଧାତାଟା କି ଭୁଲାଙ୍ଗାର; ସେ ମନୁଷ୍ୟର ମନମାଫିକ କାର୍ଯ୍ୟ କରିଜାଣେ ନାହିଁ । ମନ ଧରି କାମ କରିବା ବା କଥା କହିବା ଯେ ଗୋଟାଏ ବଶିଷ୍ଟ ଯୋଗ୍ୟତା ଏବଂ ଆତ୍ମୋନ୍ନତିର ଚରମ ପନ୍ଥା, ଏହା ତାହାର ସ୍ଥୂଳ ବୁଦ୍ଧିର ଅଗୋଚର । ଓକିଲ ମୌକିଲର ମନ ଧରି କଥା କହେ—ଅମଲା ହାକିମର ମନ ଧରି କଥା କହେ—ଖାତକ ମହାଜନର ମନ ଧରି କଥା କହେ—ମୋ-ସାହେବ ବଡ଼ ଲୋକର ମନ ଧରି କଥା କହେ – ଶିଷ୍ୟ ଗୁରୁର ମନ ଧରି କଥା କହେ—ବର କନ୍ୟାର ମନ ଧରି କଥା କହେ—ବର୍ତ୍ତମାନ ନୂଆ ଆଇନ ଅନୁସାରେ ଖାଉନ୍ଦ ମୂଲିଆର ମନ ଧରି—ଗୃହସ୍ଥ ଗୃହିଣୀର ମନ ଧରି ଏବଂ ବାବୁ ଗାନ୍ଧୁଣିଆର ମନ ଧରି କଥା କହେ । ଆଖି ଆଗରେ ଏତେ ମହତ୍ ଆଦର୍ଶ ଦେଖି ସୁଦ୍ଧା ଯେ ନ ଶିଖେ, ତାହାପରି ବେକୁବ ଆଉ ଦୁନିଆରେ କିଏ ଅଛି ? ଯେ ମନ ଧରି କଥା କହିବାକୁ ବା କାର୍ଯ୍ୟ କରି-ବାକୁ କୁଣ୍ଠିତ, ତାହା ମସ୍ତକରେ ହରତାଳ, ଧର୍ମଘଟ ଏବଂ ନନ୍‌କୋପରେଶନ ଏହି ତ୍ରିମୂନବଶିଷ୍ଟ ତ୍ରିଶୂଳ ବିଦ୍ଧ ନ ହେବ କାହିଁକି ? ଏ ହେତୁ ଶାସ୍ତ୍ରକାର ଉପଦେଶ ଦେଇଅଛନ୍ତି, 'ଦେଖିବ ଯେମନ୍ତ ଆସ୍ଥିର, କରିବ ତେମନ୍ତ ବିସ୍ଥିର ।' ଶାସ୍ତ୍ର କଥା ଲଙ୍ଘିଦେଲେ ମଧ୍ୟ ଦେଶୀୟ ପ୍ରବାଦ ଅଛି—'ଯେଉଁ ଆଡୁ ପାଣି ଛୁଟିବ, ସେ ଆଡ଼କୁ ଛତା ଧରିବ ।' ବିଧାତା ଉପରେ ତ ନାଲିସ କରିବାର ସ୍ଥାନ ନାହିଁ; ସୁତରାଂ ତାହା କଥା ଛାଡ଼ । ସୂର୍ଯ୍ୟର ଭଲ କି ଅବିମୃଷ୍ୟକାରିତା ! ଆଉ ଟିକିଏ ସକାଳରେ ଅସ୍ତ ହେଲେ ତାହାର ବା କେଉଁ ବଡ଼ପଣ ଊଣା ହୋଇଯାଆନ୍ତା ? ସଂସାରରେ ସୂର୍ଯ୍ୟକାନ୍ତ ପାଇଁ ଜଣେ ହେଲେ ବନ୍ଧୁଘରେ କୁଣିଆ ହେବାକୁ ନାହିଁ କିମ୍ବା ଯାତ୍ରା ଥିଏଟର ଦେଖିଯିବାକୁ ନାହିଁ ଅଥବା ବାଜିଏ ତାସପଶା ଖେଳିବାକୁ ନାହିଁ, ସବୁବେଳେ କର୍ତ୍ତବ୍ୟରେ ବ୍ୟସ୍ତ । ଏ କି କର୍ତ୍ତବ୍ୟ-ନିଷ୍ଠାରେ ବାବା ! ଏତେ ଅରସିକ ମନ୍ତ୍ରୀମଣ୍ଡଳରେ କ୍ୱିଚିତ୍ କେହି ଅଛି ? ଶୁଣ୍ଢୀ ଦୋକାନରେ ସରବତ୍ ଫରବତ୍ ମଦାଏ ପିଇ ଟିକିଏ ସ୍ଫୂର୍ତ୍ତି କରିବା ତ ଦୂରର କଥା ଭୋକ ଶୋଷ ବି ତାହାର ନାହିଁ । ତାହାର ଗୋଡ଼ ହାତ ଟିକିଏ ଢୋଳାବନ୍ଧା କରେ-ନାହିଁ ? କି ପାଷାଣ ଶରୀର ତାର, ସ୍ନେହ ବୈଗ୍ରହ କି ଜରହୁଆର ତ ତାକୁ ଦୂରରୁ ଜୁହାର କରନ୍ତି । ସବୁ ହେବ ପଛେ, ମାତ୍ର ଅରସିକ ହେବା ମହାପାପ । ସେହି ହେତୁ କବି କାଳିଦାସ ବିରକ୍ତ ହୋଇ କହିଅଛନ୍ତି—'ଅରସିକେଷୁ ରସସ୍ୟ ନିବେଦନଂ ଶିରସି ମା ଲିଖ ମା ଲିଖ ମା ଲିଖ ।'

ଯଥାସମୟରେ ସୂର୍ଯ୍ୟ ଅସ୍ତ ହେଲେ—ତହିଁ ପରେ ସନ୍ଧ୍ୟା ହେଲା—ତହିଁ ପରେ ରାତି ହେଲା । ଦେଖୁ ଦେଖୁଁ ରାତି ଦୁଇ ପ୍ରହର ଅତୀତ ହୋଇଗଲା । ବୁଢ଼ୀ ନାଗୁଣୀ ପ୍ରାୟ ନିସ୍ତବ୍ଧତା ସାଇଁ ସାଇଁ ସ୍ୱରରେ ଗର୍ଜି ଉଠିଲା । ଏଥିପୂର୍ବରୁ ବାବାଜିଙ୍କ ଭକ୍ତ ସେବକମାନେ ବିଦାୟ ନେଇଥିଲେ । ବାବାଜିଙ୍କ ସଙ୍ଗୀ ଛଅଜଣଯାକ ନିଜ ନିଜ ପର୍ଣ୍ଣକୁଟୀରରେ ନିଦ୍ରା-ମଗ୍ନ । ସ୍ୱପ୍ନଦେବୀଙ୍କ ଅନୁଗ୍ରହରୁ କେହି ହସିଉଠୁଅଛି—କେହି କ୍ରୁଦ୍ଧ ମର୍କଟ ପ୍ରାୟ ଦାନ୍ତ କଡ଼ମଡ଼ କରୁଅଛି—କେହି ଅସ୍ପଷ୍ଟ ସ୍ୱରରେ କଅଣ ଗୋଟାଏ ବକିହେଉଅଛି ଏବଂ କେହିବା କୁମ୍ଭକର୍ଣ୍ଣ ପରି ନୀରବ ନିସ୍ପନ୍ଦ ହୋଇ ଶଯ୍ୟାରେ ପଡିରହିଅଛି, ତାହାର ପିଣ୍ଡରେ ପ୍ରାଣ ଅଛି କି ନାହିଁ, ସହଜ ଦୃଷ୍ଟିରେ ବାରି ହେଉନାହିଁ । ନିଦ୍ରା ଆଉ ମୃତ୍ୟୁ ମଧ୍ୟରେ

ପ୍ରଭେଦ କଅଣ ? ପ୍ରଭେଦ କେବଳ ଏତିକି ଯେ, ନିଦ୍ରିତ ପ୍ରାଣୀ ନିଦ୍ରାଭଙ୍ଗ ପରେ ଉଠେ; ମାତ୍ର ମୃତ ପ୍ରାଣୀ ଆଉ ଉଠେନାହିଁ । ମହାନିଦ୍ରା ଅର୍ଥାତ୍ ଅଭଙ୍ଗ ନିଦ୍ରାହିଁ ମୃତ୍ୟୁ । ପ୍ରକୃତିଦେବୀ ନିଦ୍ରିତ ଜୀବନର ସତର୍କ ପ୍ରହରୀ । ମାତ୍ର ମୃତର ପ୍ରହରୀ କେହି ନାହିଁ । ସେ ଯାହାହେଉ ବାବାଜି ସେହି ନିଶୀଥ ସମୟରେ ସମାଧିମଗ୍ନ ପରି ବସିଅଛନ୍ତି । ମଧୁ ତାଙ୍କ ପଦତଳେ ବସି ଖଣ୍ଡେ ପଙ୍ଖା ଧରି ଗୁରୁସେବାରେ ନିଯୁକ୍ତ ଅଛି । ବାବାଜିଙ୍କ ଦୃଷ୍ଟି ଚିନ୍ତାରେ ଗମ୍ଭୀର, ଯେମନ୍ତ କି ସେ କି ଏକ ଜଟିଳ ସମସ୍ୟାର ସମାଧାନରେ ଆକଣ୍ଠ ବୁଡି ଅଛନ୍ତି । ଏହିପରି ଭାବରେ କେତେ କ୍ଷଣ ଗତ ହେଲା-ପରେ ସେ ମଧୁକୁ କହିଲେ— ମଧୁ, ମୁଁ ଏହିକ୍ଷଣି ଏସ୍ଥାନ ଛାଡି ଚାଲିଯିବି ।

ମଧୁ—କାହିଁକି ମହାପ୍ରଭୁ ? ସତ ପାହିବାଯାଏ ରହିଲେ କି ହେବ ନାହିଁ ?

ବାବାଜି—ନା, ବାବାଙ୍କର ହୁକୁମ, ଏହିକ୍ଷଣି ଯିବାକୁ ହେବ ।

ମଧୁ—ହେଉ ତେବେ, ମୁଁ ବି ତୁମ୍ଭ ସାଙ୍ଗରେ ଯିବି ।

ବାବାଜି—ନା, ନା, ତୁ ମୋ ସାଙ୍ଗରେ ଗଲେ ଜଣା ପଡିଯିବ । କାଲି ସକାଳେ ତୋ ବାପ ଥାନାରେ କହି ମୋତେ ବାନ୍ଧିଅଣିବ ।

ମଧୁ—କାହିଁକି ?

ବାବାଜି—କହିବ, ମୋ ପୁଅକୁ ଫୁସଲେଇ ନେଇଗଲା । ସମସ୍ତେ ବି ସେ କଥାରେ ବିଶ୍ୱାସ କରିବେ ।

ମଧୁ—ତେବେ ମୁଁ କେମିତି ଯିବି ?

ବାବାଜି—ତୁ କାଲି ସକାଳୁ ଉଠି ଯିବୁ । ଆଉ ମୋ କଥା କେହି ପଚାରିଲେ କହିବୁ—'ମୁଁ ଶୋଇ ପଡିଥିଲି, ସେ କେତେବେଳେ ଗଲେ ମୁଁ ଜାଣେ-ନାହିଁ ।'

ମଧୁ—ମୁଁ କେଉଁଠି ତମର ଦେଖା ପାଇବି ?

ବାବାଜି—ତୁ ଚନ୍ଦ୍ରନାଥ ଯାଉଛୁ ବୋଲି ଘର-ପାଖରେ କହିଯିବୁ । ତୁ ତ ଚନ୍ଦ୍ରନାଥ ଦେଖିଛୁ, ସୀତାକୁଣ୍ଡ ବି ଦେଖିଛୁ । ସୀତାକୁଣ୍ଡରୁ ଯେଉଁ ନଈ ବାହାରିଛି, ତା ଦୁଇ ପାଖରେ ଭାରି ଅଙ୍ଗାଳ ବଣ । ସେହି ବଣ ଭିତରେ ମୁଁ ଲୁଚିଥିବି । ମୋର ବଂଶୀ-ଶୁଣିଲେ ତୁ ମୋପାଖକୁ ଚାଲିଯିବୁ, ମୁଁ ସେଇଠାରୁ ତୋତେ ନେଇଯିବି । ବଣଭିତରକୁ ଯିବାବେଳେ ଖୁବ୍ ସାବଧାନରେ ଯିବୁ, ଯେପରି କେହି ନ ଦେଖେ । ଯଦି କେହି ଦେଖି ପଚାରେ, ତେବେ ପୋଖରୀପାଣି ଯାଉଛି ବୋଲି କହିବୁ । ଖବରଦାର ଡରିବୁନାହିଁ । ମୁଁ ସୀତାକୁଣ୍ଡ ପାଖରୁ ଦଶପନ୍ଦର ହାତ ଦୂରରେ ଥିବି । ବଣ ବୋଲି ଯାତ୍ରୀମାନେ ସେ ଆଡ଼କୁ କେହି ଯାଆନ୍ତି ନାହିଁ ।

ମଧୁ—ତମେ ମୋତେ ବହିଲେଇ ଦେଇ ଚାଲିଯିବ । ନା, ମୁଁ ତମ ସାଙ୍ଗରେ ଯିବି । ତମକୁ ଛାଡିଲେ ଆଉ ପାଇବି ନାହିଁ । ଏହା କହି ମଧୁ କାନ୍ଦିବାକୁ ଲାଗିଲା ।

ତହୁଁ ବାବାଜି ତାହାର ଲୁହ ପୋଛିଦେଇ ସାକୁଲି ସାକୁଲି କରି କହିଲେ—ନା, ବାପା, କାନ୍ଦନା, ମୁଁ ସତ କହୁଛି ତୋତେ ନେଇଯିବି—କେବେ ଛାଡିଯିବି ନାହିଁ । ମୋ କଥା ସତ କି ମିଛ, ତାହା ତୁ ବଳେ ଜାଣିଛୁ ନାହିଁ କି ।

ମଧୁ—ସତ କହୁଛ ?

ବାବାଜି—ମୋର ମିଛ କହିବା କି ତୁ କେବେ ହେଲେ ଶୁଣିଛୁ ?

ମଧୁ—ନା ।

ବାବାଜି—ତେବେ କାହିଁକି ପରତେ କରୁ-ନାହୁଁ ?

ମଧୁ—ଆଜ୍ଞା, ତମେ ପୈତାଗଣ୍ଠି ଛୁଇଁ କୁହନ୍ତୁ । ବାବାଜି ଈଷତ୍ ହାସ୍ୟ କରି ମଧୁ ମୁଣ୍ଡରେ ସ୍ନେହର ହାତ ବୁଲାଇ କହିଲେ—'ହେଉ ତେବେ, ଏହି ପୈତା-ଗଣ୍ଠି ଛୁଇଁ ନିୟମ କରୁଛି—ତୋତେ ଯେବେ ଭଣ୍ଡାଉଥିବି, ତେବେ ମୋର ମୂର୍ଦ୍ଧା ଫାଟିଯିବ । ଏବେ ହେଲା ତ ?'

ମଧୁ—ମୋ ରାଣ ପକାଇ ଆଉ ଥରେ କୁହନ୍ତୁ ।

ବାବାଜି—ଦୁର ପାଗଳ, ସେତିକି ତୁହିଁ କହିଲେ ହେଲ୍‌ନାହିଁ, ତୋ ରାଣ ପକାଇଲେ ଯାଇଁ ହେବ । ହେଉ ପଛେ, ତୋ ରାଣ ପକାଇ କହୁଛି—ନିଶ୍ଚୟ ତୋତେ ନେଇଯିବି ।

ଏଥର ମଧୁ ମୁହଁରେ ବିଶ୍ୱାସର ମଧୁହାସ୍ୟ ଦେଖାଗଲା । ତାହାର ହୃଦୟ-କାସାରରେ ଆଶାର ସହସ୍ର ଶତଦଳ ଫୁଟିଉଠିଲା—ନେତ୍ରଦ୍ୱୟ ସାଫଲ୍ୟରେ ମଣ୍ଡିତ ହେଲାପ୍ରାୟ ଦୀପ୍ତ ହୋଇଉଠିଲା । ସେ ଆଉ ବାକ୍ୟବ୍ୟୟ ନ କରି ବାବାଜିଙ୍କ ପଦମୂଳରେ ସାଷ୍ଟାଙ୍ଗ ପ୍ରଣତିପୂର୍ବକ ଆନନ୍ଦରେ ଗୃହକୁ ପ୍ରସ୍ଥାନକଲା । ସାମନ୍ତଙ୍କ ଗୃହ ସେଠାରୁ ଦୂର ନୁହେଁ—ପ୍ରାୟ ୨୫।୩୦ ହାତ ବ୍ୟବଧାନ ହେବ । ଗ୍ରାମର ଅନେକ ଲୋକ ଆସି ରାତରେ ସାମନ୍ତଙ୍କ ଦାଣ୍ଡ ବଙ୍ଗଳାରେ ଶୟନ କରନ୍ତି । ମଧୁ ଯାଇ ସେମାନଙ୍କ ପାଖରେ ଶୋଇପଡିଲା । ଏଣେ ବାବାଜି ସଙ୍ଗୀମାନଙ୍କ ସମଭିବ୍ୟାହାରରେ ରାତି ଥାଉଁ ଥାଉଁ ଅନ୍ତର୍ହିତ ହେଲେ ।

ଧନ୍ୟ ପ୍ରଲୋଭନ ! ଶତ ଧନ୍ୟ ତୋର ସମ୍ମୋହନ ମନ୍ତ୍ର ! ଅଜ୍ଞାନ ବାଳକ ଆଜି ତୋର କପଟ ଆହ୍ୱାନରେ ଗୃହତ୍ୟାଗୀ ହେବାକୁ ବସିଅଛି । ମାୟାବୀ କିରାତର ବଂଶୀଧ୍ୱନି ଶୁଣି ଧ୍ୱନିପ୍ରିୟ କୁରଙ୍ଗ କି କେବେ ଅଳସ ଭାବରେ ରହିପାରେ ? ଘରର ମାୟା ଛଡ଼ାଇ, ପିତୃସ୍ନେହର ଅମୃତ ମାଧୁରୀ ଛଡ଼ାଇ, ଜନ୍ମଭୂମିର ଅତୁଳ ସୁଖାମୋଦ ଛଡ଼ାଇ ନିରୀହ ବାଳକଟିକୁ ତୁ କେଉଁ ସୁଦୂର ଅଜ୍ଞାତ ରାଜ୍ୟ ଆଡ଼କୁ ଘେନିଯାଉଅଛୁ ? ହାୟ, ମୃଗତୃଷ୍ଣା ପଛରେ ଆଶାୟୀ ମୃଗ ଧାଇଁଲା ପ୍ରାୟ ଆଶାମୁଗ୍ଧ ବାଳକ ତୋ ପଛରେ ଧାଇଁଅଛି । କି ଅପୂର୍ବ କମନୀୟ ଛବି ତୁ ତାହା ଆଗରେ ଧରିଅଛୁ, ତାହା ଦେଖି ସେ ମୁଗ୍ଧ ଏବଂ ଭ୍ରମନ୍ତ । ସେ ଗୋଟିଏ ଆକାଙ୍କ୍ଷାର ଭାର ହୃଦୟରେ ବହନ କରି ନିଜର ପରିଣାମ ପାଶୋରି ଏକ ଧ୍ୟାନରେ ଧ୍ୱଂସପଥର ଯାତ୍ରୀ ହେବାକୁ ବସିଅଛି । ଅଭୋଳ ବାଳକକୁ ଏରୂପ ହଟହଟା କରି ତୋର କି ଉଦ୍ଦେଶ୍ୟ ସିଦ୍ଧ ହେବ ବା କି ଆନନ୍ଦ ଲାଭ ହେବ, ତାହା ତୁହି ଏକା ଜାଣୁ । ଯେଉଁ ଅତୁଳ ସମ୍ପଦ ଗର୍ଭକୁ ତାକୁ ଠେଲି ଦେଇଅଛୁ, ତାହା ସନ୍ତରି ପାରି ହେବାର ଶକ୍ତି ତାହାର ଅଛି ତ ? ଯେଉଁ ସ୍ୱର୍ଣ୍ଣଶିକୁଳି ତାହା ହାତରେ ଦେଇଅଛୁ, ତାହାର ଦାହିକା ଶକ୍ତି ସେ ସହିପାରିବ ତ ? ରେ ପାପିଷ୍ଠ ନରାଧମ ଭଣ୍ଡ ସାଧୁ, ତୁ ତୁଚ୍ଛ ସ୍ୱାର୍ଥ ମୋହରେ ବାଳକଟିକୁ ଯେଉଁ ଦୁର୍ବିସହ ଦୁଃଖ ଦେବାକୁ ଉଦ୍ୟତ ହୋଇଅଛୁ, ସହସ୍ର ସାରସ୍ୱତ ତୁଣ୍ଡ ସେ ଦୁଃଖ ବର୍ଣ୍ଣନା କରିବାକୁ ଏକାନ୍ତ ଅକ୍ଷମ । କେବଳ 'ଆହା ଆହା ଆହା' ସେ ଦୁଃଖର ଏକମାତ୍ର ବର୍ଣ୍ଣନା । ଜାଣି ଜାଣି ଗୋଟିଏ ମହାପ୍ରାଣୀର ଜୀବନ ବିଷମୟ କରୁଅଛୁ, ଏହା କି ଧର୍ମ ସହିବ ? ନାରକି, ମହାନରକରେ ସୁଦ୍ଧା ତୋ ପାପର ପ୍ରାୟଶ୍ଚିତ୍ତ ନାହିଁ । ବାଳକର ନେତ୍ରରୁ ଯେଉଁ ଅଶ୍ରୁପାତ ହେବ, ତାହା ଅଶ୍ରୁ ନୁହେ—ତରଳ ଅନଳ । ସେହି ଅଗ୍ନିରେ ତୁ ଭସ୍ମୀଭୂତ ହେବୁ । ଅଯତ୍ନସୁଲଭ ବନ୍ୟଶାକ, ଫଳ ମୂଳରେ ସୁଦ୍ଧା ଉଦର ପୂର୍ତ୍ତି ହୁଏ; ରେ ମୂଢ଼ ସେହି ଦଗ୍ଧୋଦର ସକାଶେ ଏ ମହାପାତକ କାହିଁକି ? ତୋର ଏ ଦୁଷ୍କରଣୀ ଶୁଣି ସ୍ୱୟଂ ମୂର୍ତ୍ତିମତୀ ଦୁଷ୍କରଣୀ ସୁଦ୍ଧା ଘୃଣାରେ କର୍ଣ୍ଣ ରୁଦ୍ଧ କରିବ । ତୋର ଭାବୀ ବଂଶଧରମାନେ ତୋର ଏ ମହାପାପ କଦାଚ ସମର୍ଥନ କରିବେ ନାହିଁ—ପ୍ରତ୍ୟୁତଃ ତୋର ଶ୍ମଶାନ-ଭସ୍ମରେ ନିଷ୍ଠୀବନ ନିକ୍ଷେପ କରିବେ । ଧିକ୍ ରେ ନର-ଶ୍ୱାପଦ, ଧିକ୍ ତୋର ପାପ-ପଙ୍କିଳ ଘୃଣ୍ୟ ହୀନ ଜୀବନ, ତାହା ଜୀବନ ନୁହେଁ—ଜୀବନ୍ତ ମରଣ । ତୋର ନାମୋଚ୍ଚାରଣରେ ଜିହ୍ୱା କଳୁଷିତ ହେବ, ଜିହ୍ୱାକୁ ଶତବାର ଅଗ୍ନିଶୁଦ୍ଧ କଲେ ସୁଦ୍ଧା ସେ କଳୁଷମୁକ୍ତ ହେବ ନାହିଁ । ପିଶାଚ, ତୋର ପରମାୟୁ ଘେନି ବରଂ ଦୁର୍ଜନର ବଞ୍ଚିରହିବା ବାଞ୍ଛନୀୟ; ମାତ୍ର ତୋର ଦଗ୍ଧଜୀବନ ମୁହୂର୍ତ୍ତେ ବାଞ୍ଛନୀୟ ନୁହେ । ମା ବସୁଧା, ତୁମ୍ଭେ ଏ ପାପର ଭାର ସହିବ ତ ? ତୁମ୍ଭେ ସର୍ବଂସହା, ସୁତରାଂ ସହିପାର; ମାତ୍ର ମାନବ ପ୍ରାଣ ଏହା କଦାଚ ସହିପାରିବ ନାହିଁ । ମା, ତୁମ୍ଭେ ଦ୍ୱିଧା ହୁଅ—ଏ ପାପୀକୁ ଗ୍ରାସକର । ହାୟ, ଏ ପାପୀର ଜୀବନ୍ତ ଦେହ କୁକୁରକୁ ଭକ୍ଷଣ କରାଇବାକୁ କି କେହି ନାହିଁ !!

# ଦଶମ ପରିଚ୍ଛେଦ

ପହିଲୁ ରଜ ଅର୍ଥାତ୍ ସାମନ୍ତବନ୍ଦ ସ୍ତରରେ ସାମନ୍ତଙ୍କ ସ୍ତ୍ରୀବଧୂ ଶକୁନ୍ତଳାର ଆଖି ବନ୍ଦ ହୋଇନାହିଁ । ସେ ଦିନ ରାତି ଅନିଦ୍ରା ହୋଇ ନାନା କାର୍ଯ୍ୟରେ ବ୍ୟସ୍ତ । ରାତି ପାହିଲେ ଶ୍ୱଶୁର, ସ୍ୱାମୀ, ଦେବର ଏବଂ ଦାସଦାସୀ ମଧ୍ୟରୁ କେହି କେହି ତୀର୍ଥଯାତ୍ରୀ ସ୍ନାନକୁ ଯିବେ । ସେମାନଙ୍କ ସକାଶେ ଜଳଖିଆ ପ୍ରସ୍ତୁତରେ ସେ ଲାଗିଅଛି । ଚୂନାକୁଟା, ବରବଟା, ପିଠାକରା, ପାନଭଙ୍ଗା ପ୍ରଭୃତିରେ ତାହାର ଅବସର ନାହିଁ; ସେ ସ୍ୱହସ୍ତରେ ଏହିସବୁ କାର୍ଯ୍ୟ କରିବାକୁ ଢେର୍ ସୁଖ ପାଏ । ସେ କାଳର ସ୍ତ୍ରୀମାନେ ଶାଶୁ, ଶ୍ୱଶୁର, ସ୍ୱାମୀ, ଗୁରୁଜନମାନଙ୍କୁ ସ୍ୱହସ୍ତ-ପାକରେ ଖୁଆଇ ବିଶେଷ ଆନନ୍ଦ ଉପଭୋଗ କରୁଥିଲେ । ଏତିକି କରି ପାରିଲେ ସେମାନେ ଜୀବନକୁ ଧନ୍ୟ ଏବଂ କୃତାର୍ଥ ମଣୁଥିଲେ । ଖାଇବାରେ ଆନନ୍ଦ ନୁହେଁ—ଖୁଆଇବାରେ ଆନନ୍ଦ, ଏହା ସେମାନଙ୍କର ପ୍ରକୃତିଗତ ଧାରଣା ଥିଲା । ଶ୍ୱଶୁର ଗୁରୁ, ସ୍ୱାମୀ ଦେବତା; ସେମାନଙ୍କୁ ସେବା କରି ନାରୀଜନ୍ମ ସାର୍ଥକ ମଣୁଥିଲେ । ଏହି କାର୍ଯ୍ୟକୁ ସେମାନେ ନାରୀର କର୍ତ୍ତବ୍ୟ ଏବଂ ପୁଣ୍ୟକାର୍ଯ୍ୟ ମଧ୍ୟରେ ଗଣନା କରୁଥିଲେ । ଗୁରୁଜନମାନଙ୍କର ପାଦୋଦକ ପାନ ନ କରି ଜଳ ଗ୍ରହଣ କରୁ ନ ଥିଲେ । ରନ୍ଧାବଢା ସ୍ତ୍ରୀମାନଙ୍କର ପ୍ରଧାନ ଯୋଗ୍ୟତା । ଏହି ଯୋଗ୍ୟତା ହେତୁ ସେମାନେ ସମାଜରେ ପ୍ରଶଂସିତ ହେଉଥିଲେ । ଅଭିଷେକ ଶେଷରେ ସୀତା ସ୍ୱହସ୍ତରେ ପାକ କରି ସମସ୍ତଙ୍କୁ ପରିବେଷଣ କରିବା କଥା ରାମାୟଣ ପାଠକମାନଙ୍କୁ ଅବିଦିତ ନାହିଁ । ବନବାସ କାଳରେ ପାଣ୍ଡବ ମହର୍ଷୀ ଦ୍ରୌପଦୀ ସ୍ୱହସ୍ତରେ ପାକ କରି ଅତିଥିସତ୍କାର କରୁଥିଲେ । କିନ୍ତୁ ବର୍ତ୍ତମାନ ସେ ପୁରୁଣା ଆଇନ୍ ରଦ୍ ହୋଇ ଅଭିନବ ଆଇନ ଜାରି ହୋଇଅଛି । ନୂତନ ଆଇନର ଧାରା-ଗୁଡ଼ାକ ବଡ଼ ଅଦ୍ଭୁତ ଏବଂ ମାରାତ୍ମକ । ଏ କଦର୍ଯ୍ୟ ଆଇନ ଏକାଳର ନବଶିକ୍ଷିତ ଏବଂ ନବଶିକ୍ଷିତା-ମାନଙ୍କର ଜୀବନସମ୍ବଳ ହୋଇଅଛି । ଏ କାଳର ଶିକ୍ଷିତାଭିମାନିନୀ ନାରୀମାନେ ରାନ୍ଧି ପରଷିବା ଦୂରରେ ଥାଉ, ନିଜର ପିନ୍ଧିବା ଲୁଗାଖଣ୍ଡି ଧୋଇ ଶୁଖାଇବାକୁ ଏକାନ୍ତ ଲଜ୍ଜାକର ମଣନ୍ତି । କଥାକଥାକେ ଅଭିମାନ, କଥାକଥାକେ ଅଭିରୁଷା, କଥାକଥାକେ ଅଶ୍ରୁମାଳା ଗୁନ୍ଥିବା ସେମାନଙ୍କର ସଂକ୍ରାମକ ରୋଗ ହୋଇଅଛି । କେବଳ ପୋଷାକ ପରିଚ୍ଛଦର ପାରିପାଟ୍ୟ ପ୍ରଦର୍ଶନ, ସ୍ୱାମୀଙ୍କୁ 'ପ୍ରିୟତମ' ସମ୍ବୋଧନ କରି ପ୍ରେମପତ୍ର ଲେଖନ ଏବଂ ନାଟକ ଉପନ୍ୟାସ ପାଠ ସେମାନଙ୍କର ଯୋଗ୍ୟତାର ଚରମ ଉତ୍କର୍ଷ ହୋଇଅଛି । ରନ୍ଧାବଢା କଲେ ସେମାନଙ୍କ ହରିଣ ନେତ୍ରରେ ଧୂଆଁ ପଶିଯିବ, ପୋଷାକ ମଇଳା ହୋଇଯିବ, ପୁଣି ମାନମହତ୍ତ୍ୱ ନଷ୍ଟ ହୋଇଯିବ ଏବଂ ସ୍ୱାସ୍ଥ୍ୟହାନି ପ୍ରଭୃତି ଆହୁରି କେତେ କଅଣ ହୋଇଯିବ, ଏହି ଆଶଙ୍କାରେ ସେମାନେ ସର୍ବଦା ସତର୍କିତ । କେବଳ ଘରର ଚାକରାଣୀ ବା ଶାଶୁ ନଣନ୍ଦ ଉପରେ ହେମ୍ପୁଟୀଗିରି କରିବାରେ ସେମାନେ ଖୁବ୍ ପ୍ରବୀଣା । ସ୍ୱାମୀମାନେ ସେମାନଙ୍କର ପ୍ରଶ୍ରୟଦାତା । ସେଥିର ଫଳସ୍ୱରୂପ ସ୍ୱାମୀ ବିଚାରା ମାନଭଞ୍ଜନ ଅଭିନୟରେ ଓଷ୍ଠାଗତପ୍ରାଣ । ପନ୍ଦର କୋଡ଼ିଏ ଟଙ୍କାର ଖଣ୍ଡିଏ ଚାକିରି ପାଇଲେ ସେମାନେ ଗୃହିଣୀଙ୍କ ଫରମାସ ମୁତାବକ ଚାକର ପୂଜାରି ରଖିବାକୁ ବାଧ୍ୟ ହେଉଅଛନ୍ତି । ପୂର୍ବେ ସ୍ୱାମୀଙ୍କୁ ସ୍ତ୍ରୀ ଦେବତା ଜ୍ଞାନ କରୁଥିଲେ । ଏବେ ସେଥିର ଠିକ୍ ବିପରୀତ । ସ୍ତ୍ରୀମାନେ ଇଷ୍ଟଦେବତା ତୁଲ୍ୟ ସିଂହାସନରେ ପୂଜା ପାଉଅଛନ୍ତି । ପୁରୁଷମାନେ ଭର୍ତ୍ତାପଦରୁ ଭୃତ୍ୟପଦକୁ ଉନ୍ନୀତ ହୋଇଅଛନ୍ତି । ବାସ୍ତବରେ ସେମାନେ ସ୍ତ୍ରୀମାନଙ୍କର ଆଜ୍ଞାବହ ଭୃତ୍ୟ ଏବଂ ସ୍ତାବକ । ଏକାଳର ଶିକ୍ଷିତା ସ୍ତ୍ରୀମାନେ ପତ୍ନୀ ନୁହନ୍ତି—ଯଥାର୍ଥରେ ପ୍ରେତ୍ନୀ । ଚକ-ମକି ପଥର ପରି ସେମାନେ ବାହ୍ୟ ଶୀତଳ; ମାତ୍ର ଭିତରେ ଅଗ୍ନିଗର୍ଭ । ନିଜର ସନ୍ତାନପାଳନ ସୁଦ୍ଧା ସେମାନଙ୍କ ପକ୍ଷରେ ଦୁର୍ବହ । ଶିକ୍ଷିତ ସଭ୍ୟ ସ୍ୱାମୀମାନେ ଏଣିକି ସନ୍ତାନ ପ୍ରସବ ଏବଂ ପାଳନର ଭାର ନେଲେ ସେମାନେ ରକ୍ଷା ପାଆନ୍ତେ । ଶିକ୍ଷିତା ସ୍ତ୍ରୀମାନଙ୍କର ଆସୁର ବ୍ୟବହାର ଦେଖି ସ୍ତ୍ରୀ-ଶିକ୍ଷାର ପକ୍ଷପାତୀ

ବ୍ୟକ୍ତିମାନେ ସୁଦ୍ଧା ଇଚ୍ଛାରେ ତଳକୁ ମୁଣ୍ଡ ପୋତିଲେଣି । ଖାଲି ସାବୁନ୍, ଏସେନସ୍ ଏବଂ ସୁବାସତେଲର ଶ୍ରାଦ୍ଧ କଲେ ଶିକ୍ଷିତା ହୁଅନ୍ତି ନାହିଁ । ଯେ ସ୍ତ୍ରୀ ଧର୍ମରେ ପ୍ରବୀଣା, ସେହି ଏକା ଶିକ୍ଷିତା । ଏଥିରୁ ସ୍ତ୍ରୀ ଶିକ୍ଷାର ବିରୋଧୀ ବୋଲି ଆମ୍ଭମାନଙ୍କୁ କେହି ମନେ କରିବେ ନାହିଁ । ପ୍ରକୃତ ପକ୍ଷରେ ଆମ୍ଭେମାନେ ବିରୋଧୀ ନୋହୁଁ । ତେବେ ଆଧୁନିକ ଉଚ୍ଛୃଙ୍ଖଳ ସ୍ତ୍ରୀଶିକ୍ଷାର ବିରୋଧୀ ଏବଂ ଅତିରିକ୍ତ ସ୍ତ୍ରୀ ସ୍ୱାଧୀନତାର ଏକାନ୍ତ ବିରୋଧୀ । ଏରୂପ ସ୍ୱେଚ୍ଛାଚାରପ୍ରସୂତ ସ୍ତ୍ରୀଶିକ୍ଷା ଏ ଦେଶରେ କୌଣସି କାଳରେ ନଥିଲା । ଏହା ଆଧୁନିକ ବଙ୍ଗସମାଜରୁ ଆମଦାନି । ବଙ୍ଗାଳୀମାନେ ସାହେବମାନଙ୍କର ଅନୁକରଣ କରି ଯଥେଷ୍ଟ ଶିକ୍ଷାଲାଭ କରିଅଛନ୍ତି; ମାତ୍ର ଆମ୍ଭମାନଙ୍କର ମୋହମୁଦ୍ରିତ ଚକ୍ଷୁ କେବେ ଫିଟିବ, ତାହା ଭବିତବ୍ୟତାକୁ ଗୋଚର ! ଏତଦ୍ଦ୍ୱାରା ବିଦେଶୀୟ ଶିକ୍ଷା ବା ସଭ୍ୟତା ଉପରେ ଦୋଷାରୋପ କରାଯାଉ ନାହିଁ । ତେବେ ଯେଉଁ ଶିକ୍ଷା ବା ସଭ୍ୟତାର ଅନୁକୃତି ଏ ଦେଶ ବା ସମାଜ ପକ୍ଷରେ ଅନାବଶ୍ୟକ ବା କ୍ଷତିକର, ସେହି ବ୍ୟର୍ଥ ଅନୁକରଣକୁ ପ୍ରଶ୍ରୟ ଦେବା ଆମ୍ଭମାନଙ୍କର ପ୍ରକୃତିର ସମ୍ପୂର୍ଣ୍ଣ ପ୍ରତିକୂଳ । ଆମ୍ଭ ଦେଶର ଅନେକ ଲୋକ ବିଦେଶୀୟମାନଙ୍କର ଆଦର୍ଶ, ଗୁଣ ଅନୁକରଣ ନ କରି କେବଳ ବେଶଭୂଷାର ବାହ୍ୟାନୁକରଣ କରନ୍ତି, ଏହାହିଁ ମର୍ମାନ୍ତିକ କ୍ଷୋଭର ବିଷୟ । ଉଚ୍ଚ ଆଦର୍ଶ ଯେଉଁପରି ଶିକ୍ଷଣୀୟ, ହୀନ ଆଦର୍ଶ ସେହିପରି ବର୍ଜନୀୟ । ସେଥିର ଫଳ ବଡ଼ ବିଷମୟ ହୁଏ । ଆଧୁନିକ ନବାଲୋକପ୍ରାପ୍ତ ଶିକ୍ଷିତା ସ୍ତ୍ରୀସମାଜ ଆଡ଼କୁ ଦୃଷ୍ଟିପାତ କଲେ ଏ ଉକ୍ତିର ସତ୍ୟତା ସ୍ପଷ୍ଟ ପ୍ରମାଣିତ ହେବ । ବରଂ ଅନ୍ଧକାର ଭଲ; ମାତ୍ର ଜ୍ୱାଳାପ୍ରଦ ଆଲୋକର ଆବଶ୍ୟକତା ନାହିଁ । ଯେଉଁ ନାରୀଜାତି ଦେବୀ ଆଖ୍ୟାରେ ଆଖ୍ୟାତ ଥିଲେ, ସେମାନଙ୍କୁ ଦାନବୀ ଉପାଧିରେ ଉପାହିତ କରିବା କାହାର ଅଭିପ୍ରେତ ? ଯେଉଁମାନେ ଏ ଦେଶର ଚିରନ୍ତନ ସଦାଚାର ଉଠାଇ କଦାଚାର ଆନୟନ କରୁଅଛନ୍ତି, ସେମାନେ ଦେଶର ଶତ୍ରୁ, ସମାଜର ଶତ୍ରୁ ଏବଂ ସ୍ୱଜାତିର ପରମଶତ୍ରୁ । ସେମାନଙ୍କଦ୍ୱାରା ବିଶ୍ୱନମସ୍ୟ ଆର୍ଯ୍ୟସମାଜ କ୍ଷତବିକ୍ଷତ ଏବଂ ଅପଦସ୍ଥ ହେଉଅଛି । ସେହି ଦେଶଦ୍ରୋହୀ, ଜାତିଦ୍ରୋହୀ ଏବଂ ସମାଜଦ୍ରୋହୀମାନଙ୍କର ମସ୍ତକଚ୍ଛେଦନ— ହେ ଚକ୍ରଧର, ତୁମ୍ଭର ଚକ୍ର କି କରିବ ନାହିଁ ? ଭାଗ୍ୟ ଅଭିସମ୍ପାତ ଦିନେ ସେମାନଙ୍କର ପ୍ରେତ ଆତ୍ମାକୁ ସୁଦ୍ଧା ଦଗ୍ଧୀଭୂତ କରିବ, ଏହା ବୋଲିବା ଅତ୍ୟୁକ୍ତି ନୁହେଁ । ଦେଶର ସମସ୍ତ ଶିକ୍ଷିତ ଯୁବକ ଯେ ଉଚ୍ଛୃଙ୍ଖଳ, ଏହା କେହି ହଲପ କରି କହିପାରିବ ନାହିଁ । ଦେଶର ଆଶାଭରସା-ସ୍ଥଳ, ଦେଶ ଜାତି ସମାଜବତ୍ସଳ ସ୍ୱଧର୍ମପରାୟଣ ସଦାଚାରୀ ଆଦର୍ଶଶିକ୍ଷିତ ଯୁବକକୁଳ ଏଥିର ବ୍ୟତିରେକ ଉଦାହରଣର ପାତ୍ର ।

ଆଜି ଶକୁନ୍ତଳାର କି ଆନନ୍ଦ—କି ଉତ୍ସାହ ! ସେହି ଆନନ୍ଦ ତାହାର କ୍ଷୁଧା, ତୃଷା ଏବଂ ନିଦ୍ରା ହରି ନେଇଅଛି । ସନ୍ଧ୍ୟାବେଳକୁ ଚୁଲିରେ କରେଇ ବସିଅଛି ଏ ପର୍ଯ୍ୟନ୍ତ ଓହ୍ଲା ହୋଇନାହିଁ । ଆରିଷା, କାକରା ପ୍ରଭୃତି ନାନା ପ୍ରକାର ପିଠା, ନାନା ପ୍ରକାର ଭଜା, ଚଡ଼ଚଡ଼ା ହୋଇ ସାରିଲାଣି । ତିନି ଚାରି ପ୍ରକାର ଚଟଣୀ ମଧ୍ୟ ବଟା ସରିଅଛି । ଯାତ୍ରାକାଳମାନେ ଏ ସମସ୍ତ ପାଥେୟ ସ୍ୱରୂପ ନେଇଯିବେ ଏବଂ ସ୍ନାନ ଶେଷରେ ଉଦରନାମକ ଦେବତାଙ୍କୁ ସମର୍ପଣ କରିବେ । ରାତି ପାହିବାକୁ ଆଉରି ଘଣ୍ଟାଏ ଅଛି, ଏହି ସମୟରେ ରୁପେଇ ବୃକଶୁଣୀ ଆଖି ମଳି ମଳି ଆସି କହିଲା— ବହୁ, ମଣିମା, ତମେ କଅଣ ରାତିରେ ଶୋଇନାହିଁ ? କାଲି ମୋ କପାଳରେ ଢେର ଗାଳି ଅଛି ।

ଶକୁନ୍ତଳା—କାଲୋ, ତୋ କପାଳରେ ଗାଳି ଅଛି କାହିଁକି, କିଏ ଗାଳି ଦବ ?

ରୁପେଇ—କଅଣ କହିବି, ବହୁ ମଣିମା ତମର ଶଶୁର ପରି ମୋ ଶଶୁର ବି ମୋତେ ଖୁବ୍ ଦେଖି ପାରୁଥିଲେ । କହିବା ବେଳକୁ କାନ୍ଦ ମାଡୁଛି । ହାୟ ମୁଁ ହୀନକପାଳୀ, ସେ ଶଶୁରକୁ ଖାଇ ପେଟ ପୁରେଇଲି ।

ଶକୁନ୍ତଳା—ଧାନ କୁଟୁ କୁଟୁ ମହାଭାରତ ଚର୍ଚ୍ଚା ! କିଏ କାହିଁକି ଗାଳିଦବ ନା ଶଶୁର କଥା କହି ଶଙ୍କେଇହେଲୁ ।

ରୁପେଇ—ଶୁଣନ୍ତୁ ସାଆନ୍ତାଣୀ, ମୋ ଶଶୁର ତମର ଘରେ ଜମିଦାର ନା ଜମାଦାର ଏହିପରି ଗୋଟାଏ କଅଣ ଚାକିରି କରୁଥିଲେ। ଦେହ ତ ତମ୍ବାପାତିଆ ପରି ଦିଶୁଥାଏ। ଗର୍ଭିଣୀ ଗାଈ ବି ଦେଖିଲେ ବାଃ ଛାଡ଼ିଦିଏ। ମୁଖଣ୍ଡେ ଲମ୍ବର କୁଆଁଳିଆ ନିଶ, ମୁହଁ ତ ଗୋଟାଏ ଗୁପୁଲି ଅଟିକା ପରି। ବାପରେ, ଦେଖି ନ ଡରିବ କିଏ ?

ଶକୁନ୍ତଳା—ମରଣ ନାହିଁ ଲୋ ତୋତେ, ମୁଁ ପଚାରୁଛି କଅଣ, ତୁ ଶଶୁରର ରୂପବର୍ଣ୍ଣ ବନେଇ ଚୂନେଇ ଗାଇ ବସିଲୁ ?

ରୁପେଇ—ନା, ସାଆନ୍ତାଣୀ ଚଳ ନାହିଁ, କାଣି ତ ମୁଁ ସେଇଦିନେ ଅଲଗିଛି। ହଁ କଅଣ କହୁଥିଲି ତ, ହଁ ହଁ ଦିନେ ତାଙ୍କ ପୁଅ ମାଛ ବଠା ବାଇରୁ ଆଣି ପକେଇଲା ଯେ, ମୁଁ ଯାଇ କେଳେଇ ବସିଲି। ଶଶୁର ଆସି ଦେଖି ମୋ ଶାଶୁକୁ ମାରନ୍ତି କି ନ ମାରନ୍ତି, ଏମିତି ହେଲେ। କହିଲେ—"ମୋର ସୁକୁମାର ବହୂ, ସେ ମାଛ କେଳେଇବ, ତୁ କୁଆଡ଼େ ମରୁଥିଲୁ କି ? ଏହା ଶୁଣି ଶାଶୂ ତ ଡରେ ଥରି ଥରି ପଳେଇଲେ, ଆଉ କଅଣ କହିବି ସାଆନ୍ତାଣୀଏ, ତମକୁ ମିଛ ମୋତେ ସତ, ମୁଁ ତ ଲାଜରେ କାନ୍ଥରେ ନେସି ହୋଇଗଲି—ଆଉ କୁଆଡ଼େ ପଳେଇବାକୁ କଅଣ ବାଟ ଦିଶିଲା ?

ଶକୁନ୍ତଳା—ହଁ ତୁ ସିମିତି ସୁକୁମାରୀ ଗେଲ୍ହା କଅଁର, ସିମିତି ଲାଜକୁଳୀଟା, ଯା ଦୂର ହ, ପଳା ଏଠୁ, ମୋର କାମ ସବୁ ଭଣ୍ଡୁର କଲୁ।

ରୁପେଇ—ସତରେ କି ବହୂ ମଣିମା, ସେଇଠୁ କଅଣ ହେଲା କି—ଦୂରକର ଦୁଲୁଡ଼ା ଟିକଏ କାନରେ ବାନ୍ଧିଥିଲି। କାହିଁ ନାହିଁ ତ, ସଣ୍ଡ ଅଣ୍ଟୁକୁଡ଼ୀ ପଦାର କାମ; ସେଇ ତ ଫିଟେଇ ନେଇଚି। ମଲି ବଣାବଣିଆର—କଅଣ କହୁଥିଲି ଫେର ପାଶୋରି ଗଲି ହଁ ହଁ—

ଶକୁନ୍ତଳା—(ରୁପେଇ କଥା ନ ସରୁଣୁ ଧମକ ଦେଇ) ଚବଶ୍ରୀଟା କେତେ ଚବର ଚବର ହଉଚୁଲେ, କହିବୁ ତ କହ, ନ ହେଲେ ମୁଁ ଯାଉଛି—ମୋର ତେର କାମ।

ରୁପେଇ—ନା, ନା, ଶୁଣ ଶୁଣ ସାଆନ୍ତାଣୀଏ, କହୁଚି। ସଞ୍ଜବେଳେ ବାବା ସାଆନ୍ତେ କହିଥିଲେ, "ଖବରଦାର ରୁପେଇ, ବହୂଙ୍କୁ ମନା କରିବୁ ସେ ଉଜାଗର ହୋଇ ପିଠା ପିଠା କିଛି କରିବେ ନାହିଁ—ଦେହ ଖରାପ ହେବ।" ମୋ ଛଅଁ ମନରେ ନିଆଁ ଲାଗିଯାଉ, ମୁଁ ତା ପାଶୋରି ପକେଇ ତମକୁ କହି ନାହିଁ।

ଶକୁନ୍ତଳା—ଏଇ କଥା ନା, ହଉ, ବାବା ପଚାରିଲେ ତୁ କହିଦୁ ବୋଲି କହିବୁ।

ଘିଅଗନ୍ଧରେ ଆକୃଷ୍ଟ ହୋଇ ଗୋଟାଏ ବାହୁଆ ଭୁଆଁ ବିରାଡ଼ି ଆସି ପିଠା ପ୍ରତି ଲୋଲୁପ ଦୃଷ୍ଟି ପକାଇ ସେଠାରେ ବସିଥିଲା। କିଛି କ୍ଷଣ ପରେ ମନରେ କଅଣ ଭାବି ହାତଗୋଡ଼ ଯାକି ଆଖି ବୁଜି ବସିଲା। ବୋଧହୁଏ ଜପଧ୍ୟାନରେ ନିଯୁକ୍ତ ହେଲା। ଅଥବା, ଅଫିମଖୋର ପରି ସ୍ୱର୍ଗରେ ଇନ୍ଦ୍ରପଦ ପାଇ ଦେବତାମାନଙ୍କ ପ୍ରତିପାଳନ ବିଷୟ ଭାବିବାକୁ ଲାଗିଲା। ଅଫିମଖୋରମାନେ ସ୍ୱତଃ ସାତ ରାଜା ବାଦଶାହ ହୋଇ ଚତୁର୍ଦ୍ଦଶ ଭୁବନରେ ଘୂରି ବୁଲନ୍ତି। ଏଣେ ଶକୁନ୍ତଳା ପିଠା ନେଇ ଶିକାରେ ରଖିଦେଲା। ତାହା ଦେଖି ବିରାଡ଼ିଟା ଗୋଟାଏ ଅବଜ୍ଞାସୂଚକ ହାଇ ମାରି ଅଭିମାନରେ ଉଠି ଚାଲିଗଲା। ବୋଧହୁଏ ଭାବିଲା, "ମନୁଷ୍ୟଗୁଡ଼ାକ ବଡ଼ ସ୍ୱାର୍ଥପର। ସେମାନଙ୍କର କୃତଜ୍ଞତା ଅଛି, ନା ଅତିଥିସତ୍କାର ଅଛି ? ଶିଷ୍ଟାଚାର ଅବା କାହୁଁ ଜାଣିବେ, ସେମାନଙ୍କର ତ ଆଉ ମାର୍ଜାର ମହାଗୋଷ୍ଠୀରେ ଜନ୍ମ ନୁହେଁ। ଆମ୍ଭେମାନେ ତାଙ୍କର କେତେ ଉପକାର କରୁଁ, ଦିନରାତି ତାଙ୍କ ଘରେ ପହରା ଦେଉଁ, ତାହା ସେ ଭୁଲିଯାଆନ୍ତି। ଆଚ୍ଛା, ଆମ୍ଭେମାନେ ମୂଷାବଂଶ ନିପାତ ନ କଲେ ଏମାନଙ୍କର ଲୁଗା ପଟା, ପେଡ଼ି ଆତଖୁରି ଚାଉଳ, ଧାନ କିଛି ରହନ୍ତା କି ? ହେଉ, ଆମ୍ଭେମାନେ ତ ପରୋପକାରୀ, ମନୁଷ୍ୟମାନେ ନ ପଚାରିଲେ ସୁଦ୍ଧା ଆମ୍ଭର ଧର୍ମ ତ କୁଆଡ଼େ ଯିବ ନାହିଁ। "ଧର୍ମୋ ରକ୍ଷତି ଧାର୍ମିକଂ" ମୂର୍ଖଗୁଡ଼ାକ ଏ ନୀତି ଶ୍ଳୋକର ମର୍ମ କାହୁଁ ଜାଣିବେ ?" ଏହି ସମୟରେ ମଧୁ ଆସି ସେଠାରେ ଉପସ୍ଥିତ ହେଲା। ପିଲାଟିର ମୁଖ ଆଉ ନେତ୍ର ଫୁଲଢୋଳ୍କୁଳ, ହସ୍ତପଦ ସଞ୍ଚାଳନ

ଚମ୍ପଲମଣିର ପତ୍ରସ୍ତମ୍ଭ ଏବଂ ରୂପ ସ୍ୱର୍ଣ୍ଣ ଶିମିଳିଫୁଲର ଉପମା ଧାରଣ କରିଅଛି । ମଧୁ ଆସି ନୂଆବହୂ ପାଖରେ ବସିଲା । ସେ ନୂଆ ବହୂ ଛଡ଼ା ସଂସାରରେ ଆଉ କାହାକୁ ଜାଣେନାହିଁ । ତାହାର ସବୁ ଅଳି ଅଝଟ ନୂଆବହୂ ପାଖରେ । ଶକୁନ୍ତଳା ସୁଦ୍ଧା, ତାହାକୁ ସ୍ନେହ କରେ । ମଧୁ କହିଲା—"ନୂଆବହୂ, ଦଶଟା ଟଙ୍କା ଦିଅନ୍ତ ।" ଶକୁନ୍ତଳା ତାହା ମୁହଁକୁ ଅନ୍ତର୍ଭେଦୀ ଦୃଷ୍ଟିରେ ଚାହିଁ ରହି କ୍ଷଣକ ପରେ ପଚାରିଲା—'କି, ଟଙ୍କା କଅଣ ହେବ ?'

ମଧୁ—ଦାବା ଖେଳିବି, ଏକା ବାଜିକେ ତ ଦଶ-ଟଙ୍କା ଜିଣି ଆଣିବି ।

ଶକୁନ୍ତଳା—ପାଠଶାଠ ତ ଚୁଲିକି ଗଲା, ଆଉ ସେ ଲକ୍ଷ୍ମୀଛଡ଼ା ଖେଳରେ ନ ମାତି କଅଣ କରିବ ?

ମଧୁ—ପାଠ କଅଣ ହେବ ନୂଆବହୂ, ତମେ ତ ପାଠ ପଢ଼ିନାହଁ, ତମଠୁ କଅଣ କାହାର ବୁଦ୍ଧି ବେଶି ନା ?

ଶକୁନ୍ତଳା ଦେବରର ମୁଖରୁ ନିଜର ପ୍ରଶଂସା ଶୁଣି ଲଜ୍ଜିତ ହୋଇ ହାସ୍ୟ ମୁଖରେ କହିଲା—"ଟଙ୍କା ମୁଁ କେଉଁଠୁ ଆଣିବି ?"

ମଧୁ—ହିଁ ତମ ପାଖରେ ଅଛି । ମୋତେ ଉଧାର ଦିଅ, ମୁଁ କାଲି ଶୁଝିଦେବି ।

ଶକୁନ୍ତଳା—ଟଙ୍କା ମୋ ପାଖରେ ଅଛି ତମେ ଜାଣ ନା ? ଘର ଖେଳି—ଆସିବାବେଳେ ମୋ ମା ଯେଉଁ ପାଞ୍ଚଶ ଟଙ୍କା ଲୁଚେଇ କରି ଦେଇଥିଲେ, ମୁଁ ତକ୍ଷଣି ଆରଦିନ ତମ ବାପାଙ୍କ ଜିମା କରିଦେଲି । ମାଇପି ଲୋକ, ମୁଁ ଟଙ୍କା ରଖି କଅଣ କରିବି ?

ମଧୁ—ତେବେ ଭାଇଙ୍କ ବାକ୍ସରୁ ଦିଅ ।

ଶକୁନ୍ତଳା—ଭାଇ କଅଣ ବାକ୍ସ କଞ୍ଚିକାଠି ମୋତେ ଦେଇଛନ୍ତି ?

ପଇସାଟାଏ ଉପାର୍ଜନ କରିବାର ଶକ୍ତି ନାହିଁ, ଆହୁରି ଘରୁ ନେଇ ଉଡ଼େଇବ ? ଏ ଉଜୁଡ଼ା ବୁଦ୍ଧି କାହିଁକି ଧରୁଛ ?

ମଧୁ—( ଉତ୍ତେଜିତ ହୋଇ ) କି, ମୋର କଅଣ ଭାଗ ନାହିଁ ?

ଶକୁନ୍ତଳା—ଭାଗ ଥିଲେ ତମ ଭାଇଙ୍କଠୁ ନବ ନା, ମୋଠୁ ନବ ?

ମଧୁ ଏଥର ଆଉ କ୍ରୋଧ ସମ୍ଭାଳି ପାରିଲା ନାହିଁ । ପାଖରେ ଗୋଟାଏ ଖାଲି ହାଣ୍ଡି ଥୁଆ ହୋଇଥିଲା । ତାହାକୁ ଧରି ଫିଙ୍ଗି ଦେଇ କହିଲା—"ଯା, ଆଉ ପିଠାପିଠା କରି ଖାଇବ ନାହିଁ ।" ହାଣ୍ଡିଟା ଭାଙ୍ଗି ଚୂର୍ଣ୍ଣ ହୋଇଗଲା । ଖଣ୍ଡେ ଖପର ଛିଟିକି ଯାଇ ଶକୁନ୍ତଳାର କପାଳରେ ପଶିଯାଇ ଧାରଧାର ହୋଇ ରକ୍ତ ବହିଲା । ଶକୁନ୍ତଳା ହଠାତ୍ ତଳେ ବସିପଡ଼ିଲା । ସେ କାନ୍ଦି ନ କହୁଣୁ ଲୁଚେଇ ଚିତ୍କାର କରି କହିଲା— 'ତମେ କେଡ଼େ ବାଲିଙ୍ଗିଆର ହେଇଚ, ଆଜି ଆଜି ବାବା ସାଆନ୍ତେ ଆସନ୍ତୁ, ସବୁ କହିବି । ବହୂଟାକୁ ମାରି ଲହୁଲୁହାଣ କରି ପକାଇଲ ।" ମଧୁର ଲୁଚେଇ କଥାକୁ ଲକ୍ଷ୍ୟ ନାହିଁ । ସେ ନୂଆବହୂ ମୁଣ୍ଡରେ ରକ୍ତ ଦେଖି ବାଟଙ୍କା ହୋଇଗଲାଣି । ତାଳେ ବାପ ଭାଇ ଆସି ଏ ଘଟଣା ଦେଖନ୍ତି, ଏହି ଭୟରେ ଘରୁ ବାହାରି ପଳାଇଗଲା । କାହାର ତ କାହାରି ପ୍ରତି ମାୟା ଡେଡେ ନାହିଁ ! ଯାହା ବା ଟିକିଏ ଥିଲା, ଏହି ଘଟଣାରେ ତାହା ଆହୁରି ଦୂରକୁ ଘୁଞ୍ଚିଯାଇ ଡାହାରେ ସ୍ୱତନ୍ତ୍ରତାର ପଥ ଉନ୍ମୁକ୍ତ କରିଦେଲା । ସମସ୍ତଙ୍କ ସିବା ପୂର୍ବରୁ ସେ ଏକାକୀ ତନ୍ତ୍ରୀର୍ଥୀ ଅଭିମୁଖରେ ଧାନମାନ ହେଲା ।

# ଏକାଦଶ ପରିଚ୍ଛେଦ

ପ୍ରଭାତ କାଳରେ ଶତମୁଖୀ ଜନସ୍ରୋତ ପର୍ବତ ଆଡ଼କୁ ଧାବିତ ହେଲା । ଆଜି ପର୍ବତ ଉପରେ ନର ସମୁଦ୍ରର ସୃଷ୍ଟି । ଜୀବନର ପରିଣାମରେ ଆତ୍ମା ଏହିପରି ମୃତ୍ୟୁ-ସମୁଦ୍ର ଆଡ଼କୁ ଧାବିତ ହୁଏ । ମୃତ୍ୟୁ ମାନବର ପରମ ହିତୈଷୀ । ସେ ମାନବକୁ ପବିତ୍ର କରି ତାହାକୁ ଊର୍ଦ୍ଧ୍ୱଲୋକ ଗମନର ଉପଯୁକ୍ତ କରିଦିଏ । ଅର୍ଥାତ୍ ମୃତ୍ୟୁଗଙ୍ଗାରେ ସ୍ନାନ କରି ମାନବ ସ୍ୱଚ୍ଛ ବିଶୁଦ୍ଧ ରୂପ ଧାରଣପୂର୍ବକ ଅମୃତ ରାଜ୍ୟର ଯାତ୍ରୀ ହୁଏ । ପର୍ବତର କି ଗମ୍ଭୀର ମହାଦୃଶ୍ୟ, ସେ ବିଶ୍ୱଭରା ସୌନ୍ଦର୍ଯ୍ୟ-ସମ୍ଭାରରେ ଉଚ୍ଛୁଳିପଡ଼ୁଛି । ଏ ପର୍ବତ କେବଳ ପ୍ରସ୍ତର ସ୍ତୂପ ନୁହେ, ଏଠାରେ ପ୍ରକୃତିର ଅନନ୍ତ ବୈଭବ, ଅତୁଳ ଐଶ୍ୱର୍ଯ୍ୟ ସ୍ତୂପୀକୃତ ହୋଇ ରହିଅଛି । ବୃକ୍ଷମାନେ ଦେହରେ କେତେ ଫୁଲ ଗହଣା ପିନ୍ଧି ସରଳ ସମୀରରେ ଶାଖାପତ୍ର ହଲାଇ ଖେଳୁଅଛନ୍ତି, ପକ୍ଷୀମାନେ ଶାଖାରେ ବସି ପ୍ରଭାତୀ ସଙ୍ଗୀତ ବିଭିନ୍ନ ସ୍ୱରରେ ଗାନ କରୁଅଛନ୍ତି, ପବନ ପୁଷ୍ପବାସ ବିତରଣ କରୁଅଛି ବୃକ୍ଷମାନେ ତାକୁ ବିତରଣର କ୍ଷମତା ଦେଇଅଛନ୍ତି । ଅଧିକାର ପାଇ ସେ ଦାତା କର୍ଣ୍ଣରେ ପରି ମୁକ୍ତ ହସ୍ତରେ ବିତରଣ କରୁଅଛି । କିଛିକ୍ଷଣ ପରେ ସୂର୍ଯ୍ୟ ଉଦିତ ହେଲେ । ପ୍ରକୃତିଦେବୀ ମାତୃ-ସ୍ନେହର ଜ୍ୟୋତିର୍ମୟ ହସ୍ତ ବୃକ୍ଷଶିରରେ ବୁଲାଇ ଦେଲେ । ସେହି ହସ୍ତସ୍ପର୍ଶରେ ବୃକ୍ଷଶିର ଜ୍ୟୋତିର୍ମୟ ଦିଶିଲା । ଯେମନ୍ତ କି ବୃକ୍ଷମାନେ ସ୍ୱର୍ଣ୍ଣ ମୁକୁଟ ପିନ୍ଧି ହସି ଉଠିଲେ । ସୂର୍ଯ୍ୟ କ୍ରମଶଃ ଉପରକୁ ଉଠନ୍ତେ ତରୁ-ଲତାମାନେ ଆପାଦମସ୍ତକ ଜ୍ୟୋତିର୍ମଣ୍ଡିତ ହେଲେ, ଯେମନ୍ତ କି ସମସ୍ତେ ଉତ୍ସବ-ସାଜରେ ସଜ୍ଜିତ ହେଲେ । ଯାତ୍ରୀମାନେ ମୃଦଙ୍ଗ, ଝାଞ୍ଜ, କରତାଳ ବଜାଇ ହରି ସଂକୀର୍ତ୍ତନ କରି କରି ଗିରିବକ୍ଷରେ ଅଗ୍ରସର ହେବାକୁ ଲାଗିଲେ । ଏଥିରେ ଦୁଇଟି ଉପକାର । ହରିନାମ ସଂକୀର୍ତ୍ତନ ହୁଏ ଏବଂ ବାଦ୍ୟର ଗହଳ ଶବ୍ଦ ଶୁଣି ହିଂସ୍ରପଶୁମାନେ ପର୍ବତ ଛାଡ଼ି ପଳାଇ ଯାଆନ୍ତି । ପାର୍ବତ୍ୟ ପଥ ବନ୍ଧୁର, କେଉଁଠାରେ ଉଠାଣିଆ, କେଉଁଠାରେ ବା ଗଡ଼ାଣିଆ; ମାତ୍ର ପ୍ରକୃତିର ସୁନ୍ଦର ଦୃଶ୍ୟ-ହର୍ଷିଣୀ ମହାଦୃଶ୍ୟରାଜି ପଥକ୍ଲେଶ ହରିନିଏ । ପଥିମାନେ ନାନାଦୃଶ୍ୟ ଦେଖି ଦେଖି ଚଢ଼ା ପ ଚଢ଼ା ପାରହୋଇ ଚାଲିଅଛନ୍ତି । ଉଠାଣିଆ ପଥ ମାଳୁଘାସମୁଠା ସାହାଯ୍ୟରେ ଉଠିବାକୁ ହୁଏ । ଘାସ ଜୁଣ୍ଡା ଘାସ ପରି ଲମ୍ବା । ଯେଉଁଠାରେ ତରୁଲତା ଅନ୍ୟ ପ୍ରକାର ତୃଣ ଜନ୍ମେ ନାହିଁ, ସେଠାରେ ମାଳୁଘାସ ଜନ୍ମେ । ମାଳୁ ପରି ସ୍ଥାନରେ ଜନ୍ମେ ବୋଲି ଏହାର ନାମ ମାଳୁ ହୋଇଅଛି । ପର୍ବତର କେଉଁଠାରେ ବ୍ୟାଘ୍ର ହରିଣ ବଧ କରି କିଛି ଉଦରସ୍ଥ କରି ଅବଶିଷ୍ଟ ଛାଡ଼ିଯାଇଅଛି । କେଉଁଠାରେ ହସ୍ତିଯୂଥ ଅରଣ୍ୟ ଆନ୍ଦୋଳନପୂର୍ବକ ସ୍ଥିରଖୋ କରି ଦେଇ ଯାଇଅଛନ୍ତି । ଦନ୍ତାବଳମାନଙ୍କ ଦନ୍ତାଘାତରେ ବୃକ୍ଷ କ୍ଷତବିକ୍ଷତ ହୋଇଅଛି କ୍ଷତସ୍ଥାନରୁ ଅନର୍ଗଳ କ୍ଷୀର ବହିପଡ଼ୁଅଛି କେଉଁଠାରେ ଡାକୁଅଣୁଣୀ ଠାକୁରାଣୀଙ୍କ ଆସ୍ଥାନ ସମ୍ମୁଖରେ ଭଗ୍ନ ବୃକ୍ଷଡ଼ାଳ ସ୍ତୂପୀକୃତ ହୋଇ ରହିଅଛି । ପଥିକମାନେ ଡାଳ ଭାଙ୍ଗି ସେଠାରେ ପକାଇ ସେହି ସ୍ତୂପକୁ ଆହୁରି ସ୍ଥୂଳତର କରୁଅଛନ୍ତି । ଏହି ଦେବୀ ଭୋଗ ବା ବଳିରେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଖଣ୍ଡିଏ ଡାଳ ଭାଙ୍ଗି ଆଗରେ ପକାଇଲେ ସନ୍ତୋଷ ଲାଭ କରନ୍ତି । ପର୍ବତର କେଉଁ ଅଂଶରେ ଝର୍ଝର ଶବ୍ଦରେ ଝରଣା ବୋହି ଯାଉଅଛି । କେଉଁ ଅଂଶରେ ଅଶୋକ ମୁଚୁକୁନ୍ଦ, ଝାଗିଣି ଓ ଚମ୍ପା ପ୍ରଭୃତି ବୃକ୍ଷମାନ ମୀରଣ୍ଡିତ ହୋଇ ରହିଅଛନ୍ତି । କେଉଁଠାରେ କେନ୍ଦୁ, ନାରଙ୍ଗ ଓ ବଣଅଛୁ ଫଳଭରରେ ଆନତ ହୋଇ ରହିଅଛି । କେଉଁଠାରେ ବିଶାଳ ଶିଳାଖଣ୍ଡ ବିସ୍ତୀର୍ଣ୍ଣ ହୋଇ ପଡ଼ିଛି । ଶତ ଶତ ଯାତ୍ରୀ ତାହା ଉପରେ ଶୟନ, ଉପବେଶନ କରି ପଥକ୍ଲାନ୍ତି ଦୂର କରୁଅଛନ୍ତି । ଏହିପରି ପର୍ବତରେ ବିଚିତ୍ର ଦୃଶ୍ୟର ବିରାଟ ହାଟ ବସିଯାଇଅଛି । ଆଷାଢ଼ମାସ, ମାତ୍ର ବର୍ଷା ନାହିଁ; କ୍ରମଶଃ ସୂର୍ଯ୍ୟତେଜ ପ୍ରଖର ହୋଇଉଠିଲା । ଆକାଶରୁ ଅଗ୍ନିକଣା

ଝରି ପଡୁଅଛି । ପର୍ବତର ରକ୍ତ ବାଷ୍ପ ହୋଇ ଉଡିଯାଉଅଛି ଏବଂ ଶୈଳ ବକ୍ଷରୁ ଉଷ୍ଣ ନିଃଶ୍ୱାସ ନିର୍ଗତ ହେଉଅଛି । ଆକାଶ ମୌନ, ପର୍ବତ ମୌନ, ଜୀବଜନ୍ତୁ ମୌନ । ସେହି ମହାମୌନତା ମଧ୍ୟରୁ କି ଏକ ମୁଖର କାହାଣୀ ନିର୍ଗତ ହେଉଅଛି । ଯେମନ୍ତ ବୋଧହୁଏ, ତାହା ଅପ୍ସରାର ଶବ୍ଦ କମ୍ପା ନିନ୍ତବ୍ଧତାର ଅମର ସଙ୍ଗୀତ । ସେଥିରେ ଛନ୍ଦ ନାହିଁ, ସ୍ୱର ନାହିଁ, ଭାଷା ନାହିଁ; ମାତ୍ର ଅତି ଭୀଷଣ ମଧୁର । ସହସ୍ର ସହସ୍ର ଧାନବୁଣା କୀଟର ଶବ୍ଦ ପର୍ବତର କେଉଁ ଅଂଶରେ କର୍ଣ୍ଣ ବଧୀର୍ଣ୍ଣ କରୁଅଛି, ଯେମନ୍ତ କି କେଉଁ ସୁଦୂର ପ୍ରଦେଶରୁ କୋଟି କୋଟି ବାଦ୍ୟଯନ୍ତ୍ରର ଏକତାନ ଶବ୍ଦ ଶୁଣାଯାଉଅଛି । ପର୍ବତର କେଉଁ ଅଂଶ ଖୁବ୍ ଶୀତଳ, ବୋଧହୁଏ, ତାହା ମାଘମାସର ଚିର ବାସସ୍ଥଳ । ସେ ସ୍ଥାନ ଜନ୍ମକାଳରୁ ସୂର୍ଯ୍ୟଚନ୍ଦ୍ରର ମୁଖାବଲୋକନ କରି ନାହିଁ । କେଉଁ ଅଂଶ ବା ଠିକ୍ ତାହାର ବିପରୀତ । ସେଠାରେ ଚାଲିବା ବେଳେ ଗୋଡ଼ ତଳପାରେ ଫୋଟକା ବାହାରି ପଡୁଅଛି । କେଉଁଠାରେ ସୂର୍ଯ୍ୟ-କିରଣ ନିର୍ଝର-ସ୍ରୋତରେ ସନ୍ତରଣ କରି ଖେଳୁଅଛି ଏବଂ ଜଳରେ ସ୍ୱର୍ଣ୍ଣବେଣୀ ସର୍ଜନା କରୁଅଛି । ସେ ବେଣୀ ଉପରେ ତରୁଲତାଏ ପୁଷ୍ପାଞ୍ଜଳି ଢାଳୁଅଛନ୍ତି । ସେ ଅପୂର୍ବ ଶୋଭା ବିଲୋକନ କରି ସ୍ୱୟଂ ଶୋଭାଦେବୀ ସୁଦ୍ଧା ମୁଗ୍ଧ ନ ହୋଇ ରହିପାରିବେ ନାହିଁ ।

ପଥିକମାନେ ନାନା ବିଷୟରେ କଥୋପକଥନ କରି କରି ପଥ ଅତିବାହ୍ତ କରୁଅଛନ୍ତି । ସେ ସମସ୍ତ ଶୁଣିବା ପାଠକମାନଙ୍କର ଉଚିତ ନୁହେଁ । କେବଳ ଦୁଇଜଣଙ୍କର କଥା ଉଲ୍ଲେଖଯୋଗ୍ୟ ବିବେଚନାରେ ତାହା ଉଲ୍ଲେଖ କରାଗଲା । ସେଥି ମଧ୍ୟରୁ ଜଣଙ୍କର ନାମ ଅଗାଧୁ ରାଉତ ଏବଂ ଅପରର ନାମ ମିଛୁ ପ୍ରଧାନ ।

ଅଗାଧୁ--ଦଣ୍ଡବତ ପଧାନ ପୁଅ, ଘରର ସବୁ ଭଲ ତ ?

ମିଛୁ—ଦଣ୍ଡବତ, ହଁ ସମସ୍ତେ ଭଲ ଅଛନ୍ତି । ତମ ଘରେ—

ଅଗାଧୁ— ଆମର ଆଉ କଣ, ଦୁଃଖେ ସୁଖେ ପଡିଛୁ ।

ମିଛୁ—ତମ ଗାଁର ହାଲଚାଲ କଣ ?

ଅଗାଧୁ—ହାଲଚାଲ ଆଉ କଅଣ, ମକଦମ ଘରକଥା ତ ଶୁଣିଥିବ ।

ମିଛୁ ଆଶ୍ଚର୍ଯ୍ୟମିଶା ମୃଦୁ ହାସ୍ୟ ସହ ତୀକ୍ଷ୍ଣ ଦୃଷ୍ଟିରେ ଅଗାଧୁର ମୁଖକୁ ଅନାଇ କହିଲା—'କଅଣ କଅଣ, କାହିଁ—ମୁଁ ତ କିଛି ଶୁଣିନାହିଁ ।'

ଅଗାଧୁ—ଏଁ, ବୁଧିଆହେ ହାଟ ବସିଛି, ତମେ ଶୁଣିନାହିଁ ? ନାସ ଅଛିନା, ଟିକିଏ ଦିଅତ । ମିଛୁ ଅଣ୍ଟାରୁ ଦାନି ବାହାର କରି ଅଗାଧୁ ହାତରେ ଟିକିଏ ନାସ ଢାଳିଦେଲା । ଅଗାଧୁ ବିକୃତ ମୁଖଭଙ୍ଗୀ କରି ସଡ଼ସାଡ଼ ଶବ୍ଦରେ ତାହା ନାସାଗହ୍ୱରକୁ ପ୍ରେରଣ କରି ଶୁକ୍ଳ ଦନ୍ତପଂକ୍ତି ବିକାଶ ପୂର୍ବକ କହିଲା, 'ଆଛା ନାସ ତ, ଖୁବ୍ କଡ଼ା । ଏ ଦୁକୁଡା କଉଠୁ ଆଣିଥିଲ ବାବାଜି, ହାଟରୁ ନା ? ହାଟରେ ସେହି ଯେ ମଡ଼ମଡ଼ିଆ ଯାବୁଆ ହୋଇ ଜଣେ ବସେ, ତାହାର ଦୁକୁଡାକୁ ଉପମା ଦେବାକୁ ଆଉ ନାହିଁ । ଛଟାଙ୍କି ଦଶପଇସା ନିଏ, ହେଲେ କଅଣ ହେଲା, ଦୁକୁଡା ଏକା ରକାଶିଆ ଦୁକୁଡା—ହାଟଯାକ ଦୁକୁଡାର କାନ କାଟିଦବ । ରଘୁ ସାମଲ ଦୁକୁଡା ଭଲ ବୋଲି କହନ୍ତି ସିନା, ତାହା କିଛି ନୁହେଁ—ଫସକା । ଆଉ ଦାମ ପୁଣି ତିନିଅଣା । "ନାମ ବଡ଼ା, ଦର୍ଶନ ଥୋଡ଼ା ।" ମୁଁ କହୁ ଦଉଚି, ଆଣିବ ଯେବେ ସେହି ଯାବୁଆ କତିରୁ ଆଣିବ । ହଁ, କଅଣ କହୁଥିଲି—ମକଦମ ଘର କଥା । ଆମ ମକଦମ ବଡ଼ ହେଲେ ପସ୍ତ । କନିଆ ଘର ଏବେ ଖୁବ୍ ଠକେଇଛି ।'

ମିଛୁ—ବାହା ହେଲେ, ଏ ବୁଢାକାଳରେ ନା ? କଅଣ ତିନିବୋଳ ହବ ଯେ ?

ଅଗାଧୁ—ତିନିବୋଳ ଏଗାର ନା, ତିନିବୋଳ ! ପୁଅ ଲାଗି ସେ କନିଆ ହୋଇଥିଲା, ପୁଅ ମନା କରିବାରୁ ବୁଢା ନିଜେ ବର ହୋଇପଡିଲେ ।

ମିଛୁ—ପୁଅ କାହିଁକି ମନା କଲା ?

ଅଗାଧୁ- ପୁଅ କହିଲା, "ତମେ ତ ଘୋଡ଼ା, ପାଲିଙ୍କି, ଜମିଦାସ ଯୌତୁକ ଲଗି କଥା କରୁଛ, ପୁଣି ତୁଇଶ ଟଙ୍କା ବାଟ ଖର୍ଚ୍ଚ ଆଣିବ । ତାହା ଘର କଅଣ ଲୁଟି ଆଣିବ ନା ଟଙ୍କା ଲୋଭରେ ମୋତେ ବିକିବ କରିବ ? ମୁଁ ବାହା ହେବି ନାହିଁ ।" ବାପ ପୁଅଙ୍କର ବାଗଡ଼ ହେଲା, ସେଇଠୁ ବୁଡା ନିଜେ ବାହା ହୋଇ-ପଡ଼ିଲେ ।

ମିତ୍ରୁ—ବୁଢାଟାକୁ ସେ କେମିତି ଝିଅ ଦେଲା । ଆହା, ଝିଅଟାକୁ ତଣ୍ଟି ଚିପି ନ ମାରି ଜଳବଳ କଲା ।

ଅଗାଧୁ—ସେ ଜାତିରେ ଭଣ୍ଡା, ନ ହେଲେ କାହିଁକି ଝିଅ ଦିଅନ୍ତା । ଆଉ ତାହା ତ ବାଧାଡାର ଘଟପୂଜା, ସେ ଅବା କଅଣ କରିବ ।

ମିତ୍ରୁ—କନ୍ୟାଘର ଠକେଇଲା କଅଣ ?

ଅଗାଧୁ—ଘୋଡ଼ା ଦେବ, ପାଲିଙ୍କି ଦେବ, ଜମି ଦେବ ବୋଲି ବେଦୀରେ କହିଲା; ମାତ୍ର ବାହା ଶେଷରେ ଘୋଡ଼ାପାଇଁ ଦଶଟଙ୍କା, ପାଲିଙ୍କି ପାଇଁ ଦଶଟଙ୍କା, ଆଉ ଜମି ପାଇଁ ଦଶଟଙ୍କା ଏହିପରି ତିରିଶ ଟଙ୍କା ଥୋଇ ଦେଲା । ପଚାରିବାରୁ କହିଲା ମୁଁ ସିନା ଘୋଡ଼ା, ପାଲିଙ୍କି, ଜମି ଦେବି ବୋଲି କହିଥିଲି, ଆଉ ପାଞ୍ଚଶ ଟଙ୍କାର ଘୋଡ଼ା, ତିନିଶ ଟଙ୍କାର ପାଲିଙ୍କି, ହଜାର ଟଙ୍କାର ଜମି ଦେବାକୁ ତ କହି ନାହିଁ । ଦଶ ଟଙ୍କାରେ କି ଘୋଡ଼ା ହୋଇପାରିବ ନାହିଁ ନା ପାଲିଙ୍କି ହୋଇପାରିବ ନାହିଁ ? ନ ନେଲେ ଖୁଲିଯାଉ, ମୋ ଘରେ ମୋ ଝିଅ ରହିଲା । ମୋ ଝିଅ ଯାଇ କେତେଦିନ ତା ଘର କରନ୍ତା ? ସେ ତ ଆଉ ଛଅମାସ କି ଛଅମାସରେ ମରିବ, ଝିଅ ରାଣ୍ଡିଝିଅପଣେ ମୋ ଘରେ ଥାଉ; ଏମନ୍ତେ ବି ବେଢରେ ବନ୍ଧା, ସେମନ୍ତେ ବି ବେଢରେ ବନ୍ଧା ।

ମିତ୍ରୁ—ଶେଷରେ ଫେର୍ କଅଣ ହେଲା ?

ଅଗାଧୁ—ଆଉ କଅଣ ହେବ, ମକଦମଙ୍କର ଅଣ୍ଡି ସିଆଣିଆପଣ ବାହାରିଗଲା, କାନମୁଣ୍ଡ ଆଉଁଷି ଘରକୁ ଆସିଲେ ।

ମିତ୍ରୁ—ତିରିଶ ଟଙ୍କାଟି ଆଣିଲେ ନା ଛାଡ଼ିଦେଇ ଆସିଲେ ?

ଅଗାଧୁ—ଏଁ, ତାକୁ ପୁଣି ଛାଡ଼ି ଆସିବେ, ଘର ପୋଡ଼ିରୁ ଯାହା ମିଳିଲା ସେତିକି । ଗୋଟେ ପଇସା ଯାର ମା ବାପ, ସେ ପରା ତିରିଶ ଟଙ୍କା ଛାଡ଼ି ଆସିବ ? ଆଉ ଢୋଡ଼ି କମ୍ପଣ ହେଲେ ଶୁଣୁଛି ବା କିଏ ?

ମିତ୍ରୁ—ବୁଢାକାଳେ ଖୁବ୍ ପଟେ ହଟହଟା ହେଲା । ଛି ଲାଜ ନାହିଁ, ମରିବା ବେଳକୁ ପରିବା କଟା । କନ୍ୟା ଫେର୍ କାହିଁ ରହିଲା ?

ଅଗାଧୁ—କନ୍ୟା ତା ବାପ ଘରେ । ଏ ପରା କନିଆଁକୁ ନ ଆଣି ବରିଗିକରି ଖୁଲି ଆସିଲେ । ଦାନ ଯୌତୁକ ମିଳିବ ବୋଲି କନ୍ୟାକୁ ଅଗତୁରା ପାଞ୍ଚଶ ଟଙ୍କାର ଗହଣା ଦିଆଯାଇଥିଲା, ତାହା ବି ଗଲା ।

ମିତ୍ରୁ—ହରିବୋଲ, ତାହା ବି ଗଲା ! ଆଛା ହେଲା, କୃପଣର ଦଣ୍ଡ ଯମ । ଆଛା, କନ୍ୟା-ବାପ ନାଁରେ ଦାବୀ-ଦରବାର କଲାନାହିଁ ?

ଅଗାଧୁ—ଦାବୀ-ଦରବାର କଲେ ଟଙ୍କା ଖର୍ଚ୍ଚ ହେବନାହିଁ କି । ଏ ଗହଣା ଦାବି କଲେ ସେ ପୁଣି ଖୋରାକି ପୋଷାକର ଦାବି କରିବ । ବୁଢା ବସୁରି ଚୋର ମୁହଁରେ ଲୁଣ ଦେଲାପରି ରହିଲା, ଆଉ କଅଣ କରିବ ?

ମିତ୍ରୁ—କହନ୍ତି ପରା, ବଡ଼ ଘରର ବଡ଼ କଥା । ଆମ ହାଟୁଆ ବାଟୁଆ ଜାତି ଆଉରି ସର୍ବଗୁଣେ ଭଲ । ବାପଙ୍କର ତ ଏ କୀର୍ତ୍ତି ଆଉ ପୁଅଙ୍କର ସମାଚାର କଅଣ ?

ଅଗାଧୁ—ପୁଅତ ଗୋଟେ ସୁନାମୁଣ୍ଡା । ସେ ଅଲଗା ହୋଇ ରହୁଛି, ମା ତାହାରି ଆଡ଼େ । ଖାଲି ବୁଢା ହରବରରେ ପଡ଼ିଛି ।

ବୁଢାର ଚରିତ୍ର ସମ୍ବନ୍ଧରେ ଆହୁରି ଅନେକ କଥା ହେଲା; ମାତ୍ର ସେ ଶିଷ୍ଟାଚାର ବିରୁଦ୍ଧ କଥା ଶୁଣିଲେ ପାଠକମାନେ ବିରକ୍ତ ହେବେ ଏବଂ ସାରସ୍ୱତ ଲେଖନୀ ମଧ୍ୟ କଳଙ୍କିତ ହେବ । ସୁତରାଂ ସେ ଅରୁଚିକର ପ୍ରସଙ୍ଗ ପରିତ୍ୟକ୍ତ ହେଲା ।

ଦିନ ଦଶଘଣ୍ଟବେଳେ ସୀତାକୁଣ୍ଡ-ଉପତ୍ୟକା ସ୍ନାନଯାତ୍ରୀରେ ପୂର୍ଣ୍ଣ ହୋଇଗଲା । ଏହି ଉପତ୍ୟକା ତିନିଗୋଟି ପର୍ବତ ମଧ୍ୟରେ ଅବସ୍ଥିତ । ଉପତ୍ୟକା ମଧ୍ୟରେ ଗୋଟାଏ ନାତିବୃହତ୍ କୁଣ୍ଡ ଅଛି, ତାହାର ନାମ ସୀତାକୁଣ୍ଡ । ଏହି କୁଣ୍ଡ ପର୍ବତର ଅଣ୍ଟାଘାଟରେ

ଉତ୍ପନ୍ନ ବୋଲି କିମ୍ବଦନ୍ତୀ ଅଛି । ଗରୁଡ଼ କେଉଁ ସମୟରେ ତାହାଙ୍କୁ ଆସି ଥଣ୍ଟାଘାତ କରିଥିଲା, ତାହା କାହାରି ପରିଜ୍ଞାତ ନୁହେଁ; ମାତ୍ର ଗରୁଡ଼ ଥଣ୍ଟାଘାତ କରିଥିବା କଥା ସତ୍ୟ; ଏହା ନିଃସନ୍ଦେହ । କୁଣ୍ଡଟି ସମଚତୁରସ୍ର । ତାହାର ଗଭୀରତା ଅବଧି କେହି ଜାଣି ପାରିନାହାନ୍ତି । କଥିତ ଅଛି, ଜାପୁଆନୀମାନେ ଥରେ ଅଶୀହସ୍ତପରିମିତ ଲତାରେ ପ୍ରସ୍ତର ବାନ୍ଧି କୁଣ୍ଡରେ ପକାଇଥିଲେ; ମାତ୍ର ତାହା ତଳ ସ୍ପର୍ଶ କଲାନାହିଁ । ଏହାର ସୀତାକୁଣ୍ଡ ନାମର କାରଣ ସମ୍ବନ୍ଧରେ କିମ୍ବଦନ୍ତୀ ନୀରବ । କୁଣ୍ଡର ଦକ୍ଷିଣକୁ ଗୋଟାଏ ଗୁମ୍ଫା ଅଛି, ତାହାକୁ ସୀତାଙ୍କ ଅନ୍ତୁଡ଼-ଶାଳ କହନ୍ତି । ବର୍ତ୍ତମାନ ତାହା ଭିଲ୍ଲଙ୍କ ବଂଶର ଅନ୍ତୁଡ଼-ଶାଳ ହୋଇଅଛି । ଗୁମ୍ଫାର ଗର୍ଭ ଭୀଷଣ ଅନ୍ଧକାରମୟ । ସୀତା ମିଥିଳାର ଭୂଗର୍ଭରୁ ଜାତ ହେବା କଥା ସୁପ୍ରସିଦ୍ଧ; ମାତ୍ର ଶ୍ୱାପଦସଙ୍କୁଳ ଭୟଙ୍କର ସ୍ଥଳରେ ତାଙ୍କର ଅନ୍ତୁଡ଼ଶାଳ କିପରି ହେଲା, ତାହା ଏକ ବିଷମ ସମସ୍ୟା । ଗୁମ୍ଫା ଉପରେ ଖଣ୍ଡିଏ ବିଶାଳ ପ୍ରସ୍ତରର ଆସ୍ତରଣ ଅଛି । ଯାତ୍ରାବେଳ ସେଥିରେ ଗୁଡ଼ିଆ ଏବଂ ପାନଦୋକାନୀମାନେ ପସରା ବାଢ଼ିବସନ୍ତି । କୁଣ୍ଡର ଗୋଟାଏ ପାଖ ପର୍ବତ ଗୃହର କାନ୍ଥ ପରି ସଳଖ ଭାବରେ ଉଠିଯାଇଅଛି । ତାହାର ଉଚ୍ଚତା ପ୍ରାୟ ୫୦ ହାତ ହେବ । ତାହାର ଚୂଡ଼ା ଅଧିତ୍ୟକା ପରି ବିସ୍ତୀର୍ଣ୍ଣ ପରିସରଯୁକ୍ତ । ଅନେକଗୁଡ଼ିଏ ଝରଣାର ଜଳ ଏକତ୍ରିତ ହୋଇ ସେହି ବାଟେ ବହିଆସେ ଏବଂ କୁଣ୍ଡେ ମୋଟର ଗୋଟାଏ ଜଳପ୍ରପାତ ଡେଇଁପଡ଼ି କୁଣ୍ଡରେ ଆସି ପଡ଼େ । ସେହି ଜଳସ୍ତମ୍ଭ ସୂର୍ଯ୍ୟୋଦୟ ସମୟରେ ଶବଳିତ ଦେଖାଯାଏ । ପ୍ରତେ ହୁଏ, ଯେପରି ପ୍ରକୃତି ଦେବୀ ଇନ୍ଦ୍ରଧନୁକୁ ସଳଖାଇ କୁଣ୍ଡ-ପଥରେ ପାତାଳକୁ ଗଳାଇ ଦେଉଅଛନ୍ତି । ପ୍ରପାତର ପ୍ରଚଣ୍ଡ ଧୂ ଧୂ ଶବ୍ଦ ପର୍ବତରୁ ସହସ୍ର ପ୍ରତିଧ୍ୱନି ଜାତକରି ଧ୍ୱନି ପ୍ରତିଧ୍ୱନି ମିଶି ଏପରି ସ୍ଥୂଳ ହୁଏ ଯେ, ତାହା ପ୍ରଳୟକାଳୀନ ଘନ ଗର୍ଜନକୁ ବଳିଯାଏ । ପ୍ରପାତର ଜଳ ସମତଳ ଭୂମିରେ କ୍ଷୁଦ୍ରନଦୀ ଆକାରରେ ପ୍ରବାହିତ ହୋଇ ବୈତରଣୀରେ ପତିତ ହୁଏ । କୁଣ୍ଡର ଅନ୍ୟ ଦୁଇ ପାଖର ପର୍ବତ ଖୁବ ଗଡ଼ାଣିଆ । ସେହି ଗଡ଼ାଣିଆ ସ୍ଥଳରେ ଅନେକ ବଡ ବଡ଼ ବୃକ୍ଷ ପରସ୍ପର ଶାଖା-ହସ୍ତ ଛନ୍ଦାଛନ୍ଦି ହୋଇ ଦଣ୍ଡାୟମାନ । କରି-ଯୂଥ ସେହି ବୃକ୍ଷକୁ ଶୁଣ୍ଢରେ ଧରି ତଳକୁ ଓହ୍ଲାଇ ଆସନ୍ତି ଏବଂ କୁଣ୍ଡରେ ଜଳକେଳି ସମାପ୍ତ କରି ପୁଣି ସେହିପରି ଭାବରେ ପର୍ବତ ଉପରକୁ ଉଠିଯାଆନ୍ତି । ପ୍ରପାତର ନାମ ଆକାଶ-ଗଙ୍ଗା । ବୋଧହୁଏ ଜଳସ୍ତମ୍ଭ ବହୁ ଊର୍ଦ୍ଧ୍ୱ-ଦେଶରୁ ଆକାଶ ଭେଦ କରି ଆସିବାରୁ ଏରୂପ ନାମକରଣ ହୋଇଅଛି ।

ତିନି ପ୍ରହର ସମୟରେ ସ୍ନାନଯୋଗ ପଡ଼ିଲା । ଯାତ୍ରୀମାନେ ହରିବୋଲ ହୁଳାହୁଳୀ ଶବ୍ଦ କରି ସୀତା-କୁଣ୍ଡରେ ସ୍ନାନ କରିବାକୁ ଲାଗିଲେ । ଘୋର ରବରେ ମୃଦଙ୍ଗ କରତାଳ ବାଜିଉଠିଲା । ସେହି ଗହଳ ଶବ୍ଦରେ ପ୍ରପାତର ଗର୍ଜନ ଚାପିଗଲା । ପରଧର୍ମରେ ତାହାର ଆତ୍ମଧର୍ମ ବୁଡ଼ିଯାଇ ମିଳେଇଗଲା । ପର୍ବତ କମ୍ପି ଉଠିଲା, ସେହି କମ୍ପନ ଅନୁଭବ କରି ଶୈଳ-ସ୍ୱାମୀ ଜନ୍ତୁବର୍ଗ ଭୟରେ ଚକ୍ଷୁ ବୁଜିଲେ । ପକ୍ଷୀମାନେ ଆର୍ତ୍ତ କଳରବ କରି ପର୍ବତରୁ ଉଡ଼ି ପଳାଇଲେ । ଏହି ସମୟରେ ଆକାଶରେ ଖଣ୍ଡିଏ କ୍ଷୁଦ୍ର ମେଘ ଉଠିଲା । ଦେଖୁ ଦେଖୁ ତାହା ବିସ୍ତୀର୍ଣ୍ଣ ହୋଇ ସମସ୍ତ ଆକାଶକୁ ଗ୍ରାସ କରି ପକାଇଲା । ମୁହୂର୍ତ୍ତକ ମଧ୍ୟରେ ଘୋର କୃଷ୍ଣତା ଏବଂ ସ୍ନିଗ୍ଧତା ସେହି ମେଘର ସାରା ଶରୀରକୁ ନିବିଡ଼ ଭାବରେ ଆଲିଙ୍ଗନ କରି ବସିଲା । କଳାମେଘ-ବକ୍ଷରେ ବିଜୁଳି ଘନଘନ ଅଗ୍ନିରେଖା ଟାଣିବାକୁ ଲାଗିଲା । ତାହା ଦେଖି ବୋଧହେଲା, ଯେମନ୍ତ କି ଦିଗଙ୍ଗନାମାନେ ଆକାଶ ବକ୍ଷରେ ସ୍ୱର୍ଣ୍ଣକଳରେ ଦ୍ରବ୍ୟ ଅଲେପନ * ଅଙ୍କନ କରୁଅଛନ୍ତି । ପବନ କ୍ରୁଦ୍ଧ ସର୍ପ ପ୍ରାୟ ସାଏଁ ସାଏ ସ୍ୱରରେ ଗର୍ଜି ଉଠିଲା । ଅହୋ, ପ୍ରକୃତିର କି ଉନ୍ମାଦ ନୃତ୍ୟ । କି ଲୋମହର୍ଷଣ ରୁଦ୍ର ସଙ୍ଗୀତ । ସେହି ମୂର୍ତ୍ତିମାନ ଉପଦ୍ରବ ଶରୀର ମଧ୍ୟରୁ ଅସ୍ତ୍ରକୁ ଉପାଡ଼ି ଛିଣ୍ଡାଇ ଖଣ୍ଡଖଣ୍ଡ କରିଦେଲା । ବଣ୍ଡାପିଣ୍ଡାର ବିକଟ ଭୁହାଟ ଗଗନପବନରେ ତରଙ୍ଗିତ ହୋଇ ଖେଳି ବୁଲିଲା । ଅଧିକନ୍ତୁ ମୁଷଳଧାରାରେ ବୃଷ୍ଟି ଢାଳିପକାଇ ଧ୍ୱଂସଲୀଳାର ଅଭିନୟ କରିବାକୁ ଲାଗିଲା । ସଙ୍ଗେ ସଙ୍ଗେ ସହସ୍ର

* ଝୁଣ୍ଟି

ସହସ୍ର ଅଶନି-ନିନାଦ ହୃଦୟର ଧୈର୍ଯ୍ୟଗ୍ରନ୍ଥି ଛିନ୍ନ ଭିନ୍ନ କରି ଉଡ଼ାଇଦେଲା । ସତେ ଯେମନ୍ତ ସେହି ବଜ୍ରପତନ-ଶବ୍ଦାଘାତ ମହାଶବ୍ଦରେ ଆକାଶ ଖଣ୍ଡ ଖଣ୍ଡ ହୋଇ ଫାଟି ଝଡ଼ିପଡ଼ିଲା । ଯାତ୍ରୀମାନେ କୋଳାହଳ କରିଉଠିଲେ । ତଡ଼ାତଡ଼ି, ଠେଲାଠେଲି, ମରାମରି ଲାଗିଗଲା । ସମସ୍ତେ ନିଜ ନିଜ ପ୍ରାଣ ରକ୍ଷାକରିବାକୁ ବ୍ୟସ୍ତ । ଏହି ସମୟରେ ସେହି ଉଦ୍‌ବେଳ ନଦୀ-ସମୁଦ୍ରରୁ ଗୋଟାଏ ଉତ୍ତାଳ ଲହରୀ ଉଠି ପ୍ରବଳ ବେଗରେ ଧାବମାନ ପୂର୍ବକ କାହାକୁ ଆଣି କେଉଁଠାରେ ପକାଇଲା, ସେଥିର ଇୟତ୍ତା ରହିଲା ନାହିଁ । ମହାବଳା ତରଙ୍ଗାଘାତରେ କାହାର ତାଳୁ ଫାଟିଲା, କାହାର ଗୋଡ଼ ଭାଙ୍ଗିଲା, କାହାର ଦାନ୍ତ ଝଡ଼ିଗଲା, କାହାର କଙ୍କାଳ ଜଖମ ହେଲା । ଆହତର କରୁଣ ଚିତ୍କାରରେ ଗୋଟାଏ ଶୋକ ଦୁଃଖର ସ୍ରୋତ ବହିଗଲା । କିଛି କ୍ଷଣପରେ ମେଘ ପବନ କେଉଁଆଡ଼େ ଅନ୍ତର୍ହିତ ହୋଇଗଲା । ଆକାଶ ଶାନ୍ତଭାବ ଧାରଣ କଲା । ଯାତ୍ରୀମାନଙ୍କ ପିଣ୍ଡରେ ପ୍ରାଣ ପଶିଲା । ସେମାନେ ଦୁର୍ଗ୍ରହ କବଳରୁ ରକ୍ଷା ପାଇ 'ଜୟ ମଧୁସୂଦନ' ସ୍ମରଣ କଲେ । ତହୁଁ ହଜାହଜି ଖୋଜାଖୋଜି ଲାଗିଲା । କିଏ ପୁଅ ହଜାଇ କାନ୍ଦିଲା, କିଏ ସ୍ତ୍ରୀ ହରାଇ ହାହାକାର କଲା, କିଏ ବା ଅଳଙ୍କାର ହଜାଇ ଝୁରିହେଲା । ଏହିପରି ପୁନଶ୍ଚ ଶୋକ-ରସର ଅଭିନୟ ଲାଗିଲା । କେବଳ ଶୋକ ନୁହେଁ, ଶୋକ ସଙ୍ଗେ ସଙ୍ଗେ ଅନୁତାପ ମଧ୍ୟ ମଥା ଟେକି ଠିଆହେଲା । ସେ ପଞ୍ଚସାଠାରୁ ମଠାଶାଢ଼ୀ ମାଗି ପିନ୍ଧି ଆସିଥିଲା, ଭଡ଼ାବଣ୍ଡରେ ତାହା ଚିରିଯିବାରୁ ସେ ଅନୁତାପରେ ଦଗ୍‌ଧୀଭୂତ ହେଲା । ଯାହାର ଗହଣା ହଜିଲା, ଗୁରୁଜନମାନଙ୍କ ଗଞ୍ଜଣା ଭୟରେ ତାହାର ଅନୁତାପର ସୀମା ରହିଲା ନାହିଁ । ଯେ ନୂଆ ଜାମାଟିଏ ଗତ କାଲି ହାଟରୁ କିଣି ଆଣିଥିଲା, ତାହାର ସେ ଜାମାଟି ଭିଜିଯିବାରୁ ଜାମା ଗୁଣ ସ୍ମରଣ କରି ଦେଢପଇସା ଅକାରଣ ପାଣିରେ ପଡ଼ିଲା ବୋଲି ସେ ବ୍ୟାକୁଳ ହେଲା । ସାନ୍ଧ୍ୟ ମେଳା ପ୍ରଭୃତିରେ ଚୋର ଖଣ୍ଡ-ମାନଙ୍କର ସମଧିକ ସୁବିଧା ହୁଏ । ଆନନ୍ଦରେ ସେମାନଙ୍କର ହାତ ଲୁଣ୍ଠେ ହୋଇଉଠିଲା । କିଏ କାହା କାନରୁ ସୁନାନୋଳୀ ଛିଣ୍ଡାଇ ନେଇ ଅଣ୍ଟିରେ ଖୋସିଦେଇ ସାଧୁ ସଜ୍ଜନ ପରି ହୃଦୟ ଫୁଲାଇ ମନଫୁଲଣ୍ୟା ଗୀତ ଗାଇଲା । କିଏ ଚମ୍ପାକଢ଼ିମାଳ ଛେଡ଼େ ସାଉଣ୍ଟି ନେଇ ଅଖାଭିତରେ ଲୁଚାଇ ରଖି ଭଦ୍ରଲୋକ ପରି ହଜିବା ଲୋକ ନିକଟରେ ସହାନୁଭୂତି ଦେଖାଇ କଥା କହିଲା । ମାତ୍ର ନିଜେ ସିଆଣା ବୋଲି ମନେ ମନେ ନିଜକୁ ପ୍ରଶଂସା କରି ମୁରୁକି ହସା ଦେଲା । ଏହିପରି ଯାତ୍ରା ଦେଖାର ମଜା ସମସ୍ତେ ଉପଭୋଗ କରି ଘରକୁ ଫେରିଗଲେ ।

ମଧୁ ବେଳ ପ୍ରହରକ ସମୟରେ ଆସି ବାବାଜିଙ୍କ ପୂର୍ବନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହୋଇ ଆତ୍ମଗୋପନର ସୁବିଧାସ୍ଥଳ ଖୋଜିବାକୁ ଲାଗିଲା । ଦେଖିଲା, ଏକ ସ୍ଥାନରେ ଗୋଟାଏ କ୍ଷୁଦ୍ର ଗୁମ୍ଫା ଅଛି । ସେଥିରେ ଜଣେ ମନୁଷ୍ୟ ସ୍ୱଚ୍ଛନ୍ଦରେ ବସିପାରେ । କିନ୍ତୁ ସ୍ଥୂଳକାୟ ହେଲେ ଚଳିବ ନାହିଁ । ମଧୁ ଭାବିଲା—"ଏହି ଗୁମ୍ଫା ଭିତରେ ବସି ଦ୍ୱାରରେ ଖଣ୍ଡେ ପଥର ଆଉଜାଇ ଦେଲେ ମତେ କେହି ଦେଖିପାରିବ ନାହିଁ ।" କଳ୍ପନାକୁ ଆକାର ପ୍ରଦାନ କରି ମଧୁସୂଦନ ଅତି ତ୍ୱରା କାର୍ଯ୍ୟ ସମାଧାନ କରିନେଲା । ପାଠପଢ଼ାରେ ସେ ଦୁର୍ବଳ ହେଲେହେଁ ଏହିପରି କାର୍ଯ୍ୟରେ ତାହାର ମସ୍ତିଷ୍କ ଖୁବ୍ ଉର୍ବର ଏବଂ ବୁଦ୍ଧି ପ୍ରଖର । ଖଳ ଲୋକ କଳହକୁ ଯେପରି ଚାହିଁ ବସିଥାଏ, ଜମିଦାର ଖଜଣା ଟଙ୍କାକୁ ଯେପରି ଚାହିଁ ବସିଥାଏ, କ୍ଷୁଧାତୁର ଭାତଥାଳି ଆସିବାକୁ ଯେପରି ଚାହିଁ ବସିଥାଏ ଅଥବା ଚୋର ଯେପରି ରାତିକୁ ଚାହିଁ ବସି ଥାଏ, ମଧୁ ସେହିପରି ବାବାଜିଙ୍କ ଆଗମନକୁ ଚାହିଁ ବସି ଚିନ୍ତା-ହସ୍ତରେ ଆତ୍ମସମର୍ପଣ କଲା । ଘରଠାରେ ଯେଉଁ କୀର୍ତ୍ତି କରି ଆସିଅଛି, ସେ ଚିନ୍ତା—ବାବାଜି ଯଦି ନ ଆସେ, ତେବେ କଅଣ ହେବ—ଏହିପରି ନାନା ଚିନ୍ତାରେ ହାର ଗୁନ୍ଥିବାକୁ ଲାଗିଲା । ମଧ୍ୟେ ମଧ୍ୟେ ମସ୍ତିଷ୍କ ଗୋଳମାଳ ହୋଇ ଯାଉଥାଏ । ଚିନ୍ତାର ସୂତ୍ର ଛିଣ୍ଡି ଯାଉଥାଏ; ମାତ୍ର ପର ମୁହୂର୍ତ୍ତରେ ଆପେ ଆପେ ଯୋଡ଼ିହୋଇ ଯାଉଥାଏ । ଏଣେ ବଂଶୀଶବ୍ଦକୁ ମଧ୍ୟ ନିଘା ଦେଇଥାଏ । କେତେବେଳେ ଗୋପୀମୋହନ

କୃଷ୍ଣଙ୍କର ଉତ୍ତାଟ ମୋହନବଂଶୀ ବାଜିଉଠିବ, ବାରହଣୀ ସ୍ୱଧୂଳୀର ଚକ୍ଷୁ ନନ୍ଦିତ ହେବ । ହା, ନିଷ୍ଠୁର କୃଷ୍ଣଙ୍କର ଏତେ ବିଳମ୍ବ କାହିଁକି ? ତୁମ୍ଭ ସ୍ୱଧା ଯେ ଏଣେ ଅସମ୍ଭାଳ । ସ୍ୱରେ ଶ୍ରୀମୁଖପଙ୍କଜ ଦେଖାଇ ତାହାର ନେତ୍ର ସାର୍ଥକ କର । ସାନ୍ତ୍ୱକ ବିକାରରେ ସେ ବସୁଧା ଯେ ମଲ୍ ଅସି । ବର୍ଷା ତୋଫାନ ପ୍ରତି ମଧୁର ଲେଶମାତ୍ର ଭ୍ରୁକ୍ଷେପ ନାହିଁ । ସେ ତ ନିରାପଦ ଗୁମ୍ଫା ଗର୍ଭରେ—ତୁଷ୍ଟି, ବଜ୍ର ତାହାର କଅଣ କରିପାରିବ ? କଥାରେ କହନ୍ତି—"ବାଉ ଚଢ଼େଇର କଅଣ ଯାଏ, ବାଆ କଲେ ବସା ଦୋହଲୁଥାଏ ।" ପବନରେ ଅନ୍ୟାନ୍ୟ ପକ୍ଷୀର ଆପଦ; ମାତ୍ର ବାଉ ଚଢ଼େଇ ବସାରେ ବସି ସୁଖରେ ଦୋଳିଖେଳ ଖେଳେ । ଏହିପରି ଯେଉଁଠାରେ ସର୍ବନାଶ, ଅନ୍ୟର ସେଠାରେ ପୌଷମାସ; ମଧୁ ଏଥିର ଦୃଷ୍ଟାନ୍ତ । ବର୍ଷାବେଳେ ବାହାରକୁ ଆସି ବାବାଜି ଆସିଲେ କି ନାହିଁ ଦେଖିବାକୁ ମଧୁର ବଡ଼ ଇଚ୍ଛା ଘଟିଲା ନାହିଁ । ପ୍ରକୃତିର ଉପଦ୍ରବ ବନ୍ଦ ହେଲାପରେ ତାହାର ଚିନ୍ତା ଭିନ୍ନମୁଖୀ ହେଲା । ସେ ଭାବିଲା, ଏ ଦୁର୍ଯୋଗରେ କି ବାବାଜି ବଞ୍ଚିଥିବେ ! ଏତେ ଗଛ ଉପୁଡ଼ିପଡ଼ିଲା—ଏତେ ଡାଳ ଭାଙ୍ଗିଗଲା, ଗୋଟାଏ ଯଦି ତା ଉପରେ ପଡ଼ିଥିବ, ତେବେ ସେ ତ ସାରା । ତାହାହେଲେ ମୋତେ ଝଙ୍କାଗଛ ଆଉ କିଏ ଦେଖାଇବ ? ବାବାଜିର ଏହିପରି ମଙ୍ଗଳ ଚିନ୍ତା କରି ସେ ନିରାଶ ହୋଇପଡ଼ିଲା । ତାହାର ହୃଦୟ ଏକ ପ୍ରକାର ଉଡ଼ିଗଲା । ଏହି ସମୟରେ ବଂଶୀ-ଧ୍ୱନି ଶୁଭିଲା । ମାୟାବିନୀ ଆଶା ଧାଇଁ ଆସି ମଧୁର ହାତ ଧରି ଉଠାଇନେଲା । ବଂଶୀଧର ବଂଶୀ-ଶବ୍ଦରେ ମୃଗ ଉତ୍କଣ୍ଠିତ ହୋଇ ବନରୁ ବାହାରି ଆସିଲା ପ୍ରାୟ ସେ ଗୁମ୍ଫାରୁ ବାହାରି ଆସି ଦେଖିଲା, ସମ୍ମୁଖରେ ସଶରୀରରେ ସ୍ୱୟଂ ବାବାଜି ଦଣ୍ଡାୟମାନ । ତାକୁ ଦେଖି ମଧୁର ଶୁଷ୍କ ଆଶାଲତା କଅଁଳି ଉଠିଲା, ସେ ଅଧୀର ଆନନ୍ଦରେ ବାବାଜିଙ୍କୁ ଭୁଣ୍ଡାଇ ପକାଇଲା । ବାବାଜି ଟିକିଏ ହସି-ଦେଇ ମଧୁକୁ କାନ୍ଧରେ ବସାଇ ନୀରବରେ ଅରଣ୍ୟ ଗର୍ଭରେ ଅନ୍ତର୍ଦ୍ଧାନ ହୋଇଗଲା ।

---

# ଦ୍ୱାଦଶ ପରିଚ୍ଛେଦ

ଶକୁନ୍ତଳା ସ୍ୱୀୟ ପ୍ରକୋଷ୍ଠମଧ୍ୟସ୍ଥ ପର୍ଯ୍ୟଙ୍କୋପରି ଏକାକିନୀ ଉପବିଷ୍ଟା । ଦେହର ଲାବଣ୍ୟ-ଛଟାରେ ଗୃହ ଆଲୋକିତ । ପାଠକ, ଆଜି ସେ ପୂର୍ବପରିଚିତା ସଦାନନ୍ଦ-ମୟୀ ଶକୁନ୍ତଳା ନାହିଁ । ଏ ଶକୁନ୍ତଳା ବିଷାଦମୟୀ ଶୋକପ୍ରତିମା । ଆଜି ସେ ଦୟାଦୃଷ୍ଟି ନାହିଁ, ବିମ୍ବା-ଧରରେ ସେ ସ୍ୱପ୍ନସୁନ୍ଦର ହାସ୍ୟରେଖା ନାହିଁ; ମୁଖମଣ୍ଡଳ ପର୍ଯ୍ୟୁଷିତ ଶେଫାଳିକା ପରି ମ୍ଳାନ ଏବଂ ଶୁଷ୍କ । କପାଳରେ ଚିନ୍ତାର ତ୍ରିବଳୀ ରେଖା ଫୁଟି ଉଠିଅଛି । ଦାରୁଣ ଦୁଃଖର ତପ୍ତ ପ୍ରଶ୍ୱାସରେ ଓଷ୍ଠାଧର ପାଣ୍ଡୁର ବର୍ଣ୍ଣ ଧାରଣ କରିଅଛି, ଯେପରି କି ବନ୍ଧୁଳୀକୁସୁମରେ ନବବର୍ଷାର ଧୂମ୍ର ଲିପ୍ତ ହୋଇଅଛି । ତଥାପି ସୁନ୍ଦରୀର ସୁନ୍ଦରିମା ସର୍ବାଙ୍ଗରୁ ଝରିପଡ଼ୁଅଛି । ଶାରଦଶୁଭ୍ର ଘନା-ନ୍ତରାଳରୁ ଚନ୍ଦ୍ରର ଶୋଭା ଫୁଟିଉଠିଲା ପ୍ରାୟ ତାହାର ସ୍ନିଗ୍ଧ ତରଳ ସୁଷମାରାଶି ଶୁକ୍ଳ କ୍ଷୀଣବସ୍ତ୍ର ଭେଦକରି ବାହାରି ପଡ଼ୁଅଛି । ଚକ୍ଷୁର ପଲକ ପଡ଼ିବାକୁ ନାହିଁ; ମାତ୍ର ସେ ଚକ୍ଷୁ ଜ୍ୟୋତିଶୂନ୍ୟ । ଦୁଇ ଅଶ୍ରୁ ଉନ୍ମୁଖ ହୋଇ ରହିଅଛି; ମାତ୍ର ବାହାରିବାକୁ ବାଟ ପାଉନାହିଁ । ହାୟ, ଆଜି ଏ ଲାବଣ୍ୟର ସ୍ୱର୍ଣ୍ଣ ପ୍ରତିମାଟି ଯେଉଁ ଶୋକଗ୍ରନ୍ଥର ଶୋକ ଅଧ୍ୟାୟ ନୀରବରେ ପାଠକରୁଅଛି, ତାହା ଅନ୍ୟର ଅପରିଜ୍ଞେୟ । ଦୁଷ୍ଟ ଚିନ୍ତାକୀଟ ଏ ସୌମ୍ୟ ସତେଜ ଲତାଟିର ଅନ୍ତଃସାର ନିର୍ମମ ଭାବରେ ଶୋଷିପକାଇ ତାହାକୁ ଝାଉଁଳେଇ ଦେଇଅଛି । କିଛି କ୍ଷଣପରେ ଲୁପେଇ ସେଠାରେ ପ୍ରବିଷ୍ଟ ହୋଇ ଶକୁନ୍ତଳାର ଭାବାନ୍ତର ଦେଖି ପଚାରିଲା—"କି ମା, ମୁହଁ ଶୁଖାଇ ବସିଛ କାହିଁକି ? ଆହା, ଚମ୍ପାଫୁଲ ପରି ଗୋରା ଦେହଟା କଳାକାଠ ହେଉଛି ।" ଲଳିର

ଅସ୍ଫୁଟସ୍ୱରରେ ସାମନ୍ତଙ୍କ ଘନ ଘନ ନିଜର ରୂପ-ପ୍ରଶଂସା ଶୁଣି ଶକୁନ୍ତଳାର ଗଣ୍ଡ ଲଜ୍ଜାର ରକ୍ତରାଗରେ ରଞ୍ଜିତ ହୋଇଉଠିଲା । ସେ ଦୀର୍ଘ ନିଃଶ୍ୱାସ ପକାଇ କମ୍ପିତ କଣ୍ଠରେ କହିଲା—"ତୁ କଅଣ ବୁଝିବୁ ରୂପେଇ, ତୁ ଯେବେ ମୁଁ ହୋଇ ପାରନ୍ତୁ, ତେବେ ମୋର ମନ କଅଣ ହଉଛି, ବୁଝନ୍ତୁ ।"

ରୂପେଇ—ସତ କହୁନି, ମୋ ରାଣ । ତମକୁ ଇମିତି ଦେଖି ମୋତେ କାନ୍ଦମାଡ଼ୁଛି ।

ଶକୁନ୍ତଳା—ମଧୁ ତିନିଦିନ ହେଲା ଘରକୁ ଆସି ନାହିଁ, ତାହାରି ଲାଗି ମନଟା ଘାଣ୍ଟି ଗୋଳେଇ ହଉଚି ।

ରୂପେଇ—ଯେ ମାରି ଲହୁଲୁହାଣ କରିଦେଇ ଚାଲିଗଲା, ତା ଲାଗି ପୁଣି ଏତେ ଭାବନା ?

ଶକୁନ୍ତଳା—ସେ ମାରିବ କାହିଁକି ଲୋ, ପିଲାଟା ରାଗରେ ହାଣ୍ଡି କଣ୍ଟେଇଦେଲା—ଖପରା ମୁହାଣ୍ଡି ଖଣ୍ଡେ ଆସି ମୋ ମୁଣ୍ଡରେ ବାଜିଲା, ତାର ଦୋଷ କଅଣ ? ହାୟ, ମା-ଛେଉଣ୍ଡଟି କେଉଁଠି ଅଛି, କଅଣ ଖାଉଚି । ଏହା କହୁଁ କହୁଁ ଦୁଇଟା ଲୋତକଧାରା ଶକୁନ୍ତଳାର ଗଣ୍ଡସ୍ଥଳ ଦେଇ ବହି ଆସିଲା, ଓଷ୍ଠ କମ୍ପିଉଠିଲା ; ଆଉ ସେ କିଛି କହିପାରିଲା ନାହିଁ । ବାଳିକାର ନିର୍ମଳ କୋମଳ ଅନ୍ତଃକରଣ ମଧ୍ୟରେ ମାତୃତ୍ୱର ଅଦ୍ଭୁତ ସ୍ନେହବିକାଶ ଦେଖି ରୂପେଇ ସ୍ତମ୍ଭିତ ହୋଇ ରହିଲା । ମନେ ମନେ କହିଲା, ଏ ସାମାନ୍ୟ ମାନବୀ ନୁହେଁ, ଦୟାର ଦେବୀପ୍ରତିମା । ମୁହୂର୍ତ୍ତକ ପରେ ଶକୁନ୍ତଳାର ଲୁହ ପୋଛିଦେଇ କହିଲା—"ଛି, ବହୂସାଆନ୍ତାଣୀ, ଏହି ଲାଗି କାନ୍ଦୁଚ ? ମନ ଥୟ କର, ମଧୁ ଆଉ କୁଆଡ଼େ ଯିବେ, ବାବାଙ୍କ ଘରେ କେଉଁଠି ଲୁଚିଛନ୍ତି, କାଲେ ଆସିବେ । ତମେ କାହିଁକି ଛନିଆ ହଉଚ ? ବାବା ସାଆନ୍ତେ ଖୋଜେଇବାକୁ କାହାରିକି ପଠାଇଥିବେ ଯେ ।" ଶକୁନ୍ତଳା କହିଲା—"ନା, ସେ ଭାରି ରାଗିଛନ୍ତି । କହିଲେ, ସେ ଯୁଆଡ଼େ ଯାଉ ପଛେ ମୁଁ ତାକୁ ଖୋଜିପାରିବି ନାହିଁ । କିଛି ନ କହିବାରୁ ସେ ଟୋକା ଗାଁରର ମଗଜ ବଢ଼ିଯାଇଛି । ଆଜି ଭାଉଜକୁ ମାରିଲା, କାଲି ବାଇକି ମାରିବ, ପଅରି ଦିନ ମତେ ମାରିବ; ତା ଜାଲାରେ ମୁଁ ଆଉ ଗାଁରେ ମୁହଁ ଦେଖାଇ ପାରିବି ନାହିଁ ।"

ରୂପେଇ—ହଁ, ସେ ରାଗବଶରେ କହିଲେ ବୋଲି ସତେ କଣ ଆଉ ପୁଅଟାକୁ ଘରୁ ତଡ଼ିଦେବେ ? ତମେ ଆଉ କାନ୍ଦ ନାହିଁ ବହୂମଣିମା, ଜୁହାରି ହଉଚି, ଖାଇବ ଚାଲ । ରୂପେଇ ଏହିପରି ପ୍ରବୋଧ ଦେଇ ଶକୁନ୍ତଳାର ହାତ ଧରି ଉଠାଇ ନେଇଗଲା ।

ଏଠାରେ ସଂକ୍ଷେପରେ ରୂପେଇର ଟିକିଏ ପରିଚୟ ଦେବା ଆବଶ୍ୟକ । ନଚେତ୍ ରୂପେଇର ଚରିତ୍ରଚିତ୍ର ଅସମ୍ପୂର୍ଣ୍ଣ ରହିଯିବ । ରୂପେଇ ବାଳ-ବିଧବା, ବୟସ ତିରିଶ ବରଷର ଏ ପାଖ, କାଠରେ ଖଣ୍ଡାଏଡ଼; ମାତ୍ର ତାହାର ପତିପିତୃକୁଳରେ ସନ୍ଧ୍ୟାବତୀ ଜାଳିବାକୁ କେହି ନାହିଁ । ତାହାର ଚରିତ୍ର ଗଙ୍ଗାଜଳ ପରି ନିର୍ମଳ ଏବଂ ସତ୍ୟର ଆଲୋକ ପରି ଉଜ୍ଜ୍ୱଳ । ଏହି ଚରିତ୍ର-ସ୍ୱଚ୍ଛତା ହେତୁ ସେ ସାମନ୍ତଙ୍କ ଗୃହରେ ସ୍ଥାନ ପାଇଅଛି । ହେମବତୀ ସାମନ୍ତ ତାକୁ ନିଜର କନ୍ୟା ତୁଲ୍ୟ ସ୍ନେହ କରନ୍ତି । ଗୋରୁଙ୍କୁ କୁଣ୍ଡା ତୋରାଣି ଦେବା ଏବଂ ଗାଈ ଦୁହିଁବା ତାହାର ପ୍ରଧାନ କାର୍ଯ୍ୟ । ଅପ୍ସରା ତୁଲ୍ୟ ସୁନ୍ଦରୀ ନ ହେଲେ ସୁଦ୍ଧା ସେ କୁରୂପା ନୁହେଁ । ତାହାର ଚରିତ୍ର ମଧୁର; ମାତ୍ର ଜିହ୍ୱାଟି ଟିକିଏ କଟୁ । ଦୋଷ ଏତିକି ଯେ, ସେ ଭାରି ଡ଼ବଡ଼ବୀ, କୌଣସି କଥା ତା ପେଟରେ ରହିପାରେ ନାହିଁ । ଅନଭ୍ୟାସୀ ପେଟରେ ଅଫିମ ପରି କଥା ତାହା ପେଟରେ ମହଣ୍ଡେଇ ହୁଏ । ଯେଉଁଦିନ ଶକୁନ୍ତଳା ମୁଣ୍ଡରେ ଖପରାମୁହାଣ୍ଡି ବାଜି ରକ୍ତ ବହିଲା, ସେଦିନ ରୂପେଇ ଘଟଣା ସ୍ଥଳରେ ଥିବାର ପାଠକମାନେ ଜାଣି ଅଛନ୍ତି । ସେ କଥା କାହାରି ପାଖରେ କହିବାକୁ ଶକୁନ୍ତଳା ତାକୁ ବାରମ୍ବାର ନିଷେଧ କରିଥିଲା । ସେ ସୁଦ୍ଧା ନିଜର ଆଖି ଛୁଇଁ ନିୟମ କରି ଆଦେଶ ପାଳନରେ ସ୍ୱୀକୃତ ହୋଇଥିଲା; ମାତ୍ର ଉତ୍ତରକୁମାର ପ୍ରତିଜ୍ଞା ପରି ତାହାର ସେ ପ୍ରତିଜ୍ଞା ଦଣ୍ଡେ ସୁଦ୍ଧା ପାଳିତ ହେଲା ନାହିଁ । ସେ ଚାଉଳ ଧୋଇବାକୁ ଯାଇ ଦେଖିଲା, ସନା-ମା ନଦୀରେ ସ୍ନାନ କରୁଅଛି । ରୂପେଇ ତାହା ପାଖକୁ ଯାଇ କହିଲା—"ସନା-ମା ଖୁଡ଼ୀ, ଗୋଟେ କଥ

ଶୁଣିବୁ ନା ?'' ଏହା କହି ପ୍ରତ୍ୟୁତ୍ତରର ଅପେକ୍ଷା ନ କରି ଘଟନା ଆମୂଳ ବର୍ଣ୍ଣନା କରିଗଲା । ଶେଷରେ କହିଲା, "କହ୍ନମଣିମା କହିଲେ, ରୁପେଇ ତୁ ଏ କଥା କାହାକୁ କହିବୁ ନାହିଁ ।" ଏ କଣ ଲୋ ମାଇଣୀ, ମୁଁ କାହିଁକି କାହାକୁ କହିବି, ମୋର କି ଗରଜ ପଡ଼ିଛି ? ତୋ ରାଣ ଖୁଡ଼ୀ, ଆଖି ଛୁଇଁ କହୁଚି—ମୁଁ ସମିତି ଟାଉକ ଓଲେଇ ନୁହେଁ ଯେ, ଇଆ କଥା ତା କତିରେ, ତା କଥା ଇଆ କତିରେ କହିବୁଲିବି । ତୁ ସିନା ଆପଣାର ବୋଲି ତତେ କହିଲି, ଖବରଦାର, ତୋ ଜୁଇଁ ରାଣଟି ଖୁଡ଼ୀ; ତୁ ଏକଥା କାହାରିକି କହିବୁ ନାହିଁ । ଚୂଡ଼ିଲ ଧୋଇ ଆସୁ ଆସୁ ବାଟରେ ଯାହାକୁ ଦେଖିଲା, ତାହା ପାଖରେ ଏହିପରି ବକ୍ତୃତା କରି କରି ଆସିଲା ଏବଂ କଥା ପ୍ରକାଶ ନ କରିବା ସକାଶେ ସମସ୍ତଙ୍କୁ ନିୟମ ପକାଇବାକୁ ଭୁଲିଲା ନାହିଁ । ରୁପେଇର ଆଉ ଗୋଟାଏ ଭଲ ଗୁଣ ଏହି ଯେ, ସେ ଖୁବ୍ ବନେଇ ଚୂନେଇ ସମାଲୋଚନା କରିପାରେ । ପୁସ୍ତକ ପତ୍ରିକାର ସମାଲୋଚନା ନୁହେଁ—କାହାର ଝିଅ ଶାଶୁଘରକୁ ଗଲେ କିମ୍ବା ବୋହୂ ଆସିଲେ ସେମାନଙ୍କର ରୂପଗୁଣ ସାଡ଼ମ୍ବରରେ ସମାଲୋଚନା କରି ବୁଲେ । ସଂଖ୍ୟା-ଶାସ୍ତ୍ରରେ ରୁପେଇ ଶୁଭଙ୍କରଙ୍କର ପଣ-ଶ୍ୱସୁମା । ଦୁଇ ତିନି ମିଶିଲେ ତାହାର ନବସୂତ୍ରାନୁସାରେ ସାତ ହୁଏ । ତାହାର ମାସକ ଛତିଶ ଦିନ, ବାରଗଣିବା ପୁଣି ଅଦ୍ଭୁତ । ରବିବାରର ନାମ ବଡ଼ିବାର (ରବିନାରାୟଣ ବୃତ୍ତାନୁସାରେ), ସୋମବାରର ନାମ ଈଶ୍ୱରବାର, ବୁଧବାରର ନାମ ହାଟବାର, ଗୁରୁବାରର ନାମ ଧାନ-ମାଣିକବାର, ଶୁକ୍ରବାରର ନାମ ଅନୁକୂଳବାର; ଅର୍ଥାତ୍ ସେ ଦିନ ଧାନ ବୁଣା, ଧାନ କଟା ଏବଂ ଶାଗ-କଟା ପ୍ରଭୃତି ଅନୁକୂଳ ହୁଏ । କେବଳ ଶନି, ମଙ୍ଗଳ-ବାରଦ୍ୱୟ ଭାଗ୍ୟବଶତଃ ଅବିକୃତ ଥାଏ ।

କ୍ରୋଧର ଉତ୍ତେଜନାରେ ହେମହର ସାମନ୍ତ ମଧୁକୁ ଖୋଜିବେ ନାହିଁ ବୋଲି କହି ପକାଇଥିଲେ; ମାତ୍ର ଭୀଷ୍ମ ପ୍ରତିଜ୍ଞା ପରି ତାହା ଅଟଳ ରଖିପାରିଲେ ନାହିଁ । ଯେହେତୁ ତାଙ୍କ ହୃଦୟ ଯେ ପିତୃ ହୃଦୟ । ଯେ ପିତା ହୋଇନାହାନ୍ତି, ସନ୍ତାନବାତ୍ସଲ୍ୟର ତୀବ୍ର ଯନ୍ତ୍ରଣା ସେ ବୁଝିପାରିବେ ନାହିଁ । ସ୍ନେହର ଏପରି ମାହାତ୍ମ୍ୟ ଯେ, ସେ ନାସ୍ତିକ ପଥରକୁ ସୁଦ୍ଧା ପାଣି କରିଦିଏ । ବହୁ ସନ୍ତାନ ଲାଭକୁ ଲୋକେ ଗୌରବର ମାଲ୍ୟ ଜ୍ଞାନରେ ନିଜକୁ ଭାଗ୍ୟବାନ୍ ମଣନ୍ତି; ମାତ୍ର ପ୍ରକୃତରେ ତାହା ସୌଭାଗ୍ୟର ଲକ୍ଷଣ ନୁହେଁ—ଯନ୍ତ୍ରଣାର ଅଗ୍ନିକୁଣ୍ଡ । ସନ୍ତାନ ପୀଡ଼ିତ ହେଲେ ଜନକଜନନୀର ଯନ୍ତ୍ରଣାର ସୀମା ନ ଥାଏ । ସେମାନେ କ୍ଷୁଧା ତୃଷା ପ୍ରତି ଭ୍ରୂକ୍ଷେପ ନ କରି ସନ୍ତାନର ସେବାରେ ନିଜକୁ ଉତ୍ସର୍ଗ କରନ୍ତି । ଦେବଦେବୀଙ୍କୁ ଭୋଗ ମାନସ କରନ୍ତି, ଗୁଣିଆ ଡାକି ଝଡ଼ା ଫୁଙ୍କା କରନ୍ତି, ବୈଦ୍ୟ ଆଣାଇ ଚିକିତ୍ସା କରାନ୍ତି । ମନ୍ତ୍ରର ଶକ୍ତି ଅସ୍ୱୀକାର୍ଯ୍ୟ ନୁହେଁ । ମନ୍ତ୍ର ଶବ୍ଦର ସମଷ୍ଟିମାତ୍ର । ଶବ୍ଦଦ୍ୱାରା ସଂସାର ସୃଜିତ ଏବଂ ନିୟନ୍ତ୍ରିତ । ଶବ୍ଦର ଶକ୍ତି ଅସୀମ; ସୁତରାଂ ମନ୍ତ୍ରର ଶକ୍ତି ମଧ୍ୟ ନିଃସନ୍ଦେହ । ତେବେ ଉପଯୁକ୍ତ ପାତ୍ର ଏବଂ କ୍ରିୟା ଭେଦରେ ସେ ଶକ୍ତିର ଇତରବିଶେଷ ଘଟିପାରେ । ସନ୍ତାନ-ସ୍ନେହର ଯନ୍ତ୍ରଣା ଭୁକ୍ତଭୋଗୀମାନେ ପ୍ରାଣେ ପ୍ରାଣେ ଅନୁଭବ କରିଅଛନ୍ତି । ପ୍ରାତସ୍ମୃତ ମହାତ୍ମା ଦଶରଥ ପ୍ରିୟପୁତ୍ର ରାମଙ୍କ ଅଦର୍ଶନରେ ପ୍ରାଣତ୍ୟାଗ କରିଥିଲେ । ଅନ୍ଧକ ଋଷିଙ୍କର ସୁଦ୍ଧା ସେହି ଦଶା ଘଟିଥିଲା । ପୁତ୍ରର ମିଥ୍ୟା ଅମଙ୍ଗଳ ସମ୍ବାଦ ଶୁଣି ଜ୍ଞାନବୃଦ୍ଧ ଦ୍ରୋଣ ଅସ୍ତ୍ରତ୍ୟାଗପୂର୍ବକ ମୃତ୍ୟୁକୁ ଆମନ୍ତ୍ରଣ କରିଥିଲେ । ଅପତ୍ୟ ସ୍ନେହ କେବଳ ମନୁଷ୍ୟ ଜାତି ମଧ୍ୟରେ ସୀମିତ ନୁହେଁ, ପଶୁ ପକ୍ଷୀ ସୁଦ୍ଧା ସେଥିରେ ଆବଦ୍ଧ । ଯହିଁରେ ଯେତିକି ଆନନ୍ଦ, ତହିଁରେ ତେତିକି ବିଷାଦ, ଯହିଁରେ ଅମୃତ ଅଛି, ସେଥିରେ ବିଷ ସୁଦ୍ଧା ଅଛି ; ଏହା ସୃଷ୍ଟିର ନିୟମ । ଆଜି ସାମନ୍ତଙ୍କ ମୁଖରେ ହାସ୍ୟ ନାହିଁ, କି ମନରେ ଆନନ୍ଦ ନାହିଁ । ପୁତ୍ର ବିଚ୍ଛେଦରେ ବିଷାଦ-ହିଲ୍ଲୋଳ ତାଙ୍କ ଅନ୍ତଃକରଣକୁ ପରିପ୍ଲାବିତ କରିଅଛି । କର୍ମରେ ଉତ୍ସାହ ନାହିଁ, ମନ କାହିଁରେ ନ ଲାଗି ଶୂନ୍ୟେ ଶୂନ୍ୟେ ଉଡ଼ି ବୁଲୁଅଛି । ଜୀବନ ଭାରଭୂତ ବୋଧ ହେଉଅଛି, ଚତୁର୍ଦ୍ଦିଗ ଅନ୍ଧକାର ଦିଶୁଅଛି । ଆଜି ତାଙ୍କୁ ଦେଖିଲେ କେହି ପାଳିବାକୁ ନେବାକୁ ଇଚ୍ଛା କରିବ ନାହିଁ । ଏହି ତିନି ଚାରିଦିନ ମଧ୍ୟରେ ତାଙ୍କର ବୟସ ଯେପରି କୋଡ଼ିଏ ବର୍ଷ ଅତୀତ ହୋଇ-

ଯାଇଛି । ଏହି ଅସାର ସଂସାର ମଧ୍ୟରେ କିଏ କାହାର ପୁତ୍ର, କିଏ କାହାର ପରିବାର ଏବଂ କିଏ କାହାର ବନ୍ଧୁ ? ଅବୋଧ ମନ ଏହା ଜାଣି ସୁଦ୍ଧା ପ୍ରବୋଧ ମାନେ ନାହିଁ, ଏହାହିଁ ବିଚିତ୍ର । ଧନ୍ୟ ମାୟା, କୋଟି ଧନ୍ୟ ତାହାର ଅମୋଘ କୁହୁକ । ଏହି ଅପୂର୍ବ କୁହୁକ ପର ପର ମଧ୍ୟରେ ପରିଚୟ କରାଇ ଦିଏ ଏବଂ ବିନା ସମ୍ପର୍କରେ ସମ୍ପର୍କ ବାନ୍ଧିଦିଏ । ହେମହରି ସାମନ୍ତେ, ମଧୁ ତୁମ୍ଭର କିଏ ? ତାହା ସକାଶେ ଏତେ ଦୁଃଖ, ଏତେ ଚିନ୍ତା, ଏତେ ଆଶଙ୍କା କାହିଁକି ? ରୋଗବେଳେ ମଧୁକୁ ଦେଖିଲେ ତୁମ୍ଭର ରୋଗ କି ହରିଯାଏ, କ୍ଷୁଧାବେଳେ ଦେଖିଲେ କ୍ଷୁଧା କି ଶାନ୍ତ ହୁଏ ? ଅଚ୍ଛା ତୁମ୍ଭେ ସଂସାର-ପ୍ରଳୟରୁ ବିଦାୟ ନେବାବେଳେ ମଧୁ କି ତୁମ୍ଭର ପ୍ରାଣକୁ ମୁହୂର୍ତ୍ତେ ଅଟକାଇ ରଖିପାରିବ ? ସେ ଭଳି କ୍ଷମତା ତାହାର ଅଛି କି ? ତେବେ ଏତେ ବୃଥା ହାନ୍ତସନ୍ତ କାହିଁକି ? ତାହା ତୁମ୍ଭର ଦୋଷ ନୁହେଁ, ତୁମ୍ଭର ହୃଦୟ ପୋଷିତ ସ୍ନେହର ଦୋଷ । ଯାହା ପ୍ରତି ଯେତିକି ସ୍ନେହ ତାହା ଜୀବନ ପ୍ରତି ସେତିକି ଆଶଙ୍କା । ସ୍ନେହବୃଦ୍ଧି ସଙ୍ଗେ ସଙ୍ଗେ ଆଶଙ୍କାର ସୁଦ୍ଧା ବୃଦ୍ଧି ହୋଇଥାଏ । ଏହା ସ୍ୱାଭାବିକ । ତୁମ୍ଭେ ଜନ୍ମଦାତା ସତ୍ୟ; ମାତ୍ର ଅଦୃଷ୍ଟଦାତା ନୁହ । ଅଦୃଷ୍ଟ କେହି କାହାକୁ ଦେଇ ପାରେ ନାହିଁ, ଦେବାର ମଧ୍ୟ ଅଧିକାର ନାହିଁ । ନିଜର କର୍ମଦ୍ୱାରା ଅଦୃଷ୍ଟ ଗଠିତ ହୁଏ । ଅତଏବ କେହି ତୁମ୍ଭର ନୁହେଁ କି ତୁମ୍ଭେ କାହାରି ନୁହ । ତୁମ୍ଭେ ଧୈର୍ଯ୍ୟ ଧର; ମାତ୍ର ଧୈର୍ଯ୍ୟ ଧରିବ କିଏ ? ଯାହା ହୃଦୟରେ ସହସ୍ର ବୃଶ୍ଚିକ ଦଂଶନର ଜ୍ୱାଳା, ସେ କି ଧୈର୍ଯ୍ୟ ଧରିପାରେ ? ଏହା କହିବା ସହଜ, ମାତ୍ର କରିବା କଠିନ । ପରକୁ ଉପଦେଶ ଦେଇ ଉପଦେଷ୍ଟା ଉପାଧି ଗ୍ରହଣ କରିବା ଯେ ରୂପ ସହଜ, ନିଜେ ସେହି ଉପଦେଶ ପାଳିବା ସେ ରୂପ ସହଜ ନୁହେଁ । ନିଜେ ଅନ୍ଧ ହୋଇ ଅନ୍ୟକୁ ପଥ ଦେଖାଇବା ପ୍ରୟାସ ହାସ୍ୟାସ୍ପଦ ମାତ୍ର । ଲେଙ୍ଗଠା କି ଲେଙ୍ଗଠାକୁ କାନ୍ଧରେ ବସାଇ ବହି ନେଇପାରେ ? ଯେଉଁ କାର୍ଯ୍ୟ ନିଜର ଅସାଧ୍ୟ, ସେଥିପାଇଁ ଅନ୍ୟକୁ ବାଧ୍ୟ କରିବା ଧୃଷ୍ଟତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ସାମନ୍ତ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ମଧୁକୁ ଖୋଜିବା ସକାଶେ ଲୋକ ପ୍ରେରଣ କଲେ ଏବଂ ନିଜେ ମଧ୍ୟ ବାହାରିଲେ । ପ୍ରଥମତଃ ଗ୍ରାମରେ ଅନୁସନ୍ଧାନ କରାଯାଇ ପ୍ରତ୍ୟେକ ଗୃହସ୍ଥଙ୍କୁ ପଚରାଗଲା; ମାତ୍ର କେହି କିଛି ସଠିକ ସମ୍ବାଦ ଦେଇ-ପାରିଲେ ନାହିଁ । କେବଳ କପିଳା ଭଣ୍ଡାରୀ ଯାତ୍ରାଦିନ ଚକ୍ରତୀର୍ଥ ବାଟରେ ଦେଖିଥିବାର ପ୍ରକାଶ କଲା । ଗ୍ରାମ ବାହାରେ ଗୋଟାକେତେ ଝଙ୍କାଳିଆ ଗଛ ଅଛି । ସେ-ଗୁଡିକ ମଧୁସୂଦନଙ୍କ ଅତୀତ ଲୀଳାର ସ୍ମୃତିସ୍ୱରୂପ । ପଠନାବସ୍ଥାରେ ମଧୁ ସମସ୍ତ ସମୟରେ ଏକାଦିକ୍ରମେ ବୁଇଲି ଦିନ ପର୍ଯ୍ୟନ୍ତ ଏହି ଗଛ ସହି ନିଭୃତ ନୀରବ ଆଳାପରେ ଅତିବାହିତ କରିଅଛି । ଗଛ-ଚଢ଼ା-ବିଦ୍ୟାରେ ସେ ଏରୂପ ଧୁରନ୍ଧର ଯେ, ସୁଗ୍ରୀବଙ୍କ ବଂଶଧରମାନେ ସୁଦ୍ଧା ତାହା ପାଖରେ ପରାଜୟ ସ୍ୱୀକାର କରିବେ । ସେହି ଗଛଗୁଡିକ ତନ୍ନ ତନ୍ନ କରି ଖାନ-ତଲ୍ଲସ କରାଗଲା; ମାତ୍ର କେସ୍ ମାଲ ବାହାରିଲା ନାହିଁ । ସାମନ୍ତ ନିରାଶ ହୋଇ ଦିନ ଦଶଘଡି ସମୟରେ ଘରକୁ ଫେରି ଆସିଲେ । ବହୁବିଧ ଦୁଶ୍ଚିନ୍ତା ତାଙ୍କ ହୃଦୟରେ ଆସନ ବସାଇଲା । ଶୋକ ଭରରେ ତାଙ୍କର ପିତୃ-ହୃଦୟ ଭାଙ୍ଗିପଡିଲା; କିନ୍ତୁ ତାହା ବାହାରକୁ ପ୍ରକାଶ ପାଇଲାନାହିଁ । ସେ ଶୋକରେ ଅଶ୍ରୁ ନ ଥିଲା କି ହାହାକାର ନ ଥିଲା । ଯେଉଁ ଶୋକ ପ୍ରକାଶ ପାଏ ନାହିଁ, ତାହା ଅସହ୍ୟ ଯାତନାପ୍ରଦ । ବଡ଼ ପାଟିରେ କାନ୍ଦିଲେ ବରଂ ମନରେ ଶାନ୍ତି ଆସିପାରେ; ମାତ୍ର ନୀରବ ନିରଶ୍ରୁ ଶୋକ ତୁଷାନଳ ପରି ଭିତରେ ଭିତରେ ହୃଦୟକୁ ଜାଳିଦିଏ । ଶୋକର କ୍ଲେଦ ଅନେକ ପରିମାଣରେ ଅଶ୍ରୁ ସଙ୍ଗରେ ବାହାରିଯାଏ; ମାତ୍ର ତାହା ଅବରୁଦ୍ଧ ହୋଇ ରହିବା ଭୀଷଣ ମାରାତ୍ମକ । ତଦ୍ୱାରା ଆତ୍ମା ଏକାବେଳକେ ନିଶ୍ଚେତନ ହୋଇପଡ଼େ ।

ସନ୍ଧ୍ୟା ସମୟରେ ଗ୍ରାମର ପତେଇ ଧୋବଣୀ ଧାଇଁ ଧାଇଁ ଆସି ସାମନ୍ତଙ୍କ ନଅର ମଧ୍ୟରେ ଗଣ୍ଡଗୋଳ ଲଗାଇଦେଲା । ସେ ବଡ଼ପାଟିରେ କାନ୍ଦି କାନ୍ଦି କହିଲା—"ରତ୍ନମଣିମା ଗୋ, ଧାଇଁ ଆସ ଗୋ, ଝୁପେଇ ଧାଇଁ ଆଲୋ, ଘର ବୁଡିଗଲା ଲୋ ।

ହାୟ, ମୋ ସାନ ସାଆନ୍ତ ହୋ, କେଉଁଠି ମୁହଁଲୁଚ୍ଚ ଦେଇ ରହିଲ ହୋ, ମୁହଁ ତ ଝୁଂଝୁଟ ହୋଇ ବର୍ତ୍ତିଯାଉଛି ହୋ ।" ଏହା ଶୁଣି ସମସ୍ତେ ଧାଇଁ ଆସି ପିତେଇ ସଙ୍ଗରେ କଣ୍ଠ ମିଳାଇ କାନ୍ଦୁନ ବସିଲେ । ଗାଁ ମାଇକି-ନିଆମାନେ ଆସି ସେହି କନ୍ଦନରେ ଯୋଗ ଦେଲେ । କନ୍ଦନସ୍ୱର ପଞ୍ଚମରୁ ଯାଇ ସପ୍ତମରେ ଉଠିଲା । କନ୍ଦନର କାରଣ କଅଣ, କେହି ପଚାରି ବୁଝିବାକୁ ନାହିଁ; ମାତ୍ର ସମସ୍ତେ କାନ୍ଦି ଅସ୍ଥିର । ଗୋଳମାଳ ଶୁଣି ବଙ୍ଗଳା ପରସ୍ତରୁ ସାଆନ୍ତେ ଧାଇଁ ଆସି "କଅଣ ହେଲା, କଅଣ ହେଲା" ବୋଲି ଭୀତ ଉତ୍କଣ୍ଠିତ ହୋଇ ପଚାରିଲେ । ପିତେଇ କନ୍ଦନ ସ୍ୱରରେ କହିଲା—"ସାନ ସାଆନ୍ତଙ୍କୁ ବାଘ ନେଇଗଲା ।" ସାଆନ୍ତେ ଏହା ଶୁଣି ବଜ୍ରାହତ ଭଳି ହୋଇ ତଳେ ବସିପଡ଼ିଲେ । ତାଙ୍କ ଆଖି ଆଗରେ ସୋରିଷଫୁଲ ଦେଖାଗଲା; ମାତ୍ର ମନମଧ୍ୟରେ ସନ୍ଦେହ ଲୁଚକାଳି ଖେଳି ବୁଲିଲା, ଯେହେତୁ ପିତେଇର କଥାରେ ଶହକରେ ପାଞ୍ଚ କୋଡ଼ି ମିଛ ଥିବାର ତାଙ୍କୁ ଜଣା । ଯାହାହେଉ, ସେ ଆତ୍ମସମ୍ବରଣ କରି ପଚାରିଲେ—ପିତେଇ, ତୋତେ ଏ କଥା କିଏ କହିଲା ?

ପିତେଇ—ନାଥିଆମା ହେଉରୁକା କଥାବାର୍ତ୍ତା ହେଉଥିଲେ, ମୁଁ ଶୁଣିଆସିଲି ।

ସାଆନ୍ତେ—ସେଠି ଆଉ କିଏ କିଏ ଥିଲେ ?

ପିତେଇ—କିଏ ସେ ଥିଲେ କି, ମୋ ମନରେ ପଡ଼ୁନାହିଁ । ମୁଁ ତ ହାଉଳି ଖାଇ ଧାଇଁ ଆସିଲି । କିଏ କିଏ ଥିଲେ, ମନରେ ହେଜି କରି ଭାଲି କହିବି ।

ସାଆନ୍ତେ—ଆଚ୍ଛା, ତୁ ଏହିକ୍ଷଣି ଯାଇ ନାଥିଆ-ମାକୁ ଡାକି ଆଣ ତ । ମୁଁ ବଙ୍ଗଳାରେ ଅଛି, ସେହିଠିକି ଡାକି ଆଣିବୁ ।

ପିତେଇ—'ଆଜ୍ଞା' ବୋଲି କହି ତ୍ୱରିତ ପଦରେ ପ୍ରସ୍ଥାନ କଲା ଏବଂ ଦଣ୍ଡକ ମଧ୍ୟରେ ନାଥିଆ-ମାକୁ ସଙ୍ଗରେ ଘେନି ସାଆନ୍ତଙ୍କ ପାଖରେ ଉପସ୍ଥିତ ହେଲା । ତହୁଁ ସାଆନ୍ତେ ନାଥିଆମାକୁ ଘଟଣାର ବିବରଣ ପଚାରନ୍ତେ ସେ କହିଲା—"ପର୍ବତ ଉପରୁ ସାନ ସାଆନ୍ତଙ୍କୁ ବାଘ ନେଇଗଲା ବୋଲି ମୁଁ ରଥ ଲେଙ୍କା ମୁହଁରୁ ଶୁଣିଥିଲି, ସତ ମିଛ ଭଗବାନ ଜାଣନ୍ତି । ମୁଁ ମାଇପି ଲୋକ ଆଜ୍ଞା, ଦେଖିତ ନା କରିଚି ! କଥାରେ କହନ୍ତି ପରା—'ଯାହା ନ ଦେଖିବୁ କି ନୟନେ, ପରତେ ନ ଯିବୁ-ସ୍ୱରୁ କହୁନେ ।" ସାଆନ୍ତେ ଆଉ କିଛି ନ କହି ସେ ଦୁହିଁଙ୍କୁ ବିଦାୟ ଦେଲେ ଏବଂ ରଥ ଲେଙ୍କାକୁ ଡକାଇ ପଠାଇଲେ । କିଛିକ୍ଷଣ ପରେ ଲେଙ୍କା ଆସି ସାଆନ୍ତଙ୍କୁ ଗୋଟାଏ ଦଣ୍ଡବତ କରି ଠିଆହେଲା । ସାଆନ୍ତେ ପଚାରିଲେ, "ରଥ, ମଧୁକୁ ବାଘ ନେଇଯିବାର ତୁ ଦେଖିଛୁ ?"

ରଥ—ନା, ଅବଧାନ ମୁଁ ଦେଖିନାହିଁ । ମୋତେ କୁନି ଦାସ କହିଲା, ସେ ଯାତ୍ରାରୁ ଫେରିବା-ବେଳେ ବାଉଁଶବୁଦା ଉହାଡ଼ରୁ ଗୋଟାଏ ମହାବଳ ବାଘ ବାହାରି ଗୋଟାଏ ପିଲାକୁ କାଖରେ ଜାକି ନେଇ ପଳାଇଲା । ସେ ପିଲାଟା ଠିକ୍ ମଧୁପରି ଦିଶୁଥିଲା । ମୁଁ ପଚାରିଲି, "ତୁ ଦେଖିଲୁ, ଆଉ ତୁର ଡକା ଛାଡ଼ିଲୁନାହିଁ ? ଯାତ୍ରା ଦର୍ଶକ ଲୋକେ ଆସୁଥିଲେ, ଡାକିଥିଲେ ତ ଆସି ଜମା ହୋଇ ପଡ଼ିଥାଆନ୍ତେ, ତୋର ଏତକ ବୁଦ୍ଧି ହେଲା ନାହିଁ ?" ତହୁଁ ସେ କହିଲା, ବାଘକୁ ଦେଖି ମୋର ତ ପିଳେଇ ପାଣି ହୋଇଗଲା, ପାଟି ଅଫା ଆଫା ମାରିନେଇ ଗଲା । ବାପ୍‌ରେ ବାପ୍, ସେଠା କଅଣ ଇମିତି ସିମିତି ବାଘ, ଗୋଟାଏ ବଡ଼ ଷେଣ୍ଢ ପରି, ଆଖି ଦିଟା ମଶାଲ ପରି ଜଳୁଥାଏ । କି ଗର୍ଜନ—ଓଃ ସତେ ସିମିତି ପର୍ବତଟା ଉପୁଡ଼ିପଡ଼ିଲା । ସାଆନ୍ତେ କହିଲେ—'ଆଚ୍ଛା, ତୁ ଯା, ଏହିକ୍ଷଣି କୁନି ଦାସକୁ ଡାକିଦେବୁ ।' ଲେଙ୍କା ଚାଲିଗଲା, ଯଥାସମୟରେ କୁନିଦାସ ଆସି ପହଞ୍ଚିଲା ।

ସାଆନ୍ତେ—କିରେ କୁନିଆ, ମଧୁକୁ ବାଘ ନେଇ-ଯିବା ତୁ ଦେଖିଛୁ ?

କୁନି—ନା, ସାଆନ୍ତେ, ରାମ ରାମ, ଖାଲି ତୁଚ୍ଛା ମିଛ କଥା ! ସେଦିନ ଯାତ୍ରାରୁ ଆସିବାବେଳେ ବାଉଁଶ-ବଣ ପାଖରେ କଅଣ ଗୋଟାଏ ଖଡ଼ଖଡ଼ ହେଲା । ମୁଁ ଆଗପଛକୁ ଅନାଇ ଦେଖିଲି ଯେ, କେହି ଲୋକ ଦିଶୁନାହାନ୍ତି । ମୋ ଛାତିଟା ଦାଉଁ ଦାଉଁ ହେଲା । ମୁଁ ଏକମୁହାଁ ହୋଇ ପଳାଇ ଆସୁଁ ଆସୁଁ ଗୋଟାଏ ପଥର

ହାବୁଡ଼ିଲ୍—ଗୋଡ଼ହାତ ଛିଡ଼ିଯାଇ ରକ୍ତ ଧାର ଧାର ହୋଇ ବହିଲା । ସାନ ସାଆନ୍ତଙ୍କୁ ବାଘ ନେଇଗଲେ ମୁଁ ପଛ ଦେଖନ୍ତି ! ମରନ୍ତି ତ ମରନ୍ତି ପଛକେ, ପଥର କଟୁଣ ବାଘର ହାତଗୋଡ଼ ଆଉ ଚୂନା କରିଦିଅନ୍ତି ନାହିଁ ?

ସାଆନ୍ତେ ଏ କଥା ଶୁଣି ବିରକ୍ତ ହୋଇ ଉଠିଗଲେ । ମନେ ମନେ କହିଲେ, ଜନଶ୍ରୁତିକି ବିଶ୍ବାସ କଅଣ ? ତାହାର ସହସ୍ର ମୁଣ୍ଡରେ ସହସ୍ର କଥା । ସେଥିରୁ ସତ୍ୟ ବାହାର କରିବା ସହଜ ନୁହେଁ । ବାଘ ନେଇଗଲା କଥା ଆସି ଖଡ଼ ଖଡ଼ ଶବ୍ଦରେ ରହିଲା, ଏରୂପ ଭିତ୍ତିହୀନ କଥା ବିଶ୍ବାସଯୋଗ୍ୟ ନୁହେଁ । କାଲି ନାହାକାକୁ ଡକାଇ ଖଡି ପକାଇ ବୁଝିଲେ ଯଦି କିଛି ଜଣାଯାଇପାରେ । ସମସ୍ତେ ତ କହନ୍ତି—ବନା ନାହାକ ଯାହା କହେ, ତାହା ଠିକ୍ ଠିକ୍ ଘଟେ । ଦେଖାଯାଉ, ଅଦୃଷ୍ଟରେ କଅଣ ଅଛି ।

# ତ୍ରୟୋଦଶ ପରିଚ୍ଛେଦ

କେତେ ଜଣ ଗ୍ରାମବାସୀଙ୍କ ସହି ହେମହରି ସାମନ୍ତ ଦାଣ୍ଡ ବଙ୍ଗଳାରେ ବସିଅଛନ୍ତି । ଶୂନ୍ୟାସ୍ଥିତ ଶୁଷ୍କ ଦୃଷ୍ଟିରୁ ବୋଧ ହେଉଅଛି, ଯେମନ୍ତ କି ତାଙ୍କର ଦେହ ସେଠାରେ ପଡ଼ି ରହିଅଛି; ମାତ୍ର ମନ କେଉଁ ମହା-ଶୂନ୍ୟରେ ଉଡ଼ି ବୁଲୁଅଛି । ତାଙ୍କର ଯେଉଁ ଜୀବନ ଚିରଆନନ୍ଦର ନିକେତନସ୍ବରୂପ ଥିଲା, ସେ ଆଜି ଶୋକ ଦୁଃଖରେ ସଂକ୍ଷୁବ୍ଧ । ଅଦୃଷ୍ଟ କଅଣ ନକରେ ? ତାହାର ଗତି ଅଚିନ୍ତ୍ୟ । ସେ କେତେବେଳେ ମାନବକୁ ଆନନ୍ଦର ସପ୍ତସ୍ବର୍ଗକୁ ନେଇଯାଏ, କେତେବେଳେ ଅବା ବିଷାଦର ଅନନ୍ତ ନରକରେ ନିକ୍ଷେପ କରେ । ସୁଖ ପରି ଦୁଃଖର ସୁଦ୍ଧା ସ୍ଥିରତା ନାହିଁ । ସନ୍ଧ୍ୟୁଣୀ-ଗାଧୁଆବେଳେ ଜ୍ୟୋତିଷ ବନମାଳୀ ନାୟକ ଓରଫ୍ ବନା ନାହକ ଆସି ସେଠାରେ ଉପସ୍ଥିତ ହେଲା । ପାର୍ଶ୍ବବର୍ତ୍ତୀ କେତେଖଣ୍ଡ ଗ୍ରାମରେ ବନମାଳୀର ଖୁବ୍ ନାମ ଡାକ । ତାହାର ଗୋସବାପ ଅମଳରୁ ଅନେକ ଜ୍ୟୋତିଷ-ଗ୍ରନ୍ଥ ତାଙ୍କ ଘରେ ସାଇତା ହୋଇରହିଅଛି । ଲୋକେ କହନ୍ତି— ବନମାଳୀ ଗଣନାକରି ଗଛର ପତ୍ର-ସଂଖ୍ୟା ଠିକ୍‌କରି କହିପାରେ । ବାସ୍ତବରେ ଯାହା ଘରେ ଏତେ ଗ୍ରନ୍ଥ ଯୋଷାହୋଇ ରହିଅଛି, ସେ ଯେ ଅସାଧାରଣ ପ୍ରତିଭାର ସୁବର୍ଣ୍ଣଖଣି, ଏଥିରେ ସଂଶୟ କଅଣ ଅଛି ? ଫଳତଃ ସେ ବରାହମିହିରଙ୍କର ନୂତନ ସଂସ୍କରଣ । ଏ ଯୁଗରେ ତ ବିକ୍ରମାଦିତ୍ୟ ବା ଭୋଜରାଜାଙ୍କ ପରି ଗୁଣଜ୍ଞେତା ନାହାନ୍ତି; ସୁତରାଂ ତାହାର ଗୁଣ ବୁଝିବ କିଏ ? ବର୍ତ୍ତମାନ ତାହା ପାଣ୍ଡିତ୍ୟର ମୂଲ୍ୟ ଚାଉଳ ମୁଠାଏ ନଚେତ୍ ଅଣ୍ଡିଳୋର ବଡ଼ି ପୁଞ୍ଜାଏ । ସେ ଶ୍ମଶାନତୁଳସୀ ପରି ଗ୍ରାମର ଏକ କୋଣରେ ପଡ଼ିଥାଏ । କାହାର ଗାଈ ବାଛୁରୀ ହଜିଲେ କିମ୍ବା କେହି ଗର୍ଭବତୀ ହେଲେ ତାହାକୁ ଡାକିବା ପଡ଼େ । ଜ୍ୟୋତିଷନ୍ଦ୍ର କାଖରୁ ତାଳପତ୍ର ପାଞ୍ଜି ବିଡ଼ା ବାହାର କରି ଦୁଇଗୋଡ଼ ଫରକଟା କରି ସାଆନ୍ତଙ୍କ ସମ୍ମୁଖରେ ଦ୍ରୁତରୂପେ ଠିଆହେଲା । ତହିଁ ପରେ ଦୁଇହାତରେ ପାଞ୍ଜି ଧରି ଆଗକୁ ଈଷତ୍ ଝୁଙ୍କିପଡ଼ି ଉଦାତ୍ତ ଅନୁଦାତ୍ତ ସ୍ବରରେ "ଆଦିତ୍ୟୋ ରଜନୀପତିଃ କୁଜ ବୁଧୋ ବାଚସ୍ପତୋ ଭାର୍ଗବୋ ସୌରି ରାହୁଷ୍ଟ କେତୁ ନକ୍ଷତ୍ର ପ୍ରଚଣ୍ଡ ବଦନା ସର୍ବେ ନବଗ୍ରହେ ଏକାଦଶସ୍ଥାଶୁଭଦା ଭବନ୍ତୁ" ଏହି ଶ୍ଲୋକଟି ପାଠ କରି ସେ ଦିନର ତିଥି, ନକ୍ଷତ୍ର, ଯୋଗ କରଣ, ଚନ୍ଦ୍ର ପ୍ରଭୃତି ଗଳଗଳ କରି ଅନର୍ଗଳ ଉଚ୍ଚାରଣ କରିଲା । ସାଆନ୍ତେ ବସିବାକୁ ଇଙ୍ଗିତ କଲେ । ବନମାଳୀ ଅଞ୍ଜଳି ବିସ୍ତାର କରି କହିଲା—"ଆଜ୍ଞା, ବସୁଛି, ଟିକିଏ ଦାଣ୍ଡରୁ ଆସେ ।" ଏହା କହି ତରତର ହୋଇ ଦାଣ୍ଡକୁ ଚାଲିଗଲା । କୁଅଁତଳୁ ଗୋଟାଏ ବିଶାଳ ବଟୁଆ ବାହାରକରି ଫିଟାଇ ପକାଇଲା । ବଟୁଆଟି ଅନନ୍ତଗର୍ଭ, ଭିତରେ ଆଠଦଶଟା କୋଠରି । କେଉଁ କୋଠରିରେ ପାନର ସରଞ୍ଜାମ, କାହିଁରେ

ଶୁଣ୍ଠି ଖଣ୍ଡେ, ମରିଚ ପୁଞ୍ଜାଏ, କାହିଁରେ ଖଣ୍ଡିଆ ଖଣ୍ଡ ଗୋଟେଲା ଦୁଇଟା, କାହିଁରେ ବା ତାଳପତ୍ର ଫାଳେ, ଏହିପରି ନାନା ପଦାର୍ଥ ରହିଅଛି । ସଂକ୍ଷେପରେ କହିବାକୁ ଗଲେ ବଟୁଆରେ ଯାହା ଖୋଜିବ, ତାହା ଅଛି । ବନମାଳୀ ଗୋଟାଏ କୋଠରୀରୁ ସୋଲ, ଚକମକି ପଥର, ଲୁହା ଏବଂ ଖଣ୍ଡେ ଦରପୋଡ଼ା ପିକା ବାହାର କରି ପକାଇଲା । ଶୀଘ୍ର ହସ୍ତରେ ଚକମକି ପଥର ଝାଡ଼ିଦେଇ ସୋଲରେ ନିଆଁ ଧରିଲା । ପିକା ଲଗାଇ ଦୁଇଥର ସଟକା ଟାଣିନେଇ ବୁଢ଼ା ଉପରେ ଗୋଟାଏ ଫୁଟ ଚଢ଼ାଇ ଦେଲା । କୁଣ୍ଡଳୀକୃତ ଧୂମରାଶି ଗର୍ଭକୁ ପ୍ରେରଣ କରି ପ୍ରତିଭାର ଇଞ୍ଜିନ ଗରମ କରି ରଖିଲା । ଦୁଇ ତିନଥର ଗଲାଖଙ୍କାର ଏବଂ ନାକ-ଫୁରୁଣ୍ଡି ଦେଇ ବାକ୍ୟଭଣ୍ଡାରର ସିଂହଦ୍ୱାର ମୁକୁଳା କରି ରଖିଲା । ଅନନ୍ତର ବଂଶୀବାଦନ ଶେଷରେ ବଟୁଆଟି ଯଥାସ୍ଥାନରେ ଖୋସିଦେଇ ସାମନ୍ତଙ୍କ ନିରୂପିତ ସ୍ଥାନରେ ଆସି ଚଟା ମାଣ୍ଡି ଆସନ ଜମାଇ ବସିପଡ଼ିଲା । ସାମନ୍ତ କହିଲେ, "ବନମାଳୀ; ମଧୁ କଥା ବୁଝିଲ ?" ଆଜ୍ଞା, ବୁଝିଛି ବୋଲି କହି ନାହାକେ ଅଣ୍ଟିରୁ ଖଡ଼ିଗୋଟେଲା ବାହାର କରି ମହାଆଡ଼ମ୍ବରରେ ତଳେ ଛକ କାଟି ତହିଁରେ ଗ୍ରହମାନଙ୍କ ନାମର ପ୍ରଥମ ଅକ୍ଷର ସ୍ଥାପନ କଲା । ତହିଁ ଉତ୍ତାରୁ ଗୋଟିଏ ଗୋଟିଏ ଅକ୍ଷର ଉପରେ ମଧ୍ୟମାଙ୍ଗୁଳି ସ୍ପର୍ଶ କରି କିଛିକ୍ଷଣ ମନେ ମନେ କଅଣ ଗୁଣିହେଲା । ଶେଷରେ ଟିକିଏ ମୁରୁକି ହସା ଦେଇ କହିଲା—"ଆଜ୍ଞା, ଭଲ ତ ଲେଖିଲି । ମଙ୍ଗଳଗ୍ରହ ବୃହସ୍ପତି, ସେ ରହିଲେ କର୍ମ ସ୍ଥାନରେ । ପୁଣି ଏପରି ସେପରି ନୁହେଁ ମିତ୍ରଗ୍ରସ୍ତ ହୋଇଅଛନ୍ତି, ଅନ୍ୟ ଶୁଭଗ୍ରହମାନଙ୍କ ଉପରେ ତାଙ୍କର ପୂର୍ଣ୍ଣ ଦୃଷ୍ଟି ଅଛି । ବୃହସ୍ପତି ଏଥର ସାନ ବାବୁଙ୍କର ମଙ୍ଗଳକୃତ୍ୟ ନ କରାଇ ଛାଡ଼ିବେ ନାହିଁ । ଯାହାହେଉ, ମୋ କପାଳରେ ପାଟଯୋଡ଼ ପାଟିଲା ।" ଏହା ଶୁଣି ଉପସ୍ଥିତ ଲୋକେ ହସିଉଠିଲେ । ଏତେ ଶୋକ, ଏତେ ଚିନ୍ତା, ତଥାଚ ସାମନ୍ତେ ନ ହସି ରହିପାରିଲେ ନାହିଁ; ମାତ୍ର ସେ ହାସ୍ୟ ବଡ଼ ନିଷ୍ପ୍ରଭ—ସେପରି ସନ୍ଧ୍ୟାପ୍ରସ୍ଫୁଟିତ ପୁଷ୍ପ, କିମ୍ବା ବୁଦ୍ଧିହୀନର ବିଦ୍ୟା ଅଥବା ତୈଳଶୂନ୍ୟ ଶଳିତା । ସମସ୍ତଙ୍କ ମୁଖରେ ହାସ୍ୟ ଦେଖି ଜ୍ୟୋତିଷପୁଙ୍ଗବଙ୍କର ମୁଖ ବିରସ ହୋଇଗଲା । ସେ ବିସ୍ମୟ ବିହ୍ୱଳ ଦୃଷ୍ଟିରେ ଅନାଇ ରହିଲା । ତାକୁ ଅପ୍ରତିଭ ହେବାର ଦେଖି ସାମନ୍ତେ କହିଲେ, 'ନାହିଁ ହେ, ସୁରଦିନ ହେଲା ମଧୁ କେଉଁଆଡ଼େ ପଳେଇ ଯାଇଛି—ସେହି କଥା ବୁଝ ।

ବନମାଳୀ—( ଜିହ୍ୱା ଦଂଶନ କରି ) ପଳେଇଛନ୍ତି—କେବେ ମଣିମା ?

ସାମନ୍ତ—ଚନ୍ଦନତୀର୍ଥ ଯାତ୍ରା-ଦିନରୁ ।

ବନମାଳୀ—ମୁଁ ଶୁଣି ନାହିଁ । ବିବାହ-ବେଳର ଘେନି ପାଞ୍ଚଦିନ ହେଲା ବନ୍ଧୁଘରକୁ ଯାଇଥିଲି । କାଲି ରାତି ଛଅ ଘଡ଼ିବେଳେ ଆସି ଘରେ ପହଞ୍ଚିଲି । ଆଚ୍ଛା, ତେବେ ଲଗ୍ନଖଣ୍ଡି ପକାଇ ବୁଝେଁ ।

ଏହା କହି ନାସାପୁଡ଼ାରେ ଘନ ଘନ ଅଙ୍ଗୁଳି ସ୍ପର୍ଶ କରି କେଉଁ ପୁଡ଼ାରେ ଅଧିକ ପବନ ଅସୁଅଛି, ତାହା ବାରି ଲଗ୍ନ ନିରୂପଣ କଲା । ପୂର୍ବ ଛକ ଲିଭାଇ ଦେଇ ନୂତନ ଛକ କାଟିଲା ଏବଂ ପୂର୍ବପରି ଗ୍ରହ ସ୍ଥାପନା କଲା । ପୁଣି କଅଣ ମନରେ ବିଚାରି ବାହାରକୁ ଯାଇ ନିଜର ଛାଇ ମାପିଲା । ଛାୟା-ପୁରୁଷଠାରୁ ଶିକ୍ଷାଗ୍ରହଣ ପୂର୍ବକ ଛକର ଯଦୃଚ୍ଛା ସ୍ଥାନରେ ଖଡ଼ି ରଖିବା ସକାଶେ ଜଣକୁ ଡାକି କହିଲା । ସେ ଆସି ଗୋଟିଏ ସ୍ଥାନରେ ଖଡ଼ି ରଖିଦେଇଗଲା । ବନମାଳୀ ଅସ୍ପଷ୍ଟ ଭାଷାରେ ଦୁଇଟା କି ଶ୍ଳୋକ ଆବୃତ୍ତି କରି କହିଲା, "କୁଆଡ଼େ ତ ଯାଇନାହାନ୍ତି ମଣିମା, ଏହି ଗ୍ରାମରେ କିମ୍ବା କୋଶକ ମଧ୍ୟରେ ଦେବାଳୟ ଆଶ୍ରାରେ ଅଛନ୍ତି, ତିନିଦିନ ପରେ ଆପେ ଆପେ ଆସି ପହଞ୍ଚିବେ । ମନରେ କିଛି ଧୁକା କରନ୍ତୁ ନାହିଁ । ସାନ ବାବୁ ବେଶ୍ ଆଗ କୁଶଳରେ ଅଛନ୍ତି ।" ଉପବିଷ୍ଟ ଲୋକମଧ୍ୟରୁ ଜଣେ ପଚାରିଲା -ନାହାକପୁଅ, ବାଘ ନେଇଗଲା ବୋଲି ତ ଗୋଟେ ଉଆକା ଉଠିଛି—ଭଲ କରି ବୁଝନ୍ତୁ । ବନମାଳୀ ସଗର୍ବ ବାଣୀରେ ଉତ୍ତର ଦେଲା—"ନା, ମିଛ କଥା, ଅପଘାତ କଥା ତ ପାଠ କହୁନାହିଁ ।" ଅନ୍ୟ ଜଣେ କହିଲା—"ଠିକ୍ ଯାହା, ତାହା କୁହ, ମନଧରା କଥା କହିଲେ ନିଜେ ମିଛୁଆ

ହେବ ।" ତହୁଁ ଗ୍ରହସ୍ଥିର ଦୁଷ୍ଟଗ୍ରହ ପରି କ୍ରୁଦ୍ଧ ହୋଇ ପାଞ୍ଜି ଟାକୁ ତଳେ ଫୋପାଡିଦେଇ କର୍କଶ କଣ୍ଠରେ କହିଲା "କେମନ୍ତ, ମୁଁ ସବୁ ମିଛ କହୁଛି ? ତେବେ ଆଉ କେବେ ଏ ଦ୍ୱାରେ ଠିଆ ହୋଇପାରିବି ? ମୋର ଯଜମାନଘରର ନୈଋତିଆଶାଗ-କଅଁଳ, ବାଡରେ ନୈଋ-ତିଆଶାଗ-କଅଁଳ ଥିଲେ ଯେତେବେଳେ ଇଚ୍ଛା କାଟି-ଆଣି ପାରିବି, ସେହିପରି ସନ୍ଧ୍ୟା ଅଧରେ ଆସିଲେ ବି ଯଜମାନଘରୁ ପୋଷେ ଚାଉଳ ମିଳିବ । ଅନୁପସ୍ଥିତଙ୍କ ଆଗରେ ମିଛ କହିବ, ଏ ବେଳ କାଟିଦେଲେ ବି ତା ହବନାହିଁ । ଏ ଚଷାମୁଣ୍ଡିଆ ଜାଗା ନୁହେଁରେ ଭାଇ, ପାଠ ଯାହା କହିଲା, ମୁଁ ତାହା କହିଲି । ଜ୍ୟୋତିଷଶାସ୍ତ୍ର କଅଣ ମିଛ ? ମୋ କଥା ମିଛ ହେଲେ ମୁଁ ଏ ପାଞ୍ଜି ପୋଡି ପକାଇବି ।" ଜ୍ୟୋତିଷପ୍ରବର ପାଞ୍ଜି ପୋଡିଲେ କି ନାହିଁ, ଆମ୍ଭେମାନେ ସେ ସମ୍ବାଦ ଆଜି ଅବଧି ପାଇନାହୁଁ । ସାଆନ୍ତେ ଏ ପ୍ରକାର ବାଣୀ ଶୁଣି ସତ୍ୟନାରାୟଣ ପୂଜା ମାନସିକ କଲେ, ଆହୁରି ଅନେକ ଦେବଦେବୀଙ୍କୁ ମଧ୍ୟ ଉତ୍କୋଚ ଯାଚିଲେ । ହାୟ, ଦେବତା, କି ଦୁର୍ଭାଗ୍ୟ ତୁମ୍ଭର ! ତୁମ୍ଭେ ପୂଜା ଲାଞ୍ଚରେ ବଶ !! ତେବେ ମନୁଷ୍ୟର ଅପରାଧ କଅଣ !!! ତାହାପାଇଁ ରାଜଦଣ୍ଡର ବ୍ୟବସ୍ଥା କାହିଁକି ? ତୁମ୍ଭେ କି ଏଡେ ପେଟବକଳିଆ ! ସ୍ୱର୍ଗରେ ତେବେ ପେନାଲକୋଡ଼ ଆଇନ ନାହିଁ ! ଧିକ୍ ମାନବ, ଦେବତା ଭକ୍ତିର ବଶ, ଉତ୍କୋଚର ବଶ ନୁହନ୍ତି—ଏ ଶିକ୍ଷା କେତେ କାଳପରେ ତୁମ୍ଭର ହେବ ? ଆଉ ସାମନ୍ତେ, ତୁମ୍ଭର ଏ ଦୁର୍ବୁଦ୍ଧି କାହିଁକି ? ଦେବତା ଉତ୍କୋଚଗ୍ରାହୀ ହୋଇଥିଲେ ଧନୀ ମହାଧନୀମାନଙ୍କର ଆଦୌ ଆପଦବିପଦ ଥାଆନ୍ତା ନାହିଁ, ତୁମ୍ଭ ଭଳି ଲୋକର କି ଏ ଜ୍ଞାନ ନାହିଁ ? ତୁମ୍ଭେ ଜାଣ, ନଚେତ୍ ଏ ପାପରୁ ପରିତ୍ରାଣ ଲଭିବ ନାହିଁ । ପାପ-ପଙ୍କ ଏକମାତ୍ର ଅଶ୍ରୁଜଳରେ, ଧୋଇଯାଏ—ତୀର୍ଥଜଳରେ ନୁହେ । ଅନୁତାପ,ଅଶ୍ରୁଜଳ ବ୍ୟତୀତ ଅନ୍ୟ କେହି ପାପୀକୁ ନିର୍ମଳ କରିପାରେ ନାହିଁ, ତାହାହିଁ ପାପର ସର୍ବଶ୍ରେଷ୍ଠ ପ୍ରାୟଶ୍ଚିତ୍ତ । ପ୍ରାଣର ସହିତ ଡାକିଲେ ଦେବତାଙ୍କ କୃପାଲାଭ କରିପାରିବ; ମାତ୍ର ଲାଞ୍ଚ ଯାଚିଲେ ସେ ତୁମ୍ଭ ପାଖରୁ ଦୂରକୁ ପଳାଇଯିବେ । ଏହା ପ୍ରକୃଷ୍ଟାନୁ-କମେ ମାନବପ୍ରକୃତି ବୋଲି କହିପାର; ମାତ୍ର ତାହା ଭୁଲ, ମହାଭୁଲ; ମାରାତ୍ମକ ଓ ଉତ୍କଟ ଭୁଲ । ପ୍ରକୃତିର ଗତି ବୁଝନାହିଁ ? ଦେଖ, ପଦ୍ମ ପଙ୍କରୁ ଜନ୍ମ ହୋଇ ସୁଦ୍ଧା ମଳିନତା-ବର୍ଜିତ । ଯାହା ଜ୍ଞାନ-ବିବେକ-ଶୂନ୍ୟ ଜଡ଼ ପଦାର୍ଥ ପାରେ, ତାହାକି ତୁମ୍ଭେ ପାରିବ ନାହିଁ ? ଜଣେ ଭ୍ରାନ୍ତ ହେଲା ବୋଲି ତୁମ୍ଭେ କାହିଁକି ଭଲ ନ ହେବ ? ଯାଉ ସେ କଥା । ଜ୍ୟୋତିଷରତ୍ନ ସେଥିରେ ଚାଉଳ ପାରିତୋଷିକ ପାଇ ସାମନ୍ତଙ୍କ ସମ୍ମୁଖରୁ ବିଦାୟ ଗ୍ରହଣ କଲା ।

ଏଣେ ଶକୁନ୍ତଳା ନାହାକର କଥା ଶୁଣିବା ପାଇଁ ଉତ୍କଣ୍ଠ ହୋଇ ବସିଅଛି । ସେ ସମସ୍ତ ଇନ୍ଦ୍ରିୟର ଶକ୍ତି ଆଜି କର୍ଣ୍ଣରେ ସନ୍ନିବେଶ କରିଅଛି । ଚାତକ ଘନଗର୍ଜନ ଶୁଣିବା ଆଶାରେ କିମ୍ବା ସାଧକ ଦୈବବାଣୀ ଶୁଣିବା ଆଶାରେ ଏରୂପ ଉତ୍କଣ୍ଠ ହୁଅନ୍ତି ନାହିଁ । ଶକୁନ୍ତଳାର ସମବୟସ୍କା ଗ୍ରାମବାସିନୀ ପାର୍ବତୀ ଏବଂ ମାଳତୀ ପାର୍ଶ୍ୱରେ ଉପବିଷ୍ଟା । ମାଳତୀ ଶକୁନ୍ତଳାକୁ ଚୁପହୁଁ କହିଲା—ବହୂ, ତମର ବାହା କଥାକଥା ପଡିଗଲାଣି, ତମେ ଆଉ ଏତେ ଭାବନା କରନାହିଁ । ଯାହା ତ ହବାର ଥିବ, ତାହା ହେବ, ତମେ ଏତେ ଭାବିଲେ କଣ ହେବ ?

ଶକୁନ୍ତଳା—ପୋଡ଼ା ମନ କଣ ମାନୁଛି ଭଉଣୀ, ମୁଁ ଯେ ମଧୁକୁ ପୁଅ ପରି ସ୍ନେହ କରିଥିଲି । ସବୁଆଡ଼େ ମୁଁ ତାହାର ହାତ ଦେଖିପାରୁଛି । ଏହି ଯେ ପିଞ୍ଜରାଟା ଠିଆ ହୋଇଅଛି, ଏଟା ତାହାରି ହାତର ତିଆରି । ଏ ସାରୀ ଚଢେଇଟାକୁ ସେହି ଆଣି ପାଳିଥିଲା । ଏହି ଯେ କାନ୍ଥରେ ପଳାପଦ୍ମଟା ଦେଖୁଚ, ଏ ବି ତାହାରି ହାତର ଚିତ୍ର । ଦିନରାତି ଏହାସବୁ ଆଖି ଆଗରେ ଦେଖି ରକ୍ତମାଂସର ଦେହ କେତେକେ ସହିପାରିବ ?

ପାର୍ବତୀ—ସତ ଲୋ ମାଳତୀ ଅପା, ଗାଁରେ କଅଣ ଦିଅର ଭାଉଜ ନାହାନ୍ତି ନା, ଇମିତି ପୁଅ ପରି ଦିଅରକୁ କିଏ ଦେଖୁଚି ?

ମାଳତୀ—ହଁ, ପୁଅ ପରି ଦେଖୁଚନ୍ତି ନା ଗୁହ ପରି ଦେଖୁଚନ୍ତି । ବହୂ, ଯିମିତି ଦିଅରକୁ ଗରଧା କରନ୍ତି, ସିମିତି ମା ବି ପୁଅକୁ କରିବ ନାହିଁ ।

ପାର୍ବତୀ—ତାହା ଆଉ କହିବାକୁ ଅଛି ନା । ସେଥିଲାଗି ତ ବନ୍ଧୁଙ୍କ ନାଁରେ ଗାଁସାରା ଧନ୍ୟ ଧନ୍ୟ ପଡ଼ିଛି ।

ଏହି ସମୟରେ ସୁନେଇ, ରୁପେଇ ଦାସୀ ଦୁହେଁ ଦାଣ୍ଡଆଡ଼ୁ ଧାଇଁ ଆସିଲେ । ସେମାନେ ନାହାକ କଥା ଶୁଣିବାକୁ ଯାଇଥିଲେ । ରୁପେଇ କହିଲା,—"ବହୂ ମଣିମା, ମୋତେ କଅଣ ଦେବ କୁହ ।" ଏହି କଥାଟା ଶକୁନ୍ତଳାର ରୁଦ୍ଧ ଆଶା-ଦ୍ୱାରରେ ସବଳରେ ଆଘାତ କଲା । ସେ ଆଖିରୁ ଦୁଇଟୋପା ଲୁହ ଗଡ଼ାଇ ପକାଇ ଉତ୍କଣ୍ଠିତ ସ୍ୱରରେ ପଚାରିଲା—"କି ଲୋ, ମଧୁ ମିଳିଲା କି ? ତୋତେ ଆଉ ଦେବ କଅଣ— ମୁଁ ତୋର ।"

ରୁପେଇ—ନା, ମିଳିନାହାନ୍ତି—ଆଜି କି କାଲି ମିଳିବେ ବୋଲି ନାହାକ ଖଡ଼ି ପକେଇ କହିଲା ।

ସୁନେଇ—ସତ୍ତାଟା ସତ କଥା କହିପକାଇଲା । ନା ସାଆନ୍ତାଣିଏ, ନାହାକ କହିଲା, ତିନିଦିନ ଗଲେ ଆପେ ଆପେ ଘରକୁ ଆସିବେ ।

ରୁପେଇ—ମୋତେ ଯେ ସଙ୍ଗୀ ବୋଲି କହିଲି, ସେଇ ସଙ୍ଗୀ ହେଉ ।

ଏହା ଶୁଣି ସମସ୍ତେ ହସି ଉଠିଲେ । ଘନଛନ୍ଦ୍ରା-ଗତ କ୍ଷୀଣ ଚନ୍ଦ୍ରରେଖାପ୍ରାୟ ଶକୁନ୍ତଳା-ଅଧରରେ ମଧ୍ୟ ହାସ୍ୟ ଫୁଟିଉଠିଲା; ମାତ୍ର ମୁହୂର୍ତ୍ତିକ ମଧ୍ୟରେ ସେହି ହାସ୍ୟ ସେହି ଅଧରରେ ମିଳେଇଗଲା । ପାର୍ବତୀ ହସି ହସି କହିଲା—"ସୁନେଇକୁ ତୁ ଗାଳି ଦେଲୁ, ନା କଲ୍ୟାଣ କଲୁ ଲୋ ରୁପେଇ ! ସଙ୍ଗୀ ହେବାଟା କି ଏଡ଼େ ଖରାପ କଥା, ଅଲଗି ଝିଅଟାକୁ ମରଣ ନାହିଁ ।" ରୁପେଇ ମହାସ୍ଥାଣୀ ଓଷ୍ଠ କମାଇ କଅଣ କହିବାକୁ ଯାଉଥିଲା; ମାତ୍ର ଶକୁନ୍ତଳାର ମୁହଁକୁ ଅନାଇ କି ସଙ୍କେତ ପାଇ ତୁନି ହୋଇ ରହିଲା । ଶକୁନ୍ତଳା ଦେହରୁ ଅଳଙ୍କାରମାନ ବାହାର କରି ତଳେ ରଖି ଗ୍ରାମଦେବତା ରଘୁନାଥଙ୍କ ନାମରେ ପାଣି ଛଡ଼ାଇ ଦେଇ କହିଲା—"ହେ ବାବା ରଘୁନାଥ, ମଧୁ ମିଳିଲେ ମୁଁ ଏହିସବୁର ସୁନାରେ ତମ ଲାଗି ଗହଣା ଗଢ଼ାଇ ଦେବି ।" ସୁନେଇ କହିଲା,—"ନାହାକ କଥା ଯେବେ ସତ ହେବ, ତେବେ ବାବା ତ ତାକୁ ଯାତ୍ରା କରାଇ ଦେବେ, ଆଉ ମୁଁ ବାବାଙ୍କୁ କହି ତାକୁ ମାଣେ ଜମି ଦେବି, ଏହା ମୋର ସତ୍ୟ ରହିଲା ।" ଏହି ସମୟରେ ସାମନ୍ତଙ୍କ ବଡ଼ ପୁଅ ଖାଇବାକୁ ଆସିବାରୁ ସମସ୍ତେ ଉଠିଗଲେ ।

ହେମନ୍ତର ସାମନ୍ତ ଜ୍ୟୋତିଷକୁ ବଦାନ୍ୟ କରି-ଦେଇ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ । ସେହିକ୍ଷଣି କେତେ ଜଣ ଗ୍ରାମବାସିଙ୍କୁ ତାଙ୍କ ମଧୁଙ୍କୁ ଖୋଜିବା ସକାଶେ ସୁନାଗିରି ପର୍ବତ ଉପରକୁ ପଠାଇଲେ । ସେମାନଙ୍କୁ କହିଲେ—"ଦେବାଳୟ ଅଶ୍ରୟରେ ଅଛି ବୋଲି ନାହାକ ଖଡ଼ି ପକାଇ କହିଗଲା, ତୁମ୍ଭେମାନେ ପର୍ବତର ପ୍ରତି ଦେବତା ଅଧିଷ୍ଠାନରେ ଭଲରୂପେ ଖୋଜିବ । ତୁମ୍ଭମାନଙ୍କୁ ଦୂରରୁ ଦେଖି ସେ ଲୁଚିଯାଇପାରେ, ତୁମ୍ଭେମାନେ ଖୁବ୍ ଗୋପନରେ ଯିବ ।" ସେମାନେ ପର୍ବତାଭିମୁଖରେ ଯାତ୍ରା କଲେ । ପର୍ବତର ପ୍ରତ୍ୟେକ ଗୁମ୍ଫା, ଦେବା-ୟତନ ଏବଂ ବଡ଼ ବଡ଼ ଗଛ ତନ୍ନ ତନ୍ନ ରୂପରେ ଅନ୍ୱେଷଣ କଲେ, ମାତ୍ର କେଉଁଠାରେ ମଧୁର ସାକ୍ଷାତ୍ ପାଇଲେ ନାହିଁ । ସୁତରାଂ ଅତି କ୍ଳାନ୍ତ ହୋଇ ସନ୍ଧ୍ୟା-ସମୟରେ ଫେରି ଆସି ସାମନ୍ତଙ୍କୁ ଏହି ବିଫଳବାର୍ତ୍ତା ପ୍ରଦାନ କଲେ ।

ସାମନ୍ତେ ଅନନ୍ୟୋପାୟ ହୋଇ ଭାବିଲେ—କାଳେ ବନ୍ଧୁଘରକୁ ଚାଲି ଯାଇଥିବ, ସେଠାରେ ମଧ୍ୟ ଅନୁସନ୍ଧାନ କରିବା ଆବଶ୍ୟକ । ବକଳା ଭଣ୍ଡାରୀ ଆମ୍ଭର ସବୁ ବନ୍ଧୁଘର ଦେଖିଛି, ତାହାକୁ ପଠାଇଲେ ଭଲ ହେବ । ଏହା ଭାବି ବକଳାକୁ ଡକାଇଲେ । ବକଳା ଭାରି ଚଳୁଆ ଲୋକ । ଥରକେ ଦେଡ଼ ସେର ଚାଉଳର ଭାତ ଉଡ଼ାଇଦିଏ—ଉଦରଟା ମଧ୍ୟ ଅସ୍ୱାଭାବିକ ସ୍ଥୂଳ । ପିଲାମାନେ ତାକୁ "ହାଣ୍ଡିପେଟା" ବୋଲି କହିଲେ ସେ ବାଳ ଛିଣ୍ଡାଇ ତଳି ମରେ । ସାମନ୍ତଙ୍କ ନାମ ଶୁଣି ବକଳା ତରତରରେ ଘରୁ ବାହାରି ଆସିଲା । ଏହି ସମୟରେ ଗୋଟିଏ ଦୁଷ୍ଟ ପିଲା ଅନ୍ତରାଳରେ ଥାଇ ଅଦ୍ଭୁତ ସ୍ୱରରେ କହିଲା—"ହାଣ୍ଡିପେଟା" ! ଆଉ ବକଳାକୁ ସମ୍ଭାଳେ କିଏ ? ସେ ହାଣ୍ଡିପରି ଗର୍ଜିଉଠି

କହିଲା—"ବେଧୁଆ ବାଳୁଙ୍ଗା ଟୋକା, ରହ ରହ, ମୁଁ ଆସେ, ତୋତେ ଦେଖିବି । ଏକ ଚପଡ଼ରେ ଦେବି ଯେ ତୋର ଗାଲପାଟି ଭାଙ୍ଗିଯିବ । ତୋର କେଉଁ ବାପ ପିଠିରେ ପଡ଼ିବ ଭଲା ଦେଖିବି ।" ବକଳାର ଗର୍ଜନ ଶୁଣି ଆହୁରି କେତେଟା ପିଲା ବାହାରି ଆସି "ହାଣ୍ଡିପେଟା" "ହାଣ୍ଡିପେଟା" କହି ତାଳି ମାରି ନାଚିବାକୁ ଲାଗିଲେ । ବକଳାର କ୍ରୋଧ ମସ୍ତକକୁ ଉଠିଗଲା । ନିରସ୍ତ୍ର ଯୋଦ୍ଧା ପ୍ରାୟ ସେ ଇଟା, ପଥର, ଭାଙ୍ଗ ଯାହା ଆଗରେ ପାଇଲା, ତାହା ଫୋପାଡ଼ିଲା । ପିଲାମାନେ ଆହୁରି ଉତ୍ତେଜିତ ହୋଇ ଚଳାଇଲେ, ଏହିପରି ଖଣ୍ଡଯୁଦ୍ଧ ଲାଗିଗଲା । ହରି ବେହେରା ଆସି ମଧ୍ୟରେ ପଡ଼ି ନ ଥିଲେ ସେଦିନ ଗୋଟାଏ ଭୀଷଣ କାଣ୍ଡ ଘଟିଥାଆନ୍ତା । ହରି ପଚାରିଲା,—"କଣ ବାରିକ ପୁଅ, ଏତେ ଗରମ କାହିଁକି ?" ବକଳା ଉତ୍ତେଜିତ କଣ୍ଠରେ କହିଲା—"ରକ୍ତମାଂସ ଦେହ, ଗରମ ହେବନାହିଁ ! ପିଲାଗୁଡ଼ାକ କଅଣ ଗାଁରେ ରଖେଇ ଦେବେ ନାହିଁ— ମୁଁ କଅଣ କାହା ବାପା ଦାଦାର ଖାଏଁ ! ସବୁବେଳେ ବଦମାସଗୁଡ଼ାକ ମୋ ପଛରେ ଲାଗିଛନ୍ତି । ମୋ ପେଟ ହାଣ୍ଡିପେଟପରି—ମୁଁ ବେଶି ଭାତ ଖାଏଁ, ଏହା କାହାରି ଦେହରେ ସହୁନାହିଁ । ମୋ ଖାଇବା ତମେ ବଦଜାତ ସାତ ଜନ୍ମରେ ପାଇବ ନା ? ମୁଁ ତ କାହାରି ହଳଦିଆ ପାଣିରେ ଗୋଡ଼ ଧୋଇବା ଲୋକ ନୁହେଁ,—ତମେ କାହିଁକି ମୋ ଖୋଳ ଗୋଡ଼େଇ ଥାଅ । ମୁଁ ହାଣ୍ଡି ହେଲି ବା ଗା' ହେଲି, କାହାରି ବଦନୀବାଡ଼ି ତ ଉଜାଡ଼ିବାକୁ ଯାଉନାହିଁ ।" ହରି କହିଲା, "ପିଲାଗୁଡ଼ାକ କଥାରେ କଅଣ ଅଛି ?" ଅଗ୍ନିରେ ଆହୁତି ଦେଲାପ୍ରାୟ ବକଳା ଜଳି ଉଠି କହିଲା—"ହଁ ହୋ, ମୁଁ ସମସ୍ତଙ୍କ କଥା ଜାଣେ । ବାପଙ୍କ ପିଲାଗୁଡ଼ାକୁ ତୁମେ ସବୁ ଟେକି ଦେଉଛ । ନ ହେଲେ ସେ କହନ୍ତେ, ଦାନ୍ତ ଭାଙ୍ଗି ଦିଅନ୍ତ ନାହିଁ ।" ହରି ମୁହଁରେ ଲୁଗା ଢାଙ୍କି ମୁରକି ହସା ଦେଇ ଚାଲିଗଲା । ବକଳା ବଡ଼ର ବଡ଼ର ହୋଇ ସାଆନ୍ତଙ୍କ ଦାଣ୍ଡ ଆଡ଼କୁ ଗଲା ।

ବକଳା କେଉଁ କେଉଁ ଗ୍ରାମକୁ ଯିବ, ସେଥିର ଗୋଟାଏ ମୌଖିକ ତାଲିକା ସାମନ୍ତଙ୍କଠାରୁ ଆଦାୟ କରିନେଲା । ଗ୍ରାମଗୁଡ଼ାକର ନାମ ନଜାଣିଲେ କାହାରି କୌଣସି କ୍ଷତିର ସମ୍ଭାବନା ନାହିଁ । ବିଶେଷତଃ ଜଣେ ସଙ୍ଗତିସମ୍ପନ୍ନ ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କର ଭାବଶିଷ୍ୟ ତଥା ପଦାରେ ପକାଇବାକୁ ଆମ୍ଭେମାନେ ଶିଷ୍ଟାଚାରଭଙ୍ଗ ଭୟରେ ଏକାନ୍ତ ନାରାଜ । ପାଠକମାନେ ମଧ୍ୟ ସେ ନାଡ଼ିନକ୍ଷତ୍ର ବୃତ୍ତାନ୍ତ ଶୁଣି ଭଦ୍ରତାରେ ଜଳାଞ୍ଜଳି ଦେବାକୁ ଆଗ୍ରହାନ୍ୱିତ ହେବେନାହିଁ । ସୁତରାଂ ତାହା ଢାଙ୍କି ରଖିବାହିଁ ଉଚିତ । ବକଳା ଉପଯୁକ୍ତ ପାଥେୟ ନେଲା ଏବଂ କିଛି ଚୂଡ଼ାଗୁଡ଼ଲ ବାନ୍ଧିଲା । ତାକୁ ଅନ୍ତତଃ ତିନିକୋଶ ବାଟ ଚାଲିବାକୁ ହେବ । ସୁତରାଂ ବାଟରେ କିଛି ନ ଖାଇଲେ ତାହାର ହଂସା ଉଡ଼ିଯିବ । ପାଠକେ ତାହାର ପେଟ କଥା ପୂର୍ବରୁ ଜାଣିଅଛନ୍ତି । ଦିନେ ଦିନେ ତାହା ଘରେ ଭାତରନ୍ଧାର ଉଚ୍ଛୁର ହେଲେ ସେ ଭୋକ ସହି ନପାରି ପେଟରେ ଚାଉଳ ଭିଜାଇ ସେଥିରେ ଚିମୁଟେ ଲୁଣ ଗୋଳାଇଦେଇ ଗୋଟାଏ ଲଘୁ ଆହାର କରିନିଏ । ପରେ ଭାତରନ୍ଧା ସରିଲେ ପୂର୍ଣ୍ଣ ଆହାର କରେ । ତରକାରୀ ସଙ୍ଗରେ ଅନ୍ତରଙ୍ଗ ବନ୍ଧୁତା ନଥିବାରୁ ସେ ଖାଇବାବେଳେ ତାକୁ ଆହ୍ୱାନ କରେନାହିଁ । ମାତ୍ର ବଳେ ବଳେ ଆସି ପତ୍ରରେ ପଡ଼ିଲେ ଅଗ୍ରାହ୍ୟ କରେନାହିଁ । ଗୋଟାଏ ଦଗ୍ଧ ପଦ୍ମକାଣ୍ଡ କିମ୍ବା ତାହା ଅଭାବରେ ଟିକିଏ ଲୁଣ ହେଲେ ଭାତ ଅଧ କେଉଁଠାରେ ଅଟକି ନରହି ସଳଖେ ସଳଖେ ଉଦର ଗହ୍ୱରକୁ ବିନା ଓଜରେ ଆପତ୍ତିରେ ଚାଲିଯାଏ । ଭଣ୍ଡାସି ଲୋକ, ସୁତରାଂ ବାହା ସୁହାଣିରେ ସୁଆବେଳର ଭୋଜି ତାହାକୁ ବାରଆଡ଼େ ଯିବାକୁ ପଡ଼େ, ମାତ୍ର ଯେଉଁଠାରେ ତାହାର ପେଟଟି ସନ୍ତୁଷ୍ଟ ହୁଏ, ସେଠାରୁ ସେ ସହଜରେ ଗୋଡ଼ କାଢ଼ିବାକୁ ମଙ୍ଗେନାହିଁ । ପେଟଟି ପୂରିଲେ ଘରଦ୍ୱାର ଭାଙ୍ଗିଯାଉ ବା ପିଲାପିଲି ଉପାସରେ ମରନ୍ତୁ, ସେ ଆଡ଼କୁ ତାହାର ଦୃଷ୍ଟି ଥାଏନାହିଁ । "ଆପେ ଥିଲେ ବାପର ନାମ" ଏ ପ୍ରବାଦକୁ ସେ ବେଦବାଣୀ ତୁଲ୍ୟ ମଣେ । ନିଜେ ନିଜେ ଉପାର୍ଜନ କରି ଖାଇବା ସକାଶେ ଈଶ୍ୱର ସମସ୍ତଙ୍କୁ ହାତଗୋଡ଼ ଦେଇଅଛନ୍ତି, ତାହାର ସ୍ତ୍ରୀପୁତ୍ରାଙ୍କୁ ମଧ୍ୟ ଦେଇଅଛନ୍ତି । ତେବେ ସେ କାହିଁକି ନିଜର ହାଡ଼ ଭାଙ୍ଗି ସେମାନଙ୍କୁ ପୋଷି ଈଶ୍ୱରଙ୍କ

ନିୟମ ଲଙ୍ଘନରୂପ ମହାପାପ କରିବାକୁ ଯିବ ? ସେ ତ ଆଉ ପୋଷିବାପାଇଁ ଏଗ୍ରିମେଣ୍ଟ ଲେଖିଦେଇ ପିଲ୍ଲମାନଙ୍କୁ ଜନ୍ମ କରିନାହିଁ । ପିଲ୍ଲଗୁଡ଼ାକୁ ପୋଷିଲେ ସେମାନେ ଅଳସୁଆ ହୋଇ ସ୍ୱାବଲମ୍ବନ ତ୍ୟାଗ କରିବେ, ସେଥିରେ ସମାଜରେ ଅକର୍ମଣ୍ୟର ସଂଖ୍ୟା ଅଧିକ ହେବ। ଭଣ୍ଡାମିବାପୁଡ଼ା କାହିଁକି ବା ସମାଜକୁ ପଙ୍ଗୁ ବା କ୍ଳୀବ କରି ରଖିବ, ସେ ପାପର କି ପ୍ରାୟଶ୍ଚିତ୍ତ ଅଛି ? ସାଆନ୍ତେ ତାହାର ଏସବୁ କଥା ଜାଣନ୍ତି, ତେଣୁ ତାଗିଦ୍ କରି କହିଲେ, "ଖବରଦାର ବଳିଆ, ତେବେ ନ କରି ଚଞ୍ଚଳ ଫେରି ଆସିବୁଟି !" ବଳିଆ କାନରେ ହାତ ଦେଇ କହିଲା—"ରାମ ରାମ, ମୋତେ କଅଣ ଦରିବ ଛୁଇଁଚି, ହଜୁରଙ୍କ କାମରେ ଡେରି କରିବି, ମୁଁ ସେମିତି ଲୋକ ନୁହେଁ, ଅବଧାନ ! ମୋ କଥା ଫେର୍ ପଛରେ ବୁଝିବ ନାହିଁ କି । ତମେ କିଛି ଚିନ୍ତା କରନାହିଁ, ସାନ ବାବୁଙ୍କୁ ମୁଁ କାନ୍ଧରେ ବସାଇ ଘେନି ଆସିବି । ସେ ତ ମାମୁଘରେ କି ଭଣେଇ ଘରେ ଥିବେ । ସେଠୁ ଢ଼'କାପାଙ୍କୁ ମୁଁ ଆଗେ ଯିବି ।" ଏହା କହି ସାଆନ୍ତଙ୍କୁ ଗୋଟାଏ ଦୀର୍ଘ ଦଣ୍ଡବତ ପକାଇ ବଳିଆ ଗ୍ଭଲିଗଲା ।

ବଳିଆକୁ ପଠାଇ ଦେଇ ସାଆନ୍ତେ ବସି ଆକାଶ ପାତାଳ ନାନା ଚିନ୍ତା କରିବାକୁ ଲାଗିଲେ । ଭାବିଲେ, କାଳେ ମଧୁ ସେଠାକୁ ଯାଇ ନ ଥିବ । ଯୁଦି ଭାବିଲେ ନ ଯାଇଥିଲେ ନାହିଁ, ମୁଁ ଆଉ କଅଣ କରିବି ? ଜନ୍ମ ଦେଇଛି ବୋଲି ତ ଆଉ କର୍ମ ଦେଇନାହିଁ, ଯାହା ତା' ଅଦୃଷ୍ଟରେ ଥିବ, ତାହା ହେବ, ମୋର ଆଉ କି ଦୁଃଖ ଅଛି ? ଏହିପରି ନାନା ଭାବନାରେ ଦୁଇ ଦିନ ଅତିବାହିତ ହେଲା । ତୃତୀୟ ଦିନ ବଳିଆ ଫେରି ଆସି ଦୁଇ ଖଣ୍ଡ ତାଳପତ୍ର ତାଙ୍କ ହସ୍ତରେ ଦେଲା । ସାମନ୍ତ କମ୍ପିତ କରରେ ଖଣ୍ଡିଏ ଫିଟାଇ ପାଠ କରିବାକୁ ଲାଗିଲେ । ସେଥିରେ ଏହିପରି ଲେଖାଥିଲା,—"ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚରଣେ ଶରଣ—ଶ୍ରୀ ବାବା ବୈଦ୍ୟନାଥଙ୍କ ଚରଣେ ଶରଣ—ଶ୍ରୀ ମା ଗଙ୍ଗାକାଳୀଙ୍କ ଚରଣେ ଶରଣ—ଶ୍ରୀ ଇଷ୍ଟଦେବତା ଇଷ୍ଟଦେବୀଙ୍କ ଚରଣେ ଶରଣ—ଶ୍ରୀ ଗ୍ରାମଦେବତୀ ମା ବାଘେଇଶ୍ୱରୀଙ୍କ ଚରଣେ ଶରଣ । ଦାମୀକଣ୍ଠ—ମାନୀ ଦୁର୍ଯ୍ୟୋଧନ—କହିବାକୁ ଶୁକଦେବ—ଶୁଣିବାକୁ ପରୀକ୍ଷିତ—ଗଙ୍ଗାଜଳ ନିର୍ମଳ—ଏଠାରେ ସର୍ବକୁଶଳ ମଙ୍ଗଳ—ସେଠାର କୁଶଳମଙ୍ଗଳକୁ ଶ୍ରୀ ଶ୍ରୀ ଜଉ ବଗୁର କରୁଥିବେ । ଶ୍ରୀ ଶ୍ରୀ ଶ୍ରୀ ସାମନ୍ତ ଶଶୁର ଶ୍ରୀ ଗୌରଗୋବିନ୍ଦ ହରିଚନ୍ଦନ ମଙ୍ଗରାଜ ଭ୍ରମରବର ରାୟ ମହାପାତ୍ରଙ୍କର ଜାମାତା ଶ୍ରୀ ଶ୍ରୀ ହେମହରି ସାମନ୍ତ ବାବୁଜିଉଙ୍କୁ ତ୍ରିକାଳସନ୍ଧ୍ୟାରେ ଧନପୁତ୍ର ଗୋପଲକ୍ଷ୍ମୀବାଞ୍ଛିତ ବହୁତ ବହୁତ ସୁକଲ୍ୟାଣ । ଶ୍ରୀ ଶାଶୁ ଗୋସାଇଁଙ୍କର ସାମନ୍ତ ପୁଅଙ୍କୁ ଆଶୀର୍ବାଦ । ଗୋକୁଳ, ସଇତା ଓ ଗେର ପିଲ୍ଲମାନଙ୍କର ପିଉସାଙ୍କୁ ଶତକୋଟି ଭୂମିଷ୍ଠ ଦଣ୍ଡବତ । ନାତି ଗୋପାଳକୁ ଅଜା ଓ ଆଈ ସାଆନ୍ତାଣୀଙ୍କର ଅଶେଷ କଲ୍ୟାଣ । ଲେଖିବାର କାରଣ ଏହିକି, ବାବୁ, ତୁମ୍ଭ ଲେଖିବାର ଚିଠାଉ କରପଇଠ ହୋଇ ଆମ୍ଭ ଛାମୁରେ ପାଠ ହେଲା । ତୁମ୍ଭେ ଯେ ଲେଖିଅଛ ମଧୁବାବୁଙ୍କ କଥା, ମାତ୍ର ସେ ବାବାଜି ଏଠା ମୁକାମ ଆମ୍ଭ ଉଆସକୁ ଆସିନାହାନ୍ତି ଜାଣିବ । ଆମ୍ଭର ଏଠାରେ ଆଠଦିନ ତଳେ ଭାରି ଭାରି ଆପଦ ଘଟିଗଲା—ଆମ୍ଭର ପାଣ୍ଡୁଆ ନାମରେ ଗୋଟାଏ ବଳଦ ମରିଗଲା । ସେ ବଳଦଟା ଆହୁରି ତିନିପାଣି ମାଉଥାନ୍ତା—ସେଟା ଖାଉଅଣିଙ୍ଗା ହୋଇ ଖୁବ୍ ଅଫାଲ ବଳଦ । ସେ ବଳଦ ନୁହେଁ ଯେ, ଗୋଟାଏ ହାତୀ ଥିଲା । ହଳ କରିବାକୁ,ଛେଲ ବହିବାକୁ ଗୋଟାଏ ରାଜୁ । ବହିରେ ପାଞ୍ଚଣବାଡ଼ି ବଜାଇ ଦିଏ ନାହିଁ । ତୁମ୍ଭ ଶାଶୁ ତାହା ଲାଗି ତିନିଦିନଯାଏ ଅନ୍ନ ଜଳ ବନ୍ଦ କରିଥିଲେ, ତାଙ୍କ ଆଖିରୁ ହାଣ୍ଡିଏ ତ ଦେଢ଼ହାଣ୍ଡି ଲୁହ ବାହାରିଗଲା—ସେ ଝୁରି ଝୁରି କଣ୍ଠାପରି ହେଲେଣି । ଆଉ ବାବୁ, ତୁମ୍ଭେ ମଧୁ ଲାଗି ଭାବିତ ହେବ ନାହିଁ, ପ୍ରଭୁ ଅଛନ୍ତି—ସବୁ କାଳିଆର ଲୀଳା ଇତି—ମୁକାମ ତାରିଖ ସଦର । ଲିଖିତଂ ତୁମ୍ଭର ଶଶୁର ସାଆନ୍ତେ ।" ପତ୍ର ପାଠ କରି ସାରି ହେମହରି ସାଆନ୍ତେ ହତାଶ ଦୃଷ୍ଟିରେ ଘଡ଼ିଏକାଳ ଆକାଶକୁ ଅନାଇ ରହିଲେ—ପରେ ଅନ୍ୟ ପତ୍ରଖଣ୍ଡି ଉଠାଇ ଫିଟାଇବାକୁ ଲାଗିଲେ, ସେ ଖଣ୍ଡିକର ଆକାର ପିଲ୍ଲଙ୍କ ଚଉଘମୁଣ୍ଡୀ ପରି—ମଧ୍ୟଭାଗରେ ଖଣ୍ଡେ

ତାଳପତ୍ର ଲିପି ଶନିପରସ୍ତ ସ୍ପଷ୍ଟା ହୋଇଅଛି । ସେଥିରେ ଲେଖାଥିଲା—

"ଶ୍ରୀହରିଃ ଶରଣମ୍ । ମୁକାମ ସଦର—୫ ଦିନ ମାହେ ଆଷାଢ଼—ଶନିବାର ବେଳ ଦୁଇଘଣ୍ଟ ସରିକି ପୂଜନୀୟ ଶ୍ରୀ ଶ୍ରୀ ଶ୍ରୀ ଶଶୁର ସାମନ୍ତଙ୍କୁ ଶ୍ରୀ ଶ୍ରୀ ନଟବର ବଜ୍ରଧର ଭୁଇଁଆ କୁଆରବର ଜଗଦେବ ସାମନ୍ତଙ୍କର କୋଟି କୋଟି ପାଲଗି ଦଣ୍ଡବତ । କାର୍ଯ୍ୟାର୍ଥୀଗେ କି ବୋଇଲେ ବଙ୍ଗଳା ଭଣ୍ଡାରୀଠାରୁ ସକଳ ବେଉରା ଶୁଣି ଦୁଃଖିତ ହେଲୁଁ । ମଧ୍ୟ ଆମ୍ଭ ଘରକୁ ଆସିଥିଲେ ଆମ୍ଭେ ତତ୍‌କ୍ଷଣେ ପଠାଇ ଦେଇଥାଆନ୍ତୁ । ଆମ୍ଭେ ଅନୁସନ୍ଧାନରେ ରହିଲୁଁ, ଭେଟ ହେଲାକ୍ଷଣି ସଙ୍ଗରେ ଲୋକ ଦେଇ ପଠାଇଦେବୁଁ । କେବେହେଁ ଗିଲ୍ଲପ କରିବୁଁ ନାହିଁ ଜାଣିବା ହେବେ । ଦିବ୍ୟଚକ୍ଷୁରୁ ଜାଣିବେ ଯେ, ଆମ୍ଭେ ଆପଣଙ୍କର କୃଣା କିଙ୍କର । ଆପଣଙ୍କ ଆଜ୍ଞାରେ ଆମ୍ଭର ହେଲା ନାହିଁ । ଆମ୍ଭର କଲେଇମଲା ଶେଷ ହୋଇ- ଅଛି—ଏଥର ଧାନ ୮୧ ଭରଣ ଜନ ହେଲା ପନ୍ଦର ପୁଞ୍ଜ ନ'ଙ୍ଗଣ୍ଡା ହେଲା । ଆମ୍ବ ପଣସ ବ ତୋଟାରେ ତେର ଫଳିଥିଲା । ଆପଣଙ୍କ ଖୋଦ ଶ୍ରୀହସ୍ତଲେଖା ଦସ୍ତୁର ଚିଠାଉ ଖଣ୍ଡିକରେ ମଧୁଙ୍କର ମିଳିବା ନ ମିଳିବା ଲେଖି ପରିତୋଷ କରିବା ହେବେ । ଆଉ ଗୋଟିଏ ଖୋସ୍ ଖବର ଏହି କି, ଆପଣ ଦେଇଥିବା ଯୌତୁକୀ ଛକ୍ରାଟି ଗୋଟିଏ ମାଈବାଛୁରୀ ପ୍ରସବ କରିଅଛି । ଅନ୍ୟ ସମସ୍ତ ମଙ୍ଗଳ । ଭାଇ ଗୋପାଳଙ୍କୁ ଆମ୍ଭର ସେ ବର୍ଷ ଜଣାଇଦେବେ । ଇତି ।"

ଆପଣଙ୍କର ଚରଣସେବକ
ଶ୍ରୀ ନଟବର ।

---

# ଚତୁର୍ଦ୍ଦଶ ପରିଚ୍ଛେଦ

ପତ୍ର ପାଠ ଶେଷରେ ସାମନ୍ତଙ୍କ ମୁଖ ଶ୍ରାବଣର କାଉଁଳିଆ ମେଘପରି ବିଷଣ୍ଣ ହୋଇଗଲା । "ତେବେ କୁଆଡ଼େ ଗଲା ?" ଏତିକିମାତ୍ର ତାଙ୍କ ଶୋକାର୍ଦ୍ର କଣ୍ଠରୁ ବାହାରି ବାକ୍ୟରୋଧ ହୋଇଗଲା । ମନ ଏବଂ ଇନ୍ଦ୍ରିୟାଦି ତାଙ୍କୁ ଛାଡ଼ି ପଳାଇଗଲେ, କି ପୃଥିବୀ ତାଙ୍କ ପାଦତଳରୁ ଧସିଗଲା, ସେ କିଛି ସ୍ଥିର କରି ପାରିଲେ ନାହିଁ । କିନ୍ତୁ ଗୃହଅଡ଼େ ପ୍ରତିଧ୍ୱନି କହିବୁଲିଲା —ତେବେ କୁଆଡ଼େ ଗଲା ? ଆକାଶରେ, ପବନରେ ଧ୍ୱନିତ ହେଲା—ତେବେ କୁଆଡ଼େ ଗଲା ? ବୃକ୍ଷମାନେ ପତ୍ରର ମର୍ମରଛଳରେ କହିଲେ—ତେବେ କୁଆଡ଼େ ଗଲା ? ଏହିପରି ଭାବରେ କେତେକ୍ଷଣ କଟିଗଲା ପରେ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ସେ ପ୍ରକୃତିସ୍ଥ ହେଲେ । ବଙ୍ଗଳାଠାରୁ ଅନ୍ୟାନ୍ୟ ସ୍ଥାନର ସମ୍ବାଦ ଶୁଣିବାର ଆବଶ୍ୟକ ହେଲା ନାହିଁ । ସେ ହାଲ ଈଶ୍ୱରରେ ତାକୁ ନ୍ୟସ୍ତ କରିଦେଲେ । ବିଧାତା ମାନବକୁ ଶୋକ ଦିଏ, ଆଉ ଶୋକ ସହିବାର ଶକ୍ତି ମଧ୍ୟ ଦିଏ । ତାହା ନଚେତ୍ ଶୋକ ଅବିଚ୍ଛିନ୍ନ ରହିଥିଲେ ମାନବସୃଷ୍ଟି ଆଉ ଜଗତରେ ନ ଥାନ୍ତା । ଶୋକର ସ୍ୱଭାବ, ସେ ନଦୀବନ୍ୟା ପରି ଯେଉଁରୂପ କ୍ରମେ କ୍ରମେ ମାଡ଼ିଆସେ, ସେହିରୂପେ କ୍ରମେ କ୍ରମେ ଛାଡ଼ିଯାଏ । ଶ୍ମଶାନର ଅଗ୍ନି ପରି ସେ କେତେବେଳେ ଦପଦପ ଜଳିଉଠେ— କେତେବେଳେ ବା ଭସ୍ମାନ୍ତସ୍ଥଳରେ ଆତ୍ମଗୋପନ କରେ । ଶୋକ କ୍ରମେ କ୍ରମେ ମିଳେଇଯାଏ, ମାତ୍ର ସ୍ମୃତି ଯାଏ ନାହିଁ । ମାନବ କାଳକ୍ରମେ ଆତ୍ମୀୟ ସ୍ୱଜନର ଶୋକ ଭୁଲି ଯାଏ । ଯେଉଁ କାଳ ଶୋକ ଆଣିଦିଏ, ସେହିକାଳ ପୁଣି ଶୋକ ହରିନିଏ । ଶୀତକାଳର ଦିବସ ପ୍ରାୟ ଶୋକ ସ୍ୱଳ୍ପାୟୁ । ସମୟ ଅତିକ୍ରମ ସଙ୍ଗେ ସଙ୍ଗେ ସାମନ୍ତ ପରିବାର ଶୋକ କ୍ରମେ କ୍ରମେ ଊଣା ହୋଇ ଆସିଲା । ଦିନେ ନିଶୀଥ ସମୟରେ ସାମନ୍ତ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ । ଗୋଟିଏ ଅପୂର୍ବ ସ୍ତ୍ରୀମୂର୍ତ୍ତି ତାଙ୍କ ଶଯ୍ୟାପାର୍ଶ୍ୱରେ ଦଣ୍ଡାୟମାନ । ଶୟନ-କୋଣରେ ଶୁଭ୍ର ଆଲୋକିତ ହୋଇଗଲା । ମୂର୍ତ୍ତିର ବସ୍ତ୍ର ଶ୍ୱେତ ଶତଦଳ ପରି ସ୍ନିଗ୍ଧୋଜ୍ଜ୍ୱଳ । ତାଙ୍କ ଶ୍ରୀଅଙ୍ଗରୁ ଦେବତ୍ୱ, ମୃଦୁହାସରୁ ମାତୃତ୍ୱର ଅଗାଧ ମହିମା ଏବଂ ସୌମ୍ୟ

ଶୀତଳ ଦୃଷ୍ଟିରୁ ସ୍ନେହ ଏବଂ କରୁଣା ଝରି ପଡ଼ୁଅଛି । ସୁନ୍ଦରପଣର ପଟାନ୍ତର ନାହିଁ,—ସେ ମୂର୍ତ୍ତିକୁ ସୁନ୍ଦର ନକହି ସୁନ୍ଦରର ସ୍ୱରୁ ଅଳଙ୍କାର କହିଲେ ବରଂ ସୁସଙ୍ଗତ ହେବ । ସେ ବୀଣାଜିଣା ଧୀର ମଧୁର ସ୍ୱରରେ କହିଲେ—"ବତ୍ସ, ମୋତେ ଚିହ୍ନିପାରିଲୁଟି ? ମୁଁ ତୋର ଭାଗ୍ୟଦେବୀ । ତୋ ସ୍ତବ ପ୍ରସନ୍ନ ହୋଇ ତୋତେ ସାନ୍ତ୍ୱନା ଦେବାକୁ ଆସିଅଛି । ତୁ ଆଉ ଦୁଃଖରେ କାତର ନହୋଇ ଧୈର୍ଯ୍ୟଧାରଣ କର— ତୋର ଏ ଅଶ୍ରୁପଛରେ ହାସ୍ୟ ଲୁଚି ରହିଅଛି । ଦୁଃଖକୁ ଭୟ କରିବାର କୌଣସି କାରଣ ନାହିଁ । ଦୁଃଖବୃକ୍ଷର ସୁପକ୍ୱ ମଧୁର ଫଳ ସୁଖ । ମୋ ହସ୍ତରେ ଏହି ଯେ ସ୍ୱର୍ଣ୍ଣପେଣ୍ଡୁ ଏବଂ ଲୌହପେଣ୍ଡୁ ଦେଖୁଅଛୁ, ଏହାର ନାମ ସୁଖ ଏବଂ ଦୁଃଖ । ଏ ଦୁଇଟି ମୋର ପ୍ରିୟ କ୍ରୀଡ଼ା-ସାମଗ୍ରୀ । ଯେତେବେଳେ ସ୍ୱର୍ଣ୍ଣ ପେଣ୍ଡୁରେ ଖେଳେଁ, ତେତେବେଳେ ତୋର ସୁଖ ହୁଏ, ଆଉ ଯେତେବେଳେ ଲୌହପେଣ୍ଡୁରେ ଖେଳେଁ, ତେତେବେଳେ ତୋର ଦୁଃଖ ହୁଏ । ଦୁଃଖ ପରେ ସୁଖ ଏବଂ ସୁଖପରେ ଦୁଃଖ ଏହା ପ୍ରକୃତିର ନିୟମ । ମାତ୍ର ଅଖଣ୍ଡ ସୁଖ ବା ଅଖଣ୍ଡ ଦୁଃଖ କାହାରି ଭାଗ୍ୟରେ ଘଟେନାହିଁ । ତୋର ସୁଦିନ ନିଶ୍ଚୟ ମିଳିବ; ମାତ୍ର ଅତିଶୀଘ୍ର ନୁହେଁ, ଆଜିଠାରୁ ଦଶବର୍ଷ ପରେ । ମୋର ଏ କଥାରେ ତୁ ବିଶ୍ୱାସ ଅଟଳ ରଖିବୁ,—ସ୍ୱପ୍ନ ଅଳୀକ କଳ୍ପନା ବୋଲି ହେୟଜ୍ଞାନ କରିବୁ ନାହିଁ । ଏ ତୋର ବିପଦ ନୁହେଁ—ଏଥିର ଶେଷ ଫଳ ଶ୍ରେୟସ୍କର, ଏହା ମନେ ରଖିଥିବୁ ।" ଏହା କହି ଦେବୀ ଅନ୍ତର୍ହିତ ହେଲେ । ମୁହୂର୍ତ୍ତକ ମଧ୍ୟରେ ସାମନ୍ତ ଭଗ୍ନନିଦ୍ର ହୋଇ ଶଯ୍ୟାରେ ଉଠି ବସିଲେ । ତାହାଙ୍କ ପ୍ରାଣର ଛିନ୍ନ ତାର ସଂଯୋଜିତ ହୋଇଗଲା । ଯେମନ୍ତ କି ଆନନ୍ଦ ସ୍ୱର୍ଗରୁ ଗୋଟାଏ ବାଞ୍ଛିତ ସଙ୍କେତ ଜୟ ଘଣ୍ଟା ବଜାଇ ଓହ୍ଲାଇ ଆସିଲା । ଆଶା ସାଫଲ୍ୟରେ ତାଙ୍କର ମ୍ଳାନ ମୁଖ ଦୀପ୍ତ ହୋଇ ଉଠିଲା । ଜ୍ଞାନ, ଭକ୍ତି ହାତ ଧରାଧରି ହେଲୁ ପ୍ରାନ୍ତ ସ୍ୱପ୍ନବୃତ୍ତାନ୍ତ ଏବଂ ଆଶା ହାତ ଧରାଧରି ହୋଇ ତାହାଙ୍କ ଆଖି ଆଗରେ ନାଚି ବୁଲିଲେ । ତହୁଁ ସେ ହର୍ଷଗଦ୍‌ଗଦ କଣ୍ଠରେ ସ୍ୱପ୍ନଦୃଷ୍ଟ ଭାଗ୍ୟଦେବୀଙ୍କୁ ଦଣ୍ଡବତ କରି କହିଲେ, "ମା, ତୁମ୍ଭର ଏ ପରିହାସ ନା ଆଶୀର୍ବାଦ ?" ପୁଣି ପରମୁହୂର୍ତ୍ତରେ ଭାବିଲେ—ନାଁ, ନା, ବିପନ୍ନ ପୁତ୍ର ପ୍ରତି ମାତାର ପରିହାସ ନିତାନ୍ତ ଅସଙ୍ଗତ । ଏହା ନିଶ୍ଚିତ ସତ୍ୟ—ଜୀବନ୍ତ ସତ୍ୟ—ବିଶୁଦ୍ଧ ସତ୍ୟ । ଛି, ସନ୍ଦେହ, ତୁ ବଡ଼ ନିର୍ଲଜ୍ଜ ! ପ୍ରତ୍ୟେକ କାର୍ଯ୍ୟରେ ତୁ ବଳେ ବଳେ ଆସି କଥା କହୁ କାହିଁକି ? କିଏ ତୋତେ ହାତ ଯୋଡ଼ି ଧରି ନିମନ୍ତ୍ରଣ କରେ ? ବିପନ୍ନକୁ ସାହସ ଦେବା ସିନା ଧର୍ମ, ମାତ୍ର ବିପନ୍ନର ତଣ୍ଟି ଚିପି ମାରିବା କେଉଁ ନ୍ୟାୟ ? ତୁ ଦେବତା ନୋହୁ,—ପିଶାଚ । ଯା, ଯା, ଦୂର୍ ହ—ତୋର ଅମଙ୍ଗଳ ଦଗ୍ଧ ମୁଖ ଆଉ ଦେଖାନା । ଜଗତରେ ସମସ୍ତଙ୍କର ମୃତ୍ୟୁ ଅଛି, ତୋର କି ମୃତ୍ୟୁ ନାହିଁ ? ତୁ "ମିଛ ମିଛ' କହି ତାଳି ମାରୁଛୁ, ହେଉ ପଛେ ମିଛ, ମାତ୍ର ସେହି ମିଛ ମୋର ପ୍ରାଣ-ଶୀତଳକାରୀ । ଦେବତାଙ୍କ କଥା ମିଛ—ପିଶାଚର କଥା ସତ୍ୟ, ଏହା କେଉଁ ପାମର ବିଶ୍ୱାସ କରିବ ? ତୋର ସତ୍ୟ ଯେଣୁ ତୁ ଚତୁର୍ଭୁଜ ହୋଇଥା, ମାତ୍ର ମୋ ସଙ୍ଗରେ ଆଉ ଦୁଆ ଛୁଟ ଲଗାନା । ତୋର ଚତୁଷ୍ପଦରେ ନମସ୍କାର କରି ବିନୟରେ ପ୍ରାର୍ଥନା କରୁଛି ରେ ରନ୍ଧ୍ରସ୍ଥ ଶନି, ତୁ ବିଦାୟ ହ, ବିଦାୟ ହ । ଭାଗ୍ୟଦେବୀଙ୍କର ଆଦେଶ ମୋ ପକ୍ଷରେ କୋଟିନିଧି—କୋଟି ଶୁଭ ବର ।"

ଯେତେବେଳେ ମଧୁ ମନେ ପଡ଼େ, ତେତେ-ବେଳେ ସାମନ୍ତେ ସ୍ୱପ୍ନ କଥା ହେଜି ଆଶ୍ୱସ୍ତ ହୁଅନ୍ତି । ସ୍ୱପ୍ନଟି ତାଙ୍କ ପକ୍ଷରେ ସଞ୍ଜୀବନୀ ମନ୍ତ୍ର ତୁଲ୍ୟ ହେଲା । ଏହିପରି ଦିନପରେ ଦିନ—ପକ୍ଷପରେ ପକ୍ଷ—ମାସପରେ ମାସ ଜପାମାଳ ପରି ଗଡ଼ିଗଡ଼ି ବୁଲିବାକୁ ଲାଗିଲା । ଦେଖୁଁ ଦେଖୁଁ ବର୍ଷେକାଳ ଗତ ହୋଇଗଲା; ମାତ୍ର ମଧୁର ସ୍ମୃତି ଗ୍ରାମକୁ ଗୋଡ଼ କାଢ଼ି ଗଲା ନାହିଁ । ସମୟ ସମୟରେ ଗ୍ରାମବାସୀମାନେ ସେହି କଥାର ଆଲୋଚନା କରନ୍ତି । କେହି କହେ, ମଧୁକୁ ବାଘନେବା କଥା ସତ, ନ ହେଲେ ବର୍ଷେଯାଏ କି ଅସନ୍ତା ନାହିଁ ! କେହି କହେ, ବର୍ଷେକାଳ ଆସି ଗଡ଼ିଗଲା, ତେବେ ବି ସାଆନ୍ତ ଘରଶୌଚ ହେଲେ ନାହିଁ । କେହି କହେ, ବଡ଼ ଲୋକଙ୍କୁ ସବୁ ଶୋଭାପାଏ, ତମ ଆମ କଥା ସିନା ନିଆରା । ଏହିପରି ପ୍ରଥମରେ ଫୁସ୍‌ଫାସ୍, ଦ୍ୱିତୀୟରେ

ଛୁଟ୍‌ଛୁଟ୍, ଶେଷରେ ବାଣ୍ଡଘାଟରେ ସ୍ପଷ୍ଟ ହେଲା; ମାତ୍ର ସାମନ୍ତଙ୍କୁ କେହି କହିବାକୁ ସାହସୀ ହେଲେ ନାହିଁ । ଖଳ ଲୋକଙ୍କର ସ୍ୱଭାବ, ସେମାନେ ନିଜର ଚିନ୍ତା ଛାଡ଼ି ପରଚିନ୍ତାରେ କାଳ କଟାନ୍ତି—ପରର ରେଣୁ-ପରିମିତ ଦୋଷ ଦେଖିଲେ ତାହାକୁ ବଢ଼ାଇ ବସନ୍ତି । ସେମାନେ ପର-ଚିନ୍ତାରେ ଯେଉଁ ସମୟ ଅତିବାହିତ କରନ୍ତି, ସେହି ସମୟକୁ ନିଜର ଆଧ୍ୟାତ୍ମିକ ଚିନ୍ତାରେ ଲଗାଇ-ଥିଲେ ତଦ୍ୱାରା ପରକାଳର ପାଥେୟ ସଞ୍ଚୟ କରି ପାରୁଥାଆନ୍ତେ । ନିଜର ପରମାଣୁ ଏବଂ ପରର ଦୋଷକୁ ବଡ଼ ଦେଖିବା ସେମାନଙ୍କର ସ୍ୱାଭାବିକ ଧାରା । ଉପନେତ୍ରଦ୍ୱାରା ସାନ ଅକ୍ଷର ବଡ଼ ଦିଶେ, ସେହିପରି ପରର ରେଣୁ-ପରିମିତ ଦୋଷ ସେମାନଙ୍କ ଚକ୍ଷୁରେ ହିମାଳୟ ପର୍ବତଠାରୁ ବଡ଼ ଦେଖାଯାଏ; କିନ୍ତୁ ନିଜ ବେଳକୁ ଠିକ୍ ତାହାର ବିପରୀତ, ଅର୍ଥାତ୍ ଦର୍ପଣରେ ବଡ଼ ପଦାର୍ଥମାନ ଦିଶିଲା ପରି ସେମାନଙ୍କର ହିମାଳୟ-ପରିମିତ ଦୋଷ ଧୂଳିକଣାଠାରୁ ସୁଦ୍ଧା ସାନ ଦିଶେ । ପରର ଦୋଷ ଛିଦ୍ରାନ୍ୱେଷୀ ପରି ରୁଚିକର, ମାତ୍ର ସ୍ୱଣରସି ନିମ୍ବଠାରୁ ତିକ୍ତ । ଏ ରୋଗ ଏକା ଅଶିକ୍ଷିତ ସମାଜରେ ନୁହେଁ—ଶିକ୍ଷିତ ସଭ୍ୟ ସମାଜରେ ସୁଦ୍ଧା ସଂକ୍ରମିତ । ସେଦିନ ଦୁଇ ଜଣ ବୃଦ୍ଧ କଥାବାର୍ତ୍ତା ହେଉଥିଲେ । ଜଣେ କହିଲା—ଆଜିକାଲିର ଟୋକା-ଟୋକୀ ବାହୁଁକି ଆଖିରେ ଚଷମା ଲଗାନ୍ତି, ଅଧିକ ପାଠ ପଢ଼ିଲେ ବୋଧହୁଏ ପଢ଼ିବାଶେଷ ପରି ଦିନକଣା ରୋଗ ଧରେ । ଦ୍ୱିତୀୟ ବୃଦ୍ଧ କହିଲା—ନା, ତାହା ନୁହେଁ—ପରଛିଦ୍ରର ଅଣୁ ପରମାଣୁ ପର୍ଯ୍ୟନ୍ତ ଦେଖିବାର ସୁବିଧା ହେବ ବୋଲି ସେମାନେ ଚଷମା ଧାରଣ କରନ୍ତି । ତହୁଁ ପ୍ରଥମ ବୃଦ୍ଧ ପଚାରିଲା,—ପରଛିଦ୍ର ପକାଶେ ତ ଏ ବ୍ୟବସ୍ଥା; ମାତ୍ର ନିଜ ଛିଦ୍ର ପାଇଁ କି ବ୍ୟବସ୍ଥା ହୋଇଅଛି ? ଦ୍ୱିତୀୟ ବୃଦ୍ଧ କହିଲା,—ସେମାନେ ସେ ନିଜକୁ ନିଦ୍ରା ମଣନ୍ତି । ଛିଦ୍ରଗୁଡ଼ାକ ସିନା ପରର ଥାଏ; ମାତ୍ର ନିଜର ଥାଏ ନାହିଁ । ନଈବତିର ଫେନସ୍ତୂପଗୁଡ଼ାକ ବାହାରକୁ ନିଶ୍ଛିଦ୍ର ଦେଖାଯାଏ; ମାତ୍ର ଭାଙ୍ଗି ପକାଇଲେ କେବଳ ଛିଦ୍ରମୟ । ଏହିପରି ଅନେକ ଲୋକ ଅଛନ୍ତି, ଯେଉଁ ଦିନ ପରଛିଦ୍ର ନ ମିଳେ, ସେ ଦିନକୁ ସେମାନେ ବୃଥା ଜ୍ଞାନ କରନ୍ତି ଏବଂ ସେ ଦିନର ଅନ୍ନଜଳ ସେମାନଙ୍କୁ ବିଷବତ୍ ବୋଧହୁଏ । ସେମାନଙ୍କ ସେ ଦିନର ରାତ୍ରରେ ଶଯ୍ୟା-କଣ୍ଟକୀ ରୋଗ ଧରେ, ସୁତରାଂ ସୁନିଦ୍ରା ହୁଏନାହିଁ । ଯାଉ ସେ କଥା, ଗୋଳିଆ ପାଣି ଘାଣ୍ଟିଲେ ଦେହରେ ମଳି ଲାଗିଯାଏ ।

କଥା ପବନରୁ ଉତ୍ପନ୍ନ, ପବନପରି ସେ ବୁଲି ନ ରହି ଉଡ଼ିବୁଲେ, ଯେତେ ତାଙ୍କି ଘୋଡ଼ାଇ ରଖିଲେ ସୁଦ୍ଧା ସେ ବାହାରିଯାଏ । ସମୟରେ ସେହି ଗୋପନୀୟ ଛୁଟଛାଟ କଥା ସାମନ୍ତଙ୍କ କର୍ଣ୍ଣଗୋଚର ହେଲା । ସେ ଭାବିଲେ, "କଥାଟା ପ୍ରତି ଉପେକ୍ଷା ପ୍ରଦର୍ଶନ କରିବା ଭଲ ନୁହେଁ—ତାହାର ଗୋଟାଏ ମୀମାଂସା ହେବା ଆବଶ୍ୟକ । କଥାଟା ଅସାର ହେଲେ ସୁଦ୍ଧା ବହୁ ବ୍ୟାପ୍ତିଦ୍ୱାରା କେତେବେଳେ କି ଆକାର ଧାରଣ କରିବ ତାହା କିଏ କହିପାରେ ? ନିତାନ୍ତ ଅମୂଳକ ମିଥ୍ୟା ରଚନା ସୁଦ୍ଧା ବହୁମୁଖରେ ସତ୍ୟପରି ପ୍ରତୀତ ହୁଏ । ସଂସାରରେ ସମସ୍ତେ ଧର୍ମ ଯୁଧିଷ୍ଠିର ନୁହନ୍ତି—ଖଳ ଦୁର୍ଯ୍ୟୋଧନର ବି ଅଭାବ ନାହିଁ । ସବୁ ଗ୍ରାମରେ ବିଭିନ୍ନ ପ୍ରକୃତିର ଲୋକ ଅଛନ୍ତି, କିଏ ବା କାହାର ମୁଖ ବୁଜି କରିପାରିବ ? ଅପବାଦୀର ରସନା କ୍ଷୁରଧାର ପରି ତୀକ୍ଷ୍ଣ, ଅଗ୍ନି-ଶୁଦ୍ଧା ସତୀଶିରୋମଣି ସୀତାଙ୍କର ବିଶୁଦ୍ଧ ନୈତିକ ଆଦର୍ଶ ଚରିତ୍ର ସୁଦ୍ଧା ସେଥିରେ କ୍ଷତବିକ୍ଷତ ହୋଇଥିଲା ଏବଂ ଜଗତର ସର୍ବଶ୍ରେଷ୍ଠ ପୁରୁଷ ସ୍ୱୟଂ ବଂଶମଣି ରାମଚନ୍ଦ୍ର ବିଚଳିତ-ବୁଦ୍ଧି ହୋଇ ନିରପରାଧିନୀ ସୀତାଙ୍କୁ ବନରେ ବିସର୍ଜନ କରିଥିଲେ, ଅନ୍ୟର ବା କଥା କଅଣ ? ଜାତି ଆଗରେ ହାତୀ ଝୁଲିପାରେ ନାହିଁ—ମୁଁ ଅବା କେଉଁ ଛାର ! ବ୍ରାହ୍ମଣ ସଭା ଆହ୍ୱାନ କରି ଗୋଟାଏ ଚୂଡ଼ାନ୍ତ ପ୍ରତିକାର କରିନେବା ଉଚିତ ।" ତହୁଁ ପରଦିନ ସାମନ୍ତଙ୍କ ବଙ୍ଗଳାରେ ବ୍ରାହ୍ମଣ ସଭା ବସିଲା । ଗୋସାଇଁମାନେ ଆସନ ଜମାଇ ବସି ସଭା ଅଳଙ୍କୃତ କଲେ । ଦର୍ଶକସ୍ୱରୂପ ଗ୍ରାମବାସୀମାନେ ଆସି ସଭାକୁ ପୂର୍ଣ୍ଣ କଲେ । ସଭାର ଏକ ସ୍ଥାନରେ ସାମନ୍ତଙ୍କ ବସିବା ସକାଶେ ଖଣ୍ଡିଏ ଗାଲିଚା ବିଛା ହେଲା । ତାହା ଉପରେ ଝାଲରୀ ପୋଷାକପିନ୍ଧା ତିନିଟା ମୋଟ ତକିଆ ଦେବ

ପୀଠରେ ବ୍ରେତୀଭାବ୍ୟ ଅଷ୍ଟାଙ୍ଗ ଲୁଟାଇ ଧାରଣା ପଢିଲେ। ଯଥା ସମୟରେ ସାମନ୍ତେ ଅସି ଆସନରେ ଉପବେଶନ କଲେ । ଅନନ୍ତର ସାମନ୍ତଙ୍କ ପୁରୋହିତ ରଘୁ ଆଚାର୍ଯ୍ୟ କଣ୍ଠାସ୍ୱମାନ ହୋଇ କହିଲେ,—"ହେ ବ୍ରାହ୍ମଣ, ପଣ୍ଡିତବର୍ଗ, ସାମନ୍ତ ମଣିମାଙ୍କ ଦ୍ୱିତୀୟ କୁମାର ଶ୍ରୀମାନ୍ ମଧୁସୂଦନଙ୍କ ନିରୁଦ୍ଦେଶ ବିଷୟ ଆପଣମାନେ ଜାଣିଅଛନ୍ତି, ସେ ପ୍ରାୟ ବର୍ଷକର କଥା । ବହୁଚେଷ୍ଟା ଏବଂ ବହୁ ଅନ୍ୱେଷଣରେ ଆଜି ପର୍ଯ୍ୟନ୍ତ ତାଙ୍କର ତତ୍ତ୍ୱ ମିଳିଲାନାହିଁ । ଏଥି ମଧ୍ୟରେ ସାମନ୍ତ ଅଶୌଚ ଧାରଣ କରି ନାହାନ୍ତି ବୋଲି ଗ୍ରାମବାସୀଏ ତାଙ୍କ ପ୍ରତି ଦୋଷାରୋପ କରୁଅଛନ୍ତି—ଏଥିରେ ଆପଣମାନଙ୍କର ମତ କଅଣ, ତାହା ପ୍ରକାଶ କରି ସାଧାରଣର ସନ୍ଦେହ ମୋଚନ କରିବାକୁ ହେଉନ୍ତୁ ।" ଏହା କହି ପୁରୋହିତ ଆସନ ଗ୍ରହଣ କଲେ । ଘଣ୍ଟାଏ ଯାଏଁ ସଭା ନିସ୍ତବ୍ଧ ଭାବ ଧାରଣ କଲା—ଯେମନ୍ତ କି ଏକ-କାଳରେ ସମସ୍ତଙ୍କର ବାକ୍ୟରୋଧ ହୋଇଗଲା । ତହିଁପରେ ଭିନ୍ନ ଗ୍ରାମରୁ ଆଗତ ନରସିଂହ ପାଣି ନାମରେ ଜଣେ ବ୍ରାହ୍ମଣ କହିଲେ—"ରଘ୍ୱାଚାର୍ଯ୍ୟ ଆପଣେ, କେହି କେହି କହନ୍ତି, ମଧୁସୂଦନଙ୍କୁ ବ୍ୟାଘ୍ର ନେଇଯାଇଅଛି । ଏଥିରେ ସନ୍ଦେହ ନାହିଁ । ଅତଏବ ସାମନ୍ତ ମଣିମା ତିନିପକ୍ଷ କିମ୍ବା ତିନିମାସ ଅଥବା ତିନିବର୍ଷ ମଧ୍ୟରେ ଶୌଚ ଧାରଣ କରି ନ ଥିବାରୁ ଶାସ୍ତ୍ରାନୁସାରେ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ହେବ । ଏହା ଶୁଣି ବ୍ରାହ୍ମଣ ଗୋସାଇଁମାନେ ପରସ୍ପର ମୁହଁ ଚାହାଁଚାହିଁ ହୋଇ ମୁରୁକି ମୁରୁକି ହସିବାକୁ ଲାଗିଲେ । ଭୋଜି ଖାଇବା ଆଶାରେ କାହାରି ତୁଣ୍ଡରୁ ତରଳ ପଦାର୍ଥ ବିଶେଷ ସ୍ରବିତ ହେଲା । ମାତ୍ର ଜଣେ ସଂସ୍କୃତଜ୍ଞ ପଣ୍ଡିତ ଯୁବକ ପଚାରିଲେ—"ପାଣି ଆପଣେ, କେଉଁ ଶାସ୍ତ୍ରରେ ଏ ପାଠ ଲେଖାଅଛି ?"

ପାଣି—କେଉଁ ଶାସ୍ତ୍ରରେ ତାହା ଠିକ୍ କହିପାରୁ ନାହିଁ; ମାତ୍ର ଶାସ୍ତ୍ରରେ ନିଶ୍ଚୟ ଅଛି, ଏଥିରେ ଭୁଲ କଅଣ ?

ଯୁବକ—ହଁ, ଆପଣ ଶାସ୍ତ୍ରଜ୍ଞ ଯଥାର୍ଥ । ବୋଧହୁଏ ଆପଣ ଯେଉଁ ଶାସ୍ତ୍ର ପଢିନାହାନ୍ତି, ସେହି ଶାସ୍ତ୍ରରେ ଥିବ । ତେବେ ତାହାର ନାମ ଅପ୍ରକାଶିତ ଶାସ୍ତ୍ର ବୋଲି କହନ୍ତୁ ।

ପାଣି—( କ୍ରୋଧରେ ଜଳି ଉଠି ) ଅରେ ତୁ ଟୋକାଟା, ଗାଲ ଚିପିଦେଲେ ଦୁଧ ବାହାରିବ, ତୋତେ ଏତେ ଥଟ୍ଟା କରି ଆସିଲାଣି । ମୁଁ ଶାସ୍ତ୍ର ଜାଣେ ନାହିଁ—ତୁ ଜାଣୁ ! ମୋର ଶିରେ ଶିରେ ଶାସ୍ତ୍ର ବହୁଛି, ଦେହ ଚିରିଦେଲେ ଶାସ୍ତ୍ର ବାହାରି ପଡିବ, ତୁ ମୋତେ ଚିହ୍ନିନାହୁଁ ପରା !

ଯୁବକ—ଆଜ୍ଞା, ଏତେ ରାଗନ୍ତୁ ନାହିଁ, ଆପଣଙ୍କ ଦେହରେ ବ୍ରହ୍ମଅଗ୍ନି ଅଛି । ତାହା ଜଳି ଉଠିଲେ ପୋଡି ମରିବେ ଯେ ।

ପାଣି—ମୂର୍ଖ, ଠାପରା ଲାଗିଛି, ନୁହେଁ ? ତୋର କେଉଁ ବୋପାକାଳେ ପାଠ ପଢିଥିଲୁ ରେ ? ବ୍ରହ୍ମାଗ୍ନି ନା, ବ୍ରହ୍ମ ଅଗ୍ନିରେ ? ସନ୍ଧି ନ ଜାଣି ଯୁକ୍ତି !

ଯୁବକ—ଆପଣ ଏବା ସନ୍ଧି ଜାଣନ୍ତି, ସେଥିପାଇଁ "ରଘ୍ୱାଚାର୍ଯ୍ୟ" ବୋଲି କହୁଥିଲେ ପରା ? ତେବେ ରମ-ଆସିଲା = ରମାସିଲା, ପଖାଳ-ଅଣ = ପଖାଳାଣ, ଏହାହିଁ ପରା ସନ୍ଧି ? ଆପଣଙ୍କ ସନ୍ଧିଜାଲରେ ମରିବାକୁ ଇଚ୍ଛା ହୁଏ । ବୋଧହୁଏ ଆପଣ ପାଣିନୀଙ୍କ ବଂଶଧର । ଆଜ୍ଞା ସନ୍ଧ୍ୟା ବନ୍ଦନବେଳାୟାଂ ତଡାଗାନ୍ତଂ ଦ୍ୱିକୋ-ଶଂମୈଃ" ଏହି ବାକ୍ୟ ମଧ୍ୟରୁ ସମାସ ମଧ୍ୟରେ କିଛିଟା ବାହାର କରି ଦେଉନ୍ତୁ ତ । ନଚେତ୍ ନର ଶବଟା ଲୁପ୍ତ କରନ୍ତୁ ।

ପାଣି—ତୁ ମୋତେ ପଚାରିବାକୁ ଯୋଗ୍ୟ ? ତୋର ସମସ୍ତଙ୍କୁ ପଚାର୍ ; କାନଟା ମୋଡିଦେବି ଯେ ତେବେ ଯାଇ ବୁଦ୍ଧି ଆସିବ ।

ଅନ୍ୟ ଜଣେ ଯୁବକ ଏହା ସହି ନ ପାରି କହିଲା—"ଚୁପ୍ ରହ ବ୍ରାହ୍ମଣ, ନ ହେଲେ ଆଷାଢ ମାସିଆ ପାଚିଲା ତାଳସୁଣ୍ଡାଏ ଖିଆଇ ଦେବି ।" ଦ୍ୱିତୀୟ ଯୁବକର ଉଗ୍ର ଷଣ୍ଡାମାର୍କା ମୂର୍ତ୍ତି ଦେଖି ପାଣିଙ୍କ କଲିଜା ପାଣି ହୋଇଗଲା । ତହୁଁ ସେ ଶୀତଳମୂର୍ତ୍ତି ଧରି କହିଲେ—"ଦେଖୁଛ ନା, ଦେଖୁଛ ନା, ଅଲାଯିଣିଆ ଭଣ୍ଡା ଟୋକାକୁ, କିରେ ତୋ ମୁଣ୍ଡ ବୁଲେଇଲାଣି କି ?

ପ୍ରଥମ ଯୁବକ—ଅଚ୍ଛା, ଏବେ ଚେଷ୍ଟା ହେଉଛୁ, ଏତେ ଲାଗିଲେ ଆମେ କାହାର ହେବୁ ? ସେ ଯାହା ହେଉ, କୃପାକରି କେଉଁ ଶାସ୍ତ୍ରରେ ଭଲା ଏ ବିଧାନ ଅଛି, କହିବା ହେଉନ୍ତୁ ।

ପାଣି—କେଉଁ ଶାସ୍ତ୍ରରେ କହିବି ? ବେଦରେ ।

ଦ୍ୱିତୀୟ ଯୁବକ—ତୋ ଚୌଦପୁରୁଷରେ କେହି ବେଦ ଦେଖିଛନ୍ତି ନା ? ସାରୁଆ ବ୍ରାହ୍ମଣର ବେଦ ଛୁଇଁବାର ଅଧିକାର ଅଛି କି ରେ ?

ପାଣି—ହୁଁ ରେ ମୁଁ ସାରୁଆ ?

ଦ୍ୱିତୀୟ ଯୁବକ—ସାରୁଆ ନ ହେଲେ ହାଳୁଆ ଆଉ କଅଣ ? ପାଣ ହାଣ୍ଡିପରି ଯେ ଶୁଦ୍ଧ ସମ୍ଭାଳି କଥା କହି ନ ଜାଣେ, ସେ କଅଣ ବ୍ରାହ୍ମଣ ?

ପାଣି—ତୁ ମୋତେ ଆଜି ଏତେ ଅପମାନ ଦେଲୁ, ତୋତେ ଶ୍ଲାବାଈ ଧରୁରେ ନିରଂଶିଆ ।

ଦ୍ୱିତୀୟ ଯୁବକ—ଅହା, ସାରୁବୁଦାର ଅଭିସମ୍ପାତ, କଅଣ କରିବି ? ହେଉ ତେବେ ସୋରିଷ ଖୋଳି ତା ଭିତରେ ଲୁଚିବି । ଯାହା କହନ୍ତି "ବ୍ରାହ୍ମଣ କଳା, ଶୂଦ୍ର ପିଙ୍ଗଳା" ତାହା ଠିକ୍ । ଏହା ଦେହରୁ କଳା ଛାଡ଼ିନାହିଁ, ଏ ଅଦ୍ଭୁତଣା କାଠିଟା କାଳେ ବ୍ରାହ୍ମଣ !

ପାଣି ଆଉ କିଛି ନ କହି ଦ୍ୱିତୀୟ ଯୁବକ ପ୍ରତି ଅଗ୍ନିଦୃଷ୍ଟି ନିକ୍ଷେପ କରି ନୀରବ ରହିଲେ । ମନେ ମନେ ଭାବିଲେ, ଅଧିକ ଅଗ୍ରସର ହେଲେ ବିପଦର ସମ୍ଭାବନା । କଥାରେ ତ ଏ ଟୋକାଟାକୁ ଜବ୍ଦ କରିପାରିଲି ନାହିଁ, ଜଳରେ ତ ହନୁମାନ ସୂର୍ଯ୍ୟଙ୍କୁ କାଖରେ ଯାକିଲା ପରି ଏ ମୋ ପରି ତିନିଟାକୁ କାଖରେ ଯାକି ଦେଇ-ପାରେ । ସୁତରାଂ ରଣରେ ପୃଷ୍ଠଭଙ୍ଗ ବ୍ୟତୀତ ଉପାୟାନ୍ତର ନାହିଁ, ନଚେତ୍ ଆଜି ଏଇଠାରେ ପରମାୟୁ ଶେଷ । ଏହା ଭାବି ମୁହଁ ତଳକୁ ପୋତି ବସି ରହିଲେ । ବିପଦରେ ପଡ଼ିଲେ ଉଚିତ ଉପଯୁକ୍ତ ଶିକ୍ଷା ଲାଭ ହୁଏ । ପାଣିଙ୍କର ମଧ୍ୟ ତାହାହିଁ ହେଲା । ସାମନ୍ତ ବିରକ୍ତ ହୋଇ କହିଲେ, "ଅଚ୍ଛା ଖୋଳି ଖୋଳି ମହାଦେବ ବାହାରିଲା ପରି ସାମାନ୍ୟ କଥା ଘେନି ଆପଣମାନେ ବ୍ୟାକରଣର ପିଲ୍ଲୁସ୍ଥାନଠାରୁ ବେଦବେଦାନ୍ତ ପର୍ଯ୍ୟନ୍ତ ଯୁକ୍ତିତର୍କ ଟାଣି ଘେନି ଗଲେଣି, ଏଥିରେ ଆଉ ମୀମାଂସାର ଆଶା ବା କଅଣ ରହିଲା ? ଯାହାଙ୍କର ବାକ୍ୟ ସଂଯମ ନାହିଁ—ଆତ୍ମସମ୍ମାନ ନାହିଁ, ସେ ଅନ୍ୟର ମର୍ଯ୍ୟାଦା କାହୁଁ ବୁଝିବେ ? ଇତର ଲୋକପରି ପେଟାପେଟି କାମୁଡ଼ାକାମୁଡ଼ି କି ବ୍ରାହ୍ମଣର ଲକ୍ଷଣ ? ଯେଉଁ ଜାତି ସମାଜର ମସ୍ତକସ୍ୱରୂପ, ଯାହାଙ୍କର ଅଙ୍ଗୁଳି ସଙ୍କେତରେ ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ପରିଚାଳିତ—ସେମାନଙ୍କର ଏଭଳି ଅଧୋଗତି ବାସ୍ତବରେ ଗଭୀର କ୍ଷୋଭ ଏବଂ ପରିତାପର ବିଷୟ । ଯେଉଁ ବ୍ରାହ୍ମଣମାନଙ୍କର ଶମ, ଦମ ଏବଂ ତପସ୍ୟା ଏ ଦେବଭୂମି ଭାରତକୁ ଅଦ୍ୟାପି ସଞ୍ଜୀବିତ ରଖିଅଛି, ଆପଣମାନେ ତାଙ୍କର ବଂଶଧର କି ? ହାୟ, ଅଧଃପତନର ଶେଷ ସୀମା ଆଉ କେତେ ଦୂର ଅଛି ? ଯାହାଙ୍କ ଯୋଗୁଁ ଭାରତର ପ୍ରାଧାନ୍ୟ—ଯାହାଙ୍କ ଯୋଗୁଁ ସନାତନ ପବିତ୍ର ଆର୍ଯ୍ୟ ଧର୍ମର ଗୌରବ ଯୁଗେ ଯୁଗେ ଅକ୍ଷତ ରହିଅଛି—ଯାହାଙ୍କ ପ୍ରତିଭାର ସ୍ୱର୍ଣ୍ଣଦୀପ ଅଦ୍ୟାପି ଜଗତକୁ ପଥପ୍ରଦର୍ଶନ କରୁଅଛି—ସେହି ପୁଣ୍ୟ ପୂତ ବନ୍ଦନୀୟ ତ୍ରିକାଳଦର୍ଶୀ ଦେବାତ୍ମା ମହାପୁରୁଷମାନେ ସ୍ୱର୍ଗଧାମରୁ ତୁମ୍ଭମାନଙ୍କର ଏ ଦଶା ଦେଖି ଅଶ୍ରୁସମ୍ବରଣ କରିପାରୁଥିବେ ତ ? ହାୟ, ବ୍ରାହ୍ମଣ, ଏ ଅଧୋଗତି ତୁମ୍ଭର ନୁହେଁ,—ଭାରତର ଅଭିଶପ୍ତ ଭାଗ୍ୟର । ବଂଶ-ନାଶ ବେଳକୁ ଦୋହାମୁହାଁ ପୁତ୍ର ଜାତ ହୁଅନ୍ତି—ଭାରତର ଦୁର୍ଭାଗ୍ୟରେ ତାହାହିଁ ଘଟିଅଛି । ହେ ଦେବତା, କଳିଯୁଗ ଶେଷ ହେବାକୁ ଆଉ କେତେକାଳ ବାକି ଅଛି ? ତାହା ଶୀଘ୍ର ଶେଷ ହେଉ, ପୃଥିବୀ ପ୍ରଳୟ ହେଉ, ଏ ଦୃଶ୍ୟ ବଡ଼ ଅସହ୍ୟ ! ଏ ପୁରାତନ ସୃଷ୍ଟି ସଂହାର କର,—ନୂତନ ସୃଷ୍ଟି ସ୍ଥାପନ କର,—ନବସୂର୍ଯ୍ୟ ନବୀନ ତେଜରେ ଉଦିତ ହୋଇ ସ୍ୱର୍ଗରୁ ମଙ୍ଗଳ ସଙ୍କେତ ଉଡ଼ାଇ ଆସୁ—ହେ ଦେବତା ତୁମ୍ଭର ମଙ୍ଗଳମୟ ପାଦପଦ୍ମରେ ସନ୍ତପ୍ତ ବିଶ୍ୱମାନବର ଏହାହିଁ କାତର ଭିକ୍ଷା ।"

ଅନନ୍ତର ହେମହରି ସାମନ୍ତ ବ୍ରାହ୍ମଣପଞ୍ଚଙ୍କୁ ସମ୍ବୋଧନ କରି କହିଲେ—"ହେ ବିପ୍ରବର୍ଗ, ମୁଁ ଶାସ୍ତ୍ର ଜାଣେ ନାହିଁ—ପୁରାଣ ଜାଣେ ନାହିଁ—ଜାଣିବାର

ଯୋଗ୍ୟତା ମଧ୍ୟ ଅର୍ଜନ କରିନାହିଁ । ତେବେ ଦେଶା-ଚାର, କୁଳାଚାର ଯାହା ସାମାନ୍ୟ କିଛି ଜାଣେ, ତାହାରି ଉପରେ ନିର୍ଭର କରି କିଛି କହିବାକୁ ସାହସୀ ହୋଇ-ଅଛି । ଆପଣମାନେ ମୋର ଏ ଧୃଷ୍ଟତା ମାର୍ଜନା କରିବେ । ଯେ ନିରୁଦ୍ଦେଶ ହୁଏ, ତାହାକୁ ବାରବର୍ଷ ଅପେକ୍ଷା କରିବାକୁ ହୁଏ, ଏକଥା ଆପଣମାନେ ସୁଦ୍ଧା ଜାଣନ୍ତି । ମୁଁ ମଧ୍ୟ ତାହାହିଁ କରିବି—ପ୍ରାୟଶ୍ଚିତ୍ତ କିମ୍ବା ଅଶୌଚ ଧାରଣ କଦାପି କରିବି ନାହିଁ । ମୁଁ ତ କୌଣସି ପାପ କରିନାହିଁ -- ତେବେବୃଥାରେ ପ୍ରାୟଶ୍ଚିତ୍ତ ବା କାହିଁକି କରିବି ? ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ମୋର ପୁତ୍ର ଜୀବିତ ଅଛି । ବର୍ଷେ ଦୁଇବର୍ଷ ପରେ ହେଉ ବା ପାଞ୍ଚବର୍ଷ ଦଶବର୍ଷ ପରେ ହେଉ, ସେ ଅବଶ୍ୟ ଆସି ଘରେ ପହୁଞ୍ଚିବ । ଏହା ମୋର ବିବେକ—ମୋର ଆତ୍ମା ମୋତେ ଦୃଢ଼ ଭରସା ଦେଇ କହୁଅଛି । ବିବେକ ବିରୁଦ୍ଧରେ ମୁଁ କଦାପି କାର୍ଯ୍ୟ କରି ପାରିବିନାହିଁ । ଏଥିରେ ଜାତି ବିରକ୍ତ ହେଉ ବା ସମାଜ ବିରକ୍ତ ହେଉ, ତହିଁକି ମୋର ତିଳେ ମାତ୍ର ଭ୍ରୂକ୍ଷେପ ନାହିଁ । ମୁଁ କାହାର ଅଧୀନ ନୁହେଁ—ମୁଁ ମୋର ବିବେକର ଚିରକାଳ ଅଧୀନ । ବାରବର୍ଷପରେ ଯାହା କର୍ତ୍ତବ୍ୟ, ତାହା ସ୍ୱତଃପ୍ରବୃତ୍ତ ହୋଇ କରିବି । କି ପୁରୋହିତ ମହାପାତ୍ରେ, ଏଥିରେ ଆପଣଙ୍କର ମତ କଅଣ ସ୍ପଷ୍ଟ ପ୍ରତିବ୍ୟକ୍ତ କରନ୍ତୁ । ଆଶାକରେଁ, ଆପଣ ଚକ୍ଷୁଲଜ୍ଜା ବା ମୁଖଲଜ୍ଜାର ବଶବର୍ତ୍ତୀ ହୋଇ ଅଥବା ଯଜମାନର ଉପରୋଧ ରକ୍ଷା କରି କଥା କହିବେନାହିଁ । ପୁରୋହିତ କହିଲେ—“ଆପଣଙ୍କ କଥାରେ ମୁଁ କଅଣ କହିବି, ଆପଣ ତ କିଛି ଅନ୍ୟାଯ୍ୟ ବା ଅସଙ୍ଗତ କଥା କହୁ-ନାହାନ୍ତି । ଯାହା ଦେଶରେ ଚଳୁଛି, ଆପଣ ତାହାର ପ୍ରତିଧ୍ୱନି କରୁଅଛନ୍ତି । ଆପଣ ଅଜ୍ଞ ହେଲେ ସୁଦ୍ଧା ଆପଣଙ୍କର ସଦାଚାର ଏବଂ ଧର୍ମନିଷ୍ଠା ଆପଣଙ୍କୁ ବ୍ରାହ୍ମଣର ଅର୍ଦ୍ଧାସନ ପ୍ରଦାନ କରୁଅଛି । ଏବେ ଅନୁମତି ଦେଲେ ଆମ୍ଭେମାନେ ପ୍ରସ୍ଥାନ କରିବୁଁ । ଆପଣଙ୍କ ମତ ସହିତ ଆମ୍ଭମାନଙ୍କ ମତର ପାର୍ଥକ୍ୟ ନାହିଁ ।” ସାମନ୍ତ କହିଲେ, “ତେବେ ଟିକିଏ ମିଷ୍ଟମୁଖ କରିଯିବା ଉଚିତ । ଆପଣମାନେ ବ୍ରାହ୍ମଣ, ବିଶେଷତଃ ମୋ ଦ୍ୱାରା ନିମନ୍ତ୍ରିତ । ଅଭୁକ୍ତ ଅବସ୍ଥାରେ ଗଲେ ବାସ୍ତବରେ ମୋର ମନ ଦୁଃଖିତ ହେବ ।” ଏହା ଶୁଣି ବ୍ରାହ୍ମଣସଙ୍ଘରୁ ସାଧୁ ସାଧୁ ଶବ୍ଦ ଉଠିଲା । କେହି କହିଲା— ଯଥାକୁଳେ ଜନ୍ମ ତଥା ଗରିଷ୍ଠ । କେହି କହିଲା, ଏ ଘରର କଥା ବୁଝିଅଛ କାହାର—ଦୟାଧର୍ମ ଏ ଘରୁ କେବେ ଉଠିନାହିଁ କି ଉଠିବାର ନୁହେଁ । କେହି କହିଲା—ଆଉ ବିଳମ୍ବ କାହିଁକି, ପତ୍ର ପଡ଼ିବାର ବ୍ୟବସ୍ଥା ହେଉ । ପୁରୋହିତେ ନରସିଂହ ପାଣିଙ୍କୁ ପୁଣି ପଚାରିଲେ—କି ହେ ପାଣି ଆପଣେ, ତୁମ୍ଭ ଲାଗି ପତ୍ର ପଡ଼ିବ ତ ?

ପାଣି—କି, ସମସ୍ତଙ୍କର ପଡ଼ିବ, ମୋର ପଡ଼ିବ ନାହିଁ ? ଗରିବ ବ୍ରାହ୍ମଣର ଅପରାଧ କଅଣ ?

ପୁରୋହିତ—ତୁମ୍ଭେ ପରା ପ୍ରାୟଶ୍ଚିତ୍ତ କରାଇବାକୁ ଜୋରିକରା ଦେଉଥିଲ । ପ୍ରାୟଶ୍ଚିତ୍ତ ନ କଲେ କାଳେ ନ ଖାଇବ, ସେଥିଲାଗି ପଦେ ପଚାରିଦେଲି ।

ପାଣି—ଖୁଆ ପକାଇ ନ ମଣ୍ଡିଲେ ଦହିରୁ ନହୁଣୀ ବାହାରେ ? ସେହିପରି କଥାକୁ ଯୁକ୍ତିତର୍କଦ୍ୱାରା ଘାଣ୍ଟା ଚକଟା ନ କଲେ ସେଥିରୁ ସାର ବାହାରେ ନାହିଁ । ସେଥିପାଇଁ କହୁଥିଲି ନା, ସତରେ ପ୍ରାୟଶ୍ଚିତ୍ତ କରିବାକୁ କହୁଥିଲି ।

ଏହା ଶୁଣି ବ୍ରାହ୍ମଣସଙ୍ଘରୁ ଗୋଟାଏ ଉଚ୍ଚ-ହାସ୍ୟର ତରଙ୍ଗ ଉଠିଲା । ପାଣି ନିଜେ ମଧ୍ୟ ନହସି ରହିପାରିଲେ ନାହିଁ । କେହି ପରିହାସ କରି କହିଲା—ଖାଇବାବେଳକୁ ଶାସ୍ତ୍ରଯୁକ୍ତି ଖଟେ ନାହିଁ । ଅନ୍ୟ କେହି କହିଲା—ଖାଲି ଗିଳିବା କଥା ନୁହେଁ, ତହିଁ ଉପରେ ଅର୍ଜନ ଅଛି ଯେ । ଏହିପରି ଅନେକ ବ୍ୟଙ୍ଗବିଦ୍ରୂପବାଣ ନିକ୍ଷିପ୍ତ ହେଲା, ମାତ୍ର ପାଣି ତାହା ସବୁ ପାଣିପରି ଜୀର୍ଣ୍ଣ କରିଦେଇ ଗ୍ରାସ ନିମନ୍ତେ ପ୍ରସ୍ତୁତ ହେଲେ । ବ୍ରାହ୍ମଣ ଭୋଜନ ଯଥାରୀତି ହୋଇଗଲା, ଗୋସାଇଁମାନେ ପେଟ ଆଉଁସି ଦୀର୍ଘ ହାକୁଟି ମାରି “ଅତାପି ବାତାପି ଚୈବ ଅଗସ୍ତି ବାଡ଼ବାନଳ” ଜୀର୍ଣ୍ଣ-ମନ୍ତ୍ର ଆବୃତ୍ତିସହ ସାମନ୍ତଙ୍କର ଜୟଜୟକାର ଉଚ୍ଚାରଣ ପୂର୍ବକ ପତ୍ର ଛାଡ଼ି ଉଠିଲେ । ପରେ ଦକ୍ଷିଣା ହସ୍ତଗତ, ତତ୍ପରେ ଅଣ୍ଟିଗତ କରି ଛନ୍ଦାପଟର ବୁଜୁଳି କାନ୍ଧରେ ପକାଇ ପ୍ରସ୍ଥାନ କଲେ । ଭଣ୍ଡାରିମାନେ ସଙ୍ଗୁଡ଼ି ପତ୍ର

ଉଠାଇ ନେଇ ଖତ ଗଦାରେ ଜମା କରି ଦେଲେ । ତହୁଁ କୁକୁର ସବୁଜାଏ ଧାଇଁ ଆସି ଦୀର୍ଘଜୀବୀ ହେବା ଆଶାରେ ବ୍ରାହ୍ମଣ ଅଧରାମୃତ ସେବନରେ ଲାଗିଗଲେ । ଶେଷରେ ଗୋଟାଏ ରୋଗା କୁକୁର ଆସି ପହୁଞ୍ଚିଲା । ସବୁ ପାଣ୍ଠିଆ କୁକୁର ତାକୁ ଖଣ୍ଡେଦୂରଯାଏ ଖେଦି ନେଇଗଲେ । ସେ ହଠାତ୍ ପଛକୁ ଲେଉଟି ପଣ୍ଡ ଦାନ୍ତନିପିଞ୍ଜି କୁକୁରୀୟ ଭାଷାରେ ଗୋଟାଏ ଉତ୍ତେଜକ ବକ୍ତୃତା ଝାଡିଦେଲା । ପଛରେ ଗୋଡ଼ାଇଥିବା କୁକୁରସଙ୍ଗାତ ସେହି ଅଗ୍ନିମୟୀ ବକ୍ତୃତା ସହି ନ ପାରି ରାଗରେ ଗରଗର ହୋଇ ଯଥା ସ୍ଥାନକୁ ଫେରିଆସି ଅବଶିଷ୍ଟ ପ୍ରସାଦର ସଦ୍‌ବ୍ୟବହାରରେ ଆଖି ବୁଜି ଆତ୍ମନିୟୋଗ କଲେ । ରୋଗା କୁକୁରଟା ସେମାନଙ୍କ ବ୍ରାହ୍ମଣଭକ୍ତିର ପରାକାଷ୍ଠା ଦେଖି "ସ୍ୱଜାତି ପରହଂସ୍ରକ" ବୋଲି ମନେ ମନେ ଭାବି ଅନ୍ୟତ୍ର ଚାଲିଗଲା ଏବଂ ଅଭିଶାପ ଦେଇ କହିଗଲା—ତୁମ୍ଭେମାନେ ଚିରକାଳ କୁକୁର ଜନ୍ମ ପାଅ ।

---

# ପଞ୍ଚଦଶ ପରିଚ୍ଛେଦ

ସେହି ସୀତାକୁଣ୍ଡ ଯାହାବାଦନ ମଧ୍ୟ ଦେଖାଦେଇଥିଲା, ସେହିଦିନଠୁ ତାହାର ଆଉ ସାକ୍ଷାତ ନାହିଁ । ଏବେ ତାହାର ତତ୍ତ୍ୱ ନେବା ଆବଶ୍ୟକ । ସୀତାକୁଣ୍ଡର ଜଳ କ୍ଷୁଦ୍ର ନଦୀ ଆକାରରେ ବହିଯାଇ ବୈତରଣୀରେ ମିଶିଅଛି, ଏହା ପୂର୍ବରୁ ଉକ୍ତ ହୋଇଅଛି । ସେହି ନଦୀର ଜଳ କେଉଁଠାରେ ବା ଆଣ୍ଠୁଏ, କେଉଁଠାରେ ଜଙ୍ଘେ, କେଉଁଠାରେ ବା ଅଣ୍ଟାଏ ସେଥିରେ ବଡ଼ ବଡ଼ ପଟିଆ ଡଙ୍ଗା ଯାଇପାରେ ନାହିଁ । ମାତ୍ର ସାନ ଡୁଲିଡଙ୍ଗାର ଯାତାୟତ ପକ୍ଷରେ କୌଣସି ପ୍ରତିବନ୍ଧକ ନାହିଁ । ନଦୀର ଉତ୍ପତ୍ତି ସ୍ଥାନ ଉଚ୍ଚ ହେତୁ ସେ ପର୍ଯ୍ୟନ୍ତ ଡଙ୍ଗା ନ ଆସି ସେଠାରୁ ଖଣ୍ଡେ ଛଡ଼ାରେ ଲାଗେ । ଯେଉଁ ସ୍ଥାନରେ ଡଙ୍ଗା ଲାଗେ, ସେ ସ୍ଥାନ ସୀତାକୁଣ୍ଡକୁ ଦେଖାଯାଏ ନାହିଁ । ଧୂର୍ତ୍ତ ଅଡ଼କାଟିମାନେ ବୈତରଣୀରୁ ଦୁଇ ଖଣ୍ଡ ଡୁଲି ଡଙ୍ଗା ଭଡ଼ା କରି ସେହିଠାରେ ଆଣି ରଖିଥିଲେ । ଛଦ୍ମବେଶୀ ସିଦ୍ଧବାବାଜି ମଧୁକୁ ଘେନି ଖଣ୍ଡେ ଡଙ୍ଗାର ମଙ୍ଗରେ ବସିଲା,—ମଧୁ ମଙ୍ଗ ତଳକୁ ବସିଲା । ଅନ୍ୟ ଖଣ୍ଡକରେ ବାବାଜିର ପାରିଷଦମାନେ ବସିଲେ । ଅତୀତର ପଦତଳେ ବସନ୍ତ ଛାଇପରି କିମ୍ବା ବର୍ତ୍ତମାନ ପଦତଳେ ଭବିଷ୍ୟତ ପରି ଅଥବା ବଡବାବୁ ପଦତଳେ ଗୁଡଗୁଡି ହୁକାପରି ମଧୁ ବାବାଜିର ପଦତଳେ ବସି ରହିଥାଏ । ଡଙ୍ଗା ବୈତରଣୀ ଅଭିମୁଖରେ ଧାବିତ ହେଲା । ଆକାଶ ନିର୍ମଳ, ପ୍ରଭଞ୍ଜନର ରୁଦ୍ରହୁଙ୍କାର ଆଉ ନାହିଁ, କି ବଜ୍ରାୟୁମାନ ମେଘ ନିର୍ଘୋଷ ନାହିଁ । ଆକାଶ ସମସ୍ତ ମେଘକୁ ଗିଳି ପକାଇଅଛି । ମହାସମର ଅବସାନରେ ପୃଥିବୀ ଶାନ୍ତ ଭାବ ଧାରଣ କଲା ପ୍ରାୟ ଝଟିକା-ବିଧ୍ୱସ୍ତ ଆକାଶ ଶାନ୍ତ ଶୀତଳଭାବ ଧାରଣ କରିଅଛି । କୁସୁମ-ସୁରଭି-ସ୍ନାତ ସମୀରଣ ମୃଦୁମନ୍ଦ ଗତିରେ ପ୍ରବାହିତ ହେଉଅଛି, ଇନ୍ଦ୍ରଜାଲିକା ପ୍ରକୃତି ଚାରିଆଡ଼େ ଶାନ୍ତିର ସ୍ୱଚ୍ଛ ସ୍ୱର୍ଗ ରଚନା କରିଅଛି । ନଦୀଜଳରେ ଚନ୍ଦ୍ରିକାର ସ୍ନିଗ୍ଧ ମଧୁର କମ୍ପନ କ୍ରୀଡ଼ା ଅପୂର୍ବ ନୟନାଭିରାମ ଦୃଶ୍ୟ ସର୍ଜନା କରିଅଛି । ବୋଧହୁଏ ବିଧାତା ସର୍ବ ସୁଷମାର ସାରାଂଶ ସଂଗ୍ରହ କରି ସେହି ମହାଦୃଶ୍ୟକୁ ମଣ୍ଡିତ କରିଛି । କ୍ରୂର କାଳର ବଜ୍ର କଠୋର ହସ୍ତର ଜ୍ୱାଳାମୟ ସ୍ପର୍ଶ ସେହି ଦୃଶ୍ୟକୁ ମଳିନ କରିବାକୁ ସାହସୀ ହୋଇପାରୁନାହିଁ । ପ୍ରୀତ ହୃଦୟରେ ସୁଖମୟ ବାଲ୍ୟସ୍ମୃତି ପରି ଅନନ୍ତ ନୀଳିମ ଗଗନରେ ତାରାରାଜି ଫୁଟି ଉଠି ସ୍ୱପ୍ନ ଜୀବନର ମୁଗ୍ଧ ମନୋରମ ସ୍ୱପ୍ନରେ ବିଭୋର ହୋଇଅଛନ୍ତି । ଘନ ବାନ୍ଧବୀ ସ୍ଫୁଟକାନ୍ତି ଜ୍ୟୋତ୍ସ୍ନା ସମୁଦ୍ରରେ ସ୍ନାନ କରି କି କରୁଣ ପ୍ରାର୍ଥନା-ସଙ୍ଗୀତ ଆବୃତ୍ତି କରି କରି ନୀଳାକାଶ କୋଳରେ ଉଡି ବୁଲୁଅଛି । ତାହାର ଶୋକ-ବିସ୍ତାରୀ-ଛନ୍ଦର ସେହି ସରଳ ସଙ୍ଗୀତ ଶ୍ରୋତାର କର୍ଣ୍ଣରେ କି ଏକ ଜୀବନ୍ତ ଭାବ ଢାଳିଦେଉଅଛି । ବେଦନାତୁରର ଆର୍ତ୍ତ ହୃଦୟ ସେହି ସଙ୍ଗୀତରେ ଘାରି ଯାଉଅଛି । ବେନି ତୀରବର୍ତ୍ତୀ କାନନ ଶ୍ରେଣୀରେ ନଦୀବକ୍ଷ ଆଚ୍ଛନ୍ନ ।

ଗର୍ତ୍ତରେ ସର୍ପ ପଶିଲାପରି କ୍ଷୁଦ୍ର ନୌକାଦୁଇଖଣ୍ଡ ତହିଁ ମଧ୍ୟରେ ଲୁଚି ରହିଅଛି । ଚନ୍ଦ୍ର ସୂର୍ଯ୍ୟର କିରଣ ସେ ସ୍ଥାନର ମୁଖାବଲୋକନ କରେ ନାହିଁ । ଛିଦ୍ରଗାତ ମଧ୍ୟଦେଇ ଘରେ ଟିକିଏ ପଶିଲା ପରି କ୍ଷୀଣ ଜ୍ୟୋତ୍ସ୍ନାରେଖା ପତ୍ର-ଛିଦ୍ରପଥରେ ଆସି ନଦୀଜଳ ଚୁମ୍ବନ କରୁଅଛି । ନୌକା ଯିବା ସମୟରେ ସେହି ଚୂର୍ଣ୍ଣ ଜ୍ୟୋତ୍ସ୍ନାପୁଞ୍ଜ ଉଜାଣି ସ୍ରୋତରେ ପୁଷ୍ପ ଭାସିଲାପରି ପ୍ରତୀୟମାନ ହୁଏ । ଉପଭୋଗ ସକାଶେ ସୌନ୍ଦର୍ଯ୍ୟର ସୃଷ୍ଟି; ମାତ୍ର ଏ ଶୋଭା ଉପଭୋଗ କରିବାକୁ ସେଠାରେ କେହି ନାହିଁ । ମଧୁର ଦୃଷ୍ଟି ସେ ଆଡକୁ ଯାଉନାହିଁ, ସେ ନୌକାରେ ବସି ଆକାଶରେ ଭବିଷ୍ୟତର ସୁଖୋଦ୍ୟାନ-ସର୍ଜନାରେ ବ୍ୟସ୍ତ । ସେହି ସୁଖକୁ ସେ ଶୀଘ୍ର ବା ସେହି ମୁହୂର୍ତ୍ତରେ ହସ୍ତଗତ କରି-ବାକୁ ଇଚ୍ଛା କରୁଅଛି । ମନୁଷ୍ୟର ଇଚ୍ଛା ପ୍ରବଳ; ମାତ୍ର ଶକ୍ତି ଦୁର୍ବଳ । ଇଚ୍ଛାପରି ତାହାର ଶକ୍ତି ପ୍ରବଳ ହୋଇ-ଥିଲେ ସେହିକ୍ଷଣି ସେ ଦୁଇ ହାତରେ ତାହାର କଳ୍ପିତ ସୁଖଟାକୁ ଟାଣିଆଣି ଉଦରସାତ୍ କରି ପକାନ୍ତା । ବାବାଜି ଉପରେ ମଧୁ ଏକାନ୍ତ ନିର୍ଭରଶୀଳ, ଆକାଶରୁ ଚନ୍ଦ୍ର, ସମୁଦ୍ରରୁ ଦୁର୍ଲଭ ରତ୍ନ ଆଣି ସେହି ତାହା ହସ୍ତରେ ଦେବ । ବାବାଜି ତାହାର ଆଶାର ଅମୃତଫଳ, ଦେହର ଶକ୍ତି, ଜୀବନ-ମରୁଭୂମିର ଶୀତଳ ନିର୍ଝର, ଯନ୍ତ୍ରଣାର ଅମୃତ-ପ୍ରଲେପ, ଶୋକର ସାନ୍ତ୍ୱନା, ନୈରାଶ୍ୟର ଧୈର୍ଯ୍ୟ, ସାଧନାର ମହାସିଦ୍ଧି, ଅଜୀର୍ଣ୍ଣର ହଜମୀବଟିକା ଅରୁଚିର ଚଟଣୀ, ପଖାଳର ବଡିପୋଡ଼ା ଏବଂ ମଦଖିଆର ଗୁଡ଼ଖିଆ ।

ଯଥା ସମୟରେ ନୌକା ବୈତରଣୀରେ ପଡ଼ିଲା ଏବଂ ବୈତରଣୀର ପୁଣ୍ୟବକ୍ଷ କଳଙ୍କିତକରି ଅପର ତୀରରେ ଯାଇ ଲାଗିଲା । ସେଠାରେ ଆଉ କେତେଜଣ ଆଡ-କାଠି ଦୁଇ ଜଣ ପ୍ରତାରିତ ହତଭାଗ୍ୟ ସହି ଗୋଟାଏ ଘରେ ବସା କରିଥିଲେ । ମଧୁ ଏବଂ ବାବାଜିଦଳ ନୌକାରୁ ଓହ୍ଲାଇ ସେହିଠାରେ ଭୋଜନ ଏବଂ ରାତ୍ରିଯାପନର ବ୍ୟବସ୍ଥା କଲେ । ରେ ପାପିଷ୍ଠ ନାରକୀ ସାଧୁବେଶଧାରୀ ଭଣ୍ଡ, ଏ ଶୀତଳ ବୈତରଣୀ ନୌକାରେ ପାର ହୋଇଗଲୁ; ମାତ୍ର ଭୀଷଣ ତପ୍ତ-ବୈତରଣୀ କାହିଁରେ ପାର ହେବୁ, କିଛି ଭାବିଛୁ କି ? ଯେଉଁ ନୌକାରେ ତାହା ପାରହେବାକୁ ହୁଏ, ସେ ନୌକା ତୋର ନାହିଁ । ସେ ବୈତରଣୀସ୍ଥ ଅଗ୍ନେୟ ହାଙ୍ଗର ମଗରର ବଜ୍ରଭେଦୀ ଦନ୍ତ ତୋର ଅନ୍ତଃ-କରଣର ଅନ୍ତଃସ୍ଥଳରୁ ହାହାକାର ଧ୍ୱନି ଉଠାଇଆଣିବ । ତୁ ବର୍ତ୍ତମାନ-ସର୍ବସ୍ୱ, ଭବିଷ୍ୟତ-ଅନ୍ଧ । ତୋର ଏ ପାପର ଉପଯୁକ୍ତ ପ୍ରାୟଶ୍ଚିତ୍ତ ସେହି ତପ୍ତବୈତରଣୀରେ ହେବ । କେତୋଟି ହତଭାଗ୍ୟର ଭବିଷ୍ୟତ ଜୀବନ ତ ଚକ୍ଷୁ କରି ସାରିଲୁଣି, ଏହିପରି ଆହୁରି କେତେ ଲୋକର ଜୀବନ ପାନ କରିବୁ, ତାହା କିଏ କହି ପାରିବ ? ତୋର ପରକାଳ କ୍ରମଶଃ ରୁଦ୍ଧ ହୋଇ-ଆସୁଅଛି,—ତୁ ନିଜର ଶ୍ରେୟପଥ ନିଜେ କଣ୍ଟକିତ କରୁଅଛୁ; ମାତ୍ର ସେଥିର ପରିଣାମ ବଡ଼ ଭୟାନକ । ତୁ ଏ ଦୁର୍ବୃତ୍ତି ପରିତ୍ୟାଗକର,—ପାପଲବ୍ଧ ଧନ ଦରିଦ୍ରକୁ ଦାନକର,—ପାପକ୍ଷୟ ନିମିତ୍ତ ଏକାନ୍ତ ଭାବରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କର, ସେ ପାପହାରୀ, ତାଙ୍କ କୃପାମୃତଧାରାରେ ସମସ୍ତ ପାପତାପ ଧୋଇଯାଏ । ଯେ କାୟମନଃପ୍ରାଣରେ ତାଙ୍କ ପାଦରେ ଶରଣ ପଶେ, ମୁକ୍ତିର ସିଂହଦ୍ୱାର ତାହାପାଇଁ ଚିରମୁକ୍ତ । ସେ ଦୟାର ସାଗର ଏବଂ କ୍ଷମାର ଆକର, ଅନୁତପ୍ତ ପ୍ରାଣରେ ତାଙ୍କୁ ଡାକିଲେ ସେ ପାପୀର ସକଳ ପାପ କ୍ଷମା କରନ୍ତି । ହାୟ ବିଫଳ ଏ ଉପଦେଶ,—ଚୋର କି ଧର୍ମର କାହାଣୀ ଶୁଣିବ, ମଦ୍ୟଭୋଗୀ ମାର୍ଜାର କି ଶର୍କରାର ସ୍ୱାଦୁ ବୁଝିବ ? ତ୍ୟାଗ ଏବଂ ଦାନର ସୁଖାନନ୍ଦ ଅତ୍ୟାଗୀ ଅଦାନୀ ଅନୁଭବ କରିପାରେ ନାହିଁ । ତୋଭଳି ନାରକୀ ନିକଟରେ ଏତ ଉପଦେଶ କ୍ଲୀବସ୍ତ୍ରୀ ଭଜନ ମାତ୍ର ।

ରାତ୍ରି ଥାଉଁ ଥାଉଁ ପ୍ରତାରକମାନେ ପ୍ରତାରିତ-ମାନଙ୍କୁ ସଙ୍ଗରେ ଘେନି ଦୁଇଖଣ୍ଡ ପଟିଆ ଡଙ୍ଗାରେ ବସିଲେ । ମାଝିମାନେ ଶୀଘ୍ର ହସ୍ତରେ ନୌକା-ବାହିବାକୁ ଲାଗିଲେ । ଯଥା ସମୟରେ ନୌକା ଯାଇ ଧାମରାମୁହାଣରେ ଲାଗିଲା । ସମ୍ମୁଖରେ ଚଞ୍ଚଳଚଳବାଳୁକା ନୀଳାମ୍ବୁ ପୂର୍ଣ୍ଣ ଚରାଚରବ୍ୟାପୀ ତାଣ୍ଡବ ନୃତ୍ୟରେ ନିଯୁକ୍ତ । ଲହରୀ ପଛରେ ଲହରୀ ଭୀଷଣ ଦୈତ୍ୟସେନାପ୍ରାୟ ଗର୍ଜି ଗର୍ଜି ବିକଟ ମୁଖ ବ୍ୟାଦାନପୂର୍ବକ ଫେନ-ଦନ୍ତପଙ୍କ୍ତି

ବନ୍ଧୁର ଜଳ କୂଳକୁ ଧାଇଁ ଆସୁଅଛି । ସମୁଦ୍ରର କି ବିରାଟ ବିସ୍ତୃତି, ଯୁହିଁ ଦେଖୁଛନ୍ତି ଦୃଷ୍ଟିରେଖା ଛିନ୍ନ ଶତଖଣ୍ଡ ହୋଇଯାଉଅଛି,—ଅସହ୍ୟ ଅବସାଦରେ ଆଖି ବୁଜିପଡୁଅଛି ଏବଂ ସେହି ବିରାଟତାରେ କ୍ଷୁଦ୍ର ମାନବର ଆତ୍ମସତ୍ତା ମିଳାଇ ଯାଉଅଛି । ଦୂରାଗତ ପୋତମାଳା ଦୁଇ ତରଙ୍ଗର ମଧ୍ୟସ୍ଥଳରେ ରହି ହଠାତ୍ ଜଳମଗ୍ନ ହେଲାପ୍ରାୟ ବୋଧ ହେଉଅଛି ଏବଂ କ୍ଷଣକ ମଧ୍ୟରେ କୂପକ * ଦେଖାଇ ସନ୍ତରଣଶୀଳ ରାଜହଂସ ପ୍ରାୟ ଭାସି ଉଠୁଅଛି । ସେ ଦୃଶ୍ୟର ବର୍ଣ୍ଣନା-ସାହସ କେବଳ ବାଳକଙ୍କ ମାତ୍ର । ଯେଉଁ ମହାଦୃଶ୍ୟ ଦେଖିଲେ ଭୋଗବିଳାସବାସନାସେବୀ ମାନବର ଦର୍ପୋନ୍ନତ ଶିର ଅବନତ ହୋଇଯାଏ, ସେ ଦୃଶ୍ୟର ବର୍ଣ୍ଣନା କିଏ କରିପାରିବ ? ମନୁଷ୍ୟ ଦୁଇଟି ମାତ୍ର ଚକ୍ଷୁରେ ସେ ଦୃଶ୍ୟ କଅଣ ଅବା ଦେଖିପାରିବ ! ମନୁଷ୍ୟ ଇନ୍ଦ୍ରପରି ସହସ୍ରାକ୍ଷ ହୋଇଥିଲେ ସେ ଦୃଶ୍ୟକୁ ଯଥାଯୁକ୍ତ କଳିପାରନ୍ତା କି ନାହିଁ, ସନ୍ଦେହର ବିଷୟ । ସମୁଦ୍ର ସୁରସିକ ପୁରୁଷ, ସୁତରାଂ ସର୍ବଦା ସଙ୍ଗୀତ-ମୁଖର, ଯେମନ୍ତ କି ଜଗତର ସମସ୍ତ ଛନ୍ଦ, ସମସ୍ତ ରାଗ ଏବଂ ସମସ୍ତ ସଙ୍ଗୀତ ସମୁଦ୍ର-ଗର୍ଭରେ ପୁଞ୍ଜୀଭୂତ । ତାହାର ତୃଷ୍ଣା ଚାତକର ଜଳପାନ-ତୃଷ୍ଣାପରି ଚିର ଅତୃପ୍ତ, ସେ ଦିବାରାତ୍ର ଗାଇ ଗାଇ କ୍ଲାନ୍ତ ହୁଏନାହିଁ କିମ୍ବା ତାହାର କଣ୍ଠ ବସେ ନାହିଁ । ଉତ୍କୃଷ୍ଟ ନୈବେଦ୍ୟପରି ଶାନ୍ତି ତାହାର ବର୍ଜନୀୟ । ସେ ଗର୍ଜି ଗର୍ଜି ବେଳାକୁ ଆକ୍ରମଣ କରେ, ମାତ୍ର ବେଳାର ତେତେ କ୍ଷତି କରିପାରେ ନାହିଁ । ଶରତ୍କାଳୀନ ଘନ ଯେତେ ଗର୍ଜେ, ତେତେ ବର୍ଷେ ନାହିଁ—ଏହା ସ୍ୱତଃସିଦ୍ଧ । ସମୁଦ୍ର, ପ୍ରକୃତିର ବିରାଟ କ୍ଷମତାର ବିରାଟ ଆଦର୍ଶ, ସେହି ଜୀବନ୍ତ ମହାନ୍ ଆଦର୍ଶ ଦେଖିଲେ ମାନବ ହୃଦୟର କ୍ଷୁଦ୍ରତା ସ୍ୱତଃ ଦୂର ହୋଇଯାଏ ଏବଂ ସଙ୍କୀର୍ଣ୍ଣତାର ଆସନ ପ୍ରାଶସ୍ତ୍ୟ ଅଧିକାର କରିବସେ । ଯାହାର ମା ଏଭଳି କ୍ଷମତାମୟୀ, ତାହାର ସୁତର ଦୁର୍ବଳତା ନିତାନ୍ତ ଅଶୋଭନୀୟ—ଏହି ଭାବ ହୃଦୟକୁ ଅନୁପ୍ରାଣିତ କରେ । ମାନବର ନଗଣ୍ୟ କ୍ଷୁଦ୍ରଶକ୍ତି, ହୃଦୟର ସେହି ମୌନ ଉଦ୍ଦାତ୍ତ ବାଣୀର ମହାନତାରେ ଉତ୍ତେଜିତ ହୋଇଉଠେ ।

ନଦୀ ସଙ୍ଗମସ୍ଥାନର ଦୃଶ୍ୟ କି ଅଦ୍ଭୁତ, କି ଚମତ୍କାର ! ସମୁଦ୍ର ନଦୀକୁ ତରଙ୍ଗ କରରେ ଟେକିନେଇ କୃପଣର ଧନପରି ହୃଦୟ ମଧ୍ୟରେ ଲୁଚାଇ ରଖୁଅଛି । ଅନନ୍ତ କାଳରୁ ପ୍ରେମାଲିଙ୍ଗନରେ ଆବଦ୍ଧ ହୋଇ ସୁଦ୍ଧା ସେମାନଙ୍କର ହୃଦୟ ତୃପ୍ତ ହେଉନାହିଁ । ଏଥିରୁ ବୋଧ ହେଉଅଛି—ସଂସାରରେ ସୁଖର ପୂର୍ଣ୍ଣତା ନାହିଁ କି ପ୍ରୀତି ପୂର୍ଣ୍ଣ ହୁଏନାହିଁ, ତାହା ନିତ୍ୟ ନୂତନ ରୂପରେ ପ୍ରତିଭାତ ହୁଏ । ପ୍ରେମିକ ପ୍ରେମିକାର ହୃଦୟ ଏକୀଭୂତ ନ ହେଲେ, ପ୍ରୀତିର ସ୍ୱାଦ ମିଳେ ନାହିଁ, ମାନବ ନଶ୍ୱର, ମାତ୍ର ପ୍ରୀତିପ୍ରସୂତି ଅନଶ୍ୱର,—ମାନବ ମାର୍ତ୍ତ୍ୟିକ, କିନ୍ତୁ ପ୍ରୀତି ସ୍ୱର୍ଗୀୟ । ଜୀବନଧାରା ମୃତ୍ୟୁରେ ମିଶିଗଲା ପ୍ରାୟ ନଦୀ ସମୁଦ୍ରରେ ମିଶିଯାଉଅଛି । ଜୀବନ ଗୋଟାଏ ମଧୁର ମନୋହର ସ୍ୱପ୍ନ,—ତାହା କ୍ଷଣକେ ଭାଙ୍ଗିଯାଏ; ମାତ୍ର ମୃତ୍ୟୁ ଅଭଙ୍ଗ । ବିମ୍ବରୁ ପ୍ରତିବିମ୍ବ ଜାତ ହେଲା ପ୍ରାୟ ମୃତ୍ୟୁରୁ ଜୀବନ ଜାତ ହୁଏ । ମୃତ୍ୟୁ କାୟା ଏବଂ ଜୀବନ ତାହାର କୃଷ୍ଣକାନ୍ତ ଛାୟା । ଜୀବନମୃତ୍ୟୁର ରହସ୍ୟ ବଡ଼ ଗୁରୁତର ସମସ୍ୟା । ଜନ୍ମମୃତ୍ୟୁର ଅଧୀନ ମାନବ ପକ୍ଷରେ ସେ ରହସ୍ୟ-ଭେଦ ଏକାନ୍ତ ଦୁରୂହ । ଯେତିକି ସେଥିର ଆଲୋଚନା କରିବ, ତେତିକି ସଂଶୟ ବଢିବ । ଅଗ୍ନିକୁଣ୍ଡକୁ ଯେତେ ଘାଣ୍ଟିବ, ଉତ୍ତାପ ତେତେ ବାହାରିବ; ମାତ୍ର ଶୈତ୍ୟ ବାହାରିବନାହିଁ । ଯେଉଁ ଗୂଢ଼ ରହସ୍ୟ ଦେବ ଶକ୍ତିର ଅସାଧ୍ୟ, ଛାର ମାନବ ତାହା ଭେଦ କରିବାକୁ କାହୁଁ ବା କ୍ଷମ ହେବ ?

ମଧୁ ଏତେବେଳଯାଏ ଶୋଇ ପଡିଥିଲା । ନିଦ୍ରାଦେବୀ ସ୍ୱଭାବତଃ କୋଳାହଳ-ଦ୍ୱେଷିଣୀ, ସମୁଦ୍ରର କର୍ଣ୍ଣଦାହୀ ଗର୍ଜନ ସେ ସହି ନ ପାରି ଶୀଘ୍ର ସ୍ଥାନତ୍ୟାଗ କଲେ । ମଧୁ ଉଠି ବସି ସମୁଦ୍ର ଆଡକୁ ଅନାଇ ଛାନିଆ ହୋଇଗଲା, ଭୟରେ ତାହାର ମୁଖ ବର୍ଷାରାତିର ଜ୍ୟୋତ୍ସ୍ନା ପ୍ରାୟ ମଳିନ ହୋଇଗଲା । ସମୁଦ୍ରର ବିରାଟ ଦୃଶ୍ୟକୁ ବାଳକର କ୍ଷୁଦ୍ର ହୃଦୟ ଧାରଣ କରି ପାରିଲାନାହିଁ । ସେ ମହାଦୃଶ୍ୟ ଭୀତିରୂପରେ ତାହା

* ମାସ୍ତୁଲ

ହୃଦୟରେ ପ୍ରବେଶ କଲା । ସେ ବ୍ୟାକୁଳ ହୋଇ ବାବାଜୀଙ୍କୁ ଜୁଣ୍ଟାଇ ଧରି ବ୍ୟଥିତ ସ୍ୱରରେ କହିଲା,— ବାବାଜି ଏ କଣ ? ବାବାଜି ମଧୁର ହାସ୍ୟରେ ତାହାର ମସ୍ତକରେ ଅଭୟ ହସ୍ତ ବୁଲାଇ ଦେଇ କହିଲେ—ଡର ନା ବାପା, ଏ ଦରିଆ ।

ମଧୁ—ଏଗୁଡ଼ାକ କଅଣ ଖାଲି ପାଣି ?

ବାବାଜି—ହଁ, ଖାଲି ପାଣି ।

ମଧୁ—ଉଃ, ଏତେ ପାଣି ! ପର୍ବତପରି ଏ ଗୁଡ଼ାକ ଧାଇଁଛି କଅଣ ?

ବାବାଜି—ସେ ସବୁ ଲହରି, ପବନ ହେଲେ ସମୁଦ୍ରରୁ ଲହରି ଉଠେ ।

ଏହା କହି ବାବାଜିରୂପୀ ନର-କଳଙ୍କ ମଧୁର ହାତ ଧରି ଡଙ୍ଗାରୁ ଓହ୍ଲାଇ ଗଲା । ତାହାର ସଙ୍ଗିବୃନ୍ଦ ମଧ୍ୟ ଅନ୍ୟ ଦୁଇଟି ବୃଦ୍ଧ-ଭୃତ୍ୟଙ୍କୁ ଘେନି ଓହ୍ଲାଇ ପଡ଼ିଲେ । ସେଠାରେ ଖଣ୍ଡେ ସୁଲୁପ ନଙ୍ଗରବଦ୍ଧ ହୋଇଥିଲା, ସମସ୍ତେ ସେଥିରେ ଯାଇ ଚଢ଼ିଲେ । ବାବାଜି ଏବଂ ମଧୁ ଗୋଟାଏ କୋଠରିରେ ବସିଲେ । ଅନ୍ୟାନ୍ୟ ସମସ୍ତେ ଆଉ ଗୋଟିଏ କୋଠରିରେ ଆଶ୍ରୟ ଗ୍ରହଣ କଲେ । କେହି ନିଦ୍ରାଦେବୀଙ୍କ କୋମଳ କୋଡ଼ରେ ଆତ୍ମସମର୍ପଣ କଲା, କେହି ଉଦର ସେବାରେ ଲାଗିଲା —କେହି ବା ସମୁଦ୍ର ଆଡ଼କୁ ଚାହିଁ ମନଫୁଲଣା ଗୀତ ଗାଇଲା । ସେ ସମୟରେ ବାଲେଶ୍ୱରରେ ସମୁଦ୍ରଗାମୀ ସୁଲୁପ ପ୍ରସ୍ତୁତ ହେଉଥିଲା । ସେହି ସୁଲୁପମାନ ଧାମରା, ଚାନ୍ଦବାଲି ଏବଂ ବାଲେଶ୍ୱରରୁ ପଣ୍ୟଦ୍ରବ୍ୟ ଏବଂ ଯାତ୍ରୀ ଘେନି କଲିକତା ପ୍ରଭୃତିକୁ ଯାତାୟତ କରୁଥିଲା । ସେହି ସୁଲୁପ ନିର୍ମାତାମାନଙ୍କର ବଂଶଧରମାନେ ଅବଧି ବାଲେଶ୍ୱରରେ ବାସ କରୁଅଛନ୍ତି । ସେମାନେ ପୈତୃକ ବ୍ୟବସାୟ ଅଦ୍ୟାପି ଭୁଲିଯାଇନାହାନ୍ତି । ଉତ୍ସାହ ପାଇଲେ ବର୍ତ୍ତମାନ ସୁଦ୍ଧା ସୁଲୁପ ତିଆର କରି ପାରିବେ । କଳ ଜାହାଜର ପ୍ରତିଯୋଗିତା ସେମାନଙ୍କର ବ୍ୟବସାୟ ମାଟି କରି ଦେଇଅଛି । କାଳକ୍ରମେ ଦେଶୀୟ ଶିଳ୍ପ ଏହିପରି ବିଲୟପ୍ରାପ୍ତ ହେଉଅଛି,—ଏହା ଦେଶ ଏବଂ ଜାତି ପକ୍ଷରେ ଶୁଭ ଲକ୍ଷଣ ନୁହେଁ । ସେ କାଳ ସହିତ ଏ କାଳର ତୁଳନା କଲେ ଦାରୁଣ ଅନୁଶୋଚନାରେ ଚକ୍ଷୁ ଆର୍ଦ୍ର ହୋଇଆସେ ଏବଂ ହୃଦୟରୁ ନୈରାଶ୍ୟର ତୀବ୍ର ଜ୍ୱାଳାମୟ ହାହାକାର ଉତ୍ଥିତ ହୁଏ । ବିଦେଶୀୟ ଶିଳ୍ପର ଉତ୍କଟ ପ୍ରତିଯୋଗିତା ଏବଂ ଆପାତ ସୁନ୍ଦରତ୍ୱ ଦେଶୀୟ ଶିଳ୍ପକୁ ପଙ୍ଗୁ କରି ଧ୍ୱଂସର କରାଳ ମୁଖ ମଧ୍ୟକୁ ଘେନି ଯାଉଅଛି । ଫଳରେ ଦେଶ ହା ଅନ୍ନ ହା ଅନ୍ନ ରବରେ ମୁଖରିତ ହେଉଅଛି । ବିଦେଶୀୟ ପଦାର୍ଥ ଅବ୍ୟବହାର୍ଯ୍ୟ ବୋଲି କୁହାଯାଉନାହିଁ; ମାତ୍ର ଦେଶରେ ଯେଉଁ ପଦାର୍ଥ ସୁଲଭ, ସେଥିପ୍ରତି ଅବଜ୍ଞା ପ୍ରଦର୍ଶନ କରିବା ନିଜ ଗୋଡ଼ରେ ନିଜେ କୁଠାରାଘାତ କରିବା ଭିନ୍ନ ଅନ୍ୟ କିଛି ନୁହେଁ । ଦେଶୀୟ ଶିଳ୍ପର ଶ୍ରୀବୃଦ୍ଧିସାଧନ ଦେଶବାସୀଙ୍କର ସମ୍ପୂର୍ଣ୍ଣ ଆନୁକୂଲ୍ୟ-ସାପେକ୍ଷ, ମାତ୍ର ଦେଶବାସୀଏ ପ୍ରତ୍ୟେକ ବିଷୟରେ ଯେରୂପ ବିଦେଶୀଭାବାପନ୍ନ ହୋଇ ଉଠୁଅଛନ୍ତି, ତାହା ସ୍ମରଣ କଲେ ଲଜ୍ଜାରେ ଅଧୋମୁଖ ହେବାକୁ ହୁଏ । ଏ ଅଧୋଗତି ଦେବତାର ଅଭିଶାପ ନୁହେଁ, ଏହା କୃତକର୍ମର ବିଷାକ୍ତ ଫଳ । ବିଦେଶୀୟ ଶିଳ୍ପର ମୋହମାଦକତା, ବିଦେଶୀୟ ବାହ୍ୟାନୁକୃତି, ଆଲସ୍ୟ ଏବଂ ବିଳାସପରାୟଣତା, ଏ ଦେଶକୁ କ୍ରମଶଃ ଅନ୍ତଃସାରଶୂନ୍ୟ କରି ପକାଉଛି, ଏହା ବୋଲିବା ନିତାନ୍ତ ବାତୁଳତା ନୁହେଁ, ପ୍ରକୃତ ସବସ୍ତ ଈଶ୍ୱର ସତ୍ୟ । ବିଦେଶୀୟ ପଣ୍ୟ ବିନିମୟରେ ଏ ଦେଶରୁ ରାଶି ରାଶି ଅର୍ଥ ବିଦେଶକୁ ଚାଲି ଯାଉଅଛି । "ଭାତ ବରତନ ପରକୁ ଦେଇ, ନାଥେ ରହିଲେ ଉପାସେ ଶୋଇ" ଏ ପ୍ରବାଦ ମିଥ୍ୟା ନୁହେଁ । ମା ଉତ୍କଳକମଳା, ମା ଉତ୍କଳ ଭାରତି, କାହିଁକି ତୁମ୍ଭେ ଉତ୍କଳ ପ୍ରତି ବିମନା ? ତୁମ୍ଭର ପୁତ୍ରମାନେ ଅପରିଣାମଦର୍ଶିତାର ଫଳ ହାତେ ହାତେ ଭୋଗ କଲେଣି, ସେମାନଙ୍କ ଅବିମୃଷ୍ୟତା ପାପର ଅତିରିକ୍ତ ପ୍ରାୟଶ୍ଚିତ୍ତ ହୋଇସାରିଲାଣି । ଏବେ ତୁମ୍ଭେ ଅମୃତଦୃଷ୍ଟିରେ ଏ ଦେଶକୁ ଅବଲୋକନ କରି ଏବଂ ତୁମ୍ଭର ପ୍ରିୟ ପୁଣ୍ୟଧାମ ଉତ୍କଳକୁ ତୁମ୍ଭେ ଫେରି ଆସ । କୃପାମୟି, କୁପୁତ୍ର ଯିନା ହୁଅନ୍ତି ମାତ୍ର କୁମାତା ହୁଅନ୍ତି ନାହିଁ । ଅବାଧ ଅଯୋଗ୍ୟ ପୁତ୍ରକୁ ମା ପସ୍ୱ ଅଧିକ ସ୍ନେହ କରେ, ଏହା କହିବା ବେଳକୁ ଯେ ବିଷମ ଦୁର୍ବିଷହ କ୍ଷୋଭରେ ଛାତି ଫାଟି ଯାଉଅଛି, ମା, ମା!

ତିରସ୍କାର କରେ,—ପ୍ରହାର କରେ; ମାତ୍ର ପରକ୍ଷଣରେ ସନ୍ତାନକୁ କୋଳକୁ ଟାଣିନିଏ,—ତାହାର କ୍ରନ୍ଦନମଳିନ ମୁଖ ସ୍ନେହ ପଣତକାନିରେ ପୋଛିଦିଏ । ଜଗଦମ୍ବେ, ଏହା କି ତୁମର ଅଗୋଚର ଜନନି ? ମା ବିନା ଏ ଦୁସ୍ତର ସଂସାରରେ ସନ୍ତାନର ମହଦାଶ୍ରୟ ଆଉ କିଏ ? ତୁମର ଅବସ୍ଥାପୀଡ଼ିତ ସନ୍ତାନବର୍ଗ ତୁମକୁ ଚିହ୍ନନ୍ତୁ,—ଦେଶମାତାକୁ ଚିହ୍ନନ୍ତୁ, ଏହି ସାର୍ଥକ ବର ପ୍ରଦାନ କର ମା । ଏହା ବିନା ସନ୍ତାନର ଅନ୍ୟ ଅଳି ବା ମାଗୁଣି ନାହିଁ, ମା ଦୟାମୟି ସନ୍ତାନବତ୍ସଳେ !

ମାନବ ଜୀବନ ସ୍ରୋତ ଶୋକ ବିପଦ ପ୍ରଭୃତି ନାନା ବାଧାବିଘ୍ନ ଦ୍ୱାରା ପ୍ରତିହତ ହୋଇ ଗୁଲିଲା ପ୍ରାୟ ସ୍ଲୁପ ଭୀଷଣ ତରଙ୍ଗମାଳା ଦ୍ୱାରା ପ୍ରତିହତ ହୋଇ ଗୁଲିବାକୁ ଲାଗିଲା । ବାଲେଶ୍ୱର ବନ୍ଦର ପାଖରେ ଖଣ୍ଡେ ଡଙ୍ଗା ଆସି ସ୍ଲୁପକୁ ଭେଟିଲା । ସେଥିରୁ ପନ୍ଦର ଜଣ ଲୋକ ଆସି ସ୍ଲୁପରେ ଚଢ଼ିଲେ । ସେଥି ମଧ୍ୟରୁ ତିନି-ଜଣ ସୌଦାଗରବେଶଧାରୀ ଆଡ଼କାଟି ଏବଂ ଅବଶିଷ୍ଟ ସେମାନଙ୍କର ହତଭାଗ୍ୟ ଶିକାର । ସେମାନେ କୌପିନ-ସର୍ବସ୍ୱ କୃଷ୍ଣକାୟ ସାନ୍ତାଳ । ସେମାନଙ୍କୁ ମୟୂରଭଞ୍ଜ ଅଞ୍ଚଳରୁ ସଂଗ୍ରହ କରାଯାଇଅଛି । ପ୍ରତାରକମାନେ ସେମାନଙ୍କର ପ୍ରତ୍ୟେକଙ୍କୁ ଦୁଇଶତ ଟଙ୍କା ଲେଖାଏଁ ଦେଇ ଛମାସ ପରେ ବିନା ଖର୍ଚ୍ଚରେ ଜାହାଜରେ ଆଣି ଘରେ ଦେଇଯିବେ ବୋଲି କହି ଫୁସୁଲାଇ ଆଣିଅଛନ୍ତି । ବିନା ସଭ୍ୟ ହେଲେ ଉଦ୍ୟାନ ନାମରେ ଅଭିହିତ ହୁଏ, ସେଥିପାଇଁ ସେମାନେ ଜାମା ଯୋଡ଼ା ପିନ୍ଧି କପଟ ସଭ୍ୟବେଶ ଧାରଣ କରିଅଛନ୍ତି । କାଳେ ସେମାନଙ୍କୁ ଦେଖି କାହାରି ମନରେ ଧୋକା ହୁଏ, ସେଥିପାଇଁ ଧୂର୍ତ୍ତ ଆଡ଼କାଟିମାନେ ସେମାନଙ୍କୁ ସଭ୍ୟ ସାଜରେ ସଜ୍ଜିତ କରିଅଛନ୍ତି । ବନଚର ସାନ୍ତାଳଜାତି ସରଳ ବିଶ୍ୱାସୀ, ସେମାନେ ଛନ୍ଦ କପଟ ଜାଣନ୍ତି ନାହିଁ । ଆଡ଼କାଟିଦଳ ଲୋଭ ଦେଖାଇ ସେମାନଙ୍କୁ ମୃତ୍ୟୁ ଆଡ଼କୁ ଘେନି ଯାଉଅଛନ୍ତି । ସ୍ଲୁପ ଖଣ୍ଡି ଗନ୍ତବ୍ୟପଥରେ ସ୍ଥାନେ ସ୍ଥାନେ ଦୁରଦୃଷ୍ଟ ଲୋକଙ୍କ ଦ୍ୱାରା ବୋଝାଇ ହେଉଥାଏ, ତେଣେ ଆଡ଼କାଟିମାନଙ୍କର ଭାଗ୍ୟତରୀ ସେହିପରି ପାପରେ ବୋଝାଇ ହେଉଥାଏ । ଏ ଧର୍ମ-ନୌକା ବୁଡ଼ିବ ନାହିଁ, ମାତ୍ର ସେ ପାପ ନୌକା ଦିନେ ବୁଡ଼ିଯିବ । ହାୟ ସମୁଦ୍ର, ଗ୍ରହଣ ସମୟରେ ନିର୍ମଳ ଚନ୍ଦ୍ରବକ୍ଷରେ ଚଣ୍ଡାଳର ଛାୟା ପଡ଼ିଲା ପ୍ରାୟ ତୋର ପବିତ୍ର ବକ୍ଷରେ ପାପର ଏ କୃଷ୍ଣଛାୟା ପଡ଼ିଲା । ତୁ ପୁଣ୍ୟବନ୍ତ, ସତ୍ୟବନ୍ତ, ପୁଣ୍ୟ ଏବଂ ସତ୍ୟ ଲଙ୍ଘନଭୟରେ ତୁ ପର ଘାରେ ମାତ୍ର ବେଳାଭୂମି ଅତିକ୍ରମ କରୁନାହୁଁ ? ଏ ମହାପାତକ କିପରି ଅମ୍ଳାନ ବଦନରେ ସହ୍ୟ କଲୁ ? ନା, ନା, ସିନ୍ଧୁରାଜ, ତୁ ନିଜକୁ କଳଙ୍କିତ କରନା,—ଶୀଘ୍ର ଏ ପାପିଦଳକୁ ବୁଡ଼ାଇ ମାର, ବୁଡ଼ାଇ ମାର, ବୁଡ଼ାଇ ମାର, ଆଉ ଏ ହତଭାଗ୍ୟ ନିର୍ଦ୍ଦୋଷ ଗୁଡ଼ିକୁ କୂଳରେ ଲଗାଇଦେ । ତୁ କେଡ଼େ ବଡ଼ ଲୋକ, ତୋର କ୍ଷମତା ଅନନ୍ତ, ଦାନ ଅନନ୍ତ, ଓ ତ୍ୟାଗ ଅନନ୍ତ । ତୁ ନିଜ ଦେହ କ୍ଷୟ କରି ସୃଷ୍ଟି ରକ୍ଷା କରୁ, ତୋହରି ମହା-ଦାନରେ ଏ ସଦ୍ୱୀପା ଧରଣୀ ଧନୀ, ଏଡ଼େ ବଡ଼ ନାମ,—ଏଡ଼େ ବଡ଼ କୀର୍ତ୍ତି ହରାଇ ବସ ନା । ଏ ନାରକୀ ଗୁଡ଼ାକୁ ବୁଡ଼ାଇ ମାରି ଅକ୍ଷୟ ପୁଣ୍ୟ ଉପାର୍ଜନ କର । ତୁ ଦେବତା, ଦେବତାର କାର୍ଯ୍ୟ କର,—ପୈଶାଚିକ-ତାକୁ ପ୍ରଶ୍ରୟ ଦେଇ ଦୁର୍ନାମ ଅର୍ଜ୍ଜନ କରନା ।

ଜାହାଜର ସାଜସଜା ଦେଖି ମଧୁ ଆଜି ଆନନ୍ଦରେ ଚଞ୍ଚଳ । ତାହାର ଉତ୍ସାହ ହୃଦୟରେ ନ ଧରି ସିନ୍ଧୁବାଷ୍ପ ସହ କୁଣ୍ଡଳୀକୃତ ହୋଇ ଊର୍ଦ୍ଧ୍ୱକୁ ଉଠିଯାଉଅଛି । ସେ ପ୍ରକୋଷ୍ଠରୁ ପ୍ରକୋଷ୍ଠାନ୍ତରରେ ଧାଁଧପଡ଼ କରି ବୁଲୁଅଛି । କେତେବେଳେ ଗବାକ୍ଷର କାଚ କବାଟ ଠେଲି ଦେଉଅଛି, କେତେବେଳେ ବା ତଳକୁ ଖସାଇ ଦେଉଅଛି । ତାହାର ଏହି ଆନନ୍ଦର କାରଣ ବାବାଜି । ସେ ତାକୁ ଆଣି ନଥିଲେ ଏ ଅଦୃଷ୍ଟପୂର୍ବ ଦୃଶ୍ୟ ସେ କାହୁଁ ଦେଖନ୍ତା ? ସୁତରାଂ ବାବାଜି ପ୍ରତି ତାହାର ଭକ୍ତି ବହୁଗୁଣ ହୋଇ ଉଠୁଅଛି ! ସେ ଧାଇଁଆସି ପଚାରିଲା—ବାବାଜି, ଆମ ଗାଁ ଆଉ କେତେ ବାଟ ଅଛି ?

ବାବାଜି—ଏହି ଦରିଆ ଖଣ୍ଡ ପାର ହେଲେ ଆରପାଖରେ ଆମ ଗାଁ ।

ମଧୁ—ଟଙ୍କାଗଛ ସେଠାରୁ କେତେ ଦୂର ?

ବାବାଜି—ଆମ ଗାଁରେ ଠେଙ୍ଗାଗଛ ଅଛି; ସୁବି ପାଞ୍ଚଟା ଉପାଡି ଆଣି ତୋତେ ଦେବି । ଆଉ ଆଠଦିନ ମଧ୍ୟରେ ତୋତେ ଆଣି ତମ ଘରେ ଛାଡିଦେଇ ଯିବି ।

ମଧୁ—ବାପା ପଚାରିଲେ କଅଣ କହିବି ?

ବାବାଜି—କହିବି ମଧୁକୁ ଚୋର ନେଇ ଯାଇଥିଲେ, ମୁଁ ଦେଖି ଛଡ଼ାଇ ଆଣିଲି ।

ମଧୁ—କେତେ ଖଣ୍ଡ ତମେ ଜାଣ ବାବାଜି ? ହଁ ସେଇଆ କହିବି । ଠେଙ୍ଗାଗଛ ଦେଖିଲେ ବାପା ଆଉ କିଛି କହିବେ ନାହିଁ,—ଖୁସି ହୋଇଯିବେ ।

ବାବାଜି—ଆଚ୍ଛା ମଧୁ, ମୁଁ ଆସିଲାପରେ ତମ ଗାଁରେ କେହି କିଛି କହୁଥିଲେ କି ?

ମଧୁ—ନା, ମୁଁ କିଛି ଶୁଣି ନାହିଁ । ବାଟରେ ଆସିଲାବେଳେ ତିନିଟା ମାଇକିନା କଥାବାର୍ତ୍ତା ହେଉଥିଲେ, ତାହା ଶୁଣିଛି ।

ବାବାଜି—ସେମାନେ କଣ କହୁଥିଲେ ?

ମଧୁ—ଆମ ଗାଁ ରୁକ୍ମିଣି ମା ଆଉ ଦିନ ଅପା ଯାତ୍ରାକୁ ଯାଉଥିଲେ, ମୁଁ ସେମାନଙ୍କ ପାଖେ ପାଖେ ଚାଲିଥିଲି । ମୁଣ୍ଡରେ ଲୁଗା ପକାଇଥିବାରୁ ସେମାନେ ମତେ ଚିହ୍ନି ପାରିନାହାନ୍ତି । ଆମ ପଛରେ ଗୋଟେ ବୁଢୀ ଆସୁଥିଲା, ତା ପିଠିରେ ଗୋଟେ କୁଜ, ସେ ବାଉଁଶଖଣ୍ଡେ ଧରି ଭିଡ଼ୁ ନାଡ଼ିଲାପରି ଚାଲୁଥାଏ । ବୁଢୀ ପଛରୁ ଡାକି କହିଲା,—"ଟିକିଏ ଠିଆ ହୁଅ ଲୋ ମା, ମୁଁ ବୁଢୀମଣିଷ, ଠାଉ ଠାଉ ଚାଲିପାରୁନାହିଁ, ମତେ ଟିକିଏ ସାଙ୍ଗରେ ନେଇ ଯା, ମୁଁ ସୀତାକୁଣ୍ଡରେ ବୁଡ଼ଟାଏ ମାରିବାଲାଗି ଏତେବାଟ ଧାଇଁ ଧାଇଁ ଆସିଛି । ବଞ୍ଚିଥିଲେ ଫେର୍ ଯାଇ ବର୍ଷେ—କିଏ ମରିବ କିଏ ବଞ୍ଚିବ । ସେ ଦିନ ପୋଡ଼ାମୁହାଁ ନାହାକ ତ କହୁଥିଲା,—ଏ ବର୍ଷ ଯମକରୁସି ଯୋଗ ଅଛି ।" ବୁଢୀର ଡାକ ଶୁଣି ରୁକ୍ମିଣିମା ହେଉଁକା ଠିଆ ହେଲେ, ବୁଢୀ ଆସି ପଚାରିଲା,—"ତମ ଘର କେଉଁ ଗାଁର ଲୋ ଝିଅ ? ଆମଘର ନିର୍ମୂଳୀ ପଦା, ମୁଁ ସଞ୍ଜରୁ ଉଠି ଧାଇଁଛି ।" ରୁକ୍ମିଣିମା କହିଲା,—"ଆମ ଘର ଶୀତଳପୁର ।"

ବୁଢୀ—ତମରି ଗାଁର ସବୁ ସିଦ୍ଧ ହୁକୁମ ଦାଉଚନ୍ତି ?

ରୁକ୍ମିଣିମା—ହଁ, ସିଦ୍ଧବାବାଜି ମାସେହେଲା ଥିଲେ—ଚାଲି ଗଲେ ।

ବୁଢୀ—ଚାଲିଗଲେଣି, ହାୟ ହାୟ ମୁଁ ଆଜି ବାବାଙ୍କ ପାଖକୁ ଯାଉଥାଆନ୍ତି—ମୋ କପାଳରେ ନାହିଁ ।

ଦିନ ଅପାଟା ତ ବଡ଼ ଉଲଗାଲି, ସେ ଫିକ୍ କରି ହସିଦେଇ ବୁଢୀକି କହିଲା—କି, ତୋ କୁଜ ସଳଖେଇବାକୁ ଯାଉଥାଆନ୍ତୁ ପରା ?

ବାବାଜି-କୃଷ୍ଣ ତ କେତେ କୁବୁଜାର କୁଜ ସିଧା କରି ଦେଇଛି ।

ବୁଢୀ—କିଲୋ ଝିଅ, ଠାପରି କରୁଛୁ ? ମୋର କେତେ ବୟସ ହେଲାଣି କି ? ଏହି ଆଷାଢ ମାସ ତେର ଦିନଠାରୁ ସାନପୁଅ ରଘୁଆକୁ ତ ସତେଇଶ ବର୍ଷ ପଶିବ । ସତେଇଶ କେତେଟା ଲୋ ଝିଅ, କୋଡ଼ିଏ ଛଅ ପରି ? ତେବେ ଆଉ କୋଡ଼ିଏ ବର୍ଷ ଅଧିକା ଧରିଲେ ମୋର ତିନିକୋଡ଼ି ବର୍ଷ ହେଲା, ବାଟରୁ ବାଳ ପାଚିଗଲା ସିନା । ଏଇ ପେଟରୁ ଅଠରଟି ଜନ୍ମ କରିଛି,—ଅକାଳରେ କଙ୍କାଳଟା ପଡ଼ିଗଲା । ଆଚ୍ଛା, ତମ ଗାଁର କେତେଜଣ ଭଲ ହେଲେ ନା ?

ରୁକ୍ମିଣି ମା—ଏକା ଆମ ଗାଁ କାହିଁକି, କେତେ ଗାଁରୁ ଲୋକେ ଆସି ଯେଝା କର୍ମ ଘେନି ଫଳ ପାଇଲେ ।

ଦିନ—କି ଲୋ ରୁକ୍ମିଣିମା ଖୁଡ଼ି, ତୋ ପେଟମରା ପରି ଭଲ ହୋଇଗଲା, ଆଉ ବାଆଁରେଇ କାହିଁକି କଥା କହୁଛୁ ?

ରୁକ୍ମିଣିମା—କାହିଁ ଲୋ ଝିଅ, ଭଲ ହେଲା କେଉଁଠି ?

ଦିନ—ଭଲ ହୋଇଗଲା ବୋଲି ତୁ କହୁଥିଲୁ କିମିତି ?

ରୁକ୍ମିଣିମା—ଆଉ କଅଣ କହନ୍ତି ଲୋ ? ବାବାଜୀଙ୍କର ହୁକୁମ ହେଲା, ମୋ ପୋଡ଼ା ରୋଗ ଭଲ ହେଲା ନାହିଁ । ମୋ କର୍ମକୁ ନିନ୍ଦା ନ କରି ମୁଁ ତାଙ୍କୁ

କାହାଁକୁ ନିନ୍ଦିବ, ତା ହେଲେ ଯେ ମୋତେ ନରକରେ ଠାବ ମିଳିବ ନାହିଁ । ସାଧୁନିନ୍ଦା ମହାପାପ, ଲୋ ବାପ, ମୁଁ ତାହା କାହିଁକି କରିବି ? ପୂର୍ବଜନ୍ମରେ କି ପାପ କରିଥିଲିକି ତ ଏ ଜନ୍ମରେ ଏ କଷ୍ଟ ଭୋଗ କରୁଛି, ଆଉ ସାଧୁନିନ୍ଦାକରି କଣ ନରକରେ ଯାଇଁ ହେବି ? ପୁଣି ଶାସ୍ତ୍ରରେ ଅଛି ପରା,—ସବୁ ପାପକୁ ପାର ଅଛି, ସାଧୁନିନ୍ଦାକୁ ପାର ନାହିଁ ।

ବାବାଜି ଏହା ଶୁଣି କହିଲେ,—"ସତରେ ମଧୁ, ରୁକ୍ମିଣୀମା ଯାହା କହିଲେ ସତ । କପାଳରେ ନ ଥିଲେ ମୁଁ କଅଣ କରିବି ?" ଛାଡ଼ ସେ କଥା, ଏବେ ମୁଁ ଯାହା କହୁଛି ଶୁଣ । ତତେ କେହି ପଚାରିଲେ ତୁ କହିବୁ "ମୋର ବାପ ମା କେହି ନାହାନ୍ତି,—ମୁଁ ମାଗିଯାଚି ପେଟ ପୋଷେ, ଆସିଛି ଏଣେ ଦୁଃଖଧନ୍ଦା କରି ବଞ୍ଚିବି ।"

ମଧୁ—କି, ମୁଁ ତା' କାହିଁକି କହିବି ?

ବାବାଜି—ଝଙ୍କାଗଛ କଥା କହିଲେ ତୋମାମାନଙ୍କ ସାଇବ ତତେ ଛାଡ଼ିବ ନାହିଁ । ବାନ୍ଧି ନେଇ କଇଦୀ ଖାନାରେ ରଖିବ ।

ମଧୁ—ହଉ ତେବେ, ତମେ ଯାହା କହିଲ ତା କହିବି ।

ଏହିପରି କଥାବାର୍ତ୍ତା ହେଉଁ ହେଉଁ ସୁଲୁପ କଲିକତା ବନ୍ଦରରେ ଲାଗିଲା । ତହୁଁ ସମସ୍ତେ ସୁଲୁପରୁ ଓହ୍ଲାଇଲେ । ପୂର୍ବରୁ ଆସାମ ଚା ବଗିଚା କୋମ୍ପାନୀର ଲୋକମାନେ ଆସି ସେଠାରେ ଉପସ୍ଥିତ ଥିଲେ, ସେମାନେ ସମସ୍ତଙ୍କୁ ଘେନି ସହର ଅଭିମୁଖରେ ଯାତ୍ରା କଲେ ।

---

# ଷୋଡଶ ପରିଚ୍ଛେଦ

ଭାରତ—ଅମରାବତୀ କଲିକତା ସହର ଦେଖି ମଧୁ ବିସ୍ମୟ ଏବଂ ଆନନ୍ଦରେ ବିହ୍ୱଳ ହୋଇଗଲା । ତାହାର ଏତେ ଆନନ୍ଦ ହେଲା ଯେ, ସେହି ଆନନ୍ଦରେ ସେ ନିଜକୁ ହଜେଇ ବସିଗଲା ପ୍ରାୟ ମଣିଲା । ଆନନ୍ଦାତିଶଯ୍ୟରେ ତାହାର ଚେତନା ଘନଘନ ବୁଡ଼ିଗଲା । ଯେ କେବେ କୌଣସି ସହର ଦେଖି ନାହିଁ, ଏକାବେଳକେ କଲିକତା ଦର୍ଶନ ତାହାପକ୍ଷରେ ମାୟାପୁରୀର ସ୍ୱପ୍ନ ପ୍ରାୟ ବୋଧ ହେବା ସ୍ୱାଭାବିକ । ଦୁଇ ପାଖରେ ଚନ୍ଦ୍ର ପର୍ବତମାଳା ପ୍ରାୟ ଅଟ୍ଟାଳିକାଶ୍ରେଣୀ, ମଧ୍ୟରେ ଉଦ୍ଭ୍ରାନ୍ତ ବାହିନୀ ମାନବ-ନଦୀର ମହାବନ୍ୟା, ତହିଁ ମଧ୍ୟରେ ମତ୍ସ୍ୟ-କୁମ୍ଭୀରତୁଲ୍ୟ ଯାନବାହନର ଯାତାୟାତ ଏ ସବୁ ଅଦୃଷ୍ଟ-ଅଶ୍ରୁତପୂର୍ବ ଦୃଶ୍ୟରାଜିରେ ଜଣେଗୃହ-କୋଣବର୍ଦ୍ଧିତ ପଲ୍ଲୀବାଳକ-ହୃଦୟରେ ଯେଉଁରୂପ ଭାବ ଜାତ ହୋଇପାରେ, ମଧୁ ହୃଦୟରେ ଠିକ୍ ସେହିରୂପ ଭାବ ଜାତ ହେଲା । ଏହାଠାରୁ ସରଳଭାଷାରେ ତାହାର ହୃଦୟର ଭାବ ବୁଝାଇ ହେବ ନାହିଁ । ସ୍ଥୂଳତଃ ତାହାର ମନୋଗତ ଭାବର ମହାଭାର ଭାଷା ଟେକି

ପାରିବ ନାହିଁ, ସେ ଅସହ୍ୟ ଭାରରେ ଭାଷାର କଳେବର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଧୂଳିପରି ଉଡ଼ିଯିବ । ମଧୁ ଯେପରି ଗୋଟାଏ ବିରାଟ ଉଲ୍ଲାସର ସ୍ୱପ୍ନରାଜ୍ୟରେ ପ୍ରବେଶ କରିଅଛି । ଗର୍ବରେ ତାହାର ଛାତି ଫୁଲିଉଠି ମୋଟରେ ଫୁଲି ଉଠିଲା ଏବଂ ତହିଁ ସଙ୍ଗେ ସଙ୍ଗେ ବାବାଜି ପ୍ରତି ତାହାର ଭକ୍ତି ମଧ୍ୟ ମହମଦିଆ ପୁରିପରି ଫୁଲି ଉଠିଲା । ବିବିଧ-ପଣ୍ୟୋଜ୍ଜ୍ୱଳ ବିପଣୀମାଳା ଦେଖି ସେ ଭାବିଲା, —"ଏ ଗୋଟାଏ ଦେବସର ରାଜ୍ୟ, ଏଠାରେ କେବେ ରାତି ହୁଏ ନାହିଁ ।" ଦୃଶ୍ୟ ଦର୍ଶନର ଲୋଭ ସମ୍ବରଣ ତାହା ପକ୍ଷରେ ଅସାଧ୍ୟ ହୋଇ ଉଠିଲା । ଦୃଷ୍ଟିର ଅବସାଦ ନାହିଁ,—ଆକାଙ୍କ୍ଷାର ବିରାମ ନାହିଁ, ଯେଉଁ ଦିଗକୁ ଚାହିଁଗଲା, ସେହି ଦିଗକୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଲା । ସେ ମାନବ ଜୀବନରୁ ଉନ୍ନୀତ ହୋଇ ଗୋଟାଏ ସୁଖମୟ ନବୀନ ଜୀବନ ଲାଭ କଲା ପ୍ରାୟ ମଣିଲା । ପ୍ରତି ରଥ୍ୟାର ଉଭୟ ପାର୍ଶ୍ୱରେ ପ୍ରୋଜ୍ଜ୍ୱଳିତ ଆଲୋକ ସ୍ତମ୍ଭ ସରଳ ପ୍ରାକୃତିକ ଲୋକର ହୃଦୟପରି କି ସ୍ୱଚ୍ଛ, କି ନିର୍ମଳ । ମଧୁର ନୟନମନ ଅଠା କାମାରେ

ପର୍ଦ୍ଦା-ପର ଦୃଶ୍ୟ ସେଥିରେ ଲାଗିରହିଲା । ସେ ନୀରବ ନିସ୍ପନ୍ଦଭାବରେ ଚନ୍ଦ୍ରଶମା ପରି ଏକଧ୍ୟାନରେ ତାହାକୁ ଚାହିଁ ରହିଲା,—ତାହାର ଚିନ୍ତାସ୍ରୋତ ଏକାବେଳକେ ରୁଦ୍ଧ ହୋଇଗଲା । ଆଲୋକ-ସ୍ତମ୍ଭ-ଗାତରେ ଦୃଷ୍ଟି-ରେଖା ଏରୂପ ଭାବରେ ବଦ୍ଧ ହୋଇଗଲା ଯେ, ତାହା ଆଉ ବାହାରି ଆସି ପାରିଲା ନାହିଁ । ପ୍ରାଣହୀନ ଶରୀର ପ୍ରାୟ ତାହାର ଶରୀର ନିସ୍ତବ୍ଧ ହୋଇଗଲା । ତାହାକୁ ତଦବସ୍ଥ ଦେଖି ବାବାଜି ପଚାରିଲା,—"କିରେ ମଧୁ, କଅଣ ଦେଖୁଛୁ ?" ସ୍ୱପ୍ନମଗ୍ନ ମନୁଷ୍ୟ ଅନ୍ୟର ସ୍ପର୍ଶରେ ଚମକି ଉଠି ବସିଲା ପରି ମଧୁ ବାବାଜି ଆଡକୁ କ୍ଷିପ୍ର ଦୃଷ୍ଟିରେ ଚାହିଁ ଦେଇ କହିଲା,—"ବାବାଜି, ଏ କେଉଁ ଗାଁ ?" ବାବାଜି ଏଣୁ ଅଠାଣିରେ ଶିର କମ୍ପାଇ ଚଞ୍ଚଳ ଉଲ୍ଲାସ ବାଣୀରେ କହିଲା, "ଏ କଲିକତା ସହରରେ ବାବା । ଯେ କଲିକତା ଦେଖି ନାହିଁ, ସେ ମା ପେଟରୁ ଜନ୍ମ ହୋଇନାହିଁ । ମର୍ତ୍ତ୍ୟ-ମଣ୍ଡଳରେ ଏପରି ସହର ନାହିଁ, ନଥିଲା, ନ ହେବରେ ମଧୁ । ଆଚ୍ଛା, ତବେ କିମିତି ଲାଗୁଛି କହିଲୁ ?"

ମଧୁ—ମନ ଭାରି ଖୁସି ହଉଚି ବାବାଜି ।

ବାବାଜି—ହଁ ଖୁସି ହବାର ତ କଥା, ଖାଲି ଖୁସି ନୁହେଁ,—ତୋର ମଣିଷ ଜନ୍ମ ସାର୍ଥକ ହୋଇଗଲା । ଏମିତି ସହର ତମ ଗାଁଲୋକ କେଉଁ ଦେଖିଥିଲା ?

ମଧୁ—ଇସ୍, ସାତ ଜନ୍ମରେ କିଏ ଦେଖିବ ନା ଆଗେ ।

ବାବାଜି—ସାତ ଜନ୍ମ କଅଣରେ, ଚୌଦ୍ଦ ଜନ୍ମ ଗଲେ ବି କେହି ଦେଖିପାରିବ ନାହିଁ । ଶୁ ଏକା କପାଳିଆ । "ଯେ ନ ଦେଖିଛି କଲିକତା, ମଣିଷ ନୁହେଁ ସେ ଶିଳପଟା" ବୁଝିଲୁ ?

ମଧୁ—ସବୁ ତମରି କଲ୍ୟାଣରୁ ବାବାଜି । ଏ ସବୁ ଯେ ଘୋଡ଼ାଜାମା ହାତଜାମା ପିନ୍ଧି ମୁଣ୍ଡରେ ପିଠା ପଲମ ପରି କଅଣ ଗୋଟେ ଉସ୍ତେଇ ଧାଇଁଛନ୍ତି, ଏମାନେ କିଏ ?

ବାବାଜି—ସେସୁଡ଼ାକ ଫିରଙ୍ଗି ଲୋକ, କେହି କୋଲ୍ପାନୀ,—କେହି କୋମ୍ପାନୀର ସ୍ୱକର ।

ମଧୁ—ଜାମା ଗୋଟକୁଟିରେ ଖଣ୍ଡେ ଖଣ୍ଡେ ଉସ୍-ଜନା କାହିଁକି ରଖିଛନ୍ତି ?

ବାବାଜି—ସେ ରୁମାଲ, ସେଥିରେ ଝାଳ ପୋଛୁଥିଛନ୍ତି ।

ମଧୁ—କଲସୀ ଗୋଟେ ଗୋଟେ ହାତରେ ଧରି ବସିଚନ୍ତି କିଏ ?

ବାବାଜି—ସେମାନେ ବଙ୍ଗାଳୀ, ହୁକା ଧରି ସୁଡ଼ାଖୁ ଟାଣୁଛନ୍ତି । ତମ ଗାଁରେ ଯିମିତି ପିକା ଟାଣନ୍ତି, ସିମିତି ।

ମଧୁ—ତା ଉପରେ ଗୋଟେ ନଅଁ ଉଣ୍ଟେଇ ରଖିଚନ୍ତି କାହିଁକି ?

ବାବାଜି—ଉଣ୍ଟେଇ ନୁହେଁ,—ତାକୁ ଚିଲମ କହନ୍ତି । ସେଥିରେ ସୁଡ଼ାଖୁ ରଖି ତା ଉପରେ ନିଆଁ ଦେଇ ଧୂଆଁ ପିଅନ୍ତି ।

ଏହିପରି କଥା କହୁ କହୁ ସମସ୍ତେ ଯାଇ ମେଛୁଆ ବଜାରରେ ପହଞ୍ଚିଲେ । ସେଠାରେ ଆଡ଼କାଟିଙ୍କର ବସାଘର ଥିଲା, ସେହି ଘରେ ଆହାର କରି ରାତି ଯାପନ କଲେ ।

ପରଦିନ ପୂର୍ବାହ୍ଣ ଦଶଘଣ୍ଟା ସମୟରେ ଆଡ଼କାଟି-ମାନେ ପୂର୍ବୋକ୍ତ ପନ୍ଦରଜଣ ହତଭାଗ୍ୟଙ୍କୁ ଘେନି ରେଜେଷ୍ଟ୍ରୀ ଅଫିସରେ ଉପସ୍ଥିତ ହେଲେ । ଚା କୋମ୍ପାନୀର ଏଜେଣ୍ଟ ଏବଂ କେତେଜଣ କର୍ମଚାରୀ ସେଠାରେ ସେମାନଙ୍କ ଅପେକ୍ଷାରେ ଥିଲେ । କର୍ମପ୍ରାର୍ଥୀ କୁଲିମାନେ ପହଞ୍ଚିଲାକ୍ଷଣି ଏଜେଣ୍ଟ ଯାଇ ରେଜିଷ୍ଟ୍ରାରଙ୍କୁ ଜଣାଇଲେ । ତାହାଙ୍କ ରେଜିଷ୍ଟ୍ରାରଙ୍କ ଆଦେଶାନୁସାରେ ଜଣେ କ୍ଲର୍କ କୁଲିମାନଙ୍କର ସ୍ୱୀକାରୋକ୍ତି ଖଣ୍ଡେ କାଗଜରେ ଲେଖି ସମସ୍ତଙ୍କର ବାମହସ୍ତସ୍ଥ ବୃଦ୍ଧାଙ୍ଗୁଳିର ଟିପଚିହ୍ନ ନେଇଗଲା । ଆଡକାଟିମାନେ ଯାହାକୁ ଯେପରି ଶିକ୍ଷା ଦେଇଥିଲେ, କୁଲିମାନେ ଠିକ୍ ସେହିପରି ସ୍ୱୀକାରୋକ୍ତି କଲେ । କେହି କହିଲା,—ମୁଁ ଖାଇବାକୁ ନପାଇ କୁଲିକାର୍ଯ୍ୟ କରିବାକୁ ଆସିଛି, କେହି କହିଲା,—ମହାଜନ ଦେଣା ପରିଶୋଧର ଉପାୟ ନପାଇ ମୁଁ କାହାରି ବିନା ଶିକ୍ଷା ବିନା ବଳକାରରେ ସ୍ୱଇଚ୍ଛାରେ ଅର୍ଥୋପାର୍ଜନ କରିବାକୁ ଆସିଅଛି । କେହି

କହିଲା, ମୁଁ ପରିବାର ପୋଷଣ ସକାଶେ କୁଲିକାର୍ଯ୍ୟ କରିବାକୁ ଆସିଅଛି । ଶ୍ବେତପିଲ୍ମାନେ ପରୀକ୍ଷକ ଆଗରେ ଅଭ୍ୟସ୍ତ ବିଦ୍ୟା ଅନର୍ଗଳ ଆବୃତ୍ତି କଲା ପ୍ରାୟ ସମସ୍ତେ କ୍ଲାର୍କ ଆଗରେ ଆଡ଼କାଟିଙ୍କ ପ୍ରଦତ୍ତ ଶିକ୍ଷାମତେ ଏକ୍ସ-ପର୍ଟ କହିଗଲେ । ରେଜେଷ୍ଟ୍ରେସନ୍ କାର୍ଯ୍ୟ ଅବାଧରେ ସମ୍ପନ୍ନ ହେଲା । ଏଜେଣ୍ଟ ସମସ୍ତଙ୍କୁ ଘେନି ହୁଗୁଳି ମୁହାଣରେ ଥିବା ଆସାମଗାମୀ ଜାହାଜରେ ଚଢ଼ିଲା । ବାବାଜିରୂପୀ ଆଡ଼କାଟି ସର୍କାର ପ୍ରତ୍ୟେକ କୁଲି ସକାଶେ ପାଞ୍ଚଶତ ଟଙ୍କା ଲେଖାଏଁ ଏଜେଣ୍ଟଙ୍କଠାରୁ ପୁରସ୍କାର ପାଇ ସଦଳରେ କଲିକତାକୁ ଫେରି ଆସିଲା । ଦୁର୍ଭାଗ୍ୟ କୁଲିମାନେ ଆଡ଼କାଟିର ପ୍ରତାରଣା ବିନ୍ଦୁ ବିସର୍ଗ ଜାଣି ପାରିଲେ ନାହିଁ । ଜାହାଜ ବଂଶୀଧ୍ବନି କରି ଆସାମ ଅଭିମୁଖରେ ଧାବିତ ହେଲା । ପ୍ରତାରିତ ପନ୍ଦରଜଣ ଯାକ ଜାହାଜର ଗୋଟାଏ ପ୍ରକୋଷ୍ଠରେ ଥିଲେ । କୋମ୍ପାନୀର ପ୍ରହରୀମାନେ ଦ୍ବାରପାଖରେ ସେମାନଙ୍କୁ ଜଗି ବସିଲେ । ମଧୁ ବାବାଜି, ବାବାଜି ବୋଲି ଚିତ୍କାର କରି ଉଠିଲା । ପ୍ରହରୀଙ୍କ ମଧ୍ୟରେ ଜଣେ ଓଡ଼ିଆ ଥିଲା, ସେ ମଧୁର ଚିତ୍କାର ଶୁଣି କହିଲା,—"ଆଉ ବାବାଜିକୁ ପାଇବୁ ନାହିଁ, ସେ ତରା କାଟି-ଦେଇ ଚାଲିଗଲାଣି । ତମ ସମସ୍ତଙ୍କୁ ସେ ଚା ବଗିଚା ମେନେଜରଙ୍କୁ ବିକିଦେଇ ଗଲା, ଦଶବର୍ଷଯାଏଁ ତମେ କେହି ଘର ଦେଖି ପାରିବ ନାହିଁ । ସେ ଗୋଟାଏ ଭାରି ଜୁଆଚୋର, ତମେ ହୁଣ୍ଡା ଷଣ୍ଢାଙ୍କ କାହିଁକି ତା ପାଲରେ ପଡ଼ି ମରିବାକୁ ଆସିଲ ? ଏବେ ଚାଲ ଚା ବଗିଚାରେ ଚା ପତ୍ର ତୋଳି ତୋଳି ପଚି ସଢ଼ିବ । ଦଶ ବର୍ଷ ପରେ ସମସ୍ତେ ଛୁଟି ପାଇବ । ଏହିକ୍ଷଣି କାନ୍ଦିଲେ କି ମୁଣ୍ଡ କୋଡ଼ି ହେଲେ କିଛି ହେବନାହିଁ । ସୁନାପୁଅ ପରି ଜାହାଜରେ ବସି ଚାଲ । ନହେଲେ ମାଡ ଖାଇ ହାଡଚୂନା ହେବ ।"

ଏହା ଶୁଣି ମଧୁର ହଂସା ଉଡ଼ିଗଲା । ଗୋଟାଏ ବିକଟ ହାହାକାର ତାହାର ହୃଦୟରୁ ଉଠି ପରକ୍ଷଣରେ ମୂର୍ଚ୍ଛିତ ହୋଇପଡ଼ିଲା । ଶୋକ ହାତୁଡ଼ିର ନିର୍ମମ ଆଘାତରେ ତାହାର ବାଳ କୋମଳ ଶରୀର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ିଲା । ଆକାଶରେ ସେ ଯେଉଁ ମନୋହର ସ୍ବପ୍ନହର୍ମ୍ୟ ସର୍ଜନା କରିଥିଲା ତାହା ବିଧ୍ବସ୍ତ ହୋଇଗଲା । ନୟନର ଅଶ୍ରୁପ୍ରବାହ ବହିର୍ମୁଖୀ ହୋଇ ଉଠିଲା; ତାହା ସମ୍ବରଣ ହେଲାନାହିଁ;—ଶତ ଧାରରେ ବାହାରି ପଡ଼ିଲା । ମୂର୍ତ୍ତିମତୀ ମୌନ ବ୍ୟାକୁଳତା ତାହାର ପ୍ରାଣକୁ ପ୍ରବଳ ଭାବରେ ଚାପି ଧରିଲା । ମୁଖରୁ ବାକ୍ୟ ସ୍ଫୂର୍ତ୍ତି ହେଲା ନାହିଁ, ଆକସ୍ମିକ ଦୁର୍ବହ ବେଦନା ତାହାର କଣ୍ଠନାଳୀ ରୁଦ୍ଧ କରିଦେଲା । ବାବାଜି ପ୍ରତି ତାହାର ବିବର୍ଦ୍ଧମାନ ଭକ୍ତି କ୍ରୋଧାଗ୍ନିରେ ବାଷ୍ପ ହୋଇ ଉଡ଼ିଗଲା । ବିଷମ କ୍ରୋଧର ଭୀଷଣ ପଦାଘାତରେ ବିଶ୍ବାସ ଚୂର୍ଣ୍ଣ ହୋଇଗଲା । ଉଚ୍ଛ୍ବସିତ ଉଦ୍‌ବେଳିତ ଆଶା-ସମୁଦ୍ରରେ ଭଟ୍ଟା ପଡ଼ିଗଲା । ନୈରାଶ୍ୟ ପ୍ରେତର ବିକଟ ହୁଙ୍କାରରେ ଶରୀରର ଶିରା ଉପଶିରା ଛିନ୍ନ ବିଚ୍ଛିନ୍ନ ହୋଇଗଲା । ମସ୍ତକ ଖସିପଡ଼ିଲା ପ୍ରାୟ ବୋଧହେଲା । ଆହତ ପକ୍ଷୀ ପରି ଅନ୍ତରାତ୍ମା ଆକାଶରେ ଉଡ଼ି କାନ୍ଦି ବୁଲିଲା । ସେ କ୍ରନ୍ଦନ ବଡ଼ କରୁଣ ଏବଂ ମର୍ମନ୍ତୁଦ । କୃତକର୍ମର ଫଳ ମୂର୍ତ୍ତି ଧରି ତାହାକୁ ପରିହାସ କରିବାକୁ ଲାଗିଲା । ହାୟ, ସେ ପରିହାସ କି ନିଷ୍ଠୁର, କି ଜ୍ବାଳାମୟ । ସେହି ପରିହାସରେ ତାହାର ମନ, ପ୍ରାଣ ଏବଂ ଶରୀର ଦଗ୍ଧ ହୋଇଗଲା । ସେହି ଦଗ୍ଧ ପ୍ରାଣ ସହାନୁଭୂତିର ଶୀତଳ ଅଙ୍କାଶ୍ରୟ ଖୋଜି ବୁଲିଲା । କିନ୍ତୁ ହାୟ ଅକୂଳ ସମୁଦ୍ରଗର୍ଭରେ ସହାନୁଭୂତିର ଅମୃତସ୍ପର୍ଶ କାହୁଁ ମିଳିବ ? ଗୋଟିଏ ଟଙ୍କାଗଛ ଲୋଭରେ ସେ ଗୃହତ୍ୟାଗୀ, ଏ ସମୟରେ ପଦେ ସହାନୁଭୂତିର କଥା ଶୁଣିଲେ କୋଟିଏ ସୁବର୍ଣ୍ଣ-ଟଙ୍କାଗଛ-ଲାଭ ତୁଲ୍ୟ ମଣନ୍ତା । ବାଳକ ଆଉ ସହି ନ ପାରି ଅନୁଶୋଚନାରେ ମୂର୍ଚ୍ଛିତ ହୋଇପଡ଼ିଲା । ଅଜ୍ଞାନ ବାଳକର ତ ଏଭଳି ଅବସ୍ଥା, ତାହାର ସମଧର୍ମୀ ବୟସ୍କ ହତଭାଗ୍ୟଗଣର ଦୁରବସ୍ଥା ନ ଲେଖିବା ହିଁ ଉଚିତ, ସେ ବର୍ଣ୍ଣନା ମାନବ ହୃଦୟ ସହ୍ୟ କରିବା ତ ଅସମ୍ଭବ କଥା, ଅଧିକନ୍ତୁ ନିର୍ଜୀବ ଲେଖନୀ—ଦଣ୍ଡ ସମବେଦନାରେ କାନ୍ଦି ପକାଇବ,—କାଗଜ ଖଣ୍ଡ ଥରି ଉଠିବ ଏବଂ ମସୀଧାର ଉଷ୍ମ ହୋଇ ଘନୀଭୂତ ହୋଇଯିବ । ପାଷାଣ ହୃଦୟ ଦୈତ୍ୟଦାନବ ତାହା ବର୍ଣ୍ଣନ କରିପାରେ, ମାତ୍ର ମାନବର ଅସାଧ୍ୟ । ମାନବ ନେତ୍ରରୁ ରୁଧିରପାତ ହେବ,—ମାନବ ହସ୍ତ ଅସାଡ଼ ହୋଇଯିବ

ଏବଂ ମାନବ ଆତ୍ମା ଫାଟି ଶତଖଣ୍ଡ ହୋଇଯିବ । ହା ବିଧାତଃ, ତୁମ୍ଭେ କେତେବେଳେ କାହା ଭାଗ୍ୟଚକ୍ର କି ସ୍ୱରରେ ଲୁଣ୍ଠନ କର, ତାହା ବୁଝିବା ଅସାଧ୍ୟ । ତୁମ୍ଭେତ ସମସ୍ତଙ୍କୁ ହୃଦୟ ଦେଇଅଛ, ନିଜ ପାଇଁକି କିଛି ରଖିନାହିଁ ପ୍ରଭୁ ? ଏହା କହିବାକୁ ଯେ ସାହସ ବଳୁନାହିଁ,—କିଏ ଯେପରି ବଜ୍ର କଠୋର ହସ୍ତରେ ତଣ୍ଟି ଚିପି ଧରୁଅଛି । ମାୟାଧର, ଅନନ୍ତ-ଅକଳନ ତୁମ୍ଭର ମହାମାୟା ।

ନିର୍ବୋଧ ବାଳକର ଏ ମୂର୍ଚ୍ଛାର ଅପନୋଦନ କେତେ ଦୂରରେ,—ତାହାର ସହାନୁଭୂତିର ସ୍ଥାନ ବା କେଉଁଠାରେ ତାହା କଳିବା ବାଳକର କ୍ରୀଡା ପରି ସହଜ ସାଧ୍ୟ ନୁହେଁ । ତେବେ କି ସଂସାରରେ ସମବେଦନା ନାହିଁ ? ଏ ସଂସାରଟା କି ଶୁଷ୍କ ମରୁଭୂମି ? ନା, ନା, ସମବେଦନା ନିଶ୍ଚୟ ଅଛି,—ଏ ଅଥଳ ଅକୂଳ ଭୀଷଣ ଜଳଧି ବକ୍ଷରେ ମୁକ୍ତା ଅଛି । ସଂସାରରେ ସବୁ ଅଛି, ସେ ଅବା ନ ଥିବ କାହିଁକି ? ସହାନୁଭୂତି, ବିଧାତାର ଜଗତ ପ୍ରତି ଅତିରିକ୍ତ ମହାଦାନ । ତାହା ପ୍ରାଣେ ପ୍ରାଣେ ବିଦ୍ୟମାନ, ସେ କେଉଁଠାରେ ଫୁଟି ଉଠେ,—କେଉଁଠାରେ କରଫୁଟା ହୋଇ ରହେ—କେଉଁଠାରେ ବା ଫୁଟେ ନାହିଁ । ଦେଖୁଁ ଦେଖୁଁ ଦଣ୍ଡକ ମଧ୍ୟରେ ଭବିଷ୍ୟତ-ଦ୍ୱାର ମୁକୁଳା ହୋଇଗଲା,—ମେଘାଡମ୍ବର ଅନ୍ଧକାର ସନ୍ଧି କନ୍ଦରେ ଖଦ୍ୟୋତର ଆଲୋକ ରେଖା ପ୍ରାୟ ସହାନୁଭୂତିର ଆଭା ଫୁଟି ଉଠିଲା । ଦର୍ପଣରେ ପତିତ ଶବ୍ଦ କାନ୍ଥରେ ପ୍ରତିଫଳିତ ହେଲା ପ୍ରାୟ ବାଳକର ଦୁଃଖ ଜଣକ ହୃଦୟରେ ପ୍ରତିଫଳିତ ହେଲା । ସେ ସମବେଦନା ପଯ୍ୟରରେ ନିଜକୁ ଢାଳି ଦେଲା ଏବଂ ମୂର୍ତ୍ତିମାନ ସମବେଦନାରୂପେ ଧାଇଁ ଆସି ମୂର୍ଚ୍ଛିତ ବାଳକକୁ କୋଳରେ ଘେନି ବସିଲା । ହରି ହେ, ଏ ପୁଣି କି ଅସମ୍ଭବ ଅଜ୍ଞେୟ ବ୍ୟାପାର ! ତୁମ୍ଭର ଏକ ହସ୍ତରେ ଦଣ୍ଡ ଏବଂ ଅନ୍ୟ ହସ୍ତରେ ଦୟା ! ତୁମ୍ଭେ ମାର ପୁଣି ତୁମ୍ଭେ ଆଉଁସି ଦିଅ । ଆଗେ ବିପଦକୁ ପଠାଇ ପଛେ ପଛେ ସହାନୁଭୂତି ରୂପ ଧରି ଆସ । ଯେଉଁ ଆକାଶରେ ପ୍ରଚଣ୍ଡ ସୂର୍ଯ୍ୟ ଉଦିତ ହୁଏ, ସେହି ଆକାଶରେ ପୁଣି ଶୀତଳ ଚନ୍ଦ୍ର ଦେଖାଯାଏ, ଏହା ଦେଖି ଭକ୍ତ କବୁକ ନିଜେ ପାଗଳ ହୋଇ ତୁମ୍ଭଙ୍କୁ ମଧ୍ୟ ପାଗଳ ଜ୍ଞାନ କରେ । ବାସ୍ତବରେ ଯାହାର ଅନନ୍ତ ଜ୍ଞାନ, ସେ ପାଗଳ । ଓଃ, କି ଅପଦ, ମନଟା କି ଅବାଧ୍ୟ ! ତାହାର ଗତି ବା କି ବକ୍ର, ତାହାକୁ ଯେତେ ସଳଖାଇଲେ ମୁଦ୍ଧା ସେ ବଙ୍କେଇ ବଙ୍କେଇ ଯିବେ । ଘଟଣାସ୍ଥଳରୁ ସେ କେତେ ବଙ୍କେଇ ଗଲାଣି, ଏବେ ତାକୁ ସଳଖାଇବା ଦରକାର । ବାତ୍ୟାପତିତ ନୌକାପରି ସେ ଦିଗଭ୍ରାନ୍ତ ହୋଇ ଇତସ୍ତତଃ ବୁଲିଅଛି । ଅମଣ ବଳଦକୁ ହଳରେ ଯୋଚିଲେ ସେ ଯେପରି ଚିତ୍ତମତ ଅଭ୍ୟସ୍ତ ନ ହୋଇ କେବେ ଏଣେ, କେବେ ତେଣେ ଲଙ୍ଗଳକୁ ଟାଣିନେଇ ଯାଏ, ମନର ଗତି ଠିକ୍ ସେହିପରି । କର୍ଣ୍ଣଧାର ଯେବେ ସତର୍କ ହେଲେ ମୁଦ୍ଧା ଘାଟର ନୌକା ଠିକ୍ ସିଧାରେ ନ ଲାଗି ଖଣ୍ଡେ ଦୂର ଭସିଯାଏ ।

ଯେ ବିପନ୍ନ ବାଳକକୁ କୋଳରେ ଧରି ବସିଲା, ସେ ମହାପ୍ରାଣ ମାନବ କିଏ ? ସେ ପୂର୍ବୋକ୍ତ ଉତ୍କଳୀୟ ଚିହ୍ନସୀ ଜାତୀୟତା ତାହା ପ୍ରାଣରେ ସହାନୁଭୂତି ଆନୟନ କଲା । ସ୍ୱଜାତିର ଦୁଃଖରେ ତାହାର ଜାତୀୟ ରକ୍ତ ଶୀତଳ ହୋଇ ଆସିଲା । ବାସ୍ତବରେ ଜାତୀୟତା ଅମୂଲ୍ୟ ମହାମଣି । ଯେଉଁ ଜାତିର ଜାତୀୟ ମମତା ନାହିଁ, ସେ ଜାତିର ଜୀବନ ଅସ୍ଥିରାର୍ଥୀ ଉତ୍କଳ ସେହି ଜାତୀୟତା ହରାଇ ନିର୍ଜୀବ । ସେ ଯେଉଁଦିନ ଜାତୀୟତା ଲାଭ କରିବ, ସେହିଦିନ ନବଜୀବନ ପ୍ରାପ୍ତ ହେବ ଏବଂ ସେହିଦିନ କୋଟି ହୃଦୟ ଏକ ହୋଇ ମହାମିଳନର ଅମୃତ ଭୂମିରେ ପରମ ଗୌରବରେ ବିଚରଣ କରିବ ।

ଏଠାରେ ସେହି ମହାନୁଭବ ଚିହ୍ନସୀର କିଞ୍ଚିତ ପରିଚୟ ଦେବା ଆବଶ୍ୟକ । ସେ ଉତ୍କଳୀୟ କ୍ଷତ୍ରିୟ, ତାହାର ନାମ ଭୀମ ସିଂହ । କେବଳ ନାମରେ ନୁହେଁ —ଆକୃତିରେ ମଧ୍ୟ ଭୀମର ଅନୁରୂପ । ତେବେ ମହାଭାରତୀୟ ଯୁଗର ଭୀମ ନହେଲେ ମୁଦ୍ଧା ଏ ଯୁଗର ଭୀମ କହିଲେ ଅସଙ୍ଗତ ହେବ ନାହିଁ । ଶରୀର ପ୍ରକାଣ୍ଡ ବର୍ଣ୍ଣ ଘୋରତର କୃଷ୍ଣ; ମୁଖରେ ନିଶ ଦାଢ଼ି ନାହିଁ । ଗାଲରେ ବିଶାଳ ଗାଲମୋଛ ଖଣ୍ଡେ କଳାମେଘର ଦୁଇପାଖରେ ଦୁଇଖଣ୍ଡ କଳାମେଘ ଅଉଜିଲାପରି ଦେଖାଯାଏ । ଦେହଯଷ୍ଟି ସ୍ଥୂଳ ଏବଂ ସୁବଳିତ । ଆକୃତି ଭୀଷଣ କିନ୍ତୁ ପ୍ରକୃତି ଶାନ୍ତ । ତାହାର ଘର କଟକ ଜିଲ୍ଲାରେ, ସେ

ଆବାଲ୍ୟ ପିତୃମାତୃଶୂନ୍ୟ । ପ୍ରଥମରେ ସେ କଲିକତାର ସ୍ଟୀଭିଲ ସାହେବ ପାଖରେ ଅର୍ଦ୍ଦଳି କାର୍ଯ୍ୟ କରୁଥିଲା । ସାହେବଙ୍କ ପାଞ୍ଚଜଣ ଅର୍ଦ୍ଦଳୀ ମଧ୍ୟରେ ସେ ସର୍ବାପେକ୍ଷା କଷ୍ଟସହୀ, ବାଧ୍ୟ, ପ୍ରଭୁଭକ୍ତ ଏବଂ ଧର୍ମଭୀରୁ । ଏହେତୁ ସାହେବ ତାକୁ ସର୍ବଦା ସମଧିକ ସ୍ନେହଚକ୍ଷୁରେ ଦେଖନ୍ତି । ସେ ମଧ୍ୟ ସାହେବଙ୍କ ମନ ଜାଣି କାର୍ଯ୍ୟ କରେ । ଥରେ ସାହେବଙ୍କର ବନ୍ଧୁ ଆସାମ ଚା ବଗିଚାର ମାଲିକ "ରେ" ସାହେବ ବନ୍ଧୁ ସନ୍ଦର୍ଶନ କରିବାକୁ କଲିକତା ଆସିଥିଲେ । ସେ ଶ୍ୟାମର ଗୁଣରେ ମୁଗ୍ଧ ହୋଇ ବନ୍ଧୁଙ୍କ ନିକଟରୁ ତାକୁ ଉଧାର ନେଇଗଲେ । ସେହି ଦିନଠାରୁ ଶ୍ୟାମ ଚା ବଗିଚାର କୁଲିସର୍ଦ୍ଦାର-କାର୍ଯ୍ୟରେ ମାସିକ ଶତେକ ଟଙ୍କା ବେତନରେ ନିଯୁକ୍ତ ଅଛି ।

ବାଳକର ମୁଖରେ ଶୀତଳ ଜଳ ସେଚନ କରି ଶ୍ୟାମସିଂହ ତାହାକୁ ସଚେତ କଲା । ତାହାର ସହକର୍ମୀମାନେ ମଧ୍ୟ ସେହି କାର୍ଯ୍ୟରେ ତାକୁ ଯଥାଧିକ ସହାୟତା କଲେ । ମଧୁ ଚକ୍ଷୁ ଫିଟାଇ ଶ୍ୟାମସିଂହର ମୁଖକୁ ଅନିମେଷ ନେତ୍ରରେ ଚାହିଁ ରହିଲା । କେତେକ୍ଷଣ ପରେ ଦେଖିଲା, ସେ ସେହି ପ୍ରହରୀ । ତାହାର ମୁଖରୁ ସ୍ନେହସୁଧା ଝରି ପଡୁଅଛି । ଏକ ନେତ୍ରରେ ଦୟା ଏବଂ ଅନ୍ୟ ନେତ୍ରରେ ସମବେଦନା ଅଶ୍ରୁରୂପରେ ଟଳ ଟଳ ହେଉଅଛି । ସେ ପ୍ରସନ୍ନ ମୁଖରେ ମୃଦୁହାସ୍ୟ ଫୁଟାଇ ମଧୁର ସ୍ୱରରେ କହିଲା,— "ବାଳକ, ତୋର କିଛି ଭୟ ନାହିଁ, ମୁଁ ଅଛି, ଆଉ ଚିନ୍ତା କରନା, ମୁଁ ସାହେବଙ୍କୁ କହି ତୋର ଯହିଁରେ ଭଲ ହେବ ତାହା କରାଇଦେବି । ଆଜିଠାରୁ ତୁ ମୋର ଧର୍ମଭାଇ ହେଲୁ,—ମୁଁ ତୋତେ ଠିକ୍ ସାନଭାଇପରି ସ୍ନେହ ଚକ୍ଷୁରେ ଦେଖିବି, ତୋତେ କିଛି କାମକରିବାକୁ ପଡିବ ନାହିଁ, ମୁଁ ସବୁ ବୁଝିଲେଇ ତୋତେ ମୋ ପାଖରେ ରଖିବି ।" ଏହା କହି ଶ୍ୟାମ ବାଳକର ମସ୍ତକ ମୁଖ ଏବଂ ବକ୍ଷରେ ବାରମ୍ବାର କରୁଣାର ଶୀତଳ କର ବୁଲାଇବାକୁ ଲାଗିଲା । ବାଳକର ସନ୍ତପ୍ତ ବ୍ୟାକୁଳ ହୃଦୟ ଯାହା ଖୋଜୁଥିଲା, ତାହା ପାଇଲା । ସେ ଭାବିଲା,—କେଜାଣି କେଉଁ ଦୟାମୟ ଦେବତା ମୋତେ ଏ ଅପବାଦରୁ ଉଦ୍ଧାର କରିବା-ପାଇଁ ଏହି ପ୍ରହରୀରୂପ ଧରି ଆସିଅଛି । ଶ୍ୟାମ ଚଳନ୍ତାକୁ ନିଜ ସକାଶ କିଛି ଖାଦ୍ୟଦ୍ରବ୍ୟ କିଣି କରି ଆଣିଥିଲା । ତାହା ମଧୁକୁ ଖାଇବାକୁ ଦେଲା । ମଧୁ ତାହା ଖାଇଲା —ଅଗାଧ ଭ୍ରାତୃସ୍ନେହ ଅମୃତସ୍ପର୍ଶରେ ସେହି ସାମାନ୍ୟ ଖାଦ୍ୟ ତାକୁ ଅମୃତପରି ମଧୁର ଲାଗିଲା, ସେ ପରିତୃପ୍ତ ହୋଇ ଆତ୍ମତୃପ୍ତି ଅନୁଭବ କଲା । ଆଦର ବା ସ୍ନେହଦତ୍ତ ପଦାର୍ଥ ଯେପରି ମଧୁର ଲାଗେ, ଶତ ମସଲା ବା ମିଷ୍ଟ ପକ୍ୱ ପଦାର୍ଥ ସେରୂପ ମଧୁର ବୋଧହୁଏନାହିଁ, ଲୋକେ କଥାରେ କହନ୍ତି "ଆଦର ନାହିଁ ତ ଭୋଜନ ନାହିଁ, ଗାମୁଛା ନାହିଁ ତ ସ୍ନାନ ନାହିଁ ।" ଅର୍ଥାତ୍ ଆଦର ନଥିଲେ ଭୋଜନ ଏବଂ ଗାମୁଛା ନଥିଲେ ସ୍ନାନ ସୁଖକର ବୋଧହୁଏ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନର ଉପାଦେୟ ରାଜଖାଦ୍ୟ ଉପେକ୍ଷା କରି ବିଦୁର ଗୃହରେ ଶାକ ଭୋଜନ କରିଥିଲେ । ରାମଚନ୍ଦ୍ର ଶବରୀପ୍ରଦତ୍ତ ଉଚ୍ଛିଷ୍ଟ କୋଳି ଭକ୍ଷଣକରି ତୃପ୍ତ ହୋଇଥିଲେ ।

ଅନନ୍ତର ଶ୍ୟାମ ମଧୁକୁ ପଚାରି ତାହାର ନାମ ବାସସ୍ଥାନ, ଜାତି ଏବଂ ପିତୃ ନାମ ପ୍ରଭୃତିର ଗୋଟାଏ ମୌଖିକ ଫାର୍ମ ପୂରଣରେ ଉଦ୍ୟତ ହେଲା । ମଧୁ ଯଥାଯଥ ଉତ୍ତର ଦେଇ ସେହି ଶ୍ରାଦ୍ଧ ଫାର୍ମପୂରଣରେ ସହାୟତା କଲା । ଶ୍ୟାମ ସେଥିରୁ ବୁଝିଲା, ମଧୁ କ୍ଷତ୍ରିୟ । ଶ୍ୟାମ ମଧ୍ୟ କ୍ଷତ୍ରିୟ, ଉଭୟ ମଧ୍ୟରେ ବୟସଗତ ପାର୍ଥକ୍ୟ ଥିଲେହେଁ ଜାତିଗତ ପାର୍ଥକ୍ୟ ନାହିଁ, ସୁତରାଂ ସ୍ୱଜାତି ଜ୍ଞାନରେ ମଧୁ ପ୍ରତି ତାହାର ଆକର୍ଷଣ ବହୁଗୁଣ ବର୍ଦ୍ଧିତ ହୋଇଉଠିଲା । ତହୁଁ ସେ ପଚାରିଲା, ଆଚ୍ଛା, ମଧୁ, ସେ ଦୁଷ୍ଟ ସୁଭଦ୍ରାଟା ତୋତେ କିମିତି ନେଇ ଆସିଲା ? ମଧୁ କହିଲା,—ମୋତେ ଟଙ୍କାଗଛ ଦେବ ବୋଲି କହି ଭୁଲାଇ ନେଇ ଆସିଲା । ଏହା ଶୁଣି ଶ୍ୟାମ ଏବଂ ଅନ୍ୟାନ୍ୟ ପ୍ରହରୀ ହସି ଉଠିଲେ । ଶ୍ୟାମ ମନେ ମନେ ଭାବିଲା,— ଆହା ଏ ବାଳକଟିର ବୟସ ବାଲ୍ୟସୀମା ଅତିକ୍ରମ କରିଥିଲେହେଁ ଅବଧି ଏହାର ଶିଶୁସୁଲଭ ସରଳ ବିଶ୍ୱାସ ଲୋପପାଇନାହିଁ । ବାସ୍ତବରେ ଏ ଗୋଟିଏ ଅନୁଗ୍ରହର ଉପଯୁକ୍ତ ପାତ୍ର । ମୁଁ ପ୍ରାଣପଣ ଯତ୍ନରେ ଏହାର କିଛି ଉପକାର କରିବି । ମନୁଷ୍ୟ ହୋଇ ଏତିକି

ଷଣ୍ଢ କରି ନ ପାରେଁ, ତେବେ ଆଉ ମୋର ମନୁଷ୍ୟତା କଅଣ ? ହେ ଦୟାମୟ ଭଗବାନ, ଏ କାର୍ଯ୍ୟରେ ତୁମ୍ଭେହିଁ ମୋର ଏକମାତ୍ର ସହାୟ । ପ୍ରଭୋ ! ହୃଦୟରେ ବଳ ଦିଅ, ଆଉ ଉଦ୍ୟମରେ ଫଳଦିଅ !

ମଧୁ କଥାରେ କୌତୁହଳାକ୍ରାନ୍ତ ହୋଇ ଭୀମ ଅନ୍ୟ ପିଲମାନଙ୍କୁ ପଚାରିଲା—"ମଧୁକୁ ତ ଟଙ୍କାଗଛ ଦେବ ବୋଲି କହିଲେଇ ଅଣିଲ, ଆଉ ତୁମ୍ଭମାନଙ୍କୁ କି ଆଶା ଦେଖାଇ ଅଣିଲ ? ଜଣେ କହିଲା—"ମୁଁ ବଡ଼ ଗରିବ ମୂଲ ମଜୁରି ଲାଗି ଅତି କଷ୍ଟରେ ଚଳେଁ । ଦୁଇ ଜଣ ଲୋକ ଆମ ଗାଁକୁ ଲୁଗା ବିକିବାକୁ ଆସି ମାସେ ଯାଏଁ ରହିଲେ । ସେମାନେ ପିଲାଙ୍କର ଟୋପି ଜାମା ଆଉ ବଟୁଆ ଗୁଥୁଳି ବିକୁଥିଲେ । ସେ ସବୁ ସିମୋଲ ଦରଜିଙ୍କ ପାଇଟି । ସିମୋଲ ନାମ ତମେ ଦେଖିଛନା ପାଇକ ଭାଇ ? ଆଃ ସେମିତି ପାଇଟି ଦେଶ ଦୁନିଆରେ ଥିବନାହିଁ । କେତେ ହାତୀ, ଘୋଡ଼ା, ମଣିଷ ସେଥିରେ ସିଆଁ ହୋଇଛି ସତେ ସେମିତି ସବୁ ଜୀଅନ୍ତା । ଧନ୍ୟ ସେ ଦରଜିର ଶିକ୍ଷାଣିପଣ, କହିବ କଅଣ ଭାଇ ତମେ ଦେଖିଥିଲେ ନିଶ୍ଚେ ତାଟଙ୍ଗା ହୋଇଯାଇଥାଅନ୍ତ ।" ଭୀମ ବିରକ୍ତ ହୋଇ କଥା ନ ସରୁଣୁ କହିଲା—"କ୍ଷୀର ନେଇ ମଝିନଈରେ ଢାଳିଣି ତେବେ ବି ତୋର ବାଲିଙ୍ଗିର ବାକୀ ନାହିଁ । କକାକୁ ରଖି ଆଗେ କଥା କଣ କହିବୁ ତ କହ ।" ଏହି କେତୋଟି କଥାରେ ସେହି ବିପଦ ପାଶୋରି ବିଷମ ରସିଆର ରସଭଙ୍ଗ ହୋଇଗଲା । ତଥାପି ସେ ମୁହଁଟାକୁ ପିତା ଖାଇଲାପରି ବିକୃତକରି ଅପ୍ରସନ୍ନହୋଇ କହିଲା—"ସେମାନେ ମୋତେ ଠିକାରେ ରଖି ଦିନକୁ ଚାରି ଅଣା ମଜୁରି ଦିଅନ୍ତି ମୁଁ ଲୁଗାମୋଟମୁଣ୍ଡାଇ ସେମାନଙ୍କ ସାଙ୍ଗରେ ଗାଁ ଗାଁ ବୁଲେ । ମାସକରେ ସବୁ ଲୁଗା ବିକା ସରିଗଲା ସେମାନେ ଆଉଥରେ ଲୁଗା ଆଣିବାକୁ ତାଙ୍କ ଗାଁକୁ ବାହାରିଲେ । ମତେ କହିଲେ ଶାଗୁଆ ତୁ ଆମ ସାଙ୍ଗରେ ଚାଲ ପନ୍ଦର ଦିନ ପରେ ସମସ୍ତେ ଆସିବା । ଏହି ପନ୍ଦର ଦିନରେ ତୋତେ ଖାଇବା ବାହାରେ କୋଡ଼ିଏ ଟଙ୍କା ଦେବୁଁ । ଏହାଶୁଣି ମୋମନ ଭାରି ଖୁସି ହେଲା । ସେଇଠୁ ତାଙ୍କ ସଙ୍ଗରେ ଆସିଲି" ତାହା କଥା ଶେଷ ହେଲାରୁ ଆଉ ଜଣେ କହିଲା—"ମୋର ମା ଛଡ଼ା ଆଉ କେହି ନାହାନ୍ତି, ଘର ବସ୍ତିର ଯେ ଅଛନ୍ତି ସେମାନେ ଆମକୁ ପଚାରନ୍ତି-ନାହିଁ । ମୋର କୋଡ଼ିଏସାତବର୍ଷ ହେଲାଣି ଆଜି ଯାଏ ବାହା ହୋଇ ନାହିଁ । ଆଜି କାଲି ତ ଆମ ଖଦାନ ଜାତିରେ କନିଆ ଗୁନା ଛକୋଡ଼ି ସାତକୋଡ଼ି-ଏତେ ଟଙ୍କା କେଉଁଠୁ ପାଇମି ଯେ ବାହାହେବି । ଜମି ବୋଲି ଖଣ୍ଡପା ଭିଡ଼ଖଣ୍ଡେ ଅଛି ସେଥିରେ ଯେଉଁ ଧାନ ପଡ଼ିବା ହୁଏ ତାହା ଭାତ ଲୁଗାକୁ ନିଅଣ୍ଟ । ମାଆଟି ବୁଢ଼ୀ ସେ କିଛି କାମଦାମ କରିପାରେ ନାହିଁ । ଦିନେ ମୁଁ ବିଲରେ ହଳକରୁଥିଲି, ଦିଟା ମଣିଷ ମୁଣ୍ଡରେ ପଗଡ଼ି ଗୁଡ଼ାଇ କାନ୍ଧରେ ବାଡ଼ି ପକାଇ କେଉଁଠୁ ଆସି ହିଡ଼ ମୁଣ୍ଡରେ ଠିଆ ହୋଇ ମୋତେ ଡାକିଲେ । ମୁଁ ହଳ ଛାଡ଼ି ତାଙ୍କ ନିକଟକୁ ଆସିଲି । ଜଣେ ମୋତେ କହିଲା ତୁ ଭାରି ମେହେନ୍ତି, କଲିକତା ଗଲେ ମାସକୁ ଅଞ୍ଜୁଳା ଅଞ୍ଜୁଳା ରୋଜଗାର କରନ୍ତୁ । ଅଞ୍ଜୁଳା ଅଞ୍ଜୁଳା ଟଙ୍କା କଥାଶୁଣି ମୋ ମନ ବଡ଼ ଟାକୁଟାକୁ ହେଲା । ମୁଁ କହିଲି ମୁଁ ଗଲେ ମୋ ମା ବୁଢ଼ୀଟା ଖାଇବ କଅଣ ? ଦାନାଦାଇଟା ରେ ଉପାସରେ ମରିଯିବ । ସେଇଠୁ ଆର ଜଣକ କହିଲା—ତେବେ ଆଗତୁରା କିଛି ନେଇ ଆମ ସାଙ୍ଗରେ ଚାଲ, ଛମାସ ପରେ ତୋତେ ବାରକୋଡ଼ି ଟଙ୍କା ଦେଇ ତୋ ଘରେଆଣି ଛାଡ଼ି ଦେଇଯିବୁ । ଏହା କହି କୋଡ଼ିଏ ଟଙ୍କା ମୋ ହାତରେ ଗଣି ଦେଲେ । ମୁଁ ଆଉ କାମ କରିବ କଅଣ ହଳ ଫିଟେଇ ଦେଇ ସେମାନଙ୍କୁ ସାଙ୍ଗରେ ନେଇ ମା ପାଖକୁ ଧାଇଁଲି ସବୁ କଥା କହି ମା ହାତରେ ଟଙ୍କାତକ ଦେଲି, ମା ଗଣ୍ଡା ଗଣ୍ଡା କରି ଟଙ୍କା ଗଣିରଖି କହିଲା-ବାବା ଏତେଦିନେ ଠାକୁରେ ତତେ ଚାହିଁଲେ —ଛେଉଣ୍ଡ ଦେଖି ଦୟାକଲେ । ଆପଣା ଶିଙ୍ଗରେ ମାଟି ଖୋଳି ହାତ ଛନ୍ଦା ନହେଲେ ଭାଇ ଭଗାରି କଣ କରି ଦେବେରେ ବାପ । ତୋ ବାପ ବଞ୍ଚିଥିଲେ କି ତୁ ଆଜି ଯାଏ ବାହାଘର ହୋଇ ନ ଥାନ୍ତୁ । ମୋର ଏହି ପାଞ୍ଚଗଣ୍ଡା ଟଙ୍କା ତୋର ଛଟା ମାସତ କାଲି ପରି ଗଣ୍ଡିକି ତୁ ତେବେ ଯା ବାର କୋଡ଼ି ଟଙ୍କା ଅଣ୍ଟ ନୁହେଁ—

ତୋ ଭଳି ଅନ୍ନ ଖାଇବ । ଏହା କହି ମା ଦାଣ୍ଡକୁ ଆସି ସେମାନଙ୍କୁ ପଚାରିଲା । ସେମାନେ କହିଲେ—ଆମେ କଲିକତା କୁଲି ନେଇଯାଉ ଫେର ସେମାନଙ୍କୁ ଆଣି ଘରେ ଛାଡୁ । ଆମର ଏଇ ବେଉସା ଲୋ ମାଉସୀ । ତୁ କିଛି ଚିନ୍ତା କରନା ଛମାସ ପରେ ତୋ ପୁଅକୁ ବାରକୋଡି ଟଙ୍କା ଦେଇ ତୋ ପାଖରେ ଆଣି ଛାଡି ଦେଇ ଯିବୁ । ମା ଏହା ଶୁଣି ଭାରି ଖୁସି ହେଲା — ତୁଳସୀ ଚଉରା ମୂଳରୁ ଝୁଇଟା ପଦ ଆଣି ସେ ଦୁହିଙ୍କ ପାଦରେ ଗୁଞ୍ଜିଦେଇ କାନ୍ଦପକାଇ କହିଲା—ତମେ ମୋର ଧରମପୁଅ, ଏ ବାପ ଛେଉଣ୍ଡଟିକୁ ଅଣହେଲା କରିବ ନାହିଁ । ଏହା କହି ମୋତେ ପଖାଳ କଂସେ ବାଢିଦେଲା ଆଉ ସେ ଦୁଇଜଣଙ୍କୁ ଗୁଡିଆଘରୁ ଦିସେର ମୁଡି ଆଣିଦେଲା । ଖାଇସାରି ଆମେ ତିନିଜଣ ବାହାରି ଆସିଲୁଁ ଏହା କହି ଲୋକଟା ଭେଁ ଭେଁ ହୋଇ କାନ୍ଦ ପକାଇଲା । ଚତୁର୍ଥ ବ୍ୟକ୍ତି କହିଲା—ମୋତେ ବି ତ ଠିକ୍ ଏହିପରି କହିଥିଲା, ଯଦି ତାହାର ଦେଖା ପାଆନ୍ତି ତେବେ ଏହି ସମୁଦ୍ରକୁ ପେଲିଦେଇ ତାକୁ କଣାବଳୀ ଦିଅନ୍ତି । ଦଶଟା ବର୍ଷ ପାଣିପରି ବହିଯିବ, ତହିଁପରେ ତ ମୁଁ ଘରକୁ ଫେରିଯିବି, ହେଲେ ସେ ବିଶ୍ୱାସଘାତକ କଅଣ ଧର୍ମ ଦୁଆରରେ ଦଣ୍ଡ ପାଇବ ନାହିଁ । ଆଛା ପାଇକ ଭାଇ, ତମେ ତ ଖୁବ୍ ଓଡିଆ କଥା କହୁଚ, ତମେ କଅଣ ଓଡିଆ ?" ଭୀମ କହିଲା,—"ମୋର ସାତପୁରୁଷ ଓଡିଶାରେ କଟିଗଲାଣି, ଓଡିଆ କଥା ନକହି ଆଉ କଅଣ କହିବ ? ଯାହା ହେଉ ତୋର ସାହସ, ଧୈର୍ଯ୍ୟ ଆଉ ବୀରତ୍ୱର କଥା ଶୁଣି, ମୋର ପ୍ରାଣ ପୁଲକରେ ପୂରିଉଠିଲା । ଓଡିଆ ସେ ଗୋଟାଏ ବୀରଜାତି ଏହା ସତ । କର୍ପୂର ଯାଇ କନା ଅଛି, ତେବେ ବି ସେ ଜାତି ନିସ୍ତେଜ ନୁହେଁ ।" ଏହା ଶୁଣି ଲୋକଟା ଯଥେଷ୍ଟ ଆତ୍ମ-ଶ୍ଳାଘା ଅନୁଭବ କରି ପୁନଶ୍ଚ ପଚାରିଲା,— "ମାସରେ ଦୁଇକୋଡି ମୋତେ ମିଳିବତ ? ତାହାହେଲେ ଆଉ ପରବାଏ କଅଣ ? ଆଛା ଆମେ ସବୁ କଉଁଠି କି କାମ କରିବୁ ? ଭୀମ କହିଲା,—"ତୁମ୍ଭେମାନେ କାଉଁରୀ—କାମତଣ୍ଡୀ ମୁଲୁକରେ ଚା ବଗିଚାରେ କାମ କରିବ । ଚା କଅଣ ଜାଣୁନା ? ସାହେବମାନେ,—ତାଙ୍କ ଦେଖା-ଦେଖି ବଡଲୋକମାନେ, ଯେଉଁ ପଦ ସିଝାଇ ପାଣି ପିଅନ୍ତି, ସେହି ପଦକୁ ଚା କହନ୍ତି । ତୁମ୍ଭେମାନେ ସେହି ଚା କ୍ଷେତ ହଳକରି ମଞ୍ଜି ବୁଣିବ,—ଗଛ ହେଲେ ବେଉଷଣ କରି ଗଛକୁ ବଢାଇବ,—ପଦ ତୋଳି ଶୁଖାଇ ବାକ୍ସ ବନ୍ଦୀ କରିବ । କାମ ବହୁ ଶକ୍ତ, ତେବେ ଆମ ସାହେବ, ଆଉ ଚା ବଗିଚାର ମାଲିକ ପରି, କୁଲିମାନଙ୍କୁ ଦିନସାରା ଖଟାନ୍ତି ନାହିଁ । ସକାଳ ଓଳି ତିନି ଘଣ୍ଟା ଆଉ ଉପର ଓଳି ଦୁଇଘଣ୍ଟା ଏହିପରି ଦିନରେ ପାଞ୍ଚଘଣ୍ଟା କାମ ନିଅନ୍ତି । ତାହା ଉପରେ ରବିବାର ଦିନ କମେଇଁ । ସେଦିନ କେହି କାମ କରନ୍ତି-ନାହିଁ,—ସେଥିରେ ବଳିନ କଟିଯାଏ ନାହିଁ । ଆମ "ରେ ସାହେବ" ଖୁବ୍ ଭଲ ଲୋକ । କେହି ବେମାର ହେଲେ ତାକୁ କାମ କରାଇଦିଅନ୍ତି ନାହିଁ,—ଡାକ୍ତର ଲଗାଇ ଚିକିତ୍ସା କରନ୍ତି । ତାଙ୍କ ବଗିଚାରେ କୁଲିମାନେ ଅତି ସୁଖରେ ଥାଆନ୍ତି ,—ବଳିନ ବି ବେଶି ପାଆନ୍ତି । ସେଠି ଗାଳିମନ୍ଦ କି ମାଡ କହୁଣୀ କିଛି ନାହିଁ । କୁଲିମାନେ କହନ୍ତି,—ରେ ସାହେବଙ୍କ ବଗିଚାରେ ଆମକୁ ମାମୁଁ ଘରେ ରହିଲାପରି ଲାଗେ । ମୁଁ କୁଲିମାନଙ୍କର କାମ ଦେଖେଁ । ତୁମ୍ଭମାନଙ୍କୁ ଖୁବ୍ ଭଲରେ ରଖିବି, ତୁମ୍ଭମାନଙ୍କର କିଛି କଷ୍ଟ ହେବନାହିଁ ।" ଏହିପରି କଥାବାର୍ତ୍ତାରେ ଦୁଇଦିନ କଟିଗଲା । ତୃତୀୟ ଦିନ ଜାହାଜ ବ୍ରହ୍ମପୁତ୍ର-ମୁହାଣରେ ପହଞ୍ଚିଲା । ସେଠାରୁ ସମସ୍ତେ ନୌକାରେ ଯାଇ ଆସାମରେ ପହଞ୍ଚିଲେ । ଅନୁଚରମାନେ କୁଲିଙ୍କୁ ନେଇ ଚା ବଗିଚାକୁ ଗଲେ । ଭୀମ ସମସ୍ତଙ୍କୁ ଗୋଟାଏ ଗୋଟାଏ ବସାଘର ଦେଇ, ମଧୁକୁ ନିଜ ବସାରେ ରଖିଲା । ନବାଗତ କୁଲିମାନେ ଅଗ୍ରୀମ ଦଶଟଙ୍କା ଲେଖାଏଁ ପାଇ ତହିଁ ପରଦିନଠାରୁ କାର୍ଯ୍ୟରେ ନିଯୁକ୍ତ ହେଲେ ।

ପାଠକମାନଙ୍କ ଶ୍ରୁତିକ୍ଳିଷ୍ଟହେବା ଆଶଙ୍କାରେ କେବଳ ଦୁଇଜଣ ପ୍ରତାରିତଙ୍କର ଆତ୍ମ କାହାଣୀ ଲିଖିତ ହେଲା । ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ଯଥେଷ୍ଟ । ଦୁଷ୍ଟ ଆଡକାଟିମାନେ କପରି ଅଭେଦ୍ୟ ଲୌହକୌଶଳ-ଜାଲ ବିସ୍ତାର କରି ଶିକାର ଧରନ୍ତି, ତାହା ଏତିକିରୁ ସହଜରେ ଅନୁମେୟ ।

# ସପ୍ତଦଶ ପରିଚ୍ଛେଦ

ସ୍କୁ ରଗିସ୍ତର ମାଲିକ 'ରେ' ସାହେବ ଆମେରିକା ବାସୀ । ତାଙ୍କର ପିତା ଜଣେ ପ୍ରସିଦ୍ଧ ଧର୍ମଯାଜକ ଏବଂ ବିପୁଳ ବିତ୍ତଶାଳୀ । ସେ ପିତାଙ୍କର ଏକମାତ୍ର ପୁତ୍ର । ଅକଳିତ ଐଶ୍ୱର୍ଯ୍ୟ-ବିଳାସ କୋଡ଼ରେ ବଢ଼ି ସୁଦ୍ଧା ରେ ସାହେବ ନିଜକୁ ନିତାନ୍ତ ସାନ ମଣୁଥିଲେ । ଯେ ଔଦ୍ଧତ୍ୟ ଏବଂ ଗର୍ବ ପ୍ରଣୋଦିତ ହୋଇ ଧନ ବିଦ୍ୟା ବା ଆଭିଜାତ୍ୟ ମଦ ଭୋଳରେ ଆପଣାକୁ ବଡ଼ ଜ୍ଞାନ-କରେ, ସେ କଦାଚ ବଡ଼ ନୁହେଁ,—ଯେ ଆପଣାକୁ ସର୍ବଦା ସାନ ଜ୍ଞାନ କରେ ସେହି ଏକା ବାସ୍ତବରେ ବଡ଼ ପଦର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ ଏହା ନିଃସନ୍ଦେହ । "ତୃଣାଦପି ସୁନୀଚେନ" ଏହି ନୀତିବଚନ ତାଙ୍କର-ଠାରେ ସାର୍ଥକ ହୋଇଥିଲା । ସେ ବିଶ୍ୱପମାଳାସ୍ୱରୂପ ବିଶ୍ୱବିଦ୍ୟାଳୟରୁ ବାହାରି, ବିଜ୍ଞାନ ଚର୍ଚ୍ଚାରେ ଅଖଣ୍ଡ ମନୋନିବେଶ କରିଥିଲେ । ଫଳତଃ ବିଜ୍ଞାନଚର୍ଚ୍ଚା ତାଙ୍କ ଜୀବନର ଏକମାତ୍ର ବ୍ରତ ଏବଂ ମୁଖ୍ୟ ଲକ୍ଷ୍ୟ ଥିଲା । ସେ ଐକାନ୍ତିକ ସାଧନା ବଳରେ ବିଜ୍ଞାନଶାସ୍ତ୍ରର ଅନେକ ଦୁରୂହ ଦୁର୍ଜ୍ଞେୟ ସୂତ୍ରର ସରଳତା ସମ୍ପାଦନରେ କ୍ଷମ ହୋଇଥିଲେ । ଏ ହେତୁ ସମସାମୟିକ ପାଶ୍ଚାତ୍ୟ ବୈଜ୍ଞାନିକ ମଣ୍ଡଳୀରେ ତାଙ୍କର ପ୍ରତିଷ୍ଠାର ଆସନ ଗୌରବାନ୍ୱିତ ଥିଲା । ଜ୍ଞାନ ଭକ୍ତିର ସ୍ୱାତଧବଳ ସ୍ରୋତରେ ସାହେବ ସୁଇଜର୍ଲଣ୍ଡର ମନ୍ତ୍ରୀ କନ୍ୟା 'ହେଲେନା'-ଙ୍କର ପାଣିଗ୍ରହଣ କରିଥିଲେ । ହେଲେନା ଅସାଧାରଣ ରୂପବତୀ, ଗୁଣବତୀ ଏବଂ ବିଦୁଷୀ । ବିଜ୍ଞାନଶାସ୍ତ୍ରାଲୋଚ-ନାରେ ସେ ସ୍ୱାମୀଙ୍କର ଉତ୍ତର ସାଧିକାର ଆସନ ଗ୍ରହଣ କଲେ । ନବାଲୋକପ୍ରାପ୍ତ ପାଶ୍ଚାତ୍ୟ ରମଣୀକୁଳ ସ୍ୱାମୀଙ୍କୁ ପ୍ରାୟଶଃ ସମସ୍କନ୍ଧ ମଣନ୍ତି । କିନ୍ତୁ ହେଲେ ନା ଖ୍ରିଷ୍ଟୀୟ ହିନ୍ଦୁନାରୀ ପ୍ରାୟ ସ୍ୱାମୀଙ୍କୁ ଦେବତା ଜ୍ଞାନରେ ପୂଜା କରନ୍ତି । ତାଙ୍କର ଏହି ସାଧାରଣ ଲଳନା-ଅସୁଲଭ ଆଚରଣ ଦେଖି କେହି କେହି ପଚାରନ୍ତି,—"ହେଲେନା, ସମସ୍ତଙ୍କର ଏକପଥ; ମାତ୍ର ତୁମର ଅନ୍ୟ ପଥ କାହିଁକି ?" ହେଲେନା ସଂକ୍ଷେପରେ ଏତିକି ଉତ୍ତର ଦିଅନ୍ତି ଯେ—"ଅନ୍ୟ କେହି ମନ୍ଦ ହେଲା ବୋଲି ମୁଁ କାହିଁକି ଉତ୍ତମ ନ ହେବି ?" ଏହା ଉପରେ ଆଉ କଥା କହିବାର ବାଟ ନ ଥାଏ । ଏକା ପାଶ୍ଚାତ୍ୟପ୍ରଦେଶ କାହିଁକି, ବର୍ତ୍ତମାନ ଏ ଦେଶର ଅନେକ ଶିକ୍ଷାବାୟୁଗ୍ରସ୍ତା ରମଣୀ ସ୍ୱାମି-ଉପରେ ଆଧିପତ୍ୟ-ସ୍ଥାପନକୁ ପ୍ରଶସ୍ତ ମନେ କରନ୍ତି । ବଡ଼ବଡ଼ଙ୍କର କାର୍ଯ୍ୟ ସାନସାନଙ୍କର ଅନୁକରଣୀୟ ହୁଏ ; ସୁତରାଂ ଅଶିକ୍ଷିତା ନାରୀମାନେ ସୁଦ୍ଧା ଏଣିକି ସେହି "ଅନୁକରଣ"ରେ ଅନୁପ୍ରାଣିତ ହେଲେଣି । ସ୍ୱାମୀକୁ ଅକଥ୍ୟ ଭାଷାରେ ଗାଳି ଦେବାକୁ ଅନେକେ ମହାପୁଣ୍ୟକାର୍ଯ୍ୟ ଜ୍ଞାନ କରନ୍ତି । ଏହା କେଉଁ ଦୁଷ୍ଟା ସରସ୍ୱତୀଙ୍କର ଆଦେଶ, ତାହା କିଏ କହିପାରିବ ? ବାସ୍ତବରେ ଏ ଦେବଦେଶରେ ଏହିସବୁ ଅନାଚାର ଦେଖି ଶୁଣି, ଦାରୁଣକ୍ଷୋଭରେ ଗୃହତ୍ୟାଗୀ ହୋଇ ବାନପ୍ରସ୍ଥ ଅବଲମ୍ବନ କରିବାକୁ ଇଚ୍ଛା ହୁଏ । ଅନ୍ୟଥା ଏ କ୍ଷୋଭରୋଗର ଆରୋଗ୍ୟପ୍ରଦ ପେଟେଣ୍ଟ ଔଷଧ ଆଉ-କିଛି ନାହିଁ । ଚିକିତ୍ସକ ପାଠକମାନେ କିଛି ଆବିଷ୍କାର କରିପାରିବେ କି ? କିନ୍ତୁ ପାଚନୌଷଧି ନୁହେଁ,—ତାହା ଘୃଣ୍ୟ ବର୍ବରତା ଏବଂ ଅମନୁଷ୍ୟତାର ଚୂଡ଼ାନ୍ତ ନିଦର୍ଶନ । ଅଧିକନ୍ତୁ ଆଇନବିରୁଦ୍ଧ । ଗୃହିଣୀ-ନାମଧାରିଣୀ ଜୀବବିଶେଷ ବା ଦେବୀବିଶେଷ ଏହା ଶୁଣିଲେ, ଋଷି ବସି ମୁଣ୍ଡରେ ଅଭିଶାପର ଅନଳବୃଷ୍ଟି ଅଜାଡ଼ି ଦେବେ । ଅତଃ ଅନୁରୋଧ ଯେ, ପାଠକ ମହାଶୟଗଣ ଏ ଅଂଶଟା ମନେ ମନେ ପଢ଼ିବେ ଏବଂ ନିରାଶ ହେବେ ନାହିଁ । ଏହା କୁଗୃହିଣୀର କଥା, ଧାର୍ମିକା ସୁଗୃହିଣୀବୃନ୍ଦ ଏଥିର ବ୍ୟତିରେକ ଉଦାହରଣର ସ୍ଥଳ ; ମାତ୍ର ସେମାନଙ୍କର ସଂଖ୍ୟା କୋଟିକରେ ଗୋଟିଏ । ସଂଖ୍ୟାରେ ଊଣା ହେଲେ ସୁଦ୍ଧା ସେମାନଙ୍କ ଯୋଗୁଁ ଭାରତର ଲଲାଟ ଅଦ୍ୟାପି ଗୌରବଚନ୍ଦନାଙ୍କିତ । ଭାରତର ଅତୀତ ଆଦର୍ଶରମଣୀମହିମା ଦିନେ ଅବଶ୍ୟ ଭାରତକୁ ଫେରି ଆସିବ, ଏ ଧାରଣା ଅମୂଳକ ନୁହେଁ । କାଳ ଫେରି ଆସୁଅଛି,—ତିଥି ଫେରି ଆସୁଅଛି,—ସୂର୍ଯ୍ୟ ଚନ୍ଦ୍ର ପଶ୍ଚିମକୁ ଗତି କରି, ପୁଣି ପୂର୍ବକୁ ଫେରି ଆସୁଅଛନ୍ତି,—ସାଗର-

ସକଳ ଆକାଶକୁ ଉଠିଯାଇ ପୁନଶ୍ଚ ଯଥାସ୍ଥାନକୁ ଫେରି-ଆସୁଅଛି, କେବଳ ଭାରତ ଲଲନାଙ୍କର ଅତୀତ ଗୌରବ ଫେରିବ ନାହିଁ,—ହିଁ ନିଶ୍ଚୟ ଫେରିବ ଏହା ସତ୍ୟ, ଧ୍ରୁବ ଏବଂ ନିଃସନ୍ଦେହ ।

ନବଦମ୍ପତିର ପ୍ରୀତି ଉତ୍ତରୋତ୍ତର ବୃଦ୍ଧିଲାଭ କଲା, ତାହାକୁ ଚନ୍ଦ୍ରକଳା ବୃଦ୍ଧି ସହିତ ତୁଳନା କଲେ ଅତି ଅସଙ୍ଗତ ହେବ । ଯେହେତୁ ଚନ୍ଦ୍ରକଳାର ହ୍ରାସବୃଦ୍ଧି ଉଭୟ ଅଛି; ମାତ୍ର ଏ ଦାମ୍ପତ୍ୟ-ପ୍ରୀତିର ବୃଦ୍ଧି ଛଡ଼ା ହ୍ରାସ ନାହିଁ । ବାତୁଳର ବାକ୍ୟ ସ୍ରୋତ ପ୍ରାୟ ସେ ବୃଦ୍ଧିର ପରିସମାପ୍ତି ନାହିଁ । ସେ ପ୍ରୀତି କାମଜ ନୁହେଁ,—ହୃଦୟର ଅପୂର୍ବ ମହାମିଳନ, ସେହି ଦେବବାଞ୍ଛିତ ପୁଣ୍ୟ ପ୍ରୀତିର ଉତ୍ପତ୍ତି ସ୍ଥାନ । ସେ ମିଳନ, ଲୌହଚୁମ୍ବକର ନିକୃଷ୍ଟ ମିଳନ ନୁହେଁ,—ତାହା ହିରଣ୍ୟଅଙ୍ଗାରକର ଉତ୍କୃଷ୍ଟତର ଉଜ୍ଜ୍ୱଳ ମିଳନ । ଉଭୟର ପ୍ରେମ ଏତେଦୂର ପ୍ରଗାଢ ହୋଇଥିଲା ଯେ, ସେହି ପ୍ରେମ-ନିଶାଖେଳରେ ରେ ପାହେବ ନିଜକୁ ହେଲେନା ଏବଂ ହେଲେନା ନିଜକୁ ରେ ପାହେବ ବୋଲି ମଣୁଥିଲେ । ଜଳରେ ଜଳ ମିଶିଲା ପ୍ରାୟ, ଉଭୟର ହୃଦୟ ମିଶି ଏକ ହୋଇଯାଇଥିଲା । ସେହି ଏକୀଭୂତ ଦାମ୍ପତ୍ୟ ହୃଦୟରେ ଛୁଞ୍ଚିମୁନ ଭୁକିବାକୁ ସୂତା ଟିକିଏ ଫାଙ୍କ ନ ଥିଲା । ଏହିପରି ପ୍ରୀତିପ୍ରବଣା ଭାର୍ଯ୍ୟା ଏବଂ ପ୍ରେମିକ ସ୍ୱାମୀ ଯେଉଁ ନରନାରୀଙ୍କ ଭାଗ୍ୟରେ ଘଟେ, ସେମାନେ ଧନ୍ୟ । ସେମାନେ ଧରାରେ ଥାଇ ସ୍ୱର୍ଗର କମଳମଧୁର ସୁଖାମୃତ ଉପଭୋଗ କରନ୍ତି ଏବଂ କଠୋର ଜୀବନ-ସଂଗ୍ରାମରେ ସେହିମାନେହିଁ ବିଜୟ-ମାଲ୍ୟରେ ବିଭୂଷିତ ହୁଅନ୍ତି । ସେମାନଙ୍କର ଜୀବନ ପ୍ରକୃତ ଆନନ୍ଦମୟ ଜୀବନ, ସେ ଜୀବନକୁ ଦୁଃଖ ବା ବିଷାଦ କେବେହେଲେ ମଳିନ କରିପାରେ ନାହିଁ,—ସେ ଜୀବନ ଦେବଜୀବନ ଏବଂ ପୁଷ୍ପପରି ପବିତ୍ର ଏବଂ ସୁରଭିତ । ଯେଉଁଦିନ ଏହିପରି ସ୍ତ୍ରୀ ପୁରୁଷ ଘରେ ଘରେ ଦେଖିବାକୁ ମିଳିବ, ସେହିଦିନ ଏ ମାଟିର ପୃଥିବୀ ସୁନା ହେବ ଏବଂ ମାଟିର ମନୁଷ୍ୟ ଦେବତ୍ୱର ଅଳଙ୍କାର ହୋଇ ବସିବ । ସେହି ସୌଭାଗ୍ୟର ସ୍ୱପ୍ନମୟ ଶୁଭଦିବସ ଅଦୂରରେ କି ସୁଦୂରରେ ଅବସ୍ଥିତ, ତାହା ଭବିତବ୍ୟତାକୁ ଗୋଚର ।

ସୁଖ ବା ଆନନ୍ଦ କାହାରି ଭାଗ୍ୟରେ ଚିର ସ୍ଥିର-ହୋଇ ରହେନାହିଁ । ପୂର୍ଣ୍ଣିମା ପରେ ଅମାବାସ୍ୟା ଆସେ,—ଦିନ ପରେ ରାତି ହୁଏ,—ବସନ୍ତ ପରେ ନିଦାଘ ଆସି ଜଗତକୁ ଜୀବନ୍ମୃତ କରିଦିଏ, ଏହା ବିଧାତାର ଅନିବାର୍ଯ୍ୟ ଶାଶ୍ୱତ ନିୟମ । ଏ ସଂସାରରେ ବିଶୁଦ୍ଧ ସୁଖ ନାହିଁ, ସର୍ବଦା ସୁଖ ଦୁଃଖ ମିଶାମିଶି ହୋଇ ରହିଅଛି । ସୁଖ ଦୁଃଖ ମଧ୍ୟରୁ ଗୋଟିଏ ସ୍ଥାୟୀ ହୋଇ ରହିଲେ ସୃଷ୍ଟି ନିର୍ଲହର ହୋଇରହିବ । ସୃଷ୍ଟି-ସିନ୍ଧୁକୁ ଏରୂପ ନିସ୍ତରଙ୍ଗ କରିରଖିବା ଭାବପ୍ରବଣ ବିଧାତାର ଅଭିପ୍ରାୟ ନୁହେଁ; ସୁତରାଂ ସୁଖ ସଙ୍ଗରେ ଦୁଃଖ ଅନୁସ୍ୟୂତ ହୋଇ ରହିଅଛି । କିଛିକାଳ ପରେ ପତିପ୍ରାଣା ହେଲେନା ପିତା, ମାତା, ସ୍ୱାମୀ ଏବଂ ସ୍ୱଜନମାନଙ୍କୁ ଅକୂଳ ଶୋକ ସାଗରରେ ଭସାଇ ଅନନ୍ତ ଅନାମୟ ଅମରଧାମକୁ ପ୍ରୟାଣ କଲେ । ଏହି ଆକସ୍ମିକ ଦୁର୍ଘଟନାର ଅସହ୍ୟ ଭାରରେ ସାହେବଙ୍କର ସୁଖର ମନୋରମହର୍ମ୍ୟ ଭାଙ୍ଗି ବିଧ୍ୱଂସ୍ତ ହୋଇଗଲା, ଶୋକର ହିମାଳୟପର୍ବତ ହୃଦୟ ଉପରେ ଚପି ରହିଲା,—ପ୍ରଣୟର ସ୍ୱର୍ଣ୍ଣଡୋର ମୁହୂର୍ତ୍ତକ ମଧ୍ୟରେ ଛିନ୍ନଭିନ୍ନ ହୋଇଗଲା । ହାୟ ଦୁର୍ଦ୍ଦୈବର ଦୁର୍ବିପାକ କଅଣ କରି ନପାରେ ! ଶରୀରର ଶିରା ଉପଶିରାମାନ ଛିଣ୍ଡି କେଉଁଆଡ଼େ ଉଡ଼ିଗଲାପ୍ରାୟ ଜଣାଗଲା । ଯେମନ୍ତ କି ଆକାଶ ମୁଣ୍ଡ ଉପରେ ଭାଙ୍ଗିପଡ଼ିଲା,—ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ଉପଗ୍ରହମାନେ ତଳେ ଖସିପଡ଼ି ଖଣ୍ଡଚୂର୍ଣ୍ଣ ହୋଇଗଲେ । ସବୁ ଶୋକ ସହିହୁଏ, ମାତ୍ର ପ୍ରଣୟିନୀ ଭାର୍ଯ୍ୟାର ବିଚ୍ଛେଦଶୋକ ସହିହୁଏ ନାହିଁ । ଖାଇବା ସମୟରେ ବିଷମ ଅରୁଚିରୋଗ ଏବଂ ଶୋଇବାସମୟରେ ଶଯ୍ୟା-କଣ୍ଟକୀରୋଗ ଆକ୍ରମଣକଲା । ଆଶା କେଉଁ ଅନୁଦ୍ଦେଶ୍ୟ ସୁଦୂର ରାଜ୍ୟକୁ ପଳାୟନ କରି, ମୁହଁ ଲୁଚାଇଦେଇ ରହିଲା । ଆଜୀବନ ସାଧନା ଜ୍ଞାନଚର୍ଚ୍ଚା ବିଷବତ୍ ବୋଧହେଲା । ସବୁବେଳେ ଉଦାସୀନ ଭାବ, ପୁସ୍ତକ ଖୋଲି ପଢ଼ିବାକୁ ବସିଲେ ପୁସ୍ତକର ପ୍ରତି ପୃଷ୍ଠାରେ ହେଲେନାର ମୂର୍ତ୍ତି ଅଙ୍କିତ ହୋଇଗଲା ଏବଂ ପୁସ୍ତକ ଲୋତକରେ ପରିପ୍ଲାବିତ ହୋଇଗଲା । ଯଦି କଦାଚିତ୍ ଦୃଷ୍ଟି ପୁସ୍ତକରେ ସଂଲଗ୍ନ-ରହିଲା, ତେବେ

ମନ ଭିନ୍ନ ରାଜ୍ୟରେ ବିଚରଣ କଲା । ସହସ୍ର ସାଧ୍ୟ-ସାଧନାରେ ସୁଦ୍ଧା ଏକାଗ୍ରତା ଆସିଲାନାହିଁ,—କ୍ଷଣ ପଡ଼ିଲେ ତାହା ମନରେ ରହୁଲାନାହିଁ, ସବୁ ସ୍ୱପ୍ନପରି ବୋଧହେଲା । ନିର୍ଜନବାସ ଏବଂ ନିର୍ଜନ ଚିନ୍ତା କିଛି ଭଲ ଲାଗିଲା ନାହିଁ,—ସର୍ବଦା ଅପରିଚିତ ନୂତନ ସୃଷ୍ଟିର ଯନ୍ତ୍ରଣାମୟ ରାଜ୍ୟରେ ବାସ କଲାପରି ଜଣାଗଲା । ଝୁରି ଝୁରି ଶରୀର କୁଟାପରି ଶୀର୍ଣ୍ଣ ହୋଇ-ଗଲା,—ବାତରୋଗୀପରି ସର୍ବାଙ୍ଗ ଅସାଡ ହୋଇଗଲା । ତାଙ୍କ ନେତ୍ରରେ ଚୌଦିଗ ହେଲେନାମୟ, ଆକାଶରେ ଗଛପତ୍ରରେ ସେହି ସୌମ୍ୟସୁନ୍ଦର ପବିତ୍ର ମୂର୍ତ୍ତି ସତେ ଯେପରି ଅମର ବର୍ଣ୍ଣରେ ଅଙ୍କିତ ହୋଇ ରହିଅଛି । ସେହି ମୁଖ, ସେହି ନାକ, ସେହି କାନ, ସେହି ତରଙ୍ଗ-ଚଞ୍ଚଳ ଶୀତଳ ଚାହାଣୀ, ଅଧର ପ୍ରାନ୍ତରେ ସେହି ବିଦ୍ୟୁତ୍-ବିକାଶ ଶୁଭ୍ର ହାସ୍ୟ ରେଖା ସବୁ ଅଛି; ମାତ୍ର ଚିତ୍ର-ପ୍ରତିମାପରି ବାକ୍ୟସ୍ଫୂର୍ତ୍ତି ନାହିଁ । ବନ୍ଧୁ-ବାନ୍ଧବମାନେ ଅନେକ ବୁଝାଇ କହିଲେ,—"ମିଷ୍ଟର ରେ, ହେଲେନା ତୁମର କିଛି ଆବାଲ୍ୟ-ସଙ୍ଗିନୀ ନଥିଲେ,—କେତେକାଳ ପରେ ତୁମ ସଙ୍ଗରେ ଆସି ମିଳିଥିଲେ; ମାତ୍ର ତୁମେ ଉଭୟେ ମୃତ୍ୟୁମହାତୀର୍ଥର ଯାତ୍ରୀ, ଏହି ପାନ୍ଥଶାଳାରେ ତୁମମାନଙ୍କର କ୍ଷଣିକ ମିଳନ ଘଟିଥିଲା । ହେଲେନା ଶୀଘ୍ର କାର୍ଯ୍ୟ ଶେଷକରି ଚାଲିଗଲେ,— ତୁମର କାର୍ଯ୍ୟ ସରିନାହିଁ, ସୁତରାଂ ତୁମେ ଯାଇପାରିଲ ନାହିଁ, ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ । ତୁମେ ପୁନଶ୍ଚ ବିବାହ କର, ଯାହାର ଘର ଭାଙ୍ଗିଯାଏ, ସେ କି ନୂତନ ଘର ତିଆରକରି ରହେ ନାହିଁ ?" ରେ ସାହେବ କହିଲେ,—"ବନ୍ଧୁ, ଯାହାର ଘର ଭାଙ୍ଗିଯାଏ, ସେ ନୂତନ ଘର ନିର୍ମାଣ କରି ରହେ ସତ୍ୟ; ମାତ୍ର ନୂତନ ଘର ଅବିକଳ ପୁରାତନ ଘରପରି କଦାଚ ହୋଇପାରେ ନାହିଁ । ସେ ଯାହାହେଉ, ମୁଁ ହେଲେନାକୁ ମୋତେ ପ୍ରଦାନ କରିଅଛି, ତାହାଠାରୁ ଫେରାଇ ଆଣି ଅନ୍ୟକୁ ଦେଇ ଦତ୍ତାପହରଣ-ପାପରେ ଲିପ୍ତ ହୋଇପାରିବିନାହିଁ । ହେଲେନା ସନ୍ତାନସନ୍ତତି ଗୋଟିଏ ରଖିଯାଇଥିଲେ, ମୁଁ ତାହାଠାରେ ହେଲେନାର ମୂର୍ତ୍ତି ଦେଖି ଆଶ୍ୱସ୍ତ ହୁଅନ୍ତି; ମାତ୍ର ଏ ଦଗ୍ଧ ଭାଗ୍ୟରେ ତାହା ସୁଦ୍ଧା ଘଟିନାହିଁ । ସେ ତାହାର ମୂର୍ତ୍ତି ଘେନିଯାଇ ମୋତେ କେବଳ ସ୍ମୃତି ଦେଇଯାଇଅଛି, ମୁଁ ସେହି ସ୍ମୃତିକୁ ଜୀବନ ସଙ୍ଗିନୀ କରି କିପରି ରହିପାରିବି ? ବିଶେଷତଃ ଏ ଘରର ପ୍ରତି ପଦାର୍ଥରେ ତାହାର କର୍ମନିପୁଣ ହସ୍ତ ବିଦ୍ୟମାନ । ତାହା ଦେଖି ମୁଁ କିପରି ବା ଧୈର୍ଯ୍ୟ ଧରିପାରିବି, ସେଥିରେ ମୋର ହୃଦୟର କ୍ଷତ ଶୁଷ୍କ ହେବା ଦୂରେ ଥାଉ, ପ୍ରତ୍ୟୁତ ତାହା ଅଧିକତର ଗଭୀର ହୋଇ ବିସର୍ପିତ ହେବ ସିନା । ଅତଏବ ମୁଁ ଖୁବ ଠିକ୍ ସ୍ଥିର ସିଦ୍ଧାନ୍ତ କରିଅଛି ଯେ, କିଛିକାଳ ଦେଶ ଭ୍ରମଣ କରି, ଏ ନିଦାରୁଣ ଶୋକର ଅମର ବ୍ୟଥା ଅପନୋଦନର ଚେଷ୍ଟା କରିବି, ଏହା ବ୍ୟତୀତ ଉପାୟାନ୍ତର ନାହିଁ ।" ବନ୍ଧୁମାନେ ଦେଖିଲେ ତାଙ୍କୁ ଏ ଅଟଳ ସଙ୍କଳ୍ପରୁ ତିଳେ ମାତ୍ର ବିଚ୍ୟୁତ କରିବା ସାଧ୍ୟାୟତ୍ତ ନୁହେଁ,—ପ୍ରାତୋଦିତ ସୂର୍ଯ୍ୟର ଗତି କିଏ ବା ଫେରାଇ ପାରିବ ? ବୃନ୍ତଚ୍ୟୁତ ଫଳ କୋଟି ଚେଷ୍ଟାରେ ଆଉ ବୃନ୍ତରେ ଲାଗିପାରିବ ନାହିଁ,—କୃତ୍ରିମ ଉପାୟରେ ଲଗାଇଲେ ଦିନେ ଦୁଇଦିନରେ ପୁଣି ଝଡ଼ିପଡ଼ିବ । ତେଣୁ ସେମାନେ ଅଗତ୍ୟା ନିରୁତ୍ତର ହୋଇ ବନ୍ଧୁଙ୍କ ସଙ୍କଳ୍ପକୁ ସମର୍ଥନ ପୂର୍ବକ କହିଲେ,—ଦେଶ ଭ୍ରମଣ କରିବାକୁ ଗଲେ ସକଳ ଦେଶର ମୁକୁଟମଣି ଭାରତବର୍ଷକୁ ଯିବା ଉଚିତ । ଇନ୍ଦ୍ରଜାଲିକା ପ୍ରକୃତି ବ୍ୟତୀତ ଅନ୍ୟ କେହି ମନ ପରିବର୍ତ୍ତନରେ କ୍ଷମ ନୁହେଁ । ପ୍ରାକୃତିକ ଦୃଶ୍ୟରେ ଭାରତଭୂମି ଅତୁଳ ବିଭବଶାଳିନୀ । ସେଠାରେ ସକଳ ପ୍ରକାର ମୃତ୍ତିକା, ସକଳ ପ୍ରକାର ଧାତୁ । ପାଷାଣ, ବୃକ୍ଷଲତା, ପଶୁପକ୍ଷୀ, ଋତୁପର୍ଯ୍ୟାୟ ଏବଂ ବନଗିରି ଏକାଧାରରେ ବିଦ୍ୟମାନ । ଭାରତ ପ୍ରକୃତିଦେବୀଙ୍କର ପ୍ରିୟ ଗନ୍ତାଘର । ଜଗତର ଅଲଭ୍ୟ ଦୃଶ୍ୟ ସୁଦ୍ଧା ଭାରତରେ ସୁଲଭ । ଭାରତର ମହାଦୃଶ୍ୟ ଏକା ଭାରତର ଉପଯୁକ୍ତ । ଭାରତ ପୃଥିବୀର ସ୍ୱର୍ଗ ଏବଂ ସଂକ୍ଷିପ୍ତସାର । ତାହାର ବିରାଟ ହିମାଳୟର କାଞ୍ଚନକାନ୍ତି କାଞ୍ଚନଜଙ୍ଘା-ଚୂଡ଼ା କୋଟିସ୍ୱର୍ଗଠାରୁ ଭଲେ । ସେଠାରେ ମନଭୁଲା ଶୋଭାପାଶୋରା ଶୋଭାର କୂଳଙ୍କଷା ବନ୍ୟା ପ୍ରବାହିତ ହୁଏ, ମନୁଷ୍ୟ ବା କେଉଁ

ଛର, ସେ ମହାଶୋଭା ଦେବନେତ୍ରକୁ ଅପଲକ କରି-ରଖିଅଛି । ଶୋଭାଦେବୀ ଭାରତରେ ଜୀବନ୍ତ ମୂର୍ତ୍ତିମତୀ ଏବଂ ବହୁରୂପିଣୀ ।

ଅନନ୍ତର ପିତାମାତାଙ୍କର ଅନୁଜ୍ଞା ଘେନି ରେ ସାହେବ ଭୃତ୍ୟ ଏବଂ ଯାଚକସହ ପୋତା-ରୋହଣପୂର୍ବକ ଭାରତାଭିମୁଖରେ ଯାତ୍ରାକଲେ । ଜାହାଜ ତରଙ୍ଗ-ଦୋଲାରେ ଖେଳି ଖେଳି ସମୁଦ୍ର-ବକ୍ଷରେ ଅଗ୍ରସରହେଲା । ଆଉ କୂଳ ଦେଖାଗଲା-ନାହିଁ । ଯେଉଁଆଡ଼କୁ ଚାହିଁଲେ କେବଳ ନୀଳଜଳାରଣ୍ୟ ସମୁଦ୍ରର ବଜ୍ରନାଦୀ ଭୀଷଣ ଗର୍ଜ୍ଜନରେ ସାହେବଙ୍କ ହୃଦୟର ଶୋକଗର୍ଜ୍ଜନ ବୁଡ଼ିଗଲା । ବୃହତ୍ ପଦାର୍ଥ ଦର୍ଶନରେ ମାନବ ହୃଦୟରେ କ୍ଷୁଦ୍ରଭାବ ସ୍ୱତଃ ଉଦ୍ଭବ ହୁଏ ଏବଂ ହୃଦୟ ପ୍ରଶସ୍ତ ହୁଏ । ରେ ସାହେବ ଭାବିଲେ, ଏହି ମହାସମୁଦ୍ର ତୁଳନାରେ ମୁଁ କେଡ଼େ କ୍ଷୁଦ୍ର ଏବଂ ମୋର ଶୋକ ବା କେଡ଼େ କ୍ଷୁଦ୍ରତମ । ଏହାର ଅଚିନ୍ତ୍ୟନୀୟ ଶକ୍ତିନିକଟରେ ମାନବର ପରମାଣୁପରିମିତ କ୍ଷୁଦ୍ରଶକ୍ତି ନିତାନ୍ତ କିଛି ନୁହେଁ । ଏହିପରି ନାନା ଚିନ୍ତା ତାହାଙ୍କ ହୃଦୟକୁ ସମାଚ୍ଛନ୍ନ-କଲା । ସମୟ ସମୟରେ ଚିନ୍ତା—ଯବନିକା ଭେଦକରି ହେଲେନାର ମୂର୍ତ୍ତି ହୃଦୟରେ ଭାସି ଉଠୁଥାଏ ଏବଂ ଘନ ଅନ୍ତରାଳରେ ଚନ୍ଦ୍ର ଲୁଚକାଳି ଖେଳିଲାପରି ମୁହୂର୍ତ୍ତିକ ମଧ୍ୟରେ କେଉଁଆଡ଼େ ଅନ୍ତର୍ହିତ ହୋଇ-ଯାଉଥାଏ । ଦୁଃଖିଆଣୀ ସ୍ମୃତି ଏହିପରି ହଠଲଗାଇ କୌତୁକ ଅନୁଭବ କରୁଥାଏ, ତାହାର ସ୍ୱଭାବ ଚିରକାଳ ଏହିରୂପ । ସ୍ମୃତି ଏବଂ ବିସ୍ମୃତିର ସନ୍ଧିସ୍ଥଳରେ ପଡ଼ି ରେ ସାହେବ ଛଟପଟ ହେଉଥାନ୍ତି । ସ୍ମୃତିର ଅବସ୍ଥା ବଡ଼ ଭୟାନକ । ଦୁଷ୍ଟା କଳହରତ ସ୍ତ୍ରୀପ୍ରାୟ ସେ ପ୍ରାଣଘାତିନୀ, ମାତ୍ର ବିସ୍ମୃତି ତାହାର ବିପରୀତ । ପତିପ୍ରାଣା ସାଧ୍ୱୀ ସ୍ତ୍ରୀପ୍ରାୟ ସେ ଶାନ୍ତିଦାୟିନୀ ଏବଂ ପରମହିତୈଷିଣୀ । ଏ ଦୁହିଁଙ୍କ ମଧ୍ୟରେ ଗୋଟିଏ ହଳାହଳ-ଉଦ୍‌ଗାରିଣୀ ଏବଂ ଅପରଟି ଅମୃତ-ନିର୍ଝରିଣୀ; ଗୋଟିଏ ମର୍ମଦାହୀ ଅନଳର ଉଗ୍ରଜ୍ୱାଳା, ଅପରଟି ଶୀତଳ ସୁରଭି ପୁଷ୍ପମାଳା । ମୂଳତଃ ଗୋଟିଏ ଦୁରନ୍ତ ଦାନବର ବଂଶଧାରିଣୀ ଏବଂ ଅପରଟି ଦେବକନ୍ୟା-ସ୍ୱରୂପିଣୀ ।

କେତେଦିନପରେ ଜାହାଜ ଆସି କଲିକତା ବନ୍ଦରରେ ଲାଗିଲା । ରେ ସାହେବ ଦୁଇଦିନ ମାତ୍ର ଭାରତର ମହାନଗରୀ ସତତ ଜନ-ଯାନ-ଜଳ-କୋଳାହଳମୟୀ କଲିକତାରେ ଅବସ୍ଥାନ କରି ଆସାମ ଯାତ୍ରା କଲେ । ଯାହା ହୃଦୟରେ ଶୋକରୂପ ଶ୍ମଶାନ-ଚିତା ଦାଉ ଦାଉ ହୋଇ ଜଳୁଥାଏ, କୋଳାହଳ ତାହା ପ୍ରାଣରେ ସହ୍ୟ ହୁଏନାହିଁ, ସେ ତବ ପ୍ରାୟ ସର୍ବଦା ନିକାଞ୍ଚନ ସ୍ଥାନ ଖୋଜିବୁଲେ । ରେ ସାହେବ ଗିରିଗହ୍ୱରମୟୀ କାମାକ୍ଷୀ-ସେବିତ ଆସାମରେ ଉପସ୍ଥିତ ହୋଇ ଦେଖିଲେ,—ବ୍ରହ୍ମପୁତ୍ର କୂଳରେ ମୂର୍ତ୍ତିମତୀ ନୀରବତା ଆନନ୍ଦରେ ନୃତ୍ୟ କରୁଅଛି । ଆସାମ ଇନ୍ଦ୍ର-ଦେବଙ୍କର ଯୌତୁକ ଭୂମି, ସେଠାରେ ବୃଷ୍ଟିର ଅଭାବ ହୁଏନାହିଁ । ସ୍ଥାନଟି ପବିତ୍ର ଏବଂ ପ୍ରାକୃତିକ ମହାଐଶ୍ୱର୍ଯ୍ୟ-ରାଜିରେ ଅଳଙ୍କୃତ । କରି-କରଭ ପ୍ରାୟ ମେଘମାନେ ପର୍ବତ ଚୂଡ଼ାରେ କ୍ରୀଡ଼ା କରୁଅଛନ୍ତି,—କେବେ ବା ବୃଷ୍ଟିବ୍ୟାଜରେ ମଦ-ବାରିବିନ୍ଦୁ ନୀଳକୁଞ୍ଚିତ କେଶରେ ସିଞ୍ଚିଦେଇ, ଆନନ୍ଦରେ ଚିତ୍କାର କରୁଅଛନ୍ତି । ବହୁବିଧ ବନ୍ୟ ବିହଙ୍ଗର କୋମଳ କାକଳୀ କଣ୍ଠରେ ଅମୃତ ବୃଷ୍ଟି କରୁଅଛି । କୁସୁମ ସୁବାସରେ ମନ ପ୍ରାଣ କି ଏକ ଅପୂର୍ବ ଉଲ୍ଲାସରେ ପୂରି ଉଠୁଅଛି । ପ୍ରକୃତି ଶୋଭାର ପଟାନ୍ତର ନାହିଁ,—ଯେମନ୍ତ କି ସ୍ୱର୍ଗର ମାରସୁନ୍ଦର ଅଂଶ ଛିଣ୍ଡିପଡ଼ିଅଛି । ଶୋଭାଦେବୀ ସେଠାରେ ଗୀତ ଗାଇ-ବୁଲିଲା ପ୍ରାୟ ବୋଧ ହେଉଅଛି । ବର୍ଷାମୁଖର ସନ୍ଧିରେ ବନସ୍ଥଳିର ଝଙ୍କାର ଶବ୍ଦ ଗନ୍ଧର୍ବଗୀତ ପ୍ରାୟ ପ୍ରତୀୟମାନ ହୁଏ । ସ୍ଥାନର ରମଣୀୟତାରେ ସାହେବ ଏକାନ୍ତ ମୁଗ୍ଧ ହୋଇ ଭାବିଲେ,—ବାସ୍ତବରେ ଏ ସ୍ଥାନ ଭାରତ ସ୍ୱର୍ଗର କମକାନ୍ତ ପ୍ରବେଶ-ଦ୍ୱାର । ବନ୍ଧୁମାନଙ୍କଠାରୁ ଯାହା ଶୁଣିଥିଲି, ଭାରତର ବୈଚିତ୍ର୍ୟମୟୀ ସୁଷମା ତାହାଠାରୁ ବହୁ କୋଟିଗୁଣରେ ଅଧିକ । ଏ ଶୋଭା ଦେଖିଲେ ସ୍ୱୟଂ ଆଶ୍ଚର୍ଯ୍ୟ ସୁଦ୍ଧା ଆଶ୍ଚର୍ଯ୍ୟରେ ମୂର୍ଚ୍ଛିତ ହୋଇପଡ଼ିବ । ଧନ୍ୟ ଭାରତ ! ତୋର ରୂପ ଦେଖି ମୃତ ସୁଦ୍ଧା ଜୀବିତ ହୋଇଉଠିବ । ଏହିପରି ଭାବୁ

ଖରୁ ସାହେବଙ୍କ ଶୋକାର୍ତ୍ତ ପ୍ରାଣରେ ଅଲକ୍ଷିତରେ ଭକ୍ତିର ତରଙ୍ଗପ୍ରବାହ ପ୍ରବଳବେଗରେ ଖେଳିଗଲା । ସେ ଯୁକ୍ତକରରେ ଭଗବାନଙ୍କ ଉଦ୍ଦେଶ୍ୟରେ ଶତ ଶତ ପ୍ରଣାମ କରି କହିଲେ,—“ହେ ପରମ ପିତା ପରମେଶ୍ୱର ତୁମ୍ଭର କରୁଣା ଅନନ୍ତ, ଆଜି ସେହି କରୁଣା ମୋ ଭଳି ଜନ୍ମାନ୍ଧକୁ ଚକ୍ଷୁଷ୍ମାନ କଲା । ବାସ୍ତବରେ ପୁଣ୍ୟ ଭୂମି ଭାରତର ଦର୍ଶନ ଯାହା ଭାଗ୍ୟରେ ଘଟିନାହିଁ, ସେ ଜନ୍ମାନ୍ଧ କିମ୍ବା ସେ ମାତୃଗର୍ଭରୁ ଭୂମିଷ୍ଠ ହୋଇନାହିଁ । ଏ ଭାରତ ତୁମ୍ଭର ଅଦ୍ୱିତୀୟ ଚିତ୍ରଶାଳା, ତୁମ୍ଭର ନିପୁଣ ହସ୍ତ ଏହାକୁ ସ୍ୱର୍ଗୀୟ ସାଜରେ ସଜ୍ଜିତ କରିଅଛି । ପ୍ରଭୋ, ଜନ୍ମାନ୍ତରରେ ମୋତେ ଭାରତସନ୍ତାନ କର, ତୁମ୍ଭର ମଙ୍ଗଳମୟ ପାଦତଳେ ମୋର ଏହି ଭିକ୍ଷା ।

ବ୍ରହ୍ମପୁତ୍ରତୀରରେ ଖଣ୍ଡେ ଭୂମି ପଟ୍ଟା ନେଇ ରେ ସାହେବ ଗୋଟିଏ ବଙ୍ଗଳା ନିର୍ମାଣପୂର୍ବକ ବାସ କଲେ । ବଙ୍ଗଳାଟି ସାହେବଙ୍କର ମନୋମତରୂପେ ମଣ୍ଡିତ ହେଲା । ତାହାର ଆପାଦମସ୍ତକ କାର୍ପେଟ-ଶୋଭିତ ବାଲ ତାପସବୁଲ ବେଦୀ ଉପରେ ଧ୍ୟାନସ୍ଥ ରହିଲା ପ୍ରାୟ ଶବଳିତ ବିଲାତି ଗୁଲ୍ମର ଗାମଲା ଧାଡି ଧାଡି ହୋଇ ବାରଣ୍ଡାରେ ରହିଲା । ନୈସର୍ଗିକ ଐଶ୍ୱର୍ଯ୍ୟ ମଧ୍ୟରେ କୃତ୍ରିମ ଐଶ୍ୱର୍ଯ୍ୟ ଧ୍ୱଂସ ମଧ୍ୟରେ ବନପ୍ରାୟ ଶୋଭା ବିସ୍ତାର କଲା । ସାହେବ ବାରଣ୍ଡାରେ ଆରାମୀ ଚୌକୀରେ ବସି ପ୍ରକୃତିର ଶୋଭାମୃତ ନେତ୍ର-ରସନାରେ ଉପଭୋଗ କରନ୍ତି । କେବେ ବା ଜ୍ଞାନାନୁଶୀଳନରେ ବ୍ୟାପୃତ ରହନ୍ତି । ସମୟ ସମୟରେ ମୃଗୟାବିଳାସ ଏବଂ ବଲ୍‌କ୍ରୀଡ଼ା ମଧ୍ୟ ହୁଏ । ସ୍ୱଦେଶାଗତ ଭୃତ୍ୟ ଏବଂ ପାଚକ ତାଙ୍କର ବଲ୍‌-କ୍ରୀଡ଼ାର ସହଚର ହୁଅନ୍ତି । ଏହିପରି ଜ୍ଞାନଚର୍ଚ୍ଚା ଏବଂ ଆମୋଦ ପ୍ରମୋଦରେ ଦିନ ପାଣିପରି ଗଡି ଯିବାକୁ ଲାଗିଲା । ହେଲେନା ଆଉ ପୂର୍ବପରି ମୁହୂର୍ମୁହୁଃ ଦେଖା ନ ଦେଇ, ଦିନ ମଧ୍ୟରେ ଥରେ ଦୁଇଥର ଦେଖା ଦେଇ ଚାଲିଯାଏ । ସାହେବ ଦିନେ ଭାବିଲେ,‘ପ୍ରକୃତିର ଶୋଭାଦର୍ଶନ ଏବଂ ବିଜ୍ଞାନ ଚର୍ଚ୍ଚାରେ ପରେ ମୋର ଯଥେଷ୍ଟ ସମୟ ବଳୁଅଛି, ଏହି ଉଦ୍‌ବୃତ୍ତ ସମୟକୁ କୌଣସି ଗୋଟାଏ କାର୍ଯ୍ୟରେ ଲଗାଇବା ଉଚିତ ।’ ଧନ୍ୟ ରେ ସାହେବ, ତୁମ୍ଭପରି ସମୟର ମୂଲ୍ୟ କେତେଜଣ ବିଭବଶାଳୀ ବିଳାସୀ ପେଟୁକ ବୁଝନ୍ତି ? ଯେଉଁମାନେ ଭୋଗ-ବିଳାସରେ ସମୟକୁ ଖଟାନ୍ତି କିମ୍ବା ଇନ୍ଦ୍ରିୟସେବା, ପରଘର ଚର୍ଚ୍ଚା, ପରର ଅନିଷ୍ଟଚିନ୍ତା ଏବଂ ଦିବାନିଦ୍ରାରେ ସମୟ ଯାପନ କରିବାକୁ ବଡ଼ଲୋକୀ ବା ସୁଖ ମଣନ୍ତି, ସେହି ନିଖଟ୍ଟୁଗୁଡ଼ାକ ଯଦି ମନୁଷ୍ୟ, ତେବେ ପଶୁ ଆଉ କିଏ ? ସମୟର ମୂଲ୍ୟ ଅନନ୍ତ, ମୁହୂର୍ତ୍ତେ ସମୟ ମଧ୍ୟରେ ଜଗତର ଯେଉଁ ହିତସାଧନ କରିପାରିପାରେ, ତାହା ତୁଳନାରେ ଜଗତର ସମସ୍ତ ମଣିମାଣିକ୍ୟର ମୂଲ୍ୟ ନିତାନ୍ତ ଅକିଞ୍ଚିତ୍କର । ଯେ ସମୟର ଅଧୀନ ନ ହୋଇ ସମୟକୁ ଅଧୀନ କରିରଖେ, ସେ ଯଥାର୍ଥ କର୍ମୀ ଏବଂ ଯଥାର୍ଥ ବୀର ପୁରୁଷ, ତାହାରି ଜୀବନ ବାସ୍ତବରେ ଆଦର୍ଶ ମହାଜୀବନ । ଯେ ସମୟକୁ ଚିହ୍ନେ, ସମୟ ତାକୁ ଚିହ୍ନେ, ଏବଂ ଅମରତ୍ୱ ପ୍ରଦାନ କରେ । ତୁମ୍ଭର ସମୟ ମଧ୍ୟରେ ଫାଙ୍କପାଇ ସେହି ଫାଙ୍କ ବାଟେ ହେଲେନାର ମୂର୍ତ୍ତି ଆସୁଅଛି । ସେହି ଫାଙ୍କକୁ କର୍ମଦ୍ୱାରା ବୁଜିଦିଅ, ହେଲେନାର ମୂର୍ତ୍ତି ଆଉ ଆସିପାରିବନାହିଁ । ମୂର୍ତ୍ତି ଯାଉ; ମାତ୍ର ସ୍ମୃତି ଥାଉ । ମୂର୍ତ୍ତି ବଡ଼ ଯନ୍ତ୍ରଣାଦାୟିନୀ । କର୍ମକୁ ଅନେକେ ଇତର ମନେକରନ୍ତି; ମାତ୍ର କର୍ମ ଇତର ନୁହେଁ । ଯେ କର୍ମକରେ ସେ ବଡ଼ଲୋକ, ଯେ କର୍ମତ୍ୟାଗୀ ସେହି ଏକା ଇତର ଏବଂ ଘୃଣ୍ୟ । ପରିଶ୍ରମକୁ ଯେ ବାଘ ଭାଲୁ ବା ଭୂତ ପ୍ରେତପରି ଭୟ କରେ ସେ ପ୍ରେତ ହେଉ, ଆଉ ଯେ ପରିଶ୍ରମକୁ ଜୀବନର ବନ୍ଧୁ ବା ଜୀବନ ସୋଦର ମଣେ ସେ କୋଟି ନିଖଟ୍ଟୁର ପରମାୟୁ ଭୋଗ କରିଥାଉ, ଏହା ପ୍ରକୃତିଦେବୀଙ୍କର ଅମୋଘ ଆଶୀର୍ବାଦ । ରେ ସାହେବ, ବିଧାତାଙ୍କର ଆଶୀର୍ବାଦରୂପ ଫୁଲ ତୁମ୍ଭ ମସ୍ତକରେ ଶ୍ରାବଣର ବାରିଧାରା ତୁଲ୍ୟ ବର୍ଷିତ ହେଉ, ତୁମ୍ଭେ ଦେବତା ହୁଅ ।

ଉଦ୍‌ବୃତ୍ତ ସମୟକୁ କି କାର୍ଯ୍ୟରେ ଲଗାଇବେ, ସାହେବ ଏହି ଚିନ୍ତାରେ ନିମଗ୍ନ ହେଲେ । କେତେ ଅନୁଷ୍ଠାନ ଆସି ମନରେ ଉଦିତହେଲା, ସେଥିମଧ୍ୟରୁ କେତେ ଅସାଧ୍ୟ,—କେତେ ଅକରଣୀୟ ଜ୍ଞାନରେ ପରିତ୍ୟକ୍ତହେଲା । ସାହେବଙ୍କ ବଙ୍ଗଳାକୁ ଲାଗି ବିଶାଳ ପ୍ରାନ୍ତର ପଡିରହିଅଛି । ସେ ସମୟରେ ଆସାମରେ

ଯଥେଷ୍ଟ ପତିତ ଭୂମି ଥିଲା, କେବଳ ସାମାନ୍ୟ କେତେଟା ମାତ୍ର ଚା ବଗିଚା ସ୍ଥାପିତ ହୋଇଥିଲା । ସାହେବ ଭାବିଲେ,—ଏହି ବିଶାଳ ପ୍ରାନ୍ତରର ଶକ୍ତି ବୃଥାରେ ନଷ୍ଟ ହେଉଅଛି, ଏହି ଶକ୍ତି ସାହାଯ୍ୟରେ ଅର୍ଥାଗମର ଗୋଟାଏ ପନ୍ଥା କରିନେଲେ ବିଶେଷ ଉପକାର ହୋଇ-ପାରିବ । ଏ ମୃତ୍ତିକା ଚା କୃଷିର ଉପଯୁକ୍ତ । ବୈଜ୍ଞାନିକ ସାର ପ୍ରୟୋଗ କଲେ ଏହାର ଉର୍ବରତା ବହୁଗୁଣରେ ବଢ଼ିଯିବ । ଏହା ଭାବି ପରୀକ୍ଷା ସ୍ୱରୂପ ସ୍ୱଳ୍ପ ଭୂମିରେ ଚା ଆବାଦ କଲେ ଏବଂ ସେଥିରେ ବୈଜ୍ଞାନିକ ସାର ପ୍ରସ୍ତୁତ କରି ପ୍ରୟୋଗ କଲେ । ଅନ୍ୟାନ୍ୟ ଚା ବଗିଚାର ସେହି ପରିମିତ ଭୂମିରୁ ଯେତେ ଚା ଉତ୍ପନ୍ନ ହୁଏ, ସାହେବଙ୍କ କୃଷି କ୍ଷେତ୍ରରୁ ସେଥିର ଦଶଗୁଣ ଚା ଉତ୍ପନ୍ନ ହେଲା । ଏବଂ ଉକ୍ତ ଚା ପୃଥିବୀର ସମସ୍ତ ଚା ମଧ୍ୟରେ ଉତ୍କୃଷ୍ଟତମ ବୋଲି ପ୍ରମାଣିତ ହେଲା । ତହୁଁ ସାହେବ ଉତ୍ସାହିତ ହୋଇ ଏକବର୍ଗକୋଶ ଜମି ପଟ୍ଟା ନେଇ କାର୍ଯ୍ୟାରମ୍ଭ କଲେ । ପ୍ରସ୍ତର ପ୍ରାଚୀର ଦ୍ୱାରା ବଗିଚା ସୀମାବଦ୍ଧ ହେଲା । ସେଥିର ତିନି ଭାଗ କୃଷିକ୍ଷେତ୍ର ପାଇଁ ରଖାଯାଇ, ଅବଶିଷ୍ଟ ଏକ ଭାଗରେ ଅଫିସ ପ୍ରଭୃତି ପ୍ରସ୍ତୁତ ହେଲା । କେତେ-ଗୋଟା କୂପ ଏବଂ ପୁଷ୍କରିଣୀ ଖନିତ ହେଲା । କୁଲି-ମାନଙ୍କ ରହିବା ସକାଶେ ଶ୍ରେଣୀବଦ୍ଧଭାବରେ ବଡ଼ ବଡ଼ ଘର ପ୍ରସ୍ତୁତ ହେଲା । ପ୍ରତି ଘରରେ ଗୋଟାଏ ଲେଖାଏଁ ବଗିଚା ତିଆର ହୋଇ କୁଲିମାନଙ୍କ ବିଶ୍ରାମ ଏବଂ ଆମୋଦ ପ୍ରମୋଦ ସକାଶେ ରହିଲା । ଡାକ୍ତରଖାନା, ଅଫିସରମାନଙ୍କ ବସାଘର ଇତ୍ୟାଦି ସ୍ୱତନ୍ତ୍ର ନିର୍ମିତ ହେଲା । ପ୍ରଥମତଃ ସ୍ଥାନୀୟ ବନ୍ୟଜାତିମାନେ କୁଲି ନିଯୁକ୍ତ ହେଲେ । ପରେ ବିଦେଶୀୟ କୁଲିମାନେ ଯାଇ ରହିଲେ । ଗୋଟାଏ ବୃହତ୍ ଗୋଦାମ ପ୍ରସ୍ତୁତ ହୋଇ ସେଥିରେ କୁଲିମାନଙ୍କର ଖାଦ୍ୟ ଏବଂ ବ୍ୟବହାର୍ଯ୍ୟ ପଦାର୍ଥ ରହିଲା । କୁଲିମାନେ ସେଥିରୁ ଆବଶ୍ୟକ ଦ୍ରବ୍ୟ ଉଚିତ ମୂଲ୍ୟରେ କ୍ରୟ କରିବାର ସୁବ୍ୟବସ୍ଥା କରାଗଲା । ଏହି ସମସ୍ତ ବନ୍ଦୋବସ୍ତ ପରେ ଯଥାରୀତି କୃଷିକାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ବର୍ଷ ଯେତେ ଚା ଉତ୍ପନ୍ନ ହେଲା ସେଥିରୁ ଖର୍ଚ୍ଚ ଯାଇ ପଚିଶ ହଜାର ଟଙ୍କା ଲାଭ ମିଳିଲା । ଦ୍ୱିତୀୟ ବର୍ଷ ଉତ୍ପନ୍ନ ଚା ବିକ୍ରୟ ସକାଶେ ପୃଥିବୀର ସର୍ବତ୍ର ପ୍ରେରିତ ହେଲା । ସେ ବର୍ଷ ଖର୍ଚ୍ଚବାଦେ ଲକ୍ଷେ ଟଙ୍କା ଲାଭ ହେଲା । ଏହାପରେ ପ୍ରତିବର୍ଷ ଆୟ ବୃଦ୍ଧି ହେବାକୁ ଲାଗିଲା ଏବଂ ଆୟ ବୃଦ୍ଧି ସଙ୍ଗେ ସଙ୍ଗେ କୃଷି ଭୂମିର ପରିମାଣ ମଧ୍ୟ ବିସ୍ତୃତି ଲାଭ କଲା । ବଗିଚାରେ ଦୁଇହଜାର ବେତନ ଭୋଗୀ କୁଲି ରହିଲେ । ଏତଦ୍ ବ୍ୟତୀତ ଠିକା କୁଲି ଅନେକ ଲାଗିଲେ । ଅଫିସର ଏବଂ କୁଲି ସର୍ଦ୍ଦାରର ସଂଖ୍ୟା ଦୁଇଶତରୁ ଊଣା ନୁହେଁ । ରେ ସାହେବ ବଗିଚାର ମାଲିକ ହେଲେହେଁ ସ୍ୱତନ୍ତ୍ର ମେନେଜର ନ ରଖି ନିଜେ ସବୁ ବୁଝାସୁଝା କଲେ । ତାଙ୍କର କର୍ମକୁଶଳତା ହେତୁ ବଗିଚାର କ୍ରମୋନ୍ନତି ସାଧିତ ହେଲା ଏବଂ ସମସ୍ତ କାର୍ଯ୍ୟ ସୁଶୃଙ୍ଖଳାରେ ପରି-ଚାଳିତ ହେଲା ।

ରେ ସାହେବ ଜଣେ ଦୟାଳୁ ଏବଂ ସହୃଦୟ ବ୍ୟକ୍ତି । ତାଙ୍କର ପ୍ରତିଭା ଅସାଧାରଣ । ସେ ଏ ଦେଶକୁ ଆସି ହିନ୍ଦୀ, ବଙ୍ଗଳା ଏବଂ ଓଡ଼ିଆଭାଷା ବିଲକ୍ଷଣ ଶିକ୍ଷା କରିଅଛନ୍ତି । ଓଡ଼ିଆ ଭାଷାର ପ୍ରକୃତି ଏରୂପ ଯେ, ତାହାର ବିଶୁଦ୍ଧ ଉଚ୍ଚାରଣ ଅନ୍ୟ ଭାଷାଭାଷୀ ତୁଣ୍ଡରେ ହୁଏ ନାହିଁ । ଏମନ୍ତ କି ଆମ୍ଭମାନଙ୍କର ପ୍ରତିବେଶୀ ଏବଂ ସହବାସୀ ଉନ୍ନତ ବଙ୍ଗାଳୀମାନଙ୍କର ତୁଣ୍ଡରେ ସୁଦ୍ଧା ନୁହେଁ । ସେମାନେ ଓଡ଼ିଆ କୁ ଉଡ଼େ, ସମ୍ମାନସୂଚକ ଅବଧାନ ଶବ୍ଦକୁ ଅବଧୁତ ଏବଂ କଅଣକୁ କଡ଼ ଇତ୍ୟାଦି ରୂପେ ଉଚ୍ଚାରଣ କରନ୍ତି । ବଙ୍ଗର ସମୁଜ୍ଜ୍ୱଳ ରତ୍ନ ବଙ୍କିମ-ଚନ୍ଦ୍ର ଏବଂ କବିବର ନବୀନଚନ୍ଦ୍ର ସୁଦ୍ଧା ଏହି ଦୋଷରୁ ମୁକ୍ତ ନୁହନ୍ତି, ଅଥଚ ସେମାନେ ଓଡ଼ିଶାର ଡେପୁଟି ମାଜିଷ୍ଟ୍ରେଟ ଥିଲେ ଏବଂ ସରକାରୀ ନିୟମାନୁସାରେ ଓଡ଼ିଆ ଭାଷାରେ ପାସ୍ କରିଥିବେ । ଓଡ଼ିଆ ଭାଷାପ୍ରତି ସେମାନଙ୍କର ଏରୂପ ତାଚ୍ଛଲ୍ୟ ଦେଖି ବାସ୍ତବରେ ପ୍ରାଣରେ ଦାରୁଣ ଆଘାତ ଲାଗେ । କିନ୍ତୁ ରେ ସାହେବ ଯେତେବେଳେ ଓଡ଼ିଆରେ କଥା କହନ୍ତି ସେତେବେଳେ ସେ ଓଡ଼ିଆ କି ଇଂରେଜ ତାହା ବାରିହୁଏ ନାହିଁ । କେବଳ ଓଡ଼ିଆ ନୁହେଁ, ବଙ୍ଗ ଏବଂ ହିନ୍ଦୀଭାଷା ସୁଦ୍ଧା ସେ ସ୍ପଷ୍ଟ ଉଚ୍ଚାରଣ କରିପାରନ୍ତି । ସେ କୁଲିମାନଙ୍କୁ ପୁତ୍ରତୁଲ୍ୟ ସ୍ନେହ-ଚକ୍ଷୁରେ ଦେଖନ୍ତି । ସେମାନଙ୍କ ପ୍ରତି କେହି ଅତ୍ୟାଚାର କଲେ ସେ ସେଥିର ଉପଯୁକ୍ତ ପ୍ରତିକାର ନ କରି ନୀରବ ର।

ନଷ୍ଟେଷ୍ଟ ରହନ୍ତିନାହିଁ । କେହି ପୀଡ଼ିତ ହେଲେ ସେ ସ୍ୱୟଂ ଯାଇ ଚିକିତ୍ସାର ବ୍ୟବସ୍ଥା କରନ୍ତି ଏବଂ ମଧୁର ସାନ୍ତ୍ୱନାବାକ୍ୟରେ ବ୍ୟାଧିତଙ୍କୁ ପ୍ରବୋଧ ଦିଅନ୍ତି । ତାଙ୍କର କଥା ମାତୃସ୍ନେହ ପରି ମଧୁର, ଶୀତଳ ଓ ବ୍ୟଥାହାରକ । ଏହି ସମସ୍ତ ଦେବସୁଲଭ ସଦ୍‌ଗୁଣରେ ବିମୋହିତ ହୋଇ କୁଲିମାନେ ତାଙ୍କୁ ପିତୃସମ୍ବୋଧନରେ ସମ୍ବୋଧିତ କରନ୍ତି ଏବଂ ତାଙ୍କ ସହିତରେ ହୃଦୟ ଖୋଲି କଥାବାର୍ତ୍ତା କରି ନିଜ ନିଜର ଦୀନପ୍ରାଣ ସାର୍ଥକ ମଣନ୍ତି । ମାସର ଶେଷଦିନ କୁଲିମାନଙ୍କୁ ବେତନ ଦିଆଯାଏ ଏବଂ ଗୋଟାଏ ଉପାଦେୟ ଭୋଜି ମଧ୍ୟ ଦିଆଯାଏ । ଏଥିର ପ୍ରତିଦାନସ୍ୱରୂପ କୁଲିମାନେ ଦିନରେ ଘଣ୍ଟାଏ ଲେଖାଏଁ ଅଧିକା କାର୍ଯ୍ୟ କରିବାନିମନ୍ତେ ଥରେ ସାହେବଙ୍କୁ କହିଥିଲେ; ମାତ୍ର ସାହେବ ସ୍ୱୀକୃତ ନ ହୋଇ କହିଲେ,—"ଅଧିକ ଖଟିଲେ ତୁମ୍ଭମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ହେବ । ତୁମ୍ଭେମାନେ ମୋର ବ୍ୟବସାୟର ଜୀବନସ୍ୱରୂପ, ତୁମ୍ଭମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁଖସୁବିଧା ପ୍ରତି ଅବହିତ ରହିବା ମୋର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ତୁମ୍ଭମାନଙ୍କୁ କ୍ଳେଶ ଦେଇ ମୁଁ ଅଧିକ ଲାଭବାନ ହେବାକୁ ଇଚ୍ଛାକରେଁନାହିଁ । ତୁମ୍ଭେମାନେ ଦିନରେ ଯେଉଁ ପାଞ୍ଚଘଣ୍ଟା କାର୍ଯ୍ୟ କରୁଅଛ, ତେତିକି ଯଥେଷ୍ଟ । ଅଧିକା ଯେଉଁ ଘଣ୍ଟାକ କାର୍ଯ୍ୟ କରିବାକୁ କହୁଅଛ, ସେହି ସମୟରେ ଖେଳି ବୁଲି ଆମୋଦ ପ୍ରମୋଦ କରି ମନକୁ ଉତ୍ଫୁଲ୍ଲ କର ।" ଏହା ଶୁଣି ଶ୍ରମଜୀବୀମାନେ ଦୁଇ ହାତରେ ସାହେବଙ୍କୁ ସଲାମ କରି କହିଲେ,—"ବାବା, ତୁମ୍ଭେ ମନୁଷ୍ୟ ନୁହଁ,—ସ୍ୱର୍ଗର ସଦୟ ଦେବତା ।" ଅନ୍ୟାନ୍ୟ ଚା ବଗିଚାର ଶ୍ରମିକମାନଙ୍କ ଅପେକ୍ଷା ରେ ସାହେବଙ୍କ ବଗିଚାର କୁଲିମାନେ ଅଧିକ ବେତନ ପାଆନ୍ତି ଏବଂ ଯାହାର କାର୍ଯ୍ୟକାଳ ଶେଷ ହୁଏ, ତାହାକୁ ଉପଯୁକ୍ତ ପାଥେୟ ସହ ପୁରସ୍କାର ପ୍ରଦାନ ପୂର୍ବକ ବିଦାୟ ଦିଆଯାଏ । ଅପର ଚା ବଗିଚାର କୁଲିମାନେ କହନ୍ତି—"ଚାକିରି କରିବ ତ ରେ ସାହେବଙ୍କ ଅଧୀନରେ ଚାକିରି କରିବ । ରେ ସାହେବ ଖାଲି ମୁନିବ ନୁହନ୍ତି,—ସେ ଗରିବଙ୍କ ମା ବାପ । ତାଙ୍କ ପାଖରେ ଚାକିରି କରିବା ଅର୍ଦ୍ଧ ବାଲୁଗିରି ପରି । ତାଙ୍କ କୁଲିମାନେ ଭାଗ୍ୟଧର ଏକା ।"

---

# ଅଷ୍ଟାଦଶ ପରିଚ୍ଛେଦ

ମଧୁ ଭୀମସିଂହ ବସାରେ ସୁଖରେ ଦିନଯାପନ କରୁଅଛି । ଉଭୟେ ସହିଷ୍ଣୁ, ସୁତରାଂ ପାକ କାରଣ ନାହିଁ । ଦୁହେଁ ମିଳିମିଶି ମୁଠାଏ ଫୁଟାଇ ଖାଆନ୍ତି । ଠିକ୍ ଦୁଇଟି ଭାଇପରି ଅଛନ୍ତି । ଭୀମ ମଧୁକୁ ଏହିପରି କଥା ଦେଇଅଛି ଯେ—"ଆମ ସାହେବ ତାଙ୍କ ଦେଶକୁ ଯାଇଥିଲେ । ପନ୍ଦର ଦିନ ହେଲା ଫେରିଆସିଅଛନ୍ତି । ସାଙ୍ଗରେ ତାଙ୍କ ସଙ୍ଗୀନ ମୈତ୍ରମାନେ ଆସିଅଛନ୍ତି । ସେମାନେ ଦଶ ବାର ଦିନ ପରେ ଯିବେ । ସମସ୍ତେ ଗଲେ ମୁଁ ନିରୋଳରେ ତୋ କଥା ସାହେବଙ୍କୁ ଜଣାଇବ ।" ମଧୁ ଏ କଥାରେ ବିଶ୍ୱାସ କରି ନିଶ୍ଚିନ୍ତ ଅଛି । ଭୀମର ଭ୍ରାତୃବ୍ୟବହାର ମଧ୍ୟ ତାହା ପ୍ରାଣରେ ସାନ୍ତ୍ୱନା ଆନୟନ କରିଅଛି । ଭୀମ ଓଡ଼ିଆ କୁଲିମାନଙ୍କର ସର୍ଦ୍ଦାର । ତାହା ଅଧୀନରେ ତିରିଶ ଜଣ କୁଲି କାମ କରନ୍ତି । ଦିନେ ସେ କଥାପ୍ରସଙ୍ଗରେ କୁଲିମାନଙ୍କୁ ମଧୁ କଥା କହିଥିଲା । ତାହା ଶୁଣି କୁଲିମାନେ ଆଡ଼କାଠିମାନଙ୍କ ପ୍ରତି ଅଭିଧାନବହିର୍ଭୂତ ବହୁବିଧ ଶିଷ୍ଟାଚାର ଶବ୍ଦପ୍ରୟୋଗ ଦ୍ୱାରା ମଧୁର ସମ୍ପର୍କ ସ୍ଥାପନ କଲେ ଏବଂ ଦୁଃସ୍ଥ ବାଳକ ପ୍ରତି ସହାନୁଭୂତି ପ୍ରକାଶ କରି କହିଲେ,—'ଆହା ସେ ବଡ଼ଘରର ପିଲା, ଏତେ କଷ୍ଟ ସହି ପାରିବ । ଯାହାହେଉ, ତାକୁ କିଛି କରିବାକୁ ହେବ ନାହିଁ, ଆମେ ସମସ୍ତେ ଉଠାଣିବେଳେ ହତେ ହତେ ପଇ ତୋଳିଦେଲେ ତାହାର ଯାଇକି ହୋଇଯିବ ।" ସେହି ଦିନ-

ଠାରୁ କୁଲିମାନେ କଥା ଅନୁଯାୟୀ କାର୍ଯ୍ୟ ମଧ୍ୟ କଲେ । ସୁତରାଂ ମଧୁକୁ ପରିଶ୍ରମ କରିବାକୁ ପଡ଼ିଲାନାହିଁ । ସେ ବୁଲି ଖେଳି ଏବଂ ଗଳ୍ପ କରି ଆନନ୍ଦରେ ସମସ୍ତ ଅତି-ବାହିତ କରେ ।

ଆଜି ରବିବାର, କୁଲିମାନଙ୍କର କାମ ବନ୍ଦ । ସକାଳୁ ଝିପିରି ଝିପିରି ବର୍ଷା ହେଉଅଛି । ଆସାମରେ ଏରୂପ ବର୍ଷା ବିରଳ ନୁହେଁ,—ପ୍ରାୟ ଅଧିକାଂଶ ଦିନ ଏହିପରି ହୁଏ । କମେଇ ହେତୁ କୁଲିମାନେ ଟିକିଏ ଅଧିକ ଶୋଇ ପଡ଼ିଅଛନ୍ତି । କେତେକଣ ଚଞ୍ଚଳିଆ ଲୋକ ସକାଳୁ ଉଠି କେହି ନାସଘୁଣ୍ଟା, କେହି ପିକାମୋଡ଼ା ଏବଂ କେହି ବା ପାନଭଙ୍ଗାରେ ଲାଗିଅଛି । କେହି ଗୁଣୁ-ଗୁଣୁ ହୋଇ ଗୀତ ଗାଉଅଛି; ମାତ୍ର ଅଧିକାଂଶ ଶଯ୍ୟାଶ୍ରୟୀ । ବର୍ଷାଦିନସକାଳେ ଶଯ୍ୟାଟା ସୁପ୍ରିୟବ୍ୟକ୍ତିକୁ ଟିକିଏ ଟାଣିଧରେ । ବିଶେଷତଃ ବାଦସାହି ନିଶା ସେବୀ ଅଫିମଖୋରମାନଙ୍କର ସେଦିନ ସ’ବାର । କଳାମାଣିକ ଅହିଫେନପ୍ରସାଦରୁ ସେମାନେ ବହୁବିଧ ଅଦ୍ଭୁତ କାଳ୍ପନିକ ବାଦସାହି ସୁଖ ଅନୁଭବ କରନ୍ତି । କୁଲି-ମାନଙ୍କ ମଧ୍ୟରେ ଯେଉଁମାନେ କୃଷ୍ଣସୁନ୍ଦରଙ୍କ ଭକ୍ତ, ସେମାନେ ଶିବନେତ୍ରରେ ଧ୍ୟାନପରାୟଣ ହୋଇ ଆଖି ଆଗରେ ଚତୁର୍ଦ୍ଦଶ ଭୁବନ ଦେଖୁଅଛନ୍ତି । କେହି ନାସି-କାରେ ନିଶବ୍ଦ ସଙ୍ଗୀତ ଆବୃତ୍ତି କରୁଅଛି, ସେହି ସଙ୍ଗୀତର ସୁଚିକ୍କଣ ରସ ମୁଖ-ବିବରରୁ ବହିଆସୁଅଛି । କେହି ସ୍ୱର୍ଗରେ ରାଜା ହୋଇଅଛି,—ସ୍ୱୟଂ ସୁରରାଜ ଇନ୍ଦ୍ର ତାହା ମସ୍ତକରେ ରାଜଛତ୍ର ଧରିଅଛନ୍ତି, ଦେବତାମାନେ ଚାମର ବ୍ୟଜନ କରୁଅଛନ୍ତି । ବ୍ରହ୍ମା ଚତୁର୍ମୁଖରେ ସ୍ତୁତିଗାନରେ ନିଯୁକ୍ତ । ଗନ୍ଧର୍ବକୁଳ ଶିରକମ୍ପନପୂର୍ବକ ତାଳେ ତାଳେ ବାଦ୍ୟ ବାଦନ କରୁଅଛନ୍ତି । ଅପ୍‌ସରାବୃନ୍ଦ ଖେମଟା ନୃତ୍ୟରେ ମତ୍ତ ହୋଇ "ଆଓ ମେରି ସୈୟାଁ ହୋ" ଏହି ଏକପଦିଆ ସଙ୍ଗୀତ ଦୋହୋରେଇ ତେହେରେଇ ଗାଇ ବିଲୋଳ କଟାକ୍ଷ ତାଳ ଦେଉଅଛନ୍ତି ଏବଂ ବାମହସ୍ତ କଟିସଂଲଗ୍ନ-ପୂର୍ବକ ଦକ୍ଷିଣ ହସ୍ତର ତର୍ଜ୍ଜନୀ ଗଣ୍ଡସ୍ଥଳରେ ସ୍ଥାପନକରି ଚକ୍ର ଭାବରେ ଲେଉଟଣି ପାରିପରି ଲୋଟିଯାଉଅଛନ୍ତି । ଦେବସଭା ମଧ୍ୟରୁ "ବାହାବା ବାହାବା କ୍ୟା ମଜା ହେ" ଧ୍ୱନି ମୁହୁର୍ମୁହୁଃ ଉତ୍‌ଥିତ ହୋଇ ସ୍ୱର୍ଗରାଜ୍ୟ କମ୍ପିତ କରୁଅଛି । ଆଉ କୃଷ୍ଣପରାୟଣ ବାଦସାହି ଅର୍ଦ୍ଧନିମୀଳିତ ଧ୍ୟାନ-ନେତ୍ରରେ ସେହି ଅମିୟରସ ପାନକରୁଅଛି ଏବଂ ଅଞ୍ଜଳି ଅଞ୍ଜଳି ସ୍ୱର୍ଣ୍ଣମୁଦ୍ରା, ରୌପ୍ୟମୁଦ୍ରା ଅଧୁଲି, ସୁକି ନର୍ତ୍ତକୀମାନଙ୍କ ଉପରେ ନିକ୍ଷେପ ପୂର୍ବକ ସେମାନଙ୍କୁ ପୁରସ୍କାର ଦେଉଅଛି । ଏହି ସମୟରେ ଦୁରନ୍ତ ରାକ୍ଷସ-ମାନେ ଆସି ସ୍ୱର୍ଗ ଆକ୍ରମଣ କଲେ । ଗୋଟାଏ ବାଣ ନବ-ବାଦସାହର କଣ୍ଠମୂଳ ଦେଇ ଶର୍‌ର୍ ପରି ଚାଲି ଗଲା । ବାଦସାହି ଚମକି ଉଠି କାନ ଅଣ୍ଟାଳି ପକାଇ ଦେଖିଲି କାନଟା ଉଡ଼ିଯାଇ ନାହିଁ । କାନପ୍ରତି ତାହାର ଭାରି ଭକ୍ତି, କାନ ଅଭାବରେ ସେ କାହିଁରେ ସଙ୍ଗୀତ ଶୁଣିବ ? ଯାହାହେଉ ଦୈବ ତାହାର କାନ ରକ୍ଷାକଲା; ମାତ୍ର ବାଦସାହି ନିଶା ଛୁଟିଗଲା । ସେ ଧଡ଼ପଡ଼ ହୋଇ ଉଠିବସି ଅତି ଆକ୍ଷେପ କରି ଅର୍ଦ୍ଧଭଗ୍ନ ସ୍ୱରରେ କହିଲା—"ଓଃ, କେତେ ମଉଜଟା ଭାଙ୍ଗି ଗ-ଅ-ଲା-ରେ-ଏ ।" ଛି, ରାକ୍ଷସଗୁଡ଼ାକ କଣ ଭଦ୍ରଲୋକ ନୁହନ୍ତି ! ଆକ୍ରମଣର କଣ ସୁବିଧା-ଅସୁବିଧା ନାହିଁ,—ବେଳକାଳ ନାହିଁ ? ଏ ଭଳି ମହାରସ କି ଭଙ୍ଗ କରାଯାଏ ! ହାଃ ରାକ୍ଷସ, ତୁମ୍ଭ ନସିବ୍ ଖରାପ । ଏହି ସମୟରେ "ସାଆବ ଆସୁଛି ସାହାବଆସୁଛି" ବୋଲି ଗୋଟାଏ ଚହଳପଡ଼ିଗଲା । ରେ ସାହେବ ସକାଳୁ ଉଠି ଚା-ରୂପ ଅମୃତପାନ ସଙ୍ଗେ ସଙ୍ଗେ କେତୋଟି ସିଦ୍ଧଶୁକ୍ଳ ଶାଳଗ୍ରାମ ଉଦର ଦେବତାଙ୍କ ବାଲଭୋଗ ସମର୍ପଣ କରି ଗୋଟାଏ ଚୁରୁଟ ଲଗାଇଲେ । ଏହା ବାଲ୍ୟଭୋଗ ପରେ ଅବଶ୍ୟକ । ଅନନ୍ତର ଚୁରୁଟ ଧୂଆଁରେ ପଥପାର୍ଶ୍ୱ ଖଣ୍ଡ-କୁହୁଡ଼ି ସର୍ଜ୍ଜନପୂର୍ବକ ପ୍ରାତଃ ପ୍ରର୍ଯ୍ୟଟନରେ ବହିର୍ଗତ ହେଲେ । କି ସୁନ୍ଦର ଭକ୍ତି-ଆକର୍ଷଣୀ ମୂର୍ତ୍ତି । ଅଧରରେ ତୃପ୍ତିର ମୃଦୁହାସ୍ୟ ଲାଗି-ରହିଅଛି । ଦସ୍ତୁର ସ୍ନିଗ୍ଧ ଜ୍ୟୋତିରେ ନୟନ ଉଜ୍ଜ୍ୱଳ । ମୁଖମଣ୍ଡଳରୁ ଦେବବିଭା ନିଗିଡ଼ିପଡ଼ୁଅଛି । ସତେ ଯେପରି ଶ୍ୱେତମର୍ମର-ପ୍ରସ୍ତରନିର୍ମିତ ଗୋଟିଏ ସଚଳ ଦେବ ବିଗ୍ରହ । କୁଲି-ସାହିପାଖରେ ଉପସ୍ଥିତ ହେଲା କ୍ଷଣି, "ହେଇ, ବାବା ଆସିଲାଣି, ହେଇ ବାବା ଆସିଲାଣି" ବୋଲି କୁଲିମାନେ ଚିତ୍କାର କରି ଧାଇଁ ଆସିଲେ ଏବଂ ଦୁଇ ହାତରେ ଅଜସ୍ର ସଲାମ କରି

ଶିଶୁମାନେ ପିତାଙ୍କୁ ବେଷ୍ଟନ କଲାପରି ସ୍ୱରପାଖରୁ ସାହେବଙ୍କୁ ଘେରି ଠିଆହେଲେ । ସେମାନଙ୍କର ଆନନ୍ଦ ହୃଦୟରେ ଧରିଲା ନାହିଁ,—ସହସ୍ର ଧାରରେ ତାହା ଉଚ୍ଛୁଳିପଡିଲା । ସସ୍ମିତବଦନ ସାହେବ ମଧୁର ସ୍ୱରରେ ସମସ୍ତଙ୍କୁ କୁଶଳ ପ୍ରଶ୍ନକଲେ । ଭୀମସିଂହ ଏବଂ ମଧୁ ଏକପାଖରେ ଠିଆ ହୋଇଥିଲେ । ସାହେବ ମଧୁକୁ ଦେଖି ପଚାରିଲେ —"ଏ ପିଲା କିଏ ?" ଭୀମ କୃତାଞ୍ଜଳି ପୁଟରେ ଉତ୍ତର କଲା,—ହଜୁର ଏ ଜଣେ କୁଲି ।" ତହୁଁ ସାହେବ ଶ୍ଳେଷମିଶ୍ରିତ ଅସ୍ପଷ୍ଟ ସ୍ୱରରେ "ଏ ପିଲା କୁଲି, ଏ ପିଲା କୁଲି" ବୋଲି ବାରମ୍ବାର କହି ଗର୍ଜନ କରିଉଠିଲେ । ଭୀମ ଭୀତ ହୋଇ କମ୍ପିତ କଣ୍ଠରେ କହିଲା,—"ମାସକ ତଳେ ଯେଉଁ ନୂଆ କୁଲିଦଳେ ଆସିଅଛନ୍ତି, ଏ ତାଙ୍କରି ସଙ୍ଗରେ ଆସିଅଛି । ଜଣେ ଠକ ସୁଇନ୍ଦା ଏହାକୁ ବାହାରେଇ ଆଣି ଏଜେଣ୍ଟକୁ ବିକ୍ରୟ କରିଦେଇଯାଇଛି । ମୁଁ ଆଜି ବେଳଉଠନ ଏ ପିଲାକୁ ଘେନି ହଜୁରଙ୍କ ପାଖକୁ ଯାଇ ଜଣାଇ ଥାଆନ୍ତି ଦାଇବେ ତ ହଜୁର ଆସି ପହୁଞ୍ଚି ଗଲେ । ପିଲାଟା ଭାରି କାନ୍ଦୁଥିଲା । ମୁଁ ତାକୁ ବୋଧ ଶୋଧକରି ରଖିଅଛି ।" ସାହେବ ମଧୁକୁ ପାଖକୁ ଡାକି ତାହାର ହାତଚଟିଆଠାରୁ କାନ୍ଧ ପର୍ଯ୍ୟନ୍ତ ଚିପି ଚିପି କହିଲେ,—ନା, ନା, ଏ ପିଲା କେବେ କୁଲି ହୋଇ ପାରେନାହିଁ । ଏ ନିଶ୍ଚୟ କୌଣସି ବଡ଼ ଘରର ପିଲା, ନଚେତ୍ ଏହାର ହାତ ଏତେ ନୋଠା ହୁଅନ୍ତାନାହିଁ, କି ଚେହେରା ଏଭଳି ସୁନ୍ଦର ହୁଅନ୍ତା ନାହିଁ । ଆଚ୍ଛା ଭୀମ ସିଂହ, ଆଜି ସୁରିଟାବେଳେ ତୁ ଏ ପିଲାକୁ ନେଇ ବଙ୍ଗଳାରେ ହାଜର କରିବୁ ।" ଭୀମ କହିଲା,—"ଯେ ହୁକୁମ୍ ହଜୁର ।" ସାହେବ ପୁନଶ୍ଚ ପଚାରିଲେ,—"ନୂଆ କୁଲିମାନଙ୍କ ମଧ୍ୟରେ ଏହିପରି ପିଲା ଆଉ କେତେଜଣ ଅଛନ୍ତି ?" ଭୀମ କହିଲା—"ନା, ହଜୁର, ଆଉ ପିଲା ନାହାନ୍ତି,—ଏକା ଏହି ଗୋଟିକ ।" ସାହେବ ଆଉ କିଛି ନ କହି ବୁଲିବାକୁ ଚାଲିଗଲେ । ନ୍ୟାୟ ବିଷୟରେ ଏବଂ ଦୟାରେ ଏହି ସାହେବ ଏକା ସ୍ୱର୍ଗ ଜୟ କରିବାକୁ କ୍ଷମ ।

ସାହେବଙ୍କ କଥା ଶୁଣି ମଧୁର ଆଖି ଆଗରେ ଗୋଟାଏ ନୂତନ ଜଗତ ଦେଖାଗଲା, ତାହାର ରୁଦ୍ଧ ଆଶା ଦ୍ୱାର ମୁକୁଳା ହୋଇଗଲା ଏବଂ ଅଦୃଷ୍ଟ ବିଫଳତା ଆଡ଼ୁ ଫେରି ସଫଳତା ଆଡକୁ ଅଗ୍ରସର ହେବାକୁ ଲାଗିଲା । ଆନନ୍ଦର ଆତିଶଯ୍ୟରେ ସେ କାନ୍ଦି-ପକାଇଲା । ଦୁଃଖର ଦୃଷ୍ଟିରୋଧୀ ଅନ୍ଧକାର ପରେ ଜ୍ୟୋତ୍ସ୍ନାର ସ୍ୱଚ୍ଛ ଆଲୋକ ଦେଖିଲେ କାହାର ହୃଦୟ ବା ଆନନ୍ଦାମୃତଧାରରେ ଅଭିଷିକ୍ତ ନହୁଏ ? ନେତ୍ରର ଅଶ୍ରୁନିର୍ଝର କେବଳ ଦୁଃଖରେ ଉନ୍ମୁକ୍ତ ହୁଏ ନାହିଁ, ଆନନ୍ଦରେ ମୁଦ୍ଧା ଉନ୍ମୁକ୍ତ ହୋଇଯାଏ । କୁଲିମାନଙ୍କ ମଧ୍ୟରେ ଦେବପ୍ରାଣ ସାହେବଙ୍କ ନାମରେ ଧନ୍ୟ ଧନ୍ୟ ପଡିଗଲା । ଭୀମର ଆନନ୍ଦ କହିଲେ ନସରେ; ସେ ଆନନ୍ଦରେ ଆତ୍ମବିସ୍ମୃତ । ଏଣେ ସାହେବଙ୍କ ହୃଦୟରେ ଆଜି ଅନ୍ୟ ଚିନ୍ତା ସ୍ଥାନ ପାଇଲାନାହିଁ । ସେ ଭ୍ରମଣ କରୁକରୁ ମନେ ମନେ ଭାବିବାକୁ ଲାଗିଲେ,—ଆହା, ବାଳକଟି କି ମାନସିକ ଯନ୍ତ୍ରଣା ଭୋଗକରୁନଥିବ । ଦୁର୍ବୃତ୍ତ ନରପିଶାଚ ତାହାକୁ କେତେ ପ୍ରଲୋଭନ ଦେଖାଇ, କେତେ ସ୍ନେହ ଦେଖାଇ ଭୁଲାଇ ଆଣିଥିବ । ଦୁର୍ଜନର ଶତ୍ରୁତାଠାରୁ ତାହାର ସ୍ନେହ ଭୟାନକ । ମୃଗଲୁବ୍ଧ ଦ୍ୱାରା ମୃଗଶିଶୁପ୍ରାୟ ବାଳକଟି ଦୁଷ୍ଟ ଆଡ଼କାଟିଦ୍ୱାରା ଭୀଷଣ ଭାବରେ ପ୍ରତାରିତ ହୋଇଅଛି । ପାଷଣ୍ଡ ପରଭାଗ୍ୟ ଭାଙ୍ଗି ନିଜ ଭାଗ୍ୟ ଗଢିବାକୁ ବସିଅଛି,—ପରକୁ ଦୁଃଖ ଦେଇ ନିଜେ ସୁଖଭୋଗ କରିବାର ପ୍ରୟାସ କରିଅଛି; ମାତ୍ର ଜାଣେନାହିଁ,—ସୁଖ ଯେ ବଡ଼ ଚପଳ ଏବଂ ପିଚ୍ଛିଳ, ଧରୁଁ ଧରୁଁ ସେ ଖସିଚାଲିଯାଏ । ମୋହଭ୍ରାନ୍ତ ମାନବ କେତେଦିନ ପାଇଁ କେତେକଥା କରିଯାଏ । ସଂସାରରେ ପ ପର ଭୟ ନଥିଲେ ସେ ଆଉ କଅଣ କରିନପାରନ୍ତା ? ଏଭଳି ପଶୁ ପୁଣି ମାନବ-ଔରସରେ ମାନବୀ-ଗର୍ଭରେ ଜନ୍ମଗ୍ରହଣ କରନ୍ତି । ଅର୍ଥ ଲୋଭରେ ଏଡ଼େ ବଡ଼ ମହାପାପ କି ଧର୍ମ ସହିବ ? ନିଜ ସହାୟେ—ଆଶ୍ରିତପୋଷଣ ସହାୟେ ଏବଂ ଦେଶ ହିତ ସହାୟେ ସଦୁପାୟରେ ଅର୍ଥାର୍ଜ୍ଜନ କରିବା ବିଧାତାଙ୍କର ମଙ୍ଗଳ ଆଦେଶ; ମାତ୍ର ଅସଦୁ-ପାୟରେ ଅର୍ଥାର୍ଜ୍ଜନ ସେହି ପବିତ୍ର ଆଦେଶର ଅବମାନନା

ସିନା । ତାହା ପୌରୁଷ ନୁହେଁ,—ପାପ । ମାଟିର ଅର୍ଥ ମାଟିରେ ପଶିରହିବ; ମାତ୍ର ଅସଦୁପାୟରେ ଅର୍ଥୋପାର୍ଜ୍ଜନ ଜନିତ ପାପ କେବଳ ସଙ୍ଗରେ ଯିବ । ଏ ସଂସାର ଅପଦେବତାର ସୃଷ୍ଟି ନୁହେଁ ଯେ, ମହାପାପକରି ହସି ହସି ପାର ହୋଇଯିବ । ହାୟ, ବାଳକଟିର ପିତାମାତା କି ବଳବଳ ହେଉ ନ ଥିବେ ! ତାଙ୍କ ହୃଦୟରେ ଶୋକର ଯେଉଁ ଉଗ୍ରଦାବାନଳ ପ୍ରଜ୍ଜ୍ୱଳିତ ହେଉଥିବ, ତାହାର ତାପ କି ସୃଷ୍ଟିକର୍ତ୍ତାର ଇହ-ପରକାଳ ଦଗ୍ଧ କରିବ ନାହିଁ ? ଯଦି ତାହା ନ ହୁଏ, ତେବେ ଏ ସଂସାର ମିଥ୍ୟା, ଧର୍ମ ମିଥ୍ୟା ଏବଂ ଈଶ୍ୱର ସୁଦ୍ଧା ମିଥ୍ୟା, ଏମନ୍ତ କି କୌଣସି କୌତୁକୀ ଦୁଷ୍ଟ ପିଶାଚର କପୋଳକଳ୍ପନାର ବ୍ୟର୍ଥ ପରିହାସ ମାତ୍ର । ହାୟ ସତ୍ୟ,—ହାୟ ଧର୍ମ,—ହାୟ ନ୍ୟାୟ, ତୁମ୍ଭେ ଏହା ନିର୍ବିକାରଚିତ୍ତରେ ସହୁଅଛ କି ? ତାହା ହେଲେ ତୁମ୍ଭର ଦେବତ୍ୱ, ଶ୍ରେଷ୍ଠତ୍ୱ ଏବଂ ବିଶେଷତ୍ୱ କେଉଁଠାରେ ? ଦୁରନ୍ତ ବ୍ୟାଧ ଅଲକ୍ଷ୍ୟରେ ପକ୍ଷୀ-କୁଳାୟରୁ ଶାବକ ହରଣକଲେ, ମଣି-ଫଣି ସର୍ପର ଫଣାରୁ ମଣିହରଣ କଲେ କିମ୍ବା କୃପଣର ଧନ ଚୋର ନେଇଗଲେ, ସେମାନେ ଯେପରି ଛଟପଟ ହୁଅନ୍ତି, ବାଳକଟିର ପିତାମାତା ସେହିପରି ହେଉଥିବେ ସିନା । ଅଥବା ଏହି ଅସହନୀୟ ଶୋକରେ ସେମାନେ ପ୍ରାଣତ୍ୟାଗ କରିଥିବେ, ତାହା କିଏ କହିପାରେ ? ଯାହାହେଉ ସେହି ଘୃଣ୍ୟ ନରାଧମକୁ ଉପଯୁକ୍ତ ଉତ୍କଟ ଶିକ୍ଷା ଦେବା ଆବଶ୍ୟକ । ନଚେତ୍ ନ୍ୟାୟ ଧର୍ମର ମସ୍ତକରେ ପଦାଘାତ କଲାପରି ହେବ ଏବଂ ମୋତେ ମଧ୍ୟ ପାପଭାଗୀ ହେବାକୁ ପଡ଼ିବ । ଏହିପରି ନାନା କଥା ଭାବି ଭାବି ସାହେବ ବଙ୍ଗଳାକୁ ଫେରି ଆସିଲେ ।

ଯଥାସମୟରେ ଶ୍ୟାମ ମଧୁକୁ ନେଇ ସାହେବଙ୍କ ପାଖରେ ହାଜର କଲା । ମାତୃ ଅଙ୍କରେ ଶିଶୁ ପ୍ରାୟ ସାହେବ ଆରାମ ଚୌକୀର ଆରାମପ୍ରଦ କୋଳରେ ଅର୍ଦ୍ଧଶାୟିତ ଏବଂ ଅର୍ଦ୍ଧ ଉପବିଷ୍ଟ ଭାବରେ ଖଣ୍ଡେ ଖବର କାଗଜ ପଢୁଥିଲେ । ଶ୍ୟାମ ଏବଂ ମଧୁକୁ ଦେଖି କାଗଜ ଖଣ୍ଡ ରଖିଦେଇ ସଳଖ ହୋଇ ବସିଲେ । ଶ୍ୟାମ ସଲାମ କରି କିଛି ଦୂରରେ ଠିଆ ହେଲା । ମଧୁ ମଧ୍ୟ ଗୋଟାଏ ସଲାମ କଲା । ବାଟରେ ଆସିଲାବେଳେ ସେ ଶ୍ୟାମଦ୍ୱାରା ଏହିରୂପ ଶିକ୍ଷିତ ହୋଇଥିଲା । ସାହେବ କିଛିକ୍ଷଣ ମଧୁକୁ ଆପାଦମସ୍ତକ ନିରୀକ୍ଷଣ କରି ବସିବାକୁ ଆଦେଶକଲେ । ମଧୁ ବସିଲା ପରେ ସାହେବ ପଚାରିଲେ, "ତୋର ନାମ କଅଣ ।"

ମଧୁ—ମୋର ନାମ ମଧୁ ।

ସାହେବ—କଅଣ, ମଧୁ ?

ମଧୁ—ହଁ, ହଜୁର ।

ସାହେବ—ହଁ, ଖୁବ୍ ଭଲ ନାମ । ଅଚ୍ଛା, ଭଲ ପିଲା, ଆଡ଼କାଟି ତୋତେ କଅଣ କହି ଭୁଲାଇ ଆଣିଲା ?

ମଧୁ ଆଡ଼କାଟିର କୀର୍ତ୍ତିକାହାଣୀ କ୍ରମେ କ୍ରମେ ସବୁ କହିବାକୁ ଲାଗିଲା । ସାହେବ ଅବହିତ ହୋଇ ଶୁଣୁଥାଆନ୍ତି । କେଉଁ କେଉଁ ଯେତେବେଳେ ମଧୁର ନେତ୍ର ଅଶ୍ରୁସଜଳ ହୋଇଆସେ,—କମ୍ପିତକଣ୍ଠ ବାଷ୍ପରୁଦ୍ଧ ହୋଇଯାଏ, ସେତେବେଳେ ସାହେବ ଅଭୟ ପ୍ରଦାନ କରି କହନ୍ତି,—"କିଛି ଭୟ ନାହିଁ ମଧୁ, କହିଯା ।" ମଧୁ ସାହସ ପାଇ ପୁଣି କହିଯାଏ । ସାହେବ ଆଶ୍ଚର୍ଯ୍ୟ ଦୃଷ୍ଟିରେ ତାହା ମୁହଁକୁ ଅନାଇ ରହିଥାଆନ୍ତି । ଠେଙ୍ଗାଗଛ କଥା ଶୁଣି ସାହେବ ଟିକିଏ ହସି ଉଠିଲେ; ମାତ୍ର ମଧୁ ତାହା ଜାଣିପାରିଲା ନାହିଁ । ସିଦ୍ଧ ବାବାଙ୍କ ବେଶଠାରୁ ଏ' ବଗିଚାରେ ଉପସ୍ଥିତି ପର୍ଯ୍ୟନ୍ତ ସବୁ କଥା ସେ ବିସ୍ତୃତ ଭାବରେ କହିଗଲା । ବାବାଙ୍କ ପ୍ରତି ତାହାର ଆନ୍ତରିକ ଭକ୍ତି ଏବଂ ତାହା ପ୍ରତି ବାବାଜିଙ୍କର କପଟ, ସ୍ନେହ, କିଛି ଲୁଚିଲା ନାହିଁ । ସାହେବ ସବୁ ଶୁଣିସାରି ଭାବିଲେ, ଓଃ ଧୂର୍ତ୍ତଲୋକର କି ଅଦ୍ଭୁତ ବୁଦ୍ଧି ! ଅଜ୍ଞାନ ବାଳକର କଥା କି ଛାର, ବୟୋଧିକ ଲୋକ ସୁଦ୍ଧା ତ ଏ ପ୍ରତାରଣାଜାଲ ଭେଦ କରିପାରିବ ନାହିଁ । ଭଗବାନ ମାୟାବୀମାନଙ୍କୁ ଛଳ କୌଶଳରେ ଯେରୂପ ନିପୁଣତା ପ୍ରଦାନକରନ୍ତି, ଶୁଭ ବୁଦ୍ଧିରେ ସେରୂପ ନିପୁଣ କରନ୍ତି ନାହିଁ କାହିଁକି ?" ଏହିପରି ଭାବୁଁ ଭାବୁଁ ତାଙ୍କର ମୁଖ ଅଜ୍ଞାତ ପିତୃସ୍ନେହରେ ମଣ୍ଡିତ ହୋଇ ଆସିଲା,—କରୁଣାରେ ନେତ୍ର ଆର୍ଦ୍ର ହୋଇ ଆସିଲା । ଏବଂ

ତହିଁରୁ ସ୍ନେହ ଓ ଅନୁକମ୍ପାର ଲୋତକାପ୍ଲୁତ କେତେଟୋପା ଝରିପଡ଼ିଲା । ହାୟ ଭଗବାନ୍, ତୁମ୍ଭେ କେଉଁଠାରେ କାହାପାଇଁ କଅଣ ରଖିଥାଅ, ତାହା ଭାବିଲେ ଚିତ୍ତ ସ୍ତମ୍ଭୀଭୂତ ହୁଏ । ସୁଦୂରାଗତ ଜଣେ ଅପରିଚିତ ବ୍ୟକ୍ତିର ହୃଦୟରେ ଏପରି ବାଳକ ପ୍ରତି ଏ ସ୍ୱର୍ଗଦୁର୍ଲ୍ଲଭ ସ୍ନେହ କାହୁଁ ଆସିଲା ? ଅପାର ତୁମ୍ଭର ମହିମା, ତାହା ଭାବିଲେ କ୍ଷୁଦ୍ର, ନଗଣ୍ୟ ମାନବ-ହୃଦୟ ସ୍ୱତଃ ଭକ୍ତିରେ ଅବନତ ହୋଇଆସେ ।

ସାହେବ ମଧୁକୁ ପାଖକୁ ଡାକି ତାହା ପିଠିରେ ଅଭୟ ହାତ ବୁଲାଇଦେଇ କହିଲେ—ମଧୁ ତୋର କିଛି ଭୟ ନାହିଁ—ମୁଁ ତୋତେ ଖୁବ ଭଲରେ ରଖିବି । ଯେଉଁ ପାପିଷ୍ଠ ତୋତେ ଏତେ କଷ୍ଟ ଦେଲା ତାକୁ ଧରିଆଣି କଠିନ ଦଣ୍ଡ ଦେବି । ତୋତେ ଆଉ କୁଲିକାମ କରିବାକୁ ହେବନାହିଁ, ତୁ ବଡଘରର ପିଲା, ଖରାବର୍ଷା ତୋ ଦେହରେ ସହ୍ୟହେବ ନାହିଁ । ତୁ ମୋ ପାଖରେ ରହିବୁ, ତୋତେ ଖୁବ ସହଜ କାମ ଦିଆଯିବ । ତୁ ଶ୍ୟାମସିଂହ ବସାରେ ତାହାରି ସଙ୍ଗରେ ରହିବୁ, ମାସରେ ଦଶ ଟଙ୍କା ଖୋରାକି ପାଇବୁ, ଏହା ଛଡ଼ା ତୋତେ ଭଲ ଲୁଗା ଜାମା ଏବଂ ଜୋତା କିଣି ଦିଆଯିବ । ତୋର କିଛି କଷ୍ଟ ହେବନାହିଁ, ତୁ ଆଉ କାନ୍ଦିବୁ ନାହିଁ କି ମନରେ ଦୁଃଖ କରିବୁ ନାହିଁ । କେତେ ବର୍ଷ ଗଲେ ତୋତେ ତୋ ଘରପାଖକୁ ପଠାଇ ଦେବି —ମୋର ଲୋକ ଯାଇ ତୋତେ ଛାଡିଆସିବ । ଏବେ ତୁ ବସାକୁ ଯା କାଲିଠାରୁ ଆସି ମୋ ପାଖରେ କାମ କରିବୁ । ଏହା ଶୁଣି ମଧୁ ଏବଂ ଶ୍ୟାମ ସାହେବଙ୍କୁ ସଲାମ କରି ବସାକୁ ଫେରିଗଲେ । ସାହେବଙ୍କର ଏ ଅପାର୍ଥିବ ଅନୁଗ୍ରହ ଦଣ୍ଡକ ମଧ୍ୟରେ କୁଲି ସମାଜରେ ରାଷ୍ଟ୍ର ହୋଇଗଲା । ସମସ୍ତେ ସାହେବଙ୍କୁ ଧନ୍ୟ ଧନ୍ୟ କହିଲେ ।

କେତେ କ୍ଷଣ ପରେ ଏଜେଣ୍ଟ ଆସି ଉପସ୍ଥିତ ହେଲା । ସେ ଗୋଟାଏ ଅଦ୍ଭୁତ ଜୈବିକ ପଦାର୍ଥ, ବର୍ଣ୍ଣ ଗୌର ନୁହେଁ କିମ୍ବା କୃଷ୍ଣ ନୁହେଁ ଅଥବା ଗୌର କୃଷ୍ଣ ମିଶାମିଶି ନୁହେଁ । ପ୍ରକାଣ୍ଡ ପେଟ ଧାନ-ଓଳିଆର ସ୍ମରଣବଶେଷ । ଦନ୍ତ କେତୋଟା ମାତ୍ର ଅବଶିଷ୍ଟ ଅଛି, ଠିକ ଯେପରି ଅଙ୍ଗଦର ବଂଶଧର । ଗୋଟାଏ ଚକ୍ଷୁ ଇହ ସଂସାରରୁ ବିଦାୟ ନେଇଅଛି, -ଗୋଟାଏ ମାତ୍ର ରହି ମୁଖଚନ୍ଦ୍ରମାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଅଛି । ବୋଧହୁଏ ବିରକର୍ମକ୍ଲାନ୍ତ ବିଧାତା କ୍ଲାନ୍ତି ଭୁଲିବାପାଇଁ ଏହି ବିକଟ ବ୍ୟଙ୍ଗମୂର୍ତ୍ତି ନିର୍ମାଣ କରିଅଛି । ତାହା ଉପରେ ଦୃଷ୍ଟି ପଡିବା ମାତ୍ରେ ସାହେବ କ୍ରୋଧରେ ଅଗ୍ନିଶର୍ମା ହୋଇ କର୍କଶ ସ୍ୱରରେ କହିଲେ —"ତୁ କଣା ବଡ ବଦମାସ ।" ବୋଧହୁଏ ଲୋକଟା ବାରବେଳାରେ ମାଛିଆ ତେଲ ମୁହଁ ଚାହିଁ ଘରୁ ଅନୁକୂଳ କରି ଆସିଥିଲା । ଅଥଚ ନିଜେ ତ ଗୋଟାଏ ଅମଙ୍ଗଳ ପକ୍ଷୀ, ନିଜର ସୁନ୍ଦର ମୂର୍ତ୍ତିଟି ଦର୍ପଣରେ ଦେଖି ଘରୁ ବାହାରିଥିଲା । ସାହେବଙ୍କଠାରୁ ଏଭଳି ଶୁଭ ଅଭ୍ୟର୍ଥନା ପାଇ ଥରି ଥରି ଅସ୍ପଷ୍ଟ ସ୍ୱରରେ ଖନା ପରି କଅଣ କହିଲା, ତାହା ଦେବଧର୍ମଙ୍କୁ ଗୋଚର । ସାହେବ ସେଥିରୁ ଗୋଟିଏ ବର୍ଣ୍ଣ ସୁଦ୍ଧା ବୁଝି ନପାରି ପୁନଶ୍ଚ କହିଲେ;—"ତୁ କଅଣ କହୁଛୁ ତାହା ଜୀବନ୍ତ ଲୋକର ଭାଷା କି ପ୍ରେତଲୋକର ଭାଷା, କିଛି ବୁଝି ହେଉନାହିଁ, ଯାହା କହୁଛୁ ସ୍ପଷ୍ଟଭାବରେ କହ ।" ତହୁଁ ସେ ଅତିବିନମ୍ର ସ୍ୱରରେ କହିଲା—"ହଜୁର, ମୋର ଅପରାଧ କଅଣ ?" ସାହେବ କହିଲେ,—"ତୁ ତ ଏକଆଖିଆ ଶୁକ୍ର, ଗୋଟାଏ ଆଖିରେ ନିଜର ଅପରାଧ କେତେ ଦେଖିପାରିବୁ ? ଆହା ଧୋଇଲା ମୂଳା ନିର୍ଦ୍ଦୋଷ ପ୍ରତିମାରେ ! ତୁ ଯେ ଜଣେ ବଡଲୋକର ପିଲାକୁ ଠକାଇଆଣି କୁଲିଶ୍ରେଣୀରେ ଭର୍ତ୍ତି କରିଛୁ, ସେଟା ତୋର ଗୁଣ ପରା ! ପୁଣି ଫାର୍ମ ପୂର୍ଣ୍ଣ ହୋଇଛି, ତାହାର କେହି ନାହିଁ, ସେ ମାଗିଖିଆ ଲୋକ ।" ଏଜେଣ୍ଟପୁଙ୍ଗବ ବସ୍ତ୍ରସ୍ୱରେ ଜିହ୍ୱା ଦଂଶନ କରି କହିଲା,— "ହଜୁର, ମୁଁ କିଛି ଜାଣେନାହିଁ, ବୋଧହୁଏ ଦୁର୍ଭାଗ୍ୟବଶତଃ ମୁଁ ଗୋଟାଏ ପ୍ରତାରକ ଦ୍ୱାରା ନିଷ୍ଠୁର ଭାବରେ ପ୍ରତାରିତ ହୋଇଅଛି ।" ସାହେବ ଅଧୀର ଚଞ୍ଚଳ ଉଠି କହିଲେ—"ତୁ କିଛି ଜାଣୁନାହିଁ, କାଣୀ ବିଲେଇ ଆଖି ବୁଜି ଦୁଧ ପିଏ ପରା ! ଆଚ୍ଛା ତେବେ ଏହା କାହାର କାର୍ଯ୍ୟ ତାକୁ ଆଣି ହାଜର କର, ମୁଁ ତାକୁ ଫୌଜଦାରୀରେ ପକାଇବି । ନଚେତ୍ ତୁ ଫୌଜଦାରୀରେ

ପଡ଼ିବୁ ।" ଶୁଷ୍କାସ୍ୟମ୍ଭୀ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ସୁଣିକଷା ଧନୁପରି ନଇଁପଡି ହାତ ଯୋଡି କହିଲା—ଯେ ହୁକୁମ ହଜୁର ।" ସାହେବ ତାହାର ଅବସ୍ଥା ଦେଖି କଷ୍ଟରେ ହାସ୍ୟସମ୍ବରଣପୂର୍ବକ କହିଲେ "ଯେ ହୁକୁମ ନୁହେଁ, ସେ ପାପିଷ୍ଠକୁ ୱାରେଣ୍ଟ ଦ୍ୱାରା ବାନ୍ଧିଆଣି ମାସକ ମଧ୍ୟରେ ହାଜର କର, ଯାହା ଖର୍ଚ୍ଚ ଲାଗିବ ତାହା ଦିଆଯିବ । ଏକେଣ୍ଟ ଏହା ଶୁଣି ସାହେବଙ୍କୁ ବାରମ୍ବାର ସଲାମ କରି ହଜୁର ଗରିବର ମା ବାପ ବୋଲି କହି ବାଘ ମୁହଁରୁ ଛାଗ ଦୈବାତ୍ ଉଦ୍ଧାର ପାଇଲେ ଯେପରି ଏକମୁହାଁ ହୋଇ ପଳାଇଯାଏ ସେହିପରି ଛିସ୍ତଗଣ୍ଡରେ ବାହାରି ଚାଲିଗଲା ।

ମଧୁ ସାହେବଙ୍କ ପାଖରେ ସୁଖରେ ଅଛି । ଆନନ୍ଦରେ ତାହାର ଦିନ କଟିଯାଉଅଛି । ନୀତି ଶାସ୍ତ୍ରରେ ଅଛି, "ହୀନସେବା ନ କର୍ତ୍ତବ୍ୟା କର୍ତ୍ତବ୍ୟୋ ମହଦାଶ୍ରୟଃ ।" ଈଶ୍ୱର ତାହାକୁ ମହଦାଶ୍ରୟ ଯୋଗାଇ ଦେଇଅଛନ୍ତି, ସୁତରାଂ ତାହାର ଚିନ୍ତା କଅଣ ? ସାହେବ ଖେଳିବାକୁ ଯିବା ସମୟରେ ସେ ବଲ୍ ଘେନି ତାଙ୍କ ସଙ୍ଗରେ ଯାଏ,—ଶିକାର ଯାତ୍ରା ସମୟରେ ବନ୍ଧୁକ ବାହକ ହୁଏ,—ବଙ୍ଗାନ-ଚର୍ଚ୍ଚାବେଳେ ସାହେବଙ୍କୁ ଆବଶ୍ୟକ ଯନ୍ତ୍ରପାତି ଆଣିଦିଏ, ଏବଂ ତାହା ଯଥା ସ୍ଥାନରେ ନେଇ ସଞ୍ଚିତ କରି ରଖେ, ଏହିପରି ହେତେଟା ସହଜ କାର୍ଯ୍ୟର ଭାର ତାହା ଉପରେ ନ୍ୟସ୍ତ ଅଛି । ଏହିସବୁ କାର୍ଯ୍ୟକୁ ସେ ଖେଳ କୌତୁକପରି ମଣି ଅବଲୀଳାକ୍ରମେ ତାହା ସମ୍ପାଦନ କରେ; କିନ୍ତୁ ଶିକାର ପ୍ରତି ତାହାର ଅନୁରାଗ ସମଧିକ । ସେ କ୍ଷତ୍ରିୟ ସନ୍ତାନ, ପାରିଧି ତାହାର ବଂଶଗତ ସହଜାତବିଦ୍ୟା । ଅତଃ ସେ ପାରିଧିପ୍ରିୟ ନ ହେବ ବା କାହିଁକି ? ସାହେବ ତାହାର ଆଗ୍ରହ ଦେଖି ତାହାକୁ ଆଗ୍ନେୟାସ୍ତ୍ର ଚାଳନର କୌଶଳ ସ୍ୱହସ୍ତରେ ଶିକ୍ଷା ଦେବାକୁ ଲାଗିଲେ । କିଛିଦିନ ମଧ୍ୟରେ ସେ ପ୍ରବୀଣ ମୃଗୟୁ ପରି ଯୋଗ୍ୟତା ଲାଭକଲା । ଶିଷ୍ୟର ପ୍ରତିଭା ଦେଖି ଗୁରୁଙ୍କର ଚକ୍ଷୁ ସ୍ଥିର ହୋଇଗଲା । ସାହେବ ତାକୁ ଅଧିକତର ସ୍ନେହନେତ୍ରରେ ଦେଖିଲେ । ଶିକାରରେ ସେ ସାହେବଙ୍କୁ ବଳିଗଲା । ଶିଷ୍ୟ ଏବଂ ପୁତ୍ର ମଧ୍ୟରେ କିଛି ପ୍ରଭେଦ ନାହିଁ, ପୁତ୍ରର ଯୋଗ୍ୟତା ଦର୍ଶନରେ କେଉଁ ପିତା ଆନନ୍ଦିତ ନହୁଏ ? ଶିଷ୍ୟଠାରେ ଗୁରୁ ବିଦ୍ୟାରେ ପରାଜିତ ହେଲେ ଅନିର୍ବଚନୀୟ ଶ୍ଲାଘା ଅନୁଭବ କରନ୍ତି । ସେ ପରାଜୟ ବଡ଼ ମଧୁର ଏବଂ ଆନନ୍ଦପ୍ରଦ । ତାହା ପରାଜୟ ନୁହେଁ,—ଜୟଠାରୁ ମୂଲ୍ୟବାନ୍ । ମହାବୀର ପର୍ଶୁରାମ ପ୍ରିୟ ଶିଷ୍ୟ ଭୀଷ୍ମଙ୍କ ନିକଟରେ ଏବଂ କୁରୁଗୁରୁ ଦ୍ରୋଣ ମହେଷ୍ୱାସ ଅର୍ଜ୍ଜୁନଙ୍କ ନିକଟରେ ପରାଜିତ ହୋଇ ନିଜକୁ ପରମଗୌରବାନ୍ୱିତ ମଣିଥିଲେ । ଯେଉଁ ଶିଷ୍ୟ ଗୁରୁଙ୍କୁ ପରାଜୟ କରିବାକୁ କ୍ଷମ ସେ ଶିଷ୍ୟ ଧନ୍ୟ ଏବଂ ସେ ଗୁରୁ ଭାଗ୍ୟଧର । ଯେଉଁ ପିତାର ପୁତ୍ର ଯୋଗ୍ୟତର, ସେ ପିତାର ଜୀବନ ସାର୍ଥକ ଏବଂ ସେହି ଏକା ଅପାର୍ଥିବ ସୁଖାନନ୍ଦର ଅଧିକାରୀ, ଆଉ ଯେଉଁ ପୁତ୍ର ପିତାର ସମକକ୍ଷ ହେବା ଦୂରେ ଥାଉ ପିତୃନାମ ରକ୍ଷାରେ ଅସମର୍ଥ, ତାହାର ଗର୍ଭଧାରିଣୀ ବନ୍ଧ୍ୟା-ଦୋଷରୁ ମୁକ୍ତ ନୁହେଁ ।

ପୂର୍ବୋକ୍ତ ଏକେଣ୍ଟ ଦିନେ ଗଜେନ୍ଦ୍ରଗଣ୍ଡରେ ଆସି ସାହେବଙ୍କୁ ସଲାମ କରି ବୃଷଚର ଜନ୍ତୁବିଶେଷ-ତୁଲ୍ୟ ଅସଂଲଗ୍ନଦନ୍ତବିସ୍ତାରପୂର୍ବକ କହିଲା,—"ହଜୁର, ପାପର ପ୍ରାୟଶ୍ଚିତ୍ତ ହୋଇଯାଇଅଛି । ଯେଉଁ ପ୍ରତାରକ ଲୋକଟା ମୋତେ ବିପଦସାଗରକୁ ପେଲିଦେଇଥିଲା, ମୁଁ କଲିକତାରୁ ତାହା ନାମରେ ୱାରେଣ୍ଟ ବାହାର କଲି; ମାତ୍ର ସେ ତତ୍ପୂର୍ବରୁ ଜାହାଜରେ ବାହାରି ଯାଇଥିବାରୁ ପୁନଶ୍ଚ ପୋଲିସ ଦ୍ୱାରା ହୁଲିଆଜାରି-କରିବାକୁ ହେଲା । ପୋଲିସ ବହୁ ଅନୁସନ୍ଧାନ ଦ୍ୱାରା ତାହାର ତଥ୍ୟ ସଂଗ୍ରହ କରି ଆଣିଅଛି ।" ଏହା କହି ତାଡ଼େ କାଗଜ ସାହେବଙ୍କ ଟେବଲ ଉପରେ ରଖିଦେଲା । ସାହେବ କହିଲେ, "ମୋର ତାହା ପଢ଼ିବାକୁ ସମୟ ନାହିଁ, ତୁ ସଂକ୍ଷେପରେ ସବୁ କଥା କହି ଯା ।" ତହୁଁ ଏକେଣ୍ଟପ୍ରବର କହିଲା,—"ସେ ଲୋକଟାର ନାମ ଧନେଇ ଶେଠୀ, ସେ ଜାତିରେ ଧୋବା । ତାହାର ଘର ବାଲେଶ୍ୱର ଜିଲ୍ଲାର ଖଣ୍ଡତା-ପଡ଼ା ଗ୍ରାମ ନିକଟରେ, କିନ୍ତୁ ସେ ମୋତେ କହିଥିଲା,—ତାହାର ନାମ ଧନୁରାମ ଶେଠୀ, ଘର ପଶ୍ଚିମାଞ୍ଚଳରେ ଠିକ ପଶ୍ଚିମାପରି କଥା କହୁଥିବାରୁ ମୁଁ ମଧ୍ୟ ତାହା

କଥାରେ ବିଶ୍ୱାସ କରିଥିଲି । ସେ ଜଣେ ପ୍ରସିଦ୍ଧ ଡକାଏତ, ଦୁଇ ଥର ଧରାପଡ଼ି ଦଣ୍ଡ ପାଇବାରୁ ଡକାଏତି ଛାଡ଼ି ବୁଲି ସଂଗ୍ରହ କରୁଥିଲା । ତାହାର ସଙ୍ଗିମାନେ ତାହାର ପ୍ରତିବେଶୀ । ସ୍ତ୍ରୀ ବ୍ୟତୀତ ସଂସାରରେ ତାହାର ଆଉ କେହି ନଥିଲା । ସ୍ତ୍ରୀ ସୁଦ୍ଧା ତାହାର ବୁଲି ସଂଗ୍ରହ କାର୍ଯ୍ୟରେ ସହାୟତା କରି ସହଧର୍ମିଣୀନାମ ସାର୍ଥକ କରିଥିଲା; କିନ୍ତୁ ବର୍ଷେ ହେଲା ସ୍ତ୍ରୀ ରହିଛି ଗୋଟାଏ ପର୍ବତ ଗୁମ୍ଫାରେ ଥିବା ସମୟରେ କାଳଗ୍ରାସରେ ପତିତ ହୋଇଅଛି । ଧୂର୍ତ୍ତ ଧନେଇ ଏବଂ ତାହାର ସଙ୍ଗୀମାନେ ନାନାବେଶ ଧରି ଉଦ୍ଦେଶ୍ୟ ସାଧନକରନ୍ତି । କେତେବେଳେ ଉମାଓ୍ୱିତ ବେଶ, କେଉଁଠାରେ ସୌଦାଗର ବେଶ ଏବଂ କେବେ ବା ସିଦ୍ଧ ବାବାଜି ବେଶ ଧରି ନିରୀହ ସରଳ ପଲ୍ଲୀବାସିମାନଙ୍କୁ ପ୍ରତାରଣା କରନ୍ତି । କଲିକତାରୁ ନାନାପ୍ରକାର କବିରାଜୀ ଔଷଧ ଏବଂ ଛଦ୍ମବେଶର ଉପକରଣ କିଣିନେଇ ଗ୍ରାମେ ଗ୍ରାମେ ବୁଲି ଏହି ମହାପାପ ବ୍ୟବସାୟରେ ଅର୍ଥୋପାର୍ଜନ କରନ୍ତି । ମୋଫସଲର ସରଳ-ବିଶ୍ୱାସୀ ନିରକ୍ଷର ଲୋକମାନେ ଏହି ପାପିଷ୍ଠଗଣର ପ୍ରତାରଣାରେ ପଡ଼ି ସ୍ୱୀୟ ଜୀବନ ବିପନ୍ନ କରନ୍ତି । ଏଥର ଶେଷ ଥର ସେମାନେ କଲିକତାରେ ବୁଲି ଛାଡ଼ିଦେଇ ବାଲେଶ୍ୱରଗାମୀ ସୁଲୁପରେ ଘରକୁ ଫେରି ଯାଉଥିଲେ । ଦୈବାତ୍ ସୁଲୁପ ଉପକୂଳର ତୋଫାନରେ ଜଳମଗ୍ନ ହେବାରୁ ଧନେଇ ଏବଂ ତାହାର ସଙ୍ଗୀମାନେ ସମୁଦ୍ରର ଅତଳଗର୍ଭରେ ଜୀବନ୍ତ ସମାଧି ଲାଭକରିଅଛନ୍ତି । ଆସାମୀ ଅଭାବରେ ଆଉ ମୋକଦ୍ଦମା ଚଳିବାର ଉପାୟ ନାହିଁ । ହଜୁର ଏହି ନଥୀ ଦେଖି ସତ୍ୟ ମିଥ୍ୟା ନିର୍ଦ୍ଧାରଣ କରନ୍ତୁ ।" ସାହେବ କୌତୂହଳୀ ହୋଇ ନଥୀ ପାଠକରି ଜାଣିଲେ, ଏକେଶ୍ୱର କଥା ଯଥାର୍ଥ । ତହୁଁ ଉଚ୍ଚହାସ୍ୟରେ କହିଲେ,—"ଦୁର୍ଜନମାନେ ଉପର ଅଦାଲତର ଓ୍ୱାରଣ୍ଟରେ ଧରା ହୋଇଯାଇଅଛନ୍ତି, ସେହିଠାରେ ସେମାନଙ୍କର ଚୂଡ଼ାନ୍ତ ବିଚାର ହୋଇଥିବ ; ସୁତରାଂ ଆଉ ତଳ ଅଦାଲତର କି ପ୍ରୟୋଜନ ? ମାନବ ଅଦାଲତରେ ଅପେକ୍ଷାକୃତ ଲଘୁଦଣ୍ଡ ହୋଇଥାଆନ୍ତା; ମାତ୍ର ଦେବଅଦାଲତରେ ପ୍ରାଣଦଣ୍ଡ ହେଲା । ହେ ଈଶ୍ୱର, ତୁମ୍ଭ ରାଜ୍ୟରେ ପାପୀର ଏହିପରି ଅମୋଘ ଶାସ୍ତି ହୁଏ । ପାପୀ କେତେ ସଂଗୋପନରେ ଏବଂ କେତେ ସତର୍କତାରେ ପାପକାର୍ଯ୍ୟ କଲେହେଁ ତୁମ୍ଭ ସର୍ବଦର୍ଶୀ ଚକ୍ଷୁରେ ଧୂଳିନିକ୍ଷେପ କରିପାରେ ନାହିଁ । ପାପର ଦଣ୍ଡ ତୁମ୍ଭେ ଯଥାସମୟରେ ପ୍ରଦାନ କର । ଏହା ହେଉନଥିଲେ ଏ ସଂସାର ଜଘନ୍ୟ ମହାନରକରେ ପରିଣତ ହୋଇ କେଉଁକାଳରୁ ନିଜର ଅସ୍ତିତ୍ୱ ହରାଇ ସାରିଥାଆନ୍ତା । ତୁମ୍ଭର ଅନନ୍ତ ମହିମାକୁ ଲକ୍ଷକୋଟି ନମସ୍କାର ।" ସାହେବ ଏକେଶ୍ୱରଙ୍କୁ ଯଥେଷ୍ଟ ସାବଧାନ କରାଇ ବିଦାୟ ଦେଲେ । ସାହେବ ପୂର୍ବରୂପ ନ ଦେଖାଇବାରୁ ସେ ଦିନ ସେ ଆଉ ପରିଧେୟ ବସ୍ତ୍ରରେ ଅକର୍ମ କରି ବସ୍ତ୍ର ଅପବିତ୍ର କରିନାହିଁ । କେବଳ ନାକ କାନ ମୋଡ଼ି ହୋଇ କୃତଜ୍ଞତାଜ୍ଞାପନପୂର୍ବକ ପ୍ରସ୍ଥାନ କଲା । ମଧୁ ଏ କଥା ଶୁଣି ଏରୂପ ଆନନ୍ଦିତ ହେଲା ଯେ, ତାହାର ସେ ଆନନ୍ଦ ବର୍ଣ୍ଣନା କରିବାକୁ ଭାଷାରେ ଶକ୍ତି ଯଥେଷ୍ଟ ହେବନାହିଁ । ବୋଧହୁଏ ସେ ବିଶାଳ ରୁଷସାମ୍ରାଜ୍ୟର ଚକ୍ରବର୍ତ୍ତୀ ହୋଇଥିଲେ ଏ ଆନନ୍ଦର ସହସ୍ରାଂଶର ଏକାଂଶ ଆନନ୍ଦ ଲାଭକରିନଥାନ୍ତା । ଗ୍ରାମ ସିଂହ ଏବଂ ବୁଲିମାନଙ୍କର ସୁଦ୍ଧା ଆନନ୍ଦର ସୀମା ରହିଲା ନାହିଁ । ସମସ୍ତଙ୍କର ପ୍ରାଣ ଆନନ୍ଦରେ ଉଚ୍ଛ୍ୱସିତ ହୋଇଉଠିଲା । ସାହେବ ଆନନ୍ଦରେ ବିଭୋର ହୋଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛନ୍ତି, ଏହି ସମୟରେ ଡାକପାଇକ ବଡ଼ାଏ ଚିଠି ଆଣି ଟେବୁଲ ଉପରେ ରଖିଦେଲା । ସାହେବ ଚିଠିର ମୋହର ଦେଖି, ସର୍ବାଗ୍ରେ ଆମେରିକାର ଚିଠି ପଢ଼ନ୍ତି, ସେ ଦିନ ମଧ୍ୟ ତାହାହିଁ କଲେ । ଖଣ୍ଡିଏ ପତ୍ର ଖୋଲି ଦେଖିଲେ ତାହା ମଧ୍ୟରେ ପାଞ୍ଚଖଣ୍ଡ ଟିକଟ ଅଛି । ପତ୍ର ଖଣ୍ଡ ତାଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି । ଆମେରିକାରେ ଖଣ୍ଡିଏ ବୃହତ୍ ଜାହାଜ ସୂର୍ତ୍ତିରେ ଉଠିବ । ପ୍ରତି ଟିକଟର ମୂଲ୍ୟ ପାଞ୍ଚ ଟଙ୍କା । ସାହେବଙ୍କର ବନ୍ଧୁ ଟିକଟ ଗୁଡ଼ିକ ବିକ୍ରୟ କରିବା ସକାଶେ ଅନୁରୋଧ କରିଅଛନ୍ତି । ସ୍କୁ ବଗିଚାର କର୍ମଚାରୀ ସୁରି ଜଣ ଖଣ୍ଡିଏ

ଲେଖାଏଁ କଣିଲେ ଏବଂ ଅବଶିଷ୍ଟ ଖଣ୍ଡକ ସାହେବ କୌତୁହଳ-ପରବଶ ହୋଇ ମଧୁ ନାମରେ କଣି ଝଙ୍କା ପଠାଇ ଦେଲେ; ମାତ୍ର ମଧୁକୁ ସେକଥା କିଛି କହିଲେ ନାହିଁ । ଭୃତ୍ୟର ଏହି ଅଗ୍ନିପରୀକ୍ଷାରେ ଯେ ଉତ୍ତୀର୍ଣ୍ଣ ହେବ, ସେ କୁବେର-ସମ୍ପତ୍ତି ଲାଭ କରିବ । ସାହେବ ପ୍ରତିପଦ-ପ୍ରତ୍ୟାଶାରେ ସେହି ଶୁଭଦିନ ପ୍ରତୀକ୍ଷାରେ ରହିଲେ ।

---

# ଊନବିଂଶ ପରିଚ୍ଛେଦ

ପାହାର ଛିଦ୍ର ଦେଇ ବିନ୍ଦୁ ବିନ୍ଦୁ ଜଳ ଝରିଲାପରି ଏହି ଦୁଇ ବର୍ଷରେ ଦିନ ଗଡିଯିବାକୁ ଲାଗିଲା । ଦେଖୁଁ ଦେଖୁଁ ବର୍ଷେକାଳ ଅତିବାହିତ ହୋଇଗଲା । ଏହି ବର୍ଷକ ମଧ୍ୟରେ ସୃଷ୍ଟିର କେତେ ପରିବର୍ତ୍ତନ ହୋଇଯାଇଛି । ପରିବର୍ତ୍ତନ ଯେବେ ଜଗତ; ସୁତରାଂ ପରିବର୍ତ୍ତନହିଁ ଜଗତର ପ୍ରାଣ । ପରିବର୍ତ୍ତନ ନଥିଲେ ଜଗତଟା ବହୁ କଣ୍ଠଭେଦୀ ବେସୁରିଆ ହୋଇ ମରୁଭୂମିର ମରୁ ଶ୍ମଶାନ ହୋଇଥାଆନ୍ତା, ଅର୍ଥାତ୍ ଜଗତଟା ନିତାନ୍ତ ଗଦ୍ୟମୟ ଏବଂ ରସଶୂନ୍ୟ ହୋଇଥାଆନ୍ତା । ଜଗତର ପରିବର୍ତ୍ତନ ସଙ୍ଗେ ସଙ୍ଗେ ମଧୁର ମଧ୍ୟ ପରିବର୍ତ୍ତନ ଘଟିଅଛି । ବର୍ତ୍ତମାନ ସେ ଆଉ ଦୁରନ୍ତ ନିର୍ବୋଧ ମଧୁ ନୁହେଁ,—ତାହାର ଗୋଟାଏ ବିଶୁଦ୍ଧ ରାଜସଂସ୍କରଣ ହୋଇଯାଇଅଛି । କେବଳ ଆକୃତିରେ ନୁହେଁ,—ତାହାର ପ୍ରକୃତିରେ ମଧ୍ୟ ଘୋର ପରିବର୍ତ୍ତନ ଘଟିଅଛି । ଚଞ୍ଚଳତା ପରିବର୍ତ୍ତରେ ଧୀରତା ତାହାକୁ ଆଲିଙ୍ଗନ କରିଅଛି ଏବଂ ମୁଖରେ ଗମ୍ଭୀରତାର ରେଖାପାତ ହୋଇଅଛି । ସାହେବଙ୍କ ସହବାସ ଏହି ପରିବର୍ତ୍ତନର ମୂଳ କାରଣ । ଚନ୍ଦ୍ର-ସହବାସରେ ରାତ୍ରି ଉଜ୍ଜ୍ୱଳ ହୁଏ—ଚନ୍ଦନ ସହବାସରେ ନିମ୍ବ ଚନ୍ଦନତ୍ୱ ପ୍ରାପ୍ତ ହୁଏ, ସେହିପରି ବାଙ୍କ ସହବାସରେ ମୂଢର ମୁଦ୍ଧା ପରିବର୍ତ୍ତନ ଘଟେ । କଥାରେ କହନ୍ତି,—"ସୁସଙ୍ଗ ସଙ୍ଗିତା ସୁନାର ଘଣ୍ଟ ଲମ୍ବିତା, କୁସଙ୍ଗ ସଙ୍ଗିତା, ମାଟିର ଘଣ୍ଟ ଲମ୍ବିତା ।" ଯେଉଁ ମଧୁର ଭୃତ୍ୟ ପଣ୍ୟଦ୍ରବ୍ୟ ହୋଇଥିଲେ ତାକୁ କିଣିବାକୁ କେହି କିଣନ୍ତା ନାହିଁ, ସେହି ମଧୁର ସମ୍ପ୍ରତି କି ଆଶ୍ଚର୍ଯ୍ୟ ପରିବର୍ତ୍ତନ ! ଦେହ-ଲିପ୍ତ କର୍ଦ୍ଦମ ଜଳରେ ଧୋଇଯାଏ; ମାତ୍ର ଚିତ୍ତଲିପ୍ତ କର୍ଦ୍ଦମ ସତ୍‌ସଙ୍ଗରେ ଧୋଇଯାଏ । ବାୟୁ ସ୍ୱଭାବତଃ ନିର୍ଗନ୍ଧ; ମାତ୍ର ଅନ୍ୟର ଗନ୍ଧରେ ଗନ୍ଧବାନ୍ ହୁଏ । ସହବାସ ଦ୍ୱାରା ଗୋଟାଏ ନୂତନ ଶକ୍ତି ଜାତ ହୁଏ । ଆଦର୍ଶ ଦେଖିବା ଅପେକ୍ଷା ଆଦର୍ଶର ଅନୁକରଣ ଅଧିକତର କଲ୍ୟାଣପ୍ରଦ ।

ସହବାସ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଗଳ୍ପ ଅଛି । ଜଣେ ସାଧୁଙ୍କର ଜଣେ ରାଜା ଶିଷ୍ୟ ହୋଇଥିଲେ । ଗୁରୁଦକ୍ଷିଣା ସ୍ୱରୂପ ରାଜା ସାଧୁଙ୍କୁ ଅନେକ ଧନରତ୍ନ ପ୍ରଦାନ କଲେ; ମାତ୍ର ସାଧୁ ତାହା ଗ୍ରହଣ କଲେନାହିଁ । ତହୁଁ ରାଜା ଗୋଟିଏ ମଣିରତ୍ନଖଚିତ ଖଟୁଲିରେ ଗୋଟିଏ ସୁବର୍ଣ୍ଣ ଗୋପାଳମୂର୍ତ୍ତି ବସାଇ ଗୁରୁଙ୍କୁ ଉପହାର ଦେଲେ । ଏଥର ସାଧୁ ଆଉ ମନା କରିପାରିଲେନାହିଁ, ଯେହେତୁ ଦେବମୂର୍ତ୍ତି ଗୃହରେ ମିଳେ । ତାହା ଗ୍ରହଣ ନକଲେ ଦେବତାଙ୍କର ଅବମାନନା ହେବ । ସେଥିପାଇଁ ସାଧୁ ମୂର୍ତ୍ତିଟିକୁ ସଙ୍ଗରେ ଘେନି ପୂଜା କରିବାକୁ ଲାଗିଲେ । କିଛିଦିନ ପରେ ସାଧୁ ତୀର୍ଥପର୍ଯ୍ୟଟନରେ ବହିର୍ଗତ ହେଲେ । ପୂଜାପ୍ରତିମାଟିକୁ ସ୍ୱୟଂ ସଙ୍ଗରେ ନେଇଗଲେ । ଜଣେ ଚୋର ସେହି ସ୍ୱର୍ଣ୍ଣପ୍ରତିମା ଅପହରଣମାନସରେ ସାଧୁଙ୍କର ପିଛା ଧରି ଗୋପନରେ ଚାଲିଲା; ମାତ୍ର ଦୁଇ ଜଣ ଚେଲା ସାଧୁଙ୍କ ସଙ୍ଗରେ ଥିବାରୁ ଚୋରର ବାହାଦୁରି ଖଟିଲାନାହିଁ । ଶେଷରେ ସେ ଭାବିଲା,—"ସାଧୁଙ୍କର ଚେଲା ହୋଇପାରିଲେ ତାହାର ଉଦ୍ଦେଶ୍ୟ-ସିଦ୍ଧିରେ ଆଉ କୌଣସି ବ୍ୟାଘାତ ଘଟିବନାହିଁ, ସେ ସୁବିଧା ଦେଖି ରାତ୍ରିରେ ମୂର୍ତ୍ତି ଅପହରଣପୂର୍ବକ ସହଜରେ ପଳାଇଯାଇପାରିବ ।" ଅନନ୍ତର ସେ ସାଧୁଙ୍କ ଶିଷ୍ୟତ୍ୱ ଗ୍ରହଣକରି

ତାହାଙ୍କ ସଙ୍ଗରେ ରହିଲା । ସାଧୁ ପ୍ରତ୍ୟହ ଶିଷ୍ୟମାନଙ୍କୁ ଇନ୍ଦ୍ରିୟଦମନ ସମ୍ବନ୍ଧରେ ଅନେକ ଉପଦେଶ ଦିଅନ୍ତି । ଛଦ୍ମବେଶୀ ଶିଷ୍ୟ ତାହା ଅବହିତ ଚିତ୍ତରେ ଶ୍ରବଣ କରେ । ସାଧୁ ଯେଉଁଠାକୁ ଯାଆନ୍ତି, ଭକ୍ତମାନେ ତାଙ୍କୁ ଷୋଡ଼ଶୋପଚାରରେ ପୂଜା କରନ୍ତି । ଶିଷ୍ୟଦ୍ୱୟ ସୁଦ୍ଧା ସେହି ପୂଜାର ଅଂଶ ପ୍ରାପ୍ତ ହୁଅନ୍ତି । ଏହିପରି କିଛି କାଳ ଅତିବାହିତ ହେଲା । ମହାପୁରୁଷଙ୍କ ଉପଦେଶ ଏବଂ ଭକ୍ତବୃନ୍ଦ-ପ୍ରଦତ୍ତ ଗୌରବରେ ଚୋରର ମନ କ୍ରମଶଃ ପରିବର୍ତ୍ତିତ ହୋଇଆସିଲା । ସେ ମନେ ମନେ ଭାବିଲା, —କପଟ ସାଧୁବେଶର ତ ଏତେ ଗୌରବ, ଆଉ ପ୍ରକୃତ ସାଧୁ ହେଲେ କଅଣ ନହେବ ? ମୁଁ ଚୋରିକରି ଯଥେଷ୍ଟ ପାପ ସଞ୍ଚୟ କରିଅଛି, ଏବେ ସେଥିର ଉପଯୁକ୍ତ ପ୍ରାୟଶ୍ଚିତ୍ତ କରିବି । ମୋର ଅତୀତ ବଡ଼ ଭୟଙ୍କର, ଭବିଷ୍ୟତକୁ ଆଉ ସେପରି ପାପପଙ୍କିଳ କରିବିନାହିଁ । ଏହି ସାଧୁପୁରୁଷ କିଛି ସଞ୍ଚୟ କରି ରଖିନାହାନ୍ତି କିମ୍ବା ଉପାର୍ଜନ କରନ୍ତି ନାହିଁ; ତଥାପି ଦିନେ ଉପବାସ ନରହି ଦେବତା ତୁଲ୍ୟ ପୂଜା ପାଉଅଛନ୍ତି । ତେବେ ଦଗ୍ଧୋଦର ସକାଶେ ମୁଁ କାହିଁକି ଏ ମହାପାପଭାଗୀ ହେବି ? ବିଶେଷତଃ ଯମ ଆସି ମୋର ଗ୍ରୀବା ଧାରଣ କଲାଣି, ଆଉ କେତେଦିନପାଇଁ ଏ ଦୁଷ୍କର୍ମ ? ଏବେ ଯାଇ ମହାତ୍ମାଙ୍କର ଶରଣାପନ୍ନ ହେବି ।”
ଏହା ଭାବି ସାଧୁଙ୍କ ପଦତଳେ ସାଷ୍ଟାଙ୍ଗ ପ୍ରଣତିପୂର୍ବକ ଅଶ୍ରୁସିକ୍ତ ନୟନରେ ବେଦନା-ଗଦ୍ ଗଦ କଣ୍ଠରେ ନିଜର ଗୁପ୍ତ କୁ-ଅଭିପ୍ରାୟ ବ୍ୟକ୍ତ କରି କହିଲା, ‘ପ୍ରଭୋ, ସ୍ପର୍ଶମଣି ସ୍ପର୍ଶରେ ଲୌହ ସୁବର୍ଣ୍ଣ ହେଲା ପ୍ରାୟ ଆପଣଙ୍କ ସଂସର୍ଗରେ ମୁଁ ସୁମତି ଲାଭକରିଅଛି । ମୋର ଅପରାଧ କ୍ଷମା କରନ୍ତୁ ।’ ସାଧୁ ଏହା ଶୁଣି ଅତୀବ ଆଶ୍ଚର୍ଯ୍ୟାନ୍ୱିତ ହୋଇ ମଧୁର ବାକ୍ୟରେ କହିଲେ—“ବତ୍ସ, ମୋଦ୍ୱାରା ତୋର କିଛି ହୋଇନାହିଁ, ମୁଁ ସାମାନ୍ୟ ମାନବ ମାତ୍ର । ତୁ ଯାହାଙ୍କୁ ଚୋରି କରିବାକୁ ଅଭିଳାଷ କରିଥିଲୁ, ସେହି ଦେବବିଗ୍ରହ ତୋତେ ଦୟା କରିଅଛନ୍ତି । ମୁଁ ତୋତେ ଏହି ବିଗ୍ରହ ପ୍ରଦାନ କରୁଅଛି, ତୁ ଏହାଙ୍କୁ ନେଇ ପୂଜା କର । ଏହି କେବଳ ତୋତେ ପାପରୁ ପରିତ୍ରାଣ କରିବେ ।” ଏହା କହି ବିଗ୍ରହପ୍ରଦାନପୂର୍ବକ ତାହାକୁ ବିଦାୟ ଦେଲେ । ତହୁଁ ସେ ଚୋର ରତ୍ନ ଖଚିତ ଏବଂ ସୁବର୍ଣ୍ଣ ପ୍ରତିମା ଘେନି ଆଉ ଗ୍ରାମକୁ ନଯାଇ ବନକୁ ଗମନ କଲା ଏବଂ ବନରେ ଗୋଟିଏ କୁଟୀର ନିର୍ମାଣପୂର୍ବକ ସେହି ମୂର୍ତ୍ତି ପୂଜାରେ ଆଜୀବନ ନିଯୁକ୍ତ ରହିଲା । ଶାସ୍ତ୍ରକାର କହିଅଛନ୍ତି,—“ସଂସର୍ଗଜା ଦୋଷଗୁଣା ଭବନ୍ତି ।” ସଂସର୍ଗରୁ ଗୁଣ ଜାତ ହୁଏ ଏବଂ ଦୋଷ ମଧ୍ୟ ଜାତ ହୁଏ । ଯେଉଁପରି ସଂସର୍ଗ, ସେହିପରି ଫଳ ମିଳେ । କୁମନ୍ତ୍ରୀର କୁସଂସର୍ଗରୁ ବିଖ୍ୟାତ କୁରୁବଂଶୀୟ ରାଜା ଦୁର୍ଯ୍ୟୋଧନ ସବଂଶରେ ନଷ୍ଟ ହୋଇଥିଲେ । ପକ୍ଷାନ୍ତରେ ଜଗାଇ ମାଧାଇ ଭଳି ମହାପାପୀ ଭଗବାନ ଚୈତନ୍ୟଦେବଙ୍କ ସଂସର୍ଗରେ ସାଧୁ ପାଲଟିଯାଇଥିଲେ । ସଂସର୍ଗଜାତ ଦୋଷଗୁଣର ଏହା ଚୂଡ଼ାନ୍ତ ଦୃଷ୍ଟାନ୍ତ ନୁହେଁ କି ?

ମଧୁ ଦିନସାରା ସାହେବଙ୍କ କୋଠିରେ ଥାଏ ଏବଂ ଟୋଲହାକ କରେ । କେବଳ ଦଶଟା ସମୟରେ ବସାକୁ ଖାଇବା ସକାଶେ ଯାଇ ଏଗାରଟା ବେଳେ ଫେରିଆସେ । ଦୁଇଟା ବେଳେ ଜଣେ ଗୁଡ଼ିଆ ସାହେବଙ୍କ ଆଜ୍ଞା ଅନୁସାରେ ଦୁଇ ଅଣାର ଜଳଖିଆ ଆଣି ପ୍ରତ୍ୟହ କୋଠିରେ ଦେଇଯାଏ, ମଧୁ ତାହା ସେହିଠାରେ ଖାଏ । ସାହେବ ମଧୁକୁ ଯେପରି ସ୍ନେହ କରନ୍ତି, ମଧୁ ମଧ୍ୟ ସାହେବଙ୍କୁ ସେପରି ଭକ୍ତି କରେ । ଉଭୟର ସମ୍ବନ୍ଧ ଏରୂପ ଘନିଷ୍ଠତର ହୋଇ ଉଠିଲା ଯେ ତାହା ପିତାପୁତ୍ର ସମ୍ପର୍କଠାରୁ ବଳିଗଲା । ବିଧାତା ସମସ୍ତଙ୍କର ହୃଦୟରେ ଅପତ୍ୟ ସ୍ନେହ ନିହିତ କରି ଅଛନ୍ତି । ପଶୁପକ୍ଷୀ ସୁଦ୍ଧା ସେଥିରୁ ବଞ୍ଚିତ ନୁହନ୍ତି, ସ୍ନେହ ପ୍ରୀତିପରାୟଣ ମାନବର ତ କଥାହିଁ ନାହିଁ । ଯେ ନିରପତ୍ୟ ସେ ବିରାଡ଼ି କୁକୁର ବା ନେଉଳଟିଏ ପୋଷି ତାହା ପ୍ରତି ଅପତ୍ୟ ସ୍ନେହ ଅର୍ପଣ କରେ । ଏରୂପ ଦୃଷ୍ଟାନ୍ତ ସଂସାରରେ ବିରଳ ନୁହେଁ । ପ୍ରଥମ ସାକ୍ଷାତ ଦିନରୁ ସାହେବଙ୍କ ହୃଦୟ ନିବିଡ଼ ସ୍ୱାଭାବିକ ବାତ୍ସଲ୍ୟ କାହିଁକି କେଜାଣି ଜଣେ ଅପରିଚିତ ବିଜାତି ବିଧର୍ମୀ ଦୁଃସ୍ଥ ବାଳକ ମଧୁ ପ୍ରତି ଧାବିତ ହୋଇଥିଲା । ସ୍ନେହର ଏପରି ମହିମା ଯେ ପାତ୍ର ଦେଖିଲେ ସେ ଅଜ୍ଞାତରେ ଆପେ ଆପେ ବହିଯାଏ । ଈଶ୍ୱର ବାଳକ ବାଳିକାମାନଙ୍କୁ ଏକ ଅଦ୍ଭୁତ

ଚିତ୍ତବଶୀ ମୋହିନୀ ଶକ୍ତି ଦେଇ ଅଛନ୍ତି । ସେହି ଶକ୍ତିରେ ସେମାନେ ସମସ୍ତଙ୍କର ସ୍ନେହ ପ୍ରୀତି ଆକର୍ଷଣ କରନ୍ତି ଏବଂ ବିଶ୍ୱଜୟରେ କ୍ଷମ ହୁଅନ୍ତି । ସେମାନଙ୍କର ରୂପ ମଧୁର, ଭାଷା ମଧୁର, ଜଞ୍ଜାଳ ମଧୁର, ହାସ୍ୟ ମଧୁର ଗତି ମଧୁର ଏବଂ ଦୁଷ୍ଟାମୀ ସୁଦ୍ଧା ମଧୁର । ଯେମନ୍ତ କି କେବଳ ମଧୁରତା ଉପାଦାନରେ ସେମାନେ ଗଢ଼ା । ଏହି ଦୁର୍ଲଭ ମଧୁରତା ସେମାନଙ୍କର ସର୍ବସ୍ୱ ଏବଂ ବିଶେଷତ୍ୱ । ପୃଥିବୀ ଜଗତରେ ସେମାନଙ୍କର ଉପମା । ବାଳକର ଶତ୍ରୁ କେହି ନାହିଁ, ସମସ୍ତେ ତାହାର ଆତ୍ମୀୟ । ଜଗତରେ ସାମ୍ୟସାରଲ୍ୟ ଯଦି ଥାଏ ତେବେ ତାହା ଜ୍ଞାନୀ ଏବଂ ଶିଶୁ ପ୍ରାଣରେ ସୁଲଭ । ଶତ୍ରୁର ଶିଶୁଠାରେ ଶତ୍ରୁ ସୁଦ୍ଧା ବୈରତା ପାଶୋରି ମୁଗ୍ଧ ହୁଏ । ଶିଶୁକୁ ଦେଖି ଯାହାର ହୃଦୟ ଆନନ୍ଦରେ ତରଳ ନ ହୁଏ ତାହାର ହୃଦୟ ନାହିଁ, ଆତ୍ମା ନାହିଁ, କମ୍ପା ପ୍ରାଣ ନାହିଁ । ସେ ପାଷାଣ ବା ଲୌହଠାରୁ କଠିନ ।

ମଧୁକୁ ଦଣ୍ଡେ ନଦେଖିଲେ ସାହେବ "ମଧୁ, ମଧୁ" ବୋଲି ଉଚ୍ଚ ଚିତ୍କାର କରି ବଙ୍ଗଳା କମ୍ପାଇ ଦିଅନ୍ତି । ସାହେବ ତାହା ପ୍ରତି ସର୍ବଦା ବଡ଼ ସନ୍ତୁଷ୍ଟ । ତାହାର କାର୍ଯ୍ୟ ସାହେବଙ୍କର ଖୁବ୍ ମନୋମତ ହୁଏ । ତାକୁ ଯେତେବେଳେ ଯେଉଁ କାର୍ଯ୍ୟ ଦିଆଯାଏ, ସେ ତାହା ଦକ୍ଷତାର ସହିତ ନିର୍ଦ୍ଦୋଷଭାବରେ ସମ୍ପାଦନ କରେ । ତାହାର କାର୍ଯ୍ୟ ପରିଷ୍କାର ପରିଚ୍ଛନ୍ନ । ସେ ମୋହର ମାରି ଚିଠି ବନ୍ଦକରେ,— ସାହେବ ପଢିସାରି ଯେଉଁ କାଗଜ ପତ୍ର ଦିଅନ୍ତି ତାହା ଫାଇଲ୍ କରି ରଖେ । ପାର୍ସେଲ ବନ୍ଦ କରେ, ସମୟସମୟରେ ଯାଇ କୁଲିମାନଙ୍କର କାର୍ଯ୍ୟ ଦେଖିଆସେ ଏବଂ କାମ ନଥିବା ବେଳେ ସାହେବଙ୍କର "ବେଲି" ନାମକ କୁକୁର ସାଙ୍ଗରେ ଖେଳେ । ସାହେବଙ୍କ ଭୃତ୍ୟ ଏବଂ ପାଚକଠାରୁ ଏଥିମଧ୍ୟରେ ସେ ବ୍ୟବହାର୍ଯ୍ୟ ଇଂରାଜୀ ଶବ୍ଦ ଏବଂ ସରଳ ବାକ୍ୟ ଶିକ୍ଷାକରିଅଛି । ସାହେବ ତାହାକୁ ଅନେକ ପ୍ରକାର ପୋଷାକ ଆଣି ଦେଇଅଛନ୍ତି । ସେସବୁ ବିଦେଶୀୟ ନୁହେଁ,—ଦେଶୀୟ ଧୋତି, ଚଦର ଏବଂ ଅଙ୍ଗରଖା । ଏହିପରି ସାହେବଙ୍କର ଅତୁଳ ସ୍ନେହରେ ବୁଡ଼ିରହି ସେ ଘର ଗ୍ରାମ ଏବଂ ଆତ୍ମୀୟ ସ୍ୱଜନମାନଙ୍କୁ ଏକପ୍ରକାର ଭୁଲିଯାଇଅଛି । ସେ ସମୟସମୟରେ ଅତୀତ ଜୀବନ ସ୍ରୋତରେ ଉଜାଣି ସନ୍ତରଣପୂର୍ବକ ଲୋତକପାତ କରୁଥିଲା; ମାତ୍ର ଏଣିକି ଆଉ ସେପରି କରିବାର ପ୍ରାୟଶଃ ଦେଖାଯାଏ ନାହିଁ । ସାହେବଙ୍କର ପିତୃପ୍ରତିମ ସ୍ନେହ ତାହା ମନରୁ ସମସ୍ତ ଦୁଃଖ ଏବଂ ଅନୁତାପ ଦୂର କରି-ଦେଇଅଛି । ତାହା ମନରେ ଆଉ ଗ୍ଳାନି ନାହିଁ—ସେ ସଦାନନ୍ଦମୟ । ସାହେବଙ୍କ ସଂସର୍ଗରେ ସେ ସାହେବୀଭାବ ପ୍ରାପ୍ତ ହୋଇନାହିଁ । ତାହାର ଜାତୀୟଭାବରକ୍ଷା-ବିଷୟରେ ସାହେବ ସର୍ବଦା ସତର୍କ ଥାଆନ୍ତି । ନିପୁଣ ଶିଳ୍ପୀ ଯେପରି ନିର୍ଦ୍ଦୋଷ ପ୍ରତିମା ପ୍ରସ୍ତୁତ କରେ, ସାହେବ ସେହିପରି ସଦୁପଦେଶ ଦ୍ୱାରା ତାହାର ଚରିତ୍ର ସଂଗଠନ ପୂର୍ବକ ତାହାକୁ ପ୍ରକୃତ ମନୁଷ୍ୟ ପ୍ରସ୍ତୁତ କରିଅଛନ୍ତି । ବାଲ୍ୟକାଳ ଆଦର୍ଶ ଶିକ୍ଷାର ଉପଯୁକ୍ତ ସମୟ । ବାଳକ ଯେଉଁ ଆଦର୍ଶ ସମ୍ମୁଖରେ ଦେଖେ, ସେହି ଆଦର୍ଶ ତାହାର କୋମଳ ପ୍ରାଣରେ ଅଙ୍କିତ ହୋଇଯାଏ । କଞ୍ଚା ମାଟିଆରେ ଯେଉଁ ଦାଗ ପଡ଼େ, ତାହା ଆଉ ଲିଭେ ନାହିଁ ; ମାତ୍ର ମାଟିଆ ପୋଡି ଶକ୍ତ ହୋଇଗଲେ ସେଥିରେ ଆଉ ଦାଗ ପଡ଼େ ନାହିଁ । ସାହେବ ମଧୁକୁ ଖାଲି ସ୍ନେହ କରନ୍ତି ନାହିଁ,—ବିଶ୍ୱାସ ମଧ୍ୟ କରନ୍ତି । ସେ ମଧୁକୁ କଠୋର ଶାସନରେ ସୁପଥକୁ ଆଣିନାହାନ୍ତି,—ଉପଦେଶ ଦ୍ୱାରା ତାହାର ମତିର ପରିବର୍ତ୍ତନ ଘଟାଇ ଅଛନ୍ତି । କଠୋରତା ଅପେକ୍ଷା କୋମଳତାର ଶକ୍ତି ସମଧିକ । ବନ୍ୟ ପଶୁକୁ ଧରିଆଣି ପ୍ରହାର କଲେ ସେ ପୋଷ ମାନେନାହିଁ — ଆଉଁସିଲେ ପୋଷ ମାନେ । କଠୋର ଶାସନରେ ଯଦି ଫଳ ହୁଏ, ତେବେ ତାହା କ୍ଷଣିକ; ମାତ୍ର ସ୍ନେହଶାସନର ଫଳ ଆଜୀବନ ସ୍ମୃତିଗତ ହୋଇ ରହେ । ଅନେକେ ଦୁରନ୍ତ ପୁତ୍ର ବା ଶିଷ୍ୟଙ୍କୁ କଠୋର ଶାସନରେ ସତ୍ପଥଗାମୀ କରିବାକୁ ଚେଷ୍ଟା କରନ୍ତି; ମାତ୍ର ସେମାନେ ଭ୍ରାନ୍ତ । ସ୍ନେହ ଅପେକ୍ଷା ବଶୀକରଣର ଅବ୍ୟର୍ଥ ମନ୍ତ୍ର ଆଉ କିଛି ନାହିଁ ।

ଦିନେ ସାହେବ ଶିକାରରୁ ଫେରିଆସି ଦେଖିଲେ,—ପୋଷ୍ଟ ପିଅନ କେତେ ଖଣ୍ଡ ଚିଠି ଟେବୁଲ ଉପରେ ରଖିଯାଇଅଛି । ସାହେବ ଆମେରିକାର ଚିଠି ବାଛି-

ନେଇ ଆଗେ ପଡନ୍ତି, ପୂର୍ବରୁ ଏହା କୁହାଯାଇଛି । ସେଦିନ ଖଣ୍ଡିଏ ଆମେରିକାର ଚିଠି ଥିଲା, ସେ ଖଣ୍ଡି ଆଗେ ଖୋଲି ପଢିଲେ । ପାଠାନ୍ତେ ତାଙ୍କର ମୁଖ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ପତ୍ରଖଣ୍ଡି ତାଙ୍କର ପୂର୍ବୋକ୍ତ ବନ୍ଧୁ ଲେଖିଅଛନ୍ତି । ସେଥିରେ ଅନ୍ୟାନ୍ୟ କଥା ମଧ୍ୟରେ ଲେଖାଅଛି,— "ଯେଉଁ ଜାହାଜ ସୃଷ୍ଟିରେ ଉଠିବାର କଥା ଥିଲା, ତାହା ମଧୁସୂଦନ ସାମନ୍ତ ନାମରେ ଉଠିଅଛି । ଜାହାଜ ଖଣ୍ଡି କଣ୍ଟିତ ଜାଣ୍ଡ ହେତୁ ତାହା ତିନିଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରୟ କରାଯାଇଅଛି । ଏହି ତିନିଲକ୍ଷ ଟଙ୍କାର ଖଣ୍ଡିଏ ଚେକ ଆପଣଙ୍କ ଜରିଆରେ ପଠାଗଲା । ଅନୁଗ୍ରହ ପୂର୍ବକ କଲିକତାସ୍ଥ ଆମେରିକା ବ୍ୟାଙ୍କରେ ତାହା ଭଙ୍ଗାଇନେଇ ମାଲିକଙ୍କୁ ଦେବାହେବ । ଆପଣଙ୍କ ନାମରେ ଉକ୍ତ ବ୍ୟାଙ୍କକୁ ଖବର ଯାଇଅଛି । ଏହା ପାଠ କରି ଆଶ୍ଚର୍ଯ୍ୟ ଏବଂ ଆନନ୍ଦରେ ସାହେବଙ୍କ ଅନ୍ତରାତ୍ମା ଅକଥନୀୟ ଭାବରେ ଉତ୍‌ଫୁଲ୍ଲ ହୋଇ ଉଠିଲା । ସେ ଭାବିଲେ—'ପିଲ୍ଟା କେତେ ଭାଗ୍ୟବାନ୍, ବିପତ୍ତି ଅମଙ୍ଗଳ ପଛରେ ଯେ ଏଭଳି ଅଦ୍ଭୁତ ଅଚିନ୍ତିତ ମଙ୍ଗଳାଶୀର୍ବାଦ ପ୍ରଚ୍ଛନ୍ନରେ ଦଣ୍ଡାୟମାନ ଅଛି ତାହା କିଏ ଜାଣିଥିଲା ? ପ୍ରଚଣ୍ଡ ବଜ୍ରାଘାତ ପରେ ଏ ଶୀତଳ ଅମୃତ ପ୍ରଲେପ ଯେ ସ୍ୱପ୍ନର ଅଗୋଚର ଏହା ସତ୍ୟ । କଳ୍ପନା ସୁବର୍ଣ୍ଣରେ ବିମଣ୍ଡିତ ହୋଇ ମୂର୍ତ୍ତି ଧାରଣ କଲା ! ହେ ଈଶ୍ୱର ତୁମ୍ଭର ଲୀଳା ଅତୀବ ବିଚିତ୍ର । ତୁମ୍ଭେ କାହା ଭାଗ୍ୟ କିପରି ଗଠନ କର ତାହା ଭାବିଲେ ଚିତ୍ତ ସ୍ତବ୍ଧ ହୁଏ । କାହା ଭାଗ୍ୟରେ କେତେବେଳେ ବଜ୍ରାଘାତ, କେତେବେଳେ ବା ପୁଷ୍ପପାତ, ଏହା ତୁମ୍ଭର କୌତୁକ କ୍ରୀଡ଼ା । ଅନ୍ଧକାର ପଛରେ ଆଲୋକ ଏହା ତ ତୁମ୍ଭରି ସଙ୍କେତ ପ୍ରଭୋ ! ଆଜି ଯେ ଦାରିଦ୍ର୍ୟର ଭିଖାରୀ କାଲି ସେ କୁବେର ସମ୍ପତ୍ତିର ଅଧିକାରୀ ।" ସାହେବ ଏହିପରି ଭାବି ଆନନ୍ଦରେ ବିଭୋର ହେଲେ । ଯଥା ସମୟରେ ଚେକ ଆସି ପହଞ୍ଚିଲା । ସାହେବ ତାହା ଭଙ୍ଗାଇ ଆଣି ନିଜ ଟ୍ରେଜରୀରେ ଟଙ୍କା ଜମା ରଖିଲେ; ମାତ୍ର ମଧୁକୁ କିମ୍ବା ଅନ୍ୟ କାହାରିକୁ ଏଥିର ବନ୍ଧୁ ବିସର୍ଗ ଜାଣିବାକୁ ଦେଲେ-ନାହିଁ । ସାହେବଙ୍କର ଯେଉଁ ସବୁ ଜଣ କର୍ମଚାରୀ ସୃଷ୍ଟିର ଟିକେଟ କିଣିଥିଲେ, ବର୍ତ୍ତମାନ ଅଜ୍ଞାତ ହେବାର ଦେଖି ସେମାନେ ଭାବିଲେ, ବୋଧହୁଏ ସେହି ଈଶ୍ୱର-ଙ୍କର ଅନ୍ୟ କାହାରି ଭାଗ୍ୟରେ ଘଟିଲା । ଏହା ଭାବି ସେମାନେ ହତାଶ ହୋଇ ନୀରବ ରହିଲେ । ସାହେବଙ୍କୁ ପଚାରିବାକୁ କେହି ସାହସୀ ହେଲେନାହିଁ । ସେମାନଙ୍କର ବିଶ୍ୱାସ ସେହି ସୁଖଚନ୍ଦନ କୌଣସି ଭାରତୀୟ ଭାଗ୍ୟରେ ଘଟିଥିଲେ ସାହେବ ଅବଶ୍ୟ ସେମାନଙ୍କୁ ତାହା କହି-ଥାଆନ୍ତେ ।

ସାହେବ ସକାଳେ ବାରଣ୍ଡାରେ ବସି ପ୍ରକୃତିର ମହାଶୋଭା ଦେଖୁଅଛନ୍ତି, ବର୍ଷଣକ୍ଷାନ୍ତ ଲଘୁ ମେଘ-ପୁଞ୍ଜ ଭଣା ତୁଳାପରି ଆକାଶଗର୍ଭରେ ଭାସି ବୁଲୁଅଛି, ତାହା ଦେବତାମାନଙ୍କର କୁଣ୍ଡଳୀକୃତ ସିଗାରେଟ୍ ଧୂଆଁପରି ଦିଶୁଅଛି । ସିଗାରେଟର ମର୍ତ୍ତ୍ୟରେ ଏତେ ଆଦର, ସ୍ୱର୍ଗରେ ବା ନହେବ କାହିଁକି ? ସ୍ୱର୍ଗରେ କି ବାବୁ ଉପାଧିଧାରୀ ଭଦ୍ର ଲୋକ ନାହାନ୍ତି ?— ହଁ, ଅବଶ୍ୟ ଅଛନ୍ତି । ସ୍ୱର୍ଗ ତ ଗୋଟାଏ ମସ୍ତବଡ ସହର, ସେଠାରେ ବିଶ୍ୱକର୍ମା କମ୍ପାନିର ଅନେକ ଅଦ୍ଭୁତ କଳ କାରଖାନା ଅଛି । ଗନ୍ଧର୍ବ ଏବଂ ଅପ୍‌ସରା-ଥିଏଟର ରଙ୍ଗାଳୟ ବସାଇଅଛନ୍ତି । ଇନ୍ଦ୍ର ବାବୁ, ଚନ୍ଦ୍ରବାବୁ' ବ୍ରହ୍ମା ବାବୁ, ବିଷ୍ଣୁବାବୁ ପ୍ରଭୃତି ବଡ଼ ବଡ଼ ନାମ ଜାଦା ବାବୁଭୟାମାନେ ଏବଂ ଶଚୀ, ରୋହିଣୀ ସାବିତ୍ରୀ, କମଳା ପ୍ରଭୃତି ସେମିଜ- ପରିହିତା ବାବୁଆଣୀ-ମାନଙ୍କ ସଙ୍ଗେ ପ୍ରତ୍ୟହ ଅଭିନୟ ଦେଖନ୍ତି । ସ୍ୱର୍ଗର ଲର୍ଡ, ଆରଲ୍ ଏବଂ ଏମ୍. ପିମାନେ ସୁଦ୍ଧା ବର୍ଣ୍ଣକରୂପେ ଯୋଗ ଦିଅନ୍ତି । ସେମାନଙ୍କ ଶ୍ରୀମୁଖ-ନିଃସୃତ ଧୂଆଁରେ ଆକାଶ ପରିବ୍ୟାପ୍ତ ହୁଏ । ମର୍ତ୍ତ୍ୟବାସିଏ ତାହାକୁ ମେଘ ବୋଲି କହନ୍ତି । ସାହେବ ସେହି ମେଘର ଗତି ଦେଖୁଅଛନ୍ତି । ଦୂରପର୍ବତର ନୀଳ ଚୂଡ଼ ଆକାଶର ନୀଳିମାରେ ମିଶିଯାଇଅଛି । ଦୂର ପର୍ବତ ସୁନ୍ଦର, ଏହା ଅସାର ଉକ୍ତି ନୁହେ । ନିକଟ ପର୍ବତ ରୁକ୍ଷ ଦେଖାଯାଏ ସତ୍ୟ; ମାତ୍ର ଏକାବେଳକେ ଶୋଭାଶୂନ୍ୟ ନୁହେଁ । ଶୋଭା ତ ବାଇଗଣ ପରିବା, ସେ ଅଣ ତୁଣରେ ଥାଏ, ଆମ୍ବିଳାରେ ଥାଏ, ଅଧିକନ୍ତୁ ଭଣ୍ଡାରେ ବି ଥାଏ ।

ତେବେ ଦୂର ପର୍ବତର ଶୋଭା ଶ୍ୟାମଶସ୍ପ-ସମାଚ୍ଛନ୍ନ ଉତ୍ତୁଙ୍ଗ ସ୍ତୂପପରି ଅତି ମନୋହର ଦିଶେ । ସାହେବ ସେହି ଦୂର ପର୍ବତର ଚିତ୍ତହର ଦୃଶ୍ୟ ନିର୍ନିମେଷ ନୟନରେ ଉପଭୋଗ କରୁଅଛନ୍ତି । ଦୁଃଶାସନ ଦ୍ରୌପଦୀର ବସ୍ତ୍ରହରଣ କଲା ପ୍ରାୟ ପବନ ପର୍ବତଚୂଡ଼ାରୁ ଖଣ୍ଡିଏ ଖଣ୍ଡିଏ ମେଘ କାଢ଼ି ନେଇଯାଉଅଛି । ଅନ୍ୟ ପର୍ବତମାନେ କୁତୁହଳର ସହିକଳ ପ୍ରାୟ ସେହି ବିଭତ୍ସ ଦୃଶ୍ୟ ନିଷ୍ଠୁର ନୟନରେ ଦେଖୁ ଅଛନ୍ତି । ଗିରି-ଦୂତ ପକ୍ଷୀମାନେ ଏକ ପର୍ବତର ବାର୍ତ୍ତା ଅନ୍ୟପର୍ବତ କାନରେ କହି ବୁଲୁଅଛନ୍ତି । ମହୀରୁହବୃନ୍ଦ ପବନକମ୍ପିତ ଶାଖା-କରସଂଯୋଗପୂର୍ବକ ନମସ୍କାର କରି ପରସ୍ପରକୁ ପ୍ରାତଃ ସମ୍ମାନ ଜଣାଉଅଛନ୍ତି । ସାହେବଙ୍କ ବଙ୍ଗଳାଟି ବ୍ରହ୍ମପୁତ୍ର-ନଦୀକୂଳରେ ଅବସ୍ଥିତ । ନଦୀ ସ୍ରୋତ କଳ କଳ ହୋଇ ହସି ହସି ବହି ଯାଉଅଛି । ସ୍ରୋତ କାଟି ନୌକା ଉଜାଣି ଗତି କଲାବେଳେ ନଦୀଗର୍ଭ ତରଙ୍ଗମୟ ହୋଇଯାଉଅଛି । ଆକାଶରେ ଏକ ସୂର୍ଯ୍ୟ, କିନ୍ତୁ ନଦୀ ତରଙ୍ଗରେ ଶତ ଶତ ବାଳସୂର୍ଯ୍ୟ ଭାସି ଯାଉଅଛି । ନଦୀ ତୀର-ସୁପ୍ତ ପ୍ରେମନ୍ତରତ କୁରଙ୍ଗକୁଳ ସରଳ ତରଳ ଚାହାଁଣୀରେ ସେହି ଦୃଶ୍ୟ ଦେଖି ମୁଗ୍ଧ ହେଉଅଛନ୍ତି । ପାଣିରେ ଫୁଟିଗାର ପ୍ରାୟ ମୁହୂର୍ତ୍ତ ମଧ୍ୟରେ ସେହି ଦୃଶ୍ୟ ମିଳାଇ ଯାଉଅଛି । ଜଳପାନାର୍ଥୀ ଚଞ୍ଚଳ ହରିଣ ଶିଶୁ-ଗୁଣ୍ଡିକ ଜଳ ଭିତରେ ନିଜର ଛାୟା ଦେଖି ଭୟରେ ଫେରିଯାଉଅଛନ୍ତି । ସାହେବ ତନ୍ମୟ ହୋଇ ଏହି ସବୁ ଦୃଶ୍ୟ ଦେଖୁ ଅଛନ୍ତି, ଏହି ସମୟରେ ମଧୁ ଆସି ସଲାମ କରି ଠିଆ ହେଲା । ମଧୁକୁ ଦେଖି ସାହେବଙ୍କର ତନ୍ମୟତା ଭାଙ୍ଗିଗଲା । ତାଙ୍କର ଚିନ୍ତା ପ୍ରକୃତିଆଡୁ ଫେରି ଆସି ଅନ୍ୟଆଡ଼କୁ ଅଗ୍ରସର ହେଲା । ସେ ଭାବିଲେ ତିନିଲକ୍ଷ ଟଙ୍କା ପ୍ରାପ୍ତି ସମ୍ବାଦ ଶୁଣିଲେ ମଧୁର ହୃଦୟ କଣ ହେବ । ବାଳକର ସୁକୁମାର ହୃଦୟ କି ଏତେ ଆନନ୍ଦ ସହିପାରିବ ? ହୁଏ ତ ଏହି ଆନନ୍ଦାତିଶଯ୍ୟରେ ତାହାର ମୃତ୍ୟୁପର୍ଯ୍ୟନ୍ତ ଘଟିପାରେ । ଯାହା ହେଉ ତାକୁ ଏକଥା ବର୍ତ୍ତମାନ କହିବା ଉଚିତ ନୁହେଁ । ଘୃତ ପୁଷ୍ଟିକର ପଦାର୍ଥ, ମାତ୍ର କେତେ ପକ୍ଷରେ ତାହା ମୃତ୍ୟୁର କାରଣ । ଜଣେ ଗଣ୍ଡ ମୂର୍ଖ ଏତେଗୁଡ଼ାଏ ଟଙ୍କା ପାଇଲେ ତାହାର ମତି ଉତ୍ପଥାବଲମ୍ବୀ ହେବା ବିଚିତ୍ର ନୁହେଁ । ଯାହାର ଶିକ୍ଷା ନାହିଁ, ହିତାହିତ ଜ୍ଞାନ ନାହିଁ, ସେ କୁସଙ୍ଗରେ ପଡ଼ି ଦୁଇଦିନ ମଧ୍ୟରେ କୁବେର ସମ୍ପତ୍ତି ହରାଇ ଦାଣ୍ଡର ଭିକାରୀ ହୋଇପାରେ । ମଧୁକୁ ଟଙ୍କା ଦେଲେ ସେ ଟଙ୍କାର ସଦ୍‌ବ୍ୟବହାର କରିବାର ଶକ୍ତି ଦେବା ଆବଶ୍ୟକ । ସେହି ଶକ୍ତି ଶିକ୍ଷା ବ୍ୟତୀତ ଅନ୍ୟ କେହି ଦେଇ ନପାରେ । ଶିକ୍ଷା ମାନବକୁ ସଂଯତ କରେ ଏବଂ ଶାସନ କରେ । ଅତଏବ ମଧୁକୁ କିଛି ଶିକ୍ଷା ଦେବା ଆବଶ୍ୟକ । ସେ ଅପେକ୍ଷାକୃତ ବୁଦ୍ଧିଆ ଚତୁର ହେଲାଣି; ମାତ୍ର ତାହାର ମତି ଭୁଲ କୁକୁରପରି ବାର-ଆଡ଼େ ବୁଲୁଅଛି । ତାହାର ସେହି ବିକ୍ଷିପ୍ତ ମତିକୁ ଅନ୍ୟ-ଆଡ଼ୁ ଭିଙ୍ଗିଆଣି ଶିକ୍ଷାରେ ଲଗାଇଲେ ଶ୍ରେୟସ୍କର ହୋଇପାରେ । ବିଶେଷତଃ ତାହାର କର୍ମଠତା ଏବଂ କଷ୍ଟ ସହିଷ୍ଣୁତା ଦୃଷ୍ଟିରେ ଆଶା ହୁଏ ସେ ଉତ୍ତମ ଶିକ୍ଷାଲାଭ କରିପାରିବ । କିଛିଦିନ ତାକୁ ଅନ୍ୟ କାର୍ଯ୍ୟରୁ ଅନ୍ତର କରି ଶିକ୍ଷାରେ ନିଯୁକ୍ତ କରିବା ଉଚିତ । ଯଦି ତାହାର ସେଥିରେ ମନୋଯୋଗ ଦେଖାଯାଏ, ତେବେ ତାହାର ଭବିଷ୍ୟତ ସମ୍ବନ୍ଧରେ ଆଉ କୌଣସି ଆଶଙ୍କାର କାରଣ ରହିବ ନାହିଁ । ଅତୀତ ବା ବର୍ତ୍ତମାନର ସମ୍ବଳ ନଥିଲେ ଭବିଷ୍ୟତର ସୁଖାଶା ବିଡ଼ମ୍ବନା ମାତ୍ର । ସାହେବ ଏହିପରି ନାନା କଥାର ଆଲୋଚନା କରି ମଧୁକୁ ପାଖକୁ ଡାକି ପଚାରିଲେ—"ମଧୁ, ତୁ କିଛି ପଢ଼ାଶୁଣା କରିଛୁ ?"

ମଧୁ—ହଁ, ଶ୍ରୀମାନା ପାଖରୁ ଅଳ୍ପଟିକିଏ ପଢ଼ିଛି ।

ସାହେବ—କାହା ପାଖରୁ ?

ମଧୁ—ଶ୍ରୀମସିଂହ ପାଖରୁ ହଜୁର । ମୁଁ ତାକୁ ଶ୍ରୀମାନା ବୋଲି ଡାକେ ।

ସାହେବ—ଅଚ୍ଛା, ଧାଡ଼ିଏ ଲେଖି ଆଣ ତ ।

ମଧୁ—"ହଉ" ବୋଲି କହି ସେଠାରୁ ଚାଲିଗଲା ।

ସାହେବ ଖବର କାଗଜ ପଢ଼ି ବସିଲେ । ମଧୁ କାଗଜ ପେନ୍‌ସିଲ୍ ନେଇ ସାହେବଙ୍କ ଦୃଷ୍ଟି ଉହାଡ଼ରେ ବସିଲା ଏବଂ ପାଞ୍ଚମନ ପଚାଶ ପ୍ରକୃତି ଏକ କରି ହାତ

ଉତ୍ସାହପୂର୍ବକ ଖୁବ୍ ସାବଧାନରେ ଲେଖିବାକୁ ଆରମ୍ଭ କଲା ; ମାତ୍ର ଅକ୍ଷରଗୁଡ଼ିକ ଏଡ଼େ ଅସଭ୍ୟ ଯେ, ମଧୁର ବୋଲ ନମାନି କିଏ ହାଣ୍ଡି ପରି, କିଏ କଳଶୀପରି, ଏବଂ କିଏ ବା ଠେକିପରି ହୋଇ ଗୋଟାଏ ଗୋଟାକ କାନ୍ଧରେ ଆଉଜିଲା । କେହି କାହା ଗୋଡ଼ତଳେ ପଡ଼ିଲା ଏବଂ କେହି ଅବା କାହା ଉପରେ ଘୋଡ଼ା ଚଢ଼ିଲା ; ମାତ୍ର ମଧୁ ଛାଡ଼ିବାର ପାତ୍ର ନୁହେଁ, ସେ ଲୁଗାପଟା ସମ୍ଭାଳି ଆସନ ଜମାଇ ପୁନଶ୍ଚ ଚେଷ୍ଟା କଲା । ଏଥରର ଅକ୍ଷରଗୁଡ଼ିକ ମଧ୍ୟ ବଡ଼ ଅବାଧ, ତାହା ପୂର୍ବ-ଥରର ଦ୍ୱିତୀୟ ସଂସ୍କରଣ ବା ଯମଜ ସୋଦର ଆକାର ଧାରଣ କଲା । ଏହିପରି ସଂସ୍କରଣ ପରେ ସଂସ୍କରଣ ଯାଇ କେତେ ଖଣ୍ଡ କାଗଜର ଶ୍ରାଦ୍ଧ ହେଲା ପରେ ଶେଷ ଥର ଖଣ୍ଡେ କାଗଜରେ ରୁଲ ପକାଇ ସେଥିରେ "ଶୁଣ ପକ୍ଷୀ ନରନାଥ" ଏତିକି ଲେଖିଲା । ଖାମ ପାଖରେ ଖଣ୍ଡିଏ ରସ ପୋଥି ଅଛି । ସେ ତାହା ପ୍ରତ୍ୟହ ରାତ୍ରରେ ପଢ଼େ । ମଧୁ ଖାମଠାରୁ ଟିକିଏ ପଢ଼ି ଶିଖିଛି, ସେହି ମହାଗ୍ରନ୍ଥ ଖଣ୍ଡିକ ହିଁ ବିଦ୍ୟାବାଗୀଶ ଭଟ୍ଟାଚାର୍ଯ୍ୟଙ୍କର ଜ୍ଞାନଭଣ୍ଡାର ସ୍ୱରୂପ । ମଧୁ ସ୍ୱୀୟ କୃତ-କର୍ମାକାର କବିତାଲେଖା ନେଇ ସାହେବଙ୍କୁ ଦେଖାଇଲା । ସାହେବ ଦେଖିସାରି ଟିକିଏ ହସିଦେଇ କାଗଜ ଖଣ୍ଡ ମଧୁ ହାତକୁ ବଢ଼ାଇଦେଲେ । ମଧୁ ଭାବିଲା,—ମୋର ଲେଖା ଦେଖି ସାହେବଙ୍କର ଶ୍ୱେତହୋଲା ପସନ୍ଦ ହୋଇଅଛି । ସୁତରାଂ ସେ ମନେ ମନେ ଭାରି ଖୁସିଟାଏ ହୋଇ ନିଜର ଅସାଧାରଣ ଯୋଗ୍ୟତାକୁ ଧନ୍ୟବାଦ ନ ଦେଇ ରହି ପାରିଲାନାହିଁ । ଅନନ୍ତର ସାହେବ ପଚାରିଲେ,—"ମଧୁ, ତୋତେ ପଢ଼ାଇଲେ ତୁ ପଢ଼ିବୁ ?" ମଧୁ କିଛି ନ କହି ତଳକୁ ମୁହଁ ପୋତି, ମୁରୁକି ମୁରୁକି ହସିବାକୁ ଲାଗିଲା । ଆନନ୍ଦରେ ତାହାର ନେତ୍ର ଛଳ ଛଳ ହୋଇ ଆସିଲା । ଗଛରେ ଚଢ଼ି ଲୁଚିବା, ଅବଧାନଙ୍କୁ ଲୁଗ-ପିଲୁଲା କରି ପୋଡ଼ିବା ପ୍ରଭୃତି ତାହାର ଅତୀତ କୀର୍ତ୍ତିର ଅବିନଶ୍ୱର ସ୍ମୃତି ଗୋଟି ଗୋଟି ହୋଇ ଆସି, ଆଖି ଆଗରେ ନାଚି ବୁଲିଲା । ସାହେବ "ମୌନଂ ସମ୍ମତି" ଜାଣି କହିଲେ,—"କାଲିଠାରୁ ତୋର ପଢ଼ାର ବ୍ୟବସ୍ଥା କରାଯିବ, ତୋତେ ଆଉ ଏଣିକି କିଛି କାମ କରିବାକୁ ପଡ଼ିବ ନାହିଁ, ତୁ ମନୋଯୋଗପୂର୍ବକ ପଢ଼ ।" ମଧୁର ଆଉ ଆନନ୍ଦର ସୀମା ରହିଲା ନାହିଁ । ପଢ଼ି ସାରିଲେ ସାହେବ ତାକୁ ବଡ଼ ଚାକିରି କରାଇ ଦେବେ—ସେ ବଡ଼ ଲୋକ ହୋଇଯିବ,—ମୂଲ୍ୟବାନ ପରିଚ୍ଛଦ, ଉପାନହ, ଅନୁପଦିକା * ଘଣ୍ଟା, ଚେନ୍ ବ୍ୟବହାର କରିବ । ଏହିପରି କେତେ ଭବିଷ୍ୟତ୍ ଆଶା ତାହା ହୃଦୟରେ ଉଜ୍ଜ୍ୱଳ ଆଲୋକ ବିକୀରଣ କଲା । ସେ ଭାବିଲା,—ସାହେବଙ୍କ ସହିତରେ ମାହେନ୍ଦ୍ର ମୁହୂର୍ତ୍ତରେ ତାହାର ସାକ୍ଷାତ ହୋଇଥିଲା ।

ମହତ୍ ଲୋକଙ୍କର କଥା ଆଉ କାର୍ଯ୍ୟ ମଧ୍ୟରେ ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏନାହିଁ । ସେମାନଙ୍କର କଥାହିଁ କାର୍ଯ୍ୟର ପୂର୍ବାଭାସ । ସେମାନଙ୍କ ହୃଦୟ ଦର୍ପଣପରି ସ୍ୱଚ୍ଛ, ସେଥିରେ ଯେଉଁ ପ୍ରତିବିମ୍ବ ପଡ଼େ, ତାହା ଅନତିବିଳମ୍ବରେ ରୂପ ପ୍ରାଣ ଧରି ଉଠିଆସେ । ସାହେବ ମଧୁର ପଢ଼ାଶୁଣାର ସୁବ୍ୟବସ୍ଥା କରିଦେଲେ । ତାଙ୍କର ହେଡ଼କ୍ଲାର୍କ ଜଣେ ବଙ୍ଗାଳୀ, ସେ ଆଇ, ଏ, ପର୍ଯ୍ୟନ୍ତ ପଢ଼ିଅଛନ୍ତି । ସେ ମଧୁକୁ ପ୍ରତ୍ୟହ ଦୁଇଘଣ୍ଟା ଲେଖାଏଁ ପଢ଼ାଇବେ, ସେଥିସକାଶେ ପାରିଶ୍ରମିକ ମାସରେ ଦଶ ଟଙ୍କା ପାଇବେ । ଆପାତତଃ ଏହି ବନ୍ଦୋବସ୍ତ କରାଗଲା । ଆବଶ୍ୟକ ପୁସ୍ତକ ଖାତା ପ୍ରଭୃତି ଉପକରଣ କିଣି ଦିଆଗଲା । ଶିକ୍ଷକ ରାତିରେ ଦୁଇ ଘଣ୍ଟା ମଧୁକୁ ପଢ଼ାନ୍ତି । ମଧୁ ଖୁବ୍ ମନୋଯୋଗ ସହକାରେ ଇଂରାଜୀ ଏବଂ ବଙ୍ଗଳା ପଢ଼ିବାକୁ ଲାଗିଲା । ସାହେବ ପ୍ରତ୍ୟହ ତାହାର ପଢ଼ାପଢ଼ିର ତତ୍ତ୍ୱ ନିଅନ୍ତି । ମଧୁ ଦିନସାରା ବସି ଶିକ୍ଷକ ପ୍ରଦତ୍ତ ପାଠ ଅଭ୍ୟାସ କରେ ଏବଂ ହସ୍ତାକ୍ଷର ଲେଖେ । ରାତିରେ ଶିକ୍ଷକ ପୁରୁଣା ପାଠ ନେଇ ନୂତନ ପାଠ ଦିଅନ୍ତି । ମଧୁ ବର୍ଷକ ମଧ୍ୟରେ ଦୁଇଖଣ୍ଡ ପ୍ରାଥମିକ ପୁସ୍ତକ ଶେଷ କରିପକାଇଲା । ଛାତ୍ରର ବିଦ୍ୟାନୁରାଗ ଦେଖି ଗୁରୁ ପରମ ସନ୍ତୋଷ ଲାଭପୂର୍ବକ ଛାତ୍ରକୁ ଅଧିକତର ସ୍ନେହ ଏବଂ ପ୍ରଶଂସା କରିବାକୁ ଲାଗିଲେ । ସାହେବ ମଧ୍ୟ ପ୍ରୀତ ହେଲେ । ମଧୁ ଗୁରୁଙ୍କର

* ମୋଜା ବା ବସ୍ତ୍ର ପାଦୁକା ।

ଆଦର ଓ ସ୍ନେହ ଲାଭକରି ଦ୍ୱିଗୁଣ ଉତ୍ସାହରେ ଶିକ୍ଷାରେ ଅଗ୍ରସର ହେଲା ।

ପରବର୍ତ୍ତୀ ବର୍ଷ ସାହେବ ମଧୁକୁ ଆସାମର ଗୋଟାଏ ହାଇସ୍କୁଲରେ ଭର୍ତ୍ତି କରିଦେଲେ । ମଧୁ ଦିନରେ ସ୍କୁଲକୁ ଯାଏ ଏବଂ ରାତିରେ ଗୃହଶିକ୍ଷକ ପାଖରେ ପଢ଼େ । ପ୍ରତ୍ୟହ ସେ କ୍ଲାସରେ ପ୍ରଥମ ସ୍ଥାନ ଅଧିକାର କରେ । କ୍ରମଶଃ ସେ ଶିକ୍ଷକମାନଙ୍କର ପ୍ରିୟ ପାତ୍ର ହୋଇଉଠିଲା ଏବଂ ପ୍ରତିବର୍ଷ ଉପର କ୍ଲାସକୁ ପ୍ରଶଂସାର ସହିତ ଉନ୍ନୀତ ହେବାକୁ ଲାଗିଲା । କି ସ୍ୱଭାବ ଚରିତ୍ର, କି ଶିଷ୍ଟାଚାର, କି ବିଦ୍ୟାନୁରାଗ ସମସ୍ତ ବିଷୟରେ ସେ ଛାତ୍ରମାନଙ୍କର ଆଦର୍ଶ ହୋଇଉଠିଲା ଏବଂ ଶିକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କଲା । ସାହେବ ତାହାର ଅଧ୍ୟୟନ-ପ୍ରୀତି ଏବଂ ଅଧ୍ୟବସାୟ ଦେଖି ତାହାକୁ ଅଧିକତର ସ୍ନେହ ଚକ୍ଷୁରେ ଦେଖିଲେ । ସ୍ୱରୋପିତ ବୃକ୍ଷକୁ ଫଳପୁଷ୍ପମଣ୍ଡିତ ଦେଖି କିଏ ବା ପ୍ରୀତିଲାଭ ନ କରେ ? ସାହେବ ତାହାକୁ ସମୟ ସମୟରେ ସ୍ୱୟଂ ପଢ଼ାଇବାକୁ ଲାଗିଲେ । ମଧୁ ରାତି ଜାଗରଣପୂର୍ବକ ପାଠାଭ୍ୟାସରେ ନିଯୁକ୍ତ ହେଲା । ଦେଖୁଁ ଦେଖୁଁ ସେ ଅଗାଧ ପ୍ରବେଶିକା-ସାଗର ସନ୍ତରଣ ଦ୍ୱାରା ପାର ହୋଇଗଲା । ସେ ସମୟରେ ବିଶ୍ୱବିଦ୍ୟାଳୟ ଶିକ୍ଷା-ଯମାଳୟରେ ପରିଣତ ହୋଇନଥିଲା; କିମ୍ବା ଛାତ୍ରମାନଙ୍କୁ ପାଠ୍ୟପୁସ୍ତକର ହିମାଳୟ ଗିଳିବାକୁ ପଡ଼ୁନଥିଲା । ବର୍ତ୍ତମାନ କେବଳ ପରୀକ୍ଷାର ଯୁଗ । ପ୍ରତ୍ୟହ ପରୀକ୍ଷା, ପରୀକ୍ଷା ଉପରେ ପରୀକ୍ଷା,—ତା' ଉପରେ ପରୀକ୍ଷା । ଏହିପରି ଭୀଷଣ ଅଗ୍ନିପରୀକ୍ଷାରେ ଦଗ୍ଧୀଭୂତ ନହେଲେ ବିଶ୍ୱପଣ୍ଡିତଙ୍କଠାରୁ ପଞ୍ଝା-ପାଇବା ଛାତ୍ରମାନଙ୍କ ଦଗ୍ଧ-ଭାଗ୍ୟରେ ଘଟେନାହିଁ । ବିଶ୍ୱବିଦ୍ୟାଳୟରୂପ ଅଗ୍ନିକୁଣ୍ଡରୁ ଯାହାର ପଞ୍ଝା ହାସଲ କରି ଆସିବାବେଳେ ଛାତ୍ରମାନଙ୍କର ଅସ୍ଥି ମାଂସ ମିଳାଇ ଯାଇଥାଏ, ତେତେବେଳେ ସେମାନେ ଶିଶୁରୂପୀ ଅକାଳବୃଦ୍ଧ । ତହିଁପରେ ଚାକିରିପାଇଁ ଉମେଦବାର । ବାର ଅଫିସରଙ୍କ ବହୁତ ପାଦରେ ତୈଳମର୍ଦ୍ଦନ ନ କଲେ ଯାହା ମଧୁସୂଦନ ସ୍ମରଣପୂର୍ବକ ଦରିଦ୍ର ପଞ୍ଚାକ୍ଷର ମନ୍ତ୍ର ଜପ କରିବାକୁ ହେବ । ହାୟରେ ଶିକ୍ଷିତ ଅଦୃଷ୍ଟ ! ବିଶ୍ୱବିଦ୍ୟାଳୟ ପ୍ରଭୁଙ୍କର ତ ଦାୟର ପଟାନ୍ତର ନାହିଁ । "ଦାୟ ଭଲେ ଛାମୁ କରଣେ, ନଅଣ ରଙ୍କିଙ୍କ କଉଡ଼ି ପଣେ ।" ବସ୍, ଏବେ ସପ୍ତପୁରୁଷ ଉଦ୍ଧାର । ତାଙ୍କ ପଞ୍ଝା ଖଣ୍ଡିକୁ ଫ୍ରେମ୍ କୋଠରୀରେ ରଖି ଫୁଲ ଚନ୍ଦନ ଦେଇ ପୂଜା କର ତ, ଗୁଡ଼ ଲଗାଇ ଚାଟ, ତହିଁକି ସେ ଦାୟୀ ନୁହନ୍ତି ।

# ବିଂଶ ପରିଚ୍ଛେଦ

"ମଧୁ, ଏ ମଧୁ !" କଟିଣୀ "ଝଟକା" ଗାଡ଼ିର ଅସ୍ତିଟର୍ମିସାର ଘୋଡାପଣ୍ଡ ଶ୍ୟାମ ସିଂହ ସାହେବଙ୍କ କୋଠିଆଡ଼ୁ ଖର ଗତିରେ ଆସି ବସା ଖଣ୍ଡେ ଦୂର ଅଛି ସେହିଠାରୁ ଉଚ୍ଚସ୍ୱରରେ ଡାକିଲା,—"ମଧୁ, ଏ ମଧୁ ! ସେ ସ୍ୱର ବଡ ବ୍ୟଗ୍ର ଏବଂ ଉଲ୍ଲାସବୋଳା । ମଧୁ ଘରଭିତରେ ଥିଲା । ଜଗନ୍ନାଥଙ୍କ ମଣୋହି ଶେଷରେ ଦ୍ୱାର ଖୋଲା ହେଲେ ଦର୍ଶନାର୍ଥୀମାନେ ଯେପରି ହୁଡ଼ାହୁଡ଼ି, ଠେଲାଠେଲି ହୋଇ ମନ୍ଦିର ମଧ୍ୟରେ ପ୍ରବେଶ କରନ୍ତି; ସେହିପରି ନାନାବିଧ ଚିନ୍ତା ଏକସମୟରେ ମଧୁର ମସ୍ତିଷ୍କରେ ପ୍ରବେଶ କରି ତାହାକୁ ବିବ୍ରତ କରୁଥିଲା । ଆନନ୍ଦ ସମୟରେ ଅନେକ କଥା ମନରେ ପଡ଼େ । ସ୍ୱୀୟ ଅତୀତ ଜୀବନର ଦୁଃଖ, ସାହେବଙ୍କ କୃପା ଏବଂ ଶ୍ୟାମର ଅଗାଧ ସ୍ନେହ, ଏହିପରି ନାନା ଚିନ୍ତାରେ ସେ ବିଭୋର । ଏହି ସମୟରେ ଶ୍ୟାମର ଡାକ ଶୁଣି, ସ୍ୱପ୍ନ ବ୍ୟକ୍ତି ହଠାତ୍ ଘନ ଗର୍ଜ୍ଜନରେ ଚମକି ଉଠିଲାପରି ମଧୁ ଉଦ୍‌ଭ୍ରାନ୍ତ ହୋଇ ଦେଖିଲା, ଶ୍ୟାମ ଆସି ତାହାପାଖରେ ଉପସ୍ଥିତ । ତାହାର ମୁଖ ଏବଂ ନେତ୍ର ଆନନ୍ଦପ୍ରଭାବରେ ପ୍ରଦୀପ୍ତ । ସେ ମୃଦୁହାସ୍ୟରେ କହିଲା,—"ମଧୁ, ତୋତେ ଆଜି ଗୋଟାଏ ଶୁଭ ସମ୍ବାଦ ଦେବି, ତୁ ମୋତେ କଅଣ ଇନାମ ଦେବୁ କହ ?" ଶ୍ୟାମ ଯେଉଁ ଶୁଭ ସମ୍ବାଦ

ଦେବ, ମଧୁ ତାହା ଜାଣେ; ମାତ୍ର ତାହା ପ୍ରକାଶ କଲେ ଶ୍ୟାମର ଉତ୍ସାହଭଙ୍ଗ ସଙ୍ଗେ ସଙ୍ଗେ କଥାର ରସଭଙ୍ଗ ହୋଇଯିବ, ଏହା ଭାବି ମଧୁ ନ ଜାଣିଲାପରି କହିଲା, "ତୋତେ ଆଉ ଇନାମ କଅଣ ଦେବ, ମୁଁ ତ ଗୋଟାସା କ ତୋର । ଏ ପ୍ରାଣଟା ତ ତୋହରି ଉପରେ ନିର୍ଭରକରି ରହିଛି; ନୋହିଲେ ମୋହର ଧୂଳି ପାଉଁଶ ସୁଦ୍ଧା ଥାଆନ୍ତା ନାହିଁ । ମୋର ଏହି ଦେହରେ କମ୍ବଳ ବୁଣି ତୋର ବସିବାର ଆସନ କରିଦେଲେ ବି ମୁଁ ତୋର ଋଣ ଶୁଝି ପାରିବ ନାହିଁ ।" ଶ୍ୟାମ ମଧୁର ଏହି ବିନୟସିକ୍ତ କଥା ଶୁଣି ଈଷତ୍ ଦଂଶନପୂର୍ବକ କହିଲା,—"ମଧୁ, ତୁ କଅଣ ପାଗଳ ହେଲୁଣି କି ? ଏ ସବୁ କଅଣ କହୁଛୁ ! ଆଉ ମୁଁ ବା ତୋର କଅଣ କରିଛି, ଯାହା କରନ୍ତି, ସବୁ ଈଶ୍ବର । ତାଙ୍କରି ହାତ, ତାଙ୍କରି ଗୋଡ, ତାଙ୍କରି ଦେହ, ସବୁ ତାଙ୍କର, କେବଳ ମଝିରେ ଗୋଟାଏ "ମୁଁ" କେଉଁଠୁ ଆସି ରହି ସବୁ ଅଲଗା କରିଦିଏ । ସେହି ଅନର୍ଥର ମୂଳ 'ମୁଁ'ଟା ବଡ ଦୁଷ୍ଟ । ଯେପରି ଦୁଇଟି ଭାଇ ଏକ-ଆତ୍ମା ଏକ-ପ୍ରାଣ ହୋଇଥାଆନ୍ତି; ମାତ୍ର ଅପର ଜଣେ ଈର୍ଷାଳୁ ଆସି ସେମାନଙ୍କର ସେହି ଏକାତ୍ମତା ଏବଂ ଏକପ୍ରାଣତା ଭାଙ୍ଗିଦିଏ, ସେହି ଏହି ପରଶ୍ରୀକାତର "ମୁଁ" ସବୁ ଭେଦବୁଦ୍ଧିର କାରଣ । ମନୁଷ୍ୟର ନିଜ-ରକ୍ଷଣ ଅସମ୍ଭବ, ସେ ପୁଣି ଅନ୍ୟର ରକ୍ଷାକର୍ତ୍ତା ହେବ କିପରି ? କାଠକଣ୍ଢେଇର ତ ଜଣେ ନିର୍ମାଣକର୍ତ୍ତା ଅଛି, ପୁଣି ସେ କାହାକୁ ନିର୍ମାଣ କରିବ, ଏହା ଯେ ବଡ ଅସଙ୍ଗତ ଆଉ ନିତାନ୍ତ ହାସ୍ୟକର କଥା । ସେ ଯାହା ହେଉ ଏବେ ଶୁଭ ଖବରଟା ଶୁଣ । ତୁ ଫର୍ଗିଙ୍କାରେ ଯେଉଁ "ଇମ୍‌ତାନ୍" ଦେଇଥିଲୁ, ତାହା "ଫାଏନ୍" ହେଲା । ମୁଁ ଏଇକ୍ଷଣିକା ସାହେବଙ୍କ କଣ୍ଠରୁ ଶୁଣି ଆସିଲି । ସାହେବ ଭାରି ଖୁସି, ସେ ଆସୁଛନ୍ତି ତାଙ୍କୁ ଡାକି ତୋତେ ଢେର ପ୍ରଶଂସା କରୁଛନ୍ତି । ତୁ ଏଥର ଖୁବ୍ ଗୋଟାଏ ବଡ ଚାକିରି ପାଇବୁ ।"

ମଧୁ—ଖୁବ୍ ବଡ ଚାକିରି ?—ଘୋଡାପରି ନା ହାତୀପରି ?

ଶ୍ୟାମ—ଘୋଡାହାତୀପରି ନୁହେଁ ରେ, ତୁ ଏବେ ଘୋଡାହାତୀରେ ଚଢିବୁ ।

ମଧୁ—ହଁ, ଏବେ ବୁଝିଲି, ଘୋଡାସଓ୍ବାର ହେବି, ନ ହେଲେ ହାତୀମାହୁନ୍ତ ହେବି ।

ଶ୍ୟାମ—ଦୂର, ମୁଁ କଅଣ ତା କହୁଛି ? ତୁ ଘୋଡାସଓ୍ବାର କି ହାତୀମାହୁନ୍ତ ହେବୁ କାହିଁକି ? ତାହା ତୋର ଶତ୍ରୁ ହେଉ; ମାତ୍ର ତୁ ଘୋଡାସଓ୍ବାର ଆଉ ହାତୀମାହୁନ୍ତ ରଖିବୁ । ଆଚ୍ଛା, ମଧୁ ! ତୁ ବଡ଼ ଚାକିରି କଲେ ତୋର ଏ ଗରିବ ଶ୍ୟାମାନାକୁ ପଚାରିବୁ ନା ?

ଏହା ଶୁଣି ମଧୁର ଚକ୍ଷୁ ଅଶ୍ରୁ ଛଳଛଳ ହୋଇ-ଆସିଲା । ସେ କୃତଜ୍ଞଦୃଷ୍ଟିରେ ଶ୍ୟାମକୁ ଚାହିଁ କହିଲା,—"ତାହା କହ ନା, ଭାଇ, ଈଶ୍ବର ଏତେ କଷ୍ଟ ଦେଲେ,—ଆହୁରି ପଛକେ ଦେଉନ୍ତୁ; ମାତ୍ର ଅକୃତଜ୍ଞ ବୁଦ୍ଧି ନ ଦେଉନ୍ତୁ, ମୋର ବଡ଼ ଚାକିରି ପାଇବା ତ ଆକାଶକୁସୁମ, ଯଦି ତୋ କଲ୍ୟାଣରୁ ଏ ପୋଡା କପାଳରେ ତାହା ଘଟେ, ତେବେ ତୋତେ ନ ପଚାରିଲେ ସେଥିରେ ତୋର କିଛି କ୍ଷତି ନାହିଁ—କ୍ଷତି ସିନା ମୋର । ମନୁଷ୍ୟର ଅଧଃପତନର ଯେତେ କାରଣ ଅଛି, ସେଥି ମଧ୍ୟରେ କୃତଘ୍ନତା ପ୍ରଧାନ । କୃତଘ୍ନତାଠାରୁ ବଳି ପାପ ନାହିଁ । ମୁଁ ତୋତେ ନ ପଚାରିଲେ ତୁ ନରକଗାମୀ ହେବୁ ନାହିଁ, କିମ୍ବା ପଚାରିଲେ ଚତୁର୍ଭୁଜ ହୋଇ ସ୍ବର୍ଗକୁ ଯିବୁ ନାହିଁ; ମାତ୍ର ମୋର ପାପ ରଖିବାକୁ ବିଶ୍ବବ୍ରହ୍ମାଣ୍ଡରେ ସ୍ଥାନ ମିଳିବ-ନାହିଁ । ଯେ ଉପକାରୀର ଉପକାର ବିସ୍ମୃତ ହୁଏ, ସେ ଦେବତା ହେଲେ ସୁଦ୍ଧା ପାମର । ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ଉପକାର ବିସ୍ମୃତ ହୋଇଥିଲା ; ମାତ୍ର ଶେଷ ଫଳ ଯାହା ହେଲା, ତାହା ଭାବିଲେ ଆଜି ଯୁଗାନ୍ତରରେ ସୁଦ୍ଧା ତାକୁ ଘୃଣାରେ ଶିକ୍ତ ହୋଇଯାଏ ।"

ଏହିପରି କଥୋପକଥନ ସମୟରେ ଉତ୍ତରଦିଗରୁ ମେଘ ଉଠାଇ ଘୁରି ବାରପରି ଆକାଶଫଟା ଗର୍ଜନ କରିବାକୁ ଲାଗିଲା । ମର୍ମାହତର ଗରମ ତପ୍ତ ଶ୍ବାସ ପ୍ରାୟ ଭୀଷଣ ବାୟୁ ପ୍ରବାହିତ ହେଲା । ସେଦିନ ପ୍ରାୟ ଦୁଇଘ ମହୁଣ ଘ ପତ୍ର ଖାସରେ ଝୁଣ୍ଟୁଥିଲା, କର୍ଣ୍ଣରେ

ଛିଣ୍ଡିଯିବା ଏବଂ ପବନରେ ଉଡ଼ିଯିବା ଆଶଙ୍କା କରି ସେଗୁଡ଼ିକର ରକ୍ଷଣାବେକ୍ଷଣ ସକାଶ ଶ୍ରୀମ ଏବଂ ମଧୁ ଦ୍ରୁତପଦ-ବିକ୍ଷେପରେ ବସାରୁ ବାହାରିଗଲେ ।

ଦିନ ଅଟକେ ନାହିଁ,—ସୁଖେ ଦୁଃଖେ ସମୟ ଯାଏ । ଏଥି ମଧ୍ୟରେ ମଧୁ ଉନ୍ନତି-ନିଶ୍ରେଣୀର ଦୁଇ ତିନି ପାଦ ଉପରକୁ ଉଠିଯାଇଅଛି । ଆଧ୍ୟାତ୍ମିକ ବଳପରି ସ୍ୱଚ୍ଛନ୍ଦ୍ୟବଳ ମଧ୍ୟ ମାନବର ଆଗରେ ଉନ୍ନତିର ସୋପାନ ପକାଇଦିଏ । ମଧୁର ସେହି ସ୍ୱଚ୍ଛନ୍ଦ୍ୟବଳରେ ସାହେବ ସନ୍ତୁଷ୍ଟ । ବାଲ୍ୟକାଳରେ ଯେ ଦୁଷ୍ଟ ଏବଂ ଅବାଧ୍ୟ ଥାଏ, ପଛକୁ ସେ ଶାନ୍ତ ଏବଂ ଶିଷ୍ଟ ହୁଏ । ମଧୁର ଜୀବନରେ ତାହାହିଁ ପ୍ରମାଣିତ ହୋଇଅଛି । ସେ ସମ୍ପ୍ରତି ମାସିକ ପଚାଶଟଙ୍କା ବେତନରେ ସାହେବଙ୍କ ପାଖରେ କିରାଣୀ କାର୍ଯ୍ୟ କରୁଅଛି । ବେତନ ପାଇଲାକ୍ଷଣି ନେଇ ଶ୍ରୀମ ହାତରେ ଦିଏ । ତାହାର ମାସିକ ଖର୍ଚ୍ଚ ଯାଇ ଯାହା ବଳେ ଶ୍ରୀମ ତାହା ସଞ୍ଚିତ ରଖେ । ମଧୁର ବେତନରେ ଦୁହିଁଙ୍କର ଖର୍ଚ୍ଚ ଚଳାଇବା ସକାଶେ ସେ ଅନେକ ଥର ଶ୍ରୀମକୁ ଅନୁରୋଧ କରିଥିଲା; ମାତ୍ର ଶ୍ରୀମ ତାହା ପ୍ରତ୍ୟାଖ୍ୟାନପୂର୍ବକ କହିଥିଲା,—"ମୋର ତ ବେତନ ଅଛି, ଖର୍ଚ୍ଚ ଯାଇ କିଛି କିଛି ମାସରେ ବଳେ, ଅଭାବ ତ ନାହିଁ, ଅକାରଣ କାହିଁକି ତୋର ଗଲଗ୍ରହ ହେବି ?" ମଧୁ ବାରମ୍ବାର ଅକୃତକାର୍ଯ୍ୟ ହୋଇ ଆଉ ବାଧ୍ୟ କରେନାହିଁ । ମଧୁର ଇଂରାଜୀ ହସ୍ତଲିପି ସୁନ୍ଦର ଥିଲା, ଅନେକ ସମୟରେ ସାହେବ ତାହା ହାତରେ ଚିଠିପତ୍ର ଲେଖାନ୍ତି, କୁଲିମାନଙ୍କର ହାଜିରି ଫେରସ୍ତର ଦରଖାସ୍ତ ସାହେବଙ୍କ ପାଖରେ ପଡ଼େ । ସାହେବ ସେଥିର ନିଷ୍ପତ୍ତିର ଭାର ମଧୁ ଉପରେ ନ୍ୟସ୍ତ କରନ୍ତି । ମଧୁ ଯେଉଁ ମୀମାଂସା କରେ, ତାହା ସାହେବଙ୍କର ମନୋମତ ହୁଏ । ମଧୁର ଚରିତ୍ର ଶରତ୍‌କାଳର ନଦୀଜଳ ପ୍ରାୟ ନିର୍ମଳ ଏବଂ ଦେବ-ପାଦୋଦକ ପ୍ରାୟ ପବିତ୍ର । ଏହିହେତୁ କୁଲିମାନେ ତାକୁ ବିଶେଷ ଶ୍ରଦ୍ଧା କରନ୍ତି । ଉଚ୍ଚ ଅଧିକାରରେ ଥାଇ ସୁଦ୍ଧା ସେ କେବେ କାହାରିଠାରୁ କିଛି ହେଲେ ଉତ୍କୋଚ ଗ୍ରହଣ କରେ ନାହିଁ । ପ୍ରତ୍ୟୁତ କାହାରି ଅଭାବ ଦେଖିଲେ ସେ ଯଥାଶକ୍ତି ସାହାଯ୍ୟ କରେ । ଏ କାଳରେ ଯେ ଯେତେ ଉତ୍କୋଚ ନେଇପାରିଲା, ସେ ତେତେ ବାହାଦୁର । ଉତ୍କୋଚର ନାମ ହୋଇଛି "ଉପରି ଲାଭ ।" ଧର୍ମଭେକଧାରୀଙ୍କ ମଧ୍ୟରେ ଏହି ଉପରି ଲାଭଟା ଧର୍ମର ଅଙ୍ଗ ସ୍ୱରୂପ । ସେମାନେ ଯେଉଁ ହାତରେ ମାଳା ଜପନ୍ତି, ସେହି ହାତରେ ଗରିବଙ୍କ ତଣ୍ଟି ଚିପି ଉପରି ଲାଭ ରୂପ ଅମେଧ୍ୟ ଭକ୍ଷଣ କରିବାକୁ ଘୃଣାବୋଧ କରନ୍ତିନାହିଁ । ସମାଜରେ ସେମାନଙ୍କର ଉପାଧି, "ବିଶୁଦ୍ଧ ବୈଷ୍ଣବ" ବା "ତୁଳସୀ ବଣର ବାଘ ।" ସେମାନେ କୁଣ୍ଡ ପାଣି ପିଅନ୍ତି । ସେମାନଙ୍କର ଧାରଣା ଯେ, କୁଣ୍ଡକର ପାଣି ପିଇଲେ ଦେବତାଙ୍କର ବାପେ ସୁଦ୍ଧା ଟେର୍ ପାଇବେନାହିଁ । ସାନଠାରୁ ବଡ଼ ପର୍ଯ୍ୟନ୍ତ ଅନେକେ ଏହି ପାପରେ ଧାର୍ମିକ । ପ୍ରଭେଦ ଏତିକି ଯେ, ସାନ ଏହାକୁ ମିଠାଇଖିଆ ବା ପୁରସ୍କାର କହନ୍ତି; ମାତ୍ର ଏହା ପବିତ୍ର ପୁରସ୍କାର ଶବ୍ଦର ଅପବିତ୍ର କଳଙ୍କ । କଳିଲୋକଙ୍କର ତ ଏହା ତପ୍ତ ବୈତରଣୀ ପାର ହେବାର ନୌକାଭଡ଼ା । ମନୁଷ୍ୟ ହୋଇ ଯେ ମନୁଷ୍ୟର ରକ୍ତପାନ କରେ, ତାହାକୁ ଶୃଗାଳ ଶକୁନ କଲି ନ ଦେବା ବିଧାତାଙ୍କର ଗୋଟାଏ ପ୍ରକାଣ୍ଡ ଭ୍ରମ ନୁହେଁ ତ ଆଉ କଅଣ ? ଦୟା, ମାୟା, ସହାନୁଭୂତି ଉଠିଯାଇ ଏଣିକି ଉତ୍କୋଚର ମାତ୍ରା ବଢ଼ି ଉଠୁଅଛି; ସୁତରାଂ ନବ୍ୟ ଅଭିଧାନକାରମାନେ ଏହି ସବୁର ଅର୍ଥ "ଉତ୍କୋଚ" ବୋଲି ନିର୍ଦ୍ଦେଶ କରିବାକୁ ପଶ୍ଚାତ୍ପଦ ହେବେ ନାହିଁ ।

ଆମେରିକାରେ ବୈଜ୍ଞାନିକମାନଙ୍କର ଗୋଟିଏ ସଙ୍ଘ ଅଛି । ବଡ଼ ବଡ଼ ବୈଜ୍ଞାନିକମାନେ ସେଥିର ସଭ୍ୟ । ଆମ୍ଭମାନଙ୍କର ରେ ସାହେବ ସେଥି ମଧ୍ୟରେ ଜଣେ । ସେହି ସଙ୍ଘର କେତେ ଜଣ ସଭ୍ୟ ପୃଥିବୀ ପରିଭ୍ରମଣ କରିବାସକାଶେ ବାହାରିବେ ଏବଂ ଯେଉଁ ସ୍ଥାନରେ ଯେଉଁ ବିଷୟକ ବୈଜ୍ଞାନିକ ପରୀକ୍ଷାର ସୁବିଧା ହେବ, ସେହି ସ୍ଥାନରେ ରହି, ସେହି ବିଷୟର ପରୀକ୍ଷା କରିବେ । ପୃଥିବୀ ମଧ୍ୟରେ ଏହିପରି ଷାଠିଏ ଗୋଟି ସ୍ଥାନ ନିରୂପିତ ହୋଇଅଛି । ପ୍ରତ୍ୟେକ ସ୍ଥାନରେ ମାସେ ଲେଖାଏଁ ରହି ପରୀକ୍ଷା କରାଯିବ । ରେ ସାହେବ ସେହି ଦଳର ଅଧ୍ୟକ୍ଷ ମନୋନୀତ ହୋଇଅଛନ୍ତି ; ସୁତରାଂ

ତାଙ୍କୁ ଦୀର୍ଘ ପାଞ୍ଚବର୍ଷ କାଳ ପୃଥିବୀର ନାନାସ୍ଥାନରେ ବୁଲିବାକୁ ହେବ । ସେ ସମ୍ବାଦ ପାଇ ଉତ୍ଫୁଲ୍ଲିତ ଏବଂ ଉତ୍ସାହିତ ହୋଇଉଠିଲେ; ମାତ୍ର ତାଙ୍କ ଅନୁପସ୍ଥିତି ସମୟରେ ବଗିଚା ଓ କାରଖାନା କିରୂପେ ପରିଚାଳିତ ହେବ, ସେ ବିଷୟ ଚିନ୍ତା କରିବାକୁ ଲାଗିଲେ । ଶେଷରେ ସ୍ଥିର କଲେ, ଜଣେ ସୁଦକ୍ଷ ମେନେଜର ରଖି କାରଖାନାର ସୁଚାରୁ ପରିଚାଳନର ବ୍ୟବସ୍ଥା କରି ସେ ଯିବେ । ଅଳ୍ପଦିନ ମଧ୍ୟରେ ତଦନୁସାରେ କାର୍ଯ୍ୟ ମଧ୍ୟ ହେଲା । ମାସିକ ପାଞ୍ଚଶତ ଟଙ୍କା ବେତନରେ ଜଣେ ଇଉରୋପୀୟ ମେନେଜର ନିଯୁକ୍ତ ହେଲେ । ସେତେବେଳକୁ ଯେଉଁ କୁଲିମାନଙ୍କର କାର୍ଯ୍ୟକାଳ ଶେଷ ହୋଇ ଆସିଥିଲା, ସେମାନଙ୍କୁ ଉପଯୁକ୍ତ ପାଥେୟ ଏବଂ ପୁରସ୍କାରପ୍ରଦାନପୂର୍ବକ ବିଦାୟ ଦିଆଗଲା । ଶ୍ରୀମସିଂହ ପାଥେୟ ଛଡ଼ା ତିନିଶ ଟଙ୍କା ପୁରସ୍କାର ପାଇଲା । ସାହେବଙ୍କ ସଙ୍ଗରେ କଲିକତା ଯାଇ ସେ ସେହିଠାରୁ ବିଦାୟ ନେବ । କୁଲି ଏବଂ କର୍ମଚାରିମାନଙ୍କୁ ସାହେବ କିଛି କିଛି ପୁରସ୍କାର ଦେଇ ଯଥାରୀତି କାର୍ଯ୍ୟ କରିବାକୁ ଉପଦେଶ ଦେଲେ ଏବଂ ସେମାନଙ୍କ ସୁଖ ସୁବିଧା ପ୍ରତି ସର୍ବଦା ସତର୍କ ଦୃଷ୍ଟି ରଖିବା ସକାଶେ ନବନିଯୁକ୍ତ ମେନେଜରଙ୍କୁ ସନିର୍ବନ୍ଧ ଅନୁରୋଧ କଲେ । ଏହିପରି ଗମନର ପୂର୍ବବର୍ତ୍ତୀ କାର୍ଯ୍ୟମାନ ଶେଷ ହେଲା ।

ଅନନ୍ତର ସାହେବ ମଧୁ କଥା ଏହିପରି ଭାବିଲେ,—ମଧୁର ଦଶବର୍ଷ ପୂର୍ଣ୍ଣ ହୋଇଅଛି, ତାକୁ ଏତେଦିନ ଅଟକାଇ ରଖିବାର କଥା ନୁହେଁ, ଖାଲି ଏହି ଟଙ୍କାଟା ସକାଶେ ବାଧ ହୋଇ ରଖିବାକୁ ହୋଇଅଛି । ଏବେ ତାର ହିତାହିତ ବୁଝିବାର ବୟସ ଯଥେଷ୍ଟ ହୋଇଅଛି ଏବଂ ଶକ୍ତି ମଧ୍ୟ ଜନ୍ମିଅଛି । ସେ ଏବେ ନିଜକୁ ନିଜେ ରକ୍ଷା କରିପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର ମଧ୍ୟ କରିପାରିବ । ସେ ଧନୀ ପିତାର ପୁତ୍ର, ତାହା ପକ୍ଷରେ ଚାକରୀରୂପ ଦାସତ୍ୱର ଆବଶ୍ୟକତା ନାହିଁ । ତେବେ ଯୋଗ୍ୟତା ଉପାର୍ଜନ ପରେ ଖାଲି ବସି ରହିବା ଭଲ ନୁହେଁ ବୋଲି ତାକୁ ଗୋଟାଏ କାର୍ଯ୍ୟରେ ଲଗାଇଦିଆଯାଇଥିଲା । ଚାକରୀ ଯିନା ନିଃସମ୍ବଳର ସହାୟ; ନଚେତ୍ ସେଥିରେ ମନୁଷ୍ୟତା ବିକାଶ ପାଏନାହିଁ । ଯେ ପରାଧୀନତାର ନିଗଡ଼ ଶୃଙ୍ଖଳାରେ ଆବଦ୍ଧ, ତାହାର ସ୍ୱାଧୀନ ଚିନ୍ତା ପଦେ ପଦେ କ୍ଷୁଣ୍ଣ ହୁଏ । ସ୍ୱାଧୀନ ବ୍ୟବସାୟ ମନକୁ ଉନ୍ନତ କରେ । ମନ ଉନ୍ନତ ହେଲେ ନୈତିକ ଜୀବନ ଲାଭହୁଏ ଏବଂ ହୃଦୟ ପ୍ରଶସ୍ତତର ହୁଏ । ଯେ ପରପଦରେ ଆତ୍ମବଳୀ ଦିଏ, ତାହାର ହୃଦୟ ଚିର ସଙ୍କୀର୍ଣ୍ଣ ଏବଂ ତାହାର ଆତ୍ମା ପଙ୍ଗୁ ହୋଇଯାଏ । ନୂତନ ଚିନ୍ତା ବା ନୂତନ ଉଦ୍ଭାବନ ତାହାର ଦୁର୍ବଳ କ୍ଲୀବ ମସ୍ତିଷ୍କକୁ ସ୍ପର୍ଶ କରିପାରେନାହିଁ । ପରାଧୀନତା ପରି ଆତ୍ମୋନ୍ନତିର ପରିପନ୍ଥୀ ଆଉ କିଛି ନାହିଁ । ତାହା ତମୋମୟ କାରାଗାର । ପଶୁ ପକ୍ଷୀ ପ୍ରଭୃତି ଇତର ପ୍ରାଣୀ ସୁଦ୍ଧା ପରାଧୀନତାକୁ ଘୃଣା କରନ୍ତି । ମାନବ ପକ୍ଷରେ ତ ତାହା ଶିରଚ୍ଛେଦ ଶାସ୍ତି । ପରାଧୀନତା ସତ୍ତ୍ୱେ କେହି କେହି ମନୀଷୀ ବ୍ୟକ୍ତି ଉନ୍ନତି ସୋପାନରେ ଆରୋହଣ କରିଅଛନ୍ତି ସତ୍ୟ; ମାତ୍ର ପୂର୍ଣ୍ଣ ସ୍ୱାଧୀନତା ପାଇଥିଲେ, ସେମାନେ ଆହୁରି ଅସମ୍ଭାବିତ ଉନ୍ନତି କରିପାରି ଥାଆନ୍ତେ ଏଥିରେ ସନ୍ଦେହ ନାହିଁ । ପରାଧୀନତା ସେମାନଙ୍କ ଉନ୍ନତିକୁ ସୀମାବଦ୍ଧ କରିରଖିଥିଲା । ମଧୁର ଶିକ୍ଷା ଅଛି,—ସମ୍ବଳ ଅଛି; ସୁତରାଂ ସେ ସ୍ୱାଧୀନ ବ୍ୟବସାୟରେ ଯଥେଷ୍ଟ ଅଗ୍ରସର ହୋଇ ପାରିବ । ତାହାର ଟଙ୍କା ତାକୁ ଦେଇ, ଏବେ ବିଦାୟ ଦେବା ଉଚିତ ।” ସାହେବଙ୍କର ଏହି ଚିନ୍ତାସ୍ରୋତ ଚାଲିଥିବା ସମୟରେ ମଧୁ ଆସି ଉପସ୍ଥିତ ହେଲା । ସାହେବ ତାହାକୁ କହିଲେ,—“ମଧୁ, ଏବେ ତୋତେ ଘରକୁ ପଠାଇ ଦେବି, ତୋତେ କିଛି ଶିକ୍ଷା ଦେବାକୁ ମୋର ଉଦ୍ଦେଶ୍ୟ ଥିଲା, ସେ ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି, ଏଣିକି ତୁ ସ୍ୱଦେଶକୁ ଯାଇ ମାତୃଭୂମିର କିଛି ଉପକାର କର । ତୋର ପିତାଙ୍କୁ ତୁ ଆଜି ପତ୍ର ଲେଖ୍, ସେ କଲିକତା ପର୍ଯ୍ୟନ୍ତ ଆସନ୍ତୁ । ମୁଁ ତୋତେ ସଙ୍ଗରେ କଲିକତା ନେଇଯାଇ ତାଙ୍କର ଜିମା କରିଦେଇ ଆସିବି । ଆଉ ଅଧିକ ସମୟ ନାହିଁ, ମୋତେ ଅତିଶୀଘ୍ର ଆମେରିକା ଯିବାକୁ ହେବ । ଆଗାମୀ ଜାନୁଏରି ପନ୍ଦର ତାରିଖରେ ତାଙ୍କୁ ଆସିବାକୁ ଲେଖିବୁ । ମୁଁ ତାଙ୍କ ଆସିବାର ସୁବିଧା କରିଦେବି । ଆମର ଜାହାଜ [illegible]

ବାଲୀ ଯିବ । ସେ ସେହି ଜାହାଜରେ ଆସିବେ । ପିତା ପୁତ୍ର ଦୁହେଁ ପୁଣି ସେହି ଜାହାଜରେ କଲିକତାରୁ ବୃନ୍ଦାବାଲୀ ପର୍ଯ୍ୟନ୍ତ ଯିବ । ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି, ସେ ତୋର ତର ସହାୟ ହେଉନ୍ତୁ ।" ଏହା ଶୁଣି ମଧୁର ଚକ୍ଷୁ ଆନନ୍ଦରେ ଲୋତକସିକ୍ତ ହୋଇ ଆସିଲା । ସେ ଗଦ୍‌ଗଦସ୍ୱରରେ କହିଲା,—ହଜୁରଙ୍କର ମଙ୍ଗଳ ଆଦେଶ ମୋର ଦେବନିର୍ମାଲ୍ୟପରି ଶିରୋଧାର୍ଯ୍ୟ । ମୁଁ ହଜୁରଙ୍କ ସ୍ନେହ ଏବଂ ଦୟା ଜୀବନରେ ଭୁଲି ପାରିବନାହିଁ । ହଜୁର ଏ ଅଧମ ବାଳକର ପିତୃତୁଲ୍ୟ ଆରାଧ୍ୟ ଦେବତା ।" ମଧୁ ଆଉ କିଛି କହିପାରିଲାନାହିଁ, ଅନନ୍ତର ପ୍ରବଳ ଉଚ୍ଛ୍ୱାସ ତାହାର କଣ୍ଠରୋଧ କରିଦେଲା । ସେ ସାହେବଙ୍କ ପଦଦ୍ୱୟ ଭକ୍ତିପୂର୍ବକ ମସ୍ତକରେ ଲଗାଇ ପତ୍ର ଲେଖିବା ସକାଶେ ବସାକୁ ବାହାରିଗଲା ।

ମଧୁର ରେଜେଷ୍ଟ୍ରୀ ପତ୍ର ଯଥାସମୟରେ ହେମନ୍ତର ସାମନ୍ତଙ୍କର ହସ୍ତଗତ ହେଲା । ପତ୍ର ଖଣ୍ଡି ପ୍ରକାଣ୍ଡ ମହାଭାରତ । ଭଣ୍ଡ ବାବାଜି ଟଙ୍କାଗଛ ଲୋଭ ଦେଖାଇ ଠକାଇ ନେଇଯିବା, ଚା ବଗିଚାରେ ମଧୁକୁ ବନ୍ଦୀ କରିବା, ସାହେବଙ୍କର ସ୍ନେହ, ବାବାଜିର ମୁକ୍ତି ଏବଂ ମଧୁର ଶିକ୍ଷୋନ୍ନତି ପ୍ରଭୃତି ଯାବତୀୟ ବିଷୟ ସେଥିରେ ବିସ୍ତାରିତରୂପେ ଲିଖିତ ହୋଇଥିଲା । ସାମନ୍ତ ଶଙ୍କାକମ୍ପିତ କରରେ ପତ୍ରଖଣ୍ଡି ଖୋଲି ପାଠକଲେ । ଅସମ୍ଭାଳ ଆନନ୍ଦରେ ତାଙ୍କର ନେତ୍ର ଅଶ୍ରୁ ବର୍ଷଣ କଲା । କ୍ଷଣକ ମଧ୍ୟରେ ଏ କଥା ଗ୍ରାମ ମଧ୍ୟରେ ବ୍ୟାପ୍ତ ହୋଇଗଲା । ଗ୍ରାମରେ ଗୋଟାଏ ଆନନ୍ଦ ଏବଂ ବିସ୍ମୟର ସ୍ରୋତ ବହିଗଲା । ଗ୍ରାମବାସୀଏ ଦଳ ଦଳ ହୋଇ ସାମନ୍ତଙ୍କ ଘରକୁ ଧାଇଁ ଦେଲେ । ସାମନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପତ୍ରଖଣ୍ଡି ଆମୂଳଚୂଳ ପାଠକଲେ । ପଢି ପଢି ତାଙ୍କର ତଣ୍ଟି ବସିଗଲା । ଶ୍ରୋତୃବୃନ୍ଦ ସାମନ୍ତଙ୍କର ଧର୍ମବଳ ଏବଂ ମଧୁର ଶୁଭାଦୃଷ୍ଟର ଭୂୟସୀ ପ୍ରଶଂସା ଗାନ କଲେ ଏବଂ ସଙ୍ଗେ ସଙ୍ଗେ ଧୂର୍ତ୍ତ ଅଡ଼ଡ଼ାଙ୍କର ଚତୁର୍ଦ୍ଦଶ ପୁରୁଷ ଉଦ୍ଦେଶ୍ୟରେ ଅନାଭିଧାନିକ ଭକ୍ତ ଆଶୀର୍ବାଦ ଅଜାଡ଼ିଦେଲେ । କେହି ବା କ୍ରୋଧରେ ଦନ୍ତ କଡ଼ମଡ଼ କରି ଉଠିଲେ । ଏହିପରି ଗୋଟାଏ ବ୍ୟର୍ଥ ଆସ୍ଫାଳନ ଅସ୍ତ୍ରପ୍ରକାଶ କଲା । ସେଥିରୁ ପ୍ରତୀୟମାନ ହେଲା, ବାବାଜି ସେଠାରେ ଉପସ୍ଥିତ ଥିଲେ, ତାହାର ହାଡ଼ମାଂସ ଘେନି ଗୋଟାଏ ଅସୁରୀ କାଣ୍ଡ ସଙ୍ଘଟିତ ହୋଇଥାଆନ୍ତା । ତଥାପି କେହି କେହି ମୁଷ୍ଟିବଦ୍ଧ ହୋଇ, ଗୋଟାଏ ହାସ୍ୟକର ଶୂନ୍ୟ ସଂଗ୍ରାମର ଅଭିନୟ ଦେଖାଇବାରେ ତ୍ରୁଟି କରିନଥିଲେ । ସାମନ୍ତ ଆଉ ବିଳମ୍ବ ନକରି ସେହିଦିନ ବୃନ୍ଦାବାଲୀ ଯିବା ସକାଶେ ପ୍ରସ୍ତୁତ ହେଲେ । ତାଙ୍କୁ ଆଉ ଅନ୍ନଜଳ ରୁଚିଲାନାହିଁ । ଆନନ୍ଦରେ ତ ଉଦର ପୂର୍ଣ୍ଣ ହୋଇଅଛି, ଆଉ ଅନ୍ନଜଳ ଧରିବ କାହିଁରେ ? ସେ ସଙ୍ଗରେ ଜଣେ ଲୋକ ନେଇ ସେହିଦିନ ସଞ୍ଜରେ ବୃନ୍ଦାବାଲୀ ଗଲେ । ସେଠାରେ ଦୁଇଦିନ ରହି ଜାହାଜକୁ ଅପେକ୍ଷା କଲେ । ତୃତୀୟ ଦିନ ଜାହାଜ ଆସି ପହଞ୍ଚିଲା । ସେହି ଜାହାଜରେ ଚଢି ସେ କଲିକତା ଅଭିମୁଖରେ ଯାତ୍ରା କଲେ ।

ପୂର୍ବରୁ ସାହେବ ମଧୁକୁ ଘେନି କଲିକତା ଆସିଥିଲେ । ଜାହାଜ ଆସିବା ଦିନ ମଧୁ ଏବଂ ଶ୍ୟାମ ଆଗରୁ ଆସି ବନ୍ଦରରେ ଅପେକ୍ଷା କରିଥିଲେ । ଜାହାଜ ଲାଗିବାକ୍ଷଣି ଆରୋହୀମାନେ ଅବତରଣ କଲେ । ସାମନ୍ତ ମଧ୍ୟ ଓହ୍ଲାଇ ଆସିଲେ । ସେ ଅତିବୃଦ୍ଧ, ଜରା-ରାକ୍ଷସୀର ଧ୍ୱଂସପଟୁ ହସ୍ତର ଚିହ୍ନ ତାଙ୍କ ଶରୀରରେ ସ୍ପଷ୍ଟ ଦେଖାଯାଉଅଛି । ପଞ୍ଜରା ହାଡ଼ ଗଣି ହେଉଛି । ଯମରାଜାର ନୋଟିସ ପ୍ରାୟ ମସ୍ତକରେ ଶୁକ୍ଳକେଶ ଫର ଫର ହୋଇ ଉଡ଼ୁଅଛି । ଆଖି ଝାପସା ମାରିଗଲାଣି । ଆଉ ପୂର୍ବପରି ସ୍ପଷ୍ଟ ଦେଖାଯାଉନାହିଁ । ମଧୁ ଏବଂ ଶ୍ୟାମ ତାଙ୍କର ପଦସ୍ପର୍ଶପୂର୍ବକ ପ୍ରଣାମ କଲେ । ବୃଦ୍ଧ ହଠାତ୍ ଦୃଷ୍ଟିରେ ପୁତ୍ରକୁ ଚିହ୍ନି ପାରିଲେନାହିଁ । ଦଶବର୍ଷ ମଧ୍ୟରେ ମଧୁର ଯଥେଷ୍ଟ ଶାରୀରିକ ପରିବର୍ତ୍ତନ ଘଟିଅଛି; ଅଧିକନ୍ତୁ ସେ ମୂଲ୍ୟବାନ ପୋଷାକ ପରିଚ୍ଛଦରେ ଆବୃତ୍ତ । ଶ୍ୟାମ ଉଚ୍ଚସ୍ୱରରେ କହିଲା,—"ଏ ଆପଣଙ୍କ ପୁଅ ମଧୁ ।" ତହୁଁ ବୃଦ୍ଧ ଅଧୀର ଆବେଗରେ "ମୋ ବାପ ମଧୁ ରେ" ବୋଲି କହି ପୁଅକୁ କୁଣ୍ଢାଇପକାଇଲେ । ଆଶ୍ୱିନ ମାସର ବିଦ୍ୟୁଦ୍‌ବଜ୍ରଶୂନ୍ୟ ବର୍ଷାଧାରା ପ୍ରାୟ ନୟନରୁ ଅଶ୍ରୁ ଝରିପଡ଼ିଲା । ମଧୁ ମଧ୍ୟ ଭେଁ ଭେଁ ଶବ୍ଦରେ କାନ୍ଦିପକାଇଲା । ତାହାର କ୍ରନ୍ଦନ ସହିତ ବୃଦ୍ଧ ବେଦନା

ଅଶ୍ରୁପ୍ରବାହରୂପେ ବହିଗଲା । ଦୁଃଖାଶ୍ରୁ, ଆନନ୍ଦାଶ୍ରୁ ଏବଂ ସ୍ନେହାଶ୍ରୁ ପରସ୍ପର ମିଳିତ ହୋଇ ତ୍ରିବେଣୀଧାରା ବହିଗଲା । କିଛିକ୍ଷଣ ପର୍ଯ୍ୟନ୍ତ କାହାରି ତୁଣ୍ଡରୁ ବାକ୍ୟସ୍ଫୂର୍ତ୍ତି ହେଲାନାହିଁ । କେବଳ ପିତାପୁତ୍ର ଦୁହେଁ ପରସ୍ପରକୁ ଅଶ୍ରୁଜଳରେ ଅଭିଷିକ୍ତ କଲେ । ଏ ମିଳନ ଆନନ୍ଦ ବିଚ୍ଛେଦ ପରେ ମିଳନ-ଆନନ୍ଦଠାରୁ ବଳି ଆଉ ଆନନ୍ଦ ନାହିଁ । ସେ ଆନନ୍ଦ ବଡ଼ ସୁଖପ୍ରଦ ଏବଂ ଶାନ୍ତିପ୍ରଦ ! ସେ ଆନନ୍ଦ ଯେ ଉପଭୋଗ କରେ, ସେ ନବଜୀବନ-ଲାଭ ତୁଲ୍ୟ ମଣେ । ସେ ଆନନ୍ଦ ସମୁଦ୍ରଠାରୁ ଗମ୍ଭୀର ଏବଂ ଅମୃତଠାରୁ ମଧୁର । ମିସିରି ସରବତ ପାନଦ୍ୱାରା କଫରୋଗୀର ବନ୍ଧନବଦ୍ଧ ଶ୍ଳେଷ୍ମା ବାହାରିଗଲେ ସେ ଯେପରି ଆଶ୍ୱସ୍ତ ମଣେ, ସେହିପରି ପିତାପୁତ୍ରର ଘନୀଭୂତ ଦୁଃଖରାଶି ମିଳନାମୃତ ପାନରେ ତରଳିତ ହୋଇ ଅଶ୍ରୁରୂପରେ ବାହାରିଯିବାରୁ ଉଭୟେ ହୃଦୟବେଦନା ଲଘୁତର ମଣିଲେ । ହୃତନିଧି ପାଇଲେ ରଙ୍କ ଯେରୂପ ଆନନ୍ଦିତ ହୁଏ, ପୁତ୍ରକୁ ପାଇ ପିତା ସେହିରୂପ ଅପ୍ରତ୍ୟାଶିତ ପରମାନନ୍ଦ ଲାଭକଲେ । ବିଚ୍ଛେଦ ସିନା ମିଳନକୁ ମଧୁର କରେ ।

ଶ୍ରୀମ ଖଣ୍ଡେ ଭଡ଼ାଗାଡ଼ି ଆଣି ଉପସ୍ଥିତ କଲା । ତିନିହେଁ ସେଥିରେ ବସିଲେ । ଅଶ୍ୱିନୀକୁମାରଦ୍ୱୟ ମେଲେରିଆଗ୍ରସ୍ତ କମ୍ବା ଦୁର୍ଭିକ୍ଷପୀଡ଼ିତ ପ୍ରାୟ କଙ୍କାଳସାର । ସେମାନେ ଅପୂର୍ବ ନୃତ୍ୟଭଙ୍ଗୀରେ ମନ୍ଥର ଗତିରେ ଚାଲିଲେ । ଗାଡ଼ି ଘଡ଼ ଘଡ଼ ଶବ୍ଦରେ ବିତନ ରାଗିଣୀ ବିସ୍ତାର କରି ସେ ନୃତ୍ୟରେ ଯୋଗ ଦେଲା । ବାଟରେ ଯାଉଁ ଯାଉଁ ପିତାପୁତ୍ର ମଧ୍ୟରେ ଅନେକ କଥା ହେଲା । ମଧୁ ଆମ୍ଭ କାହାଣୀ ସବୁ ପିତାଙ୍କ ନିକଟରେ କହିଲା । ଶ୍ରୀମର ପରିଚୟ ଦେଇ ତାହାର ଉପକାରର କଥା ମଧ୍ୟ କହିଲା । ବୃଦ୍ଧ ସଜଳ ନେତ୍ରରେ ସବୁ ଶୁଣିଲେ ଏବଂ ଶ୍ରୀମକୁ କୋଳକୁ ଟାଣି ନେଇ ତାହା ମସ୍ତକରେ ହାତ ବୁଲାଉଁ ବୁଲାଉଁ ଆନନ୍ଦବୋଳା କରୁଣ-ସ୍ୱରରେ କହିଲେ,—"ପୂର୍ବଜନ୍ମରେ ତୁ ମୋର ପୁଅ ଥିଲୁ, ଆଜିଠାରୁ ବଡ଼ ପୁଅ ହେଲୁ । ତୋର ଋଣ ମୁଁ ଜନ୍ମଜନ୍ମାନ୍ତରରେ ସୁଝିପାରିବ ନାହିଁ ।" ଭଣ୍ଡ ସାଧୁର କୀର୍ତ୍ତିକଳାପ ଶୁଣି ବୃଦ୍ଧ ସ୍ତମ୍ଭିତ ହୋଇରହିଲେ । ଘଣ୍ଟାଏଯାଏଁ ତାଙ୍କ ମୁଖରୁ ଭାଷା ବାହାରିଲା ନାହିଁ । ସେ ଦୀର୍ଘନିଃଶ୍ୱାସ ପକାଇ ଊର୍ଦ୍ଧ୍ୱକୁ ଚାହିଁ ମସ୍ତକରେ ହସ୍ତ ସଂଯୋଗପୂର୍ବକ କହିଲେ,—"ଭଗବାନ, ତୁମ୍ଭ ପବିତ୍ର ସୃଷ୍ଟିରେ ଏଭଳି ନାରକୀ ଜନ୍ମ ଗ୍ରହଣ କରନ୍ତି ? ତୁମ୍ଭେ ପାପିଷ୍ଠକୁ ଉପଯୁକ୍ତ ଶାସ୍ତି ଦେଇଅଛ । ତୁମ୍ଭେ ଅନ୍ତର୍ଯ୍ୟାମୀ, ମାନବ-ଅନ୍ତରର ସମସ୍ତ ପାପ ସୁଦ୍ଧା ତୁମ୍ଭର ଅଗୋଚର ନୁହେଁ । ପାପର ଦଣ୍ଡ ନ ଥିଲେ ଏ ସୃଷ୍ଟି କଅଣ ହୋଇଥାନ୍ତା, ଦୟାମୟ ? ତୁମ୍ଭ କରୁଣାର ପଟାନ୍ତର ନାହିଁ, ଅଧମ ମାନବ ମୁଁ ତୁମ୍ଭ ମାୟା କଅଣ ବୁଝିପାରିବ ?" ଗାଡ଼ି ଯାଇ ସାହେବଙ୍କ ବଙ୍ଗଳାରେ ପହଞ୍ଚିଲା । ସାହେବ ଖବରକାଗଜ ପଢ଼ୁଥିଲେ । ବୃଦ୍ଧ ଗାଡ଼ିରୁ ଓହ୍ଲାଇ ସାହେବଙ୍କ ଗୋଡ ଉପରେ ମସ୍ତକ ରଖି କାନ୍ଦିବାକୁ ଲାଗିଲେ । ଯେମନ୍ତ କି ତାଙ୍କ ଅଶ୍ରୁନିର୍ଝରର ମୁହିଁ କିଏ ଅଜ୍ଞାତରେ ମୁକୁଳା କରିଦେଲା । ସେହି ଅଶ୍ରୁ-ପ୍ରବାହରେ ସାହେବଙ୍କ ପଦ ପ୍ଳାବିତ ହୋଇଗଲା । ସେ ଶଶବ୍ୟସ୍ତ ହୋଇ ବୃଦ୍ଧଙ୍କୁ ଉଠାଇ ହାସ୍ୟମୁଖରେ କହିଲେ,—"ତୁମ୍ଭର ପୁଅକୁ ତ ପାଇଲ, ଆଉ କାନ୍ଦୁଛ କାହିଁକି ?" ବୃଦ୍ଧ ଆନନ୍ଦର ଆବେଗରେ କାଇଁ କାଇଁ ହୋଇ ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲେ,—"ସବୁ ଆପଣଙ୍କର ଦୟା । ମୁଁ ମଧୁଠାରୁ ସମସ୍ତ ଶୁଣିଅଛି, ଆପଣଙ୍କ ଭଳି ମହାପ୍ରାଣ ପୁରୁଷଙ୍କ ଦର୍ଶନରେ ମୋର ନେତ୍ର ପବିତ୍ର ହେଲା । ମୋର ଦୁଇଟି ଚକ୍ଷୁ ମଧ୍ୟରୁ ଗୋଟିଏ ଦଶବର୍ଷ ହେଲା ଫୁଟିଯାଇଥିଲା. ଆପଣ ଆଜି ମୋତେ ସେ ଚକ୍ଷୁଟି ଦାନ କଲେ । ଆଉ ତାହିଁ ସଙ୍ଗେ ସଙ୍ଗେ ଦ୍ୱିତୀୟ ଜୀବନ ଦାନ ମଧ୍ୟ କଲେ । ଆପଣ ମନୁଷ୍ୟ ନୁହନ୍ତି, ମନୁଷ୍ୟର ହୃଦୟ ଏତେ ପ୍ରଶସ୍ତ ହୋଇପାରେନାହିଁ । ହୃଦୟର କୃତଜ୍ଞତା ପ୍ରକାଶ କରିବାକୁ ମୁଁ ଉପଯୁକ୍ତ ଭାଷା ପାଉନାହିଁ । ଆପଣଙ୍କର କାର୍ଯ୍ୟ କୃତଜ୍ଞତାର ସୀମା ଅତିକ୍ରମ କରି ବହୁଦୂର ଚାଲିଯାଇଅଛି ।" ସାହେବ ଆଉ କିଛି କହିବାକୁ ଅବସର ନ ଦେଇ କହିଲେ,—"ନା, ସାମନ୍ତ, ମୁଁ କ୍ଷୁଦ୍ରାଦପି କ୍ଷୁଦ୍ର ମାନବ, ମୋର ଶକ୍ତି ପରମାଣୁଠାରୁ କ୍ଷୁଦ୍ର, ମୁଁ ଆପଣଙ୍କର ଏପରି କିଛି କରିନାହିଁ,—ଯାହାପାଇଁ ଆପଣଙ୍କର ମହତ ପ୍ରଶଂସାର ଯୋଗ୍ୟ ହେବ । ସବୁ

କାର୍ଯ୍ୟରେ ଏକମାତ୍ର ଅଦ୍ୱିତୀୟ କର୍ତ୍ତା ଈଶ୍ୱର । ଆପଣ ତାଙ୍କର ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରନ୍ତୁ । ଆପଣ ବଡ଼ କ୍ଳାନ୍ତ ହୋଇଅଛନ୍ତି, ଏବେ ବସାକୁ ଯାଇ ବିଶ୍ରାମ କରନ୍ତୁ । ମୁଁ ଏଠାରେ ଆଉ ଦୁଇଦିନ ରହିବି, ଏଥିମଧ୍ୟରେ ଅନେକଥର ସାକ୍ଷାତ ହେବ । ଆପଣଙ୍କୁ ଏପରି ବୃଦ୍ଧ ଜାଣିଥିଲେ ମୁଁ ଏତେଦୂର ଆଣି କଷ୍ଟ ଦେଇନଥାନ୍ତି, ନିଜେ ଯାଇ ମଧୁକୁ ଆପଣଙ୍କ ପାଖରେ ଛାଡ଼ି ଆସିଥାଆନ୍ତି । ଆପଣ ମୋର ଅଜ୍ଞାତ ତ୍ରୁଟି ମାର୍ଜନା କରିବେ ।" ବୃଦ୍ଧ ଏହା ଶୁଣି ଅଶ୍ରୁସମ୍ବରଣ କରିପାରିଲେ ନାହିଁ । ପୁନଶ୍ଚ ସାହେବଙ୍କ ପଦସ୍ପର୍ଶପୂର୍ବକ ଅତି ଲଜ୍ଜିତ ହୋଇ କାତର କଣ୍ଠରେ କହିଲେ, "ଆପଣ ଏପରି କଥା କହନ୍ତୁନାହିଁ, ତାହା ମୋର ଜୀର୍ଣ୍ଣ ହୃଦୟ ସହିପାରିବନାହିଁ, ଶତଧା ବିଦୀର୍ଣ୍ଣ ହୋଇଯିବ । ଈଶ୍ୱର ଯାହାଙ୍କୁ ବଡ଼ କରନ୍ତି ତାହାଙ୍କୁ ଏହିପରି ବିନୟ ନମ୍ରତାରୂପ ଦୁର୍ଲଭ ମହାରତ୍ନରେ ମଣ୍ଡିତ କରନ୍ତି । ଆପଣ ଯେ କେତେ ବଡ଼, ତାହା ମୁଁ ଧାରଣା କରିପାରୁ ନାହିଁ । କ୍ଷୁଦ୍ର ହୃଦୟରୁ ଏଭଳି ଉଦାରତା କାହୁଁ ମିଳିବ, ବିଧାତା ଅଙ୍ଗାରଖଣିରେ ମଣି ରଖନ୍ତି ନାହିଁ । ମୁଁ ଆପଣଙ୍କର ସେବାଦାସ ହୋଇପାରିଲେ ଜନ୍ମ ସାର୍ଥକ ମଣନ୍ତି ।" ବୃଦ୍ଧ ଏହା କହି ସାହେବଙ୍କୁ ସଲାମ କରି ମଧୁ ଏବଂ ଶ୍ୟାମ ସଙ୍ଗରେ ବସାକୁ ଗଲେ ।

କଲିକତାରେ ସାହେବଙ୍କର ଆଉ ଦୁଇ ଦିନ ରହିବାର କଥା ଥିଲା; ମାତ୍ର ବନ୍ଧୁମାନଙ୍କ ଅନୁରୋଧରେ ଅଧିକ ଦୁଇ ଦିନ ରହିବାକୁ ହେଲା । ଏଥିମଧ୍ୟରେ ତାଙ୍କ ସହିତ ସାମନ୍ତଙ୍କର ତିନିଚାରି ଥର ସାକ୍ଷାତ ଏବଂ କଥୋପକଥନ ହୋଇଅଛି । ସାମନ୍ତଙ୍କ ଘରର କଥା, ଗ୍ରାମର କଥା, ସମାଜର ରୀତିନୀତି, ଆଚାର ବ୍ୟବହାର ପ୍ରଭୃତି ଅନେକ କଥା ସାହେବ ଜାଣି ନେଇଅଛନ୍ତି । ଧୂର୍ତ୍ତ ଆଡ଼କାଟିର କଥା ମଧ୍ୟ ଛାଡ଼ି ଯାଇନାହିଁ । ସାହେବ ପରିହାସ କରି କହିଥିଲେ,— "ଯାହାହେଉ ସେ ଯେ ଦୟା କରି ମରିଅଛି, ଏହି ଅନୁଗ୍ରହ ସକାଶେ ସେ ଆମ୍ଭମାନଙ୍କର କୃତଜ୍ଞତାର ପାତ୍ର । ବଞ୍ଚିଥିଲେ ସେ ଆହୁରି କେତେ ଘର ବୁଡ଼ାଇ, କେତେ ଲୋକଙ୍କର ଜୀବନ ମାଟି କରିଥାଆନ୍ତା । ମୁଁ ତାହା ନାମରେ ମୋକଦ୍ଦମା କରିବାକୁ ଇଚ୍ଛା କରିଥିବାରୁ ମୋତେ ବି ନାନା ଦରବାରରେ ପଡ଼ିବାକୁ ହୋଇଥାଆନ୍ତା । ସେ ମରିଯାଇ ସୁବୁଦ୍ଧିର କାର୍ଯ୍ୟ କରିଅଛି ସତ୍ୟ; ମାତ୍ର ତାହାର ଶତ୍ରୁ ମୁଦ୍ଧା ତାକୁ ଏଭଳି କଠୋର ନିର୍ମମ ଅଭିଶାପ ଦିଅନ୍ତାନାହିଁ ।" ଏହିପରି ନାନା କଥାବାର୍ତ୍ତାରେ ତିନିଦିନ ଅତିବାହିତ ହେଲା । ଶେଷଦିନ ସାହେବ ପିତାପୁତ୍ରଙ୍କୁ ଡାକି କହିଲେ,—"ଆଜି ରାତ୍ରରେ ମୋତେ ଆସାମ ଯିବାକୁ ହେବ; ଅତଏବ ତୁମ୍ଭେମାନେ ଆଜି ବିଦାୟ ହୋଇଯାଅ ।" ଏହା କହି ସାହେବ ବେହେରାକୁ ଡାକି ହାତବାକ୍ସ ଆଣିବାକୁ ଆଦେଶ ଦେଲେ । ଆଦେଶ ପ୍ରତିପାଳିତ ହେଲା । ସାହେବ ସ୍ୱୟଂ ଖୋଲି ବିଡ଼ାଏ ନୋଟ ବାହାର କରି, ମଧୁ ହାତରେ ଦେଲେ ଏବଂ କହିଲେ, "ଏ ତିନିଲକ୍ଷ ଟଙ୍କା ତୋର, ଏହା ଗଣି ନେ ।" ଅନନ୍ତର ସେ ଟଙ୍କା କିପରି କେଉଁଠାରୁ ଆସିଲା, ସେଥିର ଆମୂଳ ବିବରଣ ବର୍ଣ୍ଣନାକଲେ ଏବଂ ସାମନ୍ତଙ୍କୁ ଅନାଇ କହିଲେ,—ମଧୁକୁ ଅନେକ ଦିନରୁ ଛାଡ଼ି ଦିଆଯାଇଥାଆନ୍ତା; ମାତ୍ର ତାକୁ କିଛି ଶିକ୍ଷା ନ ଦେଲେ ସେ ଏତେଗୁଡ଼ାଏ ଟଙ୍କାର ସଦ୍‌ବ୍ୟବହାର କରିପାରିବ ନାହିଁ, ଏହି ବିବେଚନାରେ ତାକୁ ଏଣ୍ଟ୍ରାନ୍‌ସ ପର୍ଯ୍ୟନ୍ତ ପଢ଼ାଇବାକୁ ହେଲା । ଏହି ହେତୁ ବିଳମ୍ବ ହେଲା ।" ପୁନଶ୍ଚ ମଙ୍ଗଳ-ଆଶୀର୍ବାଦବୋଳା ନେତ୍ରରେ ମଧୁକୁ ଚାହିଁ ସହାସ୍ୟବଦନରେ କହିଲେ,-"ମଧୁ, ଭଣ୍ଡ ସାଧୁ ତୋତେ ଟଙ୍କାଗଛ ଦେବ ବୋଲି କହି, ବହଲାଇ ଆଣିଥିଲା, ତାହା କଥା ସାର୍ଥକ ହୋଇଅଛି,—ଏହି ବର୍ତ୍ତମାନ ଟଙ୍କାଗଛ । ଏହି ଟଙ୍କାଦ୍ୱାରା ତୁ ନିଜର ଏବଂ ସ୍ୱଦେଶର ଉନ୍ନତି କରିପାରିବୁ ।" ଏହା ଶୁଣି ମଧୁକୁ ଚେଲକା ମାରିଦେଲା, ତାହା ପାଟିରୁ କଥା ବାହାରିଲା ନାହିଁ । ଏହା ସ୍ୱପ୍ନ କି ସତ୍ୟ, ତାହା ସ୍ଥିର କରିପାରିଲା ନାହିଁ, ନିଜର ଚକ୍ଷୁକୁ ମଧ୍ୟ ବିଶ୍ୱାସ କରିପାରିଲା ନାହିଁ, କିଏ ଯେପରି ତାହା ମସ୍ତିଷ୍କର ଯନ୍ତ୍ରମାନ ଗୋଳମାଳ କରିଦେଲା, ସେ କାଠପରି ଠିଆ ହୋଇ ରହିଲା । ବୃଦ୍ଧ ସାମନ୍ତ ଆଶ୍ଚର୍ଯ୍ୟର ଶେଷ ସୀମାକୁ ଉଠିଯାଇ କହିଲେ,—"ଆପଣ ମନୁଷ୍ୟ

ନା ଦେବତା କିମ୍ବା ତହୁଁ ବଳି ଆଉ କିଛି ? ମୋର ଦୃଢ ବିଶ୍ୱାସ, ଆପଣ ମୋ ବଂଶର ସୌଭାଗ୍ୟ ଦେବତା, ମୋତେ ବଞ୍ଚାଇବା ପାଇଁ ମାନବରୂପ ଧାରଣ କରିଅଛନ୍ତି ।" ସାହେବ ତାଙ୍କୁ ଆଉ ଅଧିକ କହିବାକୁ ନ ଦେଇ, ମଧୁକୁ ପାଖକୁ ଟାଣିନେଇ ତାହାର ପୃଷ୍ଠରେ ସ୍ନେହର ହସ୍ତସଞ୍ଚାଳନପୂର୍ବକ କହିଲେ—"ମଧୁ, ମୋତେ ମନରେ ରଖିଥିବୁ, ସମୟ ସମୟରେ ପତ୍ର ଲେଖିବୁ, ମୁଁ ମଧ୍ୟ ଲେଖିବି ।" ଏଥର ମଧୁ କଥା କହିଲା । ତାହାର ବାକ୍ୟ-ଭଣ୍ଡାରର ଦ୍ୱାର ଅଲକ୍ଷ୍ୟରେ ମୁକୁଳା ହୋଇଗଲା । ସେ ସାଶ୍ରୁ-ଲୋଚନରେ ସାହେବଙ୍କ ଗୋଡ଼ ଉପରେ ପଡ଼ି କହିଲା—"ଆପଣ ମୋର ପିତାଠାରୁ ଅଧିକ, ମୋର ଚର୍ମରେ ଯୋତା ପ୍ରସ୍ତୁତ କରି ଆପଣଙ୍କ ପବିତ୍ର ପାଦରେ ପିନ୍ଧାଇଦେଲେ ସୁଦ୍ଧା ମୁଁ ଆପଣଙ୍କର ଦେବଦୁର୍ଲଭ ଦୟାର କଣିକାଏ ମାତ୍ର ପରିଶୋଧ କରିପାରିବି ନାହିଁ । ମୋର ଏହା ଗର୍ବସିକ୍ତ ଶୂନ୍ୟଗର୍ଭ କଥା ନୁହେଁ, ହୃଦୟର ଗଭୀରତମ ପ୍ରଦେଶସ୍ଥ ଅସ୍ୱର କଥା । ମୁଁ ଆଜିଠାରୁ ଆପଣଙ୍କୁ ହୃଦୟର ସ୍ୱର୍ଣ୍ଣସିଂହାସନରେ ବସାଇ ଭକ୍ତି-ପ୍ରୀତିରୂପ ପୁଷ୍ପ ଚନ୍ଦନରେ ପୂଜା କରିବି ଏବଂ ମୋର ଜୀବନର ପ୍ରତ୍ୟେକ କାର୍ଯ୍ୟ ମଧ୍ୟରେ ଆପଣଙ୍କ ମହିମିତ ଦେବମୂର୍ତ୍ତି ଦର୍ଶନ କରି ଆତ୍ମା ପବିତ୍ର କରିବି ।" ଏହା ପରେ ଆହୁରି ଅନେକ କଥା ହେଲା, ତାହା ବିଚ୍ଛେଦର କଥା । ହୃଦୈକ୍ୟ ସୁହୃଦବିଚ୍ଛେଦ ପ୍ରାଣାନ୍ତକ ବ୍ୟଥାଜନକ । ତାହା ଶୁଣିଲେ ପାଠକମାନଙ୍କର ଅନ୍ତରାତ୍ମା କାନ୍ଦିଉଠିବ; ସୁତରାଂ ଲେଖିବା ଆବଶ୍ୟକ ।

ସସୁତ ସାମନ୍ତ ଏବଂ ଶ୍ରୀମ ସାହେବଙ୍କଠାରୁ ବିଦାୟ ଘେନି ଆସିଲେ । ବାଟରେ ସାମନ୍ତ ଶ୍ରୀମଙ୍କୁ କୁଣ୍ଢାଇ ପକାଇ କହିଲେ, "ବାବା, ତୁ ଆଉ କୁଅଢ଼େସିବୁ, ମୋ ସଙ୍ଗରେ ଚାଲ । ମୋର ଦୁଇ ପୁଅ ଥିଲେ, ଆଜିଠାରୁ ତିନିପୁଅ ହେଲେ । ତୋତେ ପୁତ୍ର ରୂପରେ ପାଇ ମୁଁ ଗୌରବ ଅନୁଭବ କରୁଅଛି । ତୋତେ ଭୂମିବାଡ଼ି ଦେଇ ରଖିବି, ଘର କରିଦେବି, ବାହାଘର ମଧ୍ୟ କରାଇବି । ଯହିଁରେ ତୁ ବଡ଼ଲୋକ ପରି ସୁଖ ସ୍ୱଚ୍ଛନ୍ଦରେ ରହିବୁ ତାହା କରିଦେବି, ତୋର କୌଣସି ଅଭାବ ରହିବ ନାହିଁ ।" ଶ୍ରୀମ ମୃଦୁହାସ୍ୟରେ ସମ୍ମତି ଜ୍ଞାପନ କଲା । ଉଭୟେ ଚାନ୍ଦବାଲି ଯାଇ ଜାହାଜରେ ଚଢିଲେ । ଯଥାସମୟରେ ଚାନ୍ଦବାଲିରେ ଓହ୍ଲାଇ, ସେଠାରୁ ସୁଆରି କରି ଶୀତଳପୁରରେ ପହୁଞ୍ଚିଲେ । ସାମନ୍ତଙ୍କ ଘରେ ଉତ୍ସବ ଲାଗିଲା, ସମସ୍ତେ ଆନନ୍ଦରେ ମଗ୍ନ । ଦେବାଳୟମାନଙ୍କରେ ମହାଆଡ଼ମ୍ବରରେ ଷୋଡ଼ଶୋ-ପଚାରରେ ପୂଜାର ବ୍ୟବସ୍ଥା ହେଲା । କେଉଁଠାରେ ଚଣ୍ଡୀପୂଜା, କେଉଁଠାରେ ରୁଦ୍ରାଭିଷେକ, କେଉଁଠାରେ ସହସ୍ର ନାମ ଆବୃତ୍ତି ଏହିପରି ନାନା ମଙ୍ଗଳାନୁଷ୍ଠାନରେ ଗ୍ରାମ କମ୍ପିଉଠିଲା । ଦଶବର୍ଷ ପୂର୍ବରେ ଦିନେ ଯାହା ପାଇଁ ଏହି ଗ୍ରାମରେ ଦୁଃଖର ହାହାକାର ଉଠିଥିଲା, ଆଜି ତାହାବିଲାଗି ସୁଖର ସ୍ରୋତ ବହିଯାଉଅଛି । ବୋଧହୁଏ ଆଜି ଦିନକୁ ଆଣିବା ସକାଶେ ସେ ଦିନଟି ଆସିଥିଲା। ସୁଖ ଏହିପରି ଦୁଃଖ ରୂପରେ ଆସି ଏଣ୍ଡୁଅ ପରି ରୂପ ବଦଳାଇଦିଏ । ଅନେକେ ମଧୁକୁ ଦେଖିବାକୁ ଆସିଲେ । ମଧୁ ସମସ୍ତଙ୍କୁ ଯଥୋପଯୁକ୍ତ ଅଭ୍ୟର୍ଥନା କଲା । ସେମାନେ ଫେରି ଯିବାବେଳେ କୁହାକୁହି ହୋଇଗଲେ, "ମଧୁ ଖାଲି ଇଂରାଜୀ ପଢି ଯୋଗ୍ୟ ହୋଇ ଆସିନାହିଁ, ଝଙ୍କାଗଛ ହୋଇ ଆସିଛି ।"

କିଛିଦିନ ପରେ ଜଣେ ଜମିଦାର ଆକଣ୍ଠ ଋଣଗ୍ରସ୍ତ ହୋଇ ସ୍ୱୀୟ ବିଶାଳ ଜମିଦାରୀ ଦୁଇଲକ୍ଷ ଟଙ୍କା ମୂଲ୍ୟରେ ମଧୁକୁ ବିକ୍ରୟ କଲା । ସେ ସମୟରେ ଜମିଦାରୀର ମୂଲ୍ୟ ଅଧିକ ଥିଲାନାହିଁ । ମଧୁ ଜମିଦାର ହୋଇ ଅବଶିଷ୍ଟ ଏକଲକ୍ଷ ଟଙ୍କା ଖର୍ଚ୍ଚ କରି ଜମିଦାରୀର ସଂସ୍କାର କଲା । କୂପ ପୁଷ୍କରିଣୀ ଖନନ, ଦେବାଳୟ ନିର୍ମାଣ, ଡାକ୍ତରଖାନା ଏବଂ ବିଦ୍ୟାଳୟ ସ୍ଥାପନ ପ୍ରଭୃତି ବହୁବିଧ ପ୍ରଜାହିତକର କାର୍ଯ୍ୟ ଦ୍ୱାରା ଅଳ୍ପଦିନ ମଧ୍ୟରେ ପ୍ରଜାମାନଙ୍କର ଭକ୍ତିଭାଜନ ହୋଇଉଠିଲା । ଶ୍ରୀମକୁ ଦଶବାଟି ଭୂମି ଦେଇ ଗୋଟିଏ ସୁନ୍ଦର କୋଠା କରିଦେଲା; ଅଧିକନ୍ତୁ ମାସିକ ପଚାଶ ଟଙ୍କା ବୃତ୍ତିଦାନର ବ୍ୟବସ୍ଥା କରିଦେଲା । ତାହାର ପ୍ରଜାପାଳନର ସୁଖ୍ୟାତି ଦେଶ ମଧ୍ୟରେ କୋଟି କଣ୍ଠରେ ବିଘୋଷିତ ହେଲା ।

ସେଥିର ପୁରସ୍କାରସ୍ୱରୂପ ରାଜସରକାରରୁ ସେ 'ରାୟ ମହାପାତ୍ର' ଉପାଧିରେ ଅଳଙ୍କୃତ ହୋଇ ସୁଖ ସ୍ୱଚ୍ଛନ୍ଦରେ କାଳଯାପନ କଲା । ସେହିଦିନଠାରୁ ମଧୁ ଆଖ୍ୟା ଲିଭିଯାଇ ନାମ ହେଲା,—'ରାୟ ମଧୁସୂଦନ ସାମନ୍ତ ମହାପାତ୍ର । କାଲି ଯେ ହେୟ, ନଗଣ୍ୟ, ଆଜି ସେ ଲକ୍ଷପୋଷୀ ରାଜା ! ଈଶ୍ୱର ଯାହାଙ୍କୁ ବଢ଼ାନ୍ତି, ଏହିପରି ଅସମ୍ଭାବିତ ରୂପେ ବଢ଼ାନ୍ତି । 'ଭାଗ୍ୟଂ ଫଳତି ସର୍ବତ୍ର, ନ ବିଦ୍ୟା ନ ଚ ପୌରୁଷଂ ।'' ମୁସଲମାନମାନେ କହନ୍ତି, 'ଆଲ୍ଲା ଦେଗା ତୋ ଛପର୍ ଫାଡ଼କେ ଦେଗା ।'

# ଯୁଗଳ ମଠ

# ଉପହାର

ଚୌହାନବଂଶ-ଚନ୍ଦ୍ରମା,

ବିଦ୍ୟୋତ୍ସାହିପ୍ରବର, ପାଟଣାମସ୍ତୀ-ମଣ୍ଡନ ଶ୍ରୀଲ ଶ୍ରୀଯୁକ୍ତ ପୃଥ୍ୱୀରାଜ ସିଂହଦେବ

ମହୋଦୟଙ୍କ ସମୁଦାରଚରଣେଷୁ

ସମ୍ମାନନୀୟ ଶ୍ରୀମନ୍ମହାରାଜ,

ଶ୍ରୀଛାମୁ କେବଳ ପାର୍ଥିବ ସିଂହାସନର ରାଜା ନୁହନ୍ତି । ସଦ୍‌ଗୁଣରୂପ ମହାର୍ହ ଉପାଦାନରେ ସ୍ୱୀୟ ମନୋମତ ସ୍ୱର୍ଣ୍ଣମୟ କୀର୍ତ୍ତି-ସିଂହାସନ ପ୍ରସ୍ତୁତ କରି ରଖିଅଛନ୍ତି । ଶ୍ରୀଛାମୁଙ୍କର ଜାତୀୟ ସାହିତ୍ୟ ପ୍ରୀତି-ଗୀତିକା ସହସ୍ର କଣ୍ଠରେ ଗୀତ ହେଉଅଛି । ମୁଁ ସେହି ଆନନ୍ଦ ସଙ୍ଗୀତର ମଧୁର ସ୍ୱରରେ ଆକୃଷ୍ଟ ହୋଇ ଶ୍ରୀଛାମୁରେ ଏହି "ଯୁଗଳ ମଠ" ଉପନ୍ୟାସ ପ୍ରୀତିଭେଟି ପ୍ରଦାନ କରିବାକୁ ସାହସୀ ହୋଇଅଛି । ଏଥି ପ୍ରତି ଉଦାର କୃପାଦୃଷ୍ଟି ନିପତିତ ହେଲେ ଚିରକୃତଜ୍ଞତାପାଶରେ ଆବଦ୍ଧ ରହିବ ।

ଇଚ୍ଛାପୁର, ଗଞ୍ଜାମ
୧୫ । ୩ । ୧୯୨୦

ଶ୍ରୀଛାମୁଙ୍କର
ଏକାନ୍ତ ବିନୟାବନତ
ଶ୍ରୀ ଚିନ୍ତାମଣି ମହାନ୍ତି

# ଯୁଗଳ ମଠ

## ପ୍ରଥମ ପରିଚ୍ଛେଦ

### ଗୋପାଳପୁର ମଠ

ଆଜି ଗୋଟିଏ ବହୁଦିନର ଶ୍ରୁତପୂର୍ବ ଲୁପ୍ତୋନ୍ମୁଖୀ ଘଟଣା ଅର୍ଦ୍ଧବିସ୍ମୃତ ପୁରାତନ ସ୍ୱପ୍ନସ୍ମୃତି ତୁଲ୍ୟ ହୃଦୟର ଅନ୍ତରାଳରେ ଲୁଚକାଳି ଖେଳି ବୁଲୁଅଛି । ପକ୍ଷୀ ଯେପରି ବେଳେବେଳେ ନଦୀ ତୀରବର୍ତ୍ତୀ ବୃକ୍ଷଶାଖାରେ ଉଡ଼ି ବସି ଜଳ ଦର୍ପଣରେ ଅସ୍ପଷ୍ଟରେ ଆତ୍ମପ୍ରକାଶ କରେ, ଏ ଘଟଣା-ବିହଙ୍ଗୀ କାହିଁକି କେଜାଣି ହୃଦୟ ସରୋବର କୂଳସ୍ଥ ସ୍ମୃତି-ପାଦପରେ ଆଜି ସେହିପରି ବାରମ୍ବାର ଉଡ଼ିଆସି ବସି ଯାଉଅଛି । ଘଟଣାଟି ଯଥାର୍ଥ କି କଳ୍ପନା-ପ୍ରସୂତ, ତାହା ମୋର ପରିଜ୍ଞାତ ନୁହେଁ । ତଥାପି 'ଯଥା ଶ୍ରୁତଂ ତଥା ଲିଖିତଂ' ପ୍ରବଚନର ଅନୁସରଣ କରି ଲେଖିବାରେ ପ୍ରବୃତ୍ତ ହେଲି ।

ଗୋପାଳପୁର ମଠର ଯେପରି ନାମ ଡାକ, ମଠାଧିଷ୍ଠାତା ଦେବତା ରଘୁନାଥ ମଧ୍ୟ ସେହିପରି ପ୍ରତାପୀ । ଚିରକୌମାର ବ୍ରତାବଲମ୍ବୀ ବ୍ୟତୀତ ବିବାହିତ ପୁରୁଷର ଉକ୍ତ ମଠରେ ମହନ୍ତ ହେବାର ବିଧି ନାହିଁ । ଏଣୁ ସମସ୍ତେ ମଠଟିକୁ ନିଅଙ୍ଗୀ ମଠ ବୋଲି କହନ୍ତି । ସ୍ଥୂଳତଃ ଗୋପାଳପୁର ମଠ ସାଧାରଣରେ ନିଅଙ୍ଗୀ ମଠ ନାମରେ ପରିଚିତ । ଗଡ଼ମଣ୍ଡଳ ନରପତିଙ୍କ ପୂର୍ବପୁରୁଷମାନେ ମଠ ଅଧୀନରେ ବହୁଳ ଭୂସମ୍ପତ୍ତି ଖଞ୍ଜି-ଦେଇ ଯାଇଅଛନ୍ତି । ସେଥିର ଆୟରେ ଠାକୁରଙ୍କର ବାର ପୂନେଇ, ତେର ଯାତ୍ରା ଏବଂ ଅଭ୍ୟାଗତ ସେବା ନିର୍ବାହିତ ହୁଏ । ଏହି ସମସ୍ତ କାର୍ଯ୍ୟ ପରିଚାଳନ ସକାଶେ, ମଠରେ ଜଣେ ମହନ୍ତ ଅଛନ୍ତି । ମଠର ବାର୍ଷିକ ଆୟ ପ୍ରାୟ ୧୫ ହଜାର ଟଙ୍କା ।

ବର୍ତ୍ତମାନ ମହନ୍ତ ରାମାନୁଜ ଦାସ ଜଣେ ଉଚ୍ଚ-ପ୍ରକୃତିକ ବ୍ୟକ୍ତି । ବୟସ ପ୍ରାୟ ଶତାଧିକ; ମାତ୍ର ଆକୃତିରୁ ଏତେ ଅଧିକ ବର୍ଷ ବୋଲି ଜଣାଯାଏ ନାହିଁ । ଗ୍ରାମର ଷାଠିଏ ବର୍ଷୀୟ ବୁଢ଼ାମାନେ କହନ୍ତି, ଆମ୍ଭେମାନେ ପିଲାକାଳରୁ ମହନ୍ତ ମହାରାଜଙ୍କୁ ଏହିପରି ଦେଖି ଆସୁଅଛୁଁ । ତାଙ୍କ ରୂପ ବା ଆକୃତିରେ କୌଣସି ବୈଲକ୍ଷଣ୍ୟ ଘଟିନାହିଁ । ରୂପ ଠିକ୍ ତମ୍ବା-ପତ୍ର ପରି ଜ୍ୟୋତିଃଶୀଳ । ଦେଖିଲେ ବୋଧହୁଏ, ଯେପରି କରୁଣା-କିରଣ-ଧାରା ସର୍ବାଙ୍ଗରୁ ଝରି ପଡୁଅଛି । ନେତ୍ର-ଦ୍ୱୟ ବିଶାଳ ଏବଂ ଉଜ୍ଜ୍ୱଳ, ଯେମନ୍ତ କି ପୁଣ୍ୟ ସ୍ନେହରେ ଶାନ୍ତ ପ୍ରୀତି ପ୍ରଦୀପଦ୍ୱୟ ସ୍ନିଗ୍ଧ ଶୀତଳ ଆଲୋକ ବିକୀରଣପୂର୍ବକ ପ୍ରଜ୍ୱଳିତ ହେଉଅଛି । ବିଶାଳ ଲଲାଟରେ

ସଂଯମର ଅମୃତ ମୁଦ୍ରା ମୁଦ୍ରିତ । ମୁଖରେ ସର୍ବଦା ସ୍ମିତ ହାସ୍ୟ । ସେହି ହାସ୍ୟରେ ସନ୍ତୋଷସୁଧା ବୋଳା ହୋଇଥିବାର ବୋଧ ହୁଏ । ପାର୍ଥିବ ବିଭବରେ ଆକଣ୍ଠ ନିମଗ୍ନ ରହି ମଧ୍ୟ ମହନ୍ତ ସର୍ବଦା ନିର୍ଲିପ୍ତ । ମହନ୍ତଙ୍କର କୌପୀନ ମାତ୍ର ସମ୍ବଳ । ତାହା ଉପରେ ଖଣ୍ଡିଏ ଗୈରିକ ବସନର ଆବରଣ । ହୃଦୟ ଅନନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହେଲେହେଁ ସ୍ୱଭାବ ବାଳକୋଚିତ ସରଳ ଏବଂ ମଧୁର । ବାସ୍ତବରେ ଜଗତରେ ଯେଉଁମାନେ ଶିଶୁଧର୍ମୀ, ସ୍ୱର୍ଗରାଜ୍ୟ ସେହିମାନଙ୍କର । ଏଣୁ ଯେଉଁମାନେ ଯେଉଁ ପରିମାଣରେ ଜ୍ଞାନୀ, ଶିଶୁ ସ୍ୱଭାବ ସେହିମାନଙ୍କର ସେହି ପରିମାଣରେ ପ୍ରବଳ । ମହନ୍ତଙ୍କୁ କେବେ କେହି କ୍ରୁଦ୍ଧ ହେବାର ଦେଖିନାହାନ୍ତି । ସେ ଶୀତଳ ସେ ସ୍ୱଭାବଶୀତଳ, ଉଷ୍ଣତା ତାହାର କୌଣସି କାଳରେ ଧର୍ମ ନୁହେଁ । ଉଷ୍ଣ ବାୟୁ ସ୍ପର୍ଶରେ କରକା ଶୀତଳ ହୋଇ ବହିଯାଏ ମାତ୍ର କଦାଚ ଉଷ୍ଣ ହୁଏ ନାହିଁ । ମଠଟି ନିର୍ଜନ ସ୍ଥାନରେ ଅବସ୍ଥିତ । ସେଠାକୁ ସଂସାର-ନେମୀ ଘର୍ଷଣର ଶ୍ରୁତିବଜ୍ରାୟୁନ କର୍କଶ ଶବ୍ଦ ଶ୍ରୁତିଗୋଚର ହୁଏ ନାହିଁ କିମ୍ବା ଘଟଣା ଘାତ ପ୍ରତିଘାତର ଭୀଷଣ ସ୍ପନ୍ଦନ ଅନୁଭୂତ ହୁଏ ନାହିଁ । ମହନ୍ତ ଅଧିକାଂଶ ସମୟ ଯୋଗ ସାଧନାରେ ଅତିବାହିତ କରନ୍ତି । ଅବଶିଷ୍ଟ ସମୟ ଦେବସେବା ଓ ଶାସ୍ତ୍ରାଲୋଚନାରେ ବ୍ୟୟିତ ହୁଏ । ପ୍ରଶସ୍ତି-ମୋଦକ ସେବନ କିମ୍ବା ଯଶୋମାଲ୍ୟ ଭୂଷଣରେ ସର୍ବଦା ତାଙ୍କର ଅରୁଚି । ସାଧୁମାନେ ଆତ୍ମଗୌରବକୁ ବିଷବତ୍ ଘୃଣା କରନ୍ତି । ଆତ୍ମ ଗୌରବ ସେମାନଙ୍କ ନିକଟରେ ଅପମାନ ତୁଲ୍ୟ । ମହନ୍ତ ବିନମ୍ରୀ, ଧୈର୍ଯ୍ୟବାନ୍ ଏବଂ ମିଷ୍ଟଭାଷୀ । ସ୍ଥୂଳତଃ ସାଧୁ ମହାପୁରୁଷଙ୍କର ଯେଉଁସବୁ ସଦ୍‌ଗୁଣ ଥିବାର ଉଚିତ, ତାହା ତାଙ୍କର ପୂର୍ଣ୍ଣ ମାତ୍ରାରେ ଥିଲା । ଆଠ ଦୀର୍ଘ ଦଶ କୋଶ ମଧ୍ୟରେ ଯେତେ ମଠ ଅଛି, ସେଥିର ମହନ୍ତମାନେ ସ୍ୱାମୀଜୀଙ୍କଠାରୁ ଦୀକ୍ଷା ନ ନେଇ ଗାଦିରେ ବସି ପାରନ୍ତି ନାହିଁ ; ଏଣୁ ସମସ୍ତେ ତାହାଙ୍କୁ ବଡ଼ ମହନ୍ତ ବୋଲି କହନ୍ତି ।

ବର୍ଷ ମଧ୍ୟରେ ମଠରେ ଦୁଇଥର ବିରାଟ ମହୋତ୍ସବ ହୁଏ । ଚତୁଃପାର୍ଶ୍ୱବର୍ତ୍ତୀ ୨୦ । ୨୫ ଖଣ୍ଡ ଗ୍ରାମରୁ ଲୋକେ ଆସି ପ୍ରସାଦ ସେବା କରନ୍ତି । ମଠ ଏବଂ ମହନ୍ତଙ୍କ ପ୍ରତି ସାଧାରଣଙ୍କର ଭକ୍ତି ଏବଂ ବିଶ୍ୱାସ ଅଖଣ୍ଡ । ଏମନ୍ତି କି ବାଡ଼ିର ପ୍ରଥମ ଫଳ ମଠକୁ ନ ଦେଇ କେହି ବ୍ୟବହାର କରନ୍ତି ନାହିଁ । ଅହୋ, ପଲ୍ଲୀବାସୀଙ୍କର କି ସରଳ ଧର୍ମବିଶ୍ୱାସ । ଆଜିକାଲିର ଶିକ୍ଷିତ ଲୋକ ହୋଇଥିଲେ ବାଗବଗିଚାର ଉତ୍କୃଷ୍ଟ ଫଳ ମୂଳାଦି ନିଜର ଉଦର ସକାଶେ ନତୁବା ପ୍ରଭୁ ପୂଜା ସକାଶେ ଉତ୍ସର୍ଗ କରନ୍ତେ । ଧର୍ମର ମାହାତ୍ମ୍ୟ ଉଚ୍ଚ ଶ୍ରେଣୀର ଭକ୍ତହୃଦୟରେ ଏବଂ ନିମ୍ନ ଶ୍ରେଣୀର ଅଶିକ୍ଷିତ ହୃଦୟରେ ଯେ ରୂପ ପ୍ରବଳ, ଶିକ୍ଷିତ ଆଖ୍ୟାଧାରୀ ମଧ୍ୟମ ଶ୍ରେଣୀୟ ହୃଦୟରେ ସେ ରୂପ ନୁହେଁ । ଏଣୁ କଥାରେ କହନ୍ତି "କୃତ ତରେ କି ମୂଢ ତରେ, ମଝିମଝିକିଆ ବୁଲି ମରେ ।" ମଠର ଦେବ ନୀତି ନିର୍ବାହ, ଅତିଥି ଅଭ୍ୟାଗତ ସେବା ପରେ ଯେଉଁ ଅର୍ଥ ଉଦ୍‌ବୃତ୍ତ ହୁଏ, ତାହା ଅନାଥପାଳନ, ଦରିଦ୍ର ରୋଗୀର ଶୁଶ୍ରୂଷା ଏବଂ ସାଧାରଣ ଶିକ୍ଷା କାର୍ଯ୍ୟରେ ବ୍ୟୟିତ ହୁଏ । ନିକଟବର୍ତ୍ତୀ ଗ୍ରାମମାନଙ୍କରେ ରୋଗ ପ୍ରବଳ ସମୟରେ ମହନ୍ତଙ୍କୁ ଔଷଧ ଧରି ଦ୍ୱାରେ ଦ୍ୱାରେ ବୁଲିବାର ଦେଖାଯାଏ । ମହନ୍ତଙ୍କ ଶିଷ୍ୟ ଅନେକ । ସେମାନଙ୍କଠାରୁ ଯାହା ବାର୍ଷିକ ମିଳେ, ତାହା ବାର୍ଷିକ ବୈଷ୍ଣବ ପଙ୍ଗତରେ ଲାଗେ । ବଳି ପଡ଼ିଲେ ନିରୁଦକ ସ୍ଥାନରେ କୂପ ପୁଷ୍କରିଣୀ ଖନନ ଏବଂ ଦେବାଳୟ ପ୍ରଭୃତି ସଂସ୍କାରରେ ବ୍ୟୟିତ ହୁଏ । କି ମଠର ଆୟ, କି ସ୍ୱୋପାର୍ଜିତ କାହିଁରୁ କଉଡ଼ିଏ ମାତ୍ର ଅପବ୍ୟୟ ହୁଏ ନାହିଁ । ମହନ୍ତ ମହାରାଜ ସେ ବିଷୟରେ ବଡ଼ ଜାଗ୍ରତ । ପ୍ରଜାମାନେ ମଠକୁ ଖଜଣା ଦେବାକୁ ଆସିଲେ ମହନ୍ତ ସେମାନଙ୍କୁ ପ୍ରସାଦ ସେବା ନ କରାଇ ଛାଡନ୍ତି ନାହିଁ । ପିତା ପୁତ୍ରକୁ ସ୍ନେହ କଲା ପରି ଆଗରେ ବସି ତୃପ୍ତିପୂର୍ବକ ଆହାର କରାନ୍ତି ।

# ଦ୍ୱିତୀୟ ପରିଚ୍ଛେଦ

## ମହନ୍ତଙ୍କର ଚେଲା

ବହୁତେକ ବର୍ଷ ପୂର୍ବରେ ଜଣେ ଦମ୍ପତିକ ସ୍ନେହ-ଶୂନ୍ୟ ଦରିଦ୍ର ବ୍ରାହ୍ମଣ ଗୋଟିଏ ଶିଶୁପୁତ୍ର ସହ ମଠରେ ଆଶ୍ରୟ ନେଇଥିଲା । ବ୍ରାହ୍ମଣଟି ବର୍ଣ୍ଣଜ୍ଞାନଶୂନ୍ୟ; ସୁତରାଂ ପୂଜା ଅର୍ଚ୍ଚନା କାର୍ଯ୍ୟର ଅଯୋଗ୍ୟ ଜାଣି ମହନ୍ତ ବାବାଜି ତାକୁ ଫୁଲ, ତୁଳସୀ ତୋଳା, ଚନ୍ଦନ ଘୋରା ପ୍ରଭୃତି ଦେବଟହଲରେ ନିଯୁକ୍ତ କରିଥିଲେ ଏବଂ ପିତା-ପୁତ୍ରଙ୍କ ସକାଶେ ଦୁଇଓଳି ଦୁଇ ପାଣ୍ଡ ଭୋଗ ଖଞ୍ଜି ଦେଇ ଥିଲେ; ପୁତ୍ରଟି ମଧ୍ୟ ପିତାର କର୍ତ୍ତବ୍ୟରେ ସହାୟତା କରୁଥିଲା । ମାତ୍ର ଦୁର୍ଭାଗ୍ୟକ୍ରମେ ବାଳକଟି ନବମ ବର୍ଷରେ ପଦାର୍ପଣ ନ କରୁଣୁ ବ୍ରାହ୍ମଣ ଜ୍ୱରାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପତିତ ହେଲା । ବର୍ତ୍ତମାନ ଅନାଥ ବାଳକଟିର ମହନ୍ତ ଏକମାତ୍ର ଭରସା । ସେ ମଧ୍ୟ ତାହାକୁ ଅତି ଯତ୍ନରେ ଲାଳନ ପାଳନ କରିବାକୁ ଲାଗିଲେ । ପିଲାଟି ଦେଖିବାକୁ ସୁନ୍ଦର ମାତ୍ର ବୁଦ୍ଧି ଟିକିଏ ସ୍ଥୂଳ । ମହନ୍ତଙ୍କର ସ୍ନେହ ଦୟାର ଶୀତଳ ଛାୟାରେ ସେ ପିତୃବିଚ୍ଛେଦ ଅଚିରେ ବିସ୍ମୃତ ହେଲା । ସ୍ନେହ ଜଗତରେ ସାମାନ୍ୟ ପଦାର୍ଥ ନୁହେଁ । ସେ ଅବହେଳେ ପ୍ରାଣକୁ ବାନ୍ଧି ରଖିପାରେ । ବିଶେଷତଃ ସାଧୁମାନଙ୍କର ଅନାବିଳ ଅକୃତ୍ରିମ ସ୍ନେହ ଅତୁଳ ବଳବନ୍ତର । ସେ ସ୍ନେହର ପ୍ରତ୍ୟାବର୍ତ୍ତନ ନାହିଁ କିମ୍ବା ସେ କାଳକୂଳର ବିଚାର ରଖେ ନାହିଁ । ତାହା ପ୍ରାବୃଟ ତରଙ୍ଗିଣୀ ତୁଲ୍ୟ କ୍ରମବର୍ଦ୍ଧନଶୀଳ । ତାହାର ବୃଦ୍ଧି ସ୍ୱାଭାବିକ; ମାତ୍ର ବିନାଶ ନାହିଁ କିମ୍ବା ପୂର୍ଣ୍ଣତା ନାହିଁ । ଅଧିକନ୍ତୁ ବାତ୍ସଲ୍ୟ-ସ୍ନେହ ପରମ୍ପରାନୁସାରୀ । ପାତ୍ର ଦେଖିଲେ ସ୍ୱତଃ ପ୍ରବାହିତ ହୋଇଯାଏ । କେତେବେଳେ ଶତ ପ୍ରତିବନ୍ଧକ ତାହାକୁ ଓଗାଳି ପାରେ ନାହିଁ । ଅଜ୍ଞାନ ପଶୁପକ୍ଷୀ ପର୍ଯ୍ୟନ୍ତ ଯାହାର ମାୟାରେ ମୁଗ୍ଧ, ତାହାଠାରେ ଜ୍ଞାନୀମାନଙ୍କର ତ କଥାହିଁ ନାହିଁ ।

ଯଥାସମୟରେ ବ୍ରାହ୍ମଣବାଳକର ଉପନୟନ ସଂସ୍କାର ସମାହିତ ହେଲା । ପିତୃମାତୃହୀନ ବାଳକଟିର ମନରେ ଯେପରି ଶୋକର ଆଘାତ ନ ଲାଗେ, ସେଥି-ପ୍ରତି ମହନ୍ତ ସତତ ସଚେଷ୍ଟ ଥାଆନ୍ତି । ଏମନ୍ତ କି ପାଖରେ ବସାଇ ଖୁଆନ୍ତି ଏବଂ ନିଜ ବିଛଣାରେ ଶୁଆନ୍ତି । ଭାଗ୍ୟଦେବଙ୍କର କୃପା ଅନନ୍ତ ଏବଂ ଅମୋଘ । ସ୍ପର୍ଶମଣି ତୁଲ୍ୟ ସେ ମୁହୂର୍ତ୍ତିକ ମଧ୍ୟରେ ଲୁହାକୁ ସୁନା କରିପାରେ । ଦୀନ ହୀନ ବାଳକ ଉପରେ ତାଙ୍କର ଅମୃତ ଆଶୀର୍ବାଦ ବୃଷ୍ଟିହେଲା । ଶେଷରେ ମହନ୍ତ ତାହାକୁ ନିଜର ଭାବୀ ଦାୟାଦ ନିରୂପଣପୂର୍ବକ ନିଜର ଚେଲା କରି ରଖିଲେ । ସେହି ଦିନଠାରୁ ତାହାର ଗୌରବରବି ମଧ୍ୟ କ୍ରମେ ପ୍ରଭା ବିସ୍ତାର କରିବାକୁ ଲାଗିଲା । ସେ ଭୃତ୍ୟ ଆସନରୁ ଉଠିଯାଇ ପ୍ରଭୁ-ଆସନର ନିକଟବର୍ତ୍ତୀ ହେଲା । ମଠର ସେବକମାନେ କଥା-କଥାକେ ତିନି ଆଜ୍ଞା ପଡ଼ାଇଲେ । ଆଉ ଏଣିକି କେହୁ ତାହାର ନାମ ଧରି ଡାକନ୍ତି ନାହିଁ । ତାହାର ଉପ-ସଂଜ୍ଞା ହେଲା, ବାବାଜି ପିଲା । କେହୁ କେହୁ ସାନ ଗୋସାଇଁ ବୋଲି ମଧ୍ୟ ସମ୍ବୋଧନ କଲେ । ହିନ୍ଦିରେ ଗୋଟିଏ ପ୍ରବାଦ ଅଛି—

"ନସିବ୍ କ୍ୟା ନ କରେ କାମ୍,
ଆବେ ଅନନ୍ତା, ଯାବେ ଅନନ୍ତା, ବାବୁ ଅନନ୍ତ ରାମ୍ ।"

ଯାହାହେଉ ମହନ୍ତଙ୍କ ଅଗାଧ ସ୍ନେହ ଏବଂ ଭାଗ୍ୟଦେବଙ୍କର ଅତିରିକ୍ତ କୃପା ବାଳକଟିର ଅସାର ଜୀବନକୁ ସାଫଲ୍ୟର ଚରମ ତୀର୍ଥ ପବିତ୍ର ଅଳକା-ନନ୍ଦାରେ ସ୍ନାନ କରାଇ ଆଣିଲେ । କଥାରେ କହନ୍ତି—"ସ୍ତ୍ରୀର ତିନି ଦଶା ଆଉ ପୁରୁଷର ଷଣ୍ଢଦଶା," ତାହାହିଁ ସାର୍ଥକ ହେଲା ।

ଉପନୟନ ପରେ ମହନ୍ତ ବାବାଜି ଶିଷ୍ୟର ଶିକ୍ଷୋନ୍ନତିରେ ମନୋନିବେଶ କଲେ । ମଠ ଚୌ-ପାଢ଼ୀରେ ଗୋଟିଏ ପାଠଶାଳା ସ୍ଥାପିତ ହେଲା । ମାସିକ ସାର୍ଦ୍ଧ ଦୁଇ ମୁଦ୍ରା ବେତନରେ ଜଣେ ଅବଧାନ ନିଯୁକ୍ତ ହେଲେ । ଅବଧାନଙ୍କର ନାମ ବହାଲି ଦାସ ।

ଜାତିରେ ମାଷ୍ଟିବଂଶ ଓଝା । ଓଝାମାନେ ଜଣେ ଜଣେ ଦୁର୍ବାସା କିମ୍ବା ବିଶ୍ୱାମିତ୍ର ଋଷିଙ୍କ ଅବତାର । କ୍ରୋଧ, ଗର୍ବ, ଅଭିମାନରେ ସେମାନଙ୍କର ଉଦର ସର୍ବଦା ପୂର୍ଣ୍ଣ । ଆମ୍ଭମାନଙ୍କର ବିହାରୀ ଦାସ ମଧ୍ୟ ସେ ସଦ୍‌ଗୁଣରୁ ମୁକ୍ତ ନଥିଲେ । ଆତ୍ମପ୍ରଶଂସାକୁ ମହାର୍ଘ ହାର ତୁଲ୍ୟ ସେ ସର୍ବଦା କଣ୍ଠଭୂଷଣ କରିଥାନ୍ତି । ସେ ଜଣେ ସ୍ୱର ଖ୍ୟାତ-ନାମା ଅବଧାନ । ତାଙ୍କ ବେତ ଯାହା ପିଠିରେ ବାଜିଛି ସେ ଦଶ ଜଣ ମଧ୍ୟରେ ଗଣନୀୟ, ତାଙ୍କ ପାଖରେ ଯେଉଁ ପାଠ ପୋଥି ଅଛି, ତାହା ଅନ୍ୟର ଅଦୃଷ୍ଟପୂର୍ବ ଏବଂ ଅଶ୍ରୁତପୂର୍ବ; ଏମନ୍ତ କି ଭୂମଣ୍ଡଳରେ ସେ ରୂପ ବିଦ୍ୟା ଏକାନ୍ତ ଦୁର୍ଲଭ । କୁଠା, କଷୁ ବିକଷୁ, ଅସଲହିରୁ ପ୍ରଭୃତି କଠିନ କଠିନ ପାଠ ସେ ତୁଣ୍ଡେ ତୁଣ୍ଡେ ଛନ୍ଦାଇ ଦେଇ ପାରନ୍ତି ଇତ୍ୟାଦି ଇତ୍ୟାଦି ବିଷୟ ସବୁବେଳେ ତାଙ୍କ ମୁଖରୁ ଶୁଣାଯାଏ । ମହାନାଟକ ଶ୍ଳୋକ ଆବୃତ୍ତି କଲା-ବେଳେ ମୁହଁରେ ବାଟୁଳି ବାଜେ ନାହିଁ । ଉକ୍ତିଚାତୁର୍ଯ୍ୟ ଆନ୍‌ଲଚଲ୍ ଭଣ୍ଡସ୍ଥ । ସେ ଛାତ୍ରମାନଙ୍କ ଚକ୍ଷୁରେ ସାକ୍ଷାତ ଯମକିଙ୍କର । ପାଠଶାଳାରେ ପଢାଶୁଣା ଅପେକ୍ଷା ଗାଳି-ମାଡର ମାତ୍ରା ଅଧିକ । ବାରାଣ ପିଲାଟିକୁ ସେ ମନୋ-ଯୋଗର ସହିତ ପଢ଼ାଇବାକୁ ଲାଗିଲେ । ପିଲାଟି ଯେପରି ଶ୍ରୁତିଧର, ତାହା ପୂର୍ବରୁ ବୋଲା ଯାଇଅଛି । ଏକ ବର୍ଷ ମଧ୍ୟରେ ସେ ସ୍ୱରବର୍ଣ୍ଣରୁ ଅଧାଅଧି ଆବୃତ୍ତି କରି ପକାଇ ଅଛି । ଗଣିତ ବିଦ୍ୟାରେ ମଧ୍ୟ ଅଦ୍ଭୁତ ପାରଦର୍ଶୀ । ବୋଧହୁଏ ଶୁଭଙ୍କରୀଙ୍କର ପୂର୍ବ ପୁରୁଷ । ମଝିରୁ ଗୋଟାଏ ଗୋଟାଏ ମନରେ ପକାଇ ଦେଉଥିଲେ ସେ ଅକ୍ଳେଶରେ ଦଶକ ପର୍ଯ୍ୟନ୍ତ ଗଣି ଯାଇପାରେ । ମହନ୍ତ ସନ୍ଧ୍ୟାବେଳେ ପାଖରେ ବସାଇ ତୁଳସୀ ଚୋଳା ପ୍ରଭୃତି ମନ୍ତ୍ର ଶିକ୍ଷା ଦିଅନ୍ତି । ସକାଳ ଓଳି ଘଣ୍ଟାଏ ପାଠଶାଳାରେ ବସି ଚେଲାର ପାଠୋନ୍ନତି ପର୍ଯ୍ୟବେକ୍ଷଣ କରନ୍ତି । ଛାତ୍ରଟି ଅନ୍ୟାନ୍ୟ ଦୁଷ୍ଟପିଲାଙ୍କ ମଧ୍ୟରେ ଅଧିକ ଗୁରୁଭକ୍ତ । ଗୁରୁଦତ୍ତ ବିଦ୍ୟାଧନ ଗ୍ରହଣ କରି ପାପ ବଢାଇବା ତାହାର ଇଚ୍ଛା ନୁହେ । ନିତ୍ୟ ନିତ୍ୟ ସେ ଯାହା ପଢେ ତାହା ଗୁରୁଙ୍କୁ ସମର୍ପଣ କରି ଦେଇଯାଏ ; ସୁତରାଂ ସଦ୍ୟ ସଦ୍ୟ ଋଣ ପରିଶୋଧ ହୋଇଯାଏ ।

ଦିନେ ଇନସ୍‌ପେକ୍ଟିଂ ପଣ୍ଡିତ ପାଠଶାଳା ତନଖି କରିବାକୁ ଆସିଲେ । ଅବଧାନେ ତରବର ହୋଇ ଛଡି ଲମ୍ବା ଦଣ୍ଡବେତଟାଏ ଉଠାଇ ଖଣ୍ଡେ ନଡିଆ ତଟାଇ ଆଣି ପକାଇଦେଲେ । ପଣ୍ଡିତେ ଆସୀନ ହେଲାରୁ ଅବଧାନେ ପାଞ୍ଚୋଟି ପିଲାମାନଙ୍କୁ ବାଛି ତାଙ୍କ ଆଗରେ ଠିଆକରି ବସାଇଦେଲେ । ପରୀକ୍ଷା ଆରମ୍ଭ ହେଲା । ଇ: ପଣ୍ଡିତେ ଗୋଟିଏ ପିଲାକୁ ପ୍ରଶ୍ନ କଲେ, "ଜଣକୁ ତିନି ଟଙ୍କା ଲେଖାଏଁ ଦେଲେ ଦଶଜଣ ଯାହା ନେବେ ଜଣକୁ ପାଞ୍ଚ ଟଙ୍କା ଲେଖାଏଁ ଦେଲେ କେତେଜଣ ତାହା ନେଇ ପାରିବେ ?" ପିଲାଟିକୁ କିଛିକ୍ଷଣ ନିରୁତ୍ତର ଦେଖି ଅବଧାନେ କହିଲେ, 'ଗୋଇଠାଏ ଦିଅନ୍ତି ଯେ, ତିନିକି ତ ଗୁଣି ଦେଇ ପାଞ୍ଚରୁ ମାରିଦେବୁ, ଆଉ ବୁଝିବୁ କଅଣ ? ପଣ୍ଡିତ ବିଜ୍ଞ ଅବଧାନଙ୍କର ଏ ଶିଷ୍ଟ ବାଣୀ ଶୁଣି ସ୍ତମ୍ଭିତ ହେଲେ; ମାତ୍ର ଈଷତ୍ ହାସ୍ୟ କରି ନୀରବ ରହିଲେ । ଅନ୍ୟ ଏକ ଛାତ୍ରକୁ ପ୍ରଶ୍ନ ହେଲା, ଷୋଳଶ ଟଙ୍କାରୁ ତେର ଟଙ୍କା ଗଲେ କେତେ ରହିବ ? ଛାତ୍ରଟି କହି ନ ପାରିବାରୁ ଅବଧାନେ ରୋଷକଷାୟିତ ନେତ୍ରରେ କହିଲେ, "ଆରେ ଅନ୍ଧ, ଷୋଳଶରୁ ତେର ଫେଡି ଦେ । ତିନି କି ଶୂନ୍ୟ ଯାଏ ନାହିଁ ଦଶ ହରଣ, ତିନି ଶୋଧି ସାତ ଫେଡିଲା, ଛଅରୁ ଏକ ଫେଡି ଦୁଇ ଥୋଇଲା, ବାକୀ ରହିଲା ସତାଇଶ, ଆଉ କରୁଛୁ କଅଣ ? ଏଥର ଇ: ପଣ୍ଡିତ ଆଉ ନୀରବ ରହି ପାରିଲେ ନାହିଁ । ଅବଧାନଙ୍କୁ କହିଲେ, ଦେଖ ଏପରି ଅଭଦ୍ର ଭାଷାରେ ପିଲାଙ୍କୁ ଗାଳି ଦେବ ନାହିଁ । ଗାଳି ମାଡ଼ ସ୍କୁଲ୍‌ରିଷୋର ନିୟମ ନୁହେଁ । ଏହା କହି ଅବଧାନଙ୍କ ଆଡକୁ ଅନାଇ ରହିଲେ । ଅବଧାନେ ସେହି ତୀକ୍ଷ୍ଣ ଦୃଷ୍ଟିର ପ୍ରଚଣ୍ଡ ପ୍ରହାର ସହ୍ୟ କରି ନ ପାରି କିଞ୍ଚିତ ଅପ୍ରତିଭ ହେଲେ; ମାତ୍ର ନିଜର ଠାଣି ଛାଡିଲେ ନାହିଁ । ସେ ଯେ ଓଝା—ଅବୁଝା । ଧୀର ଗମ୍ଭୀର ସ୍ୱରରେ କହିଲେ, "ଆଉ କଅଣ ପାଦପୂଜା କରି ପାଠ ପଢାଇବି ?" ଆମ୍ଭ ଗାଁରେ ମାଡ ଯେ ଅବଧାନ ପାଠ । ହେଉ ଏଣିକି ଆପଣଙ୍କ କଥା କରିବି । ଏଥିରେ ପଣ୍ଡିତ ମହାଶୟ ଦ୍ୱିରୁକ୍ତି ନ କରି ଅବଧାନଙ୍କୁ ପଚାରିଲେ, 'ତୁମ୍ଭେ ଡ୍ରଇଁ ଜାଣ ?' ଅବଧାନେ ହାତ ଯୋଡି କହିଲେ, "ନା ବାବୁ ଆମ୍ଭେ ଡୁରୁଙ୍ଗି ଫୁରୁଙ୍ଗି ଜାଣୁନା । ଅଲବଦଳର ପାଠଶାଳା, ପିଲାଏ ଫଳା ପଣକିଆ ବନାଣ ଆରମ୍ଭ କରିଅଛନ୍ତି

ପୁଣି ସାନ ପିଲା, ଭୟରେ କିଛି କହି ପାରିଲେ ନାହିଁ, ହଜୁର ଯାହା ବିଚାର କରିବେ ।” ଇ: ପଣ୍ଡିତ ଉପହାସ୍ୟରେ କହିଲେ, “ଅହେ ବନ୍ଧାଣ ତୁହେଁ, ବନାନ । ତୁମ୍ଭେ ତ ଜାଣ ନାହିଁ, ପିଲାଏ କଣ କହିବେ ? ଏପରି ତୁମ୍ଭ ପିଲାମାନେ କିଛି କହି ପାରିଲେ ନାହିଁ, ଯାହା ହେଉ ଏଣିକି ଭଲ କରି ପଢାଅ । ମୁଁ ଆରଥର ଆସି ଭଲ ଦେଖିଲେ ତୁମ୍ଭର ସରକାରରୁ ମାସିକ ଦୁଇ ଟଙ୍କା ଥାପ୍ୟ କରିଦେବି । ଅବଧାନେ ଏହା ଶୁଣି ସ୍ୱର୍ଗର ନିଶୁଣୀ ଗରଗତ ମଣିଲେ । ନବ ନବ ଆଶାର ବିଦ୍ୟୁତାଲୋକ ତାଙ୍କର କଳ୍ପନା ପଥ ଘନ ଘନ ଆଲୋକିତ କରିବାକୁ ଲାଗିଲା । ଭବିଷ୍ୟତ ଆସି ବର୍ତ୍ତମାନ ଆସନରେ ବସିଗଲା । ସୁଖଲିପ୍ସାରେ କି ଅଦ୍ଭୁତ ମହିମା ! ତାହା ସ୍ୱପ୍ନକମଳ ତୁଲ୍ୟ କଳ୍ପିତ ହେଲେହେଁ ପ୍ରବଳ । ପ୍ରକୃତ ହୋଇଥିଲେ କି ନୁହନ୍ତା ? ଦୁଃଖ ପ୍ରକୃତ ପନ୍ଥରେ ଉନ୍ନତି ପଥ ଉନ୍ମୁକ୍ତ ଏବଂ ଉଜ୍ଜ୍ୱଳ କରେ; ମାତ୍ର ତାକୁ କେହି ଆଦର ଅନ୍ୱେଷଣ କରେ କି ? ପରେ ଅବଧାନେ ଆବାସ ପ୍ରକୋଷ୍ଠକୁ ଯାଇଁ ଝୁଙ୍ଗିରୁ ଟଙ୍କାଟିଏ ବାହାର କରି ପଣ୍ଡିତଙ୍କ ଆଗରେ ଥୋଇ ଦେଇ ବିନୟରେ ତରଳି ଯାଇ କହିଲେ, ବାବୁ ମୁଁ ଗରିବ ଲୋକ, ଅଧିକ କେଉଁଠାରୁ ଆଣିବି ? ଆପଣଙ୍କ ପାନ ଖର୍ଚ୍ଚ ସକାଶେ ଏହି ଟଙ୍କାଟି ଗ୍ରହଣ କରନ୍ତୁ; ମାତ୍ର ପଣ୍ଡିତେ ତାହା ଗ୍ରହଣ ନକରି ଅବଧାନଙ୍କୁ ଏକଧ୍ୟାନରେ ଅନାଇ ରହିଲେ । ସେ ଏକାଗ୍ରଦୃଷ୍ଟି ଯେପରି ନୀରବରେ ଅବଧାନଙ୍କୁ ତୀବ୍ର ଭର୍ତ୍ସନା କରିବାକୁ ଲାଗିଲା । କ୍ଷଣକ ପରେ କହିଲେ, ‘ଅବଧାନେ, ତୁମ୍ଭେ ମୋତେ ପ୍ରଲୋଭନ ଦେଖାଇ ବଶ କରିବାକୁ ଇଚ୍ଛା କରିଅଛ; ମାତ୍ର ମୁଁ ସେପରି ହୀନଚେତା ନୁହେଁ । ଉତ୍କୋଚ ଗ୍ରହଣ ଯେପରି ଦୋଷାବହ, ଉତ୍କୋଚର ପ୍ରଲୋଭନ ଦେଖାଇ ଲୋକକୁ କୁମାର୍ଗରେ ପ୍ରବର୍ତ୍ତାଇବା ତହୁଁ ବଳି ମହାପାପ । ସେ ପାପର ପ୍ରାୟଶ୍ଚିତ୍ତ ନାହିଁ । ମୋର କର୍ତ୍ତବ୍ୟ ମୁଁ କରିବି, ସେଥିପାଇଁ ସରକାରରୁ ବେତନ ଖାଉଅଛି । ଏପରି ଅବିଶ୍ୱାସ କାର୍ଯ୍ୟ କଲେ ମୋର ଦାନା ରହିବ ନାହିଁ । ଟଙ୍କାଟି ରଖ, ତୁମ୍ଭର ଯହିଁରେ ଭଲ ହେବ ତାହା ମୁଁ ନିଶ୍ଚୟ କରିବି, କୌଣସି ଚିନ୍ତା କର ନାହିଁ; କିନ୍ତୁ ସାବଧାନ, ଆଉ କେବେ କାହାରିକୁ ଏରୂପ ଲାଞ୍ଚ ଯାଚି ତାହାର ଅଧଃପତନର ପଥ ଉନ୍ମୁକ୍ତ କରିବାକୁ ଚେଷ୍ଟା କରିବ ନାହିଁ । ତଦ୍ୱାରା ତୁମ୍ଭର ଅନିଷ୍ଟ ହୋଇପାରେ ।” ଏହା କହି ପଣ୍ଡିତେ ପ୍ରସ୍ଥାନ କଲେ ଏବଂ ଅବଧାନେ ତାହାଙ୍କୁ ଗଣ୍ଡେ ଦୂରରେ ବାଟେଇ ଦେଇ ଲଜ୍ଜାବନତ ମସ୍ତକରେ ପାଠଶାଳାକୁ ଫେରି ଆସିଲେ ।

---

# ତୃତୀୟ ପରିଚ୍ଛେଦ

## ପାଠୋତ୍ସବ

ସାନ ବାବାଜିର ପାଠୋତ୍ସବର ଆଭାସ ପୂର୍ବରୁ ପ୍ରଦତ୍ତ ହୋଇଅଛି । ଅବଧାନେ ସବୁବେଳେ ବିରକ୍ତ, ଝିଙ୍କାସ କରି କହନ୍ତି, ଏହା ମୁଣ୍ଡରେ ପଶୁ ନାହିଁ, ଦୁଷ୍ଟା ଗୋବରପୁଡ଼ାଏ ପୂର୍ଣ୍ଣ ହୋଇଅଛି । ହୃଦୟ ତ ଝାମା ଇଟା ତୁଲ୍ୟ କୋମଳ, ସେଥିରେ କି ପାଠ କୌଣସି କାଳରେ ଗଳା ହେବ ! କୁଆ ବନ୍ଧୁ କୁଆଠାରୁ ଆଣି ଶୁଆ ମେଳରେ ରଖିଲେ ସେ କଦାପି ଶୁଆ ହୋଇ ନପାରେ । ଅବଧାନେ ଏରୂପରି ଶିଷ୍ୟଟିକୁ ଗୌରବ-ଶିଖରରୁ ଅପମାନ କୂପକୁ ଖସାଇ ଆଣନ୍ତି; ମାତ୍ର ଏ ଉକ୍ତି ମଧ୍ୟରେ କି ମର୍ମାନ୍ତିକ ଦ୍ୱେଷ ନିହିତ ଥାଏ, ସେଥିର ତୀବ୍ରତା ବଣ୍ଟର ହୃଦୟ ଅନୁଭୂତିକୁ ଆସେ ନାହିଁ । ଅବଧାନେ ପାଠ କହି ଦେଉଅଛନ୍ତି; ମାତ୍ର ଛାତ୍ରର ମନ ମଠ ବଗିଚ୍ଛ କବୁଲ ପାଛରେ ଆଗ୍ରେହଣ ପୂର୍ବକ ସଙ୍କଳ୍ପରେ ପଦ୍ମଦେଳର ଅସ୍ୱାଦନ

ଗ୍ରହଣ କରୁଅଛି । ସନ୍ଧ୍ୟା ସମୟରେ ଅବଧାନେ ହୁସାବ ଶିଖାଉ ଅଛନ୍ତି; ମାତ୍ର ଛାତ୍ରଟି ନିଦ୍ରାଦେବୀଙ୍କୁ ହୃଦୟ ସିଂହାସନ ଅର୍ପଣ କରି ତାଙ୍କ ଆରାଧନାରେ ନିଯୁକ୍ତ । ଏହିପରି ପଢାଶୁଣାରେ ସର୍ବଦା ଅମନୋଯୋଗୀ, କ୍ରମେ ଅବାଧ୍ୟତା ମଧ୍ୟ ବଢିଲା । ଏକ, ଦୁଇ ବାହାନାରେ ବାହାରକୁ ଯାଇ ଇତର ପିଲଙ୍କ ସଙ୍ଗେ ବଉଁଶ ପକାଇବା, ଡାଳମାଙ୍କୁଡ଼ି ଖେଳିବା ଇତ୍ୟାଦିରେ ସମୟ କ୍ଷେପଣ କଲେ । ଅବଧାନେ ଅନେକ ଥର ଚିଙ୍କିଅ ପକାଇଲେ, ମଡ଼ୁଆଙ୍ଗୁଳୀ ଦେଇ ଧାନ କୁଟାଇଲେ ଏବଂ ଯାଉଁଳି ବେତରେ ପୃଷ୍ଠର ଘାତ ସହିଷ୍ଣୁତା ପରୀକ୍ଷା କଲେ; ମାତ୍ର "ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ ।" ସୂର୍ଯ୍ୟ ବରଂ ଉଷ୍ଣତା ତ୍ୟାଗ କରି ପାରନ୍ତି, ସମୁଦ୍ର ଲବଣିମା ତ୍ୟାଗ କରିପାରେ; ମାତ୍ର ମାନବ କଦାପି ସ୍ୱଭାବ ପରିତ୍ୟାଗ କରିପାରେ ନାହିଁ । ପ୍ରତ୍ୟହ ଏହିପରି ଗାଳି ମାଡ଼ରେ ମ୍ଳାନ କରି ଦିନେ ସେ ଅବଧାନଙ୍କୁ ଉଚିତ ଶିକ୍ଷା ଦେବାକୁ ଉଦ୍ୟତ ହେଲା । କୌଶଳ କ୍ରମେ ଦୁଇଟି କରମଙ୍ଗିଆ ଲଙ୍କାମରିଚ ସଂଗ୍ରହପୂର୍ବକ ତାକୁ ବାଟି ଗୋଳା କରି ଲୁଚାଇ ରଖିଲା । ଅବଧାନେ ଟିକିଏ କୃଷ୍ଣ ସେବା ପରାୟଣ । ଦୁଇଓଳି ଟିକିଏ ଅଫିମ ସେବା କରନ୍ତି । ଦୁଧ ପଡ଼ିଥିବା ହେତୁ ଅବଧାନେ ଲଉଦହି-ଣାକୁ ବଡ ଭଲ ପାଆନ୍ତି । ଦୈବେ ସେଦିନ ମଠରେ ସେହି ତରକାରି ହୋଇଥିଲା । ଗୁରୁଭକ୍ତ ଶିଷ୍ୟ ଭାତ ଦେବା ବେଳେ ପୂର୍ବୋକ୍ତ ଲଙ୍କାମରିଚ ବଟା ଲୁଣରେ ମିଶାଇ ଅବଧାନଙ୍କୁ ଦେଲା । ଅବଧାନେ ତାହା ଖାଇ ଖାପଣ କଟୁତା ଅନୁଭବ କଲେ; ମାତ୍ର ସ୍ୱାଦୁ ଲୋଭରେ ତ୍ୟାଗ କରି ପାରିଲେ ନାହିଁ । ମାରିଲା ପିଟିଲା ପରି ଉହୁ ଆହା ପ୍ରଭୃତି କଷ୍ଟବୋଧକ ଅବ୍ୟୟ ପଦର ଆବୃତ୍ତି ପୂର୍ବକ ବ୍ୟାକରଣ ଶାସ୍ତ୍ରର ଶ୍ରାଦ୍ଧ କରୁଥାନ୍ତି, ତାଙ୍କ ପରି ଆଖି ନାକରୁ ଧାରି ବହି ପଡ଼ୁଥାଏ, ତଥାପି ଦକ୍ଷିଣ ହସ୍ତର ବିଶ୍ରାମ ନାହିଁ । ଫଳ ମଧ୍ୟ ହାତେ ହାତେ ମିଳିଲା । ସେହି ଦିନଠାରୁ ଅବଧାନେ କଠିନ ରକ୍ତାତିସାରରେ ଆକ୍ରାନ୍ତ ହେଲେ । ବେଗ ଏପରି ପ୍ରବଳ ହେଲା ଯେ, ତାଙ୍କୁ ବାଧ୍ୟ ହୋଇ ଛୁଟି ନେଇ ଗ୍ରାମକୁ ଯିବାକୁ ହେଲା । ଅବଧାନଙ୍କୁ ଗୃହଗାମୀ ଦେଖି ଗୁରୁଭକ୍ତ ଛାତ୍ରଟିର ଆଶା ଅଚିରେ ସାଫଲ୍ୟର ଚରମତୀର୍ଥ ଆନନ୍ଦ-ଗଙ୍ଗାରେ ବୁଡ଼ ମାରି ଆସିଲା । ତାହାର ଅନ୍ଧାର ଆଶାଗୃହରେ କଳ୍ପନାର ଶତ ଶତ ଉଜ୍ଜ୍ୱଳ ବର୍ତ୍ତିକା ଜଳିଉଠିଲା । ନବଧୃତ ପକ୍ଷୀ ଦୈବାତ୍ ପିଞ୍ଜରାରୁ ମୁକ୍ତ ହେଲେ ଆନନ୍ଦମୟ ନବ-ଜୀବନ ଲାଭ ମଣେ ସିନା !

ଅବଧାନେ ବାହାରି ଯିବାରୁ ମହନ୍ତଙ୍କ ଚେଲା କୁଆଳିଆ ପିଲାଙ୍କ ସଙ୍ଗରେ ପଡ଼ି ଦୁର୍ଦ୍ଧର୍ଷ ହୋଇ ଉଠିଲା । ମଠର ଚାକରମାନେ ତାକୁ ଅନେକ ଥର ସିଗାରେଟ ଖାଇବାର ଦେଖିଲେଣି; କେହି କହିବା ବାଟ ମହନ୍ତଙ୍କ ଆଗରେ କହି ପାରୁନାହାନ୍ତି । ମାତ୍ର ନ କହିଲେ କଅଣ ହେବ, କଥା ଆଉ ପବନକୁ କିଏ ଅଟକାଇ ପାରିବ ? ଅକସ୍ମାତ୍ ଦିନେ ଏକଥା ମହନ୍ତଙ୍କର କର୍ଣ୍ଣଗୋଚର ହେଲା । ସେ ତାଟଙ୍କା ହୋଇ ରହିଲେ । କ୍ରୋଧ ଏବଂ ଘୃଣାରେ ତାହାଙ୍କର ଚକ୍ଷୁ ନିର୍ଦ୍ଧୂମାଗ୍ନି ପ୍ରାୟ ଜ୍ୟୋତିଃଶୀଳ ହୋଇ ଉଠିଲା । ଧର୍ମହାନିର ବଜ୍ରବାଷ୍ପ ଉଦ୍ଦୀପନା ପ୍ରବାହ ତାହାଙ୍କ ସମ୍ମୁଖରେ ପ୍ରବାହିତ ହୋଇଗଲା; ମାତ୍ର କରିବେ କଅଣ, ମୂଷା ଚୁଆକୁ ତ ନିଜେ ସିଂହ କରିଅଛନ୍ତି । ଅବସ୍ଥିତ କର୍ମର ଅଷ୍ଟୁଟ ମର୍ମବେଦନାରେ ହୃଦୟ ପରିଷିକ୍ତ ହେଲା । ଯାହା ହେଉ ସେ ଅଧୈର୍ଯ୍ୟ ନ ହୋଇ ଚେଲାର ଉପସ୍ଥିତ ଦୁଷ୍କର୍ମର ପ୍ରତୀକାରପରାୟଣ ହେଲେ । ସେ ତତ୍କ୍ଷଣାତ୍ କାରକାଦାତା ସ୍ମୃତିଶିରୋ-ମଣି ମହାଶୟଙ୍କୁ ଆହ୍ୱାନ କରାଇ ଆଣି ଏହି ପାପର ପ୍ରାୟଶ୍ଚିତ୍ତ ଜିଜ୍ଞାସୁ ହେଲେ । ଶିରୋମଣି ମହାଶୟ ଘନ ଘନ ନସ୍ୟାକର୍ଷଣ ପୂର୍ବକ ବଦ୍ଧବୁଦ୍ଧିରେ ଦମ ଦେଇ କହିଲେ, ସୁବର୍ଣ୍ଣ ପାତ୍ର ଭାଙ୍ଗି ଗଲେ ସୁଦ୍ଧା ଅନାଦୃତ ହୁଏ ନାହିଁ, ଅଜ୍ଞାନ ବାଳକ, ତାହାର ପାପ ପୁଣ୍ୟ ଜ୍ଞାନ କଅଣ ? ପଞ୍ଚଗବ୍ୟ ପାନ ଏହାର ଯୋଗ୍ୟ ପ୍ରାୟଶ୍ଚିତ୍ତ ।" ମହନ୍ତ କହିଲେ, 'ଭଗ୍ନ ସ୍ୱର୍ଣ୍ଣପାତ୍ର ଅନାଦୃତ ନ ହେଉ; ମାତ୍ର ଅକର୍ମଣ୍ୟ ହୁଏ ନାହିଁ କି ? ଯାହାହେଉ ଶିରୋମଣିଙ୍କ ବିଧାନମତେ ମହନ୍ତ ଶିଷ୍ୟକୁ ପଞ୍ଚଗବ୍ୟ ପାନ କରାଇଲେ ଏବଂ ତାକୁ ସୁମତି

ପ୍ରଭାତ ସକାଶେ ଇଷ୍ଟଦେବ ରଘୁନାଥଙ୍କ ନିକଟରେ ଜଣାମଣା କଲେ । ସେ ଯୁକ୍ତକର ଓ ନତମସ୍ତକ ହୋଇ ପ୍ରାର୍ଥନା କଲେ, "ହେ ପ୍ରଭୋ, ବାଳକର ଦୁର୍ବୁଦ୍ଧି ଦୂର କର, ଭୋଗଠାରୁ ତ୍ୟାଗ ଶ୍ରେୟଃ, ଉପାର୍ଜନଠାରୁ ବିସର୍ଜନ ଶ୍ରେୟଃ ଏହି ବୈଷ୍ଣବୀ ନୀତି ତାହା ଜୀବନର ମୂଳମନ୍ତ୍ର ହେଉ । ଉତ ମହାନ ବିଶ୍ୱଜନୀନ ମାନବ ହିତୈଷଣା ତାହାର ଶିଶୁ ହୃଦୟକୁ ଉଦ୍ଦୀପ୍ତ କରୁ ଏବଂ ସେ ସତତ ତୁମ୍ଭର ପବିତ୍ର କରୁଣା-ଧାରାରେ ସ୍ନାନ କରି ଧନ୍ୟବାନ୍ ହେଉ । କ୍ଷମାମୟ, ଅଜ୍ଞାନର ସବୁ ଦୋଷ କ୍ଷମାକର ପ୍ରଭୋ । ଉପବନ କେବଳ ଚମ୍ପକ ନାଗେଶ୍ୱରଙ୍କ ସୁରଭି ପୁଷ୍ପ ଧାରଣ କରେ ନାହିଁ, ଗନ୍ଧହୀନ କିଂଶୁକକୁ ସୁଦ୍ଧା ପୋଷଣ କରେ । ଚିତ୍ତମାତ୍ରସ୍ଥାନର ବୟୋଧର୍ମସ୍ଖଳିତ ବାଳ ଚପଳମତି ତୁମ୍ଭର ପାଦପଦ୍ମ ସେବାରେ ନିଷ୍ଠଳ୍ୟ ହେଉ । ହେ କୃପାନିଧେ, ତୁମ୍ଭ ମଙ୍ଗଳମୟ ଶ୍ରୀଚରଣରେ ଏହାହିଁ ଚିରନ୍ତନୀ ଭିକ୍ଷା ।" କେବଳ ଏତିକିରେ କ୍ଷାନ୍ତ ନ ହୋଇ ମହନ୍ତ ମହାରାଜ ଚେଲାକୁ ମଧୁର ଭର୍ତ୍ସନା ପୂର୍ବକ କୁସଙ୍ଗ, କୁଭୋଜ୍ୟ ତ୍ୟାଗ ସମ୍ବନ୍ଧରେ ଅନେକ ଉପଦେଶ ଦେଲେ ଏବଂ ଏହା ମଧ୍ୟ କହିଦେଲେ ଯେ ଭବିଷ୍ୟତକୁ ଏଥି ପ୍ରତି ସାବଧାନ ନ ହେଲେ ମଠରୁ ତାହାର କରି ଦିଆଯିବ ।

କ୍ରମେ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ବହିରଭ୍ୟନ୍ତର ବୃତ୍ତିମାନ ଉତ୍ତେଜିତ ହୋଇ ଉଠିଲେ । କଥାରେ କହନ୍ତି, "ସାପ ବଢ଼ିଲେ ଚନ୍ଦ୍ର ବଢେ ।" ବସନ୍ତ ପୁଷ୍ପ କିଶଳୟ, ମଳୟାନିଳ, ପିକଧ୍ୱନି ପ୍ରଭୃତି ନବଜାଗରଣର ବିକାଶ ସର୍ବାଙ୍ଗରେ ବୋଳି ହୋଇ ବିଜେ ହେଲା ପରି ଜୀବନ-ବସନ୍ତ ଯୌବନ କେତେ ଅସ୍ଥ, କେତେ ସୁଖଲିପ୍ସା, କେତେ ବିଳାସସ୍ପୃହା ଘେନି ଅବତୀର୍ଣ୍ଣ ହେଲା । ଇନ୍ଦ୍ରିୟ ଏବଂ ବୃତ୍ତିକୁଳର ଅତୃପ୍ତ ପିପାସା ଜାଗିଉଠିଲା । ଯୌବନର ସ୍ୱପ୍ନମୟୀ ଶୋଭନା ମୂର୍ତ୍ତି ମୁହୂର୍ତ୍ତି ନବୀନ ଶୋଭାର କେତେ ନୂତନ ତରଙ୍ଗ ଅଙ୍କିତ କଲା । ଯାହାହେଉ ଯୌବନର ପୂର୍ଣ୍ଣ ଉଚ୍ଛ୍ୱାସରେ ଉତ୍ତପ୍ତ ହୋଇ ସୁଦ୍ଧା ବାବାଜିଙ୍କ ଭୟରେ ଶିଷ୍ୟବର ଭସ୍ମାଚ୍ଛାଦିତ ଅଗ୍ନି ପ୍ରାୟ ବାହାରକୁ ଶୀତଳ ମୂର୍ତ୍ତି ଧରି ରହିଲେ । ମାତ୍ର ଗୋପନେ ଗୋପନେ ପଶାଖେଳ, ରସ କାବ୍ୟ ଆଲୋଚନା, ଯାତ୍ରା ଆଖଡ଼ା ସୃଷ୍ଟି, ଭାଙ୍ଗ ସେବା ପ୍ରଭୃତି ଚାଲିବାକୁ ଲାଗିଲା । ଦୁର୍ମତିର ବଳ ସ୍ରୋତସ୍ୱତୀ ତୁଲ୍ୟ । ତାକୁ ଅଟକାଇଲେ କି ରହିବ ? ଏକ ଆଡ଼େ ରୁଦ୍ଧ କଲେ ସେ ଅନ୍ୟ ଆଡ଼େ ବାଟ କାଟି ଚାଲିବ । ସର୍ବଦା ଦୂଷଣୀୟ ଆମୋଦ ପ୍ରମୋଦରେ ପ୍ରମତ୍ତ ଦେଖି ମଠର ସେବକଠାରୁ ଅମଲା ପର୍ଯ୍ୟନ୍ତ କେହି ହତଭାଗ୍ୟ ଚେଲାକୁ ଆନ୍ତରିକ ଭଲ ପାଆନ୍ତି ନାହିଁ । ଚରିତ୍ରବଳ ବିନା ନରପ୍ରାଣରେ ଦୁର୍ଲଭ ଦେବତ୍ୱ । ସେ ଯାହାର କୁତ୍ସିତ, ପୂତିଗନ୍ଧମୟ, ସଂସାରରେ ତାହାର ସମଧର୍ମୀ ବ୍ୟତୀତ ଅନ୍ୟର ଆଦରର ସ୍ଥାନ ନାହିଁ ।

# ଚତୁର୍ଥ ପରିଚ୍ଛେଦ

## ମହନ୍ତଙ୍କର ତିରୋଧାନ ଓ ନୂତନ ମହନ୍ତ

ମାଘ ମାସର ବଡ଼ ଏକାଦଶୀ । ଆଜି ମହନ୍ତଙ୍କର ନିର୍ଜଳ ଉପବାସ । ସକାଳୁ ନିତ୍ୟକର୍ମ ସାରି ମହନ୍ତ ରଘୁନାଥଙ୍କ ସେବାରେ ନିଯୁକ୍ତ । ଦେବ ପାଦରେ ଆଜି ଅଷ୍ଟୋତ୍ତର ଶତ ସଚନ୍ଦନ ତୁଳସୀ ଚଢ଼ାଇବାକୁ ହେବ । ମହନ୍ତ ମହାରାଜ ଗୋଟିଏ ଗୋଟିଏ ମଞ୍ଜରୀ ଚନ୍ଦନଚର୍ଚ୍ଚିତ କରି ମନ୍ତ୍ରୋଚ୍ଚାରଣ ପୂର୍ବକ ଇଷ୍ଟଦେବଙ୍କ ପାଦପଦ୍ମରେ ଭକ୍ତି ଗଦ୍‌ଗଦ ଚିତ୍ତରେ ଅର୍ପଣ କରୁ-ଅଛନ୍ତି । ପ୍ରାୟ ଅର୍ଦ୍ଧେକ ଶେଷ ହୋଇ ଆସିଲା ପରେ ବାବାଜି ଗୋଟିଏ ମଞ୍ଜରୀ ରଘୁନାଥଙ୍କ ପଦ୍ମରେ ସଂଯୋଗ କରୁ କରୁ ହଠାତ୍ ଢଳିପଡ଼ିଲେ । ହସ୍ତ

ଦେବପଦରେ ନ୍ୟସ୍ତ, ମସ୍ତକ ସିଂହାସନ ଉପରେ ରକ୍ଷିତ, ଏହିପରି ଅବସ୍ଥାରେ ସାଧୁ ମହାତ୍ମାଙ୍କର ତିରୋଧାନ ଘଟିଲା । ବ୍ୟବହିତ ପରେ ପୂଜାରୀ ନୈବେଦ୍ୟ ଧରି ମନ୍ଦିର ମଧ୍ୟରେ ଏହି ଆକସ୍ମିକ ଦୁର୍ଘଟନା ଦେଖି ହାଉଳି ଖାଇ ଉଚ୍ଚ ଚଞ୍ଚଳ ଦୁର୍ବୋଧ ଭାଷାରେ କହି ଉଠିଲା, "ସନ୍ନ୍ୟାସୀ ଧାଇଁ ଆସ ହୋ, ଗୋସାଇଁ କାହିଁକି ଏପରି ହେଲେ ।" ଏହି କାତର କୋଳାହଳ ଶୁଣି ଯେ ଯେଉଁଠାରେ ଥିଲେ ସମସ୍ତେ ଧାଇଁଆସିଲେ । ପୂଜାରୀ ଠହଲିଆ ଦୁହେଁ ମହନ୍ତଙ୍କୁ ଟେକି ଧରି ସାଷ୍ଟମ କରିବା ଅଭିପ୍ରାୟରେ ମୁଖରେ ଜଳ ସେଚନ କଲେ ; ମାତ୍ର ପଛକୁ ବୁଝିଲେ ସବୁ ଶେଷ ହୋଇଅଛି । ତହୁଁ ମଠର ସେବକ ପ୍ରଭୃତି ହୃଦୟଭେଦୀ ନାଦରେ କ୍ରନ୍ଦନ କରି ଉଠିଲେ । ମଠରେ କରୁଣରସର ଉତ୍ତାଳ ତରଙ୍ଗ ଖେଳିବାକୁ ଲାଗିଲା । ସେହି କ୍ରନ୍ଦନ ସ୍ୱରରେ ଗ୍ରାମବାସୀଏ ଆହୂତ ହୋଇ ଏକତ୍ରିତ ହେବାରୁ ଜନତା କ୍ରମେ ପୃଥୁଳତର ହୋଇଉଠିଲା । ଗ୍ରାମସାରା ସମସ୍ତେ ଶୋକାକୁଳ । କିଏ କହିଲା, ବିନା ମେଘରେ ବଜ୍ରପାତ ହେଲା; କିଏ କହିଲା, ମଠର ମହିମା ଏହିଠାରୁ ଶେଷ; କିଏ କହିଲା, ଏ ଗ୍ରାମରୁ ଧର୍ମ ଚାଲିଗଲା, ଲକ୍ଷ୍ମୀ ଛାଡିଗଲା ; କିଏ କହିଲା, କି ଅଦ୍ଭୁତ ମୃତ୍ୟୁ, ବ୍ୟାଧି ବାଧକା କିଛି ନାହିଁ, ଧନ୍ୟ ମହାପୁରୁଷ, ସେ ପବିତ୍ର ଶରୀର ମୃତ୍ୟୁ ସ୍ପର୍ଶରେ ମଳିନ ହୋଇ ନାହିଁ ; ବରଂ ଦିବ୍ୟ ତେଜରେ ମଣ୍ଡିତ ହୋଇଅଛି । ଆଜି କେଡ଼େ ପୁଣ୍ୟ ଦିନ, ଏରୂପ ଦିନ ଯାହା ଭାଗ୍ୟରେ ଘଟେ, ସେ କି ସାମାନ୍ୟ ମାନବ ? ନା, ସେ ସ୍ୱର୍ଗମୁକ୍ତ ଦେବତା । ଆଜିଠାରୁ ମଠର ଶ୍ରୀ ତୁଟିଗଲା । ଅନନ୍ତର ମହନ୍ତ ଗାଦିରେ କିଏ ବସିବ ଏହି ପ୍ରସଙ୍ଗ ନେଇ ବାଦାନୁବାଦ ଚଳିଲା । ମହନ୍ତ ଯାହାକୁ ଚେଲା କରିଥିଲେ, ନିଜର ଉତ୍ତରାଧିକାରୀ ବୋଲି ତାହା ନାମରେ କୌଣସି ପ୍ରମାଣପତ୍ର ଲେଖିଦେଇ ଯାଇ ନାହାନ୍ତି । ଭାରତୀଭୂଷଣ, ମହାଦେବ ତର୍କବାଗୀଶ ପ୍ରଭୃତି ଗ୍ରାମର ମୁଖିଆ ବ୍ୟକ୍ତିମାନେ ଏ ବିଷୟ ଯାଇ ରାଜାଙ୍କୁ ଜଣାଇଲେ । ରାଜା କହିଲେ, 'ମୂର୍ଖ ସାଉଣ୍ଟା ଟୋକାଟାକୁ ଗାଦିରେ ବସିବାର ଆଦେଶ ମୁଁ ଦେଇ ପାରିବି ନାହିଁ । ତାହାର ତ ସ୍ୱଭାବ ଚରିତ୍ର ଭଲ ନୁହେଁ, ଅଧିକାର ପାଇଲେ ସେ ଦେବ ସମ୍ପତ୍ତିର ଅପବ୍ୟବହାର କରି ମଠଟି ନଷ୍ଟ କରିଦେବ । ବିଶେଷତଃ ଯାହାର ସେରେ ଭାର ବହିବାର ଶକ୍ତି ନାହିଁ, ତାହା ମୁଣ୍ଡରେ ମହଣେ ଭାର ଲଦିଦେଲେ ସେ କିପରି ସହିବ ?" ତହୁଁ ଭାରତୀଭୂଷଣ କହିଲେ— 'ମହାରାଜ, ମହନ୍ତ ସ୍ୱାମୀଙ୍କର ଗୁରୁ, ସେ ଯାହାକୁ ସ୍ଥାପନ କରି ଯାଇଅଛନ୍ତି, ତାହାର ଗାଦିରେ ବସିବାର ବିଧି । ଯାହାହେଉ ଗୁରୁଙ୍କ ଗାଦି କିପରି ରକ୍ଷା ହେବ ସ୍ୱାମୀ ସେଥିର ସୁବିଚାର କରିବା ହେଉନ୍ତୁ ।' ରାଜା କହିଲେ, 'ତୁମ୍ଭେମାନେ ପାଞ୍ଚଜଣ ଯଦି ଗୋଟିଏ କମିଟି ଗଠନ କରି ମଠ ଚଳାଇବାକୁ ସ୍ୱୀକୃତ ହେବ, ତାହା ହାତରେ କିଛି ଅଧିକାର ରହିବ ନାହିଁ, ତେବେ ମୁଁ ତାକୁ ନାମମାତ୍ର ମହନ୍ତ ହୋଇ ରହିବାକୁ ଆଦେଶ ଦେଇ ପାରେ । ସମସ୍ତେ ତଥାସ୍ତୁ ଉଚ୍ଚାରି ରାଜାଙ୍କଠାରୁ ବିଦାୟ ହୋଇ ଆସି ଯଥାବିଧାନରେ ମହନ୍ତଙ୍କର ଶବ ସମାଧିସ୍ଥ କଲେ । ଚେଲା ଗାଦିରେ ବସି ନୂତନ ମହନ୍ତ ହେଲେ । ନୂତନ ମହନ୍ତଙ୍କର ନୂତନ ନାମ ଧରିବାର ବିଧି ଅଛି । ତଦନୁସାରେ ସେ ସେହି ଦିନଠାରୁ ବୈଷ୍ଣବ ଦାସ ନାମରେ ଅଭିହିତ ହେଲେ । ଦେଖୁ ଦେଖୁ ଏକାଦଶ ଦିବସ ଅତିବାହିତ ହେଲା । ମହନ୍ତଙ୍କର ପାରଲୌକିକ କ୍ରିୟା ମହାସମାରୋହରେ ସାଧିତ ହେଲା । ଯେଉଁ ସ୍ଥାନରେ ମହନ୍ତଙ୍କର ଶବଶରୀର ସମାହିତ ହୋଇଥିଲା, ରାଜାଜ୍ଞାରେ ସେଠାରେ ସୁନ୍ଦର ସ୍ମୃତିମନ୍ଦିର ପ୍ରସ୍ତୁତ ହେଲା । ତାହା ରାମାନୁଜ ଆଶ୍ରମ ନାମରେ ଅଭିହିତ । ମହନ୍ତଙ୍କର ଶିଷ୍ୟବର୍ଗ ତାଙ୍କ ମୃତ୍ୟୁ ଦିବସକୁ ପର୍ବ ଦିବସ ତୁଲ୍ୟ ଆଜି ଅବଧି ପାଳନ କରି ଆସୁଅଛନ୍ତି । ପ୍ରତିବର୍ଷ ସେହିଦିନ ମୃତ ମହାତ୍ମାଙ୍କ ଉଦ୍ଦେଶ୍ୟରେ ମହୋତ୍ସବର ଅନୁଷ୍ଠାନ ଏବଂ ସଂକୀର୍ତ୍ତନ ପ୍ରଭୃତି ହୁଏ । ମହନ୍ତଙ୍କର ଶାନ୍ତ ସୌମ୍ୟ ଦେବ ମୂର୍ତ୍ତି ମହାକାଳର ନିର୍ମମ ଦନ୍ତରେ ଚର୍ବିତ ହୋଇ ଶେଷ ହୋଇଗଲା । ରହିଲା କେବଳ ମନ୍ଦିରରୂପ ସ୍ମୃତି । ଏହି ସ୍ମୃତିହିଁ ତାଙ୍କର ଅପାର୍ଥିବ ଶରୀର ।

ମହନ୍ତଙ୍କ ତିରୋଧାନ ପରେ ମଠରେ କିଛି ଦିନ ଯାଏ କରୁଣରସର ସ୍ରୋତ ପ୍ରବାହିତ ହେଲା । ସେବକମାନେ କାନ୍ଦିଲେ, ଗାଈ ବଳଦ ତୃଣାହାର ଛାଡ଼ି ଅନର୍ଗଳ କାନ୍ଦିଲେ । ସେପରି କି ସମସ୍ତଙ୍କର ହୃଦୟ ଅସହ୍ୟ ଶୋକତାପରେ ତରଳି ଯାଇ ଅଶ୍ରୁରେ ପରିଣତ ହୋଇଅଛି । ସାଧୁ ମହାତ୍ମା ସ୍ନେହ, ଦୟା ସମଦର୍ଶିତାରେ ସମସ୍ତଙ୍କୁ ମୁଗ୍ଧ କରି ରଖିଥିଲେ । ସେହି ସ୍ମୃତି ଏବେ ସମସ୍ତଙ୍କୁ ଝୁରାଉ ଅଛି । ଭକ୍ତବର ତୁଳସୀ ଦାସଙ୍କର ଗୋଟିଏ ଦୋହା ଅଛି,—ତୁଳସି, ତୁମ ଜଗମେ ଆୟେ, ଜଗ ହସେ ତୁମ୍ ରୋୟେ, ଐସେ କାମ କରଚଲେ ଯାଓ ତୁମ୍ ହସୋ ଜଗ ରୋୟେ ।" ବାସ୍ତବରେ ଯାହାର ମୃତ୍ୟୁରେ ଜଗତକୁ କନ୍ଦାଏ ତାହାରି କାର୍ଯ୍ୟ ଏକା ପ୍ରକୃତ କାର୍ଯ୍ୟ ଏବଂ ସେହି ଏକା ପ୍ରକୃତ କର୍ମୀ ପୁରୁଷ । ତାହାର ମରଣ ମରଣ ନୁହେଁ, ତାହା ନିଶ୍ଚୟ ମୃତ୍ୟୁର ଅମୃତ । ଏହିପରି ଲୋକେ ମରି ସୁଦ୍ଧା ଅମର ହୋଇ ରହନ୍ତି । ଭାଗବତରେ ଅଛି—'ଜୀବର ଭଲମନ୍ଦ ବାଣୀ ମରଣ କାଳେ ତାହା ଜାଣି ।' ପ୍ରକୃତରେ ମରଣ ପରେ ଲୋକର ଭଲମନ୍ଦ ଭାବ ଯେପରି ଜଣାପଡ଼େ, ଜୀବିତ କାଳରେ ସେପରି ନୁହେଁ । ଅଭାବ ନ ଘଟିଲେ ପଦାର୍ଥର ମୂଲ୍ୟ ବୁଝିବା ସହଜ ନୁହେଁ । ସାଧୁ ମହାତ୍ମାଙ୍କର ଜୀବନର ଅଭାବ ଆଜି ତାଙ୍କ ପ୍ରାଣର ମହାପ୍ରାଣତା ଏବଂ ମହାର୍ଘତା ସାଧାରଣ ହୃଦ୍‌ବୃନ୍ଦକୁ ଉଦ୍‌ବୁଦ୍ଧ କରୁଅଛି । ଯେ ମୃତ୍ୟୁରୁ ଅମୃତ ଉପାର୍ଜନ କରିପାରନ୍ତି, ତାହାଙ୍କର ମରଣହିଁ ଧନ୍ୟ । ସେ ମରଣ ଜାଗ୍ରତ ଜୀବନ ସିନା !

ନୂତନ ମହନ୍ତ ଏବେ ମଠର କର୍ତ୍ତା । କାଲି ଯେ ଦାଣ୍ଡର ଭିଖାରୀ, ଆଜି ସେ ଗାଦିର ଅଧିକାରୀ । ଭାଗ୍ୟଦେବୀଙ୍କ ଅନୁଗ୍ରହରେ କଅଣ ହୋଇ ନପାରେ ? ଆଉ ନିଗ୍ରହରେ ବା କଅଣ ହୋଇ ନପାରେ । ସମୟ ସମୟରେ ଅପାତ୍ରରେ ସୁଦ୍ଧା ଭାଗ୍ୟଦେବୀ ବର ଅଜାଡ଼ି ଦଅନ୍ତି । ଏହାଙ୍କର ଅପର ନାମ ନିୟତି । ନିୟତିର କିମ୍ବା ଅସୀମ ଏବଂ ଦୁର୍ଜ୍ଞେୟ । ସେ କାହା ଯଶରେ କାଳିମା ବିଲେପନ କରୁଅଛି ଏବଂ କାହାକୁ ଅପ୍ରତ୍ୟାଶିତ ଯଶୋମାଲ୍ୟରେ ଭୂଷିତ କରିବା ସକାଶେ ସାଦର ଆହ୍ୱାନ କରୁଅଛି । ସମସ୍ତଙ୍କର ଜୟ ପରାଜୟ ତାହାରି ହସ୍ତରେ ନ୍ୟସ୍ତ; ମାତ୍ର ତାହାର ଜୟ ପରାଜୟ ଅନ୍ୟ କାହାରି ହାତରେ ନାହିଁ । ସେ ସମସ୍ତଙ୍କ ଭାଗ୍ୟ କାଞ୍ଚି ଧରି ନିକାଞ୍ଚନରେ ବସିଥାଏ ଏବଂ ଇଚ୍ଛାନୁସାରେ ତାହା ପରିବର୍ତ୍ତନ କରୁଥାଏ । ସ୍ଥୂଳତଃ ନର ଭାଗ୍ୟଚକ୍ର ତାହାର କ୍ରୀଡ଼ା ସାମଗ୍ରୀ ତୁଲ୍ୟ । ସେ ଇଚ୍ଛା ମାତ୍ରେ ତାହା ଭାଙ୍ଗି ଚୂର୍ଣ୍ଣ କରିପାରେ ପୁଣି ପରକ୍ଷଣରେ ପ୍ରବୀଣ ବନ୍ଧାଣୀ ତୁଲ୍ୟ ତାହାକୁ ନବଭାବରେ ଗଠନ କରିଦେଇପାରେ । ଉତ୍‌ଥାନ ପତନ, ହର୍ଷ ବିଷାଦ, ମାନ ଅପମାନ ସବୁ ତାହାରି ଅଯାଚିତ ଦାତବ୍ୟ । ସେ ଅଦ୍ଭୁତ ମହାନ୍ ଦେବତା, ବିନା ସ୍ତବ ସ୍ତୁତି ବା ବିନା ଯାଚଜ୍ଞାରେ ସେ ସ୍ୱତଃ ପ୍ରବୃତ୍ତ ହୋଇ ନର ଜୀବନ ଉପରେ ଆତ୍ମ କ୍ଷମତା ପ୍ରକାଶ କରେ । ସେ ଅରୂପ ଅମରୌଷଧି ଦ୍ୱାରା ମୁମୂର୍ଷୁକୁ ଚିରଞ୍ଜୀବୀ କରିପାରେ, ପକ୍ଷାନ୍ତରେ ଦୀର୍ଘଜୀବୀକୁ ମଧ୍ୟ ଅଳ୍ପାୟୁ ବା ଗତାୟୁ କରିପାରେ । ତାହାର ବିଚିତ୍ର ଲୀଳା ରହସ୍ୟ ଭେଦ ଶକ୍ତିର ଅତୀତ । ସ୍ୱଳ୍ପ ବୁଦ୍ଧି ଛାର ମନୁଷ୍ୟର ତ କଥାହିଁ ନାହିଁ ।

# ପଞ୍ଚମ ପରିଚ୍ଛେଦ

## ଭବାନୀ ମଲ୍ଲିକ

ସାଉଣ୍ଟି ମଲ୍ଲିକ ଜାଣରେ ଓଡ଼ଚଣା । ସେ ମଠର ଜଣେ ପ୍ରଜା । ମଠ ପଛ ପଟରେ ସାନ ଘର ଖଣ୍ଡିକରେ ବାସ କରେ । ସାଉଣ୍ଟି ବଡ଼ ଗରିବ, ଭୂସମ୍ପତ୍ତି ନାହିଁ, ସଦ୍ୟୋପାର୍ଜିତ ମଜୁରି ଉପରେ ଦୀନ ଜୀବନ ନିର୍ଭର କରି ଦିନ କଟାଏ । ସେ ପ୍ରାୟ ୧୫ ବର୍ଷ ହେଲା ମଠର ହଳିଆ କାର୍ଯ୍ୟରେ ନିଯୁକ୍ତ ଅଛି । ସାଉଣ୍ଟି ବିପତ୍ନୀକ । ପରିବାର ମଧ୍ୟରେ ନିଜେ ଏବଂ ଦଶମ ବର୍ଷୀୟ ପୁଅ ଭବାନୀ । ପିଲାଟି ମଠର ଗୋରୁ ରଖେ । ସେଥି ସକାଶେ ଦୁଇ ବେଳ ମଠରୁ ଖଣ୍ଡା ପ୍ରସାଦ ପାଏ । ସୁତରାଂ ସନ୍ତାନ ପାଳନ ଦାୟିତ୍ୱରୁ ପିତା ଏକ ପ୍ରକାର ମୁକ୍ତ । ସାଉଣ୍ଟିର ଶ୍ୟାଳକ ରଘୁପଧାନ ଜଣେ ମଧ୍ୟମ ଶ୍ରେଣୀୟ ଶିକ୍ଷିତ ବ୍ୟକ୍ତି । ସେ ଗୋଟିଏ ଛାତ୍ରବୃତ୍ତି ସ୍କୁଲର ହେଡ଼ପଣ୍ଡିତ କାର୍ଯ୍ୟ କରନ୍ତି । ଭଗିନୀପତିର ଦୁର୍ଦ୍ଦଶା ସମ୍ବନ୍ଧରେ ସେ ବ୍ୟଥିତ ହୋଇ ଦିନେ ଆସି ତାକୁ ନେଇଗଲେ । ଉଦ୍ଦେଶ୍ୟ, ପାଖରେ ରଖି ପାଠ ପଢାଇବେ । ଫଳତଃ ତାହାହିଁ ହେଲା; ଭଣଜା ବେଷାଇ କରି ମାମୁଙ୍କୁ ଖୁଆନ୍ତି, ମାମୁ ଭଣଜାକୁ ପାଠ ପଢାନ୍ତି । ଉଭୟର ଉପକାର ଉଭୟେ ସଦ୍ୟ ସଦ୍ୟ ପରିଶୋଧ କରିଦେଉଥିଲେ । ଦୁଇ ବର୍ଷ ପରେ ଭବାନୀ ଅପର ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଛାତ୍ରବୃତ୍ତି ଶ୍ରେଣୀକୁ ଉନ୍ନୀତ ହେଲା । ହେଡ୍ ପଣ୍ଡିତଙ୍କ ସମ୍ପର୍କୀୟ ବୋଲି ଛାତ୍ର ସମାଜରେ ତାହାର ପ୍ରାଧାନ୍ୟ ଏବଂ ଗୌରବ ସ୍ୱଭାବତଃ ଥାଏ ଏବଂ ସେ ସୁଦ୍ଧା ସେଥିପାଇଁ ଦୁର୍ବାର ଆତ୍ମପ୍ରସାଦ ଅନୁଭବ କରେ । ପଢାଶୁଣା ଯାହା କରେ ତାହା ନ କରିବାଠାରୁ ଅବଶ୍ୟ ଭଲ । ଯାହାହେଉ ତିନିଥର ଅକୃତକାର୍ଯ୍ୟ ହେବା ପରେ କଷ୍ଟେ ସୃଷ୍ଟେ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ଅନନ୍ତର ମାମୁ ତାହାକୁ ଟ୍ରେନିଂ ପଢିବା ସକାଶେ ସହରକୁ ପଠାଇ ଦେଲେ ଏବଂ ସେଠାରେ ଚଳିବାର ସୁବନ୍ଦୋବସ୍ତ ମଧ୍ୟ କରିଦେଲେ । ତାଙ୍କର ବେତନ ଅତିଅଳ୍ପ ମାତ୍ର; ତଥାପି ସେ ବ୍ୟୟସଙ୍କୋଚପୂର୍ବକ ପ୍ରତିମାସରେ ଭଣଜା ନିକଟକୁ ଦଶଟଙ୍କା ଲେଖାଏଁ ପଠାଇବାକୁ ଲାଗିଲେ । ତାଙ୍କର ଅପର କୌଣସି ଆଶା ନ ଥିଲା କିମ୍ବା ସେ ଅଧିକ କିଛି ଲୋଡନ୍ତି ନାହିଁ । କେବଳ ଏତିକି ଯେ, ଭଣଜାଟି ମନୁଷ୍ୟ ହେଲେ ତାଙ୍କର ଯଶ ରହିବ । ଭବାନୀ ସହରରେ ଉପସ୍ଥିତ ହୋଇ ସହରର ହାଲ ଚାଲ ଏବଂ ଚଟକ ଚାକଚକ୍ୟ ଦେଖି ଅବାକ୍ ହୋଇଗଲା । ଭାବିଲା, କି ଅଦୃଷ୍ଟପୂର୍ବ ଅଶ୍ରୁତପୂର୍ବ ସୁଖମୟ ସ୍ୱର୍ଗରାଜ୍ୟରେ ଆଣି ଭାଗ୍ୟ ମୋତେ ଉପସ୍ଥିତ କଲା । ଏହା ସ୍ୱପ୍ନରାଜ୍ୟ ନା ସ୍ୱର୍ଗରାଜ୍ୟ ? କେତେ ଅପୂର୍ବ ମନୋହର ସାମଗ୍ରୀ ଦର୍ଶକଙ୍କୁ ନୀରବ ସାଦର ଆମନ୍ତ୍ରଣ କରୁଅଛି । ଯେଉଁ ଦିଗକୁ ଦୃଷ୍ଟି ଯାଉଅଛି, ସେ ଦିଗରୁ ଆଉ ସହଜରେ ଫେରି ଆସୁ ନାହିଁ । ଲୋକେ ଯାହା କହନ୍ତି, 'ଯେ ସହର ଦେଖି ନାହିଁ ସେ ମା ପେଟରୁ ଜନ୍ମ ହୋଇ-ନାହିଁ' ଏହା ପ୍ରକୃତ କଥା । ଭବାନୀ ଆଉ ପାଠ ପଢିବେ କଣ, ସହର ଦେଖାରେ ମାତିଲେ । ଦିନ ରାତି ବୁଲି ବୁଲି ଯେତିକି ଦେଖିଲା, ତାହାର ଦିଦୃକ୍ଷା ସେତିକି ପ୍ରବଳ ହେଲା । ସେ କେବଳ ସହର ଦେଖିବା ଓ କେଉଁଠାରେ କି ଉତ୍କୃଷ୍ଟ ଖାଦ୍ୟ ମିଳେ, ତାହା ଖୋଜିବାରେ ସମୟ ଏବଂ ଅର୍ଥର ସଦ୍‌ବ୍ୟବହାର କଲା । ମିଷ୍ଟାନ୍ନ, ବାସତେଲ, ପରିଚ୍ଛଦ, ମଦ, ମଦକ, ଗଞ୍ଜା, ଭାଙ୍ଗ, ଅଫିମ ଇତ୍ୟାଦି ଅସଂଖ୍ୟ ବିଳାସଦ୍ରବ୍ୟ ସଙ୍କେ ସେ କାହାକୁ ଆଶ୍ରୟ କରିବ ଏହି ଚିନ୍ତା କିଛି କାଳ ତାହାର ମସ୍ତିଷ୍କକୁ ଆଲୋଡ଼ନ କରିବାକୁ ଲାଗିଲା । ଶେଷରେ ସଙ୍ଗୀମାନଙ୍କ ପରାମର୍ଶରେ ମଦକ ଧରିବାଟା ଚୂଡ଼ାନ୍ତ ଧାର୍ଯ୍ୟ ହେଲା । ଦିନରାତିର ଅଧିକାଂଶ ସମୟ ସେହି ଧୂମ୍ରମୟ ଦେବତାଙ୍କ ସାଧନାରେ ଅତିବାହିତ ହେବାକୁ ଲାଗିଲା । ଖନା ଦୁଧ ବା ମାଛରେ ସେ ଦେବତା ସନ୍ତୁଷ୍ଟ ନୁହନ୍ତି । ସେଥିର ଯୋଗାଡ଼ ମଧ୍ୟ ଯଥାରୀତି କରାଗଲା । ମାତ୍ର

ଏ ସମସ୍ତ ପୂଜା ସମ୍ଭାରକୁ ମାମୁଙ୍କ ପ୍ରଦତ୍ତ ଦଶ ଟଙ୍କା ନିଅଣ୍ଟ ହୁଏ । ପ୍ରଥମତଃ ପରିଚିତ ଲୋକଙ୍କଠାରୁ ଶେଷରେ ଦୋକାନୀ ପସାରୀଙ୍କଠାରୁ ଧାର ଏବଂ କାଳି କରିବାକୁ ପଡ଼ିଲା । ବର୍ଷମାସ ମଧ୍ୟରେ ଋଣ ପ୍ରାୟ ଶତାଧିକ ଟଙ୍କା ପର୍ଯ୍ୟନ୍ତ ହୋଇଗଲା । ଗୁଣଧର ଭଣଜାର ଗୁଣରେ ବିମୋହିତ ହୋଇ ସେଥିର ପୁରସ୍କାର ସ୍ୱରୂପ ମାମୁ ମଧ୍ୟ ସାହାଯ୍ୟ ଟଙ୍କା ବନ୍ଦ କରିଦେଲେ । ତହୁଁ ଚୌଦିଗ ଅନ୍ଧକାର ଦିଶିଲା । କଅଣ କରିବ, କେଉଁ-ଆଡ଼େ ଯିବ, କିଛି ସ୍ଥିର କରି ପାରିଲା ନାହିଁ । ଏଣେ ରାତି ପାହିଲା ବେଳକୁ ଦ୍ୱାରରେ ଆସି ଦଶ ଜଣ ମହାଜନ ଉପସ୍ଥିତ । କାହାର ଲୁଗା ମୂଲ୍ୟ ବାକୀ, କାହାର ଯୋତା ଲମ୍ବନେଟ ମୂଲ୍ୟ ବାକୀ କାହାର କାମିଜ୍ ଶର୍ଟ୍ ମୂଲ୍ୟ ବାକୀ । ସେମାନେ ପ୍ରତ୍ୟହ ଉପସ୍ଥିତ ହୋଇ ମୂର୍ତ୍ତିମାନ୍ ଇନ୍ଦ୍ରିୟ ତୁଲ୍ୟ ଚକ୍ଷୁଦ୍ୱୟରୁ ଆକର୍ଷଣ କରି ବଡ଼ ବ୍ୟତିବ୍ୟସ୍ତରେ ପକାଇଲେ । କେହି କେହି ନାଲିସର ଭୟ ମଧ୍ୟ ଦେଖାଇଲେ । ଋଣ ଜ୍ୱାଳା ତ ସାମାନ୍ୟ ନୁହେଁ, ତାହା ବାଣଜ୍ୱାଳାଠାରୁ ଭୟାନକ । ବିଳାସ ସଂସାରରେ ପ୍ରଥମ ପ୍ରବେଶୀ ଏହି କୃଷକସନ୍ତାନ ସେହି ମହାଜ୍ୱାଳା ନିବୃତ୍ତିର ଉପାୟ ନ ଦେଖି "ଯଃ ପଳାୟତି ସ ଜୀବତି" ଏହି ନୀତିର ଆଶ୍ରୟ ଗ୍ରହଣପୂର୍ବକ ଦିନେ ରାତିରୁ ଉଠି ଗ୍ରାମକୁ ପଳାଇ ଆସିଲା । ଅପରିଚିତ ଲୋକ, ଘର ଦ୍ୱାରର ଠିକଣା ନାହିଁ ଏରୂପ ସ୍ଥଳେ କିଏ ତାର କଅଣ କରିପାରେ । ସୁତରାଂ ମହାଜନମାନେ କାନ ମୁଣ୍ଡ ଆଉଁସି ନୀରବ ରହିଲେ । ମାତ୍ର ପରମାୟୁହୀନ ସୂଚକ ଆଶୀର୍ବାଣୀ ଯେ ପଦେ ଅଧେ ପ୍ରୟୋଗ କରି ନଥିଲେ, କିମ୍ବା ଚତୁର୍ଦ୍ଦଶ ପୁରୁଷର ଶ୍ରାଦ୍ଧ ମନ୍ତ୍ର ଉଚ୍ଚାରଣ କରି ନ ଥିଲେ ଏମନ୍ତ ନୁହେଁ ।

ଭିକାରୀ ଏବେ ଗ୍ରାମରେ ଥାଏ । ଗ୍ରାମର ଜଣେ ନେତା, ଅନ୍ତତଃ ଶ୍ରେଷ୍ଠ ନେତା ହେବାକୁ ତାହାର ଦୁର୍ବାର ଆକାଙ୍କ୍ଷା । ଅବଶ୍ୟ ସେ ସହରକୁ ଯାଇ ବୁଦ୍ଧି ମାର୍ଜିତ ଏବଂ ଉଜ୍ଜ୍ୱଳ କରି ଆସିଅଛି । ପ୍ରକୃତିର ଏପରି ମଶାଲଧାରୀମାନେ ଯଦି ଗ୍ରାମନାୟକ ବା ଜନନାୟକ ନ ହେବେ, ତେବେ ଗ୍ରାମର ଉନ୍ନତି କୋଷ୍ଠିରେ ରେଖାପାତ ଓ ଗ୍ରହ ସ୍ଥାପନ କିଏ କରି ପାରେ ? ଭିକାରିର ପ୍ରତ୍ୟେକ ସାଧାରଣ କାର୍ଯ୍ୟରେ ଏଣିକି ଅସାଧାରଣ ସହାନୁଭୂତି ଦେଖାଯାଏ । ପୁଣି ସେ ସହାନୁଭୂତି ମୂଳରେ କର୍ତ୍ତୃତ୍ୱର ଗୋଟାଏ ନାତି ଅସ୍ପଷ୍ଟ ଛାୟା ସୁଦ୍ଧା ପରିଲକ୍ଷିତ ହୁଏ । ଗ୍ରାମକୁ ଡାକ ପିଅନ ଆସିଲେ ଭିକାରୀ ତାହା ସଙ୍ଗରେ ବୁଲି ବୁଲି ସମସ୍ତଙ୍କର ଚିଠିଉ ପେଠ କରିଦିଏ । ଆବଶ୍ୟକ ସ୍ଥଳରେ ପ୍ରତିପତ୍ର ଲେଖି ଦେଇ ଦୁଇ ପଇସା ଉପାର୍ଜ୍ଜନ କରେ । ଏହା ବ୍ୟତୀତ କାହାର କାହା ଉପରେ ଟଙ୍କା ବାକୀ, କାହାର କାହା ଉପରେ ଧାନ ବାକୀ, ସେଥିର ତତ୍ତ୍ୱାନୁସନ୍ଧାନପୂର୍ବକ ସେ ବାକି ଅଦାଲତ ଚୁରିବା ବିଷୟରେ ସହାୟତା କରେ । ଏହି ପରି କାର୍ଯ୍ୟଅଭିଜ୍ଞତାରେ ସେ ଅଣ୍ଟ ପଣେ ଉପାର୍ଜ୍ଜନ କରିପାରେ । ମାତ୍ର ସ୍ୱେର ଠକ୍କର ଉପଦ୍ରବରୁ ନିରାପଦ ହେବା ଅଭିପ୍ରାୟରେ ତାହା ସବୁ ଅବକାଶ ଦୋକାନରେ ରଖିଦେଇ ଆସେ । ଭିକାରୀ ଅବଧି ଅବିବାହିତ । ବର୍ଷେ ହେଲା ବାପର କାଳ ହୋଇ ଗଲଣି । ବର୍ତ୍ତମାନ ସେ କୌଣସି ବନ୍ଧନରେ ଆବଦ୍ଧ ନୁହେଁ । ତାହାର ଚାରିପାଖ ମୁକୁଳା । ଏବେ ସେ ମୁକ୍ତ ସ୍ୱାଧୀନତା ସ୍ରୋତରେ ଯଦୃଚ୍ଛା ସନ୍ତରଣ କରିପାରେ । ମୁହଁରେ ଖଣ୍ଡିଏ ବାସୁକି ଦୈନିକ ସମ୍ବାଦପତ୍ର । ବୁଦ୍ଧି ବୃକ୍ଷମୂଳରେ ଟେଳାଏ ଅଧୁଫେନସାର ପ୍ରୟୋଗ କରି ସହରର ପ୍ରାଧାନ୍ୟ ଏବଂ ତହିଁ ସଙ୍ଗେ ସଙ୍ଗେ ନିଜର ପ୍ରତିଷ୍ଠା କହି ବସିଲେ ତ ରାତି ପାହିଗଲେ ସୁଦ୍ଧା ଉପସଂହାର ନାହିଁ ।

ଭିକାରୀ ମହନ୍ତଙ୍କ ପାଖକୁ ଯିବା ଆସିବା କରେ । ନୂଆମହନ୍ତ ତାକୁ ବଡ଼ ଭଲ ଦେଖି ପାରନ୍ତି । ତାହାଠାରୁ ସହର କଥା, ଥିଏଟର କଥା, ମୋଟରକାର ଓ ଗ୍ରାମୋଫୋନ କଥା, ଅନ୍ୟାନ୍ୟ ବିଳାସ ସାମଗ୍ରୀ କଥା ଶୁଣିବାକୁ ତାଙ୍କର ବଡ଼ ଆଗ୍ରହ । ଭିକାରୀ ଏସବୁ କଥା କହିଲା ବେଳେ ମହନ୍ତ ଏରୂପ ଅସ୍ଥିର, ଆତୁର ଆଗ୍ରହ ଏବଂ ତନ୍ମୟ ଦୃଷ୍ଟିରେ ତାହା ମୁହଁକୁ ଚାହିଁ ରହନ୍ତି ଯେ, ବୋଧହୁଏ ଯେପରି ସେ କଥାସମୁଦ୍ରକୁ ଏକା ଚୋକରେ ପିଇ ଦେଉଅଛନ୍ତି । ଦିନେ କଥା ପ୍ରସଙ୍ଗରେ ମହନ୍ତ ପଚାରିଲେ—"ଭିକାରୀ, ତୁ ମଦତ ଖାଉ ବୋଲି

ଲୋକେ କହନ୍ତି । ସେ କି ପଦାର୍ଥ, ତାହାର ଗୁଣ କଅଣ ଅଛି ସେ କାହିଁରେ ପ୍ରସ୍ତୁତ ହୁଏ । ଭିକାରି ସହାସ୍ୟ ବଦନରେ କହିଲା, "ମହାରାଜ ମଦତ କାଦମ୍ବରୀ ନିଶା । ନୀତିଶାସ୍ତ୍ରରେ ଅଛି, 'ପାନ ଖାନା ମାନ ଘମାନା, ଦୁଧ୍ ଖାନା ରୋଗ, ଭାତ ଖାନା ନାସ୍ତିରକୋ ମଦତ ଖାନା ଭୋଗ ।' ମଦତ ନିଶା ଶୂନ୍ୟରୁ ବୁଦ୍ଧି ଆଣିଦିଏ । ଯେପରି ଘୋର ମୂର୍ଖ ହୋଇ ପଛକେ ଛଟାଏ ପକାଇଦେଲେ ସେ ରାଜସଭାରେ କେବେ ହାରିବ ନାହିଁ । ତାହା କୌଣସି ଅପବିତ୍ର ପଦାର୍ଥରେ ତିଆରି ନୁହେଁ ମହନ୍ତ ଗୋସାଇଁ । ଜଳକଲ୍ମଷହର ମହା-ମହୌଷଧି ଅଫିମ ଆଉ ଗୋଟାଏ ପତ୍ର ମିଶି ତାହା ପ୍ରସ୍ତୁତ ହୁଏ । ଥରେ ଚାଖିବାକୁ ଇଚ୍ଛା ହେଉଅଛି କି ? ହେଲେ ଏବର ତହିଁକି ପ୍ରସ୍ତୁତ ଅଛି ।" ବାବାଜି ଦୀର୍ଘ ନିଃଶ୍ୱାସ ପକାଇ କହିଲେ, 'ମୁଁ ପଇସା କାହୁଁ ପାଇବି ଯେ, ତହିଁକି ମନ ବଳାଇବି ।' ଭିକାରି ଆଶ୍ଚର୍ଯ୍ୟ ହୋଇ କହିଲା—'କାହିଁକି, ଆପଣଙ୍କର କଅଣ ନାହିଁ । ଅନ୍ୟ କଥା ଯାହା ହେଉ, ନଗଦ ତହବିଲ ତ ପଚିଶ ହଜାର ଜମାଅଛି । କେବେ ତାହା ହସ୍ତଗତ ନୁହେଁ, ନ ହେଉ ଆଜି ନ ହେଲେ କାଲି ହେବ, ଯିବ ପୁଣି କେଉଁଆଡ଼େ । ଆପଣ ଗାଦିରେ ଅଧିକାରୀ; ସୁତରାଂ ସମ୍ପତ୍ତିର ଅଧିକାରୀ । ଆଚ୍ଛା, ମଦତ ଧରନ୍ତୁ ତ, ଦେଖିବା କିପରି ବୁଦ୍ଧି ନ ବଢିବ ଏବଂ କିପରି ସମସ୍ତ ଶୀଘ୍ର ହସ୍ତଗତ ନ ହେବ ? ବୁଦ୍ଧିବଳରେ ସବୁ ହୁଏ, ଅତଃ ବୁଦ୍ଧି ଉପାର୍ଜନ ସର୍ବାଗ୍ରେ ପ୍ରୟୋଜନ । ଆଚ୍ଛା ହେଉ, କାଲି ଚଖାଇବି ।' ଏହା କହି ଭିକାରିସେ ଦିନ ସନ୍ଧ୍ୟାବେଳେ ମହନ୍ତଙ୍କଠାରୁ ବିଦାୟ ନେଇ ଅନ୍ୟତ୍ର ପ୍ରସ୍ଥାନ କଲେ ।

କ୍ରମେ ଭିକାରି ଓ ମହନ୍ତ ମଧ୍ୟରେ ପ୍ରୀତିବନ୍ଧନ ନିରବଚ୍ଛିନ୍ନ ହୋଇ ଉଠିଲା । ଏ ସାଧାରଣ ପ୍ରୀତି ନୁହେଁ, ଅନଳପତଙ୍ଗ ପ୍ରୀତି । ଦୁର୍ଯ୍ୟୋଧନକୁ ଶକୁନି ମନ୍ତ୍ରୀ ମିଳିଲେ । ଏଣିକି ମହାଭାରତ ଆରମ୍ଭ । ଭିକାରିକୁ ଦଣ୍ଡେ ନ ଦେଖିଲେ ମହନ୍ତଙ୍କର ବୁଦ୍ଧି ହଜିଯାଏ । କବି ଗାଇଅଛନ୍ତି, "ଘଟୁ ଘଟିଲେ ପଛେ ଶିରଚ୍ଛେଦ, କେବେ ନ ଘଟୁ ପ୍ରୀତିରେ ବିଚ୍ଛେଦ ।" ପରସ୍ପରର ପ୍ରଣୟ ପରସ୍ପରର ହୃଦୟକୁ ନିବିଡ଼ ଭାବରେ ଆଲିଙ୍ଗନ କରିଥିଲା । ସେହି ପ୍ରଣୟ ଦର୍ପଣରେ ସେମାନେ ଉଭୟେ ଉଭୟର ଅନ୍ତର ସୌନ୍ଦର୍ଯ୍ୟର ପ୍ରତିବିମ୍ବ ଦେଖିପାରୁଥିଲେ । ଭିକାରି ରାତି ଅଧ ପର୍ଯ୍ୟନ୍ତ ମହନ୍ତଙ୍କ ପାଖରେ ଥାଏ । କୌଣସି କୌଣସି ଦିନ ଘରକୁ ଯାଇ ନପାରିଲେ ମଠରେ ରହିଯାଏ । ସେଦିନ ସେ ମହନ୍ତଙ୍କ ପାଲିଙ୍କର ଅର୍ଦ୍ଧେକ ଅଧିକାର ଲାଭ କରେ । ମଦତ ଠେଣା ସଙ୍ଗେ ସଙ୍ଗେ ଲାବଣ୍ୟବତୀର ଅର୍ଥ ଏବଂ ସୌର୍ଯ୍ୟର ଖେଳ ଲାଗିଥାଏ । ଏହି ମଉଜରେ ଦିନେ ଦିନେ ରାତି ପାହିଯାଏ । ମହନ୍ତଙ୍କ ପ୍ରକୋଷ୍ଠଟି ମଦତଧୂଆଁ ପ୍ରସାଦରୁ ଧୂମାୟିତ ଆଗ୍ନେୟଗିରିଗର୍ଭର ଉପମାସ୍ଥଳ ହୋଇ ବସେ । କାଳେ କେହି ହଠାତ୍ ପଶିଆସି ସେହି ଦଗ୍ଧମୃଗନାଭି ସୁରଭିତ ଧୂପଗନ୍ଧ ଉପଭୋଗର ସୌଭାଗ୍ୟ ଲାଭ କରେ, ଏହି ଆଶଙ୍କାରେ ଦ୍ୱାର ଉପରେ ଇଂରାଜି ଅକ୍ଷରରେ "**No admission**" ଲେଖା ହୋଇଅଛି । ଏହି ନୂତନ ସଭ୍ୟତା, ଏହି ଅମାବାସ୍ୟାରେ ଚନ୍ଦ୍ରୋଦୟ ଭିକାରି ଠାକୁର ମଠକୁ ଆଣି ଦେଇଅଛି ।

ଏହିପରି ଗୋପନରେ କିଛିଦିନ କାର୍ଯ୍ୟ ଚଳିଲା । ସବୁ କଥା ଅର୍ଥସାପେକ୍ଷ । ଅର୍ଥର ଅଭାବ ଘଟିବାରୁ ତେଣିକି ଅଚଳେଣି ପଡିଲା; ମାତ୍ର ପ୍ରତ୍ୟୁତ୍ପନ୍ନମତି ଭିକାରି ସ୍ୱୀୟ ଅସାଧାରଣ କୁଟିଳ ବୁଦ୍ଧି ବଳରେ ଅର୍ଥାଗମର ସହଜ ସୁନ୍ଦର ମାର୍ଗ ଉଦ୍‌ଘାଟନ କରିନେଲା । ମଠ ଧାନ ଘରର କଞ୍ଚିକାଠି ପଞ୍ଚାୟତମାନଙ୍କ ନିକଟରେ ରହେ । ଭିକାରି ମହମଦ୍ୱାରା ତହିଁର ଛାପ ଉଠାଇ ନେଇ ସେହି ମାପରେ ଗୋଟାଏ କଞ୍ଚିକାଠି ତିଆରି କରାଇ ଆଣିଲା । ସେଥିରେ ଅମାର ଖୋଲି ରାତିରେ ଧାନ ବାହାର କରାଯାଏ । ରାତି ପାହିଲାବେଳକୁ ଭିକାରି ଗ୍ରାହକ ଅଣାଇ ସବୁ ପରିଷ୍କାର କରିଦେଇଥାଏ । ପ୍ରତ୍ୟହ ଏଣିକି ଭିକାରି ନାମରେ ସହରରୁ ଭି.ପି. ପାର୍ଶେଲ ଆସେ । କାହିଁରେ କୋଟ କାମିଜ, କାହିଁରେ ବିସ୍କୁଟ, କାହିଁରେ ବା ଅତର ଥାଏ । ଦିନେ ଗୋଟାଏ ସୁବାସତେଲ ପାର୍ଶେଲ ଆଣି ମହନ୍ତଙ୍କ ସମ୍ମୁଖରେ ଖୋଲାଗଲା । ଭିକାରି ଶିଶିଟିରୁ ଠିପି ଖୋଲି ମହନ୍ତଙ୍କ ଚାନ୍ଦିରେ କିଛିତ ଢାଳିଦେଇ କହିଲା, 'ସହରର ବାବୁ-ମାନେ ପ୍ରତ୍ୟହ ଏହି ତେଲ ଲଗାଇ ଗାଧୁଅନ୍ତି ।' ମହନ୍ତ

ଆଶ୍ଚର୍ଯ୍ୟ ହୋଇ କହିଲେ, 'ସହରର ଲୋକମାନଙ୍କ ଉପାସ୍ୟ ଦେବତା ସିନା ! ଆହା, କି ସୁବାସ, ଏରୂପ ସ୍ୱର୍ଗ ପାରିଜାତ ଯାହାଙ୍କର ଭୋଗ୍ୟ, ସେ ଦେବତାଙ୍କଠାରୁ ଭାଗ୍ୟବାନ୍ । ମହନ୍ତ ଥରେ ଭେଲନାର ହୋଟେଲରୁ ଆନୀତ ବ୍ୟଞ୍ଜନ ଭୋଜନ କରି ଉପାସୀଙ୍କୁ ସହସ୍ର ଆଶୀର୍ବାଦ ନ କରି ରହି ପାରିନଥିଲେ । ସୋଡ଼ା ବା ଲିମନେଡ୍ ବ୍ୟତୀତ ଏଣିକି ମହନ୍ତଙ୍କର ତୃଷ୍ଣା କଳୁଷିତ ଧର୍ମ ଜଳରେ ନିବାରିତ ହୁଏ ନାହିଁ । ଉପାସୀ ଉପଯୁକ୍ତ ଗୁରୁ, ତାହାଙ୍କ ମହନ୍ତ ମଧ୍ୟ ଉପଯୁକ୍ତ ଶିଷ୍ୟ । ଅତଃ ପାଠୋନ୍ନତିର ସଂଶୟ କି ଅଛି ? ଏଣେ ଧାନ ଅମାର ଅଧାଅଧି ହୋଇଯିବାର ଦେଖି ପଞ୍ଚାୟତମାନେ ସନ୍ଦେହ କଲେ । କଞ୍ଜିକାଠି ସେମାନଙ୍କ ପାଖରେ ନଥିଲେ ଏ ଦୋଷଟା ସମ୍ପୂର୍ଣ୍ଣତଃ ସେବକ ସୁନ୍ଦର ପ୍ରଭୃତିଙ୍କ ମସ୍ତକରେ ଲଦି ଦିଆଯାଇ ଥାଆନ୍ତା । ଯାହାହେଉ ପଞ୍ଚାୟତମାନେ ସେହି ଦିନଠାରୁ ଅମାରରେ ଜଣେ ଲୋକ ଜଗାଳି ରଖିଦେଲେ । ମହନ୍ତ ଏଣିକି କୋଠି ଭାମିକ ଦିଅନ୍ତି; ମାତ୍ର ମଠରେ ସେ ରୂପ ଧାସ କେଉଁକାଳେ ନ ଥିଲା । କେହି ମହନ୍ତଙ୍କୁ ଏହି ଅସ୍ୱାଭାବିକତାର କାରଣ ପଚାରିଲେ କହନ୍ତି,—ଗୋସାଇଁ ଏହା ମୋ ପାଇଁ କିଣି ରଖି ଦେଇଯାଇଥିଲେ । ତହୁଁ ବଡ ମହନ୍ତଙ୍କ ସ୍ନେହଦତ୍ତ ଜାଣି ପ୍ରଶ୍ନକର୍ତ୍ତା ଦ୍ୱିରୁକ୍ତି ନ କରି ନୀରବ ରହେ । ମହନ୍ତଙ୍କୁ ବିଳାସର ସ୍ୱେଚ୍ଛାସେବକ ହେବାର ଦେଖି ନାନା ଲୋକେ ନାନାକଥା କହନ୍ତି । ସେବକମାନେ କଥାବାର୍ତ୍ତା ହୁଅନ୍ତି, ଏ ଯୋଗୀ ନା ଭୋଗୀ ? ମୃତ ମହନ୍ତମାନେ ନାମାବଳୀ ଛଡ଼ା କେବେ ଅଙ୍ଗୀ ବ୍ୟବହାର କରନ୍ତି ନାହିଁ; ମାତ୍ର ଏହାଙ୍କର ଏ କି ପଣ ? ଯାହାର ଆଗ୍ରହନିଷ୍ଠା ନାହିଁ, ସେ କି ସାଧୁ ? କେହି କହେ ସାଧୁ ପୁଣି କଅଣ, ଏ ତ ଭେଲୁ ମାଳୁ ମାଳୁ ମହନ୍ତ ହୋଇ ବସିଲେ, ଏହାଙ୍କର ସିଦ୍ଧି କେତେ ଯେ, ଏପୁଣି ଏତେ ଡାଲୁଆ ଗାଦିର ଯୋଗ୍ୟ ହେବେ । ମୂଳିଆ ପୁଅକୁ ରାଜସିଂହାସନରେ ବସାଇ ଦେଲେ ସେ କି ରାଜବୁଦ୍ଧି ପାଇବ ? ଏହିପରି ପଛରେ ନାନା ଲୋକ ନାନା ବସ୍ତୁର ପକାନ୍ତି । ମାତ୍ର ସ୍ୱାଭାବିକ ଚକ୍ଷୁଲଜ୍ଜାବଶତଃ କେହି କିଛି ମୁହଁରେ କହିବାକୁ ସାହସୀ ହୁଅନ୍ତି ନାହିଁ ।

ଅର୍ଥାଗମର ପଥ ରୁଦ୍ଧ ହେଲା; ମାତ୍ର ମହନ୍ତ ସେଥିରେ ଦମିତ ହେଲେ ନାହିଁ । ମୂଷାର ଗୋଟିଏ ବାଟ ରୁନ୍ଧି ଦେଲେ ସେ ଅନ୍ୟ ଗାତ ଖୋଳି ବାହାର ହୁଏ ! ଏବେ ଠାକୁରଅଳଙ୍କାର ଉପରେ ଦୃଷ୍ଟି ପଡ଼ିଲା । ସହଜ ଦୃଷ୍ଟିର ଅଗୋଚର ସ୍ଥାନରୁ ପ୍ରଥମତଃ ଅଳଙ୍କାର ବାହାର ହେଲା । ସ୍ୱୟଂ ମହନ୍ତ ଏ କାର୍ଯ୍ୟର କର୍ତ୍ତା ଆଉ ଉପାସୀ ବିକ୍ରେତା । ଏହିପରି କେତେକ ଅଳଙ୍କାର ଅପହୃତ ହେବା ପରେ ଦିନେ ପୂଜା ସମୟରେ ପୂଜାରୀ ଦେଖିଲା, ଶ୍ରୀଜିଉଙ୍କ ହସ୍ତର ରତ୍ନ ବଳୟ ନାହିଁ । ମୁହୂର୍ତ୍ତକ ମଧ୍ୟରେ ଏ ବାର୍ତ୍ତା ମଠ ମଧ୍ୟରେ ବ୍ୟାପ୍ତ ହୋଇଗଲା । ପଞ୍ଚାୟତମାନେ ଶୁଣିପାରି ଧାଇଁ ଆସିଲେ । ଖୋଜିବା ବେଳେ ଆହୁରି କେତେକ ପଦାର୍ଥ ମଧ୍ୟ ଅପହୃତ ହୋଇ ଥିବାର ଜଣାଗଲା । ଅନେକେ ପୂଜାରୀ ପ୍ରତି ଲକ୍ଷ୍ୟ କଲେ । କେହି ବା ତାହାର ସାଧୁତ୍ୱ ଉପରେ ନିର୍ଭର କରି ତାହାଦ୍ୱାରା ଏ ଦୁଷ୍କାର୍ଯ୍ୟ ଅନୁଷ୍ଠିତ ହୋଇ ଥିବାର ପ୍ରତ୍ୟୟ କଲେ ନାହିଁ । ମହନ୍ତଙ୍କର କାର୍ଯ୍ୟକଳାପ ପଞ୍ଚାୟତମାନେ ଅଜ୍ଞାତ ନୁହନ୍ତି । ତାଙ୍କ ସ୍ୱଭାବ ପ୍ରତି ସମସ୍ତଙ୍କର ଘୃଣା ସଞ୍ଚାର ହୋଇଥିଲା । ଗାଧୋଇବା ବେଳେ ମୁଣ୍ଡା ମୁଣ୍ଡା ସାବୁନ ଧୋଇଯାଏ । ସ୍ନାନାନ୍ତେ ଆରସି ବ୍ରୁସ ସୁଗନ୍ଧ ଦ୍ରବ୍ୟ ପୂଜାର ଉପକରଣ ରୂପେ ସମାଦୃତ ହୁଏ । ତାହା ଉପରେ ପ୍ରତ୍ୟହ ନୂଆ ନୂଆ ପୋଷାକ, ନୂଆ କୋଟ, ନୂଆ ଛଡ଼ି, ବିଭିନ୍ନ ଫେସନର ଘଡ଼ି ଅଙ୍ଗର ଶୋଭା ବୃଦ୍ଧି କରେ । ଜଗନ୍ନାଥ ମହାପ୍ରଭୁ ଷୋଳ ଘଡ଼ିରେ ଷୋଳ ବେଶ ହୁଅନ୍ତି । ମହନ୍ତଙ୍କ ବେଶ ସେଥିର ଦୁଇଗୁଣକୁ ଅତିକ୍ରମ କରିଗଲା । ମହନ୍ତଙ୍କର ଏହି ସମସ୍ତ ଆଚରଣୀ ଦେଖି ପଞ୍ଚାୟତମାନେ ସାବଧାନ କରାଇ ଥିଲେ; ମାତ୍ର କିଛି ଫଳ ହେଲା ନାହିଁ । ଯାହା ହେଉ ଉପସ୍ଥିତ ଚୋରିନାଟକର ପ୍ରଧାନ ନାୟକ ଯେ ମହନ୍ତ, ଏହା କାହାରି ଅବିଶ୍ୱାସ ହେଲା ନାହିଁ । କଥାଟା ବାହାରକୁ ଫୁଟିଲା ନାହିଁ; ମାତ୍ର ଭିତରେ ଭିତରେ ଅନୁସନ୍ଧାନ ଚାଲିଲା ।

# ଷଷ୍ଠ ପରିଚ୍ଛେଦ

## ପଦ୍ମା

ଅଖିଳ ମା ଚନ୍ଦ୍ରଅଣୀ ମଠକୁ ଯିବା ଆସିବା କରେ । ବାହାର ଖରଚ ଏବଂ ଛୁଆ ଦିଆ ତାହାର ପ୍ରାତ୍ୟହିକ କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ଥିଲା । ଅଖିଳ ମା ତାହା ସମାଧାନ କରି ଚାଲିଯାଏ । ଘରକୁ ସେ ଏବଂ ତାହାର ସାନ ଝିଅ ପଦ୍ମା ଦୁଇଜଣ । ଝିଅଟିକୁ ଅଶୀ ଟଙ୍କା କନ୍ୟା-ଶୁନା ନେଇ ଜଣେ ପଞ୍ଚଷଷ୍ଟୀ ବର୍ଷୀୟ ପାତ୍ର ହସ୍ତରେ ଅର୍ପଣ କରିଥିଲା; ମାତ୍ର ତିନି ବର୍ଷ ହେଲା ତାହାର କପାଳ ଫାଟିବାରୁ ସେ ମାଆ ଘରେ ଆସି ରହୁଅଛି । ମା ଝିଅ ମିଶି ଦୁଃଖ ଧନ୍ଦା କରି ଖାଆନ୍ତି, କାହାରିକୁ ଅଡୁଆ ଦିଅନ୍ତି ନାହିଁ । ଅଖିଳ ମା ମଠର ବାସି ପାଇଟି କରି ଦୁଇ ଓଳି ଦୁଇ ପାତ୍ରୁଳା ପ୍ରସାଦ ଖଣ୍ଡା ପାଏ । ଖଞ୍ଜ ଅଟଞ୍ଜ ସମୟରେ ମା ବଦଳରେ ଝିଅ ଆସି ଦିନେ ଦିନେ ମଠର ପାଇଟି ଚଳାଇ ଦେଇଯାଏ । ରୂପ ଖୋଲ ସବୁରୁ ଉର୍ଦ୍ଧ୍ୱ ନୁହେ । ବର୍ଣ୍ଣ ଅମା ଅନ୍ଧକାର ତୁଲ୍ୟ ଘୋର । ସେହି ଅନ୍ଧକାର ଭେଦି ଦନ୍ତପନ୍ତି ତାରାଳୀ ତୁଲ୍ୟ ଦେଦୀପ୍ୟମାନ । ମୁଖରେ ଗମ୍ଭୀର ବସନ୍ତ ଚିହ୍ନ, ସୂଚି ବସାଇବାକୁ ଠାବ ନାହିଁ । କବି ଯଦୁମଣି ଜୀବିତ ଥିଲେ ଉପମା ଯୋଖି ଦିଅନ୍ତେ—"ବସନ୍ତ ମୂର୍ଖୀକୁ-ଉପମା ଖଟୁ, କାମ-କାକର ଛଣା କାଲଚଟୁ ।" ଅମ୍ଭେମାନେ ମଧ୍ୟ କିଛି ଗୋଟାଏ ଉପମା ଆରୋପ କରିବା ସକାଶେ କଳ୍ପନା-ସୃଷ୍ଟିରେ ଅନ୍ୱେଷଣ କରୁଥିଲୁଁ । ମାତ୍ର ପଦ୍ମାର ମୁହଁକୁ ଅନାଇ ଉପମା ଜଗତକୁ ଅନାଇଲା ବେଳକୁ ସବୁ ଅନ୍ଧକାର ଦେଖାଗଲା । ସୁତରାଂ ଉପସ୍ଥିତ ଦୁର୍ବିପାକ ସ୍ଥାରେ ଜଳାଞ୍ଜଳି ଅର୍ପଣ କରି ନିସ୍ତାର ଲଭି କଲୁଁ । ସଂକ୍ଷେପରେ ଏବଂ ସହଜ ଭାଷାରେ କହିବାକୁ ଗଲେ ପଦ୍ମା ଖଣ୍ଡିଏ ମସୃଣ ପଥର ନିର୍ମିତ, ଅଶିକ୍ଷିତ ଶିଳ୍ପୀ-କଳ୍ପିତ ଗୋଟିଏ କୁତ୍ସିତ ବିଗ୍ରହ ତୁଲ୍ୟ ସୁନ୍ଦରୀବର । କୌଣସି ଅଙ୍ଗରେ ଅଳଙ୍କାର ନାହିଁ । ନ ଥିବା ହିଁ ସଙ୍ଗତ ହୋଇଅଛି । ଯେହେତୁ ଅଳଙ୍କାର ଅନ୍ତସ୍ଥଳରେ ଶୋଭାର ଏ ଅତସୀପ୍ରଭା ଢାଙ୍କି ଯାଇଥାନ୍ତା ସିନା ! ସ୍ଥୂଳ ରୁକ୍ଷ କେଶ ବିମୁକ୍ତ କରି ଦୁଇ ପ୍ରହର ସମୟରେ ଯେ ଗ୍ରାମ ପର୍ଯ୍ୟଟନରେ ବାହାର ହେଲେ ଦାଣ୍ଡରେ ଖେଳୁଥିବା ପିଲାମାନେ ତାକୁ ଦେଖି ଭୟରେ ଘର ଭିତରକୁ ପଳାନ୍ତି । ଗୋପୀ ରଥେ କହନ୍ତି—'ପଦ୍ମା କୁ ଗୃହ ଦେଲେ ଦୃଷ୍ଟି ରେଖାରେ ଏରୂପ ବହଳରେ କାଳୀ ବୋଳି ହୋଇଯାଏ ଯେ, ପଥ ଅନ୍ଧକାର ଦେଖାଯାଏ ।' ମାତ୍ର ଅମ୍ଭେମାନେ କହୁଁ ଏହା ଅତି-ରଞ୍ଜିତ କଥା । ତେବେ ଦେହରେ ହାତ ବୁଲାଇ ଆଣିଲେ ହାତ ଯେ କାଳିମାମୟ ହୋଇଯାଏ, ଏଥିରେ ସନ୍ଦେହ ନାହିଁ । ଯାହା ହେଉ ସେ ନାରୀରୂପ ବର୍ଣ୍ଣନା ସେଥିରେ ମାର୍ଜିତପନ୍ଥୀ ପାଠକମାନଙ୍କର ଧୈର୍ଯ୍ୟ-ଭଙ୍ଗ ହୋଇପାରେ । କାରଣ ତାହା ଅଶ୍ଳୀଳତା ଦୋଷଦୁଷ୍ଟ । ଏହି ଦୋଷ ଭୟରେ କାବ୍ୟର ନାୟିକା-ରୂପ ବର୍ଣ୍ଣନା ଏଣିକି ସାତ ପରସ୍ତ ଆବରଣରେ ଆବୃତ କରିବାକୁ ପଡୁଅଛି । ନଚେତ୍ ଲେଖକ ଭଣ୍ଡ ଏବଂ କାବ୍ୟ ପଣ୍ଡ ଆଖ୍ୟା ଧାରଣ କରିବ ।

ପଦ୍ମା ଏଣିକି ଅନେକ ଥର ମଠକୁ ଯିବାଆସିବା କରେ । କେତେବେଳେ ମା ସଙ୍ଗରେ ଆସି ମାର କର୍ତ୍ତବ୍ୟରେ ସାହାଯ୍ୟ କରେ ଆଉ କେବେ ବା ଏକୁଟିଆ ଆସେ । ଏକେତ ଅପସରିଜିତ ସୁନ୍ଦରୀ ତହିଁ ପରେ ଯୌବନାବସ୍ଥା । ସେ ଯୌବନର ଶ୍ରୀ ତାହାର ବସ୍ତ୍ର ବିଦୀର୍ଣ୍ଣ କରି ଉପରକୁ ଭସି ଉଠୁଥିଲା । ମହନ୍ତ କି ଆଉ ସମ୍ଭାଳି ପାରନ୍ତି ? ସେ ପଦ୍ମାର ସେହି ଯୌବନ-ତୀର୍ଥରେ ଝାସ ଦେଲେ । ପଦ୍ମା ମଧ୍ୟ ତାହାଙ୍କ ଊଣା ନ ଥିଲା । ପରସ୍ପର ପରସ୍ପରର ଉଦ୍‌ଭ୍ରାନ୍ତ ପ୍ରେମର ବ୍ୟାକୁଳ ତରଙ୍ଗରେ ଭାସମାନ ହେଲେ । ପ୍ରଣୟ ସୌନ୍ଦର୍ଯ୍ୟସାପେକ୍ଷ ନୁହେଁ । ସେ ଜାତି ଗୋତ୍ରର ପାର୍ଥକ୍ୟ ମାନେ ନାହିଁ । ପ୍ରଣୟୀ ନୟନ ଅସୁନ୍ଦର ମଧ୍ୟରେ ସୁଦ୍ଧା ସୁନ୍ଦର ଦେଖେ । ପ୍ରଣୟ କଥା ଖୋଜେ, କାର୍ଯ୍ୟ ଖୋଜେ; ମାତ୍ର ସୌନ୍ଦର୍ଯ୍ୟ ଖୋଜେ ନାହିଁ । ପ୍ରଣୟ

ସ୍ୱଭାବତଃ ଅନ୍ଧ, ସେ ଯାହାଁ ଯାହାଁ ଯାହାକୁ ହାବୁଡ଼େ, ତାହାକୁ ହିଁ ସୁନ୍ଦର ମଣେ । କେହି କେହି ଛିଦ୍ରାନ୍ୱେଷୀ ବାବାଜିଙ୍କ ରୁଚିରେ ଦୋଷାରୋପ କରନ୍ତି; ମାତ୍ର ନ୍ୟାଯ୍ୟ ବିବେଚନାରେ ସେମାନେ ଭ୍ରାନ୍ତ । ସେମାନେ ସିନା ନିଜ ନିଜ ଆଖିରେ ପଦ୍ମାକୁ ଦେଖିଅଛନ୍ତି, ବାବାଜିଙ୍କ ପ୍ରେମ ଚନ୍ଦ୍ରକାପାୟୀ ନେତ୍ରଚକୋର ସାହାଯ୍ୟରେ ତ କେବେ ଦେଖି ନାହାନ୍ତି । ସେମାନେ ଯଦି ବାବାଜିଙ୍କ ଚକ୍ଷୁ ଯୋଡ଼ିକ ନେଇ ସେଥିରେ ପ୍ରଚଣ୍ଡ ପ୍ରସ୍ତୁତ କରି ଦେଖନ୍ତେ, ତେବେ ପଦ୍ମାର ସୌନ୍ଦର୍ଯ୍ୟ ଅବଶ୍ୟ କଳି ପାରନ୍ତେ । ଯାଉ ସେ ଦୁଷ୍ଟଲୋକଙ୍କ କଥାରେ କିଛି କ୍ଷତି ବୃଦ୍ଧି ନାହିଁ । ପଦ୍ମାକୁ ବଡ଼ ସକାଳୁ ମଠ ଭିତରୁ ବାହାରି ଯାଉଥିବାର ଅନେକ ଲୋକ ଅନେକ ଥର ଦେଖିଲେଣି । ପଚ୍ଛରିଲେ ବାଆଁରେଇ ଭିନ୍ନ ପ୍ରକାର କହେ । ଦୁର୍ବଳର ଆତ୍ମରକ୍ଷାର ଉପାୟ ତ ଏ ସଂସାରରେ ବିରଳ ନୁହେଁ । କେତକୀରେ କଣ୍ଟକ ଏବଂ ଚନ୍ଦନରେ ସର୍ପ ସେଥିର ସହଜ ଉଦାହରଣ । ସେହିପରି ମିଥ୍ୟା ପଦ୍ମାର ଆତ୍ମରକ୍ଷାର ଆବରଣ ହୋଇଥିଲା । ସେ କହେ, "ମୁଁ ସ୍ତ୍ରୀ ନିଲୁଖୁଣୀ ଲୋକ, ତୀର୍ଥ ବ୍ରତକୁ ତ ବଳ ନାହିଁ, କାରଣ ହେବ କିପରି ? ବାବାଜି ଭାଗବତ ପଢ଼ୁଥିଲେ ଯେ, ଶୁଣୁ ଶୁଣୁ ରାତି ପାହିଗଲା ପୋଥିଶାସ୍ତ୍ର ଶୁଣିବାକୁ ମୋର ବଡ଼ ଶରଧା । ଯେଉଁ ଦିନ ପୋଥି ହୁଏ, ସେ ଦିନ ଆସି ଶୁଣେ ।" ହାୟ ଧର୍ମ, ଅକାରଣେ ତୁମ୍ଭେ କଳଙ୍କିତ ହେଲ ! ଅଧର୍ମର ଭାର ଧର୍ମର ମୁଣ୍ଡ ଉପରେ ପଡ଼ିଲା । ଧର୍ମଅଗ୍ନି ପାପଭସ୍ମରେ ଲୁଚି ରହିଲା । ହାୟ ଧର୍ମ, ତୁମ୍ଭେ ଏହା ସହିଲ ତ ? ଏହିପରି ଧର୍ମର ଦୋହି ଦେଇ ଲୋକେ କେତେ କେତେ ଗୁପ୍ତ ଜଘନ୍ୟ ପାପ କରୁଅଛନ୍ତି, ସେଥିର ଇୟତ୍ତା ନାହିଁ । କୁକର୍ମ ଯେପରି ପାପ, ଧର୍ମ ନାମ ଧରି କୁକର୍ମରୁ ଉଦ୍ଧାର ଚେଷ୍ଟା ତହୁଁ ବଳି ମହାପାପ । ପାପ ଉପରେ ମିଥ୍ୟା, ବୋଝ ଉପରେ ନଳିତା ବିଡ଼ା ସିନା । ନିର୍ବୋଧ ମାନବ ମିଥ୍ୟା-କୁହୁକ-ମନ୍ତ୍ରରେ ମନୁଷ୍ୟର ଚକ୍ଷୁ ବନ୍ଧନ କରିପାରେ; ମାତ୍ର ସର୍ବାନ୍ତର୍ଦର୍ଶୀ ଭଗବାନଙ୍କୁ ଠକାଇବାର ସାଧ କାହାର ? ପାପୀର ପାପ ଚିତ୍ରଗୁପ୍ତର ପାଞ୍ଜିରେ ଆପେ ଆପେ ଲେଖି ହୋଇଯାଏ । ତାହାର ନିବାରଣ, ମାନବ କି ଛାର, ଦେବତାଙ୍କର ସୁଦ୍ଧା ସାଧ୍ୟାତୀତ ।

ପଦ୍ମାର ଆଉ ପୂର୍ବ ରୁକ୍ଷ ବେଶ ନାହିଁ । ଆଉ ସେ ବାରସିଆଁ ନେକ୍ଟ୍ରେ କନା ନାହିଁ । ତାହା ସ୍ଥାନ ବିବିଧ ବର୍ଣ୍ଣବିଶିଷ୍ଟ ମହାର୍ଘ ବସ୍ତ୍ର ଅଧିକାର କରିଅଛି । ଗୁଣ୍ଡି-ସିବାବେଳେ କେଶରଞ୍ଜନ ସୁବାସ ମହକି ଉଠେ । ଏଣିକି ସେ ରାମାନୁଜପନ୍ଥୀ ବୈଷ୍ଣବ ପରି ମୁଣ୍ଡରେ ହିଁ ଖାଖୀ ଚିତା କାଟେ । କାରଣ ପଚ୍ଛରିଲେ କହେ, ସେ ବାବାଜିଙ୍କଠାରୁ ଭେକ ନେଇ ମାତାଜି ହୋଇଅଛି । ଏଥିରେ ନାନା ଲୋକେ ନାନା କଥା କହନ୍ତି । କହନ୍ତା ତୁଣ୍ଡ ବହନ୍ତା ପାଣିକି ବା ଅଟକାଇବ କିଏ ? କେହି କହେ ବାବାଜିଆଣୀ ହେଲା ନାହିଁ ଯେ, ବରହୁଣୀ ହେଲା । କେହି କହେ ଏତେ ଦିନ ଯାଏ ମଠର ନାମ ନିଅଙ୍ଗୀ ମଠ ଥିଲା, ଏଣିକି ଯୁଗଳ ମଠ ଆଖ୍ୟା ଧାରଣ କରିବ । କେହି କହିଲା, ନାହିଁ ହେ ଯୁଗଳ ମଠ ନୁହେଁ, ଏହା ଡାକିନୀ ପୀଠ । ପଦ୍ମାର ଏଣିକି ଆଉ ସଂକୋଚ ଭାବ ନାହିଁ । ପ୍ରକାଶ୍ୟରେ ମହନ୍ତଙ୍କ ପହୁଡ଼ ସମୟରେ ଖଟରେ ବସି ପାଦ ସେବା କରେ, ଠା ସମୟରେ ବସି ଦିଏ ପୁଣି ଘଡ଼ିକି ଘଡ଼ି ପାନ ଭାଙ୍ଗିଦିଏ । ବାରଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା । ଆଉ ଜାତି ବାଛବିଚାର ତ ନାହିଁ, ସେ ପକ୍କା ବୈଷ୍ଣବାଣୀ ହୋଇ ଯାଇଅଛି । ଖଣ୍ଡେ ଖଣ୍ଡେ ଅଳଙ୍କାର ମଧ୍ୟ ତାହାର ଅଙ୍ଗ ଆଶ୍ରୟ କଲାଣି । ଲୋକଙ୍କୁ କହେ କେହି ପା ଅଛି, କେତେବେଳେ କେଉଁ କଥା, ପଇସାଟା ରହିବ ନାହିଁ । ଏଗୁଡ଼େ ହେଲେ ନାକରେ କାନରେ ଟିକିଏ ଟିକିଏ ଲାଗି ରହୁଥାଉ । ଆପଦ ବିପଦବେଳେ କାମେ ଆସିପାରେ ।

ଉଭୟ ପ୍ରତି ଉଭୟର ଖୁବ୍ ବିଶ୍ୱାସ । ସେ ବିଶ୍ୱାସରେ ପାଣି ଗଳିଲା ନାହିଁ । ମନ ଏପରି ଯୋଡ଼ି-ଗଲା ଯେ, ସେଥିରେ ଛୁଞ୍ଚି ମୁନ ବସାଇବାକୁ ସ୍ଥାନ ରହିଲା ନାହିଁ । ଯେମନ୍ତ କି ଦୁଇଟି ନଦ ନଦୀ ମିଶି ଏକ ହୋଇଗଲେ । କିମ୍ବା ଦୁଇଟି ତାରର ସ୍ୱର ଅବାଧିତ ଭାବରେ ଏକୀଭୂତ ଆକାର ଧାରଣ କଲା । କମେ ପ୍ରେମିକ ପ୍ରେମିକା ଯୁଗଳ ପରସ୍ପରର ମାନସ ହଂସ ହୋଇଉଠିଲେ । ଏକର ଅଭାବରେ ଅନ୍ୟ ନିଜର ଅସ୍ତିତ୍ୱ ଭୁଲିଯାଏ । ଏଣିକି ବାବାଜିଙ୍କ ବାକ୍ସ କଞ୍ଚିକାଠି

ପତ୍ନୀ ଅଣ୍ଟାରେ ସଶବ୍ଦରେ ଦୋଦୁଲ୍ୟମାନ । ବାବାଜିଙ୍କ ମୁଣ୍ଡା ମୁଣ୍ଡ ପତ୍ନୀର ଅଙ୍ଗୁଳି ସଙ୍ଗରେ ସୁଖର ସୌଭାଗ୍ୟ ଲାଭ କଲାଣି । ପତ୍ନୀ ଖୁବ୍ ସିଆଣୀ, ସେ ଇତ୍ୟବସରରେ ମଦନ ଉନ୍ମାଦନା ଶିଖି ନେଇଛି । ଭିକାରୀର ଅଭାବରେ କାର୍ଯ୍ୟ ଚଳାଇ ଦିଏ । ସମୟ ସମୟରେ ଗୁରୁଦତ୍ତ ଧୂମ୍ର ପ୍ରସାଦ ଶ୍ରଦ୍ଧା ସେବା କରି କୃତାର୍ଥ ହୁଏ । ମହନ୍ତ ଉପଦେଶ ଦେଇ କହନ୍ତି, 'ସଖୀ ! ଏ ସାମାନ୍ୟ ନିଶା ନୁହେଁ, ଏଥିରୁ ଛିଟାଏ ମେରୁରେ ବସାଇ ଟାଣିନେଲେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତ୍ରିଭୁବନ ଦେଖାଯାଏ । ବୃନ୍ଦାବନ ମୋ ଆଖି ଛଡ଼ା ହୁଏ ନାହିଁ । ରାସଲୀଳା, ବସ୍ତ୍ର ହରଣ କ୍ରୀଡ଼ା ଏହି ସବୁ ଆଖି ଆଗରେ ନାଚି ଯାଉଥାଏ । ଭଜନ ସାଧନ ପଥରେ ନିଶାଟାଏ ଏକା । ବୋଧହୁଏ କୈଳାସଧାମକୁ ଏଥିର ସମ୍ବାଦ ଯାଇନାହିଁ, ନହେଲେ କି ମହାଦେବ ଆଜି ଅବଧି ଭାଙ୍ଗୁଆ ନିଶା ଭାଙ୍ଗ ଘଣ୍ଟ ନ ଥାନ୍ତେ ?

—o—

# ସପ୍ତମ ପରିଚ୍ଛେଦ

## ହଳଧର ଦାସ

ହଳଧର ଦାସେ ଜାତିରେ କରଣ । ମଠର ଗୁମାସ୍ତା କାର୍ଯ୍ୟ କରନ୍ତି । ଏହି କାର୍ଯ୍ୟରେ ତାଙ୍କର ବହୁ ପୁରୁଷ କଟିଗଲାଣି । ଲୋକଟି ବଡ଼ ବିଶ୍ୱାସୀ ଏବଂ ପ୍ରଭୁଭକ୍ତ । ଏହେତୁ ପୂର୍ବ ମହନ୍ତ ତାଙ୍କ ପ୍ରତି ଅନେକ ଗୁରୁଭାର ନ୍ୟସ୍ତ କରିଥିଲେ । ସେ ମଧ୍ୟ ଦେବ ସମ୍ପତ୍ତିକୁ ନାଗସର୍ପ ବିଷ ତୁଲ୍ୟ ଜ୍ଞାନ କରନ୍ତି । ଲୋଭ ବା ଅସତ୍ୟ ତାହାଙ୍କୁ ସ୍ପର୍ଶ କରିନାହିଁ । ଧର୍ମରେ ସର୍ବଦା ମତି ଅଟଳ ରଖିଥାନ୍ତି । ପ୍ରତ୍ୟହ ରଘୁନାଥଙ୍କ ଚରଣୋଦକ ସେବା ନ କରି ଜଳସ୍ପର୍ଶ କରନ୍ତି ନାହିଁ । ବୟୋଃଧିକ ଏବଂ ବିବେକବାନ୍ ହେତୁ ସମସ୍ତେ ତାଙ୍କୁ ସମ୍ମାନ କରନ୍ତି । ଜମିଦାରୀ କାର୍ଯ୍ୟରେ ଚିତ୍ରଗୁପ୍ତ ପରି ଧୁରନ୍ଧର ଏବଂ କର୍ମଠ । କେଉଁ ପ୍ରକାର ଜମି କେତେ, ଜମା କେତେ, ତାହା ତୁଣ୍ଡେ ତୁଣ୍ଡେ କହିଦେଇ ପାରନ୍ତି । ଜମି ମାପରେ ମଧ୍ୟ ଅସାଧାରଣ କ୍ଷମତା । ଜମି ଖଣ୍ଡ ଦେଖି ଦେଇ ସେତେ ଜମି ହେବ ବୋଲି କହିଥାନ୍ତି, ମାପି ନଳ ଲଗିଲେ ଠିକ୍ ତେତିକି ହୁଏ । ଦାସେ ଉତ୍କୋଚର ଧାର ଧାରନ୍ତି ନାହିଁ, ସମ୍ଭବତଃ ତାକୁ ଅମେଧ୍ୟ ତୁଲ୍ୟ ଘୃଣ୍ୟ ଏବଂ ଅସ୍ପୃଶ୍ୟ ଜ୍ଞାନ କରନ୍ତି । ସେ ଜଣେ ଘରଭରଣା ଲୋକ । ଅତିଥି ଅଭ୍ୟାଗତ ତାଙ୍କ ଦ୍ୱାରରୁ କେବେ ଶୂନ୍ୟ ହସ୍ତରେ ଫେରନ୍ତି ନାହିଁ । ଗରିବ ପ୍ରତିବେଶୀମାନେ ନାନାଭାବରେ ତାଙ୍କଠାରୁ ସାହାଯ୍ୟ ପାଆନ୍ତି । ଲୋକଟି ସ୍ୱଭାବ ଦୟାଳୁ । ଦୀନର ଦଶା ଦେଖିଲା ମାତ୍ରେ ତାଙ୍କୁଆଣି ଯଥାଶକ୍ତି ସତ୍କାର କରନ୍ତି ।

ଦାସେ ଦ୍ୱାଦଶୀ ଦିନ ମଠରେ ପାରଣା କରନ୍ତି । ସେଥି ସକାଶେ ଆଗରୁ ମଠକୁ ସଞ୍ଚା ପଠାଯାଇଥାଏ । ତାହା ପାକ ହୋଇ ଦେବତାଙ୍କଠାରେ ନୈବେଦ୍ୟ ହେଲା ପରେ ପାଞ୍ଚଜଣ ବୈଷ୍ଣବ ସେବା ହୁଏ । ତହିଁ-ପରେ ଦାସଙ୍କର ପାରଣା । ଗରୁଡ଼ ଦ୍ୱାଦଶୀ ଦିନ ବେଳ ପ୍ରହରକ ସମୟରେ ଦାସେ ମଠରେ ଉପସ୍ଥିତ ହୋଇ ଯାହା ଦେଖିଲେ ସେଥିରେ ତାଙ୍କର ଚକ୍ଷୁ ସ୍ଥିର । ମଠର ସମସ୍ତ କକ୍ଷ ତାଙ୍କ ପକ୍ଷରେ ଅବାରିତ । ମହନ୍ତଙ୍କ ପ୍ରକୋଷ୍ଠକୁ ଯାଇ ଦେଖିଲେ, ମହନ୍ତ ଗୋସାଇଁ ସୁ ପାନରେ ନିଯୁକ୍ତ । ପତ୍ନୀ ପିଆଲା ଧରି ଅଛି, ମହନ୍ତ ସୁଦ୍ଧା ସାଢ଼ି ଶବ୍ଦରେ ଘୁମର ଚଳାଉ ଅଛନ୍ତି । ପୁରୁଣାକାଳିଆ ଲୋକେ ସ୍ୱଭାବତଃ ଧର୍ମଭୀରୁ ଏବଂ ଆଚାରନିଷ୍ଠ । ଅନୀତି ଅନାଚାର ଦେଖିଲେ ସେମାନଙ୍କ ଚକ୍ଷୁରୁ ରକ୍ତ ସ୍ରାବ ହୁଏ । ଦାସେ ଆଉ ଧୈର୍ଯ୍ୟ ସମ୍ଭାଳି ପାରିଲେ ନାହିଁ । ହଠାତ୍ ଅତର୍କିତ ଭାବରେ କହି ଉଠିଲେ,—'କି ହେ ମହନ୍ତ, ତୁମ୍ଭର ଏ କି ଅକରଣୀ । ବନାଧାରୀ ବୈଷ୍ଣବ ହୋଇ ଦ୍ୱାଦଶୀରେ

ସ୍ଥାନ ଅସ୍ଥିକ ନାହିଁ । ତନ୍ତ୍ରଆଣୀଠା ହାତରୁ କଅଣ ଘୁଡ଼ାଏ ସିଦ୍ଧଅଛ । ଛି ଛି, ଲୋକେ ଶୁଣିଲେ କଣ କହିବେ ?' ମହନ୍ତଙ୍କ ଆଗରୁ ଭଲରୁପେ ତୁଇଛିଠା ପକାଇ ଦେଇ- ଥିଲେ । ଦାସଙ୍କର ଏ ପରୁଷ ବାଣୀରେ ତାଙ୍କର କ୍ରୋଧ ସପ୍ତମକୁ ଚଢ଼ିଗଲା । ଜଣେ ବେତନଭୋଗୀ ଭୃତ୍ୟ ଏତେ କୁର ନିର୍ଭୟରେ କଥା କହିବାକୁ ସାହସୀ ହେବ, ଏହା କି ସହିବାର କଥା । ଉତ୍‌ଫଣ ତମ୍ପ ପରି ଗର୍ଜି ଉଠି ମହନ୍ତ କହିଲେ—'ଅଣ୍ଡି ଘୋଡ଼ାକ ଉପରକୁ ଉଠିଗଲା ପରି । ଅଦାବେପାରୀଙ୍କୁ ଜାହାଜ ଖବର କାହିଁକି ଲୋଡ଼ା ? ଯା ଯା, ମହନ୍ତଙ୍କୁ ସମ୍ଭାଳି କଥା କହ । ଦାସେ ଏହା ଶୁଣି କ୍ଷିପ୍ତ ନ ହେଇ ଛାଡ଼ିଆସିଲେ । ଯେହେତୁ ମହନ୍ତ ତେତେବେଳେ କି ରୂପ ଅବସ୍ଥାରେ ଥିଲେ, ତାହା ତାଙ୍କର ଅପରିଜ୍ଞାତ ନଥିଲା । ସେ ଏକ ବୀଭତ୍ସ ଅବତାର ସାଜିଅଛନ୍ତି, ଏତେବେଳେ ତାଙ୍କୁ କଥା କହିବା ବାସ୍ତବରେ ଅପରିଣାମଦର୍ଶିତାର କାର୍ଯ୍ୟ ହୋଇଅଛି । ସେଥି- ସକାଶେ ନିଜର ବିବେକକୁ ମଧ୍ୟ ଧିକ୍କାର ଦେଲେ; ମାତ୍ର ଦୁର୍ମତିର ପ୍ରତିଫଳ ଦାନରେ ନିଶ୍ଚେଷ୍ଟ ହେଲେ ନାହିଁ । ମନେ ମନେ ଭାବିଲେ, ଠୋକାଠାର କେତେ ଗୁମାନ । ପିତଳ ମାଜ ମାଜି ହାତରୁ ଅଧେ ଘୋରି ହୋଇ ଯାଇଅଛି । ଆଜି ସେ ହେଲା ଜାହାଜର ସରଦାର ଆଉ ମୋର ଚୌଦ ପୁରୁଷର ଦେହ ମଠ ରକ୍ତରେ ଗଢ଼ା, ମୁଁ ହେଲି ଅଦାବେପାରୀ । ହାୟରେ କାଳ, ଢେଙ୍କି ସ୍ୱର୍ଗକୁ ଗଲେ ସୁଦ୍ଧା ଧାନ କୁଟେ । ଆଚ୍ଛା ହେଉ, ଏ ଗୁମାନ କିନ୍ତୁ ରଘୁନାଥ ସହି ପାରିବେ ନାହିଁ । ପ୍ରତିଜ୍ଞା କଲି, ଯଦି ଏ ଉଦ୍ଧତର ଗର୍ବ ଚୂର୍ଣ୍ଣ ନ କରେ, ତେବେ ମୁଁ କରଣ ପିଲା ନୁହେଁ ।

କି କୌଶଳରେ ଦୁଷ୍ଟ ଦୁଷ୍ଟାଙ୍କ ମେଳ ଭାଙ୍ଗିବ, କାହିଁରେ ବା ସେମାନଙ୍କ ଉପଦ୍ରବରୁ ମଠ ଶାନ୍ତି ଲାଭ କରିବ, ଏହି ଚିନ୍ତାରେ ଦାସଙ୍କର ଦିବସ ଅତିବାହିତ ହେଲା । ରାତ୍ରରେ ମଧ୍ୟ ନିଦ୍ରା ହେଲା ନାହିଁ । ନିଦ୍ରା- ଦେବୀ ସ୍ୱଭାବଶୀତଳା, ସେ ଉତ୍ତାପ ସହି ପାରନ୍ତି ନାହିଁ । ଯେଉଁଠାରେ ଚିନ୍ତା-ଚିତାକୁଣ୍ଡ ଜଳୁଥାଏ, ସେ ସେସ୍ଥାନର ସୀମା ସ୍ପର୍ଶ ନ କରି ଦୂରରୁ ଜୁହାର କରନ୍ତି । କଳ୍ପନା ନାନା ପ୍ରସ୍ତାବ ଆଣି ଉପସ୍ଥାପିତ କଲା । ବିବେକ ତାହାକୁ ଗୋଟି ଗୋଟି ଯୁକ୍ତି ପ୍ରଦର୍ଶନ- ଦ୍ୱାରା ଖଣ୍ଡନ କରିବାକୁ ଲାଗିଲା । କଳ୍ପନାର ଭଣ୍ଡାର ଅସରନ୍ତି । ବିବେକ ଗୋଟିଏ କାଟିଲା ବେଳକୁ ସେ ଆଉ ଗୋଟିଏ ପ୍ରସ୍ତାବ ଆଣି ଯୋଗାଇ ଦିଏ । ଏହିପରି ରାତିସାରା କଳ୍ପନା ଏବଂ ବିବେକ ମଧ୍ୟରେ ତର୍କ ଚାଲିଲା ପରେ ଶେଷରେ ଧାର୍ଯ୍ୟ ହେଲା, ପଞ୍ଚାୟତମାନଙ୍କ ଦ୍ୱାରା ଏ ବିଷୟ ରାଜାଙ୍କର କର୍ଣ୍ଣଗୋଚର କରି ବିହିତ ପ୍ରତିକାର କରିବାକୁ ହେବ ।

ଯଥାସମୟରେ ପୂର୍ଣ୍ଣାବୟବା ଉଷା ସରସ୍ୱତୀ ସରୋଜିନୀଙ୍କୁ ପ୍ରିୟ ଆଗମନ ବାର୍ତ୍ତା ଜଣାଇବା ସକାଶେ ପୂର୍ବ ଦିଗରେ ପ୍ରକାଶିତ ହେଲା । ତାହାର ସ୍ୱର୍ଣ୍ଣଗର୍ଭ ଚଞ୍ଚଳ ସ୍ଫଟିକମୟ ଚତ୍ୱରର ଉପରେ ପ୍ରତିଫଳିତ ହୋଇଉଠିଲା । ଅହୋ, ପ୍ରକୃତିର ଏ କି ମୂର୍ତ୍ତି ! ତାହାର ତ୍ରିଗୁଣାତ୍ମିକା ନାମ ଯଥାର୍ଥ । ରାତ୍ରିରେ ଭୀଷଣ ତମୋମୂର୍ତ୍ତି, ନିଶାନ୍ତରେ ମନ୍ଦାରବର୍ଣ୍ଣିତ ରଜୋମୂର୍ତ୍ତି ଏବଂ ଦିବସରେ ସୁନ୍ଦର ମଧୁର ସତ୍ତ୍ୱମୂର୍ତ୍ତି ସେ ପ୍ରତିନିତ୍ୟ ଧାରଣ କରୁଅଛି । ଅରଣ୍ୟ-ସ୍ୱର୍ଗର ଅପସରା ରୂପିଣୀ ବିଶ୍ୱଶୋଭିନୀ କୁସୁମାବଳୀ ହସି ଉଠିଲେ । ସେ ହାସ୍ୟ କି ଅପଠାନ୍ତର ସୁନ୍ଦର । ତାହା ପ୍ରୀତି ଅନୁରାଗରେ ଅନୁରଞ୍ଜିତ । କୁତ୍ରଚିତ୍ ଗୃହ କୋଣରେ ଡେଣା ଝାଡ଼ି ଝାଡ଼ି "ରଖ ଗୋ ମା, ରଖ ଗୋ ମା" ଶବ୍ଦରେ ପ୍ରଭାତର ପବିତ୍ର ଶାନ୍ତି ଏବଂ ନୀରବତା ଭଗ୍ନ କରିବାକୁ ଲାଗିଲା । ଏ ମାତୃ ସମ୍ବୋଧନ କ୍ଷୁଦ୍ର ପକ୍ଷୀ କାହା ଉଦ୍ଦେଶ୍ୟରେ ପ୍ରୟୋଗ କରୁଅଛି, ଏହା ଭାବିଲେ ଚିତ୍ତ ସ୍ତବ୍ଧ ହୋଇଯାଏ । ବିବେକବୁଦ୍ଧିବିହୀନ ନଗଣ୍ୟ ପକ୍ଷୀପ୍ରାଣ ଜଗନ୍ମାତାଙ୍କୁ ନିତ୍ୟ ସ୍ମରଣ କରେ । ମାତ୍ର ଜ୍ଞାନସମ୍ପନ୍ନ ମାନବ ତାହା ଭୁଲିଯାଏ, ଏହାହିଁ ଆଶ୍ଚର୍ଯ୍ୟ । ମାନବ କେବଳ ବିପଦବେଳେ ଭଗବାନଙ୍କୁ ଡାକେ—ଅନ୍ୟ ସମୟରେ ନୁହେଁ । ଅନ୍ୟ ସମୟରେ ସେ ସ୍ୱୟଂ ସ୍ରଷ୍ଟା ଏବଂ ସ୍ୱୟଂ ସିଦ୍ଧ । ମନୁଷ୍ୟ ତାହାର ଆବଶ୍ୟକୀୟ ସକଳ କାର୍ଯ୍ୟ ନିଜକୃତ ମଣେ । ମାତ୍ର ଅନନ୍ତ ଶକ୍ତିମାନଙ୍କର ଅନନ୍ତ ଶକ୍ତି ଯେ ସକଳ କର୍ମର ଏକମାତ୍ର କାରଣ,

ତାହା ସେ ଚିର ବିସ୍ମୃତ । ଏହି ମହା ବିସ୍ମୃତିର ପ୍ରସୂତି ମାୟା । ଥାଉ ସେ ସମସ୍ୟା, ଧାନ କୁଟି କୁଟି ଭଗବତ ଚର୍ଚ୍ଚା କାହିଁକି ?

ଦାସେ ସକାଳୁ ଉଠି ଅପେକ୍ଷାକୃତ ଶୀଘ୍ର ଶୀଘ୍ର ନିତ୍ୟକର୍ମ ସମାପନ କଲେ । ମନ କାହିଁରେ ଲାଗୁନାହିଁ । ଯେପରି କି ଗୁରୁ ବୋଝ ତାଙ୍କ ମସ୍ତକରେ ଲଦା ହୋଇଅଛି । ତାହା ଶୀଘ୍ର ନ ଓହ୍ଲାଇଲେ ଶ୍ୱାସ ରୁଦ୍ଧ ହୋଇଯିବ । ବଦନମଣ୍ଡଳରେ ଉଦ୍‌ବେଗର ଶତରେଖା ରଞ୍ଜିତ ହେଲା ଏବଂ ନେତ୍ରଦ୍ୱୟ ବୈଚିତ୍ର୍ୟପୂର୍ଣ୍ଣ ହେଲା । ତାଙ୍କର ଭାବଭଙ୍ଗୀରୁ ବୋଧହେଲା, କଳ୍ପନା କଳ୍ପମାନେ କାର୍ଯ୍ୟ ହୋଇ ଯାଉଥିଲେ ସେ ନିସ୍ତାର ଲଭନ୍ତେ । କର୍ମୀମନରେ କର୍ମ ଉତ୍ତୀର୍ଣ୍ଣର କ୍ଷମତା ସାମାନ୍ୟ ନୁହେଁ । ସେ ତାହାର କର୍ତ୍ତବ୍ୟ ସାଧନ ନ କରିବା ପର୍ଯ୍ୟନ୍ତ ହୃଦୟରୁ ପହଣ୍ଡେ ଗୋଡ଼ ଛାଡ଼ିବାକୁ ଇଚ୍ଛା କରେନାହିଁ । ସେ ମନକୁ ସର୍ବଦା କର୍ମ କରିବାକୁ ଉସ୍କାଏ । ମନର ସ୍ୱଭାବ ବଡ଼ ସରଳ । ତାହାକୁ କର୍ମକର୍ତ୍ତା ଯେଉଁ ଆଡ଼କୁ ଟାଣେ, ସେ ସେହି ଦିଗର ପଥିକ ହୁଏ । କର୍ମର ମୂଲ୍ୟ ଅତୁଳ । ଏହି ପରିଦୃଶ୍ୟମାନ ଜଗତ୍ କର୍ମ ଭିତ୍ତି ଉପରେ ପ୍ରତିଷ୍ଠିତ । ତୁଳାଦଣ୍ଡର ଏକ ପାଲିରେ ସମଗ୍ର ଜଗତ ଏବଂ ଅପର ପାଲିରେ କର୍ମ ରଖି ଓଜନ କଲେ କର୍ମ ପାଖ ଭାର ହେତୁ ନିମ୍ନକୁ ତଳକୁ ହେବ ଏବଂ ଜଗତ୍ ପାଖ ଉଚ୍ଛ୍ୱାସ ହେତୁ ଉପରକୁ ଉଠିଯିବ । ଜୀବନ ଜଗତର ସାରବସ୍ତୁ । ତାହା ଯେତେ କର୍ମମୟ ହେବ, ସେତେ ଉଜ୍ଜ୍ୱଳ ହେବ । ଆଳସ୍ୟ ପୀଡ଼ିତ ପ୍ରାଣ ମୃତ ଏବଂ ଅସାର । ଜଗତର ସମସ୍ତ ପଦାର୍ଥ ଯେ କର୍ମଶୀଳ, ଜ୍ୟୋତିଷ, ବିଜ୍ଞାନ ଦର୍ଶନ ପ୍ରଭୃତି ଶାସ୍ତ୍ର ତାହା ଉଚ୍ଚକଣ୍ଠରେ ଘୋଷଣା କରୁଅଛି । ଏ ବ୍ରହ୍ମାଣ୍ଡ ଜଗତରେ କର୍ମହିଁ ଧର୍ମ, କର୍ମହିଁ ସତ୍ୟ, କର୍ମହିଁ ମଙ୍ଗଳ ଏବଂ କର୍ମହିଁ ମୁକ୍ତି । କର୍ମ ଭବ-ତପୋବନର ସାରଭୂତ ତପସ୍ୟା ।

ଗାଁ ମୁଣ୍ଡରେ ଗୋଟିଏ ସାଧାରଣ ଗୃହ ଅବସ୍ଥିତ, ତାହାକୁ "କୋଠ ମନ୍ଦିର" କହନ୍ତି । ସେଠାରେ ସ୍ୱକରେ ଧର୍ମ ଚର୍ଚ୍ଚା ଏବଂ ଅବସରରେ ଅପରାଧୀ ଗ୍ରାମବାସୀଙ୍କର ବିଚାର ହୁଏ । ଏହି ବିଚାର ଗ୍ରାମ୍ୟ ପଞ୍ଚାୟତମାନେ କରନ୍ତି । ଦୋଷର ଗୁରୁତା ଦୃଷ୍ଟିରେ ତାହାର ତାହାର ପ୍ରତି ସାମାନ୍ୟତଃ ଅର୍ଥଦଣ୍ଡ ମଧ୍ୟ ହୋଇଥାଏ । ସେହି ସମବାୟ ଅର୍ଥରେ ପ୍ରତିବର୍ଷ ଗଣେଶ ପୂଜା ହୁଏ । ଉଦ୍‌ବୃତ୍ତ ହେଲେ କନ୍ୟା ଭୋଜିରେ ବ୍ୟୟିତ ହୁଏ । ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିମାନେ ପ୍ରତ୍ୟହ ସନ୍ଧ୍ୟାରେ କୋଠ ମନ୍ଦିରରେ ଏକତ୍ରିତ ହୁଅନ୍ତି । ସେଠାରେ ଦାନ୍ତ ପଢ଼ ଘଣ୍ଟା ହୁଏ । ଏହି ଅବସରରେ ଗ୍ରାମର ହାଲଚାଲ ମଧ୍ୟ ପଢ଼ିଯାଏ । ଦାସେ ତାହାରେ ତାହାରେ କୋଠମନ୍ଦିରକୁ ଯାଇ ଦେଖିଲେ, ସେଠାରେ ମଠର ପଞ୍ଚାୟତମାନେ ଉପସ୍ଥିତ ଅଛନ୍ତି । ପ୍ରଥମତଃ ଶିଷ୍ଟସମ୍ଭାଷଣ ପରେ ଇଷ୍ଟ ବିଷୟର ଆଲୋଚନା ଲାଗିଲା । ଦାସେ ପଞ୍ଚାୟତମାନଙ୍କୁ ସମ୍ବୋଧନ କରି କହିଲେ—ମଠ ବିଷୟରେ ଆପଣମାନେ କାହିଁକି ନୀରବ ଅଛନ୍ତି ? ମଠର ଦୁର୍ଦ୍ଦଶା ତ ସ୍ୱଚକ୍ଷୁରେ ଦେଖୁଅଛନ୍ତି । ଯେଉଁ ସ୍ଥାନରେ ରମଣୀର ଛାୟା ପଡୁ ନଥିଲା, ସେଠାରେ ପରୀ ଚଳୁଅଣୀର ରାଜତ୍ୱ ଚଳିଲା । ଯେଉଁ ପବିତ୍ର ସ୍ଥାନ ସ୍ପର୍ଶ ମାତ୍ରେ ଗୋଡ଼ ଭଣ୍ଡା ଥରି ଉଠୁଥିଲା, ତାହା ଏବେ ମଦତ ଅଙ୍ଗାରରେ କଳଙ୍କିତ ହେଲା । ସେ ମଦତ ଧୂଆଁରେ ଦେବତା ଦେହ ଘଡ଼ି ଗଲେଣି । ମଠଟା କି ଅଲକ୍ଷଣ ବସିଅଛି । ଯେପରି ତାହାର ଜାନୁ ବାହୁ ବ୍ୟକ ପ୍ରଭୃତି ଛିନ୍ନଭିନ୍ନ ବେଶରେ ତାଙ୍କ କାନ୍ଧ ଅଶ୍ରୁସ୍ରୋତ ଲୋଡ଼ୁଅଛନ୍ତି । ସେ ନୀରବ କନ୍ଦନ କି ଯନ୍ତ୍ରଣାମୟ । ତାହା ଦର୍ଶକର ହୃଦୟ ବିଦୀର୍ଣ୍ଣ କରି ସ୍ମୃତି-ମୁକୁରରେ ସ୍ମୃତି ମୌନ ଶତ ସୁସ୍ୱପନ ଛବି ଫୁଟାଇଦିଏ । ମଠ ଯୋଗୁ ଏ ଗ୍ରାମର ଗୌରବ ଏବଂ ମଠ ଯୋଗୁଁ ଏଗ୍ରାମର ଗୋଟାଏ ପ୍ରାଣ ଅନୁଭୂତ ହୁଏ । ତାହା ଯଦି ନଷ୍ଟ ହୋଇଯାଏ, ତେବେ ଆଉ ଗୌରବାନୁଭୂତିର କାରଣ କଅଣ ରହିବ ? ସେ ତ ଆଜ ମଠ ପଣରେ ନାହିଁ, ଭକ୍ତା ଚଣ୍ଡୀ, ଆସିଲେ ଚଳୁଅଣୀ ଝିଅ ଆଉ ଅଲଣା ମହନ୍ତ ଏହି ତ୍ରିମୂର୍ତ୍ତିର କଳାସ ଭବନ ହୋଇଅଛି । ଯେଉଁ ସ୍ଥାନରୁ ଭୁଣ୍ଡା ପଣ କେହି ଉଠାଉ ନଥିଲେ, ସେ ସ୍ଥାନରେ ଆଜି ଧାନ କୁଟିବ ଭାଲି ଅଳଙ୍କାର ହେବ ଏହି ବିକ୍ଷିପ୍ତ କାହାଣୀ ଶୁଣାଗଲା । କେତେକ ମହନ୍ତ

କାଳ କୋଡ଼ରେ କୀଡ଼ା କରି ଗୁଳିଗଲେ । ସେମାନଙ୍କର କଂକାଳ ପ୍ରଶସ୍ତି ଦେଶରେ ସତତ ସନ୍ତରି ଖେଳୁଅଛି । କୁଳକ୍ଷୟ ସମୟରେ ଘୋଡ଼ାମୁହାଁ ସ୍ତୂପ କଳ୍ପ ହେଲା ପ୍ରାୟ ଶେଷରେ ଏହି ଅଯୋଗ୍ୟ ସେବଙ୍କ ମଠର ନାମ ସୃଷ୍ଟି-ପଞ୍ଜିକାରୁ ଉଠିଯିବ ସିନା । ଏତ ସାମାନ୍ୟ ପିତୁଳା ନୁହେଁ, ଏ ଯେ ଠାକୁରଙ୍କୁ ଗିଳି ପରିଶେଷରେ ଖଟୁଲି ସୁଦ୍ଧା ଗିଳି ଦେଇପାରେ । ଏବେ କାଲିର ଘଟଣା ଶୁଣ ।

କାଲି ଦ୍ୱାଦଶୀ ହେତୁ ମଠକୁ ପ୍ରସାଦ ସେବା କରିବାକୁ ଯାଇଥିଲି । ମହନ୍ତ ତ ବର୍ତ୍ତମାନ ପତ୍ନୀ ମନ୍ଦିର ଉପାସକ, ସେହିପରି ପତ୍ନୀ ସୁଦ୍ଧା ମହନ୍ତ ମୂର୍ତ୍ତିର ଉପାସିକା । ଦେଖିଲି ଦୁହେଁ ଏକତ୍ର ବସି ଅଛନ୍ତି । ନିକଟରେ ମଦ୍ୟ ରନ୍ଧା ହେଉଅଛି । ଉଃ, କି ଦୁର୍ଗନ୍ଧ ଧୂଆଁ ! ତାହା ଯୀଶୁଚଟା ବଜାର ଅଦ୍ୟ ଅନ୍ନ ସୁଦ୍ଧା ଉଦରରୁ ବାହାରକରି ଆଣିବ । ପତ୍ନୀ ମହନ୍ତଙ୍କୁ ସ୍ୱ' ପିଆଇ ଦେଉଥାଏ । ମୁଁ ଏହା ଦେଖି ସହି ନପାରି ଉପଦେଶ ଦେଇ ଦୁଇ କଥା କହିଲି । ମାତ୍ର ସର୍ପକୁ ଦୁଗ୍ଧପାନ କରାଇଲେ ସେ ବିଷ ଉଦ୍‌ଗୀର୍ଣ୍ଣ କରେ, ଏହା ମୁଁ ସେତେବେଳେ ଭାବିଲି ନାହିଁ । ଆଉ ଯାଏ କୁଆଡ଼େ ? ଏଣିକିରେ ମୋ ଆଖି ଉପରକୁ ଉଠିଗଲା, ମୁଁ ଅଦାବେପାରୀ, ମୋର ଜାହାଜ ଖବରରେ ପ୍ରୟୋଜନ ନାହିଁ ଇତ୍ୟାଦି ଅଳଙ୍କାରରେ କ୍ଷସବାନ୍ତ ହୋଇ ଆସିଲି । ଟୋକା ଟୋକୀ ଦୁହିଁଙ୍କର କି ବିଚିତ୍ର ପ୍ରେମ । ସେ ଉଦ୍‌ଭ୍ରାନ୍ତ ପ୍ରେମର ବ୍ୟାକୁଳ ତରଙ୍ଗରେ ମଠର ବାସ୍ତୁପୀଠ ଧୋଇ ନଗଲେ ରକ୍ଷା । ଯେଉଁ ମଠର ଖଣ୍ଡିଏ ଭଗ୍ନ ଇଷ୍ଟକ ଇତିହାସର ସହସ୍ର ପୃଷ୍ଠାର ଅମୂଲ୍ୟ ଉପାଦାନ, ସେ ଏବେ ଯନ୍ତ୍ରଣାର ଜତୁଗୃହ ହୋଇଅଛି । ଜଣଙ୍କର ହୃଦୟ ଅନ୍ୟର ପ୍ରେମସିଂହାସନ ସ୍ୱରୂପ । ପତ୍ନୀ ଚକ୍ଷୁରେ ସଂସାର ଯେପରି ମହନ୍ତମୟ ଦିଶେ ମହନ୍ତ ଚକ୍ଷୁରେ ସୁଦ୍ଧା ସେହିପରି ପତ୍ନୀମୟ ଦିଶେ । ଏ ପ୍ରେମ ବଡ଼ ବିଷମ ପ୍ରେମ । ଏହା ଶୂନ୍ୟଗର୍ଭ; ମାତ୍ର ବାହାରକୁ ବଡ଼ ବାହାର ଦେଖାଯାଏ । କୃତ୍ରିମ ବାସ୍ତବ ପରି ପ୍ରତୀତ ହୁଏ । ଆଉ କାଳୀ ପୋଡ଼ୀଟାର କି ଅନବଦ୍ୟ ସୌନ୍ଦର୍ଯ୍ୟ ସୁବାସରେ ବା ସୁରୂପ ଭ୍ରମର ମୁଗ୍ଧ ହୋଇଅଛନ୍ତି ? ଆହା କି ଅପରୂପ ଶୋଭା ! ପୂର୍ଣ୍ଣଚନ୍ଦ୍ର ଏବଂ ଅମାବାସ୍ୟା ପରସ୍ପର ହସ୍ତ ଧାରଣ କରିଅଛି ପରା । ବାଣୀଭୂଷଣେ ଏହି କଥାକୁ ଘେନି ଟିକିଏ ଘଣ୍ଟା ଚକଟାପୂର୍ବକ ପାଣ୍ଡିତ୍ୟର ପରାକାଷ୍ଠା ପ୍ରଦର୍ଶନରେ ବ୍ୟତିବ୍ୟସ୍ତ ହୋଇ ଉଠିଲେ । ସେ କହିଲେ, "ଯେ ସୌନ୍ଦର୍ଯ୍ୟର ଦସ୍ୟୁ, ସେହି ଏକା ସୌନ୍ଦର୍ଯ୍ୟର ମୂଲ୍ୟ ବୁଝିପାରେ, ସୌନ୍ଦର୍ଯ୍ୟ-ବ୍ୟାଧ ବୁଝି ପାରେନାହିଁ । ଶୋଭାନୁଭୂତ ସ୍ୱକୀୟ ରୁଚିର ଅନୁକୂଳ । ଜଣେ ଯାହା ଶୂନ୍ୟଗର୍ଭ ଦେଖେ, ଅପର ତହିଁରେ ଜଗତର ଶୋଭାରାଶି ଅବଲୋକନ କରେ । ତୁମ୍ଭେ ମହନ୍ତଙ୍କ ନେତ୍ରରେ ଦେଖିଲେ ପତ୍ନୀଙ୍କୁ ଶୋଭାର ଆଗାର ଜ୍ଞାନ କରିବ । ସେତେବେଳେ ତାହାର ଶୋଭା ତୁମ୍ଭର ନେତ୍ର କ୍ଳାନ୍ତିକର ହେବନାହିଁ । ଆଉ କଳାକୁ ବା ଘୃଣା କାହିଁକି ? ଅତସୀ ଫୁଲର କି ସୌନ୍ଦର୍ଯ୍ୟ ନାହିଁ ? ଅନ୍ଧକାରଦ୍ୱାରା ସିନା ଆଲୋକ ପ୍ରଦୀପ୍ତ ହୁଏ । କୃଷ୍ଣବର୍ଣ୍ଣର ମହିମା ସାମାନ୍ୟ ନୁହେଁ । କୃଷ୍ଣବର୍ଣ୍ଣ ସମସ୍ତ ବର୍ଣ୍ଣକୁ ବୁଡ଼ାଇ ପାରେ; ମାତ୍ର ତାହାକୁ କେହି ବୁଡ଼ାଇ ପାରେ ନାହିଁ ।"

ଅନନ୍ତର ମକଦମ ସାଆନ୍ତେ କହିଲେ, 'ବାଣୀଭୂଷଣଙ୍କର ତର୍କଶୁଶ୍ରୁଷା ଅଧ୍ୟାୟ ଏହିଠାରୁ ଇତି ହେଉ । ଏବେ ଉପସ୍ଥିତ କର୍ତ୍ତବ୍ୟ ସ୍ଥିର କରିବା ଉଚିତ । ଆଜି ସ୍ୱାମୀସ୍ତ୍ରୀ ଲାଞ୍ଛିତ ହେଲେ, କାଲି ଆମ୍ଭମାନଙ୍କର ସେହି ଦଶା ଘଟିବ ନୁହେଁ । ଦ୍ୱିତୀୟତଃ ସ୍ନେହର ଉନ୍ନତି ଦମବର୍ଦ୍ଧନଶୀଳ ହେବାକୁ ବସିଲା । ଧ୍ୟାନ ବାସନଠାରୁ ଆରମ୍ଭ କରି ଅଳଙ୍କାର ପର୍ଯ୍ୟନ୍ତ ତାହାର ଧନ୍ଦି ବସ୍ତ୍ରାବୃତ ହେଲାଣି । ଅପରେ କିଂ ଭବିଷ୍ୟତି । ଭବିଷ୍ୟରେ ପତ୍ନୀର ପ୍ରାଦୁର୍ଭାବ । ଏସବୁର ଉଚିତ ପ୍ରତିକାର ନ ହେଲେ ଶେଷରେ ଦୋଷ ଆମ୍ଭମାନଙ୍କ ମୁଣ୍ଡରେ ପଡ଼ିବ ଏବଂ ମଠଟି ଅଦୂର ଭବିଷ୍ୟତ ଗର୍ଭରେ ବିଲୀନ ହେବ । ଅତଃ ମୋ ବିଚାରରେ ଏ ବିଷୟ ଅଚିରେ ରାଜାଙ୍କର କର୍ଣ୍ଣଗୋଚର କରାଇ ଆଶୁ ପ୍ରତିକାରରେ ପ୍ରବୃତ୍ତ ହେବା ଏକାନ୍ତ ବାଞ୍ଛନୀୟ । ପଞ୍ଚାୟତଗଣଙ୍କ ମଧ୍ୟରେ ଏହି ରୂପ କଥାବାର୍ତ୍ତା ଲାଗିଅଛି, ଏମନ୍ତ ସମୟରେ ଟିକିଏ ଦୂରରେ ଗୋଟାଏ ଅତ୍ୟୁଜ୍ଜ୍ୱଳ ସ୍ରୋତ ଦେଖାଗଲା । କିଛିକ୍ଷଣ ସମସ୍ତଙ୍କର ଦୃଷ୍ଟି ସେହି ଆଡ଼କୁ

ନିବଦ୍ଧ ହେଲା । ଏ କି ଆଶ୍ଚର୍ଯ୍ୟ ବ୍ୟାପାର । ଆଗରେ ଇନ୍ଦିରା ବସିଛି । ଖଣ୍ଡେ ଗାମୁଛାର ଏକ ଭାଗରେ ତାହାର ହାତଦ୍ୱୟ ପଛ ଆଡ଼କୁ ବନ୍ଧା । ତାହାଁ ପଛରେ ଧରି ଜଣେ ଚୌକିଦାର ଗାମୁଛାର ଅପର ଭାଗ ଧରି ଏବଂ ଆଉ ଲମ୍ବର ଖଣ୍ଡେ ବାଉଁଶ ଠେଙ୍ଗା କାନ୍ଧରେ ପକାଇ ଠିଆ ହୋଇଛି । ତାହାଁ ପରେ ମଠର ପୂଜାରୀ ବାଇଲା-ପାଣି, ମଳି ଦୃଷ୍ଟି ବଣିଆ ଏବଂ କେତେଜଣ ଦେଖଣାହାରୀ । ବସାଲେ ମୁହଁ ପୋଡି ଠିଆ ହୋଇଛନ୍ତି । ହୃଦୟର ଗୋପନ ତନ୍ତ୍ରୀ ସହସା ଦାରୁଣ ଦୁର୍ଚ୍ଚନାର ଗଭୀର ବେଦନାରେ କମ୍ପି ଉଠୁଅଛି । ଏହି ଯନ୍ତ୍ରଣାର ତୀବ୍ରତା ତାହାର ବ୍ୟାକୁଳ ଦୃଷ୍ଟି ଏବଂ ମୁଖ ମ୍ଳାନିମାରୁ ବ୍ୟକ୍ତ ହୋଇ ପଡୁଅଛି । ସେ କାନ୍ଦୁଅଛି; ମାତ୍ର ସେ କ୍ରନ୍ଦନ ନୀରବ ଏବଂ ନିରଶ୍ରୁ । ଅଶ୍ରୁହୀନ ଯେଉଁ କ୍ରନ୍ଦନ, ତାହା ଯମଦୂତଠାରୁ ବଳି ନିର୍ମମ ଏବଂ କଠୋର । ଆଜି ଭୟଶୂନ୍ୟ ହୃଦୟରେ ଭୟ ପ୍ରବେଶ କରିଅଛି । ଯେଉଁ ହୃଦୟରେ ଭୟ ଭ୍ରମରେ ଅଣ୍ଡାଥି ହୁଏନାହିଁ, ସେହି ହୃଦୟରେ ଆଜି ଭୟ ଶରଣ ପଶିଅଛି । ପୁଣି ଏରୂପ ସେରୂପ ଶରଣ ନୁହେଁ, ଚିର ଶରଣ ଗ୍ରହଣ କରିଅଛି । କଠିନ ପ୍ରସ୍ତରରେ ସହଜରେ ଦାଗ ପଡେନାହିଁ ସିନା; ମାତ୍ର ଥରେ ପଡିଲେ ଆଉ ଲିଭେ ନାହିଁ, ଏହା ଶ୍ରାବଣ ପ୍ରତ୍ୟକ୍ଷ ନୁହେଁ, ସର୍ବତ୍ର ସର୍ବଥା ଦର୍ଶନ ପ୍ରତ୍ୟକ୍ଷ ବିଷୟ । ଇନ୍ଦିରାର ହୃଦୟ-ବନ ଆଜି ବିଷାଦ-ବିଷଲତାକୀର୍ଣ୍ଣ । ସେ ଆଜି ଜୀବନ ଭାରଭୂତ ମଣୁଅଛି । କେବଳ ବେଳେ ବେଳେ ଆଶା ତାହାର ଶୂନ୍ୟ ହୃଦୟ କୁଟୀରରେ ପ୍ରବେଶ ପୂର୍ବକ ତାହା ଚରଣରେ ସାନ୍ତ୍ୱନା-ଅର୍ଘ ପ୍ରଦାନ କରୁଅଛି । ଯାହାର କିଛି ଅବଲମ୍ବନ ନାହିଁ, ତାହାର ଆଶାହିଁ ଏକମାତ୍ର ଅବଲମ୍ବନ । କେବଳ ଆଶା ତାହାକୁ ବଞ୍ଚାଇ ରଖେ ।

ସମସ୍ତଙ୍କର ଦୃଷ୍ଟି ଆଗନ୍ତୁକମାନଙ୍କ ଉପରେ ନିବଦ୍ଧ ହେଲା, ଏହା ପୂର୍ବରୁ ଉକ୍ତ ହୋଇଅଛି; କେମନ୍ତ କି ସମସ୍ତଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଏକାବେଳକେ ଚକ୍ଷୁ ହୋଇଯାଇ ଚକ୍ଷୁର କାର୍ଯ୍ୟ କରୁଅଛି । ନାଟ୍ୟାଭିନୟ ଶେଷରେ ରଙ୍ଗାଳୟ ପ୍ରାୟ ଢୋଠମଣ୍ଡର ପ୍ରାଙ୍ଗଣ ନିସ୍ତବ୍ଧ ଭାବ ଧାରଣ କଲା । କୋଳାହଳ ବେଦନାରେ ସହସା ନୀରବତା ଦେବୀ ଅଧିଷ୍ଠାନ କଲେ । ମାତ୍ର ଏରୂପ ଭାବ ବହୁକ୍ଷଣ ସ୍ଥାୟୀ ହେଲାନାହିଁ । କିଛି କାଳ ପରେ ଶାନ୍ତିମୟ ପ୍ରକୃତିକୁ ମୁଖରିତ କରି ପ୍ରାୟ ପୂଜାରୀ ବାଇଲା ପାଣିର ଉଚ୍ଚ କଠୋର କଣ୍ଠଧ୍ୱନିର ବିକଟ ତାର ଗର୍ଜିଉଠିଲା । ସେ ଗୁରୁ ଗମ୍ଭୀର ସ୍ୱରରେ କହିଲା, ପଞ୍ଚାୟତେ ଏଠାରେ ଅଛନ୍ତି ପରା, ଏହି ଦେଖନ୍ତୁ ଆଜି ଚୋର ଧରା ପଡିଲା । ରଘୁନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଅଳଙ୍କାର ଚୋରିଗଲା ଦିନଠାରୁ ସମସ୍ତେ ଯେ ସେହି କାର୍ଯ୍ୟର କାଳିମା ପଦରେ ମୋତେ ବସାଇଥିବେ, ଏହା ମୁଁ ବିଲକ୍ଷଣ ବୁଝି ପାରିଥିଲି । ମନ୍ଦିରର ଚାବି ମୋ ହସ୍ତରେ, ଅଥଚ ଚୋର ମନ୍ଦିର ମଧ୍ୟରୁ ଅଳଙ୍କାର ନେଇ ଗଲା, ଏହା କି କେହି ବିଶ୍ୱାସ କରିବ । ଏରୂପ ଅବସ୍ଥାରେ ମୁଁ ନିର୍ଦ୍ଦୋଷତା ସମ୍ବନ୍ଧରେ ଯେଉଁ ପ୍ରମାଣ ଦେବି, ତାହା ମୋ ଚୋରିର ସାକ୍ଷ୍ୟ ହୋଇ ବସିବ । ତେଣୁ ମୁଁ ରଘୁନାଥଙ୍କୁ ସ୍ମରଣ କରି ମନରେ ସର୍ବଦା ଶଙ୍କିତ ଥାଏଁ । କାହାକୁ ବା କଅଣ କହିବି, ଲଜ୍ଜାରେ ମୁଣ୍ଡ ଟେକି ବାଟ ଚାଲିବା ମୋ ପକ୍ଷରେ ଦୁଷ୍କର ହେଲା । ଅକାରଣେ ଗୋଟାଏ ଦୁର୍ନାମ ମୁଣ୍ଡାଇବାକୁ ହେଲା, ଏହି ଚିନ୍ତା ମୋର କ୍ଷୁଧା ତୃଷ୍ଣା ସୁଦ୍ଧା ହରଣ କରିଥିଲା । ଯେଉଁ ମଠ ମୋର ବାଲ୍ୟକାଳର ଶିଶୁ ଶଯ୍ୟା, ଯୌବନର ସାଧନା କ୍ଷେତ୍ର ଏବଂ ବାର୍ଦ୍ଧକ୍ୟର ପୁଣ୍ୟ ବାରାଣସୀ ପୀଠ, ତାହାର ଧନ ମୁଁ ଅପହରଣ କରିବି, ଏହା କି ସାମାନ୍ୟ ପାପର କଥା । ଯାହା ହେଉ ରଘୁନାଥେ ମୋତେ ସେ କଳଙ୍କରୁ ମୁକ୍ତ କଲେ । ଏବେ ଘଟଣାଟା ସମସ୍ତେ ଶୁଣ । ମୁଁ ଆଜି ବଡ଼ ସକାଳୁ ଫୁଲ ତୋଳିବାକୁ ଯାଉଥିଲି । ଦେଖିଲି ଭଗ୍ନ ମୂଳ ପୁଷ୍କରିଣୀ ପାଳି ଲଗାଇ ଗୋଟିଏ ଡାଳ କାଟୁଅଛି, ଆଉ ଏ ନିର୍ବଂଶିଆ ଝିଅଟା ତାହା ଆଗରେ ବସି ବଡ଼ ପରି ଏକ ଧ୍ୟାନରେ ଚାହିଁଅଛି । ମୂଳିଆ ବଣିଆ ଯେଉଁ ଡାଳ କାଟି କୁହୁରେ ପକାଉଅଛି, ତାହା ଠାକୁରଙ୍କ ଶ୍ରୀଅଙ୍ଗରୁ ଚୋରି ଯାଇଥିବା ସୁବର୍ଣ୍ଣ ପଇତା । ମୁଁ ଏହା ଦେଖି ଭାଗ୍ୟେ ମୋତେ ସେମାନେ ନ ଦେଖୁଣୁ ଶୀଘ୍ର ପଳାଇଯାଇ ଚୌକିଆକୁ ଖୋଜିଲି । ସେ ଯାଇ ମଳ୍ଲଦଙ୍ଗର

ଚୌପାଢୀ ପିଣ୍ଡାରେ ଶୋଇଥିଲା । ତାକୁ ଉଠାଇ ସମସ୍ତ କଥା ସଙ୍ଗରେ ଘେନିଆସି ପହଞ୍ଚିଲେ ବେଳକୁ ବୁଢ଼ା ନୂଆ ଉମେଇ ଉପରେ ବସିଅଛି । କାହାର ଏ ମାଲ ବୋଲି ପଚାରିବାରୁ ବଣିଆ ଚଷା ଝୋଟାଠାକୁ ଦେଖାଇଦେଲା । ତହୁଁ ଚୌକିଆ ତାହାକୁ ବାନ୍ଧି ମାଲ ସହିତ ଆଣିଅଛି । ଏବେ ତୁମ୍ଭେମାନେ ଯାହା କର ତୁମ୍ଭମାନଙ୍କର ଇଚ୍ଛା ଏହା କହି ତାରଖଣ୍ଡ-ପୁଣ୍ଡ କୁଢ଼ଟି ସମସ୍ତଙ୍କ ଆଗରେ ଥୋଇଦେଲା ।

ଗ୍ରାମରେ ଏ ଘଟଣା ବ୍ୟାପ୍ତ ହେବାରୁ ଦଳେ ଦଳେ ଲୋକ ଦେଖିବାକୁ ଆସିଲେ । ଗ୍ରାମର ପଦର ପଣ ବଣିଆଳଙ୍କର ଖନ୍ଦ । ବଣିଆଳେ ତ ସାମାନ୍ୟ ପାତ୍ର ନୁହନ୍ତି । ସେ ଗଣ୍ଡାଏ ଉପାର୍ଜନ ଆଶରେ କେତେ ଲୋକ ମଧ୍ୟରେ କଳି ଲଗାଇ ଦେଇ କେତେ ଘର ଭାଙ୍ଗିଅଛି । ବର୍ତ୍ତମାନ ସେମାନଙ୍କୁ ଟିକିଲ କରିବାର ସୁବିଧା ମିଳିଲା । ଖରଖୀଭୂଷଣେ କହିଲେ, ମଠର ବାରମ୍ବାର ଚୋରି ଯେ ଭିକାରିର କାର୍ଯ୍ୟ, ଏହା ସମସ୍ତଙ୍କୁ ଜଣା; ମାତ୍ର କେହି ଦେଖି ନଥିବାରୁ ଆମ୍ଭେମାନେ ନୀରବ ଥିଲୁଁ । ଏବେ ପ୍ରତ୍ୟକ୍ଷରେ ଧରାଗଲା, ଯାହା କର୍ତ୍ତବ୍ୟ ତାହା କରାଯିବ । ଚଷା ଝୋଟାଠାର କେଡ଼େ ସାହସ ହୋ, ମହନ୍ତଠାକୁ ନଷ୍ଟ କରିଦେଲା ! କେହି କହିଲା, ସେ ତ ଦ୍ୱିତୀୟ ମହନ୍ତ । ଅନ୍ୟ ଜଣେ କହିଲା, ହିଁ, କାସପୁର ମଠରେ ଏବେ ମହନ୍ତ ହେବାକୁ ଯାଉଛନ୍ତି ପରା ? ସେଠାରେ ଲୁହାବଳା ପିନ୍ଧି ଡାଲି ଭାତ ଖାଇବେ, କୌପୁନି ଭେକ ପିନ୍ଧିବେ ଓ ଘଣ୍ଟା ପେଲିବେ । ପୁଣି ଜଣେ କହିଲା, ମେ ତ ଜାଣିଥାଏ ବାଦ୍ୟା, ଭୁଲ କରିବା ଘଣ୍ଟା ପେଲିବା ଏକ କଥା । ବଣିଆଳେ ପାରିବେ ଯେ । ବଳରାଉତ କହିଲା, ସବୁ ମାଲ ଏଠି ନେଇଛ, ଟିପାଳି କସିଲେ କହିବ ଯେ । ତହୁଁ ହରି ମଲିକ କହିଲା, ନାହିଁ ହୋ, ତାକୁ ଥାନାକୁ ଚଲଣିଆ ମିଳିଲେ ଯାଇ କହିବ । ବଣିଆଳେ ଏପରି ବ୍ୟଙ୍ଗବାଣରେ ଚତୁର୍ଦ୍ଦିଗରୁ ବିଦ୍ଧ ହୋଇ ଅଶେଷ ବ୍ୟଥାନୁଭବ କଲେ ଏବଂ କୋପାନ୍ୱିତ ହେଲେ । ମାତ୍ର ସେ କୋପ ବାହାରକୁ ନ ଫୁଟି ତୁଷାନଳ ପରି ଭିତରେ ରହିଲା । ଆଉ ତାହା ନ କରି ବା ଉପାୟନ୍ତର କଅଣ ? ପଙ୍କ ନିମଜ୍ଜିତ କରୀକୁ ଅଙ୍କୁଶ ଇଷ୍ଟକାଘାତ ସହ୍ୟ କରିବାକୁ ହୁଏ, ଏହା ଭାବି ସେ ନିଜକୁ ନିଜେ ସମ୍ଭାର କରିନେଲେ ।

ଅନନ୍ତର ମୂଳ ସୃଷ୍ଟି ହଳଧୀ ଜର୍ଜରିତ ପିଣ୍ଡାକାନି ବେକରେ ପକାଇ ଯୋଡ଼ ହସ୍ତରେ ଠିଆ ହୋଇ କଅଣ କହିବାକୁ ଇଚ୍ଛା କରୁଥିଲା । ମାତ୍ର ଜିହ୍ୱାକୁ ବଶୀଭୂତ କରି ପାରିଲା ନାହିଁ । କହୁଁ କହୁଁ ପାଞ୍ଚ ଖଣ୍ଡ ବାଜିଗଲା, ଶରୀର ରୋମାଞ୍ଚିତ ହୋଇ ଥରିବାକୁ ଲାଗିଲା, ବାଷ୍ପରୁଦ୍ଧ ହେତୁ ଶବ୍ଦ ଉଚ୍ଚାରଣ ବିଶୃଙ୍ଖଳ ହୋଇଗଲା । ଭକ୍ତ ଶରୀରରେ ସାତ୍ତ୍ୱିକ ଭାବର ବିକାଶ ତୁଲ୍ୟ ନାନା ବିକାର ଜାତ ହେଲା । ଯାହା ହେଉ ସେ ଶେଷରେ କନ୍ଦନ ଗଦ୍‌ଗଦ ସ୍ୱରରେ କହିଲା, ପଞ୍ଚାମୃତ ଅବଧାନ, ମୋର କିଛି ଦୋଷ ନାହିଁ । ମୁଁ ପାଇକିଆଳ ଲୋକ, ଯେ ମୋ ପାଖକୁ ପାଇକି ଆଣିବ ମୁଁ ତାହାର କରିଦେଇ ସୁବିପଇସା ଖାଇବି, ଏତେ ଛନ୍ଦମନ୍ଦ ମୁଁ କି ଜାଣେ ? ଭିକାରି ବଣିଆଳ କେତେଥର ଭଙ୍ଗା ଅଳଙ୍କାର ଆଣି ତରଳାଇ ନେଇଯାଏ; ମାତ୍ର କେବେ କିଛି ଗଢ଼ାଏ ନାହିଁ । ଥରେ ପଚାରିବାରୁ କହିଥିଲା, ମୁଁ ଏ ଅଳଙ୍କାରସବୁ ଶସ୍ତାରେ କଟକରୁ କିଣିଥିଲି । ଭଙ୍ଗାମାଲ କିଏ ନେବ, ତରଳାଇ ମୁଣ୍ଡା କରିନେଲେ ସୁନା ଭରି ଷୋହଳ ଟଙ୍କା ଲେଖାଏଁ ବିକ୍ରୟ ହେବ । ଏ ସବୁ ସେଇ ସୁନା । ଘରବୁଢ଼ା ଚଷା-ଝୋଡା ଏବେ ଏଠି ଭୁଲହୋଇ ବସିଛି । ଏହିପରି କେତେଥର ସିନ୍ଦୂକ ପେଟରାର ଗୁଡ଼ ହଳ ପିତାଉ କାଢ଼ି ମହମ ଛାଞ୍ଚ ଆଣି ମୋଠାରୁ ଚାବି ପ୍ରସ୍ତୁତ କରି ନେଇଅଛି । ଏବେ ଆପେ ଲୁଚିମରି ମୋତେ କୁଣ୍ଢାଇ ଧରୁଅଛି । ଶନିବାରରେ ଶବ ସଙ୍ଗୀ ଲୋଡ଼ିଲା ପରି ଏହାର ବେଭାର । ହେଉ ପରକୁ ବୁଡ଼ାଇଲେ ଦୈବ ଅଛି । ହୋରିଖେଳରେ ଅପରକୁ ରଞ୍ଜିତ କରିବାକୁ ଯାଇ ଆପେ ଫସୁ ଜର୍ଜରିତ ହେଲାପରି ମରିବ । ରଘୁନାଥଙ୍କ ଶ୍ରୀଅଙ୍ଗଭୂଷଣ ବୋଲି ଜାଣିଥିଲେ କି ମୁଁ ସେଥିରେ ହାତ ଦେଇଥାନ୍ତି ? ରାମ ରାମ, ମୋର କି ପାପ ପରମାଦର ଭୟ ନାହିଁ । ଜାଣିଥିଲେ ତକ୍ଷଣେ ପଞ୍ଚାମୃତଙ୍କର କର୍ଣ୍ଣଗୋଚର କରିଥାନ୍ତି ।

ସୃଷ୍ଟିର କଥା ଶେଷ ନ ହେଉଣୁ ପଞ୍ଚାମୃତ ମଧ୍ୟରୁ ଜଣେ କହିଉଠିଲେ, ବିରାଡ଼ି ଆଖି ବୁଜି ଦୁଧ ପିଏ ।

ଲୁଚାମୁହାଁ ତାଙ୍କ ମାଛ ଖାଇଲା ପରି ବଣିଆ ଠୋକା କରୁଛି, କିଛି ଜାଣେ ନାହିଁ । ହରି ରେ କହିଲୁ ଭଲା, ମଠର ଅଳଙ୍କାର ଚୋରି ଯିବା କଥା ତୋର ଗଣ୍ଡାର କାନରେ କି ପଡ଼ି ନାହିଁ । ଲୁଣ ପାଣି ପିଇଲେ ମହାଦେବଙ୍କ ବାପ ସୁଦ୍ଧା ଜାଣି ପାରିବେ ନାହିଁ, ଏବେ ଏହି ଧାରା ଧରିଛୁ ପରା ? ଏ ତୋର କୁହି ନୁହେଁ ଯେ, ଫୁଙ୍କରେ ସୁନାରୁପା ଉଡ଼ାଇ ଦେଲାପରି କଥାଟା ଉଡ଼ାଇଦେବୁ । ଅଛି ଥା, ଥା, ଦୋଷୀ କି ନିର୍ଦ୍ଦୋଷ ତାହା ବଳେ ଯଥାସ୍ଥାନରେ ଛାଣ୍ଡାଯିବ । ଆମ୍ଭେମାନେ କିଛି ବକୁରପଣ ନୋହୁଁ ଯେ, ଦୋଷା-ଦୋଷର ବିଚାର କରି ଦଣ୍ଡ ପୁରସ୍କାର ଦେବୁ । ଦୋଷକଣ ନଥିଲେ ତୋ ଗୋଡ଼ରେ କଣ୍ଟା ଭୁଳିବ ନାହିଁ, ସୁନା ରୁପାକୁ ତୁ ଯେପରି ନିର୍ମଳ କରୁ ସେହିପରି ନିଷ୍କଳଙ୍କ ହୋଇ ବାହାରିବୁ । ନିର୍ଦ୍ଦୋଷର ସମ୍ବଳ ବଳ ଭଗବାନ୍ । ତୁ ନିର୍ଦ୍ଦୋଷ ହେଲେ ସେ ନିଶ୍ଚୟ ତୋତେ ସ୍ୱତଃ କରୁଣା ପ୍ରକାଶ କରିବେ । ସେ ନିରପରାଧର ବଜ୍ର କବଚ । ତୋ କଥା ସତ୍ୟ ହେଲେ ସତ୍ୟର ଜୟ ନିଶ୍ଚୟ ହେବ । ସତ୍ୟର ଭିତ୍ତି ଉପରେ ଏ ବିଶାଳ ସଂସାର ପ୍ରତିଷ୍ଠିତ ଅଛି । ସତ୍ୟ ହେତୁ ଚନ୍ଦ୍ର ସୂର୍ଯ୍ୟ ଅତଯାତ ହେଉଅଛନ୍ତି । ଜଗତରେ ଯେତେ ପଦାର୍ଥ ଅଛି, ସତ୍ୟ ସବୁଠାରୁ ମହତ୍ତମ । ଯେ ସତ୍ୟବାଦୀ, ତାହାର କିଛି ଅପଦ ନାହିଁ । ସତ୍ୟକୁ ବିପଦର ସତତ ପ୍ରାଣାନ୍ତକ ଭୟ; ତେଣୁ ସେ ସ୍ୱପ୍ନରେ ସୁଦ୍ଧା ତାହାର ନିକଟବର୍ତ୍ତୀ ହେବାକୁ ସାହସ କରେନାହିଁ । ସତ୍ୟର ମହିମା ବଚନାତୀତ । ସେହି ମହିମାର ମହାମୁକୁଟ ଯାହାର ମସ୍ତକରେ ଶୋଭାପାଏ, ସେ ସଂସାରରେ ଚିର ଜୀବିତ ଏବଂ ଚିର ନିର୍ବିପଦ ।

ଏଣେ ଧଡ଼େଇ ଜେନା ଚୌକିଦାର "ଚଞ୍ଚଳ ଥାନାକୁ ଚାଲ, ଚଞ୍ଚଳ ଥାନାକୁ ଚାଲ" କହି ଭାରି ତରତରିଆ ଲଗାଇଦେଲା । ତହୁଁ କିଏ କିଏ ଥାନାକୁ ଯାଇ ଇଜାହାର ଦେବେ, ଏବିଷୟ ଘେନି କିଛିକ୍ଷଣ ଆନ୍ଦୋଳନ ଲାଗିଲା । ମାତ୍ର ପଞ୍ଚାୟତମାନେ ସମସ୍ତେ ଯିବେ ବୋଲି ଚୌକିଦାର ସମ୍ମୁଖ ବାଟି ଦେଇ ବସିଲା । କରଣ୍ଡିଭୂଷଣେ ବଡ଼ ବ୍ୟସ୍ତରେ ପଡ଼ିଲେ । ତାଙ୍କର ୭୫ ବର୍ଷ ହେଲା; କିନ୍ତୁ ଆଜି ଅବଧି ସେ ଥାନାଦ୍ୱାର ମାଡ଼ି ନାହାନ୍ତି କିମ୍ବା ମୁନସି ଦାରୋଗାଙ୍କ ମୁହଁରେ ପଦେ କଥା କହିନାହାନ୍ତି । ଆଜି କଅଣ କରିବେ, ଏ ଦୁର୍ଦ୍ଦର ସଙ୍କଟରୁ କିପରି ଉଦ୍ଧାର ହେବେ, କିଛି ବୁଦ୍ଧି ଦିଶିଲା ନାହିଁ । ଅନେକ ଥର ନାସ ଶୁଙ୍ଘି, ଅନେକ ଥର ନାସାଗ୍ର ଆଉଁଷି ବୁଦ୍ଧି-ସନ୍ଦୁରେ ଦମ ଦେବାକୁ ଲାଗିଲେ । ମାତ୍ର ତାହା ଅଚଳ ଏବଂ ଅସାର । ବିପଦବେଳେ ବୁଦ୍ଧି ଆସେ ନାହିଁ, ଏହା ସ୍ୱାଭାବିକ କଥା । ଯାହାହେଉ କିଛିକ୍ଷଣ ପରେ କହିଲେ, ମୁଁ ନଗଲେ ମଧ୍ୟ ଚଳିବ ଯେ, ଆଜି କୁଟୁମ୍ବ ସାଆନ୍ତଙ୍କର ବସ୍ତୁ ପ୍ରୀତି । ବିପୁଳ ଦାନ ଏବଂ ଭୋଜନର ବ୍ୟବସ୍ଥା ହୋଇଅଛି । ବେଳ ଛ ଘଡ଼ି ସମୟରେ ମୋତେ ସେଠାକୁ ଯିବାକୁ ହେବ । ପୁରୋହିତଆ କାମ, ନ ଗଲେ ନଚଳେ । ପୁଣି ଅନ୍ୟ କାହାରି ନୁହେଁ ସାଆନ୍ତ ଘର କାମ, ନଗଲେ ପୁରୋହିତ କାଟିଦେବେ ଆଉ ଯାହା ପଣେ ପାଇବାର ଆଶା ଅଛି, ତାହା କି ଯିବ । ଏହା କହି ନାସ ଟିପେ ଶ୍ରାଦ୍ଧ କରିବାକୁ ଲାଗିଲେ । ସମ୍ଭବତଃ ଆଉ କିଛି କହିଥାନ୍ତେ; ମାତ୍ର ଇତ୍ୟବସରରେ ମକରମେ ତରବର ହୋଇ କହି ପକାଇଲେ, ମୋର ମଧ୍ୟ ବଡ଼ ଝିଞ୍ଜଟ । ମଈଆଁ ଠୋକାକୁ ଜ୍ୱର, ମୁଁ ବୈଦ୍ୟ ଡାକିବାକୁ ଆସି ଏଠାରେ ଏତେବେଳଯାଏଁ ବସି ଗଲିଣି । ଏହିପରି ସମସ୍ତ ପଞ୍ଚାୟତମାନେ ଗୋଟିଏ ଗୋଟିଏ କଳ୍ପିତ ଆପତ୍ତି ଉପସ୍ଥାପିତ କଲେ । ଶେଷରେ ସ୍ଥିର ହେଲା, "ଥାନା, ଯମଖାନା" ସେଠାକୁ ଯାଇ କଅଣ କହିବାକୁ ହେବ, କିପରି ଇଜାହାର ଦେବାକୁ ହେବ, ତାହା ତ କାହାରିକୁ ଜଣାନାହିଁ । ତେବେ ଜଣେ ଜାଣିବା ଲୋକ ସଙ୍ଗରେ ନେବା ଆବଶ୍ୟକ । ବଗମରା ଶାସନର ଭୁବନୀ ମହାନ୍ତି ଖୁବ ଜାଣିବା ଶୁଣିବା ଲୋକ । ତାହାଙ୍କୁ ସଙ୍ଗରେ ନେଲେ ସେ ସବୁ ସୁରୁଖୁରୁରେ ଚଳାଇନେବେ, କାହାରି ଦେହକୁ ଆଞ୍ଚ ଲାଗିବ ନାହିଁ । ତହୁଁ ତାହାଙ୍କୁ ଡାକିବା ସକାଶେ ଚଢ଼ବଢ଼ ଲୋକ ପ୍ରେରିତ ହେଲା ।

# ଅଷ୍ଟମ ପରିଚ୍ଛେଦ

## ଭୁବନୀ ମହାନ୍ତି

ଭୁବନୀ ମହାନ୍ତି ଜଣେ ପୁରୁଣା ଜାଲିଆ ମୋକ୍ତାର । ମାଲ୍ ମୋକଦ୍ଦମାର ପୋକ ସ୍ୱରୂପ । ଦେହରେ ଲୋମ ଯେତେ, ସେ ଜୀବନରେ ତେତେ ମୋକଦ୍ଦମା କରିଅଛନ୍ତି । ତାଙ୍କର ଉଦର ଜାଲ, ଜୁଆଚୋରି, ଫିସାଦର ଗୋଟିଏ ଅସରନ୍ତି ଭଣ୍ଡାର । ଏମନ୍ତ କି ସେ ବିନା ସୂତାରେ ଗଣ୍ଠି ପକାଇ ପାରନ୍ତି । ମୋକ୍ତାରିସୁଲଭ ଜଟିଳ କୁଟିଳ ବୁଦ୍ଧିରେ ମଧ୍ୟ ସେ ପ୍ରଥମ ପୁରସ୍କାର ପାଇବାର ଯୋଗ୍ୟ । ବାର୍ଦ୍ଧକ୍ୟର ପ୍ରବଳ ଆକ୍ରମଣ ହେତୁ ଏଣିକି ସହର ଛାଡ଼ି ସ୍ୱଗ୍ରାମରେ ବାସ କରୁଅଛନ୍ତି । ତାଙ୍କର ବୟସ୍କ ପୁତ୍ର ଯଥେଷ୍ଟ । ଘରେ ରହି ସେଥିର ରକ୍ଷଣାବେକ୍ଷଣ କରନ୍ତି । ଜାଣିତ ଲୋକ ବୋଲି ଅନେକେ ତାଙ୍କଠାରୁ ମାଲି-ମୋକଦ୍ଦମାର ପରାମର୍ଶ ନେବା ସକାଶେ ଆସନ୍ତି । କେହି କେହି ଅଧିକ ପାରିଶ୍ରମିକ ଦେଲେ କ୍ଷମତାପତ୍ର ନେଇ କାମ ଚଳାଇ ଦିଅନ୍ତି । ଭୁବନୀ ବାବୁ ବଳି ବାହୁଡ଼ାଣି ଦାଣ୍ଡପିଣ୍ଡାରେ ବସି ମୂଲିଆମାନଙ୍କୁ ବେଳ ଓଳିର କାମ ବରାଦ କରୁଅଛନ୍ତି, ଏହି ସମୟରେ ପଞ୍ଚାୟତଙ୍କ ପ୍ରେରିତ ଲୋକ ଉପସ୍ଥିତ ହୋଇ ତାଳପତ୍ର ମୋଡ଼ା ଚିଠିଖଣ୍ଡିଏ ହାତକୁ ବଢ଼ାଇ ଦେଲା । ମୋକ୍ତାର ତାହା ପାଠ କରି ମନେ ମନେ ବଡ଼ ଆନନ୍ଦିତ ହେଲେ; ମାତ୍ର ସେ ନୀରବ ଆନନ୍ଦ କେବଳ ମନରେ ନରହି ବାହାରକୁ ମଧ୍ୟ ବାହାରି ପଡ଼ିଲା । ବଦନ କ୍ରମେ ସ୍ମିତହାସ୍ୟ ମଣ୍ଡିତ ହେଲା, ନୟନରୁ ଉଲ୍ଲାସର ଭାବ ଝଲକି ଉଠିଲା । ସେ ପତ୍ର ପଢ଼ି ଆନନ୍ଦିତ ହେଲେ ବୋଲି ସମସ୍ତେ ଜାଣି ପାରିଲେ; ମାତ୍ର ସେହି ଆକସ୍ମିକ ଅଜ୍ଞାତ ଆନନ୍ଦର କାରଣ କେହି ବୁଝି ପାରିଲେ ନାହିଁ । ତିନି ଦିନ ହେଲା ଉପରି ରୋଜଗାର କଉଡ଼ାଏ ନାହିଁ । ଦୈବାତ୍ ଆଜି କଣା ପୋହଳରେ ଶୋଉଳ ପଶିଛି, ଆଉ କି ସେ ଛାଡ଼ନ୍ତି । ଉଚ୍ଚରେ ଡାକଟାଏ ମାରି କହିଲେ, ରେ ଅନନ୍ତା, ମଝିଘର ଗାଙ୍ଗ ଉପରୁ ଗୋଟାଏ ତାଳପତ୍ର ଆଉ ଲେଖନଟା ଚଞ୍ଚଳ ଆଣିବୁଟି ।

ପ୍ରାୟ ଲହମାକ ପରେ ଗୋଟିଏ ୮।୧୦ ବର୍ଷର ବାଳକ ଆସି ଲେଖନ ପତ୍ର ଦେଇଗଲା । ତହୁଁ ଭୁବନୀ ତାଳପତ୍ର ଅଗରୁ ଟିକିଏ କାଟିନେଇ ସେଥିରେ କଅଣ ଗୁରୁ ଅକ୍ଷର ଲେଖିଦେଇ ପତ୍ରବାହକ ହସ୍ତରେ ଦେଲେ ଏବଂ କହିଲେ, କହି ଦେବୁ, ମୁଁ ତୋ ପଛେ ପଛେ ପୁଞ୍ଜାଏ ଖାଇଦେଇ ଯାଉଛି ।” ଏହା କହି ଶୀଘ୍ର ଉଠି ଯାଇ ତୈଳର ଅପେକ୍ଷା ନକରି ବାଡ଼ି ଗଡ଼ିଆରେ ବୁଡ଼ିବେ ମାରି ଆସିଲେ । ଉଦ୍‌ବେଗରେ ଅଉ ଖାଇବେ କଅଣ, ଯୁବିଗୁଣ୍ଡା ଆଖିରେ କାନରେ ଗୁଞ୍ଜିଦେଇ ପିନ୍ଧା ଚୌମୀ ( ଚୌମୁହାଁ ଖଦଡ଼ ) ପିନ୍ଧି ଛତା ଖଣ୍ଡେ କାଖରେ ଯାକି ଘରୁ ବାହାରି ପଡ଼ିଲେ । ଏଣେ ପଞ୍ଚାୟତମାନଙ୍କର ବ୍ୟାକୁଳ ଉତ୍କଣ୍ଠା କହିଲେ ନସରେ । ଆତୁର ରୋଗୀ ବୈଦ୍ୟଙ୍କୁ ଚାହିଁଲା ପ୍ରାୟ ସେମାନେ ମୋକ୍ତାରଙ୍କୁ ଚାହିଁ ବସିଅଛନ୍ତି । ଘରଡ଼ିଭୁଷଣେ ଥରେ ଥରେ ତାହାଙ୍କର ଆଗମନ ପଥ ଚାହିଁ ଆସୁଅଛନ୍ତି । ମୋକ୍ତାରଙ୍କୁ କଅଣ ଦିଆଯିବ ବୋଲି କାହାରି କାହାରି ତର୍କ ଲାଗିଅଛି । ଜଣେ କହିଲା, ଏ ଦେବତାଙ୍କର କଥା, ଆମ୍ଭେମାନେ କଅଣ ଦେଇପାରିବା, ମଠ ଇଲାକାରୁ ଯୋଡ଼ାଏ ବଡ଼ ଗଛ ଦେଇ ବାପୁଡ଼ାକୁ କୌଣସି ମତେ ସନ୍ତୁଷ୍ଟ କରିଦେବା । ଅପର କହିଲା, ଦୁଗ୍ଧ ପିପାସୁ କି ଜଳରେ ତୃପ୍ତହେବ ? ଏହିପରି କଥା କଟାକଟି ହୋଇ ଶେଷରେ ପାଞ୍ଚ ଟଙ୍କା ଭେଟି ଦେବାର ସାର ମୀମାଂସା ହୋଇଲା ।

ଠିକ୍ ଦୁଇ ପ୍ରହର ସମୟରେ ଭୁବନୀ ମୋକ୍ତାର ଆସି ଉପସ୍ଥିତ ହେଲେ । ପଞ୍ଚାୟତମାନଙ୍କ ପିଣ୍ଡରେ ପ୍ରାଣ ପଶିଲା । କେଡ଼େ ଗୋଟାଏ ସଙ୍କଟର ଭାର ସେମାନଙ୍କର ମସ୍ତକରୁ ଓହ୍ଲାଇଗଲା ପରି ବୋଧହେଲା । ବାସ୍ତବରେ ଏ ବିପଦ ଖନସଙ୍ଗ୍ରାରୁ ଉଦ୍ଧାର କରିବାକୁ ଘରବାଡ଼ି ଭୁବନୀ ବ୍ୟତୀତ ଆଉ କିଏ ଅଛି ? ସୁତ୍ରଙ୍କୁ

ଶଶ୍ୟବର୍ଗ ଅଥବା ବନପ୍ରସ୍ତ ସ୍ୱଜନେମା କୁସୁମସୁନ୍ଦରୀଙ୍କୁ ଅନ୍ନପାଣି ଘେରିଲା ପ୍ରାୟ ସେମାନେ ଭୁବନୀ ବାବୁଙ୍କ ଘରପାଖରେ ବେଢି ବସିଲେ । ଭୁବନୀ ସମସ୍ତ ବୃତ୍ତାନ୍ତ ଶୁଣି ଥରେ ୨ରେ ମୁରୁକିହସାଦେଇ କହିଲେ, "ଏହି କଥା ନା, ଆଉ କିଛି ? ଗୋଟାଏ ଫୁଙ୍କିରେ ଏହିପରି ପଣେ ମାମଲା ଉଡିଯିବ । ମାତ୍ର ଚଷାଠୋକାଙ୍କୁ ଯଦି ପାଞ୍ଚ ବର୍ଷ କଇଦୀ ନ ଖଟାଏଁ, ତେବେ ମୋ ନାମ ଧରିବ ନାହିଁ । ଏହା ମୋର ଗୋଟିଏ କଥା ଜାଣିଥିବ, ମୁଁ ଯାହା କହିବ ତାହା କରିବ । ବଚନ ଦେଇ କର୍ମ ନ ଭୁଲିଇ ପଛଘୁଞ୍ଚା ଦେବା ମୋ ଜାତକରେ ନାହିଁ, କି କଦାପି ମୋତେ ସେ ମାଟିରେ ଗଢି ନାହିଁ । ଏହା କହି ନିଜର ଅସାଧାରଣ କୃତିତ୍ୱର ପ୍ରୀତି ବାଢି ବସିଲେ । ସେ ତଲ୍ଲଟରେ ତାଙ୍କ ପରି ପରିପକ୍ୱ ଜ୍ଞାନୀ ମାମଲାଖୋର କେହି ନାହାନ୍ତି, ମୋକଦ୍ଦମାରେ ତାଙ୍କର ଜୀବନବ୍ୟାପୀ ଜୟ ବ୍ୟତୀତ ପରାଜୟ ଆଦୌ ନାହିଁ, ନିଜର ଅସ୍ପୃଷ୍ଟି-ସୁଲଭ ପ୍ରତିଭାବଳରେ ସେ କେତେ ଓକିଲ ବାରିଷ୍ଟରଙ୍କୁ ପାଠ ପଢାଇ ଦେଇଅଛନ୍ତି, ଖାଲି ମସୁଧା ନେବା ସକାଶେ ପ୍ରତ୍ୟହ ଶତ ଶତ ଲୋକ ତାଙ୍କର ଦ୍ୱାରସ୍ଥ ହୁଅନ୍ତି, ଏହିପରି ଆତ୍ମସ୍ତବ ବ୍ୟାଖ୍ୟାନଦ୍ୱାରା ସଙ୍କେତରେ ପଞ୍ଚାୟତମାନଙ୍କୁ ନିଜର ମୂଲ୍ୟ ଜଣାଇ ଦେଉଥିଲେ । ଏହି ସମୟରେ ମାମଲାର ଅଧିବାସ ଦକ୍ଷିଣା ସ୍ୱରୂପ ଆଗରେ ପଞ୍ଚ ମୁଦ୍ରା ରକ୍ଷିତ ହୁଅନ୍ତେ ସେ ମୁହଁଠାରୁ ଅନଭ୍ୟାସୀ କାଞ୍ଜି ଖାଇଲା ପରି କରିଉଠିଲେ । ସିନ୍ଧୁଶୋଷୀ ଅଗସ୍ତ୍ୟ କି ଗଣ୍ଡୂଷ ଜଳରେ ତୃପ୍ତ ହେବ ? ଯେ ପୁଙ୍କାଏ ସଙ୍ଗେ ଖଟୁଲି ଗିଳି ଦେଇପାରନ୍ତି, ସେ ଠାକୁରଙ୍କୁ କି ଏହି ଭୋଗ ? ମୁଖମଣ୍ଡଳରେ ଅସନ୍ତୋଷର ଛାୟାପାତ ଦେଖି ମକଦମେ କହିଲେ, "ରକ୍ଷିବା ହେଉନ୍ତୁ, ମୋକଦ୍ଦମା ଜୟ ହେଲେ ଆଉ ପନ୍ଦର ଟଙ୍କା ପାଇବେ ।" ଏ ବାଣୀ ମହାନ୍ତିଙ୍କ ହତାଶାତୁର କର୍ଣ୍ଣରେ ଅମୃତ ବର୍ଷଣ କଲା । ସେ କହି ଉଠିଲେ, ମୋକଦ୍ଦମାକୁ ମୁଁ ଏହି ଲୁଗାକାନିରେ ବାନ୍ଧି ନେଇଯାଉଛି, ଏହାକୁ କେଣେ ମହାନଦୀରେ ଭସାଇଦେଇ ଆସିବ । ତୁମ୍ଭମାନଙ୍କ ଦେହକୁ ଆଞ୍ଚ ଲାଗିବ ନାହିଁ । ଏଣିକି ମୋକଦ୍ଦମା ଜାଣେ, ମୁଁ ଜାଣେ । ମାତ୍ର ଅନେକ ଲୋକଙ୍କୁ ତୋଷାମଦ, ଅନେକ ଲୋକଙ୍କୁ ବଶୀଭୂତ ଏବଂ ଅନେକ ପରିଶ୍ରମ କରିବାକୁ ପଡିବ । ଏହାର ନାମ ମା-ମଲା ପରା ? ମା ମଲେ ଯେପରି ବ୍ୟସ୍ତବ୍ୟସ୍ତରେ ପଡିବାକୁ ହୁଏ, ଏଥିରେ ଠିକ୍ ସେହିପରି । କେବଳ ମୁଁ ବୋଲି ସେ ସବୁ ଭାର ମୁଣ୍ଡକୁ ନେଉଛି, ନଚେତ୍ ଆଉ କିଏ ପାରିବ ? ଏହି କଥାଗୁଡିକ ଅଖଣ୍ଡ ଆତ୍ମପ୍ରାଧାନ୍ୟର ଉତ୍କଟ ଦୃଷ୍ଟାନ୍ତ ହେଲେହେଁ ମୌକିଲଙ୍କ ମନରେ କୌଣସି ଭାବାନ୍ତର ବା ଅବାନ୍ତର ଆନୟନ କରି ପାରି ନ ଥିଲା । ଅନ୍ଧକୁ ହାତୀ ଘୋଡା ପରି କହିଲେ ସୁଦ୍ଧା ସତ୍ୟ ମଣେ । ଅନନ୍ତର ମୋକ୍ତାରେ ପୋଲିଶରେ କିପରି ଭାବରେ ଏତଲା ଦିଆଯିବ, ସେଥିର ମସୁଧା ବାନ୍ଧିବାକୁ ଲାଗିଲେ । କିଛିକ୍ଷଣ ନୀରବ ରହି, ଥରେ ଦୁଇଥର ହାଇମାରି, ଫୁଟୁକି ଫୁଟାଇ କହିଲେ, "ଏ ସ୍ୱେବରେ କିଷ୍ଟସ୍ଥ ନୂଆମହାନ୍ତଙ୍କ ସଲା ଅଛି; ମାତ୍ର ତାଙ୍କୁ ଏଥିରେ ମିଶାଇବାକୁ ହେବ ନାହିଁ । ପୁଣି ପୂର୍ବ ପୂର୍ବ ସ୍ୱେବର କଥା ମଧ୍ୟ ପ୍ରକାଶ କରାଯିବ ନାହିଁ । ଯାହା ଯଥାସମୟରେ ଏତଲା ଦିଆଯାଇ ନାହିଁ, ତାହା ଏବେ ପ୍ରକାଶ କଲେ ଦଣ୍ଡନୀୟ ହେବାକୁ ହେବ। ବର୍ତ୍ତମାନ ଏହିପରି ଇମାନବନ୍ଦ କରିବାକୁ ହେବ ଯେ, ଭିକା ଚଷା ଗତ ରାତିରେ ମନ୍ଦିରରେ ପଶି ରଘୁନାଥଙ୍କ ସୁବର୍ଣ୍ଣ ପଇତା ଚୋରି କରି ନେଇଥିଲା । ଆଜି ତାହା ବଣିଆଶାଳରେ ଆଉଟାଇବା ସମୟରେ ଚୌକିଦାର ତାହାକୁ ମାଲ ସହିତ ଗିରଫ୍ତାର କରିଅଛି । ଚାଲ, ମୁଁ ସବୁ କରିବ, ତୁମ୍ଭେମାନେ ମୋ ସଙ୍ଗରେ ଥିଲେ ହେଲା । ଏହା କହି ମହାନ୍ତିଏ ଆସାମୀ, ଚୌକିଦାର ଓ ପଞ୍ଚାୟତମାନଙ୍କୁ ଘେନି ଥାନା ଅଭିମୁଖରେ ଗମନ କଲେ । ସେମାନେ ଚାଲିଗଲା ପରେ ଉପସ୍ଥିତ ଜନସଙ୍ଘ ମଧ୍ୟରେ ବହୁବେଳ ଯାଏଁ ଉପସ୍ଥିତ ଘଟଣାର ସମାଲୋଚନା ଲାଗିଲା । ସୂର୍ଯ୍ୟାସ୍ତ ପରେ ଆକାଶବୁହିତା-ଗୋଧୂଳିର ସୁବର୍ଣ୍ଣ ଛଟା ଅନେକ କ୍ଷଣ ଯାଏଁ ସାନ୍ଧ୍ୟାକାଶ ଆଲୋକିତ କରେ । ଯଥେଷ୍ଟ ସମାଲୋଚନା ହେଲା; ମାତ୍ର ତାହା ଶୁଷ୍କ ଏବଂ ନୀରସ । ପାଠକ

ପାଠିକାମାନଙ୍କର ଧୈର୍ଯ୍ୟଚ୍ୟୁତି ଆଶଙ୍କାରେ ତାହା ଉପେକ୍ଷିତ ହେଲା ।

ଏଣେ ନୂଆ ମହନ୍ତ ଭିକାରୀଙ୍କ ଅବସ୍ଥା ଶୁଣି ମ୍ରିୟମାଣ । ଲଜ୍ଜା, ଭୟ ଏବଂ ଦୁଃଖ ତିନହେଁ ମିଳି ତାହାଙ୍କ ଭାଗ୍ୟରେ ଅମଙ୍ଗଳ ତ୍ର୍ୟହସ୍ପର୍ଶ ଯୋଗ ଆନୟନ କଲେ । ମହନ୍ତ କାଂକର୍ତ୍ତବ୍ୟବିମୂଢ ଏବଂ ଆତ୍ମଜ୍ଞାନଶୂନ୍ୟ , ଯେମନ୍ତକି କୌଣସି ଅଜାଣିତ ଆତଙ୍କର ବଜ୍ରବର୍ଷୀ ରୁଦ୍ର ଝଟିକା ତାହାଙ୍କ ହୃଦୟ-ବନ ଚୂର୍ଣ୍ଣୀଭୂତ କରିଦେଲା । ନିଜର କୃତ କର୍ମ ଶତ ବିଭୀଷିକା ମୂର୍ତ୍ତି ଧରି ଚକ୍ଷୁ ସମ୍ମୁଖରେ ନୃତ୍ୟ ବିସ୍ତାର କରିଦେଲା । ଅତୀତର ପାପସ୍ମୃତି ବର୍ତ୍ତିମାନ ଏବଂ ଭବିଷ୍ୟତରେ ଦାରୁଣ ଅନୁତାପ-ବର୍ତ୍ତିକା ଜାଳିଦିଏ । ମନ କେଉଁଠାରେ ଲାଗିବାକୁ ନାହିଁ । ଯେଉଁ ବିଳାସ-ଭବନ ସତତ ସ୍ନିଗ୍ଧ ତରଳ ମଧୁରତାରେ କମନୀୟ ଥିଲା, ସେ ଆଜି ବିଷ-ବିସର୍ପିତ ବୋଧହେଲା । କାଳେ ଭିକାରୀ ସବୁ ପ୍ରକାଶ କରିଦେଇଥିବ, ଏହି ଚିନ୍ତା ତାଙ୍କର ମନ ଛନ୍ନ କରିଅଛି ଏବଂ ଅସ୍ୱୀକୃତ ଦୁଷ୍କୃତ ଆପଣାକୁ ଉପହାସ କରୁଅଛି । କେବେ ଭାବୁଅଛନ୍ତି, କେହି ପଚାରିଲେ କଅଣ କହିବ । କେବେ ଅବା ସାହସ ବାନ୍ଧି ଭାବୁଛନ୍ତି, ମୁଁ କଅଣ ଟିକେ ମାନିବ ଯେ, କହିବ ମୋତେ କିଛି ଜଣାନାହିଁ । ସେ ମୋ ନାମରେ ମିଛରେ କହୁଥିବ । ଏହିରୂପ ନାନା କଥା ଭାବିଲେ; ମାତ୍ର ଭିକାରୀର ବିରହବ୍ୟଥା ଏ ସମସ୍ତ ଭୟ ଅପମାନ ଗ୍ଳାନିକି ଅଧିକ ବଳିପଡ଼ିଲା । ଭିକାରୀଠାରେ ମହନ୍ତଙ୍କର ବହୁସ୍ମୃତି ଜଡ଼ିତ । ସେ ତାହାର ଅଦର୍ଶନକୁ ବଜ୍ରପତନ ଅପେକ୍ଷା କଷ୍ଟ ମଣିଲେ ଏବଂ ସମୟ ସମୟରେ ମନ ନୟନ ପ୍ରେରଣ କରି ତାହାକୁ ସଂକଳ୍ପରେ ସଂଯୋଜି ଆସୁଥିଲେ । କଳ୍ପନାର କି ଅସୀମ କ୍ଷମତା ? ସେ ଯାହାର ସହଚରୀ, ତାହାର ଅଭାବ କଅଣ ବା ଅସାଧ୍ୟ କଅଣ ? କଳ୍ପନା ବିନା ଜାଲରେ ତାହାର ଚଢ଼େଇ ଛନ୍ଦାଇ ଦିଏ । ସଂକଳ୍ପ ଏବଂ ଜାଗ୍ରତ ସ୍ୱପ୍ନ ଏ ଦୁହେଁ ଯାମଳ ସହୋଦର । କିନ୍ତୁ ଦୁଃଖର ବିଷୟ, ମହନ୍ତଙ୍କର ପ୍ରାଣପ୍ରିୟ ସେହି ଭିକାରୀ ବର୍ଷ କଠିନ ପରିଶ୍ରମ ସହି କାରାବାସର ଆଦେଶ ପାଇଲା ।

---

# ନବମ ପରିଚ୍ଛେଦ

## ରାଜା ରୁଦ୍ରପ୍ରତାପ ସିଂହ

ଯଥା ସମୟରେ ସମସ୍ତ ଘଟଣା ଗଡ଼ମଣ୍ଡଳ ନରପାଳଙ୍କର କର୍ଣ୍ଣଗୋଚର ହେଲା । ମଠର ସୁବ୍ୟବସ୍ଥାରେ ଅବହେଳା ଏବଂ ଅନାସ୍ଥା ଦେଖି ସେ ପଞ୍ଚାୟତମାନଙ୍କୁ ହୁକୁମ କଲେ । ଯଥାସମୟରେ ପାଇକ ଯାଇ ରାଜ ଆଦେଶ ସେମାନଙ୍କୁ ଜଣାଇଦେଲା । ସେମାନେ ଅନୁକୂଳର ନାନା ଆୟୋଜନରେ ଲାଗିଲେ । ଖରଷ୍ଟ ଭୂଷଣେ ନୃସିଂହ କବଚ ପରି ଦେହ ବିଜେ ହେଲେ, ମକରଦମେ ରାଜବଂଶ ଔଷଧ ଗୁଦର କାନିରେ ବାନ୍ଧିଲେ, କେହି ପୂର୍ଣ୍ଣକୁମ୍ଭ ଦେଖି ଅନୁକୂଳର ବ୍ୟବସ୍ଥା କଲା । ଏଣେ ରାଜହୁକୁମ ଶୁଣି ମହନ୍ତଙ୍କର ପ୍ଲୀହା ଫାଟି ହୋଇଗଲା । ତାଙ୍କ ଜ୍ଞାନଅଙ୍କୁର ମାଡ଼ିବସିଲା । ସେ ବିବିଧ ବ୍ୟର୍ଥ କଳ୍ପନାଜଳ୍ପନାରେ ହାରଗୁନ୍ଥି ନିଜ ଗଳାରେ ଲମ୍ବାଇଲେ ଏବଂ ଜପମାଳା ପ୍ରସ୍ତୁତ କରି ଜପିବାକୁ ଲାଗିଲେ । ନିର୍ବାକ ବିସ୍ମୟ କେତେବେଳଯାଏ ତାହାଙ୍କ ଅନୁଭୂତିକୁ କେଉଁଆଡ଼େ ଉଡ଼ାଇ ନେଇ ଗଲା । ପରେ ପ୍ରକୃତିସ୍ଥ ହୋଇ ଭାବିଲେ, ରାଜାଙ୍କ ସମ୍ମୁଖକୁ ଗଲେକି ଆଉ ନିସ୍ତାର ଅଛି ? ଅନ୍ୟ ଦଣ୍ଡ ତ ଯାହା ହେବାର ହେବ, ପ୍ରଥମେ ଯେଉଁ ପରିହାସ ବାଣୀ ବୃଷ୍ଟି ହେବ, ତାହା ତ ଜୀବନ୍ତ ମୃତ୍ୟୁ ତୁଲ୍ୟ । ଏହିପରି ନାନା ଆଶଙ୍କା

ଘୋଷଣ କରି ଉପସ୍ଥିତ ଆପଦରୁ ରକ୍ଷା ପାଇବା ସକାଶେ କେତେ ଦେବ ଦେବୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ମାଡ଼ି ମାନସିକ କଲେ, ପ୍ରାଣର ଆବେଗରେ ଡାକିଲେ; ମାତ୍ର କାହିଁରେ ଦାରୁଣ ଅଶଙ୍କା ଦୂରୀଭୂତ ହେଲା ନାହିଁ । ଅଶ୍ୱିନ ବୃଷ୍ଟି ପରି ତାହା କ୍ଷଣ କ୍ଷଣକେ ଘୃଣ୍ଡ ଅବ୍ୟବହିତ ପରେ ମାନସମସ୍ତ ଆକ୍ରମଣ କଲା । ତହୁଁ ସେ ଅନନ୍ୟୋପାୟ ହୋଇ ଜ୍ୱରର ଦାହନା କରି ଶଯ୍ୟା ଆଶ୍ରୟ କଲେ । ଏ ବଡ଼ ବିଷମ-ଜ୍ୱର । ଉକ୍ତ ବିଚ୍ଛେଦ ଜନିତ ଜ୍ୱର, ଘୃଣାଜ୍ୱର, ବାହାନାଜ୍ୱର, ଚିନ୍ତାଜ୍ୱର ଏହି ଚତୁର୍ଜ୍ୱର ପ୍ରବଳ ହୋଇ ତାହାଙ୍କୁ ଶକ୍ତିସତ୍ତ୍ୱେ ବିଛଣାରୁ ଉଠାଇ ଦେଲେ ନାହିଁ । ସୁଶ୍ରୁତ, ବାଗ୍‌ଭଟ୍ଟ ଆଦି ବୈଦ୍ୟକୀ ରତ୍ନଗଣ ଏଜ୍ୱରର ଔଷଧ ବ୍ୟବସ୍ଥା କରିନାହାନ୍ତି । ଏଜ୍ୱରକୁ ଶକ୍ତ ପାଞ୍ଚଣ (ପାଚନ) ଆବଶ୍ୟକ ।

ଗଡ଼ମଣ୍ଡଳର ରାଜା ରୁଦ୍ରପ୍ରତାପ ସିଂହ ଜଣେ ପ୍ରତାପୀ ପୁରୁଷ । ପ୍ରଜାପାଳନରେ ଯେପରି ଦକ୍ଷ, ରାଜ-କୋଷ ବୃଦ୍ଧି ବିଷୟରେ ସେହିପରି ଚତୁରକ୍ଷ । ସ୍ୱୀୟ ରାଜତ୍ୱର ଦଶବର୍ଷ ମଧ୍ୟରେ ସେ ରାଜ୍ୟର ଆୟ ଷାଠିଏ ହଜାରରୁ ଦୁଇ ଲକ୍ଷ ପର୍ଯ୍ୟନ୍ତ ଉନ୍ନତି କରିଅଛନ୍ତି । ସେ ନିଜକୁ ପ୍ରଜାକୁଳର କର୍ମଚାରୀ ଜ୍ଞାନ କରୁଥିଲେ । ପ୍ରଜାପିଣ୍ଡ, ରାଜଆତ୍ମା ଏ ବାଣୀ ତାହାଙ୍କଠାରେ ସାର୍ଥକ ହୋଇଥିଲା । କ୍ଷତ୍ରିୟରାଜନ୍ୟ ବାଞ୍ଛିତ ନିଖିଳ ସଦ୍‌ଗୁ-ଣାବଳୀରେ ସେ ଅଳଂକୃତ । ସ୍ଥୂଳତଃ ଏତିକି କହିଲେ ଯଥେଷ୍ଟ ହେବ, ଗୁଣ ତୁଲ୍ୟ ରୂପଦେବତା ମଧ୍ୟ ତାହାଙ୍କୁ ଆଶ୍ରୟ କରିଥିଲେ । ପଣ୍ଡିତମାନେ ତାଙ୍କୁ କନ୍ଦର୍ପ, କାର୍ତ୍ତିକ, ଅଶ୍ୱିନୀକୁମାର ପ୍ରଭୃତିଙ୍କ ସହ ଉପମିତ କରନ୍ତି । ମାତ୍ର ଏରୂପ ଉପମା ଆଧୁନିକ ଉଚ୍ଚଶିକ୍ଷିତମାନଙ୍କ ମନକୁ ଆସିବ ନାହିଁ । ସେମାନେ କହିବେ, କନ୍ଦର୍ପ ପ୍ରଭୃତିଙ୍କୁ ତ କେହି କେବେ ଦେଖି ନାହିଁ, ଅଥଚ ତାଙ୍କୁ ଉପମା ଦେବା ହାସ୍ୟାସ୍ପଦ ଆମ୍ଭମାନଙ୍କୁ ଅଳଙ୍କାରିକ ଭାଷା ଜଣାନାହିଁ; ସୁତରାଂ ଉପମା ଯୋଗି ପାରିଲୁଁ ନାହିଁ । ତେବେ ଏତିକି କହୁଅଛୁଁ ଯେ, ରାଜା ଜଣେ ଶୋଭାକାର ପୁରୁଷ । ଶରୀରରେ ରାଜ ଲକ୍ଷଣ ପରିସ୍ଫୁଟ ଦୃଷ୍ଟ ହୁଏ । ବିଶାଳ ଉଚ୍ଚ ଲଲାଟଫଳକରେ ମନସ୍ୱିତାର ଶିଖା ଉଦ୍ଦୀପ୍ତ । ମୁଖମଣ୍ଡଳ କମଳ ତୁଲ୍ୟ ଢଳ ଢଳ ଏବଂ ପ୍ରସନ୍ନ । ତହିଁ ମଧ୍ୟରେ ନେତ୍ରଦ୍ୱୟ ପଦ୍ମ ମଧ୍ୟରେ ପଦ୍ମ ଫୁଟିଲା ପ୍ରାୟ ଶୋଭାପାଉଅଛି । ଚକ୍ଷୁପତାଦ୍ୱୟ କଜ୍ଜଳକୃଷ୍ଣ; ମାତ୍ର ନେତ୍ର ଈଷତ୍ ରକ୍ତିମ । କଥାରେ କହନ୍ତି, "ଯାର ଚକ୍ଷୁ ରକ୍ତବର୍ଣ୍ଣ ତାହାର ତାହା ରାଜଲକ୍ଷଣ, ରାଜଲକ୍ଷଣ ନଗଲେ ଜଣା, ତେତେ ଜାଣିବ ରାଣ୍ଡୀର ଠଣା ।" ରାଜାଙ୍କର ସବୁ ଗୁଣ ଭଲ; ମାତ୍ର ଗୋଟିଏ କଥାରେ ଅନେକେ ତାଙ୍କୁ ନିନ୍ଦା କରନ୍ତି । ଚନ୍ଦ୍ରରେ କଳଙ୍କ ଅଛି, କୁସୁମରେ କୀଟ ଅଛି, ଚମ୍ପକପରି ପୁଣରେ ଖୁଣ ଅଛି । ବିଧାତା କାହାକୁ ସମ୍ପୂର୍ଣ୍ଣ କରି ସୃଷ୍ଟି କରି ନାହାନ୍ତି । ତାହା କଲେ ବୋଧହୁଏ ତାଙ୍କର ପାପ ହୁଅନ୍ତା ପରି । ଜଗତରେ ଯାହାକୁ ଦେଖ, ସେଥିରେ କୌଣସି ନା କୌଣସି ଅପୂର୍ଣ୍ଣତା ବା ଅଙ୍ଗହାନି ନିଶ୍ଚୟ ବିଦ୍ୟମାନ । ସଂସାରରେ ଦୋଷଶୂନ୍ୟ କିଛି ନାହିଁ । ପତିତପାବନୀ, ତ୍ରିତାପ ହାରିଣୀ ଭାଗୀରଥୀ ସୁଦ୍ଧା ନକ୍ରସର୍ପସଙ୍କୁଳା । ବର୍ଣ୍ଣିତ ରାଜାଙ୍କର ଦୋଷଟା ତେତେ କିଛି ଗୁରୁତର ନୁହେଁ । ଦୋଷ ଏହି ଯେ, ସେ ଅନେକ ବିଷୟରେ ଟିକିଏ ଅଧିକମାତ୍ର ନାମ ପ୍ରୟାସୀ । ଆତ୍ମପ୍ରଶଂସାକୁ ଦୁଗ୍ଧ ମଧୁ ତୁଲ୍ୟ ଜ୍ଞାନ କରନ୍ତି । ଏମନ୍ତ କି ବ୍ୟର୍ଥ ପ୍ରଶଂସା କିଣିବା ବିଷୟରେ ଅନର୍ଥକ ବହୁ ଅର୍ଥ ବ୍ୟୟ ଆଗ୍ରହ ସହକାରେ କରନ୍ତି । ରାଜା ଜଣେ ଗ୍ରନ୍ଥକାର । ତାଙ୍କ ନାମରେ ଅନେକ ଗ୍ରନ୍ଥ ପ୍ରକାଶିତ ହୋଇଅଛି । ବିଶିଷ୍ଟ ଗ୍ରନ୍ଥକାର ବୋଲି ଦେଶରେ ତାଙ୍କର ଗୋଟାଏ ଖ୍ୟାତି ଅଛି । ସେ ସୁଦ୍ଧା ନିଜକୁ କାଞ୍ଚୀପୁର ସାହିତ୍ୟକୁଞ୍ଜର ଅପ୍ରତିଦ୍ୱନ୍ଦ୍ୱୀ ଅଧି-କାରୀ ମଣନ୍ତି । ମାତ୍ର କୁଟିଳ ଲୋକେ କହନ୍ତି, "ରାଜାଙ୍କର ଲେଖିବାର ଶକ୍ତି କିଛି ନାହିଁ, ପଣ୍ଡିତମାନେ ଗ୍ରନ୍ଥ ରଚନା କରନ୍ତି, ତାହା ରାଜାଙ୍କ ନାମରେ ଚଳିଯାଏ ।" ଏହିପରି ନାନା କଥା କହନ୍ତି ଏବଂ ପଣ୍ଡିତମାନଙ୍କ ଏହି ସ୍ୱଣ ବିକି ସକାଶେ ମଧ୍ୟ ଗାଳି ଦିଅନ୍ତି । ମାତ୍ର ଆମ୍ଭେମାନେ ନ୍ୟାୟର ଦୃଢ଼ ଭିତ୍ତି ଉପରେ ଅଟଳ ଭାବରେ ଦଣ୍ଡାୟମାନ ହୋଇ କହୁଅଛୁଁ, ଏଥିରେ କାହାରି କିଛି ଦୋଷ ନାହିଁ । ଆଗ ପଛରୁ, ରାଜା

ଅସ୍ପୃଶ୍ଯାଗୀ ହେଉନ୍ତୁ ବା ନାମପ୍ରସ୍ଥାସୀ ହେଉନ୍ତୁ, ସେ ଯେଉଁ ଗ୍ରନ୍ଥ ଲେଖାଉଅଛନ୍ତି ତଦ୍ଦ୍ୱାରା ଦେଶର ଉପକାର ହେଉଅଛି ତ ? ଆଉ ପଣ୍ଡିତମାନଙ୍କର ବା ଦୋଷ କଅଣ ? ସେମାନେ ପେଟ ସକାଶେ ସାପ ମାରି ପର ପିଣ୍ଡାରେ ପକାନ୍ତି । ଅଟ୍ର ବିଦ୍ୟା ସଂସ୍କୃତର ଏକାଳରେ ଆଦର ନାହିଁ । ଯେ ଯେତେବଡ଼ ଦିଗ୍‌ଗଜ ପଣ୍ଡିତ ହେଉନ୍ତୁ ପଛେ ତାଙ୍କର ମୂଲ୍ୟ ସାତ ଆଠ ମୁଦ୍ରାରୁ ଅଧିକ ନୁହେଁ । ତାହା ପୁଣି ସୁଲଭ ନୁହେଁ । ଏରୂପ ସ୍ଥଳେ "ପେଟ ପୋଷ, ନାହିଁ ଦୋଷ" ଏହି ନୀତି ସେମାନଙ୍କର ଅବଲମ୍ବନୀୟ ହୋଇଅଛି । ଜଠରର ଦୈନ୍ୟ କଅଣ କରି ନପାରେ ? ଦୈନ୍ୟ ଉନ୍ନତିକୁ ଉଜ୍ଜ୍ୱଳ କରେ ସତ୍ୟ; ମାତ୍ର ଅବସ୍ଥା ମଳିନ କରେ । ବିଷମ ଉଗାର ଦିଗ୍‌ଧୋକର ଯବ ଫିଙ୍ଗିଦେବାର ପଦାର୍ଥ ହୋଇଥାନ୍ତା, ତେବେ ସେମାନେ ଶଗଡ଼ ଶଗଡ଼ ପାଠ ପଢ଼ି ଏରୂପ ସ୍ଥାନାଦର କାହିଁକି ଭୁଞ୍ଜନ୍ତେ । ସେମାନେ ତ ପୁଣି ପଣ୍ଡିତଆ ବେଭାରୀ, କୃଷି ବାଣିଜ୍ୟ ସେମାନଙ୍କ ପକ୍ଷରେ ଘୋର ଲଜ୍ଜାକର,ଏପରି କି ମୃତ୍ୟୁଠାରୁ ବଳେ । ସେଥିରେ ମାନମହତ୍ତ୍ୱ ଯିବ, ଜାତି ଯିବ, ବ୍ରାହ୍ମଣକୁଳରେ ଜନ୍ମ ଗ୍ରହଣ କରି ସେ ଅକର୍ମଗୁଡ଼ାକ ସେମାନେ କେମନ୍ତେ କରିବେ । ତାହାହେଲେ ଆଉ କି ବ୍ରହ୍ମତ୍ୱ ରହିବ ? ଖାଦ୍ୟାଭାବେ ମୃତ୍ୟୁ ବରଂ ଶ୍ରେୟ; ମାତ୍ର ସେ ଜ୍ଞାପଣ ପାପରେ ଲିପ୍ତ ହେବା ସ୍ୱପ୍ନରେ ସୁଦ୍ଧା ଅନୁଚିତ ।

ନରନାହା ସାଆଣ ମେଲାରେ ବିଜେ ହୋଇଅଛନ୍ତି । ମହାର୍ଘ ପରିଚ୍ଛଦରେ ଶ୍ରୀଅଙ୍ଗ ଆବୃତ । ବର୍ଣ୍ଣ ଏବଂ ଔଜ୍ଜ୍ୱଲ୍ୟ ଦୃଷ୍ଟିରେ ସେ ପରିଚ୍ଛଦ ରହିତାରରେ ବୁଣାହେଲା ପ୍ରାୟ ପ୍ରତୀୟମାନ ହୁଏ । ଦୀପ୍ତ ଦାମିନୀର ଚକିତ ହାସ୍ୟ ଭଳି ସେଥିରୁ ଅନବରତ ପ୍ରଭା ନିର୍ଗତ ହେଉଅଛି । ରାଜାଙ୍କ ସମ୍ମୁଖ ଭାଗରେ କାବ୍ୟ·ପଞ୍ଚାନନ, ସାହିତ୍ୟାଳଙ୍କାର, ବିଦ୍ୟାବାଗୀଶ ପ୍ରଭୃତି ଦୀର୍ଘ ଉପାଧିଧାରୀ ପଣ୍ଡିତମଣ୍ଡଳୀ ଉପବିଷ୍ଟ । ସମସ୍ତଙ୍କ କଣ୍ଠରେ ପଣ୍ଡିତ ସାଇନବୋର୍ଡ଼ ହଳେ ହଳେ କୁଣ୍ଡଳ ଦୋହୁଲାମାନ । ଆଜି କାଲି ପଣ୍ଡିତ ଶବ୍ଦ ଖୁବ ଶସ୍ତା ହୋଇଅଛି । ଅନେକେ ଅକାଳ ସ୍ନାନ ସଂସ୍କୃତର ଅଘ୍ରାଣ ମାତ୍ର ନେଇ କେବଳ କୁଣ୍ଡଳ ବଳରେ ପଣ୍ଡିତ ବୋଲାଉ ଅଛନ୍ତି । କୁଣ୍ଡଳର କ୍ଷମତା ଭୂମଣ୍ଡଳରେ ସାମାନ୍ୟ ନୁହେଁ । ରାଜାଙ୍କର ଖଣ୍ଡିଏ ନୂତନ କାବ୍ୟ ଲିଖିତ ହେଉଅଛି । କାବ୍ୟର ନାମ ବିଶ୍ୱମୋହିନୀ । କାବ୍ୟର ନାୟିକା ବିଶ୍ୱମୋହିନୀର ନାମାନୁସାରେ କାବ୍ୟର ନାମକରଣ ହୋଇଅଛି । ଆଜି ବିଶ୍ୱମୋହିନୀର ମୁଖ ବର୍ଣ୍ଣନା ଛାନ୍ଦ ରଚିତ ହେବ । ପୂର୍ବଦିନରୁ ଛାନ୍ଦ ନିରୂପିତ ହୋଇ ରଚନାର ଭାର ପଣ୍ଡିତମାନଙ୍କ ପ୍ରତି ନ୍ୟସ୍ତ ହୋଇଅଛି । ସେମାନେ ନାନା କାବ୍ୟରୁ ନାୟିକାର ମୁଖବର୍ଣ୍ଣନାତ୍ମକ କବିତା ବେଶ୍ଚି ବାଗରେ ଭାଙ୍ଗି ଆଣି ଅଛନ୍ତି । ରାଜ ସମୀପରେ ପ୍ରତ୍ୟେକେ ନିଜ ରଚିତ କବିତା ପାଠ କଲେ । ମଧୁମକ୍ଷୀ ନାନା ପୁଷ୍ପରୁ ସାର ଗ୍ରହଣ କଲା ପରି ଯାହା କବିତାର ଯେଉଁ ଅଂଶ ଉତ୍କୃଷ୍ଟ, ତାହା ସୁସ୍ଥିତ ହୋଇ ସମସ୍ତଙ୍କୁ ମିଶାଇ ଦିଆଗଲା । ଯେଉଁଠାରେ ଖାପ ନ ଖାଇଲା ସେ ସ୍ଥାନ ଶବ୍ଦ ପରିବର୍ତ୍ତନଦ୍ୱାରା ପଣ୍ଡିତମାନେ ସଜାଡ଼ି ଦେଲେ । ଏହିପରି କବିତା ରଚନା ଶେଷ ହେଲା । ପଣ୍ଡିତମାନେ ଖମୁରୁ ମେଲାଣି ଘେନି ବାହାରିଗଲେ । ଏହି ସମୟରେ ଜଣେ ସମ୍ବାଦ ପତ୍ରର ସମ୍ପାଦକ ବିଦାଏ କାଗଜ କାଖରେ ଯାକି ଉପସ୍ଥିତ ହେଲେ । ରାଜା ତାହାଙ୍କୁ ଦେଖି କହିଲେ, 'କିହେ ଅକାଳ କୁଷ୍ମାଣ୍ଡ, କୁଆଡ଼େ ଆସିଲ ?' ସମ୍ପାଦକ ଯଥାବିଧି ଅଭିବାଦନାନ୍ତେ ସ୍ମିତ ମୁଖରେ କହିଲେ, 'ଆଜ୍ଞା, ଆଜ୍ଞ ପଦଟାଏ ଆଜି ଉପାର୍ଜନ ହେଲା ।' ରାଜା ତହୁଁ ନିଜ ଉକ୍ତିର ବ୍ୟାଖ୍ୟା କରି କହିଲେ,'ଅକାଳରେ କୁଷ୍ମାଣ୍ଡ ଫଳିବା ଅମଙ୍ଗଳଜନକ; ତୁମ୍ଭେ ଗୋଟିଏ ଅମଙ୍ଗଳ ପକ୍ଷୀ, ସୁତରାଂ ଅକାଳକୁଷ୍ମାଣ୍ଡ ।' ସମ୍ପାଦକ କହିଲେ, 'ପ୍ରଥମେ ତ ପଦ ମିଳିଲାଣି, ବୋଧହୁଏ ଆଜି ଆଉ କିଛି ମଙ୍ଗଳ ଅଛି ।' ରାଜା କହିଲେ, 'ଖଜା ପିଠା ପେଟେ ଗିଳିବ, ପଣାକାନ୍ତି ହାଣ୍ଡିଏ ପିଇବ ପୁଣି ଶେଷରେ କିଛି ଦକ୍ଷିଣା ଉଠାଇବ, ମଙ୍ଗଳ ଆଉ କାହାକୁ କହନ୍ତି ? ଯାହା ହେଉ, ଏବେ ଆସିବାର କାରଣଟା ପରିବ୍ୟକ୍ତ କର ।' ସମ୍ପାଦକେ ଉତ୍ତର ଦେଲେ,'କାରଣ ଆଉ କଅଣ ମହାରାଜ, ଅନେକ ଦିନୁ ଆସି ନ ଥିଲି, ଭାବିଲି ଯାଇ ଛାମୁରେ ମୁଣ୍ଡିଆଟାଏ ମାରି ଆସେ ।' ରାଜା ଉଚ୍ଚ ହାସ୍ୟ ବିସ୍ତାରପୂର୍ବକ କହିଲେ,

"ମୁଣ୍ଡିଆ ମାରିବ, କାହିଁ ତୁମ୍ଭେ ପଶୁ ପାଲଟିଗଲଣିକି ?" ସମ୍ପାଦକ କହିଲେ, ଛାମୁ ରାଜା, କ୍ଷତ୍ରିୟ, କ୍ଷତ୍ରିୟଙ୍କ ସାଧାରଣ ଉପାଧି ସିଂହ । ମୁଁ ଛାମୁଙ୍କର ପ୍ରଜା; ସୁତରାଂ ସିଂହର ପ୍ରଜା, ପଶୁ ଉପାଧିତ ମୋ ପକ୍ଷରେ ଗୌରବଜନକ ।" ରାଜା କହିଲେ, 'ଏଠା ସମ୍ପାଦକୀୟ ବୁଦ୍ଧିସି ଦେଉଁ ବିଦ୍ୟାରେ ବା ତୁମ୍ଭେ ଅପ୍ରବୀଣ । ଅଣ୍ଟା ଖୋସା ମିଳିଲେ ଘଣ୍ଟକେ ସ୍ୱର୍ଗକୁ ଉଠାଇ ଦେବ, ନପାଇଲେ ପର ମୁହୂର୍ତ୍ତରେ ରୌରବୀ ନର୍କରେ ଟାଣି ପକାଇ ଦେବ । ଯେଉଁ ପତ୍ରରେ ଖାଇବ ସେହି ପତ୍ରରେ ସବୁ କରିବା ଯାହା ହେଉ, ଏବେ କାହିଁକି ଆସିଛ କହ, ଆଉ କାଖରେ ସେ ବିଡ଼ାଟା କଅଣ ?" ସମ୍ପାଦକେ ରାଜାଙ୍କ ମୁଖନିଃସୃତ ଅନଳ ଅମୃତ ପଣା ଅଞ୍ଜଳି ପାନ କରି କାଗଜ ବିଡ଼ାଟି ରାଜାଙ୍କ ହାତରେ ଦେଇ କହିଲେ,"ଏ ସମସ୍ତ ପତ୍ରିକାରେ ଛାମୁଙ୍କ ସପକ୍ଷ ଏବଂ ବିପକ୍ଷରେ ଅନେକ କଥା ଲେଖା ଅଛି । ବିପକ୍ଷ ଲେଖାର ପ୍ରତିବାଦ ଏଥର ମୋ କାଗଜରେ ବାହାରିବ, ତାହା ମୁଁ ସ୍ୱୟଂ ଲେଖି ତଳେ 'ଗ୍ରା' କାଟି ଦେଇଅଛି । କିନ୍ତୁ ଅନେକ ଲୋକ ଛାମୁଙ୍କ ଲେଖାର ଭୂୟସୀ ପ୍ରଶଂସା କରନ୍ତି । ବାସ୍ତବରେ ଛାମୁଙ୍କ ଲେଖାରେ କିଏ ମୋହିତ ନ ହେବ ? ତାହା ତ ଖାଲି କବିତା ନୁହେଁ, ତାହା ଅମର ଅଭେଦ୍ୟ ଅନନ୍ତ ଅମୃତ ନିର୍ଝର ।" ଏହି ବାଞ୍ଛିତ ଆତ୍ମ ପ୍ରୌଢ଼ୀ ଶୁଣି ରାଜା କିୟତ୍‌କ୍ଷଣ ଅନ୍ୟମନସ୍କ ପ୍ରାୟ ନୀରବ ରହିଲେ । ପରେ କହିଲେ, "ତୁମ୍ଭେ ଅମ୍ବ ଗୋସାଇଁ ଦଦେଇଙ୍କ ଲେଖା ଦେଖିଛ ନା, ଅଧୁନିକ ଲେଖାପରି ସେଥିରେ ଭାବ ଅଛି ନା ଭାଷା ଅଛି ? ତାହା ଏକ ପ୍ରକାର ପ୍ରାଣହୀନ । ଏ କାଳରେ ସେମାନଙ୍କର କଦାଚ ପ୍ରଶଂସା ହୁଅନ୍ତା ନାହିଁ । ହିଁ ସେ କଥା କଅଣ କଲ ? ତୁମ୍ଭେ ବଡ଼ ଅକୃତଜ୍ଞ, ଇଂରାଜରେ ତୁମ୍ଭଙ୍କୁ 'ଅନଗ୍ରେଟ୍ ଫୁଲ୍ ଡଗ୍' କହିଲେ ସମୀଚୀନ ହୁଅନ୍ତା । ଯେତେବେଳେ ଯାର ଖାଇବ ସେତେବେଳେ ତାର ଗାଇବ । କେତେ ଦିନ ଗୋଟାଏ କଥା କହିଲି ଯେ, ତାହା ଆଜି ଅବଧି ହେଲା ନାହିଁ । ଖାଲି ମୁହଁରେ ଆଜ୍ଞା ହଁ, ଆଜ୍ଞା ହଁ କହିପାର, ପାଖରୁ ଅନ୍ତର ହେଲେ ସବୁ ଭୁଲି ଯାଅ ।" ସମ୍ପାଦକ ଟିକିଏ ଅପ୍ରତିଭ ହୋଇ କହିଲେ, 'ନା, ମହାରାଜ, ଭୁଲି ଯାଇ ନାହିଁ ତାହା କମ୍ପୋଜ ହୋଇଅଛି । ଏଥର ପତ୍ରିକାରେ ନିଶ୍ଚୟ ବାହାରିବ । ଛାମୁଙ୍କ ବିଷୟରେ କି ମୋର ହେଳା ଅଛି ? ଏତେବେଳକୁ ଗତ ସଂଖ୍ୟାର ପତ୍ରିକା ବାହାରି ଥାନ୍ତା; ମାତ୍ର କଅଣ କରିବି ମହାରାଜ ଗ୍ରାହକମାନେ ତ ପଇସା ଦେଲେ ନାହିଁ, ଅଧିକନ୍ତୁ ଭି.ପି. ଫେରାଇ ଦେଇ କ୍ଷତିଗ୍ରସ୍ତ କଲେ । ଅର୍ଥାତ୍ ସବୁ କଲେ, ମୋର ଦୋଷ କଅଣ ଅଛି ? ପୂର୍ବରୁ ତ ମୁଁ ବାରମ୍ବାର ଜଣାଇ ଆସୁଅଛି ଯେ, ଛାମୁଙ୍କ ବିଷୟ ମୋତେ ଲାଗିଲା; କିନ୍ତୁ ଛାମୁ କାଗଜ ଖଣ୍ଡିକ ଚଳିବାର ବ୍ୟୟଭାର ଗ୍ରହଣ କରନ୍ତୁ ।' ରାଜା କହିଲେ, 'ଯେତେ ଦେଲେ ସୁଦ୍ଧା ତୁମ୍ଭଙ୍କୁ ଅଣ୍ଟିଲା ନାହିଁ । ଆଚ୍ଛା ହେଉ ସେକଥା ପଛରେ ବୁଝାଯିବ । ତୁମ୍ଭେ ଆଜି ଦୁଇଶ ଟଙ୍କା ନେଇ ଯାଇ ଶୀଘ୍ର ପତ୍ରିକା ବାହାର କର । ଆଉ ଯେପରି ଏହି ସଂଖ୍ୟାରେ ତାହା ବାହାରେ, ସେଥି ପ୍ରତି ବିଶେଷ ଦୃଷ୍ଟି ରଖିବ । ଏଠାରେ ତୁମ୍ଭର ଅକାରଣ ବିଳମ୍ବ କରିବା ଉଚିତ ନୁହେଁ । ଏହି ଲେଖା ଦେଇ କୋଷାଧ୍ୟକ୍ଷଠାରୁ ଟଙ୍କା ନେଇ ଏହିକ୍ଷଣି ବାହାରି ଯାଅ ।' ଏହା କହି ଖଣ୍ଡିଏ ଲେଖା ବଢ଼ାଇ ଦେଲେ । ସମ୍ପାଦକ ତାହା ନେଇ ଯେ ଆଜ୍ଞା ଉଚ୍ଚାରଣ ପୂର୍ବକ ଲମ୍ବ ଦଣ୍ଡବତ ପରେ ବିଦାୟ ଗ୍ରହଣ କଲେ । ଅନନ୍ତର ପଞ୍ଚାୟତମାନେ ଆସି ରାଜାଙ୍କ ସମୀପରେ ଉପସ୍ଥିତ ହେଲେ ।

# ଦଶମ ପରିଚ୍ଛେଦ

## ରାଜ ସମୀପକୁ ପଞ୍ଚାୟତମାନଙ୍କର ଆଗମନ

ଖରଣ୍ଡିଭୂଷଣେ ସ୍ୱଦର, କୁଞ୍ଜ ଅଣ୍ଟି ଉଭୟରୂପେ ବାରମ୍ବାର ଅଣ୍ଡାଳି ସମସ୍ତଙ୍କ ମୁଖିଆ ସ୍ୱରୂପ ପ୍ରଥମେ ରାଜାଙ୍କ ସମ୍ମୁଖରେ ଧୀର ପଦକ୍ଷେପରେ ଅତି ସନ୍ତର୍ପଣରେ ଯାଇ ଉପସ୍ଥିତ ହେଲେ ଏବଂ ରାଜା ହାତ ନ ଉଠାଉଣୁ ଧନୁକାକୃତିରେ ନମ୍ର ହୋଇ ଅଞ୍ଜଳି ବିସ୍ତାରପୂର୍ବକ ଅଧବର୍ଣ୍ଣେ ଆଶୀର୍ବାଦ ଶ୍ଳୋକ ଆବୃତ୍ତି କରିଗଲେ । ସେ ଶ୍ଳୋକରେ ରାଜାଙ୍କର ପରମାୟୁ ଶତସହସ୍ରର ସୀମା ଲଙ୍ଘନ କରି ଲକ୍ଷ ପର୍ଯ୍ୟନ୍ତ ଯାଇଥିଲା । ଯାହାଙ୍କ ଆଶୀର୍ବାଦରୁ ମାନବର ଲକ୍ଷ ବର୍ଷ ପରମାୟୁ ହୋଇପାରେ, ସେ ବିଧାତାଙ୍କ ପ୍ରପିତାମହ ଆସନରେ ବସି ପାରନ୍ତି । ଏହିପରି କଥାରେ ପରମାୟୁ ବଢୁଥିଲେ "ମୃତ୍ୟୁ" ଶବ୍ଦ କେଉଁ ଦିନୁ ଅଭିଧାନରୁ ନିର୍ବାସିତ ହୁଅନ୍ତାଣି । ଯାଉ ସେ କଥା, ଅନ୍ୟାନ୍ୟ ପଞ୍ଚାୟତମାନେ ରାଜାଙ୍କୁ ସାଷ୍ଟାଙ୍ଗ ପ୍ରଣାମ ପରେ ଉଠି ପଛକୁ ଘୁଞ୍ଚିଯାଇ ଠିଆହେଲେ । ଅନନ୍ତର ରାଜା ମଧୁର କୋଧ ମିଶ୍ରିତ ଲଘୁ ହାସ୍ୟ ବିସ୍ତାର କରି କହିଲେ, "କହୋ ପଞ୍ଚାୟତେ, ଆସିଲ ? ବହୁକାଳର ପୁରୁଣା ମଠଟି ତୁମ୍ଭମାନଙ୍କ ଅନାସ୍ଥା ଏବଂ କୁଦୃଷ୍ଟିରୁ ନଷ୍ଟ ହେଲା । ଏହା ତୁମ୍ଭମାନଙ୍କର କେବଳ କଳଙ୍କ ନୁହେଁ, ଗୁରୁତର ପାପ । ବାରମ୍ବାର ଚୋରି ହେଲା, ମଠରେ ନାନା ପ୍ରକାର ଦୁଷ୍କାର୍ଯ୍ୟ ଅନାଚାର ଚାଲିଲା, ତୁମ୍ଭେମାନେ ଆଉ କଅଣ ଦେଖୁଥିଲ ? ମୋତେ ସୁଦ୍ଧା ସମ୍ବାଦ ଦେଲ ନାହିଁ । ଅନ୍ୟ କଥା ଦୂରେ ଥାଉ, ଚନ୍ଦ୍ରଆଣୀ ଟୋକୀଟାକୁ ତ ବାହାର କରି ପାରିଲ ନାହିଁ, ଆଉ ତୁମ୍ଭେମାନେ କଅଣ କରି ପାରିବ ? ସେ କୁଆଳିଆ ଟୋକାଟାକୁ ମହନ୍ତ କରିବାକୁ ମୁଁ ମୂଳରୁ ମନା କରୁଥିଲି । ଖରଣ୍ଡିଭୂଷଣେ ତେତେବେଳେ ତାହାର ଖୁବ୍ ପକ୍ଷ ଧରିଥିଲେ । ବୋଧ ହୁଏ କୁଣ୍ଡଳ ହଳେ ପୁରସ୍କାର ପାଇଥିବେ ପରା ।" ରାଜାଙ୍କର ଏ ଉକ୍ତି ମଧୁର ପରିହାସ ବାକ୍ୟ ଶୁଣି ଖରଣ୍ଡିଭୂଷଣେ ଅପ୍ରତିଭ ହେଲେ; ମାତ୍ର ଆପଣାର ଟାଣ ଛାଡିଲେ ନାହିଁ । ସେ କହିଲେ, 'ଆଜ୍ଞା ମହାରାଜା, ମୁରୁ ଘର କୁଣ୍ଡଳ ମିଳିଅଛି, ସେ ଲେଙ୍ଗୁଟିଆ ବୈଷ୍ଣବଟାର କେତେ କଡ଼ାର ମୂଲ୍ୟ ଯେ, ସେ ପୁଣି କୁଣ୍ଡଳ ଦେବ ।' ଏହି ସମୟରେ ଶ୍ରୀକରଣ ପଟ୍ଟନାୟକେ ଆସି ସମ୍ମୁଖରେ ଜଣାଇଲେ, 'ମହାରାଜ, ରାମପୁର ମୌଜାର କେତେ ଜଣ ପ୍ରଜା ସମ୍ମୁଖରେ ମଠ ବିଷୟରେ କଅଣ ଜଣାଇବାକୁ ଆସିଅଛନ୍ତି ।' ରାଜା ଟିକିଏ ଚଞ୍ଚଳମନା ହୋଇ କହିଲେ, 'ମଠ ବିଷୟରେ, ଦେଖାଯିବ ଆଉ କିଛି ରହସ୍ୟ ଅଛି, ଆଗ ସେମାନଙ୍କୁ ଡାକିଆଣ ।' ଶ୍ରୀକରଣେ ଯେ ଆଜ୍ଞା କରି ପ୍ରସ୍ଥାନ କଲେ ଏବଂ ଅଳ୍ପ ସମୟ ମଧ୍ୟରେ ୭।୮ଜଣ ପ୍ରଜା ଆଣି ସମ୍ମୁଖରେ ଭେଟାଇଲେ । ପ୍ରଜାମାନେ ଭୟରେ ଥରି ଥରି ରାଜାଙ୍କ ସମ୍ମୁଖରେ ସୁନା ମୁଦି, କେହି ନଥ, କେହି ବା ଗୁଣା ଥୋଇଦେଇ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ, "ମହାପ୍ରଭୁ, ଆମ୍ଭେମାନେ ନ ଜାଣି ଦୋଷ କରିଛୁ । ଦୟାକରି କ୍ଷମା ଆଜ୍ଞା ହେଉ । ମଣିମା ଗରିବଙ୍କ ବାପ ମାଆ, ଅଧିକ କଅଣ ଜଣାଇବୁଁ ।" ଏହି ଅଜ୍ଞାତ ବେଦନାର କରୁଣ ସଙ୍ଗୀତ ଶୁଣି ରାଜାଙ୍କ ସହିତ ଉପସ୍ଥିତ ବ୍ୟକ୍ତିବର୍ଗ ତଟସ୍ଥ ହୋଇ ରହିଲେ । କାରଣ ଜାଣିବା ସକାଶେ ସମସ୍ତେ ଉତ୍ସୁକ ନୟନରେ ସେହି ପ୍ରଣତ ପ୍ରଜାଙ୍କ ଆଡ଼କୁ ଅନାଇ ରହିଲେ । କିଛିକ୍ଷଣ ପରେ ରାଜା କହିଲେ, 'ତୁମ୍ଭେମାନେ ଉଠି ଘଟଣା କଅଣ କହ ।' ଆଶାର ଏହି ଅମୃତ ଆଶ୍ୱାସନା ବାଣୀ ଶୁଣି ସେମାନେ ଉଠି ପଛକୁ ଘୁଞ୍ଚି ଠିଆହୋଇ ଯୋଡ଼ହସ୍ତରେ କହିଲେ, "ମଣିମା, ଭିଖାରି କଶାଳ ଆମ୍ଭ ଗ୍ରାମକୁ ଯାଇ ସୁନା ବିକ୍ରୟ କରେ । ସେ ସହରକୁ ଯିବା ଆସିବା କରେ, ସୁନା କିଣି ଆଣି ବେପାର କରୁଛି, ଏହା ଜାଣି ଆମ୍ଭେମାନେ ତାହା କିଣି ଥିଲୁ । ମୁଣ୍ଡା ସୁନା ତ, କାହା ମନରେ କାହିଁକି ବା ସନ୍ଦେହ ହେବ ? ଏବେ ଶୁଣି ପାରିଲୁଁ ତାହା ରଘୁନାଥ ମହାପ୍ରଭୁଙ୍କର

ଅଳଙ୍କାର । ଭିକାରୀ ସ୍ୱେଚ୍ଛ କରି ତାହାକୁ ତରଳାଇ ମୁଣ୍ଡା କରି ବାନ୍ଧିଥିଲା । ଆମ୍ଭେମାନେ ସେଥିରେ ଯାହା ଯାହା ଗଢ଼ାଇଥିଲୁଁ, ତାହା ଛାମୁରେ ସମର୍ପଣ କଲୁଁ । ସେ ଗୋଷ୍ଠୁର ପାପର ବିଷ, ତାକୁ କିଏ ହଜମ କରି ପାରିବ ମହାରାଜ ? ଚଷା ଠୋକାଠା ଅମ୍ଭମାନଙ୍କୁ ପାପରେ ପକାଇ ଗଲା ।" ରାଜା କହିଲେ, "ହିଁ, ସେ ବୈତରଣୀ ଆଉ ପାରିକି ଗଲାଣି ଯେ । ଏବେ ଚିତ୍ରଗୁପ୍ତ ଘରେ କୁଣିଆ । ବୁଝିଁ ପାରିଲ ତ ? ଭିକା ମଦତ ନ ପାଇ ଫୁଲି ଯାଇ ସାତ ଦିନ ପରେ ଜେଲଖାନାରେ ମରିଗଲା । ଏହା ଶୁଣି ସମସ୍ତେ କହିଲେ, 'ପାପର ଫଳ କୁଆଡ଼େ ଯିବ, ମାନ ମହତ୍ତ୍ୱ ହରାଇ ମୁଣ୍ଡରେ କଳଙ୍କ ବୋଝ ଲଦି, ଜେଲ ଖଟାଇ ଶେଷରେ ପ୍ରାଣରେ ମାରିଲା ।' ରାଜା କହିଲେ,'ରଘୁନାଥଙ୍କ ପଦାର୍ଥ ପୁଣି ରଘୁନାଥଙ୍କ ପାଖକୁ ଆସିଲା । ସମୁଦ୍ରର ଜଳ ସୂର୍ଯ୍ୟ କିରଣରେ ବାଷ୍ପ ହୋଇ ଆକାଶକୁ ଯାଏ; ମାତ୍ର ବର୍ଷା ରୂପରେ ଆସି ପୁଣି ସମୁଦ୍ରରେ ପଡ଼େ । ସତ୍ ମାଲ୍ କେବେ ନଷ୍ଟ ହୁଏ ନାହିଁ । ଆଉ ରଘୁନାଥ ମହାପ୍ରଭୁଙ୍କର କି ଅଦ୍ଭୁତ ଅଚିନ୍ତ୍ୟ ମହିମା । ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେଇ ଶେଷରେ ନିଜର ପଦାର୍ଥ ନିଜ ଭଣ୍ଡାରକୁ ଫେରାଇ ଆଣିଲେ ।' ଅନନ୍ତର ପଞ୍ଚାୟତମାନଙ୍କୁ କହିଲେ, "ତୁମ୍ଭମାନଙ୍କୁ ଡାକିବାର କାରଣ ଏହି ଯେ, ତୁମ୍ଭମାନଙ୍କୁ କେତେକ କାର୍ଯ୍ୟ କରିବାକୁ ହେବ । ମଠରୁ ପଞ୍ଚମକାର ପୂଜା ଉଠାଇବ, ଯେ କୌଶଳରେ ହେଉ ପଦ୍ମାକୁ ମଠରୁ ତଡ଼ିବ, ଆଉ ଶୁଣୁଛି, ମହନ୍ତେ ସର୍ବଦା ବିଳାସର ସହସ୍ର ଉପକରଣରେ ବେଷ୍ଟିତ ହୋଇ ଅଛନ୍ତି, ତାହା ଛଡ଼ାଇବ । ନାଗରିକତ ସୁଲଭ ବିଳାସ ଯେଉଁ ପବିତ୍ର ତୀର୍ଥକୁ କଳଙ୍କିତ କରି ନ ଥିଲା, ସେ ତୀର୍ଥ ଏବେ ନର୍କର କର୍ମନାଶା ସ୍ରୋତରେ ପ୍ଲାବିତ, ହାୟ କି ମର୍ମାନ୍ତିକ ପରିବର୍ତ୍ତନ ! ଏହା ସ୍ମରଣ କଲେ ହୃଦୟରେ ବେଦନାର କୋଟି ରେଖା ସମ୍ପାତ ହୁଏ, ଯୋଗ୍ୟାଯୋଗ୍ୟ ବିଚାର ନ କରି ମହନ୍ତଙ୍କ ଚେଲା ମହନ୍ତ ହେବ, ଏ ଅନ୍ଧ ରୀତି ଅତୀବ ଦୂଷଣୀୟ ପୁଣି ଏହା ମଧ୍ୟ ଗୋଟାଏ ମହା କୁସଂସ୍କାର । ପଣ୍ଡିତ ପୁଅ ପାଠ ନ ପଢ଼ି ପଣ୍ଡିତ ପଦ ପାଇଲା ପରି ଏ ରୂପ ରୀତି ବଡ଼ ଅଶୋଭନ । ଏହିପରି ଅପାତ୍ରରେ ପଡ଼ି କେତେ ଦେବ-ସମ୍ପତ୍ତି ବ୍ୟର୍ଥରେ ନଷ୍ଟ ହେଉଅଛି, କେତେ ମହାକୀର୍ତ୍ତିର ପୁଣ୍ୟ ସ୍ମୃତି ଅତୀତ ଜାତୀୟ ଜୀବନ ସହ ଧୂଳିସାତ୍ ହେଉଅଛି, ସେଥିର ଇୟତ୍ତା ନାହିଁ । ପାଉଁଶରେ ଘିଅ ଢାଳିଲେ ସେ କଦାଚ ଅଗ୍ନି ହେବ ନାହିଁ, ପ୍ରତ୍ୟୁତଃ ଘିଅର ଅପବ୍ୟବହାର ହେବ ମାତ୍ର । ନିରାଡ଼ମ୍ବର ଶାନ୍ତ ସରଳ ଜୀବନ ଏକାଳ ମହନ୍ତମାନଙ୍କର ଅଭିପ୍ରେତ ନୁହେଁ । ଅବିଦ୍ୟା ସେବାରେ ଧର୍ମକୁ ଉଲ୍ଲଙ୍ଘନ କରିବା ସେମାନଙ୍କର ଭେକ ହୋଇଅଛି । ଏ କାଳର ବାବାଜିମାନଙ୍କୁ ବିରକ୍ତ ଉପାଧିରେ ଭୂଷଣ କଲେ ବଡ଼ ସୁନ୍ଦର ହୁଅନ୍ତା । ହିନ୍ଦୁମାନଙ୍କର ମଠ ସ୍ଥାପନର ଉଦ୍ଦେଶ୍ୟ ଅତି ମହତ୍ । ଧର୍ମଗୁରୁ, ସନ୍ନ୍ୟାସୀ, ପରିବ୍ରାଜକମାନଙ୍କର ମଠ ବିଶ୍ରାମାଗାର । ସେମାନେ ସମୟ ସମୟରେ ମଠରେ ଆଶ୍ରୟ ନେଇ ଧର୍ମ ପ୍ରଚାର କରନ୍ତି । ମଠର ଦେବପୂଜା ଏବଂ ଅଭ୍ୟାଗତ ସେବା ମାନବ ହୃଦୟରୁ ସଙ୍କୀର୍ଣ୍ଣତା ଦୂର କରି ଧର୍ମଭାବ ବୃଦ୍ଧି କରେ । ଆଜିକାଲି ମଠ ସ୍ଥାପନ ଦୂରେ ଥାଉ ଥିବା ମଠମାନଙ୍କର ସୁରକ୍ଷା ବିଷୟରେ କାହାରି ଦୃଷ୍ଟି ନାହିଁ । ସ୍ଥାପୟିତା ବା ଦାତାମାନଙ୍କ ବଂଶଧରମାନେ ସେ ବିଷୟରେ ଯେରୂପ ନୀରବ, ପରମାର୍ଥୀମାନେ ସୁଦ୍ଧା ତଦ୍ରୂପ ଉଦାସୀନ । ଏ କାଳରେ ଧର୍ମ ପ୍ରବୃତ୍ତି ଲୋକଙ୍କ ମନରୁ କ୍ରମେ ଊଣା ହୋଇ ଆସୁଥିବା ଉଣା ଦୁଃଖ ଏବଂ ଦୁର୍ଗତିର ବିଷୟ ନୁହେଁ । ଯେ ଦେଶର ଧର୍ମୋପଦେଶ ବ୍ୟତୀତ ଜଗତର ଜ୍ଞାନ ଅସମ୍ପୂର୍ଣ୍ଣ ହାୟ ସେ ଦେଶର ଏବେ କି ଘୋର ଧର୍ମବିପ୍ଳବ ! ଯେତେଦିନ ଯାଏ ଦେଶବାସୀଏ ଧର୍ମକୁ ହୁଡ଼ିଥିବେ, ତେତେଦିନ ଯାଏ ସେମାନଙ୍କର "ଆତ୍ମବିସ୍ମୃତ ଜାତି ବା କ୍ଲୀବ ଜାତି" ଆଖ୍ୟା ନିତାନ୍ତ ସମୀଚୀନ ଏବଂ ଏକାନ୍ତ ଅନିବାର୍ଯ୍ୟ । ବେଳ ଗଡ଼ି ଗଲାଣି, ତୁମ୍ଭେମାନେ ଏବେ ବିଦାୟ ନିଅ । ଯାହା ଯାହା କରିବାକୁ କହିଲି ସେ ସମସ୍ତ କାର୍ଯ୍ୟ କରିସାରି ମଠର ଜମାଖର୍ଚ୍ଚ ଖାତା ଘେନି ଯଥାଶୀଘ୍ର ଆସିବ । ପଞ୍ଚାୟତମାନେ "ଆଜ୍ଞା ମହାରାଜ" କହି ଆଶୀର୍ବାଦ ଅଭିବାଦନାନ୍ତେ ପ୍ରସ୍ଥାନ କଲେ । ତହୁଁ ରାଜା ରାମପୁର ପ୍ରଜାମାନଙ୍କୁ କହିଲେ,

"ତୁମ୍ଭମାନଙ୍କର ସାଧୁ ବ୍ୟବହାରରେ ମୁଁ ଅନିର୍ବଚନୀୟ ପ୍ରୀତି ଲାଭ କରିଅଛି । ମୋର କ୍ଷମା କରିବା ପୂର୍ବରୁ, ତୁମ୍ଭମାନଙ୍କର ସୁହୃଦ୍ୟତାର ତୁମ୍ଭମାନଙ୍କୁ କ୍ଷମା ଜଗତର ଊର୍ଦ୍ଧ୍ୱବର୍ତ୍ତୀ ଅନାବିଳ ସ୍ୱର୍ଗରାଜ୍ୟର ସୁବର୍ଣ୍ଣ ସିଂହାସନ ପ୍ରଦାନ କରିଅଛି । ବାସ୍ତବରେ ଧର୍ମର ଏ ଅବମାନନା ଯୁଗରେ ତୁମ୍ଭମାନଙ୍କର ଧର୍ମ-ଭୟ, ନିର୍ଲୋଭତା ଏବଂ ସତ୍ୟପ୍ରିୟତା ଦୁର୍ଲଭ ଦୃଷ୍ଟାନ୍ତ ସ୍ଥାନୀୟ । ତୁମ୍ଭେମାନେ ଯେପରି ଧର୍ମରକ୍ଷା କରିଅଛ, ଧର୍ମ ସେହିପରି ତୁମ୍ଭମାନଙ୍କୁ ରକ୍ଷା କରିଅଛି । ମୋର କ୍ଷମା କେବଳ ଉପଲକ୍ଷ୍ୟ ମାତ୍ର । ବିଶେଷତଃ ନିର୍ଲୋଭତା ପରମ ଯଜ୍ଞ । ତୁମ୍ଭେମାନେ ଘୋର ଅଶିକ୍ଷିତ ହୋଇ ସେଥିର ଯେଉଁ ଉଜ୍ଜ୍ୱଳ ଉଦାହରଣ ପ୍ରଦର୍ଶନ କଲ, ତାହା ଚନ୍ଦ୍ରିକା-ମସୀରେ ସୁବର୍ଣ୍ଣ ଲେଖନୀରେ ଲିଖିତ ହେବାର ଯୋଗ୍ୟ ।" ଜଣେ ପ୍ରଜା କହିଲା, "ମହାରାଜ, ଏ କାଳ ତ ବାବରି ହେଲା, ତାହାର ଆଉ ପାପ ପ୍ରତି ଭୟ ରହିଲା କି ?" ରାଜା କହିଲେ, "ଚାଲି ନ ଜାଣି ବାଟର ଦୋଷ ଦେବାପରି କାଳ ନାମରେ ଗାଳି ଛଡ଼ାଇ ଦେଲେ ଚଳିବ ନାହିଁ । କାଳ ତ ନିର୍ଦ୍ଦୋଷ, ତାହାର ଭଲମନ୍ଦ କଅଣ ଅଛି ? କାଳର ଭଲମନ୍ଦ ମନୁଷ୍ୟମାନଙ୍କ କାର୍ଯ୍ୟକଳାପ ଉପରେ ନିର୍ଭର କରେ । ଯେଉଁ କାଳରେ ମନୁଷ୍ୟମାନେ ସଦାଚାରୀ, ପାପ ପ୍ରଲୋଭନର ଅଭାବ ତାହା ଭଲ କାଳ । ଆଉ ଯେଉଁ କାଳରେ ମାନବ ଚରିତ୍ର କଳୁଷିତ, ପାପର ପ୍ରାବଲ୍ୟ ଅଧିକ, ତାହା ମନ୍ଦ କାଳ । ଆଜିକାଲି ଧର୍ମ ଗ୍ଲାନିର ଏକମାତ୍ର କାରଣ ଶିକ୍ଷା ଏବଂ ସହବାସର ଦୋଷ । ଜାତୀୟ ବିଦ୍ୟା ପ୍ରତି ଏ କାଳରେ ଟିକିଏ ଆଦର ନାହିଁ । ଏବେ ଜାତୀୟ ବିଦ୍ୟା କାହିଁକି ଜାତୀୟ ଆଚାର ବ୍ୟବହାର ସୁଦ୍ଧା ବିଶୃଙ୍ଖଳିତ ଏବଂ ଅନାଦୃତ । ଏଥିରେ ଜାତୀୟଭାବ ବା ଜାତୀୟ ପ୍ରାଣ ସଞ୍ଚାର କିପରି ସମ୍ଭବ ହେବ ? ବିକୃତର ଆଧିପତ୍ୟ ହେଲେ ପ୍ରକୃତ ଦୁର୍ଲଭ ହୁଏ, ଏହା ସ୍ୱତଃସିଦ୍ଧ କଥା । ତୁମ୍ଭେମାନେ ଏହି ସୁନା ନେଇଯାଅ, ମଠର ଗଣ୍ଡାଘରିଆ ମୂଳେ ପେଠ କରିଦିବ । ଏହା କହି ରାଜା ଅନ୍ତଃପୁରକୁ ବିଜେ ହେଲେ ।

---

# ଏକାଦଶ ପରିଚ୍ଛେଦ

## ପଞ୍ଚାୟତମାନଙ୍କର ମନ୍ତ୍ରଣା ଏବଂ ମହନ୍ତଙ୍କର ଅବସ୍ଥା

ବାଟରେ ପଞ୍ଚାୟତମାନଙ୍କ ମଧ୍ୟରେ ଅନେକ କଥା ପଡ଼ିଲା । ଝରଣାଭୂଷଣେ କହିଲେ, 'ମଠ ଜଞ୍ଜାଳ ଝିଙ୍କା ଆମ୍ଭମାନଙ୍କ ମୁଣ୍ଡରୁ ଉଛୁଡ଼ି ଗଲେ ରକ୍ଷା । ବେଠି, ଆହୁରି ତାହା ଉପରେ ବୋଲଣା । ଏକାଦଶ ବୃହସ୍ପତି ହୋଇଥିଲା, ଏ ଯୁଗରେ ଶିଷ୍ୟମାନଙ୍କ ଦ୍ୱାରକୁ ଯାଇ-ଥିଲେ ପଣେ ମାଣେ ଉପାର୍ଜନର ଆଶା ଥିଲା । ମାତ୍ର ମଠ ଗଲାଣିହିଁ ବହୁ କେଉଁ ଆଡ଼କୁ ବଣ୍ଡେ ଗୋଡ଼ କାଢ଼ିଦେଲା ନାହିଁ । ସୁତରାଂ ସେ ଆଶା ନଷ୍ଟ ହେଲା । ମନୁଷ୍ୟ ଅଭୀଷ୍ଟ ପ୍ରାପ୍ତି ସକାଶେ ଯେତିକି ବ୍ୟାକୁଳ ହୁଏ, ଅଭୀଷ୍ଟ ସେତିକି ପଛକୁ ଘୁଞ୍ଚିଯାଏ । ଏ ଦାୟିତ୍ୱରୁ ଉଦ୍ଧାର ପାଇଲେ ମୁଁ ସତ୍ୟ ନାରାୟଣ ପୂଜା କରନ୍ତି, ନୃସିଂହ ମହାପ୍ରଭୁଙ୍କ ଚରଣରେ ଶହେ ଆଠ ତୁଳସୀ ଚଢ଼ାନ୍ତି ।' ତହିଁ ମକରଦମେ ସମର୍ଥନ କରି କହିଲେ, 'ସତ କହିଲ ଗୋସାଇଁ, ମଠ ଏକା ଗୋଡ଼ରେ ବେଢ଼ି ହେଲା । ମୁଁ ତ କରଜରେ ବୁଡ଼ିମଲିଣି । ଆଜି ଗୁମାସ୍ତା ଲେଖି ପଠାଇଅଛି, ମଠରେ ଜମାଏତ ସାଧୁବଳ ଉପସ୍ଥିତ । ସେମାନଙ୍କ ପାଇଁ ମହଣେ ଅଟା ଲୋଡ଼ା, ଦଶ ସେର ଜାଇ ଲୋଡ଼ା, ଅଧ ମହଣେ ଘିଅ ଲୋଡ଼ା, ଏପରି ସେମାନଙ୍କ ହାତୀ ଘୋଡ଼ା ପ୍ରଭୃତିର ଖାଦ୍ୟ, ଗଞ୍ଜେଇ ଏବଂ ଗାଦୀ ବନ୍ଦୋବସ୍ତ ଅଛି । କାଲି କହୁଅଛି, ଶ୍ରୀ ଜୀଉଙ୍କ ଜନ୍ମୋତ୍ସବ ଖର୍ଚ୍ଚ ଦଶ ଟଙ୍କା ଲୋଡ଼ା । କଅଣ କରିବି, କେତେ ଦେବି, ମଠର ଆୟ ତ ଦେଖୁଛ । ମୁଁ ତହବିଲ ରଣୀ ବନ୍ଧାରେ ପଡ଼ିଅଛି ।' ଏହିପରି କଥାବାର୍ତ୍ତାରେ ପଥ ଶେଷ ହୋଇ

ଆସିଲା । ଗ୍ରାମରେ ପହଞ୍ଚିଲା ବେଳକୁ ସନ୍ଧ ହୋଇ ଯାଇଥିଲା । ତହିଁ ଆର ଦିନ ପଦ୍ମାକୁ ଆଗେ ମଠରୁ ବାହାର କରିବାର ପରାମର୍ଶ ସ୍ଥିର କରି ସମସ୍ତେ ସ୍ୱ ସ୍ୱ ଗୃହକୁ ଗଲେ ।

ବର୍ତ୍ତମାନ ଭିକାରୀ ଅଭାବରେ ପଦ୍ମା କେବଳ ମହନ୍ତଙ୍କର ଭରସା । ପଦ୍ମା ମଧ୍ୟ ଖୁବ୍ ଚତୁରୀ, ଏପରି ମନକଣା କାର୍ଯ୍ୟ କଲା ଯେ, ମହନ୍ତ ସେଥିରେ ଭିକାରୀର ଆବଶ୍ୟକତା ଅନୁଭବ କଲେ ନାହିଁ । ଗୋଟିଏ ଲତା ଦୁଇଟି ଗଛରେ ମାଡ଼ିଥିଲେ ପ୍ରଥମ ଗଛ ନଷ୍ଟ ହୋଇଗଲେ ସୁଦ୍ଧା ତାହାର କିଛି କ୍ଷତି ହୁଏ ନାହିଁ । ସେ ଦ୍ୱିତୀୟ ଉପରେ ନିର୍ଭର କରି ବଞ୍ଚେ । ପଦ୍ମା ଦଣ୍ଡେ ମାତ୍ର ମହନ୍ତଙ୍କ ଚକ୍ଷୁ ସମ୍ମୁଖରୁ ଅନ୍ତର ହେଲେ ଯନ୍ଦି ଅନ୍ଧକାର ବଣା ପଥିକ ଆତୁର ନୟନରେ ଉଷାକୁ ଚାହିଁଲା ପ୍ରାୟ ମହନ୍ତ ସ୍ତବ୍ଧ ବ୍ୟାକୁଳ ନୟନରେ ତାହାର ଗତପଥ ଅପେକ୍ଷା କରି ବସିଥାନ୍ତି । ପଞ୍ଚାୟତ-ମାନଙ୍କ ସାବଧାନତା ସତ୍ତ୍ୱେ ମହନ୍ତଙ୍କ ନିଶା ଖର୍ଚ୍ଚର ଅଭାବ ଘଟିଲା ନାହିଁ । ମୂଷାର ଗୋଟିଏ ଗାତ ବୁଜି ଦେଲେ ସେ ଅନ୍ୟ ଗାତ ଖୋଳି ଆହାର ସଂଗ୍ରହ କରେ । ମଠର ଗନ୍ତାଘର ଅମାର ପ୍ରଭୃତିରେ ଜଗୁଆଳି ରହିବାରୁ ମହନ୍ତଙ୍କର କର୍ତ୍ତବ୍ୟ ପଥ ଭିନ୍ନମୁଖୀ ହେଲା । ବାଡ଼ିର ଛଣ, ବାଉଁଶ ବଗିଚାର ନଡ଼ିଆ, କଦଳୀ, ଆମ୍ବ ପ୍ରଭୃତି ଫଳକନ୍ଦଳ ଉପରେ କୀର୍ତ୍ତିଚନ୍ଦ୍ରଙ୍କର କୀର୍ତ୍ତି ପରିପୁଷ୍ଟ ହେଲା । ପଦ୍ମା ମଧ୍ୟ ନାନା ପ୍ରକାର ବୁଦ୍ଧି ଯୋଗାଇ ଦେଲା । ମହନ୍ତ ତ ଭିକାରୀଙ୍କର ଚେଲା, ତାଙ୍କର ବୁଦ୍ଧି ବଳ୍ପ ପରିସରଯୁକ୍ତ । ତଥାପି ସେ ପଦ୍ମା ଆଜ୍ଞାକୁ ଶିରୋଧାର୍ଯ୍ୟ କରନ୍ତି । ଯେ ମନ ମଧ୍ୟରେ ଇଚ୍ଛାରୂପେ ଅଧିଷ୍ଠାନ କରେ, ତାହାର ଆଜ୍ଞା କି ଟଳେ ପଣ୍ଡପାରେ ? ପଦ୍ମା ମଦତ ରନ୍ଧାରେ ସିଦ୍ଧହସ୍ତା । ସୁତରାଂ ମହନ୍ତଙ୍କର ନୀତି ପୂର୍ବବତ୍ ଚଳିବାକୁ ଲାଗିଲା ।

ରଜନୀ ପ୍ରଭାତ ହେଲା । ନବୀନ ଆଲୋକମାଳାର ଅନନ୍ତ ଉତ୍ସବରେ ଦିଙ୍ମଣ୍ଡଳ ସମୁଦ୍ଭାସିତ ହୋଇଉଠିଲା । ରବି ସ୍ୱୀୟ ସୁବର୍ଣ୍ଣକର ସ୍ପର୍ଶରେ ସୁପ୍ତିମୌନା ଧରଣୀକୁ ନିଦ୍ରାତ୍ୟାଗର ନୀରବ ସଙ୍କେତ ପ୍ରଦାନ କଲେ । ସେହି ଚିରପରିଚିତ ଅମୃତସ୍ପର୍ଶରେ ଧରଣୀରାଣୀ ଜାଗି ଉଠିଲେ । ଫୁଲକୁଳ ପାଟେଶ୍ୱରୀ କମଳିନୀ ଅବଗୁଣ୍ଠନ ଉନ୍ମୋଚନ ପୂର୍ବକ ମଧୁର ହାସ୍ୟଧାରା ପ୍ରବାହିତ କରିବାକୁ ଲାଗିଲା । ବନ-ବୈତାଳିକ ବିହଙ୍ଗକୁଳର କି ଅସ୍ଫୁଟ ଆନନ୍ଦ ସଙ୍ଗୀତ ଶ୍ରୁତିରସାୟନ ଛନ୍ଦରେ ଆବୃତ୍ତି କରି ପ୍ରକୃତିର ମୌନ ବ୍ରତ ଭଙ୍ଗ କରିବାକୁ ଲାଗିଲେ । ଭ୍ରମରପଙ୍କ୍ତି କୁସୁମ-ସୁନ୍ଦରୀ କର୍ଣ୍ଣରେ ମନ୍ତ୍ର ଦୀକ୍ଷା ପ୍ରଦାନ କରି ପ୍ରତିଦାନ ସ୍ୱରୂପ ନୀରବ ଭର୍ତ୍ସନା ଉପଲବ୍ଧି ପୂର୍ବକ ଅଭିମାନରେ ଉଡ଼ି ବୁଲିଲେ । ସୁଧୀର ସମୀରଣ ତାଳେ ତାଳେ ଶାଳୀ-ଶୀର୍ଷ ନୁଆଇ ତରଙ୍ଗ ଭଙ୍ଗୀରେ ପ୍ରବାହିତ ହେଲା । ମଧୁମୟ ପ୍ରଭାତରେ ସବୁ ମଧୁମୟ । ଜଳସ୍ଥଳ ମଧୁମୟ, ବୃକ୍ଷବଲ୍ଲୀ ମଧୁମୟ, ମାନବ ମାନସ ମଧୁମୟ, ଚରାଚର ମଧୁମୟ, ତହିଁ ଉପରେ ମଧୁମୟ, ବାଳ ରବି କର ପତିତ ହୋଇ ମଧୁ ଉପରେ ମଧୁବୃଷ୍ଟି ପ୍ରାୟ ପ୍ରତୀୟମାନ ହେଲା । ଯେଉଁ ଆଡ଼କୁ ଦୃଷ୍ଟି ନିକ୍ଷେପ କର, ପ୍ରକୃତି ଅନନ୍ତ ମାଧୁରୀରେ ଭାସମାନ । ସୃଷ୍ଟିର ସେହି ଅପାର୍ଥିବ ବିଚିତ୍ର ଶୋଭା ବର୍ଣ୍ଣନା ସ୍ୱୟଂ ଶତଜିହ୍ୱା କଳ୍ପନା-ଦେବୀଙ୍କର ସାଧ୍ୟାତୀତ । ତାହା କେବଳ ଅନୁଭୂତିସାପେକ୍ଷ । ଏ ଆନନ୍ଦମୟ ପ୍ରଭାତରେ ସମସ୍ତେ ଆନନ୍ଦିତ, ନିରାନନ୍ଦ କେବଳ ତରସ୍ୱେଦୀ । ଶିଶିରସେକରେ ଅନ୍ୟାନ୍ୟ ଫୁଲ ସିନା ଫୁଟେ; ମାତ୍ର ପଦ୍ମ ମରିଯାଏ । ଏହିପରି ସୁଖ-ଶାନ୍ତିମୟ ଅପ୍ରତ୍ୟାବୃତ୍ତ ପ୍ରଭାତ ମାନବର ପରମାୟୁ ଜଗତରେ ଥରେ ମାତ୍ର ଅବତୀର୍ଣ୍ଣ ହୋଇ ଦୁଇ ଦଣ୍ଡରେ ଅନ୍ତର୍ହିତ ହୁଏ । ସେ ପ୍ରଭାତ, ଜୀବନ ପ୍ରଭାତ ବାଲ୍ୟକାଳ । ସେ ପ୍ରଭାତ ଏକ ସ୍ୱର୍ଗୀୟ ପବିତ୍ର ଜ୍ୟୋତି-ର୍ଜଳରେ ମାନବ ଲଲାଟ ଧୋଇ ଦିଏ । ସେ କାଳରେ ସଂସାର ଅପରିଚିତ । ସ୍ନେହ, ସାରଲ୍ୟ, ସାମ୍ୟ ଏହି ହିରଣ୍ମୟ ଖଚିତ ମହାର୍ଘ ମୁକୁଟ ଏକାଳରେ ନବୀନ ପ୍ରବେଶୀ ମାନବର ମସ୍ତକ ଭୂଷଣ । ମାତ୍ର ସେହି ପ୍ରଭାତ ତାହା ନିକେ ଆଣି ଦେଇ ନିଜେ ସଙ୍ଗେ ସଙ୍ଗେ ଛଡ଼ାଇ ନେଇ ଯାଏ । ଯାଉ ସେ କଥା, ଏବେ ପ୍ରକୃତି ପ୍ରଭାତର କଥା ଚାଲୁ । ଜୀବନରେ କେତେ ପ୍ରଭାତ ଆସୁ ଅଛି, ମାନବ ପ୍ରତ୍ୟହ ଦେଖୁ ଅଛି; ତଥାପି ପ୍ରଭାତର ଶୋଭା ଦେଖି ମୁଗ୍ଧ । ପ୍ରକୃତିର ଏରୂପ ଅଚିନ୍ତ୍ୟ ମହିମା । ସେ

ମହୁମାର ପୁରାତନତ୍ୱ ମଧ୍ୟରେ ନୂତନତ୍ୱ ଫୁଟି ଉଠେ,
ମାନବମାନେ ଶ୍ରାନ୍ତ ପୁରାତନ ଅବସନ୍ନ ଜୀବନ ପରିହାର
ପୂର୍ବକ କର୍ମମୟ ନବ ଜୀବନ ଲାଭ କଲେ । କୃଷକ-
ମାନେ ହୁଙ୍କୁଡ଼ା, ଖାଲ ପଦ, ଚକ୍ରମକ ମୁଣି କାଖରେ
ଯାକି, କେହୁ ଅର୍ଦ୍ଧଦଗ୍ଧ ନିଆଁ ଗଡ଼ ଘେନି, କେହୁ ବା
ବାଉଁଶୀ, ଅଣ୍ଟାଲି, ଖଇଣୀ ଗିଲା ପ୍ରଭୃତି ଘେନି ବଳଦ
ବାହାରିଲେ । ପିଲାଏ ଖଡ଼ୀ, ପୋଥି, ତାଳପତ୍ର ଧରି
ପାଠଶାଳାକୁ ଧାବିତ ହେଲେ । ଭୁଆସୁଣୀମାନେ ବାସି
ପାଇଟି ସାରି ଗାଧୋଇବାକୁ ଗଲେ । ପଞ୍ଚାୟତମାନେ
ତତ୍କାଳ ହୋଇ ମଠରେ ଆସି ପହଞ୍ଚିଗଲେ । ସେ
ସମୟରେ ମହନ୍ତ ଏବଂ ପଦ୍ମା ପ୍ରେମ-ପୋଥି ଫିଟାଇ
ରହସ୍ୟ-ଅଧ୍ୟାୟ ଆବୃତ୍ତି କରୁଥିଲେ । ପଞ୍ଚାୟତମାନଙ୍କ
ଆକସ୍ମିକ ଉପସ୍ଥାନରେ ସେ ଲୀଳା ଭାଙ୍ଗିଗଲା । ପଦ୍ମା
ଏଣୁ ତେଣୁ କପଟେ ପାଇଟିରେ ଲାଗିଗଲା । ମହନ୍ତ ଖଣ୍ଡେ
ଲେଖା ତାଳ ପତ୍ରରେ କପଟ ମନୋନିବେଶ କଲେ ।
ଆଗନ୍ତୁକମାନେ ଯାଇ ମଠ ଦୋପାଟୀରେ ବସିଲେ ।
ତହୁଁ ମହାଦମେ କହିଲେ, 'କି ମହନ୍ତେ, ଜ୍ୱର
ଛାଡ଼ିଗଲା ? ଜ୍ୱରଟା ଉଠାଣିଆ ନା ଛଟାଣିଆ ?
କଟକ ଘୋଡ଼ିଲେ କି ଯମ ଛାଡ଼ିବ, ଆଜି ନ ହେଲା,
କାଲି ହେଲେ ତ ଯମକୁ ଯିବ । କାଲି ଯମରେ ତେର
ତେର କଥା ହେଲା । ତୁମ୍ଭେ କେଉଁ ମାଉସୀ ହୋଇ
ଭଙ୍ଗା ହାତରେ ଠାକୁର ଚୁଆଁଇ ଅଳଙ୍କାର ଦେଖାଇଲ
ଆଉ ଦୋଷ ହେଲା ପଞ୍ଚାୟତଙ୍କର ! ପଦ୍ମାର ଏଠାରେ
କି କାମ କିମ୍ବ ଜାତ ଲାଗିଥାଏ ? ତାକୁ ମନା ହେଲା, ସେ
ଆଉ ମଠକୁ ଆସିବ ନାହିଁ । ପଦ୍ମା ମହନ୍ତଙ୍କ ଭର୍ତ୍ସନା
ଶୁଣି ପଞ୍ଚାୟତମାନଙ୍କୁ ନୀରବଦୃଷ୍ଟିରେ ଯଥେଷ୍ଟ ଅଭି-
ସମ୍ପାତର ଅର୍ଘ୍ୟ ପ୍ରଦାନ କରିଥିଲା । ଏଥର ନିଜର
ମନା ଶୁଣି ଆଉ ନୀରବତା ରକ୍ଷା କରି ପାରିଲା ନାହିଁ ।
କ୍ରୋଧର ଉତ୍ତେଜନାରେ ତାହାର ହୃତପିଣ୍ଡରୁ ସ୍ନାୟୁ
ଦ୍ରୁତବେଗରେ ସ୍ପନ୍ଦିତ ହେବାକୁ ଲାଗିଲା । ସେ ଅହିତା
ନାଗୁଣୀ ପ୍ରାୟ ଗର୍ଜିଉଠି କହିଲା, "କାହା ଜଙ୍ଘରେ
ବାଳ ଉଠିଛି ଯେ, ମୋତେ ମଠ ମନା କରିବ ?
କଅଣ କରିବ, ଯୋଉଣ ଖୋଳ ପଶିବ ପରା ! କଂସାସୁରର
କଳକା କୁଳ ତାଙ୍କ ଭାଇଁକୁ ଡରିଛି । 'ଏଇ କଥାକୁ
ନା ପେଲିଦେଲି କଲକତାକୁ ।' 'ହଇଲେ ମଲ,
ହାତୀ ଘୋଡ଼ା ଦେଖି ଝାମ ଗଲ ।' 'ହାଇଲି ମର,
ନା ହାରି ମାରିଦେଇ ଶୋଇଛି ଘର ।' ଉପସ୍ଥିତ କବି
ପର ଅଙ୍ଗ ଭଙ୍ଗୀ ସହ ଏହିପରି କେତେ ଛଟା ତଗ
ଅନର୍ଗଳ ରଚନା କରିଗଲା । ତଥାଚ ମନ ଆରମାଣ
ଲୁଚାଇ ପାରିଲା ନାହିଁ । ପୁନଶ୍ଚ କହିଲା, "ରାଣ୍ଡ ନିରୁଣା
ଦେଖି ଧମକାଇ ଦେଲେ ମୁଁ ତହିଁକି ଡର ନାହିଁ ।
ମହନ୍ତ ମୋର ଗୁରୁ, ତାଙ୍କର ପାଦସେବା କଲେ
ଉଦ୍ଧାର ହେବି, ତାଙ୍କ ମୁହଁରୁ ଉପଦେଶ ଶୁଣିବି,
ମଠକୁ ନ ଆସିବି କାହିଁକି ? କାହା କାନ୍ଧରେ ଦଶଟା
ମୁଣ୍ଡ ଉଠିଛି ଯେ, ପଦ୍ମାକୁ ମଠ ମନା କରିବ ?"
ପଦ୍ମା ସମ୍ଭବତଃ ଆହୁରି କିଛି କହିଥାନ୍ତା ।
ମାତ୍ର ରୁଦ୍ରମୂର୍ତ୍ତି ଭୀମ କଣ୍ଡାଳଙ୍କର କର୍କଶ ଚତ୍କାର
ଶୁଣି ହଠାତ୍ ସ୍ତବ୍ଧ ହୋଇଗଲା । କଣ୍ଡାଳେ କହିଲେ,
"ରାଣ୍ଡୀ ତନ୍ତଅଣୀ ଝୋଟୀର ମୁଣ୍ଡକୁ ପିତ୍ତ ଝାଙ୍କିଲାଣି ପରା,
ଯୁମୁଡ଼ାଏ ଦେବି ଯେ ଗାଲ ପାଟି ଭାଙ୍ଗିଯିବ । କିଏ
ମନା କରିବ ? ନିଜେ ମହାରାଜା ମନା କରି ଅଛନ୍ତି,
ଯାଉଛୁ ନା ଏହିକ୍ଷଣି ଦେଖିବୁ ?" ଭୀମ କେବଳ
ନାମରେ ଭୀମ ନୁହନ୍ତି, ଆକୃତିରେ ମଧ୍ୟ କଳି
ଯୁଗର ଭୀମ । ସ୍ଥୂଳରେ ଏତିକି କହିଲେ ଯଥେଷ୍ଟ
ହେବ ଯେ, ଭୀମକୁ ଭାଙ୍ଗିଲେ ପାଞ୍ଚ ଜଣ ମନୁଷ୍ୟ
ଗଢ଼ାଯାଇପାରେ । ମୁଖ ସ୍ୱଭାବତଃ ଭୀଷଣ, ତହିଁରେ ଯୁଆ
ଳଆ ନିଶ ସେହି ଭୀଷଣତାକୁ ଭୀଷଣତର କରିଅଛି ।
ତାହାର ଏ ଅବତାର ମୂର୍ତ୍ତି ଦେଖି ପଦ୍ମାର ପାଟି ଆପେ
ଆପେ ମାରିଗଲା । ସେ ଭୀତିଜଡ଼ିତ କ୍ଷୀଣ କଣ୍ଠରେ କହିଲା,
"ଯଦି ମହାରାଜାଙ୍କ ଶ୍ରୀମୁଖରୁ ଆଜ୍ଞା ହୋଇଛି,ତେବେ ମୁଁ
ଆସିବି ନାହିଁ ।" ଏହା କହି ଦ୍ରୁତ ପଦକ୍ଷେପରେ ମଠରୁ
ବାହାରିଗଲା । ମାତ୍ର ଯିବାବେଳେ ବାରମ୍ବାର କଣେଇ
କଣେଇ ଭୀତିବହ୍ନିଳ ଦୃଷ୍ଟିରେ ପଛକୁ ଚାହିଁ ଚାହିଁ
ଯାଉଥାଏ । କାଳେ ଭୀମ ଆସି ଉତ୍ତମ ମଧ୍ୟମ ଦୁଇ ମୁଞ୍ଜା
ଖଟାଇ ପକାଏ । ମହନ୍ତ ମଧ୍ୟ ନିର୍ଭୀକ ନ ଥିଲେ ।
ଭୀମର ଅବଶିଷ୍ଟ କୋପ-ବଜ୍ର କାଳେ ତାଙ୍କ ଉପରେ
ପଡ଼େ, ଏହି ଆଶଙ୍କାରେ ସେ ପ୍ରାୟ ସଂଜ୍ଞାଶୂନ୍ୟ ।
କବୃଦ୍ଧିମତୀ କନ୍ୟା ଦକ୍ଷିଣା ପବନର ପ୍ରଚଣ୍ଡ ନିଃସ୍ୱନ ଶୁଣି

ଶ୍ରୀଅନନ୍ତ ତଳ ପ୍ରାୟ ଅଥବା ଉତ୍ତରଳ ତାର ପୂର୍ବାର ଲକ୍ଷ ନଇଁ ପଡ଼ିଲା ପ୍ରାୟ ପଦ୍ମାର ଉଦ୍ଦଣ୍ଡ ରୋଷ ଦମିତ ହୋଇଗଲା । ତହୁଁ ପଞ୍ଚାୟତମାନେ ମହନ୍ତଙ୍କୁ କଟୁ ମିଷ୍ଟ ଭର୍ତ୍ସନା ସହ ନାନାବିଧ ଉପଦେଶ ଦେଇ ଭୟ ଦେଖାଇ ଏବଂ ପୋଡ଼ା ଅମଳ ଗଣ୍ଡ ଭବିଷ୍ୟତକୁ ସାବଧାନ ହେବା ସକାଶେ କହି ସ୍ୱ ସ୍ୱ ଗୃହକୁ ଗଲେ ।

ଅତଃପର ମହନ୍ତଙ୍କର ଅବସ୍ଥା ଅବର୍ଣ୍ଣନୀୟ । ଉଦାସୀ ଯାଇଥିଲା, ପୁଣି ପଦ୍ମା ଗଲା; ସୁତରାଂ ସେ ଦ୍ୱିଗୁଣ କାତର । ପଦ୍ମାର ଅଭାବ ଉଦାସୀର ସୁପ୍ତ ସ୍ମୃତିକୁ ଜାଗ୍ରତ କରିଦେଲା । ମହନ୍ତ ପ୍ରାଣରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ସେ ମୌନ ଯାତନାର ଗୋପନ କ୍ରନ୍ଦନ ଧ୍ୱନି କିଏ ଶୁଣିବ, ଅଦୃଶ୍ୟ ଅବସାଦ ଅଶ୍ରୁ କିଏ ପୋଛି ଦେବ ? ହାୟ ଉଦାସୀ, ହାୟ ପଦ୍ମା, ଏହାହିଁ ତାଙ୍କର ତାରକ ମନ୍ତ୍ର ହେଲା । ସେମାନଙ୍କ ସହବାସ ସକାଶେ ମହନ୍ତଙ୍କ ହୃଦୟରେ ବ୍ୟାକୁଳ ବାସନା ବହ୍ନି ରୁଦ୍ର ତେଜରେ ଜଳିଉଠିଲା । ସେହି ଜ୍ୱାଳାମୟ ବହ୍ନିର ତୀବ୍ର ତରଳଧାର ସର୍ବଦା ତାହାଙ୍କ ଜୀବନ ଶୈଳ ଧ୍ୱଂସ କରିବାକୁ ଲାଗିଲା । ତାହାଙ୍କ କ୍ଷୋଭକ୍ଷତ ହୃଦୟ ଶତଧା ବିଦୀର୍ଣ୍ଣ ହୋଇଗଲା । ବ୍ୟଥାତୁର ଜୀବନ ବ୍ୟର୍ଥ ପ୍ରତୀତ ହେଲା । ଅନନ୍ତ ସୌନ୍ଦର୍ଯ୍ୟର ଲୀଳାନିକେତନ ଏହି ପୃଥିବୀ ତାହାଙ୍କ ଚକ୍ଷୁରେ ଶୂନ୍ୟଗର୍ଭ ମହାଶ୍ମଶାନ ତୁଲ୍ୟ ପରିଲକ୍ଷିତ ହେଲା । କେବଳ ପଦ୍ମାର ଶୋଭା ତାଙ୍କ ନେତ୍ର ସମକ୍ଷରେ ନାଚି ବୁଲିଲା । ପଦ୍ମାର ଅଦୃଶ୍ୟ ମୁଖ ଆଉ ତାଙ୍କୁ କାଳିମାମୟ ଦିଶିଲା ନାହିଁ । ବେଳେ ବେଳେ ପଦ୍ମାକୁ ବିନା ନିଦ୍ରାରେ ସ୍ୱପ୍ନ ଦେଖନ୍ତି , ଯେମନ୍ତ କି ପଦ୍ମାର ମୁଖମଣ୍ଡଳରୁ କୋଟି ଚନ୍ଦ୍ରମାର ଜ୍ୟୋତ୍ସ୍ନା ନିଗିଡ଼ି ପଡ଼ୁଅଛି ଆଉ ସେହି ଜ୍ୟୋତ୍ସ୍ନାମୃତ ମହନ୍ତେ କୋଟି ବଦନରେ ପାନ କରୁଅଛନ୍ତି । ମହନ୍ତ ଗୋସାଇଁ ଏହିପରି ବହୁ ଅସ୍ୱାଭାବିକ ଉପସର୍ଗରେ ଦିନ ଯାପନ କରିବାକୁ ଲାଗିଲେ ।

ଅଡୁଆ ସୂତା ପେଣ୍ଡୁଲାକୁ ଦେଖିଏ ଦେଖିଏ ଟାଣୁଥିଲେ ଗୋଟାଏ ଗିଅ ମିଳିଯାଏ । ସେହିପରି ଅନବରତ ଖୋଜୁଥିଲେ କାର୍ଯ୍ୟରେ ଗୋଟାଏ ବାଟ ସମୟରେ ଦେଖାଯାଏ । କଥାରେ ଅଛି, "ବାଟ ଖୋଜିଲେ ବାଟ ମିଳେ ।" ପଥଭ୍ରାନ୍ତ ଅକୂଳ ସମୁଦ୍ରରେ ଯାତ୍ରୀର ପଥ ପ୍ରାପ୍ତି ଦୃଷ୍ଟାନ୍ତ ବିରଳ ନୁହେଁ । ଦୃଷ୍ଟାନ୍ତ ସ୍ୱରୂପ ଆରବୋପନ୍ୟାସର ସିନ୍ଦବାଦ ନାବିକ ଗଳ୍ପ ପାଠକମାନଙ୍କ ସ୍ମୃତିପଥାରୂଢ଼ କରାଇଦେଲେ ଯଥେଷ୍ଟ ହେବ । ପଦ୍ମା କପଟ ମଠକୁ ଆସିବ, ଅଥଚ ତାହା କେହି ଜାଣିବେ ନାହିଁ , ଏହି ଚିନ୍ତାପଥ ମହନ୍ତ ସର୍ବଦା ମୁକୁଳା ରଖିଥିଲେ । ସେହି ଅବାରିତ ମୁକ୍ତ ସିଂହଦ୍ୱାର ଦେଇ ଗୋଟିଏ ସୁନ୍ଦର କଳ୍ପନା ତାହାଙ୍କ ହୃଦୟ ମନ୍ଦିରରେ ପ୍ରବେଶ ହେଲା । ସିତେଇ ବୁଢ଼ୀ ସାହାଯ୍ୟରେ କାର୍ଯ୍ୟୋଦ୍ଧାର କରିବାକୁ ସ୍ଥିର କଲେ । ସିତେଇ ଜଣେ ବାଉରୁଣୀ, ମଠର ଗୋହାଲ କତା ଓ ଇସିତଳା ତାହାର କାର୍ଯ୍ୟ । ବୟସ ଷାଠିଏରୁ ଉଣା ପଡ଼ିଲାଣି । ସିତେଇର ଆଉ କେହି ନାହାନ୍ତି, ବଗଡ଼ ନଅଙ୍କ କାନ୍ତାରରେ ତାହାର ସମସ୍ତେ ମରି ଯାଇଅଛନ୍ତି । ସିତେଇ ବଡ଼ ଅଲଗା, ନ, ଛ ଜାଣେ ନାହିଁ କାମ୍ବା କାହାରି ହାଣ୍ଡିଆ ପାଣିରେ ଗୋଡ ବୁଡ଼ାଏ ନାହିଁ । ଏପରି ଦୁଷ୍ଟୀ ଯେ, ପଇସା ଅଧଲାର ସ୍ୱକୀୟ ମାନ ପର୍ଯ୍ୟନ୍ତ ତାହାର ଅପରିଜ୍ଞାତ । ସୃଷ୍ଟିରେ ଦୁକ୍ତା ବ୍ୟତୀତ ତାହାର ପ୍ରିୟତମ ପଦାର୍ଥ କିଛିହେଁ ନାହିଁ । ଟିକିଏ ଦୁକ୍ତା ଲୋଭ ଦେଲେ ଯାହା କହ ସେ ପାଇଟି କରିଦେବ । ବାସ୍ତବରେ ଦୁକ୍ତାର ଗୌରବ ମୁକ୍ତା ଅପେକ୍ଷା ଅଧିକ । ସେ ଆବାଳସୁବାଳବୃଦ୍ଧ କାହାର ନିତ୍ୟ ସହଚରୀ ନୁହେଁ ? ନାସ, ଗୁଣ୍ଡି, ଧୂଆଁ, ସୁର୍ତ୍ତି ପ୍ରଭୃତି ନାନା ରୂପରେ ସେ ମାନବ ଉଦରରେ ଅଧିକାର ଲାଭ କରୁଅଛି, ସେଥିର ଇୟତ୍ତା ନାହିଁ । ତାହାର ମୋହିନୀ-ମାୟାରେ ନର ସୃଷ୍ଟିର ପ୍ରାୟ ପନ୍ଦର ପଣ ଊଣାଇଶ ଗଣ୍ଡା ଜନକତା ଦୁଇଦାନ୍ତ ଅକାନ୍ତ । ମଣି ମାଣିକ୍ୟଖଚିତ ରାଜହର୍ମ୍ୟଠାରୁ ଦରିଦ୍ରର ଜୀର୍ଣ୍ଣଶୀର୍ଣ୍ଣ କୁଟୀର ପର୍ଯ୍ୟନ୍ତ ସର୍ବତ୍ର ତାହାର ଅବ୍ୟାହତ ଗତି । ଏକାଳରେ ତାହା ପୁଣି ସଭ୍ୟତାର ଏକ ମହାର୍ଘ ଉପାଦାନ ହୋଇଅଛି । ବନ୍ଧୁ ବାନ୍ଧବ ପ୍ରତି ଶିଷ୍ଟାଚାର ପ୍ରଦର୍ଶନ କ୍ଷେତ୍ରରେ, ସଭା ସମିତିରେ, ବିଦ୍ୟାଳୟରେ ସେଥିର ଆଦର ଗୌରବ ଯେପରି ବଢ଼ୁଅଛି, ସେଥିରୁ ଅନୁମିତ ହୁଏ, ଆସନ୍ନ ଭବିଷ୍ୟତରେ ଜଗତ ଧୂମମୟ ହୋଇଉଠିବ ।

ପିତେଇକୁ ଦେଖି ମହନ୍ତଙ୍କର ଅବସନ୍ନ ଆଶାପକ୍ଷୀ ପକ୍ଷ-ସ୍ପୃଷ୍ଟ ଝଙ୍କାରପୂର୍ବକ ହୃଦୟାକାଶରେ ଉଡ଼ି ବୁଲିଲା । ତାପରେ ସେ ପିତେଇକୁ ଡାକି କହିଲେ, ତୁ ପଦ୍ମୀକୁ ଯାଇ କହ, ସେ ଆଜ ଖରାବେଳେ ଅମୁହାଁ ପୋଖରୀ ଆଡ଼େ ଭଙ୍ଗା-ଦେଉଳ ପାଖକୁ ଆସିଲେ ମୋ ସଙ୍ଗରେ ଦେଖାହେବ । ଆଉ ଦେଖ, କେହି ଯେପରି ନ ଶୁଣେ । ନରେନ୍ଦ୍ରାକୁ ଡାକି ଖୁବ୍ ଲୁଚାପାଟିରେ କହିବୁ । କହିବୁ ପଅଲ ଆସିବୁ, ଠାକୁରଙ୍କ ଭୋଗ କାକରା ଅଛି, ଦେବି ନେଇଯିବୁ । କାକରା ଲାଳସା ପିତେଇକୁ ଚଞ୍ଚଳ କଲା । ସେ ଯାଇ ଯଥାସମୟରେ ମହନ୍ତଙ୍କ ପ୍ରେରିତ ବାର୍ତ୍ତାଟି ପଦ୍ମୀର କର୍ଣ୍ଣରେ ପକାଇଦେଲା । ପଦ୍ମୀର କି ଆନନ୍ଦ ! ବୋଧହୁଏ କୁମୁଦିନୀ ସନ୍ଧ୍ୟାମୁଖରୁ କୁମୁଦ ବାନ୍ଧବର ଆଗମନ ଶୁଣି ସେ ଭଳି ଉଦ୍‌ଭଟ ଉତ୍କଟ ଆନନ୍ଦରେ ଦୁମଣ୍ଟି ହେବ ନାହିଁ । ନିଦାଘ-ନୀରସ କ୍ଲାନ୍ତ କୃଷକ ପକ୍ଷେ ବର୍ଷା ବାରି ପ୍ରାପ୍ତି ମହନ୍ତଙ୍କ ଏ ସ୍ନେହ ଆବାହନୀ ପଦ୍ମୀ ପ୍ରାଣରେ କାଙ୍କ୍ଷିତ ହେଲା । ତାହାର ମାନସ-ପକ୍ଷୀ କେତେଥର ଉଡ଼ି ଯାଇ ମହନ୍ତଙ୍କୁ ସନ୍ଧାନି ଆସିଲା । ସେ ଅକୁଳ ଉତ୍କଣ୍ଠାରେ ମଧ୍ୟାହ୍ନର ଯେତିକି ଆଶୁ ଆଗମନ କାମନା କଲା, ମଧ୍ୟାହ୍ନ ସେତିକି ବିଳମ୍ବ କରିବାକୁ ଲାଗିଲା । ବିଚ୍ଛେଦ ପରେ ମିଳନ କାଳ ସୁଖାବହ ନୁହେଁ, ତାହାର ଅପେକ୍ଷା ସୁଖର ଆଧାର । ସେହି ସୁଖର ଚଞ୍ଚଳ ହିଲ୍ଲୋଳ କରସ୍ପର୍ଶ ମିଳନ-ବେଳା ଆଡ଼କୁ ସବେଗରେ ଉଠାଇ ଘେନିଯାଏ ।

ଯଥାସମୟରେ ଯଥାନିର୍ଦ୍ଦିଷ୍ଟ ମିଳନ କ୍ଷେତ୍ରରେ ଉଭୟଙ୍କର ସ୍ନେହ ଚକ୍ଷୁର ମିଳନ ହେଲା । ଉଭୟେ ଉଭୟଙ୍କୁ ଅଶ୍ରୁ ବାରିରେ ଅଭିଷିକ୍ତ କଲେ । ବିଚ୍ଛେଦ କାଳର ଦୁଃଖ ସ୍ମୃତି ଆସି କ୍ଷଣକ ସକାଶେ ମିଳନର ସୁଖାନୁଭୂତିକୁ ତଡ଼ିଦେଲା । ଉଭୟର ନୀରବ ବାଣୀରୁ ଦାରୁଣ ଅନ୍ତର୍ବେଦନାର ଭାବ ବ୍ୟକ୍ତ ହୋଇ ପଡ଼ିଲା । ସେ ନିର୍ବାକ ସମ୍ଭାଷଣ ପରେ ଅଶ୍ରୁ ସମ୍ବରଣ ପୂର୍ବକ ପରସ୍ପର ସବାକ ସମ୍ଭାଷଣରେ ରତ ହେଲେ । ବିଚ୍ଛେଦ ସମୟ ମଧ୍ୟରେ ଯେତେ ଯେତେ ଘଟଣା ଘଟିଥିଲା, ସଙ୍ଗୀ ସଙ୍ଗିନୀ ପରସ୍ପରର ପାଠ ପରୀକ୍ଷା କଲପରି ସେ ସମସ୍ତ ବୁଝେଇ ଦୁହିଁଙ୍କ ଆଗରେ ଅନର୍ଗଳ ଆବୃତ୍ତି କଲେ, ପରସ୍ପରର ଦୁଃଖ କଷ୍ଟ ପରସ୍ପରକୁ ହୃଦୟ କପାଟ ଫେଡ଼ି ଦେଖାଇ ଦେଲେ । ଦୁଃଖର ଚିରନ୍ତନ ସ୍ୱଭାବ ଏହି ଯେ, ସମଧର୍ମୀ ଦେଖିଲେ ସେ ବାଧା ବିଘ୍ନ ନ ମାନି ପ୍ରବଳ ସ୍ରୋତବେଗରେ ବହି ଆସେ । ସହସ୍ର ସାନ୍ତ୍ୱନାରେ ଯେଉଁ ଦୁଃଖର ଶାନ୍ତି ନାହିଁ, ତାହା ଥରେ ସମଧର୍ମୀ ଆଗରେ ଗାଇଲେ ସେ ଦୁଃଖ ଭାର ଲଘୁ ହୋଇ ଆସେ । ମହୌଷଧିର ଅସାଧ୍ୟ ବ୍ୟାଧି ସାମାନ୍ୟ ଟୋଟ୍‌କାରେ ଉପଶାନ୍ତି ଲଭିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଦୁଃଖର ବେଦନା ପ୍ରଲେପରେ ଯାଏ ନାହିଁ, ତାହା ଦ୍ରବ୍ୟଗୁଣ ସାପେକ୍ଷ ନୁହେଁ । କେବଳ ଯଥାସ୍ଥାନରେ ତାହାର ଆବୃତ୍ତି ତାହାର ଅମୃତ ଅବ୍ୟର୍ଥ ପ୍ରଲେପ । ଦୁଃଖୀ ପାଖରେ ଦୁଃଖ କହିଲେ ଯେଉଁ ସୁଖ ମିଳେ, ତାହା କେବଳ ଦୁଃଖୀର ଉପଭୋଗ୍ୟ, ସୁଖୀ ଭାଗ୍ୟରେ ସେ ସୁଖ କାହିଁ ? ନାନା କଥାବାର୍ତ୍ତା ପରେ ପଦ୍ମୀ କିପରି ମଠକୁ ଯିବ ଅଥଚ ତାହା କେହି ଜାଣିବେ ନାହିଁ ଏ ବିଷୟରେ ଚର୍ଚ୍ଚା ଲାଗିଲା । ଶେଷରେ ସ୍ଥିରହେଲା, କୌଣସି ପ୍ରକାର ଛଦ୍ମ ବେଶର ଆଶ୍ରୟ ନ ନେଲେ ଅଭୀଷ୍ଟ ସିଦ୍ଧିର ଉପାୟାନ୍ତର ନାହିଁ । ମାତ୍ର କି ବେଶରେ ସଜ୍ଜିତ ହେବାକୁ ହେବ ପ୍ରଥମତଃ ତାହାଲାଗି ବହୁ ବାଦାନୁବାଦ ଚାଲିଲା । ମହନ୍ତ ଯାହା କହନ୍ତି, ତାହା ପଦ୍ମୀର ମନୋନୀତ ହୁଏ ନାହିଁ, ପଦ୍ମୀର କଥା ମହନ୍ତଙ୍କ ମନକୁ ଆସେ ନାହିଁ । ଯାହାହେଉ ଅନେକ କଳ୍ପନା ଜଳ୍ପନା, ପରେ ବୈଷ୍ଣବ ବେଶ ପରିଗ୍ରହଣ ସିଦ୍ଧାନ୍ତ ହେଲା । ମହନ୍ତ କହିଲେ, ମଠକୁ ପ୍ରତ୍ୟହ ଅନେକ ବୈଷ୍ଣବ ଆସୁ ଥାନ୍ତି, କିଏ ତାହାକୁ ଚିହ୍ନୁଛି; ତୁ ବୈଷ୍ଣବ ବେଶରେ ସେଠାରେ ଆସି ବସି ଥାଉ ଥାଉ ତାହାର ପରେ କେହି ଜାଣି ପାରିବେ ନାହିଁ । ଖଣ୍ଡେ ଗେରୁଆ ଲୁଗା ପିନ୍ଧି ଖଣ୍ଡେ ଘୋଡ଼ି ହେବୁ, କମଳ ଖଣ୍ଡେ ମୁଣ୍ଡରେ ପକାଇ ହାତରେ ଗୋଟାଏ ନଡ଼ିଆ ତୁମ୍ବା କମଣ୍ଡଳୁ ଧରି ସନ୍ଧ୍ୟାପହରକ ବେଳକୁ ତୁ ପଙ୍ଗତ ସ୍ଥାନକୁ ଆସିବୁ । ପଙ୍ଗତ ପରେ ବାବାଜିମାନେ ମୋତେ ଦଣ୍ଡବତ କରି ଯାଇ ଆସନ ଗ୍ରହଣକରନ୍ତି । ତୁ ସେମାନଙ୍କ ସଙ୍ଗରେ ଆସିବୁ । ସେମାନେ ବିଦାୟ ହୋଇଗଲେ ତୁ ରହିଯିବୁ । ଆଉ ଗୋଟିଏ କଥା କରିବୁ, ତୁ ଘରୁ ମଦତ ସଜ୍ଜ ଆଣିଥିବୁ ।

ମଠରେ ଆଉ ତାହା ହୋଇ ପାରିବ ନାହିଁ । ଏହି କଥା ପଦ୍ମା ମନକୁ ଖୁବ୍ ଘେନିଲା ; ସୁତରାଂ ତହିଁ ପରଦିନଠାରୁ କାର୍ଯ୍ୟତଃ ସେହିପରି ଚଳିଲା । ଉଭୟର ଭଗ୍ନ ସଂସାର ପୁଣି ଯୋଡ଼ି ଗଲା । ବାଧାପ୍ରାପ୍ତ ବନ୍ଧ ପ୍ରୀତିସ୍ରୋତ ପୁଣି ଖରତର ବେଗରେ ପ୍ରବାହିତ ହେଲା, ପୂର୍ବ ସୁଖ, ପୂର୍ବ ସୌଭାଗ୍ୟ ଫେରି ଆସିଲା । ବିଚ୍ଛେଦ କ୍ଷତ ଏବା ବେଳକେ ଶୁଷ୍କ ହୋଇଗଲା । ପଦ୍ମା ପ୍ରତ୍ୟହ ସନ୍ଧରେ ବୈଷ୍ଣବ ରୂପରେ ମଠକୁ ଆସେ । ପୁଣି ରାତ ଝଟଝଟ ହେଉଥିବା ବେଳେ ବାହାରି ଯାଏ । ସାଧୁ ସନ୍ନ୍ୟାସୀ ସ୍ଥାନରେ କେହି ତାହାକୁ କିଛି ପଚାରନ୍ତି ନାହିଁ । ଏହିପରି ପ୍ରାୟ ମାସେ ପର୍ଯ୍ୟନ୍ତ ଚଳିଲା; ମାତ୍ର ଏହି ଗୁପ୍ତ ପ୍ରୀତିର ଲେଶ ମାତ୍ର କେହି ଜାଣିପାରିଲା ନାହିଁ ।

ପାପ କେବେ ଗୋପନରେ ରହେ ନାହିଁ । ଶୀଘ୍ର ହେଉ ବା ବିଳମ୍ବରେ ହେଉ ଦିନେ ନିଶ୍ଚୟ ପ୍ରକାଶ ହୋଇପଡ଼େ । ଅଗ୍ନିକୁ ଆବୃତ କଲେ ସେ ଶତ ଆବରଣ ଭସ୍ମସାତ୍ କରି ଆତ୍ମପ୍ରକାଶ କରେ । ପାପ ବଡ଼ ଉଚ୍ଛ୍ୱାସ । ସୋଲକୁ ଅଗାଧ ଜଳରେ ବୁଡ଼ାଅ ବା ପଙ୍କରେ ପୋତ ସେ ନିଶ୍ଚୟ ଉପରକୁ ଭାସି ଉଠିବ । ଚୋର କେତେ ସାବଧାନ ହୋଇ ଅନ୍ଧାର ରାତିରେ ଚୋରି କରେ, ତଥାପି ପୋଲିସ ଅନୁସନ୍ଧାନରେ ଧରା ପଡ଼ି ଦଣ୍ଡିତ ହୁଏ । ଆତତାୟୀ ଅତି ନିର୍ଜନରେ ହତ୍ୟା କରେ, ମାତ୍ର ଯଥାସମୟରେ ଧୃତ ହୋଇ ହତ ପ୍ରେତର ଅନ୍ତ୍ୟେଷ୍ଟି ସମ୍ପାଦନରେ ସ୍ୱପ୍ରାଣ ଉତ୍ସର୍ଗ କରେ । ଅତଏବ ପାପ ଲୁଚି ରହି ପାରେ ନାହିଁ । ବିଶେଷତଃ ଉଦରରେ ଘଟଣାଗ୍ରନ୍ଥି କରିବା ପ୍ରକୃତି ଦେବୀଙ୍କର ପ୍ରକୃତି ନୁହେଁ । କି ନୂତନ କି ପୁରାତନ ପ୍ରତ୍ୟେକ ଘଟଣା ସେ ସମୟରେ ଉଦ୍‌ଗୀର୍ଣ୍ଣ କରି ବିଶ୍ୱଲୋକସମକ୍ଷରେ ଦେଖାଇ ଦିଅନ୍ତି । ପ୍ରକୃତି ଯେପରି ଗୁଣଗ୍ରାହିଣୀ, ସେହିପରି ଦୋଷଦର୍ଶିନୀ । ତାଙ୍କର ଦଣ୍ଡ ପୁରସ୍କାର ଅବ୍ୟର୍ଥ । ସେହି ଦଣ୍ଡପୁରସ୍କାର ବିଚିତ୍ର ମାନବ ସୃଷ୍ଟିକୁ ନିୟନ୍ତ୍ରିତ କରିବାରେ ସତତ ସହାୟତା କରୁଅଛି ; ମାତ୍ର ମାନବ ଏରୂପ ଉଦ୍ଧତ ଯେ, ପଦେ ପଦେ ଦଣ୍ଡିତ ଲାଞ୍ଛିତ ହୋଇ ସୁଦ୍ଧା ଶୃଙ୍ଖଳା ଧରିବାକୁ ନାହିଁ । ପ୍ରେମିକ ପ୍ରେମିକାଙ୍କର ଏ ଗୁପ୍ତ ପ୍ରୀତି ଶୀଘ୍ର ପ୍ରକାଶ ହୋଇ ପଡ଼ିଲା । ଧାନ କୁଟୁଣୀ ବୁଢ଼ୀ ଭୁତୀ ମାଝିଅନ୍ଧାରରୁ ଉଠି ମଠକୁ ଧାନ କୁଟିବାକୁ ଆସେ । ବୁଢ଼ୀ ସାଧାରଣରେ "ବୁଢ଼ୀ ନାନୀ" ନାମରେ ଅଭିହିତା ହୁଏ । ଜହ୍ନମାମୁ ପରି ବାପ ପୁଅ ନାତି ସମସ୍ତଙ୍କର ସେ 'ବୁଢ଼ୀ ନାନୀ' । ବୁଢ଼ୀ ବିଧବା ବ୍ରାହ୍ମଣୀ, ତିନି କୁଳରେ ତାର କେହି ନାହାନ୍ତି । ବୁଢ଼ୀଟି ବଡ଼ ଅଳେଇ, ମଠର ଧାନ କୁଟି ପେଟ ପୋଷେ । କୁଠାମୂଳ ଘୁଡ଼ଲରେ ରାତ ଶୋଏ, କେବେ କେବେ ମନ ଡାକିଲେ କାଣ୍ଡିଆ କୁଣ୍ଡା ଆଉ ଖୁଦରେ ପିଠା କରି ଖାଏ । ବାଡ଼ ପଛ ଉପରେ କେତେଗୁଡ଼ିଏ ଦଉ କପା (ହାଣ୍ଡିଆ କପା)ଗଛ ଲଗେଇଅଛି । ସେଥିରୁ ପ୍ରତି ବର୍ଷ ପ୍ରଚୁର ତୂଳା ମିଳେ । ସେଥିରେ ଲୁଗା ବାବଦ ଚଳିଯାଏ । ଖଣ୍ଡିଏ ଅରଟ ରଖିଥାଏ । ସେଥିରେ ସୂତା କାଟି ଉପଯୁକ୍ତ ବାଣ ଦେଇ ତନ୍ତୀ ଘରୁ ଲୁଗା ବୁଣାଇ ଆଣେ । ବଳକା ତୂଳା ବିକିଦେଇ ଲୁଣତେଲ ଖର୍ଚ୍ଚ କରେ । ତାହାର ସବୁ ଗୁଣଗୁଡ଼ିକ ଭଲ; ମାତ୍ର ଗୋଟିଏ କଥା ଏହି ଯେ, ତାହା ପେଟରେ କଥା ରହି ପାରେ ନାହିଁ । କିଛି ଟିକିଏ ଶୁଣିଲେ ତାହା କପରି ବାହା ପାଖରେ କହିବ, ଏହି ଖିଅ ଘେନି ବୁଲୁଥାଏ । କାହାରିକୁ ନ ପାଇଲେ ନିଜେ ନିଜେ କହୁଥାଏ । ବାଟରେ ବୁଲିବା ସମୟରେ ତାକୁ ନୀରବ କେହି ଦେଖି ନାହାନ୍ତି । କିଛି ଗୋଟାଏ କଥା କହି କହି ବୁଲୁଥାଏ । ସେ ବକିବାରେ ଏରୂପ ଅଭ୍ୟସ୍ତା ଯେ, ନିଦ୍ରାବସ୍ଥାରେ ସୁଦ୍ଧା ବକବକାଇ କେତେ କଥା କହେ । ଦିନେ ସେ ପାହାନ୍ତିଆ ପହରରୁ ଉଠି ଧାନ କୁଟିବାକୁ ମଠକୁ ଆସି ଦେଖିଲା, ସିଂହଦ୍ୱାର ଫିଟି ନାହିଁ । ତେଣୁ ସେ ନିକଟବର୍ତ୍ତୀ ଆମ୍ବଗଛ ମୂଳରୁ ପତ୍ର ସାଉଁଟିବାରେ ନିଯୁକ୍ତ ହେଲା । ଅଳ୍ପକ୍ଷଣ ପରେ ଜଣେ ବୈଷ୍ଣବ କଳଣୀ ଫିଟାଇ ବାହାରିଆସି ଅତି ସନ୍ତର୍ପଣରେ ଘୂରି ଆଡ଼କୁ ଯହିଁ ସେହି ଗଛମୂଳରେ ଠିଆହେଲା ଏବଂ ବୈଷ୍ଣବ ବେଶ ବାହାରକରି ସ୍ତ୍ରୀମୂର୍ତ୍ତି ଧାରଣ କଲା । ବୁଢ଼ୀର ଆଉ ଚିହ୍ନିବାରେ ସନ୍ଦେହ ରହିଲା ନାହିଁ । ସେ ହଠାତ୍ କହିଉଠିଲା, ପଦ୍ମା ନା କିଏ ଲୋ ? ମଠ କବାଟ ବାହାର କରି ତୁ ଆସିଲୁ ପରା ? ପଦ୍ମା ବରଡ଼ା ପତ୍ର ପରି ଥରି ଥରି ବୁଢ଼ୀକୁ କୁଣ୍ଢାଇପକାଇ ଏବଂ ହାତ ଗୋଡ଼ ଧରି

କହିଲା, ତୁ ମୋର ଧରମ ମାଆ, ଏକଥା କାହାରିକୁ କହିବୁ ନାହିଁ । ମହନ୍ତଙ୍କ ଦେହ ବେମାର ଥିଲା ସେ ସେ କହିପଠାଇଥିଲାକୁ ଆସିଥିଲି । ଏହା କହି କାଳେ ଅନ୍ୟ କେହି ଦେଖେ ଏହି ଭୟରେ ଶୀଘ୍ର ପ୍ରସ୍ଥାନ କଲା । ବୁଢ଼ୀ ପୁନଶ୍ଚ ପତ୍ର ଗୋଠାଇବାରେ ଲାଗିଲି । ସବୁବେଳେ ବଡ ବଡ଼ ହେବା ତାହାର ଗୋଟାଏ ଖୋଇ । ପତ୍ର ସାଉଣ୍ଟୁ ସାଉଣ୍ଟୁ କହୁଥାଏ, "ବଡ ଲୋକର କଥା, ମହନ୍ତଙ୍କ କଥା, ମୋର କି ପଡିଛି ଲୋ ମାଇଣୀ କାହା ପାଖରେ କହିବ ?" ଏହି ସମୟରେ ମଠର ପୂଜାରୀ ସେହିବାଟେ ଗାଧୋଇବାକୁ ଆସି ବୁଢ଼ୀର ଅସ୍ପଷ୍ଟ ଆବୃତ୍ତି ଶୁଣି କହିଲା, କାଲେ ବୁଢ଼ୀ ନାନୀ, କଅଣ ବଡ଼ର ବଡ଼ର ହେଉଛୁ ? ବୁଢ଼ୀ ଯାହା ଖୋଜୁଥିଲା ତାହା ପାଇଲା, ତହୁଁ ତରବରରେ ଧାଇଁଯାଇଁ ଲଘୁ ସ୍ୱରରେ କହିଲା, କିଏ ଆକୁଳି କରେ, କଥା କଅଣ କି, ପଦ୍ମା ଗୋଟାଏ ବାବାଜି ବେଶରେ ମଠରୁ ବାହାରି ଆସି ଏହି ବାଟେ ପଳେଇଲା । ମୁଁ ପଚାରିଲାରୁ କହିଲା, ମହନ୍ତ ବାଧିକି ପଡିଛନ୍ତି, ଗୋଡ଼ରେ ତେଲ ମାରିଦେବାଲାଗି ଡାକିଥିଲେ ଯେ, ଆସିଥିଲି । ଏ ପୋଡା ଗାଁ ଲୋକେତ ମୋର ଶିରୀ ଦେଖି ପାରୁନାହାନ୍ତି । ସବୁବେଳେ ମୋ ସଙ୍ଗରେ ଅଛନ୍ତି । କାଳେ କିଏ ଚିହ୍ନିବ ସେଥିପାଇଁ କମ୍ବଳ ମୁଣ୍ଡରେ ପକାଇ ଗେରୁଆ ଲୁଗା ପିନ୍ଧି ଆସିଥିଲି । ତୁ ଏହା କାହାରି ପାଖରେ କହିବୁ ନାହିଁ । ଏହା କହି ଦଶ କାହାଣ ନିଃଶ୍ୱାସ ପକାଇ ଯାଇଅଛି । ମୁଁ କାହିଁକି ଭଲା କାହା ପାଖରେ କହିବି ? ଗୋସାଇଁଙ୍କ କଥା ଲୋ ବାପ, ଦଣ୍ଡକେ ମୋର ତୁଣ୍ଡି ପିଠି ରହିବ ନାହିଁ । ପୂଜାରୀ ଏହା ଶୁଣି ଟିକିଏ ମୁରୁକିହସା ଦେଇ ଚାଲିଗଲି । ତହୁଁ ବୁଢ଼ୀ ଧାନ କୁଟିବାକୁ ମଠ ଭିତରକୁ ଗଲି ।

ସେଦିନ ଆଉ ଠାକୁର ପୂଜାରେ ପୂଜାରୀର ପୂର୍ବପରି ମନ ଲାଗିଲା ନାହିଁ । କେବଳ ଉପରଠେଲିଆ ଭାବରେ କାର୍ଯ୍ୟ ଚଳାଇଲା । ମନର ପ୍ରକୃତି ବଡ଼ ଚଞ୍ଚଳ ଏବଂ ତାହାର ଗତି ଅନନ୍ତ ପ୍ରକ୍ଷିପ୍ତ । ଦେହ ସହିତରେ କାର୍ଯ୍ୟ କରିବାକୁ ସେ ସବୁବେଳେ ବାଧ୍ୟ ନୁହେଁ । ତାହାର କାର୍ଯ୍ୟକ୍ଷେତ୍ର ଶୂନ୍ୟରେ । ସେ ସତତ ଶୂନ୍ୟରେ ଉଡି, ଶୂନ୍ୟରେ ଖେଳିବାକୁ ବଡ଼ ଭଲ ପାଏ । ପୂଜାରୀ ଦେଉଳରେ ମନ୍ତ୍ରପାଠ କରୁଅଛି; ମାତ୍ର ତାହାର ମନ ପଞ୍ଚାୟତଙ୍କ ସହି ମନ୍ତ୍ରଣାରେ ବ୍ୟସ୍ତ । ସେ କିପରି ଶୀଘ୍ର ଯାଇ ପଦ୍ମା ଘଟିତ ଘଟଣା ପଞ୍ଚାୟତଙ୍କ କର୍ଣ୍ଣଗୋଚର କରିବ, ଏହି ଅବଲମ୍ବ ସହି ଉତ୍ତେଜନା ନିଶା ତାହାକୁ ଆପାଦମସ୍ତକ ଘାରି ଅଛି; ଚଞ୍ଚଳତାର ତାହାର ପ୍ରାଣରେ ବିଦ୍ୟୁତ ବେଗରେ ପ୍ରଚଣ୍ଡ ପ୍ରହାର କରୁଅଛି । ମନ ସ୍ୱଭାବତଃ ବଡ଼ ଦୁଷ୍ଟ ଏବଂ ଅବାଧ୍ୟ, ତହିଁରେ ଯଦି ସେ ଦୁଷ୍ଟ ଉତ୍କଣ୍ଠାର ସଙ୍ଗ ଲାଭ କରେ, ତେବେ ବିଷମ ସମସ୍ୟା ଉପସ୍ଥିତ ହେବା ବିଚିତ୍ର ନୁହେଁ । ଉଗ୍ରଘୋଟକ ପୃଷ୍ଠରେ ଚାବୁକ ପ୍ରହାର କଲେ ଆଉ କି ସମ୍ଭାଳି ହୁଏ । ପୂଜାରୀ ଚଞ୍ଚଳ ଚଞ୍ଚଳ ଠାକୁରଙ୍କ ଠା ବଢାଇଦେଇ ପଞ୍ଚାୟତଙ୍କ ନିକଟକୁ ଯାଇ ବୁଢ଼ୀ କଥିତ ଘଟଣା ବର୍ଣ୍ଣନା କଲି । ତାହା ଶୁଣି ପଞ୍ଚାୟତମାନେ କର୍ତ୍ତବ୍ୟ ନିରୂପଣ ସକାଶେ ବ୍ୟଗ୍ରୀଭୂତ ହୋଇଉଠିଲେ । ଶେଷରେ ଧାର୍ଯ୍ୟ ହେଲା, ସେହି ଦିନ ରାତିରେ ଛକି ପଦ୍ମାକୁ ଧରି ସେହି ବେଶରେ ରାଜାଙ୍କ ସମ୍ମୁଖକୁ ନେବାକୁ ହେବ । ଅନନ୍ତର ପଞ୍ଚାୟତମାନେ ସ୍ୱ ସ୍ୱ କାର୍ଯ୍ୟ ଉଦ୍ଦେଶ୍ୟରେ ଗଲେ । ପୂଜାରୀ ମଠକୁ ଫେରି ଆସି ଉଦରଦେବଙ୍କ ପୂଜାରେ ନିଯୁକ୍ତ ହେଲି । ରଜନୀ ଗର୍ଭରେ କି ବିଷମୟ କୌତୁକ କାଣ୍ଡ ଘଟିବ, ତାହା ଭାବି ସେ ବଡ଼ ଆନନ୍ଦିତ । ସେ ଆଜି ରଜନୀ ଦେବୀଙ୍କ ପ୍ରତି ଏକାନ୍ତ ଅନୁକୂଳ । ଅସମୟରେ ତାହାଙ୍କ ଆଗମନ ସକାଶେ ସେ ଅକାଳ ବୋଧନ କରିବାକୁ ଲାଗିଲି ।

# ଦ୍ୱାଦଶ ପରିଚ୍ଛେଦ

## ପକ୍ଷୀର୍ ମଠତ୍ୟାଗ

ଆଜନ୍ମ ଯୋଗିନୀ ପ୍ରକୃତିଦେବୀଙ୍କର ଧ୍ୟାନକ୍ଲାନ୍ତ ନୟନ କ୍ରମେ ନିମୀଳିତ ହୋଇଆସିଲା । ସେ ଏବେ ଅନନ୍ତ ଯୋଗସାଗରରେ ନିମଜ୍ଜିତ ହେବେ । ଜୀବନର ସନ୍ଧ୍ୟାଗମ ଦେଖି ସୂର୍ଯ୍ୟଦେବ ସ୍ୱୀୟ ବିକ୍ଷିପ୍ତ କରରାଶି ସଂହାର ପୂର୍ବକ ନାଗରିକ କର୍ମ ସମାପନାନ୍ତେ ଗୈରିକ ବସନ ପରିହିତ ହୋଇ ବାନପ୍ରସ୍ଥ ଉଦ୍ଦେଶ୍ୟରେ ଅସ୍ତଗିରି ଅଭିମୁଖରେ ଯାତ୍ରା କଲେ । ସ୍ନେହମୟୀ ଜନନୀ ସହାସ୍ୟ ବଦନରେ ବିଦେଶାଗତ ପୁତ୍ରକୁ କୋଳରେ ଧାରଣ କଲା ପ୍ରାୟ ଗୌରବିଣୀ ଜ୍ୟୋତିର୍ମୟୀ ହାସ୍ୟ ବିସ୍ତାର ପୂର୍ବକ ରଶ୍ମିଙ୍କୁ ବିଶ୍ରାମପ୍ରଦ ଅମୃତ ଅଙ୍କକୁ ଓଟାରି ନେଲା । ଦକ୍ଷିଣାଶା ଧନୀ ସମୀରଣର ସନସନ ନିଃସ୍ୱନ ଛଳରେ ପ୍ରଶ୍ୱାସ ବିସର୍ଜନ କଲା । ସଡ଼ାର ସେତ୍ତ ଅଭିଶାପବିସର୍ପିତ ଉଷ୍ଣ ପ୍ରଶ୍ୱାସରେ ଚରାଚର ଶ୍ରୀହୀନ ହୋଇ କଳାପଡ଼ିଗଲା । ସନ୍ଧ୍ୟା ପ୍ରତ୍ୟହ ଆସି ମାନବକୁ ନିର୍ବାକ ମହୋପଦେଶ ପ୍ରଦାନ କରି ଚାଲିଯାଏ । ଜୀବନର ସନ୍ଧ୍ୟା ଆସନ୍ନବର୍ତ୍ତିନୀ । ତାହା ଏରୂପ ଅନିଶ୍ଚିତ ଯେ, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ ହୋଇପାରେ । ତେତେବେଳେ ଚାରିଆଡ଼େ ଅନ୍ଧକାର ଘୋଟି ଆସିବ । ଅତଃ ଗନ୍ତବ୍ୟ ପଥ ଆଲୋକିତ କରିବା ସକାଶେ ପୂର୍ବରୁ ଦୀପ ସଂଗ୍ରହ କରିରଖିବା ଆବଶ୍ୟକ । ନତୁବା ଅନ୍ଧାରରେ ହାବୁଡ଼ି ବିକଳାଙ୍ଗ ହେବାକୁ ହେବ । ସନ୍ଧ୍ୟା ଏହି ସ୍ମୃତିର ସ୍ୱର୍ଣ୍ଣ ପ୍ରଦୀପ ହୃଦୟର ନିଭୃତ ନିଳୟରେ ଜାଳି ଦେଇଯାଏ । "ହେ ପାନ୍ଥ, ଧର୍ମହିଁ ସ୍ୱର୍ଗପଥର ଅନିର୍ବାଣ ଦୀପ, ଦିନ ଥାଉଁ ଥାଉଁ ସେହି ଦୀପ ସଂଗ୍ରହରେ ତତ୍ପର ହୁଅ ।" ଏହାହିଁ ସନ୍ଧ୍ୟାର ସାଙ୍କେତିକ ସନ୍ଥ । ଅନ୍ଧାରକଣାମାନଙ୍କର କଷ୍ଟର ଅବଧି ରହିଲା ନାହିଁ । ସେମାନେ ଅକାଳ ସନ୍ନ୍ୟାସୀ ପ୍ରାୟ ଅଶାନ୍ତ ହୋଇ କ୍ଷତ ବିକ୍ଷତାଙ୍ଗ ହେଲେ । ଘରେ ଘରେ ପ୍ରଦୀପ ଜଳି ଉଠିଲା । ପ୍ରଦୀପାଲୋକ ସମସ୍ତ ପଦାର୍ଥକୁ ଉଜ୍ଜ୍ୱଳ କଲା; ମାତ୍ର କାହାକୁ ଉଷ୍ଣୀଭୂତ କଲା ନାହିଁ । ମହାଜନ ପ୍ରତିଭା ଅପରକୁ ଉଜ୍ଜ୍ୱଳ କରେ ସିନା କଦାଚ ସନ୍ତପ୍ତ କରେ ନାହିଁ । ଆଲୋକ ସମସ୍ତଙ୍କୁ ଦୀପ୍ତ କରେ; ମାତ୍ର କାହିଁରେ ଲିପ୍ତ ହୁଏନାହିଁ । ସାଧୁମାନେ ସଂସାରର ସମସ୍ତ କର୍ମ କରନ୍ତି, ତଥାପି ସେମାନେ ସଂସାରରୁ ଅନ୍ତର । ସେମାନଙ୍କ ଜୀବନ ନାଗରିକ ଜୀବନ ନୁହେଁ, ତାହା ପାରମାର୍ଥିକ ଅପୂର୍ବ ଉପାଦାନରେ ଉପାଦେୟ । ବାୟୁହର୍ଷଣାନନ୍ତର ସ୍ୱର୍ଗରୁ ଅମରବୃନ୍ଦ ଚନ୍ଦ୍ରିକା ଚନ୍ଦ୍ରପଟ ଖସାଇ ଦେଲେ । ସେ କି ଚଟୁଳ ଚନ୍ଦ୍ର! ଯେଉଁ ଚନ୍ଦ୍ର ନିରକ୍ଷରର ଅକ୍ଷର ଏବଂ ନୀରବରେ ସକଳ ଭାଷାରେ କଥା କହିବାକୁ କ୍ଷମ, ତାହାର ମହିମା କିଏ କଳି ପାରିବ? ଖଣ୍ଡିଏ ଖଣ୍ଡିଏ ଚନ୍ଦ୍ର ଖଣ୍ଡିଏ ଖଣ୍ଡିଏ ମହାକାବ୍ୟ ବିଶେଷ । ଚନ୍ଦ୍ରରେ ଜୀବନ୍ତ ଛବି ଫୁଟିଉଠେ; ମାତ୍ର କାବ୍ୟରେ ତାହା ଅକ୍ଷର ଆବରଣରେ ଆବୃତ ଥାଏ । ଚନ୍ଦ୍ର ପ୍ରତ୍ୟକ୍ଷ ଦୃଷ୍ଟ ଏବଂ କାବ୍ୟ କଳ୍ପନାଦୃଷ୍ଟ । କାବ୍ୟର କଠିନ ଦୁର୍ବୋଧ ଅଂଶ ଚନ୍ଦ୍ରରେ ସରଳୀଭୂତ ହୁଏ । ରଜନୀଦେବୀ ଯୌବନରେ ପଦାର୍ପଣ କରି କ୍ରମେ ଗମ୍ଭୀର ହୋଇ ଆସିଲେ । ବୈଷ୍ଣବମାନେ ପଙ୍ଗତ ଶେଷରେ ଦାଣ୍ଡଅଗଣାରେ ଆଞ୍ଚୋଇ ଚୌପାଢ଼ୀକୁ ଫେରି ଆସିଲେ । ଏହି ସୁଯୋଗରେ ପକ୍ଷୀ ସେମାନଙ୍କ ସଙ୍ଗରେ ଆସି ମିଶିଗଲା । ତତ୍ପୂର୍ବରୁ ପଞ୍ଚାୟତମାନେ ଆସି ଦୋଳମଣ୍ଡପ ଉପରେ ଲୁଗାଘୋଡ଼ି କାଗଜ ଶୟନରେ ନିରତ ଥିଲେ ; ମାତ୍ର ମଶକ ଜ୍ୱାଳାରେ ଅଥୟ ହୋଇ କୁମ୍ଭାର ହାଣ୍ଡି ଗଢ଼ିଲା ପରି ଅନବରତ ଚଟ ଚଟ ଶବ୍ଦ କରୁଥାନ୍ତି । ମଠର ଅଧିକାରୀ ତ ମୁଣ୍ଡାଇ ଅଛନ୍ତି, କ'ଣ କରିବେ? ଅଧିକାର ସହ ଦାୟିତ୍ୱର ନିତ୍ୟ ସମ୍ପର୍କ; ସୁତରାଂ ଅଧିକାର ଯେଉଁଠାରେ, ଦାୟିତ୍ୱ ମଧ୍ୟ ସେହିଠାରେ । ଦାୟିତ୍ୱ ପୂର୍ଣ୍ଣ ଆଧିପତ୍ୟକୁ ସୁଖକର ମଣିବା ଆଉ କଳ୍ପନାର ସୁବର୍ଣ୍ଣ ଲତାରେ ଫୁଲ ଫୁଟାଇବା ଏକ କଥା । ଦାୟିତ୍ୱର

ନିଗଡ଼ ଶୃଙ୍ଖଳ ସେମାନଙ୍କୁ ଏହି ମଶାବଣରୁ ଟାଣି ଆଣି-ଅଛି । ସେମାନେ ବସ୍ତ୍ରାନ୍ତରାଳରୁ ପଦ୍ମୀର ଗତି ବିଧି ଲକ୍ଷ୍ୟ କରୁଥିଲେ । ପଦ୍ମୀ ଯାଇ ଚୌପାଢ଼ୀର ଅନ୍ଧାରିଆ ସ୍ଥାନରେ ବସି ପଡ଼ିଲା । ବୈଷ୍ଣବମାନେ କୌପୁନୀ ବେଡ଼ାଣ ପରିବର୍ତ୍ତନ କରି ଯେତେବେଳେ ମହନ୍ତଙ୍କୁ ଦର୍ଶନ କରିବାକୁ ଗଲେ, ପଦ୍ମୀ ସେମାନଙ୍କ ପଛ ଧରି ଚାଲିଲା । ଦର୍ଶନାନ୍ତେ ସମସ୍ତେ ଫେରି ଆସି ଆସନ ଧରିଲେ; ମାତ୍ର ସେ ଆଉ ଫେରିଲା ନାହିଁ । କିୟତ୍‌କ୍ଷଣ-ପରେ ମହନ୍ତଙ୍କ ଆବାସ ପରସ୍ତରେ କବାଟ ପଡ଼ିଲା । ମହନ୍ତଙ୍କ ଆବାସ ପୁର ମନ୍ଦିରର ପଶ୍ଚିମ ଦିଗରେ ଅବସ୍ଥିତ । ରାତ୍ରରେ ସେ ଆଡ଼କୁ କାହାରି ଯାତାୟାତ ଥାଏ ନାହିଁ । ମଠର ଚାକରମାନେ କବାଟ କିଳିଦେଇ ଶୋଇବାକୁ ଗଲେ । ଘଡ଼ିକ ମଧ୍ୟରେ ମଠ ନୀରବ ଭାବ ଧରିଲା । ଦେଖୁ ଦେଖୁ ରାତ୍ରି ଦ୍ୱିପ୍ରହର ଗଡ଼ିଗଲା । ସମସ୍ତେ ସୁପ୍ତି ନୀରବ । ବୈଷ୍ଣବମାନଙ୍କ ମଧ୍ୟରୁ କେହି କେହି ଦୀର୍ଘ ଘଙ୍ଘଡ଼ା ମାରି ସେହି ନୀରବତାକୁ ବେଳେ ବେଳେ ଭଙ୍ଗ କରୁଅଛନ୍ତି । କାହାକୁ ବା ଓଥଗ୍ରା ମାଡ଼ି ବସିଅଛି, ସେ ଉଚ୍ଚ ଶବ୍ଦ କରିବାକୁ ଇଚ୍ଛା କରୁଅଛି; ମାତ୍ର ତଣ୍ଟି ଫିଟୁନାହିଁ । ତହୁଁ ଏକ ପ୍ରକାର ଦୁର୍ବୋଧ ବ୍ୟାକୁଳ ଭୀତିଜନକ ଅସ୍ୱାଭାବିକ ଚିତ୍କାର କରୁଅଛି । କେହି ହସୁଅଛି, କେହି କାନ୍ଦୁଅଛି, କେହି ଦାନ୍ତ ରଗଡ଼ୁଅଛି, କେହି ବା ଚିର ସଂସ୍କାରବଶତଃ ହରିନାମ ଉଚ୍ଚାରଣ କରୁଅଛି । ସର୍ବଦା ହରିନାମ ଉଚ୍ଚାରଣ କରି ସେ ଏରୂପ ନିବିଡ଼ ଅଭ୍ୟସ୍ତ ହୋଇ ପଡ଼ିଅଛି ଯେ, ଅଜ୍ଞାନ ଅବସ୍ଥାରେ ସୁଦ୍ଧା ତାହା ମୁହଁରୁ ନାମ ଆପେ ବାହାରି ପଡ଼ୁଅଛି । ସାଧକ ଭାଗ୍ୟରେ ଏହା ଅପେକ୍ଷା ସୁଖର ବିଷୟ କଅଣ ଅଛି ? ଅଭ୍ୟାସ ଘନୀଭୂତ ହେଲେ ତାହା ସ୍ୱଭାବରେ ପରିଣତ ହୁଏ । ଅତିଥିଶାଳାରେ ଏହିପରି ଶାନ୍ତ ଭୈରବ ମଧୁର କରୁଣ ହାସ୍ୟରସ ଅଭିନୟ ତାହାକୁ ଗୋଟିଏ କ୍ଷୁଦ୍ର ସଂସାରର ବିଭୂତି ପ୍ରଦାନ କରିଅଛି । ଏହି ସମୟରେ ପଞ୍ଚାୟତମାନେ ଯାଇ ସିଂହଦ୍ୱାର ପାର ହୋଇ ମଣିଦ୍ୱାର କବାଟରେ କରାଘାତ କରନ୍ତେ ପୂର୍ବ ସଙ୍କେତ ମତେ ପୂଜାରୀ ଖିଲୁଣି ଫିଟାଇ ଦେଲା । ସେମାନେ ଯାଇ ମହନ୍ତଙ୍କ ପ୍ରକୋଷ୍ଠ ଦ୍ୱାରରେ କାନ ପାରି ଶୁଣିଲେ—ଶୀତଳନ ରାତ୍ରରେ ବସ୍ତି ଖୁଡ଼ୁ ଖୁଡ଼ୁ ଶବ୍ଦ କଲ୍‌ଭଳି ଗୃହ ଭିତରୁ ଶବ୍ଦ ଶୁଭୁଅଛି । ସେହି ଶବ୍ଦରୁ ମଦନ ଚେଷ୍ଟା ଆରମ୍ଭ ହୋଇଥିବାର ସେମାନେ ଅନୁମାନ କରିନେଲେ । ଯାହାହେଉ ସେମାନେ ବିଳମ୍ବ ନକରି ମହନ୍ତଙ୍କୁ ଡାକି ଛାଡ଼ିଲେ । ନ ଶୁଣିବାରୁ କବାଟରେ ଘନ ଘନ ଆଘାତ କଲେ । ଶେଷରେ ମହନ୍ତ ନିଦ୍ରାଆଳସ୍ୟ ଭାଙ୍ଗିବାପରି ପେଖନା କରି ଅଳସପୂର୍ଣ୍ଣକଣ୍ଠରେ କହିଲେ କିଏ ? ପଞ୍ଚାୟତମାନେ ଆତ୍ମପରିଚୟ ଦେଇ କହିଲେ କବାଟ ଫିଟାଅ, ସେ ଘର ଓଳିବୁଙ୍ଗ ଉପରେ ସିଦ୍ଧାବନ୍ଧା ଅଛି ନେବୁଁ । ମହନ୍ତ ଈଷତ୍ କୁନ୍ଥାଇ କହିଲେ, ମୋ ଦେହ ଖରି ଜ୍ୱର, ମୁଁ ଉଠି ପାରିବି ନାହିଁ, କାଲି ସକାଳେ ଆସି ନେଇଯିବ । ପଞ୍ଚାୟତେ କହିଲେ, ରାଜାଙ୍କର ଆଦେଶ, ଏହିକ୍ଷଣି ନେଇ ଯିବାକୁହେବ । ମହନ୍ତ ଏହା ଶୁଣି କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଜାହ୍ନୁ ମଧୁ-ସୂଦନ ଜପିବାକୁ ଲାଗିଲେ । ତାଙ୍କର ମୁଣ୍ଡ ଘୂରିଗଲା । ନିଜ କୃତକାର୍ଯ୍ୟ ତାହାଙ୍କ ନିକଟରେ ଦୁସ୍ତରଣୀ ତୁଲ୍ୟ ପ୍ରତିଭାତ ହେଲା । ସମ୍ପଦ ସମୟରେ ଯେ ଅନ୍ୟାୟରେ ଯେତିକି ଅନ୍ଧ, ବିପଦରେ ସେ ସେତିକି ଚକ୍ଷୁଷ୍ମାନ, ଏହା ପ୍ରକୃତିର ଆଦେଶ । ଯାହାହେଉ ଉପାୟାନ୍ତର ଅଭାବରେ ଦୀପ ଲିଭାଇ ଦେଇ କବାଟ ଫିଟାଇଦେଲେ । ପଦ୍ମୀ ଅନ୍ଧକାରରେ ଖଟତଳେ ଯାଇ ଆତ୍ମ ଗୋପନ-କଲା । ପଞ୍ଚାୟତମାନେ ଦ୍ୱାର ଆବୋରି ଠିଆ ହୋଇ ପୂଜାରୀକୁ ଦୀପ ଜାଳିବାକୁ କହିଲେ । ସେ ଶୋଷଘରକୁ ଯାଇ ଚୁଲିରେ ପିମ୍ପେଇ ଖଣ୍ଡ ପୋଡ଼ି ଆଲୁଅ ଜାଳି ଆଣିଲା । ପଞ୍ଚାୟତମାନେ ଦେଖିଲେ ଜଣେ ବୈଷ୍ଣବ କମ୍ବଳ ଢାଙ୍କିହୋଇ ଖଟ ତଳରେ ବସିଅଛି । ପାଠକେ ଯାମଙ୍କ ସହିତ ପୂର୍ବରୁ ପରିଚିତ ହୋଇଅଛନ୍ତି । ସେ ପଞ୍ଚାୟତମାନଙ୍କ ମଧ୍ୟରେ ଅନ୍ୟତମ । ସେ କପଟ ବୈଷ୍ଣବକୁ ଟାଣି ଆଣିଲା । ସମସ୍ତେ ନୀରବ, କ୍ଷଣକ ପରେ ସେହି ନୀରବତା ଭେଦକରି ଦୁମ୍ ଦାମ୍ ଶବ୍ଦ ବୃଷ୍ଟି ଶୁଣାଗଲା । ସେହି ବୃଷ୍ଟିର ସୁଆକେତେ ଛିଟା ଯେ ମହନ୍ତଙ୍କ ଦେହରେ ପଡ଼ିଥିଲା, ଏହା ବୋଲିବା ବାହୁଲ୍ୟ ମାତ୍ର । ତହୁଁ ପରେ ଶବ୍ଦହେଲା, ବାପରେ ମରିଗଲି,

ଜୁହାର ହେଉଛି, ଏବେ ମୋତେ ଛାଡ଼ିଦିଅ, ମୁଁ ଆଉ କେବେ ମଠକୁ ଆସିବି ନାହିଁ । ଉପସ୍ଥିତ ଘଟଣାରେ ମହନ୍ତଙ୍କୁ ଚେଲଙ୍କା ମାରିନେଲା । ହୃଦୟରେ ବେଦନାର ଶତସୂଚୀ ବିଦ୍ଧ ହେଲା । ଅଶ୍ରୁ ଜଳରେ ଆତ୍ମାଭିମାନ ଭାସିଗଲା । ସେ କେବଳ ଲକୁଆ ପରି ଅନାଇ ରହିଲେ । ସେ ନିର୍ମାୟ ଦୃଷ୍ଟିରୁ ବୋଧ ହେଲା, ଯେପରି ସେ ଜୀବନର ସମସ୍ତ ଆଶା ତ୍ୟାଗ କରି କେବଳ ଶେଷ ଆହ୍ୱାନକୁ ଏକାନ୍ତ ପ୍ରତୀକ୍ଷା କରି ଉତ୍କଣ୍ଠ ହୋଇ ବସି ଅଛନ୍ତି । ମନେ ମନେ ଲଜ୍ଜା ଭୟ ନିବାରଣକାରୀ ମୃତ୍ୟୁକୁ ଅନେକ ଡାକିଲେ, ଅନେକ ସ୍ତବ ସ୍ତୁତି କଲେ; ମାତ୍ର ସେ ନିଷ୍ଠୁର ଆଦୌ ତାହା ଶୁଣିଲା ନାହିଁ । ଅକୂଳ ଲଜ୍ଜା-ସମୁଦ୍ରରେ ଭାସିବା ବେଳେ ସମସ୍ତେ ଗାଙ୍ଗୀବଙ୍କ ଇଚ୍ଛାମୃତ୍ୟୁ ପଣର ପ୍ରତିଦ୍ୱନ୍ଦ୍ୱୀ ହୁଅନ୍ତି, ଏହା ସ୍ୱାଭାବିକ । ପଞ୍ଚାୟତମାନେ ପଦ୍ମାକୁ ଚୌପାରୀ ଖୁଣ୍ଟରେ ବାନ୍ଧିରଖି ଲୋକ ଲଗାଇ ସ୍ୱ ସ୍ୱ ଗୃହକୁ ପ୍ରସ୍ଥାନ କଲେ । ତହିଁ ଆର ଦିନ ପ୍ରଭାତରୁ ବୈଷ୍ଣବ ରୂପିଣୀ ପଦ୍ମାକୁ ଘେନି ରାଜ ସମୀପକୁ ବାହାରିଲେ । ପଦ୍ମାକୁ ଦେଖିବା ପାଇଁ ଗାଁ ମାଇକିନିଆଏ ହୁଡ଼ା ଉଠି ଧାଇଁଲେ । ଦଣ୍ଡକ ମଧ୍ୟରେ ଉପହାସ୍ୟ ସ୍ରୋତରେ ହାଟ ବସିଗଲା । ପଦ୍ମାର ମର୍ମସ୍ଥଳ-ଲକ୍ଷ୍ୟ କରି ସମସ୍ତେ ବିଷାକ୍ତ ବାଣ ନିକ୍ଷେପ କରିବାକୁ ଲାଗିଲେ । ତୀକ୍ଷ୍ଣ ମୁନ ଲୌହବାଣ ଅପେକ୍ଷା ବାକ୍ୟବାଣ ଅଧିକ ମର୍ମଭେଦୀ ଏବଂ ଜ୍ୱାଳାମୟ । କେହି କହିଲା, 'ନାକ ଛିଲଣି, ଏତେ ଗୁଣ ବୋଲି ଜାଣି ଥିଲୁକି ।' କେହି କହିଲା, 'ପୋଡ଼ା ଜୀବନକୁ ଦୌଡ଼ି ଦାତେ, କେଉଁ ସୁତଖାଇ—ତୋତେ ।' କେହି କହିଲା, 'ଏଁହିଁ କଳମୁଣ୍ଡା ବଢ଼ାଣ୍ଡଗମ, ଛୁଟଛୁଟା କରି ଗଡ଼ିଛି ଯମ ।' କେହି କହିଲା, 'ମାର ମାର ବୋଇତାଳୁକୁ, ବୋଇତାଳୁ ଗଲା ଖଣ୍ଡ ଚଳକୁ, ଫେର ଆସିଲା ଗୋଡ଼ ତଳକୁ ।'

ରୁକୁଣୀ ମା କହିଲା, ବାବାଜି ମହାରାଜ, ଏହି ଚେଣ୍ଡୁର ଗୋଡ଼ରେ ତୁମ୍ଭଙ୍କୁ ଦଣ୍ଡବତ । ରଘୁଆ ଖୁଡ଼ୀ କହିଲା, ଟେକମହାନୀକ ମରଣ ନାହିଁ, ନିଆଁ ଧୂଆଁ ଅଭ୍ୟାସ ଶିଖାଇ ଗାଁଟା ଯାକ ନଷ୍ଟକଲା । ତହୁଁ ସୁନ୍ଦରୀ ଅପା କହିଲା, ଭାରି ଅପସନ୍ଦ କଥା ହେଲା ପରା, ଗୋଟାଏ ଭଣ୍ଡା ସନ୍ତାଣ ଯେ ପୋଖରୀକ ପଙ୍କ ମାରିଦିଏ । ଏହିପରି ନାନା ଲୋକେ ନାନା ପ୍ରକାର ଟାହୁଲି କରିବାକୁ ଲାଗିଲେ; ମାତ୍ର ପଦ୍ମା ତାହାକୁ କିଛି କହିଲା ନାହିଁ । ପଞ୍ଚାୟତମାନେ ତାହାକୁ ଘେନି ବେଳପ୍ରହରକ ସମୟରେ ଯାଇ ରାଜନଅରରେ ଉପସ୍ଥିତ ହେଲେ । ତଦବଧି ରାଜା ନଅରକୁ ବିଜେ ହୋଇନାହାନ୍ତି । ସିଂହଦ୍ୱାର ପାଖରେ ମେନେଜରଙ୍କ କଚେରୀ । ପାର୍ଶ୍ୱ ଭାଗରେ ଗୋଟାଏ ଝାଙ୍କୁଡ଼ା କଦମ୍ବଗଛ । ପଞ୍ଚାୟତମାନେ ସେହି ଗଛ ଛାଇରେ ବିଶ୍ରାମ କଲେ । ସେଠାରୁ ଗବାକ୍ଷ ପଥରେ ମେନେଜରଙ୍କ କାର୍ଯ୍ୟକଳାପ ଦେଖାଯାଉଥାଏ ଏବଂ ସନ୍ନିକଟ ହେତୁ କଥା ମଧ୍ୟ ସ୍ପଷ୍ଟ ଶୁଣାଯାଉଥାଏ । ମେନେଜର ରଙ୍ଗନାଇକୁଲୁ ପାନ୍ଥୁଲୁ ଗାଁରୁ ଜଣେ ଅଧୁଆଡ଼ ବୟସ୍କ ବ୍ୟକ୍ତି । ଜାତିରେ କମା ବ୍ରାହ୍ମଣ । ବି. ଏ. ପାସ କରିଅଛନ୍ତି; ମାତ୍ର ବଡ଼ ଫିସ୍ୟାନିଷ୍ଟ ଏବଂ ସ୍ୱଧର୍ମବିଶ୍ୱାସୀ । କପାଳରେ ରାମାନନ୍ଦୀ ତିଳକ, ମସ୍ତକରେ ଜରି ସୁନ୍ଦର ପଗଡ଼ି, ପରିଧେୟ ଛକାଡ଼ା ଲୁଗା । ଏତେବଡ଼ କର୍ମଚାରୀ ବିଦ୍ୟାର ଦିଗ୍‌ଗଜ ହୋଇ ସୁଦ୍ଧା ଜାତୀୟଭାବ ପ୍ରତି ତିଳେ ଅନାସ୍ଥା ପ୍ରଦର୍ଶନ କରିନାହାନ୍ତି । ବିଦେଶୀୟ ଭାଷା ବା ବିଦେଶୀୟ ବିଦ୍ୟାଶିକ୍ଷା ଉନ୍ନତିର ପରମୋପାଦାନ; ମାତ୍ର ବିଦେଶୀୟ ଆଚାର ବ୍ୟବହାର ଅନୁକରଣ ପୂର୍ବକ ବିଦେଶୀୟ ଭାବରେ ଅନୁପ୍ରାଣିତ ହେବା ନିତାନ୍ତ ଅକର୍ତ୍ତବ୍ୟ । ଯେଥିରେ ସମାଜ କଳୁଷିତ ଏବଂ କ୍ଷତବିକ୍ଷତ ହୁଏ । ଦେଶ ବିଶେଷରେ ଆଚାର ବ୍ୟବହାର ସେହି ଦେଶର ଜଳବାୟୁ ସାପେକ୍ଷ । ଦେଶର ଅନୁପଯୋଗୀ ବିଦେଶୀୟ ଆଚାରବ୍ୟବହାରରେ ଅଭ୍ୟସ୍ତ ହେଲେ ସ୍ୱାସ୍ଥ୍ୟଭଙ୍ଗ ଅନିବାର୍ଯ୍ୟ । ଅନେକ ଉଚ୍ଚ ଉପାଧିଧାରୀ ଦୁର୍ବଳ ବିଶ୍ୱାସୀ ସମାଜର ପ୍ରତ୍ୟେକ ଅନୁଷ୍ଠାନକୁ ଅମୂଳକ ବୋଲି ଉଡ଼ାଇ ଦିଅନ୍ତି ; ମାତ୍ର ବୟୋବୃଦ୍ଧି ସହକାରେ ଜ୍ଞାନବୃଦ୍ଧି ସେମାନଙ୍କର ଭାବାନ୍ତର ଘଟାଏ । ଯାହାକୁ ସେମାନେ କୁସଂସ୍କାର ବୋଲି ପହିଲେ ଘୃଣା ପ୍ରଦର୍ଶନ କରିଥାନ୍ତି, ଶେଷରେ ତାହାକୁ ପ୍ରକୃତ ଜାଣି ସମ୍ମାନ କରନ୍ତି । ବେଳେବେଳେ କୁସଂସ୍କାର ବାସ୍ତବ ଆଖ୍ୟା ଧାରଣ କରେ ; ମର୍ମ ନ ବୁଝି ହଠାତ୍ ସମାଜର ସଂଗଠିତ ପ୍ରଥା ଗୋଟାଏ କୁଧାରଣା ପୋଷଣ ବଡ଼ ଦୋଷାବହ । ଜ୍ଞାନତ ଆଉ ସାମାନ୍ୟ ନୁହେଁ ଯେ,

ହୁଇଷ୍ଟରଖଣ୍ଡ ପୁସ୍ତକ ପାଠରେ ତାହା କରଗତ କରିହେବ । ତାହା ଅସୀମ ଅନନ୍ତ, ଆଜନ୍ମ ସାଧନା ଦ୍ୱାରା ସେଥିର ଗୋଟିଏ ପରମାଣୁର ପୂର୍ଣ୍ଣତା ସମ୍ପାଦନ କରିହେବ ନାହିଁ । ଶାସ୍ତ୍ର ପୁରାଣମାନ ଅତିରଞ୍ଜିତ, କାବ୍ୟ ଇତିହାସଗ୍ରନ୍ଥ କଳ୍ପନା କଳ୍ପିତ, ନବୁଝି ଏରୂପ ମତ ପୋଷଣ କରିବା ଘୋର ଅର୍ବାଚୀନତାର ପରିଚାୟକ । ସେହି ଅତିରଞ୍ଜନ ମଧ୍ୟରେ, ସେହି କଳ୍ପନା ବିଳାସ ମଧ୍ୟରେ ସୁଦ୍ଧା ବିଶୁଦ୍ଧ ସତ୍ୟର ସତ୍ତା ବିଦ୍ୟମାନ । ମେନେଜର ଅଳ୍ପ ଭଙ୍ଗା ଭଙ୍ଗା ଓଡ଼ିଆ କହିପାରନ୍ତି । ଓଡ଼ିଆ ଭାଷାର କି ପ୍ରକୃତି ଯେ, ସେ ଓଡ଼ିଆ ମୁଖ ବ୍ୟତୀତ ଅନ୍ୟ ମୁହଁରେ ଉଚ୍ଚାର୍ଯ୍ୟ ନୁହେଁ । ସମସ୍ତ ଭାଷାର ବିଶୁଦ୍ଧ ଉଚ୍ଚାରଣ ଓଡ଼ିଆମାନେ କରିପାରନ୍ତି; ମାତ୍ର ଅନ୍ୟ କୌଣସି ଭାଷାଭାଷୀ ତୁଣ୍ଡରେ ଓଡ଼ିଆ ଭାଷାର ବିଶୁଦ୍ଧ ଉଚ୍ଚାରଣ ଆସେନାହିଁ । ଓଡ଼ିଆ ଭାଷାର ଏହା ଏକ ବିଶେଷତ୍ୱ ଏବଂ ଗୌରବ । ମେନେଜରଙ୍କ ବିଚାର କାର୍ଯ୍ୟ ଆରମ୍ଭ ହେଲା । ସେ ପେସ୍କାରକୁ ଡାକି ସେ ଦିନର ଦରଖାସ୍ତମାନ ଆଣିବାକୁ ଆଦେଶ ଦେଲେ । ପେସ୍କାର 'ଉତ୍ତମ ଆଜ୍ଞା" କହି ବଡ଼ାଏ କାଗଜ ପଠାଇ ଉପର ଖଣ୍ଡି ବାହାରକରି ପାଠକଲେ । ସେଥିରେ ନିମ୍ନଲିଖିତ ରୂପେ ଲେଖାଥିଲା—

"ମହାରାଜ ଶ୍ରୀ ମାନେଜର ପାନ୍ତୁଲୁଗାରୁଙ୍କ ସମ-ଖାନକୁ ସଦର ତାଲୁକା ତୁଳଶୀଦେଈପୁର ଗ୍ରାମ ରହଣୀ ଅଗାଧୁ ଗଉଡ ଅନେକ ଅନେକ ଦଣ୍ଡପ୍ରଣାମ ହୋଇ ଲେଖାଇ ଦାଖଲ କରିବା ଅର୍ଜିକି ବୋଇଲେ, ସୁମାର ଅନେକ ବର୍ଷ ହେଲା ଆମର ଥିବାର ଗାଡ଼ିତଳ ଗୋହିରିଆପାଟ ଜରିଇଣ ଭୂମି ତିନିଭରଣ ମୋ ଅକ୍ତି-ଆରରେ ଅଛି । ମୁଁ ତାକୁ ପ୍ରତିବର୍ଷ ଚାଷ କରୁଅଛି ଏହି ବିଲକୁ ବର୍ଷକୁ ଶିସ୍ତ ଟଙ୍କା୬/, ହାଟ୍ରିଭାଡ ଟଙ୍କା୦୬/, ଲ୍ୟାଣ୍ଡସେସ ଟଙ୍କା୦/୭, କରଣ ରୁସୁମ ଅଫୈସ ଟଙ୍କା୦/୭, ଅସ୍ତରକେ ତିନି ଟଙ୍କା ସାତଅଣା ଦେବାର ମାମୁଲ ଥିଲେ ହେଲେ କି ଏବର୍ଷ ଆମ ଗାଁ କରଣ ମୋତେ କହିଲା ଭୂବନ୍ଦ ଅଧିକ ଅଛି । ଅଧିକ ଶିସ୍ତ ଦେବାର ଅଛି । ଏଣୁ ମହାପ୍ରଭୁଙ୍କ ଛାମୁରେ ଜଣାକରି ଦେଉଅଛି, ମୋର ଭୂବନ୍ଦ ମିଳିଭି ନାହିଁ । ଥରେ ମାପକରି ନ୍ୟାୟ ବିଚାରଣା କରି ଧର୍ମପ୍ରଭୁ ଗରିବନ୍ୟାୟ ଦେବା-ପାଇଁରେ ଅନେକ ଅନେକ ଦଣ୍ଡବତ ହୋଇ ଏଥିରେ ଲେଖି ଦେଉଅଛି । ଦିବ୍ୟଚକ୍ଷୁକୁ ଆଣି ନ୍ୟାୟ ବିଚାରଣା ମିଳ ହେଉ ।"

ଅନନ୍ତର ଦରଖାସ୍ତକାରୀକୁ ଡ଼ାକରା ହେଲା । ସେ ଉପସ୍ଥିତ ହୁଅନ୍ତେ ମେନେଜର ପଚାରିଲେ, "ତୁ ଏ ପିଟି-ସନ୍ ଦେଲେ କିରେ ? ଦରଖାସ୍ତକାରୀ, ହଁ ମହାପ୍ରଭୁ ! ତହିଁ ଦ୍ୱିତୀୟ ପ୍ରଶ୍ନ ହେଲା, ଆଉ କ୍ୟାଣ କହୁସନ୍ତି ? ତତେ ଭୂମୀ ଜଣାହେବେ-ଶିସ୍ତ କାଟିଦାର ଅଚି, ତେବେ ଉଜାଗର ଗରାଖ କିଏ ବରଣା ଦେବୁ ? ପ୍ରଜା କହିଲା—ତମେ ବାବୁ ମା, ସବୁ ଜାଣିପାର । ଧାନ ହେବିଟୁ କୁଆ ଖୁମେ ନେଇଗଲେ କି ଜଣା ହୋଇଯିବ ? ମୁଁ ଗରିବ ଲୋକ ଅଧିକ ଦେଲେ ମରିଯିବି । ମେନେ-ଜର ସଦମ୍ଭ ସ୍ୱରରେ କହିଲେ, ତୁ ସାର୍ବି ଗୁମାସ୍ତାର ରଶିନ ବାଉଁଶ ବାନ୍ଧି ଦେ, ସେପାଇ ଭୂମି ମାପି ଦେବୁ । ଦରଖାସ୍ତକାରୀ "ଚଉ ମହାପ୍ରଭୁ" କହି ଯୋଡ଼ହସ୍ତ ମସ୍ତକ ଉପରେ ଥୋଇ ଦଣ୍ଡବତ କରି ପ୍ରସ୍ଥାନ କଲା । ଅନନ୍ତର ମେନେଜର ପେସ୍କାର ଶ୍ରୀ କରଣ ପଟ୍ଟନାୟକଙ୍କୁ ପଚାରିଲେ, ଏମାଣ୍ଡି ଶ୍ରୀ କାରଣାଂ ପଟ୍ଟାଇକୁଲୁଗାରୁ ମୂଡୁ ବାରଣାଲୁ ଅନାଗା ଏନ୍ନି ଅଡାରାଲୁ (ହୁଇହେ ଶ୍ରୀକରଣ ପଟ୍ଟନାୟକେ ତିନି ଭରଣ ଯେ କେତେ ଏକର) ? ପେସ୍କାର ଟିକିଏ ମୁରୁକି ହସା ଦେଇ କହିଲେ, ତିନିଭରଣ ଏକର କେଉଁଠି ହେବ, ଏକରକୁ ଦୁଇ ଭରଣ ଜଣା । ଏହା ଶୁଣି ମେନେଜର ଲଜ୍ଜିତ ହୋଇ ଅବଜ୍ଞା ବ୍ୟଞ୍ଜକ ସ୍ୱରରେ କହିଲେ—ଆଦ ଏମୋ ମୀ ଅଡ଼ି କଲତା ଭରଣାଂ ଫିରଣାଂ ନାକୁ ଏମି ତେଲିଯ୍ୟାଦୁ (କଅଣ ଓଡ଼ିଆ ମାପ ଭରଣ ଫରଣ ମୋତେ ଜଣା ନାହିଁ) ।

ଏହି ସମୟରେ ରାଜା ଆସି କଚେରୀରେ ବିଜେ-ହେଲେ । ତହୁଁ ମଠର ପଞ୍ଚାୟତମାନେ ଛଦ୍ମବେଶିନୀ ପଦ୍ମୀକୁ ଆଣି ଛାମୁରେ ଭେଟାଇ ଗତରାତ୍ର ଘଟିତ ସମସ୍ତ ବୃତ୍ତାନ୍ତ ସାଟୋପ ସାଳଙ୍କାରରେ ବର୍ଣ୍ଣନ କଲେ । ସେହି ବର୍ଣ୍ଣନା ସେ ସ୍ଥଳରେ ବହୁଶାଖ ହାସ୍ୟସ୍ରୋତ ପ୍ରବାହିତ

କଲି ଏବଂ ଉପସ୍ଥିତ ସମସ୍ତଙ୍କର ଦୃଷ୍ଟି ପଧା ଉପରେ ପଡିଲା । ପଧା ସେହି ହାସ୍ୟବିଷବୋଳା ମର୍ମାନ୍ତିକ ଦୃଷ୍ଟି-ବାଣ ସହି ନ ପାରି ତଳକୁ ମୁହଁ ପୋତିଦେଲା । ବୋଧହୁଏ ନୀରବ ବ୍ୟାକୁଳ କଣ୍ଠରେ ପୃଥ୍ୱୀଦେବୀଙ୍କୁ ଦ୍ୱିଧା ହେବା ସକାଶେ ପ୍ରାର୍ଥନା କଲା । ଏଣୁ ଲଜ୍ଜା-ନିବାରଣର ଅନ୍ୟ ସମ୍ଭବନା ସେକାଳରେ ତାହା ପକ୍ଷରେ ସ୍ୱାଭାବିକ ନୁହେଁ । ମାତ୍ର ପାପୀୟସୀର ପ୍ରାର୍ଥନା ଦେବୀ-ଙ୍କର ହୃଦୟରେ କରୁଣାର ଅସ୍ପଷ୍ଟ ଛାୟାପାତ ସୁଦ୍ଧା କରିବାକୁ ସମର୍ଥ ହେଲାନାହିଁ । ରାଜା କ୍ଷଣକାଳ ନିର୍ବାକ ରହି ତୀକ୍ଷ୍ଣ ସ୍ୱରରେ ଜମାଦାର ପ୍ରତି ଆଦେଶ ଦେଲେ କି, ଏ ଚଣ୍ଡାଳୁଣୀକୁ ଦଶବେତ ପିଟି ଅଞ୍ଚ ଦୂର କରିଦେ । ପୁଣି ଥରେ ସେ ମଠର ଛାଇ ମାଡିଲେ ଚାଲୁକାରୁ ତଣ୍ଡି କଟାଯିବ । ଜମାଦାର ଆଜ୍ଞା ମହାରାଜ କହି ପଧାକୁ ଅର୍ଦ୍ଧଚନ୍ଦ୍ର ପ୍ରଦାନ ପୂର୍ବକ ଛାମୁରୁ ଅନ୍ତର କରି ଘେନିଗଲା । ତହୁଁ ମଠ ବିଷୟରେ ଅନେକ କଥା ପଡିଲା । ରାଜା କହିଲେ, ସ୍ୱତନ୍ତ୍ର ବ୍ୟବସ୍ଥା ନ କରି ଏରୂପ ପିଲା ଖେଳ ଭଳି କାର୍ଯ୍ୟରେ କି ମଠର ବିପୁଳ ସମ୍ପତ୍ତି ରକ୍ଷା କରିହେବ । ତୁମ୍ଭେମାନେ ବା କେତେ ଦିନଯାଏ ନିଜର କାର୍ଯ୍ୟ କ୍ଷତି କରି ମଠ ବିଷୟରେ ଆବଦ୍ଧ ଥିବ । ସେଥିରେ ପୁଣି ତୁମ୍ଭେମାନେ ହେଲ ତିନି ଜଣ । ସମସ୍ତ ସମୟରେ ତିନିଙ୍କର ମତ ତିନି ବାଟରେ ଯାଉଥିବ । ସେଥିରେ ମଠର ସମ୍ପତ୍ତି ନଷ୍ଟ; ମାତ୍ର ହରିବୋଲିଆଙ୍କର ସୁବିଧା । କଥାରେ କହନ୍ତି, "ତିନିରସାଇଆ ବାଲୁଙ୍ଗ ବାଡ଼, ଖା ଶିଆଳ ଦେଇ ମୋଡ଼ ।" ମୁଁ ଗୋଟାଏ ଉପାୟ ସ୍ଥିର କରିଅଛି । ଅଠ ଦିନ ହେଲା ମୂର୍ତ୍ତିଏ ଚୀବର ସର୍ବସ୍ୱ ସନ୍ନ୍ୟାସୀ ଆସି ଗୋପାଳଜୀ ମଠରେ ଅଛନ୍ତି । ସେ ବଡ ଅବ୍ରଜନସ୍ତ । କାଶୀରେ ଭାରବର୍ଷ ସସ୍କୃତ ପଣ୍ଡିତ ସାର୍ବଭୌମ ଉପାଧି ପାଇ ଅଛନ୍ତି । ବୈଷ୍ଣବ ଧର୍ମର ସକଳ ଶାସ୍ତ୍ରପୁରାଣ ତାଙ୍କର କଣ୍ଠସ୍ଥ । ସବୁବେଳେ ବୃନ୍ଦାରକବୃନ୍ଦବନ୍ଦିତ ନନ୍ଦନନ୍ଦନଙ୍କ ଚରଣାରବିନ୍ଦ ବନ୍ଦନା ବ୍ୟତୀତ ମୁଖରେ ଅନ୍ୟ କଥା ନାହିଁ । ତାହାଙ୍କର ଶରୀର ଗଠନ ତାହାଙ୍କୁ ଜଣେ ସାଧୁ ସଂଯମୀ ବୋଲି ଏବଂ ନିରୁଦ୍ୱେଗ ନେତ୍ର ତାହାଙ୍କୁ ଜଣେ ଯୋଗୀ ବୋଲି ପରିଚିତ କରାଉ ଅଛି । କି ପ୍ରସନ୍ନପାବନ ମୁଖ ! ସେ ମୁଖରେ ଅଧୈର୍ଯ୍ୟର ଜୀବନ୍ତ ତାରଲ୍ୟ କିମ୍ବା ଅତୃପ୍ତିର କଳୁଷ କାଳିମା ନାହିଁ । ସଂସାରର ପ୍ରତି ପଦାର୍ଥରେ ସେ ଅନନ୍ତଭୂମା ଭଗବାନଙ୍କର ଅଚିନ୍ତ୍ୟ ମହିମା ଉଦ୍ଭାସିତ ଦେଖନ୍ତି । ତାଙ୍କର ମାନବ ସୁଲଭ ବାସନା ଦ୍ୱାର ଏକାବେଳକେ ସଂରୁଦ୍ଧ ହୋଇଅଛି । ତାଙ୍କ ହାଳିକା ବଳ ଅଦ୍ଭୁତ ଖଣ୍ଡ ମୁଁ ଆଜି ଅବଧି ଦେଖିନାହିଁ । ସେ ଦୃଷ୍ଟି ମାତ୍ରେ ହୃଦୟର ଅନ୍ତଃସ୍ଥଳରୁ ଭକ୍ତି-ଧନ ଲୁଟି ନେଇ ପାରନ୍ତି । ମୋ ବିଚାରରେ ତାଙ୍କୁ ମହନ୍ତ ଗାଦୀରେ ବସାଇଲେ ମଠର ସୁରକ୍ଷା ହୁଅନ୍ତା । ଏ ବିଷୟ ତାଙ୍କୁ ଥରେ ପଚାରି ବୁଝିବା । ଏହା କହି ସନ୍ନ୍ୟାସୀଙ୍କୁ ଡକାଇ ପଠାଇଲେ ।

——ঃঃ০ঃঃ——

# ତ୍ରୟୋଦଶ ପରିଚ୍ଛେଦ

## ନୂତନ ମହନ୍ତ ନିଯୁକ୍ତି

କ୍ଷଣ କାଳପରେ ସନ୍ନ୍ୟାସୀ ଉପସ୍ଥିତ ହୁଅନ୍ତେ ରାଜାଙ୍କ ସହିତ ଉପବିଷ୍ଟ ବ୍ୟକ୍ତିମାନେ ଦଣ୍ଡାୟମାନ ହୋଇ ତାହାଙ୍କୁ ସମ୍ବର୍ଦ୍ଧନା ପୂର୍ବକ ପ୍ରଣାମ କଲେ । ପ୍ରତି-ଦାନସ୍ୱରୂପ ଆଶୀର୍ବାଦ କରି ଯୋଗୀ ଆସନ ଗ୍ରହଣକଲେ । ମୂର୍ତ୍ତି ସଜଳ ଜଳଦ ତୁଲ୍ୟ ଗମ୍ଭୀର ଏବଂ ଆଡ଼ମ୍ବର ଶୂନ୍ୟ । ହରିଶର ଅବୃତ୍ତିର ଶରମ ନାହିଁ । ସେହି ନାମ ନିର୍ଝର ତୁଲ୍ୟ ଅନନୁଭୂତ ଅବସ୍ଥାରେ ସୁଦ୍ଧା ତାହାଙ୍କ ଦେହରୁ ଝରି ପଡୁଅଛି । ଚକ୍ଷୁ ମୁଖ ହାସ୍ୟ ଏବଂ ସୁହାଣୀରେ ଆନନ୍ଦର କୋଟି ଇନ୍ଦ୍ରଧନୁ ଆଭା ଆଭାସି ଉଠୁଅଛି । ହୃଦୟର ନିଭୃତ ନିକୁଞ୍ଜରେ ଶାନ୍ତିର ବାସନ୍ତୀ ବାୟୁ

ଅନବରତ ପ୍ରବାହିତ ହେଉଅଛି । ସେ ହୃଦୟ କି ସାମାନ୍ୟ ହୃଦୟ ? ତାହା ସାଧନା ଆଲୋକୋଜ୍ଜ୍ୱଳ ସାଫଲ୍ୟର ସ୍ନିଗ୍ଧ ରମ୍ୟଭୂମି । ମସ୍ତକରେ ଉର୍ଦ୍ଧ୍ୱ ପୁଣ୍ଡ୍ର ଛଟା । ଆହା ! ତ୍ୟାଗ-ଯଜ୍ଞର ଶୁଭ୍ର ଶିଖା ଆତ୍ମା ଏବଂ ମନ ନିର୍ମଳ କରି କପାଳ-ମୁକୁରରେ ଫୁଟି ଉଠିଅଛି କି ? ତାମ୍ରପାତ୍ର ଶିଳଖଣ୍ଡଳିତ ହେଲି ପ୍ରାୟ ଶୁଭ୍ର କୃଷ୍ଣ ମିଶ୍ରିତ ଲୋମାବଳୀରେ ବିସ୍ତୀର୍ଣ୍ଣ ବକ୍ଷସ୍ଥଳ ସୁନ୍ଦର ଦିଶୁଅଛି । ସାଧୁ ସତ୍ପୁରୁଷଗଣ କେବଳ ଭବିଷ୍ୟତକୁ ଜଗନ୍ତି ନାହିଁ । ବର୍ତ୍ତମାନକୁ ସୁଦ୍ଧା ଅବାଧରେ ଛାଡ଼ ଦେବାକୁ ସେମାନେ ସୁବୁଦ୍ଧିର କାର୍ଯ୍ୟ ମଣନ୍ତି ନାହିଁ । ଏଣୁ ନାମରଙ୍କ ପ୍ରାୟ ନାମ ଜପକୁ ଜୀବନ ସଙ୍ଖାଳି କରି କୃତ ମୁଷ୍ଟିରେ ଧରି ଅଛନ୍ତି । ସେ ବିରାଟ ରଙ୍କପଣିଆ ମୁହୂର୍ତ୍ତେ ସୁଦ୍ଧା ଅନ୍ତର ହେଉନାହିଁ । ସ୍ଥୂଳତଃ ନାମ ଜପହିଁ ପଧିବ ହୋଇଅଛି । ଅନନ୍ତର କଥା ପ୍ରସଙ୍ଗରେ ରାଜା ମଠର ଅମୂଳ ବୃତ୍ତାନ୍ତ ସନ୍ନ୍ୟାସୀଙ୍କ କର୍ଣ୍ଣଗୋଚର କଲେ । ଶେଷରେ କହିଲେ, ମୁଁ ଯଥାଶକ୍ତି ଚେଷ୍ଟା କଲି; ମାତ୍ର ଉପଯୁକ୍ତ ଲୋକ ଅଭାବରୁ ସଫଳତାତୀର୍ଥର ବାରୁଣୀ ସ୍ନାନଯୋଗ ମୋ ଭାଗ୍ୟରେ ଘଟିଲା ନାହିଁ । ଯାହାହେଉ ଆପଣଙ୍କୁ ଦେଖି ମୁଁ ଆଶାନ୍ୱିତ ହୋଇଅଛି । ଆପଣ ଜଣେ ପରମାର୍ଥୀ ସେ ଜଣେ ପରମାର୍ଥୀର ଗାଦୀ, ଯେପରି ରକ୍ଷାହୁଏ ତାହା ଆପଣ ଅବଶ୍ୟ କରିବେ । ଏହା କହି ସାଧୁଙ୍କ ଆଦେଶକୁ ଅଧୀର ପ୍ରତୀକ୍ଷାରେ ରହିଁ ରହିଲେ । ତହୁଁ ସନ୍ନ୍ୟାସୀ ମୃଦୁହାସ୍ୟ ସହକାରେ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ—ସଜ୍ଜନ, ଆପଣ ଇଙ୍ଗିତରୁ ଆପଣଙ୍କର ମନୋଗତ ଭାବ ବୁଝିପାରିଲି । ଉନ୍ମୁକ୍ତ ସର୍ପକୁ ସୁବର୍ଣ୍ଣ ପେଡ଼ାରେ ରଖିଲେ କି ସେ ଫଣା ତୋଳି ଜୋଷ୍ଟୁର ଭୁଲି ଖେଳିବ ? ମୋତେ ବିଷୟ ଛୋପରେ ପକାଇବାକୁ ଇଚ୍ଛାକରିଅଛନ୍ତି; ମାତ୍ର ମୁଁ ଆବାଲ୍ୟ ବିଷୟ ଲାଳସା ବର୍ଜିତ । ମୁଁ ଜଣେ ରାଜକୁମାର; ପ୍ରଭୂତ ବିଭବଶାଳୀ ପିତାଙ୍କର ଏକମାତ୍ର ନେତ୍ରପିତୁଳା । କାହିଁକି କେଜାଣି ବିଷାକ୍ତ ବିଷୟ ଅଞ୍ଜନରେ ନେତ୍ର ରଞ୍ଜିତ କରି ଅଗ୍ନି କୁଣ୍ଡକୁ ଶୀତଳ ଜଳାଶୟ ମଣିବାକୁ ମୋର ମନ ବଳିଲା ନାହିଁ । ରୌଦ୍ରକୁ ଜ୍ୟୋତ୍ସ୍ନା ଜ୍ଞାନ କରିବା ରାଜପୁତ୍ରମାନଙ୍କ ପକ୍ଷରେ ପ୍ରାୟ ସ୍ୱାଭାବିକ; ମାତ୍ର ଅଦୃଷ୍ଟର ଶୁଭାଶୀର୍ବାଦ ମୋର ସେ ଅନୁଭୂତି ଅପହରଣ କରିଥିଲା । କି ଏକ ଅନନ୍ତ ଅଜ୍ଞାତ ଅମୃତ ମହାଧ୍ୱନିର ଆହ୍ୱାନରେ ପ୍ରାଣ କେଉଁ ଅନୁଦ୍ଦେଶ୍ୟ ଆଡ଼କୁ ଗତିକଲା, ତାହା ମୁଁ ମାନବ କଅଣ କଳିପାରିବ ? ସେ ଧ୍ୱନି ଅସ୍ପଷ୍ଟ ହେଲେହେଁ କେଡ଼େ ମଧୁର,—କେଡ଼େ ପ୍ରାଣ-ଉନ୍ମାଦିନୀ । ସ୍ପଷ୍ଟ ଅପେକ୍ଷା ଅସ୍ପଷ୍ଟ ମଧୁର ସିନା । ଦୃଷ୍ଟଠାରୁ ଅଦୃଷ୍ଟ ସୁନ୍ଦର, ପ୍ରତ୍ୟକ୍ଷଠାରୁ କଳ୍ପନା ସୁନ୍ଦର ନୁହେଁ କି ? ବାଳଭାଷା ଅସ୍ପଷ୍ଟ ହେଲେହେଁ ମଧୁରତର । ସଂସାରର ଲାଳସାମୟ ଉତ୍କଟ ଆହ୍ୱାନ ମୋତେ ଗନ୍ତବ୍ୟ ପଥରୁ ଫେରାଇ ପାରିଲା ନାହିଁ । ପାର୍ଥିବ ରାଜପଦ ଅପେକ୍ଷା ଅପାର୍ଥିବ ଭୃତ୍ୟପଦ ଗୌରବାବହ ପ୍ରତୀୟମାନ ହେଲା । ଯୌବନ ବଡ଼ ଦୁର୍ଜ୍ଜୟ ବୀର । ସେ ଆଶା, ଉତ୍ସାହ, କାମନା, ବାସନା-ଦ୍ୱାରା ଜୀବନକୁ ବନ୍ଦୀ କରି ଆପେ ମଧ୍ୟ ନିବିଡ଼ ଭାବରେ ଆକଣ୍ଠ ଧରେ; ମାତ୍ର କେଉଁ ଶୁଭଗ୍ରହର ଶୁଭ ଦୃଷ୍ଟି ମୋତେ ତାହାର ଅବ୍ୟର୍ଥ ଶିକ୍ଷାରୁ ବଞ୍ଚିତ କରିଦେଲା, ତାହା ମୋ କଳ୍ପନାର ଅଦୃଶ୍ୟ । ପିତା ମୋର ଏହି ବିଷୟ ବିତୃଷ୍ଣାଭାବ ଦେଖି ଅତୀବ କ୍ଷୁଣ୍ଣ ହେଲେ ଏବଂ ଦୈବଜ୍ଞ ଡକାଇ ସେଥିର କାରଣ ଜିଜ୍ଞାସୁ ହେଲେ । ସେମାନେ ମୋର ଭାବୀ ଅଦୃଷ୍ଟ ଲୁଥିକା ଫିଟାଇ କି ଚିତ୍ର ଅଙ୍କିତ ଥିବାର ଦେଖିଲେ, ତାହା ମୋର ଅଜ୍ଞାତ । କିଛି ଦିନ ପରେ ଶୁଣିଲି, ପିତା ମୋତେ କଠୋର ପରିଣୟ ବନ୍ଧନରେ ଆବଦ୍ଧ କରିବାକୁ ଅଭିଳାଷ କରି-ଅଛନ୍ତି । ଏହି ସମ୍ବାଦ ମୋର ବହୁଦିନ ସଂରୁଦ୍ଧ ବାସନାର ଦ୍ୱାର ମୁକୁଳା କରିଦେଲା । ପ୍ରକୃତିର ମହାରାଜଧାନୀ ଅରଣ୍ୟାନୀ ବିହାର ଇଚ୍ଛା ଆଉ ଅବସର ସହିଲା ନାହିଁ । ତହୁଁ ମୁଁ ଦିନେ ସମସ୍ତଙ୍କ ଅଜ୍ଞାତରେ ଗୃହରୁ ପଳାୟନ କଲି; ମାତ୍ର ଦୁର୍ଭାଗ୍ୟବଶତଃ ଚରଚକ୍ଷୁ ରାଜାଙ୍କ ନେତ୍ରା-ନ୍ତରାଳବର୍ତ୍ତୀ ହୋଇ ପାରିଲି ନାହିଁ । ତାଙ୍କର ଅସୀମ କ୍ଷମତା ମୋତେ ବାଟରୁ ଧରି ଆଣିଲା । ଦୁର୍ବଳର ମନୋ-ରଥ ପଥ କଣ୍ଟକାକୀର୍ଣ୍ଣ କରିବା ପାଇଁ ବିଧାତା ପ୍ରବଳକୁ କ୍ଷମତା ଦିଅନ୍ତି ସିନା ? ମନ ପରିବର୍ତ୍ତନ ସକାଶେ ଗୋଟିଏ ନିର୍ଜ୍ଜନ ପ୍ରକୋଷ୍ଠରେ ମୋତେ ରଖାଗଲା । ଫଳତଃ

ମୁଁ ବନ୍ଦୀ ହୋଇ ରହିଲି । ରାଜାଦେଶ ମୋତେ ବନ୍ଦୀ କରି ରଖିଲା; ମାତ୍ର ମୋର ମନକୁ ବନ୍ଦୀ କରିବାର ଶକ୍ତି ତାର କାହିଁ ? କଥାକୁ କିଏ ଧରି ବାନ୍ଧି ପାରିବ ? ମନ ଉପାୟ ଅନ୍ୱେଷଣରେ ଭ୍ରମିବାକୁ ଲାଗିଲା । ବିପଦ ବେଳେ ସକଳ ଉପାୟ ବ୍ୟର୍ଥ ହୁଏ, ଏହା କ୍ଳୀବ କାପୁରୁଷର ଦୁର୍ବଳ ଧାରଣା । ଉପାୟ ଖୋଜିଲେ ଉପାୟ ମିଳେ, ଏହା ନିର୍ମଳ ସତ୍ୟ । ଅର୍ଥ ଲାଳସା କାହାର ନାହିଁ ? କେବଳ ଅର୍ଥରେ ତ ଏ ଜଗତଟାଯାକ ବଶ ପୁଣି ଅର୍ଥରେହିଁ ସୃଜିତ । ଅର୍ଥର କ୍ଷମତା ଅତୁଳ, ଯେ ଇଷ୍ଟ ଅନିଷ୍ଟ ଉଭୟ କରିବାରେ ଦକ୍ଷ । ଏଯୁଗରେ ଅର୍ଥଦ୍ୱାରା ପ୍ରତିଷ୍ଠା ମୁଦ୍ଧା କିଣିବାକୁ ମିଳେ । ଯେଉଁ ଅର୍ଥରେ ଦେବାଳୟ ପ୍ରସ୍ତୁତ ହୁଏ, ସେହି ଅର୍ଥ ଗଣିକା ସେବା ଏବଂ ମୋକଦ୍ଦମା ପ୍ରଭୃତି ଦୁର୍ବଳ ପୀଡ଼ନରେ ମୁଦ୍ଧା ଲାଗେ । ମାନବ ହୃଦୟ ବିବିଧ ଲାଳସାର ପ୍ରମୋଦ ମନ୍ଦିର । ସେଥି ମଧ୍ୟରେ ଅର୍ଥ ଲାଳସାର ଅଧିକାର ସର୍ବାପେକ୍ଷା ବିସ୍ତୀର୍ଣ୍ଣ । ଅର୍ଥ ଲୋଭରେ କେତେ ପାଷଣ୍ଡ ଲୋକେ ନିଜର ପଞ୍ଚମ ବର୍ଷୀୟା ଅମ୍ବିକାକୁ ଆସନ୍ନମୃତ ବୃଦ୍ଧ ଦ୍ୱାରରେ ବିକ୍ରୟ କରି ସନ୍ତାନର ମାଂସ ବିକ୍ରୟ ରୂପ ଅପ୍ରତିକାର୍ଯ୍ୟ ମହାପାପରେ ଲିପ୍ତ ହେବାକୁ ତିଳେମାତ୍ର କୁଣ୍ଠିତ ବା ଭୀତ ହେଉ ନାହାନ୍ତି । ଅର୍ଥ ଲୋଭରେ ଚୋରି ତ ସାମାନ୍ୟ କଥା, ନରହତ୍ୟା ପର୍ଯ୍ୟନ୍ତ ସାଧିତ ହେଉଅଛି । ସ୍ଥୂଳତଃ ଅର୍ଥ-ଦ୍ୱାରା ସ୍ୱର୍ଗ ନରକ ଉଭୟ କିଣା ଯାଇପାରେ । ଥାଉ ସେ ଆଲୋଚନା, କିଛିଦିନ ପରେ ମୋର ବନ୍ଦୀ ଗୃହର ଜଣେ ପ୍ରହରୀକୁ ମହାର୍ଘ ହୀରକ ଅଙ୍ଗୁରୀୟ ଉତ୍କୋଚ ଦେଇ ବନ୍ଦୀଶାଳାରୁ ପଳାଇ ଆସିଲି । ଛଦ୍ମ ବେଶରେ କାଶୀରେ କେତେ ବର୍ଷ ଅତୀତ ହେଲା । ଅଧୁନା କାଶୀ ଅବସ୍ଥାନର ମୁଖ୍ୟ ଉଦ୍ଦେଶ୍ୟ । ତହିଁ ପରେ ତୀର୍ଥ ଭ୍ରମଣରେ ବହିର୍ଗତ ହୋଇ ତିନିଧାମ ପର୍ଯ୍ୟଟନ ପରେ ବର୍ତ୍ତମାନ ରାମେଶ୍ୱର ଦର୍ଶନକୁ ଯାଉଅଛି । ମୋର ଏହି ସଂକ୍ଷିପ୍ତ ଆତ୍ମ କାହାଣୀରୁ ମୋର ବିଷୟାସକ୍ତି ସହଜରେ ବୋଧଗମ୍ୟ । ତଥାପି ଆପଣଙ୍କ ଅନୁରୋଧ ରକ୍ଷା କରିବା ମୋର କର୍ତ୍ତବ୍ୟ । ମୋର ଜଣେ ଚରିତ୍ର-ବାନ୍ ଶିଷ୍ୟ ଅଛି । ଆଜ୍ଞା ହେଲେ ତାହାକୁ ମହନ୍ତ ଗାଦୀରେ ବସାଇ ଦିବ । ତାହାଦ୍ୱାରା ଦେବ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ସଦ୍‌ବ୍ୟବହାର ହେବ ବୋଲି ମୋର ଦୃଢ ବିଶ୍ୱାସ । ଏହା ଶୁଣି ରାଜା ପରମ ସନ୍ତୁଷ୍ଟି ଲାଭପୂର୍ବକ ଆଗ୍ରହ ମିଶା ସ୍ୱରରେ କହିଲେ, "ସାଧୁ, ମହାତ୍ମାଙ୍କ ସିଦ୍ଧ ବଚନ କଦାଚ ବ୍ୟର୍ଥ ହେବ ନାହିଁ । ତେବେ ଶୁଭ କାର୍ଯ୍ୟରେ କାଳ ବିଳମ୍ବ ଅବାଞ୍ଛନୀୟ । ଏହି ମୁହୂର୍ତ୍ତରେ ଯାଇ ତାହା ସମାହିତ କରିବା ଉଚିତ ।" ଅନନ୍ତର ନୂତନ ମହନ୍ତ ରଘୁବର ରାମାନୁଜ ଦାସ ନାମ ଧରି ଗାଦୀରେ ଯଥାବିଧି ଅଭିଷିକ୍ତ ହେଲେ । ପୂର୍ବ ମହନ୍ତ ତାହାଙ୍କ ଅଧୀନରେ ଅଧିକାରୀ ପଦରେ ରହିଲେ ।

## ଚତୁର୍ଦ୍ଦଶ ପରିଚ୍ଛେଦ

### ଗଦୀଚ୍ୟୁତ ମହନ୍ତ ଓ ପଦୀର ଅନ୍ତର୍ଦ୍ଧାନ

ପୂର୍ବ ମହନ୍ତଙ୍କର ଅଧଃପତନ ଘଟିଲା । ଅତି ବାସନାର କରାଳ କବଳରେ ପଡ଼ି ସେ ହସ୍ତଗତ ସୌଭାଗ୍ୟ ହରାଇ ବସିଲେ । ଯେଉଁ ଭାଗ୍ୟ ତାହାଙ୍କ ମସ୍ତକରେ ସୁଖର ସ୍ୱର୍ଣ୍ଣ ମୁକୁଟ ପିନ୍ଧାଇ ଦେଇଥିଲା, ସେହି ଭାଗ୍ୟ ପୁଣି ଲାଞ୍ଛନାର ମାଟି ମୁକୁଟ ପିନ୍ଧାଇ ଦେଲା । ହଟ୍ଟିଆଣୀ ଭାଗ୍ୟଦେବୀ ସମୟ ସମୟରେ ମାନବକୁ ବଡ଼ ହଟହଟାରେ ପକାନ୍ତି । ସ୍ୱକୀୟ କରଣୀ ମହନ୍ତଙ୍କୁ ସମ୍ମାନର ସ୍ୱର୍ଗ ସିଂହାସନରୁ ବିଚ୍ୟୁତ କରି ଦେଲା । ଶିରଚ୍ଛେଦ ବରଂ ସହନୀୟ; ମାତ୍ର ପଦଚ୍ଛେଦ ଅସହ୍ୟ । ଅଦ୍ୟାବଧି ମହନ୍ତ ମଠର ସର୍ବସ୍ୱ ଥିଲେ, ଏଣିକି ଭବିଷ୍ୟତ ତାହାଙ୍କୁ ଭୀଷଣ ଭ୍ରୂକୁଟି ପ୍ରଦର୍ଶନ କରୁଅଛି । ଚିନ୍ତା, ଲଜ୍ଜା, ଅଭିମାନର ସୁତୀବ୍ର ଶୋଷଣରେ

ତାହାଙ୍କ ଶରୀର କଣ୍ଟା ପରି ଶୀର୍ଣ୍ଣ ହୋଇଗଲା । କାରୁଣ ଅନୁଶୋଚନା ଆକୁଳ ଅବଶ ସ୍ୱରରେ ବେଦନାର ବାଷ୍ପବର୍ଷୀ ପ୍ରାଣରେ ବଜାଇ ଦେଲା । ତନ୍ତ୍ରୀ ବଣରେ ହୃଦୟର ସୁପ୍ତ ଆତ୍ମାଧିକାର ସଙ୍ଗୀତ ରୁଦ୍ର ତେଜରେ ଜାଗିଉଠିଲା । ଏଣେ ନବୀନ ମହନ୍ତଙ୍କର କାର୍ଯ୍ୟକଳାପର ପ୍ରଶସ୍ତି ସମସ୍ତଙ୍କ ମୁଖରୁ ଶୁଣାଗଲା । ପଦଚ୍ୟୁତ ମହନ୍ତ ତହିଁରେ ଶେଳବିଦ୍ଧବତ୍ ଯନ୍ତ୍ରଣା ଅନୁଭବ କଲେ । ଶତ୍ରୁର ପ୍ରଶଂସା କଷ୍ଟେ ସୃଷ୍ଟେ ସହି ହୋଇପାରେ; ମାତ୍ର ସମଧର୍ମୀର ପ୍ରଶଂସା ରୂପ ଈର୍ଷାନଳ ହୃଦୟକୁ ଛାରଖାର କରିଦିଏ, ଏହା ମନସ୍ତତ୍ତ୍ୱର ସତ୍ୟ । ସପତ୍ନୀର ସୁଖ ସପତ୍ନୀ ପକ୍ଷରେ ଦୁର୍ବିସହ ହୃଦୟବିଦାରକ, ଅନ୍ତର୍ଦାହମୟ ମର୍ମନ୍ତୁଦ ଚିନ୍ତା । ଯାହା ହେଉ ବିପଦ କେବେ ଏକୁଟିଆ ଆସେ ନାହିଁ । ଭୟ, ଅଧୈର୍ଯ୍ୟ, ଦୁର୍ବୁଦ୍ଧି ପ୍ରଭୃତି ବିବିଧ ଅମଙ୍ଗଳକୁ ସଙ୍ଗରେ ଘେନି ଆସେ । ଦିନେ ସକାଳେ ଦେଖାଗଲା, ପୁରୁଣା ମହନ୍ତ ମଠରେ ନାହାନ୍ତି । ସଙ୍ଗେ ସଙ୍ଗେ ଗତ ରାତ୍ରରେ ପଟ୍ଟମହିଷୀ ପ୍ରତିମା ପରି ପଦ୍ମା ଠାକୁରାଣୀଙ୍କର ନିରୁଦ୍ଦେଶ୍ୟ ମଧ୍ୟ ଶୁଣାଗଲା । ସେଥିରୁ ଅନେକେ ସହଜରେ ଅନୁମାନ କରି ନେଲେ ଯେ, ସେ ଦୁହେଁ ଶାଶ୍ୱତ ପ୍ରେମର ବିକୃତ ସନ୍ନ୍ୟାସୀ, ସନ୍ନ୍ୟାସିନୀ ହୋଇ ସର୍ବନାଶ ତୀର୍ଥ ଉଦ୍ଦେଶ୍ୟରେ ଯାତ୍ରା କରି ଅଛନ୍ତି ।

ମହନ୍ତ ପଦ୍ମା ପଳାଇ ଆସି ପୁରୀରେ ରହିଲେ । ଦେବତାଙ୍କ ପୁରାତନ ବା ଭଗ୍ନ ଅଳଙ୍କାର ଗୋପାଳପୁର ମଠର ଗନ୍ତାଘର ମଧ୍ୟରେ ଗୋଟିଏ ଭିନ୍ନ ବାକ୍ସରେ ରକ୍ଷିତ ହୁଏ । ମହନ୍ତ ଆସିବା ସମୟରେ ସେହି ବାକ୍ସଟି ଘେନି ଆସିଥିଲେ । ତନ୍ମଧ୍ୟରେ ଯେଉଁ ଅଳଙ୍କାର ଥିଲା, ସେଥିର ମୂଲ୍ୟ ପଞ୍ଚସହସ୍ର ମୁଦ୍ରାରୁ ଊଣା ନୁହେଁ । ସେହିରୁ କିଛି ବିକାଦେଇ ପୁରୀରେ ଘର ଭଡା ନେଇ ବାବାଜି ମାତାଜି ଆଖ୍ୟା ଧରି ଅବସ୍ଥାନ କଲେ । ପଦ୍ମା ମହନ୍ତଙ୍କୁ ବାବୁ ବୋଲି ସମ୍ବୋଧନ କରେ, ବାବାଜି ପଦ୍ମାକୁ ମା ବୋଲି ଡାକନ୍ତି । କିଛି ଦିନ ପରେ ଆଉ ପୁରୀ ନିବାସ ସୁଖକର ବୋଧହେଲା ନାହିଁ । କିପରି ବା ଭଲ ବୋଧ ହେବ ? ଦେବଦ୍ରୋହୀ ଗୁରୁଦ୍ରୋହୀ କି ଆମିଷଲୋଭୀ ମାର୍ଜାରର ପ୍ରିୟ ହେବ ? ପବିତ୍ର ତପୋବନରେ କି ସ୍ୱାଧ୍ୟାୟସର୍ବସ୍ୱ ମୁନି ଋଷି ବ୍ୟତୀତ ଦୁଃସ୍ୱଭାବୀ ପିଶାଚ ବା ଭୂତ ପ୍ରେତ ରହି ପାରିବ ? ଗୋପାଳପୁର ଲୋକେ ଜଗନ୍ନାଥ ଦର୍ଶନକୁ ଯାଇ ସେମାନଙ୍କୁ ଦେଖିଲେ ଏବଂ ସେମାନଙ୍କ ଗୁଣଗ୍ରାମ ପ୍ରକାଶ କରିଦେଲେ । ତହିଁରେ ସେମାନେ ସାଧାରଣରେ ମୁହଁ ଦେଖାଇ ମୁଣ୍ଡ ଟେକି ଚାଲି ପାରିଲେ ନାହିଁ । ଏହା ହେଲା ପୁରୀ ତ୍ୟାଗର ଅନ୍ୟତମ କାରଣ । ଯାହାହେଉ ପୁରୀରୁ ଆସି ସେମାନେ ଇଚ୍ଛାବତୀ ପାଟଣାରେ ଉପସ୍ଥିତ ହେଲେ । ସେଠାରେ ଭୂମି କିଣି ସ୍ୱତନ୍ତ୍ର ମଠ ନିର୍ମାଣ ପୂର୍ବକ ବାସ କରିବାର ପରାମର୍ଶ ଧାର୍ଯ୍ୟ ହେଲା ।

ଇଚ୍ଛାବତୀ ପାଟଣା ଗୋଟିଏ କ୍ଷୁଦ୍ର ଗ୍ରାମ । ଗ୍ରାମରେ ଭଦ୍ର ଜାତିର ବାସ ନାହିଁ । କେବଳ ଚଷା, ଚମାର, ଖଦାଳ (ପାନରା), ଡମ୍ବ ପ୍ରଭୃତି ନିମ୍ନଶ୍ରେଣୀର ଲୋକେ ବାସ କରନ୍ତି । ଗ୍ରାମର ସୃଷ୍ଟି କାଳରୁ ସଭ୍ୟତା ତାହାର ସୀମା ସ୍ପର୍ଶ କରି ନାହିଁ । ଗ୍ରାମବାସୀଏ ବିଲର ଧାନ, ପୋଖରୀର ପାଣି, ବାଡିର ଫଳମୂଳ ବ୍ୟତୀତ ଅନ୍ୟ ସହିତ ଜେତେ ପରିଚିତ ନୁହନ୍ତି । ସେମାନେ ଶିକ୍ଷିତ ନୁହନ୍ତି ସତ୍ୟ, ମାତ୍ର ସୁଖ ସାରଲ୍ୟରେ ଅନେକ ଉଚ୍ଚ ଶିକ୍ଷିତଙ୍କଠାରୁ ଉଚ୍ଚରେ ଆସନ ଲାଭ କରି ପାରନ୍ତି । ମୁକ୍ତ ସ୍ୱାଧୀନତାର ଶୀତଳ ଛାୟା ସେହିମାନଙ୍କ ପ୍ରାଣରେ ପ୍ରତିଫଳିତ । ପ୍ରତ୍ୟହ ସେମାନେ ଶାନ୍ତିର ସ୍ୱର୍ଗଙ୍ଗା ସ୍ରୋତରେ ଅବଗାହନ କରନ୍ତି । ନବ୍ୟ ସଭ୍ୟତାର ଆଖିବୁଜା ଆଲୋକରେ ସେମାନଙ୍କ ଦୃଷ୍ଟିଶକ୍ତି ଦୁର୍ବଳ ହୋଇ ନାହିଁ । ମାର୍ଜିତ ରୁଚିସିଦ୍ଧ ଉଚ୍ଛୃଙ୍ଖଳ ଆସୁର ବ୍ୟବହାରର ପ୍ରଖର ସଂଘର୍ଷରେ ସେମାନଙ୍କ ହୃଦୟ ପିଷ୍ଟପେଷଣ ଯନ୍ତ୍ରଣା ଅନୁଭବର ସୌଭାଗ୍ୟ ଲାଭ କରି ନାହିଁ । ଉତ୍କଟ ଦେଶାତ୍ମମାନ ଅର୍ଥାତ୍ ଅଖଣ୍ଡ ସ୍ୱାର୍ଥ-ପରତାର ବଜ୍ର ବୋଝରେ ସେମାନଙ୍କ ମସ୍ତିଷ୍କ ଦୁର୍ବହ ଭାରାକ୍ରାନ୍ତ ହୋଇ ନାହିଁ କିମ୍ବା ନାଗରିକ ବିଳାସ ଉପଭୋଗ କରିବା ଭଳି ତପସ୍ୟା ସେମାନେ କରି ନାହାନ୍ତି । ମୂଳତଃ ଆଧୁନିକ ସଂସାର ସମ୍ବନ୍ଧରେ ସେମାନଙ୍କର ଅଣୁବୀକ୍ଷଣିକ ଜ୍ଞାନ ସୁଦ୍ଧା ନାହିଁ । ସମାଜର ନିମ୍ନସ୍ତର ବାସୀହେଉନୁ ପଛେ ସେହିମାନେହିଁ କେବଳ ପ୍ରକୃତ ଜୀବିତ । ସେମାନଙ୍କ

ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଅଛି; ମାତ୍ର ତାହା ଈର୍ଷା-କଷାକ୍ତ ନୁହେଁ । ଈର୍ଷା ସ୍ଥାନ ସ୍ନେହ, ପ୍ରୀତି, ମୈତ୍ରୀ, ସାହାଯ୍ୟ, ସହାନୁଭୂତି ଅଧିକାର କରିଅଛି । ସଂଯିତ ହୃଦୟସୁଲଭ ନିତ୍ୟ ଅଭାବର ତୀବ୍ର ହାହାକାର ସେମାନଙ୍କ ହୃଦୟ ଦ୍ୱାରରେ ଅତିଥି ହୁଏ ନାହିଁ । ସ୍ୱାବଲମ୍ବନ ଯାହାର ମୂଳମନ୍ତ୍ର, ବାହୁବଳ ଯାହାର ସମ୍ବଳ,ତାହା ପାଦରେ ଅଭାବ ସଭୟ କୋଟି ନମସ୍କାର କରେ ।

ଗ୍ରାମରେ ଠାକୁର ବାଡ଼ି ନାହିଁ । ପୂନେଇ ପର୍ବରେ ଗ୍ରାମବାସୀଏ ଦୁଇକୋଶ ଦୂରବର୍ତ୍ତୀ ଗ୍ରାମାନ୍ତରକୁ ଯାଇ ଠାକୁର ଦର୍ଶନ କରି ଆସନ୍ତି । ତାଙ୍କ ଗ୍ରାମରେ ବାବାଜି ମଠ କରି ରହିବେ, ଏହା ଶୁଣି ସେମାନେ ହୃଦୟକୁ ଅନିର୍ବଚନୀୟ ଆନନ୍ଦର ଆବାସ ଭୂମି କରି ପକାଇଲେ । ଅନେକେ କୁହାକୁହି ହେଲେ, ଆମ୍ଭ ଗ୍ରାମରେ ଠାକୁର ନାହାନ୍ତି; ଏଣୁ ଆମ୍ଭ ଗ୍ରାମକୁ ସମସ୍ତେ ଅପାଣ୍ଡ୍ରବା ଗାଁ ବୋଲି ଟିକଲ କରନ୍ତି । ଏବେ ସେ ଅପବାଦ ଘୁଞ୍ଚିସିବ । ଠାକୁରେ ରହିଲେ ତାଁକୁ ରୋଗ ଆପଦ ଘୁଞ୍ଚିସିବ; ଭୂତ, ପ୍ରେତ, ଡାଆଣୀ ଚିରକୁଣୀ କେହି ଗାଁରେ ପଶି ପାରିବେ ନାହିଁ । ଆମ ଗାଁ ଅପବିତ୍ର ଥିଲା, ଏବେ ପବିତ୍ର ହେବ । ଆମ୍ଭେମାନେ ଠାକୁର ଦର୍ଶନ କରି ପିଣ୍ଡ ମୋକ୍ଷ କରିବା, ଏହାଠାରୁ ବଳି ସୌଭାଗ୍ୟର କଥା ଆଉ କଣ ଅଛି ? ମଙ୍ଗଳ ଆଳତି ଆଖିରେ ଦେଖିବା, ହରି ସଙ୍କୀର୍ତ୍ତନ କର୍ଣ୍ଣରେ ଶୁଣିବା, ଘଣ୍ଟା, ଘଣ୍ଟ, ମୃଦଙ୍ଗ, କରତାଳ ଶବ୍ଦରେ ଗାଁ ପୁରି ଉଠିବ । କେତେ ଯାତ୍ରା ପର୍ବ, କେତେ ଉତ୍ସବ ହେବ, ମେଳ ହେବ । ଆମ୍ଭେମାନେ ଗାଁ ଗାଁ ବୁଲି ଯାତ୍ରା ଦେଖୁଥିଲେ, ଏବେ ଚଉଡ଼ା ଦୂରଦୂରାନ୍ତ ଆମ ଗାଁକୁ ଲୋକେ ଆସି ଯାତ୍ରା ଦେଖିବେ । ଗ୍ରାମବାସୀଏ ଏହିପରି କେତେ ଭବିଷ୍ୟତ ଆଶାର ସୋପାନ ବାନ୍ଧି ଅନ୍ତରଗତ ଶୂନ୍ୟ ସୁଖ-ମୋଦକ ସେବନ କରିବାକୁ ଲାଗିଲେ । ସଫଳତାରେ ସିନା ମାନବର ହାତ ନାହିଁ; ମାତ୍ର ଆଶା ବାନ୍ଧିବା ଅଧିକାରରୁ ତାହାକୁ କିଏ ପ୍ରତିହତ କରି ପାରିବ ? ସେ ବିଷୟରେ ତାହାର କ୍ଷମତା ଅଯସ୍ର ଏବଂ ଅସୀମରୁ ଅସୀମ । ଆଶାଦେବୀଙ୍କର ସ୍ୱଭାବ, ସେ ଚତୁର୍ଦ୍ଦିଗକୁ ହସ୍ତ ପଦ ବିସ୍ତାର ନ କରି କଦାପି ସଙ୍କୁଚିତ ହୋଇ ବସି ପାରନ୍ତି ନାହିଁ । ସେ କାମ-ରୂପିଣୀ, କାୟା ବଢାଇଲେ ଲହମାକେ ବ୍ରହ୍ମାଣ୍ଡ ବ୍ୟାପି ଉପରକୁ ବାହାରି ଯାଇ ପାରନ୍ତି । ଆଶା ମାନସ କନ୍ୟା, ମାନସହିଁ ତାହାର ଉତ୍ପତ୍ତି, ପରିପୁଷ୍ଟି, ଉନ୍ନତି ଏବଂ ପ୍ରଳୟ ପ୍ରତିପତ୍ତିର କ୍ଷେତ୍ର । ଗ୍ରାମବାସୀମାନେ ବାବାଜି ମାତାଜିଙ୍କୁ ଆଗ୍ରହ ସହ ଗ୍ରହଣ କଲେ । ସେମାନଙ୍କ ରହିବା ସକାଶେ ଆପାତତଃ ଗୋଟିଏ ଘର ଛାଡ଼ିଦେଲେ । ପ୍ରକୃତ ସାଧୁଜ୍ଞାନରେ ସେମାନଙ୍କ ପ୍ରତି ଭକ୍ତି ବିଶ୍ୱାସ ପ୍ରକାଶ କରିବାକୁ ଲାଗିଲେ ।

ଅଳ୍ପଦିନ ପରେ ବାବାଜି ସେହି ଗ୍ରାମ ମୁଣ୍ଡରେ ଖଣ୍ଡେ ଜମି କିଣି ମଠ ପ୍ରସ୍ତୁତ ସକାଶେ ଶୁଭ ଦେଲେ । ଘର ତୋଳା ହେଉଁ ହେଉଁ ଅନେକ ଥର ଭଙ୍ଗା ଗଲା । ଅଧାଅଧି ତିଆରି ହେଲା ପରେ ବାବାଜିଙ୍କ ମନୋମତ ନ ହେଲେ ଭଙ୍ଗାଯାଇ ପୁଣି ମୂଳରୁ ଆରମ୍ଭ ହୁଏ । ଏହିପରି ଅନେକ ଥର ଭଙ୍ଗା ଗଢା ହୋଇ ବର୍ଷକ ପରେ ମଠ ନିର୍ମାଣ ଶେଷ ହେଲା । ମଠର ନୂତନତ୍ୱ ଏହି ଯେ, ତାହା କୋଠି ବା ବଙ୍ଗଳା ଆଦର୍ଶରେ ନିର୍ମିତ ହୋଇଥିଲା । ମଝିରେ ପ୍ରକାଣ୍ଡ ମେଲା, ତାହାର ତିନି ପାଖରେ କ୍ଷୁଦ୍ର କ୍ଷୁଦ୍ର ପ୍ରକୋଷ୍ଠ ଏବଂ ଏକ ପାଖରେ ଓସାରିଆ ବାରନ୍ଦା ରହିଲା । ଅନନ୍ତର ଘରମାନ ମଣ୍ଡଣୀ ହେଲା । ଖଟ, ଆଲମାରି, ସିନ୍ଦୁକ, ଟେବୁଲ, ବେଞ୍ଚ, ଚୌକି, ଟୁଲ, ଟ୍ରଙ୍କ ପ୍ରଭୃତି ନବ୍ୟ ପ୍ରାଚୀନ ଉଭୟ ରୁଚିସିଦ୍ଧ ପଦାର୍ଥମାନ ସଂଗୃହୀତ ହୋଇ ଯଥାସ୍ଥାନରେ ସୁସଜ୍ଜିତ ହୋଇ ରହିଲା । ପ୍ରତି ଘରେ ଜରି ଝାଲରଯୁକ୍ତ ପଙ୍ଖା ଟଙ୍ଗା ହେଲା । ସୁନେଲି ଫର୍ମା ବନ୍ଧା ବିବିଧ ଚିତ୍ର ପଟରେ କାନ୍ଥମାନ ମଣ୍ଡିତ ହେଲା । ବଲୋରି ହାଣ୍ଡି, ବିବିଧ ବର୍ଣ୍ଣର ଝାଡ଼, ଗ୍ଲାସରେ ସୁନ୍ଦର ଗ୍ଲୋବ ଶାରଦପର୍ବନୈଶାକାଶର ସୁଷମାକୁ ପରିହାସ କରିବାକୁ ଲାଗିଲା । ସେଥିର ଜ୍ୟୋତି କାଚ ଫଳକରେ ପ୍ରତିଫଳି ଯେଉଁ ଆଡ଼େ ଦେଖ ଶୋଭାର ହାଟ ବସିଅଛି । କେଉଁ ଅଂଶରେ ଚନ୍ଦ୍ରୋଦୟର ଦୃଷ୍ଟି ଅବସାଦକର ଦୃଶ୍ୟ, କେଉଁ ଅଂଶରେ ଇନ୍ଦ୍ରଧନୁର ତରଙ୍ଗାୟିତ ଲୀଳା, କେଉଁ ଅଂଶରେ ବିଦ୍ୟୁଲ୍ଲତାର

ବିରକ୍ତ ନୃତ୍ୟ, କେଉଁ ଅଂଶରେ ଚଳଚାରକାର ଉଜ୍ଜ୍ୱଳ ହାସ୍ୟ, କେଉଁ ଅଂଶରେ ଘନର ନୀଳ କୋମଳ ଛାୟାପାତ, ଏହିପରି ବହୁ ଶୋଭାର ସୃଷ୍ଟି କଲା—ଯେପରି ଶୋଭା ଉପରେ ଶୋଭା ବାହୁଡ଼ି ପଡ଼ିଅଛି । ସ୍ଥୂଳତଃ ପ୍ରକୋଷ୍ଠଗୁଡ଼ିକ ଚୂଡ଼ାନ୍ତ ବିଳାସର ସ୍ୱପ୍ନକୁଞ୍ଜ ତୁଲ୍ୟ ପ୍ରତୀତ ହେଲା । ମଠଟି ଯୋଗିଯୋଗ୍ୟ କି ଭୋଗିଭୋଗ୍ୟ, ତାହା କହିବାର ପ୍ରୟୋଜନ ନାହିଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଯୋଗଦେବ ଏରୂପ ମଠର ନାମ ଶୁଣିଲେ ନିଶ୍ଚୟ ଉତ୍କଟ ମୂର୍ଚ୍ଛା ରୋଗରେ ଆକ୍ରାନ୍ତ ହେବେ । ମଠ ପ୍ରତିଷ୍ଠା ହେଲା ନାହିଁ । ବାବାଜି ମାତାଜିଙ୍କ ପୁଣ୍ୟସ୍ପର୍ଶରେ ତାହା ପବିତ୍ର ହୋଇଗଲା । ଉଭୟେ ପରମାନନ୍ଦରେ ଆସି ମଠରେ ବାସକଲେ । ଉତ୍କୃଷ୍ଟ ଅଭିଳାଷ ମଧ୍ୟରେ ମିତ୍ରତା ଘଟିଲେ ଆନନ୍ଦ ଆପେ ଆସି ଭୃତ୍ୟ ପଣରେ ଖଟେ,ଏହା ସର୍ବବାଦୀ ସତ୍ୟ । ସ୍ୱର୍ଗ ସୁଖ ସିନା ସନ୍ନ୍ୟାସୀ କୁଳର ପରମ ଲକ୍ଷ୍ୟ, ତାହା ମୃତ୍ୟୁ ପରେ ମିଳେ; ମାତ୍ର ଏ ପ୍ରେମ ସନ୍ନ୍ୟାସ ଦମ୍ପତ୍ତି ଦେହରେ ତାହା କରଗତ କଲେ । ଏତେଦିନେ ସେମାନଙ୍କର ବାବାଜି ମାତାଜି ଭେକ ସାର୍ଥକ ହେଲା । ବଜାର ସଉଦା ସକାଶେ ଜଣେ ଚାକର ନିଯୁକ୍ତ ହେଲା । ପାଣି ଦେବା, ବାସନ ମାଜିବା ଏବଂ ଘର ଓଳାଇବା ସକାଶେ ସ୍ୱତନ୍ତ୍ର ଚାକର ଚାକରାଣୀ ରହିଲେ । ମାତାଜି ସ୍ୱୟଂ ଶାଳଗ୍ରାମଙ୍କ ପାଖରୁ ପ୍ରସାଦ କରି ଆଣି ବାବାଜିଙ୍କୁ ଖୁଆଏ,ଆପେ ମଧ୍ୟ ଖାଏ, ଖାଦ୍ୟର ଆଡ଼ମ୍ବର ପ୍ରତି ବାବାଜିଙ୍କର କେବେ ଦୃଷ୍ଟି ଥାଏ ନାହିଁ । ଦୃଷ୍ଟି କେବଳ ଘର ମରାମତି ଉପରେ । ବୁଡ଼ୁପାଣି କମ୍ପା ବାଇଗଣ ପୋଡ଼ାରେ ଅନ୍ନ ଉଠିଯାଏ । ଆଠକାଳୀ ବାରମାସୀ ମଠ ମରାମତି ଲାଗିଲା । ଅନାବଶ୍ୟକ ଦ୍ୱାର କଟା, ଦ୍ୱାର ମରା, କାନ୍ଥ ଭୁଷ୍ଟା, ଝରକା ବସା ପ୍ରଭୃତି ପ୍ରତ୍ୟହ ଲାଗିଥାଏ । ମଠରେ ମାତାଜିମାନେ ଆସି ରହନ୍ତି, ବାବାଜି ସେମାନଙ୍କୁ ଆଦର ପୂର୍ବକ ଡାକି ଆଣି ମଠ ଦେଖାନ୍ତି । ମାତ୍ର କୌଣସି ବାବାଜି କେବେ ମଠରେ ଅଭ୍ୟାଗତ ହୋଇଥିବାର କେହି ଦେଖି ନାହାନ୍ତି । ମଠ ନିର୍ମାଣ ପରେ ବାବାଜି ମାତାଜିଙ୍କ ବେଶଭୂଷାରେ ମନୋଯୋଗୀ ହେଲେ । ବଣିଆ ଓ ଦରଜି ମାସେ କାଳ ମଠରେ ବସି ଢାଙ୍କି କଲେ । ସୁନା ରୁପାର ଅଳଂକାରରେ ମାତାଜିଙ୍କ କୃଷ୍ଣ-କାନ୍ତି ଲୁଚିଗଲା । ବାବାଜିଙ୍କର କୋଟ, କାମିଜ, କଲର ପ୍ରଭୃତି ନବ୍ୟରୁଚି ଅନୁସାରେ କେତେ ଡଜନ ପ୍ରସ୍ତୁତ ହେଲା । ପ୍ରତି ଘଣ୍ଟାରେ ବାବାଜିଙ୍କର ବେଶ ପରିବର୍ତ୍ତନ ନ ହୁଏ । ପତ୍ନୀ ମଧ୍ୟ ତାହାଙ୍କ ଊଣା ନୁହେଁ—ତାହାର ଆଠ ପ୍ରହରକୁ ଆଠ ରଙ୍ଗର ଲହଙ୍ଗା ତିଆରି ହେଲା । ବିଭିନ୍ନ ଫେସନର କୋଡ଼ା ୧୦।୧୨ ହାଳ, ଅନେକ ପ୍ରକାର ଛତି, ସଫ୍ଟ ଲର ବିବିଧ ବେଣ୍ଟର ଛତା କିଣା ଗଲା । ଏସେନ୍‌ସ ଗନ୍ଧରେ ଘର ବାହାର ମହକି ଉଠିଲା । ଦାଣ୍ଡକୁ ପୁଣି ଖଣ୍ଡିଏ ବୈଠକଖାନା ପ୍ରସ୍ତୁତ ହେଲା । ବାବାଜି ସର୍ବଦା ସେଠାରେ ବସି ଆଦିରସ ଗୀତ ଚୌପଦୀ ପ୍ରଭୃତି ଆବୃତ୍ତି କରନ୍ତି । ମାତାଜି ସେଥିରେ ପାଳି ଦିଏ । କେହି ପରିଚିତ ଲୋକ ଆସି "ବାବାଜି କଅଣ କରୁଛ" ବୋଲି ପଚାରିଲେ ବାବାଜି କହନ୍ତି, 'କଅଣ କରିବ ବାବା, 'ଯଥା ନିଯୁକ୍ତୋଽସ୍ମି ତଥା କରୋମି', ପ୍ରଭୁ ଯାହା କରାଉ ଅଛନ୍ତି,ତାହା କରୁଛି ।" ଧନ୍ୟରେ ପଠୁଆସି ବୁଦ୍ଧି ! ଭଗବାନଙ୍କୁ ତୁଣ୍ଡା ଜ୍ଞାନରେ ଫାଙ୍କିଦେବାକୁ ବସିବା ତ ସାମାନ୍ୟ ଧନୁର୍ଦ୍ଧରର କଥା ନୁହେଁ । ହାୟ, ଭଗବାନ୍ ! ପାପୀ ଆଜନ୍ମ ପାପକରି ନିଷ୍କାମ କର୍ମଯୋଗୀ ପରି କର୍ମ ଫଳ ତୁମ୍ଭଙ୍କୁ ଅର୍ପଣ କରିବାକୁ ପ୍ରସ୍ତୁତ । ଏହାଠାରୁ ବଳି ଅସ୍ୱାଭାବିକ ଅତିମାନୁଷୀ ସିନ୍ଧାଣପଣିଆ ଆଉ କଣ ହୋଇପାରେ ? ତୁମ୍ଭଙ୍କୁ ଯେ ଭଣ୍ଡାଇବାକୁ ବସିଅଛି, ତୁମ୍ଭେ ଜଗତର ଚକ୍ଷୁର ଚକ୍ଷୁ ହେଲେ ସୁଦ୍ଧା ତୁମ୍ଭ ଆଖିରେ ଯେ ଧୂଳି ନିକ୍ଷେପର ସାହସ ବାନ୍ଧିଅଛି , ସେ ତୁମ୍ଭର ସୃଷ୍ଟ ଜୀବ ତ ପ୍ରଭୋ ? ଏହି ବ୍ୟର୍ଥ ଦୁରାକାଙ୍କ୍ଷା-ଶ୍ୱାନ ପୁଚ୍ଛ ଧରି ସେ ପାମର ତପ୍ତ ବୈତରଣୀ ପାର ହେବାକୁ ମାନସ କରିଅଛି । ବ୍ୟଭିଚାରିଣୀ ପାପଗର୍ଭ କରି ସେହି ପାପ ସ୍ୱାମୀ ମୁଣ୍ଡରେ ଲଦିଲା ପରି ପାପୀ ଆତ୍ମକୃତ ପାପ ସକାଶେ ତୁମ୍ଭଙ୍କୁ ଦାୟୀ କରି ମୁକ୍ତ ହେବ, ଏହା ହାସ୍ୟରସର ଉପାଦାନ ସିନା । ଧର୍ମଦେବ, ତୁମ୍ଭେ ଏହି ଇହପର କାଳ ନଷ୍ଟ-କାରୀ ଭଣ୍ଡ ଦୁଷ୍ଟ ପ୍ରତି ଅପାଙ୍ଗ ଦୃଷ୍ଟିରେ ସୁଦ୍ଧା ଥରେ

ସୁହିଁଲ ନାହିଁ । କେବଳ ସ୍ୱେଚ୍ଛାଚାର,ଆତତାୟୀ ନରହତ୍ୟା କରି,ଘର ପୋଡ଼ିଦେଇ କର୍ମଫଳ ଭଗବାନଙ୍କୁ ସମର୍ପଣ କରିଦେବ, ଏଥିରେ ତୁମ୍ଭେ ଧୈର୍ଯ୍ୟ ସମ୍ଭାଳି ରହି ପାରିବ ତ ? ଗ୍ରାମବାସୀମାନେ ବାବାଜି ମାତାଜିଙ୍କର ଏରୂପ ରସିକରସିକା ଭାବ ଦେଖି ସେମାନଙ୍କ ଚରିତ୍ର ପ୍ରତି ସନ୍ଦିହାନ ହେଲେ । ମଠରେ ମାଛ ଶୁଖୁଆର କଣ୍ଟା କାତି ପଡ଼ିଥିବାର ଅନେକ ଲୋକ ଅନେକଥର ଦେଖି ଅଛନ୍ତି । ଶୁକୁରିଆ ଧୋବା ସନ୍ଧ୍ୟାବେଳେ ବୋଚଲ ଭିତରେ କଅଣ ଲୁଗା ଢାଙ୍କି ମଠକୁ ଆଣେ, ତାହା ମଧ୍ୟ କେହି କେହି ଦେଖିଲେଣି । ଏଥିରେ ସେମାନଙ୍କର ସନ୍ଦେହ ଆହୁରି ବୃଦ୍ଧି ଲାଭକଲା । ଶେଷରେ ସେମାନେ ଜାଣି ପାରିଲେ ଯେ, ଯାହାକୁ ସେମାନେ କେତେ ଆଶା, କେତେ ଆନନ୍ଦରେ ତୁଳସୀ ସ୍ଥାନରେ ଚଉଁରାରେ ଆଣି ରୋପଣ କରିଥିଲେ, ତାହା ତୁଳସୀ ନୁହେଁ, ବହୁଆଣ । ଯାହାକୁ କନ୍ଦମୂଳ ମଣିଥିଲେ, ସେ କଣ ଓଲସୁହା । ସେମାନେ ସିନା କୁଆମଣିତାର ବାହ୍ୟିକ ରକ୍ତିମା ଚହଟରେ ମୁଗ୍‌ଧ ହୋଇଥିଲେ; ମାତ୍ର ତାହା ତୀବ୍ର ତିକ୍ତ ବୋଲି କିଏ ଜାଣିଥିଲା ? ସରଳପ୍ରାଣ କୃଷକ ହୃଦୟରେ ଛନ୍ଦ କପଟ ଥାଏ ନାହିଁ । ସେମାନେ ଅଶୁ ବିଶ୍ୱାସୀ । ହେଙ୍ଗୁକୁ କସ୍ତୁରୀ ଭାବିଥିଲେ, ଏବେ ଗନ୍ଧରୁ ଚିହ୍ନି ପାରି ନଷ୍ଟ ଚରିତ୍ରା ବୁଢ଼ିଙ୍କ ପ୍ରତି ଭକ୍ତି ବିଶ୍ୱାସ ପ୍ରଦର୍ଶନରେ କୃପଣତା ପ୍ରକାଶ କଲେ; ମାତ୍ର ବାବାଜିଙ୍କର ସେଥିରେ ଭ୍ରୂକ୍ଷେପ ନାହିଁ । ତାଙ୍କୁ କେହି ଭକ୍ତି କରୁ ବା ନକରୁ ସେ ନିଜର ଠାଣ ଛାଡ଼ିବାର ପାତ୍ର ନୁହନ୍ତି । କେତେ ଠାଟ୍ଟା ଠାପରା, କେତେ ଅପମାନ ବାକ୍ୟସବୁ ଜୀର୍ଣ୍ଣ କରି ବସିଲେ । ଏଥି ମଧ୍ୟରେ ମଦତର ମାତ୍ରା ବହୁଗୁଣରେ ବଢ଼ିଉଠିଲା । ଯାହା ପୁଞ୍ଜି ଆଣିଥିଲେ, ତାହା କ୍ରମେ ସରିଆସିଲା । କପର୍ଦ୍ଦକ ଆୟ ନାହିଁ ଅଥଚ ଜଳସ୍ରୋତ-ବତ୍ ଅନର୍ଗଳ ଖର୍ଚ୍ଚ, ଏଥିରେ କୁବେର ସମ୍ପତ୍ତି ସୁଦ୍ଧା ଉଡ଼ି ଯାଇପାରେ । କଥାରେ କହନ୍ତି—'ବସି ଖାଇଲେ ଗଙ୍ଗାବାଲି ସରିଯାଏ ।' ଧନ ସରି ଆସିଲା; ମାତ୍ର ବାବାଜି ଦମ୍ପତ୍ତିର ବିଳାସିତା ସରି ଆସିଲା ନାହିଁ, ଫଳତଃ ପରିବର୍ତ୍ତ ଲଭିବାକୁ ଲାଗିଲା । ସେହି ଅଲଙ୍କାର କୁଣ୍ଡଳ, ସେହି ପୋଷାକ ବସ୍ତ୍ର, ସେହି ଘର ମରାମତିର ବିରାମ ନାହିଁ । କ୍ରମେ ଦୋକାନୀ ପସାରୀମାନଙ୍କଠାରୁ କାଳରେ ସଉଦା ଆସିବାର ଆରମ୍ଭ ହେଲା । ଦୁଇ ତିନି ମାସ ପରେ ସେମାନେ କିଛି ଆଦାୟ ନ ପାଇବାରୁ ଆଉ ଦେବାକୁ ଅସ୍ୱୀକୃତ ହେଲେ ଏବଂ ଟଙ୍କା ଆଦାୟ ସକାଶେ ଦୁଇଓଳି ମଠକୁ ଗୁଲି ବାଟ ପକାଇଲେ । ଯେତେବେଳେ ଦେଖିବ, ବାବାଜିଙ୍କୁ ପାଞ୍ଚଜଣ ଘେରି ବସିଅଛନ୍ତି । ସୁନାରୀର ଅଳଙ୍କାର ମୂଲ୍ୟ ବାକୀ, ଦରଜିର କୋଟ ମୂଲ୍ୟ ବାକୀ, ଫେରି ବାଲାର ଅତର ମୂଲ୍ୟ ବାକୀ, ଏହିପରି ଗୁଆଳ, ପରିବା, କାଠର ବାକୀ—କେତେ ଯେ ବାକୀ ସେଥିର ପରିସୀମା ନାହିଁ । ବାକୀଦାରମାନେ ସବୁବେଳେ ଆସି ତାଡ଼ନା କଲେ । ମାଇପେ ଛଟା ମେଲନ୍ତି, "କ୍ଷୁଦ୍ର କ୍ଷୁଦ୍ର ଋଣ ଓ ମାଇପ ଯାର, ଯମ ନେଲେ ତ ଥରେ ନିଅନ୍ତା ନିତ୍ୟ ମରଣ ତାର ।" ଏହା ଛଟା ନୁହେଁ, ବିଶୁଦ୍ଧ ବେଦ-ବାଣୀ । ବାସ୍ତବରେ ଋଣ ଯନ୍ତ୍ରଣା ମରଣ ଯନ୍ତ୍ରଣାରୁ ବଳେ । ଜଳୌକା ରକ୍ତ ଶୋଷଣ କରେ; ମାତ୍ର ଉତ୍ତ-ମର୍ଣ୍ଣ ଅଧମର୍ଣ୍ଣର ପ୍ରାଣକୁ ଏକାବେଳକେ ପିଇଦିଏ । ଋଣ ଚିନ୍ତାର ଉତ୍ତାପ ବଡ଼ ଭୀଷଣ ଏବଂ ଅସହ୍ୟ । ସେଥିରେ ଶରୀରର ଅସ୍ଥି ସୁଦ୍ଧା ପାଣି ହୋଇଯାଏ । ଶାକାନ୍ନଭୋଜୀ ଅଋଣୀ ଦରିଦ୍ରର ପର୍ଣ୍ଣକୁଟୀର, ଋଣୀ ନୃପତିର ରତ୍ନୋଜ୍ଜ୍ୱଳ ରାଜହର୍ମ୍ମ୍ୟ ଅପେକ୍ଷା କୋଟି ଗୁଣରେ ସୁଖମୟ ଏବଂ ଶାନ୍ତିପ୍ରଦ । ଋଣଦାତାର ଦର୍ଶନ ମାତ୍ରେ ଋଣଗ୍ରସ୍ତର ରକ୍ତ ଶୁଖିଯାଏ । ଏରୂପ ଲକ୍ଷଣ ଅବଶ୍ୟ ସଜ୍ଜନ ପକ୍ଷରେ ସୁଲଭ । ମାତ୍ର ଦୁର୍ଜ୍ଜନର କଥା ସ୍ୱତନ୍ତ୍ର । ସୁତରାଂ ଏ ଋଣ ଚିନ୍ତା ମହନ୍ତଙ୍କ ପ୍ରାଣରେ ଅବସାଦ କିମ୍ବା ଗ୍ଲାନିର ଆଣି ପାରି ନ ଥିଲା । ସେ ଅକର୍ମ ଅଠେଳ । ନିର୍ଲଜ୍ଜତାର ଲୌହସାଞ୍ଜୁରେ ଦେହ ଆବୃତ କଲେ ଆଉ ବାକ୍ୟବାଣକୁ ଭୟ କଣ ? ଦେବା ଦେବା କହି ମହାଜନମାନଙ୍କୁ ନିତି ବହଲାଉ ଥାନ୍ତି । ମହାଜନମାନେ ତାହା ଶୁଣି ମର୍ମଭେଦୀ ପରିହାସପୂର୍ବକ କହନ୍ତି, "ଆଜି ଦେବା ମାସେ ପରେ, କାଲି ଦେବା ସମ୍ବତ୍ସର, ଦେବା ଦେବା କହୁଥିଲେ ଯାବତ୍ ଚନ୍ଦ୍ରଦିବାକର ।" ମାତ୍ର ବୃଥା ଏ ଗଞ୍ଜନା, ତାଡ଼ନା । କର୍ପୂରକୁ ପେଷଣ କଲେ ସାର ବାହାରିବ; ମାତ୍ର ସହସ୍ର ପ୍ରଚଣ୍ଡ ପେଷଣରେ କାର୍ପାସରୁ କଅଣ ବାହାରି ପାରେ ? ମହାଜନମାନେ ଏହିପରି ପ୍ରତ୍ୟହ କାନମୁଣ୍ଡା ଆଉଁଷି ଫେରିଯାନ୍ତି ।

# ପଞ୍ଚଦଶ ପରିଚ୍ଛେଦ

## ପରିଣାମ

ଦୁଇ ବର୍ଷ ପରେ ମଠରେ ଜଣେ ମାତାଜୀ ଆସି ଆଶ୍ରୟ ପ୍ରାର୍ଥିନୀ ହେଲେ । ବୟସ ୨୦।୨୧ ମଧ୍ୟରେ, ଉଜ୍ଜ୍ୱଳ ଗୌରବର୍ଣ୍ଣ । ପରିଧେୟ ମୋଟା ବସ୍ତ୍ର; ମାତ୍ର ଯୌବନର ସୌମ୍ୟ ସୌଦାମିନୀ ପ୍ରଭା ସେ ବହଳ ଆବରଣ ଭେଦ କରି ସେହି ବସ୍ତ୍ର ଉପରେ ଚହଟି ଯାଉଅଛି । ବାବାଜି ଆଦର ଆଗ୍ରହ ସହ ତାହାଙ୍କୁ ମଠରେ ଆଶ୍ରୟ ଦେଲେ । ମାତାଜୀଙ୍କର ସ୍ଥୂଳ ପରିଚୟ ଏହି ଯେ, ସେ ଜଣେ ବ୍ରାହ୍ମଣ କନ୍ୟା । ତାହାର ପିତା ପାଞ୍ଚଶ ଟଙ୍କା ମାତ୍ର ନେଇ ଜଣେ ସ୍ଥବିରଯୌବନବାନ୍ ବୃଦ୍ଧ ସହିତ ତାହାକୁ ବିବାହ ଦେଇଥିଲା । ପନ୍ଦର ବର୍ଷ ବୟସରେ ବାଳିକାକୁ ଭାଗ୍ୟଦେବୀ ଶ୍ୱେତପଦ ପ୍ରଦାନ କଲେ । ସେ ବିଧବା ହୋଇ ସ୍ୱାମୀ ଗୃହରେ ରହିଲା । କେଜାଣି କି ଅଜ୍ଞାତ ଗୂଢ଼ କାରଣରୁ ଗୃହର ବିରାଗଭାଜନ ହୋଇ ବର୍ଷେ ହେଲା ଘରୁ ବାହାରି ଆସି ମାତାଜୀ ହୋଇ ଅଛି । ପିତାର ଦୁଷ୍କରଣୀ ଏବଂ ନିଷ୍ଠୁର ସମାଜର ଦୁର୍ବିସହ ଦୌରାତ୍ମ୍ୟ ତାହାକୁ ଦାଣ୍ଡରେ ଠିଆ କରାଇ ଅଛି । ସମାଜର ଏ ନିର୍ମମ ବ୍ୟବହାରର ଖୁରୁଧାର କେତେ ଦିନେ ନିରୀହା ନାରୀ ଜାତିର ମସ୍ତକଚ୍ୟୁତ ହେବ, ତାହା କିଏ କହିପାରେ ? ସେହି ଶୁଭ ଦିନ କେଉଁ ଗଭୀର ରହସ୍ୟର ସମୁଦ୍ରର ଅନନ୍ତ ଗର୍ଭରେ ନିହିତ ଅଛି, ସେଥିର ଆଭାସ ସୁଦ୍ଧା ମିଳୁ ନାହିଁ । ଏହି ପରି ଘଟଣାଦ୍ୱାରା କେତେ ମହାପାପ, କେତେ ଭ୍ରୂଣ-ହତ୍ୟା ସଂଘଟିତ ହେଉଅଛି । ସେ ପାପ ସକାଶେ ସମାଜ ପୂର୍ଣ୍ଣତଃ ଅକ୍ଷମଣୀୟ ଦାୟୀ । ଏ ପାପ ପ୍ରକ୍ଷାଳନ ସକାଶେ ସମାଜ କି ପୁଣ୍ୟର ସମ୍ଭାର ଗଙ୍ଗାରେ ଅବଗାହନ କରିବ ନାହିଁ ? ଆଉ କେତେ ଦିନେ ସମାଜର ଏ କୁଗ୍ରହ ଦୋଷ କଟିବ, ତାହା କେହି ଜ୍ୟୋତିର୍ଗଣକ ଗଣନା କରିପାରୁ ନାହାନ୍ତି ।

ନବାଗତା ମାତାଜୀଙ୍କର ନାମ ସୁଶୀଳା ଦାସୀ; ମାତ୍ର କାମ ସହିତ ନାମର ସମ୍ପର୍କ କିରୂପ, ସେଥିର ବିଚାର ତାହାରି ଉପରେ ନ୍ୟସ୍ତ । ପଦ୍ମାଠାରୁ ସୁଶୀଳା ଗୁଣବତୀ କି ନା ସେଥିର ପରୀକ୍ଷା ହୋଇ ନାହିଁ ; ମାତ୍ର ପଦ୍ମା ଅପେକ୍ଷା ସେ ରୂପବତୀ,ସେଥିରେ ସନ୍ଦେହ ନାହିଁ । ସେହି ରୂପ ବାବାଜିଙ୍କୁ ଟିକିଏ ବିଚଳିତ କରିଦେଲା । ସୌନ୍ଦର୍ଯ୍ୟର ଭକ୍ତ କିଏ ନୁହେଁ ? ବୀର୍ଯ୍ୟ ବିଶ୍ୱବ୍ରହ୍ମାଣ୍ଡର ପ୍ରଭୁ; ମାତ୍ର ସୌନ୍ଦର୍ଯ୍ୟ ପଦରେ କ୍ରୀତ କିଙ୍କର । ମୃତ୍ୟୁର ଦୂତମାନେ ମୁମୂର୍ଷୁ ଆଗରେ ଗୋଟିଏ ଡଉଲ୍ଲୋଲୁପ ସୁନ୍ଦର ଶରୀର ଆଣି ଦେଖାଇଲେ ମୁମୂର୍ଷୁର ଆତ୍ମା ସେହି ନବୀନ ଶରୀରର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଜୀର୍ଣ୍ଣ ପ୍ରାଚୀନ ଶରୀର ପରିତ୍ୟାଗ ପୂର୍ବକ ତାହା ମଧ୍ୟକୁ ଡେଇଁ ପଡ଼େ, ଏହା ଶାସ୍ତ୍ରସିଦ୍ଧ କଥା । ବାବାଜିଙ୍କର ପ୍ରୀତି ବିଶ୍ୱାସ କ୍ରମେ କ୍ରମେ ପଦ୍ମା ଦେହ ତ୍ୟାଗ କରି ସୁଶୀଳାକୁ ଆଶ୍ରୟ କଲା । ରନ୍ଧନଠାରୁ ଗୃହ ପର୍ଯ୍ୟବେକ୍ଷଣ ଓ ପରିଚାଳନ ପର୍ଯ୍ୟନ୍ତ ଯାବତୀୟ କାର୍ଯ୍ୟର ଭାର ନବୀନା ଉପରେ ପଡ଼ିଲା ! ପ୍ରାଚୀନା ଦେହରୁ ଗୋଟାଏ ଗୋଟାଏ ଅଳଙ୍କାର ଆସି ମଧ୍ୟ ନବୀନାର ଅଙ୍ଗସଙ୍ଗ ଲାଭ କଲା ! ଏଥିରେ ପଦ୍ମାର କ୍ରୋଧ, ଈର୍ଷା, ଅଭିମାନ ଅସମ୍ଭାଳ ହୋଇଉଠିଲା । ତାହାର ପ୍ରଣୟ ପସରା, ତାହାର ଏତେ ଦିନର ନ୍ୟାଯ୍ୟ ପ୍ରାପ୍ୟ ଅନ୍ୟ ଜଣେ ଛଡ଼ାଇ ନେବ, ଏହା କି ସହ୍ୟ ହେବାର କଥା ? ସେ ପ୍ରଥମେ କାନ୍ଥ ବାଡ଼କୁ ଲଗାଇ ଛଟା ତଗ ମେଲି ରମ୍ଭେଇ ଝମ୍ଭେଇ ହେଲା । ତହିଁରେ କିଛି ଫଳ ନ ହେବାରୁ ଆଗନ୍ତୁକା ସହ ପ୍ରଚଣ୍ଡ କଳହର ସୂତ୍ରପାତ କରି ବସିଲା । ସୁଶୀଳା ମଧ୍ୟ ସେ ବିଦ୍ୟାରେ ଅନିପୁଣା ନୁହେଁ; ମାତ୍ର ପ୍ରତିଯୋଗିତା କ୍ଷେତ୍ରରେ ପଦ୍ମାର ସମକକ୍ଷ ହେବା ଭଳି ବିଦ୍ୟା ତାର କାହିଁ ? ସେ ପରାସ୍ତ ହୋଇ 'ଅଶ୍ରୁବିନ୍ଦୁହିଁ ଦୁର୍ବଳର ବଳ' ଏହି ନୀତିର ଅନୁବର୍ତ୍ତିନୀ ହୁଏ । ବାବାଜି ଏ ଉଗ୍ରଚଣ୍ଡୀ ଉପଦ୍ରବରେ ବଡ଼ ବିରକ୍ତ ହୋଇ ପଦ୍ମା ଉପରେ ଅନର୍ଗଳ ଗାଳି ବର୍ଷଣ କରନ୍ତି ଏବଂ ସମୟ ସମୟରେ ବାବାଜିଙ୍କ ହସ୍ତମାଧୁରୀ ସୁଦ୍ଧା ତାହାକୁ ପୁଷ୍ଟ-

ତୁଣ୍ଡରେ ଆସ୍ୱାଦନ କରିବାକୁ ପଡେ । ଦୁଇ ମାତାଜିଙ୍କ କଳହରେ ଗ୍ରାମସାରା ଉଚ୍ଛୁଳିଉଠେ । ଗ୍ରାମବାସୀଏ "ଆସରେ ଯୁଗଳ ମଠର ଯୁଗଳ ମୂର୍ତ୍ତିଙ୍କ ଲୀଳା ଦେଖିବା" ବୋଲି ଉତ୍କଣ୍ଠିତ ହୋଇ ଧାଇଁ ଆସନ୍ତି । ପିଲାମାନେ କହନ୍ତି—"ଏଇ ବାବାଜି କି ଦୁଇ ମାତାଜି, ଗୋଟିକୁ ମାଡ଼ ଗୋଟିକୁ ଗାଳି", ଏହା କହି ମଠପାଖରେ କରତାଳି ଦେଇ ନାଚନ୍ତି । ପରିହାସରେ ଲୋକେ ଯୁଗଳ ମଠ ବୋଲି କହୁଁ କହୁଁ ମଠଟି ସାଧାରଣରେ ଯୁଗଳ ମଠ ନାମରେ ପରିଚିତ ହେଲା ।

ଆକଣ୍ଠ ଅଶାନ୍ତି ଉପଦ୍ରବ ମଧ୍ୟରେ ବାସ କରି ବାବାଜି କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ଯାହାହେଉ ଅନେକ ଭାବନା ଚିନ୍ତା ପରେ ଗୋଟାକୁ ବାହାର କରି ଦେବା ସିଦ୍ଧାନ୍ତ କଲେ । କାହାକୁ ବାହାର କରିବେ, ନୂତନଠାରୁ ପ୍ରାଚୀନରେ ଆଦର ଊଣା, ଏହା ସ୍ୱାଭାବିକ । ଫୁଲଟା ବାସି ହୋଇ ଗଲେ ଫୋପାଡ଼ି ଦେବାକୁ ହୁଏ । ସୁତରାଂ ପଦ୍ମୀକୁ ବାହାର କରିବା ସାର ହେଲା । ବୈଷ୍ଣବ ମହନ୍ତ ହୋଇ ତନ୍ତିଆଣୀଟା ହାତରେ ଖାଇବା ଦୋଷାବହ, ଏହା ହେଲା ପଦ୍ମୀକୁ ତ୍ୟାଗ କରିବାର ଅନ୍ୟତମ କାରଣ । ମାତ୍ର କପଟ ତ୍ୟାଗ କରିବେ, ତାହାର ଗୋଟାଏ ଗୁରୁତର ଦୋଷ ନ ଦେଖାଇଲେ ତ ନ ହୁଏ । ତହୁଁ ବାବାଜି ପଦ୍ମୀର ଦୋଷ ଖୋଜି ବୁଲିଲେ । ଦୋଷ ଖୋଜିଲେ ଦୋଷ ମିଳେ, ତାହା ବା ବାବାଜିଙ୍କୁ ଅସୁଲଭ କାହିଁକି ହେବ ? ଦିନେ ମଦଚ ପାଗ ପୋଡ଼ି ଦେବାର ଛଳନା କରି ବାବାଜି ପଦ୍ମୀଠାରୁ ସମସ୍ତ ଅଳଙ୍କାର ଛଡ଼ାଇ ନେଇ ତାକୁ ମଠରୁ ତଡ଼ିଦେଲେ । ପଦ୍ମୀ ଆଉ କଅଣ କରିବ, କର୍ମ ଅବଳ ବେଳେ ଯାହା ମନରେ ନ ଥାଏ, ତାହା ଆସି ଘଟେ । ସେ ଅନେକ ସହି ଥିଲା; ମାତ୍ର ଉପସ୍ଥିତ ଲାଞ୍ଛନା ଆଉ ସହି ପାରିଲା ନାହିଁ । ମହନ୍ତଙ୍କ ସପ୍ତପୁରୁଷ ଉଦ୍ଦେଶ୍ୟରେ ଶ୍ରାଦ୍ଧମନ୍ତ୍ର ଉଚ୍ଚାରଣ ପୂର୍ବକ ସେ ବାହାରି ଯାଇ ଗ୍ରାମ ଗ୍ରାମ ବୁଲି ଭିକ୍ଷାଦ୍ୱାରା ଜୀବନଯାତ୍ରା ନିର୍ବାହ କରିବାକୁ ଲାଗିଲା । ଉତ୍କଟ ସଙ୍କଟପୀଡ଼ା କବଳରୁ ମୁକ୍ତି ଲାଭ କଲେ ଯେରୂପ ନବ ଜୀବନ ମିଳିଲା ପରି ବୋଧ ହୁଏ, ବାବାଜି ଠିକ୍ ସେହିପରି ଜ୍ଞାନକଲେ ଏବଂ ଆନନ୍ଦରେ ନବୀନା ମାତାଜିଙ୍କ ସହ ନିଷ୍କଣ୍ଟକରେ ନିରୁପଦ୍ରବରେ ବାସ କରିବାକୁ ଲାଗିଲେ । ବାବାଜି ସୁଶୀଳାକୁ କେବେ ସ୍ନେହରେ "ହେମା" ଏବଂ କେବେ ବା ଝିଅ ବୋଲି ସମ୍ବୋଧନ କରନ୍ତି । ସୁଶୀଳା ବାବାଜିଙ୍କୁ କେବଳ 'ଦୁଇ ରେ' ବୋଲି ଡାକେ । ପଦ୍ମୀ ବାବାଜିଙ୍କ ପ୍ରତି ଅଗୌରବ ଭାଷା କେବେ ବ୍ୟବହାର କରେ ନାହିଁ; ମାତ୍ର ସୁଶୀଳା ବଡ଼ ତୁଚ୍ଛ କରି କହେ । ବାବାଜି ସେଥିରେ ଦୁଃଖିତ ନ ହୋଇ ବରଂ ସେହି ପରୁଷ ବଚନକୁ ଭାଗ୍ୟର ବର ବୋଲି ମଣନ୍ତି । ଯେପରି ତାଙ୍କର ଆଜନ୍ମ ଅନ୍ୱେଷିତ ଆକାଙ୍‌କ୍ଷିତ ପଦାର୍ଥ ଅକସ୍ମାତ୍ ମିଳିଗଲା, ସେହିପରି ଜ୍ଞାନ କରନ୍ତି । ଫଳତଃ ସୁଶୀଳାର ଗାଳିକୁ ସେ ଏରୂପ ରୁଚିକର ଜ୍ଞାନ କରନ୍ତି ଯେ, ତାହା ଶିଶୁମାନଙ୍କ ମିଷ୍ଟାନ୍ନ ଭକ୍ଷଣ ରୁଚିକୁ ବଳିଯାଏ । ଯାହାର ଯହିଁରେ ପ୍ରୀତି, ତାହାର ଦୋଷ ଗୁଣ ସେ ଧରେ ନାହିଁ, ଏହା ନିତ୍ୟ ପ୍ରତ୍ୟକ୍ଷ କାହିଁକି, ନିତ୍ୟ ଅନୁଭୂତର ବିଷୟ । ମହାଦେବ ଚନ୍ଦନ କର୍ପୂର ଛାଡ଼ି ଭସ୍ମ ବୋଳି ହୁଅନ୍ତି ଏବଂ ରତ୍ନାଳଙ୍କାର ପ୍ରତି ଉପେକ୍ଷା ପ୍ରଦର୍ଶନ ପୂର୍ବକ କାଳସର୍ପ ଧାରଣ କରନ୍ତି । ସେହି ଭସ୍ମ ତାହାଙ୍କ ନିକଟରେ ଚନ୍ଦନ କର୍ପୂର ଏବଂ ସେହି କାଳସର୍ପ ହିଁ ରତ୍ନାଳଙ୍କାର ସ୍ୱରୂପ ।

ପଦ୍ମୀକୁ ବାହାର କରି ଦେଇ ବାବାଜି ଜଞ୍ଜାଳ ମୁକ୍ତ ହେବେ ବୋଲି ଭାବି ଥିଲେ; ମାତ୍ର ଫଳରେ ବିପରୀତ ହେଲା । ସେ ସଯତ୍ନରେ ଯେଉଁ ନବଧୃତା ବାଘୁଣୀକୁ ପୋଷିଥିଲେ, ଏଣିକି ତାହାର ବିକଟ ଚିତ୍କାର ଆରମ୍ଭ ହେଲା । ତାହାର ନିତ୍ୟ ନୂତନ ଅଳଙ୍କାର ଏବଂ ନିତ୍ୟ ନୂତନ ବସ୍ତ୍ର ବ୍ୟତୀତ ଅନ୍ୟ କାହିଁରେ ପ୍ରୀତି ନାହିଁ । ଏଣେ ବାବାଜି ଶୂନ୍ୟହସ୍ତ, କଣ କରିବେ ଏହି ଚିନ୍ତାରେ ବିବ୍ରତ ହେଲେ । ଶେଷରେ ଉପାୟାନ୍ତର ଅଭାବରେ ନିଜର ସୌଖିନ ପଦାର୍ଥକୁ ଗୋଟିଏ ଗୋଟିଏ ବନ୍ଧା ପକାଇ ଚଣ୍ଡୀଙ୍କ ବାଞ୍ଛିତ ବସ୍ତ୍ରାଳଙ୍କାର ଯୋଗାଇଲେ; ମାତ୍ର କଳନ୍ତର ମୂଳକୁ ବଳିସିବାରୁ ଆଉ ତାହା ମୁକୁଳାଇ ପାରିଲେ ନାହିଁ । ଦାଣ୍ଡକୁ ଆସିଲେ ମହାଜନମାନଙ୍କର ତାଡ଼ନା, ଘରକୁ ଗଲେ ମାତାଜିଙ୍କର ଗଞ୍ଜଣା, ବାବାଜି ମହା

ବ୍ୟସ୍ତବ୍ୟସ୍ତରେ ପଡିଲେ । ଜଳରେ କୁମ୍ଭୀର ଭୀତି, ସ୍ଥଳରେ ବ୍ୟାଘ୍ର ଭୀତି, ଏ ଉଭୟ ସଙ୍କଟ ମଧ୍ୟରେ ମୁଣ୍ଡ ଗୁଞ୍ଜିବାକୁ ଠାବ ମିଳିଲା ନାହିଁ । ମହାଜନଙ୍କ କଥା କିଏ ପଚାରେ, ଉଗ୍ରଚଣ୍ଡୀଙ୍କ ପୂଜାରେ ବ୍ୟାଘାତ ଘଟିଲେ ତାହାଙ୍କ କ୍ରୋଧ-ଖର୍ପରରେ ପଡିବାକୁ ହେବ । ଏହି କଥା ଆଲୋଚନା କରି ବାବାଜି ଗୋଟିଏ ଗୋଟିଏ ପଦାର୍ଥ ବିକ୍ରୟ କରିବାକୁ ଆରମ୍ଭ କଲେ । କ୍ରମେ କ୍ରମେ ସମସ୍ତ ଶେଷ ହେଲାରୁ ପଛକୁ ଘର ଭଡ଼ା ଦେଇ ଅର୍ଥୋପାର୍ଜନରେ ପ୍ରବୃତ୍ତ ହେଲେ । ମାତ୍ର ତାହା ଓଁଠ ମୁହିଁକୁ ଜୀରା । ସେ ସାମାନ୍ୟ ଅର୍ଥ ତାଙ୍କର ନିତ୍ୟ ଖର୍ଚ୍ଚକୁ ନିଅଣ୍ଟ । ଏଣେ ବର୍ତ୍ତନ ନ ପାଇବାରୁ ସ୍ତ୍ରୀକର ସ୍ତ୍ରୀକରଣୀମାନେ ମଠକୁ ଆସିଲେ ନାହିଁ । ସେମାନଙ୍କ କାର୍ଯ୍ୟ ଅଗତ୍ୟା ବାବାଜିଙ୍କୁ କରିବାକୁ ହେଲା । ସୁଶୀଳାର ଶ୍ୱାସରୋଗ, ସୁତରାଂ ରନ୍ଧନ କାର୍ଯ୍ୟର ଭାର ସୁଦ୍ଧା ବାବାଜିଙ୍କ ସ୍କନ୍ଧରେ ପଡିଲା । କିଛିଦିନ ପରେ ଶ୍ୱାସରୋଗୀ ସଂସ୍ରବରେ ବାବାଜି ମଧ୍ୟ ସେହି ରୋଗରେ ଆକ୍ରାନ୍ତ ହେଲେ । ଏହି ସମୟରେ ଋଣଦାତାମାନେ ମୋକଦ୍ଦମା କରିବାର ଭୟ ଦେଖା-ଇଲେ । ଅତିରିକ୍ତ ପରିଶ୍ରମ, ରୋଗ ଚିନ୍ତା ଏବଂ ଋଣ ଚିନ୍ତାରେ ବାବାଜିଙ୍କର ସେହି ରୋଗ ପ୍ରବଳତର ହୋଇ ଉଠିଲା । ତାହା ଉପରେ ଅନ୍ନାଭାବର ତୀବ୍ର କଷାଘାତ, ଏମନ୍ତ କି ସମୟସମୟରେ ଉପବାସ ପର୍ଯ୍ୟନ୍ତ ସହ୍ୟ କରିବାକୁ ହେଲା । ମଦାତ ଅଭାବରୁ ଶ୍ୱାସରୋଗ କ୍ରମେ ରାଜଯକ୍ଷ୍ମାରେ ପରିଣତ ହେଲା ।

ସବୁ ବିକ୍ରୟ ସରିଲା, ଏବେ ମଠଟି କେବଳ ବାବାଜିଙ୍କର ସମ୍ବଳ । ଜଣେ କୁମ୍ପଟିକୁ ତାହା ରହଣ ବନ୍ଧକ ଦେଇ ଯାହା ଆଣିଲେ, ତାହା ଋଣ ପରିଶୋଧକୁ ନିଅଣ୍ଟ ହେଲା । ବାବାଜିଙ୍କ ଅବସ୍ଥା ଦିନକୁ ଦିନ ଶୋଚ-ନୀୟ ହୋଇଉଠିଲା । ତିନି ଦିନ ପର୍ଯ୍ୟନ୍ତ ଖାଡ଼ାଖାଡ଼ି ଉପବାସ କଷ୍ଟ ସହି ସୁଦ୍ଧା ପାପୀୟସୀ ସୁଶୀଳା ଦେହରୁ ଖଣ୍ଡିଏ ଅଳଙ୍କାର ବାହାର କଲା ନାହିଁ । ବାବାଜି ରୋଗରେ ଶଯ୍ୟାଶାୟୀ ହେଲେ । ଗ୍ରାମବାସୀମାନେ ଆସି ଦୟାପରବଶ ହୋଇ ଚିକିତ୍ସାର ସୁବ୍ୟବସ୍ଥା କଲେ; ମାତ୍ର କୌଣସି ଫଳ ହେଲାନାହିଁ । ଦେଖୁ ଦେଖୁ ତାହାଙ୍କ ପ୍ରାଣବାୟୁ ଅନନ୍ତ ପାର୍ଥିବ ବାୟୁରେ ମିଳାଇ ଗଲା । ମୃତ୍ୟୁ ତାହାଙ୍କୁ ଶୋକ, ତାପ, ଅପମାନ, ଲଜ୍ଜା-ପୀଡ଼ା, ଚିନ୍ତା ପ୍ରଭୃତି ସମସ୍ତ ଯନ୍ତ୍ରଣାରୁ ମୁହୂର୍ତ୍ତକ ମଧ୍ୟରେ ମୁକ୍ତ କରିଦେଲା । ମୃତ୍ୟୁ ମାନବର ପ୍ରକୃତ ବନ୍ଧୁ । ସେ ମାନବକୁ ସଂସାର ଜଞ୍ଜାଳହସ୍ତରୁ ଛଡ଼ାଇ ନେଇ ନିତ୍ୟ ନିରୁପଦ୍ରବ ଦେଶକୁ ଘେନିଯାଏ । ସାମ୍ୟନୀତିସର୍ବସ୍ୱ ମୃତ୍ୟୁଦେବ ପାପୀ ଧାର୍ମିକର ଭେଦ ପରିହାର ପୂର୍ବକ ସମାନ ସ୍ନେହ, ସମାନ ଆଗ୍ରହରେ ଉଭୟଙ୍କୁ ସ୍ୱୀୟ ଅମୃତ ଅଙ୍କସିଂହାସନରେ ଅଭିଷିକ୍ତ କରନ୍ତି । ସେ ଚିର ନିର୍ବିକାର ଏବଂ ଚିର ନିରପେକ୍ଷ ।

ମହନ୍ତଙ୍କ ମୃତ୍ୟୁ ପରେ ସୁଶୀଳା ମଠ ପରିତ୍ୟାଗ ପୂର୍ବକ ଦେବଦାସୀ ହେବା ଉଦ୍ଦେଶ୍ୟରେ ପୁରୀ ଅଭି-ମୁଖରେ ଯାତ୍ରା କଲା । ସେ ଅନ୍ୟ ପଥରେ ନ ଯାଇ ନୌକାରୋହଣରେ ଚିଲିକା ହ୍ରଦ ମଧ୍ୟରେ ଅଗ୍ରସର ହେଲା । ମାତ୍ର ଅର୍ଦ୍ଧ ପଥରେ ପ୍ରବଳ ଝଟିକା ବେଗରେ ନୌକା ଜଳମଗ୍ନ ହେବାରୁ ସେହି ଚିଲିକାର ଅତଳ ଗର୍ଭରେ ତାହାର ପାପର ସମୁଚିତ ପ୍ରାୟଶ୍ଚିତ୍ତ ସାଧିତ ହେଲା ।

ବର୍ତ୍ତମାନ ଆଉ ମଠ ନାହିଁ । ତାହା ଆକସ୍ମିକ ଅଗ୍ନ୍ୟୁପଦ୍ରବରେ ଭସ୍ମୀଭୂତ ହୋଇ ଯାଇଅଛି । ଅଛି କେବଳ ମଠର ଭିଟ । ପଥିକମାନେ ଯିବା ସମୟରେ ଅଙ୍ଗୁଳି ସଂକେତରେ ପରସ୍ପରକୁ ଦେଖାଇ ଦେଇ କହନ୍ତି, "ଏହିଠାରେ ସ୍ୱଗଳ ମଠ ଥିଲା ।" ବାବାଜି ମାତାଜି ଉଭୟେ କାଳର ଅଦୃଶ୍ୟ ଗର୍ଭରେ ବିଲୀନ ହୋଇ ଅଛନ୍ତି । କେବଳ ମଠ ତଳି ଭୂମି ସେମାନଙ୍କର କଳଙ୍କ-ମୟ ଅଧମ ସ୍ମୃତି ବହନ କରି ଅଦ୍ୟାବଧି ନୀରବ ଭାଷାରେ ଦର୍ଶକମାନଙ୍କୁ ସତର୍କ କରୁଅଛି ।

# ବୁଲା ଫକୀର

# ନିବେଦନ

"ମୁକୁର ଉପନ୍ୟାସ ଗ୍ରନ୍ଥମାଳା"ର ଦ୍ୱିତୀୟ ଉପନ୍ୟାସ ବୁଲା ଫକୀର ପ୍ରକାଶିତ ହେଲା । ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ, ବି. ଏଲ୍.ଙ୍କ ପ୍ରଣୀତ ସଫଳସ୍ୱପ୍ନ ତୃତୀୟ ଉପନ୍ୟାସ ରୂପେ ମନୋନୀତ ହୋଇଅଛି । ପୁସ୍ତକଟି ଆଗାମୀ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହେବ । ଇତି ।

କଟକ<br>ତା ୧୮।୧୦।୧୯୨୪ } ଶ୍ରୀ ଦୟାନିଧି ମିଶ୍ର

# ବୁଲା ଫକୀର

## ପ୍ରଥମ ପରିଚ୍ଛେଦ

ସୁନ୍ଦରପୁର ଗୋଟିଏ ସୁନ୍ଦର ଗ୍ରାମ । ତାହାର ନାମ ଯେପରି ମଧୁର, ପ୍ରାକୃତିକ ଦୃଶ୍ୟ ସେହିପରି ରମଣୀୟ । ତାହାର ଉତ୍ତର ଏବଂ ଦକ୍ଷିଣ ସୀମାରେ ବରୁପାଣୀ ଏବଂ ସୁବୁପାଣୀ ନାମରେ ଦୁଇଟି କ୍ଷୁଦ୍ର ନଦୀ ପ୍ରବାହିତ ହୁଏ । ପୂର୍ବ ଓ ପଶ୍ଚିମରେ ବିସ୍ତୃତ ପ୍ରାନ୍ତର ଏବଂ ତହିଁ ପରେ ଅରଣ୍ୟ । ପ୍ରକୃତିରାଣୀ ଏହି ଗ୍ରାମ ଖଣ୍ଡିକୁ ଆଦରିଣୀ କନ୍ୟା ତୁଲ୍ୟ କୋଳରେ ଘେନି ବସିଅଛନ୍ତି । ଗ୍ରାମର ନିକଟ ଶୋଭା ଅପେକ୍ଷା ଦୂର ଶୋଭା ଆହୁରି ନେତ୍ରପ୍ରୀତିକର । ଦୂରତ୍ୱ ସିନା ଦୃଶ୍ୟକୁ ପ୍ରାଣଦାନ କରି ସୌନ୍ଦର୍ଯ୍ୟ କୁହୁକରେ ମଣ୍ଡିତ କରେ ! ଗ୍ରାମଟି ଗ୍ରାମ୍ୟ ସମ୍ପଦ ଏବଂ ଆର୍ଥିକ ସମ୍ପଦ ଉଭୟରେ ବିଭବଶାଳୀ । ଅରଣ୍ୟହିଁ ଆଧ୍ୟାତ୍ମିକ ସମ୍ପଦର ଆଳୟ । ଜ୍ଞାନ ଗହଳରେ ଥାଏ ନାହିଁ, ଗହନରେ ଥାଏ । ଗ୍ରାମରେ ନାନା ଜାତୀୟ ଲୋକେ ବାସ କରନ୍ତି । ସେମାନଙ୍କର ସୁଖଶାନ୍ତିମୟ ଆନନ୍ଦ ଜୀବନ ନାଗରିକ ପକ୍ଷରେ ଲୋଭନୀୟ । ବାସ୍ତବରେ ପଲ୍ଲିଗ୍ରାମଗୁଡିକ ଲୋକାଳୟ ହେଲେ ହେଁ, ତାହା ଶାନ୍ତିର ଶାନ୍ତିନିଳୟ, ସାଧନାର ସ୍ୱର୍ଗ, ସୁଖ ଓ ଆନନ୍ଦର ପବିତ୍ର ତୀର୍ଥ ।

ପୁରନ୍ଦର ମହାପାତ୍ର ସେହି ଗ୍ରାମର ଜଣେ ସଙ୍ଗତିସମ୍ପନ୍ନ ଅଧିବାସୀ । ତାଙ୍କର ବିଷୟ ବାଡ଼ି ଯଥେଷ୍ଟ ଅଛି । ମହାପାତ୍ରେ ଜାତିରେ କରଣ । ସେ ବଂଶାନୁକ୍ରମିକ ଧନୀ ନୁହନ୍ତି ଏକପୁରୁଷିଆ ଧନୀ । ପବିତ୍ର ସତ୍ ବ୍ୟବସାୟଦ୍ୱାରା ସେ ବହୁ ଅର୍ଥ ଉପାର୍ଜନ କରିଥିଲେ । ଟଙ୍କା ତ ରହିବା ପଦାର୍ଥ ନୁହେଁ—ସେ ଯିବାପାଇଁ ଆସେ । ଅର୍ଥଶାସ୍ତ୍ରର ଏ ସୂକ୍ଷ୍ମ ତତ୍ତ୍ୱରେ ମହାପାତ୍ରେ ଖୁବ୍ ବିଶାରଦ ଥିଲେ । ସୁତରାଂ ଉପାର୍ଜିତ ଅର୍ଥରେ ସେ ଅନେକ ଭୂସମ୍ପତ୍ତି କିଣି ପକାଇଥିଲେ । ବର୍ତ୍ତମାନ ତାହାର ରକ୍ଷଣାବେକ୍ଷଣ କରନ୍ତି । ଆବାଲ୍ୟ ଦାରିଦ୍ର୍ୟ ସଙ୍ଗରେ ବିପୁଳ ସଂଗ୍ରାମ କରି କେବଳ ଆତ୍ମପ୍ରଚେଷ୍ଟା, ସ୍ୱାବଲମ୍ବନ ଏବଂ କର୍ତ୍ତବ୍ୟନିଷ୍ଠା ଗୁଣରେ ମାନବ କିପରି ଆତ୍ମୋନ୍ନତି କରିପାରେ, କିପରି କର୍ମମୟ ଜୀବନ ସମୁଜ୍ଜ୍ୱଳ କରିପାରେ ଏବଂ କିପରି ବା ସାଫଲ୍ୟ-ଗୌରବରେ ମଣ୍ଡିତ ହୋଇପାରେ, ମହାପାତ୍ରେ ସେଥିର ଜୀବନ୍ତ ଦୃଷ୍ଟାନ୍ତର ସ୍ଥଳ । ସଦ୍‌ଗୁଣ ଏବଂ ସଚ୍ଚରିତ୍ରତା ତାଙ୍କୁ ସମସ୍ତଙ୍କଠାରେ ସମାଦୃତ କରାଇଥିଲା । ସେହି ଉଭୟ ବଳରେ ସେ ସମସ୍ତଙ୍କର ଭକ୍ତିପ୍ରୀତି-ଆକର୍ଷଣରେ ସମର୍ଥ ହୋଇଥିଲେ । ନିଜର ପ୍ରାଣ ବିୟୋଗରେ ଯଦି କାହାରି ପ୍ରାଣ ରକ୍ଷା ହୁଏ, ତେବେ ସେ ତାହା କରିବାକୁ କୁଣ୍ଠିତ ବା ଅନିଚ୍ଛୁକ ନୁହନ୍ତି । ଧର୍ମରେ ତାଙ୍କର ଅଚଳା ମତି । ସତ୍ୟ, ଦୟା, କ୍ଷମା ଏବଂ ପରୋପକାରିତା ତାଙ୍କ ସ୍ୱଭାବକୁ ମାଧୁରୀ-ମଣ୍ଡିତ କରିଥିଲା । ତାଙ୍କର ଏତେ ଥିଲେ ସୁଦ୍ଧା ସେ ପ୍ରାଣରେ ଗୋଟାଏ ଅଭାବ ଏବଂ ଶୂନ୍ୟତା ସର୍ବଦା ଅନୁଭବ କରୁଥିଲେ । ସେଥିର କାରଣ ସେ ଅପୁତ୍ରିକ । ବାସ୍ତବରେ ଗୃହସ୍ଥ ପକ୍ଷରେ ଅପୁତ୍ରିକ ହେବାଠାରୁ ଦୁଃଖ ଆଉ ନାହିଁ ।

ସେ ଦୁଃଖ ଜୀବନକୁ ସଫଳ କରିଦିଏ । ସର୍ବ ସୁଖରେ ସୁଖୀ ହୋଇ ସୁଦ୍ଧା ପୁତ୍ରାଭାବରେ ସେ ସୁଖ ଅପୂର୍ଣ୍ଣ ଏବଂ ବିଷାକ୍ତ ବୋଧହୁଏ ।

ମହାପାତ୍ରଙ୍କର ଗୋଟିଏ ମାତ୍ର କନ୍ୟା । କନ୍ୟାଟିର ନାମ ଜାନକୀ । ସେ ପିତାମାତାଙ୍କର ଜୀବନମଣି । କନ୍ୟାଟି ଖୁବ୍ ସୁନ୍ଦରୀ । ଏକମାତ୍ର କନ୍ୟା ହେତୁ ପିତାମାତା ତାହାକୁ ଅତିରିକ୍ତ ସ୍ନେହ କରନ୍ତି । କଥାରେ କହନ୍ତି, "ଯାହାର ପୁଅ ନାହିଁ, ସେ ଝିଅକୁ ବାପ ବୋଲି ଡାକେ ।" ଅଳ୍ପଣା ଜୀବନ ଝିଅଟାକୁ ଏତେ ସ୍ନେହ କରିବାର ଦେଖି ଅନେକେ ଶ୍ଳେଷ ବିଦ୍ରୂପ କରନ୍ତି । କେହି କେହି କହନ୍ତି, 'ମହାପାତ୍ର ଘର ଜାନକୀ ଯେପରି ଗେହ୍ଲା, ଜଣେ ରାଜପୁତ୍ର ବି ସେପରି ଗେହ୍ଲା ହେବ ନାହିଁ ।' ଏସବୁ କଥାରେ ମହାପାତ୍ରଦମ୍ପତି କର୍ଣ୍ଣପାତ କରନ୍ତି ନାହିଁ । ବାସ୍ତବରେ ସମସ୍ତଙ୍କ କଥା ଶୁଣିବାକୁ ଗଲେ ସଂସାରର ଅନେକ ଆକାଙ୍କ୍ଷା ପୂର୍ଣ୍ଣ ହେବ ନାହିଁ । ଲୋକେ ସିନା କହିବେ; ମାତ୍ର କେହି ତ ଆଉ ତାଙ୍କ ହୃଦୟର ହାହାକାର ନିବାରଣ କରି ପାରିବ ନାହିଁ । ତେବେ କାହା କଥାରେ ଯାଏ କେତ ବା ଆସେ କେତେ ? ପିତାମାତା ଅତିରିକ୍ତ ସ୍ନେହ କରନ୍ତି ସତ; ମାତ୍ର ଅତିରିକ୍ତ ସ୍ନେହର ଅବଶ୍ୟମ୍ଭାବୀ ଫଳ ଅବାଧ୍ୟତାର ବ୍ୟଥା ସେମାନଙ୍କୁ ସହ୍ୟ କରିବାକୁ ହୁଏ ନାହିଁ; ଯେହେତୁ କନ୍ୟାର ପ୍ରକୃତି ଖୁବ୍ ଶାନ୍ତ ଓ ଶୀତଳ । ଜାନକୀ ଖାଲି ସୁନ୍ଦରୀ ନୁହେଁ, ନାନା ଗୁଣରେ ଗୁଣବତୀ । ଫୁଲରେ ଖାଲି ସୌନ୍ଦର୍ଯ୍ୟ ଥାଏ ନାହିଁ—ସୌରଭ ମଧ୍ୟ ଥାଏ । ସେହି ସୌରଭ ସେହି ସୌନ୍ଦର୍ଯ୍ୟର ସ୍ୱର୍ଗୀୟ ଅଳଙ୍କାର । ଦୁଇବର୍ଷ ହେଲା ଜାନକୀର ବିବାହ ହୋଇଯାଇଅଛି । ମହାପାତ୍ରେ ଧନୀ ଘରେ କନ୍ୟା ଦେଇ ନାହାନ୍ତି, ଶିକ୍ଷିତ ସଚ୍ଚରିତ୍ର ପାତ୍ର ହସ୍ତରେ କନ୍ୟାଦାନ କରିଅଛନ୍ତି । ଝିଅଟି ଖାଇ ପିନ୍ଧି ସୁଖରେ ବିଳାସରେ ଆନନ୍ଦରେ କାଳ କ୍ଷେପଣ କରୁ, ଏହା ତାଙ୍କର ଲକ୍ଷ୍ୟ ନୁହେଁ । ତାଙ୍କର ଲକ୍ଷ୍ୟ ଅତି ମହତ୍, ଅତି ଉଦାର, ଅତି ପବିତ୍ର ଓ ଅତି ମୂଲ୍ୟବାନ୍ । ଝିଅ ସୁଖରେ ରହୁ, ଏହା କେଉଁ ପିତାମାତାର ବାଞ୍ଛନୀୟ ନୁହେଁ ? ମାତ୍ର କନ୍ୟାର ଭବିଷ୍ୟତ ଧର୍ମ ଜୀବନ ଏବଂ ନୈତିକ ଜୀବନ ପ୍ରତି କେତେ ଜଣଙ୍କର ଦୃଷ୍ଟି ଥାଏ । ଅଧିକାଂଶ ତ "କେଲୁ ନାଟୀ ହେଲୁ ପାରୁ" ଶ୍ରେଣୀୟ, କନ୍ୟାର ଆଧ୍ୟାତ୍ମିକ ଉନ୍ନତି ଚିନ୍ତା କିଏ କରୁଛି ? କିନ୍ତୁ ମହାପାତ୍ରେ ସେ ଧରଣର ଲୋକ ନୁହନ୍ତି । ସେ ଉପଯୁକ୍ତ ଧାର୍ମିକ ଚରିତ୍ରବାନ୍ ସାଧୁ ପୁରୁଷ ଦେଖି ଜାମାତା ନିର୍ବାଚନ କରିଥିଲେ । ତାହା ସଂସର୍ଗରେ କନ୍ୟାର ଧର୍ମ ଜୀବନ ଉଜ୍ଜ୍ୱଳ ହେବ, ଏ ବିଶ୍ୱାସ ତାଙ୍କର ଥିଲା । ତାଙ୍କର ଜାମାତା ବିଷୟବାନ୍ ନୁହେଁ; କିନ୍ତୁ ଉପାର୍ଜନକ୍ଷମ । ଜାମାତାର ଆଉ କେହି ନାହିଁ । ଘରକୁ ସ୍ତ୍ରୀ ପୁରୁଷ ଦୁଇ ପ୍ରାଣୀ । ଆଉ ଗୋଟିଏ ଭାଇ ଅଛି; ମାତ୍ର ସେ ପୃଥକ୍ । ସେ ତାହାର ସାନ ଭାଇ, ତାହା ଘରକୁ ଗୃହସ୍ଥ, ଭାର୍ଯ୍ୟା ଏବଂ ଗୋଟିଏ ଶିଶୁପୁତ୍ର ଏହି ତିନିଜଣ ।

ଜାନକୀ ସ୍ୱାମିଗୃହ ଉଜ୍ଜ୍ୱଳ କଲା; ମାତ୍ର ମହାପାତ୍ରଙ୍କ ଗୃହ ଅନ୍ଧକାର କରିଗଲା । କେବଳ ପିତୃଗୃହ ଅନ୍ଧକାର କରି ଗଲା ନାହିଁ, ତାହା ଅଭାବରେ ଗୃହ ଶୂନ୍ୟ, ପିତାମାତାଙ୍କର ହୃଦୟ ଶୂନ୍ୟ ଏବଂ ଅଙ୍କ ଶୂନ୍ୟ ହେଲା । ପିତାମାତା ଦୁହେଁ କପୋତକପୋତୀ ପରି ଶୂନ୍ୟ ଗୃହରେ, ଶୂନ୍ୟ ଆକାଙ୍କ୍ଷାରେ ଝୁରି ହେଲେ । ହିତୈଷୀ ବନ୍ଧୁବାନ୍ଧବମାନେ ମହାପାତ୍ରଙ୍କୁ ଅନେକ ବୁଝାଇଲେ ଏବଂ କେହି କେହି ଉପଦେଶ ଦେଇ କହିଲେ, 'ଦେଖ ମହାପାତ୍ରେ ତୁମ୍ଭର ତ ପୁଅ ନାହିଁ, ଏ ବିପୁଳ ସମ୍ପତ୍ତି କିଏ ଭୋଗ କରିବ? ତୁମ୍ଭେ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କର । ଦେହ ପା ତ ଅଛି, ପଡ଼ିଲେ ସେବାଶୁଶ୍ରୂଷା କିଏ କରିବ ? " କେହି କେହି ସ୍ୱତଃପ୍ରବୃତ୍ତ ହୋଇ ପୁଅ ଯାଚିଲେ, କେହି ବା ଅନ୍ୟ ସ୍ଥାନରୁ ପୋଷ୍ୟପୁତ୍ର କରାଇ ଦେବାର ଆଶା ଦେଖାଇଲେ; ମାତ୍ର ମହାପାତ୍ରେ କାହାରି କଥାରେ ମଜିଲେ ନାହିଁ । ସେ କହିଲେ— ପୋଷ୍ୟପୁତ୍ର କଲେ କଅଣ ହେବ ? ଦୁଧର ସାଧ କି ପିଠଉ ପାଣିରେ ମେଣ୍ଟିବ ? ମୋର ସମ୍ପତ୍ତି ଭୋଗ କରିବାକୁ ଅନେକ ଅଛନ୍ତି । ସଂସାରରେ ଗ୍ରହୀତାର ଅଭାବ ନାହିଁ । ଅଭାବ କେବଳ ଦାତାର । ମୋର ସମ୍ପତ୍ତି ଦେଶ ସେବାରେ ଉତ୍ସର୍ଗ କରିବି, ଅକ୍ଷମ ଦରିଦ୍ରଙ୍କୁ ଦାନ କରିବି, ଦେଶ ହିତକର କାର୍ଯ୍ୟରେ ଲଗାଇବି; ନଚେତ୍ ମୋ ଝିଅର ପୁଅ ହେଲେ ସେ ଭୋଗ କରିବ । ତାହା ହେଲେ

ମୋ ସମ୍ପତ୍ତିର ସଦ୍‌ବ୍ୟୟ ହେବ । ତାହା ନକରି ଅଜ୍ଞାତଚରିତ୍ର ଗୋଟାଏ ଅନ୍ୟ ଲୋକକୁ ପୋଷ୍ୟପୁତ୍ର କରିବାର ଫଳ କଅଣ ? କାକ ବସାରେ କୋକିଳ ଶାବକ ହୁଏ, କାକୀ ତାହାକୁ ଆହାର ଦେଇ ନିଜର ଶାବକ ପରି ସ୍ନେହ ସହି କରେ , କାକ ତାହାକୁ ଶୈଶବରେ ଶତ୍ରୁ ମୁଖରୁ ରକ୍ଷାକରେ; ମାତ୍ର କୋକିଳ ଶାବକ କି ସେମାନଙ୍କୁ ମା ବାପ ବୋଲି ଡାକେ ? ଉଡ଼ି ଶିଖିଲେ ତାହାର ବସା ଅଲଗା ହୋଇଯାଏ। କାକ ଦମ୍ପତିର ଲାଭ ମଧ୍ୟରେ ଏତିକି ଯେ, ସେମାନେ ଦାରୁଣ ଅନୁଶୋଚନା ଭୋଗ କରନ୍ତି । ଏହି ତ ପୋଷ୍ୟପୁତ୍ରର ସୁଖ ? ସେ ସୁଖକୁ ଦୂରରୁ ଜୁହାର । ପୋଷ୍ୟପୁତ୍ରର ସୁଖ ଅପେକ୍ଷା ଅପୁତ୍ରିକତାର ଦୁଃଖ ବରଂ କୋଟିଗୁଣରେ ଶ୍ରେୟ । ପୋଷ୍ୟପୁତ୍ର କରିବା ଆଉ ସମ୍ପତ୍ତି ମୂଲ୍ୟରେ ଆପଦ ଉପଦ୍ରବ ପ୍ରଭୃତି ଜଞ୍ଜାଳ କିଣିବା ଏକା କଥା । କଥାରେ କହନ୍ତି, "ପୋଷା ପୁଅ ଆଉ ଶୁଖୁଆ ଗୁଅ କାମରେ ଆସନ୍ତି ନାହିଁ ।" ଯାହା ଦେହରେ ମୋହର ରକ୍ତ ନାହିଁ, ସେ ମୋର ପୁଅ ହେବ କିପରି, ଆଉ ମୋ ପ୍ରତି ତାହାର ମମତା ବା ହେବ କିପରି ? ପୁତ୍ର ପିତାର ଅଂଶ ବୋଲି ଶାସ୍ତ୍ରରେ ଶୁଣିଅଛି । ଯାହା ସଙ୍ଗରେ ମୋର କିଛି ସମ୍ପର୍କ ନାହିଁ, ମୋର ଅଂଶ ତାହା ଦେହକୁ କାହିଁ ଆସିବ ? ଯାହାକୁ ପୋଷ୍ୟପୁତ୍ର କରିବି, ସେ ଯଦି କୁଚରିତ୍ର ହୁଏ ଏବଂ କୁକର୍ମରେ ମୋର ଧନ ଉଡ଼ାଇ ଦିଏ,ତେବେ ମୋର କଷ୍ଟାର୍ଜ୍ଜିତ ଅର୍ଥର ସାର୍ଥକତା ସମ୍ପାଦନ ହେଲାକି ? ଯାହା ସଙ୍ଗରେ ରକ୍ତର ଆକର୍ଷଣ ନାହିଁ, ସେ ନିଜର ନୁହେଁ। ପରକୁ ଯେତେ ମଣ୍ଡିଲେ ସୁଦ୍ଧା ସେ ଆପଣାର ହୋଇ ପାରେ ନାହିଁ । ଦୁଗ୍ଧ ଓ ଶର୍କରାଦ୍ୱାରା ନିମଗଛକୁ ବଢ଼ାଇଲେ ସେ ତିକ୍ତଗୁଣ ତ୍ୟାଗକରି କେବେକି ମଧୁର ହୋଇ ପାରେ ? କେବଳ ଦୁଗ୍‌ଧଶର୍କରାର ଅପବ୍ୟବହାର ହୁଏ ସିନା ! ଯେତେବେଳେ ପୋଷ୍ୟପୁତ୍ର ସେବା କରିବ, ଏହା ମିଥ୍ୟା କଥା ! ସେତେବେଳେ ସେ ପାଖ ନ ପଶି ଅଲଗା ହୋଇ ଦୂରରେ ବସିବ । ଏହା ଖାଲି କହିବାର କଥା ନୁହେ, ନିତ୍ୟ ପ୍ରତ୍ୟକ୍ଷୀଭୂତ ଘଟଣା । "ଏହିପରି ନାନା ଯୁକ୍ତିତର୍କ ଦେଖାଇ ମହାପାତ୍ରେ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ଏକାନ୍ତ ଅସ୍ୱୀକୃତ ହେଲେ । ଉପଦେଷ୍ଟାମାନେ ହତାଶ ବାଣୀ ଶୁଣି ଅତ୍ୟନ୍ତ ବିରକ୍ତ ହେଲେ । କେହି କେହି ମୁହଁ ଖର କରି କହିଲେ, ହଉ, ତୁମ୍ଭର ଇଚ୍ଛା,ଆମେ ସିନା ତୁମ ଭଲ ସକାଶେ କହୁଥିଲୁ ! ତାହା ଯଦି ତୁମ ମନକୁ ନ ରୁଚିଲା, ତେବେ ଆମେ ନାଚାର ।" ପ୍ରକାଶ୍ୟରେ ଏତିକି କହିଲେ; ମାତ୍ର ଗୋପନରେ ଆହୁରି ଅନେକ କଥା କହିଲେ । ତାହାସବୁ ଲେଖିବା ଅନାବଶ୍ୟକ ।

ଦିନ ପରେ ଦିନ ମାସ ପରେ ମାସ ଅତୀତ ହେବାକୁ ଲାଗିଲା । ବୁଢ଼ା ବୁଢ଼ୀ ଦମ୍ପତିଙ୍କର ସୁଖେ ଦୁଃଖେ କାଳ କଟିଯାଉଥାଏ । ସେମାନଙ୍କର ଅନ୍ନବସ୍ତ୍ରର ଦୁଃଖ ନାହିଁ —ଦୁଃଖ କେବଳ ପୁତ୍ରାଭାବ ହେତୁ । ସେହି ଦୁଃଖ ସେମାନଙ୍କର ସମସ୍ତ ସୁଖକୁ ବିଷାକ୍ତ କରିଦେଇଥିଲା । ଯାହା ହେଉ ସେମାନେ କପାଳ ଠୁକି ହରିଙ୍କୁ ଧ୍ୟାନ କରି ପଡ଼ି ରହିଥାନ୍ତି । କେବଳ ହରିଙ୍କ ମହିମା ଚିନ୍ତନ ଏବଂ କୀର୍ତ୍ତନ ସେମାନଙ୍କ ଜୀବନର ସୁଖସାନ୍ତ୍ୱନା ଥିଲା ; ମାତ୍ର ଦୁର୍ଦ୍ଦୈବ ସେ ସୁଖଟି ସୁଦ୍ଧା ଅଧିକ କାଳ ସ୍ଥାୟୀ କଲା ନାହିଁ । ମହାପାତ୍ରଙ୍କ ସ୍ତ୍ରୀ ସଙ୍କଟ ପୀଡ଼ାରେ ଆକ୍ରାନ୍ତ ହେଲେ । ଦେଖୁ ଦେଖୁ ପୀଡ଼ା ଅସାଧ୍ୟ ହୋଇଉଠିଲା ଏବଂ ଶେଷ ଦିନ ଆସି ଉପସ୍ଥିତ ହେଲା । ରୁଦ୍ରଭୀଷଣ ମୃତ୍ୟୁ-ମହାନିଶାର ଉଲଗ୍ନ ମୂର୍ତ୍ତି ସମ୍ମୁଖରେ ଦେଖି ସତୀ ଭୀତା ହେଲେନାହିଁ । ଆଉ କାହିଁକି ବା ମୃତ୍ୟୁକୁ ଭୟ କରିବେ, ଏ ଯେ ତାଙ୍କର ଆନନ୍ଦ ମହାଯାତ୍ରା । ଶଙ୍ଖା, ଶାଢ଼ୀ, ସିନ୍ଦୂର ଘେନି ଏଭଳି ସୌଭାଗ୍ୟ ମୃତ୍ୟୁ କେତେ ଜଣ ନାରୀଙ୍କ ଭାଗ୍ୟରେ ଘଟେ ? ଏରୂପ ମୃତ୍ୟୁ ନାରୀ-ସୌଭାଗ୍ୟର ଗୌରବ-ମୁକୁଟ, ତାହା ନାରୀର ବାଞ୍ଛନୀୟ । ସତୀ ସାଧ୍ୱୀ ମହାପାତ୍ରଙ୍କ ସ୍ତ୍ରୀ ଆରାଧ୍ୟ ଦେବତା ସ୍ୱାମୀଙ୍କ ମୁଖକୁ ଥରେ ସହାସ୍ୟ ବଦନରେ ଚାହିଁ ଦେଇ ନୀରବରେ ଶେଷ ବିଦାୟ ଘେନି ଚକ୍ଷୁ ବୁଜି ଅନନ୍ତ ଉତ୍ସବମୟ ସ୍ୱର୍ଗକୁ ଚାଲିଗଲେ । ପତ୍ନୀବିୟୋଗରେ ମହାପାତ୍ରେ ଚତୁର୍ଦ୍ଦିଗ ଅନ୍ଧକାର ଦେଖିଲେ । ତାଙ୍କର ପ୍ରାଣ ମଚକିଗଲା ଏବଂ ହୃତପିଣ୍ଡର କ୍ରିୟା ବିଶୃଙ୍ଖଳ ହୋଇଗଲା । ନିଃସଙ୍ଗ ନିଃସହାୟ ଜୀବନ ହାହାକାରରେ ପରିପୂର୍ଣ୍ଣ ହେଲା । ସେ ଝୁରି ଝୁରି ଅସ୍ଥିଚର୍ମସାର ହେଲେ । ତାଙ୍କୁ

ଦେଖିଲେ ବୋଧହେଲା, ଯେମନ୍ତ ସେ ଶୋକ ମୂର୍ତ୍ତି ଧାରଣ କରିଅଛି । ଏହାପରେ କିଛି ଦିନ ଅତିବାହିତ ହେଲା । ସଂସାର ଅସାର ଏଠାରେ ସବୁ ଅସାର । ତାହାର ସୁଖ-ଦୁଃଖ ବା ହର୍ଷ ବିଷାଦ ଚିର ନୁହେଁ । ମହାପାତ୍ରଙ୍କ ଶୋକ ସୁଦ୍ଧା ଅଧିକ ଦିନ ରହିଲା ନାହିଁ, ପତ୍ନୀଙ୍କ ଦ୍ୱାଦଶାହ କ୍ରିୟା ପରେ ତାହା କ୍ରମେ କ୍ରମେ ମିଳାଇ ଆସିଲା । ଏ ସଂସାରରେ ଏହିପରି ଅପାତ ଶ୍ମଶାନବୈରାଗ୍ୟ ସମସ୍ତଙ୍କୁ ଆକ୍ରମଣ କରେ । ଶବର ମୁଖାଗ୍ନି ସଙ୍ଗେ ସଙ୍ଗେ ଶୋକର ମୁଖାଗ୍ନି ହୋଇଯାଏ । ଆଜୀବନ ସମ୍ପର୍କ କ୍ଷଣକ ମଧ୍ୟରେ ତୁଟିଯାଏ । ଧନ୍ୟ ନିର୍ମମ ସଂସାର । ଶୋକର ଏହି ବିସ୍ମୃତି ନ ଥିଲେ ମାନବ-ପ୍ରାଣ ତିଷ୍ଠିବା ବଡ଼ କଠିନ ହୁଅନ୍ତା । ସେଥି-ପାଇଁ ସଂସାର ଶୋକ ପଛେ ପଛେ ବିସ୍ମୃତି ଆନୟନ କରେ । ଶୋକ କାହିଁକି, ପୁଣି ଶୋକର ବିସ୍ମୃତି ବା କାହିଁକି, ଏ ଦୁରୂହ ରହସ୍ୟ କିଏ ଭେଦ କରିବ ? ମହାପାତ୍ରଙ୍କର ଦୁର୍ଦ୍ଦମନୀୟ ଶୋକ ଦେଖି ଅନେକେ ଭାବିଲେ, ବୋଧହୁଏ ସେ ବି ପତ୍ନୀଙ୍କ ପଛେ ପଛେ ମହାଯାତ୍ରା କରିବେ; ମାତ୍ର ତାହା ହେଲା ନାହିଁ, ସେ ଶୋକ ସହିଗଲେ । ମାନବ-ହୃଦୟ କି ବଜ୍ରକଠୋର ଉପାଦାନରେ ନିର୍ମିତ କେଜାଣି, ସେ ସବୁ ଆଘାତ ସହିପାରେ । ମହାପାତ୍ରଙ୍କର ଗୃହ ଶୂନ୍ୟ, ହୃଦୟ ଶୂନ୍ୟ, ଅନନ୍ତ ଆଶାକାଣ୍ଡ ଶୂନ୍ୟ । ସେ ଏହି ବିରାଟ ମହାଶୂନ୍ୟତା ଘେନି କାଳକ୍ଷେପଣ କରିବାକୁ ଲାଗିଲେ । ଆଉ ତାହା ନ କରି ବା ଗତି କଣ ଅଛି ? ମାନବ ତ ଅପର ହସ୍ତର କ୍ରୀଡ଼ା-ପୁତ୍ତଳି । କ୍ରୀଡ଼ାକାରୀ ତାକୁ ଯେତେବେଳେ ଯେଉଁ ଅବସ୍ଥାରେ ରଖିବ, ସେ ସେହି ଅବସ୍ଥାରେ ରହିବାକୁ ବାଧ୍ୟ । ଏହା ବ୍ୟତୀତ ତାହାର ସ୍ୱାଧୀନ ଇଚ୍ଛା ନାହିଁ ।

ବିପଦ ବିପଦର ଅନୁସରଣ କରେ । ବିପଦ ଯେତେବେଳେ ଆସେ, ଦୁହା ଦୁହା ହୋଇ ଆସେ । ଗୋଟିଏ କ୍ଷତର ଜଳାପୋଡ଼ା ବନ୍ଦ ନ ହେଉଣୁ ମହା-ପାତ୍ରଙ୍କ ହୃଦୟରେ ଆଉ ଗୋଟାଏ ପ୍ରଚଣ୍ଡ ଆଘାତ ଆସି ଲାଗିଲା । ସେ କ୍ଷତ ବଡ଼ ଗଭୀର, ଜ୍ୱାଳାମୟ । ଅଳ୍ପ-ଦିନ ପରେ ତାଙ୍କର ଜାମାତୃବିୟୋଗ ଘଟିଲା । ଦୁହି ମହାପାତ୍ରଙ୍କର ଅର୍ଦ୍ଧ-ସୁପ୍ତ ବ୍ୟଥା ପୁଣି ଜାଗିଉଠିଲା । ତାଙ୍କ ଆଶା-ମନ୍ଦିରର କ୍ଷୀଣ ଦୀପ-ଶିଖାଟି ଦପ୍ କରି ନିଭିଗଲା । ସେ ଥରେ ଅତୀତ ଆଡ଼କୁ ଫେରି ଚାହିଁଲେ । ଦେଖିଲେ—ତାଙ୍କର ସେ ସ୍ୱପ୍ନମୟ ଜୀବନ, ସେ ନିଶ୍ଚିନ୍ତ ଆନନ୍ଦ ଜୀବନ କେତେ ପଛରେ ରହିଲାଣି । ହାୟ, ସେଠାକୁ ଫେରି ଯିବାର ଯଦି କିଛି ଉପାୟ ଥାଆନ୍ତା, ତେବେ ସେ ଏ ଦୁଃସହ ଶୋକରୂପ ଅଗ୍ନି-ଶାର୍ଦ୍ଦୂଳ ମୁଖରୁ ରକ୍ଷା ଲଭନ୍ତେ । କିନ୍ତୁ ତାହା ଆକାଶ-କୁସୁମ । ତାଙ୍କର ଏହି ବାଲ୍ୟସ୍ମୃତି ଉପସ୍ଥିତ ଶୋକ-ଯଜ୍ଞର ଘୃତାହୁତି ହେଲା । ଅତଃପର ସେ ପୂର୍ଣ୍ଣାହୁତି ହେବେ । ତାଙ୍କ ନେତ୍ରରୁ ଅଶ୍ରୁପାତ ହେଲା ନାହିଁ । ଶୋକ ସୀମା ଲଙ୍ଘନ କରିଗଲେ ଅଶ୍ରୁନିର୍ଝର ଶୁଷ୍କ ହୋଇଯାଏ । ସେ ଏଥର ବେଶି ଅସ୍ଥିର ହେଲେ ନାହିଁ । ଦୁର୍ଭର ଶୋକ-ଶିଳା ହୃଦୟରେ ଚାପି ସ୍ଥିର ହୋଇ ରହିଲେ । କେବଳ ଗୋଟାଏ ଅଗ୍ନିବର୍ଷୀ ହୁତାଶ ନିଃଶ୍ୱାସ ତ୍ୟାଗ କରି କହିଲେ, "ପ୍ରଭୋ, ଏ କଣ କଲ ? ମୋର ଜୀବନର ଶେଷ ରେଖାଟି ସୁଦ୍ଧା ଉପାଡ଼ିଦେଲ ! ଦୁଃଖୀକୁ ଦୁଃଖ ଦେବାପାଇଁ ତୁମ୍ଭେ କି ଦୁଃଖ ଉପରେ ଦୁଃଖ ସଜାଡ଼ି ରଖିଥାଅ, ଭଗବାନ୍ ! ହାୟ ନାରାୟଣ, ପିତା ହୋଇ ମୁଁ ପ୍ରାଣାଧିକା ବାଳିକା କନ୍ୟାର ବିଧବା ବେଶ ଦେଖିବି । ସେ ଦୃଶ୍ୟ ଯେ ପିତୃ-ନେତ୍ରରେ ଅସହ୍ୟ । ସେ ଦୃଶ୍ୟର ଅନଳ ଉତ୍ତାପରେ ମୁଁ ଅନ୍ଧ ହୋଇଯିବି । ଏ ଦୃଶ୍ୟ ଦେଖାଇବା ଅପେକ୍ଷା ମୋତେ ପିତା କରି ନ ଥିଲେ ବରଂ ମୋ ପ୍ରତି ଅସୀମ କୃପା ପ୍ରଦତ୍ତ ହୋଇଥାଆନ୍ତା । ତୁମ୍ଭେ ମଙ୍ଗଳମୟ, ସ୍ୱୀୟ ସୃଷ୍ଟ ଜୀବନକୁ ଜାଳି ପୋଡ଼ି ମାରିବାଦ୍ୱାରା ତୁମ୍ଭର କି ମହା ମଙ୍ଗଳମୟ ଉଦ୍ଦେଶ୍ୟ ସାଧିତ ହୁଏ, ତାହା ତୁମ୍ଭେ ଜାଣ ପ୍ରଭୁ । ହାୟ, ମା ମୋର ନିରାଭରଣା କଙ୍ଗାଳୁଣୀ ବେଶରେ ଆସି ମୋ ଆଗରେ ଠିଆ ହେବ, ମୋ ଛାତି ଯେ ଫାଟି ଖଣ୍ଡ ଖଣ୍ଡ ହୋଇଯିବ, ଦୀନବନ୍ଧୁ ! ଅନାଥା ବାଳିକାର କି ଗତି ହେବ ହରି ! ତାହାର ଜନ୍ମ ଜୀବନ ଯେ ବୃଥା ହୋଇଗଲା । ସେ ଅଜ୍ଞାତ ବାଳିକା, ପାପ ପୁଣ୍ୟ ଜାଣେ ନାହିଁ । ହାୟ, କି ଅପରାଧରେ ତାହା ପ୍ରତି ଏ କଠୋର ଶାସ୍ତି ? ତୁମ୍ଭର ଏ ଅଗ୍ନିମୟ ଅଭିଶାପରେ

ବାଳିକାର କୋମଳ ହୃଦୟ ପୋଡି ଭସ୍ମ ହୋଇଯିବ । ଦୟାମୟ, ତୁମ୍ଭେ ଦଣ୍ଡଦାତା, ଆଉ ତୁମ୍ଭେହିଁ ଉଦ୍ଧାରକର୍ତ୍ତା । ତୁମ୍ଭେ ଦଣ୍ଡ ଦେଇଅଛ, ସେ ଦଣ୍ଡ ସହିବାର ଶକ୍ତି ତୁମ୍ଭେ ଏକା ଦେବ । ବାଳିକାର ଭଗ୍ନ ହୃଦୟରେ ବଳ ଦିଅ, ମନରେ ଧୈର୍ଯ୍ୟ ଦିଅ, ପ୍ରାଣରେ ଶାନ୍ତି ଦିଅ, ତାହାର ଅସ୍ଥିକୁ ନବବଳରେ ଗଢିଦିଅ । ସେ ଜୀବନର ସମସ୍ତ ଦୁଃଖ, ତାପ ଭୁଲିଯାଇ ତୁମ୍ଭର ପୁଣ୍ୟପୂତ ପାଦପଦ୍ମରେ ଆତ୍ମସମର୍ପଣ କରୁ, ଭବ-ଯନ୍ତ୍ରଣାଦଗ୍ଧ ଏ ବୃଦ୍ଧର, ଏ ଦୀନହୀନ ଭୃତ୍ୟର ସାଶ୍ରୁନେତ୍ରରେ ଏତିକି ସକାତର ମାଗୁଣି ପ୍ରଭୋ ।

# ଦ୍ୱିତୀୟ ପରିଚ୍ଛେଦ

ଜାନକୀ ଏଣିକି ପିତାଳୟରେ ବାସ କରୁଅଛି । ସେ ଅନାଥା । ପତି ଗୃହରେ ତାହାର ତତ୍ତ୍ୱ ନେବାକୁ କେହି ନାହିଁ । ଏଣେ ବାର୍ଦ୍ଧିକ ବୃଦ୍ଧ ପିତାଙ୍କୁ ଦେଖିବାକୁ କେହି ନାହିଁ । ସୁତରାଂ ମହାପାତ୍ରେ ଜାନକୀକୁ ଆଣି ପାଖରେ ରଖିଅଛନ୍ତି । ଜାନକୀ ଅସରନ୍ତି ଶୋକର ନିବିଡ଼ କାଳିମା ମୁଖରେ ବୋଳି ପିତୃଗୃହରେ ଉପସ୍ଥିତ ହୋଇ ଦେଖିଲା — ଶୂନ୍ୟ ଗୃହ ଖାଁ ଖାଁ ଡାକୁଅଛି । ଗୃହଗୁଡ଼ିକ ଯେପରି ଶୋକର ମଳିନ ମୂର୍ତ୍ତି ଧରି ନୀରବରେ କାନ୍ଦୁଅଛନ୍ତି । ଏହି ଗୃହରେ ଜନନୀ କୋଳରେ ସେ ପାଳିତା; ମାତ୍ର ସେ ସ୍ନେହମୟୀ ଜନନୀ ଆଉ ନାହାନ୍ତି । ଅଜ୍ଞାତରେ ଦୀର୍ଘ ନିଃଶ୍ୱାସ ସହ ଜାନକୀର କଣ୍ଠରୁ ବାହାରି ପଡ଼ିଲା—"ହାୟ, ମୋ ମା, କାହିଁ ?" ଗୃହର ଶୂନ୍ୟତା ଉତ୍ତର ଦେଲା, ସେ ନାହିଁ । ବାୟୁ ସାଇଁ ସାଇଁ ସ୍ୱରରେ କହିଲା—ସେ ନାହିଁ । ପତ୍ର ମର୍ମରଛଳରେ କହିଲା—ସେ ନାହିଁ । ସେହିପରି ହୃଦୟ ମଧ୍ୟରୁ ନୀରବ କରୁଣ ସ୍ୱରରେ କିଏ କହିଉଠିଲା—ସେ ନାହିଁ । ଗୃହରେ ସର୍ବତ୍ର ତାହାର ସ୍ମୃତି ରହିଅଛି—ପ୍ରତ୍ୟେକ ପଦାର୍ଥରେ ତାହାର ହସ୍ତ ଦେଖାଯାଉଅଛି; ମାତ୍ର ସେ ନାହିଁ । ଆଉ ତାହାର ସତ୍ତା ନାହିଁ, ଛାୟା ନାହିଁ, ଧ୍ୱଂସାବଶେଷ ପାଉଁଶ ସୁଦ୍ଧା ନାହିଁ । ସୁରୁପାଣୀର ପୁଣ୍ୟ ସଲିଳରେ ତାହା ମିଳାଇ ଯାଇଅଛି । ଜାନକୀ ଗୃହ ମଧ୍ୟରେ ଦୃଷ୍ଟି ସଞ୍ଚାଳନ କରି ଦେଖିଲା, କାନ୍ଥର ଏକ ସ୍ଥାନରେ ତାହାର ମାତୃହସ୍ତଅଙ୍କିତ ଧାନଶିଷା ଝୁଣ୍ଟି ଉଜ୍ଜ୍ୱଳ ଦିଶୁଅଛି । ବୃଦ୍ଧା ଧାନମାଣିକା ଉଷା ଉପଲକ୍ଷେ ପିଠଉ ପାଣିରେ ସେ ଝୁଣ୍ଟି ଲେଖିଥିଲେ । ସେ ଦୃଶ୍ୟ ଜାନକୀର ଚକ୍ଷୁକୁ ଖୁବ୍ ଜୋରରେ ଆଘାତ କଲା । ସେ ଆଉ ସମ୍ଭାଳି ପାରିଲା ନାହିଁ, ଭେଁ ଭେଁ କରି କାନ୍ଦି ପକାଇଲା । ତହିଁପରେ ସତର୍କ ଦୃଷ୍ଟିରେ ଚାରିଆଡ଼କୁ ଚାହିଁ ଦେଇ ଲୁଗାକାନିରେ ଲୁହ ପୋଛିପକାଇଲା । କାଳେ ପିତା ଆସି ତାହାର ଏ ଅବସ୍ଥା ଦେଖିପକାନ୍ତି, ତାହାହେଲେ କି ସେ ଧୈର୍ଯ୍ୟ ଧରିପାରିବେ ? ତାଙ୍କର ସୁପ୍ତ ଶୋକ ଯେ ପୁଣି ଜାଗିଉଠିବ । ଶୋକଜୀର୍ଣ୍ଣ ଶୀର୍ଣ୍ଣ ଶରୀରରେ ସେ କି ଏତେ ବ୍ୟଥା ସହିପାରିବେ ? ପ୍ରତିଜ୍ଞା କଲା, ସେ ଆଉ କାନ୍ଦିବ ନାହିଁ । ନ କାନ୍ଦିବ ପୁଣି କିପରି ? ପତିଶୋକ, ତହୁଁ ଉପରେ ମାତୃଶୋକ; ଯାହାର ଏତେ ବଡ଼ ଶୋକ, ସେ ନ କାନ୍ଦି ସ୍ଥିର ହେବ କିପରି ? ଲୋତକ ବ୍ୟତୀତ ତାହାର ହୃଦୟର ବଜ୍ରଭାର କିଏ ବା ଲଘୁ କରିପାରିବ ? ନା ନା, ସେ କାନ୍ଦିବ ଆଜୀବନ କାନ୍ଦିବ; ମାତ୍ର ପିତାଙ୍କ ଆଗରେ କାନ୍ଦିବ ନାହିଁ ।

ଦିନେ ବୃଦ୍ଧ କରୁଣ ଦୃଷ୍ଟିରେ କନ୍ୟାକୁ ଚାହିଁ କମ୍ପିତ ସ୍ୱରରେ କହିଲେ—"ମା, ଲକ୍ଷ୍ମୀଠାକୁରାଣୀଙ୍କ ପରି ତୋର ଏ ସୁନ୍ଦର ହାତକୁ ମୁଁ ଏପରି ଅଲକ୍ଷଣ, ଶ୍ରୀହୀନ ଦେଖିପାରିବି ନାହିଁ । ତୋର ଏ ବେଶ ଦେଖି ମୋ ହୃଦୟ ଭିତରେ ସମୁଦ୍ର ମନ୍ଥନ ହେଉଛି । ହୃଦୟଟା ବାହାରକୁ ଥିଲେ, ତାହା ସମସ୍ତେ ଦେଖିପାରନ୍ତେ; ମାତ୍ର କଥାରେ ସେ ବ୍ୟଥା କହିହେବ ନାହିଁ । ମୋର

କଲିକା ଖଣ୍ଡ ଖଣ୍ଡ ହୋଇ ଛିଡ଼ିପଡୁଛି । ମା, ମୋର ଗୋଟିଏ କଥା ତୁ ରକ୍ଷାକରିବୁ ? କହ, ତୋର ବୃଦ୍ଧ ପିତାର କଥା ରକ୍ଷା କରିବୁ ?” ଜାନକୀ କିଛି ବୁଝି ପାରିଲା ନାହିଁ । ଆର୍ଦ୍ର ନେତ୍ରରେ ପିତାଙ୍କ ମୁହଁକୁ ଚାହିଁ କହିଲା, ‘ବାବା !’

ବୃଦ୍ଧ—ମା !

ଜାନକୀ—ତୁମ୍ଭର କି ଆଦେଶ ଏ ଅଭାଗୀକୁ ପାଳନ କରିବାକୁ ହେବ ? ସାଧ୍ୟ ହେଲେ ତାହା ଅବଶ୍ୟ ପାଳିବି । ପିତୃଆଜ୍ଞା ପାଳନରେ ସନ୍ତାନ କି ବେବେ ବିମୁଖ ହୁଏ ବାବା ?

ବୃଦ୍ଧ—ମା, ମୁଁ ଏତିକି କହୁଛି ଯେ, ତୁ ହାତରେ ଚୂଡ଼ୀ, ବଳା ପିନ୍ଧିବୁ । ଆମ କରଣ ଜାତିରେ ସେପରି ହୁଏ । ବିଳ ବିଧବାମାନେ ( ହାୟରେ କପାଳ, ଏ ଅମଙ୍ଗଳ ଶବ୍ଦ ପୁଣି ଉଚ୍ଚାରଣ କରିବାକୁ ହେଲା ! ଛିଡ଼ି ଯାଉ ରେ ନିଷ୍ଠୁର ଜିହ୍ୱା । ) ଶଙ୍ଖା, ଶାଢ଼ୀ, ସିନ୍ଦୂର ଛଡ଼ା ଆଉ ସବୁ ପିନ୍ଧନ୍ତି । ତୁ ତ ପିଲାଟା, ତୋର ତ ଏହି ମାଘ ପାଖରୁ କୋଡ଼ିଏ ବର୍ଷ ପୂରିଲା ।

ଜାନକୀ—( କିଛିକ୍ଷଣ ମୌନ ରହି ) ବାବା, ତୁମେ ମୋର ପିତା, ପରମ ଦେବତା, ତୁମ ଆଜ୍ଞା ମୋର ଶିରୋଧାର୍ଯ୍ୟ । ତୁମ ଆଜ୍ଞାପାଳନରେ ଯଦି ମୋର ପ୍ରାଣବ୍ୟୟ ହୁଏ, ତେବେ ତାହା ମୋ ପକ୍ଷରେ ଗୌରବ କଥା; ମାତ୍ର ତୁମର ଏ ଆଦେଶଟି ପାଳନ କରିପାରିବି ନାହିଁ । ଏ ଦୁଃଖିନୀ କନ୍ୟାର ଅପରାଧ କ୍ଷମାକର ବାବା । ଯାହାର ସବୁ ଗଲା, ତାହାର ଆଉ ତୁଚ୍ଛ ଅଳଙ୍କାର କି ଖଣ୍ଡ ପିନ୍ଧି କଣ ହେବ ? ବିଧାତା ମୋ କପାଳରୁ ସିନ୍ଦୂର ଗାର ପୋଛି ଦେଇଛି, ତାହା ସିନା ନାରୀର ପ୍ରଧାନ ଭୂଷଣ ଆଉ ସୌଭାଗ୍ୟର ଚିହ୍ନ । ତାହା ଛଡ଼ା ସହସ୍ର ଅଳଙ୍କାରରେ ଲାଭ କଅଣ ? ଛଦ୍ମବେଶ ସାଜି ନିଜକୁ ବିକୃତ କରିବାରେ କିଛି ଫଳ ନାହିଁ ବାବା । ଆଉ କାହାପାଇଁ ବା ବେଶ ? ଛି, ବିଧବାର ପୁଣି ରୂପ ଆଉ ବେଶ, ତାହା ନିଜକୁ ନିଜେ ପରିହାସ କଲାପରି ସିନା । ବେଶ ମୋ ପକ୍ଷରେ ସୁଖକର ହେବନାହିଁ ବାବା, ଦୁଃଖର ଅଗ୍ନିକୁଣ୍ଡ ପରି ହେବ । ଅଳଙ୍କାରର ସାଧ ମୋର ଆଉ ନାହିଁ, ଏକାନ୍ତ ସଙ୍କାଶେ ତାହା ଚିତାନଳରେ ଭସ୍ମ ହୋଇଯାଇଛି । ମୁଁ ବିଧବା, ବ୍ରହ୍ମଚର୍ଯ୍ୟ ମୋର ଧର୍ମ, ମୁଁ ସେହି ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ତୁମର ପବିତ୍ର ପଦସେବାରେ ନିଯୁକ୍ତ ରହିଲେ ନିଜକୁ ସୌଭାଗ୍ୟବତୀ ମଣିବି । ପିତୃପଦ ସେବାରେ ମୁଁ ଜୀବନର ସବୁ ଶୋକ, ତାପ, ଦୈନ୍ୟ ସହଜରେ ଭୁଲିପାରିବି । ତୁମ୍ଭର ପଦାର୍ଚ୍ଚନା ତୁମ୍ଭ ଦୁର୍ଭାଗିନୀ କନ୍ୟାପକ୍ଷରେ ଚତୁର୍ବର୍ଗ ଲାଭ । “ପିତା-ସ୍ୱର୍ଗଃ ପିତା ଧର୍ମଃ ପିତା ହି ପରମନ୍ତପଃ; ପିତରି ପ୍ରୀତି-ମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ”, ଏ ଉପଦେଶ ମୁଁ ତୁମ୍ଭର ପଦ-ପ୍ରାନ୍ତରେ ବସି ତୁମ୍ଭଠାରୁ ଶିଖିଛି, ବାବା ! ତୁମ୍ଭର କନ୍ୟା ବିଳାସିନୀ ନୁହେ, ଆମୋଦପ୍ରିୟା ନୁହେ ସେ ତପସ୍ୱୀ ପିତାର ତପସ୍ୱିନୀ କନ୍ୟା । ଏଣିକି ସତ୍ୟ, ଧର୍ମ, ସାଧୁତା ଏବଂ ପିତୃପୂଜା ମୋର ସ୍ୱାର୍ଗୀୟ ମାଣିକ୍ୟଖଚିତ, ମହାର୍ଘ୍ୟ ଅଳଙ୍କାର ହେଉ, ଏହି ଆଶୀର୍ବାଦ କର, ପିତା । ତୁମ୍ଭର ଅମୋଘ ଆଶୀର୍ବାଦ ମୋ ପକ୍ଷରେ ଭାଗ୍ୟଦେବତାର ବର ସ୍ୱରୂପ । ମୋ ପାଇଁ ତୁମ୍ଭେ କିଛି ଚିନ୍ତା କର ନାହିଁ; ତୁମ୍ଭର ପଦସେବା କରି ମୁଁ ପରମାନନ୍ଦରେ କାଳ କ୍ଷେପଣ କରିପାରିବି ।”

ବୃଦ୍ଧ ଅଧୀର ଆନନ୍ଦରେ କନ୍ୟାର ମସ୍ତକ ବକ୍ଷରେ ଚାପିଧରି ଗଦ୍‌ଗଦ ସ୍ୱରରେ କହିଲେ—“ମା, ତୁ ଯାହା କହିଲୁ, ତାହା ଅକ୍ଷରେ ଅକ୍ଷରେ ସତ । ଭଗବାନ୍ ତୋତେ ସେହି ସୁବୁଦ୍ଧି ଦେଉନ୍ତୁ ମା । ତୁ ଦେବୀ ମାତାର ଦେବୀ କନ୍ୟା । ଏଭଳି ଜ୍ଞାନ, ଏଭଳି ସଂଯମ କେବଳ ତୋହରିଠାରେ ସମ୍ଭବ, ମା ! ତୋର ମହତ୍ତ୍ୱଗର୍ଭ ବାକ୍ୟ ଶୁଣି ମୁଁ ତୋର ପିତା ବୋଲି ଗର୍ବ-ଗୌରବ, ଅନୁଭବ କରୁଅଛି । ମଙ୍ଗଳମୟ ବିଧାତା ମୋତେ ଜନ୍ମେ ଜନ୍ମେ ତୋପରି ଗୁଣବତୀ, ପୁଣ୍ୟପ୍ରାଣା କନ୍ୟା ପ୍ରଦାନ କରନ୍ତୁ, ତାଙ୍କ ଶ୍ରୀଚରଣରେ ମୋର ଏହି ଭିକ୍ଷା ।” ବୃଦ୍ଧ ସବୁ ଶୋକ, ତାପ ଦୁଃସ୍ୱପ୍ନ ପରି ଭୁଲିଗଲେ । ଆନନ୍ଦାଶ୍ରୁରେ ତାଙ୍କର ବକ୍ଷ ପ୍ଲାବିତ ହୋଇଗଲା । କନ୍ୟାର ନେତ୍ର ସୁଦ୍ଧା ନୀରଶୂନ୍ୟ ନଥିଲା । ପୁଣ୍ୟାଶ୍ରୁରେ ପୁଣ୍ୟାଶ୍ରୁ ମିଶ୍ରିତ ହେଲା । ସେହି ଅଶ୍ରୁ-ଗଙ୍ଗାରେ ଉଭୟ ହୃଦୟର ଶୋକ, କଳୁଷ ଧୋଇ ହୋଇଗଲା ।

ଜାନକୀ ପିତୃଗୃହରେ ସୁଖେ ଦୁଃଖେ କାଳହରଣ କରୁଅଛି । ସେ ବିଧବା, ପୁଣି ନିରପତ୍ୟା । ସଂସାରରେ ତାହାର କୌଣସି ବନ୍ଧନ ନାହିଁ । ସେ ଏବେ ମୁକ୍ତା ନିରୁଦ୍ଦେଶ୍ୟ ଭାବରେ ନିଜର ଦେହ-ତରୀ କାଳ-ସାଗରରେ ଭସାଇ ଦେଇଅଛି । ତାହାର କୌଣସି ଆଶା ନାହିଁ, ଆକାଙ୍କ୍ଷା ନାହିଁ, ସେ ଉଦାସୀନ ଭାବରେ କାଳ ଯାପନ କରୁଅଛି । ପରମାୟୁ ଅଛି; ସୁତରାଂ ବଞ୍ଚି-ରହିବାକୁ ହେବ, ସେ ଏହି ଭାବ ଧରି ବଞ୍ଚି ରହୁଅଛି । ନଚେତ୍ ଜୀବନର ଲକ୍ଷ୍ୟ କିଛି ନାହିଁ । ଜାନକୀ ଏବେ ଗୈରିକ ବସ୍ତ୍ର ଛଡ଼ା ଅନ୍ୟ ବସ୍ତ୍ର ପରିଧାନ କରେନାହିଁ । ତାହାର ନବୋଦ୍ଭିନ୍ନ ଯୌବନର ଲାବଣ୍ୟଶ୍ରୀ ସେହି ଗୈରିକ ବସ୍ତ୍ର ଭେଦ କରି ଫୁଟିପଡ଼େ । କଣ୍ଠରେ ତୁଳସୀମାଳୀ ବ୍ୟତୀତ ତାହା ଶରୀରରେ କପର୍ଦ୍ଦକ ମୂଲ୍ୟର ଅଳଙ୍କାର ନାହିଁ । ତଥାପି କି ଚମତ୍କାର ସୌନ୍ଦର୍ଯ୍ୟ ! ଯେପରି ସୌନ୍ଦର୍ଯ୍ୟ ତାହାକୁ ଆଶ୍ରୟ କରି ମୂର୍ତ୍ତି ଧାରଣ କରିଅଛି । ଗୈରିକ ବସନରେ ଆବୃତ ହୋଇ ସେ ଯୁବତୀ ଯୋଗିନୀ ପ୍ରାୟ ଦେଖାଯାଏ । ବର୍ଣ୍ଣ ଉଜ୍ଜ୍ୱଳ ଗୌର, ବଦନରେ ତୃପ୍ତିର ମୃଦୁହାସ, କପାଳରେ ଗଙ୍ଗାମୃତ୍ତି-କାର ଚିତା, ଆହା, ଯେପରି ବରଦା ଦେବୀମୂର୍ତ୍ତି କିମ୍ବା ସ୍ନେହମୟୀ ମାତୃମୂର୍ତ୍ତି । ସେ ପୁଣ୍ୟୋଜ୍ଜ୍ୱଳ ମୂର୍ତ୍ତି ଦେଖିବା ମାତ୍ରେ ଭକ୍ତିରେ ଶିର ସ୍ୱତଃ ଅବନତ ହୋଇଆସେ । ବିଧବା ହେଲା ଦିନୁ ତୈଳ ଦର୍ପଣ ତାହାର ଅଙ୍ଗ ସ୍ପର୍ଶ କରିନାହିଁ । ପାନ ନ ଖାଇ ସେ ହରିତକୀ ଖାଏ । ଏଣିକି ତାହାର ଜୀବନର ସ୍ରୋତ ନୂତନ ଭାବରେ—ପବିତ୍ର ଭାବରେ ପ୍ରବାହିତ ହେଉଅଛି । ପୂର୍ବଦ୍ୱାରର ହୈମ କବାଟ ଫାଙ୍କରେ ପଙ୍କଜପାଟଳା ଶୂନ୍ୟସୁନ୍ଦରୀ ଊଷାର ଅଞ୍ଚଳାଗ୍ର ଦେଖାଯିବା ପୂର୍ବରୁ ଜାନକୀ ଶଯ୍ୟା ତ୍ୟାଗ କରେ । ପ୍ରଥମତଃ ଅଗଣାରେ ଗୋବର ପାଣି ପକାଇ ପରେ ଘର ବାହାର ପୋଛାଇଦିଏ । ପିତାଙ୍କର ପୂଜାବାସନ ଏବଂ ଘରର ବାସନ ମାଜି ଧୋଇ ପରିଷ୍କାର କରି ରଖିଦିଏ । ଚୁଲିଛଡ଼ା ଦେଇସାରି ଗୁହାଳ ପରିଷ୍କାର କରେ । ଅନ୍ଧାର ଥାଉଁ ଥାଉଁ ପିତାଙ୍କ ପାଇଁ ଦାନ୍ତ-କାଠି, ପାଣିଲୋଟା ପିଣ୍ଡାରେ ଥୋଇ ଦେଇ ସ୍ନାନ କରିବାକୁ ଯାଏ । ଫେରି ଆସିବାବେଳେ ଗୋଟିଏ କଅଁଳ ଦୁବଘାସ ଛିଣ୍ଡାଇ ଆଣେ । ତୁଳସୀ ଚଉଁରାରେ ପାଣି ଦେଇ ତୁଳସୀ ମୂଳରୁ ଟିକିଏ ମାଟି ନେଇ ମୁଣ୍ଡରେ ଲଗାଏ । ତହିଁ ପରେ ଆଣିଥିବା ଘାସ ଗୋରୁ ପାଟିରେ ଖୁଆଇ ଦେଇ ହାତ ଯୋଡ଼ି ଦଣ୍ଡବତ କରେ । ଲୁଗା ପାଲଟି ଏଣେତେଣେ ଟିକିଏ କଅଣ ଦେଖା ଦେଖି କରି ପିତାଙ୍କ ତଳ୍ପ ନେଇ ପୂଜାରେ ବସିଥାଏ । ପୂଜା ଆଡ଼ମ୍ବର ସହ ହୁଏ । ଜଗନ୍ନାଥଙ୍କର ଖଣ୍ଡିଏ ଚିତ୍ରପଟକୁ ଫୁଲ, ଚନ୍ଦନ, ତୁଳସୀପତ୍ରରେ ପୂଜା କରେ । ପୂଜା-ଶେଷରେ ଜଗନ୍ନାଥାଷ୍ଟକ ଆବୃତ୍ତି କରି ଅଧ୍ୟାଏ ଭାଗବତ ଗାଏ । ପୂଜାରୁ ଉଠିଲାବେଳକୁ ବେଳ ପ୍ରହରେ ହୋଇଯାଇଥାଏ । ତହୁଁ ସେ ରୋଷାଇ କରିବାକୁ ଯାଏ । ଯଥାସମୟରେ ରାନ୍ଧି ବାଢ଼ି ପିତାଙ୍କୁ ଖୁଆଇ ସେହି ପାତ୍ରରେ ପିତୃପ୍ରସାଦ ସେବାକରେ । ଖାଇସାରି ଘଡ଼ିଏ ବିଶ୍ରାମ କରେ । ନାମ ମାତ୍ର ବିଶ୍ରାମ; କିନ୍ତୁ ହାତ ଲାଗିଥାଏ । କେଉଁ ଦିନ ଚୂଲାପିଣ୍ଡା, କେଉଁ ଦିନ ପାଞ୍ଚି ବଳା, କେଉଁ ଦିନ ସୂତା କଟା, ଏହିପରି କୌଣସି ଗୋଟାଏ କାର୍ଯ୍ୟର ଆଶ୍ରୟରେ ବିଶ୍ରାମ କରେ । ବର୍ଷ-ଯାକର ସୂତାରେ ପାଞ୍ଚଖଣ୍ଡ ଗାମୁଛା ବୁଣାଇ ବୈଶାଖ ସଂକ୍ରାନ୍ତି ଦିନ ପାଞ୍ଚ ଜଣ ଗରିବ ବ୍ରାହ୍ମଣଙ୍କୁ ଦାନକରେ । ପୁରୁଣା ଲୁଗାରେ କନ୍ଥା ସିଇଁ ରଖିଥାଏ, ଶୀତକାଳରେ ଦୁଃଖୀ ରଙ୍କୀ ଲୋକଙ୍କୁ ଦିଏ । କାଇଁଶରେ ଡାଲା ବୁଣି ଫୁଲ ତୋଳିବା ପାଇଁ ପ୍ରତି ଠାକୁର ବାଡ଼ିକୁ ଗୋଟାଏ ଗୋଟାଏ ପଠାଇଦିଏ । ବିଶ୍ରାମ ପରେ କେବେ ରାମାୟଣ, କେବେ ମହାଭାରତ, କେବେ ହରିବଂଶ, କେବେ ବା ଭାଗବତ ପାଠକରେ । ଜାନକୀ କେତେବେଳେ ଖାଲି ବସି ରହେ ନାହିଁ । ପରିଶ୍ରମକୁ ସବୁବେଳେ ଚରିତ୍ରର ପ୍ରହରୀ ନିଯୁକ୍ତ କରି ରଖିଥାଏ । ସେ କହେ ସବୁ ବେଳେ କାମ ପାଇଟିରେ ଲାଗିଥିଲେ ମନ ସେହିଥିରେ ଅଟକି ରହେ ଆଉ କିଛି ଭାବିବାକୁ ତର ପାଏ ନାହିଁ । ଜାନକୀ ସେବା-ବ୍ରତରେ ଆତ୍ମ ସମର୍ପଣ କରିଅଛି । ଦେବସେବା, ପିତୃସେବା, ଗୋସେବା, ଅତିଥିସେବାରେ ତାହାର ଦିନ ଆନନ୍ଦରେ କଟିଯାଉଅଛି । ସେବାରେ ସେ ଆହାର-ନିଦ୍ରା ଭୁଲିଯାଏ । ପ୍ରତ୍ୟହ ମଧ୍ୟାହ୍ନ ଏବଂ ସନ୍ଧ୍ୟା

ସମୟରେ ପିତାଙ୍କର ପାଦସେବା କରେ । ଏହି ସେବା ତାହାର ନାରୀଗୌରବର ସର୍ବଶ୍ରେଷ୍ଠ ସମ୍ପଦ । ନିଜ ଖାଦ୍ୟର ଆଡ଼ମ୍ବର ନାହିଁ । ଟିକିଏ ସାଗ କିମ୍ବା ଫୁଟେ ତେନ୍ତୁଳି ହେଲେ ଯଥେଷ୍ଟ ; ମାତ୍ର ଅତିଥି ଅଭ୍ୟାଗତ ବେଳକୁ ନଅ ଭୁଣ ଛ ଭଜା । ସାଇପଡ଼ିଶା ସମସ୍ତେ ଜାନକୀକୁ ଭଲ ପାଆନ୍ତି, ସମସ୍ତେ ତାହା ଗୁଣରେ ମୁଗ୍ଧ । ସମସ୍ତେ କହନ୍ତି—"ଆହା, କପାଳ ଫାଟିଗଲା ସିନା, ହେଲେ ଝିଅ ହୁଏ ସେ, ରତ୍ନମୁଣ୍ଡାଏ । ସେପରି ସାକ୍ଷାତ ଲକ୍ଷ୍ମୀ ପ୍ରତିମା । ଗର୍ବ ନାହିଁ, ଅହଙ୍କାର ନାହିଁ, ସ୍ତ୍ରୀଚରିତ-ସୁଲଭ ପରଚର୍ଚ୍ଚା ନାହିଁ; ବିଧାତା ତାକୁ ସୁନା ମୁଣ୍ଡାକରେ ଗଢ଼ିଛି । କି ଦୟା, କି ସ୍ନେହ; ସେପରି ସ୍ନେହ, ଦୟା ମନୁଷ୍ୟର ହୋଇ ପାରେ ନାହିଁ । ଅଧିକ ଲଜ୍ଜାରେ ତ ଲାଜକୁଳୀ ଲତା । ଧର୍ମକର୍ମରେ ପଛାନ୍ତର ନାହିଁ କେଉଁ ଉଷା, ବାର, ବ୍ରତ ତାହାର ଛାଡ଼ ଯାଏ ନାହିଁ; ଭିକାରୀମାନେ ଜାନକୀକୁ ମା ଅନ୍ନପୂର୍ଣ୍ଣା ବୋଲି ଡାକନ୍ତି । ତାହା ହାତରୁ ମୁଠାଏ ପାଇଲେ ନିଜକୁ କୃତାର୍ଥ ମଣନ୍ତି ।"

ମହାପାତ୍ରେ କନ୍ୟାର ସେବା ଶୁଶ୍ରୂଷାରେ ସନ୍ତୁଷ୍ଟ ଥାଆନ୍ତି । କିନ୍ତୁ ତାଙ୍କର ସ୍ୱଭାବ ଟିକିଏ ଭିନ୍ନ ପ୍ରକାର ଧାରଣ କରିଅଛି । ବୃଦ୍ଧ ଆଘାତ ଉପରେ ଆଘାତ ସହି ସଂସାର ପ୍ରତି କିଞ୍ଚିତ ବିତୃଷ୍ଣ ହୋଇଉଠିଛନ୍ତି । ଅନେକ ସମୟରେ ଅକାରଣରେ ତାଙ୍କର ପିତ୍ତ ଉପରକୁ ଉଠିଯାଏ । କୌଣସି କାର୍ଯ୍ୟରେ ଆଉ ପୂର୍ବ ପରି ଉତ୍ସାହ ନାହିଁ । ଧାନ ଏବଂ ଟଙ୍କା ମହାଜନୀ ବିସ୍ତୃତ ଭାବରେ ଚାଲିଥିଲା, ଏଣିକି ତାହା କ୍ରମେ ସଙ୍କୁଚିତ ହୋଇ ଆସିଲାଣି । ଏକାବେଳକେ ବନ୍ଦ କରିଦେଲେ ପୂର୍ବ-କୃତ ଋଣ ଅଦାୟ ହେବ ନାହିଁ; ସୁତରାଂ ଅଳ୍ପ ଅଳ୍ପ ଋଣ ଦେବାକୁ ପଡୁଅଛି । ବୃଦ୍ଧ ସାମାନ୍ୟ କଥାରେ ପ୍ରଚଣ୍ଡରୂପେ ରାଗି ଉଠନ୍ତି; ମାତ୍ର ମୁହୂର୍ତ୍ତକେ ସେ କ୍ରୋଧ ଶାନ୍ତି ହୋଇଯାଏ । ବର୍ଷା ରାତିରେ ଜ୍ୟୋସ୍ନା ପରି ସେ କ୍ଷଣକେ ମୁହଁ ଭୁଷୁଣ୍ଡା କରନ୍ତି ଏବଂ କ୍ଷଣକେ ହସି ଉଠନ୍ତି । ସେ ଅତି ସ୍ନେହ ସମ୍ବଳିତ ମଧୁର ବଚନ ପୂର୍ବ ପରି ପ୍ରୟୋଗ କରନ୍ତି ନାହିଁ । ବଚନ ରୁକ୍ଷ ଏବଂ ପ୍ରଖର । ବୃଦ୍ଧ ପ୍ରାତଃକାଳରୁ ଉଠି ପ୍ରାତଃକୃତ୍ୟ ସମାପନ ପୂର୍ବକ ବାଡ଼ି ଖଣ୍ଡିଏ ହାତରେ ଧରି ଗ୍ରାମର ହାଲଚାଲ ବୁଝିବା ନିମନ୍ତେ ଗୃହରୁ ବହିର୍ଗତ ହୁଅନ୍ତି । ସମସ୍ତଙ୍କର ଆପଦ ବିପଦ, ଅଭାବ-ଅସୁବିଧା ବୁଝି ଯଥାଶକ୍ତି ପ୍ରତିକାର କରନ୍ତି । ପୀଡ଼ିତକୁ ସାନ୍ତ୍ୱନା ପ୍ରଦାନ କରନ୍ତି । ଗ୍ରାମର ସମସ୍ତେ ତାଙ୍କଦ୍ୱାରା ଉପକୃତ; ସୁତରାଂ ସମସ୍ତେ ତାଙ୍କୁ ଶ୍ରଦ୍ଧା ଭକ୍ତି କରନ୍ତି । ସେ ନ କହିଲେ ସୁଦ୍ଧା କେହି କେହି ଆପେ ଆପେ ଆସି ତାଙ୍କ ଘରେ ପାଞ୍ଚ ପାଇଟି କରି ଦେଇଯାଆନ୍ତି । ମହାପାତ୍ରେ ସମସ୍ତଙ୍କ ହାନିଲାଭ ବୁଝାଇ ନିଅନ୍ତି । ସ୍ଥଳ ବିଶେଷରେ ଅର୍ଥ ସାହାଯ୍ୟ ମଧ୍ୟ ପ୍ରଦାନ କରନ୍ତି । ଏଥିପାଇଁ ଗ୍ରାମରେ ତାଙ୍କର ଗୋଟାଏ ବିପୁଳ ଗୌରବ ଅଛି । ସେ ଗ୍ରାମ ପରିଦର୍ଶନରୁ ଫେରି ଆସି ସ୍ନାନାହାରପୂର୍ବକ ଶୟନ କରନ୍ତି । ଜାନକୀ ତାଙ୍କର ଗୋଡ଼ ମୋଡ଼ିଦିଏ । ଦିନେ ଦିନେ ନ ଶୋଇ ପୁରାଣ ପଢ଼ିବା ପାଇଁ କନ୍ୟାକୁ ଆଦେଶ କରନ୍ତି । ଜାନକୀ ରାମାୟଣ କିମ୍ବା ମହାଭାରତ ଆଣି ପଢ଼େ । ବୃଦ୍ଧ ଅବହିତ ଚିତ୍ତରେ ଶୁଣନ୍ତି । ବେଳ ଗଡ଼ିଲେ ପୋଡ଼ା ପିଠା ଏବଂ ଦୁଧ ଜଳଖିଆ କରି ବଙ୍ଗଳାରେ ବସି ଖାତକମାନଙ୍କ ନିକଟରୁ ପାଉଣା ଆଦାୟ କରନ୍ତି ଏବଂ ହାରିଫେରାଦ ବୁଝନ୍ତି । ପୁନଅାଁ ଦିନ ତାଙ୍କର ନୂଆ ଖାତା ହୁଏ । ଯାହାର ଦଶ ଟଙ୍କା ସୁଧ ହୋଇଥାଏ, ତାକୁ ପାଞ୍ଚ ଟଙ୍କା ଛାଡ଼ ଦେଇ ବାକୀ ପାଞ୍ଚ ଟଙ୍କା ଆଦାୟ କରନ୍ତି, ଯାହାର କୋଡ଼ିଏ ପୁଡ଼ା ଧାନ ହୋଇଥାଏ, ତାକୁ ଦଶ ପୁଡ଼ା ଛାଡ଼ିଦିଅନ୍ତି । ଉତ୍ତମର୍ଣ୍ଣସୁଲଭ ଜଳୌକାଶୋଷଣ ନୀତି ତାଙ୍କର ନାହିଁ । ତାଙ୍କ ଋଣ ଖାତକଙ୍କୁ ବାଧେ ନାହିଁ । ଏହି ହେତୁ ତାଙ୍କୁ ସମସ୍ତେ ପ୍ରଶଂସା କରନ୍ତି । ପାଠ କହନ୍ତି—"ଯାହାର ଲୁଣ ଖାଇ, ତାହାର ଗୁଣ ଗାଇ ।" ଏଣିକି ପୂଜା, ଜପ, ଧ୍ୟାନ ଏବଂ ଶାସ୍ତ୍ରପାଠାଦିରେ ତାଙ୍କର ଅଧିକାଂଶ ସମୟ ଅତିବାହିତ ହୁଏ ।

# ତୃତୀୟ ପରିଚ୍ଛେଦ

ଜାନକୀ ବୃଦ୍ଧ ପିତାର ପ୍ରାଣର ପ୍ରହରୀ ହୋଇଅଛି । ତାଙ୍କର ସ୍ୱାସ୍ଥ୍ୟ ପ୍ରତି ତାହାର ସର୍ବଦା ସତର୍କ ଦୃଷ୍ଟି ଅଛି । ତାହାର ପ୍ରାଣର ସମସ୍ତ ସ୍ନେହ, ମାୟା, ଭକ୍ତି, ପ୍ରୀତି ସେ ପିତୃପଦରେ ଅଜାଣି ଦେଇଅଛି, ଯେମନ୍ତ କି ସେ ଏଣିକି ଏହି ଶୋକଜର୍ଜ୍ଜର ବୃଦ୍ଧର ମା ହୋଇ ପଡିଅଛି । ତାହାର ବୁଢା ପୁଅଟିକୁ ସେ ନଦେଖିଲେ ଆଉ କିଏ ଦେଖିବ ? ବୃଦ୍ଧ ତାଙ୍କର ଏହି ବାଳିକା ଜନନୀଟିର ସେବା ଯତ୍ନରେ ଏକ ପ୍ରକାର ଆରାମରେ ଅଛନ୍ତି । ସନ୍ତାନ ଜନନୀର ଶାସନ ମାନିଲା ପରି ସେ କନ୍ୟାର ଶାସନରେ ସମସ୍ତ କାର୍ଯ୍ୟରେ ନିୟମ ରକ୍ଷା କରିବାକୁ ଅଭ୍ୟସ୍ତ ହୋଇପଡିଅଛନ୍ତି ।

ବୈଶାଖର ମଧ୍ୟାହ୍ନ-ସୂର୍ଯ୍ୟ ମଧ୍ୟାକାଶରେ ରହି କ୍ରୁଦ୍ଧ ଦୁର୍ବାସାର ଅଗ୍ନି-ନେତ୍ରରେ ପୃଥିବୀକୁ ଚାହିଁଅଛନ୍ତି, ଯେପରି କି ଆଗ୍ନେୟ ଚୁଲୁଣୀରେ କିଏ ଉପରୁ ଅଗ୍ନି ଗୁଣ୍ଡି ଢାଳିଦେଉଅଛି । ଖରାକୁ ଚାହିଁ ହେଉନାହିଁ । ସର୍ବତ୍ର ଅଗ୍ନିଶାର୍ଦ୍ଦୂଳ ଅନଳଶିଖା ପାନକରି ଭୁଲିଲା ପ୍ରାୟ ବୋଧ ହେଉଅଛି । ସୃଷ୍ଟି ନିସ୍ତବ୍ଧ, ପବନ ନିରୁଦ୍ଧ; ଭୀଷଣ ଗୁଳଗୁଳରେ ଦେହ ଫାଟି ଯାଉଅଛି । ପଶୁଏ ବୃକ୍ଷମୂଳରେ ଏବଂ ପକ୍ଷୀମାନେ ଡାଳରେ ଆଶ୍ରୟ ନେଇ ଶାନ୍ତ ଛାଟିପିଲା ପ୍ରାୟ ନୀରବରେ ବିଶ୍ରାମ କରୁ-ଅଛନ୍ତି । ବୃକ୍ଷମାନେ ସେମାନଙ୍କ ଉପରେ ଛାୟା-ପଣତ ଘୋଡାଇଦେଇ ମାତୃସ୍ନେହର ଦୃଷ୍ଟାନ୍ତ ପ୍ରଦର୍ଶନ କରୁଅଛନ୍ତି । ଜଳର ଅଭାବ, କଣ୍ଠରେ ମରୁଭୂମିର ତୃଷା; ଜନ୍ତୁସମୂହ ଛଟପଟ ହେଉଅଛନ୍ତି । ଲୋକମାନେ ମହାପାପେ ବିଛଣାରେ ପଡି ବିଶ୍ରାମ କରୁଅଛନ୍ତି, କନ୍ୟା ଜାନକୀ ଗାଣ୍ଡୁ ତରୁମୂଳରେ ଫୁଲଟି ପରି ତାଙ୍କ ଗୋଡ ପାଖରେ ବସି ପଙ୍ଖା ଧରି ବିଞ୍ଚି ଦେଉଅଛି । ବୃଦ୍ଧ ସ୍ନେହସିକ୍ତ କଣ୍ଠରେ କହିଲେ—"ତ ପହରେ ତୁ ଆଉ କଅଣ ପଢୁଛୁ ମା ?" କନ୍ୟା ଉତ୍ତର ଦେଲା—"ଗୀତା ।" ବୃଦ୍ଧ ସ୍ତବ୍ଧ-ଗମ୍ଭୀର ମୁଖରେ କନ୍ୟା ଆଡକୁ ଚାହିଁ ପଚାରିଲେ—"କି ଗୀତା, ଭଗବଦ୍‌ଗୀତା ? ତୁ ପଢୁ, ବୁଝିପାରୁ ତ ?" କନ୍ୟା ଲଜ୍ଜାନମ୍ର ମୁଖରେ କହିଲା, "ହଁ ବାବା, ଭଗବଦ୍‌ଗୀତା । ଶ୍ଳୋକ, ପଢେନାହିଁ—ଅର୍ଥ ପଢି ଯାହା ଟିକିଏ ବୁଝେ । ବାବା ତମେ ମୋତେ ଗୀତା ବୁଝାଇଦେବ ନା ?" ବୃଦ୍ଧ ଦନ୍ତହୀନ ପାଟି ବିସ୍ତାର କରି ଠୋ ଠୋ କରି ହସିଉଠି କହିଲେ—"ମା, ଏ ଯେ ଅନ୍ଧକୁ ଅନ୍ଧ ବାଟ ଦେଖାଇବା ପରି କଥା । ତୁ ଜାଣୁ ଯେ, ତୋ ବାପ ବ୍ୟାସବଶିଷ୍ଠଙ୍କ ପରି ଖୁବ୍ ଗୋଟାଏ ସର୍ବଜ୍ଞ ଯୋଗୀ ଋଷି ଭଳିଆ ଲୋକ । କିନ୍ତୁ ମୁଁ ଯେ ଏଣେ ନିରାଟ ଜଡ଼ ମୂର୍ଖ ଆଉ ଘୋର ପାପୀ । ଗୀତା ପରି ଜଟିଳ ଶାସ୍ତ୍ରର ଅର୍ଥ ମୁଁ କାହୁଁ ଜାଣିବ ମା ?" ଜାନକୀ କହିଲା—"ନା ବାବା, ତମେ ଜାଣ । ସେ ଦିନ ରଘୁଦାଦାଙ୍କୁ ବୁଝାଉଥିଲେ, ମୁଁ ଶୁଣିନାହିଁ କି ?" ବୃଦ୍ଧ କହିଲେ—"ଏହା ତାହାଠାରୁ ଶୁଣି ଯାହା ଟିକିଏ ମାତ୍ର ଶିଖିଛି ସିନା, ଆଉ ଭଲରୂପେ କିଏ ଜାଣେନାହିଁ ?" କନ୍ୟା ଛାଡିବାର ପାତ୍ରୀ ନୁହେଁ, ସେ କହିଲା, "ହେଉ, ଯାହା ଶୁଣିଛ, ତାହା କୁହ ।" ବୃଦ୍ଧ ମୃଦୁ ହସି କହିଲେ—"ହେଉ ଲୋ ବାୟାଣୀ ତୋହରି କଥା ରହୁ, କଅଣ ପଚାରୁଛୁ, ପଚାର ।"

କନ୍ୟା—ଆଚ୍ଛା ବାବା, ଅର୍ଜ୍ଜୁନ ତ ଯୁଦ୍ଧ କରିବାକୁ ଯାଉଁ ଯାଉଁ ଯୁଦ୍ଧ କରିବେ ନାହିଁ ବୋଲି ମନା କଲେ । ଏଣେ ସୈନ୍ୟମାନେ ଅସ୍ତ୍ର ଧରି ଯୁଦ୍ଧ କରିବାକୁ ସଜ ହୋଇ ଠିଆ ହୋଇଛନ୍ତି । ଏହା ଭିତରେ ଏତେ ସମୟ କାହୁଁ ଆସିଲା ଯେ, ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଅଠର ଅଧ୍ୟାୟ ଗୀତା ରଚନାକରି କହିଲେ ? ସେଠାରେ ତ ଜଣେ ଜଣେ ଠିଆ ହେଇ ସେମାନେ କଥାବାର୍ତ୍ତା ହୋଇନାହାନ୍ତି । କିଛିକ୍ଷଣ ପରେ ଅର୍ଜ୍ଜୁନ ଯାଇଁ ଯୁଦ୍ଧ କରିଥିଲେ ।

ପିତା—ନା ମା, ତୋର ବୁଝିବାର ଭୁଲ । ସେ ଯେତେ ବିଦ୍ୱାନ୍, ସେ ତେତେ ସଂକ୍ଷେପରେ କଥା କହନ୍ତି । କୃଷ୍ଣ ଅର୍ଜ୍ଜୁନ ମଧ୍ୟରେ କେହି କାହାକୁ କଣା ନୁହନ୍ତି ।

ସେମାନଙ୍କର ଉଚ୍ଚ ଧରଣର କଥା ସାଧାରଣଙ୍କ ବୁଝିବା ଭଳି ନୁହେ । ସେ ଅବଶ୍ୟ ସଂକ୍ଷେପରେ କହିଥିଲେ;ମାତ୍ର ସମସ୍ତେ ବୁଝିପାରିବେ ବୋଲି ବ୍ୟାସଦେବ ସେହି କଥାକୁ ଫେଣେଇ ଫୁଲେଇ ବିସ୍ତୃତ ଭାବରେ ବୁଝାଇ କହିଅଛନ୍ତି ।

କନ୍ୟା—ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ—"ଉଭୟ ସେନା ମଧ୍ୟରେ ମୋର ରଥ ରଖ, ମୋତେ କାହା ସଙ୍ଗରେ ଯୁଦ୍ଧ କରିବାକୁ ହେବ ମୁଁ ଦେଖିବି ।" ତେବେ କାହା ସଙ୍ଗରେ ଯୁଦ୍ଧ କରିବେ ବୋଲି ଅର୍ଜ୍ଜୁନ କଅଣ ଜାଣି ନ ଥିଲେ ?

ପିତା—ନା ମା, ତାହା ନୁହେ । ସ୍ଥାନ-ପ୍ରଭାବରେ ମନୁଷ୍ୟ ଦେବତା ହୁଏ । କୁରୁକ୍ଷେତ୍ର ପବିତ୍ର ତୀର୍ଥ ତାହା ସ୍ପର୍ଶରେ ଈର୍ଷାଳୁର ଈର୍ଷା ଛାଡିଯିବା ଆଶ୍ଚର୍ଯ୍ୟ କଥା ନୁହେ । ତୀର୍ଥପ୍ରଭାବରେ କାହାର କାହାର ସତ୍ତ୍ୱଗୁଣ ବୃଦ୍ଧି ହୋଇଥିବ, ସେଥିପାଇଁ କାଳେ କେହି ଯୁଦ୍ଧ କରିବାକୁ ଅନିଚ୍ଛୁକ ହୋଇ ଫେରିଯାଇଥିବ । ଉଭୟ ହେତୁ ମଧ୍ୟ ଅନେକେ ଫେରି ଯାଆନ୍ତି,କେହି କେହି ଏକ ପକ୍ଷ ତ୍ୟାଗ କରି ଅନ୍ୟ ପକ୍ଷରେ ମିଶନ୍ତି; ସେଥିଲାଗି ଅର୍ଜ୍ଜୁନ ଏହିପରି କହିଥିଲେ ।

କନ୍ୟା—ଆଚ୍ଛା ବାବା, ଭଗବାନ୍ କେତେବେଳେ କର୍ମର ଉପଦେଶ ଦେଉଛନ୍ତି, କେତେବେଳେ ପୁଣି ଜ୍ଞାନର ଉପଦେଶ ଦେଉଛନ୍ତି; ଏପରି ଦ୍ୱି ମତ କାହିଁକି ? ତେବେ କେଉଁଟି ସାର ?

ପିତା—କେଉଁଟି ଅସାର ନୁହେ, ମା ! କର୍ମରେ ଚିତ୍ତ ଶୁଦ୍ଧ ହୁଏ, ଚିତ୍ତ ଶୁଦ୍ଧ ହେଲେ ଜ୍ଞାନ ଜନ୍ମେ । ଜ୍ଞାନ କର୍ମ ଦୁହେଁ ମିଶି ଏକ । କର୍ମରୁ ଯେପରି ଜ୍ଞାନ ହୁଏ, ଜ୍ଞାନରୁ ସେହିପରି କର୍ମ ହୁଏ । ଗୋଟିଏ ଅନ୍ୟଟିକୁ ଛାଡି ରହିପାରେ ନାହିଁ । ଗଛରୁ ମଞ୍ଜି ହୁଏ, ମଞ୍ଜିରୁ ଗଛ ହୁଏ; ସୂକ୍ଷ୍ମଭାବରେ ଦେଖିଲେ ଗଛ ଆଉ ମଞ୍ଜି ଏକ ପଦାର୍ଥ,କେବଳ ଭିନ୍ନ ରୂପରେ ପ୍ରକାଶ ମାତ୍ର ।

କନ୍ୟା—କର୍ମ ଯଦି କରିବ, ତେବେ କାମନା ତ୍ୟାଗ କରିବ କିପରି ? କାମନା ନ କଲେ କର୍ମ କିପରି ହେବ ? କର୍ମ ତ କାମନାମୟ । କାମନା ନ ଥିଲେ ମନ ନାହିଁ । ମନ ବୋଲି ନିଆରା କିଛି ଗୋଟାଏ ନାହିଁ । କର୍ମ ପରି ମନ ବି କାମନାମୟ । ତେବେ କାମନା ଛାଡିବ କିପରି ? ଏ ତ ମଧୁରତା ଛାଡି ମିଠେଇ ଖାଇବା ପରି କଥା, ବାବା !

ପିତା—ବାୟୁ ନିର୍ଗନ୍ଧ; କିନ୍ତୁ ଅନ୍ୟର ଗନ୍ଧରେ ଗନ୍ଧବାନ୍ ହୁଏ । ମନ ସେହିପରି କାମନାରେ କଳୁଷିତ ହୁଏ । ତେବେ କାମନା ଛାଡିବାର ନୁହେ । କର୍ମ କାମନା କରିବ; ମାତ୍ର ଫଳକାମନା କରିବ ନାହିଁ । ଏହା ସହଜ କଥା ନୁହେ ମା, ସାଧନା ବଡ଼ କଠୋର ।

କନ୍ୟା—ଶରୀର ଶୁଦ୍ଧ ହେବ କିମିତି, ବାବା ! ଯେଉଁ ଦେହ କୋଧ, ହିଂସାଦି ଦୁର୍ଗନ୍ଧି ପଙ୍କରେ ଲିପ୍ତ, ସେ ଦେହ କି ଜଳରେ ନିର୍ମଳ ହେବ ? ଶରୀର ତ ମଳମୂତ୍ରରେ ପୂର୍ଣ୍ଣ—ମଳମୂତ୍ର ଅଭାବରେ ଶରୀର ରହିବ ନାହିଁ, ତେବେ ତାକୁ ଶୁଦ୍ଧ କରିବ କିମିତି ?

ପିତା—ମନ ଶୁଦ୍ଧ ହେଲେ ସବୁ ଶୁଦ୍ଧ ହୋଇଯାଏ ।

କନ୍ୟା—ତେବେ ସ୍ନାନଶୌଚ ଦରକାର ନାହିଁ ?

ପିତା—ନାହିଁ କାହିଁକି ମା, ଖୁବ୍ ଅଛି । ଶରୀର ରକ୍ଷା ପ୍ରଧାନ ଧର୍ମ । ଶରୀର ନ ଥିଲେ କର୍ମ କରିବ କିଏ ? ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ସବୁବେଳେ ଦରକାର । ଅନେକେ କହନ୍ତି, "ମାଟି ଦେହ ମାଟିରେ ମିଳେଇଯିବ, ତାହା ପ୍ରତି ଆସ୍ଥା କାହିଁକି ?" ଏହା ସେମାନଙ୍କର ଭୁଲ । ଧର୍ମସାଧନ ଯଦି ଜୀବନର ଉଦ୍ଦେଶ୍ୟ ହୁଏ, ତେବେ ଦେହ ନ ଥିଲେ ଧର୍ମସାଧନ କିଏ କରିବ ? ଅତଏବ ଶରୀରକୁ ସୁସ୍ଥ ସବଳ ଆଉ କର୍ମକ୍ଷମ ରଖିବା ଉଚିତ ।

କନ୍ୟା—ଭଗବାନଙ୍କୁ କେହି ଦେଖିପାରନ୍ତି ନାହିଁ କାହିଁକି ? ତେବେ ଈଶ୍ୱର ଅଛନ୍ତି,ବୋଲି କିମିତି ଜାଣିବ ?

ପିତା—ଈଶ୍ୱର ସର୍ବବ୍ୟାପୀ, ସେ ବ୍ରହ୍ମାଣ୍ଡକୁ ବ୍ୟାପି ରହିଛନ୍ତି । ବ୍ରହ୍ମାଣ୍ଡ ତାଙ୍କ ପେଟ ଭିତରେ ଅଛି । ଆମେ ବି ତାଙ୍କ ପେଟ ଭିତରେ ଅଛୁଁ । ତାଙ୍କ ପେଟ ଭିତରେ ଥାଇ ତାଙ୍କୁ ଦେଖିବା କିପରି ?

ଗର୍ଭସ୍ଥ ଶିଶୁ କି ମା ମୁହଁ ଦେଖିପାରେ ? ଜଗତରେ ରେଣୁଠାରୁ ପର୍ବତ ପର୍ଯ୍ୟନ୍ତ ଯାହା କିଛି ଅଛି, ସେ ସବୁଥିରେ ଈଶ୍ୱର ଅଛନ୍ତି । ସେସବୁ ତାଙ୍କର ଅସଂଖ୍ୟ ପ୍ରତିରୂପ । ତାଙ୍କର ଗୋଟାଏ ନିଆରା ରୂପ ନ ଥିଲେ ସୁଦ୍ଧା ସେ ଅଛନ୍ତି । କର୍ତ୍ତା ଛଡ଼ା କର୍ମ ହୋଇ ନ ପାରେ । ଯେତେବେଳେ ସୃଷ୍ଟିରେ ଅସଂଖ୍ୟ କାର୍ଯ୍ୟ ଦେଖାଯାଉଛି, ତେତେବେଳେ ସେ କାର୍ଯ୍ୟର ଯେ ଜଣେ କର୍ତ୍ତା ଅଛି, ଏଥିରେ ସଂଶୟ କଅଣ ? ପବନକୁ କେହି ଦେଖିପାରନ୍ତି ନାହିଁ ବୋଲି କଣ ପବନ ନାହିଁ ବୋଲି ବୋଲିଯିବ ? ଗଛ ପତ୍ର ହଲିଲେ, ସୁ ସୁ ଶବ୍ଦ ହେଲେ, ପବନ ଅଛି ବୋଲି ଜଣାଯାଏ । ତାହାର କାର୍ଯ୍ୟ ଅସ୍ତିତ୍ୱ ପ୍ରମାଣ କରିଦିଏ । ଈଶ୍ୱରଙ୍କ ସମ୍ବନ୍ଧରେ ସୁଦ୍ଧା ସେହିପରି ଜାଣିବୁ ମା । ଈଶ୍ୱର ତୋ ଭିତରେ ଅଛନ୍ତି, ମୋ ଭିତରେ ଅଛନ୍ତି, ତୁ ମୁଁ ବି ତାଙ୍କର ପ୍ରତିମୂର୍ତ୍ତି ।

କନ୍ୟା—ଆଚ୍ଛା ବାବା, ମଣିଷ ମରି ଫେର ଜନ୍ମ ହୁଏ ନା ?

ପିତା—ହଁ ମା, ଏକା ମନୁଷ୍ୟ ନୁହେଁ; ସମସ୍ତଙ୍କର ଜନ୍ମାନ୍ତର ଅଛି । ଜନ୍ମାନ୍ଧ, ଜନ୍ମପଙ୍ଗୁ ପ୍ରଭୃତି କେତେ କେତେ କଠିନ ରୋଗ ପାପରୁ ଜାତ ହୁଏ ବୋଲି ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି । ମାଆ ଗର୍ଭରୁ ଭୂମିଷ୍ଠ ନ ହେଉଣୁ ସେ କେବେ କି ପାପ କଲା ଯେ, ଜନ୍ମାନ୍ଧ ହେଲା ? ତାହା ଯଦି ପାପର ଶାସ୍ତି ହୁଏ, ତେବେ ତାହା ପୂର୍ବଜନ୍ମର ପାପ । ଏଥିରୁ କି ଜନ୍ମାନ୍ତରର ପ୍ରମାଣ ମିଳୁନାହିଁ, ମା ? ଜଳ ଅନ୍ୟ ରୂପ ଧରି ବାଷ୍ପ ହୋଇ ଆକାଶକୁ ଉଠିଯାଏ, ପୁଣି ନିଜ ରୂପ ଧରି ଜଳ ହୋଇ ପୃଥିବୀକୁ ଫେରି ଆସେ । ଏହା ଦେଖି ଜନ୍ମାନ୍ତର ନାହିଁ ବୋଲି କିଏ କହିବ ?

କନ୍ୟା—ବାବା, ଧର୍ମ କଅଣ, ଖୁବ ସହଜରେ ମୋତେ ବୁଝାଇ ଦିଅ ନା ।

ପିତା—ଯାହାର ମହିମା ଅନନ୍ତ, ଦୁଇଟି ଗୋଟିଏ ଶବ୍ଦରେ ତାହାର ପରିଭାଷା ବାନ୍ଧିବା ଧୃଷ୍ଟତା ସିନା, ମା । ମହାଯୋଗୀ ବୁଦ୍ଧଦେବ କହିଅଛନ୍ତି—'ଅହିଂସା ପରମୋ ଧର୍ମଃ ।' କେହି କେହି କହନ୍ତି, ସତ୍ୟହିଁ ସାର ଧର୍ମ । ଏହିପରି ଧର୍ମର ଅନେକ ସଂଜ୍ଞା ଅଛି ; ମାତ୍ର କେହି ପରିପୂର୍ଣ୍ଣ ବୋଲି ବିଶ୍ୱାସ ହୁଏ ନାହିଁ । ତପ, ଜପ, ଦାନ, ଯଜ୍ଞ, ଦୟା, କ୍ଷମା, ତ୍ୟାଗ, ପରୋପକାର ଏଗୁଡ଼ିକ ଧର୍ମର ଅଙ୍ଗ ବା ଉପାଦାନ । ମନୁଷ୍ୟକୁ ଯେ ଧରି ରଖେ, ଅର୍ଥାତ୍ ମନୁଷ୍ୟର ଯାହା ଏକମାତ୍ର ଆଶ୍ରୟ, ତାହା ଧର୍ମ । ସାଧୁ କର୍ତ୍ତବ୍ୟ ସୁଦ୍ଧା ଧର୍ମ ନାମରେ ଅଭିହିତ ହୁଏ । ମୋଟାମୋଟି କହିବାକୁ ଗଲେ ସେବାଠାରୁ ବଳି ଧର୍ମ ନାହିଁ । ଜଗତର ସ୍ଥାବର ଅସ୍ଥାବର ସମସ୍ତେ ସେବାରେ ନିଯୁକ୍ତ ଅଛନ୍ତି । ଚନ୍ଦ୍ର ସୂର୍ଯ୍ୟ ଆଲୋକ ପ୍ରଦାନ କରି ସୃଷ୍ଟିର ସେବା କରନ୍ତି । ଘନ ଜଳଦାନ କରି ପ୍ରକୃତିର ପରିଚର୍ଯ୍ୟା କରେ । ଏହିପରି ଯେଉଁଆଡ଼କୁ ଚାହିଁ, ସମସ୍ତେ ସେବାବ୍ରତ ଧାରଣ କରିଅଛନ୍ତି । ଅଥଚ କାହାରି ସ୍ୱାର୍ଥ କିଛି ନାହିଁ । ଏଥିରୁ ଜଣାଯାଏ, ନିଃସ୍ୱାର୍ଥ ପରୋପକାର ହିଁ ଧର୍ମ ।

କନ୍ୟା—ବାବା, ତମେ ତ କହିଲ—ଈଶ୍ୱରଙ୍କର ନିଆରା ରୂପ ନାହିଁ, ଜଗତର ସବୁ ପଦାର୍ଥ ତାଙ୍କର ପ୍ରତିରୂପ । ତେବେ କାହାକୁ ଧ୍ୟାନଧାରଣା କରିବ ?

ପିତା—ତୋର ଏ ପ୍ରଶ୍ନର ଉତ୍ତର ମୁଁ ପୂର୍ବରୁ ଦେଇଛି, ମା ! ଈଶ୍ୱର ତୋ ଦେହରେ ଅଛନ୍ତି, ମୋ ଦେହରେ ଅଛନ୍ତି । ତୁ ମୁଁ ବି ତାଙ୍କର ପ୍ରତିମୂର୍ତ୍ତି । ନିଶ୍ଚଳ ମନରେ ନିଜକୁ ଧ୍ୟାନ କରି ନିଜ ମୂର୍ତ୍ତି ଦେଖିବାକୁ ସାଧୁମାନେ ବ୍ରହ୍ମଦର୍ଶନ ବୋଲି କହିଅଛନ୍ତି । "ମୁଁ" ବୋଲି କିଛି ନାହିଁ, ତାହା ବ୍ରହ୍ମସତ୍ତା ମାତ୍ର । ମୁଁ ଆଉ ଶରୀର ଏକ ପଦାର୍ଥ ନୁହେ । ମୁଁ ଗୃହସ୍ଥ ଏବଂ ଶରୀର ସେହି "ମୁଁ"ର ଘର, କିମ୍ବା ମୁଁ ଆରୋହୀ ଏବଂ ଶରୀର ବାହନ । ସେହି ନିର୍ଲିପ୍ତ ନିର୍ବିକାର "ମୁଁ" ଏକା ପରମ ଦେବତା, ପରମ ବ୍ରହ୍ମ; ସେହି ଜୀବର ଉପାସ୍ୟ ।

କନ୍ୟା—ବାବା, କେଉଁ ଧର୍ମ ସବୁଠାରୁ ଭଲ ?

ପିତା—ପାଗଳି, ଧର୍ମର ପୁଣି ଭଲମନ୍ଦ, ସାନ ବଡ଼ ? ଧର୍ମ ତ ଗୋଟାଏ । ତେବେ ତାହାର ସାଧନ-ପଥ ଅନେକ । ସମସ୍ତ ସାଧକର ଲକ୍ଷ୍ୟ ସୁଦ୍ଧା ଏକ । ପୁରୀକୁ ଅନେକ ଯାତ୍ରୀ ଯାଆନ୍ତି । କେହି ନୌକାରେ, କେହି ରେଲରେ, କେହି ବା ଚାଲି ଚାଲି ଯାଏ । ମାତ୍ର ଏକ ଜଗନ୍ନାଥ ଦର୍ଶନ ସମସ୍ତଙ୍କର ଉଦ୍ଦେଶ୍ୟ । ଜଗନ୍ନାଥଙ୍କୁ

କେହି ଜଗବନ୍ଧୁ ବୋଲି କହେ, କେହି ଜଗନ୍ନାଥ କହେ, କେହି ନୀଳାଦ୍ରିନାଥ କହେ, କେହି କାଳିଆ ସାଆନ୍ତ ବୋଲି ତାଙ୍କ ହୃଦୟର ବ୍ୟଥା ଜଣାଏ । ସେହିପରି ଏକ ଈଶ୍ୱରଙ୍କୁ କେହି କହେ, କୃଷ୍ଣ, କେହି କହେ—ଖ୍ରୀଷ୍ଟ, କେହି କହେ—ଅଲ୍ଲା । ଏସବୁ ଈଶ୍ୱରଙ୍କର ନାମାନ୍ତର ।

କନ୍ୟା—ତେବେ ଆମ୍ଭେ ଅଲ୍ଲା ବା ଖ୍ରୀଷ୍ଟ ନାମ ଧରି ଉପାସିବା ?

ପିତା—ଏଁ, ତାହା କିପରି ହେବ ? ନିଜର ମୌଳିକ ଧାରା ବଞ୍ଚାଇ ରଖିବାକୁ ହେବ । ଆମ୍ଭର ପୂର୍ବପୁରୁଷମାନେ ଆମ୍ଭଠାରୁ ବହୁଗୁଣ ଉନ୍ନତ ଥିଲେ । ସେମାନେ ଯେଉଁ ଧାରାକୁ ନିଜର ଉପଯୋଗୀ ଜ୍ଞାନରେ ଗ୍ରହଣ କରିଥିଲେ, ଆମ୍ଭମାନଙ୍କୁ ସେହି ଧାରା ଧରି ଚାଲିବାକୁ ହେବ । ତାହାହିଁ ଆମ୍ଭମାନଙ୍କ ପକ୍ଷରେ ସୁବିଧାଜନକ ଏବଂ କଲ୍ୟାଣକର ।

କନ୍ୟା—ଆଚ୍ଛା ବାବା, ମୁସଲମାନ ଆଉ ଖ୍ରୀଷ୍ଟିଆନମାନେ କେବଳ ଏକ ଈଶ୍ୱରଙ୍କୁ ପୂଜା କରନ୍ତି, ଆଉ ଆମ ହିନ୍ଦୁମାନେ କାହିଁକି ତେତିଶ କୋଟି ଦେବତାଙ୍କୁ ପୂଜା କରନ୍ତି ?

ପିତା—ହିନ୍ଦୁମାନଙ୍କ ପରି କୃତଜ୍ଞ ଆଉ ଜଗତରେ ନାହିଁ । ହିନ୍ଦୁ ଯାହାଠାରୁ ଉପକାର ପାଏ, ତାକୁ ଦେବତାଜ୍ଞାନରେ ପୂଜାକରେ । ପ୍ରତ୍ୟେକ ପଦାର୍ଥରେ ଈଶ୍ୱର ଅଛନ୍ତି, ମା । ପ୍ରହ୍ଲାଦ ଚରିତ ଶୁଣିଛୁ ପରା ? ଭଗବାନ ସ୍ତମ୍ଭରୁ ବାହାରି ପ୍ରହ୍ଲାଦର ବିଶ୍ୱାସ ଏବଂ ବାକ୍ୟର ସତ୍ୟତା ପ୍ରମାଣ କରିଥିଲେ । ମାଟିରେ, ପଥରରେ ବା ବୃକ୍ଷାଦିରେ ଈଶ୍ୱର ଅଛନ୍ତି, ତେବେ ମାଟି, ପଥର ବା ବୃକ୍ଷାଦିକୁ ପୂଜାକରିବା କି ଈଶ୍ୱର ପୂଜା ନୁହେ ? ହିନ୍ଦୁମାନେ ମହାଦାର୍ଶନିକ ଜାତି, ସେମାନେ ପ୍ରତ୍ୟକ୍ଷରେ ଯାହାଠାରୁ ଫଳ ପାଆନ୍ତି, ତାକୁ ପୂଜା କରନ୍ତି, ଏହା ଆର୍ଯ୍ୟ-ସଭ୍ୟତାର ଗୋଟିଏ ଗୌରବ ଆଦର୍ଶ । ଏହି ଉଦାର ମହାନ୍ ଆଦର୍ଶ ଆର୍ଯ୍ୟ-ସମାଜର ବଜ୍ରଦୃଢ଼ ମୂଳଭିତ୍ତି । ସେହି ଅଟଳ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିବା ହେତୁ ଆର୍ଯ୍ୟ ସମାଜ ଯୁଗଯୁଗ କାଳ ବ୍ୟାପି ଶିର ଉନ୍ନତ କରି ରହିଅଛି ।

ପିତା ପୁତ୍ରୀ ଉଭୟ ମଧ୍ୟରେ ଏହିପରି ଧର୍ମଚର୍ଚ୍ଚା ଅନେକ ସମୟରେ ହୁଏ । ସେମାନେ ଏହାକୁ ଜୀବନର ପରମ ସୁଖ ଜ୍ଞାନ କରନ୍ତି ।

# ଚତୁର୍ଥ ପରିଚ୍ଛେଦ

ତାରଣୀ ଗ୍ରାମରେ ଜାନକୀର ଶ୍ୱଶୁରାଳୟ । ସେଠାରେ ତାହାର ଦେବର ପଞ୍ଚୁ ବାସ ଥାଏ । ପଞ୍ଚୁର ଘରକୁ ତିନି ପ୍ରାଣୀ—ସେ, ତାହାର ସ୍ତ୍ରୀ ସତ୍ୟଭାମା ଏବଂ ତିନିବର୍ଷର ପୁଅ ଗୋପାଳ । ପଞ୍ଚୁର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେ । ସେ ଜମିଦାର ସିରସ୍ତାରେ ଗୁମାସ୍ତା କାମ କରି ମାସିକ ସାତ ଟଙ୍କା ଦରମା ପାଏ । ସତ୍ୟଭାମା ସେହି ସାମାନ୍ୟ ଆୟରେ ଘର ଚଳାଇନିଏ । ସତ୍ୟଭାମା ଖୁବ୍ ବୁଦ୍ଧିମତୀ ବୋଲି ଗ୍ରାମର ସ୍ତ୍ରୀ-ସମାଜରେ ତାହାର ଗୋଟିଏ ପ୍ରତିଷ୍ଠା ଅଛି । ସେ ଗହମ ଗଣି ପିଠା କରି ଜାଣେ । କରଣ ଘର, ଭିତରର ଅବସ୍ଥା ଯାହା ହେଉ ପଛକେ, ବାହାରକୁ ଟିକିଏ ଫମ୍ପାଟୋପ ଦରକାର । ନହେଲେ ମାନ ମହତ୍ତ୍ୱ ରହିବ କିପରି ? ସତ୍ୟଭାମା ଆତ୍ମଗୌରବ ପ୍ରତି ଯଥେଷ୍ଟ ସାବଧାନ । ଅବସ୍ଥା ଭଲ ନହେଲେ ମଧ୍ୟ ଉଷାବାର, ପୁନେଇ ପର୍ବରେ ତାହା ଦ୍ୱାରରୁ ଭିକାରୀ ଖାଲିହାତରେ ଫେରି ଯାଆନ୍ତିନାହିଁ । ଭିକାରୀଗୁଡ଼ାଙ୍କର ସ୍ୱଭାବ, ଯେତେ ଦେଲେ ସୁଦ୍ଧା ସେମାନେ ଅତୃପ୍ତ । ଆଉ ନିନ୍ଦା ଗାଇ ବୁଲିବାଟା ସେମାନଙ୍କର ଜାତୀୟ ବ୍ୟବସାୟ । ସେ ଅକୃତଜ୍ଞ ନିନ୍ଦୁକ-ସ୍ୱଭାବ କହନ୍ତି—"ଗୋପାଳ ମା ଦଶହରାକୁ ଯେଉଁ ମଣ୍ଡାପିଠା ବାଣ୍ଟନ୍ତି, ତାହା ବରକୋଳିଠାରୁ ସାନ ।

ଗୋଟାଏ ଗାଲରେ ପାଞ୍ଚ ମୁଞ୍ଚା ମୁଦ୍ରାଇଦେଲେ ଆର ଗାଲ ଖବର ସୁଦ୍ଧା ପାଏ ନାହିଁ ।" ରଥିଆ-ମା ପାଲୁଣୀ କହେ—"ପିଠାଉଆଁସ ଦିନ ସାଆନ୍ତାଣୀ ଯେଉଁ ଚାଉଳ ପିଠା କରନ୍ତି, ସେଥିରୁ ଫଟେ ଖାଇଲେ ମନ ବୋଧ । ଫଡ଼ାଟାମାନ ପଇସାଅଧଲାର କାନ କାଟିଦେବ ; ଏହିପରି ଅନେକ ଟାହୁଲି କରନ୍ତି । ମାଗିବା ଲୋକ ତ ଆଉ ଦାତାର ଅବସ୍ଥା ପ୍ରତି ଦୃଷ୍ଟି ରଖେନାହିଁ—ରଖିବା ମଧ୍ୟ ଆବଶ୍ୟକ ମନେ କରେନାହିଁ । ଭିକ୍ଷାଥଳିଟା ସ୍ଥୂଳ କପଡ଼ର ହେବ, ତାହାର ଖୋଲପଣ ଲକ୍ଷ୍ୟ ସେହି ଆଡ଼କୁ ଥାଏ । ଦାତାକୁ ଯେ ନିଜର ଅବସ୍ଥା ବୁଝି ଦାନର ବ୍ୟବସ୍ଥା କରିବାକୁ ହୁଏ, ମାଗିଖିଆ ଲୋକ ତାହା କି ବୁଝେ ? ଯାହା ହେଉ, ଦୁଃଖେ ସୁଖେ ତିନୋଟି ପ୍ରାଣୀର ଦିନ କଟି ଯାଉଥାଏ । ସତ୍ୟଭାମାର ପରିମିତବ୍ୟୟିତା-ଗୁଣରେ ବିଶେଷ କିଛି ଅଭାବ ଅନୁଭୂତ ହୁଏନାହିଁ । ଅଭାବ ପୂରଣ କରିବାର କ୍ଷମତା ଯାହାର ଅଛି, ଜଗତରେ ତାହାର ଅଭାବ ଅଧିକ । ଅର୍ଥାତ୍ ଅଭାବକୁ ଯେତେ ପୂରଣ କରିବ, ସେ ତେତେ ବଢ଼ିବ, ନୂତନ ନୂତନ ଅନାବଶ୍ୟକ ଅଭାବ ଆସି ପହଞ୍ଚିବ । ମାତ୍ର ଅଭାବ ମୋଚନର ଶକ୍ତି ଯାହାର ନାହିଁ, ଅଭାବ ତାହାର ପାଖ ପଶେ ନାହିଁ । ଅଭାବ କଣ୍ଡୁରୋଗ ପରି । ତାକୁ କୁଣ୍ଡାଇଲେ ସେ ବଢ଼େ ।

କାର୍ତ୍ତିକମାସ ଶେଷରେ ତାରଣୀ ଗ୍ରାମରେ ଜ୍ୱର ଦେଖାଗଲା । ଅଳ୍ପଦିନ ମଧ୍ୟରେ ଜ୍ୱର ଗ୍ରାମସାରା ବ୍ୟାପିଗଲା । ଗ୍ରାମ ମଧ୍ୟରେ ଗୋଟାଏ ଘର ସୁଦ୍ଧା ଜ୍ୱରଶୂନ୍ୟ ରହିଲା ନାହିଁ । ଲୋକଗୁଡ଼ାକ ଅସ୍ଥିଚର୍ମସାର ହୋଇ ବିଛଣାରେ ପଡ଼ିରହିଲେ । କାହାକୁ କେହି ଚିକିତ୍ସା କରିବାକୁ ନାହିଁ, କାହାରି ମୁହଁରେ କେହି ମନ୍ଦାଏ ପାଣି ଦେବାକୁ ନାହିଁ, ସମସ୍ତେ ତ ଜ୍ୱରରେ ଅସ୍ଥିର, କିଏ କାହାକୁ ସୁଙ୍ଘୁଛି ? କାହାର ଦେହ ଶୋଥୁଆ, କାହାର ମୁଖ ପାଣ୍ଡୁର, କାହାର ପଞ୍ଜରସବୁ ଗଣି ହେଉଛି, କାହାର ଚକ୍ଷୁ କୋଟରସ୍ଥ, ସମସ୍ତେ ଯେପରି ପ୍ରେତ-ରାଜ୍ୟର ପ୍ରଜା । ଜ୍ୱର-ରାକ୍ଷସ ଦେହରୁ ସମସ୍ତ ରକ୍ତ ଶୋଷିନେଇ ସିଠା କରିଦେଇଅଛି । ପ୍ରବଳ ଜ୍ୱରରେ ଲୋକକ୍ଷୟ ହେବାକୁ ଲାଗିଲା । ଅହୋ, ସେ କି ଭୀଷଣ ମହାମଡ଼କ ! ପୋଡ଼ିବା ପୋତିବା କିଏ ପଚାରେ, ଶବ ଉଠାଇବାକୁ ସୁଦ୍ଧା ଲୋକ ମିଳିଲେ ନାହିଁ । ଶବରେ ଶ୍ମଶାନ ପୂର୍ଣ୍ଣ ହୋଇଗଲା । ଶେଷରେ ସ୍ଥାନାଭାବ ହେତୁ ଶବ ଉପରେ ଶବ ଗଦେଇ ଦେଇ ଆସିବାକୁ ହେଲା । ଶବାହାରୀ ଜନ୍ତୁଙ୍କ କ୍ରୂର ହର୍ଷ-ଚିତ୍କାରରେ କର୍ଣ୍ଣ ବଧିର ହୋଇଗଲା । ଗ୍ରାମରେ ବିଭୀଷିକା ରୁଦ୍ର ଉଲଗ୍ନ ମୂର୍ତ୍ତିରେ ଖେଳି ବୁଲିଲା । ଶିବା ଶ୍ୱାନ ପ୍ରଭୃତି ମୃତ ଲୋକର ହସ୍ତ, ପଦ, ଶିର ବହି ଆଣି ବାଟରେ ଘାଟରେ ପକାଇ ସେହି ଭୀଷଣତାକୁ ଶତଗୁଣ ବୃଦ୍ଧି କରିଦେଲେ । ଦେଖୁଁ ଦେଖୁଁ ଗ୍ରାମଟି ଜନଶୂନ୍ୟ ହେବାକୁ ବସିଲା । ଗ୍ରାମରେ ହାହାକାର ପଡ଼ିଗଲା । ମୃତ୍ୟୁ ବିକଟ ମୂର୍ତ୍ତି ଧରି ସମସ୍ତଙ୍କ ଆଗରେ ନାଚିବୁଲିଲା । କେହି କହିଲା—ଗ୍ରାମରେ କାଳପୁରୁଷ ବୁଲୁଛି, ଆଉ ରକ୍ଷା ନାହିଁ । କେହି କହିଲା—ଏ ଦେବକୂଟ ମାୟା । କେହି କହିଲା—ଆଉ ଏଠାରେ ରହି ମଙ୍ଗଳ ନାହିଁ । ଅନେକ ଲୋକ ପ୍ରାଣ ଭୟରେ ଗ୍ରାମ ଛାଡ଼ି ପଳାଇଲେ । ଆଉ ଯେଉଁମାନେ ପ୍ରାଣଠାରୁ ଧନ ସମ୍ପତ୍ତିକୁ ମୂଲ୍ୟବାନ୍ ମଣନ୍ତି, ସେମାନେ ମୁହଁମାଡ଼ି ପଡ଼ି ରହିଲେ । କେହି କେହି ମୃତ୍ୟୁକୁ ଫାଙ୍କି ଦେବାପାଇଁ ବାହୁ, କଟି, କଣ୍ଠରେ ଔଷଧପୂର୍ଣ୍ଣ ଅଷ୍ଟଲୋହା ତେଉଁରିଆ ବାନ୍ଧି ଗଭୀର ବିଶ୍ୱାସରେ ମୃତ୍ୟୁଞ୍ଜୟ ହୋଇ ରହିଲେ ।

ପଞ୍ଚୁଦାସ ଏବଂ ସତ୍ୟଭାମା ଦୁଇଦିନ ମାତ୍ର ଜ୍ୱରଭୋଗ ପରେ ମୃତ୍ୟୁମୁଖରେ ପତିତ ହେଲେ । ଶିଶୁ ଗୋପାଳଟି ଅନାଥ ହେଲା । ତିନି ବର୍ଷର ଶିଶୁ, ସେ ସଂସାରର କଅଣ ଜାଣେ ? ବିଧାତା ତାହାର କୋମଳ ମସ୍ତକରେ କଠୋର ବଜ୍ର ପ୍ରହାର କଲେଣି; ମାତ୍ର ତାହାର ସେ କଥାକୁ ହୁସ୍ ନାହିଁ । ଗ୍ରାମର ସମସ୍ତେ ତାହାପାଇଁ ହାୟ ହାୟ କଲେ । କେହି କହିଲା—"ବାପମା-ଛେଉଣ୍ଡ ପିଲାଟି କିମିତି ବଞ୍ଚିବ ?" କେହି କହିଲା—"ନା ନା, ସେ ବଞ୍ଚିବ—ଯେ ଗୁର ଦଉଛି କାଟିଦିଏ, ସେ ବଞ୍ଚେ ।" ଯାହାହେଉ, ଶିଶୁର ମାଉଳ ନିଧି ପଟ୍ଟନାୟକ ଆସି ଶିଶୁ ଭାଗିନେୟଟିକୁ କୋଳକୁ ଟେକି ନେଲେ । ତାହା ସଙ୍ଗେ ସଙ୍ଗେ ଦାନର ଦକ୍ଷିଣା-ସ୍ୱରୂପ ଭଗିନୀସ୍ୱାମୀର ହାଣ୍ଡି-ଆଟିକା, ଠୋକାଇ-

ଆଳୁଅ, ଇଞ୍ଚୁଣୀ-ପହିଁସ୍ ପର୍ଯ୍ୟନ୍ତ ଯାହା ଥିଲା, ତାହା ସବୁ ପୋଛିପାଛି ବହି ନେଇଗଲେ । ନଈ ନଳକୂଅଣ ବନ୍ୟାରେ ଖୁବ୍ ନିପୁଣ, ନଳରେ ସେ ଖାଲି ଧୂମ ଶୋଷଣ କରନ୍ତି ନାହିଁ—ସେଥି ସଙ୍ଗେ ସଙ୍ଗେ ନିଜର ଭକ୍ତିମାନ ଲବଣାଂଶ ସବୁ ଶୋଷି ନେଇସାରିଲେଣି । ଉକ୍ତ ବନ୍ୟାରେ ସେ ଏତେଦୂର ଉନ୍ନତ କରିଅଛନ୍ତି ଯେ, ବନ୍ୟା ଆଉ ଘରେ ଜାଗା ନ ପାଇ ଚୁଲ ଫୁଟାଇ ଉପରକୁ ବାହାରି ଯାଇଅଛି । ସେହି ହେତୁରୁ ନଈଙ୍କ ଘରର ଛପର ଶନ ଗଣ୍ଡ ପର୍ଯ୍ୟନ୍ତ ମୁକ୍ତିଲା । ପୁତ୍ର କନ୍ୟା ପ୍ରଭୃତି ପୋଷ୍ୟ ନିତାନ୍ତ ଅଳ୍ପ ନୁହନ୍ତି । ସେମାନେ ଯେ ସୁଖସ୍ୱାଚ୍ଛନ୍ଦ୍ୟରେ ଅଛନ୍ତି, ତାହା ନୁହେ—ଅବଶ୍ୟ ମାସର ଅଧିକାଂଶ ଦିନ ଏକାଦଶୀ ହୁଏ । ତାହା ନଈଙ୍କ ବନ୍ୟାର ମାହାତ୍ମ୍ୟ ।

ସ୍ୱାମୀଙ୍କ ଆନୀତ ଜନଶପଦସୁତଙ୍କ ଦେଖି ଗୃହିଣୀ ମନେ ମନେ ଖୁବ୍ ଆନନ୍ଦିତା ହେଲେ । ତାଙ୍କର ଅଧର-କୋଣରେ ଦୁର୍ଭିକ୍ଷ-ବକ୍ଳନ ପରି ଟିକିଏ କ୍ଷୀଣ ଅସ୍ପଷ୍ଟ ହାସ୍ୟରେଖା ମଧ୍ୟ ଦେଖାଗଲା । ମାତ୍ର ସେ ହଠାତ୍ ସେ ଭାବ ଗୋପନ କରି ବିଷାଦସ୍ୱରରେ ନଣନ୍ଦ-ନଣଦେଇଙ୍କ ଲାଗି କାନ୍ଦିଲାଣି 'ହାୟ ହାୟ, ରେ ରେ' କଲେ । କିନ୍ତୁ ଏ କଅଣ ? ଏ ଶିଶୁ ଲହଟା କିଏ ? ତାଙ୍କ ଦେହ ଶୀତେଇ ଉଠିଲା । ସେ ଜିଜ୍ଞାସୁ ଦୃଷ୍ଟିରେ ସ୍ୱଣଧର ସ୍ୱାମୀଙ୍କ ଆଡ଼କୁ ଚାହିଁ ରହିଲେ । ସ୍ୱାମୀ ସେ ଦୃଷ୍ଟି ସହି ନପାରି ମୁହଁ ତଳକୁ ପୋତି କ୍ଷୀଣ କମ୍ପିତ-ସ୍ୱରରେ କହିଲେ—"ଏ ଆମ ସତ୍ୟର ପୁଅ, ତାହାର କିଏ ଅଛି ଯେ, ଦେଖିବ ? ସେଥିଲାଗି ତାକୁ ଘେନି ଆସିଲି ।" ଗୃହିଣୀ କ୍ରୁଦ୍ଧା ବାଘୁଣୀ ପରି ଗର୍ଜିଉଠି କହିଲେ—"ଲାଜ ନାହିଁ ସେ ମୁହଁକୁ । ମଦତ—ଧୂଆଁରେ ତ ସବୁ ଉଡିଗଲା, ଆଉ ପେଣ୍ଡା ଭଣଜାକୁ ଆଣିଲ ଯେ କଅଣ ଖୁଆଇ ବଞ୍ଚାଇବ ? ଯାହା କହନ୍ତି—'ପେଟକୁ ଦାନା ନାହିଁ, ସାହୁପଡିଶାକୁ ନିମନ୍ତ୍ରା ।' ମୋର ଏ ଭୁତର ବୋଝ କିଏ ମୁଣ୍ଡେଇବ ଲୋ ମା ? ସେ ଆଣିଛି, ସେହି ଜାଣେ । ଭଲ ଗତି ଅଛି ତ ଏଇକ୍ଷଣି ମୋ ଆଗରୁ ତାକୁ ନେଇଯାଅ । ମୋ ଝିଅ ଖାଇବାକୁ ନପାଇ ଗଣ୍ଡ ସଡ଼ି ଯାଉଛନ୍ତି, ମୋର ତାକୁ ସମ୍ଭାଳିବ କିଏ ? ନଈ ଏ କଥା ଶୁଣି କଅଣ କରିବେ, କିଛି ବାଟ ପାଇଲେ ନାହିଁ । ନଈଙ୍କ ସାନ ଭଉଣୀ କମଳା ସେଠାରେ ଠିଆ ହୋଇଥିଲେ । ସେ ଦୁଇଦିନ ହେଲା ବାପଘରକୁ ଆସିଛି, କାଲି ତାହା ଶଶୁର ଘରକୁ ଫେରିଯିବ । ସେ ଭାଇଙ୍କୁ ବିପନ୍ନ ଦେଖି କହିଲା—"ନୂଆବୋହୂ, ଅପା ପୁଅକୁ ଭାଇ ଆଉ କେଉଁଠିକି ନେଇଯିବେ ? ସେ ଆଜି ଥାଉ, ମୁଁ ତ କାଲି ଯିବି, ତାକୁ ସଙ୍ଗରେ ନେଇଯିବି । ତମେ ଯାହା କହୁଛ, ମିଛ ନୁହେ, ନିଜର ଝିଅ ତ ଉପାସ ରହୁଛନ୍ତି, ତାକୁ ପୋଷିବ କୁଆଡ଼ୁ ?" ଗୃହିଣୀଙ୍କ ମୁଖରୁ ଅନ୍ଧକାର ଘୁଞ୍ଚିଗଲା—ଯେମିତି କି ତାଙ୍କ ଛାତିରୁ ହିମାଳୟ ପର୍ବତର ଭାର ଓହ୍ଲାଇଗଲା । ସେ ଟିକିଏ ନରମ ସ୍ୱରରେ କହିଲେ—'ସେଇଆ କୁଅନା କମ, ମୁଁ କମିତି ପିଲା-ମାନଙ୍କୁ ବଢ଼େଇଛି ତାହା ଯେ ଦିନସରି କରୁଛ, ସେହି ଜାଣେ ।" ଏହା କହି ସେ ଗୋଟାଏ ଆଶ୍ୱସ୍ତିର ଦୀର୍ଘନିଃଶ୍ୱାସ ପକାଇଲେ । କିଛି କ୍ଷଣ ମୌନ ରହି କଣ୍ଠସ୍ୱରଟାକୁ ସ୍ନେହରେ ବୁଡ଼ାଇଦେଇ ପୁଣି କହିଲେ—"ଆହା । ବାପମା-ଛେଉଣ୍ଡ ପିଲାଟିର ମୁହଁ ଶୁଖିଗଲାଣି, ଆରେ ବାପ, ଆ ।" ଏହା କହି ଶିଶୁକୁ କୋଳକୁ ଟାଣିନେଇ କମଳାକୁ ଚାହିଁ କହିଲେ—"ଏ କଅଣ ଅଣହେଲା ପଦାର୍ଥ, ଭଉଣୀ ? ଏ ରତ୍ନ କେତେକେ ମିଳେ ? କଅଣ କରିବ, ବଧାତା ମୋତେ ଦୁଃଖ ଦେଇଛି ।" ଭ୍ରାତୃଜାୟାର ଏ କ୍ଷଣପରିବର୍ତ୍ତନର କାରଣ ବୁଝିପାରି କମଳା ଟିକିଏ ହସିଲା; ମାତ୍ର କିଛି କହିଲା ନାହିଁ ।

* * *

"ଅପା ସାଆନ୍ତାଣୀ, ଏଣିକି ଟିକିଏ ଆସିବ ନା ?"

ଜାନକୀ ଖଟିଆରେ ବସି ମହାଭାରତ ପଢୁଅଛି । ପଠିତ ବିଷୟ—ଦ୍ରୌପଦୀ ବସ୍ତ୍ରହରଣ । ପଢ଼ୁଁ ପଢ଼ୁଁ ତାହାର ମୁଖ ଘୃଣା, ଦୁଃଖ, ବିରକ୍ତି ଏବଂ କ୍ରୋଧରେ କ୍ଷଣକ୍ଷଣକେ ଭିନ୍ନାକାର ଧାରଣ କରୁଅଛି । ଚକ୍ଷୁରୁ ଲୋତକଧାର ବହିଯାଉଅଛି । ପାଠିକା ପାଠରେ ସ୍ଥିର-ନିଶ୍ଚଳ-ନିର୍ବାକ୍ ମତି । ଏହି ସମୟରେ ବାଡ଼ିଦ୍ୱାର କବାଟରେ ଘନ ଘନ କରାଘାତ ସହ କିଏ ଡାକିଲା—

"ଅପାସାଆନ୍ତାଣୀ, ଏଣିକି ଟିକିଏ ଆସିବ ନା ?" ଜାନକୀ ପଢ଼ା ବନ୍ଦ ରଖି ପଚାରିଲା, "କିଏ ?" ଉତ୍ତର ଆସିଲା— "ମୁଁ ତମ ଭଉଣୀଘରୁ ଆସିଛି ।" ଜାନକୀ ଶୁଣି ତାଟଙ୍ଗା ମଣିଲା । ଭାବିଲା—ଏ କି କଥା, ଭଉଣୀ ଘରୁ ଆସିଛି ! ମୋର ପୁଣି ଭଉଣୀ କିଏ ? ମୁଁ ତ ପିତାଙ୍କର ଏକମାତ୍ର କନ୍ୟା, ଭଉଣୀ ହେବାର ସୌଭାଗ୍ୟ ମୋର କାହିଁ ? ବିଧାତା ତ ମୋତେ ସେ ସୁଖ ଦେଇନାହିଁ । ପିତୃସ୍ନେହରେ ମୋର ଏକା ସମ୍ପୂର୍ଣ୍ଣ ଅଧିକାର, ସେ ଅଧିକାରରୁ ଭାଗ ନେବାକୁ କିଏ ପୁଣି ଦାବୀ କରୁଛି ? ଜାନକୀ କବାଟ ଫିଟାଇଦେଇ ଦେଖିଲା—ଆଗନ୍ତୁକା ଜଣେ ସ୍ତ୍ରୀଲୋକ । ଜାନକୀ କିଛି ନ କହୁଣୁ ଆଗନ୍ତୁକା ଏକାନ୍ତ ପରିଚିତା ପରି କହିଲା— "କି ଅପା ସାଆନ୍ତାଣୀ, ଚିହ୍ନି ପାରିଲ ନାହିଁ ? ମୁଁ ପରି ବାରିକଘର ଝିଅ, ତମ ଭଉଣୀ ଘର ଗାଁରେ ମୋର ଘର ।" ଜାନକୀକୁ ଅବାକ୍ ହୋଇ ରହିବାର ଦେଖି ଆଗନ୍ତୁକା ମୃଦୁ ହସି ପୁନଶ୍ଚ କହିଲା—"ଶିମିଳିଆ ପଟ୍ଟନାୟକ ଘରେ ତମ ଜାଆଙ୍କ ଭଉଣୀ ପଡ଼ିନାହାନ୍ତି ? ଜାଆର ଭଉଣୀ ହେଲେ କଅଣ ତମର ସେ ଭଉଣୀ ନୁହନ୍ତି ? ସେହି ମୋତେ ଚିଠିଉ ଦେଇ ପଠାଇଛନ୍ତି ।" ଏବେ ଜାନକୀ ବୁଝିପାରିଲା । ମୃଦୁ ହସି ପଚାରିଲା— "କିଏ, କମ ଭୂଷା ଦେଇଛି, ସେ ଭଲ ଅଛି ତ ?" ବାରିକ ଝିଅ କହିଲା—"ହଁ ଭଲ ଅଛନ୍ତି, ଏହି ଚିଠିଉ ନିଅ ।" ଏହା କହି ଚିଠି ଖଣ୍ଡି କାନରୁ ଫିଟାଇ ଜାନକୀ ହାତରେ ଦେଲା । ଜାନକୀ ତାହାକୁ ଖାଇବାକୁ ଅନୁରୋଧ କଲା ; ମାତ୍ର ସେ ବାଟରେ ଚୁଡ଼ାପାଣି କରି ଆସିଥିବାର କହି ଅସ୍ୱୀକାର କଲା । ତହୁଁ ଜାନକୀ ଖଣ୍ଡେ ମଶିଣା ଏବଂ ଖଣ୍ଡେ ପାନ ତାକୁ ଆଣି ଦେଇ କହିଲା—"ତୁ ଖରାରେ ବାଟ ଚାଲି ଚାଲି ଆସିଛୁ, ଅମାର ପରସ୍ତରେ ଟିକିଏ ଗଡ଼ପଡ଼ ହ, ଖରା ଗଡ଼ିଗଲେ କଥାବାର୍ତ୍ତା ହେବା । ତୁ ତ ଆଜି ରହିବୁ, କାଲି ସକାଳେ ମୁଁ ଚିଠିଖଣ୍ଡେ ଦେବି—ନେଇଯିବୁ ।" ବାରିକଝିଅ ମୃଦୁ ହାସ୍ୟରେ ସମ୍ମତି ଜଣାଇ ଅମାର ପରସ୍ତକୁ ଗଲା । ଜାନକୀ ଘରକୁ ଆସି ପୂର୍ବ ସ୍ଥାନରେ ବସି ପତ୍ର ପାଠ କରିବାକୁ ଲାଗିଲା । ପତ୍ରରେ ଏହିରୂପ ଲେଖାଥିଲା—

"ଭୂମିଷ୍ଠ ଦଣ୍ଡବତ ।

ଅପା, ଡେର ଦିନୁ ମୁଁ ତମ କତିକି ଚିଠିପତ୍ର ଲେଖିନାହିଁ । ମୋର ଅପରାଧ କ୍ଷମା କରିବ । ସତ୍ୟଭାମା ଅପା ମଲାଦିନୁ ମୋର ମନଟା କମିତି ହୋଇଯାଉଛି, କିଛି ଭଲ ଲାଗୁନାହିଁ । ମୁଁ ଏଥିଭିତରେ ଖୁବ୍ ବାଧକ ପଡ଼ିଥିଲି । ନାହାକ କାତକ ଦେଖି କହିଲା—ରାଶି ଅବଳ ପଡ଼ିଛି । ଏମାନେ ମୋ ଲାଗି କେତେ ପୂଜା ପୁଞ୍ଜି କଅଣ କଲେ—ଛଅମାସ ପରେ ଆଜକୁ ଅଠଦିନ ହେବ ପଥି ଧରିଛି । ଆଜି ତମ ପାଖରେ ମୋର ଗୋଟିଏ ଭିକ୍ଷା ଅଛି । ମୁଁ ଜାଣେ, ତମେ ଏ ସାନ ଭଉଣୀର ଅଳି, ଅଝଟ ସିମିତି ସହି ଆସୁଛ, ଏଥର ବି ସେମିତି ସହିବ । ଭିକ୍ଷାଟି ଏହି—

"ଅପାର ପୁଅ ଗୋପାଳଟିକୁ ତମେ ଦେଖିଛ । ସେ ଏବେ ଅନାଥ—ନିରାଶ୍ରୟ । ହାୟ ! ବାଲ୍ୟକାଳରୁ ତାହା କପାଳରେ ଏହି ଦୁଃଖ ଥିଲା । ଅପା ମଲାପରେ ସାନ ଭାଇ ତାକୁ ଘରକୁ ଘେନି ଆସିଥିଲେ । କିନ୍ତୁ ନୂଆବୋହୂ ଦୁଆରରୁ ମାରି ଗୋଡ଼ାଇଲେ । ସ୍ଥାନକର୍ମୀକୁ କିଏ ଠାବ ଦେବ, ହାୟ ! କେଉଁଠି ତାକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ଏ ସଂସାରରେ ଅସଂଖ୍ୟ ଜୀବଜନ୍ତୁର ସ୍ଥାନ ଅଛି, ମହାସମୁଦ୍ର ଓ ବିରାଟ ପର୍ବତ-ପାଇଁ ସ୍ଥାନ ଅଛି—ଖାଲି କ୍ଷୁଦ୍ର ଶିଶୁଟି ପାଇଁ କି ଟିକିଏ ମନ ସ୍ଥାନର ଅଭାବ ? ଏହିପରି ଭାବି ମୋର ମନ ବହୁ ଗୋଳାଇ ଘାଣ୍ଟି ହେଲା । ଆଉ ରକ୍ତ-ସମ୍ପର୍କ ଥିବାଠାରେ ତାହା ତ ହେବାର କଥା । ଭଗବାନ ତମରି ପରି ମୋତେ ବି ତ ସନ୍ତାନ-ସୁଖରୁ ନିରାଶ କରିଅଛନ୍ତି । ଗୋପାଳଟିକୁ ପାଖରେ ରଖିଲେ ମୋର ଶୂନ୍ୟହୃଦୟ ଟିକିଏ ହେଲେ ପୂର୍ଣ୍ଣ ହେବ—ଏହି ବିଶ୍ୱାସରେ ମୁଁ ତାକୁ ଘେନିଆସିଲି । ମାତ୍ର କଅଣ କହିବି ଅପା, ସେହି ଦିନଠାରୁ ଲଙ୍କା କାଣ୍ଡର ସୃଷ୍ଟି । ତମେ ତ ଜାଣ, ଏ ପାଞ୍ଚ ଭାଇର ଘର । ମୁଁ ସେମାନଙ୍କ ଭିତରେ ଗୋଟାଏ ଖୁଣ୍ଟ ଆଣି ପୂରାଇଲି ବୋଲି କହି ଶାଶୂ, ନଣନ୍ଦ, ଜା ସମସ୍ତେ ମୋ ସଙ୍ଗରେ କଳି ଲଗାଇଛନ୍ତି । ଆଜିକି ଛଅଦିନ ହେଲା ଅସ୍ନାନ ଅଖାଦ ; ଖାଲି କାନ୍ଦରେ ଦିନ ଯାଉଛି । ଗୋପାଳ

ରହିଲେ ସମସ୍ତେ ଭଲେ ହୋଇଯିବେ ବୋଲି କହୁଛନ୍ତି । ଏହି ହେତୁରୁ ମୋର ମନ ଭଲ ନାହିଁ । ମୋ ଲାଗି ଏତେ କାଳର ଏଡ଼େ ବଡ଼ ଘରଟା ଯେବେ ଚୂନା ହୋଇଯାଏ, ତେବେ ମୋର କଳଙ୍କ ରଖିବାକୁ ଠାବ ମିଳିବ ନାହିଁ । ମୁଁ ଏବେ କଅଣ କରିବି—ନାଗସାପ ଛୁଚୁନ୍ଦରି ଧରିଲା ପରି ମୋର ଦଶା ହୋଇଛି । ଧରି ରଖିଲେ ମଲି—ଛାଡ଼ିଦେଲେ ମଲି । ଏ ସଙ୍କଟରେ ତମେ ଏକା ମୋର ସାହା । ତମେ ଗୋପାଳର ବଡ଼ ମା । ମା ଯେ, ବଡ଼ମା ସେ । ତୁମ୍ଭ ଛଡ଼ା ତାର ଆଉ ଆପଣାର କେହି ନାହିଁ । ତମେ ତାକୁ ନେଇ ପାଖରେ ରଖିଲେ ମୋତେ ଏ ଆପଦରୁ ଉଦ୍ଧାର ମିଳିବ । ପିତୃମାତୃହୀନ ଅରକ୍ଷ ଶିଶୁଟି ମଧ୍ୟ ସୁଖରେ ରହିବ । ଅପା, ତମେ ଏତିକି କଲେ ମୁଁ ଜନ୍ମେ ଜନ୍ମେ ତମ ପାଖରେ ଋଣୀ ହୋଇ ରହିବି । ବଡ଼ ଆଶା କରି ତମକୁ ଏ ପତ୍ର ଲେଖିଲି । ତମ ଶ୍ୱଶୁରବଂଶ ଅଙ୍କୁରଟିର ଭାର ଗ୍ରହଣ କରି ମୋତେ ଏ ଦୁର୍ବାର କଳଙ୍କ ଏବଂ ଦୁର୍ଭାବନା ହସ୍ତରୁ ରକ୍ଷା କର, ମୋର ଏତିକି ମାଗୁଣି ।

ତୁମ୍ଭର ସେବିକା
ଶ୍ରୀମତୀ କମଳା ।"

ପତ୍ର ପାଠକରି ଜାନକୀର ଚକ୍ଷୁ ଆର୍ଦ୍ର ହୋଇ ଆସିଲା । ଗୋଟାଏ ବିଷାଦବୋଳା ତପ୍ତ ପ୍ରଶ୍ୱାସ ତାହାର ଅଲକ୍ଷ୍ୟରେ ବାହାରି ପଡ଼ିଲା । ସେ ମନେ ମନେ ଭାବିଲା—"ହାୟ, ବିଧାତା ଯାହାକୁ ବାମ ହୁଏ, ଏହିପରି ବାମ ହୁଏ । ମୋର ଶ୍ୱଶୁରବଂଶର କ୍ଷୁଦ୍ର କଳିକାଟି କି ସୁଦ୍ଧା ନିୟତିର ଉତ୍ତପ୍ତ ନିଃଶ୍ୱାସରେ ଶୁଖିଯିବ ? ତେବେ ଆଉ ମୋର ରହିବ କଅଣ ? ହାୟ ନିର୍ମମ ସଂସାର, ତୋର ବିଶାଳ ବକ୍ଷରେ ମହାମହୀରୁହ ପାଇଁ ସ୍ଥାନ ଅଛି, କେବଳ ଏହି କ୍ଷୁଦ୍ର ଅଙ୍କୁରଟି ପାଇଁ କି ସ୍ଥାନର ଅଭାବ ? ସଂସାରରେ ନିରାଶ୍ରୟର ଆଶ୍ରୟ ହେବାକୁ କି କେହି ଇଚ୍ଛା କରେ ନାହିଁ ? ତାହା କି ଏଡ଼େ ଉତ୍କଟ ପାପ ? ଛି, ମାନବ ଜାତିକୁ ଧିକ୍ ! ନିଜପାଇଁ ବଞ୍ଚି ରହିବା ସକାଶେ କି ବିଧାତା ମାନବକୁ ଜୀବନଦାନ କରିଅଛନ୍ତି ! ସ୍ୱାର୍ଥଛଡ଼ା କି ଜୀବନର ଲକ୍ଷ୍ୟ ଆଉ କିଛି ନାହିଁ ! କେହି ନ ପାରୁ, ମୋର ପୁଣ୍ୟପ୍ରାଣ ପିତା ନିଶ୍ଚୟ ପାରିବେ । ଅଚ୍ଛା, ସେ କଥା ପରେ ବୁଝାଯିବ, ଆଗେ କମଳକୁ ଖଣ୍ଡିଏ ଚିଠି ଲେଖିଦିଏଁ । ଅନନ୍ତର ଜାନକୀ କାଗଜ କଲମ ପ୍ରସ୍ତୁତ ଆଣି ଲେଖିବାକୁ ବସିଲା । କିଛିକ୍ଷଣ ଚିନ୍ତାକରି ଏହିପରି ଲେଖିଲା —

"କଲ୍ୟାଣୀୟା କମ,

ସ୍ନେହର ଆଦରର ଭଉଣୀ ମୋର, ତୋର ପତ୍ର ପାଇଲି । ମୋତେ ଠିକ୍ ସମୟରେ ଲେଖି ତୁ ମୋର ଯେ ଉପକାର କଲୁ, ତାହା ଆଉ କଣ କହିବି ? ଆଶୀର୍ବାଦ କରୁଛି—ତୁ ଅହ୍ୟସ୍ୱଣୀ ହୋଇ ବସିଥାଅ । ତୋର କାଚ ପଟିକ ବଜ୍ର ହେଉ, ଭଗବାନ୍ ତୋତେ ସୁହବଣୀ କରନ୍ତୁ । ତୋର ଶଙ୍ଖା ସିନ୍ଦୂର ଅକ୍ଷୟ ହେଉ । କମ, ମୋର ଗୋପାଳର ଦୁର୍ଦ୍ଦଶା ଶୁଣି, ଛାତି ଫାଟିଯାଉଛି । ମୁଁ ଭାବିଥିଲି ବାପଧନଟି ମୋର ତୋ ପାଖରେ ସୁଖରେ ଅଛି । ତାକୁ ଆଜି ଆଣିବାକୁ ଲୋକ ପଠାଉଥାନ୍ତି, ଖାଲି ବାବାଙ୍କୁ ପଚାରିନାହିଁ ବୋଲି ସେ ସାହସ କରିପାରିଲି ନାହିଁ । ଏ ମୋର ବାପଘର, ବାବା ମୋ ଉପରେ ସବୁ ଭାର ଦେଇ ଅଛନ୍ତି, ମୋର ସ୍ନେହମୟ ପିତା ମୋର କୌଣସି ସଦିଚ୍ଛା ଅପୂର୍ଣ୍ଣ ରଖନ୍ତି ନାହିଁ ; ତଥାପି ତାଙ୍କ ଅନୁମତି ନେବା ଉଚିତ । ମୁଁ ତାଙ୍କୁ ସମ୍ମତ କରାଇ ଖୁବ୍ ଚଞ୍ଚଳ ଲୋକ ପଠାଇ ଗୋପାଳକୁ ନେଇ ଆସିବି । ତୁ ତାହା ପାଇଁ ଏତେ ସହିଲୁ, ସେହିପରି ଆଉ ଦୁଇଚାରି ଦିନ ଶାଶୁନଣନ୍ଦଙ୍କ ଗଞ୍ଜଣା ସହି ରହିଥା, ମୋର ଏତିକି ଅନୁରୋଧ । ଟଙ୍କାଟିଏ ପଠାଉଛି, ଗୋପାଳକୁ କିଛି ଖେଳନା କିଣିଦେବୁ । ଗୋପାଳ ଲାଗି ମନଟା କିମିତି ହେଉଛି । ଆଉ ଅଧିକ କିଛି ଲେଖିପାରିଲି ନାହିଁ । ଆଉ ଥରେ ମୋର ଆଶୀର୍ବାଦ ଗ୍ରହଣ କର ।

ତୋର
ଶୁଭକାଙ୍କ୍ଷିଣୀ ଅପା"

ଜାନକୀ ଏହି ପତ୍ରଖଣ୍ଡି ବାରିକ ଝିଅ ହାତରେ ଦେଇ ଉପଯୁକ୍ତ ପାଥେୟ ସହ ତାଙ୍କୁ ବିଦାୟ କରିଦେଲା । ଗୋପାଳ କଥା ପିତାଙ୍କୁ କହିବାକୁ ଯାଏ; ମାତ୍ର କହିପାରେ ନାହିଁ । କେତେବେଳେ ଉପଯୁକ୍ତ ସମୟ

ପାଏନାହିଁ, କେବେ ବା ସୁସମୟ ପାଇ ବଢ଼ିବାକୁ ଉନ୍ମୁଖ ହୁଏ; ମାତ୍ର କଥା ତଣ୍ଟିରେ ଅଟକି ଯାଏ । ଆଉ ଉପରି ବା କହିବ, ନିଜେ ତ ଆଜୀବନ ପିତାଙ୍କ ସେବାରେ ବନ୍ଧା, ତାହା ଉପରେ ଆଉ ଗୋଟାଏ ଗଳଗ୍ରହ ଯୋଟାଇ ସଂସାର-ତାପ ଦଗ୍ଧ ବୃଦ୍ଧର ଭାର ବୃଦ୍ଧି କରିବା ସଙ୍ଗତ ମନେ କଲାନାହିଁ; ମାତ୍ର ତାହାର ଏ ଭାବ ବୃଦ୍ଧଙ୍କ ପ୍ରବୀଣ ନେତ୍ରର ଅଗୋଚର ରହିଲାନାହିଁ । ସେ କନ୍ୟାକୁ ପଚାରିଲେ—"ମା, ମୁଁ ତୋର ଭାବରୁ ଜାଣୁଛି, ତୁ ଯେପରି କଅଣ କହିବୁ କହିବୁ ବୋଲି ଇଚ୍ଛା କରି ମୋତେ କହିପାରୁନାହୁଁ । ପାଗଳି, କଅଣ କହିବୁ କହ, ତୋ ବାପ କି ତୋ କଥା କେବେ ଏଡ଼ାଏ ?" କନ୍ୟା ପିତାଙ୍କ ପାଖରେ ଧସି ପଡ଼ି ଲଜ୍ଜାରେ ଅଧୋବଦନ ହୋଇରହିଲା । କିଛିକ୍ଷଣ ପରେ ସଙ୍କୋଚ ପରିହାର ପୂର୍ବକ ଗୋପାଳର ଦୁର୍ଗତି ପିତାଙ୍କୁ ଜଣାଇ ତାକୁ ଆଶ୍ରୟ ଦେବା ସକାଶେ କାତର ପ୍ରାର୍ଥନା କଲା । ବୃଦ୍ଧ ସବୁ ଶୁଣି କିଛି କ୍ଷଣ ଗମ୍ଭୀର ହୋଇ ବସିରହିଲେ । ପରେ ଧୀରେ ଧୀରେ କହିଲେ, "ନା ମା, ତୁ ସେ କଥାରେ ମନ ଦିଅନା ! ନିଜ କପାଳରେ ତ ନାହିଁ, ପର ପୁଅକୁ ଆଣି ଯଦି କିଛି ଭଲମନ୍ଦ ହୁଏ, ତେବେ ଦୁଃଖରେ ଗୋଟାଏ ଦୁର୍ନାମ ମୁଣ୍ଡାଇବାକୁ ହେବ । ସାଉଣ୍ଟିଲା କାଣ୍ଡ ଯୁଦ୍ଧକୁ କାମ ଆସେନାହିଁ ମା, ତୁ ପିଲାଲୋକ କଅଣ ବୁଝିବୁ ?" ଜାନକୀ ମୁହଁ-ଶୁଖାଇ କହିଲା—"ନା, ବାବା, ସାଉଣ୍ଟିଲା କାଣ୍ଡ ନୁହେଁ—ସେ ଯେ ମୋର ଶ୍ୱଶୁରର ପୁଅ ।" ବୃଦ୍ଧ ଈଷତ୍ ବିରକ୍ତ ହୋଇ କନ୍ୟାଆଡ଼କୁ ମୁହଁ ବୁଲାଇନେଇ କହିଲେ—"ଆଚ୍ଛା, ଭାବି ଦେଖିବି ।" ଏହା କହି ସେ ଶୀଘ୍ରଗତିରେ ବାଡ଼ି ଆଡ଼କୁ ଚାଲିଗଲେ । ଜାନକୀ ପ୍ରସ୍ତର ମୂର୍ତ୍ତି ପରି ସେହିଠାରେ ବସିରହିଲା । ଅଭିମାନିନୀର ନେତ୍ରଦ୍ୱୟ ଅଭିମାନରେ ଅଶ୍ରୁସିକ୍ତ ହୋଇଆସିଲା । କିନ୍ତୁ ତାହାର ଏ ଅଭିମାନ ବହୁ କ୍ଷଣସ୍ଥାୟୀ ହେଲାନାହିଁ । ଆକାଶରେ ଧୂମରାଶି ମିଳାଇଗଲା ପରି ଦଣ୍ଡକ ମଧ୍ୟରେ ମିଳାଇଗଲା । ସେ ଧୈର୍ଯ୍ୟଶୀଳା ଏବଂ ବୁଦ୍ଧିମତୀ । ଭାବିଲା—"ବୋଧହୁଏ ଏଥିରେ କିଛି ଆଶଙ୍କାର କାରଣ ଅଛି, ମୁଁ ତାହା ବୁଝିପାରୁନାହିଁ । ବାବା ତ ଭାବି ଦେଖିବେ ବୋଲି କହି ଏକ ପ୍ରକାର ଆଶା ଦେଇଛନ୍ତି—ଦେଖାଯାଉ କଅଣ ହେଉଛି ।" ଅନନ୍ତର ଜାନକୀ ଉଠିଯାଇ ଖଣ୍ଡେ ଦରପିଆଁ କନ୍ଥା ସିଇଁବାକୁ ବସିଲା ।

ବୃଦ୍ଧ ବଙ୍ଗଳାଖଟରେ ଶୋଇ ବିଶ୍ରାମ କରୁଅଛନ୍ତି । ମୁଖରେ ଚିନ୍ତାର ଲକ୍ଷଣ ପରିସ୍ଫୁଟ । ସେ ମୁଖ କେବେ କ୍ରୋଧରେ ରକ୍ତବର୍ଣ୍ଣ ଧାରଣ କରୁଅଛି, କେବେ ଅଭିମାନରେ ଗମ୍ଭୀର ହୋଇ ଉଠୁଅଛି ଏବଂ କେବେ ବା ସ୍ନେହ କରୁଣାରେ ଉଜ୍ଜ୍ୱଳ ଦିଶୁଅଛି । ସେ ମନେ ମନେ ଭାବୁ ଅଛନ୍ତି, "ସଂସାରଟା କି ନିର୍ମମ, ଏଠାରେ କି କାହାରି ବେଦନା କେହି ବୁଝେନାହିଁ । ସମସ୍ତେ ଭାରବୃଦ୍ଧି କରିପାରନ୍ତି; ମାତ୍ର ଭାର ଓହ୍ଲାଇବାକୁ କେହି ନାହିଁ । ଯାହାକୁ ଯେତିକି ସ୍ନେହ କରିବ, ସେ ସେତିକି ଦୁଃଖ ଦେବ । ସ୍ନେହର ବ୍ୟଥା ବଡ଼ ବ୍ୟଥା । ମୋର ଜୀବନକାଳ ଯାଇ କାଳେ ବାକୀ ଅଛି, ଏ ସମୟରେ ପରକାଳ ଚିନ୍ତାରେ ଟିକିଏ ଶାନ୍ତି ପାଇବି କଣ, ନା, କେଉଁଠି କାହାର କିଏ ଗୋଟାଏ ଭୁଲି ଫକୀରକୁ ବେକରେ ବାନ୍ଧି ଜଞ୍ଜାଳରେ ଘାଣ୍ଟିହୋଇ ମରିବି । ଏ ଗଧ ବୋଝ ବୋହି ମୋର ଲାଭ କଅଣ ? ସାତ ରଙ୍କାର ଧନ ଖୋଇ ସୁଦ୍ଧା ଗୋଟାଏ ପିଲାକୁ ବଞ୍ଚାଇବା ସହଜ କଥା ନୁହେଁ ।" ଏହି ସମୟରେ କିଏ ଯେପରି ରୁକ୍ଷ ସ୍ୱରରେ କହି ଉଠିଲା—"ମୂଢ଼, ବାତ୍ସଲ୍ୟ ସ୍ନେହଠାରୁ କି ତୋର ଧନର ମୂଲ୍ୟ ଅଧିକ ? ସେ ଧନ ଭୋଗକରିବ କିଏ ?" ବୃଦ୍ଧ ଚମକି ଉଠି ଚକିତ ଦୃଷ୍ଟିରେ ଚାରିଆଡ଼କୁ ଚାହିଁଲେ । କେହି କେଣେ ନାହିଁ । କେବଳ ମଧ୍ୟାହ୍ନର ଶୂନ୍ୟତା ନୀରବ କ୍ରୀଡ଼ାରେ ନିଯୁକ୍ତ ଅଛି । ଭାବିଲେ—"ଏହା କିଏ କହିଲା ? ଏହା କି ତେବେ ମୋର ବିବେକର ତୀବ୍ର ତିରସ୍କାର ? ସତେ ତ, ସ୍ନେହଠାରୁ କି ଧନର ମୂଲ୍ୟ ଅଧିକ ? ଆଉ ମୋର ଧନସମ୍ପଦ କିଏ ବା ଭୋଗ କରିବ ? ମୁଁ କଅଣ ସୁଦ୍ଧାଏ ଭାବୁଥିଲି—ଛି, କି ଲଜ୍ଜାର କଥା ! ଯେଉଁ କର୍ତ୍ତବ୍ୟପରାୟଣା କନ୍ୟା ଆତ୍ମସୁଖରେ ଜଳାଞ୍ଜଳି ଦେଇ ଅକ୍ଷମ ବୃଦ୍ଧ ପିତାର ସେବାରେ ମନଃପ୍ରାଣ ସମର୍ପଣ କରିଅଛି, ଏହି ସାମାନ୍ୟ ପୁରସ୍କାର

କି ତାହା ପ୍ରତି ଅବେଦ୍ୟ ? ଧିକ୍ ମୁଁ ପାଷଣ୍ଡ, ଜାନକୀ-କଲ୍ପା ଦେବୀକଲ୍ପା ସେହି କନ୍ୟାର ହୃଦୟରେ ମୁଁ କି ନିଷ୍ଠୁର ଆଘାତ ଦେଲି ! ତାହାର ପ୍ରାର୍ଥନା ପୂରଣ ନ କଲେ ମୋର ଏ ପାପର ପ୍ରାୟଶ୍ଚିତ୍ତ ହେବନାହିଁ ।" ଅନୁଶୋଚନାର ଆବେଗରେ ବୃଦ୍ଧ ଅଧୀର ହୋଇ ଉଠିଲେ । ଏହି ସମୟରେ ଗ୍ରାମର ଘନ ପରିଡ଼ା ଆସି ଲମ୍ବଖମ୍ବ ହୋଇ ତାଙ୍କର ଗୋଡ଼ତଳେ ପଡ଼ିଗଲା । ବୃଦ୍ଧ ଶଶବ୍ୟସ୍ତ ହୋଇ କହିଲେ—"ଉଠ୍ ଉଠ୍ ଘନ, କଅଣ କହୁଛୁ କହ, ଏପରି କାହିଁକି ହେଉଛୁ ?" ଘନ ଉଠି କାନ୍ଦି କାନ୍ଦି କହିଲା—"ମୋର ବଡ଼ ବିପଦ, ସାଆନ୍ତେ । ତମେ ସାହା ନ ହେଲେ ଆଉ ବଞ୍ଚିପାରିବି ନାହିଁ ।" ମହାପାତ୍ରେ ଆଶୟରୁ ଅଭିପ୍ରାୟ ବୁଝିଲେ । ଲୋକଟା ଯେ ଆପଦରେ ପଡ଼ି ଅର୍ଥ-ପ୍ରତ୍ୟାଶାରେ ଆସିଅଛି, ଏଥିରେ ସନ୍ଦେହ ନାହିଁ । ବୃଦ୍ଧ ବିରକ୍ତ ହୋଇ କହିଲେ—"ତମେମାନେ କଅଣ ମୋତେ ଶୋଇ ବସେଇ ଦେବ ନାହିଁ ? ଗ୍ରାମରେ ଆଉ କେହି ପଇସାବାଲା ଅଛନ୍ତି, ନା ମୁଁ ସମସ୍ତଙ୍କର କିଣା-ଖରିଦା ?" ଘନ କହିଲା, "ଗାଁରେ ତେର ଅଛନ୍ତି, ସାଆନ୍ତେ; ମାତ୍ର ସେମାନେ ତମ ଗୋଡ଼ତଳେ । ତମେ ଗାଳିଦେଅ ପଛେ, ମାତ୍ର ତମ ଗାଳିର ବି ମୂଲ୍ୟ ଅଛି ।" ମହାପାତ୍ରେ ଟିକିଏ ନରମ ହୋଇ କହିଲେ—"କଥା କଅଣ କହିଲୁ ।" ଘନ କହିଲା—"ରଙ୍କ ସାହୁ ମୋ ଉପରେ ଦେଢ଼ଶ ଟଙ୍କାର ଡିଗ୍ରୀ କରି ମୋର ଘର-ଦ୍ୱାର ନିଲାମ କରିବ ବୋଲି ଡିଗ୍ରୀଜାରି ପିଆଦାକୁ ଆଣି ମୋ ଦାଣ୍ଡରେ ନାଗରି ଦେଉଛି । ମୁଁ କିଛି ଜାଣେ-ନାହିଁ, କି ତାହାଠାରୁ କଡ଼େ କଉଡ଼ି ବି ଧାର ନେଇ-ନାହିଁ । ସେ ମୋର ଅଜାଣାରେ ମକଦ୍ଦମା କରି ଭିତରେ ଭିତରେ ଡିଗ୍ରୀଜାରି କରିସାରିଲାଣି ।" ତାହାର କଥା ଶେଷ ନ ହେଉଣୁ ବୃଦ୍ଧ ବିସ୍ମୟବିହ୍ୱଳ କଣ୍ଠରେ ପଚାରିଲେ—"ସେ କାହିଁକି ଏହା କଲା, ତୁ ଜାଣୁ ?" ଘନ କହିଲା—"ସେ ଖତରେ ବଳଦ ଛାଡ଼ି-ଦେଇ ମୋର ପାଏ ବିଲ ଉଜାଡ଼ି କରିଦେଲା । ମୁଁ କେତେ ଥର ବଳଦ ଅଡ଼ାଇ ଆଣି ତାହା ଘରପାଖରେ ଛାଡ଼ି ଅନେକ ନେହୁରା ହୋଇ କହିଲି; ମାତ୍ର ସେ ଶୁଣିଲା ନାହିଁ । ତହୁଁ ମୁଁ ଥରେ ତାହାର ବଳଦ ନେଇ କାଞ୍ଜିହାଉଦାରେ ଦେଲି । ସେହି ରାଗରେ ସେ ଏପରି କରିଛି, ଅବଧାନ ।" ବୃଦ୍ଧ ଏହା ଶୁଣି କ୍ରୋଧରେ ଥରିଉଠି କହିଲେ, "ରଙ୍କ ସାହୁର ଘରବାଡ଼ି ତ ମୋ ପାଖରେ ପଚିଶ ଟଙ୍କାକୁ ରହଣବନ୍ଧକ ଅଛି, ସେ ପୁଣି କରଜ ଦେବା ଲୋକ ହେଲାଣି । ପରର ଅନିଷ୍ଟ କରି ତ ଦାନାଦନା ମିଳୁ ନାହିଁ, ତେବେ ବି ସେ ବଦମାସଟା ବୁଝିଲା ନାହିଁ । ଆଗ, ତୁ ଚାଲ, ମୁଁ ତୋ ପଛେ ପଛେ ଯାଉଛି ।" ବୃଦ୍ଧ ଏହା କହି ଛତା ନେଇ ବାହାରିଲେ । ଜାନକୀ ଅନ୍ତରାଳରେ ଥାଇ ସବୁ ଶୁଣୁ-ଥିଲା । ପିତାଙ୍କୁ ବାହାରିବାର ଦେଖି କହିଲା—"କି ବାବା, ଖରାରେ ମୁଣ୍ଡ ଫାଟିଯାଉଛି, ଏତେବେଳେ ତମେ କୁଆଡ଼େ ଯାଉଛ ?" ବୃଦ୍ଧ ବ୍ୟସ୍ତହୋଇ କହିଲେ, "କଅଣ କରିବି ମା, କହ; ଜଣକର ଆପଦ ପଡ଼ିଛି, ତା ଶୁଣି କିପରି ସ୍ଥିରହୋଇ ରହିବି ? ସମସ୍ତେ ମୋତେ ଜାଳପୋଡ଼ି ମାରିଲେ, ଯେପରି କି ମୁଁ ନ ହେଲେ କାହାରି କିଛି କାମ ଚଳିବ ନାହିଁ । ମୁଁ ମରିଗଲେ କଅଣ କରିବେ, କେଜାଣି ! ବେଳେବେଳେ ଇଚ୍ଛା ହୁଏ, ଥରେ ମରିକରି ଦେଖନ୍ତି ମୋ ଅଭାବରେ ଏମାନେ କଅଣ କରିବେ ?" ବୃଦ୍ଧ ଘରୁ ବାହାରିଗଲେ, ଜାନକୀ ମୃଦୁ ହସି ମନେମନେ କହିଲା, "କ୍ଷଣକେ କୋପ, କ୍ଷଣକେ ଶାନ୍ତ । ଏହିକ୍ଷଣି ଘନଆ ଉପରେ କ୍ରୋଧର ସୀମା ନ ଥିଲା—ପୁଣି ତାକୁ ବିପଦରୁ ଉଦ୍ଧାର କରିବାକୁ ବାହାରିଲେ । ଦରକାର ପଡ଼ିଲେ କିଛି ଦେଇ ବି ଆସିପାରନ୍ତି । ଆହା, କି ଦୟାର ଶରୀର, କି ସରଳ ହୃଦୟ । ଏପରି ଦେବଚରିତ୍ର ବ୍ୟକ୍ତିଙ୍କୁ ବିଧାତା କି କଷ୍ଟ ଦେଲେ । ଆଜୀବନ ଅପୁତ୍ରିକ; ତହିଁ ଉପରେ ବୃଦ୍ଧ କାଳରେ ବିପତ୍ନିକ, ଏହା କି ଅଳ୍ପ କଷ୍ଟ ? ଯେ ପର-ଦୁଃଖ ସହିନପାରେ, ବିଧାତା କି ତାହାକୁ ସବୁ କଷ୍ଟ ଦିଏ ? ହାୟ ବିଧାତା, ଏହି କି ତୋର ବିଚାର ?" ଜାନକୀ ଦୀର୍ଘନିଃଶ୍ୱାସ ପକାଇ କି କାର୍ଯ୍ୟ କରିବାକୁ ଚାଲିଗଲା ।

ବୃଦ୍ଧ ରଙ୍କ ସାହୁର ଦ୍ୱାରରେ ଠିଆ ହୋଇ ତୀବ୍ର ସ୍ୱରରେ ଡାକିଲେ—"ରଙ୍କ, ରେ ରଙ୍କ !" ରଙ୍କ ଏ

ପଞ୍ଚଟତ ସ୍ୱରରେ ଚମକାଉଠି ଘର ଭିତରେ ଥାଇ କହିଲା—"ହଁ ଆଜ୍ଞା, ଯାଉଛି ।" ରଙ୍କ ଆସି ଦଣ୍ଡବତ କଲା । ବୃଦ୍ଧ ଘୃଣା ସହିତ ତାହା ପ୍ରତ୍ୟାଖ୍ୟାନ କରି ରଙ୍କକୁ ଅଗ୍ନିନେତ୍ରରେ ଚାହିଁ କହିଲେ—"ଥାଉ ଥାଉ, ଭକ୍ତି ସେତିକି ଥାଉ । ତୁ ତ ଏବେ ଖୁବ୍ ବଡ଼ ଲୋକ ହୋଇଗଲୁଣି, ଟଙ୍କା କରଜ ଦେଇ ମକଦ୍ଦମା କରି ଗରିବ ଲୋକଙ୍କର ଘର ନିଲାମ କରିବାକୁ ବସିଲୁଣି ?" ରଙ୍କ ତଳକୁ ମୁହଁ ପୋତି ମୃଣ୍ଡ ଆଉଁଷେ ଆଉଁଷି କ୍ଷୀଣ ସ୍ୱରରେ କହିଲା—"ଆଜ୍ଞା, ସେ ନେଇଥିଲା ।" ବୃଦ୍ଧ ଗର୍ଜିଉଠି କହିଲେ—"ଚୁପ୍ ମିଥ୍ୟାବାଦୀ, ଜୁଆଚୋର, ଜାଲିଆ, ମୁଁ ସବୁ ଜାଣେ, ତୁ ଯେପରି ଠକାଟିଆ, ତାହା ଜାଣେ—ଗାଁ ଲୋକଯାକ ବି ଜାଣନ୍ତି । ତୋର ଏ ମିଥ୍ୟା ଜାଲ ପ୍ରମାଣ କରାଇ ତୋତେ ଯେବେ ଛମାସ ହାଜତ ନ ଖୁଆଏ, ତେବେ ମୋର ନାମ ପୁରନ୍ଦର ମହାପାତ୍ର ନୁହେଁ । ଘନିଆକୁ ପରା ନବଶ ଦେଇଛୁ ? ତା ପେଟ ଖୋଇଦେଲୁ—ସେ ତୋର ଗୋରୁ କାଞ୍ଜିହାଉଦାରେ ଦେଲା । ତୁ ସେହିଦିନ ତାକୁ ତଳିଥିଲୁ—ତାହା ଘରଦ୍ୱାର ନିଲାମ କରି ତାକୁ ଏ ଗାଁରୁ ଉଠାଇଦେବୁ । ଆଚ୍ଛା ଭଲ ଦେଖିବା, କାହା ଘର ନିଲାମ ହେବ ? ଘରତଳ ମୋ ପାଖରେ ବନ୍ଧା ଅଛି, ଜାଣୁନା ? ସୁଧ ଅସଲ ତିନିଶ ଟଙ୍କାର ନାଲିସ କରି ତୋହରି ଘର ନିଲାମ କରିବି ଆଉ ସେହି ଘରେ ଘନିଆକୁ ଆଣି ରଖିବି । ଯେବେ ଭଲ ଚାହୁଁ ଅଛୁ, ତେବେ ଯାଇ ଦାବୀ ଛାଡ଼ ଲେଖି ଦେଇ ଆ ।" ବୃଦ୍ଧ ଏତିକି ମାତ୍ର କହି ରଙ୍କଠାରୁ ଉତ୍ତର ଶୁଣିବା ପୂର୍ବରୁ ସେଠାରୁ ପ୍ରସ୍ଥାନ କଲେ । ବାଟରେ ଯାଉଁ ଯାଉଁ ରଙ୍କ ବିରୁଦ୍ଧରେ ଆହୁରି ଅନେକ କଥା ଶୁଣିଲେ । ତାକୁ ଯେ ଶୀଘ୍ର ଶିକ୍ଷା ଦେବା ଦରକାର, ଏ ମନ୍ତବ୍ୟ ମଧ୍ୟ ଶୁଣିଲେ । ଶେଷରେ ଘନ ଏବଂ ଝିଅଟିଜାକୁ ପିଆଦାକୁ ତାଙ୍କ ସଙ୍ଗରେ ନେଇ ଘରକୁ ଫେରିଆସିଲେ । ଏ ପୁଣି କି ଅସମ୍ଭବ ବ୍ୟାପାର ! ତାଙ୍କ ପହଞ୍ଚିବା ପୂର୍ବରୁ ରଙ୍କ ଆସି ତାଙ୍କ ଦ୍ୱାରଦେଶରେ ଦଣ୍ଡାୟମାନ । ସେ ବୃଦ୍ଧଙ୍କୁ ଦେଖି ତାଙ୍କର ଦୁଇ ଗୋଡ଼ ଧରି ପଡ଼ିଗଲା ଏବଂ କାତର, କମ୍ପିତ ସ୍ୱରରେ କହିଲା—"ମୋତେ ଆପଣ ରକ୍ଷା କରନ୍ତୁ, ମୁଁ ଆଉ ଏପରି କୁବୁଦ୍ଧି କେବେ କରିବି ନାହିଁ । ଘନ ଚଣ୍ଡାଳ, ସେ ମୋ ଉପରେ ସୁଆର ହୋଇଥିଲା—ଏବେ ଓହ୍ଲାଇଗଲାଣି । ମୋର ବି ଖୁବ୍ ପଚାଏ ଶିକ୍ଷା ହେଲାଣି ମକଦ୍ଦମାରେ ଅଳ୍ପ ଖରଚ ହୋଇ ନାହିଁ । ତାହା ମୋ ପାପର ପ୍ରାୟଶ୍ଚିତ୍ତ । ମୁଁ ଦାବୀ ଛାଡ଼ ଲେଖିଦେଇ ଯାଉଛି ।" କାର୍ଯ୍ୟତଃ ସେହିପରି ହେଲା—ଗରିବ ଘନ ରକ୍ଷା ପାଇଲା ।

ବୃଦ୍ଧ ଗୃହରେ ଉପସ୍ଥିତ ହୋଇ ଡାକିଲେ—"କୁଆଡ଼େ ଗଲୁ ଝିଅ, ଏଣିକି ଆସିଲୁ ମା ।" ସ୍ୱର ଦୃଢ଼ କୋମଳ—ଖୁବ ସ୍ନେହାର୍ଦ୍ର । ଜାନକୀ ଆସି ଆଗରେ ଠିଆହୋଇ କହିଲା—"କଅଣ ବାବା ?" ବୃଦ୍ଧ ପିଣ୍ଡାରେ ବସି କନ୍ୟାକୁ ବସିବାକୁ ଆଦେଶ ଦେଲେ । କନ୍ୟା ଯାଇ ପିତାଙ୍କ ପାଖରେ ବସିଲା । ବୃଦ୍ଧ ସ୍ନେହଶୀତଳ ଦୃଷ୍ଟିରେ କନ୍ୟାକୁ ଚାହିଁ କହିଲେ—"ମୁଁ ଅନେକ ଥର ଦେଖିଲି ମା, ତୋ କଥା ଏଡ଼ିଦେବାର ନୁହେଁ । ମୋର ଜୀର୍ଣ୍ଣ ଜୀବନର ସନ୍ଧ୍ୟା ହେଲାଣି, ମୁଁ ଏହି ଅଛି ତ ଏହି ନାହିଁ; ମାତ୍ର ଅନନ୍ତ ସମୟ ତୋ ଆଗରେ ବିସ୍ତୃତ ରହିଛି । ତୋର ତ ଗୋଟାଏ ଅବଲମ୍ବନ ଦରକାର । ନହେଲେ ସମୟ କଟିବ କିପରି ? ନିଃସଙ୍ଗ ଜୀବନ ବଡ଼ ଖରି ବୋଧହୁଏ, ମା । କେହି ଗୋଟାଏ ଥିଲେ ଦୁଃଖ-ସଙ୍ଗୀ ହେବ ତ । ସ୍ୱଣ୍ଡରେ ତୁ ରନ୍ଧାବଢ଼ାରେ ଲାଗୁ, ମୁଁ ବସି ମାଳୀ ଜପକରେ, ସବୁ ଶୂନ ଶାନ । ଘର ଯେପରି ନିର୍ଜନ ଶ୍ମଶାନ । ଆଉ ଯେଉଁ ଘରେ ବାଳସ୍ୱର ନାହିଁ, ସେ ଘର କି ଘର ? ଆହା, ବାଳଗୋପାଳ ଲୀଳା ଯେ ଦେଖେ, ସେ ଭାଗ୍ୟବାନ୍ । ତୋର ଶ୍ୱଶୁରର ପୁଅ ତ ମୋର ପର ନୁହେଁ । ପିଲାଟି କେଡ଼େ, ତୁ ତାକୁ ଦେଖିଛୁ ନା ମା ?" ଜାନକୀ କହିଲା—"ହଁ ବାବା, ମୁଁ ଦେଖିଛି । ମୁଁ ଆସିବା ବେଳେ ସେ ଛମାସର ହୋଇଥିଲା । ଏବେ ତାର ତିନିବର୍ଷ ପୂରିଯାଇ ତିନିମାସ କି ଚାରିମାସ ହେବ । ଆମ ଘରେ କିଏ ଖାଉ ନାହିଁ ବାବା, ସ୍ୱଠ ଉଦାସୀ ପିଠେ ତ ଦିନରେ ଦଇସେର ଚାଉଳ ଖର୍ଚ୍ଚ ହୁଏ । ପିଲାଗଣ୍ଡକ କା କେତେ ଖାଇବ ? ଅଜ ପିଲା ନୁହେଁ ବାବା, ସିମିତି ଗୋଟାଏ ରାକ୍ଷସ ।" ଜାନକୀ ଏତିକି ମାତ୍ର କହି

ପିତାଙ୍କ ମୁଖକୁ ଜିଜ୍ଞାସୁ ଦୃଷ୍ଟିରେ ଅନାଇଁ ରହିଲା । ବୃଦ୍ଧ କହିଲେ—"ନା ଆଉ ବିଳମ୍ବ କରିବା ଉଚିତ ନୁହେଁ । କାଲି ଲୋକ ପଠାଇ ପିଲାଟିକୁ ନେଇ ଆସିବାର ବ୍ୟବସ୍ଥା କରିବି । ଆଉ ଗୋଟିଏ କଥା କହୁଛି ମା, ତୁ ସେ ନୂଆ ପୁଅଟିକୁ ପାଇ ତୋର ଏ ବୁଢା ପୁଅଟାକୁ ଅଣଦେଖା କରିବୁ ନାହିଁ ।" ଏହା କହି ବୃଦ୍ଧ ଠୋ ଠୋ କରି ହସି ଉଠିଲେ; ଜାନକୀ ମଧ୍ୟ ହସି ପକାଇଲା ।

# ପଞ୍ଚମ ପରିଚ୍ଛେଦ

ନିୟତିଚକ୍ର କେତେବେଳେ କେଉଁ ଆଡ଼କୁ ଘୂରେ କେତେବେଳେ କାହା ଭାଗ୍ୟରେ କି ସୁଯୋଗ ଆଣିଦିଏ, ତାହା କେହି ଜାଣିପାରେ ନାହିଁ । ଆଜି ଯେ ଫକୀର, କାଲି ସେ ଅମୀର ହୋଇପାରେ । ପକ୍ଷାନ୍ତରରେ ଅମୀର ମଧ୍ୟ ଫକୀର ହୋଇପାରେ । ନିୟତିର ଏ ଲୀଳା ବଡ଼ ବିଚିତ୍ର । ଯାହା ଅସମ୍ଭାବ୍ୟ, ଅବିଶ୍ୱାସ୍ୟ, ଅ-ସ୍ୱପ୍ନ-କଳ୍ପିତ, ତାହା ସୁଦ୍ଧା ବାସ୍ତବ ରୂପରେ ଆସି ଦେଖାଦିଏ । ସଂସାରରେ ଅସମ୍ଭାବନୀୟ କିଛି ନାହିଁ । ଶିଶୁ ଗୋପାଳ ଏବେ ପୁରନ୍ଦର ମହାପାତ୍ରଙ୍କ ଘର ଆଲୋକିତ କରିଅଛି । ମରୁଭୂମିରେ ଫୁଲ ଫୁଟିଅଛି, ଶ୍ମଶାନ ଦେବାଳୟ ହୋଇଅଛି । ପିଲାଟି ଆକୁଳ ଥୁକୁଲ । ଦେହଟି କୁନ୍ଦକୁ ପରି, ବାହାମୂଳ ରେକେ ମୋଟ । ସୁନ୍ଦର ସରଳ ଶିଶୁଟି ଖୁବ୍ ପ୍ରିୟଦର୍ଶନ ହୋଇଅଛି, ଯେମନ୍ତ କି ସେ ଗୋଟିଏ ଦେବ ପ୍ରସାଦୀ ଫୁଲ । ଶିଶୁ ମୁଖର ବିମଳ ବ-ଜ୍ଜ୍ୱଳ ଜ୍ୟୋତିରୁ ଅମର ମାଧୁରୀ ଝରି ପଡୁଅଛି । ଦୃଷ୍ଟି ଅମରବଲ୍ଲଭ ଅମୃତରେ ଭୋଳା, ଆଉ ହାସ୍ୟର ପଠାନ୍ତର ନାହିଁ । ଭାବ ଭଙ୍ଗୀରୁ ବୋଧହୁଏ, ଶିଶୁଟି ଟିକିଏ ଚୁଙ୍ଗୁଚୁଙ୍ଗିଆ ଏବଂ ଖୁବ୍ ଚଞ୍ଚଳମତି । ସେ ଅଳ୍ପଦିନ ମଧ୍ୟରେ ବୃଦ୍ଧ ଏବଂ ବୃଦ୍ଧ-ସ୍ୱାମୀର ହୃଦୟ ଭିତରକୁ ମୌରସି ପଟ୍ଟା ନେଇ ବସିଅଛି । ପିଲାଟିକୁ ପାଇ ବୃଦ୍ଧ ମହାପାତ୍ରଙ୍କର ରୁଦ୍ଧପ୍ରାୟ ଜୀବନର ସ୍ରୋତ ପୁଣି ନୂତନଭାବରେ ପ୍ରବାହିତ ହେଉଅଛି । ତାଙ୍କର କର୍ମସ୍ଥାନ, ଲକ୍ଷ୍ୟସ୍ଥାନ ଜୀବନ କର୍ମ ଏବଂ ଲକ୍ଷ୍ୟ ପାଇଅଛି । ସେ ଏବେ ଶିଶୁର କ୍ରୀଡ଼ାସଙ୍ଗୀ ଏବଂ ସଙ୍ଗୀତର ଶ୍ରୋତା । ଶିଶୁର ମଧୁମୟୀ ଭାଷା ତାଙ୍କ କର୍ଣ୍ଣରେ ହରିନାମ ତୁଲ୍ୟ ମଧୁ ବର୍ଷଣ କରେ । ଭାଷା-ସୃଷ୍ଟି ସମ୍ବନ୍ଧରେ ଶିଶୁମାନେ ଖୁବ୍ ପ୍ରବୀଣ । ଶିଶୁ ଯେପରି ଭାଷାକୁ କୋମଳ, ଲଳିତ ଏବଂ ମଧୁର କରିପାରେ କୌଣସି କବି ସେପରି କରିପାରେ ନାହିଁ । ସେ ଭାଷାକୁ କାଟି ଛାଣି ସୁନ୍ଦର କରିପାରେ, ଶ୍ରୁତିରସାୟନ କରି-ପାରେ । ସେ କଥା କହିବାବେଳେ କେଉଁଠି ଅସମ୍ପୂର୍ଣ୍ଣ କେଉଁଠି ଖର୍ବ, କେଉଁଠି ରୂପାନ୍ତର, ଏହିରୂପ ଯନ୍ତ୍ରଛିନ୍ନ ଭାଷା ବ୍ୟବହାର କରିଯାଏ । ଉଚ୍ଚାର ଜ୍ଞାନ ପରି ଶିଶୁ ସଙ୍କେତରେ ମନୋଗତ ଭାବ ପ୍ରକାଶ କରେ । ଶିଶୁର ଭାଷା ଶିଶୁ ତୁଣ୍ଡରେ ଯେ ରୂପ ମଧୁର ବୋଧହୁଏ ବୟସ୍କ ତୁଣ୍ଡରେ ସେ ରୂପ ହୁଏନାହିଁ—ପ୍ରତ୍ୟୁତଃ ହାସ୍ୟାସ୍ପଦ ବୋଧହୁଏ । ଏଥିରୁ ଅନୁମିତ ହୁଏ, ଶିଶୁ ତୁଣ୍ଡରେ ଏପରି କିଛି ଅଛି, ଯାହା ସ୍ପର୍ଶରେ ସବୁ ମଧୁର ହୋଇ-ଉଠେ । ବୃଦ୍ଧଙ୍କର ଆଉ ପୂର୍ବପରି ନିର୍ଲିପ୍ତ, ନିର୍ମାୟ ଭାବ ନାହିଁ । କ୍ଷୁଦ୍ର ଶିଶୁଟି ତାଙ୍କୁ ପୁନଶ୍ଚ ସଂସାରକୁ ଟାଣି ଆଣି-ଅଛି । ସେ ଶିଶୁର ସେବାରେ ନିଯୁକ୍ତ, ଲୀଳାରେ ମଗ୍ନ । ଶିଶୁକୁ ନଚାଇବା, ଖେଳାଇବା, ଫୁଲ ତୋଳିଦେବା, ନାନା ପ୍ରକାର ଖେଳନା ଆଣିଦେବା ତାଙ୍କର କଠୋର କର୍ତ୍ତବ୍ୟ ହୋଇଅଛି । ପୁତ୍ରହୀନ ବୃଦ୍ଧଙ୍କ ହୃଦୟର ଅପୌଗଣ୍ଡ ସଞ୍ଚିତ ପୁତ୍ରଦର୍ଶନ ତୃଷା କି ଏହି କ୍ଷୁଦ୍ର ଶିଶୁଟି ମେଣ୍ଟାଇ ପାରିବ ? ସେ ଯେ ମରୁଭୂମିର ତୃଷା । ଯାହାହେଉ ସେ ତୃଷ୍ଣା କଥଞ୍ଚିତ ଶାନ୍ତ ହୋଇଅଛି ।

ଗୋପାଳ ଜାନକୀକୁ "ବଡ଼ ମା"ଏବଂ ବୃଦ୍ଧଙ୍କୁ "ଅଜା"ବୋଲି ଡାକେ । ଏହା ତାକୁ ଜାନକୀ ଶିଖାଇ ଦେଇଛି । ଜାନକୀ ତାକୁ ପୁତ୍ରାଧିକ ସ୍ନେହ କରେ ।

ତାହାର ବନ୍ଧ୍ୟାଜୀବନରେ ବୃଦ୍ଧ ଅପତ୍ୟସ୍ନେହ ସହସ୍ର ଧାରରେ ଉଚ୍ଛୁଳଉଠି ଶିଶୁକୁ ଅଭିଷିକ୍ତ କରି ରଖିଅଛି । ସେ ନିଃସଙ୍ଗ ଜୀବନରେ ସଙ୍ଗୀ ପାଇଅଛି । ସେ ଜୀବନ ସାର୍ଥକ ମଣିଅଛି । ମାତୃତ୍ୱକୁ ନାରୀମାନେ ଜୀବନର ସର୍ବଶ୍ରେଷ୍ଠ ଗୌରବ ଜ୍ଞାନ କରନ୍ତି । ଜାନକୀ ସେହି ମାତୃ-ଉପାଧି ଲାଭ କରିଅଛି । ଗୋପାଳ ସୁଦ୍ଧା ମାତୃ-ସ୍ନେହରୁ ଅଧିକ ପାଉଅଛି । ସେ ଭାଗ୍ୟଧର, ସେ ସ୍ନେହର ଦୁଇଟି ଅମୃତ ଧାରା ପାନକରି ସୁଖୀ ହେଲା । ସେ ଧାରା କି ମଧୁର, କି ଶୀତଳ ? ମାତୃପିତୃହୀନ ଶିଶୁର ପ୍ରାଣ ସେଥିରେ ପରିପୁଷ୍ଟ ଏବଂ ଶୀତଳ ହେଲା । ଅବାଧ୍ୟତା ଅତିରିକ୍ତ ସ୍ନେହର ଅବଶ୍ୟମ୍ଭାବୀ ଫଳ । ଗୋପାଳର ଶିଶୁ ଜୀବନରେ ଅବାଧ୍ୟତାର ସୂତ୍ରପାତ ଦେଖି ଜାନକୀ ବେଳେବେଳେ ବିରକ୍ତ ହୁଏ । ଶିଶୁଟି ଓଷ୍ଠ ଫୁଲାଇ ଅଭିମାନରେ କାନ୍ଦଉଠେ । ବୃଦ୍ଧ ସେହିକ୍ଷଣି ତାକୁ କୋଳକୁ ନେଇ କନ୍ୟାକୁ ମଧୁର ତିରସ୍କାର କରି କହନ୍ତି—"ଛି, ମା, ପିଲାଟାକୁ ବିରକ୍ତ କଲେ ସେ ନିଃଶ୍ୱାସ ପକାଇବ । ସେ ଅଜ୍ଞାନ ଶିଶୁ, ଭଲ ମନ୍ଦ କଣ ଜାଣେ ? ପିଲାବେଳେ ସମସ୍ତେ ଦୁଷ୍ଟ ହୁଅନ୍ତି, ସେ ଦୁଷ୍ଟାମିଟିକ ସୁଦ୍ଧା ଉପଭୋଗ କରିବାର ପଦାର୍ଥ ମା । ପିଲାଙ୍କର ସବୁ ମଧୁର । ତାଙ୍କ ରୂପ ମଧୁର, କଥା ମଧୁର, ଦୁଷ୍ଟାମି ସୁଦ୍ଧା ମଧୁର । ଆହା, ଏତେଦିନଯାଏ ଏ ଘର କଅଣ ହୋଇଥିଲା, ଘରର ଶ୍ରୀ ନ ଥିଲା, ପ୍ରାଣ ନ ଥିଲା । ଏବେ ଗୋପାଳ ତାକୁ ଆନନ୍ଦମୟ ଉତ୍ସବମୟ କରି ରଖିଛି । ଭଗବାନ୍ ଯେ ବାଳ ଗୋପାଳ ରୂପରେ ନନ୍ଦର ଶୂନ୍ୟ ମନ୍ଦିର ଉଜ୍ଜ୍ୱଳ କରିଥିଲେ ମା । ମୋର ଏ ଗୋପାଳଟି ସେହି ବାଳଗୋପାଳ ମୂର୍ତ୍ତି । ମାବାପ ଛେଉଣ୍ଡ ପିଲାଏ ବେଶି ଅଭିମାନୀ ହୁଅନ୍ତି । ଗାଳି ହତାଦର ସେମାନଙ୍କୁ ବଡ଼ ବାଧେ । ବିଧାତା ଯାହାର ସବୁ ସୁଖ ଛଡ଼ାଇ ନେଇଛି, ତାକୁ ଟିକିଏ ସ୍ନେହ ଯତ୍ନ କରିବା ଦରକାର ।" ପିତାଙ୍କର ଏ ମନ୍ତବ୍ୟ ଶୁଣି କନ୍ୟା ହସି ଉଠି କହେ, "କିଏ ହତାଦର କରୁଛି ବାବା ? ଡମର ସେ କଥା, ପିଲାଙ୍କୁ ଶାସନ ନ କଲେ ବଡ଼ କାଳକୁ ସେ ସମ୍ଭାଳି ହେବ ନାହିଁ ।" ବୃଦ୍ଧ ଟିକିଏ ଅପ୍ରତିଭ ହେଲା ପରି ହୋଇ କହନ୍ତି, "ହଁ ମା, ହଁ, ନା ନା ତୁ ହତାଦର କରୁନାହୁଁ ଯେ, ମା'ଠାରୁ ଅଧିକ ସ୍ନେହ କରୁ, ତା କଅଣ ମୁଁ ମାନୁ ନାହିଁ ? ସତ ମା, ପିଲାକାଳରେ ଶାସନ ଦରକାର । ତେବେ ଗୋପାଳର ଶାସନ ବୁଝିବା ଭଳି ଜ୍ଞାନ ହୋଇନାହିଁ ।" ଦିନେ ବୃଦ୍ଧ ଧୋବ କନାରେ ବନ୍ଧା ଗୋଟାଏ ପୁଟୁଳି ଆଣି ଝିଅ ହାତରେ ଦେଇ କହିଲେ, 'ନେ ମା, ତୋ ପୁଅକୁ ବେଶ କରିଦେ ।' ଜାନକୀ ପୁଟୁଳି ଫିଟାଇ ଦେଖିଲା, କେତେପ୍ରକାର ସୁନାରୁପାର ଅଳଙ୍କାର । ସେ ବିସ୍ମୟ ଦୃଷ୍ଟିରେ ପିତାଙ୍କ ମୁହଁକୁ ଚାହିଁ କହିଲା, 'ଏ କଅଣ ବାବା, ପିଲାଟା ପାଇଁ ଏତେ ଗହଣା !' ବୃଦ୍ଧ ଉଚ୍ଚ ହାସ୍ୟରେ ଗୃହ ପ୍ରତିଧ୍ୱନିତ କରି କହିଲେ, 'ପିଲାଟା କିଏ ଜାଣୁ ? ସେ ଯେ ପୁରନ୍ଦର ମହାପାତ୍ରଙ୍କ ନାତି । ଅଳଙ୍କାର ନ ପିନ୍ଧିଲେ ଚଳିବ କପରି ? ଆଉ ଲୋକେ ବା କଅଣ କହିବେ ? କହିବେ, ବଡ଼ଲୋକ ହୋଇ ନାତିଟାକୁ ପାଣ କଣ୍ଡରି ଚୁଆପରି ନଙ୍ଗଳା କରି ରଖିଛି । ଦିଖଣ୍ଡ ଅଳଙ୍କାର ବି ଦେଇ-ନାହିଁ ।" କିନ୍ତୁ ବୃଦ୍ଧ, ଲୋକେ ଯାହା କହନ୍ତୁ ପଛକେ ଆଉ ତୁମ୍ଭର ବଡ଼ଲୋକୀର ପ୍ରଶଂସା କେହି ନ କରନ୍ତୁ ପଛକେ, ତୁମ୍ଭେ ଏ କଅଣ କଲ ? ତୁଚ୍ଛା ଧାତୁ ନିର୍ମିତ ଅଳଙ୍କାରରେ ଶିଶୁର ନୈସର୍ଗିକ ଶୋଭାକୁ ବଢାଇବ ନା ଢାଙ୍କିବ ? ରତ୍ନକୁ ତୁମ୍ଭେ କାହିଁରେ ମଣ୍ଡନ କରିବ ? ଶିଶୁର ଅଙ୍ଗ ସ୍ୱଭାବସୁନ୍ଦର, ଅଳଙ୍କାରରେ ତାହା ସୁନ୍ଦର ହେବନାହିଁ ; ବରଂ ତାହାର ସୁନ୍ଦର ଅଙ୍ଗ ସ୍ପର୍ଶରେ ଅଳଙ୍କାରର ଶୋଭା ବଢିବ । ଶିଶୁ ଯେ ଅଳଙ୍କାରର ସର୍ବଶ୍ରେଷ୍ଠ ଅଳଙ୍କାର । ଯଦି ଏହି ଭାବ ଧରି ଶିଶୁକୁ ଅଳଙ୍କୃତ କରିବାକୁ ଇଚ୍ଛା କରିଥାଅ, ତେବେ ତୁମ୍ଭେ ପ୍ରକୃତରେ ସୌନ୍ଦର୍ଯ୍ୟପିପାସୁ । ଅନ୍ୟଥା ସୌନ୍ଦର୍ଯ୍ୟର ବାହ୍ୟ ପକ୍ଷପାତୀ ମାତ୍ର ।

ଶିଶୁ ବଡ଼ ସ୍ୱାର୍ଥପର ଜୀବ, ସେ ସମସ୍ତଙ୍କୁ ଆପଣାର କରିନିଏ । ବୃଦ୍ଧ ଗୋପାଳକୁ ପ୍ରାଣରେ ମିଶାଇ ନେଇଅଛନ୍ତି । ପ୍ରତ୍ୟହ ଠାକୁର ପୂଜାରେ ତାଙ୍କର ଓଳିଏ ସମୟ ଅତିବାହିତ ହେଉଥିଲା—ଏଣିକି ଘଣ୍ଟାକ ମଧ୍ୟରେ ସବୁ ସରିଯାଏ । ବୃଦ୍ଧ ଧ୍ୟାନ କରିବସିଲେ ଇଷ୍ଟଦେବତା ପରିବର୍ତ୍ତରେ ଗୋପାଳର କ୍ଷୁଦ୍ର ମଧୁର ମୂର୍ତ୍ତି ସମ୍ମୁଖରେ ଅଙ୍କିତ ହୋଇଯାଏ । ରକ୍ତପାଠ

ଝରୁ ଝରୁ ତାହାର କ୍ଷୁଦ୍ର ହସ୍ତର କୋମଳ ସ୍ପର୍ଶ ଅନୁଭବ କରନ୍ତି । କେତେବେଳେ ବା ଗୋପାଳ ଅତର୍କିତରେ ଆସି ବୃଦ୍ଧଙ୍କ ହସ୍ତରୁ ଜପାମାଳୀ ଛଡ଼ାଇ ନେଇ ନିଜର କଣ୍ଠଭୂଷଣ କରେ । କେବେ କେବେ ତକିଆ ଫାଙ୍କ କରି ସଦ୍ୟପ୍ରସ୍ଫୁଟିତ ଶତଦଳ ପରି କ୍ଷୁଦ୍ର, ସୁନ୍ଦର ମୁହଁଟି ଦେଖାଇ ଦେଇ "ଏ ଅଦ୍‌ଦା' ବୋଲି କହି କର କର୍ ହୋଇ ହସି ପଳାଇଯାଏ । ବୃଦ୍ଧଙ୍କର ପୂଜା ଏହି ଶିଶୁଲୀଳା ମଧ୍ୟରେ ବୁଡ଼ିଯାଏ । ଗୋପାଳ ଅଜାଙ୍କ ସଙ୍ଗରେ ପୂଜା କରେ, ଅଜାଙ୍କ ସଙ୍ଗରେ ଖାଏ, ଅଜାଙ୍କ ପାଖରେ ଶୁଏ । ଅଜା ଅଶ୍ୱିନୀକୁମାର ହୁଅନ୍ତି, ଗୋପାଳ ଅଶ୍ୱାରୋହୀ ହୁଏ । ଅଜା ନୂଆବୋହୂ ହୁଅନ୍ତି, ଗୋପାଳ ତାଙ୍କ ମୁହଁରୁ ଓଢ଼ଣା ଟେକିଦେଇ ଅପୂର୍ବ ଆନନ୍ଦ ଉପଭୋଗ କରେ । ଅଜାନାତି ଦୁହେଁ ଏହିପରି ଅଭିନୟ କରି କୌତୁକ ଅନୁଭବ କରନ୍ତି । ଅଜା ଯେପରି ନାତିସର୍ବସ୍ୱ, ନାତି ମଧ୍ୟ ସେହିପରି ଅଜାସର୍ବସ୍ୱ । କେହି କାହାରିକୁ ଦଣ୍ଡେ ଛାଡ଼ନ୍ତି ନାହିଁ । ବୃଦ୍ଧଙ୍କଠାରୁ ଗୋପାଳ ଅନେକ କଥା ଶିଖିଅଛି, ସମୟ ସମୟରେ ତାହା ଆବୃତ୍ତି କରେ । ବୃଦ୍ଧ ସନ୍ଧ୍ୟାବେଳେ ମାଳୀ ଜପନ୍ତି । ଗୋପାଳ ମାଳଟିଏ ଝିଙ୍କାଇଆଣି ମାଳଉପର ଅଭିନୟ କରେ । ବୃଦ୍ଧ କହନ୍ତି—"କହ ରାଧେ କୃଷ୍ଣ" । ଗୋପାଳ କହେ—"କହ ଲଧେ କୁଠ୍‌ଠ ।" ବୃଦ୍ଧ କହନ୍ତି—"ନାରେ, ଖାଲି ରାଧେକୃଷ୍ଣ କହ ।" ଗୋପାଳ କହେ, "ନା-ଲେ, ଖାଲି ଲଧେ କୁଠ୍‌ଠ କହ ।" ବୃଦ୍ଧ ହସିଉଠନ୍ତି, ଗୋପାଳ ମଧ୍ୟ ହସି ହସି କାସି ପକାଏ । ବୃଦ୍ଧ ତାକୁ କୋଳକୁ ଟାଣିନେଇ କେତେ ସୁଆଗ କରନ୍ତି, କେତେ ଗେଲ କରନ୍ତି । ଗୋପାଳ ସୁଦ୍ଧା ଅଜାଙ୍କ କୋଳରେ ଝୁଲିପଡ଼ି—"ନା-ଲେ, ମୋ କୁନିକି କିଏ ମାଇଲା ଲେ ' କହି ବୃଦ୍ଧଙ୍କୁ ଗେଲ କରେ । ଏହିପରି ପରସ୍ପରର ସ୍ନେହ ପରସ୍ପର ଶୁଝିଦିଅନ୍ତି—ବାକି ବାସି ରହେ ନାହିଁ । ବୃଦ୍ଧ ସ୍ନେହରେ ଗୋପାଳକୁ ଭାଇ ବୋଲି ଡାକନ୍ତି, କେବେ ବାବୁ ବୋଲି ଡାକନ୍ତି, କେବେ ବା ବାପା ବୋଲି ଡାକନ୍ତି । ଅଜାନାତି ଦୁହେଁ ଦୁଇଟି ଅନ୍ତରଙ୍ଗ ବନ୍ଧୁପରି ଖେଳ କୌତୁକରେ, ସ୍ନେହ-ପ୍ରେମରେ ଦିନ ପରେ ଦିନ କଟାଇଦିଅନ୍ତି ।

ନବଘନ ସାମୁ ପୁରନ୍ଦର ମହାପାତ୍ରଙ୍କର ପ୍ରତିବେଶୀ । ଘରକୁ ଘର ଲଗିଲାଗି—ମଝିରେ ଖଣ୍ଡେ କଦଳୀ ବାଡ଼ି ଛଡ଼ା ଅଛି । ନବଘନ ଜାତିରେ କରଣ, ମହାପାତ୍ରଙ୍କର ଜ୍ଞାତି ନୁହେ—ସ୍ୱଜାତି; ଲୋକଟି ବଡ଼ ଗରିବ । ବାଙ୍ଗମିସ୍ତ୍ରୀ କାମ କରି ଯାହା ଉପାର୍ଜନ କରେ, ଅମଳପାଣିରେ ସେଥିରୁ ଅଧେ ଯାଏ । ବାକୀ ଅଧକରେ ଅତି କଷ୍ଟରେ ସଂସାର ଚଳେ । ଗୃହସ୍ଥ ସ୍ତ୍ରୀ ଏବଂ ଦୁଇଟି ପୁତ୍ରକନ୍ୟା, ଏହି ସବୁ ପ୍ରାଣୀ ମାତ୍ର ଘରକୁ କୁଟୁମ୍ବ । ନବଘନର ସ୍ତ୍ରୀ କନକଲତା ଜାନକୀର ସମବୟସୀ । ସେ ମହାପାତ୍ରଙ୍କ ଘରକୁ ସର୍ବଦା ଯାତାୟାତ କରେ । ଜାନକୀର ସେ ପୁଷ୍ପଶ୍ରୋତୀ । କେବେ କେବେ ପାଞ୍ଚପାଇଟି କରିଦିଏ । ପାଇଟି ବା ଅଛି କଅଣ, ସବୁ ତ ଏକା ଜାନକୀକୁ ନଅଣ୍ଟ । କନକ ବେଳେ ବେଳେ ତା ହାତରୁ ଛଡ଼ାଇ କେତେ କାମ କରିଦିଏ । ମହାପାତ୍ରଙ୍କୁ ନବଘନ ଦାଦା ବୋଲି ଡାକେ । ଜାନକୀ ସେହି ସମ୍ପର୍କ ଧରି କନକକୁ ଖୁଡ଼ୀଙ୍କ ଲେଖା କରେ । ଦୁଇ ସଖୀ ମଧ୍ୟରେ ଖୁବ୍ ମେଳ । ଅନେକ ସମୟରେ କନକ ଜାନକୀଠାରୁ ନାନା ପ୍ରକାର ସାହାଯ୍ୟ ପାଏ । ସମୟ ସମୟରେ ଦୁଇ ସଖୀ ବସି ପଶା ଖେଳନ୍ତି, ସୁଖ ଦୁଃଖର କଥା କହନ୍ତି, ହାସ୍ୟ ପରିହାସରେ ଲାଗନ୍ତି । ଦୁହିଁଙ୍କର ଦେହ, ମନ, ପ୍ରାଣ, ଯେପରି ଏକ ଉପାଦାନରେ ଗଢ଼ା । ପ୍ରତିଦିନ ସକାଳେ ଗୋପାଳ ଲାଗି ବତାସିତ ରଖାଯାଏ, ସେ ଭାର କନକ ଗ୍ରହଣ କରିଅଛି । ସେ ସ୍ୱତ ସଙ୍ଗ ଗୋପାଳ ଏବଂ ତାହାର ସାନ ଝିଅ ମେନକାକୁ ଖୁଆଏ । ମେନକା ଗୋପାଳଠାରୁ କିଛି ସାନ । ଦୁହେଁ ଭାଇ ଭଉଣୀ ପରି ଏକା ସଙ୍ଗରେ ଖେଳନ୍ତି । ଦୁହିଁଙ୍କର ଖୁବ୍ ଭାବ । ଗୋପାଳ ମେନକାକୁ ମେନି ବୋଲି ଡାକେ ଆଉ ମେନକା ତାକୁ ଗୋପାଳ ଭାଇ ବୋଲି ଡାକେ । ମେନକାର ନାକ, ଆଖି, ମୁହଁ ସୁଗଠିତ ଏବଂ ଲକ୍ଷଣଯୁକ୍ତ । କେବଳ ଦେହର ବର୍ଣ୍ଣଟା ଟିକିଏ କଳା । ପାଣ୍ଡୁରିଆ କଳା ନୁହେ—ଚିକ୍‌କଣ କଳା । ରୂପଟି ତାକୁ ଖୁବ୍ ମାନେ । ଝିଅଟି ଖୁବ୍ ଢଳଢଳ ଢାଳଲ । ମହାପାତ୍ରେ ତାକୁ ବଡ଼ ସ୍ନେହ କରନ୍ତି । ସେ

ମହାପ୍ରାଣଙ୍କୁ ସାଆନ୍ତ ବାବା ବୋଲି ଡାକେ । ବୃଦ୍ଧ ଗୋପାଳ ଆଉ ମେନକା ଦୁହିଁଙ୍କୁ କୋଡରେ କାଖରେ ଧରି ଗେଲ କରନ୍ତି—ଦୁହିଙ୍କୁ ଗୋପୀ ଗୋପାଳ ବୋଲି କହି କେତେ ଥଟ୍ଟା କରନ୍ତି । ଶିଶୁମାନେ ସ୍ନେହର ବଶ, ଯେଉଁଠି ସ୍ନେହ ପାଆନ୍ତି, ସେଇଠି ଆସନ ମାଡି ବସନ୍ତି । ବେଳେ ବେଳେ ଉଭୟ ଶିଶୁ ବୃଦ୍ଧଙ୍କ ଉପରେ ଅଧିକାର ନେଇ ବିବାଦ କରନ୍ତି । ଗୋପାଳ କହେ—ମୋର ଅଜା, ମେନକା କହେ—ମୋର ସାଆନ୍ତ ବାବା । ବୃଦ୍ଧଙ୍କୁ ପୂର୍ଣ୍ଣ ଅଧିକାରରେ ରଖିବାକୁ ଦୁହିଙ୍କର ପୂର୍ଣ୍ଣ ଇଚ୍ଛା । ବୃଦ୍ଧ ଏହା ଦେଖି ଆନନ୍ଦ ଅନୁଭବ କରନ୍ତି ଏବଂ ନିଜକୁ ଅଧେ ଅଧେ ଭାଗ କରିଦେଇ କଳହ ଭାଙ୍ଗିଦିଅନ୍ତି । ଦୁହେଁ ମସ୍ୟାର ଲାଗି ବୃଦ୍ଧଙ୍କ ପାଖରେ ବିଚାରପ୍ରାର୍ଥୀ ହୁଅନ୍ତି, ବୃଦ୍ଧ ମଧ୍ୟ ଏହି ଶିଶୁ ବିଚାରାର୍ଥୀ ଦୁହିଁଙ୍କୁ ବିଚାରରେ ସନ୍ତୁଷ୍ଟ କରନ୍ତି । ବେଳେ ବେଳେ ବଡ କୌତୁକ କରନ୍ତି । ଶିଶୁ ଦୁଇଟିକୁ ଆପାଦମସ୍ତକ ଫୁଲରେ ସଜାଇ ଆନନ୍ଦବିହ୍ୱଳ କଣ୍ଠରେ ଝିଅକୁ ଡାକି କହନ୍ତି—"ଦେଖ୍ ଲୋ ମା, ଗୋପୀ ଗୋପାଳ ମୂର୍ତ୍ତି ଦେଖ, ଆହା କି ସୁନ୍ଦର ମାନୁଛି ।" ଏହା କହି ହାତ ତାଳି ଦେଇ ଦୁହିଙ୍କୁ ନଚାନ୍ତି । ଜାନକୀ ଏ ଦୁର୍ଲଭ ଶିଶୁ ନୃତ୍ୟ ଦେଖି ମୋହିତ ହୋଇଯାଏ । ଆନନ୍ଦ ଆଉ ତାହା ହୃଦୟରେ ଧରେ ନାହିଁ—ଅଶ୍ରୁଧାର ରୂପରେ ଉଚ୍ଛୁଳିଉଠେ ।

ଗୋପାଳ ଏବଂ ମେନକା ଦୁହେଁ ଧୂଳିଘର ଖେଳନ୍ତି, କେବେ କଣ୍ଢେଇ ବାହାରେ ମାତନ୍ତି । ବିବାହରେ ବର କନ୍ୟା ଉଭୟ ପକ୍ଷରୁ ବୃଦ୍ଧ ନିମନ୍ତ୍ରିତ ହୁଅନ୍ତି । ମେନକା କନ୍ୟାର ମାତା ହୁଏ ଏବଂ ଗୋପାଳ ବରର ପିତା ହୁଏ । ଖୁବ୍ ଆଡ଼ମ୍ବରରେ ବିବାହ ଉତ୍ସବ ଲାଗେ । ମେନକା କନ୍ୟା ଗାଇରେ ଖୁଣ୍ଟାଟାଏ ବସାଇ ଦେଇ ତୀବ୍ର ଭର୍ତ୍ସନାପୂର୍ଣ୍ଣ ସ୍ୱରରେ କହେ, "କାନ୍ଦ୍‌ଲୋ ପୋଡ଼ାମୁହିଁ, ସାଆନ୍ତ ବାବାଙ୍କୁ ଧରି କାନ୍ଦ୍ । ଏ କି ବେହିଆଣୀ ଲୋ ମା, ଶାଶୁ ଘରକୁ ଯାଉଛି—ଟିକିଏ ହେଲେ କାନ୍ଦୁ ନାହିଁ ।" ବୃଦ୍ଧ ଏହା ଶୁଣି ଉଚ୍ଚ ସ୍ୱରରେ ହସିଉଠନ୍ତି । ବାହାଘରର ଡାଲି, ଭାତ, କ୍ଷୀରି, ପିଠା ସବୁ ଧୂଳିରେ ପ୍ରସ୍ତୁତ ହୋଇଥାଏ । ନିମନ୍ତ୍ରିତ ବୃଦ୍ଧଙ୍କୁ ତାହା ଖାଇବାକୁ ଦିଆଯାଏ । ମେନକା ଆସି ଘନଘନ ପରଷି ଯାଏ, ଗୋପାଳ ବସି ବରାଦ କରୁଥାଏ । ବାଳକ ବାଳିକା ଦୁଇଟିର ଏ ଘରକରଣା ଦେଖି ବୃଦ୍ଧ ହାସ୍ୟ ସମ୍ବରଣ କରିପାରନ୍ତି ନାହିଁ । ମୁଗ୍ଧ ନେତ୍ରରେ ଚାହିଁ ବସି ସେମାନଙ୍କର ଏ ମଧୁର କ୍ରୀଡ଼ା ଦେଖନ୍ତି ।

ଶିଶୁ ଦୁଇଟି ଟିକିଏ ବଢି ଉଠିଲେଣି । ଗୋପାଳ ସପ୍ତମ ତେଇଁ ଅଷ୍ଟମ ବର୍ଷରେ ପଦାର୍ପଣ କରିଅଛି । ଦୁହେଁଯାକ ବୃଦ୍ଧଙ୍କର ଖୁବ୍ ସେବା କରନ୍ତି । ତାଙ୍କର ଗୋଡ଼ହାତ ମୋଡି ଦିଅନ୍ତି । ସେଥିର ପୁରସ୍କାର ସ୍ୱରୂପ ବୃଦ୍ଧଙ୍କଠାରୁ ସନ୍ଧ୍ୟାବେଳେ ଗଳ୍ପ ଶୁଣନ୍ତି । ଆଜି ସେମାନେ ଆଉ ଦୁଇଟି ନୂତନ କର୍ତ୍ତବ୍ୟର ଭାର ପାଇଅଛନ୍ତି । ମେନକା ମୁଣ୍ଡରୁ ପାକଲ ବାଳ ଉପାଡିବ, ଆଉ ଗୋପାଳ ପିଠିରୁ ଖସ ମାରିବ । ମେନକା ବୃଦ୍ଧଙ୍କ ମୁଣ୍ଡରେ ହାତ ଦେଇ କହିଲା—"ସାଆନ୍ତ ବାବା, ପାକଲ ବାଳ ସବୁ ଉପାଡି ଦେଲେ ତମ ମୁଣ୍ଡରେ ଆଉ କିଛି ରହିବ ନାହିଁ—ବିଲ୍‌କୁଲ୍ ଟାଙ୍ଗରା ହୋଇଯିବ । କଳାବାଳ କେତେଟା ଯେ ଅଛି, ସେ କିଛି ଖାପ ଖାଉନାହିଁ । ତାକୁ ଉପାଡିଦିଏଁ ଯେ ଏକବର୍ଣ୍ଣୀ ହୋଇ ରହିବ ।" ବୃଦ୍ଧ ହସିଉଠି କହିଲେ—"ମେନି, ଥଟ୍ଟା କରୁଅଛୁ ପରା ? ଆସ ହେଉ, ମୋର ପରି ଗୋଟାଏ ପାକଲବାଳିଆ ବୁଢା ବର ବାଛି ତୋତେ ବାହା ଦେବି ।" ବାଳିକା ବିବାହ ଅର୍ଥ ନ ବୁଝିଲେ ସୁଦ୍ଧା ପୂର୍ବ ସଂସ୍କାର ସୁଲଭ ଲଜ୍ଜାରେ ମୁହଁ ତଳକୁ ପୋତିଲା । ଗୋପାଳ ହୋ ହୋ କରି ହସିଉଠି ବିକୃତ ମୁଖଭଙ୍ଗୀ କରି କହିଲା—"ମେନିର ବୁଢାବର ହବ ରେ, ବୁଢା ବର ହବ ।" ମେନକା ଏଥର ରାଗି ଉଠି ବିକୃତ ମୁଖଭଙ୍ଗୀ କରି କହିଲା—"ହଁ, ତୋହରି ବୁଢା ବର ହବ ।" ସରଳା ବାଳିକାର ସରଳ ଉତ୍ତରରେ ବୃଦ୍ଧ ହସି ପକାଇଲେ ।

ଜଗତରେ ଅତି ଶବ୍ଦଟି ବଡ଼ ଖରାପ । ଯେଉଁ କାର୍ଯ୍ୟ ହେଉ ବା ଯେଉଁ ବିଷୟ ହେଉ, ସୀମା ଲଙ୍ଘନ କଲେ କଥା ସରିଯାଏ । ବୃଦ୍ଧଙ୍କର ଅତ୍ୟଧିକ ସ୍ନେହର ଫଳ କ୍ରମେ ବିଷମୟ ହୋଇଉଠିଲା । ଗୋପାଳର

ଅବାଧତା, ଉଚ୍ଛୃଙ୍ଖଳତା ବାଧା ନପାଇ ବଢ଼ିବାକୁ ଲାଗିଲା । ସେ ଦିନରେ ବାର କଳି ଘରକୁ ଆଣିଲା । ଘରୁ ବାହାର ହେଲେ ସେ ଖାଲିହାତରେ ଫେରି ଆସେନାହିଁ । ବାସ୍ତୁ ହାଣ୍ଡି ଶୃଙ୍ଖଳାରୁ ଫିଟିଲେ ଯେପରି ଖଣ୍ଡେ ହନ୍ତାଳ ପକାଏ, ଗୋପାଳ ସେହିପରି କାହାର ପିଲାକୁ କସ୍ତୁଣ୍ଡ ଦେଇଆସେ—କାହାର ଗୋରୁକୁ ପାହାରେ ପିଟିଦିଏ –କାହାର ବା ସିଜୁବାଡ଼ ଭାଙ୍ଗି ଦେଇ ଆସେ । ଏହିପରି ଗୋଟାଏ କିଛି କଳଙ୍କ ନ ଘେନି ସେ ଘରକୁ ଫେରି ଆସେ ନାହିଁ । ମହାପାତ୍ରଙ୍କ ମୁହଁକୁ ଚାହିଁ କେହି କିଛି କହି ପାରନ୍ତି ନାହିଁ । ମାତ୍ର ମନେ ମନେ ଅତ୍ୟନ୍ତ ବିରକ୍ତ ହୁଅନ୍ତି । କେହି କେହି ଆଗରେ ନ କହିଲେ ସୁଦ୍ଧା ପଛରେ ଅନେକ କଥା କହି ବୁଲନ୍ତି । ଗୋପାଳ ଏହି ଦୁଷ୍ଟାମି ପାଇଁ ଜାନକୀ-ଠାରୁ ମାଡ଼ ଖାଏ; ମାତ୍ର ସେ ମାଡ଼କୁ ସେ ଖଜାପିଠା ପରି ଖାଇ ହଜମ କରିଦିଏ । ବୃଦ୍ଧ ସୁଦ୍ଧା ଏଣିକି ତାହା ପ୍ରତି ପୂର୍ବପରି ସୁପ୍ରସନ୍ନ ନୁହନ୍ତି । ସେ କହନ୍ତି—"କ୍ଷତର ଜ୍ୱାଳା ନିବାରଣ ପାଇଁ ମଲମ ପ୍ରୟୋଗ କଲି ଯେ, ସେ ମଲମର ଜ୍ୱାଳା କ୍ଷତର ଜ୍ୱାଳାଠାରୁ ବଳିଗଲା ।" ଲୋକେ ଅନ୍ତରାଳରେ ଥାଇ ଯେଉଁ ତୀକ୍ଷ୍ଣ ବାକ୍ୟ-ବାଣ ବର୍ଷନ୍ତି, ସେଥିରେ ତାଙ୍କର ମର୍ମଗ୍ରନ୍ଥି ଛିଡ଼ିଯାଏ । କିନ୍ତୁ କଅଣ କରିବେ, କୃତକର୍ମର ଫଳ କାହାକୁ ଦେବେ ? ଜାନକୀ କହିଲା—'ବାବା, ତମେ ତାକୁ ମୁହଁ ଦେବାରୁ ସେ ଏପରି ହେଲା । ଆଠ ନବର୍ଷର ଆସି ହେଲା, ଅବଧି ପାଠଶାଳା ଛୁଇଁଲା ନାହିଁ ।' କନ୍ୟାର କଥାରେ ବୃଦ୍ଧଙ୍କର ଚେତନା ହେଲା । ସେ କହିଲେ, 'ସତ ଲୋ ଝିଅ, ତାକୁ ଏଣିକି ବନ୍ଧନରେ ନ ପକାଇଲେ ଆଉ ଚଳିବ ନାହିଁ । ଆଚ୍ଛା, ଗୋଟାଏ କଥା କଲେ କି ହୁଅନ୍ତା ନାହିଁ ? ଉହୁଣି ତ ପିଲାଟା, ସେ ଇସ୍କୁଲରେ ଯାଇ କଅଣ ପଢ଼ିବ ? କିଛିଦିନ ବଡ଼ା ନାହାକ ପାଖରେ ଆମ ବଙ୍ଗଳାରେ ପଢ଼ୁ, ତୋ ମନକୁ କିମିତି ଆସୁଛି ମା ?' ଜାନକୀ କହିଲା—'ହଁ ବାବା, ସେହି କଥା ହେଉ ।' ତହିଁପର ଦିନ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲା । ସ୍ୱଚ୍ଛନ୍ଦବିହାରୀ ବିହଙ୍ଗ ଏବେ ଅଠାକାଣ୍ଡିଆରେ ପଡ଼ି ଛଟପଟ ହେଲା ।

ମେନକାକୁ ଜାନକୀ ଝିଅ ପରି ସ୍ନେହ କରେ । ତାକୁ ହଳଦୀ ଲଗାଇଦିଏ, କଳା ନାଇଦିଏ, ତାହାର ମୁଣ୍ଡ କୁଣ୍ଡାଇଦିଏ । ସାଙ୍ଗରେ ଖୁଆଏ—ପାଖରେ ଶୁଆଏ । ମେନକା ତାକୁ ପିଉସୀ ଲେଖାରେ ଅପା ବୋଲି ଡାକେ । ଅପା ପାଖରୁ ସେ ଢେର କାମ ଶିଖିଲାଣି । ସେ ଗୁଆ କାଟିପାରେ, ପାନ ଭାଙ୍ଗିପାରେ, ଚନ୍ଦନ ଘୋରିପାରେ । ଜାନକୀ ତାକୁ ଲୁଗାସିଆଁ, କାଇଁଶ ସୂଙ୍ଗୁଡ଼ି ବୁଣା, ପଙ୍ଖା ବୁଣା, ଝୋଟିଦିଆ, ଠାଭଙ୍ଗା ଇତ୍ୟାଦି କରଣ କନ୍ୟାର ଯୋଗ୍ୟତାପରିସୂଚକ ଅନେକ ବିଦ୍ୟା ଶିଖାଇଅଛି । ଏଣିକି ବର୍ଣ୍ଣ ଶିକ୍ଷା ଅରମ୍ଭ ହୋଇଅଛି । ମେନକାର ଇଚ୍ଛା, ସେ ଅପା ପରି ରାମାୟଣ, ଭାରତ, ଭାଗବତ ପଢ଼ିବ । ସେଥିପାଇଁ ସେ ଖୁବ୍ ମନୋଯୋଗ ସହିତ ପଢ଼ୁଅଛି । ଅଳ୍ପଦିନ ମଧ୍ୟରେ ବର୍ଣ୍ଣବୋଧିନୀର ପ୍ରଥମ ଭାଗ ଶେଷ କରି ସାରିଲାଣି । ସେ ଜାନକୀକୁ ମାଆ ପରି ଭଲପାଏ । ଜାନକୀ ସ୍ନାନକରିଲେ ସେ ଚୁଳି ଜାଳିଦିଏ । ପରିବା ଯୋଗାଡ଼ିଦିଏ, ବେଶର-ହଳଦୀ ବାଟିଦିଏ, ପାଣି ଆଣିଦିଏ, ସବୁବେଳେ ଜାନକୀ ପଛେ ପଛେ ଗୋଡ଼ାଇ ଥାଏ । ଗୋପାଳ ଭାଇସଙ୍ଗରେ ତାସ ଖେଳେ, ବାଘ-ଛେଳି ଖେଳେ । ସେ ଗୋପାଳକୁ ଯେପରି ଭଲ ପାଏ, ଗୋପାଳ ତାକୁ ସେହିପରି ସ୍ନେହଚକ୍ଷୁରେ ଦେଖେ । ଗୋପାଳ କୌଣସି ପଦାର୍ଥ ମେନକାକୁ ନ ଦେଇ ଆପେ ଖାଏ ନାହିଁ । ମେନକା ମଧ୍ୟ ତାହାର ସେ ଋଣ ପରିଶୋଧ କରିଦିଏ । ସେ କହେ—"ଗୋପାଳ ଭାଇ, ତୁ ଯେବେ ସତେ ମୋ ଭାଇ ହୋଇଥାନ୍ତୁ ।" ଗୋପାଳ କହେ—"ମୁଁ କଅଣ ତୋର ସତର ଭାଇ ନୁହେଁ—ମିଛର ଭାଇ ? ତୁ ର ପେଟମୁହିଁ, ତୁ ମୋର ସାନ ଭଉଣୀ, ମୁଁ ତୋର ଭାଇ, ବୁଝିଲୁ ?" ମେନକାର ମୁଖ ଆନନ୍ଦରେ ପଦ୍ମ ପରି ଉଜ୍ଜ୍ୱଳ ହୋଇଉଠେ ।

ଦିନେ ପିତାପୁତ୍ରୀ ବସି କଥାବାର୍ତ୍ତା ହେଉ-ଥିଲେ । କଥାର ହାତ ଗୋଡ଼ ନାହିଁ, ଏକ କଥା ହେଉଁ ହେଉଁ ଅନ୍ୟ କଥା ଆସି ପହଞ୍ଚିଯାଏ । ବୃଦ୍ଧ କହିଲେ—"ମେନାଟି ଖୁବ୍ ଶାନ୍ତ, ଆଉଟି ଅଣ୍ଡାଖଣ୍ଡିକ କେତେ କାମ ଶିଖିଲାଣି । କାମ ଫେର୍ କି ପରିଷ୍କାର, ସେଥିରେ କଅଣ ବାଛିବାକୁ କିଛି ଥାଏ । ତା

ଦେହରେ କଣ୍ଠାଭରଣ ଗହଣା ନାହିଁ, ତେବେ ବି ସେ କି ସୁନ୍ଦର ଦିଶେ ।" ଜାନକୀ ପିତାଙ୍କ ମୁହଁକୁ ସ୍ଥିର ନୟନରେ ଚାହିଁ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ କହିଲା—"ଯାହାର ପେଟ ନ ପୂରେ, ତାହାର ପୁଣି ଗହଣା ! ମାଉ ତ ନାକରୁ ନିମ କାଠି ବାହାର ନାହିଁ, କି ବେକରୁ ପଥରମାଳ ବାହାର ନାହିଁ, ଆଉ ଝିଅ କଥା କିଏ ପଚାରେ ? ବାପ ତ ସେଇ ବାପ ତା ରୋଜଗାର ତା ନିଶାପାଣିରେ ଯାଏ । ନୂଆବୋହୂ ସିଆଣ ଚତୁର ବୋଲି ଆପେ ପାଣିପେଜ ପିଇ ଛୁଆଙ୍କ ମୁହଁରେ ମୁଠେ ଦେଉଛି । ଆଉ କାହାପରି ହୋଇଥିଲେ ଛୁଆ କଟା ଗଡ଼ିଯାଆନ୍ତେଣି ।" ବୃଦ୍ଧ ସହାନୁଭୂତି ସ୍ୱରରେ କହିଲେ—"ହଁ ମା, ଯାହା କହିଲୁ ସତ, ନବଘନର କପାଳଟି ଖୁବ୍ ଯୋଗ । ଆହା, ଗରିବର ବଡ଼ କଷ୍ଟ । ତୁ କେବେ କେବେ କିଛି ଦିଆନିଆ କରୁନା ?" ଜାନକୀ କହିଲା—"ହଁ, କେବେ ଚାଉଳ ସେରେ, କେବେ ବାଇଗଣ ପୁଞ୍ଜାଏ, କେବେ ପଇସା ଅଣେ ଦିଅଣା ଏହିପରି ଦିଏଁ । ନୂଆବୋହୂର ଲୁଗା ନ ଥିଲା, ସେ ତ ମୁହଁ ଫିଟାଇ କିଛି କହେ ନାହିଁ । କାଲି ଦେଖିଲି ଯେ, ଖଣ୍ଡେ ଚଉଦସିଆଁ ଲେଙ୍ଗୁଟି କନା ପିନ୍ଧିଛି, ମୋ ଆଖିରେ ଆଉ ଲୁହ ରହିଲା ନାହିଁ । ଗୋଟାଏ ପୁରୁଣା ଖଦଡ଼ ସିନ୍ଦୁକରୁ କାଢ଼ି ଦେଇଆସିଲି ।

ବୃଦ୍ଧ ଶୁଣି ଆଶ୍ୱସ୍ତ ହୋଇ କହିଲେ—"ହେଉ ମା, ସବୁବେଳେ ଏହିପରି ସାହାଯ୍ୟ କରୁଥିବୁ । ଦରିଦ୍ରନାରାୟଣଙ୍କ ପୂଜା ବଡ଼ ପୁଣ୍ୟର କଥା ମା । ଆଛା, ମେନକିକି ଦିଖଣ୍ଡ କିଛି ଗହଣା ଦେଲେ ହୁଅନ୍ତା ନାହିଁ ?" ଜାନକୀ ଟିକିଏ ହସି ଦେଇ କହିଲା—"ତମର ଯେବେ ଇଚ୍ଛା ହୋଇଛି, ତେବେ ଦିଅ; ଅପାତ୍ରରେ ତ ପଡ଼ିବ ନାହିଁ ।" ବୃଦ୍ଧ ଆଉ କିଛି ନ କହି ଉଠିଗଲେ । ତହିଁ ପରଦିନ ଜାନକୀ, କନକ ବସି କଥାବାର୍ତ୍ତା ହେଉଅଛନ୍ତି, ବୃଦ୍ଧ କେତେଗୁଡ଼ିଏ ଅଳଙ୍କାର ଆଣି କନକ ଆଗରେ ଥୋଇ ଦେଇ କହିଲେ—"ନିଅ ମା, ତମ ଝିଅକୁ ମେନକା ରାଣୀ କରି ସଜାଇ ଦିଅ । ଆଉ ଖବରଦାର ମା, ମୁଁ ଆଗରୁ ଗହଣା ଦେଇଛି, ମୋର ଭାଗ ରହିଲା ।" ଏହା କହି ବୃଦ୍ଧ ଦଣ୍ଡେଯାଏ ଖୁବ୍ ହସିଲେ । କ୍ରୀଡ଼ାରତା ମେନକାକୁ ଚାହିଁ ପଚାରିଲେ—"କି ମେନକା ରାଣୀ, ଏ ବୁଢ଼ା ବରକୁ ବାଛ ତ ?" ମେନକା ଗମ୍ଭୀର ଆଗ୍ରହପୂର୍ଣ୍ଣ କଣ୍ଠରେ କହିଲା—"ହଁ ସାଆନ୍ତ ବାବା, ଖୁ-ଉ-ବ୍ ବାଛି ।" ବାଳିକାର ଏ କଥା ଶୁଣି ସମସ୍ତେ ବହୁକ୍ଷଣଯାଏଁ ହସିବାକୁ ଲାଗିଲେ । କନକ କୃତଜ୍ଞତା ପ୍ରକାଶର ଭାଷା ପାଇଲା ନାହିଁ । ଏ ଦାନ କୃତଜ୍ଞତାର ଅତୀତ ।

## ଷଷ୍ଠ ପରିଚ୍ଛେଦ

ପରିବର୍ତ୍ତନ ଜଗତର ସ୍ୱାଭାବିକ ଧର୍ମ । ପ୍ରତି-କ୍ଷଣରେ, ପ୍ରତି-ମୁହୂର୍ତ୍ତରେ ପ୍ରତ୍ୟେକର ପରିବର୍ତ୍ତନ ଘଟୁଅଛି । ସେ ପରିବର୍ତ୍ତନର ଗତି ଏଡ଼େ ଧୀର ଯେ, ହଠାତ୍ ଦୃଷ୍ଟିରେ ତାହା ବାରି ହୁଏ ନାହିଁ । ତିନିବର୍ଷ ଆସି ଅତୀତ ହୋଇଗଲା, ଏଥି ମଧ୍ୟରେ କେତେ ପରିବର୍ତ୍ତନ ହୋଇଗଲାଣି, ଗୋପାଳର ମଧ୍ୟ ଅନେକ ପରିବର୍ତ୍ତନ ଘଟିଲାଣି; ମାତ୍ର ତାହାର ସେହି ଦୁଷ୍ଟ ପ୍ରକୃତିର ପରିବର୍ତ୍ତନ ଘଟିନାହିଁ । ସେ ଯଥା ଅତୀତ, ତଥା ବର୍ତ୍ତମାନ । ଏହିପରି କେତେ ଜଣେ ମୂଢ଼ ଅଭ୍ୟାସୀ ଥାଆନ୍ତି, ସହଜରେ ତାଙ୍କ ପ୍ରକୃତିର ପରିବର୍ତ୍ତନ ଘଟେ ନାହିଁ । କିନ୍ତୁ ଏପରି ସମୟ ଆସେ ଯେ, ପରିବର୍ତ୍ତନ ଆପେ ଆପେ ହୋଇଯାଏ । ଯାହା ଚେଷ୍ଟାରେ ଘଟେ ନାହିଁ, ତାହା ବଳେ ବଳେ ଆସି ଘଟିବାର ଦୃଷ୍ଟାନ୍ତ ସଂସାରରେ ବିରଳ ନୁହେ । ଯେଉଁଠାରେ ଏକୁଟ ଘଟେ, ଅଦୃଷ୍ଟର ଅସ୍ତିତ୍ୱ ପ୍ରମାଣ ସେହିଠାରେ । ସେ ଶୁଭଦୃଷ୍ଟି ଆଜ ଅବଧି ଗୋପାଳକୁ ସ୍ପର୍ଶ କରିନାହିଁ । ତେବେ

ଯେ ସେଦିନ ଆସିବ, ତାହା କିଏ କହିପାରେ ? ମାତ୍ର ଆସିବ ନିଶ୍ଚୟ, ଯେହେତୁ ସଂସାରରେ କିଛି ଅସମ୍ଭବ ନୁହେଁ । ଆଜି ଯାହା ଅସମ୍ଭବ, କାଲି ତାହା ସମ୍ଭବ ହୁଏ ।

ବନା ନାହାକର ସବୁ ବିଦ୍ୟା ଗୋପାଳ ଉଦରସ୍ଥ କରିସାରିଲାଣି । ଗୁରୁ ନିଜର ସବୁ ବିଦ୍ୟା ଶିଷ୍ୟକୁ ଦେଇ ଫକତ ହୋଇ ବସିଲାଣି । ଏବେ ସେ ବିଦାୟ ହେବ । ବନମାଳୀର ବିଦ୍ୟା ହରିଗୁଣ ପର୍ଯ୍ୟନ୍ତ । ଶିଷ୍ୟକୁ ସୁଦ୍ଧା ସେହି ପର୍ଯ୍ୟନ୍ତ ଯାଇ ଗୁରୁ ଗୁଣ ଦଖଲ କରିବାକୁ ହୋଇଥିଲା । ଗୋପାଳ ଖୁବ୍ ବୁଦ୍ଧିମାନ; ମାତ୍ର ଚଗଲା ହେତୁ ପାଠରେ ମନ ଦିଏ ନାହିଁ । ସେ ଏବେ ଟିକିଏ ବଡ଼ି ଉଠିଅଛି; ସୁତରାଂ ଘରର ନାହାକ ବନମାଳୀକୁ ଆଉ ଡରେ ନାହିଁ । ଜଗତରେ ତାହାର ଯେତେ ଆମୋଦ ଅଛି, ସେଥିମଧ୍ୟରେ ପକ୍ଷୀର ଅଣ୍ଡା କରୁଡ଼ି ଭାଙ୍ଗିବା ଅନ୍ୟତମ । ତାହା ବିସ୍ତରରେ ସେ କାର୍ଯ୍ୟଟାରେ ଯଶ-ପୌରୁଷ ଷୋଳପଣ । ମାଙ୍କଡ଼ ପଲ ଦେଖିଲେ ସେଦିନ ପାଠ କିଏ ପଚାରେ; କ୍ଷୁଧାତୃଷା ସୁଦ୍ଧା ଭୁଲିଯାଏ । ସେମାନଙ୍କ ଉପଯୁକ୍ତ ବଂଶଧର ତୁଲ୍ୟ ସେମାନଙ୍କ ପଦାଙ୍କ ଅନୁସରଣ କରେ । ତାହାର ଦୁଷ୍ଟାମି ବର୍ଣ୍ଣନା କଲେ ଶେଷ ହେବ ନାହିଁ । ତେବେ ଏତିକିମାତ୍ର କହିଲେ ଯଥେଷ୍ଟ ହେବ ଯେ, ଗୋପାଳର ନ କରିବା ଦୁଷ୍ଟାମି ଜଗତରେ ନାହିଁ । ମହାପାତ୍ରେ ଏହିସବୁ ଦେଖି ଭାବିଲେ, "ବନା ଯୋଗେ ଆଉ କାମ ଚଳିବ ନାହିଁ । ପିଲା ଅବଧାନକୁ ନ ଡରି ଫାଙ୍କାଡ଼ି ବୁଲାଇଲେ ଅବଧାନ ତାକୁ ପଢାଇବ କିପରି ? ଗୋପାଳ ତ ଆଉ ନିହାତି ପିଲା ନୁହେ, ବାର ବର୍ଷର ଆସି ହେଲାଣି । ଅଙ୍କ ପାଠ କିଛି ପଢିଲାଣି, ଆଉ ବର୍ଣ୍ଣବୋଧକ ଶେଷ କଲାଣି; ଏଣିକି ତାକୁ ଇସ୍କୁଲକୁ ପଠାଇବା ଉଚିତ ।" କିଛିଦିନ ପରେ ବୃଦ୍ଧ ବନାକୁ ବିଦାୟ ଦେଇ ଗୋପାଳକୁ ଇସ୍କୁଲକୁ ପଠାଇଲେ । ବନମାଳୀ ନିଃଶ୍ୱାସ ଛାଡି ବଞ୍ଚିଲା । ଏଥିପୂର୍ବରୁ ସେ ଅନେକ ଥର ଗୋପାଳ ହାତରୁ ଗୁରୁଦକ୍ଷିଣା ପାଇ ଜାହୁ ମଧୁସୂଦନ ଜପୁଥିଲା ।

ଗୋପାଳ ମଡ଼ଃବର୍ଣ୍ଣୀ ମାଇନର ସ୍କୁଲରେ ପଢିଲା । ମନେ ତାହାର ଅନୁରକ୍ତି ନାହିଁ । ଗୋଟାଏ ମୋହ ତାକୁ ଆକର୍ଷଣ କରେ । ତାହା ବିଦ୍ୟାର ମୋହ ନୁହେ—ବଲ୍‌ଖେଳର ମୋହ । କେବଳ ସେଥିପାଇଁ ସେ ସ୍କୁଲକୁ ଯାଏ । ପଢାପଢି କରେନାହିଁ; ମାତ୍ର ଏପରି ଶ୍ରୁତିଧର ଯେ, ଯାହା ଥରେ ପଢେ ବା ଶୁଣେ, ତାହା ସହଜରେ ଆୟତ୍ତ କରିନିଏ । ପଢାପଢିରେ ଆଦୌ ମନୋଯୋଗ ନାହିଁ, ଅଥଚ ପରୀକ୍ଷାରେ ପ୍ରଥମ ଦ୍ୱିତୀୟ ସ୍ଥାନ ଅଧିକାର କରେ । ଏହା ତାହାର ସ୍ମୃତିଶକ୍ତିର ଫଳ । ଏହା ଦେଖି ଅନ୍ୟାନ୍ୟ ଛାତ୍ରମାନେ ଆଶ୍ଚର୍ଯ୍ୟାନ୍ୱିତ ହୁଅନ୍ତି । କେହି କେହି ପଚାରନ୍ତି—"ଆରେ ଗୋପାଳ, କହିଲୁ ଭଲା—ଆମେ ସମସ୍ତେ ଦିନରାତି ଘୋଷି ଘୋଷି ପଢା ଠିକ୍ କରିପାରୁ ନାହିଁ, ତୁ ତ ମୂଳରୁ ପୁସ୍ତକ ଛୁଉଁ କି ନାହିଁ, ମା ସରସ୍ୱତୀ ଜାଣନ୍ତି; ତେବେ କ୍ଲାସରେ ପ୍ରଥମ ଦ୍ୱିତୀୟ କିପରି ହେଉ ?" ଗୋପାଳ ଗମ୍ଭୀର ହୋଇ କହେ—"ଆରେ ଶ୍ୟାମ, ମୁଁ ଭାଇ ତମମାନଙ୍କ ପରି ଗଧଖଟଣୀ ଖଟିପାରେ ନାହିଁ । ଘୋଷାକୁ ଜୁହାର ବାବା, ଶବ୍ଦଗୁଡ଼ାକ ଘେରିଘେରି ପାଟିରୁ ବାଟୁ ବାହାରି ପଡେ । ମୁଁ ପୂର୍ବଜନ୍ମରୁ ଘୋଷିବା ଛାଡ଼ିଛି । ତମର ସେ ଶବ୍ଦ ଘେରାଇବା ଦେଖି ମୋତେ ବଡ ହସ ମାଡେ । ଏତେ ଯେ ଘେରାଅ, କିଛି ରସ ପାଅନା ? ଜିଲବି, ରସଗୋଲା ପରି ହୋଇଥିଲେ ତମେମାନେ ବାହୁଯାଆନ୍ତ ରେ ଭାଇ । ମନ ଲଗାଇ ଥରେ ପଢିଲେ ଯାହା, ଜୀବନଶେଷ ପରି ସହସ୍ରବାର ଭଉଁ ଭଉଁ ହେଲେ ତାହା । ଘୋଡା ଦଉଡି ଦଉଡି ଯେଉଁଠି, ହାତୀ ଥିର ଥିର ସେଇଠି ।" ଯଦି କେହି ସତୀର୍ଥ ପ୍ରଚ୍ଛନ୍ନ ବିଦ୍ରୂପ କରି କହେ— "ହିଁରେ ଭାଇ, ତୁ ଧ୍ୟାନଯୋଗୀ ! ଏଡେ ବଡ ସାଧନା ଆମ ପିଲା ଦେହରେ ଚଳେ ନାହିଁ ।" ଗୋପାଳ ସେ କଥା ଦେହକୁ ନ ନେଇ ଫେରିଦେଇ କହେ—"ମୁଁ ଯୋଗୀ ପଛେ ନ ହୁଏଁ; ମାତ୍ର ଗର୍ଦ୍ଦଭ ନୁହେଁ । ଆଉ ଘୁଷୁରି ଦେହରେ ପାଚିଲା କଦଳୀ ନ ଚଳିଲେ ତାହା ତ କଦଳୀର ଦୋଷ ନୁହେଁ ।" ଏହିପରି ଛାତ କଥାରେ ସହପାଠୀମାନଙ୍କ ସଙ୍ଗରେ ସେ କଳି କରେ ।

ଆବଶ୍ୟକ ହେଲେ ହାତଗୋଡ଼ର ସାହାଯ୍ୟ ନିଏ। ଫଳ ତାହାର ଖୁବ୍ ମୁଖରୋଚକ, ଯେଉଁଦିନ ସ୍କୁଲରେ ଫଳହର ସୁଯୋଗ ନ ଘଟେ, ସେ ଦିନଟା ବୃଥା ଯାଏନାହିଁ। ଘରକୁ ଆସୁଁ ଆସୁଁ ବାଟରେ କିଛି ଗୋଟାଏ ଘୋଟ ବଡ଼ କୀର୍ତ୍ତି କରି ଆସେ। ସେ ଯାହା ହେଉ, ଗୋପାଳ ସାଷ୍ଠ ବର୍ଷକାଳ ଧାଁ ଦଉଡ଼ କରି ବିଶେଷତଃ ପ୍ରାଣପଣରେ ଗୁରୁସେବା କରି ମାଇନର ଦ୍ୱିତୀୟଶ୍ରେଣୀ ପର୍ଯ୍ୟନ୍ତ ଗଲା। ସେଇଠି ସରସ୍ୱତୀଙ୍କ ସହ ବିବାଦ ଘଟିଲା। ଏଣିକି ଇଂରାଜି ସାହିତ୍ୟ କଠିନ ପଡ଼ିଲା—ସୃଷ୍ଟିଆଡ଼ ଅନ୍ଧକାର ଦିଶିଲା। ଏତେଦିନଯାଏଁ କାଠଫାଳରେ ସୃଷ ହେଉଥିଲା, ଏଣିକି ଲୁହାଫାଳ ପଡ଼ିଲା। ତାକୁ ଠାଣିବ କିଏ? ଏପରି ଅବସ୍ଥାରେ ଯାହା ହେବା ସ୍ୱାଭାବିକ, ତାହା ହେଲା। ବିଦ୍ୟାଳୟ ଯମାଳୟଠାରୁ ବଳିଲା। ତାଡ଼ନା, ଗଞ୍ଜନା, ଭର୍ତ୍ସନାର ମାତ୍ରା କ୍ରମଶଃ ବଢ଼ିବାକୁ ଲାଗିଲା। ସମସ୍ତ ସମୟରେ ପ୍ରହାର ସୁଦ୍ଧା ଦୁର୍ଲଭ ହେଲାନାହିଁ। ଗୋପାଳ ଏ ପ୍ରେତପୁରୀରୁ ଖସି ଆସିବାକୁ ଇଚ୍ଛା କଲା। ମାତ୍ର ଅଜାଙ୍କର ଭୟ ସେ ଇଚ୍ଛାର ପ୍ରତିବନ୍ଧକ ହେଲା। କଅଣ କରିବ, ଘୋର ସଙ୍କଟରେ ପଡ଼ିଲା। ତେର ଥର ବିଧାତାକୁ ନିନ୍ଦା କଲା। ବିଧାତା ତାକୁ ପୁରୁଷ ଜନ୍ମ ନଦେଇ ସ୍ତ୍ରୀ ଜନ୍ମ ଦେଇଥିଲେ ପାଠପଢ଼ାର ବିଭୀଷିକା ନ ଥାନ୍ତା। ପୁରୁଷ-ଜନ୍ମ ପାଇଁ ସେ ତ ବିଧାତା ପାଖରେ ଦରଖାସ୍ତ କରି ନଥିଲା। ତେବେ ସେ କାହିଁକି ତାକୁ ଏ ଜଞ୍ଜାଳରେ ପକାଇଲା? ଏହା କଣ ବିଧାତାର ଗଜମୂର୍ଖପଣ ନୁହେଁ!

ଖରାବେଳେ ଜାନକୀ ଅରଟ ପକାଇ ସୂତା କାଟୁଛି, ମେନକା ତାହା ପାଖରେ ବସି ହାତକୁ ପାଞ୍ଜି ବତାଇ ଦେଉଛି, ଏହି ସମୟରେ କନକ ଆସି ଉପସ୍ଥିତ ହେଲା। ଜାନକୀ ମୃଦୁ ହସି କହିଲା—"କି ନୂଆବୋହୂ, ଆଜି ସକାଳୁ ତ ଦେଖା ନାହିଁ—ଭାଇ ଅଟକେଇ ଥିବେ ପରା।"

କନକ—ତମ ଭାଇଙ୍କର ମୁଁ କଅଣ କରିବି କି? ମଦନ ଟାଣିବା ବେଳେ ମେରୁରେ ଟିକିଆ ଲଗାଇବ ନା କଅଣ ଗୋ, ଭାଇସୁଆଣୀ ଭଉଣୀ?



ଜାନକୀ—ଆଛା ନୂଆବୋହୂ, ଏ ନିଅଁ ଧୂଆଁ ଅମଳ ଲାଗି ତମେ କି ଭାଇଙ୍କି କିଛି କୁହ ନାହିଁ?

କନକ—କଣ କହିବି ଭଉଣୀ? ସେ ମୋର ସ୍ୱାମୀ, ଦେବତା; ମୁଁ ତାଙ୍କର ଦାସୀ। ଦାସୀ କି ପ୍ରଭୁଙ୍କର ଦୋଷ ଦେଖାଇପାରେ? ତାଙ୍କର ଯାହା ଇଚ୍ଛା, ସେ ତାହା କରିବେ, ମୁଁ ସେଥିରେ କଥା କହିବାକୁ କିଏ, ଜାନକୀ?

ଜାନକୀ—ବୁଝିଲି ନୂଆବୋହୂ, ତମ ପରି ପତିପ୍ରାଣା ସତୀ ସ୍ତ୍ରୀ ଭାଗ୍ୟରେ ମିଳେ। ତୁମରି ପୁଣ୍ୟବଳରୁ ଭାଇଙ୍କର ସବୁ ଆପଦ କଟିଯାଉଛି। ନ ହେଲେ ଏତେବେଳକୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତାଣି।

ଏହି ସମୟରେ ବୃଦ୍ଧ କଠଉ-ଶବ୍ଦ କରି କରି ଆସି ପଚାରିଲେ—'କାହା ସାଙ୍ଗରେ କଥା କହୁଛୁ, ମା?' ଜାନକୀ କହିଲା—"ନୂଆବୋହୂ ଅଛନ୍ତି।" ବୃଦ୍ଧ ସେଠାରେ ବସି ପଡ଼ିଲେ। କନକ ତରତରରେ କବାଟ କୋଣକୁ ଘୁଞ୍ଚିଗଲା। ବୃଦ୍ଧ ଦୁଇଟା ହାଇ ମାରି, କେତେ ଥର ଚୁଟିକି ଫୁଟାଇ କନକକୁ ଲକ୍ଷ୍ୟ କରି କହିଲେ—'ମେନି ତ ବଢ଼ିଉଠିଲାଣି ମା, କେଉଁଠି ପାତ୍ର ଯୋଟକ ହେଲାଣି ନା?" କନକ ବୃଦ୍ଧଙ୍କୁ ଖୁଡ଼ୁଶ୍ୱଶୁର ଲେଖା କରେ, ସେ ଉହାଡ଼ରେ ଥାଇ ବୃଦ୍ଧଙ୍କୁ ଶୁଣାଇ ଶୁଣାଇ କହିଲା—"ପାତ୍ର କିଏ ସଜାଇ କରିବ ବାବା, ତମେ ସବୁ ବାପ ଗୋସିବାପ ଥାଉଁ ଥାଉଁ ମୁଁ ମାଇପି ଲୋକଟା କଅଣ କରିବି? ଆଉ ଗରିବଘରୁ ବା କିଏ ଝିଅ ନେବାକୁ ଇଚ୍ଛା କରିବ? ତହିଁରେ ପୁଣି କାଳୀ କନ୍ୟା। ଗରିବ ଘରେ କାଳୀ କନ୍ୟା ଜନ୍ମିବା ମୁଣ୍ଡରେ ବଜ୍ର ପଡ଼ିଲାପରି। ଏକାଳରେ ତ ବରର ନିଲାମ ଡାକ ହେଉଛି, ସୁନ୍ଦରୀ ହୋଇଥିଲେ ଅବା କେହି ଦୟା କରି ନିଅନ୍ତେ; କାଳୀ କନ୍ୟାକୁ କିଏ ନେବ? ଆଜିକାଲି ଗୁଣ କିଏ ଦେଖୁଛି, ଧଅଡ଼ ଚିକ୍କଣ ରୂପ ହେଲେ ହେଲା। ସେ କାହା ହାଣ୍ଡିରେ ଚାଉଳ ଦେଇଛି, ଅଭାଗୀ କପାଳରେ କଅଣ ଅଛି, ତାହା ଭଗବାନ୍ ଜାଣନ୍ତି।" ବୃଦ୍ଧ ହସିଉଠି କହିଲେ—"ବର ଯଦି ନମିଳେ, ତେବେ ମୁଁ ଅଛି ମା। ପହିଲୁ ତ ମୁଁ ବରଣୀ କରିଛି, ବୁଢ଼ାକୁ ଜୋଇଁ କରିବାର ଇଚ୍ଛା

ଅଛ ନା, ନାହିଁ ?" କନକ ମୃଦୁ ହସି କହିଲା—"ମୋର ସେ ଭାଗ୍ୟ କାହିଁ ବାବା ? କାଳୀ କୁରୂପୀଟା କି ତମର ଯୋଗ୍ୟ ହେବ । ତମକୁ ଦେଇଛି ତ ନିଅ ବା ଯାହାକୁ ଦିଅ ।" ବୃଦ୍ଧ ଏଥର ଗମ୍ଭୀର ହୋଇ କହିଲେ—"କିଛି ଚିନ୍ତା ନାହିଁ ମା, ମୁଁ ପାଞ୍ଚ ଅନୁସାରେ ରହିଲି ।" ଏହା କହି ବୃଦ୍ଧ ଉଠିଗଲେ ।

ସୂର୍ଯ୍ୟ ଅସ୍ତ ହେଲେ । ଦିବସର ଶେଷ କ୍ଷୀଣାଲୋକରେଖା କ୍ରମେ କ୍ରମେ ସନ୍ଧ୍ୟାର ଅନ୍ଧକାରରେ ମିଳେଇଗଲା । ନକ୍ଷତ୍ରଗଣ ତରୁଲତାକୁଳ ରତ୍ନାଳଙ୍କାରରେ ଦେହ ପୂର୍ଣ୍ଣ କରି ହସିଉଠିଲେ । କିନ୍ତୁ ଅନ୍ଧକାର ସେମାନଙ୍କ ଉପରେ କୃଷ୍ଣ ପଣତ ଘୋଡ଼ାଇ ଦେଇ ସେ ମଧୁର ହାସ୍ୟ ଲୁଚାଇଦେଲା । ଈର୍ଷାଳୁର ସ୍ୱଭାବ ଏହିପରି । କାହାରି ସୁଖ ଦେଖିଲେ ସେ ଅନ୍ଧ ହୋଇଯାଏ । କେତୋଟି ତାରା ନବବଧୂ ପରି ନୀଳ ଓଢ଼ଣା ମଧ୍ୟରୁ ଲଜ୍ଜାଜଡ଼ିତ ମୃଦୁ ହାସ୍ୟ ବିକାଶ କରିବାକୁ ଲାଗିଲେ ଏବଂ ପରସ୍ପର ମୁହଁ ଚୁହାଁଚୁହିଁ ହୋଇ ନୀରବରେ ପ୍ରେମ-ସମ୍ଭାଷଣରେ ନିଯୁକ୍ତ ହେଲେ । ପ୍ରେମର ଭାଷା ମୁଖରେ ଥାଏ ନାହିଁ—ଚକ୍ଷୁରେ ଥାଏ । ସେମାନେ ଯେପରି ପୃଥିବୀର କି ଗୁପ୍ତ କଳଙ୍କ ଦେଖି ଠାରାଠାରି ହେଉଅଛନ୍ତି । ପରର କଳଙ୍କ ଚର୍ଚ୍ଚା କରିବା ନିଜର ନୀଚସ୍ୱଭାବର ପରିଚାୟକ । କିନ୍ତୁ ଏହି ତାରାମାନେ ଏତେ ଉଚ୍ଚରେ ରହି ସୁଦ୍ଧା ନୀଚ ବ୍ୟବହାର ଛାଡ଼ିପାରି ନାହାନ୍ତି । ବୃଦ୍ଧ ମହାପାତ୍ରେ ସନ୍ଧ୍ୟା କରିସାରି ପିଣ୍ଡାରେ ଆସି ବସି ଡାକିଲେ—"ମେନି, ଗୋଟାଏ ଭଲ ପଦାର୍ଥ ନେବୁ ?" ମେନକା କହିଲା—"କି ଭଲ ପଦାର୍ଥ, ସାଆନ୍ତ ବାବା ?" ମେନକା ସ୍ୱଭାବତଃ ଲଜ୍ଜାଶୀଳା ଏବଂ ମୁହଁଚୋରଣୀ ହେଲେହେଁ ସାଆନ୍ତ ବାବାଙ୍କ ପାଖରେ ତାହାର ସେ ଭାବ ଥାଏ ନାହିଁ । ବୃଦ୍ଧ କହିଲେ—"ଏଠିକି ଆ ।" ମେନକା ବୃଦ୍ଧଙ୍କ ପାଖକୁ ଘୁଞ୍ଚିଯାଇ କହିଲା, "କଅଣ ଦବ, ଦିଅ ?"

ବୃଦ୍ଧ—ମୋ ପିଠି ଘଷିଦେଲେ ଦେବି ।

ମେନି—ସେଇଆ ତ କହିବ, ଆଉ ଭଲ ପଦାର୍ଥ ଲାଗି ଯାଉଥିଲି କାହିଁକି ? ପିଠି ଘଷି ଦେ ବୋଲି କହିଥିଲେ ମୁଁ କଅଣ ଦଅନ୍ତି ନାହିଁ ?

ବୃଦ୍ଧ—ମେନକା ରାଣୀ, ରାଗିଲୁ କି ? ତମ ଲାଗି ଗୋଟିଏ ସୁନ୍ଦର ବର ଆଣିଦେବି । ଏହା କଅଣ ଭଲ ପଦାର୍ଥ ନୁହେଁ ?

ମେନି—ବର ଆଣି ଦେବ ? ବର ତ ଆଗରୁ ହୋଇସାରିଛି, ସାଆନ୍ତ ବାବା ।

ବୃଦ୍ଧ—ଇଚ୍ଛାବର ବରିବୁ ପରା ?

ମେନି—ତାହା ତ ଆମ ଶାସ୍ତ୍ରରେ ଅଛି, ଦୋଷ କଅଣ ?

ବୃଦ୍ଧ—ଦୋଷ ? ଦୋଷ କିଛି ନା ଭଉଣୀ, ବେଶ୍ ବେଶ୍ । ବରଟି କିପରି ?

ମେନି—ଖୁବ୍ ଅଛି, ରୂପବାନ୍, ଗୁଣବାନ୍, ବୁଦ୍ଧିମାନ୍ ।

ବୃଦ୍ଧ—ତେବେ ରାଜପୁତ୍ର ?

ମେନି—ନା, ରାଜପୁତ୍ର ନୁହେଁ—ଖୋଦ୍ ରାଜା ।

ବୃଦ୍ଧ—କେଉଁ ରାଜା ?

ମେନି—ଯମରାଜା । କିନ୍ତୁ ସାଆନ୍ତ ବାବା, ସେ ରଜାଘରକୁ ମୁଁ ବାଟ ଦେଖିନାହିଁ, ତମେ ଏକା ଆଗରେ ଯାଇ ବାଟ କଢ଼ାଇନେବ ।

"ଦୂର୍ ଅଲକ୍ଷଣୀ, ଛି ! ଏହା କହନ୍ତି ?" ବୃଦ୍ଧ ଏହା କହି ହସିବାକୁ ଲାଗିଲେ; ମାତ୍ର ବାଳିକାର ବ୍ୟଥା କେଉଁଠାରେ, ତାହା ବୁଝିପାରି ଅତ୍ୟନ୍ତ କ୍ଷୁବ୍ଧ ହେଲେ । ଏହି ସମୟରେ ଜାନକୀର ଡାକ ଶୁଣି ମେନକା ଉଠିଗଲା । ବୃଦ୍ଧ ବସି ମନେ ମନେ କଅଣ ଭାବିବାକୁ ଲାଗିଲେ ।

ଗୋପାଳ ଆଉ ସ୍କୁଲକୁ ଯାଏନାହିଁ । ଘରୁ ବହିପତ୍ର ଘେନି ବାହାରିଯାଏ, ଦିନସାରା ଏଣେ ତେଣେ ଖେଳି ବୁଲି ସନ୍ଧ୍ୟାବେଳେ ଘରକୁ ଫେରିଆସେ । ସେଥିପାଇଁ ଭର୍ତ୍ସିତ ହେଲେ ଗାଁରେ ଯାଇ ଲୁଚେ, ନରେନ୍ଦ୍ର ବନ୍ଧୁଘରେ ବୁଲି ଦିନ ଗୁଜରାନ କଟାଇଦିଏ । ଏହି କାରଣରୁ ବୃଦ୍ଧ ବିରକ୍ତ ହୋଇ ସ୍କୁଲରୁ ତାହାର ନାମ କଟାଇଦେଇଅଛନ୍ତି । କିନ୍ତୁ ଗୋପାଳ ପକ୍ଷରେ ତାହା ଶାପରେ ବର ହୋଇଅଛି । ଏବେ ସେ ମୁକ୍ତ—ନିଶ୍ଚିନ୍ତ । ଦୁଷ୍ଟାମିର ମାର୍ଗ ଅଧିକ ପ୍ରଶସ୍ତ ଏବଂ ପରିଷ୍କୃତ ହୋଇଗଲା । ସେ ଘରେ ଯାହା କରୁ, ମାତ୍ର ପରର

ଅନିଷ୍ଟ କଲା । ଏହା ବୃଦ୍ଧଙ୍କ ପ୍ରାଣରେ ଅସହ୍ୟ । ସେ କଠୋର ତିରସ୍କାର କରନ୍ତି; ମାତ୍ର ଯେତେ କହିଲେ ଗୋପାଳର ଲାଜ ନାହିଁ । ଗାଳି କଅଣ, ଅପମାନ କଅଣ, ସବୁ ସେ ହସରେ ଉଡ଼ାଇଦିଏ । ତାହା ପାଇଁ ଜାନକୀକୁ ପିତାଙ୍କଠାରୁ ଅଳ୍ପ କଥା ଶୁଣିବାକୁ ହେଉ-ନାହିଁ । ସେହି ସିନା ଏ ଆବର୍ଜନା ବୋଝ ଆଣି ତାଙ୍କ ମୁଣ୍ଡରେ ଲଦି ଦେଇଛି । ଜାନକୀ ମଧ୍ୟ ଗୋପାଳ ପ୍ରତି ସୁପ୍ରସନ୍ନ ନୁହେ । ଏଡ଼ା ମେଳର ବ୍ୟବାନ୍ତର ଘଟି-ନାହିଁ । ଭୁଲରେ ଗୋପାଳ ଘରକୁ ନ ଆସିଲେ ସେ ପାନ ଭର୍ତ୍ତି ନେଇ ତାକୁ ଦିଏ—ହାତ ଧରି ଘରକୁ ଘେନିଆସେ । ଜାନକୀ ରାଗିଥିଲେ ସେ ଲୁଚାଇକରି ଗୋପାଳକୁ ଜଳଖିଆ ଦିଏ । କେବେ କେବେ କହେ, "ଗୋପାଳ ଭାଇ, ତୁ କାହିଁକି ଏମିତି ହେଉଛୁ ? ଅପା, ସାଆନ୍ତ ବାବା ବଡ଼ ଦୁଃଖିତ ହୁଅନ୍ତି ।" ଗୋପାଳ ହସି ହସି କହେ—"ତୁର ପେଟ୍ମୁହିଁ, ସେ ବୁଢାଟା କଥା କି ଗୋଟେ କଥା ।" ଗୋପାଳକୁ ଏବେ କେତୋଟି ସାଥୀ ମିଳିଛି । ବନଶୀ ପକାଇବା, ପଶା ଖେଳିବା ଆଉ ବାଟୁଳି ମାରିବାରେ ଦିନ ପାଣି ପରି ବହିଯାଉଛି । ବୃଦ୍ଧ କ୍ରୁଦ୍ଧ ହୁଅନ୍ତି—ବିରକ୍ତ ହୁଅନ୍ତି; ମାତ୍ର ସ୍ନେହ ତ୍ୟାଗ କରିପାରନ୍ତି ନାହିଁ । ତାହା ତ୍ୟାଗ କରିବାର ହୋଇଥିଲେ ସୁଦ୍ଧା ସେ ତ୍ୟାଗ କରିପାରନ୍ତେ ନାହିଁ । ନାତିକୁ ସଙ୍ଗରେ ଖୁଆନ୍ତି, ପାଖରେ ଶୁଆନ୍ତି, କଅଁଳେଇ କଅଁଳେଇ ଅନେକ ଉପଦେଶ ଦିଅନ୍ତି । ଗୋପାଳ ସେହି ମୁହୂର୍ତ୍ତରେ ପ୍ରତିଜ୍ଞାପାଳନ ସକାଶେ ପ୍ରତିଜ୍ଞାବଦ୍ଧ ହୁଏ; ମାତ୍ର ସ୍ୱସ୍ତି ପାଇଲେ ତାହା ଉତ୍ତରକୁମାର-ପ୍ରତିଜ୍ଞାରେ ପରିଣତ ହୁଏ । ଜାନକୀ ସୁଦ୍ଧା ବାପରେ ଧନରେ କହି ଅନେକ ବୁଝାଏ, ଗୋପାଳ ତାହା ମନ ଦେଇ ଶୁଣେ; ମାତ୍ର ମସ୍ତିଷ୍କରେ ସ୍ଥାନାଭାବ ହେତୁ ସେ ତାହା ଆର କାନବାଟେ ବାହାର କରିଦିଏ ।

ଦିନେ ବୃଦ୍ଧ ଖୁବ୍ ଉତ୍ସାହରେ କନ୍ୟାକୁ କହିଲେ, "ମା, ମୁଁ ଗୋଟାଏ କଥା ଭାବିଛି । ଗୋପାଳକୁ ବିଭା କରିଦେଲେ ସେ ବନ୍ଧନରେ ପଡ଼ନ୍ତା । କାନରେ ସୁଆଲୀ ପଡ଼ିଲେ କମିତି ବାବୁ ଏଣେ ତେଣେ ଖସି ବୁଲନ୍ତେ, ଦେଖାଯାଆନ୍ତା । ତୋ ମନକୁ କିମିତିକା ଅସୁଛି ମା ?" ଜାନକୀ ଅଳ୍ପ ଅଳ୍ପ ହସି କହିଲା—"ଏବେ ଚଞ୍ଚଳ କାହିଁକି ବାବା ?" ବୃଦ୍ଧ ଟିକିଏ ଚଡ଼ା ସ୍ୱରରେ କହିଲେ—"ତମ ମାଇପି ଜାତିର ଏଇ ଗୋଟାଏ ବଦ୍ ଖୁଅ । କଥାରେ ଗୋଟାଏ ଖୁଣ୍ଟି ନ ରଖି ତମେମାନେ କିଛି କହନାହିଁ । ଚଞ୍ଚଳ କଅଣ ? ଷୋଳସତର ବର୍ଷର ପୁଅ ହେଲା, କଅଣ ପିଲାଟାଏ ହୋଇଛି ? ବାହାପାଣି ପଡ଼ିଲେ ମତି ଗତି ବଦଳି ଯିବ, ମନ୍ଦ କଅଣ ? ମୁଁ ପାକଲା ଆମ୍ବ, ପବନ ଦେଲେ ଝଡ଼ିଲି, ଆଗରୁ କରିନଗଲେ ଭାର ଯେ ତୋହରି ଉପରେ ପଡ଼ିବ ।"

ଜାନକୀ—ହେଉ ତେବେ ବାବା, କନ୍ୟାଟିଏ ସନ୍ଧାନ କର ।

ବୃଦ୍ଧ—ଆଚ୍ଛା ମା, ମେନକା କି ତୋର ମନଲାଖି ବୋହୂ ହେବନାହିଁ ? ତାଙ୍କ ଘରସାଙ୍ଗରେ ଆମର କ ବେଶ ଚଳିବ ? ଝିଅଟି ଖୁବ୍ ଲକ୍ଷଣବନ୍ତୀ, ଯିମିତି ଥଣ୍ଡା ସିମିତି ତ ଯୋଗ୍ୟ । ତେବେ ବର୍ଣ୍ଣଟା ଟିକି କଳା ।

ଜାନକୀ—କଳା ହେଲେ କଅଣ ହେଲା ବାବା ଇନ୍ଦ୍ରନୀଳମଣି କଳା ବୋଲି କଅଣ ତାହାର କୋ ଊଣା, ନା ମୂଲ୍ୟ ଊଣା ? ସେ ତ ସୁନା ଉପରେ ଜଡ଼ି ହୁଏ । ଭିତରଟା ଯଦି ଧଳା ଥାଏ, ତେବେ ବାହା କଳାକୁ କିଏ ପଚାରେ ? ରୂପ ତ ମହତ୍ତ୍ୱ ନୁହେ ବାବା ଗୁଣ ସିନା ମହତ୍ତ୍ୱ ।

ବୃଦ୍ଧ—ତେବେ ତୋର ଇଚ୍ଛା ଅଛି । ଆଚ୍ଛା ମା ଥରେ ତା ମାକୁ ପଚାରି ବୁଝନ୍ତୁ । ଗୋପାଳର ବାପମ ନାହିଁ ବୋଲି ସେ ଦେବାକୁ ରାଜି ନ ହୋଇପାରେ

ଜାନକୀ—ତମେ କଅଣ କହୁଛ ବାବା, ସେ ରାଜି ହେବନାହିଁ ? ଆମ ଘରେ ତା ଝିଅ ରାଜସୁଖରେ ରହିବ, ଏହା ତ ତାହାର ସୌଭାଗ୍ୟର କଥା, ଆ ସେ ରାଜି ନ ହେବ କାହିଁକି ? ପଇସାଟିଏ ଯାହା ପକ୍ଷରେ ଦୁର୍ଲଭ, ତାକୁ ମୋହର ଯାଚିଲେ କିଏ ସେ ମନା କରିବ ? ତମେ କହୁଛ ବୋଲି ମୁଁ ପଚାରିବି ପଛେ ମାତ୍ର ସେ ଅତି ଆନନ୍ଦରେ ରାଜି ହେବ ।

ଏହି ସମୟରେ କନକ ଆସି ପହଞ୍ଚିବାରୁ ବୃଦ୍ଧ ସେଠାରୁ ଅନ୍ତର ହୋଇଗଲେ । ଜାନକୀ କନକ ଏକକ ବସି କଥାବାର୍ତ୍ତାରେ ଲାଗିଲେ । ଏ କଥା, ସେ କଥା ପ୍ରଭୃତି ନାନା ଅନାବଶ୍ୟକ କଥା ପରେ ଜାନକୀ କହିଲା—"ଦିନକୁ ଦିନ ତମେ ଇମିତି ବେରୁପା ହୋଇ ଯାଉଛ କାହିଁକି, ନୂଆବୋହୂ ? ସିମିତି ଠିକ୍ ବିସର୍ଜନ-ପ୍ରାପ୍ତ ପ୍ରତିମା ।"

କନକ—କଅଣ କରିବି ଭଉଣୀ, ସବୁବେଳେ ନାନା ଚିନ୍ତା । ପେଟ ଚିନ୍ତା, ପିଲାଙ୍କ ଚିନ୍ତା, ତାହା ଉପରେ ମେନାର ଚିନ୍ତା । ତାହାର ଆସି କନିଆର ବୟସ ହୋଇଗଲା । ଝିଅ ବଡ଼ି ଘରେ ରହିଲେ ପିତୃ-ଲୋକେ ପାଣି ପାଆନ୍ତି ନାହିଁ । କିମିତି ତାକୁ ଠେକିଏ ପାଣି ଢାଳିଦେଇ ଉଠାଇଦେଲେ ମୁଁ ନିସ୍ତାର ପାଆନ୍ତି । ତାହାରି ଚିନ୍ତାରେ ମୋତେ ରାତିରେ ନିଦ ହେବାକୁ ନାହିଁ ।

ଜାନକୀ—ନା, ନୂଆବୋହୂ, ତମେ ଏତେ ଚିନ୍ତା କରନାହିଁ । କପାଳରେ ଯାହା ଥିବ, ତାହା ହେବ, ତମେ ଚିନ୍ତାକରି କଅଣ କରିବ କହ ? ଆଜି ମେନା କାହିଁକି ଆସିନାହିଁ । ହଳଦୀ ବଟାହୋଇ ତାଟିଆରେ ପଡ଼ୁଛି, ସେ ଲଗା ହେଲାନାହିଁ, ଆଉ ମୁଣ୍ଡବନ୍ଧା ହେବ କି ନା, ତାହା ପଚାରନ୍ତି ।

କନକ—କାହିଁକି ସେଥିକୁ ଏତେ ଶରଧା କରୁଛ ?

ଜାନକୀ କନକ ମୁହଁକୁ ଅନାଇ ମୃଦୁ ହସି କହିଲା—"ବୋହୂ କରିବା ଲାଗି । ମୋତେ ସମୁଦୁଣୀ କରିବାକୁ ଇଚ୍ଛା ହେଉଛି ନା ନୂଆବୋହୂ ?" କନକ ଜିହ୍ୱା ଦଂଶନ ପୂର୍ବକ ଅତି ସଙ୍କୋଚରେ କହିଲା—"ଏଡ଼େ ସୌଭାଗ୍ୟ ମୋର କାହିଁ ଜାନକୀ ? ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇଲେ ଲୋକେ ହସିବେ ।"

ଜାନକୀ—କାହିଁକି ଲୋକେ ହସିବେ ? ଏ ସଂସାରରେ କଅଣ ଗରିବ ଘରେ ବଡ଼ ଲୋକର ବା ବଡ଼ ଲୋକ ଘରେ ଗରିବର ବିବାହ ହେଉନାହିଁ ?

କନକ—ତାହା ଜାଣି ହେଲା, ଆଉ ଜାତିକୁ କାଳୀ କନ୍ୟା ବିଭା କରାଇବାକୁ ବାବା ସାଆନ୍ତେ ରାଜି ହେବେ ନା ?

ଜାନକୀ—ବାବା ତ ମୋର ଭୋଳା ମହେଶ, ତାଙ୍କ କଥା କଣ ତମେ ଜାଣ ନାହିଁ, ନୂଆବୋହୂ । ମେନାକୁ ତ ସେ ଖୁବ୍ ସ୍ନେହ କରନ୍ତି । ଯେ ଯାହାକୁ ସ୍ନେହ କରେ, ସେ କି ତାହାର ସୁଖ ବାଞ୍ଛାକରେ ନାହିଁ । ବାବାଙ୍କ କଥା ମୁଁ ଜାଣେ । ତମେ ରାଜି ତ ?

କନକ—ଭୋକିଲା ଲୋକର ମୁହଁ ପାଖରେ ଅମୃତମୁଣ୍ଡା ଧରିଲେ ସେ କି ତାକୁ ଫିଙ୍ଗିଦିଏ ? ଏ ଛୁଆକପାଳୀ ଗର୍ଭରୁ ଜନ୍ମ ହୋଇ ସତେକି ମେନାର ଏଡ଼େ ଭାଗ୍ୟ ହେବ ? ମୋତେ ଆଉ କିଛି କହନା ଭଉଣୀ, ଆନନ୍ଦରେ ମୋତେ କାନ୍ଦ ମାଡ଼ୁଛି । ମେନାକୁ ତମେ ମଣିଷ କରିଛ, ତାହା ତମେ ଜାଣ । ମୁଁ ସିନା ଜନ୍ମ କରିଛି, ହେଲେ ତମେ ଏକା ତାର ମା । ତମେ ତାକୁ ବଞ୍ଚାଇ ରଖିଛ । ତମ ବାପଝିଅ ଦୁହିଙ୍କ ପାଖରେ ଆମର ସାତପୁରୁଷ ଋଣୀ ।"ଏହା କହି ଜାନକୀକୁ କୁଣ୍ଢାଇ ପକାଇ ଆଖିରୁ ଶ୍ରାବଣଧାରା ଗଡ଼ାଇଦେଲା । ଜାନକୀ ବସ୍ତ୍ରାଞ୍ଚଳରେ ପୋଛିଦେଇ କହିଲା—"କିଛି ଚିନ୍ତା ନାହିଁ ନୂଆବୋହୂ, ବାବାଙ୍କର ମତ ଅଛି । ଖାଲି ତମ ମନ ବଣିବାପାଇଁ ମୁଁ ପଚାରୁଥିଲି । ଏବେ ନିଶ୍ଚିନ୍ତ ହୁଅ, ବୁଢ଼ମାସ ପାହିଲେ ବିଭାଘର କରିବା । ଆଜିଠାରୁ ଆମେ ଦୁହେଁ ସମଦୁଣୀ ହକାଡ଼କି ହେବା ।" ଅନନ୍ତର ଦୁଇ ସଖୀ ପରସ୍ପରକୁ ଆଲିଙ୍ଗନ କରି ଗଙ୍ଗା ଯମୁନା ଧରି, ହକାଡ଼କି ହେଲେ । ତୃପ୍ତି ଏବଂ ଆନନ୍ଦରୂପ ଗଙ୍ଗା-ଯମୁନା ଦୁହିଙ୍କ ହୃଦୟରେ ଉଚ୍ଛୁଳି ଉଠିଲା ।

# ସପ୍ତମ ପରିଚ୍ଛେଦ

"ରେ ଗୋପାଳ, ଗୋପାଳିଆ, ହୋ ଗୋପାଳକୃଷ୍ଣ ବାବୁ ।"

ଗୋଟିଏ ସୌମ୍ୟ ସୁକାନ୍ତ ବାଳକ ଦାଣ୍ଡପିଣ୍ଡାରେ ଖଣ୍ଡିଏ ନଡ଼ିଆ ଚଟେଇ ଉପରେ ବସି ଅତି ମନୋଯୋଗପୂର୍ବକ ବାଇବଲ ପଢ଼ୁଅଛି । ବାଳକଟି ଉଜ୍ଜ୍ୱଳ ଗୌରବର୍ଣ୍ଣ, ବୟସ ସମ୍ଭବତଃ ଷୋହଳ କି ସତର ହେବ । ଦେହଟି ଖୁବ୍ ସୁନ୍ଦର । କୈଶୋରର ଢଳ ଢଳ ଲାବଣ୍ୟ ଉପରେ ଯୌବନର ଜ୍ୟୋତ୍ସ୍ନା ପଡ଼ି ଆସୁଅଛି । ଶରୀର ନ ଖର୍ବ ନ ସ୍ଥୂଳ । ଚକ୍ଷୁ ଦୁଇଟି ଉଜ୍ଜ୍ୱଳ ଏବଂ ସୁଲକ୍ଷଣବନ୍ତ । ବାଳକର ପରିଧେୟ ଲାଲ୍ କିନାରି ସରୁ ଖଦି । କାନିଏ ପିନ୍ଧି ଆଉ କାନିଟା ଦେହରେ ଘୋଡ଼ାଇ ଦେଇଅଛି । ଆଗରେ ପେଣ୍ଡୁଲାଏ କାଗଜ ଥୁଆ ହୋଇଅଛି । ବାଳକଟି ସେଥିରୁ ଥୋଳାଏ ଲେଖାଏଁ ଛଡ଼ାଇ ଆଣି ବାଇବଲ ପଢ଼ୁଅଛି ଏବଂ ଗୁଣୁ ଗୁଣୁ ହୋଇ କି ଗୋଟାଏ ଅସ୍ପଷ୍ଟ ସଙ୍ଗୀତ ଆବୃତ୍ତି କରୁଅଛି । ବାଇବଲ ବଳିବାବେଳେ ତାହାର ଦେହ ମୃଦୁ ମୃଦୁ ଦୋହଲୁଅଛି, ତହିଁ ସଙ୍ଗେ ସଙ୍ଗେ କଣ୍ଠସ୍ୱର ମଧ୍ୟ ଥରିଉଠି ସଙ୍ଗୀତକୁ ଗୋଟାଏ ମଧୁର ଭଙ୍ଗୀ ପ୍ରଦାନ କରୁଅଛି । ବାଳକ ମୁଗ୍‌ଧ, ତନ୍ମୟ । ତାହାର ପ୍ରାଣ ଯେପରି ସଙ୍ଗୀତରେ ମିଶି ମିଳାଇ ଯାଉଅଛି । ପାଠକ, ବାଳକଟିକୁ ଚିହ୍ନିଲେ କି ? ସେ ଆପଣଙ୍କର ପୂର୍ବପରିଚିତ ଗୋପାଳ । ହଠାତ୍ ଭିତର ପରସ୍ତରୁ ସତେଜ କଣ୍ଠରେ ଶବ୍ଦ ଉଠିଲା—"ରେ ଗୋପାଳ, ଗୋପାଳିଆ, ହୋ ଗୋପାଳକୃଷ୍ଣ ବାବୁ ।" ବାଳକଟି ଚମକି ଉଠି କିଛିକ୍ଷଣ ସ୍ଥିର ନେତ୍ରରେ ସେହି ରହି ମନେ ମନେ ଭାବିଲା, "ଏ ତ ସୁଆଗିଆ ଡାକ ନୁହେଁ, ବୋଧହୁଏ ବୁଢ଼ା ରାଗିଛି । ଆଉ ଟିକିଏ ରଙ୍ଗ କରି ବୁଢ଼ାକୁ ନଚାଇଦିଏଁ; ଖୁବ୍ ଗୋଟାଏ କୌତୁକ ହେବ ।" ପୁନଶ୍ଚ ଶବ୍ଦ ଶୁଭିଲା—"କିରେ କାନ ପୋଡ଼ିଯାଇଛି ନା କଅଣ ?" ବାଳକ ଧୀର, ଗମ୍ଭୀର, ଶ୍ଳେଷପୂର୍ଣ୍ଣ ସ୍ୱରରେ କହିଲା—"ନା, ଅଜା, କାନ ପୋଡ଼ିଯାଇ ନାହିଁ—ସେ ଠିକ୍ ଅକ୍ଷତ ଅଛି; ମାତ୍ର ତୁମ ବୁଦ୍ଧିଟା ପୋଡ଼ି ଅଙ୍ଗାର ହୋଇଗଲାଣି । ତୁମେ ତ ତିନିଟା ନା ଧରି ଡାକୁଛ, ମୋର କଅଣ ତିନିଟା ନା ଯେ, ମୁଁ ଏକା ଶୁଣିବି ? ହେଉ, ଏବେ କାହିଁକି ଏତେ ତଡ଼ବଡ଼ ହଇରାଣ ହେଉଛ, ଶ୍ରୀମୁଖରୁ ଆଜ୍ଞା ହେଉ, ଭୃତ୍ୟ ତାହା ପାଳିବାକୁ ଖ୍ରୁ-ଉ-ବ୍ ରାଜି ଅଛି ।" ଏଥର ଅଦ୍ଭୁତ ଔଷଧ—ଅଦ୍ଭୁତ କର୍କଶ ସ୍ୱରରେ ପ୍ରଶ୍ନ ଆସିଲା—"କି, ସେଠି କଅଣ ହେଉଛି କି ?" ବାଳକ କହିଲା,—"ବିଶେଷ କିଛି ନୁହେ ଅଜା, ଖାଲି ତୁମ ବିଭାଘରର ଆୟୋଜନରେ ଲାଗିଛି । ଶୀତଳଭୁଣ୍ଡି ଲାଗି ମିଠେଇ ତିଆର ହେଉଛି । କି, ବିଭାଘର କଥା କଅଣ ମନରେ ନାହିଁକି ଅଜା ? ଯା କହନ୍ତି—'ଯାହା ବାହା ତାହା ମନେ ନାହିଁ, ସାଇପଡ଼ିଶାକୁ ନିଦ ନାହିଁ ?' ଏଥର ଆଉ ଶବ୍ଦ ଆସିଲା ନାହିଁ—ସ୍ୱୟଂ ଆହ୍ୱାନକାରୀ ଖଡ଼ମ ଖଟ୍ ଖଟ୍ କରି ସଶରୀରରେ ଆସି ଉପସ୍ଥିତ ହେଲେ । ଆଗନ୍ତୁକ ବ୍ୟକ୍ତି ସପ୍ତତିତମବୟସ୍କ କ୍ଷୀଣକାୟ ବୃଦ୍ଧ । ମୂର୍ତ୍ତିରୁ କ୍ରୋଧ ଅଗ୍ନି ଉଠୁଅଛି । ମୁଖ ପାଣ୍ଡୁର, କୋଟରସ୍ଥ ନେତ୍ର-ତାରକା ଧକ୍ ଧକ୍ ହୋଇ ଜଳିଉଠୁଅଛି—ଶିଥିଳ କପାଳର ଶିରାଗୁଡ଼ିକ କମ୍ପିତ ଅଧିକ ଫୁଲି ଉଠିଅଛି । ବୃଦ୍ଧର ପରିଧେୟ ଖଣ୍ଡେ ଜୀର୍ଣ୍ଣ ମଳିନ ମଠାଲୁଗା, ଖଣ୍ଡେ ପାକଲା ଗାମୁଛା ଚଦର ହୋଇ କାନ୍ଧରେ ପଡ଼ିଅଛି । ଦୀର୍ଘାକାର ଗୌରବର୍ଣ୍ଣ ପୁରୁଷ, ଅବିନ୍ୟସ୍ତ ଶୁକ୍ଳ କେଶ ଜ୍ଞାନଗରିମାର ଶିଖା-ପ୍ରାୟ ମସ୍ତକରେ ଫର ଫର ହୋଇ ଉଡ଼ୁଅଛି । ଆକୃତିରୁ ବୋଧହୁଏ, ସେ ଯୌବନରେ ସୁପୁରୁଷ ଥିଲେ । ବର୍ତ୍ତମାନ ବୟୋଧର୍ମରେ ଜରାର ବିକୃତ ସଂସ୍କରଣ । ବୃଦ୍ଧଙ୍କୁ ଦେଖି ବାଳକ ବ୍ୟଗ୍ର କଣ୍ଠରେ କହିଉଠିଲା—"ଏଇ ସେ ଅଜା, ତୁମ ବିଭାପାଇଁ ମୁଁ ବଡ଼ ବ୍ୟସ୍ତରେ ଅଛି ।" ଏ କଥା ଶୁଣି ବୃଦ୍ଧଙ୍କର କ୍ରୋଧ-ପାରଦ କେତେ ଡିଗ୍ରୀ ତଳକୁ ଖସି ଆସିଲା । ବିବାହ ଶବ୍ଦ ତାଙ୍କ ଶୁଷ୍କ ଅଧରରେ ବଳପୂର୍ବକ ମ୍ଳାନ ହାସ୍ୟ ଟାଣିଆଣିଲା । ଜଗତରେ ବିବାହ ଶବ୍ଦଟା ବଡ଼ ମଧୁର । ତାହାର ନାମ ଶୁଣିଲେ, ସମସ୍ତେ ଆନନ୍ଦିତ ହୁଅନ୍ତି । ସଂସାର-ରହସ୍ୟ ବଡ଼ିଙ୍କ

ଏଠାରେ ନିବିଡ଼ ବନ୍ଧନ ସୁଖ ନାମରେ ଅଭିହିତ ହୁଏ —ମୁକ୍ତ ଜୀବନ କେହି ସ୍ପୃହେଁନାହିଁ । ବୃଦ୍ଧ କିନ୍ତୁ ସତ୍ୟ ବିବାହ କରିବାକୁ ଯାଉନାହାନ୍ତି, ତାହା ତାଙ୍କ ପକ୍ଷରେ ଅସମ୍ଭାବ୍ୟ, ଅବିଶ୍ୱାସ୍ୟ ଏବଂ ଅସ୍ୱପ୍ନକଳ୍ପିତ । ତଥାପି ବିବାହ ନାମ ଶୁଣି ତାଙ୍କ ହୃଦୟ ଉଲ୍ଲସି ଉଠିଲା । ବୃଦ୍ଧ, ମୃତ୍ୟୁ-ସମୁଦ୍ରର କୂଳରେ ଠିଆହୋଇ ଆଉ ଯୌବନର ସ୍ୱପ୍ନ ଚାହିଁ କି ? ନା ନା, ଏହା ତୁମ୍ଭର ଅଭିପ୍ରାୟ ନୁହେଁ—କୌତୁକ ମାତ୍ର । ବୃଦ୍ଧ ଅର୍ଦ୍ଧ ଶଙ୍କିତ, ଅର୍ଦ୍ଧ ମଧୁର ସ୍ୱରରେ କହିଲେ—"ବିବାହ ? କାହାର ବିବାହ —ମୋର ? ତୁ କନ୍ୟା ଠିକ୍ କରିଛୁ ?" ବାଳକ ଗମ୍ଭୀର ହୋଇ କହିଲା—"କି, ତୁମେ ତ ବିବାହ ହେବ, ଆଉ କନ୍ୟା କଅଣ ହେବ ? ତେବେ ଜୀହାଣ୍ଡି ଯଦି ଦରକାର ହୁଏ, କୁମ୍ଭାର ଘରୁ ଗଢ଼ାଇ ଆଣିଲେ ହେବ, ନ ହେଲେ ଅନ୍ୟ ଚେଷ୍ଟା କରାଯିବ । ଆଉ କଅଣ କର୍ମ ବନ୍ଦ ହେବ ନା ?" ବୃଦ୍ଧ ରହସ୍ୟ କରି କହିଲେ—"ଅଛି, କନ୍ୟା ଜାଣି ହେଲା; ମାତ୍ର ସେ ଆସି ଭକ୍ଷଣ କରିବ, ମରିବାବେଳେ ପରିବା କାଟିବ ନା ?" ବାଳକ ଅଶ୍ରୁମିଶା ସ୍ୱରରେ କହିଲା— 'କିଏ ମରିବ, ତୁମେ ! ବାଃ ରେ, ମୁଁ ପସ୍କ କାଲିଘର ହାଲିଭିଡ଼ ଗଣ୍ଡ ବୁଢାକୁ ପୋଡ଼ିବାକୁ ଯିବି । ମରନ୍ତି ଭଲା, କିମିତି ମରିବ ଦେଖି, ଅଛି ଲୋକ ତୁମେ । ନା ନା, ଉଠୁଣି ସେ ମରିବା ପରିବା ହେବନାହିଁ । ଆଗେ କାଲିଘର ସରୁ, ତାହା ପରେ ପଛେ ମରିବ । ଅଛି ଅଜା, କନ୍ୟାଟି ତୁମ ପାଖରେ କିମିତି ସୁନ୍ଦର ଦିଶିବ, କହିଲ ? ଠିକ୍ ଯେମିତି ରୋଗୀ ପାଖରେ ଔଷଧ ଡାକ୍ତରା, ନୁହେଁ ?' ବୃଦ୍ଧ ଈଷତ୍ ସ୍ନେହ ଭର୍ତ୍ସନା ସ୍ୱରରେ କହିଲେ, "ଦୂର ପଗଲା, ପାଠଶାଠ ଗଣ୍ଡ ଏବେ ଏହି ତାମସା ଲାଗିଛି ।" ବାଳକ ହସି ହସି କହିଲା—"ପାଠ ପଢନ୍ତି ଯେ; ମାତ୍ର ମାଷ୍ଟରପଢ଼ାକ ମନକୁ ଆସନ୍ତି ନାହିଁ । ଯୋଗ୍ୟ ମାଷ୍ଟର ତ ମିଳୁ ନାହାନ୍ତି—ଆଉ କଅଣ କରିବ କହ । ଆଉ ଦ୍ୱିତୀୟ ଅସୁବିଧା ଏହି ଯେ, ପାଠପଢ଼ାକ ମିଠା ଲାଗେନାହିଁ । ତାହା ପଛେ ହେଉ; ମାତ୍ର ସେ ବଡ଼ ଗରିଷ୍ଠ ପଦାର୍ଥ—ମୋ ପେଟରେ ଆଦୌ ହଜମ ହୁଏନାହିଁ । ପାଠ ପଢି ଆଉ କଅଣ ଅଙ୍କଷ୍ଟ ରୋଗରେ ମରିବ ?" ବୃଦ୍ଧ ବିରକ୍ତ ହୋଇ କହିଲେ, "ଯା ଯା, ଫାଜିଲାମି କେତେକ ଥାଉ । ତରକାରି ନାହିଁ, ବଜାରରୁ କିଛି ପରିବା କିଣି ଆଣିବୁ ଯା ।" ବାଳକ କହିଲା—"ମୁଁ ଯାଇପାରିବି ନାହିଁ ।" ବୃଦ୍ଧ ଏ ଅବାଧ୍ୟତାରେ ଚଳି ଉଠି ମୁଖ ବିକୃତ କରି କହିଲେ—"ଯିବୁ ତ ନାହିଁ, ଆଉ ଗିଳିବୁ କିମିତ ?"

ବାଳକ—ଗିଳିବା କଥା ବଡ଼ ମା ବୁଝିବ, ମୁଁ କିଛି ଜାଣେନାହିଁ ।

ବୃଦ୍ଧ—ବଡ଼ ମା ତା ବାପଘରୁ ଆଣି ଦେବ ।

ବାଳକ ବୃଷ୍ଟିବିଧୌତ ଅମ୍ଳାନ କୌମୁଦୀ ପରି ହାସ୍ୟ ବିସ୍ତାର କରି କହିଲା—"ବୁଢା ହୋଇ ତୁମେ ଆଉଟୁ ଜୁଡ଼ଲଣି ଅଜା ! ତୁମେ ପରା ମୋ ବଡ଼ମାର ବାପ, ମୋ ବଡ଼ ବାପର ଶ୍ୱଶୁର, ମୋର ଅଜା ଆଉ ମୋ ଆଈ ମାର କଣ କି—ସେଇଆ ।" ଏହା କହି ବାଳକ ଅନର୍ଗଳ ହସିବାକୁ ଲାଗିଲା । ବୃଦ୍ଧ କିଞ୍ଚିତ ଅପ୍ରତିଭ ହେଲେ । ତାଙ୍କ ମସ୍ତିଷ୍କର ଅଧୋଗାମୀ ପାସ୍ୱ ପୁଣି ବନ୍ଧୁ ଶ୍ରୀ ଉପରକୁ ଉଠିଗଲା । ସେ ଗର୍ଜିଉଠି ଉତ୍ତେଜିତ କଣ୍ଠରେ କହିଲେ—"ଗିଳିବା ବେଳକୁ ଶିଳପଟା ପରି ଯୁଣ୍ଡା ବଳିବ; ଆଉ ଗୋଟାଏ କାମ କରିବାକୁ କହିଲେ ଜ୍ୱରକୁ ଲାଗିବ । ଗତରଚୋରୀ, ନିମକ ହାରାମ୍, ଦୁଲା ଫକୀର, ବାପର ଆଣ୍ଟି ଅଛି ବସି ଖାଇବ । ଦୂର୍ ହ ମୋ ଘରୁ ।" ବାଳକ ମଧ୍ୟ ଅସହିଷ୍ଣୁ ଭାବରେ କହିଲା— "ପଇସା ଖର୍ଚ୍ଚ କରି ମୂଲିଆ ଲଗାଇ କି ନାମ କରାଇବ, କରାଅ । 'ତେଲ ହଳଦୀ ସାର ନା, ପୁଅକୁ ଦୁଖୁଲା ମାର ନା' ଯାହା କହନ୍ତି ତାହା ସତ । ଯକ୍ଷ ପରି ଟଙ୍କା ବୁକୁଳାକୁ ଜଗି ବସିଥାଅ, ମଲେ ତାକୁ ସାଙ୍ଗରେ ନେଇ ସ୍ୱର୍ଗକୁ ଯିବ ।" ବୃଦ୍ଧ ଏହା ଶୁଣି ସ୍ତମ୍ଭୀଭୂତ ହୋଇଗଲେ ଆଉ କିଛି କହିବାକୁ ଭାଷା ପାଇଲେ ନାହିଁ । ତହୁଁ ବୃଦ୍ଧ ରୋଷରେ ଫୁଲି ଫୁଲି ରୁଦ୍ଧବାକ୍ ହୋଇ ଶକ୍ତ ବିରକ୍ତ ଚିତ୍ତରେ ତ୍ୱରିତ-ପଦ-କ୍ଷେପରେ ଗୃହମଧ୍ୟକୁ ଫେରିଗଲେ । ବାଳକର ରାଗ ନାହିଁ । ସେ ଟିକିଏ ମୁରକି ହସା ହୋଇ ବଗଲା ସଙ୍ଗାରୁ ପୁତୁଳିଟି ବାହାର କରି ମତ୍ସ୍ୟ-ଶିକାର ଉଦ୍ଦେଶ୍ୟରେ ପୁଷ୍କରିଣୀ ଆଡ଼କୁ ଧୀରେ ଧୀରେ ଅଗ୍ରସର ହେଲା । ବୃଦ୍ଧଙ୍କ ଜ୍ୱାଳାମୟୀ ଭର୍ତ୍ସନା ତାହାର ନିର୍ମଳ

ହୃଦୟରେ ଦୁଃଖ ବା ଯନ୍ତ୍ରଣାର ଛାୟାପାତ ସୁଦ୍ଧା କରି ପାରିଲା ନାହିଁ । ସେ ନିର୍ବିକାର ଚିତ୍ତରେ ଶିଙ୍ଘି ମାରି ମାରି ମାଛ ଧରିବାକୁ ଲାଗିଲା ।

ଏଣେ ବୃଦ୍ଧ ମଝିଁବାହାରେ ଠିଆହୋଇ ବେଗ ତପ୍ତ କଣ୍ଠରେ ଡାକିଲେ—"ଜାନକୀ, କୁଆଡ଼େ ଗଲୁ, ଏଣିକି ଆ ।" ଜାନକୀ ରନ୍ଧନଶାଳାରେ ଥିଲା, ପିତାଙ୍କର ଉଷ୍ଣସ୍ୱର ଶୁଣି ଚମକି ଉଠି ଶାନ୍ତଶୀତଳ ସ୍ୱରରେ କହିଲା—"କି ବାବା, ମୁଁ ହାଣ୍ଡିଶାଳରେ ଅଛି ।" ବୃଦ୍ଧ ସେହିପରି ରୁକ୍ଷସ୍ୱରରେ କହିଲେ—"ଚଞ୍ଚଳ ଏଆଡ଼େ ଆସିଲୁ ।" ଜାନକୀ ଆସି ଦେଖିଲା, ପିତାଙ୍କର ମୁଖ ଅମାବାସ୍ୟାର ଅନ୍ଧକାର ପରି କ୍ରୋଧରେ ଗମ୍ଭୀର । ନେତ୍ରରୁ ଅଗ୍ନିଶିଖା ନିର୍ଗତ ହେଉଅଛି । ବୃଦ୍ଧର ଚିର-ଶାନ୍ତ ସୌମ୍ୟ ମୂର୍ତ୍ତିକୁ କ୍ରୋଧ କୁତ୍ସିତ କରି ଦେଇଅଛି । କି ଗୋଟାଏ ଅଜ୍ଞାତ ଆଶଙ୍କାରେ ଜାନକୀର ମୁଖଚନ୍ଦ୍ର ପରିମଳିନ ହୋଇଗଲା । ତାହାର ହୃଦୟରେ ଟିକିଟିକି ପାହାର ଆରମ୍ଭ ହେଲା, ଆତ୍ମା ଚମକି ଉଠିଲା । ଚୌକାଠବନ୍ଧ ଧରି ଟିକିଏ ଉହାଡ଼ରେ ଥାଇ କମ୍ପିତ ସ୍ୱରରେ ପଚାରିଲା—"କଣ, ବାବା !" ବୃଦ୍ଧ କ୍ରୁଦ୍ଧ ସ୍ୱରରେ କହିଲେ—"ଆଚ୍ଛା କହନି ଜାନକୀ, ମୁଁ ତୁମର କି ଅନିଷ୍ଟ କରିଅଛି ? ତୁମେମାନେ କଅଣ ଆଉ ମୋତେ ବାସରେ ରଖାଇ ଦେବ ନାହିଁ ?" ବୃଦ୍ଧ ଗୋଟାଏ ଅଗ୍ନିମୟ ନିଃଶ୍ୱାସ ପକାଇଲେ । ଜାନକୀ କିଛି ବୁଝି ନ ପାରି ବିସ୍ମୟ ଉଦ୍‌ବେଗ ଦୃଷ୍ଟିରେ ପିତାଙ୍କ ମୁହଁକୁ ଫଲ୍ ଫଲ୍ କରି ଅନାଇ ରହିଲା । ବୃଦ୍ଧଙ୍କ କଣ୍ଠରୁ ଆଉ ଗୋଟିଏ ନିଃଶ୍ୱାସ ଉଠିଆସୁଥିଲା; ମାତ୍ର ସେ ବହୁ କଷ୍ଟରେ ସେହି ଉଦ୍ଗତ ନିଃଶ୍ୱାସ ରୁଦ୍ଧ କରି କହିଲେ—'ମୋତେ ଯମ ଯିମିତି ଜାଳୁଛି, ତୁମେ ବି ସିମିତି ଜାଳୁଛ । କେଉଁଠୁ ଗୋଟାଏ ସାଉଣ୍ଟା ବୁଲା ଫକୀର ଟୋକାଟାକୁ ଆଣି ତୁ ମୋତେ କି ଜଞ୍ଜାଳରେ ପକାଇଛୁ !' ଜାନକୀର ଆଉ ସନ୍ଦେହ ରହିଲା ନାହିଁ । ସେ ବୁଝି ପାରିଲା, ଦୁଷ୍ଟ ଗୋପାଳ କିଛି ଗୋଟାଏ ଅଘଟନ କାର୍ଯ୍ୟ କରିଅଛି । ସେ ତ୍ରସ୍ତ ହୋଇ କହିଲା—'ବାବା, ଗୋପାଳ କିଛି କହିଛି କି ତୁମକୁ ?' ବୃଦ୍ଧ ଆଉ ଟିକିଏ ରାଗିଉଠି କହିଲେ—'ହିଁ, ମୋତେ ପୁଣି କହିବ, ମୁଁ ତା ବାପର କିଛି ଧାରେଁ ? ସେଟା ମୋର କ୍ଷତି ନା ଗୋଳ କିଏ ଯେ, ମୋତେ କହିବ ? ମୁଣ୍ଡ ଭାଙ୍ଗିଦେବି ନାହିଁ । ମୋର ଖାଇ ମୋତେ କହିବ ? ଖାଲି ଗୋଟାଏ ନାଗପାଶରେ ସିନା ମୁଁ ଆପଣାକୁ ଆପେ ବାନ୍ଧି ରଖିଛି । ପାଶରେ ପଡ଼ି ଯେତେ ଛଟପିଟ ହେଉଛି, ପାଶ ସେତିକି ଦୃଢ଼ରେ କସିଯାଉଛି । ନା ନା, ସେ ପାଶ ଛିଣ୍ଡାଇବାକୁ ହେବ । ପରକାଳ ଚିନ୍ତା କଲେ ଅନେକ ଲାଭ । ହରି ହେ ଦୀନବନ୍ଧୁ ! ଉଦ୍ଧାର କର ପ୍ରଭୋ । ନା—ନା, ସେ ଅକୃତଜ୍ଞ କୁକୁରକୁ ଆଉ ମୁହଁ ଦେବା ଉଚିତ ନୁହେଁ । କୁକୁରକୁ ମୁହଁ ଦେଲେ ସେ ମୁଣ୍ଡରେ ଚଢ଼େ । ତୋର ସିନା ସେ ପୁତୁରା—ଭଉଣୀର ପୁଅ—ବଂଶର ଅଙ୍କୁର ନା ଅଙ୍ଗାର, ମୋର ସେଟା କିଏ ଯେ, ମୁଁ ତାହା କଥା ଭାବିବି । ଓଃ ମୋର ତ ଭାରି ଗରଜ ପଡ଼ିଛି ! ଦେଖ୍ ଜାନକୀ, ତୁ ଯେବେ ଆଜି ତାକୁ ଭାତ ଦେବୁ, ତେବେ ମୋ ମୁଣ୍ଡ ଖାଇବୁ ।' ବୃଦ୍ଧ ଏହା କହି ରାଗରେ ଥର ଥର୍ ହୋଇ ଦାଣ୍ଡକୁ ଚାଲିଗଲେ । ଯାଉଁ ଯାଉଁ କହିଲେ—"କଅଣ କରିବି, ସବୁ ମୋର ଅଦୃଷ୍ଟର ଫଳ, ତାହା ମୋ ଛଡ଼ା ଆଉ କିଏ ଭୋଗ କରିବ ?"

ହାୟ ଅଦୃଷ୍ଟ, ତୁମ୍ଭର ଅଦୃଷ୍ଟ ଏକା ପୋଡ଼ା । ନିଜର ଭ୍ରାନ୍ତି, ଅଜ୍ଞତା ବା ଦୁର୍ବଳତାର କୁଫଳକୁ ମାନବ ତୁମ୍ଭର ମୁଣ୍ଡରେ ଲଦିଦେଇ ଗୋଟାଏ ବ୍ୟର୍ଥ ସାନ୍ତ୍ୱନା ଲାଭ କରେ । ସେ ନିର୍ଦ୍ଦୋଷ—ସୁନାପୁଅ ଆଉ ସବୁ ଦୋଷ ଅଦୃଷ୍ଟର । ଜ୍ଞାନୀ ଭକ୍ତ ସବୁ କାମ କରି ଈଶ୍ୱରଙ୍କୁ ଅର୍ପଣ କଲାପରି ଅଦୃଷ୍ଟବାଦୀ ସବୁ କାମର ଫଳ ଅଦୃଷ୍ଟକୁ ସମର୍ପଣ କରେ । ବୁଦ୍ଧିଟା ମନ୍ଦ ନୁହେଁ । ବୃଦ୍ଧ ଆଉ କିଛି କହିଲେ ନାହିଁ; ମାତ୍ର ବଜ୍ରଦଗ୍ଧ ତାଳଗଛ ପରି ଭିତରେ ଭିତରେ ପୋଡ଼ି ହେବାକୁ ଲାଗିଲେ ।

ପିତାଙ୍କର ବଜ୍ର-ଶପଥ ଜାନକୀ କର୍ଣ୍ଣରେ ବହ୍ନି-ବାଣର ଜ୍ୱାଳାମୟ ସ୍ୱର ପ୍ରାୟ ପ୍ରତୀୟମାନ ହେଲା । ସେ ଜିହ୍ୱା ଦଂଶନପୂର୍ବକ ମନେ ମନେ କହିଲା—"ବାବା ତ କେବେ ଏପରି ରାଗନ୍ତି ନାହିଁ—ଖେଚଡ଼ା ଟୋକାଟା ତାଙ୍କୁ କିଛି କଟୁ କଥା କହିଛି । ବାବା ତ ମୋର କ୍ଷଣକୋପୀ, କେତେ ଥର ରାଗନ୍ତି ପୁଣି ଘଡ଼ିକ ମଧ୍ୟରେ ପାଣି ହୋଇଯାଇ 'କାଇଁ ରେ, ଗୋପାଳ ରେ' ବୋଲି

କେବେ ଆଦର ସୁଆଗ କରନ୍ତି । ମନକୁ ନ ବାଧିଲେଁ କି କେହି ଏପରି ରାଗ କରେ ? ଚଗଲି ଟୋକାଟା ତ ସବୁବେଳେ ଖୁଜୁର ବୁଜୁର ହୋଇ ବୁଢାଟା ସାଙ୍ଗରେ ଥଟ୍ଟା ମସ୍କରି ଲଗାଇଲା । ବୃଦ୍ଧ ଶରୀର, ସେଥିରେ ପୁଣି ଯମ ପୋଡ଼ାମୁହାଁ ତ ଅଣ୍ଟା ଭାଙ୍ଗି ଦେଇଛି, ତାଙ୍କୁ କଅଣ ଏସବୁ ଆଉ ଭଲ ଲାଗେ ? ଆହା, ପତ୍ନୀକଷ୍ଟ, ଅପୁତ୍ରିକ କଷ୍ଟଠାରୁ କି ଆଉ ବଳକରି କଷ୍ଟ ଅଛି ? ମୋର ସ୍ନେହମୟ ପୁଣ୍ୟବନ୍ତ ପିତାଙ୍କୁ ନିଷ୍ଠୁର ବିଧାତା ଏତେ କଷ୍ଟ ଦେଲା ।" ଏହା କହି ଜାନକୀ କାନ୍ଦପକାଇଲା । ସୂତ୍ରଛିନ୍ନ ମୁକ୍ତାମାଳା ପରି ନେତ୍ରରୁ ଲୋତକ ବିନ୍ଦୁ ଝରିପଡ଼ିଲା । ଅନ୍ତଃକରଣରୁ ଗୋଟାଏ ବେଦନାଭରା ତପ୍ତ ହାହାକାର ବାହାରିଆସି ସନ୍ନିକଟସ୍ଥ ବାୟୁମଣ୍ଡଳକୁ ଥରାଇଦେଲା । ଜାନକୀ ଅନେକ କାନ୍ଦିଲା—ଅତୀତ ସୁଖ-ସ୍ମୃତି ଗୋଟିଗୋଟି ହୋଇ ଆସି ତାହା ଆଗରେ ନାଚିବୁଲି ବିଦ୍ରୂପ କରିବାକୁ ଲାଗିଲେ । ଜାନକୀ ଅଜ୍ଞାନ ଅବଳା, ଆଉ କେତେ ସମ୍ଭାଳିବ । ଦୁଃଖିତ ପ୍ରାଣକୁ ସ୍ମୃତି-ହୁତାଶନରେ ନିକ୍ଷେପ କଲେ କେବଳ ଉତ୍ତାପହିଁ ମିଳେ, ଏହା ତ ଅନେକ ପଣ୍ଡିତ ବ୍ୟକ୍ତି ବୁଝି ସୁଦ୍ଧା ବୁଝନ୍ତି ନାହିଁ । ଆଉ ଜାନକୀ ତ ସାମାନ୍ୟ ନାରୀ—ତାହାର ବା ଦୋଷ କଅଣ ? କେତେକ୍ଷଣ ପରେ ସେ ସ୍ୱତଃ ସାନ୍ତ୍ୱନା ଲାଭ କରି କହିଲା—"ଆସୁ ଆସେ ସେ ପୋଡ଼ାମୁହାଁ, ଆଜି ସେ ବୁଝିବ କି ମୁଁ ବୁଝିବି । ଦେଖିବି ସେ କେତେ ଗେଲ୍ହାବୁଅଁର, ତାହା ଜ୍ୱାଳାରେ ମୋର ହାଡମାଂସ ମିଳେଇ ଗଲାଣି । ମାକୁ ଖାଇଲା, ବାପକୁ ଖାଇଲା, ସମସ୍ତଙ୍କୁ ଖାଇଲା ଆଉ ମୋତେ ଖାଇଲେ ଯାଇ ସେ ସବାଖିଆର ପେଟ ପୂରିବ । ଆଜି ଯେବେ ତା ପିଠିରୁ ଛାଲ ନ ଉତାରେଁ, ତେବେ ମୋ ନା ଜାନକୀ ନୁହେ ।" ଜାନକୀ ଏହା କହି ଗୃହାନ୍ତରକୁ ଯାଇ ରନ୍ଧନକାର୍ଯ୍ୟରେ ଆତ୍ମନିୟୋଗ କଲା । ଦେଖୁଁ ଦେଖୁଁ, ବେଳ ପାଞ୍ଚ ଘଣ୍ଟା ହୋଇଗଲା । ଖରା ଫୁଟିଉଠିଲା । ବୃଦ୍ଧ ଦାଣ୍ଡପିଣ୍ଡାରୁ ଉଠି ଆସି ମାଳା ଝୁଲି ଧରି ଇଷ୍ଟନାମ ଜପ କରିବାକୁ ଲାଗିଲେ ।

× × ×

"ବଡ଼ମା, ଭାତ ହେଲାଣି ନା ?"

ଗୋପାଳ ବୁଢାଟା ବଡ଼ ବଡ଼ମାଛ ଘେନି ହାଣ୍ଡିଶାଳ ଅଗଣାରେ ଠିଆହୋଇ ଡାକିଲା—"ବଡ଼ମା, ଭାତ ହେଲାଣି ନା ?" ଜାନକୀ ସେ କଥା ଶୁଣି ନ ଶୁଣିଲା ପରି ନୀରବ ରହିଲା । ଗୋପାଳ ପୁନଶ୍ଚ ଡାକିଲା—"ବଡ଼ମା, ବଡ଼ମା, ଶୁଣୁନାହୁଁ କାହିଁକି ?" ଏଥର ସୁଦ୍ଧା ଜାନକୀ ଉତ୍ତର ଦେଲାନାହିଁ, କେବଳ ରକ୍ତନେତ୍ରରେ ଗୋପାଳକୁ ଚାହିଁ ରହିଲା । ଗୋପାଳ ଟିକିଏ ଭୀତ ହୋଇ ଅପେକ୍ଷାକୃତ ଲଘୁ ସ୍ୱରରେ କହିଲା—"କି ବଡ଼ମା, କଥା କହୁ ନାହୁଁ—ରାଗିଛୁ କି ? ଦେଖିଲୁ, ମୁଁ କେଡ଼େ କେଡ଼େ ମାଛ ଧରି ଆଣିଛି ।" ଜାନକୀ ଆଉ ନୀରବ ରହିପାରିଲା ନାହିଁ—ଗର୍ଜିଉଠି କହିଲା—"ତୋ ମାଛ ମୁହଁରେ ନିଆଁ, ଆଉ ତୋ ମୁହଁରେ ଧୂଆଁ । ଆରେ ଚୁଲିପଶା, ତୁ ସବୁବେଳେ ବୁଢାଟା ସାଙ୍ଗରେ କାହିଁକି ଲଗାଉ, କହିଲୁ ?" ଗୋପାଳ ଏହା ଶୁଣି ହସି ହସି ଭୂଇଁରେ ଲୁଟିଗଲା । ତା ଉଦ୍ଦାମ ଅସମ୍ଭାଳ ହସ, ହସି ହସି ଥକି ପଡ଼ି ସୁଦ୍ଧା ହସର ବିରାମ ନାହିଁ । ଶେଷରେ ଆଉ ହସି ନପାରି ଖୁବ୍ ଜୋରେ କାଶିଲା । କାଶୁଁ କାଶୁଁ ଭଙ୍ଗା ଭଙ୍ଗା ସ୍ୱରରେ କହିଲା, "ଏବେ ତୋ ରାଗ କଥା ବୁଝିଲି, ତେବେ ସେହି ବୁଢା ଖୁଣ୍ଟୁଡ଼ ମୋ ନାଁରେ ଲଗାଇ ଯୁଟାଇ ତୋ ପାଖରେ ଖଚମିଛ ପୋଡ଼ିଛି । ଅଜାନାତି ବୋଲି ଯେଉଁ କଥା -ମୁଁ ପରା ନାତି, ବୁଢା ସ୍ୱର୍ଗକୁ ଯିବା-ବେଳେ କାଳିକା ବାଣୀ, ଟିକିଏ ଥଟାଟାପରି କଲି, କଅଣ ହେଲା ? ବୁଢାଟା ବାଉଳାଟି ହେଲାଣି, ତା କଥା ତୁ ଶୁଣୁଛୁ କାହିଁକି ? ଦେ, ଆଗେ ମୋତେ ଭାତ ଦେ, ଭୋକରେ ପେଟ ଜଳିଲାଣି ।" ଜାନକୀ ଏ ନବରଙ୍ଗ ଦେଖି କ୍ରୋଧରେ ଥରିଉଠି କହିଲା—"ଭାତ ଦେବି, ନା ଚୁଲି ପାଉଁଶ ଦେବି ?" ତାହାର କଥା ନ ସରୁଣୁ ଗୋପାଳ ହସି ହସି କହିଲା -"ନା, ବଡ଼ମା ସେ ସାର ପଦାର୍ଥ, ତୋ ବାପ ଲାଗି ତା ରଖିଥା, ମୋତେ ଭାତ ଦେ, ମୁ ଖାଇବି । ବାଳକର ଏପରି ହାସ୍ୟୋକ୍ତିରେ ଜାନକୀ ଆହୁରି ଜଳି ଉଠି ରୁଦ୍ର ସ୍ୱରରେ କହିଲା—"ଦୂର୍‌ହ ଗାତପଶା, ମୋ ଘରେ ଭାତ ନାହିଁ ।

ଗୋପାଳ କହିଲା—"ଆରେ ବାଃ ମୋ ପେଟ ଜଳିଲାଣି, ଭାତ ନାହିଁ, ତୁ ପଚାରୁଛୁ ଯିବୁ, ଗାଳିଦେବୁ, ଆଗେ ଭାତ ଦେ—ମୋ ହଂସା ଉଡ଼ିଗଲାଣି।" ଜାନକୀର କ୍ରୋଧ ତେବେ ସୁଦ୍ଧା ଭଙ୍ଗ ହେଲାନାହିଁ। ସେ ଅଧିକ ଗର୍ଜନ କରି କହିଲା—"ନା, ଭାତ ନାହିଁ ତୁ ଏଠୁ ଦୂର ହ। ଦେଖେଁ ଭଲା ତୋର ସବୁ ଦିନେ ଆଉ ମୋର—ଦିନେ।" ବାସ୍ତବରେ ଗୋପାଳ କ୍ଷୁଧାରେ ଅସ୍ଥିର ହେଉଥିଲା। ସେ ଆଉ ବଡ଼ମାର ଗାଳି ସହିପାରିଲା ନାହିଁ। ଲୋତକସିକ୍ତ ନୟନରେ ସେ କହିଲା—"ଦୂର ହେବି, ସତ କହୁଛୁ ଦୂର ହେବି ? ତିନିଥର କହ।" ଜାନକୀ କହିଲା—"ତିନିଥର କାହିଁକି; ଶହେ ଥର କହୁଛି ଦୂର ହ।" ଗୋପାଳ ଆଉ କିଛି ନକହି ସେଠାରୁ ଚାଲିଗଲା।

—⁂—

# ଅଷ୍ଟମ ପରିଚ୍ଛେଦ

ମନୁଷ୍ୟର ମତି ସବୁବେଳେ ସମାନ ଥାଏ ନାହିଁ। କୁଘଡ଼ି, ସୁଘଡ଼ି ଅଛି। ପ୍ରସ୍ତର ପରି ସହନଶୀଳ ଲୋକ ସୁଦ୍ଧା ସମୟରେ ବିଶେଷ ଅଧୈର୍ଯ୍ୟ ହୋଇପଡ଼େ। ଗୋପାଳ ଗାଁ ପାରି ହୋଇଗଲା ; ମାତ୍ର କେଉଁଠିକି ଯାଉଛି, ସେ ତାହା ଜାଣେନାହିଁ। ଏ ତାହାର ନିର୍ଦ୍ଦିଷ୍ଟ ନିରୁଦ୍ଦେଶ୍ୟ ଯାତ୍ରା। ଯେପରି ଗୋଟାଏ ଅଦୃଶ୍ୟ ପ୍ରବଳ ଭୌତିକ ଶକ୍ତି ତାହାକୁ କେଉଁ ଅଜ୍ଞାତ ଓଡ଼ାରି ନେଇଯାଉଅଛି, ସେ ତାହା ଜାଣିପାରୁ ନାହିଁ। ଗୋପାଳ ଦୁଇଟି ବିରୋଧ ଭାବ ସଙ୍ଗେ ଯୁଦ୍ଧ କରି କରି ଚାଲିଅଛି। ସେ ଆଜି ଅପମାନିତ, ଲାଞ୍ଛିତ, ତିରସ୍କୃତ; ମାତ୍ର ଏପରି ଗଞ୍ଜନା ସେ ଏଥିପୂର୍ବେ ଅନେକ ଥର ନିର୍ବିକାରରେ ଗ୍ରାହ୍ୟ କରିଦେଇଅଛି। କାହିଁକି କେଜାଣି ଆଜି ତାକୁ ବଡ଼ ବାଧିଲା। ଅଜାଙ୍କ କଥାକୁ ସେ ପ୍ରଥମ ଥର ଗ୍ରାହ୍ୟ କରିନଥିଲା। ତାହା ଭିତରେ ନଜାଣି କି ବିଷ ନିହିତ ଥିଲା, ଗୋପାଳ ସେହି ବିଷରେ ପରେ ଘାରି ହୋଇପଡ଼ିଲା। ତାହା ଶରୀରରେ ବୃଶ୍ଚିକ-ଦଂଶନର ଜ୍ୱାଳା ଅନୁଭୂତ ହେଲା। ସେ ମନେ ମନେ ଭାବିଲା—"ଏଡ଼େ କଠୋର କଥା ତ ଅଜା କେବେ କହନ୍ତି ନାହିଁ, ଆଉ ବଡ଼ମା ବି ତ ଏପରି ନିର୍ଦ୍ଦୟ ହୁଏନାହିଁ। କେତେଦିନ ହେଲା ମୋ ପ୍ରତି ସେମାନେ ବିରକ୍ତ, ଏହା ମୁଁ ଜାଣେ, ତେବେ ଆଜି ପରି ଠାଣ ଠାଣ କଥା ତ କେବେ କେହି କହିନାହାନ୍ତି। "ଭୁଲ ଫକୀର, ମୋ ଘରୁ ଦୂରହ"—ଏ କଅଣ ? ମୋର କେହି ନାହିଁ ବୋଲି ମୁଁ ଭୁଲ ଫକୀର ! ମୁଁ କଅଣ ଭୁଲିଭୁଲି ଆପେ ଆସି ତାଙ୍କ ଓଳିରେ ଅଉଳିଥିଲି ! ମୁଁ ଯଦି ପଇସା ରୋଜଗାର କରୁଥିଲେ ଏପରି ମର୍ମ ବିନ୍ଧା କଥା ସେମାନେ କହନ୍ତେ କି ? ତେବେ ତ ତାହା ସଫା କହିଦେଲେ ହୁଅନ୍ତା ଯେ, ନା, ଏତେ ତୋ କଥା ତୁ ବୁଝ, ଆମେ ଆଉ ପୋଷିପାରିବୁ ନାହିଁ। ଏଣିକିରେ ତ କଥା ସହଜରେ ଛିଡ଼ିଯାଆନ୍ତା; ଆଉ ଏତେ ବାଗରେ ବୁଲେଇ କହିବାର କାହିଁକି ? ପଶୁପକ୍ଷୀମାନେ ଆହାର ଖୋଜିନେଇ ପେଟ ପୋଷୁଛନ୍ତି। ମୁଁ ମନୁଷ୍ୟ ହୋଇ କଅଣ ତାହା ପାରିବି ନାହିଁ ? ଭାତମୁଠାକ ପାଇଁ ଏତେ ଲାଞ୍ଛନା ! ଜଣେ ଜଣେ ଲୋକ ଉପାର୍ଜନ କରି ଶତ ଶତ ପ୍ରାଣୀ ପୋଷୁଅଛନ୍ତି, ଆଉ ମୁଁ କି ଏଡ଼େ ଅକ୍ଷମ ଯେ, ନିଜର ପେଟ ଖଣ୍ଡିକ ସମ୍ଭାଳି ପାରିବିନାହିଁ। ନା, ଆଉ ପରର ଗଳଗ୍ରହ ହେବି ନାହିଁ। ନିଜେ ଉପାର୍ଜନ ନକଲେ ଆଉ ଘରକୁ ଫେରିବିନାହିଁ।" ଗୋପାଳ ଏହିପରି ଭାବୁ ଭାବୁ ଚମକି ଉଠି ସ୍ୱପ୍ନୋତ୍ଥିତ ପରି ଆଶ୍ଚର୍ଯ୍ୟ ଏବଂ ଲଜ୍ଜିତ ହୋଇ କହିଲା—"ଓଃ, ମୁଁ ଏ କଅଣ ସବୁ ଭାବୁଛି ? ଛି ଛି ଛି ! ଯେ ମୋତେ ଅଣ୍ଡ଼ାଟି କାଳରୁ ପାଳି ଭେଣ୍ଡାଟି କଲେ, ମୁଁ ତାଙ୍କୁ ନିନ୍ଦୁଛି, ଏହା ଭ୍ରମ ନା ପାପ ? ଯେ ମୋ ପାଇଁ ଅସୀମ କଷ୍ଟ ସହିଲେ, ମୁଁ ତାଙ୍କର ପଦେ କଥା ସହିପାରିଲି ନାହିଁ। ମୁଁ ବଡ଼ ଅକୃତଜ୍ଞ। ଓଃ, ମନଟା ତ ବଡ଼ ଘାଣ୍ଟି ହେଉଛି। ବଡ଼ମା ଖାଇ ନ ଥିବ, କେତେ କାନ୍ଦୁଥିବ। ଅଜା ମଧ୍ୟ ବଡ଼ ବ୍ୟସ୍ତ ହେଉଥିବେ। ଛି, ମୋର ଏ ଦୁର୍ବୁଦ୍ଧି ଆଜି କାହିଁକି

ହେଲା ? କେଉଁ ମୁହଁରେ ପୁଣି ଫେରିଯିବ ? ମୋର ଗତି କଅଣ ହେବ ?" ଏହିପରି ଭାବି ସେ ଗୋଟାଏ ତମସାବୃତ ଭବିଷ୍ୟତର କଳ୍ପନାରେ ଶଙ୍କିତ ହୋଇ-ପଡିଲା ଏବଂ ତାହାର ମନ ଭବିଷ୍ୟତ ମଧ୍ୟରେ ବାରମ୍ବାର ହାବୁଡ଼ୁ ଖାଇ ଫେରିଆସିଲା । ତହୁଁ ସେ ଦୀର୍ଘ ନିଃଶ୍ୱାସ ପକାଇ କହିଲା—"ନିଜର ସ୍ନେହ-ସିଂହା-ସନରେ ତ ମୁଁ ନିଜେ ପଦାଘାତ କରି ଆସିଛି—ନିଜର ସୁଖକୁ ନିଜ ହସ୍ତରେ ମୁଖାଗ୍ନି ଦେଇ ଆସିଛି, ଆଉ ଭାବିଲେ କଅଣ ହେବ ?" ଅନନ୍ତର ଆକାଶକୁ ଚାହିଁ ଯୁକ୍ତକର ହୋଇ ସଜଳନୟନରେ କହିଲା, "ହେ ଭଗବାନ୍ ଏ ବାଳକର ଦୁର୍ବଳ ଶରୀରରେ ତୁମ୍ଭର ଶକ୍ତି ଟିକିଏ ଦିଅ । ସେ ଶକ୍ତିରେ ବାହାରର ଶତ ଆଘାତ, ଶତ ଦୁର୍ବଳତା ବ୍ୟର୍ଥ ହେଉ । ତୁମ୍ଭ କରୁଣାର ସ୍ୱଚ୍ଛ ଆଲୋକ ମୋତେ ଭାବୀ ଜୀବନର ସୁପଥ ଦେଖାଉ ।" ଗୋପାଳ ଏହିପରି ଈଶ୍ୱରଙ୍କୁ ପ୍ରାର୍ଥନା କରିସାରି ଘରକୁ ଫେରି-ଆସିବାକୁ ଇଚ୍ଛା କଲା; ମାତ୍ର ଦଣ୍ଡେପାଏଁ କଣ ଭାବି ଗର୍ବିତ ସ୍ୱରରେ କହିଲା, "ନା ନା, ଆଉ ଫେରି ଯାଇ ନିଜ ମୁହଁରେ ନିଜେ କାଳୀ ବୋଳିବି ନାହିଁ ।" ଓଃ, ଭଉଣୀ ତ ମାୟା, ଯେତେହେଲେ ପର ନା ଆଉ କଣ ? ମୋର ବାଲ୍ୟଜୀବନର ସୁଖ ସ୍ନେହର ଅଧ୍ୟାୟ ଏହିଠାରୁ ପଛେ ଶେଷ ହେଉ, ଆଉ କେବେ ପଛକୁ ମୁହଁ କରିବି ନାହିଁ । ଏହିପରି ନାନା କଥା ଭାବି ଭାବି ଗୋପାଳ ଚାଲିବାକୁ ଲାଗିଲା । ଠିକ୍ ସନ୍ଧ୍ୟାସମୟରେ ଯାଇ ରେଲଷ୍ଟେସନରେ ପହଞ୍ଚିଲା । ତାହାର ଦକ୍ଷିଣ ହସ୍ତର ମଝି ଆଙ୍ଗୁଳିରେ ଗୋଟାଏ ସୁନାମୁଦି ଥିଲା । ତାହାକୁ ଗୋଟାଏ ଦୋକା-ନରେ ବିକ୍ରୟ କରି ପନ୍ଦର ଟଙ୍କା ଆଣିଲା । ଗୋଟାଏ ଟଙ୍କା ଭଙ୍ଗାଇ କିଛି ଜଳଖିଆ କିଣିଲା । ଏହି ସମୟରେ ଉତ୍ତର ଦକ୍ଷିଣ ଦୁଇଆଡ଼ର ଯାତ୍ରି-ଗାଡି ଆସି ରକ୍ତ ନେତ୍ର ଧପ୍ ଧପ୍ କରି ଷ୍ଟେସନରେ ପହଞ୍ଚିଲା । ଗୋପାଳ ତରତର ହୋଇ କେଉଁଠାରୁ କେଜାଣି ଖଣ୍ଡେ ଟିକଟ କିଣି ପ୍ଲାଟଫର୍ମ ଆଡ଼କୁ ଧାଇଁଗଲା । ଅଳ୍ପକ୍ଷଣ ମଧ୍ୟରେ ଲୋକ ଗହଳରେ ମିଶିଯାଇ ଅଦୃଶ୍ୟ ହୋଇଗଲା ।

ଏଣେ ବୃଦ୍ଧ ଜପଶେଷ କରି ମାଳ ଝୁଲିଟି କାନ୍ଥରେ ଝୁଲାଇ ଗୋଟାଏ ଗଳାଖଙ୍କାର ଦେଲେ । ଜାନକୀ ସେ ସଙ୍କେତରୁ ମାଳଜପା ଶେଷ ହୋଇଥିବାର ଜାଣି ପିତାଙ୍କ ପାଖକୁ ଆସି କହିଲା—"ବାବା, ଭାତ ବାଢ଼ୁଛି ?" ବୃଦ୍ଧ ପଚାରିଲେ, "ବାବୁ ଖାଇଲେଣି ?" ଜାନକୀ ନତ ଦୃଷ୍ଟିରେ କହିଲା—"ଗୋପାଳ ଅସିନାହିଁ ବାବା ।" ବୃଦ୍ଧ ଉଦ୍‌ବଗ୍ନ କଣ୍ଠରେ କହିଲେ—"ଏଁ, ଆସିନାହିଁ !" ଜାନକୀ ଶାନ୍ତକଣ୍ଠରେ କହିଲା—"ହିଁ ଆସିଥିଲା, ମାଛ ଦିଟା ଫୋପାଡି ଦେଇ ସେତିକି ବେଳୁ ସେ ଯାଇଛି, ଆଉ ଆସିନାହିଁ ।" ବୃଦ୍ଧ କଠୋର ସ୍ୱରରେ କହିଲେ "ତେବେ ତୁ ତାକୁ ଗାଳି ଦେଇଛୁ ।" ଜାନକୀ ନୀରବ । ବୃଦ୍ଧ ଏଥର ଆହୁରି କଠୋର ସ୍ୱରରେ କହିଲେ—"ତୁ ବା ତେବେ ଉଗାରି ପରି ମୋ ସାଙ୍ଗରେ ହଠ ଲଗାଇଲୁ । ଆଚ୍ଛା, କହନା ଭଲା—ତମ ମାଇପିଜାତିଗୁଡ଼ାକର ହୃଦୟ କି କଠୋର । ପିଲାଟା ଏତେବେଳଯାଏ ଖାଇନାହିଁ, ସେ ଘରେ ଗୋଡ଼ ଦେଲାମାତ୍ରେ ତାକୁ ଗାଳିଦେଇ ଘଉଡିଲୁ । ଓଃ ଭଗବାନ୍, ପିଲାଟା କି କଲବଲ ହେଉଥିବ ! ମୁଁ ନଜାଣି ସ୍ୱଗତମରେ ଭାତ ଦେବାକୁ ମନା କରିଥିଲି, ତୋର ଏ କି ବୁଦ୍ଧି ଭଲା କହିଲୁ । ସମସ୍ତେ ମୋତେ ଛାଳପୋଡି ମାରିଲ ? ଆଉ ମୁଁ ବା କି ତପସ୍ୟା କରି ମାର୍କଣ୍ଡେୟ ପରମାୟୁ ନେଇ ଆସିଥିଲି ଯେ, ଯମ ବି ମୋତେ ପାଶୋରିଲା । ଆଣ୍ ଆଣ୍, ଛତାଟା ଆଣ୍, କୁଆଡ଼େ ଗଲା ମୁଁ ଦେଖେ ।" ଜାନକୀ କହିଲା—"ନା ବାବା, ତମେ ଖାଇ ନାହିଁ, କୁଆଡ଼େ ଯିବ ? ମେ କେତେ ଥର ବୁଝିଛି—କେତେ ଥର ଆପେ ଆସୁଛି । ବଳେ ଆପେ ଆସି ଖାଇବ, ତମେ ଖାଇବ ଚାଲ । କାଲି ଏକାଦଶୀଉପବାସ କରିଥିଲ, ଆଜି ବେଳ ଆସି ଏତେ ହେଲାଣି, ଏଣେ ଭାତ ଶୁଖିଯିବ । ଗୋପାଳ ଯିବ କୁଆଡ଼େ ନବ ଭାଇଙ୍କ ଘରେ ଥିବ, କି ଗାଁରେ କେଉଁଠି ଥିବ ।" ବୃଦ୍ଧ ଉଦାସ ସ୍ୱରରେ କହିଲେ, କାଲେ ପୁଣି କୁଆଡ଼େ ଯାଇ କେଉଁ ବନ୍ଧୁଘରେ ପହଞ୍ଚି ହଠହଠାରେ ପକାଇବ ମୋର ସେହି ଭୟ । ସେଥର ପରି ଶଙ୍କର ମହାପାତ୍ରଙ୍କ ଘରେ ସାତ ଆଠ ଦିନ ରହି ଆସିଲା । ସେ ନୂଆ ସ୍ୱର୍ଣ୍ଣିବାନ୍ଧବ; ବଳେ ବଳେ ଯାଇ ତାଙ୍କ ଘରେ ରହିଲା, ସେ କଅଣ ମନରେ କରିଥିବେ ?" ବୃଦ୍ଧ ପୁଣି ଟିକିଏ ବିରକ୍ତ ହୋଇ କହିଲେ—"ଯାଉ

କୁଆଡେ ଗଲା, ତୁ ଭାତ ବାଢ ମୁଁ ଯାଉଛି ।" ଜାନକୀ ଭାତ ବାଢିବାକୁ ଗଲା, ବୃଦ୍ଧ ତାହା ପଛେ ପଛେ ଗଲେ ।

ବୃଦ୍ଧ ବସି ଖାଇବାକୁ ଲାଗିଲେ; ମାତ୍ର ପ୍ରତ୍ୟହ ଯାହା ଖାଆନ୍ତି ତାହା ଖାଇପାରିଲେ ନାହିଁ । ଖାଉଁ ଖାଉଁ ଅନ୍ୟମନସ୍କ, ଯେମନ୍ତ କି ମନ ମଧ୍ୟରେ କି ଗୁରୁ ଚିନ୍ତାର ଲହରୀ ଉଚ୍ଛୁଳି ଉଠୁଅଛି । ମୃଦୁସ୍ୱରରେ କହିଲେ "ମା, ତୁ ତାକୁ କିଛି କହିଥିଲୁ କି ?" ଜାନକୀ କହିଲା —"ହଁ ଖୁବ୍ ବକିଥିଲି, ଆଉ ମାରିଛି ନା ପିଟିଛି ? ମୋତେ ଭାତ ମାଗିଲା, ମୁଁ ଦେଲିନାହିଁ ।" ବୃଦ୍ଧ "ନାରାୟଣ" ସ୍ମରଣ କରି ଉଠିପଡି ଗୋଟାଏ ଦୀର୍ଘନିଃଶ୍ୱାସ ପକାଇଲେ । ଅଳ୍ପକ୍ଷଣ ନୀରବ ରହି କହିଲେ—"ଓଃ, ମୁଁ କି ପାଷଣ୍ଡ ନରାଧମ, ମୋହରି ଦୋଷରୁ ପିଲାଟା ଉପାସ ରହିଲା ! ମୁଁ ଆଜି ତାକୁ ଅଳ୍ପ ଠାଣି କଥା କହିନାହିଁ ମା ! ମୁଁ କେବେ ଇମିତି କହେ ନାହିଁ, ଆଜି ମୋର କି ଗ୍ରହଦୋଷ ଯେ, ଯାହା ମନକୁ ଆସିଲା, ତାହା କହି ପକାଇଲି । ଯାହା ସଙ୍ଗରେ ରକ୍ତର ସମ୍ପର୍କଠାରୁ ଅଧିକ, ତାକୁ ଏଭଳି କଥା କୁହାଯାଏନାହିଁ । ଧିକ୍ ମୋତେ, ରାଗରେ ମୁଁ କେଡ଼େ ଗୋଟାଏ ଭୁଲ କରିପକାଇଲି । ନା, ନା, ଭୁଲ ନୁହେ ଏହା ମୋର ଗୁରୁତର ପାପ । ପିଲାଟାକୁ ଆହାର ମୁଖରୁ ଫେରାଇଦେଲି । ତୋତେ କଠିନ ବାଣ ପକାଇବାକୁ ସିନା ଏପରି ହେଲା । ବୃଥା ତୋତେ ଏତେ କଥା କହିଲି ମା, ଦୋଷ ମୋ ଛଡ଼ା ଆଉ କାହାର ନୁହେ । ମୁଁ ତାକୁ ଖୋଜିଆଣି ନଖୁଆଇଲେ ମୋର ଏ ପାପର ପ୍ରାୟଶ୍ଚିତ୍ତ ହେବ ନାହିଁ । ଉଃ, କ୍ରୋଧ କି ପିଶାଚ ମା, ସେ ମନୁଷ୍ୟକୁ ପଶୁ କରିଦିଏ । ଛି ଛି, କି ଲଜ୍ଜା, ମରିବାକୁ ବସିଲିଣି, ତେବେ ସୁଦ୍ଧା ମୋର କ୍ରୋଧ ଗଲାନାହିଁ ।" ବୃଦ୍ଧ ଏହିପରି ଅନୁତାପ କରି ହାତ ଧୋଇ ସେହି ପ୍ରଚଣ୍ଡ ଖରାରେ ଓଦା ଗାମୁଛା ମୁଣ୍ଡରେ ପକାଇ ଗୋପାଳକୁ ଖୋଜିବାକୁ ବାହାରିଲେ ।

ବୃଦ୍ଧ ଗାଁ ସାରା ବୁଲିଆସିଲେ; ମାତ୍ର ଗୋପାଳକୁ କେଉଁଠି ପାଇଲେ ନାହିଁ, କି ତାହାର ସମ୍ବାଦ ସୁଦ୍ଧା କେହି କିଛି କହିପାରିଲେ ନାହିଁ । ତହୁଁ ବୃଦ୍ଧ ହତାଶାର ଗୁରୁ ଭାର ବହନ କରି ଘରକୁ ଫେରିଆସି କନ୍ୟାକୁ କହିଲେ—'ନା-ମା, କେଉଁଠି ଖୋଜି ପାଇଲିନାହିଁ ।' କଣ୍ଠସ୍ୱରରୁ ମନର ଅବସ୍ଥା ବୁଝିପାରି ଜାନକୀ କହିଲା—'ତମେ କାହିଁକି ଏତେ ବ୍ୟସ୍ତ ହେଉଛ ବାବା, ସେ ତ ଇମିତି କେତେଥର ଯାଏ, ପୁଣି ଆପେ ଆପେ ଆସେ । ଚଗଲା ଟୋକାଟା କେଉଁଠି ବୁଲୁଛି ବାବା, ଆସିବ ।' ବୃଦ୍ଧ କହିଲେ—'ନା-ମା, ସବୁଥର ସିବା ଭିନେ, ଆଉ ଏଥର ସିବା ଭିନେ । ମୁଁ ତାକୁ ବଡ଼ କଡ଼ା କଥା କହିଛି ମା । ତାକୁ ମୁଁ ଯେଉଁ ଆଘାତ ଦେଇଛି, ସେହି ଆଘାତର ପ୍ରଚଣ୍ଡ ପ୍ରତିଘାତରେ ମୋ ହୃଦୟରେ କି ଭୀଷଣ ଅନୁତାପର ଅଗ୍ନିକ୍ରୀଡ଼ା ଲାଗିଛି, ତାହା ମୁଁ କହିପାରୁ ନାହିଁ ।" ଜାନକୀ ଆଉ ଧୈର୍ଯ୍ୟ ବାନ୍ଧି ସମ୍ଭାଳି ପାରିଲା ନାହିଁ, ଅଶ୍ରୁଝର ମୁକୁଳା କରିଦେଲା--ସେ ଯେତେ ଇଚ୍ଛା ବହିଗଲା । ପରେ କିଞ୍ଚିତ ଆତ୍ମସମ୍ବରଣ କରି ଗଦ୍ ଗଦ କଣ୍ଠରେ କହିଲା—"ମୁଁ ମଧ୍ୟ ଅଳ୍ପ କଥା କହିନାହିଁ ବାବା । ତମ ସ୍ୱର ଦେଖି ମୁଁ ବୁଝିଲି—ତମ ମନରେ ସେ ଭାରି କଷ୍ଟ ଦେଇଛି । ସେଥିଲାଗି ମୁଁ ଏକାବେଳକେ ହତଜ୍ଞାନ ହୋଇ ଯାହା ଇଚ୍ଛା ତାହା କହିଗଲି ।" ଏହା କହି ଜାନକୀ କାନ୍ଦିଲା, ବୃଦ୍ଧଙ୍କ ନେତ୍ର ମଧ୍ୟ ଶୁଷ୍କ ନ ଥିଲା । ସେ କହିଲେ—"କଥା ତାହାର ପ୍ରାଣକୁ ବାଧିଛି, ଅଭିମାନରେ କାଳେ କିଛି ଗୁରୁତର କାଣ୍ଡ ଘଟାଇ ପାରେ, ମୋର ଏହି ଆଶଙ୍କା ।" ଆହା ବୃଦ୍ଧ, ତୁମର ହୃଦୟ କାହିଁରେ ଗଠିତ ? ବାହାରେ ଯେ ଯେତେ ଶୁଷ୍କ, ଭିତରେ ସେ ତେତେ ସରସ—ଏ ଶିକ୍ଷା ତୁମର ଜୀବନରୁ ମିଳେ । ଜାନକୀ କହିଲା—"ଅଭିମାନରେ କିଛି ଗୋଟାଏ ଦୁର୍ଘଟଣା ଘଟାଇବାର ପାତ୍ର ଗୋପାଳ ନୁହେ ବାବା, ତମେ ସେ ଭୟ କରନାହିଁ ।" କନ୍ୟାର ଏ ସାନ୍ତ୍ୱନାରେ ବୃଦ୍ଧ କିଞ୍ଚିତ ଆଶ୍ୱସ୍ତ ହେଲେ; ମାତ୍ର ସମ୍ପୂର୍ଣ୍ଣ ନିର୍ଭର କରିପାରିଲେ ନାହିଁ । ସେ କହିଲେ, "ପିଲାଟା ଚଗଲା ସିନା, ଅନ୍ୟ ପରି ଦୁଷ୍ଟ ନୁହେ । ପିଲାଦିନେ ସମସ୍ତେ ଦୁଷ୍ଟ ହୁଅନ୍ତି, ବଡ଼ ହେଲେ କାଳେ ସେ ଦୋଷ ଛାଡ଼ିଯିବ । ଲୋକଙ୍କୁ ଚିଡ଼ାଇବା, ଗଛପତ୍ର ଭାଙ୍ଗିବା, ପିଲାପିଲିଙ୍କ ସଙ୍ଗରେ ଖମ୍ପରେଇ ହୋଇ

ଲାଗିବା ତାହାର ଗୋଟାଏ ଆମୋଦ । ଏହା ତ ଅତ ଦୁର୍ଲକ୍ଷଣ ନୁହେ । ସହବାସରେ ଯାହା ଦୋଷ ବୋଲି ସାବ୍ୟସ୍ତ ହୋଇଥାଏ, ବିଚ୍ଛେଦରେ ତାହା ଗୁଣ ହୋଇଉଠେ, ଏହା ସଂସାରର ଧାରା । ଅଭାବ ପଦାର୍ଥର ଗୁଣ ଗୌରବ ବୁଝାଇଦିଏ, ଏହା ଯଥାର୍ଥ କଥା ।

ଦିନ ଯାଇ ରାତି ହେଲା, ତେବେ ବି ଗୋପାଳ ଆସିଲାନାହିଁ । କନ୍ୟାର ବାରମ୍ବାର ପ୍ରାର୍ଥନାରେ ମଧ୍ୟ ବୃଦ୍ଧ ସେ ରାତିରେ କିଛି ଖାଇଲେ ନାହିଁ । ଜାନକୀ ବିଧବା ହେଲା ଦିନୁ ରାତିରେ ଆହାର କରେନାହିଁ । ପିତାଙ୍କ ସକାଶେ ବିଛଣା ବିଛାଇ ଦେଇ ସେ ଆସି ତାହାର ଶୋଇବା ଘରେ ଶୋଇଲା । ବୃଦ୍ଧଙ୍କୁ ନିଦ୍ରା ହେଲାନାହିଁ । ସେ ବିଛଣାରେ ପଡ଼ି କାନ ଡେରି ରହିଲେ । କାଳେ ଗୋପାଳ ଆସି ଡାକିବ । କେବେ ଟିକିଏ ଆଖି ଲାଗିଆସେ ; ପୁଣି ମୁହୂର୍ତ୍ତିକେ ଚଟ୍ କରି ଭାଙ୍ଗିଯାଏ । ରାତିସାରା ଏହିପରି ନିଦ୍ରା ଏବଂ ଜାଗରଣ ମଧ୍ୟରେ ଯୁଦ୍ଧ ଲାଗିଲା; କିନ୍ତୁ ଶେଷରେ ସମ୍ମୋହନ-ମନ୍ତ୍ରପୂର୍ଣ୍ଣା ନିଦ୍ରାର ଜୟ ହେଲା । ରାତି ପାହାନ୍ତା ପହରକୁ ବୃଦ୍ଧ ଟିକିଏ ଶୋଇପଡ଼ିଲେ । କିଛିକ୍ଷଣ ପରେ ସ୍ୱପ୍ନ ଦେଖିଲେ—ନଦୀକୂଳରେ ଜଣେ ସାଧୁପୁରୁଷ ବସି ଶାସ୍ତ୍ର ପାଠ କରୁଅଛନ୍ତି । ମଧୁର ହରିଗୁଣ ଭକ୍ତ କଣ୍ଠରେ ଅଧିକତର ମଧୁର ଶୁଭୁଅଛି । ବୃଦ୍ଧ ପ୍ରଣାମ କରି ସାଧୁଙ୍କ ସମ୍ମୁଖରେ କିଛି ଦୂରରେ ଯାଇ ବସିଲେ । ସାଧୁ କହିଲେ, "କି ବାବା, କିଛି କହିବାର ଅଛି ?" ବୃଦ୍ଧ ନିଜର ଉପସ୍ଥିତ ଆପଦର କଥା ଜଣାଇଲେ । ସାଧୁ ତତ୍‌କ୍ଷଣାତ୍ ବୃଦ୍ଧଙ୍କ ହାତ ଧରି ନୀରବରେ ଅଗ୍ରସର ହେଲେ । କିଛି ଦୂର ଯାଇ ଗୋଟାଏ ପ୍ରକାଣ୍ଡ ଅଟ୍ଟାଳିକା ପାଖରେ ଠିଆହୋଇ କହିଲେ—"ଏହି ବାଟେ ଧରି ଉପରକୁ ଉଠିଯାଅ, ତେମହଲା ଉପରେ ତୋର ଗୋପାଳ ଅଛି ।" ଅତଃପର ସାଧୁ ଅନ୍ତର୍ଦ୍ଧାନ ହୋଇଗଲେ । ବୃଦ୍ଧ କୋଠା ଉପରକୁ ଉଠି ଦେଖିଲେ; ସତକୁ ସତ ତାଙ୍କ ଗୋପାଳ ବସିଅଛି । ବୃଦ୍ଧ ହଠାତ୍ ଯାଇ ତାକୁ କୁଣ୍ଢାଇ ପକାଇ ମୋ ଭାଇ ରେ ବୋଲି କହି କାନ୍ଦି ପକାଇଲେ । ଗୋପାଳ ମଧ୍ୟ ଅଜାଙ୍କୁ କୁଣ୍ଢାଇ ପକାଇ କାନ୍ଦିଉଠିଲା । ଏହିପରି କୁଣ୍ଢାକୁଣ୍ଢି ହେଉଁ ହେଉଁ ବୃଦ୍ଧ ସ୍ଖଳିତପଦ ହୋଇ ଖୁବ ଜୋରରେ ତଳେ ପଡ଼ିଗଲେ । ତହୁଁ ଚଟ କରି ନିଦ ଭାଙ୍ଗିଗଲା । ବୃଦ୍ଧ ଉଠି ବସି ଦୁଃସ୍ୱପ୍ନର ପ୍ରତିକାର ସ୍ୱରୂପ ଗୋବିନ୍ଦଙ୍କୁ ସ୍ମରଣ କଲେ ।

ରାତି ପାହି ଆସିଲା, ପ୍ରକୃତି ସୁପ୍ତ—ଅନ୍ଧକାର ସୁପ୍ତ—କୋଳାହଳ ସୁପ୍ତ; କେବଳ ଗୋଟିଏ ପକ୍ଷୀ ଲଳିତ ପଞ୍ଚମ ସ୍ୱରରେ ପ୍ରଭାତୀ ଆବୃତ୍ତି କରୁଅଛି । ପ୍ରଭାତ ପବନ ଝାଉଁ ଗଛରେ ବଂଶୀସଙ୍ଗିଣୀ ଆଳାପ କରୁଅଛି । ଅନ୍ୟାନ୍ୟ ପାଦପମାନେ ନୀରବ ଜାତୀୟଭାଷାରେ ପରସ୍ପରକୁ ସମ୍ଭାଷଣ କରୁଅଛନ୍ତି । ଆଲୋକ-ଉତ୍ସବମୟୀ ପଙ୍କଜିନୀ ଉଷାର ପଙ୍କଜବଦନର ଅମ୍ଳାନ ହାସ୍ୟଚ୍ଛଟାରେ ପୂର୍ବଦିଗ ବିଦ୍ରୁମିତ ହୋଇଅଛି । ଅନ୍ଧକାର ଆଲୋକକୁ ଆଲିଙ୍ଗନ କରି ବିଦାୟ ନେଉଅଛି । ବିଦାୟ ବ୍ୟଥା, ବଡ଼ ବ୍ୟଥା । ସେହି ବ୍ୟଥାରେ ଉଭୟର ନେତ୍ରରୁ ଠୋପା ଠୋପା ହୋଇ ଅଶ୍ରୁ ଝରିପଡ଼ୁଅଛି । ପ୍ରେମାଶ୍ରୁର ମହତ୍ତ୍ୱ ପ୍ରେମିକ ବୁଝେ, ପ୍ରକୃତି ସେହି ପ୍ରେମାଶ୍ରୁ-ମୁକ୍ତା-ଗୁଚ୍ଛିକ ଦୂର୍ବାରୂପ ରେଶମ-ସୂତ୍ରରେ ଗୁନ୍ଥି ଅସୀମ ପ୍ରେମର ଲୀଳାସ୍ଥଳ ନିଜର ବିଶାଳ ବକ୍ଷ ଅଳଙ୍କୃତ କରୁଅଛି । ବୃଦ୍ଧ ପ୍ରଭାତରୁ ଉଠି ପ୍ରାତଃକୃତ୍ୟ ଶେଷ କରି ଉଚ୍ଚ ପ୍ରଶସ୍ତ ଦାଣ୍ଡପିଣ୍ଡାରେ ଟହଲି ବୁଲୁଅଛନ୍ତି । ମୁଖରେ ଗୁରୁତର ଚିନ୍ତାର ମୁଦ୍ରା ସୁସ୍ପଷ୍ଟଭାବରେ ମୁଦ୍ରିତ । ଚକ୍ଷୁ ଜ୍ୟୋତିହୀନ । ଥରେ ଥରେ ଅସ୍ଥିପଞ୍ଜରଭେଦି ଗୋଟାଏ ଗୋଟାଏ ଅଗ୍ନିମୟ ନିଃଶ୍ୱାସ ତାଙ୍କ ଅଜ୍ଞାତରେ ବାହାରି ପଡ଼ୁଅଛି । ଏହି ସମୟରେ ନବୀନା କେଉଁଠି ଆସି ପିଣ୍ଡାତଳେ ଠିଆହେଲା । ନବୀନାର ରୂପଗୁଣ ବର୍ଣ୍ଣନା କରିବା ଅନାବଶ୍ୟକ । ତେବେ ପାଠକମାନଙ୍କର ପଠନ ସୁବିଧା ସକାଶେ ଏତିକି କହିରଖିବା ଦରକାର ଯେ, ଅବାଧ ଆନୁନାସିକ ବର୍ଣ୍ଣଗୁଡ଼ିକ ତାହା କଣ୍ଠରେ ଉଚ୍ଚାରିତ ହେବାକୁ ଆଦୌ ମଙ୍ଗନ୍ତି ନାହିଁ । ତେଣୁ ସେ ସେଗୁଡ଼ାକ ଛାଡ଼ି କଥା କହେ । ବୃଦ୍ଧ ତାକୁ ଦେଖି ଗୋଟାଏ ଶୁଭ ସୂଚନାର ଆଶା କଲେ । ତାଙ୍କର ସେ ଆଶା ବିଫଳ ହୋଇ ନାହିଁ । ବୃଦ୍ଧ ଉଦ୍‌ବେଗକମ୍ପିତ କଣ୍ଠରେ

କହିଲେ—"ହରେ ନବୀନା, ଏତେ ସକାଳୁ କୁଆଡେ ? ନବୀନା ଦୁଇ ହାତ ମୁଣ୍ଡରେ ଲଗାଇ ଥରେ ଭଲକରି ତର୍ଣ୍ଣି ସାଫ୍ କରିନେଇ କହିଲା—"ଆଜ୍ଞା, କୁହାର ସାଆନ୍ତେ । କାଲି ଆସି ଥାଅନ୍ତି ଯେ, ସଞ୍ଜ ହେଇଗଲା । ଭାଇ ସଜ ହୋଉଥାଏ, ଦାଲି ରନ୍ଧା ହେଉଥାଏ, ମୁଁ ଲକ୍ଷ୍ମୀ ଘରୁ ଆସିଲି । ଲଉଡ଼ିରେ ଆସି ହେଇଚି, ଲକ୍ଷ୍ମୀରେ—ଲକ୍ଷ୍ମୀରେ ଡାକ ଶୁଭିଲା । ପଛକୁ ଫେରି ଅନେଇଲି ଯେ, ସାଆନ୍ତେ । ମତେ କହିଲେ, ଅଜାଙ୍କୁ କହିବୁ, ମତେ ଖୋଜିବେ ନାହିଁ ମୁଁ ପଦ୍ମା ସୁଷା ବଟେଇବି ।" ମୁଁ ପଚାରିଲି, "କୁଆଡ଼େ ଯାଉଚ ?" କିଛି କହିଲେ ନାହିଁ । ଆଉରି କହିଛନ୍ତି, "ଡାକ ପାଖ ପାଲିଙ୍କା ସିନ୍ଦୁକରେ ରଖିଦେବ ।" ବୃଦ୍ଧ ଶେଷ କଥାଟା ଶୁଣି ଏତେ ଦୁଃଖରେ ମୁହାଁ କାନ୍ଦିଲା ଖପ୍‌ପରି ଟିକିଏ ହସି ପକାଇଲେ । ସେ କିଛିକ୍ଷଣ ନୀରବ ରହି ପଚାରିଲେ—"ସେ କୁଆଡ଼େ ଗଲା, କହିପାରିବୁ ?" ନବୀନା କହିଲା "ନା, ତା' କିଏ କହିବ ? ଲଉଡ଼ିରୁ ଦକ୍ଷିଣକୁ ମୁହଁ କରି ଗଲେ । ଯେତେ ଡାକିଲି ଆଉ ଶୁଣିଲେ ନାହିଁ ।" ଭକ୍ତ ହରିକଥା ଯେପରି ମନ ଦେଇ ଉତ୍କଣ୍ଠ ହୋଇ ଶୁଣେ, ବୃଦ୍ଧ ନବୀନାର କଥା ଠିକ୍ ସେହିପରି ଶୁଣୁଥିଲେ । ଶେଷରେ ଉଠିଯାଇ ଘରୁ ଗୋଟିଏ ଟଙ୍କା ଆଣି ନବୀନାକୁ ଦେଲେ । ନବୀନା ଆଶ୍ଚର୍ଯ୍ୟ ହୋଇ କହିଲା—"ଏ କଅଣ ଆଜ୍ଞା, ଆପଣଙ୍କର ତ ସବୁବେଳେ ଖାଉଚି ଟଙ୍କା କଅଣ ହେବ । ନା—ନା, ମୁଁ ନେବିନାହିଁ ।" ବୃଦ୍ଧ ଟଙ୍କାଟି ତାହା ହାତରେ ଗୁଞ୍ଜିଦେଇ ଦୋଶକୁ ପାଆନ୍ତେ ଗୋଡ଼ ପକାଇ ଘରଭିତରକୁ ଚାଲିଗଲେ ।

ଜାନକୀ ଗାଧୋଇ ଆସି ଲୁଗା ପାଲଟି ପିତାଙ୍କୁ ପ୍ରଣାମ କରିବାକୁ ଆସୁଥିଲା । ସେ ପ୍ରତ୍ୟହ ଏହିପରି କରେ । ହଠାତ୍ ପିତାଙ୍କୁ ଦେଖି ଧପ୍‌ପରି ଠିଆ ହୋଇଗଲା । ବୃଦ୍ଧ ଉଲ୍ଲାସକଣ୍ଠରେ କହିଲେ—"ତୋ ଗୁଣଧର ପୁଅର ଗୁଣ ଶୁଣିଲୁଣି ମା ? ନବୀନା କେଉଁଠି ହାତରେ କହିପଠାଇଛି—ଅଜାଙ୍କୁ କହିବୁ ମୋତେ ଖୋଜିବେ ନାହିଁ । ମୁଁ ତାଙ୍କୁ ଭୂଷା ଲେଖିବି । ଆଉ ମୋ ତଉସାର ପାଳ ସିନ୍ଦୁକରେ ରଖିଦେବେ । କେଉଁଠିକି ଗଲା, କିଛି କହିନାହିଁ । ନବୀନା କହୁଛି—ଦକ୍ଷିଣକୁ ମୁହଁ କରି ଗଲା । ମୁଁ ଅନୁମାନ କରୁଛି, ସେ ତୋ ମାମୁଘର ଗାଁକୁ ଯାଉଛି । ଯାଉ ସୁଆଡେ ଗଲା, ମୁଁ ଗୋଟାଏ ଚିନ୍ତାରୁ ପାର ପାଇଲି । କିଛି ପୁଣି ଆସିବେ ନାହିଁ—ଭୂଷା ଲେଖିବେ । ହେଉ, କି ଭୂଷା ଲେଖୁଛି ଲେଖୁ । କୁଟୀ ବାସୁଳୀଙ୍କ ଛେଳାପଣା ମାନସିକ କରିଥିଲି, ଆଜି ସଜିଲ କରି ଦେଇପଠାଇବୁ ମା ।" ଜାନକୀ ଶୁଣିସାରି କହିଲା— "ନା ବାବା, ତମେ ଯାହା କହୁଥିଲ, ତାହାହିଁ କର । ବାହା କରାଇପକାଇଲେ ତାହାର ଆଉ ଏ ଖେପତ ପଣ ରହିବ ନାହିଁ । ଉଃ, କି ଭାବନାରେ ଆଣି ପକାଇଥିଲା ।" ବୃଦ୍ଧ ଦର୍ପିତସ୍ୱରରେ କହିଲେ—"ଏହି ବୈଶାଖରେ କି ଆଉ ବାହାଘର ନକରି ଛାଡ଼ୁଛି ମା ।"

# ନବମ ପରିଚ୍ଛେଦ

କାଲି ଗୋପାଳର ନିରୁଦ୍ଦେଶ କଥା ଶୁଣି କନକର ଭବ-ଆଶା-ହର୍ମ୍ୟ ଟଳମଳ ହୋଇଗଲା । ସେ ମନେ ମନେ ଭାବିଲା—"ଗୋପାଳ ଯଦି ନ ଆସେ, ତେବେ କଅଣ ହେବ ? ସତେ କି ବିଧାତା ମହାକ୍ଷୁଧାର୍ତ୍ତ ଆଗରେ ପରମାନ୍ନ ଥୋଇ ଦେଇ ଭୁଞ୍ଜିବାକୁ ଯିବାବେଳେ ତାହା କାଢ଼ିନେଇଯିବ ? ହା ବିଧି, ଦୁଃଖୀ ମନରେ ଆଶାର ଆଲୋକ ଟିକିଏ ଦେଖାଇଦେଇ ପରମୁହୂର୍ତ୍ତରେ ତାହା ନିଭାଇ ଦେବାଟା କି ଦୟାର କାର୍ଯ୍ୟ ? ଦୁଃଖୀ ତୁମର ଅନ୍ୟ ଦୟା ଖୋଜେ ନାହିଁ । ଦୁଃଖୀକୁ ଦୁଃଖୀଭାବରେ ରଖ, ତାହାହିଁ ତାହା ପକ୍ଷରେ ପରମ ଦୟା ଏବଂ ପରମ ସୁଖ ।" କନକ ଏହିପରି କେତେ ଖେଦ କଲା, ଈଶ୍ୱରଙ୍କୁ ଦୁଃଖୀ ବିଷୟରେ କେତେ ଉପଦେଶ ଦେଲା; ତାଙ୍କ କର୍ତ୍ତବ୍ୟର ତ୍ରୁଟି ଦେଖାଇଲା ; ମାତ୍ର ଆଜି ଯେତେବେଳେ ଗୋପାଳର ଶୁଭସମ୍ବାଦ ଶୁଣିଲା, ସେତେବେଳେ କହିଲା—"ଈଶ୍ୱର ଯାହା କରନ୍ତି, ମଙ୍ଗଳ ସକାଶେ ।" ଲଜ୍ଜା, ଅନୁତାପ

ଏବଂ ଭକ୍ତିରେ ହୃଦୟ ପୂରିଉଠିଲା । ସେ ଯୁକ୍ତକର ହୋଇ ପ୍ରାର୍ଥନା କଲା—"ଦୟାମୟ, ତୁମ୍ଭେ ମଙ୍ଗଳମୟ, ତୁମ୍ଭ କାର୍ଯ୍ୟରେ ଅମଙ୍ଗଳ ଥାଏନାହିଁ ପ୍ରଭୋ । ମୁଁ ଜ୍ଞାନହୀନା ଅବଳା । ତୁମ୍ଭଠାରେ ଦୋଷୀ ହୋଇଅଛି, କ୍ଷମାମୟ, କ୍ଷମାକର— ବିଶ୍ୱାସ ଦିଅ, ଦେବ ।"

ଦେଖୁଁ ଦେଖୁଁ ଆଠଦିନ ଆସି ଗତ ହୋଇଗଲା, ଗୋପାଳ ଆସିଲା ନାହିଁ, କି ତାହାର ପତ୍ର ସୁଦ୍ଧା ଆସିଲା ନାହିଁ । ବୃଦ୍ଧଙ୍କ ହୃଦୟର ଶୁଷ୍କପ୍ରାୟ କ୍ଷତ ପୁଣି ଟିକିଏ ଟିକିଏ କମ୍ପିତ ହୋଇଉଠିଲା । ସବୁବେଳେ ମନ ବିରସ । ନିର୍ବାଣୋନ୍ମୁଖ ଚିନ୍ତାନଳ ପୁଣି ପ୍ରଜ୍ୱଳି ଉଠିଲା । ମନରେ ନାନା ଆଶଙ୍କାର ଛାୟାପାତ ହେଲା । ସେ ଯାହାକୁ ଯେତିକି ସ୍ନେହ କରେ, ସେ ତାହା ପାଇଁ ସେତିକି ଅମଙ୍ଗଳ ଆଶଙ୍କା ମଧ୍ୟ କରେ । କାଳେ କିଛି ରୋଗ ପୀଡ଼ା ଘଟିବ, କାଳେ କିଛି ବିପଦ ଆପଦ ଘଟିବ, ଏହିପରି ଗୁଡ଼ାଏ ଅମୂଳକ ବିଫଳ କଳ୍ପନା ସୃଷ୍ଟି କରି ଯନ୍ତ୍ରଣା ଭୋଗକରେ । ଯେ ସ୍ନେହ ଭୋଗ କରେ, ସେ ଅମୃତ ଭୋଗକରେ; ଆଉ ଯେ ସ୍ନେହ ଦାନ କରେ, ତାହା ଭାଗ୍ୟରେ ଯନ୍ତ୍ରଣାର ହଳାହଳ ଲାଭ ହୁଏ । ଯାହା ହେଉ ବୃଦ୍ଧଙ୍କୁ ଆଉ ଅଧିକ ଦିନ ଚିନ୍ତାସାଗରରେ ସନ୍ତରଣ କରିବାକୁ ହେଲାନାହିଁ । ଦିନେ ଦୁଇପ୍ରହର ବେଳେ ଡାକ ପାଇକ ଆସି ଡାକିଲା—"ମହାପାତ୍ର ପୁଅ, ଆପଣଙ୍କର ଚିଠି ଅଛି ।" ସତେ କି ମହାତୃଷାର୍ତ୍ତ ଆଶାୟୀ ଚାତକ ଘନଗର୍ଜନ ଶୁଣିଲା । ବୃଦ୍ଧ କର୍ଣ୍ଣରେ ସେ ଡାକ ଅମୃତ ବର୍ଷଣ କଲା । ସେ ଧାଇଁ ଯାଇ ଚିଠି ଖଣ୍ଡିକ ପାଇକ ହାତରୁ ନେଇ ଏକ ନିଃଶ୍ୱାସରେ ଘରକୁ ଫେରି ଆସିଲେ । ଆସୁଁ ଆସୁଁ ଚୌକାଠ ବନ୍ଧଟା ହାବୁଡ଼ି ପଡ଼ିଲେ, ଗାମୁଛାଟା କାନ୍ଧରୁ ଖସିପଡ଼ି ଭୂମି ଚୁମ୍ବନ କଲା; ବସୁଁ ବସୁଁ ଖଟ ଖୁରା ବାଜି ଆଣ୍ଠୁ ଛିଡ଼ିଗଲା । ଅତି ଅଧୀର ହେଲେ ଏହିପରି ହୁଏ । ଏହିରୂପେ ମହୁଆଲାଙ୍କ ପରି ହୋଇ ଉଦ୍‌ବେଗ କମ୍ପିତ ହସ୍ତରେ ପତ୍ରର ବହିରାବରଣ ଚିରିପକାଇ ଭିତରର ଲେଖା ଖଣ୍ଡି ପାଠକଲେ । ପତ୍ରରେ ଏହିପରି ଲିଖିତ ଥିଲା—

"ଶତକୋଟି ଭୂମିଷ୍ଠ ପ୍ରଣାମ ।

ଅଜା, ପତ୍ର ଲେଖିବାକୁ ଲଜ୍ଜାରେ ହାତ ଥରୁଛି । ତୁମେ କଅଣ ସତେ ଏ ଅକୃତଜ୍ଞଟାକୁ, ନିମକହାରାମଟାକୁ କ୍ଷମା କରିବ ? ନା ନା, ମୋର ଦୋଷ କ୍ଷମାରୁ ବଳିଯାଇଛି । ଭାବୁଛି—କେଉଁ ମୁହଁରେ ଯାଇ ତମ କଣ୍ଠରେ କ୍ଷମା ମାଗିବି ? ଅଜା, ତମ ସ୍ନେହର ସ୍ମୃତି ମୋ ହୃଦୟକୁ ଜାଳିଦେଉଛି । ମନରେ ଘୋର ଅନ୍ଧକାର ଆସୁଛି । ମୁଁ ଜାଣେ, ମୁଁ ଯେତେ ଅଭାଜନ ହେଲେ ସୁଦ୍ଧା ତୁମ୍ଭର ପବିତ୍ର ସ୍ନେହ କଳୁଷିତ ହେବ ନାହିଁ; ତାହା ନିର୍ମଳ ଧାରାରେ ପୂର୍ବପରି ମୋ ଉପରେ ଅମୃତ ବର୍ଷଣ କରିବ । ମୁଁ ତୁମ୍ଭ ମନରେ କଷ୍ଟ ଦେଇ କି ଅନ୍ୟାୟ କରିଛି, ତାହା ମୁଁ ଭଲରୂପେ ବୁଝିଲିଣି । ତମ ହୃଦୟରେ ମୁଁ ଯେଉଁ ହୁତାଶନ ଜାଳିଛି, ସେହି ହୁତାଶନରେ ମୁଁ ନିଜେ ପଡ଼ି ଛଟପଟ ହୋଇ ମରୁଛି । ତମ କଥାରେ ମୁଁ ରାଗକରି ଆସିନାହିଁ । ଅଜା, ତମ କଥାରେ କି ମୁଁ ରାଗ କରିପାରେ ? ଗୋଟାଏ ଅଲଣା ଅଭିମାନରେ ଆଗପଛ ନ ବିଚାରି ଚାଲିଆସିଲି । ସେ ବୃଥା ଅଭିମାନର ମୂଲ୍ୟ କେତେ ? ତାହା ଲାଗି ମୁଁ ଆପେ ଆପଣାକୁ ତିରସ୍କାର କରୁଛି । ସେସବୁ କଥା ଲେଖିବାର କିଛି ଫଳ ନାହିଁ । ମୋର କର୍ମର ଅନୁତାପ ମୋତେ ଭୋଗ କରିବାକୁ ଦିଅ । ସେଥିରେ ମୋର ଯଥେଷ୍ଟ ଶିକ୍ଷା ହେବ; ସଙ୍ଗେ ସଙ୍ଗେ ମୋର ପାପର ପ୍ରାୟଶ୍ଚିତ୍ତ ମଧ୍ୟ ହୋଇଯିବ । ମୋ କାର୍ଯ୍ୟରୁ ମୁଁ ଜାଣି ପାରୁଛି ଯେ, ମୁଁ ତୁମ୍ଭ କ୍ଷମାର ଅଯୋଗ୍ୟ ।

"ସେ ଦିନ ମୁଁ କିପରି ଘରୁ ବାହାରି ଚାଲି ଆସିଲି, ତାହା ମୋର ଠିକ୍ ସ୍ମରଣ ହେଉନାହିଁ । ଯେମନ୍ତ କି ମୁଁ ସ୍ୱ-ଇଚ୍ଛାରେ ଆସିନାହିଁ, କିଏ ମୋତେ ମନ୍ତ୍ରବଳରେ ଘେନିଆସିଛି । ଯେତେବେଳେ ରେଲ ଷ୍ଟେସନରେ ପହଞ୍ଚିଲି, ସେତେବେଳେ ମୋର ଚେତନା ଆସିଲା; କିନ୍ତୁ ଦାରୁଣ ଲଜ୍ଜା ମୋତେ ଆଉ ଘରକୁ ଫେରାଇ ଦେଲାନାହିଁ । ମୋ ହାତରେ ଯେଉଁ ସୁନା ମୁଦିଟା ଥିଲା, ତାକୁ ପନ୍ଦର ଟଙ୍କାକୁ ବିକି କଲିକତାକୁ ଖଣ୍ଡିଏ ଟିକଟ କିଣିଲି । ପ୍ଲାଟଫର୍ମରେ ଜଣେ ବଙ୍ଗାଳି ବାବୁ ଛିଡ଼ା ହୋଇଥିଲେ । ଦାମୀ ପୋଷାକ, ସୁନାଘଡ଼ି, ସୁନାଚଷମାକୁ

ବୁଝିଲି—ବାବୁଟି ଖୁବ ବଡଲୋକ । ସେ ଦୂରରୁ ମୋତେ ହାତ ଠାରି ଡାକିଲେ । ମୁଁ ତାଙ୍କ ପାଖରେ ଠିଆହେଲି । ରେଲଗାଡ଼ି ଛାଡ଼ିବାକୁ ଆହୁରି ଢେର ସମୟ ଥିଲା । ବାବୁଟି ମୋତେ ଅନେକ କଥା ପଚାରିଲେ । ତାଙ୍କ କଥାରୁ ବୋଧହେଲା, ସେ କେବେ ମଫସଲ ଗାଁ ଦେଖିନାହାନ୍ତି । ସେ ଯାହା ପଚାରିଲେ, ମୁଁ ତାହା ସବୁ କହିଲି । ସେ ଖୁବ୍ ଆଗ୍ରହରେ ଶୁଣିଲେ, ଆଉ ଅତି ଆନନ୍ଦିତ ହେଲେ । ପଲ୍ଲୀ ଗ୍ରାମରେ କି କି ଫସଲ ହୁଏ, ପିଲାମାନେ ସକାଳେ କଅଣ ଖାଆନ୍ତି, କେଉଁଠି ଖେଳନ୍ତି, କି କି ଖେଳନ୍ତି, ପୋଖରୀରେ କି କି ଫୁଲ ଫୁଟେ, ଏହିପରି କେତେ ପ୍ରଶ୍ନ ପଚାରିଲେ । ମୋ କଥାକୁ ସେ ଏପରି ମନ ଦେଇ ଶୁଣୁଥାଆନ୍ତି ଯେ, ଯେପରି ସେ କଥାଗୁଡ଼ାକ ଏକ ନିଃଶ୍ୱାସରେ ଗିଳି ଦେଉଛନ୍ତି । ଶେଷରେ ମୋର କଲିକତାକୁ ଯିବା କଥା ଶୁଣି ଟିକିଏ ଘୃଣା ପ୍ରକାଶ କରି କହିଲେ—"ତୋତେ ଏ ଦୁର୍ବୁଦ୍ଧି କିଏ ଦେଲା ? ତୋର ଘର ଓଡ଼ିଶାରେ । ତୋ ଘର ଦ୍ୱାରପାଖରେ ରତ୍ନ ବିଞ୍ଚି ହୋଇ ପଡ଼ିରହିଛି । ଆଉ ତୁ ଟଙ୍କା ରୋଜଗାର କରିବାକୁ କଲିକତା ଯାଉଛୁ ? ଯେଉଁ ଦେଶ ପ୍ରାକୃତିକ ବିଭବରେ ପୂର୍ଣ୍ଣ, ଯାହାର ବନଗିରିମାନ ରତ୍ନର ଗନ୍ତାଘର, ଯାହାର ରେଣୁ ସ୍ୱର୍ଣ୍ଣରେଣୁଠାରୁ ମୂଲ୍ୟବାନ୍, ସେ ଦେଶର ଲୋକ ହୋଇ ତୁ ଏତେ ନିର୍ବୋଧ ! ତୋର ରାଜରାଜେଶ୍ୱରୀ ମା ଅନ୍ନର ବିରାଟ ଛତ୍ର ଖୋଲି ଦୁଇ ହାତରେ ଅନ୍ନ ବିତରଣ କରୁଅଛନ୍ତି, ଆଉ ତୁ ସେହି ଅନ୍ନପୂର୍ଣ୍ଣାଙ୍କର ପୁତ୍ର ହୋଇ ପରଦ୍ୱାରରେ ଭିକ୍ଷା କରିବାକୁ ବାହାରିଛୁ ? ଧିକ୍ ତୋତେ, ଲଜ୍ଜା ନାହିଁ । ମୁଁ ଗୋଟାଏ ଉପାୟ କହିଦେବି, ତୁ ଆଉ କୁଆଡ଼େ ନ ଯାଇ ତୋର ମାତୃଭୂମିର ସୁଖକର ଶୀତଳ ଅଙ୍କରେ ବସି ଯଥେଷ୍ଟ ଅର୍ଥୋପାର୍ଜନ କରି ପାରିବୁ । ଉପାୟ କଠିନ ନୁହେଁ—ଖୁବ୍ ସହଜ । ଯଦି ତୋର ଇଚ୍ଛା ହୁଏ, ତେବେ ମୋ ସାଙ୍ଗରେ କାଳୀମାଟି ପର୍ଯ୍ୟନ୍ତ ଚାଲ, ମୁଁ ତୋର ଭଲ ବ୍ୟବସ୍ଥା କରିଦେବି ।" ବାବୁଟିର ଏ କଥା ଶୁଣି ମୋ ମନରେ ଖୁବ୍ ଉତ୍ସାହ ଜାତ ହେଲା । ମୁଁ ସଙ୍ଗରେ ଯିବାକୁ ସ୍ୱୀକାର କଲି । ଏହି ସମୟରେ ରେଲ ଛାଡ଼ିବାର ଘଣ୍ଟା ବାଜିଲା । ତହୁଁ ଗୋଟାଏ ବିଶୃଙ୍ଖଳ୍ୟର ସ୍ରୋତ ବହିଗଲା । ରେଲ କର୍ମଚାରୀମାନେ ଧାଁଧପଡ଼ କଲେ । ତଳ୍ପି ଲୁଣ୍ଡି କାଖିଲାପରି ଯାତ୍ରୀମାନେ ଏ ପାଖରୁ ସେ ପାଖ ଏବଂ ସେ ପାରୁ ଏ ପାଖ ଯାଏଁ ଧାଇଁ ଧାଇଁ ବୁଲି ଭଲ ସ୍ଥାନ ଖୋଜିବାକୁ ଲାଗିଲେ । ଡାକ-ହାକରେ ଗୋଟାଏ କ୍ଷୁଦ୍ର ହାଟ ବସିଗଲା । ମୁଁ ବାବୁଟି ସାଙ୍ଗରେ ଯାଇ ଗାଡ଼ିରେ ବସିଲି । ରେଲ ବକ୍ଷ ଦୈତ୍ୟ ପରି ଗୋଟାଏ ଭୀଷଣ ଗର୍ଜନ କରି ଚାଲିବାକୁ ଲାଗିଲା । ବାବୁଟି ଟ୍ରଙ୍କରୁ କିଛି ମିଷ୍ଟାନ୍ନ ଏବଂ ଫଳ ବାହାର କରି ମୋତେ ଅଧେ ଦେଇ ଅବଶିଷ୍ଟ ଆହାର କଲେ । ଆହାର ଶେଷରେ ସୁରେଇରୁ କାଚଗ୍ଲାସରେ ପାଣି ଢାଳି ପିଇଲେ ଏବଂ ମୋତେ ମଧ୍ୟ ପିଇବାକୁ ଦେଲେ । ତହୁଁପରେ ଗୋଟାଏ ସିଗାରେଟ ପକେଟରୁ ବାହାର କରି ଦିଆସିଲି ଜାଳି ତାକୁ ଧରାଇଲେ । ସୁଗନ୍ଧି ଧୂଆଁରେ ରେଲଗାଡ଼ି କକ୍ଷ ଆମୋଦିତ ହୋଇ ଉଠିଲା । ସିଗାରେଟ୍ ଟାଣିସାରି ବାବୁଟି ମୋ ସଙ୍ଗରେ ଗଳ୍ପରେ ପ୍ରବୃତ୍ତ ହେଲେ । ତାଙ୍କ ସହିତ କଥାବାର୍ତ୍ତା କରି ବୁଝିଲି, ତାଙ୍କର ନାମ ସୁରେଶଚନ୍ଦ୍ର ଘୋଷ । ସେ ଓଡ଼ିଶାର ନାନା ସ୍ଥାନରେ ବୁଲି ଭୈଷଜ୍ୟ ପଦାର୍ଥ କଲିକତାକୁ ରପ୍ତାନି କରୁଅଛନ୍ତି । ଜର୍ମାନଯୁଦ୍ଧ ହେତୁ ବିଲାତି ଔଷଧ ଆସୁନାହିଁ । ଡାକ୍ତରମାନେ ଦେଶୀୟ ମୂଳମୂଳିକାରୁ ଔଷଧ ପ୍ରସ୍ତୁତ କରୁଅଛନ୍ତି । କୋଚିଲା ଫଳ ଆଉ ଧୂତୁରା ପତ୍ରରେ ଦୁଇଟା ଖୁବ୍ ଦାମିକା ଔଷଧ ତିଆରି ହୁଏ । ସୁରେଶ ବାବୁ ଓଡ଼ିଶାରୁ ସେହି ଦୁଇ ପଦାର୍ଥ ପଠାଉଅଛନ୍ତି । କୋଚିଲାର ମହଣ ବର୍ତ୍ତମାନ କୋଡ଼ିଏ ଟଙ୍କା, ଆଉ ଶୁଖିଲା ଧୂତୁରାପତ୍ରର ମହଣ ପନ୍ଦର ଟଙ୍କା ହୋଇଅଛି । ସୁରେଶ ବାବୁ କଲିକତାର ଗୋଟିଏ କୋମ୍ପାନୀକୁ ମାଲ ଯୋଗାଉଅଛନ୍ତି । ସେଥିରେ ତାଙ୍କର ଖୁବ୍ ଲାଭ ହେଉଅଛି । ଗଲା ମାସରେ ଖର୍ଚ୍ଚ-ବର୍ଚ୍ଚ ଯାଇ ଏକ ହଜାର ଟଙ୍କା ଲାଭ ହୋଇଥିଲା । ସୁରେଶ ବାବୁ କାଳୀମାଟିରେ ଥାଆନ୍ତି । ଓଡ଼ିଶାର ମୋଗଲବନ୍ଦୀ ଏବଂ ଗଡ଼ଜାତର କେତେକ ସ୍ଥାନରେ ତାଙ୍କର କାରବାର ଚଳୁଛି । ସେ ସମୟ ସମୟରେ ସେ ସ୍ଥାନମାନଙ୍କୁ ଯାଇ ତଦନ୍ତ

ନାଅନ୍ତି । ଭୁବନେଶ୍ୱରର କୋଠଲା ବଣ ପଠା ନେବାକୁ ଆସି ସେ ଦିନ ସେ କାଲିମାଷ୍ଟି ଫେରିଯାଉଥିଲେ । ମୁଁ ତାଙ୍କର ବସାରେ ଅଛି । ମୋତେ ସେ କୋଡିଏ ଟଙ୍କା ଦରମାରେ ନିଯୁକ୍ତ କରିଅଛନ୍ତି । ମୋର କାର୍ଯ୍ୟକ୍ଷେତ୍ର ଭୁବନେଶ୍ୱରରେ ଧାର୍ଯ୍ୟ ହୋଇଅଛି । ମାସକ ପରେ ମୁଁ ସେଠାକୁ ଯାଇ କୋଠଲା ବଣରେ ଧୂଳୁସି ମଞ୍ଜି ବୁଣିବାର ବ୍ୟବସ୍ଥା କରିବି । ବର୍ଷକ ପାଇଁ ମୁଁ ନିଯୁକ୍ତ ହୋଇଅଛି । ଏଥି ଭିତରେ ଆଉ ଘରକୁ ଯାଇ ହେବ ନାହିଁ । ବର୍ଷକ ପରେ ଯାଇ ତୁମ୍ଭ ଶ୍ରୀଚରଣ ଦର୍ଶନ କରିବି । ନବୀନା କେଉଟ ହାତରେ ଯାହା କହି ପଠାଇଥିଲି, ସେ କହିଥିବ । ବଡ଼ମାଆଙ୍କୁ ମୋର ଦଣ୍ଡବତ କହିବ । ମୁଁ ତାଙ୍କ ମନରେ କଷ୍ଟ ଦେଇଛି, କୁପୁତ୍ର ଜ୍ଞାନରେ ମୋତେ ସେ କ୍ଷମା କରିବେ । ତାଙ୍କୁ ମୋ ରାଣ ପକାଇ କହିବ, ସେ କାନ୍ଦିବେ ନାହିଁ । ତୁମ୍ଭେମାନେ ମୋ ପାଇଁ ଚିନ୍ତା କରିବ ନାହିଁ, ତୁମ୍ଭ-ମାନଙ୍କର ଆଶୀର୍ବାଦ ମୋତେ ରକ୍ଷା କରିବ ।"

ଅଧମ ସେବକ

ଶ୍ରୀ ଗୋପାଳ ।

ପତ୍ର ପାଠକରି ବୃଦ୍ଧ ମହାପାତ୍ରଙ୍କର ଆନନ୍ଦର ସୀମା ରହିଲା ନାହିଁ । ତାଙ୍କର ଗୋପାଳ କୋଡିଏ ଟଙ୍କାର ଚାକିରି କରିଛି, ଏହାଠାରୁ ବଳି ଆନନ୍ଦ କଅଣ ଅଛି ? ସେ ଆନନ୍ଦରେ କାନ୍ଦିପକାଇଲେ । ଦୁଃଖାଶ୍ରୁରେ ଆନନ୍ଦାଶ୍ରୁ ମିଶିଲା, ହୃଦୟର ବେଦନା ଉଚ୍ଛ୍ୱାସ ହେଲା । ବୃଦ୍ଧ ଅଧୀର ଆନନ୍ଦରେ ଉନ୍ମତ୍ତ ହୋଇ ଧାଇଁଯାଇ ଝିଅକୁ ଏ ସୁସମ୍ବାଦ ପ୍ରଦାନ କଲେ ଏବଂ ରଙ୍କନିଧି ପରି ଗୋପାଳ ଚିଠିଖଣ୍ଡିକ ଅତି ଆଦରରେ, ଅତି ସାବ-ଧାନତାରେ ଫିଟାଇ ହର୍ଷଗଦ୍‌ଗଦ ସ୍ୱରରେ ପଢିବାକୁ ଲାଗିଲେ । ପଢୁଁ ପଢୁଁ ବୃଦ୍ଧଙ୍କର ଲୋଚନରେ ଦୁଇ ଧାର ରେଖାମୟ ହୋଇଗଲା । ଜାନକୀ ମଧ୍ୟ ନେତ୍ରରୁ ଶ୍ରାବଣମାସର ବନ୍ୟାସ୍ରୋତ ବୁହାଇ ଦେଲା । ଏ କ୍ରନ୍ଦନ ଦୁଃଖର ନୁହେଁ—ସୁଖର, ବିଷାଦର ନୁହେଁ—ଆନନ୍ଦର । ଜାନକୀ କାନ୍ଦୁ କାନ୍ଦୁ ସ୍ନେହାର୍ଦ୍ର କଣ୍ଠରେ କହିଲା— "ହାୟ, ମୋ ବାପା ଏତେ ବୁଦ୍ଧି ପେଟରେ ରଖିଥିଲା, ଠାକୁରେ ତାକୁ ଅକ୍ଷୁଣ୍ଣ ଦେଉନ୍ତୁ ।" ଘଡିକ ମଧ୍ୟରେ ଏ କଥା ଗ୍ରାମସାରା ବ୍ୟାପ୍ତ ହୋଇଗଲା । ପ୍ରତିବେଶୀମାନେ ଆସି ମହାପାତ୍ରଙ୍କ ଘରେ ଜୁଣ୍ଡ ହେଲେ । ଗୋପାଳର ପ୍ରଶଂସା ବହୁଧାରାରେ ବହିଗଲା । ଯେ କେବେ ପ୍ରଶଂସା କରେନାହିଁ, ସେ ବି ପ୍ରଶଂସା ନ କରି ରହିପାରିଲା ନାହିଁ । ବୃଦ୍ଧ କାଗଜ କଲମ ଘେନି ପ୍ରତିପତ୍ର ଲେଖିବାକୁ ବସିଗଲେ ।

"ଆଶୀର୍ବାଦ ବିଶେଷ ।

ପ୍ରାଣର ଗୋପାଳ ରାଇରେ, କି ଶୁଭ ମାହେନ୍ଦ୍ର କ୍ଷଣରେ ଆଜି ପ୍ରଭାତ ହୋଇଥିଲା । ତୋର ପତ୍ର ପାଇ ଯେ ଆନନ୍ଦ ଲାଭ କଲି, ଦରିଦ୍ର ଲୁପ୍ତ ନିଧି ପାଇ ସେପରି ଆନନ୍ଦିତ ହେବ ନାହିଁ । ତୁ ଯେ ଏ ବୃଦ୍ଧର ଜରାଜୀର୍ଣ୍ଣ ଭଗ୍ନ ପଞ୍ଜରାରେ ଦୁଃଖର ହିମାଳୟ ପର୍ବତ ଚାପିଦେଇ ଚାଲିଯିବୁ, ଏହା ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲି । ତୁ ମୋର ଜୀବନ-ସର୍ବସ୍ୱ, ନୟନର ମଣି, ତୋତେ ନ ଦେଖି ମୁଁ ଅନ୍ଧ ହୋଇଯାଇଥିଲି । ଆଜି ତୋର ପତ୍ର ଖଣ୍ଡିକ ମୋତେ ଚକ୍ଷୁଦାନ କଲା । ତୁ କ୍ଷମା କଥା ଲେଖିଛୁ, ତାହା ପଢି ମୋର ବକ୍ଷ ଶତଧା ବିଦୀର୍ଣ୍ଣ ହେଉଅଛି । ତୋର ସହସ୍ର ଦୋଷ ମୋ ପାଖରେ କ୍ଷମଣୀୟ, ଏହା କି ତୁ ଜାଣିନାହୁଁ ? ତୁ ଆଉ ମନ ବିକୃତ କରିବୁ ନାହିଁ, ଗ୍ରହଦୋଷ କଅଣ ନକରେ ? ତୋର ବର୍ତ୍ତମାନ ଜନ୍ମ ବୃହସ୍ପତି, ତାହା ସାମାନ୍ୟ ଅମଙ୍ଗଳ ନୁହେଁ । ଜନ୍ମ ବୃହସ୍ପତି ଦଶାରେ ଭଗବାନ୍, ରାମଚନ୍ଦ୍ର ବନବାସୀ ହୋଇଥିଲେ, ସାମାନ୍ୟ ମନୁଷ୍ୟର କଥା ବା କଅଣ ? ଆଉ ତୁ ତ ବାଳକ ମାତ୍ର । ଯେଉଁ ବାବୁ ତୋ ପ୍ରତି ଏତେ ଦୂର କୃପା ପ୍ରକାଶ କଲେ, ସେ ଅନ୍ୟ କେହି ନୁହେଁ—ଆମ୍ଭମାନଙ୍କର ଗ୍ରାମ୍ୟ ଦେବତା । ସାତ ଜନ୍ମରେ ଆମ୍ଭେମାନେ ତାଙ୍କର ଋଣ ଶୁଝିପାରିବା ନାହିଁ । ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଇବୁ । ତୁ ଖାଲି ମୋର ଘର ଅନ୍ଧାର କରି ଦେଇ ଯାଇନାହୁଁ, ମୋ ହୃଦୟ ବି ତୋ ବିନା ଅନ୍ଧାର । ତୋର ଟଙ୍କା କଣ ଅଭାବ ଯେ, ତୁ ଟଙ୍କା ରୋଜଗାର କରିବାକୁ ଗଲୁ ? ଯାହାହେଉ ସେଥିରେ ଯଦି ତୋର ଆନନ୍ଦ ହୁଏ, ତେବେ ବରଂ ଛମାସ ସେ ଆନନ୍ଦ ଭୋଗ କରି ଘରକୁ ଫେରିଆସିବୁ । ଆଉ ଭୁବନେଶ୍ୱର ଆସିଲା ଦିନ ଏଠିକାଠେ

ଆସିବୁ । କାହ୍ନ କାହ୍ନ ତୋ ବଡ଼ମାର ଆଖି ପେଣ୍ଡା ଯାକ ଫୁଲିଲାଣି । ତୁ ଗଲାଦିନୁ ପାଏ ମୁଠାଏ ଭାତ ତାହା ପେଟକୁ ଯାଇନାହିଁ । ତୁ ଚଞ୍ଚଳ ନ ଆସିଲେ ସେ ବଞ୍ଚି ପାରିବ ନାହିଁ । ତୋର ଚିଠି ପଢ଼ି ଆଜି ସେ ଟିକିଏ ଧୈର୍ଯ୍ୟ ଧରିଛି । ତୁ ତାକୁ ଗୁଣ ପଢ଼େଇ ଲେଖିଥିଲୁ, ସେ ବି ତୋତେ ନମସ୍କାର ଦେଇ କହୁଛି, "ତୁ ଚଞ୍ଚଳ ଆସିବୁ ।" ତୋତେ ଦେଖିବା ଲାଗି ସେ ବଡ଼ ଆତୁର ହେଉଛି । ତାହାର ଏବଂ ମୋହର ଆଶୀର୍ବାଦ ଗ୍ରହଣ କରିବୁ । ଭଗବାନ୍ ତୋତେ ଦୀର୍ଘାୟୁ କରି ଚିରସୁଖୀ କରନ୍ତୁ, ତାଙ୍କ ମଙ୍ଗଳପ୍ରଦ ପାଦପଦ୍ମରେ ବାକ୍ୟ-ମନଃପ୍ରାଣରେ ଏତିକି ମୋର ବିନମ୍ର ପ୍ରାର୍ଥନା । ଇତି

ତୋର ଶୁଭାନୁଧ୍ୟାୟୀ
ଅଙ୍କା "

## ଦଶମ ପରିଚ୍ଛେଦ

ଗୋପାଳର ସୁବୁଦ୍ଧି ଲାଭ ଏବଂ ଶୀଘ୍ର ଫେରିବାର ଉଦ୍ଭବ ସମ୍ବାଦରେ କନକ ଆନନ୍ଦିତ ହେଲା; ମାତ୍ର ତାହାର ମନଟା ନାନା କଳ୍ପିତ ଆଶଙ୍କାରେ ସନ୍ଦୁଷ୍ଟ ହେବାକୁ ଲାଗିଲା । ସେ ମନେ ମନେ ଭାବିଲା— "ଗୋପାଳ ଯଦି ନ ଆସେ, ମୋ ମେନାର ଅବସ୍ଥା କଅଣ ହେବ ? ଗରିବଘରେ ଅସୁନ୍ଦରୀ କନ୍ୟା ଜନ୍ମ ଦେଇ ବିଧାତା ତାହା ମସ୍ତକରେ କଠୋର ବଜ୍ରାଘାତ କରନ୍ତି । ବାସ୍ତବରେ ଉକ୍ତ ଜାତିର ଗରିବ ପକ୍ଷରେ ଏରୂପ ଅଗ୍ନିମୟ ଅଭିଶାପ ଆଉ କଅଣ ଅଛି ? ସୌନ୍ଦର୍ଯ୍ୟ ଯଦି ନାରୀ-ଗୌରବର ଏକମାତ୍ର ଉପାଦାନ, ତେବେ ବିଧାତା ସେ ଅମୂଲ୍ୟ ସମ୍ପତ୍ତି ପ୍ରତ୍ୟେକ ନାରୀକୁ ନ ଦିଅନ୍ତି କାହିଁକି ? ଏହା ତାଙ୍କର ପକ୍ଷପାତ ନା କଠୋର ପରିହାସ । ଆଉ ମୋ ମେନକା କଅଣ ସୁନ୍ଦର ନୁହେଁ ? ସମସ୍ତେ ତ କହନ୍ତି, ତାହାର ଗଠନ ଚମତ୍କାର, ଖାଲି ବର୍ଣ୍ଣ କଳା ହେଲା ବୋଲି କଅଣ ସେ କୁତ୍ସିତ ! ରୂପ ଧଳା ହେଲେ କି ସବୁ ହେଲା ! ଉଚ୍ଚ କପାଳୀ ହେଉ, ଲମ୍ବୁଦାନ୍ତୀ ହେଉ, ପେଚାନାକୀ ହେଉ, ବେଙ୍ଗକଲକୀ ହେଉ, ନଳଗୋଡ଼ୀ ହେଉ, ଅଥଚ କାଣୀ, ଲୁଣ୍ଠା, କାଡ଼ୀ, ହାଉଡ଼ୀ, ଓଲେଇ, ସ୍ୱୈରଣୀ, ହସ୍ତିଣୀ ଯାହାହେଉ ଖାଲି ଚମ ଧଳା-ହେଲେ କି ସ୍ୱର୍ଗର ଅପ୍ସରା-ଶ୍ରେଣୀକୁ ଉଠିଯିବ ? ରୂପ ଯଦି ନାରୀର ନାରୀତ୍ୱ, ତେବେ ଜୀବନ୍ତ ନାରୀମୂର୍ତ୍ତି ଅପେକ୍ଷା ଚିତ୍ର ମୂର୍ତ୍ତିରେ ରୂପ ଅଧିକ ଫୁଟେ । ତାକୁ କି ନାରୀ ମର୍ଯ୍ୟାଦା ଦିଆଯାଇପାରେ ? ଏ କାଳରେ ଚିତ୍ର ପ୍ରତିମାଗୁଡ଼ିକ ନାରୀର ଅଧିକାର ପାଇଲେ ଆଉ ସୁନ୍ଦରୀ କନ୍ୟାର ଅଭାବ ହେବ ନାହିଁ । ମନୁଷ୍ୟ ହୋଇ ମନୁଷ୍ୟକୁ ରୂପ ଦେଖି ହାତୀ ଘୋଡ଼ା ପରି ମୂଲ୍ୟ କରିବା କି ହୃଦୟହୀନତାର କଥା ନୁହେଁ ? ଗୋପାଳ ଆସି ଯଦି କାଳୀ କନ୍ୟା ବୋଲି ବିବାହ ନ କରେ, ତେବେ ଉପାୟ କଣ ? ସେ ଯେ ଆସିବ, ଏହାର ବା ସ୍ଥିରତା କଣ ? ଯାହାର ବାପ, ମା, ଘର, ଦୁଆର କିଛିନାହିଁ, ସେ କି ଆକର୍ଷଣରେ ଆସିବ ? ରକ୍ତର ସମ୍ପର୍କ ତ ନାହିଁ, ରକ୍ତ ସିନା ରକ୍ତକୁ ଟାଣେ । ତେବେ ଗୋପାଳ ସେପରି ପିଲା ନୁହେଁ । ସେ ମୋତେ ମା ପରି ଭକ୍ତି କରେ— ମେନାକୁ ସାନ ଭଉଣୀ ପରି କେତେ ଆଦର ସ୍ନେହ କରେ । ଦିନେ କହିଥିଲା—'ମାଇଁ, ମୁଁ ତୋର ପୁଅ ହୋଇଥିଲେ ମେନାର ଜଘନ ଭାଇ ହୋଇଥାନ୍ତି ।' ଆହା ପିଲାଟିର କି ମାୟାମମତାର ଶରୀର ! ପିଲାଦିନେ ସବୁ ଭଲ ଥିଲା ସତ୍ୟ; ମାତ୍ର ସେ ଭାବ ବଦଳିଯିବା ତ ଅସମ୍ଭବ ନୁହେଁ । ଆଖି ଫିଟିଲା, ପଇସା ରୋଜଗାର କଲା, ଏଣିକି ମତି ଗତି ଫେରିଯିବା ବିଚିତ୍ର କଅଣ ?" କନକ ଏହିପରି ଅନେକ ସମସ୍ୟାରେ ଭାବି ନିଜର ଅବିଶ୍ୱାସକୁ ପୁଷ୍ଟିକର ଖାଦ୍ୟ ଯୋଗାଏ । ସ୍ତ୍ରୀ ଜାତିର ସ୍ୱଭାବ, ସେମାନେ ଅଳ୍ପରେ ଅଧୈର୍ଯ୍ୟ ହୋଇପଡ଼ନ୍ତି । ବୃଥା ଗୁଡ଼ାଏ କାଳ୍ପନିକ ଆଶଙ୍କା ସୃଷ୍ଟିକରି ନିଜର କଳ୍ପନା ହୁତାଶନରେ ନିଜେ ଦହିହୁଅନ୍ତି ।

ଯେଉଁଦିନ ଗୋପାଳର ପତ୍ର ଆସିଲା, ସେ ଦିନ ମେନକାର ଆନନ୍ଦ ରଖିବାକୁ ଠାବ ମିଳିଲାନାହିଁ । ସେ କେତେବେଳେ ଜାନକୀକୁ ପଚାରେ—"ଅପା, ସତେ ଗୋପାଳ ଭାଇ ଭଲ ଲେଖିଛି ନା ?" କେତେବେଳେ ଯାଇ ବୃଦ୍ଧଙ୍କୁ ପଚାରେ—"ସାଆନ୍ତ ବାବା, ଗୋପାଳ ଭାଇ କୋଡ଼ିଏ ଟଙ୍କା ଦରମାରେ ଚାକିରି କରୁଛି ବୋଲି ମା କହୁଥିଲା ସତ ନା ?" ପିତାପୁତ୍ରୀ ତାହାର ଏ ହର୍ଷବିହ୍ୱଳ ଭାବ ଦେଖି ହସିଉଠନ୍ତି । ସରଳା ବାଳିକା ମନେ ମନେ କେତେ ଆଶା ବାନ୍ଧିଯାଏ । ସେ ଭାବେ—"ଗୋପାଳ ଭାଇ ମୋତେ କେତେ ଭଲପାଏ, ଖାଇବା ପଦାର୍ଥରୁ ମୋତେ ଭାଗ ଦିଏ, ଗଛରୁ କେତେ ପିଜୁଳି ଝାଡ଼େଇଦିଏ । ସେ ଚାକିରି କଲାଣି, ଏଥର ଆସିବାବେଳେ ମୋ ଲାଗି କେତେ ଦରବ ଆଣିବ । ନ ଆଣିଲେ ମୁଁ ରୁଷିବି, କଥା କହିବି ନାହିଁ । ନା-ନା, ମୋ ଗୋପାଳ ଭାଇ ସେମିତି ନୁହେଁ—ଆଉ କିଛି ଆଣୁ ବା ନ ଆଣୁ, ଖଣ୍ଡେ ପଟଟାଡ଼ୀ ଆଉ ମୁଠେ ତାସ ନିଶ୍ଚେ ଆଣିବ ।

ଦେଖୁଁ ଦେଖୁଁ ଛ ସାତ ମାସ ଅତୀତ ହୋଇଗଲା । ସମସ୍ତ ଶିଶୁ ପରି ଚଞ୍ଚଳମତି; ଏଇଠି ଥାଏ, ଦେଖୁଁଦେଲାବେଳକୁ ଯାଇ କେତେ ଦୂରରେ ଉଠେ । ଧରିବାକୁ ଗଲେ ହସି ହସି ଆହୁରି ଦୂରକୁ ପଳାଏ । ଗୋପାଳ ଘରକୁ ଆସି ନାହିଁ, ଏଥି ମଧ୍ୟରେ ଦୁଇଥରରେ ଦୁଇଶ ଟଙ୍କା ମଣିଅର୍ଡରରେ ପଠାଇଥିଲା । ଭୁବନେଶ୍ୱର ଆସିବାବେଳେ ସମୟାଭାବରୁ ଘରକୁ ଆସିପାରି ନାହିଁ । ପ୍ରତିମାସ ଅନ୍ତତଃ ଦୁଇ ତିନଖଣ୍ଡ ପତ୍ର ଲେଖେ । କନକ ଆଉ ବିଳମ୍ବ ସହି ନ ପାରି ଅସ୍ଥିର ହୋଇଉଠିଲା । ଝିଅ ବଡ଼ ହୋଇ ଘରେ ରହିଲା, ନାନା ଲୋକେ ନାନା କଥା କହିବେ । ବିଶେଷତଃ ଗରିବ ମୁଣ୍ଡରେ କଳଙ୍କ ଲଦିବାକୁ କେହି ପଶ୍ଚାତ୍‌ମୁଖ ହୁଏନାହିଁ । ଗରିବ ଦେଖିଲେ କାଠର ବାଡ଼ୁଆର ସୁଦ୍ଧା ଦପଦ କହୁଦିଏ । ସାପକୁ ଆଘାତ କଲେ ସେ ଫଣା ଟେକି ଗର୍ଜିଉଠେ; ମାତ୍ର ଢୋଡ଼ିଆର ସେ ତେଜ କାହିଁ ? ତାକୁ ମାର ବା କାଟ କିମ୍ବା ପୋଡ଼, ଯାହା କର, ସେ ନୀରବ । ନିରୀହ ଉପରେ ବଳ ପ୍ରକାଶ କରିବାକୁ ସମସ୍ତେ ଅଗ୍ରସର । ନିରୀହ ସବୁ ସହିବ, ସହି ନ ପାରିଲେ ସେ ମରିବ । ଏହା ଛଡ଼ା ପ୍ରତିବାଦ କରିବାର ଅଧିକାର ତାହାର ନାହିଁ । ଯେହେତୁ ସେ ନିରୀହ—ସହିବା ପାଇଁ ତାହାର ଜନ୍ମ ।

ଦିନେ ଖରାବେଳେ ବୃଦ୍ଧ ପୁରନ୍ଦର ମହାପାତ୍ର ଘର ଭିତରେ ଖଟ ଉପରେ ବସି କ'ଣ କାଗଜପତ୍ର ଦେଖୁଥିଲେ । ଦକ୍ଷିଣ ଦିଗର ଖୋଲା ଝରକାବାଟେ ପବନ ପଶିଆସି ତାଙ୍କ ସମ୍ମୁଖରେ ବିସ୍ତୃତ କାଗଜପତ୍ର-ଗୁଡ଼ାକ ଖେଳାଇ-ମେଳାଇ, ଲେଉଟାଇ-ପାଲଟାଇ ଦେଇ ହୋ ହୋ ଶବ୍ଦରେ ହସି ଦ୍ୱାରଫାଙ୍କରେ ଗଳି ପଳାଇ ଯାଉଥାଏ । ବୃଦ୍ଧ ଅସ୍ଥିର ହସ୍ତରେ ତାହାସବୁ ଗୋଟାଇ ସଜାଡ଼ିବାରେ ବ୍ୟସ୍ତ ଥାଆନ୍ତି । ଏହି ସମୟରେ କବାଟର ଗୋଟିଏ ପାଲା ଖୋଲିଗଲା । ସଙ୍ଗେ ସଙ୍ଗେ ଜାନକୀ ଆସି ଖଟପାଖରେ ଠିଆହୋଇ ପଙ୍ଖାଟା ଉଠାଇ ନେଇ ପିତାଙ୍କୁ ବିଞ୍ଚି ଦେଉଁ ଦେଉଁ କହିଲା—"ବାବା, ନୂଆବୋହୂ ଆସିଛନ୍ତି ।" ବୃଦ୍ଧ ପଚାରିଲେ—"କଅଣ କହୁଛନ୍ତି ?" କନକ ଅନ୍ତରାଳରେ ଥାଇ ଧୀର ଅନୁଚ୍ଚସ୍ୱରରେ କହିଲା—"ଆଉ କଅଣ କହିବି ବାବା, କନ୍ୟା ବଡ଼ ହୋଇ ଘରେ ରହିଲେ ମନ ଯେମିତି ହୁଏ, ତାହା କହି ହୁଏ ନାହିଁ ବାବା । ସବୁବେଳେ ମୋର ତାହାରି ଚିନ୍ତା—ଆଉ କଅଣ ? ଗୋପାଳ ତ ଆଜିଯାଏ ଆସିଲା ନାହିଁ, ମୁଁ ଏବେ କଅଣ କରିବି ? କନ୍ୟାଦାୟ ବଡ଼ ଦାୟ ବାବା ।"

ବୃଦ୍ଧ—ଗୋପାଳ ଲେଖା ଲେଖିଛି ମା, ମାସକ ପରେ ଆସିବ ।

କନକ—ଆସିଲେ ଯେବେ ମେନକାକୁ ବାହା କରିବାକୁ ମନା କରେ ? ଏ କାଳରେ ତ ପିଲାଏ ବାପ ମା କଥା ମାନୁନାହାନ୍ତି, କାଳେ କହିବ—ମୁଁ ଅଶିକ୍ଷିତା କନ୍ୟା ବାହା ହେବି ନାହିଁ ।

ବୃଦ୍ଧ—ଏ କଥା ତମ ମନକୁ ଆସୁଛି ନା, ମା ! ମୁଁ ଆଗରୁ କହୁଛି ପରା—କେହି ରାଜି ନ ହେଲେ ମୁଁ ଅଛି, ଚିନ୍ତା କଣ ମା ? ବୃଦ୍ଧ ଏହା କହି ଅନର୍ଗଳ ହସିବାକୁ ଲାଗିଲେ । କନକ ତାଙ୍କର ପରିହାସ

ଲୁଝିପାର ମୃଦୁ ହସି କହିଲା—"ହଉ, ସେ ନଉନ୍ତୁ, ମୁଁ ମନା କରୁଛି ନା ?"

ବୃଦ୍ଧ—ଗୋପାଳ ମେନକୁ କିମିତି ଭଲପାଏ, ତାହା କ ତମେ ଜାଣ ନାହିଁ ମା ? ପିଲାଟି ଦିନ୍ତୁ ଦୁହେଁ ସାଙ୍ଗୀ, ଏକ ସଙ୍ଗରେ ଖାଇଛନ୍ତି, ଏକ ସଙ୍ଗରେ ଶୋଇଛନ୍ତି, ଏକ ସଙ୍ଗରେ ଖେଳିଛନ୍ତି । ଦୁହିଙ୍କର ଏକ ଆତ୍ମା, ଏକ ପ୍ରାଣ; ଗୋପାଳ କ ମେନକୁ ଅନାଦର କରିପାରିବ ? ଆଉ ସେ କ ମୋର ଅବାଧ ହେବ ? ହଁ, କହିବାକୁ ଭୁଲିଯାଇଥିଲି, ମେନି ଉପରେ ଅଛି ବୋଲି ଗୋପାଳ ପଠେଇଛି । ଆସିବାବେଳେ ତାହା ପାଇଁ କଅଣ ଆଣିବ ବୋଲି ବି ପଚାରିଛି, ଏଥିରୁ କଅଣ ବୁଝାଯାଉଛି ? ତଥାପି ଯଦି ପରବୁଦ୍ଧିରେ ପଡି ଅମଙ୍ଗ ହୁଏ, ତେବେ ମୁଁ ହଜାରେ ଟଙ୍କା ଖର୍ଚ୍ଚ କରି ଖୁବ୍ ଭଲପାତ୍ରରେ ମେନକୁ ଦେବି । ପୁରନ୍ଦର ମହାପାତ୍ରର କଥା ଯାହା, କାର୍ଯ୍ୟ ତାହା । ଯଦି ଏ ବିଶ୍ୱାସ ତୁମ୍ଭର ଥାଏ, ତେବେ ନିଶ୍ଚିନ୍ତ ହୋଇ ବସିଥାଅ ମା । ଏ କଥାର କିଛି ଉତ୍ତର ନାହିଁ; ସୁତରାଂ କନକ ନୀରବ ରହିଲା ।

ଫାଲ୍‌ଗୁନ ମାସ, ପୂର୍ଣ୍ଣ ବସନ୍ତ କାଳ । ଅମରବନ୍ଦିତ ନନ୍ଦନ କାନନ ପୃଥିବୀକୁ ଓହ୍ଲାଇ ଆସିଅଛି । ବାସନ୍ତୀ ଲକ୍ଷ୍ମୀ ସୁଷମା ସହଚରୀ ସହ କୁସୁମ-ସିଂହାସନରେ ସଗର୍ବରେ ବିରାଜିତା । ତାହାର ଶୀତଳ ସୁରଭି ନିଃଶ୍ୱାସରେ ଚୌଦିଗ ଆମୋଦିତ । କୋକିଳ ସ୍ୱର ତାହାର ଲଳିତ ମଧୁର ଭାଷା । ସେ ମହାଭାଷା ପ୍ରାଣରୁ ଅବ୍ୟକ୍ତ ଭାଷା ଉଠାଇ ଆଣେ । ଯାହାର କର୍ଣ୍ଣ ଅଛି, ସେ ଅନାଦି-ଅନନ୍ତ ଭାଷା ସେ ଶୁଣେ; ହୃଦୟ ଅଛି, ସେ ବୁଝେ; ଧନ୍ୟ ହୁଏ । ଜଳ, ସ୍ଥଳ, ପବନ, ପର୍ବତ, ଆକାଶ ସବୁ ମଧୁର-ସୁଷମାମୟ । ସୁଷମା ଉପରେ ମଧୁ ବୃଷ୍ଟି ହେଉଅଛି—ମଧୁ ଉପରେ ସୁଷମା ବୃଷ୍ଟି ହେଉଅଛି । କେଉଁ ସ୍ୱପ୍ନରାଜ୍ୟରୁ ଗୋଟିଏ ମୋହକର ଉଲ୍ଲାସ ପୃଥିବୀକି ଆସି ତାହାର ଜୀବନର ଧାରା ବଦଳାଇ ଦେଇଅଛି । ସୈନ୍ଦିଗ ପଳାଶ ପାଳଧୁଆ, ଶାଳ୍ମଳୀ କୁସୁମରେ ଲାଲେ ଲାଲ ହୋଇଯାଇଅଛି । ଅରଣ୍ୟରେ ମଣି ମାଣିକ୍ୟ ବାହୁଡ଼ି ହୋଇ ପଡିଅଛି । ନାଗେଶ୍ୱର, ଚମ୍ପକ ଆଦି ବନ ଆଲୋକିତ କରି ରହିଅଛି । ଚରାଚର ପ୍ରକୃତି ଫଗୁଖେଳରେ ମତ୍ତ । ଗୋଧୂଳି ଗଗନରେ ସୁରାଙ୍ଗନାକୁଳର ଫଗୁଖେଳ ଲାଗିଅଛି । ଦିନନାଥ ସୂର୍ଯ୍ୟ ଫଗୁ ଗୁଣ୍ଡି ଗୁଣ୍ଡି ଅସ୍ତଗିରି-ଶୃଙ୍ଗାଶ୍ରୟୀ ହେଉଅଛନ୍ତି । ମନ୍ଦାର, କୋବିଦାରରେ ବିହଙ୍ଗନାଙ୍କର ଅବିର ଖେଳ ଲାଗିଅଛି । ବନଦେବୀଏ ରକ୍ତ କୁସୁମ ପିଙ୍ଗାପିଙ୍ଗି ହୋଇ ଫଗୁଖେଳର ଅଭିନୟ କରୁଅଛନ୍ତି । ମାନବମାନେ ଫଗୁ ଜଳରେ ପିଚକାରୀ ମାରାମାରି ହେଉଅଛନ୍ତି । ଗ୍ରାମପଥ, ପ୍ରାନ୍ତର, ଦେବାଳୟ ଅବିରଚୂର୍ଣ୍ଣରେ ରଞ୍ଜିତ । ମେନକା ଗୋଟାଏ ପିଚକାରୀ ଧରି ସାଆନ୍ତ ବାବାଙ୍କ ସଙ୍ଗେ ଫଗୁ ଖେଳିବାକୁ ଆସିଲା । ବୃଦ୍ଧ ନସ୍ତ ବ୍ୟସ୍ତ ହୋଇ କହିଲେ—"ରକ୍ଷାକର ମେନି, ତୋତେ ନେହୁରା ହେଉଛି, ମଠାଲୁଗାଟା ପିନ୍ଧିଛି, ଖରାପ ହୋଇଯିବ । ତୋ କୃଷ୍ଣ ଆସୁ, ତୁ ତାହା ସଙ୍ଗରେ ଖେଳିବୁ, ଏ ବୁଢାଟାକୁ ଏତେ ହରବର କରନା । ନହେଲେ ତୋତେ କିଛି ଲାଞ୍ଚ ଦେବି ପଛେ, ସୁନା ଭଉଣୀଟା ଆଉ ଜଞ୍ଜାଳ ଲଗାନା । ମେନକା ମୃଦୁହାସ୍ୟ କରି କହିଲା—"ଆଚ୍ଛା ହଉ, କଣ ଲାଞ୍ଚ ଦବ କହ ।" ବୃଦ୍ଧ କହିଲେ—"ତୋ ଲାଗି ଗୋଟାଏ ସୁନ୍ଦର ବର ଆଣିଦେବି ।" କାହା ଲାଗି ବର ଆଣିବ ଅଜା ?"—ହଠାତ୍ ଜଣେ ଯୁବକ ଏହା କହି ହସି ହସି ସେଠାରେ ଆସି ଉପସ୍ଥିତ ହେଲା । ମେନକା ତାକୁ ଦେଖି, ତ୍ରସ୍ତା ମୃଗିଣୀ ବ୍ୟାଘ୍ରକୁ ଦେଖି ଯେଉଁପରି ଅସମ୍ଭାଳରେ ପଳାଏ, ସେହିପରି ଛୁଟି ପଳାଇଗଲା । 'ମୋ ଗୋପାଳରେ' ବୋଲି କହି ବୃଦ୍ଧ ଯୁବକକୁ କୁଣ୍ଢାଇ ପକାଇଲେ । ଯୁବକ ମଧ୍ୟ ବୃଦ୍ଧଙ୍କୁ କୁଣ୍ଢାଇ ଧରିଲା । ଉଭୟଙ୍କ ନେତ୍ରରୁ ଅଶ୍ରୁପ୍ରବାହ ବହିଆସିଲା । ସେହି ଅଶ୍ରୁର ପୁଣ୍ୟପ୍ରବାହରେ କେତେ ହୃଦୟର ବହୁଦିନ ସଞ୍ଚିତ ଆଘାତ, ଅଭିମାନର ବ୍ୟଥା ମୁହୂର୍ତ୍ତକରେ ଧୋଇଗଲା, ସନ୍ତାପିତ ହୃଦୟ ଶୀତଳ ହେଲା । ଗୋପାଳ ଅଜାଙ୍କର ଗୋଡ଼ତଳେ ପଡ଼ିଗଲା । ବୃଦ୍ଧ ଆନନ୍ଦରେ ବିଭୋର, ଦୀର୍ଘ ଆଶୀର୍ବାଦ କରିବାକୁ ଅବସର ନାହିଁ । ସଂକ୍ଷେପରେ କହିଲେ, "ଉଠ୍, ଭାଇ, ବୁଢାଟିଏ ହୋଇଥାଅ ।" ଗୋପାଳ ଉଠିଗଲ

ବୃଦ୍ଧଙ୍କ ମୁଖକୁ ଚାହିଁଦେଇ ହସି ହସି କହିଲା—'ବା, ଆଜି ଶୁଭ ମନାସୁଛ ଅଜା ! ମୁଁ ପିଲଟା, ଏଥିରୁ ବୁଢା ହୋଇଯିବ ?' ବୃଦ୍ଧ ହସି ହସି କହିଲେ—'ଏବେ ସୁଦ୍ଧା ତଗଲମି ଛାଡିଯାଇ ନାହିଁ ।' ଗୋପାଳ କହିଲା—"ନା ଅଜା ସମସ୍ତଙ୍କ ପାଖରୁ ଛାଡିଯାଇଛି—ଖାଲି ତମ ପାଖରୁ ଛାଡିନାହିଁ କି ଛାଡିବ ନାହିଁ ।" ଏହି ସମୟରେ ଜାନକୀ ଆସି ପହଞ୍ଚିଲା । ଗୋପାଳ "ବଡମା" ବୋଲି କହି ଧାଇଁଯାଇ ତାହା ଗୋଡ଼ତଳେ ମୁଣ୍ଡ ଲଗାଇ ଜୁହାରହେଲା । ଜାନକୀ ତାହା ମୁଣ୍ଡରେ ସ୍ନେହର ହସ୍ତ ବୁଲାଇ ଦେଇ ତାକୁ ଉଠାଇଦେଲା । ତହୁଁ ପରେ ପୁତକୁ କୋଳରେ ବସାଇ ନେତ୍ରରୁ ଅନର୍ଗଳଧାର ଗଡ଼ାଇ ଦେଲା । ତାହାର ବନ୍ଧ୍ୟାହୃଦୟ ପୁତ୍ରଗୌରବରେ ପୂରି ଉଠିଲା । ଆନନ୍ଦାତିଶଯ୍ୟରେ ସେ ଅଧିକ କଥା କହିପାରିଲା ନାହିଁ । କେବଳ ଏତିକି କହିଲା—'ଦେହପା ଭଲ ତ ବାବା ?' ଗୋପାଳର କଣ୍ଠ ସୁଦ୍ଧା ବାଷ୍ପରୁଦ୍ଧ ହୋଇଯାଇଥିଲା । ସେ ଶିର ସଞ୍ଚାଳନଦ୍ୱାରା ମାତୃପ୍ରଶ୍ନର ଉତ୍ତର ଦେଲା । ଅନନ୍ତର ମାତୃଅଙ୍କରୁ ଉଠିଯାଇ ଗାଡିଆଡକୁ ଗଲା । ତାର ବାକ୍ସ ପେଟରା ପ୍ରଭୃତି ଗାଡିରେ ଲଦା ଅଣିଥିଲା । ବୃଦ୍ଧ ତାହାସବୁ ଘରକୁ ନେଇଗଲେ । ଗୋପାଳ ଗାଡି-ଆଳକୁ ବିଦାୟ କରିଦେଇ ଘରକୁ ଫେରିଆସିଲା ।

ବୃଦ୍ଧଙ୍କ ଗୃହରେ ଆଜି ଆନନ୍ଦ ନାଚ ଖୁବ୍ ଖେଳିଯାଉଛି । ଘର, ଦ୍ୱାର, କାନ୍ଥ, ବାଡ଼ ସବୁ ଆଜି ଯେପରି ହସିଉଠୁଛି । ବିଚ୍ଛେଦ ପରେ ମିଳନ ବଡ଼ ମଧୁର । ବିଚ୍ଛେଦର କାଳ ଯେତେ ଦୀର୍ଘ ହୁଏ, ମିଳନ ତେତେ ମଧୁର ହୁଏ । ବୃଦ୍ଧ ଆଜି ବିପୁଳ ଉତ୍ସାହରେ ନାନା କାର୍ଯ୍ୟରେ ଲାଗି ଯାଉଅଛନ୍ତି । କେଉଁଠାରୁ ଗୋଟାଏ ନୂତନ ଶକ୍ତି ତାଙ୍କ ଦେହକୁ ଚାଲିଆସିଅଛି କିମ୍ବା ତାଙ୍କର ଅତୀତ ଯୌବନ ଫେରିଆସିଅଛି । ତମାରକୁ ଡାକ ହାକ ହେଉଛି, ଜାଲିଆଙ୍କ-ଦ୍ୱାରା ପୋଖରୀରୁ ମାଛ ଧରା ହେଉଛି, ବଜାରକୁ ଲୋକ ପଠାଇ ଦିଆଯାଉଛି, ପଟୋଳ ଖୋଜା ଲାଗିଛି, ଏହିପରି ନାନା କାର୍ଯ୍ୟରେ ସେ ବ୍ୟସ୍ତ । ବାସ୍ତବରେ ବ୍ୟସ୍ତ ହେବାର ମଧ୍ୟ କଥା, ତାଙ୍କ ପ୍ରାଣର ଗୋପାଳ ଏତେ ଦିନ ପରେ ଘରକୁ ଆସିଛି, ତାହାର ଖାଦ୍ୟ ପାନର ଟିକିଏ ବିଶେଷ ବ୍ୟବସ୍ଥା ନକଲେ କି ତାଙ୍କ ସ୍ନେହପ୍ରବଣ ହୃଦୟ ଥୟ ହେବ ? ଜାନକୀର ମଧ୍ୟ ନିଃଶ୍ୱାସ ମାରିବାକୁ ବେଳ ନାହିଁ । ସେ ଛ ଭୁଣ ନ ଭଜାରେ ଲାଗିଛି । ଗୋପାଳ ଯାହା ଖାଇବାକୁ ଭଲପାଏ, ସେ ତାହା ସବୁ ସଯତ୍ନରେ ପ୍ରସ୍ତୁତ କରୁଅଛି ।

ଗୋପାଳ ଯାହାପାଇଁ ଯାହା ଆଣିଅଛି, ତାହା ସବୁ ଆଜି ବାଣ୍ଟିଦେବା ପାଇଁ ଟ୍ରଙ୍କ ଖୋଲି ବସିଅଛି । ବୃଦ୍ଧ ଏବଂ ଜାନକୀ ଆଗରେ ବସି ଦେଖୁଅଛନ୍ତି । ମେନକା କିଛି ଦୂରରେ ଅର୍ଦ୍ଧଦୃଶ୍ୟ ଅର୍ଦ୍ଧଅଦୃଶ୍ୟ ସ୍ଥାନରେ ଠିଆ ହୋଇଅଛି । ଗୋଟାଏ ଭଲ ବୁଣା କମ୍ପଟ ଏବଂ ଗୋଟାଏ ମୋଟା ପଶମୀ କୋଟ ବାହାର କରି ଗୋପାଳ ଅଜା ଉପରକୁ ପକାଇଦେଇ କହିଲା—"ତମ ଲାଗି ଏହି ଦୁଇଟି ଜିନିଷ ଆଣିଛି ଅଜା, ଶୀତଦିନକୁ ଭଲ ହେବନାହିଁ !" ତହୁଁପରେ ଗୋଟାଏ ଶାଢ଼ୀ ପିନ୍ଧା ଦେଖାଇ କହିଲା—"ଏ ଖଣ୍ଡ ବଡ଼ମାର, ସେ ସାଧୋଇ ଆସି ପିନ୍ଧି ପୂଜା କରିବ, ଠାକୁରଙ୍କ ଭୋଗ ଦେବ ।" ସାହି-ପଡ଼ିଶା, ମୁଣ୍ଡି-ମୈଶଙ୍କ ପାଇଁ କେତେ ପଦାର୍ଥ ଆଣିଥିଲା, ତାହା ସବୁ ଦେଖାଇଲା । ସେ ଅଧିକ କିଛି ନୁହେଁ, କାହା ପାଇଁ ବଟୁଆ ଖଣ୍ଡେ—କାହା ପାଇଁ ମୁଢ଼ଟାଏ, କାହା ପାଇଁ ବା ତାସ ମୁଠେ, ଏହିପରି । ଶେଷରେ ଗୋଟିଏ କାଗଜ ବାକ୍ସରୁ କଣ୍ଟି-ଫୋହଳା-ହାର ଗୋଟାଏ ବାହାର କରି ମୃଦୁ ହସି କହିଲା—"ଏ ମେନାର, ସେ କାହିଁ ; ତାକୁ ଡାକ ବଡ଼ମା ।" ବୃଦ୍ଧ ହସି ହସି ମେନକାକୁ ଚାହିଁ କହିଲେ—"ଆସ ଗୋ ମାନିନୀ ରାଧେ, କୃଷ୍ଣ ଡାକୁଛନ୍ତି; ମାନଭଞ୍ଜନ ହାର ଉପହାର ନିଅ । ବର ତ ବରଣମାଳ ଘେନି ଆସିଛି ଅଉ ଡରୁଛ କାହିଁକି ?" ଜାନକୀ ହସି ପକାଇଲା, କନକ ଏଥି ମଧ୍ୟରେ କେତେବେଳେ ଆସି ଠିଆ ହୋଇଥିଲା—ସେ ବି ହସିଉଠିଲା । ମେନକା ଲଜ୍ଜାରେ ମଉଳିପଡ଼ି ସେଠାରୁ ଧାଇଁ ପଳାଇଗଲା । ଗୋପାଳ ବୃଦ୍ଧଙ୍କ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲା—"ତମର ଯେଉଁ କଥା ନା, ଅଜା ।" ବୃଦ୍ଧ କିଛି କହିବା ପୂର୍ବରୁ

ଗୋପାଳ ହଠାତ୍ ଖଣ୍ଡିଏ ନୋଟ ତାଙ୍କ ହସ୍ତରେ ଗୁଞ୍ଜିଦେଇ କହିଲା, "ଅଜା, ଏ ମୋର ଭେଟି ।" ବୃଦ୍ଧ ବିସ୍ମୟସ୍ତବ୍ଧ ଦୃଷ୍ଟିରେ ତାହା ମୁହଁକୁ ଅନାଇ ରହିଲେ । ଗୋପାଳ ତାଙ୍କୁ ତଦବସ୍ଥ ଦେଖି କହିଲା— "ଏ ମୋର ଉପାର୍ଜନ ଅଜା, ତମକୁ ତ ସବୁ କଥା ଆଗରୁ ଲେଖିଛି । ମୁଁ ସୁରେଶ ବାବୁଙ୍କ ପାଖରେ ସ୍ୱଳ୍ପ ମାସ ଚାକିରି କଲା ପରେ ସେ ପଶ୍ଚିମର କେଉଁ ରାଜାଙ୍କର ଦେଓ୍ୱାନ ହୋଇଗଲେ । ଦରମା ମାସକୁ ପନ୍ଦରଶ ଟଙ୍କା । ସେ ଯିବାବେଳେ କାରବାରଟା ମୋତେ ଦେଇ କହିଗଲେ—"ଯାହାଙ୍କର ଯାହା ପାଉଣା ଅଛି, ତାହା ପରିଶୋଧ କରି ଯାହା ଲାଭ ହେବ ତୁ ନେବୁ ।" ସେ ଜଣେ ଦେବତା ପରି ଲୋକ ଅଜା । ମୁଁ ଆଠ ମାସ କାରବାର ଚଳାଇ ଦେଣା ସାତେ ତିନି ହଜାର ଶୁଝିଦେଇ ଦୁଇ ହଜାର ଲାଭ ପାଇଥିଲି । ଭାବିଛି କିଛିମାଣ ଜମିରେ ଧୂ ଭୂମିସ୍ୱତ୍ୱ କରିବି, ସେଥିରେ ଭଲ ଲାଭ ।" ବୃଦ୍ଧ ଏହା ଶୁଣି ନାତିକୁ କୋଳକୁ ଟାଣିନେଇ କହିଲେ—"ଏତେ ବୁଦ୍ଧି ତୋର ହେଲାଣି ରେ ଭାଇ, ଆମର ଭୂମି ନାହିଁ ନା ବାଡ଼ି ନାହିଁ ; ଦଶମାଣ ଜାହିଁକି ବାଣ୍ଟିଏ ନେଇ ଧୂଳିସ୍ୱ ସ୍ୱତ୍ୱ କରିବୁ କି କଅଣ କରିବୁ— ଯାହା ତୋ ଇଚ୍ଛା ତାହା କର । ଆଉ ତୋତେ ବିଦେଶକୁ ଛାଡ଼ିଦେବି ନାହିଁ ।" ଗୋପାଳ କହିଲା— "ନା, ଏକାଳରେ ତମକୁ ଛାଡ଼ି ଆଉ କୁଆଡ଼େ ଯିବିନାହିଁ ।"

ମେନକା ଆଉ ଗୋପାଳକୁ ଦେଖା ଦିଏନାହିଁ, ଲୁଚି ଲୁଚି ବୁଲେ । ଦିନେ ଗୋପାଳ ଜନକ ପାଖରେ ଫେରିବ ହୋଇ କହିଲା--"ଦେଖ ମାଇଁ, ତୋ ଝିଅ ପୋଡ଼ାମୁହାଁର ଗୁଣ । ସେ ମୋତେ କଥା କହୁନାହିଁ— ଲାଜ କରୁଛି ।" ଜନକ ହସିକରି କହିଲା—"ସାନ ହୋଇଥିଲା, ଏକାସାଙ୍ଗରେ ଖେଳୁଥିଲ, ଏବେ ବଡ଼ ହେଲା, ମାଇକିନିଆ ଝିଅ, ଲାଜ କରିବ ନାହିଁ ନା ବାପ ! ଗୋପାଳ ହସିଦେଇ ଚାଲିଗଲା; ମାତ୍ର ମନେ ମନେ ଭାବିଲା—"ଏ କଅଣ ? ସେଦିନ ତ ଅଜା ବି ଏପରି ଆଭାସ ଦେଇଥିଲେ । ତେବେ କଅଣ ମେନକା ସାଙ୍ଗରେ ମୋର ବିବାହ ହେବ ? ତାହାହେଲେ ଭଲ ହେବ, ଦେଖାଯାଉ କି ରହସ୍ୟ ।" ତହିଁ ପରଦିନ ବୃଦ୍ଧ ଗୋପାଳକୁ ପାଖରେ ବସାଇ ସ୍ନେହ-ମଧୁର କଣ୍ଠରେ କହିଲେ—"ଗୋଟିଏ କଥା କହିବି ଗୋପାଳ, କହ ତାହା ରଖିବୁ !" ଗୋପାଳ କହିଲା, "ତୁମ୍ଭ ଆଜ୍ଞା ମୋର ଶିରୋଧାର୍ଯ୍ୟ । ଦେବଆଜ୍ଞା କିଏ ଲଙ୍ଘନକରି ପାପ ଅର୍ଜନ କରିବାକୁ ସାହାସ କରିବ ?" ବୃଦ୍ଧ ଆନନ୍ଦିତ ହୋଇ କହିଲେ—"ମୋର ଆସି ଶେଷ ଅବସ୍ଥା ଉପସ୍ଥିତ, କେତେବେଳେ ଆହ୍ୱାନ ଆସିବ କିଏ କହିପାରେ ? ମୋର ଇଚ୍ଛା, ମେନକା ସଙ୍ଗରେ ତୋର ହାତଛନ୍ଦା ଶୀଘ୍ର କରି ପକାଇବି । ତୋର ଏତିକି ସୁଖ ଦେଖିଲେ ମୁଁ ଯେ କି ଆନନ୍ଦ ଲାଭ କରିବି, ତାହା କହିପାରୁ ନାହିଁ । ମୋର ଶେଷ ଇଚ୍ଛା, ତୁ ପୂର୍ଣ୍ଣ କରିବୁ ?" ଗୋପାଳ ଅବନତ କଣ୍ଠରେ କହିଲା— "ଗୁରୁଜନଙ୍କ ଇଚ୍ଛାରେ କିଏ ବାଧା ଦେବ ? ତୁମ୍ଭର ଇଚ୍ଛା ତୁମ୍ଭେ ସ୍ୱଚ୍ଛନ୍ଦରେ ପୂର୍ଣ୍ଣ କରିପାରିବ । ତୁମ୍ଭର ଗୋପାଳ ତୁମ୍ଭର ଅବାଧ୍ୟ ହେବ ନାହିଁ । ମୋର ମତ ନେବାରେ ତୁମ୍ଭର ଦରକାର କଅଣ ? ବୋଧହୁଏ କାଳୀ କନ୍ୟା ବୋଲି ମୁଁ କାଳେ ମନା କରିବି—ଏହି ଆଶଙ୍କା ? ନା ନା, ସେ ଭୟ ନାହିଁ, ଗୋରୀ କନ୍ୟା ଦେବୀ ଆଉ କାଳୀ କନ୍ୟା ରାକ୍ଷସୀ ନୁହେ କିମ୍ବା କାଳୀ କନ୍ୟା ଭାତ ରାନ୍ଧିଲେ ସେ ଭାତ କଳା ହୋଇଯିବ ନାହିଁ । ମୁଁ ମନୁଷ୍ୟ ହୋଇ ମନୁଷ୍ୟକୁ କଳାରୂପ ପାଇଁ ଘୃଣା କରିପାରିବି ନାହିଁ ।" ବୃଦ୍ଧ ଏହା ଶୁଣି ଆନନ୍ଦରେ ଅଧୀର ହୋଇ ଗୋପାଳ ମୁଣ୍ଡରେ ହାତ ରଖି କହିଲେ "ମୁଁ ଆଶୀର୍ବାଦ କରୁଛି, ତୁ ଦୀର୍ଘଜୀବୀ ହୋଇ ପ୍ରକୃତ ମନୁଷ୍ୟତ୍ୱ ରୂପ ମହାର୍ଘ ଭୂଷଣରେ ମଣ୍ଡିତ ହୋ, ଆଉ ଧର୍ମରେ ତୋର ମତି ଅଚଳା ହେଉ ।" ବୃଦ୍ଧ ଉଠିଯାଇ ଝିଅକୁ ଏ ଶୁଭସମ୍ବାଦ ଜଣାଇଲେ । ଜାନକୀର ଆନନ୍ଦର ସୀମା ରହିଲା ନାହିଁ । ବୃଦ୍ଧ ସେହି ଦିନ ବିବାହର ଲଗ୍ନ ଧରାଇ ଉଦ୍‌ଯୋଗ ଆୟୋଜନରେ ଶତହସ୍ତ ହୋଇ ଆତ୍ମନିୟୋଗ କଲେ ।

ଯଥାସମୟରେ ଶୁଭ ବିବାହ ନିର୍ବିଘ୍ନରେ ସମ୍ପନ୍ନ ହୋଇଗଲା । ବରକନ୍ୟା ବେଦୀରୁ ଉଠି "ଶୀତଳ-

ଭୁକ୍ତି" କରିବାକୁ ଯିବା ସମୟରେ ବୃଦ୍ଧ ଖଣ୍ଡିଏ କାଗଜ ଆଣି ଗୋପାଳ ହାତରେ ଗୁଞ୍ଜିଦେଇ କହିଲେ,'ଏ ମୋର ନାତି-ନାତୁଣୀବୋହୂଙ୍କର ମୁହଁଚୁହାଁ ।' ଗୋପାଳ କାଗଜର ଭାଙ୍ଗ ଫିଟାଇ ଦେଖିଲା, ତାହା ଅଙ୍କାଙ୍କର ଉଇଲ । ସେଥିରେ ଲେଖାଥିଲା, "ମୁଁ ମୋର ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତି ମୋର ଦୌହିତ୍ର ଶ୍ରୀମାନ୍ ଗୋପାଳକୁ ସ୍ୱଇଚ୍ଛାରେ ଦାନ କରୁଗଲି ।" ଗୋପାଳ ପଢିସାରି ହସି ହସି କହିଲା, "ନା ଅଙ୍କା, ମୁଁ ବୁଲୁ ଫକୀରଟା ଏହାକୁ ନେଇ କଣ କରିବ ?" ଏ କଥାର ଖୁସିହେବ ବୃଦ୍ଧ ମନେ ମନେ ବୁଝିଲେ; ମାତ୍ର ତାଙ୍କ ସ୍ନେହପ୍ରବଣ ହୃଦୟରେ ତାହା ସ୍ଥାନ ପାଇଲା ନାହିଁ । ସେ ହସିକରି କହିଲେ,"ନା, ଭାଇ, ତୁ ଏବେ ବୁଲୁ ଫକୀର ନୋହୁ—ଭୁଲ୍ ଅମିର । ବୁଲୁ ଫକୀର ଅନେକ ଦିନରୁ ଦେଶାନ୍ତର ହୋଇ ଗଲାଣି ।" ଗୋପାଳ ଏବଂ ମେନକା ଦୁହେଁଯାକ ବୃଦ୍ଧଙ୍କର ପଦରଜ ଶୀର୍ଷରେଣୁ ପରି ମସ୍ତକରେ ଲଗାଇଲେ । ବୃଦ୍ଧ ସେ ଦୁହିଁଙ୍କ ମସ୍ତକରେ ହସ୍ତ ସ୍ଥାପନ କରି ଆଶୀର୍ବାଦ କଲେ—"ବଶିଷ୍ଠ ଅରୁନ୍ଧତୀ ପରି ହୋଇଥାଅ ।"

# ଶନିସପ୍ତା

# ଶନିସପ୍ତା

## ପ୍ରଥମ ପରିଚ୍ଛେଦ

ସାରଥି ନନ୍ଦେ କାଲି ପାଞ୍ଚକୋଶ ଦୂରବର୍ତ୍ତୀ ଯଜମାନ ଘରେ ଗଣେଶପୂଜା ସାରି ଘରେ ଆସି ପହଞ୍ଚିଲା ବେଳକୁ ରାତି ପାହାନ୍ତା ହୋଇଯାଇଥିଲା । ତେଣୁ ଆଜି ସକାଳୁ ଉଠିପାରିଲେ ନାହିଁ । ତାଙ୍କର ନିଦ ଭାଙ୍ଗିବା ବେଳକୁ ତିନି ଘଣ୍ଟା ବେଳ ହୋଇଯାଇଥିଲା । ନିକଟବର୍ତ୍ତୀ ଦେବାଳୟର ଭୋଗ-ବାଦ୍ୟ କୋଳାହଳରେ ହଠାତ୍ ତାଙ୍କର ନିଦ ଭାଙ୍ଗିଗଲା । ନଚେତ୍ ନିଦ ପାଚିଲା ହେବାକୁ ଆହୁରି କିଛିକ୍ଷଣ ଲାଗିଥାଆନ୍ତା । ସେ ଧଡ଼ପଡ଼ ହୋଇ ଉଠି ବସି, "ପ୍ରାତଃ ସମୁତ୍ଥାୟ ବିଶୁଦ୍ଧଚେତା ନାସାଗ୍ରମାଲୋକ୍ୟ ସମାଧିଯୁକ୍ତଃ, ସ୍ମରେତ ଯଃ ଶମ୍ଭୋ ପଦାବ୍ଜଯୁଗ୍ମଂ ତନ୍ନାମ ସଂକୀର୍ତ୍ତନ ଯୋଗଯୁକ୍ତଃ" "ପ୍ରଭାତେ ଯଃ ସ୍ମରେନ୍ନିତ୍ୟଂ ଦୁର୍ଗା ଦୁର୍ଗାକ୍ଷରଦ୍ୱୟଂ" ଇତ୍ୟାଦି ଯେତେ ପ୍ରାତଃସ୍ମରଣ ବାକ୍ୟ ଅଛି, ଅତ୍ୟନ୍ତ ଭକ୍ତି ଭାବରେ ସବୁ ଆବୃତ୍ତି କରିଗଲେ । ତାଙ୍କର ଅପକ୍ୱନିଦ୍ରୋତ୍ଥିତ ମନର ଅବସ୍ଥା ବାକ୍ୟର ଆଦେଶ ପାଳନର ଅନୁକୂଳ ନୁହେଁ ; ସୁତରାଂ ତାଙ୍କ ମୁଖ ବା ଚକ୍ଷୁରେ ବିଶୁଦ୍ଧଚିତ୍ତତା ବା ନାସାଗ୍ରମାଲୋକ୍ୟର କୌଣସି ଲକ୍ଷଣ ଦେଖାଗଲା ନାହିଁ । ସେ କେବଳ ବାକ୍ୟାବୃତ୍ତିଦ୍ୱାରା ଆଦେଶର ପ୍ରତିଧ୍ୱନି କରି ସଂକ୍ଷେପରେ ବିଧିରକ୍ଷା କଲେ । କଳିକାଳ ତ, ସଂକ୍ଷେପର ଜାମ୍ବୁପୁଣ୍ଣ, ନନ୍ଦେ ବା ସଂକ୍ଷେପ ପ୍ରିୟ ନ ହେବେ କାହିଁକି ? ସତ୍ୟଯୁଗରେ ମନୁଷ୍ୟର ଉଚ୍ଚତା ଏକୋଇଶ ହାତ ଥିଲା, ତାହା ଆଜି ସାତେ ତିନି ହାତରେ ରହିଲାଣି; ତଥା ପରମାୟୁର ପରିମାଣ ଷାଠିଏ ବର୍ଷକୁ ଖସି ଆସିଲାଣି । କେବଳ ପ୍ରକୃତି ରାଜ୍ୟରେ ନୁହେଁ — କୃତ୍ରିମ ରାଜ୍ୟରେ ସୁଦ୍ଧା ସଂକ୍ଷେପର ଏକାଧିପତ୍ୟ । ରେଲଗାଡ଼ି, ଟେଲିଗ୍ରାଫ୍ ଓ ଟେଲିଫୋନ୍‌ଦ୍ୱାରା ପଥର ସଂକ୍ଷେପ ଘଟିଅଛି । କାଞ୍ଚ-ଠେଙ୍ଗା ଗଣ୍ଡି ହସ୍ତ ଭୂଷଣ ବଳୟ ହେଲାଣି । ତାହାର "ଠଙ୍ଗ୍ ଠଙ୍ଗ୍" ଶବ୍ଦ ଆସି "ଠୁକ୍ ଠୁକ୍"ରେ ରହିଲାଣି । ଏଣିକି ପୁଣି ସାହିତ୍ୟ ରାଜ୍ୟରେ ସଂକ୍ଷେପ ପ୍ରବେଶ କଲାଣି । କେହି କେହି "ସଂକ୍ଷିପ୍ତ ସମାଲୋଚନା" କରନ୍ତି, ଯେପରି ଅସୀମ ଅନନ୍ତ । ସେମାନେ କିଛିଦିନ ପରର ସମାଲୋଚନା ଛାଡ଼ି ନିଜର ସମାଲୋଚନା କଲେ ଆମ୍ଭ-ଦୃଷ୍ଟି ବୁଝିପାରନ୍ତେ; ମାତ୍ର ତତ୍ ପୂର୍ବରୁ ନୁହେଁ । ଯାହାହେଉ ନିଜ ଦୋଷ ଛାଡ଼ି ଯେ ପର ଦୋଷ ସୁଧାରିବାକୁ ଯାଏ, ତାହାର ବଡ଼ ଦସ୍ତୁର ଶରୀର । ବୋଧହୁଏ ଦୋଷ ଦୂରୀକରଣରେ ଉତ୍କଟ ଦୁରାକାଙ୍କ୍ଷାର ଫଳା ଢେଲି ସେମାନେ ପୃଥିବୀରେ ଅବତୀର୍ଣ୍ଣ ହୋଇଅଛନ୍ତି । ଏହି ଦୁରାକାଙ୍କ୍ଷା ସେମାନଙ୍କର ବିଧାତୃଦତ୍ତ ଅମୂଲ୍ୟ ବିଭବ । ସେହି ମହାବିଭବର ଅଧିକାରୀ ହେଲୁ ସେମାନେ ମହାତ୍ମା ମହାପୁରୁଷ ଶ୍ରେଣୀ ଅବତାର ବିଶେଷ । ଦୁଃଖର ବିଷୟ, ଏପରି ଅବତାର ବିଧାତା ସବୁସମୟରେ ପୃଥିବୀକୁ ପ୍ରେରଣ କରନ୍ତି ନାହିଁ । ଉଦ୍‌ଭ୍ରାନ୍ତ ମନ କେଉଁଠି ଥିଲା, ଆସି କେଉଁଠି ଉଠିଲାଣି । ଗୋଟିଏ

ବୟସରେ ବହୁଯତ୍ନ ନିଯୁକ୍ତ ରହିବା ତାହାର ସ୍ବଭାବ ବିରୁଦ୍ଧ । ସୁତରାଂ ସେ ଏଣେ ତେଣେ ପଳାଇ ଯାଇଅଛି । ସେ ଯାହାହେଉ ନନ୍ଦେ ପ୍ରାତଃସ୍ମରଣ ବାକ୍ୟ ଆବୃତ୍ତି ପରେ ଭୂମିରେ ମୁଣ୍ଡ ଲଗାଇ ଜାହ୍ନବୀ ଉଦ୍ଦେଶ୍ୟରେ ଢେକାଣି ଗୋଟାଏ ଦଣ୍ଡବତ କରି ବିଛଣାରୁ ଉଠିଗଲେ । ଲୋଟାଏ ପାଣିରେ ଖଣ୍ଡେ ଦାନ୍ତକାଠି ପଣ୍ଡ ପିଣ୍ଡାରେ ଥୁଆହୋଇଥିଲା । ନନ୍ଦେ ତାହାକୁ ବାମହସ୍ତରେ ଉଠାଇ ନେଇ ଏବଂ ବାମେତର ହସ୍ତର ମଧ୍ୟମା ବୃଦ୍ଧାଙ୍ଗୁଳି ସଂଯୁକ୍ତ ଟିପରେ ନାସକୁଣ୍ଡିରୁ ଟିପେ ନାସ ଧରି ବାଡି ଆଡ଼କୁ ଚାଲିଗଲେ । ଘର ପଛ ଆଡ଼େ ପ୍ରଶସ୍ତ ବାଡି । ସେଥିରେ ଶାକସବଜିର କ୍ଷେତ ଏବଂ କେତୋଟି ଫଳବୃକ୍ଷ ଅଛି । ମଧ୍ୟସ୍ଥଳରେ ଖଣ୍ଡିଏ ପକ୍କା ବେଦୀ ବିଦ୍ୟମାନ । ବେଦୀଟି ନନ୍ଦଙ୍କର କର୍ମ କ୍ଷେତ୍ର । ଦାନ୍ତଘଷା, ନାସ ଭୁଣ୍ଡା ଏବଂ ପୋଥିଲେଖାଠାରୁ ଯଜମାନ ଘରୁ ଆନୀତ ମଣ୍ଡଳ ଶୁଖାଶୁଖିଲ ବସ୍ତୁ ପର୍ଯ୍ୟନ୍ତ ଅନେକ କାର୍ଯ୍ୟରେ ବେଦୀଟି ନନ୍ଦଙ୍କର ଆଶ୍ରୟ । ନନ୍ଦେ ବେଦୀ ପାଖରେ ଠିଆହୋଇ ସଲୋଟା ସନସ୍ୟ ଉଭୟ ହସ୍ତ ଏକତ୍ର କରି ସୂର୍ଯ୍ୟଙ୍କୁ ଗୋଟାଏ ନମସ୍କାର କଲେ । ଅନନ୍ତର ଲୋଟାଟି ବେଦୀ ଉପରେ ରଖିଦେଇ ନାସିକା ଏବଂ କପାଳର ବିକଳ କୁଞ୍ଚନ ପୂର୍ବକ ଏକ ପ୍ରକାଣ୍ଡ ସଟକାରେ ନାସଟିପକ ନାସାଗହ୍ବର ପଥରେ ମସ୍ତିଷ୍କକୁ ପ୍ରେରଣ କଲେ । ମସ୍ତିଷ୍କ ତଳମୂଳରେ ସେ ପ୍ରତ୍ୟହ ଏହିପରି ନସ୍ୟ-ସାର ପ୍ରୟୋଗ କରନ୍ତି, ତାହା ପରି ଖୁବ୍ ଉର୍ବର ସାର । ଯେଉଁଦିନ ଭ୍ରମବଶତଃ ତାହା ପ୍ରୟୋଗ ନ କରନ୍ତି, ସେ ଦିନ ଅର୍ଜନ ପଇସା ଗଣୁ ଗଣୁ ନ ପାଞ୍ଚ ଏଗାର ହୋଇଯାଏ । ନନ୍ଦେ ଦାନ୍ତ ଘଷିସାରି କୂଅରୁ ଲୋଟାଏ ପାଣି ନେଇ ବହିର୍ଭୂମି ଗଲେ । ସେଠାରୁ ଫେରି ଆସି ଏକବିଂଶତି ଥର ହାତ ଏବଂ ଗୋଡ ତଳପାରେ ମାଟି ଘଷିଲେ । ତହିଁପରେ ହାତ ଗୋଡ଼-ମୁହଁ ଧୋଇସାରି କାନରୁ ପଇତା ଖସାଇ ଧୋଇଲେ । ଏତେ ଧୁଆ ଧୋଇ; ମାତ୍ର ସବୁ ଲୋଟାଏ ପାଣିରେ ଶେଷହେଲା; ବରଂ କିଛି ବଳି ପଡିଲା । ଲୋଟାରେ ଯେଉଁ ପାଣି ଟିକିଏ ଅବଶିଷ୍ଟ ଥିଲା, ସେଥିରେ ମନ୍ତ୍ର ସ୍ନାନ କରି ନନ୍ଦେ ପବିତ୍ର ହୋଇ ବେଦୀ ଉପରେ ବିଶ୍ରାମ କଲେ । ଆମ୍ଭମାନଙ୍କ ପରି ନନ୍ଦେ ଜଳର ବିଲକ୍ଷଣ ସଦ୍‌ବ୍ୟବହାର କରନ୍ତି । ଆମ୍ଭମାନେ କୁମ୍ଭା ପରି ଗୋଟାଏ ଲୋଟାରେ ପାଣି ନେଇ ଜଳଶୌଚ ଦାନ୍ତଘଷା, ଗୋଡ଼ଧୁଆ ପ୍ରଭୃତି ଶେଷ କରି କିଛି ପାଣି ଘରକୁ ଫେରାଇ ଆଣନ୍ତି । ପ୍ରକୃତପକ୍ଷେ ଜଳର ଅପବ୍ୟବହାର ଯେ ଘୋର ପାପଜନକ, ଏହା ସେମାନଙ୍କ ବ୍ୟତୀତ ଭାରତର ଅନ୍ୟ କୌଣସି ଜାତି ପ୍ରାୟ ଜାଣନ୍ତି କି ନାହିଁ ସନ୍ଦେହ ।

ନନ୍ଦଙ୍କର ମନ ଆଜି ଭାରି ଖୁସି । ତାଙ୍କର ଯଜମାନ ଜଣେ ସମ୍ପନ୍ନ ଜମିଦାର ଏବଂ ନିଷ୍ଠାପର ହିନ୍ଦୁ । ତାଙ୍କଘରେ ପୂଜା ପାର୍ବଣାଦି ଠିକ ଶାସ୍ତ୍ରୀୟ ରୀତିରେ ହୁଏ । "ଖଇ, ଖଇଅଁଡ଼ା, ବାଉଁଳ ଉଖୁଡ଼ା ମା ସରସ୍ବତୀ ଖା ଗୋ, ଗୁଣ୍ଡିଆଣୀ ଘରେ ଥାଅ ଗୋ" ଏ ଭାବରେ ପୂଜା ନ କରି ସେ ସାତ୍ତ୍ୱିକ ଭାବରେ ପୂଜା କରନ୍ତି । ଖର୍ଚ୍ଚ ମଧ୍ୟ ଯଥେଷ୍ଟ ହୁଏ । କାଲି ପୁରୋହିତେ ଲୁଗାପଟା, ଚାଉଳପତ୍ର, ଦକ୍ଷିଣା, ବିଦାକି ପ୍ରଭୃତି ଯାହା ଯାହା ପାଇଅଛନ୍ତି, ତାହା କୋଡିଏ ଟଙ୍କାରୁ ଊଣା ନୁହେଁ । ଦିନକରେ କୋଡିଏ ଟଙ୍କା ଉପାର୍ଜନ ସାମାନ୍ୟ ଆନନ୍ଦର କଥା ନୁହେଁ । ତହିଁ ଉପରେ ଦକ୍ଷତା ସହିତ ପୂଜା କରିଥିବାରୁ ଯଜମାନ ସନ୍ତୁଷ୍ଟ ହୋଇ ନନ୍ଦଙ୍କୁ ଯୋଡ଼ାଏ କୁଣ୍ଡଳ ଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି । ସୁତରାଂ ଆନନ୍ଦ ଏବଂ ଗର୍ବ ନନ୍ଦଙ୍କ ହୃଦୟରେ ଉଦ୍‌ବେଳିତ ହୋଇଉଠୁଅଛି । ବୋଧହୁଏ ସମଗ୍ର ଇଉରୋପଖଣ୍ଡ ଜୟ କରି ମହାବୀରଚୂଡ଼ା ନେପୋଲିଅନ ସେ ଭଳି ଆନନ୍ଦିତ ହୋଇ ନ ଥିବେ କିମ୍ବା ଏତେ ଗର୍ବ କରି ନ ଥିବେ । ନନ୍ଦେ ସତେ ଯେପରି ଆନନ୍ଦ-ସାଗରରେ ସ୍ନାନ କରି ସଦ୍ୟ ଉଠି ଆସିଅଛନ୍ତି । ଆନନ୍ଦର ଆତିଶଯ୍ୟରେ ସେ ବେଳେ ବେଳେ ହସି ଉଠୁଅଛନ୍ତି । ବେଦୀ ଉପରେ ବସି ଏହିପରି ଅତୁଳ ଆନନ୍ଦ ଉପଭୋଗ କରୁଁ କରୁଁ ସେ ହଠାତ୍ କଲମୀ ଆମ୍ବଗଛକୁ ଚାହିଁ ଦେଇ ନିର୍ବାକ ବିସ୍ମୟରେ ସ୍ତବ୍ଧ ହୋଇ ରହିଲେ । ହୃଦୟର ଆନନ୍ଦ ଜ୍ୟୋତ୍ସ୍ନା ବିଷାଦ-ମେଘରେ ଢାଙ୍କି ହୋଇଗଲା । ସେ ଦେଖିଲେ—'ଗଛରେ ଆମ୍ବଟିଏ ନାହିଁ ।' ତହିଁ

କ୍ରୋଧ, ଦୁଃଖ ଏବଂ ବିସ୍ମୟରେ ତାଙ୍କର ହୃଦୟ ପୂର୍ଣ୍ଣ ହୋଇଗଲା । ଲଲାଟରେ କୁଞ୍ଚିତ ତ୍ରିବଳୀରେଖା ଫୁଟି ଉଠିଲା । ବୃଦ୍ଧ ଅବଧାନର ଆକସ୍ମିକ ପ୍ରହାର ଖାଇ ବାଳକର ମୁଖ ଯେପରି କଳା ପଡିଯାଏ, ତାଙ୍କର ମୁଖ ସେହିପରି ମଳିନ ହୋଇଗଲା । ମୁଖରୁ ବାକ୍ୟସ୍ଫୂର୍ତ୍ତି ହେଲା ନାହିଁ । ହୃଦୟ କ୍ରୋଧରେ ପୂର୍ଣ୍ଣ, ବାକ୍ୟ ନିମନ୍ତେ ଆଉ ସେଠାରେ ସ୍ଥାନ ନାହିଁ । କିନ୍ତୁ କ୍ଷଣକେ ଏ ଭାବ କଟିଗଲା । ସେ ଆଶ୍ଚର୍ଯ୍ୟ ହୋଇ କହିଲେ—"ଏଁ, ଆମ୍ବସ୍ତବକ କିଏ ନେଲା !" ଏହି ସମୟରେ କଖାରୁ ମଞ୍ଚା ଉପରେ ଦୃଷ୍ଟି ପଡିଗଲା । ସେଥିରେ ବୁଢସ୍ତୁଞ୍ଝା କଖାରୁ ଓହଳି ଥିଲା, ତାହା ସୁଦ୍ଧା ନାହିଁ । ତେଣେ କାନ୍ଥରେ ଲେଖା ହୋଇଅଛି—"ସାରଥି ନନ୍ଦେ ମହୁମାଛି ।" ଏସବୁ କାଣ୍ଡ କିଏ କଲା, ଏହା ଭାବି ତାଙ୍କର କ୍ରୋଧ ସୀମା ଲଙ୍ଘି ଅପରସୀମ ହେବାକୁ ଲାଗିଲା, ଶରୀରର ରକ୍ତ ସଞ୍ଚାଳନ ବନ୍ଦହୋଇଗଲା । ସ୍ତ୍ରୀମାନେ ଶିଳରେ ହଳଦୀ ବାଟିଲା ପରି ତାଙ୍କର ହୃତ୍ପିଣ୍ଡ କିଏ ଯେପରି ବାଟିଦେଲା, ଯେମନ୍ତ କି ଗୋଟାଏ ଜୀବନ୍ତ ବଜ୍ରଶଳାକା ତାଙ୍କ ଗୋଡ଼ରେ ଫୁଟି ବ୍ରହ୍ମତାଳୁ ଭେଦକରି ଗଳିଗଲା । କ୍ରୋଧରେ ନେତ୍ର ଘୂର୍ଣ୍ଣିତ ହେବାକୁ ଲାଗିଲା । ବୋଧହେଲା, ସେ ନେତ୍ରରେ ଯଦି ଅଗ୍ନି ଥାଆନ୍ତା, ତେବେ ତାହା ବାହାରି-ପଡି ଦାହ୍ୟବସ୍ତୁ ଅଭାବରେ ଆକାଶକୁ ଜାଳିଦେଇ-ଥାଆନ୍ତା । ନନ୍ଦେ ଆଉ ଆପଣାକୁ ସମ୍ଭାଳି ପାରିଲେ ନାହିଁ । କେତେବେଳେ ପୁତ୍ରସମ୍ପର୍କ ସ୍ଥାପନ କରି, କେତେବେଳେ ବା ସହଧର୍ମିଣୀଙ୍କ ସହୋଦର ସମ୍ପର୍କ ସ୍ଥାପନ କରି ଅକଥ୍ୟ, ଅଶ୍ରାବ୍ୟ ସାଧୁଭାଷାରେ ଚୋରକୁ ଅଭ୍ୟର୍ଥନା କଲେ । କିନ୍ତୁ କି ଜୀବ ଅଭିଶାପ ଦେବେ, ଖୋଜି ପାଇଲେ ନାହିଁ । କେବଳ ଗାଳିରେ ଅଭିମାନ ଛୁଟାଇବାକୁ ହେଲା । ନନ୍ଦେ ନିର୍ଲଜ୍ଜତାର ଅନାବୃତ ମୂର୍ତ୍ତି ଧରିଲେ ଏବଂ ତାଙ୍କର ଉକ୍ତି ବୀଭତ୍ସତାର ନଗ୍ନମୂର୍ତ୍ତି ଧାରଣକଲା । ଚୋର ସଙ୍ଗରେ ନନ୍ଦେ ଯେଉଁ ସମ୍ପର୍କ ସ୍ଥାପନ କଲେ, ଅଜ୍ଞାତକୁଳଶୀଳ ସଙ୍ଗରେ ଛତିଶ-ବର୍ଣ୍ଣର ରଜା ବ୍ରାହ୍ମଣର ସେଭଳି ସମ୍ପର୍କ କେବଳ ଅସଙ୍ଗତ ନୁହେଁ—ଅସମ୍ଭବ । କିନ୍ତୁ ଚୋର ଗାଳି ଖାଇ ନାହିଁ—ତାହାର ମାତା ଭଗିନୀ ପ୍ରଭୃତି ଗାଳି ଖାଇଲେ । ତାହା ସେମାନଙ୍କର ପ୍ରାପ୍ୟ । ସେମାନେ ଏଭଳି ଗୋଟିଏ କୁତ୍ସିତ ଜଘନ୍ୟ ଚୋରର ମା-ଭଉଣୀ ହେଲେ କାହିଁକି ? ଚୋରକୁ ହାତରେ ପାଇଥିଲେ ସେ କଅଣ କରିଥାଆନ୍ତେ, ସେଥିର ଗୋଟାଏ ତାଲିକା ମୁହେଁ ମୁହେଁ ନନ୍ଦେ ପ୍ରକାଶ କରିଗଲେ । ସେଥିରେ ଏପରି ଦଣ୍ଡବିଧାନ ଥିଲା ଯେ, ସାମାନ୍ୟ ଚୌର୍ଯ୍ୟାପରାଧରେ ସେରୂପ ଦଣ୍ଡବିଧାନର ଅଧିକାର ଆଇନ ଶାସ୍ତ୍ରରେ ସୁଦ୍ଧା ନାହିଁ । ଯାହା ହେଉ ନନ୍ଦେ ଆସ୍ଫାଳନରେ ତ୍ରୁଟି କରି ନାହାନ୍ତି । କ୍ରୋଧରେ ସେ ହିତାହିତଜ୍ଞାନ ଭୁଲି ଯାଆନ୍ତି । ଅନେକ ଅପ୍ରାସଙ୍ଗିକ ଅସଂଲଗ୍ନ କଥା ମଧ୍ୟ କହିପକାନ୍ତି ।

କ୍ରମେ ବେଳ ଅଧିକ ହେଲା । ଚୈତ୍ରମାସର ଖରା ଦୁର୍ମୁଖର ବାକ୍ୟବାଣ ପରି ତୀକ୍ଷ୍ଣ । ସୂର୍ଯ୍ୟର ପ୍ରଖର ତେଜରେ ନନ୍ଦଙ୍କର ଶରୀର ଜଳିଗଲା । କ୍ରୋଧରେ ଅନ୍ତଃକରଣ ତତୋଽଧିକ ଜଳିଗଲା । ନନ୍ଦେ ଏହିପରି ଭିତର ବାହାର ଉଭୟ ଜ୍ୱାଳାରେ ଜଳିପୋଡି ଦରମରା ହେଲେ; ମାତ୍ର ମୌଖିକ ବୃତ୍ତିରୁ ବିରତ ହେଲେ ନାହିଁ । ସେ ଗର୍ଜନ କରି ବାରମ୍ବାର କହିବାକୁ ଲାଗିଲେ—"ଯେ ଚୋରିକଲା, ତାକୁ ଅକାଳ ମହୁର ଠେକୁ, ତାହା ଦେହରେ ବଡ଼ ରୋଗ ବାହାରୁ ।" ତାଙ୍କର ସ୍ତ୍ରୀ ସେଫାଳିକା ଗୃହ ମଧ୍ୟରେ ଥାଇ ସ୍ୱାମୀଙ୍କର ଉକ୍ତ କଟୂଚ୍ଚ କଣ୍ଠସ୍ୱରରେ କଳହର ଆଭାସ ପାଇଥିଲେ । ବର୍ତ୍ତମାନ ଏହି ଅତ୍ୟନ୍ତ ରୁଚିକର ସାଧୁଶବ୍ଦସ୍ତବକ ତାଙ୍କ କର୍ଣ୍ଣରନ୍ଧ୍ରରେ ପହଞ୍ଚିବା ମାତ୍ରେ ସେ ଘରୁ ବାହାରି ଆସି ଦେଖିଲେ—ସ୍ୱାମୀଙ୍କ ଚକ୍ଷୁରେ କ୍ରୁଦ୍ଧ ଶାର୍ଦ୍ଦୁଳର ଭୀଷଣ ଦୃଷ୍ଟି ବିଦ୍ୟମାନ । ସ୍ୱାମୀଙ୍କ ଚକ୍ଷୁ ମୁଖରେ ମୁଦ୍ରିତ ମନୋଭାବ ସେ ମୁହୂର୍ତ୍ତକେ ପଢି-ନେଇ ଟିକିଏ ଚୋରା ହସ ହସିଦେଇ କହିଲେ—"କାହାକୁ ଏତେ ଗାଳି ଦେଉଛ ?" ତାଙ୍କ ଚକ୍ଷୁରେ ପରିହାସର ଦୃଷ୍ଟି ଲୁକ୍କାୟିତ ଥିଲା । କିନ୍ତୁ ନନ୍ଦେ ଅପୂର୍ବ ଭଙ୍ଗୀରେ ନାଚିଉଠି ଗ୍ରାମଫୋନ ସୁଲଳିତ ସ୍ୱରରେ ହାୟ ହାୟ କରିଉଠିଲେ । ସେ ନୃତ୍ୟଭଙ୍ଗୀ ଏରୂପ ବିଚିତ୍ର ଯେ, ତାହା ନ ଦେଖିଲେ ଲେଖା ମାତ୍ର

ପଡ଼ି ବୃଷ୍ଟି ହେବ ନାହିଁ । କଥାଗୁଡ଼ାକ ମଧ୍ୟ ଘଣ୍ଟା ମୃଦଙ୍ଗର ସ୍ୱର ପରି ଖଣ୍ ଖଣ୍ ଶୁଭିଲା । ସ୍ୱାମୀଙ୍କର ଏହି ନିରର୍ଥକ ଦୁଃଖର ନିଷ୍ଫଳ ହାହାକାରରେ ଶେଫାଳିକା-ଙ୍କର ହୃଦୟ ଅବ୍ୟକ୍ତ ବିତୃଷ୍ଣାରେ ପୂର୍ଣ୍ଣ ହୋଇଉଠିଲା । ସେ ଟିକିଏ କୃତ୍ରିମ ରୋଷ ପ୍ରକାଶ ପୂର୍ବକ କହିଲେ— "କଥା କଅଣ କହୁନାହିଁ କାହିଁକି ?" ନନ୍ଦେ କମ୍ପିତ ସ୍ୱରରେ କହିଲେ—"କାଲି ମୁଁ ଘରେ ଥିଲି ନାହିଁ ବୋଲି ଜାଣି କେଉଁ ଠାଉରିଆ ଆମ୍ବ,କଖାରୁ ସବୁ ନେଇଯାଇଛି । ତାହାର ଝାଡ଼ାବାନ୍ତି ହେଉ, ତାହା ବଂଶ ବୁଡ଼ୁ ।" ଶେଫାଳିକା କହିଲେ—"ହେଉ ନେଲା ନେଲା ପଛକେ ତୁମେ ଆଉ ଗାଳି ଦିଅନାହିଁ । କାଲି ହାଣ୍ଡିଆଣୀ ଚଉଠି ଗଲା, ଚୋରି କରିବାର ଦିନ । ଗାଳିଦେଲେ ଚୋରର ଅସୁଖ ବଢ଼େ । ଆଜି ଯେ ଗାଳିଦିଏ ସେ ଗାଳି ତାହାରି ଘରକୁ ଫେରିଆସେ । ନନ୍ଦେ ଆଉ ଥରେ ନାଚି ଉଠି କହିଲେ—"କଅଣ, ଗାଳି ଦେବି ନାହିଁ ? ହଁ ଗାଳିଦେବି, ନିଶ୍ଚୟ ଗାଳିଦେବି, ହଜାରେ ଥର ଗାଳି-ଦେବି । ସେ ଭସ୍ମାର ଅସୁଖ ବଢ଼ୁ ପଛକେ ମୁଁ ନିଶ୍ଚୟ ଗାଳିଦେବି । ଯେ ଏତେ ବଡ଼ ଅନିଷ୍ଟ କଲା ତାକୁ ଗାଳି ନ ଦେଇ ଅଉ ତାର କଲ୍ୟାଣ କରିବି ? କହିବି ରେ ଚୋର,ତୁ ମାର୍କଣ୍ଡେୟ ପରମାୟୁ ହୋଇ ବଞ୍ଚିଥାରେ ବାପା, ଧନେ ଜନେ ସୁଖୀ ହୁ । ଶେଫାଳିକା ସ୍ୱାମୀଙ୍କର ଏ ବଦ୍ରୂପ ବାଣୀ ଶୁଣି ଫିକ୍ କରି ହସିଦେଇ କହିଲେ— "କଲ୍ୟାଣ ନକର ପଛେ;ମାତ୍ର ଗାଳିଟା କଲ୍ୟାଣ ହେବ । ଚୋରର ତାହା ଶାପରେ ବର ହେବ । ଗାଳି ଖାଇବା ପାଇଁ ଲୋକେ ହାଣ୍ଡିଆଣୀ ଚଉଠିରେ ଚୋରି କରନ୍ତି । ରଞ୍ଜାଳିଆ ବେଳ ହେଲାଣି, କାଲି ଦିନ ସାରା ଉପବାସ; ଏବେ ଚାଲ ଗାଧୋଇ ଖାଇବା । ନନ୍ଦେ କହିଲେ,"ନା ନା, ମୁଁ ଗାଧୋଇବି ନାହିଁ କି ଖାଇବି ନାହିଁ, ଆଗେ ଜମିଦାର ପାଖରେ ନାଲିସ କରି ପଛେ ସବୁ କରିବି ? ମୋ ଦେହ ଜଳୁଛି, ମୁଁ ଯଦି ସେ ନିରଂଶିଆ ଚୋରକୁ ନାକେଦମ୍ ନ କରେ ମୋର ନାମ ସାରଥି ନନ୍ଦ ନୁହେଁ ।" ଶେଫାଳିକା କହିଲେ—"କିଏ ଚୋରିକଲା, ତମେ କାହାକୁ ଦେଖିଚ, କାହା ନାଁରେ ଜମିଦାର ପାଖରେ ଫେରାଦ ହେବ ? ଶୁଣିଲେ ଲୋକେ ହସିବେ । କାଲି ରାତିରେ ଗାଁସାରା ସମସ୍ତଙ୍କ ବାଡ଼ିରୁ ଫଳକନ୍ଦଳ ଚୋରି ଯାଇଛି, ଏକା ତମର ନୁହେଁ । ଜମିଦାର ସେଥିର କଅଣ କରିବ ? ନନ୍ଦେ କ୍ରୋଧରେ ନିଶ୍ଚେତନ ହୋଇଥିଲେ । ସ୍ତ୍ରୀଙ୍କର କୋମଳ ଭର୍ତ୍ସନାରେ ତାଙ୍କର ଚେତନା ଫେରି ଆସିଲା । ସେ ମନରେ ଭାବିଲେ—'ଠିକ୍ କଥା, କାହାକୁ ତ ଦେଖି ନାହିଁ, ତେବେ କାହା ନାମରେ ନାଲିସ୍ କରିବ । ଏହା ଭାବି ମନେ ମନେ ସ୍ତ୍ରୀଙ୍କ ବୁଦ୍ଧିର ପ୍ରଶଂସା କରିବାକୁ ଲାଗିଲେ । ସ୍ୱାମୀଙ୍କୁ ନୀରବ ଦେଖି ଶେଫାଳିକା ପୁନଶ୍ଚ କହିଲେ—"ତୁମ୍ଭେ ବ୍ରାହ୍ମଣ, ଛାର ଫଳ ଦୁଇଟା ପାଇଁ ତୁମ୍ଭର ଏପରି ରାଗିବା ଭଲ ନୁହେଁ । ତୁମ୍ଭଙ୍କୁ ଯେମାନେ ଭକ୍ତି କରନ୍ତି, ସେମାନେ ତୁମ୍ଭଙ୍କୁ ଏ ଅବସ୍ଥାରେ ଦେଖିଲେ କଅଣ ମନରେ କରିବେ । ସଂଯମ ତୁମ୍ଭର ଧର୍ମ, ଏହା ଭୁଲିଗଲେ ଚଳିବ କିପରି ? ଦୋଷୀକୁ କ୍ଷମା କରିବା ମହତ୍ତ୍ୱର ଲକ୍ଷଣ । କ୍ଷମାର ଅମୃତ ଫଳ ଏକା ଅପରାଧୀ ଭୋଗ କରେ ନାହିଁ , ଯେ କ୍ଷମା କରେ ସେ ସୁଦ୍ଧା ଭୋଗ କରେ । ମନେ କର, ତୁମ୍ଭେ ସେ ଫଳ ଦୁଇଟା ବାଣ୍ଟିଦେଇଛ । ଫଳ ଭୋଗ-ଠାରୁ ଫଳଦାନର ପୁଣ୍ୟଭୋଗ କି ବାଞ୍ଛନୀୟ ନୁହେ ? ସ୍ତ୍ରୀଙ୍କ ମୁଖରୁ ଏରୂପ ହିତୋପଦେଶ ଶୁଣି ନନ୍ଦେ ସ୍ତମ୍ଭୀଭୂତ ହୋଇ ରହିଲେ । ତାଙ୍କ ମୁଖରେ ଆନନ୍ଦର ବିଦ୍ୟୁଦ୍ଦୀପ୍ତି ଖେଳିଗଲା ଏବଂ ନେତ୍ରଦ୍ୱୟ ବାଷ୍ପରେ ବୁଡ଼ିଗଲା । ମୁହୂର୍ତ୍ତକ ମଧ୍ୟରେ ତାଙ୍କ ଦେହରୁ ସମସ୍ତ କ୍ରୋଧ ଝଡ଼ିପଡ଼ିଲା—ସତେକି ଆସ୍ଫାଳନ ଅଚଳବତ୍ ପାଣି ହୋଇଗଲା ଏବଂ ଉଚ୍ଛୃଙ୍ଖଳତା ଆପେ ଆପେ ଲଜ୍ଜାରେ ମୁଣ୍ଡ ପୋତିଲା । କାର୍ବଲିକ ଏସିଡ୍‌ର ମାରାତ୍ମକ ଗନ୍ଧରେ ସର୍ପ ଯେପରି ସ୍ଥାନ ଛାଡ଼ି ପଳାଇଯାଏ, ସ୍ତ୍ରୀଙ୍କ ଉପଦେଶରେ ନନ୍ଦଙ୍କ ମନରୁ କ୍ରୋଧ ସେହିପରି ଅନ୍ତର୍ହିତ ହେଲା । ନନ୍ଦେ ଘଡ଼ିକ ପୂର୍ବର ସ୍ୱୀୟ ଅସଂଯମ ରୂଢ଼ତା ସ୍ମରଣକରି ଲଜ୍ଜାରେ ମାଟିରେ ମିଶିଯିବାକୁ ଇଚ୍ଛା କଲେ, ଯେମନ୍ତ କି ସେ କିଛି କରି ନାହାନ୍ତି, କେଉଁଠୁ ଗୋଟାଏ ଅଦ୍ଭୁତ ଶକ୍ତି ଆସି ସବୁ କରିଦେଇ ପୁଣି କୁଆଡ଼େ ଉଭେଇଗଲା । ସେ ନିଜକୁ ନିଜେ ଧିକ୍କାର କଲେ, ବିଜାତୀୟ ଘୃଣା ମଧ୍ୟ କଲେ ; ମାତ୍ର

ସେ ଭାବଗୋପନ କରି ବଳାତ୍କାରରେ ଗୋଟାଏ ଶୁଷ୍କ ହାସ୍ୟରେଖା ମୁହଁକୁ ଟାଣିଆଣି କଣ୍ଠସ୍ୱର ଖୁବ୍ ଲଘୁକରି କହିଲେ—"ତୁମ୍ଭର କଥା ସତ୍ୟ, କ୍ରୋଧରେ ମୁଁ ନିଜକୁ ଭୁଲି ଯାଇଥିଲି । ବାସ୍ତବରେ ମୁଁ ଏ କି ହାସ୍ୟାସ୍ପଦ ଅଭିନୟ କରୁଥିଲି । ମୁଁ ଉପନୟନାଦି ସଂସ୍କାର-ପୂତ ବ୍ରାହ୍ମଣ । ମୋର କି କ୍ରୋଧର ବଶୀଭୂତ ହେବା ଉଚିତ ? ଉପନୟନକୁ 'ବ୍ରତ' କହନ୍ତି । ତାହା ବ୍ରତହିଁ ଯଥାର୍ଥ । ମୁଁ ସେହି ତ୍ୟାଗବ୍ରତ ଧାରଣ କରିଥିଲି; ମାତ୍ର ସେହି ପବିତ୍ର ବ୍ରତର ଗୌରବ ରକ୍ଷା କରି ପାରି ନାହିଁ । ସେହି ମହାବ୍ରତର ଚିହ୍ନ ଉପବୀତ ମୋର ପାପସ୍ପର୍ଶରେ ବ୍ୟର୍ଥ ସୂତ୍ରଗୁଚ୍ଛର ଭାର ମାତ୍ର ହୋଇଅଛି । ସାମାନ୍ୟ କଥାରେ ମୁଁ ବିଚଳିତ ହୋଇପଡ଼ିଲି, ତେବେ ମୋର ସଂଯମ କେଉଁଠାରେ ? ଏତେଦିନ ଶାସ୍ତ୍ରପାଠ କରି ଜ୍ଞାନ କଅଣ ହେଲା ? ମୋର ସେ ଶାସ୍ତ୍ରପାଠ ପ୍ରକୃତ ଶାସ୍ତ୍ରପାଠ ନୁହେଁ—ଶାସ୍ତ୍ରକୁ ଦର୍ଶନୀୟ ପଦାର୍ଥ ରୂପେ କେବଳ ପୃଷ୍ଠା ଓଲଟାଇ ଦେଖିଅଛି ସିନା ! ଆଖୁ କେଣ୍ଟୁଆର ବଳଦ ପରି ଖାଲି ଭାର ଟାଣିଅଛି; ମାତ୍ର ରସର ଆସ୍ୱାଦନ ପାଇନାହିଁ । ମୁଁ ନିଜକୁ ନିଜେ ପ୍ରତାରଣା କରିଅଛି, ଦୋଷ କାହାର ନୁହେଁ—ମୋର । ଶାନ୍ତିର ଅବତାର ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରି କ୍ରୋଧ-ରାକ୍ଷସକୁ ହୃଦୟରେ ପୋଷଣ-ଦ୍ୱାରା ମୁଁ ସେହି ପୁଣ୍ୟପାବନ କୁଳକୁ ଅପବିତ୍ର କରିଅଛି । କ୍ରୋଧ, ଲୋଭାଦି ରିପୁକୁ ଦମନ ନ କରି କେବେ କେହି ବ୍ରାହ୍ମଣ ହୋଇପାରେ ନାହିଁ । ହେ ଭଗବାନ୍, ଏ ଅଧମକୁ କ୍ଷମାକର । ସାଧନାପଥରୁ ଆଉ ଯେପରି ସ୍ଖଳନ ନ ଘଟେ, ଏହି ଆଶୀର୍ବାଦ କର ।" ନନ୍ଦେ ଏହିପରି ଅନୁତାପ କରି ଦୁଇ ହାତ ଯୋଡ଼ି ମସ୍ତକରେ ଲଗାଇ ଭଗବାନଙ୍କ ଉଦ୍ଦେଶ୍ୟରେ ଦଣ୍ଡବତ କଲେ । କିଛିକ୍ଷଣ ନୀରବ ରହି ପୁନଶ୍ଚ ସ୍ତ୍ରୀଙ୍କୁ କହିଲେ—"ଆଜି ଦେଖିଲ, ଆଜି କାହିଁକି ମୋର ଏପରି ଘଟିଲା । ମୋର ଘୃଣିତ ବ୍ୟବହାରରେ ମୁଁ ନିଜେ ଲଜ୍ଜିତ । ତୁମ୍ଭେ କି ଏପରି ବ୍ୟବହାର ମୋର କେବେ ଦେଖିଥିଲ ? ମୁଁ ଭାବୁଛି ସବୁ ଦୁର୍ଗ୍ରହର ଫଳ – ସବୁ ସେହି ଶନିସପ୍ତାର ଫଳ ।" ଶେଫାଳିକା ସ୍ୱାମୀଙ୍କର ଏହି ଅଦ୍ଭୁତ ଧାରଣାର କଥା ଶୁଣି କହିଲେ—"ସବୁବେଳେ ଯେ ତୁମ୍ଭେ ଶନିସପ୍ତା ଶନିସପ୍ତା ଭଜି ହେଉଛ, ଶନିସପ୍ତା କି ଆଉ କାହାକୁ ହୁଏ ନାହିଁ । ଏକା ତମକୁ ହୋଇଛି ? ସବୁ କଥାରେ ତମେ ଗ୍ରହର ଦୋଷ ଦିଅ କାହିଁକି ? ଗ୍ରହଗୁଡ଼ାକୁ ନିରାଶ ଦେଖୁଛ ନା କଅଣ ? ଘୋଡ଼ାରେ କଣ୍ଟା ଭୁଷିଲେ ଶନିସପ୍ତାର ଦୋଷ, ଲୁଗା ଚିରିଗଲେ ଶନିସପ୍ତାର ଦୋଷ, କୋଷ୍ଠ ପରିଷ୍କାର ନ ହେଲେ ବି ଶନିସପ୍ତାର ଦୋଷ, ସବୁ କଥାରେ ଶନିସପ୍ତାର ଦୋଷ, ତମେ ଏକା ନିର୍ଦ୍ଦୋଷ । କଥାରେ କହନ୍ତି—ଚିତ୍ତ ଦର୍ପଣ, ମନରେ ଯାହା ଭାବିବ ତାହା ଘଟିବ । ଶନିସପ୍ତାକୁ ଅମଙ୍ଗଳ ଭାବିଲେ ଅମଙ୍ଗଳ ହେବ । ତମେ ବୃଥା ନିଜର ଅମଙ୍ଗଳ ଚିନ୍ତା କର କାହିଁକି ?" ନନ୍ଦେ ଟିକିଏ ଅପ୍ରସ୍ତୁତ ହୋଇ କହିଲେ—"ଆଃ, ତମେ କଅଣ ବୁଝିବ, ଶନିରେ ଶୁକ୍ର ଅନ୍ତର—ଲୁଜା କଣା ଯୋଗ, ଏହାଠାରୁ ଆପଦ ଅଛି ? କହନ୍ତି ପରା— "କାଲ, କଣା, ଲୁଜା—ଏ ତିନିହେଁ ଅଲୁଝା ।" ଶେଫାଳିକା କିଞ୍ଚିତ ବିରକ୍ତ ହୋଇ କହିଲେ— "ଛଡ଼ା ତମ ଏବେ ତେଣିକି ଥାଉ, ବେଳ ଆସି ମୁଣ୍ଡ ଉପରେ ହେଲାଣି, ଗାଧୋଇ ଯାଅ, ଭାତତଣ୍ଡାକ ଶୁଖିଯାଉଛି ।" ଏହା କହି ସ୍ୱାମୀଙ୍କୁ ତେଲ ଆଣି ଦେଲେ । ନନ୍ଦେ ତେଲ ଲଗାଇ ଗାଧୋଇବାକୁ ଗଲେ ।

ନନ୍ଦେ ପୂଜା କରିସାରି ଭାତ ଖାଇବସିଲେ ଶେଫାଳିକା ଖଣ୍ଡେ ପଙ୍ଖା ଧରି ମାଛି ତଡ଼ିବାକୁ ଲାଗିଲେ । ଖାଉଁ ଖାଉଁ ନନ୍ଦଙ୍କର ଦୃଷ୍ଟି ଭାତ ଉପରେ ପଡ଼ିଗଲା । ଦେଖିଲେ, ସେଠାରେ ଅପକ୍ୱତ କଖାରୁ ଏବଂ ଆମ୍ବ ଥୁଆହୋଇଛି । ନନ୍ଦେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—"ଏହି ଯେ ଆମ୍ବ, କଖାରୁ ଥୁଆ ହୋଇଛି, ଏଠିକି କିଏ ଆଣିଲା ?" ଶେଫାଳିକା କହିଲେ—"ଶ୍ୱେର ଆଣି ଦେଇ ଗଲାଣି ।" ନନ୍ଦେ ମୃଦୁ ହସି କହିଲେ—"ତମେ ତୋଳି ଆଣି ରଖିଛ ।" ଶେଫାଳିକା କହିଲେ—"ନା, ମୁଁ ତୋଳି ନାହିଁ । ରାତିରେ ଶ୍ୱେର ତୋଳି ଦେଇ ଉପରେ ରଖିଯାଇଥିଲା । ମୁଁ ସକାଳେ ଦେଖି ଭେଳି ଅସିଲି । ତାହା ଶ୍ୱେରର

ନାମ ନୁହେଁ, ଭାଉଅଣୀ ଚଉଠୀ ଦିନ ଗାଳି ଖାଇବା ଲାଗି ଅନେକ ଲୋକ ଏହିପରି କରନ୍ତି । ସେଦିନ ଗାଳି ଖାଇଲେ ପରମାୟୁ ବଢ଼େ । ନନ୍ଦେ କହିଲେ—"ଆଚ୍ଛା ତାହା ଜାଣି ହେଲା, ଆଉ ଖାତାରେ ମୋତେ "ମହୁମାଛି" ବୋଲି ଲେଖିବାର କାରଣ କଅଣ ? ଶେଫାଳିକା କହିଲେ—"ତାହା ତୁମ୍ଭଙ୍କୁ ଚଲେଇବା ପାଇଁ । ତୁମ୍ଭେ କାହାରିକୁ ଗାଳି ଦିଅ ନାହିଁ ବୋଲି ସମସ୍ତେ ଜାଣନ୍ତି । ତୁମ୍ଭଠାରୁ କୌଶଳରେ ଗାଳି ଆଦାୟ କରିବା ସକାଶେ କିଏ ଥଟ୍ଟାରେ ସେଦେ ଛିଗରକଳା କଥା ଲେଖିଦେଇଛି । ତାହା ମନୁଷ୍ୟର କାର୍ଯ୍ୟ—ଖଳସପ୍ତାର କାର୍ଯ୍ୟ ନୁହେଁ ।" ଏହା ଶୁଣି ନନ୍ଦେ ହୋ ହୋ କରି ହସିଉଠିଲେ । ଶେଫାଳିକା ସୁଦ୍ଧା ସ୍ୱାମୀଙ୍କ ହାସ୍ୟରେ ଯୋଗ ଦେଲେ । ତୃପ୍ତି ଏବଂ ଉଲ୍ଲାସର ବାସନ୍ତ ବାୟୁ ଉଭୟ ହୃଦୟରେ ବହିଗଲା । ନନ୍ଦେ କୃତ୍ରିମ ଅଭିମାନ ପ୍ରକାଶ ପୂର୍ବକ ସ୍ତ୍ରୀଙ୍କୁ କହିଲେ—"ତମେ ଆଜି ମୋତେ ବଡ଼ ଅପ୍ରସ୍ତୁତ କଲ ।" ଶେଫାଳିକା କହିଲେ—"ନା, ଅପ୍ରସ୍ତୁତ କରି ନାହିଁ—କେଉଁ କାଳେ କରିବାର ଇଚ୍ଛା ମଧ୍ୟ ନାହିଁ, କେବେ ତୁମ୍ଭର ଧୈର୍ଯ୍ୟ ପରୀକ୍ଷା କରୁଥିଲି ମାତ୍ର ।" ପୁନଶ୍ଚ ହାସ୍ୟର ତୁମୁଳଧ୍ୱନି ଉଠିଲା, ନନ୍ଦଙ୍କର ଭୋଜନ ଶେଷ ହେଲା । ସେ ସ୍ତ୍ରୀଙ୍କୁ ଚାହିଁ କହିଲେ—"ଏ ଅମ୍ଭ-ଗ୍ରାମର ଜମିଦାର ବାବୁଙ୍କୁ ଦେଖ, ସେ ଅମ୍ଭକୁ ବଡ଼ ଭଲ ପାଆନ୍ତି । ଖୁସି ହୋଇ ଅମ୍ଭକୁ ମାଣେ କଣେ ଜମି ଦେଇପାରନ୍ତି, ତାଙ୍କ ପାଖରେ ଅନେକ ଦିନରୁ ମୋର ଏହି ପ୍ରାର୍ଥନା ଅଛି ।" ଶେଫାଳିକା ପଚାରିଲେ—"କେଉଁ ଦିନ ଅମ୍ଭ ନେଇ ଜମିଦାର ଘରକୁ ଯିବ ?" ନନ୍ଦେ କହିଲେ—"କାଲି କିମ୍ବା ପହରଦିନ, ନଚେତ୍ ତହିଁ ପରଦିନ ନିଶ୍ଚୟ; ଏଥିରେ ସନ୍ଦେହ ନାହିଁ ।" ଶେଫାଳିକା କହିଲେ—"ଅମ୍ଭ ପଛେ ଦେଇ ଆସ ଆଉ ଜମି କଅଣ ହେବ ? ଜମି ନାହିଁ ବୋଲି ଆମେ କଅଣ ଉପାସ ରହୁଛେଁ ? ଗଛମୂଳିଆ କାଣ୍ଡିଆଳମାନେ ଯେପରି ନିତି ଅଣି ନିତି ଖାଆନ୍ତି, ରବିବାର ଦିନ ଉପାସ ରହନ୍ତି, ଈଶ୍ୱର ତ ଅମ୍ଭକୁ ସେପରି କରି ନାହାନ୍ତି । ଆଉ ଜମି ସୁଖ ଅବା କରିବ କିଏ ?" ନନ୍ଦେ କହିଲେ—"ଜମି ବଖରା ହୋଇଯିବ, ଧାନ ଛଣ ଅଧେ ମିଳିବ । ପାଞ୍ଚବର୍ଷର ଧାନ ଜମିଲେ ଗୋଟାଏ ଅମାର କରି ରଖିବା, କାଳକାନ୍ତାର ପଡ଼ିଲେ ଆଉ ବାଧିବ ନାହିଁ ।" ଭାବୀ ସୌଭାଗ୍ୟ ଗଠନର ଏତେ-ବଡ଼ ବୁଦ୍ଧି ସ୍ୱାମୀଙ୍କ କ୍ଷୁଦ୍ର ମସ୍ତକରେ କିପରି ଧରିଲା, ଶେଫାଳିକା ତାହା ବୁଝିବାକୁ ଅକ୍ଷମ । ସୁତରାଂ ସେ ନୀରବ ରହିଲେ; ମାତ୍ର କାହିଁକି କେଜାଣି ସ୍ୱାମୀଙ୍କର ଏ ଉର୍ବର ବୁଦ୍ଧିରେ ତାଙ୍କର ମନ ପୂତ ହେଲା ନାହିଁ ।

# ଦ୍ୱିତୀୟ ପରିଚ୍ଛେଦ

ଏ ପରିଚ୍ଛେଦରେ ନନ୍ଦ ଦମ୍ପତିଙ୍କର କିଛି ପରିଚୟ ଦେବା ଆବଶ୍ୟକ । ପ୍ରତାପପୁର ଶାସନରେ ପ୍ରାୟ ପଚାଶ ଘର ଦାକ୍ଷୀୟ ବ୍ରାହ୍ମଣ ବାସ କରନ୍ତି । ଉତ୍କଳ-ସମ୍ରାଟ୍ ପ୍ରତାପରୁଦ୍ର ଦେବ ଏହି ଶାସନ ବସାଇଥିବାରୁ ତାଙ୍କର ନାମାନୁସାରେ ଶାସନର ନାମକରଣ ହୋଇଅଛି । ଏହା ନିବିଡ଼ ସନ୍ନିବିଷ୍ଟ ଜନପଦ ନୁହେଁ—ବିରଳବସତି ପଲ୍ଲୀଗ୍ରାମ । ଗୃହଗୁଡ଼ିକ ଶ୍ରେଣୀବଦ୍ଧ ନୁହେଁ, ଇତସ୍ତତଃ ଅବସ୍ଥିତ । ଶାସନଟି ବିଶୃଙ୍ଖଳ ଭାବରେ ଅବସ୍ଥିତ ହେଲେହେଁ ଅସୁନ୍ଦର ନୁହେଁ । ଗୁବାକ, ନାରିକେଳ ଶ୍ୟାମଳ, ଘନଛାୟାଚ୍ଛନ୍ନ ଉଦ୍ୟାନମଧ୍ୟସ୍ଥ ଗୃହଗୁଡ଼ିକ ତପସ୍ୟାଶ୍ରମ ପରି ରମଣୀୟ ଦିଶେ । ପ୍ରତି ଗୃହସମ୍ମୁଖରେ ଖଣ୍ଡିଏ ଖଣ୍ଡିଏ ସନ୍ଧ୍ୟାମଣ୍ଡପ ଅଛି । ସେଥିରେ ବିବାହ ବ୍ରତାଦି କିମ୍ବା ସମ୍ମିଳନ ହୁଏ ଏବଂ ଅନ୍ୟ ସମୟରେ ବ୍ରାହ୍ମଣ ବାଳକମାନେ ବିଦ୍ୟାଭ୍ୟାସ କରନ୍ତି । ପୂର୍ବରୁ ବୋଲା ଯାଇଅଛି—ଶାସନଟି ବିଶୃଙ୍ଖଳ ଭାବରେ ଅବସ୍ଥିତ; ମାତ୍ର ସେହି ବିଶୃଙ୍ଖଳତା ମଧ୍ୟରେ ଗୋଟାଏ ମଧୁର ଶାନ୍ତି ଏବଂ ବିଚିତ୍ର ଶୋଭା ଫୁଟିଉଠୁଅଛି । ଶୃଙ୍ଖଳିତ

ଶୋଭା ସୀମାବଦ୍ଧ; ମାତ୍ର ବିଶୃଙ୍ଖଳିତ ଶୋଭା ଅସୀମର । ସେଥିହେତୁ ସିନା ଉଦ୍ୟାନଠାରୁ ଅରଣ୍ୟ ସୁନ୍ଦର । ବିଶୃଙ୍ଖଳତା ଶୋଭାର ଗୌରବ ବୃଦ୍ଧି କରେ । ତାରକାରାଜି ଶୃଙ୍ଖଳିତ ହୋଇଥିଲେ ନୈଶ ଗଗନ ଏତେ ସୁନ୍ଦର ଦିଶନ୍ତା ନାହିଁ । ପୁଷ୍କରିଣୀରେ ଧାଡି ଧାଡି ହୋଇ ପଦ୍ମ ଫୁଟିଥିଲେ ସୌନ୍ଦର୍ଯ୍ୟର ଗଭୀରତା ନିଶ୍ଚୟ କ୍ଷୁଣ୍ଣ ହୋଇଥାନ୍ତା ।

ସାରଥି ନନ୍ଦ ପ୍ରତାପ ପୁର ଶାସନର ଜନୈକ ଅଧିବାସୀ । ବର୍ଣ୍ଣ ଉଜ୍ଜ୍ୱଳ ଗୌର, ବୟସ ପ୍ରାୟ ଅର୍ଦ୍ଧ-ଶତାବ୍ଦୀରୁ କିଛି ଅଧିକ । ନ ଯୁବା, ନ ପ୍ରୌଢ଼; କିନ୍ତୁ ହୃଷ୍ଟପୁଷ୍ଟ ଏବଂ ବଳିଷ୍ଠ । ମସ୍ତକର ଗଠନରେ ଟିକିଏ ବୈଚିତ୍ର୍ୟ ଅଛି । ଗୋଟାଏ ନଡ଼ିଆର କତା ଛଡ଼ାଇ ଟିକିଏ ଚୂଳ ରଖିଦେଲେ ଯେଉଁପରି ଦିଶେ, ନନ୍ଦଙ୍କର ସଚୂଳିକ ମସ୍ତକର ଶୋଭା ଠିକ୍ ସେହିପରି । ଚୂଳିକ କେଶର ଅସନ୍ନିବିନ୍ୟସ୍ତ, ତାହା ଚୂଳିକ ନୁହେଁ କି ପେଣ୍ଡାବାଳ ନୁହେଁ—ଏହି ଦୁଇଶ୍ରେଣୀର ମଧ୍ୟବର୍ତ୍ତୀ । ନାସିକା ସ୍ଥୂଳ, ଲମ୍ବ ଏବଂ ପକ୍ଷିଚଞ୍ଚୁ ପରି ଈଷତ ବକ୍ର । ନନ୍ଦେ ପୌରୋହିତ୍ୟଦ୍ୱାରା ଜୀବିକା ନିର୍ବାହ କରନ୍ତି । ଏହା ଛଡ଼ା ବିଦେଶରୁ କିଛି ଆୟ ମଧ୍ୟ ହୁଏ । ତାନ୍ତ୍ରିକ ପୂଜା ପଦ୍ଧତିରେ ତାଙ୍କର ବିଶେଷ ଦକ୍ଷତା ଅଛି । ତାଙ୍କ ପୂଜାରେ ଫଳ ମଧ୍ୟ ହୁଏ । ତାଙ୍କଦ୍ୱାରା ଦେବୀପୂଜା କରାଇ ରୋଗୀ ରୋଗମୁକ୍ତ ହୋଇଅଛି, ବନ୍ଧ୍ୟା ପୁତ୍ରବତୀ ହୋଇଅଛି ଏବଂ ମାମଲାବାଜ ମାମଲା-ଜୟୀ ହୋଇଅଛି । ଲୋକେ କହନ୍ତି—ଦେବୀ ତାଙ୍କର ବଶମ୍ବଦା । ତାଙ୍କର ପୂଜା ସମ୍ବନ୍ଧରେ ଅନେକ ଜନଶ୍ରୁତି ଅଛି । ଥରେ ଜଣେ ବଡ଼ଜମିଦାର ସଙ୍କଟ ପୀଡ଼ାରେ ଆକ୍ରାନ୍ତ ହେଲେ । ନାନା ଚିକିତ୍ସାରେ କିଛି ଫଳ ହେଲା ନାହିଁ, ପ୍ରତ୍ୟୁତଃ ପୀଡ଼ା ଉତ୍ତରୋତ୍ତର ବୃଦ୍ଧି ଲାଭ କଲା । ପରିଶେଷରେ ଜମିଦାରପରିବାର ଅନନ୍ୟୋପାୟ ହୋଇ ଶିବଙ୍କର ଶରଣାପନ୍ନ ହେଲେ । ନନ୍ଦଙ୍କଦ୍ୱାରା ଶିବପୂଜା ଆରମ୍ଭ ହେଲା । ନନ୍ଦେ ଶିବାଳୟ ମଧ୍ୟରେ ଏକାସନରେ ତିନିଦିନ ତିନିରାତି ବସି ଜପ କଲେ; ମାତ୍ର ଶିବଙ୍କର ଆଦେଶ ମିଳିଲା ନାହିଁ । କିନ୍ତୁ ନନ୍ଦେ ଛାଡ଼ିବାର ପାତ୍ର ନୁହନ୍ତି । ସେ କ୍ରମେ ଶମ୍ଭୁର କଠୋର ଜପରେ ନିଯୁକ୍ତ ରହିଲେ । ପାଞ୍ଚଦିନ ପରେ ଦେଖାଗଲା—ଶିବଙ୍କ ଶକ୍ତି ଫାଟି ଖଣ୍ଡ ଖଣ୍ଡ ହୋଇ ଯାଇଅଛି । ତହିଁ ପରଦିନ ଜମିଦାରଟି ବିଶ୍ୱଜମିଦାରଙ୍କ ଓ୍ୱାରେଣ୍ଟରେ ଧରା ହୋଇ ମହା-ବିଚାରାଳୟକୁ ନୀତ ହେଲେ । ଶିବ ତ ଆଉ ଅମଙ୍ଗଳ ବାର୍ତ୍ତା ମୁହଁରେ କହି ପାରିବେ ନାହିଁ; ସୁତରାଂ ସଙ୍କେତରେ ଦେଖାଇ ଦେଲେ । ଏ ଘଟଣା ଅନେକେ ସ୍ୱଚକ୍ଷୁରେ ଦେଖିଥିଲେ; ମାତ୍ର ସେମାନେ ବର୍ତ୍ତମାନ ଇହଲୋକରେ ନାହାନ୍ତି । ଏବେ ଜନଶ୍ରୁତି ଏ ଘଟଣାର ପ୍ରବଳ ସାକ୍ଷୀ ହୋଇ ରହିଅଛି ।

ଏହିପରି ଆଉ ଗୋଟିଏ ଜନଶ୍ରୁତି ଅଛି । ଜଣକର କରୋଗ ହେଲା, ତାହା କୌଣସି ବୈଦ୍ୟ ଚିହ୍ନି ପାରିଲେ ନାହିଁ । ନନ୍ଦଙ୍କୁ ପଚାରିବାରୁ ସେ କହିଲେ—"ମହାମାରୀ ପୂଜା କଲେ ନିଶ୍ଚୟ ରୋଗର ନାମ ଜଣାଯିବ ।" ଯଥା ସମୟରେ ପୂଜାର ଆୟୋଜନ ହେଲା । ଏକ ନିଃଶ୍ୱାସରେ କୂଅରୁ ଲୋଟାଏ ପାଣି କାଢ଼ି ଆଣିବା ସକାଶେ ନନ୍ଦେ ରୋଗୀକୁ ଆଦେଶ ଦେଲେ । ଆଦେଶ ପ୍ରତିପାଳିତ ହେଲା । ଲେଖନ, ତାଳପତ୍ର, ଘିଅଦୀପ, ସିନ୍ଦୂର ପ୍ରଭୃତି ପୂଜାର କେତେକ ଉପକରଣ ଆନୀତ ହେଲା । ନନ୍ଦେ ଲେଖନ ତାଳ-ପତ୍ରରେ ମହାମାରୀ ମନ୍ତ୍ର ରୋଗୀହାତରୁ ଲେଖାଇ ନେଇ ପୂଜାରେ ବସିଲେ । ପୂଜା ଶେଷରେ ସେହି ମନ୍ତ୍ର ଲେଖା ତାଳପତ୍ରରେ ସିନ୍ଦୂର ବୋଳି ତାକୁ ପୋଡ଼ି ଦେଲେ । ତହିଁପରେ ସେହି ପାଉଁଶକୁ ହାତରେ ଘଷି ରୋଗୀକୁ ପାଣି ଢାଳିବାକୁ କହିଲେ । ପାଣିରେ ପାଉଁଶ ହାତରୁ ଧୋଇଗଲା ପରେ ଦେଖାଗଲା, ହାତ ତଳିରେ ଲେଖା ହୋଇଅଛି—"ଏ ଦେବ ଉନ୍ମାଦ ବାତ ।" ଉନ୍ମାଦ ରୋଗର ଚିକିତ୍ସା କରିବାରୁ ରୋଗୀ ଭଲ ହୋଇଗଲା । ନନ୍ଦଙ୍କ ସମ୍ବନ୍ଧରେ ଏହିପରି ଅଦ୍ଭୁତ ଜନଶ୍ରୁତି ଶୁଣାଯାଏ । ସେ ଗ୍ରାମରେ ନିଜର ବିଦ୍ୟାବଳ ଦେଖାନ୍ତି ନାହିଁ । ଦୁଷ୍ଟ ମୂର୍ଖ ଲୋକେ ତାଙ୍କ ମିଥ୍ୟା ଦୁର୍ନାମ ଦଅନ୍ତି । କାହାର ଗାଈ ଦୁଧ ନ ଦେଲେ କହନ୍ତି—ନନ୍ଦ ହରିନେଇ ଗଲା । କେହି ଜ୍ୱରରେ କିମ୍ବା ଅନ୍ୟ କାରଣବଶତଃ ବାଉଳି ହେଲେ କହନ୍ତି—

ସାରଥି ନନ୍ଦ ବାଉଳା ସେଥିରୁ । ସ୍ୱଦେଶରେ ନନ୍ଦଙ୍କ ବିଦ୍ୟା ଗୋପନର ଏହାହିଁ କାରଣ ।

ନନ୍ଦଙ୍କ ଗୃହ ଗୋଟାଏ ବିରାଟ ପୁସ୍ତକାଗାର । ସେ ପ୍ରାୟ ବିଭିନ୍ନ ବିଷୟର ପାଞ୍ଚ ହଜାର ତାଳପତ୍ର ପୋଥି ସଂଗ୍ରହ କରି ରଖିଅଛନ୍ତି । କେଉଁଠାରେ ଖଣ୍ଡିଏ ପୁରୁଣା ପୋଥି ପାଇଲେ ସେ ଯେଉଁ ବିଷୟକ ହେଉପଛେ ତାହାକୁ ଉଦ୍ଧାରି ରଖନ୍ତି । ସେ ଜଣେ ନିପୁଣ ଲେଖକ । ଭାଗବତ, ରାମାୟଣ, ମହାଭାରତ, ହରିବଂଶ ପ୍ରଭୃତି ପୁରାଣଗ୍ରନ୍ଥ ସ୍ୱହସ୍ତରେ ଲେଖି ସେ ବିତରଣ କରନ୍ତି । ତାଙ୍କର ଏହି ବୟସ ମଧ୍ୟରେ ସେ ପ୍ରାୟ ପଚାଶ ଖଣ୍ଡ ପୋଥି ଲେଖି ବିତରଣ କରିଅଛନ୍ତି । ମାତୃଭାଷାର ସମୃଦ୍ଧି ବିଷୟରେ ତାଙ୍କର ଅସାଧାରଣ ଆଗ୍ରହ ପରିଲକ୍ଷିତ ହୁଏ । ସେ ଅନ୍ୟ ଭାଷାରୁ ଆଣି ନିଜ ଭାଷାର ଅଭାବ ପୂରଣ କରନ୍ତି । ଉତ୍କଳ ରାମାୟଣରେ ମହୀରାବଣ ଯୁଦ୍ଧ ନାହିଁ । ସେ ବଙ୍ଗଳା ପୁସ୍ତକରୁ ସେ ପ୍ରସଙ୍ଗର ଉତ୍କଳାନୁବାଦ କରି ଉତ୍କଳରାମାୟଣରେ ଯୋଗ କରିଅଛନ୍ତି । ସେ "କଳିଙ୍ଗ ରାମାୟଣ ନାମ ଦେଇ ସପ୍ତକାଣ୍ଡ ବିଶିଷ୍ଟ ଏକ ପ୍ରକାଣ୍ଡ ପୁସ୍ତକ ରଚନା କରିଅଛନ୍ତି । ତାଙ୍କ ମତରେ ଭାଷା ଯେତେ ବିଭକ୍ତିହୀନ ହେବ, ଭାବ ବିନିମୟ ଏବଂ ଅର୍ଥପ୍ରକାଶ ସେତେ ସହଜ ହେବ । ଏ ହେତୁ ସେ ବ୍ୟାକରଣର ଅତିରିକ୍ତ ରୂପଦେଇ ଭାଷାକୁ ପଙ୍ଗୁ କରିବାକୁ ଇଚ୍ଛା କରନ୍ତି ନାହିଁ । ଭାଷାର ଅଭିବୃଦ୍ଧିରେ ବ୍ୟାକରଣର ଅଭିବୃଦ୍ଧି ଏକାନ୍ତ ବାଞ୍ଛନୀୟ ବୋଲି ସେ ସ୍ୱୀକାର କରନ୍ତି । ନନ୍ଦେ ଜଣେ କିମ୍ବଦନ୍ତୀ ବ୍ରାହ୍ମଣ; ମାତ୍ର ରକ୍ଷଣଶୀଳ ପଣ୍ଡିତଦଳଭୁକ୍ତ ନୁହନ୍ତି । ମାଛ ମାଂସର କଥା ଦୂରରେ ଥାଉ, ପଞ୍ଜିକା ଲିଖିତ ତିଥି ବିଶେଷର ନିଷିଦ୍ଧ ପଦାର୍ଥ ସୁଦ୍ଧା ଭୋଜନ କରନ୍ତି ନାହିଁ । ସେ ଯେପରି ଶାନ୍ତ, ସେହିପରି ସଂଯତ ଏବଂ ସଚ୍ଚରିତ୍ର; ମାତ୍ର କ୍ରୋଧ ସମୟରେ ଆତ୍ମ ସମ୍ବରଣ କରିପାରନ୍ତି ନାହିଁ । ସେତେବେଳେ ସେ ପାଗଳ ପରି ଅସଂବଦ୍ଧ ପ୍ରଳାପ କରନ୍ତି ଏବଂ ହିତାହିତ ଜ୍ଞାନ-ବର୍ଜିତ ହୁଅନ୍ତି; କିନ୍ତୁ ତାହା କ୍ଷଣିକ । କୋପଶାନ୍ତି ପରେ ଅନୁଶୋଚନାରେ ତାଙ୍କର ହୃଦୟ ଦଗ୍ଧ ହୋଇ-ଯାଏ । ସେ ନିଜକୁ ଧିକ୍କାର କରନ୍ତି । ପଶ୍ଚାତ୍ତାପରେ ସେ ଦୁର୍ବାସାଙ୍କ ପରି କ୍ଷଣକୋପୀ ନୁହନ୍ତି । ଆକାଶରେ ଧୂମକେତୁର ଉଦୟ ପରି ପାଞ୍ଚବର୍ଷ ଛଅବର୍ଷ ପରେ କ୍ୱଚିତ ତାଙ୍କର କ୍ରୋଧୋଦ୍ରେକ ହୁଏ । ସେତେବେଳେ ସେ ଅସମ୍ଭାଳ । ତାଙ୍କର କ୍ରୁଦ୍ଧ ମୂର୍ତ୍ତି ପାଠକ ପୂର୍ବ ପରିଚ୍ଛେଦରେ ଦେଖିଅଛନ୍ତି । ଏହି କ୍ରୋଧ ଟିକକ ତାଙ୍କ ସ୍ୱଚ୍ଛ ସ୍ୱଭାବର ମସୀବିନ୍ଦୁ । ନନ୍ଦେ ଖୁବ୍ ପରିହାସପ୍ରିୟ । ସେ ଯେପରି ନକଲିଆ କଥା କହନ୍ତି, କୌଣସି ହାସ୍ୟ-ନିପୁଣ ବିଦୂଷକ ବା ପରଗୁରୁ ଦେବ ସୁଦ୍ଧା ସେପରି କହି ପାରିବ ନାହିଁ ।

ଶେଫାଳିକା ନନ୍ଦଙ୍କର ଉପଯୁକ୍ତ ସହଧର୍ମିଣୀ । ଦମ୍ପତି ଯୁଗଳର କେବଳ ଦେହଭିନ୍ନ; ମାତ୍ର ଆଉ କିଛି ଭିନ୍ନ ନୁହେଁ । ଉଭୟେ ଯେମନ୍ତ ଉଭୟର ପ୍ରତିଧ୍ୱନି । ଶେଫାଳିକା ଉପନ୍ୟାସ ବର୍ଣ୍ଣିତ ଅପ୍ସରା ଗଞ୍ଜିତ ରାଜକନ୍ୟା ପରି ଅତୁଳ ଦେହ ସୌନ୍ଦର୍ଯ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରିଣୀ ନ ହେଲେହେଁ ଅସୁନ୍ଦରୀ ନୁହନ୍ତି କିମ୍ବା ତାଙ୍କୁ ସୁନ୍ଦରୀ ବୋଲି କହିଲେ କୌଣସି ସୁନ୍ଦରୀର ମାନହାନିର ଆଶଙ୍କା ନାହିଁ । ଶେଫାଳିକା ବିଦୁଷୀ ଏବଂ ସ୍ୱାମୀସୋହାଗିନୀ । ତାଙ୍କର ପିତା ସାର୍ବଭୌମ ଉପାଧିଧାରୀ ମହାପଣ୍ଡିତ । ଏହି କନ୍ୟାଟି ବ୍ୟତୀତ ତାଙ୍କର ଅନ୍ୟ ସନ୍ତତି ନାହିଁ । ଶେଫାଳିକାର ଜନ୍ମ ସମୟରେ ସେ ନବଜାତ କନ୍ୟାର ସୁକୁମାର ରୂପମାଧୁରୀ ଦେଖି ଅତି ଆନନ୍ଦରେ କହିଥିଲେ—"ଏ ଶୁଭ୍ର ସୌରଭମୟ ପବିତ୍ର ଶେଫାଳିକା ଫୁଲଟି ଦେବପୂଜାର ଉପଯୁକ୍ତ ।" ସେହି କନ୍ୟାର ନାମ ଶେଫାଳିକା ରଖାଯାଇଅଛି । ଶେଫାଳିକାର ପିତୃଗୃହ ମହାନଦୀର ତୀରବର୍ତ୍ତୀ କୌଣସି ଗ୍ରାମରେ ଥିଲା । ମହାନଦୀର ପ୍ରଚଣ୍ଡ କ୍ଷୁଧା ବହୁଦିନରୁ ଗ୍ରାମଟିକୁ ଗ୍ରାସ କରିଅଛି ତଥା ଗ୍ରାମର ନାମଟି ସୁଦ୍ଧା ସର୍ବଧ୍ୱଂସୀ କାଳର କରାଳ ଉଦରରେ ସମାଧିସ୍ଥ ହୋଇଅଛି । ସାର୍ବଭୌମ ମହାଶୟ ପୁତ୍ରସନ୍ତାନ ଅଭାବରେ କନ୍ୟାଟିକୁ ସଂସ୍କୃତ ଶିକ୍ଷା ଦେଇଥିଲେ । ଶେଫାଳିକା ସଂସ୍କୃତ କାବ୍ୟ ନାଟକାଦିର ବ୍ୟାଖ୍ୟା ଏବଂ ଅର୍ଥ ସୁନ୍ଦରରୂପେ କରି ପାରୁଥିଲେ । ସେ ରୂପବତୀ, ଗୁଣବତୀ ଏବଂ ଭାଗ୍ୟବତୀ । ନନ୍ଦେ ଏ ଭଳି ସାଧ୍ୱୀ, ସଚ୍ଚରିତ୍ରା ସ୍ତ୍ରୀରତ୍ନ ପାଇ ନିଜକୁ

ଭାଗ୍ୟବାନ୍ ମଣିଥିଲେ । କିନ୍ତୁ ଶେଫାଳିକା ସର୍ବଦା ନିରାନନ୍ଦା, ଯେମନ୍ତ କି, କି ଗୋଟାଏ ଦାରୁଣ ଚିନ୍ତାର ଉତ୍ତାପ ତାଙ୍କ ସୌମ୍ୟ ମୁଖର ମାଧୁରୀ ଶୋଷି ନେଇଥିଲା । ତାଙ୍କର ଦୁଃଖ ଏତିକି ଯେ, ସେ ବନ୍ଧ୍ୟା । ସ୍ତ୍ରୀମାନଙ୍କର ବନ୍ଧ୍ୟା ହେବାଠାରୁ ବଳି ଦୁଃଖ ନାହିଁ ତଥା ଜନନୀ ହେବାଠାରୁ ବଳି ସୁଖ ନାହିଁ । ମାତା ହେବାକୁ କେଉଁ ସ୍ତ୍ରୀର ଅଭିଳାଷ ନୁହେଁ ? ଜନନୀତ୍ୱରେ ନାରୀର ପୂର୍ଣ୍ଣ ବିକାଶ । ମାତୃତ୍ୱ ନାରୀର ଗୌରବ ସମ୍ପଦ । ତାହା ବିନା କୋଟିକୁବେର ସମ୍ପତ୍ତି ତାହା ନେତ୍ରରେ ତୁଚ୍ଛ । ବନ୍ଧ୍ୟାର ଜୀବନ ଚିର ହାହାମୟ । ସନ୍ତାନହୀନା ନାରୀ ନିଜର ଜୀବନକୁ ବିଫଳ ଏବଂ ଦୁର୍ବହ ମଣେ । ତାହାର ପ୍ରାଣରେ ଆନନ୍ଦ,ହୃଦୟରେ ଶାନ୍ତି ବା ମନରେ ସୁଖ, କିଛି ନ ଥାଏ । ସଂସାର ତାହା ପକ୍ଷରେ ବିଷମୟ ଏବଂ ଶୂନ୍ୟ ଅରଣ୍ୟ ତୁଲ୍ୟ । ଦଗ୍ଧ ମରୁଭୂମିରେ ମୃଗିଣୀ ପ୍ରାୟ ସେ ଖାଲି ଛଟପଟ ହୁଏ ଏବଂ ଜୀବନକୁ ଜୀବନ୍ତ ମରଣ ଜ୍ଞାନ କରେ । ଶେଫାଳିକାର ଏ ମନୋବେଦନା ଦୂର କରିବ କିଏ, ତାହାର ପ୍ରାଣର ଖର ଉଚ୍ଛ୍ୱାସ କରିବ କିଏ , ତାହାର ଅଶ୍ରୁମଗ୍ନ ନେତ୍ରରେ ତୃପ୍ତିର ବିଦ୍ୟୁଦ୍ଦୀପ୍ତି ଆଣିବ କିଏ —ପୁତ୍ର ନା ଯମ ?

ନନ୍ଦଙ୍କର ଘରକୁ ଗୃହସ୍ଥ ସ୍ତ୍ରୀ ଦୁଇ ପ୍ରାଣୀ । ଶେଫାଳିକା ନିପୁଣା ଗୃହିଣୀ । ତାଙ୍କର ମଙ୍ଗଳ ହସ୍ତ ସ୍ପର୍ଶରେ ଗୃହଶ୍ରୀ ଉଜ୍ଜ୍ୱଳତର । ତାଙ୍କର ହସ୍ତ ପତି-ସେବାରେ ପବିତ୍ର । ବ୍ରତ, ଉପବାସାଦିରେ ଅଧେ ଦିନ ତାଙ୍କର ଅନାହାରରେ କଟେ । ସବୁ ଦେବଦେବୀଙ୍କ ନିକଟରେ ତାଙ୍କର ଏକ ଭିକ୍ଷା, ବ୍ରତ ଉପବାସର ସୁଦ୍ଧା ଲକ୍ଷ୍ୟ ଏକ । ତାଙ୍କର କାତର ଭିକ୍ଷା, ତାଙ୍କ ପ୍ରାଣର ବ୍ୟାକୁଳ ବାସନା ଦେବତାଙ୍କ ସିଂହାସନ ଟଳାଇ ପାରେନାହିଁ । କିନ୍ତୁ ବନ୍ଧ୍ୟା ନାରୀ ଆଶାରୁ ବଞ୍ଚିତ ହୁଏ ନାହିଁ । ଦେବତା ଦୁଃଖୀର ଗୁହାରି ଶୁଣନ୍ତି, ଏହା ହିନ୍ଦୁରମଣୀର ବହୁଯୁଗର ବହୁ ଜନ୍ମର ସଂସ୍କାର । ସୁତରାଂ ସେ ଆଶା ପୋଷଣରୁ ବଞ୍ଚିତ ହେବ କାହିଁକି ? ଦେବତା ପ୍ରତି ଅଟଳ ବିଶ୍ୱାସ ଏବଂ ପତି ଦେବତାଙ୍କ ସେବାକୁ ଶେଫାଳିକା ସାଫଲ୍ୟ ଲାଭର ସୁବର୍ଣ୍ଣ ସୋପାନ ସ୍ୱରୂପ ଜ୍ଞାନ କରନ୍ତି । ସେ ନିଜକୁ ପତିଙ୍କର ସଙ୍ଗିନୀ ନ ମଣି ସେବାଦାସୀ ମଣନ୍ତି । ଏ ପବିତ୍ର ଭାବ ଆର୍ଯ୍ୟନାରୀ ବ୍ୟତୀତ ଅନ୍ୟ ଜାତୀୟା ନାରୀର ସ୍ୱଭାବସୁଲଭ ନୁହେଁ । ଆର୍ଯ୍ୟନାରୀ ପ୍ରାଣରେ ଏହି ପୁଣ୍ୟ ଦେବୀତ୍ୱର ଅଛି ବୋଲି ଆର୍ଯ୍ୟସମାଜ ଜଗତରେ ଆଦର୍ଶ ଏବଂ ଗୌରବଶତ । ପିତେଇ ଗଉଡୁଣୀ ନନ୍ଦଙ୍କ ଘରେ ଅନେକ କାମ କରେ । ବାସନ ମଜା, ବାସିପାଇଟି, ଗୋରୁ ସେବା, ପାଣି ଅଣା ପ୍ରଭୃତିରେ ପିତେଇର ଏକାଧିପତ୍ୟ । ସେ ଦୁଇ ଓଳି ନନ୍ଦଙ୍କ ଘରେ ଖାଏ; ମାତ୍ର ରାତିରେ ଯାଇଁ ତା ନିଜ ଘରେ ଶୁଏ । ଶେଫାଳିକା ତାକୁ ପ୍ରାଣର ସହିତ ଭଲ ପାଆନ୍ତି । ସେ ମଧ୍ୟ ପ୍ରଭୁ ଏବଂ ପ୍ରଭୁପତ୍ନୀଙ୍କ ମନ ଯୋଗାଇ କାମ କରେ ।

ପିତେଇର କେହି ନାହିଁ, ସେ ବାଳବିଧବା । ନନ୍ଦଙ୍କ ଘରେ ଦୁଃଖଧନ୍ଦା କରି ଖାଏ । ବର୍ତ୍ତମାନ ସେ ପୂର୍ଣ୍ଣ ଯୁବତୀ । ବର୍ଣ୍ଣ କୃଷ୍ଣ,କେବଳ କୃଷ୍ଣ ନୁହେଁ—ଗାଢ, ଗାଢତର,ଗାଢତମ କୃଷ୍ଣ । ବୋଧହୁଏ ବିଧାତା ଜଗତର ସବୁ କଳ ପଦାର୍ଥରୁ ସାର କଳା ଆଣି ଶ୍ରୀମତୀ ପିତେଇ କଳାବତୀଙ୍କ ଶ୍ରୀଅଙ୍ଗ ନିର୍ମାଣ କରିଛନ୍ତି । ଯାହାହେଉ ଏବେ ସେ ଯୌବନ ରାଜାଙ୍କର ଖଣ୍ଡିଏ କୃଷ୍ଣ ଶିଳା-ବେଦୀ । ଶରୀରରେ ସୌନ୍ଦର୍ଯ୍ୟର ଛାୟାପାତ ସୁଦ୍ଧା ନାହିଁ; ତଥାପି ସେ କଳି କରିବାବେଳେ ପ୍ରତିଯୋଗିନୀକୁ କହେ—"ତୁ କଅଣ ମୋଠାରୁ ବେଶୀ ସୁନ୍ଦରୀ ? ମୁହଁଟି ଅନେକ ପରିମାଣରେ ଶୂକର ମୁଖାକୃତି । ନାକ ତଳେ ଗଜା ନିଶ ଭଳି ଗୋଟାଏ ଲୋମରେଖା ଅଛି । ପିତେଇ ଲକ୍ଷଣଖଣ୍ଡୀ, ତାହା ଓଷ୍ଠର ବାମପାର୍ଶ୍ୱ ନାକ ପର୍ଯ୍ୟନ୍ତ ଚିରିଯାଇ ଲେଉଟି ପଡ଼ିଅଛି । ଠିକ୍ ସେହି ସ୍ଥାନରେ ଗୋଟାଏ ଦାନ୍ତ ଉପରକୁ ଠିଆ ହୋଇଅଛି । କେହି କେହି କହନ୍ତି—"ପିତେଇ ତ୍ରେତାଯୁଗର ଲଙ୍କାବାସିମାନଙ୍କ ବଂଶଧାରିଣୀ ନ ହେଲେହେଁ ସେହି ଜାତୀୟା ।" କେହି କହେ—"ସେ ପ୍ରେତ-ରାଜ୍ୟର ସୁନ୍ଦରୀ ।" ମାତ୍ର ଅନେକେ ତାକୁ "ଅଡଙ୍ଗା କାଠ" ବୋଲି କହନ୍ତି । ସେ ଯାହା କହୁ; କିନ୍ତୁ

ସେହି ଅସୁନ୍ଦର ଦେହ ଭିତରେ ସଙ୍ଗୋପନରେ ଯେଉଁ ସୁନ୍ଦରର ସ୍ରୋତ ବହୁଥିଲା, ସେହି ଅଡଚଣା କାଠ ମଧ୍ୟରେ ସ୍ନେହ, ପ୍ରେମର ଯେଉଁ ବିମଳ ପବିତ୍ର ଅମୃତ-ଧାରା ପ୍ରବାହିତ ହେଉଥିଲା, ତାହା ଅତୁଳନୀୟ । ଶିଳା ଅନ୍ତରାଳରେ ଶୀତଳ ନିର୍ଝର ଲୁକ୍‌କାୟିତ ଥିଲାପରି ନାରୀସୁଲଭ କୋମଳବୃତ୍ତି ତାହା ପ୍ରାଣ ମଧ୍ୟରେ ଉଚ୍ଛ୍ୱସିତ ହେଉଥିଲା । ଦେହସୌନ୍ଦର୍ଯ୍ୟ ନେତ୍ରର ପ୍ରୀତି ସମ୍ପାଦନ କରିପାରେ; ମାତ୍ର ପ୍ରାଣର ପୁଲକ ସଞ୍ଚାର କରିପାରେ ନାହିଁ; ସୁତରାଂ ଯାହାର ଶରୀର ସୁନ୍ଦର ସେ ସୁନ୍ଦର ନୁହେଁ । ଯାହାର ସ୍ୱଭାବ ସୁନ୍ଦର, ସେହି ଏକା ବାସ୍ତବରେ ସୁନ୍ଦର । ପିତେଇ କଳି କରେ; ମାତ୍ର ଭିତର ସୁନ୍ଦରୀରସନାସୁଲଭ ତୀବ୍ର ବିଷ ତାହା ରସନାରୁ ନିଃସୃତ ହୁଏ ନାହିଁ । ଗ୍ରାମର ପ୍ରତ୍ୟେକ ନରନାରୀଙ୍କୁ ସେ ଗୋଟାଏ ଗୋଟାଏ ସମ୍ପର୍କ ଧରି ଡାକେ । ସୁତରାଂ ତାହାର କେହି ନ ଥିଲେ ସୁଦ୍ଧା ଗ୍ରାମରେ ତାହାର ବାପ, ଭାଇ, ମଉସା, ପିଉସା, ମାମୁ, ଅଜା, ମା, ଅପା, ମାଉସୀ, ଖୁଡ଼ୀ ପ୍ରଭୃତିର ଅଭାବ ନଥିଲା । ସେ ବିନା ଆହ୍ୱାନରେ ପ୍ରତିବେଶୀ-ମାନଙ୍କର କାମ କରିଦିଏ, ପୀଡ଼ିତର ଶୁଶ୍ରୂଷା କରେ; ମାତ୍ର ପାରିଶ୍ରମିକ ଯାଚିଲେ ଜିହ୍ୱା ଦଂଶନପୂର୍ବକ କହେ—"ଏଁ, ଟିକିଏ ଉପକାର କଲି ବୋଲି ପଇସା ନେବି । ଉପକାରକୁ ବିକି ଖାଇଲେ ଅଧର୍ମ ହେବ ନାହିଁ ?" ପଲ୍ଲୀରମଣୀମାନେ ଲେଖାପଢ଼ା ନ ଜାଣିଲେ ସୁଦ୍ଧା ଅଶିକ୍ଷିତା ନୁହନ୍ତି । ବହୁ ଅତୀତ ଯୁଗର ପ୍ରାଚୀନ ସଭ୍ୟତା ସେମାନଙ୍କ ରକ୍ତମାଂସରେ ମିଶି ରହିଛି । ସତ୍ୟ, ନ୍ୟାୟ ଏବଂ ଧର୍ମର ସୂକ୍ଷ୍ମ ମର୍ମ ସେମାନେ ଜାଣନ୍ତି । ପିତେଇ ନନ୍ଦଙ୍କୁ "ଗୋସାଇଁ ଠାକୁରେ" ଏବଂ ଶେଫାଳିକାଙ୍କୁ "ମା ଠାକୁରାଣୀ" ବୋଲି ଡାକେ । ପିତେଇ ଦେହରେ ସାମାନ୍ୟ ଭେଟେଖଣ୍ଡ ଅଳଙ୍କାର ଅଛି । ସୌନ୍ଦର୍ଯ୍ୟବୃଦ୍ଧି ସକାଶେ ନୁହେଁ—ବିପଦ ବା ଅଭାବବେଳେ କାର୍ଯ୍ୟରେ ଆସିବ ବୋଲି ସେ ତାହା ଧାରଣ କରିଅଛି । କିନ୍ତୁ ଅଳଙ୍କାର-ଗୁଡ଼ିକ ବଡ଼ ଅପ୍ରସନ୍ନ । ସେମାନେ ଅଳଙ୍କାରଧାରିଣୀର ସୌନ୍ଦର୍ଯ୍ୟ ବଢ଼ାଇବେ କଅଣ, ନିଜର ସୌନ୍ଦର୍ଯ୍ୟ ହରାଇ ବସିଅଛନ୍ତି । ପିତେଇ ବେଳେ ବେଳେ ବର ବର ହୁଏ; ମାତ୍ର ଶେଫାଳିକା ହାତରୁ ଛଡ଼ାଇ ପାଇଛି କରେ ବୋଲି ସେ କିଛି କହନ୍ତି ନାହିଁ । ମନେ ମନେ ଭାବନ୍ତି—"ଗାଈ ଦୁଧ ଦେଲେ ନାତମରି ବାଧେ ନାହିଁ ।"

ନନ୍ଦଙ୍କର ଗୋଏ ଗଳଗ୍ରହ ଥିଲା; ମାତ୍ର କିଛିଦିନ ହେଲା ସେ ଆପଦ ଦୂର ହୋଇଅଛି । ସେ ନନ୍ଦଙ୍କର ମାଉସୀପୁଅ ଭାଇ କପିଳ ଦୀକ୍ଷିତ । କପିଳ ପଢ଼ିବା ସକାଶେ ନନ୍ଦଙ୍କ ଘରେ ଥିଲା; ମାତ୍ର ସାତବର୍ଷ କାଳ ପରୀକ୍ଷା ଦେଇ ପ୍ରଥମ ବ୍ୟାକରଣରେ ପାସ କରି ପାରିଲା ନାହିଁ । ସେ ନିରାଲମ୍ବ ଭାବରେ ଜୀବନ ଅତିବାହନ ଛଡ଼ା ଆଉ କିଛି କରେ ନାହିଁ । ଏକାବେଳକେ ସେ କିଛି କରେନାହିଁ, କେବଳ ହାତ ଗୋଡ଼ ଯୋଡ଼ି ବସି-ଥାଏ, ତାହା ନୁହେଁ । ସେ ଖୁବ୍ ମଉଜ କରେ, ପଢ଼ାଶୁଣାରେ ଅବହେଳା କରେ, ପ୍ରତିବର୍ଷ ପରୀକ୍ଷାରେ ନିଜକୁ ଫେଲ କରେ, ପଶା ଖେଳେ, ଭାଙ୍ଗ ଖାଏ, ଖବରକାଗଜରେ ଅଦ୍ଭୁତ ସମ୍ବାଦ ଲେଖି ଦେଶୋଦ୍ଧାର କରେ, ଏହିପରି କେତେକ ଆନ୍ଦୋଳନକର କାର୍ଯ୍ୟ କରେ; କିନ୍ତୁ ପରୀକ୍ଷକଗୁଡ଼ାକ ଏଡ଼େ ହିଂସୁକ ଯେ, ନମ୍ବରେ ଦୁଇ ନମ୍ବର ପାଇଁ ଏଭଳି କର୍ମପ୍ରାଣ ଛାତ୍ରକୁ ଫେଲ କରିଦିଅନ୍ତି । ଯାହାହେଉ ମା ସରସ୍ୱତୀଙ୍କ ସଙ୍ଗରେ ତାହାର ଅପଡ଼ ହେବାରୁ ସେ ତାଙ୍କ ଆରାଧନା ଛାଡ଼ି ଘରଠାରେ ପରାଶର ଋଷି ପ୍ରଣୀତ ଶାସ୍ତ୍ର ଅଧ୍ୟୟନ କରୁଅଛି । ଏଣିକି ସେ ପୋଥିପତ୍ର ଅଗ୍ନି ଦେବଙ୍କୁ ସମର୍ପଣପୂର୍ବକ କୋଣ ଡାବରେ ପକାଇ ବଳକୁ ଦିବ । ତାହାର ଯାହା ହେଉ; ମାତ୍ର ନନ୍ଦେ ତାହା ଦାୟିତ୍ୱ ବୋଝ ବୋହିବାରୁ ନିଷ୍କୃତି ପାଇଲେ । ତଥାପି ବେଳେ ବେଳେ ଦୁଃଖ କରି କହନ୍ତି—"ଟୋକାଟା ଏତେ ପାଠ ପଢ଼ିଥାଇ ପଢ଼ିଥାଇ ଫେଲ୍ ହୋଇଗଲା । ଏତେ ଖୋଇଲା ପେଇଲା; ମାତ୍ର ଯଶ ପୌରୁଷ କଡ଼ାକର ବି ମିଳିଲା ନାହିଁ । ଏସବୁ ଶନିସପ୍ତାର ଫେର, ଆଉ କିଛି ନୁହେଁ ।"

# ତୃତୀୟ ପରିଚ୍ଛେଦ

ନନ୍ଦେ ଭେଲଭେଟ୍ ଖଟ ଉପରେ ଚିତ୍ ହୋଇ ପଡ଼ି ବିଶ୍ରାମ କରୁଅଛନ୍ତି । ଶେଫାଳିକା ପାଖରେ ବସି ଖଣ୍ଡେ ପଙ୍ଖା ଧରି ସ୍ୱାମୀଙ୍କୁ ବିଞ୍ଚି ଦେଉଅଛନ୍ତି । ନାନା ବିଷୟର କଥାବାର୍ତ୍ତା ବିଶୃଙ୍ଖଳ ଭାବରେ ଚାଲିଅଛି; ମାତ୍ର ସ୍ନେହରର କରଣୀ ନନ୍ଦେଙ୍କ ମନରୁ ପାଶୋରି ଯାଇ ନାହିଁ । ସେ ହସିଉଠି କହିଲେ—"ସ୍ନେହରକଥା ମତେ ଭାରିଙ୍କା ଲାଗିଛି । ସ୍ନେହର ଭିତରେ କି ଅଦ୍ଭୁତ ଏଭଳି ଭଦ୍ରଲୋକ ଅଛନ୍ତି ?" ଶେଫାଳିକା କହିଲେ—"ହଁ, ସେ ସାଧୁସ୍ନେହର ।" ନନ୍ଦେ ଉଚ୍ଚହାସ୍ୟରେ ଗୃହ କମ୍ପିତ କରି କହିଲେ—"ଠିକ୍ ଠିକ୍, ସେ ସାଧୁସ୍ନେହର । ସେ ଧାର୍ମିକ, ନିର୍ଲୋଭ ଓ ପରୋପକାରୀ । ସେଭଳି ସ୍ନେହର ହାତରେ ସର୍ବସ୍ୱ ସମର୍ପି ଦେଇ ନିଶ୍ଚିନ୍ତ ରହିବାକୁ କାହାର ଇଚ୍ଛା ନ ହେବ ? ସେପରି ସ୍ନେହର ସଂଖ୍ୟା ଗ୍ରାମରେ ଯେତେ ବଢ଼ିବ, ସେତେ ମଙ୍ଗଳ । ସେ ବାହାଦୁର ସ୍ନେହରକୁ ସର୍କାରରୁ "ସ୍ନେହର ବାହାଦୁର" ଉପାଧି ମିଳିବା ଉଚିତ ।" ଶେଫାଳିକା ସେ କଥାରେ ମନ ନ ଦେଇ ସ୍ୱାମୀଙ୍କୁ କହିଲେ—" ଆଚ୍ଛା, ତମେ ଯେ ଜମି କରିବାକୁ କହୁଛ, ଜମି କିଏ ଭୋଗ କରିବ ?" ନନ୍ଦେ ଦେଖିଲେ, ବନ୍ଧ୍ୟାନାରୀର ନେତ୍ରଦ୍ୱୟ ବ୍ୟଥାରେ ଛଳଛଳ ଏବଂ ତାହାର ଦୃଷ୍ଟି ଉଦାସ ଓ ଅର୍ଥଶୂନ୍ୟ । ସ୍ତ୍ରୀଙ୍କର ଏହି କ୍ଷୁଦ୍ର ପ୍ରଶ୍ନଟି ଭିତରେ କେତେ ମର୍ମପୀଡ଼ା, କେତେ ଯନ୍ତ୍ରଣା ଲୁଚି ରହିଅଛି, ତାହା ଜାଣିବାକୁ ଅଧିକ ବିଳମ୍ବ ହେଲା ନାହିଁ । ସହଧର୍ମିଣୀଙ୍କ ମନର ଭାବ ତାଙ୍କ ମୁଖ ଏବଂ ଚକ୍ଷୁରେ ପ୍ରକାଶ ପାଇଲା । ସେ କରୁଣ-କାତର ଦୃଷ୍ଟିରେ କି ଗଭୀର-ବ୍ୟଥା ମୁଦ୍ରିତ ଅଛି, ତାହା ପାଠକରି ତାଙ୍କର କଠୋର ପୁରୁଷହୃଦୟ ଦୁଃଖରେ ଆଲୋଡ଼ିତ ହେଲା; ମାତ୍ର ସେ ଭାବ ଗୋପନ କରି କହିଲେ—"କଅଣ କହୁଛ, ଜମି କିଏ ଭୋଗ କରିବ ? କି, ଆମ ପେଟ କଅଣ ଧୋବା ଘରେ ପଡ଼ିବ ? ନିଜ ପାଇଁ ତ ସଞ୍ଚୟ କରିବା ଦର-କାର । କହନ୍ତି ପରା, ଯେତେ କ୍ଷଣ ଶ୍ୱାସ, ସେତେ କ୍ଷଣ ଆଶ୍ । ସେଥିଲାଗି ସବୁ କରିବାକୁ ହେବ । ପେଟ ତ ଆଉ ଫିଙ୍ଗିଦେବା ପଦାର୍ଥ ନୁହେଁ ।" ଶେଫାଳିକା କହିଲେ—'ନା, ପେଟ ଫିଙ୍ଗିଦେବାକୁ ମୁଁ କହୁନାହିଁ, ଖାଲି ଏତିକି କହୁଛି ଯେ, "ଯଦି ଗୋଟା ଲେଙ୍ଗଡ଼ା ହୋଇ ଖଣ୍ଡେ ଥାଆନ୍ତା !" କହୁଁ କହୁଁ ତାଙ୍କର ଆଖିଯୋଡ଼ିକ ଅଶ୍ରୁରେ ବୁଡ଼ିଗଲା । କଣ୍ଠସ୍ୱର ଆର୍ଦ୍ର ହୋଇ ଭାରିହୋଇ ଉଠିଲା । ଦୁଃଖ ଯେପରି ତାଙ୍କର ସର୍ବାଙ୍ଗ ଫୁଟି ବାହାରି ପଡ଼ିଲା । ସେ ଖାଲି ଧଇଁର ହେଲେ; ମାତ୍ର କାନ୍ଦି ପାରିଲେ ନାହିଁ । ସେ କାନ୍ଦି ପାରିଲେ ନାହିଁ; କିନ୍ତୁ ତାଙ୍କର ହୃଦୟ କାନ୍ଦିଉଠିଲା, ଅଣୁ ପରମାଣୁ ସୁଦ୍ଧା କାନ୍ଦିଉଠିଲେ । ଦେହ ଘନ ଘନ ଝାଙ୍କେଇ ଉଠିଲା । କି ଏକ ଗୁପ୍ତ ଗଭୀର ରହସ୍ୟ ଶେଫାଳିକାଙ୍କୁ ଘେରି ରହିଅଛି । ତାଙ୍କର ଅଭାବ କଅଣ, ବ୍ୟଥା କେଉଁ ଠାରେ, ନନ୍ଦେ ତାହା ଜାଣନ୍ତି । ସେ ଭାବିଲେ—"ବନ୍ଧ୍ୟାନାରୀର ହୃଦୟରେ ମାତୃତ୍ୱର ଯେଉଁ ଉଦ୍ଦାମବାସନା ସ୍ରୋତ ପ୍ରବଳ ବେଗରେ ଧାଇଁଅଛି, ତାହାର ପରିସମାପ୍ତି କେଉଁଠାରେ, ତାହା ସର୍ବଜ୍ଞ ବିଧାତା ବିନା ଆଉ କିଏ ଜାଣି ପାରିବ ?" ନନ୍ଦେ ଗୋଟାଏ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି କହିଲେ— "ସନ୍ତାନସୁଖ ତ ଆମ୍ଭ କପାଳରେ ନାହିଁ, ମନସ୍ତାପ କଲେ କଅଣ ହେବ ? ଈଶ୍ୱରଙ୍କ କୃପା ସନ୍ତାନ ରୂପ ଧରି ଜନ୍ମଗ୍ରହଣ କରେ । ଆମେ ପାପୀ, ସେ କୃପା ଆମ୍ଭ ଦୁର୍ଭାଗ୍ୟରେ କାହୁଁ ମିଳିବ ?" ଶେଫାଳିକା ସ୍ୱାମୀଙ୍କ ମୁଖକୁ ସ୍ଥିରନେତ୍ରରେ ଚାହିଁ ରହି କହିଲେ— "ଈଶ୍ୱରଙ୍କ କୃପା କି ଖାଲି ଧାର୍ମିକ ଭାଗ୍ୟରେ ଘଟେ ଆଉ ପାପୀ ଭାଗ୍ୟରେ ଘଟେ ନାହିଁ । ଗଙ୍ଗାଜଳରେ ସୂର୍ଯ୍ୟଙ୍କ ପ୍ରତିବିମ୍ବ ପଡ଼େ, ଆଉ କର୍ମନାଶା ଜଳରେ ପଡ଼େ ନାହିଁ ? ଈଶ୍ୱର ସମଦର୍ଶୀ, ତାଙ୍କ ପ୍ରତି ପକ୍ଷପାତିତା ଦୋଷାରୋପ କରିବା କେବଳ ଅନ୍ୟାୟ ନୁହେ—ପାପ !" ନନ୍ଦେ ସେ କଥାର କିଛି ଉତ୍ତର ଦେଇ ସନ୍ତାପିତା ସ୍ତ୍ରୀଙ୍କୁ ଅନ୍ୟମନସ୍କ କରାଇବା ଉଦ୍ଦେଶ୍ୟରେ ଏଣୁ ତେଣୁ ନାନା କଥା କହିବାକୁ ଲାଗିଲେ । କିନ୍ତୁ ଶେଫାଳିକା ତାହା ଗ୍ରହଣ କଲେ

ନାହିଁ । ଶିଶୁର ପ୍ରିୟ ଜଣେଇଛି ଲୁଚ୍ଚିର ରଙ୍ଗ ଅନ୍ୟ ଯେତେ ସୁନ୍ଦର ଜଣେଇ ଦେଲେ ସୁଦ୍ଧା ସେ ତାହାସବୁ ଫିଙ୍ଗି ଦିଏ । କିଛିକ୍ଷଣ ପରେ ଶେଫାଳିକା କହିଲେ— "କେତେ ଅପୁତ୍ରିକ ତୁମଦ୍ୱାରା ପୂଜା କରାଇ ପୁତ୍ରବାନ ହୋଇଅଛନ୍ତି, ତେବେ ତୁମେ ନିଜପାଇଁ ପୂଜା କରୁନାହିଁ କାହିଁକି ?" ନନ୍ଦେ ମୃଦୁ ହସି କହିଲେ—"ନିଜ ମନ୍ତ୍ର ନିଜକୁ ଲାଗେ ନାହିଁ । ସେ ଯାହା ହେଉ, ମୋର ସନ୍ତାନ ସ୍ଥାନରେ ଦୋଷ ଅଛି, ପୂଜାପୂଜିରେ କିଛି ଫଳ ହେବାର ଆଶା ନାହିଁ । କିଏ ସୁଅ କାହାର, ସବୁ ଛୁଛା ମାୟାର କୁହୁକ,କି ମିଳିବ ସେଥିରୁ ।" ଶେଫାଳିକା କହିଲେ— "ସମସ୍ତେ ତୁମରି ପରି ନିର୍ମାୟ ନିଷ୍କାମ ହେଲେ ସୃଷ୍ଟିରକ୍ଷା କିପରି ହେବ ?" ନନ୍ଦେ ହୋ ହୋ ହୋଇ ହସି ଉଠି କହିଲେ—"ସୃଷ୍ଟି ରକ୍ଷା ଦୁରାକାଙ୍କ୍ଷା ମୋତେ କରିବାକୁ ହେବ ନାହିଁ । ସମସ୍ତେ ମୋ ପରି ନୁହନ୍ତି । ମୋତେ ଛାଡି ଆଉ ଯେତେ ଅଛନ୍ତି, ସେମାନେ ସୃଷ୍ଟିରକ୍ଷା କରିବେ । ବିଧାତା ମୋତେ ଏକା ଯୋଗ୍ୟପାତ୍ର ମଣି ମୋ ମୁଣ୍ଡରେ ପାଟଶାଢୀ ବାନ୍ଧି ମୋ ଉପରେ ସୃଷ୍ଟିରକ୍ଷାର ଭାର ଦେଇ ନାହାନ୍ତି । ତୁମର ସ୍ୱାମୀ ଏଡେ଼ ବଡ଼ ଶକ୍ତିଧର ବୋଲି ଜ୍ଞାନ କର ନାହିଁ । ସେପରି ମହାପୁରୁଷ ଲକ୍ଷଣ ମୋ ଦେହରେ ନାହିଁ ।" ସ୍ୱାମୀଙ୍କର ଏ ବକ୍ରୋକ୍ତି ଶୁଣି ଶେଫାଳିକା ଟିକିଏ ଅପ୍ରତିଭ ହେଲେ; ମାତ୍ର ତାହା ତାଙ୍କର ବାହାରକୁ ପ୍ରକାଶ ପାଇଲା ନାହିଁ । କିଛିକ୍ଷଣ ପରେ କହିଲେ—"ଆଚ୍ଛା, ସେ କଥା ନ ହେଲା ତ ନାହିଁ, ତେବେ ଆଉ ଗୋଟିଏ କଥା କହିବି ରଖିବ ନା ?" ନନ୍ଦେ ଟିକିଏ ଦୁଷ୍ଟାମି କରି ଦ ମଧ୍ୟ କୌତୁକରେ କହିଲେ—"ନା, ମୁଁ ତୁମ କଥା ତ କେବେ ରଖେ ନାହିଁ ।" ଶେଫାଳିକା କହିଲେ—"ନା, ମୁଁ ତାହା କହୁ ନାହିଁ । ଆଚ୍ଛା, ସତ କୁହନ୍ତ ରଖିବ ?" ନନ୍ଦେ କହିଲେ—"ଯଦି ସତ ମିଛ ମିଶାଇ କହେଁ ?" ଶେଫାଳିକା କୃତ୍ରିମ ରୋଷ ପ୍ରକାଶପୂର୍ବକ କହିଲେ— "ଯାଃ, ସବୁ କଥାରେ ଖାଲି ଥଟ୍ଟା ତାମସା ?" ନନ୍ଦେ କହିଲେ—"ନା, ଆଉ ଥଟ୍ଟା କରିବି ନାହିଁ, ସତ କହିବ; କଅଣ କୁହ ?

ଶେଫାଳିକା—ସତ କହୁଛ, ନିଶ୍ଚୟ କରିବ ?

ନନ୍ଦେ—ଏ ତୁମର ଅନୁରୋଧ, ନା କଠୋର ଉତ୍ପୀଡ଼ନ ?

ଶେଫାଳିକା—ଉତ୍ପୀଡ଼ନ ନୁହେଁ, କି ନିର୍ଯାତନ ନୁହେଁ—କାତର ଅନୁରୋଧ ।

ନନ୍ଦେ—ଆଚ୍ଛା, କଅଣ କୁହ ?

ଶେଫାଳିକା—ତୁମେ ବିବାହ କର ।

ଶେଫାଳିକାଙ୍କର କଣ୍ଠସ୍ୱର କମ୍ପିତ ହୋଇଗଲା । ସେ ସ୍ୱରରେ ବେଦନା ଅଛି, ପ୍ରାର୍ଥନା ଅଛି ଏବଂ ଅଭିମାନ ଅଛି । ଏହି ପ୍ରାର୍ଥନା ଭିତରେ କେତେ ଗଭୀର ବେଦନା ଲୁଚି ରହିଅଛି, ନନ୍ଦେ ତାହା ବୁଝିଲେ ଏବଂ ସୁନିଷ୍ଟ ଉପହାସ୍ୟର ହାଟ ବସାଇ ଦେଇ କହିଲେ—"ବିବାହ ? ହଁ ବିବାହ କରିବି । ଛଅଣ୍ଡିଆ ପାଲିଙ୍କିରେ ଚଢ଼ି ଶ୍ୱଶୁର ଘରକୁ ଯିବି, ହୁଳହୁଳି ପଡିବ, ଝାଞ୍ଜ କରତାଳ ବାଜିବ । ଆଃ, କି ମଜା ! କନ୍ୟା କିଏ ଜାଣ ନା ? କନ୍ୟାର ନାମ ଅଗ୍ନିଶିଖା । ଏ ଶୁଭ ବିବାହ ଶ୍ମଶାନ ବେଦୀରେ ହେବ ।" ଶେଫାଳିକା ସ୍ୱାମୀଙ୍କର ଏ ରସିକତାରେ ବିରକ୍ତ ହୋଇ କହିଲେ—"ଛି, ସେପରି ଅମଙ୍ଗଳ କଥା ମୁହଁରେ ଧରନ୍ତୁ ନାହିଁ ।" ଏହା କହି ସେ କୌଣସି ପ୍ରକାରରେ ଉଚ୍ଛ୍ୱସିତ କ୍ରନ୍ଦନର ବେଗ ସମ୍ଭାଳି ପାରିଲେ ନାହିଁ । ସ୍ୱାମୀଙ୍କ ପାଦ ଉପରେ ପଡି ଅନର୍ଗଳ କାନ୍ଦିବାକୁ ଲାଗିଲେ । ନନ୍ଦେ ଉଠିପଡି ସ୍ତ୍ରୀଙ୍କୁ ଉଠାଇ ବସାଇଲେ ଏବଂ କୁଞ୍ଚକାନିରେ ତାଙ୍କର ଲୁହ ପୋଛି ଦେଉଁ ଦେଉଁ କହିଲେ—"ଛି ପିଲାଙ୍କ ପରି ତମେ ଏଡେ଼ ଅଧୈର୍ଯ୍ୟ । ତମେ କଣ ପାଗଳ ହେଲ, ବିବାହ କରିବାକୁ ମୋର ଆଉ ବୟସ ଅଛି ?" ଶେଫାଳିକା ଅଶ୍ରୁ ସମ୍ବରଣ କରି ଶାନ୍ତ ସ୍ୱରରେ କହିଲେ—"କି, ତମେ କଅଣ ବୁଢା ହୋଇଗଲଣି ? ବୟସ ବୋଲି ଏଇ ତ ବତୋଶି ଏଗାର । ଏ ବୟସରେ କି ଲୋକେ ବିବାହ କରୁ ନାହାନ୍ତି ? ମୋ ବାପଘର ଗାଁର ନିମୁ ଖାଡଙ୍ଗା ଯେତେବେଳେ ବିବାହ କଲା, ସେତେବେଳକୁ ତାହାର ବୟସ ତିନି କୋଡିରୁ ସ୍ୱରବର୍ଣ୍ଣ ଉଣା । ଉହୁଣି ତାହାର ତିନି ପୁଅ,ଦୁଇ ଝିଅ । ଏହି ତମର ଗାଁ ମୁଣ୍ଡ ପାଣି ତ ତମଠାରୁ ବଡ଼ । ଯାହାହା

ଗଛକୁ ଲଗାଇ ସେ ସୁରଥା ବିବାହ କଲା । ଶେଷ ବିବାହ ତ କର୍ସେବ ହୋଇ ନାହିଁ, ଆଉ ଗୁଡ଼ମାସ ପରେ ସେ ପୁଅ ଝିଅର ବାପ ହୋଇ ବସିବ ।" ନନ୍ଦେ ଟିକିଏ ଅବଜ୍ଞା ମିଶ୍ରିତ ସ୍ୱରରେ କହିଲେ—"ହେଉ, ସେ କଲୁ କରୁ ପଛକେ, ମୋତେ ସେ ଜଞ୍ଜାଳରୁ ରକ୍ଷାକର । ମୁଁ ବିବାହ କରିପାରିବି ନାହିଁ, ପାରିବି ନାହିଁ, ପାରିବି ନାହିଁ ।" ସ୍ୱାମୀଙ୍କର ଏହି କଠୋର ବାଣୀ ଶୁଣି ଶେଫାଳିକାଙ୍କର ହୃଦୟ ନୈରାଶ୍ୟର ଦାରୁଣ ଆଘାତରେ ଚୂର୍ଣ୍ଣ ହୋଇଗଲା । ସନ୍ତାପର ଗଭୀର ବେଦନା ଏବଂ ଭୀଷଣ ଜ୍ୱାଳାରେ ତାଙ୍କର ନାରୀସୁଲଭ କୋମଳ ପ୍ରାଣ ଦଗ୍ଧୀଭୂତ ହେବାକୁ ଲାଗିଲା । ବାକ୍ୟର ସ୍ରୋତ ରୁଦ୍ଧ ହୋଇଗଲା । ସେ କରୁଣ ଦୃଷ୍ଟିରେ ସ୍ୱାମୀଙ୍କ ମୁଖକୁ ଚାହିଁ ରହିଲେ । ତାଙ୍କର ମୁଖ ଏବଂ ଚାହାଣି ଭଙ୍ଗୀରୁ ବୋଧହେଲା—ଯେମନ୍ତ କି ତାଙ୍କର ଅଶ୍ରୁନିର୍ଝର କିଏ ଅବରୁଦ୍ଧ କରି ରଖିଅଛି, ମୁକ୍ତ ହେଲେ ବିଶ୍ୱ ବ୍ରହ୍ମାଣ୍ଡ ଭସାଇ ଦେବ । ଶେଫାଳିକା ନିର୍ବାକ ଚିତ୍ରପ୍ରତିମା ପରି ସ୍ତବ୍ଧ ହୋଇ ବସିଅଛନ୍ତି, ଯେପରି କି କହିବାକୁ ଅନେକ ଅଛି; ମାତ୍ର କହିପାରୁ ନାହାନ୍ତି । କଥାଗୁଡ଼ାକ କଣ୍ଠନାଳୀରେ ଠେସି ହୋଇ ରହିଅଛି, ବାହାରିବାକୁ ବାଟ ପାଉ ନାହିଁ । କଣ୍ଠନାଳୀ ଟଳ୍ ଟଳ୍ ହୋଇ ଫାଟି ଯାଉଅଛି । ଏହିପରି ଭାବରେ କିଛିକ୍ଷଣ ଅତିବାହିତ ହେଲା । ସର୍ବଂସହା ବସୁନ୍ଧରା ନୀରବରେ ଅନ୍ତରସ୍ଥ ଅଗ୍ନିଜ୍ୱାଳା ସହିଲା ପରି ବନ୍ଧ୍ୟା ନାରୀ ସନ୍ତାନ ଅଭାବର ଜ୍ୱାଳା ସହିଥିଲା; କିନ୍ତୁ ଆଉ ସମ୍ଭାଳି ପାରିଲା ନାହିଁ । ପୃଥିବୀର ବକ୍ଷ ବିଦାରି ଅନ୍ତର୍ଭୌମାଗ୍ନି ବାହାରି ଆସିଲା ପରି ତାଙ୍କର ହୃଦୟରୁ ଦୁର୍ବିସହ ବ୍ୟଥା ବାହାରି ପଡ଼ିଲା । ସେ କଇଁ କଇଁ ହୋଇ କାନ୍ଦି ଉଠି ଭଙ୍ଗା ଭଙ୍ଗା ସ୍ୱରରେ କହିଲେ—"ତେବେ କଣ ପାଣି ଅଞ୍ଜୁଳାକର ଭରସା ମୋର ରହିବ ନାହିଁ ? ହାୟ, ମୁଁ ଏପରି ପାପୀୟସୀ ଯେ, ମୋହରି ଦୋଷରୁ ମୋର ତପସ୍ୱୀ କୁଳ ଶଶୁରଙ୍କ ପବିତ୍ର ଆଶ୍ରମରେ ସନ୍ଧ୍ୟାବତି ବୁଡ଼ିବ । ଏ ପବିତ୍ର ବଂଶ ମୋହରିଠାରୁ ଲୋପ ପାଇବ, ଏ କଳଙ୍କ ମୁଁ ଏବା ମୁଣ୍ଡାଇବାକୁ ଜନ୍ମ ଲଭିଥିଲି । ଧିକ୍ ମୋର ଜନ୍ମ, ଧିକ୍ ଜୀବନ, ଆଉ ଧିକ୍ ମୋର ଅଦୃଷ୍ଟ । ହାୟ, ଯେଉଁ ବଂଶପ୍ରବାହ ଜାହ୍ନବୀର ପୁଣ୍ୟଧାରା ପରି କେଉଁ ସୁଦୂର ଅତୀତରୁ ବହି ଆସୁଥିଲା, ତାହା କି ଏହିଠାରୁ ଶୁଷ୍କ ହୋଇଯିବ ? ଏ ଦୁଃଖ ମୁଁ ମଲେ ସୁଦ୍ଧା ଭୁଲି ପାରିବି ନାହିଁ । ସେ ଦୃଶ୍ୟ ମୋର ପ୍ରେତଶରୀରରେ ସୁଦ୍ଧା ଅସହ୍ୟ । ହା ବିଧାତା, ମାତୃଗର୍ଭରୁ ମୋତେ ନ ମାରି ରଖିଲୁ କାହିଁକି ? ମୁଁ ସ୍ୱଧର୍ମୀ ଗୋଟାଏ ବ୍ରାହ୍ମଣବଂଶକୁ ନିର୍ବଂଶ କରିଦେଲି, ମୋର ଏ ବ୍ରହ୍ମହତ୍ୟା ପାପର ପ୍ରାୟଶ୍ଚିତ୍ତ ନାହିଁ । ମୋର ଅନ୍ତିମ ଗତି କଣ ହେବ ?" ଶେଫାଳିକା ଏହିପରି ବିଳାପ କରିବାକୁ ଲାଗିଲେ । ବନ୍ଧ୍ୟା ନାରୀର ଏହି ମର୍ମାନ୍ତିକ ଆକ୍ଷେପ ବାଣୀ ଶୁଣି ନନ୍ଦଙ୍କ ହୃଦୟରେ ଗୋଟାଏ ତୁମୁଳ ତୋଫାନ ବହିଗଲା । ସେ କିଛିକ୍ଷଣ ନିସ୍ତବ୍ଧ ରହି ଆଖିରୁ ଦୁଇଟୋପା ଲୁହ ଗଡ଼ାଇ ପକାଇଲେ ଏବଂ କହିଲେ—"କପାଳରେ ତ ନାହିଁ, ଦୁଃଖ କଲେ କଅଣ ହେବ ?" ଶେଫାଳିକା କହିଲେ—"ସନ୍ତାନ ଲାଭ ତୁମ୍ଭ କପାଳରେ ସିନା ନାହିଁ; ମାତ୍ର ଯାହାକୁ ବିବାହ କରିବ, ତାହା କପାଳରେ ଥାଇପାରେ—ଏହା ତ ଅସମ୍ଭବ ନୁହେଁ ।" ନନ୍ଦେ କିଛିକ୍ଷଣ ଚିନ୍ତାକରି କହିଲେ—"ଆଚ୍ଛା, ଗୋଟିଏ ପୋଷ୍ୟ ପୁତ୍ର କଲେ କି ହେବ ନାହିଁ ?" ଶେଫାଳିକା ଶୁଷ୍କ ହାସ୍ୟରେଖା ବିମର୍ଷ ମୁଖକୁ ଟାଣି ଆଣି କହିଲେ—"ପୋଷାପୁଅ ଖୁଣ୍ଟା ଗୁଅ କି କାମରେ ଆସେ ? ଯାହା ଦେହରେ ତୁମ୍ଭର ରକ୍ତ ନାହିଁ, ସେ କି ମୋତେ ପିଣ୍ଡଦାନର ଅଧିକାରୀ ହେବ ? ତାହାହେଲେ ଲୋକେ ଯେ ମହାପ୍ରସାଦ ଦେଇ ଧର୍ମପୁଅ କରନ୍ତି, ତାହାଦ୍ୱାରା ତ ପୁତ୍ରର ଅଭାବ ମୋଚନ ହେଉଥାଆନ୍ତା । ତୁମ୍ଭେ ତ ଅନେକ ଥର କହୁଅଛ, ଯେ ପୁତ ନରକରୁ ଉଦ୍ଧାର କରେ, ସେ ପୁତ୍ର । ଯାହାର ପୁତ୍ର, ତାକୁ ସିନା ଉଦ୍ଧାର କରିବ, ଅନ୍ୟକୁ ଉଦ୍ଧାର କରିବ କିପରି ? ପର କି କେବେ ଆପଣାର ହେବ । ଯାହାର ଘୋଡ଼ା ନାହିଁ, ସେ ଅଧାକାନ୍ତିରେ ଭଡ଼ି ଘୋଡ଼ାଚଢ଼ା ଅଭିମାନ ମେଣ୍ଟାଇ ନିଏ, ପୋଷ୍ୟପୁତ୍ର ଠିକ୍ ସେହିପରି । ତାହାଠାରୁ ପିତୃସମ୍ବୋଧନ ମାତୃସମ୍ବୋଧନ ମିଳେ; ମାତ୍ର

ସୁନ୍ଦର ପ୍ରକୃତି ଅଭାବ ପୂର୍ଣ୍ଣ ହୁଏ ନାହିଁ କିମ୍ବା ହୋଇ ପାରେ ନାହିଁ । ପିଠୋଉ ପାଣିରେ ଦୁଧର ସ୍ୱାଦ କାହୁଁ ମିଳିବ ? ସେ ଯାହାହେଉ ମୁଁ ତୁମ୍ଭର ଗୋଡ଼ତଳେ ପଡ଼ୁଛି, ତୁମ୍ଭେ ବିବାହ କର ।" ନନ୍ଦେ ପତ୍ନୀଙ୍କର ଏ କୃତ ଅନୁରୋଧ ଶୁଣି ହସି ହସି କହିଲେ—"ହେଉ, ତାଆ ଜାଣି ହେବ; ମାତ୍ର ତୁମ୍ଭେ ସଉତୁଣୀ ଜାଳା ସହି ପାରିବ ତ ।" ଏହା ଶୁଣି ସେଫାଳିକାଙ୍କ ଗଳାରୁ ଝଙ୍କାର ଗୋଟାଏ ଗୁରୁ ଭାର ପଥର ଖସିଗଲା ଏବଂ କି ଗୋଟାଏ ବୈଦ୍ୟୁତିକ ଦୀପ୍ତି ତାଙ୍କ ମୁହଁଉପରେ ପଡ଼ି ମିଳାଇଗଲା । ସେ ଉଲ୍ଲସିତ ହୋଇ କହିଲେ—"ହଁ ଗୋ ହଁ, ତାହା ମୁଁ ସହି ପାରିବି । ଆମେ ନାରୀ-ଜାତି ସବୁ କରିପାରୁ—ସଉତୁଣୀ ସାଙ୍ଗରେ କଳି କରିପାରୁ, ଆଉ ସଉତୁଣୀକି ନେଇ ଘର ବି କରିପାରୁ ।" ନନ୍ଦେ ଟିକିଏ ଦୁଷ୍ଟାମି କରି କହିଲେ—"କାଳେ ତୁମ୍ଭେମାନେ ଉଗ୍ରଚଣ୍ଡୀ ମୂର୍ତ୍ତି ଧରି ସମ୍ମାର୍ଜନୀ ଯୁଦ୍ଧରେ ନିଯୁକ୍ତ ହୁଅ, ମୋର ସେହି ଭୟ । ଶେଷରେ ଯେପରି ତୁମ୍ଭମାନଙ୍କ ହାତରୁ ମୁଁ କିଛି ପୁରସ୍କାର ନ ପାଏ ।" ଶେଫାଳିକା ସ୍ୱାମୀଙ୍କି ଆଉ ଅଧିକ କହିବାକୁ ଅବସର ନ ଦେଇ କହିଲେ—"ନା ନା, ତାହା କିଛି ହେବ ନାହିଁ, ତୁମ୍ଭର କୌଣସି ଭୟ ନାହିଁ । ଏ ଘରକୁ ମୋର ସଉତୁଣୀ ହୋଇ କେହି ଆସିବ ନାହିଁ । ଯେ ଆସିବ, ତାକୁ ମୁଁ କନ୍ୟା କିମ୍ବା ସାନଭଉଣୀ ପରି ଯତ୍ନ ଏବଂ ପ୍ରତିପାଳନ କରିବି ।" ନନ୍ଦେ କହିଲେ—"ତୁମ୍ଭ ନୂଆ ସପତ୍ନୀ ଯଦି ତୁମ୍ଭର ମନୋମତ ନହୁଏ ?" ଶେଫାଳିକା ଉତ୍ତେଜିତ ହୋଇ କହିଲେ, "ହାୟ, ମୋର ପୋଡ଼ା କପାଳ, ସେ ମୋର ମନୋମତ ହେବ କିପରି ? ମୋ ଘରକୁ ଆସିଲେ ମୁଁ ତାକୁ ମନୋମତ କରି ତିଆରି କରିନେବି; ସେ ବିଦ୍ୟା ମୋତେ ଜଣା । ସେଥିଲାଗି ତୁମ୍ଭର ମୁଣ୍ଡବଥା କାହିଁକି ?" ନନ୍ଦେ କହିଲେ—"ନା, ମୁଣ୍ଡବଥା ନୁହେ, ମୁଣ୍ଡର ଚୁଟି କେଶକରୁ ତ ଅଧେ ସଫେଇ ଖାଇଲଣି, ବାକୀ ଯେଉଁ ଖଣ୍ଡିଆ କେଶକ ଅଛି, ତାହା ଯେପରି ଉପୁଡ଼ି ନଯାଏ, ଏହାହିଁ ଭାବୁଛି । ଆଚ୍ଛା, ତୁମ୍ଭ ସପତ୍ନୀର ଯଦି ସନ୍ତାନ ନ ହୁଏ ?" ଶେଫାଳିକା କହିଲେ—"ନ ହେଲେ ନାହିଁ, ସେଥିପାଇଁ ଚିନ୍ତା କଅଣ ? ଜାଣିବା ଆମ କପାଳରେ ନାହିଁ, ତେଣିକି ଭାଗ୍ୟ ଆଦରି ରହିବା । ପୁଅ ନ ହେଲେ ଝିଅଟିଏ ହେଲେ ହେବ, ଆମର ଅଣ୍ଟୁକୁଡ଼ା ଦୋଷ ଯିବ । ଅଣ୍ଟୁକୁଡ଼ା ଅଣ୍ଟକୁଡ଼ୀର ମୁହଁ ଚାହିଁଲେ ଯଶ ନାହିଁ ବୋଲି ତ ଆଉ ଲୋକେ କହି ପାରିବେ ନାହିଁ ।" ନନ୍ଦେ କହିଲେ—"ଆଉ ଗୋଟିଏ କଥା ଏହି ଯେ, ବିବାହର ଅଧେ ଉପାଦାନ କନ୍ୟା, ସେ କେଉଁଠାରୁ ଆସିବ ? ଏ ଶ୍ମଶାନଯାତ୍ରୀକୁ କିଏ ବା ଯାଚି କନ୍ୟା ଦେବ ?" ଶେଫାଳିକା ରାଗି ଉଠି କହିଲେ—"ଏ କି ଅଲକ୍ଷଣ କଥା ? ଫେର ସେପରି କହିଲେ ମୁଣ୍ଡ ପିଟିହୋଇ ମରିଯିବି । କନ୍ୟା ପାଇଁ ତୁମ୍ଭଙ୍କୁ ଚିନ୍ତା କରିବାକୁ ହେବନାହିଁ, ସେ କଥା ମୁଁ ଜାଣେ । ତମେ ଖାଲି ବିବାହରେ ମତ ଦିଅ, ଆଉ ସବୁ ଭାର ମୋର ।" ନନ୍ଦେ କହିଲେ—"ଆଚ୍ଛା, ହେଉ ମୁଁ ବିଚାର କରି କହିବି ।" ଏହା କହି ନନ୍ଦେ କଡ଼ ଲେଉଟାଇ କାନ୍ଥ ଆଡ଼କୁ ମୁହଁ କରି ଶୋଇଲେ ଏବଂ ଶେଫାଳିକା ଉଠି ଗୃହକାର୍ଯ୍ୟ କରିବାକୁ ଅନ୍ୟତ୍ର ଚାଲି-ଗଲେ ।

ଫୁଲର ବାସ ପରି କଥା ଲୁଚି ରହେ ନାହିଁ । ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେ ଆତ୍ମପ୍ରକାଶ କରେ । ନନ୍ଦଙ୍କ ବିବାହ କଥା ଗ୍ରାମରେ ବିସ୍ତୃତ ହୋଇ ପଡ଼ିଲା । ହାଟରେ, ବାଟରେ, କୃଷିକ୍ଷେତ୍ରରେ ସେହି ଚର୍ଚ୍ଚା ଲାଗିଲା । ଅନେକ ଦିନ ପରେ ସ୍ତ୍ରୀମାନଙ୍କୁ ଗୋଟାଏ ମୁଖରୋଚକ ସୁଖାଦ୍ୟ ମିଳିଗଲା । ସେମାନେ ନଈ-ଘାଟରେ, ଢେଙ୍କିଶାଳରେ, ସଖୀମେଳରେ ନନ୍ଦଙ୍କ ଘର କଥା ପକାଇଲେ । କେହି କହିଲା—"ନନ୍ଦ ଭାରିଯାଟା କଅଣ ଏଡ଼େ ଅଲାଗି, ଜାଣୁ ଜାଣୁ ନିଜ ହାତରେ ନିଜେ ବିଷ ଭରୁଛି ।" ଆଉ ଜଣେ କହିଲା—'ସେ ତ କହେ ମୁଁ ସବୁ ପାରେଉ, ଅଲାଗି ହେବ କାହିଁକି ? ଅଂ ମଂ କଅଣ କିଅଛର ପଢ଼ିଛି ପରା ?' ବୁଢ଼ୀଟିଏ କହିଲା, "ତାହା ପଢ଼ିବା ମୁହଁରେ ନିଆଁ, ତା ମୁହଁରେ ଧୂଆଁ । ମାଇପ ଘଇତାର ଗୋଡ଼ ଧରି କାନ୍ଦି ଆଉ ଗୋଟାଏ ବାହା ହେବା ପାଇଁ ଅନୁରୋଧ କରିବାର କେହି କେବେ ଶୁଣିଛ ? ଛି, କଳସୀ ଦଉଡ଼ି ମିଳିଲା ନାହିଁ ।"

ଘଟଣା ଏହିପରି କର୍ଣ୍ଣରୁ କର୍ଣ୍ଣାନ୍ତର ହୋଇ କୁନ୍ଦୀ ମାଉସୀ କାନରେ ପଡ଼ିଲା । କୁନ୍ଦୀ ମାଉସୀ ଗାଁସାରା ଆବାଲ-ବୃଦ୍ଧ ସମସ୍ତଙ୍କର କୁନ୍ଦୀ ମାଉସୀ । କିଏ କେବେ କି ସୂତ୍ରରେ ଏହି ଗୌରବମୟ ଉପାଧିର ଚିରସ୍ଥାୟୀ ସନନ୍ଦ ତାଙ୍କୁ ପ୍ରଦାନ କରି ଧନ୍ୟ ହୋଇଥିଲେ, ଇତିହାସ ସେ ବିଷୟରେ ନୀରବ । କୁନ୍ଦୀ ମାଉସୀ ପ୍ରୌଢ଼ା, ତାହାର ଆକୃତି ଗଠନ ଦେଖିଲେ ବୋଧହୁଏ, ଯୌବନରେ ସେ ସୁନ୍ଦରୀ ଥିଲା । ଦୈହିକ ବଳ ତାହାର ଅବଳା ନାମର ଅସାର୍ଥକତା ସମ୍ପାଦନ କରୁଅଛି । ସ୍ୱଭାବ ଦୋଷରୁ ହେଉ ବା ନକ୍ଷତ୍ର ଦୋଷରୁ ହେଉ ସେ ଖୁବ୍ ମୁଖରା । ସ୍ତ୍ରୀସୁଲଭ କୋମଳତା ତାହାଠାରେ ନାହିଁ । ପ୍ରକୃତି ବଡ଼ କଠୋର । ସ୍ଥୂଳତଃ ସେ ପୁରୁଷ-ପ୍ରକୃତିକା ନାରୀ । ସେ ଗଛ ଚଢ଼ିପାରେ, ନଈ ପହଁରି ପାରେ, କାଠ ଚିରିପାରେ । ଦୈହିକ ଶକ୍ତିରେ ଅନେକ ପୁରୁଷ ତାହାର ଅନେକ ତଳରେ । ତାହାର ଅନେକ କୀର୍ତ୍ତି ଅଛି । ସେହି କୀର୍ତ୍ତି ତାହାର ମୃତ୍ୟୁପରେ ସୁଦ୍ଧା ତାହାକୁ ଅମର କରି ରଖିବ । ବାଟ ପାଖରେ କୁନ୍ଦୀ ମାଉସୀର ଗୋଟାଏ ବଡ଼ ଆମ୍ବଗଛ ଥିଲା । ଦିନେ ସେ ସେହି ଆମ୍ବ ଗଛର ଅଗରେ ଚଢ଼ି ଆମ୍ବ ତୋଳୁଥିଲା । ସେହି ବାଟରେ ଦୁଇଜଣ ପଥିକ ଯାଉଥିଲେ । କୁନ୍ଦୀ ମାଉସୀକୁ ଗଛ ଉପରେ ଦେଖି ଜଣେ ଅପରକୁ କହିଲା—"ଏଟା ଅଣ୍ଡିରା ନା ମାଇକିନିଆ ?" ଦ୍ୱିତୀୟ ବ୍ୟକ୍ତି ହସିଉଠି କହିଲା—"ନା, ନା, ଅଣ୍ଡିରା ନୁହେଁ କି ମାଇକିନିଆ ନୁହେଁ, ସେ ଅଣ୍ଡିରା ମାଇକିନା । ଯାହାକୁ କହନ୍ତି ଅଣ୍ଡିରାଚଣ୍ଡୀ, ସେହି, ବୁଝି ପାରିଲୁ ?" ଶ୍ରୀମତୀ କୁନ୍ଦୀ ମାଉସୀ ଏକଥା ଶୁଣି ଗଛରୁ ଓହ୍ଲାଇ ଆସି ଦୁର୍ଭାଗ୍ୟ ପଥିକଦୁହିଁଙ୍କୁ ଯେଉଁ ମହାଶିକ୍ଷା ପ୍ରଦାନକଲା, ତାହା ନ ଶୁଣିଲେ ସୁଦ୍ଧା ପାଠକମାନଙ୍କର କିଛିମାତ୍ର କ୍ଷତି ନାହିଁ । କିଛିକ୍ଷଣ ପରେ ପଥିକଦ୍ୱୟ ଭୂମିଶଯ୍ୟାରୁ ଉଠି ଦେହରୁ ଧୂଳି ଝାଡ଼ିଝୁଡ଼ି ହୋଇ ପୁନଃପୁଅ ପରି ନୀରବରେ ବାଟ ଧରିଲେ; ମାତ୍ର ଖଣ୍ଡେ ଦୂର ଯାଇ ଜଣେ ଆର ଜଣକୁ ଲଘୁ ସ୍ୱରରେ କହିଲା—"ଉଃ, ଏ ମାଇକିନିଆଟା ତ ମରଦଙ୍କର ବାପ ।" ଆଉ ଥରେ ଜମିଦାରର ପଠାଣ ପିଆଦା ଗାଁକୁ ଆସିଥିଲା । ମଫସଲକୁ ଆସିଲେ ପିଆଦାମାନେ ନିଜର ପ୍ରାଧାନ୍ୟ ଦେଖାନ୍ତି । ପିଆଦା କୁନ୍ଦୀ ମାଉସୀକୁ ଦେଖି ଟିକିଏ ରସିକତା ପ୍ରକାଶ କରି କହିଲା—"ଏ ବଖ୍ୱାଜାନ୍, ଭରତ୍ ସୁରିଁଦା ଘର କିଧର୍ ?" ରକ୍ତଦୀପ୍ତନେତ୍ରା କୁନ୍ଦା ବାଘୁଣୀ ବୋଦା ଛେଳିର ତଣ୍ଟି ଚିପି ଧରିଲା ପରି ମୁହୂର୍ତ୍ତକ ମଧ୍ୟରେ କୁନ୍ଦୀ ମାଉସୀ ଏକ ଲମ୍ଫରେ ପିଆଦା ଉପରେ ପଡ଼ି ତାହାର ଦାଢ଼ିକୁ ଖୁବ୍ ଜୋରରେ ଟାଣି ଧରି ଗର୍ଜିଉଠି କହିଲା—"ତୋର ବଖ୍ୱା କିଏ ରେ ପୋଡ଼ାମୁହାଁ ପଠାଣ ? ଡାକ ମା ବୋଲି, ନ ହେଲେ ତୋ ଦାଢ଼ି ଉପାଡ଼ି ଚୁଲିରେ ଜାଳିଦେବି ।" ପିଆଦା ବିଚରା ଯନ୍ତ୍ରଣାରେ ଅସ୍ଥିର ହୋଇ ତୋବା ତୋବା କରି "ଛୋଡ଼ୋ ମା ଜୀ" ବୋଲି କହିବାରୁ କୁନ୍ଦୀ ମାଉସୀ ହସି ହସି ତାହା ଗାଲରେ ଗୋଟାଏ ଚଢ଼ଚଢ଼ ପଳିଆ ଚାପଡ଼ ବସାଇଦେଇ କହିଲା—"ଯା ଡାକୁଣୀ-ଖିଆ ଯା, ଆଉ ଦିନେ ଏପରି କାହାକୁ କହିବୁ ନାହିଁ । କିଏ କାଳେ ଏ ଘଟଣା ଦେଖିବ, ଏହି ଲଜ୍ଜାରେ ଜମିଦାର ପିଆଦା ଚାରିଆଡ଼କୁ ଚାହିଁ ଗାଲ ଆଉଁଷି ଆଉଁଷି ଶୀଘ୍ର ପୃଷ୍ଠଭଙ୍ଗ ଦେଇ ପଳାଇଗଲା; ମାତ୍ର ତାହାର "ଖୋଦାକା ନୂର" ଅଧାଅଧି କୁନ୍ଦୀ ମାଉସୀ ହାତରେ ରହିଗଲା । କୁନ୍ଦୀ ମାଉସୀର ଆଉ ଗୋଟାଏ ମହତ୍ ଗୁଣ ଥିଲା । ଗାଁରେ କାହାରି ଝିଅ ବୋହୂର ଦେହକୁ ଲାଗିଲେ ସେ ଅନାହୂତ ଭାବରେ ଯାଇ ସୁଖ-ପ୍ରସବ କରାଇ ଦିଏ । କେହି ରୁଷିଥିଲେ ତାଙ୍କୁ ନାନା କଥା କହି ବେଉଷି ଭାତ ଖୁଆଏ । ସେ ଖୁବ୍ ବକ୍ତୃତା ମଧ୍ୟ କରିପାରେ । ଏଥିଉତ୍ତାରୁ ତାହାର ଅଧିକ ଗୁଣ-ବର୍ଣ୍ଣନା ଶୁଣିବାକୁ ପାଠକମାନେ ନିଶ୍ଚୟ ଇଚ୍ଛା କରିବେ ନାହିଁ ।

ଶେଫାଳିକା ଘରଭିତରେ କି କାର୍ଯ୍ୟରେ ବ୍ୟସ୍ତ ଥିଲେ । ବାହାରେ ଶବ୍ଦ ଶୁଭିଲା—"କାଲୋ ଝିଅ, କଅଣ କରୁଛ ?" ସେ ଘରୁ ବାହାରି ଆସି କୁନ୍ଦୀ ମାଉସୀକୁ ଦେଖି ସହାସ୍ୟ ମୁଖରେ କହିଲେ, "କି ମାଉସି, ଅପୂର୍ବ ଯେ, ଡେରଦିନ ପରେ ଦେଖା, ଆସ ଆସ ।" ଆଗନ୍ତୁକା ଆସି ପିଣ୍ଡାରେ ବସିଲା । ଶେଫାଳିକା ତାହା ପାଖରେ ବସି ପଚାରିଲେ—"ସବୁ ଭଲ ତ ମାଉସି, ଆଜ କାମିତ

ଟିକିଏ ଏଣିକି ବୁଲିଆସିଲୁ ?" କୁନ୍ଦୀ ମାଉସୀ ଗମ୍ଭୀର ହୋଇ କହିଲା—"ଭଲମନ୍ଦ ତ ଲାଗିଛି, ତୋତେ ଦେଖିବାକୁ ଆସିଲି ଲୋ ମା।" ଶେଫାଳିକା କହିଲେ—"ମୋତେ ଦେଖିବାକୁ ? ମୁଁ କଅଣ ଗୋଟାଏ ଦେଖିବା ପଦାର୍ଥ ? ତେବେ ମୋତେ ନେଇ ଯାଦୁଘରେ ରଖିଲେ ହୁଅନ୍ତା ?" କୁନ୍ଦୀ— ହଁ ଲୋ ମା, ତୁ ଏବେ ଗୋଟାଏ ଦେଖିବା ପଦାର୍ଥ ହୋଇଛୁ ପରା ?"

ଶେଫାଳିକା—କିମିତି !

କୁନ୍ଦୀ—କିମିତି କଅଣ ଲୋ ବାୟାଣି, ତୁ ପରା ନାଦପୁଅଙ୍କ ବିବାହରେ ମତ ଦେଇଛୁ ?

ଶେଫାଳିକା—ଖାଲି ମତ ଦେଇନାହିଁ, ମୁଁ ସବୁ କରୁଛି ।

କୁନ୍ଦୀ—ମରତ ଆଉ କାହାକୁ କହନ୍ତି, ପଛକୁ ତୁହି ନିଜର ଅବସ୍ଥାଟା ଦେଖିବୁ କି ? ଏବେ ସ୍ୱାମୀ-ସୁଆଗୀ ହୋଇଛୁ, ପୁରୁଷ ଲୋକଙ୍କ ମନ ଘଡିକେ ଫାଟିଯାଏ, ଜାଣୁ ତ ? କେଉଁଆ ସାପ ହୋଇ ଫଣା ଟେକିଲେ କଅଣ କରିବୁ ? ସଉତୁଣୀ ଘେନି ଘର କରିବା ଅଠା କଥା ପରା ? ଯା ଯା ନିର୍ବୁଦ୍ଧିଅଣି, ଏବେ ଯାଇ କହ,'ମୁଁ ତମ ମନ ବୁଝିବା ପାଇଁ କୌତୁକରେ ବିବାହ କରିବାକୁ କହିଥିଲି, ତାହା ମୋର ହୃଦୟର କଥା ନୁହେଁ । ତାହାହେଲେ ସବୁ ଛିଣ୍ଡିଯିବ । ଯେଉଁ ପରି ଅଛୁ ସେହିପରି ରହିବୁ ।

ଶେଫାଳିକା—ପୁରୁଷ ଲୋକଙ୍କ ମନ ଫାଟିଗଲେ କଅଣ ହେବ, ମୋତେ କଅଣ ମୁଠାଏ ଖାଇବାକୁ ଦେବେ ନାହିଁ ?

କୁନ୍ଦୀ—ତେବେ ସ୍ୱାମୀ ପାଖରୁ ସ୍ତ୍ରୀର ପ୍ରାପ୍ୟ କି କେବଳ ଖାଦ୍ୟମୁଠାକ ଛଡ଼ା ଆଉ କିଛି ନାହିଁ ?

ଶେଫାଳିକା—ହଁ, ଅଛି— ସ୍ୱାମୀସେବା । ମୁଁ ତେତିକି ପାଇଲେ ଅନ୍ୟ ଅଧିକାର ଲୋଡ଼େଁ ନାହିଁ ।

କୁନ୍ଦୀ—ସଉତୁଣୀ ଘେନି ତ କେହି ସୁଖରେ ଘରକରି ପାରି ନାହାନ୍ତି, ତୁ କିମିତି ପାରିବୁ ?

ଶେଫାଳିକା ଆଉ କେହି ପାରେ କି ନା ଜାଣେ ନାହିଁ; ମାତ୍ର ମୁଁ ପାରିବି । ସ୍ୱାମୀ ମୋର ଖେଳ କଣ୍ଢେଇ ନୁହନ୍ତି—ପୂଜାର ଦେବତା । ତାଙ୍କ ସେବାର ସୌଭାଗ୍ୟ ପାଇଲେ ମୁଁ ଦୁଃଖକୁ ସୁଖ ବୋଲି ମଣିବି ।

କୁନ୍ଦୀ—ଏ ଭାବ ରକ୍ଷା କରି ପାରିବୁ ତ ?

ଶେଫାଳିକା—କାହିଁକି ନ ପାରିବି ? ଦୁର୍ଗା, ଲକ୍ଷ୍ମୀଙ୍କର ସଉତୁଣୀ ଅଛନ୍ତି, ଦ୍ରୌପଦୀଙ୍କର ସଉତୁଣୀ ଥିଲେ, ସେମାନେ ଆମ୍ଭର ଆରାଧ୍ୟା ଦେବୀ । ଆରାଧ୍ୟା ଦେବୀ ଯାହା ପାରିଛନ୍ତି, ତାଙ୍କର ସେବିକା ତାହା ନ ପାରିବେ କାହିଁକି ? ମୁଁ ଯେଉଁ ବ୍ରତ ଧାରଣ କରିଅଛି, ସେଥିରେ ଭଗବାନ୍ ମୋର ସହାୟ ହେବେ । ତାଙ୍କର କଲ୍ୟାଣର ଉଜ୍ଜ୍ୱଳ ହସ୍ତ ମୋ କାର୍ଯ୍ୟ ଉପରେ ନିଶ୍ଚୟ ଅମୃତ ବୃଷ୍ଟି କରିବ । ସଉତୁଣୀ ମୋତେ ପୀଡ଼ା ଦେଲେ ମୁଁ ତାକୁ ପ୍ରତିଦାନରେ ପ୍ରେମ ଦେବି । ମୋତେ ଦୁଃଖ ଦେଇ ସେ ଯଦି ସୁଖ ଭୋଗ କରେ,ତେବେ ତାହା ତ ମୋର ପରମ ପୁଣ୍ୟ । ଆଖୁ ନିଜ ଦେହରୁ ରସ ବାହାର କରି ନିଜେ କାଳ ହୋଇ ତାକୁ ପଦ୍ମକର ପରଛୁ ଦିଏ । ମୋର ସୁଖ ନେଇ ଯଦି କେହି ସୁଖୀ ହୁଏ, ତେବେ ତାହାଠାରୁ ଆନନ୍ଦ କଅଣ ଅଛି ? ତ୍ୟାଗରେ ଯେଉଁ ରୂପ ଆନନ୍ଦ ମିଳେ, ଭୋଗରେ ସେ ରୂପ ମିଳେ ନାହିଁ । ଉତ୍କଳ-ଲଳନା ତ୍ୟାଗର ମାହାତ୍ମ୍ୟ ଜାଣନ୍ତି । ମୁଁ ତାଙ୍କରି ବଂଶୀୟା, ମୁଁ ତ୍ୟାଗ କରିବି, ତାହା ମୋ ପକ୍ଷରେ ଦୁଷ୍କର ନୁହେଁ ।

କୁନ୍ଦୀ—ସମସ୍ତେ ଏହିପରି ମୁହଁରେ କହନ୍ତି, ମୁଁ ଜାଣେ । କୁନ୍ଦୀ ବ୍ରାହ୍ମଣୀ ଏହି ବୟସରେ ଢେର ଦେଖିଲଣି । କୁବୁଦ୍ଧି ଯେତେବେଳେ ଘୋଟେ, ଏହି-ପରି ଘୋଟେ ।

କୁନ୍ଦୀ ମାଉସୀ ଯୁକ୍ତିରେ ପରାସ୍ତ ହୋଇ ଏତିକି ମାତ୍ର କହି ମୁହଁଟାକୁ ଭାରି କରି ଉଠିଗଲା ।

# ଚତୁର୍ଥ ପରିଚ୍ଛେଦ

ପ୍ରତାପପୁର ଶାସନର ଦୁଇକୋଶ ଉତ୍ତରରେ ପ୍ରତି ବୁଧବାରରେ ଗୋଟାଏ ହାଟ ବସେ । ହାଟର ଖୁବ୍ ନାମଡାକ୍ । ବନ୍ଦରର ବାଟରୁ ଦୋକାନୀ ପସାରିମାନେ ଆସନ୍ତି । ହାଟରେ ସୂତାଠାରୁ ମୁକ୍ତା ପର୍ଯ୍ୟନ୍ତ ଯାହା ଖୋଜିଲେ ତାହା ମିଳେ । ଏହି ହେତୁରୁ ବହୁଦୂରରୁ କେତାମାନେ ଆସନ୍ତି । ହାଟଟି ସାଧାରଣରେ "ବୁଧବାର ହାଟ" ନାମରେ ପରିଚିତ । ଲୋକେ କହନ୍ତି—"ବୁଧବାର ହାଟରେ ବାପ ମା ଛଡ଼ା ସବୁ ମିଳେ । ପ୍ରତାପପୁର ଶାସନର ଅନେକ ବ୍ରାହ୍ମଣ ନଉଆ-ଜାଲି ମୁଣ୍ଡାଇ ହାଟକୁ ଯାଆନ୍ତି । ନଉଆ ଜକଯାବ୍ ଲୁଣ ତେଲ ପାନ, ଗୁଆ, ଦୁକୁଡ଼ା ପ୍ରଭୃତି ଅବଶ୍ୟକ ଦ୍ରବ୍ୟ କିଣି ଆଣନ୍ତି । ସହରବାସୀଙ୍କ ପରି ପଲ୍ଲୀବାସୀଏ ନିତି କିଣି ନିତି ଖାଆନ୍ତି ନାହିଁ । ସେମାନେ ସପ୍ତାହର ଉପଯୁକ୍ତ ଦ୍ରବ୍ୟ ହାଟରୁ ଜମ୍ବୁ କରି ରଖନ୍ତି । ଅଧିକ ହେଲେ ବଳି ପଡ଼େ, ଊଣା ହେଲେ ସେଥିରୁ ଚଳାଇ ନିଅନ୍ତି । ଏହି ହାଟଟି ସେ ଅଞ୍ଚଳର ଅନ୍ତର୍ବାଣିଜ୍ୟକୁ ବଞ୍ଚାଇ ରଖିଅଛି ।

ତିନେ ପଣ୍ଡୁ ରଥ ଏବଂ ଶୁକୁଟି ପତ୍ନୀ ହାଟ ସଉଦା ସାରି ଫେରି ଆସୁଥିଲେ । ଏମାନେ ପ୍ରତାପପୁର ଶାସନ-ନିବାସୀ; ସୁତରାଂ ସାରଥି ନନ୍ଦଙ୍କର ପ୍ରତିବେଶୀ । ସେମାନଙ୍କ ସଙ୍ଗରେ ଶୁକୁଟି ପତ୍ନୀର ମାଉସୀପୁଅ ଭାଇ ଭୁତେଇ ମିଶ୍ର ଥିଲେ । ମିଶ୍ରେ ହାଟକୁ ଆସିଥିଲେ; ଶୁକୁଟି ପତ୍ନୀ ତାଙ୍କୁ ଦେଖି ସାଙ୍ଗରେ ଡାକି ଆଣିଥିଲା । ସାରଥି ନନ୍ଦେ ମଧ୍ୟ ସେଦିନ ହାଟକୁ ଯାଇଥିଲେ । ଉକ୍ତ ତିନି-ଜଣଙ୍କ ପଛେ ପଛେ ସେ ଆସୁଥିଲେ; ମାତ୍ର ତାହା କେହି ଲକ୍ଷ୍ୟ କରି ନାହାନ୍ତି । ଅନ୍ଧକାର ରାତି, କେତେ ହାଟୁଆ ଚାଲିଛନ୍ତି, କିଏ କାହାକୁ ଚିହ୍ନିବ କାହିଁକି ? ସବୁ ଥକାଠାରୁ ହାଟ ଥକା ବେଶି ବାଧେ । ସମସ୍ତଙ୍କ ମନ ନିଜ ନିଜ ଘରର ତୋରାଣି କଂସା ପାଖରେ,ଏପରି ଅବସ୍ଥାରେ କିଏ କାହାକୁ ଚାହେଁ । ଉପରୋକ୍ତ ତିନିଜଣ ନାନା କଥା କହି କହି ଚାଲିଅଛନ୍ତି । ଏ ବର୍ଷର ପାଣିର କଥା, ଗାମର କଥା, ନିଜ ସୁଖ ଦୁଃଖର କଥା ଏହିପରି ନାନା କଥାର ଆଲୋଚନା ହେଉଅଛି । ଭୁତେଇ ମିଶ୍ର ନିଜର ଅବସ୍ଥା ପ୍ରସଙ୍ଗରେ କହିଲେ—"ଏଥର ଆଷାଢ ମାସରୁ ଘରୁ ଧାନ ସରିଯିବ, ତେଣିକି କଅଣ ହେବ ଆଜିଠୁଁ ମୋତେ ଏହି ଚିନ୍ତା ଘାରିଲାଣି । ଗଲାବର୍ଷ ଧୂଳିହାତ ପାଣିହାତ କରି ମାରି ନେଇଗଲା, ହେଲେ ଏ ସନ କିଛି ଭରସା ଦିଶୁନାହିଁ । ଚାକିରିରୁ ମିଳିବ ଚାରିଟଙ୍କା, ସେ ପୁଣି ସ୍କୁଲ ଚାକିରି, ତିନି ଚାରିମାସରେ ଥରେ ବେତନ ମିଳିବ । ତାହାରି ଉପରେ ଭର ଦେଇ କି ଦଶ ପ୍ରାଣୀ କୁଟୁମ୍ବ ପୋଷି ହେବ ? ଚାକିରି ଖଣ୍ଡ ସୁଦ୍ଧା ଠେଲମେଲ । ନୂଆ ମାଷ୍ଟରଟା ସଙ୍ଗରେ ମୋର ପଡ଼ୁନାହିଁ, ସେ ମୋତେ କିପରି ବାହାର କରିବ ଏହି ଖଞ୍ଜରେ ଅଛି । ମୁଁ ତାକୁ ଡରେ ନାହିଁ ଯେ, ଖୁବ୍ କରି ଦେଲେ ବେଳେ ବଚାଇ ଦିଏଁ । ଥରେ କହିଲି—"ତୁମ୍ଭେ ମୋର ଭଲ କଅଣ କରି ପାରିବ, ଚାକିରି ଖଣ୍ଡ ଗଲେ ମୁଁ ଉପାସ ରହିବ ନାହିଁ । ସ୍ବବୃତ୍ତି, ପାରି ବୃତ୍ତି, କବି-ସଙ୍ଗା, ଢୋଲକ ବାଜି, ମୋର ଏସବୁ ବିଦ୍ୟା ଅଛି । ପୁରୋହିତ ମୋର ସ୍ବବୃତ୍ତି, ଅପର-ପ୍ରାଇମେରୀ ପାସ କରି ଟ୍ରେନିଂ ପଢ଼ିଛି—ତାହା ମୋର ପାରିବୃତ୍ତି, କିଛି କବିସଙ୍ଗା ମଧ୍ୟ ଜାଣେ, ତହିଁ ଉପରେ ଗାଇବା ବଜାଇବା ଅଛି । ଏଥି ମଧ୍ୟରୁ କୌଣସି ଗୋଟାକୁ ଆଶ୍ରା କଲେ ମୁଁ ବଞ୍ଚିଯିବି; ମାତ୍ର ତୁମ୍ଭେ କରଣ ଜାତି ହାଲ କରିବ ନାହିଁ, କି ମୂଲ ଲାଗିବ ନାହିଁ । ଆଉ କଥା ଆଉ, ଭିକ ବି ମାଗି ପାରିବ ନାହିଁ । ଚାକିରିଖଣ୍ଡ ଗଲେ ତୁମ୍ଭେ ତିନି ଉପାସରେ ଗଣ୍ଡପାଇ ମରିବ ।" ସେହିଦିନୁ ଆଉ କିଛି ସେ କହୁନାହିଁ । ନିଜେ ତ ଯେଉଁ ପଣ୍ଡିତ, ସେଥିରେ ପୁଣି ମୋତେ ବାଛିବ । ପ୍ରଥମ ଶିକ୍ଷକ, ଦ୍ୱିତୀୟ ଶିକ୍ଷକ ନ ଲେଖି ଏକମ ଶିକ୍ଷକ, ଦୁଇୟ ଶିକ୍ଷକ ବୋଲି ଲେଖେ, ଏହା କଅଣ ତାହାର ଭୁଲ ନୁହେଁ । ଭୁତେଇ ଉତ୍ତେଜିତ ହୋଇ ଏହିପରି କେତେ କଥା ବକି ବକି ଚାଲି ଥାଆନ୍ତି; ମାତ୍ର ସେ ଉଚ୍ଛୃଙ୍ଖଳତା

ତାଙ୍କ ସ୍ୱଭାବର ଗୁଣ ନୁହେଁ—ଗୋଟିଏ କୁତ୍ସିତ ପଦାର୍ଥ ବିଶେଷର ଗୁଣ, ଏହା ବୋଲିବା ବାହୁଲ୍ୟ । ହାଟରୁ ବାହାରିବା ବେଳେ ସେ ସେହି ପଦାର୍ଥ ଦୁଇ-ପଇସାର କିଣି ପାଣିଚଳାକ ସଙ୍ଗରେ ଗିଳି ପକାଇ ଥିଲେ ।

ଶୁକ୍ଳୁଟି ପଣ୍ଡା କହିଲା, "ଘର କରଣା କଥା କାହିଁକି କହୁଛ ନନା, ଖଣ୍ଡଦଣ୍ଡ ସେ କଥା । ଯାହା କହନ୍ତି—ଘରକରଣା ଏକ୍ ମାରଣା, ତାହା ଠିକ୍ । ଜମି ବନ୍ଧା ପକାଇ ଟୋକାଟାକୁ ପଇତା ଦିଏ ଦେଲି; ମାତ୍ର ତିନି ବର୍ଷ ହେଲା ସେ ଜମି ଆଉ ମୁକୁଳାଇ ପାରିଲି ନାହିଁ । ଅର୍ଜନପାଣ୍ଡିତ ନାହିଁ, ଯାହା ଭଲ ହୁଅନ୍ତା, ତାହା ଜନ୍ମା ସାରଥିଆ ତ କରିବାକୁ ଦେଲାନାହିଁ ।

ଭୁଟେଇ—ସାରଥିଆ କିଏ ?

ଶୁକ୍ଳୁଟି—ସେହି ଯେ ଆମ ଶାସନର ସାରଥି ନନ୍ଦ ।

ଭୁଟେଇ—ମୁଁ ତ ଶୁଣିଛି ସେ ଜଣେ ଭଲ ପଣ୍ଡିତ । ସେ କଅଣ କଲେ ?

ଶୁକ୍ଳୁଟି—ତା ମୁଣ୍ଡ ତଣ୍ଡି ପଣ୍ଡିତ ! ସ୍ୱଜାତିର ଅନ୍ନରେ ଧୂଳି ପକାଇବ, ଏହି ପଣ୍ଡିତପଣ ନା ଆଉ କିଛି ଅଛି ?

ପଞ୍ଚୁ ରଥେ ଏ ପର୍ଯ୍ୟନ୍ତ ସବୁ ନୀରବରେ ଶୁଣୁ ଥିଲେ । ନନ୍ଦଙ୍କର ନିନ୍ଦା ଶୁଣି ସେ ଆଉ ସହି ପାରିଲେ ନାହିଁ । କହିଲେ—"କି ରେ ଶୁକ୍ଳୁଟା ତୁ ସାରଥିନନ୍ଦଙ୍କୁ ନିନ୍ଦା କରୁଛୁ କାହିଁକି ? ତାହା ପରି ଜଣେ ବ୍ରାହ୍ମଣ ଆମ ଶାସନରେ ଅଛି ନା ? ତାହାରି ଲାଗି ଶାସନର ମର୍ଯ୍ୟାଦା ଅଛି ।"

ଶୁକ୍ଳୁଟି—ମୁଁ କଣ ତାହା ମନା କରୁଛି ? ତାହା ପରି ଜାଣିବାର ଆଉ କିଏ ? ସେ ଯେତେବେଳେ ବେଦ ପୁରାଣରୁ ଆଣି ଦାଇକା ଦେଖାଏ, ସେତେବେଳେ ତା ମୁହଁରେ କଥା କହିବ କିଏ ? ଶାସନରୁ ତ ବିଦ୍ୟା ସରିଗଲା, ଖାଲି ସେହି ଅଛି ବୋଲି ଯାହା କିଛି ଅଛି । ତାହାପରେ ଶାସନ ଅନ୍ଧାର ହୋଇଯିବ । ହେଲେ ଆମେ ଦୁଇପଇସା ଖାଇଲେ ତାହା ଦେହ ସହେ ନାହିଁ କାହିଁକି ? ସେଦିନ ସେ ବିଲାତ ଫେରନ୍ତା ଟୋକାଟା ବଧାନ ନେବାକୁ ଆସିଥିଲା, ଆମେ ସବୁ ଶାସନ ମର୍ଯ୍ୟାଦା ଅତେଇଶ ଟଙ୍କା ମାଗିଲୁ, ସେ ଦେବାକୁ ମଙ୍ଗିଥିଲା । ତାହାହେଲେ ଘରପିଛା ଦଶଟଙ୍କା ଲେଖାଏଁ ମିଳିଥାଆନ୍ତା; ମାତ୍ର ସାରଥି ନନ୍ଦ ଯାଇ ପାଞ୍ଚଟଙ୍କାରେ ରଫା କରିଦେଲା । ଘରକା ସୁଦ୍ଧେ କି ମିଳିଲା ନାହିଁ । ସ୍ୱଜାତିର ତଣ୍ଡି ଚିପିଲେ ବିଧାତା କଅଣ ମଙ୍ଗଳ କରିବେ ? ଆଉ କଅଣ ଅଛି, ମୂଳରୁ ତ ଅଣ୍ଟକୁଡ଼ା, ସକାଳୁ ଉଠି ମୁହଁ ଚାହିଁଲେ କି ଯଶ ନାହିଁ ।

ପଞ୍ଚୁ ରଥେ—ରାମ, ରାମ, ଏହା କି ମନୁଷ୍ୟ କହେ । ନିଃସନ୍ତାନ ହେବା ତ ଅଦୃଷ୍ଟର କଥା, ସେଥିରେ ମନୁଷ୍ୟର କି ଦୋଷ ଅଛି । ବ୍ୟବସ୍ଥା ପଇସା-ସବୁ ତୁମ୍ଭେମାନେ ନିଅ, ସେ କଅଣ ତାହା ଛୁଏଁ ?

ଭୁଟେଇ—( ଆଶ୍ଚର୍ଯ୍ୟ ହୋଇ ) କଅଣ, ସେ ପଇସା ସେ ନିଅନ୍ତି ନାହିଁ ?

ପଞ୍ଚୁ—ନା, ସେ କହନ୍ତି—"ବ୍ୟବସ୍ଥା ବିକି ଖାଇବା ବ୍ରାହ୍ମଣର ଧର୍ମ ନୁହେଁ ।"

ଭୁଟେଇ—ତାହା ହେଲେ ତ ସେ ଜଣେ ପ୍ରକୃତ ଆଦର୍ଶ ବ୍ରାହ୍ମଣ । ସେପରି ଲୋକର ପାଦୋଦକ ପାନ କରିବା ଉଚିତ । ଧନ୍ୟ ଏ ସଂସାର, ଏପରି ସାଧୁ ସଚ୍ଚରିତ୍ର ନ୍ୟାୟନିଷ୍ଠ ନିର୍ଲୋଭ ବ୍ରାହ୍ମଣ ନାମରେ ବି ନିନ୍ଦା ରଟନା ହୁଏ ।

ଏ ମନ୍ତବ୍ୟ ଶୁଣି ଶୁକ୍ଳୁଟି ପଣ୍ଡାର ଉଚ୍ଛ୍ରିତ ମସ୍ତକ ଲଜ୍ଜାରେ ଅବନତ ହୋଇଗଲା । ସେ ଆଉ କିଛି କହି ପାରିଲା ନାହିଁ । କଥା ଶେଷ ହେବା ବେଳକୁ ବାଟ ମଧ୍ୟ ସରି ଆସିଥିଲା । ଗ୍ରାମରେ ପହଞ୍ଚି ସମସ୍ତେ ନିଜ ନିଜ ଘରକୁ ଗଲେ ।

ଶୁକ୍ଳୁଟି ପଣ୍ଡାର କଠୋର କୁତ୍ସା ରଟନାରେ ନନ୍ଦେ ବିଚଳିତ ହେଲେନାହିଁ । କିନ୍ତୁ ମୁହଁରୁ ଗୁଣର ପ୍ରଶଂସା ଏବଂ ବ୍ୟବହାରର ନିନ୍ଦା ଯୁଗପତ୍ ବାହାର ହେବାର ଦେଖି ବରଂ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେ ମନେ ମନେ ଭାବିଲେ—"ଶେଫାଳିକା କହୁଥିଲେ—'ଲୋକେ କହିବେ ସକାଳୁ ଉଠି ଅଣ୍ଟକୁଡ଼ାର ମୁହଁ ଚାହିଁଲେ ଯଶ ନାହିଁ' ଏହା ସତ କଥା । ଲୋକେ କହିବେ କାହିଁକି, କହି ସାରିଲେଣି । ଏହି ତ

ଶୁଣୁଛି ପତ୍ନୀ ପ୍ରକାଶ୍ୟରେ କହିବାକୁ ସୁଦ୍ଧା ସଙ୍କୁଚିତ ହେଲା ନାହିଁ । ତେବେ ମୁଁ ବିବାହରେ ମତ ଦେଇ ଭୁଲ କରି ନାହିଁ । ଯଦି ବା ଭୁଲ ହୋଇଥାଏ, ତେବେ ଥରେ ଅଧେ ଭୁଲ ଭ୍ରାନ୍ତି ଘଟିଲେ ଯେ ସାରା ଜୀବନଟା ବ୍ୟର୍ଥ ହୋଇଯିବ, ଏପରି ତ କୌଣସି କଥା ନାହିଁ । ଏ ବୟସରେ ବିବାହ ନ କରି ବନକୁ ଯିବା ଉଚିତ, ଏହା ଶାସ୍ତ୍ରାଦେଶ; ମାତ୍ର ସେହି ଶାସ୍ତ୍ର କହୁଛି, 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା, ପୁତ୍ରଃ ପିଣ୍ଡପ୍ରୟୋଜନମ୍ ।' ପୁତ୍ର ଅଭାବରେ ପିଣ୍ଡ କିଏ ଦେବ ? ଏହା ମୁଁ ଭୁଲି ଯାଇ-ଥିଲି; କିନ୍ତୁ ଶେଫାଳିକା ଭୁଲି ନାହାନ୍ତି । ସେ ଖୁବ୍ ବୁଦ୍ଧିମତୀ, ଏପରି ବୁଦ୍ଧିମତୀ ସ୍ତ୍ରୀ ମୋ କପାଳକୁ ବହୁଥିଲେ ହୁଏ । ହାୟ, ଯାହାର ସ୍ତ୍ରୀ ଏପରି ଗୁଣବତୀ ତାହାର ପୁଣି ଦ୍ୱିତୀୟ ବିବାହ । କିନ୍ତୁ କଅଣ କରିବ ଗୋଟାଏ ଅଭାବ ଲାଗି ସ୍ୱୀକାର କରିବାକୁ ହେଲା ।" ସତେ ତ ତାଙ୍କର ପୁତ୍ର ନାହିଁ, ପୁତ୍ର ଅଭାବରେ ସେ ତାଙ୍କର ଛପନ-ପୁରୁଷ ଜଳପିଣ୍ଡ ବିନା ଶୁଷ୍କକଣ୍ଠରେ ଛଟପଟ ହେବେ । ବାସ୍ତବରେ ପୁତ୍ରର ଜଳଧାର ବିନା ପିତୃପୁରୁଷରୂପ ଗୃହକ ମୁହଁରେ ଜଳ ଦେବ କିଏ । ପିତୃପୁରୁଷଙ୍କ ତୀବ୍ର ତାପାନଳରେ ନହେଲେ ଯେ ଜଳି ଭସ୍ମ ହୋଇଯିବେ । ଏହିପରି ସୁବିଅଡ଼କୁ ବିଚାର କରି ସେ ବିବାହରେ ମତ ଦେଇଅଛନ୍ତି । ସ୍ୱାମୀଙ୍କର ସମ୍ମତି ପାଇ ଶେଫାଳିକାଙ୍କ ମନ ଉଲ୍ଲାସରେ ନାଚି ଉଠି ଉତ୍ସାହରେ ମାତି ଉଠିଅଛି । ସେ ନାନା ସ୍ଥାନକୁ ଲୋକ ପଠାଇ ପାତ୍ରୀର ଅନୁସନ୍ଧାନ କରୁଅଛନ୍ତି । ସେ ଆଉ ବିଳମ୍ବ ସହି ପାରୁ ନାହାନ୍ତି, ରାତିରେ ଶୋଇ ପାରୁ ନାହାନ୍ତି । ଅଧୀର ଉତ୍କଣ୍ଠା ଏତେ ବଢ଼ିଅଛି ଯେ, ଶଯ୍ୟା ତାହାଙ୍କୁ କଣ୍ଟକିତ ବୋଧ ହେଉଅଛି ।

ବିପୁର ଗ୍ରାମରେ ସପ୍ତା ବସିଅଛି । ଲୋକରଞ୍ଜନ ସକାଶେ କାରୁଆଳ ମୂର୍ତ୍ତି ତିଆରି ହୋଇଅଛି । ସ୍ୱୟଂ ଶ୍ରୀମତୀ କାରୁଆଳୀ କ୍ରୋଧରକ୍ତ ନେତ୍ରରେ ଦଣ୍ଡାୟମାନ । କେଶପାଶ ମୁକ୍ତ ହୋଇ ପୃଷ୍ଠ ଦେଶରେ ବିଲୁଣ୍ଠିତ । ଶ୍ରୀମତୀ ବାମ ଶ୍ରୀହସ୍ତରେ ଦଗ୍ଧଭାଗ୍ୟ ସ୍ୱାମୀର ଚୈତନ୍ୟ ଚୁଟି ଦୃଢ଼ ମୁଷ୍ଟିରେ ଧାରଣ ପୂର୍ବକ ଦକ୍ଷିଣ ଶ୍ରୀହସ୍ତରେ ସଂମାର୍ଜନୀ ଚାଳନା କରୁଅଛି । ସେ ଦୃଶ୍ୟ ଯାହାକାଇ

ସ୍ତ୍ରୀ ଲୋକମାନଙ୍କର ବଡ଼ ଲୋଭନୀୟ । ସୁତରାଂ ସମସ୍ତେ ସେହିଠାରେ ରୁଣ୍ଡ ହୋଇଅଛନ୍ତି । ପିମ୍ପୁଡ଼ିମାଳ ପରି ଦର୍ଶକର ଯାତାୟାତ ଲାଗିଅଛି । ଦିନେ ପ୍ରତାପପୁର ଶାସନରୁ ପଞ୍ଚାଏ ସ୍ତ୍ରୀଲୋକ ଯାତ୍ରା ଦେଖିବାକୁ ବାହାରିଲେ । ଶେଫାଳିକା ମଧ୍ୟ ସେମାନଙ୍କ ସଙ୍ଗରେ ଗଲେ । ଯାତ୍ରାରେ ପହଞ୍ଚି ଜଣେ ଦୁଇଜଣ ଅରସିକା ବୁଢ଼ୀ ସପ୍ତା ଭାଗବତ ଶୁଣିବାକୁ ବସିଲେ ଆଉ ସମସ୍ତେ କାରୁଆଳ ଦେଖା ଏବଂ ସଉଦା କିଣାରେ ଲାଗିଲେ । କେହି ଗୋଡ଼ ହାତର ଆଙ୍ଗୁଳିକ କାଚ ମୁଦି କିଣିଲା, କେହି ରଙ୍ଗଚଙ୍ଗିଆ ପୁତିମାଳ କିଣିଲା, କେହି ହାଣ୍ଡି, କେହି ବଟା, କେହି ଶାଗଧୁଆ ଜାଳି କିଣିଲା, କେହି ବା ଚୂଡ଼ାଗୁଡ଼ କିଣି ଉଦର ଦେବତାକୁ ପିଣ୍ଡ ଅର୍ପଣ କଲା । ଯେଉଁମାନେ ପୁଅ ଝିଅର ମା, ସେମାନେ ପୁଅ ଝିଅଙ୍କ ପାଇଁ କଣ୍ଢେଇ କିଣିଲେ, କେହି ପୁଅ ପାଇଁ ରେଶମୀ ଅଣ୍ଟାଡୋର କିଣିଲା, କେହି ଝିଅ ଲାଗି କଉଡ଼ି ଥୋପା-ଯୁକ୍ତ ହାତଫୁଲ କିଣିଲା, କେହି ତାହାର ସ୍ନେହପାଳିତ କୁନି ବିରାଡ଼ି ପାଇଁ ଘୁଙ୍ଗୁରମାଳ କିଣିଲା; ମାତ୍ର ଶେଫା-ଳିକା କିଛି କିଣିଲେ ନାହିଁ । ତାଙ୍କର କିଏ ଅଛି, ସେ କାହା ଲାଗି କିଣିବେ ? ତାଙ୍କର ମନଟା ଖିନ୍ନ ହୋଇ ଉଠିଲା । ବନ୍ଧ୍ୟା ନାରୀର ଦୁଇ ଆଖିରୁ ସାତ ସମୁଦ୍ରର ଜଳ ବାହାରି ଆସିଲା । ସେ ଯାତ୍ରାରୁ ଚାଲିଆସିଲେ । ଅଳ୍ପ ଦୂରରେ ଗୋଟାଏ ଘର ଥିଲା, ସେ ଯାଇ ସେହି ଘର ପିଣ୍ଡାରେ ବସିପଡ଼ିଲେ ।

କିଛିକ୍ଷଣ ପରେ ଶେଫାଳିକା ଉଠି ଦ୍ୱାର ମୁହଁରେ ଠିଆହୋଇ ଡାକିଲେ—"ଘରେ କିଏ ଅଛଲୋ ମା, ଏ ବ୍ରାହ୍ମଣ ଘର ନା କି ଘର, ଲୋଟାଏ ପାଣି ମିଳିବ ?" ଗୃହ ମଧ୍ୟରୁ କ୍ଷୀଣ କମ୍ପିତ ସ୍ୱରରେ ଉତ୍ତର ଆସିଲା— "କିଏ ଲୋ ମା, ଭିତରକୁ ଆସ ।" ଶେଫାଳିକା ଘର ଭିତରକୁ ଯାଇ ଦେଖିଲେ—ଜଣେ ରୋଗଶୀର୍ଣ୍ଣା ବୁଢ଼ୀ ମଳିନ ଶଯ୍ୟାରେ ଶୟନ କରିଅଛି । ବୁଢ଼ୀ ଶେଫାଳି-କାକୁ ବସିବାକୁ କହି ପଚାରିଲା—"ତମ ଘର କେଉଁଠି ଲୋ ମା ?" ଶେଫାଳିକା କହିଲେ—"ଆମ ଘର ପ୍ରତାପପୁର । ସପ୍ତା ଦେଖିବାକୁ ଆସିଥିଲି । ଶୋଷ କଲା ସେ ପାଣି ପିଇବାକୁ ଆସିଲି ।" ବୁଢ଼ୀ ଏହା ଶୁଣି ଡାକିଲେ,

"ଲୋ ସଉଡ଼, ଲୋ ଚୂଲପଣି, ଲୋ ପୋଡ଼ାମୁହିଁ, କାନରେ କଅଁ ଲାଗିଛି କି ? ଲୋଟାଏ ପାଣି ଆଣ ।" ଅଳ୍ପକ୍ଷଣ ପରେ ଗୋଟିଏ ଚତୁର୍ଦ୍ଦଶବର୍ଷୀୟା କଳକୁମ୍ଭ-ହସ୍ତରେ ଉପସ୍ଥିତ ହେଲା । କିଶୋରୀ ଗୌରବର୍ଣ୍ଣା, ଅପୂର୍ବ ସୁନ୍ଦରୀ; ମାତ୍ର ତାହାର ସୌମ୍ୟସୁନ୍ଦର ବଦନ-ମଣ୍ଡଳ ଚନ୍ଦ୍ରକାଶୂନ୍ୟ ଚନ୍ଦ୍ରପରି ମଳିନ । ପରିଧେୟ ଖଣ୍ଡିଏ ଶାଢ଼ୀ ମଳିନ ଲାଲ୍ କନାର ଖଣ୍ଡ; ମାତ୍ର ସେହି ମଳିନ ବସ୍ତ୍ରାନ୍ତରାଳରୁ ସୁନ୍ଦରୀର ଅଲୌକିକ ସୌନ୍ଦର୍ଯ୍ୟ ଫୁଟି ବାହାରୁଅଛି । କିଶୋରୀ ପାଣି ଲୋଟା ଥୋଇ ଦେଇ ଅପରଚିତା ଆଗନ୍ତୁକାର ମୁହଁକୁ ଚାହିଁ ଠିଆ ହୋଇ ରହିଲା । ଶେଫାଳିକା ଜଳପାନ କରିସାରି ମୃଦୁ ମଧୁର ସ୍ୱରରେ ବୁଢ଼ୀକୁ ପଚାରିଲେ, "ଜର ହୋଇଛି କି ମାଉସି ?"

ବୁଢ଼ୀ—ହଁ, ଜର ହୋଇଛି, ମରିଯିବି । ପୋଡ଼ାମୁହାଁ ଯମ କି ମୋତେ ପାଶୋରିଲାଣି ?

ଶେଫାଳିକା—ନା ଲୋ ମାଉସି, ଯମ ପାଶୋରିବା ଲୋକ ନୁହେଁ । ବେଳେ ସେ କାହାର ଜାଗିରଖିଆ ଚାକର ନୁହେଁ ଯେ, ଡାକିଲାକ୍ଷଣି ଆଜ୍ଞାପ୍ରମାଣେ ଆସି ହାଜର ହେବ । ନଗାହାରି ପୂରିଲେ, ସଂସାରରୁ ଦାନାପାଣି ସରିଲେ ସେ ବଳେ ବଳେ ଆସି ନେଇଯିବ । ଏଟି କଅଣ ତମର ଝିଅ ?

ସଂସାର, ସମାଜ ଏବଂ ରୋଗର ଦାରୁଣ ଆଘାତରେ ବୁଢ଼ୀର ସ୍ୱଭାବ ଃଅସ୍ୱାଭାବିକ କଡ଼ା ହୋଇଯାଇ ଥିଲା । ସେ କର୍କଶ ସ୍ୱରରେ କହିଲା—"ହଁ ମୋର ଝିଅ ମୋର ଗାତ, ମୋର ଚୂଲି । ସବାଖାଇ, ଅସୁରୁଣୀ, ବାପକୁ ଖାଇଲା, ଜାତି ଧର୍ମ ଖାଇଲା, ଆଉ ମୋତେ ଖାଇଲେ ଯାଇ ତା ପେଟ ପୂରିବ । ଝିଅ ନୁହେ ଯେ, ମୋର ଭଗାରି ମୋ ପେଟରୁ ଜନ୍ମ ହୋଇଥିଲା ।" ଶେଫାଳିକା ମୃଦୁ ମୃଦୁ ହସି ମନେ ମନେ କହିଲେ—ଯାହା କହନ୍ତି ମନ୍ଦ ଚକ୍ଷୁ, ତାହା ସତ । ରୋଗୀର ସ୍ୱଭାବ ସେ କଥା କଥାକେ ଚଳଉଠେ । ଶେଫାଳିକା ସ୍ୱଭାବମଧୁର ଜିହ୍ୱାରେ ଆଉ ଟିକିଏ ମଧୁ ବୋଳି ଦେଇ ସହାନୁଭୂତିବ୍ୟଞ୍ଜକ ଅତ୍ୟନ୍ତ କୋମଳ ସ୍ୱରରେ କହିଲେ—"ପିଲାଟା ଉପରେ କାହିଁକି ଏତେ ବେକାର ହେଉଛ ମାଉସି ? ମୁଁ ଜାଣୁଛି—ତୋ ମନରେ ଖୁବ୍ ଦୁଃଖ ହୋଇଛି । ଆଗ କହନି ମାଉସି, କି ଦୁଃଖ ?" ବୁଢ଼ୀ ଉଦାସସ୍ୱରରେ କହିଲା—"କଅଣ କହିବି ଲୋ ମା, କହିଲେ କିଏ ଦୁଃଖ ହରିନେବ ନା! ବୋଝ ଭାର ହୋଇଛି ଯେ, ଓହ୍ଲାଇ ପକାଇବି ।" ଶେଫାଳିକା କହିଲେ—"ନା, ଦୁଃଖ କେହି ହରିନେଇ ପାରେ ନାହିଁ, ତେବେ ଦୁଃଖୀ ପାଖରେ ଦୁଃଖ କହିଲେ ଦୁଃଖର ଭାର ଅଧେ କମି ହୋଇଯାଏ । ସଂସାରରେ ଦୁଃଖୀ କିଏ ନୁହେଁ ଲୋ ମାଉସି, ତୁ ଦୁଃଖୀ, ମୁଁ ଦୁଃଖୀ ସମସ୍ତେ ଦୁଃଖୀ । ତେବେ କାର ଦୁଃଖ ଅଳ୍ପ ଆଉ କାହାର ବା ଅଧିକ ।" ବୁଢ଼ୀ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ଅପେକ୍ଷାକୃତ ନରମ ସ୍ୱରରେ କହିଲା, "ତେବେ ଶୁଣିବୁ ମା ମୋର ଦୁଃଖ, ଆଗ କହୁଛି ଶୁଣ ।" ବୁଢ଼ୀ ଏହା କହି ଶଯ୍ୟାରୁ ଉଠି କାନ୍ଥକୁ ଆଉଜି ବସିଲା । ରୋଗବକାଏର ପ୍ରଜା ପରି ତାହାର ଦେହ ଶୀର୍ଣ୍ଣ, ପଞ୍ଜରାସ୍ଥି ଗଣି ହେଉଅଛି । ମୁଖ ପାଣ୍ଡୁର, ନୟନ ଦୀପ୍ତିହୀନ, ଯେମନ୍ତ କି, କି ଗୋଟାଏ ନିଦାରୁଣ ବେଦନା ତାହାର ନୟନରୁ ଜ୍ୟୋତି ଶୋଷି ନେଇଅଛି । ବୁଢ଼ୀ ଧୀରେ ଧୀରେ କହିଲା—"ଏ ଗ୍ରାମରେ ସାତ ପୁରୁଷ ହେଲା ଆମର ବାସ । ସମ୍ପତ୍ତି ଯାହା ଥିଲା, ତାହା ମୋର ଶ୍ୱଶୁରଙ୍କଠାରୁ ଶେଷ ହୋଇଅଛି । ସେ ନିଶା ପାଣିରେ ସବୁ ଉଡ଼ାଇ ଦେଇ ଯାଇଅଛନ୍ତି । ଅର୍ଥାଭାବରୁ ନିଜର ଏକମାତ୍ର ପୁତ୍ରକୁ ଦୁଇ ଅକ୍ଷର ପାଠ ପଢାଇ ଯଇ ପାରି ନାହାନ୍ତି । ବ୍ରାହ୍ମଣ ମୂର୍ଖ ହେଲେ ଭିକ୍ଷା ବୃତ୍ତି ଛଡ଼ା ଆଉ ତାହାର ଆଶ୍ରୟ କଣ ଅଛି; ଯାହାହେଉ ଦୁଃଖେ ଦୁଃଖେ ଦିନ କଟିଯାଉଥିଲା । ଦେଖୁଁ ଦେଖୁଁ ଏ ପୋଡ଼ାକପାଳୀର ବୟସ ଏଗାର ବର୍ଷ ହୋଇଗଲା । ତାକୁ ପାଣି ଟୋକିଏ ଢାଳି ଦେଇ ପାତ୍ରସ୍ଥ କରି ପାରିଲୁ ନାହିଁ । ଆମ ବଂଶରେ ଝିଅ ରଖା ନାହିଁ । ଖାଲି ହାତରେ ତ ଆଉ ବରଘର ହୁଏ ନାହିଁ । ତେବେ ମାଗିମୁଗି ଧୂଳି ହାତ ପାଣି ହାତ କରି କାମଟା ଚଳାଇ ଦେବାକୁ ହୋଇଥାଆନ୍ତା । ବରପାତ୍ର ବି ଠିକ୍ ହୋଇଥିଲା । ହେଲେ ସେ ସୁଖ ଏ ହାନକପାଳୀ ଭାଗ୍ୟରେ କାହିଁ ? ବାର ବର୍ଷରେ ଗୋଡ଼ ଦେଲାକ୍ଷଣି ଏ

ବଅଁଶଖାଇ ବାପକୁ ଖାଇଦେଇ ବସିଲା । ବିଧାତା ଯାକୁ ଦୁଃଖ ଦିଏ, ତାକୁ ଦୁଃଖ ଉପରେ ଦୁଃଖ ଦିଏ । ବାପ ମରିବାର ବର୍ଷମାସ ଯାଇନାହିଁ, ଅଲକ୍ଷଣୀ ଘରଯୋଗା ହୋଇ ବସିଲା । ଏବେ ଜାତି ଗଲା, ଧର୍ମ ଗଲା, ସବୁ ଗଲା । ବ୍ରାହ୍ମଣ ଘରେ ପାଚିଲା କନ୍ୟା କିଏ ବିଭା କରିବ । ପିତୃପୁରୁଷଙ୍କ ଜଳପିଣ୍ଡ ବୁଡିଲା, ସେମାନେ ନରକରେ ପଡିଲେ, ଏହାଠାରୁ ବଳି ଆଉ କି ଦୁଃଖ ଅଛି କହ ଲୋ ମା ? କୁଳକଳଙ୍କିନୀ ମରିଗଲେ ଚାଲି ଯାଆନ୍ତା । ଏ ହୃଃହେଠା ଜୀବକୁ ଯମ ଖାଇ କେଉଁ କୂଳରେ ମୁହଁ ଧୋଇବ ? ଏହାରି ଲାଗି ଦୁଇବର୍ଷ ହେଲା ମୁଁ ଗାଁରେ ଏକଘରିଆ ହୋଇ ରହୁଅଛି, ଲାଜରେ ମୁଣ୍ଡ ଟେକି ପାରୁ ନାହିଁ । ମୁଁ ମଲେ ମୋତେ କେହି ଛୁଇଁବେ ନାହିଁ, ପାଣ ହାଣ୍ଡି ଘୋଷାରି ନେଇ ମଶାଣି ଭୂଇଁରେ ଗଡେଇ ଦେଇ ଆସିବେ ।” ବୁଢୀର ଶୀର୍ଣ୍ଣ ଜୀବନର କରୁଣ ଇତିହାସ ଶୁଣି ଶେଫାଳିକା କହିଲେ—“ତାହା ତ କପାଳର ଦୋଷ ଲୋ ମାଉସି, ସେଥିରେ ଝିଅର କି ଦୋଷ ଅଛି । ଆହା, ଚନ୍ଦ୍ରମୁହଁଟି ଶୁଖିଯାଇଛି । କେତେ କେତେ ସ୍ୱର୍ଣ୍ଣମନ୍ତ ବଡିଆଳ ଥାଆନ୍ତି, ଏଗାର ବାର ବର୍ଷରେ ଘରଯୋଗା ହୁଅନ୍ତି, ସେଥିକି ସେ କଅଣ କରିବ । ତାହାର ହାତର କଥା ତ ନୁହେଁ । ଝିଅଟିର ନା କଅଣ ମାଉସୀ ?

ବୁଢୀ—ଅଣ ସଗଗରେ ବାପ ସୌଦାମିନୀ ନା ଦେଇଥିଲେ ।

ଶେଫାଳିକା—ନା ଟି ଅଛି ସୁନ୍ଦର । କିଛି ଚିନ୍ତା କରନା ମାଉସି । ଝିଅଟି ସୁଲକ୍ଷଣୀ, ତାହା କପାଳରେ ଖୁବ୍ ସୁଖ ଅଛି ।

ବୁଢୀ—ସୁଖ ଅଛି ନା ପାଉଁଶ ଅଛି । ସମାଜରେ ଯାହାର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ, ତାହାର ସ୍ୱପ୍ନରେ ବି ସୁଖ ନାହିଁ ।

ଏହି କଥାବାର୍ତ୍ତା ଶୁଣି ସୌଦାମିନୀ ଲଜ୍ଜାରେ ସଙ୍କୁଚିତ ହୋଇ ପୂର୍ବରୁ ସେଠାରୁ ପଳାଇ ଯାଇଥିଲା । ଶେଫାଳିକା କିଛିକ୍ଷଣ ମନେ ମନେ କଅଣ ଭାବି ସଙ୍କୋଚକମ୍ପିତ କଣ୍ଠରେ କହିଲେ— “ମାଉସି, ମୁଁ ଗୋଟାଏ କଥା କହିବି, ମନରେ କିଛି ବିଚାରିବୁ ନାହିଁ ତ ?”

ବୁଢୀ—ନା, ମା, ତାହାଁକି କଅଣ ବିଚାରିବି ? କଅଣ କହିବୁ କହ ।

ଶେଫାଳିକା—ଝିଅଟିକି ମୋତେ ଦେ ।

ବୁଢୀ ବିସ୍ମୟବିହ୍ୱଳ ଦୃଷ୍ଟିରେ ଶେଫାଳିକାଙ୍କ ମୁହଁକୁ ଚାହିଁରହି କେତେକ୍ଷଣ ପରେ କହିଲା—“ତୁ ନେବୁ, ନେଇ କଅଣ କରିବୁ ?”

ଶେଫାଳିକା—ମୋ ସ୍ୱାମୀଙ୍କ ସଙ୍ଗରେ ବିବାହ ଦେବି ।

ବୁଢୀର ବିସ୍ମୟ ଆହୁରି ବୃଦ୍ଧି ଲାଭ କଲା । ସେ କହିଲା—“ସମାଜ ପଣ୍ଡିତ ବିଚାରିବେ ନାହିଁ ?”

ଶେଫାଳିକା— ସେ କଥାର ଭାର ମୋ ଉପରେ ।

ବୁଢୀ—ତୁ ତାହାଙ୍କ ନିଜ ଗଳାରେ କାଳଫାଶ ବାନ୍ଧିବୁ ? ପରୋପକାର ଲାଗି ବୋଲି କହିବୁ ? ପରୋପକାର ତ ସବୁ ସମୟରେ ସବୁ ଅବସ୍ଥାରେ ଧର୍ମ ନୁହେ ମା ।

ଶେଫାଳିକା—କାଳଫାଶର ଭୟ ମୋର ନାହିଁ ମାଉସି । ମୁଁ ପରୋପକାର କରିବାକୁ ଯାଉ ନାହିଁ, ସେ ସୌଭାଗ୍ୟ ମୋର ନାହିଁ । ନିଜର ଉପକାର ପାଇଁ ମୁଁ ଏହା କରିବି ।

ଏ ମହିମାମୟୀ ରମଣୀର ସ୍ଥିର ନିଶ୍ଚଳ ଉକ୍ତି ଶୁଣି ବୁଢୀ ନିର୍ବାକ ବିସ୍ମୟରେ ଅଭିଭୂତ ହୋଇପଡିଲା । ଶେଫାଳିକା ତାହାର ଏ ଭାବ ଲକ୍ଷ୍ୟ କରି ମୃଦୁ ମୃଦୁ ହସିବାକୁ ଲାଗିଲେ । ବୁଢୀ ଚକିତ କଣ୍ଠରେ କହିଲା—“ମା, ତୁ କେଉଁ ଦେବୀ, ମନୁଷ୍ୟ ରୂପ ଧରି ଏ ପତିତାକୁ ଉଦ୍ଧାର କରିବାକୁ ଆସିଛୁ ? ଏ ପାପିଷ୍ଠାର ଅନ୍ତଳ-କନ୍ଦଳରେ ତୋର ସିଂହାସନ କି ଟଳିଛି ମା !” ବୁଢୀର କଣ୍ଠ ବାଷ୍ପରୁଦ୍ଧ ହୋଇଆସିଲା—ନେତ୍ରଦ୍ୱୟରୁ ଶ୍ରାବଣର ବୃଷ୍ଟିଧାରା ବାହାରି ଆସିଲା । ସେ ବିହ୍ୱଳ ହୋଇ ଶେଫାଳିକାଙ୍କୁ କୁଣ୍ଢାଇ ପକାଇଲା । ଶେଫାଳିକା ବୁଢୀର ହସ୍ତ ଧରି କହିଲେ—“ନା, ମାଉସି, ମୁଁ ଦେବୀ ନୁହେ, ତୋହରି ଝିଅ, ତୋହରି ପରି ମନୁଷ୍ୟ । ମୋର ପୁଅ ଝିଅ କିଛି ନାହିଁ । ମୋର ଶ୍ୱଶୁରଙ୍କ ବଂଶ ରକ୍ଷା ଲାଗି ମୁଁ ସ୍ୱାମୀଙ୍କୁ ବିଭା କରାଇବି । ସେଥିପାଇଁ

ତୋ ପାଖରେ କନ୍ୟା ଭିକ୍ଷା କରୁଛି ।" ବୃଦ୍ଧା ଏହା ଶୁଣି ମନେ ମନେ ଶେଫାଳିକା ଚରଣସମୀପରେ ପୁଷ୍ପାଞ୍ଜଳି ଢାଳି-ଦେଲା—କୃତଜ୍ଞତାର ଅର୍ଘ୍ୟ ସ୍ୱରୂପ ଅଶ୍ରୁ ପ୍ରବାହରେ ବକ୍ଷ ଭସାଇଦେଲା । ଅନନ୍ତର ଗୋଟାଏ ଉନ୍ମତ୍ତ ବାୟୁ ପ୍ରଚଣ୍ଡ ବେଗରେ ତାହା ହୃଦୟ ମଧ୍ୟରେ ବହିଗଲା । ମନରୂପ ଶୁଖିଲା କାଠରେ ଆଶାର ଫୁଲ ଫୁଟି ଉଠିଲା, ତହିଁ ସଙ୍ଗେ ସଙ୍ଗେ ତାହାର ନିରାନନ୍ଦ ପାଣ୍ଡୁର ଶୁଷ୍କ ଅଧର କୋଣରେ କ୍ଷୀଣ ହାସ୍ୟରେଖା ଦେଖାଗଲା । କ୍ରନ୍ଦନ ମୁଖରେ ହାସ୍ୟ ରୌଦ୍ର ବୃଷ୍ଟିର ଅପୂର୍ବ ସମ୍ମିଳନ ପରି ବୋଧ ହେଲା । ବୃଦ୍ଧା ଶେଫାଳିକା ମସ୍ତକରେ ରୋଗଶୀର୍ଣ୍ଣ କମ୍ପିତ ହସ୍ତ ସ୍ଥାପନ କରି ଅଶ୍ରୁଗଦ୍‌ଗଦ କଣ୍ଠରେ କହିଲା—"ମୁଁ କଲ୍ୟାଣ କରୁଛି, ତୁ ଚିରକାଳ ସ୍ୱାମି-ସୌଭାଗ୍ୟବତୀ ହୋଇଥା, ପାକଲା କାଳରେ ସିନ୍ଦୂର ପିନ୍ଧ, ତୋର ହାତପଣ୍ଟି ଅକ୍ଷୟ ହେଉ । ପୂର୍ବ ଜନ୍ମରେ ତୁ ମୋର ମା ଥିଲୁ, ଏ ଜନ୍ମରେ ମୋତେ ଏ ଦୁର୍ଦ୍ଦିନର ସଙ୍କଟରୁ ଉଦ୍ଧାର କଲୁ । ମୁଁ ଏବେ ଆନନ୍ଦରେ ମରିବ । ତୋର ଏ ଦୟାର ଋଣ ମୁଁ ସାତ ଜନ୍ମରେ ସୁଝିପାରିବ ନାହିଁ । ସଉଦୀ ତୋର ସାନ ଭଉଣୀ, ତାକୁ ତୋ ହାତରେ ଦେଇ ମୁଁ ନିଶ୍ଚିନ୍ତ ହେଲି । ତାହାର ଭବିଷ୍ୟତ ମଙ୍ଗଳ ତୋହରି ହାତରେ ଅଛି । ଏହା ମୋର ଅନ୍ତଃପୁରୁଷ ହୃଦୟ ଭିତରୁ ମୋତେ କହି ଦେଉଛି ।" ବୃଦ୍ଧା ଏହା କହି ସ୍ନେହ-କୋମଳ କଣ୍ଠରେ ଡାକିଲେ—"ସଉଦି, ଲୋ ସଉଦି, ଏଣିକି ଆଲୋ ମା !" ସୌଦାମିନୀ ବହୁକାଳ ପରେ ମାତାଙ୍କ ସ୍ନେହ ସ୍ୱର ଶୁଣି କିଞ୍ଚିତ୍ ଆଶ୍ୱାସିତ ହେଲା ଏବଂ ଧୀରେ ଧୀରେ ଆସି ମାତାଙ୍କ ରୋଗଶଯ୍ୟା ପାଖରେ ବସି-ପଡିଲା । ବୃଦ୍ଧା ତାହାର ହାତକୁ ଶେଫାଳିକାଙ୍କ ହାତ ଉପରେ ରଖି କହିଲା—"ମା, ଏହି ତୋର ସାନ ଭଉଣୀ କି ନେ, ମୁଁ ଏବେ ଖଲାସ । ସଉଦି, ତୋର ବଡ଼ନାନୀକୁ ଜୁହାର ହୋ ।" ସୌଦାମିନୀ ମାତୃ ଆଦେଶମତେ ଶେଫାଳିକାଙ୍କ ପାଦତଳରେ ଲୁଣ୍ଠି କରି ଜୁହାରଟିଏ ହେଲା । ଶେଫାଳିକା ତାହାକୁ କୋଳକୁ ଟାଣିନେଇ ତାହାର ଚିବୁକ ଟେକିଧରି ସ୍ନେହାର୍ଦ୍ର ସ୍ୱରରେ କହିଲେ—"ସୌଦାମିନି, ମୁଁ କିଏ କହନି ? ମୁଁ ତୋ ମାର ବଡ଼ଝିଅ, ମୋତେ ନାନୀ ବୋଲି ଡାକିବୁ ।" ସୌଦାମିନୀ ଲଜ୍ଜାରେ ମୁଖ ଅବନତ କଲା, ଶେଫାଳିକା ସ୍ୱହସ୍ତରୁ ସ୍ୱର୍ଣ୍ଣ ମୁଦ୍ରିକା ବାହାର କରି ହସି ହସି ତାହା ଅଙ୍ଗୁଳିରେ ପିନ୍ଧାଇ ଦେଲେ । ସବୁ ହେଲା; ମାତ୍ର ବର କିଏ ଏବଂ ବରର ବୟସ କେତେ, ବୃଦ୍ଧା ତାହା ଜାଣି ପାରିଲା ନାହିଁ କିମ୍ବା ଶେଫାଳିକାଙ୍କୁ ପଚାରିବାକୁ ସାହସ ଖଟିଲା ନାହିଁ । ପଚାରିବ ଅବା କପରି ? ହିନ୍ଦୁରମଣୀକି ସ୍ୱାମୀର ନାମ କହିବ, ତାହା ପଚାରିବା ତ ଅବିଧି; ମାତ୍ର ବୃଦ୍ଧାର ଏ ସନ୍ଦେହ ଅଧିକ କ୍ଷଣ ସ୍ଥାୟୀ ହେଲା ନାହିଁ । ଶେଫାଳିକା ଉଠିବାକୁ ଉନ୍ମୁଖ ହେଉ-ଅଛନ୍ତି ଏହି ସମୟରେ ପିତେଇ ଡାକି ଡାକି ଆସିଲା—"ମା ଠାକୁରାଣି, ଆସ, ସମସ୍ତେ ବାହାରିଲେଣି ।" ବୃଦ୍ଧା ପିତେଇକୁ ଦେଖି ତାହାକୁ ଶେଫାଳିକାଙ୍କ ଦାସୀ ମନେ କରି ପଚାରିଲା—"ଏ କାହା ଘର ବୋହୂଲୋ ଝିଅ ?" ପିତେଇ କହିଲା —"ପ୍ରତାପପୁର ଶାସନର ନନ୍ଦଙ୍କ ଘର ବୋହୂ ।" ବୃଦ୍ଧା ହସି ହସି କହିଲା—"ଏବେ ଚିହ୍ନିଲି ସାରଥି ନନ୍ଦ ବୋହୂ । ସାରଥିର କେତେ ବୟସ ହେବ କି, କାଲି ମୋ ଆଗରେ ପିଲା, ମୋ ସଉଦୀର କପାଳ ଭଲ ।" ଅନନ୍ତର ଶେଫାଳିକା ଉଠି ଠିଆହୋଇ କହିଲେ—"ମା ମୁଁ ଯାଉଛି, କାଲି ଲୋକ ପଠାଇ ସବୁ ଠିକ କରିବି । ବିବାହ ଏହି ଆସନ୍ତା ବୈଶାଖ ମାସରେ ହେବ, ତୁ କିଛି ଚିନ୍ତା କରିବୁ ନାହିଁ । ସବୁ ଭାର ମୋ ଉପରେ ।" ଏହା କହି ବୃଦ୍ଧାର ପଦ ପ୍ରାନ୍ତରେ ନମସ୍କାର କଲେ । ବୃଦ୍ଧା ସସ୍ନେହ ଆଶୀର୍ବାଦପୂର୍ବକ ଦାଣ୍ଡଦ୍ୱାର ପର୍ଯ୍ୟନ୍ତ ଯାଇ ଶେଫାଳିକାଙ୍କୁ ବାଟେଇ ଦେଇଆସିଲା ।

ବୃଦ୍ଧାର ଆଜି କି ଆନନ୍ଦ ! ସେ ଆନନ୍ଦ-ସ୍ୱର୍ଗର ଆନନ୍ଦାମୃତ ପାନ ସୁଖ ଉପଭୋଗ କରୁଅଛି । କି ଗୋଟାଏ ବୈଦ୍ୟୁତିକ ଶକ୍ତି ତାହାର ପ୍ରତି ଶିରା ସନ୍ଧିରୁ, ପ୍ରତି ରକ୍ତ କଣିକାରୁ ରୋଗ ବାର୍ଦ୍ଧକ୍ୟର ଦୁର୍ବଳତା ହରି ନେଇଅଛି । ଯେଉଁ କନ୍ୟା ପ୍ରତି ଘୃଣାରେ ହୃଦୟ ଦଗ୍ଧ ହେଉଥିଲା, ସେହି କନ୍ୟା ପ୍ରତି ଆଜି ସ୍ନେହା-ଦରର ସୀମା ନାହିଁ । ଦୁଃଖଭାରାକ୍ରାନ୍ତ ଦିନ ଆଜି ସୁଖରେ ଲଘୁ ବୋଧ ହେଉଅଛି । ଆଜି ଦିନଟି କି ମଧୁର, ଆକାଶ

ବତାସ ମଟୁର, ସୃଷ୍ଟି ମଧୁମୟ । ବୃଦ୍ଧା କନ୍ୟାକୁ କୋଳକୁ ଟାଣିନେଇ ତାହା ମସ୍ତକରେ ମାତୃସ୍ନେହର ଶୀତଳ ହସ୍ତ ବୁଲାଇ ଦେଉଁ ଦେଉଁ କହିଲା—"ମା, ଏ ଦୁଃଖିନୀ ମା'ଟା ଉପରେ ରାଗିବୁ ନାହିଁ । ତେର କଟୁକଥା କହୁଛି, ଢେର ଗଞ୍ଜଣା ଦେଉଛି, ଗର୍ଭଧାରିଣୀ ହୋଇ ବିମାତାଠାରୁ ନିଷ୍ଠୁର ହୋଇଅଛି; ସବୁ ଭୁଲି-ଯିବୁ । ଦାରିଦ୍ର୍ୟ କଷ୍ଟ ଆଉ କନ୍ୟାଦାୟ କଷ୍ଟ ବଡ଼ କଷ୍ଟ ମା । ସେ ଜ୍ଞାନୀକୁ ବି ପାଗଳ କରିଦିଏ । ମୋ ମା, ମୋ ରାଣୀ, ମୋ ଲକ୍ଷ୍ମୀ, ସବୁ ଭୁଲିଯା ।" ବୃଦ୍ଧା କନ୍ୟାକୁ ଏହିପରି ପ୍ରବୋଧ ଦେଇ ଉପସ୍ଥିତ ଯେତେ ଦେବଦେବୀଙ୍କ ନାମ ମନରେ ପଡ଼ିଲା ସମସ୍ତଙ୍କୁ ଅତ୍ୟନ୍ତ ଭକ୍ତିର ସହିତ ହାତ ଯୋଡ଼ି ଦଣ୍ଡବତ କରି-ବାକୁ ଲାଗିଲା ।

# ପଞ୍ଚମ ପରିଚ୍ଛେଦ

ପିତେଇର ଗୋଟାଏ ସୁମହତ୍ ଗୁଣ ଏହି ଯେ, ସେ ଯାହା ଶୁଣେ ଏବଂ ସେହି ଶୁଣିବାରୁ ଯେଉଁ ଜ୍ଞାନାର୍ଜ୍ଜନ କରେ, ତାହାକୁ ସେ ପେଟରେ ଲୁଚାଇ ରଖେ ନାହିଁ । ଜଗତର ହିତ ଅର୍ଥରେ ତାହା ପ୍ରଚାର କରିଦିଏ । ଏକା ପିତେଇ ନୁହେଁ—ପ୍ରାୟ ପ୍ରତ୍ୟେକ ସ୍ତ୍ରୀ ଏହି ବିଶିଷ୍ଟ ଗୁଣର ଅଳ୍ପାଧିକ ଅଧିକାରିଣୀ । ସେଟା ତାଙ୍କ ପକ୍ଷରେ ବିଧାତାଙ୍କର ଅତିରିକ୍ତ ଦୟାର ଦାନ । ଏହି ବିଶିଷ୍ଟ ଗୁଣ ଯୋଗୁଁ ସେମାନେ ବିଶିଷ୍ଟା । ମଫସଲ ଗ୍ରାମରେ ତ ଟେଲିଫୋନ୍ ନାହିଁ; ସୁତରାଂ ପିତେଇ ପରି ଜଣେ ଜଣେ ନାରୀଦ୍ୱାରା ବିନା ବ୍ୟୟରେ ତ୍ୱରିତ ବାର୍ତ୍ତା ପ୍ରଚାରର ଖୁବ୍ ସୁବିଧା । ସେଥି ସକାଶେ ବିଧାତା ଏହିପରି ନାରୀରତ୍ନରୁ କୌଣସି ଗ୍ରାମକୁ ବଞ୍ଚିତ କରିନାହାନ୍ତି । ଯେଉଁ ଗ୍ରାମରେ ଖୋଜ ଏହିପରି ଗୁଣନିପୁଣା ଅନ୍ତତଃ ଅର୍ଦ୍ଧପଣରୁ ଊଣା ମିଳିବେ ନାହିଁ । ପିତେଇ ମାଛ ଅନ୍ଧାରରୁ ଉଠି ନନ୍ଦଙ୍କ ବିବାହପ୍ରସଙ୍ଗ ପ୍ରଚାର କରିବାକୁ ଶୁଭଯାତ୍ରା କଲା । ଘଣ୍ଟାକ ମଧ୍ୟରେ ଗ୍ରାମସାରା ରଟନା ନାଗରା ପିଟିଦେଇ ଫେରି ଆସିଲା । ସ୍ଥାନେ ସ୍ଥାନେ ଆଲୋଚନା ସଭା ବସିଗଲା । ଅନେକଙ୍କୁ ପରିହାସର ଗୋଟାଏ ପୁଷ୍ଟିକର ଖାଦ୍ୟ ମିଳିଗଲା । କେହି କହିଲା—"ବ୍ରାହ୍ମଣ ମରିବା-ବେଳକୁ ପରିବା କାଟି ବସିଲା ।" କେହି କହିଲା—"ବିଭା ବନ୍ଦାପନା ଏକସଙ୍ଗରେ ହେବ ।" କେତେକ କହିଲେ—"ବିଭା, ବନ୍ଦାପନା, କାର୍ଯ୍ୟଘର ତିନିକାମ ଏକାଥରକେ ଛିଡ଼ିଯିବ ।" କେହି ଅସାଧାରଣ ଶାସ୍ତ୍ର-ବିଶାରଦ ବ୍ୟକ୍ତି ଦାରୁଣ କ୍ଷୋଭ ପ୍ରକାଶପୂର୍ବକ କହିଲା—"ଜାତି ଗଲା, ଧର୍ମ ଗଲା, ସବୁ ଗଲା । ଏ କଳିକାଳରେ ଆଉ କିଛି ରହିବ ନାହିଁ । ଭାଗବତରେ କହୁଛି ପରା—'ସର୍ବେ ହୋଇବେ ଏକାକାର, ନ ଥିବ ବେଦର ବିଚାର ।' ଏଥିରେ ପୁଣି ଲୋକେ କହନ୍ତି—'ଇନ୍ଦ୍ର ପାଣି ଦେଲା ନାହିଁ, ବସୁମତୀ ଶସ୍ୟ ହରଣ କଲା ।' କିରେ ବାବୁ, ଦେବତାଙ୍କୁ ନିନ୍ଦା କାହିଁ ? ନିଜ କରଣି ତ ନିଜେ ଦେଖୁଥାଇ । ବ୍ରାହ୍ମଣର ଯୁବତୀ ବିବାହ ମହାପାପ । ଯେଉଁ ଦେଶରେ ତାହା ହୁଏ, ସେ ଦେଶରେ ପୁଣି ବର୍ଷା ହେବ, ଧାନ ଫଳିବ ! ଏତେ ଦୁର୍ଭିକ୍ଷ କାହିଁକି ହେଉଛି, ଏତେ ଉପଦ୍ରବ କାହିଁକି ଘଟୁଛି ! ଘୋର ପାପ—ଘୋର ପାପ ! ପୃଥିବୀ ଆଉ ଏ ପାପର ଭାର ସହି ପାରିବ ନାହିଁ, ପାତାଳକୁ ଧସିଯିବ ।" କେତେ ଏହିପରି କହି ନିଜର ଶାସ୍ତ୍ର-ଜ୍ଞାନରେ ଅପରକୁ ଚକିତ ସ୍ତମ୍ଭିତ କରିବାକୁ ପ୍ରୟାସୀ ହେଲେ । ଥୋକେ ଶିରଶ୍ଚାଳନାଦ୍ୱାରା ଏ ମତର ଅନୁମୋଦନ କରି ଗମ୍ଭୀର ପାଣ୍ଡିତ୍ୟ ପ୍ରଦର୍ଶନରେ ଅଣୁମାତ୍ର ଅବହେଳା କଲେ ନାହିଁ ।

ବିବାହର ଲଗ୍ନ ସ୍ଥିର ହେଲା । ନନ୍ଦେ ଆୟୋ-ଜନରେ ଲାଗିଲେ । ଶେଫାଳିକାଙ୍କୁ ଦେଖିବେଳେ ତର ନାହିଁ । ଘରଲିପା, ଧାନକୁଟା, ଝୁଣ୍ଟିଦିଆ, ଜାଇ ମଙ୍ଗଳା ପ୍ରଭୃତିରେ ସେ ସର୍ବଦା ବ୍ୟସ୍ତ । ସବୁ ଠିକ୍

ହେଲା; ମାତ୍ର ଶାସନର ବ୍ରାହ୍ମଣମାନେ ଅଡ଼ିବସିଲେ । ସେମାନଙ୍କର ସମସ୍ତ ଆପତ୍ତି ନନ୍ଦଙ୍କ ଯୁକ୍ତିତର୍କରେ ନଈ ବଢ଼ିରେ ଆବର୍ଜନା ପରି ଭାସିଗଲେ ସୁଦ୍ଧା ସେମାନେ ନିଜର ଜିଦ୍ ଛାଡ଼ିଲେ ନାହିଁ । ନନ୍ଦେ ସେମାନଙ୍କୁ ବୁଝାଇ କହିଲେ—"ବ୍ରାହ୍ମଣର ଯୁବତୀ ବିବାହ ଅଶାସ୍ତ୍ରୀୟ ନୁହେଁ । ପୂର୍ବେ ବ୍ରାହ୍ମଣ ସମାଜରେ ଯୁବତୀ ବିବାହ ପ୍ରଚଳିତ ଥିଲା । ଶାସ୍ତ୍ରରେ ସେଥିର ଭୂରି ଭୂରି ପ୍ରମାଣ ରହିଅଛି । କେବଳ ମଧ୍ୟରେ କେତେକାଳ ମୁସଲମାନ ରାଜତ୍ୱର ଦୌରାତ୍ମ୍ୟ ହେତୁ ତାହା ବନ୍ଦ ହୋଇ ଯାଇଥିଲା । ସେ ବିଧି ପୁନଶ୍ଚ ଚଳାଇଲେ ବେଦ ଅପବିତ୍ର ହୋଇଯିବ ନାହିଁ । ଉପସ୍ଥିତ କ୍ଷେତ୍ରରେ ଚଞ୍ଚଳ ନାରୀଧର୍ମ ପ୍ରାପ୍ତ ହେବା ତ ବାଳିକାର ଦୋଷ ନୁହେଁ କିମ୍ବା ତାହାର ପିତାମାତାର ଦୋଷ ସୁଦ୍ଧା ନୁହେ । ତେବେ ସେଥିପାଇଁ ସେମାନେ ପତିତ ହେବେ କାହିଁକି ? ଏହା ବର୍ବର ନୁହେଁ ; ଅଖଣ୍ଡ ସ୍ୱାର୍ଥପରତାର ଉତ୍କଟ ପ୍ରମାଣ । ଯଦିଚ ତୁମ୍ଭମାନଙ୍କ ବିଚାରରେ ସେମାନେ ପତିତ ହୁଅନ୍ତି, ତେବେ ପତିତକୁ ଚିରକାଳ ପତିତ କରି ରଖିବା ଧର୍ମ ନୁହେଁ । ପତିତକୁ ଉଦ୍ଧାର କରିବାହିଁ ଧର୍ମ । ଗୋଟିଏ ନିର୍ଦ୍ଦୋଷ ବାଳିକାର ଜୀବନ ମାଟିକରି ଦେବାଠାରୁ ଅନ୍ୟାୟ ଅଧର୍ମ ଆଉ କଅଣ ଅଛି । କେହି ଚଞ୍ଚଳ, କେହି ବା ବିଳମ୍ବରେ ନାରୀତ୍ୱ ପ୍ରାପ୍ତ ହୁଏ, ତାହା ତ କାହାର ଆୟତ୍ତାଧୀନ ନୁହେଁ । ପ୍ରକୃତିର କାର୍ଯ୍ୟରେ କିଏ ବାଧା ଦେଇ ପାରିବ ? ବାଲିକାଟା ଭାରତବର୍ଷରେ ଜନ୍ମୋଇଥିଲା ବୋଲି ତାହାର ଜାତି, ଧର୍ମ କେଉଁବାଟେ କେଉଁଆଡ଼େ ପଳାଇ ଗଲା ।" ନନ୍ଦେ ଏହିପରି ଅନେକ ବୁଝାଇଲେ ; ମାତ୍ର ସବୁ ଅରଣ୍ୟ ରୋଦନରେ ପରିଣତ ହେଲା । ବ୍ରାହ୍ମଣମାନେ ନିଜର ଠାଣ ଛାଡ଼ିଲେ ନାହିଁ । ସେମାନେ ସ୍ପଷ୍ଟଭାବରେ କହିଲେ—"ଯାହା ବେଦପୁରାଣରେ ନାହିଁ, ତାହା ସମର୍ଥନ କରି ଆମ୍ଭେମାନେ ପାପର ଭାଗୀ ହୋଇ ପାରିବୁ ନାହିଁ । ତୁମ୍ଭେ ଯୁବତୀ ବିବାହ କଲେ ଶାସନରେ ଏକଘରିଆ ହୋଇ ରହିବ । ନନ୍ଦେ ବିରକ୍ତ ହୋଇ କହିଲେ—"ବେଦର ଉଦାହରଣ ତ ସମସ୍ତେ ଦେଉଛନ୍ତି ମାତ୍ର ବେଦ ଢାଠ କି ପଥର ଏବଂ ସେଥିରେ କଅଣ ଥାଏ, କେହି ଜାଣ କି ? ଏ ବିବାହ ମୁଁ ନିଶ୍ଚୟ ନିଶ୍ଚୟ କରିବି, ତୁମ୍ଭେମାନେ ଯାହା କରି-ବାର କର । ନନ୍ଦେ ଏହା ଭଳି ଆଉ କେହି କିଛି କହିବା ପୂର୍ବରୁ ତ୍ୱରିତଗତିରେ ସେଠାରୁ ପ୍ରସ୍ଥାନ କଲେ । ବ୍ରାହ୍ମଣମାନେ ସୁଦ୍ଧା ରାଗରେ ଗର୍ ଗର୍ ହୋଇ ଉଠି ଚାଲିଗଲେ ।

ଦୁଇ ପକ୍ଷର ବିବାଦ ତୃତୀୟ ପକ୍ଷଦ୍ୱାରା ମୀମାଂସିତ ହୁଏ, ସବୁ ଗ୍ରାମରେ ଏହା ଦେଖାଯାଏ । ଭିକୁ ଆଚାର୍ଯ୍ୟ ଶାସନର ଜଣେ ପ୍ରାଚୀନ ଲୋକ । ତାଙ୍କର ପଢ଼ାଶୁଣା ଅଧିକ ନ ଥିଲେହେଁ ସେ ବୟୋଃଧିକ; ସୁତରାଂ ବ୍ୟବହାରନିପୁଣ । ପଣ୍ଡିତ ନ ହେଲେ ସୁଦ୍ଧା "ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ" ଏହି ନୀତିର ମର୍ମ ସେ ଭଲ ବୁଝନ୍ତି । ସେ ଶାସନର ବ୍ରାହ୍ମଣମାନଙ୍କୁ କହିଲେ, "ସାରଥି ନନ୍ଦଙ୍କୁ ଏକଘରିଆ କରି ଆମ୍ଭେମାନେ ଚଳି ପାରିବା ତ ? ଶାସନରେ ସେ ଶିବସ୍ୱାମୀର ଶଳିତା, ସେ ଲିଭିଲେ ଶାସନ ଅନ୍ଧକାର । ସେ ଅଛନ୍ତି ବୋଲି ଲୋକେ ବିଧିବ୍ୟବସ୍ଥା ନେବା ପାଇଁ ଆମ ଶାସନକୁ ଆସୁଛନ୍ତି । ସେଥିରେ ସମସ୍ତଙ୍କୁ ଦି ପଇସା ମିଳୁଛି । ତାଙ୍କ ସଙ୍ଗରେ କଳି କଲେ ଆପଣାର ଷତି ସିନା । ବ୍ରାହ୍ମଣୀ ସଙ୍ଗରେ ବିବାଦ କଲେ କି ଲୁଣର ସ୍ୱାଦୁ ମିଳେ ? ଆଉ ତାଙ୍କର ବା ଆମ୍ଭେମାନେ କଅଣ କରି ପାରିବା ? ସେ ଜମିଦାର ଘର ପୁରୋହିତ, ଜମିଦାର ତାଙ୍କର ସପକ୍ଷ । ଆମ୍ଭେମାନେ ତାଙ୍କୁ ନ ଚଳାଇଲେ ଅନ୍ୟ ବ୍ରାହ୍ମଣ ଆସି ଚଳାଇବେ, ତେତେ-ବେଳେ ଆମ୍ଭେମାନେ ହଟହଟାରେ ପଡ଼ିବା । ତାହା ଛଡ଼ା ଯହିଁରେ ସାପ ନ ମରିବ, ବାଡ଼ି ନ ଭାଙ୍ଗିବ, ସେହିପରି ବ୍ୟବସ୍ଥା କରିବା ଉଚିତ । ସେ ଗୋଟାଏ ପ୍ରାୟଶ୍ଚିତ୍ତ କରନ୍ତୁ, ତାହା ହେଲେ ତାଙ୍କ କଥା ରହିବ ଆଉ ଆମ କଥା ବି ରହିବ । ସେଥିରେ ଉଭୟ ପକ୍ଷର ମଙ୍ଗଳ । ଏ ପ୍ରସ୍ତାବରେ ସମସ୍ତେ ସମ୍ମତ ହେବାରୁ ଭିକୁ ଆଚାର୍ଯ୍ୟ ଯାଇଁ ନନ୍ଦଙ୍କୁ କହିଲେ—"ବିବାହ ପରେ ତୁମ୍ଭେ ତିଳସ୍ୱର୍ଣ୍ଣ ପ୍ରାୟଶ୍ଚିତ୍ତ କର, ତାହା ହେଲେ ସବୁ ଗୋଳ ତୁଟିଯିବ ।" ଏହା ଶୁଣି ନନ୍ଦେ ହୋ ହୋ କରି ହସିଉଠି କହିଲେ— "ଆଚାର୍ଯ୍ୟ ଆପଣେ, ଏ

କଥା ତୁମ୍ଭର କହିବା ପଣ୍ଡଶ୍ରମ ମାତ୍ର । ତୁମ୍ଭେ ନ କହି-ଥିଲେ ବି ମୁଁ ପ୍ରାୟଶ୍ଚିତ୍ତ କରିଥାଆନ୍ତି । ପ୍ରାୟଶ୍ଚିତ୍ତ ମୁଁ ପ୍ରତ୍ୟହ କରେ, ତାହା ବ୍ରାହ୍ମଣର ଧର୍ମ । ମୁଁ ପ୍ରାୟଶ୍ଚିତ୍ତର ବିରୋଧୀ ନୁହେଁ । ନିତ୍ୟ ପ୍ରାୟଶ୍ଚିତ୍ତଦ୍ୱାରା ବ୍ରାହ୍ମଣ ଅନ୍ତଃକରଣ ଏବଂ ପବିତ୍ର ହୁଏ । ଜାଣିତ ବା ଅଜାଣିତ ଦୋଷର ଖାଳନ ନିମନ୍ତେ ବ୍ରାହ୍ମଣ ତ୍ରିସନ୍ଧ୍ୟା, ତର୍ପଣ ଏବଂ ଗାୟତ୍ରୀ ଜପ କରେ; ତାହାହିଁ ତାହାର ପ୍ରାୟଶ୍ଚିତ୍ତ । ସମାଜଶାସନ ବ୍ରାହ୍ମଣହାତରେ ଅଛି ବୋଲି ତାହାର ଯଦୃଚ୍ଛା ବ୍ୟବହାର କି ନ୍ୟାୟାନୁ-ମୋଦିତ । ତୁମ୍ଭେମାନେ ଯଦି ବାଳକାଟିକୁ ବିବାହ କରାଇ ନ ଦିଅ ଏବଂ ସେଥିପାଇଁ ସେ ଯଦି ବିପଥଗାମିନୀ ହୁଏ ବା ଭ୍ରୂଣହତ୍ୟା କରେ, ତେବେ ସେ ପାପ କାହାର ହେବ ? ତାହାର ଅନଳ ନିଃଶ୍ୱାସରେ କି ସମାଜ ପୋଡି ଭସ୍ମୀଭୂତ ହେବ ନାହିଁ । ସମାଜର ଏହିପରି କଠୋର ଶାସନ ହେତୁ ଲୋକେ ବାଧ ହୋଇ ଧର୍ମାନ୍ତର ଗ୍ରହଣ କରୁଅଛନ୍ତି । ସେଥିପାଇଁ ହିନ୍ଦୁ ସମାଜ କ୍ରମଶଃ ଦୁର୍ବଳ ଏବଂ ହିନ୍ଦୁ ସଂଖ୍ୟା ହ୍ରାସ ହୋଇ ଯାଉଅଛି । ତୁମ୍ଭେମାନେ ଯାହାକୁ ସମାଜରୁ ତଡିଦେଉ-ଅଛ, ଅନ୍ୟ ଧର୍ମର ସମାଜ ତାହାକୁ ସମାଦରରେ ଗ୍ରହଣ କରି ପରିପୁଷ୍ଟ ହେଉଅଛି । ତେବେ ଉଦାରତା କାହାର—ତୁମ୍ଭର, ନା ଅନ୍ୟ ଧର୍ମାବଲମ୍ବୀମାନଙ୍କର ? ଦୋଷୀକୁ ତ୍ୟାଗ କରିବା ଧର୍ମ, ନା ତାହା ପ୍ରତି ଉଦା-ରତା ପ୍ରଦର୍ଶନ କରିବା ଧର୍ମ ? ଯେଉଁ ଧର୍ମରେ ଉଦାରତା ନାହିଁ, ତାହା ଧର୍ମପଦବାଚ୍ୟ ନୁହେଁ । ଉଦାରତା ଧର୍ମର ମହାର୍ହ ଅଳଙ୍କାର । ତୁମ୍ଭର ଅଯୋଗ୍ୟତାରୁ ନାନା ପ୍ରକାର ଉପଧର୍ମ ଓ ଅପଧର୍ମର ସୃଷ୍ଟି ହେଉଅଛି । ସେଥିରେ ହିନ୍ଦୁସମାଜ ଏବଂ ହିନ୍ଦୁଧର୍ମ କେବଳ କଳୁଷିତ ହେଉ ନାହିଁ, କ୍ଷତ ବିକ୍ଷତ ଏବଂ ବିଶୃଙ୍ଖଳ ହେଉଅଛି । ମନୁଷ୍ୟର ସର୍ବଦା ଗୋଟାଏ ଅବଲମ୍ବନ ଆବଶ୍ୟକ । ସେହି ଅବଲମ୍ବନ ଧର୍ମ । ମନୁଷ୍ୟ ଗୋଟାଏ ଅବଲମ୍ବନ ଛାଡିଲେ ତାହାର ଆଉ ଗୋଟାଏ ଅବଲମ୍ବନ ଦରକାର; ସୁତରାଂ ସ୍ୱଧର୍ମ ଛାଡିଲେ ସେ ଅନନ୍ୟୋପାୟ ହୋଇ ପରଧର୍ମ ଗ୍ରହଣ କରିବ । ଜଳ-ମଗ୍ନ ବ୍ୟକ୍ତି ଯାହାକୁ ହାତ ପାଖରେ ପାଏ, ତାହାର ତୃଣ ବା ଶକ୍ତ ବସ୍ତୁର ନ କରି ଦୃଢଭାବରେ ତାହାକୁ ଧରି-ପକାଏ । ଉଦାରତା ହେତୁ ହିନ୍ଦୁଧର୍ମ ଜଗତରେ ଏତେ ଉପାଦେୟ ଏବଂ ମହିମିତ । କିନ୍ତୁ ଦୁଃଖର ବିଷୟ, ହିନ୍ଦୁ ଧର୍ମର ଉଦାରତା କ୍ରମଶଃ ଲୋପ ପାଇଆସୁଅଛି । ଏ କାଳରେ କଥା କଥାକେ ହିନ୍ଦୁମାନଙ୍କର ଯେପରି ଜାତି, ଧର୍ମ ଧ୍ୱଂସ ହୁଏ, ଅନ୍ୟ କୌଣସି ଧର୍ମାଲମ୍ବୀଙ୍କର ସେପରି ହୁଏ ନାହିଁ । ଧର୍ମ, ନ୍ୟାୟ ଏବଂ ସତ୍ୟର ଦୃଢ ଭିତ୍ତି ଉପରେ ସମାଜ ପ୍ରତିଷ୍ଠିତ । ସେଥିରୁ ସ୍ଖଳିତ ହେଲେ ସମାଜର ଅସ୍ତିତ୍ୱ ସୁଦ୍ଧା ରହିବ ନାହିଁ । ସମାଜପତିମାନେ ଏ କଥା ନ ବୁଝିବା ଗଭୀର କ୍ଷୋଭର ବିଷୟ ।

ବ୍ରାହ୍ମଣ ସମାଜର ଯେତେ ଅଧୋଗତିର କାରଣ ଅଛି, ସେଥି ମଧ୍ୟରେ ବାଲ୍ୟବିବାହ ପ୍ରଧାନ । ବାଲ୍ୟ-ବିବାହର ମାରାତ୍ମକତା ସମାଜ ପ୍ରାଣେ ପ୍ରାଣେ ଭୋଗ କରି ସୁଦ୍ଧା ନୀରବ ରହିଅଛି । କୌତୁକ ଦେଖି ଆମୋଦ ଉପଭୋଗ କଲା ପ୍ରାୟ ସମାଜ ଏହି ଖେଳକର ଅଭିନୟ ବସି ଦେଖୁଅଛି । ଗୌରୀ ଦାନର ପୁଣ୍ୟ ଅଛି, ଯୁବତୀ-ଦାନର ପୁଣ୍ୟ ନାହିଁ; ଏହା ଏକ ବିଷମ ସମସ୍ୟା । ଯେତେବେଳେ ଯେଉଁ ଅବସ୍ଥାରେ ଦାନ କରାଯାଉ ପଛେ, ଦାନ ମାତ୍ରର ପୁଣ୍ୟ ଅଛି । ଆଜି ଦାନ କଲେ ପୁଣ୍ୟ ହେବ, ଦୁଇଦିନ ପରେ ଦାନ କଲେ ପୁଣ୍ୟ ହେବ ନାହିଁ, ଏହା ଗୋଟାଏ ଅନ୍ଧବିଶ୍ୱାସ । ବାଲ୍ୟ-ବିବାହରେ ପୁଣ୍ୟ ଯାହା ହେଉ; ମାତ୍ର ସମାଜରେ ଯଥେଷ୍ଟ ପାପ ପ୍ରବେଶ କରେ । ବାଲ୍ୟବିବାହ ହେତୁ ପିଲାମାନେ ବ୍ରହ୍ମଚର୍ଯ୍ୟ ରକ୍ଷା କରିପାରୁ ନାହାନ୍ତି । ଏଯୁଗରେ ଚଉଦ ପନ୍ଦର ବର୍ଷର ବାଳକ ସୁଦ୍ଧା ପିତା ହୋଇ ବସୁଅଛି । ଫଳରେ ରୁଗ୍ଣ ଦୁର୍ବଳ; ଖର୍ବକାୟ ହୋଇ କ୍ଷୀଣାୟୁ ହେଉଅଛି ଏବଂ ଅକାଳରେ ମୃତ୍ୟୁର କରାଳ କବଳରେ ନିପତିତ ହେଉଅଛି । ବ୍ରହ୍ମଚର୍ଯ୍ୟ ମାନବର ଦ୍ୱିତୀୟ ଜୀବନ । ବ୍ରହ୍ମଚର୍ଯ୍ୟ ପାଳନ କରି ମୁନି ଋଷିମାନେ ଯୁଗଜୀବୀ ହେଉଥିଲେ । ଆମ୍ଭେମାନେ ସେମାନଙ୍କର ବଂଶଧର ହୋଇ ସୁଦ୍ଧା କର୍ମଦୋଷରୁ ପଶୁପକ୍ଷୀଠାରୁ ସ୍ୱଳ୍ପାୟୁ । ଗାର୍ଗୀ, ଅରୁନ୍ଧତୀ, ଶର୍ମିଷ୍ଠା, ଶକୁନ୍ତଳା ପ୍ରଭୃତି ମହିମିତା ଋଷି କନ୍ୟାମାନେ ବୁଧବାଳ୍ୟ ନ ପଡନ୍ତି

ବିବାହିତା ହୋଇ ନଥିଲେ । ତେବେ ସେମାନଙ୍କର ଜାତି ଧର୍ମ ରହିଥିଲା କିପରି ? ଖାଲି ଏହି ଯୁଗଟା କି ଜାତି, ଧର୍ମ ଯାଳାଇବାର ଯୁଗ ? ବାଲ୍ୟବିବାହ-ଦ୍ୱାରା ସମାଜରେ ବାଳବିଧବାର ସଂଖ୍ୟା ବଢି ଉଠୁଅଛି । ସେଥିର ଫଳରେ ବ୍ୟଭିଚାର, ଗୁପ୍ତପାପ ଘୁଣ ରୂପରେ ସମାଜରେ ପଶି ତାହାକୁ ଅନ୍ତଃସାର ଶୂନ୍ୟ କରି ଦେଉ-ଅଛି । ସମାଜର ଏହି ମହାପାପ ସକାଶେ କିଏ ଦାୟୀ—ସମାଜର କର୍ଣ୍ଣଧାର ମାନେ ନୁହନ୍ତି କି ? ଖାଲି ଗତାନୁ-ଗତିକ ନ୍ୟାୟରେ ସମାଜପତି ବୋଲାଇଲେ ଚଳିବ ନାହିଁ । ସମାଜପତିମାନେ ସମାଜର ଚିକିତ୍ସକ । ସମାଜର ଯେଉଁ ଅଙ୍ଗରେ କି ରୋଗ ଜାତ ହେଲା, ତାହା ଚିହ୍ନି ଚିକିତ୍ସା କରିବାକୁ ହେବ । ଆଚାର୍ଯ୍ୟ ଆପଣେ, ବାଲ୍ୟ-ବିବାହ ପାଇଁ ପ୍ରାୟଶ୍ଚିତ୍ତ କରିବା ଉଚିତ, କି ଯୁବତୀ ବିବାହ ସକାଶେ ପ୍ରାୟଶ୍ଚିତ୍ତ କରିବା ଉଚିତ କର୍ଣ୍ଣଧାର-ମାନଙ୍କର କର୍ଣ୍ଣ ଧରି ଏହା ତୁମ୍ଭେ ବୁଝାଇଦେବ । ଆଉ ଅଧିକ କିଛି କହିବାକୁ ମୋର ସମୟ ନାହିଁ । ବାହାରକୁ ବିପନ୍ନ କରି ଆତ୍ମପ୍ରାଧାନ୍ୟ ଉପଭୋଗ କରିବା ବ୍ରାହ୍ମଣର କାର୍ଯ୍ୟ ନୁହେଁ । ତଦ୍ୱାରା ପଶୁତ୍ୱ ଆଡକୁ ଗତି ହୁଏ ।”

ନନ୍ଦଙ୍କ କଥାରେ ଆଚାର୍ଯ୍ୟ ଲଜ୍ଜିତ ହୋଇ କହିଲେ—“ନନ୍ଦ ଆପଣେ, ମୋର ଭୁଲ, ତୁମ୍ଭେ ପ୍ରକୃତ ବ୍ରାହ୍ମଣ । ମୁଁ ତୁମ୍ଭଙ୍କୁ ଅକାରଣ ପ୍ରାୟଶ୍ଚିତ୍ତ କରାଇବାକୁ ଯାଉଥିଲି । ମୋର ଅପରାଧ କ୍ଷମା କରିବ । ତୁମ୍ଭର ପ୍ରାୟଶ୍ଚିତ୍ତ କରିବାର ଦରକାର ନାହିଁ । ଆଉ କେହି ଖାଉ ବା ନ ଖାଉ ମୁଁ ତୁମ୍ଭ ଘରେ ଖାଇବି । ମୁଁ ଜାଣିଲି— ବ୍ରହ୍ମତେଜ ତୁମ୍ଭ ଦେହରେ ଅଛି । ଧର୍ମର ଆଲୋକରେ ତୁମ୍ଭର ହୃଦୟ ଆଲୋକିତ, ଶରୀର ଦେବାଳୟ ପରି ପବିତ୍ର, ମନ ଗଙ୍ଗାଜଳ ପରି ସ୍ୱଚ୍ଛ ଏବଂ ଜ୍ଞାନ ପ୍ରଜ୍ଞା ତାରକା ପରି ଉଜ୍ଜ୍ୱଳ ଓ ନିର୍ମଳ । ତୁମ୍ଭେ ଆଜି ମୋର ଜ୍ଞାନଚକ୍ଷୁ ଉନ୍ମୀଳନ କରିଦେଲେ, ସେଥିଲାଗି ମୁଁ ତୁମ୍ଭ ନିକଟରେ ଋଣୀ ଏବଂ କୃତଜ୍ଞ ।” ଏହା କହି ଆଚାର୍ଯ୍ୟ ପ୍ରସ୍ଥାନ କଲେ । ଶାସନର ବ୍ରାହ୍ମଣମାନେ ତାଙ୍କଠାରୁ ସମସ୍ତ ଶୁଣି ଆଉ କୌଣସି ଉଚ୍ଚବାଚ୍ୟ ପ୍ରକାଶ କଲେ ନାହିଁ ।

ନନ୍ଦେ ଉପସ୍ଥିତ ସଙ୍କଟରୁ ପାର ହେଲେ; ମାତ୍ର କାଳେ ଏ ଇଚ୍ଛାରୁ ଆଉ କିଛି ବାଧା-ବିଘ୍ନ ଘଟେ ଏହି ଆଶଙ୍କାରେ ତାଙ୍କର ଛାତି ଦୁରୁ ଦୁରୁ ହେଉଥାଏ । ସେ ଥରେ ଅତୀତ, ଥରେ ଭବିଷ୍ୟତ ଆଡକୁ ଚାହିଁ ଦେଇ ମନେ ମନେ ଭାବିଲେ—“ମୋର କିଛି ଭୁଲ ହେଉ ନାହିଁ ତ ? ଯାହା ମୋର ଇଚ୍ଛା ନୁହେଁ, ତାହା କରିବାକୁ ପଡୁଛି, ଏହା ଶନିସପ୍ତାର ଫଳ ନୁହେଁ ତ ? ସବୁ ଦଶାର ଫେର, ଶନିସପ୍ତା ଦଶା ତ ସାମାନ୍ୟ ନୁହେ । ଯାହାର ଦାଉ ବଡ଼ ବଡ଼ ଲୋକେ ସମ୍ଭାଳି ପାରି ନାହାନ୍ତି, ମୋପରି କ୍ଷୁଦ୍ର ଜୀବର ତ କଥାହିଁ ନାହିଁ ।” ନନ୍ଦେ ସବୁବେଳେ ନିଜକୁ ସାନ ମଣନ୍ତି । ଜ୍ଞାନୀମାନଙ୍କର ସ୍ୱଭାବ, ସେମାନେ ସମସ୍ତଙ୍କ ତଳେ ନିଜର ଆସନ ନିରୂପଣ କରନ୍ତି । ନିଜକୁ ସାନ ମଣନ୍ତି ବୋଲି ସେମାନେ ଏତେ ବଡ଼ । ନନ୍ଦେ ପୁନଶ୍ଚ ଭାବିଲେ—“ସ୍ତ୍ରୀ ବୁଦ୍ଧିରେ ମୁଁ ଭୁଲିଛି, ସ୍ତ୍ରୀବୁଦ୍ଧି ପ୍ରଳୟଙ୍କରୀ ଲୋକେ ଦାୟିତା ଦେଇ କହନ୍ତି, ‘ସ୍ତ୍ରୀ ବୁଦ୍ଧିରେ ଜଗନ୍ନାଥ ମହାପ୍ରଭୁ ଖଣ୍ଡିଆ ।’ ତେବେ ସତେ କଅଣ ମୁଁ ନାରୀମାୟାରେ ଅନ୍ଧ ହୋଇଅଛି । ନା, ନା, ତାହା କି ହୁଏ । ଆଉ ସ୍ତ୍ରୀ ବୁଦ୍ଧି ବା ହେୟ କାହିଁକି ? ସ୍ତ୍ରୀର ବୁଦ୍ଧି ପୁରୁଷର ଶକ୍ତି ଉଭୟର ମିଳନରେ ସଂସାର ଯାତ୍ରା ସହଜ ହୁଏ । ବିଶେଷତଃ ଶେଫାଳିକା ପରି ସ୍ତ୍ରୀ ପ୍ରତି ଅବିଶ୍ୱାସ କରିବା ଆତ୍ମଦ୍ରୋହ ଛଡା ଆଉ କିଛି ନୁହେଁ । ଯାହାର ତ୍ୟାଗ ଅସାଧାରଣ, ସେ ହସି ହସି ନିଜର ଅଧିକାର ପରକୁ ଦେଇପାରେ, ସେ ସାମାନ୍ୟ ସ୍ତ୍ରୀ ନୁହେଁ । ସ୍ତ୍ରୀମାନେ ଦାନପ୍ରିୟା ସତ୍ୟ, ସେମାନେ ଧନ, ମାନ, ସ୍ୱର୍ଣ୍ଣ ନିର୍ବି-କାର ଚିତ୍ତରେ ଦାନ କରିପାରନ୍ତି; ମାତ୍ର ନିଜର ସ୍ୱାମୀକୁ ଅପରକୁ ଦାନ କରି ପାରନ୍ତି ନାହିଁ । ସ୍ୱାମୀ ସେ ସେମାନଙ୍କର ଆରାଧ୍ୟ ଦେବତା । ଆରାଧ୍ୟ ଦେବତାକୁ କି କେହି ଦାନ କରିପାରେ ? କିନ୍ତୁ ଶେଫାଳିକା ସେହି ସ୍ୱାମୀ ଦାନ କରିବାକୁ ବସିଅଛି । କିଏ କେବେ ଏଭଳି ମହାଦାନ କରି ଦାନର ମାହାତ୍ମ୍ୟ ବଢାଇ ପାରିଛି ? ତାହାର ତ୍ୟାଗ ଯେପରି ଆନ୍ତରିକ, ଦାନ ସେହିପରି ଉଦାର । ସେ ଏଥିରେ କି ଭବିଷ୍ୟତ ମଙ୍ଗଳ ଦେଖୁଛି, ତାହା ସେହି ଜାଣେ; ମାତ୍ର ତାହାର ମଙ୍ଗଳ ହସ୍ତରେ

ସେ ମୋର ସୌଭାଗ୍ୟ ଗଠିତ ହେବ, ଏଥିରେ ସନ୍ଦେହର ଲେଶମାତ୍ର ଅବକାଶ ନାହିଁ । ଛି ଛି, ଏଭଳି ଦେବୀକଳ୍ପା ସ୍ତ୍ରୀ ପ୍ରତି ମୁଁ ଅବିଶ୍ୱାସ କରୁଛି । ଧିକ୍ ଶତ ଧିକ୍ ମୋତେ । କିନ୍ତୁ ମୋର କି ଦୃଷ୍ଟ; ସବୁ ଶନିସପ୍ତା କରୁଛି । ଏ ବିବାହରେ ଯଦି ବଂଶରକ୍ଷା ନହୁଏ, ତେବେ ନ ହେଲା ତ ନାହିଁ, ପତିତକୁ ଉଦ୍ଧାର କରିବାର ତ ସାମାନ୍ୟ ଆନନ୍ଦ ନୁହେଁ । ସେ ଆନନ୍ଦ ସଙ୍ଗେ ସଙ୍ଗେ ସମାଜସଂସ୍କାରର ଗୋଟାଏ ଆଦର୍ଶ ପ୍ରଦର୍ଶନ ମଧ୍ୟ ହେବ । ତାହାହିଁ ଯଥେଷ୍ଟ ଲାଭ । ସମାଜ ସେବାର ସୌଭାଗ୍ୟ କି ସାମାନ୍ୟ ସୌଭାଗ୍ୟ ।

ବିବାହର ଦିନ ଯେତେ ନିକଟବର୍ତ୍ତୀ ହେଉଅଛି, ନନ୍ଦଙ୍କ ଘରେ କର୍ମବ୍ୟସ୍ତତା ସେତେ ବୃଦ୍ଧି ଲାଭ କରୁଅଛି । ଶେଫାଳିକାଙ୍କର ଆନନ୍ଦ ସୀମାଲଙ୍ଘନ କରିଅଛି । ତାଙ୍କର ଉଦାସ ବିଷଣ୍ଣ ମୂର୍ତ୍ତି ଆଉ ନାହିଁ । ସେ ଏବେ ହାସ୍ୟମୟୀ ଏବଂ କର୍ମତତ୍ପର । ଆଶା କଅଣ ନ କରିପାରେ—ଶୁଖିଲା କାଠରେ ବି ଫୁଲ ଫୁଟାଏ । ଶେଫାଳିକା ନାନା କାର୍ଯ୍ୟରେ ବ୍ୟସ୍ତ । ଟିକିଏ ଅବସର ପାଇଲେ ସ୍ୱାମୀଙ୍କ ପାଖକୁ ଧାଇଁ ଆସି, ଏଠା ହେଲାନାହିଁ—ସେଠା ହେଲା ନାହିଁ, ଅମୁକ ପଦାର୍ଥ ଆସି ନାହିଁ, ଅମୁକ ପଦାର୍ଥ ନହେଲେ ଚଳିବ ନାହିଁ, ଏହିପରି ବିବାଦ କରି ସ୍ୱାମୀଙ୍କୁ ଉତ୍ୟକ୍ତ କରୁଅଛନ୍ତି । ଆଜି ପୁଣି ଅଳଙ୍କାର ପାଇଁ ନୂତନ ଫରମାସ । ସେ ସ୍ୱାମୀଙ୍କୁ କହିଲେ—"ମୋର ଅଳଙ୍କାର ଭାଙ୍ଗି ନୂତନ ଅଳଙ୍କାର ଗଢାଇ ଆଣ ।" ନନ୍ଦେ କହିଲେ—"କି, ତୁମ୍ଭର ଅଳଙ୍କାର ଲୋଡ଼ାନାହିଁ ?"

ଶେଫାଳିକା—ନା, ମୋର ଅଳଙ୍କାର ଅଛି ।

ନନ୍ଦେ—କି ଅଳଙ୍କାର ଅଛି ?

ଶେଫାଳିକା—ଅଛି ଗୋ ଅଛି । ଆର୍ଯ୍ୟରମଣୀର ଯାହା ଶ୍ରେଷ୍ଠ ଅଳଙ୍କାର, ତାହା ମୋର ଅଛି । ସେ ବିଷୟରେ ମୁଁ ଭାଗ୍ୟବତୀ ।

ଶେଫାଳିକା ସ୍ତ୍ରୀର ଅଳଙ୍କାର ସ୍ୱାମୀ ବୋଲି ଲକ୍ଷ୍ୟ କରୁଛନ୍ତି ଜାଣି ନନ୍ଦେ ମୃଦୁ ହସି କହିଲେ—"ତାହା ଜାଣିହେଲା; ମାତ୍ର ଏତେ ଅଳଙ୍କାର କାହିଁକି ?"

ଶେଫାଳିକା—ତାକୁ ଯେ ମୋର ସାନ ଭଉଣୀ ପରି ସ୍ନେହସହିତ କରି ଏ ଘରକୁ ଆଣିବାକୁ ହେବ, ଅଧିକ ଅଳଙ୍କାର ନହେଲେ ଚଳିବ କିପରି ?

ନନ୍ଦେ—ଏଥି ମଧ୍ୟରେ ସମ୍ବନ୍ଧ ପାତିସାରିଲଣି ? ଭଉଣୀ ନା ସଉତୁଣୀ ?

ଶେଫାଳିକା—ଭଉଣୀ, ସଉତୁଣୀ ।

ନନ୍ଦେ—ତାହାହେଲେ ସର୍ବନାଶ । ତୁମ୍ଭର ଜାତି ବସ୍ତାଦରମାନେ ତ କହନ୍ତି—"ଆନ ସଉତୁଣୀ ପାଳେ ଲୀଳେ, ଭଉଣୀ ସଉତୁଣୀ ବିଷ ଦେଇ ମାରେ ।"

ଶେଫାଳିକା—ସେ ତାହା ପାରିବ ନାହିଁ ।

ନନ୍ଦେ—କାହିଁକି ?

ଶେଫାଳିକା—ତାହାର ଜନ୍ମ ପବିତ୍ର ଆର୍ଯ୍ୟନାରୀ ବଂଶରେ । ଆଉ ଯେ ପାରୁ ପଛେ, ସେ ତାହା ପାରିବ ନାହିଁ ।

ନନ୍ଦେ—ଓଃ, କର୍ପୂର ଗଲାଣି କନା ଅଛି ।

ଶେଫାଳିକା—କର୍ପୂର ସେହି କନାରେ ସୁବାସ ରଖି ଯାଇଛି ।

ନନ୍ଦେ—ଅଚ୍ଛା, ସେ କଥା ଯାଉ; ଏ ଅଳଙ୍କାର ସ୍ୱତନ୍ତ୍ର ଦାନର ଦକ୍ଷିଣା, ନା ଯୌତୁକ ?

ଶେଫାଳିକା—କି ଦାନ ?

ନନ୍ଦେ—ତୁମ୍ଭେ ପରା ସ୍ୱାମୀଦାନ କରୁଛ ? ଲୋକେ କନ୍ୟାଦାନ କରନ୍ତି, ତୁମ୍ଭେ ସ୍ୱାମୀଦାନ କଲ; କାହିଁରେ ପୁଣ୍ୟ ଅଧିକ ? ଛି ଶେଫାଳିକା, ମୋତେ ଆଉ ଜଣକ ହାତରେ ଠେକି ଦେବାକୁ ତୁମର କି ଟିକିଏ ମମତା ହେଲା ନାହିଁ ?

ଶେଫାଳିକା—ମୋର ପଦାର୍ଥ ମୁଁ ଯାହାକୁ ଇଚ୍ଛା ବାଣ୍ଟି ଦେଲି, ତୁମର ସେଥିରେ କଥା କହିବା ଅନଧିକାର ।

ନନ୍ଦେ—ତେବେ ମୋର ପରାଜୟ । ଅଚ୍ଛା ତୁମେ ହୁଳହୁଳି ଦେଇ ବରକନ୍ୟା ବରଣ କରି ଘରକୁ ଆଣିବାବେଳେ ହସିବ ନାହିଁ ତ ? କିନ୍ତୁ ମୋତେ ବଡ଼ ହସ ମାଡିବ । ଆଉ ଗୋଟାଏ କଥା ଆଗରୁ କହି ରଖୁଛି—ମୁଁ ହଳଦି ଲଗାଇବି ନାହିଁ, ସେଥିପାଇଁ ମୋତେ ଜବରଦସ୍ତ କରିବ ନାହିଁ ।

ଶେଫାଳିକା—ଏ କି ଅଘଟ କଥା, ବିବାହ ମଙ୍ଗଳ କାର୍ଯ୍ୟରେ ହଳଦି ପୁଣି କିଏ ନ ଲଗାଏ ?

ନନ୍ଦେ—ନା, ମୁଁ ତାହା ପାରିବି ନାହିଁ ।

ଶେଫାଳିକା—ହେଉ, ନ ପାରିବ ତ ନାହିଁ, ତେବେ ଟିକିଏ ହୁଲଗ ମୁଣ୍ଡରେ ଛୁଇଁ ଦେବ; ଏହା ପାରିବ ତ ?

ନନ୍ଦେ—ହଁ, ତାହା ପାରିବି । ଆଚ୍ଛା କହିଲ ଭଲା ମୋତେ ବରବେଶ କିପରି ମାନିବ ?

ଶେଫାଳିକା—କିପରି ?

ନନ୍ଦେ—ବରଟି ଦିଶିବ ଠିକ୍ ଯେପରି ଗୋଟିଏ କିଷ୍କିନ୍ଧ୍ୟାବାସୀ ବୃଦ୍ଧ ଶାଖାଚର ଜୀବବିଶେଷ । ଖାଲି ଗୋଟାଏ ଲାଙ୍ଗୁଡ଼ର ଅଭାବ ।

ଶେଫାଳିକା—ଛି, ନିଜକୁ ନିଜେ ଠାଟ୍ଟା କରୁଛ, ଲାଜମାଡ଼ୁ ନାହିଁ ।

ନନ୍ଦେ—ଠାଟ୍ଟା କଲି କାହିଁ ? ଆଚ୍ଛା ମୋ ପାଖରେ କନ୍ୟାଟି ବସିଲେ କିପରି ସୁନ୍ଦର ଦିଶିବ ଜାଣ ନା ?

ଶେଫାଳିକା—କିପରି ?

ନନ୍ଦେ—ଠିକ୍ ଯେପରି ପ୍ରେତ ପାଖରେ ପଦ୍ମ କିମ୍ବା ଡାମରକୁଆ ପାଖରେ ହଳଦିବସନ୍ତ ଅଥବା ବୁଢ଼ା ବାଶିଆ ପାଖରେ କାଶିଆମା ଘର କନିଆ ବୋହୂ ।

ଶେଫାଳିକା—ଫିକ୍ କରି ହସିଦେଇ କହିଲେ—"କିପରି ତ ଖୁବ୍ ଉପମା ଯୋଗିଁ ଯାଉଚ, ତେବେ ଖଣ୍ଡେ କାବ୍ୟ ଲେଖୁ ନାହଁ ?"

ନନ୍ଦେ—ହଁ, ଲେଖନ୍ତି ଯେ, କିନ୍ତୁ—

ଶେଫାଳିକା—ଆଉ ଫେର୍ କିନ୍ତୁ କଅଣ ?

ନନ୍ଦେ—କିନ୍ତୁ କଅଣ କି, ସମାଲୋଚକଗୁଡ଼ାକ ଲେଖାକୁ ବଞ୍ଚନ୍ତି ନାହିଁ ।

ଶେଫାଳିକା—କାହିଁକି ?

ନନ୍ଦେ—ଭୁଲ୍ ଧରନ୍ତି ।

ଶେଫାଳିକା—ଅଉ କଅଣ ବଜ୍ରମାଳା କଣ୍ଠରେ ଲମ୍ବାଇ ଦିଅନ୍ତେ ?

ନନ୍ଦେ—ତାହା ନ ଲମ୍ବାନ୍ତୁ ପଛେ; ମାତ୍ର ଭୁଲ ନ ଧରନ୍ତେ କି ?

ଶେଫାଳିକା—ହେଉ ଭୁଲ ଧରନ୍ତୁ ପଛେ, ତୁମେ ଲେଖ । ଭୁଲ ଅବା କାହିଁରେ ନାହିଁ । ସମାଲୋଚକମାନେ କି ଭୁଲ କରନ୍ତି ନାହିଁ ।

ନନ୍ଦେ—ହଁ ଢେର ଭୁଲ କରନ୍ତି—ଶହକରେ ପାଞ୍ଚ କୋଡ଼ି ।

ଶେଫାଳିକା—ତେବେ ତୁମ୍ଭଙ୍କୁ ବାଛନ୍ତି କାହିଁକି ?

ନନ୍ଦେ—ଆରେ ଅଚ୍ଛା କଥା କହୁଛ । ସେ ସେ ସମାଲୋଚକ, ଭୁଲ ଧରିବାପାଇଁ ତାଙ୍କର ଜନ୍ମ । ନିଜେ ଭୁଲ ନ କରିବେ ବୋଲି ତ ଏପରି କିଛି ଆଇନ ନାହିଁ ।

ଶେଫାଳିକା କର୍ କର୍ ହୋଇ ହସି ଉଠି କହିଲେ—"ଆଚ୍ଛା ତୁମେ ଆଗେ ଲେଖ, ଭୁଲକୁ ଭୟ କାହିଁକି ? ସଂସାରରେ ନିର୍ଭୁଲ ବା ନିର୍ଦ୍ଦୋଷ କିଛି ନାହିଁ ।"

ନନ୍ଦେ—ତୁମ୍ଭଠାରୁ ଅଭୟ ପାଇଲି, ଏଣିକି ଲେଖିବି । କାବ୍ୟରେ ନାୟକ ନାୟିକା ଦରକାର । ମୁଁ ସିନା ନାୟକ; ମାତ୍ର ନାୟିକାର ଅଭାବ ଥିଲା । ତୁମେ ସେ ଅଭାବ ପୂରଣ କରି ନବ ନାୟିକାଟିଏ ଯୋଗାଇ ଦେଲଣି, ଏବେ କାବ୍ୟାରମ୍ଭ ହେବ ।

ଶେଫାଳିକା ଉଠି ଠିଆହୋଇ କହିଲେ—"ତୁମ ସାଙ୍ଗରେ ରଙ୍ଗ କୌତୁକ କରିବାକୁ ମୋତେ ବେଳ ନାହିଁ । ମୋର ଢେର କାମ ଅଛି, ମୁଁ ଯାଉଛି ।" ଏହା କହି ସେଠାରୁ ଚାଲିଗଲେ ।

# ଷଷ୍ଠ ପରିଚ୍ଛେଦ

ବିବାହ ଶେଷ ହୋଇଗଲା, ତହିଁ ସଙ୍ଗେ ସଙ୍ଗେ ଶିଳ ସୁବର୍ଣ୍ଣ ପ୍ରାୟଶ୍ଚିତ୍ତ ମଧ୍ୟ ହୋଇଗଲା । ବିବାହରେ ତେତେ ଆଡ଼ମ୍ବର ହୋଇ ନାହିଁ; ମାତ୍ର ବିବାହ ଭୋଜି ଖୁବ୍ ଆଡ଼ମ୍ବରରେ ହୋଇଥିଲା । ଶାସନର ବ୍ରାହ୍ମଣମାନେ ଉତ୍ସବରେ ଯୋଗ ଦେଇଥିଲେ ଏବଂ ଭୋଜି ଖାଇ ସନ୍ତୋଷ ଲାଭ ମଧ୍ୟ କରିଥିଲେ । ସୁଖର ବିଷୟ, ଜାତି ଧର୍ମ ନଷ୍ଟହେବାର ଦୁଃସ୍ୱପ୍ନ ସେମାନେ ଆଉ ଦେଖି ନାହାନ୍ତି । କେହି କେହି ଅତି ରକ୍ଷଣଶୀଳ ଦଳଭୁକ୍ତ ଲୋକେ କହିଲେ—"ନନ୍ଦେ ବ୍ରାହ୍ମଣ କୁଳରେ ଗୋଟାଏ ନୂଆ ବାଟ ଫିଟାଇଲେ ସତ; କିନ୍ତୁ ସେ ବାଟରେ କିଏ ଚାଲିବ ? କେହି ନ ଚାଲିଲେ ବାଟ ଆପେ ମରିଯିବ । ଉଦାରନୈତିକଦଳ କହିଲେ—"ବାଟ ମରିଗଲେ ସୁଦ୍ଧା ତାହାର ଚିହ୍ନଟା ଥିବ । ଜଣେ ଯେଉଁ ବାଟରେ ଯାଇଛି, କେବେ ହେଲେ ଆଉ ଜଣେ ସେହି ବାଟର ଚିହ୍ନ ଧରି ଚାଲିବ । କୌଣସି ବୃହତ୍ ଅନୁଷ୍ଠାନର ସାଫଲ୍ୟ ଦିନେ ଦୁଇଦିନରେ ମିଳେ ନାହିଁ । ଅନୁଷ୍ଠାନ ଯେତେ ବଡ଼ ହୁଏ, ତାହାର ବିଘ୍ନ ମଧ୍ୟ ତେତେ ବଢ଼ ହୁଏ ଏବଂ ସାଫଲ୍ୟରେ ବି ତେତେ ବିଳମ୍ବ ଘଟେ ।" ଏହିପରି କେତେ କଳ୍ପନା-ଜଳ୍ପନା ଲାଗିଲା । ଯେ ଯାହା କହୁ ବା କାର୍ଯ୍ୟ ଗତିରେ ଯାହା ଘଟୁ; ମାତ୍ର ନନ୍ଦେ ଯେଉଁ ନୈତିକ ସାହସର ଆଦର୍ଶ ଦେଖାଇଲେ, ତାହା ଅତୁଳନୀୟ । ସମାଜରେ ଏରୂପ ବଳ କେତେଜଣ ଦେଖାଇ ପାରନ୍ତି ? ଯେ ପାରେ, ସେ ଏକା ପ୍ରକୃତ ସଂସ୍କାରକାର ।

ଗ୍ରାମର କାହାରି ଘରକୁ ନୂଆବୋହୂ ଆସିଲେ ସ୍ତ୍ରୀ ସମାଜରେ ଗୋଟାଏ ଉତ୍ସବ ଲାଗିଯାଏ । ସେମାନେ ଦଳ ଦଳ ହୋଇ ନବ ବଧୂକୁ ଦେଖିବାକୁ ଆସନ୍ତି । ନୂଆବୋହୂ ଯେପରି ଗୋଟାଏ ଦର୍ଶନୀୟ ପଦାର୍ଥ କିମ୍ବା କିମ୍ଭୂତ କିମାକାର ଅପୂର୍ବ ଜୀବ କେଉଁ ଭିନ୍ନ ସୃଷ୍ଟିରୁ ଆସିଅଛି । ଗାଁ ମାଇପେ ଯେ ଖାଲି ରୂପ ଦେଖିବାକୁ ଆସନ୍ତି, ତାହା ନୁହେଁ । ନୂଆବୋହୂର ହାତ, ଗୋଡ଼ କଟି, କଣ୍ଠ, ନାକ, କାନ ଅଙ୍ଗାଙ୍ଗ ଅଳଙ୍କାରର ବହରଟା ବି ଦେଖି ନଥାନ୍ତି ଏବଂ ଫେରିବାବେଳେ ବାଟରେ ନୂଆବୋହୂର ରୂପ ଗୁଣର ସମାଲୋଚନା କରି କରି ଯାଆନ୍ତି । ଏତେ ଲୋକଙ୍କର କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିବା ସହଜ କଥା ନୁହେଁ; ସୁତରାଂ ଅଧିକାଂଶ ନୂଆବୋହୂ ଫେଲ ହୋଇ ଯାଆନ୍ତି । ପ୍ରତି ଗ୍ରାମରେ ପ୍ରବୀଣା ସମାଲୋଚିକା ଅଛନ୍ତି । ସେମାନେ ପ୍ରଥମେ ମତ ପ୍ରକାଶ କରନ୍ତି । ପରେ ତାହା ସାଲଙ୍କୃତ, ପଲ୍ଲବିତ ହୋଇ ଅନ୍ୟମାନଙ୍କଦ୍ୱାରା ପ୍ରଚାରିତ ହୁଏ । କଥାକୁ ଯେ ଯେତେ ଫେଣାଇ ଫୁଲାଇ ସ୍ଥୂଳ କରିପାରେ, ସେ ତେତେ ପଣ୍ଡିତା ଏବଂ ଚତୁରା ବୋଲି ଖ୍ୟାତି ଲାଭ କରେ । କେହି କହେ—"ବୋହୂର ମୁହଁଟା ଚେପ୍ଟା ନ ହୋଇ ଟିକିଏ ଲମ୍ବ ଆସିଆ ହୋଇଥିଲେ ଖୁବ୍ ସୁନ୍ଦର ହୋଇ ଥାଆନ୍ତା । ଚେପ୍ଟା ମୁହଁଟା ଡାଲି ପେଡ଼ିମୁହଁପରି ଦିଶେ ।" କେହି କହେ—"ମଇଁଷିପରି ପରି ଚାଲିଟା ଧସ୍ ଧସ୍ ।" କେହି କହେ—"ହସଟା ଫସ୍ ଫସ୍ ।" କେହି ଅଦ୍ଭୁତ ସୌନ୍ଦର୍ଯ୍ୟତତ୍ତ୍ୱବିଶାରଦା ବୟସ୍କ ରୁଚିମତୀ ରମଣୀ କହେ—"ଦକ୍ଷାଳନ୍ଦୀ ଖୁବ୍ ସରୁ, ଆଉ ଟିକିଏ ମୋଟ ହୋଇ ଥାଆନ୍ତା କି ?" କେହି କହେ ବୋହୂଟା ଖୁବ୍ ଉଜ୍ଜ୍ୱଳ ଶ୍ୟାମଳ ସୁନ୍ଦର ଯେ, ଖାଲି ଟିକିଏ ଉଚ୍ଚ କପାଳୀ ।" ପ୍ରତିବାଦ ସ୍ୱରୂପ ଅନ୍ୟ କେହି ତାହାର ମତ ସଂଶୋଧନ କରି କହେ—"ଖାଲି ଉଚ୍ଚ କପାଳୀ ନୁହେଁ—ନଳ ଗୋଡ଼ୀ ।" କେହି କହେ—"ବୋହୂଟାର ପହରି ଭଲ ନୁହେଁ, ଘରେ ଆସି ଗୋଡ଼ ଦେଲା କି ନଦେଲା, ଶାଶୁ ଜ୍ୱରରେ ପଡ଼ିଲା ! ଡାକି ଆସିଲା, ଆଜି ସମସ୍ତଙ୍କ ମୁହଁକୁ ଫଲ ଫଲ କରି ଚାହିଁ କଥା କହୁଛି । ଏତ ଭଲଙ୍କ ଲୋ ମା, ମାଇକିନିଆ ଝିଅ ହୋଇ ଯାହାର ଲାଜ ସରମ ନାହିଁ, ତାହା ମୁହଁରେ ନିଆଁ, ତା ଜୀବନକୁ ଧିକ୍ ।" ଏହିପରି ଯାହା ମନକୁ ଯାହା ଆସେ, ସେ ତାହା କହେ । ସେମାନଙ୍କ ମନୋମତ ସୁଲକ୍ଷଣ ବା ସୌନ୍ଦର୍ଯ୍ୟକୁ ଏକତ୍ର

ମିଶାଇ ପ୍ରତିମା ଗଢିଲେ କିପରି ଅଦ୍ଭୁତ ସୁଷମା ଫୁଟି ଉଠିବ, ତାହା ପାଠକେ ଅନୁମାନ କରନ୍ତୁ ।

ଗାଁ ମାଇକିନିଆମାନେ ସୌଦାମିନୀକୁ ଦେଖିବାକୁ ଧାଇଁ ଛୁଟିଲେ । ତାହାର ଦେହସାଙ୍କ ଅଣ୍ଡଳାଅଣ୍ଡଳି କରି ତାକୁ ଅର୍ଦ୍ଧମୃତ କରି ପକାଇଲେ । କିନ୍ତୁ ବାଛିବାକୁ କିଛି ପାଇଲେ ନାହିଁ । ବରଂ ନବବଧୂର ସୌନ୍ଦର୍ଯ୍ୟର ଭୂୟସୀ ପ୍ରଶଂସା କଲେ । କେହି କହିଲା— "ଦରିଦ୍ର ଘରେ କି ଏଭଳି ରତ୍ନ ଥିଲା, ବିଧାତା ଗୋବର ଗଦାରେ ପଦ୍ମ ଫୁଟାଇ ଥିଲା । କୋହ୍ନୁ ନୁହେଁ ଯେ, ଗୋଟାଏ ସ୍ୱର୍ଣ୍ଣପ୍ରତିମା । ବିଧାତା ଗୋଟିଏ ଖିଆଲରେ ତାକୁ ଗଢିଛି । ଆହା, ତିଳ ଫୁଲ ପରି କି ସୁନ୍ଦର ନାକ, ଆଖି ଦୁଇଟି ଯେପରି ଯୋଡ଼ିଏ ଖଞ୍ଜନ ପକ୍ଷୀ ।" କେହି ପରିହାସରସିକା ଉକ୍ତ କଳ୍ପନା କରି କହିଲା— "ଏହାକୁ ଦେଖିଲେ ମୁନିମାନଙ୍କ ତପୋଭଙ୍ଗ ହେବ, ନନ୍ଦ ବୁଢା ବା ବାଇ ନ ହେବ କାହିଁ ? ନନ୍ଦର ତପସ୍ୟା ଭଙ୍ଗିବା ପାଇଁ ସ୍ୱର୍ଗର ଦେବତାମାନେ ଉର୍ବଶୀକୁ ପଠାଇଅଛନ୍ତି । ଏ ମାନବୀ ନୁହେଁ, ନିଶ୍ଚେ ଭେଣା କିଟାପସୀ । ନନ୍ଦ ଏ କନ୍ୟାଲାଗି ବର ନୁହେଁ । ବୁଢାଟା ତାହାର ଅଜା ପରି ଦିଶୁଛି । ମା ଚଣ୍ଡୀ ଠାକୁରାଣୀର କଅଣ ଆଖି ଫୁଟି ଯାଇଥିଲା ଯେ, ଏଭଳି ଚନ୍ଦ୍ରପ୍ରତିମାକୁ ପାଣିରେ ପକାଇ ଦେଲା ।" କେହି ବା ଏ କଥାର ପ୍ରତିବାଦ କରି କହିଲା— "ସେ ତ ବିଧାତାନିର୍ବନ୍ଧ, ମା କଅଣ କରିବ । ମା ଜନ୍ମ ଦେଇଛି ବୋଲି କଅଣ କର୍ମ ଦେଇଛି ? ଯାହା ହାଣ୍ଡିରେ ଯେ ଚାଉଳ ଦେଇଛି, ସେ ତାହା ଘର କରିବ । କପାଳ ଲେଖାକୁ ଆନ କରିବ କିଏ ? କପାଳରେ ଥିଲେ ସେହି ଭାଲ ସୁଅମା ହୋଇ ବସିବ । ସବୁ କପାଳ ଲୋ ଭଉଣି, କପାଳ ଛଡ଼ା ଗତି ନାହିଁ । ବ୍ରାହ୍ମଣ ଘରେ ପାଚିଲା କନ୍ୟା, ହାତଛଡ଼ା ଯାହା ହୋଇଗଲା, ସେଇଟା ବଡ଼ କଥା ।"

ସାରଥି ନନ୍ଦେ ଖୁବ୍ ନକଲିଆ ଲୋକ । ଯାହାର ଦରୁଷଢ ପରି ସେ ଖୁବ୍ ରଙ୍ଗ ରହସ୍ୟ କରିପାରନ୍ତି । ତାଙ୍କର କଥା ଶ୍ରୋତାର କର୍ଣ୍ଣଲୋଭନୀୟ । ତାଙ୍କର ସରସ ରହସ୍ୟରେ ଅନେକ ସଂସାର-ଜଞ୍ଜାଳ-ଦଗ୍ଧ ଅନ୍ତଃକରଣ କ୍ଷଣକ ପାଇଁ ଶୀତଳ ହୁଏ । ସୁତରାଂ ତାଙ୍କ କଥା ଶୁଣିବାକୁ ସମସ୍ତେ ଲାଳାୟିତ । ଅଷ୍ଟମଙ୍ଗଳା ପରେ ଦିନେ ବାଟରେ ତାଙ୍କ ସହିତ ପୂର୍ବୋକ୍ତ ଉକ୍ତ ଅସ୍ୱର୍ଣ୍ଣଙ୍କର ଭେଟ ହେଲା । ଅସ୍ୱର୍ଣ୍ଣ ସହାନୁଭୂତି ଦେଖାଇ କହିଲେ— "ନନ୍ଦ ଅପଣେ, ବିବାହଟି ଘୁରୁଖୁରୁରେ ଚାଲିଗଲା, ଏହା ବଡ଼ ଆନନ୍ଦର କଥା । ଆଉ ବୋହୂ ଖୁବ ଭଲ କାହିଁକି, ଆଉ ସେ ପିଠା ନ ହେଲେ ହେବ ନାହିଁ, ଏହା ମୁଁ ଆଗରୁ କହିଦେଉଛି ।" ନନ୍ଦେ ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡି କହିଲେ— "ହଁ, କାଳସ୍ରି ପୁଣି ଆଉ ସେ ପିଠା, ଏତିକିରେ ତ ନାକେଦମ ହୋଇଗଲିଣି । ସବୁ ଦଶାର ଫେର୍ ଭାଇ, ସବୁ ଦଶାର ଫେର୍ । ମୋର କଅଣ ବିବାହ କରିବାର ଇଚ୍ଛା ଥିଲା, ଶନିସପ୍ତାର ଡାଣ୍ଡ, କଅଣ କରିବି । ନା ବୋଲି ତ କହିପାରିଲି ନାହିଁ, ଯେପରି କିଏ ମୋ ତଣ୍ଟି ଚିପି ଧରିଲା । ଯେତେବେଳକୁ ଯେଉଁ ଯୋଗ ଅଛି, ତାହା କିଏ ଖଣ୍ଡନ କରିବ ? ଶନିସପ୍ତା ସାତବର୍ଷ ମଧ୍ୟରୁ ବର୍ଷେ କଟିଗଲା, ଆହୁରି ଛବର୍ଷ ଅଛି । ବର୍ଷକ ମଧ୍ୟରେ ତ ଏ ଦୁର୍ଯୋଗ, ଏହା ପରେ ଆଉ କଅଣ ଅଛି କିଏ କହିପାରେ ।" ଅସ୍ୱର୍ଣ୍ଣ ହୋ ହୋ ଶବ୍ଦରେ ହସିଉଠି କହିଲେ— "ଶନିସପ୍ତା ହେତୁ ପରା ତୁମ୍ଭର ବିବାହ ଦୁର୍ଭାଗ୍ୟ ଘଟିଲା ? ତେବେ ତ ଶନିସପ୍ତା ତୁମ୍ଭ ପକ୍ଷରେ ମଙ୍ଗଳ ! ସମସ୍ତେ କହନ୍ତି—'ବିବାହ ଶୁଭକାର୍ଯ୍ୟ'; କିନ୍ତୁ ତୁମ୍ଭର ଠିକ୍ ଓଲଟା ।" ନନ୍ଦେ କିଛିକ୍ଷଣ ନୀରବ ରହି ଲଘୁସ୍ୱରରେ କହିଲେ— "ଆଛା କହିଲ ଭଲା, କେଉଁ କର୍ମସୂତ୍ର କି ଦୁଇଜଣ ହାକିମର ମନ ଯୋଗାଇ ପାରେ ?" ଅସ୍ୱର୍ଣ୍ଣ ହାସ୍ୟର ମାତ୍ରା ଚତୁର୍ଗୁଣ ବଢାଇ ଦେଇ କହିଲେ— "ତେବେ ଏଥି ମଧ୍ୟରେ ତୁମ୍ଭେ ହାକିମର କର୍ମସୂତ୍ର ହୋଇ ପଡ଼ିଲଣି ।"

ନନ୍ଦେ— ଏକା ମୁଁ ନୁହେଁ, ସମସ୍ତେ । ତୁମ୍ଭେ ଟିକିଏ ନିଜକୁ ଚାହିଁଲେ ନିଜେ କେଉଁ ଶ୍ରେଣୀୟ, ତାହା ବୁଝିପାରିବ । ଉତ୍କଳର ସ୍ତ୍ରୀମାନେ ସମସ୍ତେ ଧର୍ମାବତାର ହାକିମ ଆଉ ପୁରୁଷମାନେ କର୍ମସୂତ୍ର । କର୍ମସୂତ୍ର ସିରସ୍ତାର କାମ ସବୁ କରେ, ହାକିମ ଖାଲି ଗୋଟାଏ ଦସ୍ତଖତ ସହି କରିଦିଏ । ସେହିପରି

ପୁରୁଷମାନେ ସବୁ ଆଣି ଗୋଡ଼ ତଳରେ ହାଜର କଲେ ସ୍ତ୍ରୀମାନେ ମୁଠାଏ ଫୁଟାଇ ଦଅନ୍ତି; ମାତ୍ର ଏଣିକି ଶିକ୍ଷା ସଭ୍ୟତାର ବୃଦ୍ଧି ସଙ୍ଗେ ସଙ୍ଗେ ତେତକ ସୁଦ୍ଧା ଗୁଣ୍ଡବାକୁ ବସିଲଣି । ହାଣ୍ଡିଶାଳର ଧୂଆଁ ଲାଗିଲେ ଅନେକ ନୀରଜନେତ୍ରାଙ୍କ ନେତ୍ରଯୁଗଳରୁ ନୀର ଝର ଝର ହୋଇ ଝରିପଡ଼େ । ଏ ଦାରୁଣ କରୁଣ ଦୃଶ୍ୟ ଅନେକ ପୁରୁଷନାମା ଭଦ୍ରଜୀବଙ୍କ ନେତ୍ରରେ ଏକାନ୍ତ ଅସହ୍ୟ । ହାକିମୀ ସମ୍ବନ୍ଧଟା ଖାଲି ଦସ୍ତଖତରେ ଶେଷ ହୁଏ ନାହିଁ—ତାହା ଉପରେ ନାନା ହୁକୁମ ଆଉ ବାର ଫରମାସ । ଆଜି ଲୁଣ ନାହିଁ, କାଲି ତୁଣ ନାହିଁ, ଏହା ତ ନିତ୍ୟ ନୈମିତ୍ତିକ ଗାର୍ହସ୍ଥ୍ୟ ଅଭାବ, ଏହାଛଡ଼ା ପୁଣି ଅଛି ଉପରେ ବଥ । ସେହି ଯେ କି ଯମରାଜ ନା ଡବରାଜ କି ଗନ୍ଧତେଲ ବାହାର କରିଛି, ସେ ପୁଣି ଟଙ୍କାକୁ ଟାଙ୍କିଏ—ତାହା ଫରମାସ୍, ପାଣି ଅଲତା ଫରମାସ୍, ଏହିପରି ଆହୁରି କେତେ କଣ । ସବୁ ଫରମାସ୍ ନ ଯୋଗାଇଲେ ମାନିନୀଙ୍କର ମାନଭଙ୍ଗ ହେବ ନାହିଁ । ପୂର୍ବେ ଝୁମ୍ପା ଚଉଁରୀରେ ଖୋଷା ବନ୍ଧା ହେଉଥିଲା; ମାତ୍ର ଏଣିକି ଲୁହାର କଣ୍ଟା, ଖୁଞ୍ଚି ନ ହେଲେ ଚଳୁ ନାହିଁ । ଆଉ କିଛିଦିନ ଗଲେ ବୋଧହୁଏ କବ୍‌ଜା ଭିଡ଼ା ହୋଇ ସ୍କ୍ରୁ ଅଣ୍ଟାଯିବ । ଅଳିଯାଏ କେହି ଯେ ଗାଉନ୍, ବୁଟ୍‌ଜୋତା, ସାଇକେଲ ପ୍ରଭୃତି ବିଳାସର ଲୁବେର ସଜ୍ଜା ଫରମାସ୍ କରିନାହାନ୍ତି, ଏତିକି ରକ୍ଷା ।

ଅସୂର୍ଯ୍ୟ—ଏହି କେତେଟା ଦିନ ଭିତରେ ତୁମ୍ଭ ଉପରେ ଏତେ ଫରମାସ ହୋଇ ସାରିଲଣି ?

ନନ୍ଦେ—ନା, ମୋର 'ସିଦ୍ଧିରସ୍ତୁ' ଆରମ୍ଭ ହୋଇ ନାହିଁ, ତେବେ ହେବା କେତେ ମାତ୍ର । ଅନେକଙ୍କର ଯେତେବେଳେ ହେଲଣି, ତେବେ ମୋର ନ ହେବ କାହିଁକି ?

ଅସୂର୍ଯ୍ୟ—ଅଚ୍ଛା, ତାହା ଜାଣି ହେଲା; ମାତ୍ର ତୁମ୍ଭର ବର୍ତ୍ତମାନ କଅଣ ଲେଖା ଲାଗିଛି ?

ନନ୍ଦେ—"କଳିବେଦ" ଆଉ "କଳିଅଭିଧାନ" ନାମରେ ଦୁଇଖଣ୍ଡ ଆରମ୍ଭ ହୋଇଅଛି । ସେସବୁ ଆଧ୍ୟାତ୍ମିକ ତତ୍ତ୍ୱ । କଳିକାଳର ସୃଷ୍ଟିବେଦର ନାମ ଶୁଣିବ ? ମିଥ୍ୟା, ପ୍ରତାରଣା, ଜାଲ ଏବଂ କୁଆଷ୍ଟେର । ଅନ୍ୟ ଯୁଗରେ ଲୋକେ ଋକ୍, ସାମ, ଯଜୁ ଏବଂ ଅଥର୍ବ ବେଦକୁ ଆଶ୍ରୟ କରି ବଞ୍ଚିରହୁଥିଲେ; ମାତ୍ର କଳି କାଳରେ ମିଥ୍ୟା, ପ୍ରତାରଣା, ଜାଲ ଆଉ କୁଆଷ୍ଟେର ଏହି ସୃଷ୍ଟିବେଦକୁ ଆଶ୍ରୟ ନ କଲେ କେହି ବଞ୍ଚି ପାରିବେ ନାହିଁ । ସେ କାଳରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏହି ତିନି ଦେବତାଙ୍କର ପୂଜା ହେଉଥିଲା, କଳିକାଳରେ ହାକିମ, ନାରୀ, ଉଦର ଏହି ତ୍ରିଦେବତା ପୂଜିତ ହେବେ, ଆଉ ତାରକ ବ୍ରହ୍ମର ନାମ ହେବ "ଗୌରଚନ୍ଦ୍ର" ଅର୍ଥାତ୍ ଟଙ୍କା । ଏହି ମୁକ୍ତି ମନ୍ତ୍ର ଜପ କରି କଳିଯୁଗରେ ଲୋକେ ତପ୍ତବୈତରଣୀ ପାର ହେବେ । ମନ୍ତ୍ର ଯଥା:—

"ଗୌରଚନ୍ଦ୍ର, ଗୌରଚନ୍ଦ୍ର, ଭଜ ଗୌରଚନ୍ଦ୍ର ହେ,
ମାଂ ଅକ୍ଷମ, ମାଂ ଅରକ୍ଷ, ରକ୍ଷଃ ଗୌରଚନ୍ଦ୍ର ହେ ।"

ଅସୂର୍ଯ୍ୟ—ବାଃ, ଆଜ୍ଞା ଆଧ୍ୟାତ୍ମିକ ତତ୍ତ୍ୱ ଉଦ୍ଭାବନ କରିଛ । ହେଉ, ଏବେ ଅଭିଧାନର କିଛିଏ ନମୁନା ଶୁଣାଅ, ମୁଁ କୃତାର୍ଥ ହୋଇଯାଏଁ ।

ନନ୍ଦେ—ଅଭିଧାନର ନାମ ହେଉଛି—"କଳି-ଅଭିଧାନ ବା ସାରଥିକୋଷ ।" ତାହା ବର୍ଗବିଶିଷ୍ଟ ନୁହେଁ—ଅବର୍ଗ । ଅଭିଧାନର ମଙ୍ଗଳାଚରଣ ମୂଳ ଶ୍ଲୋକ ଏହି :—

"ଯସ୍ୟ ଜ୍ଞାନ ଦୟାସିନ୍ଧୋ,
ରଘୁଆ ମା ନାକରେ ସୁଣା ।
ସେବ୍ୟତାମକ୍ଷୟୋ ଧୀରାଃ,
ଶଙ୍ଖୀ ବସ୍ତ୍ରଣ ପିତେଇ ନାଣୀ ।।"

ଅସୂର୍ଯ୍ୟ—ନନ୍ଦ ଆପଣେ, ସଂସ୍କୃତ ବିଦ୍ୟାରେ ତ ତମର ଅଗାଧ ଜ୍ଞାନ, ଅର୍ଥାତ୍ ଏକାବେଳକେ ଅଜ୍ଞାନ । ସେହିପରି ତୁମ୍ଭ ପ୍ରତିଭା ବି ଅତୁଳ୍ୟ । ତୁମ୍ଭ ପ୍ରତିଭା ତେଜରେ ଗାଁ ସାରା ଦିନେ ଆଲୋକିତ ହେବ, ଗରିବ ଲୋକେ ତେଲ ଖର୍ଚ୍ଚରୁ ବଞ୍ଚିଯିବେ । ଧନ୍ୟ ତୁମ୍ଭେ, ତୁମ୍ଭର ମସ୍ତିଷ୍କ, ଧନ୍ୟ ତୁମ୍ଭର ହାତଗୋଡ଼, ଧନ୍ୟ ଏହା ଏ ଯମଦୂତୀ ଯୋଗକୁ ତୁମ୍ଭେ ବଞ୍ଚି ରହିବ କି । ଆଉ କଳି ସମାମ୍ଭଣରୁ ଦୂର ସୁରପଦ କର ।

ନନ୍ଦେ—ନା, ଝିଅ, ଆଜ ବେଳ ନାହିଁ, ପାଠକମାନେ ମଧ୍ୟ ବିରକ୍ତ ହେଉ ଆସିଲେଣି। ତାହା ଆଉ ଦିନେ ଶୁଣିବ। ଯମକଭୂଷ ଯୋଗକୁ ମୋର ଭୟ ନାହିଁ, ଭୟ ଏକା ସେହି ଶନିସପ୍ତାକୁ।

ଅନ୍ନପୂର୍ଣ୍ଣେ—ଶନିସପ୍ତା ତ ତୁମ୍ଭର ମଙ୍ଗଳ।

ନନ୍ଦେ—ସେହି ମଙ୍ଗଳଟି ତୁମ୍ଭେ ବିନା ପଇସାରେ ନିଅ। ତୁମ୍ଭ ପରି ପ୍ରିୟବନ୍ଧୁଙ୍କୁ ମୁଁ ତାହା ଦେବାକୁ ଅଣୁମାତ୍ର କୁଣ୍ଠିତ ନୁହେଁ। ବରଂ ତୁମ୍ଭ ଦେହ ଛୁଇଁ ନିୟମ କରି କହୁଛି—'ମୁଁ ସେଥିରେ ଆନନ୍ଦିତ।'

ଅନ୍ନପୂର୍ଣ୍ଣେ—ଆଚ୍ଛା, ସେ କଥା ପରେ ଦେଖାଯିବ, କେବେ ମୋତେ ରାମାୟଣ ଶୁଣାଇବ ଆଗେ ତାହା କହ।

ନନ୍ଦେ—ତୁମ୍ଭ ପରମାୟୁ ମୋତେ ଦେଇ ତୁମ୍ଭେ ଦୀର୍ଘଜୀବୀ ହେଉଥାଅ। ରାମାୟଣର ରଚନା ଶେଷ ହେଲେ ତୁମ୍ଭଙ୍କୁ ଶୁଣାଇବି। ନନ୍ଦେ ଏହା କହି ହସି ହସି ସେଠାରୁ ପ୍ରସ୍ଥାନ କଲେ।

ଆଉ ଗୋଟିଏ କଥା ଭୁଲରେ ରହି ଯାଇଅଛି। ସୌଦାମିନୀର ବିବାହ ସମୟରେ ତାହାର ବୃଦ୍ଧା ଦୁର୍ଗଣା ଜନନୀର ଅଦ୍ଭୁତ ପରିବର୍ତ୍ତନ ଘଟିଥିଲା। କେଉଁ ଯାଦୁ ମନ୍ତ୍ରବଳରେ କିଏ ତାହାର ରୋଗ ହରି ନେଇଗଲା। ସେ ନିଜର ଦୈନ୍ୟ, ପୀଡ଼ା ଏବଂ ସମସ୍ତ ଚିନ୍ତା ଏକାବେଳକେ ଭୁଲିଯାଇ ଏକ ଅପୂର୍ବ ଆନନ୍ଦରେ ବିହ୍ୱଳ ହୋଇଥିଲା। ଯାହା ମନରୁ ଆଶା ଏକାବେଳକେ ଧୋଇ ପୋଛି ହୋଇ ଯାଇଥିଲା, ତାହା ପକ୍ଷରେ ଏ ଆକସ୍ମିକ ଘଟଣା ଅସ୍ୱପ୍ନସୁଲଭ ନୁହେଁ କି? ଆଶା ମାନବକୁ କେତେବେଳେ କି ଭଙ୍ଗୀରେ ନଚାଏ, ହସାଏ, କନ୍ଦାଏ, ତାହା ସେହି ଏକା ଜାଣେ। ଯେଉଁ ଆଶା-ଲତା ନୈରାଶ୍ୟ-ଦାବାନଳରେ ପୋଡ଼ି ଭସ୍ମ ହୋଇ ଯାଇଥିଲା, ସେହି ଭସ୍ମସ୍ତୂପରୁ ପୁଣି ସେ ଆଶାଲତା ଜନ୍ମିଲି ଉଠି ଏତେ ଶୀଘ୍ର ଫଳ ଧାରଣ କରିବ, ବାସ୍ତବରେ ମହା ବିସ୍ମୟକର ନୁହେଁ କି? ବୃଦ୍ଧା ଜାମାତାର ମସ୍ତକରେ ଶୀର୍ଣ୍ଣ, କମ୍ପିତ ହସ୍ତ ସ୍ଥାପନ ପୂର୍ବକ ଆଶୀର୍ବାଦ କରି କହିଲା, "ବାବା, ମୁଁ କନ୍ୟାବଦଳରେ ତୁମ୍ଭଙ୍କୁ ପୁତ୍ରରୂପରେ ପାଇଲି, ଏହା ମୋର କେତେ ସୌଭାଗ୍ୟ, ତାହା କହି ହେବାର ନୁହେଁ। ଅଜର ଏହି ଆନନ୍ଦୋତ୍ସବ ତୁମ୍ଭ ଜୀବନରେ ଅକ୍ଷୟ ହେଉ, ମୁଁ ଏହି ଆଶୀର୍ବାଦ କରୁ-ଅଛି।" ତହିଁପରେ କନ୍ୟାମସ୍ତକରେ ହସ୍ତ ଦେଇ ଆନନ୍ଦଗଦ୍‌ଗଦ କଣ୍ଠରେ କହିଲା—"ମା, ତୁ ସୀତା ସାବିତ୍ରୀ ପରି ପତିପ୍ରାଣା ହୋଇ ପତିଦେବତାଙ୍କ ସେବାରେ ପ୍ରାଣ ଉତ୍ସର୍ଗ କର, ତୋର ହାତର ଶଙ୍ଖା ଏବଂ କପାଳର ସିନ୍ଦୂର ଅକ୍ଷୟ ହେଉ, ଧର୍ମରେ ମତି ଅଟଳ ହେଉ, ତୁ ପୁତ୍ରବତୀ ହ, ସୁଭଗିନୀ ହ, ଏହା ମୋର ଶେଷ ଆଶୀର୍ବାଦ।" କନ୍ୟା ଜାମାତାଙ୍କୁ ଦେଖି ବୃଦ୍ଧାର ଆନନ୍ଦର ସୀମା ନାହିଁ, ସେ ଯେପରି ଆଉ ମର୍ତ୍ତ୍ୟରେ ନାହିଁ, କେଉଁ ଆନନ୍ଦମୟ ସ୍ୱର୍ଗଧାମରେ ନିବାସ କରୁଅଛି। ଜାତି ରକ୍ଷା ହେଲା, ଧର୍ମ ରକ୍ଷା ହେଲା, କୁଳ ରକ୍ଷା ହେଲା, ଏହି ଆନନ୍ଦ ତାହା ହୃଦୟରେ ଏତେ ଦୁର୍ବିଲଭ କଲା ଯେ, ସେହି ଆନନ୍ଦର ବେଦନା ତାହା ପକ୍ଷରେ ଦୁଃସହ ହୋଇଉଠିଲା। ଦୁଃଖର ଯନ୍ତ୍ରଣା ପରି ଆନନ୍ଦର ଯନ୍ତ୍ରଣା ମଧ୍ୟ ସମୟ ବିଶେଷରେ ଦୁର୍ବହ ହୁଏ। ବୃଦ୍ଧା ଆଉ କହି ପାରିଲା ନାହିଁ, ଅତି ଆନନ୍ଦରେ ତାହାର ଦମ୍ ଅଟକିଗଲା। ସେ ବେଳେବେଳେ ମୂର୍ଚ୍ଛିତ ହୋଇପଡ଼ିଲା। କେବେ କେବେ ଅଚେତନ ଅବସ୍ଥାରେ ସ୍ୱର୍ଗୀୟ ସ୍ୱାମୀଙ୍କର ଉଦ୍ଦେଶ୍ୟରେ କହେ—"ମୋ ସଂସାର କେତେ ସୌଭାଗ୍ୟ, କେତେ ସୁଖ, କେତେ ଆନନ୍ଦ, ତୁମ୍ଭେ ଯାହା ଦେଖି ପାରିଲ ନାହିଁ; ମୁଁ ଆଖିରେ ଦେଖିଲି, ମୋ ଆଖି ଧନ୍ୟ ହେଲା। ଥରେ ସ୍ୱର୍ଗରୁ ଆସି ଦେଖି-ଯାଅ, ତୁମ୍ଭର ଦୁଃଖିନୀ କନ୍ୟା କିପରି ରାଜରାଣୀ ହୋଇଛି।" ବୃଦ୍ଧା ଏହିପରି ଆନନ୍ଦରେ ପାଗଳ ହୋଇ ବିବାହବାସୀ ଦିନ ପ୍ରାଣତ୍ୟାଗ କଲା। ବୃଦ୍ଧାର ଏ ମରଣ ଦୁଃଖର ମରଣ ନୁହେଁ ସୁଖର ମରଣ। ସେ ଆଜୀବନ ଦୁଃଖରେ ଦଗ୍ଧ ହୋଇ ଅନ୍ତିମକାଳରେ ହସି ହସି ମୃତ୍ୟୁର ସୁଖ ଶଯ୍ୟାରେ ଶୟନ କଲା। ତାହାର ମୁଖରେ ମୃତ୍ୟୁର କରାଳ ପାଣ୍ଡୁର ଛାୟା ନାହିଁ, ତୃପ୍ତି ଏବଂ ଆନନ୍ଦର ଦୀପ୍ତି ବିଦ୍ୟମାନ। ଯେମନ୍ତ କି ମୃତ୍ୟୁ ତାକୁ ଛୁଇଁ ନାହିଁ, ସେ ହସି ହସି ଆପେ

ଦେହ ଛାଡ଼ି ଚାଲି ଯାଇଅଛି । ସେ ଆନନ୍ଦମୟ ପୁଣ୍ୟ ଶରୀର ସ୍ପର୍ଶ କରିବା ଭଳି ସାହସ ମୃତ୍ୟୁର ନାହିଁ । ନନ୍ଦେ ଯଥାରୀତି ଶାଶୁଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାପନ କଲେ । ମାତୃଶୋକର ପ୍ରଚଣ୍ଡ ଆଘାତରେ ସୌଦାମିନୀର କୋମଳ ହୃଦୟପଞ୍ଜର ଭାଙ୍ଗିପଡ଼ିଲା । ମାତୃଶୋକଠାରୁ ବଳି ଶୋକ ନାହିଁ । ଯାହାର ମା ନାହିଁ; ସେ କୁଟୁମ୍ବ ଗହଳରେ ଥାଇ ସୁଦ୍ଧା ଏକୁଟିଆ ଏବଂ ଅନାଥ । ଲୋକେ କହନ୍ତି, 'ଯାହାର ମା ନାହିଁ, ତାହାର ସାହା ନାହିଁ ।' ଅସ୍ଥାୟୀ ଜଗତରେ କିଛିହିଁ ସ୍ଥାୟୀ ନୁହେଁ, ଶୋକ ଦୁଃଖ ସ୍ଥାୟୀ ହେବ କାହିଁକି ? ଶେଫାଳିକାଙ୍କର ସ୍ନେହ ସାନ୍ତ୍ୱନାରେ ସୌଦାମିନୀର ଶୋକ କ୍ରମଶଃ ଊଣା ହୋଇଆସିଲା । ଶୋକ ପଛେ ପଛେ ବିସ୍ମୃତି ଥାଏ । ଶୋକ ଯେତେ ଗୁରୁତର ହେଉ ପଛେ, ପ୍ରକୃତିର ଅଲଙ୍ଘ୍ୟ ନିୟମରେ ତାହା କ୍ରମେ କ୍ରମେ ମିଳାଇ ଯାଏ । ମନୁଷ୍ୟ ଦେହରେ ସବୁ ସହ୍ୟ ହୁଏ—ଶୋକ ବି ସହ୍ୟ ହୁଏ । ତାହା ହେଉ ନ ଥିଲେ ଶୋକାଗ୍ନିର ପ୍ରଖର ତେଜରେ ମାନବସୃଷ୍ଟି କେଉଁ କାଳରୁ ଧ୍ୱଂସପ୍ରାପ୍ତ ହୋଇସାରନ୍ତାଣି ।

ଶେଫାଳିକା ସୌଦାମିନୀକୁ ପ୍ରାଣଠାରୁ ବଳି ସ୍ନେହ କରନ୍ତି । ସେରୂପ ସ୍ନେହ ଜନନୀ ସୁଦ୍ଧା କନ୍ୟାକୁ କରିପାରେ ନାହିଁ । ବାଳିକାର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ତାଙ୍କର ସବୁବେଳେ ସତର୍କ ଦୃଷ୍ଟି ଥାଏ । ସୌଦାମିନୀକୁ ସେ ଲୁଗାକେରିଏ ଖଣ୍ଡ କରିଇ ଦିଅନ୍ତି ନାହିଁ । ସୌଦାମିନୀ କାମପାଇଟି କରିବାକୁ କହିଲେ ଶେଫାଳିକା କହନ୍ତି—"ଦୂର ବାୟାଣି, ତୁ ଅଣ୍ଟା ଖଣ୍ଡିକ, କି ପାଇଟି କରିବୁ ? ମୁଁ ଯାହା କରୁଛି ତୁ ବସି କରି ତାହା ଦେଖ୍, ଶିଖ୍, ପଢ଼ିକୁ କରିବୁ ନାହିଁକି ? ମୋତେ କଅଣ ସବୁଦିନେ ଘେନିକରି ବସିଥିବୁ ? ମୁଁ ମରିଗଲେ କଅଣ କରିବୁ ?" ଶେଷ କଥାଟା ସୌଦାମିନୀକୁ ବଡ଼ ବାଧେ, ସେ କାନ୍ଦୁଣୁ ମାନ୍ଦଣୁ ହୋଇ କହେ—"ସେମିତି କଥା କହିଲେ ମୁଁ ମୁଣ୍ଡ ଫଟାଇ ଦେବି ।" ଶେଫାଳିକା ହସି ହସି ସ୍ନେହସିକ୍ତ କୋମଳକଣ୍ଠରେ କହନ୍ତି—"ନା ଲୋ, ମୁଁ ମରିବି ନାହିଁ, ତୋତେ ଛାଡ଼ି ମୁଁ କୁଆଡେ ଯିବି ? ତୋତେ ଛାଡ଼ି ବୈକୁଣ୍ଠକୁ ଗଲେ ସୁଦ୍ଧା ମୋର ସୁଖ ନାହିଁ । ମୁଁ କଅଣ କହିଲି ବୋଲି ଏତେ ମରିଯାଉଛି ଯେ, ତୁ କାନ୍ଦୁଛୁ ?" ଏହା କହି ବାଳିକା ସପତ୍ନୀକୁ କୋଳକୁ ଟାଣି ନେଇ ତାହା ମୁଣ୍ଡରେ ସ୍ନେହାଦରର ସ୍ନିଗ୍ଧ କୋମଳ ହସ୍ତ ବୁଲାଇ ଦିଅନ୍ତି ଏବଂ ମନେ ମନେ କହନ୍ତି—ହାୟ, ମୁଗ୍ଧା ସରଳା ଅବୋଲ ବାଳିକା । ତୋର କୋମଳ ହୃଦୟ ପାର୍ଥିବ ପାପ ଉପାଦାନରେ ଗଠିତ ନୁହେଁ । ସେ ହୃଦୟରେ ଦ୍ୱେଷ ନାହିଁ, ଈର୍ଷା ନାହିଁ, ଛଳ ନାହିଁ, ମାୟା ନାହିଁ, କପଟତା ନାହିଁ; ଅଛି ଖାଲି ପ୍ରାଣର ଅଗାଧ ପ୍ରେମ, ଅସୀମ ମମତା, ଆଉ ଅତୁଳ ଆତ୍ମୀୟତା । ଯେଉଁ ପ୍ରେମରେ ପର ଆପଣାର ହୁଏ, ଶତ୍ରୁ ମିତ୍ର ହୁଏ, ବନର ପଶୁପକ୍ଷୀ ବଶୀଭୂତ ହୁଏ, ସେହି ଅନାବିଳ ସ୍ୱର୍ଗୀୟ ପ୍ରେମରେ ତୋର ହୃଦୟ ପବିତ୍ର । ତୋପରି ସପତ୍ନୀ ହସ୍ତରେ ସ୍ୱାମୀଙ୍କୁ ସମର୍ପି ଛାଡ଼ିଦେଲେ ସୁଦ୍ଧା ଦୁଃଖ ବା ଅନୁତାପ ଲେଶମାତ୍ର ନାହିଁ—ବରଂ ସୁଖ ଏବଂ ଆନନ୍ଦ ଯଥେଷ୍ଟ ଅଛି । ତୋତେ ସପତ୍ନୀ ରୂପରେ ପାଇ ମୁଁ ସୌଭାଗ୍ୟବତୀ ।

ଦିନେ ସୌଦାମିନୀ ଶେଫାଳିକାଙ୍କ କୋଳରେ ଢଳିପଡ଼ି ସହାସ୍ୟ ବଦନରେ ତାଙ୍କ ମୁଖକୁ ଚାହିଁ, ପଚାରିଲା—"ତୁମେ କଅଣ ମୋର ସଉତୁଣୀ ?"

ଶେଫାଳିକା—ନା, ତୋର ନାନୀ ।

ସୌଦାମିନୀ—ତେବେ ତୁମକୁ ବଡ଼ ନାନୀ ବୋଲି ଡାକିବି ?

ଶେଫାଳିକା—ନା, ଖାଲି ନାନୀ ବୋଲି ଡାକିବୁ, ଆଉ ମୁଁ ତୋତେ 'ସଦୁ' ବୋଲି ଡାକିବି । ସୌଦାମିନୀ ନାମଟି ବଡ଼ ମଧୁର; କିନ୍ତୁ ବଡ଼, ମୁଁ ସେ ନା ଧରି ଡାକି ପାରିବି ନାହିଁ ।

ସୌଦାମିନୀ—ହଁ ନାନୀ, ତମେ 'ସଦୁ' ବୋଲି ଡାକିବ । ତମ ପରି ସ୍ନେହମୟୀ ଭଉଣୀ ମୋତେ ଜନ୍ମେ ଜନ୍ମେ ମିଳୁଥାଉ ।

ଶେଫାଳିକା—ମୋ ପରି ତୋତେ ମିଳୁଥାଉ ବୋଲି କହିଲୁ ଆଉ ତୋ ପରି ମୋତେ ମିଳୁଥାଉ ବୋଲି ତ କହିଲୁ ନାହିଁ ? ତେବେ ତୋର ପ୍ରାର୍ଥନା ବିଧାତାଙ୍କ କର୍ଣ୍ଣ ଛୁଇଁବ ନାହିଁ ।

ସୌଦାମିନୀ—ମୋପରି ଲୋକ ତମ ଦାସୀ ହେବାର ଯୋଗ୍ୟ ନୁହେଁ ନାନି । ଆଉ ତମେ ମୋତେ ତାହାଙ୍କ କାମ ଦାମ କରାଇ ଦେଉନା ଭଲ କହୁଛ ? ତମେ ରନ୍ଧା ବାଢି ପରଶିବ, ଆଉ ମୁଁ ଚୌଧୁରୀ ପରି ଚକାମାଡି ବସି ଖାଇବି, ଏହା କି ଭଲ କଥା ? ସତ କହୁଛି ନାନି, ମୋତେ ଭାରି ମାଡ଼ପଡ଼େ ।

ଶେଫାଳିକା—ସେଥିରେ ତୋର ଲଜ୍ଜା କାରଣ ଅଛି ? ମୁଁ ଯେତେବେଳେ ନ ପାରିବି, ସେତେବେଳେ ତୁ ରନ୍ଧା ବାଢି ମୋତେ ପରଶିବୁ ନାହିଁ କି ? ଦୁହେଁଯାକ ତ ଏକ ଦେବତାର ସେବକା, ତୁ କଲେ କଅଣ ଆଉ ମୁଁ କଲେ ବା କଅଣ ।

ଶେଫାଳିକା ସୌଦାମିନୀକୁ ପ୍ରାଣର ସହିତ ଭଲ ପାଆନ୍ତି । ଦୁଇ ସଉତୁଣୀ ଏକସଙ୍ଗରେ ଖାଆନ୍ତି, ଏକ ସଙ୍ଗରେ ବସନ୍ତି, ଏକ ସଙ୍ଗରେ ଗଳ୍ପ କରନ୍ତି । ଗୋଟିକୁ ଯେଉଁଠି ଦେଖିବ, ଅପରଟି ସେହିଠି । ଯେପରି ଗୋଟିଏ ଅପରଟିର ଛାୟା ବା ପ୍ରତିବିମ୍ବ କିମ୍ବା ଏକ ବୃନ୍ତରେ ସଜ ବାସୀ ଦୁଇଟି ଫୁଲ । ଅଥବା ଗୋଟିଏ ସଙ୍ଗୀତର ରାଗିଣୀ, ଅନ୍ୟଟି ମୂର୍ଚ୍ଛନା । ଶେଫାଳିକା ସୌଦାମିନୀକୁ ଯେପରି ସ୍ନେହ କରନ୍ତି, ସୌଦାମିନୀ ପ୍ରବୀଣା ସପତ୍ନୀ ଶେଫାଳିକାଙ୍କୁ ସେହିପରି ଭକ୍ତିକରେ । ସେରୂପ ହେବା ମଧ୍ୟ ସ୍ୱାଭାବିକ । ତୁମ୍ଭେ ଯାହାକୁ ଯେପରି ଭାବିବ, ସେ ତୁମ୍ଭଙ୍କୁ ଠିକ୍ ସେହିପରି ଭାବିବ । ତୁମ୍ଭେ ଜଣକୁ ମିତ୍ର ଭାବିଲେ ସେ ତୁମ୍ଭଙ୍କୁ ମିତ୍ର ଭାବିବ ଆଉ ଶତ୍ରୁ ଭାବିଲେ ସେ ତୁମ୍ଭଙ୍କୁ ଶତ୍ରୁ ଭାବିବ । ଶତ୍ରୁକୁ ଯଦି ତୁମ୍ଭେ ମିତ୍ର ଭାବ, ତେବେ ଶତ୍ରୁ ବି ତୁମ୍ଭଙ୍କୁ ମିତ୍ର ଭାବିବ । ତୁମ୍ଭର ମନୋମତ ଭାବ ତାହା ହୃଦୟରେ ପ୍ରତିଫଳିତ ହେବ । ଏଥିପାଇଁ "ଚିତ୍ତଦର୍ପଣ" ବୋଲି କହନ୍ତି । ମାନବର ଚିତ୍ତ ମଧ୍ୟରେ ଏହିପରି ଆଶ୍ଚର୍ଯ୍ୟ ସଂଯୋଗ ଅଛି । ସେହି ବୈଦ୍ୟୁତିକ ସଂଯୋଗ ହେତୁ ଜଣକର ଚିତ୍ତଭାବ ଅନ୍ୟର ଚିତ୍ତରେ ପ୍ରତିଫଳିତ ହୁଏ । ବିଧାତାଙ୍କ ସୃଷ୍ଟିର ଏହା ଅଦ୍ଭୁତ କୌଶଳ । ଯେତେବେଳେ କଳ୍ପନାରେ ଏତେଦୂର ହୋଇପାରେ, ସେତେବେଳେ ପ୍ରତ୍ୟକ୍ଷୀଭୂତ କାର୍ଯ୍ୟରେ କଅଣ ନ ହେବ ? ତୁମ୍ଭେ ଜଣକୁ ସ୍ନେହର ରାଜସିଂହାସନରେ ବସାଇଥିବ, ସେ କି ତୁମ୍ଭଙ୍କୁ ଭକ୍ତି ନ କରି ରହିପାରିବ ? ସ୍ନେହ ଆଉ ଭକ୍ତି ଏ ଉଭୟ ପରସ୍ପର କନମୟ ସାପେକ୍ଷ । ଦୁଇ ସପତ୍ନୀଙ୍କର ସୌହାର୍ଦ୍ଦ୍ୟ ଗ୍ରାମର ସ୍ତ୍ରୀ ସମାଜରେ ଗୋଟିଏ ଅଭିନବ ଦୃଶ୍ୟ ହୋଇଉଠିଲା । କେବେହେଲେ ମନାନ୍ତର ନାହିଁ, କଳହ ନାହିଁ, ଜିହ୍ୱାରେ କଥବୋଲା କିମ୍ବା ଖଣ୍ଡଦଅ ନାହିଁ । କିଏ କଅଣ ଅତ୍ୟଦ୍ଭୁତ ହେଲା ! କେହି କହିଲା, "ନନ୍ଦଘର ବଡ଼ବୋହୂ ଗୋଟାଏ ଦେବୀ ।" କେହି କହିଲା—"ଦେବୀ ହେଉ ବା ଯାହାହେଉ, ସଉତୁଣୀକୁ ବଶ କରି ରଖିବାର ଠେଣା-ଠାମୁଣା ଖୁବ୍ ଜାଣେ ।" କେହି କହିଲା—"ସାନବୋହୂଟା ବି ସୁନାମୁଣ୍ଡେ ।" କଥାରେ କହନ୍ତି—"କନିଆଁ ରୂପୀ ନିଆଁ, ସେ ଉଡୁଣି ନିଆଁ ବାଣ୍ଟି ଦିଅଆନ୍ତି; ମାତ୍ର ସରଗ ପଥର ପରି ଶୀତଳ ହୋଇ ରହୁଛି । ସାପୁଆଣୀ ହାତରେ ନାଗୁଣୀ କୁଡଆ ହୋଇ ରହିଲା ପରି ରହୁଛି ।" ଏହିପରି କିଏ ଶେଫାଳିକାର, କିଏ ସୌଦାମିନୀର ଏବଂ କିଏ ବା ଉଭୟର ପ୍ରଶଂସା କଲେ; ମାତ୍ର ସେମାନଙ୍କ ଚରିତ୍ରରୁ କିଛି ଶିକ୍ଷା କଲେ କି ନାହିଁ, ତାହା ଅଦ୍ୟାବଧି ପ୍ରକାଶ ପାଇନାହିଁ ।

# ସପ୍ତମ ପରିଚ୍ଛେଦ

ସୁଖ, ଶାନ୍ତି ଏବଂ ଆନନ୍ଦରେ ବ୍ରାହ୍ମଣ ପରିବାରର ଦିନ ପାଣିପରି ବହିଯାଉଅଛି । ଦେଖୁଁ ଦେଖୁଁ ବର୍ଷେ କାଳ ଅତିବାହିତ ହୋଇଗଲା । ଦିନ ଯେତେ ଯାଉଥିଲା, ସୌଦାମିନୀ ପ୍ରତି ଶେଫାଳିକାଙ୍କର ସ୍ନେହ ସେତେ ଗାଢ ହୋଇ ଆସୁଥିଲା । ସୌଦାମିନୀ ଶେଫାଳିକାଙ୍କର ସମ୍ପୂର୍ଣ୍ଣ ବଶୀଭୂତ । ଦୁଇ ସଉତୁଣୀ ମଧ୍ୟରେ ଅତୁଳ ସଦ୍‌ଭାବ ଦେଖି ନନ୍ଦଙ୍କ ମନରୁ ଗୋଟାଏ ଦାରୁଣ ଆଶଙ୍କାର ଗୁରୁ ଭାର ଓହ୍ଲାଇ ଗଲା । ମୁସଲମାନମାନେ କହନ୍ତି—"ଜମିନ୍, ଜୋରୁ, ଜହର (ରତ୍ନ) ଏ ତିନୋ ଝଗଡ଼ାକା ଘର ।" ନନ୍ଦେ ଯେଉଁ ବୃକ୍ଷ ରୋପଣ କରିଅଛନ୍ତି ସେଥିରେ ବିଷାକ୍ତ ଫଳ ଫଳିବ ଏହା ସେ ଜାଣନ୍ତି । ସୁତରାଂ ଆଶଙ୍କା ପୋଷଣ ତାଙ୍କ ପକ୍ଷରେ ସ୍ୱାଭାବିକ । କିନ୍ତୁ ତାଙ୍କର ସେ ଭାବ ବାହାରକୁ ଜଣାଯାଉନଥିଲା । ଅନ୍ତଃସଲିଳା ଫଲ୍‌ଗୁନଦୀର ସ୍ରୋତ ପରି ତାଙ୍କର ଚିନ୍ତାଧାରା ଭିତରେ ଭିତରେ ବହୁଥିଲା; ମାତ୍ର ସେ ଧାରା ଏକାବେଳକେ ଶୁଖି ମରିଗଲା— "ସଉତୁଣୀ ହିଂସା" ବୋଲି ସମସ୍ତେ ବାନ୍ଧିକା ଦେଇ କହନ୍ତି । ହିଂସ୍ରପଶୁ ହିଂସା ଛାଡ଼ିପାରେ; ମାତ୍ର ସଉତୁଣୀ କେବେ ହିଂସା ଛାଡ଼ି ପାରେ ନାହିଁ । ନାଗୁଣୀ କି ବିଷ ତ୍ୟାଗ କରିପାରେ ? ଅଗ୍ନିଶିଖା କି ଉତ୍ତାପ ବର୍ଜନ କରିପାରେ । ପକ୍ଷାନ୍ତରେ ସଉତୁଣୀ ମାତ୍ରେ ଯେ ଈର୍ଷାନ୍ୱିତା, ତାହା ନୁହେଁ । ବନରେ କେବଳ କଣ୍ଟା ଗଛ ଥାଏ ନାହିଁ, ଚନ୍ଦନ ମଧ୍ୟ ଥାଏ । ନନ୍ଦଙ୍କ ଭାଗ୍ୟକୁ ତାଙ୍କର ଦୁଇଟିଯାକ ସ୍ତ୍ରୀ ଦୁଇଟି ଚନ୍ଦନ ଗଛ । ସେ ନୂତନ ପତ୍ନୀର ଗୁଣରେ ମୁଗ୍‌ଧ । ସେହି ଗୁଣ ଯେ ପ୍ରଥମାଦତ୍ତ ସୁଶିକ୍ଷାର ଶୁଭଫଳ, ତାହା ମଧ୍ୟ ତାଙ୍କର ଅପରିଜ୍ଞାତ ନୁହେଁ । ସେ ଏବେ ବୁଝିପାରିଲେ ଯେ, "ଶେଫାଳିକା ମନୁଷ୍ୟ ଗଢ଼ି ଜାଣେ ।"

ଦିନେ ଶେଫାଳିକା ମୁହିଁ ଅନ୍ଧାରରୁ ଉଠି ପହିଁସ ମୁଠାଏ ଧରି ବାହାର ଖରକୁଥିଲେ । ଚରଚର ଶବ୍ଦରେ ସୌଦାମିନୀର ନିଦ ଭାଙ୍ଗିଗଲା । ସେ, ଘରୁ ଉଠିଆସି ଶେଫାଳିକାଙ୍କ ହାତରୁ ପହିଁସ ଛଡ଼ାଇନେଇ କହିଲା— "କାଲି ତମକୁ ଜ୍ୱର ହୋଇଥିଲା, ରାତିରେ କିଛି ଖାଇ ନାହିଁ, ଆଜି ସକାଳୁ ଉଠି ବାସିପାଇଟି ନ କଲେ କଅଣ ଚଳିବ ନାହିଁ ? ଥାଉ, ମୁଁ କରିବି ।" ଶେଫାଳିକା ମୃଦୁ ହସି କହିଲେ—ନା ଲୋ, ଆଜି ଗୁରୁବାର ଯେ, ବାହାରଟା ଖରକି ଦେଉଥିଲି, ବାସି ଅଳିଆ ପଡ଼ିରହିଲେ ଲକ୍ଷ୍ମୀ ଛାଡ଼ିଯିବେ ।

ସୌଦାମିନୀ—ଦେହ ବଡ଼, ନା ଗୁରୁବାର ବଡ଼ ? ନା, ଆଜି ମୁଁ ସବୁ କରିବି, ତମକୁ କିଛି କରିଦେବି ନାହିଁ ।

ଶେଫାଳିକା—ମୋତେ ଜର ଛାଡ଼ିଗଲାଣି, ମାଇ-କିନିଆ ଜନ୍ମ ପାଇ ଟିକିଏ ଜରକୁ କି ଟିକିଏ ପେଟପଣାକୁ ଡରିଲେ ଚଳିବ କିମିତି ? ତୁ କାହିଁକି ଭୋରଟାରେ ଏତେବେଳୁ ଉଠିପଡ଼ିଲୁ ସତୁ ? ପିଲା ଲୋକ, ଦେହ ଖରାପ ହେବ ।

ସୌଦାମିନୀ—ମୁଁ କଅଣ ମାଇକିନିଆ ଜନ୍ମ ପାଇ ନାହିଁ, ମରଦଜନ୍ମ ପାଇଛି ? ମୋ ଦେହ କଅଣ ଲହୁଣୀରେ ଗଢ଼ା ହୋଇଛି ଯେ, ତରଳିଯିବ ଆଉ ତମ ଦେହ ପଥରରେ ପଢ଼ାହୋଇଛି ପରା, ତମର କିଛି ହେବ ନାହିଁ ? ମୁଁ ପିଲା; ମୋର ନାହିଁ ଲାଗିଛି, ଆଉ ତମେ ବୁଢ଼ୀ ।

ଶେଫାଳିକା—ତୁର ପାଗଳୀ, ତୋତେ କଥାରେ କିଏ ପାରିବ ? ତୁ ତାଙ୍କୁ ଜୁହାର ହୋଇ ଆସିଛୁ ନା ଉଠି ଏଣିକି ପଳାଇ ଆସିଲୁ ?

ସୌଦାମିନୀ—ଲଜ୍ଜାରେ ମୁହଁ ପୋତି ଠିଆହୋଇ ରହିଲା; ମାତ୍ର କିଛି କହିଲା ନାହିଁ । ତାହାକୁ ନୀରବ ଦେଖି ଶେଫାଳିକା ଟିକିଏ ଉଚ୍ଚକଣ୍ଠରେ କହିଲେ— "ତୋତେ ଆଉ କେତେଥର କାନେ କାନେ କହିବି ? ସ୍ୱାମୀ ଦେବତା, ତାଙ୍କୁ ଗୋଟାଏ ଜୁହାର ହେବାକୁ ପରା ତୋତେ ଏତେ ଲାଜ ମାଡ଼ୁଛି ?

ସୌଦାମିନୀ—ମୁଁ ଅନ୍ୟ ଦେବତା ଜାଣେନାହିଁ ନାନି, ଯେଉଁ ଦେବୀ ପ୍ରତିମାଠାରୁ ମାତୃସ୍ନେହର ଅମୃତ ଧାରା ପାନ କରୁଛି, ସେହି ଏକା ମୋର ଆରାଧ୍ୟା ଇଷ୍ଟଦେବୀ ।

ଶେଫାଳିକା କୃତ୍ରିମ କ୍ରୋଧ ପ୍ରକାଶପୂର୍ବକ ଈଷତ ରୁଷ୍ଟସ୍ୱରରେ କହିଲେ—"ଯାଉ !"

ସୌଦାମିନୀ—କଅଣ, ନାନି ?

ଶେଫାଳିକା—ତୁ ମୋର କିଏ ?

ସୌଦାମିନୀ—ତମର ସାନ ଭଉଣୀ, ନା ନା, ଦାସୀ ।

ଶେଫାଳିକା—ଫେର କହୁଛୁ ଦାସୀ ମୋର ଉପଯୁକ୍ତ ସାନ ଭଉଣୀ ହେବାକୁ ହେଲେ ମୋର ଆଦେଶ ପାଳନ କରିବାକୁ ହେବ, ତାହା ପାରିବୁ !

ସୌଦାମିନୀ—ତାହିଁକି ନ ପାରିବି ? ଅଗ୍ରଜା ଅନୁଜାକୁ ଉପଦେଶ କିଏ ନାହିଁ, ଆଦେଶ ଦିଏ । ତୁମ୍ଭର ଆଦେଶ ଏ ସେବିକା ପକ୍ଷରେ ସୌଭାଗ୍ୟ ଦେବତାର ଶୁଭାଶୀର୍ବାଦ ।

ଶେଫାଳିକା—ତେବେ ଶୁଣ ଅଲିଗି । ସ୍ତ୍ରୀ ସ୍ୱାମୀର ବିଳାସସଙ୍ଗିନୀ ନୁହେଁ, ସେବିକା ଦାସୀ । ସ୍ୱାମୀସେବା ନାରୀର ସର୍ବଶ୍ରେଷ୍ଠ ଧର୍ମ । ସ୍ୱାମୀ ଦରିଦ୍ର ହେଉ, ରୋଗୀ ହେଉ, କ୍ରୋଧୀ ହେଉ, ନିଶାଖୋର ହେଉ ବା ଦୁଶ୍ଚରିତ୍ର ହେଉ; ମାତ୍ର ସେ ସ୍ତ୍ରୀର ପୂଜାର ଦେବତା । ସ୍ୱାମୀସେବା ନାରୀର ତପସ୍ୟା । ସ୍ୱାମୀ ଦେବତା ଏବଂ ପରମ ଗୁରୁ । ସ୍ୱାମୀ ସ୍ୱର୍ଗ, ସ୍ୱାମୀ ତୀର୍ଥ, ସ୍ୱାମୀ ତପ, ସ୍ୱାମୀ ଜପ, ସ୍ୱାମୀ ଧ୍ୟାନ, ସ୍ୱାମୀ ଗତି, ସ୍ୱାମୀ ମୁକ୍ତି, ସ୍ୱାମୀ ଇହକାଳ, ସ୍ୱାମୀ ପରକାଳ ଏବଂ ସ୍ୱାମୀ ନାରୀର ଜୀବନର ଜୀବନ । ସ୍ୱାମୀ ଆଜ୍ଞା ଲଙ୍ଘନ କରିବା ମହାପାପ । ତୁ କାୟମନଃପ୍ରାଣରେ ସ୍ୱାମୀଙ୍କର ମନସ୍ତୁଷ୍ଟି କରିବୁ, ସ୍ୱାମୀଙ୍କ ପ୍ରତି ଅପ୍ରିୟ ବାକ୍ୟ ପ୍ରୟୋଗ କରିବୁ ନାହିଁ । ସକାଳୁ ଉଠି ତାଙ୍କର ଚରଣରେଣୁ ମସ୍ତକରେ ଧାରଣ କରିବୁ । ସ୍ୱାମୀଙ୍କ ପାଦୋଦକ ସେବନ ନ କରି ଜଳସ୍ପର୍ଶ କରିବୁ ନାହିଁ । ଦୋଷରେ ହେଉ ବା ଅଦୋଷରେ ହେଉ ସ୍ୱାମୀ ଭର୍ତ୍ସନା କଲେ ବିରକ୍ତ ହେବୁ ନାହିଁ କିମ୍ବା ପ୍ରତିବାଦ କରିବୁ ନାହିଁ । ନତମସ୍ତକରେ ତାଙ୍କର ଅତ୍ୟାଚାର ସହ୍ୟ କରିବୁ । ସ୍ୱାମୀ କୁପଥଗାମୀ ହେଲେ ତାଙ୍କ ଚରିତ୍ର ସଂଶୋଧନ ସକାଶେ ପ୍ରାଣ ପଣେ ଯତ୍ନ କରିବୁ । ସ୍ତ୍ରୀ ସ୍ୱାମୀର ଶରୀରର ପ୍ରହରୀ ଏବଂ ଚରିତ୍ରର ପ୍ରହରୀ । ସ୍ୱାମୀଙ୍କ ସୁଖରେ ସୁଖୀ ଏବଂ ଦୁଃଖରେ ଦୁଃଖୀ ହୋଇ ସହଧର୍ମିଣୀ ନାମ ସାର୍ଥକ କରିବୁ । ଭ୍ରମରେ ବା କୌତୁକରେ ସ୍ୱାମୀ ନିନ୍ଦା କରିବୁ ନାହିଁ, ସେଥିରେ ଜିହ୍ୱା କଳୁଷିତ ଏବଂ ଅପବିତ୍ର ହୋଇ ଛିଡ଼ିପଡ଼େ । ସ୍ୱାମୀ ସେବାରେ ଲଜ୍ଜା ବା ସଙ୍କୋଚ କରିବୁ ନାହିଁ । ତାହାକୁ ଗୌରବର କଥା ବୋଲି ମଣିବୁ । ତାହାହେଲେ ମୃତ୍ୟୁ ପରେ ପବିତ୍ର ସତୀସ୍ୱର୍ଗର ସ୍ୱର୍ଣ୍ଣ ସିଂହାସନରେ ବସି ଅକ୍ଷୟ ସୁଖାନନ୍ଦ ଉପଭୋଗ କରିବୁ; ଏଥିରେ କିଛିମାତ୍ର ସଂଶୟ ନାହିଁ ।

ସୌଦାମିନୀ—ନାନି, ତୁମ୍ଭଠାରୁ ଧର୍ମୋପଦେଶ ଶୁଣି ମୁଁ ପବିତ୍ର ହେଲି, ମୋର ଜନ୍ମ ସାର୍ଥକ ହେଲା । ମୁଁ ଅନ୍ୟ ଧର୍ମ ଜାଣେ ନାହିଁ । ତୁମ୍ଭର ଆଦର୍ଶ ମୋର ପରମଧର୍ମ । ମୁଁ ସେହି ଆଦର୍ଶ ଅନୁକରଣ କରି ଧନ୍ୟ ହେବି । ମୁଁ ତୁମ୍ଭର ଉପଯୁକ୍ତ ଭଉଣୀ ହୁଏଁ, ମୋତେ ଏହି ଆଶୀର୍ବାଦ କର । ମୋର ଦୃଢ଼ବିଶ୍ୱାସ, ତୁମ୍ଭ ଆଶୀର୍ବାଦ ଦ୍ୱାରା ମୋର ନାରୀତ୍ୱ ପୂର୍ଣ୍ଣତା ପ୍ରାପ୍ତ ହେବ ।

ସୌଦାମିନୀ ଏବେ ସୁଗୃହିଣୀ, ସପତ୍ନୀର ସଦୁପଦେଶ ତାହା ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଅଛି । ସେ ଯେଉଁ କାର୍ଯ୍ୟ କରେ, ତାହା ଅତ୍ୟନ୍ତ ନିପୁଣତାର ସହିତ ସମ୍ପାଦନ କରେ । ଦରିଦ୍ର ପିତୃଗୃହରେ ସେ ମା ସରସ୍ୱତୀଙ୍କ ଆରାଧନାର ସୁବିଧା ପାଇ ନ ଥିଲା । ସଙ୍ଗିନୀମାନଙ୍କ ସାହାଯ୍ୟରେ ଯାହା ଟିକିଏ ବିଦ୍ୟାର୍ଜନ କରିଥିଲା, ତେତିକି ବିଦ୍ୟା ତାହାର ଗୁରୁବାର ଦିନ ଲକ୍ଷ୍ମୀପୁରାଣ ପାଠକୁ ନିଅଣ୍ଟ । ଜଟିଳ ଯୁକ୍ତାକ୍ଷର ସବୁତକ ତାହାର ଗନ୍ତବ୍ୟ ପଥର ଦୁର୍ଲଙ୍ଘ୍ୟ ଲୌହ ପ୍ରାଚୀର ସଦୃଶ । ସେଗୁଡ଼ାକ କୌଣସି ବାଟେ ତାହାର ଆୟତ୍ତ ହେଲେ ନାହିଁ । ତାଙ୍କର ଦୌରାତ୍ମ୍ୟ ଏବଂ ଅବାଧଭାବରେ ବସୁରୀ ଜଳପୋଛି ମରେ । ଯୁକ୍ତାକ୍ଷରଗୁଡ଼ାକର ଏରୂପ ବ୍ୟବହାର ନିଶ୍ଚୟ ଭଦ୍ରଜନୋଚିତ ନୁହେଁ । ସୌଦାମିନୀ ପଢୁ ପଢୁ ଯୁକ୍ତାକ୍ଷର ପାଖରେ ହାବୁଡ଼ି ପଡ଼ି ଅଟକିଯାଏ । ଯୁକ୍ତାକ୍ଷରକୁ ଛାଡ଼ିଦେଇ ପଢ଼ିଲେ ଅର୍ଥ ବୁଝାଯାଏ ନାହିଁ । ଯୁକ୍ତାକ୍ଷରକୁ ପଢ଼ିପାରେ ନାହିଁ, କି ଛାଡ଼ି ପାରେ ନାହିଁ; ସୁତରାଂ ଏଭଳି ଉଭୟ ସଙ୍କଟରେ ପଡ଼ି

ଅତି ବଡ଼ ପାଠକମାନେ ଯେଉଁ ଭଙ୍ଗୀରୁ ପନ୍ଥା ଅବଲମ୍ବନ କରନ୍ତି, ସୌଦାମିନୀ ତାହାହିଁ କରେ । ଅର୍ଥାତ୍ ଗୋଳାଇ ଦେଇ ପଢ଼ିଯାଏ । ଖାଲି ପାଠ ଗୋଳାଇ ଦେଇ ଚୁପ୍‌ଯାଏ ନାହିଁ, ସଙ୍ଗେ ସଙ୍ଗେ ଯୁକ୍ତାକ୍ଷରଗୁଡ଼ାକୁ ବଂଶନପାତର କଠୋର ଅଭିଯୋଗ ଦିଏ, ଆଉ ଯୁକ୍ତାକ୍ଷର ସ୍ରଷ୍ଟାର ଚଉଦପୁରୁଷଙ୍କୁ ବୁଦ୍ଧିହୀନତାର ସର୍ଟିଫିକେଟ ପ୍ରଦାନ କରିବାକୁ ଭୁଲେ ନାହିଁ ; କିନ୍ତୁ ବର୍ତ୍ତମାନ ସୌଦାମିନୀର ଆଉ ପୂର୍ବ ଅବସ୍ଥା ନାହିଁ, ଶେଫାଳିକାଙ୍କ ସାହାଯ୍ୟରେ ସେ ବହୁ ସୂକ୍ଷ୍ମ ଯୁକ୍ତାକ୍ଷରଗୁଡ଼ାକୁ ନଜରବନ୍ଦୀ କରି ରଖିଅଛି । ଏବେ ଆଉ ସେଗୁଡ଼ାକ ତାକୁ ଭୂତ ପ୍ରେତ ବା ଡାଆଣୀ ଚିରକୁଣୀ ପରି ଭୟଙ୍କର ଦିଶନ୍ତି ନାହିଁ ; ବରଂ ସେମାନଙ୍କ ସହିତ ଆଳାପ-ସମ୍ଭବ ଘନିଷ୍ଠତର । ସୌଦାମିନୀକୁ ପ୍ରତ୍ୟହ ଶିଖେଇଲେ ଶେଫାଳିକା ପଡ଼ାନ୍ତି । ତାହାର ଶିକ୍ଷାର କ୍ଷୁଦ୍ର ପରିଧି ଯଥେଷ୍ଟ ବିସ୍ତାର ପ୍ରାପ୍ତ ହୋଇଅଛି । ସୌଦାମିନୀର ସ୍ମୃତିଶକ୍ତି ଖୁବ୍ ପ୍ରଖର, ସେ ଯାହା ଥରେ ଶିଖେ, ତାହା ଆଉ ଭୁଲିଯାଏ ନାହିଁ । ଶିଷ୍ୟର ବିଦ୍ୟା ଦେଖି ଗୁରୁ ମୁଗ୍‌ଧ ଏବଂ ସ୍ତମ୍ଭିତ ହୁଅନ୍ତି । ସୌଦାମିନୀ ରାମାୟଣ, ମହାଭାରତ ପ୍ରଭୃତି ଭଲ ପଢ଼ିପାରେ ଏବଂ ଅର୍ଥ ମଧ୍ୟ ବୁଝିପାରେ । ଶେଫାଳିକା ସପତ୍ନୀକୁ ଠିକ୍ ନିଜପରି ଗଢ଼ିନେଇ ଅଛନ୍ତି । ସପତ୍ନୀ ତାଙ୍କର ଦ୍ୱିତୀୟ ସଂସ୍କରଣ । ଦୁହିଙ୍କର ସ୍ୱଭାବ ଏକ ଛାଞ୍ଚରେ ଢଳା ହେଲାପରି ବୋଧହୁଏ ।

ପ୍ରତ୍ୟହ ଖିଆପିଆ, କାମ ସାଇଟି ଶେଷରେ ଖିଆଇଲେ ଉଭୟ ସପତ୍ନୀ ଭକ୍ତି ପ୍ରୀତି ପରି ଏକତ୍ର ବସି ଧର୍ମଗ୍ରନ୍ଥ ପାଠ କରନ୍ତି । ରମଣୀକଣ୍ଠର ମଧୁର ସ୍ୱର ଶ୍ରୋତାର କର୍ଣ୍ଣରେ ଅମୃତ ବର୍ଷଣ କରେ । ସମୟ ସମୟରେ ଗ୍ରାମର ସ୍ତ୍ରୀଲୋକମାନେ ଆସି ଶୁଣନ୍ତି । ବଳିଆମା ତେଲୁଣୀ ସେଥି ମଧ୍ୟରେ ନିୟମିତ ଶ୍ରୋତ୍ରୀ । ସେ ଦିନେ ସୁଦ୍ଧା କମେଇ କରେ ନାହିଁ, ପ୍ରତ୍ୟହ ଆସି ଶୁଣେ । ବଳିଆମା ବିଧବା, ବୟସ ଷାଠିଏର ପାଖ ପାଖ । ବର୍ଣ୍ଣ ଗୌର; ମାତ୍ର ଉଜ୍ଜ୍ୱଳ ଗୌର ନୁହେଁ—ଶ୍ୟାମଳ ବର୍ଣ୍ଣକୁ ଖୁବ୍ ରଗଡ଼ି ମାଜିଦେଲେ ଯେଉଁପରି ଦିଶେ, ଠିକ୍ ସେହିପରି । ପୋଥି ଶୁଣିବାକୁ ତାହାର ଭାରି ଆଗ୍ରହ । ତାହାର ବିଶ୍ୱାସ, ସେଥିରେ ତାହାର "ଅକାୟା ପିଣ୍ଡ କାୟା" ହୁଏ । ବଳିଆମା ଟିକିଏ ଅଲଗୀ, ଛନ୍ଦଫନ୍ଦ ଜାଣେ ନାହିଁ, କଥା କହିବା ବେଳେ ଖାଲି ଠିକିର ନ ଭାବି ଯାହା ମନକୁ ଆସେ ତାହା କହି ପକାଏ । ଏ ହେତୁ ସମୟ ସମୟରେ ତାକୁ ଟିକିଏ ସଙ୍ଘର୍ଷଣର ଯନ୍ତ୍ରଣା ମଧ୍ୟ ସହିବାକୁ ପଡ଼େ; ମାତ୍ର "ପ୍ରକୃତିର୍ନୈବ ମୁଚ୍ୟତେ"; ତଥାପି ସେ ପ୍ରକୃତି ଛାଡ଼େ ନାହିଁ । ଦିନେ ଦିନେ ପୋଥି ପଡ଼ା ସ୍ଥାନରେ ଧୂମକେତୁ ପରି ପିତେଇର ଆବିର୍ଭାବ ହୁଏ । ଉଦ୍ଦେଶ୍ୟ ଧର୍ମାର୍ଜନ ନୁହେଁ—ଶୟନ ସୁଖ ଭୋଗ । ସେ କାନ ବସାଇ ଶୋଇ ନିଶ୍ଚିନ୍ତ ମନରେ ନାସିକା-ଶଙ୍ଖ ବାଦନରେ ବିଭୋଳ ହୁଏ । କେବେ ଅବା ତଳେ କହୁଣୀ ଭରା ଦେଇ, ହାତ ତଳି ଉପରେ ମସ୍ତକ ରଖି ସାପ ଫେଣା ଟେକିରହିଲା ପରି ଅର୍ଦ୍ଧଶାୟିତ ଅର୍ଦ୍ଧ ଉତ୍ଥିତ ଅବସ୍ଥାରେ କାନ ଡେରି ପୋଥି ଶୁଣେ; ମାତ୍ର କିଛି ବୁଝେ କି ନାହିଁ, ତାହା ଅନ୍ତର୍ଯ୍ୟାମୀ ଜାଣନ୍ତି । କେହି ପଚାରିଲେ ଖୁବ୍ ବୁଝିଛି ବୋଲି କହେ । ଦିନେ ସୌଦାମିନୀ ପଚାରିଲା— "ପିତେଇ ରାମାୟଣରେ କି କଥା ପଢ଼େ ଜାଣୁନା ?" ପିତେଇ କହିଲା, 'ଜାଣେ ଗୋ ଜାଣେ, ପିତେଇ ଗଉଡ଼ୁଣୀ ନ ଜାଣି ଶାସ୍ତ୍ର ନାହିଁ । 'ରାବାୟଣ'ରେ କ'ଣ ହେଲେ ପଢ଼େ ଶୁଣିବୁ ? ସେଇ ଯେ କଅଣ କହନ୍ତି—ପାଞ୍ଚରଥ ନା ଦଶରଥ ତା ନା, ସେଇ ରଜା ଅଯୋଧ୍ୟା ରାଣୀର ପୁଅ ପର୍ଶୁରାମକୁ ବଣକୁ ପଠାଇ ଆପେ ବିଷ ଖାଇ ମଲା, 'ରାବାୟଣ'ରେ ତାହାରି ଚରିତ ପଢ଼େ ।" ସୌଦାମିନୀ ଏହା ଶୁଣି ହୋ ହୋ କରି ହସିଉଠି କହିଲା, "ଖୁବ୍ ଶାସ୍ତ୍ର ତୁ ଜାଣୁ, ବାଃ ତୁ ନମର ବଢ଼ିଥା । ଦଶରଥ ତ ପୁତ୍ରଶୋକରେ ମଲେ ଆଉ ବିଷ ଖାଇ କିଏ ମଲା ଲୋ ?" ପିତେଇ କହିଲା—'ହଁ ଗୋ ହଁ, କେତେ କହୁଲଉଛ, ମୁଁ ସବୁ ଜାଣେ । ଯାହାର ପୁଅ ମରିଯାଉଛି, ସେ ତ ମରୁ ନାହିଁ, ଆଉ ପୁଅ ବଣକୁ ଗଲା ବୋଲି ବାପ ମରିଗଲା । ଜନ୍ତୁଆ ମାଇପ ବୁଦ୍ଧିରେ ବନା ଦୋଷରେ ପୁଅଟାକୁ ଘରୁ କାଢ଼ିଦେଇ ଏତେ ବଡ଼ ରଜାଟା ଲୋକନିନ୍ଦା ହେବ ବୋଲି ବିଷ ଖାଇ ମରି- ଗଲା । ଏହା ତ ଅନ୍ଧକୁ ରୋହସି ବାଟ, କିଏ ନ ଜାଣେ

ଯେ, ହାଣ୍ଡି ମଲ୍ଲି ଭୁଲି ଡାଙ୍କୁଣୀ ପଡ଼ିଛି । ଶାଗ ତାଙ୍କି ମାଛ ଲୁଚାଇଲି ପରି କଅଣ ନା, ପୁଅ ଦୁଃଖରେ ମରି ଗଲି । ଇମିତି ଭଲି କେତେଟା ମଲେଣି ? ଲୋକେ ଛି ଛି କରିବେ ବୋଲି ତ ମାଇପ ପୁଆଗୋଆ ବୁଢାଟା ଲାଜରେ ବିଷ ଖାଇ ମରିଗଲା , ଆଉ ତମେ କଅଣ ଜାଣ ? ଆଈର ସୁନ୍ଦରୀର ଏ ଅସାଧାରଣ ଶାସ୍ତ୍ରଜ୍ଞାନ ଦେଖି ସୌଦାମିନୀ ଆଉ ତର୍କ ନ କରି ନୀରବ ରହିଲା । ସେଫାଳିକା ଟିକିଏ ମୁରୁକି ହସା ଦେଲେ; ମାତ୍ର କିଛି କହିଲେ ନାହିଁ । ଅନନ୍ତର ରାମାୟଣ ପାଠ ଆରମ୍ଭ ହେଲା । ସୀତାଙ୍କର ଅଶୋକ ବନରେ ଅବସ୍ଥାନ ବୃତ୍ତାନ୍ତ ପଡ଼ିଲା । ତାଙ୍କୁ ଯେଉଁ ରାକ୍ଷସୀମାନେ ଜଗିଥିଲେ , ସେମାନଙ୍କର ଅଦ୍ଭୁତ ରୂପ ବର୍ଣ୍ଣନା ହେଲା । କାହାର ଦାନ୍ତ ମଳାପରି କାହାର ମୁଣ୍ଡର ବାଳ ତାଳଗଛ ପରି, ନାକ ଦପଖାବାଟୁଲି ପରି, କାନ କୁଲାପରି, କାହାର ହାତଗୋଡ଼ ଝଙ୍କୁର ଗଛପରି ପାଣ୍ଡୁର ଏବଂ କନ୍ଦୁର । ଏହିପରି ଅପୂର୍ବ ରୂପ ବର୍ଣ୍ଣନା ପଢୁ ପଢୁ ସୌଦାମିନୀ ଶେଫାଳିକାଙ୍କୁ କହିଲା—'ନାନି, ଅସୁରୁଣୀଗୁଡ଼ାକ ଖୁବ୍ ସୁନ୍ଦରୀ । ଶେଫାଳିକା ହସିଲେ; ମାତ୍ର ବଳିଆମା କହିଲା —"ହଁ ଲୋ ଝିଅ, ପିତେଇ ପରି ସୁନ୍ଦରୀ ।" ପିତେଇ ଏହା ଶୁଣି କ୍ରୋଧରେ କମ୍ପିଉଠିଲା, ତାହାର ହୃଦୟରେ ତାଣ୍ଡବ ଦାହନ ଆରମ୍ଭ ହେଲା । ସେ ଗୋଟାଏ ଗର୍ଜନ ଛାଡ଼ି କହିଲା—"ଦେଖ ଦେଖ ମା ଠାକୁରାଣି, ଅକଲ-ଖାଇ ରାଣ୍ଡ ତେଲୁଣୀର ଉପଦ୍ରବ ଦେଖ, ମୋତେ ଟାହୁଲି କରୁଛି, କହୁଛି ସୁନ୍ଦରୀ । କାଲେ ହାତ ଗୋଡ଼ ଖାଇ, ଅଁଶ ବଅଁଶ ଖାଇ, ତୁ ସୁନ୍ଦରୀ ହୁ, ତୋର ଝିଅ ରାଣ୍ଡ ସୁନ୍ଦରୀ ହେଉ, ତୋ ବୋହୂ, ଅଣ୍ଟକୁଡ଼ୀ ସୁନ୍ଦରୀ ହେଉ, ତୋର ସାଇ ପଡ଼ିଶା ଗାଁ ତୁଲି ସମସ୍ତେ ସୁନ୍ଦରୀ ହେଉନ୍ତୁ ।" ଏହିପରି ଯାହା ମନକୁ ଆସିଲା ଅନର୍ଗଳ ବକିବାକୁ ଲାଗିଲା । ଘଟଣା ଗୁରୁତର ଦେଖି ଶେଫାଳିକା ପୋଥି ବାନ୍ଧି ଦେଇ ପିତେଇକୁ ସାନ୍ତ୍ୱନା ଦେବାକୁ ଲାଗିଲେ ; ମାତ୍ର ତାହା ଶୁଣୁଛି କିଏ ? ପିତେଇର ମନ କଅଣ ତାହା ଦେହରେ ଅଛି ? ତାହାର ମନ ତ ଯାଇ ଦୁର୍ବାର କ୍ରୋଧରେ କୋଟି ଯୋଜନ ଊର୍ଦ୍ଧ୍ୱରେ ଉଡ଼ି ବୁଲୁଛି । ସାନ୍ତ୍ୱନା କ୍ରୋଧ ବ୍ୟାଧିର ପ୍ରଧାନ ଔଷଧ; ମାତ୍ର ବ୍ୟାଧି ପ୍ରବଳ ହେଲେ ଔଷଧ ମାନେ ନାହିଁ । କିଛିକ୍ଷଣ ପରେ ଶେଫାଳିକାଙ୍କ ମୁଖରେ ଘୃଣା ଏବଂ କାରୁଣ୍ୟର ଚିହ୍ନ ଦେଖି ପିତେଇ ଟିକିଏ ନରମ ହୋଇ କହିଲା—'ଆଉ ମା ଠାକୁରାଣି, ତମେ ଭଲ ବଂଶର ଝିଅ—ଛୁଛାଟାରେ ସେ ମୋତେ କାହିଁକି ଏତେ ବେଉନ୍ତିଲା, ମୁଁ ତାହାର ଖାଏଁ ନା ଧାରେ ? ଏ ଗଞ୍ଜଣା ଖାଇ ମୋର ମରିଯିବାକୁ ଇଚ୍ଛା ହେଉଛି ।" ଶେଫାଳିକା କିଛି ନ କହୁଣୁ ବଳିଆମା ଲଘୁ ସ୍ୱରରେ କହିଲା—' ମରିଯା, ତୁ ମରିଗଲେ ଏ ଗାଁରେ କାହାର କଅଣ ଊଣା ହୋଇଯିବ ?" ଏ କଥାଟା ପିତେଇର କ୍ରୋଧାନଳରେ ଆହୁତି ତୁଲ୍ୟ ହେଲା, ସେ ଜିହ୍ୱାରେ ଆଉ ଟିକିଏ ବିଷ ବୋଳି ଦେଇ ଆହତା ଫଣିନୀ ପରି ଫୁଲିଉଠି କହିଲା—"ତୁ ଟା ମୋତେ କାହିଁକି ବାଛିବୁ ଲୋ ? ତୁ କଅଣ ମୋଠଉଁ ବେଶୀ ଶୋଭାକାର ? ମୋର ଯେତେବେଳେ ବଳ ବୟସ ଥିଲା, ରଜାପୁଅ ବି ଘଡ଼ିଏ ଠିଆହୋଇ ଚାହିଁଥିଲା । ମୋର ଶଶୁର କହନ୍ତି—ମୋ ବୋହୂ ଖଣ୍ଡେ ଛବି ପରି ସୁନ୍ଦରୀ, ସେ ମୋ ଘରର ଲକ୍ଷ୍ମୀଠାକୁରାଣୀ ।" ବଳିଆମା ଅପୂର୍ବ ଭଙ୍ଗୀରେ ହାତ ମୁହଁ ହଲାଇ ପୂର୍ବପରି ଲଘୁ ସ୍ୱରରେ କହିଲା—"ଆହା ତୁ ଯେଉଁ ଶ୍ରୀମନ୍ତୀ, ଘରେ ଗୋଡ଼ ଦେଇ ଲକ୍ଷ୍ମୀଠାକୁରାଣୀଙ୍କୁ ତଡ଼ିଆ ମାରି ଘଉଡ଼ି ଦେଲୁ ।" ସୌଭାଗ୍ୟବଶତଃ ଏ କଥା ପିତେଇର କର୍ଣ୍ଣଗୋଚର ହୋଇ ନାହିଁ, ନଚେତ୍ ଉପଦ୍ରବର ମାତ୍ରା ସୀମା ଅତିକ୍ରମ କରିଥାନ୍ତା । ଶେଫାଳିକା କହିଲେ—"ବଳିଆମା ତୋତେ କଅଣ କହିଲା ଯେ, ତୁ ଏତେ ରାଗ ହେଉଛୁ ପିତେଇ ? ତୋର ନବରଙ୍ଗ ଦେଖି ହସି ହସି କାନ୍ଦ ମାଡ଼ୁଛି । ସୁନ୍ଦରୀ ବୋଲି କହିବା କି ଦୋଷର କଥା ?" ପିତେଇ କହିଲା—"କି ସେ ମୋତେ କାହିଁକି ଟିକାଲ କରିବ । ସେ କହିବ, ଆଉ ମୁଁ କହିବି ନାହିଁ, ଛାଡ଼ି ଦେବି ?" ଏହା କହି କନ୍ଦନ ସ୍ୱରରେ ପୁନଶ୍ଚ କହିଲା—"ତମେ ବି ତାହାର ପକ୍ଷ ଧରିଲ ମା ଠାକୁରାଣି ! ମୁଁ ଦୁଃଖୀ ରଙ୍କୀ ହେଲି-ବୋଲି ମୋ ଦେହରେ କଣ ରକ୍ତ ନାହିଁ ? ହାୟ୍ରେ,

ମୋ ବାପ ମୋତେ କେତେ ଗେହ୍ଲା କରିଥିଲା ।"

ଅନନ୍ତର ପିତେଇ ଭେଁ ଭେଁ ହୋଇ ରଡ଼ ଛାଡ଼ି ଆଖିରେ ବୁଲି ମେଞ୍ଚା ଲୁଗା ଚାପି ଧରି କହିଲା, "ହଇରେ, ମୋ ବାପ ଲୋ, ତୁ ଆଡ଼େ ଛାଡ଼ିଗଲୁ ଲୋ, ତୋର ଗେହ୍ଲା ଝିଅର ଦୁଃଖ ଆସି ଦେଖି ଯା ଲୋ ।" ତାହା ଆଖିରୁ ଲୁହ ବୋହୁଥିଲା କି ନାହିଁ, ତାହା ଅନ୍ତର୍ଯାମୀ ଠାକୁରେ ଜାଣନ୍ତି; ମାତ୍ର ଲୁଗା କାନିରେ ଲୁହ ପୋଛିବା ସମସ୍ତେ ଦେଖିଅଛନ୍ତି । ଆଉ ତାହାର ସେହି ଆତୁର ଡାକ ତାହାର ସ୍ୱର୍ଗତଃ ପିତୃଚରଣ ତଳେ ପହଞ୍ଚିଲା କି ନାହିଁ କିମ୍ବା ପିତୃଦେବଙ୍କ ପ୍ରେତାତ୍ମା ଆସି ଅଲକ୍ଷ୍ୟରେ ପ୍ରିୟ ଦୁଲଣାର ଦୁଃଖ ଦେଖିଗଲେ କି ନାହିଁ, ତାହା ଜାଣିବାର ଉପାୟ ନାହିଁ । ପିତେଇର କାଣ୍ଡ ଦେଖି ସମସ୍ତେ ତାଟଙ୍କା ହୋଇ ରହିଲେ—କାହାରି ମୁହଁରୁ ଆଉ ଭାଷା ବାହାରିଲା ନାହିଁ । ଏହିପରି କିଛିକ୍ଷଣ ଅତିବାହିତ ହେଲା ପରେ ପିତେଇ ଆଖିରୁ ଲୁଗା କାଢ଼ି-ଦେଇ ଫକ୍ କରି ହସିଦେଇ କହିଲା, "ମା ଠାକୁରାଣି, ମନ ଭଙ୍ଗା କଲି କି ?" ପୁଣି ବାଳଅମାଙ୍କୁ ଚାହିଁ କହିଲା—"ଖୁଡ଼ି, ରାଗିଲୁ କି ? ନା ଲୋ, ମୁଁ ଖେଳ କରୁଥିଲି ।" ଏହା ଶୁଣି ସମସ୍ତେ ହସିଉଠିଲେ । ହାସ୍ୟର ଗୋଟାଏ ବିପୁଳ ତରଙ୍ଗ ସେଠାରେ ଖେଳିଗଲା । ଶେଫାଳିକା ହାସ୍ୟମୁଖରେ କୃତ୍ରିମ କୋଧର ଛାୟାପାତ କରି ବନୁନୁବୋଲା ସ୍ୱରରେ କହିଲେ—"ତୁ ଏତେ ଛଟକ ଜାଣୁ ନା ଛଟକି ? ରାଗିହୋଇ କାନ୍ଦୁଥିଲୁ ପରା ଲୋ ?" ପିତେଇ କହିଲା—"ରାଗିହେବି କାହିଁକି ମା ? ଯେ ଯାହା, ତାକୁ ତାହା କହିଲେ କଅଣ ସେ ରାଗେ ? ତୁମେ ସୁନ୍ଦରୀ, ତୁମକୁ ସୁନ୍ଦରୀ ବୋଲି କହିଲେ କଅଣ ତୁମେ ରାଗିବ ? ସେହିପରି ମୁଁ ଅସୁନ୍ଦରୀ ମୋତେ ଅସୁନ୍ଦରୀ କହିଲେ ମୁଁ ମୁଣ୍ଡ ବାଡ଼େଇ ହେବି କାହିଁକି ? ଏଥିରେ ରାଗ ନାହିଁ କି ଛଳ ନାହିଁ । ତୁମ ମନ ଖୁସି କରିବା ପାଇଁ ଟିକିଏ କୌତୁକ କରୁଥିଲି । ହେଉ ଏବେ ପୋଥି ପଢ଼ ।"

ଶେଫାଳିକା—କି, ତୁ ଶୁଣିବୁ କି ?

ପିତେଇ—ମୁଁ ପାପୀ ଲୋକ, କଅଣ ଶୁଣିବି ?

ଶେଫାଳିକା—ଶୁଣ୍, ପାପ ଛାଡ଼ିଯିବ ।

ପିତେଇ—ପାପ କି କେବେ ଛାଡ଼ିଯାଏ ? ଧର୍ମ ଯୁଧିଷ୍ଠିରଙ୍କ ପରି ଲୋକ, ସେତ ପାପ ଭୋଗ କଲେ, ଆଉ କିଏ ବା କି ଛାର ! ପାପ ଛାଡ଼ିଲେ କି ମଣିଷ ବଞ୍ଚିବ ?

ଶେଫାଳିକା—ନା, ପାପ କଲେ ମଣିଷ ବଞ୍ଚନ୍ତି ?

ପିତେଇ—ତାହା ନୁହେଁ କଅଣ ? ମଣିଷ ଗଛରୁ ଫଳ ତୋଳେ, ଦାନ୍ତକାଠି ଭାଙ୍ଗେ, ମାଛ ଧରେ, ଧାନ ଗଛ କାଟିଆଣେ, କେତେ ଜୀବଜନ୍ତୁ ମାରି ଖିଏ କରେ ଏ ସବୁ କଅଣ ପାପ ନୁହେଁ ? ଆଉ ଏହା ନ କଲେ ସେ ବଞ୍ଚିବ କିପରି ?

ଶେଫାଳିକା—ତୁ ତ ଭାରି ପଣ୍ଡିତ ହୋଇ ଗଲୁଣି ଲୋ ପିତେଇ ? ହେଉ, ତାହା ହେଲେ ତୁ ବେଶୀ ପାପ କର, ଖୁବ୍ ବେଶି ଦିନ ବଞ୍ଚିବୁ ।

ଅନନ୍ତର ଶେଫାଳିକା ପୁନଶ୍ଚ ପୁସ୍ତକ ପାଠରେ ମନୋନିବେଶ କଲେ । ପିତେଇ ତଳେ କାନି ବିଛାଇ ଶୋଇ ନିଦ୍ରାଦେବୀଙ୍କ ଆରାଧନାରେ ଆତ୍ମନିୟୋଗ କଲା ।

ନନ୍ଦଙ୍କ ଘରେ ଆନନ୍ଦ ଉଚ୍ଛୁଳି ପଡ଼ୁଅଛି । ଘରେ କେତେଜଣ ନୂତନ ଲୋକ ଦେଖା ଯାଉଅଛନ୍ତି । ବୋଧ ହୁଏ ସେମାନେ ପ୍ରତିବେଶୀ କିମ୍ବା କୁଟୁମ୍ବଗତ ବନ୍ଧୁ ଅଥବା ଏହିପରି କିଛି ହେବେ । ପିତେଇର ଆଜି ସ୍ଫୂର୍ତ୍ତିର ସୀମା ନାହିଁ । ସେ ନାନା କାର୍ଯ୍ୟରେ ବ୍ୟସ୍ତ । ମଧ୍ୟରେ ଅବସର ସମୟରେ ଟିକିଏ ଟିକିଏ ହସି ନେଉଅଛି । ବୋଧହୁଏ ସେ ଗୋଟାଏ ଉପାଦେୟ ପଦାର୍ଥର ଭାବୀ ଆସ୍ୱାଦ କଳ୍ପନାରେ ଆନନ୍ଦିତ । ତାହାର ହସ ଏକ ଅପୂର୍ବ ଧରଣର । ସେ ମାତୃଗର୍ଭରେ ଥିବାବେଳେ ଗ୍ରହଣ ସମୟରେ ତାହାର ମା ଗୋଟାଏ ପାନ ଚିରିଥିଲା । ଏହି ଅପରାଧରେ ବିଧାତା ଗର୍ଭସ୍ଥ କନ୍ୟାର ଉପର ଓଠ ଚିରି ଦେଇଥିଲେ । ହସିବାବେଳେ ହାସ୍ୟଧାରା ସେଆଡ଼କୁ କେତେକ ବହିଯାଏ । ଶେଫାଳିକାଙ୍କର ଗୋଡ଼ ଆଜି ତଳେ ପଡ଼ୁ ନାହିଁ । ତାଙ୍କର ମୁଖମଣ୍ଡଳ ଆନନ୍ଦର ମଧୁର ଜ୍ୟୋତ୍ସ୍ନାରେ ଆଲୋକିତ ଏବଂ ଶିର ଭାବୀ ସୌଭାଗ୍ୟର ଗର୍ବଭାରରେ ଅବନମିତ । ସୌଦାମିନୀ ଅନ୍ତଃସତ୍ତ୍ୱା । ଛଅମାସରେ ଚଉଉ ଖାଇବାର ବିଧି ଅଛି ।

ଆଜି ତାହାର ସେହି ଚିରଈପ୍ସିତ ଦିନ । ଏହିହେତୁ ଶେଫାଳିକା ଆନନ୍ଦିତା । ତାଙ୍କର ଚିରଶୁଷ୍କ ନିରାନନ୍ଦ ବନ୍ଧ୍ୟାଜୀବନରେ ମାତୃତ୍ୱର ଆଶା ଜାଗି ଉଠିଅଛି । ସେ ଦେବତାଙ୍କୁ ଶକ୍ତିର ଅତୀତ ଐଶ୍ୱର୍ଯ୍ୟରାଶି ମାନସିକ କରି କହୁଅଛନ୍ତି, "ହେ ଜଗନ୍ନାଥ, ହେ କାଳିଆ ସାଆନ୍ତ, ତୁମ୍ଭେ ଦିନର ଆଲୁଅରେ, ରାତିର ଅନ୍ଧାରରେ, ନକ୍ଷତ୍ରର ଜ୍ୟୋତିରେ, ଗଗନରେ, ପବନରେ ସବୁଠାରେ ଅଛ, ଏ ସେବକୀର କାତର ପ୍ରାର୍ଥନା ଶୁଣ ପ୍ରଭୋ ! ମୋର ଶ୍ୱଶୁରକୁଳର ବଂଶରକ୍ଷା ହେଉ, ଏହା ଛଡ଼ା ମୁଁ ଆଉ କିଛି ଅଳି କରୁନାହିଁ ଦୟାମୟ । ତୁମ୍ଭ ବଡଦେଉଳର ନୀଳଚକ୍ରରେ ଷାଠିଏ ହାତ ନେତ ବାନ୍ଧିବି ପ୍ରଭୋ ମୋର ମନୋବାଞ୍ଛା ପୂର୍ଣ୍ଣ କର ।" ଏହିପରି କାହାକୁ ରୁପା ମୁକୁଟ, କାହାକୁ ସୁନା କଠାଉ, କାହାକୁ ରୁପାଆଖି, ପାଟଶାଢ଼ୀ, ବଳା, ବାଜୁ ଇତ୍ୟାଦି ନାନା ଦେବଦେବୀଙ୍କୁ ମାନସିକ କରିସାରିଲେଣି । ସେ ଆଶାରେ ଏତେଦୂର ଆଚ୍ଛନ୍ନ ହୋଇପଡ଼ିଅଛନ୍ତି ଯେ, ଭବିଷ୍ୟତକୁ ଆଣି ବର୍ତ୍ତମାନର ଆସନରେ ବସାଇ ଦେଉଅଛନ୍ତି । ଭାବୁଛନ୍ତି—ଯେପରି ପୁତ୍ର ଜନ୍ମଲାଭର ପରକ୍ଷଣରେ ପଶୁଶାବକ ପରି ଖେଳିବୁଲି ତାଙ୍କୁ ମା, ମା, ବୋଲି ଡାକୁଅଛି, ଆଉ ସେ କି ବାବା, କି ବାବା କହି ପୁତ୍ରକୁ କୋଳକୁ ଟାଣି ନେଉଅଛନ୍ତି । ଏହି ସମୟରେ କିଏ କେଉଁଠି ଥାଇ ହସିଉଠି କହିଲା—"ବେଶ୍ ବେଶ୍, ଏତ ଖାସା ଯାତ୍ରା ସୁଆଙ୍ଗ ଲାଗିଛି । ଶେଫାଳିକା ଚମକି ଉଠିଲେ, ତାଙ୍କର ଜାଗ୍ରତସ୍ୱପ୍ନ ଭାଙ୍ଗିଗଲା । କିଛିକ୍ଷଣ ପରେ ଗୋଟିଏ ପଞ୍ଜରଭଙ୍ଗା ଦୀର୍ଘ ନିଃଶ୍ୱାସ ତ୍ୟାଗ କରି କହିଲେ—"ଏ କିଏ, ଆଶା ନାମ୍ନୀ ନା ? ଆ ଆ ଭଉଣି, ଆ । ତୋ କାନଟା ମୋ-ପାଖକୁ ବଢାଇ ଦେବୁଟି, ମୁଁ ବାଁହାତରେ ମୋଡ଼ିଦିଏଁ । ଏସବୁ କାମ କାହାର, ଆଉ ମୋତେ ବା ଏଥିରେ ମତେଇଛି କିଏ, ତୁ, ନା ଆଉ କେହି ? ନିର୍ଲଜ୍ଜା, ଫେର୍ ଆସି ଠାପରା କରୁଛୁ ? ମୋର ନୈରାଶ୍ୟର ସ୍ତୂଣ ଭସ୍ମସ୍ତୂପରେ ଫୁତ୍କାର ଦେଇ ନିର୍ବାଣ ପ୍ରାୟ ଅଗ୍ନିକୁ ଦାଉ ଦାଉ କଲୁ କିଏ ? ମୋର ଛିନ୍ନ ପ୍ରାୟ ଜୀବନ ସୂତ୍ରରେ ଗଣ୍ଠି ପକାଇଲୁ କିଏ ? ଯା ଯା, ମୋ ସାଙ୍ଗରେ କଥା କହନା । ତୁ ଯେଉଁ ସ୍ୱରରେ ମତେଇଛୁ, ମୁଁ ସେହିସ୍ୱରରେ ମାତିଛି, ସେହି ମାତିବାରେ ମୋର ସୁଖ ଅଛି ।" ଆଶା ହସି ହସି କହିଲା—"ଆଲୋ ନନ୍ଦୁକି, ମୁଁ ପରା ଦୂର୍ ହେବି, ତୋତେ କଥା କହିବି, ନାହିଁ ? କେବେ ତୋତେ ବଞ୍ଚେଇ ରଖିବ କିଏ, ଆଉ ଏତେ କାଳ ବା ବଞ୍ଚେଇ ରଖିଛି କିଏ ? ମୁଁ ଛାଡ଼ିଗଲେ ଯେ, ତୋର ଅସ୍ତିତ୍ୱ ରହିବ ନାହିଁ, ଏହା କି ଭୁଲିଗଲୁ ପାଗଳି ? କୃତଜ୍ଞତା ପ୍ରକାଶ କରନ୍ତୁ କଅଣ, ଅହୁରି ମୋତେ ଦୂର୍ ଦୂର୍ କରୁଛୁ । ଛି, ତମ ମନୁଷ୍ୟ ଜାତିଟା ଏଡ଼େ ବେଇମାନ ।" ଶେଫାଳିକା କହିଲେ—"ଆହା, ବଞ୍ଚେଇ ରଖିବାଲାଗି ତୋ ଗୋଡ଼ ଧରି ପ୍ରାର୍ଥନା କରୁଥିଲି । ତୋର ଯେଉଁ ଦାନ, ଏ ହାତରେ ଦେଇ ସେ ହାତରେ ଛଡ଼ାଇନେଉ ।" "ନା ନା, ଏଥର ଆଉ ଛଡ଼ାଇନେବି ନାହିଁ, ତୁ ନିଶ୍ଚିନ୍ତ ରହ" ଏହା କହି ଆଶା ପ୍ରସ୍ଥାନ କଲା ଏବଂ ଶେଫାଳିକା ପୂର୍ବପରି ମନ ସଙ୍ଗରେ ଖେଳିବାକୁ ଲାଗିଲେ ।

ଆଉ ଦିନେ ଶେଫାଳିକା ଶୟନାବସ୍ଥାରେ ସ୍ୱପ୍ନ ଦେଖିଲେ—ସେ ପୁତ୍ରକୁ କୋଳରେ ଧରି ଶୋଇଅଛନ୍ତି ପୁଅ ମା-ମା ବୋଲି ଡାକିଲା—"ହଁରେ ବାପ, ମୁଁ ତୋ ପାଖରେ ଶୋଇଛି" ବୋଲି କହି ଶେଫାଳିକା ଉଠି ବସିଲେ । ନନ୍ଦେ ତାହା ଶୁଣି ପଚାରିଲେ, 'କଅଣ କାହାକୁ କହୁଛ ?' ଶେଫାଳିକା ଲଜ୍ଜିତ ହୋଇ କହିଲେ, "ନା, କିଛି ତ କହି ନାହିଁ, ସ୍ୱପ୍ନ ଦେଖିଥିବି ।" କି ସ୍ୱପ୍ନ ତାହା ନନ୍ଦେ ବୁଝିପାରିଲେ ଏବଂ ବନ୍ଧ୍ୟା ନାରୀର ହୃଦୟରେ କି ଅଧୀର ଆକାଙ୍କ୍ଷାର ହୁତାଶନ ସର୍ବଦା ଜଳୁଅଛି, ତାହା ମଧ୍ୟ ଜାଣିପାରି ମନେମନେ କହିଲେ—"ହେ ଗୋଲୋକ-ଆଲୋକ, ହେ ତ୍ରିଲୋକପାଳକ, ହେ ଗୋକୁଳବାଳକ, ବନ୍ଧ୍ୟାନାରୀର ଅଧୀର ହୃଦୟରେ ଶାନ୍ତି-ସୁଧାମୃତଧାରା ସେଚନ କର ପ୍ରଭୋ ।" ଏହିପରି ଉଦ୍‌ବେଗରେ ପୁତ୍ରାର୍ଥିନୀ ଶେଫାଳିକାଙ୍କର ଦିନ କ୍ରମଶଃ କଟିବାକୁ ଲାଗିଲା ।

# ଅଷ୍ଟମ ପରିଚ୍ଛେଦ

ମନୁଷ୍ୟର ସକଳ ଆକାଙ୍‌କ୍ଷା ସଫଳ ହୁଏ ନାହିଁ ତଥା ସକଳ ଆକାଙ୍‌କ୍ଷା ବିଫଳ ମଧ୍ୟ ହୁଏ ନାହିଁ । ଅନେକ ଆକାଙ୍‌କ୍ଷା ବିଫଳ ମଧ୍ୟ ହୁଏ । ଦୁରାକାଙ୍‌କ୍ଷା ମଧ୍ୟ ଅନେକ ସ୍ଥଳରେ ସଫଳ ହେବାର ଦେଖାଯାଏ । ଆକାଙ୍‌କ୍ଷା ଖାଲି ବିଫଳ ହେଉଥିଲେ ମାନବସୃଷ୍ଟି ଏତେକାଳଯାଏ ଥାଆନ୍ତା ନାହିଁ । ମନୁଷ୍ୟ ଆକାଙ୍‌କ୍ଷାର ଭୃତ୍ୟ, ସେ ଆକାଙ୍‌କ୍ଷାର ସେବା କରେ । ଆକାଙ୍‌କ୍ଷା ସଫଳ ହୁଏ - ବିଫଳ ମଧ୍ୟ ହୁଏ । ଶେଫାଳିକାଙ୍କର ଆକାଙ୍‌କ୍ଷା ସଫଳ ହୋଇଅଛି । ତାହାଙ୍କର ସୌନ୍ଦର୍ଯ୍ୟ-ବର୍ତ୍ତିକା ଦାଉ ଦାଉ ହୋଇ ଜଳିଉଠିଅଛି । ମୁଖ ମନର ଦର୍ପଣ ସ୍ୱରୂପ, ସେଥିରେ ମନୋଭାବ ପ୍ରତିବିମ୍ବିତ ହୁଏ । ଶେଫାଳିକାଙ୍କର ମୁଖ ଦେଖିଲେ ସେ ମୁଖରେ ତାଙ୍କର ଉଜ୍ଜ୍ୱଳ ଆନନ୍ଦ ପଂକ୍ତି ପଢିହୁଏ । ସେ ମୁଖ ସାଫଲ୍ୟର ମଧୁର ମୃଦୁହାସ୍ୟରେ ସମ୍ମାର୍ଜିତ । ନେତ୍ରରେ ମାତୃଗୌରବର ଦୀପ୍ତି ଆଭାସି ଉଠୁଅଛି । ସୌଦାମିନୀ ପୁତ୍ରବତୀ ହୋଇଅଛି । ସେ ପୁତ୍ରବତୀ ହୋଇ ଯେଉଁ ପରିମାଣରେ ଆନନ୍ଦିତା, ଶେଫାଳିକା ସେଥିର ବହୁଗୁଣ ଆନନ୍ଦିତା । ତାଙ୍କ ଶ୍ୱଶୁରର ବଂଶ ରକ୍ଷା ହୋଇଅଛି, ତାଙ୍କର ମଧ୍ୟ ପାଣିମନ୍ଦାକର ଭରସା ରହିଲା; ସୁତରାଂ ଆନନ୍ଦିତ ନ ହେବେ କାହିଁକି ? ରଙ୍କ ନିଧି ପାଇଲେ ଯେପରି ଆନନ୍ଦିତ ହୁଏ, ଅନ୍ଧ ଚକ୍ଷୁ ପାଇଲେ ଯେପରି ଆନନ୍ଦିତ ହୁଏ ଇତ୍ୟାଦି ପ୍ରୟୋଗ ପରମ୍ପରା ଚଳି ଆସୁଅଛି, କିନ୍ତୁ ଏ ନୂତନ ଭାବରେ କହିଲେ—ମାନବ ସ୍ୱାଧୀନତା ପାଇଲେ ଯେରୂପ ଆନନ୍ଦ ଲାଭ କରେ, ଶେଫାଳିକା ଠିକ୍ ସେହିପରି ଆନନ୍ଦ ଲାଭ କଲେ । କେବଳ ଆନନ୍ଦ ନୁହେଁ, ଶାନ୍ତି, ତୃପ୍ତି ଏବଂ ଆନନ୍ଦର ତ୍ରିବେଣୀଧାରା ତାଙ୍କ ହୃଦୟରେ ତରଙ୍ଗଭଙ୍ଗୀରେ ଖେଳି ଯାଉଅଛି । ଶେଫାଳିକାଙ୍କର ଆଶା ପୂର୍ଣ୍ଣ ହୋଇଅଛି । ଏଁ, ଆଶା କି ପୂର୍ଣ୍ଣ ହୁଏ ? ଅଗ୍ନିର କି ପେଟ ପୂରେ, ଏହା ଅତି ଅସମ୍ଭବ । ମନୁଷ୍ୟର ଦୃଷ୍ଟିଶକ୍ତି ମରିଯାଏ, ଶ୍ରବଣଶକ୍ତି ମରିଯାଏ, ରୂପ ଯୌବନ ମରିଯାଏ; ମାତ୍ର ଆଶା ମରେ ନାହିଁ । ଯେହେତୁ ତାହାର ପୂର୍ଣ୍ଣତା ନାହିଁ । ପୂର୍ଣ୍ଣତା ପରେ ଧ୍ୱଂସ ଆସେ, ଏହା ସୃଷ୍ଟିର ସାଧାରଣ ନିୟମ । ଆଶା ଶୁଷ୍କ ହୋଇ ପଡିଥାଏ, ଅଦୃଷ୍ଟର ଅମୃତ ବାରିସେକରେ ପଲ୍ଲବିତ ହୋଇ ଫଳ ଧାରଣ କରେ । ଆସନ୍ନ-ମୃତ ବ୍ୟକ୍ତି ସୁଦ୍ଧା ଆଶା ପରିଶୂନ୍ୟ ନୁହେଁ । ମୃତ୍ୟୁର ଦଣ୍ଡକ ପୂର୍ବରେ ଜଣେ ମୁମୂର୍ଷୁର ଆତ୍ମୀୟମାନେ ତାହାକୁ ହରିନାମ ଜପ କରିବାକୁ କହିବାରୁ ସେ କହିଲା—ପାଞ୍ଚ ହଜାର ତିନିଶ । ଆତ୍ମୀୟମାନେ କହନ୍ତି—"କହ ହରେ କୃଷ୍ଣ", ମୁମୂର୍ଷୁ କହେ, 'ପାଞ୍ଚହଜାର ତିନିଶ ।' କେହି କହେ—"ହରେ ରାମ କହ," ମୁମୂର୍ଷୁ ପୂର୍ବପରି କହେ—"ପାଞ୍ଚ ହଜାର ତିନିଶ ।" ଏହିପରି ପାଞ୍ଚହଜାର ତିନିଶ ଜପି ଜପି ସେ ମରିଗଲା । ଯାହାକୁ ଆତ୍ମୀୟ ସ୍ୱଜନ ପରିତ୍ୟାଗ କଲେଣି, ସଂସାର ଯାହାକୁ ତ୍ୟାଗ କରିବାକୁ ବସିଲାଣି, ଆଶା ତାହାକୁ ତ୍ୟାଗ କରି ନାହିଁ । ତେବେ ଆଶାର ପୂର୍ଣ୍ଣତା କାହିଁ ? ସେ ଯାହା ହେଉ, ଶେଫାଳିକାଙ୍କର ଆଶା ସଫଳ ହୋଇଅଛି, ତାଙ୍କର ଆନନ୍ଦର ସୀମା ନାହିଁ । ପିତେଇ ମଧ୍ୟ ଆନନ୍ଦରେ ଭାସୁଅଛି । ସେ ଖଣ୍ଡିଏ ଧୋବଛିଟ୍ ଲୁଗା ପୁରସ୍କାର ପାଇଅଛି, ଏହାହିଁ ତାହାର ଆନନ୍ଦର ମୁଖ୍ୟ କାରଣ । ଏହାଛଡ଼ା ଉଠି-ଆରି ଏକୋଇଶା ପ୍ରଭୃତିରେ ପିଠାପଣାର ସ୍ୱାଦୁ ଅନୁଭବ ପ୍ରଭୃତି ସ୍ୱଳ୍ପ କାରଣ ମଧ୍ୟ ଅଛି । ପ୍ରଥମତଃ ଲୁଗାଖଣ୍ଡି ତାହାର ମନକୁ ଆସିଲା ନାହିଁ । ସେ କହିଲା—"ଲୁଗାଖଣ୍ଡ ରଙ୍ଗଢଙ୍ଗିଆ ସିନା, ହେଲେ ବୁଣା କଣ୍ଟ ନୁହେଁ, ତରଛି ଛାଲି ପରି ଜଲ ଜଲ ଦିଶୁଛି, ମୋଡି ଦେଲେ ଚୁଞ୍ଚ କନା ପରି ମେଞ୍ଚେ ହୋଇଯିବ । ଏ କଅଣ ଆଉ ସୂତାଲୁଗା ପରି ବର୍ତ୍ତିରହି ଯିବ ନା ?" ଶେଫାଳିକା ତାକୁ ବୁଝାଇ କହିଲେ—"ନା ଲୋ ପିତେଇ, ଏ ଚୌତାରି ବୁଣା, ଧୋଇଲେ ବହଳ ହୋଇଯିବ, ଆଉ ତେର ଦିନ କ ବର୍ତ୍ତିରହି ଯିବ । ପାଟମଠା ପରି ଏ ଲୁଗା ମାରୁ ହୁଏ ନାହିଁ, ଏ ଖୁବ୍ ଦାମିକା ଲୁଗା, ଏହାର ଦାମ ତିନି ଟଙ୍କା ।" ଲୁଗାର ମୂଲ୍ୟ ତିନି ଟଙ୍କା ଶୁଣି ପିତେଇ ହୃଦୟରେ ଆନନ୍ଦ

ଉତ୍ତର ପାଇଲା । ସେ ଆଉ କିଛି ଓଜର ଆପତ୍ତି ନ କରି ଲୁଗାଖଣ୍ଡି ଗ୍ରହଣ କଲା । ମାତ୍ର ଗୋଟାଏ ସନ୍ଦେହ ତାହା ମନରେ ଉପସ୍ଥିତ ହେଲା । ସେ ଭାବିଲା, ମା ଠାକୁରାଣୀ କହିଲେ—'ପାଟ ମଠା ପରି ଏ ଲୁଗା ମାରୁ ହୁଏ ନାହିଁ । ତେବେ ପାଟ ମଠା କଅଣ ମାରୁ ହୁଏ ନାହିଁ ? କି, କାହିଁକି ମାରୁ ହୁଏ ନାହିଁ ?' ଏହା ଭାବି ପିତେଇ ଶେଫାଳିକାଙ୍କୁ ପଚାରିଲା, ପାଟ ମଠା କାହିଁକି ମାରୁ ହୁଏ ନାହିଁ ମା ?

ଶେଫାଳିକା—ପାଟମଠା ଶୁଦ୍ଧ, ସେ ମାରୁ ହୁଏ ନାହିଁ ।

ପିତେଇ—ଗଛରେ କପା ଫଳେ, କପା ଲୁଗା ଶୁଦ୍ଧ ନୁହେଁ, ଆଉ ପାଟ ମଠା ପୋକର ଲାଳରେ ହୁଏ, ସେ ଶୁଦ୍ଧ ।

ଶେଫାଳିକା—ହଁ, ପୋକର ଲାଳରେ ହେଉ ପଛେ ସେ ଶୁଦ୍ଧ । କପା ଲୁଗା ତ ରୋଜ ଧୁଆଯାଏ ଆଉ ପାଟ ମଠା କିଏ ରୋଜ୍ ଧୁଏ ?

ପିତେଇ—ତାକୁ ରୋଜ ଧୋଇଲେ ସେ କେତେ ଦିନ ରହିବ ? ଇଲଦ ଟରଫିକ ବୋଲି ଧୁଅନ୍ତି ନାହିଁ ଗୋ—ଶୁଦ୍ଧ ବୋଲି ନୁହେଁ ।

ଶେଫାଳିକା ବିରକ୍ତ ହୋଇ କହିଲେ—"ହେଉ ନ ହେଉ ତ ନାହିଁ, ଯା, ତୁ ତ ଚତର ଖାଇବା ଲୋକ କାନ ଗଣ୍ଡୁଛୁ କାହିଁକି ?" ପିତେଇ ଆଉ କିଛି କହିଲା ନାହିଁ ।

ନବ ଜାତ ଶିଶୁଟି ପିତାଙ୍କର ଛାଣି ଆଣିଅଛି । ସେହି ନାକ, ସେହି କାନ, ସେହି ମୁହଁ, ସେହି ଆଖି, ଠାଣିମାଣି ସବୁ ଠିକ୍ ସେହିପରି । ସ୍ଥୂଳତଃ କହିବାକୁ ଗଲେ ଶିଶୁଟି ପିତାଙ୍କର କ୍ଷୁଦ୍ର ସଂସ୍କରଣ—ଆଧୁନିକ ଭାଷାରେ ପକେଟ ସଂସ୍କରଣ । ପୁତ୍ର ରୂପରେ ପୁରୁଷ ସ୍ତ୍ରୀ ଗର୍ଭରୁ ଜାତ ହୁଏ ବୋଲି ସ୍ତ୍ରୀକୁ ଜାୟା କହନ୍ତି । ପୁତ୍ର ପିତା ପରି ଅବିକଳ ପ୍ରକୃତିବନ୍ତ ହେବା ସ୍ୱାଭାବିକ । ଶେଫାଳିକା ଗୋଡ଼ ଲମ୍ବାଇ କାନ୍ଥକୁ ଆଉଜି ପିଣ୍ଡାରେ ବସି ଅଛନ୍ତି—ଶିଶୁଟି ତାଙ୍କ କୋଳରେ ଉତ୍ତାନ ଭାବରେ ଶୋଇ କ୍ଷୁଦ୍ର, ସୁନ୍ଦର ହସ୍ତପଦ ଆନ୍ଦୋଳନ ପୂର୍ବକ କ୍ରୀଡ଼ା କରୁଅଛି କି ବ୍ୟାୟାମ କରୁଅଛି, ତାହା ସେହି ଜାଣେ । ବେଳେ ବେଳେ ଓଷ୍ଠାଧର ଥରାଇ କାନ୍ଦ ଉଠୁଅଛି । ଶେଫାଳିକା ଗୁଣୁଗୁଣୁ ସ୍ୱରରେ ନାନା ପ୍ରକାର ସ୍ନେହ ସୁଆଗ ସଙ୍ଗୀତ ଆବୃତ୍ତି କରି ତାହାକୁ ଶାନ୍ତ କରିବାକୁ ଚେଷ୍ଟା କରୁଅଛନ୍ତି । ତାଙ୍କ ବାମ ପାର୍ଶ୍ୱରେ ଗୋଟାଏ ବିରାଡ଼ି ବସି ନମ୍ରନମ୍ର ହୋଇ ଅଳସ ବିସ୍ମୟ ଦୃଷ୍ଟିରେ ଶିଶୁକୁ ଚାହିଁ ରହିଅଛି । ବିରାଡ଼ିଟା କିଛିଦିନ ହେଲା ଏହିପରି ଆଚରଣ କରି ଆସୁଅଛି । ବୋଧହୁଏ ଯେପରି ଭାବୁଅଛି—"ଏ ନବାଗନ୍ତୁକ କିଏ, ମୋତେ ବେଦଖଲ କରି ମୋର ସ୍ଥାନ ଅଧିକାର କରିଅଛି । ମନୁଷ୍ୟ ଜାତିଟା ବଡ଼ ଅ-ବଡ଼ ଜାତି—ବଡ଼ ସ୍ୱାର୍ଥପର, ମୁଁ ମନୁଷ୍ୟ ସୃଷ୍ଟି ଧରି ନିୟମ କରି କହିପାରେ, ଆମ ଜାତି ସେପରି ସାନ ନୁହେଁ ।" ଏହା ଭାବି ଘୃଣାରେ ଆଖି ବୁଜି ଯୋଗଯୁକ୍ତ ହୋଇ ମୀନାବତାରର ଚରଣ କମଳ ଧ୍ୟାନରେ ନିଯୁକ୍ତ ହେଲା । ବିରାଡ଼ିଟି ଶେଫାଳିକା ପୋଷିଅଛନ୍ତି । ଏତେ ଦିନ ପର୍ଯ୍ୟନ୍ତ ସେ ତାଙ୍କର ସନ୍ତତିର ସ୍ଥାନ ଅଧିକାର ପୂର୍ବକ ମାତୃସ୍ନେହର କମଳ ଅମୃତ ଧାରା ପାନ କରୁଥିଲା । ଶେଫାଳିକା ତାକୁ ଖୁବ୍ ସ୍ନେହ କରନ୍ତି । ଅତି ଆଦରରେ ତାହାର ନାମ ଦେଇଅଛନ୍ତି—ରାଣୀ । ରାଣୀର ରାଣୀ ପରି ଭାଗ୍ୟ । ଖଟ ଉପରେ ଶେଫାଳିକାଙ୍କ କୋଳ ବ୍ୟତୀତ ଅନ୍ୟତ୍ର ତାକୁ ନିଦ ମାଡେ ନାହିଁ । ସେ ଗଳାରେ ମାଳେ ରୁପା ଘୁଙ୍ଗୁର ପିନ୍ଧି ଗର୍ବରେ ବାଟଚାଲେ । ଚାଲିବା ବେଳେ ବଡ଼ ସୁନ୍ଦର ଝୁମୁ ଝୁମୁ ଶବ୍ଦ ହୁଏ । ରାଣୀ ଦୁଗ୍ଧାନ୍ନଭୋଜୀ, କ୍ୱଚିତ୍ ମତ୍ସ୍ୟାନ୍ନ ଭୋଜନ କରେ । ଶେଫାଳିକା ରାଣୀକୁ ଅନେକ କଥା କହନ୍ତି । ସେ ଏତେଦିନ ଯାଏ ତାଙ୍କର ଦୁଃଖ ସୁଖର ସଙ୍ଗୀ ଥିଲା । ବନ୍ଧ୍ୟା ରମଣୀ ତାହାରି ଉପରେ ମାତୃସ୍ନେହ ଅଜାଡ଼ି ଦେଇ ଦୁର୍ବହ ହୃଦୟଭାର କିଞ୍ଚିତ୍ ଲଘୁ କରିଥିଲେ । ଶେଫାଳିକା ସୋହାଗ ଶୀତଳ ସ୍ୱରରେ କହିଲେ—"ରାଣୀ, ମୋ ବାପୁ ସଙ୍ଗରେ ଖେଳିବୁ, ବାପୁ ସଙ୍ଗରେ ଦୁଧ ପିଇବୁ, ତୋ କାନରେ ସୁନା ଫାଶିଆ ଦେବ ।" ଶ୍ରୋତା ବକ୍ତା ମୁହଁକୁ ଚାହିଁ ଉତ୍କଣ୍ଠ ହୋଇ ହାକିମ ଓକିଲର ସୁଆଲ ଶୁଣିଲା ପରି ଗୌରବରେ ବସି ସବୁ କଥା ଶୁଣିଲା । ଶେଫାଳିକା ତାହା ପିଠିରେ ହାତ ବୁଲାଇ ଦେଇ କହିଲେ—"ଖେଳିବୁ ନା,

କହୁ ।" ଶୁଣି ଏହି ଆଦର ସୁଆଗରେ ଆଠଖଣ୍ଡ ହୋଇ ଯାଇ ମାର୍ଜାରୀଟି ଭାଷାରେ ସମ୍ମତି ଜଣାଇ କହିଲା—"ମ୍ୟାଓଁ ।" ଅନନ୍ତର ଆନନ୍ଦରେ ଝାମ୍ପମାରି ଲାଙ୍ଗୁଳ ହଲାଇ ଖେଳିବାକୁ ଲାଗିଲା । ବେଳେବେଳେ ଗେଲରେ ଶେଫାଳିକାଙ୍କ ଗୋଡ଼ର ବୁଢ଼ାଙ୍ଗୁଳିଟି ଲେହନ କରି-ବାକୁ ଉଦ୍ୟତ ହେଉଥାଏ—ପର ମୁହୂର୍ତ୍ତରେ ଡିଆଁ ମାରି ପଛକୁ ଘୁଞ୍ଚି ଯାଉଥାଏ ।

ସୌଦାମିନୀ କେବଳ ପୁଅ ଜନ୍ମକରି ଖଲାସ । ଲାଳନ ପାଳନର ଭାର ଶେଫାଳିକାଙ୍କ ଉପରେ ନ୍ୟସ୍ତ । ସେ ମଧ୍ୟ ତାହାହିଁ ଖୋଜୁଥିଲେ । ସ୍ନେହରେ ଭାଗ ବସାଇବା ତାଙ୍କର ଇଚ୍ଛା ନୁହେଁ । ତାଙ୍କର ସ୍ନେହ ଏବଂ ଯତ୍ନରେ ଶିଶୁଟି କ୍ରମଶଃ ବଢ଼ିବାକୁ ଲାଗିଲା । ଶିଶୁର ବୃଦ୍ଧି ସଙ୍ଗେ ସଙ୍ଗେ ତାହା ପ୍ରତି ଶେଫାଳିକାଙ୍କର ସ୍ନେହ ମମତା ମଧ୍ୟ ବୃଦ୍ଧିଲାଭ କରିବାକୁ ଲାଗିଲା । ଚନ୍ଦ୍ରର କଳାବୃଦ୍ଧିରେ ସମୁଦ୍ରର ଜୁଆର ବଢ଼ିଲା ପ୍ରାୟ ଶେଫା-ଳିକାଙ୍କର ହୃଦୟରେ ଆନନ୍ଦ ଉଚ୍ଛ୍ୱାସ ଉଠୁଥାଏ । ଶିଶୁକୁ କୋଳରେ ଘେନି ବସିଥିବା ସମୟରେ ତାଙ୍କର ମାତୃମୂର୍ତ୍ତି ନିର୍ଲେପ ଜନନୀ ଗଣେଶଜନନୀଙ୍କ ପରି ମହିମିତ ଦିଶୁଥାଏ । ସୌଦାମିନୀ ପୁତ୍ର ଜନ୍ମ କରି ଆନନ୍ଦିତା, ଶେଫାଳିକା ତତୋଽଧିକ ଆନନ୍ଦିତା; ମାତ୍ର ପୁତ୍ରର ଜନକ ନନ୍ଦେ ନିରାନନ୍ଦ । ସେ ପୁତ୍ରର ଦୀର୍ଘାୟୁ ସମ୍ବନ୍ଧରେ ସନ୍ଦିହାନ । ତାଙ୍କର ଶନିସପ୍ତା ଦଶାରେ ପୁତ୍ରର ଜନ୍ମ, ତାହା ପୁଣି ଶନିବାର ଦିନ ଶନି ବେଳାରେ । ଏରୂପ କିଶନର ସଂଯୋଗ ଦେଖି କେଉଁ ପିତା ଅବା ପୁତ୍ରର ଜୀବନ ପ୍ରତି ଆଶଙ୍କାପ୍ରବଣ ନ ହେବ ? ଏହି ହେତୁରୁ ଆଜଯାଏ ପୁତ୍ରର ନାମକରଣ ହୋଇ ନାହିଁ । ଶେଫାଳିକା କହିଲେ—"ଯମଧର୍ମ ବସେଇ ରଖିଥାଉ, ନା ବିଆସିବ, ଏତେ ଡରଡର କାହିଁକି ?" ଯାହାହେଉ ଡାକିବାର ସୁବିଧା ସକାଶେ କିଛି ଗୋଟାଏ ନାମ ଦେବା ଆବଶ୍ୟକ । ସେ ଭାବିଲେ, ଯେଉଁ ନାମଟା ଯମ ନାକକୁ ଗନ୍ଧାଇବ, ଏହିପରି ଗୋଟାଏ କୁତ୍ସିତ କଦର୍ଯ୍ୟ, ବୀଭତ୍ସ ନାମ ଦେବା ଦରକାର । ତାହାହେଲେ ଯମ ଆଉ ତାହାର ପାଖ ସ୍ପର୍ଶ କରିବ ନାହିଁ । ଏହା ଭାବି ସେ ପୁତ୍ରକୁ ବାସ୍ନା ବୋଲି ଡାକନ୍ତି । ବାସ୍ନା ନାମ ଶୁଣିଲେ ଯମ ଅବଶ୍ୟ ଘୃଣା କରିବ । ପୁଅ ନାମ କଅଣ ଦେଲ ବୋଲି କେହି ପଚାରିଲେ, ନନ୍ଦେ କହନ୍ତି, 'ଶନିସପ୍ତା ।' ଏହା ଶୁଣି ଶ୍ରୋତା ହସିଲେ ନନ୍ଦେ କହନ୍ତି, 'ହସିବା କଥା ନୁହେଁ ରେ ଭାଇ, ଶନିସପ୍ତା ଦଶାରେ ଯାହାର ଜନ୍ମ, ତାହାର ନାମ ଶନିସପ୍ତା ନ ଦେଇ ଆଉ କଅଣ ଦେବି ? ଶନିସପ୍ତା ପୁଅ ରୂପ ଧରି ମୋତେ କଷ୍ଟ ଦେବାକୁ ଆସିଛି । ସବୁ ଦଶାର ଫେର୍ ରେ ଭାଇ, ସବୁ ଦଶାର ଫେର ।' ଯଦି କେହି କହେ—"ପୁଅ ହେବା କି କଅଣ ଦଶାର ଫେର", ତେବେ ନନ୍ଦେ କୃତ୍ରିମ ଉତ୍ତେଜନାରେ ଉତ୍ତର ଦିଅନ୍ତି—"ଦଶାର ଫେର ନୁହେଁ କଅଣ ? ସାତରଜାର ଧନ ଖୋଇ ବଢ଼େଇବି, ଶେଷରେ ତା ମୁଣ୍ଡକୁ ହାତ ପାଇଲେ ମୋତେ ତଣ୍ଟିଆ ମାରି ଘରୁ ଘଉଡ଼ି ଦେବ ।" ସମୟ ସମୟରେ ଗେଲରେ ଅନେକ ବଡ଼ ବଡ଼ କଥା ହୋଇଯାଏ । ନନ୍ଦେ ଗେହ୍ଲାରେ ଏହିପରି କହୁଁ କହୁଁ ପୁଅଟିର ଶନିସପ୍ତା ନାମ ସ୍ଥାୟୀ ହୋଇଗଲା । ତାକୁ କେହି କେହି ଶନିସପ୍ତା ବୋଲି ଡାକିଲେ, କେହି ବା ତାହାକୁ ସଂକ୍ଷେପ କରି କେବଳ ଶନି ବୋ'ଲି ଡାକିଲା ।' ମାତ୍ର ପଛକୁ ଶନି ସମ୍ବୋଧନରେ ପରିଣତ ହୋଇଥିଲା । ଏହିପରି ଶୁଙ୍କୁଠା ଶୁକଦେବ, ଗୋବରା ଗୋବର୍ଦ୍ଧନ, ହାଣ୍ଡିଆ ହରିବନ୍ଧୁ, ଶଙ୍କରା ଶଙ୍କର୍ଷଣ ଏବଂ ମୁଣ୍ଡୁରା ମୋଣ୍ଡଲାଲ ହୁଏ ।

ବର୍ଷାକାଳ ଆରମ୍ଭ ହେଲା । ଆଷାଢ ମାସର ଘୋର ଘନଘଟା ଘୋଟି ଆସିଲା । କୁଟଜ, କଦମ୍ବ କୁସୁମ ପ୍ରଭୃତିର ସୌରଭରେ ସ୍ନାନ କରି ଶୀତଳ ପବନ ପ୍ରବାହିତ ହେଲା । ପବନର ଗତି କେବେ ପ୍ରଖର, କେବେ ବା ଧୀର । ମୂଷଳଧାରରେ ବାରି-ପାତ ହେଲା । ବକ ଚତୁର୍ମାସ୍ୟା ବ୍ରତ ଧାରଣ କରି ଜଳାଶୟ ବର୍ଜ୍ଜନପୂର୍ବକ ବସାରେ ବସିରହିଲା । ବଗୀ ମାଛ ଧରି ଆଣି ସ୍ୱାମୀର ଆହାର ଯୋଗାଇଲା । ଭେକର ନହବତରେ ଅବନୀ, ଆକାଶ ପ୍ରକମ୍ପିତ ହେଲା । ନବ ବର୍ଷାର ବାରିସେକରେ ଶୁଷ୍କ ତରୁଲତା ପଲ୍ଲବିତ ହେଲେ । ଅରଣ୍ୟରେ ଅନନ୍ତ ଐଶ୍ୱର୍ଯ୍ୟ ମୂର୍ତ୍ତି ଧାରଣ କରି ଉଠିଲା । କାନନ-କମଳାର ଖୋପାଭୂଷା ଟଗର

କୁସୁମ ପୂର୍ଣ୍ଣ ଯୌବନର ଲାବଣ୍ୟ ଶ୍ରୀରେ ପରିପ୍ଲାବିତ ହୋଇ ମୃଦୁ ମୃଦୁ ହସିବାକୁ ଲାଗିଲା । ନାନାବିଧ ଅଗଣ୍ଟରେ ପଥ ପ୍ରାନ୍ତର ସମାଚ୍ଛନ୍ନ ହୋଇ ଉଠିଲା । ପଲ୍ଲୀଗ୍ରାମମାନ ଅରଣ୍ୟ ପରିକୀର୍ଣ୍ଣ ହୋଇ ଋଷି ଆଶ୍ରମ ପ୍ରାୟ ପ୍ରତୀୟମାନ ହେଲା । ମେଘ ଦର୍ଶନରେ ମେଘ-ବାନ୍ଧବୀ ମୟୂରୀ ଉଲ୍ଲାସରେ ଅଧୀର ହୋଇ ଉଠିଲା, ତାହାର ନିଃସଙ୍ଗ ଜୀବନ ସୁଖମୟ ହେଲା । କୃଷ୍ଣକାନ୍ତା କାଦମ୍ବିନୀ ରଜନୀର ଅନ୍ଧକାରକୁ ଗାଢତମ କଲା । ଆକାଶ ଅନ୍ଧକାର, ପୃଥିବୀ ଅନ୍ଧକାର, ଅନ୍ଧକାରରେ ଅନ୍ଧକାର ମିଶି ବହଳ ହୋଇ ଉଠିଲା । ପ୍ରକୃତି କରାଳ ମହାକାଳୀ ରୂପ ଧାରଣ କଲା; ବିଦ୍ୟୁତ୍ ତାହାର ଲେଲିହାନ ଅନଳ ଜିହ୍ୱା, ବଜ୍ରନାଦ ତାହାର ରୁଦ୍ରଭୈରବ ଗର୍ଜନ, ବୃଷ୍ଟିଧାରା ତାହାର କଟିକଣ୍ଠଲମ୍ବୀ ସଦ୍ୟଚ୍ଛିନ୍ନ ନରକରଶିର ନିଃସୃତ ରୁଧିରଧାରା ଏବଂ ପ୍ରଭଞ୍ଜନ ତାହାର ବିକଟ ଅଟ୍ଟହାସ୍ୟ । ପ୍ରକୃତିର ଏହି ବିରାଟ ଭୀଷଣ ରୂପ ଦେଖି ଚନ୍ଦ୍ର, ତାରବୃନ୍ଦ ମହାଭୟରେ ଆଖି ବୁଜି ମେଘ ଉହାଡ଼ରେ ଲୁଚି ରହିଲେ । ପ୍ରକୃତିର ଏହା ନିଜ ରୂପ । ଏହା ଅସ୍ୱାଭାବ୍ୟ ହେଲେହେଁ ସତ୍ୟ, ଅଶିବ ଉଲଗ୍ନ ହେଲେହେଁ ଶିବ ଏବଂ ରୁଦ୍ର ହେଲେହେଁ ସୁନ୍ଦର । ଏହି ମୂର୍ତ୍ତି ମାତୃତ୍ୱର ଜୀବନ୍ତ ମୂର୍ତ୍ତି । ଏହି ମୂର୍ତ୍ତି ଭକ୍ତର ବାଞ୍ଛିତ, ଧ୍ୟେୟ ଏବଂ ପ୍ରେୟ । ଏହି ମୂର୍ତ୍ତି ଭକ୍ତ ନୟନରେ ସୁନ୍ଦର । ମାତୃ ମୂର୍ତ୍ତି କୁରୂପ କୁତ୍ସିତ ହେଲେ ମଧ୍ୟ ପୁତ୍ର ନୟନରେ ଅନିନ୍ଦ୍ୟସୁନ୍ଦର । ଭକ୍ତ ଏହି ରୂପ ଦେଖି ଆନନ୍ଦରେ ପାଗଳ ହୁଏ, ଭାବରେ ଆତ୍ମ ବିସ୍ମୃତ ହୁଏ, ପ୍ରେମରେ ଅଧୀର ହୁଏ । ସେ କେତେବେଳେ ଅନର୍ଗଳ କାନ୍ଦେ; କେତେବେଳେ ହସି ହସି ଅସ୍ଥିର ହୁଏ, କେତେବେଳେ ଉନ୍ମତ୍ତ ହୋଇ ନାଚେ ଏବଂ କେତେବେଳେ ବା ମନଗଢ଼ା ଗୀତ ଗାଏ । ଏ ମହାମୂର୍ତ୍ତି ଦର୍ଶନ ଭାଗ୍ୟଧରର ଭାଗ୍ୟରେ ଘଟେ । ପୁଣ୍ୟପ୍ରାଣ ମହାପୁରୁଷ ରାମକୃଷ୍ଣ ପରମହଂସ ଦେବ ଏ ମହାମୂର୍ତ୍ତି ଦେଖିଥିଲେ; ସୁତରାଂ ମହାଭାବରେ ତନ୍ମୟ ହୋଇଥିଲେ ।

ଯେଉଁ ଦିନ ଝଡ଼ବର୍ଷା ଅଧିକ ହୋଇ ଦୁର୍ଯୋଗରେ ପରିଣତ ହୁଏ, ସେ ଦିନ ରାତିରେ ପିତେଇ ତାହା ଘରକୁ ଯାଇପାରେ ନାହିଁ । ନନ୍ଦଙ୍କ ହାଣ୍ଡିଶାଳ ସଂଲଗ୍ନ କୋଠରିରେ ସେ ଏବଂ ଶେଫାଳିକା ଶୟନ କରନ୍ତି । ସ୍ତ୍ରୀମାନେ ସବୁ ସହି ପାରନ୍ତି; ମାତ୍ର ନୀରବତାର ସୂଚିଭେଦ୍ୟ ଯନ୍ତ୍ରଣା ସହିପାରନ୍ତି ନାହିଁ । ସେଥିରେ ସେମାନଙ୍କର ଶ୍ୱାସ ରୁଦ୍ଧ ହୋଇଯାଏ । ଭୃତ୍ୟା, ଭର୍ତ୍ତ୍ରିଣୀ, ଅନେକ ବେଳଯାଏ ଗଳ୍ପ କରନ୍ତି । ବର୍ଷାକାଳର ରାତିରେ ଗୀତ କିମ୍ବା ଗଳ୍ପ ଶୁଣିବାକୁ ବେଶ ସୁଖ ଲାଗେ । ଅନେକ ଗଳ୍ପ ହୁଏ, ତାହା ସେ କାଳର ଠାକୁରମାଙ୍କ ମୁଖଶ୍ରୁତ ରଜାପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ ଆଉ କୋଟୁଆଳ ପୁଅର ଗଳ୍ପ ନୁହେଁ କିମ୍ବା ରଜା ପୁଅଝିଅର ସୁନା କୁଲେଇ, ରୁପା କୁଲେଇ କଥା ନୁହେଁ । ଏବେ ସେ ରୂପ କଥା ପ୍ରାୟ ଉଠିଗଲାଣି । ସେ ବକ୍ତା ନାହିଁ କି ସେ ଶ୍ରୋତା ନାହିଁ । ଥିଲେ ବକ୍ତାର ଅନୁରାଗ ନାହିଁ କି ଶ୍ରୋତାର ଆଗ୍ରହ ନାହିଁ । ପିତେଇ ଅନେକ ଗପ ଜାଣେ, ସେ ଖଣ୍ଡିଏ ଜୀବନ୍ତ ଆରବ୍ୟୋପନ୍ୟାସ । ଭୂତ, ପ୍ରେତ, ଡାଆଣୀ, ଚିରକୁଣୀ ପ୍ରଭୃତିର ଅଦ୍ଭୁତ ଚମତ୍କାର କାହାଣୀ ନିପୁଣତାର ସହିତ ସାଳଙ୍କାରରେ ବର୍ଣ୍ଣନା କରିପାରେ । ସେ ରସିକା, ତାହାର ରସଜ୍ଞାନ ଅଛି; ମାତ୍ର ସେ ରୌଦ୍ର ଭୟାନକ ରସର ସମ୍ୟକ୍ ପକ୍ଷପାତିନୀ । ସେ କହେ—"ଏ ପୃଥିବୀଟା କେବଳ ଡାଆଣୀ ଭୂତରେ ପୂରି ରହିଅଛି । ସେମାନେ ଅଦୃଶ୍ୟରେ ଅଛନ୍ତି ବୋଲି ସେମାନଙ୍କୁ କେହି ଦେଖି-ପାରେ ନାହିଁ । ପିଲାମାନଙ୍କ ପ୍ରତି ତାଙ୍କର ଭାରି ଅହନ୍ତା । ବୟସ୍କମାନଙ୍କ ପ୍ରତି ଯେ ଅନ୍ତରଙ୍ଗ ବନ୍ଧୁ ବ୍ୟବହାର, ତାହା ନୁହେଁ । ତେବେ କୋମଳ ମାଂସ ସେମାନଙ୍କର ଉପାଦେୟ ପ୍ରିୟ ଖାଦ୍ୟ । ପିତେଇ ଡାଆଣୀଗୁଡ଼ାକୁ ତିନି ଶ୍ରେଣୀରେ ବିଭକ୍ତ କରେ । ପ୍ରଥମ ସାଧାରଣ ଡାଆଣୀ ଅର୍ଥାତ୍ ମନୁଷ୍ୟ ମରି ଯାହା ହୁଏ । ଏ ଡାଆଣୀ ପେଟ ଭିତରେ ପଶି ପିଲାଏ ଯାହା ଖାଇଥାନ୍ତି ତାହାକୁ ଖାଇଯାଏ । ଖାଦ୍ୟାଭାବରେ ଶୁଖି ଶୁଖି ମରିଗଲେ ବାଳକଟି ତାହାର ବାଳଶ୍ଳେଗ ହୁଏ । ଦ୍ୱିତୀୟ କଞ୍ଚା ଡାଆଣୀ । ସେ ଦୂରରୁ ନଜର ପକାଇଦେଇ ପିଲା ଦେହରୁ ରକ୍ତ ଶୋଷିନିଏ । ତୃତୀୟ ଚଗ୍ର ଡାଆଣୀ । ତାହାର ପ୍ରତାପ ଭାରି ଉଗ୍ର । ସେ ରାତି ଅଧରେ ଉଲଗ୍ନ ହୋଇ ମୁହଁ ତଳକୁ ଏବଂ ଗୋଡ଼ ଉପରକୁ କରି

ଝୁମୁରି ପରି ଘଡ଼ ଘଡ଼ ହୋଇ ଝୁରିଆଡ଼େ ଚରେ । ସେହି ସମୟରେ ତାହା ହାବୁଡ଼ରେ ପଡ଼ିଗଲେ ମଣିଷଟାକୁ ସେ ଅଫିମ ଢେଲାକ ପରି ଗିଳିଦିଏ । ପିତେଇ ଡ଼ାଆଣୀ ଭୂତ ସମ୍ବନ୍ଧରେ ନିଜର ଅନୁଭୂତ କଥା ଅନେକ କହେ । ସେ ପିଲାଦିନେ ଖୁବ୍ ସୁନ୍ଦର ଥିଲା, ତାହାର ଦେହ ଚମ୍ପାଫୁଲ ପରି ଗୋରି ଥିଲା;କିନ୍ତୁ ବର୍ତ୍ତମାନ ଜାଣ୍ଟିମାଞ୍ଜି ପରି । ତାହାର ସୌନ୍ଦର୍ଯ୍ୟରେ ମୁଗଧ ହୋଇ ଭୂତ ପ୍ରେତ ତାହା ଉପରେ କେତେଥର ଦୃଷ୍ଟି ପକାଇ ଅଛନ୍ତି । ସେଥିପାଇଁ ତାହାର ବାପ କେତେଏ ଟଙ୍କା ଖର୍ଚ୍ଚ କରି ତେର ଠାଣୁଆ ଠାଣୁଆ ଗୁଣିଆ ଅଣାଇ ସ୍ନେହର ଦୁଲାଳୀଟିକୁ ସେହି ସବୁ ଅପଦେବତା ଆକ୍ରମଣରୁ ବହୁକଷ୍ଟରେ ରକ୍ଷା କରିଅଛି । ତାହା ବାପଘର ଗାଁ ପଛରେ ଖୁବ ବଡ଼ ବରଗଛ ଅଛି । ତାହାକୁ ମଶାଣି ବର କହନ୍ତି । ଦୂରଆସାକର ଭୂତ ଆସି ସେଥିରେ ବସା ବାନ୍ଧି ଅଛନ୍ତି । ଖରାଦିନେ ଦୁମଦୁମିଆ ଦିପହର ବେଳେ ଭୂତଗୁଡ଼ାକ ତାଲମାଙ୍କୁଡ଼ି ଖେଳୁଥିବାର ଅନେକେ ଦେଖିଅଛନ୍ତି । ଦିନେ ସ୍ୱୟଂ ଶ୍ରୀମତୀ ପିତେଇ ସେହି ଗଛ ପାଖରେ ଭୂତ ହାବୁଡ଼ରେ ପଡ଼ିଥିଲା । ଗୋଟାଏ ଭୂତ ଆସି ତରାଟି ତାହାକୁ ଖେଦାଇ ନେଲା । ସେ ମୂର୍ଚ୍ଛିତ ହୋଇ ପଡ଼ିଗଲା, ତାହାର ଦାନ୍ତ କବାଟି ପଡ଼ିଗଲା । ଲଙ୍ଗଳର ଫାଳରେ ଦାନ୍ତକୁ ତାଡ଼ି ତାକୁ ପାଣି ପିଆଇବାକୁ ହୋଇଥିଲା । ସେଥିପରି ବହୁ ଉପଚାରରେ ବହୁ କଷ୍ଟରେ ସେ ସାଷ୍ଟମ ହୋଇଥିଲା । ଭୂତର ଆକୃତି ବର୍ଣ୍ଣନାରେ ମଧ୍ୟ ପିତେଇ ସିଦ୍ଧହସ୍ତା । ସେ କହେ, 'ଭୂତ ତାଳଗଛ ପରି ଡେଙ୍ଗା, ତାହାର ମୁହଁ ଗୋଲଆ, ନାକଟା ମାଛଧରା ବାଙ୍କୀ ପରି ବଙ୍କା । ଭୂତର ତାଳୁ ଉପରେ ଗୋଟିଏ ଆଖି, ଦେହରେ ମାଂସ ନାହିଁ—ଖାଲି ହାଡ଼ ଇତ୍ୟାଦି ଇତ୍ୟାଦି ।'

ଦିନେ ଶେଫାଳିକା ପଚାରିଲେ—"ପିତେଇ, ଚଗୁଡ଼ାଆଣୀ କଅଣ, ଜାଅନ୍ତା ମଣିଷ ନା ?" ପିତେଇ କହିଲା—"ହଁ ମା, ଜାଅନ୍ତା ମଣିଷ । ଗୋଟା ଗୋଟାକର ନକ୍ଷତ୍ର ଦୋଷଥାଏ, ସେ ଚଗୁଡ଼ାଆଣୀ ହୁଅନ୍ତି । ଚଗୁଡ଼ାଆଣୀ କଥା କହିବି, ଶୁଣିବ ? ପିଲାଦିନେ ମୁଁ ମାମୁଘରକୁ ଯାଇଥିଲି । ମାମୁ ଘର ଗାଁରେ ବନା ବୋଲି ଗୋଟାଏ ଗୁଣିଆ ଅଛି । ତାହା ପରି ଗୁଣିଆ ମର୍ତ୍ତ୍ୟମଣ୍ଡଳରେ ନାହିଁ । ସେ ଏପାରି ଗଛ ସେପାରି କରିପାରେ । ସମସ୍ତେ କହନ୍ତି,'ସ୍ୱୟଂ ଘର ମଝିଆଁ ବୋହୂ ରାତି ଅଧରେ ଉଠି ଚରିବାକୁ ଯାଏ,ସେ ଯିବାବେଳେ ନିଦ ମାଣ୍ଟି ପକାଇ ଦେଇଯାଏ । ଘରର ସମସ୍ତେ ଘନ ନିଦରେ ମଲା ପରି ପଡ଼ିଯାଆନ୍ତି, କେହି ତାହାର ଯିବାଆସିବା ଜାଣି ପାରନ୍ତି ନାହିଁ । ଦିନେ ରାତିରେ ବନା ଦେଖିଲା - ପୋଖରୀ ହୁଡ଼ା ଉପରେ ଗୋଟେ ଚଗୁଡ଼ାଆଣୀ ଲଙ୍ଗଳା ହୋଇ ଚରୁଚନ୍ତି । ସମସ୍ତେ ପୋଖରୀ ଘାଟ ପାହାଚ ଉପରେ ଲୁଗା ରଖି ଯାଇଅଛନ୍ତି । ବନା ସେହି ଲୁଗା ଉପରେ ପିଙ୍କାସୂଳ ଝାଡ଼ିଦେଇ କେତେ ଜାଗା ପୋଡ଼ିଦେଲା । ତହିଁ ପରେ ଘରକୁ ଯାଇ ଗୋଟାଏ ଡ଼ମ୍ବରୁ ଘେନି ଆସିଲା । ପୋଖରୀର ଖଣ୍ଡେ ଛଡ଼ାରେ ମଶାଣିପଦା । ବନା ସେହି ମଶାଣି ଭୂଇଁରେ ବସି ଡ଼ମ୍ବରୁ ବଜାଇଲା । ଇମିତି ମନ୍ତ୍ର କରିଦେଲା ଯେ, ପଲକଯାକ ଚଗୁଡ଼ାଆଣୀ ଯାଇଁ ତାହା ଆଗରେ ନାଚିଲେ । ସେ ସମସ୍ତଙ୍କୁ ଚିହ୍ନିଲା ସ୍ୱୟଂ ଘର ମଝିଆଁ ବୋହୂ ବି ତାଙ୍କ ଭିତରେ ଥିଲା । ସମସ୍ତେ ବନାକୁ କୁହାର କେହରି ହେଲେ, ବନା ସେମାନଙ୍କୁ ଛାଡ଼ିଦେଲା । ବନା ସିନା ଛାଡ଼ିଦେଲା, ତାଙ୍କ ଲୁଗାରେ ଯେଉଁ ପିଙ୍କାଗୁଳର ପୋଡ଼ା ଚିହ୍ନ ଥିଲା, ସେହି ଚିହ୍ନ ସମସ୍ତଙ୍କୁ ସକାଳୁ ଧରାଇ ଦେଲା । ଗାଁରେ ସମସ୍ତେ ଜାଣିପାରି ସେମାନଙ୍କୁ ନାନା ହଟହଟା କରି ଶେଷରେ ଗଲଙ୍କା ବାଣ ମାରି ଅନ୍ଧ କରିଦେଲେ । ତମେ ବିଶ୍ୱାସ କର ବା ନ କର ମୁଁ ଏହା ଆଖିରେ ଦେଖିଛି । ମା । ଯଦି ମିଛ କହୁଥିବି, ତେବେ ମୋର ଦି ଆଖି ଫୁଟିଯିବ ।

ବାସୁଲୀପଦା ଗ୍ରାମରେ ପିତେଇର ମାମୁ ଘର । ସେ ଗ୍ରାମରେ ବନାଖିଅଲ ନାମରେ ଗୋଟାଏ ଚମାର ଟୋକା ନିଜକୁ ଅଦ୍ୱିତୀୟ ଗୁଣିଆ ବୋଲି ପ୍ରଚାର କରିବୁଲେ; ମାତ୍ର ଗୁଣିବିଦ୍ୟାର ଗ ଅକ୍ଷର ସଙ୍ଗରେ ମଧ୍ୟ ତାହାର ପରିଚୟ ନାହିଁ । କେବଳ ପ୍ରତାରଣା । ଭଣ୍ଡପଣ ତାହାର ବ୍ୟବସାୟ । ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସେ ଅନେକ ସମୟରେ

ଶ୍ମଶାନରେ ବୁଲେ ଏବଂ ନିଜକୁ ଖୁବ୍ ବଢାଇ କଥା କହେ । ସରଳପ୍ରାଣ ନିରକ୍ଷର ପଲ୍ଲୀବାସୀଏ ତାହାକୁ ଗୋଟାଏ ଯୋଗଜନ୍ମା ମଣି ତାହା କଥାରେ କେତେ କେତେ ବିଶ୍ୱାସ ସ୍ଥାପନ କରନ୍ତି; ମାତ୍ର ଯେଉଁମାନେ ଟିକିଏ ତେଙ୍ଗତଡୁର ଧରଣର ଲୋକ, ସେମାନେ ଆଦୌ ତାହା କଥା ପଦରେ ପଡ଼ାନ୍ତି ନାହିଁ । ବନା ସୁଦ୍ଧା ସେମାନଙ୍କ ପାଖରେ ବିଫଳ ଆସ୍ଫାଳନ କରେ ନାହିଁ । ସେ ଘାଟ ଚାହିଁ ପାଣି ପିଏ । ସେ କହେ— "ତାହାର ଅସାଧ୍ୟ କିଛି ନାହିଁ, ଯେମନ୍ତ କି ଆରବ୍ୟ ଉପନ୍ୟାସ ବର୍ଣ୍ଣିତ ଆଲ୍ଲାଉଦ୍ଦିନର ଆଶ୍ଚର୍ଯ୍ୟ ପ୍ରଦୀପ ତାହା ହାତରେ ଅଛି । ଦିନେ ରାତିରେ ରାଉତଘର ମଝିଆଁ ବୋହୂ ତୁଳସୀର ପେଟ କାଟିଲା । ସେ ଡର ଡର ହୋଇ ଉଠି ପୋଖରୀପାଣି ଗଲା । ଲୁଗା ଖଣ୍ଡି ପାଲଟି ଅଣ୍ଟା ଉପରେ ରଖି ଯାଇଥିଲା । ଦୁର୍ବୃତ୍ତ ବନା ତାହାକୁ କଳଙ୍କିତ କରିବା ଉଦ୍ଦେଶ୍ୟରେ ତାହା ଲୁଗାରେ ସିନ୍ଦୂରବୋଳ ଝାଡ଼ି ଦେଇଥିଲା । ତହୁଁ ଆରଦିନ ସକାଳେ ତୁଳସୀ ନାମରେ ଚିରଡାଆଣୀର ଅପବାଦ ଉଠିଲା । ମାତ୍ର ସତ୍ୟ କେବେ ଲୁଚି ରହେ ନାହିଁ, ଅସ୍ପଷ୍ଟପର ବହୁ ଆବରଣ ଭେଦ କରି ଆତ୍ମପ୍ରକାଶ କରେ । ଅଳ୍ପଦିନ ମଧ୍ୟରେ ପ୍ରକୃତ ଘଟଣା ଜଣାପଡ଼ିଗଲା । ରାମବାରିକ ନାମରେ ଜଣେ ବୃଦ୍ଧ ଗଛ ଉହାଡ଼ରେ ପୋଖରୀପାଣି ବସି କୀର୍ତ୍ତିଚନ୍ଦ୍ର ବନମାଳୀର କୀର୍ତ୍ତି ଦେଖିଥିଲା । ଯଥାସମୟରେ ସେ ସବୁ ପ୍ରକାଶ କରିଦେଲା । ଜଣେ ଅନ୍ତଃପୁରସ୍ଥା ସ୍ତ୍ରୀ ଲୋକ ନାମରେ ଅକାରଣ କଳଙ୍କ ରଟନା କରିଥିବାରୁ ବନା ଗ୍ରାମବାସୀଙ୍କଠାରୁ ଉତ୍ତମ ମଧ୍ୟମ ପୁରସ୍କାର ଲାଭ କଲା । କଥାରେ କହନ୍ତି, 'ମାଡ଼ ଭୟରେ ଦେବତା ଛାଡ଼ି ପଳାନ୍ତି ।' ସେହି ଦିନଠାରୁ ବନା ନିରୁଦ୍ଦେଶ । ବହୁ ଅନୁସନ୍ଧାନରେ, ବହୁ ଅର୍ଥବ୍ୟୟରେ ଆମ୍ଭେମାନେ ଏ ଘଟଣାର ପ୍ରକୃତ ତଥ୍ୟ ଅବଗତ ହୋଇଅଛୁଁ । ଏଥିରେ ଅ-ମିଥ୍ୟାର ଗନ୍ଧ ଥାଉ ବା ନ ଥାଉ ମନ୍ଦ ମିଥ୍ୟା ନୁହେଁ, ଏହା ହଲପ କରି କୁହାଯାଇପାରେ । ଆମ୍ଭମାନଙ୍କର ଏହି ପ୍ରାମାଣିକ କଥା ସଙ୍ଗରେ ସିତେଇର ବର୍ଣ୍ଣନା ମିଳାଇ ଦେଖିଲେ ସିତେଇ ଶତକଡ଼ା କେତେ କୋଡ଼ି ମିଥ୍ୟା କହେ, ତାହା ପାଠକମାନେ ସହଜରେ ହୃଦୟଙ୍ଗମ କରିପାରିବେ, ମାତ୍ର ଆମ୍ଭେମାନେ ନିରୁତ୍ତର ।

ସ୍ତ୍ରୀମାନେ ଯେତେ ଶିକ୍ଷିତା, ପଣ୍ଡିତା ହୋଇଥାନ୍ତୁ ପଛେ ଏବଂ ମୁହଁରେ ଯାହା କହନ୍ତୁ ପଛେ, ଭୂତ ପ୍ରେତ ଭୟ ସେମାନଙ୍କର ଜନ୍ମଗତ ସଂସ୍କାର । ଅନେକ ସ୍ତ୍ରୀଙ୍କୁ ଡାଆଣୀ ମାଡ଼ିବସେ । ଡାଆଣୀ ଛଡ଼ା ଅନେକ ମନ୍ତ୍ର ଯନ୍ତ୍ର ଅଛି । ପଲ୍ଲୀଗ୍ରାମରେ ସେଥିର ଚାଷ ପ୍ରକଟ । ସହରର କଥା ସ୍ୱତନ୍ତ୍ର, ସେଠାରେ ବାବୁ ଭାୟାଙ୍କର ବାସ । ସେମାନେ ମଲେ ବି ଭୂତ ହୁଅନ୍ତି; ମାତ୍ର ସଭ୍ୟ ଶିକ୍ଷିତ ବାବୁଭାୟା ଭୂତ । ସେମାନଙ୍କର ପଲ୍ଲୀଭୂତସୁଲଭ ଉପଦ୍ରବ ବା ଅତ୍ୟାଚାର ନାହିଁ । ସେମାନଙ୍କର ବ୍ୟବହାର ଶିଷ୍ଟାଚାରସମ୍ମତ । ସେହି ଭଦ୍ର ଭୂତମାନଙ୍କର ଆଖ୍ୟାନ ସଚିତ୍ର ଭାବରେ ସଭ୍ୟ ସ୍ୱାଧୀନ ଦେଶମାନଙ୍କରେ ସାମୟିକ ପତ୍ରିକାକାରରେ ପ୍ରକାଶିତ ହେଉଅଛି । ସୁତରାଂ ଏଠାରେ ଲେଖିବା ବାହୁଲ୍ୟ ମାତ୍ର ।

ଶେଫାଳିକା ସ୍ୱଭାବତଃ ଅତି ଭୀରୁପ୍ରକୃତିକା । ସିତେଇର ବର୍ଣ୍ଣନା ସେ ଭୟକୁ ଆହୁରି ପ୍ରବଳ କରିଦେଲା । ସେ ମନେ ମନେ ଭାବିଲେ—"ସତେ ତ, ଡାଆଣୀ ଭୂତଙ୍କ ଦୃଷ୍ଟି ନଜରରୁ ପିଲାମାନଙ୍କୁ ରକ୍ଷା କରିବା ତ ପ୍ରଧାନ କଥା ।" ଏହା ଭାବି ସେ ଅନେକ ଗୁଣିଆଙ୍କ ପାଖରୁ ଅନେକ ଚେର ମୂଳ ସଂଗ୍ରହ କଲେ । ଗ୍ରହଣ ସମୟରେ ଅଷ୍ଟ ଧାତୁରେ ତେଉଁରିଆ ତିଆରି କରାଇ ତାହା ଭିତରେ ଉପରୋକ୍ତ ଭୂତ ପ୍ରେତର ଅବ୍ୟର୍ଥ ପ୍ରତିଷେଧକ ଔଷଧ ରଖି ଶିଶୁକୁ ପିନ୍ଧାଇଦେଲେ । ଏହିପରି ତେଉଁରିଆ ମାଳାରେ କିଛିଦିନ ପରେ ଶିଶୁର କଟି କଣ୍ଠ ଏବଂ ବାହୁ ଆଚ୍ଛାଦିତ ହେଲା । ଶିଶୁର ମୁଣ୍ଡରେ ଚୁଟିଆ ଜଟା ରହିଲା । ମାନସିକ ରହିଲା—"ପିଲା ବଡ଼ିଲେ ଅମୁକ ସ୍ୱନାମଧନ୍ୟ ଦେବତାବିଶେଷଙ୍କ ପୀଠରେ ତାହାର ବାଳ ପଡ଼ିବ । ଏତଦ୍ୱାରା ଦେବତାଙ୍କୁ ନଖ ବାଳ ଦେବା ଉଦ୍ଦେଶ୍ୟ ନୁହେଁ, ତାହା ଦେବଋଣର ଗୋଟାଏ ଚିହ୍ନ । ମନୁଷ୍ୟ ମାୟା ମୋହରେ ଭୋଳ, ଦୁଃଖବେଳେ ସେ ଦେବତାଙ୍କୁ

ଭାବେ , ସ୍ୱେଚ୍ଛା ମାନସ କରେ , ମାତ୍ର ସୁଖବେଳେ ସବୁ ଭୁଲିଯାଏ । ନିଜର ପ୍ରତିଶ୍ରୁତି କାଳେ ଭୁଲିଯିବ, ସେଥିସକାଶେ ଗୋଟାଏ ସ୍ମାରକ ଚିହ୍ନ ରଖି· ବାକୁ ହୁଏ । ଦେବଋଣ ପରିଶୋଧ ସଙ୍ଗେ ସଙ୍ଗେ ସେ ଚିହ୍ନ ମଧ୍ୟ ପରିତ୍ୟାଗ କରାଯାଏ । ଶେଫାଳିକାଙ୍କ ସଯତ୍ନ ଲାଳନ ପାଳନରେ ଶିଶୁ କ୍ରମଶଃ ବର୍ଦ୍ଧିତ ହେବାକୁ ଲାଗିଲା । ଶେଫାଳିକା ତାହାକୁ ଦଣ୍ଡେ ତଳେ ପକାଇ ଦଅନ୍ତି ନାହିଁ—ସବୁବେଳେ କାଖରେ କୋଳରେ ଧରି ଥାଆନ୍ତି । ଶିଶୁ କେତେବେଳେ ଟିକିଏ କାନ୍ଦିଉଠିଲେ ତାଙ୍କ ସର୍ବଶରୀରରେ ବେଦନାର ଗୋଟାଏ ବିଦ୍ୟୁତ୍‌ଜ୍ୱାଳା ବହିଯାଏ । ସେ ନାନା କୌଶଳରେ ସ୍ନେହ ଗଗନର ସେହି ଧ୍ରୁବ ନକ୍ଷତ୍ରଟିକୁ ଭୁଲ କରାନ୍ତି । ଏହିପରି ଭାବରେ ଦିନ ପରେ ଦିନ, ମାସ ପରେ ମାସ ଅତୀତ ହେବାକୁ ଲାଗିଲା ।

# ନବମ ପରିଚ୍ଛେଦ

କୁସୁମ କୋଳରେ ସୌରଭ, ଚନ୍ଦ୍ର କୋଳରେ ଚନ୍ଦ୍ରିକା କିମ୍ବା ସରସୀ କୋଳରେ କମଳ କଳିକା ବଢିଲା ପ୍ରାୟ ଶେଫାଳିକାଙ୍କର ସ୍ନେହମୟ ଶୀତଳ କୋଳରେ ଶିଶୁଟି ବଢିବାକୁ ଲାଗିଲା । କେଉଁଠୁ ଏ ସୌମ୍ୟସୁନ୍ଦର ଶିଶୁଟି ଆସି ତାଙ୍କ ବନ୍ଧ୍ୟାଜୀବନର ଶୂନ୍ୟ ସିଂହାସନରେ ରାଜା ହୋଇ ବସିଲା—ତାଙ୍କର ଅସୁନ୍ଦର ଗୃହ ପ୍ରାଙ୍ଗଣକୁ ମଧୁର ମନୋହର ସ୍ୱର୍ଗୀୟ ବାସନ୍ତୀ ଶ୍ରୀରେ ମଣ୍ଡିତ କରିଦେଲା—ତାଙ୍କର ଶୂନ୍ୟ ନିରାନନ୍ଦ ଗୃହରେ ପୂର୍ଣ୍ଣତାର ଆନନ୍ଦ କଳଧ୍ୱନି ଉତ୍ଥିତ କଲା ! ଭୂଲୁଣ୍ଠିତା ଲତା ଗୋଟିଏ କ୍ଷୁଦ୍ର ଆଶ୍ରୟ ପାଇଲେ ତାହାକୁ ଯେପରି ଆକଟି ଧରେ, ଶେଫାଳିକା ସେହିପରି ହୃଦୟର ସମସ୍ତ ସ୍ନେହଦ୍ୱାରା ଶିଶୁଟିକୁ ଆକଟି ଧରିଲେ । ବନ୍ଧ୍ୟାନାରୀର ଚିର ହାହାମୟ ଶୁଷ୍କ ହୃଦୟ ଏବେ ସ୍ନେହ, ମମତା ଏବଂ ଆନନ୍ଦର ତ୍ରିବେଣୀ ପ୍ରବାହରେ ପରିସ୍ନାତ । ଶିଶୁଟି ଦେବନିର୍ମାଲ୍ୟ ତୁଲ୍ୟ ପବିତ୍ର ଏବଂ ପୁଷ୍ପ ପରି ସୁନ୍ଦର । ତାହାର ହୃଷ୍ଟପୁଷ୍ଟ ସୁକୁମାର ଅବୟବ ଏବଂ ମୁଖର ସୁନ୍ଦର ମଧୁର ହାସ୍ୟ ଦେଖି ମନେହୁଏ, ସେ ଏ ଜଗତର ନୁହେଁ । କେଉଁ ସୁନ୍ଦର ଜଗତର ସୁନ୍ଦର ଶେଫାଳିକାଟିଏ ଶେଫାଳିକାଙ୍କ କୋଳରେ ଝରିପଡିଅଛି । ଅଥବା ସୁନ୍ଦର ସ୍ୱର୍ଗର ସୌନ୍ଦର୍ଯ୍ୟର ସମୁଜ୍ଜ୍ୱଳ ଶିଖା ପଥଭ୍ରାନ୍ତ ହୋଇ ଏ ମର୍ତ୍ତ୍ୟଧାମକୁ ଚାଲି ଆସିଅଛି । ଶେଫାଳିକା ଅଙ୍କସ୍ଥ ଶିଶୁର ମୁହଁକୁ ଚାହିଁ ସମୟ ସମୟରେ ଭାବନ୍ତି, "ଏ ମାୟାବନ୍ଧନ କାହିଁକି ଆସି ମୋର ହୃଦୟକୁ ଓଲଟ ପାଲଟ କରିଦେଲା, ମୋର ଜୀବନର ସ୍ରୋତକୁ ଅନେକ ପଛକୁ ଘୁଞ୍ଚାଇ-ଦେଲା ? ଏ ଶିଶୁ ନୁହେଁ—ଅଦ୍ଭୁତ ଖଣ୍ଡ, ଅଲକ୍ଷ୍ୟରେ ମୋର ମନକୁ ଚୋରି କରିନେଲା । ମୋର ସ୍ନେହର ଏ ସତର୍କ ପ୍ରହରୀ. ସେଥିରେ ଅନ୍ୟର ଭାଗ ବସାଇଦେବ ନାହିଁ । ମୁଁ ମୁକ୍ତ ଥିଲି, ଏ ମୋତେ ବନ୍ଧନରେ ପକାଇଲା । ସେହି ବନ୍ଧନ ମୋର ସୁଖ । କର୍ମହୀନ ନିରାଲମ୍ବ ଜୀବନ ଯଦି ମୁକ୍ତ ନାମରେ ଅଭିହିତ ହୁଏ, ତେବେ ମୁକ୍ତି ମୋର ଲୋଡ଼ା ନାହିଁ । କର୍ମତ୍ୟାଗରେ ଆନନ୍ଦ ନାହିଁ—କର୍ମରେ ଆନନ୍ଦ । ବାରମ୍ବାର ମରି ବାରମ୍ବାର ଜନ୍ମି କର୍ମ କରିବାହିଁ ଆନନ୍ଦ । କର୍ମରେ ଦୁଃଖ ଅଛି; ମାତ୍ର ସେହି ଦୁଃଖଭୋଗହିଁ ସୁଖ । ଯେ ଜୀବନରେ କେବେ ଦୁଃଖଭୋଗ କରିନାହିଁ, ସେ ସଂସାରର ଗୋଟାଏ ପ୍ରଧାନ ସୁଖରୁ ବଞ୍ଚିତ । ଯହିଁରେ କର୍ମ ନାହିଁ, ତହିଁରେ ସୁଖ ନାହିଁ । ମୁକ୍ତିରେ କର୍ମ ନାହିଁ ସୁତରାଂ ତାହା ସୁଖମୟ ନୁହେଁ । ମୁକ୍ତ ଜୀବନ ବଦ୍ଧ ଜଳାଶୟ ପରି ସ୍ଥିର ଏବଂ ନିଷ୍ପନ୍ଦ, ଆଉ କର୍ମଜୀବନ ଖରସ୍ରୋତା ସ୍ରୋତସ୍ୱତୀ ପରି ନିୟତ ଚଞ୍ଚଳ । କର୍ମ ବାଞ୍ଛନୀୟ; ମାତ୍ର ସ୍ଥିରତା ବାଞ୍ଛନୀୟ ନୁହେଁ । ମନୁଷ୍ୟ ସ୍ୱଭାବ ବିଚିତ୍ର, କେତେବେଳେ ତାହା ହୃଦୟରେ ତୃଷ୍ଣା ସର[illegible] ପ୍ରଭାବ ବିସ୍ତାର କରେ, ଆଉ କେତେବେଳେ

ବା ଶିଷ୍ଟା ସରସ୍ୱତୀଙ୍କର ଆବିର୍ଭାବ ହୁଏ । ବେଳେବେଳେ ଶେଫାଳିକା ଦୁଷ୍ଟା ସରସ୍ୱତୀ ଦ୍ୱାରା ଆକ୍ରାନ୍ତ ହୋଇ ଭାବନ୍ତି—ଏ ଶିଶୁ ମୋର କିଏ । ଏହା ସଙ୍ଗରେ ମୋର ସମ୍ପର୍କ କଅଣ ? ଏ ଜଗତ ନିଃସଙ୍ଗ ପ୍ରବାସ, ଏଠାରେ କେହି କାହାର ନୁହେଁ । ତେବେ ଏ ଶିଶୁ ଉପରେ ମୁଁ ସ୍ନେହ ଢାଳୁଛି କାହିଁକି ? ଆଉ ଏହାପାଇଁ ଏତେ କଷ୍ଟ ସ୍ୱୀକାର ବା କାହିଁକି ? ଏ ସବୁ କଅଣ ବୃଥା, ସବୁ କଅଣ ଭ୍ରାନ୍ତି, ସବୁ କଅଣ ମିଥ୍ୟା ?” ଅନନ୍ତର ଶିଷ୍ଟା ସରସ୍ୱତୀ ହୃଦୟ ଅଧିକାର କରି ବସିଲେ ଶେଫାଳିକାଙ୍କ ଦେହ ଶୀତେଇ ଉଠେ, ପ୍ରେମ ଝାଙ୍କୁରି ଉଠେ । ସେ ମନେ ମନେ ଲଜ୍ଜିତ ଏବଂ ଅପ୍ରତିଭ ହୋଇ କହନ୍ତି - “ନା ନା, ସବୁ ସତ, ସବୁ ସତ । ଏହା ଭ୍ରାନ୍ତି ନୁହେ କି ବୃଥା ନୁହେଁ । ଏ ଶିଶୁ ଦେହରେ ମୋର ସ୍ୱାମୀଙ୍କର ରକ୍ତ ଅଛି, ଶ୍ୱଶୁର କୁଳର ଅଂଶ ଅଛି । ଏ ମୋର ପୁତ୍ର, ମୋତେ ପୁତ ନରକରୁ ଉଦ୍ଧାର କରିବ; ସୁତରାଂ ଏ ଶିଶୁ କାହାର ନୁହେଁ ମୋର, ସମ୍ପୂର୍ଣ୍ଣ ମୋର । ଏ ମୋର ସଉତୁଣୀର ପୁଅ ନୁହେଁ । ସବୁ କି ମୋର ସଉତୁଣୀ ? ସେ ମୋତେ ମାଆଭଳି ଭକ୍ତି କରେ । ସେଦିନ ଡାକିଲି ସବୁ, ଆ ମୋ ସାଙ୍ଗରେ ଖାଇବୁ । ସବୁ ସ୍ନେହଶୀତଳ ସ୍ୱରରେ କହିଲା—‘ତୁମେ ଖାଇସାର ନାନି, ମୁଁ ତମ ‘ପରସାଦ’ ପାଇବି । ମୁଁ ହସି ଉଠି କହିଲି, ‘ମୁଁ କଅଣ କିଅ ନା ଦେବତା ଲୋ, ମୋ ପରସାଦ ପାଇବୁ; ଖାଇବୁ ନାହିଁ ପୁଣି ପାଇବୁ ?’ ମୁଁ ଏତିକି କହୁଛି, ସବୁ ଆଖିଦୁଇଟି ଅଶ୍ରୁରେ ଛଳ ଛଳ କରି କି ଦୀନସ୍ୱରରେ କହିଲା— ‘କଅଣ କେଜାଣି; ଦେବତା କି କଅଣ ଜାଣେ ନାହିଁ ନାନି; ତେବେ ଏତିକି ଜାଣେ ଯେ, ଦେବତାମାନେ ଯେଉଁଠାରେ ଥାଆନ୍ତି, ତମର ଆସନ ତାର ଢେର ଉପରେ । ଆହା, ସ୍ନେହମୁଗ୍ଧା ସରଳା ବାଳିକା ହୃଦୟର କି ଉଚ୍ଛ୍ୱାସ ? ସବୁ, ମୁଁ ଆଶୀର୍ବାଦ କରୁଛି—ଧର୍ମରେ ତୋର ମତି ଅଚଳା ହେଉ, ଆଉ ସ୍ୱାମୀଦେବତାଙ୍କ ପଦସେବା ତୋର ଧର୍ମ ହେଉ । ଆହା, କି ହାସ୍ୟମୟୀ ମୂର୍ତ୍ତି, ସ୍ନାନାନ୍ତେ ସଦ୍ୟ ସମ୍ମାର୍ଜିତ ରୂପପ୍ରଭା ଆର୍ଦ୍ର ବସ୍ତ୍ର ଭେଦ କରି ବାହାରୁଥିବା ବେଳେ ଠିକ୍ ଲକ୍ଷ୍ମୀପ୍ରତିମା ପରି ସୁନ୍ଦର ଦିଶେ । ଯେଉଁ ଘରେ ସଉତୁଣୀ ବାସ କରେ, ସେ ଘରର କାନ୍ଥବାଡ଼ ପର୍ଯ୍ୟନ୍ତ ବିଦ୍ୱେଷ-ବିଷରେ ବୋଳା; ମାତ୍ର ସବୁର ବ୍ୟବହାରରେ ମୋର ଘରର ମୃତ୍ତିକା ପବନରୁ ଅମୃତ ଝରିପଡ଼ୁଛି । ସ୍ନେହ, ପ୍ରେମ, ଭକ୍ତି, ପ୍ରୀତି ଚତୁଷ୍ଟୟର ପବିତ୍ର ସୌରଭରେ ମୋର କ୍ଷୁଦ୍ର ଗୃହଖଣ୍ଡି ସ୍ୱର୍ଗରେ ପରିଣତ ହୋଇଛି । ଶେଫାଳିକା ଏହିପରି ଅନେକ କଥା ଭାବନ୍ତି । ଶିଶୁ କେବଳାଟି କେତେବେଳେ ମାଆଙ୍କ ସିଂହାସନରୁ ବିଚ୍ୟୁତ ହୁଅନ୍ତି ନାହିଁ । ଖାଇବାବେଳେ ସୁଦ୍ଧା ଶେଫାଳିକା ଶିଶୁକୁ କୋଳରେ ଯାକି ଭାତ ଖାଆନ୍ତି । ଏଥିରେ ତାଙ୍କର ଯଥେଷ୍ଟ ଅସୁବିଧା ହୁଏ; ମାତ୍ର ସେ ତାହା ଗ୍ରାହ୍ୟସୁଦ୍ଧା କରନ୍ତି ନାହିଁ । ସୌଦାମିନୀ ଏହି ଅସୁବିଧାର କଥା କହିଲେ ତାହା ଆଡ଼କୁ ତୀବ୍ର ଶାସନପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହନ୍ତି । ସୌଦାମିନୀ ସେହି କୃତ୍ରିମ ନୀରବ ଭର୍ତ୍ସନାରେ ନୀରବ ରହେ—କିଛି କହିବାକୁ ତାହାର ସାହସ କୁଳାଏ ନାହିଁ । ଏପରି ଜଣେ ଜଣେ ଆସନ ଲୋକ ଥାଆନ୍ତି ଯେ, ଅତି ସାହସୀ ସୁଦ୍ଧା ସେମାନଙ୍କ ସଙ୍ଗରେ ଅଧିକ କଥା କହିବାକୁ ସାହସ କରନ୍ତି ନାହିଁ । ଶେଫାଳିକା ଠିକ୍ ସେହି ଶ୍ରେଣୀୟ ।

ବର୍ଷ ପରେ ବର୍ଷ ଅତିବାହିତ ହେବାକୁ ଲାଗିଲା । ପିଲାଟି ତିନିବର୍ଷ ଅତିକ୍ରମ କରି ଚତୁର୍ଥ ବର୍ଷରେ ପଦାର୍ପଣ କଲା । ପିଲାଟିର ବୟୋବୃଦ୍ଧି ସଙ୍ଗେ ସଙ୍ଗେ ନନ୍ଦଙ୍କର ଗୋଟାଏ ବିକଟ ଆଶଙ୍କା ଉପସ୍ଥିତ ହୋଇଗଲା । ସେ ପୁତ୍ରର ଜୀବନ ସମ୍ବନ୍ଧରେ ସନ୍ଦିହାନ ଥିଲେ । ଦୈବାନୁକୂଲ୍ୟରୁ ହେଉ ବା ଶେଫାଳିକାଙ୍କର ସଯତ୍ନ ସତର୍କ ପାଳନରୁ ହେଉ, ତିନିବର୍ଷ ମଧ୍ୟରେ ଯେତେବେଳେ ଶିଶୁଟି ଗୋଟାଏ କ୍ଷୁଦ୍ର ରୋଗରେ ସୁଦ୍ଧା ଆକ୍ରାନ୍ତ ହେଲା ନାହିଁ, ସେତେବେଳେ ନନ୍ଦଙ୍କର ଆଶଙ୍କା କେଉଁ ଆଡ଼େ ଉଭେଇଗଲା । ସେ ମନେ ମନେ ଭାବିଲେ—‘ଶନିବାର, ଶନିବେଳା, ଶନିସପ୍ତା ଦଶାରେ ଜନ୍ମ, ଏହା ତ ଶୁଭଲକ୍ଷଣ ନୁହେଁ । ତେବେ କଅଣ ବୁଝିବାକୁ ହେବ ଯେ—ଅତି ଅମଙ୍ଗଳରେ ମଙ୍ଗଳ ହୁଏ । ପ୍ରଭୁ ଲୀଳାମୟ, ଅପାର ତୁମର ଲୀଳା, ବିଚିତ୍ର ତୁମର ମହିମା । ତୁମେ ବିଷ ମଧ୍ୟରେ ଅମୃତ ରଖିଅଛ, ଅମଙ୍ଗଳ ମଧ୍ୟରେ ମଙ୍ଗଳ ଭରିଅଛ । ଧନ୍ୟ ତୁମେ

ଦୟାମୟ । ନନ୍ଦେ ଏହି ଆଶଙ୍କାରେ ଅଭିଭୂତ ହୋଇ ଏତେଦିନପାଏଁ ପୁତ୍ରଟିକୁ ପିତୃସ୍ନେହରୁ ବଞ୍ଚିତ କରିଥିଲେ । ଏମନ୍ତ କି ସ୍ନେହ କରିବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ମଧ୍ୟ ହୋଇଥିଲେ ; ମାତ୍ର ସ୍ନେହ ନିକଟରେ ପ୍ରତିଜ୍ଞା ସର୍ବଦା ପରାସ୍ତ । ବାଳକର ମଧୁର ହାସ୍ୟରେ କି ସମ୍ମୋହନ ମନ୍ତ୍ରଶକ୍ତି ନିହିତ ଅଛି କେଜାଣି, ସେଥିରେ ନନ୍ଦଙ୍କର ଉଦ୍ଧତକୁମାର ପ୍ରତିଜ୍ଞା କୁଆଡ଼େ ଉଡ଼ିଗଲା । ବାଳକର ଅର୍ଦ୍ଧସ୍ଫୁଟ ସୁଧାବର୍ଷିଣୀ ବାଣୀ ଶୁଣି, ତାହାର କ୍ଷୁଦ୍ର ସୁନ୍ଦର ହସ୍ତପଦର ସକୌତୁକ ସଞ୍ଚାଳନ ଏବଂ ମଧୁର ମନୋହର ନୃତ୍ୟ ଦେଖି ସେ ଆଉ ଆପଣାକୁ ସମ୍ଭାଳି ପାରିଲେ ନାହିଁ । ତାହାଙ୍କ ହୃଦୟରୁ ପିତୃସ୍ନେହ ଅନାୟତ୍ତରେ ବାହାରି ପଡ଼ି ଶତବାହୁ ବିସ୍ତାର ପୂର୍ବକ ଶିଶୁକୁ ଆକୃଷ୍ଟ ଧରିବାକୁ ଉଦ୍ୟତ ହେଲା । ସେ ଏଣିକି ଶିଶୁପୁତ୍ରପାଇଁ ନାନା ପ୍ରକାର ଖେଳିବା ପଦାର୍ଥ, ନାନା ରଙ୍ଗର ଲୁଗା, ଜାମା, ମିଷ୍ଟାନ୍ନ, ଫଳ, ମୂଳ ପ୍ରଭୃତି ଯେଉଁଠାରେ ଯେଉଁ ଭଲ ପଦାର୍ଥ ଦେଖନ୍ତି, ତାହା କିଣିଆଣନ୍ତି । ପୁତ୍ରକୁ କୋଳରେ ଧରି ଚୁମ୍ବା ଦିଅନ୍ତି । ଚତୁରା ଶେଫାଳିକା ଏହା ଲକ୍ଷ୍ୟ କରି ମନେ ମନେ ଆନନ୍ଦିତା ହୋଇ ଭାବନ୍ତି—"ଏତେଦିନେ ପିତୃସ୍ନେହର ରୁଦ୍ଧ ପ୍ରବାହ ବନ୍ଧନମୁକ୍ତ ହେଲା । ଯାହା ଦେହରେ ଯାହାର ରକ୍ତ ଅଛି, ଦିନେ ହେଲେ ତାକୁ ସେ ଆକର୍ଷଣ କରିବ, ଏହା ପ୍ରକୃତିର ଆକର୍ଷଣ ।" ଦିନେ ଶେଫାଳିକା ହସି ହସି ସ୍ୱାମୀଙ୍କୁ କହିଲେ— "ଏତେ ଦିନେ ପୁଅ ବୋଲି ସ୍ନେହ ମମତା ହେଲା କି ?" ନନ୍ଦେ ନିଜର ପୂର୍ବ ବ୍ୟବହାର ସ୍ମରଣ କରି ଟିକିଏ ଅପ୍ରତିଭ ହେଲେ; ମାତ୍ର କିଛିକ୍ଷଣ ପରେ ସେ ଭାବ ଗୋପନପୂର୍ବକ ଗୋଟାଏ ଦୀର୍ଘ ନିଃଶ୍ୱାସରେ ପ୍ରାଣର ବେଦନା ବ୍ୟକ୍ତ କରି ସ୍ନେହସଜଳ କଣ୍ଠରେ କହିଲେ—"ମୋର ସ୍ନେହସ୍ଥାନ ହେବାର କାରଣ ତୁମ୍ଭେ ଜାଣ । ସେହି ଭାବନାରେ ମୋର ହୃଦୟ କିପରି ଭସ୍ମୀଭୂତ ହୋଇଯାଇଅଛି, ତାହା ଦେଖାଇବାର ସାଧ୍ୟ ଥିଲେ ଦେଖାଇପାରନ୍ତି ।"

ଶେଫାଳିକା—ତୁମେ କିଛି ଅମଙ୍ଗଳ ଆଶଙ୍କା କର ନାହିଁ, ଯେ ଜନ୍ମଦାତା, ସେହି ରକ୍ଷାକର୍ତ୍ତା । ତୁମେ ଅନନ୍ତ ମଙ୍ଗଳମୟଙ୍କ ସନ୍ତାନ । ଅମଙ୍ଗଳ, ଅମଙ୍ଗଳ ତୁମର କଅଣ କରିପାରିବ ? ଗୋଟାଏ ବ୍ୟର୍ଥ ଆଶଙ୍କା ପୋଷଣ କରି ସନ୍ତାନକୁ ସ୍ନେହରୁ ବଞ୍ଚିତ କରିବା ପିତାର କର୍ତ୍ତବ୍ୟ ନୁହେଁ—ତାହା ଦୁର୍ବଳତା ।

ନନ୍ଦେ—ତୁମପରି ସ୍ନେହ ମୁଁ କରିପାରିବି ନାହିଁ, ତାହା ମୋର ଶକ୍ତିର ଅତୀତ । ଆଉ ତୁମର ଅଗାଧ ସ୍ନେହ-ସମୁଦ୍ରରେ ସେ ବୁଡ଼ିଛି, ଅନ୍ୟର ସ୍ନେହ ତାହାର କି ଲୋଡ଼ା ?

ଶେଫାଳିକା—ସନ୍ତାନର ଜୀବନ ଗଠନ ପକ୍ଷରେ ପିତାମାତା ଉଭୟର ସ୍ନେହ ଲୋଡ଼ା । କ୍ଷୁଦ୍ର ଗଛଟିକୁ ବଢ଼ାଇବାକୁ ହେଲେ ଜଳ ସେଚନ ଏବଂ ସାର ପ୍ରୟୋଗ ଉଭୟ ଆବଶ୍ୟକ । ଏମନ୍ତ କି ଗୋଟିକର ଅଭାବରେ ଅପରଟି ପଙ୍ଗୁ । ଏକ ପକ୍ଷର ସ୍ନେହ ସେହିପରି ପଙ୍ଗୁ ହୋଇଯାଏ ।

ନନ୍ଦେ—ଆଉ ତୁମପରି ଗୁଣବତୀ ବୁଦ୍ଧିମତୀ, ସାଧ୍ୱୀ ସହଧର୍ମିଣୀଦ୍ୱାରା ଯାହାର ଗୃହ ଅଳଙ୍କୃତ ନୁହେଁ, ସେ ବି ପଙ୍ଗୁ ହୋଇଯାଏ ।

ବୋମ୍ବାଇ ଅଞ୍ଚଳରେ ଗୋଟିଏ ଜ୍ୟୋତିର୍ବେଦ ସମାଜ ଅଛି । ଭାରତର ପ୍ରାଚୀନ ଏବଂ ଆଧୁନିକ ଜ୍ୟୋତିଷଗ୍ରନ୍ଥ ସଂଗ୍ରହ କରି ପ୍ରକାଶ କରିବା ସମାଜର ଉଦ୍ଦେଶ୍ୟ । ବଡ଼ ବଡ଼ ଜ୍ୟୋତିର୍ବିଦ ପଣ୍ଡିତମାନେ ସମାଜର ସଭ୍ୟ । ସିଦ୍ଧାନ୍ତୀ ଭାସ୍କରସ୍ୱାମୀ ସମାଜର ଅଧିନାୟକ । ସିଦ୍ଧାନ୍ତୀ ମହାଶୟ ଜଣେ ଏମ୍. ଏ. ଉପାଧିଧାରୀ ପ୍ରଧାନ ବୈଜ୍ଞାନିକ । ଜ୍ୟୋତିଃଶାସ୍ତ୍ରରେ ମଧ୍ୟ ତାଙ୍କର ଅସାଧାରଣ ଜ୍ଞାନ ଅଛି । ସେ କୋଷ୍ଠୀ ନ ପଢ଼ି କେବଳ କୋଷ୍ଠୀଖଣ୍ଡି ହାତରେ ଧରି କଥାସବୁ କହିଦେଇ ପାରନ୍ତି । ଜଣେ ରାଜା ତାଙ୍କୁ ପରୀକ୍ଷା କରିବା ସକାଶେ ଗୋଟିଏ ବ୍ରାହ୍ମଣ ବାଳକ ହସ୍ତରେ ରାଜକୁମାରଙ୍କ କୋଷ୍ଠୀ ଦେଇ ତାଙ୍କ ପାଖକୁ ପଠାଇଥିଲେ । ସିଦ୍ଧାନ୍ତୀ ମହାଶୟ କୋଷ୍ଠୀର ଗ୍ରହସ୍ଥାନ ଦେଖି କୋଷ୍ଠୀଖଣ୍ଡ ଫେରାଇ ଦେଇ କହିଲେ—"ଏ କୋଷ୍ଠୀ ଜଣେ ଦରିଦ୍ର ବ୍ରାହ୍ମଣ ବାଳକର ନୁହେଁ, ଏହା କୌଣସି ରାଜ୍ୟଧାରୀ ରାଜକୁମାରଙ୍କ କୋଷ୍ଠୀ ।" ରାଜା ସନ୍ତୁଷ୍ଟ ହୋଇ ତାଙ୍କୁ ବିସ୍ତୃତ ଭୂସମ୍ପତ୍ତି ପୁରସ୍କାର ଦେଇଥିଲେ । ଏହିପରି

ଅନେକ କଥା ତାଙ୍କ ସମ୍ବନ୍ଧରେ ଶୁଣାଯାଏ । ସିଦ୍ଧାନ୍ତୀ ମହାଶୟ ମୋଫସଲର ଗ୍ରାମେ ଗ୍ରାମେ ବୁଲି ଜ୍ୟୋତିର୍ଗ୍ରନ୍ଥ ସଂଗ୍ରହ କରନ୍ତି । ଥରେ ସେ ପ୍ରତାପପୁର ଗ୍ରାମରେ ଆସି ଉପସ୍ଥିତ ହେଲେ । କର, କୋଷ୍ଠୀ ଗଣାଇବା ସକାଶେ ଅନେକ ଲୋକ ଆସି ତାଙ୍କ ପାଖରେ ଜୁଟି ହେଲେ । ଗଣକ ଯଥାଯଥ ଫଳ କହି ସେମାନଙ୍କୁ ପରିତୃପ୍ତ କଲେ । ନନ୍ଦଙ୍କ ଶିଶୁ ପୁତ୍ରଟିର ହସ୍ତ ଦେଖି ସସ୍ମିତ ମୁଖରେ କହିଲେ,"ଏ ବାଳକଟି ରାଜା ହେବ । ବସ୍ତୁ ଜଗତର ରାଜା ନୁହେଁ, ବୈରାଗ୍ୟ ଜଗତର ରାଜା । କାମନାରେ ଏହାର ମନ କଳୁଷିତ ହେବ ନାହିଁ । ଏ ନିଜେ ଉଦ୍ଧାର ହେବ, ଆଉ ବଂଶକୁ ଉଦ୍ଧାର କରିବ । ବାଳକଟି ଖୁବ୍ ଲକ୍ଷଣବନ୍ତ, ଏ ଦୀର୍ଘଜୀବୀ ହୋଇ ଧର୍ମରାଜ୍ୟରେ ଅକ୍ଷୟ କୀର୍ତ୍ତି ସ୍ଥାପନ କରିବ ।" ଏହା ଶୁଣି ପିତାମାତାଙ୍କର ଆହ୍ଲାଦର ସୀମା ରହିଲା ନାହିଁ । ସନ୍ତାନର ଭବିଷ୍ୟତ୍ ଶୁଭାଦୃଷ୍ଟର ମଙ୍ଗଳବାର୍ତ୍ତା ଶୁଣି କେଉଁ ପିତାମାତାର ହୃଦୟ ଉଲ୍ଲସିତ ନ ହୁଏ ? ତାହା ମିଥ୍ୟା ବା ଅମୂଳକ ହେଲେ ମଧ୍ୟ ବଡ ଉପାଦେୟ । ଯେଉଁ ପୁତ୍ର ବଂଶୋଦ୍ଧାର କରିବ, ସେମାନେ ତାହାର ଜନକଜନନୀ, ଏହାଠାରୁ ବଳି ଗୌରବର କଥା କଅଣ ଅଛି ? ଶେଫାଳିକା ଆଉ କଅଣ ଚାହାନ୍ତି ? ପୁଅ ଉପାର୍ଜନ କରିବ, ସେ ଗୋଡ଼ ଉପରେ ଗୋଡ଼ ପକାଇ ଖାଇପିଇ ଯାହା ଦେଖି ମଉଜ କରିବେ, ଏହା ତ ତାଙ୍କର ଲକ୍ଷ୍ୟ ନୁହେଁ । ସେ ଚାହାନ୍ତି—ଶ୍ୱଶୁରର ବଂଶରକ୍ଷା ଏବଂ ନିଜର ପାରଲୌକିକ ଜଳପିଣ୍ଡ । ପୁଅ ଦୀର୍ଘଜୀବୀ ହୋଇ ଧର୍ମ ଜଗତର ରାଜା ହେବ ପୁଣି ବଂଶୋଦ୍ଧାର କରିବ, ଏହା ତ ତାଙ୍କ ଇଚ୍ଛାର ପ୍ରତିଧ୍ୱନି ମାତ୍ର । ରୋଗୀର ମନୋମତ ପଥ୍ୟ ବୈଦ୍ୟ ବ୍ୟବସ୍ଥା କଲେ ରୋଗୀର ଯେ ଆନନ୍ଦ, ତାହା ଭୁକ୍ତଭୋଗୀ ବିନା କିଏ ବୁଝିବ ? ତୁଳସୀ ଦୁଇ ପତ୍ରରୁ ବାସେ, ପିଲାଟିର ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏହା ତାହାର ବାଲ୍ୟକାଳର କ୍ରିୟା କଳାପରୁ ଜଣା ଯାଉଥିଲା । ସେ ଯେଉଁପରି ଶାନ୍ତ ସେହିପରି ସୁବୋଧ । ବାଲ୍ୟସୁଲଭ ଚପଳତା ବା ଅବାଧ୍ୟତା ତାଙ୍କୁ ସ୍ପର୍ଶ କରି ନ ଥିଲା । ତାହାର ବାଲ୍ୟଖେଳ ଦେବାରାଧନା । ଧୂଳିରେ ଘରତୋଳି ତାହା ମଧ୍ୟରେ ଦୁଇଟି କଣ୍ଢାଇ ରାଧାକୃଷ୍ଣ ରୂପରେ ବସାଇ ପୂଜା କରେ । ଫୁଲ ତୋଳି ଆଣି କଣ୍ଢାଇ ଦୁଇଟିକୁ ସଜାଏ । ଧୂଳିରେ ଅନ୍ନ ବ୍ୟଞ୍ଜନ ପିଷ୍ଟକାଦି ପ୍ରସ୍ତୁତ କରି ଭୋଗ ଲଗାଏ, ଆଳତି କରେ ହାତ ତାଳିମାରି ନାଚେ । ପିତାମାତା ଶିଶୁର ପୂଜାର ଆଡମ୍ବର ଦେଖି ସ୍ୱର୍ଗୀୟ ଆନନ୍ଦ ଅନୁଭବ କରନ୍ତି । ବାସ୍ତବରେ ଅନାବିଳ ପ୍ରେମଭକ୍ତିର ପବିତ୍ରଧାରା ଶିଶୁ ପ୍ରାଣରେହିଁ ସୁଲଭ । ଭଗବତ୍ ମାହାତ୍ମ୍ୟ ସେ ଯେପରି ବୁଝେ, ଅନେକ ଜ୍ଞାନୀ ଭକ୍ତ ସେପରି ବୁଝନ୍ତି ନାହିଁ । ଶିଶୁ ଧ୍ରୁବ ପ୍ରାଣରେ ଭଗବତ୍ ପ୍ରାପ୍ତିର ଯେପରି ବ୍ୟାକୁଳତା ଜନ୍ମିଥିଲା, ସେପରି ବ୍ୟାକୁଳତା କେତେଜଣ ତପସ୍ୱୀଙ୍କ ପ୍ରାଣରେ ଫୁଟିଥିଲା । ସାରଲ୍ୟ ଯେଉଁଠାରେ, ଭଗବାନ ସେହିଠାରେ ଅଧିଷ୍ଠାନ କରନ୍ତି । ଶିଶୁମାନଙ୍କର ସ୍ୱଭାବ ସରଳ, ଭାଷା ସରଳ, ହୃଦୟ ସରଳ; ସୁତରାଂ ଭଗବାନ ସେହିମାନଙ୍କର !

ପିଲାଟି ପଞ୍ଚମ ବର୍ଷରେ ପଦାର୍ପଣ କଲା । ସେ ଶେଫାଳିକାଙ୍କୁ ବଡମା ଏବଂ ସୌଦାମିନୀଙ୍କୁ ସାନମା ବୋଲି ଡାକେ । ବଡମାଙ୍କୁ ସେ ଦଣ୍ଡେ ଛାଡ଼େ ନାହିଁ । ତାହାର ଅଳି ଅଝଟ ସବୁ ବଡ଼ମା ପାଖରେ । ସୌଦାମିନୀ କାଖ ନ କଲେ ସେ ବଡ଼ମା ପାଖରେ ଆସି ନାଲିସ କରେ । ସୌଦାମିନୀ ମଧ୍ୟ ପୁଅର ଦୁଷ୍ଟାମି ସମ୍ବନ୍ଧରେ ଶେଫାଳିକାଙ୍କ ନିକଟରେ ଗୁହାରି କରେ । ବାଳକର ମାତା ଏବଂ ଶିଶୁପୁତ୍ରର ଏ ଅଭିନୟ ଦେଖି ଶେଫାଳିକା ଆମୋଦ ଅନୁଭବ କରନ୍ତି ଏବଂ ହସି ହସି ବିଚାରରେ ପ୍ରବୃତ୍ତ ହୁଅନ୍ତି । ସ୍ନେହର ଜୟ ସର୍ବତ୍ର; ସୁତରାଂ ବିଚାରକର୍ତ୍ତ୍ରୀ ଶିଶୁଟିକୁ ଜୟଶ୍ରୀରେ ମଣ୍ଡିତ କରନ୍ତି । ସୌଦାମିନୀ ପରାଜିତ ହୋଇ କୃତ୍ରିମ କ୍ରୋଧ ପ୍ରକାଶପୂର୍ବକ ବିଚାର ସ୍ଥାନ ପରିତ୍ୟାଗ କରି ଚାଲିଯାଏ । ସେ ଅଭିଯୋଗ ଯେଉଁପରି ମଧୁର, ସେ ବିଚାର ସେହିପରି ମଧୁର ଏବଂ ବାଳକ ଜନନୀର ଆନନ୍ଦବୋଳା ଛଦ୍ମରୋଷ ତତୋଽଧିକ ମଧୁର । ଶେଫାଳିକାଙ୍କ ଗୃହରେ ଏବଂ ଅନ୍ତଃକରଣରେ ଏହିପରି ସ୍ନେହ, ପ୍ରେମ, ଆନନ୍ଦ, ଉଲ୍ଲାସର ମଧୁମୟ ପବିତ୍ର ଅଭିନୟ ସବୁବେଳେ ଲାଗିଥାଏ । ଯେଉଁ ଘରେ ଏହିପରି ପୁଣ୍ୟାଭିନୟ ସୁଲଭ ସେ ଘର ବାସ୍ତବରେ ଉତ୍ସବର ସ୍ୱର୍ଗ ।

ପିଲ୍ଟିର ବିଦ୍ୟାରମ୍ଭ କାଳ ଉପସ୍ଥିତ ହେଲା । ପିତାମାତା ପରାମର୍ଶ କରି ଶୁଭଦିନରେ ବାଳକକୁ ପାଠଶାଳାକୁ ପଠାଇବାର ସ୍ଥିର କଲେ । ଶୁଭଦିନ ଧାର୍ଯ୍ୟ ହେଲା; ମାତ୍ର ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଗୋଟାଏ ଆକସ୍ମିକ ଘଟଣା ସେମାନଙ୍କର ସେହି ସଂକଳ୍ପକୁ ବିପର୍ଯ୍ୟସ୍ତ କରିଦେଲା । ଦିନେ ପିତେଇ ପୋଖରୀରୁ ପାଣି ଗରାଏ ନେଇ ଆସୁଥିଲା । ସଙ୍ଗରେ କେହି ଶ୍ରୋତା ନ ଥିଲେ ସୁଦ୍ଧା ସେ ସ୍ଥାନ ପ୍ରତ୍ୟାବୃତ୍ତ ବିଶୁ ସୁବୋଧିତଙ୍କ ସ୍ମୃତି ଆବୃତ୍ତି ପରି କଅଣ ସବୁଟାଏ ବର୍ ବର୍ ହେଉଥାଏ । ସେ କାଖରୁ ପାଣି ଗରାଟା ଓହ୍ଲାଇ ପିଣ୍ଡାରେ ଧୁମ୍ କରି ରଖିଦେଇ କହିଲା—"ଏ କି ମାଡ଼ ଲୋ ମାଆଣି, ଜୁହାର ସେ ପାଠକୁ । ପିଲା, ପାଠ ନ ପଢୁ ପଛେ, ବଞ୍ଚିଥିଲେ ପର କଅଁରରେ ଲାଗି ଖାଇବ । ଅଲାଇଲିଆ ପିଲାଟାକୁ ପିଟିଛି ଯେ, ପିଠିରେ ଦି ଦି ଆଙ୍ଗୁଳି ଓସାରରେ ଦୁଲା ବସିଯାଇ ଫାଟି ଯାଇଛି । ସେଥିରୁ ଧାର ଧାର ହୋଇ ଲହୁ ଗଡ଼ି ପଡ଼ୁଛି । ଆହା, ପିଲାଟାର ପ୍ରାଣ କି କଲବଲ ହେଉ ନ ଥିବ ? ସ୍ୱତ ଅସୁରଟା ଦେହରେ କି ଟିକିଏ ହେଲେ ଦୟା ମାୟା ନାହିଁ ?" ଶେଫାଳିକା ଏ କଥାରୁ କିଛି ବୁଝି ନ ପାରି ପଚାରିଲେ—"କଅଣ ଲୋ ପିତେଇ, କିଏ କାହାକୁ ମାରିଲା ?" ପିତେଇ କହିଲା—"କଅଣ କହିବ ମା ଠାକୁରାଣି, ସେ କଥା ମନରେ ପଡ଼ିବା-ବେଳକୁ ମୋର ଦେହ ଭିତରଟା ଥରିଉଠି ରୋମ ଟାଙ୍କୁରି ଉଠୁଛି । ଓଃ, କି ମାଡ଼, ମାଡ଼ ପରି ମାଡ଼ ନା—'ଲୁଚକ' ମାଡ଼ । ପିଠି ସିଝି ଯାଇ ମାଂସ ଫାଟି ଯାଇଛି ।" ଶେଫାଳିକାଙ୍କ ପାଖରେ ସୌଦାମିନୀ ଠିଆ ହୋଇଥିଲା । ସେ ପିତେଇକୁ ଆଉ କହିବାକୁ ଅବସର ନ ଦେଇ ଈଷତ୍ କ୍ରୁଦ୍ଧସ୍ୱରରେ କହିଲା—"କଥା କଅଣ କହୁ ଭଲ୍ । ତେର ବନ୍ଦନା ଗାଇଲୁଣି, ଏବେ ମୂଳ ପାଲି ଗୀତ ଗାଇ ଯା । କିଏ କାହାକୁ ମାରିଲା, ଆଗେ ସେ କଥା କହୁ ।"

ପିତେଇ—ଆଉ ଫେର୍ କିଏ, ସେହି ପୋଡ଼ାମୁହାଁ ଘୁଷୁରି ଦାନ୍ତୁଆ ଅବଧାନଟା । ରଥଘର ପୁଅ ରଘୁଆକୁ କଅଣ ନଆଁ ଦରିପୋଡ଼ା ପାଠ ଆସିଲା ନାହିଁ ବୋଲି ଯାଉଁଳି ବେତରେ ପିଟିଛି ଯେ, ଦେଖିଲେ କାନ୍ଦ ମାଡ଼ିବ । ପିଲାଟା ବାନ୍ଧି କାନ୍ଦି ଗଡ଼ିଯାଉଛି, ମଣିଷ ଆଠପଠାଙ୍ଗ ଲାଗୁଛନ୍ତି । କହୁଲେ ତୁମେ ପରତେ ଯିବ ନାହିଁ ସାନବୋହୂ । ଏତେ ମଣିଷ ଜମିଛନ୍ତି ଯେ, ସୋରିଷ ମୁଠାଏ ଛାଟିଦେଲେ ଗୋଟାଏ ବି ତଳେ ପଡ଼ିବ ନାହିଁ । ମୁଁ ତ କହୁଛି ଲକ୍ଷେ ଲୋକରୁ ଊଣା ହେବ ନାହିଁ ।

ସୌଦାମିନୀ—ଅବଧାନ ତ ପିଲାକୁ ମାରିଲା, ଆଉ ତୁ କାହିଁକି ମାରିଲା ପିଟିଲା ପରି ଧଇଁସଇଁ ହୋଇ ଧାଉଁଥିଲୁ ? ଅବଧାନ ତୋତେ ଧରିନେଇ ପାଠ ପଢ଼ାଇବ ବୋଲି ତୋ ପଛରେ ବେତ ଧରି ଗୋଡ଼ାଇ ଥିଲା କି ?

ପିତେଇ—ହିଁ, ସେହି ଧୁମ୍‌ସା ଭୂତଟା ମୋତେ ପାଠ ପଢ଼ାଇବ । ମୁଁ ମନ କଲେ ତାହାର ଚୌଦ-ପୁରୁଷକୁ ପଢ଼ାଇପାରେଁ । କୁଟୀଠା ଅବଧାନ ନା ଯମଦୂତ ।

ସୌଦାମିନୀ—ସେ ଯା ହେଉ, ଆଗ କହନ୍, ତୁ ଯେ ଲକ୍ଷେ ଲୋକ ଜମିଛନ୍ତି ବୋଲି କହିଲୁ କେତେ ହେଲେ ଲକ୍ଷେ ହୁଏ ଜାଣୁନା ?

ପିତେଇ—ଓଃ, ତା ଆଉ ଜାଣେ ନାହିଁ ? ଆମ ଗାଁ ଯାକର ଲୋକ କଅଣ ଲକ୍ଷେ ହେବ ନାହିଁ ? ପିତେଇ ଗଉଡୁଣୀ କଅଣ ଏତିକି ବି ଜାଣେ ନାହିଁ ? ଥାଉ, ମୋ କପାଳ ପୋଡ଼ିଗଲା ବୋଲି ବୁଦ୍ଧି ବି ପୋଡ଼ିଗଲା । ପିତେଇ ଗ୍ରନ୍ଥକୁ ହିସାବରେ ଜିଣିଯିବ, ଇମିତି ପାଠୁଆ ଏତଲାଠରେ କେହି ନାହିଁ । ନାଗୁଆ ବୁଧ କଉଡ଼ି ହିସାବ କରିବାବେଳେ ମୋ ଶଶୁର କହନ୍ତି,—"ମାହାକୁଡ଼ ଝିଅ, ତୁ ହିସାବ କରି ପଇସା ଗଣିନେ ମା, ମୁଁ ସେ ଅଡୁଆ ବୁଝିପାରିବ ନାହିଁ ।" ମୁଁ ଠିକ୍ ହିସାବ କରିଦିଏଁ ଯେ, କଡ଼େ କଉଡ଼ି ବି ଭୁଲ ହୁଏ ନାହିଁ ।

ସୌଦାମିନୀ—ହିଁ, ତୁ ବୁଦ୍ଧିରେ ମର୍ଦ୍ଦଙ୍କ କାନ କାଟି ଦେଇପାରୁ—ସବୁ କରିପାରୁ, ସେ ଯା ହେଉ କେତେ ହେଲେ ଲକ୍ଷେ ହୁଏ, ଏହା ଆଗେ କହ ।

ପିତେଇ—କଣଦୋଷ କି ବାରଦୋଷ ହୋଇ-ଥିବ, ଅଉ କେତେ ? ହାତୀ ନା ଘୋଡ଼ା ।

ସୌଦାମିନୀ ହୋ ହୋ କରି ହସିଉଠିଲେ; ମାତ୍ର ଶେଫାଳିକା ସେ ହାସ୍ୟରେ ଯୋଗ ଦେଲେ ନାହିଁ । ତାଙ୍କର ମନ ଭିନ୍ନ ଚିନ୍ତାରେ ନିମଗ୍ନ ଥିଲା । ପିତେଇର କଥା ଶୁଣି ସେ ମନେ ମନେ ଭାବୁଥିଲେ – "ସତେ ତ ଅବଧାନସ୍ୱଭାବ ବଡ଼ ନିର୍ଘାତେ ମାଡ଼ ମାରନ୍ତି । ପାଠଶାଳାରେ ପଢ଼ିଲେ ମୋ ବାୟାକୁ ତ ଏହିପରି ମାରିବ । ନା ନା, ମୁଁ ତାକୁ କେବେହେଁ ପାଠଶାଳାକୁ ପଠାଇବି ନାହିଁ । ମୁଁ ତାକୁ ଫଳାଫଳ ଶିଖାଏଁ, ଆଉ ଦୁଇବର୍ଷ ଯାଉ ପାଠଶାଳାକୁ ଯିବା ତ ଯିବ । ଅଣ୍ଡାଖଣ୍ଡିକ, ଉଠୁଣି ଏତେ ତରତର କାହିଁକି ?" ଶେଫାଳିକା ଏହିପରି ଭାବି ପୁତ୍ରର ପ୍ରାଥମିକ ଶିକ୍ଷାର ଭାର ସ୍ୱୟଂ ଗ୍ରହଣ କଲେ । ନନ୍ଦଙ୍କର ମଧ୍ୟ ଏହି ପ୍ରସ୍ତାବ ମନୋମତ ହେଲା ।

ପାଠ ବଡ଼ ଗରିଷ୍ଠ ପଦାର୍ଥ, ଶିଶୁର କୋମଳ ପାକସ୍ଥଳୀରେ ତାହା ଜୀର୍ଣ୍ଣ ହୁଏ ନାହିଁ । ଶିଶୁ ମୁଣ୍ଡରେ ପାଠର ଆସ୍ୱାଦ ଆମ୍ବ ପଣସ ବା ଖଜା ମିଠେଇ ପରି ମଧୁର ଲାଗେ ନାହିଁ । ତହିଁ ଉପରେ ଉପଯମରୂପୀ ଗୁରୁଦେବଙ୍କ ବେତାଘାତର ସ୍ୱାଦୁ ଆହୁରି କଟୁ, ଆହୁରି ଅସହ୍ୟ । ତିକ୍ତ ଔଷଧ ପରି ବାଳକମାନେ ବିଦ୍ୟାକୁ ବଡ଼ ବିସ୍ୱାଦ ମଣନ୍ତି; ମାତ୍ର ଶିଶୁପ୍ରାଣର କଥା ସ୍ୱତନ୍ତ୍ର । ସେ ମା ପାଖରେ ପାଠ ପଢ଼ିବାକୁ ଖୁବ୍ ସୁଖ ପାଏ ଏବଂ ଆନନ୍ଦ ମଧ୍ୟ ଅନୁଭବ କରେ । ପ୍ରଥମତଃ ମାତାଠାରୁ ମାତୃଭାଷା ଶିକ୍ଷା କରିବା ଉଚିତ । ମାତୃଦତ୍ତ ଶିକ୍ଷାର ମୂଳ ଭିତ୍ତି ଦୃଢ଼ ଏବଂ ଅଟଳ ହୁଏ । "ମା" ଏହି ମଧୁମୟ ଅକ୍ଷରଟିର କି ଅଦ୍ଭୁତ ମହିମା ? ବାଳକ ଅନ୍ୟଠାରୁ ପ୍ରାପ୍ତଶିକ୍ଷା ବାରମ୍ବାର ଭୁଲିଯାଏ; ମାତ୍ର ମାତୃଦତ୍ତ ଶିକ୍ଷା ସହଜରେ ଭୁଲେ ନାହିଁ । ସେ ମାଠାରୁ ଯାହା ଶୁଣେ ତାହାର କୋମଳ ହୃଦୟରେ ତାହା ଦୃଢ଼ ଭାବରେ ଅଙ୍କିତ ହୋଇଯାଏ । ଗୁରୁଦତ୍ତ ଶିକ୍ଷା ମୂଳରେ କଠୋରତା ଏବଂ ମାତୃଦତ୍ତଶିକ୍ଷା ମୂଳରେ ସ୍ନେହ ବିଦ୍ୟମାନ । କଠୋରତା ଅପେକ୍ଷା ସ୍ନେହର ମୂଲ୍ୟ ଅଧିକ । ଯାହା କଠୋରତାର ଅସାଧ୍ୟ, ତାହା ସ୍ନେହ ବା କୋମଳତାର ସୁସାଧ୍ୟ । ମାର୍ ପିଟ ପ୍ରଦର୍ଶନରେ ଅଧିକ ଫଳ ହୁଏ, ଏହା ସୁଶିକ୍ଷକ ମାନେ ସ୍ୱୀକାର କରିବେ । କଠୋରତାଦ୍ୱାରା ଯଦି କିଛି ଫଳଲାଭ ହୁଏ, ତେବେ ତାହା ଜଳ ଉପରେ ରେଖାଙ୍କନ ଭଳି ସ୍ଥାୟୀ ହୁଏ ନାହିଁ । ମାରି ପିଟି ଯେଉଁ ଶିକ୍ଷା ଦିଆଯାଏ, ବାଳକ ତାହା ଶୀଘ୍ର ଭୁଲିଯାଏ; ମାତ୍ର ବୁଝାଇ ଶୁଝାଇ ଯେଉଁ ଶିକ୍ଷା ବାଳକର ହୃଦୟଙ୍ଗମ କରାଯାଏ, ଦର୍ପଣରେ ପ୍ରତିବିମ୍ବ ଭଳି ଚିରକାଳ ତାହା ହୃଦୟରେ ତାହା ଫୁଟୁଥାଏ । ମାତୃନାମ ଯେପରି ମଧୁର, ମାତୃସ୍ନେହ ସେହିପରି ମଧୁର ଏବଂ ମାତୃଦତ୍ତ ଶିକ୍ଷା ସେହିପରି ମଧୁର । ମାତାଠାରୁ ଯେଉଁ ଭାଷା ଶିକ୍ଷା କରାଯାଏ, ତାହାର ନାମ ମାତୃଭାଷା । ସାଧାରଣତଃ ମାତାଠାରୁ ସନ୍ତାନ ଯେତେ ଶିକ୍ଷା କରେ, ସଂସାରରେ ଆଉ କାହାଠାରୁ ସେତେ କରେ ନାହିଁ । ବାଳକ ସ୍ୱଭାବତଃ ଅନୁକରଣପ୍ରିୟ, ସେ ମାର କାର୍ଯ୍ୟକଳାପ ଏବଂ କଥାବାର୍ତ୍ତା ସର୍ବାପେକ୍ଷା ଅଧିକ ଅନୁକରଣ କରେ । ସେହି-ଅନୁକରଣରେ ତାହାର ଆନନ୍ଦ ଏବଂ ତୃପ୍ତି ସ୍ୱାଭାବିକ ।

# ଦଶମ ପରିଚ୍ଛେଦ

ବାଳକର ବିଦ୍ୟାରମ୍ଭ ହେଲା । ପିଣ୍ଡାର ଏକାଂଶରେ ବାଲିମାଟି ଘଷି ଲେଖିବାର ଜାଗା ପ୍ରସ୍ତୁତ କରାଗଲା । ଶେଫାଳିକା ଶିଶୁର ହାତ ଧରି ନୂଆ ଖଡ଼ିରେ ମଙ୍ଗଳସୂଚକ, "ସିଦ୍ଧିରସ୍ତୁ" ଲେଖିଦେଲେ । ଶିଶୁଟି ସିଦ୍ଧିରସ୍ତୁ ଉଚ୍ଚାରଣ କରି ବିଦ୍ୟାଦେବୀ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଭୂମିରେ ପ୍ରଣାମ କଲା । ଏ ଅନ୍ତେ ପାଠାରମ୍ଭ । ଶେଫାଳିକା ଗୋଟାଏ ମୁଣ୍ଡୁଳା କାଟିଦେଲେ । ବାଳକଟି ଖଡ଼ିରେ ତାହା ଉପରେ ମଡ଼ାଇବାକୁ ଲାଗିଲା । ଓଡ଼ିଆ ଅକ୍ଷରର ଆକୃତି ଗୋଲ, ପ୍ରଥମତଃ ମୁଣ୍ଡୁଳା କଟାରେ ଅଭ୍ୟସ୍ତ ହେଲେ ଅକ୍ଷର ଲେଖିବା ବେଳେ ସହଜରେ ହାତ ବୁଲେ । ଏହି ହେତୁ ଏ ଦେଶରେ ପ୍ରଥମ ବିଦ୍ୟାର୍ଥୀର ମୁଣ୍ଡୁଳା କାଟିବାର ଧାରା ବହୁଦିନ କାଳରୁ ଚଳିଆସୁଅଛି । ମୁଣ୍ଡୁଳା ମଡ଼ାଇବା ବେଳେ ଶିଶୁର ଅଧିକ ମନୋଯୋଗ ଆକର୍ଷଣ ଉଦ୍ଦେଶ୍ୟରେ ଶେଫାଳିକା ସ୍ନେହ-ଶୀତଳ କଣ୍ଠରେ କହନ୍ତି— "ବାବୁ ଆମର ଡାଲି ଘୁଣ୍ଟୁଛି । " ସ୍ନେହାଧିକ୍ୟ ବଶତଃ ଶେଫାଳିକା ପୁଅକୁ କେବେ ବାବୁ, କେବେ ବାପୁ, କେବେ ଧନ ଏହିପରି କେତେବେଳେ କଅଣ ଡାକି ପକାନ୍ତି ସେଥିର ସ୍ଥିରତା ନାହିଁ । ଶିଶୁ ଡାଲି ଘୁଣ୍ଟା କଥା ଶୁଣି ମା ମୁହଁକୁ ଚାହିଁ ଦେଇ ଫିକ୍ କରି ହସିଉଠି ସୁଧାବମଧୁର ସ୍ୱରରେ କହେ—"ଡାଲି ଘୁଣ୍ଟମି ।" ଅନନ୍ତର ଦ୍ୱିଗୁଣ ଉତ୍ସାହରେ ଏବଂ ମହା ଆମୋଦରେ ମୁଣ୍ଡୁଳା କାଟିବାରେ ନିଯୁକ୍ତ ହୁଏ; ଏହିପରି ମୁଣ୍ଡୁଳା କଟାରେ କେତେ ଦିନ ଅତିବାହିତ ହେଲା । ତହିଁ ପରେ ସ୍ୱର, ବ୍ୟଞ୍ଜନ ଶିକ୍ଷା ଧୀର ଗତିରେ ଚାଲିଲା । ବର୍ଣ୍ଣଶିକ୍ଷା ଶେଷ ହେବାକୁ ପ୍ରାୟ ବର୍ଷେ କାଳ ଲାଗିଲା । ତେଣିକି ବନାନ ଶିକ୍ଷା ଆରମ୍ଭ ହେଲା । ସେ କାଳରେ ବଡ଼ ସୁନ୍ଦର କୌଶଳରେ ବନାନ ଶିକ୍ଷା ଦିଆ ଯାଉଥିଲା । ନିତ୍ୟ ଦ୍ରଷ୍ଟବ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ନାମ ସଂଯୁକ୍ତ ଥିବାରୁ ପିଲାମାନେ ବନାନ ଶିକ୍ଷାରେ ଆମୋଦ ଅନୁଭବ କରୁଥିଲେ ଏବଂ ସହଜରେ ବନାନ ମନେ ରଖି ପାରୁଥିଲେ । ଆକାରକୁ ବାଡ଼ି, ହ୍ରସ୍ୱ ଇକାରକୁ ଶିଙ୍ଗ, ଦୀର୍ଘ ଈକାରକୁ ଅଙ୍କୁଶୀ, ହ୍ରସ୍ୱ ଉକାରକୁ ଗୁଡ଼ିଅଙ୍କ, ଦୀର୍ଘ ଊକାରକୁ କ ପୁଞ୍ଛିଆ, ଏକାରକୁ ଓଡ଼ା, ଐକାରକୁ ଓଡ଼ାଗଣ୍ଠେଣୀ, ଓକାରକୁ ଓଡ଼ାବାଡ଼ି ଏବଂ ଔକାରକୁ ଦାଢ଼ି ବାନ୍ଧିଆ କହୁଥିଲେ । ଯ ଫଳାକୁ ଆଠପଣ, ମ ଫଳାକୁ କାନମୋଡ଼ି, ରେଫ୍‌କୁ ଆଠଅଙ୍କ, ଏହିପରି ଅନ୍ୟାନ୍ୟ ଯୁକ୍ତ ବର୍ଣ୍ଣର ସ୍ୱତନ୍ତ୍ର ନାମ ଅଛି । ସୁକୁମାରମତି ବାଳକମାନଙ୍କର ମନେ ରଖିବା ଭଳି ଏଡ଼େ ସହଜ କୌଶଳ ଯେ ସୃଷ୍ଟି କରିଥିଲେ, ବାସ୍ତବରେ ସେ ଜଣେ ଆଦର୍ଶ ଗୁରୁ ଏବଂ ଅସୀମ ବୁଦ୍ଧିମାନ୍, ଏହା ଅତ୍ୟୁକ୍ତି ନୁହେଁ । ତାଙ୍କର ମର୍ମସ୍ପର୍ଶୀ ଚିନ୍ତା ଅତଳ ଗଭୀର ପ୍ରଦେଶକୁ ପ୍ରବେଶ କରିପାରୁଥିଲା । ଅନ୍ୟ କୌଣସି ଭାଷାରେ ଏରୂପ ସହଜ ସୁନ୍ଦରଧାରା କେହି ଆବିଷ୍କାର କରିଥିବାର ପ୍ରମାଣ ପ୍ରାୟଶଃ ମିଳେ ନାହିଁ ।

ପିଲାଟି ବନାନ ଶେଷ କରି ନାନା ପ୍ରକାର ବୃକ୍ଷ, ଲତା, ଫୁଲ, ଫଳ, ପଶୁ, ପକ୍ଷୀ, ପ୍ରଭୃତିର ନାମ ଲେଖି ଶିଖିଲା । ତହିଁ ଉତ୍ତାରୁ ପୋଥି ଧରି ଅକ୍ଷର ଚିହ୍ନି ସାର ଗାଇଲା । ପିତାମାତାଙ୍କର ଆନନ୍ଦ ଆଉ କହିଲେ ନ ସରେ । ସନ୍ତାନର କିଛି ଏ ଗୁଣ ଦେଖିଲେ ପିତୃମାତୃହୃଦୟରେ ସିନ୍ଧୁଏ ଆନନ୍ଦ ଉଚ୍ଛୁଳିପଡ଼େ । ସୁତରାଂ ନନ୍ଦଦମ୍ପତିର ଆନନ୍ଦ ସୀମାଅତିକ୍ରମ କରିଗଲା । ପ୍ରତ୍ୟହ ସନ୍ଧ୍ୟା ସମୟରେ ଶେଫାଳିକା ପୁଅକୁ ପାଖରେ ବସାଇ ପାଠ ପଢ଼ାନ୍ତି, ଦେବଦେବୀଙ୍କର ସ୍ତୁତି ଶିଖାନ୍ତି ଏବଂ ଚାଣକ୍ୟର ଶ୍ଳୋକ ମୁଖସ୍ଥ କରାନ୍ତି । ପୁଅର ଚିତ୍ତବିନୋଦନ ଏବଂ ସ୍ମୃତି ଶକ୍ତିର ବିକାଶ ସକାଶେ ନାନା ପ୍ରକାର ଗଳ୍ପ କରନ୍ତି । ସେ ଗଳ୍ପ ବ୍ୟର୍ଥ ଶୂନ୍ୟଗର୍ଭ ବା ଅସାର ନୁହେଁ । ଯହିଁରେ ବାଳକର ଚରିତ୍ର ଗଠନ ହେବ, ଧର୍ମଶିକ୍ଷା, ନୀତିଶିକ୍ଷା ଏବଂ ବ୍ୟବହାର ଶିକ୍ଷା ହେବ, ପାପ ପୁଣ୍ୟର ଜ୍ଞାନ ଜନ୍ମିବ, ସେହିପରି ଗଳ୍ପ କହନ୍ତି । ଗଳ୍ପ ଛଳରେ ସ୍ୱାସ୍ଥ୍ୟ-ତତ୍ତ୍ୱ ମଧ୍ୟ ଶିକ୍ଷା ଦିଅନ୍ତି । କଥାକୁ ଯେଉଁ ପରି ଭାବରେ ନଚାଇ ଖେଳାଇ ହାସ୍ୟ ରସ ମିଶାଇ କହିଲେ ପିଲାମାନେ ଶୁଣିବାକୁ ଆଗ୍ରହ ପ୍ରକାଶ କରନ୍ତି, ଶେଫାଳିକା ସେହିପରି ଭାବରେ ସ୍ତୁତ

ରସାୟନ ଗଳ୍ପ ରଚନା କରି କହନ୍ତି । ମୂଳତଃ ବାଳକର ନୈତିକ ଜୀବନ ଗଠନ ସକାଶେ ଯେଉଁପରି ଶିକ୍ଷା ଆବଶ୍ୟକ, ଶେଫାଳିକା ପୁଅକୁ ସେହିପରି ଶିକ୍ଷା ଦିଅନ୍ତି । ସୁଜନନୀମାନେ ଏହିପରି ସତ୍‌ଶିକ୍ଷା ଓ ସଦୁପଦେଶ ଦ୍ୱାରା ସନ୍ତାନର ନିର୍ଦ୍ଦୋଷ, ନିଷ୍କଳଙ୍କ, ଉଜ୍ଜ୍ୱଳ, ପବିତ୍ର ଜୀବନ ଗଠନ କରନ୍ତି ।

ଦେଖୁଁ ଦେଖୁଁ ପିଲାଟି ନବମ ବର୍ଷରେ ପଦାର୍ପଣ କଲା । ସେହି ବର୍ଷ ତାହାର ଉପନୟନ କ୍ରିୟା ସମାହିତ ହେଲା । ଦିନେ ଶେଫାଳିକା ସ୍ୱାମୀଙ୍କୁ କହିଲେ, "ପୁଅର ଅଙ୍କ ପାଠ କିଛି ହେଲା ନାହିଁ । ସେ ବିଦ୍ୟାରେ ତ ତୁମେ ମୁଁ ଦୁହେଁ ଶୁଭଙ୍କରଙ୍କର ପଣଗୋସେ-ବାପ ପଣଗୋସ ମା, ପିଲାଟି କାହାଠାରୁ ଅବା ଶିଖିବ ? ଏବେ ସେ ଟିକିଏ ବଡ଼ ହୋଇ ଆସିଲାଣି, ଏଣିକି ପାଠଶାଳାକୁ ଯାଉ । କାଲି ତୁମେ ତାକୁ ନେଇ ପାଠ ଶାଳାରେ ଛାଡ଼ି ଆସ । ଅବଧାନକୁ କହିଆସିବ, ସେ ତାକୁ ମାରିବ ନାହିଁ, ତାକୁ ଦରମା ଅଧିକା ଦରିଅଣା ଦିଆଯିବ । ଏ ପ୍ରସ୍ତାବ ନନ୍ଦଙ୍କର ମନୋନୀତ ହେଲା । ସେ ତହିଁ ଆରଦିନ ପୁଅକୁ ଘେନି ପାଠଶାଳାକୁ ଗଲେ । ରେଜିଷ୍ଟ୍ରେରି ବହି ପୂରଣ କରିବା ସକାଶେ ଅବଧାନ ପିଲାର ନାମ ପଚାରିଲା । ନନ୍ଦେ କିଛି ନ କହୁଣୁ ଗୋଟିଏ ଛୋଟପିଲା ହଠାତ୍ କହି ପକାଇଲା—"ଅବ-ଧାନେ, ତାହା ନା ଶନିସପ୍ତା, ସମସ୍ତେ ତାକୁ ଶନି ବୋଲି ଡାକନ୍ତି ।" ଶନିସପ୍ତା ନାମ ଶୁଣି ଅବଧାନ ମୁଖରେ ଟିକିଏ ଶ୍ଳେଷ ହାସ୍ୟ ଫୁଟିଉଠିଲା । ନନ୍ଦେ ତାହା ଦେଖି ପ୍ରତିପ୍ରସନ୍ନମତି ବଳରେ କହିଲେ—"ନା ଅବଧାନେ ତାହା ନୁହେଁ, ତାହାର ନାମ ସନାତନ, ଗାଉଁଲି କଥାରେ ସନିଆ ବୋଲି ଡାକନ୍ତି; ମାତ୍ର ସ୍ନେହରେ ଶନି ବୋଲି ଡାକନ୍ତି ।" ଅବଧାନ ରେଜେଷ୍ଟରି ବହିରେ ସନାତନ ବୋଲି ଲେଖିଲା । ସେହିଦିନୁଁ ଶନିସପ୍ତା ସନାତନରେ ପରିଣତ ହେଲା । ପାଠକ ଅବଧାନ, ଏଣିକି ଆମ୍ଭେମାନେ ମଧ୍ୟ ତାହାକୁ ଶନିସପ୍ତା ପରିବର୍ତ୍ତିରେ ସନାତନ ନାମରେ ଅଭିହିତ କରିବୁଁ । ଆଶାକରୁ, ଏ ସାମାନ୍ୟ ପରିବର୍ତ୍ତନକୁ କେହି ଅସହ୍ୟ ମଣିବେ ନାହିଁ ।

ସନାତନ ପାଠଶାଳାରେ ଭର୍ତ୍ତି ହେଲା ଦିନଠାରୁ ଅବଧାନର ଏକାଦଶ ବୃହସ୍ପତି ଯୋଗ । କେବେ ଖିରି ଖାଇବା ସକାଶେ, କେବେ ବା ଜଳଖିଆ ଖାଇବା ନିମନ୍ତେ, ଅନେକ ସମୟରେ ନନ୍ଦଙ୍କ ଘରୁ ନିମନ୍ତ୍ରଣ ଆସେ । ଅବଧାନ ଭୂରିଭୋଜନରେ ସନ୍ତୁଷ୍ଟ ହୋଇ ସନାତନର ପ୍ରଶଂସାରେ ସହସ୍ରଜିହ୍ୱ ହୁଏ । ବେଳେ ବେଳେ ଶେଫାଳିକା ତାକୁ ଡକାଇ ନେଇ ଷୋଡ଼ଶୋ-ପଚାରରେ ପୂଜା କରି ପାନ ଖାଇବା ସକାଶେ ଗୋପନରେ ଶୁକ୍ଳବର୍ଣ୍ଣ ବିଶିଷ୍ଟ କି ପଦାର୍ଥ ଦକ୍ଷିଣା ଦିଅନ୍ତି । ବନ୍ଧ୍ୟା ହୃଦୟ ଏତିକିରେ ତୃପ୍ତ ନୁହେଁ । ଦିନେ ଶେଫାଳିକା ଅବଧାନ ହାତରେ ମୁଠିଏ ମହାପ୍ରସାଦ ଗୁଞ୍ଜିଦେଇ କହିଲେ—"ବାପ, ତୁ ମୋର ଧର୍ମର ପୁଅ, ମୋ ବାୟା ତୋର ସାନ ଭାଇ, ତା ଦେହରେ ଆଙ୍ଗୁଳି ଟିପ ଚୁଇଁବୁ ନାହିଁ—ମୋ ରାଣ, ମୋ ମୁଣ୍ଡ ଖାଇବୁ ।" ସେଦିନ ଅବଧାନକୁ ଗୋଟାଏ ମାଣିଆବନ୍ଧୀ ଯଥା ମିଳିଲା । ଏତେ କରି ସୁଦ୍ଧା ମାତୃପ୍ରାଣ ସନ୍ତୁଷ୍ଟ ନୁହେଁ । ପିଲାଟି ପାଠଶାଳାରେ ଥିବାଯାଏ ଶେଫାଳିକାଙ୍କ ମନ ଛନ ଛନ ହେଉଥାଏ । କାଳେ ପାଠ ନ ଆସିଲା ବୋଲି ଅବଧାନ ତାକୁ ମାରୁଥିବ, ସେ ବିକଳ ହୋଇ କାନ୍ଦୁଥିବ, କାଳେ କେହି ଦୁଷ୍ଟ ପିଲା ତାହା ସାଙ୍ଗରେ କଳି କରି ଓଲଟି ଅବଧାନ ପାଖରେ ଖଟ ମିଛ କହି ତାକୁ ମାଡ଼ ଖୁଆଉଥିବ, କାଳେ ସେ ଶୋକରେ ଆଉଟି ହୋଇ ଡରରେ ଅବ-ଧାନକୁ କହୁ ନଥିବ, ଏହିପରି ନାନାଚିନ୍ତାରେ ସେ ଅସ୍ଥିରାନ୍ତ ହୁଅନ୍ତି । ହାୟ ସ୍ନେହ, ତୋର ବଡ଼ କଠୋର ଯନ୍ତ୍ରଣା, ତୁ ମାତୃହୃଦୟରେ ସବୁଠୁଁ ବେଶୀ ବାସକରୁ । ଦିନେ ଦିନେ ଶେଫାଳିକା ପିତେଇକୁ ପଠାଇ ଦିଅନ୍ତି । ସନାତନ ହସି ଖୁସି ହୋଇ ପଢୁଛି କି ମୁହଁ ଶୁଖାଇ ବସିଛି, ସେ ଯାଇ ଦେଖି ଆସେ । ସବୁ-ବେଳେ ପିତେଇ କଥା ମଧ୍ୟ ବିଶ୍ୱାସ କରନ୍ତି ନାହିଁ ନିଜେ ଯାଇ ଉହାଡ଼ରେ ଥାଇ ଦେଖିଆସନ୍ତି । ବିଧାତା ମାତୃହୃଦୟକୁ ଛିନ୍ନଭିନ୍ନ କରିବାପାଇଁ ସେ ହୃଦୟରେ ସ୍ନେହ ଦେଇଥାଏ । ସେ ସ୍ନେହ ଆଉ କିଛି ଦେଖେ ନାହିଁ, ଶୟନରେ ସ୍ୱପନରେ ବା ଜାଗରରେ

ଖାଲି ଆଶଙ୍କା ଦେଖେ । ମାତା ସନ୍ତାନର ଯେତିକି ମଙ୍ଗଳ ବାଞ୍ଛା କରେ, ତାହାର ଜୀବନ ସେତିକି ଆଶଙ୍କାମୟ ମଣେ । ସ୍ନେହ ଆଗେ ଅମଙ୍ଗଳକୁ ଡାକି ପଛେ ମଙ୍ଗଳକୁ ଡାକେ । ସେ ଏହିପରି ଅନ୍ଧ ଏହିପରି ନିର୍ବୋଧ, ଅବିବେକ ।

ସନାତନ ପାଠଶାଳାରେ ପଢିବାକୁ ଲାଗିଲା । ପିଲାଟି ଯେପରି ଶାନ୍ତ ସୁଶୀଳ, ଅଧ୍ୟୟନରେ ସେହିପରି ମନୋଯୋଗୀ । ସେ କେବେ ଅନୁପସ୍ଥିତ ହୁଏ ନାହିଁ କିମ୍ବା ବୃଥା ପୀଡ଼ାର ଛଳନା କରି ପାଠ କମେଇ କରେ ନାହିଁ । ଦୁଷ୍ଟ ପିଲାମାନଙ୍କ ସଙ୍ଗରେ ମିଶିବା ତାହାର ସ୍ୱଭାବବିରୁଦ୍ଧ । ସେ କାହାରି ସଙ୍ଗରେ କଳହ କରେ ନାହିଁ, କି କାହାରିକୁ କୁବାଚ୍ୟ କହେ ନାହିଁ । ସରଳ ମଧୁର, ସାଧୁ ବ୍ୟବହାରଦ୍ୱାରା ସେ ଅଳ୍ପ ସମୟ ମଧ୍ୟରେ ସହପାଠୀମାନଙ୍କର ପ୍ରିୟପାତ୍ର ହୋଇ-ଉଠିଲା । ଅବଧାନ ମଧ୍ୟ ତାହାକୁ ଖୁବ୍ ଭଲପାଏ । ଯାହା ଲାଗି ପଣେ ଉପାର୍ଜନ ହୁଏ, କିଏ ବା ତାହାକୁ ଭଲ ନପାଏ ? ସନାତନ ସମସ୍ତଙ୍କ ଆଗରୁ ପାଠଶାଳାକୁ ଯାଇ ପ୍ରତ୍ୟହ ଶୂନ୍ୟ ହୁଏ । ସେ ଏରୂପ ଶ୍ରୁତିଧର ଯେ, ଅନ୍ୟ ପିଲାଙ୍କ ପରି ତାକୁ କୌଣସି ବିଷୟ ଅଧିକ ଥର କହିବାକୁ ହୁଏ ନାହିଁ, ଥରେ ଦୁଇଥର କହିଦେଲେ ଶିଖିପକାଏ । ଅଳ୍ପଦିନ ମଧ୍ୟରେ ସେ ପଣକିଆ ଶେଷ କରି ଯୋଧି ପଢିଲାଣି । ସନ୍ଧ୍ୟାବେଳେ ପିତାଙ୍କ ପାଖରେ ବସି ସନ୍ଧ୍ୟା ଗାୟତ୍ରୀ ଅଭ୍ୟାସ କରେ । ତହିଁ-ପରେ ବଡ଼ମାଙ୍କ ପାଖରେ ଶୋଇ ଗଳ୍ପ ଶୁଣେ । ପାଠଶାଳାର ଦୈନନ୍ଦିନ ଘଟନା ବଡ଼ମାଙ୍କ ପାଖରେ ବର୍ଣ୍ଣନା କରେ । କେବେ କହେ, "ଶଙ୍କର ଆଜି ଢେର ମାଡ଼ ଖାଇଛି, ପାଠ ଆସିଲା ନାହିଁ ବୋଲି ଅବଧାନେ ତାକୁ ପିଟି ଶୋଇ ଦେଇଗଲେ ।" କେବେ କହେ— "ବଡ଼ମା, ନବୀନା ଆଜି ଗଛରେ ଚଢି ଲୁଚିଥିଲା, ଚାରିଟା ପିଲା ଯାଇ ତାକୁ ଧରି ଆଣିଲେ । ସେ ଆଜି ସକାଳ ଓଳିଟା ଯାକ ମଡ଼ୁଆଙ୍କୋଳୀରେ ବନ୍ଧା ହୋଇ ଧାନକୁଟା, ହେଟାମୁଣ୍ଡ ପଡ଼ିଥିଲା । ତିକିଆ ହେଟାମୁଣ୍ଡା ଭାରି କଷ୍ଟ । ତନ୍ତୀ ଘର ସାନ୍ତୁ କାଲି ତିକିଆ ହେଟାମୁଣ୍ଡ ପଡ଼ି ଗୋଟାଯାକ ଖାଲି ବରଡ଼ା ପଡ଼ପଡ଼ି ଥିଲା । ଯେ ଲୁଚେ ସେ ଢେର ମାଡ଼ ଖାଏ, ମୁଁ କେବେ ଲୁଚିବି ନାହିଁ ବଡ଼ମା ।" ଶେଫାଳିକା ସ୍ନେହରେ, ଆଦରରେ ପୁଅକୁ କୋଳକୁ ଟାଣିନେଇ ମୁଖ ଚୁମ୍ବନ କରି କହନ୍ତି,—"ନା, ବାପ, ତୁ ମୋର ସୁନାପୁଅ, କାହିଁକି ଲୁଚିବୁ ? ତୁ କଅଣ ପାଠଚୋର କି । ଯେ ପାଠଚୋର ସେ ସିନା ଗଛରେ ଚଢି ଲୁଚେ, ହାଣ୍ଡି-ଶାଳରେ ଭାତହାଣ୍ଡି ଧରି ଲୁଚେ, ଆଉ ମାଡ଼ ଖାଏ ।" ବାଳକମାନେ ବଡ଼ ସ୍ନେହକାଙ୍ଗାଳୀ, ସେମାନେ ଯେତେ ସ୍ନେହ ପାଆନ୍ତି, ସେତେ ଅଧିକ ଖୋଜନ୍ତି । ସନାତନ ମାତୃପ୍ରଶଂସାରେ ପ୍ରୀତ ହୋଇ ଅଧିକ ସ୍ନେହ ଆକର୍ଷଣ ଆଶାରେ କହେ, "ବଡ଼ମା, ମୋତେ ଆଜି ନୂଆପାଠ ଆସିଲା । ଆମେ ଚାରିଜଣ ଏକା ସାଙ୍ଗରେ ନୂଆପାଠ ଲେଖିଥିଲୁଁ, ଆଉ କାହାରିକି ଆସିନାହିଁ, ମୋତେ ଆଗେ ଆସିଲା । ଅବଧାନେ କହିଛନ୍ତି—"କାଲି ପୂଜା-ନେଇଗଲେ, ଆଉ ଗୋଟେ ନୂଆପାଠ ଲେଖିଦେବେ । ନଡ଼ିଆ କାଲି ପୂଜାଥାଳୀ ଘେନି ଅସୁ ଅସୁ ବାଟରେ ଅଧେ ଅଣ୍ଟଣିଆ ଲୁଚେଇ ଖାଇଦେଇ ଥିଲା । ସେଟା ଭାରି ଠାଉକା । ଯେ ଠାକୁର ଅଣ୍ଟଣିଆ ଅଇଣ୍ଠା କରେ, ତାହାର କଅଣ ପାଠ ହୁଏ ନା ବଡ଼ମା ? ଆଉ ଗୋଟେ କଥା ଶୁଣିବୁ ନା, ଶୁଣିଲେ ତୁ ହସି ହସି "ନାକସ୍ତ ଜାତସ୍ତ" ହୋଇଯିବୁ । ପାଧିଆଘର-ଖେଳାକୁ ମୂଳରୁ କଥା କହି ଆସେ ନାହିଁ, କଠିଣ ଶବ୍ଦ ଉଚ୍ଚାରଣ କରିବାକୁ ତାହା ତୁଣ୍ଡ ଲେଉଟେ ନାହିଁ । ସେ ସାନ୍ତ୍ୱନାକୁ କହେ ସନ୍ତାନ, ଇଂରାଜିକୁ କହେ, ଇଞ୍ଜିମିଞ୍ଜି, ଇନ୍‌ସପେକ୍‌ଟରକୁ କହେ ଇନ୍‌ଜିପେକ୍‌ଟର ନିସ୍ତାରଣକୁ କହେ ନିଶୁଆ ପାଣ, ଅଭ୍ୟନ୍ତରକୁ କହେ ଅଭିରକଷ । ଅବଧାନ ତାକୁ ଭାରି ପିଟନ୍ତି ।" ଶେଫାଳିକା ଯଦି ପଚାରନ୍ତି—"ଅବଧାନ ତୋତେ ମାରେ ନା ?" ତେବେ ସନାତନ ସତେଜ କଣ୍ଠରେ କହେ, "କି ମୋତେ କାହିଁକି ? ମୁଁ କଅଣ ଲୁଚେ,ନା ମୋତେ ପାଠ ଆସେ ନାହିଁ ।" ମାତାପୁତ୍ର ମଧ୍ୟରେ ପାଠଶାଳା ସମ୍ବନ୍ଧରେ ଏହିପରି ନାନାକଥା ହୁଏ । ତାହା ସବୁ ବିସ୍ତାରିତଭାବରେ ଲେଖି ପୋଥି ବଢାଇବା ନିଷ୍ପ୍ରୟୋଜନ ।

ଶ୍ରୀପଞ୍ଚମୀ ସମୟରେ ପିଲାମାନେ ବନ୍ଧୁବାନ୍ଧବମାନଙ୍କ ଘରେ ବୁଲି ବୁଲି ଗୀତ ଗାଇ ସ୍ୱଠଭିକ୍ଷା କରନ୍ତି । ସେ ସମୟଟା ଅବଧାନମାନଙ୍କର ଲୁଟେବାନ୍ଦୀ ସ୍ୱରୂପ । ଶ୍ରୀପଞ୍ଚମୀ ପରଦିନ ପ୍ରତ୍ୟୁଷରେ ଅବଧାନେ ନଡ଼ିଆ, ଖଡ଼ୀ, ଗୁଆ, ବେତ ଏବଂ ଫୁଲ ଏହି ଦ୍ରବ୍ୟ ନେଇ ନଦୀ ନା ପୁଷ୍କରିଣୀର ଜଳ ମଧ୍ୟରେ ପୋତି ଦେଇ ଆସନ୍ତି । ପରେ ପିଲାମାନଙ୍କୁ ସେହି ସ୍ଥାନ ଦେଖାଇ ଦେଇ ଖୋଜିବାକୁ କହନ୍ତି । ତହୁଁ ପିଲାମାନେ ପାଣିରେ ପଶି କାଦୁଅ ବାଲି ଚପି ଅଣ୍ଡାଳନ୍ତି । ଯେଉଁମାନେ ବଡ଼ ଲୋକ କିମ୍ବା ଯେଉଁମାନଙ୍କ ପାଖରୁ ଅବଧାନଙ୍କର ଟଙ୍କା ବା ରୌପ୍ୟଖଣ୍ଡ ପାଇବାର ଭରସା ଥାଏ, ସେମାନଙ୍କର ପୁତ୍ରମାନେ ଭାଗ୍ୟଦେବୀଙ୍କ ଏକ ଗୁପ୍ତ ନିୟମରେ ଏବଂ ଅବଧାନଙ୍କ ସାହାଯ୍ୟରେ ଉପରୋକ୍ତ ପଦାର୍ଥମାନ ପ୍ରାପ୍ତ ହୁଅନ୍ତି । ଅନ୍ୟ ପିଲାମାନଙ୍କର ତାହା ପାଇବାଆଇନ ନବୁଦ । ଯେହେତୁ ସେମାନଙ୍କର ଅଭିଭାବକମାନେ ଦରିଦ୍ର; ନଚେତ୍ କୃପଣ । ଏହି ଉଭୟ ଅପରାଧରେ ଭାଗ୍ୟଦେବୀ ସେମାନଙ୍କୁ ଛଡ଼ପକ ଦିଅନ୍ତି । ଉକ୍ତ ପଞ୍ଚପଦାର୍ଥ ଲାଭରୁ ଭବିଷ୍ୟତରେ ଅଗାଧ ବିଦ୍ୟାର୍ଜନର ସୂଚନା ମିଳେ । ସେହି ଶୁଭସୂଚକ ପଦାର୍ଥ ପରି ବାଳକମାନେ ଗ୍ରାମ ଗ୍ରାମ ବୁଲି ଭିକ୍ଷା କରନ୍ତି । ଦିନେ ପିଲାମାନେ ଭିକ୍ଷା କରିବାକୁ ବାହାରିଲେ । ସନାତନ ମଧ୍ୟ ସେମାନଙ୍କର ସହଗାମୀ ହେଲା । ସେମାନେ ଦିନ ସାରା ଭିକ୍ଷା କରି ସନ୍ଧ୍ୟାରେ ଫେରିବେ । ସେଦିନ ଶେଫାଳିକାଙ୍କର କୌଣସି କାର୍ଯ୍ୟରେ ମନ ଲାଗିଲା ନାହିଁ । ସେ ନବଧୃତ ପକ୍ଷୀ ପରି ଛଟପଟ ହେବାକୁ ଲାଗିଲେ । ଦେଖୁଁ ଦେଖୁଁ ଦୁଇପ୍ରହର ଗଡ଼ିଗଲା । ସୌଦାମିନୀ ଭାତ ବାଢ଼ି "ନାନି, ଖାଇବ ଆସ" ବୋଲି ବାରମ୍ବାର ଡାକିବାରୁ ଶେଫାଳିକା ଯାଇ ଭାତ ପାଖରେ ବସିଲେ; ମାତ୍ର ଭାତଗୁଣ୍ଡା ପାଟି ଭିତରକୁ ନେଇ ପାରିଲେ ନାହିଁ—କିଏ ଯେପରି କଣ୍ଠ ଭିତରୁ ଠେଲି ବାହାର କରିଦେଲା । ସେ ଭାତଥାଳିରେ ହାତ ରଖି ଉଦାସ ଦୃଷ୍ଟିରେ ବସିରହିଲେ । ଏଥିମଧ୍ୟରେ ସୌଦାମିନୀ ତେତେଥର ଆସି "ନାନି, ଖାଉ ନାହିଁ କାହିଁକି" ବୋଲି କହି ଗଲାଣି; ମାତ୍ର ଶେଫାଳିକାଙ୍କର ସେ କଥାକୁ ଲକ୍ଷ୍ୟ ନାହିଁ । ସେ ନୀରବ, ନିଷ୍ପନ୍ଦ ହୋଇ ବସିଅଛନ୍ତି, ଯେପରିକି ଏକ ଦୁରୁହ ଚିନ୍ତାରେ ତାଙ୍କ ମନ ସଂଯୁକ୍ତ ଅଛି, ତାହାକୁ ଛାଡ଼ି ଫେରି ଆସି ପାରୁ ନାହିଁ । ଏହି ସମୟରେ ପିତେଇ ଆସି କହିଲା—"କି ମା ଠାକୁରାଣି, ଖାଉ ନାହଁ, ବସିଛ କାହିଁକି ?" ସୁପ୍ତ ବ୍ୟକ୍ତି ଅନ୍ୟର କରସ୍ପର୍ଶରେ ଚମକି ପଡ଼ିଲା ପରି ଶେଫାଳିକା ପିତେଇ କଥାରେ ଚମକି ପଡ଼ି ଧୀର ଗମ୍ଭୀର ସ୍ୱରରେ କହିଲେ—"କଅଣ ଖାଇବି ଲୋ, ମୋ ବାପୁ କଅଣ କରୁଥିବ, ସେ ଖାଇଥିବ କି ନାହିଁ କେଜାଣି । ମୋ ପେଟଟା ଖାଲି ମହୁଗ୍ରେଇ ହେଉଛି ।" ପିତେଇ କର୍ କର୍ ହୋଇ ହସିଉଠି କହିଲା—"ଏକା ତୁମର ପୁଅ ଅଛି, ନା ଆଉ କାହାର ଦୁନିଆରେ ଅଛି । ଅବଧାନ ସାଙ୍ଗରେ ଅଛି, ସେ ପୋଡ଼ାମୁହାଁ କଅଣ ଦୁଇ ତିନି ପଇସାର ଜଳପାନ କିଣି ପିଲାଙ୍କୁ ଖୁଆଇବ ନାହିଁ ? ତାଙ୍କ ଲାଗି ମୁଠାମୁଠା ଅର୍ଜିବ, ପୁଣି ତାଙ୍କୁ ଅଗିଆ ରଖି ଉପାସେ ମାରିବ ? ଆଛା, ଅସୁନ ଭଲା, ଯେବେ ପିଲାଙ୍କୁ ନ ଖୁଆଇଥିବ, ତେବେ ଆଜି ତାର ଅସ୍ତମଚନ୍ଦ୍ର । ତା ମହତ ସିଦ୍ଧାର କରିଦେବି ନାହିଁ ?" ପିତେଇ ଆଉ କଅଣ କହି ବାକୁ ଯାଉଥିଲା; ମାତ୍ର ତା କହିବ ପୂର୍ବରୁ ସୌଦାମିନୀ କହିଲା— "ହଁ ଲୋ ପିତେଇ, ସୁହାଲେ ପିଲା ଯାଇଚନ୍ତି, ଦି ପଇସାର ଜଳଖିଆ ଢେର ହେବ । ନ ଖାଇଲେ ଆହୁରି ବଳିପଡ଼ିବ, ଏତେ କଅଣ ହେବ କି ? ତୁ ଯେପରି ତେନ୍ତୁଳିପତରେ ଭାତ ଖାଉ ।" ମାତ୍ର ପିତେଇ ଏ ଶ୍ଳେଷୋକ୍ତିରେ ଅପ୍ରତିଭ ହେବାର ପାତ୍ର ନୁହେଁ । ସେ ହସ୍ତ ମୁଖ ସଞ୍ଚାଳନ ପୂର୍ବକ ଅପୂର୍ବ ନୃତ୍ୟଭଙ୍ଗୀରେ କହିଲା, "ନା ଗୋ ନା, ତେନ୍ତୁଳି ପତରେ କାହିଁକି ଖାଇବି, ମୁଁ ପଟଳିତଳାରେ ଭାତ ଖାଏଁ । ଦି ପଇସାର ନ ହେଉ, ଦିଅଣାର କିଣି ଖୁଆଇଲେ କି ତାର ବାପର ମାଲ ସରିଯିବ ? ଯାଉ, ସେ କଥା କାହିଁକି, ତୁମକୁ କୁହାର ହେଉଛି ମା ଠାକୁରାଣି, ମୋ ରାଣ ତ, ତମ ବାପ ମା ରାଣ ତ, ତମେ ଖାଅ, କିଛି ଭାବନା କର ନାହିଁ । ଆଉ ଦଣ୍ଡେ ଗଲେ ଅବଧାନ ପିଲାଙ୍କୁ ଘେନି ଆସି ପହଞ୍ଚିବ ।" ସୌଦାମିନୀ ମଧ୍ୟ ଖାଇବା ପାଇଁ ନାନୀଙ୍କୁ ବାରମ୍ବାର ସହାତର

ପ୍ରାର୍ଥନା କଲେ । ଶେଫାଳିକା ତାହା ଏତେ ନ ପାରି ସନ୍ଧ୍ୟାକ୍ଷୁଦ୍ର ଆହାର କରି ଉଠିଗଲେ । ସୁଅରୁ ଦଣ୍ଡେ ନ ଦେଖିଲେ ସେ ଏହିପରି ଆତ୍ମବିସ୍ମୃତ ହୋଇ ବିଶ୍ୱବିଗତ ଅନ୍ଧକାର ଦେଖନ୍ତି । ବନ୍ଧ୍ୟାର ଚିର ନୀରସ ପ୍ରାଣରେ ସ୍ନେହ, ମାୟା, ମମତାର ଅମୃତଧାରା କିଏ ପ୍ରବାହିତ କଲା ? ମରୁଭୂମିରେ ଅପତ୍ୟସ୍ନେହର ବାସନ୍ତୀ ସୁଷମା କିଏ ଫୁଟାଇଲା ? ବନ୍ଧ୍ୟା ଜୀବନ ରୂପ ବଦ୍ଧ ଜଳାଶୟରେ କିଏ ସ୍ରୋତସଞ୍ଚାର କଲା ? ଏ ଲୀଳା କାହାର ? ଏ ଲୀଳା ଏଇ ଇନ୍ଦ୍ରଜାଲ ମୋହ ଲୀଳାମୟୀ ନିୟତିର ! ନିୟତି ଅସାଧ୍ୟ ସାଧନ କରେ, ଅସମ୍ଭବ ସମ୍ଭବ କରେ । ତାହାର କ୍ଷମତା ଅଶେଷ, ମହିମା ଅଶେଷ । ତାହାର ଅଜ୍ଞେୟ ଅନନ୍ତ ରହସ୍ୟ ଭେଦକରିବା ମାନବ କି ସ୍ଥିର ଦେବଶକ୍ତିର ଅଗୋଚର । ଜଗତର ସମସ୍ତ ଶକ୍ତି ନିୟତିର ମହାଶକ୍ତି ନିକଟରେ ନତଶିର ।

ନଦୀସ୍ରୋତ ଏବଂ କାଳସ୍ରୋତ ମଧ୍ୟରେ ଯଥେଷ୍ଟ ପ୍ରଭେଦ ପରିଲକ୍ଷିତ ହୁଏ । ନଦୀସ୍ରୋତ ଗତିର ହ୍ରାସ ବୃଦ୍ଧି ଅଛି ଏବଂ ସମୟ ବିଶେଷରେ ନଦୀସ୍ରୋତ ମରି ଯାଏ; ମାତ୍ର କାଳସ୍ରୋତର ଗତି ସମାନ ଏବଂ ସେ ସ୍ରୋତ ମରେ ନାହିଁ । ବର୍ଷା ଋତୁରେ ନଦୀସ୍ରୋତର ବେଗ ଯେପରି ପ୍ରବଳ ଥାଏ, ଅନ୍ୟ ସମୟରେ ସେପରି ଥାଏ ନାହିଁ । ଅଧିକନ୍ତୁ ଗ୍ରୀଷ୍ମ ଋତୁରେ ସ୍ରୋତ ଏକାବେଳକେ ଶୁଖିଯାଏ । ସମୟ ସ୍ରୋତ କେବେ ଧୀର ବା କେବେ ପ୍ରଖର ହୁଏ ନାହିଁ । ତାହାର ଗତି ଶୃଙ୍ଖଳିତ ଏବଂ ସମପରିମିତ । ବାୟୁସ୍ରୋତ ସଙ୍ଗରେ ମଧ୍ୟ କାଳ ସ୍ରୋତର ସାମଞ୍ଜସ୍ୟ ନାହିଁ । ବାୟୁ ଧୀରେ ଧୀରେ ବହେ, କେବେ ବା ପ୍ରବଳରୁ ପ୍ରବଳତର ବେଗରେ ପ୍ରବାହିତ ହୁଏ । ବାୟୁସ୍ରୋତ ସର୍ବତୋମୁଖୀ ଏବଂ କାଳସ୍ରୋତ ଏକଦିଗମୁଖୀ । ସୃଷ୍ଟିର ଧ୍ୱଂସ ସଙ୍ଗେ ସଙ୍ଗେ ବାୟୁ ପ୍ରବାହ ମରିଯାଏ; ମାତ୍ର କାଳପ୍ରବାହର ଧ୍ୱଂସ ନାହିଁ କି ସୃଷ୍ଟି ନାହିଁ —ଅଛି କେବଳ ସ୍ଥିତି । ଯାହାର ଉତ୍ପତ୍ତି ଅଛି, ତାହାର ଧ୍ୱଂସ ଅନିବାର୍ଯ୍ୟ । ଯାହାର ଉତ୍ପତ୍ତି ନାହିଁ, ତାହାର ଧ୍ୱଂସ କାହୁଁ ଆସିବ ? ପ୍ରଳୟରେ ସବୁ ଧ୍ୱଂସ ପ୍ରାପ୍ତ ହୁଏ, ଥାଏ କେବଳ ଅନାଦି-ଅନନ୍ତ ମୃତ୍ୟୁଞ୍ଜୟ ମହାକାଳ । ସେହି କାଳଗର୍ଭରୁ ପୁଣି ନବସୃଷ୍ଟିର ଉଦ୍ଭବ ହୁଏ । ପୃଥିବୀ, ବାୟୁ, ଅଗ୍ନି ପ୍ରଭୃତି ଏହି ମହାକାଳ ଗର୍ଭସମ୍ଭୂତ । କାଳର ସ୍ୱଭାବ ରୁକ୍ଷ; ମାତ୍ର ସେହି ରୁକ୍ଷତା ମଧ୍ୟରେ ଋଷି ଜନୋଚିତ କୋମଳତା ସ୍ନେହ, ପ୍ରୀତି, ଦୟା, ଦାକ୍ଷିଣ୍ୟାଦି ବିଦ୍ୟମାନ । ଧ୍ୱଂସ କେବଳ କାଳର ଲକ୍ଷ୍ୟ ନୁହେଁ, ସେହି ଧ୍ୱଂସ ସାହାଯ୍ୟରେ ସେ ନବସୃଷ୍ଟି ଅନୁଷ୍ଠାନ କରେ । କାଳ ସବୁଠାରୁ ପୁରାତନ ଏବଂ ସମସ୍ତଙ୍କର ଜନ୍ମଦାତା । ନଦୀସ୍ରୋତ ବାଧା ପ୍ରାପ୍ତ ହେଲେ ସ୍ଥଗିତ ହୁଏ, ବାୟୁସ୍ରୋତର ନିମ୍ନସ୍ତର ମଧ୍ୟ ପର୍ବତ, ବୃକ୍ଷ ଏବଂ ଗୃହାଦିଦ୍ୱାରା ବାଧା ପ୍ରାପ୍ତ ହୁଏ । ସେଥିରେ ତାହାର ସମ୍ପୂର୍ଣ୍ଣ ଗତିରୋଧ ନ ହେଲେ ମଧ୍ୟ ସେ ବାଧା ପ୍ରାପ୍ତିରୁ ଅବ୍ୟାହତି ପାଏ ନାହିଁ; ମାତ୍ର କାଳସ୍ରୋତର ବାଧା ନାହିଁ । ସର୍ବପ୍ରକାର ବାଧା ତାହାକୁ ବାଟ ଛାଡ଼ିଦେଇ ଅଲଗା ହୋଇଯାଏ । କାଳ ଅନାଦି ଅନନ୍ତ, ଏହା ପୂର୍ବରୁ ଉକ୍ତ ହୋଇଅଛି । ଦିନ, ସପ୍ତାହ, ପକ୍ଷ ପ୍ରଭୃତି ସେହି କାଳର ବୁଦ୍‌ବୁଦ, ଆଉ ବର୍ଷ ପର୍ଯ୍ୟାୟ ସେହି ଗତିଶୀଳ କାଳର ଗୋଟାଏ ଗୋଟାଏ ପଦକ୍ଷେପ କିମ୍ବା ଗୋଟାଏ ଗୋଟାଏ ନିଃଶ୍ୱାସପାତ । ଏହି ଅନାଦି ଅନନ୍ତ ଅବ୍ୟାହତଗତି, ଅଜର, ଅମର, ସର୍ବସ୍ରଷ୍ଟା, ପାତା, ନିୟନ୍ତା ମହାକାଳ କିଏ ? ଏହି କାଳହିଁ ମହାପ୍ରକୃତିର ଜନକ, ଶୂନ୍ୟମୟ, ପରମବ୍ରହ୍ମ । ଆଉ ସେ ତନ୍ମଚିନ୍ତା, ଅବାବେପାଶ୍ୱିକ କାହାକର ଖବର କି ଲୋଡ଼ା । କ୍ଷୁଦ୍ରାଦପି ଅତି କ୍ଷୁଦ୍ର ପକ୍ଷ ଦୁଇଖଣ୍ଡ ସାହାଯ୍ୟରେ ମଶାର ହିମାଳୟଚୂଡ଼ା ସ୍ପର୍ଶ ଆଶା କେବଳ ଦୁରାଶାମାତ୍ର । ହିମାଳୟର ଦୀର୍ଘ ପଥ ମଧ୍ୟରେ କେତେ କ୍ଷୁଧିତ ଜୀବ ସେ ମଶାର ଜୀବନ ଶୋଷିନେବା ପାଇଁ ଅଧୀର ଅପେକ୍ଷାରେ ଠିଆ ରହିଅଛନ୍ତି । ପୁଣି ଯାହା ଭାବିଲେ କିଛି କୂଳକିନାରା ମିଳେ ନାହିଁ, ବରଂ ଆହୁରି ଅନ୍ଧକାର ଦେଖାଯାଏ, ସେ ଭାବନାରେ ଅନଧିକାରର ଫଳ ବା କଅଣ ?

ବର୍ଷପରେ ବର୍ଷ ଅତିବାହିତ ହେବାକୁ ଲାଗିଲା । ବନ୍ଧ୍ୟାର ସମଗ୍ର ହୃଦୟ ମନ ଅଧିକାର କରି ଶ୍ରୀମାନ ସନାତନ ଅଗାଧ ମାତୃସ୍ନେହର ସ୍ନିଗ୍ଧ ଶୀତଳ ଛାୟା ମଧ୍ୟରେ କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ସାପ ବଢ଼ିଲେ

ଚଳ ବଢେ, **ଅକ୍ଷର** ବୃଦ୍ଧି ସଙ୍ଗେ ସଙ୍ଗେ ଜ୍ଞାନ ଏବଂ ବିଦ୍ୟାର ଅଭିବୃଦ୍ଧି ମଧ୍ୟ ଘଟିଲା । ସେ ପଣକିଆ, ଶୋଧି, ଉଡ଼ାଙ୍କ, ଫେଡ଼ାଙ୍କ, ଅଙ୍କଗୁଣା, ହରଗୁଣ, ଫେଡମିଶା, ନଳ, ଭିଆଣ, କୁଠା, କଯୁକିକଯୁ, ଅସଲହରୁ ଶେଷ କଲା । ଅସଲହରୁ (ସୁଧକଷା) ଠାରୁ ସାଧାରଣତଃ ଗଣିତ ଶିକ୍ଷା ଶେଷ ହୁଏ । କେହି ଅଧିକ ପଢିବାକୁ ଇଚ୍ଛାକଲେ ଲୀଳାବତୀ ସୂତ୍ର ଏବଂ ବିବିଧ ଗୃହସ୍ଥପୁସ୍ତ ଶାଠ ପ୍ରଭୃତି ଅନୁଶୀଳନ କରେ । ସନାତନ ସକାଳ-ଓଳି ପାଠଶାଳାରେ ଖଡ଼ିପାଠ ଲେଖେ, ଉପର ଓଳି ତାଳପତ୍ରରେ ହସ୍ତାକ୍ଷର ଲେଖେ । ହସ୍ତାକ୍ଷର ଲେଖିବାର ଧାରା ଏହିପରି—

"ସରଦପୁର ଦେଶଶାସନ ମକଦମ

ଜଣାଇଲା କା ୫ ।୵ ୧୦ ୯

ନରହରପୁର ଦେଶଶାସନ ମକଦମ

ଜଣାଇଲା କା ୯ ।୵ ୭ ୯

୬୦ ( ଗାଏ ) ଦୁଇପଦକୁ କା ୧୪ ୯ ୧୮"

ଏହା ଗୋଟିଏ ସୁନ୍ଦର କୌଶଳ । ଏଥିରେ ହସ୍ତାକ୍ଷର ଲେଖା, ଅଙ୍କ କଷା ଦୁଇ କାର୍ଯ୍ୟ ହୁଏ । ସନାତନ ହସ୍ତାକ୍ଷର ଲେଖିସାରି ପୋଥି ଗାଏ । ସେ ସପ୍ତ, ଦଶମ, ଏକାଦଶ ଶେଷ କରି ହରିବଂଶ ଧରିଲାଣି । ତହିଁ ପରେ "ଚଉତିଶା" ଧରି ଛନ୍ଦ ଗୀତ ଅଭ୍ୟାସ କରେ । ମୋଟା ମୋଟି କହିଲେ ପୂର୍ବାହ୍ଣରେ ପାଠ-ଶାଳାରେ ଗଣିତଚର୍ଚ୍ଚା ଏବଂ ଅପରାହ୍ଣରେ ସାହିତ୍ୟଚର୍ଚ୍ଚା ହୁଏ । ସାହିତ୍ୟପାଠ ମଧ୍ୟରେ ବୈଦେହୀଶବିଳାସ, ଲାବଣ୍ୟବତୀ, ରସିକହାରାବଳୀ, ପ୍ରେମସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ରସକଲ୍ଲୋଳ, ବିଦଗ୍ଧଚିନ୍ତାମଣି ପ୍ରଧାନ । ରାମାୟଣ, ମହାଭାରତ, ଭାଗବତ ପ୍ରଭୃତି ଧର୍ମ ଗ୍ରନ୍ଥ ମଧ୍ୟ ଅଧୀତ ହୁଏ । ଛାତ୍ରମାନେ କେବଳ ପ୍ରାଚୀନ କବିମାନଙ୍କର ଛାନ୍ଦଗୀତ କଣ୍ଠସ୍ଥ କରନ୍ତି ନାହିଁ, ସେଥିର ପ୍ରାଞ୍ଜଳ ଅର୍ଥ ମଧ୍ୟ କଣ୍ଠସ୍ଥ କରନ୍ତି । ଅଧିକାଂଶ ଦକ୍ଷିଣୀ ଅବଧାନ ପ୍ରାଚୀନ ସାହିତ୍ୟ ଛାନ୍ଦଗୀତର ସୁନ୍ଦର ଅର୍ଥ କରିପାରନ୍ତି । ହାୟ, ସେ ସୁଦିନ ଆଉ ନାହିଁ । ପ୍ରାଚୀନ ସାହିତ୍ୟ ଚର୍ଚ୍ଚାର ବିଲୋପ ସଙ୍ଗେ ସଙ୍ଗେ ମାତୃସାହିତ୍ୟର ଅବନତି ଘଟିଲା । ଅନେକ ସାହିତ୍ୟମହାରଥୀ ପ୍ରାଚୀନ ସାହିତ୍ୟ ନାମ ଶୁଣିଲେ ନାସିକା ସଙ୍କୁଚିତ କରନ୍ତି, କେହି କେହି ଗାଲି ଦେଇ ମଧ୍ୟ କର କ୍ଷାନ୍ତ ହୁଅନ୍ତି ନାହିଁ, କୈବର୍ତ୍ତି-ସୁନ୍ଦରୀସୁଲଭ ସାଧୁଭାଷା ପ୍ରୟୋଗପୂର୍ବକ ସେସବୁକୁ ନିତାନ୍ତ ଦୋଷପୂର୍ଣ୍ଣ ଏବଂ ସର୍ବଥା ଅପାଠ୍ୟ ବୋଲି ଗର୍ବ ସ୍ଫୀତ କଣ୍ଠରେ ଘୋଷଣା କରିବାକୁ ଟିକିଏ ହେଲେ ଲଜ୍ଜା ବୋଧ କରନ୍ତି ନାହିଁ । ବର୍ତ୍ତମାନ ସାହିତ୍ୟୋନ୍ନତିର ଧାରା ନାନା ମୁନିଙ୍କ ମତରେ ନାନା ପ୍ରକାର । ଏଣିକି 'ପାଖେଇ ପାଖେଇ ବୁଲ' ବୋଲି କହିଲେ ଚଳିବ ନାହିଁ, ତାହାହେଲେ ବେଦ ଅଶୁଦ୍ଧ ହେବ । "ପାଖାଇ ପାଖାଇ" କହିବାକୁ ହେବ, ନଚେତ୍ ଭୁଲ ହେବ । ଏହିପରି ଚଷୁକୁଠା ଚର୍ଚ୍ଚାରେ ସାହିତ୍ୟୋନ୍ନତିର ସାତଫଳିଆ ସିଡ଼ୀ ପ୍ରସ୍ତୁତ ହେଉଅଛି । ଖାଲି ମୂର୍ଖପଣିଆ ଦେଖାଇ ଶ୍ଳେଷଗର୍ଭ କଥା କହିବାଟା ଏ ଯୁଗର ଗୋଟାଏ ଧାରା ହୋଇଅଛି । ସମସ୍ତେ ଗୁରୁ, ସମସ୍ତେ ବଡ଼; ଶିକ୍ଷାର୍ଥୀ କେହି ନାହିଁ, କି ସାନ କେହି ନାହିଁ । ପ୍ରାଚୀନ ସାହିତ୍ୟ ଯେ ଓଡ଼ିଆ ଭାଷାର ପ୍ରାଣ, ପିଣ୍ଡ ଏବଂ ଅସ୍ଥି, ଏହା ସେମାନେ ବୁଝି ସୁଦ୍ଧା ବୁଝନ୍ତି ନାହିଁ ।

ସନାତନ ବାଳକ ହେଲେ ମଧ୍ୟ ତାହାର ଶୌଚ, ଆଚାର ଏବଂ ନିଷ୍ଠା ସୁବ୍ରାହ୍ମଣୋଚିତ । ସେ ସନ୍ଧ୍ୟା ସମୟରେ ପାଠଶାଳାରୁ ଆସି ଗୋଡ଼ହାତ ଧୋଇ ଲୁଗା ପାଲଟି ଖଣ୍ଡିଏ କୁଶାସନରେ ବସି ଗାୟତ୍ରୀମନ୍ତ୍ର ଜପ କରେ । ତହିଁ ପରେ ସାମାନ୍ୟ କିଛି ଖାଇ ଅଳ୍ପ ବିଶ୍ରାମ କରେ । ବିଶ୍ରାମାନ୍ତେ ପୁରାଣ ପାଠରେ ନିଯୁକ୍ତ ହୁଏ । ତାହାର ପିତା ମାତା ଏବଂ ଗ୍ରାମର ଜନବୃନ୍ଦ ଓ୍ୟାରଣ୍ଟ ପ୍ରାପ୍ତ କେତେ ଜଣ ବୃଦ୍ଧ ବୃଦ୍ଧା ପୁରାଣ ଶୁଣନ୍ତି । ବାଳକ ମୁଖରେ ହରିନାମ ବଡ ମଧୁର, ତହିଁ ଉପରେ ତାହାର ମଧୁର କଣ୍ଠ; ଅତଃ ଶ୍ରୋତା କର୍ଣ୍ଣରେ ମଧୁ ଉପରେ ମଧୁ ବୃଷ୍ଟି ହୋଇଯାଏ । ସନାତନ ଏଥିମଧ୍ୟରେ ଅମରକୋଷ ଅଭିଧାନ ଖଣ୍ଡି କଣ୍ଠସ୍ଥ କରି ସାରିଅଛି । ପିତାଙ୍କର ପୁରୋହିତ ବ୍ୟବସାୟ, ସମୟର ଏକାନ୍ତ ଅଭାବ; ସୁତରାଂ ସେ ସବୁ ସମୟରେ ପୁଅର ପଢାଶୁଣା ଦେଖିବାର ସୁବିଧା ପାଆନ୍ତି ନାହିଁ । ବାଳକ ମାତାଠାରୁ

ଅଭିଧାନ ଶିକ୍ଷା କରି ଏଣିକି ବ୍ୟାକରଣ ଆରମ୍ଭ କରିଅଛି । ସମସ୍ତଙ୍କର ସଦ୍‌ବ୍ୟବହାର ବିଷୟରେ ସେ ବିଶେଷ ଜାଗ୍ରତ ଥାଏ । ସମସ୍ତଙ୍କୁ ଏପରି ଭାବରେ ପରିଚର୍ଯ୍ୟା ଦେଇଥାଏ ଯେ, ତାକୁ ଟିକିଏମାତ୍ର ଏଣେ ତେଣେ ଘୁଞ୍ଚି ନଦେଇ ସର୍ବଦା କାର୍ଯ୍ୟରେ ଲଗାଇଥାଏ । ଅଧ୍ୟୟନ ଏବଂ ଠାକୁର ପୂଜା ଏହି ଦୁଇଟିକୁ ସେ ପ୍ରାଣଠାରୁ ପ୍ରିୟତର ମଣେ । ଥରେ ଅଧେ କେବେ ତାହାର ଅଜ୍ଞାତରେ ବା ଅନିଚ୍ଛାରେ ଟିକିଏ ସମୟର ଅପବ୍ୟୟ ହେଲେ ସେ ଦୀର୍ଘ ନିଃଶ୍ୱାସଟାଏ ପକାଇ ହୃଦୟର ଗଭୀର ବେଦନା ନୀରବରେ ବ୍ୟକ୍ତ କରେ ।

# ଏକାଦଶ ପରିଚ୍ଛେଦ

ସାରଥି ନନ୍ଦ ଜଣେ ଆଦର୍ଶ ଗୃହସ୍ଥ । ତାଙ୍କର ଦୁଇଟି ସ୍ତ୍ରୀ ଦୁଇଟି ରତ୍ନ ସ୍ୱରୂପ । ଗୋଟିଏ ତପସ୍ୱିନୀ ଏବଂ ଅପରଟି ଦେବୀ । ନନ୍ଦେ ଉଭୟଙ୍କ ବ୍ୟବହାରରେ ମୁଗ୍ଧ ହୋଇ ଉଭୟଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଗୋଟିକୁ ଯେଉଁ ପରି ପ୍ରେମ କରନ୍ତି, ଅପରଟିକୁ ସେହିପରି ଆଦର କରନ୍ତି । ବିଶେଷତଃ ଶେଫାଳିକାଙ୍କ ପରାମର୍ଶକୁ ବିଶେଷ ମୂଲ୍ୟବାନ୍ ଜ୍ଞାନ କରନ୍ତି । ସପତ୍ନୀନିବାସ ହେଲେ ସୁଦ୍ଧା ତାଙ୍କ ଗୃହରେ ଚିର ଶାନ୍ତି, ଚିର ଆନନ୍ଦ ଏବଂ ଚିର ସୁଖ ବିଦ୍ୟମାନ । ନନ୍ଦେ ସୁରଭି ଶୀତଳ ଚନ୍ଦନ ତରୁ, ଶେଫାଳିକା ଏବଂ ସୌଦାମିନୀ ସେହି ତରୁର ଆଶ୍ରିତା ସ୍ନିଗ୍ଧ ମଧୁର ମାଧବୀଲତା । ସେ ଜ୍ୟେଷ୍ଠା ପତ୍ନୀଙ୍କୁ ବଡ଼ ବୋହୂ ଏବଂ କନିଷ୍ଠାକୁ ସାନ ବୋହୂ ବୋଲି ଡାକନ୍ତି । ଦୁଇ ସଉତୁଣୀଙ୍କର ସଦ୍‌ଭାବ ଅଖଣ୍ଡନୀୟ । ଗୋଟିଏ କାୟା ଏବଂ ଅପରଟି ତାହାର ଛାୟା । ଗ୍ରାମର ଯେଉଁ ବୃଦ୍ଧା ସ୍ତ୍ରୀମାନେ ତିନି କାଳ କଟାଇ ଚତୁର୍ଥ କାଳରେ ଉପସ୍ଥିତ, ସେମାନେ ଏକ ବାକ୍ୟରେ କହନ୍ତି—“ଆମ୍ଭେମାନେ ଷାଠିଏ ଷୋଳ ବର୍ଷ ହେଲା ସଂସାରର ଘଣ୍ଟବଧି ଦେଖି ଦେଖି ମୁଣ୍ଡର ବାଳ ପାଚିଲାଣି, ଦାନ୍ତ ପକାଇଲୁଣି, ଅନେକ ସଉତୁଣୀ ଘର ଦେଖିଛୁ; ମାତ୍ର ନନ୍ଦଙ୍କ ଦୁଇ ଭାର୍ଯ୍ୟାଙ୍କ ପରି ସଉତୁଣୀ ଦେଶ-ଦଣ୍ଡପାଟରେ ଦେଖି ନାହୁଁ । ସେ ଦୁହେଁ ସଉତୁଣୀ ନୁହନ୍ତି—ସଙ୍ଗାତୁଣୀ ।” ଏହିପରି ଗୋଟାଏ ପ୍ରଶଂସା ଦୁଇ ସଉତୁଣୀଙ୍କ ଅଜ୍ଞାତରେ ଗ୍ରାମ ସାରା ଖେଳିବୁଲୁଥାଏ । ସେମାନେ ସୁଖ୍ୟାତି ନ ଖୋଜିଲେ ସୁଦ୍ଧା ସୁଖ୍ୟାତି ବଳେ ବଳେ ଆସି ସେମାନଙ୍କୁ ଆଶ୍ରୟ କରେ । ଯେ ପ୍ରଶଂସା ଖୋଜି ବୁଲେ, ସେ ପ୍ରଶଂସାର ପାତ୍ର ନୁହେଁ—ପ୍ରଶଂସା ଯାହାକୁ ଖୋଜି ବୁଲେ, ସେହି ଏକା ପ୍ରଶଂସାର ଉପଯୁକ୍ତ ପାତ୍ର ।

ଦିନେ ଶେଫାଳିକା ସ୍ୱାମୀଙ୍କୁ ପଚାରିଲେ—“ପୁଅର ତ ଚଟଶାଳୀପାଠ ଶେଷ ହେଲା, ଏଣିକି ସେ ଆଉ କଅଣ କରିବ ?” ନନ୍ଦେ କହିଲେ—“ଅଭିଧାନ, ବ୍ୟାକରଣ ତ ଏକପ୍ରକାର ଶେଷ କରି ସାରିଛି । ଏଣିକି ଶ୍ରାଦ୍ଧ, ପୂଜା ପ୍ରଭୃତି ପୁରୋହିତ ବିଦ୍ୟା ଶିଖୁ, ଆଉ କଅଣ କରିବ ? ମୁଁ ତ ଆସି ବୁଢ଼ା ହେଲି, ବଳ ହ୍ରାସିଲା, ଯିବା ଆସିବା କରିବାକୁ ବି କଷ୍ଟ ହେଉଛି, ସେ ଜାତୀୟ ବିଦ୍ୟା ନ ଶିଖିଲେ ଯଜମାନ ଘର ସମ୍ଭାଳିବ କିଏ ? ଆମର ବ୍ୟବସାୟ ଚଳିଲେ ହେଲା, ଅଧିକ ପାଠ କି ଦରକାର ?” ଶେଫାଳିକା ସ୍ୱାମୀଙ୍କ ମୁଖରୁ ଏରୂପ କଥା ଶୁଣିବାକୁ ପ୍ରତ୍ୟାଶା କରି ନ ଥିଲେ । ପୁତ୍ର ସମ୍ବନ୍ଧରେ ସେ ସ୍ୱୀୟ ଉଚ୍ଚ ହୃଦୟରେ ଉଚ୍ଚତର ଆଶା ପୋଷଣ କରି ଆସୁଅଛନ୍ତି । ପୁତ୍ର ବିଦ୍ୱାନ୍ ହେବ, ଦଶ ଜଣଙ୍କ ମଧ୍ୟରେ ଗଣନୀୟ ହେବ, ବଂଶ ଗୌରବ ଉଜ୍ଜ୍ୱଳ କରିବ, ଏହାହିଁ ତାଙ୍କର ପ୍ରାଣର ଆକାଙ୍କ୍ଷା । ସ୍ୱାମୀଙ୍କ ମୁଖରୁ ସେଥିର ବିପରୀତ ଶୁଣି ସେ ବିସ୍ମୟ ସ୍ତବ୍ଧ ଦୃଷ୍ଟିରେ ତାହାଙ୍କ ମୁଖକୁ ଅନାଇ ରହିଲେ । କିଏ ଯେପରି ନିଷ୍ଠୁର ପଦାଘାତରେ ତାଙ୍କର ଅସ୍ଥିପଞ୍ଜର ଚୂର୍ଣ୍ଣ କରିଦେଲା । ବେଦନାତୁର ହୃଦୟ ବିଦୀର୍ଣ୍ଣ କରି ଗୋଟାଏ ଦୀର୍ଘ ନିଃଶ୍ୱାସ ବାହାରିପଡ଼ିଲା । ସେ ଉଚ୍ଛ୍ୱାସ-ବିହ୍ୱଳ କଣ୍ଠରେ କହିଲେ—“ତୁମ କଥା ଶୁଣି ମୋତେ ତାଟଙ୍କା ଲାଗୁଛି । ବାର ତେର ବର୍ଷର କ୍ଷୀର-କଣ୍ଠ ବାଳକ, ସେ ପାଠ ନ ପଢ଼ି ଭଲା କି ବ୍ୟବସାୟ କରିବ ? ଲୋକେ କି ଖାଲି ପେଟ ପୋଷିବା ପାଇଁ ପାଠ

ପଡ଼ନ୍ତି ? ବିଦ୍ୟା ଶିକ୍ଷାର କି ଆଉ କିଛି ମହତ ଉଦ୍ଦେଶ୍ୟ ନାହିଁ ? ଶିକ୍ଷା ପଥ ରୁଦ୍ଧ କରିଦେଇ ତାହାର ପବିତ୍ର ଜୀବନକୁ ପଙ୍ଗୁ କରି ଦେବା ତୁମ୍ଭ ପରି ପିତାର କାର୍ଯ୍ୟ ନୁହେଁ । ଜ୍ଞାନ ଉପାର୍ଜ୍ଜନ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ, ଅର୍ଥୋପାର୍ଜ୍ଜନ ଗୌଣ ଉଦ୍ଦେଶ୍ୟ । ସଂସାରରେ ଜ୍ଞାନ, ଅର୍ଥ ଉଭୟ ଆବଶ୍ୟକ; ମାତ୍ର ଅର୍ଥୋପାର୍ଜ୍ଜନର ସମୟ କୁଆଡ଼େ ପଳାଇ ଯାଉନାହିଁ—ସେ ସମୟ ଯଥେଷ୍ଟ ଅଛି । ତୁମର ବୟସ ହୋଇଥିଲା, ତୁମେ ଯେ ଦିନକୁ ଦିନ ଶକ୍ତିହୀନ ହୋଇ ପଡ଼ୁଅଛ, ତାହା ମୁଁ ଦେଖୁଛି । ଯଜମାନ ସମ୍ଭାଳିବାର ଅନ୍ୟ ଉପାୟ କଲେ କି ଚଳିବ ନାହିଁ; ସେଥିପାଇଁ ଶିଶୁପୁତ୍ରର ପଢ଼ା ଛଡ଼ାଇବାକୁ ହେବ ? ନା, ନା, ତାହା କେବେେଁ ହେବ ନାହିଁ । ପିଲା ଆଉ କିଛି ଦିନ ପଢ଼ୁ ; ଏଣିକି ତାକୁ ଇସ୍କୁଲରେ ନେଇ ଛାଡ଼ ।"

ନନ୍ଦେ—ନା, ଇସ୍କୁଲ ପାଠ ଭଲ ନୁହେଁ ।

ଶେଫା—କି, ଇସ୍କୁଲ ପାଠ ମନ୍ଦ କଣ ? ପାଠରେ ଭଲ ମନ୍ଦ ଥାଏ ନାହିଁ, ସବୁ ପାଠ ସମାନ ।

ନନ୍ଦେ—ନା ବଡ଼ ବୋହୂ, ତୁମ୍ଭେ ଜାଣ ନାହିଁ । ଇସ୍କୁଲରେ ପଢ଼ିଲେ ଜାତି, ଧର୍ମ ପ୍ରତି ଆସ୍ଥା ରହେ ନାହିଁ । ଗୁରୁଜନମାନଙ୍କ ପ୍ରତି ଭୟ ଭକ୍ତି ରହେ ନାହିଁ । ଇସ୍କୁଲପାଠୁଆମାନେ ସ୍ୱେଚ୍ଛାଚାରୀ ହୁଅନ୍ତି, ଅଖାଦ୍ୟ ବା ନିଷିଦ୍ଧ ଖାଦ୍ୟ ଭୋଜନ କରନ୍ତି, ଅପେୟ ପାନ କରନ୍ତି ।

ଶେଫାଳିକା—ତାହା ତୁମର ବୁଝିବାର ଭୁଲ । ଜାତି,ଧର୍ମ ନ ମାନିବା ସ୍କୁଲ ଶିକ୍ଷାର ଦୋଷ ନୁହେଁ । —ତାହା ଶିକ୍ଷାର୍ଥୀର ଦୋଷ । ଇସ୍କୁଲପାଠ ନ ପଢ଼ି ସୁଦ୍ଧା ଲୋକେ ଜାତି ଧର୍ମ ନଷ୍ଟ କରନ୍ତି, ଗୁରୁଜନଙ୍କର ଅବାଧ୍ୟ ହୁଅନ୍ତି, ଅଖାଦ୍ୟ ଅପେୟ ଉଦରସ୍ଥ କରନ୍ତି, ଜଘନ୍ୟ ଚରିତ୍ରଦୋଷରେ ଦୁଷ୍ଟ ହୁଅନ୍ତି; ସେଥିର ଦୃଷ୍ଟାନ୍ତ ସଂସାରରେ ବିରଳ ନୁହେଁ । ମୋର ପିଲାଦିନର କଥା କହୁଛି—ଆମଗାଁ ଜମିଦାର ଜଣେ ଲକ୍ଷପତି ଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କର ଏକମାତ୍ର ମୂର୍ଖ ପୁତ୍ର ବିପୁଳ ସମ୍ପତ୍ତିର ଅଧିକାରୀ ହେଲା । ଯୌବନ, ପ୍ରଭୁତ୍ୱ ଏବଂ ସମ୍ପଦ ଲାଭ ସଙ୍ଗେ ସଙ୍ଗେ ଯେଉଁ ଦୋଷ ସ୍ୱତଃ ଆସି ଉପସ୍ଥିତ ହୁଏ, ଜମିଦାର ପୁତ୍ର ସେହି ଦୋଷରୁ ଅବ୍ୟାହତି ପାଇଲା ନାହିଁ । ଦେଖୁ ଦେଖୁ ଅନେକ ସଙ୍ଗୀ ଆସି ମିଳିଗଲେ । ମଧୁ ମନ୍ଦର ପୁଷ୍ପର ବୃନ୍ତପାଖରେ ଭ୍ରମରକୁଳ ଯେପରି ଗୁଣୁ ଗୁଣୁ ଗୁଞ୍ଜନ କଲା ପ୍ରାୟ ସ୍ତାବକବୃନ୍ଦ ତାହାକୁ ବେଷ୍ଟନ କରି ସ୍ତୁତି କରିବାକୁ ଲାଗିଲେ ଏବଂ କୌଶଳରେ ମଧୁ ଶୋଷଣ କରିବାକୁ ଲାଗିଲେ । ସେମାନେ ତାହାର ସଖା, ସହାୟ ଏବଂ ସୁହୃଦ୍ । ଏରୂପ ସେରୂପ ବନ୍ଧୁ ନୁହେଁ, ଯେରୂପ ରୂପର ବନ୍ଧୁ ଯୌବନ, ଯୌବନର ବନ୍ଧୁ ମକରକେତନ, ମକରକେତନର ବନ୍ଧୁ ବସନ୍ତକାଳ, ବସନ୍ତକାଳର ବନ୍ଧୁ ମଳୟାନିଳ, ସେମାନେ ତାହାର ସେହିପରି ପ୍ରାଣର ବନ୍ଧୁ ହୋଇଉଠିଲେ । ସେମାନଙ୍କ ସତପରାମର୍ଶରେ ଜମିଦାର ପୁତ୍ର ବିଶାଳ ଜମିଦାରୀର ଭୂରକ୍ଲିଷ୍ଟ ଅବସନ୍ନ ଚିତ୍ତକୁ ସୁସ୍ଥ ସବଳ କରିବା ସକାଶେ ଟିକିଏ ଟିକିଏ ମଧୁପାନ କରିବାକୁ ଆରମ୍ଭ କଲେ । ମଧୁପାନର ଅନ୍ୟାନ୍ୟ ଉପସର୍ଗ ଆସି ଜମିଦାର ପୁତ୍ରକୁ ମହାଦାଶ୍ରୟ ମଣି ଶରଣ ପଶିଲେ । ଅର୍ଥ ଏବଂ ଚରିତ୍ର ଉଭୟର ବିପୁଳ ଶ୍ରାଦ୍ଧ ହେବାକୁ ଲାଗିଲା । ଏହି ସମସ୍ତ ଅନୁଷ୍ଠାନରେ ଜମିଦାର ପୁତ୍ରର କୁବେର ସମ୍ପତ୍ତି ଖଇକୁଲାରେ ବାଆ ପଶିଲାପରି ଅଳ୍ପକାଳ ମଧ୍ୟରେ କୁଆଡ଼େ ସବୁ ଉଡ଼ିଗଲା । ପଞ୍ଚମକାର ଯଜ୍ଞ ସକାଶେ ଉପାଦାନର ଅଭାବ ଘଟିଲା । ଜମିଦାର ପୁତ୍ର ଦରିଦ୍ର ପଞ୍ଚାକ୍ଷରୀ ମନ୍ତ୍ର ଜପ କରି ନିଜକୁ ସେହି ଯଜ୍ଞର ପୂର୍ଣ୍ଣାହୁତି ରୂପରେ ଅର୍ପଣ କଲା । ଆଉ ତାହାର ମଉଳା ପୁଅ ଖାଲି ଇଂରାଜୀରେ କୁରିଠା ପାସ କରି କଟକରେ ବଡ଼ ଓକିଲ ହୋଇଛି । ତାହାର ଶୌଚ, ଆଚାର, ଧର୍ମନିଷ୍ଠା ଠିକ୍ ଗୋଟିଏ ଯୋଗୀ ପରି । ଏଥିରୁ କିପରି କହି ହେବ ଯେ, ପିଲାଏ ଇସ୍କୁଲରେ ପଢ଼ିଲେ ଖରାପ ହୋଇଯିବେ । ତେବେ ଯେଉଁମାନେ ସହରରେ ସ୍ୱାଧୀନ ଭାବରେ ରହି ପଢ଼ାଶୁଣା କରନ୍ତି, ମୁରବିମାନଙ୍କ ଦୃଷ୍ଟିରେ ରହିବାର ସୁବିଧା ଯାହାଙ୍କର ନାହିଁ, ସେମାନଙ୍କ ମଧ୍ୟରୁ ବାଳଚପଳତା ବଶତଃ କେହି କେହି କୁସଙ୍ଗରେ ପଡ଼ି ବିଗିଡ଼ି ଯାଆନ୍ତି । ତାହା ଶିକ୍ଷାର ଦୋଷ ନୁହେଁ—କୁସଙ୍ଗର ଦୋଷ । ଆମ ପୁଅ ଘରୁ ଭାତ ଖାଇ ଇସ୍କୁଲକୁ ଯିବ, ସବୁବେଳେ ଆମ

ଦୃଷ୍ଟିରେ ରହିବ, ତାହାର ଚରିତ୍ର ଦୂଷିତ ହେବ କାହିଁକି? ନା, ତୁମେ ସେ ଭୟ କର ନାହିଁ । କାଲିଠାରୁ ପୁଅକୁ ଇସ୍କୁଲକୁ ପଠାଅ ।

ନନ୍ଦେ ଏ କଥାରେ କୌଣସି ଆପତ୍ତି କଲେ ନାହିଁ । ସ୍ମିତ ହାସ୍ୟରେ କହିଲେ—"ଅଚ୍ଛା, ତୁମର ଯାହା ଇଚ୍ଛା, ତାହା ହିଁ ହେବ ।" ସ୍ୱାମୀଙ୍କ ସମ୍ମତି ଶୁଣି ଶେଫାଳିକା ଯତ୍ପରୋନାସ୍ତି ଆନନ୍ଦିତା ହେଲେ ।

ପ୍ରତାପପୁରର ଅର୍ଦ୍ଧ କୋଶ ଦୂରରେ ବାହାବଳପୁର ଗ୍ରାମ । ଗ୍ରାମଟି ସମୃଦ୍ଧ ଏବଂ ସେ ଅଞ୍ଚଳରେ ବାଣିଜ୍ୟର କେନ୍ଦ୍ରସ୍ଥଳ । ସେଠାରେ ଗୋଟିଏ ଡାକଘର ଅଛି ଆଉ ଗୋଟିଏ ମଧ୍ୟଶ୍ରେଣୀୟ ବିଦ୍ୟାଳୟ ଅଛି । ପ୍ରଧାନ ଶିକ୍ଷକ କାବ୍ୟତୀର୍ଥୋପାଧିକ, ଭାଷାରେ ସୁଦ୍ଧା ତାଙ୍କର ବିଲକ୍ଷଣ ଜ୍ଞାନ ଅଛି । ସେ ଭାଷାରେ ନର୍ମାଲ ପାସ କରି-ଅଛନ୍ତି । ତାଙ୍କର ଅଧ୍ୟାପନା ପ୍ରଣାଳୀ ସୁଶିକ୍ଷକୋଚିତ । ସନାତନ ସେହି ସ୍କୁଲରେ ନାମ ଲେଖାଇ ପଢିବାକୁ ଲାଗିଲା । ଅଧ୍ୟୟନଶୀଳତା ଏବଂ ସଚ୍ଚରିତ୍ରତା ଗୁଣରେ ସେ ଅଳ୍ପ ସମୟ ମଧ୍ୟରେ ଶିକ୍ଷକମାନଙ୍କର ପ୍ରିୟପାତ୍ର ହୋଇଉଠିଲା । ସହପାଠୀମାନେ ସୁଦ୍ଧା ତାହା ପ୍ରତି ସର୍ବଦା ପ୍ରସନ୍ନ । ପ୍ରଗାଢ ଧୀଶକ୍ତିସମ୍ପନ୍ନ, ପ୍ରିୟଦର୍ଶନ ବାଳକଟିର ପ୍ରଖର ପ୍ରତିଭା ଦେଖି ପ୍ରଧାନ ଶିକ୍ଷକ ମୁଗ୍ଧ ହୋଇ ଦିନେ ସହକର୍ମୀମାନଙ୍କୁ କହିଥିଲେ—"ଦେଖିବେ ତୁମ୍ଭେ ଏ ବାଳକଟିର ଭବିଷ୍ୟତ ଖୁବ ଉଜ୍ଜ୍ୱଳ ହେବ । ଶକ୍ତି-ଶାଳୀ ପୁରୁଷମାନେ ଶୈଶବରୁ ଚିହ୍ନା ଯାଆନ୍ତି । ଶକ୍ତି ମହତ୍ତ୍ୱକୁ ଆଶ୍ରୟ କରେ—କ୍ଷୁଦ୍ରକୁ ଆଶ୍ରୟ କରେନାହିଁ । ସନାତନ ପ୍ରତ୍ୟହ ନିଜ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରେ । ସହପାଠିବର୍ଗ ପ୍ରତିଯୋଗିତାରେ ତାହାକୁ ପରାସ୍ତ କରିବା ଦୂରେ ଥାଉ ସମକକ୍ଷ ସୁଦ୍ଧା ହୋଇ ପାରନ୍ତି ନାହିଁ । ସେ ନିଜର ପଢା ଶେଷରେ ନିମ୍ନ ଶ୍ରେଣୀୟ ବାଳକମାନଙ୍କର ପଢା ନିଏ ଏବଂ ନୂତନ ପନ୍ଥା ଦେଇ ଭଲ ରୂପେ ବୁଝାଇ ଦିଏ । ଉଚିତ ପ୍ରଶ୍ନର ଉତ୍ତର ଦେଇ ଶିକ୍ଷକମାନଙ୍କର ସହାୟତା କରେ । ସମୟ ସମୟରେ ସ୍କୁଲ ଲାଇବ୍ରେରୀରୁ ପୁସ୍ତକମାନ ଆଣି ପଢେ । ଏହିପରି ଜଣିବାଦ୍ୱାରା ତାହାର ଜ୍ଞାନ ପ୍ରସାର କ୍ଷିପ୍ରଗତିରେ ହୋଇଉଠିଲା । ତିନିବର୍ଷ ପରେ ସେ ଭର୍ଣ୍ଣାକ୍ୟୁଲାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ।

ସନାତନ ଭର୍ଣ୍ଣାକ୍ୟୁଲାର ପାସ କଲା; ମାତ୍ର ସ୍କୁଲ ଛାଡି ଗଲା ନାହିଁ । ପ୍ରଧାନ ଶିକ୍ଷକଙ୍କ ପାଖରେ ସଂସ୍କୃତ ପଢିବାକୁ ଲାଗିଲା । ଏଥିପୂର୍ବରୁ ସେ ଘରେ ପଢି ଅମର-କୋଷ ଏବଂ ଖଣ୍ଡେ ଦୁଇଖଣ୍ଡ ବ୍ୟାକରଣ ଶେଷ କରି ବାପମାଙ୍କ ପାଖରୁ କାବ୍ୟର କେତେଗୋଟା ଶ୍ଳୋକ ଶିଖିଥିଲା । ଶେଫାଳିକା ତାଙ୍କ ପିତା ସାର୍ବଭୌମଙ୍କଠାରୁ କେଉଁ କାବ୍ୟରୁ ଅଧସର୍ଗେ କାହିଁରୁ ବା ସର୍ଗେ ଏହିପରି ସାମାନ୍ୟ ଭାବରେ ପଢିଥିଲେ । ଚର୍ଚ୍ଚା ଅଭାବରୁ ସେଥିରୁ ମଧ୍ୟ କେତେକ ଭୁଲି ଗଲେଣି । ବିଦ୍ୟା ତ ବାଣିଜ୍ୟ ପରି କାରବାର କଲେ ବଢିବ, ନଚେତ୍ବା କ୍ରମଶଃ କ୍ଷୟ ଲଭିବା ସ୍ୱାଭାବିକ । ମାତୃଦତ୍ତ ସେହି ଯତ୍ସାମାନ୍ୟ ଶିକ୍ଷାରେ ସନାତନର ମନଃପୂତ ହେଲା ନାହିଁ, ସେ ରୀତିମତ କାବ୍ୟ ପଢିବାକୁ ଆରମ୍ଭ କଲା । ପ୍ରଧାନ ଶିକ୍ଷକ ମଧ୍ୟ ଯତ୍ନପୂର୍ବକ ଏହି ଆଗ୍ରହୀ ଛାତ୍ରଟିକୁ ପଢାଇ-ବାକୁ ଲାଗିଲେ । ସଜ୍ଜନମାନେ ପାତ୍ର ଦେଖି ଦାନ କରନ୍ତି । ସେ ଉପଯୁକ୍ତ ପାତ୍ର ପାଇଲେ; ସୁତରାଂ ଦାନ ନ କରିବେ କାହିଁକି? ସେ ଜାଣନ୍ତି—କ୍ଷେତ୍ର ଉର୍ବର ଅଛି, ସେଥିରେ ବୀଜ ବପନ କଲେ ବ୍ୟର୍ଥ ହେବ ନାହିଁ । ସନାତନ ରଘୁ, କୁମାର ପ୍ରଭୃତି କାବ୍ୟ ଶେଷ କରି ନାଟକ, ଅଳଙ୍କାର ଆଦିକୁ ଅଗ୍ରସର ହେଲା ପରେ ବିବିଧ ଶାସ୍ତ୍ର, ପୁରାଣ ପାଠରେ ମନୋନିବେଶ କଲା । ଶାସ୍ତ୍ର ପୁରାଣର ଅନୁଶୀଳନରେ ତାହାର ଭାରି ଆଗ୍ରହ ।

ସନାତନ ଖାଲି ଅଧ୍ୟୟନରେ ନିଯୁକ୍ତ ରହି ନିଶ୍ଚିନ୍ତ ହେଲା ନାହିଁ । ସ୍କୁଲର ଉନ୍ନତି ଏବଂ ସାଧାରଣ ହିତକର କାର୍ଯ୍ୟରେ ମଧ୍ୟ ଯଥାଶକ୍ତି ସଚେଷ୍ଟ ହେଲା । ତାହାର ଚେଷ୍ଟାରେ ସ୍କୁଲର ଉଚ୍ଚ ଶ୍ରେଣୀୟ ଛାତ୍ରମାନଙ୍କୁ ନେଇ ଗୋଟିଏ ସମିତି ଗଠିତ ହେଲା । ପ୍ରତି ରବି-ବାରରେ ସମିତିର ଅଧିବେଶନ ହୁଏ । ଶିକ୍ଷକମାନେ ପାଳି ଅନୁସାରେ ସଭାପତି ହୁଅନ୍ତି । ପୂର୍ବରୁ ଶିକ୍ଷକମାନେ ବିଷୟ ନିର୍ବାଚନ କରିଦେଇଥାଆନ୍ତି । ଛାତ୍ରମାନେ ତଦନୁସାରେ ପ୍ରବନ୍ଧ ଲେଖି ସଭାଦିନ ତାହା ସଭାରେ ପାଠ କରନ୍ତି । ସଭାପତି ଭ୍ରମପ୍ରମାଦ ସଂଶୋଧନ କରି-ଦିଅନ୍ତି । "ଶାନ୍ତି କେଉଁଠାରେ," ଏହି ବିଷୟରେ ଦିନେ ପ୍ରବନ୍ଧ ଲେଖିବାକୁ ଆଦେଶ ଥିଲା । କେହି

ଲେଖିଲା— "ନିଶୀଥ କାଳରେ ପ୍ରକୃତି ନିସୁପ୍ତ ଏବଂ ନିସ୍ତବ୍ଧ ଥାଏ, ସୁପ୍ତିର ସେହି ମହା ନୀରବତା ବକ୍ଷରେ ଶାନ୍ତିଦେବୀଙ୍କର ସିଂହାସନ ପ୍ରତିଷ୍ଠିତ ହୁଏ ।" କେହି ଲେଖିଲା—"ସନ୍ତୋଷର ବାସନ୍ତବାୟୁ ଯାହା ହୃଦୟରେ ପ୍ରବାହିତ ହୁଏ, ତାହାରି ହୃଦୟ ଶାନ୍ତିର ପ୍ରିୟ ବାସସ୍ଥଳ ।" ଏହିପରି କେତେ ଜଣ କେତେ ପ୍ରକାରରେ ଲେଖିଥିଲେ; ମାତ୍ର ସନାତନ ଲେଖିଥିଲା—"ଏ ଜଗତର ଜୀବନର ଉହାଡ଼ରେ ଯେଉଁ ଅନନ୍ତ ସୁଖମୟ ଜୀବନ ଅଛି, ଶାନ୍ତି ସେହିଠାରେ ।" ଷୋହଳ, ସତର ବର୍ଷବୟସ୍କ ବାଳକର ଏଭଳି ଆଧ୍ୟାତ୍ମିକ ଜ୍ଞାନର ପରିଚୟ ପାଇଁ ଶିକ୍ଷକମାନେ ମୁଗ୍ଧ ଏବଂ ସ୍ତମ୍ଭିତ ହୋଇଥିଲେ । ଆଉ ଦିନେ ପ୍ରଶ୍ନ ଥିଲା "ସବୁଠାରୁ ବଡ଼ ବୀର କିଏ ?" କେହି ଭୀଷ୍ମ, କେହି ଅର୍ଜ୍ଜୁନ, କେହି କର୍ଣ୍ଣ ବୋଲି ନିର୍ଦ୍ଦେଶ କଲେ; "ମାତ୍ର ଶେଷରେ ସନାତନ କହିଲା—"ଯେ ନିଜକୁ ସମ୍ପୂର୍ଣ୍ଣ-ରୂପେ ଜୟ କରିଛି, ତାହାଠାରୁ ବଳି ବୀର ଜଗତରେ ନାହିଁ ।" ସଭାରେ ଖାଲି ସାହିତ୍ୟ କିମ୍ବା ଧର୍ମଚର୍ଚ୍ଚା ହୁଏ ନାହିଁ, ଇତିହାସ, ଭୂଗୋଳ, ଗଣିତ, ସ୍ୱାସ୍ଥ୍ୟତତ୍ତ୍ୱ ପ୍ରଭୃତି ଅନେକ ବିଷୟ ଆଲୋଚିତ ହୁଏ । ଏହିପରି ଆଲୋଚନାଦ୍ୱାରା ଛାତ୍ରମାନଙ୍କର ଚିନ୍ତାଶକ୍ତି ବିସ୍ତୃତ ଏବଂ ପ୍ରତିଭା ମାର୍ଜିତ ହୋଇଉଠିଲା । ପ୍ରତିବର୍ଷ ସ୍କୁଲର ଫଳ ଖୁବ୍ ଭଲ ହେଲା । ସ୍କୁଲର ସୁଖ୍ୟାତି ଅସମ୍ଭବ ବଢ଼ିଉଠିଲା । ଛାତ୍ରମାନଙ୍କର ଯୋଗ୍ୟତା, ଶିକ୍ଷକମାନଙ୍କର ପରିଶ୍ରମ ଏବଂ ପଟୁତା ଚହଲାଇ ଦେଲା । ଭାହାନରୁ ସିନା ଦେବତାର ସ୍ୱରୂପ ଉପଲବ୍ଧିର ସୁବିଧା ହୁଏ । ଗୁରୁଗୁଣ ଶିଷ୍ୟ ଦେହରେ ଫୁଟିଉଠେ । ଏହି ସୁଖ୍ୟାତିରେ ଆକୃଷ୍ଟ ହୋଇ ବହୁଦୂରରୁ ବିଦ୍ୟାର୍ଥୀବୃନ୍ଦ ଆସି ସ୍କୁଲର ଛାତ୍ରସଂଖ୍ୟା ବୃଦ୍ଧି କଲେ । ସନାତନର ପ୍ରବର୍ତ୍ତନାରେ ଛାତ୍ରମାନେ ପିତାମାତାଙ୍କଠାରୁ ପ୍ରାପ୍ତ ଯାହାଖର୍ଚ୍ଚ ପଇସା ଠୁଳକରି ସେଥିରେ ଭଲ ଭଲ ପୁସ୍ତକ ପତ୍ରିକା କିଣି ଗୋଟାଏ ପାଠାଗାର ସ୍ଥାପନ କଲେ । ଗ୍ରାମର ଆପଦ ବିପଦ ମୋଚନ ପାଇଁ ଗୋଟାଏ ଦଳ ଗଠିତ ହେଲା । ସେ ଦଳ ବିଭିନ୍ନ ଶାଖାରେ ବିଭକ୍ତ ହୋଇ ଭିକ୍ଷାଦ୍ୱାରା ଗୋଟିଏ ପାଣ୍ଠି ସ୍ଥାପନ କଲେ । କେତେକ ଔଷଧ କିଣା ହୋଇ ଆସି ରହିଲା । ଛାତ୍ରମାନେ ଅବକାଶମତେ ନିକଟବର୍ତ୍ତୀ ଗ୍ରାମରେ ବୁଲି ଔଷଧ ବିତରଣ କଲେ, ପୁସ୍ତକ ଆଉ ସମ୍ବାଦପତ୍ର ପାଠର ଉପକାରିତା ପଲ୍ଲୀବାସୀଙ୍କୁ ବୁଝାଇଲେ । ସଭ୍ୟପକ୍ଷରୁ ଅନେକ କଳସୀ କିଣା ହୋଇ ରହିଲା । ଗ୍ରୀଷ୍ମକାଳରେ ପଲ୍ଲୀଗ୍ରାମରେ ଅଧିକ ଗୃହଦାହ ହୁଏ । ଗୃହଦାହର ସମ୍ବାଦ ପାଇବା ମାତ୍ରେ ନିରୁପିତ କର୍ମୀ ବାଳକବୃନ୍ଦ କଳସୀ ଘେନି ଘଟଣା ସ୍ଥଳରେ ଯାଇ ଉପସ୍ଥିତ ହୁଅନ୍ତି ଏବଂ ଅଦମ୍ୟ ଉତ୍ସାହ ଓ ଅକ୍ଳାନ୍ତ ପରିଶ୍ରମରେ ଅଗ୍ନି ନିର୍ବାପନ କରି ଗୃହସ୍ଥଙ୍କୁ ସଙ୍କଟରୁ ରକ୍ଷା କରନ୍ତି । ଶୀତକାଳରେ ବଡ଼ଲୋକମାନଙ୍କ ଘରୁ ପୁରୁଣା ଲୁଗା ମାଗିନେଇ ଅନାଥ, ଅକ୍ଷମ ଗରିବମାନଙ୍କୁ ଦିଅନ୍ତି । ସଭାର ପାଣ୍ଠିରୁ ଗରିବ ବାଳକମାନଙ୍କୁ ସ୍କୁଲ ବେତନ ଦିଆଯାଏ । ଆବଶ୍ୟକ ହେଲେ କାହାରି କାହାରିକୁ ପାଠ୍ୟପୁସ୍ତକ କିଣି ଦିଆଯାଏ । ସନାତନ ଦଳରେ ବୁଲି ଅଶିକ୍ଷିତ କୃଷକମାନଙ୍କୁ କୃଷି ବିଷୟରେ ଉପଦେଶ ଦିଏ । ଛୋଟ ଛୋଟ କୃଷିପୁସ୍ତକ ସେମାନଙ୍କୁ ଦେଇ କୌଣସି କୌଣସି ନୂତନ ଫସଲ କରିବାକୁ ପ୍ରବର୍ତ୍ତାଏ । ସେଥିର ଲାଭ ସେମାନଙ୍କୁ ବୁଝାଇଦିଏ । ଗ୍ରାମର କୁମ୍ଭାର, କମାର, ବଢ଼େଇ ପ୍ରଭୃତି ଶିଳ୍ପକାର-ମାନଙ୍କୁ ଉନ୍ନତ ଧରଣର ଶିଳ୍ପକଳା ପ୍ରସ୍ତୁତ କରିବାକୁ ଅନୁରୋଧ କରେ । ସଭା ତରଫରୁ ଏହିପରି ଅନେକ ପଲ୍ଲୀହିତକର କାର୍ଯ୍ୟରେ ଉତ୍ସାହ ଦିଆଯାଏ ।

ସର୍ଷପ ପରିମିତ କ୍ଷୁଦ୍ର ବୀଜରୁ ମହାଦାରୁ ଉତ୍ପନ୍ନ ହେଲା ପ୍ରାୟ ସମସ୍ତ ସମୟରେ କ୍ଷୁଦ୍ର କାର୍ଯ୍ୟରୁ ମହାକାର୍ଯ୍ୟ ବାହାରିପଡ଼େ । ଉପରୋକ୍ତ କ୍ଷୁଦ୍ର ଅନୁଷ୍ଠାନଟି ପିଲାଖେଳ ପରି ପ୍ରଥମତଃ ଆରମ୍ଭ ହୋଇଥିଲା । କିନ୍ତୁ ଅଳ୍ପକାଳ ମଧ୍ୟରେ ତାହା ବୃହତ୍ ସାଫଲ୍ୟର ଗୌରବ ଅର୍ଜନ କରିଅଛି । ଉପକାରିତା ଦୃଷ୍ଟିରେ ଅନେକେ ସେଥି ପ୍ରତି ଆକୃଷ୍ଟ ହୋଇଅଛନ୍ତି । ଏଣିକି "ସେବାଶ୍ରମ" ନାମରେ ଗୋଟିଏ ଆଶ୍ରମ ସ୍ଥାପିତ ହୋଇଅଛି । କେତେଜଣ ଯୁବକ ସେହି ଆଶ୍ରମର କର୍ମୀ ହୋଇଅଛନ୍ତି । ସେମାନେ ପ୍ରତିଜ୍ଞା କରି ଅଛନ୍ତି— ଚିର କୌମାର ଅବଲମ୍ବନପୂର୍ବକ ସେବାବ୍ରତରେ ଜୀବନ ଯାପନ କରିବେ । ସନାତନ ସେହି ଆଶ୍ରମର

ପ୍ରଧାନତମ କର୍ମୀ । ବ୍ରତ ବଡ଼ କଠୋର; ମାତ୍ର ତାହା ଉତ୍ସାହୀ ଯୁବକବୃନ୍ଦର ଅସାଧ୍ୟ ନୁହେଁ । କର୍ମୀମାନେ ଡୋର କୌପୀନଧାରୀ କିମ୍ବା ଗୈରିକପରିହିତ ସନ୍ନ୍ୟାସୀ ବେଶ ଧରନ୍ତି ନାହିଁ । ନିଜର ପ୍ରକୃତବେଶରେ ଗ୍ରାମେ ଗ୍ରାମେ ବୁଲି ସେବା କାର୍ଯ୍ୟ କରନ୍ତି, ନିଜର ଗୃହକାର୍ଯ୍ୟ ମଧ୍ୟ କରନ୍ତି । ସନାତନ ଘରେ କିଛି କାର୍ଯ୍ୟ କରେ ନାହିଁ, କରିବାର ଆବଶ୍ୟକତା ମଧ୍ୟ ଥିଲା ନାହିଁ । ସେ ଅଧିକ ସମୟ ଆଶ୍ରମରେ କଟାଏ । ଘରେ ଥିବାବେଳେ ପୂଜା ଏବଂ ସ୍ତୁତିପାଠରେ ନିଯୁକ୍ତ ଥାଏ । ପିଲାକାଳରୁ ସେହି ଜଗନ୍ନାଥ ପଟ୍ଟ ଖଣ୍ଡି ସେ ଅଦ୍ୟାବଧି ଶ୍ରଦ୍ଧାଭକ୍ତିପୂର୍ବକ ପୂଜା କରିଆସୁଅଛି । ଗୀତା ପଢ଼ିବାକୁ ସେ ଖୁବ୍ ଭଲପାଏ । ସୁତରାଂ ଅନେକ ସମୟରେ ଗୀତାପାଠରେ ତନ୍ମୟ ଥାଏ । ପିତାମାତା ତାହାର ଏକାର୍ଯ୍ୟରେ ଅସନ୍ତୁଷ୍ଟ ନୁହନ୍ତି । ପୁଅ ତ କିଛି ଅନ୍ୟାୟ କାର୍ଯ୍ୟ କରୁନାହିଁ ଧର୍ମ ଚର୍ଚ୍ଚାରେ ନିଯୁକ୍ତ ଅଛି, ଏହା ତ ସେମାନଙ୍କ ପକ୍ଷରେ ଗୌରବର କଥା; ସୁତରାଂ ଅସନ୍ତୁଷ୍ଟ ବା କାହିଁକି ହେବେ ? ସନ୍ତାନର ସଦ୍‌ଗୁଣ ତ ପିତାମାତାଙ୍କର ବାଞ୍ଛନୀୟ । ପୁଅ ଧାର୍ମିକ ହେଉ, ବିଦ୍ୱାନ ହେଉ; ଏହା କାହାର ଇଚ୍ଛା ନୁହେଁ । ନନ୍ଦ ଦମ୍ପତି ସନାତନର ପ୍ରତିଜ୍ଞା କଥା ଜାଣନ୍ତି ନାହିଁ । କର୍ମୀମାନଙ୍କ କଥା କର୍ମୀମାନଙ୍କ ଭିନ୍ନ ଆଉ କେହି ଜାଣନ୍ତି ନାହିଁ । ତାହା ପ୍ରକାଶ କରିବା ଆଶ୍ରମର ନିୟମ-ବିରୁଦ୍ଧ । ଆଶ୍ରମର ନିୟମ ଗୋପନ ରଖିବା ସକାଶେ କଠୋର ଶପଥ ନ କଲେ କେହି ଆଶ୍ରମର କର୍ମୀ ହୋଇ ପାରନ୍ତି ନାହିଁ । ସନାତନର ଅଙ୍ଗୁଳି ସଙ୍କେତରେ ଆଶ୍ରମଟି ସୁପରିଚାଳିତ ହୁଏ ; ଆଶ୍ରମର କାର୍ଯ୍ୟମାନ ହିତଜନକ ଦେଖି ଲୋକେ ସ୍ୱତଃପ୍ରବୃତ୍ତ ହୋଇ ଅର୍ଥ ସାହାଯ୍ୟ କରିବାକୁ ଲାଗିଲେ । ଆଶ୍ରମ ପ୍ରତି ସମସ୍ତଙ୍କର ଭକ୍ତି ବିଶ୍ୱାସ ବଦ୍ଧମୂଳ ହୋଇ ଆସିଲା । ଅନୁଷ୍ଠାନର ସାଧୁତା ବା ସତ୍ୟତା ଥିଲେ ତାହା ପାଇଁ ଅର୍ଥର ଅଭାବ ହୁଏ ନାହିଁ, ଏଥିର ସ୍ପଷ୍ଟ ପ୍ରମାଣ ସେବାଶ୍ରମ ଦେଖାଇ ଦେଲା । ନିଃସ୍ୱାର୍ଥ ଭାବ ଘେନି କାର୍ଯ୍ୟାରମ୍ଭ କଲେ ସେହି ନିଃସ୍ୱାର୍ଥତା କାର୍ଯ୍ୟର ସହାୟ ହୁଏ; ମାତ୍ର ଯେଉଁଠି ସ୍ୱାର୍ଥ,ଅନର୍ଥ ସେଇଠି । ସ୍ୱାର୍ଥ ମିଶିଲେ ସବୁ ପଣ୍ଡ ହୁଏ । ବିଷ ମିଶିଲେ ଅମୃତ ସୁଦ୍ଧା ବିଷ ହୋଇଯାଏ । ସାଧୁ ସତ୍ ଅନୁଷ୍ଠାନ ପଣ୍ଡ ହେଲେ ବୁଝିବାକୁ ହେବ ଯେ, ନିଶ୍ଚୟ ସେଥିରେ ପ୍ରଚ୍ଛନ୍ନରେ ସ୍ୱାର୍ଥ ନିହିତ ଥିଲା ।

ଗାଁ ମୁଣ୍ଡରେ ପ୍ରାଣବନ୍ଧୁ ଦାସଙ୍କ ଘର । ଦାସେ କରଣ, ବିପୁଳ ସମ୍ପତ୍ତିବାନ୍ । ତାଙ୍କ ପିତା କଲିକତାରେ କୁଲି ସର୍କାରୀ କରି ଯଥେଷ୍ଟ ଉପାର୍ଜନ କରିଥିଲେ । ପିତୃବିୟୋଗ ପରେ ପୁତ୍ର ସେହି କାର୍ଯ୍ୟ କରୁଅଛନ୍ତି । ବର୍ତ୍ତମାନ ସେ ଜଣେ କ୍ଷୁଦ୍ର ଜମିଦାର । ଦାସେ ଅଧି-କାଂଶ ସମୟ କଲିକତାରେ ଥାଆନ୍ତି । ବର୍ଷରେ ଥରେ ଦୁଇଥର ଘରକୁ ଆସି ସେ ବିଷୟର ତତ୍ତ୍ୱାବଧାନ କରି ଯାଆନ୍ତି । ସେ ଏଣିକି ସହରବାସୀ, ପଲ୍ଲୀ ତାଙ୍କ ଜନ୍ମ-ଭୂମି ହେଲେ ସୁଦ୍ଧା ପଲ୍ଲୀଗ୍ରାମର ଦୂଷିତ ଜଳବାୟୁ ତାଙ୍କ ସ୍ୱାସ୍ଥ୍ୟ ପକ୍ଷରେ ଅନୁକୂଳ ନୁହେଁ । ପଲ୍ଲୀ ଗ୍ରାମରେ ମୋଟର ବା ସାଇକେଲ ଚଳିବା ଭଳି ସୁନ୍ଦର ସୁପଥ ନାହିଁ— ବିଶେଷତଃ ଭଦ୍ରସଙ୍ଗୀର ଅଭାବ, ବାତାହାରୀ ବାବୁ-ମଣ୍ଡଳର ଅଭାବ, ଆଳୁ ପଟୋଳର ତ ନାମଗନ୍ଧ ନାହିଁ, ଏହିପରି ନାନା ଅଭାବ ଅସୁବିଧା ମଧ୍ୟରେ ସାହେବିକ ସୁକୁମାର ଜୀବନ କି ତିଷ୍ଠି ପାରେ ? ଗାଁରେ ଦାସେ "ବନ୍ଧୁବାବୁ" ନାମରେ ପରିଚିତ । 'ବନ୍ଧୁବାବୁ ଦୁଇମାସ ହେଲା ଗ୍ରାମକୁ ଆସିଅଛନ୍ତି । ଉଦ୍ଦେଶ୍ୟ— ଗୋଟିଏ ସୁପାତ୍ର ଖୋଜି ତାହାରି ହସ୍ତରେ ନିଜର ଆତ୍ମଜା କୁସୁମକୁମାରୀକୁ ଅର୍ପଣ କରିବେ । କୁସୁମ ଷୋଡ଼ଶୀ କନ୍ୟା; ସୁତରାଂ ବର ମିଳିବା ଦୁଷ୍କର ହୋଇ ଅଛି । କାହିଁକି କେଜାଣି ନନ୍ଦଙ୍କ ସଙ୍ଗରେ ବନ୍ଧୁବାବୁ-ଙ୍କର ଅଭେଦ ପ୍ରୀତି । ଥଟ୍ଟା ଠାପସ୍ଥ ଚଳିବା ସକାଶେ ଉଭୟେ ଗୋଟିଏ ମଧୁର ସମ୍ପର୍କରେ ଆବଦ୍ଧ ହୋଇ-ଅଛନ୍ତି ।

ଦାସଙ୍କର ବୟସ ପଚାଶର ଆରପାଖ । ସେ ସୁପୁରୁଷ ନ ହେଲେହେଁ ଅସୁନ୍ଦର ନୁହନ୍ତି । ଧନୀ ଲୋକଙ୍କୁ ଅସୁନ୍ଦର ବୋଲି କହିବା ଘୋର ଅନ୍ୟାୟ ଏବଂ ଆଇନବିରୁଦ୍ଧ । ଯାହାର ଧନ ଅଛି, ତାହାର ସବୁ ସୁନ୍ଦର । ସୌନ୍ଦର୍ଯ୍ୟର ଏହି ମୌଳିକ ତତ୍ତ୍ୱ ଯେ ନ ଜାଣେ ସେ ବଡ଼ ଅରସିକ । ଦାସେ ଉଜ୍ଜ୍ୱଳ ଗୌରବର୍ଣ୍ଣ । ତାଙ୍କର ଶରୀର ସ୍ଥୂଳ, ଏପରି ସେପରି ସ୍ଥୂଳ ନୁହେଁ,

ଉଦରଟିର ପରିଧି ସାର୍ଦ୍ଧତିନି ହସ୍ତରୁ ଊଣା ନୁହେଁ। ଶରୀର ଏବଂ ଉଦର ତୁଳନାରେ ମସ୍ତକ ତାଳ ସଙ୍ଗରେ ତିଳ ପରି। ନଶ ହଳକ ନାକକୁ ବେଶ୍ ମାନେ। ଦାସେ ଦେଖିବାକୁ ଠିକ୍ ଯେପରି ହସ୍ତପଦବିଶିଷ୍ଟ ଗୋଟାଏ ବୃହତ୍ ପେଣ୍ଡୁ। ନାଭିକୂପରେ ଲୋଟାଏ ପାଣି ଧରିପାରେ। ତାଙ୍କର କଥା କହିବାରେ ସୁଦ୍ଧା ବୈଚିତ୍ର୍ୟ ଅଛି। କି ସ୍ୱର, କି ବ୍ୟଞ୍ଜନ ସବୁ ବର୍ଣ୍ଣ ତାଙ୍କର ନାସିକାରୁ ଉଚ୍ଚାରିତ ହୁଏ। ଏ ହେତୁ ତାଙ୍କ ନିକଟରେ ଚନ୍ଦ୍ରବିନ୍ଦୁର ଭାରି ଆଦର। କଥା କହିବାବେଳେ ମଧ୍ୟେ ମଧ୍ୟେ "କଣଜି' ଯୋଗ ନ କଲେ ସେ କହିପାରନ୍ତି ନାହିଁ। ଗୋଟାଏ ବାକ୍ୟ ମଧ୍ୟରେ ଏକାଧିକ "କଣଜି ଥାଏ। ସେହି ଶବ୍ଦଟି ତାଙ୍କର ବାକ୍ୟର ଅମୂଲ୍ୟ ଅଳଙ୍କାର ସ୍ୱରୂପ। ବଚନ ଖୁବ୍ ଗମ୍ଭୀର, ଯେପରି ବ୍ରହ୍ମଚାରୀର ବେଦଧ୍ୱନି। ଦାସେ ବିଦ୍ୟାର ସମ୍ପର୍କ ଏ ଜନ୍ମକୁ ରଖି ନାହାନ୍ତି—ଗତ ଜନ୍ମରୁ ଛୁଟାଇ ଦେଇ ସାରିଅଛନ୍ତି।

ଦିନେ ସକାଳେ ବନ୍ଧୁବାବୁ ଗୋଟାଏ ଚୌକିରେ ବସି ଧୂମ୍ରପାନ କରୁଥିଲେ। ଚୌକିଖଣ୍ଡି ଅଧା ଖଟ ପରି, ତଥାପି ବାବୁଙ୍କର ସ୍ଥୂଳ ଶରୀର ସେଥିରେ ନ ଧରି ସ୍ଥଳ ପାଖରୁ କିଛି କିଛି ବାହାରି ପଡୁଥିଲା। ସକାଳୁ ଉଠି ସରିସ ତୋଡ଼ାକୁ ମର୍ଦ୍ଦନ କଲାପରି ଜଣେ ଭଣ୍ଡାରୀ ତାଙ୍କର ଗୋଡ଼, ହାତ, ପେଟ, ପିଠି, ବେକ ଯଥା ତଥା ମର୍ଦ୍ଦନ କରି ଯାଉଅଛି। ଘଷି ଚାପିଲା ପରି ଚଟ ଚଟ ଶବ୍ଦ ଉଚ୍ଛୁଳି ପଡ଼ୁଛି। ଏହି ସମୟରେ ନନ୍ଦେ ଆସି ପହଞ୍ଚିଗଲେ। ସେ ଭଣ୍ଡାରୀକୁ ଲକ୍ଷ୍ୟ କରି କହିଲେ—"ମାର୍ ମାର୍, ଆହୁରି ଖୁବ୍ କଷିକରି ମାର।" ବନ୍ଧୁବାବୁ ଟିକିଏ ହସିଦେଇ କହିଲେ—"କିଁ ଏଁ, ନଁନ୍ଦେ ଆଁପଁଣେଁ ନାଁ, କିଁଅଁଣଁ ଦିଁଶ୍ରିବଁତଁ, ବଁସଁ ବଁସଁ।" ନନ୍ଦେ ଗୋଟାଏ ଲମ୍ବା 'ଆଶୀର୍ବାଦ କରି କହିଲେ—"ଭଗବାନ ତୁମ୍ଭଙ୍କୁ ସଦାଙ୍କୁ ଭଣ୍ଡାରୀ କହୁଣୀକୁ ରକ୍ଷା କରନ୍ତୁ।" ବନ୍ଧୁବାବୁ ମୃଦୁ ସଲଜ୍ଜ ହାସ୍ୟରେ କହିଲେ—"ବଁସଁ ହେଁ, କିଁଅଁଣିଁ ବଁସଁ।" ନନ୍ଦେ କୃତ୍ରିମ କ୍ରୋଧ ପ୍ରକାଶପୂର୍ବକ କହିଲେ—"କଅଣ ହେ, ସକାଳଠାରୁ ବଅଁଶ ବଅଁଶ କଅଣ କହୁଛ, ବଅଁଶ କଅଣ କଲି? ସେଠି କଲି ନା ହାଣ୍ଡିରେ ଖାଇଲି? କି ପାପ କରି ତ ଭଣ୍ଡାରୀ ହାତରୁ କହୁଣୀ ଖାଉଛ, ତାହା ଉପରେ ପୁଣି ବ୍ରାହ୍ମଣର ବଂଶ ଉଠାଇବା କି ଭଲ କଥା?" ବନ୍ଧୁବାବୁ ସେହିପରି ବ୍ୟାଜବିରକ୍ତି ପ୍ରକାଶ କରି କହିଲେ—"ବଁସଁ ହେଁ, ବଁସଁ, କିଁଷିଁଣିଁ ବୁଁଢ଼ାଁ ହେଁଲିଁଣିଁ, ତେଁବେଁ କିଁଣିଁଟିଁ ଥିଁଠାଁ ଠାଁପିଁରେ ଏଁତେଁ ରଁସଁ।" ଏ "ଚନ୍ଦ୍ରବିନ୍ଦୁ" ଆଉ "କଣଜି" ଜାଲାରେ ପାଠକ ଅସମ୍ଭାଳ ହୋଇ ପଡ଼ିଥିବେ; ସୁତରାଂ ସେଗୁଡ଼ିକ ଛାଡ଼ି କଥାଟା ସରଳ ଭାବରେ କହିଯିବା ଉଚିତ। ନନ୍ଦେ ପଚାରିଲେ—"କହିଁକି ବ୍ୟାକୁଳ ହୋଇଥିଲ?" ବନ୍ଧୁବାବୁ କହିଲେ—'ବସ ହେ, ଏତେ ତର ତର କାହିଁକି, କି କାମ ଅଛି କି? ଲେଣ୍ଡିଆ ପୁଅକୁ ଘରେ ବସାଇ ଧାଇଁ ଧାଇଁ ମରୁଛ କାହିଁକି? ଯଜମାନ ଘର ତାକୁ ଦେଉ ନାହିଁ? ଏତେ ଦିନ ଯାଏ ବବାହର ନାମ ତ ସୁଦ୍ଧା ଧରିବାକୁ ନାହିଁ। ମଣିଷ ଜୀବନ କି ଚିର? ତୁମ୍ଭର ଯେବେ ଭଲ ମନ୍ଦ ହୋଇଯାଏ, ତେବେ ତାହାର ଦଶା କଅଣ ହେବ, ଭାବିଛ କି?' ନନ୍ଦେ ତାଙ୍କ ଦୃଷ୍ଟିରେ ତାଙ୍କ ମୁହଁକୁ ଅନାଇ ରହି ମନେ ମନେ ଭାବିଲେ—ସତର ଅଠର ବର୍ଷର ପୁଅ କି ଲେଣ୍ଡିଆ, ପୁଣି ତାହାର ବୟସ ଗଡ଼ିଗଲା! ଏ କି ଅଦ୍ଭୁତ ହିତୈଷିତା। ଏହା ଭାବି କହିଲେ—"ହଁ ତାହା ପଛେ ଭାବିବା, ଆଗେ ଡାକିଛ କାହିଁକି କହ।" ବନ୍ଧୁବାବୁ କହିଲେ—"ଗୋଟାଏ ପୁଷ୍ଟିକର ଔଷଧ କରିବାକୁ ହେବ—ଯହିଁରେ ମନ ଚଞ୍ଚଳ ହେବ, ଶରୀର ହୃଷ୍ଟ ପୁଷ୍ଟ ହେବ।" ନନ୍ଦେ ଏହା ଶୁଣି ଆଶ୍ଚର୍ଯ୍ୟ ହେଲେ ଏବଂ ମନେ ମନେ ଭାବିଲେ—"ଏବେ ତ ବାଘ ଖାଇଲେ ବର୍ଷେ ଖାଇବ, ଦେହଟା କେଉଁଠି ବାଉଁଶ ପରି ହଲୁଛି ଯେ, ଔଷଧ ଖାଇ ଆହୁରି ମୋଟା ହେବାକୁ ଇଚ୍ଛା।" ମାତ୍ର ଏ ଭାବ ଗୋପନ କରି କହିଲେ—"ଆଚ୍ଛା ହେଉ, ଭଲ ଦିନ ଦେଖି ରଘୁ ଛଟେର ବୈଦ୍ୟକୁ ଡାକି ଗୋଟାଏ ତାଲିକା କରିବା। ଏତଲ୍ଲାଟରେ ଯେତେ ବୈଦ୍ୟ ଅଛନ୍ତି, ସମସ୍ତେ ରଘୁ ତଳେ।" ବନ୍ଧୁବାବୁ ଭଣ୍ଡାରୀକୁ ବିଦା କରିଦେଇ

ଅନୁଚ୍ଚସ୍ୱରରେ କହିଲେ—"ଆଉ ଗୋଟାଏ କଥା ଅଛି; ବଡ଼ ଗୋପନୀୟ । ଆମ କୁସୁମର କୋଷ୍ଠୀଖଣ୍ଡ ବଦଳେଇବାକୁ ହେବ । ଗୋଟାଏ ଖୁବ୍ ଭଲ ଜାଗାରୁ ଖଣ୍ଡେ ବର କୋଷ୍ଠୀ ଆସୁଛି, ତାହା ସଙ୍ଗରେ ମିଶିଲା ଠିକ୍ ମେଳ ଘଟିବ । ମୁଁ ବଡ଼ ବ୍ୟବହାର ହେଲିଣି, ଏତକ ମିଶିଲା ହେଉ ଭାବିବାକୁ ହେବ । ଜଣେ ବିଶ୍ୱାସୀ ଜ୍ୟୋତିଷ ଦରକାର, ତୁମେ ଯାହା କହିବ, ମୁଁ ତାହା ତାକୁ ପୁରସ୍କାର ଦେବି ।" ନନ୍ଦେ ଏହା ଶୁଣି ଦଣ୍ଡେ ଯାଏ ଉର୍ଦ୍ଧ୍ୱ ଦୃଷ୍ଟିରେ କଅଣ ଭାବିଲେ, ତହୁଁ ପରେ "ହେଉ, ବୁଝିବି" ବୋଲି କହି ସେଠାରୁ ପ୍ରସ୍ଥାନ କଲେ । ଯାଉଁ ଯାଉଁ ଭାବିଲେ—"ହାୟ, ଏ ପ୍ରତାରକମାନେ କି ଭଗବାନଙ୍କ ପବିତ୍ର ହସ୍ତର ସୃଷ୍ଟି ନୁହନ୍ତି ? ଭଗବାନ ଏମାନଙ୍କୁ ମନୁଷ୍ୟର ଅବୟବ ଦେଇ ମନୁଷ୍ୟତ୍ୱରୁ ବଞ୍ଚିତ କରନ୍ତି କାହିଁକି ? ନିଜ ସନ୍ତାନର ଯେ ଏଭଳି ଅମଙ୍ଗଳ କରିପାରେ ତାହାର ଅସାଧ୍ୟ କାର୍ଯ୍ୟ କଅଣ ଅଛି ? ଏ ପାପ କାର୍ଯ୍ୟରେ ମୁଁ ପୁଣି ସହାୟତା କରିବି, ଛି ଏମାନଙ୍କ ମୁଖାବଲୋକନ ମହାପାପ । ଝିଅର କୋଷ୍ଠୀ ଠାଣ ହେଲେ ସେହି ଭଳି ବା ତହୁଁ ବଳି ଠାଣ କୋଷ୍ଠୀର ପାତ୍ର ସଙ୍ଗେ ବିବାହ ଦେବା ଉଚିତ । ସେଥିରେ କନ୍ୟା ଜାମାତା ଉଭୟଙ୍କର ମଙ୍ଗଳ । ତାହା ନ କରି ଝିଅ ବଡ଼ ଘରେ ପଡିଲେ ମାନମର୍ଯ୍ୟାଦା ନଷ୍ଟ ହେବ ନାହିଁ ବୋଲି ତାହାର ଭବିଷ୍ୟତ ଗ୍ରାସ କରିବା କି ଉଚିତ ? ସନ୍ତାନର ଜୀବନ ଏବଂ ସୁଖସ୍ୱାଚ୍ଛନ୍ଦ୍ୟଠାରୁ ମାନର ମୂଲ୍ୟ କି ଏ ପାଷଣ୍ଡମାନଙ୍କ ନିକଟରେ ଏତେ ଅଧିକ ?" ଏହିପରି ନାନା କଥା ଭାବି ଭାବି ନନ୍ଦେ ଆସି ଗୃହରେ ଉପସ୍ଥିତ ହେଲେ ।

## ଦ୍ୱାଦଶ ପରିଚ୍ଛେଦ

ଅଗାଡି ବହୁଳ ଧାନ ଛିଞ୍ଚାରୁ ଶୁକପକ୍ଷୀ ଧାନଟି ବାଛି ନେଲା ପରି ପଣ୍ଡିତମାନେ ଅସାର ତ୍ୟାଗ କରି ସାରଟିକ ଗ୍ରହଣ କରନ୍ତି । ବନ୍ଧୁ ବାବୁଙ୍କ କଥା ମଧ୍ୟରୁ ସନାତନର ବିବାହ ପ୍ରସଙ୍ଗଟାକୁ ବାଛି ନେଇ ନନ୍ଦେ ତାହା ଆଲୋଚନା କରିବାକୁ ଲାଗିଲେ । ମନେ ମନେ କହିଲେ,"ସତେ ତ ପୁଅର ବିବାହ କଥା ମୁଁ ଅଦ୍ୟାବଧି ମନକୁ ଆଣି ନାହିଁ । ମନୁଷ୍ୟର ଜୀବନ ବୃକ୍ଷଚ୍ଛାୟା ପରି ଅସ୍ଥାୟୀ । ତାହା ଦିବସରେ ଥାଏ, ସନ୍ଧ୍ୟାରେ କୁଆଡ଼େ ମିଳେଇଯାଏ । ଏଡ଼େ ଗୋଟାଏ ଦାୟିତ୍ୱ ମୋ ମୁଣ୍ଡ ଉପରେ ଅଛି, ସେଥି ପ୍ରତି ମୋର ଆଦୌ ଲକ୍ଷ୍ୟ ନାହିଁ । ଏତେ ଦିନଯାଏ ମୋତେ କେହି ମଧ୍ୟ ସ୍ମରଣ କରାଇ ଦେଇ ନାହାନ୍ତି । ସାନ ବୋହୂ ତ କେଉଁ କଥାରେ ଥାଏ ନାହିଁ, ସବୁବେଳେ ନାମୀ ନାମୀ ବୋଲି ଅଥୟ, ତାହା କଥା ଛାଡିଦିଅ । ମାତ୍ର ଶେଫାଳିକା ତ ସୁଦ୍ଧା କେବେ କହି ନାହାନ୍ତି । ସେ କଅଣ ତେବେ ମୋହରି ପରି ଉଦାସୀନ ଅଛନ୍ତି, ନା ମୋ ପାଖରୁ ସେ କଥା ଆଗେ ବାହାର କରାଇବା ଇଚ୍ଛାରେ ନୀରବ ଅଛନ୍ତି ? ତାଙ୍କ ସର୍ବଦର୍ଶୀ ଚକ୍ଷୁ ଆଗରେ କିଛିହିଁ ତ ଲୁଚି ରହିବାର ନୁହେଁ । କେଜାଣି, ରହସ୍ୟମୟୀର କି ରହସ୍ୟ । ଯାହା ହେଉ କଥାଟା ପକାଇ ମତାମତ ବୁଝିବା ଉଚିତ ।" ନନ୍ଦେ ଏହିପରି ଭାବନା ମଧ୍ୟରେ ସ୍ନାନ, ପୂଜା, ଭୋଜନାଦି ଶେଷକରି ମାଧ୍ୟାହ୍ନିକ ବିଶ୍ରାମ ସକାଶେ ଶଯ୍ୟାର ଆଶ୍ରୟ ଗ୍ରହଣ କଲେ । କିନ୍ତୁ ନିଦ୍ରା ହେଲା ନାହିଁ, ଏ ପାଖ ସେ ପାଖ ଗଡ଼ି ହେଲେ । ଉତ୍କଣ୍ଠାକୁଳ ଚକ୍ଷୁକୁ ନିଦ୍ରାଦେବୀ ସ୍ପର୍ଶ କରନ୍ତି ନାହିଁ । ଚିନ୍ତା ସଙ୍ଗରେ ଯାହାର ଅହିନକୁଳ ସମ୍ପର୍କ, ସେ କି ଚିନ୍ତାର ପାଖ ପଶିବ ? ଶେଷରେ ନନ୍ଦେ ବିରକ୍ତ ହୋଇ ନିଦ୍ରା ପ୍ରତି ଗୋଟାଏ କଟୁ ମନ୍ତବ୍ୟ ପ୍ରକାଶପୂର୍ବକ ଉଠି ବସି ଶେଫାଳିକାଙ୍କୁ ଡାକିଲେ । ସତୀ ଆସି ପତି ପାର୍ଶ୍ୱରେ ବସିଲେ । ନନ୍ଦେ କହିଲେ—"ତୁମକୁ ଗୋଟାଏ କଥା ପଚାରିବି ବଡ଼ ବୋହୂ । ମୁଁ ଭାବୁଛି, ପୁଅର ବାହାଘର ଶୀଘ୍ର କରି ଦେଲେ ଭଲ, ଏଥିରେ ତୁମର ମତ କଅଣ ?"

ଶେଫାଳିକା—ଏତ ଖୁବ୍ ଭଲ କଥା, ଏଥିରେ ଆଉ ମତାମତ କଅଣ ? ସନ୍ତାନର ମଙ୍ଗଳ କାର୍ଯ୍ୟରେ ମାତାର କି କେବେ ଅମତ ହୁଏ ? ମାତୃପ୍ରାଣ ତ ତାହା ଖୋଜୁଥାଏ । ବୋହୂ ଘରକୁ ଆଣିବି, ନାତି ନାତୁଣୀ ଦେଖିବି, ମୋ ଇଚ୍ଛାର ତ ଏତିକି ଆଉ ବାକୀ ଅଛି ।

ନନ୍ଦେ—ତେତିକି ପୂର୍ଣ୍ଣ ହେଲେ ବୈକୁଣ୍ଠକୁ ଯିବ ।

ଶେଫାଳିକା—ନା, ବୈକୁଣ୍ଠ ମୋର ଲୋଡ଼ା ନାହିଁ । ବୈକୁଣ୍ଠରେ ସୁଖ ଆଉ ଆନନ୍ଦ ଏହି ଦୁଇଟି ଅଛି । ସେହି ଦୁଇଟି ପଦାର୍ଥ ଯଦି ଆଉ କେଉଁଠି ମିଳେ, ତେବେ ସେ ସ୍ଥାନ କି ତ ବୈକୁଣ୍ଠ ? ସୃଷ୍ଟିକୁ ଯେପରି ଯ ତ୍ନ କରି ମଣିଷ କଲି, ତାହାର ଫଳ ଫୁଲକୁ କାଖରେ କୋଳରେ ଲଗାଇ ସେହିପରି ହସାଇ ଖେଳାଇ ମନର ଅଭିମାନ ମେଣ୍ଟାଇବି । ସେଥିରେ ଯେଉଁ ସୁଖ, ଆନନ୍ଦ, ସେପରି ସୁଖ, ସେପରି ଆନନ୍ଦ ବୈକୁଣ୍ଠରେ ଅଛି କି ? ସେହି ମୋର ତୀର୍ଥ, ସେହି ମୋର ବୈକୁଣ୍ଠ, ସେହି ମୋର ସବୁ । ବୈକୁଣ୍ଠ ବୋଲି ଗୋଟାଏ ଅଲଗା ଜାଗା ଅଛି କି ନାହିଁ ମୁଁ ଜାଣେ ନାହିଁ । ତେବେ ଏତିକି ଜାଣେ ଯେ, ଏହି ପୃଥିବୀରେ ମଧ୍ୟ ବୈକୁଣ୍ଠ ଅଛି । କେହି କେ ସେ ବୈକୁଣ୍ଠ ଭୋଗ କରିଯାଏ । ସେ ଯାହା ହେଉ ପଛେ, ସୃଷ୍ଟିର ମୁଁ ଯେପରି ମତିଗତି ଦେଖୁଛି, ସେଥିରୁ ମୁଁ ବୁଝୁଛି ଯେ, ଚଞ୍ଚଳ ତାକୁ ହାତଛନ୍ଦା କରି ପକାଇବା ଦରକାର ।

ନନ୍ଦେ—ମତିଗତି କିପରି ଦେଖୁଛ ? ସେ ତ ମନ୍ଦ ପିଲା ନୁହେଁ ?

ଶେଫାଳିକା,ମୁଁ କଅଣ ତା ଜାଣେ ନାହିଁ ? ମତିଗତି କଅଣ ଖାଲି ମନ୍ଦ ଆଡ଼କୁ ଯାଏ, ଭଲ ଆଡ଼କୁ ଯାଏ ନାହିଁ ? ହାୟ ମୋ ପୋଡ଼ା କପାଳ, ଦେବକୁମାର ପରି ସୃଷ୍ଟି ମୋର, ସେ ମନ୍ଦ ହେବାକୁ କାହିଁକି ଯିବ, ତାହାର ଶତ୍ରୁ ମନ୍ଦ ହେଉ !

ନନ୍ଦେ—ତେବେ ଆଉ କଅଣ କହୁଛ ସଫା କହୁ ନାହିଁ ?

ଶେଫାଳିକା—କଅଣ କହୁଛି କି, ପିଲାଦିନରୁ ତ ସେ ଉଦାସ । ସେହି ଭାବ ତାହାର ଏଣିକି ବଢ଼ି ଉଠୁଛି । ସବୁବେଳେ ବସି ସେ କଅଣ ଭାବେ । ଖାଲି ପୂଜା ପାଠ ଛଡ଼ା ଆଉ କାହିଁରେ ତାହାର ମନ ନାହିଁ । ସେଥିଲାଗି କହୁଛି—ବାନ୍ଧି କରିଦେଇ ପକାଇଲେ ତାହାର ସେ ଉଦାସ ଭାବ ଭାଙ୍ଗିଯିବ । ଉପରେ ଭାର ପଡ଼ିଲେ ସେ ବୁଝିବ ଯେ,ସଂସାରରେ ତାହାର ଗୁରୁତର ଦାୟିତ୍ୱ ଅଛି ।

ନନ୍ଦେ—ଯାହା କହିଲ ସତ ବଡ଼ବୋହୂ, ମୁଁ ବି ତାହାର ଗୋଟାଏ ନିର୍ଲିପ୍ତ ଭାବ ଦେଖୁଛି । ସତେ ସେ ଏତେ କଅଣ ଭାବେ, ଆଉ ତାହାର ଅଭାବ ବା କଅଣ ? ଯେତେବେଳେ ସେ ଧ୍ୟାନ କଲା ପରି ଅପଲକ ନୟନରେ ଚୁହିଁ ବସିଥାଏ, ତେତେବେଳେ ବୋଧ ହୁଏ—ତାହାର ମନ ଯେପରି ପୃଥିବୀରେ ନାହିଁ, କେଉଁ ଅଜ୍ଞାତ ରାଜ୍ୟରେ ଅଜ୍ଞାତ ସମ୍ବାଦ ସଂଗ୍ରହ କରିବାରେ ବ୍ୟସ୍ତ ଅଛି । ମନ ଏପରି ଉଦାସୀନ ହେଲେ ସେ ଗୃହସ୍ଥାଶ୍ରମ କରିବ କିପରି ? ତୁମେ ଯାହା କହିଲ ହାତଛନ୍ଦା କରିଦେଲେ ମନ ବଦଳିଯିବ ; ତାହା ଠିକ୍ । ମୁଁ ପାତ୍ରୀ ଅନୁସନ୍ଧାନ କରେଁ, ଆସନ୍ତା ମାଘ ଫଗୁଣରେ ବାହାଘର କରିଦେବା ।

ଆନନ୍ଦରେ ଶେଫାଳିକାଙ୍କର ଗୋଡ଼ ତଳେ ପଡ଼୍ ନାହିଁ । ତାଙ୍କର ସାନ ବୋହୂଟିଏ ଆସିବ, ସେ ବୋହୂର ଶାଶୁ ହେବେ, ନାରୀ ସୌଭାଗ୍ୟର ଚୂଡ଼ାନ୍ତ ଆଉ କଅଣ । ସୌଦାମିନୀକୁ ଏ ଶୁଭ ସମ୍ବାଦ ଦେବାକୁ ସେ ଧାଇଁଲେ । ଗୃହାନ୍ତରରେ ସପତ୍ନୀଙ୍କୁ ଦେଖି ସହାସ୍ୟ ମୁଖରେ କହିଲେ—"ସବୁ, ଗୋଟାଏ ଶୁଭ ଖବର କହିବି, ମୋତେ କଅଣ ଦବୁ କହ ।" ସୌଦାମିନୀ କହିଲା—"ପଦାର୍ଥ ନ ଦେଖି ଆଗରୁ କିଏ ଦର ଛିଡ଼ାଏ ନାନି ?" "ଦୂର୍ ପୋଡ଼ାମୁହିଁ, ତେବେ ଶୁଣ, ମେ ଭାଇର ବାହାଘର ହେବ ।" ଶେଫାଳିକା ଏହା କହି ସଉତୁଣୀଙ୍କ ମୁହଁକୁ ଅନାଇ ହସିବାକୁ ଲାଗିଲେ । ସୌଦାମିନୀ ବିମ୍ବାଧରରେ ହାସ୍ୟର ସୌଦାମିନୀ ଖେଳାଇ ଦେଇ ଅଧୀର ଆନନ୍ଦରେ କହିଲା—"ସତ ନା ନାନି ? କାହାଠାରୁ ଶୁଣିଲ ?" ଶେଫାଳିକା କହିଲେ—"ହଁ ଲୋ ସତ, ତା ବାପ

କହୁଥିଲେ, ସେ କନ୍ୟା ଖୋଜୁଛନ୍ତି—ମାଘ ଫଗୁଣରେ ବାହାଘର ହେବ ।''

ସୌଦାମିନୀ—ଆଚ୍ଛା ହେଉ ନାନି, ବେଶ୍ ହେବ; ମୁଁ ଡାଲିଭାତ ଖାଇବ ।

ଶେଫାଳିକା—ଡାଲିଭାତ ଖାଇବୁ ? ସୁଅ ବାହାଘରରେ ମାତ୍ର ଡାଲିଭାତ ଖାଇବା ଛଡ଼ା ଆଉ ସବୁ କିଛି ନାହିଁ ?

ସୌଦାମିନୀ—କିଏ ମା ନାନି ? ସୁଅ ତମର ନା ମୋର ? ଖାଲି ଜନ୍ମକଲେ କି ମା ହୁଅନ୍ତି । ମାତୃକର୍ତ୍ତବ୍ୟ ମୁଁ କଅଣ କରେଁ ଯେ, ମାର ଅଧିକାର ଦାବୀ କରିବ ? ମୁଁ ସେ କର୍ତ୍ତବ୍ୟ କରିପାରିବ ନାହିଁ, କି ସେ ଅଧିକାର ଖୋଜେଁ ନାହିଁ । ସୁଅ ତମର, ତା କଥା ତମେ ଜାଣ, ମୁଁ ସେ ଜଞ୍ଜାଳରୁ ଖଲାସ୍ ।

ଶେଫାଳିକା—କଅଣ କହିଲୁ, ତୁ ସେ ଜଞ୍ଜାଳରୁ ଖଲାସ ? ମୋ ଉପରେ ସବୁ ଲଦି ଦେଇ ତୁ ପସନ୍ଦ କରିଚୁ ? ଆଉ ମୁଁ ମରିଗଲେ ?

ସୌଦାମିନୀ—ତମ ଗୋଡ଼ତଳେ ପଡ଼ୁଛି ନାନି, ସେ କଥା କୁହ ନାହିଁ ।

ସୌଦାମିନୀର ନେତ୍ର ଛଳ ଛଳ ହୋଇ ଆସିଲା, କେତେ ଠୋପା ଲୁହ ମଧ୍ୟ ଝରିପଡ଼ିଲା । ଶେଫାଳିକା ସପତ୍ନୀକୁ ପାଖକୁ ଟାଣି ଆଣି ପଣତ କାନରେ ତାହାର ଲୁହ ପୋଛିଦେଇ ସ୍ନେହ-ସଜଳ କଣ୍ଠରେ କହିଲେ—''ତୋର ପିଲାବୁଦ୍ଧି ଆଉ କେବେ ଛାଡ଼ିବୁ ସବୁ ? ବିଧାତା କି ତୋ ଆଖିରେ ଅଶ୍ରୁ-ସମୁଦ୍ର ରଖି ଦେଇଛି ? କଥା କଥାକେ ତୁ କାନ୍ଦିପକାଉ କାହିଁକି ? ନା ନା, ମୋ ସୁନା ଭଉଣୀଟା, ଆଉ କାନ୍ଦ ନା । ତୋ ନାନୀ ମରିବ ନାହିଁ, ତୁଆପରି ଅମର-ଲତା ଖାଇ ସେ ଯୁଗେ ଯୁଗେ ବଞ୍ଚିଥିବ ।'' ଏହା ଶୁଣି ସୌଦାମିନୀ ଫକ୍ କରି ହସିଉଠିଲା । ଅଶ୍ରୁମୁଖରେ ହାସ୍ୟ ବୃଷ୍ଟିସିକ୍ତ ରୌଦ୍ରପରି ବଡ଼ ସୁନ୍ଦର, ବଡ଼ ମଧୁର । ସପତ୍ନୀର ଏହି କଥା ମଧ୍ୟରେ କି ଅନାବିଲ ଅମୃତ ଅଛି, ତାହା ସେହି ଜାଣେ । ସେହି ଅମୃତରେ ସର୍ବଦା ଅଭିଷିକ୍ତ ହୋଇ ସେ ଆତ୍ମବିସ୍ମୃତ ଏବଂ ଆତ୍ମବର୍ଜିତ ।

ବିବାହ ପ୍ରସଙ୍ଗ ପ୍ରଥମତଃ ଫୁଟ୍‌ଫାଟ୍ ଭୁଟ୍‌ଭାଟରେ ଚାଲିଲା; ତହିଁ ପରେ ଆଉ ଅପ୍ରକାଶ ରହିଲା ନାହିଁ । ମାତ୍ର ସନାତନ କିଛି ଜାଣେ ନାହିଁ । ପିତାମାତା ଯେତେବେଳେ କଥାବାର୍ତ୍ତା ହୁଅନ୍ତି, ସେ ଅଲକ୍ଷରେ ଥାଇଁ କିଛି କିଛି ଶୁଣେ; ମାତ୍ର କାହାର ବିବାହ ବୁଝିପାରେ ନାହିଁ । ସେ ଦିନେ ଶେଫାଳିକାଙ୍କୁ ପଚାରିଲା—ବଡ଼ମା, କାହାର ବିବାହ ? ଶେଫାଳିକା ମୃଦୁ ହସି କହିଲେ, ''କାହାର ବିବାହ ? ମୋର ଆଉ ପାଞ୍ଚଟା ଅଛି ନା ଦଶଟା ଅଛି, ଧାଇଁ ଧାଇଁ ତ ଖଣ୍ଡେ—ତୋର ବିବାହ ଆଉ କାହାର ।'' ସନାତନ ମୁହଁ ତଳକୁ ପୋତି କୁଣ୍ଠିତ ସ୍ୱରରେ କହିଲା—''ମୋର ବିବାହ ? ନା ବଡ଼ମା, ସେ ଚେଷ୍ଟା ତୁ କରନା ।''

ଶେଫାଳିକା—କି, କାହିଁକି କରିବି ନାହିଁ ?

ସନାତନ—ମୋର ଇଚ୍ଛା ନୁହେଁ ?

ଶେଫାଳିକା—କାହିଁକି ଇଚ୍ଛା ନୁହେଁ ?

ସନାତନ—ମୋ ଗୋଡ଼ରେ କାହିଁକି ଗୋଟାଏ ବେଡ଼ୀ ପକାଇବୁ ?

ଶେଫାଳିକା—ବେଡ଼ୀ କଅଣ ରେ ? ସଂସାରରେ କଅଣ କେହି ବାହା ହେଉ ନାହାନ୍ତି ?

ସନାତନ—କେଉଁଠୁ କିଏ ଗୋଟାଏ ଅପରିଚିତ ପର ଲୋକ ଆସି ମୋର ଅବାଧ ସ୍ୱାଧୀନତା ହରଣ କରିବ । ତାହାପାଇଁ ବାପ ମା ପର ହେବେ । ନା ବଡ଼ମା, ମୁଁ ତ ତା ସହି ପାରିବି ନାହିଁ ।

ଶେଫାଳିକା—ନା ବାବା ପର ନୁହେଁ । ପ୍ରଥମେ ସ୍ତ୍ରୀ ପୁରୁଷ ପର ପର ଅପରିଚିତ ଥାଆନ୍ତି ସତ; ମାତ୍ର ବିବାହ ମନ୍ତ୍ର ସେମାନଙ୍କୁ ଏକ କରିଦିଏ । ବୈଦିକ ମହାମନ୍ତ୍ରର ଶକ୍ତି ସାମାନ୍ୟ ନୁହେଁ ବାବା, ସେ ଶକ୍ତି ସ୍ତ୍ରୀ ପୁରୁଷଙ୍କୁ ପ୍ରାଣେ ପ୍ରାଣେ ମିଶାଇ ଏକ କରିଦିଏ । ସତୀଶିରୋଭୂଷା ସାବିତ୍ରୀ ନିଜ ପରମାୟୁର ଭାଗ ଦେଇ ମୃତ ସ୍ୱାମୀଙ୍କୁ ବଞ୍ଚାଇଥିଲେ, ମହାରାଜାଧିରାଜ ରବିକୁଳରବି ଭରତର୍ଷଭ ମହାତ୍ମା ଅଜ ନିଜ ଆୟୁର ଅର୍ଦ୍ଧେ ଦେଇ ପ୍ରିୟତମା ଇନ୍ଦୁମତୀଙ୍କୁ ଯମପୁରରୁ ଫେରାଇ ଆଣିଥିଲେ, ଏହା ଶାସ୍ତ୍ର କଥା, ମିଛ ନୁହେଁ ବାବା । ପର କି ପରକୁ ପରମାୟୁ ଦେଇପାରେ ? ହରଗୌରୀ ଏକମୂର୍ତ୍ତି । ଏଥିରୁ କି ଜଣାଯାଉ ନାହିଁ

ଯେ, ସ୍ତ୍ରୀ-ପୁରୁଷ ପରସ୍ପରର ଅର୍ଦ୍ଧାଙ୍ଗ ଆଉ ଦୁହେଁ ମିଶି ଏକ । ଯେଉଁ ବୈଦିକ ମନ୍ତ୍ରର ମହାଶକ୍ତି ଅସାଧ୍ୟ ସାଧନ କରିପାରେ, ଦୁଇଟି ଜୀବନ ମିଶାଇ ଏକ କରି ଦେବା ତାହା ପକ୍ଷରେ ଅସମ୍ଭବ ନୁହେଁ । ଯେଉଁ ମନ୍ତ୍ରର ଅମୋଘ ଶକ୍ତିରେ ଘନ ଜଳ ବର୍ଷା କରେ, ଶୂନ୍ୟରୁ ଅଗ୍ନି ଜାତ ହୁଏ, ମୃତପିଣ୍ଡରେ ପ୍ରାଣ ସଞ୍ଚାର ହୁଏ, ସେ ଶକ୍ତି ଅଚିନ୍ତନୀୟ । ବିବାହଦ୍ୱାରା ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୁଏ । ସେଥିପାଇଁ ସଂସାରରେ ବିବାହ-ବିଧି ପ୍ରଚଳିତ ଅଛି । ଆଉ ସ୍ତ୍ରୀ ଲାଗି ବାପ ମା କାହିଁକି ପର ହେବେ ?

ସନାତନ—ସ୍ତ୍ରୀ ଘରକୁ ଆସିଲେ ବାପ ମା ପର ହେଉଛନ୍ତି, ଏହା ପ୍ରତ୍ୟକ୍ଷରେ ଦେଖା ଯାଉଥିବାଠାରେ ଆଉ ସନ୍ଦେହ କଣ ଅଛି ? ରକ୍ଷାକର ବଡ଼ମା, ମୁଁ ଜଣକର ଅଧୀନ ହୋଇପାରିବି ନାହିଁ ।

ଶେଫାଳିକା—କାହାର ଅଧୀନ କାହିଁକି ହେବୁ ?

ସନାତନ—ଯାହାର ଭାର ବହିବି, ତାହାର ଅଧୀନ ନ ହୋଇ ଆଉ କଣ ହେବି ?

ଶେଫାଳିକା—ତେବେ ସମସ୍ତେ ବିଭା ହୁଅନ୍ତି କାହିଁକି ? ବିବାହରେ ଯଦି କିଛି ମଙ୍ଗଳ ଉଦ୍ଦେଶ୍ୟ ନ ଥାନ୍ତା, ତେବେ ତ୍ରିକାଳଜ୍ଞ ଆର୍ଯ୍ୟ ମହର୍ଷିମାନେ ବିବାହ ବିଧି ଚଳାଇ ଥାଆନ୍ତେ କାହିଁକି ?

ସନାତନ—ଆର୍ଯ୍ୟ ମହର୍ଷିଙ୍କ ବିଧାନକୁ ମୁଁ ଦୋଷ ଦେଉ ନାହିଁ । ଯେଉଁମାନଙ୍କର ଅତୁଳ ପ୍ରଭାବ ଯୁଗେ ଯୁଗେ ଆର୍ଯ୍ୟ ସମାଜର ଗୌରବ ସମୁଜ୍ଜ୍ୱଳ କରି ରଖିଅଛି, ସେହି ମହାପୁରୁଷମାନଙ୍କର ମଙ୍ଗଳବିଧାନକୁ ଦୋଷାବହ ବୋଲିବା ମହାପାପ, ଏ ଶିକ୍ଷା ମୁଁ ତୋହରିଠାରୁ ପାଇଛି ବଡ଼ମା । ତେବେ ସମସ୍ତେ କଣ ଏକ ବାଟରେ ଚାଲିବେ ? ବିବାହ ପ୍ରଥା ଯେ ଚଳାଇ ଯାଇଛନ୍ତି, ଧର୍ମ ସାଧନର ବିବିଧ ପଥ ମଧ୍ୟ ସେ ଦେଖାଇ ଦେଇଅଛନ୍ତି । ଯେ ଯେଉଁ ପଥକୁ ସହଜ ମଣିବ, ସେ ସେହି ପଥରେ ଚାଲିବ । ସମସ୍ତେ ବିବାହ କରି ସଂସାରୀ ହେବେ, କେହି ସନ୍ନ୍ୟାସୀ ହେବେ ନାହିଁ, ଏରୂପ ନିଷେଧାଜ୍ଞା ସେ ପ୍ରଚାର କରି ନାହାନ୍ତି ।

ଶେଫାଳିକା ପୁତ୍ରର ଏ ଯୁକ୍ତି ଖଣ୍ଡନ କରିବାକୁ ହଠାତ୍ କିଛି ପାଇଲେ ନାହିଁ । ତହୁଁ କୃତ୍ରିମ ରୋଷ ପ୍ରକାଶ ପୂର୍ବକ କହିଲେ—"ହଁରେ ଯା, କଥାରେ ତୋତେ କିଏ ପାରିବ । ଅଣ୍ଡା ଖଣ୍ଡେ, କେତେ ବାଗରେ କଥା କହୁଛି । ଏ ଗୋଟାଏ ମଣିଷ, ଏହାର ପୁଣି ଗୋଟାଏ ମତ ।" ଅନନ୍ତର ଶେଫାଳିକା ଉଠି ଅନ୍ୟତ୍ର ଚାଲିଗଲେ । ସନାତନ ହସି ହସି ଘରୁ ବାହାରି ଗଲା ।

ମାତାପୁତ୍ରର ଉପରୋକ୍ତ କଥାବାର୍ତ୍ତା ଯଥାସମୟରେ ନନ୍ଦଙ୍କର କର୍ଣ୍ଣଗୋଚର ହେଲା । ସେ ପ୍ରଥମା ପତ୍ନୀଙ୍କୁ କହିଲେ—"ଯଦି ତାହାର ବିବାହରେ ମତ ନାହିଁ, ତେବେ ତାକୁ ଆଉ ଅଧିକ କିଛି ବାଧ୍ୟ କରିବା ଉଚିତ ନୁହେଁ । ସେଥିରେ ଫଳ ବିଷମ ହୋଇପାରେ । ଅନେକ ଲଜ୍ଜାଳୁ ବାଳକ ପ୍ରଥମତଃ ଏହିପରି କହିଥାନ୍ତି । କିନ୍ତୁ ପରେ ସେମାନଙ୍କ ଭାବ ଭଙ୍ଗୀରୁ ମତ ପରିବର୍ତ୍ତନର ଆଭାସ ମିଳେ । କେଉଁ ପାଣି କୁଆଡ଼କୁ ଯାଉଛି ଦେଖାଯାଉ । ପିଲାମତି ବଦଳି ଯିବା କିଛି ବିଚିତ୍ର ନୁହେଁ । ତମେ କିଛି ଆଶଙ୍କା କର ନାହିଁ । ନ ହେଲେ ତମର ଯଦି କିଛି ଭିନ୍ନ ମତ ଥାଏ, ତେବେ କହ ।" ଶେଫାଳିକା କହିଲେ—"ନା ମୋର ଅନ୍ୟ ମତ ନାହିଁ । ପୁଅ ତ ଆଉ ବୁଢ଼ା ହୋଇଯାଉ ନାହିଁ । ବର୍ଷେ କି ଛଅମାସ ଯାଉ, ଏତେ ତରତର କାହିଁକି ? ତେବେ ମୁଁ କହୁଛି କଅଣ କି, ବାହାଘର ପଛେ ବନ୍ଦ ଥାଉ; ମାତ୍ର କନ୍ୟା ଖୋଜିବାରେ ତମେ ହେଳା କରନାହିଁ ।" ନନ୍ଦ କହିଲେ—"ନା, ସେଥିରେ କି ହେଳା କରିଯାଏ ।"

ସନାତନ ସେବାଶ୍ରମ ସଙ୍ଗରେ କ୍ରମେ କ୍ରମେ ନିଜକୁ ନିବିଡ଼ ଭାବରେ ଜଡ଼ିତ କରି ପକାଇଲା । କିଛିଦିନ ପରେ ସେ ମନେ ମନେ ଭାବିଲା—"ଗୋଟାଏ କାର୍ଯ୍ୟରେ ଆବଦ୍ଧ ରହିବା ମୋ ପକ୍ଷରେ ଉଚିତ ନୁହେଁ । ବୃଦ୍ଧ ପିତାଙ୍କ ଅନ୍ନ ଧ୍ୱଂସ କରି ତାଙ୍କୁ ସାହାଯ୍ୟ ନ କରିବା ଘୋର ଅନ୍ୟାୟ । ଗୃହ କର୍ମ ସୁଦ୍ଧା ଦେଖିବା ଆବଶ୍ୟକ । ଲୋକସେବା ପରି ତାହା ମଧ୍ୟ ମାନବର ଧର୍ମ । କିନ୍ତୁ ତାହା କରିବାକୁ ଗଲେ ଏଣେ ଆଶ୍ରମଟି ଅଚଳ ହୋଇଯିବ । ସେ ଭାର କାହା ଉପରେ ଦେବି, ସେ ଭଳି ଉପଯୁକ୍ତ ପାତ୍ର ତ ଦେଖୁ ନାହିଁ । କର୍ମୀର ଅଭାବ ନାହିଁ; କିନ୍ତୁ ଆନ୍ତରିକତା କେତେ ଜଣଙ୍କର

ଅଛି ।" ଏହାପରେ ଗୁରୁ ସେ ଦିନେ ସହକର୍ମୀମାନଙ୍କୁ କହିଲେ—"ଭାଇମାନେ, ମୋର ଗୋଟିଏ ପ୍ରଶ୍ନର ଉତ୍ତର ତୁମ୍ଭମାନଙ୍କୁ ଦେବାକୁ ହେବ । ପ୍ରଶ୍ନ ଏହି ଯେ, ମାନବଜୀବନ ଭଙ୍ଗୁର କାଚଫଳକ ପରି, ସାମାନ୍ୟ ଆଘାତରେ ଚୂର୍ଣ୍ଣ ହୋଇଯାଏ । ସଂସାରରେ କେହି ଚିରଜୀବୀ ନୁହେଁ । ଯଦି ମୋର କିଛି ଭଲ ମନ୍ଦ ଘଟିଯାଏ, ତେବେ ତୁମ୍ଭେମାନେ ଆଶ୍ରମ ଚଳାଇ ପାରିବ ତ ?" ସହକର୍ମୀମାନେ ବିଷାଦବୋଳା କଣ୍ଠରେ କହିଲେ—"ଭାଇ, ତାହା କହନା, ଆମ ସମସ୍ତଙ୍କ ପରମାୟୁ ନେଇ ତୁ ବଞ୍ଚିଥା । ତୋର ଏ ପ୍ରଶ୍ନର ଉତ୍ତର ଦେବାକୁ ଆମ୍ଭେମାନେ ଦୁଃଖିତ । ତଥାପି ଯେବେ ତୋର ଶୁଣିବାକୁ ନିତାନ୍ତ ଇଚ୍ଛା ଥାଏ ଏବଂ ନ ଶୁଣିଲେ ତୁ ଛାଡିବୁ ନାହିଁ, ତେବେ ଅନିଚ୍ଛା ସତ୍ତ୍ୱେ ଏକାନ୍ତ ବାଧ୍ୟ ହୋଇ କହୁଅଛୁଁ ଯେ, ତୋର ଏ ପାଗଳାମି ଆଜି କାହିଁକି ? ଈଶ୍ୱର ତାହା ନ କରନ୍ତୁ, ଯଦି କେବେ ଦୁର୍ଭାଗ୍ୟବଶତଃ ଆଶ୍ରମ ସଙ୍ଗରେ ତୋର ବିଚ୍ଛେଦ ଘଟେ, ତେବେ ତୋର ଏ ପ୍ରିୟ ପବିତ୍ର ଆଶ୍ରମ ଅଚଳ ହେବ ନାହିଁ । ତୋହାରିଠାରୁ ଶିକ୍ଷା ପ୍ରାପ୍ତ ଏ ଯୁବକଦଳ ଦେହରେ ବିନ୍ଦୁଏ ଶୋଣିତ ଥିବାଯାଏ ସେମାନେ ତୋହରି ପଥରୁ ବିଚ୍ୟୁତ ହେବେ ନାହିଁ । ତୁ ଯେଉଁ ବୀଜ ବୁଣି ଯାଇଅଛୁ, ତାହା କଦାଚ ବ୍ୟର୍ଥ ହେବ ନାହିଁ । ତୋହରି ପୁଣ୍ୟସ୍ମୃତି ଶତଶତ ସନାତନ ସୃଷ୍ଟି କରିବ । ଆମ୍ଭେମାନେ ଜଣେ ସନାତନ ବଦଳରେ ଅନେକ ସନାତନ ପାଇବୁଁ । ତୋର କର୍ମ, ତୋର ଉପଦେଶ ତୋର ପୁଣ୍ୟାନୁଷ୍ଠାନକୁ ଅମର କରି ରଖିବ । ତୋର ଆଶ୍ରମ ସତ୍ୟସୁବର୍ଣ୍ଣର ସୁଦୃଢ ଭିତ୍ତି ଉପରେ ପ୍ରତିଷ୍ଠିତ, ତାହା ନଷ୍ଟ ହେବ ନାହିଁ । ପ୍ରତ୍ୟୁତଃ ଉଜ୍ଜ୍ୱଳ ହେବ । ତେବେ ତୋର ଏ କଥାର ଅର୍ଥ କଅଣ ? ତୁ କି ଦୀର୍ଘ ତୀର୍ଥଯାତ୍ରା ଇଚ୍ଛା କରିଅଛୁ ?" ସନାତନ ସମସ୍ତଙ୍କୁ ଆଲିଙ୍ଗନ କରି କହିଲେ, "ହଁ ଭାଇ, ସେହିପରି ଗୋଟିଏ ଆକାଂକ୍ଷା ଅଛି ।" ଏଣିକି ସନାତନ ଖାଲି ଆଶ୍ରମ କାର୍ଯ୍ୟରେ ଆବଦ୍ଧ ଥାଏ ନାହିଁ । ଗୃହ କାର୍ଯ୍ୟ ମଧ୍ୟ କରେ । ଯଜମାନ ଘରକୁ ଯାଇ ପୁରୋହିତ କର୍ମ ତୁଲାଇ ଦିଏ । ପିତାମାତା ତାହାର ଏ ଭାବ ଦେଖି ସନ୍ତୁଷ୍ଟ । ସେମାନେ ପୁଅର ମତି ପରିବର୍ତ୍ତନ ଦେଖି ଦ୍ୱିଗୁଣ ଉତ୍ସାହରେ କନ୍ୟାପାତ୍ରୀ ଅନୁସନ୍ଧାନରେ ମନୋନିବେଶ କଲେ । କିନ୍ତୁ ତାହା ସନାତନର ସମ୍ପୂର୍ଣ୍ଣ ଅଜ୍ଞାତରେ ହେଲା ।

ସହକର୍ମୀମାନଙ୍କ ପ୍ରତିଜ୍ଞାରେ ସନାତନ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିପାରିଲା ନାହିଁ । ସେ ସମସ୍ତଙ୍କର ହୃଦୟ ମଧ୍ୟରେ ପଶି କାହା ହୃଦୟର ବଳ କିପରି ତାହା ପୂର୍ବରୁ ଜାଣିଅଛି । ସେ ଯାହାହେଉ, ସନାତନକୁ ଆଉ ଅଧିକକାଳ ଚିନ୍ତା କରିବାକୁ ହେଲା ନାହିଁ । ମାନବ ସାଧୁଭାବରେ ପ୍ରଣୋଦିତ ହୋଇ ଯାହା ଖୋଜେ, ନିଶ୍ଚୟ ଅନେକ ସମୟରେ ତାହା ତାକୁ ଆଣିଦିଏ । ଦିନେ ଜଣେ ସନ୍ନ୍ୟାସୀ ଆସି ଆଶ୍ରମରେ ପହଞ୍ଚିଲେ । ସନ୍ନ୍ୟାସୀ ମୁଣ୍ଡିତମସ୍ତକ ନୁହନ୍ତି କିମ୍ବା ଜଟାଧାରୀ ନୁହନ୍ତି । ମସ୍ତକର ଅଯତ୍ନବିନ୍ୟସ୍ତ କେଶ ଚିରମୁକ୍ତ । ମୁଖମଣ୍ଡଳ ଘନ ଶ୍ମଶ୍ରୁରେ ଶୋଭିତ । ଶରୀରର ବର୍ଣ୍ଣ ତପ୍ତ ତାମ୍ର ପରି ଲୋହିତାଭ ଗୌର । ସ୍କନ୍ଧରେ ଯଜ୍ଞୋପବୀତ ବିଲମ୍ବିତ । ସମ୍ବଳ ମଧ୍ୟରେ ଗୋଟିଏ ଲାଉଫଳର କମଣ୍ଡଳୁ, ଖଣ୍ଡିଏ ବଂଶଯଷ୍ଟି ଏବଂ ଦୁଇଖଣ୍ଡି ମୋଟା ବହିର୍ବାସ । ମୂର୍ତ୍ତିଟି ଖୁବ୍ ସୁନ୍ଦର, ଯେପରି ସେକାଳର ମୁନି ଋଷିଙ୍କ ମୂର୍ତ୍ତି । ଦୃଷ୍ଟି ଗମ୍ଭୀର ଜ୍ଞାନର ପରିଚାୟକ । ଗୋଟିଏ ସ୍ନିଗ୍ଧ ଜ୍ୟୋତି ସର୍ବ ଶରୀରରୁ ନିର୍ଗତ ହେଉଅଛି । ବଚନ ଗମ୍ଭୀର, ମଧୁର ଏବଂ ଅର୍ଥପ୍ରାଣ । ଆଶ୍ରମର କର୍ମୀମାନେ ପରମ ଆଗ୍ରହରେ ସନ୍ନ୍ୟାସୀଙ୍କୁ ଗ୍ରହଣ କଲେ ଏବଂ ଆଶ୍ରମରେ ତାଙ୍କର ରହିବାର ବ୍ୟବସ୍ଥା କରିଦେଲେ । ସେବାଶ୍ରମର ଉଦ୍ଦେଶ୍ୟ ଶୁଣି ଏବଂ କାର୍ଯ୍ୟ ଦେଖି ସନ୍ନ୍ୟାସୀ ଅତୀବ ପ୍ରୀତ ହେଲେ । କର୍ମୀମାନଙ୍କ କର୍ମର ପ୍ରଶଂସା କରି ଉପଦେଶ ବାକ୍ୟଦ୍ୱାରା ସେମାନଙ୍କୁ ଉତ୍ସାହିତ କଲେ ଏବଂ ଆଶ୍ରମର ଉନ୍ନତି ସମ୍ବନ୍ଧରେ ନାନାବିଧ ନବ ନବ ଉପାୟ ନିର୍ଦ୍ଦେଶ କରି କର୍ମର ସୁଗମ୍ୟ ପଥ ସେମାନଙ୍କୁ ଦେଖାଇଦେଲେ । ବେଦାନ୍ତ ବିଷୟରେ ସରଳ, ସୁବୋଧ୍ୟ ବକ୍ତୃତା କରି ଶ୍ରୋତାମାନଙ୍କୁ ସ୍ତବ୍ଧ ମୁଗ୍ଧ କରିଦେଲେ । ସେ ଗୋଟିଏ ଗୋଟିଏ ଶ୍ଲୋକ ବ୍ୟାଖ୍ୟା କରିବାବେଳେ ବିବିଧ ଶାସ୍ତ୍ରରୁ ବିବିଧ ଦୃଷ୍ଟାନ୍ତ ଉଦ୍ଧାର

ତର ଅର୍ଥ ସହଜ କରିଦିଅନ୍ତି । ତାଙ୍କର ଅଗାଧ ପାଣ୍ଡିତ୍ୟ ଏବଂ ଗଭୀର ଗବେଷଣା ଶକ୍ତି ଅନ୍ୟାନ୍ୟ ସାଧାରଣସୁଲଭ ନୁହେଁ । ସେ ନିଜ ଗୁଣରେ ସମସ୍ତଙ୍କ ହୃଦୟରୁ ଭକ୍ତି ପ୍ରୀତି ଆକର୍ଷଣ କରିନେଲେ । କର୍ମୀମାନେ ତାଙ୍କୁ ମହାପୁରୁଷ ଜ୍ଞାନରେ ପୂଜା କରନ୍ତି । ଦିନେ ସନାତନ ସନ୍ନ୍ୟାସୀଙ୍କର ଆତ୍ମପରିଚୟ ଜିଜ୍ଞାସୁ ହେବାରୁ ସନ୍ନ୍ୟାସୀ କହିଲେ—"ମୁଁ ଜଣେ ପ୍ରସିଦ୍ଧ ଯୋଗୀଙ୍କର ଶିଷ୍ୟ, ମୋର ଗୁରୁଦେବଙ୍କ ନାମ ପ୍ରେମାନନ୍ଦ ସ୍ୱାମୀ । ହିମାଳୟ ପର୍ବତର ଗୋଟାଏ ବିଶାଳ ଗୁମ୍ଫା ମଧ୍ୟରେ ଗୁରୁଦେବ ଯୋଗ ସାଧନା କରନ୍ତି । ଆମ୍ଭେ ତିନିଜଣ ଶିଷ୍ୟ ତାଙ୍କ ସେବାରେ ନିଯୁକ୍ତ ଥାଉଁ । ଗୁରୁଦେବ ଅବକାଶ ସମୟରେ ଆମ୍ଭମାନଙ୍କୁ ବେଦାନ୍ତ ଏବଂ ଆୟୁର୍ବେଦ ଶିକ୍ଷା ଦିଅନ୍ତି । ଗିରି ଗହ୍ୱରର ସମ୍ମୁଖ ଭାଗରେ ନିବିଡ଼ ଅରଣ୍ୟ ବିସ୍ତୃତ, ତାହା ଗୁରୁଦେବଙ୍କର ପୁଣ୍ୟ ତପୋବନ । ଗୁରୁଦେବ ସେହି ତପୋବନସ୍ଥ ବିଶାଳ ଶିଳାଖଣ୍ଡ ଉପରେ ଉପବେଶନପୂର୍ବକ ଶିକ୍ଷାଦାନ କରନ୍ତି । ତପସ୍ୟାର କି ବିସ୍ମୟକର ପ୍ରଭାବ ! ସେ ଅରଣ୍ୟରେ ନିରୀହ ମୃଗାଦି ବ୍ୟତୀତ ଶ୍ୱାପଦର ପ୍ରବେଶ ନିଷିଦ୍ଧ । ବ୍ୟାଘ୍ର, ସିଂହ ପ୍ରଭୃତି ବନସୀମାରେ ଉତ୍ପାତ ଉପଦ୍ରବ କରନ୍ତି; ମାତ୍ର ଭିତରକୁ କେବେ ଆସନ୍ତି ନାହିଁ । ସମୟ ସମୟରେ ହସ୍ତିଯୂଥ ଆସି ତପୋବନ ଉଜାଡ଼ କରିବାକୁ ଉଦ୍ୟତ ହେଲେ ଗୁରୁଦେବ ଗମ୍ଭୀର ସ୍ୱରରେ ଓଁକାର ଉଚ୍ଚାରଣ କରନ୍ତି । ଗଜଯୂଥ ଆଉ ପହଣ୍ଡେ ଅଗ୍ରସର ନ ହୋଇ ନୀରବରେ ପ୍ରତ୍ୟାବୃତ୍ତ ହୁଅନ୍ତି । ଗୁରୁଦେବ ଫଳାହାରୀ; ମାତ୍ର ଶରୀରରେ ଅମାନୁଷୀ ଶକ୍ତି ଧାରଣ କରନ୍ତି । ପ୍ରତ୍ୟହ ନିବାର ମୁଷ୍ଟି ଘେନି ପକ୍ଷୀମାନଙ୍କୁ ଆହାର ଦେବାବେଳେ ଗୋଟାଏ ସ୍ୱର୍ଗୀୟ ଦୃଶ୍ୟର ଅବତାରଣା ହୁଏ । ଛୋଟ ଛୋଟ ପକ୍ଷୀଗୁଡ଼ିକ ତାଙ୍କ ମସ୍ତକ, କାନ୍ଧ ଏବଂ ବାହୁ ଉପରେ ବସି କୌତୁକରେ କଳରବ କରନ୍ତି । ପିତାଙ୍କ ନିକଟରେ ସନ୍ତାନମାନେ ଅଳି କଲା ପ୍ରାୟ ଗୁରୁଦେବଙ୍କ ମୁହଁକୁ ଚାହିଁ ବିହଙ୍ଗ ଜାତିସୁ ମଧୁର ଭାଷାରେ କେତେ କଅଣ କହନ୍ତି । ଗୁରୁଦେବ ସେମାନଙ୍କ ପ୍ରାଣର ଭାଷା ବୁଝି ସେମାନଙ୍କୁ ଖାଦ୍ୟ ଦେଇ କେତେ ଆଦର କରନ୍ତି । ଗୋବିନ୍ଦ, ହରି, ରାମ ପ୍ରଭୃତି ସେମାନଙ୍କର ବହୁ ନାମକରଣ କରି ଅଛନ୍ତି । ଯାହାର ନାମ ଧରି ଡାକନ୍ତି, ସେ ଆସି କାନ୍ଧରେ ବସିଯାଏ । ସେ ବନର ଶୁକପକ୍ଷୀ ପ୍ରଭୃତି ଶବ୍ଦାନୁକାରୀମାନେ ଓଁକାର ଉଚ୍ଚାରଣରେ ଅଭ୍ୟସ୍ତ । ଗୁରୁଦେବଙ୍କ ପ୍ରଣବ ଉଚ୍ଚାରଣ ଶୁଣି ଶୁଣି ସେମାନେ ଶିଖି ପକାଇ ଅଛନ୍ତି । ଏହିପରି ଆନନ୍ଦ ଦୃଶ୍ୟରେ ଏବଂ ଗୁରୁସେବାରେ କେତେକାଳ ଅତିବାହିତ ହେଲା । ଦିନେ ଗୁରୁଦେବ ଶିଷ୍ୟତ୍ରୟଙ୍କୁ ସମ୍ବୋଧନ କରି କହିଲେ—"ବତ୍ସଗଣ, ବୟୋଧର୍ମରେ ମୋର ଶକ୍ତି ଏବଂ ଉଦ୍ୟମ ହ୍ରାସ ହୋଇଆସୁଛି, ମୁଁ ଆଉ ପୂର୍ବପରି ଧ୍ୟାନଧାରଣା କରିପାରୁ ନାହିଁ । ମୁଁ ଏ ଜୀର୍ଣ୍ଣ ଶରୀର ପରିତ୍ୟାଗ କରି ନୂତନ ଶକ୍ତିମୟ ଶରୀର ଧାରଣ କରିବାକୁ ଇଚ୍ଛା କରିଅଛି । ଆଶୀର୍ବାଦ କରୁଛି, ତୁମ୍ଭେମାନେ ସଫଳକାମ ହୁଅ । ଯଦି ତୁମ୍ଭମାନଙ୍କର କିଛି ପ୍ରାର୍ଥନା ଥାଏ, ତେବେ ପ୍ରକାଶ କର ।" ଏ ବଜ୍ର ବାଣୀରେ ଆମ୍ଭମାନଙ୍କର ହୃଦୟ ଚୂର୍ଣ୍ଣ ହୋଇଗଲା; ମାତ୍ର କଅଣ କରିବୁଁ, ମହାପୁରୁଷଙ୍କ ବଚନ ଅବ୍ୟର୍ଥ । ସତୀର୍ଥଦ୍ୱୟ ନିଜ ନିଜ ପ୍ରାର୍ଥନା ଜଣାଇ ଗୁରୁଦେବଙ୍କଠାରୁ ସାଫଲ୍ୟର ଆଶୀର୍ବାଦ ଲାଭ କଲେ । ମୁଁ କହିଲି—"ପ୍ରଭୋ, ମୋର ଅନ୍ୟ କିଛି ପ୍ରାର୍ଥନା ନାହିଁ, ପ୍ରଭୁଙ୍କର ଆଦେଶ ଏକା ମୋର ପ୍ରାର୍ଥନା । ଆଦେଶ କରନ୍ତୁ— ଏ ଭୃତ୍ୟ କଅଣ କରିବ ।" ଗୁରୁଦେବ ସସ୍ମିତ ବଦନରେ କହିଲେ—"ସେବା ।" ମୁଁ ଗୁରୁପଦରେ ମସ୍ତକ ଲଗାଇ ଶେଷ ପ୍ରଣାମ କଲି, ଗୁରୁଦେବ ଆଶୀର୍ବାଦ କଲେ । ଦେଖୁଁ ଦେଖୁଁ ସେ ସ୍ଥାନ କି ଏକ ମନଃପ୍ରାଣହର ଅପୂର୍ବ ସୌରଭରେ ଆମୋଦିତ ହୋଇଉଠିଲା, ମଧୁର ବାଦ୍ୟସ୍ୱର ଶୁଣାଗଲା; ମାତ୍ର କେଉଁଠାରେ ବାଜୁଛି ତାହା ବାରିହେଲା ନାହିଁ । ଏଣେ ଗୁରୁଦେବଙ୍କ ଶରୀରକୁ ଗୋଟାଏ ଦିବ୍ୟଜ୍ୟୋତି ଆସି ବେଷ୍ଟନ କଲା । ଜ୍ୟୋତି କ୍ରମଶଃ ବହଳ ହେଲା । ଗୁରୁଦେବଙ୍କ ଶରୀର ଆଉ ଦିଶିଲା ନାହିଁ, କେବଳ ସେହି ଜ୍ୟୋତିଃସ୍ତୂପ ମଧ୍ୟରୁ ମଧୁର ପବିତ୍ର "ଓଁ" ଶବ୍ଦ ଘନ ଘନ ଉତ୍ଥିତ ହେବାକୁ

ଲାଗିଲି । ଆମ୍ଭେମାନେ ଗୁରୁସ୍ତବ ପାଠ କଲୁ । କିଛି କ୍ଷଣ ପରେ ସେହି ଜ୍ୟୋତିସ୍ତୂପ ନକ୍ଷତ୍ର ଗତିରେ ଊର୍ଦ୍ଧ୍ୱକୁ ଉଠିଯାଇ ଅଦୃଶ୍ୟ ହୋଇଗଲା । ଗୁରୁଦେବଙ୍କ ଆସନ ଶୂନ୍ୟ, ଇଚ୍ଛା ମୃତ୍ୟୁ; ଗୁରୁଦେବ ସେହି ଜ୍ୟୋତିରେ ମିଳାଇ ଯାଇ ଅଛନ୍ତି । ଧନ୍ୟ ଯୋଗର ମହିମା ! ଯୋଗବଳରେ ମୃତ୍ୟୁ ସୁଦ୍ଧା ଇଚ୍ଛାଧୀନ ହୋଇପାରେ । ତାହାର ଅସାଧ୍ୟ କିଛି ନାହିଁ । ସହପାଠିଦ୍ୱୟ ନିଜ ନିଜ ଗୃହାଭିମୁଖୀ ହେଲେ, ମୁଁ ଗୁରୁଦେବଙ୍କର ସେହି ଶେଷ ଆଦେଶ "ସେବା" ଦୁଇ ଅକ୍ଷରକୁ ସମ୍ବଳ କରି ଦେଶ ଭ୍ରମଣରେ ବହିର୍ଗତ ହେଲି । ଗୁରୁଦେବଙ୍କ ନିକଟରୁ ମୁଁ ଆୟୁର୍ବେଦ ଶିକ୍ଷା କରିଥିଲି । ମୂଳ ମୂଳିକାର ଔଷଧ ପ୍ରସ୍ତୁତ କରି ତାହା ବିତରଣ କରେ । ଏହିପରି ଭାବରେ ମୁଁ ସ୍ୱରଧାମ ପର୍ଯ୍ୟଟନ କରି ଆସିଅଛି ।

ସନ୍ନ୍ୟାସୀଙ୍କ ଧର୍ମଜ୍ଞାନରେ ମୁଗ୍ଧ ହୋଇ କର୍ମୀମାନଙ୍କ ମଧ୍ୟରୁ ଅନେକେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ସନ୍ନ୍ୟାସୀ ସେହିଦିନଠାରୁ ସ୍ୱାମୀ ନାମରେ ଅଭିହିତ ହେଲେ । ସନାତନ ତାଙ୍କ ପାଖରେ ବେଦାନ୍ତ ଅଧ୍ୟୟନ କଲା । ସ୍ୱାମୀ ସନାତନକୁ ଏକାନ୍ତ ସ୍ନେହ କରନ୍ତି । ଦିନେ ସନାତନ କହିଲା, "ସ୍ୱାମି, ଆପଣ ଏହି ସେବାଶ୍ରମର ଅଧ୍ୟକ୍ଷ ହୁଅନ୍ତୁ । ଜଣେ ଚାଳକ ନ ହେଲେ କାର୍ଯ୍ୟ ଶୃଙ୍ଖଳାମତେ ଚାଲିବ ନାହିଁ । ଆମ୍ଭେମାନେ ଆପଣଙ୍କ ଆଦେଶରେ କାର୍ଯ୍ୟ କରିବୁ । ଆପଣ ତ୍ୟାଗୀ; ସୁତରାଂ ମୁକ୍ତ । ଆପଣଙ୍କୁ ଆମ୍ଭେମାନେ ବନ୍ଧନରେ ପକାଇଲୁ, କ୍ଷମା କରିବେ । ଆପଣଙ୍କ ବ୍ୟତୀତ ଆମ୍ଭମାନଙ୍କର ଏ ଅନୁଷ୍ଠାନ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ ।" ସ୍ୱାମୀ ମୃଦୁ ହସି କହିଲେ—"ବନ୍ଧନ କାହାକୁ କହୁଛ ବାବୁ, —କର୍ମକୁ ତ ? ନା ନା, କର୍ମ ବନ୍ଧନ ନୁହେଁ, ତାହା ମୁକ୍ତିର ସୋପାନ । ଏ ସଂସାର କର୍ମ-ଭୂମି, ଏଠାରେ କର୍ମ ସୁଖ, କର୍ମ ଆନନ୍ଦ । ସେବା ମୋର ବ୍ରତ, ଯେଉଁଠାରେ ହେଉ ରହି ସେ ବ୍ରତ ପାଳନ କରିବି । ତୁମ୍ଭମାନଙ୍କର ସମସ୍ତଙ୍କର ଯଦି ଏହି ଅଭିପ୍ରାୟ ହୁଏ, ତେବେ ମୁଁ ଏହିଠାରେ ରହି ମୋର କର୍ତ୍ତବ୍ୟ କରିବି ।" ଏହା ଶୁଣି ସମସ୍ତେ ଆନନ୍ଦିତ ହୋଇ ସ୍ୱାମୀଙ୍କୁ ନେତୃପଦରେ ଅଧିଷ୍ଠିତ କଲେ । ସନାତନ ସମସ୍ତ ଭାର ସ୍ୱାମୀଙ୍କୁ ଦେଇ ସୁଦ୍ଧା ନିଶ୍ଚିନ୍ତ ହେଲାନାହିଁ । ସ୍ୱାମୀଙ୍କ ଅଧୀନରେ ତାଙ୍କ ଆଦେଶାନୁସାରେ କାର୍ଯ୍ୟ କରିବାକୁ ଲାଗିଲା ।

## ତ୍ରୟୋଦଶ ପରିଚ୍ଛେଦ

ପ୍ରେମାନନ୍ଦ ସ୍ୱାମୀଙ୍କର ଚେଷ୍ଟା, ଯତ୍ନ, ଅଧ୍ୟବସାୟ ଏବଂ ପରିଶ୍ରମ ଫଳରେ ସେବାଶ୍ରମର କ୍ରମଶଃ ଉନ୍ନତି ହେବାକୁ ଲାଗିଲା । ସେ ସର୍ବଦା ସୁଲଭ ମୂଳମୂଳିକା ସଂଗ୍ରହ କରି ଔଷଧ ପ୍ରସ୍ତୁତ ପୂର୍ବକ ବିତରଣ କରନ୍ତି । ପ୍ରତ୍ୟହ ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଶତ ଶତ ଲୋକ ଆସି ଔଷଧ ନେଇ ଯାଆନ୍ତି । ଔଷଧର ମୂଲ୍ୟ ବା ପାରିଶ୍ରମିକ କିଛି ନିଆଯାଏ ନାହିଁ । ଆଶ୍ରମ ନାମରେ ଯଦି କେହି କିଛି ଦିଏ; ତେବେ ତାହା ଗ୍ରହଣ କରାଯାଏ । ଶିଷ୍ୟମାନେ ଦୂରବର୍ତ୍ତୀ ଗ୍ରାମସମୂହରେ ବୁଲି ଔଷଧ ବିତରଣ କରନ୍ତି । ସ୍ୱାମୀଙ୍କର ଔଷଧ ପ୍ରାୟ ବିଫଳ ହୁଏ ନାହିଁ । ଏ ହେତୁ ତାଙ୍କ ଔଷଧ ପ୍ରତି ଲୋକଙ୍କର ବିଶ୍ୱାସ ଷୋଳପଣ । ବାସ୍ତବରେ କବିରାଜି ଔଷଧ ଶାସ୍ତ୍ରୋକ୍ତ ପ୍ରଣାଳୀରେ ଏବଂ ଉପଯୁକ୍ତ ବୈଦ୍ୟ ହସ୍ତରେ ପ୍ରସ୍ତୁତ ହେଲେ ତାହା ନିଶ୍ଚୟ ଫଳପ୍ରଦ ହୁଏ । ଯୋଗସିଦ୍ଧ ଆର୍ଯ୍ୟ ଋଷି ଉଦ୍ଭାବିତ ଆୟୁର୍ବେଦ ଚିକିତ୍ସାର ଗୌରବ ଯୁଗେ ଯୁଗେ ଘୋଷିତ ହୋଇ ଆସୁଅଛି ଏବଂ ଚିରକାଳ ଘୋଷିତ ହେଉଥିବ । ତାହାର ମହିମାସୂର୍ଯ୍ୟ ପୃଥିବୀରୁ ଅନ୍ତର୍ହିତ ହେବ ନାହିଁ । ଏଣିକି ଯେତେ ପ୍ରକାର ଚିକିତ୍ସା ପ୍ରବର୍ତ୍ତିତ ହୋଇଅଛି, ହେଉଅଛି ବା ହେବ, ଆୟୁର୍ବେଦ ଚିକିତ୍ସା ସେ ସମସ୍ତର ପ୍ରସୂତି । ସମସ୍ତେ ତାହା ନିକଟରେ ଋଣୀ; କିନ୍ତୁ କାହାରି ଫଳ ଆୟୁର୍ବେଦ ଚିକିତ୍ସା ଫଳ ପରି ଚିରସ୍ଥାୟୀ ନୁହେଁ । ଏ ଉକ୍ତି ଅନ୍ୟ ଦେଶ ପ୍ରତି ପ୍ରଯୁଜ୍ୟ ନୁହେଁ ! ଏହା ଆର୍ଯ୍ୟ ଜନନୀ ଭାରତ ପ୍ରତି । ଯେଉଁ

ଦେଶର ଜଳବାୟୁ ମୃତ୍ତିକାରେ ଯେଉଁ ଜାତିର ଶରୀର ଗଠିତ, ସେହି ଦେଶୋତ୍ପନ୍ନ ଔଷଧ ସେହି ଜାତି ପକ୍ଷରେ ହିତକର । ଆଶ୍ରମରେ ଗୋଟିଏ ବେଦାନ୍ତ ବିଦ୍ୟାଳୟ ସ୍ଥାପିତ ହୋଇଅଛି । କେତେ ଜଣ ଛାତ୍ର ବିନା ବ୍ୟୟରେ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ବେଦାନ୍ତ ସଙ୍ଗେ ସଙ୍ଗେ ଆୟୁର୍ବେଦ ମଧ୍ୟ ଶିକ୍ଷା ଦିଆଯାଏ । ସ୍ୱୟଂ ସ୍ୱାମୀ ଛାତ୍ରମାନଙ୍କୁ ଶିକ୍ଷା ଦିଅନ୍ତି । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟାଦି ଅଧ୍ୟୟନ ନିଷିଦ୍ଧ ଦିବସରେ ସ୍ୱାମୀ ନିକଟବର୍ତ୍ତୀ ଗ୍ରାମ, ହାଟ, ମେଳା ପ୍ରଭୃତି ବହୁଜନ ସମାଗତ ସ୍ଥାନକୁ ଯାଇ ଧର୍ମ ସମ୍ବନ୍ଧରେ ଉପଦେଶ ଦିଅନ୍ତି । ଆଶ୍ରମ ନିକଟରେ ବାଟିଏ ପଡ଼ିଆ ଭୂମି ଥିଲା । ସେଥିରେ କୃଷି ହେବା ଦୂରେ ଥାଉ ଘାସ ସୁଦ୍ଧା ଉଧାଏ ନାହିଁ । ସ୍ୱାମୀ ସେହି ଭୂମିକୁ ନାମମାତ୍ର କରରେ ଜମିଦାରଠାରୁ ପଟ୍ଟା ନେଇ କୃଷି କରିବାକୁ ଇଚ୍ଛା କଲେ । ତାଙ୍କର ଏ ଉଦ୍ୟମ ଦେଖି ଅନେକ ନ ହସି ରହିପାରିଲେ ନାହିଁ । କେହି କେହି ପରିହାସ କରି କହିଲେ—"ସ୍ୱାମୀ ମରୁଭୂମିରେ କୃଷି କରୁଛନ୍ତି ।" ମାତ୍ର ସ୍ୱାମୀ ଭଗ୍ନୋତ୍ସାହ ହେଲେ ନାହିଁ । ଗୋଟାଏ ନୂତନ ଆଦର୍ଶ ଦେଖାଇବାକୁ ହେଲେ ପ୍ରଥମତଃ ଧୈର୍ଯ୍ୟର ଏକାନ୍ତ ଆବଶ୍ୟକ । ଲୋକଙ୍କର ଥଟ୍ଟା, ଟିଟ୍‌କାର ପ୍ରତି ଭ୍ରୂକ୍ଷେପ ନ କରି ଯେ ଦୃଢବ୍ରତୀ ହୋଇ ଯଥେଷ୍ଟ ଧୈର୍ଯ୍ୟ ସହ କାର୍ଯ୍ୟ ସମାଧାନରେ ଅଗ୍ରସର ହୁଏ । ଜୟଲକ୍ଷ୍ମୀ ତାହାର ମସ୍ତକରେ ସାଫଲ୍ୟର ସ୍ୱର୍ଣ୍ଣମୁକୁଟ ପିନ୍ଧାଇ ଦିଅନ୍ତି । ସ୍ୱାମୀଙ୍କ ଭାଗ୍ୟରେ ତାହାହିଁ ଘଟିଥିଲା । ସେ ଅନାୟାସଲବ୍ଧ ତୃଣ, ଲତା, ଗୁଳ୍ମ ପ୍ରଭୃତି ପଚାଇ ସେଥିରୁ ଏକ ପ୍ରକାର ଉତ୍କୃଷ୍ଟ ସାର ପ୍ରସ୍ତୁତ କରି କ୍ଷେତ୍ରରେ ପ୍ରୟୋଗ କଲେ । ତଦ୍ୱାରା ଉକ୍ତ ଊଷର କ୍ଷେତ୍ର ଅସାଧାରଣ ଉର୍ବର ହୋଇଉଠିଲା । ସେଥିରୁ ଧାନ, କପା, ପନିପରିବା, ମୁଗ, ବିରି, ହରଡ଼ ପ୍ରଭୃତି ନାନାଫସଲ ଉତ୍ପନ୍ନ ହେଲା । ଖଣ୍ଡେ ଭୂମି ଔଷଧ ସକାଶେ ନିର୍ଦ୍ଦିଷ୍ଟ ରହିଲା । ବନ ପର୍ବତରୁ ବିବିଧ ଦୁଷ୍ପ୍ରାପ୍ୟ ଔଷଧ ବୃକ୍ଷ ବା ବୀଜ ଆଣି ସେଥିରେ ରୋପଣ କରାଗଲା । କ୍ଷେତ୍ରୋତ୍ପନ୍ନ ପଦାର୍ଥମାନ ବିକ୍ରୟ କରାଯାଏ ନାହିଁ, ତାହା ଆଶ୍ରମବାସୀଙ୍କ ବ୍ୟବହାରରେ, ଅତିଥି ସେବାରେ ଏବଂ ଅକ୍ଷମ ଦରିଦ୍ର ସେବାରେ ଲାଗେ । ଶିଷ୍ୟମାନେ ସମସ୍ତେ ଆଶ୍ରମରେ ବସି ସୂତା କାଟନ୍ତି । ସେଥିରେ ଲୁଗା ବୁଣାଇ ଦୀନ ଦୁଃଖୀଙ୍କୁ ଦାନ କରାଯାଏ । ଏହି ସବୁ କାର୍ଯ୍ୟଦ୍ୱାରା ଆଶ୍ରମ ପ୍ରତି ଲୋକଙ୍କର ଭକ୍ତି ବହୁଗୁଣିତ ହୋଇଉଠିଲା । କାହାର ବିବାହ ବ୍ରତାଦି ଉତ୍ସବ ହେଲେ ସେ ସର୍ବାଗ୍ରେ ଆଶ୍ରମକୁ ଯଥାଶକ୍ତି ଦାନ କରେ । ଆଶ୍ରମ ପ୍ରତି ଲୋକେ କ୍ରମଶଃ ଏରୂପ ଭକ୍ତିପ୍ରବଣ ହୋଇ ଉଠିଲେ ଯେ, ଯାହାର ଯେଉଁ ଫସଲ ହୁଏ, ସେ ଆଗେ ଆଶ୍ରମରେ କିଛି ଦେଇଯାଏ । ଏମନ୍ତ କି କାହାରି ବାଡ଼ିରେ ଶାଗ ଶୁନ୍ଦବାର ହେଲେ ସେ କେରିଏ ଆଣି ଆଶ୍ରମରେ ଦେଇଯାଏ । ସ୍ୱାମୀଙ୍କର କାହିଁରେ ଆଡମ୍ବର ନାହିଁ । ସେ ଦିନରେ ଥରେ ମାତ୍ର ଆହାର କରନ୍ତି । ସ୍ଥଣ୍ଡରେ କୁଠା ବା ଶୁଷ୍କପତ୍ର ବିଛାଇ ମୁଣ୍ଡ ତଳେ ଖଣ୍ଡେ ଇଟା ଦେଇ ସେ ଶୟନ କରନ୍ତି । ଦୁଇଖଣ୍ଡି ଗୃହହାଣ୍ଡି ବେତାଣ ହେଲେ ତାଙ୍କର ବର୍ଷେ ଚଳିଯାଏ । ଏରୂପ ଦୀନଭାବରେ ଚଳିବାର କାରଣ କେହି ପଚାରିଲେ କହନ୍ତି—"ମୁଁ ସେବକ, ମୋର ସେବକ ପରି ରହିବା ଉଚିତ । ବିଶେଷତଃ ମୁଁ ସନ୍ନ୍ୟାସୀ, ତ୍ୟାଗ ମୋର ଧର୍ମ; ସୁତରାଂ ଭୋଗ କି ଲୋଡ଼ା ? ଯେ ଭୋଗରେ ଆସକ୍ତ, ଭୋଗ ତାକୁ ଭୋଗ କରେ । ଯେ ତ୍ୟାଗର ସୁଖ, ତ୍ୟାଗର ଆନନ୍ଦ ପ୍ରାଣରେ ଉପଭୋଗ କରେ, ସେହି ଏହି ସଂସାରରେ ପ୍ରକୃତ ଭୋଗୀ । ଏହା ବ୍ୟତୀତ ଇତର ଗ୍ରାମ୍ୟସୁଖ ଭୋଗ ବାସନା ମୋର ନାହିଁ ।" ପ୍ରତ୍ୟହ ଆଶ୍ରମରେ ରୋଗୀ ସେବା, ଅତିଥି ସେବା, ଦରିଦ୍ରନାରାୟଣ ସେବା ହୁଏ । ଏତେ ସେବା କରି ସୁଦ୍ଧା ସ୍ୱାମୀ ସନ୍ତୁଷ୍ଟ ନୁହନ୍ତି । ଦିନେ ସେ ମନେମନେ ଭାବିଲେ—"ସବୁ ହେଲା, କେବଳ ଦେବ ସେବାର ଅଭାବ । ତାହା ବ୍ୟତୀତ ସେବା ପୂର୍ଣ୍ଣ ନୁହେଁ ।" ଅନନ୍ତର ସେ ଆଶ୍ରମରେ ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା କରି ଯଥାରୀତି ସେବାପୂଜା କରିବାକୁ ଲାଗିଲେ । ସେହି ଦିନଠାରୁ ଆଶ୍ରମର ନାମ ହେଲା—"ରାଧାକୃଷ୍ଣ ସେବାଶ୍ରମ । ଏଣିକି ଆଶ୍ରମରେ ରାଧାକୃଷ୍ଣଙ୍କର ବାର ପୂନେଇ ତେର ଯାତ୍ରାରେ ଉତ୍ସବ ହୁଏ । କ୍ରମେ ଆଶ୍ରମଟି ତୀର୍ଥରୂପେ ବିଖ୍ୟାତ ହୋଇଉଠିଲା ।

ବୀରବର ମାନଧାତା ଏବଂ ଧରଣୀଧର ବୈରିଗଞ୍ଜନ ଦୁଇଜଣ ଜମିଦାର । ଦୁହିଁଙ୍କର ଇଲାକା ପରସ୍ପର ସଂଲଗ୍ନ । ଜମିଦାର ଦୁହେଁ କେହି କାହାର ଜ୍ଞାତି ବା ବନ୍ଧୁ ନୁହନ୍ତି । କେବଳ ଏକ ଜାତି ମାତ୍ର । ଦୁହେଁଯାକ ପ୍ରତିଷ୍ଠାବାନ୍; କେହି କାହାରିକୁ ଊଣା ନୁହେଁ । ପୁରୁଷାନୁକ୍ରମେ ଉଭୟ ବଂଶ ମଧ୍ୟରେ ମନୋମାଳିନ୍ୟ ଚାଲିଆସୁଅଛି । ବର୍ତ୍ତମାନ ଜମିଦାର ଦୁହେଁ ମଧ୍ୟ ସେହି ବଂଶୀୟ ଧାରା ଅକ୍ଷତ ରଖିଅଛନ୍ତି । ତାହା ଯେପରି ସେମାନଙ୍କର ଗୋଟାଏ ଗୌରବମୟ ସୁମହତ୍ କୌଳିକ କୀର୍ତ୍ତି । ତାହା ଉଚ୍ଛେଦ କରିବାକୁ କାହାରି ଇଚ୍ଛା ନୁହେଁ । ସେମାନେ ବଂଶର ଉପଯୁକ୍ତ ଭୂଷଣ ମଣି, ପୂର୍ବପୁରୁଷମାନଙ୍କର କୀର୍ତ୍ତି ରକ୍ଷା ସେମାନଙ୍କର-କର୍ତ୍ତବ୍ୟ, ଅନ୍ୟଥା ପିତୃପୁରୁଷମାନଙ୍କ ଅଭିଶାପରେ ସେମାନଙ୍କୁ ନରକକୁଣ୍ଡରେ ପଡ଼ିବାକୁ ହେବ । ଦୁହିଙ୍କ ମଧ୍ୟରେ ମାଲିମାମଲା ସର୍ବଦା ଲାଗି ରହିଅଛି । ସେଥିରେ ଦୁହେଁ ସର୍ବସ୍ୱାନ୍ତ ହୋଇ ନାହାନ୍ତି; ମାତ୍ର ଆକଣ୍ଠ ଋଣମଗ୍ନ । ଉଭୟେ ଅଭିମାନର ଉତ୍ତୁଙ୍ଗ ହିମାଳୟ; ସୁତରାଂ ପ୍ରତିଯୋଗିତାରେ କେହି କାହାରି ତଳେ ନୁହେଁ । ପୁନିଅଁ ଦିନ ଜଣେ ଦଳେ ଯାତ୍ରାବାଲା ଅଣାଇଲେ ଅନ୍ୟ ଜଣକ ତିନି ଦଳ ଅଣାଏ । ଜଣକର କଟକରୁ ସ୍ୱେସନ ଆସିଲେ ଜଣକର କଲିକତାରୁ ଆସେ । ପ୍ରତିଯୋଗିତା କ୍ଷେତ୍ରରେ ପରସ୍ପର ପରସ୍ପରକୁ ପରାସ୍ତ କରିବାକୁ ସର୍ବଦା ସଚେଷ୍ଟ । ଏ ଗୁଣଟା ମଧ୍ୟ ସେମାନଙ୍କର ଉତ୍ତରାଧିକାରିତା ସୂତ୍ରରେ ପ୍ରାପ୍ତ ପୈତୃକ ସମ୍ପତ୍ତି । ଉଭୟ ଜମିଦାରଙ୍କ ପ୍ରଭୁଭକ୍ତ କର୍ମଚାରୀମାନେ ଉଭୟର ମନୋମାଳିନ୍ୟକୁ ଖୁବ୍ ପୁଷ୍ଟିକର ଆହାର ଯୋଗାନ୍ତି । ଏହା ସେମାନଙ୍କର ସ୍ୱାର୍ଥ-ଦେବତାର ପବିତ୍ର ଆଦେଶ ଏବଂ ପ୍ରଭୁହିତୈଷିତାର ଚୂଡ଼ାନ୍ତ ନିଦର୍ଶନ । ମାନଧାତାଙ୍କ ପ୍ରଭୁମନତୋଷଣ କୌଶଳୀ, ହୃଷ୍ଟପୁଷ୍ଟ ଉଚ୍ଚ କର୍ମଚାରୀ ଗର୍ବ କରି ଜମିଦାରଙ୍କ ଆଗରେ କହନ୍ତି—"ଆମ ରାଜାଙ୍କ ସାଙ୍ଗରେ ବୈରିଗଞ୍ଜନଟା କେଉଁ ଗୁଣରେ ସରି । ଆମର ଜଣେ ପାଇକ ତାଙ୍କ ପାଦର ନଖ ପଟେ କାଟି ଆଣିଥିଲା । ସେ ନଖ ଅଦ୍ୟାବଧି ଆମ ଗନ୍ତାଘରେ ଅଛି । ଆମ ତାଲୁକା ତ ମୋଗଲ ବାଦସାହି ଅମଳ ଆଗରୁ ଅଛି । ସେ ତ ରଜା ନୁହେଁ—ମରହଟ୍ଟାଙ୍କ ଜାଗିରିଦାର । ଧୋବା ଭଣ୍ଡାରି ପରି ଜାଗିରି ! ହା-ହା-ହା ।" ରାଜପାରିଷଦବର୍ଗ ସମସ୍ତେ ଦନ୍ତ ବିସ୍ତାର କରି କହନ୍ତି—'ହା-ହା-ହା ।' ରାଜଦରବାର ଗୋଟାଏ ବିରାଟ ହାସ୍ୟର ହାଟରେ ପରିଣତ ହୁଏ । ଜମିଦାର ଦୁହେଁ ରାଜା ନୁହନ୍ତି, ଅଧୀନସ୍ଥ କର୍ମଚାରୀ ଓ ପ୍ରଜାମାନେ ତାଙ୍କୁ ରାଜୋପାଧି ପ୍ରଦାନ କରି ଅଛନ୍ତି । ବୈରିଗଞ୍ଜନଙ୍କ ପାରିଷଦ ବା ମୋସାହେବ ବର୍ଗ ମଧ୍ୟ କଥା କହିବାରେ ଅପଟୁ ନୁହନ୍ତି । ସେମାନେ ଉଗ୍ର ଦର୍ପରେ କହନ୍ତି—"ଓଃ, ମାନଧାତା ପରି କେତେ ଗଣ୍ଡା ଲୋକ ଆମ ମଣିମାଙ୍କ ଫୁଙ୍କିରେ ଉଡ଼ିଯିବେ । ଆମ ବଡ଼ଦେଉଳ ମହାରାଜା ତା ଗୋସାଇଁ ବାପାକୁ ନାକରେ ପାଣି ପେଇ ଦେଇଥିଲେ, କାହିଁ କପୂର, କାହିଁ କୁଟଖେଣ୍ଡ । ହି-ହି-ହି ।" ଉଭୟ ଦରବାରରେ ଏହିପରି ରୁଚିକର ଚର୍ଚ୍ଚା ହୁଏ ।

ବର୍ତ୍ତମାନ ଗୋଟାଏ ଫଉଜଦାରୀ ମୋକଦ୍ଦମାରେ ଉଭୟ ପକ୍ଷ ବିଶେଷ କ୍ଷତିଗ୍ରସ୍ତ ହୋଇଅଛନ୍ତି । ମାନଧାତାଙ୍କର ଅଗାଧୁ ମଲିକ ନାମରେ ଜଣେ ପିଆଦା ଅଛି । ଅଗାଧୁର ଆକୃତି ଗୋଟାଏ ଶିଶୁରାକ୍ଷସ ପରି । ଆକୃତି ଅନୁରୂପ ଗୋଟାଏ ସ୍ଥୂଳ ପ୍ରକାଣ୍ଡ ବଂଶଦଣ୍ଡ ସବୁବେଳେ ତାହା ହାତରେ ଥାଏ । ଗାଁରେ ସେ "ଦଣ୍ଡାସୁର" ନାମରେ ପ୍ରସିଦ୍ଧ । ସେ ମଧ୍ୟ ଏ ନାମକୁ ଅମର୍ଯ୍ୟାଦାକର ମଣେ ନାହିଁ । ଯେଉଁ କାର୍ଯ୍ୟ ଯୁକ୍ତିତର୍କର ଅସାଧ୍ୟ, ନ୍ୟାୟବିଚାରର ଅସାଧ୍ୟ, ଆଇନ ଅଦାଲତର ଅସାଧ୍ୟ, ଦଣ୍ଡାସୁର ତାହାର ସେହି ଠେଙ୍ଗା ସାହାଯ୍ୟରେ ସେ କାର୍ଯ୍ୟ ସାଧନ କରିଆସେ । ସେହି ଠେଙ୍ଗା ତାହାର ସର୍ବାର୍ଥସାଧିକା । କଥିତ ମୋକଦ୍ଦମାଟା ସେହି ମହା ଠେଙ୍ଗାର କୀର୍ତ୍ତି । ଦୁଇରାଜ୍ୟ ସୀମାରେ ଗୋଟାଏ ବେଲଗଛ ଅଛି । ବୈରିଗଞ୍ଜନଙ୍କ ଲୋକେ ସେହି ଗଛରୁ ଦୁଇଟା ବେଲ ତୋଳିଥିଲେ । ପରମହିତୈଷୀମାନଙ୍କଦ୍ୱାରା ଏହି ସମ୍ବାଦ ବାତ୍ୟା-ଗତିରେ ଆସି ମାନଧାତାଙ୍କ କର୍ଣ୍ଣ ସ୍ପର୍ଶ କଲା । ସେ ଅଗାଧୁକୁ ଡାକି କହିଲେ—"ଅଗାଧୁ, ତୁ ଯାଇ ବାରଣ କର, ସେ ଆମ ଗଛ, ସେ କାହିଁକି ବେଲ ନେବେ ?" ଅଗାଧୁ ଯେଉଁଠିକି ଯାଏ, ସେଠି ଗୋଟାଏ କିଛି କରି

ଅଛେ, ମାନଧାତା ଏହା ଜାଣନ୍ତି । ସୁତରାଂ ସାବଧାନ କରାଇଦେଇ କହିଲେ—"ଖବରଦାର, ଦେଖାଇନ କାମ କରିବୁ ନାହିଁ, ତୁ ଯେ ସେହିପରି ଜନ୍ତୁଟିଏ । ତୋତେ କନ୍ୟାଟିଏ ଖୋଜିବାକୁ ପଠାଇଲେ ତୁ ବାଘ ହୋଇପଡି ଆସିବା ଲୋକ, ଦେଖ୍ ଆଉ କିଛି କରି ବସିବୁ ନାହିଁ ।" ଅଗାଧୁ ମୁରୁକି ମୁରୁକି ହସି ପ୍ରଭୁଙ୍କୁ ଗୋଟାଏ ଲମ୍ବା ଦଣ୍ଡବତ ପକାଇ କହିଲା—"ନା ମହାପ୍ରଭୁ, ଶ୍ରୀମୁଖରୁ ଯେଉଁପରି ଶ୍ରୀଆଜ୍ଞା ହେଲା, ସେହିପରି କରିବ ।" ଅଗାଧୁ ଏହିପରି ମୁହଁରେ କହିଲା; ମାତ୍ର କାର୍ଯ୍ୟକ୍ଷେତ୍ରରେ ଶ୍ରୀଆଜ୍ଞାର ଶ୍ରୀଅବଜ୍ଞା କରି ବସିଲା । ଏତେବଡ ସେ ପିଆଦା, ଗର୍ବ ଅଭିମାନ ଏବଂ କ୍ରୋଧର ଆଗ୍ନେୟଗିରି, ତହିଁ ଉପରେ ଶ୍ରୀମୁଖରୁ ଶ୍ରୀଆଦେଶ ପ୍ରାପ୍ତ, ଆଉ କି ରକ୍ଷା ଅଛି; ବାରୁଦରେ ଅଗ୍ନି ସଂଯୋଗ । ଅଗାଧୁ ଯାଉଁ ଯାଉଁ କେତେ ଜଣ ବାଡିଆ ସଂଗ୍ରହ କରିନେଇ ଯଥାସ୍ଥାନରେ ଉପସ୍ଥିତ ହେଲା ଏବଂ ବିପକ୍ଷ ଲୋକଙ୍କୁ ନିର୍ମମ ପ୍ରହାରରେ ଅବଶ କରି ପକାଇଲା । ବୈରିଗଞ୍ଜନ ଏ ସମ୍ବାଦ ପାଇ ଦଳେ ବାଡିଆ ପଠାଇ ଦେଲେ । ଅନ୍ୟପକ୍ଷରୁ ମଧ୍ୟ ଯଷ୍ଟିଧର ବୀରମାନେ ଆସିଲେ । ପିଠାପିଟି ଲାଗିଲା, କାହାର ମୁଣ୍ଡ ଫାଟିଲା, କାହାର ହାତ ଭାଙ୍ଗିଲା, କାହାର ଦାନ୍ତ ଝଡି-ଗଲା । ଶେଷରେ ଅଗାଧୁ ଜୟୀ ହୋଇ ଫେରିଆସିଲା । ମାନଧାତା ବିରକ୍ତ ହୋଇ କହିଲେ—"ମୁଁ ମନା କରିଥିଲି, ତେବେ ବି ତୁ ଗୋଟାଏ ପର୍ବ କରି ଆସିଲୁ ? ମାଲ-ମୋକଦ୍ଦମା ହେବ, ପାଣିପରି ଟଙ୍କା ଖର୍ଚ୍ଚ ହେବ, ଏ ପୁଣି ଗୋଟାଏ ବିଷମ ଜଞ୍ଜାଳ ।" ଅଗାଧୁ ମୃଦୁ ହସି କହିଲା—"ଆଜ୍ଞା, ଜମିଦାରି ଥିଲେ ଜଞ୍ଜାଳ ଥିବ, ଆଉ କେଉଁ ଜମିଦାରଟା ବା ଋଷିରାଜ୍ୟ ପରି ନିଜଞ୍ଜାଳ ହୋଇଅଛି ? ଟଙ୍କା ଖର୍ଚ୍ଚ ନ କରି, ମାଲ ମୋକଦ୍ଦମା ନ କରି କଅଣ ଜମିଦାରି ରଖି ହେବ ? ମାନ ଆଗେ ନା ଟଙ୍କା ଆଗେ । ଶ୍ରୀଛାମୁଙ୍କର ଯେ କୋଟିଏ ଟଙ୍କାର ମାନ ରହିଲା ।" ମାନଧାତା ହୋ-ହୋ କରି ହସିଉଠି କହିଲେ—"ଦେଖ ହେ ଲୋକଟାର କେଡେ ଟାଣ । ବାଃ ବାଃ, ନ ହେଲେ କି ଅଗାଧୁ । ସତ ସତ, ତୁ ମୋର ଟେକ ରଖିଛୁ । ଆଚ୍ଛା, ତୋତେ "ପାଇକରାଜ" ଗାଦୀ ଦିଆଯିବ । ଏହି ସମୟରେ ପୋଲିସ ଉପସ୍ଥିତ ହୋଇ କେତେ ଜଣଙ୍କୁ ଗିରଫଦାର କରି ନେଇଗଲା । ଅପର ପକ୍ଷରୁ ମଧ୍ୟ ଦୋଷୀ ଧରାହୋଇ ଗଲେ । ଗାଢ଼ ଭାବରେ ମୋକଦ୍ଦମା ଚାଲିଲା, ଅର୍ଥର ବିପୁଳ ଶ୍ରାଦ୍ଧ ହେଲା । ଶେଷରେ ଉଭୟ ପକ୍ଷରୁ କେତେ ଜଣର କାରାବାସ ଏବଂ କେତେ ଜଣର ଅର୍ଥଦଣ୍ଡ ହୋଇ ଏହି ମୋକଦ୍ଦମା-ଯଜ୍ଞର ପୂର୍ଣ୍ଣାହୁତି ହେଲା ।

ପ୍ରେମାନନ୍ଦ ସ୍ୱାମୀ ଏହି ଘଟଣା ଶୁଣି ଅତ୍ୟନ୍ତ କ୍ଷୁବ୍ଧ ହେଲେ । ଦୁଇଟି ସମ୍ଭ୍ରାନ୍ତ ବଂଶକୁ ସର୍ବାପଦର ମୂଳ ଏହି ଦାରୁଣ ମନୋମାଳିନ୍ୟ ହସ୍ତରୁ ରକ୍ଷା କରିବା ସକାଶେ ସେ ମନେ ମନେ ସଂକଳ୍ପ କଲେ । ଜମିଦାର ଦୁହେଁ ତାଙ୍କୁ ଦେବତା ତୁଲ୍ୟ ଭକ୍ତି କରନ୍ତି । ଏଭଳି ଶାନ୍ତ ଶିଷ୍ଟ, ନିର୍ଲୋଭ, ଜନହିତୈଷୀ ମହାପୁରୁଷଙ୍କ ପଦତଳରେ କାହାର ମସ୍ତକ ବା ଭକ୍ତିରେ ନତ ନ ହେବ । ଧରଣୀଧର ବୈରିଗଞ୍ଜନ ତାଙ୍କ ନିକଟରୁ ଦୀକ୍ଷା ନେବାପାଇଁ ଅନେକ ଥର ପ୍ରାର୍ଥନା କରିଅଛନ୍ତି; ମାତ୍ର ସ୍ୱାମୀ ହଁ କି ନା କିଛି କହି ନାହାନ୍ତି । ଉପରୋକ୍ତ ମୋକଦ୍ଦମା ପରେ ବୀରବର ମାନଧାତା ସଙ୍କଟ ପୀଡାରେ ଆକ୍ରାନ୍ତ ହେଲେ । ପୀଡା କ୍ରମଶଃ ବୃଦ୍ଧି ଆଡକୁ ଚାଲିଲା, ଚିକିତ୍ସା ବ୍ୟର୍ଥ ହେବାକୁ ଲାଗିଲା । ରୋଗୀ ଶଯ୍ୟା ଗ୍ରହଣ କଲେ, ପରିବାର ବର୍ଗ ଆଶଙ୍କାରେ ଅଧୀର ହୋଇଉଠିଲେ । ଶେଷରେ ସ୍ୱାମୀ ଆସି ଚିକିତ୍ସାଭାର ସ୍ୱହସ୍ତରେ ଗ୍ରହଣ କଲେ । ତାଙ୍କର ଅମୃତ ଔଷଧ ଏବଂ ଅଶ୍ରାନ୍ତ ସେବା ଚିକିତ୍ସାରେ ରୋଗୀ କ୍ରମେ କ୍ରମେ ଆରୋଗ୍ୟ ଆଡକୁ ଅଗ୍ରସର ହେଲେ । ଯେଉଁ ଦିନ ଆରୋଗ୍ୟ ସ୍ନାନ କଲେ, ସେହିଦିନ ସ୍ୱାମୀଙ୍କ ପାଦ ଧରି କହିଲେ—"ପ୍ରଭୋ, ଆପଣ କିଏ ? ଆପଣ ନର ନୁହନ୍ତି, ଦେବତା । ଅନ୍ୟ ଦେବତା ନୁହନ୍ତି—ମୋର ଭାଗ୍ୟ-ଦେବତା । ସଦୟ ହୋଇ ମୋତେ ମୃତ୍ୟୁ ମୁଖରୁ ଛଡାଇ ଆଣିଅଛନ୍ତି । ମୁଁ ପାପୀ, ନରାଧମ, କୁପଥ-ଗାମୀ, ଧର୍ମ କଅଣ ଜାଣେ ନାହିଁ ପ୍ରଭୋ । ତୁମ୍ଭ ପାଦ-ପଦ୍ମରେ ଶରଣ ପଶିଲି, ଦୟା କରି ଏ ଅଧମକୁ ଶିଷ୍ୟ-ରୂପରେ ଗ୍ରହଣ କରି ସତ୍ପଥ ଦେଖାଇ କୃତାର୍ଥ କର । "ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦେବୋ ମହେଶ୍ୱରଃ, ଗୁରୁଃ

ସାକ୍ଷାତ୍ ପରଂବ୍ରହ୍ମ. ତସ୍ମୈ ଶ୍ରୀଗୁରବେ ନମଃ ।" ଏହା କହି ସ୍ୱାମୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ସ୍ୱାମୀ ତାଙ୍କୁ ଆଦର ପୂର୍ବକ ଉଠାଇ ଆଶୀର୍ବାଦ କରି ମନ୍ତ୍ରଦାନରେ ସମ୍ମତ ହେଲେ । ମାନଧାତା ଆଶାବାଣୀ ଶୁଣି ଆଶ୍ୱସ୍ତ ହେଲେ ।

ଦୀକ୍ଷାଗ୍ରହଣର ଶୁଭଦିନ ଧାର୍ଯ୍ୟ ହେଲା । ପ୍ରେମାନନ୍ଦ ସ୍ୱାମୀଙ୍କ ନିର୍ଦ୍ଦେଶମତେ ଉଭୟ ଜମିଦାର ଆସି ଭିନ୍ନ ଭିନ୍ନ କକ୍ଷରେ ବସିଲେ । ମାତ୍ର କାହାରି ଆସିବା କେହି ଜାଣନ୍ତି ନାହିଁ । ସ୍ୱାମୀ ଗୋପନରେ ସେହିପରି ବ୍ୟବସ୍ଥା କରିଥିଲେ । ସେ ପ୍ରଥମେ ବୈରିଗଞ୍ଜନଙ୍କ ପାଖକୁ ଯାଇ କହିଲେ—"ଦୀକ୍ଷାଗ୍ରହଣ ବଡ଼ କଠୋର ବ୍ରତ, ତାହା ପାଳନ କରି ପାରିବ ?"

ବୈରିଗଞ୍ଜନ—ଯେତେ କଠୋର ହେଲେ ବି ପାଳନ କରିବି ଗୁରୁଦେବ, ଶ୍ରୀଚରଣରୁ ମୁହିଁ ଏ ପ୍ରତିଜ୍ଞା କରୁଛି ।

ସ୍ୱାମୀ—କିଛି ତ୍ୟାଗ କରିବାକୁ ହେବ ।

ବୈରିଗଞ୍ଜନ—ଧନ, ଜନ, ଆଧିପତ୍ୟ ସବୁ ଗୁରୁଙ୍କ ପାଦରେ ସମର୍ପଣ କଲି । ଆଦେଶ ହେଲେ ଜୀବନ ବି ତ୍ୟାଗ କରି ପାରିବି ।

ସ୍ୱାମୀ—ନା, ଜୀବନ ତ୍ୟାଗ କରିବାକୁ ହେବ ନାହିଁ—ଈର୍ଷା ତ୍ୟାଗ କର ।

ବୈରିଗଞ୍ଜନ—ତ୍ୟାଗ କଲି, ଆଜଠାରୁ ମହାଶତ୍ରୁ ପ୍ରତି ସୁଦ୍ଧା ଈର୍ଷା କରିବି ନାହିଁ ।

ଅନନ୍ତର ସ୍ୱାମୀ ମାନଧାତାଙ୍କ ନିକଟକୁ ଯାଇ ପଚାରିଲେ—"ତୁମ୍ଭେ ଗୋଟିଏ କଠୋର ବ୍ରତ ଧାରଣ କରିପାରିବ ?"

ମାନଧାତା—ଆଜ୍ଞା କରନ୍ତୁ ।

ସ୍ୱାମୀ—ପ୍ରେମବ୍ରତ ।

ମାନଧାତା—ଜଗତର ସମସ୍ତଙ୍କୁ ପ୍ରେମ କରିବି, ଏହା ମୋର ଶତବାର ସତ୍ୟ ।

ସ୍ୱାମୀ—କ୍ରୋଧ, ହିଂସା, ମାତ୍ସର୍ଯ୍ୟ ପ୍ରଭୃତି ତ୍ୟାଗ ନ କଲେ ପବିତ୍ର ପ୍ରେମବ୍ରତ ଧାରଣର ଉପଯୁକ୍ତ ହୋଇ ପାରିବ ନାହିଁ ।

ମାନଧାତା—ଏହି ମୁହୂର୍ତ୍ତରେ ସବୁ ପରିତ୍ୟାଗ କଲି ।

"ତେବେ ଆସ ବତ୍ସ, "ସ୍ୱାମୀ ଏହା କହି ମାନଧାତାଙ୍କୁ ସଙ୍ଗରେ ଘେନି ବୈରିଗଞ୍ଜନଙ୍କ ପାଖରେ ଯାଇ ଉପସ୍ଥିତ ହେଲେ । ଉଭୟ ଜମିଦାରଙ୍କ ହସ୍ତ ଏକତ୍ର କରି କହିଲେ—"ତୁମ୍ଭେମାନେ ପରସ୍ପର ବୈରିତା ଭୁଲିଯାଅ, ଏହା ମୋର ଗୁରୁ ଦକ୍ଷିଣା ।" ଦୁଇ ଜମିଦାର ପରସ୍ପରକୁ ଆଲିଙ୍ଗନ କରି ଗୁରୁଙ୍କ ପ୍ରଣାମ କଲେ ଏବଂ କହିଲେ, "ଆଜିଠାରୁ ଆମ୍ଭେମାନେ ପରସ୍ପରର ଶତ୍ରୁ ନୋହୁ—ଅକପଟ ଅନ୍ତରଙ୍ଗ ବନ୍ଧୁ ।" ପୁନଶ୍ଚ ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କଲେ । ପ୍ରେମର ମିଳନ ହେଲା, ଈର୍ଷା ପିଶାଚ ଚିରକାଳପାଇଁ ପଳାୟନ କଲା । ମହାପୁରୁଷଙ୍କ ମହାପ୍ରଭାବର ଅସାଧ୍ୟ କଅଣ ? ଅସାଧ୍ୟ ଶବ୍ଦ ସେମାନଙ୍କ ଅଭିଧାନରେ ନାହିଁ । ସ୍ୱାମୀ ଏଣିକିରେ ପ୍ରୀତ ନ ହୋଇ କହିଲେ—"ଯହିଁରେ ବନ୍ଧୁତା ଦୃଢ଼ ଭିତ୍ତି ଉପରେ ସ୍ଥାପିତ ହେବ, ତାହା କର । ବୀରବରଙ୍କର ପୁତ୍ର ଅଛି, ଧରଣୀଧରଙ୍କର କନ୍ୟା ଅଛି । ସେ ଉଭୟର ଶୁଭବିବାହ ମୁଁ କାମନା କରୁଛି ।" ଏହା ଶୁଣି ଦୁହେଁ ଏକ ସଙ୍ଗରେ କହି ଉଠିଲେ—"ଆପଣଙ୍କ ପବିତ୍ର ମଙ୍ଗଳାଦେଶ ଆମ୍ଭମାନଙ୍କର ଶିରୋଧାର୍ଯ୍ୟ ପ୍ରଭୋ । କିନ୍ତୁ ଆପଣଙ୍କୁ ଏ ବିବାହରେ ପୌରୋହିତ୍ୟ କରିବାକୁ ହେବ ।" ଅନନ୍ତର ସେମାନଙ୍କର ଦୀକ୍ଷାଗ୍ରହଣ ସମାହିତ ହେଲା । ମାନଧାତା କହିଲେ—"ଏହି ମିଳନର ସ୍ମୃତି ସ୍ୱରୂପ ମୁଁ ରାଧାକୃଷ୍ଣଙ୍କର ଦେଉଳ ତିଆରି କରାଇ ଦେବି, ଆଉ କର୍ମୀ ଅଭ୍ୟାଗତ ସନ୍ତଙ୍କ ସକାଶେ ସ୍ୱତନ୍ତ୍ର ଘର କରିଦେବି । ବୈରିଗଞ୍ଜନ କହିଲେ—"ଦେବନୀତି ଚଳିବା ସକାଶେ ମୁଁ ପାଞ୍ଚବାଟୀ ଭୂମି ଖଞ୍ଜିଦେବି ଆଉ ବେଦାନ୍ତ, ଆୟୁର୍ବେଦ ବିଦ୍ୟାଳୟ ପରିଚାଳନର ଭାରଗ୍ରହଣ କରି ମୁଁ ବହନ କରିବି ।" ସେମାନେ କଥାନୁଯାୟୀ କାର୍ଯ୍ୟ ମଧ୍ୟ କରିଥିଲେ । ଅଧିକନ୍ତୁ ପ୍ରଜାମାନଙ୍କଠାରୁ ଘର ପିଛା ବାର୍ଷିକ ପୁଞ୍ଜାଏ ଲେଖାଏଁ ଧାନ ଅଦାୟ କରି ଆଶ୍ରମକୁ ଦେଲେ । ଏହି ଦାନଦ୍ୱାରା ଆଶ୍ରମଟି ସ୍ଥାୟୀ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ରହିଲା । ଉଭୟ

ଜମିଦାରଙ୍କ ସୁନ୍ଦର କନ୍ୟାର ବିବାହ ହୋଇଗଲା । ସ୍ୱାମୀଙ୍କ ପରାମର୍ଶାନୁସାରେ କାର୍ଯ୍ୟ କରିବାରୁ ସେମାନଙ୍କର ଋଣ ମଧ୍ୟ କ୍ରମଶଃ ପରିଶୋଧ ହୋଇଆସିଲା । ଏଣିକି ଉଭୟ ମଧ୍ୟରେ ଅଭେଦ୍ୟ ପ୍ରୀତି । ସେମାନଙ୍କର ଏରୂପ ପରିବର୍ତ୍ତନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କେହି କେହି କହିଲେ—"ସ୍ୱାମୀ କି ମନ୍ତ୍ର ଜାଣନ୍ତି କେ ଜାଣି, କେଉଁ ପୁରୁଷରୁ ଚାଲି ଆସୁଥିବା ଘୋଡ଼ାମହିଁଷିର ବିବାଦ କଥା ପଦକେ ମିଳେଇଗଲା । ଯାହା ହେଉ ଦୁଇଟା ଖାନ୍‌ଦାନ୍ ବୁନିଆଦ ଘର ରକ୍ଷା ହୋଇଗଲା ।" ସମସ୍ତେ ଏହିପରି ଆନନ୍ଦ ପ୍ରକାଶ କଲେ । ନିତ୍ୟାନନ୍ଦ କେବଳ ଉଭୟର ହିତୈଷୀ କର୍ମଗୁରୁବୃନ୍ଦ । ସେମାନେ ଏଥିଲାଗି ସ୍ୱାମୀଙ୍କୁ ଅଭିଶାପ ଦେଉଥିଲେ କି ନାହିଁ, ସେ କଥା ପଦାକୁ ଫୁଟି ନାହିଁ । ସମସ୍ତଙ୍କଠାରୁ ଆନନ୍ଦିତ ହେଲା ସନାତନ । ତାହାର ରୋପିତ କ୍ଷୁଦ୍ର ବୀଜଟି ଗଛ ହୋଇ ଫଳ ଧରିଲା, ଏହାଠାରୁ ବଳି ଆନନ୍ଦର କଥା ଆଉ କଅଣ ଅଛି, ଉପଯୁକ୍ତ ପାତ୍ର ହସ୍ତରେ ଆନ୍ତମଣି ସୁପରିସ୍ଥଳିତ ହେଲା । ସେ ଏବେ ଚିନ୍ତାମୁକ୍ତ ହେଲା । ତାହାର ସାଧୁ ଉଦ୍ଦେଶ୍ୟ ସିଦ୍ଧ ହେଲା । ସଦନୁଷ୍ଠାନର ବୀଜ ବିଫଳ ହୁଏ ନାହିଁ ।

ଏଣେ ନାନା ସ୍ଥାନରୁ ସନାତନର ବିବାହ ସମ୍ବନ୍ଧ ଆସିବାକୁ ଲାଗିଲା । ଶିକ୍ଷିତ, ସଚ୍ଚରିତ୍ର, ସଦ୍‌ବଂଶୀୟ ପାତ୍ର ହସ୍ତରେ କନ୍ୟା ସମ୍ପ୍ରଦାନ କରିବା କାହାର ଇଚ୍ଛା ନୁହେଁ ? ସେରୂପ ଜାମାତା ଲାଭ ଭାଗ୍ୟରେ ଘଟେ । କୋଷ୍ଠୀ ନ ପଡ଼ିବାରୁ କେତେସ୍ଥାନର ସମ୍ବନ୍ଧ ଭାଙ୍ଗିଗଲା । କେବଳ ତିନି ଖଣ୍ଡି କୋଷ୍ଠୀର ବିବାହ ମେଳକ ଘଟିଲା । ସେଥିମଧ୍ୟରୁ ବାଛି ସମ୍ବନ୍ଧ ସ୍ଥିର କରାଯିବ । ସନାତନ ଏହା ଶୁଣି ଉଦ୍‌ବିଗ୍ନ ହୋଇ ଉଠିଲା । ତାହାର ଦିନରାତି କାଟିଲା ନାହିଁ । ଉଦ୍‌ବେଗପୂର୍ଣ୍ଣ ଦିନରାତି ବଡ଼ ଦୀର୍ଘ ହୁଏ । ତାହାର ମୁଖମଣ୍ଡଳ ଶୁଷ୍କ ଏବଂ ବିବର୍ଣ୍ଣ । ସେ ଉଦାସ ନିରାଲମ୍ବ ଭାବରେ ସର୍ବଦା କଅଣ ଚିନ୍ତାକରେ, ତାହା ସେହି ଜାଣେ । ସେ ବସି ଚିନ୍ତାମଗ୍ନ ଥିବା ବେଳେ ବୋଧହୁଏ, ଯେପରି ତାହାର ଶରୀର ମର୍ତ୍ତ୍ୟରେ ପଡ଼ି ରହିଅଛି; ମାତ୍ର ମନ ସ୍ୱର୍ଗରାଜ୍ୟରେ ପଶି ଅମୃତ ଖୋଜି ବୁଲୁଅଛି । ଅନନ୍ତାର ତନ୍ତ୍ର ହାହାକାର ତାହାର ଅନ୍ତଃକରଣରୁ ନୀରବରେ କରୁଣ କାତର ଧ୍ୱନି ଉଠାଉଅଛି । ହତାଶ ହୁତାଶନରେ ତାହାର ହୃଦୟ ଭସ୍ମୀଭୂତ, ସେ ଆତ୍ମୋଦ୍ଧାରର କିଛି ଉପାୟ ପାଉ ନାହିଁ । ବନ୍ଧୁମାନେ ତାହାର ଏ ଭାବ ଦେଖି ଦୁଃଖିତ । ଦିନେ ତାହାର ଜଣେ ବନ୍ଧୁ ତାକୁ ବୁଝାଇ କହିଲା—"ବଂଶରକ୍ଷା କରିବା ମାନବର କର୍ତ୍ତବ୍ୟ । ଜରତ୍କାରୁ ମୁନି ବିବାହ ନ କରିବା ହେତୁ ତାଙ୍କ ସ୍ୱର୍ଗୀୟ ପିତୃପୁରୁଷମାନଙ୍କର ଦୁର୍ଗତି ଚୂଡ଼ାନ୍ତ ସୀମାରେ ଉପସ୍ଥିତ ହୋଇଥିଲା । କାଳ-ମୂଷିକ ତାଙ୍କ ବଂଶବେଣାମୂଠାର ସମସ୍ତ ଚେର କାଟିଦେଇ ଗୋଟିଏ ମାତ୍ର ଅବଶିଷ୍ଟ ରଖିଥିଲା । ତାଙ୍କ ପିତୃପୁରୁଷମାନେ ସେହି ଚେରଟା ଧରି ଓହଳିଥିଲେ । ସେ ଗୋଟିକୁ ମୂଷା କାଟି ଦେଇଥିଲେ ପିତୃପୁରୁଷମାନେ ଦୁର୍ଗତିର ଅତଳ ଗହ୍ୱର ଗର୍ଭରେ ନିକ୍ଷିପ୍ତ ହୋଇଥାନ୍ତେ । ସେମାନଙ୍କର ଏ ଆସନ୍ନ ବିପଦ ଦେଖି—।" ସନାତନ ବନ୍ଧୁକୁ ଆଉ ଅଧିକ କହିବାକୁ ନ ଦେଇ କହିଲା—"ସେମାନଙ୍କର ଆସନ୍ନ ବିପଦ ଦେଖି ମୁନି ବିବାହ ବନ୍ଧନରେ ଆବଦ୍ଧ ହେଲେ । ବର କନ୍ୟାଙ୍କର ହାତଗଣ୍ଠି ସଙ୍ଗେ ସଙ୍ଗେ ଛିନ୍ନ ବେଣାଚେର ଗୁଡ଼ାକରେ ଗଣ୍ଠି ପଡ଼ିଗଲା । ପିତୃଗଣ ଉଦ୍ଧାର ହୋଇଗଲେ—ନା ? କିଏ କାହାକୁ ଉଦ୍ଧାର କରେ ଭାଇ, ମାନବ ନିଜ କର୍ମଗୁଣରେ ଉଦ୍ଧାର ହୁଏ । ସେହିପରି ନିଜର କର୍ମ ଦୋଷରେ ପତିତ ହୁଏ । ନିଜର ପୁଣ୍ୟ ଦେଇ ଅନ୍ୟକୁ କେହି ଉଦ୍ଧାର କରିପାରେ ନାହିଁ । ଧର୍ମ-ରାଜ୍ୟରେ ଧାର ବିକ୍ରୟ ବା ଦାଆ ନିଆ ଚଳେ ନାହିଁ । ସମସ୍ତେ ନିଜର କର୍ମଫଳ ଭୋଗ କରନ୍ତି ।" ବନ୍ଧୁ କହିଲା—"ଆଚ୍ଛା, ତାହା ଜାଣି ହେଲା, ତେବେ ବିଧାତାର ସୃଷ୍ଟିରକ୍ଷା କିପରି ହେବ ?" ସନାତନ ହସି ହସି କହିଲା—"ମୋ ପରି ଗୋଟାଏ ସାମାନ୍ୟ ଜୀବ ବିବାହ ନ କଲେ କି ବିଧାତାର ଅନାଦି କାଳର ସୃଷ୍ଟି ଝରଟା ଏକାବେଳକେ ଶୁଖିଯିବ ।" ବନ୍ଧୁଟି ହଠାତ୍ କିଛି ଉତ୍ତର ଖୋଜି ନ ପାଇ କହିଲା—"ସମସ୍ତେ ଯେବେ ତୁମ୍ଭ ପରି ବିବାହ ନ କରିବାକୁ ପ୍ରତିଜ୍ଞା କରନ୍ତି, ତେବେ ସୃଷ୍ଟି ଲୀନହେବା ବିଚିତ୍ର କଅଣ ?"

ସନାତନ କହିଲା—"ନା, ସମସ୍ତେ କେବେଁ ମୋପରି ହେବେ ନାହିଁ । ଖୁବ୍ ଅଳ୍ପ ଲୋକେ ଏ ବାଟରେ ଚାଲନ୍ତି ଏବଂ ଚାଲିବେ; ମାତ୍ର ସେମାନଙ୍କ ସଂଖ୍ୟା ପୃଥିବୀର ଲୋକସଂଖ୍ୟା ତୁଳନାରେ କିଛି ନୁହେଁ । ଆଉ ସମସ୍ତେ କେବେ ଏକମତ ହୋଇ ପାରି ନାହାନ୍ତି କିମ୍ବା ହୋଇ-ପାରିବେ ନାହିଁ । ସେପରି ହେଉଥିଲେ ପୃଥିବୀରେ ପାପପୁଣ୍ୟର ବିଚାରନୀତି ବା ଧର୍ମନୀତିର ଏତେ କଟକଣା ନ ଥାନ୍ତା । ସୃଷ୍ଟିରେ ସବୁ ଅସମାନ, କାହାରି ସହିତ କାହାରି ମେଳ ନାହିଁ, ଏମନ୍ତ କି ଦୁଇଟି ମନୁଷ୍ୟ ବା ଦୁଇଟି ଗଛ ଅଥବା ଦୁଇଟି ପଶୁ ଏକାପରି କେଉଁ-ଠାରେ କେବେ ଦେଖାଯାଏ ନାହିଁ । ସୌସାଦୃଶ୍ୟ ମଧ୍ୟରେ କିଛି ହେଲେ ବିଭିନ୍ନତା ଥାଏ । ଏପରି ସ୍ଥଳେ ସମସ୍ତଙ୍କର ମତ କି ଏକ ହୋଇପାରେ ? ଜଣେ ଶିଳ୍ପୀ ହାତରେ ଏକ ଛାଞ୍ଚରେ ଢଳା ଦୁଇଟି ପ୍ରତିମା ଏକାପରି ହୁଏ ନାହିଁ, କେଉଁଠି ହେଲେ ଟିକିଏ ବଙ୍କା ଦେଖା ରହିଯାଏ । ତଥାପି ଯଦି କେଉଁ ସୁଦୂର ମହାଭବିଷ୍ୟ ଯୁଗରେ ସମସ୍ତଙ୍କ ମତ ଏକ ହେବାର ଉତ୍କଟ ଦୁର୍ଦ୍ଦଶା ଉପସ୍ଥିତ ଥାଏ, ତେବେ ସୁଦ୍ଧା ବନ୍ଧୁ, ଈଶ୍ୱର କଳ୍ପିତ ସୃଷ୍ଟି ନାଶର କିଛି ଆଶଙ୍କା ନାହିଁ । ଯେହେତୁ ସୃଷ୍ଟି ରକ୍ଷାର ଭାର ମନୁଷ୍ୟ ଉପରେ ନାହିଁ । ଯାହାର ସୃଷ୍ଟି ସେହି ରକ୍ଷା କରିବ । ଅନନ୍ତର କାର୍ଯ୍ୟ କି ସାନ୍ତ ମାନବ କରିପାରେ ? ହସ୍ତୀର ବୋଝ ପିପିଲିକା ବହି ପାରିବ ନାହିଁ ।" ବନ୍ଧୁଟି ବାରମ୍ବାର ଖୁଣ୍ଟା ଖାଇ ସୁଦ୍ଧା ନିବୃତ୍ତ ହେଲା ନାହିଁ । ସେ କହିଲା—"ପିତାମାତାଙ୍କର ଅବାଧ୍ୟ ହେବା ପୁତ୍ର ପକ୍ଷରେ ମହାପାପ ।" ସନାତନ କହିଲା—ତାହା ମୁଁ ଜାଣେ, ଆଉ ଜାଣେ ବୋଲି ଅଦ୍ୟାବଧି କେବେ ତାଙ୍କର ଅବାଧ୍ୟ ହୋଇ ନାହିଁ, କି ଜୀବନରେ ହେବି ନାହିଁ । ମୁଁ ଯେବେ ଅନ୍ୟାୟ ପଥରେ ଚାଲିବି, ତେବେ ବାଧା ଦେବା ସେମାନଙ୍କର କର୍ତ୍ତବ୍ୟ । ଆଉ ନ୍ୟାୟପଥରେ ଧର୍ମପଥରେ ଚାଲିଲେ ସେମାନେ ବାଧା ଦେଇ ପାରିବେ ନାହିଁ, କି ତାହା ଅବାଧ୍ୟତା ହେବ ନାହିଁ ।" ବନ୍ଧୁମାନେ ଏହିପରି ଅନେକ ଯୁକ୍ତି କରନ୍ତି; ମାତ୍ର ସନାତନ ପ୍ରତିଜ୍ଞାରେ ପର୍ବତ ପରି ଅଚଳ-ଅଟଳ । ଏକଥା ଶୁଣି ପିତାମାତାଙ୍କର ସନ୍ଦେହ ଏବଂ ଆଶଙ୍କା ବଢ଼ିଉଠିଲା । ପ୍ରତିବେଶୀମାନେ ବିନା ମୂଲ୍ୟରେ ପରାମର୍ଶ ଦେଲେ—"ଏ ରୋଗ ବଡ଼ କଠିନ, ବିବାହ ତାହାର ଏକମାତ୍ର ଔଷଧ । ଏହିପରି ଢେର କହନ୍ତି—ବୈଷ୍ଣବ ହେବ, ବୈରାଗୀ ହେବ; ମାତ୍ର ହାତଛନ୍ଦା ହେଲେ ସବୁ ଭଢ଼ଙ୍ଗ ଛୁଆଁ ହେଇ ଉଡ଼ି-ଯାଏ ।" ନନ୍ଦଦମ୍ପତି ଏ ମୂଲ୍ୟବାନ୍ ସୁପରାମର୍ଶ ମାହାଳିଆରେ ପାଇ ଶୀଘ୍ର ପୁତ୍ରର ବିବାହ ବିଷୟରେ ତତ୍ପର ହେଲେ । ସନାତନ ଭାବିଲା—"ଏବେ ସର୍ବ-ନାଶ, କିଛିଦିନ ଆତ୍ମଗୋପନ ନ କଲେ ଆଉ ନିସ୍ତାର ନାହିଁ ।" ଉତ୍ତେଜନାର ପରିଣାମ ବା ଭଲ ମନ୍ଦ ଭାବିବାକୁ ତାହାର ସମୟ ନାହିଁ; ସୁତରାଂ "ଯଃ ପଳାୟତି ସ ଜୀବତି" ନୀତି ସାର କଲା । ସେ ଦିନେ ମାଝି ଅନ୍ଧାରରୁ ଉଠି ଇଷ୍ଟଦେବଙ୍କୁ ସ୍ମରଣ ଏବଂ ପ୍ରଣାମ କରି ତହିଁ ପରେ ପିତାମାତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି "ସଙ୍କଟେ ମଧୁସୂଦନଂ" ସ୍ମରଣପୂର୍ବକ ଘରୁ ବାହାରି ଚାଲିଗଲା ।

# ଚତୁର୍ଦ୍ଦଶ ପରିଚ୍ଛେଦ

ସନାତନ ଗ୍ରାମ ପାର ହୋଇଗଲା, ସେ ପର୍ଯ୍ୟନ୍ତ କୁଆ କୋଇଲି ଉଠିନାହାନ୍ତି । କ୍ରମେ ଫର୍ଚ୍ଚା ହୋଇ ଆସିଲା । ବଙ୍ଗାଙ୍ଗନାକୁଳ ଶଙ୍ଖ ହୁଳାହୁଳୀ ଶବ୍ଦରେ ନବୀନ ପ୍ରଭାତକୁ ଅଭ୍ୟର୍ଥନା କଲେ । ବାଳାର୍କକିରଣ ତରୁ ମସ୍ତକରେ ଜ୍ୟୋତିର୍ମୟ ମୁକୁଟ ପିନ୍ଧାଇ ଦେଲା । ତ୍ୟାଗୀ ମସ୍ତକରେ ପ୍ରକୃତି ଏହିପରି ଗୌରବ ମୁକୁଟ ପିନ୍ଧାଇ ଦିଏ । ତରୁବର୍ଗ ଶାଖା କର ସେହି ନବ ନୃପତି ମର୍ଯ୍ୟାଙ୍କୁ ନମସ୍କାରପୂର୍ବକ ବାନର ପ୍ରତିଦାନ ଅର୍ପଣ କଲେ । ମନ୍ଦିରର ଦେବକନ୍ୟା କୁସୁମସୁନ୍ଦରୀର ଶିଶିରସିକ୍ତ ଶରୀର ରବିକର ସ୍ପର୍ଶରେ ଝଟକି ଉଠିଲା । ତାହାର ଅଶ୍ରୁପ୍ଳାବିତ ମୁଖରେ ମଧୁର ହାସ୍ୟ ଫୁଟି ଉଠିଲା । ସନାତନ ଯାଇ ଦୁଇ କୋଶ ଦୂରବର୍ତ୍ତୀ ନିର୍ଜ୍ଜନ ନଦୀକୂଳରେ ବସିଲା । ସେ କେଉଁ ଠାକୁ ଯିବ ଏ ଅବଧି ତାହା ଭାବି ନ ଥିଲା, ଏବେ ତାହା ମନରେ ଗୋଟାଏ ପ୍ରଚଣ୍ଡ ଚମକ ଆସିଲା । ସେ ଭାବିଲା—"ଏହି ନଦୀଟି ନୀରବ ସଙ୍କେତରେ ମୋତେ ବାଟ ଦେଖାଇ ଦେଉଛି । ଏ ନିର୍ଲକ୍ଷ୍ୟ ଭାବରେ ବହି ଆସି ବାଟ ଭୁଲୁ ଭୁଲୁ ଅକସ୍ମାତ୍ ସମୁଦ୍ରକୁ ଭେଟିଲା ଏବଂ ଆଶ୍ରୟ ପାଇଲା । ନଦୀଟା ଗିରିଗର୍ଭରୁ ବାହାରିଲାବେଳେ ତାହାର ଆଶ୍ରୟସ୍ଥଳ ସମୁଦ୍ର ଏହି ଜଗତରେ ଅଛି ବୋଲି ଜାଣି ବାହାରି ନ ଥିଲା । ଖୋଜୁ ଖୋଜୁ ତାକୁ ଯେପରି ଗୋଟାଏ ଆଶ୍ରୟ ମିଳିଗଲା, ମୋତେ ସେହିପରି ମିଳିଯିବ । ଜୀବନର କଠୋର ପରୀକ୍ଷା ତ ଗ୍ରହଣ କରିବାକୁ ହୋଇଛି ଦେଖାଯାଉ, ଏଥିରେ ଅଜ୍ଞେୟ ବର୍ତ୍ତରହସ୍ୟ ବା କାଳ-କୌତୁକ କଅଣ ଅଛି । ତେବେ ଘଡି ଘଡି ଚଉଁ ଚମକିଉଠୁଛି କାହିଁକି ? ହିଁ ବୁଝିଲି ଏହା ମୋର ଦୁର୍ବଳତା, କାପୁରୁଷତା ଛଡ଼ା ଆଉ କିଛି ନୁହେଁ । ଛି, ମୁଁ ଏଡ଼େ ନୀଚମନା, ଆମେରିକା ଯାଉ ନାହିଁ କି ଆଫ୍ରିକା ଯାଉ ନାହିଁ, ମାତୃଅଙ୍କରେ ଖେଳି ବୁଲିବାକୁ ଏତେ ଭୟ ! ଏ ଦୁର୍ବଳତା ଏ ଭୀରୁତା ମୋ ହୃଦୟକୁ କିଏ ଆଣିଲା ? କାହିଁ ମୁଁ ତ ଏ ଆତ୍ମଘାତୀ ଭାବକୁ ଗୋଡ ହାତ ଧରି, କୁମାର୍ଗଗାମୀ କଦାଚାରକୁ ଡାକି ଆଣିନାହିଁ ; ତେବେ ସେ ବଳେ ବଳେ କାହିଁକି ମୋତେ ଗୋଡ଼ାଉଛି ଓଃ, ଏ ଦେଶର ପ୍ରକୃତି ଏହିପରି ହୋଇଯାଇଛି । ମାଁ, ମୋର ନୈତିକ ସାହସ ଅଭାବର ଏ ଫଳ ? ଯେଉଁ ଓଡ଼ିଆ ଜାତି ଅଶାନ୍ତ ସମୁଦ୍ରର ଉତ୍ତାଳ-ତରଙ୍ଗ ଉପରେ ନିର୍ଭୟ ଚିତ୍ତରେ ଦୋଳି ଖେଳୁଥିଲା, ମୁଁ ତାଙ୍କରି ପବିତ୍ର ବଂଶଧରଟି କି ? ହାୟ ମୋ ଭଳି ଅନୁଗ୍ରହ ପାତ୍ର ମୁହିଁ ଏକା ସିନା ।" ସନାତନ ଏହିପରି ଭାବୁଅଛି, ଏହି ସମୟରେ ଅଧୀରତା ଏବଂ ଉତ୍ସାହ ଆସି ତାହା ଦୁଇ ପାଖରେ ଠିଆ ହୋଇଗଲେ । ଉତ୍ସାହ କହିଲା—"ନା, ତୁ ଅଧୀରତା କଥା ଶୁଣ୍ ନା, ସେଟା ବଡ଼ ଡ଼ରେଣ୍ଡି—ଟିକିକ କଥାକୁ କାନ୍ଦପକାଏ ।" ଅଧୀରତା ଏହା ଶୁଣି ଅଧୀର ହୋଇ କହିଲା—"ଥାଉ ହେ ବୀରଚୂଡ଼ାମଣି, ବୀରତ୍ୱ ତେଣିକି ଥାଉ । ପିଲାଟାକୁ ବାପମାଙ୍କ ଅବାଧ୍ୟ କରି ଘରୁ ବାହାର କରି ଆଣିବାଟା ଏକା ପ୍ରକାଣ୍ଡ କୀର୍ତ୍ତିର କଥା ।" ସାହସ ବିସ୍ମୟକଣ୍ଠିତ କଣ୍ଠରେ କହିଲା—"କଅଣ, ପରମ ଭାଙ୍କର ଅବାଧ୍ୟ ? କିଏ ଅବାଧ୍ୟ ? ଯାହା ଯାହାର ଶକ୍ତିର ଅତୀତ, ତାହା ତାକୁ କରିବାକୁ କହିବ, ସେ କରି ନ ପାରିଲେ ପୁଣି ଅବାଧ୍ୟ ଉପାଧି ପାଇବ—ଏହା ତ ଖାସା ସୁନ୍ଦର ବିଚାର । ପୁଅର ଯେଉଁ ଭାର ବହିବାର କ୍ଷମତା ନାହିଁ, ସେହି ଭାର ତାହା ମୁଣ୍ଡରେ ଲଦିବାକୁ ବାପ-ମାଙ୍କର ଏତେ ଜିଦ କାହିଁକି ? ଏହା କଣ ସ୍ନେହର ଶତ୍ରୁ ନୁହେଁ ?" ସାହସ ଏବଂ ଅଧୀରତା ମଧ୍ୟରେ ଏହିପରି ଅନେକ ବାଦାନୁବାଦ ଚାଲିଲା; ମାତ୍ର ଶେଷରେ ସାହସର ଜୟ ହେଲା । ସନାତନ ଦନ୍ତ-ଧାବନ ଓ ବହିର୍ଦ୍ଦେଶ ଗମନ ପରେ ନଦୀରେ ସ୍ନାନ କରି ଲୁଗା ପାଲଟି ଓଦାଲୁଗା ଖଣ୍ଡି ଶୁଖାଇ ଦେଲା । ପୂଜା ଏବଂ ଜପ ଶେଷ ହେବା ବେଳକୁ ଲୁଗା ଖଣ୍ଡି ଶୁଖି ଯାଇଥିଲା । ସେ ଖଣ୍ଡି ତୋଳି ନେଇ ପୁଣି ଅଲକ୍ଷ୍ୟ ଭାବରେ ବୁଲିଲା । ଦିନ ପାଞ୍ଚଘଡି ବେଳେ ଯାଇ ଜଗନ୍ନାଥ ସଡ଼କ ପାଖରେ ଗୋଟିଏ ପୁଷ୍କରିଣୀ ତୀରରେ

ଉପସ୍ଥିତ ହେଲା । ପୋଖରୀଟି ଚତୁଷ୍କୋଣ, ପଥରରେ ଘାଟର ପାଉଚ ବନ୍ଧା ହୋଇଛି । ଜଳ ଦର୍ପଣବତ୍ ପରିଷ୍କାର, ଇତସ୍ତତଃ କେତୋଟି ପଦ୍ମ ଫୁଟିଅଛି । ଭ୍ରମର କେତେବେଳେ ସେ ଫୁଲ ଉପରେ ବସି ପଡୁଅଛି, କେତେବେଳେ ଉଡ୍ଡୀନଭାବରେ ଶୋଇପଡି ପଦପକ୍ଷ ସଞ୍ଚାଳନ କରୁଅଛି, କେବେ ବା ଲମ୍ଫ ହୋଇ ପଡୁଅଛି, ଫୁଲ-ଶଯ୍ୟାରେ ସେ ଏହିପରି ବିବିଧ କେଳି କରୁଅଛି । ପୁଷ୍କରିଣୀର ନାମ "କଡା" ପୋଖରୀ । ପ୍ରବାଦ ଅଛି—ଜଣେ ଗରିବ ବ୍ରାହ୍ମଣ ହାଟରେ ନଣ୍ଡିଆ ବିକି ଜୀବିକା ନିର୍ବାହ କରେ । କଡାଗୁଡିକ ଫିଙ୍ଗି ନ ଦେଇ ସଂଗ୍ରହ କରି ରଖିଥାଏ । ଅବସରବେଳେ ସେଥିରେ ଦଉଡି ବଳେ । ସେହି ନଣ୍ଡିଆ କଡା ଦଉଡି ବିକା ପଇସାରେ ପୋଖରୀଟି ଖୋଳା ହୋଇଥିବାରୁ ତାହାର ଏରୂପ ନାମ ହୋଇଛି । ଏହିପରି ସୂତାକଟା ପୋଖରୀ, ଡ଼ଲାଭଙ୍ଗା ପୋଖରୀ ପ୍ରଭୃତି ବିବିଧ ନାମରେ ଜଳକୀର୍ତ୍ତି ପଲ୍ଲୀ ଅଞ୍ଚଳରେ ଅନେକ ଦେଖାଯାଏ । ସେଗୁଡିକ ଦାରିଦ୍ର୍ୟ-ଧନ-କୁବେରମାନଙ୍କର ସଞ୍ଚୟପଟୁତା, ଦାନ ଏବଂ ଧର୍ମପ୍ରାଣତାର ମହାସାକ୍ଷୀ । ସେ କାଳର ଦରିଦ୍ର ଏବଂ ଏ କାଳର ବିଳାସୀ ଧନୀମାନଙ୍କୁ ତୁଳାଦଣ୍ଡରେ ତଉଲିଲେ ଧନୀ ପାଖର ପାଲି ଉପରକୁ ଠେକି ହେବ । ପେଟ ଶୁଖାଇ କଷ୍ଟାର୍ଜିତ ଅର୍ଥର ପବିତ୍ର ବ୍ୟବହାର ଏକା ଦରିଦ୍ରମାନେ କରି ପାରନ୍ତି । ଜଗତରେ ଯେ ଯେତେ ବଡ଼ ସେ ତେତେ ଦରିଦ୍ର । ମହାଦେବଙ୍କଠାରୁ ବଡ଼-ଲୋକ କିଏ, ତଥା ଦରିଦ୍ର ବା କିଏ ? ପୋଖରୀ ଉପରେ ୪।୫ ଟା ବୃହତ୍ ବରଗଛ ଅଛି । ସେଥି ମଧ୍ୟରେ କେହି ସେ କାଳର ମୁନି ଋଷି ପରି ପ୍ରଲମ୍ବିତ-ଜଟାଶ୍ମଶ୍ରୁମଣ୍ଡିତ, ଆଉ କେହି ବା ନିଷ୍ଠାପର ହିନ୍ଦୁ ଗୃହସ୍ଥ ପରି ମୁଣ୍ଡିତଶ୍ମଶ୍ରୁ । ପୁରୀ ଯାତ୍ରୀମାନେ ଏବଂ ଶଗଡିଆ-ମାନେ ସେହି ଗଛମୂଳରେ ରନ୍ଧା ବାଢ଼ି ଖାଆନ୍ତି; ସୁତରାଂ ସବୁବେଳେ ସେଠାରେ ଲୋକ ଗହଳ ଲାଗିଥାଏ । କିନ୍ତୁ ଆଜି ଅଧିକ ଲୋକ ନାହାନ୍ତି; ୭।୮ ଜଣ ମାତ୍ର ଅଛନ୍ତି । କେହି ଜଳରେ ପଶି ସ୍ନାନ କରୁଛି—କେହି ଖିଆଇର ବ୍ୟବସ୍ଥା କରୁଛି—କେହି ବା ପିଙ୍ଗଳନଳୀରେ ଚୁଲ୍ଲୀ ଜଳାଇ ଲୁଣ ଲଙ୍କାମରିଚ ସାହାଯ୍ୟରେ ଚୂଡ଼ାପାଣି କରୁଛି । ଏହିପରି ସମସ୍ତେ ଗୋଟାଏ ଗୋଟାଏ କାର୍ଯ୍ୟରେ ବ୍ୟସ୍ତ । ଗୋଟାଏ ଗଛ ମୂଳରେ ଜଣେ ବ୍ୟକ୍ତି କୁଶା-ସନରେ ବସି ଗ୍ରନ୍ଥପାଠ କରୁଅଛନ୍ତି । ଲୋକଟି ପ୍ରୌଢ଼ ହେଲେହେଁ ଶରୀରର ଲାବଣ୍ୟଶ୍ରୀ ମଳିନ ହୋଇ ନାହିଁ, ବର୍ଣ୍ଣ ପାକଳ ଆମ୍ବପରି ଗୌର, ମସ୍ତକ ବୃହତ୍ । ସତ୍ୟ-ଦେବତା ସ୍କନ୍ଧରେ ନ୍ୟାୟସୂତ୍ର ପ୍ରାୟ ଶ୍ୱେତଯଜ୍ଞସୂତ୍ର ସ୍କନ୍ଧଦେଶରେ ଲମ୍ବମାନ । ମସ୍ତକରେ ଶିଖା ଅଛି । ଦୃଷ୍ଟିର ଉଜ୍ଜ୍ୱଳ ଶୀତଳ ଜ୍ୟୋତିରୁ ଔଦାର୍ଯ୍ୟ ଏବଂ ସାରଲ୍ୟ ଝରି ପଡୁଛି । ବକ୍ଷ ମହାଭାବର କନକ ମୁକୁର, ସେଥିରେ ପୁଣ୍ୟର ପୂର୍ଣ୍ଣ ଛବି ପ୍ରତିଫଳିତ । ସନାତନ ଅନ୍ୟ ଲୋକକୁ ପଚାରି ବୁଝିଲା— ସେ ପୁରୀ ନଡମଠର ମହନ୍ତ, ତୀର୍ଥାଟନରେ ବାହାରି ବୃନ୍ଦାବନ ଯାଉଅଛନ୍ତି । ସନାତନ ଧୀରେ ଧୀରେ ଯାଇ ମହନ୍ତଙ୍କ ବାମପାର୍ଶ୍ୱରେ ଖଣ୍ଡେ ଦୂରରେ ଠିଆହେଲା । ମହନ୍ତ ଏକାଗ୍ର ଚିତ୍ତରେ ଭାଗବତ ପାଠ କରୁଅଛନ୍ତି, ଯେପରି ଗ୍ରନ୍ଥସଙ୍ଗରେ ମିଶି-ଯାଇ ତନ୍ମୟ ହୋଇଯାଇ ଅଛନ୍ତି । ତାଙ୍କ ଚକ୍ଷୁର ପଲକ ସ୍ଥିର ଏବଂ ନିଷ୍ପନ୍ଦ । ସନାତନ ବୁଝିଲା, ମହନ୍ତ ମହାରାଜ ଜଣେ ପ୍ରକୃତ ସାଧକ ଏବଂ ଯୋଗୀ । ଯୋଗସାଧନର ଅନେକ ଲକ୍ଷଣ ତାଙ୍କ ଦେହରେ ଦେଖାଯାଉଅଛି । ସନାତନ ଗ୍ରନ୍ଥପାଠନିରତ ସାଧୁପୁରୁଷଙ୍କ ସମ୍ମୁଖୀନ ହେବାକୁ ସାହସ କଲା ନାହିଁ, ସେହିପରି ଠିଆହୋଇ ସ୍ତବ୍ଧ ବିସ୍ମୟରେ ଭାଗବତପାଠ ଶୁଣିବାକୁ ଲାଗିଲା । କିଛିକ୍ଷଣ ପରେ ମହନ୍ତଙ୍କର ଗ୍ରନ୍ଥପାଠ ଶେଷ ହେଲା । ସେ ପୁସ୍ତକରୁ ଦୃଷ୍ଟି ଉଠାଇ ନେଇ ପାର୍ଶ୍ୱ ଭାଗକୁ ଚାହିଁ ଦେଲାକ୍ଷଣି ସନାତନ ଭୂମିରେ ମସ୍ତକ ଲଗାଇ ପ୍ରଣାମ କଲା । ମହନ୍ତ ଆଶୀର୍ବାଦ କରି ସମ୍ମୁଖସ୍ଥ ମୃଗଛାଲ ଦେଖାଇ ବସିବାକୁ କହିଲେ; ମାତ୍ର ସନାତନ ସେ ଆସନରେ ନ ବସି ଭୂମିରେ ବସିଲା । ମହନ୍ତ ତାକୁ କିଛିକ୍ଷଣ ଚାହିଁ ରହି ମୃଦୁହାସ୍ୟରେ ପଚାରିଲେ—"କିଛି କହିବାକୁ ଅଛି ?"

ସନାତନ—ନା ଆଜ୍ଞା, କିଛି କହିବାକୁ ନାହିଁ । ଆପଣଙ୍କର ଭାଗବତ ପାଠ ଶୁଣୁଥିଲି । ଆପଣ ଛନ୍ଦ, ଯତି ମିଳାଇ ଯେପରି ବିଶୁଦ୍ଧ ଭାବରେ ସଂସ୍କୃତଶ୍ଳୋକ ଉଚ୍ଚାରଣ କରୁଛନ୍ତି, ସେପରି ସ୍ପଷ୍ଟ ଉଚ୍ଚାରଣ ମୁଁ ଆଉ କାହାରି ମୁହଁରୁ ଶୁଣି ନାହିଁ ।

ମହନ୍ତ—ଭାଗବତ ବୋଲି କିପରି ଜାଣିଲ ?

ସନାତନ – ପୃଥୁମହାରାଜାଙ୍କର ପୃଥିବୀଦୋହନ ଆଖ୍ୟାନ ପଢ଼ିଥିଲା ପରି ?

ମହନ୍ତ—ସେ ଆଖ୍ୟାନ କେଉଁ ଖଣ୍ଡରେ ପଡ଼େ ?

ସନାତନ—ଚତୁର୍ଥସ୍କନ୍ଧରେ ।

ମହନ୍ତ—ତେବେ ତ ଦେଖୁଛି ତୁମ୍ଭେ ଭଲରୂପେ ପଢ଼ାଶୁଣା କରିଛ ।

ସନାତନ—ଆଜ୍ଞା ହିଁ, ସାମାନ୍ୟ କିଛି ପଢ଼ିଛି, କାବ୍ୟ ନାଟକ ପ୍ରଭୃତିରୁ ମଧ୍ୟ କିଛି କିଛି ଜାଣେ ।

ମହନ୍ତ—ତୁମ୍ଭ କାଖରେ ସେ ଖଣ୍ଡି କି ପୁସ୍ତକ ?

ସନାତନ—ଭଗବଦ୍ ଗୀତା ।

ମହନ୍ତ—ଗୀତା ପଢ଼ିଛ ? ଆଚ୍ଛା, ଏ ଶ୍ଳୋକର ଅର୍ଥ କହ—

"ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ,
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ।"

ସନାତନ—ଦୁର୍ଯ୍ୟୋଧନ ଦ୍ରୋଣ ଗୁରୁଙ୍କୁ କହୁଛନ୍ତି—ଆପଣମାନେ ସମସ୍ତେ ନିଜ ନିଜ ବ୍ୟୂହ ଦ୍ୱାରରେ ରହି ଭୀଷ୍ମଦେବଙ୍କୁ ସର୍ବଦା ଉତ୍ତମରୂପେ ରକ୍ଷା କରନ୍ତୁ ।

ମହନ୍ତ—କି, ଭୀଷ୍ମ କଅଣ ଏଡ଼େ ଦୁର୍ବଳ ଯେ, ତାଙ୍କୁ ରକ୍ଷା କରିବାକୁ ରକ୍ଷକ ଦରକାର ?

ସନାତନ—ନା ଆଜ୍ଞା, ତାହା ନୁହେଁ । ଭୀଷ୍ମଦେବ କୌରବ ପକ୍ଷର ପ୍ରଧାନ ସେନାପତି ହେତୁ ବିପକ୍ଷ ପକ୍ଷର ଅନେକ ବୀର ତାଙ୍କୁ ଲକ୍ଷ୍ୟ କରିବେ । ସେ ସମ୍ମୁଖ ଯୁଦ୍ଧରେ ନିଯୁକ୍ତ ଥିବାବେଳେ କାଳେ କେହି କ୍ଷତ୍ରିୟ ଧର୍ମ ଲଙ୍ଘି ତାଙ୍କୁ ଅନ୍ୟ ଆଡ଼ୁ ପ୍ରଚ୍ଛନ୍ନ ଆକ୍ରମଣ ପୂର୍ବକ ବିନାଶ କରେ, ଏହି ଆଶଙ୍କାରେ ଦୁର୍ଯ୍ୟୋଧନ ଦ୍ରୋଣଙ୍କୁ ସେପରି କହିଥିଲେ ।

ମହନ୍ତ—ହିଁ ଠିକ୍ କହିଛ, ଆଚ୍ଛା, ଆଉ କଅଣ ପଢ଼ିଛ ?

ସନାତନ—ନ୍ୟାୟ ଆଉ ବେଦାନ୍ତରୁ କିଛି କିଛି ପଢ଼ିଛି ।

ମହନ୍ତ—ନ୍ୟାୟ ବେଦାନ୍ତ ବି ପଢ଼ିଛ ? ଓଃ ଏଇ ବୟସରେ ଏତେ ଶିଖିଲଣି, ବାଃ ବାଃ ! ହିଁ ତାହା ତ ବ୍ରାହ୍ମଣର କାର୍ଯ୍ୟ । ତୁମ୍ଭର ନାମ କଅଣ ବାବା ?

ସନାତନ—ମୋର ନାମ ସନାତନ ନନ୍ଦ ।

ମହନ୍ତ—ତେବେ ବିଦ୍ୟାଶିକ୍ଷା ଶେଷ କରି ତୀର୍ଥ ଭ୍ରମଣରେ ବାହାରିଛ ?

ସନାତନ—ହିଁ ଆଜ୍ଞା, ଏକପ୍ରକାର ସେହିପରି ।

ମହନ୍ତ—ଆଚ୍ଛା ବାବା, ଭାଗବତରୁ ଖଣ୍ଡେ ପଢ଼ନ୍ତ —ମୁଁ ଶୁଣିବି ।

ଏହା କହି ମହନ୍ତ ସନାତନ ହାତକୁ ପୁସ୍ତକ ବଢ଼ାଇଦେଲେ । ସନାତନ ଗୋଟିଏ ଅଂଶ ଯଥା-ରୀତିରେ ପଢ଼ିବାକୁ ଲାଗିଲା । ତାହାର ଲଳିତ କୋମଳ ସ୍ୱର ଏବଂ ମଧୁର ଝଙ୍କାର ମହନ୍ତ ସ୍ତବ୍ଧ ମୁଗ୍ଧ ହୋଇ ଶୁଣିବାକୁ ଲାଗିଲେ । ମନେ ମନେ ଭାବିଲେ—"ଏ ବାଳକଟି କିଏ ? ବୟସ ତ ବିଂଶ ବର୍ଷ ଅତିକ୍ରମ କରି-ଥିବା ପରି ବୋଧ ହେଉନାହିଁ, ଏହି ବୟସରେ ଏ ପ୍ରତିଭା । ଅହା, କି ସଂଯମ—କି ବିନୟ—କି ଅର୍ଥପୂର୍ଣ୍ଣ ଭାବପ୍ରାଣ ଭାଷା । କିନ୍ତୁ ଏ ନିଷ୍କଳଙ୍କ ଚନ୍ଦ୍ରରେ ଗୋଟାଏ କି ଛାୟାପାତ ହେଲାପରି ବୋଧ ହେଉଅଛି, ଯେମନ୍ତ କି ଏକ ଦାରୁଣ ବ୍ୟଥା ଏହି ସୁକୁମାର ବାଳକ ହୃଦୟରେ ଲୁଚକାଳି ଖେଳୁଅଛି । ହାୟ, ଏଭଳି କୁସୁମରେ କି କୀଟ ପ୍ରବେଶ କରେ ।" ମହନ୍ତ ସନାତନକୁ ଏକ ଧ୍ୟାନରେ ଚାହିଁ ରହିଅଛନ୍ତି, ଯେପରି ସେ ସନାତନର ଅନ୍ତର ଭିତରେ ପଶି ବ୍ୟଥା କେଉଁଠାରେ, ତାହା ଖୋଜି ବୁଲୁଅଛନ୍ତି । ତାହା ହୃଦୟରେ କି ଗୁପ୍ତକଥା ଲିଖିତ ଅଛି, ତାହା ନୀରବ ମନୋଯୋଗ ପୂର୍ବକ ପଢ଼ୁଅଛନ୍ତି । ସନାତନ କେତୋଟି ଶ୍ଳୋକ ଆବୃତ୍ତି କରି ପୁସ୍ତକ ରଖିଦେଲା । ମହନ୍ତ ତାକୁ ପାଖକୁ ଟାଣିଆଣି ସ୍ନେହରେ ଆଦରରେ ତାହା ମସ୍ତକରେ ହାତ ବୁଲାଇ ଦେଇ କହିଲେ—"ବାବା, ତୁମ୍ଭର ସୌଜନ୍ୟ ଆଉ ନିର୍ମଳ ସାଧୁ ବ୍ୟବହାରରେ ମୁଁ ବିଶେଷ ସନ୍ତୋଷ ଲାଭ କରିଛି । କିନ୍ତୁ ବାବା, ତୁମ୍ଭ ମନରେ କି ଗୋଟାଏ ସଂଶୟ ଥିଲା ପରି ଜଣା ପଡ଼ୁଛି । ମୁଁ ବୃଦ୍ଧ, ତୁମ୍ଭର ପିତୃବୟସୀ ଆଉ ସନ୍ନ୍ୟାସୀ, ମୋ ପାଖରେ ତାହା ପ୍ରକାଶ କଲେ କିଛି କ୍ଷତି ବା ଆଶଙ୍କା ନାହିଁ ।" ସନାତନ ତାଙ୍କ ମୁହଁକୁ ଚାହିଁ ରହି ମନେ ମନେ ଭାବିଲେ—"ଏ କଅଣ ଅନ୍ତର୍ଯ୍ୟାମୀ, ମୋର ମନର ସଂଶୟ ଏ ଜାଣିଲେ କିପରି ?

ସାଧୁ ସତ୍ପୁରୁଷମାନେ ଆକୃତିରୁ ପ୍ରକୃତି ଅନୁମାନ କରି ନିଅନ୍ତି; ଏହା ସତ କଥା ।" ଅନନ୍ତର ମୃଦୁହସି କହିଲା, ହଁ ଆଜ୍ଞା, ଯାହା ଅନୁମାନ କରିଛନ୍ତି, ତାହା ଠିକ୍ । ସେ ସବୁ ପଛେ ଶୁଣିବେ, ଆଗେ ଦୟା କରି ମୋର ଗୋଟାଏ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତୁ । ଶାସ୍ତ୍ରରେ ଅଛି, ସସ୍ତ୍ରୀକୋ ଧର୍ମମାଚରେତ୍ । ଯାହାର ସ୍ତ୍ରୀ ନାହିଁ, ସେ କଅଣ ଧର୍ମସାଧନର ଅଧିକାରୀ ନୁହେଁ ।" ମହନ୍ତ କହିଲେ—"ନା ବତ୍ସ, ତାହା ନୁହେଁ । ଉପରୋକ୍ତ ଶାସ୍ତ୍ରବଚନର ଅର୍ଥ ଏହି ଯେ, ନିଜେ ଯେଉଁ ଧର୍ମ ଗ୍ରହଣ କରିବ, ସ୍ତ୍ରୀକୁ ସେହି ଧର୍ମରେ ଦୀକ୍ଷିତ କରିବ । ଧର୍ମାଚରଣରେ ସ୍ତ୍ରୀ ପୁରୁଷର ସହାୟ; ମାତ୍ର ସ୍ତ୍ରୀ ଅଭାବରେ ଧର୍ମ ରାଜ୍ୟରୁ ପୁରୁଷ ବିତାଡ଼ିତ ହୁଏ ନାହିଁ କିମ୍ବା ଧର୍ମ ବିଦ୍ୟାଳୟରୁ ତାହାର ନାମ କଟିଯାଏ ନାହିଁ । ଆମ୍ଭେମାନେ ସନ୍ନ୍ୟାସୀ, ଚିରକୁମାର, ଏହିପରି ସାଧୁ ସନ୍ନ୍ୟାସୀ ପୃଥିବୀରେ କୋଟି କୋଟି ଅଛନ୍ତି । ଧର୍ମାଚରଣ ସମସ୍ତଙ୍କର ଉଦ୍ଦେଶ୍ୟ । ଯଦି ସ୍ତ୍ରୀ ବିନା ଧର୍ମାନୁଷ୍ଠାନ କରି ନ ହୁଅନ୍ତା, ତେବେ ସେମାନେ ଅବଶ୍ୟ ସ୍ତ୍ରୀ ଗ୍ରହଣ କରି ଥାଆନ୍ତେ । ପକ୍ଷାନ୍ତରେ ଯାହାର ସ୍ତ୍ରୀ ମରିଯାଏ, ସେ କି ଧର୍ମ ରାଜ୍ୟରେ ଏକଘରିଆ ହୋଇ ରହେ, ନା ଧର୍ମ କର୍ମ କରିବାକୁ ତାକୁ ମନା ହୋଇଯାଏ? ଯାହାର ସ୍ତ୍ରୀ ନାହିଁ ଧର୍ମ କାର୍ଯ୍ୟରେ ତାହାର ସ୍ତ୍ରୀର ସାହାଯ୍ୟ ଲୋଡ଼ା ହୁଏ ନାହିଁ । ଏବେ ତୁମ୍ଭର ମନୋବିକାରର କାରଣ ମୁଁ ବୁଝିଲି । ତୁମ୍ଭର ପିତାମାତା ତୁମ୍ଭଙ୍କୁ ବିବାହ କରାଇବାକୁ ଇଚ୍ଛୁକ, କିନ୍ତୁ ତୁମ୍ଭେ ସେଥିରେ ଅସ୍ୱୀକୃତ । ବୋଧହୁଏ, ସେଥିଲାଗି ତୁମ୍ଭେ ତୀର୍ଥ ଭ୍ରମଣର ଛଳନା କରି ଘରୁ ବାହାରି ଆସିଅଛ । ତୁମ୍ଭର ଉଦ୍ଦେଶ୍ୟ ତ ଖୁବ୍ ମହତ୍, ସେଥିରେ ପିତାମାତାଙ୍କର ବାଧିତା କାହିଁକି ? ବିଦ୍ୟାଧ୍ୟୟନ ଏବଂ ତୀର୍ଥଭ୍ରମଣ ପରେ ବିବାହ କରିବା ଗୃହସ୍ଥର କର୍ତ୍ତବ୍ୟ । ଗୃହସ୍ଥାଶ୍ରମରେ ପ୍ରବେଶ କରିବା ବଡ ସହଜ କଥା ନୁହେଁ । ବିଦ୍ୟା ଏବଂ ତୀର୍ଥ ସେବାଦ୍ୱାରା ସଂଯମ ଏବଂ ଆତ୍ମଶୁଦ୍ଧି ଉପାର୍ଜନ ନ କରି କେହି ଗାର୍ହସ୍ଥ୍ୟାଶ୍ରମର ଉପଯୁକ୍ତ ହୋଇପାରେ ନାହିଁ । ଅପକ୍ୱାବସ୍ଥାରେ ଉକ୍ତ ଆଶ୍ରମରେ ପ୍ରବେଶ କଲେ ପଶୁ ଭାବରେ ଜୀବନ ଯାପନ କରାହୁଏ । ଗୃହସ୍ଥାଶ୍ରମ ବଡ଼ କଠୋର, ଚତୁରାଶ୍ରମ ମଧ୍ୟରେ ତାହା ଶ୍ରେଷ୍ଠ, ସେ ଆଶ୍ରମର ଉପଯୁକ୍ତ ହେବା ସାଧନାସାପେକ୍ଷ । ତାହା କଠିନ ବୋଲି ସନ୍ନ୍ୟାସୀମାନେ ଚିରକୁମାର ରହି ସହଜ ପଥ ଅବଲମ୍ବନ କରନ୍ତି । ସନ୍ନ୍ୟାସୀ ନିଜର ପେଟ ପୋଷେ; କିନ୍ତୁ ଗୃହସ୍ଥ ଲକ୍ଷ ପ୍ରାଣୀ ପୋଷେ । ସୁତରାଂ ଗୃହସ୍ଥର ଦାୟିତ୍ୱ ବଡ ବିଷମ । ତୁମ୍ଭର ଯେବେ ତୀର୍ଥ ଭ୍ରମଣର ଇଚ୍ଛା ଥାଏ, ତେବେ ସ୍ୱଚ୍ଛନ୍ଦରେ ମୋ ସଙ୍ଗରେ ଚାଲ । ତେଣୁ ଯେବେ ଇଚ୍ଛା ହେଲେ ବିବାହ କରି ଗୃହସ୍ଥାଶ୍ରମରେ ପ୍ରବେଶ କରିବ ।" ସନାତନ ଏ ପ୍ରସ୍ତାବରେ ସମ୍ମତ ହୋଇ ମହନ୍ତଙ୍କ ପାଦମୂଳରେ ପ୍ରଣାମ କରି କହିଲେ—"ଆପଣଙ୍କର ଏ ଦୟାର ଋଣ ମୋ ପକ୍ଷରେ ଏକାନ୍ତ ଅପରିଶୋଧ୍ୟ, ଆପଣ ମୋର ପୂର୍ବ ଜନ୍ମରେ ନିତାନ୍ତ ପରମାତ୍ମୀୟ ଥିଲେ ।" ସନାତନ ମହନ୍ତଙ୍କ ସଙ୍ଗରେ ରହିଲା । ସେହିଦିନ ଉପରି ଓଳି ମହନ୍ତ ସଦଳରେ ବୃନ୍ଦାବନ ଅଭିମୁଖରେ ଯାତ୍ରା କଲେ । ସାଧୁତା ଏବଂ ସଦ୍‌ଗୁଣର ସମାଦର କେବଳ ସାଧୁ ଏବଂ ସଦ୍‌ଗୁଣବନ୍ତର ସ୍ୱଭାବସୁଲଭ ।

ବେଳ ଦୁଇପ୍ରହର ଗଡ଼ିଗଲାଣି, ଏ ଅବଧି ସନାତନ ଘରକୁ ଆସିନାହିଁ । ସେ କୁଆଡ଼େ ଗଲା, କାହିଁକି ଆସିଲା ନାହିଁ, ଏହି ଚିନ୍ତାରେ ଶେଫାଳିକା ଅସ୍ଥିର । ସେ ଏଥିମଧ୍ୟରେ ଦାଣ୍ଡଦ୍ୱାରୁ ବାଡିଦ୍ୱାର ଯାଏଁ ବାଡିଦ୍ୱାରରୁ ଦାଣ୍ଡଦ୍ୱାର ଯାଏଁ ଦଶଥର ନର୍ ପର୍ ହେଲେଣି । ଧରି ଆଣିଲା ଚଢ଼େଇପରି ତାଙ୍କର ଦେହ ଗୃହପଞ୍ଜରୀରେ ଆବଦ୍ଧ; ମାତ୍ର ମନ କେଉଁ ମହାଶୂନ୍ୟରେ ଉଡି ବୁଲୁଅଛି । ପ୍ରତିପଦରେ ପ୍ରତି କାର୍ଯ୍ୟରେ ବିଶୃଙ୍ଖଳା ଘଟୁଅଛି । ସେ କଅଣ କରିବାକୁ ଯାଇ କଅଣ କରିପକାଉଅଛନ୍ତି । ଭାତ ପଖାଳିବାକୁ ଯାଇ ଚୁଲିରେ ପାଣି ଢାଳିଦେଲେ—ଖରାରେ ଶୁଖିଥିବା ଧାନ ଘାଣ୍ଟିବାକୁ ଯାଇ ଧାନକୁ ଠୁଳାଇ ଦେଇ ଆସିଲେ । ଏହିପରି ସବୁ କାମରେ ତାଙ୍କର ଅସ୍ୱାଭାବିକ ଭୁଲ ଘଟୁଥାଏ । ସମସ୍ତଙ୍କୁ ପଚାରିଲେ; ମାତ୍ର କେହି କିଛି କହି ପାରିଲେ ନାହିଁ । ଶେଷରେ ପିତେଇକୁ ପଚାରିବାରୁ ସେ କହିଲା—"ଆଶ୍ରମକୁ ଯାଇଥିବେ, ଆଜିଠାରୁ ଶନିବାର ଯାଏଁ ପରା ଚବିଶ ପ୍ରହରୀ କୀର୍ତ୍ତନ

ହେବ, ତମପୁଅ ସେଇଠି ଥିବେ । କେତେ ଦିନେ ତ ସେଇଠି ରହି ଯାଆନ୍ତି, ସେଇଠି ଥିବେ ଆଉ କୁଆଡେ ଯିବେ ।" ଶେଫାଳିକା ପଚାରିଲେ—"କୀର୍ତ୍ତନ ହେବ ବୋଲି ତୁ କିମିତି ଜାଣିଲୁ ?" ପିତେଇ କହିଲା—"କି, ତମେ କଅଣ ଶୁଣି ନାହିଁ ମା ଠାକୁରାଣି ! ଗାଁରୁ ପିମ୍ପୁଡ଼ିମାଳ ପରି ମଣିଷ ଧାଇଁ ଦେଇଛନ୍ତି, ତିନିଦିନ ଯାଏ କୀର୍ତ୍ତନ ହେବ—ମହୋତ୍ସବ ହେବ । ମହୋତ୍ସବ ଖାଇବେ ବୋଲି ତ ଲୋକେ ଶେଯପିଲାଙ୍କୁ କାଖେଇ ଧାଇଁଛନ୍ତି ।" ଶେଫାଳିକା ଏ କଥା ବିଶ୍ୱାସ କଲେ ଏବଂ କିଛିଟା ଆଶ୍ୱସ୍ତ ମଧ୍ୟ ହେଲେ । ସେ କହିଲେ "ଗଲୁ ତ ଗଲୁ, ମୋତେ କହି ଯାଇଥିଲେ ମୁଁ ଏତେ ସନ୍ତାପି ହୁଅନ୍ତି କାହିଁକି ? ଏହି ସମୟରେ ନନ୍ଦେ ଆସି ପହଞ୍ଚିଗଲେ । ପିଣ୍ଡାରେ ବସିପାରି ଝାଳ ପୋଛି ହେଉଁ ହେଉଁ କହିଲେ—"ବଡ଼ବୋହୂ, ସବୁ ଠିକ୍ ହୋଇଗଲା, ଖାଲି ବିବାହର ଲଗ୍ନ ଧରିବା ବାକୀ ରହିଲା ।" ଶେଫାଳିକା ଶୁଣି ଟିକିଏ ହସିଦେଇ କହିଲେ—"ଅଛା ହେଉ, ସେକଥା ପଛରେ କହିବ, ଆଗେ ଗୋଡ଼ହାତ ଧୋଇ ପକାଅ, ଭାତ ତିଅଣ ଶୁଖିଗଲାଣି । ମୁଁ ଏତେବେଳଯାଏ ବୁହି ବୁହି ତମଲାଗି ମୁଠେ ବାଢ଼ି ରଖି ଭାତ ପଖାଳି ଦେଲି ।" ଶେଫାଳିକା ଏହା କହି ତ୍ୱରିତ ଗତିରେ ପାକଶାଳା ଆଡ଼କୁ ଚାଲିଗଲେ ।

ଦିନ ଯାଇ ସନ୍ଧ୍ୟା ହେଲା, ସନ୍ଧ୍ୟା ଯାଇ ରାତି ହେଲା; ତଥାପି ସନାତନ ଆସିଲା ନାହିଁ । ନନ୍ଦେ କହିଲେ—"ସଂକୀର୍ତ୍ତନ ହେଉଛି, ସ୍ୱାମୀ ଛାଡ଼ିଦେଇ ନ ଥିବେ, ରାତିରେ ଆଉ ଆସିବ ନାହିଁ; ମାତ୍ର କାହିଁକି କେଜାଣି ଶେଫାଳିକାଙ୍କର ମନସ୍ଥିର ହେଲା ନାହିଁ, ରାତିରେ ସେ କିଛି ଖାଇଲେ ନାହିଁ । ରାତିସାରା ନିଦ ବି ହେଲା ନାହିଁ । ନାନା ଦୁଶ୍ଚିନ୍ତାରେ ସେ ଛଟପଟ ହେଲେ । ପ୍ରଭାତ ନ ହେଉଣୁ ପିତେଇକୁ ପଠାଇ ଦେଇ କହିଲେ—"ପିତେଇ, ମୋ ମନଟା କାହିଁକି ଘାଣ୍ଟି ଗୋଳାଇ ହେଉଛି, ଆଜି ମୁଁ ବାସିକାମ କରୁଛି, ତୁ ଯା ଆଶ୍ରମରୁ ବାପାଙ୍କୁ ଡାକି ଆଣିବୁ ।" ପିତେଇ ଦ୍ୱିରୁକ୍ତି ନ କରି ତାଙ୍କର ଆଦେଶ ପାଳନ କଲା ।

ଆଶ୍ରମରେ ସଂକୀର୍ତ୍ତନ ଲାଗିଅଛି । ମୃଦଙ୍ଗ କରତାଳର ସ୍ଥୂଳ ଶବ୍ଦରେ ଗଗନ ପ୍ରତିଧ୍ୱନିତ ହେଉଅଛି । କୀର୍ତ୍ତନିଆମାନେ ଅବକ୍ଷମସ୍ତକ ଚନ୍ଦନ-ଚର୍ଚ୍ଚିତ । "ହରେକୃଷ୍ଣ ହରେରାମ, ନିତାଇ ଗୌର ରାଧେ ଶ୍ୟାମ" ମହାମନ୍ତ୍ରର ଆବୃତ୍ତି ଉଚ୍ଚରେ ଲାଗି ରହିଅଛି । ସମସ୍ତେ ପ୍ରେମରେ ବିହ୍ୱଳ, ପ୍ରେମର ଅମୃତଧାରା ବହି ଯାଉଅଛି । ସ୍ୱାମୀ ସଂକୀର୍ତ୍ତନରୁ ଆସି ନିତ୍ୟକର୍ମ କରିବାକୁ ଯାଉଅଛନ୍ତି । ମୁଖ ବିରସ; କାରଣ ତାଙ୍କର ଦକ୍ଷିଣହସ୍ତ ସନାତନ ଏ ଆନନ୍ଦୋତ୍ସବରେ ଯୋଗ ଦେଇ ନାହିଁ । ଯେ ସର୍ବ ବିଷୟରେ ଅଗ୍ରଣୀ, ସେ କି ବିଶେଷ କାରଣ ବ୍ୟତୀତ ସ୍ୱେଚ୍ଛାରେ ଅନୁପସ୍ଥିତ ହୋଇପାରେ । ତେବେ ତା'ର କଅଣ ହେଲା, କୌଣସି ରୋଗପୀଡ଼ା ବା ବିପଦ ଆପଦ ନୁହେଁ ତ ? ଏହିପରି ଭାବୁ ଅଛନ୍ତି, ଏହି ସମୟରେ ପିତେଇ ଆସି ତଳେ ମୁଣ୍ଡ ଲଗାଇ ଜୁହାର ହୋଇ ପଚାରିଲା—"ସନାତନ କାହାନ୍ତି ବାବା ?" ସ୍ୱାମୀ କିଛିକ୍ଷଣ ସ୍ତବ୍ଧ ଦୃଷ୍ଟିରେ ଚାହିଁ କହିଲେ "ସନାତନ ? କାହିଁ, ସେ ତ କାଲିଠାରୁ ଆସି ନାହିଁ । ମୁଁ ସେହି କଥା ଭାବୁଥିଲି । ଏତେକ୍ଷଣି ଲୋକ ପଠାଇ ଥାନ୍ତି, ସେ କଅଣ ଘରେ ନାହିଁ ?" ପିତେଇ କମ୍ପିତ ସ୍ୱରରେ କହିଲା—"ନା ବାବା, କାଲି ସକାଳୁ ଘରେ ନାହାନ୍ତି, ଆମେ ସିନା ଜାଣୁ ଏଠି ଥିବେ ବୋଲି, କାଲି ରାତିରେ ଘରକୁ ଯାଇ ନାହାନ୍ତି, ସେଥିଲାଗି ମା ଠାକୁରାଣୀ ମୋତେ ପାହାନ୍ତାରୁ ପଠାଇ ଦେଲେ ।" ସ୍ୱାମୀ ଶୁଷ୍କମୁଖରେ କ୍ଷୀଣ ବିସ୍ମୟ ସ୍ୱରରେ କହିଲେ—"ତେବେ ଆଉ କୁଆଡ଼େ ଗଲା ?" ପିତେଇ ସେ କଥା ନ ଶୁଣି ସାଶ୍ରୁନୟନରେ ଫେରି ଧାଇଁଲା । ଶେଫାଳିକା ପିତେଇର ଆସିବା ବାଟକୁ ଚାହିଁ ରହିଥିଲେ । କାନ୍ଦି କାନ୍ଦି ଅନ୍ଧ ହୁହିଁ ହୋଇଗଲେଣି । ମନେ ମନେ କେତେ ଦେବତାଙ୍କୁ ମାନସିକ କରି ସାରିଲେଣି । ପିତେଇ ଆସି କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା—"ନା ମା ଠାକୁରାଣି, କାଲି ସକାଳୁ ସେଠିକି ଯାଇ ନାହାନ୍ତି । ସ୍ୱାମୀ କହିଲେ—ମୁଁ ତ ଉଚ୍ଛିଣିକା ତମ ଘରକୁ ମଣିଷ ପଠାଇ ଥାଆନ୍ତି ।" ଶେଫାଳିକା ଏ କଥା ଅଧେ ଶୁଣିଲେ—ଅଧେ ଶୁଣି

ନାହାନ୍ତି, ବାତ୍ୟାବିଧ୍ୱସ୍ତ ପୁଷ୍ପଲତା ପ୍ରାୟ ଭୂଲୁଣ୍ଠିତା ହୋଇ ମୂର୍ଚ୍ଛିତା ହେଲେ । ସିତେଇ ବଢ଼ ପାଟିରେ କାନ୍ଦିଉଠିଲା । ତାହା ଶୁଣି ନନ୍ଦେ ଏବଂ ସୌଦାମିନୀ ଘର ଭିତରୁ ଧାଇଁ ଆସିଲେ । ସୌଦାମିନୀ ସନ୍ତୁଣୀର ଗୋଡ଼ ଉପରେ କମ୍ପିତ ହୋଇ କାନ୍ଦିବାକୁ ଲାଗିଲା । ପ୍ରତିବେଶୀମାନେ ସେ କନ୍ଦନରେ ଆହୂତ ହୋଇ ଧାଇଁ ଆସିଲେ । କେତେଜଣ ଶେଫାଳିକା ଏବଂ ସୌଦାମିନୀକୁ ଧରି ଧରି କରି ଘର ଭିତରକୁ ନେଇଗଲେ । ଘଣ୍ଟିକ ମଧ୍ୟରେ ଗ୍ରାମ ସାରା ରଷ୍ଟ୍ର ହୋଇଗଲା—'ସନାତନ କଣ୍ଠ ନ ହେବ ବୋଲି ଘରୁ ଲୁଆଡ଼େ ପଳାଇ ଯାଇଅଛି ।' କେତେକ୍ଷଣ ପରେ ଶେଫାଳିକା ସାଷ୍ଟମ ହେଲେ; ମ କି ବନ୍ଧ୍ୟା ହୃଦୟରେ ଯନ୍ତ୍ରଣାର କି ଭୀଷଣ ଅଗ୍ନିଜ୍ୱାଳା ଅନୁଭୂତ ହେଲା, ତାହା ବୁଝାଇ କହିବା ଶବ୍ଦଶାସ୍ତ୍ରର ଅସାଧ୍ୟ । ସେ ଚେତନା ପାଇ କହିଲେ—"ହାୟ,ସହସ୍ର ଅପୂର୍ଣ୍ଣ ଆକାଙ୍‌କ୍ଷା ମୋ ହୃଦୟରେ ପୂର୍ଣ୍ଣ ହୋଇ ରହିଛି,ତାକୁ ମୁଁ କଅଣ କରିବି ?" ଏତିକି ମାତ୍ର କହି ପୁଣି ମୂର୍ଚ୍ଛିତା ହେଲେ । ଏହିପରି ଘଣ୍ଟି ଘଣ୍ଟି ମୂର୍ଚ୍ଛିତ ଘଣ୍ଟି ଘଣ୍ଟି ସଚେତ ହୋଇ ବାମ୍ଭଣୀ ପରି ନାନାବିଧ ପ୍ରଳାପ କରିବାକୁ ଲାଗିଲେ ।

ନନ୍ଦଙ୍କ ଭୁଣ୍ଡରେ ଭାଷା ନାହିଁ । ସେ ଘୁମ୍ ହୋଇ ବସିରହି ଥାଆନ୍ତି । କେବେ କେବେ ଭାବନ୍ତି—"ଭଗବାନ ଏ ବିପଦରେ ଆଣି ପକାଇଲେ ।" କେବେ ବା ଶେଫାଳିକାଙ୍କ ଉପରେ ଭୟାନକ ରାଗି ଉଠି ମନେ ମନେ କହନ୍ତି— "ସେହି ମୋତେ ଏତେ ଫାନ୍ଦରେ ପକାଇଲା ।" ପୁଣି ଦଣ୍ଡକେ ସେ ଭାବ ବଦଳି ଯାଏ । ତେତେବେଳେ କହନ୍ତି, "ନା, ତାର ବା ଦୋଷ କଅଣ ? ସେ ତ ପିତୃପୁରୁଷଙ୍କ ଜଳପ୍ରାପ୍ତି ଆଉ ବଂଶରକ୍ଷା ଲାଗି ଏ ସବୁ କରିଥିଲା । ଦୋଷ ସେହି ଟୋକାର ଏକା । ବୃଦ୍ଧ, ପିତାମାତାଙ୍କୁ ଏପରି ଭାବରେ ପରିତ୍ୟାଗ କରି ତାଙ୍କ ଗ୍ରୀବାରେ ପଥର ଲଦିବା କଅଣ ପୁତ୍ରର ଧର୍ମ ? ସନ୍ତାନ ଲାଗି ପିତାର ହୃଦୟ କିପରି ହୁଏ, ପିତା ନ ହେଲେ ତାହା କେହି ବୁଝିପାରେ ନାହିଁ । ନା ନା, ତାହାର ବା କି ଦୋଷ ? ତାହାର ଅମତରେ ମୁଁ ତାକୁ ବିବାହରେ ବାଧ୍ୟ କଲି କାହିଁକି? ପୁଅ ଉପରେ ମୋର ସିନା ଅଧିକାର;ମାତ୍ର ପୁଅର ମନ ଉପରେ ମୋର କି ଅଧିକାର ଅଛି । ନିଜର ଭଲ ମନ୍ଦ ବୁଝିବାର ଶକ୍ତି ଈଶ୍ୱର ସମସ୍ତଙ୍କୁ ଦେଇଅଛନ୍ତି । ସେ ଯାହାକୁ ମନ୍ଦ ବୋଲି ବୁଝେ, ସେଥିରେ ତାକୁ ପ୍ରବର୍ତ୍ତାଇବା ମୋର ଗୋଟାଏ ବିଷମ ଉତ୍କଟ ଭୁଲ, ତେବେ ଦୋଷ ମୋର ।" ନନ୍ଦେ ଏହିପରି ଭାବି ପୁଣି କହନ୍ତି—"କି, ମୁଁ କଣ ସର୍ବଜ୍ଞ ଯେ, ସେ ପଳାଇବ ବୋଲି ଜାଣିଥିଲି । ବାପ ମା କଅଣ ପୁଅର ବିବାହରେ ଚେଷ୍ଟା କରନ୍ତି ନାହିଁ ? ସଂସାରରେ ତ ଏହିପରି ଚଳୁଛି, ତେବେ ମୋର ଅନ୍ୟାୟ କଅଣ ? ନା, ଦୋଷ କାହାର ନୁହେଁ, ସବୁ ଫିସାଦ ସେହି ଦୁଷ୍ଟ ଶନିସପ୍ତାର । ଶନିସପ୍ତା ଦଶାରେ ଯେତେବେଳେ ପୁଅ ଜନ୍ମ ହେଲା, ତେତେବେଳୁ ମୁଁ ଜାଣିଛି ଯେ, ସେ ମୋର ନୁହେଁ । ଶନିଠାକୁର ନିଜର ମହିମା ପ୍ରଚାର ପାଇଁ ବୃଦ୍ଧ ଦରିଦ୍ର ବ୍ରାହ୍ମଣର ଗାଈଟି ହଜାଇ ଦେଇ ତାକୁ ବିପଦରେ ପକାଇଥିଲେ । ସେହିପରି ଶନିସପ୍ତା ନିଜ ମହିମା ପ୍ରଚାର ପାଇଁ ମୋତେ ବିପନ୍ନ କରିଅଛି ! ହାୟ ଶନିସପ୍ତା,ତୋର ଅସାଧ୍ୟ କଅଣ ଅଛି ? ତୋତେ ଦୂରରୁ କୋଟିଏ ଜୁହାର,--କି ଦୁର୍ଦ୍ଦାନ୍ତ ତୁ !!! ଶେଷରେ ସବୁଦୋଷ ଯାଇ ଶନିସପ୍ତା, ମୁଣ୍ଡରେ ପଡ଼ିଲା । ସେହି ହେତୁ ରାଗ କରିବା ମଧ୍ୟ ଅଯୌକ୍ତିକ ନୁହେଁ । କିନ୍ତୁ ଶନିସପ୍ତା ବୋଲି କୌଣସି ଶରୀରୀ ଜୀବ ଅଛି କି ନାହିଁ—ଥିଲେ କେଉଁଠାରେ ଥାଏ, ଏହା ନନ୍ଦଙ୍କର ପଠିତ କୌଣସି ଶାସ୍ତ୍ରରେ ଲେଖା ନଥିବାରୁ ତାଙ୍କର ଏ ଅଶାସ୍ତ୍ରୀୟ ରାଗଟା ଆପେ ଆପେ ଥମିଗଲା ।

# ପଞ୍ଚଦଶ ପରିଚ୍ଛେଦ

ନନ୍ଦଙ୍କ ଘରେ କେତେଦିନ ଅରନ୍ଧ ଅବାଡ଼ ହେଲା । ପ୍ରତିବେଶୀମାନେ ଆସି ସାନ୍ତ୍ୱନା ଦେଲେ। କେହି କହିଲା—"ତମେ ଧୈର୍ଯ୍ୟ ଧର, ତମ ପୁଅ କୁଆଡ଼େ ହଜିବ ନାହିଁ—ବୁଲି ବୁଲି ଶେଷରେ ଘରକୁ ଆସିବ ।" କେହି ବା ନନ୍ଦ ପରିବାର ପ୍ରତି ମଉଖିକ ସହାନୁଭୂତି ଦେଖାଇ କହିଲା—"ସମସ୍ତେ ଯେ ଭଲ ଭଲ କହନ୍ତି— କି ଭଲ, ଏହି ଭଲ ନା ? ବୁଢ଼ାକାଳରେ ବାପମାଙ୍କୁ ମଝି ଦରିଆରେ ଭସାଇ ଦେଇଗଲା । ତା ହୃଦୟରେ ଟିକିଏ ମାୟା ମମତା ବି ହେଲା ନାହିଁ । ଯେତିକି ଦେଖିବ ମହନମୁହାଁ, ସୁରୁସୁରିଆ, ତାଙ୍କର ସ୍ୱଭାବ ଏହିପରି । ଜନ୍ମକଲା ବାପମାଙ୍କୁ ଯେ ନ ଚାହିଁଲା ସେ ପୁଣି ଗୋଟାଏ ପୁଅ ?" କେହି ବା ଏକଥାର ପ୍ରତିବାଦ କରି କହିଲା—"ନା ନା, ତା କାହିଁକି କହୁଛ, ସନାତନ ତ ମନ୍ଦ ପିଲା ନୁହେଁ । ତାହା ପରି ପିଲା ଏକା ଏ ଗାଁରେ କାହିଁକି, ଆଖପାଖ ଦଶଖଣ୍ଡ ଗାଁରେ ଖୋଜିଲେ କେତୋଟି ମିଳିବେ ? ପିଲା ମନ ତ, ସେ ଅଳପକେ ବାଙ୍କିଯାଏ, ପୁଣି ଅଳପକେ ସିଧା ହୋଇଯାଏ । ବିବାହର ନାମ ଶୁଣି ଜଣେ ଜଣେ ଛନିଆ ହୋଇ-ଯାଆନ୍ତି; କିନ୍ତୁ ସେ ଭାବ ତାଙ୍କର ଆଜୀବନ ରହେ ନାହିଁ । ପଛକୁ ସେମାନେ ନିଜର ଭୁଲ ବୁଝିପାରନ୍ତି । ସନାତନ କିଛି ମୂର୍ଖ ମୂଷଣ୍ଡା ନୁହେଁ—ଏ ଗାଁରେ ପ୍ରୌଢ଼ ବ୍ୟକ୍ତିଙ୍କ ମଧ୍ୟରେ ତାହା ପରି ବିଦ୍ୱାନ୍ କେତେ ଜଣ ଅଛନ୍ତି । ଗୋଟାଏ ଉତ୍ତେଜନାରେ ଚାଲିଯାଇଛି, ସେ ଉତ୍ତେଜନାଟା ଓହ୍ଲାଇଗଲେ ବଳେ ଫେରିଆସିବ ।" ଏହିପରି କେତେ ଲୋକ ବୁଝାଇଲେ । ଶେଷରେ ସ୍ୱାମୀ ଆସି ଦେଖିଲେ, ନନ୍ଦେ ଅନେକ ପରିମାଣରେ ଆଶ୍ୱସ୍ତ; ମାତ୍ର ଶେଫାଳିକା ଏବଂ ସୌଦାମିନୀ ଧୈର୍ଯ୍ୟ ସମ୍ଭାଳି ପାରି ନାହାନ୍ତି । ସେ ଶେଫାଳିକାଙ୍କୁ କହିଲେ—"ମା, ତୁମ୍ଭେ ଆଦ୍ୟା ଶକ୍ତି, ଜଗତଯାକ ତୁମ୍ଭର ସନ୍ତାନ, ତୁମ୍ଭେ କି ସେଥି ମଧ୍ୟରୁ ଗୋଟିକୁ ସ୍ନେହ କରିବ ? ତୁମ୍ଭର ଅନେକ ସନ୍ତାନ ଅଛନ୍ତି, ସେମାନଙ୍କୁ କି ଗଡ଼ାଇ ମାରିବ ? ତୁମ୍ଭର ମାତୃ-ହୃଦୟ କି ଏଡ଼େ ନିଷ୍ଠୁର ହୋଇପାରେ ମା ? ସନାତନ ତୁମ୍ଭ ଦୃଷ୍ଟିରେ ପିଲା, ସନ୍ତାନ ବୃଦ୍ଧ ହେଲେ ସୁଦ୍ଧା ପିତାମାତାଙ୍କ ନିକଟରେ ଚିର ଶିଶୁ; ମାତ୍ର ସାଧାରଣ ଦୃଷ୍ଟିରେ ତୁମ୍ଭର ପୁଅ ଶିଶୁ ନୁହେଁ ମା । ସେ ବୟସରେ ବାଳକ; ମାତ୍ର ଜ୍ଞାନରେ ବୃଦ୍ଧ । ସନାତନ ମୋର ଦକ୍ଷିଣ ହସ୍ତ, ମୁଁ ତାହାର ହୃଦୟ ଭଲ ଜାଣେ । ସେ ବିଦ୍ୱାନ୍ ଅସାଧାରଣ ପଣ୍ଡିତ, ସେ ଶାସ୍ତ୍ରବିତ୍, ତାହାର ପୁଣ୍ୟପୂତ ହୃଦୟରେ ନିଷ୍ଠୁରତାର ସ୍ଥାନ କାହିଁ ମା ? ମୋର ଦୃଢ଼ ବିଶ୍ୱାସ, ସେ ନିଶ୍ଚୟ କୌଣସି ସତ୍କାର୍ଯ୍ୟ ସାଧନ ଉଦ୍ଦେ-ଶ୍ୟରେ ଯାଇଅଛି—ବିବାହ ଭୟରେ ନୁହେଁ । ଜାଣ ତ ମା ତାହାର ଦୁର୍ବାର ଅଧ୍ୟୟନ-ପିପାସାର କଥା, ସେ ଯେ ମରୁଭୂମିର ପିପାସା । ଯେତେ ରସ ପାଏ ସବୁ ନିଃଶେଷ କରି ଶୋଷିନିଏ । ବୋଧହୁଏ ସେ ଅଧିକା ପଢ଼ିବା ଆଶାରେ କେଉଁଆଡ଼େ ଚାଲିଯାଇଅଛି । ତୁମ୍ଭେ ପୁତ୍ରବ-ବତୀ, ସୌଭାଗ୍ୟବତୀ ମା, ଧୈର୍ଯ୍ୟ ଧର; ତୁମ୍ଭ ପୁଅ ଆସିବ । ତାହାର ଅନେକ ସେବକ ଭାଇ ଅଛନ୍ତି, ଯେଉଁଠାରେ ଥାଉ, ସେମାନେ ଖୋଜି ଆଣି ଦେବେ । ପୂର୍ଣ୍ଣଗର୍ଭ କାଦମ୍ବିନୀ ସହି ସହି ଯେତେବେଳେ ଅସମ୍ଭାଳ ହୁଏ, ତେତେବେଳେ ମୂଷଳ ଧାରେ ଢାଳିଦିଏ । ଶେଫା-ଳିକା ସ୍ୱାମୀଙ୍କ କଥା ଅନନ୍ୟମନରେ ଶୁଣୁଥିଲେ । ଏହି ଅବସରରେ ତାଙ୍କର ହୃଦୟବ୍ୟଥା ଟିକିଏ ଶୋଇପଡ଼ିଥିଲା; କିନ୍ତୁ ସେହି ସୁପ୍ତସିଂହ ପୁଣି ଜାଗିଉଠିଲା । ସେ ପ୍ରେମାନନ୍ଦ ସ୍ୱାମୀଙ୍କ ପଦତଳରେ ପଡ଼ି ଅନର୍ଗଳ କ୍ରନ୍ଦନ ମଧ୍ୟରେ କାତର କମ୍ପିତ କଣ୍ଠରେ କହିଲେ—"ସତ କହୁଛ ବାବା—ମୋ ପୁଅକୁ ଆଣି ଦେବ ?" ସ୍ୱାମୀ ଦୃଢ଼ ସ୍ୱରରେ କହିଲେ— "ନିଶ୍ଚୟ, ତୁମ୍ଭେ ନିଶ୍ଚିନ୍ତ ହୁଅ ।" ଅନନ୍ତର ସ୍ୱାମୀ ବେଦମନ୍ତ୍ରରେ କମଣ୍ଡଳସ୍ଥ ଜଳ ଅଭିମନ୍ତ୍ରିତ କରି ସେହି ଶାନ୍ତିବାରି ଶେଫାଳିକାଙ୍କ ମସ୍ତକରେ ଛିଞ୍ଚିଦେଲେ । ମହାପୁରୁଷଙ୍କ ଅସାଧାରଣ ତପଃ ପ୍ରଭାବରୁ ହେଉ ବା ବେଦମନ୍ତ୍ର ପ୍ରଭାବରୁ ହେଉ ତାହାରୁ ଗୋଟାଏ ଶକ୍ତି ଆସି ଶେଫା-ଳିକାଙ୍କ ଶରୀରରେ ପ୍ରବେଶ କଲା । ସେହି ଶକ୍ତି ତାଙ୍କୁ ଜୀବିତ ରଖିଲା ।

ଦୁଃଖର ଦିନ ଦୀର୍ଘ ହେଲେ ମଧ୍ୟ ସରିଯାଏ । ଦିନପରେ ଦିନ ଗତ ହେବାକୁ ଲାଗିଲା । ସ୍ୱାମୀଙ୍କ ଆଦେଶରେ ଆଶ୍ରମର ସେବକମାନେ ନାନା ସ୍ଥାନରେ ବୁଲି ବହୁଦିନ ଯାଏ ଅନ୍ୱେଷଣ କଲେ । ଏକ ସ୍ଥାନରେ ବାରମ୍ବାର ଖୋଜିଲେ; ମାତ୍ର ସନାତନର ସାକ୍ଷାତ ଦୂରେ ଥାଉ ସମ୍ବାଦ ସୁଦ୍ଧା ମିଳିଲା ନାହିଁ । ଏଣେ ନନ୍ଦେ ନିଜେ ଏବଂ ଲୋକ ପଠାଇ ଏଣେ ତେଣେ ଖୋଜି ଖୋଜି ଥକିଲେ; ମାତ୍ର ବିଫଳକାମ ହେଲେ । ଶେଫାଳିକା ଦୀର୍ଘ ନିଃଶ୍ୱାସ ପକାଇ କହିଲେ—ହାୟ, ତେବେ ମୋର ଆଶା କି ଖାଲି ଅଶାସ୍ୱପ୍ନରେ ପରିଣତ ହେବ ! ଏ କାଳ ବିବାହର ପ୍ରସ୍ତାବ ମୁଁ କାହିଁକି ବା କଲି, ମୋତେ କି କୁବୁଦ୍ଧି ଘୋଟିଲା ! ବିବାହ ନ କଲେ ବି କଅଣ ହୁଅନ୍ତା । ସେ ଦିନ ସ୍ୱାମୀଙ୍କୁ ପଚାରିଲି—"ବାବା ମୋର ବଂଶ ତ ଧ୍ୱଂସ ହେବାକୁ ବସିଲା, ସେ ବିବାହ ନ କଲେ ବଂଶରକ୍ଷା ହେବ କିପରି ?" ସାଧୁ ହସି ହସି କହିଲେ—"ଭୁଲ,ଭୁଲ,ଭୁଲ,ସେ ତୁମ୍ଭର ଭୁଲ ଧାରଣା । ଜଗତରେ କିଛି ଧ୍ୱଂସ ହୁଏ ନାହିଁ । ସୃଷ୍ଟିରେ ନବ ପ୍ରଭାତ ଧ୍ୱଂସ ପିଠିରେ କଢିଆସେ । ତୁମ୍ଭର ବଂଶ ଧ୍ୱଂସ ହେବ ନାହିଁ, ସେ ସୃଷ୍ଟିର ନବ ଶୁଭ ପ୍ରଭାତ ଆଣିବ ।" ତେବେ ବିବାହ ନ କଲେ କ୍ଷତି କଅଣ ଥିଲା ? ପୁଅ ଦେଶାନ୍ତର ହେବାର ମୂଳ କାରଣ ମୁଁ ସିନା । ଶେଫାଳିକା ଏହିପରି ଅନେକ ଅନୁତାପ କଲେ ।

ଦିନେ ସନ୍ଧ୍ୟା ସମୟରେ ସନ୍ଧ୍ୟା ପରି ମଳିନବଦନା ଶେଫାଳିକା ବିଷଣ୍ଣ ମନରେ ପିଣ୍ଡାରେ ବସିଥିଲେ । ସୌଦାମିନୀ ସଞ୍ଜ ଜାଳିସାରି ସେଇଠାରେ ଆସି ବସିଲା । କିଛିକ୍ଷଣ ପରେ ନନ୍ଦେ ଆସି ଉପସ୍ଥିତ ହେଲେ । ପିତେଇର ଆଉ କିଛି କାମ ନାହିଁ, ସେ ମଧ୍ୟ ଆସି କାନ୍ଥକୁ ଆଉଜି ବିଶ୍ରାମ କଲା । ସନାତନ କେଉଁଠାକୁ ଯାଇଥିବା ସମ୍ଭବ, ଏହି କଥାର ଆଲୋଚନା ଲାଗିଲା । ଶେଫାଳିକା କହିଲେ—"ମୋ ମନ ଡ଼ାକୁଛି, ସେ ଆଉ କୁଆଡ଼େ ଯାଇ ନାହିଁ—କାଶୀ ଯାଇଛି । କାଶୀ କଥା, ମୋତେ ତେରଥର କହେ । ଦିନେ କହିଲା—କାଶୀ ମର୍ତ୍ତ୍ୟରେ କୈଳାସ, ସଂସ୍କୃତ ବିଦ୍ୟାର ସେ ଆକରପୀଠ, କେତେ ପଣ୍ଡିତ ମହାପଣ୍ଡିତ ସେଠି ଅଛନ୍ତି । ଯେ କାଶୀରେ ଶାସ୍ତ୍ର ପଢିନାହିଁ, ତାହାର ଶାସ୍ତ୍ରଜ୍ଞାନ ସମ୍ପୂର୍ଣ୍ଣ ନୁହେଁ । ଆଉଦିନେ କହିଥିଲା—ବଡ଼ ମା, ମୁଁ ବଡିଗଲେ ମୋତେ କାଶୀ ପଠାଇବୁ ନା ? ମୋର ଭାରି ଇଚ୍ଛା ଅଛି—ମୁଁ ସେଠି କିଛିଦିନ ରହି ଶାସ୍ତ୍ରଶିକ୍ଷା କରିବି ।" ସୌଦାମିନୀ କହିଲା, "ହଁ ଗୋ ନାନି,ମୋତେ କେତେ ଥର କହିଛି—ସାନ ମା, ତୋତେ କାଶୀ ନେଇ ଯାଇ ବାବା ବିଶ୍ୱନାଥଙ୍କ ଦର୍ଶନ କରାଇ ଆଣିବି ।" ନନ୍ଦେ କହିଲେ—କାଶୀରେ ପଢିବାକୁ ତାହାର ଭାରି ଇଚ୍ଛା ବୋଲି ମୁଁ ବି ତାହାର କାହାରଠାରୁ ଶୁଣିଥିଲି । ତେବେ କାହାରିକୁ ନ କହି ଲୁଚି ଚୋରି ପଳାଇଯିବ ବୋଲି କିଏ ଜାଣିଥିଲା । ବିଦ୍ୟା ବ୍ରାହ୍ମଣର ଭୂଷଣ, ପଢିବାକୁ କିଏ ମନା କରୁଥିଲା । କହିକରି ଯାଇଥିଲେ ତ ଭଲ ହୋଇଥାଆନ୍ତା । ନା ବଡ଼ବୋଉ, କାଳେ ଆମେ ନ ଛାଡ଼ିବା, ଏହି ଭୟରେ ଲୁଚି ଚାଲି ଯାଇଛି ।" ପିତେଇ ଏତେବେଳଯାଏଁ ନୀରବରେ ସବୁ ଶୁଣୁଥିଲା । ନନ୍ଦଙ୍କ କଥା ଶେଷରେ ମୁଣ୍ଡରେ ହାତ ଦେଇ, ଅବାଧ ଭଙ୍ଗୀରେ ହଲି ଝୁଲି କହିଲା—"ହାୟ, ହାୟ, ହାୟ, ମୁଁ ଚଣ୍ଡାଳୁଣୀ କଅଣ କଲି । ସମସ୍ତେ କହନ୍ତି—ପିତେଇର ଯାତଟା ମର୍କଟର ବୁଦ୍ଧି; ଛି ଛି, ନିଆଁ ବୁଦ୍ଧି ନା ଚୁଲୀ ବୁଦ୍ଧି, ନା ଦଶା ବୁଦ୍ଧି ! ! ପୋଡ଼ାଯାଉ ମୋ ବୁଦ୍ଧି । ମୁଁ ସିନା କହିଲି—କେଉଁଠିକି ଯାତ୍ରା-ଫାତ୍ରା ଦେଖିବାକୁ ଯିବେ, "କାଶୀ" ଯିବେ ବୋଲି କିମିତି ଜାଣିବି ? ପିତେଇର ପଣଗୋସାଇଁ ଶାଶୁର ଅଜାଶଶୁର ନାମ କାଶୀ; ତେଣୁ ସେ କାଶୀ ନ କହି "ନାଶୀ ବୋଲି କହେ । ପିତେଇର ଏ ମସ୍ତକସ୍ପନ୍ଦନ ପ୍ରଳାପ ଶୁଣି ସମସ୍ତେ କାଠେଇ ହୋଇ ତାହା ମୁହଁକୁ ଅନାଇ ରହିଲେ । ସେ ଦ୍ୱିଗୁଣ ଉତ୍ସାହରେ ଅସ୍ଥିର୍ କାର କରି କହିଲା—"ଛି ଛି ଗୋ, ମା ଠାକୁରାଣି ଗୋ, କଅଣ କହିବି ଗୋ, ଲାଜ ମାଡୁଛି ଗୋ ।" ତାହାର ଏ ଢେଙ୍ଗିଲି ଦେଖି ଶ୍ରୋତା ତିନିଜଣଙ୍କର ବିଷାଦ- ପାଣ୍ଡୁର ମୁଖରେ ଟିକିଏ ଶୁଷ୍କ କ୍ଷୀଣ ହାସ୍ୟ-ରେଖା ଫୁଟିଉଠିଲା । ନନ୍ଦେ ଉଦ୍‌ବେଗ କଣ୍ଠରେ ପଚାରିଲେ—"ପିତେଇ, କଥା କଅଣ କହି, ତୁଛା ମାହାଳିଆ କୁଇପି-ସାଇପି ହେଉଛୁ କାହିଁକି ?"

ପିତେଇ ପଁ କରି ଗୋଟାଏ ନିଃଶ୍ୱାସ ପକାଇ କହିଲା—"କଥା କଅଣ କି ବାବା ଠାକୁରେ, ପଥର ଦିନ ହେବ କି ତାହା ଆରଦିନ ହେବ କି ତାହା ଅଗଣ୍ଡଳ ହେବ ଠିକ୍ ହେଉ ନାହିଁ, ସନାତନ ଭାଇନା ମୋତେ ଡାକି କହିଲେ—"ପିତେଇ ନାନି, ମୁଁ କାଶୀ ଯିବି ।" ମୁଁ କହିଲି—କେଉଁଠିକି ଯିବ ? ସେଇଠୁ "ହଁ" ବୋଲି କହି ଅଣିଥିଲେ—କପ୍ କରି ରହିଯାଇ କହିଲେ "ନା, କହିବି ନାହିଁ, ତୁ ସମସ୍ତଙ୍କ ପାଖରେ କହିଦେବୁ । ମୁଁ ପୋଡ଼ାମୁହାଁଟା ସେତେବେଳେ ସେତିକିବେଳେ ଆସି ମା ଠାକୁରାଣୀଙ୍କୁ କହିଦେଇ ଥାଆନ୍ତି, ତେବେ ଏତେ କଥା କାହିଁକି ହୋଇ ଥାଆନ୍ତା । ହାୟରେ ନିଆଁ ବୁଦ୍ଧି, ତୋ କାକାରେ ମୁଁ ମୁଣ୍ଡ ଠେକି ପାରିଲି ନାହିଁ ।" ଅନନ୍ତର ଧାରଣା ହେଲା ସନାତନ ନିଶ୍ଚୟ କାଶୀ ଯାଇଅଛି, ଏଥିରେ ସନ୍ଦେହ ନାହିଁ । ନନ୍ଦେ କହିଲେ—"ଯଦି କାଶୀ ଯାଇଥିବ, ତେବେ ଅବଶ୍ୟ ଚିଠି ଲେଖିବ । ଆଉ ଛମାସ ଅପେକ୍ଷା କରିବା, ଯଦି ଚିଠି ନ ଦିଏ କି ନ ଆସେ, ତେବେ ଆମେ ସମସ୍ତେ କାଶୀ ଯିବା । ଯଦି ବାବା ବିଶ୍ୱନାଥଙ୍କ କୃପାରୁ ପୁଅକୁ ଖୋଜି ପାଇବା, ତେବେ ଫେରି ଆସିବା ନ ହେଲେ ବାବାଙ୍କ ପାଦପଦ୍ମ ଆଶ୍ରା କରି ସେଇଠି ପଡ଼ି ରହିବା । ଆଉ ଘର କାହା ଲାଗି ନା ଦ୍ୱାର କାହା ଲାଗି ? ତୀର୍ଥରେ ମଲେ କାରଣ ଅଛି ।" ନନ୍ଦଙ୍କର ଏପ୍ରସ୍ତାବ ତାଙ୍କ ଦୁଇ ସ୍ତ୍ରୀଙ୍କର ଖୁବ୍ ମନୋମତ ହେଲା । ପିତେଇ କହିଲା—"ବାବା ଠାକୁରେ, ତେବେ ମୁଁ ବି ସାଙ୍ଗରେ ଯିବି ମା ଠାକୁରାଣୀଙ୍କର ସେବା କରିବି, କେତେ ଦିଅ ଦେବତା ଦେଖିବି, ତୁମମାନଙ୍କ ସାଙ୍ଗରେ ତୀର୍ଥରେ ରହିବି । କାଶୀରେ ସମୁଦ୍ର ନାହିଁ ତ ବାବା ଠାକୁରେ ? ସମୁଦ୍ରକୁ ଦେଖିଲେ ମୋତେ ବଡ଼ ଡର ମାଡ଼େ । ପୋଡ଼ା ମୁହାଁଟା ଖାଲି ଗର୍ଜି ଗର୍ଜି ମରେ କାହିଁକି ? ଲଛିମୀ ( ଲକ୍ଷ୍ମୀ ) ପୁରାଣରେ ଅଛି ପରା ବଡ଼ ଠାକୁରେ ଲକ୍ଷ୍ମୀ ଠାକୁରାଣୀଙ୍କି ଖୁଣ୍ଟା ଦେଇ କହିଥିଲେ—"ବାପ ତେଣେ ଲୁଣିଆ ଖଣ୍ଡ ଗର୍ଜି ଗର୍ଜି ମରେ, ଝିଅ କାଣୀର ଖବର କହିଲେ ନ ସରେ ।"

ସନାତନ ମହନ୍ତଙ୍କ ସଙ୍ଗରେ ବୃନ୍ଦାବନ ଯାଇଥିଲା । ସର୍ବଜନୋଚିତ ଶୁଭ ବ୍ୟବହାରରେ ସେ ମହନ୍ତଙ୍କ ହୃଦୟ କିଣି ନେଇଅଛି । ମହନ୍ତ ମଧ୍ୟ ତାହାର ଗୁଣରେ ମୁଗ୍ଧ ହୋଇ ତାହା ପ୍ରତି ବାତ୍ସଲ୍ୟ ପ୍ରଦର୍ଶନ କରନ୍ତି । ବୃନ୍ଦାବନରେ ସେ ବୈଷ୍ଣବ ଧର୍ମର ଜୀବନ୍ତ ପ୍ରଭାବ ଏବଂ ମଧୁର ଲୀଳା ଖେଳା ଦେଖି ବୈଷ୍ଣବ ଶାସ୍ତ୍ର ପ୍ରତି ଆକୃଷ୍ଟ ହେଲା । ମହନ୍ତ ତାହାର ଆଗ୍ରହ ଜାଣିପାରି ନିଜେ ତାକୁ ବୈଷ୍ଣବଧର୍ମଗ୍ରନ୍ଥ ଶିକ୍ଷା ଦେବାକୁ ଲାଗିଲେ । ଧର୍ମ ସମ୍ବନ୍ଧରେ ତାହାର ଉଦାରମତ ଦେଖି ବୈଷ୍ଣବମାନେ ତାକୁ ଯଥେଷ୍ଟ ସ୍ନେହ କରନ୍ତି । ସନାତନ ପ୍ରସିଦ୍ଧ ମହନ୍ତ ଏବଂ ବୈଷ୍ଣବମାନଙ୍କ ନିକଟରୁ ଯାଇ ଧର୍ମଗ୍ରନ୍ଥର ଦୁରୂହ ସ୍ଥଳମାନ ବୁଝିବାକୁ ଲାଗିଲା । ଅସାଧାରଣ ମେଧାଶକ୍ତି ବଳରେ ସେ ଅଳ୍ପ ସମୟ ମଧ୍ୟରେ ବୈଷ୍ଣବ ଧର୍ମର ସହଜ ସୂକ୍ଷ୍ମ ତତ୍ତ୍ୱମାନ ହୃଦୟଙ୍ଗମ କରିନେଲା । ସେ ଧର୍ମଶାସ୍ତ୍ର ପଢ଼ି ବ୍ୟାଖ୍ୟା କରି ମହନ୍ତଙ୍କୁ ଶୁଣାଏ । ଯେଉଁଠାରେ ବୁଝି ନ ପାରେ ମହନ୍ତଙ୍କୁ ପଚାରି ବୁଝି ନିଏ । ପୁଣି ସ୍ଥଳ ବିଶେଷରେ ତାହାର ବ୍ୟାଖ୍ୟା ବିଶ୍ଳେଷଣ, ଯୁକ୍ତି ଏବଂ ତର୍କରେ ମହନ୍ତ ହାରିଯାଇ ନିଜକୁ ଗୌରବାନ୍ୱିତ ମଣନ୍ତି । ବିଦ୍ୱାନଠାରୁ ଯେଉଁ ପରାଜୟ, ତାହା ପରାଜୟ ନୁହେଁ—ଶିକ୍ଷାଲାଭ । ସୁତରାଂ ସେ ପରାଜୟରେ ଯେଉଁ ଗୌରବ ଅଛି, ମୂର୍ଖଠାରୁ ସହସ୍ରବାର ଜୟରେ ସେ ଗୌରବ ନାହିଁ । ଅନେକ ପଣ୍ଡିତ ଆଖ୍ୟାଧାରୀ ପରାଜୟର ସୂଚନା ଦେଖିଲେ କ୍ରୋଧରେ ଜଳିଉଠନ୍ତି । ବାସ୍ତବରେ ସେମାନେ ପଣ୍ଡିତ ନୁହନ୍ତି—ଦୁର୍ବାସାଙ୍କର ପ୍ରେତମୂର୍ତ୍ତି । ମୋ ପରି ସର୍ବଜ୍ଞାଣ ଦୁନିଆରେ କେହି ନାହିଁ, ଯେ ଏହିପରି ବୃଥା ଅହଙ୍କାର ଏବଂ ତୁଚ୍ଛା ଅଭିମାନମଦରେ ପ୍ରମତ୍ତ, ତାହାର ପଣ୍ଡିତ ଉପାଧି ନିଜଦତ୍ତ । ଜ୍ଞାନ-ବାରିଧି ଅନନ୍ତ ବିସ୍ତୃତ, ସୀମାବଦ୍ଧ ନର ସେଥିରୁ କେତେ ଟିକିଏ ବା ଆଣି ପାରିବ, ସେଥିରେ ପୁଣି ଗର୍ବ—ଏହା କି ମୂର୍ଖତା ନୁହେଁ ? ମନୁଷ୍ୟର ଜ୍ଞାନ ପୂର୍ଣ୍ଣ ନୁହେଁ ଅନେକ ମୂର୍ଖ ଯାହା ଜାଣନ୍ତି ଅନେକ ପଣ୍ଡିତ ତାହା ଜାଣନ୍ତି ନାହିଁ । ଏରୂପ ଅବସ୍ଥାରେ କିଏ ସର୍ବଜ୍ଞ ବୋଲି ଗର୍ବ କରିବ ? ସେ କରେ,

ତାହାଠାରୁ ବଳି ମୂର୍ଖ ପଣ୍ଡିତ କିଏ ? ଏହିପରି ସର୍ବଜ୍ଞଂମନ୍ୟ ପଣ୍ଡିତଂମନ୍ୟମାନଙ୍କ ସଙ୍ଗରେ ଯେ ଯୁକ୍ତି କରନ୍ତି, ସେ ମଧ୍ୟ ସେହି ଶ୍ରେଣୀୟ ପଣ୍ଡିତ । ମୂଲ୍ୟବାନ୍ ପଣ୍ଡିତ ଶବ୍ଦର ଅପବ୍ୟବହାର ସେମାନେ କରନ୍ତି ।

ମହନ୍ତ ସନାତନ ସମ୍ବନ୍ଧରେ ସମୟ ସମୟରେ ଭାବନ୍ତି —"ଏ ଅଦ୍ଭୁତ ପ୍ରତିଭାଶାଳୀ ଯୁବକଟି କିଏ ? ଏହାର ବାକ୍ୟ, ଭାଷା, ବ୍ୟବହାର ବିଶୁଦ୍ଧ; ଜ୍ଞାନ ଅସାଧାରଣ; ଚରିତ୍ର ଦେବୋପମ ଏବଂ ସଂଯମ ମୁନିଋଷି ସୁଲଭ । ଏହାର ବାଛିବାକୁ କିଛି ନାହିଁ, ବାସ୍ତବରେ ଏ ଜଣେ ଆଦର୍ଶ ମାନବ ।" ପୁରୀ ବଡ ମଠର ମହନ୍ତ ଜଣେ ଯୋଗୀ, ଏହା ପୂର୍ବରୁ କୁହାଯାଇଅଛି । ସେ ଅଧିକାଂଶ ସମୟ ଖଣ୍ଡଗିରିର ନିର୍ଜନଗୁମ୍ଫାରେ ଯୋଗ-ସାଧନ କରନ୍ତି । ମଠର ବାର୍ଷିକ ଆୟ ତିନିଲକ୍ଷ ଟଙ୍କା । ମହନ୍ତ ଅଦ୍ୟାବଧି ଚେଲା କରି ନାହାନ୍ତି । ତାଙ୍କର ମନୋମତ ବ୍ୟକ୍ତି ସେ ପାଇ ନାହାନ୍ତି । ଯାହା ତାହା ହସ୍ତରେ ଦେବସମ୍ପତ୍ତି ଅର୍ପଣପୂର୍ବକ ଦେବସମ୍ପତ୍ତିର ଅପ-ବ୍ୟବହାରକୁ ସେ ମହାପାପ ଜ୍ଞାନ କରନ୍ତି । ସେ ଭାରତର ସମଗ୍ର ତୀର୍ଥ ପର୍ଯ୍ୟଟନ କରି ଅନେକ ଦେବାଳୟର ଅବସ୍ଥା ବୁଝି ଅଛନ୍ତି ଏବଂ ବହୁତ ମହନ୍ତ ଦେଖି ଅଛନ୍ତି । ସେଥି ମଧ୍ୟରେ ଅନେକେ ମହନ୍ତ ନୁହନ୍ତି— ମୋହମନ୍ତ, ତ୍ୟାଗୀ ନୁହନ୍ତି—ଭୋଗୀ, ବୈରାଗୀ ନୁହନ୍ତି—ବହୁରାଗୀ, ସନ୍ନ୍ୟାସୀ ନୁହନ୍ତି—ସତ୍ୟାନାଶୀ ଏବଂ ସିଦ୍ଧ ଯୋଗୀ ନୁହନ୍ତି—ମେନ୍ଦ୍ରରୋଗୀ । ବଡ ମଠର ମହନ୍ତ ଏପରି ବିଳାସୀ, ବିଧର୍ମାଚାରୀ, ମୀତମନା, ଇନ୍ଦ୍ରିୟପରାୟଣ ଉତ୍ତରାଧିକାରୀ ଖୋଜୁ ନାହାନ୍ତି । ତାଙ୍କର ଇଚ୍ଛା ସଦ୍‌ବଂଶୀୟ, ସଚ୍ଚରିତ୍ର, ଧର୍ମପରାୟଣ, ଜିତେନ୍ଦ୍ରିୟ, ବିଦ୍ୟାନୁରାଗୀ ଲୋକ ପାଇଲେ ସେ ଚେଲା କରିବେ । ସେ ଭଳି ଲୋକ ନ ପାଇ ସେ ଏକ ପ୍ରକାର ହତାଶ ହୋଇଥିଲେ;ମାତ୍ର ସନାତନ ତାଙ୍କ ହୃଦୟରେ ନୂତନ ଆଶାର ସ୍ରୋତ ବହାଇ ଅଛି । ମହନ୍ତ ମନେ ମନେ ଭାବିଲେ—ସନାତନ ମୋର କଳ୍ପିତ ଉତ୍ତରାଧି-କାରୀର ସମସ୍ତ ଗୁଣରେ ଅଳଙ୍କୃତ; କିନ୍ତୁ ତାହାର ବାପ ମା କି ସମ୍ମତ ହେବେ ? ନ ହେବେ ବା କାହିଁକି ? ଗରିବର ପୁଅ ରାଜସିଂହାସନରେ ବସିବ, ଏହା କି ସେମାନଙ୍କର ଇଚ୍ଛା ନୁହେଁ ? ସନାତନର ମତ ଆଗେ ବୁଝିବା ଦରକାର ।" ଏହିପରି ଭାବି ଦିନେ ସନାତନକୁ କହିଲେ—"ଉପଯୁକ୍ତ ଲୋକ ନ ପାଇ ମୁଁ ଆଜି ପର୍ଯ୍ୟନ୍ତ ଚେଲା କରି ନାହିଁ । ତୁମ୍ଭେ ରୂପ, ଗୁଣ, ଚରିତ୍ର, ବିଦ୍ୟା, ସଦାଚାର, କୁଳ ଏବଂ ଶୀଳରେ ଦେବ ସେବ-କର ସମ୍ପୂର୍ଣ୍ଣ ଉପଯୁକ୍ତ । ଏଣୁ ମୁଁ ତୁମ୍ଭଙ୍କୁ ଭାବୀ ଉତ୍ତରାଧିକାରୀ ନିଶ୍ଚୟ କରିଅଛି । ଏ ବୃଦ୍ଧ ସନ୍ନ୍ୟାସୀର ଅନୁରୋଧ ରକ୍ଷାରେ ତୁମ୍ଭର କିଛି ଆପତ୍ତି ଅଛି କି ?" ସନାତନ ଏହା ଶୁଣି ମନେ ମନେ ଭାବିଲା—"ଏ ଅତି ଉତ୍ତମ ପ୍ରସ୍ତାବ, ସବୁ କାର୍ଯ୍ୟ ଅର୍ଥ ସାପେକ୍ଷ । ଅର୍ଥଦ୍ୱାରା ଅନେକ ମହତ୍ କାର୍ଯ୍ୟ କରିହେବ । ସେବା ମୋର ଜୀବନର ଲକ୍ଷ୍ୟ, ଯଦି ଦେବସେବାର ସୁଯୋଗ ଘଟେ, ତାହା ତ ଭାଗ୍ୟର କଥା ।"ସନାତନ ଏହା ଭାବି ମହ-ନ୍ତଙ୍କୁ ଧୀର ନମ୍ର ସ୍ୱରରେ କହିଲା—ଏ ଅକିଞ୍ଚନ ପ୍ରତି ଆପଣଙ୍କର ଏରୂପ କରୁଣା ପ୍ରକାଶ ଅବଶ୍ୟ ମହାଜନୋ-ଚିତ ଉଦାରତା । ମୁଁ ଯଦି ଆପଣଙ୍କର ସେବକ ପଦର ଉପଯୁକ୍ତ ବିବେଚିତ ହୋଇଥାଏଁ, ତେବେ ମୋର ଆପତ୍ତି ନାହିଁ । ମୁଁ ସେଥିଲାଗି ଗୌରବ ମଣିବି ।" ଏହା କହି ମହନ୍ତଙ୍କ ପଦଧୂଳି ମସ୍ତକରେ ଗ୍ରହଣ କଲା । ମହନ୍ତ ତାହାକୁ ସାଦର ଆଲିଙ୍ଗନ ପୂର୍ବକ ତାହା ମସ୍ତକରେ ହସ୍ତ ରଖି ଆଶୀର୍ବାଦ କଲେ ।

ବର୍ଷକ ପରେ ମହନ୍ତ ବୃନ୍ଦାବନରୁ ପ୍ରତ୍ୟାବୃତ୍ତ ହୋଇ ସନାତନକୁ ଉତ୍ତରାଧିକାରିତ୍ୱରେ ଅଭିଷିକ୍ତ କଲେ । ତଦୁପଲକ୍ଷେ ଯଥାରୀତି ହୋମାଦି ଅନୁଷ୍ଠିତ ହେଲା । ସନାତନ ଏବେ ଭାବୀ ମହନ୍ତ, ତାହାର ନାମ ହେଲା—ସନାତନ ଦାସ । ସେ ମହନ୍ତଙ୍କୁ ଗୁରୁଦେବ ବୋଲି ସମ୍ବୋଧନ କରେ । କିଛିଦିନ ପରେ ମହନ୍ତ ନୂତନ ଚେଲାକୁ ସଙ୍ଗରେ ଘେନି ଯୋଗସାଧନାର୍ଥେ ଖଣ୍ଡଗିରି ପର୍ବତକୁ ଗମନ କଲେ । ସନାତନ ସେଠାରେ ଯୋଗ ଶିକ୍ଷା କଲା ।

# ଷୋଡଶ ପରିଚ୍ଛେଦ

ଦୁଇମାସ ଗଲା, ଛମାସ ଗଲା, ବର୍ଷେ ଗଲା, ତେବେ ସୁଦ୍ଧା ସନାତନ ଫେରିଲା ନାହିଁ କି ଖଣ୍ଡେ ଚିଠି ସୁଦ୍ଧା ଦେଲା ନାହିଁ । ପିତାମାତାଙ୍କର ଉତ୍କଣ୍ଠା ସୀମା ଲଙ୍ଘନ କରିଉଠିଲା ! ବନ୍ଧୁଜନର ସୁପ୍ତ ବ୍ୟଥା ଶତ ପ୍ରାଣ ଧରି ଶତ ମୂର୍ତ୍ତିରେ ଜାଗିଉଠିଲା । ସଂସାରରେ ଆଉ ତାହାର ମନ ନାହିଁ, ସମସ୍ତେ ଉଦାସୀନ ପ୍ରାୟ ନିର୍ଲିପ୍ତ ନିରାଲମ୍ବ । ଗୃହ, ପ୍ରାଙ୍ଗଣର ଶ୍ରୀ ତୁଟିଗଲାଣି । ସେଥିରେ ଗୃହସ୍ଥ ଗୃହର ନାରୀହସ୍ତର ଯତ୍ନ କିଛିମାତ୍ର ପରିଲକ୍ଷିତ ହୁଏ ନାହିଁ । ଯେଉଁ ଗୃହ ପ୍ରାଙ୍ଗଣ ପରିଷ୍କାର ପରିଚ୍ଛନ୍ନତାରେ ଦେବାଳୟ ତୁଲ୍ୟ ହସି ଉଠୁଥିଲା, ଶେଫାଳିକାଙ୍କ ନିପୁଣହସ୍ତ ଯାହାକୁ ପବିତ୍ର ସୁଷମା-ସମ୍ପଦରେ ମଣ୍ଡିତ କରିଥିଲା, ସେହି ଲୋକସଙ୍ଗେ ସେହି ଗୃହ ପ୍ରାଙ୍ଗଣର ଦୁର୍ଦ୍ଦଶା ଦେଖି ଦର୍ଶକର ଚକ୍ଷୁ ଅଶ୍ରୁ ଛଳ ଛଳ ହୋଇ ଆସେ । ହାୟ, ଅଦୃଷ୍ଟ କଅଣ ନ କରେ ? ଅଦୃଷ୍ଟ, ପରି ନିଷ୍ଠୁର ପରିହାସୀ ସଂସାରରେ କେହି ନାହିଁ । ଅଦୃଷ୍ଟ ତୁମ୍ଭେ ପରା ଦେବତା ? କିନ୍ତୁ ନିର୍ମମ ପରିହାସ ଯେ ପିଶାଚର କାର୍ଯ୍ୟ । ତୁମ୍ଭେ କ୍ଷଣକେ ବଡାଅ, ପୁଣି କ୍ଷଣକେ ଛଡ଼ାଅ । ଯେଉଁ ହାତରେ ବଡାଅ, ସେହି ହାତରେ ଛଡ଼ାଇବା କି ପାପ ନୁହେଁ ? ନା, ସେ ପାପ ଦେବତାଙ୍କୁ ସ୍ପର୍ଶ କରି ପାରେ ନାହିଁ ? ତେବେ ଦତ୍ତାପହରଣ ପାପ କି ଖାଲି ମନୁଷ୍ୟ ପାଇଁ ? ଏହା ତ ଅତି ସୁନ୍ଦର ନ୍ୟାୟ ! କେହି ଯଦି ମାଙ୍କଡ଼ ମାରେ, ତେବେ ସେ କଠୋର ପ୍ରାୟଶ୍ଚିତ୍ତ କରିବ, ଆଉ ବ୍ୟବସ୍ଥାଦାତା ବିଷ୍ଣୁ ଗୋସାଇଁଙ୍କ ପୁଅ ପଣେ ମାଙ୍କଡ଼ ମାରିଲେ ବି କିଛି ଦୋଷ ନାହିଁ । ସ୍ୱର୍ଗକୁ ନିଶୁଣୀ ନାହିଁ, ବଡ଼ଲୋକଙ୍କୁ ଉତ୍ତର ନାହିଁ । ହେ ଅଦୃଷ୍ଟ ଦେବ, ତୁମ୍ଭ ଦେବକୁଠ ମାୟାକୁ ଜୁହାର । ଖାଲି ଘରଦ୍ୱାର ନୁହେଁ, ନନ୍ଦଙ୍କ ଗୃହସ୍ଥଳୀର ବୃକ୍ଷଲତା ସୁଦ୍ଧା କ୍ଳାନ୍ତ, ଶୀର୍ଣ୍ଣ ଏବଂ ଶୋକପାଣ୍ଡୁର । ଗଗନ ଶୋକବୋଳା, ପବନ ଶୋକବୋଳା, ଯେପରି ଶୋକ ସର୍ବତ୍ର ମୂର୍ତ୍ତି ଧରି ରହିଅଛି । ଆଶାକୁ ଗ୍ରାସ କରି ଶୋକ ସୀମା ଲଙ୍ଘନ କରିଗଲେ ଅଭିମାନରେ ପରିଣତ ହୁଏ ଏବଂ ଦୁର୍ଦ୍ଦମ୍ୟ ଅଭିମାନ ଶୋକୀକୁ ସାନ୍ତ୍ୱନା ଆଣିଦିଏ । ଶେଫାଳିକା କରକ୍ତ ହୋଇ ସ୍ୱାମୀଙ୍କୁ କହିଲେ—"ଯେଉଁ ଖଣ୍ଡ ଆମର ସର୍ବସ୍ୱ ହରଣ କଲା, ବୃଦ୍ଧ ପିତାଙ୍କ ଦୁଃଖକଷ୍ଟ ଭୁଲି ଯେ ଶେଷକାଳରେ ଶୋକ ଦେଇଗଲା, ତାହାଲାଗି ଭାବିବା ଉଚିତ ନୁହେଁ କି ସେ ଆମର ପୁଅ ନୁହେଁ । ପୂର୍ବ ଜନ୍ମରେ ଅମେ ତାହାର ଧାରୁଆ ଥିଲେ, ଏ ଜନ୍ମରେ ସେ ତାହା ଶୁଝାଇ ନେଲା । କିଏ ପୁଅ କାହାର, ସବୁ ମାୟାର ଖେଳ । ଆଉ ସଂସାରରେ ଆମର ଆଶା-ଭରସା କିଛି ନାହିଁ । ଚାଲ ଏବେ ବାବା ବିଶ୍ୱନାଥଙ୍କ ଆଶ୍ରୟ ନେବା । ସେହି ଆମର ପୁଅ, ସେହି ଆମର ଅନ୍ତ୍ୟେ ପିଣ୍ଡ ଜାଗ୍ରା କରିବେ । ତାଙ୍କ ଛଡ଼ା ଆମର ଅନ୍ୟ ଗତି ନାହିଁ । ବାବାଙ୍କୁ ଧ୍ୟାନ କରି, ତାଙ୍କରି ଗୁଣ ଗାନ କରି, ତାଙ୍କରି ଚରଣାମୃତ ପାନ କରି ଯେବେ ଦେହ ତ୍ୟାଗ କରି ପାରିବା; ତେବେ ତାହାଠାରୁ ସୌଭାଗ୍ୟ ଆଉ କଅଣ ଅଛି ? ତାହାହିଁ ଆମର ମୁକ୍ତି ।

ନନ୍ଦଙ୍କର ସପରିବାର କାଶୀଯାତ୍ରା ଗ୍ରାମରେ ଘୋଷିତ ହେଲା । ଗ୍ରାମସାରା ନନ୍ଦଙ୍କର ଶତ୍ରୁ କେହି ନାହିଁ—ସମସ୍ତେ ତାଙ୍କ ଗୁଣରେ ମୁଗ୍ଧ । ସେ ଗ୍ରାମ ଛାଡି ଯାଉଥିବାର ଶୁଣି ଅନେକେ ଦୁଃଖିତ ହେଲେ । କେହି କହିଲା—"ଗ୍ରାମର ଗୌରବ ଏହିଠାରୁ ଶେଷ ହେଲା ।" କେହି କହିଲା, "ଶାସନରୁ ବିଦ୍ୟା ଉଠିଲା । ଏଣିକି ବ୍ରାହ୍ମଣ ସାହି ଅବିଦ୍ୟାର ଆକର ହେବ ।" ବୃଦ୍ଧମାନେ ସାନ୍ତ୍ୱନା ଦେଇ କହିଲେ—"ତୁମ୍ଭପରି ନିରୀହ ଧର୍ମଶୀଳ ଲୋକଙ୍କୁ ଈଶ୍ୱର କେବେ କଷ୍ଟ ଦେବେ ନାହିଁ । ତୁମ୍ଭେ କେବେ କାହାର ମନ୍ଦ କରି ନାହଁ, ବିଧାତା ତୁମ୍ଭଙ୍କୁ କାହିଁକି ଦଣ୍ଡ ଦେବେ ? ନିଜ ଧର୍ମବଳରେ ତୁମ୍ଭେ ହୃତପୁତ୍ର ପ୍ରାପ୍ତ ହେବ । ପ୍ରତିଜ୍ଞା କର ଯେ, ପୁଅକୁ ପାଇଲେ ଫେରି ଆସିବ । ତୁମ୍ଭଙ୍କୁ ସଫଳକାମ କରି ପୁଣି ଅମ୍ଭମାନଙ୍କୁ ଆଣିଦେବା ସକାଶେ ଅମ୍ଭେମାନେ ମଧ୍ୟ ଭଗବାନଙ୍କ ନିକଟରେ ପ୍ରାଣର ସହିତ ପ୍ରାର୍ଥନା

କରୁଛୁ ।" ନନ୍ଦେ କହିଲେ—"ମୋର ବି ସେହି ଇଚ୍ଛା, ସୁଅଙ୍କୁ ପାଇଲେ ଫେରି ଆସିବି । ସେଥିଲାଗି ଘର-ବାଡ଼ି କରୁ ନାହିଁ । ଦ୍ରବ୍ୟ ସାମଗ୍ରୀ ବିକି ଯାହା ସମ୍ବଳ ସଂଗ୍ରହ କରି ନେଇଯିବି ।" ଗ୍ରାମବାସୀମାନେ ଫଳମୂଳ ପ୍ରଭୃତି ଉପହାର ଆଣି ଦେଲେ । ନନ୍ଦେ ଶିଷ୍ଟତା ଏବଂ ସୌହାର୍ଦ୍ଦ୍ୟର ଅନୁରୋଧରେ ସେଥିରୁ ଯତ୍କିଞ୍ଚିତ ଗ୍ରହଣ କଲେ । କେହି କେହି କିଛି କିଛି ପାଥେୟ ଦେବାକୁ ଇଚ୍ଛା କଲେ; ମାତ୍ର ନନ୍ଦେ ବିନୟର ସହିତ ତାହା ପ୍ରତ୍ୟାଖ୍ୟାନ କରି କହିଲେ— "ମୁଁ ତୀର୍ଥ ଭ୍ରମଣ କରିବାକୁ ଯାଉଛି, ତାହା ଧର୍ମକାର୍ଯ୍ୟ, ସେଥିପାଇଁ ଅନ୍ୟର ଦାନ ବା ସାହାଯ୍ୟ ଗ୍ରହଣ କରିବା ଅନୁଚିତ । ଭାଗରେ ପୁଣ୍ୟ କରିବା ମୋର ଇଚ୍ଛା ନୁହେଁ । ବିଶେଷତଃ ମୋର ଅଭାବ ମଧ୍ୟ ନାହିଁ । ତୁମ୍ଭମାନଙ୍କର ଏ ଦୁର୍ଲ୍ଲଭ ସହାନୁଭୂତିକୁ ମୁଁ ଅର୍ଥ ସାହାଯ୍ୟଠାରୁ ମୂଲ୍ୟବାନ୍ ମଣୁଛି । ଅର୍ଥ ତୁଚ୍ଛ ପାର୍ଥିବ, କିନ୍ତୁ ସହାନୁଭୂତି ସ୍ୱର୍ଗୀୟ ଏବଂ ଦେବନିର୍ମାଲ୍ୟ ପରି ପବିତ୍ର । ମୋ ପକ୍ଷରେ ତାହା ମହାର୍ହ ରତ୍ନସ୍ୱରୂପ । ତୁମ୍ଭମାନଙ୍କର ଅନୁରୋଧ ରକ୍ଷି ନ ପାରି ମୁଁ ଦୁଃଖିତ; ଦୟାକରି ମୋତେ କ୍ଷମା କରିବ । ଆଉ ଗୋଟିଏ କଥା ମୁଁ ସମସ୍ତଙ୍କୁ କହି ଯାଉଛି, ଯେବେ ଆମ୍ଭେମାନେ ନ ଆସୁ, ତେବେ ମୋର ଘର ଏବଂ ଭୂସମ୍ପତ୍ତି ଆଶ୍ରମର କାର୍ଯ୍ୟରେ ଲାଗିବ । ମୋର ପୁଅ ଯେଉଁ ଅନୁଷ୍ଠାନର ଜନ୍ମଦାତା, ମୋର ସମ୍ପତ୍ତି ସେହି ଅନୁଷ୍ଠାନରେ ଲାଗିଲେ ମୁଁ ଅପାର ଆନନ୍ଦ ଏବଂ ଶାନ୍ତି ଉପଭୋଗ କରିବି ।" ଏହା ଶୁଣି କେହି କେହି ମନେ ମନେ କହିଲେ—"ଧନ୍ୟ ନନ୍ଦେ, ତୁମ୍ଭେ ଏକା ପ୍ରକୃତ ଦାନମର୍ମଜ୍ଞ ଆଦର୍ଶ ବ୍ରାହ୍ମଣ ।"

ଅନନ୍ତର ନନ୍ଦେ ଗୃହସାମଗ୍ରୀ ବିକ୍ରୟ କରି ଯାହା ପାଇଲେ ଏବଂ ଯାହା ସଞ୍ଚିତ ଥିଲା, ତାହାସବୁ ଘେନି ଉଭୟ ପତ୍ନୀ ସହ କାଶୀ ଯାତ୍ରା କଲେ । ପିତେଇ ବୁଢ଼ୀ ସେମାନଙ୍କର ସହଯାତ୍ରୀ ହେଲା । ସମସ୍ତେ ବାବା ବିଶ୍ୱେଶ୍ୱରଙ୍କ ଧ୍ୟାନ କରି ଚାଲିଲେ । ଯେଉଁ ଦିନ ଯେଉଁ ଚଟୀ ବା ବଜାରରେ ବସା କରି ରହନ୍ତି ଶେଫାଳିକା ସେଠାରେ ଥିବା ସମସ୍ତ ବସାରେ ବୁଲି ପୁତ୍ରର ଅନୁସନ୍ଧାନ କରନ୍ତି । ହୁଏତ ପୁଅ ଫେରି ଆସୁଥିବ, ବଜାରରେ ବସା କରିଥିବ, ସେ ଏହି ଆଶାରେ ବୁଲନ୍ତି । ବାଟ ଚାଲୁ ଚାଲୁ ଯଦି କେହି ସନାତନ ପରି ଦେଖାଯାଏ, ଆକୃତିରେ ସୌସାଦୃଶ୍ୟ ଥାଉ ବା ନ-ଥାଉ ଯଦି କେହି ସନାତନ ପରି ଚାଲୁଥାଏ କିମ୍ବା ସନାତନ ପରି ଲୁଗା ପିନ୍ଧିଥାଏ, ତେବେ ତାହାର ଆପାଦମସ୍ତକ ନିରୀକ୍ଷଣ କରନ୍ତି । ସନାତନର ରୂପ ଆକୃତି ବର୍ଣ୍ଣନା କରି କାହାରି କାହାରିକୁ ପଚାରନ୍ତି । ଏହିପରି ଭାବରେ ପଥ ଅତିକ୍ରମ କରି ସମସ୍ତେ ଯଥା-ସମୟରେ କାଶୀରେ ଉପସ୍ଥିତ ହେଲେ । ସ୍ୱର୍ଗଧୁନୀ ତୀରରେ ଅମରାବତୀ ପ୍ରାୟ ଗଙ୍ଗାକୂଳରେ ବାରାଣସୀ କ୍ଷେତ୍ର ଧର୍ମ ମହିମାର ମହାପୁଣ୍ୟ ପୀଠରୂପେ ବିରାଜିତ । କାଶୀ ବିରୋଧମତର ସମ୍ମିଳନ କ୍ଷେତ୍ର । ଯେଉଁଠାରେ ବିରୋଧମତର ସମ୍ମିଳନ, ଭଗବାନଙ୍କର ମଙ୍ଗଳ ଅଧି-ଷ୍ଠାନ ସେହିଠାରେ । କାଶୀ ମର୍ତ୍ତ୍ୟର କୈଳାସପୁରୀ, ଯେଉଁଠାରେ ମହାଯୋଗିବର ଶଙ୍କରଙ୍କର ଅଧିଷ୍ଠାନ, ସେଠାରେ ସମସ୍ତ ଦେବଦେବୀଙ୍କର ଅଧିଷ୍ଠାନ । ଗଗନ-ଚୁମ୍ବିଚୂଡ଼ ଉତ୍ତୁଙ୍ଗ ଦେଉଳମାଳା ଦୂରରୁ ଦୃଷ୍ଟିରୋଧ କରେ, ଯେମନ୍ତ କି ସେମାନେ ମର୍ତ୍ତ୍ୟର ଗୌରବ ପ୍ରସ୍ପର୍ଦ୍ଧେ ସ୍ୱର୍ଗକୁ ଉଠିବାକୁ ଉନ୍ମୁଖ । କୁବେରପୁରୀ ତୁଲ୍ୟ ବଡ଼ ଅଟ୍ଟାଳିକାର ସଂଖ୍ୟା କରିବା ଦୁରୂହ । ପଥ ଘାଟ ସର୍ବଦା ଲୋକାରଣ୍ୟ । କେତେ ଦଣ୍ଡୀ କେତେ ସନ୍ନ୍ୟାସୀ, କେତେ ପରମ ହଂସ, କେତେ ନାଗା, କେତେ ଭିକ୍ଷୁ ଇତସ୍ତତଃ ଯାତାୟାତ କରୁଅଛନ୍ତି । ବମ୍ ମହା-ଦେଓ ଜୟ ଶିବଶଙ୍କର, ଜୟ ବାବା ବିଶ୍ୱନାଥ ଶବ୍ଦରେ ଆକାଶ ପ୍ରତିଧ୍ୱନିତ ହେଉଅଛି । କେଉଁଠାରେ ଶଙ୍ଖ, କେଉଁଠାରେ ଶିଙ୍ଗା, କେଉଁଠାରେ ଘଣ୍ଟା, ମୃଦଙ୍ଗ, କରତାଳ ପ୍ରଭୃତି ବିବିଧ ବାଦ୍ୟ ଧ୍ୱନିର ତୁମୁଳ ଉତ୍ସବ ଲାଗିଅଛି । କେହି ଦେବାଳୟରେ ବସି ଯଜ୍ଞ କରୁଅଛି, କେହି ପଥ-ପାର୍ଶ୍ୱରେ ଅଗ୍ନି ସମ୍ମୁଖରେ ବସି ନୀରବ ଧ୍ୟାନ ଯୋଗରେ ମଗ୍ନ, କେହି ଚଣ୍ଡୀ ଶୁଣୁଅଛି, କେହି ମହିମ୍ନ ମହାସ୍ତବ ପାଠ କରୁଅଛି, କେହି ଗୀତା ଆବୃତ୍ତି କରୁଅଛି, କେହି ବା ରୁଦ୍ରାଭିଷେକରେ ବ୍ୟସ୍ତ । କେଉଁଠାରେ ପଣ୍ଡିତମାନେ ବସି ଶାସ୍ତ୍ରାଲୋଚନା କରୁଅଛନ୍ତି, କେଉଁଠାରେ

ଚତୁଷ୍ପାଠୀରୁ ବାଳକୁଣ୍ଡ ଉଚ୍ଚାରିତ ମଧୁର ବେଦଧ୍ୱନି ଉଠୁଅଛି । ସର୍ବଜ୍ଞ ଧର୍ମର ଏହିପରି ଜୀବନ୍ତ ମହିମା ଘୁରି ଫେରି ବୁଲୁଅଛି ।

ନନ୍ଦେ ଦଶାଶ୍ୱମେଧ ଘାଟ ନିକଟରେ ଗୋଟିଏ ସାମାନ୍ୟ ଘର ଭଡ଼ା ନେଇ ବସା କରି ରହିଲେ । ଘରଟି ଦୁଇ ବଖରା । ବାହ୍ୟ ବଖରାରେ ନନ୍ଦେ ଶୁଆ ବସା କରନ୍ତି ଅନ୍ୟ ବଖରାରେ ସ୍ତ୍ରୀଲୋକମାନେ ଥାଆନ୍ତି । ପିଣ୍ଡାତଳକୁ ଖଣ୍ଡେ ସାନ ଗଳିଆରେ ରନ୍ଧାବଟା ହୁଏ । ସମସ୍ତ ସାଧୁ ସନ୍ନ୍ୟାସୀ, ଯାତ୍ରୀ, ଗୃହସ୍ଥ, ଦଶାଶ୍ୱମେଧ ଘାଟକୁ ସ୍ନାନ କରିବାକୁ ଆସନ୍ତି । ସେଠାରେ ସନାତନକୁ ଖୋଜିବାର ସୁବିଧା ହେବ ଏବଂ ଗଙ୍ଗା ସ୍ନାନରେ ମଧ୍ୟ ସୁବିଧା ଏହି ସବୁ କଥା ଭାବି ନନ୍ଦେ ବସା ନିର୍ବାଚନ କରିଅଛନ୍ତି । ପିତେଇ ବଜାର ସଉଦା କରି ଆଣେ ସୌଦାମିନୀ ରାନ୍ଧେ । ଦିନରେ ସମସ୍ତେ ଥରେ ହବିଷ୍ୟାନ୍ନ ଭୋଜନ କରନ୍ତି, ରାତିରେ କିଛି ଖାଆନ୍ତି ନାହିଁ । ସେମାନେ ଦିବସର ଅଧିକାଂଶ ସମୟ ଦେବ ଦର୍ଶନ ଏବଂ ତୀର୍ଥ ସ୍ନାନ କରି ବୁଲନ୍ତି । କାହାରି ମନ ଆଉ ପୂର୍ବପରି ଅସ୍ଥିର ନୁହେ, ସ୍ଥାନ ପ୍ରଭାବରେ ସେ ସବୁ ତିରୋହିତ ହୋଇଅଛି । ଏହାହିଁ ତୀର୍ଥ ସ୍ଥାନର ବିଶେଷତ୍ୱ । ତୀର୍ଥ ସ୍ଥାନର ଆଉ ଏକ ବିଶେଷତ୍ୱ ଏହି ଯେ, ସେଠାରେ ଦୁନିଆଯାକର ଠକ, ଜୁଆଚୋର, ଖଣ୍ଡ, ବଦମାସ ରୁଣ୍ଡ ହୁଅନ୍ତି । ସେଗୁଡ଼ାକ ଗଙ୍ଗାରେ ସର୍ପ କୁମ୍ଭୀର । ପ୍ରତି ପଦକ୍ଷେପରେ ସାବଧାନ ନହେଲେ ସେମାନଙ୍କ କବଳରୁ ନିସ୍ତାର ନାହିଁ । ଅନେକେ ଧର୍ମବେଶ ଧରି ସରଳ ଲୋକଙ୍କୁ ଭୁଲାଇ ନେଇ ବିପନ୍ନ କରନ୍ତି । ସେମାନଙ୍କ ମାୟାଜାଲରେ ନ ପଡ଼ିବା ସକାଶେ ନନ୍ଦେ ସମସ୍ତଙ୍କୁ ବାରମ୍ବାର ସାବଧାନ କରାଇ ନିଜେ ମଧ୍ୟ ସାବଧାନ ଥାଆନ୍ତି । ନନ୍ଦଙ୍କ ବସାରୁ ଦଶାଶ୍ୱମେଧ ଘାଟର ସମସ୍ତ ଅଂଶ ସ୍ପଷ୍ଟ ଦେଖାଯାଏ । ଶେଫାଳିକା ଅନେକ ସମୟରେ ସେହିଆଡ଼କୁ ଚାହିଁ ରହିଥାନ୍ତି । କାହାରିଠାରେ ସନାତନର ଆଭାସ ମାତ୍ର ଦେଖିଲେ ଧାଇଁ ଯାଇଁ ତାହାର ଆପାଦ ମସ୍ତକ ଅବଲୋକନ କରନ୍ତି । ସାମୁ ପ୍ରତ୍ୟହ ଆଶା ତାଙ୍କୁ ଏହିପରି ପ୍ରତାରିତ କରେ । ସେ ପ୍ରତାରିତ ହୋଇ ଦୀର୍ଘ ନିଃଶ୍ୱାସ ପକାଇ ଫେରି ଆସନ୍ତି । ପୁଅକୁ ପାଇବା ସକାଶେ ଯେ ଯାହା କହେ, ସେ ଅକ୍ଷରରେ ତାହା କରନ୍ତି । କାହାରି କଥାକୁ ଅବିଶ୍ୱାସ କରନ୍ତି ନାହିଁ । ଏହିପରି କାର୍ଯ୍ୟରେ ସେ ଅନେକ ଥର ଠକି ସୁଦ୍ଧା ସେଥିରୁ ବିରତ ହୁଅନ୍ତି ନାହିଁ । ଦିନେ ଜଣେ ଧର୍ମବେଶୀ ଭଣ୍ଡ ଆସି କୌଶଳରେ ତାଙ୍କଠାରୁ କଥା ବାହାର କରିନେଇ କହିଲା—"ଏଥିପାଇଁ ତୁମ୍ଭେ ଏତେ ଦୁଃଖିତ ମା ! କିଛି ଚିନ୍ତା ନାହିଁ, ତୁମ୍ଭେ ମହାବୀରଙ୍କୁ ପୂଜା ଦିଅ, ପୁଅ ତିନଦିନ ମଧ୍ୟରେ ଆପେ ଆପେ ଆସି ପହଞ୍ଚିବ । ମୁଁ ମହାବୀର ସାଧନା ଜାଣେ, ସେହି ସାଧନା ବଳରେ ଜାଣି ପାରୁଛି ଯେ, ତୁମ୍ଭ ପୁଅ ଏହି କାଶୀକ୍ଷେତ୍ରରେ ଅଛି । ଏହିପରି ନାନା କଥାରେ ଭୁଲାଇ ଦେଇ ପୂଜା ସକାଶେ ଶେଫାଳିକାଙ୍କଠାରୁ ପାଞ୍ଚଟଙ୍କା ନେଇ ଚମ୍ପଟ ଦେଲା । କାଲି ଆସିବ ବୋଲି କହି ଆଉ ଦେଖା ଦେଇନାହିଁ । ଆଉ ଦିନେ ଜଣେ ନିଶାଖୋର ଆସି ଭାରି ଆଡ଼ମ୍ବର ପ୍ରକାଶ କରି କହିଲା—"ମା, କାଶୀର ସବୁ ଅନ୍ଧି-ସନ୍ଧି ମୋତେ ଜଣା । ଏଠି ଏପରି ଗୁପ୍ତସ୍ଥାନ ଅନେକ ଅଛି, ସେଠି ଲୁଚି ରହିଲେ ଦେବତା ବି ଖୋଜି ବାହାର କରି ପାରିବେ ନାହିଁ । ମୁଁ ତେର ଲୋକର ହଜିଲା ପୁଅ, ଝିଅ ଖୋଜି ଆଣି ଦେଇ ବକ୍‌ସିସ ପାଇଛି । ଅନେକ ବଡ଼ ବଡ଼ ଲୋକେ ମୋତେ ଜାଣନ୍ତି । ମୋତେ ଦିନକୁ ଟଙ୍କାଏ ଲେଖାଏଁ ଦେଲେ ମୁଁ ପ୍ରତିଜ୍ଞା କରି କହୁଛି—ପାଞ୍ଚଦିନ ଭିତରେ ନିଶ୍ଚେ ତୁମ୍ଭ ପୁଅକୁ ଆଣିଦେବି । ମୁଁ ଅନ୍ୟ ଲୋକଙ୍କ ପରି ଠକ ନୁହେ ମା । ତୁମ୍ଭେ ମା ପରି, ମୁଁ ଏହି ଗଙ୍ଗାକୂଳରେ ଠିଆହୋଇ ତୁମ୍ଭ ପା ଛୁଇଁ ନିୟମ କରି କହୁଛି, ଯେବେ ତୁମ୍ଭଙ୍କୁ ଠକିଥିବି, ତେବେ ମୋର ମୂର୍ଦ୍ଧନା ଫାଟିଯିବ । ମାଗି ଦରି ଉଦର ଭରି ପଛେ ପଇସେ ଦୁ ପଇସା ନେବି; ମାତ୍ର ଠକ ବିଦ୍ୟା ଆମର କେଉଁ ପୁରୁଷରେ ନାହିଁ । ଲୋ ବାପ, ଠକେଇବା ପାପର କି ପାର ଅଛି ? ଆଉ ମୁଁ ଆଗରୁ କହି ରଖୁଛି ମା, ତମ ପୁଅକୁ ଆଣିଦେଲେ ଦଶଟଙ୍କା ଏକା ବକ୍‌ସିସ୍ ନେବି । ଯେତେ ଲୋକ ମୁହେଁ ଭଲ, ସେ କଥା ମୁଁ ଜାଣେ ନାହିଁ ମା ।

ମୁଁ ସଫା ସଫା କହୁଥାଏ ।” ମିଥ୍ୟାବାଦୀ ପ୍ରତାରକର ସ୍ୱଭାବ, ସେ ପାଣିରେ ସର ପକାଉଥାଏ । ତାହାର ପ୍ରତାରଣା ଭେଦ କରିବା ଦେବଶକ୍ତିର ଅଗୋଚର । ଶେଫାଳିକା ତ ଜଣେ ସରଳହୃଦୟା ସାମାନ୍ୟା ନାରୀ । ସେ ଧୂର୍ତ୍ତର ପ୍ରବଞ୍ଚନାପୂର୍ଣ୍ଣ ସ୍ତୋକ ବାକ୍ୟରେ ସହଜରେ ଭୁଲିଯାଇ ତାକୁ ପ୍ରତ୍ୟହ ଟଙ୍କାଏ ଲେଖାଏଁ ଦେବାକୁ ଲାଗିଲେ । ଧୂର୍ତ୍ତ ଦିନ ସାରା ମଦଭାଟିରେ ମଉଜ କରି ସନ୍ଧ୍ୟା ବେଳେ ଆସି କହୁଥାଏ—“ଆଜି ଢେର ଜାଗା ଖୋଜି ଖୋଜି ସନ୍ଧାନ ପାଇଛି—କାଲି ସେଠାକୁ ଯିବି ।” କେଉଁ ଦିନ କହେ—“ଆଜି ତୁମ୍ଭ ପୁଅକୁ ଦେଖିଛି; ମାତ୍ର କଥାବାର୍ତ୍ତା କରି ନାହିଁ, କାଲି ନିଶ୍ଚେ ଆଣି ପହଞ୍ଚାଇବି ।” ଏହିପରି ପ୍ରତ୍ୟହ ସେ ଗୋଟାଏ ଗୋଟାଏ କଥା କହି ବହଲାଇ ଦେଉଥାଏ । ପାଞ୍ଚ ଦିନରେ ପାଞ୍ଚଟଙ୍କା ନେଇସାରି ଷଷ୍ଠ ଦିନଠାରୁ ଆଉ ଆସିଲା ନାହିଁ । ନନ୍ଦେ ଶୁଣିଲେ ବିରକ୍ତ ହେବେ ବୋଲି ତାଙ୍କ ଅଜ୍ଞାତରେ ଶେଫାଳିକା ଏହିପରି ଅର୍ଥର ଆଦ୍ୟ ଶ୍ରାଦ୍ଧ କରନ୍ତି ।

ଦିନେ ପିତେଇ ବଜାର ସଉଦା ରଖିଦେଇ ଶେଫାଳିକାଙ୍କ ପାଖରେ ଆସି ଅନୁଚ୍ଚସ୍ୱରରେ କହିଲା—“ମା, ଗୋଟିଏ କଥା କହନ୍ତି ।” ଶେଫାଳିକା ବିସ୍ମୟ ଦୃଷ୍ଟିରେ ତାହା ମୁହଁକୁ ଚାହିଁ ରହି କହିଲେ—“କି କଥା କହୁଚୁ କହ ।” ପିତେଇ ସତର୍କ ଦୃଷ୍ଟିରେ ଚାରିଆଡ଼କୁ ଚାହିଁ ଦେଇ କହିଲା—“ମୁଁ ଆଜିକୁ ଚାରିଦିନ ହେଲା ବଜାରରୁ ଫେରିଆସିବାବେଳେ ଦେଖୁଚି—‘ଗୋଟିଏ ବ୍ରାହ୍ମଣ ପିଲା ବାଟପାଖ ବରଗଛ ମୂଳରେ ବସି ପୋଥି ପଢୁଛି । ବୟସ ଏଇ ଊଣେଇଶ କି କୋଡ଼ିଏ ହେବ । ଦେହ ଗୋରା ତକ୍ ତକ୍ ଦିଶୁଛି, ଯେମିତି ଗୋଟେ ରାଜପୁଅ । ମା, ସେ ଠିକ୍ ଆମ ସନାତନ ପରି ଦିଶୁଛି । ମୁଁ ଦୂରରୁ ଦେଖିଛି, କାଲି ପାଖକୁ ଯାଇ ଭଲ କରି ଦେଖି ଆସିବି । ଶେଫାଳିକା ଦୀର୍ଘ ନିଃଶ୍ୱାସ ପକାଇ ଉଦାସ ସ୍ୱରରେ କହିଲେ—“କେତେ ତ ତାହା ପରି ଦିଶନ୍ତି ଲୋ ଝିଅ, ଅଚ୍ଛା କାଲି ଭଲରକି ଦେଖି ଆସିବୁ ।” ପିତେଇ ତହିଁ ପରଦିନ ଆସି ଅପେକ୍ଷାକୃତ ଦ୍ରୁତ ଏବଂ ଉଲ୍ଲାସ ପୂର୍ଣ୍ଣ ସ୍ୱରରେ କହିଲା—“ହଁ ଗୋ ମା, ସେହି ମୁହଁ, ସେହି ମୁହଁ, ସେହି କାନ, ସେହି ନାକ, ସେହି ଆଖି, ସବୁ ଯେମିତି ଛଞ୍ଚେଇ ଆଣିଛି । ମୁଁ କିଛି କହିନାହିଁ, ସେ ମୋତେ ନ ଦେଖୁଣୁ ମୁଁ ପଳାଇ ଆସିଛି ।” ଶେଫାଳିକା ପଚାରିଲେ—“ତୁ ଭଲକରି ଦେଖିଚୁ ନା ତା ଡାହାଣ ବାହୁମୂଳରେ ଆଗ ପାଖକୁ ଖଣ୍ଡେ କଳା ଜାଇମଣ୍ଡା ଅଛି ।” ପିତେଇ କହିଲା—‘ସେ କଥାକୁ ତ ମୋର ନିଘା ନାହିଁ ମା ! ତେବେ କାଲି ଦେଖି ଆସି କହିବି ।’ ତହିଁଆର ଦିନ ପିତେଇର ଆଗମନକୁ ଶେଫାଳିକା ଚାହିଁ ବସିଅଛନ୍ତି । ସେ ଉପସ୍ଥିତ ହେଲାକ୍ଷଣି ପଚାରିଲେ—“କାଲେ ପିତେଇ, କଅଣ ଦେଖିଲୁ ?” ପିତେଇ ଧପ୍ କରି ଠିଆ ହୋଇଯାଇ ମୁହଁ ଶୁଖାଇ ପକାଇ କହିଲା—“ପୋଡ଼ି ଯାଉ ମୋ ପୋଡ଼ା ମନ, ଏତକ ସା ମୋର ହେଉ ହେଲା ନାହିଁ । ଏଇ କାଳରେ ଗଣ୍ଠି ପକାଇଲି - କାଲି ନିଶ୍ଚେ ନିଶ୍ଚେ ଦେଖି ଆସିବି ।” ତହିଁଆର ଦିନ ଆସି କହିଲା—ସେ କାନ୍ଧରେ ଖଣ୍ଡେ ଉତ୍ତରୀ ପକାଇଛି, କାନ୍ଧ ଢାଙ୍କି ଯାଉଛି, କିଛି ଦେଖି ହେଲା ନାହିଁ ।” ଅକସ୍ମାତ୍ ନନ୍ଦେ ଆସି ସେଠାରେ ପହଞ୍ଚିଗଲେ । ପୂର୍ବରୁ ସବୁ ଶୁଣିଥିଲେ; ପିତେଇକୁ କହିଲେ— ଏହିକ୍ଷଣି ଚାଲ, ମୋତେ ଦେଖାଇ ଦେବୁ ।’ ପିତେଇ ତାଙ୍କୁ ସଙ୍ଗରେ ନେଇ ଯଥାସ୍ଥାନରେ ବ୍ରାହ୍ମଣ ଯୁବକକୁ ଦେଖାଇ ଦେଲା । ନନ୍ଦେ ଦେଖିଲେ— ଯୁବକ ନିବିଷ୍ଟ ଚିତ୍ତରେ ପାଠମଗ୍ନ । ତାହାର ଦୃଷ୍ଟି ପୁସ୍ତକରେ ନିବଦ୍ଧ । ସେ ଧୀର ପଦକ୍ଷେପରେ ତାହା ପାଖକୁ ଯାଇଁ ଠିଆ ହେଲେ; ମାତ୍ର ଦେଖିଲେ ସେ ତାଙ୍କ ପୁଅ ନୁହେଁ । ତେବେ ମୁଖ ଚକ୍ଷୁର ଗଠନ ଅନେକ ପରିମାଣରେ ସନାତନର ମୁଖ ଚକ୍ଷୁ ପରି । ବୃଦ୍ଧଙ୍କୁ ଦେଖି ଯୁବକ ନମସ୍କାର କଲା । ବୃଦ୍ଧ ପ୍ରତିନମସ୍କାର କରି ତାହାର ପରିଚୟ ପଚାରିଲେ । ଯୁବକ କହିଲା— “ମୋର ନାମ ରାମଚନ୍ଦ୍ର ଆଚାର୍ଯ୍ୟ, ଘର ପୁରୀଜିଲ୍ଲାରେ । ମୁଁ ଏଠାରେ ଗୋଟିଏ ଚତୁଷ୍ପାଠୀରେ ଅଧ୍ୟୟନ କରେଁ । ନିର୍ଜନ ସ୍ଥାନ ବୋଲି ପ୍ରତ୍ୟହ ଏଠାକୁ ଆସି ପାଠାଭ୍ୟାସ କରେ ।” ଯୁବକ ନ ପଚାରୁଣୁ ନନ୍ଦେ ଆତ୍ମ ପରିଚୟ ଦେଇ ନିଜର ବିପଦ କାହାଣୀ କହି

ବସିଲେ । ଯୁବକ ତାହା ଶୁଣି ଦୁଃଖିତ ହେଲା ଏବଂ ସହାନୁଭୂତି ପ୍ରଦର୍ଶନ କରି କହିଲା—"ମୁଁ ମଧ୍ୟ ଚେଷ୍ଟିତ ରହିଲି, ଯଦି ଆପଣଙ୍କ ପୁତ୍ରର ସନ୍ଧାନ ପାଏଁ, ତେବେ ଆପଣଙ୍କୁ ସମ୍ବାଦ ଦେବି ।" ଅନନ୍ତର ଚତୁଷ୍ପାଠୀର ସମୟ ହୋଇଯିବାରୁ ବୃଦ୍ଧଙ୍କଠାରୁ ବିଦାୟ ନେଇ ଯୁବକ ପ୍ରସ୍ଥାନ କଲା । ନନ୍ଦେ ଆସି ଶେଫାଳିକାଙ୍କୁ ସବୁକଥା କହିଲେ । ଶେଫାଳିକା ଯୁବକର ପ୍ରତିଶ୍ରୁତି ଶୁଣିଲେ; ମାତ୍ର ଆଶାନ୍ୱିତ ହୋଇ ପାରିଲେ ନାହିଁ । ମନେ ମନେ ଭାବିଲେ—"ପ୍ରତାରଣାର ଏ ଗୋଟାଏ ଅଭିନୟ ନୁହେଁ ତ ?"

ନନ୍ଦଦମ୍ପତି ଛମାସ କାଳ କାଶୀରେ ରହି ପ୍ରତି ମଠ, ଦେବାଳୟ ଛତ୍ର ଚତୁଷ୍ପାଠୀ ଏବଂ କାଶୀର ସର୍ବତ୍ର ଅନୁସନ୍ଧାନ କଲେ; ମାତ୍ର ପୁତ୍ରର ସାକ୍ଷାତ ବା ସନ୍ଦେଶ କିଛି ପାଇଲେ ନାହିଁ । ଶେଷରେ ହତାଶ ହୋଇ ଅବଶିଷ୍ଟ ଜୀବନ କାଶୀରେ ଅତିବାହିତ କରିବାର ସ୍ଥିର କଲେ । ମାତ୍ର ମାନବ ଯାହା ଭାବେ, ତାହା ଘଟେ ନାହିଁ—ନିୟତି ମାନବେଚ୍ଛାର ପ୍ରତିକୂଳରେ ଯାଏ । ଦିନେ ଉପରୋକ୍ତ ରାମଚନ୍ଦ୍ର ଆଚାର୍ଯ୍ୟ ଆସି ନନ୍ଦଙ୍କ ବସାରେ ଉପସ୍ଥିତ ହୋଇ କହିଲା—"ଆପଣଙ୍କ ପୁଅର ରୂପ,ଆକାର ଆପଣ ଯେପରି ବର୍ଣ୍ଣନା କରିଥିଲେ ଶୁଣିଲି ଠିକ୍ ସେହିପରି ଜଣେ ଲୋକ ପୁରୀର କେଉଁ ମହନ୍ତଙ୍କ ସଙ୍ଗରେ ଆସିଥିଲା । ଅନେକ ଅନୁସନ୍ଧାନ କଲି ତାହାର ନାଁ ଗାଁ ମିଳିଲା ନାହିଁ । ସେମାନେ ବୃନ୍ଦାବନରୁ ଫେରି ଏଠା ଅମୁକ ମଠରେ ଥିଲେ । ଏଠାରୁ ପୁରୀ ଫେରିଗଲେ । ଏହା ପ୍ରାୟ ବର୍ଷ ଛ ମାସ ପୂର୍ବର କଥା । ଆପଣ ପୁରୀ ଯାଇ ଅନୁସନ୍ଧାନ କରନ୍ତୁ ସେଠାରେ ପୁଅକୁ ପାଇ ପାରିବେ । ଏହା ଶୁଣି ନନ୍ଦେ ଏବଂ ଶେଫାଳିକା ଯୁବକକୁ ଆଶୀର୍ବାଦ ପୂର୍ବକ ତାହା-ଠାରେ କୃତଜ୍ଞତା ପ୍ରକାଶ କଲେ । ଯୁବକ ବିଦାୟ ହୋଇ ଗଲା ପରେ ନନ୍ଦେ ଶେଫାଳିକାଙ୍କୁ କହିଲେ—"ତେବେ ପୁରୀ ଯିବା ଚାଲ । ସେଠାରେ ଯଦି ନ ପାଇବା ତେବେ ଜଗନ୍ନାଥଙ୍କୁ ଭରସା କରି ପଡ଼ି ରହିବା । ପୁରୀ ଆମ୍ଭମାନଙ୍କର ଜନ୍ମଭୂମିର ମହାତୀର୍ଥ । ସେଠାରେ ଦେହ ତ୍ୟାଗ କଲେ ଜନ୍ମଭୂମିର ଅଂଶ ଜନ୍ମଭୂମିରେ ମିଶିବ । ଜରା ମୋତେ ଦିନକୁ ଦିନ ଅନ୍ତଃସାରଶୂନ୍ୟ କରି ପକାଉଅଛି । କେତେବେଳେ କଅଣ ଘଟିବ, ତାହା କିଏ କହିପାରେ ? ଯାହା ହେଉ ସାମର୍ଥ୍ୟ ଥାଉଁ ଥାଉଁ ସେଠାରେ ଯାଇ ଆଶ୍ରୟ ନେବା ଉଚିତ । ମନ ବଡ଼ ଉଚ୍ଛନ୍ନ ହେଲାଣି । ଗତରାତ୍ରରେ ମୁଁ ସ୍ୱପ୍ନ ଦେଖିଲି—ଜଣେ ବୃଦ୍ଧ ଋଷି ମୋତେ କହିଲେ—"ତୁ ପୁରୀ ଯା, ସେଠାରେ ତୋର ପୁଅକୁ ପାଇବୁ ।" ସେ ଋଷି ଜଗନ୍ନାଥଙ୍କ ଛଡ଼ା ଆଉ କେହି ନୁହେଁ । ଆଜି ତ ରାମଚନ୍ଦ୍ର ଆଚାର୍ଯ୍ୟଠାରୁ ଶୁଣିଲି, କଥା ଠିକ୍ ଠିକ୍ ମିଳୁଛି । ନିଶ୍ଚୟ ଆମ୍ଭ ଦୁଃଖରେ ମହାପ୍ରଭୁଙ୍କ ମହାସିଂହାସନ ଟଳିଛି । ଆଉ ବିଳମ୍ବ ଉଚିତ ନୁହେଁ, ଶୀଘ୍ର ଯିବା ଦରକାର ।" ଶେଫାଳିକା ସ୍ୱାମୀଙ୍କ ମତ ବିରୁଦ୍ଧରେ କେବେ ଯାଇ ନାହାନ୍ତି; ସୁତରାଂ ସେ ସ୍ୱାମୀଙ୍କ କଥାରେ ସମ୍ମତ ହେଲେ । ତହୁଁ ସେହି ଦିନ ସମସ୍ତେ ପୁରୀ ଅଭିମୁଖରେ ଯାତ୍ରା କଲେ ।



# ସପ୍ତଦଶ ପରିଚ୍ଛେଦ

ବଡ଼ ମଠର ମହନ୍ତ ଦୋଲଯାତ୍ରା ଉପଲକ୍ଷେ ଖଣ୍ଡଗିରିରୁ ପୁରୀ ଆସିଅଛନ୍ତି । ଶିଷ୍ୟ ସନାତନ ତାଙ୍କ ସଙ୍ଗରେ ଆସିଅଛି । ସେ ଗୁରୁଙ୍କ ନିକଟରୁ ଯୋଗଶିକ୍ଷା କରୁଅଛି । ଶିକ୍ଷା ଅନେକ ଦୂର ଅଗ୍ରସର ହୋଇଅଛି । ତହିଁ ସଙ୍ଗେ ସଙ୍ଗେ ତାହାର ଶରୀର ମଧ୍ୟ ଯଥେଷ୍ଟ ସୌଷ୍ଠବ ପ୍ରାପ୍ତ ହୋଇଅଛି । ଉଜ୍ଜ୍ୱଳ ଗୌରବର୍ଣ୍ଣ, ପ୍ରଶସ୍ତ ଲଲାଟ, ସୁନ୍ଦର ବଦନ, ଆୟତନେତ୍ର, ନମ୍ର କମନୀୟ ମୂର୍ତ୍ତି, ସମସ୍ତ ସୁଗଠିତ—ଯେମନ୍ତ କି ତରୁଣ ତାପସ ତପଃ ପ୍ରଭାବରେ ମଣ୍ଡିତ । ମୂର୍ତ୍ତିରୁ ବ୍ରାହ୍ମଣୋଚିତ ପ୍ରତିଭା ଝଳକି ପଡୁଅଛି । ସେ ମୂର୍ତ୍ତି ଦେଖିଲେ ଦର୍ଶକର ମନରେ ସ୍ୱତଃ ଶ୍ରଦ୍ଧା ଭକ୍ତିର ଉଦ୍ରେକ ହୁଏ । ସନାତନ କେତେ ଖଣ୍ଡ ଦୁରୁହ ବୈଷ୍ଣବଶାସ୍ତ୍ରର ଟୀକା କରିଅଛି । ମହନ୍ତ ତାହା ପାଠ କରି ବିଶେଷ ମୁଗ୍ଧ ହୋଇ ଅଛନ୍ତି । ଦିନେ ମହନ୍ତ ତାଙ୍କୁ କହିଲେ, "ବତ୍ସ ସନାତନ, ଏ ସଂସାର ମୋତେ ଆଉ ଭଲ ଲାଗୁ ନାହିଁ, ଯନ୍ତ୍ରଣାର ଅଗ୍ନିକୁଣ୍ଡ ପରି ବୋଧ ହେଉଅଛି । ମନ ସବୁବେଳେ କେଉଁ ଅଜ୍ଞାତ ପ୍ରଦେଶରେ ଉଡି ବୁଲୁଛି । ମୋର ଶରୀର ସୁଦ୍ଧା ମୋତେ ଭାରି ଲାଗୁଛି । ବୋଧହୁଏ ମୋର ଶେଷ ଦିନ ଖୁବ୍ ନିକଟବର୍ତ୍ତୀ । ହାଟ ଭାଙ୍ଗି ଆସିଲାଣି, ଏଣିକି ଦୋକାନ ଗୋଟାଇ ବସିବା ଦରକାର । ମୁଁ ଭାବୁଛି, ତୋତେ ଗାଦିରେ ବସାଇ ନିଶ୍ଚିନ୍ତ ହୋଇ ଖଣ୍ଡଗିରିରେ ସମାଧି ଯୋଗସାଧନରେ ନିଯୁକ୍ତ ରହିବି । ଏଥିରେ ତୋର ଅଭିମତ କଅଣ ?" ସନାତନ ଗୁରୁଙ୍କର ଏ ପ୍ରଶ୍ନର ଉତ୍ତର କଅଣ ଦେବ, ତାହା ହଠାତ୍ ସ୍ଥିର କରି ନ ପାରି କିଛିକ୍ଷଣ ମୌନ ହୋଇ ରହିଲା । ଅନନ୍ତର ଧୀର ନମ୍ର ସ୍ୱରରେ କହିଲା—"ଗୁରୁଦେବ, ମୁଁ ଆପଣଙ୍କ ଶ୍ରୀଚରଣରେ ବିକ୍ରୀତ; ସୁତରାଂ ମୋର ଆଉ ସ୍ୱତନ୍ତ୍ର ମତ କଅଣ ହେବ ? ଆପଣଙ୍କ ଆଦେଶ ପାଳନ ମୋର କର୍ତ୍ତବ୍ୟ, ଏହା ବ୍ୟତୀତ ମୁଁ ଆଉ କିଛି ଜାଣେ ନାହିଁ । ଯେଉଁ ଭାର ଆପଣ ଏତେ କାଳ ବହି ଆସି ଅଛନ୍ତି, ସେହି ଗୁରୁ ଭାର ବହନର ଯୋଗ୍ୟତା ଆଉ ଶକ୍ତି କି ମୋର ଅଛି ?" ମହନ୍ତ ମୃଦୁ ହସି କହିଲେ—"ବତ୍ସ, କର୍ତ୍ତବ୍ୟର ବାହାରରେ ଯୋଗ୍ୟତା କିମ୍ବା ଶକ୍ତିର ପରୀକ୍ଷା ହୁଏ ନାହିଁ, କର୍ତ୍ତବ୍ୟରେ ପଶିଲେ ଯୋଗ୍ୟତା ବଢେ ଏବଂ ଶକ୍ତି ବିକଶିତ ହୁଏ । ପ୍ରଥମତଃ ସବୁ କାର୍ଯ୍ୟ କଠିନ ବୋଧହୁଏ; ମାତ୍ର ଅଭ୍ୟାସଦ୍ୱାରା କ୍ରମଶଃ ସହଜ ହୋଇଆସେ । ଅଭ୍ୟାସ ମନୁଷ୍ୟର ଦ୍ୱିତୀୟ ଶକ୍ତି । ଯାହାଙ୍କର କାର୍ଯ୍ୟ, ଶକ୍ତି ସେହି ଦେବତା ଦେବେ, ସେଥିପାଇଁ ତୋର ଭାବିବା ଅନୁଚିତ ।"

ସନାତନ—ତାହା ହେଲେ ଗୁରୁଆଜ୍ଞା ମୋର ଶିରୋଧାର୍ଯ୍ୟ । ଆପଣଙ୍କ ପଦ ତଳରେ ବସି ଆପଣଙ୍କ ଉପଦେଶ ଗ୍ରହଣ କରି କାର୍ଯ୍ୟ କରିବି; ସୁତରାଂ ମୋର ଭୟ ବା ଭାବନା କଅଣ ?

ମହନ୍ତ—ତୋତେ ଆଉ ଗୋଟିଏ ଭାର ନେବାକୁ ହେବ ।

ସନାତନ—କୃପାପୂର୍ବକ ଆଦେଶ କରନ୍ତୁ ।

ମହନ୍ତ—ମୋର ଗୋଟିଏ ସଙ୍କଳ୍ପ ଅଛି, ବତ୍ସ ! ବୈଷ୍ଣବ ଶାସ୍ତ୍ର ଅତି ଦୁରୁହ, ଅଶିକ୍ଷିତ ବା ଅଳ୍ପଶିକ୍ଷିତ ଲୋକେ ସେଥିର ପ୍ରକୃତ ମର୍ମ ବୁଝିବାକୁ ଅକ୍ଷମ; ଏଣୁ ପ୍ରକୃତ ଶାସ୍ତ୍ରାଦେଶର କଦର୍ଥ କରି ସେମାନେ ବିପଥଗାମୀ ହେଉଅଛନ୍ତି ଏବଂ ବୈଷ୍ଣବଧର୍ମକୁ କଳଙ୍କିତ କରୁଅଛନ୍ତି । ମୋର ଇଚ୍ଛା, ସମସ୍ତଙ୍କ ବୁଝିବା ଭଳି ଖୁବ୍ ସରଳ ଭାଷାରେ ବୈଷ୍ଣବ ଶାସ୍ତ୍ରଗ୍ରନ୍ଥ ଲିଖିତ ହେଲେ ସନାତନ ପବିତ୍ର ବୈଷ୍ଣବଧର୍ମର ଏ ବ୍ୟର୍ଥ କଳଙ୍କ ବିଦୂରିତ ହୋଇ ଧର୍ମର ମହାତ୍ମ୍ୟ ଉଜ୍ଜ୍ୱଳତର ହୁଅନ୍ତା । କାଶୀ, ବୃନ୍ଦାବନ ପ୍ରଭୃତି ଧାମର ପ୍ରଧାନ ପ୍ରଧାନ ବୈଷ୍ଣବମଣ୍ଡଳୀକୁ ନିମନ୍ତ୍ରଣ କରି ଆଣି ସର୍ବବାଦୀ-ସମ୍ମତ ରୂପେ ଏହିପରି ଖଣ୍ଡିଏ ପୁସ୍ତକ ଲେଖାଇବାକୁ ବହୁଦିନରୁ ମୁଁ ଅଭିଳାଷ କରିଅଛି । ସେଥିପାଇଁ ମୁଁ ତିନି ଲକ୍ଷ ଟଙ୍କା ଉତ୍ସର୍ଗ କରି ରଖିଅଛି । ମୁଁ କେବଳ କଳ୍ପନା କରିଅଛି ; ମାତ୍ର କଳ୍ପନାକୁ ବାସ୍ତବରେ ପରିଣତ କରିବାର ବରାତ୍ ମୋ ଅଦୃଷ୍ଟରେ ନାହିଁ । ମୁଁ ସେହି ଭାର ତୋ ଉପରେ ନ୍ୟସ୍ତ କରିଯାଉଅଛି ।

ଯୋଗ୍ୟ ପାତ୍ର ହସ୍ତରେ ଯୋଗ୍ୟ କାର୍ଯ୍ୟର ଭାର ଦେବା ସାଫଲ୍ୟ ଲାଭର ନିଃସନ୍ଦେହ ଉପାୟ । ତୋହରି କାର୍ଯ୍ୟ ସିଦ୍ଧ ହେବ, ଏ ଭରସା ମୋର ଅଛି ।

ସନାତନ—ଗୁରୁଦେବ, ବୃଥା ଏ ଭାବନା ଆପଣଙ୍କର । ଆପଣଙ୍କର ଏ ମହତ୍ ସଙ୍କଳ୍ପକୁ ଆପଣହିଁ କାର୍ଯ୍ୟରେ ପରିଣତ କରିପିବେ ; ତଥାପି ଯଦି ନିଯୁକ୍ତ ପ୍ରତିକୂଳ ହୁଏ, ତେବେ ଆପଣଙ୍କର ଏ ସେବକ ଆପଣଙ୍କ ଆଦେଶ ପାଳନରେ କଦାଚ ବିଳମ୍ବ କରିବ ନାହିଁ ।

ଗୁରୁ ଶିଷ୍ୟ ମସ୍ତକରେ ହସ୍ତ ସ୍ଥାପନ ପୂର୍ବକ ଆଶୀର୍ବାଦ କରି କହିଲେ—"ଦୀର୍ଘଜୀବନ ଲାଭ କରି ଧର୍ମ ଜଗତର ନକ୍ଷତ୍ର ପରି ହୋଇଥାଅ ।" ଶିଷ୍ୟ ଗୁରୁଙ୍କର ପଦଧୂଳି ନେଇ ମସ୍ତକରେ ଲଗାଇଲା ।

ଯଥାସମୟରେ ସନାତନ ମହନ୍ତ ଗାଦିରେ ଅଭିଷିକ୍ତ ହେଲା । ବୃଦ୍ଧ ମହନ୍ତ ନିଶ୍ଚିନ୍ତ ହେଲେ; ମାତ୍ର ତାଙ୍କୁ ଆଉ ଅଧିକ ଦିନ ସଂସାରରେ ରହିବାକୁ ପଡିଲା ନାହିଁ । ଯେମନ୍ତ କି ମହାପୁରୁଷ ଏହି ଉତ୍ତରାଧିକାରୀ ନିଯୁକ୍ତି ପାଇଁ ଏତେ ଦିନଯାଏଁ ମୃତ୍ୟୁକୁ ଠେଲି ଦେଇଥିଲେ । ଏବେ କର୍ତ୍ତବ୍ୟ ଶେଷ; ତହିଁ ସଙ୍ଗେ ସଙ୍ଗେ ସବୁ ଶେଷ । ଯେତେବେଳେ ସେ ଯୋଗ ଧ୍ୟାନରେ ବସନ୍ତି, ସେତେବେଳେ ତାଙ୍କର ଏକାଗ୍ର ଚିତ୍ତ ଧ୍ୟାନରେ ତନ୍ମୟ ହୋଇଥାଏ, ବାହ୍ୟ ଜଗତ ସଙ୍ଗରେ କୌଣସି ସମ୍ପର୍କ ଥାଏ ନାହିଁ । ଦିନେ ସେ ଏହିପରି ଧ୍ୟାନ ନିମଗ୍ନାବସ୍ଥାରେ ହଠାତ୍ ଇହଲୋକରୁ ବିଦାୟ ନେଇ ଅଜ୍ଞାତ ଲୋକାନ୍ତର ଉଦ୍ଦେଶ୍ୟରେ ମହା ପ୍ରସ୍ଥାନ କଲେ । ତାଙ୍କର ଏ ଆକସ୍ମିକ ମୃତ୍ୟୁରେ ସମସ୍ତେ ବିସ୍ମିତ ହେଲେ ଏବଂ ହାହାକାର କଲେ । କେହି କହିଲା—"ଆହା, ମହନ୍ତ ପ୍ରତ୍ୟକ୍ଷ ଦେବତା ଥିଲେ, ମୃତ୍ୟୁ ତାଙ୍କୁ ଛୁଇଁ ନାହିଁ । ସେ ସ୍ୱଇଚ୍ଛାରେ ଦେହ ତ୍ୟାଗ କରିଯାଇଛନ୍ତି ।" କେହି ଏ କଥାକୁ ସମର୍ଥନ କରି କହିଲା, "ସେ ଯୋଗ-ସିଦ୍ଧ ପବିତ୍ର ଦେବ ଦେହକୁ ଛୁଇଁବା ମୃତ୍ୟୁର ସାଧ୍ୟ ନୁହେଁ । ସ୍ୱର୍ଗର ପଥର ପାଥେୟ ସଂଗ୍ରହ କରିବା ପାଇଁ ସେ ଏତେ ଦିନ ସଂସାରରେ ଥିଲେ । ସଂଗ୍ରହ ସରିଲା, ଧର୍ମପ୍ରାଣ ମହାପୁରୁଷ ଧର୍ମ ରଥରେ ବସି ସତ୍ୟ ନିତ୍ୟ ମହାଧାମକୁ ଚାଲିଗଲେ । ଏରୂପ ମୃତ୍ୟୁ କେତେ ଜଣଙ୍କ ଭାଗ୍ୟରେ ଘଟେ ।" ଏହିପରି ଅନେକେ ଅନେକ କଥା କହିଲେ । ମୃତ୍ୟୁ ପରେ ଦୋଷ ଗୁଣର ସମାଲୋଚନା ସଂସାରର ସନାତନ ଧାରା ।

ଯଥାରୀତି ଯଥାସମାରୋହରେ ମହାପୁରୁଷଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସୁସମାହିତ ହେଲା । ନୂତନ ମହନ୍ତ ସନାତନ ଗୁରୁଙ୍କ ପାରଲୌକିକ ମଙ୍ଗଳ ଉଦ୍ଦେଶ୍ୟରେ ବିପୁଳ ଦାନ, ଭୋଜନାଦିର ବ୍ୟବସ୍ଥା କରି ସାଧାରଣର ଭକ୍ତି ପ୍ରୀତି ଆକର୍ଷଣ କଲେ । ମଠର ସେବକ, ପୂଜକ, ପରିଚାରକ ପ୍ରଭୃତି ନୂତନ ମହନ୍ତଙ୍କ ଗୁଣରେ ଏବଂ ବ୍ୟବହାରରେ ମୁଗ୍ଧ ହୋଇ ଆପେ ଆପେ ତାଙ୍କର ବଶୀଭୂତ ହୋଇ ପଡିଲେ । ଦେବସେବା, ସାଧୁସେବା, ଅନାଥନାରାୟଣ ସେବା ପୂର୍ବ ପରି ଚାଲିଲା । ସନାତନ ଗୁରୁଙ୍କ ନିର୍ଦ୍ଦେଶ ମତେ ସମସ୍ତ କାର୍ଯ୍ୟ ଶୃଙ୍ଖଳାରେ ଚଳାଇଲେ । ସେ ଏବେ ପୁରୀ ବଡ଼ ମଠର ମହନ୍ତ । ଧର୍ମଗୁରୁର ଉଚ୍ଚ ଆସନରେ ଉପବିଷ୍ଟ, ଅନ୍ୟାନ୍ୟ ମହନ୍ତମାନେ ତାଙ୍କଠାରୁ ଟୀକା ନେଇ ମହନ୍ତ ହେବେ, ପଦ-ଗୌରବ ଅପରିମିତ; ମାତ୍ର "ନମ୍ରନ୍ତି ଫଳିନୋ ବୃକ୍ଷାଃ" ଏହି ମହାବାଣୀ ତାଙ୍କଠାରେ ସଫଳ ହୋଇଥିଲା । ସମ୍ପଦ, ଯୌବନ, ଆଧିପତ୍ୟ ଏବଂ ଗୌରବକୁ ସେ ବାଟସ୍ଥର ଭୃତ୍ୟ ତୁଲ୍ୟ ଅଧୀନ କରି ରଖିଥିଲେ । ସେ ଯଥାକାଳରେ ଗୁରୁ ଆଜ୍ଞା ପାଳନ କରି ଅତୁଳ ଯଶର ଅଧିକାରୀ ହେଲେ ।

ନନ୍ଦ, ତାଙ୍କର ଦୁଇ ସ୍ତ୍ରୀ ଏବଂ ପିଲେଇ ପୁରୀରେ ସେହିଁ ଜଣେକ ବୃଦ୍ଧର ଘର ଭଡ଼ା ନେଇ ରହିଲେ । ବୃଦ୍ଧ ଜଣେ ପରମାର୍ଥୀ, ତାହାର ଆଉ କେହି ନାହାନ୍ତି । କେତୋଟି ଘର ଅଛି, ସେଥିରୁ ଯାହା ଭଡ଼ା ମିଳେ, ତାହାହିଁ ବୃଦ୍ଧର ଜୀବନଯାତ୍ରାର ସମ୍ବଳ । ସେଥିରୁ ବଞ୍ଚାଇ ସେ ଦୁଇ ପଇସା ଦାନ ପୁଣ୍ୟରେ ମଧ୍ୟ ବ୍ୟୟ କରେ । କାର୍ଯ୍ୟ କିଛି ଅଧିକ ନାହିଁ ; ସୁତରାଂ ଅଧିକାଂଶ ସମୟରେ ମାଳ ଧରି ହରିନାମ ଜପରେ ନିଯୁକ୍ତ ଥାଏ । ବୃଦ୍ଧ ଏ ନବାଗନ୍ତୁକମାନଙ୍କୁ ସାଦରେ ଗ୍ରହଣ କଲା । ମନୁଷ୍ୟର ସ୍ୱଭାବ, ସେ ସମ୍ପର୍କଶୂନ୍ୟ ହୋଇ

ରହିପାରେ ନାହିଁ । ଅପରିଚିତ ପ୍ରବାସରେ ସୁଦ୍ଧା ସେ ଗୋଟାଏ ସମ୍ପର୍କ ଖୋଜି ବାହାରିଯାଏ । ମନୁଷ୍ୟ ପରକୁ ଆତ୍ମୀୟ କରିନେଇ ତାହା ସଙ୍ଗରେ ସ୍ନେହ-ମାୟାର ଆଦାନ ପ୍ରଦାନ ଚଳାଏ । ସେ ବିଦ୍ୟାରେ ମାନବ ଖୁବ୍ ଧୁରନ୍ଧର । ଶେଫାଳିକା ବୃଦ୍ଧ ସଙ୍ଗରେ ଗୋଟାଏ ସମ୍ପର୍କ ସ୍ଥାପନ କରି ନେଲେ । ସେ ଏବଂ ସୌଦାମିନୀ ବୃଦ୍ଧଙ୍କୁ ମଉସା ବୋଲି ଡାକନ୍ତି । ବୃଦ୍ଧ ସେମାନଙ୍କୁ କେବେ ଝିଅ, କେବେ ବା ମା ବୋଲି ସମ୍ବୋଧନ କରେ । ନନ୍ଦେ ଏବଂ ବୃଦ୍ଧ ପରସ୍ପର ବାବାଜି ବୋଲି ଡକାଡକି ହୁଅନ୍ତି । ବୟୋଧର୍ମରେ ନନ୍ଦେ ବଡ଼ ଅବସନ୍ନ । ସେ ଆଉ ବେଶୀ ବୁଲିବୁଲି ପାରନ୍ତି ନାହିଁ, ଅଧିକାଂଶ ସମୟରେ ବସାରେ ଥାଆନ୍ତି । ନୂତନ ସ୍ଥାନକୁ ଗଲେ ବୁଲି ଦେଖିବାର ଇଚ୍ଛା ଲୋକଙ୍କର ସ୍ୱଭାବତଃ ହୁଏ; ମାତ୍ର ତାଙ୍କର ସେ ଇଚ୍ଛା ଥିଲା ନାହିଁ । ଯେହେତୁ ପୁରୀ ତାଙ୍କ ପକ୍ଷରେ ନୂତନ ସ୍ଥାନ ନୁହେଁ । ଯୌବନ ସମୟରେ ସେ ଅନେକ ଥର ପୁରୀ ଆସିଅଛନ୍ତି । ସୁତରାଂ ପୁରୀର କୌଣସି ସ୍ଥାନ ତାଙ୍କର ଅଦେଖା ନୁହେଁ । ସେ ପ୍ରତ୍ୟହ ସ୍ନାନାନ୍ତେ ଥରେ ଜଗନ୍ନାଥ ଦର୍ଶନ କରି ଆସନ୍ତି । ଶେଫାଳିକା ଏବଂ ସୌଦାମିନୀ ପ୍ରତିଦିନ ପ୍ରାତଃକାଳରେ ସମୁଦ୍ର ସ୍ନାନ କରିବାକୁ ଯାଆନ୍ତି । ପିତେଇ ସେମାନଙ୍କ ସଙ୍ଗରେ ଅନ୍ୟତ୍ର ଯାଏ; ମାତ୍ର ସମୁଦ୍ର ଆଡ଼କୁ ଯାଏ ନାହିଁ । ସମୁଦ୍ର ଦେଖିଲେ ତାକୁ ଖୁବ୍ ଡର ମାଡ଼େ । ଦିନେ ମହୋଦଧିରେ ସ୍ନାନ ଯୋଗ ପଡ଼ିଥିଲା । ସମସ୍ତେ ସ୍ନାନ କରିବାକୁ ଗଲେ । ଶେଫାଳିକା ଏବଂ ସୌଦାମିନୀ ପିତେଇର ଏକାନ୍ତ ଅସମ୍ମତିସତ୍ତ୍ୱେ ତାକୁ ଧରିନେଇ ଯାଇଥିଲେ । ସମୁଦ୍ର ତୀର ଲୋକାରଣ୍ୟ, ଭୀଷଣବପୁ କ୍ରୁଦ୍ଧ ଦାନବ ପରି ତରଙ୍ଗ-ମାଳା ଗର୍ଜି ଗର୍ଜି ବେଳା ଆଡ଼କୁ ଧାଇଁ ଆସୁଅଛି । କେତେ ଲୋକ ସମୁଦ୍ରରେ ପଶି ଲହରୀ ଖାଉଅଛନ୍ତି— କେତେ ଭୟାର୍ତ୍ତ ଲୋକେ ବେଳାରେ ବସି ସମୁଦ୍ର ପାଣି ମୁଣ୍ଡରେ ଲଗାଇ ସଂକ୍ଷେପରେ ସ୍ନାନର ବିଧିରକ୍ଷା କରୁ-ଅଛନ୍ତି । ଜୟ ଜଗନ୍ନାଥ ଶବ୍ଦ, ସିନ୍ଧୁ ଗର୍ଜନ, ଶଙ୍ଖ ହୁଳାହୁଳୀ ଏକତ୍ର ମିଶି ଗଗନ ପବନ ପ୍ରକମ୍ପିତ କରୁ-ଅଛି । ପିତେଇ ବେଳାରେ ଠିଆ ହୋଇଥିଲା, ଗୋଟାଏ ଲହରୀ ମାଡ଼ି ଆସିବାର ଦେଖି—"ମାଲୋ, ମଲି ଲୋ, ଖାଇଲା ଲୋ ବୋଲି କହି ପ୍ରାଣପଣରେ ଧାଇଁବାକୁ ଲାଗିଲା, ଯେମନ୍ତ କି ସତେ ସମୁଦ୍ର ତାକୁ ଗିଳିଦେବା ପାଇଁ ଗୋଡ଼ାଇ ଅଛି । ବେଳା ବାଲୁକାରେ ଗୋଡ଼ ଧସିଯିବାରୁ ସେ ମୁହଁମାଡ଼ି କଚାଡ଼ି ପଡ଼ି ମୂର୍ଚ୍ଛିତ ହେଲା । ଏ ଘଟଣା ଦେଖି ବହୁ ଲୋକେ ସେଠାରେ ଆସି ରୁଣ୍ଡ ହେଲେ । କେତେକ୍ଷଣ ପରେ ପିତେଇର ମୂର୍ଚ୍ଛା ଭଙ୍ଗ ହେଲା । ଉପସ୍ଥିତ ଲୋକମାନେ ତାହାର ଏ ବୀରତ୍ୱ ଦେଖି ନାନା ପ୍ରକାର ଉପହାସ କରିବାକୁ ଲାଗିଲେ । ପିତେଇ ଭୟ ଏବଂ ଲଜ୍ଜାରେ ଆହତା ଫଣିନୀ ପରି ରୁଦ୍ଧ କ୍ରୋଧରେ ଫୁଲି ଫୁଲି ବସାକୁ ଫେରି ଆସିଲା । ସେହି ଦିନଠାରୁ ସେ ସମୁଦ୍ରକୁ ଛାଡ଼ପତ୍ର ଦେଇ ଆସିଲା; ଅବଶିଷ୍ଟ ଜୀବନରେ ଆଉ ସେ ସମୁଦ୍ରର ମୁହଁ ଚାହିଁ ନାହିଁ । ଯେତେବେଳେ ସମୁଦ୍ର କଥା ମନରେ ପଡ଼େ, ତେତେ-ବେଳେ ସେ କୈବର୍ତ୍ତିସୁନ୍ଦରୀସୁଲଭ ସୁନ୍ଦର ସୁମଧୁର ସାଧୁ ଭାଷାରେ ସମୁଦ୍ରକୁ ଅଭିନନ୍ଦିତ କରି ଅକାଳ ମୃତ୍ୟୁର ଆଶୀର୍ବାଦ କରେ ଏବଂ ସମସ୍ତ ସମୟରେ ତାହାର ଚତୁର୍ଦ୍ଦଶ ପୁରୁଷ ଉଦ୍ଦେଶ୍ୟରେ ନାନା ବିଧ ଅଖାଦ୍ୟ ଅପେୟ ପିଣ୍ଡ ଉତ୍ସର୍ଗ କରେ ।

ନନ୍ଦଙ୍କର ପୁତ୍ର ନିରୁଦ୍ଦେଶ ବାର୍ତ୍ତା ଶୁଣି ବୃଦ୍ଧ ଦୁଃଖିତ ହେଲା ଏବଂ ନାନାବିଧ ସହାନୁଭୂତି ସୂଚକ ବାକ୍ୟରେ ତାଙ୍କୁ ସାନ୍ତ୍ୱନା ପ୍ରଦାନ କଲା । ଶେଫାଳିକା ବୃଦ୍ଧଙ୍କୁ ପଚାରିଲେ—"ମଉସା, ବର୍ଷକ ଆଗରୁ ପୁରୀର କେଉଁ ମଠର ମହନ୍ତ ବୃନ୍ଦାବନ ଯାଇଥିଲେ, ତୁମେ ଜାଣ ନା ? ତାଙ୍କର ସାଙ୍ଗରେ ପୁଅ ଥିଲା ବୋଲି କାଶୀରେ ଆମେ ଶୁଣିଥିଲୁ । ବୃଦ୍ଧ ସ୍ନେହରେ ହସି ହସି କହିଲା, "ଝିଅ ମୋର ବାୟାଣୀ ପରି କଥା କହୁଛି, ସବୁ ମହନ୍ତଙ୍କର ତ ବୃନ୍ଦାବନ ଯିବା ଆସିବା ଲାଗିଛି ମା, କିଏ ବର୍ଷରେ ପାଞ୍ଚଥର ଯାଉଛି, କିଏ ସାତଥର ଯାଉଛି, ତାହାର କଅଣ କଳନା ଅଛି । ତୋ ପୁଅ ଯେବେ ପୁରୀ ଆସିଥିବ, ତେବେ ନିଶ୍ଚେ ମିଳିବ—ତୁ ଆତୁର ହୁନା ମା । କେତେ ଲୋକଙ୍କର ପୁଅ ଝିଅ, ଭାଇ ଭଉଣୀ ହଜି ମିଳୁ ଅଛନ୍ତି, ତୋ ପୁଅ କି ମିଳିବ ନାହିଁ ? ତୁ ଜାଉଆ ସାଆନ୍ତଙ୍କୁ ଧ୍ୟାନ କରିଥା, ସେ ଏତେ ଲୋକଙ୍କ କଷଣ

ଫେରୁଛନ୍ତି, ତୋ ଦୁଃଖ କି ଫେଡିବେ ନାହିଁ ମା ? ତିନି ବର୍ଷ ତଳେ ମହାଲକ୍ଷ୍ମୀ ବୋଲି ଗୋଟିଏ ବୈଶ୍ୟ ଘରର ସ୍ତ୍ରୀ ଗଞ୍ଜାମରୁ ଆସି ମୋ ଘରେ ବସାକରି ଥିଲା । ତାହାର ପୁଅ ହୋଇଥିଲା, ମାସକ ପରେ ମିଳିଲା । ତହୁଁ ପରେ ମାପୁଅ ଦୁହେଁ ଦୁଇ ବର୍ଷ ରହି ଗଲା କାର୍ତ୍ତିକ ମାସରେ ଘରକୁ ଫେରିଗଲେ । ମହାଲକ୍ଷ୍ମୀଟି ଚିର ଦୁଃଖିନୀ, ତାହାର ଦୁଃଖ ଶୁଣିଲେ ପାଷାଣ ତରଳି ଯିବ ମା ।" ଶେଫାଳିକା ଏହା ଶୁଣି ବ୍ୟଗ୍ର କଣ୍ଠରେ କହିଲେ—"ମହାଲକ୍ଷ୍ମୀ ମୋହରି ପରି ହୀନକପାଳୀ କି ମଉସା ? ତାହାର ଦୁଃଖ କଥା କଅଣ କୁହନି, ସମଦୁଃଖିନୀର କଥା ଶୁଣିଲେ ମୋର ମନର ଭାର ଟିକିଏ ହାଲୁକା ହେବ ।" ବୃଦ୍ଧ କହିଲା—"ମହାଲକ୍ଷ୍ମୀର ସ୍ୱାମୀ ନାମ ଗୁଣନିଧି । ତାହାର ବିଷୟ ସମ୍ପତ୍ତି ବହୁତ ଥିଲା । ସେ ତାହା ରକ୍ଷଣାବେକ୍ଷଣ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ସଂସାର ଯାତ୍ରା ନିର୍ବାହ କରୁଥିଲା; ମାତ୍ର ଦୁର୍ଭାଗ୍ୟ ଯେତେବେଳେ ଆସେ, ସେତେବେଳେ ସୁବୁଦ୍ଧି ବ୍ୟକ୍ତିର ମଧ୍ୟ ନଷ୍ଟ ବୁଦ୍ଧି ଜନ୍ମେ । ଗୁଣନିଧି କୁସଙ୍ଗରେ ପଡି ଜୁଆ ଖେଳରେ ମତ୍ତ ହେଲା । ଅଳ୍ପ କିଛିଦିନ ପରେ ଜଣେ ପ୍ରଧାନ ନାମଜାଦା ଜୁଆଖିଆ ହୋଇ ପଡିଲା । ମହାଲକ୍ଷ୍ମୀ ସ୍ୱାମୀର ଏ ଅଧଃପତନ ଦେଖି ତାକୁ ସତ୍‌ମାର୍ଗକୁ ଆଣିବା ପାଇଁ ପ୍ରାଣପଣରେ ଚେଷ୍ଟା କଲା । ମାତ୍ର ବୃଥା ଚେଷ୍ଟା । ମୁମୂର୍ଷୁ ରୋଗୀ ଔଷଧକୁ ଘୃଣା କଲାପରି ଗୁଣନିଧି ପତ୍ନୀର ସଦୁପଦେଶକୁ ଗୋଡ଼ରେ ଠେଲିଦେଲା । ଅଧିକନ୍ତୁ ଲାଞ୍ଛନା, ଗଞ୍ଜନା, ଭର୍ତ୍ସନା ଏବଂ ପ୍ରହାରରେ ପତ୍ନୀକୁ ଜର୍ଜରିତ କରିବାକୁ ଲାଗିଲା । କିନ୍ତୁ ସତୀ ପତ୍ନୀର ସେଥି ପ୍ରତି ଭ୍ରୂକ୍ଷେପ ନାହିଁ । ସେ ଶତ ଅତ୍ୟାଚାର, ସହସ୍ର ଲାଞ୍ଛନା, ଅଶେଷ ଅବଜ୍ଞା ସହି ମଧ୍ୟ ସ୍ୱୀୟ କର୍ତ୍ତବ୍ୟ ତ୍ୟାଗ କଲା ନାହିଁ । ସେ ସ୍ୱାମୀ ଗୋଡ଼ ଧରି ବିନୟ ପ୍ରକାଶ କରି ଏହି ଲକ୍ଷ୍ମୀଛଡ଼ା ଖେଳରୁ ନିବୃତ୍ତ ହେବାକୁ ପ୍ରାର୍ଥନା କଲା; ମାତ୍ର ସେଥିର ପ୍ରତିଦାନ ସ୍ୱରୂପ ଦୁଃସହ ପ୍ରହାର ଲାଭ କଲା । ସେ ଆଉ ପବିତ୍ର ଦାମ୍ପତ୍ୟ ପ୍ରେମର ଅଧିକାରିଣୀ ନୁହେଁ, ଅନବରତ ଗାଳି ମାଡ଼ ବ୍ୟତୀତ ସ୍ୱାମୀଠାରୁ ତାହାର ଅନ୍ୟ ପ୍ରାପ୍ୟ ନାହିଁ । ଦେଖୁ ଦେଖୁ କେତେଟା ବର୍ଷ ମଧ୍ୟରେ ଗୁଣନିଧି ଋଣ ଜାଲରେ ନିବିଡ଼ ଭାବରେ ଆବଦ୍ଧ ହୋଇପଡିଲା । ଅଭାବ ବୃଦ୍ଧି ସଙ୍ଗେ ସଙ୍ଗେ କ୍ରୋଧ ବଢିବାକୁ ଲାଗିଲା । ସେହି କ୍ରୋଧର ଫଳ ନିରୀହା ମହାଲକ୍ଷ୍ମୀକୁ ଭୋଗ କରିବାକୁ ହେଲା । ଶେଷରେ ଉତ୍ତମର୍ଣ୍ଣଗଣର ତୀବ୍ର ତାଡ଼ନାରେ ଅତିଷ୍ଠ ହୋଇ ଗୁଣନିଧି ଆତ୍ମଗୋପନ ମାନସରେ ମହାଲକ୍ଷ୍ମୀ ଏବଂ ସପ୍ତମ ବର୍ଷୀୟ ପୁତ୍ର ନୀଳକଣ୍ଠକୁ ଅନାଥ କରି ଦିନେ ସକାଳୁ ଉଠି କାହାକୁ କିଛି ନ କହି ରେଙ୍ଗୁନ ଚାଲିଗଲା ।

ଗୁଣନିଧିର ଗୃହ ତ୍ୟାଗ ପରେ ଋଣଦାତାମାନେ ତାହାର ବିଷୟ ବସ୍ତୁ କରି ସୁଧ, ସୁଧର ସୁଧ, ତାର ସୁଧ ଏହିପରି ସୁଧର ସାତ ପୁରୁଷ ଧରି ନିଜର ପ୍ରାପ୍ୟ ଆଦାୟ କରିନେଲେ । ସେମାନଙ୍କ ଅବଶିଷ୍ଟ ଗ୍ରାସ ପରେଯାହା ବଳିଲା, ମହାଲକ୍ଷ୍ମୀ ତାହାରିଦ୍ୱାରା କଷ୍ଟରେ ଦିନ କାଟିବାକୁ ଲାଗିଲା । ବର୍ଷେ ଗଲା, ଦୁଇ ବର୍ଷ ଗଲା, ତିନିବର୍ଷ ଗଲା, ତଥାପି ଗୁଣନିଧିର ଦେଖା ନାହିଁ କି କୌଣସି ସମ୍ବାଦ ନାହିଁ । ସମୟ ଯେତିକି ଅତୀତ ହେଲା, ମହାଲକ୍ଷ୍ମୀ ମନରେ ନୈରାଶ୍ୟ ସେତିକି ବଢିବାକୁ ଲାଗିଲା । ସେ କେବଳ ଶିଶୁପୁତ୍ରଟି ସକାଶେ ସଂସାରରେ ପଡିରହିଲା । ପିଲାଟି କ୍ରମେ ବଢିବାକୁ ଲାଗିଲା । ବ୍ୟବସାୟୀ ଘରର ପିଲା, ସେ କି ଚୁପ୍ ବସିପାରେ ! ନୀଳକଣ୍ଠ କ୍ଷୁଦ୍ର କ୍ଷୁଦ୍ର ବ୍ୟବସାୟ କରି ଯାହା ଦୁଇପଇସା ଉପାର୍ଜ୍ଜନ କରେ, ସେଥିରେ ମା ପୁଅ ଦୁଃଖେ ସୁଖେ ଚଳନ୍ତି । ଏହିପରି ଭାବରେ ଆଠବର୍ଷକାଳ ଅତୀତ ହେଲା । ଗ୍ରାମର ଲୋକମାନେ ଗୁଣନିଧିକୁ ପାଶୋରି ପକାଇଲେ; ମାତ୍ର ସେମାନେ ପାଶୋରିଲେ କଅଣ ହେବ, ଗୁଣନିଧି ସେମାନଙ୍କୁ ପାଶୋରି ନାହିଁ । ଦିନେ ସେ ଅକସ୍ମାତ୍ ସଶରୀରରେ ଆସି ଗୃହରେ ଉପସ୍ଥିତ ହେଲା । ସେ ଆଉ ପୂର୍ବ ଗୁଣନିଧି ନୁହେଁ, ତାହାର ଗୋଟାଏ ସମ୍ଭ୍ରାନ୍ତ ସଭ୍ୟ ସଂସ୍କରଣ । ବହୁମୂଲ୍ୟ ପରିଚ୍ଛଦ, ଘଣ୍ଟି, ଚଷମା ପ୍ରଭୃତି ତାହାର ଅତୁଳ ବିଭବର ପରିଚୟ ପ୍ରଦାନ କରୁଅଛି । ସଙ୍ଗରେ ଅନେକ ପଦାର୍ଥ ଆଣିଅଛି । ଗୋଟିଏ ନାରୀରତ୍ନ ସଙ୍ଗିନୀ ମଧ୍ୟ ଆଣିଅଛି । ରେଙ୍ଗୁନରେ ତାହାର ଜଣେ ସ୍ୱଜାତି ବନ୍ଧୁ ଅର୍ଥ ଉପାର୍ଜ୍ଜନ କରି ଜମିଦାରୀ କରିଅଛି । ତାହାର କନ୍ୟା ସକାଶେ

ବିଦେଶରେ ସ୍ୱଜାତୀୟ ବର ମିଳୁ ନ ଥିଲେ । ଗୁଣଧର ଗୁଣନିଧି ତାଙ୍କୁ କନ୍ୟାଦାୟରୁ ମୁକ୍ତକରି ଏହି ସର୍ଗ ମିଳୁ ଲାଭ କରିଅଛି । କେବଳ ଏତିକି ନୁହେଁ—କନ୍ୟାର ଭରଣ ପୋଷଣ ସଙ୍କାଶେ କନ୍ୟାପିତା ବହୁତ ଅର୍ଥ ମଧ୍ୟ ଦେଇଅଛି । ଗୁଣନିଧି ଗ୍ରାମରେ ଏହିପରି ପ୍ରଚାର କରିଥିଲା; ମାତ୍ର ଅନେକେ ତାହାର ଏକଥା ବିନା ପ୍ରମାଣରେ ସତ୍ୟ ବୋଲି ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ । ସେ ଯାହାହେଉ, ନବ ବଧୂର ରୂପଟା ତେତେ ନୟନା-କର୍ଷକ ନୁହେଁ । ଜମିଦାର ଘରେ ସୁନ୍ଦରୀ କନ୍ୟା ଜନ୍ମିବେ ବୋଲି ତ ବିଧାତା ଆଇନ ଜାରି କରି ନାହାନ୍ତି । ନବ ବଧୂଟି ଗୋଟାଏ ଅନ୍ଧକାରର ସ୍ତୂପ । ଅନ୍ଧାରରେ ଜୁଳିପୋକ ପରି ତାହା ଦେହରେ ଅଳଙ୍କାର ଗୁଡ଼ାକ ଜକ୍ ଜକ୍ ଦିଶୁଥାଏ । କୃଷ୍ଣ କାଦମ୍ବିନୀ ବକ୍ଷରେ ଚପଳା ବିକାଶ ପରି ତାହା ମୁଖରେ ହାସ୍ୟ-ରେଖା ବଡ଼ ସୁନ୍ଦର ଦିଶେ । ହସିବାବେଳେ ଦାନ୍ତମୂଳର ମିଶି ଦେଖାଦେଇ ସେ ହାସ୍ୟକୁ ଅଳଙ୍କାର ଦାନକରେ; କିନ୍ତୁ ନନ୍ଦପୁରୀ ଗ୍ରାମ ରମଣୀକୁଳ ତାହାର ଏ ଅନନ୍ତ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇପାରିଲେ ନାହିଁ । ସେମାନଙ୍କ ମଧ୍ୟରୁ କେହି କେହି କୁହାକୁହି ହେଲେ—"ଏ ତ କାଳୀପୋଡ଼ୀ ଲୋ ମା, ଠିକ୍ ଯିମିତି ଅଙ୍ଗାରଖଣ୍ଡ କାଠ ।" କେହି ବା ପରିହାସରେ ଆଙ୍ଗୁଳି ପାଟିରେ ଉପରକୁ ଉଠିଯାଇ କହିଲା—"ନା ଗୋ ନା, ବଙ୍ଗଳାରେ କହନ୍ତି, "କାଳୋ ରୂପେ ଘର ଆଲୋ, ଏ ଅଙ୍ଗାର-ଗଞ୍ଜିନୀ ଯୋଗେ ଗୁଣନିଧିର ଘର ଆଲୋକିତ ହେବ ।" ଏହିପରି ନାନାଲୋକେ ନାନା କଥା କହିଲେ । କିନ୍ତୁ ମହାଲକ୍ଷ୍ମୀର ମନରେ କୌଣସି ବିକାର ନାହିଁ । ସେ କହେ—"ସ୍ୱାମୀ ଦେବତା, ଏକ ଦେବତାର ଯେତେ ଦାସୀ ହେବେ, ସେମାନେ ପରସ୍ପର ଭଉଣୀ; ସୁତରାଂ ସେ ସ୍ୱାମୀ ଆଉ ସପତ୍ନୀକୁ ସମାଦର ପୂର୍ବକ ଗ୍ରହଣ କଲା ।

ଗୁଣନିଧି ଏବେ ବଡ଼ଲୋକ । ନବ ବଧୂ ଜମିଦାର କନ୍ୟା, ସେମାନେ କି ଆଉ ରସୁଇଘରେ ହାତ ଦେବେ । ସେ ଯେ ବଡ଼ ଲଙ୍କା ବଡ ହନୁମାନର କଥା । ସୁତରାଂ ପାକଶାଳା ଏବଂ ଗୃହକର୍ମର ଭାର ମହାଲକ୍ଷ୍ମୀ ଉପରେ ଆଉ ଘନ ଘନ କାଟି ଛଆଣିର ଭାର ପଞ୍ଚଦଶ ବର୍ଷୀୟ ପୁତ୍ର ନୀଳକଣ୍ଠ ଉପରେ ନ୍ୟସ୍ତହେଲା । ଦେଖୁଁ ଦେଖୁଁ ପୂର୍ବସଙ୍ଗୀମାନେ ଆସି ଗୁଣନିଧିର ଗୁଣ ଗାନ କରିବାକୁ ଲାଗିଲେ । ଘର ଭିତରେ ଦିନରାତି ଜୁଆ ଖେଳର ଧୂମ ଲାଗିଲା । ଅର୍ଥ ଆସିଲାବେଳେ କମାନୁସ୍ୟରେ ଆସେ ଏବଂ ଯିବାବେଳେ କମାନୁସ୍ୟରେ ଯାଏ, ଏହା ଜୁଆ-ଖେଳର ଲକ୍ଷଣ । ଗୁଣନିଧି ପ୍ରବୀଣ ଖେଳୁଆର; ସୁତରାଂ ତାହାର ପ୍ରଚୁର ଅର୍ଥାଗମ ହେବାକୁ ଲାଗିଲା । ସୌଭାଗ୍ୟ-ବେଳ ଗତ ଦୁର୍ଭାଗ୍ୟର କଥା କେହି ମନରେ ଭାବେ ନାହିଁ; ଗୁଣନିଧି ବା ତାହାଁକି ଭାବିବ । ପ୍ରଚୁର ଅର୍ଥାଗମ ସଙ୍ଗେ ସଙ୍ଗେ ଯେଉଁ ଦୋଷର ଆମଦାନି ହୁଏ, ଗୁଣନିଧି ଏବଂ ନବବଧୂ ସେହି ଦୋଷରେ ଅଳଙ୍କୃତ ହେଲେ । ଆସିକା ତୀର୍ଥବାରିରେ ତାଙ୍କର ଉଦର ପବିତ୍ର ହେଲା । ତୀର୍ଥବାରି ଆଣିବାର ଭାର ନୀଳକଣ୍ଠ ଉପରେ ପଡ଼ିଲା । କର୍ତ୍ତବ୍ୟରେ ତ୍ରୁଟି କଲେ ସେ ସାବତ ମାତାଙ୍କଠାରୁ ତୀବ୍ର ତିରସ୍କାର ଏବଂ ପିତାଙ୍କଠାରୁ ପ୍ରହାର ପୁରସ୍କାର ଲାଭ-କରେ ।

ମହାଲକ୍ଷ୍ମୀ ସପତ୍ନୀକୁ ଯେତିକି ଆଦର ଓ ସ୍ନେହ କରେ, ସପତ୍ନୀ ଅଙ୍ଗାରଖଣ୍ଡ କାଠ ତାକୁ ସେତିକି ଘୃଣା କରେ । ମହାଲକ୍ଷ୍ମୀ ଏବଂ ନୀଳକଣ୍ଠ ତାହାର ଚକ୍ଷୁଶୂଳ । ଏହି ଦୁଇ ଆପଦକୁ ବିଦାୟ ନ କଲେ ତାହାର ଶାନ୍ତି ନାହିଁ । ସେମାନଙ୍କ ନାମରେ ଲଗାଇ ଯୋଡ଼ିଇ ସେ ସ୍ୱାମୀ ପାଖରେ ନାନା କଥା କହେ । ସେ ସ୍ୱାମୀର ମନ୍ତ୍ରଗୁରୁ ତାହାର ମନ୍ତ୍ରଣା ବା ଅଭିଯୋଗ ସ୍ୱାମୀ ପାଖରେ ବ୍ୟର୍ଥ ହୁଏନାହିଁ । ନୀଳକଣ୍ଠଟା ଚୋର, ସେ ପଇସା ଚୋରି କରେ, ମଦରେ ପାଣି ମିଶାଇଦେଇ ଆଣେ, ତା ମା ତାକୁ ଲୁଚାଇ ବେଶୀ ମାଛଭଣ ଖାଇବାକୁ ଦିଏ, ଘରୁ ଚାଉଳ ପରିବା ଲୁଚାଇ ବିକିଦିଏ, ଏହିପରି ମୌଖିକ ଅଭି-ଯୋଗ ସେ ପ୍ରତିଦିନ ସ୍ୱାମୀ ପାଖରେ ପେଶ୍ କରେ । ସ୍ୱାମୀର ସମ୍ମୁଖରେ ସେ ମହାଲକ୍ଷ୍ମୀକୁ ଗାଳି ଦିଏ, ଗୁଣନିଧି ସେଥିରେ ପାଟି ଫିଟାଏ ନାହିଁ; ସୁତରାଂ ତାହାର ଆସ୍ପର୍ଦ୍ଧା ଆହୁରି ବଢ଼ିଯାଏ । ବେଳେ ବେଳେ ସେ ସ୍ୱାମୀ ହାତରେ ମହାଲକ୍ଷ୍ମୀକୁ ମାଡ ଖୁଆଏ; ମାତ୍ର ମହାଲକ୍ଷ୍ମୀ ନୀରବରେ ତାହା ସହ୍ୟ କରେ । ତାହା

ନ ହେଉ ସେ ଆଉ କପଟ ଅବା କରିବ, କାହା ଉପରେ ବା ରାଗ କରିବ ? ସ୍ୱାମୀ ତାହାର ଆରାଧ୍ୟ ଦେବତା, ସେ କି ତାହା ଉପରେ ରାଗ କରି ପାରେ ? ତାହା ତ ସତୀ ସହଧର୍ମିଣୀର ଧର୍ମ ନୁହେଁ । ଯେତେବେଳେ ଅତ୍ୟାଚାର ତାହାର ନିତାନ୍ତ ଅସହ୍ୟ ହୁଏ, ଧୈର୍ଯ୍ୟଗଣ୍ଠି ଛିଡ଼ିଯାଏ, ସେତେବେଳେ ସେ ସଜଳ ନେତ୍ରରେ ବ୍ୟାକୁଳ କଣ୍ଠରେ ଭଗବାନଙ୍କୁ ପ୍ରାର୍ଥନା କରେ—"ଦୟାମୟ, ମୋର ସ୍ୱାମୀଙ୍କୁ ସୁମତି ଦେଇ ସୁମାର୍ଗକୁ ଫେରାଇ ଆଣ । ଦୁଃଖିନୀକୁ ଆଉ ଦୁଃଖ ଦିଅ ନାହିଁ ପ୍ରଭୋ !" ଏହିପରି ଭାବରେ ଦିନବର୍ଷ ଅତୀତ ହେଲା ।

ଦିନେ ଅତ୍ତଚଣାକାଠ ସ୍ୱାମୀ ନିକଟରେ ନୀଳକଣ୍ଠ ନାମରେ ଗୁରୁତର ଅଭିଯୋଗ ଉପସ୍ଥିତ ହେଲା । ସେ ଅଭିଯୋଗ ଶୁଣିବା ମହାପାପ । ଗୁଣନିଧି କ୍ରୋଧରେ ଜଳିଉଠି ପୁତ୍ରର ପ୍ରାଣ ସଂହାର କରିବାକୁ ପ୍ରସ୍ତୁତ ହେଲା । ନୀଳକଣ୍ଠ ଏହା ଶୁଣି ଘୃଣା, ଲଜ୍ଜା ଏବଂ ଭୟରେ ଗୃହ ତ୍ୟାଗକରି ନିରୁଦ୍ଦେଶ ହୋଇଗଲା । ଏ ଘଟଣାରେ ମହାଲକ୍ଷ୍ମୀ ଚତୁର୍ଦ୍ଦିଗ ଅନ୍ଧକାର ଦେଖିଲା । ତାହାର ମାତୃହୃଦୟ କାନ୍ଦିଉଠିଲା । ସେ ଆହାର ନିଦ୍ରା ତ୍ୟାଗ କରି ମଣିହରା ଫଣିନୀ ପରି ଝୁରିବାକୁ ଲାଗିଲା । କିଛିଦିନ ପରେ ସେ ମଧ୍ୟ ଗୃହତ୍ୟାଗ କରି ପୁତ୍ରକୁ ଖୋଜିବା ଉଦ୍ଦେଶ୍ୟରେ ଆସି ପୁରୀରେ ଉପସ୍ଥିତ ହେଲା । ମାସକ ପରେ ନୀଳକଣ୍ଠ ବୁଲି ବୁଲି ଆସି ପୁରୀରେ ପହଞ୍ଚିଲା । ମାତାପୁତ୍ରର ଭେଟ ହେଲା, ଉଭୟେ ମୋ ଘରେ ବସା କରି ରହିଲେ । ନୀଳକଣ୍ଠ ଖଣ୍ଡିଏ ଦୋକାନ କଲା । ତାହାରି ଆୟରେ ମାତା-ପୁତ୍ର ଦୁଃଖେ ସୁଖେ ଜୀବନଯାତ୍ରା ଚଳାଇବାକୁ ଲାଗିଲେ ।

ଅନନ୍ତର ବୃଦ୍ଧ କହିଲା—"ପାପର ଫଳ ଅବଶ୍ୟମ୍ଭାବୀ । ଗୁଣନିଧିକୁ ଅଳ୍ପ ଦିନରେ ଏ ପାପର ଫଳ ଭୋଗ କରିବାକୁ ପଡ଼ିଲା । ମଦ ଏବଂ ଜୁଆ ଖେଳରେ ସେ ସର୍ବସ୍ୱାନ୍ତ ହେଲା, କଷ୍ଟର ଆଉ ସୀମା ରହିଲା ନାହିଁ । ଦିନେ ଖାଇଲେ ଦିନେ ଉପବାସ, ଦୁରବସ୍ଥା ଦେଖି ସଙ୍ଗୀମାନେ ଅନ୍ତର ହୋଇଗଲେ । ସୁଖରେ ଭାଗ ବସାଇବାକୁ ସମସ୍ତେ ବଳେ ବଳେ ଆସନ୍ତି; ମାତ୍ର ଦୁଃଖର ଭାଗ ନେବାକୁ କେହି ଆସେ ନାହିଁ, ଏହା ସଂସାର ରୀତି । ସଂସାର ଗୁଣନିଧିକୁ ଭ୍ରୂକୁଟି ପ୍ରଦର୍ଶନ କରିବାକୁ ଲାଗିଲା । ପାପର ଅସଂଖ୍ୟ ପ୍ରେତମୂର୍ତ୍ତି ତାହା ଆଖି ଆଗରେ ଭୈରବ ତାଣ୍ଡବ ନୃତ୍ୟ ଆରମ୍ଭ କଲେ । ଚିତ୍ରଗୁପ୍ତର ଓ୍ୟାରଣ୍ଟ ପିଆଦା ବସନ୍ତ ରୋଗ ରୂପ ଧରି ଆସି ଉପସ୍ଥିତ ହେଲା । ଉଭୟେ ସେହି ରୋଗରେ ଆକ୍ରାନ୍ତ ହେଲେ । ତିନିଦିନ ରୋଗ ଭୋଗ ପରେ ନବବଧୂ ଇହଲୋକରୁ ବିଦାୟ ଗ୍ରହଣ କଲା । ଗୁଣନିଧିର ଅବସ୍ଥା ସଙ୍କଟମୟ । ମୁହଁରେ ପାଣି ଦେବାକୁ କେହି ନାହିଁ । ଗଞ୍ଜାମରୁ ଆଗତ ପୁରୀ ଯାତ୍ରୀମାନଙ୍କଠାରୁ ଏ ଦୁଃସମ୍ବାଦ ଶୁଣି ମହାଲକ୍ଷ୍ମୀ ବ୍ୟାକୁଳ ହୋଇପଡ଼ିଲା । ପତିର ଦୁର୍ଦ୍ଦଶା ଶୁଣି ସତୀ ଆଉ ସ୍ଥିର ହୋଇ ପାରିଲା ନାହିଁ । ସେ ପୁତ୍ରକୁ ଘେନି ଗଞ୍ଜାମ ଚାଲିଗଲା । ମାତାପୁତ୍ରଙ୍କର ଅଶ୍ରାନ୍ତ ସେବା ଶୁଶ୍ରୂଷାରେ ଗୁଣନିଧି କ୍ରମଶଃ ସୁସ୍ଥ ହୋଇଉଠିଲା । ସେ ରୋଗରୁ ଉଠି ମହାଲକ୍ଷ୍ମୀର ହାତ ଧରି କହିଲା—"ମହାଲକ୍ଷ୍ମୀ, ତୁମ୍ଭେ ଦେବୀ ଆଉ ମୁଁ ପିଶାଚ । ତୁମ୍ଭେ ସତୀ ଲକ୍ଷ୍ମୀ, ସତୀର ପ୍ରାର୍ଥନା ବ୍ୟର୍ଥ ହୁଏ ନାହିଁ । ତୁମ୍ଭର ଧର୍ମ ମୋତେ ମୃତ୍ୟୁ ମୁଖରୁ ଫେରାଇ ଆଣିଅଛି । କ୍ଷମା ମାଗିବାକୁ ମୋର ମୁହଁ ନାହିଁ, ତୁମ୍ଭେ ନିଜ ଗୁଣରେ ତୁମ୍ଭର ଏ ଅଧମ ପାପିଷ୍ଠ ସ୍ୱାମୀକୁ କ୍ଷମା କରିବ କି ?" ମହାଲକ୍ଷ୍ମୀ ସଜଳ ନେତ୍ରରେ କହିଲା—"ନାଥ, ତୁମ୍ଭେ ଦେବତା, ମୁଁ ତୁମ୍ଭର ଦାସୀ । ଦାସୀ କି ପ୍ରଭୁଙ୍କର ଦୋଷ ଧରି ପାରେ ?" ଏହି କଥା ପଦକରେ ଗୁଣନିଧିର ସମସ୍ତ କଳୁଷ ଉଡ଼ିଗଲା, ତାହାର ପାଶବ ଭାବ ଅନ୍ତର୍ହିତ ହେଲା—ପବିତ୍ର ଅଖଣ୍ଡ ଦାମ୍ପତ୍ୟ ପ୍ରେମରେ ତାର ହୃଦୟ ପୂର୍ଣ୍ଣ ହୋଇଉଠିଲା । ସତୀତ୍ୱର ପ୍ରଭାବ ସାମାନ୍ୟ ନୁହେଁ, ସେହି ପ୍ରଭାବରେ ଗୁଣନିଧିର କୁଅଭ୍ୟାସ ପାପ ଦୋଷ ସବୁ ଭସ୍ମ ହୋଇଗଲା । ପ୍ରେମ ପଶୁ ଭାବକୁ ଜୟ କଲା । ପବିତ୍ର ପ୍ରେମର ସର୍ବତ୍ର ଜୟ ।

# ଅଷ୍ଟାଦଶ ପରିଚ୍ଛେଦ

ସନାତନ ମହାନ୍ତ ହେଲା ପରେ ବୃଦ୍ଧ ପିତାମାତାଙ୍କର ଅବସ୍ଥା ଖୁବ ବ୍ୟାକୁଳ ହୋଇପଡ଼ିଲା । ଏ ସଂସାରରେ ସବୁ ସମ୍ଭବ । ସଂସାରୀ ମନରେ ବି ବୈରାଗ୍ୟ ଜାତ ହୁଏ, ଆଉ ବୈରାଗୀର ମଧ୍ୟ ଗତ ଜୀବନର ସଂସାର କଥା ମନରେ ପଡ଼େ । ଯାହାର ଅତୀତ ସଙ୍ଗରେ ବର୍ତ୍ତମାନର କିଛି ସମ୍ପର୍କ ନାହିଁ, ଯାହାର ଅତୀତ କେବଳ ସ୍ମୃତିର ଆଖି ଟିକିଏ ରଖି ଅତୀତରେ ମିଶି ଯାଇଅଛି, ବୈରାଗ୍ୟଶତକ, ମୋହ ମୁଦ୍‌ଗରର ପ୍ରତ୍ୟେକ ଶ୍ଳୋକ ଯାହାର ଜିହ୍ୱାଗ୍ରରେ ସର୍ବଦା ନୃତ୍ୟ କରେ, ଯେ ଅତୀତ ଜୀବନ ବିସ୍ମୃତ ହୋଇ ନୂତନ ଜୀବନର ରସାସ୍ୱାଦନରେ ବିଭୋର ହୋଇଅଛି, ସେହି ତ୍ୟାଗୀ, ଯୋଗୀ, ସନ୍ନ୍ୟାସୀ ମନରେ ଏ ଭାବାନ୍ତର କିଏ ଆଣିଲା ? ଦୁଷ୍ଟା ମାୟା ବ୍ୟତୀତ ଆଉ କାହାର ଏ ଲୀଳା ? ମାୟା କାହାରିକୁ ଛାଡ଼େ ନାହିଁ, ମାଟିର ମାୟା ମାଟିର ଶରୀରକୁ ପରିତ୍ୟାଗ କରିପାରେ ନାହିଁ । ଶରୀର ମାଟିରେ ମିଶିଲେ ତାହା ସଙ୍ଗେ ସଙ୍ଗେ ସେ ମାଟିରେ ମିଶେ । ଯୋଗୀ ହେଉ ବା ତପସ୍ୱୀ ହେଉ ଅଥବା ତ୍ୟାଗୀ ହେଉ, ମାୟା କାହାକୁ ଛାଡ଼େ ନାହିଁ । ତେବେ ସେମାନେ ମାୟାର ଅଧୀନ ନ ହୋଇ ମାୟାକୁ ଅଧୀନ କରି ରଖନ୍ତି; ମାତ୍ର ସେମାନଙ୍କ ମନରେ ମାୟା ଜନ୍ମିବା ସ୍ୱାଭାବିକ । ମାୟା ପରମାର୍ଥ ପଥର ବିରୋଧୀ ହୋଇପାରେ; ମାତ୍ର ମାୟା ନ ଥିଲେ ସଂସାର ମରୁଭୂମି ପରି ଉତ୍ତପ୍ତ ଏବଂ ନୀରସ ହୋଇ ଥାଆନ୍ତା । ସନାତନ ଯେତେ ଜ୍ଞାନୀ ବା ଯେତେ ତ୍ୟାଗୀ ହେଉ ପଛେ, ପିତାମାତାଙ୍କ ପ୍ରତି ସେ କି ନିର୍ମାୟ ନିର୍ମମ ହୋଇପାରେ ? ଯାହାଙ୍କର ଅଂଶରେ ଶରୀର ଗଠିତ ହୋଇଅଛି—ଯାହାଙ୍କର ଶୋଣିତ ଶରୀରରେ ପ୍ରବାହିତ ହେଉଅଛି, ସେହି ପିତାମାତାଙ୍କୁ କିଏ ଭୁଲି ରହିପାରିବ ? ଭୁଲିବାକୁ ଚେଷ୍ଟା କଲେ ସୁଦ୍ଧା ରକ୍ତର ଆକର୍ଷଣ ଭୁଲାଇ ଦେବ ନାହିଁ । ସନାତନ ଭାବିଲା—"ବୃଦ୍ଧ ପିତାମାତାଙ୍କ ଆଦେଶ ଲଙ୍ଘନ କରି ତାଙ୍କ ହୃଦୟରେ ଦାରୁଣ ଆଘାତ ଦେଇ ବାସ୍ତବରେ ମୁଁ ଅତି ଅନ୍ୟାୟ କରିଅଛି । ତହିଁ ଉପରେ ତାଙ୍କୁ ଅଗାଧ ଚିନ୍ତାସାଗରରେ ବୁଡ଼ାଇ ମହାପାପ ମଧ୍ୟ ଅର୍ଜି ଅଛି । ମୋର ଏ ପାପର ପ୍ରାୟଶ୍ଚିତ୍ତ କଅଣ ? ଯାହାଙ୍କର ଅନନ୍ତ ଦୟା ମୋତେ ଆଜନ୍ମ ଘେରି ରହି ନିରାପଦରେ ବଢ଼ାଇଅଛି, ଯେ ନିଜର ଜୀବନ କ୍ଷୟ କରି ମୋର ଜୀବନ ଗଠନ କରିଅଛନ୍ତି, ଯାହାଙ୍କର ଅତୁଳ ସ୍ନେହ ମୋର ପ୍ରତି ନିଃଶ୍ୱାସରେ ମିଶି ରହିଅଛି, ଉତ୍ତପ୍ତ ସଂସାରର ଶୀତଳ ନିର୍ଝର ସେହି ପିତାମାତାଙ୍କୁ ମୁଁ ଏତେଦିନ ଯାଏ ଭୁଲି ରହିଅଛି ? ଧିକ୍ ମୁଁ ଅକୃତଜ୍ଞ । ଏବେ ତାଙ୍କୁ ଆଣି ଏଠାରେ ସୁଖ ସ୍ୱାଚ୍ଛନ୍ଦ୍ୟରେ ରଖି ତାଙ୍କ ମନରୁ କଷ୍ଟ ଦୂର କରିବା ଉଚିତ । ଏହାହିଁ ମୋ ପାପର ପ୍ରାୟଶ୍ଚିତ୍ତ । ମୋର ଦେବ ପିତା, ଦେବୀ ମାତା ସ୍ନେହଗୁଣରେ ନିଶ୍ଚୟ ମୋତେ କ୍ଷମା କରିବେ । ସେମାନେ ଧର୍ମପ୍ରାଣ, ମୋର ଏ କାର୍ଯ୍ୟରେ ଅସନ୍ତୁଷ୍ଟ ନ ହୋଇ ବରଂ ଆନନ୍ଦ ପ୍ରକାଶ କରିବେ । ଆଉ ଶେଷ ଜୀବନରେ ତୀର୍ଥବାସ କରିବାକୁ ଅନିଚ୍ଛୁକ ହେବେ ନାହିଁ । ଅନନ୍ତର ସନାତନ ପିତାମାତାଙ୍କୁ ପୁରୀ ଆଣିବା ସକାଶେ ଲୋକ ପଠାଇଥିଲା । ଯଥାସମୟରେ ସେ ଲୋକ ଫେରିଆସି ନନ୍ଦଙ୍କର ସପରିବାର କାଶୀ ଯାତ୍ରାର ସମ୍ବାଦ ଜ୍ଞାପନ କଲା । ସନାତନ ତାହା ଶୁଣି ଅତ୍ୟନ୍ତ ମର୍ମାହତ ହେଲା ଏବଂ ଅନୁଶୋଚନାରେ ତାହାର ହୃଦୟ ପୂର୍ଣ୍ଣ ହୋଇ ଉଠିଲା । ଶେଷରେ ନିଜେ କାଶୀ ଯାଇ ପିତାମାତାଙ୍କୁ ପୁରୀ ଘେନି ଆସିବାର ସ୍ଥିର କରି କଥଞ୍ଚିତ୍ ଆଶ୍ୱସ୍ତ ହେଲା ।

ନନ୍ଦ ଯେଉଁ ବୃଦ୍ଧ ଘରେ ବସା କରିଅଛନ୍ତି, ତାହା ସଙ୍ଗରେ ପିତେଇର ଗୋଟାଏ ସମ୍ପର୍କ ସ୍ଥାପିତ ହୋଇଅଛି । ଶେଫାଳିକା ବୃଦ୍ଧକୁ ମଉସା ବୋଲି ଡାକନ୍ତି, ପିତେଇ ଶେଫାଳିକାଙ୍କୁ ମା ବୋଲି ଡାକେ । ଏହି ସମ୍ପର୍କ ଧରି ପିତେଇ ବୃଦ୍ଧକୁ ଅଜା ଲେଖା କରେ । ଦୁହିଁଙ୍କ ମଧ୍ୟରେ ଥଟ୍ଟା ଟାପରା ସବୁବେଳେ । ଦିନେ ପିତେଇ କହିଲା—"ଅଜା, ମୁଁ ତୁମକୁ କଅଣ

ବୋଲି ଡାକିବ ? ଅଜା ନାଁଟା ନିହାତି ପୁରୁଣା, ସେଠା ପାଟିକି ବଡ଼ ପିତା ଲାଗେ, ଆଉ ଗୋଟାଏ ସୁଆଦିଆ ନାଁ ଦିଅନ୍ତା କି ।" ବୃଦ୍ଧ ମଧ୍ୟ ରହସ୍ୟ ବିଦ୍ୟାରେ ନିତାନ୍ତ ମୂର୍ଖ ନୁହେଁ । ସେ ହସି ହସି କହିଲା—"ହଁ ଲୋ ଭଉଣି, ପିତା ଲାଗୁଥିବ ତ । ତୋ ନାମ ପିତେଇ, ମିଠା ସୁଦ୍ଧା ତୋତେ ପିତା ଲାଗିବ । ଆଚ୍ଛା, ଗୋଟାଏ କଥା କହିଲେ ଦିଅନ୍ତା ନାହିଁ ? ମୋ ନାଁ ପୀତାମ୍ବର ସାହୁ, ମୋ ପରି ଜଣେ ସାମାନ୍ୟ ଲୋକକୁ ଏଡ଼େ ଉଠିଆ ନାଁରେ ବା କିଏ କାହିଁକି ଡାକିବ—ସମସ୍ତେ ପିତେଇ ସାହୁ ବୋଲି ଡାକନ୍ତି । ତୋ ନାଁ ପିତେଇ, ମୋ ନାଁ ପିତେଇ ସାହୁ, ଦୁହିଁଙ୍କ ନାଁ ଏକା, ତେବେ ଦୁହେଁ ମୈତ୍ର ବସିବା ଚାଲ ।" ପିତେଇ କହିଲା—"ଛି, ଲୋକେ ହସିବେ । ପୁରୁଷ ସାଙ୍ଗରେ ପୁରୁଷ କିମ୍ବା ସଙ୍ଗାତ ମୈତ୍ର ବସେ, ଆଉ ପୁରୁଷ ନାରୀ ମଧ୍ୟରେ କିଏ କେବେ ମୈତ୍ର ବସିବା ଦେଖା ଶୁଣା ନାହିଁ ।" ବୃଦ୍ଧ କହିଲା—"ନୂଆ କରି ସେ ରୀତି ଚଳାଇଲେ କ୍ଷତି କ'ଣ ? କେହି ଚଳାଇ ନାହାନ୍ତି ବୋଲି ଚଳିବ ନାହିଁ, ଜଣେ କେହି ଚଳାଇଲେ ତେଣିକି ସମସ୍ତେ ଚଳାଇବେ । ସେ ନୂଆ ରୀତିଟା ସମସ୍ତେ ତୋହରି ପାଖରୁ ଶିଖନ୍ତୁ ।" ପିତେଇ ମୁଣ୍ଡ ହଲାଇ କହିଲା—"ନା ନା, ମୋର ଦରକାର ନାହିଁ—ସେତିକି ଅଜା ଲେଖା ମୋର ଭଲ ।" ବୃଦ୍ଧ ପିତେଇ ଏହିପରି କଥାବାର୍ତ୍ତା ହେଉଥିବା ସମୟରେ ଶେଫାଳିକା ଭିତରୁ ଥାଇ ଡାକିଲେ, "ପିତେଇ, ବେଳ ହେଲାଣି, ମହାପ୍ରସାଦ ଆଣିବୁ ଯା ।" ପିତେଇ ଉଠିଯାଇ ତାଙ୍କଠାରୁ ପଇସା ନେଇ ମହାପ୍ରସାଦ କିଣିବାକୁ ଗଲା । ନନ୍ଦଙ୍କ ବସାରେ ରୋଷାଇ ହୁଏ ନାହିଁ, ଦୁଇ ଓଳି ମହାପ୍ରସାଦ କିଣା ହୋଇ ଆସେ—ସମସ୍ତେ ତାହା ଖାଆନ୍ତି । ପ୍ରଥମରେ ଜଣେ ଦୁଇଜଣ ନନ୍ଦେ ମହାପ୍ରସାଦ କିଣି ଆଣିଥିଲେ, ଏଣିକି ସେ ଭାର ପିତେଇକୁ ଦିଆଯାଇଅଛି । ସେ ଦୁଇଓଳି ଯାଇଁ ଦେଉଳରୁ ମହାପ୍ରସାଦ କିଣି ଆଣେ । ପିତେଇ ଶୂଦ୍ରାଣୀ; କିନ୍ତୁ ମହାପ୍ରସାଦରେ ଜାତିଭେଦ ନାହିଁ । ପୁରୀ ମହାତୀର୍ଥ, ମର୍ତ୍ତ୍ୟ ବୈକୁଣ୍ଠ, ଜାତି ଧର୍ମର ସମନ୍ୱୟ କ୍ଷେତ୍ର । ଭଗବାନଙ୍କର ଅଧିଷ୍ଠାନ ଯେଉଁଠାରେ, ବିବିଧମତର ସମ୍ମିଳନ ସେହିଠାରେ । ସମସ୍ତେ ଜଗତ୍ପିତା ଜଗନ୍ନାଥଙ୍କର ସନ୍ତାନ; ସୁତରାଂ ସମସ୍ତଙ୍କର ଏକ ଜାତି, ଏକ ଧର୍ମ, ଏକ ଗୋତ୍ର, ସମସ୍ତେ ଏକ ପରିବାରଭୁକ୍ତ । ଏରୂପ ଉଦାର ଧର୍ମନୀତି, ଏରୂପ ବିଶ୍ୱପ୍ରେମର ଅମର ଦୃଷ୍ଟାନ୍ତ ଅନ୍ୟତ୍ର ବିରଳ । ଏକ ପିତାର ସନ୍ତାନବୃନ୍ଦ ବିଭିନ୍ନ ବ୍ୟବସାୟୀ ହୋଇପାରନ୍ତି; ମାତ୍ର ବିଭିନ୍ନ ଜାତୀୟ ହୋଇପାରନ୍ତି ନାହିଁ । ପୁରୀରେ ବ୍ରାହ୍ମଣ ଶୂଦ୍ରର ଭେଦ ନାହିଁ, ଏହାହିଁ ଧର୍ମକ୍ଷେତ୍ରର ମହିମାର ବୈଶିଷ୍ଟ୍ୟ ।

ନନ୍ଦେ, ତାଙ୍କର ଦୁଇ ସ୍ତ୍ରୀ ଏବଂ ଗୃହସ୍ୱାମୀ ବୃଦ୍ଧ ଦୁଆରେ ବସି କଥାବାର୍ତ୍ତା ହେଉଅଛନ୍ତି । ଏହି ସମୟରେ ପିତେଇ ଉଗ୍ରଚଣ୍ଡୀ ମୂର୍ତ୍ତି ଧରି ଗର୍ଜି ଗର୍ଜି ଆସି ଉପସ୍ଥିତ ହେଲା । ତାହାର ପରିଧେୟ ଛିନ୍ନ ବିଚ୍ଛିନ୍ନ, ହସ୍ତଧୃତ ମହାପ୍ରସାଦ କୁଣ୍ଡିଆଟି ମଧ୍ୟ ଅକ୍ଷତ ନାହିଁ । ସମସ୍ତଙ୍କର ନୀରବ ଦୃଷ୍ଟି ତାହାରି ଉପରେ ନିବଦ୍ଧ ରହିଲା । ପିତେଇ ଭଙ୍ଗା କୁଣ୍ଡିଆଟି ଥୋଇ ଦେଇ କହିଲା—"ଲୁଚୀ, ଖଣ୍ଡ, ଡକେଇତ, ସାତ ଜନ୍ମ ମାଙ୍କଡ଼ ହୋଇଥା ରେ ଡାକୁଣିଖିଆ । ତୋ ହାତ ଗୋଡ଼ ପୋଡିଯାଉଛି କିରେ ରଇଜଲା, ଗତର ଖଟେଇ ଖାଇମରୁ ନାହୁଁ କାହିଁକି ? ଗଛର ମଲଙ୍ଗ ପରି ପର କାନ୍ଧରେ ଚଢ଼ି ଖାଇବୁ ।" ପିତେଇ ଏହିପରି ବକି ହେବାକୁ ଲାଗିଲା; ମାତ୍ର କାହା ଉଦ୍ଦେଶ୍ୟରେ ଏ ଆଶୀର୍ବାଦ, କେହି କିଛି ବୁଝି ପାରିଲେ ନାହିଁ । ପୁରୀର ଯାତ୍ରୀ ଏବଂ ଅଧିବାସୀମାନଙ୍କଠାରୁ ବାନରମାନେ ଗୋଟାଏ ଦୈନିକ କର ଆଦାୟ କରନ୍ତି । ଏହା ପୁରୀ କାହିଁକି ପ୍ରାୟଶଃ ପ୍ରତ୍ୟେକ ତୀର୍ଥସ୍ଥାନ ଏହି ବାନର ଉପଦ୍ରବରୁ ମୁକ୍ତ ନୁହେଁ । ସେମାନଙ୍କୁ କିଛି ଯାଚି ଦେଲେ ତ ଭଲ, ନଚେତ୍ ସେମାନେ ମରହଟ୍ଟାଶାସନକର୍ତ୍ତାମାନଙ୍କ ପରି ଦଳ ବାନ୍ଧି ଆକ୍ରମଣ କରି ଲୁଣ୍ଠନ କରିବେ । ଆଜି ପିତେଇଠାରୁ ସେମାନେ ବଳପୂର୍ବକ କର ଆଦାୟ କରିଅଛନ୍ତି । ବୃଦ୍ଧ ଗୃହସ୍ୱାମୀ ପଚାରିଲା—"କିଲୋ ପିତେଇ, କାହାକୁ କଲ୍ୟାଣ କରୁଛୁ ?"

ପିତେଇ—କଅଣ କହିବ ଅଜା, ଦେଉଳରୁ "ମାହାର୍ଦ୍ଦ" କିଣି ଆସୁ ଆସୁ ଗୋଟାଏ ବୁଢା ହନୁ ଧାଇଁ ଆସି ମୋ ହାତ ଧରିପକାଇଲା । ସାଙ୍ଗେ ସାଙ୍ଗେ ପଲେ ମାଙ୍କଡ଼ ଧାଇଁ ଆସି ମୋ ଲୁଗା ଟାଣି ଦେଇ ଗୋଟାଏ କୁଣ୍ଡଆ ହାତରୁ ଛଡ଼ାଇ ନେଇଗଲେ ।

ବୃଦ୍ଧ—ପୂର୍ବ ଜନ୍ମରେ ସେ ବୁଢା ହନୁ ସାଙ୍ଗରେ ତୋର କିଛି ଲେଖାଯୋଖା ଥିବ । ସେମାନେ ସର୍ବଜ୍ଞ ପଶୁ, ଦେଖିଲେ ଚିହ୍ନି ପାରନ୍ତି ଆଉ ପୂର୍ବ ସମ୍ପର୍କ ଧରି ଥଟ୍ଟା ଠାପରିହ କରନ୍ତି । ହାତ ଧରି ଡାକୁଥିଲା ଯେ ତୁ ନ ଗଲୁ କାହିଁକି ? କିଛି ଦେଇଥାନ୍ତା ପରା ।

ପିତେଇ—ମାଙ୍କଡଟା ମୋତେ କଅଣ ଦେବ, ତୁମେ ତା ସାଙ୍ଗରେ ସଙ୍ଗାତ ବସିଲେ ବେଶ୍ ମାନନ୍ତା । ତୁମ ଦାନ୍ତ, ତା ଦାନ୍ତ ଠିକ୍ ଏକାପରି ତ ଅଜା । ଓଃ, କି ଜଞ୍ଜାଳ ଲୋ ମା, ମାଙ୍କଡ଼ଗୁଡ଼ାକ ସିମିତି ଉତ୍ପାତ ହେଉଛନ୍ତି, ପଣ୍ଡାଗୁଡ଼ାକ ବି ସିମିତି ବାଟ ଚଳେଇ ଦେଉ ନାହାନ୍ତି ଲୋ ମା ରାଣୀ । ବଳା ପଇସାରେ ତ କଲ୍ୟାଣ ଲଦି ପକାଉଅଛନ୍ତି ଆଉ ପଇସା ପାଇଲେ କଅଣ ନ କୁହନ୍ତା !

ବୃଦ୍ଧ—କି କଲ୍ୟାଣ କଲେ, ରାଜରାଣୀ ହେବୁ ବୋଲି କହିଲେ ନା ? ପଣ୍ଡାଙ୍କୁ ନିନ୍ଦା କର ନା ପିତେଇ; ତାଙ୍କ କଲ୍ୟାଣ ସାଙ୍ଗେ ସାଙ୍ଗେ ଫଳିଲା । ରାଜରାଣୀ ନ ହୋଇ ବାନରାଣୀ ହେଲୁ, ସେ ଏକା କଥା । ମର୍କଟରାଜାଙ୍କ ପାଟରାଣୀ, ଓଃ, କି ସୌଭାଗ୍ୟ ତୋର ।

ବୃଦ୍ଧ ଏବଂ ପିତେଇର ଏହି କଥାବାର୍ତ୍ତା ମଧ୍ୟରେ ଶେଫାଳିକା କେତେବେଳେ ଉଠିଯାଇ ଘରୁ ପଇସା ଆଣି ବୃଦ୍ଧକୁ ଦେଇଦେଇ କହିଲେ—"ମଉସା, ଗୋଟାଏ କୁଣ୍ଡଆ ଅଣ୍ଟିବ ନାହିଁ, ତମେ ଯାଇ ଆଉ ଗୋଟାଏ କିଣି ଆଣ ।" ବୃଦ୍ଧ "ଯାଉଛି ମା," କହି ମହାପ୍ରସାଦ କିଣିବାକୁ ଉଠିଗଲା ।

ଶେଫାଳିକା ପ୍ରତ୍ୟହ ପ୍ରତ୍ୟୁଷରୁ ସାଗରସ୍ନାନ କରିବାକୁ ଯାଆନ୍ତି । ବିଶ୍ୱାସ ସମୁଦ୍ରର ମନ୍ଥନ ଲୀଳା ଦେଖି କହନ୍ତି—"ତୋ ହୃଦୟ ତ ମୋହରି ହୃଦୟ ପରି ମନ୍ଥି ହେଉଛି, ତୁ କି ମୋର ସମଦୁଃଖୀ ? ତୁ କି ମୋହରି ପରି ରତ୍ନ ହରାଇଛୁ ରତ୍ନାକର ? ତୋର ଅସଂଖ୍ୟ ରତ୍ନ ଅଛି; କିନ୍ତୁ ମୋର ସେହି ଗୋଟିକ । ମୋ ହୃଦୟ ତୋହରି ହୃଦୟ ପରି ହାହାକାରପୂର୍ଣ୍ଣ । ତୋ ହୃଦୟରୁ ଯେପରି ବ୍ୟଥିତ କନ୍ଦନର କରୁଣଧ୍ୱନି ଉଠୁଛି, ମୋ ହୃଦୟରୁ ମଧ୍ୟ ସେହିପରି ଉଠୁଛି । ତୋର କନ୍ଦନ ଜଗତ ଶୁଣୁଛି; ମାତ୍ର ମୋର କନ୍ଦନ ମୋର ଅନ୍ତର୍ଯ୍ୟାମୀ ଛଡ଼ା ଆଉ କେହି ଶୁଣି ପାରନ୍ତି ନାହିଁ । ଇନ୍ଦୁ ପିତା, ତୁ ଅମାବାସ୍ୟାରେ ଦିନେ ମାତ୍ର ପୁତ୍ରହରା ହେଉ, ଏତିକରେ ତୁ ଅଧୈର୍ଯ୍ୟ; ମାତ୍ର ମୁଁ ବର୍ଷାଧିକ କାଳ ହେଲା ସେହି କଷ୍ଟ ସହି ଆସୁଅଛି, ମୋର ବ୍ୟଥା ତୋର କେତେଗୁଣ ତାହା କିଏ ବୁଝିବ ? ବେଳା ତୋର ହୃଦୟର ଉଚ୍ଛ୍ୱାସକୁ ସମ୍ଭାଳି ରଖେ; ମୋ ହୃଦୟ ସମ୍ଭାଳିବାକୁ କେହି ନାହିଁ । ଉଚ୍ଛ୍ୱାସରେ ସେ ଶତ ଖଣ୍ଡ ହୋଇ ଫାଟିଯାଏ । ତୀର୍ଥନାଥ, ସକଳ ତୀର୍ଥର ତୁ ଆଶ୍ରୟ । ତୁ ଜଗତର ମଳିନତା ପରିଧୌତ କରୁ; ମୋ ହୃଦୟର ଚିନ୍ତାମଳିନତା ଧୌତ କର, ତୋର ତୀର୍ଥ-ପୂତ ଜଳରେ ମୋର ପାପଶରୀର ପବିତ୍ର ହେଉ, ଏତିକି ମୋର ଭିକ୍ଷା ।

ଜଗନ୍ନାଥ ମହାପ୍ରଭୁଙ୍କର ସାନ୍ଧ୍ୟ ଆଳତି ଦର୍ଶନ ଶେଫାଳିକାଙ୍କର ଗୋଟିଏ ନିତ୍ୟକର୍ମ । ଯେତେବେଳେ ଶଙ୍ଖ, ଘଣ୍ଟା, ମୃଦଙ୍ଗ, ମହୁରି ପ୍ରଭୃତି ମଧୁର ସ୍ଥୂଳ ଶବ୍ଦରେ ବାଜିଉଠେ, ଭକ୍ତ କଣ୍ଠର ସ୍ତୁତିବାଣୀରେ ଶ୍ରୀ ମନ୍ଦିରର ଗର୍ଭ ମୁଖରିତ ହୁଏ, ଧୂପ ଘୃତାଦିର ସ୍ନିଗ୍ଧ ସୌରଭରେ ମନଃପ୍ରାଣ ପୁଲକପୂର୍ଣ୍ଣ ହୋଇ ଉଠେ, ସେତେବେଳେ ଶେଫାଳିକା ଗରୁଡ଼ସ୍ତମ୍ଭର ପାଦ ମୂଳରେ ଠିଆହୋଇ ମହାପ୍ରଭୁଙ୍କ ଶ୍ରୀମୁଖକୁ ନିର୍ନିମେଷ ନେତ୍ରରେ ଚାହିଁ ରହି ନୀରବ ମନୋବାଣୀରେ ଭକ୍ତି ତନ୍ମୟ ଚିତ୍ତରେ—"ପ୍ରଳୟ ପୟୋଧିଜଳେ—" ଇତ୍ୟାଦି ଜୟଦେବ ଗୋସ୍ୱାମୀ ରଚିତ ଦଶଅବତାର ସ୍ତୋତ୍ର ଆବୃତ୍ତି କରନ୍ତି । ଆହା, ଅରୂପସୁନ୍ଦରଙ୍କର କି ଅନନ୍ତ ସୁନ୍ଦର ରୂପ ! ଶ୍ରୀମୁଖ ଜ୍ୟୋତିରେ ଅପାର୍ଥିବ ଆଲୋକ ଜ୍ୟୋତି ମିଶି ଏକ ଅପୂର୍ବ ଜ୍ୟୋତିର ଉତ୍ସବ ଲାଗିଯାଏ । ସେ ମହା ଜ୍ୟୋତିରେ ଭକ୍ତ ହୃଦୟର

ଅନ୍ତଃସ୍ଥଳ ପର୍ଯ୍ୟନ୍ତ ଆଲୋକିତ ହୋଇଥାଏ । ପାର୍ଥିବ ଅନ୍ଧାର କେଉଁଆଡ଼େ ଛୁଟି ପଳାଏ । ସେହି ପବିତ୍ର ମହାବ୍ରହ୍ମଜ୍ୟୋତିରେ ସ୍ୱର୍ଗ ଆଲୋକିତ ହୁଏ, ମର୍ତ୍ତ୍ୟ ଆଲୋକିତ ହୁଏ ଏବଂ ପାତାଳ ଆଲୋକିତ ହୁଏ । ଯେତେବେଳେ ବୈକୁଣ୍ଠର ବିଭବ ମର୍ତ୍ତ୍ୟକୁ ଓହ୍ଲାଇ ଆସେ—ଭକ୍ତ ଆନନ୍ଦରେ ଆତ୍ମବିସ୍ମୃତ ହୁଏ । ସେତେବେଳେ ଭକ୍ତ ସାଧକ ସ୍ୱର୍ଗ ତୁଚ୍ଛ ମଣେ, ବୈକୁଣ୍ଠ ତୁଚ୍ଛ ମଣେ ଏବଂ ମୁକ୍ତି ତୁଚ୍ଛ ମଣେ । କେବଳ ସେହି ମହାଦୃଶ୍ୟ ତାହାର ଚିର ବାଞ୍ଛନୀୟ ହୁଏ, ସେ ସେଥିରେ ବିଭୋର ଥାଏ । ତାହାର ଅଙ୍ଗ ପ୍ରତ୍ୟଙ୍ଗର ସମଗ୍ର ଶକ୍ତି ଯାଇ ଚକ୍ଷୁରେ ଅବସ୍ଥାନ କରେ, ଅଥବା ଅଙ୍ଗପ୍ରତ୍ୟଙ୍ଗ ସବୁ ଚକ୍ଷୁ ହୋଇଯାଏ । ସେ ନିସ୍ପନ୍ଦ ପାଷାଣ ପ୍ରତିମା ପରି ନିଶ୍ଚଳ ଦୃଷ୍ଟିରେ ଏହି ଭାବରେ ଦେବନାଥ ଜଗନ୍ନାଥଙ୍କର ମହିମାମଣ୍ଡିତ ଜ୍ୟୋତିର୍ମୟ ଶ୍ରୀମୁଖକୁ ଚାହିଁ ରହେ । ସେତେବେଳେ ସେ ଭାବାବେଶରେ ତନ୍ମୟ, ତାହାର ବାହ୍ୟଜ୍ଞାନ ଥାଏ ନାହିଁ । ତାହାର ଆତ୍ମା କେଉଁ ସ୍ୱର୍ଣ୍ଣମୟ ସ୍ୱପ୍ନ ସ୍ୱର୍ଗରେ କି ଏକ ଅନାବିଳ, ଅନାସ୍ୱାଦନୀୟ ସୁଖାନନ୍ଦ ରୂପ ମହାମୃତ ସେବନରେ ପ୍ରମତ୍ତ ଥାଏ । ଭକ୍ତର ଏହି ଅବସ୍ଥାହିଁ ଜୀବନ୍ମୁକ୍ତି, ଅନ୍ୟଥା ମୃତ୍ୟୁ ପରେ ମୁକ୍ତି ତାହାର ସ୍ପୃହଣୀୟ ନୁହେଁ ।

ଆଳତି ଶେଷରେ ଶେଫାଳିକା ପ୍ରାଣର ଆକୁଳ ଭାଷାରେ ଦେବତାଙ୍କ ସମ୍ମୁଖରେ ଏହିପରି ଜଣାଣ କରନ୍ତି—"ହେ ଜଗବନ୍ଧୁ, ହେ ନୀଳାଦ୍ରି ଈଶ୍ୱର, ଜ୍ଞାନୀମାନେ କହନ୍ତି—ଯାହାର କେହି ଭରସା ନାହିଁ, ତାହାର ତୁମ୍ଭେ ଭରସା, ଏ ମହାସତ୍ୟବାଣୀ ମୋ ପକ୍ଷରେ କାହିଁକି ସଫଳ ହେଉ ନାହିଁ ପ୍ରଭୋ ? କୋଟି ଯୋଜନ ଦୂରରେ ଥାଇ ଡାକିଲେ ତୁମ୍ଭେ ଆତୁରର ଗୁହାରି ଶୁଣ, ମୁଁ ପାଖରେ ଥାଇ ଡାକୁଛି, ତାହା କି ତୁମ୍ଭଙ୍କୁ ଶୁଭୁନାହିଁ ହରି ! କିପରି ଭାବରେ ଡାକିଲେ ତୁମ୍ଭ ସିଂହାସନ ଟଳେ, ହୃଦୟ ତରଳେ, ମୁଁ ଅଜ୍ଞାନୀ ଅବଳା ସେ ଧାରା କାହୁଁ ବା ଜାଣିବି । ପିତାଙ୍କ ନିକଟରେ ସନ୍ତାନର ଗୁହାରି କରିବାର ବା ଅଳି ଅଝଟ କରିବାର କି ବିଶେଷ ଧାରା ବାନ୍ଧା ଅଛି ନାରାୟଣ ! ମୁଁ ତ ପ୍ରାଣର ସହିତ ଏକାଗ୍ରଚିତ୍ତରେ ଡାକୁଛି; ମାତ୍ର ତୁମ୍ଭ କୃପାରୁ ବଞ୍ଚିତ ହେଉଛି କାହିଁକି ? ଦୁଃଖୀ କଅଣ ଖାଲି ଦୁଃଖ ଭୋଗ କରିବା ପାଇଁ ଜନ୍ମଲାଭ କରିଛି ? ତୁମ୍ଭେ ପିତୃହୃଦୟ ଧରି ସନ୍ତାନର ଦୁଃଖ କିପରି ଦେଖି ପାରୁ ? ସେ ଦୃଶ୍ୟ ଦେଖି ତୁମ୍ଭ ପିତୃହୃଦୟରେ କି ଆଘାତ ଲାଗେ ନାହିଁ ? ସନ୍ତାନକୁ ଯନ୍ତ୍ରଣା ହନ୍ତସନ୍ତ କରିବାଦ୍ୱାରା ତୁମ୍ଭର କି ମଙ୍ଗଳ ଉଦ୍ଦେଶ୍ୟ ସାଧିତ ହୁଏ, ତାହା ତୁମ୍ଭେ ଏକା ଜାଣ ମଙ୍ଗଳମୟ । ଏ ସଂସାର ତୁମ୍ଭର ଖେଳଘର, ସଂସାରର ପ୍ରତ୍ୟେକ ଘଟଣା ତୁମ୍ଭର ଖେଳ କୌତୁକ । ସେ କୌତୁକରେ ତୁମ୍ଭର ଆନନ୍ଦ ହୋଇପାରେ; ମାତ୍ର ତୁମ୍ଭ ସୃଷ୍ଟ ଜୀବ କି ଯନ୍ତ୍ରଣା ଭୋଗକରେ ତାହା କି ତୁମ୍ଭେ ଜାଣ ନାହିଁ ଅନ୍ତର୍ଯ୍ୟାମି, ମୁଁ ବୁଦ୍ଧିହୀନା ଛାର ନାରୀ ତୁମ୍ଭର ଲୀଳା ରହସ୍ୟ ବୁଝିବାକୁ ଅକ୍ଷମ । ତୁମ୍ଭର ଦତ୍ତ ବିବେକ ମୋତେ ଯାହା କହୁଛି, ମୁଁ ତାହାର ପ୍ରତିଧ୍ୱନି କରୁଛି ମାତ୍ର । ନା ନା ପ୍ରଭୁ, ମୋର ଏ ବୃଥା ଆକ୍ଷେପ, ନାରୀସୁଲଭ ଦୁର୍ବଳତା, ଅଜ୍ଞତା । ତୁମ୍ଭେ ଗୁଣର ଯେପରି ପୁରସ୍କାର ଦିଅ, ଦୋଷର ସେହିପରି ଦଣ୍ଡ ଦିଅ । ମୁଁ ନିଶ୍ଚେ କୌଣସି ଗୁରୁତର ଦୋଷ କରିଥିବାରୁ ସେଥିର ଶାସ୍ତି ଭୋଗ କରୁଛି । କୃତଦୋଷ ସକାଶେ କ୍ଷମା ପ୍ରାର୍ଥନା ନ କରି ତୁମ୍ଭ ଉପରେ ଅଭିମାନ କରୁଛି । ପିତାଙ୍କ ଉପରେ ଏ ଭଳି ଅଭିମାନ କରିବାର ଅଧିକାର ଅବୋଧ ସନ୍ତାନର ଅଛି । ସେ ଅବୋଧ ଅକ୍ଷମ, ଅଭିମାନ ଆଉ କ୍ରନ୍ଦନ ତାହାର ସମ୍ବଳ । ତାହା ତା ପକ୍ଷରେ ଅସୁନ୍ଦର ହୋଇପାରେ; ମାତ୍ର ଅବୋଧ ଅଭିମାନୀ ସନ୍ତାନର ଅଭିମାନ ରକ୍ଷା କରିବା ସନ୍ତାନବତ୍ସଳ ପିତାଙ୍କ ପକ୍ଷରେ ଅସୁନ୍ଦର ନୁହେ । ଦିଅ କେତେ ଦିନ ଦଣ୍ଡ ଦେବ, ତାହା ମୁଁ ପଥର ପରି ସହିବି । ମାତ୍ର ଦୁଃଖୀ ସନ୍ତାନର ନେତ୍ରରେ ଅହରହ ବେଦନାରେ ଅଶ୍ରୁ ଦେଖି ଦୟାମୟ ପିତାଙ୍କ ସ୍ନେହପ୍ରବଣ ହୃଦୟ ଦିନେ ଦ୍ରବୀଭୂତ ହେବ, ସେ ସନ୍ତାନର ଅଶ୍ରୁ ପୋଛି ଦେଇ ତାହାର ପ୍ରାର୍ଥିତ ପଦାର୍ଥ ତାକୁ ପ୍ରଦାନ କରିବେ, ଏ ଅଭ୍ରାନ୍ତ ବିଶ୍ୱାସ ମୋର ଅଛି । ପବିତ୍ର ପିତୃହୃଦୟ କେବେ ସ୍ନେହଶୂନ୍ୟ ହୋଇପାରେ ନାହିଁ । ଅଗାଧ ସମୁଦ୍ର କି କେବେ ଜଳଶୂନ୍ୟ ହୋଇପାରେ ? ଜଗତରେ ମଧୁଶୂନ୍ୟ

ସୁଖ ନାହିଁ, ପ୍ରତ୍ୟେକ ଫୁଲରେ ଅଳ୍ପାଧିକ ମଧୁ ଥାଏ। ପିତୃହୃଦୟ ଶାସନରେ କଠୋର; ମାତ୍ର ସ୍ନେହରେ ସରଳ।" ଶେଫାଳିକା ଏହିପରି ଅନେକ କଥା କହନ୍ତି—କେତେ ଅପ୍ରାସଙ୍ଗିକ କଥା ମଧ୍ୟ କହିଯାଆନ୍ତି। ଦୁଃଖର ଆବେଗରେ ହୃଦୟ ଖୋଲିଗଲେ ନାନା କଥା ବାହାରି ପଡେ, ସେତେବେଳେ ପ୍ରସଙ୍ଗ ଅପ୍ରସଙ୍ଗର ଜ୍ଞାନ ଥାଏ ନାହିଁ।

ପିତେଇ ଶେଫାଳିକାଙ୍କ ସଙ୍ଗରେ ଆଳତି ଦେଖିବାକୁ ଯାଏ। ଶେଫାଳିକା ହାତ ଯୋଡିଲେ ସେ ହାତ ଯୋଡେ, ଜୁହାର ହେଲେ ଜୁହାର ହୁଏ, ପ୍ରାର୍ଥନା କଲେ ପ୍ରାର୍ଥନା କରେ। ମାତ୍ର ସେ ନିଜପାଇଁ କିଛି ପ୍ରାର୍ଥନା କରେ ନାହିଁ। ସେ କହେ—"ହେ ଜଗନ୍ନାଥ ମହାପ୍ରଭୁ, ହେ କାଳିଆ ସାଆନ୍ତ, ହେ ଚକାଡୋଳା ମା ଠାକୁରାଣୀଙ୍କ ମନୋବାଞ୍ଛା ପୂର୍ଣ୍ଣ କର—ମୋ ନନା ଗୋସାଇଁଙ୍କି ଭେଟେଇ ଦିଅ। ଲକ୍ଷ୍ମୀଠାକୁରାଣୀଙ୍କ ପରି ମା ମୋର ଝୁରିଝୁରି କଣ୍ଟା ହେଲେଣି—ଆଉ ତାଙ୍କୁ ଦୁଃଖ ଦିଅ ନାହିଁ। ଆହା ସରଳ ପ୍ରାଣର କି ସରଳ, ନିଃସ୍ୱାର୍ଥ ପ୍ରାର୍ଥନା! କି ପବିତ୍ର ସମବେଦନା! ଅଶିକ୍ଷିତ ହୃଦୟର କି ଅଦ୍ଭୁତ ଉଦାରତା! ଏ ରୂପ ସାତ୍ତ୍ୱିକଭାବ ଅନେକ ଜ୍ଞାନାଭିମାନୀ ଶିକ୍ଷିତଙ୍କ ପ୍ରାଣରେ ଦୁର୍ଲଭ। ଇତରଶ୍ରେଣୀସ୍ଥ ପଲ୍ଲୀରମଣୀର କି ମହତ୍ତ୍ୱ, କି ମହାପ୍ରାଣତା ଏବଂ ପରମାତ୍ମୀୟତା! ପର ଦୁଃଖରେ ଯାହାର ପ୍ରାଣ ବ୍ୟାକୁଳ ହୁଏ, ସେ ସାମାନ୍ୟ ମନୁଷ୍ୟ ନୁହେଁ—ତାହାର ଆସନ ମନୁଷ୍ୟର ଊର୍ଦ୍ଧ୍ୱରେ। ଯେ ପର ପାଇଁ କାନ୍ଦେ, ତାହାର ଜୀବନ ସାର୍ଥକ ଏବଂ କାନ୍ଦଣାରେ ସେହି। ପବିତ୍ର ଅଶ୍ରୁର ମହତ୍ତ୍ୱ ଏବଂ ଗୌରବ ତାହାରିଠାରେ ପ୍ରକଟ ହୁଏ। ପିତେଇର କୁରୂପ ମଧ୍ୟରେ ଏହି ଗୁଣଟି ଅଙ୍ଗାରଖଣିସ୍ଥ ଉଜ୍ଜ୍ୱଳ ହୀରକ ଖଣ୍ଡ ସ୍ୱରୂପ। ସେ ଯେତେ କୁରୂପା ହେଲେହେଁ ଦେବୀ। ଦେବତ୍ୱ ରୂପରେ ଥାଏ ନାହିଁ, ଗୁଣରେ ଥାଏ। ଜଗତରେ ଯାହାକୁ ଅସୁନ୍ଦର କହନ୍ତି, ବାସ୍ତବରେ ତାହା ଅସୁନ୍ଦର ନୁହେଁ—ସେହି ଅସୁନ୍ଦର ମଧ୍ୟରେ ସୁନ୍ଦର ଲୁକ୍‌କାୟିତ ଥାଏ। ଏହାହିଁ ଅଦ୍ଭୁତ କୌଶଳୀ ବିଧାତାର ସୃଷ୍ଟିର ବୈଚିତ୍ର୍ୟ। ଶେଫାଳିକାଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ; କିନ୍ତୁ ସେ ଭକ୍ତି ମଧ୍ୟରେ ଗୋଟିଏ କାମନା ଅଛି। ଆଉ ପିତେଇର ନିଷ୍କାମ ଭକ୍ତି, ସେଥିରେ ପ୍ରାର୍ଥନା ଅଛି; ମାତ୍ର ତାହା ନିଜପାଇଁ ନୁହେଁ। ସକାମ ଭକ୍ତି ଜ୍ଞାନର ମୂଳ ସୋପାନ; ମାତ୍ର ନିଷ୍କାମ ଭକ୍ତିର ମୂଲ୍ୟ ତାହାଠାରୁ ଅନେକ ଅଧିକ। ପିତେଇର ପ୍ରାର୍ଥନାରେ ସ୍ୱାର୍ଥର ସମ୍ବନ୍ଧ ନାହିଁ; ସୁତରାଂ ଠାକୁର ତାହାକୁ ଆଗେ ଶୁଣିବେ, ତାହାର ପ୍ରାର୍ଥନା ବିଫଳ ହେବ ନାହିଁ। ଖାଲି ଭକ୍ତି ନୁହେଁ—ପିତେଇର ବିଶ୍ୱାସ ମଧ୍ୟ ଅଟଳ, ଅକମ୍ପ। ଖୁବ୍ ଜ୍ଞାନୀ ଆଉ ଖୁବ୍ ଅଜ୍ଞାନ ଏ ଉଭୟର ବିଶ୍ୱାସ ଦୃଢ। କେବଳ ମଧ୍ୟ ଶ୍ରେଣୀର ବିଶ୍ୱାସ ହଲଚଲ। ପିତେଇର କଥାରୁ ତାହାର ଦୃଢ ବିଶ୍ୱାସର ପରିଚୟ ମିଳେ। ସେ ଦିନେ ଶେଫାଳିକାଙ୍କୁ ପଚାରିଲା—"ମା, ଜଗନ୍ନାଥ କଣ ଦାରୁମୂର୍ତ୍ତି ନା?" ଶେଫାଳିକା କହିଲେ—"ହଁ ଲୋ ଝିଅ, ଦାରୁବ୍ରହ୍ମ ବୋଲି ପୁରାଣରେ ଲେଖାଅଛି।" ପିତେଇ ଦୃଢସ୍ୱରରେ କହିଲେ—"ନା ମା, ଦାରୁ-ମୂର୍ତ୍ତିର ଏତେ କରାମତି କାହୁଁ ହେବ? ମୁଁ ତ ଦେଖେ ଠିକ୍ ସିମିତି ଜୀଅନ୍ତା ମୂର୍ତ୍ତି। ମୁଁ ଯେତେବେଳେ ଦେଉଳକୁ ଯାଏ, ମୋର ଗୋଡ ଥରେ, ଦେହ ଫୁଲିଉଠେ, କାଳେ କଅଣ ଭୁଲ ପଡ଼ିଯିବ, କାଳେ କଅଣ ମାରୁ ହୋଇଯିବ, ସବୁବେଳେ ମନରେ ଏହି ଭୟ ହୁଏ। ସତେ ସିମିତି କିଏ ମୋତେ ଠାଣି ଧରୁଥାଏ ମୁଁ କ୍ଷଣ କ୍ଷଣକେ ଚମକି ଉଠେ। ଆଉ ମହାପ୍ରସାଦର କି ସୁଆଦ, କି ସୁବାସ। ଡାଲି, ତରକାରି ସତେ ସିମିତି ଅମୃତରେ ବୋଳା ହୋଇଛି। ତମେ ତ ଦେଖିଛ ମା, ଘରେ ଥିଲାବେଳେ ବଡ ଗଣ୍ଡାଏ ପଖାଳରେ ପଥୁରାଏ ଭାତ ମୁଁ ଠୁଙ୍କି ଦେଉଥିଲି, ଆଉ ଏଠି ଚାଟିଆଏ ମହାପ୍ରସାଦ ଖାଇଲେ ପେଟ ପୂରିଯାଏ—ମୁହଁ ବାନ୍ଧି ଆସେ। ଯାହାର ଏତେ ମହିମା ସେ ପ୍ରତ୍ୟକ୍ଷ ଦେବତା ମା ଠାକୁରାଣି, ଦାରୁମୂର୍ତ୍ତି ନୁହେ।" ଶେଫାଳିକା ଅଲଗି ପିତେଇର କଥା ଶୁଣି କିଂକର୍ତ୍ତବ୍ୟବିମୂଢ଼ ହୋଇ କଅଣ କହିବେ କିଛି କଥା ଖୋଜି ପାଇଲେ ନାହିଁ। ଏକ ଧ୍ୟାନରେ ପିତେଇର ମୁହଁକୁ ଅନାଇଁ ରହିଲେ।

କିଛିକ୍ଷଣ ପରେ କହିଲେ—"ଦାରୁମୂର୍ତ୍ତି ହେଲେ କଅଣ ହେଲା ଲୋ ଝିଅ; ଦାରୁ, ପଥର, ମାଟି ସବୁଥିରେ ଭଗବାନ୍ ଅଛନ୍ତି । ଆଉ ସେହି ଦାରୁମୂର୍ତ୍ତି ଭିତରେ ବ୍ରହ୍ମଶିଳା ଅଛି ।" ଝିଅଟି ହସିଉଠି ପରମ ଉତ୍ସାହରେ କହିଲା—"ହଁ ମା, ମୁଁ ତ ସେହି କଥା କହୁଛି । ଆମ ଦେହରେ ଯିମିତି ଜୀବନ ଅଛି, ଦାରୁମୂର୍ତ୍ତି ଭିତରେ ସିମିତି ବ୍ରହ୍ମଶିଳା ଅଛି, ସେହି ବ୍ରହ୍ମଶିଳା ଦାରୁମୂର୍ତ୍ତିର ଜୀବନ । ଜଗନ୍ନାଥ ଜୀଅନ୍ତା ଦେବତା ମା, ସେ ଦୁନିଆର ଗୁହାରି ଶୁଣୁଛନ୍ତି । ନନା ଗୋସାଇଁଙ୍କି ନିଶ୍ଚେ ଭେଟେଇ ଦେବେ—ତମେ ଆଉ ଚିନ୍ତା କର ନାହିଁ ।" ଝିଅଟି ଅନେକ ସମୟରେ ଏହିପରି ପ୍ରବୋଧ ଦିଏ । ଝିଅଟି ମୂର୍ଖ କାଣ୍ଡିଆ ସ୍ତ୍ରୀ; ମାତ୍ର ତାହାର ବିଶ୍ୱାସ ଅନେକ ଜ୍ଞାନୀ ପଣ୍ଡିତଙ୍କଠାରୁ ଅଧିକ । ଭକ୍ତି ବିଶ୍ୱାସର ରତ୍ନ-ସିଂହାସନ ଉପରେ ଭଗବାନଙ୍କର ଅଧିଷ୍ଠାନ ।

ନନ୍ଦଙ୍କ ପୁରୀ ଆସିବାର ଦୁଇମାସ ହୋଇଗଲା । ଶେଫାଳିକା ଏଥିମଧ୍ୟରେ ପୁରୀର ସମସ୍ତ ସ୍ଥାନ ଖୋଜି ସାରିଲେଣି; ମାତ୍ର ଅଦ୍ୟାବଧି ପୁତ୍ରର ସନ୍ଧାନ ପାଇ ନାହାନ୍ତି । ପ୍ରତ୍ୟେକ ମଠ, ଦେବାଳୟ ପ୍ରଭୃତିରେ ତଲ୍ଲାସ ନେଲେ, ଅନେକ ଲୋକଙ୍କୁ ପଚାରିଲେ; ତଥାପି ହତାଶ ନ ହୋଇ ଖୋଜିବାକୁ ଲାଗିଲେ । ଦେବଦର୍ଶନ, ପୁତ୍ରାନ୍ୱେଷଣ ଏକ ସଙ୍ଗରେ ହୁଏ । ତୀର୍ଥ ପ୍ରଭାବରେ ତାଙ୍କର ଅଧୀରତା ବହୁ ପରିମାଣରେ ଊଣା ହୋଇ ଆସିଅଛି । ଶେଷ ଜୀବନରେ ମହାତୀର୍ଥରେ ବାସ କରି ନନ୍ଦେ ସୁଦ୍ଧା କଥଞ୍ଚିତ୍ ଆଶ୍ୱସ୍ତ । ସମସ୍ତେ ଜଗନ୍ନାଥଙ୍କୁ ଧ୍ୟାନ କରି ପଡ଼ି ରହିଅଛନ୍ତି । ଦିନ ଏକ ପ୍ରକାର କଟି ଯାଉଅଛି । ଝିଅଟିର ସେବା ଯତ୍ନରେ ସମସ୍ତେ ତୁଷ୍ଟ, ସେ ଚିର ଆନନ୍ଦମୟୀ, ତାହାର ଦିନ ପୂର୍ବପରି ଆନନ୍ଦରେ କଟି ଯାଉଅଛି ।

ନୂତନ ମହନ୍ତ ସନାତନ ସମୁଦ୍ର ସ୍ନାନରେ ଅଭ୍ୟସ୍ତ ହୋଇ ପଡ଼ିଅଛନ୍ତି । ସେ ପ୍ରତ୍ୟହ ପ୍ରାତଃକାଳରେ ସମୁଦ୍ର ସ୍ନାନ କରିବାକୁ ଏକୁଟିଆ ଯାଆନ୍ତି । ଶୀତକାଳର ପ୍ରଭାତ, ଅଳ୍ପ କୁହୁଡ଼ି ଘୋଟିଅଛି । ଗ୍ରୀଷ୍ମକର କୁହୁଡ଼ିରେ ମୁଖ ଆତ୍ମଗୋପନ କରିବାକୁ ଚେଷ୍ଟା କରୁଅଛି; ମାତ୍ର ପାରୁ ନାହିଁ, ଶୁକ୍ଳ ଘନ ଉହାଡ଼ରୁ ଚନ୍ଦ୍ରର ଜ୍ୟୋତି ଫୁଟି ବାହାରିଲା ପ୍ରାୟ ସୁନ୍ଦର ଦିଶୁଅଛି । ଶୀତ ହେତୁ ରାସ୍ତାରେ ଲୋକ ଚଳାଚଳ ନାହିଁ । ଏହି ସମୟରେ ମହନ୍ତ ସ୍ନାନ କରିବାକୁ ଯାଉଁ ଯାଉଁ ବାଟରେ ଦେଖିଲେ—ଜଣେ ବର୍ଷୀୟସୀ ମହିଳା ପରିଚାରିକା ସଙ୍ଗରେ ଜଗନ୍ନାଥଙ୍କ ପ୍ରଭାତ ଆଳତି ଦେଖିସାରି ଫେରି ଆସୁଅଛନ୍ତି । ବୃଦ୍ଧା ସଧବା, ତାଙ୍କର ପରିଧେୟ ଖଣ୍ଡିଏ ଶ୍ୱେତ ପାଟ । ତାଙ୍କୁ ଦେଖିଲାକ୍ଷଣି ମହନ୍ତଙ୍କ ଦେହ ଶୀତେଇ ଉଠିଲା । ସେ ଆଉ ଅଗ୍ରସର ନ ହୋଇ ସେହିଠାରେ ଠିଆହୋଇ ରହିଲେ । କିଛିକ୍ଷଣ କଅଣ ମନରେ ଭାବି ସପରିଚାରିକା ବୃଦ୍ଧାଙ୍କର ଅନୁଗମନ କଲେ ଏବଂ ସେମାନଙ୍କର କଥାବାର୍ତ୍ତା ଶୁଣିବାକୁ ଲାଗିଲେ । ଖଣ୍ଡିଏ ଦୂର ଯାଇ କମ୍ପିତ କଣ୍ଠରେ ଡାକିଲେ, "ବଡ଼ମା ।" ଏ କି ସ୍ୱର୍ଗୀୟ ସମ୍ବୋଧନ ! କେତେ କାଳ ପରେ ଏ ଅମୃତବୋଳା ଡାକ ବୃଦ୍ଧାଙ୍କ ଆତୁର କର୍ଣ୍ଣରେ ପ୍ରବେଶ କଲା । ସେ ଚମକି ପଡ଼ି ପଛକୁ ଚାହିଁଦେଲେ । ମହନ୍ତ ତାଙ୍କର ପଦଧୂଳି ମସ୍ତକରେ ମାରି ଜଡ଼ିତ କଣ୍ଠରେ କହିଲେ—"ବଡ଼ମା, ମୋତେ ଚିହ୍ନି ପାରିଲ ? ମୁଁ ତୁମର ଅବାଧ୍ୟ ହତଭାଗ୍ୟ ସେବକ ସନାତନ ।" ବୃଦ୍ଧା ପୁଅକୁ କୁଣ୍ଢାଇ ପକାଇ ବାଷ୍ପଗଦ୍‌ଗଦ କଣ୍ଠରେ—"କିଏ, ମୋ ବାବା, ମୋ ରତ୍ନନିଧି, ମୋର ଅନ୍ଧର ଚକ୍ଷୁ, ମୁଁ ଅନ୍ଧ ହୋଇ ଥିଲି, ମୋତେ ଚକ୍ଷୁଦାନ କଲୁ ବାବା । ଆଜି ମୁଁ କାହା ମୁହଁଚାହିଁ ବାହାରିଥିଲି, ମୋର ହୃତ ଧନ ପାଇଲି ।" ବୃଦ୍ଧାଙ୍କର ନେତ୍ରଦ୍ୱୟରୁ ଅଶ୍ରୁର ପ୍ରସ୍ରବଣ ହୋଇଉଠିଲା । ଝିଅଟିର ଚକ୍ଷୁ ମଧ୍ୟ ଅଶ୍ରୁସଜଳ । "ମୋ ନନା ଗୋସାଇଁ ହୋ, ମୋ ନନା ଗୋସାଇଁ ହୋ" କହି ସେ ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲା । ସନାତନ ମାତୃବକ୍ଷରେ ମସ୍ତକ ଗୁଞ୍ଜି କହିଲେ—"ବଡ଼ମା !" ଏହି ଗୋଟିଏ ଡାକରେ ଶେଫାଳିକାଙ୍କର ବହୁଦିନର ବ୍ୟଥା—ବହୁଦିନର ଶୋକ ସବୁ କୁଆଡ଼େ ମୁହୂର୍ତ୍ତକ ମଧ୍ୟରେ ଭାସିଗଲା । ତାଙ୍କର ଆନନ୍ଦାଶ୍ରୁଧାରାରେ ସନାତନଙ୍କ ମସ୍ତକ ଅଭିଷିକ୍ତ ହେଲା । ସେ ବ୍ୟାକୁଳ କଣ୍ଠରେ କହିଲେ—"ବଡ଼ମା, ମୁଁ ଅକୃତଜ୍ଞ; ତୁମର

ସ୍ନେହ-ସ୍ପର୍ଶ-ଶୀତଳ ଅଙ୍କ ମୁଁ ନକେ ଛାଡ ଯାଇଥିଲି । ସେ ପବିତ୍ର ଅଙ୍କରେ ଆଉ ମୋର ସ୍ଥାନ ନାହିଁ । ଶେଫାଳିକା ପୁତ୍ରର ଅଶ୍ରୁ ପୋଛିଦେଇ କହିଲେ, "ଛି ବାବା ତାହା କହନ୍ତି ନାହିଁ, ମାତୃକୋଳରେ ଚିରକାଳ ସନ୍ତାନର ଅଧିକାର, ସେ ଅଧିକାରରୁ ତାକୁ କେହି ବଞ୍ଚିତ କରିପାରେ ନାହିଁ ।" ଅନନ୍ତର ଶେଫାଳିକା ପୁତ୍ରକୁ ଘେନି ବସା ଅଭିମୁଖରେ ପ୍ରସ୍ଥାନ କଲେ ।

ସିତେଇ ସେମାନଙ୍କ ସଙ୍ଗରେ ରହି ପାରିଲି ନାହିଁ । ଉତ୍କଣ୍ଠାରେ ତାହାର ମନ ହେଇଁ ବୁଲିଲି । ଏହି ଶୁଭ ସମ୍ବାଦ ସେ ଆଗେ ଯାଇ ନନ୍ଦ ଏବଂ ସୌଦାମିନୀକୁ ଦେବାପାଇଁ ଚଞ୍ଚଳ ହୋଇଉଠିଲି । ତହୁଁ ସେ ମାତାପୁତ୍ର ଦୁହିଁଙ୍କୁ ପଛରେ ରଖି ଧାଇଁ-ବାକୁ ଲଗିଲି । କୋଶକେ ଗୋଟାଏ ଗୋଡ଼ ତ ପାଞ୍ଚକେ ଗୋଟାଏ ଗୋଡ଼, ସେ ଧାଉଁଛି କି ଉଡି-ଯାଉଛି, ତାହାର ଗୋଡ଼ ମଞ୍ଚରେ ପଡ଼ୁଛି କି ପାତଳରେ ପଡ଼ୁଛି, ତାହା ସେ କିଛି ଜାଣିପାରୁ ନାହିଁ; କେବଳ ଧଇଁସଇଁ ହୋଇ ଧାଉଁଛି । ବସା ଖଣ୍ଡେ ଦୂର ଅଛି, ସେଇଠାରୁ ବଡ଼ ପାଟିରେ ଡାକିଲି—"ବାବା ଠାକୁରେ ହୋ, ସାନ ମା ଗୋ, ଧାଇଁଆସ, ନନା ଗୋସାଇଁ ମିଳିଲେଣି; ମୋତେ କଅଣ ଦବ କୁହ ।" ଥରେ କୁହେ, ଦୁଇଥର କୁହେ, ଏହି କଥାକୁ ବାରମ୍ବାର ଆବୃତ୍ତି କରି ବୀରପୁରୁଷ ପରି ପଦକ୍ଷେପରେ ଗନ୍ତିପଥକୁ କମାଇ ସେ ଆସି ବସାରେ ପହଞ୍ଚିଲି । ସେ ଏତେ ଚଞ୍ଚଳ କଥା କହୁଥାଏ ଯେ, ତାହା ସମ୍ପୂର୍ଣ୍ଣ ବୁଝିହେଉ ନ ଥାଏ । ନନ୍ଦେ ଏବଂ ସୌଦାମିନୀ ତାଟଙ୍କା ହୋଇ ତାହା ମୁହଁକୁ ଅନାଇ ରହିଲେ । କାହାରି ଭୁଣ୍ଡରୁ ଭାଷା ବାହାରିଲି ନାହିଁ । ସିତେଇ କେବଳ "ଧାଇଁ ଆସ, ଧାଇଁ ଆସ" କହି ଖଣ୍ଡେ ଆଗକୁ ଚାଲିଯାଏ ପୁଣି ଖଣ୍ଡେ ପଛକୁ ଚାଲି ଆସେ । ତାହାର ଏହିପରି ଅଭିନୟ ସମୟରେ ଶେଫାଳିକା ପୁତ୍ରକୁ ଘେନି ଆସି ଉପସ୍ଥିତ ହେଲେ । ସନାତନ ଯାଇ ପିତାମାତା ଉଭୟଙ୍କର ପଦତଳେ ପଡି ପ୍ରଣାମ କଲେ । ନନ୍ଦେ ପୁଅକୁ କୁଣ୍ଢାଇ ପକାଇଲେ, ସୌଦାମିନୀ ପୁଅ ଦେହରେ ହାତ ବୁଲାଇ ନେତ୍ରରୁ ଶ୍ରାବଣର ଧାରା ଗଡ଼ାଇ ଦେଲି । ସମସ୍ତଙ୍କର ବହୁଦିନ ସଞ୍ଚିତ ସୁପ୍ତ ବେଦନା ପୁଣି ଜାଗିଉଠିଲି । ଅଶ୍ରୁ ପ୍ରବାହର ରୁଦ୍ଧ ମୁଖ ମୁକ୍ତ ହୋଇଗଲି । ସ୍ନେହାଶ୍ରୁ, ପ୍ରେମାଶ୍ରୁ, ଭକ୍ତ୍ୟଶ୍ରୁ ଏବଂ ଆନନ୍ଦାଶ୍ରୁର ସମ୍ମିଳନ ହେଲି । ସେ ସଙ୍ଗମତୀର୍ଥରେ ସ୍ନାନକରି ସମସ୍ତେ ନିଜକୁ ପବିତ୍ର ଏବଂ ଭାଗ୍ୟଧର ମଣିଲେ । ସେହି ମହାଧାରାରେ ଶୋକ, ଦୁଃଖ, ଚିନ୍ତା, ଅନୁତାପ ସବୁ ଭାସିଗଲି । ମିଳ-ନର ଆନନ୍ଦରେ ସମସ୍ତଙ୍କର ହୃଦୟ ଉଛୁଳି ଉଠିଲି । ବିଚ୍ଛେଦ ପରେ ମିଳନର ଯେଉଁ ଆନନ୍ଦ, ତାହା ଅତି ମଧୁର ଏବଂ ମୂଲ୍ୟବାନ । ସନାତନ ପିତାଙ୍କୁ ଚାହିଁ ସାଶ୍ରୁନେତ୍ରରେ କହିଲେ—"ପିତଃ, କୃତକର୍ମ ସକାଶେ ମୁଁ ଅନୁତପ୍ତ । ମୁଁ ଆପଣଙ୍କର ଆଜ୍ଞା ଲଙ୍ଘନ କରିଅଛି, ହୃଦୟରେ ଦାରୁଣ ଆଘାତ ଦେଇଅଛି, ନାନା ପ୍ରକାର କଷ୍ଟ ମଧ୍ୟ ଦେଇଅଛି । ମୁଁ ଆପଣଙ୍କର କୁପୁତ୍ର, ଆପଣଙ୍କର କ୍ଷମା ପାଇବାର ଅଯୋଗ୍ୟ ।" ନନ୍ଦେ ପୁଅକୁ ବକ୍ଷକୁ ଟାଣି ନେଇ ସ୍ନେହାର୍ଦ୍ର କଣ୍ଠରେ କହିଲେ, 'ନା ବାବା, ପିତାର କ୍ଷମା ଏବଂ ଆଶୀର୍ବାଦ ଭଣ୍ଡାର ସନ୍ତାନ ପାଇଁ ଚିରମୁକ୍ତ । ତୁ ଦୁଃଖ କରନା, ନିୟତିର ପ୍ରଭାବରୁ ସବୁ ଘଟେ, ମନୁଷ୍ୟର କିଛି ହାତ ନାହିଁ ।" ଏହି ସମୟରେ ଗୃହ-ସ୍ୱାମୀ ବୃଦ୍ଧ ଉପସ୍ଥିତ ହୋଇ ମହନ୍ତଙ୍କୁ ସେଠାରେ ଦେଖି ତାଙ୍କ ଗୋଡତଳେ ପଡି-ଯାଇ କହିଲି—"ମୋର କି ସୌଭାଗ୍ୟ, ମହନ୍ତ ମହାରାଜଙ୍କର ପଦଧୂଳି ଏ ପାପୀ ଘରେ ପଡିଲି—ମୋର ଘର ଆଜି ପବିତ୍ର ହେଲି ।" ତାହାର ଏ କଥା ଶୁଣି ନନ୍ଦେ ଏବଂ ତାଙ୍କର ଦୁଇ ସ୍ତ୍ରୀ ପୁଅ ମୁହଁକୁ ଚାହିଁ ରହିଲେ । ସନାତନ ସେମାନଙ୍କ ଦୃଷ୍ଟିରେ ବିସ୍ମୟ ଏବଂ ସନ୍ଦେହର ଛାୟାପାତ ଦେଖି ମୃଦୁହାସ୍ୟରେ କହିଲେ, "ମୁଁ ଏବେ ବଡ଼ମଠର ମହନ୍ତ ହୋଇଅଛି । ଗାଦିରେ ବସିଲି ପରେ ତୁମ୍ଭମାନଙ୍କୁ ଆଣିବା ସକାଶେ ଲୋକ ପଠାଇଥିଲି । ସେ ଫେରି ଆସି ତୁମ୍ଭେମାନେ ମୋତେ ଖୋଜିବା ପାଇଁ କାଶୀ ଯାଇଛ ବୋଲି କହିଲି । ଆଉ ଆଠ ଦଶ ଦିନ ପରେ ତୁମ୍ଭମାନଙ୍କୁ ଆଣିବା ପାଇଁ ମୁଁ କାଶୀ ଯାଇଥାନ୍ତି ।" ଶେଫାଳିକା ପୁଅକୁ ଆଉ କିଛି କହିବାର ଅବସର ନ ଦେଇ ବୃଦ୍ଧକୁ କହିଲେ—"ମଉସା, ଏହି ମୋର ପୁଅ ।" ଏକଥା

ଅନୁମାନଦ୍ୱାରା ପୂର୍ବରୁ ବୁଝି ପାରିଥିଲା । ସେ ଆନନ୍ଦ ପ୍ରକାଶପୂର୍ବକ କହିଲା— "ତୁମ୍ଭେ ଭାଗ୍ୟବତୀ ମା, ତୁମ୍ଭର ପୁଅ ବଡ଼ମଠର ମହନ୍ତ ହୋଇ ଧର୍ମଗୁରୁ ଆସନରେ ବସିଛନ୍ତି । ଏହା କି ଅଳ୍ପ ତପସ୍ୟାର ଫଳ । ତୁମ୍ଭର ସପ୍ତପୁରୁଷ ଉଦ୍ଧାର ହୋଇଗଲେ ମା ।" ବୃଦ୍ଧ ଏହିପରି କେତେକ କଥା କହିଲା ପରେ ମହନ୍ତ ପିତାମାତାଙ୍କୁ ସଙ୍ଗରେ ଘେନି ମଠକୁ ଗଲେ ।

ସନାତନ ପିତାମାତାଙ୍କର ସୁଖ ସୁବିଧାରେ ରହିବାର ସୁବ୍ୟବସ୍ଥା କରିଦେଲେ । ସିତେଇ ସେମାନଙ୍କ ସେବାରେ ନିଯୁକ୍ତ ରହିଲା । ତାହାପାଇଁ ମଠରୁ ପ୍ରସାଦ ଖଞ୍ଜି ଦିଆଗଲା । ନନ୍ଦ ପରିବାର ଶେଷ ଜୀବନରେ ତୀର୍ଥକ୍ଷେତ୍ରରେ ରହି ପରମାନନ୍ଦ ଉପଭୋଗ କଲେ । ସେମାନଙ୍କ ଶୁଷ୍କ ହୃଦୟରେ ନୂତନ ଜୀବନର ସ୍ରୋତ ପ୍ରବାହିତ ହେଲା । ସନାତନ ଶାସ୍ତ୍ରଗ୍ରନ୍ଥର ଟୀକା, ଭାଷ୍ୟ ପ୍ରଭୃତି ଲେଖିଥିବାର ଶୁଣି ଶେଫାଳିକା ଅତ୍ୟନ୍ତ ଆନନ୍ଦିତ ହୋଇ ପୁଅକୁ କହିଲେ—"ବାବା, ଜଗନ୍ନାଥ ମୋର ମନୋବାଞ୍ଛା ପୂର୍ଣ୍ଣ କଲେ । ଆଉ ମୋର ବଂଶ ରକ୍ଷାର ଭାବନା ନାହିଁ । ତୋହର କୃତ ଗ୍ରନ୍ଥମାଳା ମୋର ଉପଯୁକ୍ତ ବଂଶଧର, ସେଗୁଡ଼ିକ ମୋର ପବିତ୍ର ଶ୍ୱଶୁର ବଂଶର ଗୌରବ ବୃଦ୍ଧି କରିବେ ।" ନନ୍ଦ ମନେ ମନେ କହୁଲେ—"ଶନିସପ୍ତା, ଶନିବାର, ଶନିବେଳା ଏହି ତ୍ରିଦୁର୍ଯୋଗରେ ଯାହାର ଜନ୍ମ; ତାହାର ଏଭଳି ଅଦ୍ଭୁତ ଉନ୍ନତି କିପରି ହେଲା ! ଅଗାଧ ବିଦ୍ୟାର ଆକର, ଲକ୍ଷପତି, ଧର୍ମଗୁରୁ ଏହା କି ସାମାନ୍ୟ ସୌଭାଗ୍ୟ । ପଦଗୌରବ, ଖ୍ୟାତି, ପ୍ରତିପତ୍ତି, ଆଧ୍ୟାତ୍ମିକ ଉନ୍ନତିର ଏତେ ଉପରକୁ ଉଠିବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ । ଶାସ୍ତ୍ର ତ ଭୁଲ ନୁହେଁ, ତେବେ ଫଳ ବିପରୀତ ହେଲା କାହିଁକି ? ନା ନା, ଶାସ୍ତ୍ର କେବେ ଭୁଲ ହୋଇ ନ ପାରେ; ମୋର ଧାରଣା ହିଁ ଭୁଲ । ମୁଁ ଏବେ ବୁଝିପାରିଲି ଯେ, ବିଷ ମଧ୍ୟରେ ଅମୃତ ଥିଲା ପରି ଶନିସପ୍ତା ମଧ୍ୟରେ ବି ମଙ୍ଗଳ ଥାଏ ଆଉ ଅତି ଅମଙ୍ଗଳରେ ମଙ୍ଗଳ ହୁଏ ।

# ତ୍ରିବେଣୀ

# ଉପହାର

ବହୁଜନ-ପ୍ରଶଂସିତ, ପୁଣ୍ୟପ୍ରାଣ, ପ୍ରଜାରଞ୍ଜନ ଏଡଭାଲର୍ ଜମିଦାର୍

## ଶ୍ରୀଯୁକ୍ତ ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର

ମହୋଦୟ—ଉଦାର ହୃଦୟେଷୁ

**ଅତୁଳ ସମ୍ମାନାସ୍ପଦ ଶ୍ରୀମନ୍ମହୋଦୟ,**

ଧନ, ମନର ଏକତ୍ର ମିଳନ ସର୍ବତ୍ର ଦେଖାଯାଏ ନାହିଁ; ମାତ୍ର ସେ ଉଭୟେ ଆପଣଙ୍କ ନିକଟରେ ପବିତ୍ର ମଧୁର ମିଳନରେ ସମ୍ମିଳିତ ହୋଇଅଛନ୍ତି । ଆପଣ ନ୍ୟାୟ୍ୟ ପଥରେ ଅର୍ଥ ଉପାର୍ଜନ କରିଜାଣନ୍ତି—ଅର୍ଥର ସଦ୍‌ବ୍ୟବହାର ମଧ୍ୟ କରିଜାଣନ୍ତି । ମାତୃଭୂମିର ପ୍ରତ୍ୟେକ ମଙ୍ଗଳାନୁଷ୍ଠାନରେ ଆପଣଙ୍କର ଦାନର ପରିମାଣ ଆପଣଙ୍କ ଅସାଧାରଣ ବଦାନ୍ୟତାର ସଜୀବ, ସମୁଜ୍ଜ୍ୱଳ ନିଦର୍ଶନ । ଅନାଥ ଆତୁର ପାଇଁ ଆପଣଙ୍କ ଧନାଗାରର ଦ୍ୱାର ଚିରମୁକ୍ତ । ଆପଣ ଦାନ ମୂଲ୍ୟରେ ପ୍ରଶଂସା କିଣିବାକୁ ଘୃଣା ବୋଧ କରନ୍ତି । ଯେ ପ୍ରଶଂସା ନ ଖୋଜନ୍ତି, ପ୍ରଶଂସା ଦୃଢ଼ ରୂପେ ତାଙ୍କୁହିଁ ଆଶ୍ରୟ କରେ । ଏ ନୀତିବାଣୀ ଆପଣଙ୍କଠାରେ ସାର୍ଥକ ହୋଇଅଛି । ଏତଦ୍‌ଭିନ୍ନ ମାତୃସାହିତ୍ୟର ଅଭିବୃଦ୍ଧି ପ୍ରତି ଆପଣଙ୍କର ଅନୁକୂଳ ଶୁଭଦୃଷ୍ଟି ଯଥେଷ୍ଟ ଥିବାର ଦେଖାଯାଏ । ଆପଣଙ୍କର ଏହି ସମସ୍ତ ସାଧାରଣ ମାନବଦୁର୍ଲଭ ସୁମହତ୍ ସଦ୍‌ଗୁଣରେ ବିମୋହିତ ହୋଇ ମୁଁ ଏହି "ତ୍ରିବେଣୀ" ପୁସ୍ତକ ଖଣ୍ଡି ଆପଣଙ୍କ ଦାନ-ପୂତ କର-କମଳରେ ଉପହାର ଅର୍ପଣ କଲି । ତ୍ରିବେଣୀର ଏ ଉପହାର କ୍ଷୁଦ୍ର ହେଲେହେଁ ହୃଦୟର ଶ୍ରଦ୍ଧାଭକ୍ତି ମିଶ୍ରଣ ହେତୁ ଆପଣ ଏହାକୁ ପ୍ରୀତିଚକ୍ଷୁରେ ଅବଲୋକନ କରିବେ, ଏ ବିଶ୍ୱାସ ମୋର ଅଛି ।

ଭଦ୍ରଖ
୭ । ୧୨ । ୨୭

ଆପଣଙ୍କର
ସ୍ନେହ-ସୌଜନ୍ୟ-ମୁଗ୍ଧ
**ଶ୍ରୀ ଚନ୍ଦ୍ରାମଣି ମହାନ୍ତ**

# ସୂଚୀପତ୍ର


ରକ୍ତଦାନ ... ...

କଠୋର ପ୍ରତିଶୋଧ ... ...

ଯୋଗବଦ୍ୟା ... ...

# ରକ୍ତଦାନ

## ପ୍ରଥମ ପରିଚ୍ଛେଦ

ବେଳ ପ୍ରହରକରୁ ବଳିଗଲାଣି । ସର୍କାରୀ ଘଣ୍ଟାରେ ଠଂ ଠଂ କରି ନଅଟା ବାଜିଗଲା । ଏ ଅବସର ଏହି ସମୟଟା ବଡ଼ ମଧୁର । ଏହା ତାର କୈଶୋର କାଳ । ଆକାଶ ଇନ୍ଦୀବରନୀଳିମା ବୋଳିହୋଇ ଗମ୍ଭୀର କୃଷ୍ଣରେ ସ୍ମୃତିସ୍ମାର ଶୋଭା ଦେଖୁଅଛି । ସୂର୍ଯ୍ୟଙ୍କର କୈଶୋର କିରଣର କନକପ୍ରଭା ଧରଣୀବକ୍ଷରେ ବିସ୍ତୃତ ହୋଇ ପଡ଼ୁଅଛି । କୈଶୋରର କମନୀୟ ସ୍ପର୍ଶରେ ସୃଷ୍ଟି ସଞ୍ଜୀବିତ । ସେଥିରୁ ଲାବଣ୍ୟ ଝରିପଡ଼ୁଅଛି । ଭାବୁକ, ସାଧକ ନେତ୍ର-ମୁଖରେ ସେହି ଅମୃତ ପାନକରି କୃତାର୍ଥ ହେଉଅଛନ୍ତି । ଦେବାଳୟରେ ନିଃସ୍ୱନ, ଆରତିର ଘଣ୍ଟା ମଧୁର ସ୍ୱରରେ ବାଜି ଉଠୁଅଛି । ପକ୍ଷୀବୃନ୍ଦ ନିତନ୍ତ ଶାଖା ବୃକ୍ଷ ଉପରେ ସଞ୍ଚରି ବସିଅଛନ୍ତି । କେତେ ମଧୁ ମୂର୍ଚ୍ଛିତ ଲଳିତ ସ୍ୱରରେ ବିହଙ୍ଗୀୟ ଭାଷାରେ କି ଅବୋଧ୍ୟ ଆଲାପନ ପ୍ରକାଶ କରୁଅଛନ୍ତି, ତାହା ସେହିମାନେ ଜାଣନ୍ତି । କେହି ବ୍ୟଥାବଦୀର୍ଣ୍ଣ କର୍କଶ କଣ୍ଠରେ ଚିତ୍କାର କରୁଅଛି ; ମାତ୍ର ତାହାର ଆକାଙ୍କ୍ଷାର କରୁଣ ଆବେଦନ କେହି ଶୁଣିବାକୁ ନାହିଁ । ସେ ସ୍ୱରରେ ବକ୍ତା ସମସ୍ତେ; ମାତ୍ର ଶ୍ରୋତା କେହି ନାହିଁ । ଯୌବନ ଅପେକ୍ଷା କୈଶୋର ଅଧିକ ସୁନ୍ଦର । ଯୌବନ କଠୋର, କୈଶୋର କୋମଳ । ଯୌବନରେ ସୌନ୍ଦର୍ଯ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ ସତ୍ୟ; ମାତ୍ର ସେ ସୌନ୍ଦର୍ଯ୍ୟରେ ଗାମ୍ଭୀରତା କେତେ ଥାଏ ନାହିଁ । କୈଶୋରର ଅସ୍ପଷ୍ଟତା ଏବଂ ଅକଠୋରତା ସୌନ୍ଦର୍ଯ୍ୟକୁ ମଧୁର, ମହିମିତ ଏବଂ ଆକୃଷ୍ଟଗତ କରେ । ଫୁଟିଲା ଫୁଲଠାରୁ ଅରଫୁଟା ଫୁଲ ଅଧିକ ସୁନ୍ଦର ସିନା ! ଉଚ୍ଛୃଙ୍ଖଳ ହାସ୍ୟୋଜ୍ଜ୍ୱଳ ମୁଖ ଅପେକ୍ଷା ମୃଦୁହାସ୍ୟ ବଦନ କି ମଧୁର ନୁହେଁ ?

କର୍ମ—କୋଳାହଳମୟ ଏହି କୈଶୋର କାଳରେ ସ୍ୱାର୍ଥଅନ୍ଧ କର୍ମର କୋଟି ଉପାସନା ଲାଗିଅଛି । କର୍ମ-ଦେବତାଙ୍କ ପୂଜା-ମଣ୍ଡପରେ ଗ୍ରାମ-ନଗର ମୁଖରିତ । ସ୍କୁଲପିଲାଏ ଗାଧୋଇବା ପାଇଁ ନଈ ପୋଖରୀକୁ ଧାଇଁଅଛନ୍ତି; କେହି ତର ତର ହୋଇ ଦାନ୍ତକାଠି ଲଗାଇଅଛି ଏବଂ ଦାନ୍ତକାଠି ଖଣ୍ଡ ରେମଣ୍ଡ ହେତୁ ଦନ୍ତରୂପ ଷ୍ଟାମ୍ପ ଅସ୍ତ୍ରର ସାହାଯ୍ୟ ନେଉଅଛି, କେହି ବା ଅଣିରେ କାନରେ ପୁଞ୍ଜାଏ ଗୁଞ୍ଜିଦେଇ ଗୋଟାଏ ପୁସ୍ତକ-ହିମାଳୟ କାଖରେ ଯାକି ସ୍କୁଲକୁ ଧାଇଁଅଛି । ସାରା ସକାଳଟାଯାକ ପାଠ ଗିଳିଗିଳି ପେଟରେ ସ୍ଥାନ କାହିଁ ଯେ ଭାତ ଗିଳିବ ? ଆଜିକାଲି ପିଲାଙ୍କୁ ଏତେ ପାଠ ଗିଳିବାକୁ ହୁଏ ଯେ, ଅନେକେ ତାହା ଜୀର୍ଣ୍ଣ କରିପାରନ୍ତି ନାହିଁ । ଓକିଲ—ମୁକ୍ତିଆରଙ୍କ ଚରଣୀମାନେ ଶିକାର ଧରିବା ଆଶାରେ କାନରେ କଲମରୂପ ବର୍ଛାମ ଖୋସି ଧାଇଁଅଛନ୍ତି । ଗୃହିଣୀମାନଙ୍କର ବ୍ୟସ୍ତତାର ସୀମା ନାହିଁ; ଚୁଲୀ ଲଗାଇବା, ପରିବା ଯୋଗାଇବା, ବେସର ବାଟିବା ପ୍ରଭୃତିରେ ସେମାନେ ଅଷ୍ଟାବଧାନୀ । ନିତି କିଣି ନିତି ଖାଇବା ଲୋକେ ଉଦର-ଦେବତାଙ୍କ ଅର୍ଚ୍ଚଣାର ଉପାଦାନ

ସଂଗ୍ରହ କରି ବୁଲୁଅଛନ୍ତି । ଜମିଦାରଙ୍କ ସକାଳଟାସାକ ରାଧ ଖଟଣି ଖଟି ବସାକୁ ଫେରି ଆସୁଛନ୍ତି । ଦୋକାନୀ ଉତାଟେଳିତନ୍ୟ ଢାଙ୍କି ଗୋଟିଏ କୁହୁଁକାଠି ଧରି ସିଟି ମାରି ମାରି ଦୋକାନକୁ ଯାଉଅଛି । ସଦ୍ୟ ନିଦ୍ରୋତ୍ଥିତ କୃଷ୍ଣଭକ୍ତ (ଅଫିମସେବୀ)ମାନେ ଘରୁ ଉଠି ଆସି ପିଣ୍ଡାରେ ବସି ସ୍ଥିରଭାବରେ ନିର୍ଭର ହୋଇ ଧ୍ୟାନ କରୁ-ଅଛନ୍ତି । ଥରେ ଥରେ ଧ୍ୟାନ ଭଙ୍ଗିଯାଉଅଛି, ଭକ୍ତ ବୃନ୍ଦର ଜବାକୁସୁମରକ୍ତ ନେତ୍ର ଅର୍ଦ୍ଧ ଉନ୍ମୀଳିତ ହୋଇ ମୁହୂର୍ତ୍ତିକ ମଧ୍ୟରେ ପୁଣି ମୁଦ୍ରିତ ହୋଇ ଯାଉଅଛି । କେଉଁଠାରେ ଖାଉନ୍ଦ ଏବଂ ମୂଲିଆ ମଧ୍ୟରେ କଳି ଲାଗି ଅଛି । ଖାଉନ୍ଦ କହୁଅଛି, "ଆରେ ତୁ ଏଡ଼େ ଅସତ ବଦ୍-ନିୟତ, ବେଳ ପ୍ରହରେ ନ ହେଉଣୁ ହଳ ଫିଟେଇ ଦେଇ ଚାଲିଆସିଲୁ, ଉଲ୍ଟି ଓଳିକର ମୂଲ ତିନିଅଣା ଗଣିନେବୁ, ତାହା ତୋତେ ବରକତ ହେବ କିମିତି ? ତୋତେ ଧର୍ମ ସହିବ ନାହିଁରେ ଠକ, ଠାପୁଆ, ନିମକହାରାମ ।" ମୂଲିଆ କହୁଛି—"ତୁମେ ସେମିତି କଥା କୁହ ନାହିଁ ହେ, ମୁଁ ତାହା ସହିବା ଲୋକ ନୁହେଁ । ଖାଲି ତ ତିନିଅଣା ପଇସା, ଷ୍ଟେସନ ପାଖରେ ଗୋଟାଏ ବସ୍ତା ଉଠାଇଦେଲେ ମୁଁ ଘଣ୍ଟାକେ ଚାରିଅଣା ଅର୍ଜନ କରିବି, ତୁମ ହେତା ବିକିଆରି ନିଅ ପଛେ ମୁଁ ଆଉ ତୁମର ମୂଲିଆ ହେବ ନାହିଁ । ତୁମରି ପାଖରେ ବୋଲ ପଛରେ ହୋଇ ନ ଥିବ, ତୁମପରି ଦାନ୍ତ ମଳାଣିଆ ଜଣେ ଅଛି ଯେ, ଅତେଇ ପଛରସାଏ ଦାନ୍ତ ଘଷିବ ନାହିଁ । ଆମେ ବାବୁ ସେମିତି କରି ପାରିବୁ ନାହିଁ । ତୁମ ମନକୁ ନ ପାଇଲେ ତୁମେ ଅନ୍ୟ ମୂଲିଆ ଦେଖ, ମୁଁ ତୁମର ସେ ତେଣ୍ଟାକଥା ବରଦାସ୍ତ କରି ପାରିବି ନାହିଁ ।" ଏହିପରି ସମସ୍ତେ କର୍ମ ସାଧନରେ ବ୍ରତ ।

ଜଣେ ବୃଦ୍ଧ ଥର ଥର ହୋଇ ବାହାରି ଆସି ଦାଣ୍ଡପିଣ୍ଡାରେ ଥୁଆ ହୋଇଥିବା ଜଳପାତ୍ରରେ ସନ୍ତରଣ-ଶୀଳ ମତ୍ସ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କରି ଏବଂ ଦକ୍ଷିଣ ହସ୍ତର ମଧ୍ୟମାଙ୍ଗୁଳିରେ ଦହି ପାତ୍ରରୁ ଟିକିଏ ଦହି ନେଇ ତାହା କପାଳରେ ଛୁଆଁଇ ମସ୍ତୁଖସ୍ଥ ବୈଠକ ଖାନାକୁ ଚାଲିଗଲେ । ତାଙ୍କ ଭାବ ଭଙ୍ଗୀରୁ ବୋଧ ହେଲା—ସେ କୌଣସି ସ୍ୱଳ୍ପତର କାର୍ଯ୍ୟୋପଲକ୍ଷେ ଶୁଭ ଅନୁକୂଳ କରି ବାହାରି ଅଛନ୍ତି । ବୈଠକଖାନାଟି ଏକୁଟିଆ ଘର; ସୁଚସ୍ତ ନିର୍ଜନ । ତାହା ସୁସଜ୍ଜିତ ନ ହେଲେହେଁ ସୁପରିଷ୍କୃତ । କେଉଁଠି ଟିକିଏ ଧୂଳି ବା ମସିରେଖାର ଦାଗ ନାହିଁ । ଯେମନ୍ତ କି ତାହାର ନିପୁଣ ହସ୍ତ ସର୍ବଦା ତାହା ପ୍ରତି ସତର୍କ ରହିଅଛି । ବୃହଟିର ପୂର୍ବ ସୌନ୍ଦର୍ଯ୍ୟର ସ୍ମୃତି ଚିହ୍ନ ସ୍ୱରୂପ ଖଣ୍ଡେ ଭଙ୍ଗା କେହେଲି ଏବଂ ହୁକେ ଫଟା ଉତ୍ତବାବଳି ଏକାଂଶରେ ରକ୍ଷିତ ହୋଇଅଛି । ଗୋଟାଏ କାଠ ଆଲମାରି ମଧ୍ୟରେ କେତେଖଣ୍ଡ କସ୍ୱକର୍ଣ୍ଣର ପୁସ୍ତକ ଅଛି । ଘର ମଝିରେ ଗୋଟାଏ ଟେବଲ ଏବଂ ଗୋଟାଏ ଚୌକି । ଏହା ବ୍ୟତୀତ ଅନ୍ୟ କୌଣସି ଉପକରଣ ନାହିଁ । ଅନୁକୂଳବାବୁ ଚୌକିରେ ବସି ଆଲମାରିରୁ ଖଣ୍ଡେ ମୋଟା ବହି ଟାଣିଆଣି ପଢ଼ିବାକୁ ଲାଗିଲେ । ଲୋକଟି ଅଧୁଆତ, ବର୍ଣ୍ଣ ନାତିଗୌର, ଆକୃତି ପାତଳ ହୋଇ ଡେଙ୍ଗା । ନାସିକା ନିମ୍ନରେ ଶ୍ୱେତକେଶ ଅଛି, ତାହା ଏରୂପ ଅଙ୍ଗ-ନ୍ୟସ୍ତ ଯେ, ଅଗମୂଳ ଭାବିବା କଠିନ । କ୍ଷୌରକାର ସୁଦ୍ଧା ସେଥିରେ ନିଜର "ନରସୁନ୍ଦର" ଆଖ୍ୟା ସାର୍ଥକ କରିପାରି ନାହିଁ । ପୁରୁଣା ପାଣିନାଳ ଘାସରେ ଯୋଡି ପଞ୍ଚଲ୍ପ ପରି ମସ୍ତକରେ ଅର୍ଦ୍ଧସ୍ପଷ୍ଟ 'ଟେରି' ରେଖା ବିଦ୍ୟମାନ । ପରିଧେୟ ଖଣ୍ଡିଏ ଥାନପଡ଼ା ଚିନ୍ତା, ଗୋଟାଏ ଦୀର୍ଘ ଚପ୍‌କନ୍ ଗ୍ରୀବାଠାରୁ ପାଦଯାଏଁ ଲମ୍ବିଅଛି । ସେ ଏକ ଧ୍ୟାନରେ ବସି ପୁସ୍ତକ ପଢ଼ୁଛନ୍ତି । ଟିକିଏ ହଲଚଲ ହେବାକୁ ନାହାନ୍ତି କିମ୍ବା ପୁସ୍ତକରୁ ଚକ୍ଷୁ ଉଠାଉ ନାହାନ୍ତି ଯେମନ୍ତ କି ପ୍ରତ୍ୟେକ ଅକ୍ଷରର ପ୍ରାଣ ଭିତରେ ପଶି କଅଣ ଅନୁସନ୍ଧାନ କରୁଅଛନ୍ତି । ପଢୁଁ ପଢୁଁ ଥରେ ଥରେ ଅଧରରେ ହାସ୍ୟ ଟୋଳାଇ ପଡୁଅଛି । ସେ ହାସ୍ୟ କ୍ଷଣକେ ସ୍ପଷ୍ଟ ଏବଂ କ୍ଷଣକେ ମଳିନ । ବୋଧହୁଏ ତାଙ୍କ ହୃଦୟରଙ୍ଗାଳୟରେ ଆଶା ନିରାଶାର ବିରାଟ ଅଭିନୟ ଲାଗିଅଛି । କେତେବେଳେ ଆଶା ହସାଇ ଦେଉଅଛି, କେତେବେଳେ ବା ନିରାଶା ଆସି ସେ ହାସ୍ୟ ଉପରେ ଯବନିକାପାତ କରୁଅଛି ।

ଘଣ୍ଟାକ ପରେ ଗୋଟିଏ ସୁନ୍ଦରୀ ସ୍ତ୍ରୀ ଆସି ବୈଠକଖାନାରେ ପ୍ରବେଶ କଲା । ତାହା ଶରୀରରେ

ଯୌବନର ପୂର୍ଣ୍ଣ ବସନ୍ତ ଶ୍ରୀ ଉଦ୍ଭାସିତ, ଦେହ-ସମୁଦ୍ରରେ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଜୁଆର ଉଠିଅଛି, ଦୃଷ୍ଟି ଉଦାସ ଏବଂ ଚିନ୍ତାକ୍ଲାନ୍ତ, ମୁଖ ବାସିଫୁଲ ପରି ଶୁଷ୍କ ଏବଂ ମ୍ଳାନ । କେଜାଣି କେଉଁ ନିଦାରୁଣ ଶୋକଚିନ୍ତା-କୀଟ ଏ ସୌମ୍ୟକାନ୍ତିକୁ ଝାଉଁଳାଇ ଦେଇଅଛି । ଯୁବତୀର ବର୍ଣ୍ଣ ହରିଦ୍ରାଗୌର, ସତେ ଯେପରି ସେ ବିଜୁଳିକୁ ଚିକ୍କଣ କରି ବାଟି ସର୍ବାଙ୍ଗରେ ବୋଳି ହୋଇଅଛି । ସୌନ୍ଦର୍ଯ୍ୟର ଗୋଟାଏ ଉଜ୍ଜ୍ୱଳ ଶିଖା ଶରୀରକୁ ଆଲୋକିତ କରି ରଖିଅଛି । ଦେହଯଷ୍ଟିରେ ପରିଧେୟ ଅର୍ଦ୍ଧମଳିନ ବସ୍ତ୍ର ଖଣ୍ଡି ମଧ୍ୟ ଉଜ୍ଜ୍ୱଳ ଦିଶୁଅଛି । ହାତରେ କେତେପଟ କାଚ ଛଡ଼ା ଅନ୍ୟ ଅଳଙ୍କାର କିଛି ନାହିଁ । ନିସର୍ଗ ସୌନ୍ଦର୍ଯ୍ୟ ଯାହାର ମହାର୍ଘ ଦୁର୍ଲ୍ଲଭ ଅଳଙ୍କାର, ଅନ୍ୟ ଅଳଙ୍କାରରେ ତାହାର କି ଲୋଡ଼ା । ଯୁବତୀ ପଠନରତ ବ୍ୟକ୍ତିଙ୍କ ନିକଟବର୍ତ୍ତିନୀ ହୋଇ କହିଲା, "ଭାଇ, ପାନ ନିଅ ।" ପଠନରତ ବ୍ୟକ୍ତି ନିରୁତ୍ତର । ସେ ପୁସ୍ତକ ପାଠରେ ଏଭଳି ତନ୍ମୟ ଥିଲେ ଯେ, ଭଗିନୀର ଆଗମନ ଜାଣି ପାରି ନାହାନ୍ତି କିମ୍ବା ତାହାର କଥା ଶୁଣିପାରି ନାହାନ୍ତି । ଭ୍ରାତାଙ୍କୁ ନୀରବ ଦେଖି ଭଗିନୀ ପୁନଶ୍ଚ କହିଲା—"ଭାଇ, ପାନ ନିଅ ।" ଏଥର ଭାଇଙ୍କର ଗଭୀର ଧ୍ୟାନ ଭାଙ୍ଗିଗଲା; ମାତ୍ର ସେ ପୁସ୍ତକରୁ ଦୃଷ୍ଟି ଉଠାଇଲେ ନାହିଁ । ହାତବଢାଇ ଦେଇ ଭଉଣୀ ହାତରୁ ପାନ ଖିଲାଟି ଗ୍ରହଣ କଲେ । ଭଉଣୀ ନଯାଇ ସେହିଠାରେ ଠିଆହୋଇ ରହିଲା । ତାହାର ଭାବ ଦେଖି ବୋଧହେଲା—ତାହାର କିଛି କହିବାକୁ ଅଛି; ମାତ୍ର ସେ କଥା ମୁହଁ ଫିଟାଇ କହିହେଉନାହିଁ । କେତେଥର କଥା ଜିଭ ଅଗଯାଏ ଆସି ପୁଣି ଫେରି ଯାଉଅଛି, ଅଥଚ ସେ କଥା ନ କହିଲେ ତାହାର ଚଳିବ ନାହିଁ । ମୁହଁ ଫିଟାଇ କହି ନ ହେବା କଥାର ବଡ଼ ଅସହ୍ୟ, ଯୁବତୀ ସେହି ବ୍ୟଥାରୂପ ତେନ୍ତୁଳିଆ ବିଛାର ଦଂଶନରେ ଅସ୍ଥିର ହେବାକୁ ଲାଗିଲା ।

କେତେକ୍ଷଣ ପରେ ଭ୍ରାତା ପୁସ୍ତକରୁ ଦୃଷ୍ଟି ଉଠାଇ ଭଗିନୀକୁ ଠିଆ ହୋଇଥିବାର ଦେଖି କହିଲେ—"ଲାବଣ୍ୟ, ତୁ ଯାଇନାହୁଁ ?" ଭଗିନୀ କହିଲା—"ନା, ଭାଇ, ଯାଇ ନାହିଁ ।" ଭ୍ରାତା କହିଲେ—"ଠିଆହୋଇ ରହିଛୁ କାହିଁକି ? କିଛି କହିବାକୁ ଥିଲେ କହୁ ।" ଏ କଥାରେ ଭଗିନୀର ହୃଦୟର ରୁଦ୍ଧ କବାଟ ଉନ୍ମୁକ୍ତ ହୋଇଗଲା । ସେ ବ୍ୟଥାସିକ୍ତ କଣ୍ଠରେ କହିଲା—"ଭାଇ, ସତେ କଅଣ ତୁମ୍ଭେ ତାଙ୍କ ଘର ନାଁରେ ମାମଲା କରି ମୋ ଲାଗି ଖୋରାକ ପୋଷାକ ଆଦାୟ କରିବାକୁ ଇଚ୍ଛା କରୁଛ ?" ଭାଇ ଖୁବ ଗାଲେ ହସି କହିଲେ, "ହଁ ଲୋ ପାଗଳି, ଆଜି ଅର୍ଜି ଦାଖଲ କରିବି । ସେଥିଲାଗି ପରା ଏହି ଆଇନ ବହିଟା ପଢ଼ୁଥିଲି । ଆଇନରେ ସଫା ଲେଖାଅଛି,—ବିନା ଦୋଷରେ ସ୍ତ୍ରୀକୁ ତ୍ୟାଗ କଲେ ତାହାକୁ ଉପଯୁକ୍ତ ଭରଣପୋଷଣ ଦେବାକୁ ହେବ, ଏଥର ଧନମଣି ଯିବେ କୁଆଡ଼େ ? ଦେଖିବି ଭଲ କେତେ ଦମ୍ଭ, ମାସକୁ ମାସ କୋଡ଼ିଏଟି ଲେଖାଏଁ ଟଙ୍କା ଆଦାୟ କରିବି, କରିବି, କରିବି ।" ଭ୍ରାତାଙ୍କର ଏ ଭୀଷ୍ମପ୍ରତିଜ୍ଞା ଶୁଣି ଭଗିନୀର ପ୍ରାଣର ଅନ୍ତଃସ୍ତର ମଧ୍ୟରୁ ଗୋଟାଏ ନୀରବ ହାହାକାର ଉଠିଆସିଲା । କି ଗୋଟାଏ ଉତ୍ତେଜନାର ଦାରୁଣ ଆଘାତରେ ତାହାର ଗାତ୍ରଚର୍ମ କଣ୍ଟକିତ ହୋଇଉଠିଲା; ମାତ୍ର ସେ ଆତ୍ମସମ୍ବରଣ କରି ବେଦନାଜଡ଼ିତ ସ୍ୱରରେ କହିଲା—"ନା-ଭାଇ, ତାହା କର ନାହିଁ । ତୁମ ଗୋଡ଼ତଳେ ପଡ଼ି ମୁଁ ଏହି ଭିକ୍ଷା ମାଗୁଛି ।"

ଭାଇ—ତୋତେ ମୋର ଅଦେୟ କିଛି ନାହିଁ ଲାବଣ୍ୟ । ମୁଁ ତୋତେ ସବୁ ଦେଇ ପାରେ, କିନ୍ତୁ ଏହା ଦେଇପାରିବି ନାହିଁ । କଅଣ କହିବ ଭଉଣି, ସେ ଯେଉଁ ମର୍ମଜ୍ୱାଳା କଥା କହିଛି, ସେ କଥା ଉପରେ ଚମ୍ପୁଲଙ୍କା ବା ମୁଖଲଙ୍କାର ଗୋଟାଏ ଟାଙ୍କୁଣୀ ସୁଦ୍ଧା ନାହିଁ, ତାହା ଏକାବେଳକେ ଖୋଲା ।

ଭଉଣୀ—ସଂସାରରେ ଅନେକ ଲୋକ ଅଛନ୍ତି, ସେମାନେ ମର୍ମକଟା କଥାରେ ଅନ୍ୟକୁ ଆଘାତ କରନ୍ତି, ସେଇଟା ସେମାନଙ୍କର ସ୍ୱପ୍ରକୃତି; ସେଥିରେ ସେମାନେ ଗୋଟାଏ ନିର୍ଲଜ୍ଜ କୌତୁକ ଉପଭୋଗ କରନ୍ତି, କେହି କେହି ପୁଣି ଗୋଟାଏ ତୁଚ୍ଛ ଗୌରବ ଅନୁଭବ କରନ୍ତି । ସେ ଯାହା ହେଉ, ସେମାନେ ଦୁର୍ଜ୍ଜନ ହେଲେ ବୋଲି ତୁମ୍ଭେ ସଜ୍ଜନ ନ ହେବ କାହିଁକି ? ବାବାଙ୍କଠାରୁ ଶୁଣିଛି, ପାଷଣ୍ଡମନରେ ସିନା ଉଚ୍ଚ ଭାବ ସ୍ଥାନ ପାଏ

ନାହିଁ, ସଜ୍ଜନମନରେ ତ ତାହା ଚିରକାଳ ଥାଏ । ମୋ ପ୍ରଣତି—ଭାଇ, ତୁମେ ଆଉ ତାଙ୍କ ଘର ନାଁରେ ମାଲିମାମଲି କିଛି କର ନାହିଁ ।

ଭାଇ— ଆଉ କଥା କହୁଛୁ ଲାବଣ୍ୟ, ସେ ମୋତେ ଅପମାନ ଦେଲା । ମୋର ଦେବୀପରି ଭଉଣୀ ନାଁରେ ମିଛରେ ଗୋଟାଏ ଦୁର୍ନାମ ଦେଇ ମୋ ମୁହଁରେ କାଳି ଲଗାଇ ଦେଲା, ଆଉ ମୁଁ ତାହାର ପ୍ରତିଶୋଧ ନେବି ନାହିଁ, ଏ ତ ବଡ଼ ମଜାର କଥା ।

ଭଉଣୀ—ନା ଭାଇ, ତୁମେ ରାଗ ନାହିଁ । ବାବା କହନ୍ତି ପରା—"କ୍ଷମା ଅମୃତ, ଆଉ ପ୍ରତିହିଂସା ଆଇଁଷ ।" ଯେଉଁ ବାପଙ୍କ ଚରିତ୍ରଗୌରବ ଦେଖି ତାଙ୍କର ଚରଣଧୂଳି ମସ୍ତକରେ ବୋଳିହେବାକୁ ମନ ବଳେ, ତୁମେ ସେହି ବାପଙ୍କର ପୁଅ ହୋଇ ପ୍ରତିହିଂସା କରିବ ? ଛି, ତାହା କରନାହିଁ ଭାଇ । ତୁମ ଭଉଣୀକୁ କଅଣ ତୁମେ ମୁଠେ ଖାଇବାକୁ ଦେଇପାରିବ ନାହିଁ । ଏତିକ ମହତ୍ତ୍ୱ କି ତୁମେ ଦେଖାଇ ପାରିବ ନାହିଁ ?

ଭାଇ—ଏଁ, ତାହା କାହିଁକି ପାରିବ ନାହିଁ ? ତୁ ମୋର ସହୋଦରା, ମୋ ଦେହରେ ଯେଉଁ ରକ୍ତ ଅଛି, ତୋ ଦେହରେ ବି ସେହି ରକ୍ତ ଅଛି । ଭାଇ ହୋଇଥିଲେ ତୁ ଅଧେ ଭାଗ ନିଅନ୍ତୁ, ତୋତେ ମୁଠେ ଖାଇବାକୁ ଦେବନାହିଁ ? ତେବେ ମୋର କଥା ଏତିକି ଯେ, ସେ ପାଷଣ୍ଡଟାକୁ ପଟାଏ ନ ଗାଳି ସହଜରେ ଛାଡ଼ିବି ନାହିଁ । ଯା, ତୁ ଏବେ ଘରକୁ ଯା, ବେଳ ହୋଇଗଲା, ମୁଁ କଚେରୀକୁ ଯିବି ।

ଭାଇଙ୍କର ପ୍ରକୃତି ଭଉଣୀର ଅଜ୍ଞାତ ନୁହେଁ । ସେରୂପ ପ୍ରକୃତିର ଲୋକ ନଇଁଲେ ତାଙ୍କୁ ସଳଖାଇବା ସହଜ ନୁହେଁ; ଏହା ମଧ୍ୟ ସେ ଭଲ ଜାଣେ । ସୁତରାଂ ସେ ଆଉ କିଛି ନ କହି ବେଦନାକ୍ଷତ ହୃଦୟରେ ହୁତାଶନ ଜ୍ୱାଳା ବହନ କରି ସେଠାରୁ ଚାଲିଗଲା । ତାହାର ମୁଖମଣ୍ଡଳ ଆଷାଢ଼ ମେଘପରି ଘନକାନ୍ତ ହୋଇଉଠିଲା । ଦେହ ଓ ମନର ଦୁର୍ବଳତା ତାହା ଲଲାଟରେ କଳଙ୍କରେଖା ଅଙ୍କିତ କରିଦେଲା । ଗୋଟାଏ ବ୍ୟଥାଭରା ଦୀର୍ଘନିଃଶ୍ୱାସ ଛାଡ଼ି ସେ ମନେ ମନେ କହିଲା—"ପୋଡ଼ାମୁହାଁ ଯମ, ଏହି ହୁଟହୁଟା କରିବାଲାଗି ମୋତେ ଏତେ ଆୟୁଷ ଦେଇଛୁ ପରା ? ତୁ ପୋଡ଼ି ଭସ୍ମ ହୋଇ ଯା" ଲାବଣ୍ୟ; ତୁ କ୍ରୋଧର ଆବେଗରେ ଯାହା କହ ପଛେ; ମାତ୍ର ଯମର ଜନ୍ମ ଭସ୍ମ କରିବାପାଇଁ ଭସ୍ମ ହେବାପାଇଁ ନୁହେଁ । ତୋର ସହସ୍ର ଅଭିସମ୍ପାତରେ ତାହାର କେସ୍ଏ କେଶ ସୁଦ୍ଧା ହଲିବ ନାହିଁ ।

## ଦ୍ୱିତୀୟ ପରିଚ୍ଛେଦ

ସୁଆମାଳ ଗ୍ରାମରେ ଶ୍ରୀନାଥ ବରାଳଙ୍କର ଘର ବହୁକାଳର ପ୍ରାଚୀନ ଘର । ବରାଳ ବଂଶର ବଂଶଧରମାନେ ଐଶ୍ୱର୍ଯ୍ୟର ନିବିଡ଼ ନାଗପାଶରେ ଆବଦ୍ଧ ଥିଲେ । କିନ୍ତୁ ବର୍ତ୍ତମାନ ସେ ସୌଭାଗ୍ୟରବି ଅସ୍ତାୟମାନ । ଏହି ବଂଶର ବର୍ତ୍ତମାନ ବଂଶଧର ଶ୍ରୀନାଥ ବରାଳଙ୍କର ଅପରିଣାମଦର୍ଶିତା ଏବଂ ଅଯଥା ବ୍ୟୟବାହୁଲ୍ୟ ଏହି ଦୁର୍ଗତିର କାରଣ । ଶ୍ରୀନାଥ ନିଶାଖୋର ନୁହନ୍ତି; ମାତ୍ର ଭାରି ପଶାଖୋର । ଏହି ପଶା ହିଁ ତାଙ୍କର ଦୁର୍ଦ୍ଦଶା ଆନୟନ କରିଅଛି । ପଶାଖେଳରେ ସେ ଶକୁନିର ଗୁରୁ ସ୍ଥାନୀୟ । ଅମାବାସ୍ୟାରେ ରଜନୀ ଚନ୍ଦ୍ରର ବିଚ୍ଛେଦ ସହିପାରେ, ଅବସନ୍ତ କାଳରେ ଧରଣୀ ବସନ୍ତର ବିଚ୍ଛେଦ ସହି ରହେ; ମାତ୍ର ବରାଳଙ୍କ ବଙ୍ଗଳା ପଶାପାଲିର ବିଚ୍ଛେଦ ମୁହୂର୍ତ୍ତେ ମାତ୍ର ସହିପାରେ ନାହିଁ । ଦିନେ ଦିନେ ପଶାଖେଳରେ ଏତେ ତନ୍ମୟତା ଜନ୍ମେ ଯେ ସକାଳୁ ସନ୍ଧ୍ୟା ହୋଇଯାଏ । ତହିଁପରେ ବରାଳେ ଯାଇ ସ୍ନାନ ଭୋଜନ କରନ୍ତି । ଘୁମରେ କେବେ କେବେ ନିଦବାଉଳୀରେ କହି ଉଠନ୍ତି—"କଚେ ବାର, ପଞ୍ଚାସ୍ତର ନ', ବାଜରେ ସୁଟିକ ଛ" ଇତ୍ୟାଦି ଇତ୍ୟାଦି । ଲୋକେ କହନ୍ତି—ବରାଳେ ସ୍ୱପ୍ନରେ ମଧ୍ୟ ପଶା ଖେଳନ୍ତି । ପଶା ତାଙ୍କର ଅଫିମ ଅମଲ, ତାହା ନ ହେଲେ ନ ଚଳେ ।

ତାଙ୍କ ମତରେ ସଂସାରରେ ଯେତେ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ବିଳାସବ୍ୟସନ, ଆମୋଦ-ପ୍ରମୋଦ ଅଛି, ପଶା ସେ ସବୁଠାରୁ ଶ୍ରେଷ୍ଠ । ବତ୍ସଳଙ୍କୁ କେତେଗୁଡ଼ିଏ ନିଷ୍କର୍ମା ସଙ୍ଗୀ ମଧ୍ୟ ମିଳିଥିଲେ, ସେହିମାନେ ତାଙ୍କ ସୌଭାଗ୍ୟର ଶ୍ୱାନ ଶୃଗାଳ । ପଶାଖେଳ ମଧ୍ୟରେ କେଉଁ ଦିନ ଚୂଡ଼ାଘସା ହୁଏ, ମହଣ ମହଣ ଚୂଡ଼ା ଉଡ଼ିଯାଏ । କେଉଁ ଦିନ ମିଠା ଖେଚଡ଼ି ହୁଏ, ଶତ ଶତ ଟଙ୍କା ପାଣିପରି ବହିଯାଏ । ଏହିପରି ପ୍ରତିଦିନ ଗୋଟାଏ କିଛିହୁଏ । ବତ୍ସଳେ ଏବଂ ତାଙ୍କର ଗଳଗ୍ରହ ସୁବନ୍ଧୁଗୁଡ଼ିକ ମହାମଉଜରେ ଦିନ କାଟନ୍ତି । ଲକ୍ଷ୍ମୀ ସ୍ୱଭାବତଃ ଚଞ୍ଚଳା, ପୁଣି ସେ ସପତ୍ନୀ ଜଞ୍ଜାଳ ସହିପାରନ୍ତି; ମାତ୍ର ପଶାର ଉତ୍ପାତ ସହିପାରନ୍ତି ନାହିଁ । ବତ୍ସଳଙ୍କ ରଙ୍ଗ ଢଙ୍ଗ ଦେଖି ସେ ତାଙ୍କ ଘରୁ ଧୀରେ ଧୀରେ ଗୋଡ଼ କାଢ଼ିଲେ । ଜମିବାଡ଼ି ଖଣ୍ଡିକ ପଛରେ ଖଣ୍ଡିଏ ବିକି ହେବାକୁ ଲାଗିଲା । କେତୋଟି ବର୍ଷ ମଧ୍ୟରେ କର୍ପୂର ଉଡ଼ିଯାଇ ଖାଲି କନା ପଡ଼ିରହିଲା ।

ଶ୍ରୀନାଥ ବତ୍ସଳ ଖୁବ୍ ସରଳ ପ୍ରକୃତିର ଲୋକ । ସେ ଯେପରି ଅଖଳ, ସେହିପରି ଅଚ୍ଛନ୍ଦ ଏବଂ ଅମାୟୀ । ତାଙ୍କର ମୁଖ ସର୍ବଦା ପ୍ରଫୁଲ୍ଲ, ସେଥିରେ ଧୂର୍ତ୍ତତା ବା ଆତ୍ମଗରିମାର ଛାୟା ସୁଦ୍ଧା ନାହିଁ । ଦୁଃଖୀର ଦୁଃଖ ଦେଖିଲେ ତାଙ୍କର କରୁଣାପ୍ରବଣ ହୃଦୟ ତରଳି ଯାଏ । ସେ ଯଥାସାଧ୍ୟ ସାହାଯ୍ୟ ନ କରି ରହିପାରନ୍ତି ନାହିଁ । ତାଙ୍କର ଅସୁରନିଷ୍ଠା ଦେଖି ତାଙ୍କ ମୂଲିଆଣୀ କହେ—"ଆମ ସାଆନ୍ତଙ୍କର ଯେତେ "ନନ" (ନିଷ୍ଠା) ଜଣେ ବ୍ରାହ୍ମଣ ବି ସେତେ କରିପାରିବନାହିଁ ।" ବାସ୍ତବରେ ସେ ଜଣେ ଶୁଚିବନ୍ତ, ହୃଦୟୀ, ଉଦମନା ଏବଂ ମିଷ୍ଟଭାଷୀ ବ୍ୟକ୍ତି । ତରୁଣ ଯୌବନ-ସୁଲଭ ଯେଉଁ ସବୁ ଉତ୍କଟ ଉପସର୍ଗ ଉନ୍ମାର୍ଗଗାମୀ ଯୁବକମାନଙ୍କୁ ସାଦର ଆଲିଙ୍ଗନ କରନ୍ତି, ସେ ସବୁ ତାଙ୍କୁ ସ୍ପର୍ଶ କରିନଥିଲେ । ଏତେ ସଦ୍‌ଗୁଣ ଥାଇ ମଧ୍ୟ ଏକା ପଶାନୁରକ୍ତି ତାଙ୍କ ସ୍ୱଚ୍ଛ ଶୁଭ୍ର ଚରିତ୍ରର ମସୀବିନ୍ଦୁ ତୁଲ୍ୟ ହୋଇଥିଲା । ବଡ଼ ବଡ଼ ମୂଲ୍ୟବାନ୍ ସଦୁପଦେଶରେ ଯେଉଁ ଦୋଷ ସଂଶୋଧିତ ନ ହୁଏ, ସାମାନ୍ୟ କଥାପଦକରେ ସେ ଦୋଷ ସୁଧୁରି ଯାଏ, ଏହା ଅନେକତ୍ର ଦେଖାଯାଏ । ବତ୍ସଳଙ୍କ ପୁଅ ଅର୍ଜୁନ ଦିନେ ତାହା ପାଖରେ କହିଥିଲା "ବାବା ପଶା ଖେଳରେ ସର୍ବସ୍ୱ ହରାଇ ମୋତେ ଦାଣ୍ଡରେ ଠିଆ କରାଇଦେଇ ଯିବେ ।" ବତ୍ସଳେ ଏକଥା ଶୁଣି ବଜ୍ରାହତ ତୁଲ୍ୟ ମଣିଲେ । ତାଙ୍କର ପ୍ରାଣପୁରୁଷର ଅସ୍ଥିପଞ୍ଜର ଚୂର୍ଣ୍ଣ ହୋଇଗଲା । ମୁହଁରୁ କିଏ ରକ୍ତ ଶୋଷିନେଇଗଲା । ହୃଦୟ ମଧ୍ୟରୁ କିଏ ବ୍ୟଙ୍ଗ ପରିହାସ କରିବାକୁ ଲାଗିଲା । ଗୋଟାଏ ମର୍ମଫଟା ଆର୍ତ୍ତନାଦ ହୃଦୟ ଫଟାଇ ବାହାରି ଆସିଲା । ସେ ଗୋଟାଏ ଅନୁତାପର ତପ୍ତ ଶ୍ୱାସ ପରିତ୍ୟାଗକରି କହିଲେ—"ହାୟ, ମୁଁ କଅଣ କଲି, ସତେକି ମୋ ପୁଅଟିକୁ ମୁଁ ଦାଣ୍ଡରେ ଠିଆ କରାଇଲି । ଧିକ୍ ମୁଁ ନିର୍ଲଜ୍ଜ ପାମର ।" ବତ୍ସଳେ ଏହିପରି ନିଜଦ୍ୱାରା ତିରସ୍କୃତ ହୋଇ ଆଉ ପଶା ଖେଳିବେ ନାହିଁ ବୋଲି ସେହିଦିନ ପ୍ରତିଜ୍ଞା କଲେ ଏବଂ ଅପ୍ରାଣ ଚେଷ୍ଟାରେ ପ୍ରତିଜ୍ଞା ପାଳନ ମଧ୍ୟ କରିବାକୁ ଲାଗିଲେ । ଏତେକାଳଯାଏ ସେ ଯେଉଁ କସ୍ତୁରୀର ସ୍ୱପ୍ନସ୍ରୋତରେ ସନ୍ତରଣକରୁଥିଲେ, ସେ ସ୍ୱପ୍ନ ଭାଙ୍ଗିଗଲା । ସେ ପଶାଖେଳ ଫଳେ ଯାହା କିଛି ସ୍ୱଳ୍ପ ବିଷୟ ଅବଶିଷ୍ଟ ଥିଲା, ସେଥିର ରକ୍ଷଣାବେକ୍ଷଣରେ ଆତ୍ମନିୟୋଗ କଲେ । ତାଙ୍କ ଅବସ୍ଥାର ଅବନତି ସଙ୍ଗେ ସଙ୍ଗେ ତାଙ୍କ ବନ୍ଧୁମାନେ ଆପେ ଆପେ ବିଦାୟ ନେଇଥିଲେ । ଫୁଲରୁ ମଧୁ ସରିଗଲେ ଭ୍ରମରମାନେ ଉଡ଼ି ଚାଲିଯାଆନ୍ତି ।

ସୁଖର ଦିନ ଦେଖୁଁ ଦେଖୁଁ କୁଆଡ଼େ ଚାଲିଯାଏ; ମାତ୍ର ଦୁଃଖର ଦିନ ବଡ଼ ଦୀର୍ଘ । ବତ୍ସଳେ କେତେବର୍ଷ ଅସହ୍ୟ ଦୁଃଖରେ କଟାଇଲେ; ମାତ୍ର ତିନିବର୍ଷ ହେଲା ପୁଅ ମୁକ୍ତିଆରି କରି ସାମାନ୍ୟ କିଛି କିଛି ଉପାର୍ଜନ କରିବାରୁ ଅବସ୍ଥା ଟିକିଏ ବଦଳି ଆସୁଅଛି । ଜଣେ ମୁକ୍ତିଆରର ସାମାନ୍ୟ ଉପାର୍ଜନ ଶୁଣି କେହି କେହି ଅବିଶ୍ୱାସ କରିପାରନ୍ତି; ମାତ୍ର କଥାଟା ମିଥ୍ୟା ନୁହେଁ । ଅର୍ଜୁନ ମୁକ୍ତିଆରି ପାସ୍ କରିଅଛି ସତ୍ୟ; କିନ୍ତୁ ତାହାର ମୁହଁ ନାହିଁ । ଅର୍ଥାତ୍ ସେ ସୁଆଲ ଜବାବ କରିପାରେନାହିଁ । ଏହେତୁ ହାକିମଙ୍କ ସଙ୍ଗରେ ତାହାର ଦେଢ଼ଶୁର ଭାଇବୋହୂ ସମ୍ବନ୍ଧ । କେହି କାହାର ମୁହଁ ଦେଖନ୍ତି ନାହିଁ । ଥରେ ସେ ଖଣ୍ଡେ ଦଲିଲରେ ଚହ୍ଲୋଟ ପଡ଼ିଥିଲା, ହାକିମ ତାହା ଦେଖି ପେସ୍କାରକୁ ପଚାରିଲେ—

"ଏ ଲୋକଟି କିଏ ?" ପେସ୍କାର କହିଲା—"ସେ ଜଣେ ମୁକ୍ତିଆର ।" ତହୁଁ ହାକିମ କହିଲେ—"ନାହିଁ, ମୁଁ ତ କେବେ ତାଙ୍କ ଚେହେରା ଦେଖିନାହିଁ, କେବେ ତାଙ୍କୁ ଡାକିବା ସକାଶେ ଆଉ ଜଣେ ଚପ୍ଲୋଟ ଦରକାର ।" ମୁକ୍ତିଆରଖାନା ସହିତ ଅର୍ଜୁନର କୌଣସି ସମ୍ପର୍କ ନାହିଁ । ସେ ଗୋଟାଏ ଗଛମୂଳରେ ବସି ଲୋକଙ୍କର ଦଲିଲଦସ୍ତାବିଜ ଲେଖିଦିଏ ଏବଂ ଚପ୍ଲୋଟ ପଢ଼େ । ଏହି ଉପାୟରେ ସେ ଯଥାସାମାନ୍ୟ ଉପାର୍ଜନ କରେ । ଲୋକେ ତାଙ୍କୁ ଗଛମୂଳିଆ ମୁକ୍ତିଆର ବୋଲି କହନ୍ତି ।

ଶ୍ରୀନାଥ ବସ୍ୱଲଙ୍କର ସନ୍ତାନ ଦୁଇଟି । ଗୋଟିଏ ପୁତ୍ର ଏବଂ ଅପରଟି କନ୍ୟା । ପୁତ୍ରଜନ୍ମର କୋଡ଼ିଏ ବର୍ଷ ପରେ କନ୍ୟାଟି ଜାତହୋଇଅଛି । ପୁତ୍ରବଧୂ "ରତ୍ନରେଖା" ଷୋଳବର୍ଷହେଲା ଆସି ଶ୍ୱଶୁରଘରେ ଘରକରଣା କରୁଅଛି । ବସ୍ୱଲଗୃହିଣୀ କନ୍ୟାଟି ପ୍ରସବ କରି ଇହଲୋକ ତ୍ୟାଗ କରିବାରୁ ନବଜାତ ନଣନ୍ଦଟିର ଭାର ରତ୍ନରେଖା ଉପରେ ପଡ଼ିଅଛି । ସେ ମଧ୍ୟ ମାତୃପ୍ରେମସ୍ନେହରେ ଶିଶୁଟିକୁ ଲାଳନ ପାଳନ କରୁଅଛି । କନ୍ୟାଟି ଅପୂର୍ବ ରୂପମୟୀ, ରତ୍ନରେଖା ଆଦର କରି ତାହାର ନାମ "ଲାବଣ୍ୟ" ଦେଇଅଛି । ବସ୍ୱଲଙ୍କ ଘରେ ଅନ୍ୟ ପିଲାପିଲି ନ ଥିଲେ । ସୁତରାଂ ସମସ୍ତଙ୍କର ସ୍ନେହ ଏକା ଲାବଣ୍ୟ ଉପରେ ଆସି କେନ୍ଦ୍ରୀଭୂତ ହେଲା । ଶିଶୁଟି ସେହି ସ୍ନେହାମୃତ ପାନକରି ଶଶିକଳାପରି କ୍ରମେ କ୍ରମେ ବଢ଼ିଉଠିଲା । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାହାର ରୂପ ମଧ୍ୟ ବୃଦ୍ଧିଲାଭକଲା । ସତେ ଯେପରି କବିକଳ୍ପିତରୂପ ଲାବଣ୍ୟ ନାମ ଧରି ସୌନ୍ଦର୍ଯ୍ୟ-ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଅଛି ।

ବାପ, ଭାଇ, ଭାଉଜ ସମସ୍ତେ ଲାବଣ୍ୟକୁ ଗେହ୍ଲା କରନ୍ତି । ସେମାନଙ୍କର ସ୍ନେହର ମାତ୍ରା ଏତେ ବଳି-ପଡ଼ିଲା ଯେ, ସ୍ନେହରେ ପେଟ ପୂରୁଥିଲେ ବାଳିକା ଅନ୍ୟଖାଦ୍ୟ ଖୋଜନ୍ତା ନାହିଁ । ସ୍ନେହ ମଧୁର; ମାତ୍ର ତାହାର ଆଧିକ୍ୟ କଷ୍ଟମୟ ହୁଏ, ଏହା ଅନେକତ ଦେଖାଯାଏ । ଲବଣ ବ୍ୟଞ୍ଜନର ସ୍ୱାଦୁ କରାଏ; ମାତ୍ର ଅଧିକ ସଂଯୋଗ କଲେ ବ୍ୟଞ୍ଜନ ଅଖାଦ୍ୟ ହୋଇଯାଏ । ସ୍ନେହ ସଙ୍ଗେ ସଙ୍ଗେ ଶାସନ ଏବଂ ଉପଦେଶ ବଡ଼ ଉପକାରୀ ଅନ୍ୟଥା ସ୍ନେହ ଅତି ଭୟଙ୍କର ହୁଏ । ଅତି-ରିକ୍ତ ସ୍ନେହହେତୁ ବାଳିକା ଟିକିଏ ପ୍ରଗଲ୍ଭ ହୋଇ-ଉଠିଲା । ଶାସନର ବାଧା ନପାଇ ସେହି ପ୍ରଗଲ୍ଭତା କ୍ରମଶଃ ବଢ଼ିବାକୁ ଲାଗିଲା । କାଳେ ମା-ଛେଉଣ୍ଡଟିର ମନକୁ ବାଧିବ, ସେଥିଲାଗି ତାଙ୍କୁ କେହି କିଛି କହନ୍ତି ନାହିଁ । ସେ ପୁଅପରି ଲୁଗାପିନ୍ଧେ, ପୁଅପରି କଥାକହେ । ପୁଅଙ୍କ ମେଳରେ ଖେଳିବାକୁ ସୁଖମଣେ । ଏହିପରି ବାଳକ ସହବାସରେ ବାଳିକାର ପ୍ରକୃତି ପରିବର୍ତ୍ତିତ ହୋଇଗଲା । ତାହାର ବାଳିକା-ସୁଲଭ କୋମଳ ସ୍ୱଭାବ କଠୋର ହୋଇଉଠିଲା । ସେ ବାଗ-ଧରି କଥା କହିପାରେନାହିଁ, ଏଣୁତେଣୁ ଅଖାଡ଼ୁଆ କଅଣ ଗୁଡ଼ାଏ କହିପକାଏ । କାହାରିକୁ ତାହାର ଲଜ୍ଜା-ସରମ ନାହିଁ । ସେ ପୁରୁଷପରି ଧସ୍ ଧସ୍ ହୋଇ ବୁଲେ, ଠୋ ଠୋ ହୋଇ ହସେ, ଭଡ଼ଭଡ଼ ହୋଇ କଥା କହେ, ପୁରୁଷଙ୍କ ପରି ବସେ, ନାଚେ । ସ୍ଥୂଳତଃ ତାହାର ନାରୀ ସୁଲଭ କୋମଳ ବୃତ୍ତିଉପରେ କର୍କ-ଶତାର ଗୋଟାଏ କଠିନ ଆବରଣ ପଡ଼ିଗଲା । ଏ ବଦଖୋଇ ତାହା ଜୀବନରେ ଆଉ ସୁଧୁରିଲା ନାହିଁ । ତାହାର ଏପରି ଆଚରଣ ଦେଖି ଗାଁ ମାଇକିଣାମାନେ ତାଙ୍କୁ "ଅନ୍ତେସିଚଣ୍ଡୀ" ଆଖ୍ୟା ଦେଇଥିଲେ ।

ଲାବଣ୍ୟ କଠୋର ପ୍ରକୃତିକା ହେଲେହେଁ, ନାରୀ-ଗୌରବ-ଯୋଗ୍ୟତା ତାହାର ଯଥେଷ୍ଟ ଥିଲା । ଗାର୍ହସ୍ଥ୍ୟ କାର୍ଯ୍ୟରେ ତାହାର ଅସାଧାରଣ ଯୋଗ୍ୟତା ଶତ୍ରୁ ମୁଖରେ ମଧ୍ୟ ପ୍ରଶଂସିତ ହୁଏ । ରନ୍ଧାବଢ଼ାରେ ସେ ଖୁବ୍ ନିପୁଣା, ଘଣ୍ଟାକ ମଧ୍ୟରେ ନ' ଭୁଣ ଛ' ଭଜା କରି ଥୋଇଦେଇପାରେ । ପାନଭଙ୍ଗା, ଠା-କଣ୍ଠା, ଝୁଣ୍ଟିଆ ପ୍ରଭୃତିରେ ତାହାପରି ଗୋଟାଏ ଝିଅ ଦେଖିହୁନି-ଆଁରେ ବିରଳ । ସେ ନାନାପ୍ରକାର ପିଠା କଣ୍ଢ଼ ଏବଂ ଅବୁର ତିଆରିକରିପାରେ । ଥରେ ମାତ୍ର ତାହାର ରାନ୍ଧଣା ଯେ ଖାଇଛି ସେ ତାହା ଜୀବନରେ କେବେ ଭୁଲିପାରିବ ନାହିଁ । ରନ୍ଧାବଢ଼ାରେ ସେ ସ୍ୱୟଂ ମହା-ଲକ୍ଷ୍ମୀ କିମ୍ବା ଅନ୍ନପୂର୍ଣ୍ଣା । ତାହାର ସେବାପରାୟଣ ହସ୍ତ ପିତୃସେବାରେ ସତତ ପରତ । ବଡ ଭାଇକୁ ସେ

ଯଥୋପଯୁକ୍ତ ଭକ୍ତକରେ । ତାହାର ହସ୍ତସ୍ପର୍ଶରେ ବରାଳଙ୍କର ଗୃହଶ୍ରୀ ଫୁଟିକି ଉଠୁଅଛି । ବଡ ବୋହୂଙ୍କ ରତ୍ନରେଖା ତାହାକୁ କନ୍ୟାଧିକ ସ୍ନେହ, ଯତ୍ନ କରେ । ସେ ତାହାର ଶରୀରର ପ୍ରାଣ ଏବଂ ପ୍ରାଣର ଆନନ୍ଦ ପ୍ରତିମା । ଲାବଣ୍ୟ ମଧ୍ୟ ଭାଉଜର କରୁଣାର ଅନାବୃତ ମୂର୍ତ୍ତି ଦେଖି ମୁଗ୍ଧ ହୁଏ ଏବଂ ବିସ୍ମୟ, ଶ୍ରଦ୍ଧା, ପୁଲକରେ ତାହାର ହୃଦୟ ଅବନତ ହୋଇଆସେ । ଲାବଣ୍ୟ ସୁନ୍ଦରପଣରେ ବିଦ୍ୟାଧରୀ, ଚରିତ୍ରରେ ଦେବୀ ଏବଂ ଗୁଣରେ ଲକ୍ଷ୍ମୀସ୍ୱରୂପା । ସେ ସାମାନ୍ୟ ଲେଖାପଢା ମଧ୍ୟ ଶିଖିଅଛି । ଦୟା ଧର୍ମ ଆଦି ତାହା ଶରୀରର ଅପାର୍ଥିବ ମହାର୍ଘ ଅଳଙ୍କାର । ତାହାର ଏତେ ଗୁଣ ଏତେ ଯୋଗ୍ୟତା ଥିଲେ ମଧ୍ୟ ସେହି ପୁରୁଷଯୁଗର କଠୋରତା ସେ ସମସ୍ତକୁ ନିଷ୍ପ୍ରଭ କରି ରଖିଥିଲା ।

ଲାବଣ୍ୟ କ୍ରମେ ବଢି ଉଠିଲା । ଝିଅ ବଡ ହେଲେ ପିତାମାତାର ଯେଉଁ ଭାବନା ଉପୁଜେ, ତାହା ଅନୁମାନର ବିଷୟ ନୁହେଁ—ଅନୁଭବର ବିଷୟ । କନ୍ୟାକୁ ସତ୍ପାତ୍ରସ୍ଥ କରିବା ଚିନ୍ତା ଶ୍ରୀନାଥ ବରାଳଙ୍କୁ ଆସି ଘାରିଲା । ତାଙ୍କର ଉପସ୍ଥିତ ଅବସ୍ଥା ସତ୍ପାତ୍ର ପ୍ରାପ୍ତିର ଅନୁକୂଳ ନୁହେଁ; ସୁତରାଂ ନିଜକୁ ସେ ବଡ ବିପନ୍ନ ମଣିଲେ । ତାଙ୍କ ବଂଶର ଝିଅମାନେ ସମସ୍ତେ ବଡଘରରେ ପଡିଅଛନ୍ତି—କେହି ବାଟିଏ ଜମିରୁ ଊଣା ଯୌତୁକ ନେଇ ନାହାନ୍ତି । ତାଙ୍କୁ ତ ସେହି ବଂଶ ଗୌରବ ଅକ୍ଷତ ରଖି ଚଳିବାକୁ ହେବ । ନଚେତ୍ ସମାଜରେ ତାଙ୍କର ମୁଣ୍ଡ ଯେ ତଳକୁ ହୋଇଯିବ; କିନ୍ତୁ ତାଙ୍କର ଭୂମି କାହିଁ ଯେ, ସେ କନ୍ୟାକୁ ବାଟିଏ ଜମି ଯୌତୁକ ଦେବେ । ବର୍ତ୍ତମାନ ତାଙ୍କର ଭୂମିବାଡି ଯାହା ଅଛି, ତାହା ସବୁ ମିଶି ସୁଦ୍ଧା ବାଟିଏ ହେବ ନାହିଁ । ପଚ୍ଛକୁ କ୍ରମେ କ୍ରମେ ମାଣେ କଣେ ଲେଖାଏଁ କିଣି ଦେଇ ପାରନ୍ତେ; ମାତ୍ର ବରବଜାରରେ ସେପରି କାଲିବାକି ଚଳେ ନାହିଁ, ସେଠାରେ ସବୁ ନଗଦ କାରବାର । ବର୍ତ୍ତମାନକୁ ଛାଡିଦେଇ କାହିଁକି ବା କିଏ ଭବିଷ୍ୟତକୁ ଅପେକ୍ଷା କରି ରହିବ । ଭବିଷ୍ୟତର ଗର୍ଭ ଗାଢ ଅନ୍ଧକାରମୟ, ସେଥିରେ କି ଫଳ ଫଳିବ ତାହା କିଏ କହିପାରେ । ବରାଳେ ଏହିପରି ନାନା କଥା ଭାବି ସବୁଆଡ଼ ଅନ୍ଧକାର ଦେଖିଲେ । ଶେଷରେ ଅନନ୍ୟୋପାୟ ହୋଇ କନ୍ୟାଦାୟରୁ ମୁକ୍ତ ହେବା ଆକାଂକ୍ଷାରେ ସେ ଦେବତାଙ୍କର ଶରଣାପନ୍ନ ହେଲେ । ଦେବତା ମଧ୍ୟ ତାଙ୍କ ଆକାଂକ୍ଷାର ସକରୁଣ ଆବେଦନ ସଦୟ କର୍ଣ୍ଣରେ ଶୁଣିଲେ ଏବଂ ଅଳ୍ପଦିନ ପରେ ତାଙ୍କର ମନୋମତ ସୁପାତ୍ର ଗୋଟିଏ ଘଟାଇଦେଲେ ।

ଶିହୁଣ୍ଡି ଗ୍ରାମରେ ଋଷିରାଜ ବୈରିଗଞ୍ଜନଙ୍କର ଘର । ତାଙ୍କର କେଉଁ ପୁରୁଷରେ କିଏ କେବେ କେଉଁ ପ୍ରବଳ ବୈରୀକୁ ଗଞ୍ଜନ କରି ଏହି ଗୌରବାନ୍ୱିତ ଉପାଧି ନେଇଥିଲେ, ତାହା କେହି ଜାଣନ୍ତି ନାହିଁ । ଗ୍ରାମର କେହି କେହି ପ୍ରାଚୀନ ଲୋକ କହନ୍ତି—"ତାଙ୍କ ବଂଶର ମୂଳ ଉପାଧି ବାରିକ ଥିଲା । ଭଣ୍ଡାରିମାନଙ୍କର ବାରିକ ଉପାଧି ଅଛି; ମାତ୍ର ସେଠା ବଡ଼ ନୀଚ ଉପାଧି । ସେଭଳି ଉପାଧି ଉଚ୍ଚଜାତିର ଗ୍ରହଣୀୟ ନୁହେଁ ବୋଲି ଭାବି ଋଷିରାଜଙ୍କ ପିତା ବାରିକ ପରିବର୍ତ୍ତେ ନିଜକୁ ବୈରିଗଞ୍ଜନ କରିନେଇଅଛନ୍ତି । ଏହି ଦୁଇ ପୁରୁଷ ହେଲା ତାଙ୍କ ଘରେ ଏହି ନିଜଦତ୍ତ ନବୀନ ଉପାଧି ଚଳି ଆସୁଅଛି । ତାଙ୍କ ବଂଶ ପ୍ରାଚୀନ ବଂଶ ନୁହେଁ କି ସେ ବଂଶରେ କେହି ଧନୀ ନ ଥିଲେ; ମାତ୍ର ଋଷିରାଜ ବୈରିଗଞ୍ଜନ ନିଜର କଷ୍ଟକର୍ମ—ସୂକ୍ଷ୍ମ ବୁଦ୍ଧିବଳରେ ଅଧିକ ଅର୍ଥୋପାର୍ଜ୍ଜନ କରି ଖଣ୍ଡେ ଛୋଟ ଜମିଦାରୀ କିଣିଅଛନ୍ତି; ସୁତରାଂ ସେ ଏକପୁରୁଷିଆ ଧନୀ । ଅସଦୁପାୟରେ ଅର୍ଥ ଉପାର୍ଜ୍ଜନକୁ ସେ ଅନ୍ୟାୟ ମଣନ୍ତି ନାହିଁ । ତାଙ୍କ ମତରେ ଅର୍ଥୋପାର୍ଜ୍ଜନରେ ଧର୍ମାଧର୍ମର ବିଚାର କର୍ତ୍ତବ୍ୟ ନୁହେଁ । ଯେ କୌଣସି ଉପାୟରେ ହେଉ, ଘରକୁ ଟଙ୍କା ଆଣିବା ମନୁଷ୍ୟର ପୌରୁଷ । ବୈରିଗଞ୍ଜନ ଯେଉଁପରି ଧୂର୍ତ୍ତ, ସେହିପରି ଦାମ୍ଭିକ, ନିଜର ଏବଂ ନିଜ ବଂଶର ଗୁଣବ୍ୟାଖ୍ୟାନରେ ସେ ସହସ୍ରମୁଖ । ଶ୍ରୋତା ବିଶ୍ୱାସ କରୁ ବା ନ କରୁ; ମାତ୍ର ସେ ତାକୁ ନିଜର ବଡିମା ନ ଶୁଣାଇ ଛାଡନ୍ତି ନାହିଁ । ତାଙ୍କର ବାହାରଟା ଗଙ୍ଗାଜଳ ପରି ନିର୍ମଳ; ମାତ୍ର ଭିତରେ ଭିତରେ ଗୋଟାଏ ପଙ୍କିଳ ସ୍ରୋତ ପ୍ରଚ୍ଛନ୍ନରେ ବହୁଥାଏ । ତାଙ୍କ ଗୁଣକୀର୍ତ୍ତି ସମ୍ବନ୍ଧରେ ଅନେକ ଅଦ୍ଭୁତ ଜନରବ ଶୁଣାଯାଏ ।

ତାଙ୍କର ଦୁଇଶଘର ଗୋଖା ପ୍ରଜା ଅଛନ୍ତି । ନିରକ୍ଷର ଗୋଖାଜାତି ଅତି ସରଳ; ଜମିଦାରୀ କୁଟନୀତି ସେମାନେ ଜାଣନ୍ତି ନାହିଁ; ସୁତରାଂ ଯେତେବେଳେ ଦୁହିଁଲେ କାମ-ଧେନୁ ପରି କ୍ଷୀରଦାନ କରନ୍ତି । ଥରେ ଇଲିଶ ମାଛ ବେପାରରେ ଗୋଖାମାନେ ଆଶାତୀତ ଲାଭ କରିଥିଲେ । ବୈରାଗଞ୍ଜନ ସେମାନଙ୍କ ଗ୍ରାମକୁ ଯାଇ କାହାର କେତେ ଲାଭ ହୋଇଛି ବୋଲି ପଚାରିଲେ । ଗୋଖାମାନେ ନିଷ୍କପଟ ମଇଁଷିଆ ପ୍ରଜା ଛନ୍ଦମନ୍ଦ ବୁଝନ୍ତି ନାହିଁ । ସମସ୍ତେ ସତ-କଥା କହିଗଲେ । ଜଣେ କହିଲା—ମୋର ଆଠକୋଡ଼ି ଏକ ଗଣ୍ଡା ଲାଭ ହୋଇଛି । ଜଣେ କହିଲା—ମୁଁ ପଣେ ତେର ଗଣ୍ଡା ଦଶଟା ଲାଭପାଇଛି, ଜଣେ କହିଲା ମୋ'ତେ ତ ଗଣି ଆସେ ନାହିଁ । ସେଇ ଗୋରୁର ମା ଗଣିଜାଣି ରଖେ । ଏଥର ସେ ରଖିଲାବେଳେ ଦେଖିଥିଲି, ସେରକିଆ ଶୁଖୁଆ ହାଣ୍ଡି ଟେକରେ ଟେକଏ ହୋଇଥିଲା । ସମସ୍ତେ ଏହିପରି ନିଜ ନିଜ ଲାଭର ପରିମାଣ ଜଣାଇଲେ । ସେମାନେ ଜମିଦାରଙ୍କୁ ଭକ୍ତି କରନ୍ତି, ତାଙ୍କ ପାଖରେ ଲୁଚାଇବେ କାହିଁକି ? ବୈରାଗଞ୍ଜନ ପଚାରିଲେ "ଆରେ ଚକଆଧୁଳାକୁ ଭଲକରି ଖରାରେ ଶୁଖାଇ ପାଛୁଡ଼ି ରଖିଛ ନା ? ଗୋଖାମାନେ ଟଙ୍କାକୁ ଚକଆ ବୋଲି କହନ୍ତି । ସେମାନେ ତାଟକାହୋଇ କହିଲେ—କ ବୈରା-ସାଆନ୍ତେ ନ ଶୁଖାଇଲେ କଣହେବ ? ବୈରାଗଞ୍ଜନ କହିଲେ—ନ ଶୁଖିଲେ ଗମିଯାଇ କଳଙ୍କ ଫୁଟିଯିବ, ଏଣୁ ଭଲକରି ଶୁଖାଇ ପଛୁଡ଼ି ଅଗାଡ଼ ବାଡ଼ିଦେବ ଆଉ ଯେ ଭଲ ତାକୁ ରଖିବ । ଅଗାଡ଼ ମୁଠାକ ଯାହା ବାହାରିବ ତାହା ରଖିଦେଇଥିବ ମୁଁ ଆସି ନେଇଯିବି । ସେଗୁଡ଼ାକ କିଛି କାମରେ ଆସେ ନାହିଁ ଯେ ଖାଲି ଘର ଭରସାରେ ପଡ଼ିଥିବ । କାଳେ କେତେବେଳେ ତାହାର ଦରକାର ହେବ । ଗୋଖାମାନେ ବୈରାଗଞ୍ଜନଙ୍କୁ ବୈରା ବୋଲି ଡାକନ୍ତି । ବୈରାର ଉପଦେଶ ଅନୁସାରେ ସେମାନେ ଟଙ୍କାକୁ ଶୁଖାଇ କୁଲାରେ ପାଛୁଡ଼ିଲେ । ଯେଉଁ ଗୁଡ଼ିକ କୁଲାରୁ ଗଡ଼ିଯାଇ ତଳେପଡ଼ିଲା, ସେ ସବୁ ହେଲା ଅଗାଡ଼, ଆଉ କୁଲାରେ ଯାହା ରହିଲା ତାହା ଭଲ । ଅଗାଡ଼ ସବୁ ବୈରା ପାଇଁ ରଖିଦେଇ ଭଲଗୁଡ଼ିକ ଘରେ ରଖିଲେ । ବୈରାଗଞ୍ଜନ ଯଥାସମୟରେ ଆସି ଗାଁରୁ ଅଗାଡ଼ଯାକ କୁଣ୍ଡାଇ ଗୁଣ୍ଡାଇ ନେଇଗଲେ । ବୈରାଗଞ୍ଜନଙ୍କ ସମ୍ବନ୍ଧରେ ଏହିପରି ଅଦ୍ଭୁତ ଅନେକ ଜନବାଦ ଶୁଣାଯାଏ; ମାତ୍ର ସେ ଶୁଣା କଥାର କିଛି ପ୍ରମାଣ ନାହିଁ—ତେଣୁ ଉପେକ୍ଷିତ ହେଲା ।

ବୈରାଗଞ୍ଜନଙ୍କ ଜ୍ୟେଷ୍ଠପୁତ୍ର ଗଜେନ୍ଦ୍ର ଅବିବାହିତ । ସେ ସାମାନ୍ୟ ଇଂରାଜୀ ପଢ଼ିଅଛି । ଗୋଟାଏ ଟାଇପ-ରାଇଟିଂ କଳ କିଣି ସ୍ୱାଧୀନ ବ୍ୟବସାୟ ଆରମ୍ଭ କରିଅଛି । ପିଲାଟି ରୂପବାନ, ସ୍ୱଭାବ ଚରିତ୍ର ନିର୍ଦ୍ଦୋଷ, ତାହାରି ସଙ୍ଗରେ ଲାବଣ୍ୟର ବିବାହ ସମ୍ବନ୍ଧ ସ୍ଥିର-ହେଲା । ସାଧାରଣ ଭଦ୍ରଗୃହସ୍ଥମାନେ କନ୍ୟାକୁ ଯେପରି ଅଳଙ୍କାର ଏବଂ ଯୌତୁକ ପ୍ରଭୃତି ଦିଅନ୍ତି, ଶ୍ରୀନାଥ ବସୁଲ ସେହିପରି ଦେବେ, ଅଧିକନ୍ତୁ ପାଞ୍ଚମାଣ ଭୂମି ଝିଅ ନାମରେ ରେଜେଷ୍ଟ୍ରୀ କରିଦେବେ । କିନ୍ତୁ ତାହା ନଗଦ ଦେଇପାରିବେ ନାହିଁ, ପ୍ରତିବର୍ଷ ମାଣେ ଲେଖାଏ କିଣିଦେବେ । ଏହିପରି କଥା ଛିଡ଼ିଲା, ବୈରାଗଞ୍ଜନ ମଧ୍ୟ ଏ ପ୍ରସ୍ତାବରେ ସ୍ୱୀକୃତହେଲେ ।

ଯଥା ସମୟରେ ବିବାହ ହୋଇଥିଲା । ବସୁଲେ କନ୍ୟାଜାମାତାଙ୍କୁ ଯେଉଁ ଦାନ-ଯୌତୁକ ଦେଲେ ତାହା କାହାରି ଅପସନ୍ଦ ହେଲାନାହିଁ । ରତ୍ନରେଖା ପ୍ରାଣାଧିକା ନଣନ୍ଦକୁ ନିଜର ଅଳଙ୍କାରମାନ ପିନ୍ଧାଇ ଦେଇ ଗୋଟାଏ ଗୌରବଗର୍ବ ଆତ୍ମପ୍ରସାଦ ଅନୁଭବ କଲା । ଲାବଣ୍ୟ ଶ୍ୱଶୁର ଘରେ ଯଥେଷ୍ଟ ସ୍ନେହାଦର ଲାଭକଲା । ତାହାର ଶାଶୁ କହି ବୁଲିଲେ—"ବୋହୂ କରିବତ ମୋହରି ବୋହୂପରି ବୋହୂ କରିବ । ଆହା, ଆଖି-କାନ-ନାକ-ମୁହଁ କି ସୁନ୍ଦର, ସତେ ଯେପରି ବସନ୍ତର ଫୁଲ ରାଣୀ ।" ପ୍ରଥମ ପ୍ରଥମ ବୋହୂକୁ ସେ ଏତେ ସ୍ନେହ କଲେ ଯେ ସେହି ସ୍ନେହର ଗୁରୁଭାର ଲାବଣ୍ୟ ପକ୍ଷରେ ଦୁର୍ବହ ହୋଇ ଉଠିଲା । ସେ ନିଜ ହାତରେ ଖାଇବାର ସୁବିଧା ପାଇଲା ନାହିଁ । ଶାଶୁ ଆଗରେବସି ଗେହ୍ଲା ବୋହୂଟିକୁ କେତେଦିନ ଯାଏ ଖୁଆଇଦେବାକୁ ଲାଗିଲେ । ଶ୍ୱଶୁରଙ୍କର ତ ବୋହୂଟି ଜୀବନ ଧନ, ପୁଣି ସ୍ୱାମୀର ସୁଆଗ ସବୁଠାରୁ ବଳିଗଲା । ଲାବଣ୍ୟ "ସୁନାର ଭିତରେ ହୀରାଟିଏ" ଆଣି ଘର ପୂର୍ଣ୍ଣକରି ଦେଲା; ସୁତରାଂ ସେ ସ୍ନେହ ସବୁର ପାତ୍ରୀ

ନ ହେବ କାହିଁକି ? ଏହିପରି ଭାବରେ ତାହାର ବଧୂଜୀବନର ପ୍ରଥମ ଅଧ୍ୟାୟ ଶେଷ ହେଲା । ତାହାର ରୂପ ଗୁଣରେ ଶ୍ୱଶୁରାଳୟର ସମସ୍ତେ ମୁଗ୍‌ଧ, କେବଳ ରୂଢ଼ ସ୍ୱଭାବହେତୁ କେହି କେହି କ୍ଷୁବ୍‌ଧ ହୁଅନ୍ତି । ତାହାର ଠୋସ୍ ଠୋସ୍ କଥା, ଢଗ ଢଗ ଚାଲି, ଫାଲ ଫାଲ ଚାହାଣି ଅନେକଙ୍କୁ ଭଲ ଲାଗେ ନାହିଁ ।

ଦେଖୁଁ ଦେଖୁଁ ଶଗଡ଼ଚକ ପରି ଗୋଟାଏ ବର୍ଷ ଗଡ଼ିଗଲା । ବସ୍ୱେଳ ପ୍ରଜାବର୍ଗ ମାନେ ଲେଖାଏ ଜମି କିଣିଦେବାକୁ କହୁଥିଲେ; ମାତ୍ର ସେ ଏଥି ମଧ୍ୟରେ ମାଷ୍ଟର ଜମିବାଡ଼ି ସମ୍ବନ୍ଧ ଛାଡ଼ି କେଉଁ ଅନିର୍ଦ୍ଦିଷ୍ଟ ଅମାଷ୍ଟି ରାଜ୍ୟକୁ ଚାଲିଗଲେ । ବୈରଗଞ୍ଜନଙ୍କ ମୁଣ୍ଡରେ ଆକାଶ ଭାଙ୍ଗିପଡ଼ିଲା । ସେ ଦୁର୍ଭର ଚିନ୍ତାରେ ପଡ଼ିଲେ । ମନେ ମନେ ଭାବିଲେ—ତେବେ କଅଣ ପାଞ୍ଚମାଣ ଜମି ମୁଁ ପାଇବି ନାହିଁ, କାହିଁକି ନ ପାଇବି ? ସେ ମଲେ ତାର ପୁଅତ ଅଛି, ସେ କଣ ପିତୃଋଣ ପାଇଁ ଦାୟୀ ନୁହେଁ ! ପିତୃସତ୍ୟ ପାଳିବା କି ପୁତ୍ରର କର୍ତ୍ତବ୍ୟ ନୁହେଁ ? ଯେଉଁ ଦେଶର ରାଜପୁତ୍ର ପିତୃସତ୍ୟ ପାଇଁ ରାଜ୍ୟ ତ୍ୟାଗକରି ବନବାସ କଲେ । ଅର୍ଜ୍ଜୁନ ସେହି ତ୍ୟାଗିଦେଶରେ ଜନ୍ମଲାଭ କରି କଅଣ ପାଞ୍ଚମାଣ ଜମି ଦେଇ ପିତୃବାକ୍ୟର ଆଦର୍ଶ ଦେଖାଇ ପାରିବ ନାହିଁ ? ସେ କଣ କୁପୁତ୍ର ନୁହେଁ, ଜାଣୁ ଜାଣୁ ପିତୃସତ୍ୟ ଆଉ ଦେଶର ଗୌରବକୁ ଜଳାଞ୍ଜଳି ଦେବ ।" ବୈରଗଞ୍ଜନ ଏହିପରି ଭାବ ଚିନ୍ତନା ପରେ ଲୋକଦ୍ୱାରା ଅର୍ଜ୍ଜୁନକୁ ଜମି କଥା କହିପଠାଇଲେ ଏବଂ ନିଜେ ମଧ୍ୟ ଅନେକଥର ଯାଇ ମାଗିଲେ । ଅର୍ଜ୍ଜୁନ କହିଲା—"ବାବା କହିଥିଲେ ମୁଁ ତାହା ଜାଣେ । ସେ ଥିଲେ ଅବଶ୍ୟ କୌଣସି ଉପାୟ କରିଥାଆନ୍ତେ ; ମାତ୍ର ମୋର ଅବସ୍ଥା ଦୃଷ୍ଟିରେ ମୁଁ କଅଣ କରିପାରିବି ? ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ମୁଁ ଋଣଗ୍ରସ୍ତ, ସେ ଋଣ ଶୁଝିବାର ଶୀଘ୍ର ଉପାୟ ନାହିଁ ।" ବୈରଗଞ୍ଜନ ଆଉ ଅଧିକ କହିବାକୁ ଅବସର ନ ଦେଇ କହିଲେ—"ଯାହାହେଉ ବାବା, ତୁମେ ଯେତେବେଳେ ପିତୃ-ସମ୍ପତ୍ତି ଭୋଗ କରିବ, ସେତେବେଳେ ପିତୃଋଣ ତୁମ୍ଭର ଶୁଝିବା ଉଚିତ । ନ ହେଲେ ତୁମ୍ଭର ପିତା ନରକରେ ପଡ଼ିବେ ।" ପ୍ରଥମତଃ ଦୁହିଁଙ୍କର ଶିଷ୍ଟାଚାରସମ୍ମତ କଥାବାର୍ତ୍ତା ଚାଲିଲା, ତହିଁପରେ କଥା ଟିକିଏ କଡ଼ା ହୋଇ ଉଠିଲା, ଶେଷରେ ରେଷାରେଷି, ରାହିସୁରାଣ ଖୋଲା, ଗାଳି ଧମକ ଚମକ ପର୍ଯ୍ୟନ୍ତ ଗଲା; ମାତ୍ର କିଛି ଫଳ ହେଲାନାହିଁ । ବୈରଗଞ୍ଜନ ହତାଶ ହୋଇ ଫେରିଆସିଲେ ।

ଲୁହା ଦୋଷରେ ଅଗ୍ନି ଦେବତା ମାଡ଼ଖାଏ; ସୁତରାଂ ପିତାର ଦୋଷ କନ୍ୟା ମୁଣ୍ଡରେ ଚଢ଼ିଲା । ବୈରଗଞ୍ଜନ ପରିବାର ପ୍ରତିଶୋଧର ଅନ୍ୟ ଉପାୟ ନ ଦେଖି ଲାବଣ୍ୟ ପ୍ରତି ନିର୍ଯାତନ ଆରମ୍ଭ କଲେ । ତାହାର ନାନା ଦୋଷ ବାହାରିଲା -ରାଏସୁଢ଼ାକ ଖୁଣ ହୋଇଗଲା—ଲୁଣ ଅଲଣା ନହେଲେ ସୁଙ୍କା ଅଲଣା ହୋଇଗଲା—ଭାତ ପୋଡ଼ିଗଲା, ଏହିପରି ନାନା ଦୁର୍ଭନା ବାହାରିଲା । ଶାଶୁ କହନ୍ତି—"ଅଙ୍ଗୁଳି ଚଟାଘରର ଝିଅ, ସେ କାହୁଁ ଲୁଣ ଶାଗ ରାନ୍ଧି ଜାଣିବ ।" ଶଶୁର କହନ୍ତି—"ତାହାର ରାନ୍ଧଣା ବିଦ୍ୟା ତ ମୁଷ୍ଟି ଶାଗ ମଦରଙ୍ଗା ଶାଗ ଖରଡ଼ାଯାଏ, ସେ ଆଉ ପଟୋଳର ମହତ୍ତ୍ୱ କଅଣ ବୁଝିବ । ଜନ୍ମକେ ତାହା ସବୁ ଆଖିରେ ବି ଦେଖି ନଥିବ । ଏହିପରି ବାକ୍ୟବାଣରେ ସମସ୍ତେ ତାକୁ ବିଦ୍ଧ କରନ୍ତି । ସେ ମଧ୍ୟ ପ୍ରତିବାଣପ୍ରୟୋଗରେ ଖୁବ୍ ପ୍ରବୀଣା । ଏହିପରି ବାକ୍ୟଯୁଦ୍ଧ ଲାଗେ, ପ୍ରତ୍ୟହ କଳି ହୁଏ । ବୈରଗଞ୍ଜନଙ୍କ ଗୃହ କ୍ରମେ ଅଶାନ୍ତିମୟ ହୋଇଉଠିଲା । ଅବସର କ୍ରମେ ଲାବଣ୍ୟ ଏ ସବୁ କଥା ସ୍ୱାମୀଙ୍କୁ କହେ । ଗଜେନ୍ଦ୍ର ସବୁ ଜାଣେ ପ୍ରକୃତରେ ଲୁଣ ଲୁଣୀ ବା ଅଲଣା ହୁଏନାହିଁ କିମ୍ବା ଭାତ ପୋଡ଼ିଯାଏ ନାହିଁ । ଛଳାରେ ଏ ଗୋଟାଏ ଦୁର୍ନାମ ରଟନା ଏବଂ ପିତା ଦୋଷରେ କନ୍ୟାର ଦଣ୍ଡ । କିନ୍ତୁ କଅଣ କରିବ, ପିତାମାତାଙ୍କୁ ତ ସେ ଏ ବିଷୟରେ କିଛି କହି ପାରିବ ନାହିଁ; ସୁତରାଂ ପତ୍ନୀକୁ ସହ୍ୟକରି ରହିବାକୁ ଉପଦେଶ ଦେଇ ନୀରବ ରହେ । ଲାବଣ୍ୟ ଶାଶୁ ଶଶୁରଙ୍କ ପ୍ରଥମ ସ୍ନେହ ସ୍ମରଣ କରି ଅନେକ କାନ୍ଦେ, ରାତିରେ ଖାଇଲେ ଦିନରେ ଖାଏନାହିଁ, ଦିନରେ ଖାଇଲେ ରାତିରେ ଖାଏ ନାହିଁ, କାନ୍ଦି କାନ୍ଦି ଶୋଇପଡ଼େ ।

ତାହା ମନରେ ଆଉ ଶଲ୍ୟର୍ବେ ସୁଖଶାନ୍ତି ରହିଲା ନାହିଁ ।

ଦିନେ ଲବଣ୍ୟ ଚୁଲି ପାଖରେ ବସି ମାଛ ଭାଜୁଥିଲା । ଖଣ୍ଡେ ଦୂରରେ ତାହାର ଦ୍ୱାଦଶବର୍ଷୀୟା ନଣନ୍ଦ ବନୋଦମା ଭାତ ଖାଉଥାଏ । ଲବଣ୍ୟର ପଣତ କାନରେ ଖଣ୍ଡେ ପାନ ବନ୍ଧା ହୋଇଥିଲା, ତାହା ମନରେ ପଡ଼ିଯିବାରୁ ସେ ପାନଖଣ୍ଡ କାନରୁ ଫିଟାଇ ପାଟିକୁ ପକେଇ ଦେଲା । ବନୋଦମା ତାହା ଦେଖି ଲବଣ୍ୟ ଭଜାମାଛ ଖଣ୍ଡେ ପାଟିକୁ ପକାଇଦେଲା ବୋଲି ମନେକଲା । ଆଉ ତାକୁ ସମ୍ଭାଳେ କିଏ ? ସେ ଭାତଖିଆ ଛାଡ଼ି ଗର୍ଜି ଗର୍ଜି ମା ପାଖକୁ ଧାଇଁଲା । ଡ଼ାକ ଡ଼ାକ କହିଲା—"ମାଆଲୋ, କୁଆଡେ ଗଲୁ ଲୋ, ତୋ ବୋହୂଗୁଣ ଦେଖିବୁ ଧାଇଁଆଲୋ । ଛି ଛି, ଏତେ ଠାଉରୀ ହାଣ୍ଡିଖାଇ ଆହୁରି ଅଛନ୍ତି, ଭାଜୁ ଭାଜୁ ମାଛ ଖାଇ ଦେଉଛି ।" ମା ଘର ଭିତରୁ କହିଲେ— "କଅଣଲୋ ବନ, କାହାଁକି ଡ଼ାକୁଛୁ ?" ବନୋଦମା କହିଲା—"ଆଉ କଣ, ମୋ ମୁଣ୍ଡ ଆଉ ଗଣ୍ଡି । ସରିଲା, ସରିଲା-ସବୁ ସରିଲା, ଏ ଘରକୁ ଲକ୍ଷ୍ମୀ ଛାଡ଼ିଲା । ଗୁଣମଣି ବୋହୂଙ୍କର ଗୁଣ ଶୁଣିବୁ ? ମାଛ ଭାଜୁ ଭାଜୁ ଖିଆ ଲାଗିଛି ।" ମା ଏକଥା ଶୁଣି ହାଣ୍ଡିଶାଳକୁ ଯାଇ ଫଟା ନାଗସ୍ୱରର ଖଣ୍ ଖଣ୍ ସ୍ୱରରେ କହିଲେ— "ଆଲୋ ସବୁଳଖାଇ ଝିଅ ଦରିଦ୍ରାଣି, ତୁ ସମସ୍ତଙ୍କୁ ଅଇଁଠା ଖୋଇବୁ ? ମାଛ ଭାଜୁ ଭାଜୁ ଖାଇ ଦେଉଛୁ, ତୋ ପେଟରେ ନିଆଁ ଲାଗିଛି ।" ଗୃହିଣୀଙ୍କ ମଧୁର ସ୍ୱର ଶୁଣି ବୈକୁଣ୍ଠଗଞ୍ଜନ ଧାଇଁ ଆସି ସବୁ ଶୁଣି କହିଲେ—"ସେ ତ ଛୋଟଲୋକଘର ଝିଅ,ହାଣ୍ଡିଖାଇ, ଉଡ଼େଇ, ସ୍ୱୈରଣୀ ନ ହୋଇ ଆଉ କଅଣ ହେବ ।" କ୍ରୋଧ, ଘୃଣା ଏବଂ ଲଜ୍ଜାରେ ଲବଣ୍ୟର ଦେହ ଝାଳେଇ ଆସିଲା, ସେ କର୍କଶ ସ୍ୱରରେ କହିଲା—"ମୁଁ କଅଣ ଏତେ ହାଆଣୀ ନା ମାଛ ଭାଜୁ ଭାଜୁ ଖାଇଗଲି? ଗୃହିଣୀ ଗର୍ଜି ଉଠି କହିଲେ—"ହଁ ଖାଇଛୁ ଅଲବତ୍ ଖାଇଛୁ ଆଖି ମୁଁ ଦେଖେଁ ।" ଏହା କହି ମାଛ ପଲମ ଉପରେ ନଇଁପଡ଼ି କହିଲେ—"ମୁଁ ତ କାଟିଲାବେଳେ ଦଶଖଣ୍ଡ ମାଛ ଗଣିଥିଲି, ଏହିତ ପଲମରେ ଆଠଖଣ୍ଡ ଅଛି, ଆଉ ଦି ଖଣ୍ଡ କାହିଁ ?" ଲବଣ୍ୟ ବିରକ୍ତ ହୋଇ କହିଲା—"ଆଉ ଦି ଖଣ୍ଡ ମୁଁ ଖାଇଗଲି, ଆଖି ବୁଜି ଖାଇଲି ବେଶ୍ କଲି ଖାଇଲି । ମୋର କିଏ କଅଣ କରିବ କରୁ ।" ଗୃହିଣୀ ଆଉ ଧୈର୍ଯ୍ୟ ସମ୍ଭାଳି ପାରିଲେ-ନାହିଁ, କଅଣ କହିଲୁ ପୁତଖାଇ ଝିଅ, ତୋର ଏତେ ଦମାକ୍" ଏହା କହି ଚୁଲି ପାଖରୁ ଖଣ୍ଡେ ଅଧପୋଡ଼ା କାଠ ଟାଣିନେଇ ବୋହୂପିଠିରେ ପାହାରେ ବସାଇ ଦେଲେ । ଲବଣ୍ୟ ଏ କାଣ୍ଡ ଦେଖି ସ୍ତମ୍ଭୀଭୂତ ହୋଇଗଲା । କ୍ରୋଧରୂପବିଷାକର ନାଗ ତାହାର ହୃଦୟ ମଧ୍ୟରୁ ଫଣାଟେକି ଗର୍ଜି ଉଠିଲା । ଅପମାନର ଦାରୁଣ ଆଘାତରେ ମର୍ମସ୍ଥଳ ରକ୍ତାକ୍ତ ହୋଇଉଠିଲା । ଓଷ୍ଠାଧର ଥରି ଉଠିଲା; କିନ୍ତୁ ସେ କିଛି କହିପାରିଲା ନାହିଁ । କେବଳ ଗୋଟାଏ ବ୍ୟଥାସିକ୍ତ ତପ୍ତ ନିଃଶ୍ୱାସ ତ୍ୟାଗ କରି ସେଠାରୁ ଉଠି ଚାଲିଗଲା । ସେଦିନ ସେ କିଛି ଖାଇଲା ନାହିଁ । ନିଜ ଘରେ କବାଟ କିଳି ଶୋଇଲା । ରାତିରେ ସ୍ୱାମିପାଖରେ ସବୁ କହିଲା । କାହିଁକି କେଜାଣି ସେ ଦିନ ଗଜେନ୍ଦ୍ରର ମନ ଭଲ ନ ଥିଲା । ସ୍ତ୍ରୀର ଅଭିଯୋଗ ଶୁଣି ସେ କହିଲା— "ତୁମର ସବୁଦିନେ ସେହି କଥା, ଘରକୁ ଆସି ଦୁଇଘଡ଼ି ସୁଖଶାନ୍ତି ଭୋଗକରିବା ମୋ କପାଳରେ ନାହିଁ । ତୁମ୍ଭମାନଙ୍କର ଯାହାର ଯାହା ଇଚ୍ଛା ତାହା କର, ତୁମ୍ଭମାନଙ୍କ ଜାଲାରେ ମୁଁ ଆଉ ରହିପାରିବି ନାହିଁ— ଘରଛାଡ଼ି ଚାଲିଯିବି ।" ଏ କଥା ଶୁଣି ଲବଣ୍ୟର ପ୍ରାଣପୁରୁଷ ମୂର୍ଚ୍ଛିତ ହୋଇପଡ଼ିଲା । ସେ ମନେ ମନେ ଭାବିଲା—"ତେବେ ଏ ଘରେ ଆଉ ମୋର କିଏ । ମୋତେ ଏଠି କିଏ ରକ୍ଷାକରିବ ମୁଁ ତେର ସହିଛି, ଆଉ ଏଣିକି ସହିପାରିବି ନାହିଁ । ସହିବାର ବି ତ ଗୋଟାଏ ସୀମା ଅଛି, ଆଉ ସହି ସହି ଅବା କଅଣ ହେଲା—ଯେତିକି ସହି ରହିଲି, କିଳଙ୍କର ବୋଝ ସେତିକି ମୁଣ୍ଡ ଇବାକୁ ହେଲା ।" ଲାବଣ୍ୟ ଏହିପରି ନାନା କଥା ଭାବି ଘରୁ ବାହାରି ଆସିଲା । ସେହି ଦିନ ଜଣେ ଗଉଡ଼ୁଣୀ ବୋଝେ କମଳାଲେମ୍ବୁ ଘେନି ତାହା ବାପଘରୁ ଆସିଥିଲା । ସେ ଖାଇସାରି ଅମାର ପରସ୍ତରେ ଶୋଇଥିଲା । ଲବଣ୍ୟ ଧୀରେ ଧୀରେ ତାହା

ପାଖକୁ ଯାଇ ତାକୁ ଉଠାଇଲା ଏବଂ ସବୁକଥା କହି ତାହାର ସଙ୍ଗରେ ବାପଘରକୁ ଯିବାକୁ ଚାହାଁଲା । ଗଉଡ଼ୁଣୀ ପ୍ରଥମତଃ ମଙ୍ଗିଲା ନାହିଁ; ମାତ୍ର ପ୍ରାପ୍ତିର ଆଶା ଦେଖାଇବାରୁ ଶେଷରେ ସ୍ୱୀକୃତ ହେଲା । ତହୁଁ ଲାବଣ୍ୟ ସେହି ଘଡ଼ିରେ ତାହାର ସଙ୍ଗରେ ବାପଘରକୁ ଚାଲିଗଲା ।

ଉଷା ଜ୍ୟୋତିର୍ବିମାନରେ ଆରୋହି ପୂର୍ବାଶାର ହୈମ ସିଂହଦ୍ୱାର ମୁକ୍ତ କରିବା ସମୟରେ ଲାବଣ୍ୟ ଆସି ବାପଘରେ ପହୁଞ୍ଚିଲା । ରତ୍ନରେଖା ତାକୁ ଦେଖି ଚମକିଉଠି କହିଲା—"କିଏ, ଲାବଣ୍ୟ, ତୁ କୁଆଡ଼େ ଆସିଲୁ ?" ଲାବଣ୍ୟ କାତର କଣ୍ଠରେ ସବୁକଥା କହିଲା । ରତ୍ନରେଖା ଶୁଣି ଆଶ୍ଚର୍ଯ୍ୟ ହେଲା ଏବଂ କହିଲା—"ତୁ କାହାର ଝିଅ ହୋଇ କି କାମ କଲୁ ? ଗୋଡ଼ ଉଠାଇ ଚାଲିଆସିବା ଟା ଭଲକଥା ନୁହେଁ— ସେଥିରେ ଯେ ତୋର ପିତୃକୁଳରେ କଳଙ୍କ ଲାଗିଲା ଭଉଣି । ତୁ କି ଭୁଲ କଲୁ, ମୂହୂର୍ତ୍ତକର ଭୁଲ ସାରା ଜୀବନରେ ସୁଧୁରିପାରେ ନାହିଁ—ଘଡ଼ିକ ପାପର ପ୍ରାୟଶ୍ଚିତ୍ତ ଅନେକ ଜନ୍ମରେ ହୋଇପାରେ ନାହିଁ ।" ଲାବଣ୍ୟ କହିଲା—"ମୁଁ କିଛି ଅକର୍ମ କରି ନାହିଁ ଯେ, ମୋର ପିତୃକୁଳରେ କଳଙ୍କ ଲାଗିବ । ଅତ୍ୟାଚାର ସହି ନ ପାରି ପ୍ରାଣଭୟରେ ପଳାଇଆସିଛି ।" ରତ୍ନରେଖା କହିଲା—"ଲୋକେ ତୋତେ ନାନା କଥା କହିବେ-ନାନା ଦୁର୍ନ୍ନାମ ଦେବେ, ତାହା ସବୁ ସହିପାରିବୁ ତ ?

ଲାବଣ୍ୟ କହିଲା—"ମୋ ଦେହ ସବୁ ସହିବ ନୂଆବୋହୂ ଦୁଃଖଗଞ୍ଜଣାର ଆଘାତରେ ସେ ପଥର ପାଲଟି ଯାଇଛି ।" ଏହା କହି ପିଠିରୁ ଲୁଗାକାଢ଼ି ଶାଶୁ ପିଟିଥିବା ଅତ୍ତରଣାଦାଗ ଦେଖାଇ ଦେଲା ଏବଂ କଇଁ କଇଁ ହୋଇ କାନ୍ଦି କହିଲା—ତୁମ ଘରେ ଯଦି ମୋ ପାଇଁ ସ୍ଥାନ ନ ହୁଏ, ତେବେ ଯେଉଁ ଆଡ଼କୁ ଦୁଇଆଖି ପାଇବ ସେ ଆଡ଼କୁ ଚାଲିବି । ଏ ମ ତୁମ୍ଭମାନଙ୍କ ଦୁଃଖିନୀ ପାଇଁ ଭଗବାନ ଅବଶ୍ୟ ଆଶ୍ରୟ ସ୍ଥାନ ରଖିଥିବେ ।" ଏ କଥା ଶୁଣି ରତ୍ନରେଖାର ହୃଦୟ ତରଳିଗଲା । ଯେଉଁ ଲାବଣ୍ୟ ତାହାର କନ୍ୟା, ସଖୀ ଏବଂ ଅନୁଗାମିନୀ, ତାହାର ଏ ଅଭିମାନ ବାଣୀ ଶୁଣି ସେ କି ଧୈର୍ଯ୍ୟ ଧରିପାରିବ । ରତ୍ନରେଖା ନଣନ୍ଦକୁ କୁଣ୍ଢାଇ ଘରଭିତରକୁ ନେଇଗଲା ଏବଂ କହିଲା—"କିଛି ଚିନ୍ତା କରନା ଲାବଣ୍ୟ, ମୁଁ ତୋତେ ସ୍ୱର୍ଣ୍ଣଝିଅ ପରି ବେଢ଼ରେ ବାନ୍ଧିବି ।" ଅର୍ଜୁନ ଭଉଣୀର ଅପମାନ ଶୁଣି କ୍ରୋଧରେ ଅଗ୍ନି ଶର୍ମା ହୋଇ-ଉଠିଲା । ସେ ପ୍ରତିଜ୍ଞା କଲା—ବୈରିଗଞ୍ଜନ ଘରୁ ଯୌତୁକ ପୋଷାକୀ ଆଦାୟ କରି ଭଉଣୀର ଏ ଅପମାନର ପ୍ରତିଶୋଧ ନେବ, ତେବେ ଯାଇ ଛାଡ଼ିବ । ତହୁଁ ପରେ ଦୁଇ ଭଉଣୀଙ୍କର ଯେଉଁ କଥାବାର୍ତ୍ତା ହୋଇଥିଲା, ତାହା ମୂଳପରିଚ୍ଛେଦରେ ବର୍ଣ୍ଣିତ ହୋଇଅଛି ।

## ତୃତୀୟ ପରିଚ୍ଛେଦ

ରାତି ପାହିଲା, ସୂର୍ଯ୍ୟ ଉଦିତ ହେଲେ । ରୌଦ୍ର-ଚୂର୍ଣ୍ଣ ସହି ଲାବଣ୍ୟର ପଳାୟନ ସମ୍ବାଦ ଗାଁ ସାରା ରାଷ୍ଟ୍ର ହୋଇପଡ଼ିଲା । ବଡ଼ ଘରର କଥା, ଟିକିଏ ବଡ଼ ନାଦରେ ବାଜେ । ଘରୁ ଖାଇ ପରଚିନ୍ତା କରିବା ଯେଉଁମାନଙ୍କର ପ୍ରକୃତି, ସେମାନଙ୍କୁ ଗୋଟାଏ ସୁଖାଦ୍ୟ ମିଳିଗଲା । ଦଳେ ଦଳେ ଲୋକ ବସି ସମ୍ଭବ, ଅସମ୍ଭବ ନାନା କଳ୍ପନା କରିବାକୁ ଲାଗିଲେ । କେହି କହିଲା—"ଚଣ୍ଡାଳୁଣୀ କି କୁଳରେ କାଳି ଲଗାଇଲା ।" କେହି କହିଲା—"ପରି ପିତୃ ଉଭୟ କୁଳର ନା' ପାଣି ବୁଡ଼ାଇଲା ।" ଯେ ଭିତର କଥା ଜାଣେ, ସେ କହିଲା—"ବଡ଼ଘରର ବୋହୂ ହେଲେ କଣହେବ, ତାହା ମନରେ ତିଳେ ହେଲେ ସୁଖ ନ ଥିଲା । ସେ ବୋହୂ ନୁହେଁ ଯେ—ସୁନାମୁଣ୍ଡେ । ସେ ଯେତେ ସହୁଛି, କାହାଘର ବୋହୂ ଭଲା ତେତେ ସହି ରହିବ ?" ଏ କଥା ଶୁଣି କେହି କହିଲା—"ଯେତେ ସହିଲେ କଅଣ ହେବ, ବାର ବର୍ଷର ତପ ଯାକ ତ ଶୁଖୁଆ ମୁଣ୍ଡରେ

ଗଲା ।" ଅନ୍ୟ ଜଣେ ଏ କଥାର ପ୍ରତିବାଦ କରି କହିଲା—"ରକ୍ତମାଂସର ଦେହ, ଆଉ କେତେ ସହିବ ? ସେ ତ ଆଉ ଗଛ କି ପଥର ନୁହେଁ । ବଡ଼ ଘରକୁ ସବୁ ସୁନ୍ଦର, ତୁମ ଆମ ଘରେ ଏପରି ହୁଅନ୍ତା ନା ? ବାପଘର ଯୌତୁକ ଭୂଇଁ ନଦେଲା ବୋଲି ଝିଅ ଗଞ୍ଜନା-ଭର୍ତ୍ସନା ସହିବ, ଏହା କେଉଁ ଶାସ୍ତ୍ରରେ ଅଛି ।" ରଘୁଆ ଭଣ୍ଡାରି ନାସ-ଚଷିଲ ନେତରେ ଏଣିକି ତେଣିକି ଚାହିଁ ଦେଇ ଖୁବ୍ ନିମ୍ନ ସ୍ୱରରେ କହିଲା—"ଆମ ପଞ୍ଝୁଆ ମା ସେ ଦିନ ଚମ ତୋଳିବାକୁ ସାଆନ୍ତଙ୍କ ଉଆସକୁ ଯାଇଥିଲା, ସେ ଶୁଣି ଆସିଲା ବୋହୂଟା ଅନ୍ଧଘରଣୀରେ ମାଡ଼ ଖାଉଛି, ତା ପିଠିରେ ଦୁଇ ଅଙ୍ଗୁଳି ମୋଟରେ 'ଲୋଳା' ବସିଯାଇ କେସ୍ରା କେସ୍ରା ରକ୍ତ ବହିଯାଉଛି । ଖବରଦାର, ଏ କଥା କେହି କାହାରିକୁ କହିବ ନାହିଁ ତ, ତୁମକୁ ଜଗନ୍ନାଥଙ୍କର ଦୋହି ଅଛି । କଥାରେ କହନ୍ତି ପରା—ମାର୍ ମାର୍ ଭଣ୍ଡାରିଆକୁ ମାର୍, ସମସ୍ତଙ୍କର ସବୁ କଥା ଲୁଆଡ଼େ ଉଡ଼ିଯିବ, ମୋହରି କଥାରେ ଏକା ଘଣ୍ଟି ପଡ଼ିବ । କାହିଁକି ନା—ମୁଁ ଗରିବ । ବଡ଼ଲୋକଙ୍କ ସଞ୍ଜି ପୋଥିରେ ଗରିବ ଗୁଡ଼ାକ ଖଟୁଆ, ଚୁଗୁଲି ଖୋର, ଅପଢ଼ ସବୁପରା । ଗରିବଙ୍କୁ ବଡ଼ଲୋକମାନେ ଯେତିକି ଘୃଣା, ଯେତେ ହତାଦର କରନ୍ତୁ ପଛକେ, ସେହି ଗରିବଙ୍କ ଲାଗି ସେମାନେ ବଡ଼ଲୋକ ସିନା । ସେହି ଗରିବ ତାଙ୍କ ମୁଣ୍ଡରେ ସୌଭାଗ୍ୟର ସୁନା ମୁକୁଟ ପିନ୍ଧାଇ ଦେଇଛନ୍ତି ।

ବୈରିଗଞ୍ଜନ ଗ୍ରାମର ଝୋଲି, ଗଳି, ଅନ୍ଧି, କନ୍ଦି, ସନ୍ଧି ସର୍ବତ୍ର ଖୋଜାଇଲେ; ମାତ୍ର କେଉଁଠି ଲାବଣ୍ୟର ସନ୍ଧାନ ମିଳିଲା ନାହିଁ । ତରଳମତି ବାଳିକା, ଉତ୍ତେଜନାବଶତଃ କାଳେ ଆତ୍ମହତ୍ୟା କରିଥିବ, ଏହି ସନ୍ଦେହରେ ଗ୍ରାମର ପ୍ରତ୍ୟେକ ପୋଖରୀରେ ଜାଲି ପଡ଼ିଲା । ଜାଲରେ ବାଳିଆ, ଶେଉଳ ଉଠିଲେ; ମାତ୍ର ଲାବଣ୍ୟରୂପ ନର-ମତ୍ସ୍ୟ ଉଠିଲା ନାହିଁ । ଦେଖୁଁ ଦେଖୁଁ ବେଳ ପ୍ରହରକୁ ଢଳିଗଲା । ଏହି ସମୟରେ ଲାବଣ୍ୟର ବାପଘର ଗାଁରୁ ଜଣେ ଲୋକ ଆସି ବୈରି-ଗଞ୍ଜନଙ୍କୁ ଦଣ୍ଡବତ କରି ଲାବଣ୍ୟ ପିତ୍ରାଳୟରେ ଉପସ୍ଥିତ ଥିବା ଜଣାଇଲା । ଲାବଣ୍ୟ ପିତୃଗୃହରେ ପହଞ୍ଚିଲା ପରେ ତାହାର ଭ୍ରାତୃଜାୟା ରତ୍ନରେଖା ମନରେ ଭାବିଲା—"ବୈରିଗଞ୍ଜନଙ୍କ ବଂଶଯାକ ଖୋଜି ଖୋଜି ଦହଗଞ୍ଜ ହେଉଥିବେ, ଯେତେହେଲେ ତ ବନ୍ଧୁ, ଲାବଣ୍ୟର ଆସିବା କଥା ତାଙ୍କୁ କହିପଠାଇବା ଉଚିତ । ଖବର ଛଡ଼ିଗଲେ ତାଙ୍କ ବୋହୂକୁ ସେ କଅଣ ନେଇ ନ ଯିବେ । ଖବର ବ୍ରହ୍ମଚଣ୍ଡାଳ, ତାହା ବଶରେ ଅନେକ ଅନେକ କଥା କରିପକାନ୍ତି ; ମାତ୍ର ଖବର ଛଡ଼ିଗଲେ ସବୁ ଲୁଆଡ଼େ ପାଶୋରିଯାଏ ।" ରତ୍ନରେଖା ଏହିପରି ଆଶା ବାନ୍ଧି ଲାବଣ୍ୟର ଶ୍ୱଶୁରାଳୟକୁ ଜଣେ ଲୋକ ପଠାଇଥିଲା । ମାନବ ଜୀବନ ଆଶାରେ ତିଆରି ହୋଇଅଛି । ତାହାର ଯେତେ ଆଶା ସଫଳହୁଏ, ସେଥିର ବହୁଗୁଣ ବିଫଳହୁଏ । ଗଛରେ ଯେତେ କଷି ହୁଏ, ସବୁ ରହିଲେ ଗଛ ଭାଙ୍ଗିପଡ଼ନ୍ତା । କେତେ ଶୁଖିଯାଏ, କେତେ ପବନରେ ଝଡ଼ିପଡ଼େ, କେତେ ମାଙ୍କଡ଼ ଖାଇଯାଏ, ଏତେ ଯାଇ ଯାହା ରହେ, ତାହା ପାଚେ, ଆଶା ଠିକ୍ ସେହିପରି । ଆଶା ନ ଥିଲେ ମନୁଷ୍ୟ ପ୍ରସ୍ତର ମୂର୍ତ୍ତିପରି ସ୍ଥାଣୁତ୍ୱ ଲାଭ କରନ୍ତା । ଆଶା ମନୁଷ୍ୟକୁ ବଞ୍ଚାଇ ରଖେ । ମନୁଷ୍ୟ ମଧ୍ୟ ଆଶାକୁ ବଞ୍ଚାଇ ରଖେ, ଉଭୟେ ଉଭୟଙ୍କ ଠାରେ ଋଣୀ, ଅଥାତ୍ କେହି କାହାରି ଋଣୀ ନୁହେଁ । ରତ୍ନରେଖା ଆଶାବଦ୍ଧ ହୋଇ ଲୋକ ପଠାଇଥିଲା । ବୈରିଗଞ୍ଜନ ତାହାଠାରୁ ବଧୂର ପିତ୍ରାଳୟ ଗମନ ବାର୍ତ୍ତା ଶୁଣି କହିଲେ—"ଉଃ ମୋ ମୁଣ୍ଡରୁ ବୋଝାଏ ଘୁଙ୍କୁ ଭର ଓହ୍ଲାଇଗଲା, ମୁଁ ନିସ୍ତାର ପାଇଲି । ସେ ନିଶ୍ଚିନ୍ତ ହୋଇ ବାପଘରେ ଥାଉ, ମୋ ଘରେ ଆଉ ତାହାର ସ୍ଥାନ ନାହିଁ ।" ଗୃହିଣୀ ଆଉ ତାଙ୍କୁ ଅଧିକ କହିବାକୁ ନ ଦେଇ ଗର୍ଜି ଗର୍ଜି କହିଲେ—"ପଳାତକୀ, କଳଙ୍କୀ, ନାକାଟୀ, ଆଉ ମୋ ଘରକୁ ଆସିବ, ମୁଣ୍ଡିଝାଞ୍ଜୁଣୀରେ ପଣେ ପିଟି ଚୁଟିଧରି ଦାଣ୍ଡରେ ଦୂର କରିଦେଇଆସିବି ନାହିଁ ? ମୋ ପୁଅକୁ ଢେର କନ୍ୟା ମିଳିବେ, ମନ କଲେ କାଲି କପୁଞ୍ଜା ଆଣି ବାହା କରାଇଦେବି । ସେ ଅଲକ୍ଷଣୀ, ମଣିପଚୁଣ୍ଡୀ ଯାଇ ଘରେ ପୋଇଲୀ ପଣେ ରହି ଖାଉକର ଗୋଡ଼ ଘଷୁ

ଦୁଧଭାତ ଗଲା ଭୁଣ୍ଡାଇ ହେଲା, ଏବେ ଅଇଣ୍ଠା ପତ୍ର ଘାଣ୍ଟୁଥାଉ ।” କଣ୍ଢାକଣ୍ଠୀଙ୍କର ଏ ଉତ୍କଟ ମଧୁର ବାକ୍ୟରେ ବିମୋହିତ ହୋଇ ରତ୍ନରେଖାର ପ୍ରେରିତ ବାଣ୍ଡିକଣ୍ଟି ନୀରବରେ ଲେଉଟି ଆସିଲା ।

ମାତା ଏବଂ ସ୍ତ୍ରୀର ଅଭିଯୋଗ ଅହରହ ଶୁଣି ଶୁଣି ଗଜେନ୍ଦ୍ର ଅତିଷ୍ଠ ହୋଇଉଠିଥିଲା, ଲାବଣ୍ୟର ପଳାୟନ ପରେ ସେ ଟିକିଏ ଶାନ୍ତିଲାଭ କଲା । ସେ ମନେ ମନେ ଭାବିଲା—“ଲାବଣ୍ୟ ବାପ ଘରକୁ ପଳାଇଯାଇ ମନ୍ଦ ମଧ୍ୟରେ ଭଲ କରିଅଛି । ସେ ଗାଳି ଗଞ୍ଜଣାରୁ ନିସ୍ତାର ପାଇଅଛି । ଆଉ ତାହାର ମିଥ୍ୟା ଦୁର୍ନାମ ମୋ ପକ୍ଷରେ ଅସହ୍ୟ ହୋଇ ଉଠିଥିଲା, ମୁଁ ମଧ୍ୟ ସେଥିରୁ ଉଦ୍ଧାର ପାଇଅଛି । ସଂସାର କି ବିଚିତ୍ର, ଏଠାରେ ଶୂନ୍ୟ ବି ଆକୃତି ଧରେ; ମୃଗତୃଷ୍ଣାରେ ନୌକା ଚାଲେ ; ସୁତରାଂ ଆଶ୍ଚର୍ଯ୍ୟ କଅଣ ବା ଅସମ୍ଭବ କଅଣ ଅଛି । ବାପ ଲାଗି ଝିଅର ଶାସ୍ତି, ଉଃ, କି ଲଜ୍ଜାକର ହୃଦୟହୀନତା ? କି ଦୁଷ୍ପୂରଣୀୟ ଲାଳସା ! ଶୁଣୁଛି—ମୋ ପାଇଁ କନ୍ୟା ଖୋଜା ଲାଗିଛି, ମୁଁ ପୁଣି ଆଉ ଗୋଟାକୁ ବିବାହ କରିବି ପରା । ଆଗ ତା ବାପ ଯଦି କିଛି ନ ଦିଏ, ତେବେ କଅଣ ହେବ । ବୋଧହୁଏ ମୋତେ ପୁଣି ତୃତୀୟ ବିବାହ କରିବାକୁ ପଡ଼ିବ । ଆଜି-କାଲି ଏକ ଶ୍ରେଣୀୟ ଲୋକଙ୍କର ଏହା ଗୋଟାଏ ସୁନ୍ଦର ସହଜ ବ୍ୟବସାୟ ହୋଇପଡ଼ିଅଛି । ଏହି ପାପର ଧ୍ୱଂସ ଆବଶ୍ୟକ । ସେଥିରେ ପ୍ରଶ୍ରୟ ଦେବା ଖାଲି ଅନ୍ୟାୟ ନୁହେଁ, ମାରାତ୍ମକ ବିପଜ୍ଜନକ । ଦେଖାଯାଉ କେଉଁ ପାଣି କୁଆଡ଼େ ଯାଉଛି, କିନ୍ତୁ ମୁଁ ଥରକୁ ଥର ଗୋରୁ ଛେଳି-ପରି ମୂଲଚାଲ ହୋଇ ଖଇଦ ବନ୍ଦୀ ହୋଇ ପାରିବି ନାହିଁ । ପୁଅ ବିକି ଖାଇବା ଯାହାଙ୍କର ସ୍ୱଭାବ ସେଅର ବାପ ହେବା ତାହାର ଉଚିତ ନୁହେଁ । ଲାବଣ୍ୟପରି ରୂପମୟୀ ଗୁଣମୟୀ ସ୍ତ୍ରୀ ଥାଉଁ ଥାଉଁ ମୁଁ ଅନ୍ୟ ବିବାହ କାହିଁକି କରିବି ? ସେ ମୂର୍ଖ ବୋଲି କଅଣ ତାହାର ସବୁ ଗୁଣ ପଣ୍ଡ ହୋଇଗଲା । ରାହୁଣ ଚନ୍ଦ୍ରର ଗୋଟାଏ ଅଙ୍ଗ ଗ୍ରାସ କଲେ ଅନ୍ୟାନ୍ୟ ଅଙ୍ଗର ଉଜ୍ଜ୍ୱଳତା କି ନଷ୍ଟ ହୋଇଯାଏ । ମୋର ପ୍ରତିଜ୍ଞା ମୁଁ ଆଉ ବିବାହ କରିବି ନାହିଁ । ପୂର୍ବ ଯଦି ପଶ୍ଚିମ ହୋଇଯାଏ—ଦିନ ଯଦି ରାତି ହୋଇଯାଏ—ନିଆଁ ଯଦି ପାଣି ହୋଇଯାଏ ତେବେ ବି ମୋର ପ୍ରତିଜ୍ଞା ଟଳିବ ନାହିଁ ।

ଶୀଘ୍ର ଆଉଗୋଟିଏ ନବବଧୂ ଘରକୁ ଆଣିବା ପାଇଁ ସଗୃହିଣୀ ବୈରିଗଞ୍ଜନ ଅତିଶୟ ବ୍ୟସ୍ତ ହୋଇ-ଉଠିଲେ । ନିଜେ ଉହାଡରେ ରହି ପୁତ୍ରର ବନ୍ଧୁମାନଙ୍କ ଦ୍ୱାରା ତାହାର ମତ ଜାଣିବାକୁ ଚେଷ୍ଟା କଲେ । ଗଜେନ୍ଦ୍ରର ବନ୍ଧୁମାନେ ତାହା ପାଖରେ ବିବାହ ପ୍ରସଙ୍ଗ ଉତ୍‌ଥାପନ କରନ୍ତେ ସେ କହିଲା—“ମୁଁ ଆଉ ବିବାହ କରିବି ନାହିଁ, ସେଥିପାଇଁ ମୋତେ ଉତ୍ୟକ୍ତ କଲେ ମୁଁ ଗୃହତ୍ୟାଗୀ ହେବି ।” ଏହା ଉପରେ ଆଉ କଥା କହିବାର କଅଣ ଅଛି । ପିତାମାତା ଏହା ଶୁଣି ଟିକିଏ ଚିନ୍ତିତ ହେଲେ; ମାତ୍ର ହତାଶ ହେଲେନାହିଁ । ବୈରିଗଞ୍ଜନ ନିଜ ମନକୁ ଏବଂ ସହଧର୍ମିଣୀଙ୍କୁ ପ୍ରବୋଧ ଦେଇ କହିଲେ—“ଉଚ୍ଛୁଣି ପୁଅର ମନ ଭଲ ନାହିଁ, ସେଥିଲାଗି ସେ ବିବାହ କରିବାକୁ ମନା କରୁଛି, ଏ ଭାବ ତାହାର ସବୁ ଦିନେ ରହିବ ନାହିଁ, ଶ୍ମଶାନ-ବୈରାଗ୍ୟ ପରି ତାହାର ଏ ବୈରାଗ୍ୟ ଅଳ୍ପଦିନେ ଛୁଟି-ଯିବ । ନ’ ଦିନ ପରେ ମନୁଷ୍ୟ ନୂଆ ହୋଇଯାଏ । ଏପରି ଅନେକ ଦେଖାଯାଉଛି । ମନ ବଦଳିଗଲେ ବିଲେ ରାଜିହେବ, ସେଥିପାଇଁ ଏତେ ଚିନ୍ତା କାହିଁକି ? ଆଉ କିଛିଦିନ ଅପେକ୍ଷା କଲେ ବା କ୍ଷତି କଅଣ ? କଥାରେ କହନ୍ତି ପରା—“ସବୁର ଗଛରେ ମେଓ୍ୱା ଫଳେ” ଉଚ୍ଛୁଣି ତାକୁ ବିରକ୍ତ କଲେ ଫଳ ଓଲଟା ହେବ । କାଳେ କୁଆଡ଼େ ଚାଲିଯାଏ, ମୋର ଏହି ଭୟ । ତେବେ ଆଉ ଘରଦ୍ୱାର ଟଙ୍କା କଉଡ଼ି ଜାଏଜମିଦାରି କାହା ଲାଗି ? ମୋର ଏହି ଭୟ ମୋର ସ୍ନେହର ଫଳ । ସ୍ନେହ ଗୋଟାଏ ସୁଖକର ଯନ୍ତ୍ରଣା ପିନା । ସେ ଯେପରି ସ୍ୱର୍ଗୀୟ ସୁଖର ଆଶା-ବୀଜ ଜାଳଦିଏ, ସେହିପରି ସେହି ଆଶାର ଭିତରେ ଭିତରେ ଆଶଙ୍କା-ବହ୍ନିକୁ ପ୍ରବାହିତ କରେ ।”

ନିଶାଭୋଳରେ ଲୋକ ସ୍ୱୈରବଶୀ ହୋଇ ଯାହାଇଚ୍ଛା ତାହା କରିଯାଏ; ମାତ୍ର ନିଶା ଛାଡ଼ିଗଲେ ତାହାର ଚେତନା ଆସେ, କୃତକାର୍ଯ୍ୟ ପାଇଁ ସେ

ଅନୁଶୋଚନାରେ ଦଗ୍ଧ ହୁଏ । ତାହାର ଆତ୍ମା ପୁରୁଷ ତାକୁ ଭସ୍ମ ଦେଖାଏ । ମାନସିକ ଉତ୍ତେଜନାରେ ଲାବଣ୍ୟ ଭଲମନ୍ଦ ନ ବିଚାରି ଚାଲି ଆସିଲା । ସେ ନିଜେ ଆସିନାହିଁ, ଗୋଟାଏ ପ୍ରବଳ ଶକ୍ତି ତାକୁ ଧକ୍କା ମାରି ଘେନି ଆସିଲା । ଉତ୍ତେଜନା କ୍ଷଣସ୍ଥାୟୀ, ସେ ଯେତେବେଳେ ମିଳାଇ ଗଲା, ସେତେବେଳେ ଲାବଣ୍ୟ ବୁଝିପାରିଲା—ତାହାର ଏରୂପ କରଣୀ ଭଲ ହୋଇନାହିଁ । ସେ ମନେ ମନେ ଭାବିଲା—"ମୁଁ ଯେତେ ଯନ୍ତ୍ରଣା ଗଞ୍ଜଣା ସହିଥିଲି, ସେହିପରି ସହି ନ ରହିଲି କାହିଁକି ? ସ୍ୱାମୀଙ୍କ-ଚରଣତଳେ ମୁଣ୍ଡରଖି ମରିଥିଲେ ମୁଁ ନାରୀତ୍ୱର ଗୌରବ ରଖିପାରି ଥାଆନ୍ତି; ମାତ୍ର ମୁଁ ତାହା ନକରି ନାରୀତ୍ୱର ଅବମାନନା କଲି । ସହ୍ୟଶୀଳତା ମୋର ନାରୀଧର୍ମ, ମୁଁ ସେହି ନାରୀଧର୍ମକୁ ଜଳାଞ୍ଜଳି ଦେଲି । ଧିକ୍ ମୋର ଜନ୍ମ—ଧିକ୍ ମୋର ଜୀବନ । ପବିତ୍ର ଆର୍ଯ୍ୟନାରୀ-ବଂଶରେ ଜନ୍ମଲଭି ମୁଁ କଷ୍ଟ ସହିବାକୁ ଏତେ କାତର କାହିଁକି ? ସ୍ୱାମୀ ମୋର ଠାକୁର, ସ୍ୱାମୀ ମୋର ଗୁରୁ, ଇହପରକାଳର ଗତି, ସେ ମୋତେ ପ୍ରାଣପରି ସୁଖ ପାଆନ୍ତି, ସ୍ନେହ-ଯତ୍ନ କରନ୍ତି, ସେ ମୋର ପ୍ରେମସରୋବରର ପଦ୍ମଫୁଲ, ସେ ମୋ ସୁଖରେ ସୁଖୀ, ମୋ ଦୁଃଖରେ ଦୁଃଖୀ ଏ ଭଳି ଗୁଣଧର ସ୍ୱାମୀ ଭଲା କାହାର ଅଛି ? ମୁଁ ପାପିଷ୍ଠା ସେହି ଦେବତାଙ୍କୁ ଛାଡିଆସିଲି । ସେହି ଦେବତା ମୁହଁକୁ ଚାହିଁ ସବୁ ଯନ୍ତ୍ରଣା ସହି ନରହିଲି କାହିଁକି ? ସୌଭାଗ୍ୟ ଫଳରେ ଯାହାଙ୍କୁ ପାଇଥିଲି, ହାୟ ! ମୁଁ ହତଭାଗୀ ନିଜ ଦୋଷରେ ସେହି ଅମୂଲ୍ୟ ନିଧି ହରାଇ ବସିଲି । ନ ପାଇବା ବରଂ ସହସ୍ର ଗୁଣେ ଭଲ; ମାତ୍ର ପାଇ ହରାଇବାଠାରୁ ଦୁଃଖ ଆଉ ନାହିଁ । ଆର୍ଯ୍ୟନାରୀ ସବୁ ତ୍ୟାଗ କରିପାରନ୍ତି; ମାତ୍ର ସ୍ୱାମୀଙ୍କୁ ତ୍ୟାଗ କରିପାରନ୍ତି ନାହିଁ—ଏହା ମୁଁ ପାସୋରିଗଲି । ଏ ଦୁର୍ବୁଦ୍ଧି ମୋତେ କାହିଁକି ଘୋଟିଲା, ଏହାକୁ ଭାଗ୍ୟ ଦୋଷ ବୋଲି ଅବା କପରି କହିବି, କୃତକର୍ମ ଦୋଷକୁ ଭାଗ୍ୟ ମୁଣ୍ଡରେ ଲଦିଦେଇ ନିଜେ ଛାଡିଛଡା ହୋଇଗଲେ ଧର୍ମ ସହିବ ନାହିଁ । ଯାହାହେଉ ଚଉକୁଡ଼ କନ୍ଧଣୀକୁ ଡେଇଁଗଲା ପରେ ଆଉ ସନ୍ତାପ ହେଲେ କଅଣ ହେବ । କପାଳରେ ଯାହାଥିବ ଘଟିବ ତାହା ଆନ କରିବ କିଏ ?" ଲାବଣ୍ୟ ଏହିପରି ଭାବି କଥଞ୍ଚିତ ଧୈର୍ଯ୍ୟ ଧରି ରହିଲା ।

ଭଉଣୀର ଖୋରାକୀ ପୋଷାକୀ ଦାବୀରେ ଅର୍ଜ୍ଜୁନ ମୋକଦ୍ଦମା କରିବାକୁ ପ୍ରସ୍ତୁତ, ଏହା ପାଠକମାନେ ପୂର୍ବରୁ ଜାଣିଅଛନ୍ତି । ସେ ଅର୍ଜି ଉଠାକରି ତାହାର ମୁକ୍ତିଆର ବନ୍ଧୁମାନଙ୍କୁ ଦେଖାଇଲା; ମାତ୍ର ତାହାର ପ୍ରସ୍ତାବ କାହାରି କାହାରି ମନକୁ ଘେନିଲା ନାହିଁ । କେହି କେହି କହିଲେ—"ବୈରାଗଞ୍ଜରେ ତ ତୁମ ଭଉଣୀକୁ ଘରୁ କାଢିଦେଇ ନାହାନ୍ତି କିମ୍ବା ସେ ପଳାଇ ଆସିଲା ବୋଲି ତାକୁ ଘରକୁ ନେବାକୁ ମନା କରି ନାହାନ୍ତି, ତେବେ ତୁମେ କି କାରଣ ଦେଖାଇ ମୋକଦ୍ଦମା କରିବ ?" ଅର୍ଜ୍ଜୁନ କହିଲା—"ଘରୁ କାଢିଦେବା ଆଉ କାହାକୁ କହନ୍ତି ? ଏପରି ଦୌରାତ୍ମ୍ୟ କଲେ ଯେ, ବାଧ୍ୟହୋଇ ସେ ବାହାରି ଆସିଲା । ଆଉ ଆମଘରୁ ଯେଉଁ ଲୋକଟି ଯାଇଥିଲା, ଆଉ ନେବେ ନାହିଁ ବୋଲି ତ ତାକୁ ସ୍ପଷ୍ଟ ମନାକରି ଦେଲେ ।" ବିନୋଦ ମୁକ୍ତିଆର କହିଲେ—"ରାଗବେଳେ ଅନେକେ ସେହିପରି କହନ୍ତି, ତାହା ଧର୍ତ୍ତବ୍ୟ ନୁହେ । ଆଜିତ ବୈରାଗଞ୍ଜନ କଚେରୀକୁ ଆସିବେ, ତାଙ୍କର ଗୋଟାଏ ମୋକଦ୍ଦମାର ତାରିଖ ଆଜିକୁ ପଡିଛି । ସେ ଆସିଲେ ତାଙ୍କୁ କହିବା ତାଙ୍କର ଅଭିପ୍ରାୟ ବୁଝିଲା ଉତ୍ତାରୁ ତେଣିକି ଯାହା କର୍ତ୍ତବ୍ୟ ତାହା କରାଯିବ । ନବୁଝି ନଶୁଝି ହଠାତ୍ ଗୋଟିଏ କାଣ୍ଡ କରି ପକାଇବା ମୋ ବିବେଚନାରେ ଭଲ ନୁହେଁ । ହୁଏତ ସେଥିରେ ନିଜକୁ ଅପଦସ୍ଥ ହେବାକୁ ପଡିବ—ଅନୁତାପ ମଧ୍ୟ କରିବାକୁ ପଡିବ । ଭଗବତରେ କହିଛି ପରା—"ବୁଝି ବିଚାରି କାର୍ଯ୍ୟକଲେ, ସେ ଦୋଷ ନ ଲାଗଇ ଭଲେ ।" କାର୍ଯ୍ୟକରଣର ଧାରା ଏହି ଯେ, ବିଚାର କରି କାର୍ଯ୍ୟ କରିବ । ଆଉ ଯେଉଁ କାର୍ଯ୍ୟ ନ୍ୟାୟତଃ କର୍ତ୍ତବ୍ୟ ବିବେଚିତ ହେବ; ସେ କାର୍ଯ୍ୟରେ ଆତ୍ମ ସମର୍ପଣ କରିବ; ଅର୍ଥାତ୍ ସେଥିରେ ଆପାଦମସ୍ତକ ବୁଡିଯିବ ।" ବିନୋଦ ମୁକ୍ତିଆରଙ୍କର ଏ କଥା ସମସ୍ତଙ୍କ ମନକୁ ଘେନିଲା । ତହୁଁ ଅର୍ଜିଦାଖଲ ସ୍ଥଗିତ ରହିଲା । ବିନୋଦ ମୁକ୍ତିଆର ଜଣେ ସୂକ୍ଷ୍ମଦର୍ଶୀ ଚତୁର ବ୍ୟକ୍ତି । ମୁଖଲଜ୍ଜା, ଛତ୍ରଲଜ୍ଜା

ରଖି ସେ କଥା କହନ୍ତି ନାହିଁ । ଆଗବୋଲି ସ୍ୱଭାବ ତାଙ୍କର ପିଲାକାଳରୁ ଅଛି । ସମସ୍ତେ ତାଙ୍କୁ ହରବୋଲା ବୋଲି କହନ୍ତି ।

କଚେରୀ କାମ ପରେ ବୈଶ୍ୟରଞ୍ଜନ ଆସି ମୁକ୍ତିଆର ଖାନାରେ ବସିଲେ । ମୁକ୍ତିଆରମାନଙ୍କ ସଙ୍ଗରେ ଅନେକ ଖୋସଗଲ୍ପ ଲାଗିଲା । ଏଣୁ ତେଣୁ ନାନା କଥାପରେ ବିନୋଦ ତାଙ୍କୁ ପଚାରିଲେ, "ଆପଣଙ୍କ ବୋହୂକୁ ନେବା ପାଇଁ କେବେ ସୁଆରି ବେହେରା ପଠାଇବେ ?" ବୈରିରଞ୍ଜନ ଚମକ-ଚକିତ ନୟନରେ ବିନୋଦ ମୁକ୍ତିଆରଙ୍କ ମୁହଁକୁ ଚାହିଁଦେଇ କହିଲେ—"କିଏ ମୋର ବୋହୂ ? ଭଦ୍ରଘରର କୁଳବୁଆସୁଣୀ ହୋଇ ସ୍ୱାମୀ ଅଧରେ ଯେ ଗୋଡ଼ଉଠାଇ ବାପଘରକୁ ଚାଲିଗଲା, ସେପରି ବୋହୂର ମୁହଁ ଚାହିଁବା ମହାପାପ । ତାକୁ ଘରକୁ ନେଲେ ମୋର ବଂଶ ମର୍ଯ୍ୟାଦାରେ କଳଙ୍କ ଲାଗିବ ।"

ବିନୋଦ ବାବୁ—ଏଥିରେ ବଂଶ ମର୍ଯ୍ୟାଦା ହାନି ହେବ କାହିଁକି ? କେତେ କେତେ ଘରେ ତ ଏପରି ଘଟଣା ହୁଏ, କାହିଁ କେହି ତ ହାତେ କି ଚୁଲିଖେଣ୍ଡେ ସାନ ହୋଇଯିବାର ଶୁଣାଯାଇନାହିଁ । ସେ ତ କାହା ଏକୁଟିଆ ଯାଇ ନାହିଁ । ବାପଘରୁ ଆସିଥିବା ଲୋକ ସଙ୍ଗରେ ଯାଇଛି, ଯାହା ସଙ୍ଗରେ ଯାଇଛି ସେ ବି ତ ସ୍ତ୍ରୀ ଲୋକ, ଏଥିରେ ଦୋଷର କଥା କଅଣ ହେଲା ?

ବୈରିରଞ୍ଜନ—ନା, ସେଟା ଗୁଣର କଥା—ଅତି ପ୍ରଶଂସାର କଥା ମୁକ୍ତିଆର ବାବୁ ।

ବିନୋଦ—ଅଡ଼ଚଣାରେ ପିଟିବାଟା ଦୋଷର କଥା ହେଲା ନାହିଁ, ଆଉ ମାଡଖାଇ ବାପଘରକୁ ଚାଲିଯିବା ଏକା ଦୋଷର କଥା ହେଲା ?

ବୈରିରଞ୍ଜନ—ସ୍ୱାମୀ ଅଧରେ ଯୁବତୀ ସ୍ତ୍ରୀ ଘରୁ ବାହାରିଯିବା ଦୋଷର କଥା ନୁହେଁ କହେ ? ସେଥିରେ ନାନା ଲୋକେ ନାନା ସନ୍ଦେହ କରିବେ ।

ବିନୋଦ—ଆପଣ ତେବେ ତାହା ଚରିତ୍ର ପ୍ରତି ସନ୍ଦେହ କରୁଅଛନ୍ତି ? ତାହା ଆପଣଙ୍କର ଭୁଲ । ସେ ତାହାର ଝିଅ, କେଉଁ କୁଳରେ ତାହାର ଜନ୍ମ, ଏହା ଜାଣୁନାହାନ୍ତି । ଆମ୍ଭେମାନେ ତାଙ୍କୁ ପିଲା କାଳରୁ ଦେଖି ଆସୁଛୁ, ଆମର ବିଶ୍ୱାସ—ଚରିତ୍ର ତାହାର ଜୀବନ ପଞ୍ଜିକାରୁ ଚିର ଗରିମାମୟ କରି ରଖିବ । ଅଳ୍ପବୁଦ୍ଧି ବାଳିକା କ୍ରୋଧର ଉତ୍ତେଜନାରେ ଚାଲିଆସିଲା ବୋଲି କଅଣ ବେଦ ଅଶୁଦ୍ଧ ହୋଇଗଲା ?

ବୈରିରଞ୍ଜନ—ହଁ ହୋ, ସମସ୍ତେ କଥାରେ କହନ୍ତି, ଆଉ କାର୍ଯ୍ୟରେ କିଏ କରେ ? ଆଚ୍ଛା, ଆପଣଙ୍କ ଘରେ ଏହିପରି ଘଟଣା ଘଟିଥିଲେ କଅଣ କରିଥାନ୍ତେ ?

ବିନୋଦ—ଆଉ କଅଣ କରନ୍ତି, ନିଜେ ଯାଇ ମୋର ଅଭିମାନିନୀ ବାଳିକାବଧୂକୁ ଶାନ୍ତକରି ଡାକିଆଣି ଘରକୁ ନେଇ ଆସନ୍ତି । ଆପଣଙ୍କ ସନ୍ଦେହ ଯେ ଗ୍ରାମାସ୍ଥିତ ବସ୍ତ୍ରର ସେହି ଧୋବାପରି ଦେଖୁଛି ।

ବୈରିରଞ୍ଜନ ହେଉ, ତାହା ଆପଣଙ୍କର ଘରେ ଚଳୁପଛେ; ମାତ୍ର ଆମ ଘରେ ଚଳିପାରିବ ନାହିଁ । ମୁଁ ଆଉ ତାକୁ ଗ୍ରହଣ କରିବି ନାହିଁ, ଏହା ମୋର ଅଟଳ ସତ୍ୟ ।

ବିନୋଦ - ଅଚ୍ଛା, ଆପଣ ତ ଗ୍ରହଣ କରିବେ-ନାହିଁ, ସେ ଯଦି ଖୋରାକୀ ପୋଷାକୀ ଦାବୀରେ ମୋକଦ୍ଦମା କରେ, ତେବେ କଅଣ କରିବେ ?

ବୈରିରଞ୍ଜନ—ଆପଣ ସେ ପକ୍ଷର ମୁକ୍ତିଆରନାମା ନେଉନ୍ତୁ, ମୁଁ ପୋରଷ ଖୋଲି ଲଢ଼ିବି ।

ବିନୋଦ—ମୁଁ ମୁକ୍ତିଆରନାମା ନେଇଥିଲେ ଆପଣଙ୍କୁ ଏଭଳି ବିଦ୍ରୂପ କରିବାକୁ ବାଟ ଥାଆନ୍ତା ନାହିଁ ।

ବୈରିରଞ୍ଜନ—ତେବେ ମୋ ପ୍ରତି ଅନୁଗ୍ରହ କରି ନେଇ ନାହାନ୍ତି ? ହେଉ ମୋର କୃତଜ୍ଞତାଗ୍ରହଣ କରନ୍ତୁ, ମୁଁ ଏବେ ବିଦାୟ ହେଲି ।

ବୈରିରଞ୍ଜନ ଉଠି ଚାଲିଗଲେ । ବିନୋଦ ଆଉ କିଛି କହିଲେ ନାହିଁ । ଅର୍ଜ୍ଜୁନ ସେଠାରେ ନ ଥିଲା, ପରେ ଆସି ବନ୍ଧୁଠାରୁ ସବୁ ଶୁଣିଲା । ତହିଁ ପରଦିନ ବିନୋଦ ଶ୍ରୀମତୀ ଲାବଣ୍ୟ ଦେବୀ ପକ୍ଷରୁ ଖୋରାକୀ ପୋଷାକୀ ଦାବୀରେ ଦରଖାସ୍ତ କୋର୍ଟରେ ଦାଖଲ କଲେ ।

# ଚତୁର୍ଥ ପରିଚ୍ଛେଦ

ଲାବଣ୍ୟ ଆଉ ସେ ମୁଖରା, ଚଞ୍ଚଳା ଲାବଣ୍ୟ ନୁହେଁ, ତାହା ପ୍ରକୃତିର ଘୋର ପରିବର୍ତ୍ତନ ଘଟିଗଲାଣି । ସେ ଏବେ ସ୍ୱଳ୍ପଭାଷିଣୀ ଏବଂ ଲଜ୍ଜାବନତା ତାହାର ସେ ଡଗଡଗ ଚାଲିନାହିଁ, ଏଣିକି ସେ ଚାଲିବାବେଳେ ପିମ୍ପୁଡ଼ି ମରେ ନାହିଁ । ମୋକଦ୍ଦମା କଥା ଶୁଣିଲା ଦିନୁ ତାହାର ଦେହ ଝିଡିଯାଇ କଣ୍ଟାପରି ହୋଇଗଲାଣି, ସେ ସବୁବେଳେ ଚିନ୍ତାଭିଭୂତା । ତାହାର ମୂର୍ତ୍ତି ଦେଖିଲେ ବୋଧହୁଏ, ଯେପରି ଅନେକ ଗୁଡ଼ାଏ ଚିନ୍ତା ଚାରିଆଡୁ ତାକୁ ଆକଟି ଧରିଅଛି । ସେ ଏହି ଚିନ୍ତା ହସ୍ତରୁ ନିଷ୍କୃତି ପାଇବା ସକାଶେ ସର୍ବଦା କର୍ମରେ ନିଯୁକ୍ତ ଥାଏ; ତଥାପି ଚିନ୍ତା ତାକୁ ଛାଡ଼େ ନାହିଁ ତାହାର ଇଚ୍ଛା— ସେ ଏକୁଟିଆ ଘରର ସମସ୍ତ କାର୍ଯ୍ୟ କରିବ; ମାତ୍ର ଚନ୍ଦ୍ରରେଖା ତାହା କରାଇଦିଏ ନାହିଁ । ଦିନେ ସେ କହିଲା—ଲାବଣ୍ୟ, ଭାଇଙ୍କ ଘରୁ ଭାତମୁଠେ ଖାଉଛୁବୋଲି ଘରଯାକର ପାଇଟି ଚୁଣ୍ଡାଇ ସୁଣ୍ଡାଇ ଏକାକେ ସବୁ କରି ଧାର ଶୁଝାଇ ଦେଉଛୁ କି ?" ଲାବଣ୍ୟ ମୃଦୁହସି କହିଲା—"ନା-ନୂଆବୋଉ, ମୁଁ ହାତ ଗୋଡ଼ ଯାକି ବସି ରହିପାରେ ନାହିଁ । କାମ ପାଇଟି ନ କଲେ ଦେହହାତ ଶୁଳେଇ ହୁଏ, ଆଉ ମନଟା ବ କେମିତିକା ହୋଇଯାଏ । ମୁଁ ତ ପରଘର କାମ କରିବାକୁ ଯାଉନାହିଁ, ନିଜର ଘର କାମ କରୁଛି, ମାଇପି ଜନ୍ମ ପାଇ ତେତେକ ନ କଲେ ଲକ୍ଷ୍ମୀ ଛାଡ଼ିଯିବେ ଯେ ।" ଚନ୍ଦ୍ରରେଖା ମୁଗ୍ଧ ହୋଇ କହିଲା—"ସତ କହିଲୁ ଭଉଣି— ତେତେକ ନ କଲେ ଲକ୍ଷ୍ମୀ ଛାଡ଼ିଯିବେ ଯେ । ଠାକୁରେ ତୋତେ ଏହିପରି ସୁବୁଦ୍ଧି ଦେଉନ୍ତୁ । ଆଜିକାଲି ଯେ ଦି'ଅକ୍ଷର ପଢ଼ିଜାଣିଲା ସେ କହିଲା—ମୋ'ପରି ଯୋଗା ଦୁନିଆରେ ନାହିଁ । ଘର ଲିପିଲେ, ମାଛ ବେଳେଇଲେ ପୁଣି ସେହି ସୁକୁମାରୀଙ୍କର ହାତ ଗନ୍ଧାଏ, ଭାତ ରାନ୍ଧିଲେ ତାଙ୍କ କଅଁଳ ହାତରେ ଫୋଟକା ହୋଇଯାଏ । ଛି ଛି, ସେହି ଢେରଫୁଲେଇ ସ୍ୱଭାବକୁ ମୁଁ ବଡ଼ ଘୃଣା କରେ । ରନ୍ଧାବଢ଼ା ଘରକରଣା କାମ ସିନା ଆମର ଯୋଗ୍ୟତା, ତାକୁ ଛାଡ଼ି ଖାଲି ପଣ୍ଡିତ ହୋଇ ବସିଲେ କି ଘରକରଣା ଚଳିହେବ । ଯାଉ, ସେ କଥାରୁ ଆମର କଣ ମିଳିବ । ଆଚ୍ଛା ଲାବଣ୍ୟ, ତୋତେ ଗୋଟିଏ କଥା ପଚାରିବି, ମୋ ରାଣ ତ, ଏକା ସତ କହିବୁ, ଲୁଚାଇବୁ ନାହିଁ । ସବୁବେଳେ ତୋ ମନ କାହିଁକି ବିରସ ?" ଦୁଃଖୀର ହୃଦୟ ଯାହା ଖୋଜୁଥାଏ, ଲାବଣ୍ୟ ତାହା ପାଇଲା । ଦୁଃଖୀ ଖୋଜେ ସହାନୁଭୂତି, କେତିକି ପାଇଲେ ସେ ହୃଦୟ ସଞ୍ଚିତ ବ୍ୟଥାରାଶି ଅଜାଡ଼ି ପକାଏ । ତାହାର ହୃଦୟଭାର ଉଣା ହୋଇଯାଏ, ସେ ଗୋଟାଏ ତୃପ୍ତିକର ଆରାମ ଉପଭୋଗ କରେ । ସ୍ନେହମୟୀ ଭାଉଜାଙ୍କର ସହାନୁଭୂତି କଥାପଦକରେ ଲାବଣ୍ୟ ଅପ୍ରସ୍ତୁତ ହୋଇଗଲା । ସେ ଆଉ କିଛି କହି ପାରିଲାନାହିଁ, କେବଳ ଭେଁ ଭେଁ କରି କାନ୍ଦି ପକାଇଲା । ଚନ୍ଦ୍ରରେଖା ଅପରାଧୀ ପରି ନିର୍ବାକ ହୋଇ ଦୀନଦୃଷ୍ଟିରେ ତାହା ମୁହଁକୁ ଚାହିଁ ରହିଲା । ଅନନ୍ତର ପଣତ କାନିରେ ନଣନ୍ଦର ଲୁହ ପୋଛିଦେଇ କୋମଳ-କାତର କଣ୍ଠରେ କହିଲା— "ତୋ ମନରେ ଦୁଃଖ ହେଲାକି ଭଉଣି ? ତେବେ ତାହା କହନା' । ତୋ ଆଖିରେ ଲୁହ ଦେଖିଲେ ମୋ ଛାତି ଫାଟିଯାଏ ।" ଲାବଣ୍ୟ ଏହି ସ୍ନେହବୋଳା କଥା ଶୁଣି ତତ୍‌କ୍ଷଣାତ୍ କ୍ରନ୍ଦନ ସମ୍ବରଣ କରି ଗଦ୍‌ଗଦ୍ କଣ୍ଠରେ କହିଲା— ନା ନା, ନୂଆବୋଉ, ଆଉ କାନ୍ଦିବି ନାହିଁ ତୁମପରି ସ୍ନେହମୟୀ ଦୟାଶୀଳା ପାଖରେ ଦୁଃଖ ନ କହି ଆଉ କାହାପାଖରେ କହିବି ? ସହାନୁଭୂତିର ଏପରି ସ୍ଥାନ ମୁଁ କାହିଁ ପାଇବି ? ହୃଦୟର ବ୍ୟଥା ହୃଦୟୀ ବୁଝେ ସିନା । ତୁମ ଛଡ଼ା ସଂସାରରେ ଏ ପୋଡ଼ା-କପାଳୀର ଆଶା-ଭରସା କିଏ ଅଛି ? ଏବେ ଦୁଃଖର କଥା ଶୁଣ । ମୋର କରଣୀ ତ ମୋ ଆଖି ଆଗରେ ହାତ ହଲେଇ ସବୁବେଳେ ଉପହାସ କରୁଛି, ସେ ବ୍ୟଥା ଆଉ କଅଣ କହିବି । ମୁଁ କେଡ଼େ ଭୁଲ କଲି, ସ୍ୱାମୀଙ୍କୁ ଛାଡ଼ି ଚାଲିଆସିଲି । ସେହି ଅବାଧ ଦେବତାଙ୍କ ଚରଣାମୃତ

ପାନ ବନା ମୋର ଭାଗ୍ୟ ଶୁଦ୍ଧ ହେବ କପର ? ଏ ଦୁଃଖତ ଦରୁଣପର ମନଭିତରେ ବାନ୍ଧୁଛି, ତା ଉପରେ ପୁଣି ଭାଇ ମୋର ଖୋରାକ ପୋଷାକ ଲାଗି ତାଙ୍କ ଘର ଉପରେ ମୋକଦ୍ଦମା କଲେଣି, ଏହା ଶୁଣିଲାଦିନୁ ମୁଁ ଆଉ ଦୁଃଖ ସମ୍ଭାଳି ପାରୁନାହିଁ । ଭାଇଙ୍କି ତେର ଜୁହାର ନେହୁରା ହୋଇ କହିଲି । ଡାହାକଥା କଲି, କାହିଁରେ ତାଙ୍କ ମନ ତରଳିଲା ନାହିଁ । ସେ ହାକିମ ପାଖରେ ଅର୍ଜି ଦାଖଲ କରିଦେଲେ । ନିଶ୍ଚ ଜିକାର ପରି ମୁଁ ଶଶୁରଘର ପଡ଼ିସ୍ଥଳ ମାଣକରେ ବଞ୍ଚିବି, ଏହାପରି ଲଜ୍ଜା ଅପମାନ ଆଉ ଦୁଃଖ କଅଣ ଅଛି । ମୁଁ ତାଙ୍କ ଓଳିରେ ଦାନାପାଣି ତାଙ୍କର ଧାରୁଆ ହୋଇ ରହିବି କାହିଁକି ? ଯାହାଙ୍କ ଘରେ ମୋ ଲାଗି ଠାବ ନାହିଁ, ତାଙ୍କ ଘରୁ ଭାତମୁଠାଏ ମୁଁ କାହିଁକି ଖାଇବି ? ସେଥିରେ ମୋର ପିତୃକୁଳର ମର୍ଯ୍ୟାଦା ହାନି ହେବ, ଆଉ ମୋତେ ବି ଲୋକେ ଖୁଣ୍ଟା ଦେବେ । ବିଧାତା ହାତ ଗୋଡ଼ ଦେଇଛି, ଧାନ କୁଟି, ସୂତା କାଟି କଅଣ ପେଟ ଖଣ୍ଡିକ ପୋଷି ପାରିବିନାହିଁ । ମିଛରେ ଦୁର୍ନାମ ଦେଇ ମୋ ମୁଣ୍ଡରେ ଯେ କଳଙ୍କପସରା ଲଦିଲେ, ତାଙ୍କ ଭାତ ମୋ ପକ୍ଷରେ ବିଷତୁଲ୍ୟ । ଉପାସରେ ମରିଗଲେ ବି ମୁଁ ତାହା ଛୁଇଁବି ନାହିଁ । ଏକାମା ପେଟରୁ ଜନ୍ମି ଭାଇ ମୋତେ ପରଦ୍ୱାରରେ ଭିକ ମଗାଇବେ, ଏହା କଅଣ ଦେହ ସହିବାର କଥା— ନୂଆବୋହୂ । ପର ଢେଙ୍କିଦେବା ଦାନାରେ ଯେବେ ବଞ୍ଚିବି ତେବେ ତାଙ୍କ ଘରେ କାହିଁକି ରହିବି ? ମୋର ଏହି ଦୁଃଖର କଥା ତୁମକୁ କହିବି ବୋଲି ଇଚ୍ଛା-କରିଥିଲି, ଭାଗ୍ୟକୁ ତୁମେ ଆଗରୁ ପଚାରିଲ । ଭଲା, ନୂଆବୋହୂ, ତୁମେ ଥରେ ଭାଇଙ୍କୁ ବୁଝାଇ କହିଲେ ହୁଅନ୍ତା ନାହିଁ ? ଏବେ ବି ତ ବେଳ ଅଛି, ମୋକଦ୍ଦମା ଉଠାଇ ଆଣିଲେ ଚଳନ୍ତା ।" ରତ୍ନରେଖା କହିଲା— ହଁ ଭଉଣି, କହିବି । ତୋ କଥା ନ କହି ଆଉ କାହା କଥା କହିବି ? ତେବେ କହିଲେ ଫଳ କେତେଦୂର ହେବ, ତାହା ଜାଣୁଛି । ତୋ ଭାଇଙ୍କ ଏକଗୁଆଁ ସ୍ୱଭାବ ତୁ ଜାଣୁ, ଯାହା ବୁଝିଥିବେ ସେଇଆ, ଗୁରୁ-



ଗୋସାଇଁ କହିଲେ ବି ଟଳିବେନାହିଁ । ଯାହାହେଉ କଥା ରହୁ ବା ନରହୁ, ନିଶ୍ଚୟ ଥରେ କହିବି । ଛି ଛି ବନ୍ଧୁ ସଙ୍ଗରେ ମୋକଦ୍ଦମା କରିବା ଭଲ ନୁହେ— ସେଥିରେ ଲୋକେ ହସିବେ, ଏହାକି ତାଙ୍କୁ ସୁନ୍ଦର ଦିଶିବ । ତୁ ଆଉ ମନରେ ଦୁଃଖ କରନା ଲାବଣ୍ୟ, ମୁଁ ବେଳକାଳ ବୁଝି ତାଙ୍କୁ କହିବି ।

ସେଦିନ ରବିବାର, କଚେରି ବନ୍ଦ । ଏ ଦିନଟା ହାକିମ-ହୁକୁମା ଅମଲା-ଫଇଲା, ଓକିଲ, ମୁକ୍ତିଆର ସମସ୍ତଙ୍କର ବିଶ୍ରାମ ଦିନ । ଅର୍ଜୁନ ଖାଇସାରି ଖଟ ଉପରେ ବସି ଗୋଟାଏ ପଙ୍ଖା ଧରି ବାଇହେଉଅଛି, ଏହି ସମୟରେ ଗୃହାନ୍ତରରୁ ରତ୍ନରେଖା ଆସି ସ୍ୱାମୀଙ୍କ ହସ୍ତରୁ ପଙ୍ଖାଟା ଟାଣିନେଇ ନିଜେ ବିଞ୍ଚିଦେବାକୁ ଲାଗିଲା । ସ୍ୱାମୀ ସ୍ତ୍ରୀ ଦୁହିଙ୍କ ମଧ୍ୟରେ ନାନା ବିଷୟର କଥୋପକଥନ ଲାଗିଲା । ହାସ ପରିହାସ ଚାଲିଲା । ଦାମ୍ପତ୍ୟପ୍ରେମର କଥା, ଘରକରଣା କଥା ପରଘର କଥା, ସବୁଥିରୁ ଅଧାଏ ଅଧାଏ ହୋଇଗଲା, ପେଟ ସଙ୍ଗରେ ମନର ଘନିଷ୍ଠ ସମ୍ପର୍କ, ପେଟ ଥଣ୍ଡା-ଥିଲେ ମନ ଥଣ୍ଡା ଥାଏ, ଏହା ସ୍ୱାଭାବିକ । ଅର୍ଜୁନ ସଦ୍ୟ ଭୋଜନରୁ ଉଠିଅଛି; ସୁତରାଂ ତାହାର ମନ ତୃପ୍ତିର ଆନନ୍ଦରେ ଶୀତଳ ଅଛି । ରତ୍ନରେଖା ଉପଯୁକ୍ତ ଅବସର ବୁଝି ଲାବଣ୍ୟର କଥା ଉତ୍ଥାପନ କଲା । ସେ ଅର୍ଜୁନକୁ ପଚାରିଲା—"ସତେ କଅଣ ତୁମେ ଲାବଣ୍ୟର ଶ୍ୱଶୁରଙ୍କ ନାଁରେ ମାମଲା କରିଛ ?

ଅର୍ଜୁନ—ସତେରେ ମାମଲା ନକରି ଆଉ କଅଣ ମିଛରେ କହନ୍ତି ? କି, କାହିଁକି ତୁମେ ସେ କଥା ପଚାରୁଛ ?

ରତ୍ନରେଖା—ପଚାରିଲି ବୋଲି କଅଣ ଦୋଷ ହୋଇଗଲା ? ହୋଇଥିଲେ କ୍ଷମା କର ।

ଅର୍ଜୁନ—ନା, ଦୋଷ କିଛି ହୋଇନାହିଁ, ତେବେ ପଚାରିବାର କାରଣଟା କଅଣ ?

ରତ୍ନରେଖା—କାରଣ ଅକାରଣ କିଛି ଜାଣେ-ନାହିଁ, ତୁମ ଗୋଡ଼ତଳେ ପଡ଼ୁଛି—ତୁମେ ସେ ମାମଲା ଉଠାଇ ଆଣ ।

ଅର୍ଜ୍ଜୁନ—କଅଣ ଗେହ୍ଲକଥା ନା ଖେଳଘର କଥା ଯେ, କାଲି ମୋକଦ୍ଦମାକର ଆଜି ଉଠାଇ ଆଣିବ, ତାହା ହୋଇପାରିବ ନାହିଁ ।

ରତ୍ନରେଖା—କି କାହିଁକି ନ ହେବ ? ତୁମର ମୁକ୍ତିଆରମାନେ ପରା ହାକିମଙ୍କୁ ସମସ୍ତଙ୍କର-ସବୁକଥା ବୁଝାଇ କହନ୍ତି ? ତୁମେ ଯେବେ କହନ୍ତ—ହାକିମ ହଜୁର, ମୁଁ ରାଗରେ ହତଜ୍ଞାନ ହୋଇ ଆଗପଛ ନ ବିଚାରି ମାମଲା କରିପକାଇଥିଲି । ଏବେ ବୁଝିଲି,—ବନ୍ଧୁ ସଙ୍ଗରେ ମାମଲା କରିବା ଗୋଟାଏ କଳଙ୍କ । ହଜୁର ମୋର ମୋକଦ୍ଦମା ଦୟାକରି ଉଠାଇ ଦିଅନ୍ତୁ, ଆମେ ଆପେ ଆପେ ବୁଝା-ବୁଝା ହୋଇଯିବୁଁ । ଏହା କହିଲେ କଅଣ ସେ ମାମଲା ଉଠାଇ ଦିଅନ୍ତେ ନାହିଁ ? ମୁଁ ତ କହୁଛି, ସେ ନିଶ୍ଚେ ଉଠାଇ ଦିଅନ୍ତେ ।

ଅର୍ଜ୍ଜୁନ—ବାଃ, ତୁମେବି ତ ଗୋଟାଏ ମୁକ୍ତିଆର ହୋଇଗଲଣି । ଆଇନ ବହି ଦି ଖଣ୍ଡ ପଢିଲେ ଆହୁରି ଭଲ ସୁଆଲ କରିପାରନ୍ତ ।

ରତ୍ନରେଖା—କି, ଏକା ତୁମ ଜାତି ମୁକ୍ତିଆର ହେବେ, ଆଉ ଆମ ଜାତି ହେବେ ନାହିଁ ? ଆମେ ଆଇନ-ଫାଇନ ଜାଣୁନାହୁଁ, ଆମେ ବେଆଇନ ମୁକ୍ତିଆର । ତୁମେ ମାମଲା ଉଠାଇ ଆଣିବ, କି ନା, କୁହ ?

ଅର୍ଜ୍ଜୁନ—ସେ ମୋତେ ଯେପରି ଅପମାନ ଦେଇଛନ୍ତି, ମୁଁ ତାଙ୍କୁ ସେହିପରି କରତାଏ ନ ଦେଇ କଅଣ ଛାଡିବି ?

ରତ୍ନରେଖା—ବନ୍ଧୁ ବନ୍ଧୁ ମଧ୍ୟରେ ଏହିପରି ମାନ ଅପମାନ କେତେ ହୁଏ, ସେଥିରେ କଅଣ ବନ୍ଧୁପଣ କଟିଯାଏ, ନା ଗୁଆ କମଣ୍ଡଳ ବନ୍ଦ ହୋଇଯାଏ ? କିଛିଦିନ ଗଲେ ମନଭଙ୍ଗା, ଅପମାନ ସବୁ କୁଆଡ଼େ ମିଳେଇଯାଏ । ପୁଣି ଯେଉଁ ବନ୍ଧୁପଣକୁ ସେହି ବନ୍ଧୁପଣ । ମାନ ଅପମାନକୁ ଜୀବନର ସଙ୍ଗୀ କରି ଘେନି ବସିଲେ ସଂସାରରେ ଚଳି ହେବ କିପରି ? କହନ୍ତି ପରା—"ଝିଅ ଦେଇ ବାଣ୍ଡ କାନଶିରକୁ ସବୁ ସହେ ।" ଭଉଣୀମୁହଁକୁ ଚାହିଁ ସବୁ ଅପମାନ ସହ୍ୟ କର । ଭଉଣୀଟି କିପରି ଅଭିମାନିନୀ ତାହା ତ ଜାଣ, ସେ କାଳେ କେତେବେଳେ କଅଣ କରି ବସିବ, ମୋର ଏହି ଭୟ, ତେତେବେଳେ ତୁମେ ଲୋକ ନିନ୍ଦାରେ ପଡିବ ।

ଅର୍ଜ୍ଜୁନ—କଅଣ ଗୁଡ଼ାଏ ଯେ ତୁମେ କହିଯାଉଛ, ମୁଁ ତାହାର ଅର୍ଥ କିଛି ବୁଝିପାରୁ ନାହିଁ । ଭଉଣୀ କଅଣ କରିବସିବ, ମୁଁ ପୁଣି କି ଲୋକନିନ୍ଦାରେ ପଡିବି, ଏ ସବୁ ତୁମର ମନଗଢା କଳ୍ପନା, ନା କଅଣ ? ବସି ବସି ତୁମେ ଏହିପରି କେତେ ସ୍ୱପ୍ନ ଦେଖୁଛ ? କିନ୍ତୁ ଦୁଃଖର ବିଷୟ, ତୁମର ଏ ସ୍ୱପ୍ନ ସଫଳ ହେବାର ଆଦୌ ସମ୍ଭାବନା ନାହିଁ । ହେ କଳ୍ପନାଦକ୍ଷ ଦେବି, ଆଗ କହିଲ ଭଲା, ଭଉଣୀ କଅଣ କରି ବସିବ ? ତାହାର ଭବିଷ୍ୟତ ଅଦୃଷ୍ଟର ଅନ୍ଧାରିଆ ପ୍ରକୋଷ୍ଠରୁ ତୁମ ଅବ୍ୟର୍ଥ କଳ୍ପନା କି ମହାସତ୍ୟ ସଂଗ୍ରହ କରିଅଛି ?

ରତ୍ନରେଖା—କେତେ ଠାଟ୍ଟା କରୁଛ, ଭଉଣୀ ଆଉ କଅଣ କରିବ—ଯେବେ ସେ ତୁମଘରେ ନ ରହେ—

ଅର୍ଜ୍ଜୁନ—ଆଉ କୁଆଡେ ଯିବ ?

ରତ୍ନରେଖା—ତାହାର ଆତ୍ମପୁରୁଷ ଯେଉଁ ଆଡକୁ ବାଟ ଦେଖାଇବ, ସେ ସେହି ଆଡକୁ ଯିବ ।

ଅର୍ଜ୍ଜୁନ—କି, କାହିଁକି ଯିବ ?

ରତ୍ନରେଖା—ତୁମ୍ଭେ ଭାଇ ହୋଇ ଯେବେ ତାକୁ ପରଦ୍ୱାରରେ ଭିକ ମଗାଇବ, ତେବେ ସେ ତୁମ ଘରେ କାହିଁକି ରହିବ ? ତୁମେ ମୋକଦ୍ଦମା କରି ଯେଉଁ ଟଙ୍କା ଆଣିବ, ସେ ତାକୁ ଛୁଇଁବ ନାହିଁ । ବାପଘରୁ ମୁଠାଏ ଭାତ ନ ପାଇଲେ ସେ ଗତର ଖଟାଇ ଖାଇବ । ଭଗବାନ ଜୀବ ଦେଇଛନ୍ତି, କଅଣ ଦାନା ଦେବେ ନାହିଁ ? ପରଘରେ ଇତର ପାଇଟି କଲେ ସିନା ଲାଜମାଡିବ । ସେ କଅଣ ଘରେ ବସି ଦିନରେ ଗୋଟାଏ କାଇଁଶ ତାଲ ବୁଣି ପାରିବ ନାହିଁ । ନା ଖଣ୍ଡେ ଦାଶିଗଣ୍ଠ କାଟି ପାରିବ ନାହିଁ, ନା ଦି' ତୋଳା ଚଉଁରୀ ବଳି ପାରିବ ନାହିଁ ? ଜେଜିଙ୍କ ହେଲେ ତାହାର ତେର । ଗୋଟାଏ ପେଟ, କେତେ ଖାଇବ । ପର ଦୁଆରେ ଆଦୁଯାୀ ହେବାକୁ ଯିବ କାହିଁକି ? ତାହାର

କେଉଁ କ୍ଷଣ ନାହିଁ ଯେ, ସେ ଉପାସ ରହୁବ । ସୁଜ୍ଞାଏ ମାଷ୍ଟି କଣ୍ଢେଇ ବନେଇ ଫୁଲଖଣ୍ଡ, ଗେରୁ, ହାଣ୍ଡୀ-କଳାରେ ଚିତ୍ର କରିଦେଲେ ଦଅଣା ରୋଜଗାର ହେଲା ।

ଅର୍ଜ୍ଜୁନ—ଏ ସବୁ ତୁମର ଅମୂଳ୍ୟ କଳ୍ପନା, ନା ଲାବଣ୍ୟ ମୂର୍ତ୍ତିକୁ ଏହୁପରି ଶୁଣିଛ ?

ରତ୍ନରେଖା—ଶୁଣିନାହିଁ, କଅଣ ତୁଚ୍ଛା ମନକୁ କହୁଛି ?

ଅର୍ଜ୍ଜୁନ—ହଁ, ରାଗବେଳେ ଅନେକେ ଅନେକ କଥା କହନ୍ତି; ମାତ୍ର କାର୍ଯ୍ୟରେ କିଏ କଣ କରେ ?

ରତ୍ନରେଖା—କାର୍ଯ୍ୟରେ ବି କେହି କେହି କରନ୍ତି । ମର୍ମକୁ ବାଧିଲେ କିଏ କଅଣ ନ କରିପାରେ ।

ଅର୍ଜ୍ଜୁନ—ଏଥିରେ ମର୍ମକୁ ବାଧିବାର କଥା କଅଣ ଅଛି ?

ରତ୍ନରେଖା—ଯେଉଁ ବଂଶର ଝିଅମାନେ ବାପ୍ପି-ଙ୍କଠୁ ଉଣା ଭୂମି ଯୌତୁକ ନେଇ ନାହାନ୍ତି, ସେହି ବଂଶର ଗୋଟାଏ ଝିଅପାଇଁ ତୁମେ ତାହା ଶଶୁର ଘରଠାରୁ ମୁଠେ ଖତ ଆଦାୟ କରିବ, ଏହା କଅଣ ମର୍ମକୁ ବାଧିବାର କଥା ନୁହେଁ ?

ଅର୍ଜ୍ଜୁନ—ଏତ ବଡ଼ ମଜାର କଥା । ଏଟା ହେଲା ମର୍ମକୁ ବାଧିବା କଥା, ଆଉ ମୋ ଭଉଣୀକୁ ସେମାନେ ମିଛରେ ଦୁର୍ନ୍ନାମ ଦେଇ କଳଙ୍କିତ କଲେ, ଅଡ଼ଚଣାରେ ମାଡ଼ ମାଇଲେ, ମୋତେ ଅପମାନ ଦେଲେ, ଇତର ଭାଷାରେ ଗାଳିଦେଲେ, ଏ ସବୁ କଅଣ ମର୍ମକୁ ବାଧିବାର କଥା ନୁହେଁ ? ସେ ଯେଉଁ କଟୁକଥା ମୋତେ କହୁଛନ୍ତି, ତାହାର ତୀବ୍ର ଭଷାପରେ, ମୋ କଲିଜାରେ ଫୋଟକା ହୋଇ-ଯାଇଛି । ସେ ଫୋଟକାର ଜଳାପୋଡ଼ା ଯନ୍ତ୍ରଣା ଆଜଯାଏଁ ଊଣା ହୋଇନାହିଁ । ପିଲାଟା ରାଗ ଝୁଙ୍କରେ ଚାଲି ଆସିଲା ବୋଲି ପାପ ଅଶୁଦ୍ଧ ହୋଇଗଲା ଯେ, ଆଉ ତାକୁ ନେବେ ନାହିଁ ବୋଲି ଏକାବେଳକେ ଛାଡ଼ପତ୍ର ଦେଇ ବସିଲେ । ଏଭଳି ଅନ୍ୟାୟର ପ୍ରତି-ଶୋଧପ୍ରଦାନ ପାପ ନୁହେଁ ।

ରତ୍ନରେଖା—ଛି, ପ୍ରତିଶୋଧର ନାଁ ଧର ନାହିଁ । ସେମାନେ ନିନ୍ଦାର କାମ କରିଛନ୍ତି, ଲୋକେ ତାଙ୍କୁ ନିନ୍ଦା କରିବେ । ତୁମେ ପ୍ରତିଶୋଧ ଦେଇ ସେ ନିନ୍ଦା କିଣିବ କାହିଁକି ?

ଅର୍ଜ୍ଜୁନ—ପ୍ରତିଶୋଧ ମନ୍ଦ ନୁହେଁ, ସମସ୍ତଙ୍କ ପ୍ରାଣରେ ପ୍ରତିଶୋଧ ସ୍ପୃହା ଅଛି । ସାପର ଲାଞ୍ଜ ଚିପିଦେଲେ ସେ ଲେଉଟିପଡ଼ି ଚୋଟେ ବସାଇଦିଏ । କୁକୁରକୁ ଢେଲା ଫିଙ୍ଗିଲେ ସେ ଧାଇଁ ଆସି କାମୁଡ଼ ପକାଏ, ଅସୁରମାନେ ଋଷିମାନଙ୍କର ତପୋଭଙ୍ଗ କଲେ ଋଷିମାନେ ଅଭିଶାପ ଦିଅନ୍ତି । ଦେବତାମାନେ ମଧ ପ୍ରତିଶୋଧର ଅସ୍ତ୍ରକୁ ନିଅନ୍ତି, କେହି ସେମାନଙ୍କର ଅନିଷ୍ଟ କଲେ ସେମାନେ ତାର ପ୍ରତିଫଳ ଦିଅନ୍ତି, ଆମ ଶାସ୍ତ୍ରପୁରାଣରେ ସେଥିର ଦୃଷ୍ଟାନ୍ତ ଯଥେଷ୍ଟ ଅଛି ।

ରତ୍ନରେଖା—କଥାରେ ମୁଁ ତୁମକୁ ପାରିବି ନାହିଁ, ତୁମର ଯାହା ଇଚ୍ଛା ତାହା କର, ମୁଁ ଆଉ କିଛି କହିବି ନାହିଁ ।

ଅର୍ଜ୍ଜୁନ—କି ରାଗିଗଲ କି ? ତୁମର ପରାମର୍ଶ ଉତ୍ତମ ହୋଇପାରେ; ମାତ୍ର ତାହା ଗ୍ରହଣ କରିବାକୁ ମୋର ବିବେକପୁରୁଷ ଉପଦେଶ ଦେଉ ନାହିଁ । ବିବେକ ମୋତେ ଯାହାକହେ, ମୁଁ ତାହା ଶିରୋଧାର୍ଯ୍ୟ ମଣି କରେ । ସେ ମୋର ପରମ ଗୁରୁ, ମୁଁ ତାହା କଥା ଏଡ଼ିପାରେ ନାହିଁ, ଏଡ଼ି ଦେବାର ସାହସ ମଧ ମୋର ନାହିଁ, ତାହାଛଡ଼ା ଅନ୍ୟ କାହାରି କଥାରେ ଚାଳିତ ହେବା ମୋର ପ୍ରକୃତି ବିରୁଦ୍ଧ, ତାହା ମୋ କୋଷ୍ଠୀରେ ମଧ ନାହିଁ । ଏଥିରେ ତୁମେ ରାଗ ବା ଯାହାକର ମୁଁ ତହିଁକି ନାଚାର ।

ରତ୍ନରେଖା—ନା, ମୁଁ ରାଗିବି କାହିଁକି ? କଥା କଥାକେ ରାଗିବା ଆମ ନାରୀଜାତିର ସ୍ୱଭାବ ନୁହେଁ । ଆଉ ସ୍ୱାମୀଙ୍କର ଉପରେ ରାଗିବା ଯେ ମହାପାପ, ଏହା ଆମର ସହଜାତ ଧାରଣା । ତୁମ ବିବେକ ଯାହା କହୁଛି, ତୁମେ ତାହାହିଁ କର, ମୁଁ ସେଥିରେ ବାଧା ଦେବି ନାହିଁ । ଏବେ ଯାଉଛି, ମୋର ଡେର ଯାଇଛି ଅଛି, ସଞ୍ଜୁଡ଼ି ବାସନ ମଜା ହୋଇ ନାହିଁ, ଉଷୁନା ଧାନ ହେଁସରେ ଶୁଖୁଛି, ତାକୁ ପାଣ୍ଡି ଦେବି ।

ଅନନ୍ତର ରତ୍ନରେଖା ଉଠି ଚାଲିଗଲା । ଅର୍ଜ୍ଜୁନ ନିଦ୍ରାଦେବୀଙ୍କର ଶୀତଳ-କୋମଳ-ଅଙ୍କରେ ଆଶ୍ରୟ ନେଇ ନାସିକାଧ୍ୱନି କରିବାକୁ ଲାଗିଲା ।

# ପଞ୍ଚମ ପରିଚ୍ଛେଦ

ଯଥାସମୟରେ ମୋକଦ୍ଦମାର ରାୟ ପ୍ରକାଶିତ ହେଲା । ଅର୍ଜ୍ଜୁନ ମାସିକ କୋଡ଼ିଏ ଟଙ୍କା ଦାବୀ କରିଥିଲା; ମାତ୍ର ହାକିମ ଲାବଣ୍ୟର ଖୋରାକୀ, ପୋଷାକୀ ବାବଦ ମାସିକ କୋଡ଼ିଏ ପୁଞ୍ଜ ଧାନ ଏବଂ ନଗଦ ପାଞ୍ଚଟଙ୍କା ଲେଖାଏଁ ଦେବା ସକାଶେ ବୈରାଗିଞ୍ଜନଙ୍କ ପ୍ରତି ଆଦେଶ ଦେଇଅଛନ୍ତି । ରାୟ ଶୁଣି ବୈରାଗିଞ୍ଜନଙ୍କ ମୁଣ୍ଡରେ ବଜ୍ର ଭାଙ୍ଗି ପଡ଼ିଲା ; କିନ୍ତୁ କଅଣ କରିବେ, ହୁକୁମ ଅମାନ୍ୟ କରିବାରତ ଉପାୟ ନାହିଁ । ନ ଦେଲେ ଅର୍ଜ୍ଜୁନ ନାଲିସ କରି ସମ୍ପତ୍ତି ନିଲାମ ପୂର୍ବକ ଭଉଣୀର ପ୍ରାପ୍ୟ ଆଦାୟ କରିନେବ ; ସୁତରାଂ ସେ ଏତେ ହଟ ହଟାରେ ପଡ଼ିବାକୁ ଇଚ୍ଛା କଲେ ନାହିଁ । ଭିତରେ ଭିତରେ ରକ୍ତ ସ୍ଫୁଟିଲ ସ୍ଥେବାଇହୋଇ ରହିଲେ ମନେ ମନେ କହିଲେ—"ଫେଟକା ଛୋକା ଅର୍ଜ୍ଜୁନା ମୋତେ ଖୁବ୍ ପଟାଏ ଚଟା କାଟିଲା । ଜମି ପାଞ୍ଚମାଣତ ଦୂରର କଥା, ମାଟି ପାଞ୍ଚମସାବ ପାଇଲା ନାହିଁ । ବାପ ସତ୍ୟ କରିଥିଲା, ପୁଅ ସେ ସତ୍ୟ ଭାଙ୍ଗି ତାକୁ ଅହନରକରେ ପକାଇଲା । ଆଉ ଅବୁଣ୍ଡୀ ଭଉଣୀର ଖୋରାକୀଟା ଆଦାୟ କରିବା ବାକୀ ଥିଲା । ତେବେକ ପୂର୍ଣ୍ଣ ହେଲା, ଏବେ ରଙ୍କୁଣିଆ ଘଞ୍ଚିଯିବ । ହେଉ ଧର୍ମଥିଲେ ବୁଝାମଣା କରିବ । ମୋଠାରୁ ନେଉ-ପଛେ; ମାତ୍ର ମୋର ଧାରୁଆ ହୋଇ ରହିବତ । ଆର ଜନ୍ମରେ ଘଣ୍ଟରେ ଗଡ଼ ଗଛଉପରେ ଗଛ ହୋଇ ଆଦାୟ କରିବ ।" ବୈରାଗିଞ୍ଜନ ଏହିପରି କେତେ କଥା ଭାବି ନିଜକୁ ନିଜେ ସାନ୍ତ୍ୱନା ପ୍ରଦାନ କଲେ । ଋଣଟା ସଦ୍ୟ ଆଦାୟ ନ କରି ପରବର୍ତ୍ତୀ ଜନ୍ମକୁ ରଖିଦେବାଦ୍ୱାରା ସେ କେଉଁ ସୁବୁଦ୍ଧିର କାର୍ଯ୍ୟ କରିଅଛନ୍ତି ତାହା ସହଜରେ ଅନୁମେୟ । ଗୋଟାଏ ଜନ୍ମର ସୁଧତ ଅଳ୍ପ ହେବ ନାହିଁ, ମୂଳର ବହୁଗୁଣ ହୋଇଯିବ । ତେତେବେଳେ ମୂଳ କଳନ୍ତର ଉଭୟ ଆଦାୟ କରି-ନେବେ । ସଦ୍ୟଋଣ ଆଦାୟ କରିନେଲେ ଆଉ କଳନ୍ତର କାହୁଁ ମିଳିବ ? ଏ ବୁଦ୍ଧି କଅଣ ପ୍ରଶଂସାର ଯୋଗ୍ୟନୁହେଁ ? ଏରୂପ ସୂକ୍ଷ୍ମତମ ବିଷୟ ବୁଦ୍ଧି ନ ଥିଲେ ସଂସାରରେ ଘରକରଣା କରିହେବ କିପରି ?

ଏଣେ ଅର୍ଜ୍ଜୁନର ଆନନ୍ଦର ସୀମା ନାହିଁ । ଦିଗ୍‌ବିଜୟୀ ବୀରପରି ସେ ବିଜୟ-ଗୌରବରେ ଉନ୍ମତ୍ତ । ସେ ମାମଲା ଜିଣିଅଛି, ଆତ୍ମଶ୍ଲାଘାରେ ତାହାର ଛାତି ଦୁଣେ ମୋଟରେ ଫୁଲି ଉଠୁଅଛି । ଏହି ଆନନ୍ଦର ଅଂଶ ସେ ସହଧର୍ମିଣୀକୁ ଉପଭୋଗ କରାଇବାକୁ ବ୍ୟଗ୍ରହୋଇ ଉଠିଲା । ଅର୍ଜ୍ଜୁନର ଏ ଉତ୍ତମ ବିଚାର । ସ୍ତ୍ରୀ ସହଧର୍ମିଣୀ ପୁଣି ଅର୍ଦ୍ଧାଙ୍ଗିନୀ, ସବୁଥିରେ ତାହାର ଅଧେଭାଗ ଶାସ୍ତ୍ର-ନିର୍ଦ୍ଦିଷ୍ଟ, ଉପସ୍ଥିତ ଆନନ୍ଦ ଉପଭୋଗରୁ ସେ ବଞ୍ଚିତ ହେବ କାହିଁକି ? ଅର୍ଜ୍ଜୁନ ଘରକୁ ଆସି ହସ ହସ ହୋଇ ରତ୍ନରେଖାକୁ କହିଲା—"ଶୁଣିଲଣି ଗୋଟାଏ ଖୁସି ଖବର ଆମର ମାମଲା ଜୟହେଲା । ଲାବଣ୍ୟ ପାଇଁ ବୈରାଗିଞ୍ଜନ ପ୍ରତିମାସ କୋଡ଼ିଏ ପୁଞ୍ଜ ଧାନ,ଆଉ ପାଞ୍ଚଟଙ୍କା ଲେଖାଏଁ ଖର୍ଚ୍ଚଦେବେ ।" ଅର୍ଜ୍ଜୁନ ଭାବିଥିଲା,—ରତ୍ନରେଖା ଏ ସମ୍ବାଦ ଶୁଣି ଆନନ୍ଦ ପ୍ରକାଶ କରିବ । କିନ୍ତୁ ବୃଥା ଆଶା ରତ୍ନରେଖା ଚିତ୍ର ପ୍ରତିମା ପରି ନିଶ୍ଚଳଭାବରେ ଠିଆ ହୋଇ ସ୍ୱାମୀଙ୍କ ମୁଖକୁ ଦୀନଦୃଷ୍ଟିରେ ଅନାଇ ରହିଲା, ତାହାର ନେତ୍ରରୁ ଦୁଇଧାର ଅଶ୍ରୁ ଗଡ଼ିପଡ଼ିଲା । ସେହି ଅଶ୍ରୁରେ ଅର୍ଜ୍ଜୁନର ହାସ୍ୟରେଖା ଧୋଇଗଲା । ସେ ଆଶ୍ଚର୍ଯ୍ୟ ହୋଇ ମନେ ମନେ କହିଲା, ଏ ପୁଣି କଅଣ ହେଲା, ଆନନ୍ଦ ପ୍ରକାଶ କରନ୍ତେ କଅଣ କାନ୍ଦି ବସିଲେ । ଅନନ୍ତର ଅର୍ଜ୍ଜୁନ କହିଲା—"ତୁମେ କାନ୍ଦୁଛ କାହିଁକି ରେଖା ? ଏଥିରେ କାନ୍ଦିବାର କଥା କଅଣ ହେଲା ?" ଅର୍ଜ୍ଜୁନ ଅତି ଆଦର ସୁଆଗରେ ରତ୍ନରେଖାକୁ କେବଳ 'ରେଖା' ବୋଲି ଡାକେ । ରତ୍ନରେଖା ମଧ୍ୟ ରତ୍ନଲୁତା ହୋଇ ଅଗୌରବ ମଣେ ନାହିଁ ।

ରତ୍ନରେଖା—କାନ୍ଦିବି ନାହିଁ ଆଉ କଅଣ ହସିବି । ମୋର ଖଣ୍ଡେ ବୋଲି ନଣନ୍ଦ, କେଡ଼େ ସୋହାଗରେ ସେ ବଢ଼ିଥିଲା । ମୁଠାଏ ଭାତଲାଗି ତୁମେ ତାକୁ ଛକ

ମଗାଇଲ । ସେ ଯେଉଁ ଅଭିମାନିନୀ, ଆଉ କି ତୁମଘରେ ସେ ରହିବ ?

ଅର୍ଜ୍ଜୁନ—ତୁମେ ସବୁବେଳେ ଲାବଣ୍ୟର ନ ରହିବାର କଥା ସ୍ୱପ୍ନ ଦେଖୁଛ । ନ ରହିବ କାହିଁକି, ମୁଁ ତାହାର ଜିଛି କ୍ଷତିକରି ନାହିଁ । ତଥାପି ଯେବେ ସେ ନିର୍ବୋଧପଣରେ ମନ ଖଣା କରେ ତେବେ ତୁମେ ବୁଝାଇ କହିଲେ କି ସେ ବୁଝିବ ନାହିଁ ?

ରତ୍ନରେଖା—ତୁମ ଭାଇଭଉଣୀଙ୍କର ତ ଏକା ଜାତକ, ଯାହା ବୁଝିଥିବ ସେଇଆ, ତୁମକୁ ପୁଣି ବୁଝା-ଇବ କିଏ ? ମୋ ପାରୁପର୍ଯ୍ୟନ୍ତ ମୁଁ ବୁଝାଉଛି ବୁଝା-ଇବି, ସେଥିରେ ମୋର ହେଳାନାହିଁ, ଆଉ ତୁମେ ଏକା ଗୋଟିଏ କଥା କରିବ,—ଉଚ୍ଛୁଣି ତୁମେ ତାକୁ ମାମଲା କଥା କିଛି କହିବ ନାହିଁ । ବାୟାଣୀଟା ଶୁଣି ତାଲେ କଅଣ କରିବସିବ ।

ଅର୍ଜ୍ଜୁନ—ମୁଁ ନ କହିଲେ କଅଣ ହେବ, କଥା କି ଲୁଚିରହିବ ? କୁଳ ଡାଙ୍କୁଣୀରେ କି ହାଣ୍ଡିଟାକୁ ଢାଙ୍କି ହେବ ?

ଏହି ସମୟରେ ଦାଣ୍ଡରେ ଜଣେ ମୌକିଲ ଡାକିବାରୁ ଅର୍ଜ୍ଜୁନ ଚଞ୍ଚଳ ଚାଲିଗଲା ; ସୁତରାଂ ଏ ପ୍ରସଙ୍ଗ ଆଉ ଅଧିକ ଅଗ୍ରସର ହୋଇପାରିଲା ନାହିଁ ।

ଯେଉଁଦିନ ଲାବଣ୍ୟ ମୋକଦ୍ଦମା କଥା ଶୁଣିଲା, ସେଦିନ ସେ କିଛି ଖାଇଲା ନାହିଁ, କି ନବଧୃତ ପକ୍ଷୀପରି ତାହା ମନ କେଉଁଠି ଲାଗିଲା ନାହିଁ । ସେ ରତ୍ନରେଖାକୁ କହିଲା—“ନୂଆବୋଉ, ଏବେ ମୋର ଏଘରୁ ବାସ ଉଠିଲା ।”

ରତ୍ନରେଖା—“ଛି, ସେ କଥା ତୁଣ୍ଡରେ ଧରନା ଭଉଣି । ଏ ଘର କଅଣ ତୋର ନୁହେଁ ?”

ଲାବଣ୍ୟ—ନା । ନୂଆବୋଉ, ସଂସାରରେ ମୋର ଆଶ୍ରୟ ସ୍ଥାନ ନାହିଁ । “ପିତାଶୀ” ଗଛେଇ ପରି ମୁଁ ଯେଉଁ ଡାଳରେ ବସିଲି ସେ ଡାଳ ଭାଙ୍ଗିପଡିଲା ।

ରତ୍ନରେଖା—ନା ଭଉଣି ତାହା କହନା, ତୋତେ କଅଣ କିଏ ଘରୁ କାଢିଦେଉଛି ?

ଲାବଣ୍ୟ—କାଢି ନ ଦେଲେ କଅଣ ହେଲା, ଗଛର ମଲାଙ୍ଗ ପରି ମୁଁ ତୁମ ଦେହରେ ବାନ୍ଧିହେବି କାହିଁକି ?

ରତ୍ନରେଖା—ତୋର ଶ୍ୱଶୁର ଘର ପଦାର୍ଥ ତୁ ଖାଇବୁ, ଆମ ଦେହରେ ବାନ୍ଧିହେବୁ କାହିଁକି ?

ଲାବଣ୍ୟ—ତାହା ମୁଁ ଛୁଇଁବି ନାହିଁ ।

ରତ୍ନରେଖା—ତେବେ ତାହା କଅଣ ହେବ ?

ଲାବଣ୍ୟ—ଫୋପାଡି ଦିଅ ବା ବାଣ୍ଟିଦିଅ ବା ପୋଡିଦିଅ, ମୁଁ ତାକୁ ଛୁଇଁବି ନାହିଁ ; କି ତୁମ ଘରେ ବି ପାଣି ଛୁଇଁବି ନାହିଁ । ମୁଁ ମୋର ମାଉସୀ ଘରେ ଯାଇ ରହିବି ।

ରତ୍ନରେଖା—କାହାର ପଦାର୍ଥତ ଛୁଇଁବୁ ନାହି ତେବେ ବଞ୍ଚିବୁ କିମିତି ?

ଲାବଣ୍ୟ—ଭଗବାନଙ୍କ ରାଜ୍ୟରେ ବଞ୍ଚିବାର ଉପାୟ ତେର ଅଛି ନୂଆବୋଉ, ତାଙ୍କ ରାଜ୍ୟର ନାମ—“ବସୁମତୀ”, ତାହା ଖାଲି ବସୁରେ ପୂର୍ଣ୍ଣ । ଟିକିଏ ପରିଶ୍ରମ କରି ଖୋଳିନେଲେ ହେଲା । ଯେଉଁଦେଶ ନାରୀ-ଗୌରବରେ ଅଲଙ୍କୃତ ; ଯେଉଁ ଦେଶର ରାଜକନ୍ୟା ରାଜବଧୂ ରାଜରାଣୀ ପତିଙ୍କ ଅନୁଗାମିନୀ ପରି ବନରେ ବୁଲି କଷ୍ଟକୁ ତୁଚ୍ଛଜ୍ଞାନ କରିଅଛନ୍ତି, ମୁଁ ସେହି ଦେଶରେ ପୁଣି ସେହି ଆଦର୍ଶ ନାରୀକୁଳରେ ଜନ୍ମ ଲଭି ନିଜପାଇଁ କଅଣ ପରିଶ୍ରମ କରିପାରିବି ନାହିଁ ।

ନାରୀଜାତି ସାନ ନୁହେଁ, ସେ ଦେଶର ଶକ୍ତି, ଜାତିର ଶକ୍ତି । ଅବଳା ବାହୁରେ ମଧ୍ୟ ବିଧାତା ଆତ୍ମ-ରକ୍ଷା ସକାଶେ ବଳ ଦେଇଛି, ସମୟ ପଡିଲେ ନାରୀ ନିଜ ଉପରେ ଭରଦେଇ ଠିଆହୋଇପାରେ । ଏ ଜନ୍ମଟା ତ ମୋର ବୃଥା ହେଲା, ସ୍ୱାମିସେବା ନାରୀର ଧର୍ମ, ଯାହା ଭାଗ୍ୟରେ ତାହା ନାହିଁ, ତାହାର ଜୀବନ ବିଫଳ ସିନା । ନିଜ ଦୋଷରୁ ତ ମୁଁ ସେ ସୌଭାଗ୍ୟ ହରାଇଛି, ଯେବେ ନିଜେ ବଞ୍ଚି କାହାରି କିଛି ଟିକିଏ ଉପକାରରେ ଲାଗିପାରେ, ତେବେ ତେତିକି ଏ ଜୀବ-ନରେ ପରମ ଲାଭ ।

ରତ୍ନରେଖା—ଯେବେ ପରିଶ୍ରମ କରି ବଞ୍ଚିବୁ, ତେବେ ଏଇଠି ରହି ଯାହା କରିବାର କଲେ କି ହେବ ନାହିଁ ।

ଲାବଣ୍ୟ—ନା, ସେଥିରେ ମୋର ପିତୃକୁଳର ଗୌରବ ହାନି ହେବ । ମୁଁ ଏଠାରେ ରହିଲେ ମୋର

ଶ୍ୱଶୁର ଘରର ପଣ ଏଠାକୁ ଆସିବ, ମୁଁ ତାହା ନ ଛୁଇଁଲେ ମଧ୍ୟ ସେଥିରେ ବଳିଛି ବୋଲି ଲୋକେ ବିଶ୍ୱାସ କରିବେ, ଆଉ ମୋ ଭାଇଙ୍କ ନିନ୍ଦା କରିବେ, ମୁଁ ତାହା ସହିପାରିବି ନାହିଁ ।

ରତ୍ନରେଖା—ଭାଇଙ୍କ ଘରୁ ବାହାରି ଯାଇ ଅନ୍ୟ ଜାଗାରେ ରହିଲୁ—ଏଥିରେ ଭାଇଙ୍କୁ ନିନ୍ଦା ହେବ ନାହିଁ ।

ଲାବଣ୍ୟ—ତାହା କାହିଁକି ହେବ ? ମୁଁ ନିଜ ଇଚ୍ଛାରେ ଯିବି, ସେ ତ ମୋତେ ବାହାରିଯିବାକୁ କହୁନାହାନ୍ତି, ତେବେ ତାଙ୍କୁ କାହିଁକି କିଏ ନିନ୍ଦା କରିବ ? ଶ୍ୱଶୁରଙ୍କ ଘରୁ ତଡ଼ିଦେଲେ ବୋଲି ମୁଁ ଯେବେ କହି ବୁଲନ୍ତି, ତେବେ ଲୋକେ ତୁମ୍ଭଙ୍କୁ ନିନ୍ଦା କରନ୍ତେ । ତାହା କହିଲେ ମୋତେ କଅଣ ଧର୍ମ ଦଣ୍ଡିବ ନାହିଁ—ମୋ ଜିଭ ଅଧଗଡ଼ୁ ଛିଣ୍ଡି ପଡ଼ିବ ନାହିଁ ? ତୁମ ପରି ଶ୍ୱଶୁରଙ୍କ ଦୟା, ଆଉ ଭାଇଙ୍କ ସ୍ନେହ ଏ ମର୍ତ୍ତ୍ୟମଣ୍ଡଳର ପଦାର୍ଥ ନୁହେଁ ନୂଆବୋହୂ, ମୋ ଭାଗ୍ୟକୁ ତାହା ସ୍ୱର୍ଗରୁ ଛିଡ଼ିପଡ଼ିଛି । ତାକୁ ନିନ୍ଦିଲେ ମୁଁ ନିଜ ହାତରେ ନିଜ ପାଇଁ ନରକର ସିଡ଼ି ତିଆରି କରିବି ସିନା । କଲ୍ୟାଣ କର ନୂଆବୋହୂ, ସେ ଦୁର୍ବୁଦ୍ଧି ମୋତେ ନ ଘଟୁ । ତୁମ୍ଭମାନଙ୍କ ପ୍ରତି ମୋର ଭକ୍ତି ଊଣା ହେବନାହିଁ, ସଦ୍‌ଭାବ ଯିମିତି ଅଛି, ଠିକ୍ ସିମିତି ରହିବ । ମାଉସୀ ଘରତ ଦୂର ନୁହେଁ, ମୁଁ ରୋଜ ତୁମ ଘରକୁ ଯିବା ଆସିବା କରିବି; ମାତ୍ର ଖାଇବି ନାହିଁ, କି ରହିବି ନାହିଁ ।

ଅନନ୍ତର ଲାବଣ୍ୟ ଘର ଭିତରକୁ ଯାଇ ନିଜର ପୋଥଲୀଟି ଘେନି ବାହାରି ଆସିଲା ଏବଂ ତାହା ଯତ୍ନପୂର୍ବକ କାନରେ ବାନ୍ଧି ମାଉସୀ ଘର ଆଡ଼କୁ ଅଗ୍ରସର ହେଲା । ରତ୍ନରେଖା କଅଁଳେଇ ସାଉଁଳେଇ ଢେର କହିଲା,—ହାତ ଧରି ଅନେକ ପ୍ରଣ ନିର୍ବନ୍ଧ ପକାଇଲା; ମାତ୍ର ନଣନ୍ଦକୁ ଫେରାଇ ପାରିଲା ନାହିଁ । ସେ ତାହା କଥାରେ କର୍ଣ୍ଣପାତ ନ କରି ଚାଲିଗଲା ।

ଗାଁ ମୁଣ୍ଡରେ ଲାବଣ୍ୟର ମାଉସୀ ଘର । ମାଉସୀ ବୁଢ଼ୀ, ଲାବଣ୍ୟ ତାଙ୍କୁ "ଅମ୍ବି ମାଉସି"-ବୋଲି ଡାକେ । ବୁଢ଼ୀର ପୂର୍ଣ୍ଣନାମ ଅମ୍ବିକା । ସେ ଲାବଣ୍ୟର ନିଜ ମାଉସୀ ନୁହେଁ—ତାହା ମାଉ ମାଉସୀଝିଅ ଭଉଣୀ । ବୁଢ଼ୀର ସାହା ସୋଦର କେହି ନାହିଁ ସେ ନିଃସଙ୍ଗିଆ ସଂସାର ପଥର ଏକୁଟିଆ ଶ୍ରାନ୍ତ ପାନ୍ଥ । ତାହାର ଅଗ ପଛ ହୋଇ ଦୁଇଟି ଘର, ଦୁଇଖଣ୍ଡ ପାଚେରିଦ୍ୱାରା ଘର ଦ୍ୱୟ ସଂଯୁକ୍ତ । ଘରର ପଛପଟକୁ କଣ୍ଟାବାଡ଼ଘେରା ପ୍ରଶସ୍ତ ବାଡ଼ି ଖଣ୍ଡିଏ ଅଛି । ସେଥିରେ ଆମ୍ବ, ପଣସ ନଡ଼ିଆ, କଦଳୀ, କମଳା, ଅଳୁ, ପିତୁଡ଼, ବରକୋଳି ତେନ୍ତୁଳି, ତମାଳ, ଅମୃତଭଣ୍ଡା, ଅଉ, ତାଳ ପ୍ରଭୃତି ନାନାପ୍ରକାର ଫଳବୃକ୍ଷ ଅଛି । ବୁଢ଼ୀ ନିଜ ହସ୍ତରେ ବାଇଗଣ, ସାରୁ, ଖମ୍ବଆଳୁ, ବୋଇତାଳୁ, କଖାରୁ, ଲାଉ, ଶାଗ ପ୍ରଭୃତି ସାମୟିକ ଫସଲ କରେ । ବାଡ଼ିଜାତ ଫଳ ମୂଳ, ଶାକସବଜିରୁ ନିଜର ଆବଶ୍ୟକ ମତେ ବିକ୍ରୟ କରି ଅବଶିଷ୍ଟ ଦେବତା, ବ୍ରାହ୍ମଣ, ଅତିଥି, ଅଭ୍ୟାଗତ ଏବଂ ପ୍ରତିବେଶୀମାନଙ୍କୁ ବିତରଣ କରିଦିଏ । ବୁଢ଼ୀ ଦେଇ ଜାଣେ; ମାତ୍ର ନେଇ ଜାଣେ ନାହିଁ । ସେ ଭୁଣ୍ଡିପିଠାରେ କାହାରିକୁ କେବେ କିଛି ମାଗିବାର କେହି ଜାଣନ୍ତି ନାହିଁ । ତାହାର ଅଭାବ ମଧ୍ୟ କିଛି ହୁଏ ନାହିଁ । ସେ ସ୍ୱଳ୍ପରେ ସନ୍ତୁଷ୍ଟ, ତ୍ୟାଗ ଦ୍ୱାରା ଭୋଗକୁ ଜୟ କରିଅଛି. ଅଭାବକୁ ଅଭାବ ବୋଲି ଜ୍ଞାନ କରେ ନାହିଁ । ତାହାର ଆଉ ଅଭାବ କଅଣ ? ପରିଶ୍ରମ ବୁଢ଼ୀର ଇଷ୍ଟଦେବତା ଏବଂ ସୁଖ ଶାନ୍ତି ଦାତା; ସୁତରାଂ ସେ କେତେବେଳେ ତାକୁ ଛାଡ଼ିପାରେ ନାହିଁ । ନିଷ୍କର୍ମା ହୋଇ ବସିବାର ତାକୁ କେହି କେବେ ଦେଖି ନାହାନ୍ତି । ମାଳଜପିବା ତାହାର ଆଉ ଗୋଟିଏ ପ୍ରିୟକାର୍ଯ୍ୟ । ରାତିରେ ଭାତ ରାନ୍ଧିଲେ ମାଳଜପାରେ ବାଧା ଘଟିବ ବୋଲି ସେ ରୋଜ ରାନ୍ଧେ ନାହିଁ—ଦିନେ ରାନ୍ଧିଲେ ତିନିଦିନ ଖାଏ । ସେ ଦାନକୁ ଯେପରି ଆଦର କରେ ସଞ୍ଚୟକୁ ସେହିପରି ଘୃଣା କରେ ? ସେ କହେ—"ଯାହା ଖାଇବ ପେଟକୁ, ଯାହା ଦେଇଯିବ ବାଟକୁ, ଯାହା ରଖିଯିବ ଥେଣ୍ଟକୁ ।" ଅର୍ଥାତ୍ ଯାହା ଖାଇବ ତାହା ନିଜପାଇଁ, ଯାହା ଦେଇଯିବ ତାହା ମହାଯାତ୍ରାର ପାଥେୟ ହେବ, ଆଉ ଯାହା ରଖିଯିବ ତାହା ଥେଣ୍ଟ ଖାଇବେ । ବାସ୍ତବରେ ଯାହାର କେହି ନାହିଁ, ସେ ସଞ୍ଚୟ କରିବ କାହା ଲାଗି ? ଅମ୍ବି ମାଉସୀର ଭଲ

ଇଚ୍ଛା,—ସ୍ୱର୍ଗରେ କେହି ଅଧାଏଁ ଅଧାଏଁ ଭାଗବତ ପୋଥି ଗାଇଲେ ସେ ଶୁଣନ୍ତା, ସେଥିରେ ତାହାର "ଅବାସ୍ତା ପିଣ୍ଡ ବାସ୍ତା କୁଅନ୍ତା;" ମାତ୍ର ଅବସ୍ଥା ଇଚ୍ଛାର ପ୍ରତିକୂଳ । ଦରିଦ୍ରର ଇଚ୍ଛା ତ ପୂର୍ଣ୍ଣ ହେବାର ନୁହେଁ । ଇଚ୍ଛାରେ ତାହାର ଆନନ୍ଦ ସିନା ସାଫଲ୍ୟ ଦୂରରୁ ତାକୁ କୁହାର କରୁଏ । ଲାବଣ୍ୟ ବେଳେ ବେଳେ ରାତିରେ ମାଉସୀ ଘରେ ରହିଯାଏ । ସେ ଦିନ ବୁଢ଼ୀର ବଡ଼ ଆନନ୍ଦ, ଲାବଣ୍ୟ ଭାଗବତ ଗାଇ ତାକୁ ଶୁଣାଏ । ଏହେତୁ ଲାବଣ୍ୟକୁ ସେ ଖୁବ୍ ସ୍ନେହ କରେ । ଲାବଣ୍ୟ ଭାଇଘରୁ ଯାଇ ତାହାରି ଘରେ ରହିଲା ।

## ଷଷ୍ଠ ପରିଚ୍ଛେଦ

ଅମ୍ବି ମାଉସୀ ଲାବଣ୍ୟକୁ କୋମଳ ଭାଷାରେ ଅନେକ ବୁଝାଇ କହିଲା—"ଲାବଣ୍ୟ, ତୁ ପିଲାଲୋକ, ତୋ ଜୀବନର କେତେକାଳ ପଛକୁ ପଡ଼ିରହିଛି, ତାହା ତୁ କାଟିବୁ କିମିତି ? ଶଶୁର ଘରୁ ଗୋଡ଼ କାଢ଼ି ଚାଲିଆସିଲୁ, ପୁଣି ଭାଇ ଘରୁ ଚାଲିଆସିଲୁ, କଥା କଥାକେ ଏପରି ଘରୁ ବାହାରିପଡ଼ିବା ଭଲ ନୁହେଁ ମା । ଅଲଣା, ମାଇପି ଜନ୍ମପାଇ ଏତେ ଅଣ୍ଟଧରି ଚଳିପାରିବୁ ତ ?" ଲାବଣ୍ୟ କହିଲା—"କାହିଁକି ଚଳି ନ ପାରିବି, ଆଉ ମାଇପି ଜନ୍ମ ଅଲଣା କାହିଁକି ହେବ ? ନାରୀ କଅଣ ମଣିଷ ନୁହେଁ, ତାହାର କଅଣ ବୁଦ୍ଧି ପସନ୍ଦ ନାହିଁ ? ପୁରୁଷକୁ ଯେଉଁ ବିଧାତା ଗଢ଼ିଛି, ନାରୀକୁ ବି ସେହି ଗଢ଼ିଛି । ନାରୀ ମହାଶକ୍ତିର କନ୍ୟା, ବିଧାତା ତାକୁ ହାତଗୋଡ଼ ଦେଇଛି, ହାତଗୋଡ଼ରେ ଶକ୍ତି ଦେଇଛି, ସେ କଅଣ ପେଟ ପୁରାଇବାକୁ ସମର୍ଥ ନାହିଁ ? ଯେ ପେଟ ଦେଇଛି ପେଟ ପୋଷିବାର ଉପାୟ ସେହି କରିଦେବ । ଅକର୍ମ କଲେ ସିନା ଲାଜ ମାଡ଼ିବ, ଲୋକେ ନିନ୍ଦା କରିବେ, ଆଉ ପରିଶ୍ରମ କରି ଖାଇଲେ ଲାଜ କଅଣ ନା ନିନ୍ଦା କଅଣ ?" ଲାବଣ୍ୟର ଏକଥା ଶୁଣି ମାଉସୀ ଆଉ କଅଣ କହିବ ତାକୁ କିଛି ବୁଦ୍ଧି ଦିଶିଲା ନାହିଁ । ସେ ଝିଅଟି ପାଖରେ ପରାସ୍ତ ହୋଇ କହିଲା—"ସତ କହିଲୁ ଝିଅ, ହାତ କରିବ ପେଟ ଖାଇବ, ସେଥିରେ ଲାଜ ନାହିଁ କି ଲୋକନିନ୍ଦା ନାହିଁ ।" ଅନନ୍ତର ବୁଢ଼ୀ କାନ୍ଦ କାନ୍ଦ ସ୍ୱରରେ କହିଲା—"ତୋ ମା ବି ତୋହରି ପରି ମାନ ଧରିଥିଲା ଲୋ ମା ! ତା' କଥା ମନରେ ପଡ଼ିଲେ ପଞ୍ଜୁରି ଅସ୍ଥି ଦହି ହୋଇଯାଏ, ହାୟ ! ସେ ଚତେଇ ଚରିକୁଣୀର ପେଟକଥା ବୁଝୁଥିଲା, ତାହା ଛାଟରେ ଗୋଟାଏ ମଣିଷ ଏ ତଲ୍ଲାଟରେ ନାହିଁ । କାହାକୁ କିଛି ଦେଉ ବା ନ ଦେଉ ତାହା କଥା ଶୁଣିଲେ ପେଟ ପୂରିଉଠୁଥିଲା । ତାହାର କେଉଁ ଗୁଣ ଊଣା ନ ଥିଲା । କି ରନ୍ଧାବଢ଼ା, କି ଘରକରଣା ପାଇଟି, କି କଳକଉଶଳ ସବୁଥିରେ ସେ ଖୁବ୍ ଚମ୍ପା ଥିଲା । ରାନ୍ଧଣୀ ତ ଠିକ ନଳରାଜା ରାନ୍ଧଣା ପରି । ଅମଣମଣ-କରି ଶାଗ କେରାଏ ଖରଡ଼ି ଦେଲେ କି ଅମୃତ ପରି ସୁଆଦ ଲାଗେ ସେ ପୁଣ୍ୟବତୀ ଅଇସୁଲକ୍ଷଣୀ ହୋଇ ସ୍ୱର୍ଗକୁ ଚାଲିଗଲା—ସେଠିପାଇଁ ପିତାପାଣି ପାଉଥିବ । ସମସ୍ତେ ଚନ୍ଦ୍ରଗୁପ୍ତ ଗୁମାସ୍ତାକୁ କହେ ପରା ଲୋ ଝିଅ, "ଆଇଲେ ଅଦ୍ୟଗଣୀ ଦିଅ ତାଙ୍କୁ ପିତା ପାଣି ଆଇଲେ ରାଣ୍ଡଖଣ୍ଡୀ ଦିଅ ତାଙ୍କୁ ଅରଟ ଖଣ୍ଡି ।" ସେ ସ୍ୱର୍ଗରେ ଐଶ୍ୱର୍ଯ୍ୟ ଭୁଞ୍ଜୁଛି ମୁଁ ରାଣ୍ଡ ପାପୀ—ଏ ନରକରେ ପଡ଼ି ଘାଣ୍ଟି ହେଉଛି, ତୁ ତାହାରି ଝିଅଲୋ ମା, ଟାଣପଣ ନ ଧରିବୁ କାହିଁକି ? ଅମ୍ବଗଛରେ କି ସାଲମା ଫଳିବ । ତେବେ ମୁଁ କହୁଥିଲି କଅଣ କି—ତୁ ମୋ ଘରେ ରହିଲେ ତୋ ଭାଇ ଭାଉଜ କାଳେ କଅଣ ମନରେ ଭାବିବେ ।" ଲାବଣ୍ୟ ଟିକିଏ ଉତ୍ତେଜିତ ହୋଇ କହିଲା—"ହଁ ମୁଁ ତାଙ୍କ ଘରୁ ଚୁଣ୍ଡି ଆଣି ତୋ ଘରେ ପୂରେଇଦେଉଛି ଯେ ସେ ମନରେ କଅଣ ଭାବିବେ, ଆଉ ତୋତେ ନେଇ ଶୂଳୀଦେବେ ।" ମାଉସୀ ଏ କଥାରେ ନ ହସି ରହିପାରିଲା ନାହିଁ, କହିଲା ହେଉଲୋ ଝିଅ ଯେ ଯାହା କହିବ କହୁ ପଛେ ତୁ ମୋତେ ସାହା ମୁଁ ତୋତେ ସାହା, ମାଉସୀ ଝିଅଟି ଏକାଠି ପଡ଼ିରହିବା, ତୁ ଘରର ଝିଅଟା ଘରେ ନରହି ଆଉ କୁଆଡ଼େ ଯିବୁ ? ମାଉସୀର ସ୍ନେହ-ତରଳ ବାଣୀରେ ଲାବଣ୍ୟ ନେତ୍ର

ଲେଉକାଡ ହୋଇ ଆସିଲା ସେ ଆଉ ଭଲ ହେଲା ନାହିଁ ।

ଲାବଣ୍ୟ ମାଉସୀ ଘରେ ରହି ସ୍ୱାମୀ ଗଜେନ୍ଦ୍ର ପାଖୋକୁ ଯାଇନାହିଁ, ସେପ୍ରତ୍ୟହ ଯାଇ ଘରକୁ ଯାତାୟାତ କରେ । ଇନ୍ଦୁରେଖା ମନା କଲୁ କଲୁ ତାହା ହାତରୁ ଛଡାଇ ପାଣି ପାଇଟି କରିଦିଏ । କୌଣସି କାର୍ଯ୍ୟରେ ତ୍ରୁଟି ଦେଖିଲେ ତାହା ସଂଶୋଧନ କରିଦିଏ । ଅପୂର୍ଣ୍ଣ କାର୍ଯ୍ୟ ପୂର୍ଣ୍ଣ କରିଦିଏ । ନଣନ୍ଦ ଭାଉଜ ଉଭୟଙ୍କର ପୂର୍ବ-ପ୍ରୀତି ଅକ୍ଷତ ଅଛି, ଦୁହେ ବସି ଖୁସିଗପ କରନ୍ତି—ତାସ ଖେଳନ୍ତି—ବଡ଼କସି ଖେଳନ୍ତି, ଲାବଣ୍ୟ ଲଜ୍ଜାରେ ଭାଇଙ୍କ ଆଗକୁ ଯାଏନାହିଁ ତାହାର ଗୃହତ୍ୟାଗରେ ଅର୍ଜୁନ ଦୁଃଖିତ ବା ବିରକ୍ତ ନୁହେ । ସେ କହେ—ଲାବଣ୍ୟର କୋମଳ କଲିଜାରେ ଯେଉଁ ଆଘାତ ଲାଗିଛି ସେଥିରେ ଯେ ସେ ବାତୁଳୀ ହୋଇଯାଇନାହିଁ ଏହାହିଁ ଭାଗ୍ୟର କଥା । ବୁଝାଇଲେ ତ ସେ ବୁଝେନାହିଁ, ତାହା ମନ ତାକୁ ଦିନେ ନିଶ୍ଚେ ବୁଝାଇଦେବ । ତାହାର ଏ ଚଞ୍ଚଳ ପ୍ରକୃତି ମଧ୍ୟ ଛାଡିଯିବ, ସେତ ଆଉ କାହାଘରେ ନାହିଁ—ମାଉସୀଘରେ ଅଛି, ମାଉସୀ ଘର ଯେ ଆମ ଘର ବି ସେ, ସେଠି ରହିଲେ କ୍ଷତି କଅଣ । କହନ୍ତି ପରା—"ମା'ଠଉଁ ମାଉସୀ ବଳେ ।" ସେଠାରେ ଯେବେ ତାହା ମନ ଭଲହୁଏ ତେବେ ଥାଉ ବଳେ ଫେରିଆସିବ । ଯେତେହେଲେ ବାପଘର, ତାହା ମାସ୍ତାଙ୍କ ଛାଡ ହୁଏ ।

ମାଉସୀ ଘରେ ଲାବଣ୍ୟର ଦୁଃଖେ ସୁଖେ ଦିନ କଟି ଯାଉଅଛି । ବୃଦ୍ଧାର ପ୍ରତ୍ୟେକ କାର୍ଯ୍ୟରେ ସେ ଯଥାଶକ୍ତି ସାହାଯ୍ୟ କରେ । ଏଣିକି ଲାବଣ୍ୟ ରାନ୍ଧେ । ସେ କହେ—"ମାଉସି, ତୋର ବୃଦ୍ଧଶରୀର, ସେତିକ ରାତିରେ ପଖାଳ ଖାଇଲେ ଲସମ ହେବ, କଫ ବଢିବ ମୁଁ ଦି'ଟା ଫୁଟାଇ ଦେବି ସେ କେତେବେଳର କାମ ।" ମାଉସୀ ଉଠିବା ପୂର୍ବରୁ ଲାବଣ୍ୟ କୁମ୍ଭଛଡା ଦେଇସାରି ବେଳ ବାସନ ମାଜି ରଖିଥାଏ । ପାଣି ଗରମ କରି ବୃଦ୍ଧାକୁ ଗାଧୋଇଦିଏ । ତାହାର ଶରୀର ପ୍ରତି ସତର୍କ ଦୃଷ୍ଟି ରଖିଥାଏ । ରାତିରେ ଖିଆପିଆ ଶେଷରେ ଭାଗବତ ପଢି ମାଉସୀକୁ ଶୁଣାଏ । ବୃଦ୍ଧା ତାହା ସେବାରେ ଭାରି ସନ୍ତୁଷ୍ଟ । ସେ କହେ—"ଝିଅଟାଏ ପେଟରୁ ଜନ୍ମ କରିଥିଲେ କଅଣ ସେ ମୋତେ ବେଶି ସୁଖଦିଅନ୍ତା, ନା ବୋହୂଟାଏ ଥିଲେ ଲାବଣ୍ୟଠଉଁ ବେଶି ସେବା କରନ୍ତା । ମା, ମୋର ଅଭିସ୍ତଲକ୍ଷଣୀ ହୋଇ ଶଏବର୍ଷ ବଞ୍ଚିଥାଉ, ତାହାର ପୂର୍ବ ସୌଭାଗ୍ୟ ଫେରିଆସୁ—ପୁଅ, ଝିଅ, ବୋହୂ,ନାତି, ନାତୁଣୀ ଘେନି ସେ ସୁଖରେ ଘରକରଣା କରୁ । ପୂର୍ବ ଜନ୍ମରେ ସେ ମୋର ମା ଥିଲା, ନ ହେଲେ ମୋ ଉପରେ ତାହାର ଏତେ ମୁଆଁ ସଁ କାହିଁକି ହୁଅନ୍ତା ।"

ଲାବଣ୍ୟ ମାଛଅନ୍ଧାରରୁ ଉଠି ବାସିପାଇଟି ସାରି ଗାଧୋଇ ଆସେ । ତହିଁପରେ ବାଡିରୁ ଫୁଲସବୁ ତୋଳିଆଣି କୋଥଳି ଫିଟାଇ ପୂଜାକରି ବସେ । ବିବାହର ଶୁଭଦର୍ଶନୀ ସ୍ୱରୂପ ସ୍ୱାମୀ ନିକଟରୁ ସେ ଖଣ୍ଡିଏ ଫଟୋ ଉପହାର ପାଇଥିଲା । ସେହି ଚିତ୍ରପଟ ଦେବ-ତାକୁ ସେ ପ୍ରତ୍ୟହ ଫୁଲ ଚନ୍ଦନ ଦେଇ ପୂଜାକରେ । ଏପରି ସମୟରେ ପୂଜାକରେ ଯେ, କେହି ଜାଣିପାରନ୍ତି ନାହିଁ । ଦିନେ ତାହାର ସ୍ୱାମୀ ଗଜେନ୍ଦ୍ର ସେହି ଗୋପ୍ୟ ପୂଜା ଧରିପକାଇଥିଲା । ଗଜେନ୍ଦ୍ର ମୃଦୁହସି ପଚାରିଲା "କି, ଏ ନରପୂଜା କାହିଁକି ?" ଲାବଣ୍ୟ ସଲଜ୍ଜଭାବରେ କହିଲା– "ନରପୂଜା ନୁହେଁ - ଏ ଦେବତା ପୂଜା ।" ଦେବପୂଜାକିପରି ବୋଲି ଗଜେନ୍ଦ୍ର ପୁଣି ପଚାରନ୍ତେ ଲାବଣ୍ୟ କହିଲା –"କିପରି ଆଉ କଅଣ ସ୍ୱାମୀ ପରା ସ୍ତ୍ରୀର ପୂଜା ଦେବତା ।" ଗଜେନ୍ଦ୍ର ଉଚ୍ଚ ହାସ୍ୟରେ କହିଲା—"ବେଶ୍ ବେଶ୍, ମୋର ସୌଭାଗ୍ୟତ ମନ୍ଦ ନୁହେ । ଏକାଥରକେ ଦେବତା ଆସନକୁ ଉଠିଗଲି । ହେଉ, ଫୁଲ ଚନ୍ଦନସବୁ ତୁମର ସେହି ଚିତ୍ରପଟ-ଦେବତାକୁ ଦିଅ, ଆଉ ଭୋଗସବୁ ମୋତେ ଦିଅ । ମୁଁ ଜୀଅନ୍ତା ଠାକୁର, ପ୍ରତ୍ୟକ୍ଷରେ ଖାଇଦେବି ।" ସ୍ୱାମୀର ପରିହାସ ଶୁଣି ଲାବଣ୍ୟ କହିଲା—"ନା-ନା, ଆମ ଠାକୁର ଭୋଗ ଖୋଜନ୍ତି ନାହିଁ—ଭକ୍ତିରେ ସେ ଖୁସି ହୁଅନ୍ତି ।" ଗଜେନ୍ଦ୍ର ମନେ ମନେ ସ୍ତ୍ରୀ ବୁଦ୍ଧିର ପ୍ରଶଂସା କରି କହିଲା "ଧନ୍ୟ ତୁ ଲାବଣ୍ୟ, ମୂର୍ଖସ୍ତ୍ରୀ ହେଲେ ସ୍ୱାମୀ ପଦଭକ୍ତିପଣରେ ତୁ ଶ୍ରେଷ୍ଠା ।" ଲାବଣ୍ୟ ମାଉସୀ ଘରେ ସେହି ମୂର୍ତ୍ତିକୁ ପୂଜାକରେ,

ସାଷ୍ଟାଙ୍ଗ ପ୍ରଣାମ କରେ, ଗଳଲଗ୍ନ ହୋଇ-ହାତଯୋଡ଼ି ପ୍ରାର୍ଥନା କରେ,—"ପ୍ରଭୋ, ମୁଁ ତମ ଅନୁମତି ନନେଇ ବୁଲିଆସିଛି, ମୋର ଅପରାଧ କ୍ଷମାକର । ଦାସୀର ଦୋଷ ମାର୍ଜନା କରିବା ପ୍ରଭୁର ମହତ୍ତ୍ୱ ସିନା ।" ପୂଜା ଶେଷରେ ଫଟୋଖଣ୍ଡି ବୋଥିଲରେ ବାନ୍ଧି ରଖିଦିଏ ମାଉସୀର ନିଦ୍ରାଭଙ୍ଗ ପୂର୍ବରୁ ତାହାର ପୂଜା ସରିଯାଏ । ମାଉସୀ ତାହା କିଛି ଜାଣିପାରେ ନାହିଁ । ଲାବଣ୍ୟର ବେଶ ଏଣିକି ସନ୍ନ୍ୟାସିନୀ ପରି । ସେ ମୁକ୍ତକେଶୀ ଗୈରିକ ବାସନା । ସୁନ୍ଦର ଦେହକୁ ସବୁ ସୁନ୍ଦର ଦିଶେ, ତେଣୁ ଗେରୁଆ ବସ୍ତ୍ରଖଣ୍ଡି ତାକୁ ଖୁବ୍ ମାନେ । ଦେହରେ କଣ୍ଠାକର ଅଳଙ୍କାର ନାହିଁ, ସିନ୍ଥିରେ ଟିକିଏ ସିନ୍ଦୂର ଲଗାଇ ହାତରେ ଫୁଲମାଳ ବାନ୍ଧି ସେ ସଧବା ଚିହ୍ନ ଧାରଣ କରିଥାଏ । କେବଳ ବେଶ ନୁହେଁ, ତାହାର ବ୍ୟବହାର ମଧ୍ୟ ଠିକ୍ ସନ୍ନ୍ୟାସିନୀ ପରି ସରଳ, ମଧୁର ଏବଂ ଶୀତଳ । ଗ୍ରାମରେ କାହାର ରୋଗପୀଡ଼ା ହେଲେ ସେ ଯଥାସାଧ୍ୟ ସେବା ଶୁଶ୍ରୂଷା କରେ ଏବଂ ମିଷ୍ଟ ପ୍ରବୋଧବାକ୍ୟରେ ରୋଗୀର ରୋଗଯନ୍ତ୍ରଣା ଭୁଲାଇ ଦିଏ । କାହାରି ଘରେ ବ୍ରତ ବିବାହ ବା କିଛି କର୍ମ ହେଲେ ସେ ବଳେ ବଳେ ଯାଇ ଦଶ ପାଇଟି କରିଦେଇ ଆସେ । ଏହିପରି ସେ ଅନେକଙ୍କର ଅନେକ ଉପକାର କରେ । ଏହେତୁ ଗ୍ରାମର ଆବାଳବୃଦ୍ଧ ସମସ୍ତେ ତାକୁ ଶ୍ରଦ୍ଧା କରନ୍ତି । ପ୍ରତିବେଶିପିଲାମାନଙ୍କୁ ଲାବଣ୍ୟ ଖୁବ୍ ଆଦର ଯତ୍ନ କରେ । କାହାକୁ କିଛି ଖୁଆଇଦିଏ—କାହାକୁ ହଳଦି ଲଗାଇଦିଏ—କାହା ଆଖିରେ କଜଳ ଦିଏ—କାହା ମୁଣ୍ଡରେ ଜଟ ବାନ୍ଧିଦିଏ । ସେ ଅନେକ ରୂପ କଥା ଜାଣେ, ପିଲାମାନେ ଗଳ୍ପ ଶୁଣିବା ଲୋଭରେ ସନ୍ଧ୍ୟାବେଳେ ତାହା ପାଖରେ ଆସି ରୁଣ୍ଡ ହୁଅନ୍ତି । ସେ ରାତି ରାତି, ଗଳ୍ପ କହି ସେମାନଙ୍କୁ ଶୁଣାଏ । ତାହା ବିଫଳ ଗଳ୍ପ ନୁହେଁ, ପିଲାମାନଙ୍କର ଉପଦେଶରେ ପୂର୍ଣ୍ଣ । କହିବାର ଭଙ୍ଗି ଏରୂପ ସରସ ଯେ, ପିଲାମାନେ ଶୁଣି ହସି ହସି ଗଡ଼ି ଯାଆନ୍ତି । ଏହି ସବୁ କାରଣରୁ ପିଲାମାନେ ତାକୁ ଅନ୍ତରର ସହିତ ଭଲ ପାଆନ୍ତି ଏବଂ ସର୍ବଦା ତାହା ପାଖରେ ରହିବାକୁ ଇଚ୍ଛା କରନ୍ତି ।

ସଂସାରରେ ବଞ୍ଚି ରହିବାକୁ ହେଲେ ଗୋଟାଏ ଅବଲମ୍ବନ ଆବଶ୍ୟକ । ଖାଲି ବନିତା, ଲତା ପକ୍ଷରେ ନୁହେଁ,—ଅଶ୍ରୟ ସମସ୍ତଙ୍କର ଲୋଡ଼ା । କେହି କୃଷି, କେହି ଶିଳ୍ପ, କେହି ବାଣିଜ୍ୟ, କେହି ଚାକିରି, କେହି ମଜୁରି, କେହି ବା ଭିକ୍ଷାବୃତ୍ତି ଅବଲମ୍ବନ କରି ଜୀବନପଥରେ ଅଗ୍ରସର ହୁଏ । ସେହିପରି ଗୋଟାଏ କିଛି ନ ହେଲେ ଲାବଣ୍ୟ ନିର୍ଭର କରିବ କାହା ଉପରେ ? ଶୂନ୍ୟ ହସ୍ତରେ ସଦ୍ୟ ଲାଭଜନକ କେଉଁ ବ୍ୟବସାୟ କରିହେବ, ସେ ତାହା ଚିନ୍ତା କରିବାକୁ ଲାଗିଲା । ସ୍ୱାବଲମ୍ବୀ ହେବାପାଇଁ ସଦୁପାୟ ଖୋଜିଲେ ସ୍ୱୟଂ ସ୍ୱାବଲମ୍ବନ-ଦେବତା ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ ଉପାୟ ଦେଖାଇ ଦିଅନ୍ତି । ଲାବଣ୍ୟକୁ ସଦୁପାୟ ମିଳିଗଲା । ସଦୁପାୟ ଖୋଜିଲେ ସେ ପାଖରେ ଆସି ଧରାଦିଏ । ଅମ୍ବି ମାଉସୀ ବାଡ଼ିର ଯେଉଁ ଅଂଶରେ ବଡ଼ ବଡ଼ ବୃକ୍ଷ ଘନସନ୍ନିବିଷ୍ଟ ହୋଇଅଛି, ସେ ଅଂଶଟା ରାତିରେ ଅନ୍ଧାର-ପର୍ବତ ପରି ଦେଖାଯାଏ । ସେ ସ୍ଥାନକୁ ନିରାପଦ ମଣି ବହୁ ସଂଖ୍ୟକ ପକ୍ଷୀ ଆସି ସେଠାରେ ରାତ୍ରି ଯାପନ କରନ୍ତି । ସେମାନଙ୍କ "କେଁ-କଟ" ରବରେ ବୁଢ଼ୀର ବାସ୍ତୁଭୂମି ଖଣ୍ଡି ରାତିସାରା ଉଚ୍ଛୁଳୁ ଥାଏ । ରାତିରେ ସେ ପକ୍ଷୀଗ୍ରାମରେ ପରିଣତ ହୁଏ । ଏତେ ଦିନଯାଏ ସେହି ପକ୍ଷୀଗୁଡ଼ିକ ରାତିରେ ବୁଢ଼ୀର ଲୁଣ୍ଠସଙ୍ଗୀ ହୋଇଥିଲେ, ଏଣିକି ଲାବଣ୍ୟ ହୋଇଅଛି । ପକ୍ଷୀଙ୍କରବରେ ବୁଢ଼ୀର ନିଦ ଘନ ଘନ ଭାଙ୍ଗିଯାଏ, ସେଥିରେ ସେ ବିରକ୍ତ ହୁଏନାହିଁ । ଅଧିକନ୍ତୁ କହେ—"ଆହା ଗଡ଼େଇ ଗୁଡ଼ିକ ତାଙ୍କ ବୋଲିରେ କି ସୁନ୍ଦର କଥାବାର୍ତ୍ତା ହେଉଛନ୍ତି, ଭଗବାନଙ୍କ ନାମ ଜପ କରୁଛନ୍ତି—ରାତିସାରା ତାଙ୍କ ଆଖିରେ ନିଦ ନାହିଁ ।" ବୁଢ଼ୀ ଏହା କହି ନିଜେ ଭଗବାନଙ୍କ ନାମ ଜପ କରେ । ପକ୍ଷୀମାନଙ୍କ ଦେହରୁ ପୁରୁଣା ପର ଝଡ଼ି ଗଛମୂଳରେ ପଡ଼ିଥାଏ । ଦିନେ ଲାବଣ୍ୟ ବାଡ଼ିରେ ବୁଲୁ ବୁଲୁ ସେହି ବକ୍ଷିପ୍ତ ପରଗୁଡ଼ିକ ଦେଖି ମନେ ମନେ ଭାବିଲା—"ଏ ସୁନ୍ଦର ପରଗୁଡ଼ିକୁ କିଛି କାମରେ ଲଗାଇଲେ କଅଣ ହୁଅନ୍ତା ନାହିଁ, ଏ ସବୁ ଅକାରଣ ନଷ୍ଟ ହୋଇଯାଉଛି ।" ପରଦିନରେ କି କାମ କରି-

ହେବ, ଏହା ଭାବୁ ଭାବୁ ସମ୍ମୁଖସ୍ଥ ଖର୍ଜ୍ଜୁର ତାଳଗଛ-ମାନଙ୍କ ଉପରେ ତାହାର ଦୃଷ୍ଟି ପତିତ ହେଲା । ତହୁଁ ସେ ଭାବିଲା ଏହି ତାଳବରଡ଼ାରେ ପଙ୍ଖା କରି ତାହା ଉପରେ ଏହି ପରଗୁଡ଼ିକ ସିଇଁ କାଙ୍ଗୁଲା ବସାଇଲେ ଫୁଲ କାଟିଲେ ତ ଅଚ୍ଛା ସୁନ୍ଦର ଦିଶନ୍ତା । ଲୋକେ ବି ତାହା ଲୋଭକରି କିଣନ୍ତେ । ଏଥିରେ ତ ପଇସା-ଖର୍ଚ୍ଚ କିଛି ନାହିଁ, ମୁଁ ଏହି ବେଉସା କରିବି ।”

ଅନନ୍ତର ଲାବଣ୍ୟ ପର ସଂଗ୍ରହ କରିବାକୁ ଲାଗିଲା । ଭଦଭଦଳିଆ, ବଗ, ଘଙ୍ଘଡ଼ିଲ, ହଳଦିବସନ୍ତ, ଟିଆ, କଜ୍ଜଳପାତି, ମାଛରଙ୍କା ପ୍ରଭୃତି ପକ୍ଷୀର ପରମାନ ବାଛି ବାଛି ସାଉଣ୍ଟି ଏବଂ ଗୋଟାଏ ତାଳବାହୁଙ୍ଗା କାଟି ଘରକୁ ନେଇଗଲା । ତାଳବରଡ଼ାକୁ ପଙ୍ଖା ଆକାରରେ କାଟି ଶୁଖାଇଦେଲା । ବାଡ଼ିରୁ ମୁର୍ଗାପତ୍ର କାଟିଆଣି ସେଥିରୁ ସୂତା ବାହାରକଲା । ବହୁ ଦିନରୁ ତାହା କୋଥଳିରେ ଗୋଟାଏ ଛୁଞ୍ଚି ସାଇତା ହୋଇଥିଲା । ସେହି ଛୁଞ୍ଚି ଏବଂ ମୁର୍ଗାସୂତା ସାହାଯ୍ୟରେ ପଙ୍ଖା ଉପରେ ବିବିଧବର୍ଣ୍ଣର ପର ବସାଇ କୁଟିକମ କଲା । ବେଢ଼ରେ କାଙ୍ଗୁଲା କାଟି ମଝିରେ ଫୁଲ ବସାଇଲା । ପଙ୍ଖାଗୁଡ଼ିକ ବଡ଼ ସୁନ୍ଦର ଦିଶିଲା । ପ୍ରଥମେ ଦଶଗୋଟି ପଙ୍ଖା ତିଆରି କରି ହାଟପାଳି ଦିନ ଜଣେ ପ୍ରତିବେଶୀ ହାତରେ ତାହା ହାଟକୁ ପଠାଇଦେଲା । ହାଟରେ ପଙ୍ଖା ଗୋଟି ଦୁଇଅଣା ଦରରେ ବିକାହେଲା । ଦୁଇ ତିନିଦିନ ପରିଶ୍ରମରେ ପାଞ୍ଚ ଟଙ୍କା ଲାଭ କରି ଲାବଣ୍ୟର ଉତ୍ସାହ ବହୁଗୁଣ ବଢ଼ିଉଠିଲା । ସେ ଅଧିକ ସଂଖ୍ୟାରେ ପଙ୍ଖା ପ୍ରସ୍ତୁତ କରିବାକୁ ଲାଗିଲା । ଏହି ଉପାୟରେ କିଛି ସଞ୍ଚୟ କରି ସେଥିରେ ବିବିଧ ବର୍ଣ୍ଣର ସୂତା, ଲୁଗା, କିଣିଆଣି ଆହୁରି ସୁନ୍ଦର ପଙ୍ଖା ତିଆରି କଲା । ଉପଯୁକ୍ତ ପାରିଶ୍ରମିକ ଦେଇ ଅନ୍ୟ-ଲୋକଦ୍ୱାରା ତାହାସବୁ ବିକ୍ରୟର ବ୍ୟବସ୍ଥା କଲା । ପଚ୍ଛକୁ ବେପାରୀମାନେ ଘରପାଖରୁ ଆସି ନେଇଗଲେ । ପଙ୍ଖାଗୁଡ଼ିକ ଦେଖିବାକୁ ଏପରି ଲୋଭନୀୟ ହେଲା ଯେ, ଯେ ଦେଖିଲା ସେ ଗୋଟାଏ ନ କିଣି ରହିପାରିଲା ନାହିଁ । ସେ ପଙ୍ଖା ଆୟରେ ମାଉସୀ ଝିଅଟି ଦୁହେଁ ସୁନ୍ଦରରୂପେ ଚଳିଲେ । ଦିନେ ମାଉସୀ କହିଲା—“ଲାବଣ୍ୟ, ତୁ ସବୁ ଖର୍ଚ୍ଚ ଚଳାଉଛୁ ତୁ ଝିଅଟା ତୋତେ ଦିଅନ୍ତି କଅଣ, ଲେଉଟି ତୋର ଖାଇ ପେଟ ପୁରାଇବ—ଏଟା କଅଣ ଭଲକଥା ?”

ଲାବଣ୍ୟ—ମନ୍ଦ କଅଣ ହେଲା ? ମୁଁ ଯେବେ ତୋ ପୁଅ ହୋଇଥାନ୍ତି, ତେବେ କଅଣ ମୋ ଉପାର୍ଜ୍ଜନ ତୁ ଖାଆନ୍ତୁ ନାହିଁ ? ଝିଅ ଲୋକ କି ଏଡ଼େ ପାପୀ ଯେ ତାଙ୍କର ଖାଇଲେ ମା'ମାନେ ଅପବିତ୍ର ହୋଇଯିବେ ?

ମାଉସୀ—ମୁଁ କଅଣ ତା'କହିଲି ? ତୁ ଟୋକୀ ଆଣ୍ଠାଟା ଏତେ କଥା କେଉଁଠୁ ଶିଖିଲୁ ? ତେବେ କଥା କଅଣ କି ମାବାପଙ୍କର ଦେବାର ବିଧି—ଖାଇବାର ବିଧି ନୁହେଁ । ବାପ ମା ସିନା ଝିଅକୁ ପୋଷିବେ, ଝିଅ କଅଣ ତାଙ୍କୁ ପୋଷିବ ?

ଲାବଣ୍ୟ—ସମୟରେ ଝିଅ ବି ମା' ହୁଏ, ଆଉ ମା' ଝିଅ ହୁଏ । ପିଲାବେଳେ ତୁ ମା ଥିଲୁ ମୁଁ ଝିଅ ଥିଲି । ତୁ ମୋର ସେବା କରୁଥିଲୁ, ମୋତେ ପୋଷୁଥିଲୁ । ଏବେ ତୁ ବୃଦ୍ଧ, ଅକ୍ଷମ, ମୁ ତୋର ମା ହୋଇ ତୋର ସେବା କରିବି । କହ ତୁ ମୋର ସେବା ନେବୁ କି ନାହିଁ ?

ମାଉସୀ—ତୋତେ ଆଉ ମୁଁ କଥାରେ ପାରିବି ନାହିଁ, ଯାହା କରୁଛୁ କର କାଣ୍ଡୁଣି, ମୁଁ ଆଉ ତୋତେ କିଛି କହିବି ନାହିଁ ।

ଲାବଣ୍ୟ କ୍ରମଶଃ ଅନ୍ୟାନ୍ୟ କୁଟୀର ଶିଳ୍ପରେ ମନୋନିବେଶ କଲା । କାଇଁଶରେ ପେଡ଼ି, ଅଡ଼ଖୁରି, ଝୁଙ୍ଗୀ, ଡାଲା ପ୍ରଭୃତି ବୁଣିଲା । ତାହା ଉପରେ ଗଣ୍ଠି କଉଡ଼ି ବସାଇ ନାନା ପ୍ରକାର ଲତାପୁଷ୍ପାଦି ଅଙ୍କିତ କଲା । କଉଡ଼ିରେ ଜାଲି ଝୁମ୍ପା ତିଆରି କଲା । ଏହିପରି ବିବିଧ ଶିଳ୍ପ କାର୍ଯ୍ୟଦ୍ୱାରା ସେ ଆଶାନୁରୂପ ଅର୍ଥୋପାର୍ଜ୍ଜନ କଲା । ସେଥିରୁ ଗୃହଖର୍ଚ୍ଚ ପ୍ରଭୃତି ଯାଇ କିଛି କିଛି ସଞ୍ଚୟ ରହିଲା । ବୁଢ଼ୀ କହିଲା—''ଝିଅ, ଦେହ ପା ଅଛି, କିଛି ଛାଞ୍ଚି ରଖିବା ଭଲ, ନ ହେଲେ ତୀର୍ଥବ୍ରତ କରିବା ।'' ଅନନ୍ତର ବୈରିଗଞ୍ଜନଙ୍କ ଉଦ୍ଦେଶ୍ୟରେ କହିଲା—“ହା ଧର୍ମଛଡ଼ା, ଇମିତି ଗୁଣବତୀ ବୋହୂକୁ ଛାଡ଼ିଲୁ ।'' ଖାଲି ଏତିକି ନୁହେଁ, ବୁଢ଼ୀ ବୈରିଗଞ୍ଜନଙ୍କ ଖାଦ୍ୟପାନର ମଧ୍ୟ କିଛି ବ୍ୟବସ୍ଥା କଲା । ଲାବଣ୍ୟ କିଛି-କହିଲା ନାହିଁ, କେବଳ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇଲା ।

# ସପ୍ତମ ପରିଚ୍ଛେଦ

ଲାବଣ୍ୟର ଶିଳ୍ପକଳା ଅନୁଦିନ ଉନ୍ନତି ମୁଖରେ ଧାବିତ ହେବାକୁ ଲାଗିଲା । ସେ ଆହୁରି ଅନେକ ପଦାର୍ଥ ତିଆରି କରି ବିକ୍ରୟ କଲା । ତାହାର ପ୍ରସ୍ତୁତ ବଟୁଆ, କୋଥଳି, ପଞ୍ଝୁକୋଠୀ, ଫୁଲପକା ଆସନୀ, ସାନ ସାନ ଗୁନ୍ଦୁଆ, ପଣାପାଲି ପ୍ରଭୃତି କେତାମାନେ ଅତି ଆଗ୍ରହରେ କିଣିଲେ । ସେ ଗୁଡ଼ିକ ଠିକ୍ ପିମ୍ପୋଲ କାମ ପରି ସୁନ୍ଦର । ମାଳଝୁଲି ଉପରେ ନାନା ବର୍ଣ୍ଣର ସୂତାରେ ଷୋଳ ନାମ ବତିଶ ଅକ୍ଷରୀ ତାରକମନ୍ତ୍ର ଅଙ୍କିତ କରେ ; ଏହେତୁ ବୃଦ୍ଧମାନେ ଆଦରରେ ତାହା କ୍ରୟ କରନ୍ତି । ଏହିପରି ବାର ପନ୍ଥାଦ୍ୱାରା ନାନାଆଡୁ ଅର୍ଥାଗମ ହେବାକୁ ଲାଗିଲା । ତହିଁ ସଙ୍ଗେ ସଙ୍ଗେ ବ୍ୟୟ ମଧ୍ୟ ବଢ଼ିଲା । ଲାବଣ୍ୟ ଅର୍ଥର ସଦ୍‌ବ୍ୟବହାର ଜାଣେ; ସୁତରାଂ ତାହାହିଁ କରେ । ଯୋଗୀ ଭିକାରି ତାହା ଦ୍ୱାରରୁ ନିରାଶ ହୋଇ ଫେରନ୍ତି ନାହିଁ । ଭେକୀ ଭୋଷୀ ଆସିଲେ ଭାତ ମୁଠେ ତୋରାଣି ମନ୍ଦେ ପାଆନ୍ତି । ଅପାତ୍ରରେ ଦାନର ମହତ୍ତ୍ୱ ନଷ୍ଟ ହୁଏ, ଏହା ତାକୁ ଅପରିଜ୍ଞାତ ନୁହେଁ; ସୁତରାଂ ପାତ୍ର ଦେଖି ଦାନ କରେ । ତାହାର ଦାନ ଦରିଦ୍ରସମାଜରେ ନିବଦ୍ଧ । କାହାର ଲୁଗା ନ ଥିଲେ କିଣିଦିଏ; କାହାର ପିଲା ନୁଖୁରା ଥିଲେ ତାହା ଲାଗି ତେଲ ହଳଦି ଖର୍ଚ୍ଚ ଦିଏ, କାହା ପିଲାଙ୍କୁ ଦୁଧ ଅଣ୍ଟୁ ନ ଥିଲେ ଲଗୁଆ କରି ତାହାକୁ ଦୁଧ ଖୁଆଏ । ଦରିଦ୍ର ରୋଗୀକୁ ଔଷଧ ପଥ୍ୟ ଆଣିଦିଏ, ସେବା ଶୁଶ୍ରୂଷାର ବ୍ୟବସ୍ଥା ମଧ୍ୟ ଆବଶ୍ୟକ ଦୃଷ୍ଟିରେ କରିଦିଏ । ସମୟ ସମୟରେ ପଢ଼ୁଆ ଲୋକମାନଙ୍କୁ ବହି, ସ୍ଲେଟ, ଖଡ଼ି, କାଗଜ ପ୍ରଭୃତି କିଣିଦିଏ । ନିଜେ ବି ଗ୍ରାମର ଚାରି ପାଞ୍ଚଟି ବାଳିକାଙ୍କୁ ପଢ଼ାଏ । ବର୍ଷାକାଳରେ ଦୀନହୀନମାନଙ୍କୁ ବରଡ଼ା-ଛତା, ପଖିଆ ବିତରଣ କରେ, ଶୀତ କାଳରେ ଲୁଗା କମ୍ବଳ ଦିଏ ଏବଂ ଗ୍ରୀଷ୍ମକାଳରେ ଆମ୍ବ ପଣସ କିଣି ଖୁଆଏ । ପ୍ରତିଦାନରେ ସେମାନେ ନିଜ ନିଜ ଦୀନ-ହୃଦୟର ସମ୍ଭ୍ରମ, ଭକ୍ତି ଏବଂ କୃତଜ୍ଞତା ଜଣାଇ ଦିଅନ୍ତି । ଦରିଦ୍ର ସିନା ଜଗତର ସର୍ବ ଶ୍ରେଷ୍ଠ ଦାତା, ସ୍ଥାନ ପାଇଲେ ସେ ତାହାର ଭକ୍ତି-ଧନ ନିଃଶେଷ ରୂପେ ଦାନ କରେ । ଲାବଣ୍ୟ ପ୍ରଥମତଃ ଏହିପରି କ୍ଷୁଦ୍ର କ୍ଷୁଦ୍ର ଦାନ କରୁଁ କରୁଁ ପଛକୁ କେତୋଟି ବଡ଼ ବଡ଼ କାର୍ଯ୍ୟ କରିବାକୁ କ୍ଷମ ହୋଇଥିଲା । ଅର୍ଥ-ସଞ୍ଚୟ କରି ରଖିବା ତାହାର ସ୍ୱଭାବ ନୁହେ । ସେ କହେ—"ଟଙ୍କା ସୁଦର୍ଶନଚକ୍ର, ସେ ପାଖରେ ରହିଲେ ବୈରାଗ୍ୟ, ସଂଯମ, ତ୍ୟାଗ ସବୁକୁ ଛେଦି ପକାଇବ । ସେ ଯିବାପାଇଁ ଆସେ, ତାକୁ ବାନ୍ଧି ରଖିବା ବାତୁଳତା । ଘୁଅ ଗଳୁଥିଲେ ଝର ବଢ଼ୁଥାଏ, ତାକୁ ବାନ୍ଧି ରଖିଲେ ଝର ମୁହଁ ବନ୍ଦ ହୋଇଯାଏ । ଯେଉଁ ଅର୍ଥ ପରୋପକାରରେ ନ ଲାଗେ, ସେ ଅର୍ଥ ଉପାର୍ଜନର ପରିଶ୍ରମ ବ୍ୟର୍ଥ ହୁଏ ।" ଲାବଣ୍ୟ ସ୍ଥାନ ବିଶେଷରେ ପାଞ୍ଚଗୋଟି କୂପ ଏବଂ ଦୁଇଗୋଟି ପୁଷ୍କରିଣୀ ଖୋଳାଇ ଦେଇଅଛି ।

ପରନ୍ତୁ ଦାମ୍ପତ୍ୟପ୍ରୀତି ଚିର ଅପାସୋରା । ବିଚ୍ଛେଦରେ ସେ ପ୍ରୀତି ଛିଡ଼େ ନାହିଁ—ବରଂ ବଢ଼େ । ଲାବଣ୍ୟ ଏବଂ ଗଜେନ୍ଦ୍ର ଦୁହେଁ ଦୁହିଁଙ୍କୁ ଭାବନ୍ତି, କେହି କାହାକୁ ଅବଧି ହୃଦୟରୁ ଠେଲି ପାରିନାହିଁ । ପ୍ରୀତିରେ କେହି କାହାକୁ ଊଣା ନୁହେଁ । ଦୁହେଁ ଦୁହିଁଙ୍କର ପ୍ରତିଚ୍ଛବି ସଦୃଶ । ଗଜେନ୍ଦ୍ର ଲାବଣ୍ୟର ସ୍ମୃତିମୂର୍ତ୍ତିକୁ ହୃଦୟ ମଧ୍ୟରେ ଦୃଢ଼ାସନରେ ବସାଇ ଅଛି । ସେ ଲାବଣ୍ୟର ପତିଭକ୍ତି, ଦାନଶୀଳତା, ତ୍ୟାଗ ସତ୍‌ସାହସ ପ୍ରଭୃତି ନାରୀ ହୃଦୟର ଉଚ୍ଚଭାବର କଥା ଶୁଣି ଅନିର୍ବଚନୀୟ ଆନନ୍ଦ ଅନୁଭବ କରେ ଏବଂ ମନେ ମନେ କହେ—ହାୟ, ଏପରି ବୁଦ୍ଧିମତୀ, ଗୁଣବତୀ, ପୁଣ୍ୟବତୀ ସ୍ତ୍ରୀ ମୋର ଦୁର୍ଭାଗ୍ୟରୁ ମୋର ହେଲା ନାହିଁ । ତାହା ସଂସର୍ଗରେ ମୋର ଜୀବନ ଉଜ୍ଜ୍ୱଳ, ପୁଣ୍ୟମୟ ହୋଇଥାଆନ୍ତା । ବିଧାତା ମୋ ଆଖି ଆଗରେ ଦର୍ପଣର ପ୍ରତିବିମ୍ବ ଦେଖାଇ ଲୁଚାଇ ଦେଲା । ପିତାଙ୍କର ଅଟଳ ଧନୁର୍ଭଙ୍ଗପଣ ମୋ

ସ୍ୱର୍ଗ୍ୟରେ କାଳ ହେଲା । ହାୟ ! ମନୁଷ୍ୟ ଦୁଇଦିନ ପାଇଁ ସଂସାରକୁ ଆସି କେତେ କଅଣ କରି ଚାଲିଯାଏ । ପରଦ୍ରବ୍ୟରେ ତାହାର ଏତେ ଲାଳସା କାହିଁକି ? ଦୁର୍ବାର ଦୁଷ୍ପାକାଙ୍କ୍ଷାର ପୂର୍ଣ୍ଣତା ପାଇଁ ସେ କେତେ ଛନ୍ଦ, କପଟ, ମିଥ୍ୟା, ପ୍ରତାରଣାର ଆଶ୍ରୟ ନିଏ । ଆଖି ବୁଜିଲେ ତ ସବୁ ଶେଷ, ତେଣିକି କେହି କାହାର ନୁହେଁ କି କିଛି କାହାର ନୁହେଁ । ମନୁଷ୍ୟ ଯେବେ ପରଲୋକକୁ ବିଷୟ-ସମ୍ପତ୍ତି ନେଇ ଯାଇପାରୁଥାଆନ୍ତା, ତେବେ ସେ କି ପାପ ନ କରନ୍ତା । ମୋର ବିବାହ ପାଇଁ ପୁଣି କେତେ କୌଶଳ ଲଗିଛି; କିନ୍ତୁ କିଏ ବିବାହ କରିବ ? ମୁଁ ଥରେ ବିବାହ କରିଛି, ଏ ଜନ୍ମରେ ଆଉ ମୋର ଅନ୍ୟ ବିବାହ ନାହିଁ । ଜଣଙ୍କୁ ହୃଦୟ ସମର୍ପଣ କରିଛି, ତାହାଠାରୁ ଛଡାଇ ଆଣି ଦତ୍ତାପହରଣ-ପାପରେ ଲିପ୍ତ ହୋଇପାରିବି ନାହିଁ । ଆଉ ମୋର କଅଣ ଅଛି ଯେ ଦ୍ୱିତୀୟକୁ ଦେବି । ଯଦି କେତେବେଳେ ଲାବଣ୍ୟକୁ ପାଏଁ ତେବେ ତାକୁ ନେଇ ଘର କରିବି, ନଚେତ୍ ଜୀବନର ବାକି କେତେଟା ଦିନ ଏହିପରି ଗୃହସ୍ଥସନ୍ନ୍ୟାସୀ ଭାବରେ କଟାଇଦେବି । ଆଉ ନ ପାଇବି ବୋଲି ନିରାଶହେବିବା କାହିଁକି । ଏ ସଂସାରରେ ତ କିଛି ଅସମ୍ଭବ ନୁହେ । ଯେଉଁ ନିୟତି ବିଚ୍ଛେଦ ଘଟାଏ, ସେହି ପୁଣି ମିଳନ ଆଣିଦିଏ । ଏହାହିଁ ମୋର ଧୈର୍ଯ୍ୟ, ସାନ୍ତ୍ୱନା ଏବଂ ଆଶା । ବିଚ୍ଛେଦ ପରେ ମିଳନ, ଏହା ପ୍ରକୃତିର ଧାରା ।

ଲାବଣ୍ୟର ସୁଖ୍ୟାତି କ୍ରମଶଃ ବହୁମୁଖୀ ହୋଇ-ଉଠିଲା । ସମସ୍ତେ ତାହାର ସ୍ୱଭାବ ଚରିତ୍ର ଏବଂ ଗୁଣ ଗରିମାର ପ୍ରଶଂସା କଲେ । ବୈରିଗଞ୍ଜନଙ୍କ କର୍ଣ୍ଣରେ ସେହି ପ୍ରଶଂସା ତପ୍ତତୈଳ ବର୍ଷଣ କରେ, ସେ କିଛି ନ କହି ମୁହଁଟାକୁ କୁଇନାଇନ୍ ଖାଇଲା ପରି କରନ୍ତି । କିନ୍ତୁ ତାଙ୍କ ଗୃହିଣୀ ନୀରବ ରହିବାର ପାତ୍ରୀ ନୁହନ୍ତି । ସେ ତାଚ୍ଛଲ୍ୟ ପ୍ରକାଶ କରି କହନ୍ତି,—"ଓଃ, ପଶାପାଲି ଗିଲି ଗୁଣ ବଖାଣି ଉଠୁଛି । ପଶାଖେଳୁଆ ଘରର ଝିଅ, ପାଲି ନ ଗିଲି ଆଉ କଅଣ କରନ୍ତା । ମୋ ଘରର ଦୋଳତ ରୁଚିଲା ନାହିଁ, ଆଉ ପର ଓଳ କମିତି ରୁଚିଲା । ବଣ ଚଢେଇକି କଣ୍ଟାବଣ ଛଡ଼ା ସୁନା ପିଞ୍ଜରା କଅଣ ଭଲ ଲାଗିବ । ମୋତେ ଦୁର୍ନ୍ନାମ ଦେଇଛି, ଆହୁରି କେତେ ଦୁର୍ଦ୍ଦଶା ହେବ, ଉଛୁଣି କଅଣ ହେଲାଣି କି ? ମୁଁ ମାଇଲି ବୋଲି ମିଛରେ ଗୋଟାଏ କଳଙ୍କ ଦେଲା, ମୁଁ ମାଇଲି କଅଣ, ଦହି ଫୁଲିଗଲା ନା ଚାଳୁ ଫାଟିଗଲା, ଚୁଲିପାଖରେ ଭାଙ୍ଗ ଖଣ୍ଡେ ପଡିଥିଲା, ମୁଁ ସେଥିରେ ଟିକିଏ ଛୁଇଁଦେଲି, ଏହାକୁ କହନ୍ତି ନା ମାଡ଼ ? ମାଇପି ଜନ୍ମପାଇ କେତେ ଶିଳ ପଥର ପାଣି କରି ଦେବାକୁ ହେବ, ଆଉ ଏତକ ନ ସହିଲେ ଚଳିବ କିମିତି, ହାଇଲେ ଘେଞ୍ଚେଇ—ଛୁଲେଇ—ଚୁଟ୍ଟେଇ, ଦହି ଖାଲି ଫୁଲପାଖୁଡ଼ାରେ ଗଢାହୋଇଛି ଯେ, ଛୁଇଁଲେ ଝାଉଁଳି ଯାଉଛି ।" ବୈରିଗଞ୍ଜନ ଗୃହିଣୀ ଏହିପରି ନାନା ବିଦ୍ରୂପ କରନ୍ତି, ତାହା ସବୁ ଲେଖିଲେ ଖଣ୍ଡିଏ ସ୍ୱତନ୍ତ୍ର ପୋଥି ହେବ ।

ଦେଖୁଁ ଦେଖୁଁ ଦୁଇବର୍ଷ ଅତୀତ ହୋଇଗଲା । ବୈରିଗଞ୍ଜନ ପ୍ରତିମାସ ପାଞ୍ଚଟଙ୍କା ଏବଂ ଡୋଉଏ ଗୁଡି ଧାନ ଅର୍ଜ୍ଜୁନ ପାଖକୁ ପଠାଉ ଅଛନ୍ତି । ଯେଉଁ ଦିନ ପଠାନ୍ତି ସେ ଦିନଟା ତାଙ୍କଠାରୁ ଗୋଟାଏ ଅଭିଶାପ ପାଏ । କଅଣ କରିବେ, କାଳେ ଅର୍ଜ୍ଜୁନ ନାଲିସ କରିଦେଇ ପୁଣି ହଟହଟାରେ ପକାଏ, ଏହି ଭୟରେ ମାସ ନ ପୂରୁଣୁ ଦେୟତକ ପଠାଇ ଦିଅନ୍ତି । ଅର୍ଜ୍ଜୁନ ତାହା ରଖେ; ମାତ୍ର ଭଉଣୀକୁ କହେ ନାହିଁ । ଲାବଣ୍ୟ ତ ତାହା ଗ୍ରହଣ କରିବ ନାହିଁ; ଅଧିକନ୍ତୁ ଜାଣିଲେ କାଳେ ତାଙ୍କ ଘରକୁ ଆଉ ନ ଆସେ, ଏହି ଆଶଙ୍କାରେ ଭାଇ ଭାଉଜ ସେ କଥା ଗୋପନ ରଖିବାକୁ ଚେଷ୍ଟା କଲେ, କିନ୍ତୁ କଥା କି ଲୁଚି ରହେ ? ନିଆଁକୁ ଯେତେ ଘାଞ୍ଚିଲେ ସେ ଭୁଡ଼ୁଭୁଡ଼ୁ ଭୁଦୁଭୁଦୁ ବାହାରେ । ଲାବଣ୍ୟ ଅନ୍ୟଠାରୁ ଯଥାସମୟରେ ଶୁଣିଲା; ମାତ୍ର କାହାକୁ କିଛି କହିଲା ନାହିଁ, କିମ୍ବା ମନରେ ଭିନ୍ନ ଭାବ ଧରିଲା ନାହିଁ—ପୂର୍ବ ପରି ଭାଇଘରକୁ ଯିବା ଆସିବା କରିବାକୁ ଲାଗିଲା । ସେ ଜାଣେ ତାହା ଭାଇ ପରପଦାର୍ଥ ଖାଇବାର ଲୋକ ନୁହେଁ ।

ଲାବଣ୍ୟର ଦିନ ପୂର୍ବପରି ଚାଲିଯାଉଅଛି । ସେ ଗୃହକାର୍ଯ୍ୟ, ଶିଳ୍ପକାର୍ଯ୍ୟ ଆଉ ଅତିଥିସେବା ସବୁ ସ୍ୱହସ୍ତରେ

କରେ; ମାତ୍ର ସର୍ବଦା ଅନ୍ୟମନସ୍କା । ଯେପରି ସେ କିଛି କରୁନାହିଁ, ଗୋଟିଏ କି ଅଜ୍ଞାତ ଶକ୍ତି ତାହା ହାତ ଯୋଡ଼ାକ ଧରି ସବୁ କରିଯାଉଅଛି । ସେ ସବୁବେଳେ କଅଣ ଭାବେ, ଯେପରି ତାହା କାର୍ଯ୍ୟରେ ଅପୂର୍ଣ୍ଣତା ବା ତ୍ରୁଟି ରହିଯାଉଅଛି, ତାହାର ଚିନ୍ତା ଅନ୍ୟ କିଛି ନୁହେ, ସେ ସ୍ୱାମୀଙ୍କୁ ନିକଟରୁ ଛାଡ଼ି ଆସିଅଛି; ସ୍ୱୟଂ ସ୍ୱାମୀଙ୍କୁ ଅବଜ୍ଞା କରିଅଛି, ଏହି ସ୍ୱାମୀ ଦ୍ରୋହପାପରୁ ସେ କିପରି ଉଦ୍ଧାର ପାଇବ, ଏହି ଚିନ୍ତାରେ ସେ ବିଭୋର । ଅନେକ ଭାବି ଶେଷରେ ସ୍ଥିର କଲା କି ସ୍ୱାମୀ ନିକଟରେ କ୍ଷମା ପ୍ରାର୍ଥନା କରି ଏ ପାପରୁ ସେ ନିସ୍ତାର ଲଭିବ । ଦେଖା ସାକ୍ଷାତର ତ ସୁବିଧା ନାହିଁ; ପତ୍ରଦ୍ୱାରା କ୍ଷମା ଭିକ୍ଷା କରିବ । ଆଜି ଲେଖିବ, କାଲି ଲେଖିବ ଏହିପରି ଗଡ଼-ମଠରେ କିଛି ଦିନ ଗଲା । ଶେଷରେ ଦିନେ ଭାବିଲା—"ଅଉ ହେଳା କରିବା ଭଲ ନୁହେଁ, ମନୁଷ୍ୟ ଜୀବନ ପାଣି ଫୋଟକାପରି ଲହମାକେ ଫାଟିଯିବ, ତାକୁ ବିଶ୍ୱାସ କଅଣ । ଲେଖିବ ଲେଖିବ ବୋଲି ଲେଖିବା ଆଗରୁ ଯେବେ ମୁଁ ମରିଯାଏ ତେବେ ମୋର ଗତି କଅଣ ହେବ । ଏତେ ତ ସ୍ୱାମିଦ୍ରୋହ ମହାପାପ, ତହିଁଉପରେ ମୋର ପୁଣି ତାହା ଜ୍ଞାନକୃତ । ମୋର ନିଜର ଦୋଷ ମୁଁ ନିଜେ ସ୍ୱୀକାର କରୁଛି, ତାଙ୍କ କୃପା ତାଙ୍କ କ୍ଷମା ବିନା ଏ ପାପର ଅନ୍ୟମୁକ୍ତିପଥ ନାହିଁ । ତାଙ୍କଠାରୁ କ୍ଷମା ନନେଇ ମଲେ ସେ ମରଣ ମୋର ସୁଖର ମରଣ ହେବନାହିଁ । ମରଣ ପରେ ମୋର ଆତ୍ମା ଅନୁଶୋଚନାରେ ଅନନ୍ତକାଳ ଦଗ୍ଧ ହେବ ।" ଅନନ୍ତର ଲାବଣ୍ୟ କାଗଜ କଲମ ଘେନି ପତ୍ର ଲେଖିବାକୁ ବସିଲା, ଅନେକ ଭାବି ଚିନ୍ତି ଏହିପରି ଲେଖିଲା—

"କୋଟି କୋଟି ଦଣ୍ଡବତ ।"

ଏତେ ଦିନ ପରେ ଏ ଦାସୀର ପତ୍ର ଖଣ୍ଡି ଦେଖି ମନରେ କିଛି ଭାବିବ ନାହିଁ । କେତେଥର ଲେଖିବାକୁ ବସେଁ, ଲେଖିପାରେ ନାହିଁ । ଦିନେ ଦୁଇଧାଡ଼ିପାଏ ଲେଖିଛି ସେତିକିବେଳେ ଦାରୁଣ ଲଜ୍ଜା ଆସି ଖୁବ୍ ଜୋରରେ ମୋ ହାତକୁ ଚୁପି ଧରିଲା । ମୁଁ ଆଉ ଲେଖି ପାରିଲି ନାହିଁ—ପତ୍ରଖଣ୍ଡି ଚିରି ଫୋପାଡ଼ି ଦେଲି । ଦୁଆତ କଲମ ଉପରେ କି ଭାରି ରାଗ ହେଲା । କଲମଟା ଭାଙ୍ଗି ପକାଇ ଦୁଆତର କାଳୀ ଅଜାଡ଼ି ଦେଇ ଉଠିଗଲି । କେଉଁ ମୁହଁରେ ବା ଲେଖନ୍ତି ? ତୁମେ ମୋର ଗୁରୁ, ତୁମେ ମୋର ଦେବତା, ମୁଁ ତୁମକୁ ଅବଜ୍ଞା କରିଛି । ଆସିଲାବେଳେ ପଦେ କଥା କହି ତୁମ ଅନୁମତି ନେଇ ଆସିନାହିଁ, ମୋତେ କେଉଁ ଜନ୍ମରେ ପାର ନାହିଁ । ମୋର ଇହକାଳତ ଯାଇଛି, ପରକାଳ ମଧ୍ୟ ନିଜ ହାତରେ ମୁଁ ନଷ୍ଟ କରିଛି । ମୁଁ ବଡ଼ ଭୁଲ କରିଛି, ସେହି କ୍ଷଣିକ ଭୁଲର ଅନୁଶୋଚନା ମୋତେ କିପରି କଷ୍ଟ ଦେଉଛି, ହୃଦୟ ଖୋଲି ଦେଖାଇବାର ହୋଇଥିଲେ ଦେଖାଇ ଦିଅନ୍ତି । ତୁମେ ଦେଖନ୍ତ, ସେହି ଅନୁଶୋଚନା-କଙ୍କଡ଼ାବିଛା ମୋର ହୃଦୟକୁ ବିନ୍ଧି କିପରି କଳାଦାଗ ବସାଇ ଦେଇଛି । ସେହି କ୍ଷଣିକ ଭୁଲର ଫଳ ମୁଁ ସାରାଜୀବନ ଭୋଗ କରିବି । ତୁମେ ମୋତେ ପ୍ରାଣପରି ଭଲପାଅ, ତାହା ବଦଳରେ ମୁଁ ତୁମ ମନରେ ଦୁଃଖ ଦେଲି, ମୋ ପରି ପାପିଷ୍ଠାକୁ ତ୍ରିଭୁବନରେ ଠାବ ମିଳିବ ନାହିଁ । ତୁମର କ୍ଷମା ଏକା ଏ ପାପର ପ୍ରାୟଶ୍ଚିତ୍ତ । ମୋର ଦୋଷତ କ୍ଷମାକୁ ବଳି ଯାଇଛି, ଆଉ କେଉଁ ମୁହଁରେ ବା କ୍ଷମା ମାଗିବି ? ତେବେ ଭରସା ଏତିକି ଯେ, ତୁମେ କରୁଣାବୃକ୍ଷ, ସେ ବୃକ୍ଷରେ ନିଷ୍ଠୁରତା ଫଳେ ନାହିଁ । ତୁମେ କ୍ଷମାମୟ, କ୍ଷମା କରିପାର; ମାତ୍ର ମୁଁ କେବେ କ୍ଷମାପାତ୍ରୀ ନୁହେଁ । ମୋର ଦୁର୍ଭାଗ୍ୟ,—ତୁମପରି ଦେବ-ସ୍ୱାମୀର ମୁଁ ଉପଯୁକ୍ତ ସ୍ତ୍ରୀ ହୋଇପାରିଲି ନାହିଁ ।

ଆଉ ଗୋଟିଏ କଥା ଲେଖିବି, ବିରକ୍ତ ହେବ ନାହିଁ । ଶୁଣିଲି, ତୁମେ ବିବାହ କରିବ ନାହିଁ ବୋଲି ପଣ କରିଛ । ଛାର ଏ ଦାସୀଲାଗି ଏତେବଡ଼ କଠୋର ପଣ କରି ଜୀବନ ଦୁଃଖମୟ କରିବ କାହିଁକି ? କେତେ ଦିନ ଆଉ ସନ୍ନ୍ୟାସୀ ପରି କାଳ କଟାଇବ ? ତୁମେ ବିବାହ କରି ସୁଖୀ ହୁଅ, ତୁମକୁ ସୁଖୀ ଦେଖିଲେ ମୁଁ ସୁଖୀ ହେବି । ବାପ ମା'ଙ୍କର ଆଜ୍ଞା ଭାଙ୍ଗନାହିଁ, ସେମାନେ ଗୁରୁଜନ, ସେମାନଙ୍କ ମନରେ ଆଘାତ ଲାଗିବ । ଛି, ମୋପରି ଗୋଟାଏ ସେବକୀ ଲାଗି ସେମାନଙ୍କର ଅପ୍ରିୟ ହୁଅନାହିଁ । ମୋତେ ଭୁଲିଯାଅ, ମୋ'ପରି ଦାସୀ ତୁମ୍ଭଙ୍କୁ ଅନେକ ମିଳିବେ; କିନ୍ତୁ ତୁମପରି ପ୍ରଭୁ ମୁଁ କାହିଁ ପାଇବି ? ସମୁଦ୍ରରେ ଅନେକ ନଦୀ ଆସି ମିଳିବେ; କିନ୍ତୁ

ନଦୀ ସମୁଦ୍ର ଛଡ଼ା ହେଲେ ଆଉ ତାହାର ଅସ୍ତିତ୍ୱ କିଏ ଅଛି ? ମୋ ଲାଗି ତୁମେ ବାପମାଙ୍କ ମନରେ ଦୁଃଖ ଦେଲେ ସେ ପାପ ମୋର ହେବ, ଆଉ ସେ ଦୁଃଖ ମୋର ମର୍ମସ୍ଥଳରେ ବଜ୍ରପରି ଆସି ବାଜିବ । ମୁଁ ହାତ ଯୋଡ଼ି ପ୍ରାର୍ଥନା କରୁଛି, ତୁମ ଗୋଡ଼ତଳେ ପଡ଼ୁଛି, ତୁମେ ବିବାହ କରି ବଂଶ ରକ୍ଷା କର । ମୋର ଜନ୍ମ ତ ବୃଥା ହେଲା, ସଉତୁଣୀର ପୁଅ ହେଲେ ମୋର ପାଣି ଅଞ୍ଜଳି କର ଭରସା ରହିବ । ମୋ ଅଧିକାର ଆଉ ଜଣେ ନେଲେ ମୁଁ ହିଂସା କରିବି ନାହିଁ, ବରଂ ଆନନ୍ଦିତ ହେବି । ଭୋଗରେ ସୁଖ ନ ଥାଏ ଯେ, ଦାନରେ ଥାଏ । ମୋ ସୁଖ ନେଇ ଆଉ ଜଣେ ଯେବେ ସୁଖୀ ହୁଏ, ତେବେ ତାହା ତ ମୋର ପରମ ଲାଭ, ଆଉ ଅତି ଆନନ୍ଦର କଥା । ତୁମେ ମୋତେ ସେହି ସୌଭାଗ୍ୟ ଦିଅ, ତୁମ ପାଦପଦ୍ମରେ ମୋର ଏତିକି ମାଗୁଣି । ମୋ ଉପରେ ଯେବେ ତୁମର ପୂର୍ବପରି ସ୍ନେହ ମୁଆଁସ ଥିବ, ତେବେ ନିଶ୍ଚୟ ବିବାହ କରି ଏ ଦାସୀକୁ ସୁଖୀ କରାଇବ । ମୁଁ ଜାଣିବି, ମୋର ସବୁ ଦୋଷ ତୁମେ କ୍ଷମା କରିଛ । ତାହାହେଲେ ମୋର ଅଶାନ୍ତ ଆତୁର ପ୍ରାଣ ଆଶ୍ୱାସନା ଲଭିବ, ଆଉ ଜୀବନର ଶେଷଦିନ ତୁମର ପାଦପଦ୍ମ ଧ୍ୟାନ କରି ମୁଁ ଆନନ୍ଦରେ ଆଖିବୁଜି ଚାଲିଯାଇପାରିବି । ଜନ୍ମେ ଜନ୍ମେ ତୁମକୁ ସ୍ୱାମୀରୂପରେ ଲାଭ କରେଁ, ଏହି ଆଶୀର୍ବାଦ କର । ତୁମ ଆଶୀର୍ବାଦ ମୋ ପକ୍ଷରେ ଦେବ ଆଶୀର୍ବାଦ । ଶେଷରେ ଏ ଅଧମର ଭକ୍ତି ପ୍ରଣାମ ଗ୍ରହଣ କର ।

ତୁମର ସେବା ଦାସୀ
ଅଭାଗିନୀ ଲାବଣ୍ୟ

ଲାବଣ୍ୟ ପତ୍ର ଖଣ୍ଡି ବନ୍ଦକରି ଜଣେ ବିଶ୍ୱସ୍ତା ପ୍ରତିବେଶିନୀ ହାତରେ ସ୍ୱାମୀ ନିକଟକୁ ପଠାଇ ଦେଲା । ସେ ଯାଇଁ ଗୋପନରେ ଗଜେନ୍ଦ୍ରକୁ ଦେଇ ଆସିଲା । ଗଜେନ୍ଦ୍ର ପତ୍ର ଫିଟାଇ ଆମୂଳଚୂଳ ପଢ଼ିଗଲା । ପଢ଼ି-ସାରି ତାଟକା ହୋଇ ରହିଲା । କ୍ଷଣକ ପରେ ପୁଣି ପଢ଼ିଲା, ତହିଁପରେ ଆଉ ଥରେ ପଢ଼ିଲା, ଏହିପରି ବାରମ୍ବାର ପଢ଼ିବାକୁ ଲାଗିଲା । ଶେଷରେ ତାହା ଆଖିରୁ ଦୁଇଧାର ଲୁହ ଗଡ଼ିପଡ଼ିଲା, ସେ ଦୀର୍ଘ ନିଃଶ୍ୱାସ ପକାଇ କେତେବେଳଯାଏ ବସି କଅଣ ଭାବିଲା । ଅନନ୍ତର ଲେଖିବାର ଉପକରଣ ଘେନି ପତ୍ର ଲେଖି-ବାକୁ ବସିଲା । ସେ ପତ୍ର ଖଣ୍ଡି ଅବିକଳ ନିମ୍ନରେ ଉଦ୍ଧୃତ ହେଲା:—

କଲ୍ୟାଣୀୟା ଲାବଣ୍ୟ !

ତୁମର ପତ୍ର ପାଇଲି । ଥରେ ନୁହେଁ, ଦୁଇଥର ନୁହେଁ—ଅନେକ ଥର ପଢ଼ିଲି । ପଢ଼ୁଁ ପଢ଼ୁଁ ପତ୍ରଖଣ୍ଡି ଅଶ୍ରୁରେ ଭିଜିଗଲା । ଏଥିରୁ ମୋର ମନର ଅବସ୍ଥା ଜାଣି ପାରିବ । କ୍ଷମା କଥା ଲେଖିଛ, ଏଥିରେ ମୁଁ ହସିବି ନା କାନ୍ଦିବି ? ବୋଧହୁଏ ତମେ ପାଗଳ ହେଲଣି, କି ଦୋଷ କଲ ଯେ ସେଥିପାଇଁ କ୍ଷମା ଲୋଡ଼ା ? ତୁମର କିଛି ଦୋଷ ମୁଁ ଦେଖୁନାହିଁ । ତୁମେ ଯାହାକୁ ଦୋଷ ବୋଲି କହୁଛ ମୁଁ ତାକୁ ସୁବୁଦ୍ଧିର କାର୍ଯ୍ୟ ମନେ କରୁଛି । ଅତ୍ୟାଚାରର ଉତ୍ପୀଡ଼ନ ହସ୍ତରୁ ତୁମେ ରକ୍ଷା ପାଇଛ, ଆଉ ମୋତେବି ତାହାର ଧକ୍କାରୁ ବଞ୍ଚାଇଛ, ସେଥିରେ ଉଭୟ ପକ୍ଷର ମଙ୍ଗଳ ହୋଇଅଛି । ଆଉ କେତେଦିନ ସନ୍ନ୍ୟାସୀ ପରି କାଳ କଟାଇବ ବୋଲି ପଚାରିଛ ତାହାର ଉତ୍ତର ଖୁବ୍ ସହଜ । ତୁମେ ଯେତେ-ଦିନ ଯାଏ ସନ୍ନ୍ୟାସିନୀ ହୋଇଥିବ, ମୁଁ ତେତେଦିନ ଯାଏ ସନ୍ନ୍ୟାସୀ ହୋଇଥିବି । ବିବାହ କଥା ଲେଖିଛ ତୁମେ ତ ନାହିଁ—ହୁଳହୁଳି ଦେଇ ସଉତୁଣୀ ବରଣ କରିବ କିଏ । ତୁମର ମୂର୍ତ୍ତି ଏ ହୃଦୟରେ ଦୃଢ଼ଭାବରେ ଅଙ୍କିତ ହୋଇ ରହିଅଛି । ଆଉ ଜଣକ ପାଇଁ ସେଠାରେ ସ୍ଥାନ ନାହିଁ । ବଂଶରକ୍ଷା ନ ହେଲା ନାହିଁ ଧର୍ମ ରକ୍ଷା ତ ହେବ । ଅନେକ ଲୋକଙ୍କର ତ ବଂଶରକ୍ଷା ହୁଏନାହିଁ ସେଥିଲାଗି ଚିନ୍ତା କାହିଁକି ? ତୁମପରି ଗୁଣବତୀ ସ୍ତ୍ରୀ ଯାହାର ଅଛି, ତାହାର ପୁଣି ବିବାହ କି ଲୋଡ଼ା । ତୁମ ସ୍ମୃତିମୂର୍ତ୍ତି ସଙ୍ଗରେ ତ ବେଳୁ ମୋର ବିବାହ ଲାଗିଛି । ଧର୍ମ ଆଉ ସତ୍ୟ ଏ ଦୁହେଁ ଯଦି ସତ୍ୟ ହୋଇଥାନ୍ତି, ତେବେ ତୁମେ ଏ ଅଗ୍ନି ପରୀକ୍ଷାରେ ନିଶ୍ଚୟ ନିର୍ମଳ ହୋଇ ବାହାରିବ । ବାପମାଙ୍କ ମନ ରକ୍ଷା କରିବାପାଇଁ ଉପଦେଶ ଦେଇଛ, ତୁମର ସେ ଉପଦେଶ ସାଧୁ ଏଥିରେ ସନ୍ଦେହ ନାହିଁ । ପିତୃମାତୃ ଆଦେଶ ସନ୍ତାନର ଶିରୋଧାର୍ଯ୍ୟ; ମାତ୍ର ଯେଉଁ ଆଦେଶ ସନ୍ତାନ ପକ୍ଷରେ

ଅଭିଶାପ ତୁଲ୍ୟ ତାହା କି ପାଳନ କରିବାକୁ ହେବ ? ଈଶ୍ୱର ଜାତ ଆଦେଶ ପାଳନ କରିବ । ଅନ୍ୟାୟ ଆଦେଶ ପାଳନ ନ କଲେ ଦୋଷ କଅଣ ? ଗୁରୁଜନଙ୍କ ମନରକ୍ଷା ପାଇଁ ମୁଁ ଜଣକର ଜୀବନ ବ୍ୟର୍ଥ କରି ଦେଇ ପାରିବ ନାହିଁ । ନଦୀ ସମୁଦ୍ରର ଉପମା ଦେଇଛ, ଦେଖୁଛି—ତୁମେ ଆଉ ସାଧାରଣ ଶ୍ରେଣୀରେ ନାହିଁ, ଅସାଧାରଣ ହୋଇ ପଡ଼ିଲଣି । ଏଥି ମଧ୍ୟରେ ତୁମର ଯଥେଷ୍ଟ ଉନ୍ନତି ହୋଇ ଗଲଣି, ତୁମେ ଗୋଟାଏ ପ୍ରକାଣ୍ଡ କବି ହୋଇ ସାରିଲଣି । ସମୁଦ୍ର ନଦୀର ଆଶ୍ରୟ ସତ; ମାତ୍ର ନଦୀ ଯୋଗୁ ସମୁଦ୍ରର ପୂର୍ଣ୍ଣତା, ଏହା ମିଛ ନୁହେଁ । ତୁମର ଆଦର୍ଶ କି ଭଣା ନୁହେଁ—ସେହି ଆଦର୍ଶର ଗୌରବ ଜାତୀୟ ଇତିହାସରେ ନୂତନ ଅଧ୍ୟାୟର ସୃଷ୍ଟି କରିବ । ମିଥ୍ୟା ଅପବାଦଦ୍ୱାରା ତୁମକୁ ଯେ କଳଙ୍କିତ କରିଛନ୍ତି; ଅତ୍ୟାଚାର ଉପଦ୍ରବରେ କ୍ଷତ ବିକ୍ଷତ କରିଛନ୍ତି; ତୁମେ ତାଙ୍କୁ କ୍ଷମାପ୍ରବଣ ସୁକୁମାର ହୃଦୟର ଭକ୍ତି ଧାରାରେ ଅଭିଷିକ୍ତ କରିଛ, ତୁମର ଏ ଆଦର୍ଶର ମୂଲ୍ୟ ଜଗତର ମୂଲ୍ୟଠାରୁ ଅଧିକ, ଏହା ବୋଲିବା ବାହୁଲ୍ୟ ସିନା ।

ତୁମେ ଯେଉଁ ବ୍ରତ ଧାରଣ କରିଛ, ତାହା ଅତି ପବିତ୍ର, ପୁଣି ମହାନ୍ । ତୁମ ନାମରେ ଆତ୍ମନିର୍ଭରତା ଏବଂ ଦାନର ଯେଉଁ ମଙ୍ଗଳ ମହିମା ବାଜୁଅଛି, ତାହା ଶୁଣି ମୁଁ ମୁଗ୍ଧ ହୋଇଅଛି । ଆଉ ତୁମର ସ୍ୱାମୀ ବୋଲି ମନରେ ଗର୍ବ ଅନୁଭବ କରୁଅଛି । ଅନ୍ନବସ୍ତ୍ରଦାନଠାରୁ ବଡ଼ ଦାନ ଆଉ ନାହିଁ, ତୁମେ ପୁଣ୍ୟବତୀ । ମୁଁ ତୁମ ପୁଣ୍ୟର ଭାଗ ନେବାକୁ ଇଚ୍ଛାକରୁଛି । ଆଜିଠାରୁ ମୁଁ ତୁମକୁ ଗୋପନରେ ସାହାଯ୍ୟ କରିବ । ତୁମେ ଯେଉଁ କାର୍ଯ୍ୟ କରୁଛ, ତାକୁ ଆଉ ଟିକିଏ ବିସ୍ତୃତଭାବରେ କରିବ । ଏବର୍ଷ ଦୁର୍ଭିକ୍ଷର ସୂଚନା ଦେଖାଗଲଣି, ପୂର୍ବରୁ ସ୍ଥାନେ ସ୍ଥାନେ ଅନ୍ନଛତ୍ର ଖୋଲି ରଖିବା ଦରକାର । ମୁଁ ତୁମର; ସୁତରାଂ ମୋର ଯାହାଅଛି ତାହା ସବୁ ତୁମର, ଏହି ଜ୍ଞାନରେ ମୋର ସାମାନ୍ୟ ସାହାଯ୍ୟ ଗ୍ରହଣ କରିବାକୁ ସଙ୍କୁଚିତ ହେବ ନାହିଁ । ତୁମ ମହାବ୍ରତରେ ମୋର କ୍ଷୁଦ୍ର ସାହାଯ୍ୟଟିକ ମିଶିଲେ ମୁଁ ନିଜକୁ ଧନ୍ୟ ମଣିବି । ଆଜି ଏ ପତ୍ର ମଧ୍ୟରେ ପଚିଶଟଙ୍କିଆ ନୋଟ ଦୁଇଖଣ୍ଡ ପଠାଇଲି । ଏଣିକି ଏହିପରି ପଠାଇବି । ଏ ବିଷୟ ଗୋପନ ରଖିବାକୁ ଯଥାସାଧ୍ୟ ସାବଧାନ ରହିବ । ଅନ୍ୟ କଥା ଦୂରେ ଥାଉ, ତୁମ ମାଉସୀଙ୍କୁ ମଧ୍ୟ କହିବ ନାହିଁ । ତୁମ ବ୍ରତ ସଫଳ ହେଉ, ଈଶ୍ୱରଙ୍କ ନିକଟରେ ଏହି ଭିକ୍ଷା ମାଗୁଅଛି । ଇତି

ତୁମର,
ଗୁଣ-ମୁଗ୍ଧ ସ୍ୱାମୀ ।"

—o—

# ଅଷ୍ଟମ ପରିଚ୍ଛେଦ

ଦେଖୁଁ ଦେଖୁଁ ଦୁର୍ଭିକ୍ଷ ମାଡ଼ିଆସିଲା । ପୂର୍ବବର୍ଷ ଆଠପଣ ଖନ୍ଦ ହୋଇଥିଲା, ଲୋକେ ବେଳେ ଖାଇ ବେଳେ ଉପବାସ ରହି କୌଣସି ପ୍ରକାରେ କାଳ କଟାଇଦେଲେ । ପରବର୍ତ୍ତୀ ବର୍ଷ ସୁଖ ହେବ ବୋଲି ଆଶା କରିଥିଲେ; ମାତ୍ର ଦୈବୀ ଆପଦରୁ ସେ ଆଶା ପଣ୍ଡ ହେଲା । ସେ ବର୍ଷ ବୈଶାଖ ମାସରୁ ମେଘ ଲଗାଇଦେଲା । ଅନର୍ଗଳ ମୂଷଳଧାରାରେ ବୃଷ୍ଟି ହେବାରୁ "ଜଳ ଗହଳେ ସୃଷ୍ଟି ନାଶ"ର ଉପକ୍ରମ ହେଲା । ବୈଶାଖ ଧାରାଶ୍ରାବଣରେ ପରିଣତ ହେଲା । ବିଜୁଳି, ବତାସ ଏବଂ ଘଡ଼ ଘଡ଼ିରେ ପୃଥିବୀ ଥରହର ହୋଇ କମ୍ପିବାକୁ ଲାଗିଲା । ବିଲରେ କଅଁର ବୁଡ଼ ପାଣି ରହିଲା । ପ୍ରାଚୀନ ଲୋକେ କହିଲେ—ଏରୂପ ଅକାଳବୃଷ୍ଟି ଅତିବୃଷ୍ଟି ସେମାନେ କେବେ ଦେଖିନାହାନ୍ତି । ସେମାନଙ୍କ ଅତୀତ ଜୀବନରେ ଅନେକ ଥର ଦୁର୍ଯୋଗ ଘଟିଅଛି; ମାତ୍ର ଏଭଳି ଦୁର୍ଯୋଗର କଥା ସେମାନେ ପୂର୍ବବର୍ତ୍ତୀଙ୍କ ଠାରୁ ମଧ୍ୟ ଶୁଣି ନାହାନ୍ତି । "ପୂର୍ବେ ଆର୍ଦ୍ରାବଳୀ ପଶ୍ଚିମେ ଯେଇ, ତାକୁ ବୋଲେ ପୃଥ୍ବୀ ନିଶ୍ଚୟ ଧୋଇ" ସେ ବର୍ଷ ଏହି ଲକ୍ଷଣ ଦେଖା ଯାଇ-

ଥିଲା । କେହି କେହି କହିଲେ—"ଏକା ବୈଶାଖରେ ଯେତେ ପାଣି ବର୍ଷିଲାଣି, ସମୁଦାୟ ଚତୁର୍ମାସ୍ୟାରେ ତେତେ ବର୍ଷିବ ନାହିଁ !" ବର୍ଷା, ତହିଁ ଉପରେ ନଈବଢ଼ି, ଗାଁ ଗଣ୍ଡାରେ ସୁଅ ବହିଲା । କେତେ ଘର ଭାଙ୍ଗିଗଲା, କେତେ ଗାଁ ଭାସିଗଲା କେତେ ଜୀବଜନ୍ତୁ ନଷ୍ଟ-ହେଲେ । ଆଷାଢ଼ ଶେଷଯାଏ ବିଲରୁ ପାଣି ଶୁଖିଲା ନାହିଁ । କୃଷକକୁଳ ପ୍ରମାଦ ଗଣିଲେ; ମାତ୍ର ହତାଶ ହେଲେ ନାହିଁ । କେହି ଖଳାବାଡ଼ରେ, କେହି ଉଚ୍ଚ ଡିଙ୍ଗରରେ ତଳି ପକାଇ ବିଲରେ ବିହନ ରୋଇଲେ । ଅତିବୃଷ୍ଟିରେ ଧାନଗଛ ଉଧେଇ ପାରିଲା ନାହିଁ । ଅସମୟରେ ରୁଆ ହେଉଥିବା ହେତୁ ଧାନ ଶିଷା ମଧ୍ୟ ବଡ଼ ହୋଇ ପାରିଲା ନାହିଁ । ଯାହାହେଉ ତଥାପି ସ୍ୱଳ୍ପପଣ ଫସଲର ଆଶା କରାଗଲା; ମାତ୍ର ଯେତେବେଳେ ନଷ୍ଟ ହେବାର ଯୋଗ ଥାଏ ତେତେବେଳେ ନାନା ଉପଦ୍ରବ ଆସି ଘଟେ । "ଆଗେ ବୁଣ୍ ପଛେ ବୁଣ୍ ଗର୍ଭଣାକୁ ଠୁଣ୍ ଠୁଣ୍" କାର୍ତ୍ତିକ ସଂକ୍ରାନ୍ତିର ନାମ ଗର୍ଭଣା ସଂକ୍ରାନ୍ତି, ଗର୍ଭଣା ପରେ ଧାନ ଗଛର କାଣ୍ଡସବୁ ବାହାରି ପଡ଼େ । ଧାନ ଛୁଆ ବାହାରିଲା, କଏ କ୍ଷୀର ତୋଳୁଅଛି, କଏ ଫୁଲ ଉଡ଼ାଉଅଛି, ଏହି ସମୟରେ ଉତ୍ତରରୁ ଝିଟିକାଦଳ ଆସିଲେ । ସେମାନେ ଏତେ ସଂଖ୍ୟାରେ ଉଡ଼ି ଆସିଲେ ଯେ, ସେମାନଙ୍କ ନୀଳପକ୍ଷ ଉହାଡ଼ରେ ସୂର୍ଯ୍ୟ କିରଣ ଦେଖାଗଲା ନାହିଁ । ଆକାଶ ମେଘାଚ୍ଛନ୍ନପରି ଜଣାଗଲା । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କର ସ୍ରୋତ ବନ୍ଦ ହେଲା ନାହିଁ । ଦଳକ ପଛରେ ଦଳେ ଲାଗିରହି ଉଡ଼ି ବୁଲୁଥାନ୍ତି । ଶେଷରେ ସେମାନଙ୍କର "ରାଜା ରାଣୀ" ଆସିଲେ, ତେତେବେଳେ ସ୍ରୋତ ବନ୍ଦ ହେଲା । ପତଙ୍ଗ ରାଜରାଣୀ ହେଲେ ମଧ୍ୟ ତାଙ୍କର ଆକୃତି କ୍ଷୁଦ୍ର ନୁହେଁ, ରାଜରାଣୀ ଦୁହେଁ ଦୁଇଟି କପୋତ କପୋତୀ ପରି ବୃହଦାକାର । ସେହି ସର୍ବଗ୍ରାସୀ ପତଙ୍ଗପଲ ଗତିପଥରେ ଗଛ ପତ୍ର ଯାହା ପାଇଲେ ତାହାକୁ ଅକ୍ଷତ ରଖିଲେ ନାହିଁ । ଯେତେ ଖାଇଲେ ତାହାର ବହୁଗୁଣ କାଟି ପକାଇଲେ । ସୁନ୍ଦର ଗଛ ସବୁ ନିଷ୍ପତ୍ର ହେଲା, ବିଲରେ ଧାନ ରହିଲାନାହିଁ । ଯେତେ ଖାଇବାର ଖାଇଲେ, ଅବଶିଷ୍ଟ କାଟି ପକାଇଲେ । ଏହି ଦୁଷ୍ଟ ପତଙ୍ଗମାନଙ୍କ ସକାଶେ ଦୁର୍ଭିକ୍ଷ ପଡ଼ିଲା । କୃଷୀ ଆଉ ବିଲକୁ ଗଲାନାହିଁ, ବିହନ ମିଳିବାର ଆଶା ନାହିଁ, ସେ ମୁଣ୍ଡରେ ହାତ ଦେଇ କାନ୍ଦିଲା । ବିଲରେ ଯେଉଁ ଥୁଣ୍ଟା ନଡ଼ା କେବଳ ଠିଆହୋଇଥିଲା । ଝିଟିକାଙ୍କ ବିଷାକ୍ତ ଲାଳ ଲାଗିଥିବାରୁ ଗୋ ମହିଷାଦି ତାକୁ ଛୁଇଁଲେ ନାହିଁ ।

ଦୁର୍ଭିକ୍ଷ ଏକାକୀ ଆସେ ନାହିଁ—ରୋଗ ଏବଂ ମୃତ୍ୟୁ ତାହାର ପରମ ବନ୍ଧୁ, ସେମାନଙ୍କୁ ସେ ନିଜ ଗହଣରେ ଆଣିବାକୁ ଭୁଲେ ନାହିଁ । ଗୋଟିକୁ ତ ସମ୍ଭାଳିବା କଠିନ, ତିନୋଟିର କବଳରେ ପଡ଼ିଲେ ଆଉ କି ରକ୍ଷା ଅଛି । ତିନିବନ୍ଧୁ ଏକାଠି ନ ହେଲେ ସେମାନଙ୍କର ମଉଜ ପୂର୍ଣ୍ଣ ହୁଏ ନାହିଁ । ବର୍ଷା ଏବଂ ବନ୍ୟା ଜଳରେ ସବୁଆଡ଼ ଜଳମୟ । ଘରୁ ବାହାରିଲେ ପାଣି, କେଉଁଠି ଆଣ୍ଠୁଏ କେଉଁଠି ଜଙ୍ଘେ, କେଉଁଠି ବା ଅଣ୍ଟାଏ । ନାନାପ୍ରକାର ଘାସ, ପତ୍ର ପଚି ପାଣିକୁ ବିଷମୟ କରିଦେଲା । ସେହି ପାଣିରେ ଯାତାୟାତ କରି ଏବଂ ସେହିପାଣି ବ୍ୟବହାର କରି ଲୋକେ ମେଲେରିଆ ଜ୍ୱରରେ ପଡ଼ିଲେ । ପଶୁ ପକ୍ଷୀ ପ୍ରଭୃତିର ଶବ ଭାସିଆସି ସ୍ଥାନେ ସ୍ଥାନେ ଲାଗି ପଚିବାକୁ ଲାଗିଲା । ଶବାହାରୀଙ୍କ ଅଲ୍ପମତ ନାହାନ୍ତି; ସ୍ୱୟଂ ଖାଉଛି ବା କିଏ ? ଯାହା ଅବଶିଷ୍ଟ ଥିଲେ, ଖାଇ ଖାଇ ସେମାନଙ୍କୁ ଅଜୀର୍ଣ୍ଣ ଧରିଗଲାଣି । ସେହି ପଚାଦୁର୍ଗନ୍ଧ ଆଘ୍ରାଣ କରି ଅନେକେ ପୀଡ଼ିତ ହେଲେ । ଅଖାଦ୍ୟ—କୁଖାଦ୍ୟ ଆହାର, ଦୂଷିତ ଜଳପାନ, ପଚା ବାୟୁ ସେବନରେ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଲେ । ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ି ଉଠିଲା । ସବୁଆଡ଼େ ହାହାକାର ଧ୍ୱନି ଉଠିଲା । ସବୁ କଷ୍ଟ ସହିହୁଏ; ମାତ୍ର ପେଟ କଷ୍ଟ ସହି ହୁଏ ନାହିଁ । ପେଟ ଜ୍ୱାଳାରେ ଲୋକେ ଗ୍ରାମାନ୍ତରକୁ ପଳାଇ ଗଲେ; ମାତ୍ର ସମସ୍ତେ ତ ସମଦଶାପନ୍ନ, କାହାକୁ ବା କିଏ ପଚାରୁଛି । ଦୁର୍ଭିକ୍ଷ ପୀଡ଼ିତ ଅସ୍ଥିକଙ୍କାଳସାର କାଙ୍ଗାଳି-ମାନେ ଦଳ ଦଳ ହୋଇ ବୁଲିଲେ । ସମସ୍ତଙ୍କ ହାତରେ ଗୋଟାଏ ଗୋଟାଏ ହାଣ୍ଡି ଏବଂ ତୁଣ୍ଡରେ ଆର୍ତ୍ତନାଦ ଛଡ଼ା ଆଉ କିଛି ନାହିଁ । ସେ ମର୍ମଭେଦୀ ଦୃଶ୍ୟ ଦେଖିବା ଦୂରେ ଥାଉ, ଲେଖିଲେ ପ୍ରାଣ କାନ୍ଦି ଉଠେ ।

ଯଥାସମୟରେ ଦୁର୍ଭିକ୍ଷ ଦମନର ଚେଷ୍ଟା ହେଲା । ଆବଶ୍ୟକ ସ୍ଥଳରେ କୂପ ପୁଷ୍କରିଣୀ ଖନନ,ବନ୍ଧ ନିର୍ମାଣ ପ୍ରଭୃତିଦ୍ୱାରା ସରକାରପକ୍ଷରୁ ଶ୍ରମଜୀବୀମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଗଲା । ଅକ୍ଷମମାନଙ୍କ ପାଇଁ ସ୍ଥାନେ ସ୍ଥାନେ ଅନ୍ନଛତ୍ରର ବ୍ୟବସ୍ଥା ହେଲା । ଅଳ୍ପ ବେତନଭୋଗୀ କର୍ମଚାରୀଙ୍କର ବେତନ ବୃଦ୍ଧି କରିଦିଆଗଲା । ଅନ୍ୟ ସ୍ଥାନରୁ ଧାନ ଚାଉଳ କିଣି ଆଣି ଦୁର୍ଭିକ୍ଷ ପୀଡ଼ିତ ସ୍ଥାନମାନଙ୍କରେ ଉଚିତ ମୂଲ୍ୟରେ ବିକିବା ସକାଶେ ମହାଜନମାନଙ୍କୁ ସୁବିଧା ଦିଆଗଲା । ଦେଶର ମହାପ୍ରାଣ ଧାର୍ମିକ ଧନୀ ବ୍ୟକ୍ତିମାନେ ସ୍ଥାନ ବିଶେଷରେ ଅନ୍ନଛତ୍ର ଖୋଲିଦେଲେ । ରାମକୃଷ୍ଣ ସେବାଶ୍ରମର ସ୍ୱେଚ୍ଛାସେବକମାନେ ଆସି ଚାଉଳ ଲୁଗା ପ୍ରଭୃତି ବିତରଣ କଲେ । ଦୁର୍ଭିକ୍ଷ ବିବରଣ ସମ୍ବାଦପତ୍ରମାନଙ୍କରେ ବିଘୋଷିତ ହେଲା । ସମ୍ପାଦକମାନେ ଦୁର୍ଭିକ୍ଷ ନିବାରଣ ସକାଶେ ସମସ୍ତ ଶକ୍ତି ଏବଂ ସମୟ ବ୍ୟୟ କରିବାକୁ ଲାଗିଲେ । ସେମାନଙ୍କ ଚେଷ୍ଟାରେ ଦୂରରୁ ଅନେକ ସାହାଯ୍ୟ ଆସିଲା । କେତେଜଣ ଦେଶପ୍ରାଣ ଯୁବକ ଡାକ୍ତର ଆସି ଘରେ ଘରେ ବୁଲି ବିନା ପାରିଶ୍ରମିକରେ ରୋଗୀମାନଙ୍କୁ ଚିକିତ୍ସା କରିବାକୁ ଲାଗିଲେ । କର୍ମ ସାଧନର ଉପଯୁକ୍ତ ସମୟ ମଣି ଏହି ସମୟରେ ଲାବଣ୍ୟ ମଧ୍ୟ କିଛି କରିବାକୁ ଇଚ୍ଛାକଲା । ସେ ନିଜ ଉପାର୍ଜନରୁ ଦେଢ଼ ହଜାର ଟଙ୍କା ସଞ୍ଚୟ କରି ରଖିଥିଲା । ସେହି ଟଙ୍କାରେ ତୀର୍ଥାଟନ କରିବାକୁ ତାହାର ମାଉସୀର ପୂର୍ବ ଇଚ୍ଛାଥିଲା; ମାତ୍ର ଲାବଣ୍ୟ କହିଲା—ମାଉସି, ଦରିଦ୍ରନାରାୟଣଙ୍କ ସେବା ଛାଡ଼ି ଆମେ କେଉଁ ତୀର୍ଥରେ ବୁଲି କଅଣ କରିବା ? ସେହି ଦରିଦ୍ରନାରାୟଣ ସେବା ଆମର କୋଟି ତୀର୍ଥ, ଆଉ କୋଟି ବ୍ରତ, ଆମେ ସେହି କାମ କରିବା । ଏହି ଟଙ୍କାରେ ଯେବେ ଦଶଜଣ ଦୁର୍ଭିକ୍ଷ ଦାଉରୁ ବଞ୍ଚି ପାରନ୍ତି ତେବେ ଏ ଟଙ୍କା ସାର୍ଥକ ହେବ । ଏତେ ଗୁଡ଼ାଏ ଟଙ୍କା ତୀର୍ଥରେ ଉଡ଼ାଇଦେଲେ ଫଳ କଅଣ ? ତୀର୍ଥ କଲେ ପୁଣ୍ୟ ହୁଏ ସତ୍ୟ; କେବେ ମନୁଷ୍ୟର ଜୀବନ ବଞ୍ଚାଇବା ଠାରୁ ତୀର୍ଥପୁଣ୍ୟ ଅଧିକ ନୁହେଁ । ଦରିଦ୍ର ସ୍ୱୟଂ ନାରାୟଣ ତାଙ୍କର ସେବାକଲେ ସବୁତୀର୍ଥର ଫଳ ମିଳେ । ଆଖିଆଗରେ ଖାଇବାକୁ ନପାଇ ମଣିଷ ମରୁଥିବେ, ଆଉ ଆମେ ତାହା ଦେଖି ଦେଖି ଟଙ୍କା ବାନ୍ଧି ତୀର୍ଥକୁ ବାହାରିବା । ରକ୍ତ ମାଂସ ଦେହଧରି ଏହା କିଣ ସହ୍ୟ ହେବ—ମାଉସି ? ଜୀବ ପ୍ରତି ଦୟା ନ ଥିଲେ ଲକ୍ଷେ ତୀର୍ଥରେ ବୁଲିଲେ କିଛି ଫଳ ନାହିଁ । ମୁଁ ଭାବୁଛି ଏହି ଟଙ୍କା ଖର୍ଚ୍ଚକରି ଦୁର୍ଭିକ୍ଷ କାଙ୍ଗାଳମାନଙ୍କୁ ମୁଠେ ମୁଠେ ଖାଇବାକୁ ଦେବା, ଏକଥା ତୋ ମନକୁ କିମିତି ଲାଗୁଛି—ମାଉସି ? ବୃଦ୍ଧା ଆନନ୍ଦ ଗଦ୍‌ଗଦ୍ କଣ୍ଠରେ କହିଲା—ବୟସ ମୋର କେତେ କୋଡ଼ି ହେଲାଣି କେଜାଣି ମା, ମଶାଣି ପଦାକୁ ତ ଯିବାକୁ ବସିଲିଣି ଯମ ଚୁଟିଧରି ଝିଙ୍କିଲାଣି, ବୟସରେ ସିନା ମୁଁ ବଡ଼—ଜ୍ଞାନରେ ତୋ ସମକକ୍ଷ ନୁହେଁ । ତୁ ଯାହା ଭଲ ବୁଝିଛୁ ତାହା କର ମା, ମୁଁ ତୋତେ ବାଧାଦେବି ନାହିଁ । ତୋ କଥା କି ମୁଁ ଅନ୍ୟଥା କରିପାରେ ? ମୋ ପରି ପାପୀକୁ ମୁକ୍ତି ବାଟ ଦେଖାଇବା ଲାଗି ତୁ ଆସିଛୁ । ମାଉସୀର ସମ୍ମତିରେ ଲାବଣ୍ୟ ପରମ ପୁଲକିତ ହେଲା ଏବଂ ତାହାର ଉତ୍ସାହ ପୂର୍ବାପେକ୍ଷା ଦ୍ୱିଗୁଣ ବଢ଼ି ଉଠିଲା ସେ କହିଲା—ତୁ ତ ବୁଢ଼ୀଲୋକ ଆଉ କିଛି କରି ପାରିବୁ ନାହିଁ । ମୁଁ ରନ୍ଧାରନ୍ଧି ପରଷାପରଷି ସବୁ କରିବି ତୁ ଖାଲି ବାଢ଼ି ମୋ ହାତକୁ ବଢ଼ାଇଦେବୁ, ଏତିକି କରି ପାରିବୁ ? ସେ କାଳର ନାରୀମାନେ ସ୍ୱହସ୍ତରେ ପାକଖାଦ୍ୟ ଅନ୍ୟକୁ ଖୁଆଇବାକୁ ପୁଣ୍ୟ ଏବଂ ପୌରୁଷ ମଣୁଥିଲେ । ବୃଦ୍ଧା ଆନନ୍ଦରେ କହିଲା—ହଁ-ମା ଖୁବ୍ ପାରିବି । ମାଇପି ଜନ୍ମ ପାଇ ଯେ ଏତିକି କରି ନ ପାରେ ସେ କିଣ ମଣିଷରେ ଲେଖା ? ବୁଢ଼ୀ ହେଲି—ଦାନ୍ତଗଲା—ଅନ୍ତଗଲା—ସବୁଗଲାଣି ସିନା, ଆଉ ଏ ରସିଆ ଘୁଣ ଲଗା ହାଡ଼ଚୁରିଖଣ୍ଡରୁ ସେ ଶକ୍ତିଟିକି ଯାଇନାହିଁ-ମା ଅନ୍ନପୂର୍ଣ୍ଣା ପରି ତୁ ଦରିଦ୍ର-ନାରାୟଣଙ୍କୁ ଅନ୍ନ ପରଷିବୁ, ମୁଁ ତାହା ଦେଖି ଆଖି ପବିତ୍ର କରିବି । ଏଥୁଁ ବଳି ଭାଗ୍ୟ କଅଣ ଅଛି ? ତୋ' କାମରେ ଟିକିଏ ସାହାଯ୍ୟ କରିପାରିଲେ ମୁଁ ଧନ୍ୟ ହେବି, ମୋର ନାରୀ ଜନ୍ମ ସଫଳ ହେବ । ଧର୍ମ କର୍ମରେ ଡେରି କରନ୍ତୁ ନାହିଁ, ତୋର ସଂକଳ୍ପ ତୁ ଶୀଘ୍ର ପାଳନ କର ମା ।

ଲାବଣ୍ୟ ପୂର୍ବରୁ ସ୍ୱାମୀର ଉତ୍ସାହ ପତ୍ର ପାଇଥିଲା, ଏବେ ମାଉସୀର ସମ୍ମତି ପାଇଲା । କର୍ମର ଉଦ୍ଦାମ

ପ୍ରେରଣା ତାଙ୍କୁ ଅସ୍ଥିର କରିପକାଇଲା । ସେ ଆଉ ବିଳମ୍ବ ନ କରି ଯଥାଶୀଘ୍ର କାର୍ଯ୍ୟାରମ୍ଭ କରିଦେଲେ । ଗଜେନ୍ଦ୍ର ଗୋପନରେ ତାଙ୍କୁ ପ୍ରତିମାସ ସାହାଯ୍ୟ ପଠାଏ । ସେହି ଅର୍ଥ ଲବଣ୍ୟର କର୍ମ ଶକ୍ତିକୁ ଆହୁରି ପ୍ରଖର କରିଦେଲା । ସେ ଭାବିଲା,—ଖାଲି ଅକ୍ଷମକୁ ଆହାର ଦେଲେ କାମ ଶେଷ ହେଲାନାହିଁ, ଯାହାଙ୍କର ପରିଶ୍ରମ କରିବାର ଶକ୍ତିଅଛି; ମାତ୍ର ସେହି ଶକ୍ତିକୁ ଖଟାଇବା ଲାଗି ଯୋଗ ପାଉନାହାନ୍ତି, ତାଙ୍କପାଇଁ ବି କିଛି କରିବା ଦରକାର । ଏହା ଭାବି ସେ ଦୁଇଟି ପୋଖରୀ ଖୋଳାଇବା ସକାଶେ ପାଞ୍ଚଶ ଟଙ୍କା ରଖି ଅବଶିଷ୍ଟ ଟଙ୍କାରେ ଅନ୍ନଛତ୍ର ଖୋଲିଲା । ସେତେବେଳେ ଧନ-ମଜୁରି ଆଜି କାଲି ପରି ଏତେ ଅଧିକ ନ ଥିଲା, ଜଣକର ଦୈନିକ ମଜୁରି ଦୁଇଅଣା ମାତ୍ର ଥିଲା । ପାଞ୍ଚଶ ଟଙ୍କାରେ ଗୋଟିଏ ଯାଆଁଳା ପୋଖରୀ ଖୋଳା ହୋଇଗଲା । ଗୋଟିଏ ପାନୀୟଜଳ ସକାଶେ ଏବଂ ଅପରଟି ସ୍ନାନ ଶୌଚାଦି ସକାଶେ ନିର୍ଦ୍ଦିଷ୍ଟ ହେଲା । ଲୋକେ ତାହାର ନାମ ଦେଲେ, ଯାଉଁଳି ଗଙ୍ଗା । ଲବଣ୍ୟର ନାମାନୁସାରେ ପୁଷ୍କରିଣୀର ନାମକରଣ କରିବାକୁ କେହି କେହି କହିଲେ; ମାତ୍ର ସେ ମନାକଲା । ନିଃସ୍ୱାର୍ଥ ଉଦାର ଦାନରେ ନାମ ପ୍ରୟାସ ନ ଥାଏ । ଯେ ବଡ଼ କାମରେ ଅଥଚ ସେହି କାମ ସଙ୍ଗରେ ନିଜର ନାମ ସ୍ମୃତି ରଖିବାକୁ ଇଚ୍ଛା କରେ ନାହିଁ, ଜଗତରେ ବଡ଼ର ଆଦର୍ଶ ସେହି ସିନା । କାର୍ଯ୍ୟର ପୁରସ୍କାର ବା ପ୍ରଶଂସା ସେ ଖୋଜେ ନାହିଁ । ସେ ନିନ୍ଦା ପ୍ରଶଂସା ଦୁଇର ଅତୀତ ।

ଲବଣ୍ୟର ଅନ୍ନଛତ୍ରରେ ଅନେକ ଦୀନ-ଦରିଦ୍ର ଖାଆନ୍ତି । ତାହାର ଶୃଙ୍ଖଳା ଏରୂପ ସୁନ୍ଦର ଯେ, କେହି କେବେ ଅସନ୍ତୁଷ୍ଟ ହୁଏ ନାହିଁ । ପ୍ରୌଢ ଅତିଥିଙ୍କୁ ସେ କନ୍ୟାପରି ଶ୍ରଦ୍ଧା ଓ ଭକ୍ତି କରେ, ସମବୟସୀଙ୍କୁ ଭାଇ ଭଉଣୀ ପରି ଜ୍ଞାନ କରେ ଏବଂ ପିଲାମାନଙ୍କୁ ମାତୃବତ୍ ସ୍ନେହ ଯତ୍ନ କରେ । ତାହାର ଶିଷ୍ଟ ସଦୟ ଆଚରଣରେ ସମସ୍ତେ ପରିତୃପ୍ତ । ବୁଢାଠାରୁ ପିଲା ପର୍ଯ୍ୟନ୍ତ ସମସ୍ତେ ତାକୁ ମାତୃସମ୍ବୋଧନ କରନ୍ତି । ସମସ୍ତେ ତାହାର ଆପଣାର, ପର କେହି ନୁହେଁ । ଏହିପରି ସାଧାରଣଙ୍କୁ ଯେ ଆତ୍ମୀୟଜ୍ଞାନ କରିପାରେ ତାହାରି ପ୍ରାଣ ଏକା ମହାପ୍ରାଣ । ଲବଣ୍ୟ ପ୍ରତି ପ୍ରାତରେ ଥାଉଁ ଉଠି ଘରର ବାସିପାଇଟି ସାରି ଗାଧୋଇ ଯାଏ । ଗାଧୋଇ ଆସି କୋଥଳି ପିନ୍ଧି ନିର୍ମାଲ୍ୟ ସେବା କରେ ଏବଂ ଫୁଲ ଚନ୍ଦନ ଦେଇ ସ୍ୱାମୀର ଚିତ୍ରପଟକୁ ପୂଜା କରେ । ତହିଁ ପରେ ଚୁଲି ଲଗାଇଦେଇ ଏସୁଆଣି ବସାଇଦିଏ । ପାଣି ଗରମ ହେଉଁ ହେଉଁ ଏହି ଅବସରରେ ବାଡିରୁ ଦୋଟିଏ ଶାଗ କାଟିଆଣେ । ଦେଢପ୍ରହରକ ବେଳକୁ ଭାତ ରନ୍ଧା, ଶାଗ ଖରଡା ସବୁ ଶେଷ ହୋଇଯାଏ । କାଙ୍ଗାଳମାନେ ଆସିଲାକ୍ଷଣି ସେମାନଙ୍କୁ ବସାଇଦେଇ ପତ୍ର ପକାଇଦିଏ । ମାଉସୀ ବଡ଼'ବଡ଼ି କରି ରଖିଥାଏ । ଲବଣ୍ୟ ବଢ଼ୁଆଣି ସମସ୍ତଙ୍କୁ ପରିବେଷଣ କରେ । ପରଷିବାବେଳେ ତାହାର କି ଆନନ୍ଦ, ସତେ ଯେପରି କୋଟିନିଧି ପାଇଲା । ଗୈରିକ ବସ୍ତ୍ରପଣତ କଟିରେ ଭିଡ଼ାହୋଇଥାଏ, ମୁକ୍ତ କେଶଗୁଚ୍ଛ ଦୁଇଭାଗରେ ବିଭକ୍ତ ହୋଇ ସ୍କନ୍ଧ ଉପରେ ଆସି ବକ୍ଷର ଦୁଇପାଖରେ ଝୁଲିପଡିଥାଏ, କରୁଣାର ମୃଦୁ ମଧୁର ହାସ ଅଧରରେ ଲାଗିରହିଥାଏ । ସତେ ଯେପରି ଆନନ୍ଦମୟୀ ଅନ୍ନପୂର୍ଣ୍ଣାମୂର୍ତ୍ତି ଆବିର୍ଭୂତ ହୋଇ ସମଗ୍ର ବିଶ୍ୱର ସମ୍ଭ୍ରମ, ଭକ୍ତି ଆକର୍ଷଣ କରୁଅଛନ୍ତି । କାଙ୍ଗାଳମାନଙ୍କର ଆନନ୍ଦ କୋଳାହଳରେ ଗ୍ରାମ ମୁଖରିତ ହୋଇଉଠୁଅଛି । କେହି କହୁଛି—"ମା, ତୋ ଲକ୍ଷ୍ମୀହାତରୁ ପୋଷେ ପେଜ ତୋରାଣି ପାଇଲେ ମୋତେ ଠିକ୍ ଅମୃତପରି ଲାଗେ । ମୁଁ ଆଉ କୁଆଡ଼େ ନଯାଇ ତୋହରି ଦ୍ୱାରକୁ ଆସେଁ ମା, ଏଠି ମୋ ଆତ୍ମା ସନ୍ତୁଷ୍ଟ ହୋଇଯାଏ ।" କେହି କହେ,—"ତୋ'ପରି ମନ ଜାଣି କିଏ ଦେବ ମା ।" କେହି କହେ,—"ତୋ'ପରି ସ୍ନେହ କିଏ କରିବ ମା ।" କେହି କହେ,—"ତୋ' ଜାଉ ମଣ୍ଡାକ କ୍ଷୀରିପରି ସ୍ୱାଦୁଲାଗେ ।" ଅନବରତ ଏହିପରି ଆନନ୍ଦଲୀଳା ଲାଗିଥାଏ । ଲବଣ୍ୟ ଏକାକୀ ସନ୍ଧି ସମସ୍ତଙ୍କୁ ପରଷେ ପଛକୁ କେତେଜଣ ପ୍ରତିବେଶିନୀ ସ୍ୱତଃପ୍ରବୃତ୍ତ ହୋଇ ତାହାର ଏ ସାଧୁ କାର୍ଯ୍ୟର ସହାୟତା କଲେ ; ସୁତରାଂ ଛତ୍ରର କାର୍ଯ୍ୟ ଆହୁରି ସୁବିଧାରେ ଚାଲିଲା ।

# ନବମ ପରିଚ୍ଛେଦ

କଲିକତାର ଅନ୍ୟତମ ପ୍ରସିଦ୍ଧ ଧନୀ ମାରବାଡ଼ୀ ଘାସିରାମ ଦୁର୍ଭିକ୍ଷ ଦମନ ସକାଶେ ଦୁଇଲକ୍ଷ ଟଙ୍କା ପଠାଇ ଦେଲେ । ଏ ସମ୍ବାଦ ସର୍ବପ୍ରଥମ ବାଲେଶ୍ୱରର "ଉତ୍କଳ-ଦର୍ପଣ"ରେ ପ୍ରକାଶିତ ହେଲା । ଶାଶ୍ୱତ ଦାନର ପବିତ୍ର ଉଜ୍ଜ୍ୱଳ ପ୍ରଭାବରେ ପତ୍ରିକାର ସ୍ତମ୍ଭ ଆଲୋକିତ ହେଲା । ସମ୍ପାଦକ ବଡ଼ ଅକ୍ଷରରେ "ବିରାଟ ଦାନ" ବୋଲି ଶିରୋନାମା ଦେଇ ଏହି ନିଃସ୍ୱାର୍ଥ ଦାନର ସମ୍ବାଦ ପ୍ରକାଶ କରିଅଛନ୍ତି ଏବଂ ଦାତାଙ୍କର ସର୍ବାଙ୍ଗୀନ କୁଶଳ କାମନା କରି ତାଙ୍କୁ ସାଧୁବାଦ ପ୍ରଦାନ କରିଅଛନ୍ତି । ଶେଷରେ ନିଜ ମନ୍ତବ୍ୟରେ କହି ଅଛନ୍ତି—"ଘାସିରାମଙ୍କ ଭଳି ଧନୀ ଏ ଦେଶରେ ଅନେକ ଅଛନ୍ତି, ଲକ୍ଷପତି ଅଛନ୍ତି, କୋଟିପତିର ପ୍ରାଚୁର୍ଯ୍ୟ ନ ଥିଲେ ମଧ୍ୟ ବିରଳ ନୁହେଁ, ଟଙ୍କା ପୋତିରଖି ବସୁମତୀର ନାମ ସାର୍ଥକ କରିବାକୁ ସେମାନେ ଖୁବ୍ ଯତ୍ନଶୀଳ ; ମାତ୍ର ଦାନର ନାମ ଶୁଣିଲେ ସେମାନଙ୍କୁ ଜ୍ୱରାଜ୍ୱର ମାଡ଼ିବସେ । ହୃଦୟ ନ ଥିଲେ ଏଭଳି ଦାନର ଗୁରୁଭାର କି କାହାର ପ୍ରାଣ ଟେକିପାରିବ ? ଦୁର୍ଭିକ୍ଷ ପୀଡ଼ିତ ମୁମୂର୍ଷୁମାନଙ୍କ ପାଇଁ ଜଣେ ବିଦେଶୀର ପ୍ରାଣ କାନ୍ଦିଲା ; ମାତ୍ର ନିଜର ଧନୀ ପ୍ରତିବେଶୀମାନେ କଅଣ କରୁଅଛନ୍ତି ? ଖାଦ୍ୟାଭାବରେ ପ୍ରତିବେଶୀକୁ ହାହାକାର କରି ମରିବାର ଦେଖି ସେମାନଙ୍କୁ କିପରି ଭଲ ଲାଗୁଛି ? ଏ ମର୍ମନ୍ତୁଦ ଦୃଶ୍ୟ ସେମାନଙ୍କ ଚକ୍ଷୁ ସହୁଛି କିପରି ? ପାଷାଣର ଚକ୍ଷୁ ଥିଲେ ସେ ମଧ୍ୟ ଫାଟିଯାଇ ରକ୍ତ ବହନ୍ତା । ହେ ଧନି, ଧନର ସଦ୍‌ବ୍ୟବହାର କର । ଦାନର ଉପଯୁକ୍ତ ପୁଣ୍ୟକାଳ ଉପସ୍ଥିତ, ଏ ସମୟରେ ଦାନ କରି ଧନ୍ୟ ହୁଅ । ଏହିକ୍ଷଣି ଆଖି ବୁଜିଲେ କେହି କାହାର ନୁହେଁ, ଧନ ତୁମର ନୁହେଁ, କି ତୁମ୍ଭେ ଧନର ନୁହଁ । ମାଟିର ଧନ ମାଟିରେ ପଡ଼ିରହିବ । ସେଥିରୁ କଉଡ଼ାଏ କାଣି ଦଉଡ଼ି ତୁମ୍ଭେ ସଙ୍ଗରେ ନେଇପାରିବ ନାହିଁ । ସଞ୍ଚିତ ପାପ—ତୁମ୍ଭେ ନିଜେ ଭୋଗ ନକଲେ ତୁମର ପୁତ୍ର ପରିବାର ଭୋଗ କରିବେ; ମାତ୍ର ପୁତ୍ର ପରିବାର କି ତୁମର ? ତୁମ୍ଭ ଛଡ଼ା ଶେଷଦିନ ମହାଯାତ୍ରା ସମୟରେ ସେଥିମଧ୍ୟରୁ କିଏ କିଏ ତୁମ୍ଭ ସଙ୍ଗରେ ଯିବାକୁ ମଙ୍ଗିବେ ? ଦାନ ପାଇଁ ସୃଷ୍ଟି କରାଯାଏ, ବ୍ୟୟ ପାଇଁ ଆୟ କରାଯାଏ, ଏହାହିଁ ପ୍ରାକୃତିକ ବିଧି । ମେଘ ଦାନ ପାଇଁ ଜଳ ସଂଗ୍ରହକରି ରଖେ, ଦାନ ପାଇଁ ଗଛ ଫଳ ଧାରଣ କରେ । ଏତେଦିନ ଯାଏ ଧନର କଳୁଆଳ ହୋଇ ଯେଉଁ ସୁଖାନନ୍ଦ ଭୋଗକଲ, ଏବେ ଦାନକରି ଦେଖ ତାହାଠାରୁ ସହସ୍ରଗୁଣ ସୁଖାନନ୍ଦର ଅଧିକାରୀ ହେବ ! ହୃଦୟ ଖୋଲିଦିଅ, ଧନଭଣ୍ଡାର ଖୋଲିଦିଅ, ମନୁଷ୍ୟପ୍ରାଣ ବଞ୍ଚୁ ମନୁଷ୍ୟପ୍ରାଣର ମୂଲ୍ୟ ବୁଝ, ତୁମ୍ଭ ଧନର ମୂଲ୍ୟ ତାହାଠାରୁ ଅଧିକ ନୁହେଁ । ତୁମର ମୁମୂର୍ଷୁ ଦେଶବାସୀ ଜାତିଭାଇଙ୍କ ମୁହଁରେ ମୁଠେ ଅନ୍ନ ଦେଇ ଅଖଣ୍ଡ ପୁଣ୍ୟ ସହ ବିପୁଳ ଯଶ ଗୌରବରେ ମଣ୍ଡିତ ହୁଅ । ଏହାଠାରୁ ବଳି ମାନବଜୀବନର ଶ୍ରେଷ୍ଠ କାମନା ଆଉ କଅଣ ଅଛି । ହେ ଧନି ଭ୍ରାତୃଗଣ, ତୁମ୍ଭେମାନେ ବିପୁଳ ଧନ ସଙ୍ଗରେ ବିଶାଳ ମନ ଯୋଗକର । ଧନ ମନ ଦୁହେଁ, ନ ମିଳିଲେ କାର୍ଯ୍ୟ ହୁଏ ନାହିଁ । ସେ ଦୁହେଁ ପରସ୍ପର ସାପେକ୍ଷ, ଗୋଟିକ ଅଭାବରେ ଅନ୍ୟଟି ପଙ୍ଗୁତ୍ୱ ବା କ୍ଳୀବତ୍ୱ ପ୍ରାପ୍ତ ହୁଏ । ଅତଏବ ମନ ଖୋଲି ଦାନର ଆଦର୍ଶ ଦେଖାଇଦିଅ । ସେହି ଆଦର୍ଶ ମଧ୍ୟରେ ତୁମ୍ଭର ମନୁଷ୍ୟତ୍ୱ ଫୁଟିଉଠୁ । ସତ୍ୱର ହୁଅ—ସତ୍ୱର ହୁଅ ।" ସମ୍ପାଦକଙ୍କର ଏହି ମନ୍ତବ୍ୟ ଦୁଇଜଣ ଓଡ଼ିଆ ରାଜାଙ୍କ ପ୍ରାଣରେ ବିଶେଷ କାର୍ଯ୍ୟ କରିଥିଲା ।

ଉକ୍ତ ଦୁଇଜଣ ରାଜାଙ୍କ ମଧ୍ୟରେ ଖୁବ୍ ସଦ୍‌ଭାବ ଥିଲା । ଦୁହେଁ ଦୁହିଁଙ୍କ ଗୁଣରେ ମୁଗ୍ଧହୋଇ ସଙ୍ଗାତ ବସିଥିଲେ । ଦୁହେଁ ଏକମନ, ଏକପ୍ରାଣ, ଜଣକର ହୃଦୟ ଅନ୍ୟର ଦର୍ପଣଫଳକ ସ୍ୱରୂପ ହୋଇଥିଲା । ଉଭୟ ରାଜା ବିଶାଳ ଭୂଖଣ୍ଡର ଅଧୀଶ୍ୱର । ସମସ୍ତ ସମୟରେ ବନ୍ଧୁ ସନ୍ଦର୍ଶନ ପାଇଁ ପରସ୍ପର ପରସ୍ପରର ରାଜଧାନୀକୁ ଯାତାୟାତ କରନ୍ତି । ସେମାନଙ୍କ ବନ୍ଧୁତ୍ୱ-

ମଣ୍ଡରେ ସେମାନଙ୍କର ନାମ ଧାମ ପ୍ରକାଶ କରିବା ଆଇନ ବିରୁଦ୍ଧ । ବିଶେଷତଃ ସେମାନେ ମଧ୍ୟ ନାମ ପ୍ରୟାସୀ ନୁହନ୍ତି । ବର୍ତ୍ତମାନ ଦୁହେଁଯାକ ସ୍ୱର୍ଗରେ ଅଛନ୍ତି । ସେମାନଙ୍କ ଅନୁମତି ନେବାକୁ ହେଲେ ଲେଖକକୁ ତାଙ୍କ ନିକଟକୁ ଯିବାକୁ ପଡ଼ିବ । ସେଥିଲାଗି କିଛି ଭୟ ଭାବନା ନ ଥିଲା; ମାତ୍ର ଉପନ୍ୟାସଖଣ୍ଡି ଅପୂର୍ଣ୍ଣ ରହିଯିବ, ଏହାହିଁ ଚିନ୍ତାର ବିଷୟ । ଯାହାହେଉ ଦୁଇଟି କାଳ୍ପନିକ ନାମ ଦେଇ କାମ ଚଳାଇନେଲେ କାହାରି କିଛି କ୍ଷତି ବା ଅସୁବିଧା ହେବ ନାହିଁ । ତାହା ଛଡ଼ା ଗତ୍ୟନ୍ତର ନାହିଁ । ଦୁହିଁଙ୍କ ରାଜ୍ୟ ପୂର୍ବପଶ୍ଚିମରେ ବିସ୍ତୃତ ଏବଂ ପରସ୍ପର ଲଗାଲଗି ; ସୁତରାଂ ଜଣକୁ ପୂର୍ବଖଣ୍ଡ ରାଜା ଏବଂ ଅନ୍ୟ ଜଣକୁ ପଶ୍ଚିମଖଣ୍ଡ ରାଜା ବୋଲି କହିଲେ ଅସଙ୍ଗତ ହେବ ନାହିଁ ।

ଦିନେ ଦୁଇବନ୍ଧୁ ମିଶି ପଶା ଖେଳୁଥିଲେ । ଏହି ସମୟରେ ଘାଟ ପାଇକ ଦୁଇବିଡ଼ା ଚିଠି ଆଣି ଦୁହିଁଙ୍କ ପାଖରେ ରଖିଦେଇଗଲା । ସେ ଦିନ ଡାକରେ ସେହି ଚିଠିପତ୍ରଗୁଡ଼ିକ ଆସିଥିଲା । ଖେଳ ଛାଡ଼ି ଦୁହେଁଯାକ ନିଜ ନିଜର ପତ୍ରାଦି ପଢ଼ିବାକୁ ଲାଗିଲେ । ପୂର୍ବଖଣ୍ଡ ରାଜାଙ୍କର ଖଣ୍ଡେ "ଉତ୍କଳ-ଦର୍ପଣ" ଆସିଥିଲା । ସେଥିରେ ଉପରୋକ୍ତ ଘାସିରାମର ଦାନସମ୍ବାଦ ବାହାରିଥିଲା । ରାଜା ସେହି ସମ୍ବାଦ ପଢ଼ିଲେ, ପଢ଼ିସାରି କିଛିକ୍ଷଣ ସ୍ଥିର ନେତ୍ରରେ ଆକାଶକୁ ଚାହିଁ ରହିଲେ । କଅଣ ଭାବିଲେ ଯେ ଭାବି ସମ୍ବାଦଟି ପୁଣି ପଢ଼ିଲେ, ପୁଣି ଭାବି ବସିଲେ । ଏହିପରି ବାରମ୍ବାର ପଢ଼ିଲେ, ତାଙ୍କ ମୁଖକାନ୍ତି କ୍ରମେ ମଳିନ ହୋଇ-ଆସିଲା । ଦୁର୍ଭିକ୍ଷଗ୍ରସ୍ତ ଲୋକଙ୍କ ଦୁଃଖର ତୀବ୍ର ଉତ୍ତାପରେ ତାଙ୍କର ରାଜହୃଦୟ ଦ୍ରବୀଭୂତ ହୋଇଗଲା । ସେହି ତରଳପଦାର୍ଥ ଅଶ୍ରୁ ହୋଇ ତାଙ୍କ ଅଜ୍ଞାତରେ ନେତ୍ର ପଥରେ ଗଡ଼ିପଡ଼ିଲା । ସମ୍ପାଦକ ଧନୀମାନଙ୍କୁ ଟିକିଏ ମଧୁର ଆକ୍ରମଣ କରିଥିଲେ; ତାଙ୍କର ସେହି ମର୍ମଚ୍ଛେଦୀ କଥା ରାଜାଙ୍କ ଆତ୍ମାକୁ ବଡ଼ ବାଧିଲା । ସେ ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ବନ୍ଧୁ ରାଜାଙ୍କୁ କହିଲେ—"ଶୁଣିଲଣି ଗୋଟାଏ ଖବର ।" ଅନନ୍ତର ସମ୍ବାଦଟି ପଢ଼ି ବନ୍ଧୁଙ୍କୁ ଶୁଣାଇଲେ । ପଢ଼ିସାରି କହିଲେ, ସମ୍ପାଦକ ଲେଖି-ଛନ୍ତି,—"ହୃଦୟ ନ ଥିଲେ ଏଭଳି ଦାନର ସୁଯୋଗ କି କାହାର ପ୍ରାଣ ଠେଲି ପାରିବ ?" ଏହା ବଡ଼ କଠୋର, କର୍କଶ ଓ ସତ୍ୟ । ଏହି କଥାଟିରେ ସମସ୍ତ ଜାତିର ନିନ୍ଦା ଏବଂ ଦେଶର କଳଙ୍କ ମୁଦ୍ରିତ ହୋଇ ଦେଉଛି । ଉଃ, ଏତେ ବଡ଼ ଦେଶର ହୃଦୟ ନାହିଁ, ଏ କଥାର କଣ୍ଟାକି ସହ୍ୟ ହେବାର ନୁହେଁ । ଆମ ରାଜ୍ୟରେ ଦୁର୍ଭିକ୍ଷ ନ ଥିଲେ ଓଡ଼ିଆର ହୃଦୟ ଅଛି କି ନାହିଁ, ତାହା ଦେଖାଇବାର ସୁବିଧା ନୁଅନ୍ତା ; ତଥାପି କଅଣ ଆମ୍ଭେମାନେ କିଛି କରିପାରିବା ନାହିଁ ? ଯାହାର ଦାନ ଆଦର୍ଶ, ତ୍ୟାଗ ଅତୁଳ, ଶୌର୍ଯ୍ୟ ଅମାପ, ସେ ଜାତିର ହୃଦୟ ନାହିଁ—ଏ ଅପଖ୍ୟାତି ଶୁଣିବାଲାଗି କଅଣ ବିଧାତା ଆମ୍ଭମାନଙ୍କୁ କାନ ଦେଇଥିଲା ?"

ପଶ୍ଚିମଖଣ୍ଡ ରାଜା—ଆମେ କଅଣ କରିପାରିବା ଭାଇ ? ଆମକୁ ଆଗେ ନିଜର ପ୍ରଜାରକ୍ଷା କରିବାକୁ ହେବ । ସେଥିଉତ୍ତାରୁ ଯାହା ବଳିବ ତାହା ଦେଶବ୍ୟାପୀ ଦୁର୍ଭିକ୍ଷ ତୁଳନାରେ ସମୁଦ୍ରକୁ ଶଙ୍ଖେ ପାଣି, ସେଥିରେ କଅଣ ହେବ ?

ପୂର୍ବଖଣ୍ଡ ରାଜା—ହେଲେ ବା ଶଙ୍ଖେପାଣି, ପ୍ରଭୁଙ୍କ ମୃଷାର ଦେହର ଝଡ଼ା ଧୂଳିକଣାରେ କଅଣ ସେତୁ-ବନ୍ଧର କିଛି ଉପକାର ହୋଇ ନାହିଁ ? ଆଉ କିଛି ନ ହେଉ ପଛେ, ବନ୍ଧର ଫାଙ୍କ ମରିଗଲା, ସେଥିରେ ବନ୍ଧ ଦୃଢ଼ତର ହେଲା, ଏତିକି ତ ଅଳ୍ପ ମଙ୍ଗଳର କଥା ନୁହେଁ । ରାଜକୋଷରୁ ଅଧିକ ଅର୍ଥ ସାହାଯ୍ୟ କରିହେବ ନାହିଁ ସତ, ସେଥିଲାଗି ଅନ୍ୟ ଉପାୟ ଖୋଜିବାକୁ ହେବ । ମୁଁ ଭାବୁଛି—ଆମ ଲକ୍ଷ୍ମୀଭଣ୍ଡାରର ଟଙ୍କାଗୁଡ଼ିକ ଦୁର୍ଭିକ୍ଷ ପାଣ୍ଠିକୁ ଦେବି । ଆମ ନଅରରେ ପ୍ରତିବର୍ଷ ଧାନସେର ପୂଜାରେ ପାଞ୍ଚଶରୁ ଅଧିକ ଟଙ୍କା ଭେଟି ଦିଆଯାଏ । କେଉଁ ପୁରୁଷରୁ ସେ ଟଙ୍କାସବୁ ଲକ୍ଷ୍ମୀଭଣ୍ଡାର ନାମ ଧରି ଜମାଅଛି । ଆମର ପୂର୍ବପୁରୁଷ ଜଣେ ରାଜା ଏତେଗୁଡ଼ାଏ ଟଙ୍କା ବନ୍ଧ୍ୟାହୋଇ ପଡ଼ି ରହିଥିବାର ଦେଖି ତାକୁ କିଛି ବ୍ୟବସାୟରେ ଖଟାଇବାକୁ ଇଚ୍ଛା କଲେ । ଦରବାର ବେଳେ ପ୍ରଜାମାନେ ଖୁବ୍ ଅଳ୍ପ ସୁଧରେ ସେହି ଟଙ୍କା ଋଣ

ନଥନ୍ତି । ଏହି ଉପାୟରେ ଟଙ୍କାଗୁଡ଼ିକର ବନ୍ଧ୍ୟାତ୍ୱ ଦୂର ହେଲା, ସେ ଗୁଡ଼ିକ ଯଥାରୀତି ଗର୍ଭଧାରଣ କରି ପ୍ରସବରେ ନିଯୁକ୍ତ ହେଲେ । ସେମାନଙ୍କର ବଂଶ ବୃଦ୍ଧି ହୋଇ ବର୍ତ୍ତମାନ ଦଶଲକ୍ଷ ହୋଇଅଛି । ନିୟୁମ ଅଛି, ତାହାତ ଆମର କୌଣସି କାର୍ଯ୍ୟରେ ଲାଗିବ ନାହିଁ । ତେଣୁ ମୁଁ ଭାବୁଛି—ସେହି ମୁଦ୍ରାଗୋଷ୍ଠୀକୁ ସୈନ୍ୟଦଳ ରୂପେ ଦୁର୍ଭିକ୍ଷ-ସମରକୁ ପଠାଇ ଦେବି । ଏ ପ୍ରସ୍ତାବ ତୁମ ମନକୁ କିପରି ଲାଗୁଛି ?

ପଶ୍ଚିମଖଣ୍ଡ ରାଜା—ଏ ଖୁବ୍ ସାଧୁ ପ୍ରସ୍ତାବ ଭାଇ, ଖୁବ୍ ପୁଣ୍ୟ ପ୍ରସ୍ତାବ । ତାହାହେଲେ ତୁମ ମୁଦ୍ରାଗୋଷ୍ଠୀର ସଦ୍‌ଗତି ହେବ—ସେ ଟଙ୍କାଜନ୍ମରୁ ତରିଯିବ ।

ପୂର୍ବଖଣ୍ଡ ରାଜା—ନା ଭାଇ, ତରିପାରିବ ନାହିଁ । ମଲେ ସିନା ସମ୍ମୁଖ ସମରରେ ପ୍ରାଣତ୍ୟାଗଜନିତ ଅଖଣ୍ଡ ଧର୍ମବଳରେ ବୀରବାଞ୍ଛିତ ବୀର ସ୍ୱର୍ଗକୁ ଉଠିଯାଇ ତରି ଯାଆନ୍ତା; ମାତ୍ର ସେ ଯେ ଚିର ଅମର, ଆଉ ହନୁମାନ ପରି ମୃତ୍ୟୁଞ୍ଜୟ । ସର୍ବଦା ଡେଇଁ ଡେଇଁ ବୁଲିବା ତାହାର ଧର୍ମ ।

ପଶ୍ଚିମଖଣ୍ଡ ରାଜା—ସେ ଯାହାହେଉ ଭଗବାନ ତୁମ୍ଭଙ୍କୁ ଗୋଟାଏ ସୁପଥ ଦେଖାଇଦେଲେ । ମୁଁ ସେହିପରି ଗୋଟାଏ କିଛି ବାଟ ପାଇଲେ ତୁମ୍ଭରି ପଛେ ପଛେ ଚାଲନ୍ତି । ବାସ୍ତବରେ ବୁଭୁକ୍ଷୁ ତୁଣ୍ଡରେ ମୁଠାଏ ଅନ୍ନ ଦେଇ ନ ପାରିଲେ ଆମ୍ଭର ଏ ରାଜୋପାଧି ଘେନି ଫଳ କଅଣ ? ବିଧବାର ଅଳଙ୍କାର ଧାରଣପରି ତାହା ଶରୀରର ଭାର ସିନା । ହାତୀଟା ଦେଖିବାକୁ ଖୁବ ପ୍ରକାଣ୍ଡ; ମାତ୍ର ତାହାର ପାହୁଲ ଚୁପାରେ ପିମ୍ପୁଡ଼ି ମରେ ନାହିଁ । କ୍ଷୁଧାତୁରର ଆର୍ତ୍ତନାଦରେ ଗଗନ ପବନ ଅନୁରଣିତ ହେଉଅଛି । ଆଉ ଆମ୍ଭେମାନେ ରାଜ୍ୟଧର ରାଜା ହୋଇ ପଶାଖେଳମଉଜରେ ମାତି-ଅଛୁ, ଛି ଛି, କି ହୃଦୟହୀନ ଆମ୍ଭେମାନେ ।

ପଶ୍ଚିମଖଣ୍ଡ ରାଜା ଏହା କହି ପଶାପାଲି ଧରି ଚିରି ପକାଇଲେ ଏବଂ ସାର, କାଠି ସବୁ ଫୋପାଡ଼ି ଦେଇ ନୀରବରେ କିଛିକ୍ଷଣ ବସି କଅଣ ଭାବିଲେ । ଅନନ୍ତର ଉତ୍ସାହବ୍ୟଞ୍ଜକ ସ୍ୱରରେ କହିଲେ—"ହିଁ ମୁଁ ବି ଗୋଟାଏ ଉପାୟ ପାଇଛି । ଆମ ଗନ୍ତାଘରେ ପୂର୍ବବର୍ତ୍ତୀ ରାଜା-ମାନଙ୍କର ବ୍ୟବହାର୍ଯ୍ୟ ବହୁମୂଲ୍ୟ ପଦାର୍ଥ ଅନେକ ସାଇତାହୋଇ ରହିଛି । ମୃତବ୍ୟକ୍ତିର ପଦାର୍ଥ ଅବ୍ୟବହାର୍ଯ୍ୟ ବୋଲି ତାହା ସବୁ ଛୁଆଁ ପଡ଼ିରହିଛି । ହାଣ୍ଡାଦାନ୍ତର ଗୋଟିଏ ପାଲିଙ୍କି ଅଛି । ଜଣେ ରାଜା ଯୁଦ୍ଧରେ ଆହତ ହୋଇ ସେହି ପାଲିଙ୍କିରେ ବସି ଆସୁଁ ଆସୁଁ ବାଟରେ ପ୍ରାଣତ୍ୟାଗ କଲେ । ସେହି ହେତୁ ତାହା ଅବ୍ୟବହାର୍ଯ୍ୟ ହୋଇ ପଡ଼ିଅଛି । ସେଥିରେ ଯେତେ ସୁନା ରୁପା ମଣି ମୁକ୍ତା ଲାଗିଛି, କେବଳ ତାହାର ମୂଲ୍ୟ କୋଡ଼ିଏ ହଜାରରୁ ଅଧିକ ହେବ । ପାଟ, ପୀତାମ୍ବର, ରତ୍ନଜଡ଼ିତ ରାଜପରିଚ୍ଛଦ, ରାଜମୁକୁଟ, ରତ୍ନାଳଙ୍କାର, ସୁନା ରୁପାର ବାସନ ପ୍ରଭୃତି ଯେତେ ଅଛି, ଅଧୁନିକ ପାଞ୍ଚଟା ରାଜଭଣ୍ଡାରରେ ତେତେ ନ ଥିବ । ସେଥି ମଧ୍ୟରୁ ଉଇ, ମୂଷାଙ୍କ ଉପଦ୍ରବରେ କେତେ ନଷ୍ଟ ହୋଇ ଗଲଣି, ଆମର ବିଶ୍ୱାସୀ ଭୃତ୍ୟମାନେ ଦୟା କରି କେତେ ଛଡ଼େଇ ଘଡ଼େଇ ନେଇଗଲେଣି; ତଥାପି ଯାହାଅଛି, ସେଥିର ମୂଲ୍ୟ ପନ୍ଦରଲକ୍ଷରୁ ଊଣା ହେବ-ନାହିଁ । ସେ ସମସ୍ତ ବିକ୍ରୟ କଲେ ମୋର ଗନ୍ତାଘରଟି ଖୋଲସା ହୋଇଯାଆନ୍ତା ଏବଂ ସେହି ପଦାର୍ଥଗୁଡ଼ିକ ବି ବନ୍ଦଦଶାରୁ ମୁକ୍ତ ହୋଇଯାଆନ୍ତେ । ବିକ୍ରୟ ଲବ୍ଧ ଅର୍ଥ ଦୁର୍ଭିକ୍ଷ ପାଣ୍ଠିରେ ଦେଲେ ତୁମ୍ଭ ଲକ୍ଷ୍ମୀଭଣ୍ଡାର ଟଙ୍କାପରି ତାହାର ମଧ୍ୟ ସଦ୍‌ଗତି ହୁଅନ୍ତା ।

ପୂର୍ବଖଣ୍ଡ ରାଜା—ତଥାସ୍ତୁ, "ଶୁଭସ୍ୟ ଶୀଘ୍ରମ୍"—ଆଉ ବିଳମ୍ବ କରିବା ଉଚିତ ନୁହେ । ଦୁର୍ଭିକ୍ଷ ପାଣ୍ଠିରେ ଟଙ୍କା ଦେବା କିନ୍ତୁ ନାମ ପ୍ରକାଶ କରିବା ନାହିଁ । ସେଥିରେ ଦାନର ଗୌରବ ଲଘୁ ହୁଏ ।

ପଶ୍ଚିମଖଣ୍ଡ ରାଜା—ଠିକ୍ କଥା, ତୁମ୍ଭ ପ୍ରସ୍ତାବରେ ମୁଁ ସମ୍ମତ । ଦରିଦ୍ରକୁ ମୁଠାଏ ଖାଇବାକୁ ଦେଇ ମୁଁ ଦେଲି ବୋଲି ଚିହ୍ନାଇ ହେବାକୁ ମୁଁ ମଧ୍ୟ ଇତର ପ୍ରକୃତି ମନେକରେ ।

କିଛି ଦିନ ପରେ ସର୍କାରୀ ଗେଜେଟ୍‌ରେ ଘୋଷିତ ହେଲା,—ଦୁଇଜଣ ଅଜ୍ଞାତ ରାଜା ଦୁର୍ଭିକ୍ଷପାଣ୍ଠିରେ ପଚିଶ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହି ଘୋଷଣା ଦେଶ ମଧ୍ୟରେ ଗୋଟାଏ ଆନନ୍ଦର ଚହଳ ଖେଳାଇ

ହେଲା । ସ୍ୱତଃ ଦାତାଦ୍ୱୟଙ୍କ ନାମରେ ଧନ୍ୟ ଧନ୍ୟ ଶବ୍ଦ ଉଠିଲା । ସ୍ୱର୍ଗରୁ ସେମାନଙ୍କ ମସ୍ତକରେ ଆଶୀର୍ବାଦ ବର୍ଷିତ ହେଲା । ଏହି ବିରାଟ ଦାନର ଦୃଷ୍ଟାନ୍ତ ଦେଖାଇ ପତ୍ର ସମ୍ପାଦକମାନେ ଅନ୍ୟାନ୍ୟ ବିତ୍ତଶାଳୀ-ମାନଙ୍କୁ ଦାନକ୍ଷେତ୍ରକୁ ଆହ୍ୱାନ କଲେ । ଉତ୍କଳର ସ୍ୱଜସମାଜରୁ ଲକ୍ଷ ଲକ୍ଷ ଟଙ୍କା ଆସିଲା । ସାଧାରଣ ଅବସ୍ଥାପନ୍ନ ଲୋକେ ମଧ୍ୟ ଯଥାସାଧ୍ୟ ଦାନ କଲେ । ଅଳ୍ପ ସମୟ ମଧ୍ୟରେ ଦୁର୍ଭିକ୍ଷପାଣ୍ଠିରେ ଅର୍ଦ୍ଧକୋଟି ଟଙ୍କା ସଞ୍ଚିତ ହେଲା । ଏହି ଟଙ୍କା କିପରିଭାବରେ ଖର୍ଚ୍ଚକଲେ ଦୁର୍ଭିକ୍ଷଗ୍ରସ୍ତ ଲୋକଙ୍କର ପ୍ରକୃତ ଉପକାର ହେବ, ତାହା ସ୍ଥିର କରିବା ସକାଶେ ଗୋଟିଏ କମିଟି ଗଠିତ ହେଲା । ସେଥିରେ ସର୍କାରୀ ଏବଂ ଦେଶୀୟ ଉଭୟ ସଭ୍ୟ ରହିଲେ । ସେମାନେ ସର୍ବତ୍ର ବୁଲି ଆବଶ୍ୟକ ଦୃଷ୍ଟିରେ ବ୍ୟବସ୍ଥା କଲେ । କେତେଟା କେନାଲ ଏବଂ ପୁଷ୍କରିଣୀ ଖୋଳା ଆରମ୍ଭ ହେଲା । କେତେ ଜଳାଶୟର ପଙ୍କୋଦ୍ଧାର ହେଲା । କେତେ ସେତୁ, କେତେ ପୋଲ ନିର୍ମିତ ହେଲା । କେତେ ଭଗ୍ନ ଦେଉଳର ସଂସ୍କାର ହୋଇ ପ୍ରାଚୀନ କୀର୍ତ୍ତି ସଂରକ୍ଷଣ କରାଗଲା, ଅଧିକନ୍ତୁ ସ୍ଥଳବିଶେଷରେ କେତେ ଅନ୍ନଛତ୍ର ଖୋଲା ଗଲା । ଲୋକେ କାର୍ଯ୍ୟ ପାଇ ପଣେ ଉପାର୍ଜ୍ଜନ କଲେ । ଦୁଃଖବେଳେ ଦୁଃଖପଛରେ ଦୁଃଖ ଆସିଲାପରି ସୁଖବେଳେ ସୁଖପଛରେ ସୁଖ ଆସେ; ଏହା ପ୍ରାକୃତିକ ନିୟମ । ସେହି ସମୟରେ ଦୁଇଜଣ ରେଙ୍ଗୁନ୍‌ବାସୀ ମୁଗମହାଜନ ତିରିଶ ଜାହାଜ ଚାଉଳ ବିକ୍ରୀ କରିବାକୁ ଆଣିଲେ । ବଜାରରେ ପ୍ରତିଯୋଗିତା ଲାଗିଲା । ସେହି ପ୍ରତିଯୋଗିତା ଚକ୍ରାବର୍ତ୍ତରେ ପରିଣତ ହେଲା । ତେତେବେଳେ ଚାଉଳ ଟଙ୍କାକୁ ପାଞ୍ଚସେର ହୋଇଥିଲା । ଜଣେ ମହାଜନ ସାତସେର ଦରରେ ବିକିବା ପାଇଁ ଢେଣ୍ଡୁରା ଦେଲା । ଅନ୍ୟ ଜଣକ ଦଶସେର ଦେବାକୁ କହିଲା । ଏହିରୂପେ ଚାଉଳ କୋଡ଼ିଏ ସେର ଯାଏଁ ଉଠିଲା । ଦୁଇଜଣଙ୍କର କଳି ହେଲେ ତୃତୀୟର ଲାଭ ହୁଏ । ଲୋକେ କାମକରି ପଇସା ପାଇଲେ ଏବଂ ଶସ୍ତାରେ ଚାଉଳ କିଣିଲେ । ଦୁର୍ଭିକ୍ଷର ପ୍ରକୋପ କମେ କମେ ଊଣା ହୋଇ ଆସିଲା । ସୁଯୋଗ ଉପରେ ଅପୂର୍ବ ସୁଯୋଗ ଆସିଲା । ପରବର୍ତ୍ତୀ ବର୍ଷ ଦେବତା ସୁବୃଷ୍ଟି—ସୁପାଳକ କଲେ । ଧାନବିଲରେ ସୁନାଶିଆଳ ଖେଳିଲା । ତିନି ବର୍ଷର ଧାନ ଏକା ସେହି ବର୍ଷ ଫଳିଲା । ପୌଷ ମାଘ ବେଳକୁ ସମସ୍ତ ଅନ୍ନଛତ୍ର ବନ୍ଦ ହୋଇଗଲା—ଆଉ ଛତ୍ରର ପ୍ରୟୋଜନ ହେଲା ନାହିଁ । ଦେଶରେ ଶାନ୍ତି, ସୁଭିକ୍ଷ ବିରାଜମାନ କଲା । ଲୋକଙ୍କର ଅଶ୍ରୁ-ମଳିନ-ମୁଖରେ ଆନନ୍ଦର ଉଜ୍ଜ୍ୱଳ ହାସ୍ୟ ଫୁଟି ଉଠିଲା । ଦରିଦ୍ର କାଙ୍ଗାଳଙ୍କ କଣ୍ଠରୁ ଦେହି ଦେହି ରବ ପରି-ବର୍ତ୍ତିରେ ତୃପ୍ତିର ସଙ୍ଗୀତ ଉତ୍ଥିତ ହେଲା । ଗୋଟାଏ ଯୁଗ ପରିବର୍ତ୍ତନ ଘଟିଗଲା । କଥାରେ କହନ୍ତି,—"ପୁଷମାସରେ କୁଆ ବସାରେ ଖୁଦ ମିଳେ ।" ଦୁର୍ଭିକ୍ଷ ପାହିସିବାରୁ କାଙ୍ଗାଳମାନେ ଆଉ ଛତ୍ରକୁ ନ ଆସି ଗତର ଖଟାଇ ଉପାର୍ଜ୍ଜନ କଲେ । ଯାଚକ ଅଭାବରୁ ଅନ୍ୟାନ୍ୟ ଛତ୍ର ସଙ୍ଗେ ଲାବଣ୍ୟର ଛତ୍ରଟି ବନ୍ଦ ହୋଇଗଲା ।



# ଦଶମ ପରିଚ୍ଛେଦ

ଅର୍ଥଦ୍ୱାରା ଧର୍ମ କିଣିହୁଏ ନାହିଁ ସତ୍ୟ; ମାତ୍ର ସାନ ବଡ ପ୍ରତ୍ୟେକ ଧର୍ମାନୁଷ୍ଠାନ ଅର୍ଥ ସାପେକ୍ଷ, ଏହା ଅସତ୍ୟ ନୁହେଁ । ହାତରେ ପଇସା ହେଲେ ଧର୍ମପ୍ରାଣ ହିନ୍ଦୁର ମନ ଧର୍ମ କର୍ମ ଆଡ଼କୁ ଆକୃଷ୍ଟ ହୁଏ । ଧର୍ମାର୍ଜ୍ଜନ ତାହାର ଅର୍ଥସଞ୍ଚୟର ମୁଖ୍ୟ ଉଦ୍ଦେଶ୍ୟ । ସେ ବର୍ଷ ଆଶାତୀତ ବୃଷ୍ଟି ହେବାରୁ ଲୋକେ ପଣେ, ଗଣ୍ଡେ ସଞ୍ଚୟ କରିପାରିଥିଲେ । ଦୈବେ ସେ ବର୍ଷ ବୈତରଣୀ ଏବଂ ମହୋଦଧିରେ ସ୍ନାନଯୋଗ ପଡ଼ିଲା । ସାଧାରଣ ଯୋଗ ନୁହେ—ମହା ମହା ଯୋଗ । ଧର୍ମସର୍ବସ୍ୱ ହିନ୍ଦୁର ପ୍ରାଣ, ଧର୍ମସାଧନ ସକାଶେ ପୁଲକରେ ନାଚି ଉଠିଲା । ସ୍ତ୍ରୀ ପୁରୁଷ ଦଳି ଦଳ ହୋଇ ଚୂଡ଼ା ଗୁଡ଼ଲ ବାନ୍ଧି କେହି ଯାଜପୁର କେହି ବା ପୁରୀ ଯାତ୍ରା କଲେ । ଯେଉଁ ସ୍ତ୍ରୀଲୋକମାନେ ପିଲାପିଲିଙ୍କ ଯାଁ ବାଳ; କିମ୍ବା ପୁଅ ବୋହୂଙ୍କ ବିବାହ ଲୋକମୁକୁଟ ବହୁଦିନରୁ ବହୁ ଯତ୍ନରେ ସାଇତି ରଖିଥିଲେ, ସେମାନେ ସଙ୍ଗରେ ତାହା ନେବାକୁ ଭୁଲିଲେ ନାହିଁ । ସେମାନଙ୍କର ବିଶ୍ୱାସ, ସମୁଦ୍ରକୁ ସେଗୁଡ଼ିକ ଉପହାର ଦେଲେ ପିଲାପିଲିଙ୍କର ଆଉ ପୁଅ ବୋହୂଙ୍କର ମଙ୍ଗଳ ହେବ । ଜରାପଳିତ କେଶ ବୃଦ୍ଧଗଣ ପୂର୍ବ ସୁରକ୍ଷିତ ପତିତ ଦନ୍ତଗୁଡ଼ିକ ଅଗେ କାନରେ ବାନ୍ଧି ପଛେ ଘରୁ ବାହାରିଲେ । ସେଗୁଡ଼ିକ ସମୁଦ୍ରଗର୍ଭରେ ନିକ୍ଷିପ୍ତ ହେଲେ ଦନ୍ତର ଅଧିକାରୀ ସଦ୍‌ଗତି ଲାଭ କରିବ । ମୃତ୍ୟୁ ପରେ ଗଙ୍ଗାସ୍ଥି ହୁଏ; ମାତ୍ର ସେମାନେ ଜୀଇ ଥାଉଁ ଥାଉଁ ନିଜ ହସ୍ତରେ ନିଜର ଗଙ୍ଗାସ୍ଥି କରି ସିବାକୁ ଆଗ୍ରହିତ । ଏହା ସେମାନଙ୍କର ଅନ୍ଧଭକ୍ତିର ପଣର ଚୂଡ଼ାନ୍ତ ପରିଚାୟକ । ଏକ ଯାତ୍ରାରେ ତୀର୍ଥ ସ୍ନାନ ଏବଂ ଗଙ୍ଗାସ୍ଥି ଉଭୟ ପୁଣ୍ୟ ଲାଭକରିବା ଅଳ୍ପ ବୁଦ୍ଧିମାନର କାର୍ଯ୍ୟ ନୁହେଁ । ତୀର୍ଥରେ ଦାନ୍ତ ପକାଇଲେ ଯେବେ ମୁକ୍ତି ମିଳେ ଏବଂ ଦନ୍ତ ସ୍ୱାମୀ ଚତୁର୍ଭୁଜ ହୋଇ ସ୍ୱର୍ଗକୁ ଉଠିଯାଏ, ତେବେ ମୁକ୍ତିର ଏତେ ସହଜ ଉପାୟ ଥାଉ ଥାଉ ପଣ୍ଡିତମାନେ ଶାସ୍ତ୍ର ଘାଣ୍ଟି ବୃଥା ହରବର ହୁଅନ୍ତି କାହିଁକି ? ଏରୂପ ସୁନ୍ଦର ମୁକ୍ତିତତ୍ତ୍ୱ ଯେ ଆବିଷ୍କାର କରିପାରେ, ସେହି ଏକା ପଣ୍ଡିତ ଏବଂ ମୁକ୍ତି ରାଜ୍ୟର ସାର୍ ଆଇଜାକ୍ ନିଉଟନ ।

ତୀର୍ଥସ୍ନାନ କାମନାରେ ପ୍ରତିଗ୍ରାମରୁ ଲୋକେ ବାହାରିଲେ । କେହି ବୈତରଣୀ ସ୍ନାନ ସକାଶେ, କେହି ବା ମହୋଦଧି ସ୍ନାନସକାଶେ ଗଲେ । ପଥରେ ଅନବରତ ଜନସ୍ରୋତ ପ୍ରବାହିତ ହେଲା । ଗୁଆମାଳରୁ ଅନେକ ଲୋକ ପୁରୀ ଗଲେ । ଲାବଣ୍ୟ ସେମାନଙ୍କ ସଙ୍ଗରେ ଗଲା, ତାହାର ମାଉସୀ ପୀଡ଼ିତ ଥିବାରୁ ଯାଇପାରିଲା ନାହିଁ । ତାହାର ସେବା ଶୁଶ୍ରୂଷା କରିବା ସକାଶେ ଲାବଣ୍ୟ ଜଣେ ପରିଚାରିକା ନିଯୁକ୍ତ କରିଦେଇ ଗଲା । ସେ ଥର ପୁରୀରେ ଅନେକ ଯାତ୍ରୀ ରୁଣ୍ଡହେଲେ । ରହିବାକୁ ବସାଘର ମିଳିଲା ନାହିଁ । ଲୋକେ ଗଛମୂଳରେ, ବଡ଼ ଦାଣ୍ଡର ଶରଧାବାଲିରେ—ବାଟରେ ଘାଟରେ ପଡ଼ି ରହିଲେ । କଷ୍ଟଭୋଗକରି ମଧ୍ୟ କାହାରି ମନରେ ଦୁଃଖ ନାହିଁ, କି ଅବସାଦ ନାହିଁ । ସମସ୍ତଙ୍କ ମୁଖ ଆନନ୍ଦ ପ୍ରଫୁଲ୍ଲ । ଧର୍ମପ୍ରାଣ ହିନ୍ଦୁ ଧର୍ମ ସକାଶେ କଷ୍ଟ ସହିବାକୁ ପଶ୍ଚାତ୍‌ପଦ ନୁହେଁ—ବରଂ କଷ୍ଟକୁ ମଧୁର ସୁଖ ମଣେ । ଲାବଣ୍ୟ ସହଯାତ୍ରୀମାନଙ୍କ ସଙ୍ଗରେ ଗୋଟାଏ ଝଙ୍କାଳିଆ ଲଙ୍କାଆମ୍ବ ଗଛମୂଳରେ ଆଶ୍ରୟ ନେଲା । ରାତି ପାହିଲେ ସ୍ନାନଯୋଗ ଉପସ୍ଥିତ ହେବ । ସମସ୍ତେ ଅସୀମ ଉତ୍କଣ୍ଠାରେ ସେହି ପୁଣ୍ୟ ଯୋଗର ଶୁଭାଗମନ ପ୍ରତୀକ୍ଷାରେ ରହିଲେ ।

ରାତି ପାହିଆସିଲା, ବଡ଼ଦେଉଳର ଆରାତ୍ରିକ ବାଦ୍ୟଧ୍ୱନିରେ ଶ୍ରୀକ୍ଷେତ୍ର କମ୍ପି ଉଠିଲା । ମହାଯୋଗୀ ମହୋଦଧିର ଗମ୍ଭୀର ପ୍ରଣବଧ୍ୱନି ସେ ଧ୍ୱନିକୁ ପୁଥୁଳ-କଲା । ସିନ୍ଧୁବାୟୁ ପବିତ୍ର ଆରାତ୍ରିକ ଗନ୍ଧ ଆଣି ସର୍ବତ୍ର ବିତରଣ କଲା । ଭକ୍ତକଣ୍ଠର ପ୍ରାର୍ଥନାସଙ୍ଗୀତ କର୍ଣ୍ଣରେ ମଧୁ ବର୍ଷଣ କରିବାକୁ ଲାଗିଲା । କେହି ଗୀତଗୋବିନ୍ଦର କାନ୍ତମଧୁର-ଲଳିତ ପଦାବଳୀ-ଆବୃତ୍ତି କଲା ।

ଆବୃତ୍ତିର ଭଙ୍ଗୀ କି ସୁନ୍ଦର । ତାଳ, ମାନ ଧରି ସ୍ୱର ଚଡ଼ାଇ ଖସାଇ ଗାଇବା ବେଳେ ସଙ୍ଗୀତ ଭିତରୁ ଗୋଟାଏ ଶକ୍ତି ବାହାରିଆସି ଶ୍ରୋତାକୁ ଆଚ୍ଛନ୍ନ କରି-ପକାଏ । ସଙ୍ଗୀତର କି ମୋହମାଦକତା, ଶୁଣିଲା କ୍ଷଣି ବିକ୍ଷିପ୍ତ ମନ କେନ୍ଦ୍ରସ୍ଥ ହୋଇରହେ, ପଥିକର ଗୋଡ଼ ଉଠେ ନାହିଁ । ସେହି ସମୟରେ ଯେଉଁ ରସ ପ୍ରବାହିତ ହୁଏ ତାହାହିଁ ଅମୃତ । ବାସ୍ତବରେ ସେ ସମୟରେ ସ୍ୱର୍ଗରେ ଥିବାପରି ବୋଧହୁଏ । ପୁରୁଷୋତ୍ତମ କ୍ଷେତ୍ରରେ ପ୍ରକୃତରେ ଜୀବନ୍ତ ଧର୍ମଭାବ ଖେଳିବୁଲେ । ସତେ ଯେପରି ବାଏ ଶୂନ୍ୟରେ ମୁକ୍ତିମନ୍ତ୍ର ପ୍ରଚାର କରି ବୁଲୁଅଛି । ପୁରୀର ପ୍ରଭାତସୁଖ ଉପଭୋଗ୍ୟ, ବର୍ଣ୍ଣନାରେ ତାହା ଶେଷକରି ହେବ ନାହିଁ । ସେହି ସମୟରେ ଦେବତାମାନେ ସ୍ୱର୍ଗରୁ ଓହ୍ଲାଇ ଆସନ୍ତି । ଦୀନକୃଷ୍ଣ ଦାସଙ୍କର ଭକ୍ତିମୂଳକ ଅଭିମାନପୂର୍ଣ୍ଣ ପ୍ରାଣର ଜଣାଣ ଶୁଣିଲେ ନେତ୍ରରେ ଲୋତକ ରହିବନାହିଁ । ପ୍ରଭାତ କାଳରେ ରାଧାକୃଷ୍ଣମଠର ହରିସଂକୀର୍ତ୍ତନ ଯେ ଶୁଣିଛି, ସଂକୀର୍ତ୍ତନର ମହିମା ସେ ପ୍ରାଣ ମଧ୍ୟରେ ଉପଲବ୍ଧି କରିଥିବ । ଭକ୍ତମାନଙ୍କର ତ ପ୍ରେମର ସୀମା ନାହିଁ, ସେମାନେ ଭକ୍ତିରେ ବିହ୍ୱଳ । ସେମାନେ ପ୍ରେମ-ସରୋବରରେ ତ୍ୟାଗର ପଦ୍ମଫୁଲ ଫୁଟାଇ ଅଛନ୍ତି, ସେମାନଙ୍କର କିଛିନାହିଁ—କେବଳ ହରିନାମ ସମ୍ବଳ । କେହି ଗାଉଛି—"ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁ ମେ" । କେହି ଗାଉଛି "ଜଗବନ୍ଧୁ ହେ ଗୋସାଇଁ ମୋହରିବା ଯାଏଁ ନନ୍ଦି-ଘୋଷେ ଥିବରହି।" ଭୋଜପୁରୀ ଭକ୍ତମାନେ ସମସ୍ୱରରେ ଗାଉଛନ୍ତି—"ଜଗନ୍ନାଥିଆ ଓ ଭାଏ, ଦାନ ଦେ ସୁରତ ମନ ରଖିଓ ।" ରାମକୃଷ୍ଣ ଭକ୍ତମାନେ ଗାଉଛନ୍ତି—"ଦେ ମା ଆମାୟ ତବିଲଦାରି, ଆମି ନିମକହାରାମ ନଇ ଶଙ୍କରୀ ।" କେହି ସହସ୍ରନାମ ଆବୃତ୍ତି କରୁଅଛି, କେହି ତୁଳସୀଦାସ, କବୀର ପ୍ରଭୃତିଙ୍କ ଦୋହା ଗାଉଅଛି । ଚତୁଷ୍ପାଠୀସ୍ଥ ବ୍ରାହ୍ମଣବାଳକମାନେ ଲଳିତ କୋମଳ ସ୍ୱରରେ ଶାସ୍ତ୍ରପାଠ କରୁଅଛନ୍ତି । ଶିଶୁମୁଖର ବେଦ ଆବୃତ୍ତି କି ମଧୁର; ସତେ ଯେପରି ଅମୃତ ଉପରେ ଅମୃତ ବର୍ଷିଯାଉଅଛି । ମଠମାନଙ୍କରୁ ମୃଦଙ୍ଗ କରତାଳ ଧ୍ୱନି ପୃଥୁଳଭାବରେ ଉଠି ମନକୁ କ୍ଷୁଦ୍ରଭାବ ଭଙ୍ଗ ଦେଉଅଛି, ମନ କି ଏକ ଉଲ୍ଲାସଭରର ମହାଭାବରେ ପୂର୍ଣ୍ଣ ହୋଇଉଠୁଅଛି । ସଂସାରର ଦୁଃଖ, ଦୈନ୍ୟ ପ୍ରଭୃତି ମନକୁ ସ୍ପର୍ଶକରି ପାରୁନାହିଁ । ଭାଦ୍ରମାସର ଗଙ୍ଗା ପ୍ରାୟ ମନ ପ୍ରସନ୍ନ ଏବଂ ନିର୍ମଳ । ମୂଳତଃ ଶ୍ରୀକ୍ଷେତ୍ରର ପ୍ରଭାତ ଦୃଶ୍ୟ, ପ୍ରଭାତ ଉତ୍ସବ ଦେଖିଲେ ଆତ୍ମବିସ୍ମୃତ ହେବାକୁ ହୁଏ, ହୃଦୟରୁ ପାପତାପ କ୍ଷଣକ ପାଇଁ କୁଆଡେ ଉଡିଯାଏ, ଅନାବିଲ ଶାନ୍ତିଧାରାରେ ସ୍ନାନକରି ମନ ପ୍ରାଣ ଶୀତଳ ହୁଏ ।

ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ରକୂଳ ନର-ସମୁଦ୍ରରେ ପରିଣତ ହୋଇଗଲା । ବେଳାରେ ତିଳଧାରଣର ସ୍ଥାନ ରହିଲା ନାହିଁ । ଶଙ୍ଖ ହୁଳାହୁଳୀ ହରିବୋଲ ଶବ୍ଦ ସମୁଦ୍ର ଗର୍ଜ୍ଜନ ସଙ୍ଗେ ପ୍ରତିଯୋଗିତା କରିବାକୁ ଲାଗିଲା । ନୋଳିଆମାନେ ଟିପାକାଠିରେ ଚଢି ମାଛ ଧରିବାକୁ ବାହାରିଲେ । ସେମାନେ ସମୁଦ୍ରର ପରିବାରଭୁକ୍ତ; ସୁତରାଂ ସମୁଦ୍ର ପ୍ରତି ସେମାନଙ୍କର ଭୟ ବା ଭ୍ରୂକ୍ଷେପ ନାହିଁ । ପ୍ରଥମତଃ ସେମାନେ ଲହରୀ ସଙ୍ଗରେ ଯୁଦ୍ଧରେ ପ୍ରବୃତ୍ତ ହେଲେ । କେତେଥର ଲହରୀ ସେମାନଙ୍କୁ ଆଣି ବେଳାରେ ଫିଙ୍ଗିଦେଇଗଲା; ମାତ୍ର ସେମାନେ ପ୍ରତି ଥର ଉଠି ଲହରୀର ନିକଟବର୍ତ୍ତୀ ହେଲେ । ଶେଷରେ ସେମାନେ ଲହରୀ ଭେଦ କରି ଚାଲିଗଲେ, ଅଧ୍ୟବସାୟ-ର ଜୟ ହେଲା । କ୍ରମେ ସେମାନେ ସମୁଦ୍ରର ପାଣ୍ଡୁ ଜଳାରଣ୍ୟ ମଧ୍ୟରେ ଅଗ୍ରସର ହେଲେ । ଲହରୀ ଉହା-ଡ଼ରେ କେତେବେଳେ ଟିପାକାଠି ଆରୋହୀ ସହିତ ବୁଡିଗଲାପରି ଜଣାଯାଏ, ପୁଣି ପରକ୍ଷଣରେ ଉପରକୁ ଉଠୁଥାଏ । ଏହିପରି କ୍ଷଣେ ଲୁପ୍ତ କ୍ଷଣେ ମୁକ୍ତ ହୋଇ ନୋଳିଆମାନେ ଆଉ ଦେଖାଗଲେ ନାହିଁ । ଦେଖୁଁ ଦେଖୁଁ ସୂର୍ଯ୍ୟ ଉଦିତ ହେଲେ, ସମୁଦ୍ର ନବ୍ୟସଭ୍ୟ ବାବୁ ବେଶରେ ସଜ୍ଜିତ ହେଲା । ସୂର୍ଯ୍ୟପ୍ରତିବିମ୍ବ ତାହା ବକ୍ଷରେ ସୁନାଘଡ଼ି ପରି ଚକ୍ ଚକ୍ ଦିଶିଲା । ଅଥବା ଅତସୀ-ନୀଳିମା ବିଷ୍ଣୁବକ୍ଷରେ କୌସ୍ତୁଭମଣି ଝଟକି ଉଠିଲା । ବାସ୍ତବରେ ସମୁଦ୍ରଗର୍ଭରେ ସୂର୍ଯ୍ୟପ୍ରତିବିମ୍ବ ବଡ଼ ରମ-ଣୀୟ ଦିଶେ । ସତେ ଯେପରି ପରମବ୍ରହ୍ମ ପରମାତ୍ମାଙ୍କ ଜ୍ୟୋତି ଦେହ ଭେଦ କରି ବାହାରକୁ ବାହାରି ଆସୁ-ଅଛି । ଅଥବା ସତ୍ତ୍ୱର ମହାଜ୍ୟୋତିରେ ତାମସ ହୃଦୟ

ଆଲୋକିତ ହୋଇଅଛି । ଲାବଣ୍ୟ ସ୍ନାନୋଦ୍ଦେଶ୍ୟରେ ସ୍ୱର୍ଗଦ୍ୱାର ଅଡ଼କୁ ଯାଇଥିଲା । ବେଳାରେ ଠିଆହୋଇ ସମୁଦ୍ରକୁ ଅନାଇଲା; ମାତ୍ର ବେଶିକ୍ଷଣ ଚାହିଁ ପାରିଲାନାହିଁ, ତାହା ଆଖି ବୁଜିହୋଇ ପଡ଼ିଲା । ବାସ୍ତବରେ ସମୁଦ୍ରର ଦିଗନ୍ତବ୍ୟାପୀ ବିପୁଳ ବିସ୍ତୃତି କି ଅତିକ୍ଷୁଦ୍ର ନରନେତ୍ରର ଆୟତ୍ତୀଭୂତ ହେବ । ଅନନ୍ତ ଆକାଶ କି ମୁଷ୍ଟିଗତରେ ରକ୍ଷିତହେବ, ତାହା ଅସମ୍ଭବ—ଅସମ୍ଭବ । ସମୁଦ୍ରର ଗର୍ଭ ଅନବରତ ଆଲୋଡ଼ିତ ହେବାର ଦେଖି ଏବଂ ଗର୍ଜନ ଶୁଣି ଲାବଣ୍ୟ ମନେ ମନେ କଅଣ ଭାବିଲା କେଜାଣି; ମାତ୍ର ତାହା ଅଜ୍ଞାତରେ ତୁଣ୍ଡରୁ ବାହାରିଆସିଲା- "ରତ୍ନାକର, ତୋ ହୃଦୟ ମୋ ହୃଦୟ ପରି ହାହାମୟ କାହିଁକି ? ତୁ କି ମୋହରି ପରି ଦୁଃଖୀ ? ମୁହୂର୍ତ୍ତିକ ଭୁଲରେ ମୁଁ ସବୁ ହରାଇଛି, ତୋ ଜୀବନରେ କି ସେପରି କିଛି ଗୁରୁତର ଭୁଲ ଭ୍ରାନ୍ତି ଘଟିଛି ? ଜୀବନର ସୁଖକୁ ମୁଁ ସ୍ୱହସ୍ତରେ ସମାଧିସ୍ଥ କରିଛି, ତୁ କି ସେହିପରି ମହାଭୁଲ କରି ଅନୁତାପରେ ଦଗ୍ଧ ହେଉଛୁ ? ଏ ହାହାକାର ଧ୍ୱନି କଅଣ ତୋର ସେହି ଭୁଲର ପ୍ରାୟ-ଶ୍ଚିତ୍ତ ? ନା-ନା, ତାହା କେବେ ନୁହେଁ, ତୁ ଦେବତା, ଦେବତାଙ୍କର ସେଭଳି ଭୁଲ ହୋଇପାରେ ନାହିଁ । ପୁଣି ତୁ ବରିଷ୍ଠ, ମୁଁ କ୍ଷୁଦ୍ର, ତୁ ସିନ୍ଧୁ, ମୁଁ ବିନ୍ଦୁ, ତୁ ହିମାଳୟ, ମୁଁ ଧୂଳିକଣା, ତୋ ସଙ୍ଗରେ କି ମୋର ତୁଳନା ? ଛି, ଏହା ଯେ ହସିବାର କଥା ।" ଅନନ୍ତର ଲାବଣ୍ୟ ଜନତାକୁ ଅନାଇଦେଇ ହଠାତ୍ ନୀରବ ହୋଇଗଲା । ତାହାର ଦେହ ଫୁଲି ଉଠିଲା, ସେ ଦୃଷ୍ଟି ଫେରାଇଆଣିଲା । ପୁଣି ଚାହିଁଲା ପୁଣି ଦୃଷ୍ଟି ନତ କଲା । ତାହାର ମୁଖ କ୍ଷଣକେ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା ଏବଂ କ୍ଷଣକେ ଲଜ୍ଜାରେ ପାଣ୍ଡୁର ବର୍ଣ୍ଣ ଧାରଣ କଲା । ପଦ୍ମଫୁଲ ଉପରେ ଛାୟା ଆଲୋକ ନୃତ୍ୟକଲା ପରି ସେ ମୁଖ ବଡ଼ ସୁନ୍ଦର ଦିଶିଲା । କି ବାଞ୍ଛିତ ସାଫଲ୍ୟର ମୃଦୁ ହାସ୍ୟ ଅଧରରେ ଲୁଚକାଳି ଖେଳିବାକୁ ଲାଗିଲା । ସନ୍ନ୍ୟାସିନୀ ଲାବଣ୍ୟ ଦେହରେ ଗୋଟାଏ ଅପାର୍ଥିବ ସରଳ ସୌନ୍ଦର୍ଯ୍ୟ ଫୁଟିଉଠିଲା । ଜନତା ମଧ୍ୟରେ ଏ କିଏ, ଯାହାକୁ ଦେଖି ଲାବଣ୍ୟର ଏ ଭାବାନ୍ତର ? ଏ ଯେ ଗଜେନ୍ଦ୍ର, ତାହାର ପୂଜାର ଜୀଅନ୍ତା ଠାକୁର; ଆଉ ତାହା ପଛରେ ତାହାର ବୃଦ୍ଧ ପିତାମାତା । ଏ କି ଆକସ୍ମିକ ସମ୍ମିଳନ, କି ଅପ୍ରତ୍ୟାଶିତ ଘଟଣା । ଲାବଣ୍ୟ ମନେ ମନେ କହିଲା— ତେବେ ଏମାନେ ବି ଆସିଛନ୍ତି, ହେଉ ଠାକୁରେ ଯାହା କରନ୍ତି ମଙ୍ଗଳ ପାଇଁ କରନ୍ତି । ଯାହାଙ୍କ ଚରଣ ଦର୍ଶନ ପୁଣ୍ୟରୁ ମୁଁ ଏତେଦିନ ଯାଏ ବଞ୍ଚିତ ଥିଲି, ତାଙ୍କୁ ଦେଖିଲି, ମୋର ତୀର୍ଥଯାତ୍ରା ସଫଳ ହେଲା । ଯୋଗସ୍ନାନ ପରେ ହୃଦୟର ଆରାଧ୍ୟ ଦେବତାଙ୍କୁ ଦର୍ଶନ କରିବି; ଏଥିବଳି ଭାଗ୍ୟର କଥା କଅଣ ଅଛି ? ହେ ନୀଳାଦ୍ରିନାଥ, ଅନାଥା ପ୍ରତି ଏ ତୁମ୍ଭର କରୁଣା, ତୁମ୍ଭେ ମନ ଜାଣି ଫଳ ଦିଅ ।" ଏଥି ଉତ୍ତାରୁ ଲାବଣ୍ୟ ଶାଶୁ, ଶଶୁର, ସ୍ୱାମୀଙ୍କ ଉଦ୍ଦେଶ୍ୟରେ ମନେ ମନେ ଦଣ୍ଡବତ କରି, କାଳେ କିଏ ତାକୁ ଦେଖି ଚିହ୍ନିପକାଇବ, ଏହି ଆଶଙ୍କାରେ ସେଠାରୁ ଖସିଗଲା ଏବଂ ଉହାଡ଼ରେ ରହି ସେମାନଙ୍କ ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲା ।

ସ୍ନାନବେଳ ହେଲା, ସ୍ନାନ ବେଳ ହେଲାବୋଲି ଗୋଟାଏ ହୁରି ପଡ଼ିଗଲା । ସମସ୍ତେ ଚଞ୍ଚଳ ହୋଇ ଉଠିଲେ । ମତି ଚଞ୍ଚଳ, ଗତି ଚଞ୍ଚଳ, ଉକ୍ତି ଚଞ୍ଚଳ, ସତେ ଯେପରି ଶୃଙ୍ଖଳା ମୂର୍ତ୍ତିଧରି ଧାଁ ଦଉଡ଼ କରି ବୁଲିବାକୁ ଲାଗିଲା । ସ୍ନାନାର୍ଥୀମାନେ ତରତର ହୋଇ ସମୁଦ୍ରରେ ପଶି ସ୍ନାନ କରିବାକୁ ଲାଗିଲେ । କିଏ ଅଣ୍ଟାଏ ପାଣିରେ ଠିଆ ହୋଇ ସ୍ନାନ କଲା, କିଏ ସାହସ ବାନ୍ଧି ଆବକ୍ଷ ଜଳରେ ପଶିଲା । କିଏ ବା ଆଣ୍ଠୁଏ ପାଣିରେ ବସି ମୁଣ୍ଡ ନୁଆଇଁ ଲହରି ଭାଙ୍ଗି ସ୍ନାନ କଲା । ଅନେକ ନାରୀ ପାଣିରେ ପଶିବାକୁ ଭୟକରି "ଭୀରୁ" ନାମ ସାର୍ଥକ କଲେ । କାହାର ଆତ୍ମୀୟ ତାହାକୁ ଟାଣି ଘେନି-ଯାଆନ୍ତେ ସେ ଛେଳିକୁ ହାଣକାଠକୁ ନେଲାପରି ହେଲା । କେହି ଚଳେ ପାଣି ମୁଣ୍ଡରେ ଦେଇ ସଂକ୍ଷେପରେ ସ୍ନାନ କଲା ଏବଂ ତୀର୍ଥର ସମ୍ମାନ ରକ୍ଷାକଲା । ଜଣକର ଭୟ ଏବଂ ଲଜ୍ଜା ଢାଙ୍କିବା ପାଇଁ କହିଲା—"କି କାଳ ରୋଗ ମୋତେ ଘୋଟିଲା ଯେ ମୁଣ୍ଡରେ ଟୋପାଏ ପାଣି ପଡ଼ିଲେ ମୁଁ ମଲି; ସାଙ୍ଗେ ସାଙ୍ଗେ ସନ୍ନିପାତ ହୋଇଯିବ । ସେଥିଲାଗି ବୋହୂମାନେ ମୋତେ ପାଣି କଡ଼କୁ ଛାଡ଼ନ୍ତି ନାହିଁ । ଆସିବାବେଳେ ସାନବୋହୂ ତେର ନିୟମ ସମଧ ପକାଇ କହିଥିଲା—"ଖବରଦାର

ପାଆନ୍ତାଣୀଏ, ତମ କୁଇଁ ଯାଣ ଶି—ମୋ ମୁଣ୍ଡ ଖାଇବ, ନୂରସ୍ତମରେ କାଧୁଆ ପାଧୁଆ କରିବ ନାହିଁ । ମୋ ବଡ଼ ପୁଅ ନା—ସୁରିଅ, ମଝିଆଁ ପୁଅନା—ଅଗାଧୁଆ, ଖୁଇ-ବୋଳୁଚା ହେଉଣ୍ଡୁର ନା’ କମିଶ ଧରିବ ? ସେହିଲାଗି ସୁରସ୍ତମକୁ ବାଆଁରେଇ ନୁରସ୍ତମ ବୋଲି କହେ, ଆଉ ପାଧୋଇବାକୁ ନାଧୋଇବା କହେ । ପାନବୋହୂ କଥା ଶୁଣି ବଡ଼ ବୋହୂ କହିଲା—ସେ ମାଣବା ପିଲି ଯେ, କାହା କଥା ମାନିବେ । ପାଣି ଦେଖିଲେତ ବାଇ, ତାଙ୍କୁ ପୁଣି ଅଟକାଇବ କିଏ ? ତୀର୍ଥ ସ୍ଥାନରେ ସେ କଣ ସମ୍ଭାଳି ହୋଇ ରହିବେ ? ତମ ଗେହ୍ଲା ପୁଅ ଶୁଣକି ପାଆନ୍ତାଣୀଏ,ମୁଁ ଅଫିମ ଦେଇ ଫୁଟାଇ କାଚ କୁମିରେ ହେଉଛି, ସରଦ-ଲସମ ହେଲେ ଗୋଡ଼ ତଳିପାରେ ମାଲିସ କରିବ ।” ନନ୍ଦାକୁ ପାର ପାଇବା ସକାଶେ ଅନେକେ ଏହିପରି ଗୋଟାଏ ଗୋଟାଏ ଛଳନାର ଆଶ୍ରୟ ଗ୍ରହଣ କଲେ । ଯେଉଁମାନେ ଅଧିକ ଭୀରୁ, ସମୁଦ୍ରକୁ ଦେଖି ସେମାନଙ୍କର ହୃତ୍କମ୍ପ ଆରମ୍ଭ ହେଲା । ସେମାନେ କଳ୍ପନାରେ ତୀର୍ଥସ୍ନାନ କରି ଦୂରରୁ ସମୁଦ୍ରକୁ ଜୁହାରହୋଇ ଫେରିଗଲେ ।

ଜଳସମୁଦ୍ର ମଧ୍ୟରେ ନରସମୁଦ୍ରର ସୃଷ୍ଟିହେଲା । ଯେଉଁ ଆଡ଼କୁ ଚାହିଁଲେ କେବଳ ଲୋକାରଣ୍ୟ । ଲୋକଗହଳରେ ସମୁଦ୍ରବାଲି ଦିଶୁନାହିଁ । କେତେ ସ୍ନାନ କରୁଛନ୍ତି—କେତେ ତର୍ପଣ କରୁଛନ୍ତି—କେତେ ସ୍ନାନସାରି ବେଳାରେ ଲୁଗା ପାଲଟୁଅଛନ୍ତି । ଗଜେନ୍ଦ୍ର ଏବଂ ଲାବଣ୍ୟ ସ୍ୱଳ୍ପ ବ୍ୟବଧାନରେ ସ୍ନାନ କରୁଥିଲେ । ବିପୁଳ ଜନତା ମଧ୍ୟରେ କିଏ କାହାକୁ ଦେଖୁଛି ବା ଚିହ୍ନୁଛି; ମାତ୍ର ଲାବଣ୍ୟ ଗଜେନ୍ଦ୍ର ଉପରେ ଦୃଷ୍ଟି ରଖିଥାଏ । ଗଜେନ୍ଦ୍ର ସ୍ନାନ କରୁଁ କରୁଁ ଟିକିଏ ଭିତରକୁ ଚାଲିଗଲା । ତେଣିକି ଲହରୀ ତାକୁ କ୍ରମେ ଭିତରକୁ ଟାଣିବାକୁ ଲାଗିଲା । ସେ କୂଳକୁ ଆସିବାକୁ ଯଥେଷ୍ଟ ଚେଷ୍ଟାକଲା; ମାତ୍ର ଲହରୀର ପ୍ରବଳ ଆକର୍ଷଣରୁ ମୁକ୍ତ ହୋଇପାରିଲା ନାହିଁ । ଶେଷରେ ହସ୍ତ ସଙ୍କେତରେ ସାହାଯ୍ୟ ଭିକ୍ଷାକଲା;କିନ୍ତୁ ପବନ ପ୍ରବଳ ଥିବାରୁ ଜନ-ସଙ୍ଘ ମଧ୍ୟରୁ କେହି ତାହା ପାଖକୁ ଯିବାକୁ ସାହସୀ ହେଲେନାହିଁ । ସମସ୍ତେତ ଶଙ୍କା ମିଶ୍ରିତ ଭୀତ ନେତ୍ରରେ ଚାହିଁ ରହିଲେ । ସ୍ୱାମୀକୁ ବିପନ୍ନ ଦେଖି ଲାବଣ୍ୟର ହଂସା ଉଡ଼ିଗଲା । ତାହା ଚକ୍ଷୁରୁ ଶ୍ରାବଣର ଧାରା ବହିପଡ଼ିଲା । ସେ କାତରକମ୍ପିତ କଣ୍ଠରେ କହିଲା—ରତ୍ନାକର, ତୋର ରତ୍ନର ଅଭାବ ନାହିଁ, ଏ କାଙ୍ଗାଳୁଣୀର ହୃଦୟରତ୍ନଟି ଫେରାଇଦେ । ମୋର ସବୁ ଯାଉଛି—ଖାଲି ସେତିକି ଅଛି । ହେ ଜଗନ୍ନାଥ, ଅନ୍ତରର ଗୁହାରି ଶୁଣ ପ୍ରଭୋ , ମୁଁ ଯେବେ ପ୍ରକୃତରେ ସତୀ ହୋଇଥିବି, ପତିଚରଣରେ ଯେବେ ମୋର ଅଚଳା ମତି, ଭକ୍ତି ଥିବ, ତେବେ ଏ ସଙ୍କଟରୁ ପତିଙ୍କୁ ଉଦ୍ଧାର କରିବାର ଶକ୍ତି ମୁଁ ତୁମ୍ଭଠାରୁ ପାଇବି । ତୁମ୍ଭେ ଏତିକି ମୋର ସାହା ହୁଅ ପ୍ରଭୋ ।” ଲାବଣ୍ୟ ଏତିକି ମାତ୍ର ପ୍ରାର୍ଥନା କରି ସ୍ୱାମୀକୁ ଉଦ୍ଧାର କରିବାକୁ ଅଗ୍ରସର ହେଲା । ସନ୍ତରଣରେ ସେ ଖୁବ୍ ନିପୁଣା, ସେ ପିଲାଦିନରେ ସେ ବିଦ୍ୟା ଶିକ୍ଷା କରିଥିଲା । କିଛି ଦୂର ଯାଇ ନିଜର ପରିଧେୟ ଗୈରିକ ବସ୍ତ୍ରର ଗୋଟାଏ ପାଖ ଧରି ଅନ୍ୟ ପାଖଟା ଗଜେନ୍ଦ୍ର ଆଡ଼କୁ ଫିଙ୍ଗିଦେଲା । ସେତେବେଳକୁ ଗଜେନ୍ଦ୍ର ଅବସନ୍ନ ହୋଇପଡ଼ିଥିଲା; ମାତ୍ର ଲୁଗା କାନି ଧରିପାରିବାର ଶକ୍ତି ହରାଇ ନ ଥିଲା । ସେ ଦୃଢ଼ମୁଷ୍ଟିରେ ଲୁଗାକାନି ଧରିଲା । ଲାବଣ୍ୟ ସେହି ଲୁଗାକୁ ଟାଣି ଟାଣି ଧୀରେ ଧୀରେ କୂଳ ଆଡ଼କୁ ଆସିଲା, ଏହିପରି ଆସି ଆସି ଅଣ୍ଟାଏ ପାଣିରେ ଦେହ ବୁଡ଼ାଇ ରହିଲା । ସେତେବେଳେ ଲୋକେ ସାହସ କରି ତାହା ପାଖକୁ ଯାଇ ଗଜେନ୍ଦ୍ରକୁ ଧରାଧରି କରି କୂଳକୁ ଘେନି ଆସିଲେ । ଲାବଣ୍ୟ ଲୁଗା ପିନ୍ଧି ପଛେ ପଛେ ଆସିଲା । କୂଳକୁ ଆସି ଗଜେନ୍ଦ୍ର ମୂର୍ଚ୍ଛିତ ହୋଇପଡ଼ିଲା । ଲାବଣ୍ୟ ତାକୁ ବେଳା ବାଲୁକାରେ ଶୁଆଇଦେଇ କେତେଟା ପ୍ରକ୍ରିୟା-ଦ୍ୱାରା ତାହା ଉଦରରୁ ଜଳ ବାହାରକରିଦେଲା । ସନ୍ନ୍ୟାସିନୀର ଅଦ୍ଭୁତ ସାହସ ଦେଖି ସମସ୍ତେ ତାକୁ ଧନ୍ୟ ଧନ୍ୟ କହିଲେ ଏବଂ ତାକୁ ଦେଖିବା ପାଇଁ ଚାରିଆଡ଼ୁ ଲୋକେ ଆସି ଜୁଟିହେଲେ । ଅହା, କି ମହିମାମୟୀ ମାତୃମୂର୍ତ୍ତି । ସଦ୍ୟ ସିନ୍ଧୁସ୍ନାନରେ ସେ ମୂର୍ତ୍ତିର ପ୍ରଭା ବହୁଗୁଣ ବଢ଼ି ଉଠିଅଛି । ସମସ୍ତେ କହିଲେ,—ଏ ରୂପ ପୃଥିବୀର ନୁହେଁ—ସ୍ୱର୍ଗର । କେହି କହିଲା—“କେଉଁ ଦୟାବତୀ ଦେବୀ ମାନବଧର୍ମ ଶିକ୍ଷା ଦେବା

ସାକ୍ଷାତେ ସନ୍ନ୍ୟାସିନୀ ରୂପରେ ପୃଥିବୀରେ ଆବିର୍ଭୂତ ହୋଇଅଛନ୍ତି । କି ଶୀତଳ ଅମୃତ ଦୃଷ୍ଟି, ସ୍ପର୍ଶ ଦେଲା କ୍ଷଣି ହୃଦୟରୁ ରକ୍ତ ଟାଣିନେଉଅଛନ୍ତି ।” କେହି କହିଲା—“ନା-ନା, ଏ ସ୍ୱୟଂ ସିନ୍ଧୁସୁତା ମହାଲକ୍ଷ୍ମୀ ।” ବୃଦ୍ଧ ବୈରଗଞ୍ଜନ ଲୋତକଧାରାରେ ଗଣ୍ଡ ଭିଜାଇ କହିଲେ—“ମା, ତୁମେ ମୋର ଭାଗ୍ୟଦେବୀ, ମୋତେ ପୁତ୍ରଦାନ କଲ, ଏହି ଦୟା ପାଇଁ ମୁଁ ତୁମ ନିକଟରେ ସବଂଶରେ ଧାରୁଆ ହୋଇ ରହିଲି । ତୁମେ ମୋର ବଂଶ ରକ୍ଷା-କଲ, ତୁମେ ଯାହା କହିବ ମୁଁ ତାହା ଦେବି । କହ ମା, କଅଣ ଦେଇ ତୁମ୍ଭଙ୍କୁ ସନ୍ତୁଷ୍ଟ କରିବି ?” ବୈରଗଞ୍ଜନଙ୍କ ଗୃହିଣୀ ନିଜ ଦେହରୁ ସ୍ୱର୍ଣ୍ଣାଳଙ୍କାର-ଗୁଡିକ ବାହାର କରି ଲାବଣ୍ୟ ଆଗରେ ଥୋଇ ଦେଇ କହିଲେ—“ମା, ସେ ଯାହା ଦେବାର ଦେଉଛନ୍ତି ମୁଁ ଏହି ଗହଣାଗୁଡିକ ଦେଉଛି ।” ଲାବଣ୍ୟ ତାହାକୁ ସ୍ପର୍ଶ ନ କରି ଧୀର ମଧୁର ସ୍ୱରରେ କହିଲା,—“ମୁଁ ସନ୍ନ୍ୟାସିନୀ, ଧନ ଦ୍ରବ୍ୟ ମୋର ଲୋଡ଼ାନାହିଁ ମା, ମୁଁ ଏ ସବୁ ନେଇ କଅଣ କରିବି, ତେବେ ଯଦି ତୁମେ ନିତାନ୍ତ ନ ଛାଡ଼ିବ, ତେବେ ତୁମ ପୁଅ ଭଲ ହେଲା ପରେ ଯାହା ଦେବାର ଦେବ । ତାଙ୍କର ମୂର୍ଚ୍ଛା ଭାଙ୍ଗି ନାହିଁ, ଚଞ୍ଚଳ ତାଙ୍କୁ ଡାକ୍ତରଖାନାକୁ ନେଇଯାଅ । କିଛି ଭୟ ନାହିଁ, ସେ ଭଲ ହେବାଯାଏ ମୁଁ ତାଙ୍କ ପାଖରେ ରହି ସେବା କରିବି । ମୁଁ ସନ୍ନ୍ୟାସିନୀ, ସେବା ମୋର ଧର୍ମ, ତୁମେ ଅଭିକଛି ବଗୁରିବ ନାହିଁ—ମା ।”

ବୈରଗଞ୍ଜନ ସୁଆରି କରି ପୁଅକୁ ପୁରୀର ବଡ଼ ଡାକ୍ତରଖାନାକୁ ନେଇଗଲେ । ଲାବଣ୍ୟ ସଙ୍ଗେ ସଙ୍ଗେ ଗଲା । ରୋଗୀର ପରିଚର୍ଯ୍ୟା କରିବା ପାଇଁ ସେ ଡାକ୍ତର ସାହେବଙ୍କୁ ପ୍ରାର୍ଥନା କଲା । ଅନେକ ପାସ୍‌କରା ଧାତ୍ରୀ ଅପେକ୍ଷା ସନ୍ନ୍ୟାସିନୀମାନେ ରୋଗୀର ସେବା-ଯତ୍ନ ଭଲ କରନ୍ତି, ଡାକ୍ତର ସାହେବ ଏହା ଜାଣନ୍ତି; ସୁତରାଂ ଲାବଣ୍ୟର ପ୍ରାର୍ଥନାରେ ସହଜରେ ସମ୍ମତ ହେଲେ ; ମାତ୍ର ବୈରଗଞ୍ଜନ ଏବଂ ତାଙ୍କ ଗୃହିଣୀଙ୍କୁ ରୋଗୀ ପାଖରେ ରହିବାକୁ ମନାକଲେ । କହିଲେ—“ତୁମ୍ଭେମାନେ ଅନ୍ୟ ସ୍ଥାନରେ ବସାକରି ରହ, ଦୁଇଓଳି ଦୁଇଥର ଆସି ତୁମ୍ଭ ପୁଅକୁ ଦେଖିଯାଇପାରିବ ।”

ଫଳରେ ତାହାହିଁ ହେଲା, ଲାବଣ୍ୟ ରୋଗୀ ପାଖରେ ଡାକ୍ତରଖାନାରେ ରହିଲା । ଡାକ୍ତର ସାହେବ ଯଥାମତ ଚିକିତ୍ସା କଲେ । ଲାବଣ୍ୟ ପ୍ରାଣପଣରେ ସେବାରେ ଲାଗିଲା । ଯଥାସମୟରେ ରୋଗୀକୁ ଔଷଧ ଖୁଆଏ, ଦୁଧ ପିଆଏ, ରୋଗୀକୁ ପରିଷ୍କାର କରିଦିଏ । ଦିନସାରା ଜଗିରହି ଏହିପରି ଶୁଶ୍ରୂଷା କରିବାକୁ ଲାଗିଲା । ଦିନେ ଗଲା, ଦୁଇଦିନ ଗଲା, ତେବେ ମଧ୍ୟ ଗଜେନ୍ଦ୍ରର ମୂର୍ଚ୍ଛାଭଙ୍ଗ ହେଲା ନାହିଁ । ଲାବଣ୍ୟ ଚିନ୍ତାରେ ବ୍ୟାକୁଳ ହୋଇଉଠିଲା ।

ତୃତୀୟ ଦିନ ସନ୍ଧ୍ୟା ସମୟରେ ଗଜେନ୍ଦ୍ରର ମୂର୍ଚ୍ଛା-ଭଙ୍ଗ ହେଲା । ସେ ଧୀରେ ଧୀରେ ଆଖି ମିଟିକାଇ ଚାହିଁଲା । ଯାହା ଦେଖିଲା ସବୁ ତାକୁ ଅପୂର୍ବ ବୋଧ ହେଲା । ଦେହଟା ଶୂନ୍ୟ ଜଣାଗଲା, ଯେପରି ତାହା ଦେହରେ ସେ ନିଜେ ନାହିଁ । ବଡ଼ ଦୁର୍ବଳ, ଉଠିବାର ଶକ୍ତି ନାହିଁ । ସେ କ୍ଷୀଣ କଣ୍ଠରେ କହିଲା—“ମୁଁ କେଉଁଠି ଅଛି ? ମୋର ବୃଦ୍ଧ ବାପ ମାʼ କାହାନ୍ତି ?” ଲାବଣ୍ୟ ତାହା ମୁଣ୍ଡ ଉପରେ ବସିଥିଲା, ସ୍ୱାମୀକୁ କଥା କହିବାର ଦେଖି ସେ ଆଶ୍ୱାସିତ ହେଲା ଏବଂ ମନେ ମନେ ଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇଲା । ସେ କହିଲା “ତୁମେ ଅଛ ଭଲ ଜାଗାରେ ଅଛ, ତୁମ ବାପ ମା ବି ଭଲଅଛନ୍ତି । ତୁମେ ବେଶି କଥା କୁହ ନାହିଁ, ତୁମର ଦୁର୍ବଳ ମୁଣ୍ଡ ତାହା ସହିପାରିବ ନାହିଁ । ଏତିକି କହି ସ୍ୱାମୀର ମୁଣ୍ଡ ଆଉଁସିଦେବାକୁ ଲାଗିଲା । ତାହା ହାତରେ କଅଣ ଥିଲା କେଜାଣି, ଗଜେନ୍ଦ୍ରର ଦେହ ଫୁଲି ଉଠିଲା । ସେହି ହାତକୁ ସେ ବକ୍ଷରେ ଚାପିଧରି କହିଲା—“ତୁମେ କିଏ, ଲାବଣ୍ୟ ? ତୁମେ କଅଣ ସମୁଦ୍ରସ୍ନାନକୁ ଆସିଥିଲ ?” ଲାବଣ୍ୟର ଗାତ୍ର ଚୁଲୁକି ଉଠିଲା, ତଣ୍ଟି ଶୁଖିଗଲା । ସେ ମନେ ମନେ ଭାବିଲା—“ଏ ମତେ ଚିହ୍ନି ପକାଇଲେ । ଯେତେବେଳେ ଚିହ୍ନି ପାରିଲେଣି, ସେତେବେଳେ ମୁଁ ଲୁଚାଇଲେ କଅଣ ହେବ । ସ୍ୱାମୀ ପରମ ଗୁରୁ, ତାଙ୍କୁ ମିଥ୍ୟା କହି ପ୍ରତାରିତ କରିବା ମହା ପାପ ।” ଏହିପରି ଭାବି କହିଲା—“ହଁ ମୁଁ ତୁମର ଦାସୀ ଲାବଣ୍ୟ, ମୋତେ ତୁମେ କିମିତି ଚିହ୍ନିଲ ? ଆମ ଗାଁରୁ କେତେଲୋକ

ଯୋଗସ୍ଥାନକୁ ଆସିଥିଲେ, ମୁଁ ତାଙ୍କ ସାଙ୍ଗରେ ଆସିଥିଲି । ସେମାନେ ଫେରି ଗଲେଣି, ମୁଁ ଯାଇ ନାହିଁ ।"

ଗଜେନ୍ଦ୍ର—"କିମିତି ଚିହ୍ନିଲି ?" ତୁମେ ସିନା ସ୍ଥଳଅସି ଦୂରରେ ଥିଲ, ତୁମର ଅମୃତସ୍ପର୍ଶ ଆଉ ସ୍ୱରକୁ ଯେ ମୋ ପାଖରେ ଛାଡ଼ିଆସିଥିଲ । ତାହା କି କେହି ଭୁଲିଯାଇପାରେ ? ତୁମେ ତେବେ ମୋତେ ଅପମୃତ୍ୟୁରୁ ଉଦ୍ଧାର କରିଛ ?

ଲାବଣ୍ୟ—ନା, ମୁଁ ନୁହେଁ ଜଗନ୍ନାଥ ରକ୍ଷା କରିଛନ୍ତି, ଆଉ ମୁଁ ତାଙ୍କ କାର୍ଯ୍ୟରେ ଟିକିଏ ସାହାଯ୍ୟ କରିଛି ।

ଗଜେନ୍ଦ୍ର—ବାବା, ମା, ତୁମକୁ ଚିହ୍ନିପାରିଛନ୍ତି ତ ?

ଲାବଣ୍ୟ—ନା, ମୁଁ ଚିହ୍ନା ଦେଇନାହିଁ । ସେ ବେଳ ହୋଇ ନାହିଁ । ମୋ ରାଣ ତ, ତୁମକୁ ଜୁହାର ହେଉଛି, ତୁମ ଗୋଡ଼ ଧରୁଛି, ତୁମେ ତାଙ୍କୁ ମୋ କଥା କିଛି କହିବ ନାହିଁ ।

ଗଜେନ୍ଦ୍ର—ଆଚ୍ଛା ହେଉ, ତାହାହିଁ କରିବ । ମୋତେ କିପରି ଉଦ୍ଧାର କଲ, ସେ ସବୁ କଥା କହିଲ ?

ଲାବଣ୍ୟ—ତାହା ସବୁ ପରେ ଶୁଣିବ । ଏବେ ସେ କଥା କହିବାକୁ ଡାକ୍ତର ମନା କରିଛନ୍ତି ।

ଏହି ସମୟରେ ସସ୍ତ୍ରୀକ ବୈରିଗଞ୍ଜନ ଅସି ଉପସ୍ଥିତ ହେଲେ । ପୁଅକୁ ସଚେତ ହୋଇ କଥା କହିବାର ଦେଖି ସେମାନେ ଅପାର ଆନନ୍ଦଲାଭ କଲେ । ସେମାନଙ୍କର ମୃତ ଆଶା ପୁନଶ୍ଚ ଜାଗି ଉଠିଲା । ସନ୍ନ୍ୟାସିନୀର ପ୍ରଶଂସାରେ ସେମାନେ ଶତଜିହ୍ୱ ହେଲେ ।

ଗଜେନ୍ଦ୍ର କଥାବାର୍ତ୍ତା କରିପାରିଲା, ଲୁଣିଜଳ ପିଇ ତାହାର ଯେଉଁ ବିକାର ଘଟିଥିଲା, ତାହା ବି ଛାଡ଼ିଗଲା; ମାତ୍ର ଦୁର୍ବଳତା ଛାଡ଼ିଲା ନାହିଁ । ଠିଆ ହୋଇ ଚାଲିବାକୁ ତାହାର ଶକ୍ତି ପାଇଲା ନାହିଁ । ଡାକ୍ତର ଅନେକ ବଳକାର ଔଷଧ ଦେଲେ । ଲାବଣ୍ୟ ସ୍ୱହସ୍ତରେ ପୁଷ୍ଟିକର ପଥ୍ୟ ପ୍ରସ୍ତୁତ କରି ଖୁଆଇଲା; ମାତ୍ର କିଛି ଫଳ ହେଲା ନାହିଁ । ତହୁଁ ଡାକ୍ତର ସାହେବ ଯନ୍ତ୍ର ସାହାଯ୍ୟରେ ଦେଖିଲେ—ଗଜେନ୍ଦ୍ର ହୃଦ୍‌ଯନ୍ତ୍ରରେ ରକ୍ତ ନାହିଁ, ଅନ୍ତଭସ୍ମ ହେତୁ ତାହା ଶୁଖିଯାଇଅଛି । କୌଣସି ସବଳ ଲୋକର ଉଷ୍ଣରକ୍ତ ହୃଦ୍‌ଯନ୍ତ୍ରରେ ପ୍ରବେଶ କରାଇଦେଲେ ରୋଗୀ ବଳପ୍ରାପ୍ତ ହେବ; ନଚେତ୍ ଅନ୍ୟ ଉପାୟ ନାହିଁ । ଡାକ୍ତର ବୈରିଗଞ୍ଜନଙ୍କୁ ଏ କଥା ବୁଝାଇ ଦେଇ କହିଲେ—"କି ବୈରିଗଞ୍ଜନ କିଛି ସଜ ରକ୍ତର ବ୍ୟବସ୍ଥା କରିପାରିବ ?" ବୈରିଗଞ୍ଜନ କହିଲେ,—"ହଜୁର, ଟଙ୍କାଦେଲେ ସବୁ ମିଳିବ ସିନା ରକ୍ତ କାହୁଁ ମିଳିବ ? ଦେହରୁ ରକ୍ତ ଦେବାକୁ କିଏ ରାଜି ହେବ ? ମୁଁ ଦେବାକୁ ମନା କରୁନାହିଁ, ପୁଅ ଲାଗି ଲୋଡ଼ାହେଲେ ପ୍ରାଣ ଦେଇପାରେଁ, ରକ୍ତ ଟୋପାକ ବା କି ଛାର । ଦେଖୁଛ ତ ହଜୁର, ମୁଁ ବୁଢ଼ା ହେଲିଣି, ମୋର ମଲା ରକ୍ତରେ ଆଉ କଅଣ ତେଜ ଅଛି ଯେ କାମରେ ଲାଗିବ ? ହଜୁର ମା' ବାପ, ଆଉ କିଛି ଉପାୟ ଥିଲେ କରନ୍ତୁ ।" ଡାକ୍ତର ଏକଥା ଶୁଣି ଟିକିଏ ହସିଦେଇ ନୀରବ ରହିଲେ । ଲାବଣ୍ୟ ସବୁ ଶୁଣୁଥିଲା, ସେ ଦୃଢ଼ କଣ୍ଠରେ କହିଲା—"ହଜୁର ମୋ ଦେହରୁ ରକ୍ତ ନିଅ ।" ଡାକ୍ତର ସ୍ତମ୍ଭୀଭୂତ ହୋଇ ତାହା ମୁହଁକୁ ଚାହିଁ-ରହିଲେ । କ୍ଷଣକ ପରେ କହିଲେ—"ତୁମେ କାହିଁକି ପରପାଇଁ ଦେହରୁ ରକ୍ତ ଦେବ ?" ଲାବଣ୍ୟ ଅକମ୍ପିତ କଣ୍ଠରେ କହିଲା—"ନା—ହଜୁର, ସେ ମୋର ପରନୁହେଁ । ମୁଁ ସନ୍ନ୍ୟାସିନୀ, ମୋର ପର କେହି ନୁହେଁ, ସମସ୍ତେ ଆପଣାର । ଜନସେବା ମୋର ବ୍ରତ । ମୋ' ରକ୍ତରେ ଜଣକର ଉପକାର ହେଲେ ମୋର ଜୀବନ ସାର୍ଥକ ହେବ ।" ଡାକ୍ତର ମନେ ମନେ କହିଲେ --"ଏ ମହାପ୍ରାଣା ନାରୀ କିଏ, ଏହାର କି ଅଦ୍ଭୁତ ତ୍ୟାଗସ୍ୱୀକାର । ଏଭଳି ନାରୀରତ୍ନ ଯେଉଁ ଦେଶରେ ଜନ୍ମନ୍ତି, ସେ ଦେଶ ଧନ୍ୟ ।" ଅନନ୍ତର ଆନନ୍ଦ ପ୍ରକାଶ କରି କହିଲେ—"ତୁମେ ଏକା ପ୍ରକୃତ ଧାର୍ମିକା, ଧର୍ମର ମହତ୍ତ୍ୱ ରକ୍ଷାକରି ତୁମେ ଯେଉଁ ଆଦର୍ଶ ଦେଖାଇଲ, ସେହି ମହାଦର୍ଶ ତମ ଜାତିର ଇତିହାସରେ ଗୌରବମୟ ନୂତନ ଉଜ୍ଜ୍ୱଳ ଅଧ୍ୟାୟ

ସଂଯୋଗ କରିବ । ତୁମର କିଛି ଭୟନାହିଁ, ଛଟାଙ୍କିଏ ରକ୍ତହେଲେ ଯଥେଷ୍ଟ । ସେଥିରେ ତୁମର ସବଳ ଦେହର କିଛି କ୍ଷତି ହେବନାହିଁ । ଲାବଣ୍ୟ କହିଲା— "ଛଟାଙ୍କିଏ କାହିଁକି, ଯେତେ ଲୋଡ଼ାହେବ ନିଅ, ମୋର କିଛି କଷ୍ଟ ହେବ ନାହିଁ ।" ବୃଦ୍ଧ ବୈକୁଣ୍ଠରଞ୍ଜନ ଏକଥା ଶୁଣି ଭୟରେ ଥରି ଉଠିଲେ । କହିଲେ— "ମା, ତୁମେ ସନ୍ନ୍ୟାସିନୀ, ତୁମ ଦେହରୁ ଟୋପାଏ ରକ୍ତ କ୍ଷୟହେଲେ ମୋର ସପ୍ତ ପୁରୁଷ ଅହିନର୍କରେ ପଡ଼ିବେ, ତୁମେ ମୋତେ ଏ ଚତୁର୍ଥକାଳରେ ମହାପାପରେ ବୁଡ଼ାଇ ମାରନାହିଁ ମା ।" ଲାବଣ୍ୟ ମଧୁର ବାକ୍ୟରେ ଶ୍ୱଶୁରଙ୍କୁ ଅନେକ ବୁଝାଇ କହିଲା—"ନା—ବାବା, ମୁଁ ସ୍ୱ ଇଚ୍ଛାରେ ରକ୍ତ ଦେଉଅଛି, ତୁମର ସେଥିପାଇଁ ପାପ ହେବନାହିଁ ।" ଲାବଣ୍ୟ ଆଉ ଅପେକ୍ଷା ନ କରି ଗଜେନ୍ଦ୍ର ପାଖରେ ଯାଇ ବସିଲା । ଡାକ୍ତର ଯନ୍ତ୍ର ଆଣି ଲାବଣ୍ୟର ବାହୁରେ ବସାଇ ତାହା ଦେହରୁ ରକ୍ତ ନେଇ ଗଜେନ୍ଦ୍ରର ହୃଦଯନ୍ତ୍ରକୁ ପ୍ରେରଣ କଲେ । ଲାବଣ୍ୟ ହସି ହସି ରକ୍ତଦାନ କଲା ।

ଗଜେନ୍ଦ୍ରର ଶରୀରରେ କ୍ରମେ ବଳ ସଞ୍ଚିତ ହେବାକୁ ଲାଗିଲା । ସେ ଚାଲିବୁଲି ପାରିଲା । ଦୁଇ ସପ୍ତାହ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହୃତଶକ୍ତି ଫେରିପାଇଲା । ପିତାମାତାଙ୍କ ଆନନ୍ଦ କହିଲେ ସରିବ ନାହିଁ । ତତୋଧିକ ଆନନ୍ଦିତା ହେଲା— ଲାବଣ୍ୟ । ତାହାର ଆଦର ଗୌରବ ଦିନକୁ ଦିନ ବଢ଼ିଉଠିଲା । ବୈକୁଣ୍ଠରଞ୍ଜନ-ଦମ୍ପତି ତାକୁ ପ୍ରାଣଠାରୁ ଅଧିକ ମଣିଲେ । ତାହାର ପ୍ରଶଂସା ସେମାନଙ୍କ ମୁଖରେ ଧରିଲାନାହିଁ । ଦିନରେ ଏକାଧିକଥର କୃତଜ୍ଞତା ପ୍ରକାଶ କଲେ । ଏତେ ସମ୍ମାନ ଏତେ କୃତଜ୍ଞତା ଲାବଣ୍ୟର ଅସହ୍ୟ ହୋଇ ଉଠିଲା । ଦିନେ ଗଜେନ୍ଦ୍ର ଏବଂ ତାହାର ପିତାମାତା ବସି କେବେ ଘରକୁ ଫେରିଯିବେ, ଏହି ଆଲୋଚନା କରୁଥିଲେ; ଲାବଣ୍ୟ ଅଳ୍ପ ଦୂରରେ ବସି ଶୁଣୁଥିଲା । ବୈକୁଣ୍ଠରଞ୍ଜନ ଗୃହିଣୀ କହିଲେ—"ମୋର ସନ୍ନ୍ୟାସିନୀ ମା'କୁ ସଙ୍ଗରେ ନେଇଯିବ ।" ଏହା କହି ସେଠାରୁ ଉଠିଯାଇ ଲାବଣ୍ୟର ଚିବୁକ ଧରି କହିଲେ, "ମା, ତୁ ମୋର ଆର ଜନ୍ମରେ ମା ଥିଲୁ; ଏ ଜନ୍ମରେ ମୋତେ ପୁତ୍ର ଦାନକଲୁ । ଅକୂଳସମୁଦ୍ରରେ ମୋର ଜାହାଜ ବୁଡ଼ୁଥିଲା, ତୁ ତାକୁ ଉଦ୍ଧାର କଲୁ ମା । ଦଇବ ଘଟଣାକୁ—ମୋ ଭାଗ୍ୟବଳକୁ ତୁ ଆସିଥିଲୁ ମା । ତୋତେ ମୁଁ ସାଙ୍ଗରେ ନ ନେଇ ଫେରିବି ନାହିଁ ।" ବୈକୁଣ୍ଠରଞ୍ଜନ କହିଲେ— ଦଣ୍ଡେ ରହ ମା, ତୋର ଏ ବୁଢ଼ାପୁଅକୁ ଛାଡ଼ି ତୁ କୁଆଡ଼େ ଯିବୁ । ସହଜରେ ନଗଲେ ମୁଣ୍ଡରେ ବସାଇ ଟେକି ନେଇଯିବି ।" ପିତାମାତାଙ୍କର ଏ ବ୍ୟାକୁଳତା ଗଜେନ୍ଦ୍ର ସମ୍ଭାଳିପାରିଲା ନାହିଁ, ସେ ଉଠି ପଡ଼ି କହିଲା— "ଆସ ଲାବଣ୍ୟ, ବାବାମା'ଙ୍କୁ ଦଣ୍ଡବତ କରିବା ।" ଲାବଣ୍ୟ ଉଠି ଆସିଲା, ପୁତ୍ର ପୁତ୍ରବଧୂ ଦୁହେଁ ଯାଇ ବୃଦ୍ଧ-ବୃଦ୍ଧାଙ୍କ ଚରଣରେଣୁ ମସ୍ତକରେ ଗ୍ରହଣ କଲେ । ବୃଦ୍ଧ-ବୃଦ୍ଧା ନିର୍ବାକ ବିସ୍ମୟରେ ପୁତ୍ରର ମୁଖକୁ ଚାହିଁ ରହିଲେ । ଗଜେନ୍ଦ୍ର ମୁହଁ ତଳକୁ ପୋତି ସଲଜ୍ଜ ମୃଦୁ ହାସରେ କହିଲା, "କି ମା, ଚିହ୍ନିପାରୁ ନାହିଁ ? ସେ ତୋ ବୋହୂ ପରା । ସେ ମନା କରିଥିବାରୁ ମୁଁ ତୋତେ କହିନାହିଁ । ଆଜି ତୋର ଆତୁରତା ଦେଖି ଆଉ ସହି ନପାରି କହି ପକାଇଲି ।" ସ୍ୱାମୀଙ୍କର ଏ ଉକ୍ତିରେ ଲାବଣ୍ୟର ମୁଖ ପାଣ୍ଡୁର ହୋଇଗଲା, ସେ ମଧ୍ୟ ଲଜ୍ଜାରେ ଅଧୋବଦନ ହୋଇରହିଲା । ବୃଦ୍ଧା ବୋହୂକୁ କୁଣ୍ଢାଇ ପକାଇ କହିଲେ —"ମା, ତୋର ଏବେଶ, ଏହାଦେଖି ମୋର ଛାତି ଫାଟିଯାଉନାହିଁ । ଆଖି ଫୁଟିଯାଉ ନାହିଁ । ଧିକ୍ ମୋତେ ମୋହରି ଲାଗି ତୋର ଏ କାଙ୍ଗାଳୁଣୀ ବେଶ ମା ।" ବୃଦ୍ଧା ଆଉ କହିପାରିଲେ ନାହିଁ, ଦାରୁଣ ଅନୁଶୋଚନା ତାଙ୍କର କଣ୍ଠରୋଧ କରିଦେଲା । ସେ ଭେ ଭେ କରି କାନ୍ଦପକାଇଲେ । ସହଧର୍ମିଣୀଙ୍କୁ କାନ୍ଦିବାର ଦେଖି ବୈକୁଣ୍ଠରଞ୍ଜନଙ୍କର ଅଶ୍ରୁ ଝର ମୁକୁଳା ହୋଇଗଲା । ଗଜେନ୍ଦ୍ର ଏବଂ ଲାବଣ୍ୟର ନେତ୍ର ମଧ୍ୟ ଶୁଷ୍କ ରହିଲା ନାହିଁ । ଅଶ୍ରୁରେ ବିଚ୍ଛେଦ ଘଟିଥିଲା, ପୁଣି ଅଶ୍ରୁରେ ମିଳନ ହେଲା । ବୃଦ୍ଧା ଲାବଣ୍ୟକୁ କୋଳରେ ବସାଇ ନିଜ ଦେହରୁ ଅଳଙ୍କାର ବାହାରି କରି ତାକୁ ପିନ୍ଧାଇ ଦେଲେ । ଲାବଣ୍ୟ ଆଉଥରେ ଶାଶୁଶ୍ୱଶୁରଙ୍କୁ ଦଣ୍ଡବତ କଲା । ସେମାନେ ଉପଯୁକ୍ତ ଆଶୀର୍ବାଦବାଣୀ ବଧୂକୁ ଆପ୍ୟାୟିତ କଲେ । ବୃଦ୍ଧା କହିଲେ—"ମା, ରାଗବଶରେ ତୋତେ ଯାହାରେ ପିଟିଦେଇଥିଲି, ସେହି ସନ୍ତାପ ମୋ

କଲିକାରେ ଯେଉଁ ଟେଙ୍କା ବସାଇ ଦେଇଛୁ ସେ ଘା ଶୁଖିବ ନାହିଁ, କି ତାହାର ଜଳାପୋଡ଼ା ବନ୍ଦ ହେବ ନାହିଁ । ମାଟି, ପବନ, ଗଛ, ପତ୍ର ସମସ୍ତେ ମୋତେ ଧିକ୍କାର କରୁଅଛନ୍ତି । ତୁ ମୋର ଝିଅ, ମୋର ଅପରାଧ ଘେନିବୁ ନାହିଁ, ତୋ'ପରି ଦେବୀ ବଧୂ ପାଇ ମୋର ବଂଶ ପବିତ୍ର ହେଲା ।" ବୃଦ୍ଧ କହିଲେ—"ମୁଁ ମଧ୍ୟ ସାମାନ୍ୟ ପାପୀ ନୁହେଁ ମା । ପାଞ୍ଚମାଣ ଜମି ଲାଗି ମୁଁ ତୋତେ ତ୍ୟାଗ କରିଥିଲି, ତୁ ଆଜି ମୋତେ ପାଞ୍ଚ କୋଟି ଟଙ୍କା ଦେଲୁ । ତୋର ବିନ୍ଦୁଏ ରକ୍ତର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ । ତୁ ସତୀ, ପତି ଲାଗି ବାରମ୍ବାର ନିଜ ପ୍ରାଣକୁ ବିପନ୍ନ କଲୁ । ତୋହର ଧର୍ମ ତୋତେ ରକ୍ଷାକରି ମୋର ବଂଶ ରକ୍ଷାକଲା । ତୁ ଦେହରୁ ରକ୍ତଦାନ କରି ପତିର ପ୍ରାଣ ରକ୍ଷାକଲୁ । ତୋହର ଏହି ଅଦ୍ଭୁତ କରଣୀ ତୋତେ ଅମର କରି ରଖିବ । ସତୀ ସ୍ତ୍ରୀମାନେ ତୋର ଚରଣଧୂଳି ମସ୍ତକରେ ବୋଳିହେବାକୁ ଲାଳାୟିତ ହେବେ, ଆଉ ଅଧିକ କଅଣ କହିବି, ଏ ନିର୍ବୋଧ ବୃଦ୍ଧର ଅପରାଧ ତୁ ନିଜ-ଗୁଣରେ ମାର୍ଜନା କରିବୁ ।" ଲାବଣ୍ୟ ଏହା ଶୁଣି ଅତିବ୍ୟଥିତ ହୋଇ କହିଲା, "କାହାରି ଦୋଷ ନାହିଁ ବାବା, ସବୁ ନିୟତିର ଖେଳ । ଯାହା ହେବାର ଥିଲା, ତାହା ହୋଇଗଲା, ସେଥିପାଇଁ ସନ୍ତାପି ହେବା ଅକାରଣ । ମୁଁ ସବୁ ଭୁଲି ଯାଇଛି, ତୁମ୍ଭେମାନେ ସେହିପରି ଭୁଲିଯାଅ । ତୁମ୍ଭେମାନେ ସଙ୍କୁଚିତ ହୋଇ ମୋ ପାଖରେ ଲଘୁତା ପ୍ରକାଶ କଲେ ମୋର ମଙ୍ଗଳ ହେବ ନାହିଁ । ବୃଦ୍ଧ ଏହାଶୁଣି ବୋହୂ ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କଲେ । ସେ ସୁଖିରେ କେତେଦିନ ରହି ବଡ଼ଦେଉଳ ନୀଳଚକ୍ରରେ ଖଣ୍ଡିଏ ହାତ ନେତ ବାନ୍ଧି ଏବଂ ଜଗନ୍ନାଥଙ୍କ ପାଇଁ ଭୋଗ ଖଞ୍ଜି କରି ଏବଂ ପୁଅବୋହୂଙ୍କୁ ସଙ୍ଗରେ ଘେନି ମହାନନ୍ଦରେ ସ୍ୱଗୃହକୁ ପ୍ରସ୍ଥାନ କଲେ ।



# କଠୋର ପ୍ରତିଶୋଧ

# କଠୋର ପ୍ରତିଶୋଧ

## ପ୍ରଥମ ପରିଚ୍ଛେଦ

ଡାକ୍ତର ବୈଦ୍ୟଭୂଷଣ ଉପର୍ଯ୍ୟୁପରି ଦୁଇଟି କନ୍ୟାଙ୍କୁ ଶ୍ୱଶୁରାଳୟକୁ ପ୍ରେରଣ କରି ଯେତେବେଳେ ଦୀର୍ଘନିଃଶ୍ୱାସ ଛାଡ଼ି ଟିକିଏ ଆରାମ ଉପଭୋଗର ଚେଷ୍ଟା କରୁଥିଲେ, ସେତେବେଳେ ତାଙ୍କର ମନ ତାଙ୍କୁ ସେ ସୁଖଟିକ ମଧ୍ୟ ଭୋଗ କରିଦେଲା ନାହିଁ । ମନ କହିଲା—"ବଡ଼ଘରର ହିସାବପତ୍ର ଆଗେ ଦେଖ, ପଛେ ଆରାମ କରିବୁ ।" ବୈଦ୍ୟଭୂଷଣ ଚମକି ଉଠି ମନକୁ ତିରସ୍କାର କରି କହିଲେ—"ତୋର ସ୍ୱଭାବଟା ଚିରକାଳ ଏହିପରି, ତାହା ଆଉ ସୁଧୁରିବ ନାହିଁ । ହାଡ଼ଭଙ୍ଗା ପରିଶ୍ରମ ପରେ ଟିକିଏ କାନ୍ଥକୁ ଆଉଜି ଥକା ମାରିବି କ୍ଷଣେ, ମଝିରେ ତୁ ଆସି ବାଡ଼ ସାଧିଲୁ । ତୋର କି ବେଳକାଳ ନାହିଁ ? ଉଃ, ତୋତେ ନେଇ ଘର କରିବା ତ ସହଜ କଥା ନୁହେଁ ।" ଅନନ୍ତର ବୈଦ୍ୟଭୂଷଣ କନ୍ୟା ବିବାହର ହିସାବ ଫର୍ଦ୍ଦ ଆଣି ଅଙ୍କ ମିଶାଇ ଯାଏ ଦେବାକୁ ଲାଗିଲେ । ଯୋଗଫଳ ଦେଖି ତାଙ୍କର ଚକ୍ଷୁ ସ୍ଥିର ହୋଇଗଲା । ସେ ମୂର୍ଚ୍ଛିତ ହୋଇ ପଡ଼ିଯାଇଥାଆନ୍ତେ; ମାତ୍ର ବୈଦ୍ୟ ହେତୁ ଭୟରେ ମୂର୍ଚ୍ଛା ତାଙ୍କପାଖ ପଶିବାକୁ ସାହାସୀ ହେଲା ନାହିଁ । ବୈଦ୍ୟ ରୋଗବୈରି; ସୁତରାଂ ରୋଗ ତାଙ୍କୁ ଡରିବା ସ୍ୱାଭାବିକ । ହିସାବ ଭୁଲ୍ ହୋଇଥିବ ଭାବି ବୈଦ୍ୟଭୂଷଣ ପୁଣି ଥରେ ମିଶାଇଲେ, ତହିଁପରେ ଆଉଥରେ ମିଶାଇଲେ; ମାତ୍ର ଭୁଲର ଗନ୍ଧବାସ କିଛି ମିଳିଲା ନାହିଁ । ହାୟରେ ଭୁଲ, ତୁ ସୁଦ୍ଧା ଶତ୍ରୁତା କଲୁ । ତୋତେ ନ ଡାକିଲେ ତୁ ବଳେବଳେ ଆସୁ, ଆଉ ଦରକାର ବେଳେ ଖୋଜିଲେ ତୋର ଦର୍ଶନ ମିଳେ ନାହିଁ । ଥରେ ଆସି ମିଶାଣ ସଂଖ୍ୟା ଊଣା କରିଦେ, ତୋର ଧର୍ମ ହେବ, ନହେଲେ ବୈଦ୍ୟଭୂଷଣେ ଯେ ଧୈର୍ଯ୍ୟ ରକ୍ଷା କରିପାରିବେ ନାହିଁ । ମିଶାଣ କରି କରି ତାଙ୍କର ହଂସା ଉଡ଼ିଗଲାଣି, ତୋର କି ଟିକିଏ ଦୟା ମାୟା ନାହିଁ । ଔଷଧର ମୂଲ୍ୟ ହିସାବ କରିବା ସମୟରେ ପଇସାଏ ଦୁଇ ପଇସା ଊଣା ହେଲେ ସେହି ଭୁଲ ସକାଶେ ସେ ଅନୁତାପ କରନ୍ତି—ନିଜର ଗଣିତ ଜ୍ଞାନପ୍ରତି ବିରକ୍ତ ହୋଇଉଠନ୍ତି ସତ୍ୟ; ମାତ୍ର ବର୍ତ୍ତମାନ ଭୁଲ ହେଲେ ସେ ଆନନ୍ଦିତ ହୁଅନ୍ତେ ।

ଅନେକଥର ମିଶାଇ ମଧ୍ୟ ଭୁଲ ବାହାର ନ ହେବାରୁ ବୈଦ୍ୟଭୂଷଣେ ବିରକ୍ତ ହୋଇଉଠିଲେ । ବିବାହ ଖର୍ଚ୍ଚର ତାଲିକା ଖଣ୍ଡେ ଦୂରକୁ ଫିଙ୍ଗିଦେଇ ତାହା ପ୍ରତି ତୀବ୍ର ତିରସ୍କାର ଦୃଷ୍ଟିରେ ଚାହିଁ ରହିଲେ । କିଛିକ୍ଷଣ ପରେ ଗୋଟାଏ ବେଦନାଭରା ଦୀର୍ଘନିଃଶ୍ୱାସ ପକାଇ ମନେ ମନେ କହିଲେ—ଓଃ, କି ଜଞ୍ଜାଳ, କନ୍ୟାଦାୟଠାରୁ ବଳି ବିପଦ ନାହିଁ । ବିଧାତା ଶତ୍ରୁକୁ ସୁଦ୍ଧା ଏ ବିପଦ ନ ଦେଉ । ବୋଧହୁଏ ବିଧିରୋଷ କିମ୍ବା ଅଦୃଷ୍ଟର ଅଭିଶାପ କନ୍ୟାରୂପ ଧରି ଜନ୍ମେଇବାକୁ ଆସେ । ଏ କାଳରେ କନ୍ୟାର ପିତା ହେବା ମହାପାପ । ଝିଅଲାଗି ବିଧାତା ପାଖରେ ତ କେହି ଦରଖାସ୍ତ କରେନାହିଁ; ତେବେ ସେ କାହିଁକି ତାହା କପାଳରେ ଝିଅ ଲେଖେ ? ବୋଧହୁଏ ବିଧାତାର ଝିଅ ନାହିଁ; ନଚେତ୍ କନ୍ୟା ଯେ କିପରି ନିଆଁ ତାହା ସେ ଜାଣିଥାନ୍ତା । ଏଣିକି ଦିନକୁ ଦିନ କଅଣ ହେବାକୁ ବସିଲା, ଏ ପୁଣି ଗୋଟାଏ କି ସୃଷ୍ଟିଛଡ଼ା ଧାରା । ଆମ ଅମଳରେ ଏ ସବୁ ନଥିଲା,

ଖୁବ୍ ବଡ଼ଘରର ଝିଅ ଝିଅଣିଏ ଘୋଡ଼ା, ପାଲିଙ୍କି ଯୌତୁକ ନେଉଥିଲେ । ଆଉ ଏ କାଳରେ ?—ଉଃ ଆଖିରୁ ତଣ୍ଡି ଖସି ପଡୁଛି । ଯେ ଦି ଅକ୍ଷର ଇଂରାଜୀ ପଢ଼ିଲା, ସେ ଖୋଜିଲା—ସୁନା ଘଣ୍ଟା, ସୁନା ଚଷମା, ସୁନା ଶିକୁଳି, ଗୁନ ଗାଡ଼ି, ଆଉ ଆଜିକାଲି ଗୋଟାଏ ବାହାରିଛି ମୋଟରକାର । କାଳ ଯେପରି ହେଲାଣି, ଏଣିକି ଜୁଇଁ ମହାପ୍ରଭୁମାନେ ରେଲଗାଡ଼ି, ଜାହାଜ ଯୌତୁକ ନ ପାଇଲେ ବିବାହ କରିବେ ନାହିଁ ବୋଲି ଅଡ଼ିବସିବେ । ବର ଆଉ ବରବାପ ଲେଖାରେ ତ ମୋଟରକାର ଗୁଡ଼ାକ ଖୁବ୍ ଶସ୍ତା, ଯେପରି ଟଙ୍କାକୁ ଛ ପୁଞ୍ଜା । ଉଃ ସେ ଗୁଡ଼ାକର ପୁଣି କି ଦାମ—ଦଶ ହଜାର, ପନ୍ଦର ହଜାର ; ଖଣ୍ଡେ ଖଣ୍ଡେ ଜମିଦାରୀ ଆଉ କଅଣ । ଝିଅ ଗୋଟିଏ ବିଦାୟ କଲେ ତାକୁ ଗୋଟାଏ ଘରକରଣା ଦେବ, ତାହା ଉପରେ ଏ ଗୁଡ଼ାକ ସେଗର ଉପସର୍ଗ । ଅଳଙ୍କାରର କଥା ବା କିଏ ପଚାରେ । କଂସା, ପିତଳ ତ ନୁହେଁ, ରୁପାଗୁଡ଼ାକ ମଧ୍ୟ ଏଣିକି ଗନ୍ଧାଇଲାଣି । ସୁନା, ହୀରା, ମୋତି, ମାଣିକ୍ୟରେ ଝଲମଲ ନ ହେଲେ ହେବ ନାହିଁ । ସେଥିରେ ପୁଣି କେତେ ରୁଷା, ବେଉଷା, ମାନ, ଅଭିମାନ, ହତମାନ, ଅପମାନ, କନ୍ୟାପିତାରୂପ ନିରୀହ ଜୀବକୁ ସହିବାକୁ ହୁଏ ; ତଥାପି ବରପକ୍ଷର ସନ୍ତୋଷ ନାହିଁ । କନ୍ୟା ପିତା ଘର ଭିତର ମାଟିଯାକ ଖୋଳି ବୋହିନେଲେ ମଧ୍ୟ ବୋଧହୁଏ ସେମାନଙ୍କର ଦୁର୍ବାର ଦୁର୍ଲିପ୍ସା ତୃପ୍ତ ହେବ ନାହିଁ । ଶୋଷଣପଟୁ ବ୍ଲଟିଂ କାଗଜ କେବଳ ଶୋଷଣହିଁ କରିବ । ଇଂରାଜୀ ପାଠୁଆଙ୍କର ତ କଥାହିଁ ନାହିଁ, ଯେ ଇଂରାଜୀ ଶୁଙ୍ଘି ନାହାନ୍ତି ତାଙ୍କର ପୁଣି ଗୁମର କେତେ । ଯେତେ ଦେଲେ ମଧ୍ୟ ତାଙ୍କର ବିଶ୍ୱଗ୍ରାସୀ ଝୁଲି ଖଣ୍ଡିକ ପୂରେ ନାହିଁ । ଝାଡ଼ିଝୁଡ଼ି ଘରେ କଳାକନା ବୁଲାଇ ଦେଇ ସବୁ ନେଇଯିବାକୁ ସେମାନଙ୍କର ଇଚ୍ଛା । ଡକାଏତ ଆଉ କାହାକୁ କହନ୍ତି । ଡକାଏତ ଦଳ ଗୋପନରେ ଆସନ୍ତି, ଆଉ ଏମାନେ ଦିନ ଦ୍ୱିପହରେ ବାଜା ବଜାଇ ଆସି ଲୁଟ୍‌ପାଟ କରନ୍ତି । ସହଜ ଭାଷାରେ କହିଲେ ଏମାନେ ଭଦ୍ର ଖଣ୍ଡ, ଉତ୍ପାତ କରନ୍ତି ନାହିଁ—ଯାହା ପାଆନ୍ତି ତାହା ବୋହିନେଇ ଚାଲିଯାଆନ୍ତି । ଏଠା ହେଲା ସେମାନଙ୍କର ସମାଜଗତ ବା ଜାତି ଗତ ବୈଶିଷ୍ଟ୍ୟ ।

"କି ବୈଦ୍ୟଭୂଷଣେ, କଅଣ ହେଉଛି ?" ବୈଦ୍ୟଭୂଷଣଙ୍କର ଚିନ୍ତା-ସୂତ୍ର ସହସା ଛିନ୍ନ ହୋଇଗଲା, ସେ ଆଗକୁ ମୁହଁ ଦେଇ ଅପ୍ରସନ୍ନ ମୁଖକୁ ବଳାତ୍କାରରେ ପ୍ରସନ୍ନ ଭାବ ଟାଣିଆଣି କହିଲେ—"କି ଏ, ପୁରୋହିତ ଆପଣେ ? ଆସ ଆସ ଦଣ୍ଡବତ ।" ଆଗନ୍ତୁକ ଅଞ୍ଜଳି-ବିସ୍ତାର ପୂର୍ବକ ନମ୍ରୋକ୍ତ ଆଶୀର୍ବାଦ ଶ୍ଳୋକ ପାଠକରି ଯଥାସ୍ଥାନରେ ଉପବେଶନ କଲେ ।

ବିସ୍ୱଜସ୍ୱଜସୁତାରେର୍ଯନ୍ନାମ ଚତୁରକ୍ଷରଂ
ପୂର୍ବାର୍ଦ୍ଧଂ ତବ ଶତ୍ରୂଣାଂ ପରାର୍ଦ୍ଧଂ ତବ ବେଶ୍ମନି ।

ବୈଦ୍ୟଭୂଷଣ ପୁରୋହିତଙ୍କ ମୁଖକୁ ଚାହିଁରହି ମୃଦୁ ହାସ୍ୟରେ କହିଲେ—"ବାଃ, ଆଚ୍ଛା ଶ୍ଳୋକଟିଏ ତ, ଅର୍ଥ କଅଣ କହିଲ ?" ପୁରୋହିତେ ଟିପେ ନାସର ସଦ୍‌ବ୍ୟବହାର କରି ଗମ୍ଭୀର ହୋଇ କହିଲେ—"ଶ୍ଳୋକଟିର ଅର୍ଥ ଏହି ଯେ—ପକ୍ଷିରାଜ ଗରୁଡ଼ୋପରି ବିରାଜିତ ଯେ ଶ୍ରୀକୃଷ୍ଣ, ତାଙ୍କ ପୁତ୍ର କନ୍ଦର୍ପର ଶତ୍ରୁ ମହାଦେବଙ୍କର ଚାରି ଅକ୍ଷର ବିଶିଷ୍ଟ ନାମ ମୃତ୍ୟୁଞ୍ଜୟ, ସେହି ନାମର ପୂର୍ବାର୍ଦ୍ଧ ଅର୍ଥାତ୍ ମୃତ୍ୟୁ ତୁମ୍ଭ ଶତ୍ରୁଘରେ ଥାଉ, ଆଉ ପରାର୍ଦ୍ଧ ଅର୍ଥାତ୍ ଜୟ ତୁମ୍ଭ ଗୃହରେ ବିରାଜମାନ କରୁ ।

ବୈଦ୍ୟଭୂଷଣ ଦନ୍ତବିକାଶ ପୂର୍ବକ ହସି ଉଠିଲେ । ଏବଂ ଉଲ୍ଲାସମିଶା ସ୍ୱରରେ କହିଲେ—"ଖାସା ଶ୍ଳୋକ ହେ, କିଏ କରିଛି ? ତୁମେ ନା ? ବଡ଼ ଖାଣ୍ଟିରେ ବାନ୍ଧିଛ ।" ଏତିକି ମାତ୍ର କହି ଆଉ କିଛି କହିବା ପୂର୍ବରୁ ପୁରୋହିତେ ଜିହ୍ୱା ଦଂଶନ କରି କହିଲେ—"ଏ ଯେ, ବାମନର ଚନ୍ଦ୍ର ଧରିବା କଥା ହେଲା ବୈଦ୍ୟଭୂଷଣେ ! ମୁଁ ପୁଣି ଏଭଳି ଶ୍ଳୋକ ରଚନା କରିବାର ଉପଯୁକ୍ତ ! ଏ ଶ୍ଳୋକର ରଚକ ଅଗାଧ ବୁଦ୍ଧିମାନ୍ ଏବଂ ଗଭୀର ଚିନ୍ତାଶୀଳ କୌଣସି ମହାତ୍ମା ହେବେ । ତାଙ୍କର ଏହିପରି ଅନେକ ଶ୍ଳୋକ ଅଛି; ମାତ୍ର ତାଙ୍କର ନାମ ଧାମ କେହି ଜାଣେ ନାହିଁ । ମହାଜନମାନେ ନାମ ପ୍ରୟାସୀ ହୁଅନ୍ତି ନାହିଁ, ସେମାନେ କର୍ମ ଭୂମିରେ କର୍ମ କରିଯାଆନ୍ତି; ମାତ୍ର କର୍ମ ସଙ୍ଗରେ ନିଜ ନାମ ରଖି

ରଖିବା ଆବଶ୍ୟକ ମଣନ୍ତିନାହିଁ । ତୁମେ ଅନ୍ୟର ପ୍ରାପ୍ୟ ମୋ ମୁଣ୍ଡରେ ଲଦିଦେଇ ମହାପୁରୁଷ-ପ୍ରତିଷ୍ଠାକୁ ଖର୍ବ କରନାହିଁ । କାକ ହୋଇ ମୟୂର ପୁଚ୍ଛ ଲଗ୍ନି ହେବାକୁ ମୋର ଆଦୌ ଇଚ୍ଛା ନୁହେଁ ଭାଇ ।”

ବୈଦ୍ୟ—ଏଭଳି ଆଉ ଗୋଟିଏ ଶ୍ଲୋକ ବୋଲ ?

ସୁରେ—ଆଉ ଗୋଟିଏ ବୋଲିବି ? ପିଲାବେଳେ କେତେଟା ଆଲମାରିକା ପାତିଆରେ ପକାଇ ଦେଇ-ଥିଲି, ମିଳିବ କି, ଦେଖୁ କରି ଦେଖେଁ ।

ବୈଦ୍ୟ—ଶ୍ଲୋକଗୁଡ଼ାକ ଆଲମାରିକାରେ ରଖିଛ, ଶବ୍ଦଗୁଡାକ ଆଲମାରିକାରେ କିମିତି ସାଇତି ରଖିଛ ହେ ? ତୁମେ ତ ଆଛା ବାଜିକର ।

ସୁରେ—ମନ ଯେ ଗୋଟାଏ ପ୍ରକାଣ୍ଡ ଆଲମାରିକା ପାତିଆ, ଏହା କଣ ତୁମେ ଜାଣନାହିଁ । ଆଲମାରିକା ପାତିଆପରି ସେଥିରେ ଯାହା ଖୋଜିବ ତାହା ଅଛି । ଦ୍ୱେଷ, ହିଂସା, କ୍ରୋଧ, ଲୋଭ, କୂଟ-ବୁଦ୍ଧି, ସାଧୁତା, ପରୋପକାର, ଅଭିମାନ, କ୍ଷୋଭ, ଦମ୍ଭ ପ୍ରଭୃତି ଯାହା ଖୋଜିବ ତାହା ମନଭିତରେ ପାଇବ । ଏହା ଛଡ଼ା ଢେର ପୁରୁଣା କଥା ବି ମନ-ଆଲମାରିକାରେ ପଡ଼ିଥାଏ କେତେ କାଳରୁ କେତେ ଚିଜ ମନ-ଆଲମାରିକାରେ ସଞ୍ଚିତ ଥାଏ । ସେଥିର କଳନା ନାହିଁ । ମନ ଯେ ଅନନ୍ତଗର୍ଭ ।

ବୈଦ୍ୟ—ହେଉ, ସେ ଅନନ୍ତଗର୍ଭରୁ ଅନ୍ତତଃ ଉଦ୍ଭଟ ଗୋଟାଏ କିଛି ବାହାର କର ।

ସୁରେ—ଶୁଣିବାକୁ ଯଦି ତୁମର ଏତେ ଶରଧା, ତେବେ ଶୁଣ—

‘ହତୋହନୁମତା ରାମଃ ସୀତାହର୍ଷମୁପାଗତା,
ରୁଦନ୍ତି ରାକ୍ଷସାଃ ସର୍ବେ ହାହା ରାମୋ ହାତୋହତଃ ।’

ଶୁଣିଲ ? ମନ ବୋଧ ହେଲା ? ଅର୍ଥ ବୁଝିପାରିଲ ନା କାଲି ଗଆରେ ମୂଳା ଖାଇବା ପରି ରଡ଼ି ରଡ଼ି ଶବ୍ଦ ଖାଲି ଶୁଣିଲ ?

ବୈଦ୍ୟ—ଅର୍ଥ ଆଉ ମୁଣ୍ଡ ଗଣ୍ଡି ବୁଝିବ, ଏକ ଓଲଟା କଥା । ହନୁମାନ୍ ରାମଙ୍କୁ ମାରିଲା, ସୀତା ସେଥିରେ ଆନନ୍ଦିତା ହେଲେ, ପୁଣି ଅସୁର ଗୁଡ଼ାକ କାନ୍ଦିଲେ । ଆହା ଅସୁରଗୁଡ଼ାକର ରାମଙ୍କ ପ୍ରତି କି ଅଭୁତ ମହା ଦୟା ।

ସୁରେ—ନାହିଁ ହେ, ତାହାର ଅର୍ଥ ତୁମ ବୁଝିଲା ପରି ନୁହେଁ । ପ୍ରକୃତ ଅର୍ଥ ଏହି ଯେ,—“ହନୁମାନ୍ ଲଙ୍କାକୁ ଯାଇ ଆରାମ ଯେ ଉପବନ ତାକୁ ଭାଙ୍ଗିଲା, ତହୁଁ ସୀତାଙ୍କର ହର୍ଷ ଉପଗତ ହେଲା, ଆଉ ଉପବନ ରକ୍ଷକ ରାକ୍ଷସମାନେ ହାୟ ଉପବନ ନଷ୍ଟ ହେଲା ନଷ୍ଟ ହେଲା ବୋଲି କାନ୍ଦିବାକୁ ଲାଗିଲେ ।” ଏହିପରି ଅନେକ ଶ୍ଲୋକ ଅଛି, ସେଗୁଡ଼ିକ ସାହିତ୍ୟର ସୂକ୍ଷ୍ମ ସୁନ୍ଦର କଳା-କୌଶଳରେ ପୂର୍ଣ୍ଣ, ଏହାକୁ ତୁମେ ମୋର ବୋଲି ମନେକରନାହିଁ, ଏଥିର ରଚକ ଯେ ହେଉନ୍ତୁ, ମୁଁ ତା କି ଛାର, ମୋର ଗୁରୁଦେବ ମଧ୍ୟ ତାଙ୍କ ପଦତଳେ ବସିବାର ଯୋଗ୍ୟ ନୁହନ୍ତି ।

ବୈଦ୍ୟ—ରମ କଥାଶୁଣିଲେ ମନରୁ ଦୁଃଖ ହଜିଯାଏ—ମନଟା ଖୁବ୍ ଖୁସିହୁଏ । କାହିଁ ଆଉତ ଏ ଆଡ଼କୁ ଆସୁନାହିଁ, ବସନ୍ତେ—କଥାକାଣ୍ଡ ହୁଅନ୍ତେ—ସଂସାରରୁ ଆଉ କିଏ କଅଣ ବାନ୍ଧିନେଇ-ଯିବ ଭାଇ, କଥା ଏତିକି ସାର । ଭାଗବତରେ କହିଛନ୍ତି ପରା—“ସଂସାରେ ଥିବ ଯେତେ ଧନ, ଆନନ୍ଦ କରୁଥିବ ମନ ।” କିଏ କାହାର ଭାଇ, ଆଖି ବୁଜିଲେ ସବୁ ଶେଷ ।

ସୁରେ—ଆସିବ ନାହିଁ କାହିଁକି, ତୁମେ ତ ବାହାଘର କାର୍ଯ୍ୟରେ ବ୍ୟସ୍ତ ଥିଲ, ସେ ଝଞ୍ଜଟ ଛାଡ଼ିଗଲା ଏଣିକି ଆସିବ । ଯାହାହେଉ କାମଟି ସୁରୁଖୁରୁରେ ହୋଇଗଲା । ବଡ଼ ସନ୍ତୋଷର କଥା । ଦାନ ଯୌତୁକ କି ତ ଖୁବ୍ ଦେଇଛ, ଗାଁ ସାରା ଗୋଟାଏ ପ୍ରଶଂସାର ଡେଉ ଖେଳୁଛି । ଆଛା, ଭୁପତେଣେ, ବାହାଘରରେ ସବୁ କେତେଖର୍ଚ୍ଚ ହେଲା ?

ବୈଦ୍ୟ—ସେ ପ୍ରଶଂସାମୁହଁରେ ନିଆଁ, ଆଉ ଝିଅ ଜନ୍ମ ମୁହଁରେ ନିଆଁ । ଖର୍ଚ୍ଚ କଥା ପଚାରୁଛ, କହିନା କହିନା ଭାଇ, ମୁଁ ଏକାବେଳକେ ମରିଗଲି । ଅନ୍ଧାରରେ ଥିବା ଖୁବ୍ ଭଲ—“ନୋ—ଧୋ”ନାହିଁ, ଆଉ ପଦାକୁ ବାହାରିଲେ ସବୁ ଆପଦ । ଏହି ଧକ୍କାରେ ମୋର କଙ୍କାଳ ଭାଙ୍ଗିଗଲା, ଆଉ ଯେ ଉଠିବି ସେ ଆଶା ନାହିଁ । ତୁମେ ଆସିବାବେଳେ ମୁଁ ଖର୍ଚ୍ଚ ହିସାବ କରୁଥିଲି । ହିସାବ ଫର୍ଦ୍ଦ ମଧ୍ୟ ଏଇଠି ପଡ଼ିଛି ଦେଖ ।

ସର୍ବମୋଟ ଖର୍ଚ୍ଚହେଲା । ସାତ ହଜାର ଦୁଇଶ ପନ୍ଦର ଟଙ୍କା ତେରଅଣା ଦେଢ ପଇସା । ଏହା ଛଡ଼ା ତାଙ୍କ ମା ଘରୁଣାପନ୍ନ ଏଣ୍ଡୁତେଣ୍ଡୁ କେତେ କଅଣ ଦେଇଛନ୍ତି' ତା ସେ ଜାଣନ୍ତି । ଖର୍ଚ୍ଚ କଥା ମନରେ କଲେ ଦେହରୁ ସ୍ବେଦ ପରି ଝଳକେ ଝଳକେ ରକ୍ତ ଶୁଖିଯାଉଛି ।

ସୁରେ—କିନ୍ତୁ ଉପଯୁକ୍ତ ଜୁଇଁ ଦୁଇଟି ଏକା ପାଇଲ । ଝିଅଟିମାନେ ସୁଖରେ ରହିବେ ।

ବୈଦ୍ୟ—ହଁ ଉପଯୁକ୍ତ ବୋଲି ନିଲାମରେ ଦର ବଢିଲା ପରା । ଝିଅ ସୃଷ୍ଟି ସଂସାରରୁ ଉଠି ଯାଆନ୍ତା କି, ଏ ଲୋଖାଗୁଡାକର ଗାରିମା ଭାଙ୍ଗନ୍ତା ।

ସୁରେ—ଅଚ୍ଛା କହିଲ ବୈଦ୍ୟଭୂଷଣେ, ହସାଇଲ ଯେ , ଝିଅ ସୃଷ୍ଟି ଉଠିଗଲେ ପୁଅ ସୃଷ୍ଟି କାହୁଁ ଆସିବ ? ଏକା ବେଳକେ ନର ସୃଷ୍ଟି ବୁଡିଯିବ ଯେ ।

ବୈଦ୍ୟ—କି କାହିଁକି ବୁଡିଯିବ ? ଏତେ ବଡ଼ ସଂସାରଟାକୁ ଯେ କୌଶଳରେ ସୃଷ୍ଟି କରିଛି ସେହି ଅପୂର୍ବ କୌଶଳୀ ନବ ହୁନ୍ଦରିଆ ବିଧାତା କି ଆଉ କିଛି ଭାଗରେ ମଣିଷ ଗଢି ପାରିବ ନାହିଁ ?

ସୁରେ—ତୁମ୍ଭେ ବିଧାତାର ମନ୍ତ୍ରୀ ହେଲେ ଢେର ଫିକର ବତାଇ ପାରନ୍ତ । ଗଛରେ ମଣିଷ ଫଳନ୍ତେ ନ ହେଲେ ମାଟି ଭିତରୁ ବାହାରନ୍ତେ । ତେତେବେଳେ ତୁମ ସ୍ଥୂଳବୁଦ୍ଧିକୁ କୁକୁର ଶିଆଳ ମଧ୍ୟ ପ୍ରଶଂସା କରନ୍ତେ । ଅଚ୍ଛା କହିଲ ଭଲା—ପୁଅମାନେ ସର୍ବସ୍ବ ଖାଇବେ, ଆଉ ଝିଅ ଥରେ ନେଲେ ଦେହ ସହିବ ନାହିଁ, ଝିଅ ଗୁଡ଼ାକର ଅପରାଧ କଅଣ ।

ବୈଦ୍ୟ—ଅପରାଧ , ଝିଅଙ୍କର ଅପରାଧ ଏହି ଯେ—ସେ ଗୁଡ଼ାକ ଝିଅ । ବାପଘରୁ ଖୁବ୍ ଦୁହିଁ ଜାଣନ୍ତି ବୋଲି ସେମାନଙ୍କର ନାମ ଦୁହିତା । ସେମାନେ ପୁଅ କାହିଁକି ନ ହେଲେ ଏହା ସେମାନଙ୍କର ଜ୍ଞିଗୀୟ ଅପରାଧ ।

ସୁରେ—ଆଉ ତୁମପରି ବାପ ପାଇବା ଦ୍ବିତୀୟ ଅପରାଧ ।

ଏହିପର୍ଯ୍ୟନ୍ତ କଥାବାର୍ତ୍ତା ହୋଇଅଛି, ଏହି ସମୟରେ ଜଣେ ରୋଗୀର ଆତ୍ମୀୟ ଛତ୍ର ଘେନି ଅସି ଉପସ୍ଥିତ ହେଲା । ବୈଦ୍ୟଭୂଷଣେ ଚଳୁଥିବା ପ୍ରସଙ୍ଗରୁ ନିବୃତ୍ତ ହୋଇ ଶ୍ୟେନଦୃଷ୍ଟିରେ ତାହାଆଡ଼କୁ ଅନାଇ ରହିଲେ । ଆଗନ୍ତୁକ ଟଙ୍କାଟିଏ ଆଣି ତାଙ୍କ' ଆଗରେ ଥୋଇଦେଇ ମୂତ୍ର ପରୀକ୍ଷା ସକାଶେ ପ୍ରାର୍ଥନା କଲା । ତହୁଁ ବୈଦ୍ୟଭୂଷଣେ ବିସ୍ତୃତ ମାଛ ଝାମ୍ପିନେଲାପରି ଟଙ୍କାଟି ଉଠାଇ ନେଇ ଯତ୍ନପୂର୍ବକ ଅଣ୍ଟିରେ ଖୋସି ଛତ୍ର ଦେଖିବାକୁ ବାହାରିଲେ । ସୁରେହିତେ ଉଠି ଅନ୍ୟତ୍ର ପ୍ରସ୍ଥାନ କଲେ ।

# ଦ୍ବିତୀୟ ପରିଚ୍ଛେଦ

କଦମ୍ବଗଡର ରାଜବୈଦ୍ୟ ବୀରବର ବୈଦ୍ୟଭୂଷଣ ଜଣେ ସମ୍ପନ୍ନ ଗୃହସ୍ଥ । ସାତପୁରୁଷହେଲା ତାଙ୍କ ଘରେ ବୈଦ୍ୟବୃତ୍ତି ଚଳି ଆସୁଅଛି । ତାଙ୍କର ପୂର୍ବପୁରୁଷମାନେ ଏହି ବ୍ୟବସାୟରେ ପ୍ରଚୁର ଅର୍ଥ ଉପାର୍ଜ୍ଜନ କରିଯାଇଅଛନ୍ତି । ଲୋକେ କହନ୍ତି—ତାଙ୍କ ଘରେ ପାଞ୍ଚଗରା ସୁନା ମୋହର ପୋତା ଅଛି । ଅବଶ୍ୟ ଏହା କେହି ସ୍ବଚକ୍ଷୁରେ ଦେଖିନାହିଁ; ମାତ୍ର କଥାଟା ଖାଣ୍ଟି ମିଛ ନୁହେଁ । ସେ ଜାତିରେ ତଗରା, ଏ ଜାତି ଓଡ଼ିଶାର ଅନେକ ସ୍ଥାନରେ ଅଛନ୍ତି, ଏହି ଜାତିର ଲୋକେ ରାଜାଙ୍କର ତଗର ଥିଲେବୋଲି ଜାତିର ନାମ ତଗରା ହୋଇଅଛି । ଦୌତ୍ୟ ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ଏମାନେ କରଣ ଖଣ୍ଡାଏତମାନଙ୍କ ପରି ଭଦ୍ର ଏବଂ ଆଡ଼ମ୍ବରପ୍ରିୟ । ବୀରବର ବୈଦ୍ୟଭୂଷଣଙ୍କ ସହିତ ବୀରତ୍ବର କୌଣସି ସମ୍ପର୍କ ନଥିଲେ ସୁଦ୍ଧା ସେ ବୀରବର । କିନ୍ତୁ ଏହା ନୂଆ କଥା ନୁହେଁ,ଏହିପରି ଦୃଷ୍ଟାନ୍ତ ଅନେକ ମିଳିପାରିବ । ଅଙ୍ଗାରକୃଷ୍ଣବର୍ଣ୍ଣ ଲୋକର ନାମ ଗୌରଚନ୍ଦ୍ର ହୁଏ । ଚିତାଳାକ୍ଷର ନାମ କମଳଲୋଚନ ହୁଏ । ବଳିଷ୍ଠ ବୀରପୁରୁଷର ନାମ

ଚେମା ଶୁଙ୍ଘୁଥା ବି ହୁଏ । ବୈଦ୍ୟଭୂଷଣେ ଯେ ଏକାବେଳକେ ସାରଲ୍ୟ ଶୂନ୍ୟ, ତାହା ନୁହେ । ବାକ୍ୟରେ ସେ ଯଥେଷ୍ଟ ସାରଲ୍ୟ ପ୍ରକାଶ କରିପାରନ୍ତି । କଥାରେ ତାଙ୍କୁ ଜିଣିବା ସହଜ ନୁହେଁ । ତାଙ୍କର ପିତା "ଶତମାରୀ ଭବେତ୍ ବୈଦ୍ୟ" ବୋଲି ବୈଦ୍ୟର ଲକ୍ଷଣ ନିର୍ଦ୍ଦେଶ କରନ୍ତି । ସେହି ଲକ୍ଷଣର ସେ ନିଜେ ମଧ୍ୟ ଅଧିକାରୀ ଥିଲେ । ତାଙ୍କର ନାମ ନକୁଳ ବୈଦ୍ୟରତ୍ନ । ଲୋକେ କହନ୍ତି—ନକୁଳ ବୈଦ୍ୟର ଔଷଧ ଖାଇଲେ ମୃତ୍ୟୁ ସକାଶେ ଆଉ ଚିନ୍ତା କରିବାକୁ ହୁଏନାହିଁ, ଲୋକଟି ବଡ ଦୟାଳୁ, ସେ କାହାରି ରୋଗ ଯନ୍ତ୍ରଣା ସହିପାରନ୍ତି ନାହିଁ; ସୁତରାଂ ଯଥାଶୀଘ୍ର ରୋଗୀର ଭବ ଯନ୍ତ୍ରଣା ଶେଷ କରିଦେଇ ତାକୁ ନିରୋଗ କରିଦିଅନ୍ତି । କିନ୍ତୁ ବୀରବର ବୈଦ୍ୟଭୂଷଣେ ପିତାଙ୍କ ପରି ନିଷ୍ଠୁର ନୁହନ୍ତି । ତେଣୁ ପିତୃଗୁଣର ସମ୍ୟକ୍ ଅଧିକାରୀ ହୋଇପାରିନାହାନ୍ତି । କେତେଖଣ୍ଡ ନିଦାନ ପଢି ଯଥାଶକ୍ତି ଚିକିତ୍ସା କରନ୍ତି; ତଥାପି ତାଙ୍କର ପ୍ରତିଷ୍ଠା ଊଣା ନୁହେଁ । ସମସ୍ତେ ତାଙ୍କୁ ଅମୃତହସ୍ତ ବୋଲି କହନ୍ତି । ଆଢ଼େ ସାର୍ଦ୍ଧେ ଦଶକୋଶ ମଧ୍ୟରେ ତାଙ୍କର ନାମ ଡାକ । ତାଙ୍କର ମୂଳ ନାମ ଥିଲା, ବୀର ବୈଦ୍ୟ; ମାତ୍ର ସେ ଚିକିତ୍ସାବିଦ୍ୟାରେ ଅସାଧାରଣ ପାରଦର୍ଶିତା ଦେଖାଇ ରାଜଦ୍ୱାରରୁ ଉପାଧିଲାଭ କରିଅଛନ୍ତି । ଥରେ ଅଧିକ ପଣସ ଖାଇବାରୁ ରାଜକୁମାରଙ୍କର ପେଟ କାମୁଡ ଧରିଥିଲା । ବୀରବୈଦ୍ୟ ଗୋଟାଏ ପାଚିଲା କଦଳୀରେ ରାଜକୁମାରଙ୍କର ତେଡ଼େବଡ଼ କଠିନ ରୋଗକୁ ଦିନକ ମଧ୍ୟରେ ଭଲ କରିଦେଇ ଶ୍ରୀମହାରାଜାଙ୍କ ଶ୍ରୀଛାମୁରୁ ସୁବର୍ଣ୍ଣ ବଳୟ ପଞ୍ଚ ବସ୍ତ୍ର ସହ "ବୈଦ୍ୟଭୂଷଣ" ଉପାଧି ପ୍ରାପ୍ତ ହୋଇଥିଲେ । ସେ ଦିନ ପରମା ଭଣ୍ଡାରୀ ପେଟରେ ବୈଦ୍ୟଭୂଷଣଙ୍କର ପ୍ରଶଂସା ଆଉ ଧରିଲାନାହିଁ ସେ ଗଡସାରା କହି ବୁଲିଲା—"ଆଃ, ବୈଦ୍ୟ ନୁହେଁ ସେ, ସାକ୍ଷାତ୍ ଧନ୍ୱନ୍ତରି । ଶ୍ରୀପାଟଦେଉଙ୍କ ଶ୍ରୀପେଟ କାମୁଡ଼ି ଧରିଥିଲା, ବୈଦ୍ୟଭୂଷଣେ ଏକା ପାନକେ ତେତେ ରାଜବ୍ୟାଧିକୁ କୁଆଡ଼େ ଉଡ଼େଇ ଦେଲେ, ଧନ୍ୟ ତାଙ୍କର ହାତ ।" ସେହି ଦିନୁ ବୀରବୈଦ୍ୟ ବୀରବର ବୈଦ୍ୟଭୂଷଣ ହେଲେ । ତାଙ୍କ ନାମର ଗୋଟାଏ ରାଜସଂସ୍କରଣ ହୋଇଗଲା । ଆଉ ତାଙ୍କୁ ନାମ ଧରି ଡାକିବାକୁ କେହି ସାହସୀ ହୁଅନ୍ତି ନାହିଁ, ନାମ ଗଣ୍ଡା କେବଳ ପଦ ଧରି "ବୈଦ୍ୟଭୂଷଣେ" ବୋଲି ଡାକନ୍ତି, କେହିବା ଆହୁରି ସଂକ୍ଷେପ କରି କେବଳ "ଭୂଷଣେ" ବୋଲି ଡାକନ୍ତି । ରାଜାନୁଗ୍ରହ ଲାଭ କଲେ ଅନେକ ଉତ୍କାସ ଲୋକ ନିଜକୁ ଇନ୍ଦ୍ର ଚନ୍ଦ୍ର ମଣନ୍ତି । ଲଜ୍ଜାକୁ ତ ଜଳାଞ୍ଜଳି ଅର୍ପଣ କରନ୍ତି; ଅଧିକନ୍ତୁ ବିବେକ ମୁହଁରେ ମଧ୍ୟ ନିଆଁ ଲେଣ୍ଡୁଆ ବୁଲାଇ ଦିଅନ୍ତି । ବୀରବର ଠିକ୍ ସେହି ଶ୍ରେଣୀସ୍ଥ ଲୋକ, ସେ ଉପାଧି ପାଇ ଶୋଥ ରୋଗୀପରି ଫୁଲି ଉଠିଲେ । ନିଜକୁ ଅତୁଳ ଗୌରବାନ୍ୱିତ ଜ୍ଞାନରେ ଉପରକୁ ମୁହଁ କାଠ ବୁଲିଲେ । ଦେଖୁ ଦେଖୁଁ ଅଭିମାନର ତୁଙ୍ଗ ହିମାଳୟଶୃଙ୍ଗକୁ ଉଠିଗଲେ । ସମସ୍ତେ ତାଙ୍କୁ ଭୟରେ ଭକ୍ତି କରନ୍ତୁ, ଏହାହିଁ ତାଙ୍କର ଲକ୍ଷ୍ୟ ହୋଇ ରହିଲା । ଉତ୍ଥାନ ଯେ ପତନର କାରଣ, ଯେ ଯେତେ ଉପରକୁ ଉଠେ, ସେ ସେତେ ଜୋରରେ କଚୁଡ଼ି ହୋଇ ତଳେ ପଡ଼େ, ଏ ଜ୍ଞାନ ତାଙ୍କର ହେଲା ନାହିଁ । ସେ ଉପାଧିର ଭୟଙ୍କର ନିଶାରେ ଭୋଳ ହୋଇ ଅପ୍ରକୃତିସ୍ଥ ହେଲେ । ଥରେ ତାଙ୍କ ବଳଦ ଖଜୁଆ ଧୋବା ବାଡ଼ିରେ ପଶି ତାହାର ଝୁଟା ବଦାଣ ଓଳିଅ ଖାଉଥିଲା । ଖଜୁଆ ତାକୁ "ଗୋସାଇଁଶିଆ" ବୋଲି ଗାଳି ଦେଇ ଅଡ଼ାଇଦେଲା । ଦୈବାତ୍ ବୈଦ୍ୟଭୂଷଣେ ସେହିବାଟେ ଆସୁଥିଲେ, ଗୋସାଇଁଶିଆ ଶବ୍ଦଟା ହଠାତ୍ ତାଙ୍କ କାନଭିତରକୁ ଗଳିଗଲା । ହାତୀଶୁଣ୍ଢ ଭିତରେ ପିମ୍ପୁଡ଼ି ପଶିଲେ ହାତୀ ଯେପରି ଅସମ୍ଭାଳ ହୁଏ, ଭୂଷଣେ ସେହିପରି ହୋଇଉଠି କହିଲେ—"କିରେ ଧୋବା ଟୋକା, ତୋ ମଗଜକୁ ପିତ୍ତ ଉଠିଗଲାଣି କି ? ମୁଁ ମହାରାଜାଙ୍କ ଶ୍ରୀଛାମୁରୁ ବୈଦ୍ୟଭୂଷଣ ଶାଢ଼ୀ ପାଇଛି, ଜାଣୁନାହୁଁ କି ମୁଁ କିଏ ? ମୋ ବଳଦକୁ ତୁ ଗୋସାଇଁଶିଆ ବୋଲି କହୁଛୁ ? ଦାନ୍ତ ଝାଡ଼ି ଦେବି ଯେ, ଚିହ୍ନିଛୁ ନା ?" ଖଜୁଆ କହିଲା, "ଏଁ, ବୈଦ୍ୟଭୂଷଣ ଶାଢ଼ୀ ପାଇଛ ବୋଲି କଅଣ ପର ବାଡ଼ିରେ ଗୋରୁ ପୂରାଇ ଖୋଇଦେବ ?" ଆଉ ଯାଏ କୁଆଡ଼େ, ଜ୍ୱଳନ୍ତ ଅଗ୍ନିରେ ଫୁତ୍କାର ପଡ଼ିଲା । ଭୂଷଣେ ଧାଇଁ ଆସି ଖଜୁଆକୁ ମାଡ଼ିବସି ହସ୍ତପଦ ସାହାଯ୍ୟରେ ଗୋଟାକେତେ ଉତ୍ତମ ମଧ୍ୟମ ତାହା ପିଠିରେ

ବସାଇଦେଲେ । ଖବୁଆ ବି ସେଥିପୂର୍ବରୁ ତାଣ୍ଡ ବିଶାଳିଏ ପିଇଦେଇଥିଲା—ତାକୁ ଟିକିଏ ମଧୁର ନିଶା ଝାଙ୍କି ଆସୁଥିଲା, ସେ ଉଠିପଡି ଖଣ୍ଡେ ଅଙ୍ଗଚଣା କାଠରେ ଆସଲ ଏବଂ ଚକ୍ରବୃଦ୍ଧି ହିସାବରେ ସେଥିର ସୁଧ ଏକା-ବେଳେକେ ପରିଶୋଧ କରିଦେଲା । ଆହୁରି କିଛି ଅତିରିକ୍ତ ଦେବାକୁ ତାହାର ଇଚ୍ଛାଥିଲା; ମାତ୍ର ଭୂଷଣେ "ଯଃ ପଳାୟତି ସ ଜୀବତି" ନୀତି ବାକ୍ୟର ମର୍ଯ୍ୟାଦା ଲଙ୍ଘନ ନ କରିବାରୁ ତାହାର ସେ ସାଧୁ ଇଚ୍ଛା ଅପୂର୍ଣ୍ଣ ରହିଗଲା । ବୀରବରଙ୍କର ଏହି ବୀରତ୍ୱର କାହାଣୀ ଶୁଣି ରାଜା ତାଙ୍କୁ ଉପଯୁକ୍ତ ପୁରସ୍କାର ପ୍ରଦାନର ବ୍ୟବସ୍ଥା କଲେ । ସେହି ବ୍ୟବସ୍ଥାନୁସାରେ ସାର୍ଥକ-ନାମା ବୀରବର ଧୋବା ହାତରୁ ମାଡ଼ ଖାଇଥିବାହେତୁ ତାଙ୍କୁ ଧୋବା ଭଣ୍ଡାରୀ ଏବଂ ରାଜଦ୍ୱାର ମନାହେଲା । ପ୍ରତିମାସ ପରେ ଦେଡଶ ଟଙ୍କା ରାଜାଙ୍କୁ ଭେଟି ଦେବାକୁ ମନା ଫିଟିଗଲା । ଏହିପରି ବାରମ୍ବାର ଔଦ୍ଧତ୍ୟ ପ୍ରକାଶ, ବାରମ୍ବାର ଦଣ୍ଡ, ବାରମ୍ବାର ମନା, ବାରମ୍ବାର କ୍ଷମା ତାଙ୍କ ଜୀବନରେ ଲାଗିଥାଏ । ସେ ତାକୁ ଭାଗ୍ୟଲବ୍ଧ ଗୌରବ ବୋଲି ଜ୍ଞାନ କରନ୍ତି । ଉପରୋକ୍ତ ଘଟଣା ପରେ ଲୋକେ କହୁଥିଲେ—ବୀରବର ଯଥାର୍ଥ ବୀରବର—ସେନାପତି ହେବାର ଉପଯୁକ୍ତ ।

କଦମ୍ବଗଡ଼ର ରାଜା ଦର୍ପଦଳନ ଦେବ ଜଣେ ପ୍ରତାପଶାଳୀ ରାଜପୁରୁଷ । ଶାସନ, ପାଳନ ବିଷୟରେ ଖୁବ୍ ଚତୁର ଏବଂ ଦକ୍ଷ । ସମସ୍ତେ ତାଙ୍କୁ ଧାର୍ମିକ ବୋଲି କହନ୍ତି; ମାତ୍ର ସେ ଧର୍ମ କାର୍ଯ୍ୟସବୁ ପ୍ରତିନିଧିଦ୍ୱାରା କରାନ୍ତି । ଅତିବଡ଼ଲୋକ ବା ଅତିଅତି ବଡ଼ଲୋକମାନଙ୍କର ସ୍ୱହସ୍ତରେ କୌଣସି କାର୍ଯ୍ୟ କରିବା ସ୍ୱରୁଚିର ମାନହାନି ଜନକ, ଏ ବିଶ୍ୱାସ ରାଜାଙ୍କର ବଂଶଗତ; ସୁତରାଂ ପ୍ରତିନିଧି ନିଯୁକ୍ତ ନକରି ଉପାୟ କଅଣ ଅଛି । ତେବେ ଏକଥା ଅବଶ୍ୟ ସତ୍ୟ ଯେ, କେବଳ ଧର୍ମ କର୍ମ ପ୍ରତିନିଧିଦ୍ୱାରା ହୁଏ; ମାତ୍ର ଆଉ ସବୁ ରାଜା ନିଜେ କରନ୍ତି । ଏକାଦଶୀ, ପୂର୍ଣ୍ଣିମା ପ୍ରଭୃତି ବ୍ରତ ଉପବାସ ପୁରୋହିତ କରନ୍ତି । ତାଙ୍କୁ ଫଳାହାର ପାରଣା ଇତ୍ୟାଦି ବ୍ରତର ଉପକରଣ ରାଜଭବନରୁ ଦିଆଯାଏ । ବ୍ରତ ଶେଷରେ ପୁରୋହିତେ ବ୍ରତର ଫଳ ରାଜାଙ୍କୁ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ଗ୍ରହଣ କରନ୍ତି ଏବଂ ରାଜାଙ୍କର ଲକ୍ଷେ ବର୍ଷ ପରମାୟୁ ହେଉ ବୋଲି ଆଶୀର୍ବାଦ କରନ୍ତି । ପୁରୋହିତଙ୍କ ପୂର୍ବପୁରୁଷମାନେ ମଧ୍ୟ ପୂର୍ବ ରାଜାମାନଙ୍କୁ ଏହିପରି ଆଶୀର୍ବାଦ କରୁଥିଲେ ; ମାତ୍ର ଆମ୍ଭେମାନେ ବହୁପରିଶ୍ରମ, ବହୁ ଅର୍ଥବ୍ୟୟ ଏବଂ ବହୁ ଯତ୍ନରେ ଅନୁସନ୍ଧାନ କରି ବୁଝିଅଛୁ ରାଜାଙ୍କର କୌଣସି ପୁରୁଷରେ କେହି ଲକ୍ଷେ ବର୍ଷ ବଞ୍ଚିବା ଦୂରରେ ଥାଉ, ଶହେ ବର୍ଷ ବି ବଞ୍ଚିନାହାନ୍ତି । ସେ ଯାହାହେଉ, ରାଜା ପ୍ରତିନିଧିଠାରୁ ଧର୍ମ କିଣି ନଅନ୍ତି । ତାଙ୍କ ରାଜ୍ୟରେ ଧର୍ମ ଗୋଟିଏ ପୁଣ୍ୟ ଦ୍ରବ୍ୟପରି ବିକାକିଣା ହୁଏ । ରାଜାନୁଗତ ଧର୍ମ, ଅର୍ଥାତ୍ ରାଜା ଯାହା କରିବେ ତାହା ଧର୍ମ । ଅର୍ଥରେ ତ ସବୁ କିଣା ହୁଏ, ତେବେ ଧର୍ମ କିଣି ନହେବ କାହିଁକି ? ଘୃତ ଖାଇବା ଟା ପ୍ରତିନିଧିଦ୍ୱାରା ଚଳିପାରୁଥିଲେ ରାଜାଙ୍କୁ ଏତେ ଆୟାସ ସ୍ୱୀକାର କରି ସୁକୁମାର ଶ୍ରୀହସ୍ତ ଶ୍ରୀମୁଖକୁ କଷ୍ଟ ଦେଇ ଉଦର ନାମକ ଗୋଲକାର ଦେବତାର ପୂଜା କରିବାକୁ ପଡ଼ୁ ନଥାନ୍ତା; ମାତ୍ର ନିର୍ବୋଧ ବିଧାତା ସେ ବାଟ ରଖିନାହିଁ । ଅଷ୍ଟ-ପ୍ରହର ବେଦ ଘୋଷି ଘୋଷି ବିଧାତାର ବୁଦ୍ଧି ଲୁପ୍ତ ହୋଇଗଲାଣି । ରାଜା ପୂଜାରେ ବସିଲେ ଖଟଣୀ ରହି ତାଙ୍କ ଶ୍ରୀଅଙ୍ଗରେ "ତିଳକ ଲଗି" କରିଦିଏ । ଗୀତା ପାଠ ଏବଂ ବିଷ୍ଣୁସହସ୍ରନାମ ଜପହୁଏ; ମାତ୍ର ରାଜା ସେ ସବୁ ଜଞ୍ଜାଳକୁ ଯାଆନ୍ତି ନାହିଁ, ତାଙ୍କ ନାମରେ ସଙ୍କଳ୍ପ କରି ପୁରୋହିତେ ସବୁ କରନ୍ତି । ଠିକ୍ ଠାକୁର ପାଖରେ ଭୋଗ ଦେବା ପରି କଥା—ଠାକୁରଙ୍କୁ ଭୋଗ ଦିଆଯାଏ; ମାତ୍ର ପୂଜାରୀ ଖାଏ ।

ରାଜାଙ୍କର ଆଉ ଗୋଟିଏ ବିଶେଷ ସ୍ୱଭାବ ଏହି ଯେ ଧର୍ମ କାର୍ଯ୍ୟର ସାମାନ୍ୟ ତ୍ରୁଟି ସେ ସହି ପାରନ୍ତି ନାହିଁ । ଏକାଦଶୀ ଦିନ ଅର୍ଦ୍ଧରାତ୍ରରେ ଦେହୁରି ଦେବମନ୍ଦିର ଚୂଡ଼ାରେ ଦୀପ ରଖି ଦେବତାଙ୍କ ନିକଟରେ ଉଚ୍ଚ ସ୍ୱରରେ ରାଜାଙ୍କର ମଙ୍ଗଳ ଭିକ୍ଷା କରେ,—"ଶ୍ରୀ ଶ୍ରୀ ଶ୍ରୀ ଦର୍ପଦଳନ ଦେବ ମହାରାଜାଙ୍କୁ ଘଣ୍ଟଘୋଡ଼ାଇ ଚକ୍ର ଉହାଡ କରି ରଖିବାକୁ ଆଜ୍ଞା ହେଉ ହେ ମଣିମା"—ମସାଲ ହସ୍ତରେ ଏହି କଥା ସାତଥର କହି, ଦେଉଳର ଦଧି ନଉତିକୁ ସାତଥର ପ୍ରଦକ୍ଷିଣ କରି ଦେହୁରି ଦୀପ

ଦେଉଥାନ୍ତି। ଦେଉଳଭିତରେ ବୁଲିବାବେଳେ ହାତରେ ଗୋଟାଏ ମଶାଲ ଧରିଥାଏ। ଥରେ ସେ ରାଜାଙ୍କ ନାମାଦ୍ୟର ଶ୍ରୀ ତିନିଥର ନ କହି ଭୁଲ କମେ ଦୁଇଥର କହିଥିଲା, ତହିଁ ପରଦିନ ମହାସୁଆରେ ଯାଇ ରାଜାଙ୍କ ସମ୍ମୁଖରେ ଏକଥା ଜଣାଇଲେ। ଆଉ କଅଣ ରକ୍ଷା ଅଛି —ଏତେବଡ଼ ଅପରାଧର କି କ୍ଷମା ଥାଇ ପାରେ। ରାଜା କ୍ରୋଧରେ ଥରି ଉଠିଲେ—ତାଙ୍କ କେଶ ଠାଙ୍କୁରି ଉଠି ପଡ଼ିବାକୁ ଲାଗିଲା। ରାଜାଙ୍କର ଏହିପରି ଅବସ୍ଥା ଦେଖିଲେ ପାଖ ଲୋକମାନେ ତାଙ୍କର କ୍ରୋଧର ମାତ୍ରା ମାପି ନିଅନ୍ତି। ସେମାନେ ମଧ୍ୟ ଏହି ପ୍ରଜ୍ଜ୍ୱଳିତ ରାଜରୋଷାନଳରେ ଯଥାଶକ୍ତି ଇନ୍ଧନ ନିକ୍ଷେପ କଲେ। କେହି କେହି ମୁରୁକି ମୁରୁକି ହସି ପର ଦୁଃଖରେ ଅପାର ଆନନ୍ଦ ଲାଭ କରି କହିଲେ, ଦେହୁରି ବାପୁଡ଼ାର ଆଜି କାଳ ପୂରିଲା। କେହି ବା ରାଜ-ବିଧାତାଙ୍କ ମୁଖରୁ ଦେହୁରିର ଭବିଷ୍ୟତ ଭାଗ୍ୟବାଣୀ ଶୁଣିବା ପାଇଁ ଉତ୍କଣ୍ଠ ହୋଇରହିଲା। ସେ ଯାହା ହେଉ, ଏହି ସୃଷ୍ଟିକାଣ୍ଡ ଅପରାଧ ହେତୁ ଦେହୁରିର ଚାକିରି ଏବଂ ଜାଗିରି ଭୂମି କାଟି ଦିଆଗଲା। ଆଉ ସେଥି ସଙ୍ଗେ ସଙ୍ଗେ ମହାସୁଆରକୁ ପାଠ ଯଥା ପୁରସ୍କାର ଆଜ୍ଞା ହେଲା। ଗୁଣଗ୍ରାହୀ ରାଜା ଏହିପରି ଗୁଣର ଉପଯୁକ୍ତ ପୁରସ୍କାର ଦିଅନ୍ତି। କିନ୍ତୁ ମହାସୁଆରଙ୍କୁ ଏ ରାଜକରୁଣାର ଆନନ୍ଦ ଅଧିକ ଦିନ ଭୋଗ କରିବାକୁ ହୋଇ ନ ଥିଲା। ଅଳ୍ପଦିନ ପରେ ସେ ବାଲଭୋଗ ଚୋରି ଅପରାଧରେ ରାଜ୍ୟରୁ ଘଉଡ଼ା ହେଲେ।

ରାଜାଙ୍କର କେତେଜଣ ପାଖ ଲୋକ ଥିଲେ। ସେଥିମଧ୍ୟରେ ବୀରବର ବୈଦ୍ୟଭୂଷଣ, ରାଜଗୁରୁ ବସ୍ରହ ବିଦ୍ୟାବାଗୀଶ ଏବଂ ରାଜପୁରୋହିତ କୁଣ୍ଡଳଧର ଆଚାର୍ଯ୍ୟ ଏହି ତିନିଜଣ ପ୍ରଧାନ। ଅନେକେ ଏମାନଙ୍କୁ ତ୍ର୍ୟସ୍ପର୍ଶା ଯୋଗ କହନ୍ତି, କେହି କେହି ବା ଶନି, ରାହୁ, କେତୁ ଏହି ତ୍ରିଗ୍ରହ-କୂଟ ବୋଲି କହନ୍ତି। ଏମାନେ ରାଜାଙ୍କୁ ଅନେକ ସତ ପରାମର୍ଶ ଦିଅନ୍ତି; ମାତ୍ର ସେ କାହାରି କଥାରେ କର୍ଣ୍ଣପାତ ନ କରି ଏପରି ଭାବରେ ବିଚାର କରନ୍ତି ଯେ, ସେହି ବିଚାର ମଧ୍ୟରେ ସମସ୍ତଙ୍କର ପରାମର୍ଶ ଥାଏ; ସୁତରାଂ ସମସ୍ତେ ଆତ୍ମପ୍ରସାଦ ଅନୁଭବ କରନ୍ତି। ସେମାନେ ରାଜାଙ୍କ ପାଖରେ ଥିବାବେଳେ ପାଖଲୋକ; ମାତ୍ର ବାହାରକୁ ଆସିଲେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଜା ହୋଇପଡ଼ନ୍ତି। ସେମାନଙ୍କ ପ୍ରତି ରାଜାଙ୍କର ପୂର୍ଣ୍ଣ ଅନୁଗ୍ରହ ଥିବାର ଜାଣି ଲୋକେ ସେମାନଙ୍କୁ ଭୟ ଭକ୍ତି କରନ୍ତି। ସେମାନଙ୍କ ଦ୍ୱାରରେ ଯେତେଲୋକ ରୁଣ୍ଡ ହୁଅନ୍ତି, ରାଜଦ୍ୱାରରେ ତେତେ ହୁଅନ୍ତି ନାହିଁ। ତିନିଙ୍କର ଅଗାଧ ପ୍ରୀତି ଏତେ ନିବିଡ଼ ଯେ, ସେଥିରେ ପାଣି ଗଳେ ନାହିଁ, ଅଥଚ ପରସ୍ପରକୁ ଅପଦସ୍ଥ କରିବା ସକାଶେ ପରସ୍ପରର ପ୍ରଗାଢ ଯତ୍ନ ଦେଖାଯାଏ। ଜଣକ ଅନୁପସ୍ଥିତିରେ ଅନ୍ୟ ଜଣେ ତାହାର ଛିଦ୍ର ବ୍ୟକ୍ତ କରେ। ରାଜାଙ୍କ ପାଖରେ ଝିଟ ମିଛ ଲଗାଇ ଯୋଟାଇ କହେ। ସର୍ବଦା ଏହିପରି ଲାଗିଥାଏ।

ସମସ୍ତେ କହନ୍ତି—ବୈଦ୍ୟଭୂଷଣ ରାଜାଙ୍କର ବେଶି ପ୍ରିୟ ଏବଂ ବିଶ୍ୱାସୀ। ତାଙ୍କଦ୍ୱାରା ରାଜା ଅନେକ ସୂକ୍ଷ୍ମତତ୍ତ୍ୱ ଅବଗତ ହୁଅନ୍ତି। କାହାଘରେ ଶାଶୁ ବୋହୂ କଳି ଲଗାନ୍ତି—କିଏ ଭାର୍ଯ୍ୟାକୁ ମାରେ—କିଏ ଅଗାଧୁଆ ଭାତ ଖାଏ -କାହାର ପୁଅ କଲିକତାରୁ କେତେ ଟଙ୍କା ପଠାଇଲା—କାହାର ବୋହୂ ବାପ ଘରକୁ ରୁଷିଗଲା—କାହାର ଗୋରୁ କାହା ବାଡ଼ିରେ ପଶି ଶାଗ ଖାଇଲା—କିଏ କିଏ କେଉଁଠି କଅଣ ଫୁସୁର ଫାସର ହେଉଥିଲେ ଇତ୍ୟାଦି ରାଜ୍ୟର ଅବଶ୍ୟ ଜ୍ଞାତବ୍ୟ ବିଷୟ ବୈଦ୍ୟଭୂଷଣ ସଂଗ୍ରହ କରି ପ୍ରତ୍ୟହ ରାଜାଙ୍କର କର୍ଣ୍ଣ-କୁହରରେ ଢାଳନ୍ତି; ସଂକ୍ଷେପରେ କହିବାକୁ ଗଲେ ବୈଦ୍ୟଭୂଷଣେ କଦମ୍ବଗଡର ଖଣ୍ଡିଏ ଡାଇରି ପୁସ୍ତକ, ସେ ରାଜାଙ୍କର ଯେଉଁ ପରି ବାଧ୍ୟ, ରାଜବଚନର ସେହିପରି ପ୍ରତିଧ୍ୱନି। ରାଜା ଯଦି ଦିନ ଦ୍ୱିପ୍ରହରବେଳେ କହନ୍ତି—"ବୈଦ୍ୟଭୂଷଣେ, ସନ୍ଧ୍ୟା ହେଲାଣି ପରା ?" ତେବେ ବୈଦ୍ୟଭୂଷଣେ କହନ୍ତି—"ଆଜ୍ଞା ମହାରାଜ ସନ୍ଧ୍ୟା ହେଲାଣି।" ରାଜା ଯଦି ପୁଣି କହନ୍ତି—"ନା-ହେ ଦିନ ପହରେ ଅଛି", ତେବେ ବୈଦ୍ୟଭୂଷଣେ ଓଲଟି ପଡ଼ି କହନ୍ତି—"ହଁ ମହାରାଜା ଶ୍ରୀମୁଖରୁ ଯାହା ଆଜ୍ଞା ହେଲା ତାହା ଠିକ୍ ଦିନ ପହରେ ଅଛି।" ଏହିପରି ସେ ଦୁଇ ମୁହଁରେ କଥା କହନ୍ତି ବୋଲି ଲୋକେ ତାଙ୍କ ଅଜ୍ଞାତରେ ତାଙ୍କୁ ଦୁମୁଣ୍ଡିଆ ସାପ ବୋଲି କହି ପରିହାସ କରନ୍ତି।

ବୈଦ୍ୟଭୂଷଣଙ୍କର ପୁତ୍ରସନ୍ତାନ ନାହିଁ—ଦୁଇଟି ମାତ୍ର କନ୍ୟା । କୃପଣ ହେତୁ ଦାସ ଦାସୀ ତାଙ୍କଘରେ ମୁଣ୍ଡମାଡ଼ି ରହିପାରନ୍ତି ନାହିଁ । ଏକାଦିକ୍ରମେ ପନ୍ଦର ଦିନ କେହି ତାଙ୍କଘରେ ରହିବାର ଦେଖାଯାଇ ନାହିଁ । ସେ ଖୁବ୍ କାମ କରାଇ ନିଅନ୍ତି; ମାତ୍ର ପେଟ ପୂରାଇ ଖାଇବାକୁ ଦିଅନ୍ତି ନାହିଁ । ସେ କହନ୍ତି—ଚାକର ଚାକରାଣୀମାନଙ୍କୁ ବେଶି ଖାଇବାକୁ ଦେଲେ ସେମାନେ ଅଳସୁଆ ହୋଇଯାଆନ୍ତି, କାମ କରିପାରନ୍ତି ନାହିଁ । ଦିନେ ତାଙ୍କ ସ୍ତ୍ରୀ ଅଧସେର ଧାନ ଦେଇ ଗୋଟିଏ କଣ୍ଢାଇ ପିଲାଙ୍କ ପାଇଁ କିଣିଥିଲେ ବୋଲି ସେ ତିନି ଦିନ ତିନିରାତି ଯାଏଁ କଳିକରି ଖାଡ଼ାଖାଡ଼ି ଉପାସ ରହିଥିଲେ । ତାଙ୍କର ସାବିତ୍ରୀ, ପାର୍ବତୀ ନାମରେ ଦୁଇଟି କନ୍ୟା ବିବାହ ପରେ ଶ୍ୱଶୁରାଳୟକୁ ଯାଇଅଛନ୍ତି । ଜାମାତା ଦୁହେଁ ଯୋଗ୍ୟ ଲୋକ, ଜଣେ ମୋକ୍ତାର ଏବଂ ଜଣେ ଡାକ୍ତର । ବିବାହ ପରେ ପୁରୋହିତଙ୍କ ସଙ୍ଗରେ ବୈଦ୍ୟଭୂଷଣଙ୍କର ଯେଉଁ କଥାବାର୍ତ୍ତା ହୋଇଥିଲା ତାହା ମୂଳ ପରିଚ୍ଛେଦରେ ପରିବ୍ୟକ୍ତ ହୋଇଅଛି ।

## ତୃତୀୟ ପରିଚ୍ଛେଦ

କନ୍ୟା ଦୁହିଙ୍କର ବିବାହ ପରେ ବୈଦ୍ୟଭୂଷଣେ ପ୍ରତିଜ୍ଞା କଲେ—ସେ ଆଉ ଝିଅର ବାପ ହେବେନାହିଁ । ଝିଅଗୁଡ଼ାକ ଖାଲି ଜଣ୍ଡେଇବାକୁ ଆସନ୍ତି । ସେଗୁଡ଼ାକ ପୂର୍ବ ଜନ୍ମର ଶତ୍ରୁ । ପ୍ରତିଶୋଧ ନେବାପାଇଁ ଆସନ୍ତି । ବଡ଼ ଲୋକ ହେବା ଯେପରି ଖରାପ, ବଡ଼ଲୋକ ଘରେ ଝିଅ ଦେବା ତତୋଧିକ ଖରାପ । ହଜାର ହଜାର ଟଙ୍କା ଯେ ଉଡ଼ିଗଲା, କେବେକାଳେ ସେଥିର ପୂରଣ ହେବ ? ହୁଏତ ତାଙ୍କର ଅବଶିଷ୍ଟ ଜୀବନ ତହିଁକି କୁଳାଇବ ନାହିଁ । ଏତିକିରେ ଯେ ଖର୍ଚ୍ଚ ସରିଗଲା ତାହା ନୁହେଁ । ବାର ପୂନେଇ ତେର ଯାହାରେ ଝିଅ ଘରକୁ ଶଙ୍ଖା, ଶାଢ଼ୀ, ଖିର ପ୍ରଭୃତି ବାଣ୍ଟିବାକୁ ହେବ । ଝିଅ ଆସିଲେ ଫୁଲପିଡ଼ା ଭିଡ଼ି ଆହୁରି କେତେ କଅଣ ନେବ, ସେ ଗୋଟାଏ ଅର୍ଦ୍ଧ ବଳ୍କଧର । ଜୁଇଁର ହଳଦିଆ ଗୋଡ଼ ଧୋଇବା ତ ଏକ ପ୍ରକାଣ୍ଡ ବ୍ୟାପାର । ଯେତେବେଳ ଖାଇବେ ତେତେ ଯୋଡ଼ ନେବେ, ଯେଉଁ ବାସନରେ ଖାଇବେ ତାହା ସବୁ ନେବେ । ସେ ଯାହା ଯାହା ବ୍ୟବହାର କରିବେ, ତାହା ସବୁ ତାଙ୍କର ହେବ ଏହା ଉପରେ ଅହୁରି ବି କିଛି ଫରମାସ ହୋଇପାରେ । ପାନରୁ ଟିକିଏ ଚୂନ ଖସିଗଲେ ଜାମାତା ବାବାଜି ଅତବୁଝା ଦେବେ—ଅପସା ମାରିବେ—ତାଙ୍କ ଘରର ବସାଣ୍ଡ କୁକୁର ପର୍ଯ୍ୟନ୍ତ ସମସ୍ତେ ନିନ୍ଦା ଗାଇ ବୁଲିବେ । ଦୁଇଶ୍ୱଶୁରପଦ ମଧୁରିଆ ଗାଳି ଯେ ନ ଦେବେ, ତାହା ନୁହେଁ । ସର୍ବୋପରି ଝିଅକୁ ଖୁଣ୍ଟାଦେବେ—ଶାଶୁ ନଣନ୍ଦ ଗଞ୍ଜିବେ । ଖାଲି ଏତିକିରେ କି ନିସ୍ତାର ଅଛି, ଝିଅର ପୁଅ ଝିଅ ହେଲେ ତାଙ୍କ ଲଗି ଗହଣା ଦରକାର । ଏତେ ଜଞ୍ଜାଳ ହିନସ୍ତାକୁ ସିବା ଅପେକ୍ଷା ଝିଅର ବାପ ନ ହେବା ଶ୍ରେୟସ୍କର । ଏହି ସବୁ କଥା ଭାବି ବୈଦ୍ୟଭୂଷଣେ ପ୍ରତିଜ୍ଞା କଲେ—ଇହ ଜୀବନରେ ସେ ଆଉ କନ୍ୟାର ପିତା ହେବେ ନାହିଁ । ହେଲେ ପୁତ୍ରର ପିତା ହେବେ, ନଚେତ୍ ନୁହେଁ । କୌଣସି ମତେ ନୁହେଁ ପୃଥ୍ୱୀ ଫାଟିଗଲେ ବି ନୁହେଁ; କିମ୍ବା ବ୍ରହ୍ମା ବିଷ୍ଣୁ ମହେଶ୍ୱର କହିଲେ ସୁଦ୍ଧା ନୁହେଁ । ଏହା ତାଙ୍କର ସତ୍ୟ, ସତ୍ୟ, ତିବାର ସତ୍ୟ, କଠୋର ସତ୍ୟ, ନିସ୍ୱେଳ ଖାଣ୍ଟି ସତ୍ୟ, ଅଭଙ୍ଗ ସତ୍ୟ । କୋଟିଏ ଟଙ୍କା ପାଇଲେ ମଧ୍ୟ ତାଙ୍କର ଏ ମହା ସତ୍ୟ ତିଳେ ଟଳିବ ନାହିଁ । ବୈଦ୍ୟଭୂଷଣେ ଏହିପରି ଭୀଷ୍ମ ପ୍ରତିଜ୍ଞା କରି ମଧ୍ୟ ଟଙ୍କା ଖର୍ଚ୍ଚ କଥା ଭୁଲି ପାରିଲେ ନାହିଁ । ଏତେ ଗୁଡ଼ାଏ ଟଙ୍କା ଘରୁ ବାହାରି ଗଲା ଏହା କଅଣ ଭୁଲିବାର କଥା । ସବୁବେଳେ ତାଙ୍କ ପ୍ରାଣ ମଧ୍ୟରୁ କିଏ ଯେପରି ହା-ଟଙ୍କା ହା-ଟଙ୍କା ସ୍ୱରରେ ପ୍ରତିଧ୍ୱନି ଉଠାଇବାକୁ ଲାଗିଲା । ଏତେ ଅର୍ଥ କ୍ଷୟ, ଏତେ ମନସ୍ତାପ, ତହିଁ ଉପରେ ଗୋଟାଏ କଳଙ୍କ ଆସି ତାଙ୍କୁ ସ୍ପର୍ଶ କଲା ; ମାତ୍ର ସେ ବୁଦ୍ଧିମାନ୍

ହେତୁ ସେ କଳଙ୍କ ଦେହରୁ ଝାଡ଼ିପକାଇଲେ । ଦୁଷ୍ଟ ଲୋକେ ତାଙ୍କ ନାମରେ ଗୋଟାଏ ଦୁର୍ନାମ ରଟନା କଲେ—ସେ ଯେଉଁ ସୁନା ଚେନ୍ ସାନ କୁଇଁଙ୍କୁ ଦେଇଥିଲେ ତାହା ସୁନା ନୁହେଁ ପିତଳ । ଆଉ ଯେଉଁ ସୁନା ମୁଦି ଦେଇଥିଲେ ତାହା ରୁପା ମୁଦି, ସେଥିରେ ସୁନାର ଝୋଲ ଦିଆଯାଇଛି । ଏହା ଶୁଣି ବୈଦ୍ୟଭୂଷଣେ କ୍ରୋଧରେ କମାରଯନ୍ତା ପରି ଗର୍ଜି ଉଠିଲେ । ତାଙ୍କ ପରି ସାଧୁ ବ୍ୟକ୍ତିଙ୍କ ମୁଣ୍ଡରେ ଏ କଳଙ୍କ ପସରା, ଏହାକି ସହିବାର କଥା ? କିନ୍ତୁ କଥା ମିଛ ନୁହେଁ । ବଙ୍ଗଳାରେ ଗୋଟାଏ ପ୍ରବଚନ ଅଛି— "ଯା'ରଟେ, ତା', କିଛୁ କିଛୁ ବଟେ," ଅର୍ଥାତ୍ ରଟନା ମଧ୍ୟରେ କିଛି ସତ୍ୟ ଥାଏ । ଅଗ୍ନି ପରୀକ୍ଷାରେ ପ୍ରତିପନ୍ନ ହେଲା, ଉକ୍ତ ପଦାର୍ଥ ଦ୍ୱୟ ବାସ୍ତବରେ ଖାଣ୍ଟି ନୁହେଁ । ଚେନ୍ ଛଡ଼ାଟି ପିତଳ ଏବଂ ମୁଦିଟି ରୁପା; ମାତ୍ର ବୈଦ୍ୟଭୂଷଣେ ଦୋଷ ଦେହକୁ ନେବାର ପାତ୍ର ନୁହନ୍ତି । ପ୍ରତ୍ୟୁତ୍ପନ୍ନମତି ବଳରେ ସେ ଫାଙ୍କି ଦେଇବସିଲେ । କହିଲେ—"ମୁଁ ତାକୁ ଘରେ ଗଢ଼ିନାହିଁ କି ସେ ମୋ ବାଡ଼ିର ଫଳ ନୁହେଁ ଯେ ସେଥିପାଇଁ ମୁଁ ଦାୟୀ ହେବି । ତୋମାମାନଙ୍କୁ ତାହା କିଣି ଆଣିଥିଲି, ଭଲ କି ମନ୍ଦ ମୁଁ କପରି ଜାଣିବି ? ମୁଁ କଅଣ ତାହା ଭିତରେ ପଶିଥିଲି ।" ଏ କଥାର ଆଉ ଉତ୍ତର କଅଣ ଅଛି ? ଦୋଷ ତୋମାମାନଙ୍କ ମୁଣ୍ଡରେ ଗଲା । ବୈଦ୍ୟଭୂଷଣେ ନିର୍ମଳ ନିଷ୍କଳଙ୍କ । ଧନ୍ୟ ଉପସ୍ଥିତ-ବୁଦ୍ଧି, ଏପରି ବୁଦ୍ଧି ପୁରସ୍କୃତ ହେବାର ଯୋଗ୍ୟ । କୁଟିଳ କୁଚକ୍ରୀମାନଙ୍କ ଭାଗରେ ବିଧାତା ଉପସ୍ଥିତ-ବୁଦ୍ଧି ଖୁବ ଅଧିକ ଦେଇଥାନ୍ତି ।

ମିଥ୍ୟାକୁ ଯେତେ ଚାପିଲେ ମଧ୍ୟ ସେ ଲୁଚିରହି-ପାରେ ନାହିଁ । ମିଥ୍ୟା ସୋଲପରି ହାଲୁକା, ତାକୁ ତଳେ ଗମ୍ଭୀରରେ ବୁଡ଼ାଇ ରଖିଲେ ବି ସେ ଉପରକୁ ଭାସିଉଠେ । ଉପସ୍ଥିତ ଘଟଣାରେ ତାହାହିଁ ଘଟିଲା । ସତ୍ୟର ଆଲୋକ ଜଳି ଉଠିଲା, ମିଥ୍ୟା ଦଗ୍ଧ ହୋଇ-ଗଲା । ଅଳ୍ପଦିନ ପରେ ଭୂଷଣଙ୍କର କୀର୍ତ୍ତିକୁସୁମର ସୌରଭ ଚହଟି ଉଠି ଆତ୍ମପ୍ରକାଶ କଲା । ସେ ଜାଣି ଶୁଣି ଜଣେ ଚଣିଆଦ୍ୱାରା ଏହି ପ୍ରତାରଣା କରାଇଥିଲେ; ମାତ୍ର ବୈଦ୍ୟଭୂଷଣେ ମୁଣ୍ଡଟେକ ଦେବାର ଜନ୍ତୁ ନୁହନ୍ତି । ଶତ୍ରୁମାନଙ୍କ ଚକ୍ରାନ୍ତବୋଲି କହି ସେ ଏ କଥାକୁ ଉଡ଼ାଇଦେବାକୁ ଚେଷ୍ଟା କଲେ କିନ୍ତୁ ପାରିଲେ ନାହିଁ । ଶେଷରେ ଏ କଥା ରାଜାଙ୍କ କର୍ଣ୍ଣଗୋଚର ହେଲା । ରାଜା କହିଲେ—"ଲୋକଟା ଏଡ଼େ ଠକ ଯେ ନିଜ ଝିଅ କୁଇଁଙ୍କୁ ଠକାଇଲା ସେଠାକୁ ବିଶ୍ୱାସ କଅଣ ।" ଖଲିଆ ଝପଟ ସିଂହ ରାଜାଙ୍କର ଶ୍ରୀଅଙ୍ଗ ମର୍ଦ୍ଦନ କରୁଥିଲା, ସେ କହିଲା— ହଁ ଆଜ୍ଞା ସେଟା ପକ୍କା ଠକ । ଆମ୍ଭରୁ ଏତେ ଟଙ୍କା ନେଇ ଯେ ଔଷଦ କରିଦିଏ ସେ ଖାଲି ଡ଼ାଳ ମୂଳ ସିନା, ଆମ୍ଭରେ କେତେ ହୌତିକର କହେ ସୁନାଭସ୍ମ ହୀରାଭସ୍ମ କେତେ ଭସ୍ମ ପଡ଼ିଛି, ଖାଲି ଭୁଲ୍ଲା ମିଛ, ଆଜ୍ଞା ଭୁଲ୍ଲା ମିଛ । ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ ସତେ କିରେ ? ଝପଟ ସିଂହ ଦୃଢ କଣ୍ଠରେ କହିଲା, ହଁ ଆଜ୍ଞା ଆମ୍ଭରେ କଣ ମିଛ କହିବ ମହାପ୍ରଭୁ । ଛାତି ଫାଟିଯିବ ନାହିଁ—ଆଖି ଫୁଟି ଯିବ ନାହିଁ—ମରିଯିବ ନାହିଁ ? ରାଜା ଆଉ ଅବିଶ୍ୱାସ କରିପାରିଲେ ନାହିଁ, କହିଲେ—ଆଜି ଆଜପାଖରୁ ତାକୁ ଦ୍ୱାର ମନା । ସଙ୍ଗେ ସଙ୍ଗେ ରାଜାଦେଶ ନରଭୁଣ୍ଡ ବାହନରେ ଗଡ଼ ସାରା ବ୍ୟାପିଗଲା । ବୈଦ୍ୟଭୂଷଣେ ଶୁଣି ପ୍ରମାଦ ଗଣିଲେ । ତାଙ୍କ ଘରେ ଅସରନ୍ତି ଅବାଡ଼ ହେଲା । ସେ ଶତ୍ରୁମାନଙ୍କୁ ଯମ ରାଜ୍ୟକୁ ପଠାଇବାର ଅଭିଳାଷ ପ୍ରକାଶ କଲେ । ସେମାନଙ୍କ ପୂର୍ବ ଏବଂ ଉତ୍ତର ପୁରୁଷ-ମାନଙ୍କୁ ମଧ୍ୟ ପୁରସ୍କୃତ କରିବାକୁ ଭୁଲିଲେ ନାହିଁ । ଦୁଇମାସପରେ ଉପଯୁକ୍ତ ପ୍ରଣାମୀ ଦେଇ ରାଜଦ୍ୱାର ମନା ଫିଟାଇଲେ ।

ବାରବର ବୈଦ୍ୟଭୂଷଣଙ୍କର ସହଧର୍ମିଣୀ ପଦ୍ମାବତୀ ପ୍ରଥମତଃ ଭଲ ଥିଲେ । ରଙ୍କୀ ଦୁଃଖୀ ଚାହୁଁଥିଲେ । ଭିକାରୀକୁ ମୁଠାଏ ଦେଉଥିଲେ—କ୍ଷୁଧାର୍ତ୍ତର ପେଟବ୍ୟଥା ବୁଝୁଥିଲେ; ମାତ୍ର ଏ ସବୁ ଅପବ୍ୟୟ ବୈଦ୍ୟଭୂଷଣଙ୍କୁ ଭଲ ଲାଗିଲା ନାହିଁ । ପଦ୍ମାବତୀ ସେଥିପାଇଁ ସ୍ୱାମୀଙ୍କ-ଠାରୁ ବାରମ୍ବାର ତିରସ୍କୃତ ହୋଇ ନିଜର ଧାରା ବଦଳାଇଦେଇଅଛନ୍ତି । ସେ ସ୍ୱାମୀଙ୍କ ଗୁଣ ଗୁଡ଼ିକର ଛୁଟ ନିଜ ଦେହରେ ଚଢ଼ାଇ ଦେଇ ସହଧର୍ମିଣୀ ନାମ ସାର୍ଥକ କରିଅଛନ୍ତି । ସହବାସ ଗୁଣରେ ସବୁ ହୁଏ । ପଦ୍ମାବତୀ ମୂଲିଆମାନଙ୍କୁ ମୂଲ ଦେବାବେଳେ ଧାନରେ

ଅଗାଡ଼ ମିଶାଇଦେଇ ମାପି ଦଅନ୍ତି । ଧାନ କୁଟୁଣୀମାନଙ୍କର କୁଟା ମୂଲ ଗୋଳାଇ ଦେଇ ଶହେସେର ଯାଗାରେ ଦୁଇସେର ଦଅନ୍ତି । ଗରିବ କୁଟୁଣୀମାନେ ଆଗରେ କିଛି କହନ୍ତି ନାହିଁ—ଆଖି ଲୁହ ଆଖିରେ ମାରି ରହନ୍ତି; ମାତ୍ର ପଛରେ କହନ୍ତି—"ଆମେ ଦୁଃଖୀ ଲୋକ, ଗତର ଖଟେଇ କାମ କରୁଛୁ, ଆମ ତଣ୍ଟି ଚିପି ମାଣେ ପୋଏ ଗୋଳେଇ ନେଲେ କଅଣ ବଡ଼ମନ୍ତ ହେବ, ନେଉ, କେତେ ନେବ ନେଉ ଅମର ଧାରୁଆ ହୋଇଥାଉ—ଆରଜନ୍ମରେ ଛାତିରେ ଚଢ଼ି ଗଛଉପରେ ଗଛ ହୋଇ ଶୁଝେଇ ନେବୁ, କୁଆଡ଼େ ଯିବ । ଏଣେ ଆମ ତଣ୍ଟି ଚିପିଲେ କଅଣ ହେବ, ତେଣେ ଭଗବାନ ତା' ତଣ୍ଟି ଚିପୁଛନ୍ତି । ଗୃହିମାସେ—ଛମାସେ ରଜାଘରକୁ ସେର ସେର ମାପିଦେଇଆସୁଛି । ଧର୍ମ କଅଣ ନାହିଁ, ଗୃହସ୍ଥଘରେ ଅଛି, ସେହି ବାସ୍ତୁର କରିବ, ଆଉ ଯେ ଦିନ ରାତି କରୁଛି ସେ ବୁଝାମଣା କରିବ । ମୁଣ୍ଡଝାଳ ଗୋଡ଼ତଳେ ପକାଇ ଆମେ କାମ କରୁଛୁ, ଆମକୁ ଗଧ ପରି ଖଟାଇନେଇ ଆମ ମୂଲରୁ ରେଖା କାଟୁଛି, ଆମ ଦେହରୁ ଝାଳ ଯାଉନାହିଁ ସେ—ରକ୍ତ ଯାଉଛି, ଆମ ତତଲା ନିଃଶ୍ୱାସରେ ସବୁ ଜଳି ପାଉଁଶ ହୋଇ ଉଡ଼ିଯିବ । ଏତେ ଯେ ଛପୁଛି, ଖାଇବ କିଏ ? ପୁଅ, ନା ପୁରୁଷ ? ବିଧାତା ତ ଲୁହା ଛାଣି ପାଣି ଦେଇଛି । ମନ ଜାଣି ଫଳ, ଗେରସ୍ତ ଭାର୍ଯ୍ୟା ଦୁହେଁ ଯେମିତି ଏକାମାଙ୍କରେ ଗଢ଼ା । ବୁଢ଼େଇ ଜର ନେଉ ଆର ଜନ୍ମରେ ଆମର ଧାନକୁଟି ଶୁଝିବ ।" ଏହିପରି ଅନେକ କଥା କି ମୂଲିଆ, କି କୁଟୁଣୀ ସମସ୍ତେ କହନ୍ତି । ଆମ୍ବ ପଣସଦିନେ ରଜାଘରୁ କେତେ ଆମ୍ବ ପଣସ ଆସେ, ତାହା ପଚିଗଲେ ଖତଗାଡ଼ିକୁ ଫୋପାଡ଼ି ଦିଆଯାଏ; ମାତ୍ର ଗୃହର ଗୃହସ୍ଥଣୀମାନେ ବାସନା ସୁଦ୍ଧା ପାଆନ୍ତି ନାହିଁ । ତରକାରି ତ ସେମାନଙ୍କ ପେଟ ଛୁଏଁ ନାହିଁ । ଗରିବ କାଙ୍ଗାଳସୁଦ୍ଧାକ କଅଣ ତରକାରି ଖାଇବେ, ଲୁଣଝୋଳ ହେଲେ ତେର । ତରକାରି କଅଣ ଗରିବଙ୍କ ପେଟରେ ଜୀର୍ଣ୍ଣ ହେବ । ବୈଦ୍ୟଭୂଷଣଙ୍କ ବିଧବା ଭଉଣୀ ଅମ୍ବିକାର ସ୍ୱାମୀକୁଳରେ କେହି ନାହାନ୍ତି । ତାହାର କପାଳ ଫାଟିଲା ପରେ ସେ ଆସି ଭ୍ରାତୃଗୃହରେ ଆଶ୍ରୟ ନେଇଅଛି । ସେ ବସି ବସି ଖାଇ ଖାଉଙ୍କ ଅନ୍ନଧ୍ୱଂସ କରେନାହିଁ, ତାକୁ ଅନେକ କାମ ପାଇଟି କରିବାକୁ ହୁଏ । ତହୁଁ ଉପରେ ସେ ରନ୍ଧାବଢ଼ା ବାଢ଼ିକରି ଭୁଲାଇ ନିଏ । ଆଉ ଯେତେବେଳେ ଯେଉଁ ଗୃହର ଗୃହସ୍ଥଣୀ ରହନ୍ତି, ସେମାନେ ଘରର ଭାରଣୀୟ କାର୍ଯ୍ୟ କରିସାରି ମୂଳମୂଳକା ଗୋଟାଇ ଆଣନ୍ତି । ଔଷଧ କୁଟିବା, ଛାଣିବା ମଧ୍ୟ ସେମାନଙ୍କ କର୍ତ୍ତବ୍ୟ ସୀମାର ବହିର୍ଭୂତ ନୁହେଁ । ସେମାନଙ୍କର କର୍ତ୍ତବ୍ୟ ସୀମାବଦ୍ଧ ନୁହେଁ—ଅସୀମ, କେବଳ ଗୃହିଣୀ ପଦ୍ମାବତୀଙ୍କର କିଛି କାମ ନାହିଁ; ମାତ୍ର କିଛି ଗୋଟାଏ ନ କଲେ ସେ ଥୟ ହୋଇପାରିବେ ନାହିଁ; ସୁତରାଂ ଗୃହକର୍ମକରଙ୍କ ଉପରେ ସର୍ଦ୍ଦାରୀ କରନ୍ତି, ଆଉ ସବୁବେଳେ ଡାଆଣୀ ଲାଗିଲା ପରି ବକର ବକର ହୁଅନ୍ତି । ଏତକ ନ ହେଲେ ତାଙ୍କର ଭାତ ହଜମ ହୁଏ ନାହିଁ । କେହି କିଛି କଲେ ନାହିଁ, ଖାଇଗଲେ, ନେଇଗଲେ, ସବୁବେଳେ ଏହି କଥା । ଗୃହିଣୀ ଧୈବତ-ସ୍ୱରରେ କଥା କହନ୍ତି । କଥାଗୁଡ଼ାକ କଂସା ବାଜିଲା ପରି ଖଣ୍ ଖଣ୍ ଶୁଭେ । କଥା କହିବାବେଳେ ଶହେପୁର ଉଚ୍ଛୁଳି ଉଠେ । ବକିବା ଆଉ ଶୋଇବା ଏ ଦୁଇଟି ତାଙ୍କର ଖୁବ୍ ପ୍ରିୟ । ଶୋଇଲେ ସହଜରେ ନିଦ୍ରାଭଙ୍ଗ ହୁଏ ନାହିଁ । ଏମନ୍ତ କି କାନ ପାଖରେ ଢୋଲ ପିଟିଲେ ମଧ୍ୟ ସୁଷୁପ୍ତିରେ ବ୍ୟାଘାତ ଘଟେ ନାହିଁ । କେବଳ ଦୀର୍ଘନିଃଶ୍ୱାସଧ୍ୱନି ଡେଡେବେଳେ ତାଙ୍କର ଜୀବିତାବସ୍ଥାର ପ୍ରମାଣ ଦିଏ । ପଦ୍ମାବତୀ ପଡ଼ିଶାଙ୍କ ଘରକୁ ଖୁବ୍ ଅଳ୍ପ ଯାତାୟାତ କରନ୍ତି, ସେଥିର କାରଣ କେହି ପ୍ରବେଶିନୀ ପଚ୍ଛରିଲେ କହନ୍ତି—"କଅଣ କରିବି ଭଉଣି, ମରିବାକୁ ତ ଟିକିଏ ତର ନାହିଁ, ଯାହା ନ କରିବି ତାହା ନ ହେବ, ଯାହା ନ ଦେଖିବି ତାହା ମାଟି ହେବ, ଯାହାକୁ ଗୃହର ଗୃହସ୍ଥଣୀ ରଖିଲି ସେମାନଙ୍କ ଦେହରେ ଲୁଗା ପକାଇ ଜୁହାର ହେଲେ ବି ତ ଦିନ ସରିଲା ନାହିଁ; ସେମାନେ ଖାଲି ଖାଇବେ ସିନା, ଆଉ କାମଟାଏ କରିବାକୁ କହିଲେ ସମସ୍ତଙ୍କ ଗତର ଛିଣ୍ଡିପଡ଼େ, ଜରଗରକୁ ବାଧେ । କହିଲେ ପୁଣି ଓଲଟା କହିବେ—"ପେଟକୁ ଦେଇ ସିନା ପିଠିକୁ

ମାଉନ୍ତି; ତମେତ ଭୃତ ଦେବ ପେଟ ପୁରିବ ନାହିଁ, ସେଥିରେ ଦିନ ସାରା କାମ କରିବାକୁ କହିଲେ କିଏ ପାରିବ ।” ମୋର ଖାଇ ପୁଣି ମୋତେ ଏହିମତି ଦୁର୍ଦ୍ଦଶା ଦେବେ । ମୁଁ କଅଣ ଖାଇବାକୁ ଦିଏ ନାହିଁ ? ମୋ’ଠଉଁ କଅଣ କଉଁ ସାଣ୍ଡ ପୋଡ଼ାମୁହିଁ ବେଶି ନିଏ ? ଏ ଯୁଗରେ ମୂଲିଆ ତ ହେଲେ ରଜା, ତାଙ୍କ ଗୋଡ଼ ଧଇଲେ ବି କାମ ଚଳିଲା ନାହିଁ, ସେଇଥିଲାଗି ତ ସେ ଯାହା ମାଗେ ମୁଁ ଡରିମରି ଆଖି ବୁଜି ଡାଳି ଦିଏଁ । ଆଉ ତାଙ୍କ କଥା ତ ଜାଣ, ସେ ଭୋଳା ମହେଶ୍ୱ, ଯେ ଯାହା ମାଗିଲା ତାକୁ ତାହା ଦେଇପକାନ୍ତି । ‘ନା’ ବୋଲିତ ତାଙ୍କ ତୁଣ୍ଡରେ ଆସେ ନାହିଁ । ସେଥିଲାଗି ରଜା କଣରୁ ପରଜାଯାଏଁ ସମସ୍ତଙ୍କ ମୁହଁରେ ବୈଦ୍ୟ-ଭୂଷଣଙ୍କ ପ୍ରଶଂସା—ସଭିଙ୍କ ମୁହଁରେ ଧନ୍ୟ ଧନ୍ୟ ପଦ ଲାଗିରହିଛି, ପାଣିପରି ତ ଔଷଧ ବଣ୍ଟା ଲାଗିଛି, କେହି ଅଣେ ପଣେ ଦେଲେ ଖୁସି ନ ଦେଲେ ବି ଖୁସି । ଅନ୍ୟ ବୈଦ୍ୟ ପରି କାହାରିକୁ ତୁଣ୍ଡ ଖୋଲି ଔଷଧର ଦାମ ମାଗନ୍ତି ନାହିଁ । ଆଉ ଔଷଧବି ଏମିତି ସିମିତି ଔଷଧ ନୁହେଁ -ଏକାପାନକେ ରୋଗ କଅଣ, ରୋଗର ବାପ ବି ଛାଡ଼ି ପଳାଇବ ।” ବୈଦ୍ୟବଧୂ ଏହିପରି ନିଜର, ସ୍ୱାମୀଙ୍କର ଏବଂ ସ୍ୱାମୀକୃତ ଔଷଧର ପ୍ରଶଂସା ଅନର୍ଗଳ ଉଦ୍‌ଗାର କରି ଶ୍ରୋତାକୁ ଅତିଷ୍ଠ କରିପକାନ୍ତି । ସେ ଆଉ ଶୁଣିବ କଅଣ, କିପରି ସେଠାରୁ ଖସିଯାଇ ନିସ୍ତାର ଲଭିବ ଏହି ଚେଷ୍ଟା କରେ ।

ଯାହା ଯାହାର ପ୍ରାର୍ଥନୀୟ ନୁହେଁ, ଅନେକ ସମୟରେ ବିଧାତା ତାହା ତାକୁ ଆଣି ଦିଏ । ଝିଅର ବାପ ହେବେ ନାହିଁ ବୋଲି ବୈଦ୍ୟଭୂଷଣେ ସଙ୍କଳ୍ପ କରିଥିଲେ; ମାତ୍ର ଦୁଷ୍ଟ ବିଧାତା ତାଙ୍କର ସେ ସୁମହତ୍ ସାଧୁ ସଙ୍କଳ୍ପରେ ବାଦ ସାଧିଲା । କେତେ-କାଳ ପରେ ତାଙ୍କର ଗୃହିଣୀ ଅନ୍ତଃସତ୍ତ୍ୱା ହେଲେ । ବୈଦ୍ୟଭୂଷଣଙ୍କର ମୁଣ୍ଡ ଘୁରିଗଲା, କାଳେ ପୁଣି ଗୃହିଣୀ କନ୍ୟା ଜନ୍ମକରି ତାଙ୍କ ଉତ୍ତରକୁମାର ପ୍ରତିଜ୍ଞା ଭଙ୍ଗର ହେତୁ ହୋଇବସନ୍ତି ! ତାହାହେଲେ ତ ସର୍ବନାଶ । ତେବେ ସେ କଅଣ କରିବେ, ବାସ୍ତବରେ ଏହା ବିଷମ ଚିନ୍ତାର କଥା । ଗର୍ଭିଣୀକୁ କଅଣ ଖୁଆଇଲେ ସେ କନ୍ୟା ପ୍ରସବ ନକରି ପୁତ୍ର ପ୍ରସବ କରିବ, ଏପରି କୌଣସି ଔଷଧ ଅଛି କି ନାହିଁ ଜାଣିବା ସକାଶେ ସେ ଚିକିତ୍ସା ଶାସ୍ତ୍ର ଘାଣ୍ଟିବାକୁ ଲାଗିଲେ ; ମାତ୍ର ସେପରି କିଛି ବ୍ୟବସ୍ଥା ନପାଇ ଶାସ୍ତ୍ରକାରମାନଙ୍କ ପ୍ରତି ବିରକ୍ତ ହୋଇଉଠିଲେ । ଜ୍ୟୋତିଷମାନଙ୍କୁ ଡାକି କୋଷ୍ଠି ଗଣାଇଲେ, ସମସ୍ତେ ପୁଅ ହେବ ବୋଲି କହିଲେ । ତଥୁଁ ଆଶଙ୍କା ଟିକିଏ ଊଣା ପଡ଼ିଗଲା, ବୈଦ୍ୟଭୂଷଣେ ଦେବତାଙ୍କ ଶରଣ ପଶିଲେ । ପୁଅ ହେଲେ କେଉଁ ଦେବତାଙ୍କୁ କଅଣ ପୁରସ୍କାର ଦେବେ, ମନ ମଧ୍ୟରେ ସେଥିର ଗୋଟାଏ ତାଲିକା ଲେଖି ରଖିଲେ । କିନ୍ତୁ ଦେବତାମାନଙ୍କର କି ଦୁର୍ଭାଗ୍ୟ ଯେ, ସେମାନେ ଯାଚିଲା ଭୃତ ଛାଡ଼ିଦେଲେ । ଏହି ଦୁର୍ବୁଦ୍ଧି ସକାଶେ ଅବଶ୍ୟ ସେମାନେ ଅନୁତାପ କରିଥିବେ । ବୋଧହୁଏ ସେମାନଙ୍କୁ ଦଶା ପଡ଼ିଥିବ, ନହେଲେ ବୁଦ୍ଧିମାନ୍ ହୋଇ ଏରୂପ ଅନାଡ଼ିର କାର୍ଯ୍ୟ କରି ନଥାନ୍ତେ । ଯଥା ସମୟରେ ବୈଦ୍ୟଭୂଷଣଙ୍କର ଗୋଟିଏ କନ୍ୟା-ରତ୍ନ ଜାତହେଲା । ବୈଦ୍ୟଭୂଷଣଙ୍କ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା । ସେ ଚାରିଆଡ଼ ଅନ୍ଧାର ଦେଖିଲେ । ଏଥି ପୂର୍ବରୁ ତାଙ୍କର ଆଉରି ଦୁଇଟି ସନ୍ତାନ ଜନ୍ମଗ୍ରହଣ କରିଥିଲେ; ମାତ୍ର ସେମାନେ ମାତୃଅଙ୍କ ଅଳଙ୍କୃତ କରିବା ପୂର୍ବରୁ ମଙ୍ଗଳମୟଙ୍କ ପବିତ୍ର ଅଙ୍କରେ ଯାଇ ଆଶ୍ରୟ ଗ୍ରହଣ କଲେ । ବର୍ତ୍ତମାନ ନବଜାତ କନ୍ୟାଟି ଭୂଷଣଙ୍କର ପଞ୍ଚମ ସନ୍ତାନ । ପୁଅ ନହୋଇ ଝିଅ ହେଲା, ଏହାତ ଗୋଟାଏ ପ୍ରକାଣ୍ଡ ଆପଦ, ପୁଣି ବଥ ଉପରେ ଫୋଟକା—ଝିଅଟି ସୁନ୍ଦରୀ ନୁହେଁ । ଅର୍ଥାତ୍ ଚନ୍ଦ୍ର କିରଣରେ ସ୍ୱର୍ଣ୍ଣ ସୌରଭ ମିଶାଇ ବିଧାତା ତାକୁ ଗଢ଼ି ନାହିଁ । ଶିଶୁଟିର ବର୍ଣ୍ଣ ଗୌର; ମାତ୍ର ଖଣ୍ଡେ କଳାଜାଇମନ୍ଦା ତାହା ମୁଖର ବାମପାର୍ଶ୍ୱ ଯାକ ବ୍ୟାପି ରହିଅଛି । ଠିକ୍ ଯେପରି ଅର୍ଦ୍ଧକାଳୀ ଅର୍ଦ୍ଧକପର୍ଦ୍ଦୀ ମୂର୍ତ୍ତି । ବିଧାତା-ବିଜ୍ଞାଣୀ ବୋଧହୁଏ ବଦ୍ରୂପକୁ ରୂପଦାନ କରିଅଛି । “ବିଧାତା ଲଥାଣ, କୁମ୍ଭାର ପିଆଣ” ସବୁ ଏକାରକମ ହୁଏ ନାହିଁ । କେଉଁଟା କିପରି ଉତୁରି ଯାଏ ।

# ଚତୁର୍ଥ ପରିଚ୍ଛେଦ

ଶିଶୁ କନ୍ୟାର ପଞ୍ଚୁଆତି, ଷଠିଘର, ଉଠିଆଣ୍ଡି, ଏକୋଇଶା ସବୁ ହୋଇଗଲା; ମାତ୍ର କାହିଁରେ ଆଡ଼ମ୍ବର ବା ଆନ୍ତରିକତା ଦେଖାଗଲା ନାହିଁ । ଖାଲି ବିଧିରକ୍ଷା ସକାଶେ "ର—ଠ" ଭାବରେ କାମ ଚଳାଇବାକୁ ହେଲା । ମନ ଖୁସି ନ ଥିଲେ ସମସ୍ତଙ୍କର ସବୁ କାର୍ଯ୍ୟରେ ଏହିପରି ଅନାସ୍ଥା ଭାବ ପରିଲକ୍ଷିତ ହୁଏ । ମନ ଭଲ ନଥିଲେ ସୁଖାଦ୍ୟ ମଧ୍ୟ ରୁଚେ ନାହିଁ । ବୈଦ୍ୟଭୂଷଣେ ସବୁବେଳେ ଅପ୍ରସନ୍ନ, ଅଧିକ କଥା କହନ୍ତି ନାହିଁ, ନିର୍ଜନରେ ବସି କି ନିବିଡ଼ ଚିନ୍ତାରେ ନିମଗ୍ନ ହୁଅନ୍ତି, କାହିଁରେ ତାଙ୍କର ମନ ଲାଗେ ନାହିଁ, ରୋଗୀମାନେ ଆସି ସାକ୍ଷାତ ନପାଇ ଫେରି ଯାଆନ୍ତି । ପଦ୍ମାବତୀ ସ୍ୱାମୀଙ୍କର ଏ ଭାବ ଲକ୍ଷ୍ୟ କରିଆସୁଥିଲେ, ସେ ବଡ଼ ଶଙ୍କିତ ହୋଇପଡିଲେ । ସ୍ୱାମୀଙ୍କର ଏ ବୈରାଗ୍ୟର କାରଣ ଜାଣିବାକୁ ତାଙ୍କର ଅଧିକ ବିଳମ୍ବ ହେଲା ନାହିଁ । ସେ ଜାଣନ୍ତି—ତାଙ୍କର ସ୍ୱାମୀ କୃପଣ-ଚୂଡ଼ାମଣି । ସେ ଶରୀରର ରକ୍ତବ୍ୟୟ କରିପାରନ୍ତି; ମାତ୍ର ଅର୍ଥ ବ୍ୟୟ କରିପାରନ୍ତି ନାହିଁ । କନ୍ୟା ଦୁହିଁଙ୍କ ବିବାହରେ କିଛି ଅଧିକ ଖର୍ଚ୍ଚ ହେବାରୁ ତାଙ୍କ ହୃଦୟରୁ ଅଦ୍ୟାପି ହାହାକାର ବନ୍ଦ ହୋଇ ନାହିଁ । ଏପରି ଅବସ୍ଥାରେ ପୁଣି କନ୍ୟା ଜାତ, ଏହା ତାଙ୍କର ଅସହ୍ୟ ନ ହୋଇ ଆଉ କଅଣ ହେବ । କନ୍ୟାତ ଗୋଟାଏ ଆପଦ, ପୋଡ଼ା କପାଳକୁ ସେ ପୁଣି କୁଞ୍ଚିତ ଚକ୍ଷୁରେ ଅଲକ୍ଷଣୀ, ଏହା ଯେ ବିପଦର ପ୍ରଜ୍ୱଳିତ ଅଗ୍ନିକୁଣ୍ଡ । ପଦ୍ମାବତୀ ଏହିପରି ଭାବ ଦିନେ ସ୍ୱାମୀଙ୍କୁ ପଚାରିଲେ—"ଦିନକୁ ଦିନ ତୁମେ ଇମିତି ଦଳାକାଠ ପଡିଯାଉଛ କାହିଁକି ? ଝିଅ ହେଲାବୋଲି ଭାବନା କରୁଛ ? ଲୋକେ ପୁନା ପିଲା ଦାନକରି ଚମ ପିଲା ପାଉନାହାନ୍ତି, ଝିଅହେଲା କଅଣ ହେଲା, ସେଇଲାଗି ତୁମେ ଭାବନା କରୁଛ ?" ବୈଦ୍ୟଭୂଷଣେ ବଳପୂର୍ବକ ଶୁଷ୍କ ମୁଖକୁ କାଉଁଳିଆ ଖପରି ଫିକା ହାସ୍ୟ ଟାଣିଆଣି ଅଟ୍ଟ ହେଲାପରି କହିଲେ—"କାହିଁ କିଛି ଭାବୁ ନାହିଁତ, ବେଳେ ବେଳେ ତୁମେ ଆକାଶରୁ ଓଳାଆଣିଲାପରି କଥା କୁହ ।"

ପଦ୍ମାବତୀ—ତମେ ଲୁଚାଇଲେ କଅଣ ହେବ, ତୁମ ରୂପ କାନ୍ତି କହି ଦେଉଛି ।

ବୈଦ୍ୟ—କଅଣ କହିଦେଉଛି ? ଓଃ, ଖୁବ୍ ସାମୁଦ୍ରିକବିଦ୍ୟା ତୁମକୁ ଜଣା, ରୂପ ଦେଖି ମନ ଭିତରର କଥା ଜାଣିପାରୁଛ ?

ପଦ୍ମା—ନା, ବିଦ୍ୟା ଫିଦ୍ୟା କିଛି ଜାଣେ ନାହିଁ, ତେବେ ଏତିକି ପଚାରୁଛି ଯେ, ରୂପ ଦେଖିତ ମନ ଜାଣି ହୁଏ ନାହିଁ, ଆଉ ଛୁଇଁ ଦେଖି ରୋଗ ଜାଣି ହୁଏ କିମିତି ? ଆଚ୍ଛା, ସତ କହିଲ—ତୁମେ ମନରେ ଦୁଃଖ କରୁନାହିଁ ?

ବୈଦ୍ୟ—ସତ କହୁଛି—ମୋର ମନରେ କିଛି ଦୁଃଖ ନାହିଁ, କପାଳରେ ଯାହା ଥିଲା ତାହା ହେଲା, ସେଥିଲାଗି ଦୁଃଖ କରିବ କାହିଁକି ? ବିଧାତାର ଇଚ୍ଛା ଉପରେ ମନୁଷ୍ୟର ହାତ କଅଣ ଅଛି । ଦୁଃଖ କଲେ ଝିଅଟା ଆଉ ପୁଅ ହୋଇଯିବ ନାହିଁ । ତେବେ ଦୁଃଖ କରି ଫଳ କଅଣ ।

ପଦ୍ମା—ହଉ, ମନରେ ଦୁଃଖ ଯେବେ କରୁ ନଥାଅ, ତେବେ ଭଲ କଥା ଆଚ୍ଛା, କହିଲ ଭଲା ଝିଅ ମୁହଁରୁ ସେ ଚିହ୍ନ କଅଣ ଯିବନାହିଁ ?

ବୈଦ୍ୟ- ପିଲାଙ୍କ ଦେହରେ ଏହିପରି କେତେ ଚିହ୍ନ ଦେଖାଯାଏ; ମାତ୍ର ବଡ଼ କାଳକୁ ତାହା ରହେ ନାହିଁ ଆପେ ଆପେ ଛାଡିଯାଏ ।

ପଦ୍ମା—ଯେବେ ନ ଛାଡିବ ?

ବୈଦ୍ୟ—ଓଃ; ଭାରି କଥାଟେ ଯେ, ଅସାଧ୍ୟ ହେବ ! ଗୋଟାଏ ଲେପ ତିଆର କରି ଲଗାଇ ଦେଲେ କଳାକାଇମଦାଗ୍ରୁ ଛଅ ପହରେ, ତା' ବାପ ବି କୁଆଡେ ମିଳେଇଯିବ ।

ପଦ୍ମା—ହଉ, ଭଗବାନ ସେଇଆ କରନ୍ତୁ । ପରଘସାଟା, ବଞ୍ଚିଥିଲେ ପରଘର ହାଣ୍ଡି ଧୋଇ ଖାଇବ

ଆମକୁ ପୋଷିବ ନା ପାଳିବା ଚିନ୍ତାଟା ରହିଗଲେ ଲୋକେ ବାଛନ୍ଦ କରିବେ ।

ବୈଦ୍ୟ—ଇସ୍ ବାଛନ୍ଦ କରିବେ. ବୈଦ୍ୟଭୂଷଣ ଝିଅକୁ ବର ମିଳିବେ ନାହିଁ ? ଇଚ୍ଛାକଲେ ପାଞ୍ଚଗଣ୍ଡା ବର ବାନ୍ଧି ଆଣିବ ।

ପଦ୍ମା—ହିଁ, ତାହା ନୁହେଁ କଅଣ ? ଗୋଷ୍ଠୀ, ଲେଙ୍ଗଡ଼ୀ,ଲୁଚ୍ଚା, କାଣୀ, ନେଙ୍ଗୁରା, ଅପରଚ୍ଛମା, କେମ୍ପୀ, ଟେପୀ ଜଣେ ବାକି ନହୋଇ ରହୁଛି ଯେ, ଆଉ ମୋ ଝିଅ ରହିଯିବ । ନ ହେଲେ କେଉଁଠୁ ଗୁଣ୍ଡ ସୁଅଟିଏ ଧରିଆଣି ଘରଜୋଇଁଆ ରଖିବ, ଆଉ କଅଣ ହେବ ।

ବୈଦ୍ୟ—ଏହି ଦିନରୁ ସେ ଚିନ୍ତା କାହିଁକି ? ଯେତେବେଳେ ସେ ସମୟ ହେବ ତେତେବେଳେ ଦେଖାଯିବ । ବର ନମିଳିଲେ ସିନା ଘର ଜୋଇଁଆ ରଖିବ, ବର କଅଣ ଡମ୍ବରୁ ଫୁଲ ଯେ ମିଳିବ ନାହିଁ । କେତେ ବରର ବାପ ଆସି ମୋ ଗୋଡ଼ଧରି ଖୋସାମଦ କରିବେ, ତମେ ନିଶ୍ଚିନ୍ତ ହୋଇଥାଅ ।

ବୈଦ୍ୟଭୂଷଣେ ସ୍ତ୍ରୀଙ୍କୁ ଏହିପରି ପ୍ରବୋଧ ଦେଲେ; ମାତ୍ର ନିଜ ମନକୁ ପ୍ରବୋଧ ଦେଇ ପାରିଲେ ନାହିଁ । ତୁଷାନଳ ପରି ଏହି ଚିନ୍ତା ତାଙ୍କର ଭିତରେ ଭିତରେ ଜୁହୁଳିବାକୁ ଲାଗିଲା । ଏଣେ ଶିଶୁ କନ୍ୟାଟି ଦିନକୁଦିନ ବଢ଼ିବାକୁ ଲାଗିଲା । ମଙ୍ଗଳ ବାରରେ ଜନ୍ମ ହେବାରୁ ସମସ୍ତେ ତାକୁ ମଙ୍ଗଳା ବୋଲି ଡାକିଲେ । ସେହି ନାମ ତାର ଚିରକାଳ ରହିଗଲା, ଅନ୍ୟ ନାମକରଣ ହେଲା ନାହିଁ ।

ବର୍ଷେ ଗଲା, ଦୁଇ ବର୍ଷ ଗଲା,ତିନବର୍ଷ ଗଲା, ମଙ୍ଗଳା ଖୁଲୁବୁଲୁ ଶିଖିଲା, କଥା କହି ଶିଖିଲା । ଯେତେ ତାହାର ବୟସ ବଢ଼ିଲା, କଳାକାଇମଦା ଚିହ୍ନ ତେତେ ଉଜ୍ଜ୍ୱଳ ହେବାକୁ ଲାଗିଲା । ମୁହଁଟି ପୂର୍ଣ୍ଣିମା ଅମାବାସ୍ୟାର ସଂଯୋଗ ପରି ଦେଖାଗଲା । ଗାଁ ପିଲାମାନେ ତାକୁ ପେଚୁଣୀ, କଣ୍ଟିନ୍ୟାଣୀ, କାଳୀଠାକୁରାଣୀ ବୋଲି କହି ଚଳାଇଲେ । ସେ କିଛି ନ କହି କାନ୍ଦେ, ବାପ ମା’ଙ୍କ ପାଖରେ ଆସି ଗୁହାରି କରେ , ସେମାନେ ଯାଇ ସେହି ଦୁଷ୍ଟ ଅବାଧ ପିଲାଗୁଡ଼ାକର ବାପ ମା’ଙ୍କ ସଙ୍ଗରେ କଳି କରନ୍ତି । କେବେ କେବେ ଖେଚଡ଼ା, କେଚଣ୍ଡା ବାହୁଙ୍ଗା ପିଲାଗୁଡ଼ାକର ପରମାୟୁର ସ୍ୱଳ୍ପତା କାମନା କରନ୍ତି । ଏହିପରିସ୍ଥଳରେ ଦିନ ଅତୀତ ହେବାକୁ ଲାଗିଲା ।

ପିଲାମାନେ ଅଜ୍ଞାନ ଏବଂ କୌତୁକପ୍ରିୟ, ସେମାନେ ସର୍ବଦା କୌତୁକ ଖୋଜି ବୁଲନ୍ତି । ସେମାନଙ୍କର କଥା ଧରିବ୍ୟ ନୁହେଁ । ଅନେକ ବୟସ୍କ ଲୋକ ମଧ୍ୟ ବିଦ୍ରୂପ କରିବାକୁ ମୁଖରୋଚକ ମଣିଲେ । କେହି କେହି ଉପମା ପ୍ରିୟ ବ୍ୟକ୍ତ ରସିକତା କରି କହିଲେ—ମଙ୍ଗଳାର କଳାକାଇମଦା ଚିହ୍ନଟା ଶୁଭ ଲକ୍ଷଣ । ଲେଖିବା ବେଳେ କାଗଜରେ କାଳି ଢାଳି ହୋଇଗଲେ ଶୁଭ ହେବ ବୋଲି କହନ୍ତି ପରା । ବିଧାତା କାଳୀ ସଡେଇ ଧରି ମଙ୍ଗଳାର ଭ୍ରୂଲତା ଅଙ୍କନ କରୁଁ କରୁଁ କାଳୀଗୁଡ଼ାକ ତାହା ମୁହଁରେ ଢାଳିହୋଇଯାଇଛି, ତାହା ଶୁଭଲକ୍ଷଣ ନୁହେଁ କଅଣ ?” ଅନ୍ୟ କେହି କହିଲା--“ମୁହଁଟାଯାକ କାଳୀ ଢାଳିଯାଇଥିଲେ ବରୁଣ ଶୁଭ ହୋଇଥାନ୍ତା । ଫାଳେ କଳା ଫାଳେ ଧଳା ଏରୂପ ଅର୍ଦ୍ଧବାନର ମୁଖ ନହୋଇ ପୂର୍ଣ୍ଣବାନର ମୁଖ ହୋଇଥାନ୍ତା । ମନୁଷ୍ୟ ଦେହରେ ମାଙ୍କଡ଼ ମୁହଁ ବଡ଼ ସୁନ୍ଦର ଦିଶନ୍ତା, ଆଉ ସମୟରେ ସେହି ମୂର୍ତ୍ତି କଲିକତା ଯାଦୁଘର ଉଜ୍ଜଳ କରନ୍ତା । ନାମ ହୁଅନ୍ତା ‘ନରବାନର ଅବତାର’ ।” ଯେଉଁମାନେ ମହାପ୍ରାଣ ଆତ୍ମଦର୍ଶୀ, ସେମାନଙ୍କୁ ଏ ରସିକତା ଭଲ ଲାଗିଲାନାହିଁ । କେହି କେହି ‘ସ୍ଥାନ ତ୍ୟାଗେନ ଦୁର୍ଜନ’—ଚାଣକ୍ୟର ଏହି ନୀତି ଉପଦେଶ ପାଳନ କଲେ । କେହି ସତ୍‌ସାହସୀ ଅନ୍ୟାୟ ସହି ନପାରି ପ୍ରତିବାଦ କରି କହିଲେ—“ଈଶ୍ୱରଙ୍କ କାର୍ଯ୍ୟର ସମାଲୋଚନା କରିବାର ଅଧିକାର ତାଙ୍କ ସୃଷ୍ଟି ଜୀବ ମନୁଷ୍ୟର ନାହିଁ । ଈଶ୍ୱର ଯାହାକୁ ଯେପରି ତିଆରି କରିଅଛନ୍ତି, ସେ ସେହିପରି ହୋଇଛି । ସୁନ୍ଦର ସୃଷ୍ଟି ଯେଉଁ ଈଶ୍ୱରଙ୍କର, ଅସୁନ୍ଦର ସୃଷ୍ଟି ବି ସେହି ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରି ନୁହେଁ । କୁରୂପ ଲୋକକୁ ବ୍ୟଙ୍ଗ ବିଦ୍ରୂପ କଲେ ସେ ପରିହାସ ତାକୁ ହୁଏ ନାହିଁ—ଈଶ୍ୱରଙ୍କୁ ହୁଏ । ଜନ୍ମଦାତାଙ୍କୁ ପରିହାସ କଲେ ପିତୃଦ୍ରୋହ ପାପରେ ଲିପ୍ତ ହେବାକୁ ହୁଏ । ସେ ମହାପାପର ପ୍ରାୟଶ୍ଚିତ୍ତ

ନାହିଁ । ତୁମ୍ଭଙ୍କୁ ଯଦି ଈଶ୍ୱର ସେହିପରି କଦର୍ଯ୍ୟ ରୂପରେ ସୃଷ୍ଟି କରିଥା'ନ୍ତେ ତେବେ ତୁମ୍ଭର ଉପମାଟି ତୁମ୍ଭେ ନିଜ ପ୍ରତି ପ୍ରୟୋଗ କରନ୍ତ, କି ? ଲୋକେ ତୁମ୍ଭଙ୍କୁ ପରିହାସ କଲେ ତୁମ୍ଭର ଆତ୍ମା କଅଣ ଦୁଃଖନ୍ତା ? ମଙ୍ଗଳା କୁରୂପା, ତାହାର କୁରୂପ ଚିରକାଳ ତାହାର ହୋଇ ରହିବ, ତାହା ତୁମ୍ଭ ସୁନ୍ଦର ଦେହକୁ ଉଡିଆସିବ ନାହିଁ, ତେବେ ତୁମ୍ଭର ଏତେ ମୁଣ୍ଡ ବ୍ୟଥା କାହିଁକି ? ରୂପରେ କେହି ପୂଜ୍ୟ ହୁଏ ନାହିଁ, ଗୁଣରେ ହୁଏ । ଏଣୁ ଜ୍ଞାନୀମାନେ ଗୁଣର ଆସନ, ରୂପର ଅନେକ ଉଚ୍ଚରେ ନିର୍ଦ୍ଦେଶ କରନ୍ତି । ଅନ୍ୟର ଛିଦ୍ର ବା ଦୋଷ ଅନୁସନ୍ଧାନ କଲେ କିମ୍ବା ଅପରକୁ ବାଛିଲେ ନିଜର ଚରିତ୍ର କଳୁଷିତ ହୁଏ, ସେଥିରେ ନିଜର କ୍ଷତି ଅନିବାର୍ଯ୍ୟ; ମାତ୍ର ଯାହାକୁ ବାଛିବ ତାହାର କିଛି କ୍ଷତି ହେବନାହିଁ । ମନୁଷ୍ୟଦେହ ଧରି ଯେ ମନୁଷ୍ୟକୁ ବାଛେ, ତାହା ଦେହରେ ମନୁଷ୍ୟତାର ଅଭାବ, ସେ ପଶୁଠାରୁ ହୀନ । ପର ଦେହର ମଳ ନ ଦେଖି ଯେ ନିଜ ଦେହର ମଳ ଖୋଜି ଧୋଇ ପାରେ, ସେ ବୁଦ୍ଧିମାନ୍ ; ଅନ୍ୟଥା ନିଜର ସହସ୍ର ଦୋଷ ସତ୍ତ୍ୱେ ଯେ ଅନ୍ୟର ଦୋଷ ଖୋଜି ବୁଲେ ତାହାର ହୃଦୟ ନାହିଁ କି ବିବେକ ନାହିଁ । ପରିହାସପ୍ରିୟ ସେମାନେ ଗୋଟାଏ ତୁଚ୍ଛ ଆନନ୍ଦ ଉପଭୋଗ କରନ୍ତି; ମାତ୍ର ଗୁରୁତର ପାପ ଅଲକ୍ଷ୍ୟରେ ସେମାନଙ୍କ ସ୍କନ୍ଧରେ ଆରୋହଣ କରେ । ସେମାନଙ୍କଠାରୁ ବଳି ଦୁର୍ଭାଗ୍ୟ ଜଗତରେ ନାହିଁ ।

ମଙ୍ଗଳାର ବୟସ ଆସି ଏଗାର ବାର ବର୍ଷ ହୋଇଗଲା । କଥାରେ କହନ୍ତି, 'ମାତା ଗୁଣେ ଦୁହିତା' ମଙ୍ଗଳା ଏହି ଉକ୍ତିର ସାର୍ଥକତା ସମ୍ପାଦନ କଲା । ସେ ମା'ପରି ମୁଖରା, ଅଭିମାନିନୀ, ଗାଁ ଝିଅମାନଙ୍କୁ ଖାତିରିକରେ ନାହିଁ, ସମସ୍ତଙ୍କୁ ଇତର ଦୃଷ୍ଟିରେ ଦେଖେ । ତାହାର ବିଶ୍ୱାସ—ରୂପରେ, ଗୁଣରେ ମର୍ତ୍ତ୍ୟମଣ୍ଡଳରେ ତାହାର ସମକକ୍ଷ କେହି ନାହିଁ । ବଡ଼ଘରର ଝିଅ ବୋଲି ଖାଲି ଗୁମାନ କରେ । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାହା ମୁହଁର କଳା ଚିହ୍ନଟା ଚନ୍ଦ୍ରରେ ଗ୍ରହଣ ଲାଗିଲା ପରି ଉଜ୍ଜ୍ୱଳ ହୋଇଉଠିଲା । ପିତାମାତାଙ୍କର ଭାବନା କ୍ରମରେ ବଢ଼ି ବାକୁ ଲାଗିଲା । ଦିନେ ପଦ୍ମାବତୀ ସ୍ୱାମୀଙ୍କୁ କହିଲେ—"ମଙ୍ଗଳାର କଳାଜାଇମଣ୍ଡା ଖଣ୍ଡିକ ମିଳେଇ ଗଲାନାହିଁ, ଦିନକୁ ଦିନ ଅଧିକ ଚହଟି ଦିଶୁଛି ; ତମେ କି ଲେପ ଦେବବୋଲି କହୁଥିଲ ପରା, ଦେଉନାହିଁ କାହିଁକି ? ତାହାର ମୁହଁଟା କି ଅଲକ୍ଷଣ ଦିଶୁଛି ।" ବୈଦ୍ୟଭୂଷଣେ କହିଲେ—"ଆରେ ଗୋଟାଏ ତେଲ ଦିଏଁ, ମାଲିସ କର, ସେଥିରେ ନ ଗଲେ ଲେପ କରିଦେବ ।" ମାସେଯାଏଁ ତେଲ ମାଲିସ କରାହେଲା; ମାତ୍ର କିଛି ଫଳ ହେଲା ନାହିଁ । ତହୁଁ ଲେପ ଦିଆଗଲା, କିନ୍ତୁ ହିତରେ ବିପରୀତ ହେଲା । ମୁହଁ ଫୁଲିଯାଇ ଘା ହୋଇଗଲା । ମଙ୍ଗଳା ବଡ଼ କଷ୍ଟ ପାଇଲା ଘା'ର ଜଳା ପୋଡ଼ା ଯନ୍ତ୍ରଣାରେ ଅସ୍ଥିର ହେଲା । ପଦ୍ମାବତୀ ସ୍ୱାମୀଙ୍କୁ କହିଲେ—"ଏ କଅଣ କଲ, ଝିଅକୁ ସୁନ୍ଦରୀ ବନାଇବାକୁ ଯାଇ ସନ୍ତାନ ହତ୍ୟା ପାପ କରିବ ନା କଅଣ ? ଘା'ଟା ଆଖିକି ମାଡି ଗଲେ ଆଖି ଆଉ କଅଣ ରହିବ ? ତୁଚ୍ଛାକୁ ତ ମୁହଁଟା କୁରୂପ ଦିଶୁଛି, କାଣୀ ହୋଇଗଲେ ଆହୁରି ପରପଞ୍ଚ ଦିଶିବ । ନା-ନା, ଆଉ ଦରକାର ନାହିଁ, ତମ ବୈଦ୍ୟ ବିଦ୍ୟା ଏତିକି ଥାଉ, ଘା କିମିତି ଶୁଖିବ ତାହା କର । ଝିଅ କପାଳରେ ଯାହା ଥିବ ତାହା ହେବ, ଜାଣୁ ଜାଣୁ ତାକୁ ମାରିପକାଇବା କାହିଁକି ?" ବୈଦ୍ୟଭୂଷଣେ ଟିକିଏ ଅପ୍ରତିଭ ହେଲେ; ମାତ୍ର ମୁହଁଟାଣ ଛାଡିବାର ପାତ୍ର ନୁହନ୍ତି, ସେ କହିଲେ—"ଏ ସବୁ ଜନ୍ମଗତ ରୋଗ, ସହଜରେ ଭଲ ହୁଏ ନାହିଁ, ମୁଁ କଅଣ କରିବ । ଆଚ୍ଛା, ମଲମ ଦେଇ ଘା ଶୁଖାଇ ଦେଉଛି,ପରେ ଯାହା ହେବ ଦେଖାଯିବ ।" ଅନନ୍ତର ବୈଦ୍ୟଭୂଷଣେ ମଲମ ତିଆରି କରିଦେଲେ; ବହୁଦିନ ପରେ ବହୁ କଷ୍ଟରେ ମଙ୍ଗଳାର ଘା ଶୁଖିଗଲା । ବୈଦ୍ୟଭୂଷଣଙ୍କର ବିଦ୍ୟାବୁଦ୍ଧି ଶେଷ ହେଲା, ମାତ୍ର କଳାଜାଇମଣ୍ଡା ମିଳାଇ ଗଲା ନାହିଁ । ତାହା ଯେଉଁପରି ଥିଲା ସେହିପରି ରହିଲା । କେବଳ ମଙ୍ଗଳାର ଯନ୍ତ୍ରଣା ଭୋଗ ସାର ହେଲା । ବୈଦ୍ୟଭୂଷଣେ ବିଧି ବିଧାନ ବ୍ୟର୍ଥ କରିବାକୁ ପ୍ରୟାସ କରୁଥିଲେ; ମାତ୍ର ତାଙ୍କର ବିଦ୍ୟା କୁଳାଇଲା ନାହିଁ ; ସୁତରାଂ ସେ ଭଗ୍ନମନୋରଥ ହୋଇ ସେହି କୋଷ୍ଠି ବୈଦ୍ୟର ଅସାଧ୍ୟ କାର୍ଯ୍ୟରୁ ନିରସ୍ତ ହେଲେ ।

# ପଞ୍ଚମ ପରିଚ୍ଛେଦ

ମଙ୍ଗଳା ବଡ଼ ଉଦ୍ଧୁଣ୍ଡୀ, ସ୍ତ୍ରୀଜାତି ସୁଲଭ କୋମଳଭାବ ତାହାର ନାହିଁ । ସେ ପୁରୁଷ ପରି କଥା କହେ, ପୁରୁଷ ପରି ବୁଲେ, ପୁରୁଷ ପରି ହସେ । ଅନେକ ଦିନଯାଏଁ ପୁରୁଷ ପରି ଲୁଗା ପିନ୍ଧୁଥିଲା, ତାହାର ପିଉସୀ ଅମ୍ବିକା ବହୁ ଚେଷ୍ଟାରେ ତାର ସେ ଅଭ୍ୟାସ ଛଡାଇ ଅଛି । ଲଜ୍ଜା-ସଙ୍କୋଚ ତ କଥା, ତାହା ପକ୍ଷରେ କାଢ଼ି ନାହିଁ । ଗ୍ରାମର ସ୍ତ୍ରୀସମାଜରେ ତାହାର ନାମ ଅଣ୍ଡିସ୍ୱ-ଚଣ୍ଡୀ ହୋଇଥିଲା । ବାଳିକାମାନେ ପ୍ରଥମତଃ ପ୍ରଗଲ୍‌ଭା ହୁଅନ୍ତି; ମାତ୍ର ବୟୋବୃଦ୍ଧିରେ ତାହା ଲୋପପାଏ । କିନ୍ତୁ ମଙ୍ଗଳା ସେ ଶ୍ରେଣୀର ଜୀବ ନୁହେଁ, ସେ ବାଲ୍ୟ ଅତିକ୍ରମ କରି କୈଶୋରରେ ପଦାର୍ପଣ କଲା; ତଥାପି ତାହାର ସ୍ୱଭାବ ଗତିର ପରିବର୍ତ୍ତନ ଘଟିଲା ନାହିଁ । ସେ ବଡ଼ ଅଖାଡୁଆ କଥା କହେ । ଅନ୍ୟର ମର୍ମରେ ବ୍ୟଥା ଦିଏ । ଡମ ଗାଇବା ବିଷୟରେ ତାହାର ସମକକ୍ଷ କେହି ନଥିଲେ । ଗାଁରେ ବୁଲିବା ତାହାର ଗୋଟିଏ ରୋଗ । ଘରେ ରହିଲେ ତାହାର ଖାଦ୍ୟ ଜୀର୍ଣ୍ଣ ହୁଏନାହିଁ । ସମସ୍ତଙ୍କୁ ଖିଆଇବା ତାହାର ଗୋଟିଏ ଜଟିଳ ସଙ୍କଟ ରୋଗ । ବୈଦ୍ୟଭୂଷଣଙ୍କର ଖଣ୍ଡିଏ କୋଠା ଅଛି, ତାହା ତାଙ୍କର ପୈତୃକ । ମଙ୍ଗଳା ସେହି କୋଠାରେ ଜନ୍ମଗ୍ରହଣ କରି ସେହି କୋଠାରେ ବଢ଼ି ଅଛି । ସୁତରାଂ ମାଟି ଘରକୁ ତାର ହାଡ଼େ ହାଡ଼େ ଘୃଣା । ତାହାର ଧାରଣା ଏହି ଯେ, ଇତର ଜାତିର ଜୀବ-ବିଶେଷ ଛଡ଼ା ମାଟି ଘରେ ଭଦ୍ରଲୋକ ରହନ୍ତି ନାହିଁ । ସେ ଅନେକ ସମୟରେ କହେ—"ମାଟି ଘରେ କିମିତି ମଣିଷ ଗୁଡ଼ାକ ରହନ୍ତି ? କାନ୍ଥକୁ ଆଉଜି ବସିଲେ ଲୁଗାରେ ମାଟିଲାଗି ମଇଳା ହୋଇଯାଏ ନାହିଁ ? ଦେହରେତ ମଳି ଲାଗିଯାଉଥିବ ? ମୋତେ ମାରି ପକାଇଲେ ମୁଁ ରହିବି କି, ଛି ଗରିବ ଲୋକଗୁଡ଼ାକ ମଣିଷ ନା ପଶୁ ?" ଗାଁ ବୁଲିବାକୁ ଯାଇ କାହାରି ଘରେ ଶାଗ ଖରଡ଼ା ହେଉଥିବାର ଦେଖିଲେ କହେ—"ଶାଗ ଗୁଡ଼ାକ କିମିତି ଲାଗେ ?" କେହି ଯଦି କହେ—"ତୁ ଶାଗ ଖାଉନାହୁଁ କି ?" ତେବେ ମଙ୍ଗଳା ତାଚ୍ଛଲ୍ୟ ପ୍ରକାଶ କରି କହେ—"ମୁଁ କାହିଁକି ମୋର କେଉଁ ପୁରୁଷରେ କେହି ଛୁଇଁ ନାହାନ୍ତି । ଗୋରୁ ଛେଳି ପରି ଘାସ ପତ୍ର ଆମର କେହି ଖାଆନ୍ତି ନାହିଁ । ଛିଃ କାକସ୍ତ ଗୋରୁହାଣ୍ଡିକି ଯାଉଛି, ଆଉ ଶାଗକୁ କିଏ ପଚାରେ । ରଜା ଘରୁ ରୋଜ ଭାରେ ଖଜା ପିଠା ଆସେ, କେତେ ଖାଇବୁ; ଖାଇ ଖାଇ ଅସୁଖ ଲାଗିଲାଣି । ଚାକର ଚାକରାଣୀ ଆଉ ମୂଲିଆମାନଙ୍କୁ ବାଣ୍ଟି ଦେଇ ଯାହା ବଳେ, ତାହା ଗୋରୁ ଖାଆନ୍ତି । ଅଇଲା ଗଲା ଲୋକେ ବି ଖାନ୍ତି । ଆଉ ଦିନେ ଦିନେ ସାହିର ପିଲାମାନଙ୍କୁ ଡାକି ବାପା ନିଜେ ବାଣ୍ଟି ଦିଅନ୍ତି । ବସନ୍ତ ମାଛ ଶୁଖୁଆ ଦେଖି ହାମୁଡ଼ାହାମୁଡ଼ି ଲାଗିଲା ପରି ପିଲାଗୁଡ଼ାକ ତଡ଼ାତଡ଼ି, ମରାମରି ଲଗାନ୍ତି । କି ରଙ୍କ କାଙ୍ଗାଳି ଗୁଡ଼ାକ ଲୋ ମା-ରାଣି, ସିମିତି ତଉଦ ଜନ୍ମରେ ଖଜାପିଠାର ଗନ୍ଧ ଶୁଙ୍ଘି ନାହାନ୍ତି । ଯାହା କହନ୍ତି—"ଦରିଦ୍ର ଜୀବନ ତାହା ସତ ।" କେବେ ଗାଁରେ ଯାଇଁ କହି ବୁଲେ—"ମୋ ବାପା ଆଜି ରାଜାଙ୍କଠୁ ପାଟ ଯୋଡ଼ା ଆଉ ପାଞ୍ଚକୋଡ଼ି ଖୋଲ ଟଙ୍କା ଇନାମ ପାଇଛନ୍ତି । ମହାଦେଈ ମଣିମାଙ୍କ ଦାନ୍ତ-ମୂଳ ବିନ୍ଧୁଥିଲା, ସେ ଖାଇପାରୁ ନଥିଲେ କି ଶୋଇପାରୁ ନଥିଲେ । ରଜା ଆଜ୍ଞା ହେଲେ—'ବୈଦ୍ୟଭୂଷଣେ ରାଣୀଙ୍କି ଯେବେ ଘଣ୍ଟାକ ଭିତରେ ଭଲକରି ଦେବେ, ତେବେ ତୁମକୁ ଭଲ 'ଇନାମ' ମିଳିବ ।' ବାପା କହିଲେ—'ଘଣ୍ଟାଏ କାହିଁକି ମହାରାଜା, ନିମିଷକେ ଭଲ କରିଦେବି ।' ସତକୁ ସତ ଏତା ଯାନକେ ଲହୁମାନ ଭିତରେ ଦାନ୍ତର ଶୂଳ, ବିନ୍ଧା ନାଁରେ ପାଣି ଢାଳିଲା ପରି ବନ୍ଦ ହୋଇଗଲା । ସାଙ୍ଗେ ସାଙ୍ଗେ ବାପାଙ୍କୁ ଇନାମ ଦିଆଗଲା । ବାପାଙ୍କୁ ରଜା ଯିମିତି ଭଲପାଆନ୍ତି, ଗଡ଼ରେ କାହାକୁ ସେମିତି ଭଲପାଆନ୍ତି ନାହିଁ । ବାପାଙ୍କ କଥାକୁ ସେ ତିଳେ ହେଲେ ତଳେ ପକାଇ ଦିଅନ୍ତି ନାହିଁ ।' ଏହିପରି ମଙ୍ଗଳା ଅନେକ ଗୋଷ୍ଠୀ ବାଡ଼େ । କାହା ଘରେ ଯାଇ ପଚାରେ—"କାଲି ସାତଘଣ୍ଟ ଗଲା,

ରଜାଘର ତମକୁ କଅଣ ଦେଇଥିଲେ ? ଆମ ଘରକୁ ଝଙ୍କର ପିଠା, ଖଜା, ମୁଆଁ, ଗୁଜା, କାକରା ଦେଉଥିବା ଦେଇଥିଲେ, କେହି ଯଦି ପର୍ବରେ ଏକା ତମ ଘରକୁ ତ ଢ଼ ଝଙ୍କର ଦେଇଥିଲେ, ରଜାଘର କେତେ ଝଙ୍କର ସାମଗ୍ରୀ କରିଥିଲେ ? ତେବେ ମଙ୍ଗଳା କହେ –କେତେ କରି-ଥିଲେ ? ତିନି ଦିନ ହେଲା ସାତ ଜଣ ଗୁଣ୍ଡିଆ ଚୁଲିରେ ତେଲୁଣୀ ବସାଇ ଛାଣୁଥିଲେ ପରା । ରଜାଙ୍କ ଘରର କଥା, ତୁମପରି କି ଆଉ କାହାପରି ଗରିବ ଘରର କଥା ହୋଇଛି କି ? ବାଲି ଗୁଣ୍ଡି ମିଶା କୁଣ୍ଡାପିଠା ଖଣ୍ଡେ ହେଲେ କାମ ଚଳିଯିବ ।” କାହାରିକୁ ଘଷିତାଉ ଥିବାର ଦେଖିଲେ ମଙ୍ଗଳା ନାକରେ ଲୁଗାକାନ୍ଥ ଗୁଞ୍ଜି କହେ, “ଗବୁରୋବରଗୁହାଳ ହାତରେ ଚକଟା ମକଟା କରୁଛୁ ସେହି ହାତରେ ଭାତ ଖାଇବୁ କିମିତି ହାତ ଗନ୍ଧ କରିବ ନାହିଁ ? ଛି ତମେସବୁ ବଡ଼ ନେସଣୀ ଅପରଚ୍ଛନ୍ନା । ଇସ୍ ମୁଁ ତ ବାନ୍ତିକରି ମରିଯାଆନ୍ତି । ତୁମ ହାତରୁ ପାଣି ଛୁଇଁବା ବି ଉଚିତ ନୁହେଁ, ତୁମକୁ ଅସୁଖ ଲାଗେ ନାହିଁ ନା ? “ଦିନେ ତାହାର ଗୁସୁମା ବୟସୀ ବୁରୁନ୍ଦୀ ବୁଢ଼ୀକୁ ଏହିପରି କହିବାରୁ ସେ ହସି ହସି କହିଲା –“ହଁ, ଲୋ ଉଉଣି, ତଳବରଡା ଖସୁଛି, ମଝି ବରଡା ହସୁଛି, ଉପର ବରଡା ଥାଇ ବୋଇଲା ମୋ ଦିନକାଳ ଆସୁଛି, ତୁ ବି ଦିନେ ଗୋବର ଡାଉବୁ ଯେ—ତୋଲାଗି ଆଉ କଉଁ ରଜାପୁଅ ବରବେଶ ହୋଇ ଆସିବକି; ତୁମରି ଜାତିରୁ ତ ଗୋଟାଏ ଆସିବ । ଏତେ ବଡ଼ାଇ କରନା, ତୋ କପାଳରେ କଅଣ ଅଛି, ତୁ ତାହା ଜାଣିଛୁ ନା ?” ମଙ୍ଗଳା ଏହା ଶୁଣି ବିଚିତ୍ର ଭଙ୍ଗିରେ ନାଚି ଉଠି କହିଲା “ଇସ୍, ମୋର ଗରଜ ପଡ଼ିଛି—ଘଷି ଡାଉବି । ଏତେ ଗରଜ—ପାନବରଜ ।ଓହୋ –ବୁଢ଼ୀ ମାଙ୍କଡ଼ର ବାଲୁଙ୍ଗି ଦେଖ, ମତେ ପୁଣି କହୁଛି କଅଣ ନା—ଘଷି ଡାଉବୁ, କି ଲୋ, କଅଣ କରି ପାଇଲୁଣି କି ?” ବୁରୁନ୍ଦୀ ବୁଢ଼ୀ ହେଲେ କଅଣ ହେଲା, ତାହାର ସେହି ବୁଢ଼ା ହାଡ଼ରେ ଯୁବତୀର ବଳ, ଅନ୍ତତଃ କଳହ ଯୁଦ୍ଧରେ ଜିହ୍ୱା ଯୁଦ୍ଧରେ ସେ ଭୀଷ୍ମ ଦ୍ରୋଣପରି ମହାରଥୀ । ତାହା ଜୀବନରେ ସେ କେତେ ମହାଯୁଦ୍ଧରେ ଜୟପତକା ଉଡ଼ାଇ ଖ୍ୟାତି ଲାଭ କରିଅଛି । “ସମର ପାଇଲେ ତାର ଅଶେଷ ଆନନ୍ଦ”—ସେ କି ନୀରବ ରହିବାର ଜନ୍ତୁ ? ବୁରୁନ୍ଦୀ ଘଷି ଚଟା ଛାଡ଼ି, ପାଟିରେ ଅବଶିଷ୍ଟ ଯେ ତେତେଟା ଦାନ୍ତଥିଲା, ତାହାରି ସାହାଯ୍ୟରେ ଖୁବ୍ ଦମେ ହସି କହିଲା—“ନା ଲୋ, ତୁ ଫୁଲଦୋଳାରେ ବସି ଫୁଲରାଣୀ ହୋଇ ଝୁଲିବୁ । ଯେ ବର ହୋଇ ଆସିବ, ତାହାରି କପାଳ ବାମ, ସେଇ ଦଉଡ଼ି ଧରି ଝୁଲେଇବ । ମାଙ୍କଡ଼ୀ କଏ—ତୁ, ନା ମୁଁ ? କାହା ମୁହଁ ମାଙ୍କଡ଼ ମୁହଁପରି, ସୁଲନି ଭଲି ଦାନ୍ତରେ ଦଶଜଣଙ୍କୁ ପଶୁରିବା । ଆଛା, ତୁ ସମସ୍ତଙ୍କୁ ବାଛୁ କାହିଁକି କହନି—ମଙ୍ଗଳଚଣ୍ଡି ? ତୋ ଲେଖାରେ ସମସ୍ତେ ଅସୁନ୍ଦର, ଆଉ ତୁହି ଏକା ଅପ୍‌ସରୀ କନ୍ୟା ସ୍ୱର୍ଗରୁ ଛିଣ୍ଡିପଡ଼ିଛୁ । ତୋର ଏତେ ଦମାକ୍ ଏତେ ଗୁମାନ କାହିଁକି ? ସେହି ଗୁଣରୁ ବିଧାତା ତ ଲୁହା କାଣି ପାଣିଦେଇଛି । ଯେବୁ ମୁହଁଟ ଆହୁରି କେଡ଼େ ସୁନ୍ଦର, ତୋ ମୁହଁଟା ତାଠଉଁ ବି ଖାନ । ଏଇଥିରେ ତୁ ପରକୁ ବାଛୁ ? କହନ୍ତି ପରା—‘ତୋ ଦେହରେ ତୋଟେ ନାହିଁ ତୁ ଗୁଣି ପରକୁ ବାଛୁ ।’ ଏତେ ବଡ଼େଇ କର ନା, ଠାକୁରେ କାହାରି ଗାରିମା ସହି ପାରନ୍ତି ନାହିଁ । ମଙ୍ଗଳା ବୁରୁନ୍ଦୀଠାରୁ ଏପରି ମର୍ମନ୍ତୁଦ କଥା ଶୁଣିବାକୁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ଚିରକାଳ ତାହାର ବିଶ୍ୱାସ—ଯେଉଁ ବୈଦ୍ୟଭୂଷଣଙ୍କ ପ୍ରତି ରାଜାଙ୍କର ପୂର୍ଣ୍ଣ ଅନୁଗ୍ରହ ହେତୁ ଗର୍ଭିଣୀ ଗାଈ ତାଙ୍କୁ ବାଟ ଛାଡ଼ିଦିଏ, ସେ ସେହି ବୈଦ୍ୟଭୂଷଣଙ୍କର କନ୍ୟା, ତାକୁ ତ୍ରୁଟି କରି କହିବାକୁ ମୁଣ୍ଡ କାହାର ; ମାତ୍ର ବୁରୁନ୍ଦୀ ତାହା'ର ଏ ଧାରଣା ଭାଙ୍ଗି ଦେଲା । ସେ ବୁଝିପାରିଲା—ଆଉ ଅଧିକ ଅଗ୍ରସର ହେଲେ ବୁରୁନ୍ଦୀ ପୁରୁଣା ପଙ୍କ ଉଖାଳି ଦେବ; ସୁତରାଂ ନୀରବରେ ପୃଷ୍ଠଭଙ୍ଗଦେଇ ଚାଲିଗଲା । ଏହି ପରାଜୟ ହେତୁରୁ ସେ ବୁରୁନ୍ଦୀକୁ ଆଉ କେବେ କଥା କହୁନାହିଁ ।

ମଙ୍ଗଳା ବିବାହ ଯୋଗ୍ୟା ହେଲା, ତାହା ପାଇଁ ବର ଖୋଜିବା ସକାଶେ ପଦ୍ମାବତୀ ସ୍ୱାମୀଙ୍କୁ ବାରମ୍ବାର ତାଗିଦ କରିବାକୁ ଲାଗିଲେ । ବୈଦ୍ୟଭୂଷଣେ ଥରେ ଯେଉଁ ଚିନ୍ତାରୁ ନାହିଁ ଲଭିଥିଲେ, ବିଧାତା ପୁଣି ତାଙ୍କୁ ସେହି ଚିନ୍ତାରେ ପକାଇଲା । କଅଣ କରିବେ, ଉପଯୁକ୍ତ

ନାହିଁ । ଝିଅର ବାପ ହେବେନାହିଁ ବୋଲି ସେ ତ ଦୃଢ ପ୍ରତିଜ୍ଞା କରିଥିଲେ; ମାତ୍ର ବିଧାତାର ହାତରୁ ବଳ କାହାର ? ତାଙ୍କ ମନରେ ଚିନ୍ତା ଘାରିଲା, ସେ କ୍ରମେ ଦୁର୍ବଳ ହୋଇପଡିଲେ । ବୈଦ୍ୟଭୂଷଣେ ତ କୃପଣ, ତାଙ୍କ କଥା ଛାଡ଼—ଅକୃପଣ ବ୍ୟକ୍ତିଙ୍କୁ ମଧ୍ୟ କନ୍ୟାଦାୟ ଚିନ୍ତାରେ ରାତିରେ ନିଦ୍ରା ହୁଏ ନାହିଁ । କନ୍ୟାଦାୟ ବଡ ବିଷମ ଦାୟ, ଭୁକ୍ତଭୋଗୀ ନ ହେଲେ କେବଳ ଲେଖା ପଢି ସେଥିର ଗୁରୁତ୍ୱ ଉପଲବ୍‌ଧି କରି ହୁଏ ନାହିଁ । ବିଶେଷତଃ ଆଜିକାଲି ବର ବଜାର ସରଗରମ ଦେଖି କନ୍ୟାଦାୟଗ୍ରସ୍ତ ଭଦ୍ରବ୍ୟକ୍ତିର ବାନପ୍ରସ୍ଥ ଅବଲମ୍ବନ କରିବାକୁ ଇଚ୍ଛାହୁଏ । ଇତର ସମାଜରେ କନ୍ୟା ବିକିହୁଏ, ଆଉ ଭଦ୍ର ସମାଜ ବର ବିକିହୁଏ—ଆଧୁନିକ ଇତର ଭଦ୍ରର ପ୍ରଭେଦ ଏତିକି । କିନ୍ତୁ ପଦସ୍ଥ ଧନୀଲୋକମାନଙ୍କୁ ଦୁର୍ଭିକ୍ଷ ଏତେ ବାଧେ ଯେ, ସନ୍ତାନ ବିକିହୁ ନ ହେଲେ ସେମାନଙ୍କର ମହା କ୍ଷୁଧାନଳ ଶାନ୍ତି ହୁଏନାହିଁ । ଏ ପାପ କେବେ ତିରୋହିତ ହେବ ? ଯେବେ ହେବ, ତେବେ ସମାଜର ମୁମୂର୍ଷୁ ପିଣ୍ଡରେ ପ୍ରାଣର ସଞ୍ଚାର ହେବ । ଏହା କି ହେବ ? ଏ ସଂସାରରେ କିଛି ଅସମ୍ଭବ ନୁହେଁ—ଏହାହିଁ ପ୍ରାଣର ସାନ୍ତ୍ୱନା ।

ବୈଦ୍ୟଭୂଷଣେ ଏଥର ବଡ଼ଘରେ ସମ୍ବନ୍ଧ କରିବାକୁ ପଶ୍ଚାତ୍ପଦ । ଥରେ ବଡ଼ଗଛରୁ ପଡି ଖୁବ୍ କୋଳେଇ ପଡିଅଛନ୍ତି; ସୁତରାଂ ବଡ଼ଗଛରେ ଚଢିବାର ସାଧ ତାଙ୍କର ଆଉ ନାହିଁ । ଏଥର ସେ ମଧ୍ୟବିତ୍ତ କିମ୍ବା ଗରିବ ଘରେ ମଧ୍ୟ ଝିଅ ଦେବାକୁ କୁଣ୍ଠିତ ନୁହନ୍ତି । ବୈଦ୍ୟଭୂଷଣେ ବନ୍ଧୁବାନ୍ଧବମାନଙ୍କଦ୍ୱାରା ବର ଖୋଜାଇଲେ—ନିଜେ ମଧ୍ୟ ଖୋଜିଲେ । ତାଙ୍କ ଦାତାପଣ ତ ସମସ୍ତଙ୍କୁ ଜଣା, ତେଣୁ ବର ମିଳିବା ସହଜ ହେଲା ନାହିଁ । ଦୂରବର୍ତ୍ତୀ ସ୍ଥାନରୁ ଯେଉଁ ପ୍ରସଙ୍ଗ ଆସିଲା, ବୈଦ୍ୟଭୂଷଣଙ୍କ ଶତ୍ରୁମାନେ ଖତ କହି ତାହା ଭାଙ୍ଗିଦେଲେ । ଯେ ସମସ୍ତଙ୍କ ନାମରେ ଖତ କହେ, ତାହା ନାମରେ ଖତ କହିବା ଲୋକର ଅଭାବ ହୁଏ ନାହିଁ । କନ୍ୟା ରୂପ ଗୁଣର ମହିମା ଶୁଣି କେହି ନିଜେ ନାସ୍ତି କରିଗଲେ । ଅନେକ ଖଣ୍ଡଖାଣ୍ଡରେ

ଗୋଟାଏ ଜାଗା ସ୍ଥିର ହେଲା । ବରର ପିତା ଗରିବ । ଧନୀ ଘରୁ ସମ୍ବନ୍ଧ ପାଇବା ଆଶାରେ ତାହାର ମନ ଠାକୁ ଠାକୁ ହେଲା । ପକ୍ଷର ଲୋକେ ତାକୁ ସେଥିପାଇଁ ଗୋଟାଏ ଉଚ୍ଚଧରଣର ଲୋଭ ମଧ୍ୟ ଦେଖାଇଥିଲେ । ସେଥିରେ ଲୋକଟା ଭୁଲିଯାଇଥିଲା । କିନ୍ତୁ ବରର ମା କୌଣସି ମତେ ମଙ୍ଗିଲା ନାହିଁ । ସେ କହିଲା—"ମୋର ସାତଟା ଅଛି, ନା ପାଞ୍ଚଟା ଅଛି—ଧାଇଁ ଧାଇଁ ଖଣ୍ଡେ, ମୁଁ ଜାଣି ଜାଣି ଉଆଁସୀ କନ୍ୟାଟାଏ ତା' କେକରେ ଛନ୍ଦିବି । ମୁଁ ଶୁଣିଛି—ଉଆଁସ ଦିନ ତାହାର ଜନ୍ମ, ବାପ ମା ଏତେ ସିଆଣା ଯେ ଜାତକ ବଦଳାଇ ଦେଇଛନ୍ତି । ଆଉ ରୂପ ତ କାଳ ପେଚାଠାରୁ ବଳେ । ସେ ଶ୍ମଶାନକାଳିକା, ଯାହା ଘରକୁ ଯିବ, ମାସେ ନ ଯାଉଁଣୁ ଜିଭ ବୁଲେଇ ଦେଇ ତାହା ବଂଶ-ଯାକ ପାରିଦେଇ ବସିବ । ମୋ ପୁଅ ମୂଳଆ ମୂର୍ଖ, ନା ଗୋଟା ଲେଙ୍ଗଡା ଯେ ତାକୁ କନ୍ୟା ଅପୂର୍ବ ହେବ । ଟଙ୍କା ଲୋଭରେ ମୁଁ କଅଣ ପୁଅକୁ ଚାହିଁବି ନାହିଁ ? ପୁଅ ବଡ, ନା ଟଙ୍କା ବଡ, ପୋଡି ଯାଉ ସେ ଟଙ୍କା ।" କନ୍ୟା ପକ୍ଷର ଟରଣିମାନେ ତାକୁ ଅନେକ ବୁଝାଇଲେ, ମାତ୍ର ସେ କଥାରେ ସେ କର୍ଣ୍ଣପାତ କଲା ନାହିଁ । ତହୁଁ ଅଗତ୍ୟା ପ୍ରସଙ୍ଗ ଭାଙ୍ଗିଗଲା ।

ବୈଦ୍ୟଭୂଷଣେ ବହୁ ସ୍ଥାନରେ ହତାଶ ହୋଇ ପଦ୍ମାବତୀଙ୍କୁ ପଚାରିଲେ—"ଏବେ କଅଣ କରାଯିବ" ମୋତେ କିଛି ବୁଦ୍ଧି ଦିଶୁନାହିଁ, ତୁମେ ଯାହା କରିବାର କର । ଯେ ଝିଅ ଜନ୍ମ କରେ ସେ ଝିଅମାରେ—ଧିକ୍ ତା ଜୀବନ ! ପୁଅ ନ ହେଲେ ଅଣ୍ଟକୁଡ଼ା ହୋଇ ରହିବ ପଛେ ଆଉ କେହି ଝିଅଜନ୍ମ କରିବ ନାହିଁ । କେତେ ହିନସ୍ତା କେତେ ଲୋକଙ୍କ ଗୋଡ଼ଧରା ତେବେ ବି ଝିଅ ବାପର ପୋଡ଼ା କପାଳ ସଳଖ ହୁଏ ନାହିଁ ।" ପଦ୍ମାବତୀ ସ୍ୱାମୀଙ୍କର ଖେଦୋକ୍ତି ଶୁଣି ଦୀର୍ଘ ନିଃଶ୍ୱାସ ପକାଇ କହିଲେ—"କପାଳରେ ଯାହା ଥିବ ତାହା ହେବ—ତୁମେ ଆଉ ଏତେ ସନ୍ତାପି ହୁଅନାହିଁ । ପୋଡାକପାଳୀ କି କୁକ୍ଷଣରେ ମୋ ପେଟରୁ ପଡିଥିଲା ଯେ ହନ୍ତସନ୍ତ କରି ମାରିଲା । ଆଉ ଗୋଟାଏ କଥା କଲେ ହୁଅନ୍ତା ନାହିଁ ? ଆମର ତ ଆଉ କେହି ନାହିଁ,

ଗୋଟିଏ କାହାକୁ ଘର ଜୋଇଁଆ କରି ରଖିଲେ ହୁଅନ୍ତା ନାହିଁ ? ଆମର ଏତେ ସମ୍ପତ୍ତି ଅଛି, ଭୋଗ କରିବ କିଏ ? ସମ୍ପତ୍ତିକୁ ଲୋଭ ବା କାହାର ନାହିଁ, ତୁମେ ମୋ କଥା ମାନ—ଏହାଠାରୁ ଆଉ ସହଜ ଉପାୟ ନାହିଁ । ବୈଦ୍ୟଭୂଷଣେ ସହଧର୍ମିଣୀଙ୍କ ପରାମର୍ଶ ଶୁଣି ଅନେକ କଥା ଭାବିଲେ; ମାତ୍ର ଅନ୍ୟ କିଛି ଉପାୟ ଖୋଜି ପାଇଲେ ନାହିଁ । ଏଣେ କନ୍ୟା ଅବିବାହିତା ରହିଲେ ପିତୃପୁରୁଷ ପିଣ୍ଡ ପାଇବେ ନାହିଁ । ଖାଲି ଏତିକି ନୁହେଁ —ବଂଶରେ ଗୋଟାଏ କଳଙ୍କ ରହିଯିବ । ଏହିପରି ସୁବିଆଡ଼ ଭାବି ଅଗତ୍ୟା ସ୍ତ୍ରୀ ପ୍ରସ୍ତାବରେ ସମ୍ମତ ହେଲେ ।

କଦମ୍ବଗଡ଼ର ଦଶକୋଶ ଦୂରବର୍ତ୍ତୀ ହୃଷୀକେଶ ଗ୍ରାମରେ କେତେଘର ବ୍ରାହ୍ମଣ ଅଛନ୍ତି । କେହି ଅବସ୍ଥାପନ୍ନ ନୁହନ୍ତି—ସୁଖେ ଦୁଃଖେ ଚଳନ୍ତି । ପୂର୍ବେ ସମସ୍ତଙ୍କର ବିଷୟ ବାଡ଼ି ଥିଲା, ତାହା କ୍ଷୟପ୍ରାପ୍ତ ହୋଇ ହୋଇ ଏବେ ଆସି ଶେଷ ସୀମାରେ ଉପସ୍ଥିତ ହୋଇଅଛି । ସେହି ବ୍ରାହ୍ମଣ ସାହିରେ ବନମାଳୀ ନାମକ ଜଣେ ବିଂଶତିବର୍ଷୀୟ ଯୁବକର ଘର । ସେ ଆବାଲ୍ୟ ମାତୃହୀନ, ବର୍ଷେ ହେଲା ତାହାର ପିତା ମଧ୍ୟ ଇହଲୋକରୁ ବିଦାୟ ନେଇଅଛି । ବନମାଳୀ ଘରକୁ ଏକା, ଆଜି ଯାଏ ତାହାର ବିବାହ ହୋଇ ନାହିଁ । ପିଲାଟି ବୁଦ୍ଧିମାନ୍ ସାମାନ୍ୟ କିଛି ପଢ଼ାଶୁଣା କରିଅଛି; ମାତ୍ର ଅର୍ଥାଭାବରୁ ଇଚ୍ଛାସତ୍ତ୍ୱେ ଶିକ୍ଷାରେ ଅଧିକ ଅଗ୍ରସର ହୋଇପାରି ନାହିଁ । ଖଣ୍ଡିଏ ପାଠଶାଳା କରି ଏକପ୍ରକାର ସୁଖରେ ଚଳେ । ବୈଦ୍ୟଭୂଷଣଙ୍କର ଦୃଷ୍ଟି ତାହାରି ଉପରେ ପଡ଼ିଲା । ସେ ଠେରଣୀ ପଠାଇ ଯୋଗାଡ଼ ଯନ୍ତ୍ର କରିବାକୁ ଲାଗିଲେ । ବନମାଳୀ ପରଘରେ କଣା କଙ୍କର ହୋଇ ରହିବାକୁ ପ୍ରଥମତଃ ଅସ୍ୱୀକୃତ ହେଲା । ସେ କହିଲା— "ମୁଁ କିଛି ଅର୍ଥ ସଂଗ୍ରହ କରି ପଢ଼ିବାକୁ ଇଚ୍ଛା କରୁଛି, ସେହି ଉଦ୍ଦେଶ୍ୟରେ ପାଠଶାଳା ଖଣ୍ଡିଏ କରୁଛି —ବର୍ତ୍ତମାନ ବିବାହ କରିବି ନାହିଁ । ବୈଦ୍ୟଭୂଷଣଙ୍କ ଲୋକମାନେ ତାକୁ ନାନା ପ୍ରଲୋଭନ ଦେଖାଇ ହିତୈଷୀ ଭାବରେ ଅନେକ ମୂଲ୍ୟବାନ୍ ଉପଦେଶ ଦେଲେ । କେହି କହିଲା—"କି ବାବୁ, ତୁମ୍ଭର ପାଠ କି ଲୋକ ପେଟ ପୋଷି ପାରିବ ନାହିଁ ? ନା ପରିବାର ପୋଷି ପାରିବ ନାହିଁ ? ତେବେ ଯଦି ପଢ଼ିବାକୁ ଇଚ୍ଛା କରିବ ତେବେ ସ୍ୱଚ୍ଛନ୍ଦରେ ପଢ଼ିବ, ସେଥିରେ ବାଧା କିଛି ନାହିଁ ।" ଅନ୍ୟ ଜଣେ କହିଲା—"ବୈଦ୍ୟଭୂଷଣଙ୍କର ଅଚଳ ସମ୍ପତ୍ତି, ତୁମେ ଯାହା ଇଚ୍ଛା ତାହା କରିପାରିବ । ବୁଢ଼ା-ବୁଢ଼ୀ ଦି'ଟା ଆଉ କେତେଦିନ, ପାଚିଲା ତାଳ ଆଉ କେତେଦିନ ଗଛରେ ରହିବ ? ତୁମେତ ସମ୍ପତ୍ତିର ମାଲିକ କିଅଣ କରି ନ ପାରିବ ? ତୁମେ ପିଲାଲୋକ ବୁଝିପାରୁ ନାହିଁ, ଯାଚିଲା ଭାତ କେହି ଛାଡ଼େ ନାହିଁ । ସମ୍ପତ୍ତି ମିଳିବା କି ସହଜ, ନା ସମସ୍ତଙ୍କୁ ମିଳେ ? ଯାହାର ପୂର୍ବତପସ୍ୟା ଥାଏ, ଯେ ଭାଗ୍ୟବାନ୍ ସେହି ଏପରି ସମ୍ପତ୍ତି ପାଏ । ହାତରେ ହାଣ୍ଡି ପୋଡ଼ି ରାନ୍ଧି ଖାଉଛ, ସେଠି ବାବୁପରି ବସି ବସି ମଉଜ କରିବ, ଏ ସୁଯୋଗ ଛାଡ଼ ନାହିଁ । ପଛକେ ଫେର ଆମକଥା ବୁଝିପାରିବ ।" ଏହି ପରି ନାନା କଥା ଶୁଣି ଏବଂ ଭାବୀ ଅଦୃଷ୍ଟର ସ୍ୱର୍ଣ୍ଣ-ସୁଖ କଳ୍ପନା କରି ବନମାଳୀର ମନ ଭୁଲି ଗଲା; ତହୁଁ ସେ ବିବାହରେ ସମ୍ମତି ପ୍ରଦାନ କଲା ।

# ଷଷ୍ଠ ପରିଚ୍ଛେଦ

ସୁରୁଖୁରୁରେ ବିବାହ ହୋଇଗଲା । ଯେଉଁ ନିମନ୍ତ୍ରିତ ବନ୍ଧୁବାନ୍ଧବ, ସୁଖି-ମିତ୍ରମାନେ ଖିର,ଖେଚିର ମଙ୍ଗଳନଉତା ବରକନ୍ୟାଙ୍କ ମୁହଁଚୁହାଁ ଘେନି ଆସି ବିବାହରେ ଯୋଗ ଦେଇଥିଲେ, ଅଷ୍ଟମଙ୍ଗଳା ପରେ ସେମାନେ ବିଦାୟ ହୋଇଗଲେ । ରହିଲେ କେବଳ ବୈଦ୍ୟଭୂଷଣଙ୍କର ସାବିତ୍ରୀ, ପାର୍ବତୀ—କନ୍ୟାଦ୍ୱୟ । ସାନଭଉଣୀର ବିବାହୋପଲକ୍ଷେ ସେମାନେ ବାପଘରକୁ ଆସିଥିଲେ । ସେମାନେ ପୂର୍ବରୁ ଦୁଇଥର ଲେଖାଏଁ ଆସିଥିଲେ । ସୁତରାଂ ପୁରୁଣା ହୋଇଗଲେଣି । ସେମାନଙ୍କୁ ଆଣିବାର ଆବଶ୍ୟକତା ବୈଦ୍ୟଭୂଷଣେ ଅନୁମାନ କରି ନଥିଲେ ; ମାତ୍ର ନ ଆଣିଲେ ଲୋକନିନ୍ଦା ହେବ, ଏହି ଭୟରେ ଆଣିଅଛନ୍ତି । କନ୍ୟା ଜାମାତା ପ୍ରତି ନୂଆ ନୂଆ ଯେପରି ସ୍ୱାଗତ ଥାଏ, ପୁରୁଣା ହେଲେ ଆଉ ସେପରି ରହେନାହିଁ । ଏ ଉକ୍ତି ସମସ୍ତଙ୍କ ପକ୍ଷରେ ନଖଟୁ ପଛେ; ମାତ୍ର ବୈଦ୍ୟଭୂଷଣଙ୍କ ପକ୍ଷରେ ଅନିବାର୍ଯ୍ୟ । ପ୍ରଥମେ ଦୁଇ ତିନି ବର୍ଷ କୁଆଁରପୂନେଇ, ଆଉ ପଡୁଆଁ ଅଷ୍ଟମୀକୁ ସେମାନଙ୍କ ଘରକୁ ଖିର ଏବଂ ଲୁଗା ଯାଉଥିଲା, ଏଣିକି ତାହା ବନ୍ଦ ହେଲାଣି । ପିତୃହୃଦୟ କଠୋର ହୋଇପାରେ; ମାତ୍ର ମାତୃହୃଦୟକୁ ବିଧାତା ସେ ଉପାଦାନରେ ଗଢ଼ିନାହାନ୍ତି । ପଦ୍ମାବତୀ ଗୋପନରେ ସମୟ ସମୟରେ ଝିଅ ଦୁହିଁଙ୍କ ପାଇଁ ଲୁଗାଖଣ୍ଡେ ବା ଭଲ ପଦାର୍ଥଟିଏ ପଠାଇଦିଅନ୍ତି ।

ସାବିତ୍ରୀ, ପାର୍ବତୀ ଦୁହିଙ୍କ ବିବାହରେ ଯେପରି ପାଣିପରି ଟଙ୍କା ଖର୍ଚ୍ଚ ହୋଇଥିଲା, ମଙ୍ଗଳା ବିବାହରେ ସେପରି ହୋଇନାହିଁ । ଏହି ହେତୁ ବୈଦ୍ୟଭୂଷଣଙ୍କ ମନ ଦୁଃଖିତ ନୁହେଁ; ମାତ୍ର ଆନନ୍ଦିତ ସୁଦ୍ଧା ନୁହେଁ । ଘରେ ଜଣେ କୁଟୁମ୍ବ ବଢ଼ିଲା, ସେ ପୁଣି ଯେ ସେ ନୁହେଁ, ସ୍ୱୟଂ ଜାମାତୃଦେବ । ଷୋଡ଼ଶପୂଜାରୁ ଗୋଟାଏ କି ଅଧେ ଊଣା ହେଲେ ଜାତଖଣ୍ଡ କରୁଣ ଦେଲାପରି ତାଙ୍କର ଗୌରବ ଚୂର୍ଣ୍ଣୀଭୂତ ହୋଇଯିବ । ଦେବତା ବରଂ ପୂଜାର ତ୍ରୁଟିର ମାର୍ଜନା କରିପାରନ୍ତି; ମାତ୍ର ଜାମାତାଙ୍କ କୋଷ୍ଠୀରେ ସେ କଥା ନାହିଁ । ସେ ମହାମାନୀ କ୍ରୋଧୀ ଦେବତା, କଥାକଥାକେ ତାଙ୍କର ମନହାନି ଘଟେ । ତାଙ୍କପରି ବ୍ୟର୍ଥ ମାନହାନିର ଜାଗ୍ରତ ସ୍ୱପ୍ନ କେହୁ ଦେଖେ ନାହିଁ । "ରୁଷିବା ପୁଅର ଭାଗ ଅଧିକ" ଏକଥାର ସୂକ୍ଷ୍ମ ତାତ୍ପର୍ଯ୍ୟ ସେମାନେ ଭଲ ବୁଝନ୍ତି । ବୈଦ୍ୟଭୂଷଣେ ଏହି ସବୁ କଥା ଭାବି ଟିକିଏ କ୍ଷୁବ୍ଧ, ନଚେତ୍ ଆଉ କୌଣସି ଉଲ୍ଲେଖଯୋଗ୍ୟ ଦୁଃଖ ତାଙ୍କ ମନରେ ନାହିଁ । ବରଂ ତାଙ୍କ ବଂଶଗୌରବରେ କଣ୍ଟି-ମାତ୍ର ଆଘାତ ନ ଲାଗିବାରୁ ସେ ଆନନ୍ଦିତ । ତାହା ଉପରେ ଆନନ୍ଦର ଆଉ ଗୋଟାଏ କାରଣ ଏହି ଯେ, ତାଙ୍କର ପିତୃପୁରୁଷମାନେ ପିଣ୍ଡ ଗ୍ରହଣରେ ଆଉ ଅସ୍ୱୀକୃତ ହେବେନାହିଁ । ଯାଜଲକ୍ଷଣି ଆସି ହାତରୁ ଛଡ଼ାଇନେଇ ଟକ୍ କରି ଗିଳିଦେବେ । ମଙ୍ଗଳାର ବିବାହ ହୋଇ-ପାରିନଥିଲେ ସମାଜରେ ସେ ମୁଣ୍ଡ ଟେକି ପାରିନଥାନ୍ତେ । ବଡ଼ କୌଶଳରେ ସେ କାର୍ଯ୍ୟୋଦ୍ଧାର କରିନେଇ ନିଜ ବୁଦ୍ଧିର ଯଥେଷ୍ଟ ପ୍ରଶଂସା କରିଥିଲେ ।

ସାବିତ୍ରୀ, ପାର୍ବତୀ ଦୁହିଙ୍କର ମୁଖ ସବୁବେଳେ ଅପ୍ରସନ୍ନ । ସାନଭଉଣୀ ଅଗାଧ ପିତୃସମ୍ପତ୍ତିର ଅଧି-କାରିଣୀ ହେଲା ଆଉ ସେମାନେ ଧାନହେଁସରୁ ଲୁଆଅଣ୍ଟେ ନେଲାପରି ଯାହା ନେଇଛନ୍ତି—ସେତିକି , ଏଥିରେ କାହାର ମନ ଦୁଃଖିତ ନହେବ, ସେମାନେ କଅଣ ବାପ ମା'ର ଝିଅ ନୁହନ୍ତି ? ସେମାନେ କଅଣ ଆଉ କେଉଁଠାରୁ ଭାସି ଆସିଥିଲେ ? ଏ ଅନ୍ୟାୟ କି ସହିବାର କଥା ? ବାପ ମା ଏପରି କାହିଁକି କଲେ? ତିନି ଝିଅଙ୍କୁ ସମାନ ରୂପେ ବାଣ୍ଟି ଦେଇଥିଲେ ତ କଥା ଛିଡ଼ି ଯାଇଥାନ୍ତା । ଦୁଇ ଭଉଣୀ ନିର୍ଜନରେ ବସି ଅନେକ କଥାବାର୍ତ୍ତା ହୁଅନ୍ତି । ଦିନେ ପାର୍ବତୀ କହିଲା—"ଅପା ବାପ ମା'ଙ୍କ ଗୁଣ ବୁଝିଲୁ ତ ? ଆମ ଦୁହିଙ୍କି ନିରାଶ କରି ସାନଝିଅକୁ ସର୍ବସ୍ୱ ଦେବାଟା କଅଣ ନ୍ୟାୟର କଥା ? ସେ ସ୍ୱର୍ଗକୁ ନେଇଯିବ, ଆମେ ଆଉ ନେଇ ପାରିବାନାହିଁ ; ବାପ ମା ଯାହାକୁ ଅନ୍ତରରୁ ଚାହିଁଛନ୍ତି, ତାକୁ କଅଣ ଇମିତି ପକ୍ଷପାତ କରନ୍ତି । ଆମ କପାଳ କଡ଼େ ଊଣା ହୋଇଯିବ , ଆଉ ଗେଲ୍ ଚୁଲ୍ ସାନ

ଝିଅର କପାଳ କେବେ ଫୁଟିଉଠିବ ? ହଉ, ସେହି ଖାଉ—ତାହାର ପେଟ ପୂରୁ ।" ସାବିତ୍ରୀ ଏଣିକି ତେଣିକି ବ୍ୟଗ୍ର ସତର୍କ ଦୃଷ୍ଟିରେ ଚାହିଁଦେଇ ପାର୍ବତୀର କାନ ପାଖରେ ମୁହଁ ରଖି ଖୁବ ଧୀର ଅଥଚ ତପ୍ତ ସ୍ୱରରେ କହିଲା "ପାରୁ ସେହି ଗାଲପୋଡ଼, ନାନ୍ଦୁଣୀର ସବୁ କୂଟ ଲୋ । ପାଞ୍ଚ ଆଙ୍ଗୁଳିଆକ ପାଟିରେ ନାଇବ ବୋଲି ବାପମାଙ୍କୁ ଶିଖାଇ ଇମିତି କରୁଛି । ହଉଲୋ ଭଉଣି ସେ ଆମକୁ କୂଟ ପାଞ୍ଚିଲେ ବିଧାତା ତାକୁ କୂଟ ପାଞ୍ଚିବ । ସେହି ସବୁ ନଉ, ଆମ କପାଳକୁ ତ ଆଉ ନେଇପାରିବ ନାହିଁ । କାଲି ଟେଙ୍କେ ଟେଙ୍କେ ମା'କୁ କହିଲି—"ମା ସାନ ଝିଅକୁ ସବୁ ଦେଲୁ, ଆମେ କଅଣ କେହିନୋହୁଁ ? ମା ଭଣ୍ ଭଣ୍ ହୋଇ ଉଠି କହିଲା—"ତମେ ଖାଲି ନବା କଥା ଜାଣ, ଯେତେ ନେଲେ ବି ତମ ଅସନ୍ତୋଷୀ ପେଟର ମନ ବୋଧ ହୁଏ ନାହିଁ । ତମେ କଅଣ ନ ନେଇଚ କି ? ତମକୁ ମୁଁ ଯାହା ଦେଇଚି, କାହିଁ ରଜା ଘର ବି ଝିଅକୁ ସିମିତି ଦବ ନାହିଁ । ମା'ଆଙ୍କର ତ ଏ କଥା, ଆଉ ଝିଅଙ୍କର ଫୁଲାଣର ବାକି ନାହିଁ । ବାବା ତାଙ୍କ ନୂଆ ଜୁଇଁଙ୍କି ଇଞ୍ଚିକି ମିଞ୍ଚିକି ପଚେଇବେ ପରା । ସେହି ଲୁଚିତ ଗାଲପୋଡ଼ର ଗୋଡ଼ ତଳେ ପଡ଼ୁନାହିଁ—କହିଁ ଡୁପଟୀଆଣୀ କି ମେଜେଷ୍ଟରଆଣୀ ହବ କେଜାଣି? ପୁଣି ଠାପସ୍, ଟିକିଏ କେତେ, ତୁ ଡାକ୍ତରକୁ ବାହା ହୋଇଛୁ ବୋଲି ତତେ କହୁଚି—ଘା' ଶପା ମାଇପ, ଆଉ ମୁଁ ମୁକ୍ତିଆରକୁ ବାହା ହୋଇଚି ବୋଲି ମତେ କହୁଛି କଅଣ ନା—କଥା ବକା ମାଇପ । ଉସ୍ ଦେଖୁଛୁ ତ ? ତୁ କହୁଚୁ କଣ ପାରୁ, ମୋର ଆଉ ଏଠି ରହିଲେ ମନ ଲାଗୁ ନାହିଁ । ମୁଁ କମିତି ଏଠୁ ଗଲେ ଗଙ୍ଗାରେ ସ୍ନାନ କରନ୍ତି ଭଉଣି । ଆଉ ଆଠଦିନ ଅନାଇ କହି ପଠାଇବି କୁଆଁର ପଠାଇ ଦେଇ ମୋତେ ନେଇ ଯିବେ । ଯାହାର ବାପଘର ନାହିଁ, ସେ କଅଣ କରୁଚି । ଆମର ଜାଣି ସେହିପରି ବାପଘର ନାହିଁ ।" ଦୁଇ ଭଉଣୀ ଅନେକ ସମୟରେ ଏହିପରି କଥାବାର୍ତ୍ତା ହୁଅନ୍ତି ।

ବନମାଳୀ ଶ୍ୱଶୁରାଳୟରେ ସୁଖସମ୍ପଦରେ ଅଛି । ଶାଶୁଙ୍କର ସ୍ନେହ ସୀମାଲଙ୍ଘନ କରି ସାରିଅଛି । ବୈଦ୍ୟଭୂଷଣେ ମଧ୍ୟ ଜାମାତୃପୂଜାରେ ଉଦାସୀନ ନୁହନ୍ତି । ସେ କୃପଣ ହେଲେହେଁ ବାଳକ । କେତେ-କେତେ କଅଣ କରିବାକୁ ହେବ ବା କି ଭାବ ଦେଖାଇବାକୁ ହେବ, ଏହିସବୁ ସମୟୋଚିତ ବ୍ୟବହାର କରିବାରେ ସେ ଅତିଧୁରନ୍ଧର । ସୁତରାଂ ଅଳ୍ପ ସ୍ଥାନରେ ପଇସାଏ ଖର୍ଚ୍ଚ କରି ନବ ଜାମାତାର ମନ ତୁଷ୍ଟିର ଚେଷ୍ଟା କଲେ । ଏହିପରି ସ୍ନେହ-ସ୍ୱର୍ଗ ସମସ୍ତଙ୍କ ଭାଗ୍ୟରେ ଅତାଇ ଦିନ ସବାଶେ ଘଟିଥାଏ । ବୈଦ୍ୟଭୂଷଣଙ୍କର ଭିତରେ ଯାହାଥାଉ, ସେ ଉପରଠା ମଠାମଠି କରି ଠିକ ରଖିଥାଆନ୍ତି । ପରଘରୁ ଗୋଟାକୁ ଧରିଆଣି ଟିକିଏ ସ୍ନେହାଦର ନ ଦେଖାଇଲେ ଚଳିବ କିପରି ? ବଣ ଜନ୍ତୁଟିଏ ଧରିଆଣି କିମ୍ବା ଗୋରୁଟିଏ କିଣିଆଣି ପ୍ରଥମେ ତାକୁ ଟିକିଏ ଆଉଁସା ଆଉଁସି ନ କଲେ ତ ସେ ଘର ମଣୁନାହିଁ କି ବଶୀଭୂତ ହେଉନାହିଁ । ମନୁଷ୍ୟର କଥା ତ ଅନେକ ଉଚ୍ଚରେ । ବନମାଳୀ ଗାଧୋଇବାକୁ ଗଲେ ଶଶୁର କହନ୍ତି—"ବେଶି ବେଳଯାଏ ଗାଧୋଇବ ନାହିଁ ଶ ବାବୁ ସର୍ଦ୍ଦି ଫର୍ଦ୍ଦି ହେବ । ଏଇଠି ତ ଦି ଗରା ପାଣି ଦେଇଥିଲେ ଗାଧୋଇ ପଡ଼ିଥାଆନ୍ତି । ଖରାଟାରେ କାହିଁକି ଏତେବାଟ ଯାଉଛ ?" ଜାମାତା ବହିର୍ଦ୍ଦେଶ ବାହାରିଲେ ବୈଦ୍ୟଭୂଷଣଙ୍କର ବ୍ୟସ୍ତତାର ସୀମା ରହେ ନାହିଁ । "କିଏ ଅଛରେ ଲୁଆଡ଼େ ଗଲରେ—ପାଣି ଲୋଟେ ଆଣରେ" ଇତ୍ୟାଦି ପ୍ରକାରରେ ହୁଲସ୍ଥୁଲ କରନ୍ତି । ତହୁଁ ରସିକା ଭଣ୍ଡାରୀ ଧାଇଁ ଆସି ପାଣି ଲୋଟା ଧରି ଜାମାତାଙ୍କ ଆଗେ ଆଗେ ଚାଲେ । ଶ୍ୱଶୁରଙ୍କର ସ୍ନେହ ଏହିପରି ସବୁବେଳେ ବନମାଳୀକୁ ଘେରି ରହିଥାଏ । ବନମାଳୀ ଏଥିରେ ଯଥେଷ୍ଟ ଆତ୍ମପ୍ରାଧାନ୍ୟ ଅନୁଭବ କରେ, ଏମନ୍ତ କି ତାହା ନିକଟରେ ତାହାର ନିଜର ମୂଲ୍ୟ ବହୁଗୁଣ ବଢ଼ିଯାଏ। ଜୁଇଁଟି ଆସିଲା ଦିନୁ ବୈଦ୍ୟଭୂଷଣଙ୍କର ଆଉ ଗୋଟାଏ ଆୟର ବାଟ ଫିଟିଅଛି । ଯେଉଁମାନେ ଔଷଧ ନେବାକୁ ଆସନ୍ତି, ଜୁଇଁ ନାମ ଧରି ସେ ଅନେକ ପଦାର୍ଥ ସେମାନଙ୍କଠାରୁ ଆଦାୟ କରନ୍ତି । ମାଛ ବିକିବା ଲୋକ କେହି ଆସିଲେ ତାକୁ କହନ୍ତି—"ଆମ ଜୁଇଁଟି ଭାରି ସୁକୁମାର, ଦୁଧ ମାଛ ନ ହେଲେ

ସେ ଖଟ ପାଖରେ ବସନ୍ତି ନାହିଁ ।” ଏତିକିରୁ ଆଗନ୍ତୁକ ଉଦ୍ଦେଶ୍ୟ ବୁଝିପାରି ଯଥାକର୍ତ୍ତବ୍ୟ କରେ । କାହାକୁ କହନ୍ତି—“ଆମ ଜୁଇଁ ପିଲ୍ଟିର ଶାଗ ଉପରେ ବଡ଼ ଖରଧା,ପଇସାଟାଏ ନେଇ କଉଁଠୁ କିଣିଆଣି ପାରିବ ?” ସେ ଆଉ ପଇସା ନେବ କଅଣ, ନିଜ ବାଡ଼ିରୁ ଶାଗ କାଟିଆଣି ଦେଇଯାଏ । ଯାହାର ଯାହା ଅଛି,ବା ଯାହା ଦ୍ୱାରା ଯାହା ମିଳିପାରିବ, ବୈଦ୍ୟଭୂଷଣେ ତାହା ଜାଣନ୍ତି, ସୁବିଧା ପାଇ ଦେଖି ଦ୍ରବ୍ୟର ବନ୍ଦୋବସ୍ତ କରନ୍ତି ।

ପଦ୍ମାବତୀଙ୍କୁ ତର ନାହିଁ, ଜାମାତାର ଖାଦ୍ୟ ପ୍ରସ୍ତୁତରେ ସେ ସବୁବେଳେ ବ୍ୟସ୍ତ । ନ-ଭୁଣ, ଛ-ଭଜା, ପିଠାପଣା ଇତ୍ୟାଦି ସ୍ୱହସ୍ତରେ ପ୍ରସ୍ତୁତ କରି ନିଜେ ଆଗରେ ବସି, ସେ ଜାମାତାକୁ ଖୁଆନ୍ତି । ଆଉ ଖାଅ, ଆଉ ଖାଅ ବୋଲି ଜିଦ୍ କରନ୍ତି । ଜାମାତାର ହସ୍ତ ପ୍ରଖରତା ନଦେଖିଲେ କହନ୍ତି—“କାହିଁ କିଛି ତ ଖାଉ-ନାହିଁ—ଅମ୍ବିଳ ଭୁଣରେ ତ ହାତ ବାଜି ନାହିଁ—ଭଜା ମାଛ ତ ସିମିତି ଥୁଆ ହୋଇଛି, ଲାଉ ଦାଲ୍ମା କଅଣ ଭଲ ହୋଇ ନାହିଁ, ଆଉ ଖାଇଲ କଅଣ ? ଏହି ମାଛ ଖଣ୍ଡ ଖାଇଦିଅ, ନଖାଇବ ଯେବେ, ମୋ ମୁଣ୍ଡ ଖାଇବ, ମୋ ରାଣଟି । ନା—ବାପ, ତୁମେ ଲାଜ କରୁଛ । ତୁମର ଘର, ତୁମର ଦ୍ୱାର, ତୁମର ସବୁ, ତୁମେ ଘରର ପୁଅ । ଆଉ ଲାଜ କରୁଛ କାହାକୁ ? ବାପ ମା’ଙ୍କ ପାଖରେ କି ଲାଜ ? ନା ତୁମେ ଖାଅ, ମୁଁ ମାଛରୁ କଣ୍ଟା ଛଡ଼େଇ ଦେଉଛି ।” ଏହିପରି କେତେ ଆଦର କରି ବାପଧନ କହି ଜୁଇଁଙ୍କୁ ଖୁଆନ୍ତି । ବନମାଳୀ ଆଗରେ ଦୁଇଟି ଖାଦ୍ୟ ଥୁଆ ହୁଏ । ଗୋଟିଏ ମଲି ପାଖୁଡ଼ା ପରି ଅନ୍ନ ଏବଂ ବତିଶ ବ୍ୟଞ୍ଜନାଦି, ଆଉ ଅନ୍ୟଟି ଶାଶୁଙ୍କର ସ୍ନେହ । ଦୁଇଟିଯାକ ଉପାଦେୟ ଏବଂ ଲୋଭନୀୟ । ଅନ୍ୟ କେହି ହୋଇଥିଲେ ଏହି ସ୍ନେହରେ ତାହାର ପେଟ ପୂରିଯାଆନ୍ତା, ସେ ଆଉ କିଛି ଖାଆନ୍ତା ନାହିଁ, ମାତ୍ର ନବଜାମାତା କାହାକୁ ଛାଡ଼େନାହିଁ ,ସେ ଖାଦ୍ୟରେ ସ୍ନେହାମୃତ ବୋଳିନେଇ ଉଭୟର ସଦ୍‌ବ୍ୟବହାର କରେ । ବାସ୍ତବରେ ସାମାନ୍ୟ ଖାଦ୍ୟ ମଧ୍ୟ ସ୍ନେହସିକ୍ତ ହେଲେ ଅମୃତମୟ ହୁଏ । ବନମାଳୀ ଜନ୍ମରୁ ମାତୃହୀନ ତାହାର ପ୍ରାଣ ମାତୃସ୍ନେହ ଅଭାବରେ ପିପାସିତ, ଶାଶୁ-ଙ୍କର ସ୍ନେହ ସେ ଆକଣ୍ଠ ପାନକରେ । ବହୁଦିନର ସୁପ୍ତ ମାତୃସ୍ମୃତି ଜାଗି ଉଠି ତାହାର ହୃଦୟକୁ ଘାରି ପକାଏ ଏବଂ ଅଲକ୍ଷ୍ୟରେ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼େ । ସେ ମନେ ମନେ ଭାବେ—“ଶାଶୁ ମୋର ମାତା ନୁହନ୍ତି—ମାତୃସ୍ଥାନୀୟା, ଏହାଙ୍କର ସ୍ନେହ ତ ଏଡ଼େ ମଧୁର ଆଉ ମାତୃସ୍ନେହ କେଡ଼େ ମଧୁର ହୋଇ ନଥିବ । ସେଥିର ଆସ୍ୱାଦନ ମୋ ଭାଗ୍ୟରେ ଘଟିନାହିଁ ବିଧାତା ଯାହାକୁ ମାତୃହୀନ କରନ୍ତି, ତାକୁ ସଂସାରର ସାର ସୁଖରୁ ବଞ୍ଚିତ କରନ୍ତି ।”

ବୈଦ୍ୟଭୂଷଣେ ବନମାଳୀକୁ ପଢାଇବା ସକାଶେ ପ୍ରଲୋଭନ ଦେଖାଇଥିଲେ, ଏବେ ତାକୁ କପରି ସେଥିରୁ ନିବୃତ୍ତ କରିବେ, ସେ ଉପାୟ ଉଦ୍ଭାବନ କରି-ବାକୁ ଲାଗିଲେ । ଦିନେ ଜାମାତାକୁ ପାଖରେ ବସାଇ କହିଲେ—“ତୁମେ କାହିଁକି ଇଂରାଜୀ ପଢିବ—ବାବୁ ? କେଉଁଠିକି ତ ଚାକିରି କରିବାକୁ ଯିବନାହିଁ, ତେବେ ଏତେ ପରିଶ୍ରମ କରି ଦେହଟା ମାଟି କରିବ କାହିଁକି ? ତହିଁରେ ପୁଣି ବହି, ଜୋତା, ଛତା, କୁରୁତା ଏହିପରି ବାର ଖର୍ଚ୍ଚ । ଯାହା ଖର୍ଚ୍ଚ ହେବ ତାହା ତୁମରି ତ ହେବ, ସେହିଟଙ୍କା ଘରେ ଥିଲେ କି ତୁମେ ସୁଖ ପାଇବ ନାହିଁ ? ଆମର ସାତପୁରୁଷ ରଜାଘର ବୈଦ୍ୟପଣରେ ଗଲାଣି ; ରଜାଘର ଲାଗି ଆମେ ବଡ଼ ମଣିଷ । ତୁମେ ବୈଦ୍ୟ-ଶାସ୍ତ୍ର ପଢ, ଆଉ ଔଷଧ ତିଆରି ଶିଖ, ସେଥିରେ ପାଞ୍ଚ ଟଙ୍କା ମିଳିବ, ମାନ ମହତ୍ତ୍ୱ ବି ଅଛି । ଘରେ ବସି ରୋଜଗାର କରିବ—କାହାରି ଅଧୀନରେ ରହିବ ନାହିଁ, ମୋ ବଞ୍ଚିବାରେ ତୁମର କବିରାଜି ଶିଖିବା ଭଲ । ରାଜମର୍ଯ୍ୟାଦାଠାରୁ ଚାକିରି ବଡ଼ ନୁହେଁ । ସେଠା ବଡ଼ ହୀନ କାର୍ଯ୍ୟ ।” ବନମାଳୀ ଶ୍ୱଶୁରଙ୍କର ସଦୁପଦେଶ ଶୁଣି ମନେ ମନେ ଅନେକ ଭାବିଲା; ମାତ୍ର ଶେଷରେ ତାଙ୍କର ପ୍ରସ୍ତାବ ଶ୍ରେୟସ୍କର ମଣି, ସେଥିରେ ସମ୍ମତ ହେଲା । ଔଷଧର ଆଶୁଫଳ ଦେଖି ବୈଦ୍ୟଭୂଷଣେ ଆନନ୍ଦରେ ଅଳକାନନ୍ଦାରେ ସନ୍ତରଣ କଲେ ।

# ସପ୍ତମ ପରିଚ୍ଛେଦ

ସୁଘଟ କୁଘଟ ଅଛି—ତାହା କନ କଳ୍ପନା ନୁହେଁ । ଜ୍ୟୋତିଷ ଶାସ୍ତ୍ରରେ ତାହା ମାହେନ୍ଦ୍ର, ଅମୃତ, ବଜ୍ର, ଶୂନ୍ୟ ନାମରେ ନାମିତ । ବନମାଳୀ ଏବଂ ମଙ୍ଗଳାର ପ୍ରଥମ ଶୁଭ ଦୃଷ୍ଟି ବଜ୍ର ଲକ୍ଷଣରେ ହୋଇଥିଲା । ସେଥିରେ କି ତ୍ରୁଟି ଥିଲା କେଜାଣି, ଦୁହିଙ୍କର କେବେ ସୁନ୍ଧା ବନିଲା ନାହିଁ । ମଙ୍ଗଳା ସ୍ୱାମୀକୁ କଦାପି ସୁଦ୍ଧା ଜ୍ଞାନ କରେନାହିଁ ; ବରଂ ସ୍ଲାନ ଦୃଷ୍ଟିରେ ଦେଖେ । ବନମାଳୀ ଦେଉଟଙ୍କିଆ ଅବଧାନ, ପୁଣି ମଙ୍ଗଳାର ପିତୃପୋଷିତ । ମଙ୍ଗଳା ତାକୁ ଖାତର କରିବ କାହିଁକି ? ମଙ୍ଗଳାର ସ୍ୱଭାବ—ସେ ଓ ତାଙ୍କର ଛଡ଼ା ଜଗତରେ କାହାରିକୁ ସମ୍ଭ୍ରମ ରଖି କଥା କହି ଜାଣେ ନାହିଁ । ସୁତରାଂ ସ୍ୱାମୀକୁ 'ତୁ'ବୋଲି ସମ୍ବୋଧନ କରେ । ବନମାଳୀ ମଧ୍ୟ ସାମାନ୍ୟ ପାତ୍ର ନୁହେଁ, ସେ ଲୁହା ଜାଣି ପାଣି ଦିଏ । ଯାହାର ବାପ ତାକୁ ଖୋସାମଦ୍ କରି ଆଣିଛି, ତାହା ଝିଅକୁ ସେ କାହିଁକି ଡରିବ ? ପ୍ରତିଯୋଗିତା କ୍ଷେତ୍ରରେ କେହି କାହାକୁ ଊଣା ନୁହେଁ—ଦୁହେଁ ସମାନ । ବନମାଳୀ ବିବାହ ପୂର୍ବରୁ ମାସିକ ଦେଡ଼ଟଙ୍କା ଦରମାରେ ଅବଧାନୀ କରୁଥିଲା । ସେହିହେତୁ ମଙ୍ଗଳା ତାକୁ "ଦେଢଟଙ୍କିଆ ବାବୁ" ବୋଲି କହେ । ବନମାଳୀ ମଧ୍ୟ ଗୁଣବନ୍ତ ସ୍ତ୍ରୀର ସେ ଋଣ ପରିଶୋଧ କରିଦିଏ । ସେ କହେ—"ତୋ ବାପର ଟଙ୍କା ଅଛି ବୋଲି ତୋର ଏତେ ଗର୍ବ, ସେହି ରୁପା ଚକିଦି ଖଣ୍ଡ ନ ଥିଲେ ତୋତେ କିଏ ବାଇ ହେବାକୁ ଆସନ୍ତା ? ତୋ ପରି କାଳୀ ବାସୁଲୀ ଲାଗି ଲଙ୍କାରୁ, ନ ହେଲେ କିଷ୍କିନ୍ଧ୍ୟା ଗଡ଼ରୁ ବର ଆସନ୍ତେ । ଆହା କି ସୁନ୍ଦରୀ କନ୍ୟା, ବିଧାତା ତୋତେ ଗଢ଼ିବାବେଳେ ଆଗରେ ଗୋଟାଏ ଭାଲୁ ବସାଇ ତାକୁ ଦେଖି ଗଢ଼ିଥିଲା ।" ଏହିପରି ଦୁହିଙ୍କର ଦାମ୍ପତ୍ୟ ପ୍ରେମ ସମ୍ଭାଷଣ ହୁଏ । ପଥର ଯେଉଁପରି ଟାଣ, ମୁଗୁର ବି ସେହିପରି ଟାଣ । ଉପଯୁକ୍ତ ଠାକୁରଙ୍କୁ ଉପଯୁକ୍ତ ପୂଜାରୀ ମିଳିଅଛି । ଏ ଭଳି ରାଜଯୋଟକ ବିଧାତାର ଭାବୁକତାର ପରିଚାୟକ । ମଙ୍ଗଳା ସବୁବେଳେ ଗାଁରେ ବୁଲେ ବୋଲି ବନମାଳୀ ତାକୁ ଆଗରେ "ଦାଣ୍ଡମଙ୍ଗଳା" ବୋଲି ଡାକେ ।

ବୈଦ୍ୟଭୂଷଣେ ପିଣ୍ଡାରେ ବସି ରୋଗୀ ଦେଖି ଔଷଧର ବ୍ୟବସ୍ଥା କରନ୍ତି । ବନମାଳୀ ତାଙ୍କ ପାଖରେ ବସି ବୈଦ୍ୟଶାସ୍ତ୍ର ଘୋଷେ । ବୈଦ୍ୟଭୂଷଣେ ରୋଗୀ ପାଖରେ ନିଜର ବଂଶ ଗୌରବ ସାଳଙ୍କାରରେ ବର୍ଣ୍ଣନା କରନ୍ତି । ତାଙ୍କ ପଣଗୋସେଇ ବାପ ଏପରି ଅମୃତହସ୍ତ ଥିଲେ ଯେ, ସେ ରୋଗୀକୁ ଯେଉଁ ଦ୍ରାବ ଲେଖି ଦେଉଥିଲେ, ରୋଗୀ ସେହି ତାଳକୁ ପାଣିରେ ଗୋଳି ପିଇଦେଲେ ତାହାର ରୋଗ ଭଲ ହୋଇଯାଉଥିଲା । ସେ ତାଙ୍କରି ବଂଶଧର, ତାଙ୍କର ଔଷଧ କି ବ୍ୟର୍ଥ ହୋଇପାରେ ? ବୈଦ୍ୟଭୂଷଣେ ଏହିପରି ପିତୃପୁରୁଷମାନଙ୍କର ଖ୍ୟାତି ବାଣ୍ଟି ବସନ୍ତି । ବନମାଳୀ ତାଙ୍କ କଥା ଅବହିତ ମନରେ ଶୁଣେ; ମାତ୍ର କାହିଁକି କେଜାଣି ତାକୁ ତାହା ଭଲ ଲାଗେ ନାହିଁ । ଏଣେ ଶୁଷ୍କ ବୈଦ୍ୟ ଶାସ୍ତ୍ରର ଚର୍ବିତଚର୍ବଣ ମଧ୍ୟ ଭଲ ଲାଗେ ନାହିଁ । ରୋଗୀ ତିକ୍ତ ଔଷଧ ଗିଳିବାକୁ ଯେପରି ନାରାଜ, ସେ ବୈଦ୍ୟଶାସ୍ତ୍ରରେ ଶ୍ଳୋକ ଗିଳିବାକୁ ତତୋଧିକ ନାରାଜ; କିନ୍ତୁ କଅଣ କରିବ, ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ତାକୁ ଗିଳିବାକୁ ପଡ଼େ ।

କାଳ କାହାକୁ ଚିରକାଳ ନୂଆ କରି ରଖେ ନାହିଁ, ସମସ୍ତ ପୁରୁଣା କରିଦିଏ । ଆଜି ଖଣ୍ଡିଏ ପୁସ୍ତକ କିଣିଲେ କାଲି ତାହା ପୁରୁଣା ହୋଇଯାଏ, ଏହିପରି ସବୁ କଥା ପୁରୁଣା ହେବା ସଙ୍ଗେ ସଙ୍ଗେ ନୂତନତ୍ୱର ଆଦର ମଧ୍ୟ କମିଯାଏ । କାଳକ୍ରମେ ଜୁଇଁ ପୁରୁଣା ହୋଇଗଲା—ତାହା ପ୍ରତି ସ୍ନେହ ପୁରୁଣା ହୋଇଗଲା, ଆଦର ବି ପୁରୁଣା ହୋଇଗଲା । ଶେଷରେ ବନମାଳୀ ଦେହ ଘଷିଆ ହୋଇଗଲା, ତାହାପ୍ରତି ଠିକ୍ ଘରର ଲୋକପରି ବ୍ୟବହାର କରାଗଲା । ବୈଦ୍ୟଭୂଷଣଙ୍କର ସ୍ୱଭାବ—କାହାରିକୁ ନିଷ୍କର୍ମା ହୋଇ ବସିରହିବାର ଦେଖିଲେ ତାଙ୍କର ହାଡ଼ ଜଳିଯାଏ । କର୍ମଭୂମି ସଂସାରକୁ ଆସି କର୍ମ ନକଲେ ଈଶ୍ୱରଙ୍କ ଆଦେଶର ଅବମାନନା ହୁଏ ଏବଂ ସେହି କର୍ମଚୋରମାନଙ୍କଦ୍ୱାରା ପୃଥିବୀର ଅନ୍ନ ଅକାରଣରେ ଧ୍ୱଂସ ହୁଏ, ଏ ନୀତି

ସେ ଭଲ ବୁଝନ୍ତି । ଦିନେ ସେ ବନମାଳୀକୁ କହିଲେ—"ଖାଲି ପୋଥି ପଢିଲେ କଅଣ ହେବ, ହାତରେ ପୋଥିରେ ଉଭୟରେ ଶିଖିବା ଦରକାର । ଏଣିକି ତମେ ଔଷଧର ମସଲା ଓଜନ କରିଦିଅ ।" ବନମାଳୀ ଶ୍ୱଶୁରଙ୍କ ବହୁମୂଲ୍ୟବାନ୍ ଉପଦେଶ ଲଙ୍ଘନ କରିବାକୁ ସାହସୀ ହେଲାନାହିଁ, ତହିଁ ପରଦିନଠାରୁ ମସଲା ଓଜନର ଭାର ଗ୍ରହଣ କଲା । ଯେଉଁ ଔଷଧର ଯେଉଁ ମସଲା, ବୈଦ୍ୟଭୂଷଣେ ସେଥିର ତାଲିକା ଦିଅନ୍ତି, ବନମାଳୀ ତାହା ଓଜନ କରିଦିଏ । ସେ ଯେଉଁଦିନ ଏ ଭାର ଗ୍ରହଣ କଲା, ସେହିଦିନଠାରୁ ଓଜନ କରିବା ସକାଶେ ଯେଉଁ ଲୋକ ନିଯୁକ୍ତ ଥିଲା, ତାକୁ ବିଦାୟ ଦିଆଗଲା । ବନମାଳୀ ତାହା ଲକ୍ଷ୍ୟ କଲା; ମାତ୍ର କିଛି କହିଲା ନାହିଁ । ଏହିପରି ଔଷଧ କୁଟିବା, ଛାଣିବା, ବଜାରହାଟ କରିବା ପ୍ରଭୃତି ଗୋଟିଏ ଗୋଟିଏ ଭାର କ୍ରମଶଃ ଆସି ତାହା ଉପରେ ପଡିଲା । ରୋଗୀ ଡାକରା ନ ଆସିଲେ ତାହା ବି ସମସ୍ତ ସମୟରେ ତାଙ୍କୁ ଖୋଜି ଆଣିବାକୁ ହେଲା । ତାହା ସବୁ ନକଲେ ଶାଶୂ ଶ୍ୱଶୁର ବିରକ୍ତ ହୁଅନ୍ତି । ସେମାନଙ୍କର ଜ୍ୱାଇଁ ପ୍ରତି ଆଉ ପୂର୍ବ ଶ୍ରଦ୍ଧା ନାହିଁ, ସବୁବେଳେ ଖିନ ଖିନ ହୁଅନ୍ତି, ସାମାନ୍ୟ କଥାରେ ହୁରହୁତ୍ ଦୋଷ ଧରନ୍ତି । ବନମାଳୀକୁ ଆଉ ବସିବାକୁ ଟିକିଏ ତର ମିଳିଲା ନାହିଁ । ଟିକିଏ ବସିଲେ ବା ବୁଲିଲେ ପ୍ରଥମ ପ୍ରଥମ ମଧୁର ତିରସ୍କାର ମିଳିଲା, କିଛି ଦିନପରେ ସେହି ମଧୁରତାଟିକ ମଧ୍ୟ ତୀବ୍ର ତିକ୍ତତାରେ ପରିଣତ ହେଲା । ସ୍ତ୍ରୀଠାରୁ ଯାହା ତାହାର ପ୍ରାପ୍ୟ, ସେହି ଦାମ୍ପତ୍ୟ ପ୍ରେମ ସେ ପାଏ ନାହିଁ; ଅଧିକନ୍ତୁ ଲାଞ୍ଛନା ଗଞ୍ଜନାର ସୀମା ରହେନାହିଁ । ଘରକୁ ଗଲେ ସ୍ତ୍ରୀର ବିଷମଜ୍ୱାଳା, ବାହାରକୁ ଗଲେ ଶାଶୂ ଶ୍ୱଶୁରଙ୍କର ମୁହଁ କୁଞ୍ଚୁଣ୍ଡା, ବନମାଳୀ ଅତିଷ୍ଠ ହୋଇପଡିଲା । କିନ୍ତୁ କଅଣ କରିବ, ଭବିଷ୍ୟତକୁ ବଡଲୋକ ହେବ ବୋଲି ଗୋଟାଏ ଉଚ୍ଚ ଆଶା ଅଛି, ସେହି ଆଶାରେ ସବୁ ସହି ରହିଲା । ଆଶା ମନୁଷ୍ୟକୁ କେଉଁ ଅତକୁ ଛାଡିଦିଏ ନାହିଁ—ନିଜର ପଛେ ପଛେ ଚଲାଏ । ମଧୁପାନ କରିବାକୁ ହେଲେ ମହୁମାଛିର ଭୀଷଣ ଦଂଶନଜ୍ୱାଳା ସହିବା ଦରକାର । ବନମାଳୀ ମନକୁ ଏହିପରି ପ୍ରବୋଧ ଦେଇ ଭାବୀ ସୌଭାଗ୍ୟର ଆଶାରେ ଦୃଷ୍ଟି ବଜ୍ର ଦରୁ ସହିବାକୁ ଲାଗିଲା ।

ରାଜସଭାରେ ରସରାଜ ନାମରେ ଜଣେ ବିଦୂଷକ ଥାଏ । ହାସ୍ୟକର ବ୍ୟାପାର ତାହାର ବ୍ୟବସାୟ । ବୈଦ୍ୟଭୂଷଣଙ୍କ ସଙ୍ଗରେ ସେ ସବୁବେଳେ ଖୁରେଇ ହୋଇ ଲାଗେ ଏବଂ ରଙ୍ଗ ରହସ୍ୟ କରେ । ଥରେ ସେ ଛେଳିମୁଣ୍ଡ ନେଇ ବୈଦ୍ୟଭୂଷଣଙ୍କଦ୍ୱାରା ପରୀକ୍ଷା କରାଇଥିଲା । ବୈଦ୍ୟଭୂଷଣେ ଛନ୍ଦବ୍ୟାଧି ବୋଲି ଶ୍ଲୋକ ଆବୃତ୍ତି କରି ପ୍ରମାଣ କରିଥିଲେ । ରସରାଜ କହିଲା—"ଛନ୍ଦବ୍ୟାଧି ହେଉ ବା ମନ୍ଦ ବ୍ୟାଧି ହେଉ, କିମ୍ବା ଛନ୍ଦମନ୍ଦ ଉଭୟ ହେଉ, କଣ୍ଟାପନ୍ନ ସେଥିର ଔଷଧ ।" ଛେଳି କଣ୍ଟାପନ୍ନ ଖାଏ, ଏହି କଥାକୁ ଲକ୍ଷ୍ୟ କରି ସେ ଏପରି କହିଲା । ବୈଦ୍ୟଭୂଷଣେ ବୁଝିପାରି ଲଜ୍ଜିତ ହେଲେ । କେତେ ଦିନଯାଏ ଏହି କଥା ଘେନି ଗଡରେ ଗୋଟାଏ ହାସ୍ୟ କୌତୁକ ଚାଲିଥିଲା । ଆଜି ପୁଣି ସେ ଆଉ ଗୋଟାଏ ଉପଦ୍ରବ ଘଟାଇଅଛି । ଆଜି ମ'ଝି ଅନ୍ଧାରରୁ ବୈଦ୍ୟଭୂଷଣଙ୍କୁ ଆସୁଥିବାର ଦେଖି ସେ ଗୋଟାଏ ଅନ୍ଧାରିଆ ଜାଗାରେ ଗୋଟାଏ ପ୍ରକାଣ୍ଡ ରେଜାଇ ଘୋଡି ହୋଇ ଶୋଇପଡିଲା । ଏପରି ଭାବରେ ଘୋଡି ହୋଇଥିଲା ଯେ, ସେ ମୁହଁମାଡି ଶୋଇଛି, କି ଚିତେଇ ଶୋଇଛି, କିଛି ବାରି ହେଉନଥିଲା । ରାଜା ତାହାର ଏ ଭାବ ଦେଖି ମୃଦୁ ମୃଦୁ ହସି ମନେ ମନେ ଭାବିଲେ—"ରସରାଜ କିଛି ଗୋଟାଏ ନବରଙ୍ଗ କରିବ ।" ବୈଦ୍ୟଭୂଷଣେ ଉପସ୍ଥିତ ହୋଇ ଶ୍ରୀଛାମୁଙ୍କର ନାଡି ଚିପା ଶେଷକଲେ, ଏହି ସମୟରେ ରସରାଜ ରୋଗୀ ପରି କ୍ଷୀଣ ସ୍ୱରରେ କହିଲା—"ବୈଦ୍ୟଭୂଷଣେ, ଟିକିଏ ହାତଟା ଦେଖିବଟି, ଉଃ, ମା-ଲୋ ମରିଗଲି—ମରିଗଲି ।" ବୈଦ୍ୟଭୂଷଣେ ପାଖକୁ ଯାଇ କହିଲେ—"କିଏ—ରସରାଜ, କଅଣ ହେଲା ? କାହିଁ ହାତ ବାହାର କର ।" ରସରାଜ ଆଉ କିଛି ନ କହି ଅତି ସନ୍ତର୍ପଣରେ ବାମହସ୍ତର ମଣିବନ୍ଧ ପର୍ଯ୍ୟନ୍ତ ବାହାରକରିଦେଲା । ବୈଦ୍ୟଭୂଷଣେ ନାଡି ଚିପିବାକୁ ଲାଗିଲେ ଏବଂ "ଟିକିଏ ଲମ୍ବ—" ଏତିକିମାତ୍ର କହିଛନ୍ତି, ରସରାଜ ଝାଡି ଝିଡି ହୋଇ

ରସିପଣ୍ଡ କହିଲା—"କେଉଁ ହାତଟା ଦେଖିଲ କି ବୈଦ୍ୟଭୂଷଣେ ? ବାଁ ହାତରେ ତ ଲସମ୍, ଆଉ ଡାହାଣ ହାତରେ କଅଣ ଦେଖିଲ ?" ସ୍ତ୍ରୀ ଠୋ ଠୋ ହୋଇ ହସି ଉଠିଲେ । ବୈଦ୍ୟଭୂଷଣେ ବଡ଼ ଲଜ୍ଜିତ ହେଲେ । ସେଥିପାଇଁ ତାଙ୍କର ମନ ଆଜି ଭଲନାହିଁ । ସେ କ୍ରୋଧରେ କମ୍ପି କମ୍ପି ଘରେ ଆସି ପହଞ୍ଚିଲେ । ସମ୍ମୁଖରେ ଆଉ କାହାକୁ ନ ପାଇ ବନମାଳୀକୁ ଦେଖି ପଚାରିଲେ—"ଶୁଣ୍ଠିଖଣ୍ଡ ମୋଦକ ତିଆର ହୋଇଗଲା ?" ସେ କହିଲା—"ନା, ମସଲା ତ କୁଟା ସରିନାହିଁ ।" ଆଉ ବୈଦ୍ୟଭୂଷଣଙ୍କୁ ସମ୍ଭାଳେ କିଏ ? ସେ ସବୁ କ୍ରୋଧ ତାହାରି ଉପରେ ଅଜାଡ଼ି ଦେଲେ । ଅଭଦ୍ର ଭାଷାରେ ଯାହା ଇଚ୍ଛା ତାହା ତିରସ୍କାର କରିଗଲେ । ବେମାନ, ଅସତ୍, କୁକୁର ଯାହା ତୁଣ୍ଡରେ ଆସିଲା, ତାହା କହିଗଲେ । ବନମାଳୀ କାନ୍ଦୁଣ୍ଡୁ ମାନ୍ଦୁଣ୍ଡୁ ହୋଇ ନୀରବରେ ଘର ଭିତରକୁ ଚାଲିଗଲା, ଯାଉଁ ଯାଉଁ ଶାଶୁଙ୍କ ହାବୁଡ଼ରେ ପଡ଼ିଲା । ସେ ବସିକି କଲେ—"ସଜନା ଗଛରେ ଚଢ଼ି ଶାଗ ଦଶଡେମ୍ପା ଭାଙ୍ଗିଆଣ ।" ବନମାଳୀ କହିଲା—"ମୁଁ ଗଛକୁ ଚଢ଼ିପାରିବନାହିଁ ।" ପଦ୍ମାବତୀ ଗର୍ଜି ଉଠି କହିଲେ—"କାହିଁକି ଚଢ଼ି ପାରିବୁ, ଖାଇପାରିବ ସିନା । ମୋ ପୋଡ଼ା କପାଳକୁ ଝିଅ ସିମିତ, ଜ୍ୱାଇଁ ବି ସିମିତି ମିଳିଛି । କାହାରି ଗତର ଆଉ ହଲିବ ନାହିଁ । ମୁଁ ସମସ୍ତଙ୍କର ଧାଙ୍ଗୁଆ ଥିଲି ଯେ, ଏ ଜନ୍ମରେ ଶୁଝୁଛି ।" ଏହା ଶୁଣି ମଙ୍ଗଳା ଘରଭିତରୁ ବାହାରିଆସି କହିଲା—"ମୁଁ ଦାସୀ ଚାକରାଣୀ ନୁହେଁ ଯେ, ତୋ ଘରେ ପାଇଟି କରିବାକୁ ଯିବି ।" ପଦ୍ମାବତୀ ଆଉ କହିବେ କଅଣ ଖାଲି ଏତିକି କହିଲେ ଯେ—"ନାଲେ ମା, ତୁ ମୋ ଘରର ସାଆନ୍ତାଣୀ, ମୁଁ ଏକା ତୁମର ଦାସୀ ଚାକରାଣୀ ଅଛି—ମୋର ତ ଯୁଗ ଯାଉନାହିଁ କଅଣ କରିବି ?" ପଦ୍ମାବତୀ ଏହା କହି ନିଜ କାର୍ଯ୍ୟରେ ଚାଲିଗଲେ । ମଙ୍ଗଳା ଘରକୁ ଫେରିଆସି ସ୍ୱାମୀକୁ ଦେଖି ତମ୍ଭୁଣୀ ପରି ଫଁ ଫଁ ହୋଇ କହିଲା—"ତୋହରି ଲାଗି ମୁଁ ଏତେ ଗଞ୍ଜଣା ଶୁଣୁଛି । ହାତ ଗୋଡ଼ ପୋଡ଼ ଯାଉଛି କି—ଗଛକୁ ଚଢ଼ି ଶାଗ ଭାଙ୍ଗି ଦେଲୁ ନାହିଁ ?" ତିନିଆଡ଼ୁ ଗାଳି ଶୁଣି ବନମାଳୀର ମନ କ୍ଷିପ୍ତ ହୋଇଉଠିଲା, ସେ ରୁକ୍ଷ ସ୍ୱରରେ କହିଲା,"ମୁଁ ତୋର ଚାକର ନୁହେଁ ଯେ, ଆଜ୍ଞାକୁ ଅବଧାନ ହୋଇଥିବି ।" ମଙ୍ଗଳା ମଧ୍ୟ ସମାନ ସ୍ୱରରେ କହିଲା—"ନା, ତୁ ଚାକର ନୋହୁଁ—ସାଆନ୍ତ । ମୋ' ବାପର ଖାଇ ଯେ ମଣିଷ, ସେ ଆଉ କଅଣ ?" ବନମାଳୀ ଆଉ ସହିପାରିଲା ନାହିଁ । କ୍ରୋଧ, ଘୃଣା ଏବଂ ଅପମାନରେ ତାହାର ସର୍ବାଙ୍ଗ ଥରି ଉଠିଲା । ସେ ଶ୍ଳେଷତପ୍ତ କଣ୍ଠରେ କହିଲା, "ହିଁ ତୋର ଏତେ ଦମାକ୍; ମୁଁ ତୋର ଚାକର ? ମୁଁ ଗରିବ, ଅନାଥ, ତୋର ଏ ଗର୍ବ ସହିଲି, କିନ୍ତୁ ଭଗବାନ ଯଦି ଥିବେ ତେବେ ତୋତେ ଏଥିର ପ୍ରତିଫଳ ଦେବେ—ନିଶ୍ଚୟ ନିଶ୍ଚୟ ତୋର ଦର୍ପ ଚୂର୍ଣ୍ଣ କରିବେ । ମୁଁ ଅନେକ ସହିଛି, ଆଉ ସହି ପାରିବି ନାହିଁ, ସହିବାର ଶକ୍ତି ମୋର ନାହିଁ । ମୁଁ ଏବେ ଚାଲିଲି, ଏ ଘରେ ଆଉ ପାଣି ଛୁଇଁବି ନାହିଁ—ଏ ଜନ୍ମରେ ତୋ ସଙ୍ଗରେ ମୋର ଆଉ ସମ୍ପର୍କ ନାହିଁ । ତୋର ବାପର କୁଟିଳ କୁଚକ୍ରୀକୁ ମୁଁ ବିଶ୍ୱାସ କରିଥିଲି, ତାହା ମୋର ଦୁରଦୃଷ୍ଟ ଏବେ ସେହି ପାପର ପ୍ରାୟଶ୍ଚିତ୍ତ କରିବି । ମୁଁ ତୋର ବାପମାଙ୍କୁ ଦୋଷ ଦେଉନାହିଁ, ଦୋଷ ମୋର ବୁଦ୍ଧିର । ମୁଁ କାଳସର୍ପକୁ ଫୁଲମାଳ ଜ୍ଞାନ କରିଥିଲି, ସେଥିର ଫଳ ପାଇଲି । ଲୋଭର ପରିଣାମ ବୁଝିଲି, ମୋର ଉପଯୁକ୍ତ ଶିକ୍ଷା ହୋଇଅଛି । ଆଉ ଅଧିକ କିଛି କହିବାକୁ ନାହିଁ, ଖାଲି ଏତିକି କହୁଛି ଯେ ତୋର ଏ ଗର୍ବ ସକାଶେ ତୋତେ ଦିନେ କଠୋର ଅନୁତାପ କରିବାକୁ ହେବ ।"

ବନମାଳୀ ଏହା କହି ଘରୁ ବାହାରି ଚାଲିଗଲା । ମଙ୍ଗଳା ଚାହିଁ ରହିଲା । ତାହା ପାଟିରୁ ଭାଷା ବାହାରିଲା ନାହିଁ । ତାହା ବାପର ଖାଇ ଯେ ମଣିଷ, ତାହାର ପୁଣି ଏତେ ତେଜ ! ଏହା ଦେଖି ସେ ବିସ୍ମୟରେ ନିର୍ବାକ୍ ହୋଇଗଲା ।

# ଅଷ୍ଟମ ପରିଚ୍ଛେଦ

ବନମାଳୀ କ୍ରୋଧର ଉତ୍ତେଜନାରେ ଭଲ ମନ୍ଦ ନବୁଝି ଘରୁ ବାହାରିଗଲା । ଯେତେବେଳେ ତାହାର କ୍ରୋଧ ଜ୍ୱଳନ୍ତ ଆଗ୍ନେୟଗିରି ପରି ଅନଳ ଉଦ୍‌ଗାର କରୁଥିଲା, ହିତାହିତ ବିବେଚନାର ସେ ସମୟ ନୁହେଁ, ଯେତେବେଳେ ଉତ୍ତେଜନା-ନିଶା ଛୁଟିଗଲା, ସେତେବେଳେ ବୁଝି ପାରିଲା ଯେ, ସେ ଏବେ ଅକୂଳ ବିପଦ-ସାଗର ଗର୍ଭରେ ନିମଜ୍ଜିତ । ଚୌଦିଗ ତାକୁ ଅନ୍ଧାର ଦିଶିଲା । ଏ ବିପଦରୁ ତାକୁ କିଏ ରକ୍ଷାକରିବ—କିଏ ତାକୁ ଆଶ୍ରୟ ଦେବ, ଜୀବନର କୌଣସି ପଥ ସେ ପାଇଲା ନାହିଁ । ତହୁଁ ତାହାର ନେତ୍ର ଝର ମୁକୁଳା ହୋଇଗଲା, ସେ ହତାଶ ଭାବରେ କାନ୍ଦିବାକୁ ଲାଗିଲା । ଗତ ଜୀବନର ସବୁକଥା ତାହା ମନରେ ପଡ଼ିଲା । କିଏ ଯେପରି ଅଦୃଶ୍ୟରେ ଥାଇ ଗୋଟିଏ ଗୋଟିଏ ଚିତ୍ର ପଟ ତାହା ଆଖି ଆଗରେ ଖସାଇ ଦେବାକୁ ଲାଗିଲା । ସେ ମନେ ମନେ ଭାବିଲା—"ଫଳାଫଳ ନଭାବି ଘରୁ ବାହାରି ଆସିବା ମୋର ଉଚିତ ହୋଇନାହିଁ । ସାମାନ୍ୟ କଥାରେ ଏତେଦୂର ରାଗିଲେ ସଂସାରରେ ଚଳିହେବ କିପରି ? ଘରକରଣା କରିବାକୁ ହେଲେ କେତେ କଟୁବାକ୍ୟ ସହିବାକୁ ହେବ । ଏହା ମୁଁ ଭୁଲିଗଲି କାହିଁକି ? ମୋର ଏ ଦୁର୍ବୁଦ୍ଧି କାହିଁକି ହେଲା ? ଶ୍ୱଶୁର ଘରେ ସ୍ଥାନ ନ ହେଲେ ମୋର ନିଜ ଘରକୁ ଯାଇ ପୂର୍ବ ଅବଧାନୀ ବ୍ୟବସାୟଦ୍ୱାରା ଜୀବନ ଯାତ୍ରା ନିର୍ବାହ କରିଥାଆନ୍ତି । ଅଳ୍ପ କଥାରେ ବିଚଳିତ ନ ହୋଇ ଧୈର୍ଯ୍ୟ ହରାଇ ବସିଲି କାହିଁକି ! ଏହିପରି ଅନୁତାପ କରୁଁ କରୁଁ କିଛିକ୍ଷଣ ପରେ ହଠାତ୍ ହସି ଉଠି କହିଲା—"ଏଁ, ପାଗଳ ପରି ଏ କଅଣ ଗୁଡ଼ାଏ ମୁଁ ଭାବୁଛି ? ଧୈର୍ଯ୍ୟ ହରାଇଲି ? ଧୈର୍ଯ୍ୟର ବି ତ ଗୋଟାଏ ସୀମା ଅଛି, ମନୁଷ୍ୟର ରକ୍ତ ମାଂସ ଶରୀର କେତେ ସହିବ । କେହି ତ କେତେବେଳେ ମୋ ପ୍ରତି ପ୍ରସନ୍ନ ନୁହନ୍ତି, କଥାଟାରେ ଏତେ ଗାଳି, ଏତେ ଗଞ୍ଜଣା ଏତେ ଅପମାନ କାହିଁକି ସହିବି ? କେବେ କେବେ ତାଙ୍କର ଅନ୍ୟ ଜ୍ୱାଇଁ ଦୁହେଁ ତ ଆସନ୍ତି, ତାଙ୍କ ପ୍ରତି କିପରି ବ୍ୟବହାର, ଆଉ ମୋ ପ୍ରତି କିପରି ବ୍ୟବହାର, ମୁଁ ଯେପରି ସେମାନଙ୍କ ଚାକରଠାରୁ ବି ହୀନ ।" ଅନନ୍ତର ବନମାଳୀ ହୃଦୟରେ ବହୁଦିନର ସଞ୍ଚିତ ସୁପ୍ତ ଅପମାନର ବ୍ୟଥା ଜାଗିଉଠିଲା, ସେ ଗୋଟାଏ ଦୀର୍ଘନିଃଶ୍ୱାସ ଛାଡ଼ି ଭାବିଲା—"ହଁ ଅଠା ବନ୍ଧ କରାଇବା ପାଇଁ ତାଙ୍କର ଏ ପ୍ରତାରଣା, ଏ କଥା ବୁଝିପାରିଥିଲେ ମୁଁ କାହିଁକି ତାଙ୍କ ଫାନ୍ଦରେ ପଡ଼ିଥାଆନ୍ତି । ଏଡ଼େ କୃପଣ, ଏଡ଼େ ଛୋଟ ମନା, ଏଡ଼େ କପଟୀ ତ ଏଦୁନିଆରେ ନାହିଁ, ଛିଃ, ଏ ପୁଣି ବଡ଼ଲୋକ ବୋଲାନ୍ତି । ଘରର ସମସ୍ତଙ୍କୁ ବି ବିଧାତା ଏକା ମାଟିରେ ଏକା ଛାଞ୍ଚରେ ଗଢ଼ିଛି । ଲୋକଲଜ୍ଜା, ଚକ୍ଷୁଲଜ୍ଜା, ମୁଖଲଜ୍ଜା କିଛି ବି ବିଧାତା ସେମାନଙ୍କୁ ଦେଇନାହିଁ । କେତେଥର କେତେ ଅପବାଦ ତୁଚ୍ଛାଟାରେ ମୋତେ ଦେଇଛନ୍ତି ତାହା ଭାବି ହୃଦୟ ଜଳିଯାଉଛି ।" ବନମାଳୀ ଏହିପରି ଅନେକ କଥା ଭାବି ଭାବି ପଥ ଅତିକ୍ରମ କରିବାକୁ ଲାଗିଲା । ସନ୍ଧ୍ୟା ପୂର୍ବରୁ ଗୋଟାଏ ବଜାରରେ ପହୁଞ୍ଚି ଦୁଇପଇସାର ମୁଢ଼ି ଉଖୁଡ଼ା କିଣି ଖାଇ, ଜଣେ ଦୋକାନୀର ପିଣ୍ଡାରେ ଶୋଇ ରହିଲା । ଦୁଶ୍ଚିନ୍ତା ହେତୁ ନିଦ୍ରା ହେଲା ନାହିଁ ; ମାତ୍ର ପାହାନ୍ତିଆ ବେଳକୁ ଟିକିଏ ଶୋଇପଡ଼ିଲା ।

ବନମାଳୀ ଶୟନାବସ୍ଥାରେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲା । ସେ ଦେଖିଲା—ତାହା ଦେହରେ କିଏ ଯେପରି ବହଳରେ ନୀଳରଙ୍ଗ ଲେପିଦେଇଛି । ସେ ଆଶ୍ଚର୍ଯ୍ୟ ହୋଇ ଆକାଶକୁ ଚାହିଁଲା, ଆକାଶ ଗାଢ଼ ନୀଳବର୍ଣ୍ଣ, ଏତେ ଗାଢ଼ ଯେ ଚନ୍ଦ୍ରମା ତାରା ଦିଶୁ ନାହିଁ । କିଛିକ୍ଷଣ ପରେ ଆକାଶ ଫାଟିଯାଇ ଫାଙ୍କ ହୋଇଗଲା । ସେହି ଫାଙ୍କବାଟେ ଚକ୍ଷୁର ଅସହ୍ୟ ଗୋଟାଏ ଉଜ୍ଜ୍ୱଳ ଜ୍ୟୋତି ବାହାରି ଦେଖୁଁ ଦେଖୁଁ ଦଣ୍ଡକ ମଧ୍ୟରେ ଆକାଶପାଟ ବ୍ୟାପିଗଲା । ସେ ଜ୍ୟୋତିରେ ସୃଷ୍ଟି ସମସ୍ତବସ୍ତୁରେ ରଞ୍ଜିତ ହେଲା । ଗଛ

ସ୍ୱର୍ଣ୍ଣମୟ, ଡାଳ ସ୍ୱର୍ଣ୍ଣମୟ, ଫୁଲଫଳ ସ୍ୱର୍ଣ୍ଣମୟ । ଗଛ ଡାଳରେ ସୁପ୍ତ ପକ୍ଷିଗୁଡ଼ିକ ସ୍ୱର୍ଣ୍ଣମୟ ଦିଶିଲେ; ଯେମନ୍ତ କି କେଉଁ ଯାଦୁକର ଅଦ୍ଭୁତ କୁହୁକ ବିଦ୍ୟାବଳରେ କେଉଁ ଅଜ୍ଞେୟ ଶୂନ୍ୟ ସ୍ଥାନରୁ ଗୋଟାଏ ସ୍ୱର୍ଣ୍ଣସୃଷ୍ଟି ତଳକୁ ଖସାଇଦେଲା । କିଛିକ୍ଷଣ ପରେ ସେହି ଜ୍ୟୋତି ଭେଦ କରି ଗୋଟାଏ ଜ୍ୟୋତିରଥ ଗଡ଼ାଇ ଆସିଲା । ସେ ରଥରେ ଘୋଡ଼ା ନାହିଁ, ନକ୍ଷତ୍ରପୁଞ୍ଜ ସେ ରଥ ବହନ କରି ତଳକୁ ଆଣୁଛନ୍ତି । ସେହି ଜ୍ୟୋତିରଥରେ ଗୋଟିଏ ଜ୍ୟୋତିର୍ମୟୀ ନାରୀ ମୂର୍ତ୍ତି ପଦ୍ମାସନରେ ବସି-ଅଛନ୍ତି । ତାଙ୍କର ମସ୍ତକରେ ଜ୍ୟୋତିର୍ମୁକୁଟ ଦାଉ ଦାଉ ଜଳୁଅଛି । ମୂର୍ତ୍ତିଟି ଜ୍ୟୋତିର୍ବସନ ପରିହିତା, ଜ୍ୟୋତି-ଭୂଷଣରେ ଭୂଷିତା । ଅଧରରେ ସ୍ନେହର ମୃଦୁହାସ୍ୟ ଲାଗିରହିଅଛି । ନେତ୍ରରୁ ଦୟାର ସ୍ନିଗ୍ଧ ଶୀତଳ ଜ୍ୟୋତିଃ ଝରିପଡ଼ୁଅଛି । ସେହି ଜ୍ୟୋତିରଥ ତଳକୁ ଖସି ଆସିଲା; ମାତ୍ର ପୃଥିବୀ ସ୍ପର୍ଶ କଲାନାହିଁ, ପୃଥିବୀର କିଛି ଦୂର ଉପରେ ଶୂନ୍ୟରେ ସ୍ଥିର ହୋଇରହିଲା । ତହୁଁ ଜ୍ୟୋତିର୍ମୟୀ ନାରୀ ବାତ୍ସଲ୍ୟପୂର୍ଣ୍ଣ ମଧୁର ସ୍ୱରରେ କହିଲେ—"ବତ୍ସ ! ମୋତେ ଚିହ୍ନି ପାରିଲୁ କି ? କେବେ ତ ଦେଖିନାହୁଁ, କିପରି ବା ଚିହ୍ନିବୁ ? ମୁଁ ତୋର ଗର୍ଭଧାରିଣୀ ଜନନୀ, ତୋତେ ଜନ୍ମକଲା ମାତ୍ରେ ମୁଁ ମରଧାମରୁ ବିଦାୟ ନେଇ ନିତ୍ୟ ଅମରଧାମକୁ ଚାଲିଆସିଛି । ମୋ ଦୁର୍ଭାଗ୍ୟ ମୋତେ ମାତୃକର୍ତ୍ତବ୍ୟର ସୁଖ ସୁବିଧାରୁ ବଞ୍ଚିତ କରିଛି । ତୋର ଏ କାତରଭାବ ଆଉ ଦୁର୍ଭାବନା ମୋର ମାତୃହୃଦୟକୁ ପ୍ରବଳ ବେଗରେ ମନ୍ଥନ କଲା; ତେଣୁ ସହି ନ ପାରି ଆସିଲି । ସନ୍ତାନର ଦୁଃଖ ମାତୃହୃଦୟକୁ ବଡ଼ ବାଧେ । ସେ ଆଘାତର ବକ୍ଷ-ବ୍ୟଥା କଥାରେ କହିହେବନାହିଁ । ତୁ କାହିଁକି ଏତେ ଗ୍ଳାନି ହେଉଛୁ ବାପ କିଛି ଚିନ୍ତା କରନା—ତୋର ଭବିଷ୍ୟତ ଉଜ୍ଜ୍ୱଳ । ଅଦୃଷ୍ଟ ତୋତେ ଯେଉଁ ଆଡ଼କୁ ନେଇଯାଉଛି ତୁ କିଛି ନ ଭାବି ସେହି ଆଡ଼କୁ ଯା । ତୁ ପ୍ରତାରଣାରେ ଭୁଲିଯାଇ ଅତି ଲୋଭରେ ମାତିଥିଲୁ, ତାହାର ଫଳ ଏବେ ଭୋଗ କଲୁ । ଯାହାହେଉ, ପ୍ରତାରଣାଜାଲ ଛିଣ୍ଡାଇ ବାହାରିଆସି ତୁ ଭଲ କରିଛୁ । ପେଟପାଇଁ ଚିନ୍ତା କରନା, ପ୍ରକାଣ୍ଡ ପୃଥିବୀରେ ତୋର କ୍ଷୁଦ୍ର ପେଟଖଣ୍ଡିକ ପୂରିବା ଭଳି ଖାଦ୍ୟର ଅଭାବ ହେବ ନାହିଁ । ଏ ସଂସାରରେ ପଶୁପକ୍ଷୀ ଉପାସ ରହନ୍ତି ନାହିଁ—ତୁ ତ ବୁଦ୍ଧିମାନ୍ ମନୁଷ୍ୟ । ମନର ଦୁର୍ବଳତା ଛାଡ଼ି ସାହାସ ଧର, ଆଉ ନିୟନ୍ତାର ପିଛା ଧରି ନିର୍ଭୟରେ ଚାଲ ।" ଅନନ୍ତର ଭୋଜବାଜି ପ୍ରାୟ ସେହି ଜ୍ୟୋତିର୍ମୟୀ ନାରୀ ସହ ଜ୍ୟୋତିରଥ ଆକାଶରେ ମିଳାଇଗଲା ସଙ୍ଗେ ସଙ୍ଗେ ବନମାଳୀର ସ୍ୱପ୍ନ ଭାଙ୍ଗିଗଲା, ସେ ଉଠି ବସି କହିଲା—"ସତେ କି ମା'ତୁ ଆସିଥିଲୁ—ସତେ କି ମୋର ବିପଦ ତୋର ଦେବୀହୃଦୟରେ କରୁଣା ସଞ୍ଚାର କରି-ଥିଲା । ମୁଁ ଦୁର୍ଭାଗ୍ୟ, ତୋର ମାତୃରୂପା ନାରୀମୂର୍ତ୍ତି ଦେଖିନାହିଁ; ମାତ୍ର ତୋର ଦେବୀମୂର୍ତ୍ତି ଦେଖି ପବିତ୍ର ହେଲି—ଧନ୍ୟ ହେଲି । ମା, ଯେବେ ଆସିଲୁ ତେବେ ଜାଗ୍ରତ ଅବସ୍ଥାରେ ଦେଖା ନ ଦେଇ ସ୍ୱପ୍ନାବସ୍ଥାରେ ଦେଖାଦେଲୁ କାହିଁକି ? ଅଥବା ତୁ ଯେଉଁ ପୁଣ୍ୟ ରାଜ୍ୟରେ ଅଛୁ, ଜାଗ୍ରଦବସ୍ଥାରେ ଦେଖାଦେବା ସେ ରାଜ୍ୟବାସୀଙ୍କର ଧାରା ନୁହେଁ ।" ଏହି ସମୟରେ ବଜାରରେ ନାଗରା ବାଜିଲା । ବନମାଳୀ କାରଣ ପଚାରି ବୁଝିଲା—ଜଣେ ସର୍ଦ୍ଦାର ହାତରୁ ଖର୍ଚ୍ଚଦେଇ ରେଙ୍ଗୁନକୁ ଲୋକ ନେବାପାଇଁ ନାଗରା ଦେଉଅଛି । ସେ ଆଉ ବିଳମ୍ବ କଲାନାହିଁ, ସେହି ସୁଯୋଗରେ ରେଙ୍ଗୁନ ଚାଲିଗଲା ।

ଦିନେଗଲା—ଦୁଇଦିନ ଗଲା—ତିନିଦିନ ଗଲା, ତେବେ ସୁଦ୍ଧା କୁଇଁର ଦେଖାନାହିଁ; ମାତ୍ର ସେଥିଲାଗି ବୈଦ୍ୟଭୂଷଣଙ୍କର କିଛି ଚିନ୍ତା ନାହିଁ । ସେ କୁଆଡ଼େ ଗଲା, ବା କଅଣ କଲା ସେଥିର ଖୋଜ ଖବର କିଛି ନେଲେ ନାହିଁ । ଅହୁରି କହିଲେ—"ଦୁଧ ଭାତ ଯେବେ ଗଲା ଭଣ୍ଡାଇହେଲା, ତେବେ ଯୁଆଡ଼େ ଗଲା ଯାଉ । ସିମିତି କର୍ମଚୋରା ନିଖଟ୍ଟୁକୁ କେଉଁଠି ଠାବ ଅଛି, ଆଉ କେଉଁଠି ବା ଦାନା ମିଳିବ, ବୁଲା କୁକୁର ପରି ବୁଲି ବୁଲି ବଳେ ଆପେ ଆସିବ । ମୋର ଗରଜ ପଡ଼ିଛି—ମୁଁ ଖୋଜିବାକୁ ଯିବ । ମୋର ଭାତ ହଜମ ହେଉନାହିଁ । ଏତେ ଆଦର ପଡ଼ିଛି । ବସି ବସି ଦଶ ଭୁଣରେ ଭାତ ଖାଇବ, ଅହୁରି ରୁଷିବ, ଓଃ କି ନବାବର ନାତିରେ, ଝିଅ ଦେଇଛି ବୋଲି ବସାଇ ଭଣ୍ଡ

ପୋଷିବ, ହାତ ଯୋଡ଼ି ଥିବ, ସତେ ସିମିଛି ମୋର ଗୁରୁ ଗୋସାଇଁ । ଗଲ ଯେବେ ଯାଉ, କଲିକତା-ଫଲିକତା ଯାଇ ଦଶଟଙ୍କା ରୋଜଗାର କରୁ, ଖାଲି ଏଠି ବସି ବସି ଗେଫା ମାରିବ କାହିଁକି ? ବାପ ଗୋସ ବାପର ମାଲ, କଅଣ ଏଠି ଥୁଆ ହୋଇଛି ? କଥା ପଦେ କହିଲେ ସିଧା ଦେହକୁ ବାଧି ଗଲା, ଏତେ ଅଭିମାନ କେଉଁ ଗୁଣରେ ।” ପଦ୍ମାବତୀ ସ୍ୱାମୀଙ୍କ କଥା ଶୁଣି ଆହୁରି ଅଧିକ କରି କହିଲେ-“ଯାଉ ଗୋ ଯାଉ ଏତେ ଡର ପଡ଼ିଛି । ମୋ ଝିଅକୁ ଗୁଣ୍ଡ ଝିଅ ପଣେ ବେଳରେ ବାନ୍ଧିବ, ଆଉ କଅଣ ହେବ । ମୋ ଝିଅ ଅଶୋଭା ନା ଅସୁନ୍ଦର ଯେ, ତାକୁ ବର ମିଳୁ ନ ଥିଲା । ବାପ ନାହିଁ ମା ନାହିଁ ବୋଲି ଦୟା କରିବାର ଫଳ ଏହିପରି । ସାତ ଜନ୍ମ ଗଲେ ହାତରେ କୁଷ ଲାଗିଥାଆନ୍ତା ନା ।” ଏହିପରି ଅନେକ କଥା କହିଲେ, ତାହା ଲେଖିବା ଅନାବଶ୍ୟକ । ସେ ରୂପ ଶକ୍ତି ବକୃତ ରସରେ ପାଠକମାନଙ୍କର ରୁଚି ହେବନାହିଁ ।

ମଙ୍ଗଳା ତ ଓର ଉଦ୍ଧତା, ତାହାର କୌଣସି କଥାକୁ ଖାତର ନାହିଁ । ସ୍ୱାମୀ ଉପରେ ତାହାର ଏତେଦୂର ଅଧିକାର, ସ୍ୱାମୀକୁ ସେ ଯାହା ଇଚ୍ଛା ତାହା କହିପାରେ ବୋଲି ଗୋଟିଏ ଆତ୍ମପ୍ରସାଦ ଅନୁଭବ କରେ । କିନ୍ତୁ ଏବେ ସ୍ୱରଆଉ ଶୁଙ୍ଖା ଖାଇ ତାହା ମନ ଟିକିଏ ସଳଖି ଲାଣି । ମଙ୍ଗଳା ସ୍ୱାମୀକୁ ସ୍ୱଳର ବୋଲି ଗାଳିଦେଇ ଘରୁ ଘଉଡ଼ିଦେଲା, ଏ କଥାରେ ଗାଁରେ ହାଟ ବସିଛି, ସମସ୍ତଙ୍କ ମୁହଁରେ ସେହି ଏକ କଥାର ଚର୍ଚ୍ଚା ଲାଗିଛି । ବିଶେଷତଃ ସ୍ତ୍ରୀସମାଜରେ ଅଧିକ ପ୍ରବଳ । ସେମାନେ ଘଟଣାଟାକୁ ଅଳଙ୍କୃତ କରି ବଢାଇ ଦେଉଅଛନ୍ତି । କେହି କହୁଛି—ଓଃ, “ଏ କି କାଳ ଆସି ହେଲା ଗୋ ମା, ସ୍ୱାମୀକୁ ଏଡ଼େ କଥା କହିଲା । ହା-ଢେରଚଣ୍ଡୀ, ଘୋଡ଼ାବାଗଧସା, ତା ଜିଭ ଛିଡ଼ି-ପଡ଼ିଲା ନାହିଁ । କଉଁ ନରକରେ ତାକୁ ଠାବ ହବ କେଜାଣି ।” ଏହା ଶୁଣି କେହି କହିଲା—“ଖାଲି କଅଣ ଗାଳି ଦେଉଛ, ତୁମେ ସବୁ ଅଛ ବୁଝିଛ । ଖାଲିଗାଳି ନୁହେ—ତା ଉପରକୁ । ସେଠା କଅଣ ମାଇକିଣା ନା ? କେବେ ଅଶ୍ରିସ୍ୱଙ୍କ କାନ କାଟି ଛାଡ଼ିଦେବ । ମରଣ ନାହିଁ କଳଙ୍କୀ ଜା’ ଜାତୀକି । ଏହିପରି ନାନା ଲୋକ ନାନା କଥା କହୁଅଛନ୍ତି । ପଦ୍ମାବତୀ ବି ଭିନ୍ନ ସ୍ୱର ଧରିଲେଣି । ଏଣିକି ସେ ଝିଅ ଉପରେ ଖର୍ ଖପା । କେହି ପଚାରିଲେ କହନ୍ତି—“ଜୁଇଁ, ନା ସୁନା ମୁଣ୍ଡେ—ଜନ୍ମକଲି ପୁଅକୁ ତାହାପରି ଦରଜ ହବ ନାହିଁ । ଯେତେ କଷ୍ଟ ହେଲେ—ଯେତେ ବେକାର ହେଲେ ସେ କଅଣ ଭୁଣ୍ଡି ଲେଉଟାଇ ପଦେ ଉତ୍ତର ଦବ । ମୋ ଝିଅ ପାଣ୍ଡଘସି ଏକା ତାକୁ ଜାତିଲା । ସକାଳ ଖାଇ ଗାଲି ପୋଡ଼ା କେତେବେଳେ ତାକୁ ଦୁ’ଆଖିରେ ଦେଖି-ପାରିଲା କାହିଁ । ସୁରୁଷ ପୁଅ, ତାକୁ ଲଗା କଅଣ, ସେମିତି ମୁହଁ ନ ସୁହୁଁ ଗୋଡ଼ରେ ଠେଲିଦେଇ ଗୁଲିଗଲା । ଝିଅ ହେଲେ କଅଣ ହେଲା, ନିଜର ଝିଅ ବୋଲି ତା ଦୋଷ ଚାଙ୍କି ରଖିବି, ଆଉ କୁଇଁଟି ପର ପୁଅ ହେଲାବୋଲି ତା’ ନାମରେ ମିଛରେ ଦୁର୍ନ୍ନାମ ଦେଇ ବୁଲିବ—ମୁଁ ସିମିତି ଖସ୍ୱପ ଲୋକ ନୁହେ ଲୋ ମା’ ସ୍ୱଣି, ସେ କଥା ମୋ କୋଷ୍ଠିରେ ନାହିଁ । ଯାହା କହିବ, ହକ କଥା କହିବ—ମିଛ କହି ପାପ ଅର୍ଜିବ କାହିଁକି ।” ମଙ୍ଗଳା ଏ ସବୁ କଥା ଶୁଣି ମୁହଁ ଭରି କରେ; ମାତ୍ର କିଛି କହେ ନାହିଁ । ଗାଁକୁ ବାହାରିଲେ ସମସ୍ତେ ଛି-ଛାକର କରନ୍ତି, ସେହି ହେତୁ ସେ ଏଣିକି ଗାଁ ବୁଲି ଛାଡ଼ିଦେଇଅଛି ।

ବୈଦ୍ୟଭୂଷଣେ ପ୍ରଥମତଃ ମନେ ମନେ କହୁ-ଥିଲେ—“ଝିଅର ତ ‘ଅବଢ଼ା’ ଦୋଷ କଟିଗଲା, ମୁଁ ଲଜ୍ଜାରୁ ରକ୍ଷାପାଇଲି—ଏଣିକି ଜୁଇଁ ରହୁ ବା ଯୁଆଡ଼େ ଯାଉ, ମୋର କଅଣ ଗଲା ।” କିନ୍ତୁ କେହି ପଚାରିଲେ କହନ୍ତି—କେଉଁଆଡ଼ିକି ଗଲା ମୁଁ ଜାଣେ ? କଲିକତା ଯାଦୁଘର ଦେଖିବାକୁ ଯିବବୋଲି କାହାର କାହାର ପାଖରେ କହିଥିଲା, ସେହି କଥା ମୋତେ କହିଥିଲେ ତ ମୁଁ ଖର୍ଚ୍ଚ ଦେଇ, ସାଙ୍ଗରେ ଲୋକ ଦେଇ ପଠାଇ-ଥାଆନ୍ତି । ଦେଖ ତାହାର କୁବୁଦ୍ଧି, ମୋତେ କିଛି କହିଲା ନାହିଁ । ଆଜିକାଲି ଟୋକାଙ୍କୁ ଆଉ ପାରି ହେବନାହିଁ, ସେ ସ୍ୱଡ଼ାକ ବଡ ବଦ ମଗଜା ଧରିଗଲେ ।

# ନବମ ପରିଚ୍ଛେଦ

ଜପାମାଳୀ ଗଣିଲା ପରି ଦିନପରେ ଦିନ ଗଡ଼ି ଚାଲିଯାଏ । ଦିନ ମିଶି ମାସ ହୁଏ, ମାସ ମିଶି ବର୍ଷ ହୁଏ, ଏହିପରି ସମସ୍ତ ପରଂପରା ଚାଲିଅଛି ଏବଂ ଚାଲିଥିବ । ସମୟର ଗତି ନିରନ୍ତର, ସେଥିରେ ପଣି ଗଣିବାକୁ ଫାଙ୍କ ନାହିଁ । ଦେଖୁଁ ଦେଖୁଁ ବର୍ଷ ପରେ ବର୍ଷ ଅତୀତ ହେଲା, ତଥାପି ବନମାଳୀ ଫେରିଲା ନାହିଁ; କିମ୍ବା ତାହାର କୌଣସି ସମ୍ବାଦ ସୁଦ୍ଧା ଜଣାଗଲା ନାହିଁ । ମଙ୍ଗଳା ଏଣିକି ଅନୁତାପ କରିଶିଖିଲାଣି; କିନ୍ତୁ ସେ ଅନୁତାପରେ ମଧ୍ୟ ଔଦ୍ଧତ୍ୟ ମିଶିଥାଏ, ସେ ବେଳେ ବେଳେ ଭାବେ—"ଯେ ହାତ ଧରି ବାହା ହୋଇଛି, ସେ ପର ନୁହେ, ମୁଁ ଖାଇ ପିଇ ନିଶ୍ଚିନ୍ତ ଅଛି, ଆଉ ସେ କେଉଁଠି କ'ଣ କରୁଥିବ । ଯେତେ ହେଲେ ତ ଗେରସ୍ତ, ତାକୁ ମୁଁ କେତେ ତୁଚ୍ଛକରି କଥା କହିଛି ।" ସଙ୍ଗେ ସଙ୍ଗେ ପୁଣି ଲେଉଟି ପଡ଼ି ଭାବନା ସ୍ରୋତ ଠିକ୍ ବିପରୀତ ଆଡ଼କୁ ଟାଣିନେଇଯାଏ । ମନେ ମନେ କହେ—"ଓଃ ତୁଚ୍ଛକରି କହିଲି ଯୁଗ ବୁଡ଼ିଗଲା ? ସେ ମୋତେ ପୋଷୁଥିଲା, ନା ପାଳୁଥିଲା । ମାଇପମାନେ ଘଇତମାନଙ୍କୁ କେତେ କଥା କହୁଅଛନ୍ତି, ମୁଁ ଇମିତି କ'ଣ କହିଲି ଯେ କାହିଁକି କହିବାକୁ ବାଧିଗଲା । ମୁଁ ଜାଣି ସ୍ୱଭାବରେ କଥେ କହିଦେଲି, ସେ ଆଉ ଏତିକି ସହି-ପାରିଲା ନାହିଁ । ମୋର କଥା ପଦେ ଯେ ସହିଲା ନାହିଁ ସେଠା ମୋର ଜାଏ ଯେ—ତା' ଲାଗି ଭାବିହେବ, ଝୁରିହେବ । ମୋର ତ ଆଉ ଦିନ ସରୁ ନାହିଁ । ଗାଁର ବାଣ୍ଡ ପୋଡ଼ ମୁହାଁ ଗୁଡ଼ାକ ମୋତେ ଦି'ଆଖିରେ ଦେଖି-ପାରୁ ନାହାନ୍ତି; ମୁଁ ତାହା ମୁହଁରେ ନିଆଁ ଲଗେଇଛି କେଜାଣି; ଆଉ ବାପମାଙ୍କ ଆଖିରେ ତ ମୁଁ କଷ୍ଟ ହୋଇଛି, ତାଙ୍କର ଯେତେବେଳେ ଖାଉଛି ପିନ୍ଧୁଛି ସେତେବେଳେ ଚେଙ୍ଗିଲେ ବି ସହିବ, ପୋଡ଼ିଲେ ବି ସହିବ । ତାଙ୍କ ଧନ ରଜାଭଣ୍ଡାରୁ ଅଛି; ଆଉ ମୁଁ ଖାଇଲେ ସରିଯିବ । ପୁଣି କହୁଛନ୍ତି—"ଆମେ ଜନ୍ମ ଦେଇଛୁଁ ବୋଲି କ'ଣ କର୍ମ ଦେଇଛୁ କି ତାହା କପାଳରେ ଯାହାଥିଲା, ତାହା ହେଲା ।" ଏ ଫେର କି କଥା, ମୋ କପାଳରେ କ'ଣ ଥିଲା—ତମେ ତ ଏତେ କୁଟି ଜାଲ । ଗୋଟାଏ କେଉଁଠୁ ଯାଉଣି ଆଣି ତା' ଗୋଡ଼ରେ ମୋତେ ଛନ୍ଦିଲ । ଏଥିରେ ମୋ କପାଳର ଦୋଷଟା କ'ଣ ହେଲା ।"

ସାତ, ଆଠ ବର୍ଷ ଅତୀତ ହେଲା, ତେବେ ସୁଦ୍ଧା ବନମାଳୀର କିଛି ଅନ୍ତସା ମିଳିଲା ନାହିଁ । କେହି କହିଲେ ଅଛି, କେହି କହିଲେ ମଲାଣି, ଏହିପରି ଜୀବନ ମୃତ୍ୟୁର ସନ୍ଧି ସ୍ଥଳରେ ଆଣି ତାକୁ ପକାଇଲେ । କେହି ଶାସ୍ତ୍ର-ଦର୍ଶୀ ବ୍ୟକ୍ତି ଶାସ୍ତ୍ରୀୟ ପ୍ରମାଣ ଦେଖାଇ କହିଲେ—ମରି-ଥାଉ ବା ଜୀଇଥାଉ—ଯାହା ହେଉ, ବାରବର୍ଷ ଯାଏ ତ ଅପେକ୍ଷା କରିବାକୁ ହେବ । ବୈଦ୍ୟଭୂଷଣେ ଏକା-ବେଳକେ ଆଶା ତ୍ୟାଗ କଲେ; ମାତ୍ର ସେଥିପାଇଁ ତାଙ୍କର ଶୋଚନା ନାହିଁ । ତାଙ୍କ ସହଧର୍ମିଣୀଙ୍କ ମନରେ ଜାମାତାର ସ୍ମୃତି ମାତ୍ର ଜାଗ୍ରତ ରହିଲା, ଆଉ ମଙ୍ଗଳାର ହୃଦୟରୁ ସ୍ୱାମୀସ୍ମୃତି ଲିଭିଗଲା କି ରହିଲା, ତାହା ଛଡ଼ା ଆଉ କେହି ତାହା ଜାଣନ୍ତି ନାହିଁ ।

ଏହାପରେ ଆହୁରି ଦୁଇବର୍ଷ କାଳ ଗଡ଼ିଗଲାଣି । ବୈଦ୍ୟଭୂଷଣଙ୍କ ପରିବାରରେ କେତେ ପରିବର୍ତ୍ତନ ଘଟିଗଲାଣି । ତାଙ୍କ ବଧବା ଭଉଣୀ ଦୁଃଖ ଯନ୍ତ୍ରଣାପୂର୍ଣ୍ଣ ଇହଲୋକରୁ ବିଦାୟ ନେଇ ଅନନ୍ତ ଅନଶ୍ୱର ସୁଖ ଶାନ୍ତିମୟ ସ୍ୱର୍ଗ ଧାମକୁ ଚାଲିଗଲାଣି । ତାହା ଅଭାବରେ ଗୃହକାର୍ଯ୍ୟର ଗୁରୁ ଦାୟିତ୍ୱ ଗୃହିଣୀଙ୍କ ଉପରେ ଆଶ୍ରୟ ନେଇଅଛି । ଗୋଡ଼ ଲମ୍ବାଇ ହାକିମ୍ କରିବାର ଦିନ ଆଉ ତାଙ୍କର ନାହିଁ । ମଙ୍ଗଳା ରନ୍ଧାବଢ଼ାକରି ମାତାଙ୍କୁ ଅନେକ ସାହାଯ୍ୟ କରେ । "ମୁଁ ଦାସୀ ହୋଇଛି ନୁହେଁ ଯେ କାହା ଘର କାମ କରିବି" ପୂର୍ବପରି ଏକଥା କହି-ବାର ସାହସ ତାହାର ନାହିଁ । ସେ ଏବେ ଆଉ ବାଳିକା ନୁହେ—ପିତୃଗୃହରେ ତାହାର ଅଧିକାର, ସେ ବୁଝିପାରିଲାଣି । କାମଦାମରେ ସାହାଯ୍ୟ କରେବୋଲି ଜନନୀ ତାହା ପ୍ରତି ଆଉ ଅପ୍ରସନ୍ନା ନୁହନ୍ତି । ମଙ୍ଗଳା ଆଉ ସାହି ବୁଲିବାକୁ ଯାଏନାହିଁ, କିମ୍ବା ଲୁଗ ବସି ରହେ

ନାହିଁ—ମା’ ହାତରୁ ଛଡ଼ାଇ କାମ ପାଇଛି କରେ । ଆଉ ତେଣୁ ସେ କାମ କଲେ ପାରିଶ୍ରମିକ ନଅଣା । ବୈଦ୍ୟଭୂଷଣେ ତେଣିକରୁ ଜାଣୁ ପାଇଅଛନ୍ତି । ଖର୍ଚ୍ଚ କମିଯିବାରୁ ସେ ମଧ୍ୟ ଏଣିକି କନ୍ୟା ପ୍ରତି ପ୍ରସନ୍ନ ।

ଦିନେ ତିନିଜଣ ବୈଷ୍ଣବ ଆସି ରାଜାଙ୍କ ସିଂହଦ୍ୱାର ଆଗରେ ଆସନ ପକାଇ ବସିଲେ । ଏକଥା ରାଜାଙ୍କ କର୍ଣ୍ଣଗୋଚର ହେଲା । ରାଜଆଜ୍ଞାରେ ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ ଏବଂ ଖାଦ୍ୟର ବ୍ୟବସ୍ଥା ହେଲା । ସେମାନେ କେତେଦିନ ରହି ରାଜଆତିଥ୍ୟ ଗ୍ରହଣ କଲେ । ସେମାନଙ୍କ ମଧ୍ୟରେ ଜଣେ ବୃଦ୍ଧ, ଆଉ ଦୁଇ ଜଣ ଯୁବକ । ବୃଦ୍ଧ—ଗୁରୁ, ସେ ଦୁହେଁ ଚେଲା । ବୃଦ୍ଧ ପେଟ ବଡ଼ଲିଆ ବୈଷ୍ଣବ ନୁହନ୍ତି—ଜଣେ ପ୍ରକୃତ ସାଧୁ ପୁରୁଷ । ସାଧନ ଭଜନରେ ତାଙ୍କର ଅଧିକାଂଶ ସମୟ ବ୍ୟୟିତ ହୁଏ । ଲୋକଟି ଶାନ୍ତ, ଶିଷ୍ଟ ଏବଂ ସ୍ୱଳ୍ପଭାଷୀ । ଦେଖିଲେ ମନରେ ଭକ୍ତି ଜାତ ହୁଏ । ଚେଲା ଦୁଇଟିକୁ ସେ ପୁତ୍ରବତ୍ ସ୍ନେହ କରନ୍ତି । ସେ ଦୁହେଁ ମଧ୍ୟ ଗୁରୁ-ବତ୍ସଳ ଏବଂ ଅନୁଗତ । ଗୋଟିକର ବର୍ଣ୍ଣ ଆକୃତି ଠିକ୍ ବନମାଳୀ ପରି । ସେହି ଆଖି, ସେହି କାନ, ସେହି ମୁହଁ, ସେହି ସ୍ୱର, ବିଧାତା ଯେପରି ଏକ ଛାଞ୍ଚରେ ଢାଳି ଦୁଇଟି ମୂର୍ତ୍ତି ଗଢ଼ିଅଛି । ବୈଦ୍ୟଭୂଷଣେ ତାକୁ ଦେଖି ପ୍ରଥମତଃ ଟିକିଏ ସନ୍ଦେହ କଲେ; ମାତ୍ର ତାଙ୍କର ମନ ଉଚାଟ ହେଲା, ସେ ଦୁଇ ତିନି ଥର ଆସି ଲୁଚି ଲୁଚି ଦେଖିଗଲେ । ତେବେ ସୁଦ୍ଧା ତାଙ୍କର ବିଶ୍ୱାସ ଦୃଢ଼ ହେଲାନାହିଁ । ଦିନେ ଦୁଇଦିନ ନୁହେଁ—ଦଶବର୍ଷକାଳ ବିତି ଗଲାଣି, ଏହି ଦଶବର୍ଷ ମଧ୍ୟରେ କେତେଣେ ଲୋକର କେତେ ପରିବର୍ତ୍ତନ ଘଟିଥିବ; ସୁତରାଂ ଚିହ୍ନିବା ସହଜ ନୁହେଁ; ଆଉ ହଠାତ୍ ପଚାରିବେ ବା କିପରି ? କାଳେ ସେ ହୋଇ ନ ଥିବ । ମନୁଷ୍ୟ ମଧ୍ୟରେ କଣ ଏକା ପରି ଦୁଇ ଜଣ ନାହାନ୍ତି ? ବୈଦ୍ୟଭୂଷଣେ ସେ ଦିନ ଏ କଥା କାହାକୁ କିଛି ନ କହି ଗୋପନ ରଖିଲେ । ତହିଁ ପର ଦିନ ପଦ୍ମାବତୀ କହିଲେ—“ଶୁଣିଲଣି ଗୋଟାଏ କଥା । ରଜା ଘରକୁ ତିନିଜଣ ବାବାଜି ଆସିଛନ୍ତି ସେଥିରୁ ଜଣେ ଠିକ୍ ଆମ ବନମାଳୀ ପରି ଦିଶୁଛି । କଥା ବି ତାହାରି କଥା ପରି କହୁଛି । ସତେ କଣ ସେ ବୈଷ୍ଣବ ହୋଇ ଯାଇଛି ? କେଜାଣି ଯେବେ ହୋଇଥାଏ, ତେବେ ଜାଣୁ ଜାଣୁ ଏଠିକି ଆସିବ କାହିଁକି ? ଆସିଲେ ଯେ ଲୋକେ ତାକୁ ଚିହ୍ନିବେ, ଏହା କଅଣ ସେ ଜାଣେ ନାହିଁ ? ହେଲେ ଠିକ୍ ଏକା ତାହାରି ପରି ଦିଶୁଛି । ତାକୁ ଲୁଚାଇ ଅକୁ ଆଣି ହେବ । ଅକୁ ଲୁଚାଇ ତାକୁ ଆଣିହେବ ।” ପଦ୍ମାବତୀ ଏହା ଶୁଣି ଉତ୍କଣ୍ଠିତ ସ୍ୱରରେ କହିଲେ—“ଏଁ, କଅଣ କହୁଛ ? ସତେ ନା ? ତେବେ ନିଶ୍ଚେ ତ ସେହି । ସେ ମନରେ କରିଥିବ—ଦଶବର୍ଷ ପରେ କିଏ କମିତି ଚିହ୍ନିବ । ତାହା କଅଣ ହୁଏ, ଯାହାର ସେ, ସେ ତାକୁ ଶହେ ବର୍ଷ ପରେ ବି ଚିହ୍ନିବ । ତମେ ଯାଅ, ଆଉ ଡେରି କରନାହିଁ, ଚଞ୍ଚଳ ତାକୁ ଘେନି ଆସ । ଏତେଦିନେ ଠାକୁରେ ମୋ ଗୁହାରି ଶୁଣିଲେ ।” ବୈଦ୍ୟଭୂଷଣେ ସ୍ତ୍ରୀଙ୍କଠାରୁ ଉତ୍ସାହ ପାଇ ତରତର ହୋଇ ଧାଇଁଲେ । ବାଟରେ ରାଜଗୁରୁ ଏବଂ ରାଜପୁରୋହିତଙ୍କୁ ଦେଖି ତାଙ୍କୁ ସବୁକଥା କହିଲେ । ରାଜଗୁରୁ କହିଲେ - “ଏତେ ସଙ୍କୋଚ କାହିଁକି ହେ, ଚାଲ ମୁଁ ପଚାରିବି ।” ତହୁଁ ତିନିହେଁ ସଙ୍ଗ ହୋଇ ଯଥା-ସ୍ଥାନକୁ ଗଲେ । ବାବାଜି ଶାସ୍ତ୍ରପାଠ କରୁଅଛନ୍ତି, ଚେଲା ଦୁହେଁ ବସି ଶୁଣୁଅଛନ୍ତି । ଦୂରରୁ ଦେଖି ତିନିହେଁ ଯାକ ଫୁସୁର ଫାସର ହେଲେ । ପୁରୋହିତେ କହିଲେ, “ନିଶ୍ଚେ ସେହି ।” ରାଜଗୁରୁ କହିଲେ—“ସେଥିରେ ଆଉ ସନ୍ଦେହ କଅଣ ? ଚାଲ ମୁଁ ପଚାରୁଛି ।” ଅନନ୍ତର ତିନିହେଁ ଯାଇଁ ବାବାଜିଙ୍କ ପାଖରେ ବସିଲେ । ରାଜଗୁରୁ ସେହି ଚେଲାଟିକୁ ଚାହିଁ ହସି ହସି କହିଲେ—“କି ବନମାଳି, ଏ ଭେକ କେବଠଉଁ ଧରିଲ ?” ଚେଲାଟି ତାଟଙ୍କା ହୋଇ ତାଙ୍କ ମୁହଁକୁ ଚାହିଁ ରହିଲା । ପ୍ରଥମେ ତାହାର ବାକ୍ସ୍ଫୂର୍ତ୍ତି ହେଲା ନାହିଁ, କିଛି କ୍ଷଣ ପରେ ଧୀର ସ୍ୱରରେ କହିଲା—“ବନମାଳୀ କିଏ ବାବୁ ?” ରାଜଗୁରୁ ମୁଖଭଙ୍ଗୀ କରି କହିଲେ ଆହା, କେଡ଼େ ଚତୁର ପିଲା-ଟା ରେ, କିଛି ଜାଣେ ନାହିଁ । ମାଇପକୁ ଛାଡ଼ି ଚଡାକାଟି ବୈଷ୍ଣବ ହୋଇ ବୁଲିବାଟା କେଡ଼େ ବୁଦ୍ଧିମନ୍ତ ପଣ ଏକା ।” ବୃଦ୍ଧ ସାଧୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—“ବ୍ୟାପାର କଅଣ ?” ରାଜଗୁରୁ କହିଲେ—“ଆପଣଙ୍କର ଏ ଚେଲାଟି ଆମ ବୈଦ୍ୟଭୂଷଣଙ୍କର ଜ୍ୱାଇଁ । ଦଶବର୍ଷ ହେଲା ଘରୁ

ପଳାଇଯାଇଥିଲା । ଆଜି ଏହାର ଦେଖା ମିଳିଲା ।" ସାଧୁ ବିସ୍ମୟ ଦୃଷ୍ଟିରେ ଚାହିଁ କହିଲେ,"ସତେ ? ଉଃ, ତେବେ ମୋତେ ପ୍ରତାରଣା କରୁଛି । ଦୁଇବର୍ଷ ହେଲା ଏ ମୋ ସଙ୍ଗରେ ଅଛି, ମୋଠାରୁ ଦୀକ୍ଷା ନେବ ବୋଲି ପ୍ରଥମେ ଆସି ମୋତେ କହିଲା; ମାତ୍ର ମନ୍ତ୍ରଗ୍ରହଣର ଉପଯୁକ୍ତ ହୋଇ ନ ଥିବାରୁ, ମୁଁ ଆଜଯାଏ ଦୀକ୍ଷା ଦେଇନାହିଁ । ପଢାଶୁଣା ମଧ୍ୟ କିଛି କରୁଛି, ପିଲଟି ଶାନ୍ତ; କିନ୍ତୁ ଏଡ଼େ ମିଥ୍ୟାବାଦୀ । ପ୍ରଥମେ ଆସି କହିଲା—ମୋର ନାମ ରଘୁନାଥ,ମୁଁ ଜାତିରେ ଭଣ୍ଡାରୀ, ମୁଁ ସ୍ୱ ଇଚ୍ଛାରେ ଘରୁ ବାହାରିଆସିଅଛି । ସଂସାର ମୋତେ ଭଲ ଲାଗିଲା ନାହିଁ ।ମୁଁ ଆପଣଙ୍କଠାରୁ ଦୀକ୍ଷା ନେଇ ଭଗବାନଙ୍କର ଶରଣାପନ୍ନ ହେବି । ସାଧୁଙ୍କର କଥା ନ ସରୁଣୁ ଚେଲାଟି କାନ୍ଦିପକାଇ କହିଲା । "ହଁ ଗୁରୁଦେବ, ମୁଁ ଯାହା କହୁଛି ତାହା ସତ । ମୁଁ କାହାର ଜୁଇଁ ନୁହେଁ । ମୁଁ ଆଦୌ ବିବାହ କରି ନାହିଁ । ଏମାନେ ମିଛରେ କହି ମୋତେ ଫାନ୍ଦରେ ପକାଇବାକୁ ବସିଛନ୍ତି । ମୁଁ ଏମାନଙ୍କୁ ଚିହ୍ନେ ନାହିଁ । କି ଏ ଗାଁ କେବେ ଦେଖି ନାହିଁ ।"ସାଧୁ କ୍ରୁଦ୍ଧ ହୋଇ କହିଲେ—"ନିଜେ ମିଥ୍ୟାବାଦୀ ପୁଣି ଭଦ୍ରଲୋକଙ୍କୁ ମିଥ୍ୟାବାଦୀ ବୋଲି କହୁଛୁ ? ପାପିଷ୍ଠ ଏହିକ୍ଷଣି ମୋ ଆଗରୁ ଦୂର ହ ।" ସାଧୁଙ୍କର ଗର୍ଜନ ଶୁଣି ଅନେକ ଲୋକ ଆସି ସେଠାରେ ରୁଣ୍ଡ ହେଲେ । ସମସ୍ତେ କହିଲେ —ହଁ ଏ ବୈଦ୍ୟଭୂଷଣଙ୍କ ଜୁଇଁ । ଶ୍ୱଶୁର ଆଖି ଲାଲ କରି କହିଲେ—ବନମାଳି ଉଠ ଘରକୁ ଚାଲ ନ ହେଲେ ରାଜାଙ୍କ ଛାମୁକୁ ନେଇଯିବା ଦଣ୍ଡପାଳିଆ ଢେଙ୍କାଳ ପୁଞ୍ଜାକେତେ ପିଠିରେ ବସିଲେ ତେବେ ଥିର କରିବୁ । ରଘୁନାଥ କହିଲା ଯାହା କରିବାରେ କର ପଛେ, ମୁଁ କେବେ କେଉଁଠିକି ଯିବି ନାହିଁ । ପୁରୋହିତେ ନୀରବରେ ସବୁ ଶୁଣୁଥିଲେ,ରଘୁନାଥର କଥା ଶୁଣି କହିଲେ—"ଯିବୁନାହିଁ କିଏ ଅଛିରେ ଧରିବଟି କିମିତି ଯିବନାହିଁ ।" ତହୁଁ ଜନତା ମଧ୍ୟରୁ କେତେଜଣ ବାହାରି ଆସି ଚିଲ ମାଛକୁ ଝାମ୍ପି ନେଲାପରି ରଘୁନାଥକୁ ଟେକି ବୈଦ୍ୟଭୂଷଣଙ୍କ ଘରକୁ ନେଇଗଲେ । ରଘୁନାଥ ଯେତେ କାନ୍ଦାକଟା କଲା କେହି ଶୁଣିଲେ ନାହିଁ ।

ପଦ୍ମାବତୀ ଦେଖି ଜୁଇଁ ବୋଲି ଚିହ୍ନିଲେ । କାନ୍ଦି ପକାଇ କହିଲେ—"ବାପ, ତୁମକୁ ଝିଅ ଦେଇ ସୁଖ କରିଥିଲୁ, ଶଶୁର କଅଣ ପଦେ କହିଲେ ବୋଲି ଘରୁ ଚାଲିଗଲ । ତୁମ ମନ କି ଗୋଳାଇ ଘାଣ୍ଟି ହେଲାନାହିଁ ।" ରଘୁନାଥ ପଦ୍ମାବତୀଙ୍କ ଗୋଡ଼ତଳେ ପଡ଼ିଯାଇ କାତର ସ୍ୱରରେ କହିଲା—"ମା, ତୁମେ ଭୁଲ କରୁଛ, ମୁଁ ତମ ଜୁଇଁ ନୁହେଁ ।" ଏଥିମଧ୍ୟରେ ଗାଁ ଯାକର ଲୋକ ଆସି ସେଠାରେ ସମବେତ ହୋଇଥିଲେ, ରଘୁନାଥର କଥା ଶୁଣି ସମସ୍ତେ ଗର୍ଜି ଉଠି କହିଲେ—"ଆମର କଅଣ କାହାରି ଆଖିନାହିଁ, ଆମେ ଆଉ ଚିହ୍ନି ପାରୁନାହୁଁ ? ଆଉ ଅଧିକ ଚୁରୁସି ଖେଳୁଛ କାହିଁକି ? ଘରେ ରହି ଘରକରଣୀ କର, ଛି ' ସେ ଚଗଲା ବୁଦ୍ଧି ଛାଡ଼ି ଦେ ।" ରଘୁନାଥ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲା; ମାତ୍ର କେହି ତାହା କଥା ଶୁଣିଲେ ନାହିଁ; ଅଧିକନ୍ତୁ ଥଟ୍ଟା କରିବାକୁ ଲାଗିଲେ । କେହି କେହି ତୀବ୍ର ଭର୍ତ୍ସନା କଲେ । ରଘୁନାଥ ନିରୁପାୟ, ଆଉ ସେ କଅଣ କରିବ, ଦୀର୍ଘ ନିଶ୍ୱାସ ପକାଇ ମନେ ମନେ କହିଲା—"ଭଗବାନ କି ପାପରେ ମୋର ଏ ଶାସ୍ତି ଦଣ୍ଡ ? ତୁମ୍ଭ ଛଡ଼ା ମୋର ଆଉ କେହି ସାହା ନାହିଁ, ଏ ସଙ୍କଟରୁ ଉଦ୍ଧାର କର ଦୀନବନ୍ଧୁ । ସଂସାର କି ଏହିପରି ଅନ୍ଧ, ଏହିପରି ଅବିଶ୍ୱାସ—ଅନ୍ଧ ବିଶ୍ୱର କି ଏ ସଂସାରର ରୀତି ? ମୋର କିଛି ଚାରା ନାହିଁ, ମୁଁ ଅକର୍ତ୍ତବ୍ୟ,ଏ ଅପରିଚିତ ରାଜ୍ୟରେ କିଏ ମୋର ସହାୟ ହେବ—କିଏ ବା ମୋର କଥା ଶୁଣିବ । ଏ ବିଶ୍ୱର ଭାର ମୁଁ ତୁମ୍ଭର ଉପରେ ଦେଲି । ମୋର କ୍ଷୁଦ୍ର ହୃଦୟରେ ବଳ ଦିଅ ପ୍ରଭୋ, କଷ୍ଟ ସହିବାର କ୍ଷମତା ଦିଅ, ସତ୍ୟର ଜୟ ହେଉ । ମୁଁ ଅନାଥ, ବିପନ୍ନ,କଅଣ କରିପାରିବି । ଅଦୃଷ୍ଟରେ ଯାହା ଘଟୁ ପଛେ, ତୁମ୍ଭଙ୍କୁ ସାକ୍ଷୀ କରି ମୁଁ ଅକାତରରେ ସବୁ ସହିବି । ଏହାଛଡ଼ା ମୋର ଅନ୍ୟ ଉପାୟ ନାହିଁ । ହା,ଗୁରୁଦେବ,ଏ ମିଥ୍ୟା ପ୍ରତାରଣାକୁ ତୁମ୍ଭେ ବି ବିଶ୍ୱାସ କଲ,ଏ ଅଧମ କିଙ୍କରକୁ ତ୍ୟାଗ କଲ, ସବୁ ମୋର ଦୁର୍ଭାଗ୍ୟର ଦୋଷ ।"

ଯେଉଁଠାରେ ବାକ୍ୟବ୍ୟୟ ନିଷ୍ଫଳ, ସେଠାରେ ନୀରବତା ହିଁ ଶ୍ରେୟ ; ସୁତରାଂ ରଘୁନାଥ ନୀରବ

ରହିଲା । ବୈଦ୍ୟଭୂଷଣଙ୍କର ଆଦେଶରେ ଜଣେ ଭଣ୍ଡାରି ଆସି ରଘୁନାଥକୁ ତେଲ ଲଗାଇଦେଲା । ଗାଧୋଇ-ଦେଇ ଭଲ ଲୁଗା ଆଣି ପିନ୍ଧାଇ ଦେଲା । ଅନିଚ୍ଛାସତ୍ତ୍ୱେ ରଘୁନାଥ ଖାଇବାକୁ ଗଲା । ସେ ଆଉ କିଛି ଓଜର ଆପତ୍ତି ନ କରି ଯନ୍ତ୍ରଚାଳିତ ପରି ସବୁ କରିବାକୁ ଲାଗିଲା । ରାତିରେ ଯେଉଁ ଘରେ ଶୋଇଲା; ମଙ୍ଗଳା ସେ ଘରକୁ ଆସିଲା । ରଘୁନାଥ ତାକୁ ଦେଖି ସ୍ତମ୍ଭିତ ହୋଇ ରହିଲା । ମନେ ମନେ ଭାବିଲା ଏ ନାରୀ ନା ପିଶାଚୀ । ଭଗବାନଙ୍କୁ ସ୍ମରଣ କରି କହିଲା—"ହରି, ଏ କି ପରୀକ୍ଷା ? ତେବେ ସତେ କଣ ମୋ ଭାଗ୍ୟରେ ଅଧଃପତନ ଘଟିବ । ରକ୍ଷ ମଧୁସୂଦନ, ରକ୍ଷାକର ଅନାଥ ନାଥ ।" ରଘୁନାଥ ମଙ୍ଗଳାକୁ କିଛି କହିଲା ନାହିଁ, କି ମଙ୍ଗଳା ରଘୁନାଥକୁ କିଛି କହିଲା ନାହିଁ । ମଙ୍ଗଳା ଗମ୍ଭୀରି ଭିତରେ ଯାଇ ଶୋଇଲା; ମାତ୍ର ରଘୁନାଥ ଆଖିରେ ନିଦ ନାହିଁ । ସେ ନାନା ଦୁଶ୍ଚିନ୍ତାରେ ବସି ବସି ରାତି କଟାଇ ଦେଲା । ତହିଁ ପରଦିନ ରାତିରେ ରଘୁନାଥ ଶୋଇବାକୁ ଗଲା, ମଙ୍ଗଳା ତାହା ପାଖରେ ଠିଆହୋଇ ନୀରବରେ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲା । ରଘୁନାଥ ତାହା ଦେଖି କହିଲା—"କାହିଁକି କାନ୍ଦୁଛ ମା, ମୁଁ ତୁମର ସ୍ୱାମୀ ନୁହେଁ ।" ମଙ୍ଗଳା ଚମକି ଉଠିଲା, ଭାବିଲା "ଏ କଅଣ ମାତୃସମ୍ବୋଧନ । ପୁଣି କହୁଛି, ସ୍ୱାମୀ ନୁହେଁ, ତେବେ ଏ କିଏ ? ବାପା ମା କଅଣ ଭୁଲରେ ଏହାକୁ ଜ୍ୱାଇଁ ବୋଲି ଜ୍ଞାନ କରିଛନ୍ତି ? ସେ ଆଉ କାନ୍ଦିବ କଅଣ, ଲୁଗା କାନିରେ ଲୁହ ପୋଛି-ଦେଇ ବିସ୍ମୟମ୍ଳାନ ଦୃଷ୍ଟିରେ ରଘୁନାଥର ମୁହଁକୁ ଚାହିଁ ପଚାରିଲା—"ତେବେ ତୁମ୍ଭେ କିଏ ?" ରଘୁନାଥ କହିଲା—"ମୁଁ ଜଣେ ସନ୍ନ୍ୟାସୀ, ତୁମ ବାପ ମା ଆଉ ଗାଁ ଲୋକେ ଚିହ୍ନି ନପାରି ମୋତେ ଆଣି ଏ ଆପଦରେ ପକାଇ-ଅଛନ୍ତି । ମୁଁ ଯେତେ କହିଲି ମୋ କଥା କେହି ଶୁଣିଲେ ନାହିଁ ।" ମଙ୍ଗଳା ଏହା ଶୁଣି କାଠ ହୋଇଗଲା । ବ୍ରହ୍ମ-ତାଳୁକାରେ ଶତ ବୃଶ୍ଚିକର ଦଂଶନ ଯନ୍ତ୍ରଣା ଅନୁଭବ କଲା, ତାହା ମସ୍ତକରେ ଆକାଶ ଭାଙ୍ଗି ପଡ଼ିଲା । ସେ ଆଉ କିଛି ନ କହି ଚଞ୍ଚଳ ସେ ଘରୁ ବାହାରି ଚାଲିଗଲା ।

## ଦଶମ ପରିଚ୍ଛେଦ

ମଙ୍ଗଳା ଅନ୍ୟ ଘରେ ଯାଇ ଶୋଇଲା; ମାତ୍ର ଅନେକ ବେଳଯାଏଁ ନିଦ ହେଲା ନାହିଁ । ଆଗନ୍ତୁକର କଥା ସତ୍ୟ କି ଛଳନା, ଏହି ଚିନ୍ତା ତାକୁ ଅସ୍ଥିର କରିପକାଇଲା । ଶେଷରେ ଭାବିଲା—"ଛଳନା କାହିଁକି ହେବ, ସେ ତ ମା ବୋଲି କହିଲା । ଭାର୍ଯ୍ୟାକୁ ମା ବୋଲି କହିବାକୁ ତ କାହିଁ ଗୋରସ୍ତର ତୁଣ୍ଡରେ ଆସିବ ନାହିଁ । ତେବେ ଏ କଅଣ ସେ ନୁହେଁ, ସେହି ଧାଞ୍ଚ ତ ଦିଶୁଛି, ଯେବେ ସେ ନ ହୋଇଥାଏ ତେବେ ? ଠାକୁରେ, କି ହଟହଟାରେ ମୋତେ ଆଣି ପକେଇଲ । ଯେବେ ସେ ନ ହୋଇଥାଏ, ତେବେ ମୁଁ କଳଙ୍କସାଗରରେ ବୁଡ଼ିଲି । ହାୟ, ମୁହଁ ଦେଖାଇ-ବାକୁ ବି ମୋର ସ୍ଥାନ ରଖିଲ ନାହିଁ ଭଗବାନ ।" ମଙ୍ଗଳା ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇଲା, ସେ ନିଃଶ୍ୱାସ ତାହାର ଅସ୍ଥିପଞ୍ଜର ଚୂର୍ଣ୍ଣ କରି ବାହାରି-ଆସିଲା ପରି ବୋଧ ହେଲା । କିଛିକ୍ଷଣ ପରେ ପୁଣି ମନେ ମନେ କହିଲା—"ନା, ବାପା କଅଣ ଚିହ୍ନି ପାରି ନାହାନ୍ତି, ଏ କଥା ତ ପରତେ ହଉନାହିଁ । ଏତେ ଭୁଲ କି କାହା'ର ହୁଏ ।" ଏହିପରି ଭାବୁଁ ଭାବୁଁ ସେ ନିଦ୍ରିତ ହୋଇପଡ଼ିଲା ।

ରାତି ପାହିଆସିଲା, ଦେବାଳୟରେ ମଙ୍ଗଳ ଶଙ୍ଖ ସୁପ୍ରଭାତ ଘୋଷଣା କଲା । କୁକୁଟ ମୁକୁଟ ଟେକି ଉଚ୍ଚ ସ୍ୱରରେ ରଟିଲା । ଉଷା ମୁକୁଟର ପ୍ରବାଳରାଗରେ ପୂର୍ବଦିଗ ରଞ୍ଜିତ ହେଲା । ଦେଖୁଁ ଦେଖୁଁ ସୂର୍ଯ୍ୟ ଉଦିତ ହେଲେ । ସୃଷ୍ଟିର ଜୀବନ-ସ୍ରୋତ ନୂତନ ଭାବରେ ପ୍ରବାହିତ ହେଲା । ହର୍ଷ ଏବଂ ଆନନ୍ଦରେ ପୃଥିବୀ ଉଚ୍ଛୁଳିଉଠିଲା । ରୁଦ୍ଧ କର୍ମ-ସ୍ରୋତ ପୁନଶ୍ଚ

ଚଞ୍ଚଳ ଗତିରେ ପ୍ରବାହିତ ହେଲା । ହଳିଆ ହଳ, ବଳଦ ଘେନି ବିଲକୁ ବାହାରିଲା । ଗୃହସ୍ଥ ଗାଈ ଦୁହିଁସାରି, ଗୋରୁ ବାଛୁରି ଫିଟାଇ ଦେଲା । କେହି ଚକମକି ଝାଡ଼ି ପିକା ଟାଣିବାକୁ ଲାଗିଲା । ବାହୁଣିଆ ପିଲାଏ ସକାଳୁ ଉଠି ପିଣ୍ଡାରେ ବସି କାନ୍ଦିଲେ । ସେମାନଙ୍କ ମା' ମାନେ ତାଙ୍କୁ ଭୁଜା ଚୂଡ଼ା ଦେଇ ପ୍ରବୋଧ କଲେ । ଯାହାର ଜିଦ୍ଖୋରିଆ ପିଲା ପ୍ରବୋଧ ନମାନିଲା, ତାହାର ମା ତା' ପିଠିରେ ଗୁମ୍ପୁଡ଼େ କସିଦେଲା । ପିଲାଟା ଭେଁ ଭେଁ ହୋଇ ହାତ ଗୋଡ଼ କଚାଡ଼ି ଅଧିକ କାନ୍ଦିବାକୁ ଲାଗିଲା । ପାଠଶାଳା ହାଟ ପରି ଘୋ-ଘୋ ହୋକିଲା । ପିଲାଏ ବଡ଼ ପାଟିରେ ଡାକି ପାଠ ଲେଖିଲେ । କେହି କହିଲା "ଗୁରବେ ବୃଷଭେ ଗୁରୁପଣ ।" କେହି କହିଲା—"ପ-ଫ-ବ-ଭ-ମ ।" କେହି କହିଲା—"ଅବଧାନେ ଏକ ।" ଅବଧାନେ ବେତଧରି ସମସ୍ତଙ୍କ ପିଠିରେ ଯାହାରେ ଯାହାରେ କଷିଦେଇଗଲେ । ପିଲାମାନେ ଗୁରୁଙ୍କର ଏହି ପ୍ରସାଦ ଲାଭ କରି ଚେଁ-ମେଁ-କେଁ ହୋଇ ଉଠିଲେ ଏବଂ ତରତର ହୋଇ ପାଠ ଗୁଡ଼ାକ ଗିଳି ପକାଇବାକୁ ଲାଗିଲେ । ପ୍ରକୃତ ବର୍ଣ୍ଣନା ଏବେ ଏତିକି ଥାଉ । ସ୍ୱଭାବୋକ୍ତି ଖୁବ୍ ରୁଚିକର ହୁଏ; କିନ୍ତୁ ମାତ୍ରା ଅଧିକ ହେଲେ ପୁଣି ଅରୁଚି ଧରିଯାଏ । ଅତିମିଠା ଭଲ ନୁହେଁ, କି ଅତି ଖଟା—ଅତି ପିତା ବି ଭଲ ନୁହେଁ । ଅତି ଶବ୍ଦଟା ସବୁଠାରେ ମନ୍ଦ; କେବଳ ଅତି ପରମାୟୁ, ଅତି ସମ୍ପଦ, ଅତି ପ୍ରାଧାନ୍ୟ ଏଗୁଡ଼ିକ ମନ୍ଦ ନୁହେଁ, ଏହା ଲୋକଙ୍କର ସ୍ପୃହଣୀୟ ।

ଦିନଘଡ଼ିକ ବେଳେ ଖଣ୍ଡେ ବଳଦଗାଡ଼ି ଆସି ରଜାଙ୍କ ସିଂହଦ୍ୱାର ପାଖରେ ରହିଲା । ଜଣେ ଭଦ୍ର ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଆସି ଜାମା ଖୋଳରୁ ଟଙ୍କାଟିଏ ବାହାର କରି ଗାଡ଼ିଆଳକୁ ଦେଲେ । ଗାଡ଼ିଆଳ ବିଦାୟ ହୋଇଗଲା । ଭଦ୍ର ଲୋକଟି ଆସି ଘାଟ ପାଇକକୁ କହିଲେ—"ମୁଁ ରଜାଙ୍କ ପାଇଁ କିଛି ଉପହାର ଆଣିଛି । ସାକ୍ଷାତରେ ତାହା ଦେବି—ଏକଥା ରଜାଙ୍କୁ ଜଣାଅ ।" ରଜା ସାଆଣମେଲରେ ବିଜେ ହୋଇଥିଲେ । ରଜବନ୍ଧୁ ରାଜସ୍ନେହିତ ଛଡ଼ା ଆଉ କେହି ସେଠାରେ ଥିଲେ ନାହିଁ । ଘାଟ ପାଇକ ଯାଇ ଦ୍ୱାର ପାଇକକୁ କହିଲା—ଦ୍ୱାର ପାଇକ ଛାମୁ ପାଇକକୁ କହିଲା, ସେ ଯାଇ ଛାମୁରେ ଜଣାଇଲା । ଏହିପରି ତିନି ସେଣୀରେ ପାଣି ଉଠି ରଜାଙ୍କ ପାଖକୁ ସମ୍ବାଦ ଯାଏ । ତହୁଁ ଘାଟ ପାଇକକୁ ହକମ ହେଲା । ରଜା ତାକୁ ପଚାରିଲେ—"କିଏ ଆସିଛି ରେ ?" ସେ କହିଲା—"କିଏ କେଜାଣି ମହାପ୍ରଭୁ, ଜଣେ ବାବୁ ପରି ଦିଶୁଛନ୍ତି । ମୁହଁରେ ନିଶ ଦାଢ଼ୀ ଅଛି ।" ରଜା କହିଲେ—"ଯା ଡାକିଆଣ ।" ପାଇକ "ଆଜ୍ଞା ମଣିମା" କହି ସେଠାରୁ ଚାଲିଗଲା ଏବଂ ଅଳ୍ପକ୍ଷଣ ପରେ ଭଦ୍ରଲୋକଟିକୁ ସଙ୍ଗରେ ଘେନି ଫେରିଆସିଲା । ଆଗନ୍ତୁକ ରଜାଙ୍କୁ ପ୍ରଣାମ କରି, ରଜଇଙ୍ଗିତରେ ଆସନ ଗ୍ରହଣ କଲେ । ରଜା, ରାଜବନ୍ଧୁ, ସୁସ୍ନେହିତ ତିନିହେଁ ଯାକ ଆଗନ୍ତୁକର ମୁହଁକୁ ଚାହିଁ ରହିଲେ । ଆଗନ୍ତୁକ ପରିଚ୍ଛଦ ମଧ୍ୟରୁ ଗୋଟିଏ ଛୋଟ ଟିନ୍ବାକ୍ସ ବାହାର କରି ବାକ୍ସଟି ଫିଟାଇ ରଜାଙ୍କ ପାଖରେ ନେଇ ଥୋଇଦେଲେ । ସେଥିରେ ଗୋଟିଏ ସୁନ୍ଦର ସ୍ୱର୍ଣ୍ଣ ମୁକୁଟ ଏବଂ ଗୋଟିଏ ଖାସା ବସା ମୁଦି ଥିଲା । ରଜା ତାହା ଦେଖି ପଚାରିଲେ—"ଏ କଣ ?" ଭଦ୍ରଲୋକଟି କହିଲେ—"ଛାମୁଙ୍କ ଇଷ୍ଟଦେବ 'ରମାକାନ୍ତ' ମହାପ୍ରଭୁଙ୍କ ପାଇଁ ଏହି ମୁକୁଟ ଟି ଆଣିଛି; ଆଉ ଏ ମୁଦିଟି ଛାମୁରେ ଭେଟିବାକୁ ଆଣିଛି ।

ରଜା—ତମେ ଠାକୁରଙ୍କ ପାଇଁ କାହିଁକି ମୁକୁଟ ଆଣିଛ ?

ଭଦ୍ର—ମୋର ମାନସିକ ଥିଲା । ମୁଁ ଘରୁ ଯିବାବେଳେ ରମାକାନ୍ତଙ୍କୁ ଧ୍ୟାନ କରି କହିଥିଲି—ମୋର ଯାତ୍ରା ଶୁଭକର ହେଲେ ମୁଁ କିଛି ତାଙ୍କ ପାଇଁ ଆଣିବି ।

ରଜା—ତମେ କେଉଁଠାକୁ ଯାଇଥିଲ ?

ଭଦ୍ର—ଆଜ୍ଞା, ଟ୍ରାନ୍ସଭାଲ ।

ରଜା—ସେ କେଉଁଠି ?

ଭଦ୍ର—ଦକ୍ଷିଣ ଆଫ୍ରିକାରେ ଟ୍ରାନ୍ସଭାଲ ବୋଲି ରାଜ୍ୟ ଅଛି । ତାକୁ ବୁର୍ ଦେଶ ବୋଲି କହନ୍ତି । ସେ

ରାଜ୍ୟର ରାଜଧାନୀ—ପ୍ରିଟୋରିଆ, ସେଠି ସୁନା ଖଣି ଅଛି । ମୁଁ ସେହି ସୁନାଖଣିରେ କାମ କରେଁ ।

ରାଜା ଅତ୍ୟନ୍ତ କୌତୂହଳୀ ହୋଇ ଏକାନ୍ତ ଆଗ୍ରହରେ—"ତମେ କିମିତି ଗଲ, ସୁନାଖଣି କିମିତି, ତମେ କି କାମ କର, ସେ ମୁଲକର ଲୋକେ କିମିତି କି, ସେମାନେ କଅଣ ଖାଆନ୍ତି ? ଏହିପରି ଅନେକ ପ୍ରଶ୍ନ ଏକ ନିଃଶ୍ୱାସରେ ପଚାରିଲେ । ଭଦ୍ରଲୋକଟି କହିଲେ—"ମୁଁ ପ୍ରଥମେ ରେଙ୍ଗୁନ ଗଲି । ସେଠି ଯେତେ ଓଡ଼ିଆ ଅଛନ୍ତି, ସେମାନଙ୍କର ଚିଠି ପତ୍ର ଲେଖିଦେଇ ବେଶ୍ ଦୁଇପଇସା ଉପାର୍ଜନ କଲି । ସେଠି ଛ ମାସ ରହି ଜଣେ ସାହେବ ସଙ୍ଗରେ ଆଫ୍ରିକା ଚାଲିଗଲି । ସାହେବ ସେଠା ସୁନା ଖଣିର ଜଣେ ବଡ଼ କର୍ମଚାରୀ । ସେ ଅନେକ ସମୟରେ କଲିକତା, ବୋମ୍ବାଇ, ରେଙ୍ଗୁନ ପ୍ରଭୃତି ସ୍ଥାନକୁ ଆସନ୍ତି । ସେ ସବୁସ୍ଥାନରେ ତାଙ୍କର କାରବାର ଅଛି । ସାହେବଟି ବଡ଼ ଦୟାଳୁ; ସବୁବେଳେ ତାଙ୍କ ମୁହଁ ହସିଲା ପରି ଦିଶେ । କି ଶୁଭ ମାହେନ୍ଦ୍ର ଯୋଗରେ ସେ ମୋତେ ଦେଖିଥିଲେ କେଜାଣି; ପହିଲୁ ଦେଖା ହେବା ଦିନ ସେ ମୋତେ ଆପଣାର କରିଦେଇ କିଣିନେଲେ । ଦିନେ ସେ ସଡ଼କରେ ଯାଉଁ ଯାଉଁ ତାଙ୍କର ସୁନାଚେନ୍ ଛଡ଼ାଟା ଖସିପଡ଼ିଲା । ସାହେବ ତାହା ଜାଣନ୍ତି ନାହିଁ । ମୁଁ ପଛରେ ଯାଉଥିଲି, ଚେନ୍ ଛଡ଼ାଟି ନେଇ ସାହେବଙ୍କୁ ଦେଲି । ଏଥିକରେ ସେ ମୋ ପ୍ରତି ମହା ସନ୍ତୁଷ୍ଟ ହୋଇ କହିଲେ, ତୁ କିଏ, କଅଣ କରୁ, ଘର କେଉଁଠି, ତୋର ଆଉ କିଏ ଅଛି ? ଏହିପରି କେତେ କଥା ପଚାରିଲେ । ମୁଁ ସବୁ କହିଲି ; ତହୁଁ ବେଶି ଟଙ୍କା ଦେଲେ । ତାଙ୍କ ଦେଶକୁ ଯିବି କି ନାହିଁ ବୋଲି ପଚାରିଲେ ଏବଂ ତାଙ୍କ ଦେଶରେ ସୁନାଖଣି ଅଛି ବୋଲି କହିଲେ । ସୁନାଖଣି ଦେଖିବାକୁ ମୋର ଭାରି ଇଚ୍ଛା ହେଲା । ମୁଁ ହଁ ଭରିଲି, ସାହେବ ମୋତେ ସାଙ୍ଗରେ ନେଇଗଲେ , ସେ ଦେଶରେ ବନ୍ୟ ଜାତିଙ୍କୁ କାଫ୍ରି କହନ୍ତି । ସେମାନେ ସୁନାଖଣିରେ କାମ କରନ୍ତି । ଖଣିରୁ ବାହାରିଲାବେଳେ ସୁନା ମାଟି ସାଙ୍ଗରେ ମିଶିଥାଏ, ତାକୁ ଧୋଇ ଧୋଇ ସେଥିରୁ ସୁନାରେଣୁ ବାହାର କରନ୍ତି । ମୁଁ ସୁନାଖଣିର ପହରୀ ଥିଲି । ଖୁବ୍ ବିଶ୍ୱାସୀ ଲୋକ ଛଡ଼ା ଆଉ କାହାକୁ ସେ କାମ ଦିଆଯାଏ ନାହିଁ । ସାହେବ ମୋତେ ସେହି କାମରେ ରଖାଇଦେଲେ । ମୁଁ ଯାହା ଦରମା ପାଏଁ, ତାହା ଏଠିକାର ଦେଡ଼ଶ ଟଙ୍କା ସାଙ୍ଗରେ ସମାନ ହେବ । ସେ ଦେଶରେ ଢେର ମକା ଚାଷ ହୁଏ । ସାଧାରଣ ଲୋକେ ମକା ଖାଆନ୍ତି । ମୁଁ ବି ସେହି ମକା ଖାଉଥିଲି । ସାହେବ ମାସେ ହେଲା କଲିକତା ଆସିଅଛନ୍ତି । ମୁଁ ତାଙ୍କ ସାଙ୍ଗରେ ଆସିଥିଲି । ଠାକୁରଙ୍କୁ ମୁକୁଟଟିଏ ଦେବା ପାଇଁ କାଲି ରେଲରେ ଆସିଲି । ଆଜି ସକାଳେ ଷ୍ଟେସନରେ ଓହ୍ଲାଇ ପ୍ରଭୁଙ୍କ ଦର୍ଶନକୁ ଆସିଅଛି ।" ରାଜା ଏହା ଶୁଣି ପଚାରିଲେ—"ତମେ କିଏ? ତମ ଘର କେଉଁଠି ? ବାବୁଟି ହସି ହସି କହିଲେ--"ମୁଁ ପ୍ରଭୁଙ୍କର ପ୍ରଜା" ଅନନ୍ତର ରାଜଗୁରୁ ଏବଂ ପୁରୋହିତଙ୍କ ଆଡ଼କୁ ଚାହିଁ କହିଲେ —"କି ରାଜଗୁରୁ ଆପଣେ ତମେ ମୋତେ ଚିହ୍ନି ପାରୁ ନାହିଁ ?" ରାଜଗୁରୁ ଟିକିଏ ସଙ୍କୁଚିତ ହେଲାପରି ହୋଇ କହିଲେ "ଏଁ କଉଁଠି ଦେଖିଥିଲା ପରି ଲାଗୁଛି ।" ପୁରୋହିତେ କହିଲେ, "ମୁଁ ବି ଟିକିଏ ଚିନ୍ତା କରୁଛି ।" ତହୁଁ ଭଦ୍ରଲୋକଟି ମୃଦୁ ମୃଦୁ ହସି ଧୀର ସ୍ୱରରେ କହିଲେ—"ମୁଁ ବନମାଳୀ ପଣ୍ଡା, ବୈଦ୍ୟଭୂଷଣଙ୍କ ସାନ ଭାଇ ।" ରାଜଗୁରୁ ଆଶ୍ଚର୍ଯ୍ୟ ହୋଇ କହିଲେ—"କେତେ ଭେଲିକି ଜାଣ ହେ ତୁମେ, ଏ ବହୁରୂପୀ ନା କଅଣ ? ଆଜି ନିଶଦାଢ଼ୀ କାହୁଁ ଆସିଲା ? କାଲି ବାବାଜି, ଆଜି ଭଦ୍ରଲୋକ ।" ରାଜା ପ୍ରଭୃତି ସମସ୍ତେ ବନମାଳୀର ମୁହଁକୁ ଅନାଇ ରହିଲେ । ବନମାଳୀ କିଛି ବୁଝି ନପାରି ଅତି ଆଶ୍ଚର୍ଯ୍ୟ ହୋଇ କହିଲେ—"କଅଣ କହୁଛ ହେ ?" ଏଥର ପୁରୋହିତଙ୍କର ପାଳି, ସେ କହିଲେ—"କହିବେ ଆଉ କଅଣ, ତମେ ପହରି ଦିନ ଶ୍ୱଶୁରଘରକୁ ଯିବାକୁ ମଙ୍ଗୁ ନଥିଲ ପରା ? କାହିଁ ଆସିବାବେଳେ ତ ନିଶ ଦାଢ଼ୀ ନଥିଲା ।" ରାଜା ତାହାର ନିଶ-ଦାଢ଼ିକୁ ନିରୀକ୍ଷଣ କରି ଦେଖିଲେ; ମାତ୍ର ତାହା ଖଣ୍ଡା ନୁହେଁ । ବନମାଳୀ ଅଧିକତର ଆଶ୍ଚର୍ଯ୍ୟ ହୋଇ କହିଲେ—"ମୁଁ ପହରିଦିନ ଆସିଥିଲି ? କେଉଁଠିକି ଆସିଥିଲି ? ସ୍ୱପ୍ନ

ଦେଖୁଛ, ନା କଅଣ ?" ରାଜା କହିଲେ—"ହଁ ହଁ, ବୈଦ୍ୟଭୂଷଣେ କହୁଥିଲେ—ତାଙ୍କ ଜ୍ୱାଇଁ ବାବାଜିଙ୍କ ସାଙ୍ଗରେ ଚେଲା ହୋଇ ଆସିଥିଲା, ସେ ତାକୁ ଧରି ନେଇଯାଇଅଛନ୍ତି ।" ବନମାଳୀ କହିଲେ "ନା, ମହାରାଜ, ମୁଁ ତ ଆଜି ସକାଳେ ରେଲରୁ ଓହ୍ଲାଇ ବାହାରେ ବାହାରେ ଏଠିକି ଆସିଛି; ଆଉ ବାବାଜି ଚେଲା ହେବାକୁ ଯିବି ବା କି ଦୁଃଖରେ ?" ଏକଥା ଶୁଣି ସମସ୍ତଙ୍କର ସନ୍ଦେହ ହେଲା । ରାଜଗୁରୁ ପୁରୋହିତେ ଆଖି ଠରାଠରି ହେଲେ । ରାଜା ଚାଟଙ୍ଗା ହୋଇ ରହିଲେ । ସମସ୍ତଙ୍କୁ ନୀରବ ଦେଖି ବନମାଳୀ ରାଜଗୁରୁଙ୍କ ଆଡ଼କୁ ଚାହିଁ ପଚାରିଲେ—"ବ୍ୟାପାର କଅଣ ରାଜଗୁରୁ ? ତହୁଁ ରାଜଗୁରୁ ଗତ ଦିନର ଘଟଣା ଆମୂଳ ପଲ୍ଲବିତ କରି ବର୍ଣ୍ଣନା କଲେ । ସମସ୍ତ କଥାଶୁଣି କ୍ରୋଧ, ଘୃଣା ଏବଂ ଲଜ୍ଜାରେ ବନମାଳୀର ମୁହଁ ଲାଲ ପଡିଗଲା, ସେ କମ୍ପିତ କଣ୍ଠରେ କହିଲେ—"ତେବେ ମୁଁ ବୋଲି ଭୁଲରେ ଆଉକାଣକୁ ଜ୍ୱାଇଁ କରିଛନ୍ତି ? ଯାହା କରନ୍ତୁ ମୋର କଅଣ ଗଲା । ମୁଁ ତ ତାଙ୍କ ଘରେ ରହିବା ପାଇଁ ଆସିନାହିଁ; ଏହି ମୁକୁଟଟି ଦେବାକୁ ଆସିଥିଲି । ଦେବଋଣ ପରିଶୋଧ ହେଲା, ଏବେ ଚାଲିଯିବି । ଗୃହସ୍ଥ ଆଶ୍ରମ ପରିତ୍ୟାଗ କରି ମୁଁ ସେବାବ୍ରତ ଧାରଣ କରିଛି; ଏଣିକି ଦେଶ ସେବାରେ ଜୀବନ ଯାପନ କରିବି । ଗୋଟାଏ ଅନୁଷ୍ଠାନରେ ମଧ୍ୟ ହାତ ଦେଇଛି । ମୁଁ ଦେଢଶହ ଟଙ୍କା ଦରମା ପାଏଁ, ମୋର ପଚାଶଟଙ୍କା ଖର୍ଚ୍ଚହୁଏ । ବାକି ଶହେଟଙ୍କା ମୁଁ ପ୍ରତିମାସ ଜାତୀୟ ପାଣ୍ଠିକୁ ଦିଏଁ । ସେଥିରେ ପାଞ୍ଚଜଣ ପ୍ରବୀଣ ଶିକ୍ଷକ ନିଯୁକ୍ତ ହୋଇ ଗ୍ରାମେ ଗ୍ରାମେ ବୁଲି ସୂତାକଟା ଶିକ୍ଷା ଦିଅନ୍ତି । ମୁଁ ମଧ୍ୟ ସୂତାକଟାରେ ଆତ୍ମନିୟୋଗ କରିଅଛି, ଅବସର ବେଳେ ସୂତା କାଟେ । ଟ୍ରାନ୍ସଭାଲରେ ଅନେକ ଭାରତବାସୀ ଅଛନ୍ତି, ସେମାନେ ମଧ୍ୟ ସୂତା କାଟନ୍ତି । ସେଠାରେ ଆମ୍ଭେମାନେ ଗୋଟିଏ ଜାତୀୟ ପାଣ୍ଠି ସ୍ଥାପନ କରିଅଛୁଁ, ସେଥିର ଧନ ଭାରତୀୟ ଜାତୀୟପାଣ୍ଠିକୁ ଆସେ । ମୁଁ ପ୍ରତିଜ୍ଞା କରିଛି, ଜୀବନରେ ଯାହା ଉପାର୍ଜ୍ଜନ କରିବି, ତାହା ଦେଶମାତାଙ୍କ ସେବାରେ ବ୍ୟୟ କରିବି ।" ଅନନ୍ତର ବନମାଳୀ ଉଠି ଠିଆହୋଇ ରାଜାଙ୍କୁ କହିଲେ—"ମହାରାଜ ମୁଁ ଏବେ ଛାମୁରୁ ବିଦାୟ ନେଉଛି, ପୁଣି କେବେ ଆସିଲେ ସାକ୍ଷାତ କରିବି । ଏ ଗରିବ ପ୍ରତି ଛାମୁଙ୍କର ଦୟା ଥାଉ ।" ଏତିକି ମାତ୍ର କହି ରାଜା, ରାଜଗୁରୁ ଏବଂ ପୁରୋହିତଙ୍କୁ ପ୍ରଣାମ କରି କେହି କିଛି କହିବା ପୂର୍ବରୁ ଶୀଘ୍ରଗତିରେ ସେଠାରୁ ପ୍ରସ୍ଥାନ କଲେ । ରାଜା ଏବଂ ତାଙ୍କର ପାରିଷଦ ବୃନ୍ଦ ଚିତ୍ର ପୁତ୍ତଳୀ ପରି ଚାହିଁ ରହିଲେ । କାହାରି ମୁହଁରୁ ଭାଷା ବାହାରିଲା ନାହିଁ ।

ଦଣ୍ଡକ ମଧ୍ୟରେ ଏ କଥା ଗଡସାରା ରାଷ୍ଟ୍ରହୋଇଗଲା । ସମସ୍ତେ କୁହାକୁହି ହେଲେ ବୈଦ୍ୟଭୂଷଣେ ଯାହାକୁ ଧରିନେଇଯାଇଥିଲେ, ସେ ତାଙ୍କ ଜ୍ୱାଇଁ ନୁହେ । ଅସଲ ଜ୍ୱାଇଁ ବନମାଳୀ ଆଜି ସକାଳେ ଆସିଥିଲା । ରାଜାଙ୍କୁ କେତେ ସୁନା ଗହଣା, ହୀରା, ନୀଳା, ମୋତି, ମାଣିକ୍ୟ ଭେଟିଦେଇ ରାଜାଙ୍କ ସାଙ୍ଗରେ କଥାବାର୍ତ୍ତା କଲା । ବୈଦ୍ୟଭୂଷଣଙ୍କ କରଣୀ ଶୁଣି ଆଉ ରହିଲା ନାହିଁ—ପଳାଇଲା, ସେ ଏବେ ମସ୍ତ ବଡ଼ଲୋକ; ଦେଢଶ ଟଙ୍କା ଦରମା ପାଏ । କହିଁ ସାଇବ ମୁଲୁକରେ ଯାଇ ସୁନାଖଣିରେ ଚାକିରି କରିଛି । ଅନେକେ ଏଘଟଣାକୁ ନେଇ ଆମୋଦ କରିବସିଲେ । କେହିକହିଲା "ଛି ଛି ଏ କି କଳଙ୍କ, କଅଣ ଚିହ୍ନିପାରିଲେ ନାହିଁ ?" କେହି କହିଲା,"ମୁଁ ଏବା ମୂଳରୁ ଜାଣେ—ତାହାରି ପରି ଦିଶୁଛି, ହେଲେ ସେ କେବେ ନୁହେ ।" ଅନ୍ୟ କେ କହିଲା "ମୁଁ ବି ସେହି ଧୋକା କରିଥିଲି;ମାତ୍ର ବଡ଼ଘର କଥା କିଏ କାଳେ କଅଣ ମନରେ କରିବ,ଏହି ଭୟରେ କହିଲି ନାହିଁ । ସ୍ତ୍ରୀ ସମାଜରେ ତ ଯାତ୍ରା ଲାଗିଗଲା । କିଏ କେତେ ଅଙ୍ଗଭଙ୍ଗୀ ଦେଖାଇଲା । କିଏ କେତେ ଛଟା ମେଲିଲା—କିଏ କେତେ ବିଦ୍ରୂପ କଲା, ଏହିପରି ନାନା ଲୀଳା ଲାଗିଲା—କେହି କହିଲା"ଆଉ କେହି ଜାଣି ଚିହ୍ନି ନ ପାରିଲା,ସେ କଳକୁସୀ କାଳିମୁହିଁଟା ବି ଆପଣା ଗେରସ୍ତକୁ ଚିହ୍ନିଥିଲା ନାହିଁ ନା ? ମରଣ ନାହିଁ ରାଣ୍ଡି ହଟହଟିକି ।" କେହି କହିଲା—"ଯେସାକୁ ତେସା ଖୁବ୍ ହେଲା ଆଛାହେଲା ଘଇତ ଭୁ ଘଉଡ଼ୁ ।" ଏହିପରି ବାରୁ ଲୋକେ ବାରୁ କଥା କହିଲେ । କ୍ରମେ ସ୍ୱୟଂ ସସ୍ତ୍ରୀକ ବୈଦ୍ୟଭୂଷଣଙ୍କର ଏକଥା କର୍ଣ୍ଣଗୋଚର ହେଲା ।

ତାଙ୍କ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା; ତଥାପି ବୈଦ୍ୟଭୂଷଣେ ଅବିଶ୍ୱାସକରି ରାଜାଙ୍କ ସମୀପକୁ ଧାଇଁଲେ । ସେ କିଛି ନ କହୁଣୁ ରାଜା ତାଙ୍କୁ ଦେଖି କହିଲେ —"କି ବୈଦ୍ୟଭୂଷଣେ ତମ ଆଖି କଣ ଫୁଟିଯାଇଥିଲା ଯେ କୁଇଁ ବୋଲି ଗୋଟାଏ ଭଣ୍ଡାରୀକି ଧରିନେଇଗଲ ?" ବୈଦ୍ୟଭୂଷଣେ ଆଉ ବହୁତେ କଅଣ ଲଜ୍ଜାରେ ମୁହଁ-ପୋଡ଼ି ଫେରି ଆସିଲେ । ଦୁଇ ହାତ ମୁଣ୍ଡରେ ଦେଇ ଘରେ ବସିପଡ଼ି ଗୃହିଣୀଙ୍କୁ କହିଲେ—"ସର୍ବନାଶ ଏ ଆମର କୁଇଁ ନୁହେ ।" ଗୃହିଣୀ ଧପ୍ କରି ବସିଗଲେ ତାଙ୍କ ତୁଣ୍ଡରେ ଭାଷା ନାହିଁ । ରଘୁନାଥ ଏହା ଶୁଣି ଆନନ୍ଦରେ କାନ୍ଦିପକାଇଲା । ବାଷ୍ପରୁଦ୍ଧ କଣ୍ଠରେ ଭକ୍ତିଗଦ୍‌ଗଦ ସ୍ୱରରେ କହିଲା—"ଭଗବାନ୍ ତୁମର ଏ କି ଅଗ୍ନି ପରୀକ୍ଷା ? ହେଉ ପ୍ରଭୁ ହେଉ, ତୁମର ମଙ୍ଗଳ ଇଚ୍ଛା ପୂର୍ଣ୍ଣ ହେଉ, ମୋର ଆଉ ଯଦି କିଛି ପାପ ଥାଏ ତାହାର ବି ପ୍ରାୟଶ୍ଚିତ୍ତ ହେଉ ।" ଅନନ୍ତର ଭଗବାନଙ୍କ ଉଦ୍ଦେଶ୍ୟରେ ଅଷ୍ଟାଙ୍ଗ ଲୋଟାଇ ଦଣ୍ଡବତ କରି ବୈଦ୍ୟଭୂଷଣଙ୍କ ଘରୁ ବାହାରି ଚାଲିଗଲା ।

ମଙ୍ଗଳା ଶୁଣିଲା କ୍ଷଣି ମୂର୍ଚ୍ଛିତ ହୋଇପଡ଼ିଲା । ବହୁ ଯତ୍ନରେ ବହୁକ୍ଷଣ ପରେ ସେ ଚେତନା ପାଇ କହିଲା—"ହାୟ୍ ଯାହାକୁ ଡରୁଥିଲି ସେଇଥିରେ ପଡ଼ିଲି । ଉଃ ମୋର ଗତି କଅଣ ହେବ ? ଆଉ ଲୋକଙ୍କୁ ମୁହଁ ଦେଖାଇବି କିମିତି ? ମୁଁ ଯେ ପରପୁରୁଷର ଅଙ୍ଗ ଛୁଇଁ ନାହିଁ ଏହା କି କେହି ବିଶ୍ୱାସ କରିବ । ପୃଥ୍ୱୀ ଫାଟିଯାଉ, ମୁଁ ତାହା ଗର୍ଭରେ ଲୁଚିଯାଏ । ଏପରି ରୋଗଗାରିଆ ସ୍ୱାମୀକୁ ମୁଁ ହତମାନ କଲି । ସେ ଯାହା କହୁଥିଲେ—"ଭଗବାନ ତୋତେ ପ୍ରତିଫଳ ଦେବେ" ତାହା ସତହେଲା । ସେ ଦେବତା, ମୁଁ ରାକ୍ଷସୀ । ଠାକୁରେ ମୋର ଦର୍ପ ଚୂର୍ଣ୍ଣ କଲେ । କେତେଲୋକ ମୋ ନାଁରେ କେତେ ହାଟ ବସେଇବେଣି । ହାୟ ! ମୋତେ ମରଣ ନହେଲା କାହିଁକି ?" ଏହିପରି କ୍ରନ୍ଦନ ଏବଂ ଅନୁତାପରେ ଦିନ କଟିଗଲା । ରାତିରେ ମଙ୍ଗଳାକୁ ଭୟଙ୍କର ଜ୍ୱର ହେଲା । ଜ୍ୱର କ୍ରମେ ପ୍ରବଳଭାବରେ ବଢ଼ିଲା, ବୈଦ୍ୟଭୂଷଣେ ପ୍ରାଣପଣରେ ଚେଷ୍ଟାକଲେ । ଚିକିତ୍ସାରେ ଅଣୁମାତ୍ର ତ୍ରୁଟି ହେଲାନାହିଁ ; ମାତ୍ର କାହିଁରେ କିଛିହେଲା ନାହିଁ । ରୋଗୀ ପ୍ରଳାପ କରିବାକୁ ଲାଗିଲା, ଆଉ ବାରମ୍ବାର କହିବାକୁ ଲାଗିଲା—"ଉଃ; କି କଠୋର ପ୍ରତିଶୋଧ ।" ରାତି ଶେଷ ପ୍ରହରରେ ମଙ୍ଗଳାର ଅବସ୍ଥା ଶୋଚନୀୟ ହୋଇଉଠିଲା । ସେ ଆଉ କଥା କହିପାରିଲା ନାହିଁ । ପ୍ରଭାତ ସମୟରେ ତାହାର ପ୍ରାଣ-ପକ୍ଷୀ କେଉ ଅଜ୍ଞାତ ମହାରଣ୍ୟ ଉଦ୍ଦେଶ୍ୟରେ ଉଡ଼ିଗଲା । ଅନୁତାପ ମଧ୍ୟରେ ତାହାର କ୍ଷୁଦ୍ରଜୀବନର ଅବସାନ ଘଟିଲା । ଲୋକେ କହିଲେ—"ସାମାନ୍ୟ ଭୁଲରେ କେଡ଼େ ଗୋଟାଏ ପ୍ରକାଣ୍ଡ ଦୁର୍ଘଟଣା ଘଟିଗଲା ।" ଭଣ୍ଡାରୀକୁ କୁଇଁ ରୂପରେ ଘରେ ରଖି ତାହା ସାଙ୍ଗରେ ଖିଆପିଆ କରିଥିବା ହେତୁ ବୈଦ୍ୟଭୂଷଣେ ସମାଜରେ ପତିତ ହୋଇରହିଲେ ।

# ଯୋଗ ବିଦ୍ୟା

# ଯୋଗବିଦ୍ୟା

## ପ୍ରଥମ ପରିଚ୍ଛେଦ

ବକ୍ରବାହୁ ବେବର୍ତ୍ତା ପଞ୍ଚନାସ୍ଥିତ ସ୍ଥାନୀୟ ଜମି-ଦାରଙ୍କ ପ୍ରଧାନ କର୍ମଚାରୀ। ଆଧୁନିକ ଜମିଦାର ହୋଇ-ଥିଲେ, ତାଙ୍କ ସର୍ବଶ୍ରେଷ୍ଠ କର୍ମଚାରୀର ପଦ ମେନେଜର, ଦେୱାନ, ସୁପରିଣ୍ଟେଣ୍ଡେଣ୍ଟ କିମ୍ବା ଏହିଭଳି ଗୋଟିଏ କିଛି ରହିଥାଆନ୍ତା; ମାତ୍ର ଜମିଦାର ଘର ପୁରୁଣା ବୋଲି ସେହି ପୁରୁଣାକାଳିଆ ବେବର୍ତ୍ତା ପଦ ଚଳି ଆସୁଅଛି ବେବର୍ତ୍ତା ଘର ଗୋଟାଏ ଖାନ୍ ଦାନ୍ କୁଳୀନ ଘର ବୋଲି ପ୍ରସିଦ୍ଧ। ତାଙ୍କର ଯେତେ ଧନ-ସମ୍ପତ୍ତି ଅଛି, ଅନେକ ଜମିଦାର ଆଖ୍ୟା ଧାରୀଙ୍କର ତେତେ ନାହିଁ। ବକ୍ରବାହୁଙ୍କର ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପିତାମହ, ଅତିବୃଦ୍ଧ ପିତାମହ ପ୍ରଭୃତି ସମସ୍ତେ ଏହି ବେବର୍ତ୍ତା ପଦ ଭୋଗ କରିଆସିଅଛନ୍ତି। ସେମାନଙ୍କ ମଧ୍ୟରୁ କେହି କେହି ଜମିଦାରଙ୍କୁ ସନ୍ତୁଷ୍ଟ କରି ଗାଁ ଗଣ୍ଡା, ବାଗ ବଗିଚା, ବୃତ୍ତି-ବାଡି ପୁରସ୍କାର ପାଇଥିଲେ। ବଡ଼ଲୋକ ବଶୀକରଣ ମହାମନ୍ତ୍ର- ଚାଟୁ ବାକ୍ୟଦ୍ୱାରା ସେମାନେ ପୁରସ୍କୃତ ହୋଇ ନାହାନ୍ତି; ପ୍ରକୃତ ଯୋଗ୍ୟତା ଦେଖାଇ ପୁରସ୍କାର ପାଇଅଛନ୍ତି। ପରର ପ୍ରତିଧ୍ୱନି ହୋଇ ପରଗୋଡ଼ ଧରି ବଡ଼ଲୋକ ହେବା ସେମାନଙ୍କ ବଂଶର ସ୍ୱଭାବ ବିରୁଦ୍ଧ। ଯୋଗ୍ୟତା ଦେଖାଇ ପ୍ରଶଂସା ବା ପୁରସ୍କାର ଲାଭକୁ ସେମାନେ ପୌରୁଷ ଜ୍ଞାନ କରନ୍ତି। ଜମିଦାର ବଂଶ ଗୁଣଗ୍ରାହୀ ଏବଂ ଉଦାର ମନା। ସାମାନ୍ୟ ଗୁଣ ଦେଖିଲେ ତାହା ପୁରସ୍କୃତ କରନ୍ତି। ବକ୍ରବାହୁଙ୍କ ପଞ୍ଚଗୋସାପ ନରହରି ବେବର୍ତ୍ତା ଭୂମି ମାପିବା କାର୍ଯ୍ୟରେ ଖୁବ ଦକ୍ଷ ଥିଲେ। ଦିନେ ଜମିଦାର ଗୋଟାଏ ପ୍ରଶସ୍ତ ବଗିଚା ଦେଖାଇ କେତେ ଜମି ହେବ ବୋଲି ତାଙ୍କୁ ପଚାରିଲେ। ନରହରି ବଗିଚା ଚାରିପାଖରେ ବୁଲିଆସି ମୁହେଁ ମୁହେଁ ନଳ କଡ଼ି ସାହା କହିଲେ, ପରକ୍ଷାରେ ମାପିବାଦ୍ୱାରା ସେହିପରି ଠିକ୍ ତେତିକି ହେଲା। ଏଥିରେ ଜମିଦାର ସନ୍ତୁଷ୍ଟ ହୋଇ ସେହି ବଗିଚାଟି ତାଙ୍କୁ ପୁରସ୍କାର ଦେଲେ। ଆଉ ଜଣେ ଜମିଦାର ଦୀର୍ଘ ଦେଢ କାହାଣ, ପ୍ରସ୍ଥ ଦେଢ କାହାଣରେ ନଳ କଡ଼ି ତିନିଗୁଣ କରିଥିଲେ; ମାତ୍ର ବକ୍ରବାହୁଙ୍କ ଗୋସାପ ସାଧୁ ବେବର୍ତ୍ତା କହିଲେ—"ଦୀର୍ଘ ଦେଢ କାହାଣ ପ୍ରସ୍ଥ ଦେଢ କାହାଣରେ ଦୁଇଗୁଣ ଚାରି ବାଟି ଜମି ହେବ—ତିନିଗୁଣ ନୁହେଁ। ଜମିଦାର ଅସ୍ଥିର ହୋଇ ପଚାରିଲେ—"ଦେଢରେ ଦେଢ ଗୁଣିଲେ କଅଣ ତିନି ହେବ ନାହିଁ।" ବେବର୍ତ୍ତା କହିଲେ, "ନା ଆଜ୍ଞା, ଦୁଇ କାହାଣ ଚାରିପଣ ହେବ। ଦେଢଗର ଦେଢଗୁଣ କଅଣ ତେବେ ତିନିଗଡ଼ ହେବନାହିଁ ?" ଏବେ ଜମିଦାରଙ୍କର ଭ୍ରମ ଦୂର ହେଲା, ସେ ଆନନ୍ଦିତ ହୋଇ ବେବର୍ତ୍ତାଙ୍କୁ ଖଣ୍ଡେ ଗାଁ ପୁରସ୍କାର ଦେଲେ। ଆମ୍ବ ଗଛ "କୁତ" କରିବା ବିଷୟରେ ବକ୍ରବାହୁଙ୍କ ପିତା ଅଦ୍ୱିତୀୟ ଦକ୍ଷ ଥିଲେ, ଯେଉଁ ଗଛରେ ଯେତେ ଆମ୍ବ ଅଛି ବୋଲି ସେ କହନ୍ତି, ତୋଳି ଦେଖିଲେ ଠିକ ତେତିକି ହୁଏ। ଏହି ଗୁଣର ପୁରସ୍କାର ସ୍ୱରୂପ ଜମିଦାର ତାଙ୍କୁ ଗୋଟାଏ ଘୋଡ଼ା ଦାନ କରିଥିଲେ। ବେବର୍ତ୍ତା ବଂଶ ଏହିପରି ଯୋଗ୍ୟତା ଦେଖାଇ ଉପଯୁକ୍ତ ରୂପେ ପୁରସ୍କୃତ ହେଉଥିଲେ।

ବର୍ତ୍ତମାନ ଜମିଦାର ଅନ୍ତର୍ଯାମୀ ସ୍ୱାଇଁ ପ୍ରୌଢ ବୟସ୍କ ; ମାତ୍ର ବୟସରେ ପ୍ରୌଢ ହେଲେହେଁ ଅନତୀତ ଯୌବନ ପରି ଦେଖାଯାଆନ୍ତି । ହାତରେ ମାଳା ଝୁଲି ଏବଂ ତୁଣ୍ଡରେ ହରିନାମ ଲାଗିରହିଥାଏ । ସେ କଥା କହୁଁ କହୁଁ ମଝିରେ ମଝିରେ "ହରି ଭରସା" ଲଗାଇ ବାକ୍ୟକୁ ଅଳଙ୍କାର ଦାନ କରନ୍ତି । ପ୍ରତି କାଗଜ ପତ୍ରରେ ନିଜର ସ୍ୱାକ୍ଷର ତଳେ "ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣ ସେବକ" ବୋଲି ଲେଖନ୍ତି । ଏହା ତାଙ୍କର ନିଜ ପ୍ରତି ନିଜ ଦତ୍ତ ଉପାଧି । ଦେଢ଼ିଟି ବୈଷ୍ଣବ ଧର୍ମର ଗୋଟିଏ ବିଜ୍ଞାପନ ସ୍ତମ୍ଭ । ସେଥିରେ ନାନା ତୀର୍ଥର ଚିତ୍ରକ ଛାପା ସାଇନ୍‌ବୋର୍ଡ଼ ପରି ଲାଗିଅଛି । ଧର୍ମର ଧ୍ୱଜା ରୂପେ ମସ୍ତକରେ ଚୁରକି ଫର ଫର ହୋଇ ଉଡୁଅଛି । ଜମିଦାରୀର ଆୟ ଯଥେଷ୍ଟ । ରାଜକର ଏବଂ ସମସ୍ତ ଖର୍ଚ୍ଚ ଯାଇ ବର୍ଷରେ ଦଶ ପନ୍ଦର ହଜାର ଟଙ୍କା ବଳିପଡ଼େ । ସେଥିରୁ କେତେ ମାଲିମକଦ୍ଦମାରେ ଉଡ଼ିଯାଏ –କେତେ ସଞ୍ଚିତ ରହେ । ଥରେ ଗୋଟାଏ ବରଗଛ ସକାଶେ ଅନ୍ୟ ଜଣେ ଜମିଦାରଙ୍କ ସଙ୍ଗରେ ତାଙ୍କର ବିବାଦ ହେଲା । ଗଛଟା ଦୋସମାଳି ଜାଗାରେ ଥିଲା; ତେଣୁ ଉଭୟ ଜମିଦାର ଦାବୀ କଲେ । ଶେଷରେ ମକଦ୍ଦମା ଲାଗିଲା । ସେତେବେଳେ ଅନ୍ତର୍ଯାମୀ ସ୍ୱାଇଁ ବିପକ୍ଷକୁ ଲକ୍ଷ୍ୟ କରି କହୁଥିଲେ—"ଓଃ, କେତେ ଟଙ୍କା ସେ ରଖିଛି ଯେ, ମୋ ସାଙ୍ଗରେ ମାମଲା ଲଢ଼ିବ । ଆଣୁନି ଭଲା, ତା ଟଙ୍କା ଆଉ ମୋ ଟଙ୍କା ସେହି ଗଛ ଡାଳରେ ଟାଙ୍ଗିଦେବା, କାହା ଟଙ୍କା ଭରରେ ଡାଳ ବେଶି ତଳକୁ ଝୁଙ୍କିଆସିବ ଦେଖିବା ।" ଏହି ସଦର୍ପ ଉକ୍ତିରୁ ଲୋକେ ଅନୁମାନ କରନ୍ତି—ତାଙ୍କର ଢେର ଟଙ୍କା ଅଛି । ଦାନ, ଧର୍ମ ପ୍ରଭୃତି ସତ୍କାର୍ଯ୍ୟରେ ଜମିଦାର ବାବୁ କୃପଣ ନୁହନ୍ତି; ଏହା କହିବା ବାହୁଲ୍ୟ ମାତ୍ର ।

ଜମିଦାର ଅନ୍ତର୍ଯାମୀ ସ୍ୱାଇଁ ଖୁବ୍ ଆସନାସ୍ୱୀ ଲୋକ । ତାଙ୍କୁ ଦେଖିଲେ ଅପରାଧୀର ଆତ୍ମା ଥରିଉଠେ । ଜମିଦାରୀ ପରିଚାଳନା ଭଳି ବିଦ୍ୟା, ବୁଦ୍ଧି ତାଙ୍କର ଥିଲାନାହିଁ; ମାତ୍ର ମୁହଁଟାଣ ଯଥେଷ୍ଟ ଥିଲା । ସେହି ମୁହଁଟାଣ ବିଦ୍ୟାଟି ତାଙ୍କର, ଅଯୋଗ୍ୟତାକୁ ଚାପି-ରଖିଥିଲା । କି ପ୍ରଜା, କି କର୍ମଚାରୀ ସମସ୍ତଙ୍କୁ ସେ କଥାରେ ଶାସନ କରିରଖିଥିଲେ । ସେ ସବୁବେଳେ ଚକ୍ଷୁଲ ଦେଖାଇ କହନ୍ତି—"ମୁଁ ସବୁ ଜାଣେରେ ବାବା, ସବୁଜାଣେ, ହରି ଭରସା । କିଏ କେଉଁ ଦିନ କେତେବେଳେ କେଉଁଠାରେ କାହାଠାରୁ କଅଣ ନେଲା, ତାହା ମୁଁ ଜାଣେ ହରି ଭରସା, ମୋର ସହସ୍ର ଆଖି; ମାତ୍ର କିଛି କହେ ନାହିଁ । ଯେଉଁ ଦିନ ଯାହାକୁ ଧରି ବସିବ, ସେହି ଦିନ ତାକୁ ପାର କରିବ, ହରି-ଭରସା ।" କିନ୍ତୁ କାର୍ଯ୍ୟତଃ କାହାକୁ କେବେ ପାର କରିଥିବାର କେହି ଜାଣନ୍ତି ନାହିଁ । ଦୈନିକ ଖର୍ଚ୍ଚ ଖାତାରେ ସ୍ୱାକ୍ଷର କଲାବେଳେ ଖୁବ୍ ଗୋଟାଏ ଆତ୍ମପ୍ରତିଷ୍ଠା ଅନୁଭବ କରି କର୍ମଚାରୀଙ୍କ ମୁହଁକୁ ଚାହିଁ ମୁରୁକି ମୁରୁକି ହସି କହନ୍ତି—"ଅଧଲାଟେ ଊଣା ହେଲେ ଧରି ପକାଇବି, ହୁଁ, ମୁଁ ଆଉ କେହି ନୁହେଁ ଯେ—ହରି ଭରସା, ମୋତେ ଠକାଇବା କାଠିକର ପାଠ, ହରିଭରସା । ସମସ୍ତଙ୍କୁ ଠକାଇପାର—ହରି ଭରସା । ଆମ ବାପା, ଗୋସାଇଁ ବାପାଙ୍କୁ ଠକାଇ ପାରିଥିବ, ସେମାନେ ମୋଟା ବୁଦ୍ଧିଆ ଥିଲେ, ହରି ଭରସା; ମାତ୍ର ଆମ ବୁଦ୍ଧି ଆଖିବାଳଠାରୁ ସରୁ, ଆମେ ଉଡ଼ନ୍ତା ଚଢ଼େଇର ପର ଗଣିଦେଇପାରୁଁ, ହରି ଭରସା । ଆମ ଆଖିରେ ଧୂଳି ପକାଇବା ସହଜ ନୁହେଁ, ହରି ଭରସା । ଆମେ କିଏ ଜାଣ ତ? ଆମେ—ଅ—ନ୍ତ—ର୍ଯା—ମୀ—ସ୍ୱା—ଇଁ, ହରି ଭରସା । ଏ ଦୁନିଆରେ ସେ ପିଠା ନାହିଁରେ ବାପା, ହରି ଭରସା ।" କର୍ମଚାରୀମାନେ କର୍ତ୍ତାଙ୍କର ପୌଢ଼ୀ ଶୁଣି ମୁହଁରେ ଟିକି ଟେକିଟାକି ପ୍ରଶଂସା କରନ୍ତି । କେହି କେହି କହନ୍ତି—"ହଜୁରଙ୍କୁ ପୁଣି କିଏ ଠକାଇବ; ସେପରି ମୁଣ୍ଡ ଏ ଦୁନିଆରେ କାହାର ଅଛି ? ହଜୁର ଖାଉନ୍ଦ, ହଜୁରଙ୍କୁ ଠକାଇଲେ କି ସାତ-ଜନ୍ମରେ ପାରିଅଛି ? ହଜୁର ଜମିଦାର—ନାଗ ସାପ, ଯେ ସେହି ନାଗ ସାପକୁ ଚିଡ଼ାଇବ, ତାହାର କଅଣ ଆଉ ରକ୍ଷା ଅଛି ? ଲେଉଟି ପଡ଼ି ଫଁ କରି ଚୋଟେ ମାରିଲେ ସବୁ ଶେଷ । ସବୁ ଚଳିବ ପଛେ; ମାତ୍ର ପ୍ରଭୁ ପାଖରେ ଦ୍ରୋହୀ ହେବନାହିଁ –ସେ ପାପର ପ୍ରାୟଶ୍ଚିତ୍ତ ନାହିଁ । ଆମ ଛପନ ପୁରୁଷରେ ଏକା

ନିମକହାରାମି ନାହିଁ ହଜୁର । ଆମ ବାପେ ଥିଲେ ଯେ,- ମରିବାବେଳେ ମୋତେ ଗୋଡ ଛୁଆଇଁ ରାଣ ଦେଇଗଲେ । କହିଲେ—"ଖବରଦାର, କେବେ କାହାରିଠାରୁ କଡ଼ାଏ କଉଡି ଲାଞ୍ଚ ନେବୁନାହିଁ ।" ମୁଁ ସେହିଦିନୁ ପିତୃଆଜ୍ଞା ମାନି ଲାଞ୍ଚ ନେବା ଛାଡ଼ି ଦେଇଛି ।" କର୍ମଚାରୀମାନେ ଏହିପରି ଚାଟୁବାକ୍ୟଦ୍ୱାରା ନିଜର ସାଧୁତା ପ୍ରମାଣ କରନ୍ତି; ମାତ୍ର ମନେ ମନେ ହସି ଜମିଦାରଙ୍କୁ ଅନ୍ତଃସାରଶୂନ୍ୟ ଜାଣି ନିର୍ଭୟ ହୋଇ ଆପଣାର ଉଦର ସ୍ଥୂଳ କରନ୍ତି । କେବଳ ରେବତୀଙ୍କୁ ଜମିଦାରଙ୍କର ଏ ବ୍ୟର୍ଥ ଆତ୍ମଶ୍ଳାଘା ଭଲ ଲାଗେ ନାହିଁ, ଠିକ କଙ୍କଡ଼ାବିଛା କାମୁଡ଼ିଲାପରି ଲାଗେ, ସେ ମନେ ମନେ କହନ୍ତି— 'ଯାହା କହନ୍ତି—ଶୂନ୍ୟ ଘଟର ଶବ୍ଦ ବେଶି, ତାହା ସତକଥା । ଆଚ୍ଛା, କେଉଁ ଗୁଣରେ ଏତେ ପ୍ରଶଂସା ? ସାତ ଆଉ ପାଞ୍ଚ ମିଶାଇବାକୁ ହେଲେ ତ ଆଙ୍ଗୁଳି ନ ଗଣିଲେ ଚଳେନାହିଁ—ପୁଣି ଦସ୍ତଖତଟା ତ ପିଲାଙ୍କ ଯୁକ୍ତାକ୍ଷର ଲେଖିବା ପରି କଷ୍ଟକର—ସେଥିରେ ଅକ୍ଷର ଥାଏ, କି ତାହା ଖାଲି ରେଖାର ସମଷ୍ଟି ସେ କଥା ମା ସରସ୍ୱତୀଙ୍କର ଅଗୋଚର, ଏଇଥିରେ ପୁଣି ଏତେ ବଡେଇ ! ଯାହାର ଅର୍ଥ ଅଛି ସେ ମନରେ କରେ ବ୍ରହ୍ମାଣ୍ଡର ଗୁଣରାଜି ଚଳେ ଚଳେ ଆସି ତାହା ଗୋଡ଼ତଳେ ମୁଣ୍ଡ ଗୁଞ୍ଜନ୍ତି । ସବୁଠାରୁ ଅର୍ଥ ସାପେକ୍ଷ ସତ୍ୟ, ପୃଥିବୀରେ ସାଳବଳ ଯେତେ କାର୍ଯ୍ୟ ହୋଇଅଛି, ସେ ସମସ୍ତର ମୂଳରେ ଅର୍ଥ ବିଦ୍ୟମାନ, ଏହା କେହି ଅସ୍ୱୀକାର କରୁନାହିଁ; ମାତ୍ର ଅର୍ଥ ସାହାଯ୍ୟରେ ଗୁଣ ଉପାର୍ଜନ କରିହୁଏ ସିନା—କିଣାଯାଏ ନାହିଁ । ଘର ଭିତରେ ତ ଫନ୍ଦିର ସୀମା ନାହିଁ, ସେ ଦିନ କଲେକ୍ଟର ସାହେବଙ୍କ ଆଗରେ ପାଟି ଅଫା ଅଫା ହୋଇଗଲା କାହିଁକି ? ସାହେବ ପଚାରିଲେ—"କି ବାବୁ ଭଲ ଅଛ ? ଆଉ ଏ ଘୋଡ଼ାପରି ଦୋଟେ ଦାନ୍ତ ନିସୁଡ଼ିଦେଇ କହିଲେ କଣ ନା—"ସଲାମ ସାଇବ ଆପଣ କାଲି ଆସିଲ ପରା ? ଆମର ପୁରୁଣା ଘର ପୁରୁଣା ବଂଶ, ମରହଟ୍ଟା ଅମଳ ଆଗରୁ ଆମର ଜମିଦାରୀ । ଆମ ବାପ ଖୁବ୍ ମାଲ ସାଧନା କରୁଥିଲେ —ତାଙ୍କ ବାହା ମୂଳଟାମାନ ଏଡ଼େ ଏଡ଼େ ମୋଟ— ସେ ଦିନରେ ଦଶଟିସେର ଦୁଧ ଖାଉଥିଲେ । ଆଉ ଆମ ପଣଗୋସ୍ୱାପେ ଯେଉଁ ଖଣ୍ଡା ଧରି ଯୁଦ୍ଧ କରୁଥିଲେ; ତିନିଜଣ ଜବର ଲେଙ୍ଗିଆ ତାକୁ ଟେକି ପାରିବେନାହିଁ । ଗଲା ଘଡ଼ିରେ ଗୋଟାଏ ପୁରୁଣା ଲୁହା ଧନୁ ଥିଲା, ତେରସ୍ତ୍ରୀ ସନ ତାକୁ ଭାଙ୍ଗି ଫାଳ ଗଢ଼ାଗଲା ଯେ—ମୁଠିଏ ଲମ୍ବର ତିନିଗଣ୍ଡା ଫାଳ ହେଲା ।' ସାହେବ କଅଣ ସୁରେଶହିତ ହୋଇ ଆଙ୍କର ପିତୃଶ୍ରାଦ୍ଧ କରିବାପାଇଁ ଆସିଥିଲେ ଯେ, ତାଙ୍କ ଆଗରେ ଏ ସାତପୁରୁଷର ଗୁଣ ଗାରିମା ବଖାଣୁଥିଲେ । ସେ ବି ହସି ହସି ଖୁବ୍ ବଢ଼ କଥା କହୁଛନ୍ତି । କହିଲେ—"ବାବୁ, ତମେ ତ ତମ ବଂଶର ଖଣ୍ଡେ ଇତିହାସ । ପୂର୍ବ ପୁରୁଷର ସେହି ସ୍ୱଖ୍ୟାତିକୁ ବିକି ଭାଙ୍ଗି ଖାଇ ତମେ ମଉଜରେ ଅଛ, ଏହା ଭଲକଥା ।" ଏହା କଅଣ ସାମାନ୍ୟ ଅପମାନ ? ପୁଣି ସାହେବ ପଚାରିଲେ—"ତମର କେତେଖଣ୍ଡ ଗାଁ ନଈବଢ଼ିରେ ଧୋଇଯାଇଛି, ଆଉ ପ୍ରଜା ରକ୍ଷାପାଇଁ ତମେ କଅଣ କରିଛ ? ଜମିଦାର ବାବୁ ଏଥିର କି ଉତ୍ତର ଦେଲେ କଅଣ ନା—ସେ ସବୁକଥା ଆମ ରେବତୀ ପଟ୍ଟନାୟକେ ଜାଣନ୍ତି ।" ଭାଗ୍ୟକୁ ମୁଁ ସେଠାରେ ଥିଲି ବୋଲି ସିନା କଥଟାକୁ ଭିନ୍ନମାର୍ଗରେ ନେଇ ବୁଝାଇ ଦେଲି । ନଚେତ୍ ସାହେବ କଅଣ ମନରେ କରିଥାଆନ୍ତେ । ମୁଁ ହାତଯୋଡ଼ି କହିଲି—"ହଜୁର ଆମ ଇଲାକାର ଦଶଖଣ୍ଡ ଗାଁର ଧାନ ଧୋଇ ଯାଇଛି । ସେଥିପାଇଁ ଏ ବର୍ଷର କର ପ୍ରଜାମାନଙ୍କୁ ଛାଡ଼ ଦିଆଯାଇଅଛି । ଆଗାମୀ ରବିଫସଲ ପାଇଁ ବିହନ ଦିଆଯିବ । ପ୍ରଜାଙ୍କର ଦୁଃଖ ଶୁଣି ଆମ ଜମିଦାର ଢେର କାନ୍ଦିଛନ୍ତି । ଏବଧି ତାଙ୍କ ମନ ଭଲନାହିଁ । ସେ ଆହାର ନିଦ୍ରା ଛାଡ଼ି ସବୁବେଳେ ପ୍ରଜାଙ୍କ କୁଶଳ ଖୋଜୁଛନ୍ତି ।" ଏହିପରି ପୁରିକଥା କହି ସାହେବଙ୍କୁ ବୋଧ କରିଦେଲି । ନ ହେଲେ ଫଳ ବଡ ବିଷମ ହୋଇଥାନ୍ତା । ଯାହାଙ୍କୁ କଥା କହି ଆସୁନାହିଁ, ସେ ପୁଣି ବଡ଼େଇ କରି କହୁଛନ୍ତି ଯେ— ଆମକୁ କେହି ଠକାଇ ପାରିବ ନାହିଁ । ଅଚ୍ଛା, "ଦେଖେଁ ଭଲ କାମିତ ନ ଠକିବ ।" କଳାବାହୁ ରେବତୀ ପଟ୍ଟନାୟକ ଏହିପରି ଭାବି ଦିନେ ଖର୍ଚ୍ଚ ଖାତାରେ ମିଛେ ଖର୍ଚ୍ଚ ଲେଖି ଦସ୍ତଖତ କରାଇବାପାଇଁ ଜମିଦାରଙ୍କ

ପାଖକୁ ନେଇଗଲେ । ସେଥିରେ ଖର୍ଚ୍ଚର ହିସାବ ଏହିପରି ଲେଖାଥିଲା—

ସନ ୧୩୧୫ ସାଲ କଳଶ୍ରା ମାସ ଦ ୧୬ ନ

| | |
|---|---|
| ରବିବାରର ଘର ଖର୍ଚ୍ଚ | ଟ ୧୯ ମଇଧେ |
| ଖଦୀ ଭୁଷି ଘୋଡ଼ାକୁ | ଟ ୮୯ |
| ପରିବା, ମାଛ ଓଗେର | ଟ ୦ ୲୵ |
| ଅଳଙ୍କାର ମରାମତ୍ | ଟ ୩ ।୵ |
| ଦାନ ଖଏରାତ | ଟ ୬୯ |
| ବାଜେଖର୍ଚ୍ଚ | ଟ ୫୯ |
| ଔଠ | ଟ ୩୮୯ |

ଜମିଦାର ବେବର୍ତ୍ତିଙ୍କୁ ଦେଖି ପଚାରିଲେ "କି ହୋ, ତୁମେ ଖାତା ଦସ୍ତଖତ କରାଇବାକୁ ଆଣିଛ, ଗୁମାସ୍ତା କୁଆଡ଼େ ଗଲା କି ?" ବେବର୍ତ୍ତି କହିଲେ—"ଆଜ୍ଞା, ମୁଁ ତାକୁ ଗୋଟାଏ କାମରେ ପଠାଇଛି ।" କହୁଁ କହୁଁ ଜମିଦାର ଗୋଟାଏ ଅପୂର୍ବ ଦସ୍ତଖତ କରି ଖାତା ଖଣ୍ଡ ବେବର୍ତ୍ତିଙ୍କ ହାତକୁ ବଢ଼ାଇ ଦେଇ ପୂର୍ବ ଅଭ୍ୟାସ ମତେ କହିଲେ—"ଦେଖିଲ ସାଙ୍ଗେ ସାଙ୍ଗେ ଆଖି ବୁଲାଇ ଦେଇ ହିସାବଟା ବୁଝିନେଲି, ହୁଁ ମୋତେ ଠକାଇବା ସହଜ ନୁହେଁ ।" ବେବର୍ତ୍ତି କିଛି ନ କହି ଟିକିଏ ହସି ଦେଲେ ଏବଂ ଖାତାର ପୃଷ୍ଠା ଲେଉଟାଇବାକୁ ଲଗିଲେ । ଜମିଦାର ପଚାରିଲେ "କି, ହସିଲ କାହିଁକି ?" ବେବର୍ତ୍ତି ଟିକିଏ ଅପ୍ରସ୍ତୁତ ହେଲାପରି ହୋଇ ଧୀର ସ୍ୱରରେ କହିଲେ "ହିସାବଟା ଭୁଲରେ ଦୁଇଗୁଣ ହୋଇଗଲା । ଗୁମାସ୍ତା ମୋଟ ଖର୍ଚ୍ଚ ତଳେ ତଫସିଲ ଲେଖି ଥିବାରୁ ମୁଁ ଭୁଲରେ ଦୁହିଁଙ୍କି ମିଶାଇ ଦେଲି ।" ଅନନ୍ତର ବେବର୍ତ୍ତି ଜମିଦାରଙ୍କୁ ଖର୍ଚ୍ଚ ପୃଷ୍ଠା ଦେଖାଇ କହିଲେ "ଏହି ଦେଖିବା ହେଉନ୍ତୁ—ଗୁମାସ୍ତା ଲେଖିଛି ଆଜିର ମୋଟ ଖର୍ଚ୍ଚ ୧୯ ଟଙ୍କା ମଇଧେ ଅମୁକ ଏତେ—ଅମୁକ ଏତେ ଇତ୍ୟାଦି ।" ଜମିଦାର ଆଶ୍ଚର୍ଯ୍ୟ ହୋଇ କହିଲେ—"କଅଣ ? ଏ ତ ମୋଟ ଖର୍ଚ୍ଚ, ଆଉ ଏ ତ ତାହାର ତଫସିଲ, ମଝିରେ ପୁଣି ଗୋଟାଏ ମଇଧେ କଅଣ ? ଓଃ, ଏହିପରି ତେବେ ଠକାନ୍ତି । ତୁମେ ବୋଲି ସିନା କହିଲ, ଆଉ କେହି ହୋଇଥିଲେ ତ ଦୁଇଗୁଣ ଟଙ୍କା ମାରିନେଇଥାଆନ୍ତା । ମୁଁ ଜାଣେ ପରା—ତୁମପରି ବିଶ୍ୱାସୀ ଆଉ କେହି ନୁହନ୍ତି । ସମସ୍ତେ ଚୋର—ଢଁଟାଚୋର, ନିମକହାରାମ । ଆଜି ବେବର୍ତ୍ତି ତୁମକୁ ଗୋଟାଏ ଘୁଅର ପୁରସ୍କାର ଦିଆଗଲା ।" ବେବର୍ତ୍ତି ଖୁସିହୋଇ ଜମିଦାରଙ୍କୁ ଗୋଟାଏ ଲମ୍ବା ଦଣ୍ଡବତ କରି କାର୍ଯ୍ୟାନ୍ତରରେ ପ୍ରସ୍ଥାନ କଲେ । ସେହି ଦିନଠାରୁ ଜମିଦାରଙ୍କର ଆତ୍ମଶ୍ଳାଘା ବନ୍ଦ ହେଲା—ତାଙ୍କର ଉପଯୁକ୍ତ ଶିକ୍ଷା ମଧ୍ୟ ହେଲା । ଗର୍ବ-ଗଞ୍ଜନକାରୀ ବେବର୍ତ୍ତି ତାଙ୍କର ଗର୍ବ ଖର୍ବ କରିଦେଲେ ।

ଜମିଦାର ବାବୁଙ୍କର ଜମିଦାର ସୁଲଭ ଗୁମାନି ଏବଂ ଅଭିମାନ ହେତୁ ବେବର୍ତ୍ତି କିଞ୍ଚିତ ଅସନ୍ତୁଷ୍ଟ ହେଲେହେଁ ପ୍ରଭୁ ବୋଲି ତାଙ୍କୁ ଭକ୍ତି ସମ୍ମାନ କରନ୍ତି । ଅନ୍ନପୂର୍ଣ୍ଣାଙ୍କୁ ହେୟ ମଣିବା ଘୋର ଅକୃତଜ୍ଞତା, ଏ ନୀତି ବେବର୍ତ୍ତିଙ୍କର ଅଜ୍ଞାତ ନଥିଲା । ଜମିଦାରଙ୍କର ଅନେକ ସଦ୍‌ଗୁଣ ମଧ୍ୟ ଥିଲା । ତାଙ୍କର ଉଦାରତା ଦାନଶୀଳତା, ସହୃଦୟତା ଏବଂ ଅତିଥିସତ୍କାର ସର୍ବତ୍ର ମୁଖରେ ପ୍ରଶଂସିତ । ସେ ତାଙ୍କ ଘରେ ଥରେ ମାତ୍ର ଆତିଥ୍ୟ ଗ୍ରହଣ କରିଅଛି, ସେ ତାଙ୍କର ଆଦର-ସୌଜନ୍ୟ ଜୀବନରେ ଭୁଲିପାରିବ ନାହିଁ । ସ୍ପଷ୍ଟବାଦିତା ତାଙ୍କ ସ୍ୱଭାବର ବିଶେଷତ୍ୱ । ସେ ପର ଦୁଃଖରେ ସହାନୁଭୂତି ପ୍ରକାଶ କରନ୍ତି । ପ୍ରଜାପୀଡ଼ା ତାଙ୍କ କୋଷ୍ଠୀରେ ନାହିଁ । ଧର୍ମ କାର୍ଯ୍ୟରେ ସେ ମୁକ୍ତ ହସ୍ତ । ଏତେଗୁଣ ଯାହାର ଅଛି, ତାହାର ଟିକିଏ ଗର୍ବ ବା ଅଭିମାନ ତେତେ ଦୋଷାବହ ନୁହେଁ । ମନୁଷ୍ୟ ମାନେ ସୁଗୁଣ ଦୁର୍ଗୁଣର ଆଧାର । ଏକାଧାରରେ ସୁଗୁଣ ବା ଏକାଧାରରେ ଦୁର୍ଗୁଣ ଏ ସଂସାରରେ ଦୁର୍ଲଭ । ଯେଉଁଠାରେ ଦେଖ, ଦୋଷ ଗୁଣ ମିଶାମିଶି ହୋଇଅଛି । ଅମୃତ ମଧ୍ୟରେ ବିଷ ଅଛି, ବିଷ ମଧ୍ୟରେ ବି ଅମୃତ ଅଛି । ପଙ୍କ ମଧ୍ୟରେ ଜଗତର ଶୋଭାସମ୍ପଦ ପଦ୍ମ ଥାଏ, ଆଉ ପବିତ୍ର ତୀର୍ଥ ଜଳରେ ପ୍ରାଣୀହିଂସାକାରୀ ହାଙ୍ଗର କୁମ୍ଭୀର ଥାଆନ୍ତି । ଭଲ ମନ୍ଦ ମିଶି ଏ ସଂସାର; ସୁତରାଂ ଭଲ ମନ୍ଦ ସବୁଥିରେ ଅଛି ଏବଂ ଥିବ ।

ବକ୍ରବାହୁ ବେବର୍ତ୍ତି ଜମିଦାରଙ୍କର କର୍ମଚାରୀ, ମନ୍ତ୍ରୀ ଏବଂ ପ୍ରତିନିଧି । ଜମିଦାରୀ କାର୍ଯ୍ୟରେ ତାଙ୍କ

ଦକ୍ଷତା ଅସାଧାରଣ । ତାଙ୍କ ଅମଳରେ ଜମିଦାରୀର ଆୟ ଅନେକ ବଢ଼ିଅଛି । ଏ ହେତୁ ଜମିଦାର ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇ ସବୁ ଭାର ତାଙ୍କ ଉପରେ ନ୍ୟସ୍ତ କରିଅଛନ୍ତି । ସେ ମଧ୍ୟ ବିଶ୍ୱାସୀ ଭାବରେ କାର୍ଯ୍ୟ କରନ୍ତି । ତାଙ୍କ କଥା ଜମିଦାର ଏଡ଼ି ପାରନ୍ତି ନାହିଁ । ମୂଳତଃ ବୈରାଗୀ ହିଁ ଜମିଦାର ଏବଂ ଜମିଦାର ତାଙ୍କ ହସ୍ତର କ୍ରୀଡ଼ା ପିତୁଳା ; କିନ୍ତୁ ଏହା ବୋଲି ବୈରାଗୀ ଦୁଇ ହାତରେ ଭୋଜନ କରନ୍ତି ନାହିଁ । ତାଙ୍କର ଦକ୍ଷିଣ ହସ୍ତର ସମ୍ପର୍କ ସୀମାବଦ୍ଧ । ଆଉ ଉତ୍କୋଚ ବା ଢେଉଁ-ଢାରେ ନାହିଁ ? ମିଠେଇଖିଆ, ପାନଖର୍ଚ୍ଚ, ବକ୍ସିସ ପ୍ରଭୃତି ବିବିଧ ନାମରେ ସେ ସର୍ବତ୍ର ବିଦ୍ୟମାନ । ତାହାର ଶକ୍ତି ମଧ୍ୟ ଦୁର୍ଜୟ । ବଶୀକରଣର ଅମୋଘ ମହାମନ୍ତ୍ର ତାହାପରି ଆଉ ନାହିଁ । ସେ ଯାହାହେଉ ବୈରାଗୀ ପଟ୍ଟନାୟକେ ଜମିଦାରଙ୍କ ପୂର୍ଣ୍ଣ କ୍ଷମତା ପ୍ରାପ୍ତ ସର୍ବପ୍ରଧାନ କର୍ମଚାରୀ । କ୍ଷମତା ଅସୀମ; ମାତ୍ର ସେ କ୍ଷମତାର ଦୁର୍ବ୍ୟବହାର କରନ୍ତି ନାହିଁ । ସମସ୍ତେ ତାଙ୍କୁ ଭୟ ଅପେକ୍ଷା ଭକ୍ତି ଅଧିକ କରନ୍ତି । ଆମ୍ବ ପଣସ ଦିନେ ଆମ୍ବ, ପଣସ, ଅନ୍ୟ ଦିନରେ ପରିବା କିମ୍ବା ମାଛ ପ୍ରଭୃତି ଜମିଦାର ଘରକୁ ପାଞ୍ଚଭାର ଆସିଲେ ବୈରାଗୀଙ୍କ ଘରକୁ ତିନିଭାର ଆସେ, ଜମିଦାରଙ୍କୁ କେହି ଦଶ ଟଙ୍କା ସଲାମୀ ଦେଲେ ବୈରାଗୀଙ୍କୁ ଦଶ ମୁଦ୍ରା ଦିଏ; ଏଟା ତାଙ୍କର ବନ୍ଧା ରେଟ ।

ଜମିଦାରଙ୍କର ଏକମାତ୍ର ପୁତ୍ର ସତ୍ୟଭୂଷଣ । ବନ୍ଧୁ କଷ୍ଟରେ କୌଣସି ପ୍ରକାରରେ ମାଇନର ପାସ କରି-ଅଛି । ଏଡିକିରେ ସେ ସଙ୍ଗୀମାନଙ୍କ ସହିତରେ ଇଂରାଜୀରେ କଳିଆ କରେ । ଭୃତ୍ୟମାନଙ୍କୁ ଇଂରାଜୀରେ ଗାଳି ଦିଏ । ଏହିପରି ଅନେକ କାର୍ଯ୍ୟ ସେ ଇଂରାଜୀରେ କରେ । ତାହାର ବୁଦ୍ଧି ଶକ୍ତି ସୂକ୍ଷ୍ମ କିନ୍ତୁ ବିଦ୍ୟା ରୂପ କଠିନ ପଦାର୍ଥରେ ତାହାର ମୁନ ଭୁଷିପାରେ ନାହିଁ—ଭାଙ୍ଗିଯାଏ କିମ୍ବା ମୋଡ଼ି ହୋଇ-ଯାଏ । ଏଣିକି ତାକୁ କିଛି ସଂସ୍କୃତ ପଢ଼ାଇବାପାଇଁ ଜମିଦାରଙ୍କ ଇଚ୍ଛା । ଦିନେ ସେ ଜଣେ ପଣ୍ଡିତ ନିଯୁକ୍ତ କରିବା ସକାଶେ ବୈରାଗୀଙ୍କୁ ଆଦେଶ ଦେଲେ । ବୈରାଗୀ କହିଲେ "ନା- ଆଜ୍ଞା, ସେ ଙଂ-ମଂ-ସଂସ୍କୃ କଅଣ ମିଳିବ ? ଛି ଛି, ସେ ମାଇପାଠ । ଜମିଦାର ପୁଅ, ସାହେବ ସୁବାଙ୍କ ସଙ୍ଗରେ କଥା କହିବ, ଇଂରାଜୀ ନ ହେଲେ କି ହୁଏ ।" ଜମିଦାର କହିଲେ "ହେଉ, ଇଂରାଜୀ ପଢ଼ିବ । ଦିନ ପଳାଇ ଯାଉନାହିଁ, ଉହୁଁଣି କେତେଦିନ ସଂସ୍କୃତ ପଢୁ, ତେଣିକି ଦେଖାଯିବ । ସଂସ୍କୃତ ମାଇପାଠ ନୁହେଁ—ଦେବବିଦ୍ୟା ।" ବୈରାଗୀ ଦେଖିଲେ ଜମିଦାରଙ୍କର ପ୍ରତିଜ୍ଞା ଅଟଳ, ସେ ବାଧା ମାନିବ ନାହିଁ ; ସୁତରାଂ ପ୍ରଭୁଙ୍କ ପ୍ରସ୍ତାବରେ ସମ୍ମତ ହୋଇ ଆତ୍ମଗୌରବ ଅକ୍ଷତ ରଖିଲେ—ଏହାହିଁ ବଜ୍ଞୋଚିତ କାର୍ଯ୍ୟ ।

## ଦ୍ୱିତୀୟ ପରିଚ୍ଛେଦ

ସଂସ୍କୃତ ବିଦ୍ୟା ସଙ୍ଗରେ ବୈରାଗୀଙ୍କର ବୈରତା ଥିଲାନାହିଁ, ତାହା ଅର୍ଥକାରୀ ନୁହେଁ ବୋଲି ତାକୁ ଭଲ ପାଉ ନ ଥିଲେ । ସେ କହନ୍ତି—"ସଂସ୍କୃତ ଯେତେ ଜ୍ଞାନକାରୀ ବିଦ୍ୟା ହେଉ ପଛେ, ଜ୍ଞାନରେ କି ପେଟ ପୂରିବ ? ଯେଉଁ ବିଦ୍ୟାରେ ପେଟ ଥଣ୍ଡା ହେବ, ସେହି ବିଦ୍ୟା ପଢ଼ିବା ଉଚିତ । ଉଦର ନ ପୂରିଲେ ଜ୍ଞାନ କାହୁଁ ଆସିବ । ଭାଗବତରେ ଅଛି—"ଯାବତ ନ ପୂରେ ଉଦର, ତାବତ ଜ୍ଞାନ କାହିଁ ମୋର ।" ସହସ୍ରେ ଜ୍ଞାନଗର୍ଭ ସଂସ୍କୃତ ଶ୍ଳୋକ ଗିଳିଲେ ତ ଆଉ ପେଟ ପୂରିବ ନାହିଁ । ଏ କାଳରେ ସଂସ୍କୃତ ପଢ଼ିବା ଆଉ ଦାରିଦ୍ର୍ୟକୁ ଆମନ୍ତ୍ରଣ କରିବା ଏକା କଥା । ଦରିଦ୍ର ହୃଦୟ ଯେ ଅନନ୍ତ ସୌନ୍ଦର୍ଯ୍ୟପୂର୍ଣ୍ଣ, ଏହା କେହି ମନା-କରୁନାହିଁ; ମାତ୍ର ସେ ସୌନ୍ଦର୍ଯ୍ୟର ଗ୍ରାହକ ଜଗତରେ ବିରଳ । ଦାରିଦ୍ର୍ୟ ସକଳ ଶକ୍ତି ନଷ୍ଟ କରିଦିଏ ।" ବୈରାଗୀଙ୍କର ଏ ମତ ଠିକ୍ ହୋଇପାରେ; ମାତ୍ର ଉପସ୍ଥିତ କ୍ଷେତ୍ରରେ ସମୀଚୀନ ନୁହେ । ଜମିଦାର ପୁତ୍ର

ସଂସ୍କୃତ ପଢ଼ି ଅଧ୍ୟାପନା ବୃତ୍ତି ଧରିବ ନାହିଁ ଯେ—ଗରିବ ହୋଇଯିବ ; ସୁତରାଂ ଏହା ତାଙ୍କ ଆପତ୍ତିର କାରଣ ହୋଇ ନ ପାରେ । ଆପତ୍ତିର ଅନ୍ୟ ଗୂଢ଼ କାରଣ ଥିଲା । ଆମ୍ଭେମାନେ ବହୁ ଅନୁସନ୍ଧାନରେ ତାହା ଆବିଷ୍କାର କରିଅଛୁଁ । ବେବର୍ତ୍ତୀଙ୍କ ପୁଅ ତାରିନାଥ ଜମିଦାର ପୁତ୍ର ସତ୍ୟଭୂଷଣ ସଙ୍ଗରେ ମାଇନର ପାସ କରିଅଛି । ସତ୍ୟଭୂଷଣ ସହରରେ ରହି ଇଂରାଜୀ ପଢ଼ିଲେ, ତାହାପାଇଁ ବସା, ଚାକର, ପୂଜାରୀ ପ୍ରଭୃତିର ବ୍ୟବସ୍ଥା ହୁଅନ୍ତା । ତାରିନାଥ ତାହା ସଙ୍ଗରେ ରହି ବିନା ଖର୍ଚ୍ଚରେ ସେହି ବ୍ୟବସ୍ଥାର ଅଂଶ ଭୋଗ କରନ୍ତା । ଖାଲି ସ୍କୁଲର ଦରମା ତାଙ୍କ ହାତରୁ ପଡ଼ନ୍ତା; ମାତ୍ର ଆପାତତଃ ସେ ସୁବିଧା ହେଲାନାହିଁ—ସମୟାନ୍ତରେ ହେବାର ଆଶା ରଖି ବେବର୍ତ୍ତୀ ପଣ୍ଡିତ ନିୟୋଗରେ ମନୋଯୋଗୀ ହେଲେ । ପଣ୍ଡିତ ସକାଶେ ସମ୍ବାଦ ପତ୍ରରେ ବିଜ୍ଞାପନ ଦିଆଗଲା । ଅନେକ ତର୍କ ବିତର୍କ ବାଦ ପ୍ରତିବାଦ କଟାକଟି ପରେ ଏହିପରି ବିଜ୍ଞାପନ ଲେଖା ଗଲା—

"ମାସିକ ଆଠଟଙ୍କା ବେତନରେ ଜଣେ କାବ୍ୟତୀର୍ଥ ଉପାଧିଧାରୀ ପଣ୍ଡିତ ଆବଶ୍ୟକ । ପ୍ରାର୍ଥୀ ସଂସ୍କୃତ ବିଦ୍ୟାରେ ଖୁବ୍ ପ୍ରବୀଣ ହୋଇଥିବେ—ପ୍ରୌଢ଼ ହୋଇଥିବେ ଏବଂ ବଳିଷ୍ଠ ହୋଇଥିବେ । ତାଙ୍କର ହସ୍ତାକ୍ଷର ଭଲ ଥିବ । ଖୋରାକୀ ଓ ବାସସ୍ଥାନ ସ୍ୱତନ୍ତ୍ର ଦିଆଯିବ ।"

ଏ କଅଣ ପାଠକ ହସିଲେ କାହିଁକି ? ଆପଣ ପରା ମନେ ମନେ ଭାବୁଛନ୍ତି—"ଆଠଟଙ୍କା ଦରମାକୁ ପୁଣି ଏତେ କଟକଣା ! ଆଉ ପଣ୍ଡିତେ ବଳିଷ୍ଠ ହେବେ କାହିଁକି ? ସଂସ୍କୃତ ସଙ୍ଗରେ ଯୁଦ୍ଧ କରିବେ, ନା ଶିଷ୍ୟ ସଙ୍ଗରେ ମାଲ ସାଧିବେ ?" ଆପଣ ଯଦି ଏହିପରି ଭାବୁଥାଆନ୍ତି, ତେବେ ଭୁଲ କରିଅଛନ୍ତି । ବଳିଷ୍ଠ ହେବାର କାରଣ କଅଣ କି—ସଂସ୍କୃତ ବଡ଼ ଟାଣ ପାଠ; ସୁତରାଂ ଟାଣ ପାଠକୁ ଟାଣ ଗୁରୁ ଦରକାର । ଗୋଟାଏ ରୋଗା, ସନ୍ଧିଆ ବା ମଡ଼ିଆ, ଶୁଖୁଟା ଲୋକ ହେଲେ ସେ ତ ଅଧେ ଦିନ ରୋଗରେ ମରିବ; ଆଉ ପାଠ ପଢ଼ାଇବ କଅଣ ? ଏହିପରି ଗଭୀର ଗବେଷଣା କରି ଜମିଦାରୀ ମସ୍ତିଷ୍କରେ ବିଜ୍ଞାପନ ଲେଖାଯାଇଥିଲା । ଆପଣ ମର୍ମ ନ ବୁଝି ଉପରେ ଉପରେ ଭାସିବୁଲି ପଦେ ଅଖାଡୁଆ କଥା ହାଣିଦେଲେ ଚଳିବ କିପରି ?

ଯଥାସମୟରେ କେତେଖଣ୍ଡ ଦରଖାସ୍ତ ଆସିଲା । ବେବର୍ତ୍ତୀ ସେଥିମଧ୍ୟରୁ କେତେଖଣ୍ଡ ବାଛି ଜମିଦାରଙ୍କ ପାଖକୁ ନେଇଗଲେ । ଜମିଦାର ତେତେବେଳେ ସନ୍ଧ୍ୟା ସାରି ମାଳି ଜପୁଥିଲେ । ଅଫିମ ନିଶା ପ୍ରବଳ ଭାବରେ ଘାରିଆସୁଥାଏ । ମାଳି ଝୁଲି ଥରକୁ ଥର ହାତରୁ ଖସିପଡୁଥାଏ, ମନ୍ତ୍ରଉଚ୍ଚାରଣ ବିଶୃଙ୍ଖଳ ହୋଇଯାଉଥାଏ । ବେଳେ ବେଳେ ଚେତନା ଆସି ଯାଉଥାଏ, ଜମିଦାର କଞ୍ଜନୟନ ଉନ୍ମୀଳନ କରି ତକିଆଟାକୁ ଘୋଷାରି ଆଣି ତାହା ଉପରେ ହାମୁଡ଼େଇ ପଡୁଥାଆନ୍ତି । ବାସୁଆ ଭଣ୍ଡାରୀ ସାଆନ୍ତଙ୍କୁ ବାଦସାହି ନିଶାରେ ଭୋଳ ହେବାର ଦେଖି ଗୋଡ଼ଘଷା ଛାଡ଼ି ବାହାରକୁ ଆସି ସଟକେ ପିକା ଟାଣିନେଉଥାଏ । ସାଆନ୍ତେ ଜଡ଼ିତ କଣ୍ଠରେ 'ବାସୁଆରେ' ବୋଲି ଡାକିଲେ ଧାଇଁଆସି ଗୋଡ଼ତଳେ ବସିପଡ଼ି ମୁରୁକି ମୁରୁକି ହସି କହେ—"ଆଜ୍ଞା—ମଣିମା, ମୁଁ ଗୋଡ଼ ଘଷୁଛି ପରା ।" ଏଠାରେ କହିରଖିବା ଉଚିତ ଯେ, ଜମିଦାରଙ୍କର ଶ୍ୱାସ ରୋଗ ହେତୁ ସେ ପ୍ରତ୍ୟହ ଅର୍ଦ୍ଧତୋଳା ଅଫିମର ସଦ୍‌ବ୍ୟବହାର କରନ୍ତି । ବେବର୍ତ୍ତୀ ଜମିଦାରଙ୍କ ସମ୍ମୁଖରେ ବସି ଦରଖାସ୍ତ ଗୁଡ଼ିକ ବାହାର କରି କହିଲେ "ଏହି କେତେଖଣ୍ଡ ଦରଖାସ୍ତ ଆସିଥିଲା ସେଥିମଧ୍ୟରୁ ମୁଁ ଖଣ୍ଡେ ବାଛି ରଖିଛି । ଦରଖାସ୍ତକାରୀଙ୍କର ନାମ-ସ୍ମୃତିଧର କାବ୍ୟତୀର୍ଥ । ସେ ନ୍ୟାୟରେ, ତର୍କରେ ବି ଉପାଧି ପାଇଛନ୍ତି । ତେବେ ଗୋଟାଏ କଥାରେ ଟିକିଏ ସନ୍ଦେହ ହେଉଛି । ତାଙ୍କର ଅକ୍ଷର ଭଲ କି ମନ୍ଦ କିମିତି ଜଣାଯିବ । ନିଜର ଅକ୍ଷର ଭଲ ହୋଇ ନଥିଲେ ଅନେକେ ଅନ୍ୟ ହସ୍ତରେ ଦରଖାସ୍ତ ଲେଖାଇ ପଠାନ୍ତି । ଜମିଦାର ତେତେବେଳେ ମର୍ତ୍ତ୍ୟରେ ଥିଲେ ନାହିଁ—ସ୍ୱର୍ଗପୁରରେ ଅପ୍ସରୀମାନଙ୍କର ନୃତ୍ୟ ଦେଖୁଥିଲେ । ବେବର୍ତ୍ତୀଙ୍କ କଥା ଶୁଣି ହଠାତ୍ ସେଠାରୁ ଖସିପଡ଼ି ଅର୍ଦ୍ଧସ୍ପଷ୍ଟ ଅର୍ଦ୍ଧଅସ୍ପଷ୍ଟ ସ୍ୱରରେ କହିଲେ—"ତାଙ୍କୁ ଚିଠି ଲେଖି ଦିଅ, ତାଙ୍କର ଅକ୍ଷର ଭଲ

ବୋଲି ସେ ଡାକ୍ତର ସାର୍ଟିଫିକେଟ ଦେଉନ୍ତୁ।" ବେକରିଆ ଏହା ଶୁଣି ବୁଝିପାରିଲେ ଯେ, ପ୍ରଭୁଙ୍କ ଉପରେ କୃଷ୍ଣଚନ୍ଦ୍ରଙ୍କର ପ୍ରଭାବ ପୂର୍ଣ୍ଣ ମାତ୍ରାରେ ବିକାଶ ଲାଭ କରିଅଛି; ନଚେତ୍ ଭଲ ଅଫର ସକାଶେ ଡାକ୍ତର ସାର୍ଟିଫିକେଟର ବ୍ୟବସ୍ଥା ହୋଇ ନ ଥାନ୍ତା। ଜମିଦାର ଅଫିମ ନିଶାରେ ଅନେକ ସମୟରେ ଏହିପରି ଅସମ୍ବନ୍ଧ ପ୍ରଳାପ କରନ୍ତି। ଜଣେ ଦୋଳିଆ ପାଇକ ଆସି ପଚାରିଲା—"ବେକରିଆ କହିଲେ ଉକ୍କସ କଟେଗରୁ ଯେଉଁ ଟଙ୍କା ଆସିଛି, ତାହା କଅଣ ହେବ ?" ଜମିଦାର ତେତେବେଳେ ଚଉଦଭୁବନ ଦେଖୁଥିଲେ, କହିଲେ—"ମାଛରେ ପକାଇ ଝୋ-ଳ-କ-ର। ପାଇକ ହସି ହସି ଚାଲିଗଲା। ଆଉଜଣେ ସୁଲି କେଉଟୁଣୀ ଆସି କାନ୍ଦି କାନ୍ଦି କହିଲା—"ମୋ ପୁଅ, ମାଇପ ବୁଦ୍ଧିରେ ପଡ଼ି ମୋତେ ଘରୁ କାଢ଼ିଦେଲା, ହଜୁର ଏକଥା ବୁଝ। ସେ ଗଣ୍ଡ ଝିଅ ଗଣ୍ଡ ହାଣ୍ଡିଖାଇ ମୋତେ ଦୁ'ଆଖିରେ ଦେଖିପାରୁ ନାହିଁ— ଆପେ ଖାଇବ—ବାପଘରକୁ ବୋହିବ, ଆଉ ମୁଁ ତୋରାଣୀ ପିଇବାକୁ ମାଗିଲେ "ବାର ଭାତରି" ଗାଳିଦେବ। ପୁଣି ମୋ ନା'ରେ ଲଗାଇ ଯୋଡ଼ାଇ ଘଇତା ଆଗରେ କହିବ। ସେ କୁତୀ ମାଇପ-ସୁଆଡ଼ିଆ କଛା ନ ବୁଝି ନସୁଝି ମୋତେ ଲୁହାକୁ ଲୁହା ଘରୁ କାଢ଼ିଦେବ। ତମକୁ ଜୁହାର ହଉଛି ସାଆନ୍ତେ, ସେ ଅଲକ୍ଷ୍ମୀକୁ ଡକାଇ ମୋର ବାଟ ମୋତେ ନିଅସ କରିଦିଅ।" ଜମିଦାର ତେତେବେଳେ ପ୍ରଭାସ କ୍ଷେତ୍ରରେ ଯଦୁବଂଶୀୟମାନଙ୍କର ଯୁଦ୍ଧ ଦେଖୁଥିଲେ। ସୁଲିକୁ କହିଲେ—"ଏଁ, ତୋନଣ କଏ ଉପାଡ଼ିଲା " ନିଶା-ବେଳେ ଜମିଦାର ଏହିପରି କେଉଁ କଥାରେ କଅଣ କହିପକାନ୍ତି; ସୁତରାଂ ହସ୍ତାନ୍ତର ସକାଶେ ଡାକ୍ତର ସାର୍ଟିଫିକେଟର ବ୍ୟବସ୍ଥା ଖଣ୍ଡିତ ହୁଏ। ବେକରିଆ ଆଉ କିଛି ନ କହି ପଣ୍ଡିତ ନିଯୁକ୍ତ ବିଷୟ ଅନ୍ୟ ଦିନକୁ ରଖି ସେଠାରୁ ପ୍ରସ୍ଥାନ କଲେ।

ଜମିଦାରକୁମାର ସତ୍ୟଭୂଷଣ ସୁଶ୍ରୀ, କମନୀୟକାନ୍ତି ଏବଂ ମିଷ୍ଟଭାଷୀ। ଅଧରରେ ମଧୁରହାସ୍ୟ ସବୁବେଳେ ଲାଗି ରହିଥାଏ। ସତ୍ୟଭୂଷଣ ଖୁବ୍ ଖେଳ-କୌତୁକ-ପ୍ରିୟ, ଅଧିକାଂଶ ସମୟ ତାହାର ସେଥିରେ ଅତି-ବାହିତ ହୁଏ। ସେ ବଡ଼ ଚଙ୍ଗୁଡଙ୍ଗୁଆ ଏବଂ ଚଞ୍ଚଳମତି; ମାତ୍ର ଅଭିମାନ, ଆଡ଼ମ୍ବରଶୂନ୍ୟ। ଜମିଦାର ପୁଅ ବା ଭାବୀ ଜମିଦାର ବୋଲି ତାହାର ଅଣୁମାତ୍ର ଗର୍ବ ନାହିଁ। ଯେଉଁମାନେ ତାହାର ବନ୍ଧୁ, ସେହିମାନେ ପ୍ରଜା; କିନ୍ତୁ ସେ ସେମାନଙ୍କ ସଙ୍ଗରେ ଆନନ୍ଦରେ ମିଳା-ମିଶା କରେ। ସେମାନଙ୍କ ସଙ୍ଗରେ ବଇଁଶି ପକାଏ, —ଗୁଡ଼ି ଉଡ଼ାଏ—ଡାମ୍ପା ବସାଇ ବୁଲବୁଲ ପକ୍ଷୀ ଧରେ—ପିଞ୍ଜରା ବୁଣେ ଏବଂ ଆହୁରି ଅନେକ କାର୍ଯ୍ୟ କରେ। ଡଗଲାମି ଆଉ ଫେଚକାମିରେ ସେ ନୋବେଲ ପୁରସ୍କାର ପାଇବାର ଯୋଗ୍ୟ। ସେ କେବେ କାହାର କ୍ଷତି କରେନାହିଁ; କିମ୍ବା କାହାରି ପ୍ରତି ଅସଦ୍‌ବ୍ୟବହାର କରେନାହିଁ—ସବୁବେଳେ ଆନନ୍ଦମୟ; ତାହାର ବୁଦ୍ଧି ଖୁବ ପ୍ରଖର; ମାତ୍ର ସେ ପଢ଼ା ଶୁଣାରେ ମନ ଦଏନାହିଁ। ସେ ଦାମ୍ଭିକ। ସେ ସତୀର୍ଥମାନଙ୍କୁ ନେଇ ନିଶ୍ଚିନ୍ତ, ନିର୍ବିକାର ଚିତ୍ତରେ ମନଫୁଲଣା ଗୀତଗାଏ। ଗୋଟାଏ କଠିନ ରୋଗ ତାକୁ ଆକ୍ରମଣ କରିଥିଲା, ତାହା ଆଉ କିଛି ନୁହେଁ— ପେଟ କଅଣ ହୁଏ। ସେ ଖାଏନାହିଁ, ପିଏନାହିଁ, କୁଣ୍ଡ କରୁଣ ହୁଏ, ନହେଲେ ଶୋଇରହେ। ପଚାରିଲେ କହେ—ପେଟ କଅଣ ହେଉଛି। ପେଟ କଅଣ ହୁଏ, ସେ ଜାଣେନାହିଁ, କିନ୍ତୁ କଅଣ ହୁଏ। ଏ ବଡ଼ ବିଷମ ରୋଗ, ବୈଦ୍ୟର ଅସାଧ୍ୟ, ଯେ ହେତୁ ବୈଦ୍ୟଶାସ୍ତ୍ରରେ ସବୁ ରୋଗର ଚିକିତ୍ସା ଅଛି; ମାତ୍ର ପେଟ କଅଣ ହେବା ରୋଗର ଔଷଧ କଥା ଦୂରରେ ଥାଉ, ନାମ ମଧ୍ୟ ନାହିଁ। ଜ୍ୱର, ସର୍ଦ୍ଦି, କାଶ ପ୍ରଭୃତି ବାହ୍ୟିକ ଲକ୍ଷଣରୁ ଚିହ୍ନା ଯାଏ; ମାତ୍ର ପେଟ କଅଣ ହେବାର ବାହ୍ୟିକ ଲକ୍ଷଣ କିଛି ନାହିଁ; ସୁତରାଂ ସେ ଅଚିହ୍ନା ରୋଗ। ସେ ଦୁରନ୍ତ ରୋଗ ଅନ୍ୟ ସମୟରେ ଥାଏନାହିଁ—ପାଠପଢ଼ିବାବେଳେ କେଉଁଠୁ କେଜାଣି ବଢ଼ିଗଳରେ ଧାଇଁ ଆସେ ଏବଂ ସୁକୁମାର ଜମିଦାର ପୁତ୍ରକୁ ମାଡ଼ିବସି କାବୁ କରି ରଖେ। ଅନେକ ନବନୀତ କୋମଳ ହୃଦୟ ଧନୀ ବା ଜମିଦାର ପୁତ୍ରଙ୍କୁ ଏ ଦାରୁଣ ରୋଗ ଆକ୍ରମଣ କରେ। ଏ ରୋଗର ଉପଯୁକ୍ତ ଔଷଧ ଆଜିଯାଏ ଆବିଷ୍କୃତ ହୋଇନାହିଁ। କେହି କେହି 'କହନ୍ତି ପାଞ୍ଚଣ (ପାଚନ) ଦ୍ୱାରା ଏ ରୋଗ

ଭଲ ହୁଏ; ମାତ୍ର ଯେଉଁଠାରେ ପାଞ୍ଚଣର ପ୍ରବେଶାଧିକାର ନାହିଁ, ସେଠାରେ ରୋଗ ଅସାଧ୍ୟ ।

ଯଥାସମୟରେ ସ୍ମୃତିଧର କାବ୍ୟତୀର୍ଥ ଆସି ଉପସ୍ଥିତ ହେଲେ । ତାଙ୍କୁ ଉପଯୁକ୍ତ ବସା, ସଜ୍ଜା ଦିଆଗଲା । ଲୋକଟି ଉଜ୍ଜ୍ୱଳ ଗୌରକାନ୍ତ, ନ-ସ୍ଥୂଳ – ନ-ଖର୍ବ କାୟ । ମସ୍ତକରେ କୃଷ୍ଣ ଶୁକ୍ଳ ମିଶ୍ରିତ କେଶ ପ୍ରୌଢତ୍ୱର ପରିଚୟ ଦେଉଅଛି । ନାସିକା ସୁଦୀର୍ଘ, ପ୍ରତ୍ୟହ ତହିଁର ଗୁଣ୍ଡିଏ ନାସ ଲୋଡାହୁଏ । ଦକ୍ଷିଣ ହସ୍ତର ତର୍ଜ୍ଜନୀରେ ଯାଉଁଳି ତମ୍ବା ମୁଦି । ପଣ୍ଡିତେ ଅଳ୍ପଭାଷୀ; ମାତ୍ର ମୁଖର । କଥା କହିବାର ଭଙ୍ଗୀରୁ ସ୍ୱର୍ଗ ସହିତ ରସିକତା ଫୁଟିଉଠେ । ବୟୋଧର୍ମ୍ମରେ ଟିକିଏ ଅବହେଳତା ଆସିଗଲାଣି । ଧାନ ପୂଜାଦିର ମାତ୍ରା ମଧ୍ୟ ବଢିଉଠିଲାଣି । କାବ୍ୟତୀର୍ଥେ ବିଦ୍ୱାନ୍, ଉଚ୍ଚମନା ଏବଂ ନିଷ୍ଠାବାନ୍ ବ୍ରାହ୍ମଣ । ଜମିଦାର ଘରେ ତାଙ୍କର ଆଦର ଗୌରବ ଯଥେଷ୍ଟ ହେଲା । ତାଙ୍କୁ ପ୍ରତ୍ୟହ ଯେଉଁ ସିଧା ଦିଆଯାଏ, ସେଥିରୁ ଅଧାଅଧି ବଳିପଡେ । ପୁନେଇ ପର୍ବରେ ବ ବୁଢ଼ପଇସା ତାଙ୍କର ଉପୁରି ଲାଭ ହୁଏ । ପଣ୍ଡିତେ ଅଧାପନା କାର୍ଯ୍ୟରେ ନିଯୁକ୍ତ ହୋଇରହିଲେ । ସତ୍ୟଭୂଷଣ ତାଙ୍କ ନିକଟରେ ପଢିବାକୁ ଲାଗିଲା । ଶିଷ୍ୟର ଗୁରୁଭକ୍ତି ଦେଖି ପଣ୍ଡିତଙ୍କର ଆନନ୍ଦର ସୀମା ରହିଲା ନାହିଁ । ପଣ୍ଡିତଙ୍କର ଯେତେବେଳେ ଯାହା ଆବଶ୍ୟକ, ସତ୍ୟଭୂଷଣ ତାହା ଯୋଗାଇଦିଏ । ଜାଳେ ମଧ୍ୟ ନାସ ଘୁଣ୍ଡାଠାରୁ ପରିବା କଟା ପର୍ଯ୍ୟନ୍ତ ଅନେକ କାମ କରେ । ପଣ୍ଡିତେ ଟିକିଏ ଅଧିକ ପରିମାଣରେ ରସନା ଭକ୍ତ । ସ୍ୱତ ତାହା ଜାଣି ଉପାଦେୟ ଷଡରସର ବ୍ୟବସ୍ଥାରେ ସର୍ବଦା ତତ୍ପର ଥାଏ । ନାନା ପ୍ରକାର ଆବୁର, ନାନା ପ୍ରକାର ବଡି,ପିଠା ପଣା ପ୍ରଭୃତି ପଣ୍ଡିତଙ୍କୁ ଆଣି ଦିଏ । ଜମିଦାର ଘରକୁ ଗାଁ-ଗଣ୍ଡାରୁ ଅନେକ ପଦାର୍ଥ ଆସେ, ସେଥିରେ ପ୍ରଥମ ଭାଗ ପଣ୍ଡିତଙ୍କର । ପଣ୍ଡିତେ ଖଣ୍ଡେ ମଳିଆଲୁଗା ପିନ୍ଧିଥିଲେ ସତ୍ୟଭୂଷଣ ଆଖିରେ ତାହା ସହ୍ୟ ହୁଏନାହିଁ । ସେ କହେ—"ପଣ୍ଡିତ ମହାଶୟ, ଛି ଛି, ଆପଣ ଏହି ଲୁଗା ପିନ୍ଧିଛନ୍ତି ନା ?" କହି ଯାଇଁ ଘରୁ ମାଣିଆବନ୍ଧୀ ବା ଶାନ୍ତିପୁରୀ ଲୁଗା ଯୋଡାଏ ଆଣି ପଣ୍ଡିତଙ୍କୁ ଦିଏ । ଏହି ପରିଲ୍ଲବରେ ପଣ୍ଡିତେ ଶିଷ୍ୟଠାରୁ ଅନେକ ପଦାର୍ଥ ଭକ୍ତ୍ୟୁପହାର ପାଆନ୍ତି । ସତ୍ୟଭୂଷଣ ସବୁ ବେଳେ ଗୁରୁପୂଜାରେ ନିଯୁକ୍ତ ଥାଏ; ସୁତରାଂ ବିଦ୍ୟାପୂଜାକୁ ସମୟର ଅଭାବ । କେବେ ଗୋଟାଏ ଦୁଇଟା ଶ୍ଳୋକ ଆବୃତ୍ତି କଲେ ଯଥେଷ୍ଟ । ପଣ୍ଡିତେ ତାହାର ଏ ଭାବ ଦେଖି ମନେମନେ କହିଲେ—"ଟୋକାଟାର ବୁଦ୍ଧି ଭଲ; ମାତ୍ର ପାଠରେ ମନ ନାହିଁ । ତାକୁ ତାଡନା କଲେ ଫଳ କିଛି ହେବନାହିଁ; ଅଥଚ ମୋର ନିଜର କ୍ଷତି ଯଥେଷ୍ଟ ହେବ । ପଢିଲେ ପଢୁ, ନପଢିଲେ ନାହିଁ, ତାହାର ମନ । ଆଜି ଏକାଳିଆ ଜମିଦାରଙ୍କର ତ ଚିରକାଳ ଏହିପରି ସୌଖିନ ପଢା, ପଢି ଅବା କଅଣ କରିବେ ? ପେଟ ପୋଷିବା ଲାଗି ଚାକିରି କରିବାକୁ ତ ଯିବେ ନାହିଁ । ଏମାନେ ଜ୍ଞାନାର୍ଜ୍ଜନ ପାଇଁ ପାଠ ପଢନ୍ତି ନାହିଁ; ଅନ୍ୟାନ୍ୟ ବିଳାସ ବ୍ୟସନ ପରି ପାଠପଢାକୁ ବି ଗୋଟାଏ ମଉଜ ମଣନ୍ତି; ମାତ୍ର ଯେଉଁ ବିଳାସ ବ୍ୟସନରେ ରସ ନାହିଁ, ତାହା ଏମାନଙ୍କର ରୁଚି କର ହେବ କିପରି । ବିଦ୍ୟା ଶିକ୍ଷା ପରି ଶୁଷ୍କ ବିଷୟରେ କି ଏମାନଙ୍କର ମନ ଲାଗିବ । ନ ଲାଗୁ, ସେଥିରେ ମୋର କ୍ଷତି କଅଣ ? ମୋତେ ତ କେହି ଚଣ୍ଡି ବାନ୍ଧି ନେବ ନାହିଁ । ସର୍କାରୀ ଟୋଲ ହୋଇଥିଲେ ହାକିମ ହୁକୁମା ଆସି ପରୀକ୍ଷା କରନ୍ତେ; ମାତ୍ର ଏଠି ତ ସେ ଭୟନାହିଁ । ଏଠି କେହି ଦେଖୁଛି, ନା ପଚାରୁଛି । ତେବେ ମୋର ଏତେ ଚିନ୍ତା କାହିଁକି ।" ପଣ୍ଡିତେ ଏହିପରି ଲାବ ସେବା ପୂଜା ଅହାର ଏବଂ ଦୀର୍ଘ ନିଦ୍ରା ପଦରେ ଆତ୍ମ ସମର୍ପଣ କଲେ । ସତ୍ୟଭୂଷଣକୁ ପାଞ୍ଚବାର ଯୋଗ ଘଟିଲା; ଅତଃପର ତାହାର ପାଠ ଅଚଳ ଗତିରେ ଅଗ୍ରସର ହେବାକୁ ଲାଗିଲା ।

ଦେଖୁଁ ଦେଖୁଁ ବର୍ଷେ କାଳ ଅତୀତ ହୋଇଗଲା । ଏଥି ମଧ୍ୟରେ ପଣ୍ଡିତେ ଜମିଦାରଙ୍କର ଦେହଘସିଆ ହୋଇଗଲେଣି । ସେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଜମିଦାରଙ୍କ ବୈଠକ ଖାନାକୁ ଯାଆନ୍ତି । ଲମ୍ବା ଲମ୍ବା ପଠାହାରିଆ ଆଶୀର୍ବାଦ ଶ୍ଳୋକ ଆବୃତ୍ତି କରି ଜମିଦାରଙ୍କୁ ମୁଗ୍ଧ କରିଦିଅନ୍ତି । କଥା ପ୍ରସଙ୍ଗରେ କେତେ ଦାର୍ଶନିକ ଦୃଷ୍ଟାନ୍ତ, କେତେ ପରିହାସ ଶ୍ଳୋକର ଅବତାରଣା

ହୁଏ । ପଣ୍ଡିତେ ଏରୂପ ସୁନ୍ଦର ଭଙ୍ଗୀରେ ସଜାଇ କଥା କହନ୍ତି ଯେ, ଜମିଦାରେ ହସି ହସି ନାକେଦମ ହୋଇଯାଆନ୍ତି । ସେ ପଣ୍ଡିତଙ୍କ ସଙ୍ଗରେ ବାକ୍ୟାଳାପ କରି ଅତ୍ୟନ୍ତ ଆମୋଦ ଏବଂ ଆନନ୍ଦ ଉପଭୋଗ କରନ୍ତି । ହାସ୍ୟ କୌତୁକରେ ପଣ୍ଡିତେ ଲୀଳା ସୁଆଙ୍ଗର ହାସିକୁ ପରାସ୍ତ କରିପାରନ୍ତି । ଜମିଦାରଙ୍କର ପ୍ରିୟ ହେତୁ ସେ ସାଧାରଣର ସମ୍ଭ୍ରମ-ପାତ୍ର ହୋଇଉଠିଲେ । ଏଥିରେ ତାଙ୍କର ନିକଟରେ ମଧ୍ୟ ନିଜର ଗୌରବ ବହୁଗୁଣ ବଢି ଉଠିଲା । ଜମିଦାରଙ୍କ ସଙ୍ଗରେ ତାଙ୍କର ଅନେକ କଥା ହୁଏ; ମାତ୍ର ସ୍କୁଲର ପଢାଶୁଣା କଥା ଜମିଦାର କେବେ ହେଲେ ତାଙ୍କୁ ପଚାରନ୍ତି ନାହିଁ, କି ସେ ମଧ୍ୟ ସେ ପ୍ରସଙ୍ଗ ଉତ୍‌ଥାପନ କରନ୍ତି ନାହିଁ ।

ବେବର୍ତ୍ତାଙ୍କୁ ସମସ୍ତେ ଭୟ, ଭକ୍ତି କରନ୍ତି; ମାତ୍ର କରନ୍ତି ନାହିଁ—କେବଳ ପଣ୍ଡିତେ । ବେବର୍ତ୍ତା କିଛି କହିଲେ ପଣ୍ଡିତେ ତାଙ୍କୁ ଫାଙ୍କାଡି ଉଡାଇ ଦିଅନ୍ତି । କି ଶୁଭ କ୍ଷଣରେ ଦୁହିଁଙ୍କର ଦେଖା ହୋଇଥିଲା କେଜାଣି ଭେଟ ହେଲାକ୍ଷଣି ଦୁହେଁ ବିତଣ୍ଡାରେ ଲାଗିଯାଆନ୍ତି । ଦିନେ ବେବର୍ତ୍ତା ପଚାରିଲେ—"ହଇକି ହେ ପଣ୍ଡିତେ, ତୁମେ ତ ବର୍ଷେ ହେଲା ରହିଲ, ବାବୁଙ୍କର ସଂସ୍କୃତ ପଢା କେତେ ହେଲା ?" ପଣ୍ଡିତେ ଗୋଟାଏ ସଗର୍ବ ବକ୍ର ଦୃଷ୍ଟି ନିକ୍ଷେପ କରି କହିଲେ—"ଓଃ, ବଥ ନ ବଥାଉଣୁ ଆଗୁ ବଥେଇଲାଣି । ତୁମକୁ କାହିଁକି ସେ କଥା ଚିନ୍ତା ଲାଗିଛି ହେ ? ତୁମେ ନିଜ ଅରଟ କାନରେ ତେଲ ଦିଅ ।" ବେବର୍ତ୍ତା ଧୀର ଅବିଚଳିତ ସ୍ୱରରେ କହିଲେ—"ମୁଁ ଜମିଦାରଙ୍କର ପ୍ରଧାନ କର୍ମଚାରୀ, ସବୁ ବିଷୟର ତତ୍ତ୍ୱନେବା ମୋର କର୍ତ୍ତବ୍ୟ ।" ପଣ୍ଡିତେ ଭଣି ଭଣି ହୋଇଉଠି ତାଚ୍ଛଲ୍ୟ ପ୍ରକାଶ ପୂର୍ବକ କହିଲେ—"ଓଃ, ପ୍ରଧାନ କ-ର୍ମ-ଚା-ରୀ, ନା କ-ର୍ମ-ପା-ଜି ! ଭାରି କର୍ତ୍ତବ୍ୟନିଷ୍ଠ, ମୋ ଉପରେ ହୁକୁମ ଚଳାଇବାକୁ ତୁମେ କିଏ ହେ ? ତୁମେ ଯେପରି, ମୁଁ ବି ସେପରି । ମୁଁ ଜମିଦାରଙ୍କର ଅଧୀନ—ତୁମର ଅଧୀନ ନୁହେଁ । ଜମିଦାର ମୋତେ ବର୍ତ୍ତନ ଦିଅନ୍ତି, ତୁମର ମୁଁ କିଛି ଖାଏ ନାହିଁ ଯେ—ଡରିବି ।" ବେବର୍ତ୍ତା ଦେଖିଲେ ବିଜୟାଭକ୍ତ ପଣ୍ଡିତଙ୍କର ନିଶା ମଗଜକୁ ଉଠିଯାଇ-ଅଛି—ନେତ୍ର ମନ୍ଦାରଫୁଲର ରକ୍ତିମା ଧାରଣ କରିଅଛି । ଏ ଅବସ୍ଥାରେ ତାଙ୍କୁ ଆଉ ଅଧିକ କିଛି କହିବା ଭଲ ନୁହେଁ; ସୁତରାଂ ନୀରବରେ ପୃଷ୍ଠଭଙ୍ଗ ଦେଲେ ।

ସତ୍ୟଭୂଷଣଙ୍କର ପୁସ୍ତକ, କାଗଜ କଲମ ପ୍ରଭୃତି ଯେତେବେଳେ ଯାହା ଦରକାର, ବେବର୍ତ୍ତାଙ୍କୁ ତାହା ଜଣାଇବା ସକାଶେ ପଣ୍ଡିତଙ୍କ ପ୍ରତି ଜମିଦାରଙ୍କର ଆଦେଶ ଥିଲା । ଉପରୋକ୍ତ ଘଟଣାର କେତେ ଦିନ ପରେ ବେବର୍ତ୍ତା ପଣ୍ଡିତଙ୍କର ଖଣ୍ଡିଏ ପତ୍ର ପାଇଲେ । ପତ୍ରରେ ଏହିପରି ଲେଖା ଥିଲା—"ଶ୍ରୀଯୁକ୍ତ ବ୍ୟବହର୍ତ୍ତା ମହାଶୟ, ସତ୍ୟ ବାବୁଙ୍କର ଖଣ୍ଡେ ଉପକ୍ରମଣିକା ବ୍ୟାକରଣ ଦରକାର; ଅତଏବ ଅନତିବିଳମ୍ବେ ତାହା ଆଣାଇଦେବା ସକାଶେ ଏ ପତ୍ରରେ ଜଣାଇବାର ହେଲା । ଇତି—ଶ୍ରୀଶଶଧର କାବ୍ୟତୀର୍ଥ ।" ବେବର୍ତ୍ତା ପତ୍ରଖଣ୍ଡି ଲେଉଟାଲେଉଟି କରି ବାରମ୍ବାର ପାଠକଲେ, ମାତ୍ର ବ୍ୟବହର୍ତ୍ତା ଶବ୍ଦର ଅର୍ଥ ଗ୍ରହଣ କରିପାରିଲେ ନାହିଁ, ତାଙ୍କ ମନରେ ଘୋର ସନ୍ଦେହ ଜାତ ହେଲା । ଏହି ସନ୍ଦେହ ଭଞ୍ଜନ ସକାଶେ ସେ ସ୍ଥାନୀୟ ମାଇନର ସ୍କୁଲର ହେଡ୍‌ପଣ୍ଡିତ ମୁକୁନ୍ଦ ଶର୍ମାଙ୍କର ଦ୍ୱାରସ୍ଥ ହେଲେ । ମୁକୁନ୍ଦ ତାଙ୍କର ସଙ୍ଗାତ, ଦୁହିଙ୍କର ଅଭେଦ ପ୍ରୀତି । ଶର୍ମା ବ୍ୟବହର୍ତ୍ତା ଶବ୍ଦର ଅର୍ଥ ବାହାର କରିବାକୁ ବସିଗଲେ । କିଛିକ୍ଷଣ ଚିନ୍ତାକରି କହିଲେ—"ବ୍ୟବହର୍ତ୍ତା ଶବ୍ଦ ହୃ-ଧାତୁରୁ ହୋଇଅଛି, ତହିଁ ପୂର୍ବରେ ବି ଏବଂ ଅବ୍ ଦୁଇଟା ଉପସର୍ଗ ଅଛି, ସେ ଧାତୁର ବିଶେଷ ଅର୍ଥ ବୁଝାଇବ । ଅର୍ଥାତ୍ ହୃ ଧାତୁର ଅର୍ଥ ହରଣ କରିବା, ବା ଚୋରିକରିବା ଯେ ହରଣ କରେ ସେ ହର୍ତ୍ତା—ଫଳିତାର୍ଥ ଚୋର । ତେଣୁ ବ୍ୟବହର୍ତ୍ତା ଅର୍ଥ—ବିଶେଷ ଚୋର, ଅର୍ଥାତ୍ ଅତିଚୋର । ଯାହାକୁ କହନ୍ତି କଟା ଚୋର ।" ଏହା ଶୁଣି ବେବର୍ତ୍ତାଙ୍କ ମୁଖ ବର୍ଷଣୋନ୍ମୁଖ ମେଘ ପରି ଗମ୍ଭୀର ହୋଇ-ଆସିଲା—ନେତ୍ରରେ କ୍ରୋଧବିଦ୍ୟୁତ ସ୍ଫୁରିତ ହେବାକୁ ଲାଗିଲା—ହୃଦୟରେ ଆହତ ଅଭିମାନର ତୁମୁଳ ତୋଫାନ ବହିଗଲା; ମାତ୍ର ବର୍ଷା ବା ବଜ୍ରପାତ ହେଲା ନାହିଁ । ପଣ୍ଡିତେ ସେଠାରେ ଉପସ୍ଥିତ ଥିଲେ ହୋଇ-ଥାଆନ୍ତା । ବେବର୍ତ୍ତା ଗର୍ଜି ଉଠି କହିଲେ—"କଅଣ,

ମୋତେ କହନ୍ତୁ ସ୍ୱେର । ବ୍ରାହ୍ମଣ ପିତାପାଣି ଏଉଟାର ଏତେ ହଲକ୍ ? ଆଚ୍ଛା, ତାକୁ ଯଦି ନ କାଟେ ତେବେ ମୋ' ନା' ବଳ୍ରବାହୁ ବେବର୍ତ୍ତୀ ପଟ୍ଟନାୟକ ନୁହେଁ ।" ବେବର୍ତ୍ତୀଙ୍କର ଏହି ପ୍ରତିଜ୍ଞା ପୂରଣର ସୁବିଧା ମଧ୍ୟ ଅଳ୍ପଦିନ ମଧ୍ୟରେ ମିଳିଗଲା । କଲେକ୍ଟର ସାହେବ ଗସ୍ତରେ ଆସିଲେ । ଜମିଦାର ପୀଡ଼ାର ଛଳନା କରି ତାଙ୍କୁ ଦେଖା ଦେଲେ ନାହିଁ । ବେବର୍ତ୍ତୀ ପରିଚର୍ଯ୍ୟାର ଭାର ଗ୍ରହଣ କରି ସାହେବଙ୍କ ପାଖକୁ ଯାଇଥିଲେ । ସାହେବ ଫେରିଗଲା ପରେ ବେବର୍ତ୍ତୀ ଆସି ଜମିଦାରଙ୍କୁ କହିଲେ—"ସାହେବ ଭାରି ରାଗିଲେ; କହିଲେ—ତୁମ ଜମିଦାରଙ୍କ ପୁଅ ଇଂରାଜୀ ପଢୁନାହାନ୍ତି, ଆଇନ କାନୁନ ଜାଣିବେ କିପରି ? ଜମିଦାରଙ୍କୁ କହିବ, ତାଙ୍କ ପୁଅଙ୍କୁ ଯଦି ଇଂରାଜୀ ନ ପଢାନ୍ତି, ତେବେ ଗଭର୍ଣ୍ଣମେଣ୍ଟ ତାଙ୍କୁ ଜମିଦାର ବୋଲି ସ୍ୱୀକାର କରିବେ ନାହିଁ ।" ଏହା ଶୁଣି ଜମିଦାରଙ୍କର ଫାଙ୍କାସି ଉଡିଗଲା, ସେ ବେବର୍ତ୍ତୀଙ୍କୁ ପଚାରିଲେ—"ତମ୍ଭେ କଅଣ କହିଲ ?" ବେବର୍ତ୍ତୀ କହିଲେ—ମୁଁ କହିଲି—"ନା-ହଜୁର, ଆମ ବାବୁ ଇଂରାଜୀ ପଢିବେ ! ଆଜି ହେଲା ପନ୍ଦର ତାରିଖ । ଆସନ୍ତାମାସ ପହିଲାରେ ସେ କଲିକତା-ରେ ପଢିବେ । ଆମର ସେଠି ଲୋକ ଅଛନ୍ତି, ସେ ତାଙ୍କୁ ନେବେ । ହଜୁର ଆରଥର ଗସ୍ତକୁ ଆସିଲେ ଆମ ବାବୁ ହଜୁରଙ୍କ ସଙ୍ଗରେ ଇଂରାଜୀରେ କଥା କହିବେ । ଏହାଶୁଣି ସାହେବ ଭାରି ଖୁସିହୋଇ ହସିଲେ ।" ଜମିଦାର ଏହି ଶୁଣି ବେବର୍ତ୍ତୀଙ୍କୁ କୁଣ୍ଢାଇପକାଇ କହିଲେ—"ଖୁବ୍ ବୁଦ୍ଧି କରିଛ, ସାବାସ୍, ନହେଲେକି ବେବର୍ତ୍ତୀ । ହେଉ, ସଂକ୍ରାନ୍ତି ପାଖରୁ ପଣ୍ଡିତଙ୍କୁ ଜବାବ ଦେଇ ସତ୍ୟକୁ କଲିକତା ପଠାଇବାର ବ୍ୟବସ୍ଥା କର ।" ବେବର୍ତ୍ତୀ ଯେ ଆଜ୍ଞା କହି ଆନନ୍ଦରେ ପ୍ରସ୍ଥାନ କଲେ । ହତଭାଗ୍ୟ ପଣ୍ଡିତ ସାଧୁଭାଷା ପ୍ରୟୋଗ କରି ବୃଦ୍ଧର ଖଣ୍ଡି ହରାଇ ବସିଲେ ।

---

# ତୃତୀୟ ପରିଚ୍ଛେଦ

ମନୁଷ୍ୟର ପରମାୟୁ ସ୍ୱଳ୍ପ; ସେଥିରୁ ନିଦ୍ରା ଅଧେ ପାନ କରେ—ଆଳସ୍ୟରେ କିଛି ଯାଏ—ବିଶ୍ରାମରେ କିଛି ଯାଏ, ଆଉ କେତେଟା ଦିନ ମାତ୍ର ସେ ସଂସାରରେ ବଞ୍ଚିରହେ । ଏଥିରେ ପୁଣି ପରସ୍ପର ପ୍ରତି ଏତେ ଅହଙ୍କାର, ମନୁଷ୍ୟ ଚିରାୟୁ ହୋଇଥିଲେ କି ନ କରନ୍ତା ? ବେବର୍ତ୍ତୀ ପଣ୍ଡିତଙ୍କୁ କୌଶଳରେ କାଢିଲେ, ତାଙ୍କର ସାଧୁ ଶବ୍ଦ ହିଁ ତାଙ୍କୁ କାଳ ହେଲା । ସେ ଅସ୍ଥାନରେ ପଣ୍ଡିତପଣ ଦେଖାଇବାକୁ ଗଲେ କାହିଁକି ? ଶବ୍ଦ-ବ୍ରହ୍ମ, ତାହାର ଅପବ୍ୟବହାର କଲେ; ସୁତରାଂ ଅପମାନ କଲେ । ହାତେ ହାତେ ଫଳ ପାଇଲେ । ପଣ୍ଡିତ ହୋଇ ସେ କଅଣ ଜାଣନ୍ତି ନାହିଁ—"ଶାକ, ଶାଲ୍ମଳୀ ବିକାରଣ" ଯୋଗେ ପ୍ରତିଭା-ପ୍ରଭାକର ମହାକବି କାଳିଦାସଙ୍କର କି ଦୁର୍ଗତି ହୋଇଥିଲା । ସେ ଯାହାହେଉ ବେବର୍ତ୍ତୀଙ୍କର ଗୋଟାଏ ଜୟପତାକା ଉଡିଲା । କର୍ମଚାରୀମାନଙ୍କ ନାମରେ ଜମିଦାରଙ୍କ ପାଖରେ ପଦେ ଅଧେ କହିବା ପଣ୍ଡିତଙ୍କର ଗୋଟାଏ ରୋଗ ଥିଲା, ସେଥିଲାଗି କେହି କେହି ତାଙ୍କ ପ୍ରତି ପ୍ରସନ୍ନ ନ ଥିଲେ; ଏବେ ସେମାନେ ବେବର୍ତ୍ତୀଙ୍କୁ ଧନ୍ୟବାଦ ନଦେଇ ରହିପାରିଲେ ନାହିଁ । ବେବର୍ତ୍ତୀଙ୍କର ବୈର ନିର୍ଯ୍ୟାତନ ହେଲା । ବିନା ଖର୍ଚ୍ଚରେ ପୁଅକୁ ପଢାଇବାର ଆଶା ମଧ୍ୟ ସଫଳ ହେଲା । ଏକ ଢେଲାରେ ଦୁଇପକ୍ଷୀ ଶିକାର ଲାଭ ସାମାନ୍ୟ ନୁହେଁ । ତାଙ୍କର ମୁଖ ସାଫଲ୍ୟଗୌରବରେ ଉଜ୍ଜ୍ୱଳ ଦିଶିଲା, ସହକର୍ମୀଙ୍କ ଠାରୁ ଧନ୍ୟବାଦ ପାଇ ଅଧରରେ ହାସ୍ୟ-ରେଖା ମୃଦୁ ମୃଦୁ ଖେଳିବାକୁ ଲାଗିଲା । ସେ ହାସ୍ୟ ବଡ଼ ସୁନ୍ଦର, ବୃଷ୍ଟିଧୌତ ସକଳ ପ୍ରକୃତି ସୂର୍ଯ୍ୟକିରଣରେ ହସିଉଠିଲେ ଏହିପରି ସୁନ୍ଦର ଦିଶେ ।

ବେବର୍ତ୍ତୀଙ୍କର ଆନନ୍ଦର ସୀମାନାହିଁ, ଉଦ୍ଦେଶ୍ୟ-ତରୁ ଫଳବାନ୍ ହେଲେ କିଏବା ଆନନ୍ଦ ଲାଭ ନକରେ? ସେ ବିପୁଳ ଉତ୍ସାହରେ ଆୟୋଜନରେ ଲାଗିପଡିଅଛନ୍ତି । ଜମିଦାର ପୁଅ କଲିକତାରେ ରହି ପଢିବ, ତାହା ସଙ୍ଗରେ ଚାକର କିଏ ଯିବ—ପୂଜାରୀ କିଏ ଯିବ, କି କି ଲୁଗାପଟା, ବାସନ ବର୍ତ୍ତଣା ଇତ୍ୟାଦି ଯିବ, ଏହି ସବୁ,

ବ୍ୟବସ୍ଥାରେ ସେ ମହାବ୍ୟସ୍ତ । ସଙ୍ଗରେ ଯେଉଁ ଲୋକେ ଯିବେ ସେମାନେ ବି ଆନନ୍ଦିତ । ଜମିଦାର ପୁଅ ସଙ୍ଗରେ ରହିବେ—ହାଟ ବଜାର ଖର୍ଚ୍ଚରୁ ଦୁଇପଇସା ବଞ୍ଚାଇ "ଉପୁରି" ରୋଜଗାର କରିବେ; ସୁତରାଂ ଖୁସି ହେବା ସ୍ୱାଭାବିକ । ଆଉ ସବୁଠାରୁ ଆନନ୍ଦିତ ସତ୍ୟଭୂଷଣ, ତାକୁ ନିଃଶ୍ୱାସ ମାରିବାକୁ ଅବସର ନାହିଁ । ଯାହାକୁ ଦେଖୁଛି, ତାକୁ କହୁଛି—"ମୁଁ କଲିକତା ଯିବି ।" ଗାଁରେ ବୁଲି ବନ୍ଧୁମାନଙ୍କୁ ଖୋଜି ଖୋଜି ସେ ଏହି ଆନନ୍ଦ ସମ୍ବାଦ ବିତରଣ କରୁଅଛି । ପାଠ ନାମ ଶୁଣିଲେ ଯାହାକୁ ବିଷମଜ୍ୱର ମାଡିବସେ, ତାହାର ଏ ଆନନ୍ଦ କାହିଁକି ? କଲିକତା ସହର ଦେଖିବ, ବୁଲିବ, ମଉଜ କରିବ, ଏହାହିଁ ତାହାର ଆନନ୍ଦର କାରଣ । ସତ୍ୟଭୂଷଣ ଯାଇ ନିଜର ଜନନୀକୁ ଏ ଶୁଭ ସମ୍ବାଦ ଜଣାଇଲା । ଜମି-ଦାର ଗୃହିଣୀ ବୃନ୍ଦାବତୀ ପୁଅର କଥା ଶୁଣି ତାଟଙ୍କା ହୋଇ କହିଲେ—"ବାୟା ଟା କଅଣ କହୁଛୁ ରେ, କଲିକତାରେ ରହି ପାଠ ପଢିବୁ? ଦୁର ସାହାସିଆ ଟା ।" ସତ୍ୟଭୂଷଣ କହିଲା—"ହଁ-ମା, ମିଛ ନୁହେଁ—ମୁଁ କଲିକତାରେ ପଢିବି, ସବୁ ଠିକ୍ ହେଲାଣି । ମୋ କଥା ମିଛ ହେଲେ ତୁ ବାବାଙ୍କୁ ପଚାରିବୁ ।" ସତ୍ୟଭୂଷଣ ଏତିକି ମାତ୍ର କହି ଘରର ଅନ୍ୟ ସମସ୍ତଙ୍କୁ ଏକଥା କହିବା ସକାଶେ ଚଞ୍ଚଳ ଗତିରେ ଅନ୍ୟତ୍ର ଚାଲିଗଲା । ବୃନ୍ଦାବତୀଙ୍କର ମନ ଗୋଳାଇ ଘାଣ୍ଟି ହେଲା, ସେ ମନେ ମନେ ଭାବିଲେ—"ସତେ କଣ ପୁଅ କଲିକତା ଯିବ, ସେଠି କି ପାଠ ପଢିବ, କେଜାଣି ତା ବାପ ତ ଏକବୁଝା, ଯାହା ବୁଝିଥିବେ ସେଇଆ, ଆଉ କାହାର କଥା ରହିବ ନା କିଏ କହିବ ।" ଏହି ସମୟରେ ପଞ୍ଚୁଆ ଭଣ୍ଡାରୀ ଆସି କହିଲା, "ଶୁଣିଲଣି ମା ସାଆନ୍ତାଣିଏ, ବାବୁ କଲିକତାରେ ରହି ପଢିବେ, ସାଙ୍ଗରେ ମୁଁ ଯିବି, ଆଉ ବେଙ୍ଗା ବ୍ରାହ୍ମଣ ପୂଜାରୀ ହୋଇ ଯିବ । ବେବର୍ତ୍ତା କହିଲେ ମୁଁ ଆଜି ଘରକୁ ଯାଇ ମୋ ମା ଭାଇଙ୍କି କହିଆସିବି, କାଲି କଲିକତା ଯିବାକୁ ହେବ ।" ବୃନ୍ଦାବତୀଙ୍କ ମୁହଁ ଶୁଖିଗଲା, ତାଙ୍କ ତୁଣ୍ଡରୁ କଥା ବାହାରିଲା ନାହିଁ, ସେ କେତେବେଳ ଯାଏ କଅଣ ଭାବି ପଞ୍ଚୁଆକୁ କହିଲେ—"ପଞ୍ଚୁ, ତୁ ବେବର୍ତ୍ତାଙ୍କୁ ମୋ ପାଖକୁ ଡାକି ଆଣ ।" ପଞ୍ଚୁଆ ଆଦେଶ ପାଳନ କରିବାକୁ ଗଲା । ବନ୍ଦ୍ୟୋପାଧ୍ୟାୟ ବେବର୍ତ୍ତା ବୃନ୍ଦାବତୀଙ୍କର ଧର୍ମପୁଅ, ସେ ତାଙ୍କୁ ଲଜ୍ଜା କରନ୍ତି ନାହିଁ ।

ଦଣ୍ଡକ ପରେ ବେବର୍ତ୍ତା ଆସି ଭୂମିରେ ମୁଣ୍ଡ ଲଗାଇ ବୃନ୍ଦାବତୀଙ୍କୁ ଦଣ୍ଡବତ କଲେ । ବୃନ୍ଦାବତୀ ତାଙ୍କୁ ଆଶୀର୍ବାଦ କରି ବସିବାକୁ କହିଲେ—ପଞ୍ଚୁଆ ଖଣ୍ଡେ କମ୍ବଳ ଆଣି ଆଗରୁ ବିଛାଇ ଦେଇଥିଲା । ବେବର୍ତ୍ତା ସେଥିରେ ବସିଲା ପରେ ଜମିଦାର ଗୃହିଣୀ ପଚାରିଲେ—"ସତ୍ୟର କଲିକତା ଯିବା କଥା କଅଣ ବାପ, ତମେ ତ ଜାଣିଥିବ ? ଶୁଣିଲାବେଳୁ ମୋ ପେଟ ହାଲୁ ହାଲୁ ହେଉଛି ।"

ବେବର୍ତ୍ତା—ହଁ ମା, ସେ କଲିକତାରେ ଇଂରାଜୀ ପଢିବେ ।

ବୃନ୍ଦାବତୀ—କି, ସେ ତ ଇଂରେଜୀ ପଢିଛି, ଆଉ ବେଶି ନ ପଢିଲେ କଅଣ ହେବ ।

ବେବର୍ତ୍ତା—ବେଶି ନପଢିଲେ ସାଇବସୁଭବାଙ୍କ ସଙ୍ଗରେ କଥା କହିବେ କିମିତି, ଇଂରାଜୀ ଆଇନ ବହି ପଢି ବୁଝିବେ କେମିତି? ଜମିଦାର ପୁଅ, ଜମିଦାରୀ ସମ୍ଭାଳିବେ ତ ।

ବୃନ୍ଦାବତୀ—ତମ ମଉସା ତ ଇଂରେଜୀ ପଢି ନାହାନ୍ତି କି ତମେ ବି ତ ପଢି ନାହିଁ; ଫେର ଜମିଦାରୀ ଚଳୁଛି କେମିତି ? ନା, ବାପ, ତମେ ସେ କଥା ବନ୍ଦ କର । ଅଠର ବର୍ଷର ଅଣ୍ଡା ଟେଣ୍ଡକ, ସେ ଯାଇ ବିଦେଶରେ ରହିବ, ମୁଁ ଭଲା କେମିତି ଦେହ ଧରି ରହିବି ?

ବେବର୍ତ୍ତା ମୃଦୁ ହସି ମନେ ମନେ କହିଲେ—"ହାୟରେ ଅବୋଧ ମାତୃହୃଦୟ, ସରଳତା, କୋମଳତା ଆଉ ସ୍ନେହକୁ ଛାଙ୍କି ବିଧାତା ତୋତେ ନିର୍ମାଣ କରିଛି । ଅଠର ବର୍ଷର ପୁଅ ହେଲା—ଅଣ୍ଡା, ଆଉ କେତେ ବର୍ଷର ହେଲେ ଟେଣ୍ଡା ହେବ—ସତୁରି, ନା ଅଶୀ । ମା ଆଖିରେ ପୁଅ ସବୁଦିନେ ଶିଶୁ ।" ଅନନ୍ତର ବେବର୍ତ୍ତା କହିଲେ—"କଅଣ କରାଯିବ ମା, ବାବୁଙ୍କୁ କଲିକତା ପଠାଇବାକୁ ମଉସା ସାଆନ୍ତଙ୍କର ଇଚ୍ଛା ନୁହେଁ, କି ମୋର ବି ଇଚ୍ଛା ନୁହେଁ । କଲେଟର ସାହେବ କହିଲେ, ଆମେ କଅଣ କରିବୁ ।"

ବୃନ୍ଦାବତୀ—ତମେ ଯାଇ ସାଇବଙ୍କୁ କହିଲେ କଅଣ ସେ ମାନନ୍ତେ ନାହିଁ ?

ରେବତୀ—ସେ ଜିଲ୍ଲାର ହାକିମ, ମୁଁ ବା କିଏ ଯେ ମୋ କଥା ସେ ମାନିବେ ?

ବୃନ୍ଦାବତୀ—ଅଛା, ଗୋଟିଏ କଥା କଲେ ହୁଅନ୍ତା ନାହିଁ । ହାକିମଙ୍କ ତଳେ ତ ଅର୍ଦ୍ଦଳି ହାକିମ ଥିବ । ତା ହାତରେ ମାହାର୍ଦ୍ଦି ଗୁଞ୍ଜୁଳି ଦେଇ ଆଉ କିଛି ପାନ ଖାଇବାକୁ ଯାଚି ଯେବେ ତାକୁ କହନ୍ତ, ସେ ଯାଇ ସାଇବଙ୍କୁ ବୁଝାଇ କହନ୍ତା—"ଆପଣ ହଜୁର, ତା ମାର ସେ ଗୋଟିକ ପୁଅ, ସେ ହାତରେ ଖାଇ ଜାଣି ନାହିଁ, ତାକୁ ନ ଦେଖିଲେ ତା ମା-ର ଆଖି ଫୁଟିଯିବ, ସେ କାନ୍ଦି କାନ୍ଦି ମରିଯିବ ।" ତେବେ କଅଣ ସାଇବ ଦୟା କରନ୍ତେ ନାହିଁ ? ତାଙ୍କର ତ ପୁଣି ପୁଅ ଝିଅ ଥିବ, କିଏ ଗୋରୁ ଚରେଇଲେ ସେ ମଣିଷ ଚରଉଚନ୍ତି । ଏହା କଅଣ ସେ ବୁଝନ୍ତେ ନାହିଁ ? ମୋର ତ ମନ ଡାକୁଛି, ସେ କହନ୍ତେ—"ନା ସେ ପିଲା ତା ମାକୁ ଛାଡ଼ି କୁଆଡ଼େ ଯିବ ନାହିଁ ।" ତମେ ସେହି ଅର୍ଦ୍ଦଳି ବାବୁକୁ ଧରି ଏତିକି କର ବାପ, ଯେତେ ଟଙ୍କା ଖର୍ଚ୍ଚ ହେବ ମୁଁ ଦେବି, ତମ ମଉସା ସାଆନ୍ତେ ତାହା ଜାଣିବେ ନାହିଁ । ମୋ ଗୁଣ୍ଡି ବାପ ମୋ ମୁଣ୍ଡ ଖାଇବ, ତମ ଶାଶୁ ଶ୍ୱଶୁର ଗୁଣ ।

ରେବତୀ—ନା ମା, ତାହା ହୋଇ ପାରିବ-ନାହିଁ, ହାକିମ ଯାଏ, ହୁକୁମ ଯାଏ ନାହିଁ; ଯେତେ ଚେଷ୍ଟା କଲେ ବି ସାହେବଙ୍କର ହୁକୁମ ବଦଳିବ ନାହିଁ । ଆଉ ତମେ ଏଡ଼େ ଛନିଆ କାହିଁକି ହେଉଛ ମା ? ବାବୁ ଏକୁଟିଆ ଯିବେ ନାହିଁ, ଆମ ତାରିନାଥ ଯିବ, ଆଉ ବି କେହି ଯାଇ ପାରନ୍ତି ତାହା ଠିକ୍ ହୋଇନାହିଁ । ସମସ୍ତେ ଏକ ସଙ୍ଗରେ ରହି ପଢ଼ିବେ, ପୂଜାରି ସୁଦ୍ଧା ଥିବେ, ଆଉ ଭୟ କଅଣ ? ଆମର ଏଠୁ ଅଠଦିନକୁ ଅଠଦିନ ଲୋକ ଯାଇ ଦେଖି ଆସିବେ, ଇସ୍କୁଲ ପୂଜେଇ ପର୍ବକୁ ଛୁଟି ହେଲେ ବାବୁ ଘରକୁ ଚାଲିଆସିବେ; ତମେ କିଛି ଚିନ୍ତା କରନାହିଁ ମା । ସବୁଦିନେ ତ କଲିକତାରେ ରହିବେ ନାହିଁ; ବର୍ଷେ କି ଦୁବର୍ଷ । ଠାକୁରଙ୍କ ଦୟାରୁ ଦେଖୁଁ ଦେଖୁଁ କାଳ କି ପରି କଟିଯିବ । ରେବତୀ ଏହିପରି ନାନା କଥା କହି ବୃନ୍ଦାବତୀଙ୍କୁ ପ୍ରବୋଧ ଦେଇ ସେଠାରୁ ପ୍ରସ୍ଥାନ କଲେ ।

ସାଧାରଣ ହିନ୍ଦୁ ରମଣୀମାନେ ସ୍ୱାମୀଙ୍କୁ ଯେପରି ଭୟ ଭକ୍ତି କରନ୍ତି ବୃନ୍ଦାବତୀ ମଧ୍ୟ ସେହିପରି କରନ୍ତି । ଦୋଷ କେବଳ ଏତିକି ଯେ ସ୍ୱାମୀଙ୍କର ଅନେକ କଥାର ସେ ସଦ୍ୟ ପ୍ରତିବାଦ କରନ୍ତି; କିନ୍ତୁ ବୁଦ୍ଧିମତୀ ସ୍ତ୍ରୀମାନେ ତାହା କରନ୍ତି ନାହିଁ । ସ୍ୱାମୀଙ୍କର ଭୁଲ ଭ୍ରାନ୍ତି ସେମାନେ ସମୟାନ୍ତରରେ ସଂଶୋଧନ କରନ୍ତି । ସେମାନେ ଜାଣନ୍ତି—କଠୋର ପ୍ରକୃତିକୁ କଠୋର ପ୍ରକୃତିଦ୍ୱାରା ଶାସନ କରିହୁଏ ନାହିଁ । କଠୋର ପ୍ରକୃତି କୋମଳ ପ୍ରକୃତିଦ୍ୱାରା ଶାସିତ ହୁଏ । ଯେଉଁଠାରେ ପୁରୁଷର କଠୋର ପ୍ରକୃତିରେ ନାରୀର କଠୋର ପ୍ରକୃତି ପ୍ରତିଯୋଗୀ ହୋଇଉଠେ, ସେଠାରେ ଫଳ ବିଷମୟ ହୁଏ । ଅନେକ ନାରୀଙ୍କର ସ୍ୱଜାତିସୁଲଭ କୋମଳ ସ୍ୱଭାବ ଦାମ୍ଭିକତା ଏବଂ ସଙ୍ଗବାସ ପ୍ରଭୃତି ଦୋଷରେ କଠୋର ହୋଇଉଠେ । ଯେଉଁ ଗୃହରେ ଏଥିର ଦୃଷ୍ଟାନ୍ତ ମିଳେ, ସେ ଗୃହ ଅରଣ୍ୟଠାରୁ ଭୟଙ୍କର । ଅନ୍ତର୍ଯାମୀ ରାୟ ଜମିଦାର, ବୃନ୍ଦାବତୀ ମଧ୍ୟ ଜଣେ ଜମିଦାରର କନ୍ୟା, ଅଧିକନ୍ତୁ ତାଙ୍କର ପିତା ସମସ୍ତ ଜମିଦାରୀ ନାତିକୁ ଦାନ କରିଅଛନ୍ତି । ସେ ଜମିଦାରୀର ଆୟ ଅନ୍ତର୍ଯାମୀ ରାୟଙ୍କ ଜମିଦାରୀର ଆୟ ଅପେକ୍ଷା ଅଧିକ । ଏହି ହେତୁରୁ ବୃନ୍ଦାବତୀଙ୍କର କିଛିଏ ଦାମ୍ଭିକତା ଥାଏ; ମାତ୍ର ସେଥିଲାଗି ସେ ସ୍ୱାମୀଙ୍କର ଅବାଧ୍ୟ ହୁଅନ୍ତି ନାହିଁ କିମ୍ବା ତାଙ୍କୁ ଅନାଦର କରନ୍ତି ନାହିଁ । ଅନ୍ତର୍ଯାମୀ ମଧ୍ୟ ସହଧର୍ମିଣୀଙ୍କର ଏହି ସକାରଣ ଦର୍ପଟିକି ସହଜରେ କ୍ଷାନ୍ତ କରିନଥାନ୍ତି; ସୁତରାଂ ଦୁହିଁଙ୍କ ମଧ୍ୟରେ ଅବନ ଘଟେ ନାହିଁ । ଜମିଦାର କଚେରୀ କାମ ସାରି ଅନ୍ତଃପୁରକୁ ବିଜେ କଲେ । ବୃନ୍ଦାବତୀ ତାଙ୍କର ଆହାରାଦି ପରିଚର୍ଯ୍ୟାରେ ଲାଗି-ଗଲେ । ଭୋଜନାନ୍ତେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଦାମ୍ପତ୍ୟ ପରିହାସ, ଗାର୍ହସ୍ଥ୍ୟ ଇତିହାସ ପ୍ରଭୃତି ନାନାକଥା ହେଲା । ତହିଁପରେ ବୃନ୍ଦାବତୀ ପଚାରିଲେ—"ସତେ କଅଣ ପୁଅ କଲିକତା ପଢ଼ିବାକୁ ଯିବ ?"

ସ୍ୱାମୀ—ହଁ, ସେହିପରି ବନ୍ଦୋବସ୍ତ କରିଛି । ଘର ନ ଛାଡ଼ିଲେ ତାହାର ପାଠ ହେବନାହିଁ, ଏଠି ବାର ଲୋକଙ୍କ ସାଙ୍ଗରେ ପଡ଼ି ଚୁଆଳିଆ ହୋଇ ବୁଲିବ । ଆଜି ସେହି କଥା ମୁଁ ତୁମକୁ କହୁଥାଆନ୍ତି, ତୁମେ ତ ଆଗରୁ ଶୁଣିସାରିଲଣି ।

ସ୍ତ୍ରୀ—କି, ପାଠ ତାହାର କଣ ହେବ ?

ସ୍ୱାମୀ—ଅଛି କଥା ପଷ୍ଟରିଲ ସତ୍ୟ ମା, ପାଠ କଅଣ ହୁଏ ? ସନ୍ଧ୍ୟାବାତି ଖାଆନ୍ତି ପରି !

ସ୍ତ୍ରୀ—ନା ସନ୍ଧ୍ୟାବାତି ନ ଖାଆନ୍ତୁ ପଛେ ବଳି ଭୁଙ୍ଗି ଖାଆନ୍ତି । ମୋ ପୁଅ ତ ଚାକିରି କରି ପେଟ ପୋଷିବ ନାହିଁ, ତେବେ ତାର ପାଠ କଅଣ ହେବ ?

ସ୍ୱାମୀ—ନ ପଢ଼ିଲେ ଜମିଦାରୀ ବୁଝିବ କିପରି ?

ସ୍ତ୍ରୀ—ଇଂରେଜି ପାଠ ନ ପଢ଼ିଲେ କଅଣ ଜମିଦାରୀ ବୁଝି ହୁଏନାହିଁ ? ମୋ ଶଶୁର ଗୋସାଇଁ ଶଶୁର, କେହି ତ ସେ ପାଠ ପଢ଼ିନଥିଲେ; ସେମାନେ ଜମିଦାରୀ ବୁଝୁଥିଲେ କିମିତି ? ଆଉ ତୁମେ ବି ତ ଇଂରେଜି ପଢ଼ିନାହିଁ, ତୁମ ଜମିଦାରୀ କଅଣ ଆଉ କିଏ ବୁଝୁଛି ?

ସ୍ୱାମୀ—ଆମକଥା ଛାଡ଼, ଆମେ ତ ଠାସକରେ ମାରିନେଇପାରୁ । ଏ କାଳର ପିଲେ କି ଆମପରି ଚୁଲିଖିଆ ଚତୁର ହେବେ ? ଆମେ ଇଂରେଜି ନ ପଢ଼ିଲେ କଅଣ ହେଲା, ସାହେବସୁବାଙ୍କ ସଙ୍ଗରେ ହିନ୍ଦୀରେ କଥାବାର୍ତ୍ତା କରୁଁ, ଏକାଳର ପିଲାଙ୍କର ହିନ୍ଦୀରେ ତୁଣ୍ଡ ଲେଉଟିବ ନା ? ବିଦେଶ ଗଲେ ଆଖି ଫେରିଯିବ, କେତେକଥା ଦେଖିବ, ଶିଖିବ, ଆଉ ଘର କୋଣରେ ବସିରହିଲେ କଅଣ ହେବ ?

ସ୍ତ୍ରୀ—ଯାହୁଉ, ମୁଁ ମୋ ପୁଅକୁ କେବେ କାହିଁ ଠିକି ଛାଡ଼ିବି ନାହିଁ । ଦୁଧ ଟିକିଏ ଶୀତଳ ହୋଇଗଲେ ସେ ଛୁଏଁ ନାହିଁ—ସାଙ୍ଗେ ସାଙ୍ଗେ ଦହି ହୁଲି ଯିବ, ନହୁଣୀ ବାହାରିବ, ମରିଯିବ, ତେବେ ଯାଇଁ ଘିଅଟିକ ସେ ଖାଇବ । ମହୁନଭୋଗଟିକ ଅଠା ଅଠା ହେବ ନାହିଁ—ଖୁବ୍ ଝୁର୍ ଝୁର୍ ହେବ, ମିଠା ଟିକିଏ ବେଶି ହେବ, ମାଛ ଖୁବ କଡ଼କଡ଼ ହୋଇ ଭଜା ହୋଇଥିବ, ସେଥିରେ କଣ୍ଟା ନଥିବ, ତେବେ ବଳକେ ଖଣ୍ଡେ ଖାଇବ । ତାକୁ ଏତେ ଯତନରେ କିଏ କରିଦେବ । ତା ମନ କିଏ ଜାଣିବ, ଖାଇବା ପିଇବା କିଏ ଦେଖିବ । ନା ନା, ଯିବ ତ ଯିବ, ଉଠୁଣି ଏତେ ତରତର କାହିଁକି ? ଆଉ ପାଞ୍ଚବର୍ଷ ଯାଉ, ଦଶବର୍ଷ ଯାଉ, ଏବେ ତ ଜମାକୁ ଅଠରବର୍ଷର ଟୁଆଖଣ୍ଡେ, କଅଣ ବୁଢ଼ା ହୋଇଗଲଣି ନା ହଡ଼ା ହୋଇଗଲଣି ; ତାହାର କଅଣ ପଢ଼ିବା ବେଳ ଗଡ଼ିଗଲଣି ? ଯମଧର୍ମ ବନ୍ଧାଇ ରଖିଥିଲେ ନ ପଢ଼ି ଚୁଆଡ଼େ ଯିବ ?

ସ୍ୱାମୀ—ତୁମେ ଏତେ ଅସ୍ଥିର ହୁଅନାହିଁ । ତାହାଠାରୁ ସାନ ପିଲାମାନେ ବିଦେଶରେ ରହି ପଢ଼ୁଛନ୍ତି, ମୁଁ ସବୁ ଠିକ୍ କରିଦେବି, କିଛି ଅସୁବିଧା ହେବନାହିଁ, ତୁମେ ଚିନ୍ତା କରନାହିଁ ।

ସ୍ତ୍ରୀ—ମୁଁ ତେବେ ସାଙ୍ଗରେ ଯାଏଁ ?

ସ୍ୱାମୀ—ତାହା କି ହୁଏ, ସମ୍ଭ୍ରାନ୍ତ ବଂଶର ବୋହୂମାନେ ଚୌକାଠ ବାହାର ତେଇଁ ପଦାକୁ ବାହାରିନାହାନ୍ତି । ବୁଢ଼ୀ ହୋଇ ମରିଛନ୍ତି—ବାପଘର ସୁଦ୍ଧା ଦେଖି ନାହାନ୍ତି । ତୁମେ ଘରୁ ଗୋଡ଼ କାଢ଼ିଲେ ଯେ ଏ ବଂଶର ଶିରଚ୍ଛେଦ ହୋଇଯିବ ! ଆଉ ତୁମେ ଯାଇ ବା ଅଧିକ କଅଣ କରିବ ? ପୂଜାରି, ଚାକର ଯିବେ, କେବଳିଆଙ୍କ ପୁଅ ତାରି ଯିବ, ସେମାନେ କଅଣ ତଦ୍ଧି ନେବେ ନାହିଁ ?

ସ୍ତ୍ରୀ—ତାରି ଯିବ ?

ସ୍ୱାମୀ—ହଁ ସେ ବି ରହି ପଢ଼ିବ ।

ସ୍ତ୍ରୀ—ତେବେ ଆମ ରଙ୍ଗାକୁ ପଠାଇଲେ ତ ଭଲ ହୁଅନ୍ତା !

ସ୍ୱାମୀ—ରଙ୍ଗା, ରଙ୍ଗା କିଏ ?

ସ୍ତ୍ରୀ—କହୋ ଆମ ରଙ୍ଗାଧର—ତୁମ ପିଉସୀ-ପୁଅ ଭାଇଙ୍କର ପୁଅ । ଆମଛଡ଼ା ତାହାର ଆଉ କିଏ ଅଛି ? ପିଲାଟି ବଡ଼ ସୁନ୍ଦର—ପିମ୍ପୁଡ଼ିକୁ ମର ବୋଲି କହିବ ନାହିଁ । ସେଥିରୁ ଜନ୍ମକାଲ ପୁଅ ପରି ମୁଁ ତାକୁ ସ୍ନେହ କରେ । ସେ ବି ସ୍କୁଲ୍ ଅଫିସ ପଢ଼ନ୍ତା ଆଉ ସମସ୍ତେ ଏକାସାଙ୍ଗରେ ରହନ୍ତେ । ସତ୍ୟର ରଙ୍ଗାର ଖୁବ ଭାବ । ତୁହେଁ ତୁହିଁଙ୍କୁ ଜୀବନ ପରି ଭଲ ଦେଖି-ପାରନ୍ତି । ସେ ଗଲେ ମୁଁ ଆଉ ଏତେ ଚିନ୍ତା କରନ୍ତି ନାହିଁ ।

ସ୍ୱାମୀ—ଓହୋ, ରଙ୍ଗାଧର କଥା କହୁଛ ? ହଁ ସେ ତ ମାଇନର ପାସ କରି ଘରେ ବସିଛି । ଥରେ ସେ ଡାକ୍ତରି ପଢ଼ିବ ବୋଲି ମୋତେ କହୁଥିଲା । ଅଚ୍ଛା ତେବେ ସେ ଯାଉ, ତାହାର ପଢ଼ିବା ଖର୍ଚ୍ଚ ମୁଁ ଦେବ । ଆମ ସତ୍ୟ, ବେବର୍ତ୍ତାଘର ତାରି ଆଉ ରଙ୍ଗାଧର ତିନିହେଁ ଏକା ସାଙ୍ଗୀ; ସେମାନେ ଏକାଠି ରହିଲେ ଭଲହେବ । ତେବେ ମୁଁ ଯାଏଁ, ରଙ୍ଗାଧରକୁ ଅଣିବାକୁ ଲୋକ ପଠାଇବା ଦରକାର ।

ଅନନ୍ତର ଜମିଦାର ଉଠି ସଦର କଚେରୀ ଆଡ଼କୁ ଗଲେ । ଯାଉଁ ଯାଉଁ ବୃନ୍ଦାବତୀ ପଛରୁ ଡାକି କହିଲେ—"ଆଉ ଗୋଟାଏ କଥା ଶୁଣ । ଶୁଭ ଅନୁକୂଳ କରି ବାହାରିବା ଆଗରୁ ସଦର ଦୁଆର ପିଣ୍ଡାରେ କଳସୀଏ ଦହି ଗୋଟାଏ ଅମ୍ବ ଡାଳୁଆ ପକାଇ ରଖି-ଦେବାକୁ କାହାରିକୁ କହିବ ଆଉ ଗୋଟାଏ ବାଛୁରୀ ଲଗା ଦୋହିଳ ଗାଈ ତାହାଣ ପାଖରେ ବନ୍ଧାହେବ ।" ଜମିଦାର "ହଁ, ସେହିପରି ହେବ" ବୋଲି କହି ଚାଲିଗଲେ ।

# ଚତୁର୍ଥ ପରିଚ୍ଛେଦ

ସତ୍ୟଭୂଷଣ,ତାରିନାଥ ଏବଂ ରଙ୍ଗାଧର ତିନିହେଁ କଲିକତାରେ ରହି ପଢ଼ୁଅଛନ୍ତି । ରଙ୍ଗାଧର ଡାକ୍ତରୀ ପଢ଼େ, ଅନ୍ୟ ଦୁହେଁ ଏନ୍‌ଟ୍ରାନ୍‌ସ ପଢ଼ନ୍ତି । ତିନିଙ୍କ ମଧ୍ୟରେ ଖୁବ୍ ମେଳ । ପରସ୍ପର ଅକପଟ ଅକୃତ୍ରିମ ସୌହାର୍ଦ୍ଦ୍ୟରେ ଆବଦ୍ଧ । ସତ୍ୟଭୂଷଣ କଲିକତା ଦେଖି ଯଥେଷ୍ଟ ଆମୋଦ ଉପଭୋଗ କରୁଅଛି । ତାହାର ସଦା ହାସ୍ୟମୟ ଚିରସୁନ୍ଦର ମୁଖ ନୂତନ ଆନନ୍ଦରେ ସମୁଜ୍ଜ୍ୱଳ । ତାହାର ବଡ଼ଲୋକୀ ଖିଆଲ ନାହିଁ; ସୁତରାଂ ବନ୍ଧୁ ଦୁହିଁଙ୍କୁ ନିଜପରି ଜ୍ଞାନକରେ । ତାରିନାଥ ତାକୁ ତୁମେ ବୋଲି ସମ୍ବୋଧନ କରିବାରୁ ଦିନେ ସେ ଖାଲି ବିରକ୍ତ ହୋଇ କହିଲା—"କି ରେ ତାରି, ତୁ କଲିକତା ଆସି ଦେଡ଼ ଦିନ ଭିତରେ ତ ଖୁବ୍ ଶିଷ୍ଟାଚାର ଶିଖିଗଲୁଣି । ଅଜୁଁ ତ ଏଡ଼େ. ପାଣି ବର୍ଷିଲେ ହେବ କେଡ଼େ ? ଛି, ତୋର ଏ କି ଅଧଃପତନ ଘଟିଲା ରେ ? ମୁଁ ପରା ତୋର ସଙ୍ଗୀ ? ଦୁହେଁ କେତେ ଖେଳୁଥିଲେ, କେତେ ମସ୍‌ମରି ଲଗାଉଥିଲେ, ତାହାସବୁ ଭୁଲିଗଲୁ ? ଆଜି ମୋତେ କହୁଛୁ—ତୁମେ ? ତୁ ଗୋଟାଏ ନିପଟ ଗଧ ।" ତାରିନାଥ କହିଲା—"ତୁମେ ପରା ଆମ ଜମିଦାର, ଆମେ ତୁମର ପ୍ରଜା, ବିଶେଷତଃ କଲି-କତାରେ ତୁମେ ଆମର କର୍ଣ୍ଣଧାର; ଏପରି ଅବସ୍ଥାରେ ତୁମ ପ୍ରତି ସମ୍ମାନ ଦେଖାଇବା କି ମୋର ଉଚିତ ନୁହେଁ ?" ସତ୍ୟଭୂଷଣ ହୋ ହୋ ହୋଇ ହସିଉଠି କହିଲା—"ନା ଭାଇ, ମୁଁ ଜମିଦାର ନୁହେଁ କି କର୍ଣ୍ଣ-ଧାର ବି ନୁହେଁ । ଆଚ୍ଛା କହିଲୁ ଭଲା ମୁଁ କେବେ ତୋର କର୍ଣ୍ଣ ଧରିଥିଲି ଯେ କର୍ଣ୍ଣଧାର ହେଲି ? ଭଲପଣେ ଅଛୁ ତ ତୁ ବୋଲି କହ, ନ ହେଲେ ଗାଲରେ ଖୁନ୍ଦା ବସିବ ।" ସତ୍ୟଭୂଷଣ ଏହା କହି ତାରିନାଥକୁ ଖୁନ୍ଦା ମାରିବାକୁ ଉଞ୍ଚାଇଲା । ତାରିନାଥ ନିରୁପାୟ ହୋଇ କହିଲା—"ନା, ଆଉ ତୁମେ କହିବ ନାହିଁ, ଆଜିଠାରୁ ତୁ ବୋଲି କହିବ ।" ସେହି ଦିନଠାରୁ ତିନିବନ୍ଧୁ ପରସ୍ପରକୁ ତୁ ବୋଲି ସମ୍ବୋଧନ କରନ୍ତି । ତିନିହେଁ ଏକ ବୟସୀ, ଏକ ପ୍ରାଣ, ଏକହୃଦୟ ।

ସତ୍ୟଭୂଷଣ ଟିକିଏ ଖାଦ୍ୟପ୍ରିୟ । ସମସ୍ତାଙ୍କ ଭଳି ଦିନକେଲେ ବତିଶ ବ୍ୟଞ୍ଜନ, ଚୌଷଠୀ ଭଜାର ସୁବିଧା ହୁଏ ନାହିଁ । ଶୁଖିଲା ରୁଖିଲା ଯାହା-ହେଉ ଦୁଇଗୁଣ୍ଡା ନାକରେ କାନରେ ଗୁଞ୍ଜିଦେଇ ସ୍କୁଲକୁ ଯାଏ;ମାତ୍ର ସନ୍ଧ୍ୟାରେ ଭୋଜନଟା ଖୁବ୍ ଚୌରସିଆ ହୁଏ । ସେ ନିଜେ ରୋଷାଇଶାଳାରେ ବସି ପୂଜାରୀକୁ ଫରମାସ କରି ମନୋମତ ଖାଦ୍ୟ ପ୍ରସ୍ତୁତ କରାଏ । ପୂଜାରୀର କୌଣସି କାର୍ଯ୍ୟରେ ଅପଟୁତା ଦେଖିଲେ, ସେ ନିଜେ ଯାଇ ତାହା କରିପକାଏ । ସୂପକାର ବିଦ୍ୟାରେ

ଭୀମ କିମ୍ବା ନଳସ୍ୱରାଜାଙ୍କୁ ମଧ୍ୟ ତାର ସମକକ୍ଷ ବୋଲି ସେ ସ୍ୱୀକାର କରେନାହିଁ ।

ସ୍କୁଲରୁ ଆସି ଜଳଖିଆ ଖାଇସାରି ଶଶିବନ୍ଧୁ, ବୁଲିବାକୁ ଯାଆନ୍ତି । ଯାନ-ବାହାନ ଭଡ଼ାକରି ବୁଲିବାକୁ ଯିବା ଭଲ କି ଚାଲିକରି ଯିବା ଭଲ, ଦିନେ ଏ ବିଷୟରେ ଆଲୋଚନା ହୋଇଥିଲା । ସତ୍ୟଭୂଷଣ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଇ କହିଲା—“ଗୋଡ଼ରେ ଚାଲିବାଟା ଏକା ଖୁବ୍ ମଜା ରେ, ସେଥିରେ ରକ୍ତ ସଞ୍ଚାଳନ କ୍ରିୟାର ସୁବିଧା ହେବ, ମାଂସପେଶୀ ଦୃଢ଼ ଏବଂ କର୍ମକ୍ଷମ ହେବ, ଶାରୀରିକ ପରିଶ୍ରମ ହେତୁ ସହଜରେ ଖାଦ୍ୟ ଜୀର୍ଣ୍ଣ ହେବ, ଆଉ ରୋଗୀପରି ବସ୍ତା ବନ୍ଧା ହୋଇ ଗାଡ଼ିରେ ଲଦା ହୋଇଗଲେ ଫଳ କଅଣ ? ବିଧାତା ବିଧାନ ଉପରେ କାରସାଦି କରିବା ବା ଆଇନ ଚଳାଇବା ବିଧାତାଙ୍କ ପ୍ରତି ଅବମାନନା ଛଡ଼ା ଆଉ କିଛି ନୁହେଁ । ଚାଲିବା ପାଇଁ ସେ ଗୋଡ ଦେଇଛନ୍ତି । ଯଦି ଆମେ ଗୋଡ଼ ଦୁଇଟା ବ୍ୟବହାର ନ କରିବା, ତେବେ ସେ ମନରେ କଅଣ ଭାବିବେ ? ହୁଏ ତ ଆମ ଗୋଡ଼ର ଆବଶ୍ୟକତା ନାହିଁ ବୋଲି ଭାବି ସେ ଆମର ଗୋଡ ଯୋଡ଼ାକ ଛଡ଼ାଇ ନେଇ ଆଉ କାହାକୁ ଦେଇପାରନ୍ତି ; ତାହା ହେଲେ ଯେ ଆମେ ଆପଣା ଦୋଷରୁ ପଙ୍ଗୁ ହୋଇ ବସିବା । ଯେଉଁମାନେ ବଡ଼ଲୋକ ଦୁଧ, ଘିଅ ମିଷ୍ଟାନ୍ନର ଯମ, ନିପଟ ନିଖଟୁ, ଗତର କୋଢ଼ୀ, ସେହି ନବୁଣୀ ପିଣ୍ଡୁଳାଗୁଡ଼ାକ ଯିନା ଟିକିଏ ଉତ୍ତାପରେ ବରଫଖଣ୍ଡ ପରି ତରଳି ବହିଯାଆନ୍ତି । କାଠଗଡ ପରି ଅନ୍ୟ ଉପରେ ବୋଝାଇ ହୋଇ ଯିବା ସେମାନଙ୍କ ସୁନ୍ଦର—ଆମକୁ ନୁହେଁରେ ଭାଇ ।” ରଙ୍ଗାଧର କହିଲା—“ସେପରି ହୋଇ ଯିବା କାହାର ଅଭ୍ୟାସ, ତୋର, ନା ଆମର ?” ସତ୍ୟଭୂଷଣ କହିଲା—“ତାହା ବଡ଼ ଲୋକଙ୍କର ଅଭ୍ୟାସ ସତ; ମାତ୍ର ମୁଁ ବଡ଼ ଲୋକ ନୁହେଁ କି ଦୁଧ ଘିଅର ବଂଶ ନିପାତ କରେ ନାହିଁ । କାହିଁ ମୁଁ ତ ବଡ଼ ବଡ଼ ଡଗସ୍ ଚାଉଳର ଭାତ ଖାଏଁ ନାହିଁ, ତେବେ ବଡ଼ଲୋକ ହେଲି କିପରି ? ଆଉ କଅଣ ଅବା ଖାଏଁ ? ଶିନପା ପୁରି, ଦେଢ଼-ସେର ଅଢ଼ଟା ଦୁଧ, ପୁଞ୍ଜାକେତେ ରସଗୋଲା ଆଉ ଅଧପାଏ ମୋହନଭୋଗ, ଏତିକି ତ ମୋର ଆହାର । ସେଥିପାଇଁ ମା ମୋତେ କହେ—“ତୁ ଚଢ଼େଇପରି ଅଳ୍ପଅଧାସୀ ।” ତମେ ତୁହେଁ ବି ତ ଦେଖୁଛ, ମୁଁ ଆଉ ବେଶି କଅଣ ଖାଏଁ—ହାତୀ, ନା ଘୋଡ଼ା ? ତାରିନାଥ କହିଲା—“ନା, ତୁ ହାତୀ ଘୋଡ଼ା ଖାଉ ନାହିଁ ; ମାତ୍ର ହାତୀ ଘୋଡ଼ାର ଖାଦ୍ୟ ଖାଉ ।” ଏହି ପରି କଥୋପକଥନ ପରେ ଚାଲିକରି ବୁଲିବାକୁ ଯିବା ସ୍ଥିର ହେଲା । ଶଶିବନ୍ଧୁ ପ୍ରତ୍ୟହ ସନ୍ଧ୍ୟା ପୂର୍ବରୁ ବୁଲିବାକୁ ଯାଆନ୍ତି । କେବେ ଯାଦୁଘର ଦେଖିବାକୁ ଯାଆନ୍ତି, କେବେ କାଳୀ ଦର୍ଶନ କରିବାକୁ ଯାଆନ୍ତି, କେଉଁଦିନ ଅବା ଇଡ଼େନ ଉଦ୍ୟାନ, ଗଡ଼ମାଠ, ଗଙ୍ଗାକୂଳ ଆଡ଼କୁ ବୁଲିବାକୁ ଯାଆନ୍ତି । ପଥପାର୍ଶ୍ୱସ୍ଥ ଅଧାସ୍ୱର୍ଗ ରୂପ ବହୁତଳ ବିଶିଷ୍ଟ ସୁସଜ୍ଜିତ ଅଟ୍ଟାଳିକାରୁ ବେଣୁବୀଣା ଝଙ୍କାର ସହ ଖେମଟା ସଙ୍ଗୀତର ମଧୁର ମୂର୍ଚ୍ଛନା ଭାସି ଆସୁଥାଏ; ମାତ୍ର ସେ ଆଡ଼କୁ କେହି କାନ ଦିଅନ୍ତି ନାହିଁ । ସେମାନେ ସେ ରସର ରସିକ ନୁହନ୍ତି ।

ବୁଲିଆସିଲା ପରେ ତାରିନାଥ ଏବଂ ରଙ୍ଗାଧର ଦୀପ ଜାଳି ପଢ଼ି ବସନ୍ତି; ମାତ୍ର ସତ୍ୟଭୂଷଣ ଦେହରେ ତାହା ଚଳେନାହିଁ । ରାତିରେ କି ଗୋଟାଏ ମାୟାମୟ ଅଜ୍ଞାତ ଶକ୍ତି ଆସି ତାହା ପୁସ୍ତକ ମଧ୍ୟରେ ଲୁଚି ରହେ, ତେତେ-ବେଳେ ପୁସ୍ତକ ଛୁଇଁଲେ ସେ ମୂର୍ଚ୍ଛିତ ହୋଇପଡ଼େ । ଅଥବା ଏହା ଗୋଟାଏ ତାହାର ରୋଗ ହୋଇପାରେ । ତାରିନାଥ ରଙ୍ଗାଧର ବସି ପଢ଼ନ୍ତି, ସତ୍ୟଭୂଷଣ ଶଯ୍ୟାର ଆଶ୍ରୟ ଗ୍ରହଣ କରେ । ଦିନେ ତାରିନାଥ ତାକୁ କହିଲା, “ସତ୍ୟ ତୁ ଶୋଇଲୁ, ନୋଟ ଲେଖିବୁ ନାହିଁ କି ?” ସତ୍ୟଭୂଷଣ ଧଡ଼ପଡ଼ି ଉଠି ବସି ଅପୂର୍ବ ଭଙ୍ଗୀରେ ତାହା ଆଖି ଆଗରେ ହାତ ହଲାଇ କହିଲା—“ତୁ ଲେଖାରେ ତାସ, ବୁଜୁଳେ ପାଇବୁ । ଲକ୍ଷେ ଟଙ୍କାର ନିଦ ମାଟି ହୋଇଯାଉଛି । ପାଠ କଅଣ ବୈକୁଣ୍ଠକୁ ନେଇଯିବ ? ନିଦ୍ରା ଛାଡ଼ି ବିଦ୍ୟାର ଆରାଧନା, ଉଁହୁଁ, ସ୍ୱର ତ ଭକ୍ତି ? ନିଦ୍ରା କିଏ ଜାଣୁ ନା—ସେ ଦେବୀ । ତାକୁ ଠକିଲେ ଯାଇ ଆଉସବୁ ପଢ଼େ । ପାଠ ତାକୁଛି ପରି—“ସବୁଂ ତ୍ୟଜେତ୍ ଆଉ ନିଦ୍ରାଂ କେବେ ନ ତ୍ୟଜେତ୍ ।” ତମର ସେ ଭକ୍ତି କାହିଁରେ, ତମେ ଏ

ଶ୍ଳୋକର ମର୍ଯ୍ୟାଦା ବୁଝିବ । ତାହାର ଗୌରବ ବୁଝି-ଥିଲା କେତା ଯୁଗର ସେହି କୁମ୍ଭକର୍ଣ୍ଣ ଆଉ କଳିଯୁଗରେ ବୁଝିଛି ମୁଁ । ତମେ କୁଳାଙ୍ଗାରଗୁଡ଼ାକ ମୁକ୍ତି ପାଇବ ନାହିଁ ରେ । ନିଦ୍ରାକୁ ସେବା କଲେ ଚତୁର୍ବର୍ଗ ମିଳେ । ବିଦ୍ୟାସେବାରେ ଗୋଟାଏ ବର୍ଗ ଖାଲି ଅର୍ଥ ମିଳେ । ତମେ ପାପୀଗୁଡ଼ାକ ସେହି ଗୋଟାଏ ବର୍ଗ ପାଇ ଏକ ବର୍ଗିଆ ହୋଇ ନରକରେ ବୁଡ଼ି ରହିବ । ମନରେ ଅଛି ନା ପଣ୍ଡିତେ ସେ ଦିନ ଅର୍ଥକର ବୁଝାଇ ଥିଲେ ପରା—ଅର୍ଥଂ ଅନର୍ଥଂ । ଯଦି ମାନବ ଜନ୍ମର କାମନୀୟ ଯେ ମୁକ୍ତି, ତାକୁ ଲଭିବାକୁ ଇଚ୍ଛା ଥାଏ, ତେବେ ସର୍ବ କର୍ମ ତ୍ୟାଗ କରି ଏକାନ୍ତ ଭକ୍ତି ସହି ସର୍ବଦୁଃଖବିନାଶିନୀ, ସର୍ବାର୍ଥଦାୟିନୀ, ସର୍ବେଶ୍ୱରୀ ନିଦ୍ରା ଦେବୀଙ୍କ ଆରାଧନାରେ ଚିର ନିଯୁକ୍ତ ହୁଅ । ଆଉ ସବୁବେଳେ କହୁଥିବ—ସର୍ବଂ ତ୍ୟଜେତ୍, ଆଉ ନିଦ୍ରାଂ କେବେ ନ ତ୍ୟଜେତ୍ । ଏହି ପରମ ମହାମନ୍ତ୍ର ତୁମର ପ୍ରତି ନିଃଶ୍ୱାସରେ ଧ୍ୱନିତ ହେଉ ।" ତାରାନାଥ ହସି ହସି କହିଲା—"ଆହା, କି ସୁନ୍ଦର ଶ୍ଳୋକ !" ସତ୍ୟ-ଭୂଷଣ ତାହାକୁ କଟମଟ କରି ଚାହିଁ ଗମ୍ଭୀର ହୋଇ ପଚାରିଲା—"କି, ମନ୍ଦ କଅଣ ହେଲା ? ଓହୋ, ଅନୁସ୍ୱାର ବିସର୍ଗ ନ ହେଲେ ପରା ଶ୍ଳୋକ ହୁଏନାହିଁ, ତେବେ ଅନୁସ୍ୱାର ତ ମୋର ଅଛି—ଖାଲି ବିସର୍ଗ ନାହିଁ; କିନା ? ହେଉ, ତାହାହେଲେ ତ୍ୟଜେତ୍ ଜାଗାରେ ତ୍ୟାଜ୍ୟଃ କରିଦେ ।" ଏହି ସମୟରେ ଗୋଟାଏ ଶଙ୍ଖି ବିରାଡ଼ି ଚୁକୁ ଚୁକୁ ଶବ୍ଦ କରି ଦୁଧ ପିଇଯିବାର ଦେଖି ସତ୍ୟଭୂଷଣ ବ୍ୟସ୍ତ ସ୍ୱରରେ କହିଲା—"ତାରିଂ, ତାରିଂ, ବିଲ୍ଲିଂ ଦୁଧଂ ଖାଣ୍ଡି ।" ତାରାନାଥ କହିଲା—"ତୋତେ କାଳିଦାସ ଉପାଧି ଦେଲେ ଭଲ ହୁଅନ୍ତା ।" ସତ୍ୟ-ଭୂଷଣ ମୃଦୁ ହସି କହିଲା—"କାଳିଦାସ ଉପାଧି ନୁହେଁ ରେ—ନାମ କିନା । କାଳିଦାସ ମୋର ଗୁରୁ, ତାହାପରି ପିଲାଟାଏ ଦେଶ ଦୁନିଆରେ ନାହିଁ ରେ—ତାରି ।" ସତ୍ୟଭୂଷଣ ଏହିପରି ନାନା କୌତୁକ କରି ବନ୍ଧୁ, ଦୁହିଙ୍କୁ ହସାଏ । ତାରାନାଥ, ରଙ୍ଗାଧର ପଢନ୍ତି, ସତ୍ୟଭୂଷଣ ଶୋଇଥାଏ; ମାତ୍ର ନିଦ ଭାଙ୍ଗିଲା ପରି ଉଠିଆସି ତାରାନାଥର ଯୋଡ଼ହାତ ଧରି କହେ—"ଭାଇ, ତୋତେ ଜୁହାର ହେଉଛି, ଆଶୀର୍ବାଦ ବି କରୁଛି—ତୁ ବଞ୍ଚିଥା, ତୋର ନୋଟ ଖାତାଟା ଦେ, ମୁଁ ଉତାରି ପକାଏଁ । କାଲି ସେ ପଣ୍ଡିତଟା ଘଟର ଘଟର ହେବ, ସତେ ଯେମିତି ବ୍ରାହ୍ମଣଟାର ହୁଣ୍ଡି ମୁଁ ଖାଇ ଯାଇଛି । ଦେ ଦେ, ତୁ ଡରୁଛୁ କି ଖାତା ମେଳ ହେବ ବୋଲି ? ସେ ଚିନ୍ତା ନାହିଁ ରେ ଭାଇ, ଜଳ ଜାଗାରେ ପାଣି, ଫୁଲ ଜାଗାରେ ପୁଷ୍ପ, ଆକାଶ ଜାଗାରେ ଗଗନ ଏହିପରି ବଦଳାବଦଳି କରି ସଜାଡ଼ି ଦେବି ଯେ, ପଣ୍ଡିତ ତ ପଣ୍ଡିତ, ତାହା ଗୁରୁଦେବ ବି ଠଉରି ପାରିବ ନାହିଁ । ଜାଣୁନା ବୁଡ଼ି ପାଣି ପିଇଲେ ମହାଦେବଙ୍କର ବାପେ ବି ଜାଣିପାରିବେ ନାହିଁ । ସତ୍ୟଭୂଷଣ ତାରାନାଥ ଖାତାରୁ ନୋଟ ଉତାରିପକାଏ, ଏଣିକିରେ ତାହାର ପାଠ ଶେଷ ହୁଏ ।

ସତ୍ୟଭୂଷଣ ଘରୁ ଅନେକ ପଦାର୍ଥ ଆସେ । ଅନ୍ତର୍ଯ୍ୟାମୀ ବାବୁ ଜମିଦାରଙ୍କର ଅନେକ ପ୍ରଜା କଲିକତା ଯିବାଆସିବା କରନ୍ତି । ସେମାନଙ୍କଦ୍ୱାରା କଲିକତାକୁ ଦ୍ରବ୍ୟାଦି ପଠାଇବାର ସୁବିଧା ହୁଏ । ବିନା ଖର୍ଚ୍ଚରେ ମଧ୍ୟ କାର୍ଯ୍ୟ ଚଳିଯାଏ । ଜମିଦାରୀ ଥିଲେ କେଉଁ ସୁବିଧା ବା ଅପୂର୍ବ ? କେବେ ଆମ୍ବ କୋଳି, କେବେ ପାଚିଲା କଦଳୀ କାନ୍ଦି, କେବେ ନଡ଼ିଆ ଦୁଇପୁଞ୍ଜା ବା ପଣସ ଦୁଇଟା ଏହିପରି କେତେ ପଦାର୍ଥ ଆସେ । ପୁଣି ପର୍ବରେ ବୃନ୍ଦାବତୀ ହାଣ୍ଡି ହାଣ୍ଡି ପିଠା, ଖଜା ପୁଅ ପାଖକୁ ପଠାନ୍ତି । ଏକମାତ୍ର ପୁତ୍ର ବିଦେଶରେ ରହିଲେ ମାତୃହୃଦୟ କିପରି ହୁଏ, ସେ ଦୁଃଖ ଭୁକ୍ତ-ଭୋଗୀ ଛଡ଼ା ଆଉ କେହି ଜାଣିପାରେ ନାହିଁ । ବୃନ୍ଦାବତୀ ସ୍ୱାମୀଙ୍କୁ ଲୁଚାଇ କଲିକତା ଲୋକ ପଠାନ୍ତି । ବଡ଼ି, ଆଚାର, ମୁଣ୍ଡାମାଛ ଭଜା, ସରୁ ବାସନା ଚାଉଳ ପ୍ରାୟ ପ୍ରତିମାସରେ ସେ ପୁଅ ସକାଶେ ପଠାନ୍ତି । ସମୟ ସମୟରେ ଗୋପନରେ ପୁଅର ହାତଖର୍ଚ୍ଚ ପାଇଁ କିଛି କିଛି ଟଙ୍କା ବି ପଠାନ୍ତି । ପର୍ବ ଉପଲକ୍ଷରେ ସ୍କୁଲ ବନ୍ଦ ହେଲେ ତିନିବନ୍ଧୁ ଏକ ସଙ୍ଗରେ ଘରକୁ ଆସି ପୁଣି ଯଥାସମୟରେ ଚାଲିଯାଆନ୍ତି ।

ମର୍ତ୍ତ୍ୟର ଅମରାବତୀ କଲିକତା ସହରରେ ସଭା ସମିତିର ବିରାମ ନାହିଁ । ଶୋକ ସଭା, ଶ୍ରାଦ୍ଧ ସଭା, ଭଜନ

ସଭା, ଭୋଜନ ସଭା, ବିବାହ ସଭା ଦେଶହିତ ସଭା, ରାଜନୀତି ସଭା ପ୍ରଭୃତି କେତେ ସକାରଣ ଅକାରଣ ସଭା ସବେଳରେ ଅବେଳରେ ବସିଯାଏ । କେତେ ବକ୍ତୃତାର ଗର୍ଜନ ତର୍ଜନ ଉଠେ । ବାଦ ପ୍ରତିବାଦର ଖଣ୍ଡଯୁଦ୍ଧ ଆରମ୍ଭ ହୁଏ । ଏହିସବୁ ବାକ୍ୟଯୁଦ୍ଧର ଶବ୍ଦସର୍ବସ୍ୱ ଦେଖି ଦେଖି ସତ୍ୟଭୂଷଣର ପ୍ରାଣ, ମନ, ହୃଦୟ, ଆତ୍ମା, ଶରୀର ସବୁ ଏକାବେଳେକେ ଦେଶ ଆଡ଼କୁ ଝୁଙ୍କିପଡ଼ିଲା । ସେ ଆଉ ଅପେକ୍ଷା ନ କରି ଦେଶସେବାରୂପ ଅତଳ ସମୁଦ୍ରରେ ଝାମ୍ପ ଦେଲା । ସଭା ସମିତି ପ୍ରତି ତାହାର ଭକ୍ତି ଅଚଳା ହୋଇଉଠିଲା । କେଉଁଠାରେ ସଭା ହେବ ବୋଲି ଶୁଣିଲେ ସେ ସମସ୍ତଙ୍କ ଆଗରୁ ଯାଇ ସେଠାରେ ଉପସ୍ଥିତ ହୁଏ, ବକ୍ତୃତା ଶୁଣେ, ସମସ୍ତଙ୍କ ସଙ୍ଗରେ ତାଳି ଦିଏ । ସଭା ସମିତିକୁ ଯାତାୟାତ କରିବା ଦ୍ୱାରା ଏଣେ ପାଠର କ୍ଷତି ହେଲା; କିନ୍ତୁ ସେଥିରେ ତାର ଶୋଚନା ନାହିଁ । ସେ ଆଉ ପୂର୍ବପରି ସ୍କୁଲକୁ ଗଲା ନାହିଁ, ନାନା ବାହାନା ଧରି ସ୍କୁଲ କାମେଇ କରିବାକୁ ଲାଗିଲା । କୋରିମାନା ଭୟରେ ଦିନେ ଦିନେ ସ୍କୁଲକୁ ଯାଏ; ମାତ୍ର ଘଣ୍ଟାଏ ଦୁଇଘଣ୍ଟା ପରେ ପଳାଇ ଆସେ । କେଉଁ ଦିନ ସ୍କୁଲ ବସିବାର ଦୁଇଘଣ୍ଟା ପୂର୍ବରୁ ଯାଇ ଖରାରେ ବସି ଦେହ ଗରମ କରୁଥାଏ, ଜଣେ କେହି ମାଷ୍ଟର ଆସିଲେ ତାଙ୍କୁ ଦେହ ଦେଖାଇ ଜ୍ୱର ଆସିଲାଣି ବୋଲି କହି ବସାକୁ ଚାଲିଆସେ । କେଉଁ ଦିନ ଅବା ମୁଣ୍ଡର ଦୁଇପାଖ ଶିରରେ ଦୁଇମେଞ୍ଚା ଚୂନ ଲଗାଇ ଶିରଃପୀଡ଼ାର ଛଳନା କରି ଛୁଟି ନେଇ ଆସେ । ମାଷ୍ଟରମାନଙ୍କୁ ବଶ କରିବାର ଉପାୟ ମଧ୍ୟ ତାକୁ ଅଲଭ୍ୟ ଜଣା ନୁହେଁ । କାହାରି ଶରୀର ଅସୁସ୍ଥ ହେଲେ ସେ ନଖାଇ ନପିଇ ସେବାଶୁଶ୍ରୂଷାରେ ଲାଗେ । ଜଳଖିଆ-ଖୋର ମାଷ୍ଟରଙ୍କୁ ସ୍ୱହସ୍ତରୁ ନାନାପ୍ରକାର ଉପାଦେୟ ଜଳଖିଆ କିଣିଦେଇ ସନ୍ତୁଷ୍ଟ କରେ । କାହାକୁ ବା ସ୍ତବ ସ୍ତୁତିଦ୍ୱାରା ବଶୀଭୂତ କରେ । ଏହିପରି ନାନା କୌଶଳରେ ସେ ସମସ୍ତଙ୍କର ମନ ରକ୍ଷା କରିଥାଏ । "ଧନ କାର୍ପଣ୍ୟ ସେବା ଫଳେ, ବିବା ଅସାଧ ମସ୍ତାତଳେ ।" ମାତ୍ର ପାରେ ନାହିଁ କେବଳ ଜଣଙ୍କୁ—ସେ ସ୍କୁଲର ହେଡ଼୍ ପଣ୍ଡିତ । ଧନ କାର୍ପଣ୍ୟ ସେବା କାହିଁରେ ସେ ସନ୍ତୁଷ୍ଟ ହେବାର ପାତ୍ର ନୁହନ୍ତି—କେବଳ ପାଠରେ ସେ ସନ୍ତୁଷ୍ଟ । ଏହେତୁ ତାଙ୍କ ସାଙ୍ଗରେ ସତ୍ୟଭୂଷଣର ଭଲ ବନେ ନାହିଁ । ସେ ସମୟ ସମୟରେ ପଣ୍ଡିତଙ୍କର ଗୁହାଣି, କଥା, ପଢ଼ାଇବା ରୀତି, ଚାଲିଚଳଣ ପ୍ରଭୃତିର ଅବିକଳ ଅଭିନୟ କରି ସଙ୍ଗୀମାନଙ୍କୁ ହସାଏ ।

ସତ୍ୟଭୂଷଣ ଆଉ ପୂର୍ବପରି ସନ୍ଧ୍ୟା ହେଲେ ଶୁଏ ନାହିଁ । ରାତି ଅଧ କି ତିନିପ୍ରହର ଯାଏଁ ବସି ଦେଶର ଅବସ୍ଥା ଭାବେ—ସଭାସମିତି ସକାଶେ ବକ୍ତୃତା ଲେଖେ । ଦିନେ ଦିନେ ବକ୍ତୃତା ଅଭ୍ୟାସ କରୁ କରୁ ରାତି ପାହିଯାଏ । ବକ୍ତୃତା ଝାଡ଼ିବାକୁ ତାର ଭାରି ଆଗ୍ରହ; ମାତ୍ର ବକ୍ତୃତାର କି ଗ୍ରହଦୋଷ ଯେ, ସେ ତାହା ତୁଣ୍ଡରେ ଉଚ୍ଚାରିତ ହେବାକୁ ନାରାଜ । ଅନେକ ଚେଷ୍ଟା କରି ସୁଦ୍ଧା ସେ ବକ୍ତୃତା ଶବ୍ଦ ଉଚ୍ଚାରଣ କରିପାରିଲା ନାହିଁ; ସୁତରାଂ 'ବତକୃତା', ବୋଲି କହେ । ତଥାପି ସତ୍ୟଭୂଷଣ ନିରୁ-ତ୍ସାହ ହେବାର ପାତ୍ର ନୁହେଁ, ସେ ସବୁବେଳେ ବକ୍ତୃତା ସଙ୍ଗରେ ଲାଗିଥାଏ । ତେଲ ଲଗାଇବାବେଳେ ଗାଧୋଇବାବେଳେ, ଖାଇବାବେଳେ ଏମନ୍ତ କି ଯେତେବେଳେ ଟିକିଏ ଅବସର ପାଏ, ସେତେବେଳେ ସେ ବନ୍ଧୁମାନଙ୍କ ପାଖରେ ଦେଶସେବା ସମ୍ବନ୍ଧରେ ବକ୍ତୃତା କରେ । ଦେଶପାଇଁ କାନ୍ଦିବାକୁ ଅନେକ ଚେଷ୍ଟା କରେ; ମାତ୍ର ଚକ୍ଷୁରୁ ଅଶ୍ରୁ ଝରେ ନାହିଁ । ଅଶ୍ରୁର ଏହି ଦୁଷ୍ଟ ପ୍ରକୃତି ଚିରକାଳ ଗଲାନାହିଁ । ନ ଖୋଜିବାବେଳେ ସେ ଆପେ ଆପେ ଆସେ; ମାତ୍ର ଖୋଜିଲେ ଆଦର ଖାଏ । ସତ୍ୟଭୂଷଣ ଅନେକ ଦେଶସେବକ ବନ୍ଧୁ ମଧ୍ୟ ପାଇଅଛି, ସେମାନେ ତାକୁ ବକ୍ତୃତା ଲେଖିଦିଅନ୍ତି । ସେ ତାହା ଯଥାସାଧ୍ୟ ଉଦରସ୍ଥ କରି ସଭା ସମିତିରେ ଉଦ୍‌ଗାର କରେ ।

ସତ୍ୟଭୂଷଣର ଏହି ବ୍ୟବହାରରେ ଦେଖି ତାରି-ନାଥ ଏବଂ ରଙ୍ଗାଧର ଶଙ୍କିତ ହେଲେ । ତାହାର ଏ ଦେଶୋନ୍ମତ୍ତବ୍ରତ ତାଙ୍କ ପିତାଙ୍କର କର୍ଣ୍ଣଗୋଚର ହେଲେ ସେ ଅବଶ୍ୟ ସେଥିପାଇଁ ତାରିନାଥ ଆଉ ରଙ୍ଗାଧରଙ୍କୁ ଦୋଷ ଦେବେ ଏବଂ ଦାୟୀ ମଧ୍ୟ କରିବେ । ଜମିଦାରଙ୍କୁ ଏକଥା ନ ଜଣାଇଲେ ସେ ବିରକ୍ତ ହେବେ ଆଉ ଜଣାଇଲେ ସତ୍ୟଭୂଷଣ ଦୁଃଖିତ ହେବ । ସେମାନେ

ଉଭୟ ସଙ୍କଟରେ ପଡ଼ିଲେ । ଉପଦେଶ ଦେଇ ସତ୍ୟ-ଭୂଷଣକୁ ନିବୃତ୍ତ କରିବା ସହଜ କଥା ନୁହେଁ; ଏହା ସେମାନେ ଜାଣନ୍ତି । ଅଥଚ ଫଳ ବିପରୀତ ହୋଇ-ପାରେ । କାଳେ ସତ୍ୟଭୂଷଣ କହିବ ବା ଭାବିବ ଯେ, ମୋ କାର୍ଯ୍ୟର ସମାଲୋଚନା କରିବାକୁ ଏମାନେ କିଏ, ଏହି ଆଶଙ୍କାରେ ସେମାନେ ମୁହଁ ଫିଟାଇ କିଛି କହି-ପାରନ୍ତି ନାହିଁ; ମାତ୍ର ନ କହି କେତେ କାଳ ଅବା ନୀରବ ରହିବେ । ଯେଉଁ କଥା ମୁହଁ ଫିଟାଇ କହି ନ ହୁଏ, ତାହାର ବ୍ୟଥା ବଡ଼ କଷ୍ଟପ୍ରଦ । ସେହି ବ୍ୟଥା ଏତେ ଅସହ୍ୟ ହେଲା ଯେ, ଦିନେ ଆପେ ଆପେ ଏହି ଦେଶୋଦ୍ଧାର ବ୍ରତ କଥା ହଠାତ୍ ତାରାନାଥ ମୁହଁରୁ ବାହାରି ପଡ଼ିଲା । ସେ କହିଲା—"ସତ୍ୟ, ପାଠ ଛାଡ଼ି ତୁ ଏ କାହିଁରେ ମାତିଛୁ ? ବର୍ତ୍ତମାନ ତୋର ଏସବୁ ବିଷୟରେ ଲିପ୍ତ ହେବା ଭଲ ନୁହେଁ ।" ସତ୍ୟଭୂଷଣ ମୃଦୁ ହସି କହିଲା—"କି ଦେଶସେବା କଅଣ ମନ୍ଦ କାର୍ଯ୍ୟ ? 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଜାଣୁ ? ମାତୃସେବାଠାରୁ ପାଠସେବା ବଡ଼ ନୁହେଁ ରେ ତାରା ।" ତାରାନାଥ କିଛି କହିବା ପୂର୍ବରୁ ରଙ୍ଗାଧର କହିଲା—"ହଁ ଦେଶସେବା ସବୁଠାରୁ ବଡ଼, ଏ କଥା କେହି ମନାକରୁ ନାହିଁ । ତାହା ମାନବର କର୍ତ୍ତବ୍ୟ, ଆଉ ମାନବଜୀବନର ଉଦ୍ଦେଶ୍ୟ, ଏହା କୋଟିବାର ସ୍ୱୀକାର୍ଯ୍ୟ; ମାତ୍ର ସେ ବଡ଼ ଗୁରୁତର କାର୍ଯ୍ୟ । ତୋର ଧନ ଅଛି, ଦେଶସେବା କରିପାରିବୁ; କିନ୍ତୁ ଖାଲି ଧନମନରେ ଦେଶସେବା ହୁଏନାହିଁ । ସେଥିଲାଗି କିଛି ଜ୍ଞାନ ପ୍ରୟୋଜନ ହୁଏ ଆଉ ଜ୍ଞାନ ଶିକ୍ଷାସାପେକ୍ଷ । କାମ ନ କରି ଖାଲି ହୋ ହା ହେଲେ କଅଣ ହେବ ? ଶିଶିରରେ କି ତୃଷା ମେଣ୍ଟିବ ?" ସତ୍ୟଭୂଷଣ କହିଲା—"ନା ରେ ରଙ୍ଗୁ, ଶିଶିରରେ ତୃଷା ମେଣ୍ଟେ ନାହିଁ—ଜଳରେ ମେଣ୍ଟେ । ଦେଶସେବାର କ୍ଷେତ୍ର ଏ ନୁହେଁ । ଗ୍ରାମକୁ ଗଲେ ଦେଶ-ସେବାର ମାହାତ୍ମ୍ୟ ତୁମ ଦୁହିଁଙ୍କି ଦେଖାଇବି । ମୋର ଜ୍ଞାନ ନଥାଉ, ଶିକ୍ଷା ନ ଥାଉ, ତୁମର ତ ଥିବ, ତୁମଠାରୁ ତାହା ଉଧାର ନେଇ କାମ କରିବି । ଯେବେ ଉଧାର ନ ଦେବ, ତେବେ ଦାମ୍ ଦେଇ କିଣିନେବି । ତୁମେ ଦୁହେଁ ମାତୃଭୂମିର କୁସନ୍ତାନ, ସାଧୁ କାର୍ଯ୍ୟରେ ପ୍ରଶ୍ରୟ ଦିଅନ୍ତ କଅଣ, ଅଧିକନ୍ତୁ ବାଧା ଦେଉଛ । ମୁଁ ଅଭିଶାପ ଦେବି । ତୁମେ ଦୁହେଁ ନିପାତ ହେବ, ନିପାତ ହେବ, ନିପାତ ହେବ । ମୁଁ କିଏ ଜାଣ ନା ? ମୁଁ ମହାମୁନି ଦୁର୍ବାସା । କୋପାନଳ, ତପାନଳ, ଶାପାନଳ, ମିଶାଇ ଦେଉଦେବଟି ।" ସତ୍ୟଭୂଷଣ ଏହା କହି ହସି ହସି ସେଠାରୁ ଉଠିଗଲା ।

ଦିନେ ତାରାନାଥ ମନେ ମନେ ଭାବିଲା—"ସତ୍ୟଭୂଷଣର ଅଦୃଷ୍ଟ ସଙ୍ଗରେ ମୋର ଅଦୃଷ୍ଟ ଏକ ସୂତ୍ରରେ ଗୁନ୍ଥା । ତାହାର ଏ ଉତ୍କଟ ଦେଶସେବା କଥା ଶୁଣିଲେ ତାହା ବାପ ଆଉ ତାକୁ କଲିକତାରେ ରଖିବ ନାହିଁ । ଏଇଠାରୁ ତାହାର ପାଠ ଶେଷ ହେବ । ମୋର ବି ସେହି ଦଶା ଘଟିବ । ଆଉ ମେଟ୍ରିକ୍ୟୁଲେଶନ ଯାଏଁ ପଢ଼ି ଇଂରାଜି ଟିକିଏ ଗୁଡ଼ି ଲାଭ ଅବା କଅଣ ? ବଜାରରେ ତ ତାହାର ଦର ପିଅଦା, ଚପରାଶୀ ଦର-ଠାରୁ ଊଣା । ବାର ଦ୍ୱାରରେ ଜୀବ ବିଶେଷ ପରି ଲୁଙ୍ଗୁ ଲୁଙ୍ଗୁ ହୋଇ ଅନେକଙ୍କର ଗୋଡ଼ ହାତ ଧରି କଡ଼ାଏ ଖୋସାମତନାମା ସଂଗ୍ରହ କରିପାରିଲେ ଦଶ ପନ୍ଦର ଟଙ୍କାର ଖଣ୍ଡେ ଚାକିରି ବହୁକଷ୍ଟରେ ମିଳିପାରେ । ତାହା ଅପେକ୍ଷା ରଙ୍ଗାଧର ପରି ଡାକ୍ତରୀ ପଢ଼ିବା ବରଂ ବହୁଗୁଣରେ ଶ୍ରେୟସ୍କର । ତାହା ସ୍ୱାଧୀନ ବ୍ୟବସାୟ । ସେଥିରେ ଦୁଇପଇସା ରୋଜଗାରର ଆଶା ମଧ୍ୟ ଅଛି, ଅଥଚ ପରୋପକାର ବି ହେବ । ଏହାହିଁ ମୋ ପକ୍ଷରେ ସହଜ ଉପାୟ ।" ତାରାନାଥ ନିଜର ପିତାଙ୍କୁ ପତ୍ର-ଲେଖି ତାଙ୍କର ସମ୍ମତି ଲାଭ କଲା । ତହୁଁ ମେଟ୍ରିକ୍ୟୁ-ଲେଶନ ଛାଡ଼ି ଡାକ୍ତରୀ ପଢ଼ିବାକୁ ଆରମ୍ଭ କଲା । ତାହା ଦେଖାଦେଖି ସତ୍ୟଭୂଷଣ ମଧ୍ୟ ଡାକ୍ତରୀ ସ୍କୁଲରେ ନାମ ଲେଖାଇଲା । ଡାକ୍ତରୀ ବିଦ୍ୟାକୁ ସହଜ ବୋଲି ମଣି ସେ ଡାକ୍ତରୀ ପଢ଼ିଲା; ମାତ୍ର କାର୍ଯ୍ୟତଃ ଦେଖିଲା ଯେ, ସେ ପଲମରୁ ଛିଡ଼ିକି ଚୁଲ୍ଲୀରେ ପଡ଼ିଅଛି । ଇଂରାଜି-ଠାରୁ ଡାକ୍ତରୀ ତାକୁ ଅଧିକତର କଠିନ ବୋଧହେଲା; ମାତ୍ର ସେ ନିରୁତ୍ସାହ ହେଲାନାହିଁ କିମ୍ବା ପଢ଼ା ଛାଡ଼ିଦେଲା ନାହିଁ । ପରୀକ୍ଷାରେ ତାହାର ବଡ଼ ଆନନ୍ଦ, ସେ ନାନା ପ୍ରକାର ଅର୍କ ମିଶାମିଶି କରି ରାସାୟନିକ ପରୀକ୍ଷାରେ

ପ୍ରବୃତ୍ତ ହେଲା । ସବୁବେଳେ ଦୁଇଟା ଗ୍ଲାସ ଧରି ଦ୍ରବ୍ୟ-ଗୁଣ ପରୀକ୍ଷା କରେ । ଏହି କାର୍ଯ୍ୟରେ ସେ ସଙ୍ଗ ସମସ୍ତ ସବୁ ଭୁଲିଗଲା । କବିତା ଲେଖା, କବିତା ଘୋଷା ସବୁ କୁଆଡ଼େ ଗଲା; କେବଳ ପରୀକ୍ଷା ଜୀବନର ବ୍ରତ ହେଲା । ସେ ଜଣେ ସନ୍ନ୍ୟାସୀଠାରୁ ଶୁଣିଥିଲା—ଦ୍ରବ୍ୟଗୁଣରେ ତମ୍ବା ସୁନା ହୋଇପାରେ । ଏବେ ସେହି ପରୀକ୍ଷାରେ ଲାଗିଗଲା । ଆଜି ଏଗଛର ରସ, କାଲି ସେ ଗଛର ରସ, ଏହିପରି ହଜାର ହଜାର ଜଙ୍ଗଲୀ ଜାତୀୟ ଗଛର ରସ ବାହାର କରି ତମ୍ବ ତାମ୍ର ପତ୍ରରେ ପୁଟ ଦେବାକୁ ଲାଗିଲା । ଦିନେ ନୁହେଁ କି ଦୁଇଦିନ ନୁହେଁ, କ୍ରମାନ୍ୱୟରେ ଛମାସ କାଳ ଏହି ପରୀକ୍ଷାରେ କଟିଗଲା । ବଣ-ଜଙ୍ଗଲର ଗଛ ସରିଗଲା; ମାତ୍ର ଦୁର୍ଭାଗ୍ୟର ବିଷୟ—ତମ୍ବା ସୁନା ହୋଇପାରିଲା ନାହିଁ ।

# ପଞ୍ଚମ ପରିଚ୍ଛେଦ

ସତ୍ୟଭୂଷଣର ଢେଙ୍ଗେମି, ଡାକ୍ତରୀ ପଢ଼ା, ରାସାୟନିକ ପରୀକ୍ଷା, ତମ୍ବାକୁ ସୁନା କରିବାର ପ୍ରୟାସ ଏସବୁ କଥା କ୍ରମେ କ୍ରମେ ଜମିଦାରଙ୍କର କର୍ଣ୍ଣଗୋଚର ହେଲା । ପୁଅ ଉପରେ ସେ ବିରକ୍ତ ହୋଇଉଠିଲେ । ବୃନ୍ଦାବନୀଙ୍କର ଭାବନାର ସୀମା ରହିଲା ନାହିଁ । ସେ ଅବଳାର ବଳ ଅଶ୍ରୁର ଶରଣାପନ୍ନ ହେଲେ । ଦିନେ ଜଣେ ପ୍ରଜା କଲିକତାରୁ ଆସି ସତ୍ୟଭୂଷଣର କାର୍ଯ୍ୟ-କଳାପ ସାଳଙ୍କାରରେ ଜମିଦାରଙ୍କ ଆଗରେ ବର୍ଣ୍ଣନା କଲା । ସତ୍ୟଭୂଷଣ ସଙ୍ଗରେ ତାହାର କୌଣସି ପ୍ରକାର ଶତ୍ରୁତା ଥିଲା ନାହିଁ; ସୁତରାଂ ସେ ପ୍ରତିହିଂସା-ପ୍ରଣୋଦିତ ହୋଇ କହୁନାହିଁ । ସେ କଲିକତାରେ ଥାଇ ଦେଖୁଁ ଦେଖୁଁ ତାହାର ଜମିଦାର ପୁତ୍ର—ଭବିଷ୍ୟ ଜମିଦାର ଏପରି ବାଉଣ୍ଡୁଳିଆ ହୋଇଯିବ, ଏହା ସେ ସହିପାରିଲା ନାହିଁ । ସତ୍ୟଭୂଷଣର ହିତ କାମନାରେ ସେ ତାହାର ଦୋଷ ପ୍ରଚାର କରିଥିଲା । ଏହା ଅବଶ୍ୟ ସୁବନ୍ଧୁର କର୍ତ୍ତବ୍ୟ । ଜମିଦାର ହୁକା ଧରି ଗୁଡ଼ାଖୁ ଟାଣୁଥିଲେ, ପୁଅର କୀର୍ତ୍ତି କାହାଣୀ ଶୁଣି କ୍ରୋଧରେ ଫୁଲିଉଠିଲେ । ତତକ୍ଷଣାତ୍ କପାଳର ଅସ୍ପଷ୍ଟ ଶିରା-ଗୁଡ଼ାକ ସୁସ୍ପଷ୍ଟ ରୂପରେ ଆତ୍ମପ୍ରକାଶ କରିଉଠିଲା । ସେ ଜ୍ୱଳନ୍ତ ଆଗ୍ନେୟଗିରି ପରି ଧୂମୋଦ୍‌ଗାର କରି କହିଲେ, "ଓଃ, ଏପରି ପୁଅ ଲକ୍ଷେ ଗଣ୍ଡା ଥାଇ କି କାର୍ଯ୍ୟ ? ପିତୃ ପିତାମହଙ୍କର ନା-ପାଣି ବୁଡ଼ାଇବ, ଆଉ କଅଣ ! ଭଲ ନ ପଢ଼ିଲା ନାହିଁ, ଘରକୁ ଚାଲି ଆସନ୍ତା !" ଶେଷ କଥାଟା ଶୁଣି ବେବର୍ତ୍ତୀଙ୍କ ଅନ୍ତ ହାଲୁ ହାଲୁ ହେଲା । କାଳେ ଜମିଦାର ସତ୍ୟଭୂଷଣକୁ କଲିକତାରୁ ଘେନି ଆସନ୍ତି, ତାହା ହେଲେ ତ ବେବର୍ତ୍ତୀଙ୍କର ସର୍ବନାଶ । ଏଣେ ବଡ଼ କୁଟୁମ୍ବ ସମ୍ଭାଳି ଭାଗିନାଥର ଶିକ୍ଷାବ୍ୟୟ ଚଳାଇବା କି ସହଜ କଥା । ଯାହା ହେଉ, ସେ ଉପସ୍ଥିତ ବୁଦ୍ଧି ଖର୍ଚ୍ଚ କରି କହିଲେ, "ନା ଆଜ୍ଞା, ଆମ ବାବୁ ତ ସୁନାମୁଣ୍ଡେ, ତାଙ୍କର କାହିଁ ତରହ ଦୋଷ ତ କିଛି ଦେଖାଯାଉ ନାହିଁ. ଖାଲି ବାର ଅଡ଼ିକୁ ମନ ଦେଇ ଚଗଲମି କରନ୍ତି ସିନା ବୟସ ହେଲେ ବୁଦ୍ଧି ବସିଗଲେ ସେସବୁ କୁଆଡ଼େ ଛୁଟିଯିବ । ଯେତେ ହେଲେ ସେ ବାଘର ପିଲା, ଆପେ ଆପେ ଶିକାର ଶିଖିବେ ।" ଏହା ଶୁଣି ଜମିଦାରଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା । ଅନ୍ଧକାର ରାତ୍ର ଜ୍ୟୋତ୍ସ୍ନାରେ ଚନ୍ଦ୍ରିଲେ ଯେପରି ଉଜ୍ଜ୍ୱଳ ଦିଶେ, ତାଙ୍କର ମୁଖ ସେହିପରି ହର୍ଷୋଜ୍ଜ୍ୱଳ ଦିଶିଲା । ତହୁଁ ସେ ଗର୍ବ-ସୂଚକ ମୃଦୁ ହାସ ବିକାଶ ପୂର୍ବକ କହିଲେ—"ହଁ ବେବର୍ତ୍ତୀ, ଯାହା ତୁମେ କହିଲ ତାହା ଠିକ୍; ପିଲା କାଳରେ ସମସ୍ତେ ସେହିପରି ହୁଅନ୍ତି । ତୁମେ, ଆମେ କଅଣ ହୋଇନଥିଲେ ? ଓଃ, କେତେ ଦୁଷ୍ଟାମି ଯାଇଛି । ଭାଟଘର ପିଲା ଭାଟ, ଲାଟ ଘର ପିଲା ଲାଟ । ଯେ ଯାହା, ଶେଷରେ ସେ ତାହାହିଁ ହେବ, ଏଥିରେ ଆଉ ସଂଶୟ କଅଣ ? ଜମିଦାର ଅନ୍ତର୍ଯ୍ୟାମୀ ବାବୁ ଟେକାଟେକିର ଖୁବ୍ ପ୍ରିୟ । ତାଙ୍କୁ ଯେତେ ଟେକା

ଠେକ କରିଯାଏ ସେ ତେତେ ପ୍ରସନ୍ନ ହୁଅନ୍ତି । ବେବର୍ତ୍ତୀଙ୍କ କଥା ଶୁଣି ତାଙ୍କର ତେତେ ବଡ଼ କ୍ରୋଧ ଦଣ୍ଡକେ ପାଣି ହୋଇଗଲା ।

କାଳର ଗତି ବଡ଼ ବଚିତ୍ର । କାଳ ଠିକ୍ ସର୍ପ ପରି । ସର୍ପର ଗତି କୁଟିଳ, କାଳର ଗତି କୁଟିଳ । ସର୍ପ ବାୟୁ ପାନକରେ, କାଳ ଆୟୁଃ ପାନକରେ । ସର୍ପ ଯେପରି ଅବିଶ୍ୱାସୀ, କାଳ ବି ସେହିପରି ଅବିଶ୍ୱାସୀ । ସର୍ପର ଦୟାମାୟା ନାହିଁ, କାଳର ଦୟାମାୟା ନାହିଁ । ଯେଉଁ କାଳ କଲିକତା ପ୍ରତି ସତ୍ୟଭୂଷଣର ଆସକ୍ତି ଆଣି ଥିଲା, ସେହି କାଳ ପୁଣି ବିରକ୍ତି ଆଣି ଦେଲା । ସତ୍ୟଭୂଷଣକୁ ଆଉ କଲିକତା ଭଲ ଲାଗେନାହିଁ । ସେ ଏବେ କିପରି ଗ୍ରାମକୁ ଯାଇ ନିଜର ଉପାର୍ଜିତ ଗୁଣ-ଗୁଡ଼ାକ ସେଠାରେ ପ୍ରକାଶ କରିବ, ସେଥିପାଇଁ ବଡ଼ ବ୍ୟାକୁଳ ; ମାତ୍ର ଏହି ବ୍ୟାକୁଳତାର ଯନ୍ତ୍ରଣା ତାକୁ ଅଧିକ ଦିନ ସହିବାକୁ ହେଲନାହିଁ । ଦେଖୁଁ ଦେଖୁଁ ତିନିବର୍ଷ ଅତୀତ ହୋଇଗଲା । ଡାକ୍ତରୀ ଶେଷ ପରୀକ୍ଷାର ଦିନ ଆସି ଉପସ୍ଥିତ ହେଲା । ସମସ୍ତେ ପରୀକ୍ଷା ଦେଲେ । ଯଥାସମୟରେ ଫଳ ବାହାରିଲା । ତାରି-ନାଥ ଏବଂ ଗଙ୍ଗାଧର ପାସ୍ କଲେ; ମାତ୍ର ସତ୍ୟଭୂଷଣ ନାମ ପାସ ତାଲିକାରେ ମିଳିଲା ନାହିଁ । ତାହା ପରୀକ୍ଷ-କର ଭୁଲ ହୋଇପାରେ । ପରୀକ୍ଷକମାନେ ଅନେକ ସମୟରେ ଏହିପରି ଭୁଲ କରନ୍ତି । ସେମାନେ ଭୁଲ ନ କଲେ କେହି ଫେଲ୍ ହୁଅନ୍ତେ ନାହିଁ । ସତ୍ୟଭୂଷଣ ଭାବିଲା—"ମୁଁ ନିଶ୍ଚୟ ପାସ କରିଛି, ଏଥିରେ ସନ୍ଦେହ ନାହିଁ । ପରୀକ୍ଷକର ଭୁଲରୁ ହେଉ ବା ଛାପାଖାନାର ଭୁଲରୁ ହେଉ ନାମଟା ଛପା ହୋଇପାରି ନାହିଁ । ତାହା ହେଉ, ସେଥିଲାଗି କ୍ଷତି କଅଣ ? ଆଉ ପାସ ନହେଲେ ବା କ୍ଷତି କଅଣ ? ପାସ ଫେଲ ଏକା କଥା । ପରୀକ୍ଷାରେ କିଏ ଲେଖି ପାରିଲା ବା କିଏ ଲେଖି ନ ପାରିଲା, ସେଥି ପାଇଁ ଯାଏ ଆସେ କଅଣ ? ସମସ୍ତେ ତ ଏକା ପାଠ ପଢ଼ି ଛନ୍ତି । ସ୍କୁଲରୁ ଯେ ଯୋଗ୍ୟ ବିବେଚିତ ହୋଇଗଲା ସେ ପରୀକ୍ଷାରେ ଲେଖି ନ ପାରିଲା ବୋଲି କଅଣ ତାହାର ବିଦ୍ୟା ଉଡ଼ିଗଲା ?" ସତ୍ୟଭୂଷଣ ଏହିପରି ଅନେକ ଭାବି ମନକୁ ପ୍ରବୋଧ ଦେଲା । ମନକୁ ଆଖି ଠାରିବା ପ୍ରକାଶେ ଏ ସଂସାରରେ ସାନ୍ତ୍ୱନା ବାଣୀର ଅଭାବ ନାହିଁ । ତାକୁ ଖୋଜିବାକୁ ହୁଏ ନାହିଁ । ସେ ଆପେ ଆପେ ଆସି ପହଞ୍ଚିଯାଏ । ତାରିନାଥ ଏବଂ ଗଙ୍ଗାଧର ସଫଳମନୋ-ରଥ ହୋଇ ଗୃହାଭିମୁଖୀ ହେଲେ । ସତ୍ୟଭୂଷଣ ମଧ୍ୟ ନିର୍ବିକାର ଚିତ୍ତରେ କଲିକତା ପରିତ୍ୟାଗ କରି ଉଚ୍ଛ୍ରିତ (ଉନ୍ନତ) ମସ୍ତକରେ ସେମାନଙ୍କର ପୁରସ୍ସର ହୋଇ ଗୃହଯାତ୍ରା କଲେ । କଲିକତା ପ୍ରତି ତାହାର ପୂର୍ବରୁ ବିରାଗ ଜନ୍ମିଥିଲା; ସୁତରାଂ କଲିକତା ଛାଡ଼ିବାବେଳେ କୌଣସି ପ୍ରକାର ଅତୃପ୍ତ ବାସନାର ତପ୍ତ ହାହାକାର ତାହା ହୃଦୟରେ ଦାଗ ବସାଇପାରିଲା ନାହିଁ । ଯଥା-ସମୟରେ ତିନିବନ୍ଧୁ ଆସି ଗ୍ରାମରେ ଉପସ୍ଥିତ ହେଲେ ।

ତାରିନାଥ ଏବଂ ଗଙ୍ଗାଧର ବୃଥା ବିଳମ୍ବ କଲେ ନାହିଁ, ସ୍ୱ ସ୍ୱ ଗ୍ରାମରେ ଔଷଧାଳୟ ସ୍ଥାପନ କରି ବ୍ୟବସାୟ ଆରମ୍ଭ କଲେ । ଅଳ୍ପଦିନ ମଧ୍ୟରେ ସେମାନଙ୍କର ନାମ ବିଖ୍ୟାତ ହୋଇଉଠିଲା, ଆୟ ମଧ୍ୟ ଆଶାନୁରୂପ ହେଲା । ଏଣେ ସତ୍ୟଭୂଷଣ ଗ୍ରାମ ଛୁଇଁଲାକ୍ଷଣି ତାହାର ବକ୍ତୃତା-ବ୍ୟାଧି ପୁଣି ସଂକ୍ରମିତ ହେବାକୁ ଲାଗିଲା । ତହୁଁ ସେ ଅନେକ କାର୍ଯ୍ୟର କଳ୍ପନା କରିଗଲା । କିନ୍ତୁ କାହାକୁ ଆଗେ କରିବ, ତାହା ସ୍ଥିର କରି ନ ପାରି ଆଖିବୁଜାରେ ପଡ଼ିଲା ପରି ହେଲା । ସେ ମନେ ମନେ ଭାବିଲା— "ଆରେ ଗୋଟାଏ ଗ୍ରାମୋନ୍ନତି ସମିତି ସ୍ଥାପନ କରିବା ନିତାନ୍ତ ଦରକାର । ସେହି ସମିତିକୁ ମୂଳକରି ତାହାର ଶାଖା ପ୍ରଶାଖା ରୂପରେ ଅନ୍ୟ କାର୍ଯ୍ୟ କରିବାକୁ ହେବ ।" ତାହାର ଏ କଳ୍ପନା କାର୍ଯ୍ୟରେ ପରିଣତ ହେବାକୁ ଅଧିକ ବିଳମ୍ବ ହେଲା ନାହିଁ । ଗ୍ରାମର ନିଷ୍କର୍ମା ଯୁବକ-ଦଳକୁ ନେଇ ସମିତି ସ୍ଥାପିତ ହେଲା । ସମିତିର ଉପକାରିତା ବୁଝାଇବା ପ୍ରକାଶେ ସତ୍ୟଭୂଷଣ ସହକର୍ମୀ-ମାନଙ୍କୁ ସଙ୍ଗରେ ଘେନି ଗ୍ରାମସାରା ବକ୍ତୃତା କରି ବୁଲିଲା । ବିଲରେ, ପୋଖରୀ ତୁଠରେ, ଦୋକାନରେ ଖରା ପୁଇଁବା ସ୍ଥାନରେ—ଯେଉଁଠାରେ ପାଞ୍ଚଜଣ ଲୋକ ଦେଖିଲା, ସେହିଠାରେ ଯାଇଁ ବକ୍ତୃତା ଆରମ୍ଭ କଲା । ଗ୍ରାମୋନ୍ନତି ସମିତି ଯୋଗେ ଗ୍ରାମର ଅସୀମ ଉନ୍ନତି ହେବ: ଦୁର୍ଭିକ୍ଷ, ମଡ଼କ, ରୋଗ, ଦାରିଦ୍ର୍ୟ, ଚୋର, ଖଣ୍ଡା, ଭୂତ, ପ୍ରେତ, ଡାଆଣୀ, ଚିରକୁଣୀ କେହି

ଗାଁରେ ପଶିପାରିବେ ନାହିଁ; ସମସ୍ତଙ୍କ ହାତରେ ଟଙ୍କା ପଇସା ସବୁବେଳେ ଝଣ୍ ଝଣ୍ ହେବ; ଗ୍ରାମଯାକ ପକ୍କା କୋଠାରେ ଧବଳମୟ ହୋଇଯିବ, ଆଉ କେହି ମୂର୍ଖ ରହିବେ ନାହିଁ, ସମସ୍ତେ ଭଟ୍ଟାଚାର୍ଯ୍ୟ ପଣ୍ଡିତ ହୋଇଯିବେ । ବର୍ଷକୁ ବର୍ଷ ଗ୍ରାମରୁ କାହାଣ କାହାଣ ଡେପୁଟି, ମୁନସଫ, ଓକିଲ, ଜଜ, ବାରିଷ୍ଟର ବାହାରିବେ । ଗାଁ ଖଣ୍ଡିକ କଲିକତା ସହରଠାରୁ ବଳିଯିବ । ବକ୍ତୃତାରେ ଏହିପରି ଅନେକ ଆଶାର ସ୍ୱପ୍ନ ଥାଏ । ସ୍ଥୂଳତଃ ସମିତିଟି ଖଣ୍ଡିଏ ସ୍ପର୍ଶମଣି । ତାହା ସ୍ପର୍ଶରେ ଗ୍ରାମରୂପ ଲୌହ ଶୁଦ୍ଧସୁବର୍ଣ୍ଣରେ ପରିଣତ ହେବ । କେବଳ ଏତିକି ନୁହେଁ, ବକ୍ତୃତାରେ ଆହୁରି ଅନେକ ଉଚ୍ଚଦରର କଥା ଥାଏ । ଏମନ୍ତ କି ଗ୍ରାମବାସୀମାନେ ନିଜର ଅର୍ଥରେ ରେଲ୍ ଜାହାଜ ପ୍ରଭୃତି ଚଳାଇ ପାରିବାର ଆଭାସ ମଧ୍ୟ ଥାଏ । ଆଉ ଅଧିକ କହିବାର ଆବଶ୍ୟକତା ନାହିଁ । ପାଠକମାନେ ବିରକ୍ତ ହେବେଣି । ଖାଲି ଏତିକି କହିଲେ ଯଥେଷ୍ଟ ହେବ ଯେ, ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କର କୌଣସି କାର୍ଯ୍ୟ ଅସାଧ୍ୟ ଥାଇପାରେ; ମାତ୍ର ସମିତିର ଅସାଧ୍ୟ କିଛି ନାହିଁ । ଅର୍ଥାତ୍ ସମିତିରୂପ ଅଭିଧାନରେ ଅସାଧ୍ୟ ଶବ୍ଦ ନାହିଁ । ଗ୍ରାମର ଆବାଳବୃଦ୍ଧ ମୁଗ୍ଧ ହୋଇ ବକ୍ତୃତା ଶୁଣନ୍ତି, ବିସ୍ମୟରେ ସ୍ତମ୍ଭୀଭୂତ ହୋଇ ରହନ୍ତି; କିନ୍ତୁ କେହି ବୁଝନ୍ତି କି ନାହିଁ ତାହା ଆମ୍ଭମାନଙ୍କୁ ଅଜ୍ଞାତ । ତେବେ ସମସ୍ତେ ଯେ ସତ୍ୟଭୂଷଣର ପ୍ରଶଂସା କରନ୍ତି, ଏହା ମିଥ୍ୟା ନୁହେଁ । ସତ୍ୟଭୂଷଣକୁ ସେମାନେ ଗ୍ରାମର କୋଷ୍ଠୀରେ ନୂତନ ଶୁଭଗ୍ରହର ଉଦୟ ବୋଲି ଜ୍ଞାନ କରନ୍ତି । ଅନର୍ଗଳ ବକ୍ତୃତା କରି କରି ଯାହା ପିଲାଙ୍କ ପରି ସତ୍ୟଭୂଷଣର ତଣ୍ଟି ପଡ଼ିଗଲା । ସ୍ୱର ଫିଟିବା ସଙ୍କାଶେ କେତେ ଦିନଯାଏ ସେ ମହାବସ୍ତ ବଚ କଳରେ ଯାଉଥିଲା ।

ପୁତ୍ରର ପ୍ରଶଂସା ଶୁଣି ପିତାମାତାଙ୍କର ହୃଦୟ ଆନନ୍ଦରେ ପୂରିଉଠିଲା । ପୁଅ ତ କୌଣସି କୁକର୍ମ ବା ଅକର୍ମ କରୁନାହିଁ—ପରନ୍ତୁ ଦେଶସେବାରେ ଆତ୍ମନିୟୋଗ କରିଅଛି, ଏହା ତ ଗୌରବର କଥା, ପୁଣ୍ୟର କଥା । ଏହା ପିତାମାତାଙ୍କର ବାଞ୍ଛନୀୟ; କିନ୍ତୁ ଅତିରିକ୍ତ ବକାବକି ଏବଂ ବୁଲାବୁଲିରେ ପୁଅର ଦେହ ଦୁର୍ବଳ ହୋଇପଡୁଅଛି, ଏହା ଅବଶ୍ୟ ଅସହ୍ୟ । ସତ୍ୟଭୂଷଣ ବକ୍ତୃତାରେ ଏତେ ପ୍ରମତ୍ତ ଅଛି ଯେ, ତାହାର ସ୍ନାନ, ଆହାର, ନିଦ୍ରା ସବୁ ଅନିୟମିତ । ଭୋକ କରେ ବୋଲି ଖାଏ, ନଚେତ୍ ବକ୍ତୃତା ଖାଇ ଯଦି ଭୋକ ବନ୍ଦ ହେଉଥାଆନ୍ତା, ତେବେ ସେ ଆଉ କିଛି ଖାଇବାକୁ ଖୋଜନ୍ତା ନାହିଁ । ଦିନେ ବୃନ୍ଦାବତୀ ପୁଅକୁ କହିଲେ—"ସତ୍ୟ, ତୁ ନ ଖାଇ ନ ପିଇ ତ କଣ୍ଟା ହୋଇଗଲୁଣି—ହାଡ ଗୁଡ଼ିକ ଗଣି ହେଲାଣି, ତୁ ଆଉ ଏତେ ବୁଲ ନା କି ବକାବକି କର ନା । କଅଣ ଦଶସଞ୍ଜ କରୁଛୁ ପରା, ଘରେ ବସି ତାହା କର୍ ।" ସତ୍ୟଭୂଷଣ ମା ମୁହଁକୁ ଚାହିଁ ମୃଦୁ ହସି କହିଲା—"ଦଶସଞ୍ଜ କଅଣ ଲୋ ? ଦେଶସେବା କହ ।" ବୃନ୍ଦାବତୀ କହିଲେ—"ହଁ ରେ ସେ ଦଶସଞ୍ଜ ନା ଦେଶ ସଞ୍ଜ କଅଣ, ତାହା ମୋ ନାଁ ଲଗା ତୁଣ୍ଡରେ ଆସୁନାହିଁ । ଏତେ ନ ବୁଲିଲେ କଅଣ ସେ ଦଶସଞ୍ଜ ଘରେ ବସି କରିହୁଏ ନାହିଁ । ତୁ ଅଣ୍ଡାଖଣ୍ଡିକ ଏତେ ସୁନ୍ଦର କଉଁଠୁ ଶିଖିଲୁ ରେ ? ତୋ କଥା ମୋତେ ଭାଠଙ୍ଗା ଲାଗୁଛି । ହଉ, ତୁ ଯାହା କର ପଛେ ଘରେ ବସି କର, ଭୋଗ ରାଗ ସିଧା ସାମଗ୍ରୀ ଯାହା ଲାଗିବ ମୁଁ ସବୁ ତୁଲେଇ ଦେବି ।"

ସତ୍ୟ—ହଁ, ଘରେ ବସି ଦେଶସେବା କରିବି, ତୁ ଟଙ୍କା ଦେବୁନା ?

ମାତା—କି, ଟଙ୍କା କଅଣ କରିବୁ ?

ସତ୍ୟ—ଔଷଧ କିଣିଆଣି ଗରିବ ଲୋକଙ୍କୁ ବାଣ୍ଟିବି ।

ମାତା—ହଉ ବାପ, ତା ପଛେ କର, ସେ ଖୁବ୍ ଭଲ କାମ । ଦୁଃଖୀ ରଙ୍କୀଙ୍କର ଉପକାର ହେବ । ସେମାନେ କଲ୍ୟାଣ କରିବେ । ଠାକୁରେ ତୋତେ ଆଇଷ ଦେବେ । ଗରିବ କାଙ୍ଗାଳଙ୍କୁ ଚାହିଁଲେ ତୋର ଧର୍ମ ହେବ ରେ ବାପ । ମା ମଙ୍ଗଳା ତୋତେ ସେହି ସୁବୁଦ୍ଧି ଦିଅନ୍ତୁ, କେତେ ଟଙ୍କା ହେଲେ ହେବ କହୁ ?

ସତ୍ୟ—ଦୁଇଶ ଟଙ୍କା ହେଲେ ଏବେ କାମ ଚଳିବ ।

ମାତା—ହଉ, ମୋ ବାକ୍ସରୁ ନେ ।

ସତ୍ୟଭୂଷଣ ମାତାଙ୍କ ବାକ୍ସରୁ ଟଙ୍କା ନେଇ କେତେକ ଡାକ୍ତରୀ ଔଷଧ କିଣି ଆଣି ଚିକିତ୍ସା ଆରମ୍ଭ କଲା । ସେ ଗୋଟାଏ ଜ୍ୱରମପା ଯନ୍ତ୍ର ଘେନି ଘରେ ଘରେ ବୁଲି ରୋଗୀ ଖୋଜି ଚିକିତ୍ସା କଲା । ଯାହା ଗୋଡ଼ରେ ଗୋଟାଏ ଘା ଦେଖିଲା, ତାକୁ ଧରିଆଣି ସାବୁନ ଓ ଗରମ ପାଣିରେ ନିଜ ହାତରେ ତାହାର ଘା ଧୋଇଦେଇ ମଲମ ଲଗାଇଦିଏ । କେହୁ କେହୁରେ ଲୁଗା ଘୋଡ଼ିଥିଲେ ତାକୁ କହେ—"କି, କାହିଁକି ଲୁଗା ଘୋଡ଼ିଛୁ ? ଆସିଲୁ ଆସିଲୁ—ତୋ ଦେହ ଦେଖେଁ ।" ଏହା କହି ସେହିକ୍ଷଣି ତାହାର ଜ୍ୱର ମାପିବସେ ଏବଂ ଜ୍ୱର ଥାଉ ବା ନଥାଉ ତାକୁ ଡାକିନେଇ ଔଷଧ ଦିଏ । ସେ ଇତର ଭଦ୍ରର ଭେଦ ରଖେ ନାହିଁ । ଯେ କେହି ପୀଡ଼ିତ ଦେଖିଲେ ତାକୁ ସ୍ୱହସ୍ତରେ ଚିକିତ୍ସା କରେ । ତାହାର ଏହି ଗୁଣ ଦେଖି ଲୋକେ ତାକୁ ଦେବତା ତୁଲ୍ୟ ଭକ୍ତି କଲେ । ଦରିଦ୍ର ବା ନିମ୍ନଜାତିର ଲୋକେ ଧନୀର ସାହଚର୍ଯ୍ୟ ପାଆନ୍ତି ନାହିଁ, ଦୈବେ ପାଇଲେ ଗୋଟାଏ ପରମ ଗୌରବ ଅନୁଭବ କରନ୍ତି । ସେମାନେ ଅଧିକ କିଛି ଖୋଜନ୍ତି ନାହିଁ, ଉଚ୍ଚ ଜାତିଙ୍କଠାରୁ ଟିକିଏ ଉଦାର ସଦୟ ବ୍ୟବହାର ପାଇଲେ ଜୀବନ ଧନ୍ୟ ମଣନ୍ତି ଏବଂ ଦାତାର ପ୍ରଶଂସା ପ୍ରସ୍ୱରରେ ସହସ୍ରମୁଖ ହୁଅନ୍ତି । ଯାହାଙ୍କୁ ସମାଜ ଦୂରରୁ ଦେଖିଲେ ଘୃଣ୍ୟ ଇତର ପଶୁ ପରି ଦୁର୍ ଦୁର୍ କରେ, ତାଙ୍କୁ ଯେ ଟିକିଏ ଆଶ୍ୱାସନା ଦେଖାଏ ବା ହାତ ଆଉଁସା କରେ, ସେମାନେ ତାକୁ ଦେବତାର ଉପରେ ଆସନ ଦିଅନ୍ତି । ସେମାନେ ଭକ୍ତି ଦେବାକୁ ପ୍ରସ୍ତୁତ; କିନ୍ତୁ ସମାଜ ତାହା ଗ୍ରହଣ କରେ ନାହିଁ କିମ୍ବା ସେମାନଙ୍କର ସାମାନ୍ୟ ପ୍ରାପ୍ୟ ସେମାନଙ୍କୁ ଦିଏ ନାହିଁ । ଏହା ସମାଜର ଦୁର୍ବଳତା ନା ଦୁର୍ଭାଗ୍ୟ ? ମନୁଷ୍ୟ ହୋଇ ମନୁଷ୍ୟକୁ ଘୃଣାକରିବା ରୂପ କୁତ୍ସିତ ପୋକ ଯେଉଁ ସମାଜରେ ପ୍ରବେଶ କରେ, ସେ ସମାଜ କୀଟଦଷ୍ଟ କାଷ୍ଠ ପରି ଅନ୍ତଃସାରଶୂନ୍ୟ । ଯେ ନିଜର ହାତଗୋଡ଼କୁ ଘୃଣାକରେ, ତାହାର ଦୁର୍ଗତି ଅବଶ୍ୟମ୍ଭାବୀ ଏବଂ ସେ ନିଜକୁ ନିଜେ ଦୁର୍ବଳ କରେ । ସମାଜ ଯାହାକୁ ନିମ୍ନ ଜାତି ବୋଲି ଘୃଣାକରେ, ସେହି-ଏକା ସମାଜ-ବୃକ୍ଷର ବଳ୍‌କଳ । ଗଛରୁ ବଳ୍‌କଳ ଛଡ଼ି-ଗଲେ ଗଛଟା କେତେଦିନ ବଞ୍ଚିବ ? ଦୁଃଖର ବିଷୟ ଜ୍ଞାନାଭିମାନୀ ସମାଜପତିମାନେ ଏହା ବୁଝି ସୁଦ୍ଧା ବୁଝନ୍ତି ନାହିଁ । ସେମାନଙ୍କର ବିଷନିଃଶ୍ୱାସରେ ସମାଜର ସୁଖର ଉତ୍ସ ଶୁଖିଯିବ । ହାତ ମୁହଁକୁ ଆହାର ଯୋଗାଏ; ମାତ୍ର ମୁହଁ ଯଦି ହାତକୁ ଘୃଣାକରେ ତେବେ ଫଳ ଯାହା ହେବାର ତାହାହିଁ ହୁଏ ।

ସତ୍ୟଭୂଷଣର ଚିକିତ୍ସାଳୟରେ ରୋଗୀ ସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା । ଔଷଧ, ପଥ୍ୟ, ଶୁଶ୍ରୂଷା ସବୁ ମାଗଣାରେ ମିଳିବାରୁ ଦୂରବର୍ତ୍ତୀ ଗ୍ରାମର ରୋଗୀମାନେ ଆସି ଜୁଟିଲେ । ରୋଗୀ ବୃଦ୍ଧି ଅନୁପାତରେ ଖର୍ଚ୍ଚ ମଧ୍ୟ ବଢ଼ିଉଠିଲା । ସତ୍ୟଭୂଷଣ ମା ବାକ୍ସରୁ ଟଙ୍କା ଆଣି ଖର୍ଚ୍ଚ ଚଳାଇବାକୁ ଲାଗିଲା; ମାତ୍ର ସେଥିରେ ଏରୂପ ବିରାଟ ବ୍ୟୟସାଧ୍ୟ କାର୍ଯ୍ୟ କେତେକାଳ ଚଳିବ ? ପିତା ସେଥିପାଇଁ ବ୍ୟୟ କରିବାକୁ ଏକାନ୍ତ କୁଣ୍ଠିତ । ସେ ପୁଅର ପ୍ରଶଂସା ଚାହାନ୍ତି; ମାତ୍ର ଟଙ୍କା ଦେଇ ପ୍ରଶଂସା କିଣିବାକୁ ଚାହାନ୍ତି ନାହିଁ । ବିନା ମୂଲ୍ୟରେ ହିମାଳୟ ତୁଲ୍ୟ ପ୍ରଶଂସାସ୍ତୂପ ତାଙ୍କ ଉପରେ ଲଦିଲେ ମନା କରିବେ ନାହିଁ; ମାତ୍ର ଯହିଁରେ ମୂଲ୍ୟ ଆବଶ୍ୟକ, ସେଭଳି ପ୍ରଶଂସାର ରସିକ ସେ ନୁହନ୍ତି । ଔଷଧାଳୟ ପାଇଁ କାହାରରୁ କାହାରିଠାରୁ କଡ଼ାଏ ସାହାଯ୍ୟ ମିଳିବାର ସୁଦ୍ଧା ଆଶା ନାହିଁ । ଏରୂପ ଅବସ୍ଥାରେ ସତ୍ୟଭୂଷଣର ଉପାୟ କଅଣ ଅଛି ? ଅର୍ଥାଭାବ ହେତୁ ଦୁଇମାସ ପରେ ଔଷଧ ଦେବାର କାର୍ଯ୍ୟ ଆପେ ଆପେ ବନ୍ଦ ହୋଇଗଲା । ତାହା ଅର୍ଥାଭାବର ଦୋଷ, ଅନୁଷ୍ଠାତାର ଦୋଷ ନୁହେଁ ।

ଡାକ୍ତରଖାନା ବନ୍ଦ ହୋଇଗଲା, ରୋଗୀ ଧାଉଡ଼ି ସୁଦ୍ଧା ବନ୍ଦ ହୋଇଗଲା । ସତ୍ୟଭୂଷଣର ଆଉ କିଛି କାମ ନାହିଁ; କିନ୍ତୁ ସେ ନିଷ୍କର୍ମା ହୋଇ ବସି ରହିବାର ପାତ୍ର ନୁହେଁ । କିଛି ଗୋଟାଏ ଦେଶ ସେବା ତାହାର ଦରକାର । ଜଣେ ସମିତିରେ ପ୍ରସ୍ତାବ ହେଲା—'ଗୋଟାଏ ପଞ୍ଚାଏତ ସଭା ଗଠିତ ହେବ, ସେଥିରେ କେତେଜଣ ସଭ୍ୟ ରହିବେ, ସେମାନେ ମାମଲାମକଦ୍ଦମା ସବୁ ଭାଙ୍ଗିଦେଇ ଗରିବ ପ୍ରଜାଙ୍କୁ ଖର୍ଚ୍ଚାନ୍ତ ହେବାରୁ ରକ୍ଷା କରିବେ ।' ଆଉ ଜଣେ ପ୍ରସ୍ତାବ ହେଲା—

ଛୁଞ୍ଚା ଧରି କେତେଟା ଜନ୍ତୁ ଅଣାଇ ଲୁଗାବୁଣା ଶିଖିବାକୁ ହେବ ।' ଆଉ ଜଣେ ପ୍ରସ୍ତାବ କଲେ—'ଗୋଟାଏ ହାଟ ବସାଇବାକୁ ହେବ, ନ ହେଲେ ଅନ୍ତର୍ବାଣିଜ୍ୟର ସୁବିଧା ହେବ ନାହିଁ ।' ଏହିପରି ଅନେକ ପ୍ରସ୍ତାବ ହେଲା; ମାତ୍ର କାର୍ଯ୍ୟରେ ଗୋଟାଏ ସୁଦ୍ଧା ଉଠିଲା ନାହିଁ । ତାହିଁ ସ୍ତ୍ରୀଶିକ୍ଷା ଉପରେ ଦୃଷ୍ଟି ପଡ଼ିଲା । ସଙ୍ଗେ ସଙ୍ଗେ ସମିତିରେ ପ୍ରସ୍ତାବ ମଞ୍ଜୁର ହୋଇ ଗୋଟାଏ ବାଳିକା ସ୍କୁଲ୍ ବସାଇବାର ଧାର୍ଯ୍ୟ ହେଲା । ମାତ୍ର ପଢ଼ିବ କିଏ ? ଯେଉଁ ପଲ୍ଲୀଗ୍ରାମରେ ଶତକଡ଼ା ଅନେଶତ ଜଣ ପୁରୁଷ ନିରକ୍ଷର, ସେଠାରେ ସ୍ତ୍ରୀଶିକ୍ଷାକୁ କିଏ ଆଦର କରିବ; ସୁତରାଂ ଏ ପ୍ରସ୍ତାବ ସୁଦ୍ଧା ପୂର୍ବ ପ୍ରସ୍ତାବର ଦଶା ଭୋଗିଲା । ଲୋକେ କୁହାକୁହି ହେଲେ—"ଏ ସବୁ ଆମର କଅଣ ହେବ, ଦାନାକନା ଛଡ଼ା ଆଉ ସବୁ ଆମର ଅଛି । ଖାଲି ଆମ ପେଟକୁ ମୁଠେ ଦାନା ଆଉ ଦେହକୁ ଖଣ୍ଡେ କନା ଯେ ଦେଇପାରିବ, ସେହି ଆମର ପ୍ରକୃତ ବନ୍ଧୁ ।" ଲୋକବୃଦ୍ଧାଙ୍କର ଏ କି ପ୍ରକୃତି ? ସତ୍ୟଭୂଷଣ ସେମାନଙ୍କୁ ଢୋଠାବାଙ୍ଗ, ରେଲ, ଜାହାଜ ଦେବାକୁ ପ୍ରସ୍ତୁତ; କିନ୍ତୁ ସେମାନେ ମାଗୁଛନ୍ତି କଅଣ ନା, ଦାନା—କନା । ସେ ଯାଚୁଛି—ସୁନ୍ଦର ମିଠାଇ, ଏ ମାଗୁଛନ୍ତି—କୁଣ୍ଡାପିଠା; ଦୁର୍ଭାଗ୍ୟ ଆଉ କାହାକୁ କହନ୍ତି ? ସତ୍ୟଭୂଷଣର ଉଚ୍ଚ ଧାରଣାକୁ ଏହିପରି ଏକା ପଣ୍ଡ କଲେ; କିନ୍ତୁ ସତ୍ୟଭୂଷଣ ଦମିତ ହେବା ଲୋକ ନୁହେଁ । କେତେଟା ଅନୁଷ୍ଠାନରେ ବ୍ୟର୍ଥମନୋରଥ ହେଲା ବୋଲି କଅଣ ସେ ହାତ ଗୋଡ଼ ଯୋଡ଼ି ନିରୁତ୍ସାହ ହୋଇ ବସିରହିବ ? "ଉଦ୍‌ଯୋଗିନଂ ପୁରୁଷସିଂହଂ", "ବରଂ ଖଣ୍ଡି ଖଣ୍ଡ ହେବା ଭଲ; ତଥାପି ସ୍ଥିର ହୋଇ ବସିବା ଭଲ ନୁହେଁ," "ବସିବାଠାରୁ ଚାଲିବା ଭଲ," ଏହିପରି ଅନେକ ବଡ଼ ବଡ଼ କଥା ସେ ଶିଖିଛି; ସୁତରାଂ ଶତ୍ରୁକୁ କ୍ଲୀବ ହୋଇ ରହିବ କାହିଁକି ? ଏହିପରି ବାଧା ପାଇ ସତ୍ୟଭୂଷଣର ଉତ୍ସାହ ମଲା ନାହିଁ, ପ୍ରତ୍ୟୁତଃ ବଢ଼ିବାକୁ ଲାଗିଲା । ବରକୋଳି ଗଛକୁ ଯେତେ କାଟିବ, ସେ ସେତେ କୁଆଁ ଦେଇ ବଢ଼ିବ । ସତ୍ୟଭୂଷଣ ଏଣିକି ସମାଜ ସଂସ୍କାରରେ ମନୋନିବେଶ କଲା । ସମିତିରେ ପ୍ରସ୍ତାବ ହେଲା—'ଧନୀ ଘରେ ବିବାହ କରିବାକୁ ହେବ ନାହିଁ ।' କେତେକଣ ଯୁବକ ଏ ପ୍ରସ୍ତାବ ଗ୍ରହଣ କରି ପ୍ରତିଜ୍ଞା କଲେ—'ସେମାନେ ବରଂ ଅବିବାହିତ ରହି ଚିରକୌମାର ବ୍ରତ ଧାରଣ କରିବେ; ମାତ୍ର ସହସ୍ର ପ୍ରଲୋଭନରେ ସୁଦ୍ଧା ଧନୀକନ୍ୟାକୁ ବିବାହ କରିବେ ନାହିଁ ।' ତାହିଁ ପ୍ରତିଜ୍ଞାପତ୍ର ଲିଖିତ ହେଲା, ଯେଉଁମାନେ ସେଥିରେ ସ୍ୱାକ୍ଷର କଲେ, ସେଥି ମଧ୍ୟରେ ସତ୍ୟଭୂଷଣ ପ୍ରଥମ । କେହି କେହି ପଚାରିଲେ—"ଧନୀକନ୍ୟା ପ୍ରତି ତୁମ୍ଭମାନଙ୍କର ଏ ଆକ୍ରୋଶ କାହିଁକି, ସେମାନଙ୍କର ଅପରାଧଟା ବା କଅଣ ?" ସତ୍ୟଭୂଷଣ ଅଗ୍ରଣୀ ହୋଇ ଉତ୍ତର କଲା—"ଧନୀକନ୍ୟା ପ୍ରତି ଆମ୍ଭମାନଙ୍କର ଅଶ୍ରଦ୍ଧା ନାହିଁ କିମ୍ବା ନାରୀଜାତି ପ୍ରତି ତିଳେ ମାତ୍ର ଆକ୍ରୋଶ ନାହିଁ । ନାରୀଜାତି ମାତୃଜାତି, ଦେବୀଜାତି, ସେମାନଙ୍କ ପ୍ରତି ଅଭକ୍ତି ପ୍ରକାଶ କରିବାକୁ କିଏ ସାହସ କରିବ ? ଜାଣି ଜାଣି ସେ ମହାପାପ କିଏ କାହିଁକି କରିବାକୁ ଯିବ । ତେବେ ଏ କାଳର ନାରୀମାନେ ସମସ୍ତେ ସେହି ଦେବୀଜାତୀୟା କି ନା, ସେ ବିଷୟରେ ମୋର ସନ୍ଦେହ ଅଛି । ସେ ଯାହା ହେଉ ଧନୀକନ୍ୟାକୁ ବିବାହ ନ କରିବାର କାରଣ ଏହି ଯେ, ବଡ଼ ଲୋକମାନଙ୍କର ଟଙ୍କା ଅଛି, ସେମାନେ ବେଶି ଦରରେ ଜୋଇଁ କିଣିନେଇ ଝିଅ ଦେବେ, ତେବେ ଗରିବ ଝିଅକୁ କିଏ ବିବାହ କରିବ ? ସମାଜରେ ଗରିବ ହେବା କି ଏଡ଼େ ପାପ ? ଲୋକେ ବଡ଼ଲୋକ ହେବା ପାଇଁ ବଡ଼ଲୋକ ଘରେ ବିବାହ କରନ୍ତି, ନ ହେଲେ ଅନ୍ୟ କିଛି କାରଣ ନାହିଁ । ବଡ଼ଲୋକର ଝିଅ ରୂପବତୀ ହେବ, ଗୁଣବତୀ ହେବ ଆଉ ଗରିବର ଝିଅ ନିର୍ଗୁଣା ହେବ, କୁରୂପା ହେବ ବୋଲି କୁ ବିଧି ବିଧାନ ନାହିଁ । ବରଂ ତୁଳନାରେ ଅଧିକାଂଶ ସ୍ଥଳରେ ବିପରୀତ ଦେଖାଯାଏ । ଗରିବ ଝିଅ ଯେଉଁ କାର୍ଯ୍ୟକୁ ଆନନ୍ଦ, ସୁଖ ବା ପୁଣ୍ୟ ମଣେ, ଧନୀକନ୍ୟା ତାକୁ ଲଜ୍ଜା, ଅପମାନ ଏବଂ ଘୃଣା ଜ୍ଞାନ କରେ । କେତେଟା ଧନୀକନ୍ୟା ଶାଶୁ ଶ୍ୱଶୁରଙ୍କୁ ସେବା କରିବାକୁ, ରନ୍ଧା ବଢ଼ା କରିବାକୁ, ଗୃହକାର୍ଯ୍ୟ କରିବାକୁ ସୁଖ ମଣନ୍ତି ? ମାତ୍ର ଗରିବ କନ୍ୟା ସେହିସବୁ କାର୍ଯ୍ୟକୁ କର୍ତ୍ତବ୍ୟ ମଣି ଆନନ୍ଦ ଏବଂ ଆଗ୍ରହର ସହିତ କରେ ।

ଆଉ କଥା ଦୂରେ ଥାଉ ଅନେକ ବଳାସକୋଡ଼ପାଳିତା ଧନିକନ୍ୟା ନିଜର ଗର୍ଭଜାତ ସନ୍ତାନ ସନ୍ତତି ପାଳନରେ ସୁଦ୍ଧା ଉଦାସୀନ । କନ୍ୟା କଲା ପରେ ଆଉ ତାଙ୍କର କିଛି ଦାୟିତ୍ୱ ନ ଥାଏ । ଧାତ୍ରୀ ହସ୍ତରେ ସନ୍ତାନର ଜୀବନ ଗଠିତ ହୁଏ, ଧାତ୍ରୀ ସ୍ତନ୍ୟରେ ତାହାର ଶରୀର ପୁଷ୍ଟ ହୁଏ ।'' ସତ୍ୟଭୂଷଣ ଏହିପରି ଅନେକ କଥା କହିଗଲା, ତାହା ସବୁ ଲେଖିବା ଏତେ ଆବଶ୍ୟକ ନୁହେଁ ।

## ଷଷ୍ଠ ପରିଚ୍ଛେଦ

ତାରିଣୀନାଥ ଓ ରଙ୍ଗାଧରର ବିବାହ ହୋଇ ଯାଇଅଛି । ସେମାନେ ଧନିକନ୍ୟା ବିବାହ କରିନାହାନ୍ତି । ଏ ବିବାହରେ ସତ୍ୟଭୂଷଣର ଚେଷ୍ଟା, ଯତ୍ନ ପୂର୍ଣ୍ଣଭାବରେ ଥିଲା । ତାରିଣୀନାଥ ଏବଂ ରଙ୍ଗାଧର ସତ୍ୟଭୂଷଣର ଦଳଭୁକ୍ତ ନ ହେଲେହେଁ ତାଙ୍କ ଉପରେ ତାହାର ପ୍ରଭାବ ଯଥେଷ୍ଟ ଅଛି । ସେ ଦୁହେଁ ଘରକରଣା କାର୍ଯ୍ୟରେ ଖୁବ୍ ମନୋନିବେଶ କରିଅଛନ୍ତି । କାହାର ମାଟିଘର ଛଅର ଲାଗିଛି, ଦାଣ୍ଡପିଣ୍ଡା ପକ୍କା ହେଉଛି; କାହାର ପୋଖରୀ ଖୋଳା ଲାଗିଛି, ବାଡ଼ିପରସ୍ତରେ ଅମାର ତୋଳାହେଉଛି, ଜମି କିଣା ଲାଗିଛି, ବ୍ୟବସାୟର ପ୍ରସାର ମଧ୍ୟ ଯଥେଷ୍ଟ ବଢ଼ିଅଛି । ସେ ଦୁହେଁ ପ୍ରତ୍ୟହ ସନ୍ଧ୍ୟାସମୟରେ ସତ୍ୟଭୂଷଣର ବୈଠକ ଖାନାକୁ ଆସନ୍ତି । ତାରିଣୀନାଥ ଏବଂ ସତ୍ୟଭୂଷଣ ଏକ ଗ୍ରାମର ଅଧିବାସୀ । ରଙ୍ଗାଧରର ଘର ଭିନ୍ନ ଗ୍ରାମରେ । ଦୁଇ ଗ୍ରାମର ବ୍ୟବଧାନ ତାକେ ବାଟ; ଅର୍ଥାତ୍ ଏ ଗ୍ରାମରୁ ଡାକିଲେ ସେ ଗ୍ରାମକୁ ଶୁଭେ । ଅଳ୍ପ ଦୂର ହେତୁ ତିନି ବନ୍ଧୁଙ୍କର ମିଳାମିଶାରେ ସୁବିଧା ହୁଏ । ସେମାନଙ୍କର ବାଲ୍ୟପ୍ରଣୟ ଅଦ୍ୟାବଧି ଅକ୍ଷତ ଅଛି, ପରସ୍ପର ଉପରେ ପରସ୍ପରର ଅଧିକାର ମଧ୍ୟ ଅଛି । ତିନିବନ୍ଧୁ ମଧ୍ୟରେ ନାନା ବିଷୟରେ ଆଲୋଚନା ହୁଏ । ଦିନେ ଦିନେ ଅଧିକ ରାତି ହୋଇଗଲେ ରଙ୍ଗାଧର ସତ୍ୟଭୂଷଣ ଘରେ ରହିଯାଏ । ସତ୍ୟଭୂଷଣର ଅବ୍ୟବସ୍ଥିତ ମତି ଦେଖି ବନ୍ଧୁଦୁହେଁ କ୍ଷୁବ୍ଧ ଏବଂ ବ୍ୟଥିତ । ସେମାନେ ତାକୁ ଅନେକ ସମୟରେ ଅନେକ ପ୍ରକାର ବୁଝାଇ କହନ୍ତି । ସତ୍ୟଭୂଷଣ ସେମାନଙ୍କ ଉପଦେଶ ଗ୍ରହଣ କରେ; ମାତ୍ର ପ୍ରାୟଶଃ ପ୍ରତିପାଳନ କରେନାହିଁ । ଯାହାର ମନ ଆତ୍ମବଶ ନୁହେଁ, ଉପଦେଶ ତାହାର କଅଣ କରିପାରିବ । ଉପଦେଶ ବ୍ୟର୍ଥ ହେଲା ବୋଲି ବନ୍ଧୁ ଦୁହେଁ କ୍ଷାନ୍ତ ହୁଅନ୍ତି ନାହିଁ । ସୁପାତ୍ରରେ ପ୍ରଯୁକ୍ତ ସଦୁପଦେଶ ଆପାତତଃ ବିଫଳ ହେଲେ ସୁଦ୍ଧା ତାହାର ଗୌରବ ହାନି ହୁଏ ନାହିଁ । ବନ୍ଧୁର ମଙ୍ଗଳ ସାଧନ ସଙ୍କାଶେ ସେମାନେ ଉତ୍ତରୋତ୍ତର ଚେଷ୍ଟା କରନ୍ତି । ଏହାହିଁ ପ୍ରକୃତ ବନ୍ଧୁତାର କାର୍ଯ୍ୟ । ପ୍ରାଣ ମଧ୍ୟରେ ଗୋଟାଏ ପ୍ରବଳ ଟାଣ ଥିଲେ ଏହିପରି ହୋଇଥାଏ । ଦିନେ ରଙ୍ଗାଧର କହିଲା—"ସତ୍ୟ, ତୁ ଯେଉଁ ସବୁ କାର୍ଯ୍ୟ କରିବାକୁ ବସିଛୁ, ସେଗୁଡ଼ିକ ଅତି ମହତ୍ କାର୍ଯ୍ୟ, ଆଉ ତୋର ଚିନ୍ତା, କଳ୍ପନା ମଧ୍ୟ ଖୁବ ଉଚ୍ଚ; ମାତ୍ର ସେହି କଳ୍ପନାକୁ କାର୍ଯ୍ୟରେ ପରିଣତ କରି ଆକୃତି ପ୍ରଦାନ କରିବା ଯେ ତୋ ଶକ୍ତିର ଅତୀତ, ଏହା ତୁ ବୁଝୁନାହୁଁ କାହିଁକି ? ସେ ସବୁ କାର୍ଯ୍ୟ ମନୁଷ୍ୟର କର୍ତ୍ତବ୍ୟ; ମାତ୍ର ବହୁ ଅର୍ଥସାପେକ୍ଷ । ଖାଲି ଚିନ୍ତା, କଳ୍ପନାରେ କାର୍ଯ୍ୟ ହୋଇଯାଉଥିଲେ ମାନବସମାଜର ସମସ୍ତ ଅଭାବ କେବେକାଳରୁ ପୂର୍ଣ୍ଣହୋଇ ସାରିଥାଆନ୍ତା । ତୋର କଳ୍ପନାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ପ୍ରଚୁର ଅର୍ଥ ଆବଶ୍ୟକ । କିନ୍ତୁ ତୋର ପିତା ସେଥିରେ କପର୍ଦ୍ଦକ ବ୍ୟୟ କରିବାକୁ କୁଣ୍ଠିତ । ଆଉ ତାହା ହିଁ ତ ହେବାର କଥା । ସେମାନେ ସେ କାଳର ଲୋକ, ତୋର ଉଚ୍ଚ ଚିନ୍ତାର ଗୁରୁତ୍ୱ ସେମାନେ ବୁଝନ୍ତି ନାହିଁ, କି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ତୁ ଯେତେବେଳେ ପିତୃସମ୍ପତ୍ତିର ଅଧିକାରୀ ହେବୁ, ଅର୍ଥ ବ୍ୟୟରେ ତୋର ଅଧିକାର ଜନ୍ମିବ, ସେତେବେଳେ ଇଚ୍ଛାନୁସାରେ ଦେଶସେବା କରିପାରିବୁ । ଅର୍ଥ ବଳ ପ୍ରଧାନ ବଳ । କେହି କହେ—ବୁଦ୍ଧି ବଳ ସବୁଠାରୁ ବଡ଼, କେହି କହେ—ବାହୁବଳ ସବୁଠାରୁ

ବଡ଼, କେହି ବା କହେ—ଭ୍ରାତୃବଳ ପରି ବଳ ନାହିଁ; ମାତ୍ର ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ଅର୍ଥବଳହିଁ ପ୍ରଧାନ ବଳ । ଉପରୋକ୍ତ ତିନି ବଳ ସାହାଯ୍ୟରେ ଅର୍ଥ ସଂଗୃହୀତ ହୁଏ; ମାତ୍ର ଅର୍ଥବଳ ସେମାନଙ୍କୁ ବଳିଯାଏ । ଅର୍ଥ ନହେଲେ ଲକ୍ଷେ ବକ୍ତୃତାରେ କିଛି ହେବ ନାହିଁ, କି କୋଟିଏ ସଭା ସମିତିରେ ଶାଗ ସିଝିବ ନାହିଁ । କଥାରେ ଚୁଡ଼ା ଭିଜେ ନାହିଁରେ ଭାଇ, ବକ୍ତୃତା ଭରି ଶୂନ୍ୟଗର୍ଭ ବାଷ୍ପମୟ ଶବ୍ଦସମ୍ଭାର ସ୍ରୋତ ଚାଳିପକାଇଲେ କାହାର କିଛି ଲାଭ ହେବ ନାହିଁ ।" ସତ୍ୟଭୂଷଣ କହିଲା—"ତେବେ ତୋର ପରାମର୍ଶ ଏହି ଯେ, ସମ୍ପତ୍ତିର ମାଲିକ ହେବାଯାଏଁ ଅପେକ୍ଷା କରିବାକୁ ହେବ । ଆଚ୍ଛା, ମୁଁ ଯେବେ ସେତେ ଦିନ ନ ବଞ୍ଚେ, ତେବେ କଅଣ ହେବ ? ଆଜିକଥା କାଲିକି ଅନ୍ତର ପରା ?" ରଙ୍ଗାଧର କହିଲା—"ସଂସାର ଅନିତ୍ୟ, ସଂସାରର ସବୁ ଅନିତ୍ୟ; ମାତ୍ର ସବୁବେଳେ ସେହି ଅନିତ୍ୟତାର ସ୍ୱପ୍ନ ଦେଖିଲେ ସଂସାରରେ ଚଳିହେବ କିପରି ? ଆଜି କଥା କାଲିକି ଅନ୍ତର ବୋଲି ଜୀବନର ସବୁ କାର୍ଯ୍ୟ କଅଣ ଆଜି ଶେଷକରି ଶ୍ମଶାନରେ ଯାଇ ଶୋଇ ରହିବାକୁ ହେବ ? ଦିନକ ଭିତରେ ଗୋଟାଏ ଜନ୍ମର କାର୍ଯ୍ୟ କରିହେବା କି ସମ୍ଭବ ? ବିଶେଷତଃ ଦିନକ ମଧ୍ୟରେ କି ଗୋଟାଏ କାଠ ଉନ୍ନତିର ଗୌରୀଶଙ୍କର ଚୂଡ଼ାକୁ ଉଠିଯିବ ? ଏକଥା ସ୍ୱପ୍ନ ଦେଖିବା ବି ତ ଅସମ୍ଭବଠାରୁ ବଳି ଅସମ୍ଭବ । କାର୍ଯ୍ୟ ଯେତେ ମହତ୍ ହୁଏ, ତହିଁରେ ସମୟ ଏବଂ ଅର୍ଥବ୍ୟୟ ମଧ୍ୟ ସେହି ପରିମାଣରେ ଅଧିକ ହୁଏ । ଏକାଦିନକେ ମଞ୍ଜିରୁ ଗଛ ଉଠି ଫଳ ଧରେ ନାହିଁ । ଆଗେ ମଞ୍ଜିରୁ ଗଜା ବାହାରେ, ସେହି ଗଜା ଗଛ ହୋଇ କ୍ରମେ କ୍ରମେ ବଢ଼ି କେତେ କାଳପରେ ଫଳ ଧାରଣର ଅବସ୍ଥା ପ୍ରାପ୍ତ ହୁଏ । କାର୍ଯ୍ୟ ମଧ୍ୟ ସେହିପରି ସମୟସାପେକ୍ଷ । ଆଉ ତୋର ବଞ୍ଚିରହିବା ଯଦି ଏତେ ସନ୍ଦେହଜନକ, ତେବେ ଏହି ମୁହୂର୍ତ୍ତିରେ ବି ତ ତୁ ସଂସାରରୁ ଅନ୍ତର ହୋଇପାରୁ ? ତେବେ କାର୍ଯ୍ୟ କିଏ କରିବ ? ଯାହାର ଜୀବନ ଏରୂପ ଅସ୍ଥାୟୀ; ଅର୍ଥାତ୍ ମୁହୂର୍ତ୍ତେ ବି ସ୍ଥାୟୀ ନୁହେଁ, ତାହାର ଏତେ ମୂଲ୍ୟବାନ୍ ଉଚ୍ଚ କଳ୍ପନା କାହିଁକି ? ଯମ ଆସି ଯାହାର ବେଣ୍ଟି ଚିପିଧରିଲାଣି, ତାହାର ଯାତ୍ରା କରିବା ବେଶ ହେବାକୁ ଶାଧ କାହିଁକି ?" ସତ୍ୟ-ଭୂଷଣକୁ ବୁଦ୍ଧି ବନ୍ଧୁମାନେ ଏହିପରି ବୁଝାଇ ଶୁଝାଇ ଉପଦେଶ ଦିଅନ୍ତି । ସେ ଉପଦେଶ ଆଶୁ ଫଳପ୍ରଦ ନ ହେଲେ ମଧ୍ୟ ବିଳମ୍ବରେ ହୋଇଥିଲା ।

ପୁତ୍ରର ବିଷୟ-କର୍ମରେ ମନ ନାହିଁ, ସେ କାହାର ଘାଟରେ ପାଣି ଖୋଳିବୁଲୁଛି, ଆଗପଛକୁ ତାର ନଜର ନାହିଁ, ଏହିସବୁ ଦେଖି ଜମିଦାରଙ୍କର ମନ ଭାରି ବିରକ୍ତ । କିନ୍ତୁ ସହଧର୍ମିଣୀଙ୍କ ଭୟରେ ପୁଅକୁ କିଛି କହି-ପାରନ୍ତି ନାହିଁ । ସହଧର୍ମିଣୀଙ୍କୁ ଭୟ କରି ଚଳିବା ପ୍ରାୟ ଅଧିକାଂଶ ବଡ଼ଲୋକଙ୍କର ଗୋଟାଏ ସୁମହତ୍ ବଡ଼ପଣ । ବାହାରେ ଯେତେ ପ୍ରତାପ, ପୌରୁଷ ଥାଉପଛେ ଅନ୍ତଃ-ପୁରରେ ସହଧର୍ମିଣୀଙ୍କ ନଅହଳ ମୁହଁ ପାଖରେ ସବୁ ମ୍ଳାନତ୍ୱ ପ୍ରାପ୍ତ ହୁଏ । ଜମିଦାର କ୍ୱଚିତ୍ ପୁଅ ଉପରେ ଭୟ ଭୟରେ ଟିକିଏ ମଧୁର ବିରକ୍ତ ହେଲେ ମଧ୍ୟ ବୃଦ୍ଧାବସ୍ଥା ତାହା ସହି ପାରନ୍ତି ନାହିଁ । ପୁଅର ପଟ ଧରି ଝଙ୍କିଲ ପରି ବାଣୀସ୍ୱରରେ ପ୍ରବୃତ୍ତ ହୁଅନ୍ତି । ସେ କହନ୍ତି, "ସତ୍ୟ ତମର କଅଣ କଲା କି ? ସେ ତ କାହିଁ କିଛି ଅନ୍ୟାୟ, ଅକର୍ମ କରୁନାହିଁ । ପର ଉପକାରରେ ମାତିଛି, ତାହା କଅଣ ଖରାପ କାମ ? ପିଲାଲୋକ, ଗୋଟାଏ ଖେଳରେ ମାତିଛି, ବଡ଼ ଘରର ପୁଅମାନେ କେତେ "ଅଏସ୍" କରୁଛନ୍ତି, ତାହାର ଜାଣି ସେ ଗୋଟାଏ "ଅଏସ୍" । ଆଉ ସେଥିରେ ଯେବେ ତା ମନ ଖୁସି ହୁଏ, ତେବେ ତାହା କରୁ । କାହାକୁ ସେ ଡଣ୍ଡୁଛି ନା ବାନ୍ଧୁଛି, ନା ଅନ୍ୟ ଫେଟକାମିଆ ଟୋକାଙ୍କ ପରି ଘରୁ ଟଙ୍କା-ପଇସା ନେଇ କଣା ପାଣିରେ ଉଡ଼େଇ ଦେଉଛି ? ତମର ତ କିଛି କ୍ଷତି କରୁନାହିଁ, ତେବେ ଲୁଚ୍ଚାଠାରେ ଲୁଗିଣ ନାହିଁ, ସୁଗିଣ ନାହିଁ ସବୁବେଳେ କାହିଁକି ତା ଉପରେ ଚଳିହୁଅ ? ପିଲା ପୁଅ, ବାଳୁତ-ରହିହାର, ତୁଆ ମୋର ନିଃଶ୍ୱାସ ପକାଇ ବୁକୁଭଙ୍ଗା ହୋଇଯିବ, ଖବରଦାର ତମେ ଆଉ ତାକୁ କିଛି କହିବ ନାହିଁ । ବଡ଼ ହେଲେ, ବୁଦ୍ଧି-ଶୁଦ୍ଧି ହେଲେ ବଳେ ବିଷୟ କର୍ମ ଶିଖିବ, ଆଉ କଅଣ ମା ପେଟରୁ ସମସ୍ତେ ଶିଖିଥାଆନ୍ତି ?'

ଏକଥାର ଆଉ ଉତ୍ତର କଅଣ ଅଛି ? ସୁତରାଂ ଜମିଦାର ନୀରବ ରହନ୍ତି । ନାଗସାପ ଯେତେ ଫଁ ଫଁ ହେଉ ପଛେ, ଗୁଣିଆ ଆଗରେ କୋଡ଼ିଆ ପରି ନସାନ୍ତି ।

ସତ୍ୟଭୂଷଣ ଏଣିକି ବେଶ୍ ବୁଝି ପାରିଲଣି ଯେ, ସିଡ଼ାଣୀ ଚଢ଼େଇ ପରି ସେ ଯେଉଁ ଡାଳରେ ବସିବାକୁ ଯାଉଛି, ସେ ଡାଳ ଭାଙ୍ଗି ପଡୁଛି । ସେ ଅନେକ ବଡ଼ ବଡ଼ ଅନୁଷ୍ଠାନ କଲଣି; ମାତ୍ର ଗୋଟିକର ସ୍ଥାୟୀ ଅସ୍ତିତ୍ୱ ନାହିଁ । ବିଫଳତାର ଗୁରୁ ଭାର ବହନ କରି କରି ସେ ଥକାପଡ଼ିଲଣି । ନିର୍ବୋଧକୁ କେହି ବୁଝାଇ ପାରେ ନାହିଁ—ତାହାର ମନ ଏକା ତାକୁ ବୁଝାଏ । "ଆଗେ ମଉସା, ଜାତ ପଇସା" ଏକଥାର ଅର୍ଥ ସେ ବୁଝି ପାରିଲଣି; ଠକି ଠକି ଶିଖିଲଣି । ଠକିବା ପରି ଦକ୍ଷ ଶିକ୍ଷକ ଜଗତରେ ଦ୍ୱିତୀୟ ନାହିଁ । ଯାହାକୁ କେହି ଶିଖାଇ ନ ପାରନ୍ତି, ତାହାକୁ ସେ ଶିଖାଏ । ତାହା ପ୍ରଦତ୍ତ ଶିକ୍ଷା ଜୀବନରେ ଭୁଲି ହୁଏ ନାହିଁ । ସତ୍ୟଭୂଷଣ ତାହାରିଠାରୁ ଉପଯୁକ୍ତ ଶିକ୍ଷା ପାଇ ମନେ ମନେ ଭାବିଲା—"ମୁଁ ଏତେ ଦିନଯାଏ କୁହୁଡ଼ିରେ ପହଁରୁଥିଲି, ତାହାର ଫଳ ପାଇଲଣି, ଗୋଡ଼ ହାତ ଭାଙ୍ଗି ଲହୁଲୁହାଣ ହେଲଣି, ଏବେ ସେ ବିଦ୍ୟା ଥାଉ । ରଙ୍ଗୁ ଯାହା କହିଲା—ଅର୍ଥ ଛଡ଼ା ଗତି ନାହିଁ, ତାହା ଠିକ୍ କଥା । ତାକୁ ଛଡ଼ା ଜୀବନ ନାହିଁ; ଏହା ସତ । ମୁଁ ହାଟରେ ପଶି କାହାକୁ ଖୋଜି ବୁଲୁଥିଲି; କିନ୍ତୁ ଯାହାକୁ ଖୋଜୁଥିଲି ତାକୁ ଚିହ୍ନେ ନାହିଁ—ଏ ତ ବଡ଼ ମଜାର କଥା । ମୋର କ୍ଷମତା ମୁଁ ଭଲ ବୁଝିପାରିଲଣି । ଆଉ ଏଭଳି ବ୍ୟୟସାପେକ୍ଷ କାର୍ଯ୍ୟରେ ହସ୍ତକ୍ଷେପ କରିବା ମୋର ଉଚିତ ନୁହେଁ ।" ସତ୍ୟଭୂଷଣ ଏହିପରି ଅନେକ କଥା ଭାବି, ମନକୁ ପ୍ରବୋଧ ଦେଇ ସଭା ସମିତି, ବକ୍ତୃତା ପ୍ରଭୃତି ସବୁ ଛାଡ଼ିଦେଲାଣି । ଏଣିକି ସେ ପ୍ରେତ-ତତ୍ତ୍ୱ, ଜନ୍ମାନ୍ତର ରହସ୍ୟ ଏବଂ ଯୋଗବିଦ୍ୟା ପ୍ରଭୃତି ଆଲୋଚନା କରୁଅଛି । ସେହି ସମ୍ବନ୍ଧୀୟ ପୁସ୍ତକ, ପତ୍ରିକା ଆଣି ସବୁବେଳେ ଅଧ୍ୟୟନ କରେ । ତାହାର ଉତ୍କଟ ଦେଶସେବା ରୂପ ସଂକ୍ରାମକ ବ୍ୟାଧି ଛାଡ଼ିଗଲାଣି । ଏବେ ସେ ଆଧ୍ୟାତ୍ମିକ ଏବଂ ପାରଲୌକିକ ତତ୍ତ୍ୱାନ୍ୱେଷଣରେ ବିଭୋର । ଅଧ୍ୟୟନ ଏବଂ ଦେଶସେବା ରୂପ ତାହା ଜୀବନର ଦୁଇଟି ଅଧ୍ୟାୟ ଶେଷ କରି ସେ ଏବେ ତୃତୀୟ ଅଧ୍ୟାୟ ଆରମ୍ଭ କରିଅଛି ।

ଡାକ୍ତରି ବିଦ୍ୟାରେ ସତ୍ୟଭୂଷଣର ଦକ୍ଷତା ତାହାର ଶତ୍ରୁମୁଖରେ ମଧ୍ୟ ପ୍ରଶଂସିତ ହୋଇପାରନ୍ତା; ମାତ୍ର ଦୁଃଖର ବିଷୟ କି ସୁଖର ବିଷୟ କେଜାଣି ତାହାର କେହି ଶତ୍ରୁ ନ ଥିଲେ । ସେ କାହାର ଇଷ୍ଟ ଭିନ୍ନ ଅନିଷ୍ଟ କରେ ନାହିଁ, ତାହାର ଭଏ କାହିଁକି ଶତ୍ରୁ ହେବ ? ସତ୍ୟଭୂଷଣର ବିଦ୍ୟା ଅଳ୍ପ; ମାତ୍ର ଯୋଗ୍ୟତା ଅସାଧାରଣ । କଠିନ, ଜଟିଳ ରୋଗର ଚିକିତ୍ସା ସମ୍ବନ୍ଧରେ ତାରାନାଥ ଏବଂ ରଙ୍ଗାଧର ତାହାର ପରାମର୍ଶ ଗ୍ରହଣ କରନ୍ତି । ସମୟ ସମୟରେ ତାହାର ତୀକ୍ଷ୍ଣ ପ୍ରତିଭାର ପରିଚୟ ପାଇ ତାରାନାଥ ଦୁଃଖ ପ୍ରକାଶ କରି କହେ—"ସତ୍ୟ, ତୁ ଖୋସବାସିଆ ଭାବରେ ନ ପଢ଼ି ଯଦି ବିଧିମତ ପଢ଼ିଥାଆନ୍ତୁ, ତେବେ କେଉଁ ସିଭିଲସର୍ଜନ ତୋତେ ସରିହୁଅନ୍ତା ? କି ପ୍ରତିଭାକୁ ତୁ ମାଟି କରିଦେଲୁ । ତୋହରି ପରି ପ୍ରତିଭା ଯାହାର ଥିବ, ସେହି ଏକା ପାଠ ପଢ଼ିବାକୁ ମନ କରିବ ।" ସତ୍ୟଭୂଷଣ ବନ୍ଧୁର ଖେଦୋକ୍ତି ଶୁଣି କହେ—"ଭାଇ,ଦରକାର ପଡ଼ିଲେ ମୋ'ର ଏ ପ୍ରତିଷ୍ଠା ବଜାରରେ ମୋତେ କିଏ କଉଡ଼ି କଢ଼େ ଦେବନା ?" ଅନନ୍ତର ହେରସାଙ୍କ ପରି ହସି ହସି କଥାଟାକୁ ଉଡ଼ାଇଦିଏ । ସତ୍ୟଭୂଷଣ ଜ୍ୱରରୋଗୀର ଦେହରେ ହାତ ଦେଇ ଉତ୍ତାପର ପରିମାଣ ଯାହା କହିଦିଏ, ବୈଜ୍ଞାନିକ ଜ୍ୱର କାଠିରେ ମାପିଲେ ଠିକ୍ ତେତିକି ହୁଏ । ଯେଉଁ ଔଷଧ ସେ ନିର୍ବାଚନ କରିଦିଏ, ତାହା ପ୍ରାୟ ବିଫଳ ହୁଏ ନାହିଁ, ପ୍ରତ୍ୟୁତଃ ବହୁ ସ୍ଥଳରେ ଆଶୁ ସୁଫଳପ୍ରଦ ହୁଏ । ଅନେକ ହତାଶ ରୋଗୀଙ୍କୁ ସେ ସାମାନ୍ୟ ମୁଷ୍ଟିଯୋଗରେ ଭଲ କରିଦେଇଅଛି ।

ଜମିଦାରଙ୍କର ଉଆସ ବିଷ୍ଣୁପୁର ଗ୍ରାମରେ । ପାଦପଡ଼ାରେ ତାଙ୍କର ଖମାର ଅଛି । ସେଠାରେ ଜଣେ ଗୁମାସ୍ତା ରହି ବୁଝାଶୁଝା କରେ । ସମୟ-ସମୟରେ ଜମିଦାର ସେଠାକୁ ଯାଇ ରହନ୍ତି । ମାତ୍ର ଅଧିକ ଦିନ ନୁହେଁ, ତିନି ଚାରିଦିନ ପରେ ଉଆସକୁ ଫେରିଆସନ୍ତି । ଉଆସଠାରୁ ପାଦପଡ଼ାର ଦୂରତା ପ୍ରାୟ

ଏକ କୋଶ ହେବ । ଜମିଦାରଙ୍କ ତରଫରୁ ସେଠାରେ ତିନିପୁର ଭଲ ଘର ତିଆରି ହୋଇଅଛି, ତାହାକୁ ଖମାର ଘର କହନ୍ତି । ଛୁଟି ଉଦାସୀ ବା ଅତିଥି ଅଭ୍ୟାଗତମାନଙ୍କୁ ଖମାରଘରୁ ସ୍ୱଚ୍ଛଳପତ୍ର ଦିଆଯାଏ । ସେ ଘର ଗୁମାସ୍ତା ଉପରେ ଥାଏ । ବିଶିଷ୍ଟ ଅତିଥି ସକାଶେ ଦୈନିକ ଦୁଇଅଣା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର କ୍ଷମତା ଗୁମାସ୍ତାକୁ ଦିଆଯାଇଅଛି । ଗୁମାସ୍ତା ସେହି ଦୁଇଅଣାରେ ଜମିଦାରି ମଧ୍ୟରୁ ଟଙ୍କାକର ପଦାର୍ଥ ସଂଗ୍ରହ କରି ଆଣେ । ଦିନେ ଜଣେ ସର୍ବଜ୍ଞ ଆସି ଖମାର ଘରେ ଅତିଥି ହେଲା, ତାହାର ବେଶ ସନ୍ନ୍ୟାସୀ ପରି । ଲୋଟାତମ୍ବୁଟା-ସର୍ବସ୍ୱ, ଜଟାମୁକୁଟଧାରୀ, ଲେଙ୍ଗୁଟିବନ୍ତ ସନ୍ନ୍ୟାସୀ ନୁହନ୍ତି—ମୁଣ୍ଡିତଶ୍ମଶ୍ରୁ, ବିନ୍ୟସ୍ତକେଶ, ଗୈରିକ ବସ୍ତ୍ର ପରିହିତ ସନ୍ନ୍ୟାସୀ । ଯାହାର ମୁନ୍ତିକେଶଧାରୀ ସେପରି ପଛଆଡ଼କୁ ବାଳ ଭିଡ଼ି ଆଣି ଠିକ୍ କପାଳ ଉପରେ ଲେଟଣୀ ବାନ୍ଧିଥାଏ, ସନ୍ନ୍ୟାସୀ ସେହିପରି ଗୋଟାଏ ଲେଟଣୀ ବାନ୍ଧିଅଛି ଏବଂ ସେଥିରେ ଅର୍ଦ୍ଧଚନ୍ଦ୍ରାକାରର ଗୋଟାଏ କାଠପାନିଆ ଖୋସିଅଛି । ବୟସ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ହେବ । ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ । ଆକୃତି ନ ଦୀର୍ଘ ନ ଖର୍ବ । ଶରୀର ହୃଷ୍ଟପୁଷ୍ଟ ଏବଂ ବଳିଷ୍ଠ । ସନ୍ନ୍ୟାସୀ ନିଜକୁ ସର୍ବଜ୍ଞ ବୋଲି ପରିଚୟ ଦିଏ । ଆମ୍ଭେମାନେ ସୁଦ୍ଧା ତାକୁ ସେହି ଆଖ୍ୟାରେ ଅଭିହିତ କରିବୁଁ । ସେ ସର୍ବଜ୍ଞ ହେଉ ବା ନହେଉ କେତେଟା ବିଦ୍ୟାରେ ତାହାର ଖୁବ୍ ଦକ୍ଷତା ଥିବାପରି ବୋଧହୁଏ । ସେ ଟୁଣା ଟାମଣା ଜାଣେ, ମନ୍ତ୍ରଯନ୍ତ୍ର ଜାଣେ; କିଛି ସାମୁଦ୍ରିକ ବି ଜାଣେ । ଭୂତ, ପ୍ରେତ, ବୀର, ବାଉଶୀ, ଡାଆଣୀ, ଶରକୁଣୀ ଛଡ଼ାଇବା ବିଷୟରେ ତାହାପରି ଜଣେ ନରଲୋକରେ ନାହିଁ ବୋଲି ସେ ଗର୍ବ କରି କହେ । କମଣ୍ଡଳୁରୁ ଗଣ୍ଡୁଷେ ପାଣି ପିଆଇଦେଲେ ସେଗୁଡ଼ାକ ଛାଡ଼ି ପଳାଇ ଯାଆନ୍ତି । ଆଉ ଡାଆଣୀଲୁଙ୍କୁ ସେ ବଡ଼ କଲବଲ କରି ଦଣ୍ଡ ଦିଏ । ଯାହାକୁ ଡାଆଣୀ ବା ପିଶାଚୁଣୀ ମାଡିବସିଥାଏ, ସେ ସର୍ବଜ୍ଞଙ୍କୁ ଦେଖିଲେ ଗୋଟାଏ ପାଣି କଳସୀ ବା ମୁଠେ ମୁଣ୍ଡି ଝାଟୁଣୀ ଦାନ୍ତରେ କାମୁଡ଼ି ଧରି ଏକ ନିଃଶ୍ୱାସରେ ନ ପଳାଇବାଯାଏ ତାକୁ ବୁଦ୍ଧି ବାଟ ଦିଶେ ନାହିଁ । ସର୍ବଜ୍ଞ ଏହିପରି ଅନେକ ଅବାଗିଆ ଗଳ୍ପ କହି ଲୋକଙ୍କୁ ମୁଗ୍ଧ କରିପକାଏ । କପୋଳ କଳ୍ପନାରେ ସ୍ୱୟଂ କପୋଳକଳ୍ପନା ସୁଦ୍ଧା ତାହାର ଶିଷ୍ୟ ପଦର ଯୋଗ୍ୟ ହେବନାହିଁ । ଗାଁ ଲୋକେ ଯାନିଯାଳୀ ପରି ଧାଇଁ ଛୁଟିଲେ । ସର୍ବଜ୍ଞ ସେମାନଙ୍କ ଭବିଷ୍ୟତ ଅନ୍ଧକାରରେ କଅଣ ଅଛି କହିଦେବ—ସମସ୍ତେ ଏହି ଆଶାରେ ଆଶାୟୀ । ସର୍ବଜ୍ଞ ଜଣଜଣଙ୍କର ନାମ ପଚାରି, ତାକୁ ଆଗରେ ବସାଇ ପିଲାମାନେ ପାଟିରେ ହାତଦେଇ ଆବା ଆବା ଖେଳିଲା ପରି ଦୁଇ ତିନିଥର ପାଟିରେ ହାତ ମାରି "ମା ମା" ଉଚ୍ଚାରଣ କରେ । ତାହା ପରେ କିଛି କ୍ଷଣ ଆଖି ବୁଜି ଧ୍ୟାନ କରେ । ଧ୍ୟାନ ଭାଙ୍ଗିଲେ ଅଦୃଷ୍ଟର ଭବିଷ୍ୟତ୍ ଫଳ କହେ ; ମାତ୍ର ଅତୀତ କଥା ସେତେ କହେ ନାହିଁ । ସେ କହେ—'ଯାହା ଗତ ହୋଇ ଗଲାଣି, ସେକଥା କହି ଫଳ କଅଣ ? ଗତକଥା ଖତ ।' ତେବେ କେହି ନିତାନ୍ତ ଶୁଣିବାକୁ ଜିଦ୍ କଲେ କେତେକ ସାମୁଦ୍ରିକ ବଳରେ, କେତେ ବା ଠାଉକ ମାରି କହେ । ସେଥିରୁ କେତେ ସତ ହୁଏ କେତେ ମିଛ ହୁଏ । ମାତ୍ର ମିଥ୍ୟାର ଦୋଷ ସେ ଦେହକୁ ନିଏ ନାହିଁ, ତାହା ବିଦ୍ୟା ମୁଣ୍ଡରେ ଗଡ଼ାଇଦିଏ । ବିଦ୍ୟା ଯାହା କହିଲା, ସେ ତାହାର ପ୍ରତିଧ୍ୱନି କଲା । ତାହା ଯଦି ଭୁଲ ହୁଏ, ତେବେ ସେ ଭୁଲ ବିଦ୍ୟାର ନ ହୋଇ ତାହାର କାହିଁକି ହେବ ? ଏଥିରେ ଆଉ ଯୁକ୍ତି କଅଣ ଅଛି ? ତଥାପି ଯଦି କେହି ସନ୍ଦେହ କରେ, ତେବେ କିଛି କ୍ଷଣ ନୀରବ ରହି କଅଣ ଭାବି କହେ—'ହଁ ହଁ, ଠିକ୍ ଠିକ୍, ମୋର ଭୁଲ ହୋଇଯାଇଥିଲା, ମୁଁ ଗୋଟାଏ ଶୂନ ଛାଡ଼ିଦେଇଥିଲି । ଏ ସବୁ ଅଙ୍କ ପାଠ ପରା, ଫେଡ଼ା ଗୁଣାରେ ଉଣା ଅଧିକ ହେଲେ ଫଳ ଭୁଲ ହୋଇଯାଏ । ମାଳ ମାଳ ଅଙ୍କ ମନେ ମନେ ହରିବା, ଗୁଣିବା କଅଣ ସହଜ କଥା ? ଆଉ 'ମୁନିରପି ମତିଭ୍ରମ' ମନୁଷ୍ୟ ବା କି ଛାର ।' ଏହିପରି ଦୁଇଟିରି ପଦ କଥା କହି ନିଜର ତ୍ରୁଟିକୁ ଢାଙ୍କିନିଏ । ଭବିଷ୍ୟତ୍ ଫଳ କହିବାବେଳେ ମୁହଁରେ ବାଟୁଳି ବାଜେ ନାହିଁ । ପାତ୍ର ଦୃଷ୍ଟିରେ ଫଳର ତାରତମ୍ୟ ହୁଏ । ସାମାନ୍ୟକୁ ସାମାନ୍ୟ ଭଳି ଏବଂ ବଡ଼ଲୋକଙ୍କୁ ବଡ଼ଲୋକିଆ ଭଳି ବତାଇ

ଫୁଲରେ ଫଳ ଧରେ । କିଏ ରାଜା ହେବ, କିଏ ମନ୍ତ୍ରୀ ହେବ, କିଏ ସାହୁକାର ହେବ, କିଏ ଦୀର୍ଘାୟୁ ହେବ, କିଏ ବହୁପୁତ୍ରବାନ୍ ହେବ, କିଏ ଅକସ୍ମାତ୍ ପୋତାମାଲ ପାଇବ, କାହା ଭାଗ୍ୟରେ ଭୂମିଲାଭ ଘଟିବ, କିଏ ରୂପବତୀ, ଗୁଣବତୀ, ସ୍ତ୍ରୀରତ୍ନ ଲାଭ କରିବ, ଏହିପରି ଯାହାକୁ ଯାହା ଇଚ୍ଛା, ତାହା କହୁଯାଏ । ଲୋକେ ଶୁଣି ମୁଗ୍‌ଧ, ସ୍ତମ୍ଭିତ ହୋଇଯାଆନ୍ତି । କେହି ଆଶାର ଶେଷ ପାହାଚକୁ ଉଠିଯାଇ ଚନ୍ଦ୍ରକୁ ହାତ ବଢ଼ାଏ, କେହି ନିଜକୁ ଯୋଗ-ଜନ୍ମା ପୁରୁଷ ମଣି ଗର୍ବରେ ପାଞ୍ଚହାତ ବଢ଼ିଯାଏ । ସହାସ୍ୟରେ ପାର୍ଶ୍ୱବର୍ତ୍ତୀ ଲୋକ ପ୍ରତି କଟାକ୍ଷ ନିକ୍ଷେପ କରି ସଙ୍କେତରେ ନିଜର ସୌଭାଗ୍ୟ ଗରିମା ଜଣାଇଦିଏ । କେହି ଧନବାନ୍ ହେଲେ ଭ୍ରମଣ କରିବ, କାହାକୁ ଆଗେ ଜବତ୍ କରିବ, କାହା ନାମରେ ମକଦ୍ଦମା କରିବ, କାହାର ଭୂମି ଛଡ଼ାଇ ନେବ, କାହାକୁ ଗାଁ ଛଡ଼ା କରିବ ବା କି କି ମୂଲ୍ୟବାନ୍ ଅଳଙ୍କାରରେ ଗୃହିଣୀର ଶ୍ରୀଅଙ୍ଗ ମଣ୍ଡନ କରି ଧନ୍ୟ ହେବ, ସେଥିର ଗୋଟାଏ ପ୍ରକାଣ୍ଡ ତାଲିକା ଫର୍ଦ୍ଦ ମନେ ମନେ ପ୍ରସ୍ତୁତ କରିବାକୁ ଲାଗିଲା । କେହି କାହାର ଭବା ଭାଗ୍ୟୋଦୟ କଥା ଶୁଣି ମୁହଁ ଶୁଖାଇ ପକାଇଲା, ନିଜର ଦୁର୍ଭାଗ୍ୟକୁ ଏବଂ ଭବା ଭାଗ୍ୟଧରକୁ ମନେ ମନେ ଅନେକ ନିନ୍ଦା କରିବାକୁ ଲାଗିଲା । ଶତ୍ରୁର ଭବିଷ୍ୟତ୍ ଉନ୍ନତି ଶୁଣି କାହାର ପ୍ରାଣ ଶରୀର ମଧ୍ୟରେ ମୂର୍ଚ୍ଛିତ ହୋଇପଡ଼ିଲା । ଦୁଇଚାରି ଦିନ ମଧ୍ୟରେ ସର୍ବଜ୍ଞର ନାମଡାକ ପଡ଼ିଗଲା । ଚାରିଆଡ଼ୁ ଲୋକେ ଆସି ନିଜନିଜର ଭବିଷ୍ୟତ ଗଣାଇବାକୁ ଲାଗିଲେ । ଯାହାର ଗୋରୁ ରାତିରେ ଘରକୁ ନ ଆସିଲା, ସେ ଯାଇ ସର୍ବଜ୍ଞଙ୍କୁ ପଚାରିଲା । ଯାହାର ପେଟ କାମୁଡ଼ି ଧରିଲା, ସେ ଯାଇ ସର୍ବଜ୍ଞଙ୍କୁ ପଚାରିଲା । ପୁଅ ବିଦେଶରେ କିପରି ରୋଜଗାର କରୁଛି ବୋଲି ବାପ ପଚାରିଲା । କଳହୁଡ଼ୀ ଶାଶୁ କେବେ ମରିବ ବୋଲି ବୋହୂ ଯାଇ ପଚାରିଲା । ଏହିପରି ନାନା ଲୋକେ ନାନା ଉଦ୍ଦେଶ୍ୟ ଘେନି ଆସିଲେ; ମାତ୍ର ଭୂତ, ଡାଆଣୀ ଛଡ଼ାଇବାର ଆମନ୍ତ୍ରଣ ଘେନି ସବୁଠାରୁ ଅଧିକ ଲୋକ ଆସିଲେ । ଭେଟି ସ୍ୱରୂପ ସର୍ବଜ୍ଞଙ୍କର କେଉଁ ଦିନ ଛପଇସା କେବେ ଦୁଇଅଣା, କେବେ ବା ନ ପଇସା ଅଧଲେ ଲାଭ ହେବାକୁ ଲାଗିଲା ।

# ସପ୍ତମ ପରିଚ୍ଛେଦ

ଗ୍ରୀଷ୍ମକାଳୀନ ମଧ୍ୟାହ୍ନ, ଆକାଶ ଅଗ୍ନି ସମୁଦ୍ର ପରି ଭୟଙ୍କର, ରୌଦ୍ରରେଖା ତରଙ୍ଗ ଭଙ୍ଗୀରେ ନାଚି ଖେଳି ବୁଲୁଅଛି । କଦାଚିତ୍ ଗୋଟାଏ ଗୋଟାଏ ଅତି ସାହସୀ ପକ୍ଷୀ ସେହି ଅନଳ ସିନ୍ଧୁ ସନ୍ତରଣ କରି ବୃକ୍ଷରୁ ବୃକ୍ଷାନ୍ତରକୁ ଉଡ଼ି ଯାଉଅଛନ୍ତି । ପୃଥିବୀ ନିସ୍ତବ୍ଧ, ଆକାଶ ନିସ୍ତବ୍ଧ; ପନ୍ଥଉଡ଼ିଆ ପକ୍ଷୀ ଉଚ୍ଚବୃକ୍ଷ ଚୂଡ଼ାରେ ବସି ଚୁପ ଚୁପ ଶବ୍ଦରେ ସେହି ନିସ୍ତବ୍ଧତାକୁ ଭୀଷଣତର କରୁଅଛି । ସେ ମଧ୍ୟାହ୍ନ-ସରକାର ଚପରାସୀ । ସେ ସମସ୍ତଙ୍କୁ ଚୁପ୍ ଚୁପ୍ କହି ଘଳ ବଳେ ବାହାରିବାର ସୂଚନା ଦେଉଅଛି । ଶୋକାର୍ତ୍ତର ମର୍ମଶୋଷୀ ଦୀର୍ଘ ନିଃଶ୍ୱାସପରି ଉଷ୍ଣ ପବନ ବହୁଅଛି । ଦୁଷ୍ଟ ଡାମରକାଉର ଭୀଷଣ କର୍କଶ ରବ କର୍ଣ୍ଣରେ ଅଗ୍ନିଶଳାକା ଖୁଞ୍ଚି ଦେଉଅଛି । ବ୍ୟାଘ୍ରର ଗନ୍ଧ ପାଇ ଶିଷ୍ଟ ପଶୁକୁଳ ଯେପରି ବଣବୁଦାରେ ଯାଇ ଲୁଚି ରହନ୍ତି, ଅନ୍ୟ ପକ୍ଷୀମାନେ ସେହିପରି ତରୁଶାଖାର ପତ୍ର ଉହାଡ଼ରେ ନୀରବରେ ବସି ରହିଛନ୍ତି । ସେମାନଙ୍କ ଦୃଷ୍ଟିରେ ଭୟ ବ୍ୟାକୁଳତା ବୋଧ ହୋଇଅଛି । ଏତେ ଭୀଷଣତା ମଧ୍ୟରେ ବିଶ୍ୱର ଯୌବନଶ୍ରୀ ଆତ୍ମପ୍ରକାଶ କରୁଅଛି । ପୁଣି ସେହି ଯୌବନଶ୍ରୀ ମଧ୍ୟରେ ସୌନ୍ଦର୍ଯ୍ୟର ଅନନ୍ତ ମହାକାବ୍ୟ ଉନ୍ମୁକ୍ତ ରହିଅଛି । ଏଠାରେ ଭୀଷଣତା ସୌନ୍ଦର୍ଯ୍ୟକୁ ଆଲିଙ୍ଗନ କରୁଅଛି, କି ସୌନ୍ଦର୍ଯ୍ୟ ଭୀଷଣତାକୁ ଆଲିଙ୍ଗନ କରୁଅଛି, ତାହା କିଏ କହିବ ? ତେବେ ଭୀଷଣତା ଯେ ସୌନ୍ଦର୍ଯ୍ୟର ଭୂଷଣ, ଏହା ଅନେକତ୍ର ପରିଲକ୍ଷିତ ହୁଏ । ନିଖିଳ ସୌନ୍ଦର୍ଯ୍ୟର ବରଭୂଷା ସୁକୁମାରୀ ସରୋଜିନୀର ପ୍ରିୟ ଭୂଷଣ ସୌରକର ସିନା । ଦାବାନଳ ନ ହେଲେ ନୈଶକାନନ ବକ୍ଷକୁ ସୁନ୍ଦର କିଏ କରିବ ? ଥାଉ ସେ

କଥା । ଏହି ମଧ୍ୟାହ୍ନ ସମୟରେ ଦୂରସ୍ଥିତ "ଟପ ଟପ୍ ଟପାଟପ୍"ଶବ୍ଦରେ ପାହାଡ଼ଗ୍ରାମ କମ୍ପି ଉଠିଲା । ଦେଖୁଁ ଦେଖୁଁ ସେହି ଶବ୍ଦ କ୍ରମଶଃ ନିକଟବର୍ତ୍ତୀ ହେଲା । କିୟତ୍ କ୍ଷଣ ପରେ ଅଶ୍ୱାରୂଢ଼ ଜମିଦାରପୁତ୍ର ସତ୍ୟଭୂଷଣ ଖମାର ଘରେ ଆସି ଉପସ୍ଥିତ ହେଲା । ସର୍ବଜ୍ଞଙ୍କର ପ୍ରଶଂସା ଶୁଣି ସେ ତାଙ୍କୁ ଦେଖିବାକୁ ଆସିଅଛି । ସତ୍ୟଭୂଷଣ ଖମାର ଘରକୁ ସମୟ ସମୟରେ ଆସେ । ସ୍ଥାନଟି ନିର୍ଜ୍ଜନ; ସୁତରାଂ ତାକୁ ଖୁବ ଭଲ ଲାଗେ । ସ୍ଥାନୀୟ ପ୍ରାକୃତିକ ଦୃଶ୍ୟ ମଧ୍ୟ ରମଣୀୟ । ମାତ୍ର ସେ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସତ୍ୟଭୂଷଣ ଆସେ ନାହିଁ । ସେ ପ୍ରେତତତ୍ତ୍ୱର ଉପାସକ, ତାହାର ଗଦ୍ୟପ୍ରବଣ କଠୋର ହୃଦୟରେ ସୌନ୍ଦର୍ଯ୍ୟ କି ରେଖାପାତ କରିପାରେ । ସୌନ୍ଦର୍ଯ୍ୟ ସୃଷ୍ଟି ତାହାପାଇଁ ନୁହେଁ—ସୌନ୍ଦର୍ଯ୍ୟର ସ୍ୱତନ୍ତ୍ର ଚଲ୍ଲବ ଗ୍ରାହକ ଅଛି । ନିର୍ଜ୍ଜନରେ ପୁସ୍ତକପାଠ କରିବା ସକାଶେ ସତ୍ୟଭୂଷଣ ସେଠାକୁ ଆସେ ଏବଂ ଥରେ ଥରେ ସପ୍ତାହେ ଦୁଇ ସପ୍ତାହ ରହିଯାଏ । ଏଣିକି ସେ ନିର୍ଜ୍ଜନତାର ଏକାନ୍ତ ପ୍ରିୟଭକ୍ତ ହୋଇପଡ଼ିଅଛି । ଭୂତପ୍ରେତ ଦେଖିବାକୁ ତାହାର ଖୁବ୍ ଇଚ୍ଛା । ନିର୍ଜ୍ଜନ ସ୍ଥାନ ନହେଲେ ସେମାନଙ୍କର ସାକ୍ଷାତ ପାଇବ କିପରି ? ମାତ୍ର ଭୂତଗୁଡ଼ାକ କି ନିଷ୍ଠୁର ଯେ, ଅନେକ ସାଧ୍ୟସାଧନାରେ ସୁଦ୍ଧା ତାକୁ ଦେଖା ଦିଅନ୍ତି ନାହିଁ ।

ଯଥାସମୟରେ ସର୍ବଜ୍ଞ ଓ ସତ୍ୟଭୂଷଣର ସାକ୍ଷାତ ହେଲା । ଏ ସାକ୍ଷାତ୍ ଖୁବ୍ ଶୁଭବେଳାରେ ହୋଇଗଲା । ତାହାର ଫଳରେ ଅତି ଅଳ୍ପ ଦିନ ମଧ୍ୟରେ ଉଭୟର ସୌହାର୍ଦ୍ଦ୍ୟ ଗାଢ଼ତର ହୋଇଉଠିଲା । ପ୍ରଥମ ସାକ୍ଷାତ୍ରେ ସତ୍ୟଭୂଷଣ ପଚାରିଲା—"ତୁମେ କଅଣ ବୋଲୁଅ ?" ସର୍ବଜ୍ଞ କହିଲା—"ସ୍ୱାମୀ ବୋଲନ୍ତି, ଆମେ ସର୍ବଜ୍ଞ । ଦେଖେଁ ଆପଣଙ୍କର ହାତ ।" ଅନନ୍ତର ସତ୍ୟଭୂଷଣର ହାତ ଟାଣିନେଇ ଗମ୍ଭୀର ମନୋଯୋଗ ସହକାରେ ନିରୀକ୍ଷଣ କରି କଅଣ ପଢ଼ିଲା କେଜାଣି ମୁଖରେ ଯଥେଷ୍ଟ ପ୍ରଫୁଲ୍ଲିତା ପ୍ରକାଶ କରି କହିଲା—"ଆଃ, ଏ କଅଣ, ମୁଁ କାହାର ହାତ ଦେଖୁଛି—ମନୁଷ୍ୟର ନା ଦେବତାର ! ଏଭଳି ହାତ କି ମନୁଷ୍ୟର ହୋଇପାରେ, ନା ମୁଁ ସ୍ୱପ୍ନ ଦେଖୁଛି ? କାହିଁ, ବୟସ ତ ଆସି ବୟାଳିଶ ବର୍ଷ ହେଲା, ଆଜିଯାଏ ତ ଏଭଳି ସୁଲକ୍ଷଣବନ୍ତ ହାତ ଗୋଟାଏ ଦେଖିଲି ନାହିଁ । ଧନ୍ୟ ଧନ୍ୟ ଧନ୍ୟ ତପସ୍ୟା, ଧନ୍ୟ ଭାଗ୍ୟ !" ସର୍ବଜ୍ଞ ଏତିକି କହି କିଛିକ୍ଷଣ ମୌନହୋଇ ରହିଲା । ତହିଁପରେ ସତ୍ୟଭୂଷଣରେ ହାତ ଛାଡ଼ିଦେଇ ମୁହଁକୁ ଚାହିଁ ମୃଦୁ ମୃଦୁ ହସି ଦୃଢ଼ସ୍ୱରରେ କହିଲା—"ଅର୍ଜ୍ଜୁନଙ୍କ ହାତର ରେଖା ଠିକ୍ ଏହିପରି ଥିଲା । ଧନ, ମାନ, ବିଦ୍ୟା, ଜ୍ଞାନ, ଯଶ, ପୌରୁଷ କାହିଁରେ କି କଳାଏ ଉଣା ନୁହେଁ । ଓଃ, ଆୟୁ ତ ଶତାଷ୍ଟରୁ ଅଧିକ । ବାବୁ, ଆପଣ ଜଣେ କ୍ଷଣଜନ୍ମା ପୁରୁଷ, ସ୍ୱର୍ଗର ଅଭିଶପ୍ତ ଦେବତା, ଆପଣଙ୍କ ଖ୍ୟାତି, ଗୌରବ ଦେଶରେ ଧରିବ ନାହିଁ । ଆଉ ଅଧିକ ଦିନ ନୁହେଁ—ବର୍ଷକ ପରେ ଆପଣ ଜଣେ ଅବତାର ପୁରୁଷ ହୋଇଉଠିବେ । ଆପଣଙ୍କ ପଦଧୂଳିକୁ ଲୋକେ ତୀର୍ଥଧୂଳିଠାରୁ ପବିତ୍ର ମଣିବେ, ଆଉ ସେହି ଧୂଳି ମୁଣ୍ଡରେ ବୋଳିହେବାଲାଗି ଦେଶ ଦେଶାନ୍ତରରୁ ଲୋକେ ଧାଇଁବେ । ଆପଣଙ୍କର ଦେହଟା ଏଦେଶର ତଥାପି; ମାତ୍ର ସେ ଦେହରେ ବିଧାତା କେଉଁ ଉନ୍ନତ ଦେଶର ଗୋଟାଏ ଉନ୍ନତ ମସ୍ତକ ଆଣି ଲଗାଇ ଦେଇଛି । ଏଭଳି ମହାମୂର୍ତ୍ତି ନୀରସ ମାଟିରେ ହୋଇନପାରେ । ଆପଣଙ୍କ ଭବିଷ୍ୟତ୍ ଫଳ ଗୋଟାଏ ମୁହଁରେ କଅଣ କହିପାରିବି ? ବିଧାତା ଯେବେ ମୋତେ ଆହୁରି ଗୋଟାକେତେ ମୁହଁ ଦେଇଥାଆନ୍ତା, ତେବେ କିଛି କହିପାରନ୍ତି । ଏତେଦିନେ ମୋର ଚକ୍ଷୁ ସାର୍ଥକ, ବିଦ୍ୟା ସାର୍ଥକ, ସାଧନା ସାର୍ଥକ ହେଲା । ଆଉ ମୁଁ ମଧ୍ୟ ସାର୍ଥକ ହେଲି ।" ଏହିପରି ସ୍ତୋକ ବାକ୍ୟରେ ସର୍ବଜ୍ଞ ମସଲା ମିଶାଇ ଏପରି ଗୋଟାଏ ଉପାଦେୟ ପଣା ପ୍ରସ୍ତୁତ କଲା ଯେ, ସତ୍ୟଭୂଷଣ ତାହା ପାନକରି ତୃପ୍ତି ଏବଂ ଆନନ୍ଦରେ ଆତ୍ମବିସ୍ମୃତ ହୋଇଗଲା । ପ୍ରଶଂସା ପରି ମୁଖରୋଚକ ମିଷ୍ଟାନ୍ନ କୌଣସି ଗୁଡ଼ିଆ ପ୍ରସ୍ତୁତ କରିପାରେ ନାହିଁ । ପ୍ରଶଂସା ସମସ୍ତଙ୍କୁ ମିଠା ଲାଗେ । ସ୍ତୁତିକଲେ ଦେବତାମାନେ ସନ୍ତୁଷ୍ଟ ହୋଇ ବର ଦେଇପକାନ୍ତି । ସ୍ତବସ୍ତୁତିପରି ବଶୀକରଣ ମହାମନ୍ତ୍ର ସଂସାରରେ ଆଉ ନାହିଁ । ସତ୍ୟଭୂଷଣ ସେହି ନିଶାଇତୁ ଆକଣ୍ଠ ଭୋଜନକରି ସର୍ବଜ୍ଞ ପ୍ରତି ଷୋଳକଳା ପ୍ରସନ୍ନ ହେଲା ଏବଂ ସତ୍ତ୍ୱଦାନ

ସ୍ୱରୂପ ସର୍ବଜ୍ଞଙ୍କର ସୁଖସୁବିଧାର ଉତ୍କୃଷ୍ଟ ବ୍ୟବସ୍ଥା କରି ଦେଲା । ସର୍ବଜ୍ଞ ରାଜସମ୍ମାନରେ ରହିଲା । ସତ୍ୟଭୂଷଣ ତାହା ସହିତ ଆଳାପ ଆମୋଦରେ କାଳ ହରଣ କରିବାକୁ ଲାଗିଲା । ସର୍ବଜ୍ଞ ପ୍ରତି ତାହାର ଗୋଟାଏ ଭକ୍ତି ଜାତ ହେଲା । ତାହା କଥାରେ ବିଶ୍ୱାସ ମଧ୍ୟ ଜାତ ହେଲା । ଖମାର ଘର ପଛପରସ୍ତ ଖୁବ୍ ନିର୍ଜନ । ସେହିଠାରେ ସର୍ବଜ୍ଞଙ୍କୁ ସ୍ଥାନ ଦିଆଗଲା । ସେ ପରସ୍ତକୁ ଆଉ କେହି ଯାଆନ୍ତି ନାହିଁ, ସର୍ବଜ୍ଞ ଓ ସତ୍ୟଭୂଷଣ ସେଠାରେ ରହି ବାକ୍ୟାଳାପ କରନ୍ତି । ସତ୍ୟଭୂଷଣ ଅନେକ ପୁସ୍ତକ ପତ୍ରିକାରୁ ଭୂତପ୍ରେତର କାହାଣୀ ପଢ଼ି ସର୍ବଜ୍ଞଙ୍କୁ ଶୁଣାଏ । ସର୍ବଜ୍ଞ ମଧ୍ୟ ଭୂତ, ପ୍ରେତ, ଖବିସ, ବ୍ରହ୍ମଦୈତ୍ୟ ପ୍ରଭୃତିର ଅନେକ ଅଦ୍ଭୁତ ଗଳ୍ପ କହେ । କଥାକୁ ସେ ଖୁବ୍ ସଜ୍ଜିତ କରିପାରେ; ଏ ହେତୁ ତାହା କଥା ଯେତେ ଶୁଣିଲେ ତେତେ ଇଚ୍ଛା ବଢ଼ୁଥାଏ । ପ୍ରକାଣ୍ଡ ପ୍ରକାଣ୍ଡ ଭୂତଗୁଡ଼ାକୁ ସେ କେବେ କାନ ନାକ ମୋଡ଼ାଇଥିଲା, ଦୁଷ୍ଟ ଖବିସକୁ କି କୌଶଳରେ ପରାସ୍ତ କରିଥିଲା, କଣ୍ଟା ଡାଆଣୀଗୁଡ଼ାକ ତାକୁ କିପରି ଭୟ ଭକ୍ତି କରନ୍ତି, ଏହିପରି ତେର କଥା ସେ ମାଠେମୁଠି, ବନେଇଚୂନେଇ, ରଙ୍ଗ ଦେଇ, ସୁଠି ଦେଇ ଖୁବ୍ ଆଡ଼ମ୍ବର ସହିତ ବର୍ଣ୍ଣନା କରେ । ଭୂତମାନେ ତାହାର ଆଜ୍ଞାଧୀନ । ସେମାନେ ତାହାର ଧାନ କୁଟନ୍ତି, ବଲ ବାଛନ୍ତି, ଘୁଡ଼ାଳ କାଟନ୍ତି; ଆହୁରି କେତେ କଅଣ କରନ୍ତି । ସ୍ଥୂଳତଃ ରାମାୟଣର ପ୍ରତାପୀ ରାବଣ ଯେଉଁପରି ଦେବତାମାନଙ୍କୁ ସେବାରେ ଖଟାଇଥିଲା, ଭୂତଗୁଡ଼ାକୁ ସେ ତତୋଽଧିକ ଭାବରେ ନାନା ନିକୃଷ୍ଟ କାର୍ଯ୍ୟରେ ସୁଦ୍ଧା ଖଟାଇପାରେ । ଏହିପରି କଥା ଶୁଣିବାକୁ ସତ୍ୟଭୂଷଣର ଭାରି ଆଗ୍ରହ । ସେ ଅବହିତଚିତ୍ତ ହୋଇ ସବୁ ଶୁଣେ ଏବଂ ଅପାର ଆନନ୍ଦ ସହ ଅସୀମ ବିସ୍ମୟ ଲାଭ କରେ । କେବେ କେବେ ପାରଲୌକିକ କଥାର ଚର୍ଚ୍ଚା ହୁଏ । ମନୁଷ୍ୟ ମଲେ କଅଣ ହୁଏ, କଅଣ କରେ, କଅଣ ଖାଏ, ଭୂତ କିଏ ହୁଏ, ଖବିସ କିଏ ହୁଏ, ଏହିସବୁ କଥାର ତତ୍ତ୍ୱାନୁସନ୍ଧାନ ଲାଗେ । ସର୍ବଜ୍ଞ ମତରେ ଅବିବାହିତ ହିନ୍ଦୁ ମଲେ ଭୂତ ହୁଏ, ଆଉ ଅବିବାହିତ ପଠାଣ ମଲେ ଖବିସ ହୁଏ । ଭୂତଠାରୁ ଖବିସ ଦୁର୍ଦ୍ଦାନ୍ତ, ଖବିସଠାରୁ ଯେ ଦୁର୍ଦ୍ଦାନ୍ତ ତାହାକୁ ସଇତାନ କହନ୍ତି । ସଇତାନଗୁଡ଼ାକ କେଉଁ ଜାତିର ଭୂତ ତାହା ଠିକ୍ ନାହିଁ । ଏହିପରି ଅନେକ କଥା ସର୍ବଜ୍ଞଙ୍କୁ ଜଣା । ସେ ସବୁ ଭୂତ ପ୍ରେତର କଥା ପାଠକ ଶୁଣିଲେ ବିରକ୍ତ ହେବେ, ଭୟ ମଧ୍ୟ କରିବେ; ସୁତରାଂ ତାହା ଲେଖିବାର ପ୍ରୟୋଜନ ନାହିଁ । ସତ୍ୟଭୂଷଣ ଏଣିକି ଖମାର ଘରେ ଅଧିକ ଦିନ ରହେ । ମା ଡାକିପଠାଇଲେ କ୍ୱଚିତ୍ ଯାଏ । ପର୍ବ ହେଲେ ଉଆସକୁ ଆସେ; ମାତ୍ର ଦିନେ ଦୁଇଦିନ ରହି ଫେରି-ଯାଏ । ଏହିପରି ଭାବରେ ଦେଖୁଁ ଦେଖୁଁ ଦୁଇମାସ କାଳ ଅତିବାହିତ ହୋଇଗଲା ।

ଦିନେ ସତ୍ୟଭୂଷଣ ପଚାରିଲା—"ସ୍ୱାମି, ମୁଁ ଦେଖୁଛି, କୌଣସି ବିଦ୍ୟା ତୁମ୍ଭର ଅଜ୍ଞାତ ନୁହେଁ । ବୈଦ୍ୟର ଅଜଣା ଗଛ ଥାଇପାରେ; ମାତ୍ର ତୁମ୍ଭର ଅଜଣା ବିଦ୍ୟା ନାହିଁ । ଏତେ ବିଦ୍ୟା ତୁମ୍ଭେ କିପରି ଶିଖିଲ ? ବେଳେ ବେଳେ ତୁମ୍ଭ ତୁଣ୍ଡରୁ ଖୁବ ଉଚ୍ଚ ଉଚ୍ଚ କଥା ବାହାରିପଡ଼େ, ତାହା ସାଧାରଣ ଲୋକର କଥା ନୁହେଁ । ତୁମ୍ଭର ବୟସ ତ ବୟାଳିଶ ବୋଲି କହୁଛ, ମୁଁ ବି ସେତିକି ଅନୁମାନ କରୁଛି । ଏତେ ଅଳ୍ପ ସମୟ ମଧ୍ୟରେ ଏତେ ବିଦ୍ୟା ପଢ଼ି ସର୍ବଜ୍ଞ ହେଲ କିପରି ?"

ସର୍ବଜ୍ଞ—ବିଦ୍ୟା କି ପଢ଼ି ଶେଷ କରି ହୁଏ ବାବୁ ! ଅକୂଳସମୁଦ୍ରକୁ କିଏ ସନ୍ତରଣରେ ପାରି ହେବ ? ବିଦ୍ୟା ଅନନ୍ତ; ମାତ୍ର ମନୁଷ୍ୟର ପରମାୟୁ ଅଳ୍ପ, ଅଳ୍ପରେ କି ଅନନ୍ତକୁ ଜୟ ହେବ ? ସମସ୍ତ ବିଦ୍ୟାର ସାର ଏକ ମହାବିଦ୍ୟା ଅଛି, ତାକୁ ସାଧନା କଲେ ସବୁ ବିଦ୍ୟା ଅନାୟାସରେ ଆୟତ୍ତ ହୁଏ । ସେହି ମହାବିଦ୍ୟାର ନାମ—ଯୋଗବିଦ୍ୟା । ଯୋଗବିଦ୍ୟାରେ ଅସାଧ୍ୟ ସାଧନ କରି ହୁଏ; ଅର୍ଥାତ୍ ଯାହା ଇଚ୍ଛା ତାହା କରି ହୁଏ ।

ସତ୍ୟଭୂଷଣ—ତୁମ୍ଭେ ଯୋଗବିଦ୍ୟା ଜାଣ ?

ସର୍ବଜ୍ଞ—ହଁ, ଜାଣେ ।

ସତ୍ୟଭୂଷଣ—ଯୋଗସାଧନ କର ?

ସର୍ବଜ୍ଞ—ହଁ, କରେ । ସେହି ଯୋଗବଳରେ ମୁଁ ସର୍ବଜ୍ଞ ।

ସତ୍ୟଭୂଷଣ—ତୁମ୍ଭେ ଏ ବିଦ୍ୟା କାହିଁ ଶିଖିଲ ?

ସର୍ବଜ୍ଞ—ଆମ ଗୁରୁ ପ୍ରୟାଗ ତୀର୍ଥରେ ଅଛନ୍ତି । ସେ ଯୋଗସିଦ୍ଧ ପୁରୁଷ, ଯୋଗବଳରେ ମଲା ମଣିଷକୁ ଜୀଆଇ ଦେଇପାରନ୍ତି । ସେ ଖଣ୍ଡେ ବାଘଛାଲ ଉପରେ ବସି ଭରା ନଈ ପାର ହୋଇଯାଆନ୍ତି, ବାଘଛାଲରେ ପାଣି ଲାଗେ ନାହିଁ । ଏକ ସ୍ଥାନରେ ବସି ସେ ଜଗତସାରାର କାର୍ଯ୍ୟ ଦେଖିପାରନ୍ତି। ଦୂରବର୍ତ୍ତୀ ଶିଷ୍ୟମାନଙ୍କର ଭଲ ମନ୍ଦ ଜାଣିପାରନ୍ତି, କେହି ରୋଗ ବା ବିପଦରେ ପଡ଼ିଲେ ସେ ତତ୍‌କ୍ଷଣାତ୍ ଆସି ତାକୁ ସେଥିରୁ ମୁକ୍ତ କରିଦିଅନ୍ତି ।

ସତ୍ୟଭୂଷଣ—ଆଚ୍ଛା, ତୁମକୁ କେବେ ବିପଦରୁ ଉଦ୍ଧାର କରିଛନ୍ତି ?

ସର୍ବଜ୍ଞ—ହଁ, ଅନେକ ଥର ମୃତ୍ୟୁ ମୁଖରୁ ଉଦ୍ଧାର କରିଛନ୍ତି ।

ସତ୍ୟଭୂଷଣ—କିପରି ?

ସର୍ବଜ୍ଞ—ଥରେ ମୁଁ ଯୋଗସାଧନ କରୁ କରୁ ଅନ୍ୟମନସ୍କ ହୋଇପଡ଼ିଲି । ସେଥିରେ ଶରୀର ମଧ୍ୟରେ ବାୟୁର କ୍ରିୟା ବିଶୃଙ୍ଖଳ ହୋଇଗଲା । ତହୁଁ ମୋର ପେଟଟା ଧାନ ଓଲିଆ ପରି ଫୁଲିଗଲା । ମୁଁ ଅନ୍ନଜଳ ନ ପାଇ ବହୁତ କଷ୍ଟ ପାଇଲି, ଏମନ୍ତ କି ବଞ୍ଚିବାର ଆଶା ଛାଡ଼ି ବସିଲି । ଗୁରୁଦେବ ସର୍ବଦର୍ଶୀ, ଯୋଗବଳରେ ମୋର ଅବସ୍ଥା ଦେଖି ଦୟା କରି ମୋ ପାଖରେ ଆସି ଉପସ୍ଥିତ ହେଲେ ଏବଂ କମଣ୍ଡଳୁରୁ ଗଙ୍ଗାବାରି ମନ୍ତ୍ରାଏ ପିଆଇ ଦେଇ ମୋତେ ଭଲ କରିଦେଇ ଗଲେ । ଆଉ ଥରେ ଜଣକ ସଙ୍ଗରେ ମୋର ଆତ୍ମା ବଦଳ ହୋଇଯାଇଥିଲା, ଗୁରୁଦେବ ସେଥର ଆସି ମୋତେ ସେ ବିପଦରୁ ଉଦ୍ଧାର କରିଥିଲେ ।

ସତ୍ୟଭୂଷଣ—ଆତ୍ମା କିପରି ବଦଳ ହେଲା ?

ସର୍ବଜ୍ଞ—ମୋର ଜଣେ ସଙ୍ଗାତ ଥିଲା, ତାହାର ମୋର ଖୁବ୍ ଆଳାପ । କେହି କାହାରି କଥା ଲଙ୍ଘି ପାରୁନାହୁଁ । ଦିନେ ସେ ମୋତେ କହିଲା, "ସଙ୍ଗାତ, ସ୍ୱର୍ଗ ଦେଖିବାକୁ ମୋର ଭାରି ଇଚ୍ଛା । ତୁମେ ଯୋଗବିଦ୍ୟା ଜାଣ, ଯୋଗବଳରେ ମୋତେ ସାଙ୍ଗରେ ନେଇଯାଇ ଥରେ ଦେଖାଇ ଆଣନ୍ତ ।" ମୁଁ କହିଲି—"ସେପରି ହୋଇପାରିବ ନାହିଁ । ତେବେ ଆଉ ଗୋଟାଏ ଫିକର କଲେ ହେବ । ମୋର ଆତ୍ମା ତୁମକୁ ଦେଲେ ତୁମେ ମୋହରି ଯୋଗବଳରେ ନର୍କେ ଯାଇ ଦେଖି ଆସିପାରିବ । ମନୁଷ୍ୟର ସ୍ଥୂଳ ଶରୀର ମଧ୍ୟରେ ସୂକ୍ଷ୍ମ ଶରୀର ଅଛି, ତାହାର ନାମ ଆତ୍ମାପୁରୁଷ । ସେ ପୁରୁଷର ଆକାର କେତେ କ୍ଷୁଦ୍ର ତାହା କହିହେବ ନାହିଁ । ତାହାକୁ କେହି ଦେଖି ପାରନ୍ତି ନାହିଁ । ସେ କେବଳ ଯୋଗ ବଳରେ ଦୃଷ୍ଟିଗୋଚର ହୁଏ । ମନୁଷ୍ୟ ଶୋଇଥିଲାବେଳେ ସେହି ସୂକ୍ଷ୍ମପୁରୁଷ ନାସାରନ୍ଧ୍ରରେ ବାହାରି ଆସି ବାହାରେ ଖେଳୁଥିଲେ । ସେତେବେଳେ ମନୁଷ୍ୟ ନିଶ୍ଚେଷ୍ଟ । ସୂକ୍ଷ୍ମ ପୁରୁଷ ବାହାରେ ଯାହା ଯାହା କରେ ମନୁଷ୍ୟ ନିଶ୍ଚେଷ୍ଟ ଅବସ୍ଥାରେ ତାହାସବୁ ସ୍ୱପ୍ନ ଦେଖେ । ସେ ଚଢ଼େଇ ପରି ଆକାଶରେ ଉଡ଼ିପାରେ, ଜଳରେ ମାଛ ପରି ପହଁରି ଯାଇପାରେ, ନିଆଁ ଭିତରେ ପଶି ଅକ୍ଷତ ଅବସ୍ଥାରେ ବାହାରି ଆସିପାରେ । କେତେବେଳେ ଗଛକୁ ଚଢ଼ିଯାଏ, କେତେବେଳେ ବଣ ଭିତରେ ପଶିଯାଏ, କେତେବେଳେ ବା ତଳେ ଏଣେ ତେଣେ ଦୌଡ଼ିବୁଲେ । ଅବ୍ୟକ୍ତବାକ୍ ଶିଶୁ ପରି ଯାହା ଦେଖେ ତାହା ପାଟିରେ ପୁରାଇଦିଏ । ସେ କାହାକୁ ଭୟ କରେନାହିଁ—ସାପକୁ ଧରି ପକାଏ, ବାଘକୁ ମାଡ଼ିବସେ । ଏହିରୂପେ ଯଦୃଚ୍ଛା କାର୍ଯ୍ୟ କରିବୁଲେ । କିନ୍ତୁ ସେ ବଡ଼ ସାବଧାନ । କେହି ସୁପ୍ତ ମନୁଷ୍ୟକୁ ଛୁଇଁ ଦେବା ପୂର୍ବରୁ କିମ୍ବା କୌଣସି ଶବ୍ଦ ହେବା ପୂର୍ବରୁ ସେ ଅତି କ୍ଷିପ୍ର ଗତିରେ ଆସି ଶରୀର ଭିତରେ ପଶିଯାଏ । ତହୁଁ ମନୁଷ୍ୟ ଚେଇଁଉଠେ । ସେ ଯେତେବେଳଯାଏଁ ବାହାରେ ଥାଏ, ସେତେବେଳଯାଏଁ ମନୁଷ୍ୟର ଆତ୍ମାନୁଭୂତି ଥାଏନାହିଁ । ସେ ଜଡ଼ପିଣ୍ଡ ପରି ନିଶ୍ଚେଷ୍ଟ ଭାବରେ ପଡ଼ି ରହିଥାଏ । ସଙ୍ଗାତ ଶୋଇଥିବାବେଳେ ମୁଁ ଯୋଗବଳରେ ମୋର ଆତ୍ମାକୁ ତାହା ଦେହରେ ପୁରାଇ ଦେଲି । ତାହାର ଆତ୍ମା ବାହାରୁ ଆସି ସ୍ଥାନ ନ ପାଇ ମୋ ଦେହରେ ପଶିଗଲା । ତହୁଁ ମୁଁ ସେ ହୋଇଗଲି ଆଉ ସେ ମୁଁ ହୋଇଗଲା । ମୋର ଯୋଗବଳ ଯାଇ ତାକୁ ଆଶ୍ରା କଲା । ସଙ୍ଗାତ ଯାଇ ସ୍ୱର୍ଗ ଦେଖିଆସିଲା; କିନ୍ତୁ ବିଶ୍ୱାସରେ ବିଷ ମିଶାଇ ମୋ ଆତ୍ମା ମୋତେ ଫେରାଇ ଦେଲାନାହିଁ । ସେ ଶୋଇଲେ

ସିନା ମୋ ଆତ୍ମା ତା ଦେହରୁ ବାହାର ଯାଆନ୍ତା। ଏହି ଅବସରରେ ତାହାର ଆତ୍ମା ତାକୁ ଦେଇ ମୋର ଆତ୍ମା ବଦଳାଇ ନିଅନ୍ତି; ମାତ୍ର ସେ ମୋତେ ଦେଖା ଦେଲାନାହିଁ । ସବୁବେଳେ ଲୁଚି ଲୁଚି ବୁଲିଲା । ମୁଁ ମହାସଙ୍କଟରେ ପଡ଼ିଲି । ସଙ୍ଗାତର ମୋର ସବୁ ବଦଳି-ଗଲା । ସେ ମୋପରି କଥା କହିଲା, ମୁଁ ତା ପରି କଥା କହିଲି; ସେ ମୋପରି ବୁଲିଲା, ମୁଁ ତା ପରି ବୁଲିଲି; ସେ ମୋପରି ହସିଲା, ମୁଁ ତା ପରି ହସିଲି; ସେ ମୋପରି କାନ୍ଦିଲା, ମୁଁ ତାପରି କାନ୍ଦିଲି । ଏହିପରି ଛିଙ୍କିବା, ଶୁଷିବା, ଖାଇବା, ପିଇବା ସବୁ ଦୁହିଙ୍କର ବଦଳିଗଲା । ଲୋକେ ଦେଖି ତାଟଙ୍କା ହୋଇଗଲେ । ସବୁ ଯେତେବେଳେ ବଦଳିଗଲା, ପରମାୟୁ ବି ବଦଳି ଯାଇଥିବ । ତାହାର ପରମାୟୁ ଅଳ୍ପ ହୋଇଥିଲେ ମୋତେ ଶୀଘ୍ର ମରିବାକୁ ହେବ, ଏହି ଚିନ୍ତା ମୋତେ ଘାରିଲା; ଅନ୍ନ ଜଳ ବିଷ ହେଲା । ଅନ୍ତର୍ଯାମୀ ଗୁରୁ-ଦେବ ତାହା ଜାଣିପାରି ଆସି ଉପସ୍ଥିତ ହେଲେ । ସଙ୍ଗାତଠାରୁ ଯୋଗବଳରେ ମୋର ଆତ୍ମା ଛଡ଼ାଇ-ଆଣି ମୋତେ ଦେଲେ ଆଉ ତା ଆତ୍ମା ତାକୁ ଦେଲେ । ଯିବାବେଳେ ମୋତେ ଢେର ଗାଳିଦେଇ କହିଗଲେ—"ଦେଖ୍, ସାବଧାନ, ଫେର ଏପରି ମୂର୍ଖାମି କେବେ କରିବୁ ନାହିଁ । ମୁଁ ସେହିଦିନଠୁ ଗାଲକୁ ଚାପୁଡ଼ା ମାରି-ହୋଇ ସତ୍ୟ କହୁଛି, ଆଉ କେବେ ତାହାର ସାଙ୍ଗରେ ସଙ୍ଗାତ ବସିବି ନାହିଁ । ତିବାର ପ୍ରତିଜ୍ଞା—ଇହଜନ୍ମରେ ନୁହେଁ, କି ପର ଜନ୍ମରେ ନୁହେଁ, କି ତହିଁ ପର ଜନ୍ମରେ ନୁହେଁ ।

ସତ୍ୟଭୂଷଣ—ସତେ କଅଣ ଯୋଗବଳରେ ଏହି ପରି ହୋଇପାରେ ?

ସର୍ବଜ୍ଞ—ସତ ନୁହେଁ କଅଣ ଆଉ ମିଛ ? ଶାସ୍ତ୍ର କଅଣ ତେବେ ମିଛ ? ବଶିଷ୍ଠ ମହର୍ଷି ଯୋଗବଳରେ ସ୍ତୁଥିବାକୁ ସ୍ୱର୍ଗ ଓହ୍ଲାଇ ଆଣିଥିଲେ, ବିଶ୍ୱାମିତ୍ର କ୍ଷତ୍ରିୟ ହୋଇ ଯୋଗବଳରେ ବ୍ରାହ୍ମଣତ୍ୱ ପ୍ରାପ୍ତ ହୋଇଥିଲେ, ଅଧିକନ୍ତୁ ବ୍ରହ୍ମାଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ଆଉ ଗୋଟାଏ ସ୍ୱତନ୍ତ୍ର ସୃଷ୍ଟି କରିଥିଲେ, ମହାତପା ଅଗସ୍ତ୍ୟ ଯୋଗ-ବଳରେ ସପ୍ତସମୁଦ୍ର ଚୁଳୁରେ ଧରି ଶୋଷଣ କରିଥିଲେ, ମହାବୀରଚୂଡ଼ା ହନୁମାନ ଏକାଢ଼ିକେ ଅଠର ବର୍ଷର ବାଟ ଗନ୍ଧମାଦନକୁ ଯାଇ ଫେରି ଆସିଥିଲେ, ଏ ସବୁ କଥା କଅଣ ମିଛ ? ତୁମେ ପରୀକ୍ଷାକରି ଦେଖ, ଯୋଗ-ବିଦ୍ୟା ସତ କି ମିଛ ବୁଝି ପାରିବ ।

ସତ୍ୟଭୂଷଣର ପରୀକ୍ଷା କରିବାକୁ ଇଚ୍ଛା ହେଲା; ମାତ୍ର ସେଦିନ ସେ କିଛି କହିଲା ନାହିଁ । ସେଥିଲାଗି ମନେ ମନେ ଅନ୍ୟ ଦିନ ଧାର୍ଯ୍ୟକରି ରଖିଲା ।

# ଅଷ୍ଟମ ପରିଚ୍ଛେଦ

ସର୍ବଜ୍ଞର ଖ୍ୟାତି, ପୌରୁଷ ଚାରିଆଡ଼େ ବ୍ୟାପି ଗଲାଣି । କେହି କହେ—ସେ ଜଣେ ଖୁବ୍ ଜାଣିବାର ଲୋକ, କେହି କହେ—ସେ ଜଣେ ଠାଣୁଆ ଗୁଣିଆ, କେହି କହେ—ନା, ସେ ଜଣେ ଭଲ ବୈଦ୍ୟ । ପାଞ୍ଚପଡ଼ା ଗ୍ରାମରେ ପ୍ରତ୍ୟହ ସେହି ସମାଲୋଚନା ଲାଗିଛି । ଦିନେ କେତେଜଣ ବସି କଥାବାର୍ତ୍ତା ହେଉଥିଲେ । ରଥ ମହାକୁଡ଼ କହିଲା—'ଲୋକଟା ଖୁବ୍ କୌଶଳ ଜାଣିଲା ପରି ବୋଧ ହେଉଛି ।' ସଦେଇ ଲେଙ୍କା କହିଲା—'ନା ହୋ, ସେ ଜାଦୁଗରି ଜାଣେ ।' ରଘୁ ସାମୁଲ କହିଲା—'କାହିଁ ହୋ, ସବୁ କଥା ତ ସତ ହେଉ ନାହିଁ ।' ପୁରି ସ୍ୱସ୍ତି କହିଲା—"କି ସତ ନ ହେବ କାହିଁକି ? କେବେ କେବେ ଗୋଟେ ଗୋଟେ କଥା ସିନା ଘଟନାହିଁ, ମନୁଷ୍ୟମନ ସବୁବେଳେ ଠିକ୍ ଅଛି ନା ?' ଦୁଃଖିଆ ସତୀର ସେହି ଖାଣ୍ଡଆଣିଙ୍ଗୀ ବଳଦମୁହାଁ ଗାଈଟା ତିନିଦିନଯାଏଁ ଘରକୁ ଆସିଲା ନାହିଁ । ସେ ଖୋଜି ଖୋଜି ଥକିଲା—ତେବେ ବି ମିଳିଲା ନାହିଁ । ସର୍ବଜ୍ଞକୁ ପଚାରିବାରୁ ସେ କହିଲା, "ଗାଈ ପୂର୍ବଦିଗରେ ଦକ୍ଷିଣ-ମୁହାଁ ହୋଇ ଚରୁଛି, ଆଜି କାଲି ମଧ୍ୟରେ ପାଇବୁ ।"

ସତକୁ ସତ ... ଦିନ ସଞ୍ଜବେଳେ ବୁଝିଅ ଦେଖିଲ—ଗାଈଟା ...ସି ତନ୍ତ୍ରୀ ବାଡ଼ରେ ଚରୁଛି । ଆଛା ଶଙ୍କର ଘର ...ଣ ପୂର୍ବଦ୍ୱାରରେ ନୁହେଁ ନା ?" ରଘୁ ସାମୁଲ ପ୍ର...ଦ କରି କହିଲା—"ହଁ, ତୁ ସବୁ ଜାଣୁ, ତୁ ବ...ଠାଏ ସର୍ବଜାଣ ହୋଇଗଲୁଣି ରେ ପୁରିଆ । ପୂର୍ବ ଏଣେ ନା ତେଣେ ? ସେଠା ତ ଦକ୍ଷିଣ । କି ମହାକୁଡ଼ ପୁଅ, ମୋ କଥା ସତ ନା ମିଛ ?" ପୁରିପୁଷ୍ଟି କହିଲା—"ହଁ, ସେହି କଥା ହେଉ । ଆଛା, ମାହାକୁଡ଼ ପୁଅ, ସତ କୁହନ ତୁମ କୋଉଁ ପ୍ରଣତି—କଉଁଠା ପୂର୍ବ ?" ମହାକୁଡ଼ କହିଲା—"ହଳସୂର ଦିନ ପହିଲୁ ଯେଉଁ କୋଣରୁ ହଳ କରନ୍ତି, ସେହିଠା ପୂର୍ବ କୋଣ । ଆଉ ଶଙ୍କର ତନ୍ତ୍ରୀଘର ପୂର୍ବ କୋଣକୁ ଟିକିଏ ତେରଛ ହେବ । ତେବେ ସେ ପୂର୍ବଦ୍ୱାର ନ ହୋଇ ଆଉ କଅଣ ହେବ ?" ରଘୁ ସାମୁଲ କହିଲା—"ହେଉ, ସେହି ପୂର୍ବଦ୍ୱାର ଜାଣି ହେଲା, ଆଉ କପିଳା ଗାଈର ମେଣ୍ଢା ହଜିବା କଥାରେ ସର୍ବଜାଣ କଅଣ କହିଥିଲ ? କହିଥିଲା ପଶ୍ଚିମ ଦେବାଳୟ ଆଶ୍ରା କରିଅଛି ? ଦେଖିଲୁବେଳକୁ ପୋଖରୀରେ ଗଡ଼ପଡ଼ ବୁଡ଼ମରି ଭାସୁଛି । ସର୍ବଜାଣ ଏହା ଶୁଣି ଜିଭ କାମୁଡ଼ି କହିଲା—'ମୋ କଥା ମିଛ କଅଣ ହେଲା ? ଜଳ ଯେ ଗଙ୍ଗା; ପୁଷ୍କରଣୀରେ ଗଙ୍ଗା-ଦେବୀଙ୍କର ଅଧିଷ୍ଠାନ, ତେବେ ପୁଷ୍କରଣୀ ଦେବାଳୟ ନୁହେଁ ଆଉ କଣ ?" ଗ୍ରାମବାସୀମାନେ ସମସ୍ତ ଅବସରରେ ସବୁବେଳେ ଏହିପରି ସର୍ବଜ୍ଞଙ୍କ କଥା ଚର୍ଚ୍ଚା କରନ୍ତି ।

ଜମିଦାର ଜାଣନ୍ତି—ଆଗନ୍ତୁକ ଜଣେ ସନ୍ନ୍ୟାସୀ । ତାଙ୍କ ସର୍ବଜ୍ଞ ବୃତ୍ତିର ସାକ୍ଷାତ ଦେଉଅଛି । ଜମିଦାରଙ୍କର ଗୋଟାଏ ଜଟିଳ ମକଦ୍ଦମା ଲାଗିଥିଲା । ସେଥିର ଫଳ କଅଣ ହେବ ବୋଲି ସେ ସର୍ବଜ୍ଞଙ୍କୁ ପଚାରିଥିଲେ । ସର୍ବଜ୍ଞ ଜୟ ହେବ ବୋଲି କହିଥିଲା । ଦୈବ ଯୋଗରୁ ଜମିଦାରଙ୍କର ଜୟ ମଧ୍ୟ ହେଲା । ସେହି ଦିନଠାରୁ ତାହା ପ୍ରତି ଜମିଦାରଙ୍କର ଭାରି ଭକ୍ତି । ସତ୍ୟଭୂଷଣ ସର୍ବଜ୍ଞପାଖକୁ ଯାତାୟାତ କରୁଥିବାର ଶୁଣି ତାହା ପ୍ରତି ମଧ୍ୟ ସେ ଖୁବ୍ ସନ୍ତୁଷ୍ଟ । ସେ କହନ୍ତି,'ସାଧୁ ସହବାସର ଗୁଣ ଅସୀମ, ସେଥିରେ ସତ୍ୟଭୂଷଣର ଅବ୍ୟବସ୍ଥିତ ମତ ସ୍ଥିର ହୋଇପାରେ । ଅନଳ ସହବାସରେ ସୁବର୍ଣ୍ଣର ମଳିନତା ରହିପାରେ ନାହିଁ ।"

ଯୋଗବଳର ମାହାତ୍ମ୍ୟ ଶୁଣି ସତ୍ୟଭୂଷଣର ଯୋଗ ସାଧନ କରିବାକୁ ଇଚ୍ଛା ହେଲା । ତହୁଁ ସେ ସର୍ବଜ୍ଞ ପାଖରେ ନିଜର ଅଭିପ୍ରାୟ ବ୍ୟକ୍ତ କଲା । ସର୍ବଜ୍ଞ କହିଲା—"ସେ ବଡ଼ କଠୋର ସାଧନା, ସମସ୍ତେ ତାହା କରିପାରନ୍ତି ନାହିଁ । ସାଧନାରେ ପ୍ରବେଶ ପୂର୍ବରୁ ସାଧନାର ଯୋଗ୍ୟ ହେବା ଦରକାର । କଠିନ ସଂଯମ, ଏକାନ୍ତ ନିଷ୍ଠା, ଦୃଢ଼ ଏକାଗ୍ରତା ନ ଥିଲେ କେହି ସାଧନାର ଉପଯୁକ୍ତ ହୁଏ ନାହିଁ । ସାଧନାରେ ମନକୁ ବାନ୍ଧି ରଖିବାକୁ ହେବ । ଯୋଗ ସାଧନା ପୂର୍ବରୁ ତାହାର ଆନୁଷଙ୍ଗିକ କେତେକ ପ୍ରକ୍ରିୟା ସାଧନରେ ଅଭ୍ୟସ୍ତ ହେବାକୁ ହେବ । ଚକ୍ଷୁର ସ୍ଥିରତା, ଆସନ, ମୁଦ୍ରା, ପ୍ରାଣାୟାମ, ଜପ, ଧ୍ୟାନ ପ୍ରଭୃତି ସହଜସାଧ୍ୟ ନୁହେଁ । ଭ୍ରମ ପ୍ରମାଦ ଘଟିଲେ ହିତରେ ବିପରୀତ ଫଳ ଘଟିବ । ପୁଣି ସେଥିପାଇଁ ଉପଯୁକ୍ତ ଗୁରୁ ଲୋଡ଼ା, କେବଳ ପୁସ୍ତକ ସାହାଯ୍ୟରେ ସେ କାର୍ଯ୍ୟ ସଂକଟମୟ ହୁଏ ।" ସତ୍ୟଭୂଷଣ କହିଲା, "ଯେତେ ସଂକଟମୟ ହେଉପଛେ ମୁଁ କରିବି । ମୋର ପ୍ରତିଜ୍ଞା ପ୍ରାଣ ସଂକଟମୟ ହେଲେ ସୁଦ୍ଧା ମୁଁ ଯୋଗବିଦ୍ୟା ଶିକ୍ଷାକରିବି । ଆଉ ଗୁରୁପାଇଁ ଚିନ୍ତା କାହିଁକି ? ଗୁରୁ ତ ତୁମେ । ଆଛା, ସ୍ୱାମି, କହିଲ ଭଲା ଯୋଗବଳରେ ଅର୍ଥ ମିଳେ ନା ?" ସର୍ବଜ୍ଞ କହିଲା—"ହଁ କୁବେର ମନ୍ତ୍ର ଜପକରି ପୂଜାକଲେ ଅର୍ଥ ମିଳିପାରେ । ମହାଭାରତରେ କୁନ୍ତୀ ଗାନ୍ଧାରୀଙ୍କ ଶିବପୂଜା ଆଖ୍ୟାନ ତ ତୁମେ ପଢ଼ିଥିବ । କୁରୁବଧୂ କୁନ୍ତୀ, ଗାନ୍ଧାରୀ ଉଭୟେ ଶିବଙ୍କୁ ନିଜର ଉପାସ୍ୟ ଦେବତା ବୋଲି ଭାବିଲେ । ମହାଦେବ କହିଲେ—କାଲି ଉଷାକାଳରେ ମୋତେ ଯେ ଲକ୍ଷେ ସୁବର୍ଣ୍ଣ ଚମ୍ପା ଦେଇ ପୂଜା କରିବ, ମୁଁ ତାହାର । ରାଜମାତା, ଗାନ୍ଧାରୀ ଦୁର୍ଯ୍ୟୋଧନକୁ କହି ସହସ୍ର ସହସ୍ର ବଣିଆ ଡକାଇ ସ୍ୱର୍ଣ୍ଣ ଚମ୍ପା ଗଢ଼ାଇବାକୁ ବସିଲେ ଆଉ କୁନ୍ତୀ ଅଭିମାନସଜଳନେତ୍ରରେ ଅର୍ଜ୍ଜୁନ ଆଗରେ ଠିଆ ହୋଇ କହିଲେ—ଗାନ୍ଧାରୀ ଏକା ପୁତ୍ରବତୀ ଆଉ ଦୁର୍ଯ୍ୟୋଧନ ଏକା ସୁପୁତ୍ର । ଯେଉଁ ପୁଅ ମାଆର ମାନ

ରକ୍ଷା ନ କଲା, ସେଭଳି ଲକ୍ଷେ ପୁଅ ଥାଇ କଅଣ ହେବ ? ମାର ବନ୍ଧ୍ୟା କଳଙ୍କ କି ଘୁଞ୍ଚିବ ନାହିଁ । ଅର୍ଜୁନ ମାତୃ ଅଭିମାନର କାରଣ ବୁଝିନେଇ ମୃଦୁ ହାସ୍ୟ ସହ ମାତାଙ୍କୁ ସାନ୍ତ୍ୱନା ଦେଇ ତାଙ୍କର ଅଭିଳାଷ ପୂରଣ କରିବାକୁ ପ୍ରତିଶ୍ରୁତ ହେଲେ । ଅନନ୍ତର ସେ କୁବେର ମହାମନ୍ତ୍ର ଜପଦ୍ୱାରା ଧନେଶ୍ୱରଙ୍କୁ ତୁଷ୍ଟ କରି ଲକ୍ଷେ ସୁବର୍ଣ୍ଣ ଚମ୍ପା ଆଣି ମାତାଙ୍କୁ ଦେଲେ । ଏ ପୁରାଣ କଥା କଅଣ ମିଛ ? ଯାହାର ସାଧନା ସିଦ୍ଧ ହୁଏ, ସେ ସବୁ କରିପାରେ ।" ସତ୍ୟଭୂଷଣ କହିଲା "ଯୋଗ ବଳରେ ଅର୍ଥ ମିଳିବାର ଦେଖିଲେ ମୁଁ ବିଶ୍ୱାସ କରିବି, ତୁମେ ଦେଖାଇ ପାରିବ କି ?" ସର୍ବଜ୍ଞ କହିଲା, "ଅବଶ୍ୟ ଦେଖାଇ ପାରିବି ।" ତହୁଁ ପରୀକ୍ଷା ସକାଶେ ଦିନ ଧାର୍ଯ୍ୟ ହେଲା । ସତ୍ୟଭୂଷଣ ସେହି ଭବିଷ୍ୟତ ଉଜ୍ଜ୍ୱଳ ଦିବସ ପ୍ରତୀକ୍ଷାରେ ଅଧୀର ଆଗ୍ରହରେ କାଳାତିପାତ କରିବାକୁ ଲାଗିଲା । ଦିନଗୁଡ଼ାକୁ ହାତ ପାଖରେ ପାଇବାର ସୁବିଧା ଥିଲେ ସେ ବଳପୂର୍ବକ ପଛକୁ ଟାଣି ପକାଇ ଥାଆନ୍ତା—ତାହାର ଭାବ-ଭଙ୍ଗୀରୁ ଏହିପରି ବୋଧହେଲା ।

ଯଥାସମୟରେ ଉକ୍ତ ଦିନ ଆସି ହାବୁଡ଼ିଗଲା । ସର୍ବଜ୍ଞ ସତ୍ୟଭୂଷଣକୁ ସଙ୍ଗରେ ଘେନି ଗୋଟାଏ ଆମ୍ର ବଗିଚାକୁ ଗଲା । ସତ୍ୟଭୂଷଣର ଆଦେଶରେ ଜଣେ ଲୋକ ଶାବଳ ଘେନି ସେମାନଙ୍କ ସଙ୍ଗରେ ଗଲା । ବଗିଚାଟି ନିର୍ଜନ ଏବଂ ବିବିଧ ପକ୍ଷୀର ଅସ୍ପଷ୍ଟ କୋଳାହଳରେ ମୁଖର । ତାହା ଶାନ୍ତିଦେବୀଙ୍କର ପ୍ରିୟ ବାସସ୍ଥାନ । ପବନ ଅନାହୂତ ଭାବରେ ପଥିକଙ୍କୁ ବ୍ୟଜନ କରି ତାଙ୍କର କ୍ଲାନ୍ତି ଅପନୋଦନ କରୁଅଛି । ବୃକ୍ଷମାନେ ଫଳଫୁଲ ଦେହରୁ ଝାଡ଼ି ଦେଇ ଅତିଥି-ପୂଜା କରୁଅଛନ୍ତି । ସେମାନଙ୍କର ଜୀବନ ଧନ୍ୟ, ସ୍ୱାର୍ଥଶୂନ୍ୟ । ସେମାନେ ବିଶ୍ୱହିତ ସକାଶେ ଜୀବନ ଧାରଣ କରିଅଛନ୍ତି । ସେ ଜୀବନ ବ୍ୟକ୍ତିଗତତାରେ ଆବିଳ, ପଙ୍କିଳ ନୁହେଁ । ସାଧାରଣତାରେ ସ୍ୱଚ୍ଛ ଏବଂ ନିର୍ମଳ । ସର୍ବଜ୍ଞ ବଗିଚାରେ ବୁଲି ବୁଲି ଗୋଟାଏ ଗଛ ମୂଳରେ ଆସି ଠିଆହେଲା ଏବଂ କହିଲା, "ଏହି ଗଛମୂଳ ଖୋଳିଲେ ଅର୍ଥ ବାହାରିବ । ତହୁଁ ସତ୍ୟଭୂଷଣ ଖନକକୁ ଆଦେଶ ଦେଲା, ସେ ଖୋଳିବାକୁ ଲାଗିଲା ! ଗଛର ଚାରିପାଖ ଖୋଳାଗଲା । ଅଣ୍ଟାଏ ଗଭୀର ହେଲା, କିଛି ମିଳିଲା ନାହିଁ, ଖାଲି କେତେଗୁଡ଼ାଏ ଇଟା ଓ ଆଉ ଖପରା ମୁହାଣ୍ଡି ବାହାରିଲା । ସର୍ବଜ୍ଞ କହିଲା, "ଆହୁରି ଖୋଳ ।" ପୁଣି କେତେ ଗଭୀର ଯାଏ ଖୋଳାଗଲା । ସେହିଠାରେ ଗୋଟାଏ ମାଟିର ଠେକି ବାହାରିଲା । ଠେକି ମୁହଁରେ ମୃତ୍ତିକା ପିଣ୍ଡର ଗୋଟାଏ ଆବରଣ ଅଛି । ସେହି ଆବରଣ ଖୋଲି ଦେଖାଗଲା, ଠେକି ଭିତରେ ତିନିଟା ସିକି ଓ ଦୁଇଅଣା ପଇସା ଅଛି ! ସତ୍ୟଭୂଷଣ ସେଗୁଡ଼ିକ ଓଲଟାଇ ପାଲଟାଇ ଦେଖି କହିଲା—"ସ୍ୱାମି, ଏଥିରେ ତ ଗତସାଲର ଟଙ୍କା ପଇସା ବି ଅଛି ।" ସର୍ବଜ୍ଞ କହିଲା—"ହଁ, ଥାଇପାରେ, ପୁରୁଣା ମାଲ ବାହାରିବ ବୋଲି ତ ମୁଁ କହିନାହିଁ ଅର୍ଥ ବାହାରିବ ବୋଲି କହିଥିଲି । ଅର୍ଥ ତ ବାହାରିଲା । ଯୋଗବଳରେ ଅର୍ଥ ଆସି ଏଠାରେ ରହିଥିଲା । ତାହା ନୂଆ ବି ହୋଇପାରେ ପୁରୁଣା ବି ହୋଇପାରେ ।" ସତ୍ୟଭୂଷଣ କହିଲା—"ଅର୍ଥ ଏହି ଚଉଦଅଣା ପଇସା ବାହାରିଲା, ନା ?" ସର୍ବଜ୍ଞ ଆଶ୍ଚର୍ଯ୍ୟ ହୋଇ କହିଲା—"ଆଉ କେତେ ବାହାରନ୍ତା ବାବୁ ? ମୁଁ ସନ୍ନ୍ୟାସୀ, ଲୋଭକରି ପାପ ଅର୍ଜିବି କାହିଁକି ? ଯାହା ମନାସିଥିଲି ତାହା ବାହାରିଲା, ଅଧିକ ଅର୍ଥ ମୋର କି ଲୋଡ଼ା ? ତୁମ୍ଭେ ସଂସାରୀ ! ବଡ଼ଲୋକ, ଅର୍ଥ ତୁମ୍ଭର ଲୋଡ଼ା; ସୁତରାଂ ଅଧିକ ଅର୍ଥ ସଂଗ୍ରହ ତୁମ୍ଭ ପକ୍ଷରେ ପାପ ନୁହେଁ । ତୁମ୍ଭେ ହଜାରେ ମନାସିଲେ ପାଇବ, ଲକ୍ଷେ ମନାସିଲେ ପାଇବ, ଯାହା ମନାସିବ ତାହା ପାଇବ । ବର୍ତ୍ତମାନ ପରୀକ୍ଷା କରାଯାଉଥିଲା, ପରୀକ୍ଷାର ଫଳ ହେଲା କି ନାହିଁ ଦେଖ । ଶାସ୍ତ୍ର କେବେ ମିଛ ନୁହେଁ ବାବୁ, ଆଉ ଯୋଗ ଶାସ୍ତ୍ର ତ ସଜୀବ ଶାସ୍ତ୍ର, ତାହାର ଫଳ ପ୍ରତ୍ୟକ୍ଷରେ ଦେଖାଯାଏ । କିନ୍ତୁ ସେ ସାଧନା ବଡ଼ କଠିନ—ଅତିଶୟ କଠିନ ।"

ସର୍ବଜ୍ଞଙ୍କର କଥା ଶୁଣି ସତ୍ୟଭୂଷଣ ଆଉ ଅବିଶ୍ୱାସ କରିପାରିଲା ନାହିଁ । ସର୍ବଜ୍ଞ ତାହାକୁ ଏହିପରି ଆହୁରି କେତେଟା କୌଶଳପୂର୍ଣ୍ଣ କାର୍ଯ୍ୟ ଦେଖାଇ ତାହାର ବିଶ୍ୱାସକୁ ଆହୁରି ଦୃଢ଼ତର କରିଦେଲା । ସତ୍ୟଭୂଷଣ

ସୁନଷ୍ଟ ପ୍ରତିଜ୍ଞା କଲା, ଯେତେ କଠିନ ହେଉପଛେ, ସେ ନିଶ୍ଚୟ କୁବେର ମନ୍ତ୍ର ସାଧନ କରି ଅର୍ଥସଂଗ୍ରହ କରିବ ଏବଂ ସେହି ଅର୍ଥରେ ସେ ଦେଶସେବା କରିବ । ମନ୍ତ୍ରଗ୍ରହଣ ସକାଶେ ସେ ସର୍ବଜ୍ଞଙ୍କୁ ସର୍ବଦା ବ୍ୟସ୍ତ କଲା । ସର୍ବଜ୍ଞ ଉପରମନରେ ଯେତେ ବୁଝାଇଲେ ସୁଦ୍ଧା ନିରସ୍ତ ହେଲାନାହିଁ । ତହୁଁ ସର୍ବଜ୍ଞ କହିଲା—"ଅଚ୍ଛା, ତେବେ ତୁମ୍ଭର କଥା ହେଉ, ଆଗାମୀ ସ୍ନାନ ପୂର୍ଣ୍ଣିମା ଖୁବ୍ ଶୁଭଦିନ । ସେହି ଦିନ ତୁମ୍ଭଙ୍କୁ ମନ୍ତ୍ର ପ୍ରଦାନ କରିବି । ସେଦିନ ପାଞ୍ଚ ସେର ଘିଅରେ କୁବେରଙ୍କ ନାମରେ ହୋମ ହେବ, ଷୋଡ଼ଶ ଉପଚାରରେ ପୂଜା ହେବ । ତୁମ୍ଭେ ସେଦିନ ଉପବାସ ରହିବ ଓ ସ୍ରଣରେ ପ୍ରସାଦ ସେବାକରି ମନ୍ତ୍ରଗ୍ରହଣ କରିବ । ତହୁଁପରେ ଏକ ଆସନରେ ବସି ଶହେ ଆଠଥର ମନ୍ତ୍ର ଜପ କରିବ । ପୂଜାରେ ରୁପା ଗିନା, ବାଟିଆ, ରେକାବ ପାଞ୍ଚଟା ଲେଖାଏଁ ଆଉ ଗୋଟାଏ ସୁନାଦୀପ ଦରକାର ଏବଂ କିଛି ସୁବର୍ଣ୍ଣ ଦାନ କରିବାକୁ ହେବ । ତାହା ଛଡ଼ା ଗୁରୁଦକ୍ଷିଣା ତୁମ୍ଭର ଯାହା ଇଚ୍ଛା, ତାହା ଦେବ । ଶାସ୍ତ୍ରରେ ତ ଲେଖାଛି, ଭୂମି, ସ୍ୱର୍ଣ୍ଣବଳୟ, କୁଣ୍ଡଳ, ପଟ୍ଟବସ୍ତ୍ର ଆଉ ହଜାରେ ଏକଶ ଏକ ଟଙ୍କା ଏକଅଣା ଏକପାହି; ମାତ୍ର ତୁମ୍ଭେ ଖୁସିରେ ଯାହା ଦେବ ତୁମ୍ଭ ମନ । ସେଥିରେ ମୁଁ କିଛି କହିବି ନାହିଁ ।" ସତ୍ୟଭୂଷଣ ତୃପ୍ତ ସ୍ୱରରେ କହିଲା—"ଓଃ, ଏହି ନା ଆଉ କିଛି ? ତୁମେ ଯାହା କହିବ, ସବୁ ଚଆସିବ । କଅଣ କଅଣ ପୂଜାରେ ଦରକାର, ତୁମେ ସେଥିର ଗୋଟାଏ ତାଲିକା ଲେଖି କାଲି ଉପରଓଳି ମୋତେ ଦେବ, ମୁଁ ସବୁ ସଜିଲ କରିଦେବି । ଶେଷରେ ତୁମ୍ଭଙ୍କୁ ବି ଖୁବ୍ ଖୁସି କରିଦେବି । କିନ୍ତୁ ଏକଥା ତୁମେ କାହାରିକୁ କହିବ ନାହିଁ, ଖୁବ ଗୋପନରେ କାମ କରିବାକୁ ହେବ । ମୋର ବିଶ୍ୱାସୀ ଲୋକଦ୍ୱାରା ମୁଁ ସବୁ କରାଇନେବି ।" ସର୍ବଜ୍ଞ ଏହା ଶୁଣି ଅତି ଆନନ୍ଦିତ ହୋଇ କହିଲା—"ହଁ ବାବୁ, ମୁଁ ବି ସେହି କଥା କହୁଥିଲି, ଆଗରୁ ତୁମେ କହିପକାଇଲ । ଷଟ୍‌କାନ ମନ୍ତ୍ରଭେଦ, ଆଉ କେହି ନ ଜାଣିବା ଭଲ । ଶୁଭ କାର୍ଯ୍ୟରେ ବିଘ୍ନ ଘଟାଇବାକୁ ଅନେକ ଅଛନ୍ତି । କେତେ-ଲୋକଙ୍କର କାନକୁହା ତେର ଥାଆନ୍ତି, କାଳେ କେହି ତୁମ ବାପାଙ୍କ ପାଖରେ କହିଦିଅନ୍ତି, ମୋର ଏହି ଭୟ । ତାହା ହେଲେ ଯେ କାମଟା ଭଣ୍ଡୁର ହୋଇ ଯିବ । ତୁମ ମନ ବି ଫିକା ପଡ଼ିଯିବ ଆଉ ମୋର ଗୋଟାଏ ବଦନାମ ହେବ । ହେଉ ତୁମ କହିଲାପରି ପୂଜାର ଗୋଟାଏ ତାଲିକା କରିଦେବି ।" ଅନନ୍ତର ସର୍ବଜ୍ଞ ତାଲିକା ଫର୍ଦ୍ଦ ଲେଖିବାକୁ ବସିଲା, ସତ୍ୟଭୂଷଣ ଅନ୍ୟତ୍ର ପ୍ରସ୍ଥାନ କଲା ।

ଦେଖୁଁ ଦେଖୁଁ ସ୍ନାନପୂର୍ଣ୍ଣିମା ଆସି ଉପସ୍ଥିତ ହେଲା । ସେଦିନ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ । ସେହିଗ୍ରହଣ ସମୟରେ ପୂଜାକରିବାକୁ ହେବ । ଯଥାସମୟରେ ଗ୍ରହଣ ଲାଗିଲା । ଗୋଟାଏ କୃଷ୍ଣଛାୟା ଆସି ଚନ୍ଦ୍ରକୁ କ୍ରମେ କ୍ରମେ ଗ୍ରାସ କରିବାକୁ ଲାଗିଲା । ଶେଷରେ ସମ୍ପୂର୍ଣ୍ଣ ଗିଳିଦେଲା । ମିଥ୍ୟା ଏହିପରି ସତ୍ୟକୁ ଗିଳିଦିଏ; ମାତ୍ର ଜୀର୍ଣ୍ଣ କରିପାରେ ନାହିଁ । ସତ୍ୟ ଅଗ୍ନିମୂର୍ତ୍ତି, ତାକୁ ଜୀର୍ଣ୍ଣ କରିବାର କ୍ଷମତା ମିଥ୍ୟାର ନାହିଁ । ସୁତରାଂ ସମ୍ଭାଳି ନପାରି ଉଗାଳି ପକାଏ, ସତ୍ୟର ଜୟହୁଏ । କ୍ରମେ ଚନ୍ଦ୍ର ଛାୟା ଗର୍ଭରୁ ବାହାରିଲା । କୃଷ୍ଣପକ୍ଷର ଛାୟା ଅର୍ଦ୍ଧ ଚନ୍ଦ୍ରାକାର ଏବଂ ଚନ୍ଦ୍ରଖଣ୍ଡାକାର ଧରି ଆସିଲା । ସର୍ବଜ୍ଞ ପୂଜାରେ ବସିଲା । ମାଟିରେ କୁବେର ମୂର୍ତ୍ତି ନିର୍ମାଣ କରି ତାକୁ ପୁଷ୍ପ ଚନ୍ଦନରେ ମଣ୍ଡିତ କଲା । ସୁବର୍ଣ୍ଣ ପ୍ରଦୀପ ଜଳିଲା, ରୌପ୍ୟ ପାତ୍ରମାନଙ୍କରେ କାହିଁରେ ସିନ୍ଦୂର, କାହିଁରେ ବେଲପତ୍ର, କାହିଁରେ ଚନ୍ଦନ, ଏହିପରି ନାନା ପଦାର୍ଥ ରହିଲା । ଆଉ ଖଣ୍ଡିଏ ରେକାବରେ କୃଷ୍ଣବର୍ଣ୍ଣର ଦୁଇଟି ଗୋଲା ପ୍ରତିମା ସମ୍ମୁଖରେ ରକ୍ଷିତ ହେଲା । ବୋଧ ହୁଏ ତାହା ପୂଜାର କୌଣସି ଉପକରଣ । ଧୂପ ପୁଷ୍ପ ଗନ୍ଧରେ ପୂଜା ସ୍ଥାନ ଆମୋଦିତ ହେବାକୁ ଲାଗିଲା । ଖୁବ ଆଡ଼ମ୍ବରରେ ପୂଜା ଆରମ୍ଭ ହେଲା । ପୂଜକ ନାନା ଭଙ୍ଗୀରେ ମୁଦ୍ରାଭଙ୍ଗି ଅସ୍ପଷ୍ଟ ମନ୍ତ୍ର ଆବୃତ୍ତି କରି ଯାଉଥାଏ । ପୂଜା ଶେଷରେ ଅଙ୍ଗୁଳି ରେଖା ଧରି ଜପ ଆରମ୍ଭ ହେଲା । ତହୁଁ ପରେ ଯଜ୍ଞ ହେଲା । ସର୍ବଜ୍ଞର ପୂର୍ବାଦେଶ ମତେ ଉପବାସୀ ସତ୍ୟଭୂଷଣ ପୂଜାସ୍ଥାନରେ ବସି ସବୁ ଦେଖୁଥାଏ । ପୂଜା ଶେଷରେ ପୂଜକ ଆସନରୁ ଉଠି ସତ୍ୟଭୂଷଣଙ୍କୁ ଚାହିଁ ମୃଦୁ ହାସ୍ୟରେ କହିଲା—

'ଦେବତା ପ୍ରସନ୍ନ ।' ଅନନ୍ତର ପୂର୍ବୋକ୍ତ ପାତ୍ରରୁ କୃଷ୍ଣବର୍ଣ୍ଣ ପଦାର୍ଥବିଶେଷ ଆଣି ସତ୍ୟଭୂଷଣର ହାତରେ ଦେଇ କହିଲା—"ବାବୁ ଏତିକିବେଳେ ରାତି ଦୁଇ ପ୍ରହର ହେବ, ତୁମେ ଏବେ ଘରକୁ ଯାଅ । ଏହି ପ୍ରସାଦରୁ ଗୋଟିଏ ସେବା କରି ନିର୍ଜନରେ ବସି ଶଏ ଆଠ ଥର କୁବେର ମହାମନ୍ତ୍ର ଜପ କରିବ । ଜପ ଶେଷରେ ଅନ୍ୟଟି ସେବନ କରି ଶୋଇବ । କୁବେର ଆସି ସ୍ୱପ୍ନରେ ତୁମ୍ଭଙ୍କୁ ଧନର ସନ୍ଧାନ କହି ଦେବେ । ଏହି ଲେଖା ଖଣ୍ଡ ଧର, ଏଥିରେ ମନ୍ତ୍ର ଲେଖାହୋଇଛି ।" ସର୍ବଜ୍ଞ ଏହା କହି, ଖଣ୍ଡେ ଲିଖିତ ତାଳପତ୍ର ସତ୍ୟଭୂଷଣକୁ ଦେଲା । ସତ୍ୟଭୂଷଣ ଗୁରୁଙ୍କୁ ଭକ୍ତିରେ ଦଣ୍ଡବତ କରି ପ୍ରସ୍ଥାନ କଲା । ଯିବା-ବେଳେ ସେ ବଇଦା ନାମକ ଚାକରକୁ ସଙ୍ଗରେ ନେଇ ଯାଇଥିଲା । ବଇଦା ତାହାର ଖୁବ ବିଶ୍ୱାସୀ । ସତ୍ୟ-ଭୂଷଣ ବଇଦାକୁ ଘେନି ଘରକୁ ଫେରିଆସିଲା ଏବଂ ଏସବୁ କଥା ପ୍ରକାଶ କରିବାକୁ ନିଷେଧ କରି ତାକୁ ବିଦାୟ ଦେଇ ନିଜର ବୈଠକଖାନାକୁ ଗଲା । ଘର ଭିତରେ ଗୋଟାଏ ଦୀପ ଅସନ୍ତୁଷ୍ଟ ଭୃତ୍ୟର ପ୍ରାଣ ପରି ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ସତ୍ୟଭୂଷଣ ତାକୁ ତେଜେଇ ଦେଇ ଖଟ ଉପରୁ କମ୍ବଳ ଖଣ୍ଡେ ଟାଣିଆଣି ତଳେ ବିଛାଇ ବସିଲା । ପ୍ରସାଦ ଗୁଳାରୁ ଗୋଟିଏ ପାଟିରେ ପକାଇଦେଇ ଅପରଟି ଆସନ ଉପରେ ରଖିଦେଲା । ଅନନ୍ତର ତାଳପତ୍ର ଖଣ୍ଡ ଦୀପ ପାଖରେ ଧରି ପଢ଼ିବାକୁ ଲାଗିଲା ଏବଂ ପଢ଼ାସାରି ଜପରେ ନିଯୁକ୍ତ ହେଲା । ଜପ କରୁ କରୁ ଚାରି ପାଞ୍ଚଥର ଢୁଲାଇ ପଡ଼ିଲା । ଜପ ଅସ୍ପଷ୍ଟ ହୋଇଗଲା, ଚେତନା ହେଲା କ୍ଷଣି ଚମକିଉଠି ପୁଣି ଜପ କରିବାକୁ ଲାଗିଲା । ଏହିପରି ଭାବରେ ଘଣ୍ଟାଏକାଳ ଅତିବାହିତ ହେଲା । ତହିଁ ପରେ ସତ୍ୟଭୂଷଣ କମ୍ବଳ ଉପରେ ତନ୍ଦ୍ରାପଙ୍କ ପ୍ରଗାଢ଼ ନିଦ୍ରାରେ ଅଚେତନ ହେଲା ।

ସତ୍ୟଭୂଷଣ ସ୍ୱପ୍ନ ଦେଖିଲା—"ପୂର୍ବୋକ୍ତ ସର୍ବଜ୍ଞ ତାହା ପାଖରେ ଉପସ୍ଥିତ ହୋଇ କହିଲା—'ବାବୁ, ଅର୍ଥର ସନ୍ଧାନ ମିଳିଛି, ତୁମେ ମୋ ସଙ୍ଗରେ ଆସ ।' ସତ୍ୟଭୂଷଣ ଉଠି ତାହା ସଙ୍ଗେ ସଙ୍ଗେ ଗଲା, ଦୁହେଁ ଯାଇ ଗୋଟାଏ ଅରଣ୍ୟରେ ପଶିଲେ । ସେ ଅରଣ୍ୟ ଏତେ ନିଘଞ୍ଚ ଯେ, ଶବ୍ଦ ସୁଦ୍ଧା ତାହା ଭିତରେ ପଶି ପାରିବ ନାହିଁ । କୁଆଡେ କିଛି ଦିଶୁନାହିଁ, ଚାରିଆଡ଼େ ଅନ୍ଧାର କଟ୍‌କଟ୍ । ନୈଶକାନନ ନୀରବ, ନିସ୍ତବ୍ଧ, ବେଳେବେଳେ ସେହି ଗଭୀର ନୀରବତାର ବକ୍ଷ ବିଦୀର୍ଣ୍ଣ କରି ଝିଲ୍ଲୀ ଝଙ୍କାର ସୁଦୀର୍ଘସ୍ୱରରେ ଉଠୁଅଛି । ବନ ମଧ୍ୟରେ ପଶି ସର୍ବଜ୍ଞ ଅନ୍ଧାରରେ ମିଳାଇଗଲା । ସତ୍ୟଭୂଷଣ ଏକାକୀ ଠିଆହୋଇ ରହିଲା । ଭୟରେ ତାହାର ଗୋଡ଼ଠାରୁ ମୁଣ୍ଡଯାଏ ଥରଥରପଣ ପରି ଥରି-ବାକୁ ଲାଗିଲା । ଏହି ସମୟରେ ସହସା ମୌନବ୍ରତ ଭଙ୍ଗ କରି ଗୋଟାଏ ଭୀଷଣ ଶବ୍ଦ ଉଠିଲା, ସତ୍ୟଭୂଷଣ ଚମକିପଡ଼ି ଭୟରେ ଆଖିବୁଜିଲା । କିଛିକ୍ଷଣ ପରେ ଅନାଇ ଦେଖିଲା, ଆଉ ସେ ଅନ୍ଧକାର ନାହିଁ, କି ଏକ ଅପୂର୍ବ ଜ୍ୟୋତିରେ ବନଗର୍ଭ ଆଲୋକିତ ହୋଇଅଛି । ସେହି ଜ୍ୟୋତିରେ ଗଛପତ୍ର ସବୁ ସ୍ୱର୍ଣ୍ଣବର୍ଣ୍ଣ ଧାରଣ କରିଅଛି । ସୁନାର ବାଘ ଭାଲୁ ଦଳଦଳ ହୋଇ ବୁଲୁଅଛନ୍ତି । ସତ୍ୟଭୂଷଣ ନିଜକୁ ଚାହିଁ ଦେଖିଲା ତାହାର ଦେହ ସୁନା ହୋଇଯାଇଅଛି । ତାହାର ପିନ୍ଧିଥିବା ଲୁଗା ଖଣ୍ଡି ମଧ୍ୟ ସୁନା ହୋଇଯାଇଅଛି । ସତ୍ୟଭୂଷଣ ଭାବିଲା, ଏ ସ୍ୱପ୍ନ କାନନ ନା ମାୟା କାନନ । ବନ ମଧ୍ୟରେ ସେ ଖଣ୍ଡେ ଦୂର ଅଗ୍ରସର ହେଲା, ବାଘ ଭାଲୁଗୁଡାକ ତାହା ଦେହରେ ଘଷିହୋଇ ଚାଲି ଯାଉଥାଆନ୍ତି; ମାତ୍ର କିଛି ଅନିଷ୍ଟ କରନ୍ତି ନାହିଁ । ସତ୍ୟଭୂଷଣ ମନେ ମନେ କହେ ଏସବୁ ସୁନାର ବାଘ, ଭାଲୁ, ସୁତରାଂ ହିଂସା ପାସୋରି ଅଛନ୍ତି । କିଛି ଦୂର ଯାଇ ସେ ଗୋଟାଏ ପୁଷ୍କରିଣୀ ଦେଖିଲା । ସେଥିରେ ସୁନାର ପଦ୍ମ ଫୁଟିଅଛି, ସୁନାର ଭ୍ରମର ଉଡ଼ି ବୁଲୁଅଛନ୍ତି । କେଉଁଠାରୁ ଗୋଟାଏ ପ୍ରଶସ୍ତ ପଥ ଆସି ପୁଷ୍କରିଣୀରେ ମିଶିଅଛି । ସତ୍ୟଭୂଷଣ ଅକୂଳରେ କୂଳ ଦେଖିଲା । ସେ ଭାବିଲା, ଏହି ପଥ ଧରି ଗଲେ ସେ ଅବଶ୍ୟ କୌଣସି ଗ୍ରାମ ବା ନଗରରେ ପହଞ୍ଚିପାରିବ । ସେ ଯାଇ ସେହି ବାଟ ମୁହଁରେ ଠିଆ ହେଲା । ଏହି ସମୟରେ ଅଳ୍ପ ଦୂରରେ ଘଣ୍ଟି ଶବ୍ଦ ଶୁଭିଲା, ଦେଖୁଁ ଦେଖୁଁ ଅରଣ୍ୟ ଭେଦ କରି ଗୋଟାଏ ସୁନ୍ଦର ସୁସଜ୍ଜିତ ଶ୍ୱେତ ହସ୍ତୀ ବାହାରି ଆସିଲା । ତାହାର ମସ୍ତକରେ ଆମ୍ରପଲ୍ଲବଯୁକ୍ତ ସୁବର୍ଣ୍ଣ କଳସ ଏବଂ ପୃଷ୍ଠରେ

ସୁବର୍ଣ୍ଣ ଅମାରୀ । ମୁକ୍ତାପ୍ରବାଳଗୁଚ୍ଛ ଝାଲର କପାଳ-ଲମ୍ବିତ ସୁବର୍ଣ୍ଣ କୁବେଣୀରେ ଝଲମଲ ହୋଇ ଝୁଲୁଅଛି । ଦୀର୍ଘ ଦନ୍ତଦନ୍ତଦ୍ୱୟ ମଣିମାଣିକ୍ୟ ଖଚିତ । ପୃଷ୍ଠର ଦୁଇପାର୍ଶ୍ୱରେ ପାଟଡୋର ବନ୍ଧା ସ୍ୱର୍ଣ୍ଣ ଘଣ୍ଟି ଦୋହଲି ଗଜ ତାଳରେ ବାଜୁଅଛି । ମାତଙ୍ଗବର ଶୁଣ୍ଢରେ ଫୁଲମାଳ ଧରି ଉପରକୁ ଟେକିଅଛି । ତାହାର ଆକୃତି, ଦୃଷ୍ଟି, ଚାଲିଚଳଣ ସବୁ ସୁନ୍ଦର; କିନ୍ତୁ ତା ମୁହଁ ଠିକ ପୂର୍ବୋକ୍ତ ସର୍ବଜ୍ଞର ମୁହଁ ପରି । ଧୀରେ ଧୀରେ ହାତୀ ଆସି ସତ୍ୟଭୂଷଣ ପାଖରେ ପହଞ୍ଚିଲା ଏବଂ ତାହା ବେକରେ ଫୁଲମାଳଟି ଲମ୍ବାଇଦେଇ ମୁଣ୍ଡରେ କଳସ ପାଣି ଢାଳିଦେଲା । ଅନନ୍ତର ଗଭୀର ଗର୍ଜନ ଛଳରେ ମାତଙ୍ଗୀୟ ଭାଷାରେ ଆନନ୍ଦ ପ୍ରକାଶପୂର୍ବକ ସତ୍ୟ-ଭୂଷଣକୁ ଯୋର-ହସ୍ତରେ ଟେକି ନେଇ ପୃଷ୍ଠବଦ୍ଧ ହାଉଦା ଉପରେ ବସାଇ ଦେଇ ଯେଉଁ ଆଡ଼ୁ ଆସିଥିଲା ସେହି ଆଡ଼କୁ ଫେରି ଚାଲିଲା । ସେହି ସମୟରେ ଅନେକ ଲୋକ ଭେରୀ, ତୂରୀ, ନାଗରା, ଜଗଝମ୍ପ ପ୍ରଭୃତି ନାନା ବାଦ୍ୟ ବଜାଇ ଏବଂ ଛତା, ତରାସ, ନିଶାଣ, ଆଲଟ୍ଟଣୀ ଧରି ବନମଧ୍ୟରୁ ବାହାରିପଡ଼ି ହାତୀକୁ ଘେରି ଚାଲିଲେ ଏବଂ ପଟୁଆର କରି ସତ୍ୟ-ଭୂଷଣକୁ ନେଇଗଲେ । ସତ୍ୟଭୂଷଣ ଏସବୁ କାଣ୍ଡକୁ ସ୍ୱପ୍ନାବସ୍ଥାରେ ସ୍ୱପ୍ନପରି ମଣୁଥାଏ ; ମାତ୍ର କିଛି ନ କହି ନୀରବରେ ଜବାବହାର୍ଥୀ ବର ପରି ରତ୍ନ ହାଉଦାରେ ବସିରହିଥାଏ । କିଛିକ୍ଷଣ ପରେ ପଟୁଆର ଅରଣ୍ୟ ପାର ହୋଇ ଗୋଟାଏ ନଗରର ମଧ୍ୟ ଦେଇ ଚାଲିଲା । ନଗରର ସମସ୍ତ ଅଟ୍ଟାଳିକା ସୁବର୍ଣ୍ଣ ନିର୍ମିତ ଆଉ ଏତେ ଉଚ୍ଚ ଯେ, ମୂଳରୁ ଚାହିଁଲେ ଚୂଡ଼ା ଦିଶେ ନାହିଁ । ପ୍ରତି ହର୍ମ୍ୟରୁ ଅତର ସୁବାସ ସହ ଗୀତ ବାଦ୍ୟର ମୋହନ ମୂର୍ଚ୍ଛନା ବାୟୁସ୍ରୋତରେ ଭାସିଆସୁଅଛି । ନଗର ବୈଭବ ଦେଖି ପ୍ରତୀତି ହୁଏ—ସେଠାକାର ଅଭିଧାନରେ ଦାରିଦ୍ର୍ୟ ଶବ୍ଦ ଦୂରେ ଥାଉ ମଧ୍ୟବିତ୍ତ ଶବ୍ଦ ବି ନାହିଁ । ଯେଉଁ ଘରର ଘରଣୀ ଅଳସେଇ ସେ ଘରର ଅଗଣାରେ ଲୁଠା ପାଉଁଶ ପ୍ରଭୃତି ଅନାବନା ଜୁଟ ଜୁଟ ହୋଇ ରହିଲା ପ୍ରାୟ ସେହି ଅଦ୍ଭୁତ ନଗରର ପ୍ରତିଗୃହ ପ୍ରାଙ୍ଗଣରେ ମଣି, ମୁକ୍ତା, ହୀରା, ନୀଳା ଇତସ୍ତତଃ ବିକ୍ଷିପ୍ତ ରହିଅଛି ।

ନଗରର ବିଭବ ବର୍ଣ୍ଣନା ଏଣିକିରେ ଯଥେଷ୍ଟ । ଆଉ ଅଧିକ ହେଲେ ଅତ୍ୟୁକ୍ତି ବୋଲି ବ୍ୟାକରଣ ଟଙ୍କାର କରିଉଠିବ । ଶ୍ୱେତହସ୍ତୀ ଯାଇ ଗୋଟାଏ ପ୍ରକାଣ୍ଡ ପ୍ରଶସ୍ତ ସୁସଜ୍ଜିତ ଅଟ୍ଟାଳିକାର ସିଂହ ଦ୍ୱାରରେ ଠିଆହେଲା । ଚୌକାଠ ବନ୍ଧରେ ସ୍ୱର୍ଣ୍ଣାକ୍ଷରରେ ଯକ୍ଷରାଜ କୁବେର ଭବନ ବୋଲି ଲେଖାଥିବାର ଦେଖି ସତ୍ୟ-ଭୂଷଣ ବୁଝିଲା, ତାହା ରାଜାଙ୍କ ନଅର । ତତ୍‌କ୍ଷଣାତ୍ ରାଜା ଆସି ସତ୍ୟଭୂଷଣର ହାତ ଧରି ପାଛୋଟି ନେଇଗଲେ । ସତ୍ୟଭୂଷଣ ଯନ୍ତ୍ରଚାଳିତ ପରି ଚାଲିଲା । ଦରବାର ପ୍ରାଙ୍ଗଣରେ ପହଞ୍ଚି ଦେଖିଲା, ଅସଂଖ୍ୟ ସଭ୍ୟ ବ୍ୟକ୍ତିରେ ଦରବାର ପୂର୍ଣ୍ଣ । ସମସ୍ତଙ୍କର ମୁଣ୍ଡରେ ରତ୍ନ ମୁକୁଟ, ସମସ୍ତଙ୍କର ରତ୍ନ ପରିଚ୍ଛଦ । ରାଜା ସତ୍ୟଭୂଷଣକୁ ଗୋଟାଏ ମହାର୍ହ ଆସନରେ ବସାଇ ନିଜେ ସିଂହାସନରେ ବସିଲେ । ଅନନ୍ତର ରାଜା କହିଲେ—'ତୁମ୍ଭେ ଏ ସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିବ । ଏ କୁବେରପୁରୀ, ମୁଁ ଏଥିର ରାଜା—କୁବେର । ଏ ରାଜ୍ୟର ମନ୍ତ୍ରୀ ନିର୍ବାଚନ ସକାଶେ ପାଟହସ୍ତୀ କଳସ ନେଇ ବୁଲୁଥିଲା । ତୁମ୍ଭଙ୍କୁ ଉପଯୁକ୍ତ ମଣି ଅଭିଷେକ କରି ନେଇ ଆସିଅଛି । ଆଜି-ଠାରୁ ତୁମ୍ଭେ ଏ ରାଜ୍ୟର ମନ୍ତ୍ରୀ ହେଲ ।" ସତ୍ୟଭୂଷଣ କହିଲା—"ଏଁ, ଏ କଅଣ ? ମୁଁ ଦେଶସେବା କରିବ-ବୋଲି ଧନ ନେବାପାଇଁ ଆସିଛି ।" କୁବେର ହସି ହସି କହିଲେ, "ଯେ କୁବେରର ମନ୍ତ୍ରୀ, ତାହାର ଧନର ଅଭାବ କଅଣ । ଆଉ ଦେଶସେବା ଏଠାରେ କଅଣ କରିବ, ଦେଶର ଉନ୍ନତି ତ ? ସବୁ ଉନ୍ନତି ପେଟ ଲାଗି, ଆମ ଏ ଦେଶରେ ପେଟଚିନ୍ତା ନାହିଁ । ସମସ୍ତେ ସୁନା ଚାଉଳର ଭାତ ଖାଉଁ । ତେବେ ଯଦି ତୁମ୍ଭ ଗାଁରେ ଦେଶସେବା କରିବାକୁ ଇଚ୍ଛାକର, ତେବେ ଏଠାରୁ ପେନ୍‌ସନ ନେଇ ଯିବାବେଳେ ୫୦ସଗଡ଼ ଧନ ନେଇଯିବ ।" ସତ୍ୟ-ଭୂଷଣ ଆଉ ଦ୍ୱିରୁକ୍ତି ନକରି ମନ୍ତ୍ରିତ୍ୱ କରିବାକୁ ଲାଗିଲା । ତାହାଙ୍କର ଖ୍ୟାତି, ସମ୍ମାନ କ୍ରମଶଃ ବଢ଼ିଉଠିଲା । ଏହା ଦେଖି ଅନେକେ ତାକୁ ଜାମାତୃପଦରେ ବରଣ କରିବାକୁ ଲାଳାୟିତ ହେଲେ । ଶେଷରେ ସେ ପ୍ରସିଦ୍ଧ ଯକ୍ଷ ସ୍ୱର୍ଗୀୟଧର ଧନପତିଙ୍କ କନ୍ୟା କମଳାର ପାଣି ଗ୍ରହଣ କଲା । ଦେବଶହ ଜାହାଜ ଧନରତ୍ନ ଯୌତୁକ

ପାଇଲା । ଶ୍ୱଶୁର ଘରେ ପରମ ସୁଖରେ ବାସକଲା । ଏହିପରି ଭାବରେ କିଛିକାଳ ଅତିବାହିତ ହେଲା । ଯକ୍ଷ କନ୍ୟା ବିମଳାର ପାଣିଗ୍ରହଣରେ ସତ୍ୟଭୂଷଣ ନିଜକୁ ସୌଭାଗ୍ୟବାନ୍ ମଣିଲା । ଉଭୟେ ଏକଆତ୍ମା, ଏକପ୍ରାଣ; ଜଣକୁ ଜଣେ ଘଡ଼ିଏ ନଦେଖିଲେ ଅନ୍ଧ ହୋଇଯାଆନ୍ତି । ମନ୍ତ୍ରୀ କାର୍ଯ୍ୟରେ ସତ୍ୟଭୂଷଣକୁ ଦାମ୍ପତ୍ୟ ଆମୋଦର ଅବସର ମିଳିଲା ନାହିଁ, ସେ ନିରୂପିତ ସମୟରେ ରାଜ ଦରବାରରେ ଉପସ୍ଥିତ ନହୋଇ ବିଳମ୍ବ କରିବାକୁ ଲାଗିଲା । ରାଜାଙ୍କ ପକ୍ଷରୁ ଅନେକ ଥର ସତର୍କ କରାଇ ଦିଆଗଲା; ମାତ୍ର ସେଥିରେ ସେ କର୍ଣ୍ଣପାତ କଲାନାହିଁ । ଯକ୍ଷରାଜ କୁବେର ରୁଷ୍ଟ ହୋଇ କହିଲେ, "ତୁମେ ସହରରେ ଥିଲେ ଏହିପରି କାମ ଚିଲାକରିବ; ସୁତରାଂ ତୁମ୍ଭଙ୍କୁ ରାମଗିରି ପ୍ରେସିଡେନ୍‌ସିର ଗଭର୍ଣ୍ଣର କାର୍ଯ୍ୟକୁ ବଦଳି କରାଗଲା । ସେଠାରେ କୃତିତ୍ୱ ଦେଖାଇଲେ ଛମାସ ପରେ ପୁନଶ୍ଚ ମନ୍ତ୍ରିତ୍ୱ ପାଇବ ।" ଏ ଆଦେଶ ଶୁଣି ସତ୍ୟଭୂଷଣର ମୁଣ୍ଡରେ ଚଡ଼କ ପଡ଼ିଲା, ସେ ରାଜାଙ୍କ ଗୋଡ଼ ଧରି ବାହୁନି କାନ୍ଦିଲା, ସକେଇ କାନ୍ଦିଲା, ନାକରେ କାନ୍ଦିଲା; ମାତ୍ର ରାଜରୋଷ ଶାନ୍ତ ହେଲାନାହିଁ । କଅଣ କରିବ, ରାଜ ଆଦେଶ ତ ଲଙ୍ଘନ କରିହେବ ନାହିଁ, କାନ୍ଦି କୁନ୍ଥାଇ ରାମଗିରି ଗଲା । ସେଠାରେ ବିରହର ଅଗ୍ନିକୁଣ୍ଡରେ ପଡ଼ି କାଳିଦାସ ପାଲଟିଯାଇ ଦ୍ୱିତୀୟ ମେଘଦୂତ କାବ୍ୟ ଆରମ୍ଭ କରିବସିଲା । କଷ୍ଟେ ମଷ୍ଟେ ଛମାସ ଅତୀତ ହେଲା । ହଂସଦୂତ, ଭ୍ରମରଦୂତ, ପବନଦୂତ ପ୍ରଭୃତି ଆହୁରି ଅନେକ ଦୂତ ରଚନା କଲା । ରାଜରୋଷ ଶାନ୍ତ ଭଜିଲା । ଯଥାସମୟରେ ଶ୍ୱଶୁରାଳୟରେ ଉପସ୍ଥିତ ହୋଇ ଶ୍ୱଶୁର କନ୍ୟାକୁ ସମ୍ଭାଷଣ କରିବା ସମୟରେ ନିଦ ଭାଙ୍ଗିଗଲା ।"

ଖଳବଳ ପରେ ସତ୍ୟଭୂଷଣର ନିଦ୍ରା ଭଙ୍ଗ ହେଲା । ସେ ଆଖି ମେଲି ଦେଖିଲା, ଘର ଲୋକାରଣ୍ୟ । ଔଷଧ ଶିଶି ଧାଡ଼ି ଧାଡ଼ି ହୋଇ ଥୁଆହୋଇଅଛି । ତାହାର ପିତା, ତାରାନାଥ, ରଙ୍ଗାଧର ଚିକିତ୍ସାରେ ଲାଗିଅଛନ୍ତି । କିଏ ବିଞ୍ଚୁଛି- କିଏ ମୁହଁରେ ପାଣିଛିଟା ଦେଉଛି । କୁନ୍ଦାବତୀ ବାମ୍ଭୁଣୀ ପରି ହୋଇ କାନ୍ଦି କାନ୍ଦି କହୁଛନ୍ତି—"ମୋର ବୁଧିଆ ଛୁଆ, କିଛି ଜାଣେ ନାହିଁ, ତାକୁ କେଉଁ ସତ୍ୟାନାଶୀ କଅଣ କଲା ଲୋ ମା, ମୁଁ କଅଣ କରିବି ଲୋ ବାପ, ହେ ଜଗନ୍ନାଥ, ମୋ ଛୁଆକୁ ଭଲ କରିଦିଅ । ମୁଁ ତମ ଶ୍ରୀଚରଣରେ ଖଟିଏ ହାତ ବାନା ବାନ୍ଧିବି ।" ସତ୍ୟଭୂଷଣ ଉଠି ବସିଲା । ସମସ୍ତଙ୍କ ମୁଖ ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠିଲା । ଲୋକସମାଗମ କ୍ରମେ କମିବାକୁ ଲାଗିଲା । ଏତେ ଲୋକ ଦେଖି ରୋଗୀ ଗ୍ଲାନିଆ ହୋଇଯାଇ ପୁନଶ୍ଚ ମୂର୍ଚ୍ଛିତ ହୋଇପାରେ ଭାବି ତାରାନାଥ ସେଠାରୁ ସମସ୍ତଙ୍କୁ ଅନ୍ତର କରିଦେଲା । ଜମିଦାର ସହଧର୍ମିଣୀଙ୍କୁ ଘେନି ନଅର ଭିତରକୁ ଗଲେ । କେବଳ ତାରାନାଥ ଏବଂ ରଙ୍ଗାଧର ସତ୍ୟଭୂଷଣ ପାଖରେ ରହିଲେ । କିଛିକ୍ଷଣ ପରେ ସତ୍ୟଭୂଷଣ ଦୁର୍ବଳ ସ୍ୱରରେ ପଚାରିଲା, "ତାରା, ଘଟଣା କଅଣ ?" ତାରାନାଥ କହିଲା, "ଘଟଣା ତୋର କୀର୍ତ୍ତି । ତୁ ଆଜିକି ତିନିଦିନ ହେଲା ଅଚେତନ ଥିଲୁ । ମୁହଁରୁ ଲାଳ ଫେଣ ବାହାରି ଚାଲି ଯାଉଥିଲା । ତୋର ବାପ ମା କନ୍ଦାକଟା କଲେ । ମୁଁ ରଙ୍ଗା ଦୁହେଁ ଆସି କିଛି ସ୍ଥିର କରିପାରିଲୁ ନାହିଁ । ଶେଷରେ ବାଇଦାଙ୍କୁ ଧମକ ଚମକ କରିବାରୁ ସେ କହିଲା, 'ସର୍ବଜ୍ଞ ବାବୁଙ୍କୁ କଅଣ ଖାଇବାକୁ ଦେଇଥିଲୁ ।' ତୋ ବିଛଣାରୁ ବି ଗୋଟାଏ ମୋଦକ ମିଳିଲା । ରାସାୟନିକ ପରୀକ୍ଷାରେ ଦେଖାଗଲା, ସେଥିରେ ଧୁତୁରା ଅଛି, ଗଞ୍ଜେଇ ପଡ଼ିଅଛି, ଆଉ ଗୋଟାଏ ଉଗ୍ର ମାଦକ ପଦାର୍ଥ ଅଛି, ସେଟା ଖୁବ୍ ସ୍ୱପ୍ନକାରକ । ପ୍ରତିଷେଧ ଚିକିତ୍ସା କରି କରି କଷ୍ଟରେ ଆଜି ତୋର ମୂର୍ଚ୍ଛା ଭାଙ୍ଗିଲୁ । ତୁ ଜଣେ ଡାକ୍ତର ହୋଇ ଏ ବିଷଗୁଡ଼ାକ କାହିଁକି ଖାଇଲୁ ? ଆଉ ସେ ସର୍ବଜ୍ଞ ଲୋକଟା ବା କିଏ ? ଘଟଣା କଅଣ କହିଲୁ ।" ସତ୍ୟଭୂଷଣ ସବୁ କଥା ଅକପଟରେ ବନ୍ଧୁ ଆଗରେ କହିଗଲା । ତାହା ଶୁଣି ତାରାନାଥର ଚକ୍ଷୁ କ୍ରୋଧରେ ଲାଲ ହୋଇଆସିଲା । ରଙ୍ଗାଧର କହିଲା—"ଏହିକ୍ଷଣି ଚାଲ, ସେ ସର୍ବଜ୍ଞଙ୍କୁ ଉପଯୁକ୍ତ ଶିକ୍ଷା ଦେଇଆସିବା ।" ଅନନ୍ତର ତିନିବନ୍ଧୁ ଯାଇ ଖମାର ଘରେ ପହଞ୍ଚି ଦେଖିଲେ, ସର୍ବଜ୍ଞ ତହୁଁ ପୂର୍ବଦିନରୁ ପଳାଇଯାଇଅଛି । ସେ ଯେଉଁ ଘରେ ଥିଲା, ସେ ଘରେ ଗୋଟାଏ ଖୁଦ ଖଣ୍ଡି ସୁଦ୍ଧା ନାହିଁ । ଧୁଣି ରୌପ୍ୟ ପାତ୍ର, ସ୍ୱର୍ଣ୍ଣଦୀପ ପ୍ରଭୃତି ସବୁ ନେଇ ଯାଇ-

ଯନ୍ତି । ପୁତ୍ରଅଟ୍ଟକୁ ଲୋକ ପଠାଇ ଅନୁସନ୍ଧାନ କରାଗଲା; ମାତ୍ର ସର୍ବତ୍ରର ଗନ୍ଧବାସ ସୁଦ୍ଧା ମିଳିଲା ନାହିଁ । ଜମିଦାର ଦାନ୍ତ କଡ଼ମଡ଼ କରି କହିଲେ—"ବଦଜା-ତଟା ମିଳିଥିଲେ ତାକୁ ବଣ୍ଟାଗଲି ଦେଇଥାନ୍ତି ।" ବୃନ୍ଦାବତୀ କହିଲେ—"ମୁଣ୍ଡି ଘାଅଁ ଶୀରେ ପିଟି ଡାକୁଣୀ-ଖିଅର ତାଲୁ କଣା କରିଦେଇଥାନ୍ତି ।" ଜମିଦାରଙ୍କ କର୍ମସ୍ତ୍ରୀ ପାଖରୁ ସ୍ତ୍ରୀକର ବାକର ପର୍ଯ୍ୟନ୍ତ ସମସ୍ତେ ଏହିପରି ଅନେକ ବିଫଳ ଆସ୍ଫାଳନ କଲେ । ଜମିଦାରଙ୍କ ଉଆସରେ ସପ୍ତ ଦିବାନିଶି ଏହି ଚର୍ଚ୍ଚା ଲାଗିଲା ।

## ନବମ ପରିଚ୍ଛେଦ

ଜମିଦାର ଅନ୍ତର୍ଯାମୀ ସ୍ୱୟଂ ପୁଅର ଅଢ଼ବାସ୍ୟା ସାଣ୍ଡ ଦେଖି ମନେ ମନେ ଖୁସି ହେଉନ୍ତି; ମାତ୍ର ତାକୁ ମୁହଁରେ କିଛି କହନ୍ତି ନାହିଁ । ନ କହିବାର କାରଣ ସ୍ନେହାଧିକ୍ୟ । ପିତୃହୃଦୟରେ ଝରନ୍ତି ଯେତେ ବଡ଼ ପଛକେ, ଅପତ୍ୟସ୍ନେହକୁ ସେ ସମ୍ପୂର୍ଣ୍ଣ ତାଙ୍କି ପାରେ ନାହିଁ । ଅନ୍ୟ କାରଣ, ଚାଣକ୍ୟ ପଣ୍ଡିତଙ୍କ ଉପ-ଦେଶ । ସେ କହିଅଛନ୍ତି —'ପୁଅକୁ ଷୋଳବର୍ଷ ହେଲେ ତାହା ସହିତ ମିତ୍ରବ୍ୟବହାର କରିବ ।' ଏ ତ ଗଲା ଦୁଇଟି ଗୌଣ କାରଣ, ତହୁଁ ଉପରେ ଗୃହିଣୀଙ୍କ କୋପକୁ ମୁଖ୍ୟ କାରଣ ବୋଲି ନିର୍ଦ୍ଦେଶ କରାଯାଇ-ପାରେ । ସେ ଯାହାହେଉ ପୁତ୍ରକୁ ସର୍ବଦା ଚିନ୍ତାରେ ମାତ୍ର ଅବ୍ୟାପାରରେ ବ୍ୟାପାର କରିବାର ଦେଖି ସେ ଆଉ ସହି ପାରିଲେ ନାହିଁ । ତାକୁ ପାଖକୁ ଡାକି କଟୁ ଶବ୍ଦ ମିଶାଇ ଖୁବ୍ ପଦକାତେ ଶୋଧିଦେଲେ । କହିଲେ, "ତୁ କୁଳାଙ୍ଗାର ବାର କୁଅଳିଅଙ୍କ ସଙ୍ଗରେ ପଡ଼ି ଇତର ହୋଇଗଲୁ । ତୁ କେଉଁ ମହତ୍‌ବଂଶରେ ଜାତ, କାହାର ପୁଅ, କାହାର ନାତି, ତାହା ଜାଣିଲୁ ନାହିଁ । ବଢ଼ିଲୁ, ବୁଦ୍ଧି ଶୁଦ୍ଧି ହେଲା, ଏଣିକି ଉଲ-ଙ୍ଗଳନ ହୁଅନ୍ତୁ କହିଣ ନା ସେହି ପିଲା ଖେଳ ତୋର ଗଲା ନାହିଁ । ଯେଉଁ କାର୍ଯ୍ୟରେ ପ୍ରାଣହାନି ଘଟିପାରେ, ସେ କାର୍ଯ୍ୟ ପଶୁ ବି କରିବ ନାହିଁ । ତୁ ପଶୁଠାରୁ ଅଧମ ହେଲୁ । ଗୋଟିଏ ଭଣ୍ଡ, ମୂର୍ଖ ତୋତେ ଠକାଇ ଦେଲା । ପୁଣି ତୁ ପରା ଜଣେ ଡାକ୍ତର? ମନୁଷ୍ୟର ସାହସ ଆବଶ୍ୟକ, ସାହସହିଁ ତାହାର ପୌରୁଷ । ମନର ବଳ ନ ଥିଲେ, ଶରୀରର ବଳ କ୍ଲୀବତ୍ୱ ପ୍ରାପ୍ତ ହୁଏ । ଭୀମ ପରି ବଳଶାଳୀ ହେଲେ ମଧ୍ୟ ସାହସ ଅଭାବରେ କେହି ବସ୍ତିରର ପାଖ ପଶିପାରିବ ନାହିଁ । ସାହସ ଅଭାବରେ ବୀର ସୁଦ୍ଧା କାପୁରୁଷ । ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସାହସ ଆବଶ୍ୟକ । ସାହସ କାର୍ଯ୍ୟକୁ ପ୍ରାଣ ଦାନ କରେ, ଆଉ ଯତ୍ନ କାର୍ଯ୍ୟର ଶରୀର ଗଠନ କରେ । ସାହସ ମନୁଷ୍ୟର ସବୁବେଳେ, ସବୁ କାର୍ଯ୍ୟରେ ଦର-କାର; ମାତ୍ର ଅତିସାହସ ଭଲ ନୁହେଁ । ଦୁଃସାହସ କପଟର ସହୋଦର ଭ୍ରାତା । ଆଉ ତୁ ତାହାର ପଦ ଲେହନକାରୀ କଣା କିଙ୍କର । ଉଚ୍ଚୈଃଶ୍ରବା ବଂଶରେ ତୁ ଘୋଡ଼ାମୁହାଁ ଗଧ ଆସି କାହୁଁ ଜନ୍ମହେଲୁ ? ଯା ଫେର ଯେପରି କୁବୁଦ୍ଧି କେବେ କରିବୁ ନାହିଁ । ଆଉ କ ଯୁବକ ସମିତି କରିଛୁ, ତାକୁ ଭାଙ୍ଗି ଦେ; ନ ହେଲେ ଭଲ ଗତି ହେବ ନାହିଁ, ଜାଣିଥା ।" ସତ୍ୟଭୂଷଣ ତଳକୁ ମୁହଁ ପୋତି ଠିଆହୋଇଥିଲା । ନୀରବରେ ସେଠାରୁ ବାହାରିଗଲା । ପିତାଙ୍କ ତିରସ୍କାରକୁ ସେ ଦେହକୁ ନେଲା ନାହିଁ । ପିତା ଯେପରି ଅନ୍ୟ କାହାକୁ ତିରସ୍କାର କରିଅଛନ୍ତି, ସେହିପରି ମଣିଲା । "ତୁ ଯେତେ ବୋଲିବୁ ବୋଲ, ମୋ ଦେହ ଯାକ ଭମା ପୋଲ", ଏହି ତଗଟିକୁ ସାର୍ଥକ କରି ସେ ନିର୍ବିକାରମନରେ ବୈଠକଖାନାକୁ ଚାଲି-ଗଲା । ତିରସ୍କାରଗୁଡ଼ାକ ଗିଳିଦେଇ ସହଜରେ ଜୀର୍ଣ୍ଣ କରିଦେଲା ।

ଅନନ୍ତର ଜମିଦାର କ୍ରୋଧରେ କମ୍ପି କମ୍ପି ଅନ୍ତଃ-ପୁରକୁ ଚାଲିଗଲେ । ବୃନ୍ଦାବତୀ ଗୋଡ଼ ଲମ୍ବାଇ ବସି ଗୋଟାଏ କାମ କରୁଥିଲେ । ସ୍ୱାମୀଙ୍କୁ ଦେଖି ତର ତର ହୋଇ ଉଠିପଡ଼ି ଓଢ଼ଣାଟା ଟିକିଏ ତଳକୁ ଟାଣିଆଣିଲେ । ସ୍ୱାମୀଙ୍କୁ ସେ ଅଭ୍ୟର୍ଥନା କରିବା ପୂର୍ବରୁ, ସ୍ୱାମୀ ଉଚ

କର୍କଶ ସ୍ୱରରେ କହିଲେ, 'ତୁମେ ଏକା ମୁହଁ ଦେଇ ଠୋକାଠାକୁ ମାଟି କଲ। ଟଙ୍କା ନ ଦେଲେ ସେ ଏତେ ପର୍ବ ଲଗାନ୍ତା କିଆଁ? ଛି ଛି ଦିନକୁ ଦିନ ସେ କଅଣ ହୋଇ ଉଠୁଛି।' ବୃନ୍ଦାବତୀ କିଛିକ୍ଷଣ ଯାଏଁ ସ୍ୱାମୀଙ୍କ ମୁହଁକୁ ଚାହିଁ ରହି କହିଲେ, 'ମୁଁ ଟଙ୍କା ଦେଲି? କାହାକୁ, ସତ୍ୟକୁ ନା? କେତେ ଟଙ୍କା ଦେଲି? ସେ ଦିନ ତ ସର୍ବନାଶ କି ଚୂନା କରିବ ବୋଲି ତିନି କୋଡ଼ି ଦଶରୁ କି ଟଙ୍କା ଉଣା ନେଇଥିଲା। ଆଉ ତା ଆଗରୁ ଥରେ କୋଡ଼ିଏ ପାଞ୍ଚ ଆଉ ଅଢେଇ ଟଙ୍କା ନେଇଥିଲା। ଦେଇ ଦେଇ ତ ଏତେ, ଆଉ କଅଣ ବୋଧେ ନା କିରେ? ଏମାନଛଡ଼ା ହାତ ଖର୍ଚ୍ଚକୁ କେତେବେଳେ ଦଶଟଙ୍କା, କେଉଁ ଦିନ ପାଞ୍ଚ ଟଙ୍କା ନିଏ; ତାହା ସବୁ ଧରି ବସିଲେ କଅଣ ହେବ?' ଜମିଦାର ଏତେ କ୍ରୋଧରେ ମଧ୍ୟ ହସିଉଠି କହିଲେ, "ନା ଦଶଟଙ୍କା ପାଞ୍ଚଟଙ୍କା କିଛି ନୁହେଁ। ସେଗୁଡ଼ାକ ମାଟି ଗୋଡ଼।" ବୃନ୍ଦାବତୀ କହିଲେ, "ହଁ ଗୋ ହଁ, ସେ ଗୁଡ଼ାକ ଜୀବନ ପୁଟୁଳି।" ଏହା ଉପରେ ଆଉ କିଛି କଥା ଖୋଜି ନ ପାଇ ଜମିଦାର ପରାସ୍ତ ହେଲେ। ଏଥି ଉତ୍ତାରୁ ପୁତ୍ରର ଭବିଷ୍ୟତ ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ବିଷୟରେ ଅନେକ କଥା ହେଲା ପରେ କି ଗୋଟାଏ ଜରୁରି କାର୍ଯ୍ୟ ମନରେ ପଡ଼ିଯିବାରୁ ଜମିଦାର ପୁଣି କଚେରୀ ପରସ୍ତକୁ ଫେରିଗଲେ।

ସ୍ୱାମୀ ଟିକିଏ ମିଠା କଡ଼ା ଭର୍ତ୍ସନା କରି ଚାଲିଗଲେ। ବୃନ୍ଦାବତୀ ସେହି କଥା ମନେମନେ ହେଜି ଦୁଃଖ କରି ବସିଅଛନ୍ତି ଏବଂ ଥରେ ଥରେ ପୁତ୍ର ପ୍ରତି କ୍ରୁଦ୍ଧ ହୋଇ-ଉଠୁଅଛନ୍ତି, ଏହି ସମୟରେ ସତ୍ୟଭୂଷଣ ଆସି ଉପସ୍ଥିତ ହେଲା। ବୃନ୍ଦାବତୀ ତାକୁ କିଛି କହିଲେ ନାହିଁ। ସତ୍ୟ-ଭୂଷଣ ମାତାଙ୍କୁ ନୀରବ ଦେଖି ଟିକିଏ ଶଙ୍କିତ ହୋଇ କହିଲା, "କି ମା, କଥା କହୁନାହୁଁ, ରାଗିଛୁ କି? କାହା ଉପରେ ରାଗିଛୁ, ମୋ ଉପରେ ନା? ଓଃ, ତୋ, ବାପର ବୁଢୁଲା ମୁଁ ଖାଇପାରିଛି। ନା ନା ଭୁଲିଗଲି, ତୋ ବାପ ଆଉ କିଏ, ମୁଁ ପରା ତୋ ବାପ?" ଏ କଥା ପଦକରେ କି ଅମୃତ ଥିଲା କେଜାଣି, ମାତୃ-ହୃଦୟ ସେଥିରେ ମଧୁମୟ ହୋଇଉଠିଲା। କ୍ରୋଧ, ଦୁଃଖ କେଉଁ ଆଡ଼େ ଉଭେଇଗଲା। ଜନନୀ ହୃଦୟରେ ଆନନ୍ଦସିନ୍ଧୁ ଉଛୁଳି ଉଠିଲା। ବୃନ୍ଦାବତୀ ହସିଉଠି ପୁଅକୁ କହିଲେ, "ତୁ ବାପଟାର ବାପ। ବୁଦ୍ଧି ଆଉ କେବେ ଛାଡ଼ିବୁ ରେ? ତୁ ଏସବୁ କଅଣ କରୁଛୁ? କିଏ କହୁଛି ତୁ କାଳୀ ସାଧନା କରୁଛୁ, କିଏ କହୁଛି ବାଣ ଶିଙ୍ଗାର ଶିଖୁଛୁ, କିଏ କହୁଛି ହନୁମାନ ସାଧନା କରୁଛୁ। ଏହିପରି ନାନା ଲୋକେ ନାନା କଥା କହି ବୁଲୁଛନ୍ତି। ତାଙ୍ଗ,ରଙ୍ଗୁ ନ ଥିଲେ କି ମୁଁ ତୋତେ ଆଉ ପାଇଥାନ୍ତି ରେ।" ସତ୍ୟଭୂଷଣ କହିଲା, 'ନା ଲୋ ମୁଁ ସେଗୁଡ଼ାକ କାହିଁକି ଶିଖିବାକୁ ଯିବି। ତୁ ଜାଣୁନାହୁଁ, ମୁଁ ଯୋଗବିଦ୍ୟା ଶିଖୁଥିଲି। ତୁଛାଠାରେ କିଏ କଅଣ କହୁଛି, ତୁ ତାହା ଶୁଣୁଛୁ କାହିଁକି?' ବୃନ୍ଦାବତୀ ପଚାରିଲେ—'କଅଣ ଶିଖୁଛୁ, ଯୋଗବିଦ୍ୟା? ସେ କଅଣ ରେ?'

ସତ୍ୟ—ସେ ଖୁବ୍ ଭଲ ବିଦ୍ୟା, ସେସବୁ ଧର୍ମର କଥା, ତୁ କଅଣ ବୁଝିବୁ? ମୁନି-ଋଷି, ଯୋଗୀ, ସନ୍ନ୍ୟାସୀମାନେ ଯେଉଁ ତପ-ଜପ, ଧ୍ୟାନ-ଧାରଣା କରନ୍ତି, ସେଇଆ—ଏବେ ବୁଝିଲୁ?

ବୃନ୍ଦା—ତପଜପ କରିବୁ? କି ରେ, ତୁ ବୁଢ଼ା ହେଲୁଣି କି? ମା ଲୋ, କାଲିକାର ଅଣ୍ଡାଖଣ୍ଡ, ଗାଲ ଚିପିଦେଲେ ଦୁଧ ବାହାରିବ କହୁଛି ତପଜପ କରିବ। ନା ନା ବାପ, ତାହା ସବୁ ଛାଡ଼ିବୁ ତ ଛାଡ଼, ନହେଲେ ତୋହରି ଆଗରେ ମୁଣ୍ଡ ଫଟାଇଦେଇ ମରିଯିବି।

ସତ୍ୟ—ତୁ ଏତେ ଛନଆ କାହିଁକି ହେଉଛୁ?

ବୃନ୍ଦା—ନା ନା, ମୁଁ ତୋର କିଛି କଥା ଶୁଣିବି ନାହିଁ। ତୁ ଛାଡ଼ିବୁ କି ନାହିଁ ଆଗେ କହ। ମୁଁ ମରିଗଲେ ପଛେ ତୁ ଯାହା ଇଚ୍ଛା ତାହା କରିବୁ, ଉଛୁଣିକା ମୁଁ ତୋତେ କିଛି କରିଇ ଦେବିନାହିଁ। କଅଣ ବୁଲାପାଉଁଶ କରୁଛୁ ତାହା ସବୁ ଛାଡ଼, ନହେଲେ ମାତୃହତ୍ୟା ଦୋଷ ନେବୁ। କହ ଛାଡ଼ିବୁ ନାହିଁ?

ସତ୍ୟ—ହଁ ଛାଡ଼ିବି, ତୁ ଆଉ ବ୍ୟସ୍ତ ହୁଅ ନା।

ବୃନ୍ଦା—ମୋ ଦେହ ଛୁଇଁ କସମ କର।

ସତ୍ୟଭୂଷଣ ମାତୃପଦ ଛୁଇଁ କସମ କଲା। ବୃନ୍ଦାବତୀ ପୁଅମୁଣ୍ଡରେ ହାତ ଦେଇ ଆଶୀର୍ବାଦ କଲେ। ତାଙ୍କର ନେତ୍ରଦ୍ୱୟ ଆନନ୍ଦାଶ୍ରୁରେ ଆର୍ଦ୍ର ହୋଇଆସିଲା ଏବଂ ତାଙ୍କ

ଅଜ୍ଞାତରେ ଦୁଇ ଟୋପା ଅଶ୍ରୁ ସତ୍ୟଭୂଷଣର ମସ୍ତକରେ ଝରିପଡ଼ିଲା । ସତ୍ୟଭୂଷଣ, ତୁ ଭାଗ୍ୟବାନ୍, ଆଜି ଯେଉଁ ମହାତୀର୍ଥବାରିରେ ତୁ ଅଭିଷିକ୍ତ ହେଲୁ, ସେ ପବିତ୍ର ବାରି ସ୍ୱର୍ଗରେ ଦୁର୍ଲଭ । ତାହା ଅଶ୍ରୁ ନୁହେଁ—ଆଶୀର୍ବାଦ । ତୁ ସତ୍ୟ ରକ୍ଷାକରି ସେ ପୁଣ୍ୟାଶ୍ରୁର ଗୌରବ ରକ୍ଷାକର । ତୋର ପିତୃନାମ ସାର୍ଥକ ହେଉ ।

ଅନନ୍ତର ସ୍ନେହମୟୀ ଜନନୀ ନାନାବିଧ ସୁଖାଦ୍ୟ ଥାଳୀରେ ସଜାଇ ପୁତ୍ରକୁ ଆଣି ଦେଲେ । ସତ୍ୟଭୂଷଣ ତାହା ଆକଣ୍ଠ ଭୋଜନକରି ପରମ ପରିତୋଷ ଲାଭ କଲା । ମାତୃହସ୍ତ ସ୍ପର୍ଶରେ ନଗଣ୍ୟ ଶାଗଟିକକ ସୁଦ୍ଧା ଅମୃତ ହୁଏ, ତାହା ଯଦି ପୁଣି ମାତୃସ୍ନେହ ରୂପ ମହାମୃତମିଶା ହୁଏ, ତେବେ ତାହାର ତୁଳନା କଅଣ ଅଛି ? ଭୋଜନାନ୍ତେ ସତ୍ୟଭୂଷଣ ବୈଠକ ଖାନାରେ ଆସି ବସିଲା । ତେତେବେଳେ ସେଠାରେ ଆଉ କେହି ଥିଲେନାହିଁ । ସତ୍ୟଭୂଷଣ ନିର୍ଜନରେ ବସି ନାନା କଥା ଭାବିବାକୁ ଲାଗିଲା । ନିର୍ଜନତା ଚିନ୍ତା-ପ୍ରସ୍ରବଣର ମୁହଁ ମୁକୁଳା କରିଦିଏ । ସତ୍ୟଭୂଷଣ ନିଜ ଜୀବନର ପଛକୁ ଅନାଇଁ ସ୍ୱୀୟ କର୍ମପଞ୍ଜିକା ଦେଖିଲା । ସେଥିରେ କର୍ମର ସୀମା ନାହିଁ; ମାତ୍ର ଗୋଟିକର ସୁଦ୍ଧା ଅସ୍ତିତ୍ୱ ନାହିଁ । ସେ ହତାଶପୂର୍ଣ୍ଣ ଦୀର୍ଘନିଃଶ୍ୱାସ ଛାଡ଼ି ଭାବିଲା—ବାସ୍ତବରେ ମୁଁ ବଡ଼ ଭ୍ରାନ୍ତ ! ଅର୍ଥ ଏବଂ ସହକାରିତା ଅଭାବରେ ଏତେ ବଡ଼ କାର୍ଯ୍ୟସବୁ ହୋଇପାରେ ନାହିଁ, ଏହା ନ ବୁଝି ମୁଁ ଏକାକୀ ଅଞ୍ଜଳିଦ୍ୱାରା ସମୁଦ୍ର ବୋହିବାକୁ ଦୁଃସାହସ ବାନ୍ଧିଥିଲି । ଯେଉଁଠାରେ ଅର୍ଥ ସାହାଯ୍ୟ ତ ଦୂରର କଥା, ପଦେ କଥା ବି ସାହାଯ୍ୟ ମିଳେନାହିଁ, ମୋ ପରି ବାତୁଳ ଭିନ୍ନ କିଏ ସେଠାରେ କର୍ମର ଆଶା କରିବ ? ଯାହା ହେଉ ଏବେ ମୋର ଯଥେଷ୍ଟ ନୁହେଁ, ଅତିରିକ୍ତ ଶିକ୍ଷା ହୋଇଅଛି । ଏଣିକି ସେ ମହୋଚ୍ଚ ଆଶାରୁ ନିବୃତ୍ତ ହେବା ଉଚିତ । ଆଜିଠାରୁ ମୁଁ ସବୁ ଛାଡ଼ିଦେବି; ମାତ୍ର ଗୋଟିଏ କଥା ଛାଡ଼ି ପାରିବି ନାହିଁ । ଯୁବକସମିତି ଭାଙ୍ଗି ଦେବାପାଇଁ ବାବା କହୁଛନ୍ତି, ସେଇଟି ଏକା କରିପାରିବି ନାହିଁ । ବଡ଼ ଲୋକମାନେ ପୁଲାଏ ପୁଲାଏ ଦେଇ ଜ୍ୱାଇଁ କିଣିବେ, ସୁନାରୁପା ଓଜନରେ ପୁଅ ବିକିବେ ଆଉ ଗରିବଲୋକମାନଙ୍କର ପୁଅ ଝିଅ ବୁଢ଼ାବୁଢ଼ୀ ହୋଇ ଅଭିଆଡ଼ା ମରିବେ, ସେ କଷ୍ଟ ଆଉ ସହିବି ନାହିଁ । ଏ ପୁନେଇରେ ସେ ପିଠା ନାହିଁ । ସମିତି ମୁଁ ଭାଙ୍ଗି ପାରିବି ନାହିଁ । ଏଣିକି ଯେ ମୋତେ ସମିତି ଭାଙ୍ଗିବାକୁ କହିବ, ମୁଁ ତାକୁ ଏତିକି କହିବି ଯେ, ତୁମେ ଆଗେ ବରପଣ ଉଠାଅ, ତେବେ ଆମେ ସମିତି ଭାଙ୍ଗିବୁ । ଥାଉ ସେ କଥା, ଯେତେବେଳେ କଥା ପଡ଼ିବ ତେତେବେଳେ କହିବି—ଆଗରୁ ସେ ଚିନ୍ତା କାହିଁକି ? ସର୍ବଜ୍ଞ ଭଣ୍ଡଟାର କଥା ମୋ ମନରୁ ଭୁଲି ଯାଉନାହିଁ । ସେଟା ପକ୍କା ଠକ, ପୁରା ଯୁଆଚୋର, ଭାରି ବଦମାସ । ଅଚ୍ଛା, ସେଟା ଯେବେ ଗଣ୍ଡମୂର୍ଖ, ତେବେ ଏଡ଼େ ଉଚ୍ଚ ଉଚ୍ଚ କଥା କହେ କିପରି ? ବୋଧହୁଏ ସେଗୁଡ଼ାକ ତାହାର ବନ୍ଧା ଗତ । ଏହିପରି କେତେ କଥା ନ ଶିଖିଲେ ସେ ଲୋକ ଭୁଲାଇବ କିପରି ? ଓଃ, ମନୁଷ୍ୟ ଚିହ୍ନିବା ବଡ଼ କଠିନ । ଯାହା କହନ୍ତି, "ମଣିଷ ଦଗୋଡ଼ିଆକୁ ବିଶ୍ୱାସ ନାହିଁ" ତାହା ସତ, ଖୁବ୍ ସତ, ଖାଣ୍ଟି ସତ । ଶାସ୍ତ୍ରରେ କହୁଛି, 'ଅଜ୍ଞାତକୁଳ-ଶୀଳକୁ ବିଶ୍ୱାସ କରିବ ନାହିଁ ।" ମୁଁ ସେହି ଶାସ୍ତ୍ରବାକ୍ୟ ଲଙ୍ଘନ କରି ସେଥିର ଫଳ ହାତେ ହାତେ ପାଇଲି । ମୁଁ ନ ବୁଝି ନ ଶୁଝି ତାକୁ ବିଶ୍ୱାସ କଲି, ଏହା ମୋର ଭୁଲ କି ଗ୍ରହଦୋଷ, କିଏ କହିପାରିବ ? ବିଶ୍ୱାସ ବଡ଼ ପବିତ୍ର ପଦାର୍ଥ, ଅପାତ୍ରରେ ତାହାର ସ୍ଥାନ ନାହିଁ, ଏ କଥା ମୁଁ ବୁଝି ନ ଥିଲି । କୁବେରଙ୍କୁ ପୂଜା କରି ଅର୍ଥ ସଂଗ୍ରହ କରିବାର ଶକ୍ତି ଯାହାର ଅଛି, ତାହାର ଅବସ୍ଥା ଏଡ଼େ ମ୍ଳାନ କାହିଁକି ହେବ କିମ୍ବା ସେ ପେଟ ଲାଗି ଅଇଁଠାଚଟା କୁକୁର ପରି ବାରଦ୍ୱାରରେ ବୁଲିବ କାହିଁକି, ଏହି ସହଜ କଥାଟା ମୋ ଦୁର୍ବଳ ମସ୍ତିଷ୍କରେ ପଶିଲା ନାହିଁ । କୁବେର ସାଧନାରେ ଅର୍ଥ ମିଳୁଥିଲେ, ତାହା ଯେଡ଼େ କଠୋର ହେଉ ପଛେ ଲୋକେ ଅବଶ୍ୟ କରୁଥାନ୍ତେ । ସମସ୍ତେ ନ ହେଲେ ଅନେକେ କରୁଥାଆନ୍ତେ । ଆଉ ଭଣ୍ଡ ସର୍ବଜ୍ଞ ଯଦି ସେ ସାଧନା ଜାଣିଥାଆନ୍ତା, ତେବେ ସେ ଦେବତାଙ୍କଠାରୁ ଅଧିକ ପୂଜା ପାଉଥାଆନ୍ତା ଏବଂ ତାହାର ସିଂହାସନ ସମ୍ରାଟ୍ ସାଜାହାନଙ୍କ ମୟୂର ସିଂହାସନଠାରୁ ବଳିଥାଆନ୍ତା

ଅଧିକନ୍ତୁ କେତେ ରାଜା ମହାରାଜାଙ୍କର ମହାର୍ଘ ମଣିରତ୍ନଖଚିତ ମୁକୁଟ ତାହା ଚରଣତଳେ ଅବଲୁଣ୍ଠିତ ହୋଇଥାଆନ୍ତା । ପାଷଣ୍ଡ ନଙ୍କୁ ଯୋଗସିଦ୍ଧ ବୋଲି କହେ ! ଯୋଗବିଦ୍ୟା କ'ଣ ଏଡ଼େ ସହଜ ଯେ, ଏହିପରି ଲୋକ ମଧ୍ୟ ଆୟତ୍ତ କରିପାରିବେ । ଯୋଗୀ ଋଷିମାନେ ସୁକଠୋର ନିୟମ ପାଳନ କରି ସହସ୍ର ସହସ୍ର ବର୍ଷର ସାଧନାରେ ଯେଉଁ ମହାବିଦ୍ୟା ଅର୍ଜନ କରୁଥିଲେ, ସେ ବିଦ୍ୟା କି ସାମାନ୍ୟ ତେତେଠା ବର୍ଷରେ ଜଣେ ସାଧାରଣ ଲୋକ ଆୟତ୍ତ କରିପାରେ ? ଏସବୁ କଥା ମୁଁ ଏବେ ବୁଝୁଛି, ତେତେବେଳେ କଅଣ ମୋର ଏ ଜ୍ଞାନ ନ ଥିଲା ? ଅବଶ୍ୟ ଥିଲା; ମାତ୍ର ଗୋଟାଏ ମାନସିକ ଉନ୍ମାଦନା ମୋତେ ଆଚ୍ଛନ୍ନ କରିଥିଲା । ସେ ମୋ ଆଗରେ ମାୟା ସୃଷ୍ଟିର କୁହୁକଜାଲ ବିସ୍ତାର କରିଥିଲା । ଏହିପରି ଉନ୍ମାଦନା ସମସ୍ତଙ୍କ ଜୀବନରେ ଆସେ, ତେତେବେଳେ ମିଥ୍ୟା ସତ୍ୟ ପରି ବୋଧହୁଏ । ତେବେ ପ୍ରଭେଦ ଏତିକି ଯେ, ସମସ୍ତଙ୍କୁ ଏ ଉନ୍ମାଦନା ଯେଉଁ ପରିମାଣରେ ଆକ୍ରମଣ କରେ, ମୋ ପରି ଅର୍ଦ୍ଧ ପାଗଳକୁ ତାହାଠାରୁ ଖୁବ୍ ବେଶି ଆକ୍ରମଣ କରେ । ଅନ୍ୟ ପାଖରେ ତାହାର ସୀମା ଅଛି; ମାତ୍ର ମୋ ପାଖରେ ସେ ସୀମା ଲଙ୍ଘନ କରିଯାଏ । ସେଦିନର ଘଟଣା ଦେଖି ଶୁଣି ଲୋକେ ମୋତେ କଅଣ ଜ୍ଞାନ କରୁଥିବେ ? ଛି ଛି, କି ଲଜ୍ଜା !

ସତ୍ୟଭୂଷଣ ଏହିପରି ଢେର ପ୍ରତିଜ୍ଞା କଲା—ସେ ଆଉ ଦେଶସେବା, ବକ୍ତୃତା, ଯୋଗସାଧନ ଇତ୍ୟାଦି କିଛି କରିବ ନାହିଁ । ପ୍ରତିଜ୍ଞାକୁ କାର୍ଯ୍ୟରେ ମଧ୍ୟ ପରିଣତ କଲା । ସେହିଦିନୁ ସବୁ ଛାଡ଼ିଲା , ରହିଲା କେବଳ ଯୁବକସମିତି ଆଉ ପ୍ରେତତତ୍ତ୍ୱର ଆଲୋଚନା । କିନ୍ତୁ ଏହି ଦୁଇଟି ବିଷୟ ଘେନି ସେ ଦିନ କଟାଏ ନାହିଁ , ସମୟ ସମୟରେ ଜମିଦାରୀ ସିରସ୍ତାର କାର୍ଯ୍ୟ ମଧ୍ୟ ଶିକ୍ଷା କରେ । ସମୟରେ ଜମିଦାରୀ ଭାର ଏବଂ ଦାୟିତ୍ୱ ତାହାରି କାନ୍ଧରେ ପଡ଼ିବ, ଏହା ସେ ଏବେ ବୁଝି ପାରିଲାଣି ।

## ଦଶମ ପରିଚ୍ଛେଦ

ଜମିଦାର ଅନ୍ତର୍ଯାମୀ ରାୟଙ୍କର ପୁଅ ପ୍ରତି ପୂର୍ବପରି ବିରକ୍ତି ଆଉ ନାହିଁ ଏବଂ ପୁଅ ମଧ୍ୟ ସେ ପୁଅ ନାହିଁ; ତାହାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଅଛି । ଏଥିମଧ୍ୟରେ ତାହାର ଗୋଟାଏ ଶୋଭନ ରାଜସଂସ୍କରଣ ହୋଇଯାଇଅଛି । କିଏ ଯେପରି ତାହାର ବିଶୃଙ୍ଖଳ ମତିକୁ ସହସା ଶୃଙ୍ଖଳାବଦ୍ଧ କରିଦେଲାଣି । ସଂସାର ବିରାଗ, ବୈରାଗ୍ୟହିଁ ତା'ହାର ପ୍ରାଣ । ଏଠାରେ କେଉଁ ବୈଚିତ୍ର୍ୟ ବା ନାହିଁ ? ଭଲ ବି ସମୟରେ ମନ୍ଦ ହୁଏ ଆଉ ମନ୍ଦ ମଧ୍ୟ ସମୟରେ ଭଲ ହୁଏ । ଲୋକେ କହନ୍ତି—'ସ୍ୱଭାବର ପରିବର୍ତ୍ତନ ଘଟେ ନାହିଁ; ମାତ୍ର ଅନେକ ସ୍ଥଳରେ ଘଟିବାର ଦେଖାଯାଏ । ସାଧୁସହବାସ, ବିବେକର ଶାସନ, ବିପଦ, ବୟୋଧର୍ମ ଏବଂ ଠକି ଶିଖିବାଦ୍ୱାରା ସ୍ୱଭାବର ପରିବର୍ତ୍ତନ ଘଟେ, ସେଥିର ଦୃଷ୍ଟାନ୍ତ ବିରଳ ନୁହେଁ । ସତ୍ୟଭୂଷଣର ହୃଦୟ ଆଉ ଦୁରାକାଙ୍କ୍ଷାରେ ଉଦ୍‌ବେଳିତ ହୁଏ ନାହିଁ । ତାହାର ହୃଦୟ ଏବେ ନିର୍ବାତ ନିସ୍ତରଙ୍ଗ ସାଗର ପରି ସ୍ଥିର ଏବଂ ଗମ୍ଭୀର । ସେ ଅଳ୍ପଦିନ ମଧ୍ୟରେ ଜମିଦାରୀ ସଂକ୍ରାନ୍ତ ସମସ୍ତ ବିଷୟ ଶିଖିସାରିଲାଣି । ଅମଲାମାନଙ୍କର ଫନ୍ଦି ଫିକର ବି ଭଲରୂପେ ବୁଝିନେଲାଣି । ଏଣିକି ସେ ଜମିଦାରୀ ସମ୍ପର୍କୀୟ ଅନେକ କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ କରେ । ସାମାନ୍ୟ ସାମାନ୍ୟ ହାସିଫେରଦା ବୁଝେ, ସମୟ ସମୟରେ ମଫସଲ ଯାଇ ପ୍ରଜାମାନଙ୍କର ଅବସ୍ଥା, ଶସ୍ୟର ଅବସ୍ଥା ପ୍ରଭୃତି ବୁଝେ । ମାଲି ମକଦ୍ଦମା ଉପଲକ୍ଷରେ ଅମଲାମାନେ କଟକ, କଲିକତା ପ୍ରଭୃତି ସ୍ଥାନକୁ ଗଲେ ସେମାନଙ୍କୁ ଏକାଦଶ ବୃହସ୍ପତି ଯୋଗ ପଡ଼େ । ସେମାନେ ପଇସାକ ଜାଗାରେ ଟଙ୍କାଏ ଖର୍ଚ୍ଚ ଲେଖି ଉଦର ନାମକ ଦୁର୍ଦ୍ଦାନ୍ତ ଦେବତାକୁ ତୁଷ୍ଟ କରନ୍ତି, ଏକଥା ସେ ଜାଣେ; ତେଣୁ ସେ

ଅନେକ ମାଲିମକଦ୍ଦମାରେ ନିଜେ ଯାଇ ଯୋଗାଡ଼ ଯନ୍ତ୍ର କରେ । ଏଥିରେ ଅମଲାମାନେ ବୃତ୍ତିଚ୍ଛେଦ ହେତୁ ଟିକିଏ ଅସନ୍ତୁଷ୍ଟ ହୁଅନ୍ତି; ମାତ୍ର ପିତା ସନ୍ତୁଷ୍ଟ । ପୁଅର ଗୁଣଗରିମା ବର୍ଣ୍ଣନାରେ ସେ ଏଣିକି ବହୁମୁଖ ହୋଇ ଉଠିଲେଣି । ମାଙ୍କର ତ ଫୁଲ୍ଲଣର ସୀମା ନାହିଁ । ସେ କହନ୍ତି—'ପୁଅ ତ ପୁଅ, ଏକା ମୋ ପୁଅ । ଇମିତି ଗୁଣବାନ୍ ପୁଅ ଦେଶ ଦୁନିଆଁରେ ନାହିଁ, ନ ଥିଲା, ନ ହେବ ।' ବାସ୍ତବରେ ସତ୍ୟଭୂଷଣର ବର୍ତ୍ତମାନ ସ୍ୱଭାବ ଦେଖିଲେ ଯେ ବର୍ଷକ ପୂର୍ବେ ତାକୁ ଦେଖିଥିବ, ସେ ସ୍ତମ୍ଭୀଭୂତ ହେବ । ତାହାର ଗୁଣରେ ତାହାର ଶତ୍ରୁ ସୁଦ୍ଧା ମୁଗ୍ଧ ନ ହୋଇ ରହିପାରିବ ନାହିଁ । ପୁତ୍ରର ଯୋଗ୍ୟତା ଦେଖି ପିତା ଆଉ ଖଣ୍ଡେ ଜମିଦାରୀର ଭରସା ବାନ୍ଧିଲେ । ବର୍ତ୍ତମାନ ନିଜର ଏବଂ ଶ୍ୱଶୁରଙ୍କ ଜମିଦାରୀ ମିଶି ଦୁଇଖଣ୍ଡ ଅଛି, ଆଉ ଖଣ୍ଡେ ହେଲେ ତିନିଖଣ୍ଡ ହେବ, ସେ ବିଶାଳ ଜମିଦାରୀର ଅଧୀଶ୍ୱର ହେବେ, ଏହି ଭବିଷ୍ୟତ ଆଶାରେ ସେ ଉତ୍ଫୁଲ୍ଲ; କିନ୍ତୁ ଆଶା ବଡ଼ ମାୟାବିନୀ, ସେ କଅଣ କରିବ, ତାହା ଅନ୍ଧକାରଗର୍ଭ ଭବିତବ୍ୟତାକୁ ଗୋଚର ।

ସୁଧାନାଥ ମହାପାତ୍ର ବିଷ୍ଣୁପୁରର ଜଣେ ଅଧିବାସୀ । ତାଙ୍କ ଘର ଜମିଦାରଙ୍କ ଉଆସଠାରୁ ଖଣ୍ଡେଦୂର ଛଡ଼ା । ସେ ଜମିଦାରଙ୍କର ଜ୍ଞାତି ନୁହନ୍ତି—ସ୍ୱଜାତି । ତାଙ୍କର ବୟସ ପ୍ରାୟ ଜମିଦାରଙ୍କ ବୟସର ନିକଟବର୍ତ୍ତୀ । ମହାପାତ୍ରେ ଏବଂ ଜମିଦାର ଅନ୍ତର୍ଯାମୀ ପ୍ରାୟ ଏକ ସଙ୍ଗରେ ପାଠ ପଢ଼ିଥିଲେ । ପିଲାଦିନେ ପାଠ ପଢ଼ିବାବେଳେ ସମସ୍ତେ ସମାନ ଥାଆନ୍ତି; ମାତ୍ର ବଡ଼ିଲେ ସାନ ବଡ଼ ହୋଇଉଠନ୍ତି । ସେତେବେଳେ ଜଣେ ଜଣକ ପ୍ରତି ଭିନ୍ନ ବ୍ୟବହାର କରେ । ପିଲାଦିନର କାନମୋଡ଼ାମୋଡ଼ି ଭୁଲିହୋଇ ପାସୋରି ଯାଏ । ଏହା ସଂସାରର ରୀତି; ସୁତରାଂ ଅନ୍ତର୍ଯାମୀ, ସୁଧାନାଥ ମଧ୍ୟ ସେହି ରୀତିର ଅଧୀନ ଥିଲେ । ଅନ୍ତର୍ଯାମୀ ବଡ଼ଲୋକ, ସୁଧାନାଥ ଗରିବ । କିନ୍ତୁ ଦୁହିଙ୍କର ଅସଦ୍‌ଭାବ ନାହିଁ । ସମୟ ସମୟରେ ସୁଧାନାଥ ଜମିଦାରଙ୍କଠାରୁ ଧାର ଉଧାର ନିଅନ୍ତି ଏବଂ ସୁବିଧାକ୍ରମେ ପରିଶୋଧ କରିଦିଅନ୍ତି । ଅବଶ୍ୟ ବିନା ସୁଧ ବା ବିନା ତମସୁକରେ ଏ କାର୍ଯ୍ୟ ହୁଏ ନାହିଁ; ତଥାପି ଆବଶ୍ୟକ ବେଳେ ଟିଅହେଲେ ମିଳେ । ଏହା କି ଅଳ୍ପ ସୁବିଧାର କଥା ନୁହେଁ । ସୁଧାନାଥଙ୍କ ଘରପାଖରେ ଜମିଦାରଙ୍କର ଅମାର ଘର ଅଛି; ମାତ୍ର ଉକ୍ତ ଘରକୁ ବଢ଼ାଇବାର ଉପାୟ ନାହିଁ । ସୁଧାନାଥଙ୍କ ଘରଡିହ ଖଣ୍ଡି ହେଲେ ଅମାରଘର ବଡ଼କରି ତୋଳିବାର ସୁବିଧା ହୁଅନ୍ତା । ତାହା ବଦଳରେ ଜମିଦାର ସୁଧାନାଥଙ୍କୁ ଘର ତୋଳିବା ପାଇଁ ଖୁବ୍ ଭଲ ଯାଗା ଦିଅନ୍ତେ । ଥରେ ଏଭଳି ପ୍ରସ୍ତାବ ହୋଇଥିଲା; ମାତ୍ର ସୁଧାନାଥଙ୍କ ପିତା ମଙ୍ଗିଲେ ନାହିଁ । କେତେ ବର୍ଷ ପରେ ସୁଧାନାଥଙ୍କର ପିତୃବିୟୋଗ ଘଟିଲା । ସେ ଅନନ୍ୟୋପାୟ ହୋଇ ପିତାଙ୍କ ଶ୍ରାଦ୍ଧକ୍ରିୟା ସକାଶେ ଘରତଳି ଖଣ୍ଡି ବନ୍ଧା ଦେଇ ଜମିଦାରଙ୍କଠାରୁ କିଛି ଟଙ୍କା ଋଣ ନେଲେ । ସେ ଟଙ୍କା ସେ ପରିଶୋଧ କରିପାରି ନାହାନ୍ତି । ତାଙ୍କର ଆୟ ଅଳ୍ପ, ବ୍ୟୟ ଅଧିକ; ସେଥିପାଇଁ ତାଙ୍କୁ ଋଣ କରିବାକୁ ପଡ଼େ । ଆଉ ସେ ଋଣ ସହଜରେ ପରିଶୋଧ କରିହୁଏ ନାହିଁ । ତାଙ୍କର ସ୍କୁଲର ପୋଷ୍ଟ ବିଭାଗରେ, ମାସିକ ବେତନ କୋଡ଼ିଏଟଙ୍କା । ପୋଷ୍ଟ ବିଭାଗ ପରି କୃପଣ ବିଭାଗ ଜଗତରେ ନାହିଁ । ସେଥିରେ ଦରମା-ଗଣ୍ଡାକ ଛଡ଼ା କାଣିକଉଡ଼ି କଡ଼େ ବି ଉପୁରି ମିଳେ ନାହିଁ । ସୁଧାନାଥଙ୍କର ପୋଷ୍ୟ ଅଳ୍ପ ନୁହନ୍ତି । ସେ, ତାଙ୍କର ସ୍ତ୍ରୀ, କନ୍ୟା, ପୁଣି ବି ଛଅଟା ମାଉସୀ ପିଉସୀ, ଗୋଟାଏ ଚାକର, ଏହିପରି ଦଶଜଣଙ୍କୁ ଉପର । ତାହାଛଡ଼ା ଗୋଟିଏ ଗାଈ ଆଉ ଗୋଟିଏ ବିଲେଇ ଛଡ଼ା ଅଛି । ସାମାନ୍ୟ କୋଡ଼ିଏଟି ଟଙ୍କାରେ ଏତେଗୁଡ଼ିଏ ପ୍ରାଣୀଙ୍କର ଭରଣପୋଷଣ ଚଳେ । ଘରତଳି ଖଣ୍ଡିକ ଛଡ଼ା ସୁଧାନାଥଙ୍କର ଆଉ ଭୂମି ବାଡ଼ି କିଛିଏ ନାହିଁ । ତାଙ୍କର ସହଧର୍ମିଣୀ କମଳା ଦେବୀ ଖୁବ୍ ପ୍ରବୀଣା ଗୃହିଣୀ । ସେ ଅଠାକୁ ସୁଦ୍ଧା ପିଠା କରିଜାଣନ୍ତି । ତାଙ୍କର ସୁବ୍ୟବସ୍ଥା ଫଳରେ ସଂସାର ଏକ ପ୍ରକାର ଚଳିଯାଏ, କେତେ କିଛି ଅଭାବ ଅନୁଭୂତ ହୁଏ ନାହିଁ । କମଳା ଦେବୀ ସବୁ ବିଷୟରେ ସାବଧାନ । ସେ ବୃଥା କୌଣସି ପଦାର୍ଥ ନଷ୍ଟ କରନ୍ତି ନାହିଁ । ଯେ ପ୍ରତ୍ୟେକ ପଦାର୍ଥର ସଦ୍‌ବ୍ୟବହାର କରେ, ସେ ଜୀବନରେ

ଅଧିକ ଅସ୍ୱବ ଅନୁଭବ କରେ ନାହିଁ । ପରମିତତା ଅସ୍ୱବର ପ୍ରହସ୍ତ, ସେ ଅସ୍ୱବକୁ ବାଟ ଛାଡ଼ିଦିଏ ନାହିଁ । କନ୍ୟାଟିର ନାମ ଯୋଗଣଦ୍ୟା । ମାତୃଗର୍ଭରୁ ଭୂମିଷ୍ଠ ହେବା ପରେ ଦୁଇଘଣ୍ଟା ଯାଏ ତାହାର ଆଖି ଫିଟିଲା ନାହିଁ ; ତହୁଁ ତାହାର ରହସ୍ୟପ୍ରିୟ ପିତାମହ କହିଥିଲେ—"ଏ ସ୍ୱୟଂ ଯୋଗବଦ୍ୟା ଆସି ଜନ୍ମଗ୍ରହଣ କରିଛନ୍ତି । ଯୋଗପୁରୁଷ ବା ଯୋଗ୍ୟପୁରୁଷ ଆସି ଆଗରେ ଠିଆହେଲେ ସେ ନେତ୍ର ଫେଡ଼ି ଚାହିଁବେ । ଏବେ ଯୋଗ୍ୟ ପୁରୁଷ କିଏ ହେବ ? ଦୁଃଖର କଥା—ଏ ବୃଦ୍ଧର ସେ ସୌଭାଗ୍ୟ ନାହିଁ ।" ସଦ୍ୟଜାତ ପୌତ୍ରୀ ପ୍ରତି ରସିକ ପିତାମହଙ୍କର ଏ ପରିହାସ ଶୁଣି ସୂତିକା ଗୃହରୁ ଉଚ୍ଚହାସ୍ୟ-ରୋଳ ଉଠିଥିଲା । ସ୍ୱୟଂ ପ୍ରସୂତି ମଧ୍ୟ ହସିପକାଇ ଥିଲେ । କନ୍ୟାଟିର ସେହି ପିତାମହଦତ୍ତ ଯୋଗବଦ୍ୟା ନାମ ରହିଗଲା । ଲୋକେ ତାକୁ ସଂକ୍ଷେପ କରି ଯୋଗ ଛାଡ଼ିଦେଇ କେବଳ "ବଦ୍ୟା" ବୋଲି ଡାକନ୍ତି । କନ୍ୟାଟି ଖଣ୍ଡିଏ ଛବି ପରି ସୁନ୍ଦର । ବର୍ତ୍ତମାନ ତାହାର ବୟସ ୧୩।୧୪ ବର୍ଷ ହେବ । ଯୋଗବଦ୍ୟାର ରୂପ, ଗୁଣ, ଶୀଳ ସବୁ ସୁନ୍ଦର, ସବୁ ମଧୁର । ସାମାନ୍ୟ ଶିକ୍ଷା ମଧ୍ୟ ଅଛି । ଅନ୍ୟାନ୍ୟ ପୁସ୍ତକ ଅପେକ୍ଷା ଧର୍ମ-ଗ୍ରନ୍ଥକୁ ସେ ଅଧିକ ଆଦର କରେ । ତାହାର ପିତୃସେବା ଅନ୍ୟର ଆଦର୍ଶ । ସେ ପିତାଙ୍କ ପାଇଁ ଦୁଧ ଆଉଟିଦିଏ, ପାନ ଭାଙ୍ଗିଦିଏ, ଜଳଖିଆ ଆଣିଦିଏ । ସୁଧାନାଥ ମହାପାତ୍ରଙ୍କ ରୋଗ ହେତୁ ଡାକ୍ତରଙ୍କ ପରାମର୍ଶାନୁସାରେ ଟିକିଏ ଅଫିମ ସେବନ କରନ୍ତି । ଚା ଅଫିମର ସହଧର୍ମିଣୀ; ସୁତରାଂ ଅଫିମ ଯେଉଁଠାରେ ଚା ମଧ୍ୟ ସେହିଠାରେ । ସେମାନେ ବିଚ୍ଛେଦ ଯନ୍ତ୍ରଣା ସହିପାରନ୍ତି ନାହିଁ । ଯୁଗଳମୂର୍ତ୍ତି ହାତ ଧରାଧରି ହୋଇ ରହିଥାଆନ୍ତି । ମହାପାତ୍ରେ ଅଫିମ ସେବା କଲାବେଳେ ଟିକିଏ ଚା ଉଷ୍ମ ମଣୋହି କରନ୍ତି । କନ୍ୟା ହସ୍ତପ୍ରସ୍ତୁତ ଚା ତାଙ୍କର ଖୁବ୍ ମୁଖରୋଚକ ହୁଏ । ସେ ଡାଆଣୀ ଭୂତର ଅଦ୍ଭୁତ କାହାଣୀ ଅନେକ ଜାଣନ୍ତି । ଯୋଗବଦ୍ୟା ସନ୍ଧ୍ୟାବେଳେ ତାଙ୍କ ପାଖରେ ବସି ସେହି ସବୁ କଥା ଶୁଣେ । କେବେ କେବେ ଧର୍ମଗ୍ରନ୍ଥ ପଢ଼ି ପିତାଙ୍କୁ ଶୁଣାଏ । କନ୍ୟା ଯେପରି ପିତୃଗତପ୍ରାଣା, ପିତା ସେହିପରି କନ୍ୟାଗତ-ପ୍ରାଣ । ପିତା ଋଣଜାଲରେ ଆବଦ୍ଧ ହେତୁ ସର୍ବଦା ତାଙ୍କର ମନ ବିଷଣ୍ଣ । ଯୋଗବଦ୍ୟା ଏହା ଜାଣେ; ସୁତରାଂ ନାନା କୌଶଳରେ ପିତାଙ୍କ ମନ ପ୍ରସନ୍ନ କରିବାକୁ ଚେଷ୍ଟା କରେ । ପିତାଙ୍କ ମନକୁ ସେ ସର୍ବଦା ଏପରି ଆକର୍ଷଣ କରି ରଖେ ଯେ, ସେ ଦୁଃଖ କରିବାକୁ ପ୍ରାୟ ଅବସର ପାଆନ୍ତି ନାହିଁ । ପିତା ପୋଷ୍ଟଅଫିସ କାର୍ଯ୍ୟ କରୁଥିବାବେଳେ କନ୍ୟା ତାଙ୍କ ପାଖରେ ଠିଆହୋଇ ଅଙ୍କ ମିଶାଇବାରେ ସାହାଯ୍ୟ କରେ । ପିତା ଆହାର କରିବସିଲେ କନ୍ୟା ପରିବେଷଣ କରେ, ପିତା ଶୋଇଲେ କନ୍ୟା ପଙ୍ଖା ଧରି ବିଞ୍ଚିଦିଏ, ଏହିପରି ପିତାଙ୍କ ସଙ୍ଗରେ ସେ ଛାୟା ପରି ଲାଗିରହିଥାଏ । ପିତା ମଧ୍ୟ କନ୍ୟାକୁ ଦଣ୍ଡେ ନ ଦେଖିଲେ ଆତୁର । ବାହାରେ ଥିବାବେଳେ ଜୀବନର ଦୈନ୍ୟ ତାଙ୍କ ମୁଖମଣ୍ଡଳକୁ ଆଚ୍ଛନ୍ନ କରିଥାଏ; ମାତ୍ର ଘରକୁ ଆସି ଆନନ୍ଦମୟୀ କନ୍ୟାର ସହାସ୍ୟ ମୁଖ ଦେଖିବାମାତ୍ରେ ସେହି ବିଷଣ୍ଣ ମୁଖରେ ଆନନ୍ଦର ବିମଳ ଜ୍ୟୋତି ଫୁଟିଉଠେ । ଅମା-ବାସ୍ୟାରେ ଚନ୍ଦ୍ରୋଦୟ ହୁଏ । ମହାପାତ୍ରେ ଦୁଃଖ, ଚିନ୍ତା ସବୁ ଭୁଲିଯାଆନ୍ତି ।

ସୁଧାନାଥ ମହାପାତ୍ରଙ୍କ ସଙ୍ଗରେ ସତ୍ୟଭୂଷଣର ଖୁବ୍ ମନ ମିଳେ । ଉଭୟେ ସମଧର୍ମୀ । ସୁଧାନାଥଙ୍କର ଗଳ୍ପ କହିବାର ଅଦ୍ଭୁତ ଶକ୍ତି ଅଛି । ବିଶେଷତଃ ଡାଆଣୀ ଭୂତ ଗଳ୍ପକୁ ସେ ଯେପରି ବୀର କରୁଣାଦି ନବ ରସରେ ସିକ୍ତ କରି ସାଲଙ୍କାରରେ ବର୍ଣ୍ଣନା କରନ୍ତି, ତାହା ନ ଶୁଣିଲା ଲୋକ କି ଶୁଣିବାକୁ ଆଗ୍ରହ କରିବ । ପ୍ରେତତତ୍ତ୍ୱ ଆଲୋଚନାରେ ଉଭୟଙ୍କର ଅନୁରାଗ ସମାନ । ଅନେକ ସମୟରେ ଦୁହେଁ ବସି ସେହି ଆଲୋଚନା କରନ୍ତି । ସତ୍ୟଭୂଷଣ ସେହି ଲୋଭରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ସୁଧାନାଥଙ୍କ ଘରକୁ ଆସେ । ଚା ପାନ ପରେ ଗଳ୍ପାରମ୍ଭ ହୁଏ । ସୁଧାନାଥଙ୍କ ଅନୁରୋଧରେ ସତ୍ୟଭୂଷଣ ଟିକିଏ ଟିକିଏ ଚା ଚାଖି ଚାଖି ଏଣିକି ପ୍ରଧାନ "ଚା ଖୋର" ହୋଇପଡ଼ିଲାଣି । ପ୍ରଥମ ପ୍ରଥମ ସେ ଗଳ୍ପଲୋଭରେ ସୁଧାନାଥଙ୍କ ଘରକୁ ଆସୁଥିଲା; ମାତ୍ର ଏବେ ଗଳ୍ପ ଏବଂ ଚା ଉଭୟ ଲୋଭରେ ଆସେ । ସେ ସୁଧାନାଥଙ୍କୁ ପିତୃବ୍ୟ ସମ୍ପର୍କ ଧରି ସୁଧ

ଦାଦା ବୋଲି ଡାକେ ଏବଂ କମଳାଙ୍କୁ ଖୁଡ଼ୀ ବୋଲି ସମ୍ବୋଧନ କରେ । ରାଧାନାଥଙ୍କ ଘରେ ତାହାର ଖୁବ ଆଦର । କମଳା ତାକୁ ପୁତ୍ର ପରି ସ୍ନେହ କରନ୍ତି । ଯୋଗବନ୍ଦ୍ୟା ତାକୁ ସତ୍ୟ ଭାଇ ବୋଲି ଡାକେ, ଆଉ ସେ ମଧ୍ୟ ଯୋଗବନ୍ଦ୍ୟାକୁ ଠିକ୍ ସାନ ଭଉଣୀ ପରି ସ୍ନେହ କରେ । ପଲ୍ଲୀବାସୀମାନେ ପରସ୍ପର ପ୍ରତି ଗୋଟାଏ ଗୋଟାଏ ସମ୍ପର୍କ ଧରି ଡକାଡ଼କି ହୁଅନ୍ତି । ସେ ସମ୍ପର୍କରେ ଜାତି ଗୋତ୍ରର ଭେଦାଭେଦ ନାହିଁ । ଏକ ଜାତିର ଲୋକ ଅନ୍ୟ ଜାତିକୁ ସମ୍ପର୍କ ଧରି ଡାକେ । ଏରୂପ ସୁନ୍ଦର ଧାରା ସହରରେ ନାହିଁ । ସହରିଆ ଲୋକେ ରାମ ବାବୁ, ଶାମ ବାବୁ ବୋଲି ଡାକିବେ ସିନା; ମାତ୍ର ରାମା ଭାଇ, ଶାମା ଦଦା ବୋଲି କହିବେ ନାହିଁ । ସେମାନଙ୍କର ପରସ୍ପର ସଙ୍ଗରେ ଏକଗୁଣିଆ ବାବୁ ସମ୍ପର୍କ ଛଡ଼ା ଅନ୍ୟ କିଛି ସମ୍ପର୍କ ନାହିଁ । ପଲ୍ଲୀର ଏହି ଅଜା, ଆଈ, ପିଉସା, ମଉସା, ମାମୁ, ମାଈଁ ପ୍ରଭୃତି ସମ୍ପର୍କ କି ମଧୁର, କି ମୂଲ୍ୟବାନ ! ଏହି ସଂପର୍କ ମଧ୍ୟରେ ମାନବସୁଲଭ ଆତ୍ମୀୟତା, ଏକପ୍ରାଣତା, ସ୍ନେହ, ମମତା ଆତ୍ମପ୍ରକାଶ କରିଉଠେ, ଆଉ ଏହି ସମ୍ପର୍କ ପରକୁ ଆପଣାର କରିଦିଏ । ଏହି ସମ୍ପର୍କ ହେତୁ ପରସ୍ପର ମଧ୍ୟରେ ସାହାଯ୍ୟ, ସହାନୁଭୂତି ପ୍ରଭୃତି ହୃଦୟର ଶୁଭଙ୍କରର ଆନନ୍ଦ ପ୍ରଦାନ ହୁଏ । ଏହାହିଁ ପଲ୍ଲୀ ସମାଜର ମହତ୍ତ୍ୱ । ଏହି ମହତ୍ତ୍ୱ ହିଁ ତାହାର ପ୍ରାଣ ଏବଂ ଏହି ସଜୀବ ମହତ୍ତ୍ୱ ହେତୁ ପଲ୍ଲୀସମାଜ ଆଦର୍ଶ । ଯୋଗବନ୍ଦ୍ୟା ପିତାଙ୍କ ପାଖରେ ଥାଏ । ସତ୍ୟଭୂଷଣକୁ ଆସିବାର ଦେଖିଲେ ସଙ୍କୁଚିତ ହୋଇ ବସେ । ସତ୍ୟଭୂଷଣ ତାହା ଲକ୍ଷ୍ୟ କରି ଦିନେ କହିଲା—"ବନ୍ଦ୍ୟା, ତୁ ମୋତେ ଦେଖିଲେ କାହିଁକି ଲୁଚିଯାଉ ? ମୁଁ ତ ତୋର ଭାଇଟା ଆଉ ବାଘ ନା ଭାଲୁ ସେ, ଗିଳି ପକାଇବି, ତୋ ସ୍ତ ମନ୍ଦାକ ଭଉଣି ବଡ ସ୍ୱଆଦ ଲାଗେ । ଅଚ୍ଛା କହିଲି ବନ୍ଦ୍ୟା, ତୁ ସ୍ତ ଆଣି ଦାଦାକୁ ଦେଉ ମୋତେ ଦେଉ, ଆଉ ତୁ ଖାଉ ନାହିଁ କାହିଁକି ?" ଯୋଗବନ୍ଦ୍ୟା ଏହା ଶୁଣି ଆଶ୍ଚର୍ଯ୍ୟମିଶା ମୃଦୁ ହାସ୍ୟରେ କହିଲା—ତମେ ସେଇଁ ଅଘନ କଥା କୁହ ନା ସତ୍ୟ ଭାଇ, ମୁଁ ମାଇକିନିଆ ଝିଅଟା ସ୍ତ, ପଇବ ?" ସତ୍ୟଭୂଷଣ ହୋ ହୋ କରି ହସିଉଠି କହିଲା—'କି, ସ୍ତ ଖାଇଲେ ତୋର ଜାତି ଯିବ ନା ଧର୍ମ ନଷ୍ଟ ହେବ ।' ଯୋଗବନ୍ଦ୍ୟା କହିଲା—"ନା ତାହା ନୁହେଁ, ମାଇକିନିଆ ଝିଅଙ୍କୁ ଯାହା ମନା, ତାହା ଖାଇଲେ ଲକ୍ଷ୍ମୀ ଛାଡିଯାଏ ।" ଆଉ ସତ୍ୟଭୂଷଣକୁ ସମ୍ଭାଳେ କିଏ; ସେ ହସି ହସି, କାସି କାସି ବେଦମ୍ ହୋଇଗଲା । ହାସ୍ୟର ବେଗ କମିଗଲା ପରେ କହିଲା—"ଆରେ, ଏ ଚୁଲିପଶୀଟା ଏହିଦିନୁ ଏତେ କଥା ଜାଣିଲାଣି । ସତ କହୁଛୁ ବନ୍ଦ୍ୟା, ମାଇକିନିଆ ଝିଅଙ୍କର ଏ ଉତ୍ତେଜକ ଖାଦ୍ୟ ଖାଇବା ଭଲ ନୁହେଁ ? ତେବେ ତୋର ବୁଦ୍ଧିଶୁଦ୍ଧି ଅଛି, ମୁଁ ଜାଣିଥିଲି ତୁ ଗୋଟାଏ ହୁଣ୍ଡୀ ।" ଏହିପରି ଦୁହିଙ୍କ ମଧ୍ୟରେ ଅନେକ ସମୟରେ ଅନେକ କଥା ହୁଏ । ସତ୍ୟଭୂଷଣ ଯୋଗବନ୍ଦ୍ୟାର ବୁଦ୍ଧିକୁ ପ୍ରଶଂସା କରେ । ସେ ଯୋଗବନ୍ଦ୍ୟାକୁ ଯେପରି ଭଲପାଏ, ଯୋଗବନ୍ଦ୍ୟା ମଧ୍ୟ ତାକୁ ସେହିପରି ଆଦର ଗୌରବ କରେ । ସତ୍ୟଭୂଷଣ କଟକ, କଲିକତା ପ୍ରଭୃତି ସହରକୁ ଗଲେ ଯୋଗବନ୍ଦ୍ୟା ପାଇଁ ଭୁଣ୍ଡେଇ, ଖେଳନା ପ୍ରଭୃତି ଆଣିଦିଏ । କେବେ କେବେ ଭଲ ଲୁଗାଖଣ୍ଡେ ବା ଭଲ ଅଳଙ୍କାରଟାଏ ମଧ୍ୟ ଆଣିଦିଏ । ସତ୍ୟ ଭାଇଙ୍କ ସ୍ନେହଦତ୍ତ ପଦାର୍ଥକୁ ଯୋଗବନ୍ଦ୍ୟା କୋଟିନିଧି ତୁଲ୍ୟ ମଣେ ।

ରାଧାନାଥ ଓ ସତ୍ୟଭୂଷଣ ଗପ କରନ୍ତି । ସେଥିରେ ପ୍ରେତତତ୍ତ୍ୱଠାରୁ ଆରମ୍ଭ କରି ଧର୍ମତତ୍ତ୍ୱ, କର୍ମତତ୍ତ୍ୱ ଏମନ୍ତ କି ସୃଷ୍ଟିତତ୍ତ୍ୱ ପର୍ଯ୍ୟନ୍ତ ସବୁକଥା ଥାଏ । ସମୟ ସମୟରେ ପୁସ୍ତକ, ପତ୍ରିକା ପାଠହୁଏ । ଯୋଗବନ୍ଦ୍ୟା ବସି ନିବିଷ୍ଟଚିତ୍ତରେ ସବୁ ଶୁଣେ । କନ୍ୟାଟି ପାଖରେ ବସି ପ୍ରତିବାକ୍ୟ ଶେଷରେ 'ହୁଁ' ନ ମାରିଲେ ରାଧାନାଥଙ୍କର ଉତ୍ସାହ ବଢେନାହିଁ କି ଗଳ୍ପ କି ଜମାଟ ବାନ୍ଧେ ନାହିଁ । କିନ୍ତୁ ସ୍ୱାମୀଙ୍କର ଏ ରୀତିକୁ କମଳା ପସନ୍ଦ କରନ୍ତି ନାହିଁ । ସେ ଦିନେ ସ୍ୱାମୀଙ୍କୁ କହିଲେ—"ତୁମର ଭଲ ଏକ ଖିଆଲ ହେଲା । ତୁମେ କନିଆଁ ଝିଅଟାକୁ ସଭାରେ ବସାଇ ଗୀତ ଶୁଣାଉଛ ? ଛି ଛି, ଯେ ଦେଖିବ କଅଣ କହିବ ?" ରାଧାନାଥ ଚମକିପଡି କହିଲେ—"କି, ଦୋଷଟା କଅଣ ହେଲା ? ବାପ ପାଖରେ ଝିଅର ବସିବାଟା

କଅଣ ଦୋଷର କଥା ? ଆଉ ସବୁ କେଉଁଠି ଲାଗି-ଥାଏ, ମୁଁ ଥାଏ ଆଉ ସତ୍ୟ ଥାଏ, ସେ ତ ଆମ ଘରର ପୁଅ ତାକୁ ଲଜ୍ଜା କଅଣ ?" କମଳା ଜିହ୍ୱା ଦଂଶନପୂର୍ବକ କହିଲେ, "ହାୟ ମୋ ପୋଡ଼ା କପାଳ, ତୁମେ ଆଗ ବୁଝିଲ, ମୁଁ ସତ୍ୟକୁ କାହିଁକି କହୁଛି ? ସେ ମୋର କାନ୍ଦକୁ ପୁଅଠାରୁ ବଳେ । ବାପ ତ ମୋର ତୁଳସୀ ଗଛ, ତାକୁ ବାଛିବାକୁ ଅଛି ନା ? ବଦ୍ୟାକୁ ସେ କେତେ ଖରଧା କରେ, ଯାନ ଭଉଣୀ ପରି କେତେ ଚଳାଏ, ମୋତେ ତ ତାହା ଖୁସିଲାଗେ । ମୁଁ କହୁଛି କଅଣ କି ସବୁବେଳେ ମିଶିପଙ୍କ ମେଳରେ ରହିଲେ ତାହାର ସ୍ୱଭାବ ମିଶିପଙ୍କ ପରି ହୋଇଯିବ । କଥାଟା ଠୋସ୍ ହୋଇଯିବ, ଗୁଲଟା ଧସ୍ ଧସ୍ ହୋଇଯିବ, ଚାହାଣୀଟା ଫସ୍ ଫସ୍ ହୋଇଯିବ, ଆଉ ସ୍ୱଭାବଟା ରସ୍ ରସ୍ ହୋଇଯିବ ।" କମଳାଙ୍କର ଏରୂପ ଅନୁମାନ ନିରର୍ଥକ ନୁହେଁ । ଅନେକତ ତାଙ୍କ ଉକ୍ତିର ସାର୍ଥକତା ଦେଖାଯାଏ; ମାତ୍ର ଯୋଗବଦ୍ୟାର କୌଣସି ପରିବର୍ତ୍ତନ ଘଟି ନଥିଲା । ପୁରୁଷସୁଲଭ କଠୋରତା ତାକୁ ସ୍ପର୍ଶ କରି ନଥିଲା । ସହବାସଦ୍ୱାରା ସ୍ୱଭାବର ପରିବର୍ତ୍ତନ ଘଟେ ସତ୍ୟ; ମାତ୍ର ନିଜକୁ ରକ୍ଷା କରି ଚଳିଲେ ସହସ୍ର ସହବାସ କିଛି କରିପାରେ ନାହିଁ । କଥାରେ କହନ୍ତି—'ଅଲୋ ସଖି, ଆପଣା ମହତ ଆପେ ରଖି ।' ନିଜର ମହତ୍ତ୍ୱକୁ ଯେ ରକ୍ଷାକରେ, ମହତ୍ତ୍ୱ ତାକୁ ରକ୍ଷାକରେ । ସୁଧାନାଥ ପତ୍ନୀଙ୍କ କଥାରେ ହସିଉଠି କହିଲେ—"ତବ ପରି ତ ତୁମ୍ଭେ ତୁମ୍ଭେ ବଦରା ଯୋଖିଦେଇ ଗଲ, ଆଉ ଏଥର ସେପରି ଖସ୍ ଖସ୍, ମସ୍ ମସ୍, ଧସ୍ ଧସ୍ ଭାବ କେବେ ଦେଖିଛ ନା ? ନ ଦେଖି ଖାଲି ପୋଟାଏ ଅନୁମାନ କରି ତୁଚ୍ଛା ମାହାଳିଆ କଥାଗୁଡ଼ାଏ କାହିଁକି କହୁଛ ? ଆଉ ତାହା କଥାରେ ବା କଅଣ ଅଛି, ଲୋକେ ତ ଆକାଶରେ ପର୍ବତ ଉଡ଼ାନ୍ତି, ବନା ସୂତାରେ ହାଣ୍ଡି କରନ୍ତି, ଲୋକଙ୍କର ଅସାଧ୍ୟ କଣ ଅଛି ? ଲୋକେ ଆମ ଘରଟାକୁ ବାଛିଲେ ଆମେ କଅଣ ଘରଟା ଭାଙ୍ଗି-ଦେବା ?" ସ୍ୱାମୀଙ୍କର ଏ ଯୁକ୍ତି ଶୁଣି କମଳା ଆଉ କଥା କହିବାକୁ ବାଟ ପାଇଲେ ନାହିଁ; ସୁତରାଂ ନୀରବ ରହିଲେ ।

ଦିନେ କଥାପ୍ରସଙ୍ଗରେ ସତ୍ୟଭୂଷଣ ସୁଧାନାଥଙ୍କୁ ପଚାରିଲା—"ସୁଧୁ ଦାଦା, ଆଗ କହିଲ ବଲି ମନୁଷ୍ୟ ମଲେ କଅଣ ହୁଏ ?" ସୁଧାନାଥ କହିଲେ, "ମନୁଷ୍ୟ ମଲେ ଆଉ କଅଣ ହେବ, ହାତୀ ଘୋଡ଼ା ନା କଂସା ପିତଳ ହେବ ! ମନୁଷ୍ୟ ମଲେ ଭୂତ, ପ୍ରେତ ହୁଏ ।" ସତ୍ୟଭୂଷଣ ଅତ୍ୟନ୍ତ କୌତୂହଳୀ ହୋଇ ପୁନଶ୍ଚ ପଚାରିଲା—"କିମିତି କଅଣ ହୁଏ ବିସ୍ତୃତ ଭାବରେ କହ ?" ସୁଧାନାଥ ତକ ତକ କରି ଦୁଇ ତିନି ଢୋକ ଗରମ ଚା ପିଇଦେଇ କୁଅଁକାନରେ ମୁହଁ ପୋଛି ସଳଖ ହୋଇ ବସିଲେ । ଗରମ ଚା ସ୍ପର୍ଶରେ ବୁଦ୍ଧି ଗରମ ହୋଇଉଠିଲା, ତହୁଁ ପରେ ଗଳ୍ପାରମ୍ଭ ହେଲା । ସୁଧାନାଥ କହିଲେ—"ଶରୀରଟା ଆତ୍ମାର ଘର, ଆତ୍ମା ବହୁକାଳଯାଏଁ ସେହି ଘରେ ବନ୍ଦୀ ହୋଇଥାଏ । ବନ୍ଦୀରୁ ମୁକ୍ତ ହେଲାକ୍ଷଣି ସେ ହାଇମାରିଲା ପରି କିଛିକ୍ଷଣ ଭାବରେ ବହୁଦୂର ପର୍ଯ୍ୟନ୍ତ ଛୁଟି ଚାଲିଯାଏ । ଏହିପରି ଧାଇଁ ଧାଇଁ ଯେତେବେଳେ ସେ ଥକି ପଡେ ତେତେବେଳେ ଫେରିଆସି ଦେଖେ ତାହାର ଘରଟି ନାହିଁ । ତହୁଁ ସେ ତାହାର ଶରୀରକୁ ଖୋଜି ବୁଲେ । ଘରର ପ୍ରତ୍ୟେକ ସ୍ଥାନରେ ପ୍ରତି ପଦାର୍ଥ ମଧ୍ୟରେ ବାରମ୍ବାର ଖୋଜେ । ଆତ୍ମାର ରୂପ ନାହିଁ, ସେ ଗୋଟାଏ ବାଷ୍ପ, ବାୟୁ ସଙ୍ଗରେ ମିଶିକରି ଥାଏ; ସୁତରାଂ ତାହାର ଗତି ଅବ୍ୟାହତ । ସେ ନାନା ପ୍ରକାର ଛାୟା ରୂପ ଧରିପାରେ । କଣ୍ଢେଇ, କୁକୁର, ହାତୀ, ଘୋଡ଼ା, ମଯୂର, କୁକୁଡ଼ା, ପାରା ପ୍ରଭୃତି ରୂପ ଧରି ନିଜର ଶରୀରକୁ ଆସି ଖୋଜି ବୁଲେ । ଏହାକୁ ପ୍ରେତ ବୋଲି କହନ୍ତି । ଆତ୍ମା ଶରୀରରେ ପୁଣି ପଶିବା ପାଇଁ ତାକୁ ଖୋଜେ ନାହିଁ; କେବଳ ଦେଖିବା ପାଇଁ ଖୋଜେ । ତେତେବେଳେ ସେ ପବିତ୍ର ଏବଂ ମୃତ ଶରୀର ଅପବିତ୍ର । ସୁତରାଂ ସେ ଛାଡ଼ିଗଲା ପରେ ଅପବିତ୍ର ଶରୀରକୁ ପୁନଶ୍ଚ ସ୍ପର୍ଶ କରେ ନାହିଁ । କେବଳ ଯାହା ସଙ୍ଗରେ ତାହାର ବହୁଦିନରୁ ସମ୍ପର୍କ, ସେହି ଶରୀରର ମାୟା ତେଜି ନ ପାରି ତାକୁ ଦେଖିବାକୁ ଆସେ । ଅନେକ ସ୍ଥଳରେ ଦେଖାଯାଏ, ଆତ୍ମା ଫେରି ଆସିବା ବେଳକୁ ତାହାର ତ୍ୟକ୍ତ ଶରୀର

ସମ୍ପୂର୍ଣ୍ଣ ଦଗ୍ଧ ହୋଇ ନ ଥାଏ; ଆତ୍ମା ତାମଶରୀରର ବାରହାତ ଊର୍ଦ୍ଧ୍ୱରେ ଧୂମଚକ୍ର ଆକାରରେ ଘୂରିଘୂରି ତାର ଶରୀରକୁ ଦେଖୁଥାଏ । ଶବଦାହ ଶେଷ ପର୍ଯ୍ୟନ୍ତ ଧୂମଚକ୍ର ସେହି ପରି ଘୂରି ବୁଲୁଥାଏ । ଶରୀର ସମ୍ପୂର୍ଣ୍ଣ ଦଗ୍ଧ ହୋଇ ଭସ୍ମରେ ପରିଣତ ହେଲେ ନିମିଷକରେ ସେହି ଧୂମଚକ୍ର ଊର୍ଦ୍ଧ୍ୱାକାଶକୁ ଉଠିଯାଇ ଅଦୃଶ୍ୟ ହୋଇଯାଏ । ସତ୍ୟଭୂଷଣ ପଚାରିଲା, 'ତାହାପରେ ଆତ୍ମା କୁଆଡ଼େ ଯାଏ ?' ସୁଧାନାଥ କହିଲେ, 'ଆତ୍ମାର ତ ବିନାଶ ନାହିଁ, ସେ ପୁଣି ସ୍ଥିର କୁଆଡେ ? ବାୟୁରେ ମିଶି ଊର୍ଦ୍ଧ୍ୱଲୋକରେ ଥାଏ, ସମୟ ସମୟରେ ପୃଥିବୀକୁ ଆସେ । କାମଗତି ହେତୁ ସେ ଯଦୃଚ୍ଛା ଭ୍ରମଣ କରିପାରେ ।" ସତ୍ୟଭୂଷଣ କହିଲା, "ପୃଥିବୀକୁ କାହିଁକି ଆସେ, ଭୂତ ପ୍ରେତ ହୋଇ ଲୋକଙ୍କର ଅନିଷ୍ଟ କରିବା ଲାଗି, ନା କଅଣ ?" ସୁଧାନାଥ କହିଲେ, "ପ୍ରେତାତ୍ମାମାନେ କାହାରି ଅନିଷ୍ଟ କରନ୍ତି ନାହିଁ; ବରଂ ଇଷ୍ଟ କରନ୍ତି । ଏହିଠାରେ ଆମ୍ଭ ଚାରିପାଖରେ ଆମ୍ଭ ପୂର୍ବପୁରୁଷମାନଙ୍କର ପ୍ରେତାତ୍ମା ଅଛନ୍ତି ଏବଂ ଆମ୍ଭମାନଙ୍କ ମଙ୍ଗଳ ସକାଶେ ନାନା ପ୍ରକାର ସଙ୍କେତ କରୁଅଛନ୍ତି; ମାତ୍ର ଆମ୍ଭେମାନେ ତାହା କିଛି ଜାଣିପାରୁ ନାହୁଁ । ସେମାନେ ଅଲକ୍ଷ୍ୟରେ ଥାଇ ଆମ୍ଭମାନଙ୍କୁ ନାନା ପ୍ରକାର ଆକସ୍ମିକ ବିପଦରୁ ରକ୍ଷା କରୁଛନ୍ତି । କେହି କେହି ପୂର୍ବପୁରୁଷମାନଙ୍କ ସ୍ୱପ୍ନାଦେଶରେ ଭୂଗର୍ଭରୁ ଅର୍ଥ ପାଇଥିବାର ମଧ୍ୟ ଶୁଣାଯାଏ । ସେ ମୁକ୍ତ ହୋଇଯାଇଛନ୍ତି । ତାଙ୍କର କ୍ରୋଧ, ଈର୍ଷା କାହିଁ ଆସିବ ଯେ, ସେମାନେ ଅନ୍ୟର ଅନିଷ୍ଟ କରିବେ । ଦ୍ୱେଷ, ହିଂସା ପ୍ରଭୃତି ପୃଥିବୀର ପଦାର୍ଥ, ପୃଥିବୀ ଛାଡିଲେ ତାହା ଆଉ ରହେ ନାହିଁ । ପ୍ରେତରାଜ୍ୟ ପରମ ପାବନ ଆନନ୍ଦମୟ ପୁଣ୍ୟରାଜ୍ୟ, ପାପର ଛାୟା ସୁଦ୍ଧା ତାକୁ ସ୍ପର୍ଶ କରିପାରେ ନାହିଁ ।" ସତ୍ୟଭୂଷଣ କହିଲା, "ଯେ ମରେ ତାହାର ଆତ୍ମା ତ ଏହିପରି ଉଡ଼ିବୁଲେ, ତେବେ ମନୁଷ୍ୟ କୁଆଡ଼ୁ ଆସନ୍ତି ?" ସୁଧାନାଥ କହିଲେ, "ଆତ୍ମା କିଛି କାଳ ଊର୍ଦ୍ଧ୍ୱ ଲୋକରେ ଉଡିବୁଲେ, ପୁଣି ବର୍ଷାବାରି ସଙ୍ଗରେ ପୃଥିବୀକୁ ଆସି ମାଟିରେ ମିଶି ରହେ । ମାଟିରୁ ଶସ୍ୟଦେହକୁ ଯାଏ ଏବଂ ଖାଦ୍ୟ ରୂପରେ ପୁରୁଷର ଉଦରସ୍ଥ ହୋଇ ସାର ପଦାର୍ଥରେ ପରିଣତ ହୁଏ । ସେହି ସାର ପଦାର୍ଥ ସ୍ତ୍ରୀଗର୍ଭକୁ ଗଲେ ମନୁଷ୍ୟର ଆକୃତି ଧାରଣ କରେ ଏବଂ ଯଥାସମୟରେ ଭୂମିଷ୍ଠ ହୁଏ ।" ସତ୍ୟଭୂଷଣର ଅନୁରୋଧରେ ସୁଧାନାଥ ଏହିପରି ଅନେକ ଗଳ୍ପ କରନ୍ତି । ଗ୍ରନ୍ଥବାହୁଲ୍ୟ ଆଶଙ୍କାରେ ତାହା ସବୁ ପରିତ୍ୟକ୍ତ ହେଲା ।

## ଏକାଦଶ ପରିଚ୍ଛେଦ

ବ୍ୟାଧିବିଶେଷ ହେତୁ ସୁଧାନାଥ ଅଫିମ ସେବନ କରନ୍ତି, ଏହା ପୂର୍ବରୁ ଉକ୍ତ ହୋଇଅଛି । ସେ ଅଫିମ ଖାଆନ୍ତି; ମାତ୍ର ଅଫିମ ତାଙ୍କୁ ଖାଏ ନାହିଁ । ଅର୍ଥାତ୍ ଅନ୍ୟାନ୍ୟ କୃଷ୍ଣପରାୟଣଙ୍କ ପରି ସେ ଅଳସୁଆ ନୁହନ୍ତି । ତାଙ୍କର ପୋଷ୍ଟାଫିସ କାର୍ଯ୍ୟ, ସେଥିରେ ଘଣ୍ଟା ପରି ଖଟଣୀ ଦରକାର; ସୁତରାଂ ଅଳସୁଆ ହେଲେ ଚଳିବ କିପରି ? ତାଙ୍କର କର୍ତ୍ତବ୍ୟ ତାଙ୍କୁ ଅଳସୁଆ କରିଦିଏ ନାହିଁ । କର୍ତ୍ତବ୍ୟର ଶକ୍ତି ଏତେ ଯେ, 'ଅହିଫେନର' ରୁଦ୍ର ତେଜକୁ ସେ ପରାସ୍ତ କରେ । ସୁଧାନାଥ ମାଝିଅନ୍ଧାରରୁ ଉଠି ଝାଡ଼ାଫେରା ଦାନ୍ତଘଷା ପ୍ରଭୃତି ପ୍ରାତଃକୃତ୍ୟ ଶେଷକରି ଟେକାଏ ଅଫିମ ଗିଳିଦିଅନ୍ତି । ପିତୃଦତ୍ତ ଶିକ୍ଷାନୁସାରେ ଯୋଗବନ୍ଧ୍ୟା ମଧ୍ୟ ବ୍ରାହ୍ମମୁହୂର୍ତ୍ତରୁ ଉଠି ମୁହଁ ଧୋଇ ଚୁଲିଲ ଦ୍ଧ ଗିଲ୍‌ସେ ତିଆରି କରିଦିଏ । ସଞ୍ଜରୁ ଗୋଟିଏ ସାନ ପିଠା ଯୋଡ଼ ରଖିଥାଏ । ପିଠା ଏବଂ ଦୁଧ ଆଣି ପିତାଙ୍କୁ ଦିଏ, ସେ ତେଣିକରି ସଦ୍‌ବ୍ୟବହାର କରି କର୍ମସ୍ଥାନକୁ ଯାଆନ୍ତି । ପିଠାଖଣ୍ଡିକରୁ ଯାହା ବଳିଥାଏ, ଯୋଗବନ୍ଧ୍ୟା ଦାନ୍ତଘଷି ତାହା ଖାଏ । ସେ ଅତ୍ୟନ୍ତ ପିତୃବତ୍ସଳା । ସ୍ୱହସ୍ତରେ ସୁଖାଦ୍ୟ ପ୍ରସ୍ତୁତ କରି ପିତାଙ୍କୁ ଖୁଆଇଲେ ସେ ଗୋଟାଏ ଅନିର୍ବଚନୀୟ ତୃପ୍ତି ଏବଂ ଆନନ୍ଦ ଉପଭୋଗ କରେ ।

ବୟୋଧର୍ମରେ ପିତାଙ୍କର ବଳକ୍ଷୟ ହୋଇଆସୁଅଛି ଜାଣି, ବଳବୃଦ୍ଧି ସକାଶେ ତାଙ୍କୁ ପ୍ରତ୍ୟହ ଦୁଧ ଏବଂ ପୋଡ଼ା ପିଠା ଖୁଆଏ । ସେ ପିତାଙ୍କୁ ଅଗାଧ ଭକ୍ତି କରେ। ଅଜ୍ଞାନ ବାଳିକା ପିତୃଭକ୍ତିର ମହିମା ବୁଝେନାହିଁ ; କେବଳ ଏତିକି ବୁଝିଅଛି ଏବଂ ବିଶ୍ୱାସ କରେ ଯେ, ପିତାଙ୍କୁ ପ୍ରାଣପଣରେ ସେବା, ଭକ୍ତି କରିବା ସକାଶେ ତାହାର ଜନ୍ମ । ସେ ଗବଦ୍ୟା, ତୁ ଆୟୁଷ୍ମତୀ ହୋ, ତୋପରି ସୁକନ୍ୟା, ଦେବୀକନ୍ୟା । ନମୀକଳ୍ପ କନ୍ୟା ଘରଗୃହ ଅଳଂକୃତ କରନ୍ତୁ । ଯେ ଭାଗ୍ୟବାନ୍, ଯାହାର ପୂର୍ବ ତପସ୍ୟା ଥାଏ, ସେ ତୋହି ପରି କନ୍ୟା-ରତ୍ନ ଲାଭ କରି ଧନ୍ୟ ହୁଏ । ତୋହି ପରି ପିତୃପ୍ରାଣା ସୁକନ୍ୟା ଯାହାର ଥିବ, ତାହାର ପୁଣ୍ୟ କି ଲେଖା ? ଦୁଧ ପାନ ପରେ ସୁଧାନାଥ ଗୋଟାଏ ଲୁହୁଁକାଠି ଧରି ପୋଷ୍ଟଅଫିସକୁ ବାହାରିଲେ । ଦାଣ୍ଡଦ୍ୱାର ପାର ହେଲାକ୍ଷଣି ଜମିଦାରଙ୍କ ପିଆଦା ଧଡେଇ ଜେନାକୁ ଦେଖି ଚମକିପଡ଼ିଲେ । ଧଡେଇ ଗୋଟାଏ ଦଣ୍ଡବତ କରି ଖଣ୍ଡେ ଦୂରରେ ଠିଆହେଲା । ସୁଧାନାଥ ପଚାରିଲେ, "କି ରେ ଧଡା, ଏତେ ସକାଳେ କୁଆଡେ ଆସିଲୁ ?" ଧଡେଇ କହିଲା, "ଆଜ୍ଞା, ସାଆନ୍ତଙ୍କର ହୁକୁମ ହେଲା—ଆପଣ ଯେଉଁ ରହଣିବନ୍ଧକ ଲେଖିଦେଇଥିଲେ, ତାହାର ମିଆଦ ପୂରିଯାଉଛି । ଅସଲ ସୁଧ ମିଶି ପାଞ୍ଚଶ ଟଙ୍କା ହେଲାଣି, ଆପଣ ସାତଦିନ ଭିତରେ ଯାଇ ଟଙ୍କା ଦେଇଆସିବ ।" ଏକଥା ଶୁଣି ସୁଧାନାଥଙ୍କ ମୁଣ୍ଡରେ ବଜ୍ର ଭାଙ୍ଗିପଡ଼ିଲା, ଅନ୍ତରାତ୍ମା ଥରିଉଠିଲା, ସେ କାଠପରି ଠିଆହୋଇ ରହିଲେ । ତାଙ୍କ ମନର ଭାବ ମୁଖ ଏବଂ ଚକ୍ଷୁରେ ଫୁଟି ନ ଉଠୁଣୁ ସେ ଆତ୍ମସମ୍ବରଣ କରି ମୃଦୁହାସ୍ୟ ସହ ଧୀର ଭାବରେ କହିଲେ, "ଧଡା, ହଉ ତୁ ଯା, ମୁଁ କାଲି ଯିବି ।" ଧଡେଇ ଆଉ ବାକ୍ୟବ୍ୟୟ ନ କରି ବିଶାଳ ବାଉଁଶ-ଠେଙ୍ଗାଟା କାନ୍ଧରେ ପକାଇ ଚାଲିଗଲା; ମାତ୍ର ସତ୍ୟ ଅସୁର କୌଣସି ଆଶା ନ ଦେଖି ଫେରିଯିବାବେଳେ ଆଉ ଦଣ୍ଡବତ କଲା ନାହିଁ । ସୁଧାନାଥ ଚିନ୍ତିତ ମନରେ ପୋଷ୍ଟ ଅଫିସକୁ ଗଲେ । କାର୍ଯ୍ୟରେ ମନ ଲାଗିଲା ନାହିଁ ; ଯାହାହେଉ ଯନ୍ତ୍ରଚାଳିତ ପରି କର୍ତ୍ତବ୍ୟ ସମ୍ପାଦନ କରିଗଲେ ।

ସୁଧାନାଥଙ୍କ ବଙ୍ଗଳାର ଗୋଟାଏ ପାଖରେ କ୍ଷୁଦ୍ର କୋଠରୀଟିଏ ଅଛି, ସୁଧାନାଥଙ୍କର ତାହା ବିଶ୍ରାମ-କକ୍ଷ । ତାହାକୁ ବୈଠକଖାନା ବୋଲିବା ସଙ୍ଗତ ନୁହେଁ ; ଯେହେତୁ ତାହା ବାତୁଗର୍ଭ ନୁହେଁ, କି ସୁସଜ୍ଜିତ ନୁହେଁ, ପ୍ରତ୍ୟୁତଃ ଦାରିଦ୍ର୍ୟର ବହୁଚିହ୍ନରେ ଚିହ୍ନିତ । ଘରଭିତରେ ଏକପାଖିଆ ହୋଇ ଗୋଟାଏ ଖଟ ପଡ଼ିଛି, ତାହାର ଗୋଟାଏ ଖୁରା ନାହିଁ । ସେ ସ୍ଥାନରେ ଖଣ୍ଡେ ବାଉଁଶ ଠେସ ଦିଆଯାଇଅଛି । ତଳିକି ଦୁଇଟି ଅଣ୍ଟି ଛିଣ୍ଡା । ଉଇର ଗ୍ରାସାବଶିଷ୍ଟ ଯାହା ଅଛି, ସେଥିରେ ବସିଲେ ପ୍ରାଣହାନିର ତେତେ ଆଶଙ୍କା ନାହିଁ ; ମାତ୍ର ସ୍ଥୂଳକାୟ ଲୋକ ହେଲେ ଖଟଭଙ୍ଗା ଲାଭ ନିଃସଂଶୟ । ସୁଧାନାଥ ସନ୍ଧ୍ୟା ପରେ ସେହି ଖଟ ଉପରେ ବସି ଋଣପରିଶୋଧର ଉପାୟ ଭାବୁଛନ୍ତି, ମୁଖର ଜ୍ୟୋତି ମଳିନରୁ ମଳିନତର ହୋଇଉଠୁଅଛି । ସେଥିରୁ ବୋଧହେଉଅଛି, ଯେମନ୍ତ କି ଅକୂଳ ସମୁଦ୍ରରେ ସେ କୂଳ ପାଉନାହାନ୍ତି । ଏହି ସମୟରେ ସତ୍ୟଭୂଷଣ ଆସି ଉପସ୍ଥିତ ହେଲା । ଭିତରୁ ତାହାର ଶବ୍ଦ ଶୁଣି ଯୋଗବିଦ୍ୟା ଦୁଇ ଗ୍ଲାସ ଦୁଧ ଆଣି ଦୁହିଁଙ୍କ ଆଗରେ ଥୋଇଦେଲା । ଦୁଧ ପାନ ଶେଷରେ ନାନା ପ୍ରକାର ଗଳ୍ପ ଲାଗିଲା । କଥା ପ୍ରସଙ୍ଗରେ ସୁଧାନାଥ ସତ୍ୟଭୂଷଣକୁ କହିଲେ, "ବାବା, ମୁଁ ବଡ଼ ସଂକଟରେ ପଡ଼ିଛି । ବାବାଙ୍କ କିଯ୍ୟା ସକାଶେ ଘରତଳ ବନ୍ଧା ଦେଇ ତୁମ୍ଭ ବାପାଙ୍କଠାରୁ ଶହେ ଟଙ୍କା ଋଣ ଆଣିଥିଲି । ତାହା ସୁଧ ଅସଲ ମିଶି ପାଞ୍ଚଶ ହେଲାଣି । ଦଲିଲର ମିଆଦ ପୂରିଯିବାରୁ ସେ ଟଙ୍କା ମାଗୁଛନ୍ତି । ସେଥିପାଇଁ ସାତ ଦିନ ମାତ୍ର ସମୟ ଦେଇଛନ୍ତି । ସାତ ଦିନ କାହିଁକି, ସାତ ବର୍ଷ ମଧ୍ୟରେ କି ମୁଁ ଟଙ୍କା ସଂଗ୍ରହ କରିପାରିବି ନାହିଁ । ଏବେ କଅଣ କରିବି କିଛି ବୁଝି ଦିଶୁନାହିଁ ।" ସତ୍ୟଭୂଷଣ କହିଲା, "ବର୍ତ୍ତମାନ ଦଲିଲଟା ବଦଳାଇ ଦେଲେ ତ ଚଳିବ ।" ସୁଧାନାଥ କହିଲେ, "ତାହା ଛଡ଼ା ଆଉ ଉପାୟ କଅଣ ? କିନ୍ତୁ ଭାଇ କି ସେ କଥାରେ ରାଜି ହେବେ ? ସୁଧାନାଥ ଅନ୍ତର୍ଯାମୀ ସ୍ୱୟଙ୍କୁ ଭାଇ ବୋଲି ଡାକନ୍ତି । ସତ୍ୟଭୂଷଣ କଥାରେ ଟିକିଏ ଜୋର ଦେଇ କହିଲା, "ହଁ, ତମେ ଯାଇ ବାବାଙ୍କୁ କହିଲେ ସେ ନିଶ୍ଚେ ମାନିବେ ବୋଲି ମୋର ବିଶ୍ୱାସ । ମୁ

ତାଲି କଟିକି ଯିବ ଦାଦା, ଦୁଇଦିନ ପରେ ଫେରିଆସିବ ।" ଅନନ୍ତର ସତ୍ୟଭୂଷଣ ଯୋଗବଦ୍ୟାକୁ ସ୍ନେହ ପଚାରିଲା, "କଟକରୁ ତୋ ଲାଗି କଅଣ ଆଣିବି ବଦ୍ୟା ?" ବଦ୍ୟା ଉତ୍ତର ଦେଲା, "ପେଣ୍ଡୁଲେ ଭଲ ସୂତା ।" ସତ୍ୟଭୂଷଣ ଉଚ୍ଚସ୍ୱରରେ ହସିଉଠି କହିଲା, "ଦୁର ଦୁର ପୋଡ଼ାମୁହିଁ, ନିର୍ବୁଦ୍ଧି ଆଣି, କିଛି ଭଲ ଦାମିକା ଜିନିଷ ନ କହି ସୂତା ପେଣ୍ଡୁଲେ ମାଗୁଛୁ, ଲାଜ ମାଡ଼ୁନାହିଁ ତୋତେ ?" ଏହି କଥା ପଦକରେ କଣ ଥିଲା କେଜାଣି, ବାଳିକାର କୋମଳ ହୃଦୟରେ କି ଭାବ ଜାତ ହେଲା କେଜାଣି, ତାହାର ନୟନ-ପଲ୍ଲବ ଈଷତ୍ ଆର୍ଦ୍ର ହୋଇଆସିଲା । ସେ ଗଦ୍ ଗଦ କଣ୍ଠରେ କହିଲା, "ଆଉ କି ଦାମିକା ଜିନିଷ ମାଗିବି ଭାଇ ? ମୁଁ ଯାହା ମାଗେ ନାହିଁ, ତାହା ବି ତ ତୁମେ ମୋତେ ଆଣି ଦେଇଛ । ତୁମେ ମୋତେ ଯିମିତି ଗରଧା କର, କେଉଁ ଗାଁର କେଉଁ ଭାଇ ଭଲା ଭଉଣୀକି ସିମିତି ଗରଧା କରେ ?" ସତ୍ୟଭୂଷଣ ଆଉ ତାକୁ କହିବାକୁ ଅବସର ନ ଦେଇ କୃତ୍ରିମ ରୋଷ ପ୍ରକାଶପୂର୍ବକ କହିଲା, "ଚୁପ୍, ଚୁପ୍, ଚୁଲିପଶି, ଫେର ଯେବେ ସେ କଥା କହିବୁ ତେବେ ଜାଣିଥା—" ଏହା କହି ଗୋଟାଏ ପ୍ରକାଣ୍ଡ ବିଧା ଉଞ୍ଚାଇଲା । ତାହା ଦେଖି ଯୋଗବଦ୍ୟା ହସିଉଠିଲା । ବର୍ଷାବାରିସିକ୍ତ ଶତଦଳ ଉପରେ ରବିରଶ୍ମି ଖେଳିଗଲା । ସୁଧାନାଥ ସବୁ ଦେଖୁଥିଲେ । ଭ୍ରାତା ଭଗିନୀର ସ୍ନେହ ଭକ୍ତିର ପ୍ରବଳ ଉଚ୍ଛ୍ୱାସରେ ତାଙ୍କ ହୃଦୟ ପୂରିଉଠିଲା । ସେ ମନେ ମନେ ଭାବିଲେ, 'ଭଗବାନଙ୍କର ମହିମା କି ବିଚିତ୍ର, ସେ ନିଃସମ୍ପର୍କୀୟ ପର ପାଇଁ ସୁଦ୍ଧା ପର ହୃଦୟରେ ସ୍ଥାନ ରଖିଥାଆନ୍ତି ।' ରାତି ଅଧିକ ହୋଇଯିବାରୁ ସତ୍ୟଭୂଷଣ ବିଦାୟ ନେଲା, ପିତା ପୁତ୍ରୀ ଉଠି ଘର ଭିତରକୁ ଗଲେ ।

ତହିଁ ପରଦିନ ସୁଧାନାଥ ପୋଷ୍ଟାଫିସ କାର୍ଯ୍ୟ ସାରି ଜମିଦାରଙ୍କ ଉଆସକୁ ଗଲେ । ଜମିଦାର ଦୂରରୁ ଦେଖି କହିଲେ । "କି ସୁଧି, ଆଜ ଅପୂର୍ବ ଯେ ? ମୁଁ ଭାବିଥିଲି ତମେ ଆମକୁ ପାସୋରି ସାରିଲଣି । ଯାହା ହେଉ ଆଜ କୁଆଡ଼େ ଏଣେ ଆସିଲ ? ଟଙ୍କା ଆଣିଛ ତ ?

ସୁଧାନାଥ ଇତସ୍ତତଃ ହୋଇ ଧୀର ଅନୁଚ୍ଚ ସ୍ୱରରେ କହିଲେ, "ଆଜ୍ଞା-ନା, ଟଙ୍କା କାହୁଁ ଆଣିବି, ଦସ୍ତାବିଜ ବଦଳାଇ ଦେବି ।" ଜମିଦାର ଗର୍ଜିଉଠି କହିଲେ, "ହଁ, ଦଲିଲ ବଦଳାଇ ଦିଅ, ଆମେ କାଗଜ ଖଣ୍ଡକରେ ମୁଣ୍ଡ ଲଗାଇ ରଖୁ, ଆଉ ତୁମେ ନିଶ୍ଚିନ୍ତ ହୋଇ ମଉଜ କର । ଏ ଦୁନିଆଁ ଏହିପରି ହୋ, ସବୁ ଖାଇବୁଡ଼ା ଏକା । ନେବାବେଳେ ଦାନ୍ତ ନିଫିଡ଼ି ଗୋଡ଼ରେ ତେଲ ଘଷି ଘଷି ହାତରେ ଫୋଟକା ହୋଇଯାଏ, ଆଉ ନେଇ ସାରିଲେ ନବାବଙ୍କ ନାତି, କିଏ କାହାକୁ ପଚାରେ । ସତେ ଯିମିତି ଚୌଦପୁରୁଷର ଅର୍ଜନ ଏଠି ରଖିଯାଇଥିଲେ । ଆସିଲେ ନେଲେ, ଖାଇପିଇସାରି ମୁହଁ ପୋଛିଦେଲେ, ବାସ୍ କାମ ଶେଷ, ବାହାଘର ସରିଲା, ଏବେ ବେଦୀମୁହଁ ପୋଡ଼ିଦିଅ ।" ସୁଧାନାଥ କହିଲେ, "କାହିଁକି ଆଉ ଲଜ୍ଜା ଦେଉଛନ୍ତି, ମୁଁ ବର୍ତ୍ତମାନ ଟଙ୍କା କେଉଁଠୁ ପାଇବି ?" ଜମିଦାର ଅଭିନୟ କଲା ପରି ହସ୍ତମୁଖ ହଲାଇ କହିଲେ, "ଓ ହୋ, ଲଜ୍ଜା ହୋଇଗଲା । ଆହା, କି ମହାମାନୀ ଦୁର୍ଯ୍ୟୋଧନ ରେ ! ଯେତେବେଳେ ବାପାଙ୍କ ନିଶ୍ୱାସ ବନ୍ଦ ହେଉଥିଲା, ମୁଣ୍ଡରେ ଅଶିଏ ରୁଣ ବଢ଼ିଥିଲା, ସେତେବେଳେ ଲାଜ ମାଡ଼ୁଥିଲା ନା ? ଯାଅ, ଯାଅ, କେଉଁଠୁ ଆଣିବ ମୁଁ କି ଜାଣେ । ସାତ ଦିନ ଭିତରେ ଟଙ୍କା ଦେଇଯାଅ, ନହେଲେ ଭଲ ହେବନାହିଁ ।" ଜମିଦାର ଏହା କହି ଉଠି ଚାଲିଗଲେ । ସୁଧାନାଥ ଦୀର୍ଘ ନିଃଶ୍ୱାସ ଛାଡ଼ି ଘରକୁ ଫେରିଆସିଲେ । ବାଟରେ ଆସୁଁ ଆସୁଁ ଏହି ଭର୍ତ୍ସନା ତାଙ୍କ ମନରେ ବାରମ୍ବାର ପୀଡ଼ା ଦେଲା । ତାଙ୍କର ସର୍ବାଙ୍ଗ ଜଳିଗଲା । ସେ ଚାଲେ ଚାଲିଛନ୍ତି କି ଆକାଶରେ ଉଡ଼ୁଛନ୍ତି, ପୃଥିବୀ ତାଙ୍କ ଗୋଡ଼ତଳେ ଅଛି କି ମୁଣ୍ଡ ଉପରକୁ ଉଠିଗଲାଣି, କିଛି ସ୍ଥିର କରିପାରିଲେ ନାହିଁ । ମୁଣ୍ଡ ଘୂରିଉଅଛି, ସେ ଚାଲିଅଛନ୍ତି; ମାତ୍ର ବାଟ ସରିବାକୁ ନାହିଁ । କେତେକ୍ଷଣ ପରେ ଘରେ ପହଞ୍ଚି ପୂର୍ବୋକ୍ତ କୋଠରୀରେ ଯାଇଁ ବସିଲେ । ଏହି କୋଠରୀରେ ତାଙ୍କ ଜୀବନର କେତେ ସୁଖ ଦୁଃଖ ଜଡ଼ିତ ଅଛି, କେତେ ଆଶା ଆକାଙ୍କ୍ଷା ଏହିଠାରେ ଜନ୍ମି ଏହିଠାରେ ବିଳୟ ଲଭିଛି, କେତେ ହାସ୍ୟ

କଲ୍ଲୋଳ, କେତେ ବେଦନାଭରା ତପ୍ତ ନିଃଶ୍ୱାସ ଏହି ଗୃହର ବାୟୁରେ ମିଶିଅଛି, ଗୃହର ପ୍ରତ୍ୟେକ ଉପକରଣ ଓ ଉପକରଣର ପ୍ରତ୍ୟେକ ପରମାଣୁ ସେଥିର ଜୀବନ୍ତ ମୂକ ସାକ୍ଷୀ । ସୁଧାନାଥ ସେହି ଗୃହକୋଣରେ ବସି କେତେ କଅଣ ଭାବୁଛନ୍ତି । ସେ ଭାବନାରେ ଏକାନ୍ତ ତନ୍ମୟ ଏବଂ ବାହ୍ୟଜ୍ଞାନଶୂନ୍ୟ । ଏହିପରି ଭାବରେ ପ୍ରହରେ କାଳ ଅତିବାହିତ ହୋଇଗଲାଣି । ଯୋଗବିଦ୍ୟା ଭାତ ଖାଇବା ପାଇଁ ପିତାଙ୍କୁ ଡାକିବାକୁ ଆସିଲା । ପିତାଙ୍କର ଅବସ୍ଥା ଦେଖି ଭୀତ ଏବଂ ତଟସ୍ଥ ହୋଇ ଠିଆହେଲା । କ୍ଷଣକ ପରେ ଡାକିଲା, "ବାବା !" ସୁଧାନାଥ ନୀରବ । ପୁନଶ୍ଚ ଡାକିଲା, "ବାବା !" ସୁଧାନାଥ ପୂର୍ବ ପରି ନୀରବ, ନିଶ୍ଚଳ । ବାଳିକା ଉଚ୍ଚ ସ୍ୱରରେ କାନ୍ଦିଉଠି କହିଲା, "ବାବା, ଶୁଣୁନାହିଁ କାହିଁକି ?" କନ୍ୟାର ଚିତ୍କାରରେ ପିତାଙ୍କର ଚେତନା ହେଲା, ସେ ଚମକିଉଠି କହିଲେ, "କି ମା, ମୋତେ ଡାକୁଥିଲୁ ? ଓଃ, ମୁଁ ଟିକିଏ ଶୋଇ ପଡିଥିଲି, ଚାଲ ମା, ଚାଲ ।" ମନୋଭାବ ଗୋପନ ରଖି କନ୍ୟାକୁ ଏହିପରି ଭୁଲାଇ ଦେଲେ; ମାତ୍ର ବୁଦ୍ଧିମତୀ ବାଳିକା ସେଥିରେ ଭୁଲିଲା ନାହିଁ । ସେ ପିତାଙ୍କର ଅଜ୍ଞାତ ମନୋବେଦନା ବୁଝିପାରିଲା; କେବଳ କାରଣ ବୁଝି-ପାରିଲା ନାହିଁ; ମାତ୍ର କିଛି ନ କହି ନୀରବରେ ପିତାଙ୍କର ଅନୁଗମନ କଲା । ସୁଧାନାଥ ଭାତଥାଳୀ ପାଖରେ ବସି ଲୁଣ ମେଞ୍ଚାଏ ଧରି ଡାଲିରେ ଗୋଳାଇ ଦେଲେ, ମୁଣ୍ଡି ଭଳି ଦୁଇଖଣ୍ଡ ଆଣି ଭାତରେ ଗୋଳାଇବାକୁ ଚେଷ୍ଟା କଲେ; ମାତ୍ର କିଛି ମୁହଁକୁ ନେଲେ ନାହିଁ । ଆଖିରୁ ଦୁଇଧାର ଲୋତକ ଭାତ ଥାଳୀରେ ଗଡିପଡିଲା । କମଳା ସ୍ୱାମୀଙ୍କର ଏରୂପ ଅବସ୍ଥା ଦେଖି କହିଲେ, "ତୁମେ କାନ୍ଦୁଛ କାହିଁକି ?" ସୁଧାନାଥ ଆଉ ସମ୍ଭାଳି ପାରିଲେ ନାହିଁ, ପିଲାଙ୍କ ପରି ଅଧୀର ହୋଇ କାନ୍ଦି କାନ୍ଦି କହିଲେ, "ବିଦ୍ୟାବୋଉ ଆଜି ଅନ୍ତର୍ଯାମୀ ଭଳି ଠାକୁରଙ୍କ ଲାଗି ଖୁବ୍ କଡ଼ା କଡ଼ା ପାଞ୍ଚକଥା କହିଦେଲେ ।" କହୁଁ କହୁଁ ବାଷ୍ପରୁଦ୍ଧ ହୋଇଗଲା, ଆଉ କହି ପାରିଲେ ନାହିଁ । କମଳା କହିଲେ, "ଏଇଥି ଲାଗି ପରା ତମେ କାନ୍ଦୁଛ ? ଆମେ ତାଙ୍କର ଧାରୁଛୁ, ସେ ଯାହା କହିବେ ତାହା ସହିବା, ସେଥିପାଇଁ ଦୁଃଖ କଲେ କଅଣ ହେବ ? ବିଧାତା ବଡ଼ଲୋକଙ୍କୁ କହିବା ପାଇଁ ଆଉ ଗରିବଙ୍କୁ ସହିବା ପାଇଁ ଜନ୍ମ ଦେଇଛି ।" ସୁଧାନାଥ କହିଲେ, "ଭାଇ ତ ଏମିତି କଥା ମୋତେ କେବେ କହନ୍ତି ନାହିଁ, ଆଜି କାହିଁକି କହିଲେ ?" କମଳା କହିଲେ, "କାହିଁକି ଆଉ କଅଣ ? କହନ୍ତି ପରା—'ଠଙ୍କା ମୁହଁ ବଙ୍କା ।' ତାହା ଆଗରେ ଭାଇ ବନ୍ଧୁ, ପ୍ରିୟ ପ୍ରୀତି, ମୁଖଲଜ୍ଜା, ଚକ୍ଷୁ-ଲଜ୍ଜା କିଛି ନାହିଁ । ତୁମେ ଆଉ ଦୁଃଖ କର ନାହିଁ, ଭାତ ଶୁଖିଯାଉଛି, ଖାଅ ।" ସୁଧାନାଥ ସ୍ତ୍ରୀଙ୍କର ଏହିପରି ଆଶ୍ୱାସନାରେ କଥଞ୍ଚିତ ଶାନ୍ତ ହୋଇ ଖାଇବାକୁ ବସିଲେ; ମାତ୍ର ଖାଇପାରିଲେ ନାହିଁ, କୌଣସି ଦୁଇଗ୍ରାସ ମାତ୍ର ଖାଇ ଉଠିଗଲେ ।

ଦୁଇଦିନ ପରେ ସତ୍ୟଭୂଷଣ କଟକରୁ ଫେରି ଆସିଲା । ସେହି ଦିନ ସନ୍ଧ୍ୟାବେଳେ ସୁଧାନାଥ ତାଙ୍କର ପୂର୍ବ କଥିତ କୋଠରୀଟିରେ ମୌନ ହୋଇ ବସିଥିଲେ । ତାଙ୍କର ଜୀବନଯାତ୍ରାର ଦୈନ୍ୟ ଆସି ମୁଖମଣ୍ଡଳରେ ରେଖାପାତ କରିଥିଲା । ପିତାଙ୍କୁ ତଦବସ୍ଥ ଦେଖି ଯୋଗବିଦ୍ୟା କହିଲା, "ବାବା ! ତୁମେ ଆଉ ଏତେ ଚିନ୍ତା କର ନାହିଁ; ଯାହା କପାଳରେ ଥିବ, ତାହା ହେବ । ତୁମେ କିଛି ଖାଉନାହିଁ, ଦେହ ଶୁଖିଗଲାଣି, ତୁମେ ଇମିତି ହେଲେ ମୁଁ କାନ୍ଦିବି ।" ସୁଧାନାଥ ବାଳିକାର ଏ ଅଭିମାନମିଶା ପ୍ରବୋଧବାଣୀ ଶୁଣି ତାକୁ ପାଖକୁ ଟାଣି ଆଣି ଆଦର କରି କଅଣ କହିବାକୁ ଯାଉ-ଅଛନ୍ତି, କଥା ଆସି ତାଙ୍କ ଜିଭ ଆଗରେ ହେଲାଣି, ଏହି ସମୟରେ ସତ୍ୟଭୂଷଣ ଆସି ଉପସ୍ଥିତ ହେଲା । ପ୍ରଥମେ ସେ ସୁଧାନାଥଙ୍କୁ ଦେଖି ଚମକି ଉଠି କହିଲା, "କି ସୁଧୁ ଦାଦା, ତମ ମୁହଁ ଶୁଖି କଳା ପଡିଯାଇଛି କାହିଁକି ? ଯେପରି କି ଭାରି ଚିନ୍ତା ଗୋଟାଏ ତମ ମନ ଉପରେ ଲଦିହୋଇପଡିଛି ।" ସୁଧାନାଥ ବଳାତ୍କାରରେ ଟିକିଏ ଶୁଷ୍କ ହାସ୍ୟରେଖା ଟାଣି ଆଣି କହିଲେ, ରୋଗଚିନ୍ତା, ଋଣଚିନ୍ତା ଆଉ ପେଟଚିନ୍ତା ଯାହାର ନିତ୍ୟ ସହଚର, ତାହାର ଚିନ୍ତାର ଅଭାବ କଅଣ ବାବା ? ତେବେ ସେ ସବୁ ଚିନ୍ତା ମୋତେ ତେତେ ପୀଡ଼ା ଦେଇପାରେ ନାହିଁ । ଅଭ୍ୟାସ ବଶତଃ

ଦେହରେ ତାହା ସହିଗଲାଣି । ସେଟ ତ ଏକ ପ୍ରକାର ଚଳୁଛି—ଆଉ ସ୍ନେହ, ସେ ତ ମୋର ପରମାତ୍ମୀୟ, ମୋତେ ଛାଡ଼ି ସେ କେଉଁଠାରେ ବା ଯାଇ ଅନାଥ ହୋଇ ବୁଲିବ ? ଋଣ ଶୁଝି ନ ପାରିଲେ ଘରବାଡ଼ି ନିଲାମ ହେବ, ତାହା ତ ଅଦିନରେ ଅଛି । ଯାହା ଅବଶ୍ୟ ଘଟିବ ତାହା ପାଇଁ ଚିନ୍ତାକରି ଅବା ଫଳ କଅଣ ? ଚିନ୍ତା ଏକା ମୋର ଏହି ବାସୁଣୀ ମାଆଟି ଲାଗି ।” ନିଜ ସମ୍ପର୍କରେ କଥା ଶୁଣି ଯୋଗବଦ୍ୟା ସେଠାରୁ ପଳାଇଗଲା । ସୁଧାନାଥ କନ୍ୟାକୁ ଲଜ୍ଜାରେ ପଳାଇବାର ଦେଖି ଟିକିଏ ହସିଦେଇ କହିଲେ—“ମୋପରି ଦରିଦ୍ରର ଘରେ ବିଧାତା ଏ ରତ୍ନ ଆଣି କାହିଁକି ଦେଲେ ? ବଦ୍ୟା ମୋର ଜୀବନ ପ୍ରଦୀପ । କିପରି ମୋର ମନ ସବୁବେଳେ ପ୍ରଫୁଲ୍ଲ ରହିବ, କିପରି ମୁଁ ସନ୍ତୋଷରେ ଖାଇବି, ଦିନସାରା ତାହାର ଏହି ଚେଷ୍ଟା । ଶୁଣିବ ବାସୁଣୀର କଥା, ମୁଁ ଦୁର୍ବଳ ହୋଇଗଲି ବୋଲି ଦୁଇ ଓଳି ମୋତେ ଦୁଧ, ପୋଡ଼ା ପିଠା ଖୁଆଉଛି । ତାହାର ଇଚ୍ଛା, ସେ ତାହା ବାପକୁ ଯମପୁରକୁ ବି ଛାଡ଼ିଦେବ ନାହିଁ—ଅମର କରି ରଖିଥିବ । ଏ ରତ୍ନଟି ମୁଁ କାହାକୁ ଦେବି, ଗରିବର କନ୍ୟାକୁ ଯୋଗ୍ୟ ପାତ୍ର ମିଳିବା କି ସହଜ ? ଆଉ ବର କିଣିବାକୁ ବା ମୋର ଶକ୍ତି କାହିଁ ।” ସତ୍ୟଭୂଷଣ ତାଙ୍କୁ ଆଉ ଅଧିକ ଅଗ୍ରସର ହେବାକୁ ନ ଦେଇ କହିଲା—“ଓଃ, ସେ କଥା ରହିଥିବ । ଗରିବଘରର କନ୍ୟାଙ୍କୁ କଅଣ ଯୋଗ୍ୟପାତ୍ର ମିଳିବ ନାହିଁ ବୋଲି ବିଧାତାର ଅଭିଶାପ ଅଛି ? ସେଥିଲାଗି ତମେ ଚିନ୍ତାକର ନାହିଁ ଦାଦା ! ବଦ୍ୟା ଖୁବ୍ ଭାଗ୍ୟବତୀ, ତାହାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ହେବ । ହଁ, ପଚାରିବାକୁ ଭୁଲିଯାଇଛି, ତୁମେ ବାପାଙ୍କ ପାଖକୁ ଯାଇଥିଲ ?” ସୁଧାନାଥ ଆମୂଳଚୂଳ ସବୁ କହିଗଲେ । ସତ୍ୟଭୂଷଣ ଶୁଣି ତାଟଙ୍କା ହୋଇଗଲା ଏବଂ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ କହିଲା—“ବାବା ତ ଏପରି ଇତର କଥା କାହାକୁ କହନ୍ତି ନାହିଁ । ଅଚ୍ଛା, ତୁମେ ଭଲ କହିଲ ଦାଦା, ଭଦ୍ରଲୋକଙ୍କୁ ବାବା ଏତେ ଦୂର ତୁଚ୍ଛ କରି କଥା କହନ୍ତି, ଏହା ତୁମେ କେବେ ଶୁଣିଛ ?’ ସୁଧାନାଥ କହିଲେ—“ଆଉ କାହାକୁ କହନ୍ତି କି ନା ଜାଣେ ନାହିଁ ; ମାତ୍ର ମୋତେ କେବେ କହନ୍ତି ନାହିଁ । ତାଙ୍କ କ୍ରୋଧରୁ ମୁଁ ବୁଝିଛି, ସେ ମୋତେ ସହଜରେ ଛାଡ଼ିବେ ନାହିଁ, ମୋର ଘରବାଡ଼ି ନିଲାମ କରି ତାଙ୍କ ଟଙ୍କା ଆଦାୟ କରିବେ ।” ସତ୍ୟଭୂଷଣ କହିଲା—“ମୁଁ ଶୁଣିଥିଲି, ବାବା ତୁମ ବାପାଙ୍କୁ ତିନିଗୁଣ ଭୂମି ଦେବାର ଲୋଭ ଦେଖାଇ ତମ ଘରଡିହଖଣ୍ଡି ମାଗିଥିଲେ । ତମ ବାବା ରାଜିହେଲେ ନାହିଁ, କହିଥିଲେ—ଦଶଗୁଣ ଦେଲେ ସୁଦ୍ଧା ମୋର ପିତୃପିତାମହଙ୍କ ବାସ୍ତୁଭୂମି ମୁଁ ବିକ୍ରୟ କରିବି ନାହିଁ । ଏଥିରେ ମୋର ପୂର୍ବପୁରୁଷର ପୁଣ୍ୟସ୍ମୃତି ଜଡ଼ିତ ଅଛି, ଏହା ମୋ ପକ୍ଷରେ ପବିତ୍ର-ତୀର୍ଥ । ତୁମେ ସେହି ପିତାଙ୍କର ପୁତ୍ର ହୋଇ କଅଣ ଘରଡିହଖଣ୍ଡି ଛାଡ଼ିଦେବ ? ସେଥିରେ ତୁମ, ପିତାଙ୍କର ସତ୍ୟଭଙ୍ଗ ହେବ ନାହିଁ ?” ସୁଧାନାଥ କହିଲେ, ‘ଯାହା ହେଉ, ଆଉ ଉପାୟ କଅଣ ଅଛି ?’ ସତ୍ୟଭୂଷଣ କହିଲା—‘ହଁ ଉପାୟ ଅଛି, ସେ ପାଞ୍ଚଶ ଟଙ୍କା ମୁଁ ତୁମକୁ ଦେବି ।’ ସୁଧାନାଥ ଦଣ୍ଡେଯାଏ ତାହା ମୁହଁକୁ ଅନାଇ ରହି କହିଲେ—“ତୁମେ ଦେବ ?” ସତ୍ୟଭୂଷଣ ଦୃଢ଼ ସ୍ୱରରେ କହିଲା—“ହଁ, ଦେବି ।” ସୁଧାନାଥ ପଚାରିଲେ—“କାହିଁକି ଦେବ ?” ସତ୍ୟଭୂଷଣ ଉତ୍ତେଜିତ ହୋଇ କହିଲା—“କାହିଁକି ଦେବି ଜାଣେ ନାହିଁ, ତେବେ ଏତିକି ଜାଣେ ଯେ, ବିପନ୍ନକୁ ସାହାଯ୍ୟ କରିବା ମନୁଷ୍ୟର କର୍ତ୍ତବ୍ୟ ।” ସୁଧାନାଥ କହିଲେ, ‘ଏ କଥା କେହି ଜାଣିଲେ ତୁମ ବାପ କି ଆଉ ମୋର ମୁଣ୍ଡ ରଖିବେ ?’ ସତ୍ୟଭୂଷଣ କହିଲା—“କେହି ଜାଣିବେ ନାହିଁ, ସେ ଭୟ ନାହିଁ । ଆଉ ବାବାଙ୍କ କ୍ରୋଧର କାରଣ ବୁଝିଛ ତ ? ତାହା ଆମର କେତେକଣ କର୍ମଚାରୀଙ୍କର ଷଡ଼ଯନ୍ତ୍ର । ସେମାନେ ବାବାଙ୍କୁ ସରଳ ଦେଖି ଦୁଇ ହାତରେ ଖାଉଥିଲେ, ମୁଁ ଧରାଧରି କରିବାରୁ ସେମାନେ ବିରକ୍ତ । ମୁଁ ଏଠିକି ଆସି ବସାଉଠା କରେ, ଏହା ତାଙ୍କର ଚକ୍ଷୁଶୂଳ । ଶୁଣିଲି ସେମାନେ ଗୋଟାଏ ଜଘନ୍ୟ ମିଥ୍ୟା କଥା ରଚନା କରିଅଛନ୍ତି, ତାହା ବାବାଙ୍କର କର୍ଣ୍ଣଗୋଚର ହୋଇଅଛି । ସେ ଯାହା ହେଉ ନୀଚ ଲୋକଙ୍କର ବୁଦ୍ଧି ତ

କଥାକୁ କିଏ ଡରୁଛି ? ମୁଁ ଯାଉଛି, କାଲି ଟଙ୍କା ଆଣି ଦେବି ।” ଏହା କହି ସତ୍ୟଭୂଷଣ ଉଠି ଠିଆହେଲା ଏବଂ ପକେଟରୁ ପେଣ୍ଡୁଲାଏ ଉଲ ସୂତା ବାହାରକରି ସୁଧାନାଥଙ୍କ ହାତରେ ଦେଇ ତାହା ଯୋଗବଦ୍ୟାକୁ ଦେବାପାଇଁ କହି ଶୀଘ୍ର ବାହାରିଗଲା ।

ସତ୍ୟଭୂଷଣ ଯେତେବେଳେ ଯାଏ ଦେଖାଗଲା, ସୁଧାନାଥ ତାହାକୁ ଏକ ଧ୍ୟାନରେ ଚାହିଁ ରହିଲେ । ସେ ଦୃଷ୍ଟିପଥରୁ ଉହାଡ଼ ହୋଇଗଲା ପରେ ମନେ ମନେ କହିଲେ—“ଏହା ମୋର ସ୍ୱପ୍ନର ବିକାର ନୁହେଁ ତ ?” ସୂତଅଡ଼କୁ ଚକ୍ଷୁ ଫେରାଇ ଭଲ ରୂପେ ଦେଖିଲେ—ନା ତାଙ୍କର କିଛି ଭୁଲ ହୋଇ ନାହିଁ । ବାସ୍ତବ କି ଭୁଲ ହୋଇପାରେ ? ସେ କହିଲେ, ‘ଟଙ୍କା ଯାହାର ଜୀବନ, ଏ କି ସେହି ବାପର ପୁଅ, ଏ ଫଳ କି ସେହି ଗଛର ! ନୁହେ ବୋଲି ଅବା କିପରି କହିବ ? ଅମ୍ବଗଛର ଛାଲି, ପତ୍ର, ଫୁଲ ସବୁ କଷା; କିନ୍ତୁ ଫଳ ମଧୁର । ପଙ୍କରୁ ପଦ୍ମ ଜାତହୁଏ, ଅଙ୍ଗାର ଖଣିରୁ ହୀରା ବାହାରେ, ବିଷଧର ସର୍ପଫଣାରୁ ମଣି ଜାତହୁଏ; ଅତଃ ଅସମ୍ଭବ କଅଣ ?” ପିତା ହୃଦୟହୀନ ବୋଲି ପୁତ୍ର ହୃଦୟବାନ୍ ନ ହେବ କାହିଁକି ? ସିନ୍ଧୁର ହୃଦୟ ଲବଣାକ୍ତ; କିନ୍ତୁ ସିନ୍ଧୁସୁତ ଇନ୍ଦୁର ହୃଦୟ ଅମୃତସିକ୍ତ । ସତ୍ୟ, ବାବା ସତ୍ୟଭୂଷଣ, ତୁ ଦୀର୍ଘାୟୁ ହୋ, ମୋହର ପରମାୟୁ ଘେନି ବଞ୍ଚିଥା ବାପ ! ତୁ ନର ନୋହୁ, ନରର ଭୂଷଣ । ତୋର ଦେବଚରିତ୍ରକୁ ସେ ଈର୍ଷା କରିବ, ତାହାର ବି ପରମ ଲାଭ । ତୋର ହୃଦୟ ଅଛି, ବିପନ୍ନ ଦୁଃଖୀର ବ୍ୟଥା ସେ ହୃଦୟକୁ ଘାରିପକାଏ । ତୁ ଅଳ୍ପବୟସ୍କ ହେଲେହେଁ ମହାପ୍ରାଣ ମାନବର ପବିତ୍ର ଶୁଭ୍ରବର୍ଣ୍ଣ ତୋ ପ୍ରାଣରେ ଫୁଟିଉଠିଛି । ସୁଧାନାଥ ଏହିପରି ଅନେକ କଥା ମନେ ମନେ କହୁ-ହୋଇ ରାତି ଅଧିକ ହୋଇଯିବାରୁ ଘରକୁ ଉଠିଗଲେ ।

## ଦ୍ୱାଦଶ ପରିଚ୍ଛେଦ

ବୃନ୍ଦାବତୀ ପ୍ରତ୍ୟହ ସକାଳେ ସ୍ୱହସ୍ତପ୍ରସ୍ତୁତ ଜଳଖିଆ ପୁଅକୁ ଖୁଆନ୍ତି । ସତ୍ୟଭୂଷଣ ପ୍ରାତଃସ୍ନାୟୀ, ସେ ସ୍ନାନ କରି ଆସି ଜଳଖିଆ ଖାଏ । ବଜାର ଜଳଖିଆରେ ତାହାର ପେଟ ପୂରେ ନାହିଁ କି ତୃପ୍ତି ମଧ୍ୟ ହୁଏ ନାହିଁ । ସତ୍ୟଭୂଷଣ ଭାରି ଜଳଖିଆ ପ୍ରିୟ । ସଂସାରରେ ଜଳଖିଆ ଛଡ଼ା ତାହାର ପ୍ରିୟ ପଦାର୍ଥ କିଛି ନାହିଁ । ସେଥିର ଲାଳସାରେ ଘଡ଼ି ଘଡ଼ିଏ ଥାଉଣୁ ତାହାର ନିଦ ଭାଙ୍ଗିଯାଏ ; ମାତ୍ର ଆଜି ତାହାର ସେ ଲାଳସା ନାହିଁ, କିପରି ମାତାଙ୍କଠାରୁ ଟଙ୍କା ହସ୍ତଗତ ହେବ, ଏହି ଚିନ୍ତାରେ ସେ ଅଧୀର । ଜଳଖିଆ ଖାଇବାରେ ତାହାର ମନ ଲାଗୁନାହିଁ । ସେ ଆଖିରେ, କାନରେ ଗୁଞ୍ଜି ଦେଉଅଛି । ଜନନୀ ପୁତ୍ରର ଏ ଭାବ ଲକ୍ଷ୍ୟ କରି କହିଲେ—“କି ରେ, ତୁ ଆଜି ଏତେ ଠାଉ ଠାଉ ହଉଛୁ କାହିଁକି, ତୋର କି ତଡ଼ବଡ଼ କାମ କେଉଁଠି ଅଟକିଛି କି ? ଭଲକରି ବସି ପେଟ ପୁରାଇ ଖା, ସେହି ବାସକପୁରୀ କଦଳୀ ଦିଟା ଖାଇଦେ, ତୋହରି ଲାଗି ତାକୁ ପଶୁରଖିଥିଲି । ମୋ ବାବାଟା, ମୋ ସଙ୍ଖାଳିଟା, ସେ କାକରା ଖଣ୍ଡିକ ସବୁ ଖାଇଦେ, ନ ଖାଇଲେ ମୋ ମୁଣ୍ଡ ଖାଇବୁ ।” ସତ୍ୟଭୂଷଣ ମୃଦୁ ମୃଦୁ ହସି ସ୍ନେହମୟୀ ଜନନୀଙ୍କ ମୁଣ୍ଡଟି ଛାଡ଼ି ଆଉ ସବୁ ଖାଇ-ଦେଲା । ହାତ ଧୋଇ ସାରି କହିଲା—“ମା, କିଛି ଟଙ୍କା ଦେଇପାରିବୁ ? ମା କହିଲେ—“କି ଟଙ୍କା, କଅଣ କରିବୁ ? ଫେର୍ ସେହି ଦେଶସଙ୍ଗ ଫେଶସଙ୍ଗ କଅଣ କରୁଛୁ କି ରେ ?” ସତ୍ୟଭୂଷଣ କହିଲା—“ନା, ଜଣଙ୍କୁ ବିପଦରୁ ଉଦ୍ଧାର କରିବି । ସୁଧୁ ଦାଦାଙ୍କ ବାପ ମରିବାବେଳେ ସେ ଘରବାଡ଼ି ବନ୍ଧକ ଲେଖିଦେଇ ଶହେ ଟଙ୍କା ନେଇଥିଲେ, ତାହା ସୁଧ ଅସଲ ମିଶି ପାଞ୍ଚଶ ହେଲାଣି । ବାବା କହୁଛନ୍ତି—ଟଙ୍କା ନ ଦେଲେ ତାଙ୍କ ଘରଡିହ ନିଲାମ କରିନେବେ । ତାଙ୍କ ଅବସ୍ଥା କଥା କଅଣ କହିବି ମା, ଦୁଇ ଓଳି ଚୁଲି ଜଳୁଛି, ଏତକ ଭାଗ୍ୟର କଥା, ନ ହେଲେ ସ୍ତ୍ରୀ ପୁଅ ଖରକା ଆଣିଲେ ଗୋଟେ ଖୁଦକୁଣ୍ଡି କି ମିଳିବ ନାହିଁ । ସେ ଟଙ୍କା

କେଉଁଠୁ ଆଣି ଦେବେ, ନ ଦେଲେ ଘର ନିଲାମ ହେବ, ଆଉ ଗୋଟାଏ ଭଦ୍ର ପରିବାର ମାନ ମହତ୍ତ୍ୱ ହରାଇ ପର ଓଳିରେ ଯାଇ ଠିଆ ହେବେ । ରାଧୁ ଦାଦା ତେର କହିଲେ; ମାତ୍ର ବାବା ମାନିଲେ ନାହିଁ ।" ବୃନ୍ଦାବତୀ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ—"ହଁ ରେ ବାପ, ତୋ ବାପ ପରି ଏକଗୁଣିଆ ଦୁନିଆରେ କିଏ ଅଛି ? ଯାହା ବୁଝିଥିବେ ସେଇଆ । ଜଣକୁ ସେ ବାସ-ଛଡ଼ା କରିବେ, ଉଃ, କି ଅନ୍ୟାୟ ଲୋ ମା । ନା ରେ ବାପ, ମୋ ମନ ଥରୁଛି, ମୋର ଗୋଟିଏ ପୁଅ ତୁ, ତୋର ଅକଲ୍ୟାଣ ହେବ । ତୁ ଯାହା ନେବୁ ସିନ୍ଦୁକରୁ ନେଇ ତୋ ରାଧୁ ଦାଦାଙ୍କୁ ଦେ, ଏକଥା କେହି ଜାଣିବେ ନାହିଁ । ତୋ ବାପ ବି ଜାଣିବେ ନାହିଁ । ଆରେ ସତ୍ୟ, ରାଧୁର ଝିଅ ବିଦ୍ୟାଟି ଭଲ ଅଛି ନା ? ଉଃ, କି ଲକ୍ଷ୍ମୀ ଲୋ ମା, ଯାଇ ପଞ୍ଚଣାକୁ ବି ଟିକିଏ ଭୁଲିବାକୁ ଆସେ ନାହିଁ । ଆରଶି ଭିତରର ଛବି ପରି ଆଉ ସୁନ୍ଦର ଝିଅଟିଏ । ଦେହ ପାଚିଲା ଆମ୍ବ ପରି ଗୋରା, ହାତ ଗୋଡ଼ କୁନ୍ଦିଲା ପରି, ଆଉ କପାଳ ତ ଅଷ୍ଟମୀ ଜହ୍ନ । ମୋର ସେହି ବିଦ୍ୟା ପରି ଗୋଟିଏ ବୋହୂ ହୁଅନ୍ତା କି !" ସତ୍ୟଭୂଷଣ ଏ କଥା ଶୁଣି ଟିକିଏ ଲଜ୍ଜିତ ହେଲା, ଖାଲି ଏତିକି କହିଲା—"ହଁ ବିଦ୍ୟା ଭଲ ଅଛି" ଅନନ୍ତର ସିନ୍ଦୁକ ଫିଟାଇ ଟଙ୍କା ନେଇ ଶୀଘ୍ର ସେଠାରୁ ଅନ୍ତର ହୋଇଗଲା ।

ସନ୍ଧ୍ୟା ସମୟରେ ସତ୍ୟଭୂଷଣ ରାଧାନାଥ ହାତରେ ଟଙ୍କା ଦେଇ କହିଲା—"ଏ କଥା ଯେପରି କେହି ଜାଣିବେ ନାହିଁ, ସାବଧାନ ! ଖୁଡ଼ୀଙ୍କ ପାଖରେ ବି କହିବ ନାହିଁ, ସ୍ତ୍ରୀଲୋକମାନଙ୍କର ହୃଦୟ ବଡ଼ ଉଚ୍ଛ୍ୱାସ, ହୁଏ ତ ସେ କାହାରି ପାଖରେ କହିଦେଇ ପାରନ୍ତି । ଷଡ଼କାନ ମନ୍ତ୍ରଭେଦ ବୋଲି କହନ୍ତି ପରା ।" ଏହା କହି ସତ୍ୟଭୂଷଣ ତାହାର ସ୍ୱାଭାବିକ ଉଚ୍ଚହାସ୍ୟରେ ଗୃହ ଜମାଇଦେଲା ଏବଂ ରାଧାନାଥଙ୍କୁ କୃତଜ୍ଞତା ପ୍ରକାଶର ଅବସର ନ ଦେଇ ଅନ୍ୟ କାର୍ଯ୍ୟ ଛଳନାରେ ଅତିଶୀଘ୍ର ସେଠାରୁ ପ୍ରସ୍ଥାନ କଲା । ରାଧାନାଥ ମନ୍ତ୍ରମୁଗ୍ଧ ପ୍ରାୟ ଠିଆହୋଇ ରହିଲେ, ତାଙ୍କର ଗୋଡ଼ ଉଠିଲା ନାହିଁ କି ତୁଣ୍ଡ ଫିଟିଲା ନାହିଁ ।

ଜମିଦାର ଅନ୍ତର୍ଯ୍ୟାମୀ ସିଂହ କଚେରି ମଧ୍ୟରେ ଉଚ୍ଚାସନରେ ବସି ରୁପାବନ୍ଧା ହୁକାର ଅଧର ଚୁମ୍ବନ କରୁଅଛନ୍ତି । ସମ୍ମୁଖରେ, ପାର୍ଶ୍ୱଭାଗରେ କେତେ ଜଣ କର୍ମଚାରୀ ଖଜୁରିପଟି ଉପରେ ବସି ଲେଖାଲେଖିରେ ବ୍ୟାପୃତ ଅଛନ୍ତି, ବଳରାମ କେରାଣୀ ଟିକିଏ ଦୂରରେ ଖଣ୍ଡେ ଅମସୃଣ କାଠପିଢ଼ାରେ ବସି ବିଡ଼ାଏ କାଗଜ ଧରି ଲେଉଟା ଲେଉଟି କରୁଅଛନ୍ତି, ତାଙ୍କ ପଛରେ କେତେ ଜଣ ପ୍ରଜା ଗମ୍ଭୀର ମୁଖରେ ଗାଲରେ ହାତ ଦେଇ ବସିଅଛନ୍ତି । ବୋଧହୁଏ ସେମାନେ କୌଣସି ଗୁରୁତର ଅଭିଯୋଗରେ ଅଭିଯୁକ୍ତ । ଏହି ସମୟରେ ରାଧାନାଥ ଟଙ୍କା ଘେନି ଆସି ଉପସ୍ଥିତ ହେଲେ ଏବଂ ଜମିଦାରଙ୍କୁ ଦଣ୍ଡବତ କରି ତାଙ୍କ ଆସନ ଉପରେ ପାଞ୍ଚଖଣ୍ଡ ଶହେଟଙ୍କିଆ ନୋଟ ଥୋଇଦେଇ କହିଲେ—"ଆପଣଙ୍କ ଟଙ୍କା ନେଇ ମୋର ତମସୁକ ଖଣ୍ଡି ବାହାର କରି ଦେଉନ୍ତୁ ।" ଏହା ଶୁଣି ସମସ୍ତେ କାର୍ଯ୍ୟ ଛାଡ଼ି ରାଧାନାଥଙ୍କୁ ଅନାଇ ରହିଲେ; ମାତ୍ର କେହି କିଛି କହିଲେ ନାହିଁ, କେବଳ ପରସ୍ପର ମୁହଁ ଚୁହାଁଚୁହିଁ ହୋଇ ମୁରକିହସା ଦେଲେ ଏବଂ ଫୁସୁରଫାସର ହେବାକୁ ଲାଗିଲେ । ଜମିଦାର କହିଲେ—"ଟଙ୍କା ଆଣିଛ ? ହେଉ, ବେଶ୍ ଭଲ କଥା । କେରାଣୀ, ନୋଟ ଗଣି ରଖି ତାଙ୍କ ଦଲିଲ ଖଣ୍ଡି ବାହାର କରିଦିଅ ।" କେରାଣୀ ନୀରବରେ ପ୍ରଭୁଙ୍କର ଆଦେଶ ପାଳନ କଲେ । ରାଧାନାଥ ଦଲିଲ ଧରି ପ୍ରସ୍ଥାନୋଦ୍ୟତ ହୁଅନ୍ତେ, ଜମିଦାର ସ୍ମିତମୁଖରେ କହିଲେ—"ଆଇ ରାଧୁ, ସେଦିନ ଗୋଟାଏ କଥାରେ ମନ ଭାରି ଖରାପ ଥିଲା, ତୁମକୁ କଣ ଗୁଡ଼ାଏ କହିପକାଇଲି, ତାହା ମନରେ ଧରିବ ନାହିଁ, କାରବାରରେ ସିମିତି ହୁଏ । ମନେ କରନ୍ତ, ପିଲାବେଳେ କେତେ ମରାମରି ହୁଅନ୍ତି, କେତେ ଗାଳି ଦିଆଦେଇ ହୁଅନ୍ତି ପୁଣି ଦଣ୍ଡକ ମଧ୍ୟରେ ସବୁ ଭୁଲିହୋଇ ଯାଏ, ଯେଉଁ ଭାବକୁ ସେହି ଭାବ । ମୋ କଥାକୁ ଠିକ୍ ସେହିପରି ମଣିବ, ରାଗ କରିବ ନାହିଁ । ନେବା ଦେବା ଏହିପରି ଲାଗିଥାଉ, ଫେର୍ ଦରକାର ପଡ଼ିଲେ ସିଧା ଅଧରେ ଆସି ନେଇଯିବ । ତମେ ମୋର ବାଲ୍ୟବନ୍ଧୁ, ତମ ସାଙ୍ଗରେ ଗୋଟାଏ ଧରିସାରଣା

କଅଣ ? ଫେର ଥରେ କହୁଛି ଶୁଣ, ମୋ ରାଣଟି, ମନରେ କିଛି ଦୁଃଖ କରିବ ନାହିଁ । ହଁ, ଆଉ ଗୋଟିଏ କଥା ପଚାରିବି ଭାବୁଥିଲି, କଥା ନଅସରେ ରହିଗଲା । ଝିଅଟି ଲାଗି କେଉଁଟି ପାତ୍ର ସଜଳ କଲଣି ନା ? ଦେଖ ଦେଖ, ଆଖି ଫେରାଉଥାଅ, ଘଟିଲୁମାନେ ବୋଝ ଉଠାଇବେ । କନ୍ୟାଦାୟ ବଡ଼ ବିଷମ ଦାୟ ଶୁଣ, ସେଥିରେ ହେଳା କରିବ ନାହିଁ । ଟଙ୍କାର ଦରକାର ହେଲେ ମୋତେ କହିବ ମୁଁ ବିନା ତମସୁକରେ, ବିନା ସୁଧରେ ଟଙ୍କା ଉଧାର ଦେବି, କିଛି ଚିନ୍ତା କରିବ ନାହିଁ । ରାଧାନାଥ ସବୁ ଶୁଣିଲେ; ମାତ୍ର କିଛି କହିଲେ ନାହିଁ ।" ମନେ ମନେ ଭାବିଲେ—"ଖସିଗଲା ଶିକାରକୁ ପୁନଶ୍ଚ ଧରିବାର ଏ ସୁନ୍ଦର କୌଶଳ ।" ରାଧାନାଥ ଟିକିଏ ମୁରୁକିହସା ଦେଇ ଜମିଦାରଙ୍କୁ ଗୋଟାଏ ନମସ୍କାର କରି ଘରକୁ ଫେରିଆସିଲେ । ଜମିଦାରଙ୍କ ମୂଲ୍ୟବାନ୍ ସଦୁପଦେଶଗୁଡ଼ାକ ସଙ୍ଗରେ ଆଣିଲେ କି ସେହିଠାରେ ଅଗ୍ନିସଂସ୍କାର କରିଆସିଲେ ତାହା ନ ଜାଣିଲେ କାହାରି କିଛି କ୍ଷତିର ଆଶଙ୍କା ନାହିଁ କିମ୍ବା କେହି ମନ ଭୁଣା କରିବେ ନାହିଁ । ସୁତରାଂ ତାହା ବ୍ୟାକରଣ ଆଇନ ଅନୁସାରେ ଊହ୍ୟ ରହିଲା ।

ରାଧାନାଥ ଚାଲିଗଲା ପରେ ତାହା ସମ୍ବନ୍ଧରେ ଗୋଟାଏ ଆଲୋଚନା ଲାଗିଲା । ଜମିଦାର କହିଲେ—"ଦେଖିଲ ଭୁଲାମୁହାଁ ଲୋକଙ୍କର ଗୁଣ, ଟଙ୍କା ରଖି ବାହାରକୁ ଧୂଳିଆଧୂସର । ନାଲିଶ୍ ନାମ ଶୁଣି ପିଳେଇ ପାଣିହୋଇଗଲା । ଏ ସବୁ ଧୂଳିଆଳନ୍ଦାଙ୍କୁ ଚିହ୍ନିବା କଠିନ ।" ବେବର୍ତ୍ତା କହିଲେ—"ସେ କଅଣ ଟଙ୍କା ଘରେ ରଖିଥିଲା ? ଏହା ମୁଁ କେବେ ବିଶ୍ୱାସ କରିବି ନାହିଁ, ଯେବେ ଗଙ୍ଗାଜଳରେ ପଶି କେହି କହିଲେ ବି ମାନିବି ନାହିଁ । ଟଙ୍କା ରଖିଥିବା ଲୋକର କଥା ଭିନେ, ଚାଲିଚଳଣ ଭିନେ, ମତିଗତି ଭିନେ, ଏ ଗୋଟାଏ ଉସ୍ତର ଲୋକ ।

ଜମିଦାର—ଏଁ, ଏତେ ଟଙ୍କା ତାକୁ କିଏ ଦେଲା ?

ବେବର୍ତ୍ତା—ସେହିପରି ଦାତା ନ ହେଲେ ଆଉ କିଏ ଦେବ ? ଆମ ବାବୁଙ୍କ ପ୍ରାଣ ମନ ତ ତାହା ଘରେ ବନ୍ଧା, ଯେତେବେଳେ ଦେଖିଲେ ସେଇଠି ।

ଜମିଦାର—ସେ ଯିବା ଆସିବା କରେ, ବସା-ଉଠା କରେ ସତ; ହେଲେ କିଛି ଦୋଷର କଥା ମୋର ବିଶ୍ୱାସ ହୁଏ ନାହିଁ ।

ବେବର୍ତ୍ତା—କଳିକାଳର ପିଲାଏ ଓଳଟାବୁ ଗଛା, ତାଙ୍କୁ ବିଶ୍ୱାସ କଅଣ ? ନିଆଁ ନଥିଲେ କି ଧୂଆଁ ବାହାରେ ?

ଜମିଦାର—ତେବେ ଏତେ ଟଙ୍କା କେଉଁଠୁ ଆଣି ସତ୍ୟ ତାକୁ ଦେଲା ?

ବେବର୍ତ୍ତା କିଛି ନ କହୁଣୁ ଜଣେ ଗୁମାସ୍ତା କହିଲା, "ବାବୁଙ୍କୁ ଟଙ୍କା ଅପୂର୍ବ ନା ? ହଜାର ହଜାର ଟଙ୍କାର କାରବାର ଯେ ହାତରେ କରୁଛନ୍ତି, ଟଙ୍କା ପାଞ୍ଚଶ ତାଙ୍କ ପକ୍ଷରେ କଠିନ ନୁହେଁ ।" ଏହି ଗୁମାସ୍ତାଟିର ଉପୁରି ତଣ୍ଡାକ ସତ୍ୟଭୂଷଣ ଯୋଗୁଁ ମରିଯାଇଥିଲା; ସୁତରାଂ ତାକୁ ଗୋଟାଏ ମାହେନ୍ଦ୍ର ସୁଯୋଗ ମିଳିଲା । ଜମିଦାର ଏଥର ବିଶ୍ୱାସ କଲେ । ପୁଅର ଚରିତ୍ର ପ୍ରତି ତାଙ୍କର ଗୋଟାଏ ତୀବ୍ର ଘୃଣା ଜାତହେଲା । ସେ ଆଉ କିଛି କହିଲେ ନାହିଁ, ତାଙ୍କୁ ନୀରବ ଦେଖି ସମସ୍ତେ ନୀରବ ହେଲେ ।

କିଛିକ୍ଷଣ ପରେ ବେବର୍ତ୍ତା ସେହି ନୀରବତା ଭଙ୍ଗକରି କହିଲେ, "ଏବେ ବିବାହର ଚେଷ୍ଟା କରିବା ଉଚିତ । ମୋ ବିଚାରରେ ଶଙ୍କରପୁର ଭୂୟାଁଘରେ ସମ୍ବନ୍ଧ କଲେ ଭଲ ହୁଅନ୍ତା, ସେ ଆମର ସମକକ୍ଷ । ତାଙ୍କର ଦୁଇଖଣ୍ଡ ଜମିଦାରୀ ମଧ୍ୟରୁ ପୁଅକୁ ଶଙ୍କରପୁର ଆଉ ଝିଅକୁ ରଣପଦା ଦେବେ ବୋଲି ଉଇଲ କରି ରଖିଛନ୍ତି । ରଣପଦା ତ ଆମ ଜମିଦାରୀକୁ ଲାଗିଛି, ସାମିଲ୍‌କରି ନେବାକୁ ଅତି ସୁବିଧା ହେବ ।" ଜମିଦାର ଉତ୍ସାହିତ ହୋଇ କହିଲେ—"ହଁ ବେବର୍ତ୍ତା, ତମେ ଯାହା କହିଲ ଠିକ୍ କଥା । ଶଙ୍କରପୁରରୁ ତ ଦୁଇମାସ ତଳେ ସମ୍ବନ୍ଧ ଆସିଥିଲା, ଖାଲି ଆମ ହେଳାରୁ ସିନା କିଛି ହୋଇନାହିଁ । କାଲି ତୁମେ ନିଜେ ଯାଇ କଥା ସାରି କରିଆସ । ଯେବେ ଏଥିମଧ୍ୟରେ ସେ ଆଉ କେଉଁଠି ପାତ୍ର ଦେଖିଥାନ୍ତି, ତେବେ କୌଶଳରେ ସେ ସମ୍ବନ୍ଧ ଭାଙ୍ଗି ଦେବ । ଦରକାର ପଡ଼ିଲେ ଭୂୟାଁଙ୍କ ପାଖଲୋକ ପ୍ରଭୃତିଙ୍କୁ ପ୍ରଲୋଭନ ଦେଖାଇ ବା କିଛି କିଛି ପାନଖିଆ

ଦେଇ ନାମ ହାସଲ କରିବ । ବିବାହ ପରେ ତୁମକୁ ଖୁସିକରି ପୁରସ୍କାର ଦିଆଯିବ । କନ୍ୟାଟି ଏହା ଡ଼ଉଲ-ଡ଼ାଉଲ ହୋଇଥିବ କି !” ଦେବକୀ କହିଲେ—“କନ୍ୟାର ଡଉଲ ଡ଼ାଉଲରେ ଯାଏ ବା ଆସେ କଅଣ ? ବଡ଼ଲୋକର ଝିଅ,ପୁଣି ବଡ ଲୋକର ବୋହୂ ହେବେ; ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ୍ୟରେ ତ ଦେହ ଘୋଡ଼ିହୋଇଯିବ ଆଉ ଅସୁନ୍ଦର ରହିବ କେଉଁଠାରେ ? ଆଉ ଯୋଗ୍ୟତା ବା ତାଙ୍କର କି ଦରକାର ? କାମ-ଦାମ କରିବେ ନା ରନ୍ଧାରନ୍ଧା କରିବେ ? ସୁନାଖଟୁଲିରେ ସୁନାକଣ୍ଢେଇ ପରି ବସିବେ, ପୁଣି ଅଉ ତିନିଜଣ ତାଙ୍କ ପିଛେ ଖଟିବେ । ଯେ ସେବା କରିବେ, ତାଙ୍କର ଯୋଗ୍ୟତା ଦରକାର, ଯେ ସେବା ପାଇବେ ତାଙ୍କର କି ଲୋଡ଼ା ?” ଜମିଦାର ଦେବକୀଙ୍କ କହିବା ଭଙ୍ଗୀରେ ହସିଉଠି କହିଲେ—“ଆଉ କଥା କହିଲ ଦେବକୀ, ଯେ ସେବା କରିବେ ତାଙ୍କର ଯୋଗ୍ୟତା ଦରକାର । ତେବେ ବୋହୂ କାଣୀ ହେଉ ବା କୁଜୀ ହେଉ ଅଥବା କାଳୀ,ହାଉଡ଼ୀ,ଲକ୍ଷ୍ମୀଛଡ଼ୀ ଯାହା ହେଉ ପଛେ ବଂଶଟି ପାଇଲେ କିଛି ବାଛିବା ଦରକାର ନାହିଁ ?” ଦେବକୀ କହିଲେ—‘ଆଜ୍ଞା ଯାହାର ବଂଶଟି ବଳିବ ଅଛି, ତାହାର ରୂପ, ଗୁଣ ସବୁ ଅଛି । ସେ କୁରୂପା ହେଲେ ସୁଦ୍ଧା ଅପ୍‌ସରୀ, ଅଲକ୍ଷଣୀ ହେଲେ ସୁଦ୍ଧା ସୁଲକ୍ଷଣୀ ।” ଜମିଦାର କହିଲେ—“ରଙ୍ଗ ରହସ୍ୟ, କବିତା ରଚନା ଏତିକି ହେଉ, ଏବେ ତୁମେ ଭାଲ ଶୀଘ୍ର ସିଦ୍ଧ.ର ବ୍ୟବସ୍ଥା କର । ଶୁଭସ୍ୟ ଶୀଘ୍ରଂ ପରି ?” ଦେବକୀ କହିଲେ—“ନା-ଆଜ୍ଞା, ଆପଣଙ୍କ କାମରେ ମୋର କଅଣ ହେଳା ଅଛି ? ମୁଁ ଏବେ ଯିଆରି ବେହେରାର ବନ୍ଦୋବସ୍ତ କରୁଛି, କାଲି ସକାଳେ ଶୁଭମାହେନ୍ଦ୍ର ବେଳାରେ ଯାତ୍ରା କରିବ । ଅନୁକୂଳଟା ଶୁଭବେଳାରେ କରିବା ଉଚିତ ।” ଅନନ୍ତର କଚେରୀ ଭାଙ୍ଗିଲା, ସମସ୍ତେ ଉଠି ସ୍ୱ ସ୍ୱ ଗୃହାଭିମୁଖରେ ପ୍ରସ୍ଥାନ କଲେ ।

ବଜ୍ରବାହୁ ଦେବକୀ ପଟ୍ଟନାୟକ ଶଙ୍କରପୁର ଭୂୟାଁ ଘରେ ସମ୍ବନ୍ଧ ସ୍ଥିରକରି ଫେରି ଆସିଲେ । ଭୂୟାଁଙ୍କ ଘରରେ ତାଙ୍କର ଆଦର, ସମ୍ମାନ ଯଥେଷ୍ଟ ହୋଇଥିଲା । ତାଙ୍କୁ ବ୍ରହ୍ମପୁରୀ ରୌତାସ୍ ପାଟସଥା ଦେଇଥିର ମିଳିଛି । ତାହା ଧଡିରେ ଷ୍ଟ ଅଙ୍ଗୁଳି ଓସାରରେ ସୁନାଜରିର କାରୁକାର୍ଯ୍ୟ ହୋଇଅଛି । ଭୂୟାଁ ତାଙ୍କୁ ଯେଉଁ ସୁନାମୁଦିଟି ଦେଇଅଛନ୍ତି, ସେଥିରେ ତିନିଖଣ୍ଡ ଚୁନିହୀରା ବସିଛି । ମୁଦିଟିର ମୂଲ୍ୟ ତିନିଶହୁ ଊଣା ନୁହେଁ । ବଦାନ୍ୟ ମଧ୍ୟ ଖୁବ୍ ଉଚଧରଣର । ବଦାନ୍ୟ ଶହେ ଯୋଳଟଙ୍କା ଏବଂ ବାଟଖର୍ଚ୍ଚ କୋଡିଏ ଟଙ୍କା ମିଳିଅଛି । ତାଙ୍କର ଯେଉଁ ସବୁଟିଆ ଯାଇଥିଲା, ତାକୁ ଶାନ୍ତିପୁରୀ ଯୋଡ଼ ଏବଂ ଭଣ୍ଡାରିକୁ ମାଣିଆବନ୍ଧ ଯୋଡ଼ ବକ୍‌ଶିସ ମିଳିଅଛି । ଦେବକୀଙ୍କ ଆନନ୍ଦର ସୀମା ନାହିଁ । ସେ ନିଜର କୃତିତ୍ୱ ଏବଂ ଭୂୟାଁ ଘରର ବୈଭବ ବର୍ଣ୍ଣନାରେ ଶତମୁଖ । ସେ କହି ବୁଲୁଅଛନ୍ତି—“ଘର ପରି ଘରଟାଏ ଏହା ! ଉଃ, କି ମାହାଳିଆ କାରଖାନା ଲାଗିଛି । କିଏ କଅଣ ଖାଉଛି, କିଏ କଅଣ ବୋହି ନେଇଯାଉଛି, ସବୁବେଳେ ଦିଆନିଆ ଖିଆପିଆ, ଲାଗିଛି । ଭଆସବୁ ଯେ ଯାଉଛି ସେ ଖାଲିହାତରେ ଫେରୁ ନାହିଁ । ପ୍ରଥମ ଦିନ ଆମ ବସାକୁ ଯେଉଁ ସିଧା ଆସିଲା, ତାହାର ଦାମ ପଚିଶ ଟଙ୍କାରୁ ଊଣା ହେବ ନାହିଁ । ଭୂୟାଁଙ୍କର ହୃଦୟ ଖୁବ୍ ଉଦାର, ନାହିଁ ଶବ୍ଦ ତ ତାଙ୍କ ମୁହଁରେ ନାହିଁ । ‘ମହତ ଲୋକ ନିକଟରେ ପ୍ରାର୍ଥନା ବିଫଳ ହୁଏ ନାହିଁ’,ଏକଥାର ସାର୍ଥକତା ମୁଁ ତାଙ୍କଠାରେ ଦେଖିଲି । ଆପଣଙ୍କ ବଂଶରେ ସମ୍ବନ୍ଧ କରିବାକୁ ତାଙ୍କର ଖୁବ୍ ଇଚ୍ଛା । କହିଲେ—‘ସେ ଆମର ପୁରୁଣା ବନ୍ଧୁ, ଦିନ ସବୁ ପୁରୁଷ ହେଲା ବନ୍ଧୁତ୍ୱ ଛିଡିଯାଇଥିଲା, ଏଣିକି ଫେର ଲାଗିବ, ଏହା ବଡ଼ ଭାଗ୍ୟର କଥା ।’ ଆସିବାବେଳେ ପୁଣି କହିଲେ—‘ସମୁଦୀ ସାଆନ୍ତଙ୍କୁ ମୋର ନମସ୍କାର କହିବ ।’ ବିବାହ ନ ହେଉଣୁ ଆଗରୁ ସମୁଦୀ ବୋଲି ସମ୍ବୋଧନ କଲେଣି, ଏହିଥିରୁ କଣ ତାଙ୍କ ହୃଦୟର ମହତ୍ତ୍ୱ ବୁଝାଯାଉ ନାହିଁ ? ଝିଅକୁ ସେ ଜମିଦାରୀ ଖଣ୍ଡିଏ ଦେବେ । ତାଙ୍କର ଝିଅ ସେହି ଗୋଟିକ । ତାକୁ ରୁପାଗହଣା ଦେବେ ନାହିଁ, ପାଦପର୍ଯ୍ୟନ୍ତ ସୁନା ଗହଣା ଦେବେ । ଆଉ କୋଇଁକୁ ଦେବେ ପାଞ୍ଚଅଙ୍ଗୁଳିକୁ ସୁନା ମୁଦି, ସୁନାହାର, ସୁନାପଇତା ସୁନାଖଡ଼ି, ଶୁନଗାଡ଼ ଏବଂ ଗୋଟାଏ ଘୋଡ଼ା । ଏହା ପରେ

ବରପକ୍ଷକୁ ବାଝଖର୍ଚ୍ଚ ସ୍ୱରୂପ ବିଶହଜାର ଟଙ୍କା ଦେବେ।" ପାଠକେ ଦାନର ତାଲିକା ଦେଖି ଆଶ୍ଚର୍ଯ୍ୟ ହେବେ ନାହିଁ, ଏ ବିପୁଳ ଦାନର କାରଣ ଅଛି। ଭୂୟାଁଙ୍କ କନ୍ୟାର ଟିକିଏ ସୌନ୍ଦର୍ଯ୍ୟଦୋଷ ଅଛି। ସେ ଗହଣଖଣ୍ଡୀ, ତାହା ନାକର ବାମପ୍ରାନ୍ତଟା ନାହିଁ। ଏରୂପ ଦୋଷ ଗରିବଘରେ କେତେ ଚଳିଅଛି। ମାତ୍ର ଗରିବଘରେ କନ୍ୟା ଦେବାକୁ ଭୂୟାଁ ଅସ୍ୱୀକୃତ। ସେଥିରେ ତାଙ୍କର ମାନହାନି ହେବ, ବିଶେଷତଃ ତାଙ୍କ ବଂଶର ଝିଅମାନେ କେହି ଗରିବଘରେ ପଡି ନାହାନ୍ତି। ଭୂୟାଁ ଯଦି ଗରିବଘରେ ଝିଅ ଦିଅନ୍ତି, ତେବେ ତାଙ୍କ ବଂଶରେ କଳଙ୍କ ଲାଗିବ ଏବଂ ସେ ଲଜ୍ଜାରେ ମୁଣ୍ଡ ଟେକି ପାରିବେ ନାହିଁ। ଏହା କି ତାଙ୍କ ପକ୍ଷରେ ତଥା ତାଙ୍କ ବଂଶ ପକ୍ଷରେ ଅଳ୍ପ ଅପମାନର କଥା ? ବଡଘରେ ଝିଅ ଦେଇ କୌଳିକ ରୀତି ଅକ୍ଷତ ରଖିବା ତାଙ୍କର ଖାଲି ଅଭିପ୍ରାୟ ନୁହେଁ, ଦୃଢ ପ୍ରତିଜ୍ଞା। ଝିଅ ପଛେ ଚିରକୁମାରୀ ହୋଇ ଘରେ ରହିବ; ମାତ୍ର ସେ ତାକୁ ଗରିବଘରେ ଦେଇ କୁଳରୀତି ଲଙ୍ଘନ ପାପରେ ଲିପ୍ତ ହୋଇପାରିବେ ନାହିଁ। ତାହା କେବେ ହେବ ନାହିଁ, ଯୁଗ ପ୍ରଳୟ ହେଲେ ବି ହେବ ନାହିଁ; ଏହା ତାଙ୍କର ଧନୁର୍ଭଙ୍ଗ ପଣ। କିନ୍ତୁ ଝିଅଟି ବେରୁପା ବୋଲି ବଡ଼ ଘରର ପାତ୍ରମାନେ ତାକୁ ବିବାହ କରିବାକୁ ଅନିଚ୍ଛୁକ। ଏହି ହେତୁରୁ ବିପୁଳ ଦାନର ବ୍ୟବସ୍ଥା ହୋଇଅଛି। ଉକ୍ତ ଧରଣର ପ୍ରାପ୍ତି ଆଶା ନ ଦେଖିଲେ କିଏ ପ୍ରଲୁବ୍ଧ ହେବ କାହିଁକି ?

ବେବର୍ତ୍ତାଙ୍କଠାରୁ ସବୁ ଶୁଣି ଜମିଦାର ଅନ୍ତର୍ଯ୍ୟାମୀ ସ୍ୱାମୀଙ୍କର ଗୁଣ କୁଣ୍ଠେ ମୋଟ ହୋଇଉଠିଲା। ସେ ଆକାଶର ଚାନ୍ଦ କରଗତ ହେବା ତୁଲ୍ୟ ମଣିଲେ। ସେ ମନେ ମନେ କହିଲେ --"ମୋଠାରୁ ମୋ ପୁଅ ଭାଗ୍ୟ-ବାନ୍। ଖଣ୍ଡେ ବିଶାଳ ଜମିଦାରୀ ଲାଭ କି ଯାହା ତାହା ଭାଗ୍ୟରେ ଘଟେ !" ଭାବୀ ଜମିଦାରୀକୁ କିପରି ଚଳାଇବେ ସେଥିପାଇଁ କଅଣ କଅଣ କରିବେ, ପୁଣି କେଉଁ କେଉଁ କାର୍ଯ୍ୟ ଆଗେ କରିବା ଦରକାର, ଏହିସବୁ ବିଷୟରେ ଅନେକ କଳ୍ପନା କରିଗଲେ। ଅନନ୍ତର ଏହି ଶୁଭ ସମ୍ବାଦ ଗୃହିଣୀଙ୍କ କର୍ଣ୍ଣଗୋଚର କରିବା ସକାଶେ ଅନ୍ତଃପୁରକୁ ଗମନ କଲେ। ଗୃହିଣୀଙ୍କୁ ଦେଖି କହିଲେ, "ସତ୍ତ୍ୱ ବୋଉ, ମୋତେ କଅଣ ଦେବ କୁହ, ଗୋଟିଏ ଶୁଭ ଖବର ଶୁଣାଇବି ?" ବୃନ୍ଦାବତୀ କହିଲେ—"ଏ କି ଓଲଟା କଥା ଗୋ, ତମେ ମୋତେ ଦେବ ନା ମୁଁ ତମକୁ ଦେବି, ଆଉ ପଦାର୍ଥ ନଦେଖି ମୂଲ୍ୟ ବା କିଏ ? କି ଶୁଭ କଥା ଆଗେ କୁହ ପଛେ ପୁରସ୍କାର ଖୋଜିବ।" ଜମିଦାର ପଚାରିଲେ,'କହିଲ କଅଣ ପୁରସ୍କାର ମିଳିବ ?' ବୃନ୍ଦାବତୀ ମୃଦୁ ହସି କହିଲେ, "ଖଣ୍ଡେ କୁଣ୍ଡାପିଠା।' ଜମିଦାର ଉତ୍ତରରେ ହସି ହସି କହିଲେ—"ବାଃ ଅଛ ଦାମୀ ତମେ।" ବୃନ୍ଦାବତୀ ଟିକିଏ ଚଞ୍ଚଳ ହୋଇ କହିଲେ—"ନା ଗୋ ନା, ମୁଁ ଦାମୀ ନୁହେଁ କି ମଶାଲ ନୁହେଁ—ତୁମେ କଅଣ କହିବ କହୁ ନାହଁ କାହିଁକି ?" ଜମିଦାର କହିଲେ, ''ଶଙ୍କରପୁର ଭୂୟାଁଙ୍କ ଝିଅ ସାଙ୍ଗରେ ସତ୍ତ୍ୱର ବିବାହ ସମ୍ବନ୍ଧ ସ୍ଥିର ହେଲା, ଧନ ଧାନ୍ୟ ହେଲେ ବିଶ୍ୱାସର ହେବ ?" ବୃନ୍ଦାବତୀ ଶୁଣି ଏତେ ଆନନ୍ଦିତା ହେଲେ ଯେ,ଆନନ୍ଦାତିଶଯ୍ୟରେ କଥା କହି ପାରିଲେ ନାହିଁ। ସେ ପୁତ୍ରବଧୂ ମୁଖ ଦେଖିବେ, ତାଙ୍କ କଣ୍ଢେଇ ପାଖରେ ସ୍ୱାମୀଙ୍କୁ ଦେଖି ନାରୀଜୀବନ ସାର୍ଥକ କରିବେ, ବୋହୂକୁ ଘେନି ଘର କରିବେ, ଏହା ଅପେକ୍ଷା ନାରୀ ଜୀବନର ଶ୍ରେଷ୍ଠ କାମନା ଆଉ କଅଣ ଅଛି। ସୁତରାଂ ତାଙ୍କ ହୃଦୟରେ ଆନନ୍ଦର ବନ୍ୟା ଉଚ୍ଛୁଳିବା ସ୍ୱାଭାବିକ। ତାଙ୍କ ମୁହଁରୁ କଥା ନ ବାହାରୁଣୁ ଜମିଦାର କହିଲେ—"ତୁମକୁ ଏ ଶୁଭ ଖବର ଦେବା ପାଇଁ ଆସିଥିଲି, ଏହି ବୈଶାଖମାସରେ ବିଭାଘର ହେବ। ଅଧିକ ସମୟ ନାହିଁ, ଏଥି ମଧ୍ୟରେ ସବୁ ଆୟୋଜନ କରିବାକୁ ହେବ—ମୁଁ ଏବେ ଯାଉଛି, ତୁମର ଯାହା ଯାହା କରିବା ଦରକାର, ଆଜିଠାରୁ ସେଥିରେ ଲାଗ। ଜମିଦାର ଏହା କହି ଶୀଘ୍ରଗତିରେ କଚେରୀ ପରସ୍ତ ଆଡ଼କୁ ଚାଲିଗଲେ। ବୃନ୍ଦାବତୀ ଏ ଶୁଭ ସମ୍ବାଦ ବାଣ୍ଟିବା ପାଇଁ ଦାସୀ, ସ୍ୱଜନ ପ୍ରତିବେଶୀଙ୍କୁ ଖୋଜି ବୁଲିଲେ ଏବଂ ଯାହାକୁ ଆଗରେ ପାଇଲେ ତାହାକୁ ଏ ସମ୍ବାଦ ଦେଇ ଆପ୍ୟାୟିତ କଲେ। ଅନ୍ତଃପୁର ମଧ୍ୟରେ ଆନନ୍ଦର ସ୍ରୋତ ବହିଗଲା, ଆଶାର ଗୋଟାଏ ବିରାଟ ହାଟ ମଧ୍ୟ ବସିଗଲା। କେହି କହିଲା—ମୋ କପାଳରେ

ହଳଦିଆ ଲୁଗା ପାଇଲା, କେହି କହିଲା—ମୁଁ ଏଥର କସ୍ତା ଶାଢ଼ୀ ନ ନେଇ ଛାଡ଼ିବି ନାହିଁ, କେହି ଭାବିଲା—ଦୁଇ ପଇସା ହାତ ପେଁଠରେ ଗୋଟାଏ ସୁବିଧା ହେଲା, ଆଉ କେହି ପେଟୁ କହିଲା—କି ପରବାଏ ଦେ ଖାଇ, ଉଚ୍ଛୁଣିକା ବଳାକେତେ କ୍ଷୀରି, ପିଠା, ପୁରି ମାଲ୍‌ପୁଆରେ ଆମର ଅରୁଚି ଧରିଯିବ । ଏହିପରି ସମସ୍ତେ ଗୋଟାଏ ଗୋଟାଏ ସୁଯୋଗ ଭାବିଗଲେ ।

ସମସ୍ତଙ୍କର ଏତେ ଆଶା, ଏତେ ଆକାଙ୍‌କ୍ଷା, ଏତେ ଆନନ୍ଦ ସତ୍ୟଭୂଷଣ ସବୁ ଚୂର୍ଣ୍ଣ କରିଦେଲା । ମନୁଷ୍ୟ ଆଶାର ମୂର୍ତ୍ତି ଗଢ଼େ; କିନ୍ତୁ ସେ ମୂର୍ତ୍ତିକୁ ଜୀବନ ଦାନ ଦେବାର କ୍ଷମତା ତାହାର ନାହିଁ । ସତ୍ୟଭୂଷଣ ବିବାହ ପ୍ରସଙ୍ଗ ଶୁଣି ବଡ଼ଘରେ ବିବାହ କରିବ ନାହିଁ ବୋଲି ଅଡ଼ି ବସିଲା । ସେ କହିଲା—"ମୁଁ ପ୍ରତିଜ୍ଞା ଭାଙ୍ଗି ପାରିବି ନାହିଁ ।" ଅନେକେ ତାକୁ ଅନେକ ପ୍ରକାର ବୁଝାଇଲେ । କହିଲେ—ପିତୃ ଆଜ୍ଞା ପାଳନ କରିବା ପୁତ୍ରର କର୍ତ୍ତବ୍ୟ, ତୁମ୍ଭେ ଅବାଧ୍ୟ ହୋଇ ତାଙ୍କ ମନରେ କ୍ଳେଶ ଦିଅନାହିଁ । ତୁମ୍ଭ ଉପରେ ତାଙ୍କର ପୂର୍ଣ୍ଣ ଅଧିକାର ଅଛି । ସେ ଯାହା କହିବେ ତାହା ମାନିବାକୁ ହେବ । ଏହିପରି କେତେ ବୁଝାଇଲେ; ମାତ୍ର ସତ୍ୟଭୂଷଣ ପ୍ରତିଜ୍ଞାରୁ ଗାରେ ସୁଦ୍ଧା ଟଳିଲା ନାହିଁ । ଅଧିକନ୍ତୁ କହିଲା—"ପିତାଙ୍କର ମୋ ଉପରେ ଅଧିକାର ଅଛି ବୋଲି କଅଣ ଅର୍ଥଲୋଭରେ ସେ ମୋତେ ବିକିଦେଇ ପାରିବେ ? ତେବେ ମୋ ଅପେକ୍ଷା ଅର୍ଥ ତାଙ୍କର ଅଧିକ ପ୍ରିୟ । ଜମିଦାରି କଅଣ ଆମର ନାହିଁ ? ମାଟିର ଜମିଦାରି କଥା କିଏ ପଚାରେ, ସୁନାର ଜମିଦାରି ହେଲେ ସୁଦ୍ଧା ମୁଁ ବଡ଼ଘରେ ବିବାହ କରିବି ନାହିଁ । ମୁଁ ବିବାହ କରିବାକୁ କୁଣ୍ଠିତ ନୁହେଁ, ମୋର ଇଚ୍ଛା—ମୁଁ ଗରିବଘରେ ବିବାହ କରିବି; ମାତ୍ର ବିକି ହୋଇପାରିବି ନାହିଁ ।" କେହି ଯଦି କହେ—ନା ବାବୁ, ଏ ବିକାକିଣାର କଥା ନୁହେଁ—ଏହାର ନାମ କନ୍ୟାଦାନ, ତେବେ ସତ୍ୟଭୂଷଣ ଅବଜ୍ଞାସୂଚକ ହାସ୍ୟ ବିସ୍ତାରକରି ଉତ୍ତର ଦିଏ—"ଏ ପୁଣି କି ଭଳି ସୃଷ୍ଟିଛଡ଼ା ଦାନ ! ମୋତେ କିଣିନେଇ ପୁଣି ଦାନ କରିବ ? ମୋତେ ନ କିଣିଲେ କି ଦାନ ସାର୍ଥକ ହେବ ନାହିଁ ? ଯେ ଅର୍ଥ ଗ୍ରହଣ କରି ପୁଅକୁ ବିବାହ କରାଏ, ସେ ପୁଅର ମାଂସ ବିକ୍ରୟ କରେ ।"ସତ୍ୟଭୂଷଣ ଏହିପରି ନାନା ଯୁକ୍ତି ପ୍ରୟୋଗକରି ପ୍ରତିଜ୍ଞା ରକ୍ଷା ସକାଶେ ଦୃଢ଼ ହୋଇବସିଲା ।

## ତ୍ରୟୋଦଶ ପରିଚ୍ଛେଦ

ପୁତ୍ରର ସ୍ୱେଚ୍ଛାଚାରରେ ପିତା ବିରକ୍ତ; ମାତ୍ର ମାତା ବିରକ୍ତ ନୁହନ୍ତି, ଦୁଃଖିତ । କିନ୍ତୁ କଅଣ କରିବେ, ବିବାହ ସମ୍ପର୍କରେ ପୁଅକୁ ତ ମୁହଁ ଫିଟାଇ କହିହେବ ନାହିଁ । ସେମାନେ ଅନ୍ୟ ଲୋକଦ୍ୱାରା ପୁଅକୁ ବୁଝାଇଲେ । ଜଣେ ବେବର୍ତ୍ତା ଯାଇ ସତ୍ୟଭୂଷଣକୁ କହିଲେ—"କି ବାବୁ, ବଡ଼ଘର ଝିଅଙ୍କୁ ବିଭାହେବ ନାହିଁ କାହିଁକି, ସେମାନଙ୍କର ଅପରାଧ କଅଣ ?" ସତ୍ୟଭୂଷଣ ଶାନ୍ତ ସ୍ୱରରେ କହିଲା—"ଦୋଷ ଏହି ଯେ, ସେମାନେ ବଡ଼ ଘରର ଝିଅ । ବଡ଼ଘରର ଝିଅବୋଲି ତାହାର ମଗଜ ସାଙ୍ଗରେ ଉଠିବ ନାହିଁ, ପୁଣି ବାପଘରୁ ଜମିଦାରି ଆଣିଥିବା ହେତୁ ସେ ସବୁବେଳେ ମୋ ଉପରେ ତାହାର ଆସନ ନିର୍ଦ୍ଦେଶ କରିବ । ସେଥିଯୋଗୁଁ ମୁଁ ମଧ୍ୟ ତାକୁ ଘୃଣା କରିବି । ଏଥିରେ କାହାର କି ସୁଖ ହେବ ? ହୃଦୟ, ପ୍ରାଣ, ଆତ୍ମା ନ ମିଶିଲେ ବିବାହର ଉଦ୍ଦେଶ୍ୟ ବିଫଳ ହୁଏ । ଆଉ ଅଶାନ୍ତିରେ ହୃଦୟ ବିଷମୟ ହୋଇଯାଏ । ଶାଶୂ, ଶ୍ୱଶୁର ପ୍ରଭୃତି ଗୁରୁଜନଙ୍କୁ ସେବା କରିବା ନାରୀମାନଙ୍କର ଧର୍ମ; ମାତ୍ର ଯାହାକୁ ତିନି ଜଣ ଦାସୀ ପରିଚର୍ଯ୍ୟା ଖଟିବେ, ସେ ପୁଣି କାହାକୁ ସେବା କରିବ ?" ବେବର୍ତ୍ତା କହିଲେ,"ତୁମେ କଅଣ ଭାବିଛ ଯେ, ବୋହୂ ସେବା ନ କଲେ ଶାଶୂ ଶ୍ୱଶୁରଙ୍କୁ ସେବା କରିବାକୁ ଆଉ ଲୋକ ନାହାନ୍ତି ?" ସତ୍ୟଭୂଷଣ କହିଲା—

"ଯାହା ନାରୀମାନଙ୍କର ଧର୍ମ, ସେଥିରେ ଗରିବ, ବଡ଼ ଲୋକର ଭେଦ କଅଣ ? ବଡ଼ଘର ଝିଅଙ୍କର କି ଧର୍ମ ସୁଦ୍ଧା ଲୋଡ଼ା ନାହିଁ ? ଆଜି ବଡ଼ଲୋକମାନେ ଗରିବଘରେ ଝିଅ ଦେବାକୁ ବା ଗରିବଘରୁ ଝିଅ ଆଣିବାକୁ ଅପମାନ ମଣନ୍ତି କାହିଁକି ? ଗରିବ କଅଣ ମନୁଷ୍ୟ ନୁହେଁ ନା ଗରିବ ବଡ଼ଲୋକ ହୋଇପାରେ ନାହିଁ ? ରାଜକନ୍ୟା କାଠୁରିଆର ହାତ ଧରିଥିବା ଦୃଷ୍ଟାନ୍ତ ଯେ ଦେଶର ମହତ୍ତ୍ୱ ପ୍ରଚାର କରେ, ସେ ଦେଶରେ ଏ ସ୍ଥାନ ଭେଦମାତ୍ର କାହିଁକି ? ବଡ଼ଘରର ଝିଅ ଗରିବଘରେ ପଡ଼ିଲେ ତାହାର ସ୍ତ୍ରୀଧର୍ମ ଶିକ୍ଷା ହୁଏ ଏବଂ ଦାରିଦ୍ର୍ୟ ମଧ୍ୟରେ ତାହାର ଚରିତ୍ର ସଂସ୍କୃତ ହୁଏ । ବଡ଼ଘରର ଶିକ୍ଷା କେବଳ ବିଳାସିତା ଆଉ ଅଭିମାନ । ଆଉ ବଡ଼ଲୋକ ବା କିଏ ? ମୁଁ କହେ, ସେ ସ୍ଥାନ ଏ ଭାବ ଯାହାର ଯାଇନାହିଁ ସେ ବଡ଼ଲୋକ ନୁହେଁ । ବଡ଼ଲୋକ ଦୃଷ୍ଟିରେ ସବୁ ବଡ଼ ।" ବେଚାରା ସତ୍ୟଭୂଷଣର ଏହିପରି ଯୁକ୍ତି ଶୁଣି ନିର୍ବାକ୍ ହୋଇ ରହିଲେ । ଯୁକ୍ତି ଖଣ୍ଡନ କରିବା ଦୂରେ ଥାଉ, ସତ୍ୟଭୂଷଣ ମୁହଁରେ କଥା କହିବାକୁ ସେ ଆଉ ସାହସ କଲେ ନାହିଁ । ଫେରିଯାଇ ଜମିଦାରଙ୍କୁ ସବୁ କଥା କହିଲେ । ଜମିଦାର କ୍ରୁଦ୍ଧ ହୋଇ କହିଲେ, "ମୋତେ ଭଲ ଲୋକରେ ଖଣ୍ଡିଆ କଲା । ମୁଁ ଭୂୟାଁଙ୍କ ଆଗରେ ଆଉ ମୁହଁ ଦେଖାଇପାରିବି ନାହିଁ । ତାଙ୍କୁ କଅଣ କହି ମନା କରିବି, ଲଜ୍ଜାରେ ମୋର ମୁଣ୍ଡ କଟିଯିବ । ହାୟ ହାୟ, ପୁଅ ହୋଇ ମୋତେ ଏ ଶାସ୍ତି ଦେଲା, ମୋ ଗାଲରେ ଚୂନ କାଳି ଲଗାଇଲା, ଏପରି କୁପୁତ୍ରର ମୁହଁ ଚାହିଁବା ଉଚିତ ନୁହେଁ । ଇମିତି ମେଣ୍ଢୁଆର ଏକଗୁଆଁ ପିଲା ମୁଁ ଦୁନିଆଁରେ ଦେଖିନାହିଁ । ତାହାର ଯାହା ଇଚ୍ଛା, କରୁ, ମୁଁ ତାକୁ ଆଉ କଥା ବି କହିବି ନାହିଁ ।" ସେହିଦିନଠାରୁ ପିତା ପୁତ୍ର ମଧ୍ୟରେ ଦେଖା ସାକ୍ଷାତ କଥାବାର୍ତ୍ତା ବନ୍ଦ । ଜଣେ ଏ ବାଟେ ଗଲେ ଆଉ ଜଣେ ସେବାଟେ ଯାଏ । ସତ୍ୟଭୂଷଣ ପୂର୍ବପରି ବୁଝାଶୁଝା ସବୁ କରେ; ମାତ୍ର ବାପ ପୁଅଙ୍କର କଥାବାର୍ତ୍ତା ହୁଏ ନାହିଁ । ଆବଶ୍ୟକ ପଡ଼ିଲେ ଜଣେ ମଧ୍ୟସ୍ଥଦ୍ୱାରା ପୁଅ ବାପକୁ, ବାପ ପୁଅକୁ କହୁଥାନ୍ତି । ଏହିପରି ଭାବରେ କିଛିଦିନ କଟିଗଲା ।

ପିତା ପୁତ୍ର ମଧ୍ୟରେ ଏରୂପ ବ୍ୟବହାର ଦେଖି ବୃନ୍ଦାବତୀ ବିଶେଷ ଶଙ୍କିତ ହେଲେ । ସ୍ୱାମୀଙ୍କ ପ୍ରକୃତ ତାଙ୍କୁ ଜଣା, ସ୍ୱାମୀଙ୍କୁ ନିବୃତ୍ତ କରିବା ତାଙ୍କର କାହିଁକି ଜଗତର ସାଧ୍ୟାତୀତ, ଆଉ ପୁଅ ତ ସେହି ଗଛର ଫଳ, ସେ କାହାକୁ କଅଣ କହିବେ, କିଛି ସ୍ଥିର କରିପାରିଲେ ନାହିଁ, ଦାରୁଣ ମନ କଷ୍ଟରେ କାନ୍ଦିବାକୁ ଲାଗିଲେ । ସେ କେବେ ପୁଅର ଦୋଷ ଧରନ୍ତି ନାହିଁ । ସବୁବେଳେ ପୁଅର ପକ୍ଷ ଧରି କଥା କହନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କର ସେହି ଭାବ । ସେ ହୃଦୟର ବ୍ୟଥା ଆଉ ସମ୍ଭାଳି ପାରିଲେ ନାହିଁ । ସ୍ୱାମୀଙ୍କୁ କହିଲେ, "ପିଲାଟି ଜାଣି ଅଣବସିଲା ଆଉ ତୁମର ଭଲ ଏ କି ଶବ୍ଦର କହିଲ । ସେ ତ ବାହାହେବାକୁ ମନା କରୁ ନାହିଁ, ବଡ଼ଘରେ ବାହା ହେବ ନାହିଁ ବୋଲି କହୁଛି । ହେଉ, ତାହାର ମନ ପସନ୍ଦକେ ରହୁ, ତୁମର ସେଥିରେ ହାନି କଅଣ ? ବଡ଼ଘରେ ବାହା ନ ହେଲା ତ ନାହିଁ, ଗୋଟିଏ ଗରିବ ଘରେ କନ୍ୟା କର । ତୁମେ ଜମିଦାରୀ ଖୋଜୁଛ କାହିଁକି, ଆଉ ଟଙ୍କାକୁ ବା ଲୋଭ କରୁଛ କାହିଁକି ? ତୁମର ଜମିଦାରୀ ନାହିଁ ନା ଟଙ୍କା ନାହିଁ ? ମୋ ପୁଅର ଜମିଦାରୀ କଅଣ ହେବ ? ତାହା ଅଜା ତାକୁ ଯାହା ଦେଇଯାଇଛି ସେହି ତାର ଢେର । ସେହିଆକୁ ଖାଇଲେ ତ ସରିବ ନାହିଁ, ଆଉ ଜମିଦାରୀ କଣ କରିବ ? ଖାଲି ବୋଝ ଲଦି ହୋଇ ଧନ୍ଦହେବ କାହିଁକି ? ନିଜର ଚଳିବା ଭଳି ବିଷୟ ହେଲେ ହେଲା, ଅଧିକ ବିଷୟ କଲେ ଅଧିକ ଚିନ୍ତା, ଅଧିକ ଜଞ୍ଜାଳରେ ପଡ଼ିବ । ଯେ ଆପଣାର ଚଳିବା ଭଳି ବିଷୟ କରେ, ସେ ବିଷୟକୁ ଭୋଗ କରେ, ଆଉ ଯେ ଅଧିକ ବିଷୟ ଆଶାରେ ଦଉଡ଼େ, ବିଷୟ ତାକୁ ଭୋଗ କରେ । ବିଷୟ ଠିକ ଅଫିମ ଖାଇବା ପରି, ଅଳ୍ପ ହେଲେ ଅମୃତ, ଅଧିକ ହେଲେ ବିଷ । ବହୁବିଷୟୀ ଲୋକଙ୍କୁ ସୁଖ ଛାଡ଼ି-ପଳାଏ । କଳହ, ଅଶାନ୍ତି, ଉପବାସ ତାହାର ସୁଖ । ଆଉ, ମୁଁ ଗୋଟିଏ କଥା କହିବି ମାନିବ ? ପୁଅ ଯେବେ ବଡ଼ଘରେ ବାହାହେବାକୁ ମନାକରୁଛି, ତେବେ ଆମ

ରାଧୁଙ୍କ ଝିଅ ବନ୍ଦ୍ୟାଙ୍କ କଥା ସଜାଡ଼ିଲ କଲେ କିମିତି ହୁଅନ୍ତା ? ଝିଅଟି ଖୁବ ସୁଲକ୍ଷଣୀ, ଆଉ ଲକ୍ଷ୍ମୀ ପ୍ରତିମା ପରି ସୁନ୍ଦରୀ । ଏତେ ଥିଲା ଯେ, ଢଙ୍ଗ କରି କଥା କହେ ନାହିଁ ।" ବୃନ୍ଦାବତୀଙ୍କୁ ଆଉ ଅଧିକ ରୂପ ଗୁଣ ବର୍ଣ୍ଣନା କରିବାକୁ ହେଲା ନାହିଁ । ସ୍ୱାମୀ ତୀବ୍ର ବ୍ୟଙ୍ଗ ହାସ୍ୟ ପ୍ରକାଶ କରି କହିଲେ, "ଆଚ୍ଛା ପାନ୍ଧୀ ବାଛି ରଖିଛ ! ରାଧୁ ମହାପାତ୍ର ଘରେ ବନ୍ଧୁପଣ ନ କଲେ ମୋର ସପ୍ତ-ପୁରୁଷ ନରକରେ ପଡ଼ିବେ । ଛି ଛି, ଆଉ କାହା ପାଖରେ କହିବ ନାହିଁ, ଶୁଣିଲେ ଲୋକେ ନାକରେ ଲୁଗା ଗୁଞ୍ଜି ହସିବେ; ମହାପାତ୍ର ଘରେ ଆମର କେଉଁ କାଳେ କେହି ସମ୍ବନ୍ଧ କରିଥିବାର ତୁମେ ଜାଣ ? ତେବେ ଆମ ବଂଶକୁ ତଳକୁ ଦେବା ତୁମର ଇଚ୍ଛା ।" ବୃନ୍ଦାବତୀ କହିଲେ, "କି, ତୁମ ବଂଶ କାହିଁକି ତଳକୁ ଯିବ ? ଯାହା ସାଙ୍ଗରେ ଯାହାର ବନ୍ଧୁପଣ ଥାଏ, ତାହାର ସାଙ୍ଗରେ ଏକା ସବୁଦିନେ ସେ ବନ୍ଧୁପଣ କରେ, ଆଉ ନୂଆ କାହାର ସାଙ୍ଗରେ କରେ ନାହିଁ ? ମହାପାତ୍ର ବଂଶ କଅଣ ଅଜାତି ଯେ, ତୁମେ ଅଜାତି ହୋଇଯିବ ?" ଜମିଦାର କହିଲେ—"ଖାଲି ଜାତି ଦେଖି ବନ୍ଧୁପଣ କରାଯାଏ ନାହିଁ । ସମାନ ସମାନରେ ବନ୍ଧୁପଣ ସୁନ୍ଦର ଦିଶେ, ଅସମାନରେ ଖାପ ଖାଏ ନାହିଁ । ଯାହାର ଦୁଇ ବାଡ଼ି ବସ୍ତାଏ ନାହିଁ, ଆଜି ଆଣିଲେ ଆଜି ଖାଇବ, ତାହା ସଙ୍ଗରେ କି ରାୟବଂଶର ବନ୍ଧୁପଣ ଶୋଭା ପାଇବ ? ସେ ଆମର ମର୍ଯ୍ୟାଦା କଅଣ ବୁଝିବ ?" ବୃନ୍ଦାବତୀ କହିଲେ, "ହୁଁ, ଏବେ ବୁଝିଲି, ରାଧୁ ଗରିବ ବୋଲି ପରା ଇମିତି କଥା କହୁଛ ? ଗରିବ କଏ ନୁହେଁ ? ସମସ୍ତେ ଗରିବ ହୋଇ ବଡ଼ ଲୋକ ହୁଅନ୍ତି, ନ ହେଲେ ବଡ଼ଲୋକ ଗଛରେ ଫଳନ୍ତି ନାହିଁ । ସତ୍ୟଯୁଗ ଆରମ୍ଭରୁ ତୁମ ବଂଶ ବଡ଼ଲୋକ ହୋଇ ନାହାନ୍ତି । ଅବଶ୍ୟ କେହି ଦରିଦ୍ର ଅବସ୍ଥାରୁ ଉଠି ବଡ଼ଲୋକ ହୋଇଥିବେ । ତେବେ ଗରିବ ବୋଲି ତାହାକୁ ତୁମେ ଘୃଣା କରିବ କାହିଁକି ? ଦୁଃଖୀ ଘର ପରି ରାଧୁ ଦାନ-ଯୌତୁକ ଦେଇ-ପାରିବ ନାହିଁ । ସେ ଖାଲି କନ୍ୟାରତ୍ନଟିଏ ଦେବ । ରତ୍ନଠାରୁ କି ଦାନଯୌତୁକର ଦାମ ବେଶି ? ତୁମେ ସେ ଆଶା ରଖ ନାହିଁ । ତୁମର ଏତେ ଅଛି, ତେବେ ତୁମେ କାହିଁକି ପରଧନକୁ ଲୋଭ କରୁଛ ? ବଡ଼ଲୋକ କଅଣ ଗରିବ ଘରେ ସମ୍ବନ୍ଧ କରନ୍ତି ନାହିଁ ? ଗରିବ ଯେଉଁ ମଣିଷ, ତୁମେ ସେହି ମଣିଷ । ନିଜେ ମଣିଷ ହୋଇ ମଣିଷକୁ ହୀନଦୃଷ୍ଟିରେ ଦେଖିଲେ ଧର୍ମ ସହିବ ନାହିଁ । ତୁମେ ରୂପକୁ ଚାହିଁ—ଟଙ୍କା ସୁନାକୁ ଚାହିଁ ନାହିଁ । ମୁଁ ନେହୁରା ହୋଇ କହୁଛି, ତୁମେ ପୁଅ ମନରେ ଆଉ ଦୁଃଖ ଦିଅ ନାହିଁ ।" ଜମିଦାର ସହଧର୍ମିଣୀଙ୍କ କଥା ଶୁଣି ରାଗିଉଠି କହିଲେ, "ତୁମ ସ୍ତ୍ରୀ ଜାତିର ସ୍ୱଭାବ ଏହିପରି । ତୁମେ ଯାହା ବୁଝିଥିବ ସେଇଆ । ନ ଜାଣି କହନ୍ତି କି—ସ୍ତ୍ରୀ ବୁଦ୍ଧିରେ ଜଗନ୍ନାଥ ମହାପ୍ରଭୁ ଖଣ୍ଡିଆ ।" ବୃନ୍ଦାବତୀ ସ୍ତ୍ରୀଜାତିର ଅପବାଦ ଶୁଣି ଆଉ କିଛି ନ କହି ନୀରବ ହେଲେ, କେବଳ ତାଙ୍କ ନେତ୍ରରୁ ଦୁଇଧାର ଲୁହ ଗଡ଼ିପଡ଼ିଲା । ଜମିଦାର ରାଗରେ ଜର୍ମି ଜର୍ମି ମୁହଁ ଭାରିକରି ଉଠି ଚାଲିଗଲେ ।

ସତ୍ୟଭୂଷଣ ପ୍ରସାଦରୁ ରାଧାନାଥ ଘରଭିହ ଖଣ୍ଡି ଉଦ୍ଧାର କରି ଗୋଟାଏ ପ୍ରଧାନ ଚିନ୍ତାରୁ ମୁକ୍ତ ହେଲେ; ମାତ୍ର ଏକାବେଳକେ ନିଶ୍ଚିନ୍ତ ହୋଇପାରିଲେ ନାହିଁ । ଏବେ କନ୍ୟାର ବିବାହ ଚିନ୍ତା ତାଙ୍କୁ ଘାରିଲା । ଚିନ୍ତାର ଧାରା ଏହିପରି—ଗୋଟିଏ ଚିନ୍ତା ଗଲା ଅସିଲାବେଳେ ଆଉ ଗୋଟିଏ ଆସି ପହଞ୍ଚେ । କନ୍ୟାରୂପ ବଡ଼ବୋଝ ଯାହାର ମୁଣ୍ଡରେ ବସିଛି, ସେ କି ନିଶ୍ଚିନ୍ତ ହୋଇ-ପାରେ । ରାଧାନାଥ ଯୋଗବନ୍ଧ୍ୟା ସହକାରେ ଯୋଗ୍ୟ ପାତ୍ର ଅନ୍ୱେଷଣ କରିବାକୁ ଲାଗିଲେ । ଯେ କିଛି ପଢ଼ାଶୁଣା କରିଥିବ, ରୂପବାନ୍ ହୋଇଥିବ, ନିର୍ମଳସ୍ୱଭାବ ହୋଇ-ଥିବ, ଏହିପରି ପାତ୍ର ତାଙ୍କର ଲୋଡ଼ା । ସେ ବର-ବଜାରରେ ପଶି ଦେଖିଲେ—ତାଙ୍କ ମନୋମତ ବରର ଅଭାବ ନାହିଁ; ମାତ୍ର ଦର ତେତେ ସୁବିଧାଜନକ ନୁହେଁ । ବରକର୍ତ୍ତାମାନେ ପାଞ୍ଚଶ, ହଜାରେ, ସ୍ଥଳ ବିଶେଷରେ ତହିଁରୁ ଅଧିକ ହାଙ୍କୁଅଛନ୍ତି । ସାମାନ୍ୟ ପୁଞ୍ଜି ଘେନି ବା ବିନା ପୁଞ୍ଜିରେ ସେ ବଜାରକୁ ଗଲେ ହାସ୍ୟାସ୍ପଦ ହେବାକୁ ହୁଏ । ମାଛ ମୂଲାଇ ନ ନେଇ ଉଠିଗଲେ କୈବର୍ତ୍ତ ରାଣୀ କେତା ଉପରକୁ ଅଇଁଷପାଣି ଛାଟିଦିଏ । କଲିକତାରେ ଏ ଦୃଶ୍ୟ ଅନେକେ ଦେଖି-

ଥିବେ । ସାମାନ୍ୟ କଥାରେ ତ ଏପରି, ଆଉ ବରଣକି ତ ସାଙ୍ଗ କଥା । ବରର ଦର ଦାମ କରିବାର ପନ୍ଥା ଉଠିଲା ଦେଲେ ବରକର୍ତ୍ତାର ତୀବ୍ର ଉପହାସ, ବା ତିରସ୍କାରୁ ସହିବାକୁ କନ୍ୟାକର୍ତ୍ତା ନ୍ୟାୟତଃ, ଧର୍ମତଃ ବାଧ୍ୟ, ଏହା ଆଧୁନିକ ବରବିକ୍ରୟ ଆଇନର ଗୋଟିଏ ପ୍ରବଳ ଧାରା । ରାଧାନାଥଙ୍କୁ ମଧ୍ୟ ସ୍ଥାନବିଶେଷରେ ଏହି ଅବ୍ୟର୍ଥ ମହାଧାରାର କବଳରେ ପଡ଼ିବାକୁ ହେଲା; ମାତ୍ର ସେଥିପାଇଁ ସେ କ୍ଷୁବ୍ଧ ବା ବ୍ୟଥିତ ହେଲେନାହିଁ; ଯେହେତୁ ସେ କନ୍ୟାର ପିତା । ଯେ କନ୍ୟାର ପିତା-ହୁଏ ତାହାର ଅପରାଧ ଅତି ଗୁରୁତର; ସୁତରାଂ ସେ ସର୍ବଂସହ ନ ହେଲେ ଚଳିବ କିପରି ? ରାଧାନାଥ ଅନେକ ସ୍ଥାନରେ ପାତ୍ର ଖୋଜିଲେ ଏବଂ ଅନ୍ୟଦ୍ୱାରା ଖୋଜାଇଲେ । କେହି କହିଲା, "ମୋ ପୁଅକୁ ବି. ଏ. ପଢ଼ାଇଲେ ମୁଁ ତାଙ୍କ ଘରେ ସମ୍ବନ୍ଧ କରିବି ।" କେହି କହିଲା, "ମୋ ପୁଅକୁ ଆଗେ ଖଣ୍ଡେ ଚାକିରି କରାଇଦେଲେ ମୁଁ ଦୟାକରି ତାଙ୍କ ଝିଅଟିକୁ ଘରେ ଆଣି ଆଶ୍ରୟ ଦେଇପାରେ ।" କେହି ନିର୍ଲୋଭ ବ୍ୟକ୍ତି କହିଲା— "ଆମକୁ ପଇସାଟେ କିଛି ନ ଦେଉନ୍ତୁ, ଆମେ ମାଗୁନାହୁଁ, ଭଗବାନ ଆମକୁ ଯାହା ଦେଇଛନ୍ତି ସେହି ଆମର ଢେର । ପର ଅଦୃଷ୍ଟ ଭାଙ୍ଗି ଆଣି ନିଜ ଅଦୃଷ୍ଟ ଗଢ଼ିବା ଆମ ବଂଶରେ ନାହିଁ କି ପର ଧନ ଉପରେ ଆମର ଲୋଭ ନାହିଁ । ତେବେ ତାଙ୍କ ଝିଅକୁ ତ ସେ କିଛି ଦେବେ ? ଭଦ୍ର ଘରମାନଙ୍କରେ ଝିଅକୁ ଯେପରି ଦିଅନ୍ତି, ସେହିପରି ସବୁ ତ ସେ ଦେବେ, ତାଛଡ଼ା ତାଙ୍କ ଝିଅ ହାତକୁ ଦୁଇପଟି ସୁନାଖଡ଼ୁ ଆଉ ବେକକୁ ସୁନାର ଗୋଟିଏ ପଞ୍ଚଲହରୀ ହାର ଦିଅନ୍ତୁ । ବାଟଖର୍ଚ୍ଚ ଆମେ ବେଶି ମାଗୁ ନାହୁଁ, ଦୁଇଶ ଟଙ୍କା ଦେଲେ ଆମେ ସନ୍ତୁଷ୍ଟ । ଆମେ କିଛି ଅନ୍ୟାୟ କଥା ନାହୁଁ କି ହାତୀ ଘୋଡ଼ା ମାଗୁନାହୁଁ । ଆଉ କେହି ହୋଇଥିଲେ ନଗଦ ହଜାରେ ଟଙ୍କାରୁ କମ୍‌ରେ କଥା କରନ୍ତା ନାହିଁ । ଏହିଥିରେ ରାଜିବାକୁ ଥିଲେ କୁହ, ନ ହେଲେ ବାଟ ଦେଖ । ଆମର ଏକ ଜବାବ, ଦୁନାବୁଣିଆଁ କଥା ଆମେ ଜାଣୁନାହୁଁ । କେହି ଅତି ଭଦ୍ରଲୋକ ଚୂଡ଼ାନ୍ତ ମହତ୍ତ୍ୱ ଦେଖାଇ କହିଲା, "କପାଳରେ ଯାହା ଥିବ ତାହା ହେବ । ଆଉ ପରଘରୁ ଟୁଙ୍କାଏ ମାଗିଆଣିଲେ କି ବାହାଘରରେ ଯୁଗ କଟିଯିବ ? ସେ ଅଲଣା କଥାକୁ ମୁଁ ଖାତିର କରେ ନାହିଁ । ବିଧାତା ଯେଉଁ ଗାର ମାରିଥିବ ତାକୁ ଆନ କରିବ କିଏ ? ଟଙ୍କା ବଡ଼ ନା ବନ୍ଧୁତା ବଡ଼ ? ଯାହା ସାଙ୍ଗରେ ବନ୍ଧୁପଣ କରିବ, ତାହାର ତ ରକ୍ତ ଶୋଷିବ ଆଉ ବନ୍ଧୁପଣର ସ୍ୱାଦ କଅଣ ରହିଲା ? ମୋର ଇଚ୍ଛା— ସେ ସବୁ କୁପ୍ରଥା ସମାଜରୁ ଉଠିଗଲେ ମଙ୍ଗଳ ହୁଅନ୍ତା । ମହାପାତ୍ରେ ତାଙ୍କ ଝିଅ ନାଁରେ ପାଞ୍ଚମାଣ ବାହେଲ ଜମି କିଣିଦିଅନ୍ତୁ, ଏତିକି ଛଡ଼ା ମୁଁ ତାଙ୍କୁ ପଇସା ପାହୁଲାଟାଏ ବି ମାଗୁନାହିଁ ।" ଏହିପରି କେତେଜଣ କେତେ କଥା କହିଲେ । ରାଧାନାଥ ସବୁ ଶୁଣି ଶୁଣି ହତାଶ ହୋଇଉଠିଲେ; ମାତ୍ର ଚେଷ୍ଟାରୁ ବିରତ ହେଲେ ନାହିଁ । ଶେଷରେ ତାଙ୍କର ଚେଷ୍ଟା ସଫଳ ହେଲା, ସେ ମନୋମତ ପାତ୍ର ପାଇଲେ ।

ବାହାବଳପୁର ହରି ଚୌଧୁରୀ ଜଣେ ଗଣାଗୁଣା ଲୋକ । ତାଙ୍କର ଦୁର୍ବାର କ୍ରୋଧ ତାଙ୍କୁ ସର୍ବତ୍ର ପରିଚିତ କରାଇଅଛି । ସେ ଅବଧାନୀ କାର୍ଯ୍ୟ କରନ୍ତି । ତାଙ୍କର କ୍ରୋଧବୃତ୍ତି ତାଙ୍କୁ କେଉଁଠାରେ ଅଧିକ ଦିନ ସ୍ଥାୟୀ କରିଦିଏ ନାହିଁ । ତାଙ୍କର ପୁଅଟି ଏଣ୍ଟ୍ରାନ୍ସ ପାସ କରି କୋଡ଼ିଏ ଟଙ୍କାରେ ଖଣ୍ଡିଏ ଚାକିରି କଲା ଦିନୁ ସେ ଅବଧାନୀ ଛାଡ଼ି ଘରେ ଅଛନ୍ତି । ଏଣ୍ଟ୍ରାନ୍ସ ପାସର ପିତା ବୋଲି ସେ ଖୁବ୍ ଗର୍ବ ପ୍ରକାଶ କରନ୍ତି । ରାଧାନାଥ ତାଙ୍କରି ଘରେ ସମ୍ବନ୍ଧ ସ୍ଥିର କଲେ । କଥା ହେଲା— ସାଧାରଣ ଭଦ୍ର ଗୃହସ୍ଥମାନେ ଗହଣାଗଣ୍ଠି, ବେଲା-ବାସନ ପ୍ରଭୃତି ଯାହା ଯାହା ଦିଅନ୍ତି, ସେ ତାହା ସବୁ ଦେବେ, ଅଧିକନ୍ତୁ ଦୁଇଶ ଟଙ୍କା ବାଟଖର୍ଚ୍ଚ ଦେବେ । ଏହାଠାରୁ ଶସ୍ତାରେ ଭଲ ବର ମିଳିବାର ଆଶା ନାହିଁ; ସୁତରାଂ ତାଙ୍କୁ ଅଗତ୍ୟା ସ୍ୱୀକୃତ ହେବାକୁ ହେଲା । ବିବାହର ଦିନ ମଧ୍ୟ ଧାର୍ଯ୍ୟ ହୋଇଗଲା । ସବୁ ହେଲା; ମାତ୍ର ଟଙ୍କା କେଉଁଠୁ ଆସିବ ଭାବିଲେଣି ପଡ଼ିଲା । ସତ୍ୟଭୂଷଣ ପାଞ୍ଚଶ ଦେଇଛି, ତାକୁ ଅବା କେଉଁ ମୁହଁରେ ମାଗିବେ ! ଯାହା ହେଉ ଅକିଞ୍ଚନକୁ ଭଗବାନ୍ ସାହା, ତାଙ୍କର ଏ ସଙ୍କଟ ଦେଖି ତାଙ୍କର ଜଣେ ବନ୍ଧୁ ସ୍ୱତଃପ୍ରବୃତ୍ତ ହୋଇ ଦୁଇଶ ଟଙ୍କା

ହାତ ଉଧାର ଦେଲେ । ତେତକ ପାଇ ତାଙ୍କର ଟିକିଏ ସାହସ ହେଲା, ଗୃହିଣୀଙ୍କ ଦେହରେ ପ୍ରାୟ ଶତାଧିକ ଟଙ୍କାର ଅଳଙ୍କାର ଥିଲା, ସେ ତାହା ବାହାର କରି ଦେଲେ । ତାକୁ ଭାଙ୍ଗି ଝିଅପାଇଁ ନୂଆ ଗହଣା ତିଆରି ହେଲା । ମାସକର ଦରମା ପଚିଶଟି ଟଙ୍କା ହାତରେ ଥିଲା, ସେଥିରେ ଅନ୍ୟାନ୍ୟ ପଦାର୍ଥ କିଣାଗଲା । କିଛି ଦେଇ କିଛି କାଳି ରଖି କାର୍ଯ୍ୟ ଚଳାଇବାକୁ ହେଲା । ଏହିପରି ବିବାହର ଆୟୋଜନ ପ୍ରାୟ ସବୁ ହୋଇଗଲା । କମଳା ଗୁଆ ମଙ୍ଗଳା, ଜାଇ ମଙ୍ଗଳା, ଡିଙ୍କି, ପେଷା, ଚୁଲି ଗୁଲୁଣୀ ମଙ୍ଗଳା ପ୍ରଭୃତି ମାଙ୍ଗଳିକ କାର୍ଯ୍ୟରେ ଲାଗିଲେ । ଗ୍ରାମର ସାତ ଅଠ ଆସି ତାଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କଲେ । ଯୋଗବନ୍ଧ୍ୟା ଘରେ ଘରେ ବୁଲି ଜଣ ଜଣକୁ ଧରି ବାହୁନି କାନ୍ଦିଲା ।

ଦେଖୁଁ ଦେଖୁଁ ବିବାହ ଦିବସ ଆସି ଉପସ୍ଥିତ ହେଲା । ଯଥାସମୟରେ ବର ସପଟୁଆରରେ ଆସି ପହଞ୍ଚିଲା । ବରଣୀ ପୂର୍ବରୁ ବାଟଖର୍ଚ୍ଚ ଟଙ୍କା ଦେବାକୁ ହେବ । ସୁଧାନାଥ ବନ୍ଧୁଦତ୍ତ ଦୁଇଶ ଟଙ୍କା ମଧ୍ୟରୁ ଶହେ ଟଙ୍କା ଖର୍ଚ୍ଚ କରିପକାଇ ଅଛନ୍ତି । ଅବଶିଷ୍ଟ ଶହେ ଟଙ୍କା ଘେନି ବର ବରଣୀ କରିବାକୁ ଗଲେ । ତେଣିକି ଦେଇ ବିନୀତ ଭାବରେ କହିଲେ, "ବାକି ଶହେ ଟଙ୍କା ମୁଁ ପ୍ରତିମାସରେ ଦଶଟଙ୍କା ଲେଖାଏଁ ଦେଇ ପରିଶୋଧ କରି ଦେବି ।" ଏହା ଶୁଣି ବରକର୍ତ୍ତା ଗର୍ଜ୍ଜିଉଠି କହିଲେ, "ଠକାଇବାକୁ ଆଉ ଜାଗା ମିଳିଲା ନାହିଁ ପରା ? ଭଦ୍ରଲୋକ ବୋଲାଇ ଏ କି ଠେଠାମି କଥା ।" ସୁଧାନାଥ କିଛି ନ କହୁଣୁ ଗ୍ରାମବାସୀମାନେ କହିଲେ, "ସେ ତ ଦେବେ ବୋଲି କହୁଛନ୍ତି, ଆଉ ଠକାଇଲେ କଅଣ ?" ହରି ଚୌଧୁରୀ ସେମାନଙ୍କୁ ଆଉ ଅଧିକ କହିବାକୁ ନ ଦେଇ ଖିପ୍ତ କୁକୁର ପରି ଖେଁ ଖେଁ ହୋଇ କହିଲେ, "ହଁ ହୋ, ଦେବେ; ଆମେ ଦୁମୁହାଁ ଥଳୀରେ ନେବୁ । ଚଢେ଼ ଗଲେ ବାରହାତ, ହାତରୁ ଖସିଲେ ଗଲା; ବିବାହ ସରିଲେ ଆଉ କିଏ କାହାକୁ ପଚାରେ । ଆମେ ଇମିତି ଢେର ଜୁଆଚୋର ଦେଖିଛୁ ହୋ ! ତମେ ଆପଣା ଆପଣା ବାଟ ଦେଖ, କିଏ ତୁମକୁ ବକ୍କଲପଣିଆ ଇଲ୍‌ଲୋକା କରିବାକୁ ଡାକିଛି ।" ଗ୍ରାମବାସୀଙ୍କ ମଧ୍ୟରୁ କେହି କେହି ଏହା ସହ୍ୟକରି ନ ପାରି କହିଲେ, "ହରି ଅବଧାନେ ! ଆଖି ମୁଣ୍ଡକୁ ଉଠିଗଲା କି ? ମୁହଁ ସମ୍ଭାଳି କଥା କହ । ଜଣେ ଭଦ୍ରଲୋକକୁ ତୁମେ ମନଇଚ୍ଛା ଅପମାନ ଦେଲଣି । ସୁଧାନାଥ ମହାପାତ୍ରଙ୍କ ପରି ଲୋକଙ୍କୁ ତୁମେ ଚିହ୍ନିବ କଅଣ, ତୁମ ବାପେ ବି ଚିହ୍ନି ପାରିବେ ନାହିଁ । ସଂଯତ ହୋଇ ଭଦ୍ରଲୋକ ପରି କଥା କହ; ନଚେତ୍ ଉଚିତ ପୁରସ୍କାର ପାଇବ ।" ଏ କଥାରେ ଚୌଧୁରୀ ଟିକିଏ ଦମିତ ହୋଇଗଲେ; ମାତ୍ର ତାଙ୍କର ଭିତରେ ଭିତରେ ତୁଷାନଳ ଜଳୁଥିଲା; କାହିଁରେ କିଛି ବାହାରିବ ସେ ମନେ ମନେ ସୂତ୍ର ଖୋଜି ବୁଲିଲେ । ଛିଦ୍ର ଖୋଜିଲେ ଛିଦ୍ର ବାହାରେ । କିଛି କ୍ଷଣ ପରେ କହିଲେ, "ଆମ ବଂଶଧରଙ୍କୁ ପାଞ୍ଚଯୋଡ଼ା ଷୀସ୍ରୋଡ୍ର ପାଠ ଦିଅ, ଆମର ଏହିପରି ଧାରା ଅଛି ।" ମାହାପାତ୍ରେ କହିଲେ, "ସେପରି କଥା ତ ପୂର୍ବରୁ ହୋଇ ନାହିଁ ।" ଚୌଧୁରୀଏ ଉଠିପଡ଼ି କହିଲେ, "ଉଠ ରେ ବେହେରା ! ପାଲିଙ୍କି ଉଠାଅ, ଉଠ ରେ ବାଜାବାଲେ ! ଚାଲ ମୋ ପୁଅ ଇଂରାଜୀରେ ପାସ କରିଛି, ତାକୁ କଅଣ କନ୍ୟା ଅପୂର୍ବ ହେବ, କେତେ ଲୋକ ଆସି ଗୋଡ଼ ଧରିବେ ।" ଏହା କହି ବରକୁ ଫେରାଇ ନେଇ ଚାଲିଗଲେ । ସୁଧାନାଥଙ୍କ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା, ସେ ଧସ୍ କରି ବସିଗଲେ । କମଳା ଗୃହ ମଝିରେ ପଡ଼ି ମୂର୍ଚ୍ଛିତ ହେଲେ । ଅନେକ ଚେଷ୍ଟାରେ ଦୁଇଘଡ଼ି ପରେ ତାଙ୍କର ମୂର୍ଚ୍ଛା ଭାଙ୍ଗିଲା । ବେଦୀରୁ ବର ବାହୁଡ଼ିଯିବା କଥା ଗାଁସାରା ବ୍ୟାପ୍ତ ହୋଇଗଲା । ସତ୍ୟଭୂଷଣ ବୈଠକଖାନାରେ ବସିଥିଲା । ଏକଥା ଶୁଣି ଧାଇଁଆସି ସୁଧାନାଥଙ୍କ ଘରେ ଉପସ୍ଥିତ ହୋଇ କହିଲା, "ସୁଧୁ ଦାଦା ! ଦୁଃଖିତ ହୁଅ ନାହିଁ । ଛିଃ ! ତୁମେ କିଛି ଚିନ୍ତା କରନାହିଁ — ମୁଁ ବର, ଡାକ ପୁରୋହିତଙ୍କୁ ।" ଏହା କହି ବେଦୀ ଉପରେ ଯାଇ ବସିପଡ଼ିଲା । ସୁଧାନାଥ ବକ୍‌ବକ୍ ହୋଇ ତାହା ମୁହଁକୁ ଅନାଇ ରହିଲେ । ସତ୍ୟଭୂଷଣ ତାଙ୍କ ତଦବସ୍ଥା ଦେଖି ଟିକିଏ ଜୋର କରି କହିଲା, "ଠିଆହୋଇ ଦେଖୁଛ କଅଣ, ଚଞ୍ଚଳ ପୁରୋହିତଙ୍କୁ ଡାକ ।" ପୁରୋହିତ ଜ୍ୟୋତିଷ ପ୍ରଭୃତି ସମସ୍ତେ ସେଠାରେ ଉପସ୍ଥିତ ଥିଲେ ।

ସତ୍ୟଭୂଷଣର କଥା ଶୁଣି ସମସ୍ତେ ଆସି ନିଜ ନିଜ କାର୍ଯ୍ୟରେ ଲାଗିଗଲେ ଏବଂ ଜମିଦାର ପୁତ୍ରର ମହତ୍ତ୍ୱକୁ ବାରମ୍ବାର ପ୍ରଶଂସା କରିବାକୁ ଲାଗିଲେ । ଯଥାସମୟରେ କନ୍ୟା ବେଦୀକୁ ଆସିଲା ଏବଂ ଯଥାରୀତି ବିବାହ କାର୍ଯ୍ୟ ଶେଷ ହେଲା ।

ଜମିଦାର ଏ କଥା ଶୁଣି କ୍ରୋଧରେ ଏତେ କଣ୍ଢେଇ-ମକ୍ଢେଇ ହେଲେ ଯେ, ତାଙ୍କ ଦେହ ଯେତେ କଥା ନକହିଲା, ମନ ତେତେ କଥା କହିଲା । ସେ କଣ୍ଢେଇ ମାଛ ପରି କଁ କଁ ହୋଇ କମ୍ପିତ ସ୍ୱରରେ କହିଲେ, "ଯାଉ କୁଳାଙ୍ଗାର, ଦୂର ହେଉ, ମୋ ଘରେ ତାହାର ସ୍ଥାନ ନାହିଁ । ମୁଁ ଆଜିଠାରୁ ତାକୁ ତ୍ୟାଜ୍ୟପୁତ୍ର କଲି । ମୋ କଥା ନ ମାନି ମୋ ଅଜ୍ଞାତରେ ସେ ଇତର ଘରେ ବିବାହ କଲା, ଏବେ ତାହାର ଉପଯୁକ୍ତ ଶାସ୍ତି ଭୋଗକରୁ ।" ତାଙ୍କର ଏ ପ୍ରତିଜ୍ଞା ଶୁଣି ଅନେକେ ଆସି ତାଙ୍କୁ ବୁଝାଇଲେ; ମାତ୍ର ସେ କାହାରି କଥାରେ କର୍ଣ୍ଣପାତ କଲେ ନାହିଁ । ଶେଷରେ ବୃନ୍ଦାବତୀ ବୁଝାଇ କହିଲେ, "ଯାହା ହେବାର ତ ହୋଇଗଲାଣି, ଆଉ ରାଗିମାଗି ହେଲେ କଅଣ ହେବ ? ପୁଅକୁ ଘରକୁ ଆସିବାକୁ ଦେବ ନାହିଁ, ଏଟା କେଡ଼େ ନିନ୍ଦାର କଥା ! ତାହାର ତ ପିଲାବୁଦ୍ଧି ଯାଇନାହିଁ, ତାକୁ କଅଣ କରିବ ? ପୁଅ ଯେବେ ହାତରେ ଅକର୍ମ କରିପକାଏ, ତେବେ କଣ ହାତଟା କାଟି ପୋପାଡ଼ି ଦିଅନ୍ତି ? ବାଜା ପାଲିଙ୍କି ନେଇ ପଠାଅ, ଉଦ୍ଧ ପୁଅ ବୋହୂଙ୍କୁ ଘରକୁ ଆଣ, ଆଉ ଦୁନିଆରେ ଗୋଟାଏ କଳଙ୍କ କରନାହିଁ ।" ଜମିଦାର ତର୍ଜନୀ କମ୍ପାଇ ଦୃପ୍ତ ସ୍ୱରରେ କହିଲେ । ସୂର୍ଯ୍ୟ ପୂର୍ବରେ ଅସ୍ତ ହେଲେ ସୁଦ୍ଧା ମୋ କଥା ଅନ୍ୟଥା ହେବ ନାହିଁ । ସେ ଘରକୁ ଆସିଲେ ମୁଁ ରାଜ୍ୟ ଛାଡ଼ି ଚାଲିଯିବି, ଏହା ମୋର ସତ୍ୟ ସତ୍ୟ ସତ୍ୟ; ତିନିବାର ସତ୍ୟ ।" ବୃନ୍ଦାବତୀ ଅନେକ ବୁଝାଇଲେ, ସ୍ୱାମୀଙ୍କ ଗୋଡ଼ ଧରି କାନ୍ଦିଲେ; ମାତ୍ର ସ୍ୱାମୀଙ୍କ ମୁହଁରେ ସେହି ଏକ କଥା, "ସେ ଘରେ ରହିଲେ ମୁଁ ଗୃହତ୍ୟାଗୀ ହେବି ।" ଶେଷରେ ବୃନ୍ଦାବତୀ ଅଭିମାନମିଶା କ୍ରୁଦ୍ଧ ସ୍ୱରରେ କହିଲେ, "ହେଉ ତୁମ ଘରକୁ ମୋର ପୁଅ ବୋହୂ ନ ଆସନ୍ତୁ ପଛକେ, ପାଟପଡ଼ା ଖମାରଘର ତ ମୋର, ମୁଁ ତାକୁ ତୋଳାଇଛି, ମୋ ପୁଅବୋହୂ ସେଇଠି ରହିବେ ।" ଏହା ଶୁଣି ଜମିଦାର କହିଲେ, "ଯେଉଁଠି ଇଚ୍ଛା ସେଠିକି ଯାଉନ୍ତୁ ମୋର କଅଣ ଯାଏ ।" ଅନନ୍ତର ଜମିଦାର ରାଗରେ ଗର୍ ଗର୍ ହୋଇ ସ୍ତ୍ରୀଙ୍କ ନିକଟରୁ ଉଠି ଚାଲିଗଲେ । ବୃନ୍ଦାବତୀ ଲୋକ ପଠାଇ ପୁଅବୋହୂଙ୍କୁ ସମାରୋହରେ ପାଟପଡ଼ା ଖମାରଘରକୁ ନେଇଗଲେ । ବର କନ୍ୟା ସେହିଠାରେ ରହିଲେ । ବୃନ୍ଦାବତୀ ସେମାନଙ୍କ ପାଇଁ ଦାସଦାସୀ ନିଯୁକ୍ତ କରି ପଠାଇଦେଲେ ଏବଂ ଅନ୍ୟାନ୍ୟ ସୁବ୍ୟବସ୍ଥା ମଧ୍ୟ କରିଦେଲେ ।

## ଚତୁର୍ଦ୍ଦଶ ପରିଚ୍ଛେଦ

ମହାପାତ୍ରଦମ୍ପତିଙ୍କ ହୃଦୟରେ ଆନନ୍ଦର ଉଦ୍ଦାମ ତରଙ୍ଗ ଖେଳିଯାଉଅଛି । କନ୍ୟା ଉପଯୁକ୍ତ ପାତ୍ରର ହାତ ଧରିଲା, ଏହା ଅପେକ୍ଷା ପିତାମାତାଙ୍କର ଅଧିକତର ସ୍ପୃହଣୀୟ କଅଣ ଅଛି ? ଯାହା କଳ୍ପନାର ଅତୀତ, ତାହା ଯଦି ହସ୍ତଗତ ହୁଏ, ତେବେ ଆନନ୍ଦ ରଖିବାକୁ ସ୍ଥାନ ମିଳେ ନାହିଁ । ସେ ଆନନ୍ଦ ବନ୍ୟା-ବାରି ପରି ଉଚ୍ଛ୍ୱଳିପଡ଼ି ମନ, ଆତ୍ମା, ହୃଦୟକୁ ଆଚ୍ଛନ୍ନ କରିପକାଏ । କନ୍ୟା ଭାଗ୍ୟରେ ବିଧାତା ଏଭଳି ଶୁଭ ଯୋଗ ଲେଖିଥିଲା, କି ଅମୂଲ୍ୟ ନିଧି ତାହାର ହସ୍ତଗତ ହେଲା, ଏହି ଭାବନା ଏବଂ ଭାବନାଜାତ ଆନନ୍ଦ ମହାପାତ୍ରଦମ୍ପତିଙ୍କୁ ସ୍ୱର୍ଗରେ ସିଂହାସନ ଆଣି ଦେଲା । କମଳା ଗର୍ବ କରି କହିଲେ, "କନ୍ୟା ମୋର ସାକ୍ଷାତ୍ ଲକ୍ଷ୍ମୀଠାକୁରାଣୀ, ସେ ରାଜରାଣୀ ନ ହୋଇ ସାନ ଲୋକର ହାତ କାହିଁକି ଧରନ୍ତା ? ଯାହା ହେଉ ଠାକୁରେ ହରିଅ ଅବଧାନର ଦର୍ପ ଚୂନା କଲେ, ଅଲାଇସ ଗାଲରେ ଚୂନକାଳି ଲାଗିଲା । ଭରି ସୁମାନ କରି ବେଦୀରୁ ବର ଉଠାଇ ନେଇଯାଇଥିଲା, ସେ ସୁମାନ କେଉଁଠି ରହିଲା ? ମୋର ଝିଅକୁ କି ବର ମିଳିଲା

ନାହିଁ, ତନ୍ଦେଇ ପାଣି ବିନା ଲୁଣ ଅମସ୍ତ ରହିଲା? ମୋ ଝିଅକୁ ଯେଉଁ ବର ମିଳିଲା, ତୋ ପୁଅ ତା ଗୋଡ଼ତଳକୁ ଲଛ ନୁହେଁ ରେ ପୋଡ଼ାମୁହିଁ।" କମଳା "ସପ୍ତ ଢଭାଜଣି" ହୁର ଚୌଧୁରୀଙ୍କୁ ଏହିପରି ଶପା କଠା କଲେ । ମହାପାତ୍ରଦମ୍ପତିଙ୍କ ଆନନ୍ଦ ମଧ୍ୟରେ ଗୋଟିଏ ଆଶଙ୍କାର ଛାୟା ଲୁଚକାଳି ଖେଳ ବୁଲୁଥିଲା। ସେ ଆଶଙ୍କା ଜମିଦାର ଅନ୍ତର୍ଯ୍ୟାମୀ ରାୟଙ୍କ ସକାଶେ। ସେ ଯେପରି ଏକଚୁଆ ରାଜା, କାଳେ କି କୌଶଳରେ ମହାପାତ୍ରଙ୍କୁ ବିପନ୍ନ କରିପାରନ୍ତି, ଏହି ଭୟ ତାଙ୍କ ହୃଦୟରେ ବାରମ୍ବାର ଜାତ ହେଉଥିଲା। ତେବେ ଏ ଭୟ ମଧ୍ୟରେ ଭରସା ଏତିକି ଯେ, ବୃନ୍ଦାବତୀ ଏ ବିବାହରେ ଅସନ୍ତୁଷ୍ଟା ନୁହନ୍ତି। ସେ ଯାହା ଖୋଜୁଥିଲେ, ତାହା ପାଇଲେ। ଯୋଗବଦ୍ୟାକୁ ବୋହୂ କରିବାକୁ ତାଙ୍କର ଏକାନ୍ତ ଇଚ୍ଛା ଥିଲା। ବିଧାତା ସେ ଇଚ୍ଛା ପୂର୍ଣ୍ଣ କଲେ। ଆଶା ସଫଳ ହେଲେ ମନୁଷ୍ୟର ମନ ଯେଉଁପରି ହୁଏ, ତାଙ୍କର ମାନସିକ ଅବସ୍ଥା ଠିକ୍ ସେହିପରି ହେଲା। ସେ ଦିନେ ପାତ୍ରପଡ଼ା ଯାଇ ନବବଧୂଙ୍କୁ ନାନାବିଧ ସ୍ୱର୍ଣ୍ଣରତ୍ନାଳଙ୍କାରରେ ସଜ୍ଜିତ କରିଦେଇ ଆସିଅଛନ୍ତି। ଯୋଗବଦ୍ୟାର କାନ୍ତ ମଧୁର ରୂପଲାବଣ୍ୟ ସେହି ଅଳଙ୍କାର ପ୍ରଭାରେ ବହୁଗୁଣ ଝଟକି ଉଠୁଅଛି। ବୃନ୍ଦାବତୀ ଦିନରେ ତିନି ଥର ଦାସଦାସୀମାନଙ୍କୁ ପାତ୍ରପଡ଼ା ପଠାଇ ପୁଅ ବୋହୂଙ୍କର ତତ୍ତ୍ୱ ନେଉଥାନ୍ତି ଏବଂ ଖଜା, ପିଠା ପ୍ରଭୃତି ପ୍ରସ୍ତୁତ କରି ପଠାଇଦିଅନ୍ତି। ଦିନେ ସେ ସ୍ୱାମୀଙ୍କୁ କହିଲେ, "ଯାହା ତ ହେବାର ହେଲାଣି, ଗଲା କଥାକୁ ଧରିଲେ ଆଉ କଅଣ ହେବ, ଏବେ ପୁଅ ବୋହୂଙ୍କୁ ଘରକୁ ଆଣ। ଯେତେ ହେଲେ ତ ତୁମର ପୁଅ ବୋହୂ, ସେ ଆଉ କେତେ କାଳ ପଦାରେ ପଡ଼ିଥିବେ? ଲୋକେ ନାନା କଥା କହୁଛନ୍ତି, ଆଗରେ ସିନା କେହି କିଛି କହୁନାହାନ୍ତି, ପଛରେ ତେର ନିନ୍ଦା କରୁଛନ୍ତି।" ଜମିଦାର ଦୃପ୍ତକଣ୍ଠରେ କହିଲେ, "ନିନ୍ଦାକୁ ମୁଁ ଭୟ କରେ ନାହିଁ, ଆଉ କିଏ ମୋର ବୋହୂ? ସେହି ସାଧୁଆ ସାନ୍ନ ଲେଙ୍କଠାର ଝିଅ କି ଜମିଦାର ଅନ୍ତର୍ଯ୍ୟାମୀ ରାୟର ପୁତ୍ରବଧୂ ହେବାର ଯୋଗ୍ୟ? ଫକଡ଼ ସାଧୁଆକୁ ଯେବେ ମୁଁ ଜେଲ

ନ ଖଟାଏଁ, ତେବେ ମୋ ନା ଅନ୍ତର୍ଯ୍ୟାମୀ ନୁହେଁ। ସବୁ ଫିସାଦ ତାହାର। ସେହି ମୋ ପୁଅକୁ କୁଶିକ୍ଷା ଦେଇ ସବୁ କାଣ୍ଡ ଲଗାଇଛି। ତାହା ବୁଦ୍ଧି ଶୁଣିଲଣି! ମୋହର ପୁଅକୁ ଶିଖାଇ ବୁଝାଇ ପାଞ୍ଚଶ ଟଙ୍କା ନେଇ ମୋତେ ଋଣ ଶୁଝିଛି। ଏଡ଼େ ସିଅଣିଆ ଯେ, ମାଛ ତେଲରେ ମାଛ ଭାଜିଛି।" ବୃନ୍ଦାବତୀ ନିର୍ଦ୍ଦୟ ହାକିମ ପରି କଠୋର ଦୃଷ୍ଟିରେ ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲେ, "ମିଛ କଥା, ସାଧୁ ସଭୁକୁ ଶିଖାଇ ଟଙ୍କା ନେଇ ନାହାନ୍ତି—ସେ ଟଙ୍କା ମୁଁ ଦେଇଛି।" ଜମିଦାର ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ତମେ ଦେଇଛ କାହିଁକି?" ବୃନ୍ଦାବତୀ ଦୃଢ଼ ସ୍ୱରରେ କହିଲେ, "ହିଁ, ମୁଁ ଦେଇଛି, କାହିଁକି ଆଉ କଅଣ? ତମେ ଜଣକୁ ଘରଛଡ଼ା କରିବ, ସେ ପିଲା କୁଟୁମ୍ବ ଘେନି ଦାଣ୍ଡରେ ଯାଇ ଠିଆହେବ, ମୁଁ ପିଲାଟିଆର ମା ହୋଇ ତାହା ସହିପାରିବି ନାହିଁ। ତାହା ଦେଖିଲେ ମୋ ଆଖି ଫାଟିଯାଇ ରକ୍ତ ବୋହିବ। ପଶୁପକ୍ଷୀଙ୍କି ମଣିଷ ଆଶ୍ରା ଦେଉଛି, ଆଉ ତୁମେ ମଣିଷ ହୋଇ ମଣିଷକୁ ଘରୁ ତାଡ଼ିଦେବ। ସେ ଗରିବର ଭୂଇଁଟିକ ଲାଗି ତୁମର ଏତେ ଜିଦ କାହିଁକି?" ଜମିଦାର ଉତ୍ତେଜିତ ହୋଇ କହିଲେ, "ସେଥିରୁ ତୁମେ କଅଣ ପାଇବ? ବୁଝିଲି, ତେବେ ତୁମ ମା ପୁଅ ଦୁହିଁଙ୍କର ଏ କୃତି।" ଅନନ୍ତର ସେ ଅବଜ୍ଞାବ୍ୟଞ୍ଜକ କଠୋର ସ୍ୱରରେ ହସିଉଠିଲେ। ସୂର୍ଯ୍ୟାସ୍ତ ପୂର୍ବରୁ ଖରା ଯେପରି ଚମ୍ପାଫୁଲିଆ ରଙ୍ଗ ଧରିଆସେ, ସେ ହସ ସେହିପରି ଫିକା। ବୃନ୍ଦାବତୀ ସ୍ୱାମୀଙ୍କ ହାସ୍ୟ ଦେଖି ଟିକିଏ ସଙ୍କୁଚିତ ହୋଇ କହିଲେ, "ହଉ, ମୁଁ ସେଥିରୁ କିଛି ନ ପାଏଁ ପଛେ, ତୁମେ ପୁଅକୁ କେବେ ଆଣିବ କହ?" ସ୍ୱାମୀ ଉଦାସ ସ୍ୱରରେ କହିଲେ, "ପୁଅ! ପୁଅ ନା ଜୀବନର ଅଭିଶାପ? ଯାହାକୁ ମୁଁ ତ୍ୟାଜ୍ୟପୁତ୍ର କରିଛି, ତାକୁ ପୁଣି ଘରକୁ ଆଣିବ? ଚନ୍ଦ୍ର ସୂର୍ଯ୍ୟ ଆକାଶରୁ ଖସିପଡ଼ିଲେ ବି ମୋ କଥା ଟଳିବ ନାହିଁ।" ବୃନ୍ଦାବତୀ ଆଉ ସହିପାରିଲେ ନାହିଁ, ରାଗରେ ଥରଥର ହୋଇ କହିଲେ, "ଓଃ, କି ସାଧୁସଙ୍କଳ୍ପ, ଥରକୁ ଥର ତ୍ୟାଜ୍ୟପୁତ୍ର ତ୍ୟାଜ୍ୟପୁତ୍ର ଭଜିହୋଇ

ଧମକ ଉଚିତ ନାହିଁ କି ? ତ୍ୟାଜ୍ୟପୁତ୍ର କି ତେଜପତ୍ର କଅଣ କରିଛ ତାହା ତୁମେ ଜାଣ, ମୁଁ ମାଇପି ଲୋକ କଅଣ ବୁଝିବି ? ତୁମ ସମ୍ପତ୍ତି ତାଙ୍କୁ ନ ଦିଅ, ତାହା ଅଜା ଯାହା ଦେଇଯାଇଛନ୍ତି, ସେତିକି ତାହାର ଢେର । ବାବାଙ୍କ ମାହାଲର କାଗଜପତ୍ର ତାଙ୍କୁ ଦିଅ, ସେ ତାହାର ବୁଝାଶୁଝା କରୁ । ନହେଲେ କଅଣ ଉପାସରେ ମରିଯିବ ! ତୁମକୁ ପଛେ ଏ କଥାଟା ସୁନ୍ଦର ଦିଶୁ, ଆଉ ଚାରିଆଡ଼େ ଯଶ ଡେଙ୍ଗୁରା ବଜ ଉଠ ହୋଇ ବାଜୁ ।” ଜମିଦାର ପତ୍ନୀଙ୍କର ବ୍ୟଙ୍ଗ ପରୁଷ ବାଣୀରେ କ୍ରୋଧାନ୍ୱିତ ହୋଇ କହିଲେ, “ଓଃ, ଭାରି ତ ମାହାଲ, ପୁଣି ଫୋଡ଼ିଏ ଥର ସେହି କଥା । ହେଉ, ଏବେ ଯାଇ ତାହାର କାଗଜପତ୍ର ଆଉ ନଗଦ ତହବିଲ ଯାହାଥିବ, ତାହାସବୁ ପଠାଇଦେବି ।” ଜମିଦାର ଆଉ କିଛି ନକହି ମୁହଁ ପେଣ୍ଡ ପରି କରି ଉଠି ଚାଲିଗଲେ । ସେହି ଦିନ ସତ୍ୟଭୂଷଣର ମାତାମହ ପ୍ରଦତ୍ତ ମାହାଲର ସମସ୍ତ ଖାତାପତ୍ର ଏବଂ ନଗଦ ତହବିଲ ସାତଶ ଟଙ୍କା ରେବତୀଙ୍କଦ୍ୱାରା ତାହାପାଖକୁ ପଠାଇଦେଲେ । ରେବତୀ ସେସବୁ ସତ୍ୟଭୂଷଣକୁ ଦେବାବେଳେ ସେ ଟିକିଏ ସଂକୁଚିତ ହୋଇ କହିଲା, “ବାବା କାହିଁକି ଏହା କଲେ, ମୋତେ ତ ମାସିକ କିଛି କିଛି ଦେଲେ ଚଳନ୍ତା ।” ରେବତୀ କହିଲେ, “ନା ବାବୁ, ତାଙ୍କ ଅଡ଼ୁଆଳିଆ କଥା ତ ତୁମେ ଜାଣ ଆଉ ପଚାରୁଛ କାହିଁକି ? ତୁମ ଅଜାଙ୍କ ମାହାଲ ସେ ଆଉ ଦେଖାରଖା କରିବେ ନାହିଁ । ଆମେ ସବୁ ଢେର କହିଲୁ, ସେ ତାହାର କଥା ଶୁଣିଲେ ନାହିଁ ।” ସତ୍ୟଭୂଷଣ କହିଲା, “ସେତ ମନାକଲେ ଦେଖିବେ ନାହିଁ, ମୁଁ ଯଦି ନ ଦେଖେ ତେବେ ମାହାଲର ଅବସ୍ଥା କଅଣ ହେବ ? ତେବେ ମୋତେ ଅଗତ୍ୟାସବୁ ଦେଖିବାକୁ ହେବ ।” ସତ୍ୟଭୂଷଣ କାଗଜପତ୍ରାଦି ଗ୍ରହଣ କଲା । ରେବତୀ ଅନ୍ୟାନ୍ୟ କଥା ପରେ ଫେରିଗଲେ ।

ଆକାଶରେ ଖଣ୍ଡିକ ପଛରେ ଖଣ୍ଡିଏ ମେଘ ଚାଲିଲା ପରି ଦିନ ଚାଲିଛି । ବର୍ଷ ବର୍ଷ ଦିନ ଚାଲିଯାଏ, ତଥା ଋତୁ ଋତୁ ଦିନ ଚାଲିଯାଏ, ଯାମ କରୁ କରୁ ଦିନ ଚାଲିଯାଏ । ଚାଲିବା ତାହାର ଧର୍ମ, ବିଶ୍ରାମ ବା ଆଳସ୍ୟ ନାହିଁ । ଦେଖୁଁ ଦେଖୁଁ ଦୁଇବର୍ଷ ଅତୀତ ହୋଇଗଲା । ସତ୍ୟଭୂଷଣ ଖୁବ୍ ଅଳ୍ପ କର୍ମଚାରୀ ରଖି ଜମିଦାରୀ କାର୍ଯ୍ୟ ଚଳାଉଅଛି । ସେ ନିଜେ ଅନେକ କାର୍ଯ୍ୟ କରେ । ପ୍ରଜାମାନେ ତାହା ବ୍ୟବହାରରେ ବଶୀଭୂତ । କେଉଁଠାରେ ପ୍ରଜାବିଦ୍ରୋହ ନାହିଁ, ମାଲିମକଦମା ନାହିଁ, ପ୍ରଜାଙ୍କ ପାଳକ ପରି ସେ ଖୁବ୍ ଶାନ୍ତିରେ ଏବଂ ଶୃଙ୍ଖଳାରେ କାର୍ଯ୍ୟ ଚଳାଉଅଛି । ସେ ଜଣେ ପରିମିତବ୍ୟୟୀ । ଦୁଇବର୍ଷ ମଧ୍ୟରେ ଖର୍ଚ୍ଚ ଯାଇ ଅନେକ ଟଙ୍କା ଜମା ହୋଇଅଛି । ସେହି ଟଙ୍କାରେ ଜଳାଧାର ଖନନ ଏବଂ ସଂସ୍କାର, ପଥ ପ୍ରସ୍ତୁତ, ପାଠଶାଳା ସ୍ଥାପନ ପ୍ରଭୃତି ଲାଗିଅଛି । କୃଷି, ଶିଳ୍ପ, ବାଣିଜ୍ୟର ଉନ୍ନତି ପ୍ରତି ତାହାର ପ୍ରଧାନ ଲକ୍ଷ୍ୟ ଅଛି । ଯାଜପୁରରେ ତାହାର ନୂତନ କଚେରୀ ଏବଂ ଆବଶ୍ୟକ ଗୃହ ପ୍ରସ୍ତୁତ ହୋଇଅଛି । ଯୋଗବଦ୍ୟାକୁ ଘେନି ସେଠାରେ ସେ ବେଶ୍ ସୁଖରେ କାଳ ଯାପନ କରୁଅଛି । ସେ ଯୋଗବଦ୍ୟାକୁ ପ୍ରାଣ ପରି ଆଦର ଯତ୍ନ କରେ । ଯୋଗବଦ୍ୟା ମଧ୍ୟ ସ୍ୱାମୀକୁ ଦେବତା ତୁଲ୍ୟ ଭକ୍ତି ସେବା କରେ । ସେ ବାଳିକା ହେଲେହେଁ ମାତୃଶିକ୍ଷା ଗୁଣରେ ପ୍ରବୀଣ ଗୃହିଣୀ ପରି ଘର ଆଡ଼କୁ ଦୃଷ୍ଟି ରଖି ଘରକରଣା କରୁଅଛି । ସ୍ୱାମୀ ସ୍ତ୍ରୀର ଏକ ମନ, ଏକ ପ୍ରାଣ । ଉଭୟ ପ୍ରାଣରେ ଅଖଣ୍ଡ ପ୍ରେମମିଳନର ପବିତ୍ର ଅନାବିଲ ଧାର ବହିଯାଉଅଛି । ଜଣକର ମନର ଭାବ ଅନ୍ୟର ମନରେ ପ୍ରତିବିମ୍ବିତ ହୁଏ । ଉଭୟେ ପକ୍ଷୀ ପକ୍ଷିଣୀ ପରି ଦାମ୍ପତ୍ୟ ଆମୋଦରେ ବିଭୋର ହୋଇ ପ୍ରଣୟ-ପୀୟୁଷ ପାନ କରୁଅଛନ୍ତି । ଗୋଟିଏ ମୂର୍ତ୍ତି, ଅପରଟି ତାହାର ଦର୍ପଣବିମ୍ବିତ ପ୍ରତିଚ୍ଛାୟା । ସୁଖରେ ଶାନ୍ତିରେ, ଆନନ୍ଦରେ ଦୁହିଁଙ୍କର କାଳ କଟିଯାଉଅଛି ।

ଶୀତ ଋତୁର ଆରମ୍ଭରେ ବସ୍ତ୍ରପୁର ଗ୍ରାମରେ ବସନ୍ତ ରୋଗ ଦେଖାଗଲା । ଅଳ୍ପଦିନ ମଧ୍ୟରେ ରୋଗ ପ୍ରବଳ ଭାବରେ ସଂକ୍ରମିତ ହୋଇଉଠିଲା । ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଲା । ଅନେକ ପରିବାର ଘର ଛାଡ଼ି ପଳାଇଗଲେ । କେହି ବନ୍ଧୁଘରେ ଯାଇ ଆଶ୍ରୟ ନେଲେ, କେହି ଭିନ୍ନ ଗ୍ରାମରେ ଘର ମାଗି ରହିଲେ, କେହି କଲିକତା ଚାଲିଗଲେ । ସେମାନଙ୍କୁ ଭଲଟା ସୁଯୋଗ ଘଟିଲା—ରୋଗ ଆକ୍ରମଣକୁ

ରକ୍ଷା ପାଇଲେ ଏବଂ କଲିକତାରେ କିଛି କିଛି ଉପାର୍ଜନ ମଧ୍ୟ କଲେ । କୃଷ୍ଣପୁର ଗ୍ରାମରେ କଲେରା ରୋଗ ଜାତ ହେଲା । ଯେଉଁମାନେ ଧନ ସମ୍ପତ୍ତିର ମାୟା ଛାଡ଼ି ନ ପାରି ଗ୍ରାମରେ ରହିଲେ ସେମାନେ ନିଜକୁ ମୃତ୍ୟୁ-ନଦୀର ପତନୋନ୍ମୁଖ ତଟ୍ଟା ଉପରେ ଠିଆହେଲା ପ୍ରାୟ ମଣିଲେ । ଗ୍ରାମରୁ ଅଧିକାଂଶ ଲୋକ ପଳାଇଲେ, ଅଳ୍ପ ସଂଖ୍ୟକ ଯାହା ଥିଲେ, ସେମାନେ ମଡ଼ା ବହି ବହି ଥକିଲେ ଏବଂ କେହି କେହି ନିଜେ ମଧ୍ୟ ମଡ଼ା ହେଲେ । ତିନି ଚାରି ଦିନ ଯାଏଁ ଘରେ ମଡ଼ା ପଡ଼ିରହିଲା । ଉଠାଇବାକୁ ଲୋକ ମିଳିଲେ ନାହିଁ । ଅନେକ ଲୋକ ବିନା ରୋଗରେ ଛନିଆଁରେ ମରିଗଲେ । ଶତାଧିକ ଲୋକଏ ଅଙ୍ଗାଷ୍ଟ ରୋଗରେ ଆକ୍ରାନ୍ତ ହେଲେ । ସେମାନଙ୍କର ବିକଟ ଶବ୍ଦ ଭୟର ଭୟଙ୍କର ରୂପ ଧରି ବୁଲିଲା । ଶ୍ମଶାନର ପ୍ରାଣଶୋଷୀ ଦୃଶ୍ୟ ବର୍ଣ୍ଣନାତୀତ, ତାହା ଶୁଣିଲେ ମନରେ ସୁଦ୍ଧା ଭୟ ଜାତ ହେବ । ସେଠାରେ ଶବ ପ୍ରଦର୍ଶନୀ ଖୋଲାହୋଇଅଛି । ସେ ପ୍ରଦର୍ଶନୀ ଦେଖିଲେ ଜୀବନର ପରିଣାମଶିକ୍ଷା ଯଥେଷ୍ଟ ହୁଏ । କେତେକ ଲୋକ ଜୀବନର କେତେ ଆଶା, କେତେ ଆକାଙ୍କ୍ଷାରୁ ହଠାତ୍ ବିଚ୍ୟୁତ ହୋଇ ଶ୍ମଶାନରେ ନିଶ୍ଚିନ୍ତ ନିର୍ଭୀକ ମହାନିଦ୍ରାରେ ଅଭିଭୂତ ଅଛନ୍ତି । କାହାର ମୁଖ ବିକୃତ, କାହାର ନିର୍ନିମେଷ ଦୃଷ୍ଟି ଅତ୍ୟନ୍ତ ଭୀଷଣ । କେହି ଏକ ହସ୍ତ, ଏକ ଚକ୍ଷୁ, କାହାର ନାସିକା ନାହିଁ, କିଏ ଶବାସ୍ଥ ପ୍ରେତ ପରି ଭୟଙ୍କର । କାହା ଉପରେ କୁକୁର ଶିଆଳ ମୂତ୍ର ତ୍ୟାଗ କରି ଚାଲିଯାଉଅଛନ୍ତି । ମାନବ ଶରୀର ପରିଣାମରେ କି ବୀଭତ୍ସ ଅସାର ହୁଏ ; ଯେଉଁ ଦେହ ଚନ୍ଦନ, ପୁଷ୍ପସାର ପ୍ରଭୃତିରେ ସୁଗନ୍ଧୀକୃତ ହୁଏ, ହାୟ ! ସେହି ଦେହ ଉପରେ ପୁଣି ଘୃଣ୍ୟ ଅଧମ ପଶୁ ମୂତ୍ରାଦି କରେ । ହେ ବ୍ୟସନପ୍ରାଣ ଦାମ୍ଭିକ, ହେ ଈର୍ଷାପଟୁ ମତ୍ସରି, ଏଥିରୁ ତୁମ୍ଭର କିଛି ଶିକ୍ଷା ହେଲା କି ? ଯାଉ ସେ କଥା । ଗ୍ରାମବାସୀଏ ଠାକୁରାଣୀମାଜଣା, ହରିସଂକୀର୍ତ୍ତନ, ଭାଗବତ ସପ୍ତାହ ପ୍ରଭୃତିରେ ତନମନ ଲିପ୍ତ ରହିଲେ । ପ୍ରଥମ ପ୍ରଥମ ରୋଗର ଚିକିତ୍ସା ଚଳୁଥିଲା; ମାତ୍ର ଶେଷକୁ ଡାକ୍ତରମାନେ ଭୟ କରି ରୋଗୀ ଦେଖିବାକୁ ଆସିଲେ ନାହିଁ । ଏରୂପ ମଡ଼କ ସେ ଗ୍ରାମରେ କେବେ ଘଟି ନ ଥିଲା । ଯେ ଯାହାକୁ ଶୁଶ୍ରୂଷା କଲା ସେ ମଲା, ଯେ ଯାହାକୁ ଦେଖିବାକୁ ଗଲା ସେ ମଲା । ଶବବାହୀ ଶ୍ମଶାନରୁ ଫେରି ଆସି ରୋଗରେ ଆକ୍ରାନ୍ତ ହୋଇ ମଲା । ଭୟରେ କେହି କାହା ଘରକୁ ଗଲେ ନାହିଁ । ସତ କଥା କିଏ ପଚାରେ, ଦିନରେ ବି ଗାଁରେ ଚାଟି କବାଟ ପଡ଼ିଲା । ଦିନରେ ଶିଆଳ କୁକୁର ଆସି ଗାଁରେ ବୁଲିଲେ ଏବଂ ମୃତର ହସ୍ତ ପଦ ଆଣି ପକାଇଲେ । ଗ୍ରାମରେ କ୍ରନ୍ଦନର ଶବ୍ଦ ସୁଦ୍ଧା ନାହିଁ । ସମସ୍ତେ ନିଜ ନିଜ ପ୍ରାଣ ଭୟରେ ଅସ୍ଥିର; ସୁତରାଂ କାହା ପାଇଁ କିଏ କାନ୍ଦିବ । ଅତି ଶୋକର ତୀବ୍ର ଉତ୍ତାପରେ କାହାରି କାହାରି ଅଶ୍ରୁଝର ବି ଶୁଖିଯାଇଥିଲା ।

ରୋଗର ଆକ୍ରମଣରୁ ଆତ୍ମରକ୍ଷା କରିବା ସକାଶେ ଜମିଦାର ଅନ୍ତର୍ଯାମୀ ରାୟ ଖୁବ୍ ସତର୍କ । ଧୂଣା ଗନ୍ଧକ ଧୂଆଁରେ ସେ ରୋଗର ପଥ ରୁଦ୍ଧ କରିଦେଇଅଛନ୍ତି ଏବଂ ବସନ୍ତ ରୋଗର ପ୍ରତିଷେଧକ ଅନେକ ମୂଲ୍ୟବାନ ଔଷଧ କିଣି ରଖିଅଛନ୍ତି । ଉଆସ ମଧ୍ୟରେ ଶୋଧିତ ଜଳ ବ୍ୟବହାରର ବ୍ୟବସ୍ଥା କରିଅଛନ୍ତି ଏବଂ ମାଛ ଶୁଖୁଆ ଏକାବେଳେକେ ବନ୍ଦ କରିଦେଇଅଛନ୍ତି । ଏତେ କଟକଣା; କିନ୍ତୁ ରୋଗ କି ଧର୍ମର ଦ୍ୱାହି ମାନିବ ? ତାଙ୍କର ଗୋଟିଏ ଦାସୀ ବସନ୍ତରୋଗୀ ଘରୁ ପାଣି ପିଇ ଆସି ରୋଗରେ ଆକ୍ରାନ୍ତ ହେଲା । ଦେଖୁଁ ଦେଖୁଁ ଉଆସ ଭିତରେ ଆଉ କେତେଜଣଙ୍କ ଦେହରେ ବସନ୍ତ ବାହାରିଲା । ସେଥି ମଧ୍ୟରୁ କେତେଜଣ ମଲେ , ଏହା ଦେଖି ଦାସଦାସୀମାନେ ପଳାଇଲେ;ଆଉ ଯେଉଁମାନେ ପ୍ରଭୁଭକ୍ତ ସେହି କେତେଜଣ ପ୍ରାଣଭୟ ସତ୍ତ୍ୱେ ବିପଦ ସମୟରେ ପ୍ରଭୁଗୃହ ଛାଡ଼ି ଗଲେ ନାହିଁ । କିଛିଦିନ ପରେ ନିଜେ ଜମିଦାର ରୋଗାକ୍ରାନ୍ତ ହେଲେ । ଗ୍ରାମଯାକ ଭୟ ଭାବନାର ପ୍ରବଳ ସ୍ରୋତ ବହିବାକୁ ଲାଗିଲା । ବୃନ୍ଦାବତୀ ଘଣ୍ଟେଘଣ୍ଟେ ଅଚେତନ ହେଲେ । ଜଗନ୍ନାଥ, ଗଙ୍ଗାଧର ଏବଂ ଦୁଇଜଣ ବୈଦ୍ୟ ପ୍ରାଣପଣରେ ଚିକିତ୍ସା କରିବାକୁ ଲାଗିଲେ ; ମାତ୍ର ତାହିଁରେ କିଛି ହେଲାନାହିଁ, ରୋଗ ବଢ଼ିବାକୁ ଲାଗିଲା । ଦେହଯାକ

ପାଳଙ୍କ ଜାମୁଦୋଳି ପରି କମ୍ପନ୍ତରେ ଲାଗିଗଲା । ରୋଗୀ ଯନ୍ତ୍ରଣାରେ ଅସ୍ଥିର; ଏହି ସମୟରେ ବେବର୍ତ୍ତୀ ଆସି ପଚାରିଲେ, "ବାବୁଙ୍କୁ ଆଣିବାକୁ ସୁଆରି ପଠାଇବ ?" ଜମିଦାର ଉଁ କି ଚୁଁ, ଟମ୍ମା କି ମସ୍ତି କିଛି ଉତ୍ତର ଦେଲେ ନାହିଁ । କଡ଼ ଲେଉଟାଇ ବେବର୍ତ୍ତୀଙ୍କ ଆଡ଼କୁ ପିଠିକରି ଶୋଇଲେ । ବେବର୍ତ୍ତୀ ବୁଝିପାରିଲେ ଯେ, ମହାଯାତ୍ରା ପୂର୍ବରୁ କର୍ତ୍ତାଙ୍କର କ୍ରୋଧ ଯିବ ନାହିଁ; ସୁତରାଂ ସେ ଆଉ କିଛି କହିଲେ ନାହିଁ ।

ଯୋଗବନ୍ଦ୍ୟା ଶଶୁରଙ୍କର ପୀଡ଼ା କଥା ଶୁଣି କାନ୍ଦି ପକାଇ ସ୍ୱାମୀଙ୍କୁ କହିଲା,'ମୋତେ ଶୀଘ୍ର ସୁଆରି କରିଦିଅ, ମୁଁ ଯାଇ ବାବାଙ୍କୁ ଦେଖିବି । ମୋ ମନ ଭାରି ଘାଣ୍ଟି ଚକଟି ହେଉଛି, ମୁଁ ଆଉ ସହିପାରିବି ନାହିଁ ।' ଯୋଗବନ୍ଦ୍ୟା ଆଉ କଥା କହିପାରିଲା ନାହିଁ, ଦୁଃଖର ଆବେଗରେ ତାହାର କଣ୍ଠ ରୁଦ୍ଧ ହୋଇଗଲା । ସତ୍ୟଭୂଷଣ ତାହାର ଏ ଭାବ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ କହିଲା, 'ତୁମେ ଯିବ ? ଯେଉଁ ଦ୍ୱାର ତୁମକୁ ମନା, ସେ ଦ୍ୱାରକୁ ତୁମେ କି ସାହସରେ ଯିବ ? ଯଦି ଛାଡ଼ି ନ ଦିଅନ୍ତି ?' ସ୍ୱାମୀ କଥା ଶୁଣି ଯୋଗବନ୍ଦ୍ୟାର ଅଶ୍ରୁମୁଖରେ କ୍ରୋଧ ଫୁଟିଉଠିଲା, ବର୍ଷା ମଧ୍ୟରୁ ବଜ୍ର ଗର୍ଜିଉଠିଲା, କୋମଳରେ କଠୋର ମିଶିଲା । ସେ ଉନ୍ମାଦିନୀ ପରି ହୋଇ କର୍କଶ ସ୍ୱରରେ କହିଲା, "ସେ ମୋର ଘର, କାହାର ସାଧ୍ୟ ମୋତେ ବାଟ ଓଗାଳିବ ? ମୁଁ ରୁଗ୍ଣ ଶ୍ୱଶୁରଙ୍କର ସେବା କରିବାକୁ ଯାଉଛି, ମୋର ସାଧୁ ଇଚ୍ଛାରେ କିଏ ବାଧା ଦେବ, କିଏ ଧର୍ମପଥର କଣ୍ଟକ ହେବ ? ମୋର ସେ ଭୟ ନାହିଁ ।" ସତ୍ୟଭୂଷଣ ସ୍ତ୍ରୀର ତେଜ ଦେଖି ହସିପକାଇଲା ଏବଂ ପରେ ଗୋଟାଏ ବ୍ୟଥା-ଭୋଳା ଦୀର୍ଘନିଃଶ୍ୱାସ ଛାଡ଼ି ଉତ୍ସାହିତ ହୋଇ କହିଲା, "ହଁ ଚାଲ, ମୁଁ ବି ତୁମ ସାଙ୍ଗରେ ଯିବି । ପିତାମାତାଙ୍କର ଦେବଚରଣ ଦର୍ଶନ କାହାର ଇଚ୍ଛା ନୁହେଁ ? ତାହା ତ ସନ୍ତାନର ପରମ ପୁଣ୍ୟ ତୀର୍ଥ ।

ଠିକ୍ କଅଁଳଗାଧୁଆବେଳେ ଯୋଗବନ୍ଦ୍ୟାର ସୁଆରି ଆସି ଜମିଦାରଙ୍କ ସଦର ଦ୍ୱାରରେ ପହଞ୍ଚିଲା । ଘାଟ ପାଇକ ବେହେରାଙ୍କ, ପଚାରି ବୁଝି ଶଶବ୍ୟସ୍ତ ହୋଇ ଭୂମିରେ ମୁଣ୍ଡ ଲଗାଇ କହିଲା, "ମୋର ଏଇଟି କଣ୍ଠରତ୍ନ ବୋହୂ, ମଣିମା, ଭିତରକୁ ବିଜେ ହେଉନ୍ତୁ ମା !" ଯୋଗବନ୍ଦ୍ୟା ସୁଆରିରୁ ଓହ୍ଲାଇ ଶଶୁରଙ୍କ ଶୋଇବା ଘରେ ଯାଇ ଦେଖିଲା—ତାହାର ରୁଗ୍ଣ ଶଶୁର ମୂର୍ଚ୍ଛିତ ଅବସ୍ଥାରେ ଖଟରେ ପଡ଼ିଅଛନ୍ତି । ବୃନ୍ଦାବତୀ ସ୍ୱାମୀଙ୍କ ପଦତଳେ ବସି କାନ୍ଦୁଅଛନ୍ତି । ଧୂଣାଗନ୍ଧରେ ଗୃହଟି ଆମୋଦିତ । ଏରକାରେ ଔଷଧଶିଶି ଧାଡ଼ିଧାଡ଼ି ହୋଇ ରହିଅଛି । ତାରିନାଥ ଏବଂ ରଙ୍ଗାଧର ରୋଗୀ ପାଖରୁ ଟିକିଏ ଦୂରରେ ହତାଶ ହୋଇ ବସିଥିଲେ । ଯୋଗବନ୍ଦ୍ୟାକୁ ଦେଖି ଘରୁ ବାହାରିଗଲେ । ବୃନ୍ଦାବତୀ ଉଠି-ଆସି ବୋହୂକୁ କୁଣ୍ଢାଇ ପକାଇ କାନ୍ଦନଗଦ୍‌ଗଦ କଣ୍ଠରେ କହିଲେ,'ମା, ଆସିଲୁ ?' ଯୋଗବନ୍ଦ୍ୟା ଶାଶୁଙ୍କ ପଦଧୂଳି ମସ୍ତକରେ ଲଗାଇ କହିଲା, "ହଁ, ମା, ଆସିଲି । ବାବା କେତେବେଳୁ ଅସ୍ୱାସ୍ଥ୍ୟ ଅଛନ୍ତି ?" ବୃନ୍ଦାବତୀ କହିଲେ, "କାଲିସଞ୍ଜରୁ ଆଉ କଥାବାର୍ତ୍ତା ନାହିଁ । ତାରୁ, ରଙ୍ଗୁ ରାତିସାରା ଜଗିବସି ଓଷୁଦ ଦେଉଛନ୍ତି । ଆମ ଦାସୀ ସପନୀ ଆଉ ମୁଁ ଆଖି ବୁଜା କରିନାହୁଁ । ସପନୀ ଘଡ଼ିଏ ହେଲା ଦାକ୍ତପନ ଘଷିବାକୁ ଉଠିଗଲା ।" ଯୋଗବନ୍ଦ୍ୟା କହିଲା, "ମୁଁ ବସିଛି, ତୁମେ ଯାଇ ମୁହଁରେ ପାଣି ଦିଅ ମା !" ବୃନ୍ଦାବତୀ ଘର ଅଡ଼କୁ ଚାଲିଗଲେ, ଯୋଗବନ୍ଦ୍ୟା ଶଶୁରଙ୍କ ମସ୍ତକ କୋଳରେ ରଖି ବସିରହିଲା । ରୋଗୀ ଦେହରୁ ପୁଯ ରକ୍ତ ବହୁଥିଲା, ଲୁଗା କାନିରେ ତାହା ପୋଛିଦେଲା । ରୋଗୀର ମୁଣ୍ଡ ଉପରେ ଠଣାରେ ଦୁଧ ଚାଟିଆ ଥିଲା, ତାହା ଆଣି ତୁଳାରେ ଟିକିଏ ନେଇ ରୋଗୀ ମୁହଁରେ ଦେଲା । ଡାକ୍ତରମାନେ ବାହାରୁ ଔଷଧ ପଠାଇଦେଇ ଅର୍ଦ୍ଧଘଣ୍ଟା ଅନ୍ତରରେ ଖୁଆଇବା ପାଇଁ କହିପଠାଇଥିଲେ । ଯୋଗବନ୍ଦ୍ୟା ତଦନୁସାରେ ଘଣ୍ଟା ଦେଖି ଔଷଧ ଖୁଆଇବାକୁ ଲାଗିଲା । ତାହାର ଘୃଣା ନାହିଁ, ବିକାର ନାହିଁ, ପୁଯରକ୍ତ ସବୁ ହାତରେ ପୋଛିଦେଉଥାଏ ଏବଂ ଶଶୁରଙ୍କ ରୋଗମୁକ୍ତି ସକାଶେ ମନେ ମନେ ଈଶ୍ୱରଙ୍କ ନିକଟରେ ସକାତର ପ୍ରାର୍ଥନା କରୁଥାଏ । ସେ ଏକ ଆସନରେ ବସି ଶଶୁରଙ୍କ ସେବାରେ ନିଯୁକ୍ତ ରହିଲା । ଶାଶୁ ଏବଂ ଦାସୀମାନେ ଯେତେ କହିଲେ ମଧ୍ୟ ଉଠିଲା ନାହିଁ । ଏହିପରି ଭାବରେ ଦୁଇଦିନ ଦୁଇରାତି କଟିଗଲା, ଯୋଗ-

ବିଦ୍ୟାର ବିଶ୍ରାମ ନାହିଁ କି ଅବସାଦ ନାହିଁ । ଯେମନ୍ତ କି ସାଧିକା ସିଦ୍ଧିଲାଭ ନିମନ୍ତେ ପଣ କରି ଉପାସନାରେ ବସିଅଛି । ଆହାର ନାହିଁ, ନିଦ୍ରା ନାହିଁ, ଏକ ଭାବରେ ସେବାରେ ଲାଗିଅଛି ଏବଂ ପ୍ରାଣର ଆତୁର ଭାଷାରେ ଈଶ୍ବରଙ୍କୁ ଡାକୁଅଛି । ତାହାର ସାଧନାରେ ଭଗବାନଙ୍କର କୃପାସିଂହାସନ ଟଳିଲା, ସେ ବାଳିକାର କାତର ଗୁହାରି ଶୁଣିଲେ । ତୃତୀୟ ଦିନ ପ୍ରାତଃକାଳରେ ରୋଗୀଙ୍କର ଚେତନା ଫେରି ଆସିଲା । ସେ ଧୀରେ ଧୀରେ ଆଖିପତା ଟେକି କ୍ଷୀଣକଣ୍ଠରେ କହିଲେ, "କିଏ ସପନୀ ? ଉଃ, ଯନ୍ତ୍ରଣାରେ ଜଗି ବସିଛୁ ମା । ତୋ ଋଣ ମୁଁ ଶୁଝି ପାରିବି ନାହିଁ ।" ହତଚେତନ ରୋଗୀ ମୁହଁରୁ କଥା ବାହାରିଲା, ସମସ୍ତଙ୍କ ମୁଖ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା । ବୃନ୍ଦାବତୀ ସ୍ୱାମୀଙ୍କ କାନ ପାଖକୁ ମୁହଁ ବଢାଇଦେଇ କହିଲେ, "ସେ ସପନୀ ନୁହେ, ଆମ ବୋହୂ । ମା ମୋର ଆସି ନ ଥିଲେ କି ମୁଁ ତୁମକୁ ଆଉ ପାଇଥାଆନ୍ତି । ତାହାରି ସେବାରେ ତୁମର ମୂର୍ଚ୍ଛା ଭାଙ୍ଗିଲା ।" ରୋଗୀ ଚମକି ଉଠି ଶିରୋପରି ଉପବିଷ୍ଟା ଦେବୀ ମୂର୍ତ୍ତିକୁ ଚାହିଁଦେଇ ମୁଗ୍‌ଧ ହୋଇଯାଇ ରୋଗ-ଯନ୍ତ୍ରଣା ଭୁଲିଗଲେ । ବୋହୂର ହାତକୁ ଆଣି ନିଜର ବକ୍ଷ ଉପରେ ସ୍ଥାପନ କରି ଦୀନସ୍ୱରରେ କହିଲେ, "ଆଃ, ଏ ହାତରେ କି ଅମୃତ ଅଛି ! ମା ବିଦ୍ୟା, ଆସିଛୁ ମା ?" କମ୍ପିତ କଣ୍ଠରେ ଏତିକି ମାତ୍ର କହି ନୀରବ ହେଲେ । ତାଙ୍କ ଗଣ୍ଡରୁ ଦୁଇଧାର ଲୋତକ ଗଡିଆସିଲା । ଯୋଗବିଦ୍ୟା ବ୍ୟସ୍ତ ହୋଇ କହିଲା, "ହଁ—ବାବା, ମୁଁ ତୁମରି ବିଦ୍ୟା । ଛି ବାବା, କାନ୍ଦ ନାହିଁ—ମୋ ରାଣତି ତୁମ ଆଖିରେ ଲୁହ ଦେଖିଲେ ମୁଁ ବି ଲୁହ ସମ୍ଭାଳି ପାରିବି ନାହିଁ ।' ଶେଷ କଥାଟି କହିବାବେଳେ ଯୋଗ-ବିଦ୍ୟାର କଣ୍ଠ ଗଦ୍‌ଗଦ୍ ହୋଇଆସିଲା । ରୋଗୀ ଉଦ୍‌ବିଗ୍ନ ହୋଇ କହିଲେ—"ନା ମା, ଆଉ କାନ୍ଦିବି ନାହିଁ । ମୁଁ କେଉଁଣ ମୂର୍ଚ୍ଛିତ ହୋଇଥିଲି ?" ଯୋଗବିଦ୍ୟା କିଛି ନ କହୁଣୁ ବୃନ୍ଦାବତୀ କହିଲେ—"ସୁରଦିନ କାଳ ମୂର୍ଚ୍ଛିତ ଥିଲ, ତିନଦିନ ହେଲା ବୋହୂ ଆସି ତୁମ ସେବାରେ ଲାଗିଛି । ଉଃ, ଅଣ୍ଡାଖେଣ୍ଡିକର କି କାଷ୍ଟ ଲୋ ମା । ତିନିଦିନ ହେଲା ଯେଉଁଠି ବସିଛି ସେଇଠି । ଆଉ କଥା କେଉଁଣ କହିବି, ଦାନ୍ତରେ କି ଘଷି ନାହିଁ । ରାତିରେ ତ ଆଖି କେଷା ହୁଏ ନାହିଁ । କେତେବେଳେ ଡୁଲାରେ ଦୁଧ ନେଇ ତୁମ ପାଖରେ ଦିଏ, କେତେବେଳେ ଶାମୁକାରେ ଉଷୁଦ ଡାଳି କଅଁଳିଆ ପିଲାଙ୍କୁ ଦୁଧ ପିଆଇଲା ପରି ପିଆଇଦିଏ, ଘାରେ ମଲମ ଲଗାଇ ଦିଏ । କେତେବେଳେ ଝାଳ ପୋଛି ଦେଇ ବିଞ୍ଚିଦିଏ । ପିଲା କଣ୍ଢେଇ ଖେଳରେ ମାତିଲାପରି ସବୁବେଳେ ନାନା କୁଟୁପୁଟୁରେ ଲାଗିଥାଏ ।" ଜମିଦାର ସବୁ ଶୁଣି ଫଁକରି ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ଅପରାଧୀ ପରି ଦୀନ ଦୃଷ୍ଟିରେ ଯୋଗବିଦ୍ୟାକୁ ଚାହିଁ କହିଲେ—"ମା, ତୋର ଏ ବୃଦ୍ଧ ଶ୍ୱଶୁରକୁ କ୍ଷମା କରିଲୁ; କିନ୍ତୁ ମୁଁ କ୍ଷମାର ଅଯୋଗ୍ୟ । ମୋହରି କ୍ରୋଧର ଅନଳ ଉତ୍ତାପରେ ତୋର ସୁଖର ଉଦ୍ୟାନ ଶୁଖିଯାଇଥିଲା ମା । ଆଉ କିଛି କହି ପାରିବି ନାହିଁ, ଅନୁଶୋଚନାରେ ମନଃପ୍ରାଣ, ଶରୀର ଜଳି ଯାଉଛି ମା । ଅନୁତାପର ମର୍ମଚ୍ଛେଦିନୀ ଶକ୍ତି ଅସୀମ ।" ଯୋଗବିଦ୍ୟା ଶ୍ୱଶୁରଙ୍କ ଏହି ଖେଦୋକ୍ତି ଶୁଣି କହିଲା—"ଏମିତି କଥା କାହିଁକି କହୁଛ ବାବା, ସେଥିରେ ମୋ ମନରେ ଦୁଃଖ ହେବ । ତୁମେ ଏମିତି ସନ୍ତାପିହେଲେ ମୋ ମନରେ ବଜ୍ରାଘାତଠାରୁ ବଳି ଅଘାତ ଲାଗିବ ।" ବୃଦ୍ଧ ଆଉ କିଛି କହିଲେ ନାହିଁ ।

ଯୋଗବିଦ୍ୟା ଶ୍ୱଶୁରଙ୍କ ବସନ୍ତକ୍ଷତକୁ ଦିନରେ ତିନିଥର ନିମପତ୍ରସିଝା ପାଣିରେ ଧୋଇ ଉତ୍ତମ ରୂପେ ପରିଷ୍କାର କରି ମଲମ ଲଗାଇ ଦିଏ; ସ୍ୱହସ୍ତରେ ପଥ୍ୟ ପ୍ରସ୍ତୁତ କରି ଶ୍ୱଶୁରଙ୍କୁ ଖୁଆଏ । ତାଙ୍କ ମନ ପ୍ରଫୁଲ୍ଲ ରଖିବାକୁ ନାନା ପ୍ରକାର ଚେଷ୍ଟା କରେ ଏବଂ ଦିନରାତି ସେବାରେ ଲାଗିଥାଏ । ତାହାର ନିପୁଣ ହସ୍ତର ପ୍ରାଣପଣ ସେବାରେ ସପ୍ତାହକ ମଧ୍ୟରେ ଜମିଦାର ଆରୋଗ୍ୟ ଲାଭ କଲେ । ଆରୋଗ୍ୟ ସ୍ନାନପରେ ଯୋଗ-ବିଦ୍ୟାର ମସ୍ତକରେ ହାତ ଦେଇ କହିଲେ—'ମା, ଆଶୀର୍ବାଦ କରୁଛି—ଚିର ସୌଭାଗ୍ୟବତୀ ହୋଇଥା । ଶେଷଜୀବନର ତୈଳଶୂନ୍ୟ ଦୀପ ପରି ମୋର ପ୍ରାଣ ନିଭି ଆସୁଥିଲା, ତୁ ତାକୁ ପୁଣି ଉଜ୍ଜୀବିତ କରିଦେଲୁ । ତୋର ଯୋଗବିଦ୍ୟା ନାମ ସାର୍ଥକ ମା, ତୁ ଅଦ୍ଭୁତ

ଯୋଗବଳରେ ମୋତେ ଯମଦ୍ୱାରରୁ ଫେରାଇ ଆଣିଲୁ ।
ମୁଁ ତୋତେ କଠୋର କଥା କହୁଛି, ଅବଜ୍ଞା କରୁଛି; ତାହା
ସବୁ ମନରେ ଧରିବୁ ନାହିଁ । ତୁ ଦେବୀ, ମୁଁ ତୋର
ପିଶାଚ ଶ୍ୱଶୁର; କିନ୍ତୁ ଦେବୀର ଶ୍ୱଶୁର ବୋଲି ମୁଁ
ଅକଥନୀୟ ଗୌରବ ଅନୁଭବ କରୁଛି । ତୋ ପରି
ବଧୂରତ୍ନ ମୋତେ ଜନ୍ମେ ଜନ୍ମେ ମିଳୁଥାଉ ।" ଏହି
ସମୟରେ ସତ୍ୟଭୂଷଣ ଆସି ପିତୃପଦତଳେ ସାଷ୍ଟାଙ୍ଗ
ପ୍ରଣାମ କଲା । ଯୋଗବଦ୍ୟା ସେଠାରୁ ଅନ୍ତର ହୋଇ-
ଗଲା । ବୃଦ୍ଧ ଜମିଦାର ପୁତ୍ରକୁ ଉଠାଇ ସ୍ନେହ ହସ୍ତରେ
ତାହା ମୁଣ୍ଡରୁ ଧୂଳି ଝାଡିଦେଇ କହିଲେ, "ବାବା ନିଜର
ଦୋଷରେ ମୁଁ ନିଜେ ଘାରି ହେଉଛି, ଲଜ୍ଜାରେ ତୋ
ମୁହଁକୁ ଅନାଇ କଥା କହି ପାରୁନାହିଁ । ମୋର ବିବେକ
ଦେବତା ମୋତେ ଯଥେଷ୍ଟ ଧିକ୍କାର କରୁଛି । କୃତକାର୍ଯ୍ୟ
ପୁଣି ଅଳ୍ପ ପରିହାସ କରୁନାହିଁ । ଅନୁତାପର ବ୍ୟଙ୍ଗ
ଖଡ୍ଗ ପ୍ର-ବିଦ୍ୟୁଦ୍‌ବହ୍ନି ମୋର ପ୍ରତି ଶିରରେ ଚରିଯାଉଛି ।
ମୁଁ ତୋର କୁପିତା; କିନ୍ତୁ ସୁପୁତ୍ର କୁପିତାର ଅପରାଧ ଧରେ
ନାହିଁ, ଏହାହିଁ ମୋର ସାନ୍ତ୍ୱନା । କୁପିତା ବୋଲି ମୋର
ଯେତେ ଅଖ୍ୟାତି ହେଉ ପଛେ ସୁପୁତ୍ରବାନ୍
ଗୌରବ କେବେ ମଳିନ ହେବ ନାହିଁ । ତୋପରି ପୁଅ
ଆଉ ବଦ୍ୟା ପରି ବୋହୂ ମୋ ପକ୍ଷରେ ଭାଗ୍ୟ ଦେବତାର
ମହାଦାନ; କିନ୍ତୁ ମୁଁ ନିର୍ବୋଧ ତୁମ୍ଭ ଦୁହିଙ୍କୁ ଚିହ୍ନି-
ପାରିଲି ନାହିଁ । ତୁମ୍ଭେ ଶିବ ଦୁର୍ଗା ପରି ହୋଇ ଅଖଣ୍ଡ
ସୁଖ ଭୋଗ କର, ମୋର ଏହି ଆଶୀର୍ବାଦ । ମୁଁ ବୃଦ୍ଧ,
ଜରା ମୋର ଶକ୍ତି ହରଣ କରୁଅଛି; ସୁତରାଂ ରାଜ୍ୟଭାର
ମୋ ପକ୍ଷରେ ଦୁର୍ବହ ହୋଇଉଠୁଅଛି । ଆଜିଠାରୁ ତୁ
ଏହି ବସ୍ତ୍ରପୁର ତାଲୁକାର ଜମିଦାର, ଆଉ ମୁଁ ଏ
ତାଲୁକାର ଜଣେ ସାମାନ୍ୟ ପ୍ରଜା । ମୋର ବଧୂମାତା
ମାନବୀ ନୁହେଁ—ସର୍ବଗୁଣଲକ୍ଷଣା ମହିମିତା ଦେବୀ ।
ତୁ ପ୍ରତ୍ୟେକ କାର୍ଯ୍ୟରେ ତାହାର ପରାମର୍ଶ ଗ୍ରହଣ
କରିବୁ । ତୋ ପ୍ରତି ଏହା ମୋର ଶେଷ ଆଦେଶ ।"
ସତ୍ୟଭୂଷଣ ଆଉ ଥରେ ପିତାଙ୍କୁ ପ୍ରଣାମ କରି କହିଲା—
"ପିତୃ ଆଜ୍ଞା ଶିରୋଧାର୍ଯ୍ୟ ।"

# ଜ ୟ ପୁ ର

# ଆତ୍ମକଥା

"ଜୟପୁର ଏଜେନ୍‌ସି ଉତ୍କଳ-ସମ୍ମିଳନୀ"ର ପ୍ରଥମ ଅଧିବେଶନ ପରେ ଲବ୍‌ଧପ୍ରତିଷ୍ଠ ଐତିହାସିକ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଦାସ, ଏମ୍. ଏ., ବି. ଏଲ୍‌ଙ୍କର "ଜୟପୁର ସମ୍ମିଳନୀ" ଶୀର୍ଷକ ପ୍ରବନ୍ଧ "ସହକାର" ପତ୍ରରେ ପ୍ରକାଶିତ ହେଲା । ସେଥିରେ ସେ ଲେଖିଥିଲେ—"ପ୍ରତ୍ୟେକ ଓଡ଼ିଆର ଜୟପୁର ଅଞ୍ଚଳ ଥରେ ଯାଇ ଦେଖି ଆସିବା ଦରକାର । ×××××× ଉତ୍କଳର ପ୍ରାକୃତିକ ବୈଚିତ୍ର୍ୟ ଜୟପୁରରେ, ଉତ୍କଳର ପ୍ରଚ୍ଛନ୍ନ ସମ୍ପତ୍ତି ଜୟପୁରରେ, ଉତ୍କଳର ଅନାବିଳ ଉତ୍କଳତ୍ୱ ସେହି ଜୟପୁରରେ ।" ମୁଁ ପ୍ରଥମ ବିଶେଷତ୍ୱଟି ପ୍ରତି ଆକୃଷ୍ଟ ହେଲି । ଜୀବନର ଅଧିକାଂଶ ସମୟ ମୁଁ ବନପର୍ବତରେ ବୁଲି କଟାଇଅଛି । ବନ ପର୍ବତହିଁ ମୋର ପ୍ରିୟ—ମୋ ପକ୍ଷରେ ଲୋଭନୀୟ । ଜୟପୁର ଦେଖିବାର ବାସନା ବଳବତୀ ହୋଇଉଠିଲା । ଅଧୀର ଉତ୍କଣ୍ଠା ବିଳମ୍ବ ସହିପାରେ ନାହିଁ—ଏହା ସ୍ୱତଃସିଦ୍ଧ କଥା । ସ୍ଥାନବିଶେଷର ବର୍ଣ୍ଣନା ପଢ଼ି ମନ ମଧ୍ୟରେ ଅଜ୍ଞାତରେ ଯେଉଁ ସୁନ୍ଦର ଛବି ସ୍ୱତଃ ଅଙ୍କିତ ହୋଇଯାଏ, ତାହାର ଆକର୍ଷଣ ବଡ଼ ପ୍ରବଳ । ଅତୃପ୍ତ ଆକାଙ୍‌କ୍ଷାର ତୀବ୍ର ଭର୍ତ୍ସନା ବାରମ୍ବାର ସହ୍ୟ କରିବାକୁ ହେଉଥାଏ । ଇଚ୍ଛା ଅବସ୍ଥାର ପ୍ରତିକୂଳ ହେଲେ ଏହିପରି ଘଟିଥାଏ । ଜୟପୁରର ମହାରାଜା, ସାହିତ୍ୟ-ସମ୍ରାଟ୍ ବିକ୍ରମଦେବ ବର୍ମା ମହୋଦୟ ଦଶହରା ପର୍ବ ସମୟରେ ମୋତେ ଜୟପୁର ଯିବା ପାଇଁ ଲେଖିଲେ । ସେଥର ଦଶହରା ସମୟରେ ପ୍ରବଳ ବୃଷ୍ଟି ହେଲା । ତର ଆଶଙ୍କାମୟ ଜୀବନ ଘେନି ସେହି ଦୁର୍ଯୋଗରେ ସୁଦୂରବର୍ତ୍ତୀ ଜୟପୁର ଯିବାକୁ ମୋର ସାହସ କୁଳାଇଲା ନାହିଁ । ତହୁଁ ବସନ୍ତକାଳରେ ଯିବାପାଇଁ ମହାରାଜା ମହୋଦୟଙ୍କୁ ପତ୍ରଦ୍ୱାରା ଧନ୍ୟବାଦ ସହ ଜଣାଇଦେଲି । ଗତ ଫାଲ୍‌ଗୁନ ମାସର ଶେଷ ସପ୍ତାହରେ ମୁଁ ଜୟପୁର ଯାଇଥିଲି । ସଙ୍ଗରେ ମୋର ଅନୁଜ ସୋମନାଥ ଏବଂ ସୁହୃଦ ଉପେନ୍ଦ୍ର ଯାଇଥିଲେ । ରାଜାଜ୍ଞାରେ ସୁଖ ସୁବିଧାରେ ଯିବାର ବ୍ୟବସ୍ଥା ହୋଇଥିଲା । ଜୟପୁରରେ ଆମ୍ଭେମାନେ ଏଗାର ଦିନ ଅବସ୍ଥାନ କରିଥିଲୁଁ । ପ୍ରଧାନ ପ୍ରଧାନ ଐତିହାସିକ ସ୍ଥାନ ଏବଂ ଦର୍ଶନୀୟ ସ୍ଥାନ ଦେଖିବାର ସୁବ୍ୟବସ୍ଥା ଷ୍ଟେଟପକ୍ଷରୁ ହୋଇଥିଲା । ଯାନ, ବାହାନର ଏରୂପ ସୁନ୍ଦର ବ୍ୟବସ୍ଥା ହୋଇଥିଲା ଯେ, ଜରାଜର୍ଜର ଶରୀରରେ ମୁଁ କୌଣସି ଅସୁବିଧା ଅନୁଭବ କରି ନାହିଁ । ଏହା ମୋ ପ୍ରତି ବିଶେଷ ରାଜ ଅନୁକମ୍ପାର ନିଦର୍ଶନ ।

ଜୟପୁର ଅବସ୍ଥାନ କାଳରେ ମୁଁ ଯେଉଁ ବର୍ଣ୍ଣନୀୟ ସ୍ଥାନସମୂହ ଦେଖିଥିଲି, ରାଜା ଏବଂ ରାଜ୍ୟ ସମ୍ବନ୍ଧରେ ଯାହା ଯାହା ଲୋକମୁଖରୁ ସଂଗ୍ରହ କରିଥିଲି, ତାହାହିଁ ଏ ପୁସ୍ତକର ବର୍ଣ୍ଣନୀୟ ବିଷୟ । ତଦ୍‌ବ୍ୟତୀତ ରାଜ୍ୟର ଭୌଗୋଳିକ, ପ୍ରାକୃତିକ, ସାମାଜିକ, କିମ୍ବଦନ୍ତୀକ ବିବରଣ, ରାଜବଂଶର ଇତିହାସ ବର୍ତ୍ତମାନ ମହାରାଜାଙ୍କ ଜୀବନପଞ୍ଜିକା ପୁସ୍ତକରେ ସନ୍ନିବେଶିତ ହୋଇଅଛି । ମୋର ଜୟପୁର ଦର୍ଶନର ସ୍ମାରକ ସ୍ୱରୂପ ପୁସ୍ତକର ନାମ "ଜୟପୁର" ରହିଅଛି ।

ପୁସ୍ତକ ଲେଖିବା ସମୟରେ ଜୟପୁର ରାଜବଂଶାବଳୀ; ମହାରାଜଜାମାତା କୁମାର ବିଦ୍ୟାଧର ସିଂହଦେବଙ୍କ ପ୍ରଣୀତ “Jeypore in Vizagapttam” ବିଶାଖପଟ୍ଟଣ ଜିଲ୍ଲାର ଗେଜେଟିଅର ଏବଂ ଉତ୍କଳର ସୁପରିଚିତ ଐତିହାସିକ ପ୍ରତ୍ନତତ୍ତ୍ୱଜ୍ଞ, ସାହିତ୍ୟିକ ଡାକ୍ତର ରାଧାଚରଣ ପଣ୍ଡାଙ୍କ ବିରଚିତ ‘ରାଜର୍ଷି ବିକ୍ରମଦେବ” ନାମକ ପୁସ୍ତକମାନଙ୍କରୁ ଆବଶ୍ୟକ ମତେ ସାହାଯ୍ୟ ଗ୍ରହଣ କରିଅଛି । ସେଥିପାଇଁ ମୁଁ ଗ୍ରନ୍ଥକାରମାନଙ୍କ ନିକଟରେ କୃତଜ୍ଞ । ଏହା ଭିନ୍ନ ନୂତନ, ପୁରାତନ ମାସିକ, ସାପ୍ତାହିକ ଏବଂ ଦୈନିକ ପତ୍ର-ପତ୍ରିକାରୁ ଜୟପୁର ସମ୍ବନ୍ଧୀୟ ଅନେକ ବିଷୟ ସଂଗୃହୀତ ହୋଇଅଛି । ସ୍ୱୟଂ ସାହିତ୍ୟସମ୍ରାଟ୍ ମହାରାଜା ମହୋଦୟ ମଧ୍ୟ ଇତିହାସ ସଙ୍କଳନ ବିଷୟରେ ଯଥେଷ୍ଟ ସାହାଯ୍ୟ କରି ମୋର ଅତୁଳଭକ୍ତି ଏବଂ ଧନ୍ୟବାଦଭାଜନ ହୋଇଅଛନ୍ତି । ଏହି ପୁସ୍ତକପାଠଦ୍ୱାରା ବନ୍ଧୁ ପୁରାତନ ବିଶାଳ ଜୟପୁର ରାଜ୍ୟ ସମ୍ବନ୍ଧରେ କେହି ଯଦି କିଛି ଅଭିଜ୍ଞତା ଲାଭକଲେ ମୁଁ ଶ୍ରମ ସାର୍ଥକ ମଣିବି ।

ଶ୍ରୀ ଚିନ୍ତାମଣି ମହାନ୍ତି

# ଉପହାର

କୋବିଦବୃନ୍ଦବନ୍ଦିତ, ସାହିତ୍ୟ-ସମ୍ରାଟ୍,

**ଜୟପୁରାଧୀଶ୍ୱର ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା**

ମହୋଦୟ ମହାସନ୍ନିଧାନେଷୁ ।

ପୂଜାସ୍ପଦ ଶ୍ରୀମନ୍ମହାରାଜ,

ଶ୍ରୀମାନ୍ ବିଶାଳରାଜ୍ୟର ଅଧୀଶ୍ୱର, ଶ୍ରୀମାନଙ୍କର ରାଜପୂଜା ଧନରତ୍ନ ସାପେକ୍ଷ; ମାତ୍ର ସାରସ୍ୱତ ରାଜ୍ୟର ସମ୍ରାଟ ଭାବରେ ଶ୍ରୀମାନଙ୍କର ପୂଜା ସ୍ୱତନ୍ତ୍ର । ସାରସ୍ୱତ ପୂଜା ସାରସ୍ୱତ ଉପାଦାନରେ ହିଁ ହୁଏ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ଏହି "କସ୍ତୁରୀ" ପୁସ୍ତକଖଣ୍ଡି ପୂଜା ଫୁଲରୂପେ ଶ୍ରୀମାନଙ୍କ ପୁଣ୍ୟ-ପୂତକର-କମଳରେ ଭକ୍ତ୍ୟୁପହାର ଅର୍ପଣ କରୁଅଛି । ଏହା ଶ୍ରୀମାନଙ୍କ ପ୍ରଥମ ଦର୍ଶନର ସ୍ମାରକ ନିଦର୍ଶନ ସ୍ୱରୂପ । ଶ୍ରୀମାନଙ୍କ ପୂଜାର ଏହା ଉପଯୁକ୍ତ ଉପାୟନ ନହେଲେହେଁ, ସୁନ୍ଦର ସୌରଭମୟ ଚମ୍ପକ ଅପେକ୍ଷା ରୂପ-ଗନ୍ଧହୀନ ଧୁସ୍ତୁରଫୁଲ ଶିବଙ୍କର ସମଧିକ ପ୍ରୀତିପ୍ରଦ ହୁଏ-ଏହି ଶାଶ୍ୱତ ସତ୍ୟ ଉପରେ ନିର୍ଭର କରି ମୁଁ ଏ କାର୍ଯ୍ୟରେ ସାହସୀ ହୋଇଅଛି, ଏଥିରେ ଶ୍ରୀମାନଙ୍କ ରାଜ୍ୟ, ବଂଶ ଏବଂ ଶ୍ରୀମାନଙ୍କ ପବିତ୍ର ଆଖ୍ୟାନ ବର୍ଣ୍ଣିତ ହୋଇଅଛି । ଛୁଞ୍ଚି, ସୂତା, ଫୁଲ ସବୁ ଶ୍ରୀମାନଙ୍କର, ମୁଁ କେବଳ ହାର ଗୁନ୍ଥି ଅଛି ମାତ୍ର । ସଦୟ ଗ୍ରହଣାନୁମତି ହେଉ—ଏତିକି ସବିନୟ ମାଗୁଣି । ବସନ୍ତ ସ୍ପର୍ଶ-ବିକଶିତ ମଲ୍ଲିକା କୁସୁମରେ ହିଁ ସେହି ଋତୁ ସମ୍ରାଟ୍ ବସନ୍ତ ଦେବଙ୍କୁ ପୂଜା କଲାପରି ମୋର ଏ ଭକ୍ତି ପୂଜା ଶ୍ରୀମାନରେ ସ୍ୱୀକୃତ ହେଲେ ମୁଁ ନିଜକୁ କୃତାର୍ଥ ମଣିବ ।

ଭଦ୍ରକ
ତା ୨୫ । ୧୧ । ୧୯୩୪

ଶ୍ରୀମାନଙ୍କର
ସ୍ନେହ-ସହାନୁଭୂତି-ଦୀନ
ଶ୍ରୀ ଚନ୍ଦ୍ରମଣି ମହାନ୍ତି

# ଜୟପୁର

## ପ୍ରଥମ ପରିଚ୍ଛେଦ

ବିଶାଖପଟ୍ଟଣ ଜିଲ୍ଲାସ୍ଥ ଜୟପୁର ରାଜ୍ୟ ପ୍ରାକୃତିକ ଉତ୍କଳର ଗୋଟିଏ ବିଶାଳ, ବଳିଷ୍ଠ, ବିଶିଷ୍ଟ ଅଙ୍ଗ । କମ୍ବଦନ୍ତୀ ମୁଖରେ ପ୍ରକାଶ, ଜଣେ ଆନ୍ଧ୍ର ରାଜା କାଶୀ ଯାଉଁ ଯାଉଁ ପଥରେ ଏହିଠାରେ ଅବସ୍ଥାନ କରିଥିଲେ। ସ୍ଥାନଟି ତାଙ୍କର ଏପରି ପ୍ରୀତିପ୍ରଦ ହେଲା ଯେ, ସେ ଏଠାରେ ତାଙ୍କର ଆରାଧ୍ୟ ଦେବତା ବୈଶାଖ ଅର୍ଥାତ୍ କାର୍ତ୍ତିକେୟଙ୍କ ନାମରେ ଗୋଟିଏ ଦେବାଳୟ ନିର୍ମାଣ କରାଇ ଦେବତାପ୍ରତିଷ୍ଠା କରିଥିଲେ । ତଦନୁସାରେ ସ୍ଥାନର ନାମ ବୈଶାଖପତ୍ତନ ହୋଇଥିଲା । ବିଶାଖପଟ୍ଟଣ ତାହାର ଅପଭ୍ରଂଶ । ବିଶାଖପଟ୍ଟଣ କଳିଙ୍ଗ ରାଜ୍ୟର ଗୋଟାଏ ଅଂଶ ଥିଲା । ବିଶାଖପଟ୍ଟଣ ଜିଲ୍ଲା ପାଞ୍ଚ ଭାଗରେ ବିଭକ୍ତ, ଯଥା—ବିଶାଖପଟ୍ଟଣ, ବିଜୟନଗର, ନାରସୀପତ୍ତନ, ପାର୍ବତୀପୁର ଏବଂ କୋରାପୁଟ । କୋରାପୁଟ ଛଅ ଅଂଶରେ ବିଭକ୍ତ, ଯଥା— କୋରାପୁଟ, ଜୟପୁର, ପାଡୁଆ, ପୋଟାଙ୍ଗୀ ମାଲକାନଗିରି ଏବଂ ନବରଙ୍ଗପୁର । ବିଶାଖପଟ୍ଟଣର ଏଜେନ୍ସି ବା ମାଳ ମଧ୍ୟରେ ଜୟପୁର । ଏଜେନ୍ସି ଜିଲ୍ଲା ୧୮୩୯ ଖ୍ରୀଷ୍ଟାବ୍ଦର ସ୍ୱତନ୍ତ୍ର ଆଇନ ବଳରେ ଜଣେ ବିଶେଷ କ୍ଷମତାପ୍ରାପ୍ତ କଲେକ୍ଟରଙ୍କଦ୍ୱାରା ଶାସିତ ହୁଏ । ତାଙ୍କୁ ଏଜେଣ୍ଟ କହନ୍ତି । ଏଜେନ୍ସି ବା ମାଳ ଅଞ୍ଚଳ ସ୍ୱଭାବତଃ ଗିରିକାନନସଙ୍କୁଳ । ଲୋକେ ସାଧାରଣତଃ ଅଧମ ଜାତୀୟ । ସାଧାରଣ ଆଇନ ବଳରେ ସେମାନଙ୍କୁ ଶାସନ କରିହେବ ନାହିଁ ବୋଲି ସ୍ୱତନ୍ତ୍ର ଆଇନର ଯୋଜନ ହୋଇଅଛି ।

ନନ୍ଦପୁରାଧୀଶ୍ୱର ବୀର ବିକ୍ରମ ଦେବ ୧୬୩୭ ଖ୍ରୀଷ୍ଟାବ୍ଦରୁ ୧୬୬୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ନନ୍ଦପୁରଠାରୁ ନିଜର ରାଜଧାନୀ ବର୍ତ୍ତମାନ ଜୟପୁରକୁ ଉଠାଇ ଆଣିଥିଲେ । ନନ୍ଦପୁରରେ ରାଜବଂଶ ଅଭିବୃଦ୍ଧି ହେଲା ନାହିଁ, ଏକ ପୁରୁଷ ହୋଇଆସିଲା । ରାଜଧାନୀ ପରିବର୍ତ୍ତନର ଏହାହିଁ କାରଣ, ରାଜଧାନୀ ହେବା ପୂର୍ବରୁ ବର୍ତ୍ତମାନ ଜୟପୁରରେ ଜୈନମାନେ ବାସ କରୁଥିଲେ । ଜୟପୁରର ପ୍ରାୟ ଅର୍ଦ୍ଧ ମାଇଲ ପଶ୍ଚିମରେ ଜୈନନଗର ନାମକ ପଲ୍ଲୀ ଅଦ୍ୟାପି ବିଦ୍ୟମାନ । ତାହାର ପ୍ରାଚୀନ ନାମ ଜୟାନ ବା ଜୈନନଗର, ପରେ କିଛି କାଳ ଜୈନନଗର ନାମ ଧାରଣ କଲା । ତହିଁ ପରେ ଜୟନଗର ହେଲା । ଶେଷରେ ଜୟପୁର ନାମ ଧରି ରାଜଧାନୀ ହେଲା । ହାଇଦ୍ରାବାଦର ନବାବ ଜୟପୁରର ଜଣେ ରାଜାଙ୍କୁ "ଝାଡ଼ଖଣ୍ଡ ବାଦସା" ଉପାଧି ପ୍ରଦାନ କରିଥିଲେ । ସେହି ହେତୁରୁ ଜୟପୁରକୁ "ଝାଡ଼ଖଣ୍ଡ ବାଦସାହି ମୁଲକ" ବୋଲି କହନ୍ତି । ଏହି ଉପାଧିପ୍ରାପ୍ତ ରାଜା ପ୍ରଥମ ବିକ୍ରମଦେବ । ସେ ୧୭୫୮ ରୁ ୧୭୮୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ରାଜା ୧୭୭୭ ଖ୍ରୀଷ୍ଟାବ୍ଦରେ କୋଟପାଡ଼ର ବର୍ତ୍ତମାନ ଭଗ୍ନାବଶେଷ ଦୁର୍ଗ ନିର୍ମାଣ କରିଥିଲେ ।

ଜୟପୁର ରାଜ୍ୟର ଉତ୍ତରରେ ଇନ୍ଦ୍ରାବତୀ ନଦୀ । ପୂର୍ବରେ ୩୦୦୦ ଫୁଟ ଉଚ୍ଚତାବିଶିଷ୍ଟ ପୂର୍ବଘାଟ ପର୍ବତମାଳା, ଦକ୍ଷିଣରେ ମାଲକାନଗିରି ତାଲୁକା।

ପଶ୍ଚିମରେ କୋଲାବ ନଦୀ ଏବଂ ବସ୍ତର ରାଜ୍ୟ । ଜୟପୁର ଏକ ବିରାଟ ବିସ୍ତୃତ ରାଜ୍ୟ । ଏହାର ପରିମାଣ ଫଳ ପ୍ରାୟ ୧୬୦୦ ବର୍ଗମାଇଲ । ଲୋକସଂଖ୍ୟା ପ୍ରାୟ ୧୧୦୦୦୦୦ । ସେଥି ମଧ୍ୟରେ ଶତକଡ଼ା ୯୬ ଜଣ ଓଡ଼ିଆ ଅଧିବାସୀ । ରାଜ୍ୟରେ ଆରଣ୍ୟ ଓ ପାର୍ବତ୍ୟ ଭୂମି ଅଧିକ । ବସତିଯୋଗ୍ୟ ସ୍ଥାନ ଅପେକ୍ଷାକୃତ ଊଣା ହେତୁ ଅଧିବାସୀ ସଂଖ୍ୟା ଊଣା ହୋଇଅଛି ; ମାତ୍ର ରାଜ୍ୟର ପରିମାଣ ଫଳ ଓଡ଼ିଶାର ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଏବଂ ଅନୁଗୁଳର ଏକତ୍ର କ୍ଷେତ୍ରଫଳ ସଙ୍ଗେ ସମାନ । ଉତ୍କଳର ଗୋଟାଏ ଏଡ଼େବଡ଼ ଖଣ୍ଡ ତାହାଠାରୁ ବିଚ୍ଛିନ୍ନ ହୋଇ ରହିଅଛି, ଏହା ଉତ୍କଳ ପକ୍ଷରେ ଅତୀବ ଦୁର୍ଭାଗ୍ୟର ବିଷୟ ।

ବନ୍ୟ ଏବଂ ଖଣିଜ ସମ୍ପଦରେ ଜୟପୁର କୁବେର-ପ୍ରତିମ । ଭୂମି ପ୍ରାକୃତିକ ନିୟମରେ ଉର୍ବରା । ବାସ୍ତବରେ ଜୟପୁର ରହସ୍ୟ ରାଜ୍ୟ । ନିସର୍ଗ ସୁଷମାରେ ମର୍ତ୍ତ୍ୟର ଅମରାବତୀ । ଜୟପୁରକୁ ଯିବା ପାଇଁ ପଥ ଘାଟର ବଡ଼ ଅଭାବ ଥିଲା । ବିଶେଷତଃ ନିବିଡ଼ ଅରଣ୍ୟମୟ ଗିରି-ସଙ୍କୁଳ ପ୍ରଦେଶ ହେତୁ ତାହା ମାନବର ଅଗମ୍ୟ ସ୍ଥାନ ହୋଇଥିଲା; ଏମନ୍ତ କି ଅତି ଦୁଃସାହସୀ ସୁଦ୍ଧା ଯିବାକୁ ଭୟ କରୁଥିଲା । ଏହେତୁ ଲୋକେ ଜୟପୁରକୁ ଯମ ଆଖ୍ୟା ପ୍ରଦାନ କରିଥିଲେ । ଏ ସମ୍ବନ୍ଧରେ ଗୋଟାଏ ପ୍ରବାଦ ଅଛି । ତାହାକୁ ପ୍ରବାଦ ନ କହି ସତ୍ୟ ଘଟଣା କହିଲେ ମଧ୍ୟ ଅତିରଞ୍ଜିତ ହେବ ନାହିଁ । ଗଞ୍ଜାମ ଅଞ୍ଚଳର ଜଣେ ଲୋକ ସଙ୍କଟ ପୀଡ଼ାରେ ଆକ୍ରାନ୍ତ ହୋଇ ମରଣାପନ୍ନ ଅବସ୍ଥାରେ ଉପସ୍ଥିତ ହେଲା । ତାକୁ ଯେ ଦେଖିଲା ସେ ଯମପୁରର ନିକଟବର୍ତ୍ତୀ ଯାତ୍ରୀ ବୋଲି ନିର୍ଦ୍ଦେଶ କଲା । ଦିନେ ସେ ଜଣେ ଜ୍ୟୋତିଷକୁ କୋଷ୍ଠୀ ଗଣନା କରିବାକୁ କହିବାରୁ ଜ୍ୟୋତିଷ କହିଲା—"ତୁ ଆଉ ବଞ୍ଚିବୁ ନାହିଁ ଖୁବ୍ ଶୀଘ୍ର ତୋର ମୃତ୍ୟୁ ଘଟିବ । ତହୁଁ ସେ ଯମକୁ ଠକାଇବା ପାଇଁ ମନେ ମନେ ଫିକର କରି କହିଲା, ଜୟପୁରକୁ ତ ଲୋକେ ଯମପୁର ବୋଲି କହନ୍ତି, ମୁଁ ସେଇଠାରେ ଯାଇ ରହିଲେ ଆଉ ମୋତେ ଯମ କପରି ନେବ ? ଏହି କୌଶଳରେ ମୁଁ ଯମକୁ ଠକାଇଦେଇପାରିବି । ଏହା ଭାବି ସେ ଜୟପୁରରେ ଯାଇଁ ରହିଲା । ସୌଭାଗ୍ୟକ୍ରମେ ସେ କିଛିଦିନ ପରେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇ ଆଉ ଘରକୁ ନ ଫେରି ସେହି ଜୟପୁରରେ ରହିଲା । ଲୋକଟି ଅଦ୍ୟାପି ଜୀବିତ । ତାହାର ଦୃଢ଼ ବିଶ୍ୱାସ ତାକୁ ପ୍ରତ୍ୟକ୍ଷ ଫଳ ପ୍ରଦାନ କଲା । ବାସ୍ତବରେ ଏହା ସତ୍ୟ ଘଟଣା ।

ଜୟପୁରକୁ ଘାଟିପଥ ଫିଟିଲା ଦିନୁଁ ତାର ଯମପୁର ଅପବାଦ ତିରୋହିତ ହୋଇଅଛି । ଏବେ ଜୟପୁର ବାଣୀତୀର୍ଥରେ ପରିଣତ ହୋଇ ଅମରାବତୀ ଏବଂ ଅଳକାପୁରୀକୁ ନୀରବରେ ପରିହାସ କରୁଅଛି । ନୀରବ ପରିହାସ ବାସ୍ତବରେ ଉଗ୍ର ବିଷ ପରି ବଡ଼ ତୀବ୍ର । ତାହା ପ୍ରାଣର ଅନ୍ତଃପୁରକୁ ଜାଳିଦିଏ ।

ଜୟପୁର ଯିବାକୁ ହେଲେ ରେଲଗାଡ଼ିରେ ବିଜୟନଗର ପର୍ଯ୍ୟନ୍ତ ଯାଇ ସେଠାରୁ ରେଲ୍ ବା ମୋଟର ବାସରେ ସାଲୁର ଯିବାକୁ ହୁଏ । ଉଭୟର ଭଡ଼ା ସମାନ । ବିଜୟ ନଗର ଗୋଟିଏ ସୁସଜ୍ଜିତ ସହର । ସେଠାରେ ସ୍କୁଲ, କଲେଜ, ଡାକ୍ତରଖାନା ଏବଂ ବଡ ବଡ ସରକାରି ଅଫିସ ପ୍ରଭୃତି ନାଗରିକ ଉପାଦାନ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ । ବିଶାଖପଟ୍ଟଣ ସହର ଦୁଇ ଭାଗରେ ବିଭକ୍ତ । ଏକ ଅଂଶ ଓ୍ୱାଲଟିଅର, ଅପର ଅଂଶ ବିଜୟ ନଗର । ବିଜୟ ନଗରରେ ଜଣେ ମହାରାଜା ଅଛନ୍ତି । ପ୍ରଥମ ଶ୍ରେଣୀ କଲେଜଟି ଉକ୍ତ ସଦାଶୟ ମହାରାଜାଙ୍କ ବ୍ୟୟରେ ପରିଚାଳିତ । ବିଜୟ ନଗରଠାରୁ ସାଲୁରର ଦୂରତ୍ୱ ୩୬ ମାଇଲ । ଏ ଅଞ୍ଚଳରେ ଅପର୍ଯ୍ୟାପ୍ତ ତାଳଗଛ ଦେଖାଯାଏ । ଘନ ସନ୍ନିବିଷ୍ଟ ତାଳତରୁପଂକ୍ତି ଶସ୍ୟ କ୍ଷେତ୍ରରେ ସୀମାବଦ୍ଧ ହୋଇଅଛି । ଗ୍ରାମ, ବିଲ, ପ୍ରାନ୍ତର ସବୁ ତାଳବନମୟ । ଯେଉଁ ଆଡ଼କୁ ଚାହିଁଲେ ଦୈତ୍ୟରାଜ୍ୟ ପରି ବୋଧହୁଏ । ତାଳଗଛଗୁଡ଼ାକ ଭୀଷଣ ଭୂତମୂର୍ତ୍ତି ପରି ଉଚ୍ଚ, ମସ୍ତକରେ ସ୍ଥୂଳ ରୁକ୍ଷ ଘନକେଶ ଫର ଫର ହୋଇ ଉଡ଼ୁଅଛି । ଏ ଅଞ୍ଚଳରେ ତାଳ ପତ୍ରରେ ଅନେକ ବ୍ୟବହାର୍ଯ୍ୟ ଶିଳ୍ପ ପ୍ରସ୍ତୁତ ହୁଏ । ତାଳପତ୍ରରେ ଘର ଛପାଯାଏ । ପଲ୍ଲୀର ଅଧିକାଂଶ ଗୃହ ତାଳ ବରଡ଼ା ନିର୍ମିତ । ଅର୍ଦ୍ଧବୃତ୍ତାକାରରେ ତାଳପତ୍ରରେ ଠୋଲି ତିଆରି କରି ସେଥିରେ କୂଅରୁ ପାଣି ତଡ଼ାଯାଏ ।

ଗୋଟାଏ ଗୋଟାଏ ଚୋଲିରେ କଳସାଏ ଲେଖାଏଁ ପାଣି ଧରେ । ଏ ଅଞ୍ଚଳର ଭୂମି ଖୁବ୍ ଉର୍ବରା । ଶସ୍ୟକ୍ଷେତମାନ ବାରମାସ ଯାକ ବିବିଧ ଶସ୍ୟରେ ପୂର୍ଣ୍ଣ ଥାଏ । ବିଲ ମଝିରେ କଦଳୀବନ ଦୂରରୁ ନୀଳପାଟ ଶାଢ଼ୀ ପ୍ରାୟ ଅତି ସୁନ୍ଦର ଦିଶେ । ସତେ ଯେପରି ଶ୍ରେଣୀବଦ୍ଧ ବୃକ୍ଷଗୁଡ଼ିକ ଶାଖା ସଞ୍ଚାଳନ ଛଳରେ ପଥିକକୁ ଅତିଥି ହେବାପାଇଁ ହାତ ଠାରି ଡାକୁଅଛନ୍ତି । ସାନ ସାନ ଗଛରେ ଖୁବ୍ ବଡ଼ ବଡ଼ କାନ୍ଧ କଦଳୀ ଫଳେ । ରାସ୍ତାଗୁଡ଼ିକ ଦୁଇ ପାଖରୁ ଝୁଲିପଡ଼ି ମଝିରେ ବିଚିତ୍ର ମେହେଣ୍ଟାବଯୁକ୍ତ ମନୋରମ କୁଞ୍ଜ ସୃଷ୍ଟି କରିଥାଏ । ସେ ଶୋଭା କେବଳ ଉପଭୋଗ୍ୟ, ତୂଳିକାରେ ସେ ଗୁଡ଼ିକ ଚିତ୍ର ଅଙ୍କିତ ହେବାର ନୁହେଁ ।

ଏ ଅଞ୍ଚଳରେ ବିସ୍ତର ଆଖୁ ଚାଷ ହୁଏ । କୃଷକମାନେ ବାଡ଼ିରେ ପାଳଗଦା ପରି ଆଖୁପତ୍ର ଗଦା କରି ଚତୁର୍ମାସ୍ୟାରେ ଜାଳ ସକାଶେ ସାଇତି ରଖିଥାଆନ୍ତି । ପଥ ପାର୍ଶ୍ୱରେ ତାଳପତ୍ର ପଲ୍ଲୀଗୁଡ଼ିକ ଋଷି ଆଶ୍ରମ ପରି ମନୋରମ ଏବଂ ଶାନ୍ତିପ୍ରଦ । ତେନ୍ତୁଳି ଗଛମାନ ବରଗଛଠାରୁ ବଡ଼ ହୁଏ । ଏହା ସ୍ଥାନୀୟ ଜଳବାୟୁର ପ୍ରଭାବ । ସ୍ଥାନେ ସ୍ଥାନେ କଲମି ଆମ୍ବର ସାନ ବଡ଼ ତୋଟା ଦେଖାଯାଏ । ଗଛଗୁଡ଼ିକ ଝାମ୍ପୁରିମୁଣ୍ଡିଆ ଶିଶୁ ପରି ପବନରେ ଫର୍ ଫର୍ ହୋଇ ନାଚୁଥାଆନ୍ତି । ଲଙ୍କାଆମ୍ବ ତୋଟାର ମଧ୍ୟ ଅଭାବ ନାହିଁ । ପଥ ପାର୍ଶ୍ୱର ପ୍ରାକୃତିକ ଦୃଶ୍ୟ ନେତ୍ରରସାୟନ ଏବଂ ମନୋମୁଗ୍ଧକର ।

ସାଲୁରରେ ଜଣେ ଓଡ଼ିଆ ରାଜା ଅଛନ୍ତି । ତାଙ୍କର ଅଧିକାଂଶ ପ୍ରଜା ତେଲୁଗୁ । ସାଲୁର ପରି ମହଙ୍ଗା ସ୍ଥାନ ଭୂମଣ୍ଡଳରେ ଅଛି କି ନାହିଁ ସନ୍ଦେହ । ବୋଧ ହୁଏ ନଅଙ୍କ ଦୁର୍ଭିକ୍ଷ ସେଠାରେ ବସା କରି ରହିଅଛି । ପାନ ପଇସାରେ ଛଅଟି, ଏହିଥିରୁ ଅନ୍ୟାନ୍ୟ ପଦାର୍ଥର ମୂଲ୍ୟ ଅନୁମେୟ । ହୋଟେଲରେ ଥରକୁ ପଚିଶ ପଇସା ଦେଇ ଉପବାସ ବ୍ରତ ଧାରଣ କରିବାକୁ ହୁଏ । ଅନ୍ନଦେବତାଙ୍କୁ କେବଳ ସ୍ପର୍ଶକରି ତାଙ୍କର ଗୌରବ ରକ୍ଷା କରିବାକୁ ହୁଏ, ଉଦରସ୍ଥ କରିବାର ସାଧ୍ୟ ନାହିଁ । ଅନ୍ନବ୍ୟଞ୍ଜନ ମିଶି ଯେତେ, ଲୁଣ, ଲଙ୍କାମରିଚ, ଖଟା, ହେଙ୍ଗୁ ଏବଂ ମେରସିଙ୍ଗାପତ୍ର ପ୍ରାୟ ତାହାର ଅର୍ଦ୍ଧେକ । ଉପାଦାନମାନ ବୋଲିଗଲା, ସ୍ୱାଦ ଏବଂ ରୁଚିର କଥା ନ କହିବା ହିଁ ନିରାପଦ । ଲଙ୍କାମରିଚ ଗୁଣ୍ଡରେ ଶତସ୍ଫୁଟିତ ତରକାରୀ ଗୁଣ୍ଡକୁ ନେଲା ଯଦି ନେତ୍ରରୁ ଶ୍ରାବଣର ଧାରା ଗଡ଼ିପଡ଼େ । ଦୁଷ୍ଟ ପିଲା ଅବଧାନଠାରୁ ଛାଟ ଖାଇ "ଉହୁଁ" ହେଲା ପରି ଭୋଜନ କରିବାର ପଞ୍ଚଅସ୍ଥି ଶୀତଳ ହୋଇଯାଏ । ଦକ୍ଷିଣଦେଶ ହୋଟେଲର ବିଶେଷତ୍ୱ ଏହି ଯେ, ଥରେ ସେଥିରେ ଆହାର କଲେ ଖାଦକର ସପ୍ତପୁରୁଷ ପର୍ଯ୍ୟନ୍ତ କେହି ହୋଟେଲର ସୀମା ସ୍ପର୍ଶ କରିବାକୁ ସାହସୀ ହେବେ ନାହିଁ । ଗୁଡ଼ୁର ଗୁଣ ବର୍ଣ୍ଣନା କରିବାକୁ ଉପଯୁକ୍ତ ଭାଷାର ଏକାନ୍ତ ଅଭାବ । ଗୁଡ଼ୁ ତ ଚକ୍ରବର୍ତ୍ତୀ, କି ତପସ୍ୟା କରି କେଜାଣି ଦକ୍ଷିଣ ଦେଶଟାଯାକ ଏକଚ୍ଛତ୍ର ଆଧିପତ୍ୟ ବିସ୍ତାର କରି ବସିଅଛି । ବ୍ୟଞ୍ଜନ ମଧ୍ୟରେ ସେ ସୌଭାଗ୍ୟବାନ୍ ।

ସାଲୁରଠାରୁ ଜୟପୁର ପ୍ରାୟ ୭୫ ମାଇଲ । ଛମାଇଲ ସମଭୂମିରେ ଯିବାକୁ ହୁଏ । ଅବଶିଷ୍ଟ ପୂର୍ବଘାଟ ପର୍ବତର ଘାଟି ପଥରେ ଅତିକ୍ରମ କରାଯାଏ । ପ୍ରାୟ ପଚିଶ ବର୍ଷ ପୂର୍ବେ ମାନ୍ଦ୍ରାଜ ସରକାର କୋଟିଏଲକ୍ଷ ଟଙ୍କା ବ୍ୟୟରେ ଏହି ଘାଟିପଥ ନିର୍ମାଣ କରାଇଥିଲେ । ସାଲୁରଠାରୁ ଜୟପୁରକୁ ପ୍ରତ୍ୟହ ନିୟମିତ ରୂପେ ମୋଟର ବସ ଯାତାୟାତ କରେ । ୩୦୦୦ଫୁଟ ଉଚ୍ଚ ପର୍ବତ ଉପରେ କିପରି ଅପୂର୍ବ କୌଶଳରେ ପଥ ନିର୍ମିତ ହୋଇଅଛି, ତାହା ଦେଖିଲେ ମନେହୁଏ, ବୋଧହୁଏ ବିଜ୍ଞାନର ଅସାଧ୍ୟ କିଛି ନାହିଁ । ସତେ ଯେପରି ତାହା ମାୟାର ସରଣୀ । ଘାଟିପଥ ଘୂରି ଘୂରି ପର୍ବତ ଚୂଡ଼ାକୁ ଉଠିବାର ଦୃଶ୍ୟ ଅତୀବ ଲୋଭନୀୟ । ସତେ ଯେପରି ଫଣିଭୂଷଣ ଶିବଙ୍କ ଜଟାମୁକୁଟରେ ମଣିଭୂଷଣ ସର୍ପ ଛନ୍ଦହୋଇ ରହିଅଛି । ଅଥବା ଯୋଗିବର ପର୍ବତର କଷାୟ ଉଷ୍ଣୀଷ ଶ୍ଳଥ ହୋଇ ପଡ଼ିଅଛି । ସ୍ଥବିରତାସୂଳଭ ଶିଥିଳ ଶରୀର ଗିରିକୁ ସ୍ନୁତଜୀବୀ ମହାଯୋଗୀ ବୋଲି ସଙ୍କେତରେ ନିର୍ଦ୍ଦେଶ କରୁଅଛି । ଘାଟିପଥ ଯେପରି ଉଲ୍ଲାସପ୍ରଦ, ସେହିପରି ଭୀତିଜନକ; ମାତ୍ର ଦୃଶ୍ୟ ଅତି ଚମତ୍କାର । ଭୀଷଣତା ବିନା ସୌନ୍ଦର୍ଯ୍ୟର ମହତ୍ତ୍ୱ; ଅନନ୍ତ ବାରିଧି ଭୃଙ୍ଗତରଙ୍ଗତାଣ୍ଡବରେ ଭୀଷଣ ହୋଇ ନ ଥିଲେ ଏତେ

ସୁନ୍ଦର ହୋଇଥାଆନ୍ତା କି ? ଘାଟିର ଏକପାର୍ଶ୍ୱରେ କାଟିଦେଲା ପରି ପର୍ବତ ଠିଆ ହୋଇଅଛି, ଅନ୍ୟ ପାର୍ଶ୍ୱର ଗଭୀରତା ଏତେ ଯେ, ସେଠାକୁ ଦୃଷ୍ଟିରେଖା ପାଏ ନାହିଁ । ବାସ୍ତବରେ ଘାଟିର ସଙ୍କଟନାମ ସାର୍ଥକ । ସେଠରୁ ଖସିଲେ ବଳିରାଜାଙ୍କ ରାଜଧାନୀ ବ୍ୟତୀତ ଅନ୍ୟକି ଟପିବା ଅସମ୍ଭବ; କିନ୍ତୁ ସେ ଆଶଙ୍କା କଳ୍ପନା ମାତ୍ର । ମୋଟର ଚାଳକମାନେ ଅଦ୍ଭୁତ ସାହସ ଏବଂ କୌଶଳରେ ଯାନ ଚଳାଉଅଛନ୍ତି । ତଳକୁ ଚାହିଁଦେଲେ ଅତି ଦୁଃସାହସୀର ସୁଦ୍ଧା ମୁଣ୍ଡ ଘୂରାଇ ଦିଏ; ମାତ୍ର କିଛି ଅମଙ୍ଗଳ ଘଟେ ନାହିଁ । ସ୍ଥାନେ ସ୍ଥାନେ ପ୍ରକାଣ୍ଡ ପ୍ରସ୍ତରଖଣ୍ଡ ଗିରିଗାତ୍ରରେ ଅଟକି ରହି ପତନର ଭୟ ଦେଖାଉଅଛନ୍ତି;ମାତ୍ର ପ୍ରକୃତରେ ଗଡିଆସୁ ନାହାନ୍ତି। ମହାଜନମାନେ ଧମକ ଦିଅନ୍ତି ସିନା;ମାତ୍ର ଅନିଷ୍ଟ କରନ୍ତି ନାହିଁ । ତାଙ୍କର ଧମକାଣ ଗୋଟାଏ ଅଦ୍ଭୁତ ନିର୍ଦ୍ଦୋଷ ରସିକତା । ଘାଟିପଥ ଉତ୍‌ଥାନପତନମୟ । ଉନ୍ନତିର ପଥ ଯେପରି ଦୁର୍ଗମ ଅଧୋଗତିର ପଥ ସେହିପରି ସହଜ,ଏହି ସତ୍ୟଶିବ ବାଣି। ଘାଟିପଥ ନୀରବରେ ପ୍ରଚାର କରୁଅଛି । ଖାଲି ପ୍ରଚାର କରୁନାହିଁ, ତାହାର ଆଦର୍ଶ ମଧ ଦେଖାଉଅଛି । ଅବନତିର ପଥ ବିଘ୍ନଶୂନ୍ୟ ହେତୁ ଅଧିକାଂଶ ତାହା ପ୍ରତି ଆକୃଷ୍ଟ ହୁଅନ୍ତି । ସେହି ସର୍ପିବ-ବଙ୍କିମ ପଥରେ ମୋଟର ବସ ଯାଉଥିବା ବେଳେ ନୀଳ ଆକାଶରେ ଉଡ଼ାଜାହାଜ ଉଡିଯାଉଥିବା ଭଳି ତଳୁ ଦେଖାଯାଏ । ଘାଟିର ଦୃଶ୍ୟ ବର୍ଣ୍ଣନାତୀତ ।ଉପରକୁ ଉଠି ବାଟକୁ ଚାହିଁ ଦେଖିଲେ ସ୍ୱପ୍ନରାଜ୍ୟରେ ଉପସ୍ଥିତ ହେଲା ପରି ପ୍ରତୀୟମାନ ହୁଏ । ବସନ୍ତକାଳରେ ସେଠାରେ ଶୋଭା ଉପରେ ମହାଶୋଭା ସୃଷ୍ଟି ହୁଏ । କେଉଁଠାରେ ସ୍ୱର୍ଣ୍ଣବର୍ଣ୍ଣକାନ୍ତ "କନକ" ଫୁଲ ଫୁଟି ବହୁଦୂରଯାଏ ଘାଟିର ଉଭୟ ପାର୍ଶ୍ୱ ଆଲୋକିତ କରି ରହିଅଛି । କେଉଁଠାରେ ପୀତଶାଳ୍ମଳୀ ବସନ୍ତରାଜର ବିଜୟପତାକା ଉଡ଼ାଉ ଅଛି । କେତେ ସ୍ଥାନରେ ଲତାପଳାଶ ଆପାଦମସ୍ତକ ପୁଷ୍ପମଣ୍ଡିତ ହୋଇ ସାଗରଗର୍ଭରେ ପ୍ରବାଳଲତା ମାନଙ୍କ ପ୍ରାୟ ଦିଶୁଅଛି । କେଉଁ ଅଂଶରେ ବିବିଧ ବର୍ଣ୍ଣର ପୁଷ୍ପ ବହୁଳ ଭାବରେ ଫୁଟି ପର୍ବତଗାତ୍ରରେ ଖରଡ଼ି ବସିଥିଲା ଭଳି ଉପମା ଧାରଣ କରିଅଛି । ବ୍ୟାଘ୍ରଧାତୁକୀ ପୁଷ୍ପିତା ଧାତୁକୀ ଗୁଚ୍ଛମାଳାରେ ମଣ୍ଡିତ ବନ୍ୟବାଳା ପ୍ରାୟ ଗୈରି-କସ୍ତୂପସ୍ଥରେ ଉଭାହୋଇ ଜ୍ୟୋତିର୍ମୟ ହାସ୍ୟ ବିସ୍ତାର ପୂର୍ବକ ବ୍ୟାଘ୍ରକୁଳକୁ ଭୟ ଦେଖାଉଅଛି । ଧାତୁକୀ ଫୁଲରେ ଅଧିକ ପରିମାଣରେ ମଧୁ ଥାଏ । ତାହା ଖୁବ ମଧୁର ଏବଂ ଅତି ଅଠାଳିଆ । ସେ ଅଠା ଲାଗିଲେ ବାଘ ଦେହରେ ଘା ହୋଇଯାଏ । ଘା କୁଣ୍ଡାଇହେଲେ ବାଘ ତାକୁ କାମୁଡି ଆହୁରି କ୍ଷତବିକ୍ଷତ କରିପକାଏ; ଶେଷରେ ଘାରେ ପୋକ ପଡ଼େ,ବାଘ ମରିଯାଏ । ଏହି ହେତୁ ଫୁଲ ଫୁଟିଥିବାବେଳେ ବାଘ ଧାତୁକୀବଣକୁ ଭୟରେ ପଶେ ନାହିଁ । ବସନ୍ତକାଳରେ ଧାତୁକୀ ଫୁଲ ଫୁଟେ । ପଥ ପାର୍ଶ୍ୱରେ ଆମ୍ବ, ପଣସ, ଶିଦୁଳିର ସୁବସ୍ତୀର୍ଣ୍ଣ ତୋଟା ପ୍ରଚୁର ଅଛି । ସେଠାରେ ବନ୍ୟ ସଭ୍ୟତାରେ ନାଗରିକ ସଭ୍ୟତା ମିଶାମିଶି ହୋଇଅଛି । ବନ୍ୟତରୁ ଗ୍ରାମ୍ୟତରୁ ଉଭୟେ ପ୍ରଣୟପାଶରେ ଛନ୍ଦାଛନ୍ଦି ହୋଇଅଛନ୍ତି । ଏ ମିଳନ ବଡ ସୁନ୍ଦର, ବଡ ମଧୁର । ବନ୍ୟତରୁର ସଙ୍କୋଚ ନାହିଁ କିମ୍ବା ଗ୍ରାମ୍ୟତରୁର ସଭ୍ୟତା ଗର୍ବ ନାହିଁ । ଉଭୟେ ପ୍ରାଣେ ପ୍ରାଣେ ମିଶି ବନ୍ଧୁଭାବରେ ପରସ୍ପରକୁ ପ୍ରେମାଲିଙ୍ଗନ କରିଅଛନ୍ତି ।

ଘାଟି ଉପରୁ ତଳକୁ ଚାହିଁଲେ ନଦୀମାନେ ଶାଖା ପ୍ରଶାଖାବିଶିଷ୍ଟ ରୌପ୍ୟଲତା ପରି ଅତି ସୁନ୍ଦର ଦିଶନ୍ତି । ପ୍ରତୀତହୁଏ, ଗିରିଯୋଗୀର ପରିପକ୍ୱ ଚିନ୍ତାର ଅମର ଭାବଧାରା ନଦୀରୂପରେ ବହିଯାଉଅଛି କି ? କିମ୍ବା କାହାର ପବିତ୍ର ବିଶ୍ୱପ୍ରେମ ଅଶ୍ରୁରୂପରେ ପ୍ରବାହିତ ହେଉଅଛି । ନିମ୍ନସ୍ଥ ପାଦପବୃନ୍ଦ ବାମନ ମୂର୍ତ୍ତି ଧରିଲା ପ୍ରାୟ ଉପରୁ ଦେଖାଯାଏ । ଗ୍ରାମଗୁଡିକ ଭୁଇଁ ପଲ୍ଲୀ ପରି କ୍ଷୁଦ୍ର ଦିଶେ । ବୃଦ୍ଧ ଶିଶୁ ପରି ଦିଶେ, ଯୁବକ ବି ଶିଶୁ ପରି ଦିଶେ । ସତେ ଯେପରି ସେଠାରେ ଶିଶୁ ପ୍ରଦର୍ଶନୀ ବସିଅଛି । ଗୋରୁପଲ ଚତୁର୍ମାସ୍ୟାରେ ବେଙ୍ଗଛତାର ସାଦୃଶ୍ୟ ଧାରଣ କରେ । ପଲ୍ଲୀଜ୍ଞାନ ମହାମାନବମାନେ ଉନ୍ନତିର ଚରମସୀମାକୁ ଉଠିଲେ ସେମାନଙ୍କ ନେତ୍ରରେ ତଳସ୍ଥ ସ୍ଥୂଳବ୍ୟାପାର ଏହିପରି କ୍ଷୁଦ୍ର ନଗଣ୍ୟ ଦେଖାଯାଏ। ଘାଟିପଥ ପ୍ରଶସ୍ତ, ସେଥିରେ ଏକ ସଙ୍ଗରେ ଦୁଇଗୋଟା ମୋଟର ଅନାୟାସରେ ଯାତାୟାତ କରିପାରେ । ପର୍ବତ କାଟି ଘାଟିପଥକୁ ଆହୁରି ପ୍ରଶସ୍ତ ଏବଂ ନିରାପଦ

ଦଣାଯାଉଅଛି । ଶତଶତ କୁଲି ପଥରକାଟାରେ ଲାଗିଅଛନ୍ତି, ପାଖରେ କମାରଶାଳ ଲାଗିଛି । ଯେଉଁ ଯନ୍ତ୍ରମାନ ଭୁନ୍ଥା ହୋଇଯାଉଅଛି, ସେହିକ୍ଷଣି ଶାଣରେ ବସାଇ ତାହାର ଧାର ପକାଇ ଦିଆଯାଉଅଛି । ସ୍ଥାନେ ସ୍ଥାନେ କଳାମୁଗୁନି ପଥର କଟାଯାଉଅଛି । ତାହା ଅତି କଷ୍ଟସାଧ୍ୟ । ଏହି ଘାଟି ଜୟପୁରର ଏକମାତ୍ର ବାଣିଜ୍ୟପଥ । ଶଗଡ଼ ଓ ବଳଦ ପିଠିରେ ନାନାବିଧ ପଣ୍ୟଦ୍ରବ୍ୟ ଘାଟିପଥରେ ଚାଲୁଅଛି, ବଡ଼ ବଡ଼ ମୁଣ୍ଡିକାଠ, ସିଲପଟ ଏବଂ ଧାନ ବିଶେଷ ପରିମାଣରେ ରପ୍ତାନି ହୁଏ । ଏ ଅଞ୍ଚଳରେ ଗାଈ ସୁଦ୍ଧା ଛେଳି ବୁହନ୍ତି, ଏହା ଗୋଟାଏ ନିଷ୍ଠୁର ବର୍ବର ପ୍ରଥା । ଘାଟଳବର୍ଣ୍ଣର ଗୋରୁ ସଂଖ୍ୟା ସବୁଠାରୁ ଅଧିକ । ଛେଳି ବଳଦର ଶିଙ୍ଗରେ ଝୁଲୁଥିଲ ଏବଂ ମୟୂରପୁଚ୍ଛ ମୁକୁଟ ଆକାରରେ ବନ୍ଧାହୋଇଥାଏ । ବାୟୁରେ ଆନ୍ଦୋଳିତ ହୋଇ ତାହା ସଚଳ ଇନ୍ଦ୍ରଧନୁ ପରି ଦେଖାଯାଏ । କଉଡ଼ିକମସୁନ୍ତ ପଲ୍ଲାଣ, ପେଟୀ, ଲଙ୍କା, ଢୁଣ୍ଡୀ ପ୍ରଭୃତି ବଳଦଗୁଡ଼ିକଙ୍କୁ ଅଳଙ୍କାର ପରି ଖୁବ ମାନେ । ବନ୍ୟଜାତିର ସ୍ତ୍ରୀଲୋକମାନେ ଲେଙ୍ଗୁଟିମାରି ହାତରେ ଲାଉତୁମ୍ବା ଧରି ଦଳ ଦଳ ହୋଇ ଚାଲିଥାଆନ୍ତି । ଲାଉତୁମ୍ବା ସେମାନଙ୍କ ଜଳପାତ୍ରର କାର୍ଯ୍ୟ କରେ ।

ଘାଟି ଉପରୁ ଚାହିଁଲେ ଚାରିଆଡ଼େ ବନ୍ଧୁର ଗିରିମାଳାର ସୁନ୍ଦର ଦୃଶ୍ୟ ଦୃଷ୍ଟିର ତୃପ୍ତି ସମ୍ପାଦନ କରେ । ସଂସାର ମାୟାଜାଲରେ ଛନ୍ଦହେଲା ପ୍ରାୟ ଜୟପୁର ରାଜ୍ୟ ପର୍ବତଜାଲରେ ଛନ୍ଦହୋଇଅଛି । ରାଜ୍ୟର ତିନିଚାରି ଭୂମି ପର୍ବତମୟ । ଏହିସବୁ ପର୍ବତରେ ମହାର୍ଘ ଦୁର୍ଲଭ ସମ୍ପତ୍ତି ରୂପାନ୍ତରିତ ହୋଇ ରହିଛି । ଅନେକ ମୂଲ୍ୟବାନ୍ କାଠ ଏବଂ ପଥର ଏହାର ପ୍ରକାଶ୍ୟ ବିଭବ; ମାତ୍ର ଗୁପ୍ତରତ୍ନ ପ୍ରଚୁର ଅଛି । ଶାଳ, ପିଆଶାଳ, ଶିଶୁ, ମହୁଲ ପ୍ରଭୃତି ବୃକ୍ଷ ପରି ସ୍ଥୂଳ ଲମ୍ବକାଣ୍ଡ ବୃକ୍ଷ ଅନ୍ୟତ୍ର ଦୁର୍ଲ୍ଲଭ, ଅନ୍ୟ କୌଣସି ସୁବିଧାଜନକ ସ୍ଥାନ ହୋଇଥିଲେ କେବଳ ଧାତୁକୀ ଫୁଲରୁ ସହସ୍ର ସହସ୍ର ଟଙ୍କା ଆୟ ହେଉଥାନ୍ତା । ଧାତୁକୀ ଫୁଲ ଅନେକ ଔଷଧରେ ବ୍ୟବହୃତ ହୁଏ ଏବଂ ସେଥିରେ ଅତି ଚମତ୍କାର ରଙ୍ଗ ମଧ୍ୟ ପ୍ରସ୍ତୁତ ହୁଏ ।

୩୦୦୦ ଫୁଟ ଉଚ୍ଚ ପର୍ବତ ଉପତ୍ୟକାରେ ଗ୍ରାମ, ଶସ୍ୟକ୍ଷେତ୍ର, ସର୍କାର ଅଫିସ ଏବଂ ପ୍ରକୃତିର ନାନାବିଧ ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟ ଦେଖିଲେ ଚିତ୍ତ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଯାଏ । ମନେହୁଏ ଯେପରି ସ୍ୱପ୍ନ ବା ଭେଲକିବିଦ୍ୟାଳୟରେ ଏହା ସବୁ ଦେଖାଯାଉଅଛି କିମ୍ବା ଏହା ଗୋଟାଏ ଅଦୃଷ୍ଟ ଅଶ୍ରୁତ ସ୍ୱତନ୍ତ୍ର ସୃଷ୍ଟି । ଦର୍ଶକ ବିସ୍ମୟରେ ଅଭିଭୂତ ହୁଏ । ଅଥାସ୍ୱର୍ଗରେ ଲୀଳାମୟଙ୍କର ଏହି ବିଚିତ୍ର ଲୀଳା ଦେଖିଲେ ମନ ସ୍ୱଭାବତଃ ଭକ୍ତିପରବଶ ହୋଇଉଠେ । ଦର୍ଶକ ମାୟା ରାଜ୍ୟରେ ବିଚରଣ କଲାଭଳି ଜ୍ଞାନକରେ । ଅପୂର୍ବ ରାଜ୍ୟରେ ସବୁ ଅପୂର୍ବ । ଏ ଅଞ୍ଚଳରେ ନାନା ପ୍ରକାର ନୂତନ ପକ୍ଷୀ ଦେଖାଯାଆନ୍ତି, ପାଖି ପରି ଏକ ଜାତିର କାଉ ଅଛନ୍ତି; ସେମାନଙ୍କ ବର୍ଣ୍ଣ ଶୁକ୍ଳ, ଶବ୍ଦ ଭୀଷଣ । ସେହି ଶବ୍ଦ ମଧ୍ୟରେ ତାମସ କାଉର କର୍କଶ ଶବ୍ଦର ଆଭାସ ମିଳେ । ଏ ପକ୍ଷୀ ଚିଲ ଅପେକ୍ଷା ବଡ଼ । କେତେ ଅଦୃଷ୍ଟପୂର୍ବ ସୁନ୍ଦର ପକ୍ଷୀ ତଦୀୟ ଛନ୍ଦରେ ସଙ୍ଗୀତ ଗାନ କରନ୍ତି । ପକ୍ଷିଭାଷା ପକ୍ଷୀମାନେ ବୁଝନ୍ତି; ମାତ୍ର ସ୍ୱର ବଡ଼ ମଧୁର । ସ୍ୱରପ୍ରିୟ ମାନବ ସେହି ସ୍ୱରରେ ମୁଗ୍ଧ ହୁଏ । ନବାଗତ ଦର୍ଶକ ସେ ଅବୋଧ ସଙ୍ଗୀତର ମଧୁର ମାଦକତାରେ ଏଭଳି ବିଭୋର ହୋଇଉଠେ ଯେ, ସେ ସ୍ଥାନ ଛାଡ଼ି ପାହାଡ଼େ ଅଗ୍ରସର ହେବାକୁ ଏକାନ୍ତ ସଙ୍କୁଚିତ ହୁଏ । ସେଠାରେ ସେହି ପକ୍ଷୀମେଳରେ ପକ୍ଷୀ ହୋଇ ରହିବାକୁ ଇଚ୍ଛାହୁଏ । ମନ ନେତ୍ରକୁ ବନ୍ଦୀ କରି ରଖିବା ବିଷୟରେ ସେ ସ୍ଥାନର ପ୍ରଭାବ ଅଦ୍ୱିତୀୟ ।

ଘାଟି ପଥରେ ମୋଟର ଯାନରେ ଗଲାବେଳେ ଗୋଟାଏ ମଧୁର ଆଘ୍ରାଣ ବୋଧ ହୁଏ । ପଥ ଆକୁଳ ଫୁଲର ମଧୁର ସୌରଭରେ ଆମୋଦିତ । କେଉଁ ଅଂଶ ଅଙ୍କିତନାମା ଶୁକ୍ଳପୁଷ୍ପରାଜିଦ୍ୱାରା ତାରକିତ । କେଉଁଠି ବଣକଲିସ୍ ଏବଂ କାଣକାଣ୍ଡି ସମ୍ଭ୍ରମସୁନ୍ଦର ବନ ପ୍ରକୃତିର ନାସାରେ ସୁବର୍ଣ୍ଣ ବସଣୀ ପିନ୍ଧାଇ ଦେଇଅଛି । ଭ୍ରମର ସେ ବସଣୀର ନୀଳ ମଧ୍ୟମଣି ପ୍ରାୟ ସୁନ୍ଦର ଦିଶୁଅଛି । ପବନ ଦୂର ବନର ପୁଷ୍ପପରିମଳ ବୋଝହୋଇ ଧୀରେ ଧୀରେ ବହୁଅଛି । ସେ ସ୍ଥାନର ପବନ ପାର୍ଥିବ ବାସନା, କାମନାର ଉର୍ଦ୍ଧ୍ୱପରେ ଉଡ଼ି

ନୁହେଁ; ତାହା ସ୍ୱଚ୍ଛ, ପୂତ, ଅମୃତ ପରି ମଧୁର ଏବଂ ଶୀତଳ । ସେ ବାୟୁ ଦୁଶ୍ଚିନ୍ତାକଳୁଷିତ ମନକୁ ଶୁଦ୍ଧପୂତ ଏବଂ ନିର୍ମଳ କରିଦିଏ । ସେଠାରେ ସ୍ୱାର୍ଥ, କ୍ରୋଧ, ଦ୍ୱେଷ ଏବଂ ପରଶ୍ରୀକାତରତାର ପ୍ରଚଣ୍ଡ କୋଳାହଳ ନାହିଁ ; ତାହା ଶାନ୍ତିମୟ ପବିତ୍ର ଦେବଧାମ । ମନୁଷ୍ୟ ସେଠାରେ ଦେବତ୍ୱ ଲାଭ କରେ । ପୃଥିବୀମୂଳକ ମାୟା, ମମତା, ସ୍ନେହର ନିଗଡବନ୍ଧନ ସେଠାରେ ନାହିଁ । ଅଛି କେବଳ ଅନାବିଳ ଦେବତ୍ୱ ଏବଂ ଶାଶ୍ୱତ ଧର୍ମଭାବ । ସ୍ଥାନ ପ୍ରଭାବରେ ମାନବର ଦୁଷ୍ଟ ପ୍ରକୃତି ମଧ୍ୟ ସେଠାରେ ଧର୍ମପ୍ରବଣ ହୋଇଉଠେ । ମାନବର କ୍ଷୁଦ୍ରତା ସେଠାରେ ମିଳାଇଯାଏ ଏବଂ ପ୍ରକୃତ ମହତ୍ତ୍ୱ ପ୍ରାଣରେ ଫୁଟିଉଠେ । ମାନବ ସଙ୍କୀର୍ଣ୍ଣତା ପ୍ରେମରେ ପ୍ରମତ୍ତ ହୁଏ । ତାହାର ଦୁର୍ବଳତା ସେହି ବିଶ୍ୱପ୍ରେମରେ ଲୁଅଣ୍ଡେ ଉଭେଇଯାଏ । ସେ ନିଜକୁ ଚିହ୍ନିପାରେ ଏବଂ ନିଜର ଶକ୍ତି ବୁଝିପାରେ । ସେ ମହାଶକ୍ତି-ଦେବୀଙ୍କର ପୁତ୍ର । ହୀନତା, ଦୁର୍ବଳତା ତାହା ସ୍ୱଭାବର କଳଙ୍କ, ଏହି ସତ୍ୟ ସେ ହୃଦୟଙ୍ଗମ କରିବାକୁ କ୍ଷମ ହୁଏ । ସେ ଅମୃତର ପୁତ୍ର, ତାହାର ମୃତ୍ୟୁ ନାହିଁ; ଏ ବିଷୟରେ ସନ୍ଦେହଶୂନ୍ୟ ହୁଏ । ତେତେବେଳେ ସେ ବୁଝିପାରେ, ତାହାର ନିଜଠାରୁ ଶିଖିବାର ବିଷୟ ଅନେକ ଅଛି । ସହସ୍ର ପୁସ୍ତକ ପାଠରେ, କୋଟିଏ ଗୁରୁ ଉପଦେଶରେ ସେ ଯେତେ ଶିଖେ, ନିଜଠାରୁ ସେଥିରୁ ଅଧିକ ଶିଖେ । ତାହାର ଶରୀରମନ୍ଦିର ଭିତରେ ଯେଉଁ ଗୁରୁ ଅଛନ୍ତି ତାଙ୍କୁ ସେ ଚିହ୍ନିପାରେ ଏବଂ ତାଙ୍କର ଅନନ୍ତ ମହିମା ପ୍ରାଣରେ ଉପଲବ୍ଧି କରିପାରେ । ସୁତରାଂ ସେ ଅପାର ଆନନ୍ଦ ଅନୁଭବ କରି ସେହି ପରମଗୁରୁଙ୍କ ପାଦପଦ୍ମରେ ଶରଣ ପଶେ । ସେହି ସର୍ବଜ୍ଞ ମହାଗୁରୁଙ୍କର ନାମ— ଶ୍ରୀମତ୍ ସ୍ୱାମୀ ବିବେକାନନ୍ଦ ।

ଏହି ଘାଟି ଜୟପୁରର ନନ୍ଦନକାନନ ବା ଚୈତ୍ର-ରଥ ବନ । ଉଦ୍ଭିଦଜଗତରେ ଯେତେ ପ୍ରକାର ତରୁ, ଲତା, ଗୁଳ୍ମ, ତୃଣ, ଶୈବାଳ ପ୍ରଭୃତି ଅଛି, ତାହା ପ୍ରାୟ ଏହିଠାରେ ଏକାଧାରରେ ବିଦ୍ୟମାନ । ଏଠାରେ ଯାହା ନାହିଁ, ତାହା ବୋଧ ହୁଏ ସୃଷ୍ଟ ହୋଇ ନଥିବ । ବୈଚିତ୍ର୍ୟ ଏବଂ ସୌନ୍ଦର୍ଯ୍ୟର ମଧୁର ସମାବେଶ ଏହିଠାରେ । ସ୍ୱର୍ଗର ନିଶୁଣୀ ପ୍ରାୟ ଗିରିମାଳ ନେତ୍ରା-ନ୍ତରାଳକୁ ଚିରକାଳ ଯାଏଁ ବିସ୍ତୃତ । ଏଠାରେ ନଗର ଚହଳ ନାହିଁ, ଗିରିମାନଙ୍କ ଚହଳ । ବିଶାଳ କନ୍ଦରମାନ ଭୀଷଣ ଜନ୍ତୁ ମୁଖ ବ୍ୟାଦାନ କଲା ପରି ଦିଶୁଅଛି । ବୋଧ ହୁଏ ସେଗୁଡିକ ଗିରିରାଣୀଙ୍କର ନିଭୃତ ଅନ୍ତଃପୁର । ବାସ୍ତବରେ ଏହି କନ୍ଦରମାନ ଆର୍ଯ୍ୟଶାସ୍ତ୍ର ପୁରାଣର ଅନୁଷ୍ଠାନସ୍ଥଳ । ଆର୍ଯ୍ୟ ଧର୍ମନୀତି ଏହିଠାରୁ ଜାତ ହୋଇ ଜଗତରେ ପୂଜିତ ଏବଂ ପରିବ୍ୟାପ୍ତ ହୋଇଅଛି । ସ୍ଥାନେ ସ୍ଥାନେ ଅରଣ୍ୟ ଏତେ ଗଭୀର ଏବଂ ନିବିଡ ଯେ, ସେଠାରେ ନିସ୍ତବ୍ଧତାର ଭୈରବ ରାଗିଣୀ "ସାଏଁ ସାଏଁ" ଛଡା ଅନ୍ୟ କିଛି ଶବ୍ଦର ଅସ୍ତିତ୍ୱ ନାହିଁ । ସାଧକ ପକ୍ଷରେ ଏହା ସାଧନାର ଉପଯୁକ୍ତ କ୍ଷେତ୍ର । ଅଭୁତ ପକ୍ଷରେ ନିକଟ ନିଘଟ ତପ୍ତ ଜୀବନଭୂମିରେ ଦଗ୍ଧ ଶ୍ରାନ୍ତ ପାନ୍ଥକୁଳର ଶାନ୍ତିମୟ ପାନ୍ଥନିବାସ । ରସିକ ନୟନରେ କେଳି କୌତୂହଳର ବିଳାସମନ୍ଦିର; ମାତ୍ର ଅରସିକ ଭୀରୁ ନୟନରେ ଭୀଷଣ ଅରଣ୍ୟ ଛଡା ଆଉ କିଛି ନୁହେଁ । ସଲପଗଛ ମଦ୍ୟପାୟୀ ପ୍ରାୟ ନିଶା ଖେଳରେ ଝୁଲୁଅଛି । ସଲପଗଛରୁ ମଦ୍ୟ ବାହାରେ, ତାହା ବନ୍ୟଜାତିର ପ୍ରିୟ ପାନୀୟ । ଏହି ଗଛର ମଞ୍ଜିକୁ ଚୂନା କରି ଖାଉ, ପିଠା ପ୍ରଭୃତି ପ୍ରସ୍ତୁତ କରାଯାଏ । ଏହି ବୃକ୍ଷ ତାଳୀପର୍ଯ୍ୟାୟଭୁକ୍ତ । ପଳାଶଗଛ ଉନ୍ମତ୍ତ ଯୋଷା ପରି ନିଜର ବକ୍ଷ ଚିରି ନଖପଙ୍କ୍ତି ରକ୍ତାକ୍ତ କରିଅଛି । ଗିରିଚୂଡାସ୍ଥ କାଳୁଆ ପଥରର ଦୃଶ୍ୟ ଅତି ରହସ୍ୟପ୍ରଦ । ତାହା ପଥରରେ ଫୁଲ ଫୁଟିଲା ପରି ଦିଶୁଥାଏ । ଗିରି କାବ୍ୟରେ ଏହା ବିଷମ ସମସ୍ୟା । ଗିରି ଦେହରେ କୃଷିକ୍ଷେତ୍ରର ଶୋଭା ଅନିର୍ବଚନୀୟ । ନବକର୍ଷିତ ଲୋହିତ ବର୍ଣ୍ଣର କିଆରୀମାନ ଭକ୍ତପ୍ରବର ଗିରି ଦେହରେ ନାମାବଳୀ ପ୍ରାୟ ଆଚ୍ଛାଦିତ । କିଆରୀ ମଧ୍ୟସ୍ଥ କ୍ଷୁଦ୍ର ଗୁଳ୍ମ-ଗୁଡିକ ଅକ୍ଷର ସ୍ୱରୂପ ଦିଶୁଅଛି । ପ୍ରକୃତି ରହସ୍ୟମୟୀ, ସେ ପଥର ଦେହରେ କେତେ ମୂର୍ତ୍ତି ସୃଷ୍ଟି କରିଅଛି, କେତେ ଚିତ୍ର ଅଙ୍କିତ କରିଅଛି, ତାହାର ଇୟତ୍ତା ନାହିଁ । କେଉଁ ପର୍ବତର ଚୂଡା ହସ୍ତୀ ସଦୃଶ, କେହି ଭଲ୍ଲୁକ ସଦୃଶ, କେହି ସିଂହ ସଦୃଶ, କେହି ବା ବୃକ

ବୈଚିତ୍ର୍ୟ ସନ୍ଦର୍ଶ । ନାନାରଙ୍ଗର ଶୈବାଳ ପ୍ରସ୍ତର ଉପରେ ମାଡିଅଛି । କେଉଁଠି ମଖମଲ ପରି ଚିକ୍‌କଣ, କେଉଁଠି ଗାଲିଚା ପରି କୋମଳ, କେଉଁଠି ବା କମ୍ବଳ ପରି ରୁକ୍ଷ । ଏହିପରି ଦୃଶ୍ୟ ଦେଖି ଦେଖି ଘାଟିପଥ ଅତିକ୍ରମ କଲାବେଳେ ମନ ପୃଥିବୀରେ ଥିଲା ପରି ବୋଧହୁଏ ନାହିଁ । କେଉଁ ଅଦ୍ଭୁତ ରଙ୍ଗିଆ ସ୍ୱପ୍ନ-ରାଜ୍ୟରେ ଯାଇ ନାଚି ଖେଳି ବୁଲୁଥାଏ । ବାସ୍ତବରେ ଏହା ଶୋଭିରାଜ୍ୟ ନୁହେଁ; ସ୍ୱପ୍ନସ୍ୱର୍ଗ । ପକ୍ଷାନ୍ତରରେ ଏହା କବିତାମୟ ରାଜ୍ୟ । ଏଠାରେ ପଶୁ ପକ୍ଷୀ କଣ୍ଠରୁ କବିତାର ଛନ୍ଦ ବାହାରିଆସୁଛି, ପବନ କବିତା ଆବୃତ୍ତି କରୁଛି । ବୃକ୍ଷ ଲତା କବିତାଗାନରେ ବିଭୋର, ଗୁହା ମୁଖରେ ଗିରି କବିତା ପାଠ କରୁଅଛି । ଫୁଲ କବିତାମୟ, ସ୍ୱୟଂ କବିତାଦେବୀ ଏଠାରେ ଫୁଲ ରୂପ ଧରି ହସୁଅଛନ୍ତି । ଏଠାରେ କବିତା ଉପରେ କବିତା ବର୍ଷିଯାଉଅଛି । ଏ କବିତାମୟ ରାଜ୍ୟ ଉତ୍କଳ ବିକ୍ରମାଦିତ୍ୟ ସାହିତ୍ୟ-ସମ୍ରାଟ ରାଜକବି ରାଜର୍ଷି ବିକ୍ରମଦେବଙ୍କ ନିମନ୍ତେ ବିଧିସୃଷ୍ଟ । ବାଣୀବରପୁତ୍ରଙ୍କର ସାରସ୍ୱତ ସିଂହାସନ ବାଣୀ ଦେବୀ ଏହିଠାରେ ପ୍ରତିଷ୍ଠିତ କରିଅଛନ୍ତି । ସେହି ଜ୍ୟୋତିର୍ମୟ ସିଂହାସନର ବିମଳ ଜ୍ୟୋତିରେ ସମଗ୍ର ଉତ୍କଳ ଆଲୋକିତ । ସୌରଭ ଯୋଗୁଁ ପୁଷ୍ପ ଧନ୍ୟ ହେଲା ପ୍ରାୟ ବିକ୍ରମଦେବଙ୍କ ଯୋଗେ ସିଂହାସନ ଧନ୍ୟ ହୋଇଅଛି । ସେ ଗନ୍ଧମୋଦ, ଏ ଜ୍ୟୋତି; ସେ କବିତା, ଏ କବି; ସେ ପିଣ୍ଡ, ଏ ଆତ୍ମା ।

ଏକ ଦିଗରେ ଅରଣ୍ୟ ଭୀଷଣ ଉତ୍ତୁଙ୍ଗ ଗିରିସ୍ୱର୍ଗର ନିଶୁଣୀ ପ୍ରାୟ ନେତ୍ରର ଅନ୍ତରାଳକୁ ଉଠିଯାଇଅଛି, ଅନ୍ୟ ପାଖରେ କ୍ରମଶଃ ଗଡ଼ାଣିଆ ଅତଳ ପାତାଳ । ସେହି ସଙ୍କଟପଥରେ ସ୍ଥାନେ ସ୍ଥାନେ ମୋଟର ବସ ଖାଲ ପାଖକୁ ଢଳିପଡ଼େ । ସେତେବେଳେ ଆରୋହୀର ସାହସ ଉଡ଼ିଯାଏ । ଜଣାଯାଏ—ସତେ ଯେପରି ମୋଟର ବାସୁକିକଳନକୁ ଗଳିପିବ ; ମାତ୍ର ମୁହୂର୍ତ୍ତିକେ ପୁଣି ସଳଖିଯାଏ । ମନେହୁଏ ପ୍ରାଣଟା ଯାଉଁ ଯାଉଁ ଅଟକିଗଲା । ଭୟରେ ଛାତି ଦୁଲୁକି ଉଠେ, ମୁହୂର୍ତ୍ତିକେ ପୁଣି ସେ ଭୟ କୁଆଡ଼େ ଉଭେଇଯାଏ । ମନ ଅପୂର୍ବ ଉଲ୍ଲାସରେ ନାଚିଉଠେ । ନଟବର ମୋଟର ବସ୍ ଆରୋହୀଙ୍କ ସଙ୍ଗରେ ରସିକତା କରେ ପରି । ସେଇ; କୌତୁକ ଜଡ଼ ପଦାର୍ଥ ପ୍ରାଣରେ ବି ପ୍ରଭାବ ବିସ୍ତାର କରେ । ମଙ୍ଗଳମୟଙ୍କ ମହାକରୁଣାର ଅମୃତଫଳ ସଦ୍ୟ ଉପଭୋଗ କରି ପ୍ରାଣ କୃତଜ୍ଞତାରେ ପୂରିଉଠେ ଏବଂ ସାତ୍ତ୍ୱିକଭାବପ୍ରବଣ ହୁଏ । କିନ୍ତୁ ତାହା କ୍ଷଣସ୍ଥାୟୀ । ଭ୍ରାନ୍ତ ମାନବକୁ ବିପଦ ଏହିପରି ସତର୍କ କରାଇଦେଇ ଈଶ୍ୱରସତ୍ତା ସ୍ମରଣ କରାଇଦିଏ । ଏ ହିସାବରେ ବିପଦ ବି ମାନବର ବନ୍ଧୁ । କିନ୍ତୁ ମାନବ ତ ଭୋଳାମହେଶ୍ୱର, ବିପଦ କଟିଗଲା କ୍ଷଣି ପୁଣି ସବୁ ପାସୋରିଯାଏ । ମନୁଷ୍ୟର ଦୁର୍ବଳତା ଏହିଠାରେ । ଅଭ୍ୟାସ ଗୋଟିଏ ମହାଯୋଗ, ତାହାର ଶକ୍ତି ଅମାନୁଷୀ । ଅଭ୍ୟାସଯୋଗ ଅସାଧ୍ୟସାଧନରେ ଦକ୍ଷ । ସେହି ଅଭ୍ୟାସଯୋଗବଳରେ ଚିରଘାଟିଯାତ୍ରୀଙ୍କର ଏଭଳି ଆସନ୍ନମୃତ୍ୟୁର ଆଶଙ୍କା ହେଉନଥିବ । ସେମାନେ ଅଭ୍ୟାସଯୋଗୀ । ତେବେ ଯୋଗିପଦ ଲଭିବାର ଏତେ ସହଜ ଉପାୟ ଥାଉଁ ଥାଉଁ ଯୋଗାଭିଳାଷୀମାନେ ଗ୍ରନ୍ଥାଗାର ମନ୍ଥନକରି ଆୟୁକ୍ଷୟ କରନ୍ତି କାହିଁକି ? ସେ ଯାହା ହେଉ ଅଭ୍ୟାସଯୋଗ ସୁପ୍ତାବସ୍ଥାରେ ସୁଦ୍ଧା ଅଭ୍ୟସ୍ତ ଉପରେ ପ୍ରଭାବ ବିସ୍ତାର କରେ । ଗୋଟିଏ ପ୍ରତ୍ୟକ୍ଷ ଘଟଣା ଏସମ୍ବନ୍ଧରେ ଉଲ୍ଲେଖଯୋଗ୍ୟ । ଜଣେ ପେନ୍‌ସନ୍‌ପ୍ରାପ୍ତ ରାଜକର୍ମଚାରୀ ବହୁବର୍ଷ ପୂର୍ବରୁ ଚାକିରି ଛାଡ଼ି ଘରେ ବସିଅଛନ୍ତି । ସେ ଅଦ୍ୟାବଧି ସ୍ୱପ୍ନ ଦେଖନ୍ତି – କମିସନର କଲେକ୍‌ଟର ଆସିଅଛନ୍ତି, ଅଫିସ ପରିଦର୍ଶନ ଲାଗିଅଛି, ନଥି ଦେଖାହେଉଅଛି, ଦୁଇ କାଗଜପତ୍ର ଖୋଜିବାରେ ବ୍ୟସ୍ତ । ଏହିପରି ରାତିଟାଯାକ ସେ ସ୍ୱପ୍ନରାଜ୍ୟରେ କଚେରି କାର୍ଯ୍ୟ କରନ୍ତି । ଏହା ଅଭ୍ୟାସଯୋଗର ପରିପକ୍ୱତାର ଫଳ । ପ୍ରତ୍ୟେକ ଯୋଗ ଅଭ୍ୟାସ ସାପେକ୍ଷ; ସୁତରାଂ ଅଭ୍ୟାସହିଁ ଯୋଗ ।

ଘାଟିପଥରେ ମେଘମାନଙ୍କର କ୍ରୀଡ଼ା ଗୋଟାଏ ଅପୂର୍ବଦୃଶ୍ୟ । ଧୂମାକାରରେ ମେଘ ଧାଇଁଆସି ମୋଟର ଭିତରେ ପଶି ଖରଗତିରେ ବାହାରି ଚାଲିଯାଏ । ତାକୁ ଧରିବାକୁ ପ୍ରବଳ କୌତୂହଳ ଜାତ ହୁଏ; ମାତ୍ର ଧରିହୁଏ ନାହିଁ—ଧରୁଁ ଧରୁଁ ସେ ଦେହ ଆର୍ଦ୍ର କରିଦେଇ ପଳାଇଯାଏ । ଅବାଧର ମେଘ

ସଙ୍ଗରେ ମର୍ତ୍ତ୍ୟ ମାନବର ଏ କୌତୁକ ଦେଖି ପରି-ହାସପ୍ରିୟ ପାର୍ବତୀୟ ବାୟୁ କର୍ କର୍ ସ୍ୱରରେ ହସିଉଠି ପରିହାସ କରେ । ସେ କୌତୁକ ଯେପରି ମଧୁର, ସେ ପରିହାସ ତହୁଁ ଅଧିକ ମଧୁମୟ। ଏଣେ ମେଘବାହନର ସ୍ୱତନ୍ତ୍ର ମଲ୍ଲାର ରାଗିଣୀରେ ତାହାର ମେଘମିତର ସ୍ୱାଗତଗୀତିକା ଗାନ କରୁଥାଏ । "ମିତ ମିତ" ବୋଲି ଆର୍ଦ୍ର ବ୍ୟାକୁଳ କଣ୍ଠରେ ମିନତି-ଭରା ଛନ୍ଦରେ ଜଣାଏ ରସ ପ୍ରାର୍ଥନା କରୁଥାଏ; ମାତ୍ର ନିଷ୍ଠୁର ମିତ ମେଘ ସେଥିରେ କର୍ଣ୍ଣପାତ ନକରି ପର୍ବତ ଉପରକୁ ଉଠିଯାଏ । ଦର୍ପୋଦ୍ଧତ କୃପଣ ଧନୀ ଦୀନ ଯାଚକର କରୁଣ ପ୍ରାର୍ଥନା ଏହିପରି ବ୍ୟର୍ଥ କରେ ସିନା । ମେଘ ଗିରିରାଜର ବେଶକାର । ସେ କେତେ-ବେଳେ ତାକୁ ଚନ୍ଦନଚର୍ଚ୍ଚିତ କରୁଅଛି, କେବେ ମୟୂରକଣ୍ଠୀ ପରିଚ୍ଛଦ ପିନ୍ଧାଇ ତାକୁ ରାଜବେଶରେ ସଜାଇଦେଉଅଛି, ପୁଣି କେତେବେଳେ ବା ତାହା ମସ୍ତକରେ ହୀରକମୁକୁଟ ପିନ୍ଧାଇଦେଉଅଛି । ତାହାର ଛାୟା ପ୍ରଚଣ୍ଡ ଦୈତ୍ୟ ପରି ଖରାକୁ ଗିଳିଦେଉଅଛି; କିନ୍ତୁ ରୌଦ୍ରର ରୁଦ୍ର ଜ୍ୱାଳା ସହି ନପାରି ତାକୁ ଉଦ୍‌ଗାର କରିପକାଇ ଭୟରେ ଲୁଚିଯାଉଅଛି । ଗିରିଗାତ୍ରରେ ମୁହୂର୍ତ୍ତକ ମଧ୍ୟରେ ଏହିପରି କେତେ ସୌନ୍ଦର୍ଯ୍ୟର ସୃଷ୍ଟି ହୋଇଯାଉଅଛି । ପୁଣି ପରମୁହୂର୍ତ୍ତରେ କେତେ ଧ୍ୱଂସପ୍ରାପ୍ତ ହେଉଅଛି । ବୈଚିତ୍ର୍ୟର ସୃଷ୍ଟି, ପ୍ରଳୟର ମହାଲୀଳା ଅନବରତ ଲାଗିରହିଅଛି । ଶୈଳ ଖଣ୍ଡିଏ ଦୃଶ୍ୟ ମହାକାବ୍ୟ । ତାହାର ପଟ୍ଟପରିବର୍ତ୍ତନ ସର୍ବଦା ଲାଗିଅଛି । କେତେ ପୁରାତନ ସର୍ଗର ବିଲୋପ ଘଟୁଅଛି, ତାହା ସ୍ଥାନରେ ନୂତନ ସର୍ଗର ସଂଯୋଗ ହେଉଅଛି, ସେଥିର କଳନା ନାହିଁ । ଏହି ପରିବର୍ତ୍ତନରେ କାବ୍ୟ ଅପୂର୍ଣ୍ଣ । ଏହି ମହାପରିବର୍ତ୍ତନର ଶେଷ କେଉଁଠାରେ, ତାହା କିଏ କହିପାରିବ ? ଏହି ବୈଚିତ୍ର୍ୟ ହେତୁ ଗିରି ଏଡ଼େ ସୁନ୍ଦର । ବୈଚିତ୍ର୍ୟବିହୀନ ସୌନ୍ଦର୍ଯ୍ୟ ଅଳଙ୍କାର ଶୂନ୍ୟ କାବ୍ୟ ପରି ବିଶେଷତ୍ୱବର୍ଜ୍ଜିତ । ବୈଚିତ୍ର୍ୟ ହିଁ ସୌନ୍ଦର୍ଯ୍ୟର ମୂଳ ଏବଂ ପ୍ରାଣ ଯେଉଁ ବୈଚିତ୍ର୍ୟ ସର୍ବତ୍ୟାଗୀ ମୁନିଋଷି ମାନଙ୍କର ଚିତ୍ତ ବଶ କରିଥିଲା, ତାହାର ଶକ୍ତି, ଗମ୍ଭୀରତା ଏବଂ ମହତ୍ତ୍ୱ କେତେ, ତାହା ଭାବିଲେ ଚିତ୍ତ ବିସ୍ମୟରେ ସ୍ତବ୍ଧ ହୋଇଯାଏ । କିଛି ସ୍ଥଳକୂଳ ମିଳେ ନାହିଁ । ଏହି ବୈଚିତ୍ର୍ୟ ହେତୁ ଘାଟି ବିଚିତ୍ର । ସବୁ ଅବସ୍ଥାରେ ସବୁଶ୍ରେଣୀୟ ଲୋକ ପ୍ରାଣରେ ସେ ଅସୀମ ଆନନ୍ଦ ଦାନ କରେ ।

ଘାଟିର ଧାରରେ ସ୍ଥାନେ ସ୍ଥାନେ ବନ୍ୟଜାତିର ଗ୍ରାମ ଅବସ୍ଥିତ । ଆବାଲବୃଦ୍ଧ ଗ୍ରାମବାସୀ ଘାଟିରେ କୁଲିକାମ କରନ୍ତି । ଶରୀର ଦୃଢ଼, ସବଳ ଏବଂ ସୁଗଠିତ, ବର୍ଣ୍ଣ କୃଷ୍ଣ, ଆକୃତି ଖର୍ବ । ଅଖଣ୍ଡ ସ୍ୱାସ୍ଥ୍ୟର ଆଭାସ ତାଙ୍କ ସବଳିତ ହୃଷ୍ଟପୁଷ୍ଟ ଶରୀରରୁ ବେଶ ବୁଝାଯାଏ । ସେମାନେ ବନଗିରିର କ୍ରୀଡ଼ା ପରିବାର । ବନଗିରି ତାଙ୍କର ରକ୍ଷକ, ପାଳକ ଏବଂ ଶିକ୍ଷକ । ନିରାଡ଼ମ୍ବର ସରଳ ଜୀବନ ଯାପନ ସେମାନଙ୍କର ଚିର ଅଭ୍ୟାସ । ସେମାନେ ଧର୍ମର ସୂକ୍ଷ୍ମ ସୂକ୍ଷ୍ମତର ଅର୍ଥ ବୁଝନ୍ତି ନାହିଁ—ଯାହା ସେମାନଙ୍କର ବିଶ୍ୱାସ, ତାହାହିଁ ଧର୍ମ । ନବଯୁଗ ସଭ୍ୟତାର ଝଙ୍କଧୂଳି ସେ ଜାତିର କାନରେ ବାଜିନାହିଁ । ସ୍ୱଭାବ ବଡ଼ ରୁକ୍ଷ, ଏକଗୁଣ୍ଡିଆ । ଏ ଜାତି ମଧ୍ୟରେ ଶିକ୍ଷାର ଆଲୋକପାତ ବାଞ୍ଛନୀୟ । ପୁରୁଷମାନେ ଲେଙ୍ଗୁଟି ମାରନ୍ତି, ସ୍ତ୍ରୀମାନଙ୍କର ଆବରଣ ଅଛି । ଜାଲ, ଜୁଆଚୋରି, ମିଥ୍ୟା, ପ୍ରବଞ୍ଚନା ସେମାନଙ୍କର ଘୃଣ୍ୟ, ଚକ୍ଷୁଶୂଳ । ସେମାନେ ବ୍ୟଭିଚାରର ପ୍ରତି ସତତ ଖଡ୍ଗହସ୍ତ । ଅସଭ୍ୟ ଅଶିକ୍ଷିତ ହେଲେହେଁ ସତ୍ୟପ୍ରିୟ ଜାତି । ସେମାନଙ୍କର ଏକତା ଜାତୀୟତା ସଭ୍ୟ ଶିକ୍ଷିତନାମଧାରୀ ଅନେକ ଜାତିର ଶିକ୍ଷଣୀୟ । ସେ ଜାତିର ସ୍ତ୍ରୀସ୍ୱାଧୀନତା ଅଛି; ମାତ୍ର ତାହା ଦୂଷିତ ବା ବିକୃତ ନୁହେଁ । ସୀମ ବନ୍ଧ ଦୋଷ ଦେଖିଲେ ଅଗ୍ନିଶର୍ମା । କ୍ଷମାର ମୂଲ୍ୟ ଏମାନଙ୍କଠାରେ କଡ଼ାକର ନୁହେଁ । କ୍ଷମା ସ୍ୱର୍ଗୀୟ, ଦଣ୍ଡ ପୈଶାଚିକ, ଏହା ବୁଝିବାର ଶକ୍ତି ସେମାନଙ୍କର ନାହିଁ । ସେମାନେ ସାହସୀ, କର୍ମଠ । ସ୍ଫୂର୍ତ୍ତି ଏବଂ ଉତ୍ସାହର ଜୀବନ୍ତ ମୂର୍ତ୍ତି ସେମାନଙ୍କ ମୁଖମଣ୍ଡଳରେ ଉଜ୍ଜ୍ୱଳ ରୂପେ ମୁଦ୍ରିତ; ମାତ୍ର ପରମ୍ପରା ଜନ୍ମବିଶେଷକୁ ପିଡ଼ା ଲାଗିଲା ପରି କ୍ରମ ଅନେକ ପଲ୍ଲିବାସୀ ରକ୍ଷଣଶୀଳଙ୍କୁ ଅମିଳଛନ୍ଦ ପିଡ଼ା ଲାଗିଲା ପରି ଶିକ୍ଷା ଏମାନଙ୍କୁ କୋଚଲା ଛୁଙ୍କ ପିଡ଼ା

ଲାଗେ । ଏମାନଙ୍କ ମଧ୍ୟରେ ନୃତ୍ୟଗୀତ, ଆମୋଦ ପ୍ରମୋଦ ପ୍ରଚଳିତ ଅଛି; ମାତ୍ର ତାହା ସୀମାବଦ୍ଧ ଏବଂ ସାମୟିକ । ଏମାନଙ୍କର ସମାଜବନ୍ଧନ ଦୃଢ଼ ଏବଂ ନିୟନ୍ତ୍ରିତ ।

ବନ୍ୟ ଜାତିମାନେ ଦେବତା ମାନନ୍ତି । ଯାହାଠାରୁ ଉପକାର ପାଆନ୍ତି ସେହି ତାଙ୍କର ଦେବତା । ବନ, ପର୍ବତ, ଶସ୍ୟକ୍ଷେତ୍ରଠାରୁ ଉପକାର ପାଆନ୍ତି ବୋଲି ଦେବତା ବିଶ୍ୱାସରେ ସେମାନଙ୍କୁ ପୂଜା କରନ୍ତି । ଯେ ଦିଏ ସେ ଦିଅ ଅର୍ଥାତ୍ ଦେବତା । ବାସ୍ତବରେ ଯେ ମଙ୍ଗଳ ଦାନକରେ ସେ ଦେବତା । ଅସଭ୍ୟ ଆଦିମ ଅପାଠୁଆ ଜାତିର ଏହି ସରଳ ବିଶ୍ୱାସ ମୂଳରେ ପ୍ରକୃତ ଗଭୀର ସତ୍ୟ ନିହିତ ଅଛି । ଅଭୀଷ୍ଟ ସିଦ୍ଧି ସକାଶେ ଏହି ଦେବତାଙ୍କ ନିକଟରେ ଜୀବବଳି ମାନସିକ କରନ୍ତି । ଏହା ଅବଶ୍ୟ ନିନ୍ଦିତ ନିଷ୍ଠୁର ପାପପ୍ରଥା । ମାତ୍ର ସଭ୍ୟ, ଶିକ୍ଷିତ ସମାଜରୁ ବଳିପ୍ରଥା ଅଦ୍ୟାବଧି ଉଠିଯାଇନାହିଁ, ଘୋର ଅସଭ୍ୟ ବନ୍ୟ ଜାତିଙ୍କୁ ବା କିଏ କେଉଁ ମୁହଁରେ ବାଛିବ । ହତ୍ୟା ସପକ୍ଷରେ ସଭ୍ୟ ସମାଜ ଶାସ୍ତ୍ରର ପ୍ରମାଣ ଦେଖାନ୍ତି, ଏହା ଶାସ୍ତ୍ର ପ୍ରତି ଅବମାନନା ସିନା ! ବେଦରେ ଜୀବହତ୍ୟାର ବିଧି ଅଛି ବୋଲି ସତ୍ୟଧର୍ମର ପ୍ରବର୍ତ୍ତକ ମହାଜ୍ଞାନୀ ବୁଦ୍ଧଦେବ ବେଦକୁ ମାନୁନଥିଲେ । ହତ୍ୟା ହିଂସା ଯେବେ ବୈଧ ହୁଏ, ତେବେ ପାପ ମଧ୍ୟ ବୈଧ । ବୈଧ ହିଂସା ମଧୁର ଦୋଛଲା ପଦ । ବିଚିତ୍ର ଯୁକ୍ତି ! ଜୀବ ବ୍ରହ୍ମ ପରା, ତେବେ ଜୀବହତ୍ୟା ବ୍ରହ୍ମହତ୍ୟା ନୁହେଁ କି ? ଏହି ହେତୁରୁ କୌଣସି ଧର୍ମ ହତ୍ୟାକୁ ସମର୍ଥନ କରିନାହିଁ । ପର ପ୍ରାଣ ବଧି ନିଜର ଶ୍ରେୟ ସାଧନ ବର୍ବର ପୈଶାଚିକ ବ୍ୟବହାର । ପ୍ରାଣୀ ହୋଇ ପ୍ରାଣୀକୁ ବଧ କରିବା ଆତ୍ମହତ୍ୟା ସଙ୍ଗେ ସମାନ, ଏହା ଶଠତା କିମ୍ବା ରଙ୍ଗଦିଆ ବାକ୍‌ଚାତୁରୀ ନୁହେଁ ।

୨୩ ମାଇଲ ପରେ ପୋଟଙ୍ଗୀ ଗ୍ରାମ । ତାହା ଜୟପୁରସ୍ଥ ପୋଟଙ୍ଗୀ ତାଲୁକାର କେନ୍ଦ୍ରସ୍ଥଳ । ଏ ଅଞ୍ଚଳରେ ଆଦିମ ଜାତିଙ୍କର ସଂଖ୍ୟା ଅଧିକ । ଏଠାରେ ଫରେଷ୍ଟ ଅଫିସ, ପୋଲିସ ଅଫିସ, ପୋଷ୍ଟ ଓ ଟେଲିଗ୍ରାଫ ଅଫିସ ପ୍ରଭୃତି କେତେକ ଅଫିସ ଅଛି । ଏଠାରେ ବହୁତ ଆମ୍ବ ବଗିଚା ଅନେକ ଦେଖାଯାଏ । ଗ୍ରାମଟି ମେଲେରିଆର ଲୀଳାଭୂମି । ସେଠାରୁ କୋରାପୁଟ ୩୪ ମାଇଲ । ଏହା ଗୋଟିଏ କ୍ଷୁଦ୍ର ସହର । ଉପଯୁକ୍ତ ଅଫିସ ଅଦାଲତ ଏଠାରେ ଅଛି । ସେଠାରୁ ଜୟପୁର ବାର ମାଇଲ । ଏହି ପଥ "ଦେଉଘାଟି" ଉପରେ ଯିବାକୁ ହୁଏ । ଘାଟି ତିନି ଭାଗରେ ବିଭକ୍ତ—ସାଲୁର ଘାଟି, ଶୁଙ୍କି ଘାଟି ଏବଂ ଦେଉଘାଟି । ଏହି ତିନି ଘାଟି ପାରହେଲେ ଜୟପୁର ।

## ଦ୍ୱିତୀୟ ପରିଚ୍ଛେଦ

ଜୟପୁର ଦୁର୍ଗ ପର୍ବତ ମେଖଳା ମଧ୍ୟରେ ଅବସ୍ଥିତ । ତାହାର ତିନି ଦିଗରେ ଅତସୀନୀଳାଭ ନଭସ୍ପର୍ଶୀ ଗିରିମାଳା, ପଶ୍ଚିମରେ ଦୁଇମାଇଲବ୍ୟାପୀ ଜଗନ୍ନାଥସାଗର ନାମକ ବିସ୍ତୃତ ଦୀର୍ଘିକା ସେହି ମେଖଳାର ସୁନ୍ଦର ହୀରକ ମୁହାଣ୍ଡି ରୂପେ ବିରାଜିତ । ତାହା ଜୟପୁର ରାଜଲକ୍ଷ୍ମୀଙ୍କର ବିଶାଳ ନୀଳଦର୍ପଣ କିମ୍ବା ନିଭୃତ କେଳିସରୋବର । ଜଗନ୍ନାଥସାଗର ପଦ୍ମଫୁଲରେ ପରିପୂର୍ଣ୍ଣ ହୋଇ ତାରକାମଣ୍ଡିତ ନୈଶ ଆକାଶରୁ ଖଣ୍ଡେ ଖସିପଡିଲା ପରି ଦେଖାଯାଏ । ଫୁଲକୁଳେଶ୍ୱରୀ ସରସିଜକେମା ପଦ୍ମିନୀ ସୁନ୍ଦରୀ ନିଜର ଅତୁଳ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ହସୁଅଛି । ବୋଧହୁଏ ବିଧି ଅମୃତରେ ଆହ୍ଲାଦ ମିଶାଇ ଏହି ଲାବଣ୍ୟନିଧି ସର୍ଜନା କରିଅଛି । ପୁଣି ସେହି ରୂପକୁ ବାସନ୍ତୀ ଜ୍ୟୋତ୍ସ୍ନାରେ ରସାଣି ଜ୍ୟୋତିର୍ମୟୀ ଏବଂ ଅତୁଲ୍ୟ କରିଅଛି । ଅଥବା ନିଖିଳ ସୌନ୍ଦର୍ଯ୍ୟକୁ ସାର ସଂଗ୍ରହ କରି ତହିଁରେ ସ୍ୱପ୍ନ ନିର୍ମାଣପୂର୍ବକ ଉଷାରାଗରେ ରଞ୍ଜିତ କରିଅଛି । ବିଧାତା ତାକୁ କରରେ ନିର୍ମାଣ କରିନାହିଁ, କଳ୍ପନାରେ ନିର୍ମାଣ କରିଅଛି । ସେ ସୁନ୍ଦର ଚନ୍ଦ୍ର ରସରେ ଢଳଢଳ । ତାହାର ନିଃଶ୍ୱାସ ପୂତ ଏବଂ ପରିମଳମୟ । କୂଳରେ ବସି ସେହି ପରିମଳ

ସେବନ କଲେ ଶୋକତପ୍ତ ହୃଦୟ ମଧ ଶାନ୍ତ ସୁଶୀତଳ ହୁଏ । ରାଜାଙ୍କର ପୋଷା ହାତୀମାନେ ବେଳେ ବେଳେ ସାର୍ଦ୍ଧିକାରେ ଜଳକେଳି ରଚନା କରନ୍ତି ଏବଂ ପଦ୍ମବନ ଧ୍ୱଂସକରି ଗଜମୂର୍ଖ ଆଖ୍ୟାର ସାର୍ଥକତା ପ୍ରମାଣ କରନ୍ତି । ସେମାନେ ଶୋଭାର ଯମ, ସୁରୁଚିର ଶତ୍ରୁ । ଖଣ୍ଡ ପରି ସରୋବରର ଶୀତଳ ସଲିଳରେ ଦାହ, ତୃଷ୍ଣା ଶାନ୍ତକରି ତାହାର ଧନ ଅପହରଣ କରନ୍ତି ଏବଂ ତାହାର ଶୋଭା ଉଦରସ୍ଥ କରନ୍ତି । ଜଳାଧାର ସୁନ୍ଦରଃ କିନ୍ତୁ ତାହାର ସ୍ୱଭାବ ସୁନ୍ଦର ନୁହେଁ । ନବାଗନ୍ତୁକ ଲୋକ ସେଥିରେ ଥରେ ମାତ୍ର ସ୍ନାନକଲେ କିମ୍ବା ତାହାର ଜଳ ପାନକଲେ ମାଲେରିଆକୁ ସାଦର ନିମନ୍ତ୍ରଣ କଲପରି ହୁଏ । ସାଗର କ୍ରମଶଃ ପୋତିହୋଇ ପଡ଼ୁଅଛି । ପଦ୍ମବନ ଯୋଗୁ ତାହାର ଏ ଦୁର୍ଗତି । ଶୋଭା ତାହାର ପ୍ରାଣର ବୈରୀ ହୋଇଅଛି । ସାଗରରେ ପ୍ରକାଣ୍ଡ ପ୍ରକାଣ୍ଡ ମତ୍ସ୍ୟ ଏବଂ କୁମ୍ଭୀର ପ୍ରଚୁର ଅଛନ୍ତି । ସାଗରର ଅନତିଦୂରରେ ବିସ୍ତୀର୍ଣ୍ଣ ଆମ୍ରୋଦ୍ୟାନ, ସେଥିରେ ହାତୀ ବନ୍ଧା ହୁଅନ୍ତି । ଏ ଅଂଶର ପ୍ରାକୃତିକ ସୌନ୍ଦର୍ଯ୍ୟ ବାସ୍ତବରେ ଚିତ୍ତହର । ସାଗରର ପଙ୍କୋଦ୍ଧାରର ଚେଷ୍ଟା ରାଜସରକାର ପକ୍ଷରୁ ହେଉଅଛି । ଜଗନ୍ନାଥ ସାଗରୁ ସାତ ମାଇଲବ୍ୟାପୀ କୃଷି ଭୂମିକୁ ଜଳ ଯୋଗାଏ । ଇଷ୍ଟଇଣ୍ଡିଆ କୋମ୍ପାନୀ ଅମଳରେ ବହୁ ବଡ ସାହେବମାନେ ଏହି ସାଗରର ଭୂୟସୀ ପ୍ରଶଂସା କରିଅଛନ୍ତି ।

ଜୟପୁର ଗଡ଼ ଗୋଟିଏ ସୁନ୍ଦର ସୁସଜ୍ଜିତ ନାତି-କ୍ଷୁଦ୍ର ନାତିବୃହତ୍ ସହର । ତାହାର କ୍ରମୋନ୍ନତି ଦୃଷ୍ଟିରେ ବୋଧହୁଏ ଅଦୂର ଭବିଷ୍ୟତରେ ତାହା ପ୍ରଥମ ଶ୍ରେଣୀର ସହରରେ ପରିଣତ ହେବ । ତାହାର ସୌଭାଗ୍ୟବିଧାତା ବର୍ତ୍ତମାନ ରାଜା ସେ ବିଷୟରେ ବିଶେଷ ଚେଷ୍ଟିତ । ଦୁର୍ଗଟି "ନାକେଇ" ପର୍ବତର ଉପକଣ୍ଠରେ ଅବସ୍ଥିତ । ଗିରି ଏବଂ ଦୁର୍ଗ ଯୁଗ୍ମାଙ୍କର ଉପମା ଧାରଣ କରିଅଛନ୍ତି ଅଥବା ଗିରୀନ୍ଦ୍ର କୋଳରେ ତାଙ୍କର ପ୍ରାଣପ୍ରତିମା କେମା ହୈମବତୀ ଦେବୀ ଉପବିଷ୍ଟା ନତୁବା ଶୌର୍ଯ୍ୟ କୋଳରେ କ୍ଷମା ଆସୀନା ।

ନାକେଇ ପର୍ବତର ଅଦ୍ଭୁତ ନାସିକା ପରି । ତାହାର ଅପର ନାମ ନାକଟି । ପ୍ରବାଦ ଅଛି—ପୂର୍ବେ ଜେଲ ବା କୋର୍ଟମାନା ଦଣ୍ଡ ନ ଥିଲା । ତାହା ପରିବର୍ତ୍ତରେ ଅପରାଧୀମାନଙ୍କର ନାକ, କାନ ବା ଅଙ୍ଗୁଳି କଟାଯାଉଥିଲା । ଯେଉଁମାନେ ନାକକଟା ଦଣ୍ଡାଦେଶ ପାଉଥିଲେ ସେମାନଙ୍କୁ ଏହି ପର୍ବତ ଉପରକୁ ନେଇ ସୂର୍ପଣଖା କରାଯାଉଥିଲା । ଏହି ହେତୁରୁ ପର୍ବତର ନାମ "ନାକଟି" ହୋଇଅଛି । କେଉଁ ସୁଦୂର ଅତୀତ ବର୍ବର ଯୁଗରେ ଏପରି ପୈଶାଚିକ ରାଜଦଣ୍ଡର ବିଧାନ ଥିଲା, ଜନଶ୍ରୁତିର ତାହା ଅଜ୍ଞାତ । ଏହି ପର୍ବତରେ ଚନ୍ଦନ ବୃକ୍ଷ ଅଛି । ଜୟପୁରର ଆହୁରି ଅନେକ ସ୍ଥାନରେ ମଧ ଚନ୍ଦନବନ ଅଛି । ଶ୍ରେଷ୍ଠ ଦେବାନ ସାହେବଙ୍କ ଆବାସ-ଭବନ ନିକଟରେ ରୋପିତ ଚନ୍ଦନ ତରୁ ଦେଖାଯାଏ । ଚନ୍ଦନର ଡାଳ, ପତ୍ର, ଫୁଲ ବା ବକ୍କଳ ବାସେ ନାହିଁ, କେବଳ ଗଛର ମଞ୍ଜ ବାସେ । ଏହି ଗଛ ସଙ୍ଗରେ ଶିରିଷ ଗଛର ସୌସାଦୃଶ୍ୟ ଅନେକ ପରିମାଣରେ ଅଛି । ଚନ୍ଦନବୃକ୍ଷର ମଞ୍ଜିକୁ ନିମ୍ବ, ବଇଶୁ, ପିଡୁଶ ପ୍ରଭୃତି କାଠ ସଙ୍ଗରେ ଘିଷାଇଲେ ତାହା ଚନ୍ଦନର ସ୍ୱଭାବ ପ୍ରାପ୍ତ ହୁଏ । ବଜାରରେ ଯେଉଁ ଚନ୍ଦନକାଠ ବିକି ହୁଏ, ସେଥିରୁ ଅଧିକାଂଶ ଏହି କୃତ୍ରିମ ଚନ୍ଦନ । ବିଶୁଦ୍ଧ ଚନ୍ଦନର ମୂଲ୍ୟ ଅଧିକ । ଜୟପୁରରେ ଚନ୍ଦନ ଗଛର ସଂଖ୍ୟା କ୍ରମଶଃ ବଢୁଅଛି । ସମୟରେ ଏହି ଚନ୍ଦନକାଠ ବହୁ ଲାଭଜନକ ବିସ୍ତୃତ ବ୍ୟବସାୟରେ ପରିଣତ ହେବ । ଜୟପୁରରେ ଏହିପରି ପ୍ରଚୁର ବନ୍ୟବସ୍ତୁ ଅଛି । ଜୟପୁରକୁ ରେଲ ସୁବିଧା ନ ହେବା ପର୍ଯ୍ୟନ୍ତ ବନ୍ୟ ବାଣିଜ୍ୟର ଉନ୍ନତି ସୁଦୂରପରାହତ । ରେଲପଥର ବ୍ୟବସ୍ଥା ହେଉଥିଲା; ମାତ୍ର ପୃଥିବୀବ୍ୟାପୀ ଅର୍ଥସଙ୍କଟ ହଠାତ୍ ଉପସ୍ଥିତ ହେବାରୁ ସେ ପ୍ରସ୍ତାବ ସ୍ଥଗିତ ରଖାଯାଇଅଛି ।

ରାତ୍ରରେ ଏହି ନାକେଇ ପର୍ବତରେ ଦାବାନଳ ଜଳିଉଠି ବିବିଧ ଅପୂର୍ବ ଦୃଶ୍ୟର ମହୋତ୍ସବ ସୃଷ୍ଟିକରେ । କେବେ ଦାବାନଳରେଖା ମୃତ୍ୟୁଧାମର ଜ୍ୟୋତିର୍ମୟ ପଥ ପ୍ରାୟ ଦେଖାଯାଏ, କେବେ ବା ପର୍ବତ କଣ୍ଠର ସ୍ୱର୍ଣ୍ଣ ପୁଷ୍ପହାର ପ୍ରାୟ ଦିଶେ , କେବେ ଅବା ପର୍ବତ ଗାତ୍ରରେ

ନାନା ଭଙ୍ଗୀରେ ଚତୁର ତୁଳି ବର୍ଣ୍ଣମାଳା ଅଙ୍କନ କରେ । ସାହିତ୍ୟ ବିଭବରେ କୁବେର ସମ ଏହି ପର୍ବତ ସାହିତ୍ୟ ସମ୍ରାଟଙ୍କର ଜଣେ ସାହିତ୍ୟିକ ପ୍ରଜା; ସୁତରାଂ ତାଙ୍କର ସମ୍ବର୍ଦ୍ଧନା ଶ୍ଳୋକ ସ୍ୱର୍ଣ୍ଣାକ୍ଷରରେ ଲେଖି ଦେଖାଉଅଛି ଅଥବା ବାର୍ଦ୍ଧକ୍ୟଗ୍ରସ୍ତ ମହାମାନବର କପାଳ-ଫଳକରେ ପ୍ରଖର ପ୍ରତିଭାର ଜ୍ୟୋତି ଫୁଟିଉଠିଅଛି । କଣ୍ଡାମାଳ, ଚୁଙ୍ଗରଚୁଣ୍ଡି ଭୁଟାପର୍ବତ, ପେଠାଡୁଙ୍ଗର ପ୍ରଭୃତି ଉତ୍ତର, ପୂର୍ବ ଓ ଦକ୍ଷିଣଦିଗସ୍ଥ ପର୍ବତମାନ ନାଳେଇର ଉତ୍ସବରେ ଯୋଗ ଦିଅନ୍ତି । ତାଙ୍କ ଦେହରେ କି ଦାବାନଳ ଜଳିଉଠେ । ସତେ ଯେପରି ପର୍ବତମାନେ ଏକ ସଙ୍ଗରେ ଜୟପୁର ରାଜଲକ୍ଷ୍ମୀଙ୍କୁ ରକ୍ତରେ ଆଳତି କରୁଅଛନ୍ତି କିମ୍ବା ରାତ୍ରିର ଅନ୍ଧାର ସମୁଦ୍ର ବକ୍ଷରେ ବାଡ଼ବାନଳ ଜଳିଉଠିଅଛି ଅଥବା ଅବିଦ୍ୟା ତମସାଚ୍ଛନ୍ନ ହୃଦୟରେ ସଦୁପଦେଶ ଜ୍ଞାନାଲୋକର ରେଖାପାତ କରୁଅଛି । ପର୍ବତ ପର୍ବତପୃଷ୍ଠରେ ଅପସର ରୂପେ ରତ୍ନ ସମୁଦ୍ର ମଧ୍ୟରେ ସେତୁବନ୍ଧ ପରି ବିସ୍ତୃତ । ଏହି ଗିରିମାଳା ରାଜ୍ୟର ଶ୍ରୀ, ସମ୍ପଦ ଏବଂ ଶକ୍ତି । ପର୍ବତମାନ ଭୀଷଣ ନିବିଡ଼ ଅରଣ୍ୟମୟ । ସ୍ଥାନେ ସ୍ଥାନେ ନିର୍ଭୟରେ ନିରାପଦରେ ହାତୀପଲ ରହି ପାରନ୍ତି । ଜୟପୁରସ୍ଥ ନବରଙ୍ଗପୁର ବଣରେ ହାତୀ ଅଛନ୍ତି, ସେଠାରେ ହାତୀଧରା ହୁଏ । କଥାରେ କହନ୍ତି—"ହାତୀ ଜୀଇଥିଲେ ଲକ୍ଷେ ଟଙ୍କା, ମଲେ ବି ଲକ୍ଷେ ଟଙ୍କା;" ସୁତରାଂ ହସ୍ତିଯୂଥ ରାଜ୍ୟର ପାଳିତ ସମ୍ପଦ ।

ରାଜପ୍ରାସାଦ ନିକଟରୁ ବିପଣୀମାଳା ବାହାରି ଶାଖା ପ୍ରଶାଖା ବିସ୍ତାର କରିଅଛି । ନାନାବିଧ ପଣ୍ୟ ଦ୍ରବ୍ୟରେ ବିପଣୀ ଉଜ୍ଜ୍ୱଳ । ବସ୍ତ୍ର ଦୋକାନଗୁଡ଼ିକ ଟଙ୍ଗାହୋଇ ଥିବା ନାନାବର୍ଣ୍ଣର ବସ୍ତ୍ରରେ ଇନ୍ଦ୍ରଧନୁର ହାର ପିନ୍ଧିଲା ପ୍ରାୟ ଦେଖାଯାଏ । ଏ ଅଞ୍ଚଳର ପିତଳ ବାସନ ଅତି ସୁନ୍ଦର । ଲୋଟା ଗରାଗୁଡ଼ିକ ସ୍ୱର୍ଣ୍ଣ ବର୍ଣ୍ଣ ପରି ଉଜ୍ଜ୍ୱଳ ଏବଂ ଚିକ୍କଣ । ପଥର ଦୁଇପାର୍ଶ୍ୱରେ ହର୍ମ୍ୟମାଳା ନଦୀର ଦୁଇପାର୍ଶ୍ୱରେ ବନ ପ୍ରାୟ ବିସ୍ତୃତ । ଜନ ଶ୍ରେଣୀର ଗତାଗତ ଅବିରଳ ଲାଗିଥାଏ—ସତେ ଯେପରି କବିରାଣୀ ପ୍ରକୃତି ଲୋମ ବିଲୋମ ମେଷଯୁଦ୍ଧ ଛନ୍ଦରେ କବିତା ଲେଖିଯାଉଅଛି । ନାନା ଜାତିର ବଣିକମାନେ ରାଜଧାନୀରେ ବାଣିଜ୍ୟ କରନ୍ତି । ତେଲଙ୍ଗା, ମୁସଲମାନ, ଶିଖ୍, ହିନ୍ଦୁସ୍ଥାନୀ ପ୍ରଭୃତି ନାନାଜାତିର ଲୋକେ ଚାକିରି ଏବଂ ବ୍ୟବସାୟସୂତ୍ରରେ ଏଠାରେ ଅବସ୍ଥାନ କରନ୍ତି । ସ୍ଥାନୀୟ ସାଧାରଣ ଭାଷା ଓଡ଼ିଆ । ଅନ୍ୟ ଭାଷାର ପ୍ରଭାବ ସେଥିରେ ଖୁବ୍ ଅଳ୍ପ । ତେଲଗୁ ବାଦ ଦେଲେ ଅବଶିଷ୍ଟ ଖାଣ୍ଟି ଓଡ଼ିଆ । ରାଜବଂଶ ଓଡ଼ିଆ, ସେମାନେ ସୂର୍ଯ୍ୟବଂଶୀୟ । ଓଡ଼ିଶାର ଗଜପତି ରାଜବଂଶ ସଙ୍ଗରେ ଜୟପୁର ରାଜବଂଶର ବନ୍ଧୁତାସମ୍ପର୍କ ଅଛି ।

ରାଜଦୁର୍ଗ ଦୁଇ ଭାଗରେ ବିଭକ୍ତ । ପୁରୁଣାଗଡ଼ ଏବଂ ନୂଆଗଡ଼ । ମହାରାଜ ବିକ୍ରମଦେବ ପୁରୁଣା ଗଡ଼ରେ ଅବସ୍ଥାନ କରନ୍ତି । ନଅର ମଧ୍ୟରେ ରାଜବଂଶର ଇଷ୍ଟଦେବୀ କନକଦୁର୍ଗାଙ୍କର ମନ୍ଦିର ଅଛି । ସେଥିରେ ସ୍ୱର୍ଣ୍ଣମୟୀ ଦୁର୍ଗା ମୂର୍ତ୍ତି ବିରାଜିତା । କି ସୁନ୍ଦର ମାତୃମୂର୍ତ୍ତି, ପ୍ରସନ୍ନ ବଦନମଣ୍ଡଳରୁ ମାତୃତ୍ୱର ମହିମା ଝରି ପଡ଼ୁଅଛି । ଦେବୀଙ୍କ ଦକ୍ଷିଣ ପାର୍ଶ୍ୱରେ ସାନ କନକଦୁର୍ଗା ଅବସ୍ଥିତ । ସମ୍ମୁଖରେ ବୃହତ୍ ପିତଳ ସିଂହ ଆଜ୍ଞା ପ୍ରତୀକ୍ଷାରେ ଉଭା ହୋଇଅଛି । ଦୁଇ ପାଖରେ ସ୍ୱର୍ଣ୍ଣନିର୍ମିତ ବିଜୟ ମୂର୍ତ୍ତି । ମୂଳ ମୂର୍ତ୍ତିଦ୍ୱୟ ପଦାକୁ ବାହାରନ୍ତି ନାହିଁ, ଏହି ବିଜୟପ୍ରତିମା ଯାତ୍ରା ପର୍ବରେ ତାଙ୍କର ପ୍ରତିନିଧି ରୂପେ ବାହାରନ୍ତି । କଥିତ ହୁଏ—'ଉତ୍କଳ ସମ୍ରାଟ୍ ପ୍ରତାପୀ ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି ଏହି କନକଦୁର୍ଗା ମୂର୍ତ୍ତିକୁ ପୁରୀକୁ ଘେନି ଯାଉଥିଲେ । ସେ ଜୟପୁର ରାଜ୍ୟଦେଇ ଫେରାବେଳେ ଜୟପୁରର ତାତ୍କାଳିକ ରାଜା ଏହି ମୂର୍ତ୍ତି ଛଡ଼ାଇ ଆଣିଥିଲେ ।' ଏ ଜନଶ୍ରୁତି ନିତାନ୍ତ ଅସମ୍ଭବ ବୋଧହୁଏ । ବିଶାଳ ଉତ୍କଳର ରାଜଚକ୍ରବର୍ତ୍ତୀ, କାଞ୍ଚି ବିଜେତା ପୁରୁଷୋତ୍ତମ ଦେବଙ୍କଠାରୁ ମୂର୍ତ୍ତି ଛଡ଼ାଇ ନେବା ଭଳି ଦୁଃସାହସ ଜୟପୁର ରାଜା କଦାପି କରି ନଥିବେ । ମହାରାଜା ବିକ୍ରମ ଦେବ ମଧ୍ୟ ଏ କଥା ବିଶ୍ୱାସ କରନ୍ତି ନାହିଁ । ସେ କହନ୍ତି—'ପୁରୁଷୋତ୍ତମ ଦେବ ସୈନ୍ୟସାମନ୍ତ ଘେନି ଆଗରୁ ବାହାରି ଯାଇଥିଲେ । ମୂର୍ତ୍ତିବାହକମାନେ ସମସ୍ତଙ୍କ ପଛରେ ଥିଲେ । ସୈନ୍ୟ ଏବଂ ଯାନବାହନର କୋଳାହଳ ଶୁଣି ଜୟପୁରର ଲୋକେ ଦେଖିବାକୁ ଧାଇଁଲେ । ଅତି ଅଳ୍ପସଂଖ୍ୟକ

ପ୍ରତିମା ବାହକ ସେମାନଙ୍କୁ ଦେଖି ଜୟପୁର ସେନା ଯୁଦ୍ଧ କରିବାକୁ ଆସୁଅଛନ୍ତି ଭାବି ଭୟରେ ପ୍ରତିମା ସେହିଠାରେ ରଖିଦେଇ ପଳାଇଲେ । ଜୟପୁରର ଲୋକେ ତହୁଁ କନକଦୁର୍ଗାଙ୍କୁ ଘେନିଆସି ରାଜାଙ୍କୁ ଦେଲେ । ରାଜା ନଅର ମଧ୍ୟରେ ମନ୍ଦିର ନିର୍ମାଣ କରି ଦେବୀଙ୍କୁ ଇଷ୍ଟ-ଦେବୀ ରୂପେ ପ୍ରତିଷ୍ଠିତ କଲେ ।" ବାସ୍ତବରେ ମହା-ରାଜଙ୍କର ଏ ଉକ୍ତି ସମୀଚୀନ ଏବଂ ସମ୍ଭବ ।

କନକଦୁର୍ଗାଙ୍କ ଡାହାଣ ପାଖରେ ବୃନ୍ଦାବନରୁ ଆନୀତ ମଦନମୋହନ ଦେବଙ୍କ ମୂର୍ତ୍ତି ସ୍ୱତନ୍ତ୍ର ମନ୍ଦିରରେ ଅବସ୍ଥିତ । ମଦନମୋହନଙ୍କ ଚାରି ପାଖରେ ରାଧିକା, ରାଧାକାନ୍ତ, ଲଳିତା, ସୀତା, ରାମ, ଲକ୍ଷ୍ମଣ, ଲକ୍ଷ୍ମୀ, ନାରାୟଣ, ନୃସିଂହ, ମହାଲକ୍ଷ୍ମୀ, ଚୈତନ୍ୟ, ନିତ୍ୟାନନ୍ଦ, ଗରୁଡ଼, ଲହୁଣିଆ ଗୋପାଳ, ଚନ୍ଦ୍ରଶେଖର, ପାର୍ବତୀ, ସୂର୍ଯ୍ୟନାରାୟଣ, ସୂର୍ଯ୍ୟାବର୍ତ୍ତି ଶଙ୍ଖ ଘଣ୍ଟା ଏବଂ ଶତାଧିକ ଶାଳଗ୍ରାମ ମୂର୍ତ୍ତି ଅବସ୍ଥିତ । ମଦନମୋହନ ଯେପରି ଦେବ, ଦେବୀ, ଭକ୍ତ, ସିଦ୍ଧ, ସାଧକଗଣଙ୍କୁ ଘେନି ସଭା କରି ବସିଅଛନ୍ତି । ପିତଳ ଗରୁଡ ମୂର୍ତ୍ତି ସମ୍ମୁଖରେ ଉଭା-ହୋଇଅଛି ।

ନଅରର ସିଂହଦ୍ୱାରରେ ଦୁଇଟି ବୃହତ୍ ପିତଳ ସିଂହ ଦ୍ୱାରରକ୍ଷୀ ପ୍ରାୟ ଉପବିଷ୍ଟ । ଦୃପ୍ତ ସିଂହର ଚାହାଣୀ, ଠାଣି ଅତି ଚମତ୍କାର । ସିଂହଦ୍ୱାର ସମ୍ମୁଖରେ ରଘୁନାଥ ମନ୍ଦିର । ରାଜା ଦ୍ୱିତୀୟ ବିକ୍ରମଦେବଙ୍କ ଧର୍ମ-ପ୍ରାଣା ଜନନୀ ଲକ୍ଷ୍ମୀ ପାଟମା ଗୋସାଇଁ ଏହି ମନ୍ଦିର ପ୍ରସ୍ତୁତ କରାଇ କାଶୀରୁ ଶଙ୍ଖମର୍ମର ପ୍ରସ୍ତରନିର୍ମିତ ରାମ ଲକ୍ଷ୍ମଣ ସୀତାଙ୍କର ମୂର୍ତ୍ତି ଅଣାଇ ସ୍ଥାପନ କରିଥିଲେ ।

ଅନ୍ୟ ଏକ ମନ୍ଦିରରେ ରାଜବଂଶର ଇଷ୍ଟଦେବ ଲକ୍ଷ୍ମୀନାରାୟଣ ପ୍ରତିଷ୍ଠିତ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଭୁଜଙ୍କ ମୂର୍ତ୍ତି ଅତ୍ୟନ୍ତ ମନୋରମ । ଦୃଷ୍ଟି ସ୍ନେହବୋଳା ଏବଂ ମଧୁର । ସତେ ଯେପରି ସେ ଦୃଷ୍ଟିରୁ ସ୍ନେହ, ପ୍ରେମ, ଦୟାର ତ୍ରିବେଣୀ ଧାରା ନିର୍ଗତ ପଡୁଅଛି । ଲକ୍ଷ୍ମୀନାରାୟଣ ରୌପ୍ୟ ମେଡରେ ବିଜେ ହୋଇଅଛନ୍ତି । ସତେ ଯେପରି ପାଷାଣ ମୂର୍ତ୍ତି ଦେହରୁ ଶୁଭ୍ର ସ୍ୱଚ୍ଛ ଜ୍ୟୋତି ନିର୍ଗତ ହୋଇ ମନ୍ଦିରକୁ ଜ୍ୟୋତିର୍ମୟ କରିଅଛି । ଦୁଇ ପାଖରେ ଲକ୍ଷ୍ମୀ, ସରସ୍ୱତୀ ଅବସ୍ଥିତ । ରାଧାକୃଷ୍ଣ ଏବଂ ଲଳିତା ତାଙ୍କର ପ୍ରତିନିଧି ହୋଇ ଏବଂ ଚନ୍ଦନଯାତ୍ରା ସମୟରେ ବାହାରନ୍ତି । ଲକ୍ଷ୍ମୀନାରାୟଣଙ୍କ ଦକ୍ଷିଣ ପାଖରେ ସୂର୍ଯ୍ୟନାରାୟଣ ମୂର୍ତ୍ତି । ନିକଟବର୍ତ୍ତୀ ଅନ୍ୟ ଏକ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ପତିତପାବନ ବିରାଜିତ । ଲକ୍ଷ୍ମୀନାରାୟଣ ଏବଂ ଜଗନ୍ନାଥଙ୍କ ଆଗରେ ଗରୁଡ଼ ଦୁଇ ଆଡ଼କୁ ମୁହଁ କରି କର ଯୋଡି ଉଭୟ ଦେବତାଙ୍କ ନୀରବ ସ୍ତବରେ ନିଯୁକ୍ତ । ଜଗନ୍ନାଥଙ୍କ ଭୋଗ ଖୁବ୍ ଉତ୍କୃଷ୍ଟ ଧରଣର । ପ୍ରଥମ ବିକ୍ରମ ଦେବ ତାଙ୍କୁ ପ୍ରତିଷ୍ଠା କରିଥିଲେ । ବଡ଼ ରାମଚନ୍ଦ୍ର ଦେବ ଜାମୁଣ୍ଡାରୁ ନାରାୟଣ ମୂର୍ତ୍ତି ଏବଂ ଭଗ-ବତୀ ମୂର୍ତ୍ତି ଆଣି ଜୟପୁରରେ ସ୍ଥାପନ କରିଥିଲେ । ଭଗବତୀଙ୍କ ମୂର୍ତ୍ତି ପ୍ରକାଣ୍ଡ ପ୍ରସ୍ତରନିର୍ମିତ । ତାଙ୍କ ସମ୍ମୁଖରେ ବାହନ କେଶରୀ ଦେବୀଙ୍କ ଧ୍ୟାନରେ ନିମଗ୍ନ । ଲକ୍ଷ୍ମୀନାରାୟଣଙ୍କ ମନ୍ଦିରର ପ୍ରକାଣ୍ଡ ସିଂହଦ୍ୱାର ଶିଶୁ କାଠରେ ନିର୍ମିତ । ଦେହଲୀରେ ଜୟ ବିଜୟ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ଗଜ, ଅଶ୍ୱ ଏବଂ ପରୀର ସୁନ୍ଦର ମୂର୍ତ୍ତି ଖୋଦିତ ହୋଇଅଛି । ଉକ୍ତ ଦେହଲୀରେ ଲେଖାଅଛି, ଯଥା—"ଶ୍ରୀ ଲକ୍ଷ୍ମୀନାରାୟଣ, ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ବିଜୟାନ୍ତେ, ଶ୍ରୀ ଶାଳିବାହନ ଶକାବ୍ଦ ୧୮୩୯ ପିଙ୍ଗଳା ନାମ ସମ୍ବତ୍ସରେ ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗୁରୁବାର ଇଂରାଜୀ ୧୯୧୭ ସାଲ ମଇ ମାସ ୩୧ ତାରିଖରେ ଏହି ଲକ୍ଷ୍ମୀନାରାୟଣମନ୍ଦିର ନିର୍ମାଣ ପୂର୍ଣ୍ଣ ହେଲା । ମନ୍ଦିର କାରୟିତା ଶ୍ରୀମାନ୍ ମହାରାଜ ସର ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବାହାଦୁର, କେ. ସି. ଆଇ. ଇ. ଜୟପୁର ସମସ୍ଥାନ । ନିର୍ମାଣ କର୍ମସମୀକ୍ଷକ—ଲିଙ୍ଗରାଜ ପାଢ଼ୀ ।" ଜୟପୁର ରାଜାମାନଙ୍କର ସ୍ୱତନ୍ତ୍ର ଦେବାର୍ଚ୍ଚନ ପଦ୍ଧତି ନାହିଁ । ଲକ୍ଷ୍ମୀନାରାୟଣଙ୍କ ମନ୍ଦିରରେ ଦେବାର୍ଚ୍ଚନ ହୁଏ । ମହାରାଜା ବିକ୍ରମ ଦେବଙ୍କ ପିତାମହ ମନୁଷ୍ୟଙ୍କୁ ଦେବତା ପରି ପୂଜାକରିବା ସହିତ ଏକାନ୍ତ ବିରୋଧୀ ଥିଲେ । ତାଙ୍କରି ଅମଳରୁ ସ୍ୱତନ୍ତ୍ର ଦେବାର୍ଚ୍ଚନ ରହିତ ହୋଇ ଇଷ୍ଟଦେବଙ୍କ ମନ୍ଦିରରେ ହେଉଅଛି । ପ୍ରତ୍ୟେକ ଦେବାଳୟରେ ଦେବମାଣ ଏବଂ ପୂଜା ଆଡ଼ମ୍ବରରେ ହୁଏ । ନଅରର ପୂର୍ବଭାଗରେ ପାରିବନ୍ଧ ନାମରେ ଗୋଟିଏ ବନ୍ଧ ଅଛି ।

ଜୟପୁର ଗଡ଼ରେ ଗୋଟିଏ ମସ୍‌ଜିଦ୍ ଦେଖା-ଯାଏ । ରାଜଧାନୀରେ ପ୍ରାୟ ଏକଶତ ଘର ମୁସଲମାନ ଅଛନ୍ତି । ସେମାନଙ୍କର ଉପାସନା ସକାଶେ ମହାରାଜ ବିକ୍ରମଦେବ ବର୍ମା ଏହି ଧର୍ମମନ୍ଦିର ନିର୍ମାଣ କରିଦେଇ ଅଛନ୍ତି । ମହାରାଜାଙ୍କର ଏ ଉଦାର ସାମ୍ୟନୀତି ବାସ୍ତବିକ ପ୍ରଶଂସନୀୟ । ଧର୍ମରେ ଇତରବିଶେଷ ନାହିଁ, ସବୁ ଧର୍ମ ମୂଳରେ ଏକ ବ୍ରହ୍ମ ବିଦ୍ୟମାନ । ଏହା ଯେ ବୁଝନ୍ତି, ସେ ପ୍ରକୃତ ଧର୍ମଜ୍ଞ । ବିଧର୍ମୀକୁ ଘୃଣା ବା ଅବମାନନା କରିବା ମାନବର ଆଚରଣ ନୁହେଁ ତାହା ପୈଶାଚିକ ବ୍ୟବହାର ।

ଜୟପୁର ସହର ସ୍ୱଭାବସୁନ୍ଦର, ପୁଣି ତାହାର ଚତୁର୍ଦ୍ଦିଗସ୍ଥ ପ୍ରକୃତି ସେହି ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଅଛି । ଗତ ଭାରତବ୍ୟାପୀ ମହାଭୂମିକମ୍ପ ଜୟପୁରକୁ ନାମମାତ୍ର ଅନୁଭୂତ ହୋଇଥିଲା । ଅଧିକାଂଶ ଲୋକ ତାହା ଜାଣିପାରି ନାହାନ୍ତି । ଜୟପୁର କିପରି ପର୍ବତମୟ ପ୍ରଦେଶ, ତାହା ସହଜରେ ଅନୁମେୟ । ଯେଉଁଠି ପର୍ବତ, ସେହିଠି ସୌନ୍ଦର୍ଯ୍ୟ; ସୁତରାଂ ଜୟ-ପୁରରେ ସୌନ୍ଦର୍ଯ୍ୟ ଉଲଗ୍ନ ମୂର୍ତ୍ତିରେ କ୍ରୀଡ଼ା କରେ । କେବଳ ନିସର୍ଗ ସମ୍ପଦ ନୁହେଁ—କୃତ୍ରିମ ସୌନ୍ଦର୍ଯ୍ୟରେ ମଧ୍ୟ ସେ ଗରୀୟାନ । ଯେଉଁ ଆଡ଼କୁ ଚାହିଁଲେ ମେଡ଼, ମଣ୍ଡପ, ଦେଉଳ, ଅଟ୍ଟାଳୀ ପ୍ରଭୃତି ନେତ୍ରର ଦୃଷ୍ଟିରୋଧ କରେ । ସହର ପୁଷ୍ପୋଦ୍ୟାନମୟ, ପ୍ରତି ଅଫିସ କିମ୍ବା ରାଜକୀୟ କାର୍ଯ୍ୟାଳୟ ପାଖରେ ସୁନ୍ଦର ଉପବନ ଅଛି । କେବଳ ନାନା ଶ୍ରେଣୀୟ ଗୋଲାପ ଉଦ୍ୟାନ ଅନେକ ଦେଖାଯାଏ । ଫୁଲରାଣୀ ଗୋଲାପ ସୁନ୍ଦରୀ ସହରକୁ ପଟ୍ଟା ନେଇଅଛି । ଏ ଅଞ୍ଚଳରେ ଗୋଲାପ ପଦ୍ମଫୁଲ ପରି ବଡ଼ ହୁଏ । ରାଜକୀୟ ଉପବନ ଲୋଭନୀୟ ଦର୍ଶନୀୟ ସ୍ଥାନ । ବିବିଧ ବର୍ଣ୍ଣର ପୁଷ୍ପରେ ତାହା ତାରକିତ । ବିଜୁଳି, ଇନ୍ଦ୍ରଧନୁ, ବାସନ୍ତୀ ପୂର୍ଣ୍ଣିମାର ଢଳଢଳ ଜ୍ୟୋତ୍ସ୍ନା ଏବଂ ଶାରଦୀୟା ଉଷାର ମୋହନ ମାଧୁରୀ ସେଠାରେ ଏକାଧାରରେ ସୁଲଭ । ତାହା ପୁଷ୍ପରାଜ୍ୟ ।

ସରକାରି କୋର୍ଟ, ପୋଲିସ ଅଫିସ, ଚକିଶାଳୀ, ଡାକ୍ତରଖାନା, ଆୟୁର୍ବେଦ ଔଷଧାଳୟ, ସ୍ନାତକସ୍ତ୍ରା-ଳୟ, ଧର୍ମଶାଳା, ଡାକ ଟେଲିଗ୍ରାଫ ଅଫିସ, ପୂର୍ତ୍ତିବିଭାଗୀୟ ଅଫିସ, ବଡ଼ ବଡ଼ ବ୍ୟବସାୟୀଙ୍କ ବାଣିଜ୍ୟ ଗୃହ ପ୍ରଭୃତି ସାହାଯ୍ୟକ ଉପକରଣରେ ରାଜଧାନୀ ସୁଷମାମଣ୍ଡିତ । ଜୟପୁରରେ ସରକାର ତରଫରୁ ଜଣେ ସବ୍‌ଡେପୁଟି କଲେକ୍ଟର ଅଛନ୍ତି । ରେଜିଷ୍ଟ୍ରି ବିଭାଗ ମଧ୍ୟ ତାଙ୍କରି ହାତରେ ଅଛି । ଜୟପୁରରେ ଇଉନିୟନ ବୋର୍ଡ ମଧ୍ୟ ଅଛି ।

ମହାରାଜ ବିକ୍ରମ ଦେବଙ୍କର ଜଣେ ଆଇ. ସି. ଏସ୍. ଦେବାନ ଅଛନ୍ତି । ତାଙ୍କର ନାମ O. Pulla Reddi Esq. M. A., I. C. S. ତାଙ୍କର ସ୍ୱତନ୍ତ୍ର ଆବାସଗୃହ ଅଛି । ରାଜକୀୟ ପ୍ରତ୍ୟେକ ବିଭାଗ ସୁଶୃଙ୍ଖଳାରେ ପରିଚାଳିତ ହୁଏ । ବିକ୍ରମ ଦେବଙ୍କ ରାଜତ୍ୱରେ ଜୟପୁର ବର୍ତ୍ତମାନ ରାମରାଜ୍ୟରେ ପରିଣତ ହୋଇ ଅଯୋଧ୍ୟାର ସୌଭାଗ୍ୟ ଲାଭ କରିଅଛି ।

ରାତିରେ ନଗରୀ ବୈଦ୍ୟୁତିକ ଆଲୋକମାଳାରେ ବିଭୂଷିତ ହୋଇ ଅପୂର୍ବ ଶ୍ରୀ ଧାରଣ କରେ । ନଗରୀ ଚନ୍ଦ୍ରନେତ୍ର ଫେରି ନିଜର ଶୋଭା ଦେଖି ହସୁଥିବା ପ୍ରାୟ ବୋଧହୁଏ ଅଥବା ଜୟପୁର ରାଜଲକ୍ଷ୍ମୀ ରାଜରାଜେଶ୍ୱରୀ ବେଶରେ ସୁସଜ୍ଜିତ ହୋଇ ଦଣ୍ଡାୟମାନ ହୋଇଥିଲା ପରି ପ୍ରତୀତ ହୁଏ । ତେତେବେଳେ ନୈଶ ଅନ୍ଧକାର ଭୟରେ ପଳାଇଯାଇ ନିକଟବର୍ତ୍ତୀ ଗିରିଗୁହାରେ ଲୁଚି ରହେ କିମ୍ବା ମାୟାବୀ ହୃଦୟରେ ଆଶ୍ରୟ ନିଏ । ଦେବାଳୟର ବିବିଧ ବାଦ୍ୟସ୍ୱରରେ ରଜନୀଗର୍ଭ ମଧୁମୟ ହୋଇଉଠେ । ଦୂର ପର୍ବତ ଅନ୍ଧାରରେ ମିଳାଇ ଯାଇଥାଏ । ଗିରିଶ୍ରେଣୀ ଅନ୍ୟ କୌଣସି ଅଜ୍ଞାତ ସ୍ଥାନକୁ ଉଠିଗଲା ପ୍ରାୟ ଭ୍ରମ ଜାତହୁଏ । କେବେ କେବେ ଦାବାନଳ ଜଳିଉଠି ଗିରିର ଅସ୍ତିତ୍ୱ ସପ୍ରମାଣ କରେ ।

ଜୟପୁରରେ ଶିଳ୍ପ ବାଣିଜ୍ୟ ଅଭିବୃଦ୍ଧିର ଚେଷ୍ଟା ଲାଗିଅଛି । ସେହି ଉଦ୍ଦେଶ୍ୟରେ ଏକ କାରଖାନା ସ୍ଥାପିତ ହୋଇଅଛି । ଏହା ଗୋଟିଏ ମହତ୍ ଆଦର୍ଶ । ଦେଶକୁ ପୂର୍ଣ୍ଣରୂପେ ଗଠନ କରିବାକୁ ହେଲେ ଏହିପରି ଶ୍ରେୟସ୍କର ଆଦର୍ଶ ଦେଖାଇବା ଉଚିତ । ଏହାହିଁ ଗଠନମୂଳକ କାର୍ଯ୍ୟ । ଦେଶର ଅର୍ଥାଗମ ନ ହେଲେ

ଉନ୍ନତି ହେବ କିପରି ? ତାହାକୁ ଅର୍ଥ ଆଣି ନ ପାରିଲେ ଦେଶର ଅବସ୍ଥା ସ୍ୱଚ୍ଛଳ ହେବ ନାହିଁ । କାରଖାନାଟି ବିଶ୍ୱକର୍ମାଙ୍କର କର୍ମଶାଳା । ସେଥିରେ ବଢେଇ, କମାର, କୁମ୍ଭାରମାନଙ୍କର କାର୍ଯ୍ୟ ହେଉଅଛି । କେତେ ନୂତନ ନୂତନ ଶିଳ୍ପ ଗଠିତ ହେଉଅଛି । ଜୟପୁରରେ ଶିଳ୍ପର ଉପଯୋଗୀ ପ୍ରସ୍ତର, ମୃତ୍ତିକା ଏବଂ କାଷ୍ଠ ପ୍ରଭୃତିର ଅଭାବ ନାହିଁ । ଦୂର ସ୍ଥାନରୁ ମାଟି ଆଣି ବିବିଧ ପ୍ରକାର ମାଟି ମିଶାଇ ଚୀନା ବାସନ ପ୍ରସ୍ତୁତ କରାଯାଉଅଛି । ଆଦର୍ଶ ସ୍ୱରୂପ ଯେଉଁ ବାସନ ପ୍ରସ୍ତୁତ ହେଉଅଛି, ତାହା ଚିତ୍ରକଳାରେ ଅତି ଚମତ୍କାର । ତାହା ବଜାରର ଚୀନା ବାସନଠାରୁ ବହୁଗୁଣରେ ଉତ୍କୃଷ୍ଟ ଏବଂ ଲୋଭନୀୟ । କରତକଳର କାଠଚିରା ବଡ଼ କୌତୁକପ୍ରଦ ଦୃଶ୍ୟ । ଦୁଇ ତିନି ମିନିଟ ମଧ୍ୟରେ ସାତ ହାତ ଲମ୍ବର ବେଢିଆ କାଠ ଦେଖୁଁ ଦେଖୁଁ ଚିରି ହୋଇଯାଉଅଛି । କରତଯନ୍ତ୍ର ଚକାକାରରେ ଘୂରୁଅଛି । ସୁଦର୍ଶନ ଚକ୍ର ଯେପରି ଦୈତ୍ୟଙ୍କୁ ଦୁଇଫାଳ କଲାପରି ଏହା ବଡ଼ ବଡ଼ କାଠକୁ ନିର୍ଦ୍ଦୋଷ ଭାବରେ ଚିରିଦେଉଅଛି । କରତର ଧାର ବସିଗଲେ ଯେଣି ସଙ୍ଗେ ସଙ୍ଗେ ଅନ୍ୟ କଳ ତାକୁ ଶାଣ ଦେଇପକାଉଅଛି । କରତ ଶାଣ ଦେଲାବେଳେ ଭୂଇଁଚମ୍ପା ସ୍ୱେସନ୍ନ ପରି ସୁନ୍ଦର ଆଗ୍ନେୟ ସ୍ଫୁଲିଙ୍ଗ ବହୁଳ ଭାବରେ ଝଡ଼ିପଡ଼ି ଯାଦୁବିଦ୍ୟାର ଦୃଶ୍ୟ ପରି ମୁହୂର୍ତ୍ତିକେ ମିଳାଇ ଯାଉଅଛି । ଉହାଯନ୍ତ୍ର କବନ୍ଧ ଦାନବ ପରି ଗର୍ଜୁଅଛି । ଏହି ଲୁହା କଳରେ କାରଖାନାର ଆବଶ୍ୟକୀୟ ଯନ୍ତ୍ରପାତି ମଧ୍ୟ ପ୍ରସ୍ତୁତ ହେଉଅଛି । ଅନ୍ୟ ଏକ କଳରେ ମହୁଲମଞ୍ଜି ପେଡ଼ି ତେଲ ବାହାର କରାଯାଉଛି । କାମଧେନୁ ଦେହରୁ କ୍ଷୀର ନିର୍ଗତ ହେଲା ପ୍ରାୟ ସେ ଦୃଶ୍ୟ ବଡ଼ ଭାବହରଣ । ଏହାକୁ ଟୋଲ ତେଲ କହନ୍ତି । ଏହି ତେଲ ଜଳାଯାଏ । ଏହାର ଆଲୋକ ଉଜ୍ଜ୍ୱଳ, ସେଥିରେ ଚକ୍ଷୁର ପୀଡ଼ା ହୁଏ ନାହିଁ । କଳକାରଖାନାରେ ଏହି ତେଲ ବ୍ୟବହୃତ ହୁଏ ଓ ଦେଖିବାକୁ ଠିକ୍ ଘିଅ ପରି ବହଳ । ବନ୍ୟଜାତିମାନେ ଘିଅ ପରିବର୍ତ୍ତେ ଏହି ଟୋଲ ତେଲ ବ୍ୟବହାର କରନ୍ତି । କଳରେ ଇଟା ଏବଂ ଟାଇଲ ତିଆରି ହେଉଅଛି । କଳରେ ବିବିଧ ପ୍ରକାର ଇଟା ତିଆରି ହୁଏ । ଟାଇଲ ଖୋଦିତ ପଶୁ ପକ୍ଷୀ, ଲତା, ପୁଷ୍ପ ଏବଂ ବହୁଦେବ ଦେବୀର ଶିଳ୍ପକଳାରେ ମଣ୍ଡିତ । ପୋଡ଼ା ହେଲା ପରେ ସେଗୁଡ଼ିକ ବେଶ ଲାଲ ଦିଶେ । ମାଟିର ସୁଦୃଶ୍ୟ ଫୁଲ-କୁଣ୍ଡ ମଧ୍ୟ ମେସିନ ସାହାଯ୍ୟରେ ପ୍ରସ୍ତୁତ ହେଉଅଛି । ବରଫକଳରେ ଉତ୍କୃଷ୍ଟ ବରଫ ତିଆରି ହେଉଅଛି । ସମସ୍ତ କଳ ଗୋଟାଏ ବୃହତ୍ ଇଞ୍ଜିନ୍ ଶକ୍ତିରେ ଚାଳିତ ହୁଏ । ମିଲ୍‌ମେନେଜର ମିଷ୍ଟର ଏଇଚ.ଏଇଚ୍. ଉଇଲ-ସନ୍ ଏବଂ ସିଂହଳବାସୀ ଭୂତତ୍ତ୍ୱବିତ୍ ଡି. ଏସ୍. ପିଲାଇ ଉଭୟେ ଦକ୍ଷତାର ସହିତ କାରଖାନା ପରିଚାଳନ କରୁଅଛନ୍ତି । ଦୁହେଁ ସରଳ ସାଧୁପ୍ରକୃତିବିଶିଷ୍ଟ ଏବଂ ଅମାୟିକ । ସେମାନେ ଦର୍ଶକଙ୍କୁ ଆଗ୍ରହର ସହିତ ନେଇ କାରଖାନା ଦେଖାନ୍ତି ଏବଂ ସୁସ୍ୱଜନ ସୁବନ୍ଧୁ ପରି ବ୍ୟବହାର କରନ୍ତି । ଏହି ଶିଶୁ କାରଖାନାଟି ବଟବୃକ୍ଷର ଅଙ୍କୁର ପରି ଦିନେ ବିରାଟ ମହାବୃକ୍ଷରେ ପରିଣତ ହୋଇ ଶାଖାପ୍ରଶାଖା ବିସ୍ତାରପୂର୍ବକ ଦେଶବିଖ୍ୟାତ ହେବ, ଏ ଭରସା ସମୀଚୀନ । ଏ ବୈଜ୍ଞାନିକ ଯୁଗରେ ପ୍ରକୃତିର ଶକ୍ତି ପୁଞ୍ଜୀଭୂତ ହୋଇ ଅଦ୍ଭୁତ କାର୍ଯ୍ୟ ସମ୍ପାଦନ କରୁଅଛି । ମନୁଷ୍ୟର ବୁଦ୍ଧିବୃତ୍ତି, ପ୍ରତିଭା, କର୍ମଶକ୍ତି ବିଜ୍ଞାନ ବଳରେ କେତେ ଦୂର ବିକଶିତ ହୋଇଅଛି, ତାହା କଳନା କରିହୁଏ ନାହିଁ । ବିଜ୍ଞାନ ବଳରେ ଅସାଧ୍ୟ କର୍ମ ସୁସାଧ୍ୟ ହେଉଅଛି ଏବଂ ଜଟିଳ କର୍ମପଥ ସରଳ ହେଉଅଛି । ବିଜ୍ଞାନର ଶକ୍ତି ଦୈବୀ ଶକ୍ତି ପରି ଅଦ୍ଭୁତ । ମନୁଷ୍ୟର ଶାରୀରିକ ବଳ ତାହା ତୁଳନାରେ ହେୟ ଏବଂ ନଗଣ୍ୟ ।

ଏହି କାରଖାନାର କରତକଳ ବର୍ତ୍ତମାନ ମହାରାଜ ସାହିତ୍ୟସମ୍ରାଟ୍ ବିକ୍ରମଦେବ ବର୍ମା ମହୋଦୟଙ୍କର ଜ୍ୟେଷ୍ଠ ପିତୃବ୍ୟପୁତ୍ର ସ୍ୱର୍ଗତ ମହାରାଜ ସାର୍ ତୃତୀୟ ବିକ୍ରମଦେବ କେ. ସି. ଆଇ. ଇ. ଙ୍କଦ୍ୱାରା ପ୍ରତିଷ୍ଠିତ । ତାଙ୍କ ପରେ ତାଙ୍କର ସୁଯୋଗ୍ୟ ପୁତ୍ର ୰ ମହାରାଜ ରାମଚନ୍ଦ୍ର ଦେବ ଚାଉଳକଳ ସ୍ଥାପନ କରିଥିଲେ । ଚୀନାମାଟିର କଳ ବର୍ତ୍ତମାନ ମହାରାଜ ଚତୁର୍ଥ ବିକ୍ରମଦେବ ବର୍ମାଙ୍କ ଅମଳରେ ହୋଇଅଛି । କରତ କଳରେ ପ୍ରସ୍ତୁତ କଡ଼ି, ବର୍ଗା, ପଟା ପ୍ରଭୃତି ରାଜ୍ୟବାସୀମାନେ ସୁଲଭ ମୂଲ୍ୟରେ କ୍ରୟ କରନ୍ତି । ମାତ୍ର ତାହା

ବିଦେଶକୁ ଯିବା ସୁବିଧାଜନକ ନୁହେଁ । ଘାଟିପଥରେ ରେଲ୍‌ଷ୍ଟେସନକୁ ନେଲେ ଖର୍ଚ୍ଚ କିଣା ମୂଲ୍ୟକୁ ବଳି ପଡ଼ିବ । ଜୟପୁରକୁ ରେଲ୍‌ପଥ ନ ହେବାଯାଏ ଏହି ଅସୁବିଧା ଅନିବାର୍ଯ୍ୟ । ସାଲୁରଠାରୁ ଜୟପୁରକୁ ରେଲ୍‌ପଥ ହେଲେ କୌଣସି ବିଶେଷ ପ୍ରତିବନ୍ଧକ ଘଟିବ ନାହିଁ—କେବଳ ଇନ୍ଦ୍ରାବତୀ ନଦୀ ଏବଂ ଆଉ ଗୋଟିଏ ଦୁଇଟି କ୍ଷୁଦ୍ର ନାଳ ଉପରେ ପୋଲ୍ କରିବାକୁ ହେବ । ସେ ପ୍ରତିବନ୍ଧକ ଅତି ନଗଣ୍ୟ । ଅର୍ଥସଙ୍କଟ କାଳ ପଡ଼ି ନଥିଲେ ଏତେବେଳକୁ ଜୟପୁର ଶାଖା-ରେଲର କାର୍ଯ୍ୟ ଯଥେଷ୍ଟ ଅଗ୍ରସର ହୋଇଥାଆନ୍ତା । ଯାହା ହେଉ ଅଦୂରଭବିଷ୍ୟତରେ ଯେ ଜୟପୁରକୁ ଶାଖାରେଲ୍‌ପଥ ଫିଟିବ, ଏହା ନିଃସନ୍ଦେହ । ତଦ୍ୱାରା ରାଜ୍ୟର ବହିର୍ବାଣିଜ୍ୟର ଉନ୍ନତି ସଙ୍ଗେ ସଙ୍ଗେ ରେଲ୍‌ଓ୍ୱେ କୋମ୍ପାନୀର ମଧ୍ୟ ଆୟ ବୃଦ୍ଧି ହେବ । ତେତେବେଳେ ଏହି କାରଖାନା ବିରାଟ ଆକାର ଧାରଣ କରିବ ।

ବିଶାଳ ପ୍ରଦର୍ଶନୀ ଗୃହ ଜୟପୁରର ବିଶେଷତ୍ୱ । ଜୟପୁରରେ ଯାହା ଅଛି, ତାହା ଏହି ପ୍ରଦର୍ଶନୀ ଗୃହରେ ପୁଞ୍ଜୀଭୂତ । ସୁତରାଂ ପ୍ରଦର୍ଶନୀଟି ଜୟପୁରର କ୍ଷୁଦ୍ର ସଂସ୍କରଣ ବା ସଂକ୍ଷିପ୍ତସାର । ତାହା ଦେଖିବାର ବିଷୟ, ଲେଖି ଶେଷ କରିହେବ ନାହିଁ । ଜୟପୁରରେ ଯେତେ ପ୍ରକାର ଉତ୍କୃଷ୍ଟ କାଠ ଅଛି, ସେ ସବୁର ଆଦର୍ଶ ପ୍ରଦର୍ଶନୀରେ ସଜ୍ଜିତ ଏବଂ ଚିହ୍ନିତ ହୋଇ ରହିଅଛି । କେବଳ ଚନ୍ଦନ କାଠର ନମୁନା ଦେଖାଯାଏ ନାହିଁ । ରାଜ୍ୟରେ ଚନ୍ଦନ ଗଛର ଅପ୍ରଚୁରତା ନାହିଁ; ତଥାପି ତାହା କାହିଁକି କେଜାଣି ରକ୍ଷିତ ହୋଇନାହିଁ । ଦୁଇଟି ମୃତ ବ୍ୟାଘ୍ରକୁ ଜୀବନ୍ତ ପରି ରଖାଯାଇଅଛି । ସେମାନେ ଶିକାର ଠାଣିରେ ଠିଆହୋଇ ଅଛନ୍ତି । ଶରୀର ଏବଂ ଚେହେରା ଟିକିଏ ହେଲେ ଶୁଷ୍କ ବା ମଳିନ ଦେଖାଯାଉ ନାହିଁ । ପ୍ରଥମ-ଦୃଷ୍ଟିରେ ଜୀବନ୍ତ ପ୍ରାୟ ଭୟ ବୋଧହୁଏ । ଜୟପୁରୀ ବାଘ ଖୁବ୍ ଲମ୍ବା । ଗୋଟିକର ଲମ୍ବ ଏଗାର ଫୁଟ ତିନିଇଞ୍ଚ ଏବଂ ଅନ୍ୟଟି ଦଶଫୁଟ ନଇଞ୍ଚ । ଗୃହ ଭିତ୍ତିରେ ଗୋଟାଏ ମହାବଳ ବାଘର ଛାଲ ମୁଣ୍ଡ ସହିତ ଟଙ୍ଗା ହୋଇଅଛି । ତାହାର ଦାନ୍ତ ସୁସ୍ଥୂଳ ବ୍ୟକ୍ତିର ବୁଢ଼ା ଆଙ୍ଗୁଠିଠାରୁ ମୋଟ । ସେ ବ୍ୟାଘ୍ରଟି ଲାଳ ସମ୍ବରଣ କରି ହାଡ ମାଂସ ଶୂନ୍ୟ ହୋଇ ସୁଦ୍ଧା ଅତ୍ୟନ୍ତ ଭୟଙ୍କର । ସେହିପରି ଦୁଇଗୋଟି ମୃତ ଭାଲୁ ଜୀବନ୍ତ ପ୍ରାୟ ଠିଆହୋଇ ଅଛନ୍ତି । ଗୋଟିକର ଲମ୍ବ ଛଅ ଫୁଟ ଛଅଇଞ୍ଚ, ଅନ୍ୟଟି ତାହାଠାରୁ ଟିକିଏ ସାନ । ଦୁଇଟା ବୃହତ୍ ହାତୀଦାନ୍ତ ରକ୍ଷିତ ହୋଇଅଛି । ଗୋଟିକର ଓଜନ ୩୪ ପାଉଣ୍ଡ, ଦ୍ୱିତୀୟଟା ୩୧ ପାଉଣ୍ଡ । ବଡ଼ଦାନ୍ତର ଲମ୍ବ ପାଞ୍ଚ ଫୁଟ ତିନି ଇଞ୍ଚ, ମୋଟ ଏକ ଫୁଟ ଦୁଇଇଞ୍ଚ । ଗୋଟାଏ କଲପାଟି ଦାନ୍ତର ଓଜନ ୩୭ ପାଉଣ୍ଡ ବା ୧୮ ସେର । ଏଥିରୁ ଅନୁମିତ ହୁଏ, ହାତୀଟାର ଆକାର ପ୍ରକାଣ୍ଡ ଗିରିଚୂଡ଼ା ପରି ହୋଇଥିବ । ତାହାର ଦନ୍ତଭୂଷଣ ପିତଳକଡ଼ାମାନ ବଡ଼ ଗମ୍ବୁହଁ-ଠାରୁ ବଡ଼ । ଚିତାବାଘ ଓ ମାଙ୍କଡ଼ର ଅସ୍ଥିକଙ୍କାଳ ପ୍ରେତରାଜ୍ୟର ପ୍ରଜା ପ୍ରାୟ ଠିଆହୋଇଅଛି । ବଣମଇଁଷ, ନୀଳ ଗାଈ, ଗୟଳର ଶିଙ୍ଗାଳ ମୁଣ୍ଡ ଏବଂ ଗୋଟାଏ ମୃତ ଶିଆଳ ରକ୍ଷିତ ହୋଇଅଛି । ପରଜା, ଗାଦବା, ଶବର ପ୍ରଭୃତି ବନ୍ୟଜାତିର ଉତ୍ସବଚିତ୍ର ଭିତ୍ତିଗାତ୍ରରେ ବିଲମ୍ବିତ । ପରଜା ଜାତି ଦୁଇ ଶ୍ରେଣୀରେ ବିଭକ୍ତ । ଯୋଡ଼ିଆ ପରଜା ଏବଂ ବନ୍ଦା ପରଜା । ଯୋଡ଼ିଆ ପରଜା-ଜାତୀୟ ସ୍ତ୍ରୀମାନେ ହାତ ଗୋଡ଼ରେ ରୂପ ଓ ପିତଳର ଅଳଙ୍କାର ପିନ୍ଧନ୍ତି ଏବଂ ଝିଙ୍କ ଝିଙ୍କାଠି ମୁଣ୍ଡରେ ବାନ୍ଧନ୍ତି । ବନ୍ଦା ପରଜା ଜାତିର ସ୍ତ୍ରୀମାନେ ଚିର ଉଲଗ୍ନା । ବନ୍ଦା ଶବ୍ଦର ଅର୍ଥ ଉଲଗ୍ନ । ସେମାନେ ୩.୯ ଅଙ୍ଗୁଳି ଓସାରର ଖଣ୍ଡେ କନା ଅଣ୍ଟାରେ ବାନ୍ଧି-ଥାଆନ୍ତି । କାଚ ଏବଂ କଉଡ଼ିମାଳରେ ସେମାନଙ୍କର ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ଢାଙ୍କିଯାଇଥାଏ । ପ୍ରବାଦ ଅଛି—"ମାଚେରୁ ନଦୀରେ ସୀତା ସ୍ନାନ କଲାବେଳେ ସେମାନେ ତାଙ୍କୁ ଦେଖି ହସିଥିଲେ । ତହୁଁ ସୀତା ବିରକ୍ତ ହୋଇ ଅଭିଶାପ ଦେଇଥିଲେ, ତୁମ୍ଭେମାନେ ଜନ୍ମଜନ୍ମାନ୍ତରରେ ଉଲଗ୍ନ ହୋଇ ରହିବ । କେବଳ ଅଣ୍ଟାରେ ଖଣ୍ଡିଏ ଅଣଓସାରିଆ କନା ବାନ୍ଧିବ ।"

ଯୋଡ଼ିଆ ପରଜା ଜାତିର ସ୍ତ୍ରୀମାନେ ହାତ ଗୋଡ଼ରେ ଚଡ଼ା ଲୁଠାନ୍ତି । ସେମାନେ ପିତଳର ଢେର ଢେର ଅଳଙ୍କାର ପିନ୍ଧନ୍ତି । ସେମାନେ ପରିଷ୍କାର, ପରିଚ୍ଛନ୍ନ ମୂର୍ତ୍ତି ସଦାନନ୍ଦମୟ । ପ୍ରଦର୍ଶନୀର ଏକ ସ୍ଥାନରେ

ବନ୍ୟଜାତିର ସ୍ତ୍ରୀମାନଙ୍କର ଅଳଙ୍କାର ସଜ୍ଜିତ ହୋଇ ରହିଅଛି । କଂସାପିତଳର ପ୍ରକାଣ୍ଡ ଖଡ଼ୁ, ଗୋଡ଼ବଳା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପଟେ ପଟେ ତାଡ଼, ଖଡ଼ୁ ଏବଂ ଗୋଡ଼ବଳାର ଓଜନ ସେରେ ଦୁଇସେରରୁ ଊଣା ନୁହେଁ । ନାକର ଲୁହାଦଣ୍ଡୀ ଦେଖିଲେ ହାସ୍ୟ ସମ୍ବରଣ କରିହୁଏ ନାହିଁ । ତାହା ତିନି ଅଙ୍ଗୁଳି ପରିମିତ ଲମ୍ବ ଏବଂ ତଦୁପଯୋଗୀ ଓସାର । ସେ ଦଣ୍ଡୀ ପାଟି ଉପରେ ଢାଙ୍କୁଣୀ ପରି ଝୁଲୁଥାଏ । ଖାଇବା-ବେଳେ ତାକୁ ବାମହସ୍ତରେ ଟେକି ଧରିବାକୁ ହୁଏ । ଏହା ଦଣ୍ଡୀ ପିନ୍ଧିବାର ଦଣ୍ଡ । ଏରୂପ ଅଳଙ୍କାର ସୌନ୍ଦର୍ଯ୍ୟ ବଢ଼ାଏ କି ବିକୃତ କରେ, ତାହା ସେହି ଦଣ୍ଡୀଧାରିଣୀମାନେ ଜାଣିଥିବେ । ମାତଳ ଜଙ୍ଗା ଜାତୀୟ ସ୍ତ୍ରୀମାନେ ବି ଉଲଗ୍ନ । ସ୍ୱରଅଙ୍ଗୁଳି ବହଳର ଗର୍ଣ୍ଣିକଉଡ଼ିମାଳରେ ଗଳାଠାରୁ ଅଣ୍ଟାଯାଏଁ ଆଚ୍ଛାଦନ କରି ରଖନ୍ତି । ସେମାନେ କଂସା ପିତଳର ଅଳଙ୍କାର ଧାରଣ କରନ୍ତି । ବେଢ ଓ କାନର ଅଦ୍ଭୁତ ଗହଣା ବିଷୟ ଲେଖିଲେ ଖଣ୍ଡେ ପୋଥି ହେବ ।

ବନ୍ୟ ଜାତିମାନଙ୍କର ପୁରୁଣା କାଳିଆ ଅସ୍ତ୍ର ଶସ୍ତ୍ର ସଂଗୃହୀତ ହୋଇ ପ୍ରଦର୍ଶନୀ ଗୃହରେ ରଖାଯାଇଅଛି । ଧନୁ, ବାଣ, ଟାଙ୍ଗୀ, କୁରାଢ଼ି, କଟୀ, ଦା ପ୍ରଭୃତି କେତେ ଅଛି, ତାହା ସଂଖ୍ୟା କରିହେବ ନାହିଁ । ମାଛ ଧରିବାର ନାନା ପ୍ରକାର ଯନ୍ତ୍ର ମଧ୍ୟ ସଜ୍ଜିତ ହୋଇ ରହିଅଛି । ସେଥିରେ ଅଣ୍ଟାଳୀ, ଖଇଞ୍ଚି, ଗିଲା, ଦଣ୍ଡୁରି ମଧ୍ୟ ସ୍ଥାନ ପାଇନାହିଁ । ନାନାଜାତିର ବନଜାତ ପଦାର୍ଥ ପ୍ରଦର୍ଶନୀରେ ଦେଖାଯାଏ । ଝୁଣା, ଲୁହା, କୃଷ୍ଣାଭ୍ର, ଶୁକ୍ଳାଭ୍ର ମଣ୍ଡୁର, ମହୁଫେଣା, ଚକମକିପଥର, ସୋଲ, କୁସୁମଗଛଲ, ଝିଲଣ, ବେଣାଚେର, ହରିଡ଼ା, ବାହାଡ଼ା, ଅଁଳା, ଖୁଲିଆ, ପାଳୁଅଚୂନା, କାଫିମଞ୍ଜି, ଝୁଣ୍ଟି, ମସିଣା, କୃମିକୋଷ ପ୍ରଭୃତି କେତେ ଯେ ଅଛି, ସେଥିର କଳନା ନାହିଁ । ଧାନ, ମାଣ୍ଡିଆ, ରବିଶସ୍ୟ, ସୁଆଁ, ଗାଣ୍ଡିଆ, ଜନା ( ବାଜରା ), କାଙ୍ଗୁ, ଖଇର ସ୍ୱତନ୍ତ୍ର ପାତ୍ରରେ ଭିନ୍ନ ଭିନ୍ନ ହୋଇ ରହିଅଛି । ମାର୍ବଲ ପାତ୍ର, ପଥରପିଆଲା, କଂସା-ପିତଳ ଓ ତମ୍ବା ବାସନ, ଗଡ଼ୁ, ଶିଙ୍ଗର ବାକ୍ସ, କାଠର ବିମାନ, କଟମହାଡ଼ନିର୍ମିତ ସୁନ୍ଦର ବାକ୍ସ, ଶେତୁପ ପ୍ରଭୃତି ପାଣିବୁହା ଯନ୍ତ୍ର, ବାଉଁଶପାଛିଆ, ପେଡ଼ି, ଡାଲା, କଉଡ଼ିପେଡ଼ି, କଉଡ଼ିମାଳ, କଉଡ଼ିଚାମର, ମୟୂର ପୁଚ୍ଛ, ବନ୍ୟଜାତ ଔଷଧି ଚେର, ଛାଲି, ଫଳ, ଢୁଲଢୀ, ରାସନା ପ୍ରଭୃତି ସୁରକ୍ଷିତ ହୋଇଅଛି । ସ୍ଥୂଳରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ପ୍ରଦର୍ଶନୀରେ ଯାହା ଅଛି, ମାସେଯାଏଁ ଦେଖିଲେ ତାହା ଶେଷ କରିହେବ ନାହିଁ ।

ଦରବାର ହଲ ଜୟପୁରର ଆଉ ଗୋଟିଏ ପ୍ରସିଦ୍ଧ ଦୃଶ୍ୟ । ପ୍ରକାଣ୍ଡ ହର୍ମ୍ୟ ମଧ୍ୟରେ ଏହି ହଲ ଅବସ୍ଥିତ । ହର୍ମ୍ୟଟି ସ୍ତମ୍ଭାବଳୀଦ୍ୱାରା ଦୂରରୁ ଅତି ମନୋହର ଦିଶେ-ଯେପରି ନାଗରାଜ ବାସୁକି ବହୁ ଫଣା ଟେକି ପୃଥିବୀକୁ ଧରିଅଛି । ବହୁବିଧ ଉତ୍କୃଷ୍ଟ ଶିଳ୍ପକଳାରେ ହଲ ଆଲୋକିତ । ଭିତରକୁ ପ୍ରବେଶ କଲେ ବୋଧହୁଏ, ଏହା ମହେନ୍ଦ୍ର ଭବନ କିମ୍ବା କୁବେରର ଗନ୍ତାଘର ପରି ! ସ୍ୱର୍ଣ୍ଣ ଏବଂ ରୌପ୍ୟ ନିର୍ମିତ ଛତ୍ର, ଚାମର, ରାଜଦଣ୍ଡ, ଚନ୍ଦ୍ରଚିତ୍ର, ଆଡ଼େଣୀ, ପତାକା, ବିମାନ, ଅମାରି, ପାଲିଙ୍କି, ହାଣ୍ଡୋଲା ଚୌକି, ଆରାମୀଚୌକି, ସିଂହାସନ କ୍ୟେଣିରେ ଝଲକି ଉଠୁଅଛି । ଶତଳତ ଝରାଯୁକ୍ତ କାଚଝାଡ଼ର ଜ୍ୟୋତି ସେ ଜ୍ୟୋତିକୁ ଦ୍ୱିଗୁଣ କରୁଅଛି । ମହାଆଡ଼ମ୍ବରରେ ଜ୍ୟୋତିର ମହୋତ୍ସବ ଲାଗିଅଛି । ପ୍ରତ୍ୟେକ ପଦାର୍ଥ ମନୋରମ ସୂକ୍ଷ୍ମତମ କାରୁକଳାରେ ଅଳଙ୍କୃତ । ଭିତ୍ତି-ଗାତ୍ର ବହୁମୂଲ୍ୟ ବସ୍ତ୍ରଦ୍ୱାରା ଆଚ୍ଛାଦିତ । ତାହା ଉପରେ ଧାଡ଼ି ଧାଡ଼ି ହୋଇ ସୁନ୍ଦର ଫର୍ମ୍ମା ବେଷ୍ଟିତ ଫଟୋ ଟଙ୍ଗା ହୋଇଛି । ଫଟୋରେ କାନ୍ଥ ଦିଶିବାକୁ ନାହିଁ । ମାନ୍ଦ୍ରାଜ ଲାଟଙ୍କ ସହିତ ସ୍ୱର୍ଗୀୟ ରାଜା ରାମଚନ୍ଦ୍ରଦେବଙ୍କର ଦର-ମର୍ଦ୍ଦନ ଚିତ୍ର ଖଣ୍ଡି ଶିଳ୍ପୀ ଅତି ସ୍ୱାଭାବିକ ପ୍ରକାରରେ ଉଠାଇଅଛି । ମହାରାଜ ବିକ୍ରମ ଦେବ ବର୍ମାଙ୍କର ଦର-ବାର ବେଶ ଯୁଧିଷ୍ଠିରଙ୍କ ପରି ସରଳ, ନିରାଡ଼ମ୍ବର । ସେ ଜନକରାଜାଙ୍କ ପରି ଆଦର୍ଶ ଗୃହୀ ଏବଂ ଆଦର୍ଶ ତପସ୍ୱୀ ମୂର୍ତ୍ତିରେ ସେହି ଛବି ସୁସ୍ପଷ୍ଟ ଭାବରେ ଆତ୍ମ-ପ୍ରକାଶ କରୁଅଛି । ଯେ ସାରସ୍ୱତ ରତ୍ନକୋଷର ମହାର୍ହ ଦୁର୍ଲ୍ଲଭ ଜ୍ୟୋତିର୍ମୟ ଭୂଷଣମଣି, ତାହାର ପାର୍ଥିବ ରତ୍ନାଳଙ୍କାରରେ କି ପ୍ରୟୋଜନ ? ଜୟପୁରର ଭୂତପୂର୍ବ ରାଜାମାନଙ୍କର ରଙ୍ଗମୂର୍ତ୍ତି ଅନେକ

ସ୍ୱନାମଧନ୍ୟ ବରେଣ୍ୟ ବ୍ୟକ୍ତିମାନଙ୍କର ଫଟୋ ଅତି ସତର୍କତାବରେ ସୁରକ୍ଷିତ ହୋଇଅଛି । ଗୋଟିଏ ରୌପ୍ୟ ସିଂହର ଠାଣି ବଡ଼ ଚମତ୍କାର । ପଶୁରାଜର ନିର୍ଭୀକ ଉଦାର ଦୃଷ୍ଟି, ଗମ୍ଭୀର ମୂର୍ତ୍ତି ଯଥାତଥ ହୋଇଅଛି । ହସ୍ତିଦନ୍ତ ଖୋଦିତ ଭକ୍ତି ଆକର୍ଷଣୀ ଦଶାବତାର ମୂର୍ତ୍ତି ଦେଖିଲେ ତାହା ହସ୍ତନିର୍ମିତ ବୋଲି ବୋଧ ହୁଏ ନାହିଁ । ତାହା ରାଜାଙ୍କ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିର ପ୍ରଭାମଣ୍ଡଳ ହୋଇଅଛି । ହଲ୍ ତଳେ ବହୁରଙ୍ଗୀ ମସୃଣ ମାର୍ବଲ ପଥର ବସିହୋଇଅଛି । ସତେ ଯେପରି ଇନ୍ଦ୍ରଧନୁ ଆକାଶରୁ ଖସିପଡି ଗୁରୁ ଆଘାତରେ ମୂର୍ଚ୍ଛିତ ହୋଇରହିଅଛି । ଦ୍ୱାରର ଭିତର ପାଖରେ ଦୁଇ ଜଣ ସୈନିକ ପୁରୁଷ ବନ୍ଧୁକ ଧରି ଦଣ୍ଡାୟମାନ । ଲୌହ ସାଞ୍ଜୁରେ ତାଙ୍କର ଆପାଦମସ୍ତକ ଆବୃତ । ଆଖି ଉପରେ ସୁଦ୍ଧା ସୂକ୍ଷ୍ମ ଲୌହଜାଲର ଆବରଣ ରହିଅଛି । ଗୋଡ଼ରେ ବୁଟଯୋତା, ମୁଣ୍ଡରେ ଲୌହନିର୍ମିତ ସାହେବି ଟୋପି, ମୁହାଣୀ ବାଦ୍ଧେତ, ଭୀଷଣ ଏବଂ ଗମ୍ଭୀର, ହଠାତ୍ ଦୃଷ୍ଟିରେ ଦୁଇଜଣ ସଶସ୍ତ୍ର ଦୌବାରିକ ବୋଲି ଭ୍ରମ ଜାତ ହୁଏ । ମୂର୍ତ୍ତି ଦୁଇଟି ଦରବାରବେଳେ ଦ୍ୱାରଦେଶରେ ରକ୍ଷିତ ହୁଏ । ଦରବାରର ସମସ୍ତ ସାଜ-ସରଞ୍ଜାମ ହଲରେ ସଜ୍ଜିତ ଥାଏ । ତାହା ଏ ରୂପ ଯତ୍ନ ସହ ରକ୍ଷିତ ଯେ, ସେଥିରୁ କେହି ପୁରୁଣା ହେବାକୁ ନାହିଁ—ସର୍ବଦା ନୂତନ ପରି ଦେଖାଯାଏ । ଦରବାର ହଲରେ ଯେତେ ଉପକରଣ ସଜ୍ଜିତ ଅଛି ତାହାସବୁ ଲେଖିଲେ ଖଣ୍ଡିଏ ସ୍ୱତନ୍ତ୍ର ପୁସ୍ତକ ହେବ । ସେଠାରେ ପ୍ରାଚୀନ ଏବଂ ଆଧୁନିକ ଉଭୟଶିଳ୍ପ ହାତ-ଧରାଧରି ହୋଇ ରହିଅଛି । ପ୍ରାଚୀନ ପଦାର୍ଥସମୂହରେ ଇତିହାସର ଉପାଦାନ ଯଥେଷ୍ଟ ବର୍ତ୍ତମାନ ।

ଦରବାର ହଲକୁ ଲାଗି ଅସ୍ତ୍ରାଗାର । ତାହା ଦେଖିବାକୁ କୌତୁକପ୍ରଦ ହେଲେହେଁ ଯମପୁରୀ ସଦୃଶ ଭୀଷଣ । ସେଥିରେ ଯେତେ ଅସ୍ତ୍ରଶସ୍ତ୍ର ଛନ୍ଦିହୋଇ ରହିଅଛି, ସ୍ୱୟଂ ମୃତ୍ୟୁର ଅସ୍ତ୍ରଶାଳାରେ ସୁଦ୍ଧା ସେତେ ଥିବ କି ନାହିଁ ସନ୍ଦେହ । ତାହା ଦେଖିଲେ ମନୁଷ୍ୟ ମନୁଷ୍ୟମାରି ବିଦ୍ୟାରେ କେତେ ଉନ୍ନତି କରିଅଛି, ତାହା ସହଜରେ ଜଣାଯାଏ । ବିଜ୍ଞାନର ଅଦ୍ଭୁତ ଶକ୍ତି ଯେତେ ପ୍ରକାର ଉନ୍ନତି ଉଦ୍ଭାବନ କରିଅଛି, ସେଥି ମଧ୍ୟରେ ମାରଣଯନ୍ତ୍ରର ଉନ୍ନତି ସମଧିକ ବିକାଶପ୍ରାପ୍ତ ହୋଇଅଛି । ଆଧୁନିକ ଯୁଗରେ ତାହା ପୁଣି ଶିକ୍ଷା ସଭ୍ୟତାର ପରିମାପକ ହୋଇଅଛି । ଯେଉଁ ଜାତି ମୃତ୍ୟୁଅସ୍ତ୍ରର ଉଦ୍ଭାବନ ଯେତେ ଅଧିକ କରିପାରିଅଛି, ସେ ଜାତି ଜଗତରେ ସେତେ ଉନ୍ନତ ଏବଂ ସେତେ ସଭ୍ୟ । ଏଣିକି ନାନା ପ୍ରକାର ବିଷାକ୍ତ ମୃତ୍ୟୁବାଷ୍ପ ଆଣୁ ସାଙ୍ଘାତିକ ଅସ୍ତ୍ର ହୋଇବସିଲାଣି । ବୈଜ୍ଞାନିକ ଯୁଗରେ ମନୁଷ୍ୟ ମନୁଷ୍ୟକୁ ଖୁବ ମାରିଶିଖିଅଛି । ନିଜର ବଂଶ-ଧ୍ୱଂସ ବିଦ୍ୟାରେ ମନୁଷ୍ୟ ଅତ୍ୟନ୍ତ ପ୍ରବୀଣ ହୋଇ-ଉଠିଅଛି—ଏହା ତାହାର ଆଧ୍ୟାତ୍ମିକ ଉନ୍ନତି ! ! ପୂର୍ବକାଳରେ ମୁନିଋଷିମାନେ ଅଧ୍ୟାତ୍ମବିଦ୍ୟାର ଚରମ ସୀମାକୁ ଉଠିଥିଲେ; ମାତ୍ର ଏକାଳରେ ବୈଜ୍ଞାନିକ ଋଷିପୁଙ୍ଗବମାନେ ହତ୍ୟାବିଦ୍ୟାର ଚରମ ସୀମାକୁ ବଢ଼ିଗଲେଣି । ଏ ଚକ୍ରବୃଦ୍ଧିର ଶେଷ କେଉଁଠାରେ, ତାହା ଭାବିଲେ ଭୟରେ ଆତ୍ମା ଥରିଉଠେ । ଏ ଉନ୍ନତିର ଶେଷ କେଉଁଥିରେ ବୋଲି ପ୍ରଶ୍ନ କଲେ ଶୂନ୍ୟରୁ ଉତ୍ତର ମିଳେ—ଧ୍ୱଂସରେ ସେତେବେଳେ ମନୁଷ୍ୟ ସଭ୍ୟ ଶିକ୍ଷିତ ଏବଂ ଉନ୍ନତ ହୋଇ ଧ୍ୱଂସ ଆଡ଼କୁ ଧାଇଁଅଛି । ଧ୍ୱଂସହିଁ ତାହାର ଲକ୍ଷ୍ୟ । ଧ୍ୱଂସହିଁ ତାହାର ଆଦର୍ଶ । ଏରୂପରି ମନୋବୃତ୍ତି ଘେନି ସଂସାରରେ ରହିବା ଅପେକ୍ଷା ବଣକୁ ପଳାଇ 'ହାହି ମଧୁସୂଦନ' ମନ୍ତ୍ର ଜପ କରିବା ମନ୍ଦ ନୁହେଁ । ହିଂସା, ହତ୍ୟା ଯେବେ ମାନବଜନ୍ମର ପରମ ଲକ୍ଷ୍ୟ, ତେବେ ମନୁଷ୍ୟ ଜନ୍ମ ଅପେକ୍ଷା ପଶୁ ପକ୍ଷୀ ଜନ୍ମ ସହସ୍ର ଗୁଣରେ ଶ୍ରେୟ ।

ଅସ୍ତ୍ରାଗାରଟି ସ୍ୱୟଂ ରଣଚଣ୍ଡୀଙ୍କର ଆଖଡ଼ାଶାଳା । ତାହା ଭିତରେ ମୃତ୍ୟୁ ମୁଖବ୍ୟାଦାନ କରି ରହିଥିବା ପ୍ରାୟ ବୋଧ ହୁଏ । ସଂସାରର ଅନିତ୍ୟତା, କାଳର କରାଳ ତାଣ୍ଡବ ଲୀଳା, ନରପ୍ରାଣରେ ଦେବତ୍ୱ ସ୍ୱରୂପ ଦୟା କ୍ଷମାର ଅବହେଳା ପ୍ରଭୃତି ନାନା ଚିନ୍ତା ଆସି ମନକୁ ଘେରି ପକାଏ । ମନୁଷ୍ୟର ଜୀବନରେ ମନୁଷ୍ୟ ମୃତ୍ୟୁମହୋତ୍ସବ ଉପଭୋଗ କରେ, ଏହା ଭାବି ମନୁଷ୍ୟ ଜନ୍ମକୁ ଧିକ୍କାର କରିବାକୁ ଇଚ୍ଛା ହୁଏ । ଏଣେ କିଏ କେଜାଣି ଅଲକ୍ଷ୍ୟରେ ଥାଇ ଅତୀତ ଯୁଗର କେତେ

ଅଲୌକିକ କାହାଣୀ କାନେ କାନେ କହି ବୁଲୁଥାଏ—ଇତିହାସର କେତେ ଅପାଠେୟ ପାଠ ମନେ ପଡ଼ିଯାଉଥାଏ। ଅସ୍ତ୍ରାଗାରରେ ବିଭିନ୍ନ ଢଙ୍ଗର ଦୁଇ ଶହାଧିକ ବନ୍ଧୁକ ଅଛି। ବାଡ଼ବନ୍ଧୁକ ଖଣ୍ଡେ ସୁନ୍ଦର ହାତବାଡ଼ି ପରି; ମାତ୍ର ଗୁପ୍ତରେ ତାହା ଭିତରେ ଯମଦୂତ ପରି ଆଗ୍ନେୟାସ୍ତ୍ର ରହିଅଛି। ଖଣ୍ଡା ସଂଖ୍ୟା ଗଣ୍ଡାକୁ ଅତିକ୍ରମ କରି ପଣର ଅନ୍ତର୍ଗତ ହୋଇଅଛି। ନଦୀରେ ବାଲି ବାଲି ହୋଇ ଜହ୍ନମାଛ ଭାସିଲା ପରି କାନ୍ଥରେ ମାଳ ମାଳ ଖଣ୍ଡା ସଜ୍ଜିତ। ସ୍ୱର୍ଣ୍ଣ ନିର୍ମିତ ପାଟଖଣ୍ଡା ଅତି ଗୌରବରେ ପାଟ ଭୋଗହୋଇ ସନାଖାପ ଭିତରେ ନିଦ୍ରିତ। ଦରବାର ବେଳେ ଏହି ଖଣ୍ଡା ସିଂହାସନ ଉପରେ ରକ୍ଷିତ ହୁଏ। ମୃନାର ତାଲି ମଧ୍ୟ ଅଛି। ବାଘନଖୀ ଛୁରୀ ତଳେ ଲୁହାର ତୀକ୍ଷ୍ଣ ନଖ ଲାଗିଅଛି, ତାହା ଅଙ୍ଗୁଳି ତଳେ ଲୁଚି ରହେ। ସେହି ନଖରେ ଶତ୍ରୁକୁ ଭିଲୁ ପରି ଆମୁଡ଼ି ଆଣିଲେ ସେ ଭୀଷଣ କ୍ଷତବିକ୍ଷତ ହୋଇ ଇହଲୀଳା ସମ୍ବରଣ କରେ। ସ୍ଥୂଳତଃ ଅସ୍ତ୍ରାଗାରରେ ୭୮ ପ୍ରକାର ଅସ୍ତ୍ରଶସ୍ତ୍ର ଅଛି। ପ୍ରତି ପ୍ରକାରର ଅସ୍ତ୍ର ଅନେକ ସଂଖ୍ୟାରେ ଅଛି। କେତେକ ପ୍ରକାର ଅସ୍ତ୍ରର ନାମ ନିମ୍ନରେ ଅଙ୍କିତ ହେଲା:—

୧। ଖଣ୍ଡା—ସ୍ୱୟମ୍ଭୂ ଖଣ୍ଡା, ଖାମଣା ଖଣ୍ଡା, ସୁରେଇ ଖଣ୍ଡା, ଧୂପ ଖଣ୍ଡା, କାଟି ଖଣ୍ଡା।

୨। କାତି—କଇଁଚାସି, ସୋଗା, ଯମଦାଢ, କଟାସି, ଗାଗଡ଼ା, ବୁଜୁଲି, ଗୁଲ୍କୁ, ବଡେଇ, ଖଞ୍ଜାର-କାତି।

୩। ଠାଙ୍ଗୀ—ପଞ୍ଚୁସ୍ୱିମ ଠାଙ୍ଗୀ, ତଲପଦିଆ ଠାଙ୍ଗୀ, ମୋଟା ଠାଙ୍ଗୀ।

୪। ଠାଙ୍ଗିଆ,—ମୁଣ୍ଡୀ ଠାଙ୍ଗିଆ, ଫାର୍ଶ ଠାଙ୍ଗିଆ।

୫। ଢାଲ୍—ପଟା, ଫସା।

୬। ଭୁଷଣ୍ଡୀ—ସାବେଳୀ, ପଞ୍ଚହେଲ, ମୁକୁନ୍ଦ-ପୁରୀ ହେଲ, କଲା, ଗିର୍ଜା, ବାନାଟି।

୭। ଧନୁ—କମଣୀ ଧନୁ, ବାଉଁଳ ଧନୁ।

୮। କାଣ୍ଡ—ହେନା କାଣ୍ଡ, କମଣୀ କାଣ୍ଡ, ଖଡ଼ଗ କାଣ୍ଡ, କଟା କାଣ୍ଡ।

୯। ଚକ।

୧୦। ନଳୀ—ଓଡ଼ିଆ ନଳୀ, କେମ୍ପ ନଳୀ, ଝୁଲମକା ନଳୀ, ଦାରନମ୍ବର ନଳୀ, ବାଡ଼ ନଳୀ, ପବନ ନଳୀ, ଗ୍ୱାଇଫଲ, ମେଗାଜିନ୍, ହାଣ୍ଡମାର୍ଟିନ, ସଇଟର, ବ୍ରିଚଲୋଡ୍, କାମେଣ୍ଡ, ଓଡ଼ିଆ ପିସ୍ତଲ, କେମ୍ପ ପିସ୍ତଲ, ରିଭଲଭର, ତୋପ, ଛୋଟ ତୋପ।

୧୧। କଡ଼ାବିନ୍—ଝୋପର, ପଟୀ, ଦୋସ୍ତନା।

୧୨। ବାଘଯନ୍ତ୍ର।

ଏତଦ୍‌ବ୍ୟତୀତ ନାନା ପ୍ରକାର କମାଣ, ଲୁହା ସାଞ୍ଜୁ, ସାହେବି ଟୋପି ପରି ଲୁହା ଟୋପି, ପିତଳ ଟୋପି, ଯମଦାଢ ଅସ୍ତ୍ର, ଛଅଗା ଛୁରୀ, ବର୍ଚ୍ଛା ଏବଂ ହାତରେ ଧରି ପିଙ୍ଗିବା ଅସ୍ତ୍ର ପ୍ରଭୃତି ଆହୁରି ଅନେକ ଅସ୍ତ୍ରଶସ୍ତ୍ର ଅଛି। ଗଛମସ୍ତ ବନ୍ଧୁକ ଖୁବ୍ ବଡ଼ ଏବଂ ମୋଟା। ଗୋଟାଏ ବନ୍ଧୁକକୁ ଦୁଇଜଣ ଟେକିବା କଷ୍ଟକର। ତାକୁ ଗଛରେ ବାନ୍ଧି ମାରିବାକୁ ହୁଏ। ସେହିପରି ବନ୍ଧୁକ ହାତରେ ଧରି ଲଢ଼ିବା ଭଳି ବୀରପୁରୁଷ ପୂର୍ବେ କଣ୍ଡୁପୁରରେ ଥିଲେ ବୋଲି ପ୍ରାଚୀନ ଲୋକେ କହନ୍ତି। ଅସ୍ତ୍ର-କଣ୍ଟକିତ ଅସ୍ତ୍ରାଗାର ବିବିଧ ଅସ୍ତ୍ରର କୋଣାର୍କରେ କୋଣାର୍କମୟ। ସେ କୋଣରେ ଦୀପାଲୋକ ପଡ଼ିଲେ ଅତି ଉଗ୍ର କୋଣ ଉତ୍ପନ୍ନ ହୁଏ। କେତେବେଳେ ଅସ୍ତ୍ରା-ଗାରକୁ ଚାହିଁଲେ ଆଖି ବୁଜିହୋଇପଡ଼େ। ଅସ୍ତ୍ରାଗାରରେ କେତୋଟି ସୈନିକ ପୁରୁଷର ମୂର୍ତ୍ତି ଅଛି। ସେମାନେ ଲୁହା ସାଞ୍ଜୁ ଓ ଲୁହା ଟୋପି ପିନ୍ଧି ସଦର୍ପ ବୀରଭଙ୍ଗୀରେ ଠିଆହୋଇଅଛନ୍ତି। ସାଞ୍ଜୁରେ ଅସ୍ତ୍ର ଶସ୍ତ୍ର ଖଞ୍ଜା-ହୋଇଅଛି। ହସ୍ତରେ ଧନୁର୍ବାଣ ଧରି ଠିଆହୋଇ-ଅଛନ୍ତି। ପୃଷ୍ଠଦେଶରେ ଶରପୂର୍ଣ୍ଣ ତୂଣୀର ବନ୍ଧା ହୋଇଅଛି। ମୂର୍ତ୍ତିଗୁଡ଼ିକ ଦୈତ୍ୟବାନବ ମୂର୍ତ୍ତିର କ୍ଷୁଦ୍ର ସଂସ୍କରଣ। ଦେଖିଲେ ଭୟ ବୋଧ ହୁଏ। ପୂର୍ବେ ଏ ଦେଶରେ ଏହି ପରି ପ୍ରକାଣ୍ଡକାୟ ବୀର ଥିଲେ, ଏହି ମୂର୍ତ୍ତି ସେଥିର ନୀରବ ସାକ୍ଷ୍ୟ ପ୍ରଦାନ କରୁଅଛି। ଅସ୍ତ୍ରାଗାରର ଅସ୍ତ୍ରଶସ୍ତ୍ର ସଂଖ୍ୟା ଅଗଣ୍ୟ ନ ହେଲେହେଁ ସୁଗଣ୍ୟ ନୁହେଁ। ପୂର୍ବେ ଉତ୍କଳୀୟ ବୀରମାନେ କିରୂପ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ, କିପରି ରଣବେଶରେ ସଜ୍ଜିତ ହେଉଥିଲେ, ସେଥିର ଐତିହାସିକ ପ୍ରମାଣ ଅସ୍ତ୍ରାଗାରରୁ ଯଥେଷ୍ଟ ମିଳେ। ସେହି କାଳର

ବୀରତ୍ବରେ ଯାହାଠାରୁ ସେତୁବନ୍ଧଯାଏ ଅର୍ଦ୍ଧଭାରତ କମ୍ପିତ ହେଉଥିଲା, ସେହି ବିଜୟୀ ବୀରମାନଙ୍କର ବଂଶଧରମାନେ ଖର୍ବକାୟ, ଭୀରୁ ଏବଂ କ୍ଲୀବ, ଏହା ଭାବିଲେ ଦାରୁଣ କ୍ଷୋଭ ଏବଂ ଦୁଃଖରେ ନେତ୍ର ଅଶ୍ରୁସିକ୍ତ ହୋଇଆସେ । ଯେଉଁମାନେ ଦୁର୍ଦ୍ଦାନ୍ତ ମହାବଳ ବ୍ୟାଘ୍ର ଏବଂ ମତ୍ତ ଦନ୍ତାବଳଙ୍କୁ ସିମ୍ଫୁଣ୍ଡ ପରି ହେୟ ଜ୍ଞାନ କରୁଥିଲେ, ସେହିମାନଙ୍କ ବଂଶଧର ଏବେ କୁକୁର ଭୁକିଲେ ଭୟ କରୁଅଛନ୍ତି । ହାୟ ସର୍ବଗ୍ରାସୀ କାଳର ଅସାଧ୍ୟ କଅଣ ଅଛି ? ଏ ଅଧୋଗତି—ଏ ଦୁର୍ଭାଗ୍ୟର ସାନ୍ତ୍ୱନା କଅଣ ଅଛି ? ସାନ୍ତ୍ୱନା କେବଳ ହାହାକାର ଏବଂ ମର୍ମଦାହୀ ଉଷ୍ଣ ନିଃଶ୍ୱାସ ସିନା ! "କାଳସ୍ୟ କୁଟିଳା ଗତିଃ" ଏ ପ୍ରବଚନ ଅକ୍ଷରେ ଅକ୍ଷରେ ସତ୍ୟ ଏବଂ ସାର୍ଥକ । ନିଜ ପୂର୍ବପୁରୁଷଙ୍କ ଖ୍ୟାତି ଗୌରବ ବର୍ଣ୍ଣନା ଏକାଳରେ ସ୍ୱପ୍ନ ବା କାଳ୍ପନିକ ଉପନ୍ୟାସ ପରି ବୋଧ ହେଉଅଛି । ନିଜେ ଯେ ସେହି ମହିମାନ୍ୱିତ ବୀର ବଂଶର ବଂଶଧର, ଏହା ସହଜରେ ବିଶ୍ୱାସ କରିହେଉ ନାହିଁ । ନିଜ ପ୍ରତି ନିଜର ଅବିଶ୍ୱାସ ଜନ୍ମୁଅଛି । ଏ ଦୁର୍ଗତି ରଖିବାର ସ୍ଥାନ ନାହିଁ । ଯେଉଁ ଜାତିର ଅନୁପମ ବୀରତ୍ୱ କୀର୍ତ୍ତିକୁ ବିଦେଶୀୟମାନେ ମନୁଷ୍ୟର କୀର୍ତ୍ତି ବୋଲି ବିଶ୍ୱାସ କରିବାକୁ କୁଣ୍ଠିତ, ସେହି ଜାତି ଏବେ ଦରିଦ୍ରପକ୍ଷୀଯସୀ ମନ୍ତ୍ର ଜପ କରୁଅଛନ୍ତି । ଏହା କେଉଁ ପାପ ବା କେଉଁ ଅପଦେବତାର ଅଭିଶାପ ଫଳ, ତାହା କିଏ କହିପାରିବ ? ନାଗ ଗାରତ ମସ୍ତଲତା ହେଉଅଛି, ପୂର୍ବପୁରୁଷର ପ୍ରଶସ୍ତି ସଙ୍ଗୀତ କରି ଗର୍ବ ଅନୁଭବ କରୁଅଛି ; ମାତ୍ର ଅଳଣା ଗର୍ବରେ କିଛି ଫଳ ନାହିଁ । ଯେଉଁ ଦିନ ସେ ବଂଶୀୟ ଗୌରବରେ ଖାଲି ଗର୍ବ ଅନୁଭବ ନ କରି ନିଜେ ସେହି ବଂଶର ଯୋଗ୍ୟ ହୋଇପାରି ନାହିଁ ବୋଲି ଅସହ୍ୟ ଲଜ୍ଜା ଅନୁଭବ କରିବ, ସେହିଦିନ ସେ ସେହି ବଂଶର ଯୋଗ୍ୟ ସନ୍ତାନ ହେବ ଓ ସେହିଦିନ ସେ ଅତୀତ ଉଚ୍ଚାଦର୍ଶର ଅନୁକରଣରେ ପ୍ରବୃତ୍ତ ହୋଇ ନିଜକୁ ଉନ୍ନତ ଭାବରେ ଗଠନ କରିବାକୁ ଶିଖିବ ।

ଅସ୍ତ୍ରାଗାର ନିକଟରେ ନୂତନ ନଅର ତୋଳା ହେଉଥିଲା । କାର୍ଯ୍ୟ ପ୍ରାୟ ଶେଷ ହୋଇଆସିଥିଲା; କେବଳ ଉପରକାମ ସାମାନ୍ୟ ଅବଶିଷ୍ଟ ଥିଲା; ମାତ୍ର କି ଅମଙ୍ଗଳ ସୂଚନା ହେତୁ ତାହା ପରିତ୍ୟକ୍ତ ହୋଇଅଛି । ଯେଉଁ ରାଜଭବନ ମଣିମାଣିକ୍ୟରେ ଝଲମଲ ହେଉଥାଆନ୍ତା, ଗୀତ ବାଦ୍ୟ, ଜନ କୋଳାହଳରେ ମୁଖରିତ ହେଉଥାଆନ୍ତା, ତାହା ଏବେ ଶୂନ୍ୟ ପୁରୀ ହୋଇଅଛି । ଭାଗ୍ୟ କେବଳ ମନୁଷ୍ୟର ନୁହେଁ, ଜଡ଼ପଦାର୍ଥର ବି ଭାଗ୍ୟ ଅଛି ।

# ତୃତୀୟ ପରିଚ୍ଛେଦ

ମହାରାଜ ବିକ୍ରମଦେବ ବର୍ମାଙ୍କ ରାଜତ୍ୱରେ ଜୟପୁର ଉନ୍ନତିରେ ଉଚ୍ଚଶିଖରରେ ଧାରଣ କରିଅଛି । ସେଠାରେ ପ୍ରକୃତି କୋଟି କୁବେରର ଅନନ୍ତ ଅମୂଲ୍ୟ ନିଧିର ପ୍ରଦର୍ଶନୀ ବସାଇଅଛି । ଜୟପୁର ଅମରାବତୀ ଅଳକା ଉଭୟର ଶ୍ରୀସମ୍ପଦ ଲୁଟି କରି ଆଣିଅଛି । କେଉଁଠାରେ କେତେ ଦୁର୍ଲ୍ଲଭ ବୈଚିତ୍ର୍ୟପୂର୍ଣ୍ଣ ଅପୂର୍ବ ସୁଷମା ବନ ପଶୁପକ୍ଷୀର ଉପଭୋଗ୍ୟ ହେଉଅଛି, କେଉଁଠି କେତେ ଅମୂଲ୍ୟରତ୍ନ ଲୋକଲୋଚନର ଅଗୋଚରରେ ପଡ଼ିରହିଅଛି, କେଉଁଠାରେ ବା ପ୍ରକୃତିର କେତେ ମହାଶକ୍ତି ବନପର୍ବତରେ ମିଳାଇଯାଉଅଛି, ତାହାର ଇୟତ୍ତା ନାହିଁ । ଜୟପୁରରେ ଅନେକ ପ୍ରସିଦ୍ଧ ସ୍ଥାନ ଏବଂ ତୀର୍ଥ ସ୍ୱରୂପ ଶିବମନ୍ଦିର ବିଦ୍ୟମାନ । ନୀଳକଣ୍ଠେଶ୍ୱର ପ୍ରତାପୀ ମହାଦେବ । ଏକାଗ୍ରଚିତ୍ତରେ ତାଙ୍କର ଧ୍ୟାନଧାରଣା କଲେ ରୋଗ, ବିପଦରୁ ମୁକ୍ତି ମିଳେ । ଦିନେ ଦିନେ ତାଙ୍କ ପୀଠସ୍ଥାନକୁ ତୀର୍ଥଯାତ୍ରୀ ପରି ଦଳ ଦଳ ହୋଇ ଲୋକ ଧାଇଁବାର ଦେଖାଯାଏ । ଏହି ଶିବ ଜୟପୁରର କ୍ଷେତ୍ରପାଳ ରୂପେ ଗଡ଼ର ଉପକଣ୍ଠବର୍ତ୍ତୀ ଶାନ୍ତିମୟ ନିର୍ଜ୍ଜନ ସ୍ଥାନରେ ଅବସ୍ଥିତ । ସ୍ଥାନଟି

ଯୋଗ ସାଧନର ଉପଯୁକ୍ତ । ତେଣୁ ମହାଯୋଗିବର ଶଙ୍କର ସେ ସ୍ଥାନକୁ ନିଜର ପ୍ରିୟ ଯୋଗପୀଠ ରୂପେ ବାଛିନେଇଅଛନ୍ତି । ଗଡ଼ର ଦକ୍ଷିଣରେ ପଞ୍ଚମୁଖେଶ୍ୱର ବା ପଞ୍ଚାନନ ନାମଧେୟ ପ୍ରସିଦ୍ଧ ଶିବଙ୍କର ମନ୍ଦିର ଧରଣୀର ମାନଦଣ୍ଡ ରୂପେ ଦଣ୍ଡାୟମାନ । ପଞ୍ଚାନନ ଅନ୍ତରର ଗୁହାରି ଦଶ ଣ କର୍ଣ୍ଣରେ ଶୁଣନ୍ତି । ଶିବଙ୍କର ମହିମାରେ ସ୍ଥାନୀୟ ଲୋକଙ୍କର ପୂର୍ଣ୍ଣ ବିଶ୍ୱାସ । ତାଙ୍କର ସେବାପୂଜାର ବ୍ୟବସ୍ଥା ସଙ୍କୋଚିତ ଭାବରେ ଚଳେ । ଜୟପୁର ରାଜଲକ୍ଷ୍ମୀଙ୍କର ଷୋଡ଼ଶୋପଚାର ପୂଜା ପାଇ ଏବଂ ରାଜଭୋଗରେ ଭୋଳ ହୋଇ ଭୋଳାନାଥ ପ୍ରିୟ ରାଜଧାନୀ କୈଳାସ ପାଟଣାକୁ ଭୁଲିଯାଇଅଛନ୍ତି । କେହି କେହି ପଞ୍ଚାନନ ମନ୍ଦିରରେ ଜପ କରି ସିଦ୍ଧମନୋରଥ ହୋଇଥିବାର ଶୁଣାଯାଏ । ସେଠାରେ ପ୍ରବେଶ ମାତ୍ରେ ସ୍ଥାନ ପ୍ରଭାବରେ ଗୋଟାଏ ଅଦ୍ଭୁତ ପବିତ୍ରତା ଏବଂ ଦେବଭାବ ଆସି ହୃଦୟକୁ ଘେରିପକାଏ । ଶୁଦ୍ଧ, ସାତ୍ତ୍ୱିକ ଭାବ, ସଂସାରଚିନ୍ତାଭିସନ୍ତପ୍ତ ମନକୁ ଉଲ୍ଲାସ କରିଦିଏ । ଏହା ହିଁ ତୀର୍ଥସ୍ଥାନରେ ମାହାତ୍ମ୍ୟ ଏବଂ ବିଶେଷତ୍ୱ ।

ଗଡ଼ରୁ ସାତ ମାଇଲ ଦୂରରେ ବାଘରା ଜଳପ୍ରପାତ । ସେଠାରେ ବାଘରା ନାମରେ ବନ୍ୟଜାତିର ଗୋଟିଏ ଗ୍ରାମ ଅଛି । ଚାରି ପାଖରେ ନୀରନ୍ଧ୍ର ଅରଣ୍ୟ, ଭୀଷଣ ପର୍ବତମାଳା । ସେଠାରେ ବ୍ୟାଘ୍ର ଉପଦ୍ରବ ସୁଲଭ; ସୁତରାଂ ତାର ବାଘରା ନାମ ସାର୍ଥକ ହୋଇଅଛି । ଗ୍ରାମର ନାମକରଣ ଅନୁସାରେ ପ୍ରପାତର ନାମ ହୋଇ ଅଛି କି ପ୍ରପାତର ନାମାନୁସାରେ ଗ୍ରାମର ନାମକରଣ ହୋଇଅଛି, ସ୍ଥାନୀୟ ଲୋକେ ତାହା କହିପାରନ୍ତି ନାହିଁ । ବୋଧ ହୁଏ ଗ୍ରାମଟି ପ୍ରପାତଠାରୁ ନାମ ଧାରି କରିଅଛି । ପ୍ରପାତ କେଉଁ ଯୁଗର ପୁରାତନ, ତାହା ତୁଳନାରେ ବାଘରା ଗ୍ରାମ ସଦ୍ୟଜାତ ଅନଭିଜ୍ଞ ଶିଶୁ । ପ୍ରପାତ ଏହିପରି କେତେ ଗ୍ରାମର ଉତ୍ଥାନ ପତନ, ଜନ୍ମ ବିଲୟ ଦେଖିଥିବ । ଏ ଅଞ୍ଚଳରେ ପ୍ରପାତକୁ ''ଜନ୍ତୁମା'' କହନ୍ତି । ବୋଧହୁଏ ଏହା ବନ୍ୟଜାତିର ଭାଷା । ସେଠାକୁ ଯିବାକୁ ହେଲେ ଘାଟି ପଥରେ କିଛି ଦୂର ଯାଇ ସେଠାରୁ ବାଟ ଛାଡ଼ି ଯିବାକୁ ହୁଏ । ପ୍ରପାତ ପର୍ଯ୍ୟନ୍ତ ଗାଡ଼ି, ମୋଟର ପ୍ରଭୃତି ଯାନ ଯାଇପାରେ । ପ୍ରାୟ ୩୦୦ ହାତ ଚାଲି ଯିବାକୁ ହୁଏ । ତେଡ଼ାବଙ୍କା ପଥ ଅତି ଗଡ଼ାଣିଆ ଏବଂ ପିଚ୍ଛିଳ ଖଣ୍ଡୋପଳପୂର୍ଣ୍ଣ । ଚାଲିବା ବେଳେ ଗୋଡ଼ ଚଟ୍‌ଚଟ୍ ଖସିଯାଏ । ଦୁର୍ବଳ ଲୋକ ସେ ପଥରେ ଚାଲିପାରେ ନାହିଁ । ଗ୍ରାମବାସୀମାନଙ୍କୁ ସାମାନ୍ୟ କିଛି ପାରିଶ୍ରମିକ ଦେଲେ ସେମାନେ ଦୋଳା କରି ନେଇଯାଆନ୍ତି । ଦୁଇଜଣ ଲୋକ ଶିକାରେ ବସାଇ ସଙ୍ଗୀ କରି ମଧ୍ୟ ନେଇପାରନ୍ତି । ପ୍ରପାତ ଯାତ୍ରାପଥରେ ଦୁଇପାର୍ଶ୍ୱର ଶୋଭା ଅତ୍ୟନ୍ତ ଲୋଭନୀୟ । ବନଦେବୀଙ୍କ ଅଧରରୁ ହାସ୍ୟ ଝରିଲା ପ୍ରାୟ କୁନ୍ଦ ଫୁଲଗୁଡ଼ି ଝଡ଼ିପଡ଼ୁଥାଏ । କୁନ୍ଦ ସଭ୍ୟ ସମାଜରୁ ଆସି ଏଠାରେ ଅସଭ୍ୟ ସମାଜରେ ମିଶିରହିଅଛି । ନଗର ଛାଡ଼ି ବନକୁ ସେ ନିଜର ଆବାସ କରିନେଇଅଛି । ସଭ୍ୟ ଅସଭ୍ୟର ଏ ଦୁର୍ଲଭ ମିଳନ ବଡ଼ ଅଦ୍ଭୁତ ଦୃଶ୍ୟ । କେହି କାହାକୁ ଘୃଣା କରିବାକୁ ନାହିଁ, ଅଧିକନ୍ତୁ ପରସ୍ପର ମମତାବଦ୍ଧ । ବୋଧ ହୁଏ କୁନ୍ଦସୁନ୍ଦରୀ ନାଗରିକ ସଭ୍ୟତାର "କୁନ୍ଦଦନ୍ତୀ" ଉପମା ସହି ନ ପାରି ପୁଣି ଆଦିମ ଅବସ୍ଥାକୁ ଫେରିଆସିଅଛି । କବିମାନେ ତାକୁ ଦନ୍ତ ସଙ୍ଗରେ ଉପମା ଯୋଗି ତାହାର ନିର୍ମଳତା ଏବଂ ପବିତ୍ରତା ହ୍ରାସ କରିବାକୁ ବସିବାରୁ ସେ ଅଭିମାନ ହେବା ଭୟରେ ପଳାଇଆସି ବନରେ ଲୁଚିଅଛି ପରା ! ଏ ଅଞ୍ଚଳରେ ସୁନ୍ଦର କୁସୁମ ଏବଂ ଧାତୁକୀବଣ ବିଶେଷ ଦେଖାଯାଏ । ଘାଟି ଉପରୁ ନିମ୍ନସ୍ଥ କ୍ଷୁଦ୍ର ଜଳାଧାର ବନଦେବୀଙ୍କର ଉଜ୍ଜ୍ୱଳ ଚକ୍ଷୁ କିମ୍ବା ତ୍ରିବେଣୀଙ୍କର ଧର୍ମାବନ୍ଧା ଦର୍ପଣ ପରି ଅତି ମନୋରମ ଦିଶେ ।

"କୋଲାବ" ନଦୀ ଗର୍ଭରେ ବାଘରା ଜଳପ୍ରପାତ । ଦୁଇ ପାଖରେ ପର୍ବତ ଅଜଗର ଶୋଇଲା ପରି ଲମ୍ବମାନ ମଧ୍ୟରେ ପ୍ରସ୍ତର ଶଯ୍ୟାରେ ନଦୀ ବହିଯାଉଅଛି । ଗତି ପଥରେ ବୃହତ୍ ଶିଳା ଅତିକ୍ରମ କରି ତଳକୁ ଗଡ଼ି ଆସିବାବେଳେ ସ୍ରୋତ କଳ କଳ ନାଦରେ ହୁଳାହୁଳୀ ଦେଇ ଚାଲିଅଛି । କେଉଁଠାରେ ବହୁ ପ୍ରସ୍ତର ଖଣ୍ଡରେ ସ୍ରୋତ ପ୍ରତିହତ ହୋଇ ବହୁ ତ୍ରିବେଣୀ ଏବଂ ପଞ୍ଚନଦର ସୃଷ୍ଟି କରୁଅଛି । କେଉଁଠାରେ ବା ପ୍ରସ୍ତର

ଛିଦ୍ରରେ ଗଳିଆସି ଐରାବତ ଦାନ୍ତଘାତରେ ଗଙ୍ଗାବତରଣର ଦୃଶ୍ୟ ଅନୁକରଣ କରୁଅଛି । ସ୍ରୋତ ଜାଲଲତା ସୃଷ୍ଟି କରି ଯାଉଅଛି । ଫେନପୁଞ୍ଜ ସେହି ଲତାରେ ଫୁଲ ଫୁଟିଲା ଭଳି ସୁନ୍ଦର ଦିଶୁଅଛି । ନଦୀ ଯେଉଁ ଅମର କବିତା ଗାଇ ଗାଇ ଯାଉଅଛି, ଏହି ଜାଲଲତାମାନ ସେହି କବିତାର ଜଟିଳ କୁଟିଳ ଛନ୍ଦ ଏବଂ ଫେନପୁଞ୍ଜ ତାହାର ମୂର୍ଚ୍ଛନା । ଯେଉଁଠାରେ ଗଙ୍ଗା ପାତାଳ ଗାମିନୀ ହେଲା ପରି ପର୍ବତରେ ଯାଇହୋଇ ସ୍ରୋତ କେଉଁଆଡ଼େ ଚାଲିଯାଉଅଛି, କିଛି ଜାଣିହେଉ ନାହିଁ । ଗଣ୍ଡକୀ ନଦୀରେ ଶାଳଗ୍ରାମ ଗଢ଼ିଲା ପରି ସ୍ଥାନେ ସ୍ଥାନେ ସ୍ରୋତ ବେଗରେ ଅସଂଖ୍ୟ ଚିକ୍କଣ ପ୍ରସ୍ତରଗୋଲକ ଗଢ଼ି ଗଢ଼ି ଖେଳୁଅଛନ୍ତି । ସ୍ରୋତ ବହୁଶାଖା ପ୍ରଶାଖା ବିସ୍ତାର କରି ଧାଇଁ ଅଛି, ମନୁଷ୍ୟର ଆଶାସ୍ୱପ୍ନ ଶାଖା ପ୍ରଶାଖାରେ ଛନ୍ନହୋଇ ଆଗକୁ ଧାଉଁଥାଏ, ପଛକୁ ଫେରିବା ତାହାର ସ୍ୱଭାବବିରୁଦ୍ଧ । ସ୍ରୋତମଧ୍ୟସ୍ଥ ବିଶାଳ ବିସ୍ତୃତ ଶିଳାଖଣ୍ଡ ବନଲକ୍ଷ୍ମୀଙ୍କର ଗ୍ରୀଷ୍ମକାଳୀନ ଜଳଯନ୍ତ୍ରପୁରର ସ୍ନାହାଣମେଲା ପ୍ରାୟ ବିରାଜିତ, ଏକସ୍ଥାନରେ ସ୍ରୋତ ବିଶାଳ ଶିଳା ଡେଇଁ ପ୍ରମତ୍ତାକାରରେ ବହୁ ହସ୍ତ ନିମ୍ନରେ ଚୂର୍ଣ୍ଣହୋଇ ପଡୁଅଛି ଏବଂ ଭୀଷଣ ଶବ୍ଦରେ ବନଭୂମି ପ୍ରକମ୍ପିତ କରୁଅଛି । ପତନ ସ୍ଥାନରେ ଖଇଫୁଟିଲା ପ୍ରାୟ ରାଶି ରାଶି ଫେନ ଛିଟିକି ପଡୁଅଛି, ଏହାହିଁ ବାଘରା ପ୍ରପାତ ନାମରେ ଖ୍ୟାତ । ପ୍ରପାତର ଦୃଶ୍ୟ ବଡ଼ ମନୋହର । ଭୀଷଣତା ତାହାର ଶୋଭାର ଉପାଦାନ ହୋଇଅଛି । ଦୁଇପାଖର ଅରଣ୍ୟ ପ୍ରପାତକୁ ଉଭୟରେ ଲମ୍ବା ଭଙ୍ଗୀରେ ପୁଷ୍ପାଞ୍ଜଳି ଦେଉଅଛନ୍ତି, ତାହା ସେହି ଏକା ଜାଣନ୍ତି । ମନୁଷ୍ୟର କଳ୍ପନା ସେଠାରେ ମୂକ । ପ୍ରପାତ ସମୀପସ୍ଥ ପ୍ରାକୃତିକ ଦୃଶ୍ୟ ଅତି ବିଚିତ୍ର । କେଉଁଠାରେ ମୁଚୁକୁନ୍ଦ ମୁରଜ ମୁରଜ ହସୁଅଛି । କେଉଁଠାରେ ନବପଲ୍ଲବିତ ବଣଜାମୁ ପାଟଲୁଗା ଘୋଡ଼ିହୋଇ କ୍ଲାନ୍ତ ପଥିକ ପରି ପ୍ରସ୍ତର ଉପରେ ଅଙ୍ଗ ଢାଳିଦେଇ ବିଶ୍ରାମ କରୁଅଛି । ଦୋହୁଲାକାଣ୍ଡଧାରୀ କୃଷ୍ଣଚୂଡ଼ା କୃଷ୍ଣପ୍ରେମରେ ବିଭୋର ହୋଇ ଝୁଲୁଅଛି । ଶରତ୍କାଳ ଶୁକ୍ଳପତାକା ଧରି ଦୋହଲାଉଅଛି । ଏହାର ଅପର ନାମ ଚିତ୍ରସ୍ୱମର । ସାଧାରଣତଃ ଏହା "ଫୁଲଝାଅଣୀ" ନାମରେ ପରିଚିତ । ଗିରିଚୂଡ଼ା ତଳେ ଶୁକ୍ଳମେଘ ଲାଗିରହି ପର୍ବତର ଚନ୍ଦନପାଟି ପ୍ରାୟ ସୁନ୍ଦର ଦିଶୁଅଛି । ଏଠାରେ ସାଲପ ଏବଂ ଚନ୍ଦନଗଛ ସ୍ଥାନେ ସ୍ଥାନେ ଦେଖାଯାଏ । ଆମ୍ବ ଗଛମାନ ଚୈତ୍ରମାସରେ ବଉଳେ, ଆଷାଢ଼ ମାସରେ ଆମ୍ବ ପାଚେ । ସ୍ଥୂଳ ପ୍ରକାଣ୍ଡ ବୃକ୍ଷ ସଙ୍ଗରେ ଆମ୍ବଫଳର ତୁଳନା କଲେ କୁମାଳସ୍ଥ ମୂଷିକ ପ୍ରସବ କଲାପ୍ରାୟ ବୋଧ ହୁଏ । ପଲ୍ଲବପାଟଳ ଶାଳଗଛମାନ କଉଳ ଭାରରେ ଝୁଙ୍କିପଡ଼ି ନମ୍ରସ୍ୱଭାବ ବନ୍ଧୁଜନ ପରି ଦିଶୁଅଛନ୍ତି । ଘନପଲ୍ଲବ ଭିତରେ ଶାଳ ବଉଳ ଛିଞ୍ଚାପୁଞ୍ଜକ ପଦ୍ମରାଗ ପାତ୍ରରେ ସ୍ୱର୍ଣ୍ଣ ମୁକୁଟ ଥୁଆ ହେଲା ପରି ଦିଶେ । ସନ୍ଧ୍ୟା ସମୟରେ ପର୍ବତରେ ଦାବାନଳର ଦୃଶ୍ୟ ବାସ୍ତବରେ ଦୁର୍ଲଭ । ସତେ ଯେପରି ଗିରିରାଣୀ ସ୍ୱର୍ଣ୍ଣ ସୀନ୍ଥାରେ ମଣ୍ଡିତ ହୋଇଅଛନ୍ତି । ଅଥବା ରୁପେଶ୍ବରୀ ବଜ୍ରଳି ବଜାର ଅଜସ୍ର କଣ୍ଠଦାସ୍ୟ ଶବ୍ଦରେ ବ୍ୟତିବ୍ୟସ୍ତ ହୋଇ ନିର୍ଜନରେ ଆସି ସୁଖନିଦ୍ରା ଉପଭୋଗ କରୁଅଛି ।

ଜୟପୁର ଏବଂ ମାଡ଼ଗୋଲରାଜ୍ୟର ସୀମା ସ୍ଥଳରେ ରାମଗିରି ଥାନା ଇଲାକାରେ ଆଉ ଗୋଟିଏ ପ୍ରକାଣ୍ଡ ଜଳପ୍ରପାତ ଅଛି । ପାର୍ବତ୍ୟ ପ୍ରକୃତି ମାଷେରୁ ବା ମହାନସୀ ଗର୍ଭରେ ସେହିଜଳ ପ୍ରପାତ ସୃଷ୍ଟି କରିଅଛି, ତାହାର ନାମ ବାନ୍ଦଗଡ଼ ପ୍ରପାତ, ଅପରନାମ ବଡ଼ ଡୁଡୁମା ବା ବଡ଼ ଜଳପ୍ରପାତ । ବୋଧ ହୁଏ ଡୁଡୁମ ଡୁଡୁମ ଶବ୍ଦରେ ଜଳ ପଡ଼ିବାରୁ ପ୍ରପାତର ନାମ ଡୁଡୁମା ହୋଇଥିବ । ତାହା ଭାରତବର୍ଷର କାହିଁକି, ପୃଥିବୀର ଦ୍ୱିତୀୟ ଜଳପ୍ରପାତ । ପ୍ରାୟ ଦୁଇଶ ହାତ ଉର୍ଦ୍ଧ୍ୱରୁ ଜଳସ୍ତମ୍ଭ ଖସିପଡ଼ି ବୃଦ୍ଧ ମହାବଳ ବ୍ୟାଘ୍ର ପରି ଅନବରତ ଭୀଷଣ ଗର୍ଜନ ଛାଡ଼ୁଅଛି । ସେହି ରୁଦ୍ରଗର୍ଜନରେ ବନ ପର୍ବତ ଅନର୍ଗଳ ପ୍ରକମ୍ପିତ ହେଉଅଛି । ଏହି ମହାପ୍ରପାତ ଦୃଷ୍ଟିରେଖାରୋଧୀ ଘୋର ଅରଣ୍ୟ ଗର୍ଭରେ ଅବସ୍ଥିତ । ସେଠାକୁ ଯିବା ନିରାପଦ ନୁହେଁ । ସେ ଅଞ୍ଚଳରେ ମହୁମାଛିର ପ୍ରବଳ ଉପଦ୍ରବ । ବିଶେଷତଃ କାର୍ତ୍ତିକମାସରେ ସେଠାକୁ ଗଲେ ମଧୁମକ୍ଷିକାର ଆକ୍ରମଣରୁ ନିସ୍ତାର ପାଇବା ଅସମ୍ଭବ

ହୋଇଉଠେ । ପ୍ରପାତର ଗର୍ଜନ ବହୁଦୂରଯାଏ ଶ୍ରୁତିଗୋଚର ହୁଏ । କ୍ରୁଦ୍ଧ ଦାନବର ଗର୍ଜନ ପ୍ରାୟ ସେ ଶବ୍ଦ ବଡ ଭୟାନକ । ତାହା ଶୁଣି ଅତି ଦୁଃସାହସୀ ହୃଦୟରେ ସୁଦ୍ଧା ଭୟ ଜାତ ହୁଏ । ପ୍ରକୃତିର ଏଡ଼େ ଗୋଟାଏ ମହାଶକ୍ତି ସେଠାରେ ବନରେ ମିଳାଇ ଯାଉଅଛି । କୌଣସି ଉନ୍ନତ ବୈଜ୍ଞାନିକ ଦେଶରେ ଏପରି ଗୋଟାଏ ଶ୍ରେଷ୍ଠ ଜଳପ୍ରପାତ ଥିଲେ, ତାହାର ଶକ୍ତିକୁ ଧରି କେତେ ବୃହତ୍ କଳକାରଖାନା ସୃଜିତ ହୋଇଥାଆନ୍ତା ଏବଂ କେତେ ଅସାଧ୍ୟ କାର୍ଯ୍ୟ ସୁସାଧ୍ୟ ହୋଇଥାଆନ୍ତା । ଧନାଗମର କେତେ ପଥ ଯେ ଉଦ୍ଭାବିତ ହୋଇଥାଆନ୍ତା, ତାହା କଳନା କରି ହୁଅନ୍ତା ନାହିଁ । କେବଳ ସେହି ଶକ୍ତି ସହସ୍ର ସହସ୍ର ଲୋକର ସଂସାରଯାତ୍ରାର ପଥ ସରଳ କରିଦେଇଥାଆନ୍ତା । ସେ ଶକ୍ତି ତୁଳନାରେ କୋଟି ମାନବଶକ୍ତି ପିମ୍ପୁଡ଼ିଠାରୁ ଊଣା । ସେ ଶକ୍ତିକୁ ଦେଖିଲେ ଦର୍ପୀର ଦର୍ପ ଏବଂ କ୍ଷମତା କେଉଁଆଡ଼େ ମିଳାଇଯାଏ । ମନୁଷ୍ୟର ଶକ୍ତି ଯେ କେଡ଼େ କ୍ଷୁଦ୍ର ସୀମାରେ ଆବଦ୍ଧ, ତାହା ସ୍ୱତଃ ଅନୁଭୂତ ହୁଏ । ବଡ ପ୍ରପାତର ଶକ୍ତି ଏକା ଜୟପୁରର ଶକ୍ତି ନୁହେଁ, ସମଗ୍ର ଉତ୍କଳ ସେହି ଶକ୍ତିରେ ଗର୍ବ-ଗୌରବ ଅନୁଭବ କରିବ । ଆଶା ହୁଏ ମହାରାଜ ବିକ୍ରମଦେବ ବର୍ମାଙ୍କ ରାଜତ୍ୱ ସମୟରେ ଏ ମହାଶକ୍ତି କଦାଚ ବ୍ୟର୍ଥ ହେବ ନାହିଁ । ସେ ଏହାକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇ ରାଜ୍ୟର ଉନ୍ନତି ସଙ୍ଗେ ସଙ୍ଗେ ନିଜର କୀର୍ତ୍ତି ଚିରସ୍ମରଣୀୟ ରଖିବେ । ପ୍ରକୃତିର ଏଡ଼େ ଗୋଟାଏ ମହାର୍ଘ୍ୟ ଶକ୍ତି ପ୍ରଚ୍ଛନ୍ନରେ କଦାଚ ବନମାଳତୀ ପରି ବିଲୟ ଭଜିବ ନାହିଁ । ତେବେ ଏହି ମହାପ୍ରପାତ ଆଫ୍ରିକାସ୍ଥ ଜାମ୍ବେଜି ନଦୀର ଭିକ୍ଟୋରିଆ ପ୍ରପାତ କିମ୍ବା ଆମେରିକାର ନାଏଗ୍ରା ପ୍ରପାତର ଗୌରବମୟ ସୌଭାଗ୍ୟ ଲାଭ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ସେତେବେଳେ ପୃଥିବୀର ଆଶ୍ଚର୍ଯ୍ୟ-ଦୃଶ୍ୟର ଖ୍ୟାତିମୟ ତାଲିକାରେ ଏହାର ନାମ ସମୁଜ୍ଜ୍ୱଳ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପ୍ରପାତ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ସହସ୍ର ମତ୍ତହସ୍ତୀର ଶକ୍ତି ତାହା ତୁଳନାରେ ତୁଚ୍ଛ ଏବଂ ନଗଣ୍ୟ । ବିଜ୍ଞାନର ଏହି ଏକଚ୍ଛତ୍ର ରାଜତ୍ୱ ଯୁଗରେ ଜୟପୁର ପ୍ରପାତ ବୈଜ୍ଞାନିକମାନଙ୍କର ଲୀଳାକ୍ଷେତ୍ର ହେବ ଏବଂ ଏହି ପ୍ରପାତ କେତେ ନିଃସ୍ୱଙ୍କୁ କୋଟିପତି କୁବେର ଗଢିଦେବ ।

ବାଘରା ପ୍ରପାତକୁ ଯିବା ପଥର ବାମପାର୍ଶ୍ୱରେ ନୂଆବନ୍ଧ ତୋଟା ନାମରେ ଗୋଟାଏ ବୃହତ୍ ଆମ୍ରୋଦ୍ୟାନ ଅଛି । ମହାରାଜ ବିକ୍ରମଦେବ ବର୍ମା ଉକ୍ତ ବଗିଚାରେ ହାଟ ବସାଇଅଛନ୍ତି । ତଦ୍ୱାରା ଗଡ଼ବାସୀ ଏବଂ ମଫସଲବାସୀମାନଙ୍କର ବିଶେଷ ସୁବିଧା ହୋଇଅଛି । ହାଟଟି କୃଷି, ଶିଳ୍ପ, ବାଣିଜ୍ୟର ଗୋଟିଏ ସାମୟିକ କ୍ଷୁଦ୍ର ପ୍ରଦର୍ଶନୀ । ଅନ୍ତର୍ବାଣିଜ୍ୟୋନ୍ନତିର ତାହା ଗୋଟିଏ କଲ୍ୟାଣପ୍ରଦ ଅନୁଷ୍ଠାନ । ଯେଉଁଠାରେ ଯାହା ଅଭାବ, ତାହା ପୂରଣ କରିବା ବିଷୟରେ ମହାରାଜଙ୍କର ତତ୍ପରତା ଏଥିରୁ ସ୍ପଷ୍ଟ ସୂଚିତ ହେଉଅଛି । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ତାଙ୍କର ଲକ୍ଷ୍ୟ ସ୍ୱାଭାବିକ । ଏହି ତୋଟା ମଧ୍ୟରେ ବିସ୍ତୃତ ଦରବାର ମଣ୍ଡପ ଅବସ୍ଥିତ । ସେଠାରେ ଲାଟସାହେବ ପ୍ରଭୃତି ବିଶିଷ୍ଟ ଆଗନ୍ତୁକମାନଙ୍କୁ ଅଭ୍ୟର୍ଥନା କରାଯାଏ । ବିକ୍ରମଦେବ ବର୍ମା ରାଜା ହୋଇ ଜୟପୁରକୁ ବିଜେ ହେବାବେଳେ ଏହିଠାରେ ଅଭ୍ୟର୍ଥିତ ହୋଇଥିଲେ । ପ୍ରଜାବର୍ଗ ଏବଂ ରାଜକର୍ମଚାରୀମାନେ ତାଙ୍କୁ ଏହି ମଣ୍ଡପରେ ଅତୀବ ଆଗ୍ରହ ସହ ମହା ଆଡ଼ମ୍ବରରେ ଅଭିନନ୍ଦନ ପ୍ରଦାନ କରି ପାଛୋଟି ନେଇଥିଲେ । ମଣ୍ଡପ ନୀରବରେ ସେହି ପବିତ୍ର ସ୍ମୃତି ଘୋଷଣା କରୁଅଛି । ଜୟପୁର ରାଜ୍ୟରେ ଆମ୍ବ, ପଣସ ପ୍ରଭୃତି ଫଳବୃକ୍ଷର ସୁବିସ୍ତୀର୍ଣ୍ଣ ଉଦ୍ୟାନ ବହୁତ ଦେଖାଯାଏ । ସାଧାରଣତଃ ଏତେ ଅଧିକ ସଂଖ୍ୟକ ଉଦ୍ୟାନ ଅନ୍ୟତ୍ର ଦେଖାଯାଏ ନାହିଁ । ଉଦ୍ୟାନର ବହୁଳତା ଦୃଷ୍ଟିରେ ଜୟପୁରକୁ ସମଗ୍ର ଉତ୍କଳମଣ୍ଡଳର "ମଧୁବନ" କହିଲେ ଅତିରଞ୍ଜିତ ହେବ ନାହିଁ । ଉଦ୍ୟାନ ପରି ହାଟ ମଧ୍ୟ ପ୍ରଚୁର ପରିଲକ୍ଷିତ ହୁଏ । ପ୍ରତ୍ୟେକ ହାଟକୁ ବନଜାତ ପଦାର୍ଥ ବିଶେଷ ପରିମାଣରେ ବିକ୍ରୟ ସକାଶେ ଆସେ । ଜନା, ମାଣ୍ଡିଆ ପ୍ରଭୃତି ଖାଦ୍ୟ ଶସ୍ୟର ସ୍ତୂପ ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ବୁରଡି, କତା, ନାନା ଧରଣର ଝାଙ୍ଗିଆ ପ୍ରଭୃତିର

ସଂଖ୍ୟା କରିବା ଦୁରୂହ । ଅନ୍ୟାନ୍ୟ ସ୍ଥାନ ତୁଳନାରେ ତାହା ସବୁ ଖୁବ୍ ଶସ୍ତାରେ କିଣିବାକୁ ମିଳେ । ପ୍ରାୟ ପ୍ରତିବାରରେ ହାଟ ହୁଏ । ବିଧିଶୂନ୍ୟ ବାର ଥାଇପାରେ; ମାତ୍ର ଜୟପୁର ରାଜ୍ୟରେ ହାଟଶୂନ୍ୟ ବାର ପ୍ରାୟ ନାହିଁ କହିଲେ ଅସଙ୍ଗତ ହେବ ନାହିଁ ।

ଜୟପୁରର ପ୍ରାଚୀନ ରାଜଧାନୀ ନନ୍ଦପୁର । ଜୟପୁର ରାଜଧାନୀଠାରୁ ତାହାର ଦୂରତା ୪୬ ମାଇଲ । ସେଠାରେ ବତିଶପାହାଚବିଶିଷ୍ଟ ପ୍ରସ୍ତର ସିଂହାସନ ଅଛି । ପୂର୍ବେ ରାଜାମାନେ ସେହି ସିଂହାସନରେ ବସି ରାଜ୍ୟାଭିଷିକ୍ତ ହେଉଥିଲେ । ସିଂହାସନ ତଳେ ଶାଳଗ୍ରାମ ଅଛନ୍ତି । ଯେଉଁ ଶାଳଗ୍ରାମ ଦେବତା ରୂପେ ପୂଜିତ ହୁଅନ୍ତି, ସେହି ଦେବତାଙ୍କ ଉପରେ ପାଦ ସ୍ଥାପନ କରିବା ଅଧର୍ମ ଭାବି ବର୍ତ୍ତମାନ ମହାରାଜାଙ୍କ ପ୍ରପିତାମହ ମହାରାଜ ରାମଚନ୍ଦ୍ର ଦେବ ଉକ୍ତ ଅକଲ୍ୟାଣ ପ୍ରଥା ଉଠାଇଦେଇଅଛନ୍ତି । ସେଠାରେ ଆଉ ଅଭିଷେକୋତ୍ସବ ହେଉ ନାହିଁ । ବର୍ତ୍ତମାନ ସୁଦ୍ଧା ନନ୍ଦପୁରରେ ଓଷା ପର୍ବ ରାଜକୀୟ ରୀତିରେ ପ୍ରତିପାଳିତ ହୁଏ । ନନ୍ଦପୁରସ୍ଥ ପର୍ବତର ନାମ—କୋଠ ଜମାଲ । ସେହି ପର୍ବତରେ ଖାଲି ଜମି ଅଛି । ସେଥିରେ ଯେଉଁ ଧାନ ହୁଏ, ତଦ୍ଦ୍ୱାରା ରାଜପରିବାରର ନୂଆଖିଆ ହୁଏ । ଅଦ୍ୟାବଧି ସେହି ରୀତି ଚଳିଆସୁଅଛି । ଜୟପୁରର ଜଣେ ରାଜା ନନ୍ଦପୁରସ୍ଥ କନକଦୁର୍ଗାଙ୍କ ପ୍ରସାଦ ବ୍ୟତୀତ ଅନ୍ୟ କିଛି ଆହାର କରୁ ନ ଥିଲେ । ସେଠାରୁ ଦେବୀଙ୍କର ପ୍ରସାଦ ପ୍ରତ୍ୟହ ଆସିଲେ ରାଜାଙ୍କର ଯୋଗଣ ବଢେ । ଥରେ ଝଡ଼ ବର୍ଷାର ଦୁର୍ଯୋଗରେ ପଥ ଘାଟ ବନ୍ଦ ହୋଇଯିବାରୁ କେତେ ଦିନଯାଏ ପ୍ରସାଦ ଆସିପାରିଲା ନାହିଁ । ରାଜା ନିରମ୍ବୁ ଉପବାସ ରହିଲେ । ଦିନେ ଦେବୀ ସ୍ୱପ୍ନରେ ରାଜାଙ୍କୁ ଆଦେଶ କଲେ ଆଉ ଏତେ କଷ୍ଟ ସହିବାର ଆବଶ୍ୟକତା ନାହିଁ, ମୋର ମୂର୍ତ୍ତି ଜୟପୁର ଗଡ଼ରେ ସ୍ଥାପନ କର, ମୁଁ ସେହିଠାରେ ତୁମ୍ଭର ଭକ୍ତିପୂଜା ଗ୍ରହଣ କରିବି । ତହୁଁ ରାଜା ଦେବୀଙ୍କ ଆଜ୍ଞା ଶିରୋଧାର୍ଯ୍ୟପୂର୍ବକ ସ୍ୱପ୍ନର ପ୍ରତିପାଳନ କଲେ । ନନ୍ଦପୁରରେ ସର୍ବେଶ୍ୱର ଶିବଙ୍କର ମନ୍ଦିର ଅଛି । ରାଜବଂଶର ଆଦିପୁରୁଷ ବିନାୟକ ଦେବ ପ୍ରଥମେ ସେହି ଦେଉଳରେ ଆସି ଆଶ୍ରୟ ନେଇଥିଲେ । ସେତେବେଳେ ନନ୍ଦପୁର ଶିଳବଂଶୀୟ ରାଜାଙ୍କର ରାଜଧାନୀ ଥିଲା । ବିସ୍ତୃତ ବିବରଣ ପରବର୍ତ୍ତୀ ପରିଚ୍ଛେଦର ରାଜବଂଶାବଳୀରେ ଲିଖିତ ହେବ । ନନ୍ଦପୁର ଅଞ୍ଚଳରେ ଜୈନ ଏବଂ ବୌଦ୍ଧମନ୍ଦିର ଓ ମୂର୍ତ୍ତି ଅନେକ ଅଛି । ବୋଧ ହୁଏ ସମୟରେ ସେ ଅଞ୍ଚଳ ଏହି ଦୁଇ ଧର୍ମର ଗୋଟାଏ ଉପକେନ୍ଦ୍ର ଥିଲା । ଇତିହାସର ଉପାଦାନ ନନ୍ଦପୁରରେ ମୂର୍ତ୍ତି ଧରି ରହିଅଛି । ସେଠାରେ "ଗଙ୍ଗେଇଶୁଣୀ" ନଦୀ ପ୍ରବାହିତ ହୁଏ । ପାର୍ବତ୍ୟ ଜାତି ଉଲ୍ଲଗ୍ନ ବନ୍ଦା ପରଜା ଏ ଅଞ୍ଚଳରେ ଅନେକ ଅଛନ୍ତି । ନନ୍ଦପୁରରେ ଉତ୍କୃଷ୍ଟ କମଳା ଲେମ୍ବୁ ଯଥେଷ୍ଟ ମିଳେ । ପାଡୁଆ ଏବଂ ନାରାୟଣପୁର ପାଟଣାରେ ମଧ୍ୟ ଭଲ କମଳା ଲେମ୍ବୁ ଉତ୍ପନ୍ନ ହୁଏ । ନନ୍ଦପୁର ଶୋଭା ମଦ୍ଧରପାସ୍ମୀର ବାଞ୍ଛନୀୟ ଉପାସନା ତୀର୍ଥ ଏବଂ ରାଜଧାନୀର ଉପଯୁକ୍ତ ସ୍ଥାନ । ସେଠାରେ ଶତ୍ରୁ ଆକ୍ରମଣ ପ୍ରତିହତ କରିବାର ପ୍ରାକୃତିକ ପ୍ରତିବନ୍ଧକ ଯଥେଷ୍ଟ ଅଛି । ବଂଶର ଆଦି ପୁରୁଷ ବିନାୟକ ଦେବଙ୍କଠାରୁ ଛ ପୁରୁଷ ପର୍ଯ୍ୟନ୍ତ ରାଜାମାନଙ୍କର ଗୋଟିଏ ଗୋଟିଏ ପୁତ୍ର ହେବାରୁ ସପ୍ତମ ରାଜା ବୀର ବିକ୍ରମଦେବ ସେଠାରୁ ଜୟପୁରକୁ ରାଜଧାନୀ ଉଠାଇଆଣିଥିଲେ । ବୀର ବିକ୍ରମଦେବ ୧୬୩୭ରୁ ୧୬୬୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ବୀର ବିକ୍ରମଦେବଙ୍କ ସମୟରେ ନନ୍ଦପୁରରୁ ଜୟପୁରକୁ ରାଜଧାନୀ ପରିବର୍ତ୍ତିତ ହୋଇଥିବାର ଭିଶାଖପଟ୍ଟଣ ଜିଲ୍ଲା ଗେଜେଟିୟରରେ ଲିଖିତ ହୋଇଅଛି । ପ୍ରାଚୀନ ଲେଖା ରାଜବଂଶାବଳୀ ସଙ୍ଗରେ ମଧ୍ୟ ତାହା ଠିକ୍ ମିଳୁଅଛି, ମାତ୍ର ଐତିହାସିକ ରାମଦାସ ପାନ୍ତୁଲୁଙ୍କ ମତରେ ଗେଜେଟିୟରରେ ବୀର ବିକ୍ରମଦେବଙ୍କର ଯେଉଁ ରାଜତ୍ୱ କାଳ ଉଲ୍ଲେଖ କରାଯାଇଅଛି, ତାହା ପ୍ରକୃତରେ ରାଜାଧିରାଜ କୃଷ୍ଣଦେବଙ୍କ ଅମଳ । ଏହି କୃଷ୍ଣଦେବଙ୍କ ଅମଳରେ ଜୟପୁର ରାଜ୍ୟର ବିପୁଳ ବିସ୍ତୃତି ଘଟିବା ଯୋଗୁ ରାଜଧାନୀ ନନ୍ଦପୁରରୁ ଜୟପୁରକୁ ଘୁଞ୍ଚିଆସିଲା । କାରଣ ଜୟପୁର ରାଜଧାନୀ ରାଜ୍ୟର ପ୍ରାୟ କେନ୍ଦ୍ରସ୍ଥଳରେ ଅବସ୍ଥିତ । ଏ ମତ ସେତେ ପ୍ରାମାଣିକ ବୋଧ ହୁଏ

ନାହିଁ । ରାଜଧାନୀ ରାଜ୍ୟର ଠିକ୍ କେନ୍ଦ୍ରସ୍ଥଳରେ ହେବ ବୋଲି କୌଣସି ଧରାବନ୍ଧା ନିୟମ ନାହିଁ । ସ୍ୱାସ୍ଥ୍ୟ, ଶତ୍ରୁ ଆକ୍ରମଣ ପ୍ରଭୃତି ନାନା ଅଦ୍ଧକୁ ଦୃଷ୍ଟି ଦେଇ ରାଜଧାନୀର ସ୍ଥାନ ନିର୍ବାଚନ କରିବାକୁ ହୁଏ । ସେହି ଦୃଷ୍ଟିରେ ନନ୍ଦପୁରଠାରୁ ଜୟପୁର ରାଜଧାନୀର ଅଧିକତର ଉପଯୁକ୍ତ । କୃଷ୍ଣ ଦେବ ବୀର ବିକ୍ରମଦେବଙ୍କ ପରବର୍ତ୍ତୀ ରାଜା । ସେ ୧୬୬୯ରୁ ୧୬୭୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜପଣ କରିଥିଲେ । କେଉଁ ପ୍ରମାଣ ବଳରେ ସେ ବୀର ବିକ୍ରମଙ୍କ ରାଜତ୍ୱକାଳକୁ କୃଷ୍ଣଦେବଙ୍କ ରାଜତ୍ୱକାଳ ବୋଲି ନିର୍ଦ୍ଦେଶ କରୁଅଛନ୍ତି । ତାହା ଅଜ୍ଞାତ ହେବୁ ସେ ସମ୍ବନ୍ଧରେ ଆଲୋଚନା କରିବାର ସୁବିଧା ହେଲା ନାହିଁ; ତଥାପି ତାହା ଐତିହାସିକମାନଙ୍କ ପ୍ରଣିଧାନର ବିଷୟ ହେବା ଉଚିତ । ଆଶା ହୁଏ, ତାହା ଶୀଘ୍ର ମୀମାଂସିତ ହୋଇପିବ ।

ଆଉ ଗୋଟିଏ ପ୍ରଧାନ ଦୃଶ୍ୟ ଗୁପ୍ତେଶ୍ୱର ଗୁହା । ଏହା "କୋଲାବ" ନଦୀ ତୀରରେ ଅବସ୍ଥିତ । ଗୁହା ମୁଖର ଓସାର ନ ଫୁଟ ନ ଇଞ୍ଚ, ଉଚ୍ଚତା ଆଠ ଫୁଟ । ଗୁହାଟି ପ୍ରାୟ ତ୍ରିକୋଣାକାର ଗୃହ ସ୍ୱରୂପ । ତାହାର ଉଚ୍ଚତା ୧୦ ଫୁଟ ଏବଂ ଦୀର୍ଘପ୍ରସ୍ଥ ପ୍ରାୟ ୪୦ ଫୁଟ । ଭିତରେ ଗୁପ୍ତେଶ୍ୱର ଶିବ ଅଧିଷ୍ଠିତ । ଏହା ଖୋଦିତ ମୂର୍ତ୍ତି ନୁହେଁ ଲିଙ୍ଗାକାରରେ ସ୍ୱାଭାବିକ ପ୍ରସ୍ତରଖଣ୍ଡ । ଜୟପୁରର ରାଜା ବିକ୍ରମଦେବଙ୍କ ରାଜତ୍ୱ କାଳରେ ଆବିଷ୍କୃତ । ପାଞ୍ଚଶ ଫୁଟ ଉଚ୍ଚ ପର୍ବତ ଉପରେ ଏହି ଗୁମ୍ଫା ଅବସ୍ଥିତ । ପର୍ବତ ତଳୁ ଗୁମ୍ଫା ପର୍ଯ୍ୟନ୍ତ ପାହାଚ ବନ୍ଧା ହୋଇଅଛି । ଏଠାରେ ରାମାୟଣବର୍ଣ୍ଣିତ ଅନେକ ଘଟଣା ଘଟିଥିବାର କିମ୍ବଦନ୍ତୀ ଅଛି । ଏଠାରେ ଅଦ୍ୟାବଧି ଶିବରାତ୍ରି ଯାତ୍ରା ମହାସମାରୋହରେ ହେଉଅଛି । ଗୁହା ଅଭ୍ୟନ୍ତର ଖଣ୍ଡେ ପ୍ରସ୍ତରରୁ ଅନବରତ ଟୋପା ଟୋପା ହୋଇ ପାଣି ଝରୁଅଛି । ତାକୁ କାମଧେନୁ ତନରୁ କ୍ଷୀର ଗଡ଼ୁଅଛି ବୋଲି ଲୋକେ କହନ୍ତି ଏବଂ ଅତି ପବିତ୍ର ଜ୍ଞାନ କରି ଭକ୍ତିରେ ତାହା ପାନ କରନ୍ତି । ସ୍ଥାନଟି ଯୋଗୀଋଷିମାନଙ୍କର ଲୋଭନୀୟ । ବୋଧ ହୁଏ ଏହା ଯୋଗାଶ୍ରମ ଥିଲା । ସେହି ପବିତ୍ରତା, ସେହି ପୁଲକବୋଳା ଶାନ୍ତି ଅଦ୍ୟାପି ସେଠାରେ ବିଦ୍ୟମାନ ରହିଅଛି ; ଏବଂ ତାହା ଦର୍ଶକକୁ ଅଜ୍ଞାତରେ ପ୍ରଭାବିତ କରୁଅଛି । ଏ ନିର୍ଜନ ସ୍ଥାନର ନିର୍ମଳ ପବିତ୍ର ବାୟୁ ନରପ୍ରାଣରେ ଶୁଦ୍ଧ ସାତ୍ତ୍ୱିକ ଭାବ ଉଦ୍ରେକ କରିଦିଏ । ମନୁଷ୍ୟ ଏଠାରେ ବସିଲେ ସଂସାରକୁ ଏକାବେଳକେ ଭୁଲିଯାଏ । ଏ ସ୍ଥାନର ବନ୍ୟ ବିହଙ୍ଗମମାନେ ସୁଦ୍ଧା ଉତ୍ଫୁଲ୍ଲିତ । ମଧୁର କୂଜନ ଛଳରେ ସେମାନେ ଆଗନ୍ତୁକକୁ ଅଭ୍ୟର୍ଥନା କରନ୍ତି । କୁଳୁ କୁଳୁ ଶବ୍ଦରେ ନଦୀ ସ୍ୱାଗତସମ୍ଭାଷଣ କରେ । ଶୀତଳ ପ୍ରସ୍ତରଖଣ୍ଡ ସୁଖାସ୍ତରଣ ରୂପେ କ୍ଲାନ୍ତି ଅପନୋଦନ କରେ । ଯେପରି ଶିବଙ୍କ ସହବାସରେ ସମସ୍ତେ ଶିବତ୍ୱ ପ୍ରାପ୍ତ ହୋଇଅଛନ୍ତି । ଶିବଙ୍କର ମହିମା ଦୂର ଦୂରାନ୍ତରରେ ଘୋଷିତ ହୁଏ । ବିପଦ କାଳରେ ସମସ୍ତେ ତାଙ୍କର ଶରଣାପନ୍ନ ହୁଅନ୍ତି । ଶଙ୍କର ନିଜର ଦୁର୍ଲ୍ଲଭ ଦେବତ୍ୱରେ ଲୋକଙ୍କର ଭକ୍ତି ଏବଂ ବିଶ୍ୱାସ ଆକର୍ଷଣ କରନ୍ତି । ଶିବଙ୍କୁ ଆଶ୍ରୟ କରି ଅନେକ ଅସାଧ୍ୟ-ରୋଗଗ୍ରସ୍ତ ବ୍ୟକ୍ତି ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିବାର ଜନଶ୍ରୁତି ଅଛି । ଦେବତା ବିଶ୍ୱାସ କେହି କରୁ ବା ନ କରୁ; ମାତ୍ର ମନୁଷ୍ୟ କୃତ ବିଶ୍ୱାସ ଦେବତ୍ୱ ପ୍ରାପ୍ତହୋଇ ଅଭୀଷ୍ଟ ଫଳ ପ୍ରଦାନ କରେ, ଏହା ସ୍ୱତଃସିଦ୍ଧ ସତ୍ୟ । ଭକ୍ତପ୍ରବର ବାଳକ ଶିଶୁ ଧ୍ରୁବର ଅଖଣ୍ଡ ବିଶ୍ୱାସ ତାକୁ ହରି ରୂପରେ ଦେଖାଦେଇ ଚତୁର୍ବର୍ଗ ପ୍ରଦାନ କରିଥିଲା । ସାଧକମଣି ପ୍ରହ୍ଲାଦର ଦୃଢ ବିଶ୍ୱାସ ନରସିଂହ ରୂପରେ ସ୍ତମ୍ଭ ବିଦାରି ପିତୃ ଦୌରାତ୍ମ୍ୟରୁ ତାକୁ ଉଦ୍ଧାର କରିଥିଲା । ଏହା ଅପେକ୍ଷା ବିଶ୍ୱାସର ଶୁଭ ଦୃଷ୍ଟାନ୍ତ ଆଉ କଅଣ ହୋଇପାରେ ? ଏଠାରୁ ନ ମାଇଲ ଦୂରରେ ରାମଗିରି ପର୍ବତ । ଏହାକୁ ପଣ୍ଡିତମାନେ କାଳିଦାସ ବିରଚିତ ପ୍ରସିଦ୍ଧ ମେଘଦୂତ କାବ୍ୟର ରାମଗିରି ବୋଲି ନିର୍ଦ୍ଦେଶ କରନ୍ତି । ଏହାର ପାଦଦେଶରେ ସ୍ୱଚ୍ଛନୀରା ଶବରୀ ନଦୀ ପ୍ରବାହିତା । ଏହିଠାରୁ ପତ୍ନୀ ନିର୍ବାସନ ଦଣ୍ଡପ୍ରାପ୍ତ ବିରହୀ ଯକ୍ଷ "ଆଷାଢସ୍ୟ ପ୍ରଥମଦିବସେ" ମେଘକୁ ଦୂତପଦରେ ବରଣ କରି ପ୍ରିୟା ନିକଟକୁ ଯକ୍ଷପୁରକୁ ପଠାଇଥିଲା ।

ଜୟପୁରର ଧର୍ମଶାଳା ଗୋଟିଏ ଛୋଟ ରାଜବାଟୀ ପରି ଦିଶେ । ସାଜସଜ୍ଜା ରାଜୋଚିତ । ଅତିଥିମାନଙ୍କ ସୁଖ ବିଶ୍ରାମର ଭଲ ବ୍ୟବସ୍ଥା ଅଛି । ସମ୍ମୁଖରେ ଫୁଲ

ବସିଛି । ଅଧିକାଂଶ ଗଛ ଗୋଲାପ । ଫୁଲଗୁଡିକ ଅନେକ ବାଳିକା ପରି ଖେଳି କୌତୁକରେ ପରସ୍ପର ଉପରେ ଢଳିପଡି ମଧୁର ହାସ୍ୟରେ ଜଗ ଉଜ୍ଜ୍ୱଳ କରି ବସିଅଛନ୍ତି । ବେଳେ ବେଳେ ସମୀରଣ ଆସି ସେବକ ପରି ସେମାନଙ୍କୁ ପୁଷ୍ପ ଦୋଳିରେ ଝୁଲାଇ ଦେଇଯାଉଅଛି । ବାଳିକାଗୁଡିକ ହସି ହସି ଥରି ଉଠୁଅଛନ୍ତି । ପାଖୁଡ଼ାଞ୍ଚଳରେ ସେ ହାସ୍ୟରୁ ସୌନ୍ଦର୍ଯ୍ୟ ଝୁଲିପଡ଼ୁଅଛି । ସେହି ଫୁଲସୁନ୍ଦରୀଗୁଡିକ ଆଗନ୍ତୁକଙ୍କୁ ପ୍ରଥମେ ଅଭ୍ୟର୍ଥନା କରନ୍ତି । ପ୍ରଶ୍ୱାସ ସୌରଭର ବନ୍ୟା ଖେଳାଇ ଦେଇ ଆଗନ୍ତୁକର କ୍ଲାନ୍ତି, ବିଷାଦ ଧୋଇଦିଅନ୍ତି । ଏହି ଧର୍ମଶାଳା ପ୍ରତିଷ୍ଠାତା ମହାରାଜ ବିକ୍ରମଦେବ, କେ. ସି.ଆଇ. ଇ.ଙ୍କ ଅମଳରେ ନିର୍ମିତ । ମହାରାଜଙ୍କ ଗୃହଶିକ୍ଷକ ମହାମତି ମାର୍ସ ସାହେବଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହା ସ୍ଥାପିତ ହୋଇଅଛି । ମହାରାଜ ତାଙ୍କୁ ଅତ୍ୟନ୍ତ ଭକ୍ତି ଓ ସମ୍ମାନ କରୁଥିଲେ । ଭୂତପୂର୍ବ ମାନ୍ଦ୍ରାଜ ଲାଟ ଲର୍ଡ ପେଣ୍ଟଲାଣ୍ଡ ଏହି ପାନ୍ଥନିବାସର ଦ୍ୱାରୋଦ୍‌ଘାଟନ କଲାବେଳେ ମହାରାଜ ସ୍ୱୀୟ ଶିକ୍ଷାଗୁରୁଙ୍କ ସମ୍ବନ୍ଧରେ କହିଥିଲେ—"ସେ ପିତା ପରି ମୋର ଯତ୍ନ ନେଉଥିଲେ । ସେ ବଡ଼ ଜନପ୍ରିୟ ଥିଲେ । ଗୁରୁସାହେବ ନାମରେ ସେ ପ୍ରତ୍ୟେକ ଜୟପୁରବାସୀଙ୍କ ନିକଟରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ମୁଁ ଅତି ମର୍ମାହତ ହୋଇପଡିଥିଲି । ମୋର ପିତାଙ୍କ ମୃତ୍ୟୁ ପରେ ଆଉ ଏତେ ବଡ଼ କଷ୍ଟ ମୁଁ ଭୋଗ କରି ନଥିଲି । ଏହି ପାନ୍ଥନିବାସ ସ୍ଥାପନ କରିବାରେ ମୋର ଏହି ଉଦ୍ଦେଶ୍ୟ ନିହିତ ଅଛି ଯେ, ପ୍ରତ୍ୟେକ କ୍ଲାନ୍ତ ପଥିକ ଏଠାରେ ବିଶ୍ରାମ ନେଲାବେଳେ ତାଙ୍କୁ ମନେ ପକାଇବେ ଏବଂ ଆଶୀର୍ବାଦ କରିବେ ।"

ମହାରାଜାଙ୍କର ଏହି ଉକ୍ତି ତାଙ୍କ ଅଗାଧ ଗୁରୁଭକ୍ତିର ପରିଚାୟକ ଏବଂ ଆଦର୍ଶ ସ୍ଥାନୀୟ । ଶିଷ୍ୟ ହୃଦୟରୁ ଏରୂପ ଅନାବିଳ ଭକ୍ତି ଆକର୍ଷଣ କରିବା ଭଳି ସଦ୍‌ଗୁରୁ ସାଧାରଣରେ ଅତି ଅଳ୍ପ ଦେଖାଯାନ୍ତି । ମହାରାଜଙ୍କର ଏହି ବ୍ୟଥାଶ୍ରୁତର୍ପଣକୁ ଗୁରୁଦେବ ତୀର୍ଥବାରି ଭଳି ଆଗ୍ରହରେ ଗ୍ରହଣ କରିଥିବେ । ପରଲୋକରେ ତାହା ତାଙ୍କର ଦୁର୍ଲଭ ଆନନ୍ଦର କାରଣ ହୋଇଥିବ । ଉପଯୁକ୍ତ ଶିଷ୍ୟ ଉପଯୁକ୍ତ ଗୁରୁଙ୍କର ଉପଯୁକ୍ତ ସ୍ମୃତିରକ୍ଷା କରି ଧନ୍ୟ ହୋଇଅଛନ୍ତି । ଗୁରୁଶିଷ୍ୟର ପିତାପୁତ୍ର ସମ୍ବନ୍ଧ ଏହିପରି ଆନ୍ତରିକତାଦ୍ୱାରା ସାର୍ଥକ ହୁଏ । "ପିତାଙ୍କ ମୃତ୍ୟୁପରେ ଆଉ ଏତେ ବଡ଼ କଷ୍ଟ ମୁଁ ଭୋଗ କରି ନ ଥିଲି ।" ରାଜଶିଷ୍ୟଙ୍କର ଏହି କଥାପଦକ ଗୁରୁପ୍ରୀତିର ଚୂଡ଼ାନ୍ତ ସୀମା ସ୍ପର୍ଶ କରିଅଛି ।

ଅଶାନ୍ତ ଆବାସ ପାୱାର ହାଉସ ବିଜୁଳିଗୁଣ୍ଡା ପରି ସବୁବେଳେ ମୁଖର । ଘର୍ ଘର୍, ଠକ୍ ଠକ୍, ଧୁସ୍ ଧୁସ୍ ଧ୍ୱନି କର୍ଣ୍ଣରେ ବିକଳ ଶବ୍ଦ କରେ । ସେଠାରେ ବିଜ୍ଞାନର ଲୀଳା, ଅଜ୍ଞାନ ପାଇଁ ଠାବ ନାହିଁ । ଯନ୍ତ୍ର ସାହାଯ୍ୟରେ ତଡ଼ିତ୍ ପ୍ରସ୍ତୁତ ହୋଇ ସହରଆଡ଼କୁ ବୈଦ୍ୟୁତିକ ତାରଦ୍ୱାରା ପ୍ରେରିତ ହୁଏ । ଆଲୋକରାଣୀ ସୌଦାମିନୀ ମୁହୂର୍ତ୍ତକ ମଧ୍ୟରେ ପଥ, ଘାଟ, ଗୃହ, ପ୍ରାଙ୍ଗଣ ଆଲୋକମୟ କରିଦିଏ । ଶକ୍ତିଗୃହଟି ଚତମଙ୍କ ପଥର କମ୍ବା ମସ୍ତିଷ୍କର ଉଦର ପରି ବାହାରେ ଶୀତଳ, ମାତ୍ର ଭିତରେ ଅଗ୍ନିଗର୍ଭ । ସେହି ଐନ୍ଦ୍ରଜାଲିକ ପୁରରେ ଚକ୍ଷୁବନ୍ଦନ ବିଦ୍ୟାବିଶାରଦ କେତେ ଜଣ କର୍ମଗୁରୁ ଅଛନ୍ତି । ପ୍ରତ୍ୟେକର ଏକାଧିକ ସହକର୍ମୀ ଅଛନ୍ତି । ସେଥି ମଧ୍ୟରୁ ଅଧିକାଂଶ ବିଦେଶୀ । ଗୋଦାବରୀ ଜିଲ୍ଲାବାସୀ ଜଣେ ମୁସଲମାନ କର୍ମଗୁରୁର ଦକ୍ଷତା ଅତି ଚମତ୍କାର । ଓ୍ୱାରଲେସ୍ ବା ବେତାରଯନ୍ତ୍ର ଏହିଠାରେ ଅଛି । ବର୍ତ୍ତମାନ ତାହା ଅଚଳ ।

ଜୟପୁରର ପ୍ରଧାନ ପର୍ବ ଦଶହରା; ତାହା ଅତି ସମାରୋହରେ ପାଳିତ ହୁଏ । ପର୍ବଟି ଦୁଇ ଭାଗରେ ବିଭକ୍ତ—ବଡ଼ ଉପନ ଏବଂ ସାନ ଉପନ । ଉପନର ଅର୍ଥ ଉତ୍ସବ । ଉତ୍ସବର ଚତୁର୍ଦ୍ଦଶ ଦିନ ବଡ଼ ଉପନ ଏବଂ ଷୋଡ଼ଶ ଦିନ ସାନ ଉପନ ଆଖ୍ୟାରେ ଅଭିହିତ ହୁଏ । କନକଦୁର୍ଗାଙ୍କର ପୂଜା ଦଶହରା ଷୋଳ ଦିନ ଯାଏ ଲାଗିଥାଏ । ପୂର୍ବେ ଦେବୀଙ୍କ ନିକଟରେ ନରବଳି ପଡ଼ୁଥିଲା, ତାହାକୁ ମେରିଆ କହୁଥିଲେ । ଆଜି ପର୍ଯ୍ୟନ୍ତ ପଶୁବଳି ପୂର୍ବରୁ ଦେବୀଙ୍କୁ ପୁଷ୍ପବେଶରେ ସଜ୍ଜିତ କରାଯାଏ, ତାହାକୁ ମେରିଆ ପୁଷ୍ପ କହନ୍ତି । ପର୍ବର ଚତୁର୍ଦ୍ଦଶ ଦିନ ମହାରାଜଙ୍କର ଦରବାର ହୁଏ । ଏହି ଦିନକୁ ବଡ଼ ଉପନ କହନ୍ତି । ଅଠର ଦିନରେ ପଟୁଆର ହୁଏ । କନକ

ଦୁର୍ଗାଙ୍କର ବଡେ଼ ପ୍ରତିମା ବିପୁଳ ଆଡ଼ମ୍ବରରେ ବିଜେ ହୁଅନ୍ତି । ତାଙ୍କ ସମ୍ମୁଖରେ ବସ୍ତରରୁ ଆନୀତ ପ୍ରକାଣ୍ଡ ଶ୍ୱେତ ପତାକା ଗୁଳେ । ବିଜେ ପ୍ରତିମା ସହସ୍ରପଟ୍ଟାଂଭ୍ୟନ୍ତରେ ଦରବାର ହଲକୁ ବିଜେ କରନ୍ତି । ତହୁଁ ପରେ ମହାରାଜ ହସ୍ତିପୃଷ୍ଠରେ ବିଜେକରନ୍ତି । ତାଙ୍କ ପଛରେ ପ୍ରଧାନ ପ୍ରଧାନ କର୍ମଚାରୀମାନେ ହାତୀରେ ବସି ଯାଆନ୍ତି । ଗଡ଼ର ଉତ୍ତର ପଟରେ ଦଶହରା ପଦା ନିରୂପିତ ଅଛି । ସମସ୍ତେ ବିରାଟ ପଟୁଆର ସହ ସେହିଠାରେ ଯାଇ ରୁଣ୍ଡହୁଅନ୍ତି । ମହାରାଜ ଦେବୀଙ୍କ ଉପାସନା କଲା ପରେ ଗୋଟାଏ ଲମ୍ବା ବାଉଁଶ ପୋତା ହୁଏ । ତାହା ଉପରେ ଗୋଟାଏ ବାଇଗଣ ରଖି ତାକୁ ବାଣ ମରାହୁଏ । ଏହା ବ୍ୟତୀତ ବସନ୍ତ ନବରାତ୍ର ଉତ୍ସବ ମଧ୍ୟ ଜୟପୁରରେ ଅତି ଜାକଜମକରେ ପାଳିତ ହୁଏ ।

ବସ୍ତରରୁ ଆନୀତ ଧଳାପତାକାର ଇତିହାସ ଏହି ଯେ, ବସ୍ତରର ରାଜା ଦରିୟାଲ ସିଂହ ଦେବ ଏବଂ ତାଙ୍କ ଭାଇ ଦଳଗଞ୍ଜନ ସିଂହ ଲାଲଙ୍କ ମଧ୍ୟରେ ମନାନ୍ତର ଘଟିଲା । ଦଳଗଞ୍ଜନ ବିଦ୍ରୋହୀ ହୋଇ ରାଜ୍ୟରେ ମେଳି ଜାତକଲେ । ରାଜା ସେଠାରେ ରହିବା ନିରାପଦ ନ ମଣି ନନ୍ଦପୁର ଆସି ତାତ୍କାଳିକ ରାଜା ପ୍ରଥମ ବିକ୍ରମ ଦେବଙ୍କ ସାହାଯ୍ୟପ୍ରାର୍ଥୀ ହେଲେ । ତହୁଁ ନନ୍ଦପୁରର ରାଜା ସସୈନ୍ୟ ବସ୍ତର ଅଭିମୁଖରେ ଅଭିଯାନ କରି ବିଦ୍ରୋହ ଦମନ ପୂର୍ବକ ବସ୍ତର ରାଜାଙ୍କୁ ରାଜ୍ୟରେ ପ୍ରତିଷ୍ଠିତ କଲେ । ବସ୍ତର ରାଜା ଦରିୟାଲ ସିଂହ ଦେବ ବନ୍ଧୁପ୍ରୀତି ଏବଂ କୃତଜ୍ଞତାର ନିଦର୍ଶନ ସ୍ୱରୂପ ୧୭୭୭-୭୮ ସାଲରେ କୋଟପାଡ଼ ପ୍ରଗଣା ବିକ୍ରମଦେବଙ୍କୁ ପ୍ରଦାନ କଲେ । ସେହି ସମୟରେ ବସ୍ତରର ବିରାଟ ପତାକା ଜୟପୁରକୁ ଆନୀତ ହୋଇଥିଲା । ବୋଧହୁଏ ନନ୍ଦପୁର ସୈନ୍ୟ ବସ୍ତରର ମେଳିଆମାନଙ୍କଠାରୁ ତାହା ଛଡ଼ାଇ ଆଣିଥିଲେ । ସେହି ପତାକା ଦଶହରା ଉତ୍ସବକୁ ଯିବା ସମୟରେ ଜୟପୁରର ସୁବିଖଣ୍ଡି ଗ୍ରାମର ଲୋକେ ତାକୁ ଜଗିରହନ୍ତି । ସେଥିପାଇଁ ସେମାନେ ଜାଗୀର ଭୋଗକରନ୍ତି ।

ଜୟପୁର ରାଜ୍ୟର ଅନେକ ସ୍ଥାନରେ ସାମୟିକ ମେଳା ଓ ଯାତ୍ରା ହୁଏ । ତାହା ଗୋଟିଏ ଗୋଟିଏ କ୍ଷୁଦ୍ର ପ୍ରଦର୍ଶନୀ । ତଦ୍ୱାରା ଅନ୍ତର୍ବାଣିଜ୍ୟ କୁଟୀରଶିଳ୍ପ ପ୍ରଭୃତିର ସୁବିଧା ହୁଏ । ଭାଗବତ ସପ୍ତା, ହରିନାମ ପ୍ରଭୃତି ଅନେକତ୍ର ହେବାର ଦେଖାଯାଏ । ସପ୍ତାରେ ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଓଡ଼ିଆ ଭାଗବତ ପାଠହୁଏ । ଜୟପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ମଧ୍ୟ ନିଜର ଜାତୀୟତା ହରାଇ ନାହିଁ । "ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର" ଓଡ଼ିଆ କବିଙ୍କର ଏ ଉକ୍ତି ସାର୍ଥକ । ଜୟପୁର ଓଡ଼ିଶାର ଏବଂ ଓଡ଼ିଶା ଜୟପୁରର । ଶତଶତ ବର୍ଷବ୍ୟାପୀ ବହିର୍ଜାତୀୟ ପ୍ରବଳ ପ୍ରଭାବ ଏବଂ ଶାସନଗତ ବିଚ୍ଛେଦ ସତ୍ତ୍ୱ ମଧ୍ୟ ସେ ତାହାର ନିଜତ୍ୱ, ମହତ୍ତ୍ୱ ରକ୍ଷାକରି ଆସିଅଛି—ଏହା ହିଁ ଜୟପୁରର ବିଶେଷତ୍ୱ । ସେଠାରେ ଓଡ଼ିଆ ଶାସ୍ତ୍ରପୁରାଣ ମାନ୍ୟ ଭାବରେ ପୂଜିତ ଏବଂ ପଠିତ ହୁଏ । ଓଡ଼ିଆ ଅକ୍ଷରରେ ଜନ୍ମପତ୍ରିକା ଲିଖିତ ହୁଏ । ସେଥିରେ ପୁରୀ ଗଜପତି ରାଜାଙ୍କର ଅଙ୍କ ବସେ । ଓଡ଼ିଶାର ଓଷା, ବାର, ପର୍ବ ଜୟପୁରରେ ଚଳେ । ଏତେ ସାମ୍ୟ ଏତେ ପ୍ରମାଣ ଥାଇ ମଧ୍ୟ ଆନ୍ଧ୍ରମାନେ ଜୟପୁରକୁ ଓଡ଼ିଆ ରାଜ୍ୟ କହିବାକୁ କୁଣ୍ଠିତ । ଏହା ସ୍ୱାର୍ଥର ଉତ୍କଟ ଦୃଷ୍ଟାନ୍ତ ନୁହେଁ କି ? ଜଣେ ଆନ୍ଧ୍ର ଭ୍ରାତାଙ୍କର ବିଚିତ୍ର ଯୁକ୍ତି ଶୁଣିଲେ ହାସ୍ୟ ସମ୍ବରଣ କରି ହୁଏ ନାହିଁ । ସେ କହନ୍ତି—'ଜୟପୁରର ଓଡ଼ିଆମାନେ "କଅଣ"ନ କହି "କିସ" ବୋଲି କହନ୍ତି । କିସ ଓଡ଼ିଆ ଶବ୍ଦ ନୁହେଁ, ବଙ୍ଗଳା ଶବ୍ଦ । କେହି କେହି କହନ୍ତି— ଜୟପୁର ଦ୍ରାବିଡ଼ ରାଜ୍ୟ; ମାତ୍ର ଏ ଅଦ୍ଭୁତ ଭାଷା ତତ୍ତ୍ୱବିତ୍ତି ତାଙ୍କୁ ଟପି ବଙ୍ଗଳା ପ୍ରତି ସୁପ୍ରସନ୍ନ ହେଲେଣି । ତାଙ୍କର ଏ ଯୁକ୍ତିକୁ ପଟାନ୍ତର ନାହିଁ । ବଙ୍ଗଭାଷାରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା ପରି ମଧ୍ୟ ବୋଧ ହୁଏ । ବଙ୍ଗ ଭାଷାରେ "କିସେ" ଶବ୍ଦକୁ ବୋଧହୁଏ ସେ "କିସ" ବୋଲି ଭାବିଥିବେ । ଏ ଅପୂର୍ବ ପାଣ୍ଡିତ୍ୟ ହାସ୍ୟ-ରସର ଗୋଟାଏ ମୂଲ୍ୟବାନ୍ ଉପାଦାନ । କିସେ ଅର୍ଥ କଅଣ ନୁହେଁ—କାହିଁରେ । କିମ୍ ଶବ୍ଦରୁ କିସ ହୁଏ, ତାହା ସଂସ୍କୃତଜ ଶବ୍ଦ । ଭାଗ୍ୟେ ଆମ ଡାଲିଭାତକୁ ଆନ୍ଧ୍ର ପଣ୍ଡିତ ବଙ୍ଗଳା ସାମିଲ କରିନାହାନ୍ତି—ଏତକ ଓଡ଼ିଶାର କଠୋର ତପସ୍ୟାର ଫଳ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ କିସ ଶବ୍ଦ ଅପ୍ରଚୁର ନୁହେଁ । ଆନ୍ଧ୍ରଭ୍ରାତାଙ୍କ

କପୋଳକଳ୍ପିତ ମତ ଶୁଣି ଏତିକି କହିଲେ ଯଥେଷ୍ଟ ହେବ ଯେ—"ଜସ ପୁଣି ଦେଖା ନ ଯାଇ ଯେବେ ଥାଇ ଗାବରେ, ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ । ଏହିପରି ଅଖାଡ଼ୁଆ ବିତଣ୍ଡା ଯୁକ୍ତିବଳରେ ବିଦେଶୀ ସରକାରଙ୍କୁ ଠକିବାକୁ ପ୍ରୟାସ କରିବା କମ୍ ବାହାଦୁରୀ ନୁହେଁ । ଗୋଟିଏ ମାତ୍ର ଶବ୍ଦରୁ ଗୋଟିଏ ପ୍ରାଚୀନ ମହାଭାଷାର ମୌଳିକ ତତ୍ତ୍ୱ ବୁଝିନେବା ଏବଂ ତାହାର ପ୍ରାଣ, ଆତ୍ମା ଚିହ୍ନିନେବା ବାସ୍ତବରେ ବିଚକ୍ଷଣ ବୁଦ୍ଧିର ପରିଚାୟକ । ଏହିପରି କେତେକ ସ୍ୱତଃସିଦ୍ଧ ସୃଷ୍ଟି କଲେ ଉକ୍ଲିଡ଼ଙ୍କ ଜ୍ୟାମିତିର କଳେବର ପୁଷ୍ଟ ହୋଇଉଠନ୍ତା । ଏକଥା ଏତିକି ଥାଉ, ତର୍କ କୁଠାରେ କିଛି ଫଳ ନାହିଁ ।

ଜୟପୁର ରାଜ୍ୟ ମଧ୍ୟରେ ଜୟପୁର ଏବଂ ନବରଙ୍ଗପୁର ଅଞ୍ଚଳରେ କୃଷିଯୋଗ୍ୟ ଉର୍ବର ଭୂମି ବିଶେଷ ପରିମାଣରେ ଅଛି । ସେଥିରେ ଜହ୍ନା, ସଉପ, ଦୋହରା, ସୋରିଷ, ରାଗି, ରବିଫସଲ, ଧାନ, ମାଣ୍ଡିଆ, ଜନା, ସୁଆଁ, କୋଦୁଅ, ଝୋଟ, ତୂଳା ପ୍ରଭୃତି ନାନା ପ୍ରକାର ଶସ୍ୟ ପ୍ରଚୁର ପରିମାଣରେ ଫଳେ । ଜୟପୁରରେ ବିଲାତି ଆଳୁର ଚାଷ ହୁଏ । ତାହା ମାନ୍ଦ୍ରାଜୀ ଆଳୁ ପରି ଶ୍ରେଷ୍ଠ; ମାତ୍ର ଶସ୍ତା । ପର୍ବତମାନଙ୍କରେ ବୋବେଇ ତୃଣ ଅପର୍ଯ୍ୟାପ୍ତ ଜାତହୁଏ । ସେଥିରେ କାଗଜ ପ୍ରସ୍ତୁତ ହୋଇପାରେ । ମୁର୍ଗୀ ସୂତାର ମଧ୍ୟ ଅଭାବ ନାହିଁ । ବନ୍ୟସମ୍ପଦ ଯେ କେତେ ଅଛି, ତାହାର କଳନା ନାହିଁ । ଖଣିଜ ସମ୍ପଦର ମଧ୍ୟ ସୀମା ନାହିଁ । ଜୟପୁରରେ ବଡ଼ ବଡ଼ କାରଖାନା ଅନେକ ଚାଲିପାରେ ।

ଜୟପୁର ବାସ୍ତବରେ ସ୍ୱର୍ଣ୍ଣପ୍ରସୂ ରାଜ୍ୟ । ମାଲକାନଗିରି ତାଲୁକାସ୍ଥ ସିଲେର, ପାଲେର ନଦୀରୁ ସ୍ୱର୍ଣ୍ଣରେଣୁ ସଂଗୃହୀତ ହୁଏ । ସେ ସୁନା କେଉଁଠାରୁ ଆସି ନଦୀ ବାଲୁକାରେ ମିଶିଥାଏ, ତାହା ଜାଣିବାର ଉପାୟ ନାହିଁ । ଜଣେ ଲୋକ ଦିନରେ ଯେତିକି ସୁନା ସଂଗ୍ରହ କରେ ତାହାର ମୂଲ୍ୟ ଦୈନିକ ମଜୁରି ସଙ୍ଗରେ ପ୍ରାୟ ସମାନ । ସ୍ୱର୍ଣ୍ଣରେଣୁଗୁଡ଼ିକ ଖାଣ୍ଟି ଏବଂ କାନ୍ତିମାନ । ବୋଧହୁଏ କୌଣସି ଅଜ୍ଞାତ ଅଗମ୍ୟ ସ୍ଥାନରେ ସ୍ୱର୍ଣ୍ଣଖଣି ଅଛି । ସେହି ବାଟେ ନଦୀ ବୋହି ଆସି ସ୍ୱର୍ଣ୍ଣରେଣୁ ଭସାଇ ଆଣୁଅଛି । ଯାହା ହେଉ, ଦିନେ ତାହା ନିଶ୍ଚେ ଆବିଷ୍କୃତ ହେବ । ବିଜ୍ଞାନର ଅଜ୍ଞାତ କିଛି ନାହିଁ । ବିଜ୍ଞାନ ଗୋଟିଏ ଅଦ୍ଭୁତ ଖଣ୍ଡା । ଧରଣୀ ରାଣୀ ତାହାର ଅନନ୍ତ ସୁରୁଣା ଗନ୍ତାଘରରେ ଯେଉଁଠାରେ ଯେଉଁ ରତ୍ନ ପ୍ରଚ୍ଛନ୍ନରେ ସାଇତି ରଖିଅଛି, ଏ ଅଦ୍ଭୁତ ଖଣ୍ଡା ଅଦ୍ଭୁତ କୌଶଳରେ ତାହା ସନ୍ଧାନ କରି ଲୁଟି ନେଉଅଛି ।

ନବରଙ୍ଗପୁର ଅନ୍ୟତମ ପ୍ରସିଦ୍ଧ ନଗର । ସେଠାରେ ନାଗରିକଜୀବନର ଉପକରଣମାନ ଅଛି । ଅଧିକନ୍ତୁ ସେଠାରେ ଓଡ଼ିଆ ରଙ୍ଗମଞ୍ଚ ଅଛି । ସେଥିରେ ଓଡ଼ିଆ ନାଟକ ଅଭିନୀତ ହୁଏ । ଅଭିନୟ ଚିତ୍ତାକର୍ଷକ ବୋଲି ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ମୁଖରୁ ଶୁଣାଯାଏ । ଏହି ରଙ୍ଗମଞ୍ଚ ହେତୁ ସେ ଅଞ୍ଚଳର ଓଡ଼ିଆଭାଷା କ୍ରମଶଃ ମାର୍ଜିତ ହୋଇ ଆସୁଅଛି । କୋଟପାଡ଼ରେ ମଧ୍ୟ ରଙ୍ଗାଳୟ ଅଛି । କେତେ ଜଣ ଦେଶପ୍ରାଣ ଶିକ୍ଷିତ ଓଡ଼ିଆ ମାତୃସମା ମାତୃଭାଷାର ପରିପୁଷ୍ଟିରେ ଦେହପ୍ରାଣ ସମର୍ପଣ କରିଅଛନ୍ତି । ନବରଙ୍ଗପୁରର କାରୁଶିଳ୍ପ ଉତ୍କଳବିଖ୍ୟାତ । ହାର, ତଡ଼ିର, ପେଣ୍ଡ, ଶଙ୍ଖା, ବାଣ୍ଡିର ଦୃଶ୍ୟ ଲୋଭନୀୟ । ତାହାର ସବୁ କୁଟିକାମ ଦେଖି ଆବଶ୍ୟକ ନଥିଲେ ସୁଦ୍ଧା କିଣିବାକୁ ମନ ବାଧ୍ୟ କରେ । ଗୁମରରେ ବିଶେଷତ୍ୱ ଅଛି । କାଉ ସ୍ୱଭାବତଃ ଭଙ୍ଗପ୍ରବଣ; ମାତ୍ର ଏ କାଉ ତଡ଼ିର ସାଧାରଣ ତଡ଼ିର ପରି ଅନୋଳିତ ହେଲେ ସୁଦ୍ଧା ଭାଙ୍ଗେ ନାହିଁ । ଶିଳ୍ପକଳାର ନବରଙ୍ଗ ହେତୁ ନବରଙ୍ଗପୁର ନାମ ସାର୍ଥକ ହୋଇଅଛି । ଏ ଶିଳ୍ପଗୁଡ଼ିକ ବେଲଗୁଣ୍ଠାର ପିତଳ ମାଛ ପରି ବିଦେଶକୁ ଗଲେ ସେଠାରେ ଉଚ୍ଚମୂଲ୍ୟରେ ବିକ୍ରୟ ହୋଇ ପାରନ୍ତା । ତଦ୍ଦ୍ୱାରା ଉତ୍କଳର ଶିଳ୍ପ ପ୍ରତିଷ୍ଠା ମଧ୍ୟ ଘୋଷିତ ହୁଅନ୍ତା । ନବରଙ୍ଗପୁରସ୍ଥ ପୁଜାରିପୁଟଡ଼ାର ଲୌହ ଶିଳ୍ପ ଯେ କୌଣସି ଦେଶ ପକ୍ଷରେ ପ୍ରଶଂସାର୍ହ । ଟାଙ୍ଗିଆ, କୁସି, ଦେଶୀ ବନ୍ଧୁକ ପ୍ରଭୃତି କଳ ତିଆରି ପରି ବୋଧହୁଏ । ଏହିପରି ଜୟପୁରର ଅନେକ ସ୍ଥାନରେ ଅନେକ ଉତ୍କୃଷ୍ଟ ଶିଳ୍ପ ପ୍ରସ୍ତୁତ ହୁଏ ।

ବଂଶଧାରା, ନାଗାବଳୀ, ଇନ୍ଦ୍ରାବତୀ, ତେଲ, କୋଲାବ ଜୟପୁରର ପ୍ରଧାନ ନଦୀ । ଅନାମିତ,ସନାମିତ

ନାଲ, ସୋର କେତେ ଅଛି, ତାହାର ସଂଖ୍ୟା ନାହିଁ । ଏ ସମସ୍ତ ନଦୀ ବନପର୍ବତରୁ ବାହାରି ଯାଉ ଅଣି ସମ ଭୂମିରେ ଡାଳ ଦେଉଅଛନ୍ତି । ସେହି ହେତୁ ମୃତ୍ତିକାର ଶକ୍ତି ବଢିଉଠୁଅଛି । ନଦୀଗୁଡିକ ଜୟପୁର ରାଜ୍ୟରେ ପ୍ରକୃତି ଦେବୀଙ୍କର ଆଶୀର୍ବାଦଧାରା । ଇନ୍ଦ୍ରାବତୀର ଦୃଶ୍ୟ ଅତି ମନୋହର । ବାଲୁକା ଶଯ୍ୟାରେ ନଦୀର ଧାର ବହିଯାଉଅଛି—ଯେମନ୍ତ କି ଶାରଦୀୟ ଶୁକ୍ଳ ଘନ ଫାଟିଯାଇ କୃଷ୍ଣରେଖା ପରି ଆକାଶର କେତେକ ଅଂଶ ଦେଖାଯାଉଅଛି ଅଥବା ସତ୍ୟ, ଧର୍ମ ମଧ୍ୟରେ ଦସ୍ୟୁର ଧାରା ବହୁଅଛି ।

ଜୟପୁରରାଜ୍ୟର ସର୍ବୋଚ୍ଚ ପର୍ବତର ନାମ ଦେଉମାଳୀ, ତାହାର ଉଚ୍ଚତା ପ୍ରାୟ ୫୪୨୦ ଫୁଟ । ଏହା ଗଞ୍ଜାମ ଜିଲ୍ଲାସ୍ଥ ପୌରାଣିକ ମହେନ୍ଦ୍ରଗିରିର ସମକକ୍ଷ । ଦେଉ-ମାଳୀ ଜୟପୁର ମହାରାଜଙ୍କର ପାଟହସ୍ତୀ । ଅନ୍ୟ ଏକ ପର୍ବତ ନିୟାମଗିରିର ଉଚ୍ଚତା ପ୍ରାୟ ୫୦୦୦ ଫୁଟ । ମାଳ ଅଞ୍ଚଳରେ ଭୀଷଣ ବୃଷ୍ଟି ହୁଏ । ଜୟପୁରରେ ବୃଷ୍ଟିର ପରିମାଣ ହାରାହାରି ବାର୍ଷିକ ୭୫ଇଞ୍ଚ । ଗ୍ରୀଷ୍ମର ଉତ୍ତାପ ମଧ୍ୟ ଊଣା ନୁହେଁ । ଏବର୍ଷ ଅର୍ଥାତ୍ ୧୯୩୪ ସାଲର ରୌଦ୍ର ଉତ୍ତାପ ୧୦୭ ଡିଗ୍ରୀ ପର୍ଯ୍ୟନ୍ତ ବଢିଥିଲା । ଶୀତ ମଧ୍ୟ ପ୍ରବଳ ହୁଏ । ସ୍ଥୂଳତଃ ଜୟପୁରରେ ତିନି ଋତୁଙ୍କ ପ୍ରବଳ । ମାତ୍ର ଏହା କହିଲେ ବସନ୍ତ ଋତୁ ପ୍ରତି ଅବିଚାର କରାହେବ । ସେଠାରେ ଫାଲ୍ଗୁନ ଚୈତ୍ରରେ ତ ବସନ୍ତ ହୁଏ, ଅଧିକନ୍ତୁ ଖରା, ବର୍ଷା, ଶୀତକାଳ ମଧ୍ୟରେ ବି ଋତୁସମ୍ରାଟଙ୍କର ପ୍ରଭାବ ଫୁଟି ଉଠୁଥାଏ; ସୁତରାଂ ଜୟପୁର ବସନ୍ତର ଚିରନ୍ତନ ଲୀଳାସ୍ଥଳ । ସାହ୍ଣ୍ୟସମ୍ରାଟ୍ ଯେଉଁଠି, ଋତୁସମ୍ରାଟ ସେହିଠି । ଅନ୍ୟଥା ତାଙ୍କୁ ଠାଟପାଟ ଦେଖାଇ ସାହାଯ୍ୟ କରିବ କିଏ ? ଋତୁସମ୍ରାଟ୍ ସାହିତ୍ୟସମ୍ରାଟଙ୍କର ବାଙ୍କ ବର୍ଷୀୟ ପ୍ରଧାନ ମନ୍ତ୍ରୀ । ତାଙ୍କରି ସୁମନ୍ତ୍ରଣାରେ ସାହିତ୍ୟସମ୍ରାଟ୍ ସାହିତ୍ୟସାମ୍ରାଜ୍ୟ ପରିଚାଳନ କରନ୍ତି ।

ଜୟପୁରର ଜଳବାୟୁ ପୂର୍ବେ ଅତି ଅସ୍ୱାସ୍ଥ୍ୟକର ଥିଲା । ମାତ୍ର ଏଣିକି ନାନା ଚେଷ୍ଟାରେ ସ୍ୱାସ୍ଥ୍ୟର ଉନ୍ନତି ବର୍ଦ୍ଧନ ଘଟୁଅଛି । ଆଶ୍ଚର୍ଯ୍ୟର ବିଷୟ, ଏହି ଅସ୍ୱାସ୍ଥ୍ୟକର ଜଳବାୟୁରେ ବି ୯୦ବର୍ଷର ସବଳ ହୃଷ୍ଟପୁଷ୍ଟ କର୍ମକ୍ଷମ ବୃଦ୍ଧ ବ୍ୟକ୍ତି ଦେଖାଯାନ୍ତି । ପଙ୍କିଳ ପୁଷ୍କରିଣୀରେ ମଧ୍ୟ କମଳ ବଢିଉଠେ ନାହିଁ କି ?

# ଚତୁର୍ଥ ପରିଚ୍ଛେଦ

ଜୟପୁର ରାଜ୍ୟ ପ୍ରାଚୀନ ଉତ୍କଳର ସୀମାନ୍ତ ବନ୍ଦ-ତୋରଣ ସ୍ୱରୂପ । ଜୟପୁର ବିଶାଳ ପ୍ରକାଣ୍ଡ ଓଡିଆ ରାଜ୍ୟ । ତାହାର ଆୟତନ ତ୍ରିବାଙ୍କୋଡ଼ ରାଜ୍ୟର ତୁଲ୍ୟପ୍ରାୟ, ପରିମାଣ ଫଳ ତେର ହଜାର ବର୍ଗମାଇଲ, ଅଧିବାସୀର ସଂଖ୍ୟା ଦଶଲକ୍ଷ ଓ ବାର୍ଷିକ ଆୟ ୨୦ ଲକ୍ଷ ଟଙ୍କା । ସ୍ଥୂଳରେ କହିଲେ ଉତ୍ତରରେ କଳାହାଣ୍ଡିଠାରୁ ଦକ୍ଷିଣରେ ଗୋଦାବରୀ ଜିଲ୍ଲାସ୍ଥ ରେଖାପଲ୍ଲୀ ଏବଂ ପଶ୍ଚିମରେ ବାସ୍ତରଠାରୁ ପୂର୍ବରେ ବିଶାଖପଟ୍ଟଣ ଜିଲ୍ଲାର ସମତଳଭୂମି ଏବଂ ଗଞ୍ଜାମ ଜିଲ୍ଲା ପର୍ଯ୍ୟନ୍ତ ଜୟପୁର ରାଜ୍ୟ ବିସ୍ତୃତ । ଏହାକୁ ବିଶାଖପଟ୍ଟଣର ଏଜେନ୍‌ସି ବା ମାଳ ଅଞ୍ଚଳ କହନ୍ତି । ଜୟପୁର ପୁରାଣ-ପ୍ରସିଦ୍ଧ ନଳରାଜାଙ୍କର ନିଷାଦରାଜ୍ୟ ଥିଲା ବୋଲି କିମ୍ବଦନ୍ତୀ ଅଛି । ଚତୁର୍ଥଶତାବ୍ଦୀର ତାମ୍ରଶାସନରୁ ଜଣାଯାଏ, ନଳବଂଶଧର ରାଜା ଭବଦତ୍ତ ଏଠାରେ ରାଜତ୍ୱ କରୁଥିଲେ । ସେହି ସମୟରେ ଏହା "ମହା-କାନ୍ତାର" ନାମରେ ଅଭିହିତ ହେଉଥିଲା । ତହିଁ ପୂର୍ବର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ, ମହା-ଭାରତୀୟ ଯୁଗରେ ଓଡ୍ରରାଜାଙ୍କର ରାଜଧାନୀ ଏହି ଜୟପୁର ଅନ୍ତର୍ଗତ କୋଟପାଡରେ ଥିଲା । ଏହି ଓଡ୍ରରାଜା ପଣ୍ଡୁରାଜାଙ୍କୁ ହାତୀଦାନ୍ତ ଉପହାର ଦେଇଥିଲେ । କନ୍ଧ, ଶବର, ଭୂଇଁଆ, ରଣା, ଜତାପୁ, ଗାଦବା, ପରଜା ପ୍ରଭୃତି ଓଡିଆଭାଷୀ ଆଦିମ ଜାତୀୟ ଲୋକମାନେ ଓଡ୍ର ସାମ୍ରାଜ୍ୟର ପ୍ରଜା ଥିଲେ । ଗାଦବା ଜାତି ସବାରୀବାହକ । ସେମାନେ ଦକ୍ଷିଣ ଭାରତରୁ

ଆସିଥିଲେ । ଏମାନେ ଓଡ଼ିଆମାନଙ୍କର ଭାଷା, ଆଚାର, ବ୍ୟବହାର, ରୀତି ନୀତି ଅନୁକରଣ କରନ୍ତି । ପାଦରୀମାନେ ଭଣ୍ଡା ଧର୍ମ ପ୍ରଚାର କରନ୍ତି ପୁଣି ସୈନ୍ୟ ହୋଇ ଯୁଦ୍ଧ ମଧ୍ୟ କରନ୍ତି । ଜୟପୁରର ପୂର୍ବରାଜଧାନୀ ନନ୍ଦପୁରରେ ଜୈନ ଏବଂ ଶିଳା ବଂଶୀୟ ରାଜାମାନଙ୍କର ନିଦର୍ଶନ ଅଛି । ମୋର୍ଯ୍ୟବଂଶ ପୂର୍ବରୁ ନନ୍ଦବଂଶୀୟ ରାଜାମାନେ ଜୟପୁରରେ ରାଜତ୍ୱ କରୁଥିବାର ସୁସ୍ପଷ୍ଟ ପ୍ରମାଣ ପ୍ରାଚୀନ ଇତିହାସରେ ମିଳେ । ବିଜୟନଗର, ବବୁଲି, ସାଲୁର ଜୟପୁରର କରଦରାଜ୍ୟ ଥିଲା, ଏହା ମଧ୍ୟ ଇତିହାସ ସାକ୍ଷ୍ୟ ଦେଉଅଛି ।

ଜୟପୁର ରାଜ୍ୟ ଦୁଇ ଭାଗରେ ବିଭକ୍ତ—ଉଚ୍ଚ ବିଭାଗ ଏବଂ ନିମ୍ନବିଭାଗ । ଜୟପୁର ଉଚ୍ଚ ବିଭାଗ ଏବଂ ଗୁଣୁପୁର ନିମ୍ନବିଭାଗ । ଜୟପୁର ବିଭାଗ ମଧ୍ୟରେ ଜୟପୁର, କୋରାପୁଟ, ନନ୍ଦପୁର, ରାମଗିରି, ମାଲକାନଗିରି, କୋଟପାଡ଼, ଅମରକୋଟ, ଉମରକୋଟ, ଭୈରବସିଂହପୁର ଏବଂ ନବରଙ୍ଗପୁର ପ୍ରଧାନ ସ୍ଥାନ । ଗୁଣୁପୁର ବିଭାଗରେ ଗୁଣୁପୁର, ଗୁଡ଼ାରି, ରାୟଗଡ଼, କଲ୍ୟାଣସିଂହପୁର ଏବଂ ନାରାୟଣପାଟଣା । ଜୟପୁର ଏଜେନ୍‌ସି ୧୮୩୯ସାଲର ସ୍ୱତନ୍ତ୍ର ଆଇନବଳରେ ଜଣେ କଲେକ୍ଟରଙ୍କଦ୍ୱାରା ଶାସିତ ହୁଏ । ଏହି କଲେକ୍ଟରଙ୍କ କ୍ଷମତା ସାଧାରଣ କଲେକ୍ଟରଙ୍କଠାରୁ ଢେର ବେଶି । ତାଙ୍କୁ କେତେକ ବିଶେଷ କ୍ଷମତା ଦିଆଯାଇଅଛି । ତାହାଙ୍କର ଉପାଧି ଲାଟସାହେବଙ୍କର ଏଜେଣ୍ଟ । ଜୟପୁର ରାଜ୍ୟର ଅଧିବାସୀ ଅଧିକାଂଶ ଆଦିମ ଜାତୀୟ । ସେମାନଙ୍କୁ ସାଧାରଣ ଆଇନଦ୍ୱାରା ଶାସନ କରିହେବ ନାହିଁ । ସେମାନଙ୍କର ସାମାଜିକ, ରାଜନୈତିକ, ଆର୍ଥିକ ଅବସ୍ଥା ଏବଂ ସ୍ୱଭାବ ଚରିତ୍ର ଭିନ୍ନ ହୋଇଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ହୋଇଅଛି । ଅନୁଗୁଳ ଓ କନ୍ଧମାଳ ଅଞ୍ଚଳରେ ଯେଉଁସବୁ ଆଇନ ପ୍ରଚଳିତ, ଜୟପୁରରେ ସେହିପରି ଆଇନ ଚଳେ । ଏହାକୁ ଜୟପୁର ଜମିଦାରୀ ନ କହି ଜୟପୁର ସମସ୍ଥାନ ବୋଲି କହନ୍ତି । ପୂର୍ବେ ଇଷ୍ଟଇଣ୍ଡିଆ କୋମ୍ପାନୀ ଅମଳରେ ଏହାକୁ ଦେଶୀୟ ରାଜ୍ୟ ମଧ୍ୟରେ ଗଣନା କରାଯାଇଥିଲା । ସୁତରାଂ ଜୟପୁରକୁ ସାଧାରଣ ଜମିଦାରୀ ସହିତ ତୁଳନା କରାଯାଇ ନ ପାରେ । ଭିଜାଗାପଟ୍ଟଣ ଜିଲ୍ଲାର କଲେକ୍ଟର ଜୟପୁର ଏଜେନ୍‌ସିର ଏଜେଣ୍ଟ । ପଚିପେଣ୍ଟା ଏବଂ ମାଡ଼ଗୁଲ ଜମିଦାରୀ ମଧ୍ୟ ଜୟପୁର ଏଜେନସିର ଅନ୍ତର୍ଗତ । ଭିଜାଗାପଟ୍ଟଣ ଏଜେଣ୍ଟଙ୍କ ଅଧୀନରେ କୋରାପୁଟ ଏବଂ ପାର୍ବତୀପୁରରେ ଦୁଇଜଣ ସହକାରୀ ଏଜେଣ୍ଟ ଅଛନ୍ତି । କୋରାପୁଟର ସହକାରୀ ଏଜେଣ୍ଟଙ୍କ ଅଧୀନରେ ଜୟପୁର କୋରାପୁଟ, ନବରଙ୍ଗପୁର, ପାଡୁଆ, ପୋଟାଙ୍ଗୀ, ମାଲକାନଗିରି ଏହି ଛଅଟି ତାଲୁକ ଅଛି । ପାର୍ବତୀପୁର ସହକାରୀ ଏଜେଣ୍ଟଙ୍କ ଅଧୀନରେ ଗୁଣୁପୁର, ରାୟଗଡ଼, ବିଶ୍ୱମକଟକ ଏହି ତିନିଗୋଟି ତାଲୁକ ଅଛି । ଏହା ଛଡ଼ା ସାଲୁର ଓ ପାର୍ବତୀପୁରର କେତେକ ଅଂଶ ଏବଂ ମାଡ଼ଗୁଲ ରାଜ୍ୟ ଜୟପୁର ଏଜେନ୍‌ସିର ଅନ୍ତର୍ଗତ ।

ଜୟପୁର ରାଜ୍ୟ ନଅଗୋଟି ତାଲୁକା ଏବଂ ଚଉଦଗୋଟି ପ୍ରଗନାରେ ବିଭକ୍ତ । ପ୍ରତି ତାଲୁକା ଜଣେ ଜଣେ ତହସିଲଦାରଙ୍କ ଅଧୀନ ଏବଂ ପ୍ରତି ପ୍ରଗନା ଜଣେ ଲେଖାଏଁ ଅମିନଙ୍କ ଅଧୀନ । ସହକାରୀମାନଙ୍କ ସାହାଯ୍ୟରେ ସେମାନେ ନିଜ ନିଜର ଇଲାକା ଶାସନ କରନ୍ତି । ରାଜ୍ୟର ରାଜଧାନୀ ଜୟପୁର ସହରର ଅଧିବାସୀ ସଂଖ୍ୟା ପ୍ରାୟ ୧୩ହଜାର । ସେଠାରେ ଇଉନିୟନ ବୋର୍ଡ଼ ଅଛି ଏବଂ ଜଣେ ସବ୍‌ଡେପୁଟି କଲେକ୍ଟର ମଧ୍ୟ ଅଛନ୍ତି । ପ୍ରାୟ ୩୦୦ ବର୍ଷ ପୂର୍ବେ କଳାହାଣ୍ଡି, ବସ୍ତାନଗର, ଖଣ୍ଡଆଲ, କୁରୁପାମ, ମେରଙ୍ଗି, ସାଙ୍ଗବାଲସା, ପାର୍ବତୀପୁର, ପାଞ୍ଚିପେଣ୍ଟା, ପାଲକୁଣ୍ଡା ଏହି ରାଜ୍ୟଗୁଡ଼ିକ ଜୟପୁରର ଅନ୍ତର୍ଗତ ଥିଲା । ଜୟପୁର ସହରରେ ଗୋଟିଏ ବୋର୍ଡ଼ପରିଚାଳିତ ଉଚ୍ଚ ଇଂରାଜି ସ୍କୁଲ ଅଛି । ଛାତ୍ରାବାସର ତାବତୀୟ ବ୍ୟୟ ରାଜସର୍କାରରୁ ପ୍ରଦତ୍ତ ହୁଏ । ଏହା ଛଡ଼ା ମହାରାଜ ବିକ୍ରମଦେବ ବର୍ମା ମହୋଦୟ ଅନେକ ଛାତ୍ରଙ୍କୁ ବୃତ୍ତି ଦିଅନ୍ତି । ସ୍କୁଲର ଛାତ୍ର ସଂଖ୍ୟା ପ୍ରାୟ ତିନିଶତ, ସେଥି ମଧ୍ୟରୁ ଓଡ଼ିଆ ଛାତ୍ର ଅର୍ଦ୍ଧେକରୁ ଅଧିକ । ସ୍କୁଲରେ ଜଣେ ବାଲେଶ୍ୱରବାସୀ ଓଡ଼ିଆ ଶ୍ରୀଯୁକ୍ତ ଉମେଶଚନ୍ଦ୍ର ମହାନ୍ତି, ଏମ.ଏ., ବି.ଇଡି. ସହକାରୀ ଶିକ୍ଷକ ଅଛନ୍ତି । ଉମେଶ ବାବୁ ସାହସୀ ଯୁବକ । ସେ ବହୁ ଦୂରରୁ ଯାଇ ସେଠାରେ ଶିକ୍ଷକତା କରୁଅଛନ୍ତି । ଓଡ଼ିଆ ଯୁବକମାନଙ୍କର ଏହିପରି ସାହସ ଦେଖାଇବା

ଜଡ଼ିତ । ଉମେଶ ବାବୁ ଦେଶମିଶ୍ରଣ ଅପେକ୍ଷା ହୃଦୟ-ମିଶ୍ରଣର ଅଧିକ ପକ୍ଷପାତୀ ସେ ଗଞ୍ଜାମରେ ବିବାହ କରି ସେଥିର ଆଦର୍ଶ ଦେଖାଇଅଛନ୍ତି । ସ୍କୁଲର ଓଡ଼ିଆ ପଣ୍ଡିତ ଜଣେ ଚରଣକୁମାର ନିଷ୍ଠାପର ସୁବ୍ରାହ୍ମଣ । ସ୍କୁଲର ଓଡ଼ିଆ ଛାତ୍ରସଂଖ୍ୟା ବୃଦ୍ଧି ବିଷୟରେ ସେ ସର୍ବଦା ଚେଷ୍ଟିତ । ତାଙ୍କର ସ୍ୱଭାବ ଜାତୀୟ ଅଭିମାନରେ ଗଢ଼ା । ବୃଦ୍ଧ ହେଡ଼୍‌ମାଷ୍ଟର ରାମ ଦାସ ପାନ୍ତୁଲୁ ଜଣେ ପ୍ରସିଦ୍ଧ ଐତିହାସିକ । ମାନ୍ଦ୍ରାଜ ସରକାରଙ୍କ ଐତିହାସିକ ଆଲୋଚନା ବିଭାଗ ସମୟ ସମୟରେ ତାଙ୍କର ମତ ଗ୍ରହଣ କରନ୍ତି । ଜୟପୁର ହାଇସ୍କୁଲରେ ମାସିକ ତିନି ହଜାର ଟଙ୍କା ଖର୍ଚ୍ଚ ହୁଏ ।

ନବରଙ୍ଗପୁର ଏବଂ କୋଟପାଡ଼ରେ ଦୁଇ ଗୋଟି ମାଇନର ସ୍କୁଲ୍ ଅଛି । ଗୁଣପୁରରେ ମଧ୍ୟ ଗୋଟିଏ ହାଇସ୍କୁଲ ଅଛି । ଏ ସ୍କୁଲଗୁଡ଼ିକ ବୋର୍ଡ଼୍‌ଦ୍ୱାରା ପରିଚାଳିତ ହୁଏ । ନିମ୍ନ ବା ପ୍ରାଥମିକ ପ୍ରାଇମେରୀ ଶିକ୍ଷା-କାର୍ଯ୍ୟରେ ଜୟପୁର ରାଜସରକାର ବାର୍ଷିକ ପ୍ରାୟ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରନ୍ତି । ଆଦିମ ଜାତିଙ୍କ ମଧ୍ୟରେ ଶିକ୍ଷାର ଆଦର ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ରାଜ୍ୟର ବିଶାଳତା ତୁଳନାରେ ବିଦ୍ୟାଳୟର ସଂଖ୍ୟା ସମୁଦ୍ରକୁ ଶଙ୍ଖେ ପାଣି ତୁଲ୍ୟ । ଆଦିମ ଜାତିର ଅନ୍ଧ ବିଶ୍ୱାସ ସେମାନଙ୍କୁ ଅନ୍ଧ କରି ରଖିଅଛି । ପାଠ ପଢ଼ିଲେ ମରିଯିବେ ବୋଲି ଅଧିକାଂଶଙ୍କର ଦୃଢ଼ ଧାରଣା । ଯାହା ହେଉ ସେମାନଙ୍କ ମଧ୍ୟରେ ଶିକ୍ଷାର ଆଲୋକ ବିସ୍ତାର ଯେ ଏକାନ୍ତ ଆବଶ୍ୟକ, ଏହା ବୋଲିବା ବାହୁଲ୍ୟମାତ୍ର । ତାହା "ଶନୈଃ ପନ୍ଥା" ରୀତିରେ ଆରବ୍ଧ ହେବା ଉଚିତ । ଜୟପୁରର କଚେରୀ ଏବଂ ଶିକ୍ଷା ବିଭାଗରେ ଓଡ଼ିଆ ଭାଷାର ପ୍ରଚଳନ ଅଛି । ମାତ୍ର ତୈଲଙ୍ଗୀୟ କର୍ମଚାରୀଙ୍କର ବାହୁଲ୍ୟତା ହେତୁ ତେଲୁଗୁ ଭାଷାର ପ୍ରବଳ ପ୍ରଭାବରେ ତାହା ଉଧେଇ ପାରୁ ନାହିଁ । ବାସ୍ତବରେ ଜୟପୁରରେ ଓଡ଼ିଆ ଶକ୍ତି ଅତୀବ ସଙ୍କୁଚିତ ।

ପ୍ରସିଦ୍ଧ ଐତିହାସିକମାନଙ୍କ ମତରେ ଜୟପୁରକୁ ପ୍ରାଚୀନ ଉତ୍କଳ ବୋଲାଯାଇ ପାରେ । ବିଶାଖପଟ୍ଟଣର ତାମ୍ରଶାସନମାନଙ୍କରୁ ଜଣାଯାଏ, ପୂର୍ବେ ଜୟପୁର ଅଞ୍ଚଳକୁ ପ୍ରାଚୀନ ଓଡ୍ରାବାଟ କୁହାଯାଉଥିଲା । ଏ ଅଞ୍ଚଳ ପ୍ରାଚୀନ ଦକ୍ଷିଣ-କୋଶଳର ନିକଟବର୍ତ୍ତୀ । ବିଖ୍ୟାତ ଐତିହାସିକ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଦାସ, ଏମ୍.ଏ., ବି.ଏଲ୍. କହନ୍ତି—'ସହସ୍ରାଧିକ ବର୍ଷ ପୂର୍ବରୁ ଜୟପୁର ଅଞ୍ଚଳରେ ଓଡ଼ିଆମାନେ ବାସ କରିଆସୁଛନ୍ତି । ଏତେ କାଳ ହେଲା ଓଡ଼ିଆ ଭାଷା ତେଲୁଗୁ ପ୍ରଭାବରୁ ଆତ୍ମରକ୍ଷା କରି ଆସୁଅଛି । ଏହା ହିଁ ତାହାର ପ୍ରାଚୀନତାର ପ୍ରକୃଷ୍ଟ ପ୍ରମାଣ ନୁହେଁ କି ? କୌଣସି ପ୍ରାଚୀନ ଭାଷା ଅନ୍ୟ ଭିନ୍ନଦେଶୀ ଭାଷା ସଙ୍ଗେ ଘର୍ଷଣ ଉତ୍ତାପ ଯେତେ ପାଉ ପଛେ, ସେ ଧରାପୃଷ୍ଠରୁ ଉଭେଇଯାଏ ନାହିଁ । ତାହାର ପ୍ରାଚୀନତା ତାକୁ ବଞ୍ଚାଇ ରଖେ । ଜୟପୁରବାସୀଙ୍କର ଜାତୀୟତା ଜୀବନ୍ତ ଅଛି, ଭାଷା ମଧ୍ୟ ଜୀବନ୍ତ ଅଛି ।'

ଜୟପୁର ରାଜ୍ୟ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ତାହା ଉତ୍କଳର ଗଙ୍ଗାବଂଶୀୟ ଏବଂ ସୂର୍ଯ୍ୟବଂଶୀୟ ରାଜାମାନଙ୍କ ଅଧୀନରେ ଥିଲା । ଓଡ଼ିଶାର ସ୍ୱାଧୀନତା ଲୋପ ପରେ ତାହା ଗୋଲକୁଣ୍ଡା ରାଜ୍ୟର ଅଧୀନରେ ରହିଲା । କିନ୍ତୁ ସେ ନାମମାତ୍ର ଅଧୀନ ଥାଇ ନିଜର ସ୍ୱାଧୀନତା ଅକ୍ଷୁଣ୍ଣ ରଖିଥିଲା । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଇଂରେଜସାମ୍ରାଜ୍ୟର ଅନ୍ତର୍ଗତ ହୋଇ ଏଜେନ୍‌ସି ବିଭାଗ ନାମରେ ଶାସିତ ପାଳିତ ହେଉଅଛି । କିନ୍ତୁ ବିଖଣ୍ଡିତ ହୋଇ ରହିଥିବାରୁ ଆଶାନୁରୂପ ଉନ୍ନତି କରିପାରୁ ନାହିଁ । ଯେଉଁ ଦିନ ସେ ଓଡ଼ିଶାରେ ମିଶିବ, ସେହିଦିନଠାରୁ ଉତ୍କଳର ନିର୍ମଳ ଜ୍ୟୋତି ତାହାର ଲଲାଟଫଳକରେ ପ୍ରତିଫଳିତ ହେବ । ସେ ସୌଭାଗ୍ୟର ଶୁଭଦିନ କେତେ ଦୂରରେ ଅଛି, ତାହା ସେହି ଅନନ୍ତମଙ୍ଗଳମୟ ସର୍ବଜ୍ଞ ପୁରୁଷ ବିଶ୍ୱପତିଙ୍କୁ ହିଁ ଗୋଚର ।

ଜୟପୁରରେ "ଓଡ଼ିଆ ସମାଜ" ନାମରେ ଗୋଟିଏ ଜାତୀୟ ସଦନୁଷ୍ଠାନ ଅଛି । ଶ୍ରୀଯୁକ୍ତ ଗୌରଚନ୍ଦ୍ର ସାମନ୍ତରାୟ ଏଅଞ୍ଚଳରେ ଜଣେ ନିଷ୍ଠାପର ଖାଣ୍ଟି ଜାତୀୟ ନେତା । ଯୁବକ ଓକିଲ ଶ୍ରୀଯୁକ୍ତ ହରିହର ମିଶ୍ର ଜାତୀୟ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଅଛନ୍ତି । ଆଉ କେତେ ଜଣ ଉତ୍ସାହୀ ଶିକ୍ଷିତ ଯୁବକ ଦେଶସେବାରେ ସେ ଉଭୟଙ୍କର ପନ୍ଥାନୁସାରୀ । ଏହିମାନେ ସମସ୍ତେ ଓଡ଼ିଆ ସମାଜର

ବିଶିଷ୍ଟ କର୍ମୀ । ଏମାନଙ୍କ ଅକ୍ଳାନ୍ତ ଚେଷ୍ଟାରେ ଜୟପୁରରେ ଦୁଇ ଥର ଏଜେନ୍‌ସି ଉତ୍କଳ ସମ୍ମିଳନୀର ବିରାଟ ଅଧିବେଶନ ହୋଇ ସରକାରଙ୍କ ନିକଟରେ ଜୟପୁର ଉତ୍କଳରେ ମିଶିବାକୁ ଦୃଢ଼ ଦାବୀ କରାଯାଇଅଛି । ଏହି ସମ୍ମିଳନୀ ଫଳରେ ଏ ଅଞ୍ଚଳସ୍ଥ ଓଡ଼ିଆମାନଙ୍କ ହୃଦୟରେ ଜାତୀୟ ଭାବ ଜାଗ୍ରତ ହୋଇଉଠିଅଛି । ଓଡ଼ିଶା ସଙ୍ଗରେ ମିଶିବା ପାଇଁ ସମସ୍ତଙ୍କ ମନ ବ୍ୟାକୁଳ । ଏହି ଜାତୀୟ ଜାଗରଣର ମୂଲ୍ୟ ଅକଳନ । ଏହି ଜାଗ୍ରତି ଦିନେ ଜୟପୁରକୁ ଓଡ଼ିଶା ସଙ୍ଗରେ ମିଶାଇ ପାରିବ ଏ ବିଶ୍ୱାସ ସମୀଚୀନ । ଗୌରଚନ୍ଦ୍ର ବାବୁ ଏବଂ ଅପର୍ଣ୍ଣା ପାତ୍ରଙ୍କ ପୁତ୍ରମାନେ ସମ୍ମିଳନୀର ଜନ୍ମଦାତା ଏବଂ ହରିହର ବାବୁ ପ୍ରାଣସଞ୍ଚାରକର୍ତ୍ତା । ସମ୍ମିଳନୀରେ ସମଗ୍ର ଉତ୍କଳର କେତେଜଣ ବିଶିଷ୍ଟ ନେତା ଯୋଗ ଦେଇ ଜୟପୁରବାସୀଙ୍କୁ ଉତ୍ସାହିତ କରିଥିଲେ । ସମସ୍ତଙ୍କ ସାଗ୍ରହ ସମ୍ମତିକ୍ରମେ ବିଚ୍ଛିନ୍ନ ଉତ୍କଳର ଏକୀକରଣ ପ୍ରସ୍ତାବ ବହୁ ଅନୁମୋଦନ ସମର୍ଥନ ସହ ଗୃହୀତ ହୋଇ ସରକାରଙ୍କୁ ଜଣାଇ ଦିଆଯାଇଥିଲା । ମିଶ୍ରଣର ଅନୁକୂଳ ପ୍ରମାଣ ଏବଂ ଯୁକ୍ତି ମଧ୍ୟ ଯଥେଷ୍ଟ ପ୍ରଦର୍ଶିତ ହୋଇଥିଲା । ବର୍ତ୍ତମାନ ତାହା ସରକାରଙ୍କ ବିବେଚ୍ୟାଧୀନ । ଜୟପୁରରେ ଜାତୀୟଭାବର ଯେଉଁ ବହୁମୁଖୀ ସ୍ରୋତ ବହୁଅଛି, ତାହା କଦାପି ମରିବ ନାହିଁ । ଅଧିକନ୍ତୁ ସବୁ ବାଧା ବିଘ୍ନ ଭୁଆଁଡ଼େ ଉଡ଼ାଇ ନେଇଯିବ । ସେ ସ୍ରୋତ ମିଳନ-ସିନ୍ଧୁରେ ଯାଇ ଅଙ୍ଗ ଢାଳିଦେବ । ସିନ୍ଧୁ ତଟୋପକୂଳ ମିଶି ଏକ ହେଲା ପ୍ରାୟ ଓଡ଼ିଶା ଜୟପୁର ମିଶି ଏକ ହୋଇଯିବ । ଜୟପୁରର ରାଜା ପ୍ରଜା ଉଭୟ ଓଡ଼ିଆ, ଜୟପୁର ଉତ୍କଳର ମସ୍ତକ; କିନ୍ତୁ କି ଦାରୁଣ କ୍ଷୋଭର ବିଷୟ, ତାହା ବିଚ୍ଛିନ୍ନ ହୋଇ ରହିଅଛି । ଶରୀର ବିନା ମସ୍ତକର ଏବଂ ମସ୍ତକ ବିନା ଶରୀରର ଯେ ଦୁର୍ଗତି ହୁଏ, ଉଭୟେ ସେହି ଅସହ୍ୟ ଦୁର୍ଗତି ଭୋଗ କରୁଅଛନ୍ତି । ଏ ଦୁଃଖ ରଖିବାର ସ୍ଥାନ ନାହିଁ । ତାହା ପ୍ରତ୍ୟେକ ଓଡ଼ିଆର ଅନ୍ତଃକରଣର ଅନ୍ତଃସ୍ଥଳରେ ଗଭୀର କ୍ଷତ ସୃଷ୍ଟି କରିଅଛି । ସେ ମହାକ୍ଷତର ଅମୃତ ପ୍ରଲେପ ଭୈଷଜ୍ୟ ଶାସ୍ତ୍ରରେ ନାହିଁ । ଜାତି ଜାତିଠାରୁ ଅନ୍ତର ହୋଇ ରହିଅଛି, ଭାଇ ଭାଇର ଅପରିଚିତ ହୋଇ ରହିଅଛି, ଚିନ୍ତାଶକ୍ତି ମନଠାରୁ ଅନ୍ତର ହୋଇ ରହିଅଛି, ଗନ୍ଧ ଅଭାବରେ ଫୁଲ ସମ୍ପଦହୀନ ହୋଇଅଛି, ଫୁଲ ଅଭାବରେ ଗନ୍ଧ ନିରାଶ୍ରୟ ହୋଇ ରହିଅଛି, ଏହା ଭାବିଲେ ଅସହ୍ୟ ବ୍ୟଥାରେ କଲିଜା ବଥେଇଉଠେ, ପ୍ରେମ ଟାଙ୍କୁରିଉଠେ, ପ୍ରାଣ ଶିହରିଉଠେ, ଆତ୍ମା କାନ୍ଦିଉଠେ । ଏ ଦୁର୍ବିପାକ କେବେ ଦୂର ହେବ, ଏ ଦୁର୍ଗତି କେବେ ଘୁଞ୍ଚିବ, ତାହା ଅନ୍ଧକାରରେ ଆଚ୍ଛନ୍ନ । ସଙ୍କଟରେ ମଧୁସୂଦନ ସ୍ମରଣ ଛଡ଼ା ଆଉ ଉପାୟ କଅଣ ଅଛି ? ହାୟ ମଧୁସୂଦନ !

ଗୁଣୁପୁର ଖୁବ୍ ଧନୀ ଅଞ୍ଚଳ, ସେଠାରେ ଅନେକ ବଡ ବଡ଼ ମହାଜନ ଅଛନ୍ତି । ଗୁଣୁପୁରର ପଶ୍ଚିମରେ "କୈଳାସ-କୂଟ" ପର୍ବତମାଳା । ତାହାର ଉଚ୍ଚତା ହାରାହାରି ୨୫୦୦ ଫୁଟ । ପର୍ବତରେ ଅନେକ ଶବର-ପଲ୍ଲୀ ଅଛି । ଗୁଣୁପୁର ବଂଶଧାରା ନଦୀ ତୀରରେ ଅବସ୍ଥିତ । ସୁତରାଂ ଗୁଣୁପୁର ମଧ୍ୟରେ ପ୍ରସିଦ୍ଧ ସ୍ଥାନ । ସୁତରାଂ ସ୍ୱାସ୍ଥ୍ୟ-କର ଏବଂ ବାଣିଜ୍ୟର କେନ୍ଦ୍ରସ୍ଥଳ । ତାହା ମଧ୍ୟ ବଂଶଧାରା କୂଳରେ ଅବସ୍ଥିତ । ସେ ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ଅତି ମନୋହର । ସେଠାରେ ବଡ ବଡ଼ ଶାଳ କାଠ ପ୍ରଚୁର ମିଳେ । ବିଶାଳ ଶାଳବନର ରୁଦ୍ରସୁନ୍ଦର ଦୃଶ୍ୟ ଦର୍ଶକର ପ୍ରିୟ ଉପଭୋଗ୍ୟ । ସରଳ ଶ୍ୟାମକାନ୍ତ ଶାଳତରୁପୁଞ୍ଜକ ବାୟୁହିଲ୍ଲୋଳରେ ଶାଖା ପ୍ରଶାଖା ସଞ୍ଚାଳନ କରି ଦୋହଲିବା ବେଳେ ଛଳକପଟହୀନ ନିର୍ମଳ ହୃଦୟ ସାଧୁ ସାଧକ ବିଭୁ ପ୍ରେମରେ ବିଭୋର ହୋଇ ଭାବାବେଶରେ ଝୁଲିଲା ପ୍ରାୟ ବୋଧ ହୁଏ । ବାସ୍ତବରେ ପାଦପକୁଳ ବ୍ୟତୀତ ଆଜୀବନ ବିଭୁପ୍ରେମୀ ବିଶ୍ୱ ବ୍ରହ୍ମାଣ୍ଡରେ ଆଉ କିଏ ଅଛି ? ସେମାନେ ବିଶ୍ୱ ହିତରେ ଆତ୍ମୋତ୍ସର୍ଗ କରନ୍ତି । ତାଙ୍କର ଜୀବନ ନିଜ ପାଇଁ ନୁହେଁ—ତାହା ବିଶ୍ୱ ସେବାରେ ଉତ୍ସୃଷ୍ଟ । ସେମାନେ ସେବାଯୋଗୀ, ଅନନ୍ତ ଅଖଣ୍ଡ ସେବାହିଁ ସେମାନଙ୍କର ଧର୍ମ । ଗୁଣୁପୁର ବଂଶଧାରା ନଦୀର ପଶ୍ଚିମ କୂଳରେ ଥିଲା । ପରେ ନଦୀ ଦକ୍ଷିଣ ପଶ୍ଚିମ ଆଡ଼କୁ ଗତି କରି ଗୁଣୁପୁରର ଅପର ପାର୍ଶ୍ୱରେ ପ୍ରବାହିତ ହେଲା । ଗୁଣୁପୁରରେ "ବାଲ୍ମିକି ମଠ" ନାମରେ ପ୍ରସିଦ୍ଧ ମଠ ଅଛି । ବଳରାମ ଦାସ ନାମକ ଜଣେ ବ୍ୟକ୍ତି ପ୍ରଥମେ ମଠ

ଆରମ୍ଭ କରିଥିଲେ;ମାତ୍ର ମଠ ନିର୍ମାଣ ଶେଷ ନ ହେଉଣୁ ସେ ମଠ ଛାଡି ଚାଲିଗଲେ । ଜୟପୁର ରାଜା ନିଜେ ଧର୍ମକର୍ତ୍ତା ବୋଲି ତାଙ୍କ ନାମରେ ମୋକଦ୍ଦମା କରିଥିଲେ, ରାଜାଙ୍କର ଡିଗ୍ରୀ ହୋଇଥିଲା । ମଠର ଉତ୍ତର ଦିଗରେ ପ୍ରାଚୀନ ଗଡ଼ର ଭଗ୍ନାବଶେଷ ଦେଖାଯାଏ । କଥିତ ହୁଏ, ଖେମଣ୍ଡିର ରାଜାମାନେ ଉକ୍ତ ଗଡ଼ ନିର୍ମାଣ କରିଥିଲେ । ଖେମଣ୍ଡିର କେଉଁ ରାଜା କେବେ କାହିଁକି ସେଠାରେ ଦୁର୍ଗ ନିର୍ମାଣ କରିଥିଲେ, ସେ ସମ୍ବନ୍ଧରେ କିମ୍ବଦନ୍ତୀ ମୂକ । ଗୁଣୁପୁରର ଉତ୍ତର ପୂର୍ବ ଦିଗରେ "ଜଗମଣ୍ଡ ।" ସେଠାରେ ଗୋଟିଏ କ୍ଷୁଦ୍ର ପାହାଡ଼ ଉପରେ ମଲ୍ଲିକେଶ୍ୱର ସ୍ୱାମୀଙ୍କର ପବିତ୍ର ପୀଠ ବିରାଜମାନ । ମଲ୍ଲିକେଶ୍ୱରଙ୍କର ଦେଉଳ ବୃହତ୍ ପ୍ରସ୍ତରଖଣ୍ଡରେ ନିର୍ମିତ । ସେଥିରେ ଚୂନ ସୁରକି ଲାଗି ନାହିଁ । ପଥର ଉପରେ ପଥର ଘଷା ହୋଇ ବସିଅଛି । ମହେନ୍ଦ୍ରଗିରିର ଭୀମ ଦେଉଳ ଏହି ରୀତିରେ ପ୍ରସ୍ତୁତ ହୋଇଅଛି । ସ୍ତରୁଗୁରବିଶିଷ୍ଟ ପ୍ରସ୍ତର ଉପରେ ସ୍ତରୁଗୁରବିଶିଷ୍ଟ ପ୍ରସ୍ତର ରଖାଯାଇଅଛି । ବଜ୍ର ସୁଦ୍ଧା ତାକୁ ସୁଦ୍ଧାଏ ଘୁଞ୍ଚାଇପାରିବ ନାହିଁ । ଲୋକଙ୍କର ବିଶ୍ୱାସ—କୁଷ୍ଠ ଏବଂ ଅନ୍ୟାନ୍ୟ ଦୁଶ୍ଚିକିତ୍ସ୍ୟ କଠିନ ରୋଗୀମାନେ ମଲ୍ଲିକେଶ୍ୱର ପୀଠରେ ପନ୍ଦର ଦିନ ଅଧା ପଞ୍ଚ ଶରୀରର ମାଂସ କାଟି ଦେବତାଙ୍କ ନିକଟରେ ବଳି ଦେଲେ ସମ୍ପୂର୍ଣ୍ଣ ରୂପେ ରୋଗମୁକ୍ତ ହୁଅନ୍ତି । ଗୁଣୁପୁର ତାଲୁକାର ମେଘମାଳ ଚୋଠା ବହୁ କୋଶବ୍ୟାପୀ ପ୍ରକାଣ୍ଡ ଅମ୍ବୁବାଳନ । ଦୂରରୁ ତାହା ସ୍ଥିର ମେଘମାଳା ପ୍ରାୟ ପ୍ରତୀୟମାନ ହୁଏ । ଉଦ୍ୟାନର ଏକ ପାର୍ଶ୍ୱରେ ଗୋଟାଏ କୁଣ୍ଡ ଉପରେ ବନ୍ୟଦେବୀ ଅଛନ୍ତି । ସେଠାରେ ଛେଳି,ପାରା ବଳି ଦିଆଯାଏ । ବଜ୍ରୁ ଜାତିର ଲୋକମାନେ ଦେବୀଙ୍କର ଦେହୁରୀ । ଦେହୁରୀର ଅମାନୁଷୀ କାର୍ଯ୍ୟ ଭାରି ଅତି ଆଶ୍ଚର୍ଯ୍ୟପ୍ରଦ । ତାକୁ ଦେବତା ପ୍ରସନ୍ନ ହେଲା ବେଳେ ସେ ଗୋଟାଏ ଗୋଟାଏ ଜୀବନ୍ତ ଛେଳି ଏବଂ ପାରାର ମୁଣ୍ଡ ଚୋବାଇ ଖାଇଦିଏ । ଏଥିର ସତ୍ୟ ମିଥ୍ୟା ଅନୁସନ୍ଧେୟ । ଗୁଣୁପୁର ମାଳରେ ହାତୀ ଅଛନ୍ତି । ସମୟ ସମୟରେ ସେଠାରେ ହାତୀ ଧରାହୁଏ । ପାରଳାଖେମଣ୍ଡି ଶାଖା ରେଲପଥ ଗୁଣୁପୁର ପର୍ଯ୍ୟନ୍ତ ଯାଇଅଛି ।

ନବରଙ୍ଗପୁର—ଏଠାରେ ପାଞ୍ଚହଜାରରୁ ଉର୍ଦ୍ଧ୍ୱର ଲୋକ ଓଡ଼ିଆଭାଷୀ । ନବରଙ୍ଗପୁରର ତେଲ୍ ନଦୀ-ତୀରରେ ଅନେକ କନ୍ଧାଗ୍ରାମ ବାସ କରନ୍ତି । ସେଠାରୁ ଧାନ ବିଶେଷ ପରିମାଣରେ ରପ୍ତାନି ହୁଏ । ଲାଖରେ ତିଆରି ଖେଳଣା ଜିନିଷ ପ୍ରଚୁର ମିଳେ । ସେଥିର ସୂକ୍ଷ୍ମ କାରୁକଳା ଅତି ଚମତ୍କାର । ଏ ଅଞ୍ଚଳରେ ଅନେକ ବଡ଼ ବଡ଼ ବନ୍ଧ ଅଛି । ଅଧିକାଂଶ ଚୈତନ୍ୟଦେବଙ୍କ ଅମଳରେ ହୋଇଥିଲା । ନବରଙ୍ଗପୁରର ଆଠ ମାଇଲ ଉତ୍ତରରେ ପାପଡ଼ାହାଣ୍ଡି । ପାପଡ଼ାହାଣ୍ଡି ନବରଙ୍ଗ-ପୁରର ଗୋଟିଏ ପ୍ରଧାନ ସ୍ଥାନ । ସେଠାର ଶିବମନ୍ଦିର ଭୁବନେଶ୍ୱର ଦେଉଳ ଛାଞ୍ଚରେ ନିର୍ମିତ ହୋଇଅଛି । ସେ ଅଞ୍ଚଳରେ ଇତିହାସର ଅନେକ ଉପାଦାନ ଅଛି । "ଦେବସର" ପୁଷ୍କରିଣୀ ଗୋଟିଏ ପ୍ରଧାନ କୀର୍ତ୍ତି । କିମ୍ବଦନ୍ତୀ ମୁଖରେ ପ୍ରକାଶ—ଯେତେବେଳେ ଗ୍ରାମର ପ୍ରତିଷ୍ଠିତ ଦେବତା ଭୈରବ ସ୍ୱାମୀଙ୍କର ମୂର୍ତ୍ତି ଜୀର୍ଣ୍ଣ ହୋଇଯାଏ, ତେତେବେଳେ ନୂତନ ମୂର୍ତ୍ତି ନିର୍ମାଣ ସକାଶେ ଏହି ପୁଷ୍କରିଣୀରେ ଅଲୌକିକ ଭାବରେ କାଠ ଭାସି-ଉଠେ । ନବରଙ୍ଗପୁର ଏବଂ ପାପଡ଼ାହାଣ୍ଡି ଉଭୟ ସ୍ଥାନରେ ଭୈରବ ସ୍ୱାମୀଙ୍କର ମୂର୍ତ୍ତି ଅଛି । ଭାସି ଉଠିବା କାଠ ଉତ୍ତର ଆଡ଼କୁ ଗଲେ,ପାପଡ଼ାହାଣ୍ଡିରେ ନୂଆ ମୂର୍ତ୍ତିର ପ୍ରତିଷ୍ଠା ହୁଏ ଆଉ ଦକ୍ଷିଣ ଆଡ଼କୁ ଗଲେ ନବରଙ୍ଗପୁର ମନ୍ଦିରରେ ନୂତନ ମୂର୍ତ୍ତିର ପ୍ରତିଷ୍ଠା ହୁଏ । ଅତ୍ୟନ୍ତ ଆଡ଼ମ୍ବର ସହ ପୋଖରୀରୁ କାଠ ଉଠାଇ ନିଆଯାଏ । କାଠକୁ ନବବସ୍ତ୍ର ପିନ୍ଧାଇ ସେଥିରେ ରୁପାର ଆଖି, କାନ, ନାକ, ପାଟି ପ୍ରଭୃତି ଖଞ୍ଜି ମୂର୍ତ୍ତି ନିର୍ମାଣ କରାଯାଏ । ତହୁଁ ଉକ୍ତ ଦାରୁ ଦେବମୂର୍ତ୍ତି ପଟୁ-ଆରରେ ଯାଇ ମନ୍ଦିରରେ ପ୍ରତିଷ୍ଠିତ ହୁଅନ୍ତି । ଏହି ନବକଳେବର ମୂର୍ତ୍ତି ପ୍ରତିଷ୍ଠା ସମୟରେ ବହୁତ ବଳି ପଡ଼େ । ନବରଙ୍ଗପୁରରେ ଉତ୍କୃଷ୍ଟ କମଳା ଲେମ୍ବୁ ଉତ୍ପନ୍ନ ହୁଏ । ଫଳ ପାଚିଥିବା ସମୟରେ କମଳା ତୋଟାର ଦୃଶ୍ୟ ଅତ୍ୟନ୍ତ ଲୋଭନୀୟ ହୁଏ । ସତେ ଯେପରି କେଉଁ ସଦୟ ଦେବତା ସ୍ୱର୍ଗରୁ ଅମୃତ ଆଣି ପତ୍ରାଗପାତ୍ରରେ ଢାଳୁଣୀ ଦେଇ ନରଲୋକରେ ବିତରଣ ସକାଶେ ସଜାଡ଼ି ରଖିଅଛି । ମଧୁର ଫଳର

ମଧୁର ସୁବାସ ଉପଭୋଗ କଲେ ପ୍ରସ୍ତରପ୍ରତିମାର ପ୍ରସ୍ତରକହ୍ଲାର ସୁଦ୍ଧା ପ୍ରଲୋଭନ ସମ୍ଭାଳି ନ ପାରି ଆର୍ଦ୍ରୀଭୂତ ହୋଇଯିବ । ଉଦ୍ଦାରଦେବପୁଜକ ରସରଙ୍ଗ ମନୁଷ୍ୟର କଥା ନ କହିବା ହିଁ ନିରାପଦ ।

ପାତ୍ରୁଆ—ମାଚେରୁ ନଦୀ ଏହି ରାଜ୍ୟ ମଧ୍ୟରେ ପ୍ରବାହିତ ହୁଏ । ଏ ଅଞ୍ଚଳରେ ବଗଠା ଜାତିର ଲୋକେ ଅଧିକସଂଖ୍ୟାରେ ବାସ କରନ୍ତି । ବଡଗୁହା, ମତ୍ସ୍ୟକୁଣ୍ଡ ଦୁଇଟି ପ୍ରସିଦ୍ଧ ସ୍ଥାନ । ବଡ଼ଗୁହାରେ ଶିବଙ୍କର ଅସ୍ଥାନ । ଗୁପ୍ତେଶ୍ୱର ପରି ଏଠାରେ ମଧ୍ୟ ବିପୁଳ ଆଡ଼ମ୍ବରରେ ଶିବରାତ୍ରି ଉତ୍ସବ ପାଳିତ ହୁଏ । ଯନ୍ତ୍ରିକା ପର୍ବତ ନିକଟରେ ମାଚେରୁ ନଦୀ ଗର୍ଭରେ ମତ୍ସ୍ୟକୁଣ୍ଡ ଅବସ୍ଥିତ । ମାଚେରୁ ନଦୀ ପର୍ବତ ଉପରୁ ଆସି ଆସି ଗୋଟାଏ ପ୍ରକାଣ୍ଡ ଗହ୍ୱର ଭିତରେ ଅଦୃଶ୍ୟ ହୋଇ ଶହେହାତ ତଳେ ପୁଣି ବାହାରିଅଛି । ଗହ୍ୱରଟା ବୋଧ ହୁଏ ନଦୀରାଣୀର ଗୁପ୍ତ ଅନ୍ତଃପୁର । ସେହିଠାରେ ଗୋଟାଏ ପ୍ରଶସ୍ତ ଗଭୀର ଗର୍ତ୍ତ ଅଛି । ଏ ଅଞ୍ଚଳର କେତେକ ସ୍ଥାନ ନିବିଡ଼ ଜଙ୍ଗଲପୂର୍ଣ୍ଣ । ଜଙ୍ଗଲରେ ଭୁଇଁଖଜୁର ଗଛ ଅପର୍ଯ୍ୟାପ୍ତ ଦେଖାଯାଏ । ସେଗୁଡିକ ଖଜୁରି ଗଛର ପକେଟ ସଂସ୍କରଣ ବା ବାମନ ଅବତାର । ତାହା ଫଳ ଧରିଥିବା ସମୟରେ ପ୍ରବାଳସ୍ତମ୍ଭର ପ୍ରାୟ ଦେଖାଯାଏ । ଏ ଅଞ୍ଚଳରେ ଅଧିବାସୀଙ୍କର ସଂଖ୍ୟା ଖୁବ୍ ଅଳ୍ପ । ଗ୍ରୀଷ୍ମ ଏବଂ ବର୍ଷା ସମାନପରିମାଣରେ ହୁଏ । ଅର୍ଥାତ୍ ଗ୍ରୀଷ୍ମ ଯେପରି ପ୍ରଚଣ୍ଡ, ବର୍ଷା ମଧ୍ୟ ସେହିପରି ପ୍ରବଳ ହୁଏ ।

କୋଟପାଡ଼—ଏହି ପ୍ରଗନା ଜୟପୁର ସହରର ଉତ୍ତରପଶ୍ଚିମ କୋଣରେ ୨୫ ମାଇଲ ଦୂରରେ ଅବସ୍ଥିତ । ବସ୍ତର ରାଜା କୃତଜ୍ଞତାର ନିଦର୍ଶନ ସ୍ୱରୂପ କୋଟପାଡ଼ ଜୟପୁରକୁ ଦେଇଥିବା ବିଷୟ ପୂର୍ବେ ଉଲ୍ଲେଖ କରାଯାଇଅଛି । ସେହି ସମ୍ପର୍କରେ ଜୟପୁର ବସ୍ତରକୁ ବାର୍ଷିକ ଟ ୨୫୯ ଟାକ୍ସ ଦେବାର ଚୁକ୍ତି ହୋଇଥିଲା ; ମାତ୍ର ଜୟପୁର ରାଜା ବସ୍ତରକୁ କେବେ ଟଙ୍କା ଦେଇ ନାହାନ୍ତି । ସେହି ଟାକ୍ସ "ମହାଦାନ" ନାମରେ ଅଭିହିତ ଥିଲା । କୋଟପାଡ଼ ପାଞ୍ଚ ଗୋଟି ଦୁର୍ଗର ସମଷ୍ଟି । ଯଥା—କୋଟପାଡ, ଚୁରୁଚୁଣ୍ଡା, ପରଗଡ଼, ଅମରକୋଟ ଏବଂ ରାୟଗଡ଼ । ବର୍ତ୍ତମାନ ଦୁର୍ଗଗୁଡ଼ିକର ଭଗ୍ନାବଶେଷ ପୂର୍ବସୌଭାଗ୍ୟ ସ୍ମରଣ କରି ନୀରବ ଶୋକରେ ଝୁରୁଅଛି । କୋଟପାଡ଼ ଉପନଗରଟି ଜୟପୁର ଏବଂ ବସ୍ତର ମଧ୍ୟରେ ଅବସ୍ଥିତ । ସେଠାରେ ଗୋଟିଏ ବୋର୍ଡ ପରିଚାଳିତ ମାଇନର ସ୍କୁଲ ଅଛି ଏବଂ ଗୋଟିଏ ଓଡ଼ିଆ ରଙ୍ଗାଳୟ ଅଛି । ସେଠାକାର ଓଡ଼ିଆ ନାଟକର ଅଭିନୟ ଦେଖି ଅନେକ ବିଶିଷ୍ଟ ବ୍ୟକ୍ତି ତୃପ୍ତି ଲାଭ କରିଅଛନ୍ତି । ଅଭିନୟର ଭାଷା ଠିକ ଓଡ଼ିଶା ଅଞ୍ଚଳର ଭାଷା ପରି । ଦମୟନ୍ତୀ ପୁଷ୍କରିଣୀ କୋଟପାଡର ପ୍ରଧାନ ଦୃଶ୍ୟ । ଜୟପୁର ନଳରାଜାଙ୍କର ନିଷାଦ ରାଜ୍ୟ ଥିଲା ବୋଲି ଯେଉଁ କିମ୍ବଦନ୍ତୀ ଅଛି, ଏହି ଦମୟନ୍ତୀ ସରୋବର ସେହି କିମ୍ବଦନ୍ତୀର ପୋଷକ ହୋଇପାରେ କି ନାହିଁ, ତାହା ଐତିହାସିକମାନଙ୍କର ବିଚାର୍ଯ୍ୟ ହେବା ଉଚିତ । କୋଟପାଡ଼ରେ ମାଟି ଭିତରେ ଗୋଟାଏ ସହର ପୋତିହୋଇ ରହିଅଛି । ସେ ସମ୍ବନ୍ଧରେ ଶ୍ରୀଯୁକ୍ତ ବିଶ୍ୱନାଥ ପଣ୍ଡାପାଢ଼ୀ ୭।୪।୩୪ତାରିଖର ଦୈନିକ ସମାଜରେ ଲେଖିଅଛନ୍ତି—

"ବର୍ତ୍ତମାନ କୋଟପାଡ଼ ଗୋଟିଏ ଭଗ୍ନାବଶିଷ୍ଟ ଦୁର୍ଗ । ଏହି ଦୁର୍ଗଟି ଗୋଟିଏ ବିସ୍ତୃତ ପ୍ରାନ୍ତର ଉପରେ ଅବସ୍ଥିତ । ପ୍ରାନ୍ତରଟି ଦିନେ ଗୋଟିଏ ବିଶାଳ ସହର ହୋଇଥିବାର ଜଣାଯାଏ । ଏହି ପ୍ରାନ୍ତର ଗର୍ଭରୁ ସ୍ଥାନେ ସ୍ଥାନେ କୂପ ଓ ଅଟ୍ଟାଳିକାମାନଙ୍କର ଭିତ୍ତି ବାହାରୁଅଛି । କୋଟପାଡ଼ ଗ୍ରାମବାସୀ ସେହି ପ୍ରାନ୍ତର ଗର୍ଭରୁ ଇଟାମାନ ଖୋଳିଆଣି ନିଜ ନିଜ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରନ୍ତି । ଲୋକେ କହନ୍ତି—ଏହି ପ୍ରାନ୍ତରସ୍ଥ ସହରଟି କୋଟପାଡ଼ ଦୁର୍ଗାଧିପତିଙ୍କର ରାଜଧାନୀ ଥିଲା । ଦୁର୍ଗଟି ଗୋଟିଏ ପରିଖାବେଷ୍ଟିତ । ତାହାର ଉତ୍ତର ପାର୍ଶ୍ୱସ୍ଥ ସୁଦୀର୍ଘ ଦମୟନ୍ତୀ ଜଳାଶୟ ଏହାର ଉତ୍ତର ପରିଖା ରୂପେ ବିଦ୍ୟମାନ । ଆଉ ଏହି ଜଳାଶୟଟି କୌଣସି ଓଡ଼ିଆ ରାଜାଙ୍କ କୀର୍ତ୍ତି ବୋଲି ଅଦ୍ୟାବଧି ଲୋକଙ୍କ ମୁଖରେ ପ୍ରକାଶ ପାଉଅଛି । କୋଟପାଡ଼ ଗ୍ରାମଟି ଜୟପୁର ଓ ବସ୍ତର ରାଜ୍ୟର ମଧ୍ୟରେ ଅବସ୍ଥିତ । ଏହି ସବୁ ପ୍ରମାଣମାନଙ୍କରୁ ଜଣାଯାଏ, କୋଟପାଡ ଉକ୍ତ ରାଜ୍ୟର ରାଜଧାନୀ ଥିଲା । ଜୟପୁର କଳାହାଣ୍ଡି ଓ ବସ୍ତରର ରାଜାମାନେ ନିଜ ନିଜ ରାଜଧାନୀମାନ

ଯଥାକ୍ରମେ ନନ୍ଦପୁରରୁ ଜୟପୁରକୁ, କଳାହାଣ୍ଡିରୁ ଭବାନୀପାଟଣାକୁ ଓ ବସ୍ତରରୁ ଜଗଦଲପୁରକୁ ଘୁଞ୍ଚାଇ-ଆଣିଥିବା ହେତୁ ଅନେକ ଆହୁରି ଅନୁମାନ କରନ୍ତି ଯେ, ଜୟପୁର, କଳାହାଣ୍ଡି ଓ ବସ୍ତର ଉତ୍କଳରାଜ୍ୟର ଅନ୍ତର୍ଭୁକ୍ତ ଥିଲା ଓ ଉକ୍ତ ରାଜାମାନେ ଶାସନସୁବିଧା ପାଇଁ ନିଜ ନିଜର ରାଜଧାନୀମାନ ସାମ୍ରାଜ୍ୟର ରାଜଧାନୀ କୋଟପାଡ଼ ନିକଟକୁ ଘୁଞ୍ଚାଇଆଣିଛନ୍ତି । ସେ ଯାହା ହେଉ ବର୍ତ୍ତମାନ କୋଟପାଡ ସହର ଗୋଟିଏ ଭଗ୍ନାବଶିଷ୍ଟ ଦୁର୍ଗ । ତାହା ଯେଉଁ ବିଶାଳ ପ୍ରାନ୍ତର ଉପରେ ଅବସ୍ଥିତ, ସେହି ପ୍ରାନ୍ତର ଗର୍ଭରେ ଏକ ବିଶାଳ ସହରର ଭିତ୍ତି ଲୁକ୍କାୟିତ ରହିଅଛି ଓ ଗୋଟିଏ ପ୍ରକାଣ୍ଡ ଅସ୍ତ୍ରାଗାର ମଧ୍ୟ ଦୁର୍ଗର ପୂର୍ବ ପାର୍ଶ୍ୱସ୍ଥ ପ୍ରାନ୍ତର ଗର୍ଭରେ ଥିବାର ଜଣାଯାଏ । ଏହି ସବୁ ନିଦର୍ଶନମାନଙ୍କରୁ ଓ ୧୯୨୪ ସାଲ ୧୯ଶ ଭାଗ ମାର୍ଗଶିର ୮ମ ସଂଖ୍ୟା "ମୁକୁର"ର ୧୭୩ ପୃଷ୍ଠାରେ "ଉତ୍କଳାନ୍ତର ପ୍ରସାର" ପ୍ରବନ୍ଧରେ ବ୍ରଜବନ୍ଧୁ ବାବୁ ଉତ୍କଳରାଜ୍ୟ ସ୍ଥିର କରିବାକୁ ଯାଇ ଯେଉଁ ପ୍ରମାଣମାନ ଦର୍ଶାଇଅଛନ୍ତି, ତହିଁରୁ ସ୍ପଷ୍ଟ ଜଣାଯାଏ ଯେ, କୋଟପାଡ ଦିନେ ଉକ୍ତ ରାଜ୍ୟର ରାଜଧାନୀ ଥିଲା । ଆଶାକରୁ, ପ୍ରତ୍ନତତ୍ତ୍ୱଜ୍ଞମାନେ ଏହାର ସତ୍ୟତା ସ୍ଥିର କରି ଉତ୍କଳ ଇତିହାସର ପୃଷ୍ଠା ଉଜ୍ଜ୍ୱଳ କରିବେ ।

ଏ ସମ୍ବନ୍ଧରେ ଜୟପୁରର ବର୍ତ୍ତମାନ ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ କହନ୍ତି—"କୋଟ-ପାଡର ଭଗ୍ନାବଶିଷ୍ଟ ଦୁର୍ଗ ଜୟପୁରର ରାଜା ପ୍ରଥମ ବିକ୍ରମ ଦେବଙ୍କ ଅମଳରେ ୧୭୭୨ ସାଲରେ ନିର୍ମିତ ହୋଇଥିଲା । ପ୍ରଥମ ବିକ୍ରମ ଦେବ ୧୭୫୮ ଖ୍ରୀଷ୍ଟାବ୍ଦରୁ ୧୭୮୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।" ଏହା ପୂର୍ବରୁ ମଧ୍ୟ ଲିଖିତ ହୋଇଅଛି ।

କୋଟପାଡ଼ର "ମିରଗାଡ" ଜାତି ସୂତାରେ ସ୍ଥାୟୀ ରଙ୍ଗ ଦେଇ ସୁନ୍ଦର ଭାବରେ ରଙ୍ଗାଇପାରନ୍ତି । ଲୁଗା ଚିରିଯିବାଯାଏ ରଙ୍ଗର ଉଜ୍ଜ୍ୱଳତା ଅଟଳ ଥାଏ । ଏହା ଗୋଟିଏ ଲାଭଜନକ ଶିଳ୍ପ; କିନ୍ତୁ ସେହି ମିରଗାଡ ଜାତି ହାତରେ ଏକଚୁଟିଆ ହୋଇ ରହି-ଅଛି । ଅନ୍ୟ କୌଣସି ଜାତି ତାହା ଶିକ୍ଷା କରି ଜୀବିକା ନିର୍ବାହର ଏତେ ସହଜ ଉପାୟ ଅବଲମ୍ବନ କରୁ ନାହିଁ । ଜାତିଗତ ବ୍ୟବସାୟ ସୀମାବଦ୍ଧ ହୋଇ ରହେ; ସେଥିରେ କ୍ରମବିକାଶ ଘଟେ ନାହିଁ । ବ୍ୟବସାୟ ନୀଚ ଜୀବିକା ନୁହେଁ, ନୀତିଶାସ୍ତ୍ର ବଜ୍ରନିର୍ଘୋଷରେ ଘୋଷଣା କରୁଅଛି—"ବାଣିଜ୍ୟେ ବସତେ ଲକ୍ଷ୍ମୀଃ ।" ଏକା ଦରଜି ଲୁଗା ସିଇଁବ, ଅନ୍ୟ ଜାତି ସିଇଁଲେ ତାହାର ମାନ ହାନି ହେବ, ଏ ବିଶ୍ୱାସ ଗୋଟାଏ ବିଷାକ୍ତ କୁସଂସ୍କାର । ଏକ ଜାତିର ଲୋକ ଅନ୍ୟଜାତିର ବ୍ୟବସାୟ କଲେ ସେ ତାହାର ପାରିବୃତ୍ତି—ସେଥିରେ ମହତ୍ତ୍ୱ ବଢେ । ଏଣିକି ଯେଭଳି ଅର୍ଥସଂକଟ ବଢ଼ିଅଛି, ସେଥିରେ ନାନା ବ୍ୟବସାୟର ଆଶ୍ରୟ ନ ନେଇ କେବଳ ପୈତୃକ ବ୍ୟବସାୟଟି ଧରି ବସିଲେ ପ୍ରତି ପଦକ୍ଷେପରେ ସଂସାରରେ ଝୁଣ୍ଟିବା ଅନିବାର୍ଯ୍ୟ । ଅମରକୋଟ ନାମକ ସ୍ଥାନରେ ଉତ୍କୃଷ୍ଟ ବାଉଁଶ ପଟି ବୁଣାଯାଏ । ତାହା ଖପଟାରୁ ଶକ୍ତ ଏବଂ କାରୁକଳାରେ ସୁନ୍ଦର । ସର୍ବପ୍ରକାର ଶିଳ୍ପରେ ଜୟପୁରର ମହତ୍ତ୍ୱ ଊଣା ନୁହେଁ । ସୁବିଧାଜନକ ପଥ ନ ଥିବାରୁ ଏବଂ ଜୟପୁର ଓଡ଼ିଶାରୁ ବହୁ ଦୂରବର୍ତ୍ତୀ ଏକ କୋଣରେ ଅବସ୍ଥିତ ହେତୁ ତାହାର ମହତ୍ତ୍ୱ ସମ୍ୟକ୍ ସର୍ବତ୍ର ଉପଲବ୍ଧି ହୋଇପାରୁ ନାହିଁ । ବିଶେଷତଃ ସେ ଓଡ଼ିଶାରୁ ବହୁକାଳରୁ ବିଚ୍ଛିନ୍ନ ହୋଇ ରହିଅଛି । ସେହି ହେତୁ ତାହା ସଙ୍ଗରେ ଓଡ଼ିଶାର ଜାତୀୟ ବନ୍ଧନ ଶିଥିଳ ହୋଇପଡ଼ିଅଛି । ବର୍ତ୍ତମାନ ମହାରାଜ ସାହିତ୍ୟ-ସମ୍ରାଟ୍ ରାଜର୍ଷି ବିକ୍ରମଦେବ ବର୍ମାଙ୍କ ଅମଳରେ ଜୟପୁରର ନାମ ଓଡ଼ିଶାରେ ଯେପରି ବ୍ୟାପିଯାଇଅଛି, ପୂର୍ବେ କେବେ ସେପରି ବ୍ୟାପି ନ ଥିଲା । ବିକ୍ରମଦେବ ପୂର୍ବର ସେହି ସ୍ୱାଭାବିକ ଶ୍ଲଥ ଜାତୀୟ ବନ୍ଧନକୁ ଦୃଢ଼ୀଭୂତ କରୁଅଛନ୍ତି । ଓଡ଼ିଶାର ଅଧେ ବଳ ଜୟପୁରରେ ରହିଅଛି । ତାହା ବିନା ଓଡ଼ିଶା ଯେପରି ହୀନବଳ, ଓଡ଼ିଶା ବିନା ସେ ମଧ୍ୟ ସେହିପରି ହୀନବଳ ହୋଇ-ପଡ଼ିଅଛି । ସେଥିପାଇଁ ଉଭୟର ନେତ୍ର ଅଶ୍ରୁଭାରାକ୍ରାନ୍ତ ଏବଂ ପ୍ରାଣ କ୍ରନ୍ଦନଶୀଳ ହୋଇ ରହିଅଛି । ଏ ତୀବ୍ର ବେଦନା, ଏ ଉଗ୍ର ଯନ୍ତ୍ରଣା ସର୍ବଥା ଅସହ୍ୟ । ଉଭୟର ମସ୍ତକରେ ମଙ୍ଗଳ ମିଳନର ଦେବଆଶୀର୍ବାଦ ଅଚିରେ

ବର୍ଣ୍ଣିତ ହେଉ, ମଙ୍ଗଳମୟ ବିଧାତାଙ୍କ ଶ୍ରୀଚରଣରେ ଏହାହିଁ କାତର ଭିକ୍ଷା ।

ଜୟପୁରର ପୂର୍ବରେ କୋରାପୁଟ ସହର । କେହି କେହି କୋରାପୁଟ, କରାପଟ କରାପ ବୋଲି ମଧ୍ୟ କହନ୍ତି । ଛାହାରି କାହାରି ମତରେ କରା ଶବ୍ଦର ଅର୍ଥ ତେଲଗୁ ଭାଷାରେ କୋଚଲା ।ପଟ ବା ପୁଟ ପତ୍ତନ ଶବ୍ଦର ଅପଭ୍ରଂଶ । ପୂର୍ବେ ସେ ଅଞ୍ଚଳରେ ଅନେକ କୋଚଲା ବଣ ଥିବାରୁ ଏରୂପ ନାମକରଣ ହୋଇଅଛି । କିମ୍ବା କୋରାପୁଟ ନାମର ଅନ୍ୟ କାରଣ ମଧ୍ୟ ଥାଇପାରେ ; ମାତ୍ର ସବୁ ଗ୍ରାମ ନାମର ଅର୍ଥ ହୁଏ ନାହିଁ । ଗ୍ରାମ ନାମର ମୂଳ ତତ୍ତ୍ୱ ଅନୁସନ୍ଧାନ କରିବା ମଧ୍ୟ ସହଜ ନୁହେଁ । କୋରାପୁଟ ଗୋଟିଏ କ୍ଷୁଦ୍ର ସହର । ସେଠାରେ ସରକାରୀ ଏଜେଣ୍ଟଙ୍କ ଅଫିସ, ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଅଫିସ, କଚେରୀ, ଜେଲ, ହଜତ ପୋଲିସ ଅଫିସ ଓ ପୋଷ୍ଟଅଫିସ ପ୍ରଭୃତି ଅଛି । ସହରଟି କ୍ଷୁଦ୍ର ହେଲେହିଁ ସ୍ଥାନୀୟ ପ୍ରାକୃତିକ ଦୃଶ୍ୟ ମନୋହର । ଜୟପୁର ଯାତାୟାତ କରୁଥିବା ମୋଟର ବସ୍ ସେଠାରେ ବିଶ୍ରାମ କରେ । ସେଠାରେ ହୋଟେଲ ଏବଂ ଦକ୍ଷିଣୀ ଜଳଖିଆର ଦୋକାନ ଅଛି । ଜଳବାୟୁ ଅତି ଶୀତଳ ଏବଂ ମେଲେରିଆପୂର୍ଣ୍ଣ । ସେ ଅଞ୍ଚଳରେ ଜଙ୍ଗଲ ନାହିଁ, ମୃତ୍ତିକା ଲାଲବର୍ଣ୍ଣ । ଅନେକ ବଗିଚା ବିଶେଷତଃ କଲମୀ ଆମ୍ବର ତୋଟାମାନ ଅଛି । ପ୍ରସ୍ତରମୟ ସ୍ଥାନ ହେଲେ ସୁଦ୍ଧା ସ୍ଥାନେ ସ୍ଥାନେ ଯଥେଷ୍ଟ କୃଷିଭୂମି ଦେଖାଯାଏ । ସାପ୍ତାହିକ ହାଟ ବସେ, ଛୋଟ ଛୋଟ ଲାଲ ପାହାଡ଼ଚୂଳିକ ପ୍ରକୃତିଦେବୀଙ୍କ ବକ୍ଷରେ ମନୋରମ ଶୋଭା ପ୍ରାୟ ବଡ଼ ସୁନ୍ଦର ଦିଶେ । ଶିଶୁ ପକ୍ଷିଙ୍କ ପରି ସେଥିରୁ ଝରଣା ବହିଆସୁଥାଏ । ଜୟପୁର ଅଞ୍ଚଳରେ ମାଟିର ପର୍ବତ ଅନେକ ଦେଖାଯାଏ । ସେଗୁଡ଼ିକ ଗିରି ରାଜ୍ୟର ଦୀନ ହୀନ ପ୍ରଜା, ସେମାନଙ୍କର ସାଧାରଣଙ୍କ ପରି ଧନ ସମ୍ପତ୍ତି ନାହିଁ; ତଥାପି ପଲ୍ଲବନାଶୁଣ ପରି ସେମାନେ ପର୍ବତକୁ ବିଦ୍ରୂପ କରୁଅଛନ୍ତି । କୋରାପୁଟ ପର୍ବତମୟ ପ୍ରଦେଶ; ସୁତରାଂ ଉଚ୍ଚସ୍ଥାନ ହେଲେ ସୁଦ୍ଧା ତାହାଙ୍କ କୋଳାଣି ମେଲେରିଆଦେବୀଙ୍କ ପ୍ରଭାବ ସେଠାରେ ଅଧିକ । ସୁନ୍ଦର ଶରୀରର ତାହା ଗୋଟାଏ ଭୀଷଣ କଳଙ୍କ । ଚନ୍ଦନ ବୃକ୍ଷ ବି ସର୍ପର ନିବାସ ହୁଏ । ସଂସାରରେ ଅସମ୍ଭବ କଅଣ । କୋରାପୁଟର ଅଧିବାସୀମାନଙ୍କ ମଧ୍ୟରେ ବହୁ ଭାଗରୁ ତେଲଗୁ ଓଡ଼ିଆ ଭାଷାଭାଷୀ, ଅବଶିଷ୍ଟ ଆଦିମ ଜାତୀୟ । ସେମାନେ ନିଜ ନିଜର ଜାତୀୟ ଭାଷା ବ୍ୟବହାର କରନ୍ତି ।

ମାଲକାନଗିରି—ଏହାର ଆକୃତି ଅତି ବିଶାଳ; ମାତ୍ର ଅଧିବାସୀ ସଂଖ୍ୟା ଖୁବ୍ ଅଳ୍ପ । ଉତ୍ତର ଦିଗରେ ବହୁ ଦୂର ବିସ୍ତୃତ ଶ୍ୟାମକାନ୍ତ ଶାଳବଣ ଏଡ଼େ ନିବିଡ଼ ଯେ, ଦୂରରୁ ପର୍ବତମାଳା ପ୍ରାୟ ପ୍ରତୀୟମାନ ହୁଏ । ଏ ତାଲୁକା ଭୀଷଣ ଅରଣ୍ୟମୟ । ସ୍ୱଦୂରବ୍ୟାପୀ ବାଉଁଶବଣ ସମୁଦ୍ର ପ୍ରାୟ ବିସ୍ତୃତ । ବାଲିମେଲା ଓ ପୋଲସୁଣ୍ଡାରେ ପ୍ରଚୁର ବାଉଁଶବଣ ଦେଖାଯାଏ । ଭେଙ୍କଟାପଲ୍ଲୀ ଅଞ୍ଚଳରେ ଏକ ପ୍ରକାର ଘାସ ବହୁତ ହୁଏ । ଏହି ଘାସର ଲମ୍ବ ଆଠଫୁଟରୁ ଅଧିକ । ଏହି ଘାସଦ୍ୱାରା ସ୍ଥାନୀୟ ଲୋକେ କୌଣସି କୁଟୀରଶିଳ୍ପ ପ୍ରସ୍ତୁତ କରନ୍ତି କି ନାହିଁ ତାହା ଅଜ୍ଞାତ । ଘାସବଣରେ ସାପର ଭୟ ଅଧିକ । ଜୟପୁର ମଧ୍ୟରେ ଏ ସ୍ଥାନରେ ସର୍ବାପେକ୍ଷା ବହୁତ ବୃଷ୍ଟି ହୁଏ । ବର୍ଷାକାଳରେ ପଥ ପ୍ରାନ୍ତର କର୍ଦ୍ଦମିତ ଏବଂ ଜଳମୟ ହୋଇ ଲୋକ ଯାତାୟାତର ଅଗମ୍ୟ ହୋଇଉଠେ । ଏଠାରେ ଛ ମାସ କେବଳ ବର୍ଷା ଏବଂ ଛ ମାସ କେବଳ ଗ୍ରୀଷ୍ମ ହୁଏ; ତଥାପି ମେଲେରିଆର ପ୍ରଭାବ ଊଣା ନୁହେଁ । ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରେ "ମଡିଆ" ନାମକ ବନ୍ୟଜାତି ବାସ କରନ୍ତି । ପୂର୍ବଦିଗର ପାହାଡ଼ ବନ୍ଦା ପରଜା ଜାତିର ବାସସ୍ଥାନ । ତାହା ଲଙ୍ଗୁଳୀ ରାଜ୍ୟ । ମାଲକାନଗିରି ଏବଂ କୁରକୁନ୍ଦା ମଧ୍ୟରେ ରଣା ପାଇକମାନଙ୍କର ନିବାସସ୍ଥାନ । ସେମାନେ ନିଷ୍କର ଭୂମି ଜାଗିରି ରୂପେ ଭୋଗ କରନ୍ତି । ଦକ୍ଷିଣଭାଗରେ "କୋୟା" ନାମକ ବନ୍ୟ ଜାତି ଅଛନ୍ତି । ସେମାନଙ୍କର ଭାଷା ସ୍ୱତନ୍ତ୍ର, ତାହା ଅନ୍ୟ କେହି ବୁଝିପାରନ୍ତି ନାହିଁ । ସିଲେରୁ ନଦୀକୂଳରେ ଉତ୍କୃଷ୍ଟ ଦୋକଡ଼ା ବୃକ୍ଷ ହୁଏ ଏବଂ ସ୍ଥାନେ ସ୍ଥାନେ କମଳାଲେମ୍ବୁର ବୃକ୍ଷ ମଧ୍ୟ ହୁଏ । ଦେବଡ଼ଙ୍ଗର ପର୍ବତରେ ପୁରାତନ ଦୁର୍ଗର ଭଗ୍ନାବଶେଷ ଅଛି । ପୂର୍ବେ ଦୁର୍ଗର ସିଂହଦ୍ୱାରରେ ନରବଳି ଦିଆଯାଉଥିଲା । ଦୁର୍ଗର ରାଣୀ ପୀଡ଼ିତାବସ୍ଥାରେ ନରବଳି ମାନସିକ କରି ରୋଗମୁକ୍ତ ହୋଇଥିଲେ ।

ଏହି ଉଦ୍ଦେଶ୍ୟରେ ଦଶବର୍ଷର ଗୋଟିଏ ବାଳକାକୁ ବଳି ଦିଆଯାଇଥିଲା । ଏହି ଘଟଣା ୧୮୫୪ ସାଲରେ ଘଟିଥିଲା ବୋଲି ବିଶାଖପଟ୍ଟଣ ଗେଜେଟିଅରରେ ଉଲ୍ଲେଖ ଅଛି । ମାଲକାନଗିରି ଅଞ୍ଚଳର ଆଦିମ ଜାତିମାନେ ମଦ୍ୟ ସେବନ କରନ୍ତି । ଖାଦ୍ୟର ଅଭାବ ହେଲେ ହଣ୍ଡା ମାଟିରେ ମଦ୍ୟ ମିଶାଇ ଖାଆନ୍ତି ।

ପରିଜା ଜାତିର ସ୍ତ୍ରୀମାନେ ସମସ୍ତେ ପ୍ରାୟ ସମାନ ଉଚ । ସେମାନଙ୍କର କେଶବିନ୍ୟାସ ଅତି ଅଦ୍ଭୁତ ପ୍ରକାର । ସେମାନଙ୍କର ଅଧର ଲେଉଟିପଡ଼ିଲା ପରି ବହଳ ଦିଶେ । ସେମାନେ ଅଳଙ୍କାରପ୍ରିୟା; ଧାତୁ ନିର୍ମିତ ଭାରି ଅଳଙ୍କାରକୁ ସେମାନେ ଖୁବ୍ ପସନ୍ଦ କରନ୍ତି । ଏମାନେ ରାୟଗଡ଼ ଅଞ୍ଚଳରେ ଅଧିକ ସଂଖ୍ୟାରେ ବାସ କରନ୍ତି । ରାୟଗଡ଼ ନିକଟବର୍ତ୍ତୀ ପର୍ବତଗୁମ୍ଫା ଭିତ୍ତିରେ ନାନା ପ୍ରକାର ସୂକ୍ଷ୍ମ କାରୁକଳା ଖୋଦିତ ହୋଇଅଛି । ଜୟପୁରର ଉତ୍ତର ଦିଗସ୍ଥ ପ୍ରଶସ୍ତ ଉଚ ଭୂଖଣ୍ଡ ନବମ ଶତାବ୍ଦୀ ପୂର୍ବରୁ ତ୍ରିକଳିଙ୍ଗ ନାମରେ ଅଭିହିତ ହେଉଥିଲା । ଗଞ୍ଜାମ ଜିଲ୍ଲା ମହେନ୍ଦ୍ର ପର୍ବତର ପଶ୍ଚିମସ୍ଥ ଉକ୍ତ ଭୂଖଣ୍ଡର ଅଂଶବିଶେଷକୁ ଗଙ୍ଗବାଡି ବୋଲି କହୁଥିଲେ । ଉକ୍ତ ପ୍ରଦେଶରୁ କଳିଙ୍ଗର ଗଙ୍ଗମାନେ ଆସିଥିବାର କଥିତ ଅଛି । ପୂର୍ବକାଳରେ ଜୟପୁରର ଉତ୍ତରପୂର୍ବ କୋଣସ୍ଥ ମଧ୍ୟପ୍ରଦେଶର ବିସ୍ତରଠାରୁ ବସ୍ତର ମଧ୍ୟରେ ଯେଉଁସବୁ ରାଜ୍ୟ ସୃଷ୍ଟି ହୋଇଥିଲା, ସେହି ରାଜ୍ୟମାନଙ୍କ ସଙ୍ଗରେ ଜୟପୁରର ଐତିହାସିକ ସମ୍ପର୍କ ଅଛି । ବ୍ରାହ୍ମୀଭାଷାର ଶିଳାଲିପିରୁ ଜୟପୁର ରାଜ୍ୟର ପ୍ରାଚୀନ ରାଜଧାନୀ ନନ୍ଦପୁରର ନାମ ଜଣା ଯାଇଅଛି । ଜୟପୁର ରାଜ୍ୟର ନାମ ମହାକାନ୍ତାର ଥିଲା, ଏହା ପୂର୍ବରୁ ଲକ୍ଷିତ ହୋଇଅଛି । ମହାକାନ୍ତାର ଅର୍ଥ—ମହାବନସ୍ଥଳ । ମହାକାନ୍ତାରର ପୂର୍ବରେ ପୁରାଣପ୍ରସିଦ୍ଧ ଉତ୍କଳ-ହିମାଳୟ ମହେନ୍ଦ୍ର ଗିରି ଅବସ୍ଥିତ ।

ଜୟପୁର ଉତ୍କଳଲକ୍ଷ୍ମୀଙ୍କର ରତ୍ନ ଭଣ୍ଡାଗାର । ଉତ୍କଳର ସାହିତ୍ୟ, ଇତିହାସ, ବିଜ୍ଞାନ ଦର୍ଶନ, ପ୍ରତ୍ନତତ୍ତ୍ୱ, ଶୋଭା, ସମ୍ପଦ, ଶକ୍ତି ଶୌର୍ଯ୍ୟ, କୀର୍ତ୍ତି, ଗୌରବ, ସୁଖ୍ୟାତି, ପୌରୁଷ, ଅମର ଅତୁଳ ଶିଳ୍ପକଳା, ଜୟପୁରରେ ଏକାଧାରରେ ପୁଞ୍ଜୀଭୂତ । ଏହି ରାଜ୍ୟରୁ ଅନେକ ପ୍ରାଚୀନ ଶିଳାଲିପି, ତାମ୍ରଫଳକ, ପ୍ରାଚୀନ ସ୍ୱର୍ଣ୍ଣ ରୌପ୍ୟର ମୁଦ୍ରା ମିଳିଅଛି ଏବଂ ଅଦ୍ୟାବଧି ସ୍ଥାନବିଶେଷରୁ ମିଳୁଅଛି । ଅମର କୋଟ ନିକଟସ୍ଥ ପଦାପ୍ରଭାରୁ ଯେଉଁସବୁ ଶିଳାଲିପି ମିଳିଅଛି ସେଥିରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ରାଜାମାନଙ୍କ ବିଷୟ ଜଣାଯାଏ । ନଳବଂଶର ଜନୈକ ଯୁବରାଜ ଭବଦତ୍ତ ପିତା ହରାଇଥିବା ରାଜ୍ୟର ପୁନରୁଦ୍ଧାର କରିଥିଲେ । ସେ ହରିହରଙ୍କୁ ମନ୍ଦିରରେ ସ୍ଥାପନ କରିଥିଲେ ଏବଂ ଗୋଟିଏ ପାନ୍ଥଶାଳା ସ୍ଥାପନ କରି କୀର୍ତ୍ତି ଅର୍ଜନ କରିଥିଲେ । ଉକ୍ତ ଶିଳାଲିପିରୁ ଏହିସବୁ ଐତିହାସିକ ପ୍ରମାଣ ମିଳେ । ୧୮୯୭ ଖ୍ରୀଷ୍ଟାବ୍ଦରେ ଭୈରବସିଂହପୁରର ନିକଟସ୍ଥ ରାମୁଣ୍ଡା ନାମକ ସ୍ଥାନରୁ କେତେଗୁଡ଼ିଏ ସୁବର୍ଣ୍ଣ ମୋହର ମିଳିଥିଲା । ଉକ୍ତ ମୁଦ୍ରାଗୁଡ଼ିକ ଚତୁର୍ଥ ଶତାବ୍ଦୀର ବିଜୟନ୍ତୀ ରାଜାମାନଙ୍କ ଅମଳର ଅଟେ । ୧୯୧୪ ଖ୍ରୀଷ୍ଟାବ୍ଦରେ କୋଟପାଡ଼ଠାରେ ରୋମାନରାଜାନଙ୍କ ସମୟର ରୌପ୍ୟମୁଦ୍ରା ମିଳିଥିଲା । ଉକ୍ତ ମୁଦ୍ରା କିପରି ସୁଦୂରରୁ ଆସି ଏ ଅଞ୍ଚଳରେ ପ୍ରଚଳିତ ହେଉଥିଲା, ତାହା ଐତିହାସିକମାନଙ୍କର ଅନୁସନ୍ଧେୟ । ରାମୁଣ୍ଡାରେ କେତେକ ଜୈନ ମନ୍ଦିରରେ ଜୈନମୂର୍ତ୍ତି ସ୍ଥାପିତ ରହିଥିବାର ଦେଖାଯାଏ । ସେ ଅଞ୍ଚଳର କୃଷକ ଅଧିବାସୀମାନେ ଉକ୍ତ ମୂର୍ତ୍ତିଗୁଡ଼ିକୁ ହିନ୍ଦୁ ଦେବମୂର୍ତ୍ତି ଜ୍ଞାନରେ ହିନ୍ଦୁ ରୀତିରେ ପୂଜା କରନ୍ତି । ପ୍ରାକୃତିକ ଉପଦ୍ରବରେ କେତେ ଜୈନମୂର୍ତ୍ତି ନଷ୍ଟ ଏବଂ କେତେ ବିକଳାଙ୍ଗ ହୋଇଯାଇଅଛି । ପୁଣି ଲତା ଓ ଶୈବାଳଦ୍ୱାରା ଆଚ୍ଛନ୍ନ ହୋଇ କେତେ ମୂର୍ତ୍ତି ଅସ୍ପଷ୍ଟ ହୋଇରହିଅଛି । ଅମରକୋଟର ଦେବୀମୂର୍ତ୍ତି ପ୍ରତିବର୍ଷ ଦଶହରା ଉତ୍ସବ ସମୟରେ ଜୟପୁରକୁ ଆନୀତ ହୁଅନ୍ତି । ଉତ୍ସବ ଶେଷରେ ପୁଣି ଯଥାସ୍ଥାନକୁ ଫେରିଯାଆନ୍ତି । ହରପା ଏବଂ ମହେଞ୍ଜୋଦାରୋ ନାମକ ଦୁଇ ସ୍ଥାନରୁ ମୃତ୍ତିକା ଗର୍ଭରୁ ମୃତ୍ତିକା ନିର୍ମିତ ମୂର୍ତ୍ତିମାନ ବାହାରୁଅଛି । ସ୍ଥାନେ ସ୍ଥାନେ ମାଟି ଖୋଳିଲେ ନାନା ପ୍ରକାର ପଶୁର ମୂର୍ତ୍ତି ଅଦ୍ୟାବଧି ମିଳୁଅଛି । ଏହିପରି କେତେ ଲିପି, କେତେ ମୁଦ୍ରା, କେତେ ମୂର୍ତ୍ତି ଜୟପୁରର ନାନା ସ୍ଥାନରୁ ସଂଗୃହୀତ ହୋଇଅଛି । ଆହୁରି କେଉଁଠାରେ

ଯେ କେତେ ଲୁପ୍ତରତ୍ନ, କେତେ ଐତିହାସିକ ଉପାଦାନ ମୃତ୍ତିକା, ପ୍ରସ୍ତର ଗର୍ଭରେ ପୋତିହୋଇ ରହିଅଛି, ତାହା କିଏ କହିପାରିବ । ସମୟର ଗତିରେ ସେ ସମସ୍ତର କ୍ରମଶଃ ଉଦ୍ଧାର ସାଧନ ହେବ, ଏହା ଦୃଢରୂପେ କୁହାଯାଇପାରେ; କିନ୍ତୁ ଯେ ଶୁଭଦିନ ନିକଟରେ କି ଦୂରରେ, ତାହା ଭବିଷ୍ୟତର ଗୋଚର । ତାହା ସବୁ ଆବିଷ୍କୃତ ହେଲେ ଉତ୍କଳର ପୂର୍ଣ୍ଣାଙ୍ଗ ଇତିହାସ ଲେଖକଙ୍କୁ ବହୁତ ଉପାଦାନ ମିଳିବ । ଜୟପୁର ବିବିଧ ରତ୍ନର ଆକର । ଧରଣୀଦେବୀ ଜୟପୁରରେ ବସୁନ୍ଧରା ନାମକୁ ସାର୍ଥକ କରିଅଛନ୍ତି । ଦେଶରେ ପ୍ରତ୍ନତତ୍ତ୍ୱ ଅନୁସନ୍ଧିତ୍ସୁ ଐତିହାସିକ ଅଧିକ ନ ଥିଲେ ମଧ୍ୟ ଏକାନ୍ତ ଅଭାବ ନାହାନ୍ତି । କେତେଜଣ ଉଚ୍ଚ ଶିକ୍ଷିତ ଯୁବକ ସେ ଦିଗରେ ଚେଷ୍ଟା କରିଆସୁଅଛନ୍ତି । ସେମାନଙ୍କର ଚେଷ୍ଟା ଇତିହାସର ମୂଳପିଣ୍ଡ ହୋଇ ରହୁଅଛି । ସୁତରାଂ ଇତିହାସର ଭବିଷ୍ୟତ ଉଜ୍ଜ୍ୱଳ ବୋଧ ହେଉଅଛି ।

ଜୟପୁରର ରାଜା ଓଡ଼ିଆ, ପ୍ରଜା ଓଡ଼ିଆ ଏବଂ ପ୍ରାଣ ଓଡ଼ିଆ । ସେ ରାଜ୍ୟର ଅନେକ ଆଦିମ ଜାତି ସୁନ୍ଦର ଓଡ଼ିଆ କହିପାରନ୍ତି । ଜୟପୁର ଭ୍ରମଣ ସମୟରେ ଲେଖକ ସେଥିର ପ୍ରତ୍ୟକ୍ଷ ପ୍ରମାଣ ଉପଲବ୍ଧି କରିଅଛି । "ରୁପା" ନାମକ ଜଣେ ପରଜା ଜାତିର ଲୋକକୁ ତାହାର ସନ୍ତାନସଂଖ୍ୟା ପ୍ରଶ୍ନ କରିବାରୁ ସେ କହିଲା— "ଦିଟା ମଣଷ ପିଲା, ଦିଟା ମାଇପିଲା ମାହାପ୍ରୁ"(ମହାପ୍ରଭୁ) ତାହାର ବାପକୁ ପ୍ରଶ୍ନ କରାଗଲା—"ତୁ ରୁପାର କିଅଣ ହେଉ ? ସେ କହିଲା—"ମୁଁ ରୁପାର ବୋପା ଲାଗେ ମାହାପ୍ରୁ ।" ଆଉ ଜଣକର ନାମ, "ଆଇତୁ ।" ଆଇତୁ କୌତୁକିଆ ଲଙ୍ଗିଆ ଭେଣ୍ଡା, ବସ୍ତ୍ର ପାଲଟିବାର ଜାଣି-ମଞ୍ଜି ପରି, ସେ ଶରୀର, ମସ୍ତକ ଓ ହସ୍ତ ହଲାଇ ବଡ଼ ସୁନ୍ଦର ଭଙ୍ଗୀରେ କଥା କହିପାରେ । ଆଇତୁ ମାଣ୍ଡିଆପାଉ ଖାଏ, ତା ଦେହ ଅଷ୍ଟାରହେ । ସେ ପାଣି ପିଏ ନାହିଁ, ତିନିଥର ଏକାଦିକ୍ରମେ ଭାତ ଖାଇଲେ "ଜାଇଲା ପଡ଼ିଯିବ" ବୋଲି ଆଶଙ୍କା କରେ । ତାକୁ ପଚରିବାକୁ ହେଲା—"ଆଇତୁ, ତୁ ବଣକୁ ଯାଉ, ବାଘ ଖାଇଯିବ ବୋଲି ଡରମାଡ଼େ ନାହିଁ ?" ସେ ନିର୍ବିକାରରେ କହିଲା—"ଜାଇଲେ ଜାଇବ ମାହାପ୍ରୁ, ତାଇଁକି କୋଉଣ କରିବା, ସେ ତ ଗୋଟେ ଲେଖା ମାହାପ୍ରୁ ।" ଏହା କହି ସେ କପାଳରେ ହାତ ମାରିଲା । ପୁଣି ପ୍ରଶ୍ନ ହେଲା—'ଆଇତୁ, ତୁ ବାଘକୁ ମାରିପାରିବୁ ନାହିଁ ?' ସେ ଉତ୍ତର କଲା—"ବାଘକୁ ? ତାକୁ ମାରିବାକୁ କିଏ ଅଛି ମାହାପ୍ରୁ । ସେ ତ ଆସିବ, ନେଇ ପଳାଇବ ।" ସେମାନେ ଏହିପରି ଓଡ଼ିଆ ଭାଷା ବେଶ କହିପାରନ୍ତି । ଖାଲି ତେଲଙ୍ଗା ରୀତିରେ ଗୁରୁପ୍ରାଣ ବର୍ଣ୍ଣକୁ ଲଘୁପ୍ରାଣ ଏବଂ ଲଘୁପ୍ରାଣକୁ ଗୁରୁପ୍ରାଣ ପରି ଉଚ୍ଚାରଣ କରି ଓଡ଼ିଆ ଭାଷାର ମହତ୍ତ୍ୱ ବୁଢ଼ାଇବସନ୍ତି । ସେ ଯାହା ହେଉ ସେମାନଙ୍କ ଭାଷା ଯେ ବିଶୁଦ୍ଧ ଓଡ଼ିଆ, ଏହା କହିବା ବାହୁଲ୍ୟ ମାତ୍ର । ଜୟପୁରରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ଶତକଡ଼ା ୯୬ଜଣ, ଏହା ପୂର୍ବରୁ ଲକ୍ଷିତ ହୋଇ-ଅଛି; ମାତ୍ର ଓଡ଼ିଆ ସଂଖ୍ୟା ଅତ୍ୟଧିକ ହେଲେ ମଧ୍ୟ ଓଡ଼ିଆ ଜନଶକ୍ତି ସେଠାରେ ଅତି ସଙ୍କୁଚିତ । ସେଥିର କାରଣ ପ୍ରତିବେଶୀ ଜାତିର ସ୍ୱାର୍ଥପରତା ଏବଂ ଦୁର୍ଜ୍ଜୟ ପ୍ରଭାବ । ଜୟପୁରକୁ ପାଇବା ପାଇଁ ଉତ୍କଳର ପ୍ରାଣ ବ୍ୟାକୁଳ ଏବଂ ଉତ୍କଳରେ ମିଶିବା ପାଇଁ ଜୟପୁରର ପ୍ରାଣ ତତୋଽଧିକ ବ୍ୟାକୁଳ । ଜୟପୁରର ଉତ୍କଳ ଏଜେନ୍‌ସି ସମ୍ମିଳନୀ ଦୁଇଥର ଅଧିବେଶନରେ ତାହା ସ୍ପଷ୍ଟ ଦେଖାଇଦେଇଅଛି । ଯେଉଁଠାରେ ପ୍ରାଣର ବ୍ୟାକୁଳତା ଚରମସୀମାକୁ ଲଙ୍ଘି ଯାଇଅଛି, ସେଠାରେ ଜାତୀୟ ବନ୍ଧନ ଯେ ଖୁବ୍ ପ୍ରାଚୀନ ଏବଂ ଖୁବ୍ ଦୃଢ, ଏହା କିଏ ଅସ୍ୱୀକାର କରିବ ? ଉଭୟର ସେହି ପ୍ରାଣର ପ୍ରବଳ ଆକର୍ଷଣ ଦିନେ ଦୁହିଁଙ୍କୁ ଏକ କରିଦେବ, ଏହା ସ୍ୱାଭାବିକ ସତ୍ୟ । ପ୍ରତିବନ୍ଧକ ଯୋଗୁଁ ନଈ ଦୁଇଧାର ହୋଇ-ପଡ଼େ, ଦୁଇଟା ସ୍ୱତନ୍ତ୍ର ସ୍ରୋତ ବହେ, ଦୁହେଁ ଦୁର୍ବଳ ହୋଇପଡ଼ନ୍ତି; ମାତ୍ର ପ୍ରାଣର ଆକର୍ଷଣ କିଛି ଦୂର ପରେ ପୁଣି ଦୁହିଁଙ୍କୁ ମିଶାଇଦିଏ । ଦୁଇଟା ସ୍ରୋତ ପୁଣି ଏକ ହୋଇଯାଏ । ଯେଉଁ ପ୍ରକୃତି ଗୋଟାକୁ ଦୁଇଟା କରିଦିଏ, ସେହି ରହସ୍ୟରସମୟୀ ପ୍ରକୃତି ପୁଣି ଦୁଇଟାକୁ ଗୋଟାଏ କରିଦିଏ । ତେତେବେଳେ ତାହାରି ଶରୀର ପୁଣି ପୂର୍ବ ପରି ପୁଷ୍ଟ ଏବଂ ସବଳ ହୋଇଉଠେ, ଶକ୍ତି ଅସମ୍ଭାଳ ହୋଇଉଠେ । କିଂଶ ଭର୍ଷାଧିକ କାଳର ଜାତୀୟ

ଆନ୍ଦୋଳନ କଦାପି ବିଫଳ ହେବ ନାହିଁ, ଏହି ଆଶା ଖଣ୍ଡବିଖଣ୍ଡିତ ଓଡ଼ିଆ ଜାତିକୁ ବଞ୍ଚାଇରଖିଅଛି । ଏ ଭଳି ଗୋଟାଏ ଏକପ୍ରାଣ ମହାଜାତିକୁ ସ୍ୱାର୍ଥବେଶୀ ପ୍ରତିଦ୍ୱନ୍ଦ୍ୱୀ ଜାତିମାନେ କେତେ ଦିନ ଖଣ୍ଡଖଣ୍ଡ କରି ରଖିପାରିବେ । ସ୍ୱାର୍ଥ ପାଇଁ ଗୋଟାଏ ଜାତିକୁ ଦୁର୍ବଳ କରି ରଖିବା କୌଣସି ହୃଦୟବାନ୍ ସଭ୍ୟ ଶିକ୍ଷିତ ଜାତିର ଲକ୍ଷଣ ନୁହେଁ । ସେହି ପ୍ରତିଦ୍ୱନ୍ଦ୍ୱୀ ଜାତିକୁ କେହି ଖଣ୍ଡ ଖଣ୍ଡ କରି ରଖିଲେ ସେମାନଙ୍କ ପ୍ରାଣର ଅବସ୍ଥା ନ ଜାଣି ତାହା ସହୁଛ କି ? ପ୍ରତ୍ୟେକ ଜାତି ପରସ୍ପରକୁ ନିଜ ପରି ଜ୍ଞାନ କରିବା ହିଁ ମାନବ ଧର୍ମ । ଉଦାରତା ସ୍ୱର୍ଗର ଦୁର୍ଲଭ ଅମୃତ ଏବଂ ସ୍ୱାର୍ଥ, ଭେଦନୀତି ନରକର ପ୍ରାଣଘାତୀ ପୂତିଗନ୍ଧ । ଓଡ଼ିଆ ଜାତି କ ତାହାରିକୁ ଭିକ୍ଷା ମାଗୁ ନାହିଁ, ସେ ତାହାର ଅଧିକାର ଦାବି କରୁଅଛି । ସେ ଦାବି ସବୁଜାତିର ଜନ୍ମଗତ । ତାହା ପ୍ରାକୃତିକ ଅଧିକାର । ତାହାକୁ ଛଡ଼ାଇନେବାର ଶକ୍ତି କାହାର ନାହିଁ । ସମସ୍ତ ମାନବ ଏକ ଈଶ୍ୱରଙ୍କର ସନ୍ତାନ, ସମସ୍ତଙ୍କ ମଧ୍ୟରେ ଭ୍ରାତୃତ୍ୱବନ୍ଧନ ଧର୍ମ ଦୃଷ୍ଟିରେ ସମୀଚୀନ । ଈଶ୍ୱରଙ୍କର ମଧ୍ୟ ତାହାହିଁ ଆଦେଶ, ସେ ପୁଣ୍ୟାଦେଶ ଲଙ୍ଘନ କରିବା ପିତୃଦ୍ରୋହ ମହାପାପ ନୁହେଁ କି ? ମନୁଷ୍ୟ କ୍ରମେ ଉନ୍ନତ ହେଉଅଛି, ଶିକ୍ଷା ସଭ୍ୟତାର ଗର୍ବ କରୁଅଛି; ମାତ୍ର ତାହାର ସ୍ୱାର୍ଥବିଷାକ୍ତ ଭେଦବୁଦ୍ଧି ଦୂର ହେଉ ନାହିଁ କାହିଁକି ? କୌଣସି ଉଚ୍ଚ ଆଦର୍ଶ ଜାତି ପକ୍ଷରେ ଏହା କଳଙ୍କ ନୁହେଁ କି ? ଏ କଳଙ୍କ ଦୂର ହେଲେ ଧରା ସ୍ୱର୍ଗ ହୁଅନ୍ତା । ଯେକେହି ପ୍ରବଳ ହେଉ ପଛକେ, କାହାକୁ ସହଜାତ ଅଧିକାରରୁ ବଞ୍ଚିତ କରିବାର ଶକ୍ତି କାହାର ନାହିଁ । ଅଯଥା ଶକ୍ତି ପ୍ରୟୋଗ କଲେ ତାହା ସର୍ବଥା ବିଫଳ ହୁଏ, ଏହା ସ୍ୱତଃସିଦ୍ଧ ସତ୍ୟ, ଅପ୍ରସଙ୍ଗ ରାଜ୍ୟର ଉପକଥା ନୁହେଁ ।

## ପଞ୍ଚମ ପରିଚ୍ଛେଦ

ପୂର୍ବକାଳରେ ଜୟପୁର ରାଜ୍ୟର ନାମ ନନ୍ଦପୁର ଥିଲା । ଚତୁର୍ଦ୍ଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଶିଳାବଂଶୀୟ ରାଜାମାନେ ନନ୍ଦପୁରରେ ରାଜତ୍ୱ କରୁଥିଲେ । ସେମାନେ କି ସୂତ୍ରରେ ନନ୍ଦପୁର ହସ୍ତଗତ କରିଥିଲେ, ସେ ବିଷୟରେ ଅଦ୍ୟାବଧି କୌଣସି ବିଶେଷ ଗବେଷଣା ହୋଇ ନାହିଁ । ଗଙ୍ଗ ରାଜୁଙ୍କ ପୁତ୍ର ବିଶ୍ୱନାଥ ରାଜୁ ପ୍ରାୟ ୧୩୫୩ ଖ୍ରୀଷ୍ଟାବ୍ଦରେ ନନ୍ଦପୁରରେ ରାଜପଣ କରୁଥିଲେ । ତାଙ୍କ ସ୍ତ୍ରୀ ଅନ୍ନେମା ଦେବୀଙ୍କ ଗର୍ଭରୁ ଭୈରବ ରାଜୁ ନାମକ ପୁତ୍ର ଜନ୍ମଗ୍ରହଣ କଲେ । ଭୈରବ ରାଜୁ ୧୩୬୦ ଖ୍ରୀଷ୍ଟାବ୍ଦରୁ ୧୩୯୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ପୁତ୍ର ଦ୍ୱିତୀୟ ବିଶ୍ୱନାଥ ରାଜୁ ୧୩୯୭ରୁ ୧୪୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜପଣ କରିଥିଲେ । ସେ ଓଡ୍ରାଣ୍ଡ ରାଜାଙ୍କ କନ୍ୟା ସିଙ୍ଗାମାଙ୍କୁ ବିବାହ କରି ସେ ବଂଶ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ଏହି ଓଡ୍ରାଣ୍ଡ ଦେଶ ଏକ ଓଡ଼ିଆ ଦେଶ ବୋଲି କଥିତ ହୁଏ । ଓଡ୍ରାଣ୍ଡ ଶବ୍ଦ ଓଡ୍ରବାଡ ବା ଓଡ୍ରବାଣ୍ଡ ଶବ୍ଦର ଅପଭ୍ରଂଶ । ଏହି ଓଡ୍ରାଣ୍ଡ ରାଜକନ୍ୟାଙ୍କ ଗର୍ଭଜାତ ପୁତ୍ର ପ୍ରତାପଗଙ୍ଗ ରାଜୁ ୧୪୪୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜପଣ କରିଥିଲେ । ଏହି ପ୍ରତାପଗଙ୍ଗ ରାଜୁ ଶିଳାବଂଶର ଶେଷ ରାଜା । ଆଧୁନିକ ଜୟପୁର ରାଜବଂଶର ପ୍ରତିଷ୍ଠାତା ବିନାୟକ ଦେବ ଏହି ପ୍ରତାପଗଙ୍ଗ ରାଜୁଙ୍କ କନ୍ୟାଙ୍କୁ ବିବାହ କରି ଯୌତୁକ ସ୍ୱରୂପ ନନ୍ଦପୁର ରାଜ୍ୟ ପାଇଥିଲେ । ଜୟପୁର ରାଜବଂଶାବଳୀରୁ ଜଣାଯାଏ, ଏହି ବିନାୟକ ଦେବ କାଶ୍ମୀର ରାଜା କନକ ସେନଙ୍କ ବିଂଶତିଂଶ ବଂଶଧର ।

ବିନାୟକ ଦେବଙ୍କ ପିତାଙ୍କ ନାମ କୁମ୍ଭରାଜ ଦେବ, ସେ ନାନା ଭାଗ୍ୟବିପର୍ଯ୍ୟୟ ପରେ କାଶ୍ମୀର ଏବଂ ଜମ୍ମୁ ପ୍ରଦେଶର ରାଜା ହୋଇଥିଲେ । ତାଙ୍କର ତିନି ଗୋଟି ପୁତ୍ର ଥିଲେ—ସ୍ୱରୂପ ବା ପ୍ରାଣନାଥସିଂହ ଦେବ, ବିନାୟକ ସିଂହ ଦେବ ଏବଂ ଯୁଗଳ ଦେବ । ଏହି ତିନି ପୁତ୍ର ମଧ୍ୟରେ ବିନାୟକ ମଧ୍ୟମ । ରାଜା କୁମ୍ଭରାଜଙ୍କ ମୃତ୍ୟୁ ପରେ ସିଂହାସନ ପାଇଁ ଭ୍ରାତୃବିବାଦ ଉପସ୍ଥିତ ହେଲା ।

ସ୍ୱରୂପ ଓ ବିନାୟକ ଉଭୟେ ଭିକ୍ଷା ପାଇବାକୁ ଚେଷ୍ଟା କଲେ ; କିନ୍ତୁ ପରିଶେଷରେ ଜ୍ୟେଷ୍ଠପୁତ୍ର ସ୍ୱରୂପଙ୍କୁ ସିଂହାସନ ଲାଭ କଲେ । ସେ ରାଜ୍ୟରେ ରହିଲେ ଆତ୍ମ-ସମ୍ଭ୍ରମ ନଷ୍ଟ ହେବ ଭାବି ବିନାୟକ ଦେବ କାଶ୍ମୀର ତ୍ୟାଗ କରି କାଶୀରେ ଆସି ଉପସ୍ଥିତ ହେଲେ ଏବଂ ସେଠାରେ ଦେବାଧିଦେବ ବିଶ୍ୱେଶ୍ୱର ମହାପ୍ରଭୁଙ୍କୁ ଧ୍ୟାନ କରି କଠୋର ତପଶ୍ଚରଣରେ ପ୍ରବୃତ୍ତ ହେଲେ । ତାଙ୍କର ଭକ୍ତି ଓ ସାଧନାରେ ସଂତୁଷ୍ଟ ହୋଇ ପ୍ରଭୁ ବିଶ୍ୱନାଥ ଏକବିଂଶ ବତ୍ସର ସନ୍ଧିରେ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, "ବତ୍ସ, ତୋର ତପସ୍ୟାରେ ମୁଁ ପ୍ରସନ୍ନ ହୋଇଅଛି, ମୋର ଆଦେଶରେ ତୁ ଦାକ୍ଷିଣାତ୍ୟ ପ୍ରଦେଶସ୍ଥ ପ୍ରସିଦ୍ଧ ନନ୍ଦପୁର ରାଜ୍ୟକୁ ଗମନ କର । ସେଠାରେ ଅଚିରେ ତୋର ଭାଗ୍ୟ ଉଜ୍ଜ୍ୱଳ ହେବ । ବିନାୟକ ଦେବ ଏହି ଦେବାଦେଶ ପାଇ ହୃଷ୍ଟଚିତ୍ତରେ ବିଶ୍ୱେଶ୍ୱରଙ୍କ ଶ୍ରୀଚରଣରେ ଭକ୍ତି ପ୍ରଣତି ନିବେଦନ ପୂର୍ବକ ସେଠାରୁ ବାହାରିଲେ । ସେ ଉତ୍ତରଭାରତର ନାନା ସ୍ଥାନ ପରିଭ୍ରମଣ କରି ପରିଶେଷରେ ୧୪୪୩ ଖ୍ରୀଷ୍ଟାବ୍ଦରେ ନନ୍ଦପୁରରେ ଆସି ଉପସ୍ଥିତ ହେଲେ । ସେଠାରେ ସେ ସମ୍ପୂର୍ଣ୍ଣ ଅପରିଚିତ ହେତୁ ନନ୍ଦପୁରସ୍ଥ ସର୍ବେଶ୍ୱର ଶିବମନ୍ଦିରରେ ରାତ୍ରି ଯାପନ କଲେ । ଏଣେ ସେହି ରାତ୍ରିରେ ନନ୍ଦପୁର ଭୂପତିଙ୍କୁ ପ୍ରଭୁ ସର୍ବେଶ୍ୱରଙ୍କର ସ୍ୱପ୍ନାଦେଶ ହେଲା । ସଦାଶିବ ସ୍ୱପ୍ନରେ ଆବିର୍ଭୂତ ହୋଇ ରାଜାଙ୍କୁ କହିଲେ—"ବତ୍ସ ପ୍ରତାପ ଗଙ୍ଗ, ଆଜି ମୋର ଦେଉଳରେ ଜଣେ ସୂର୍ଯ୍ୟବଂଶୀୟ ରାଜକୁମାର ଆଶ୍ରୟ ନେଇଅଛନ୍ତି, ସେ ରୂପରେ ଓ ଗୁଣରେ ମହାମହାନ୍, ତୁ ତାଙ୍କୁ ବହୁତ ସମ୍ମାନପୂର୍ବକ ଅଭ୍ୟର୍ଥନା କରି ନେଇ ତୋର କନ୍ୟାକୁ ତାଙ୍କ ହସ୍ତରେ ସମର୍ପଣ କର, ସେ ସର୍ବାଂଶରେ ତୋର ଜାମାତା ହେବାର ଉପଯୁକ୍ତ । ଏହି ଦେବାଦେଶ ମତେ ତହିଁ ପର ଦିନ ରାଜା ସର୍ବେଶ୍ୱର ଦେଉଳକୁ ସପାରିଷଦ ବିଜେହୋଇ ସେଠାରେ ବିନାୟକ ଦେବଙ୍କୁ ଭେଟିଲେ ଏବଂ ତାଙ୍କଠାରୁ ତାଙ୍କର ବିସ୍ତୃତ ପରିଚୟ ପାଇ ପରମ ପରିତୋଷ ଲାଭ କଲେ । ତହୁଁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନାରେ ରାଜନଗରକୁ ଘେନିଯାଇ ତାଙ୍କ ହସ୍ତରେ ନିଜର ସର୍ବଗୁଣାଲଙ୍କୃତା, ସର୍ବସୁଲକ୍ଷଣମୟୀ କନ୍ୟାକୁ ସମ୍ପ୍ରଦାନ କରି ସେ ନିଜକୁ ଧନ୍ୟ ମଣିଲେ ପୁଣି ଏହି ଶୁଭବିବାହର ଯୌତୁକ ସ୍ୱରୂପ ନନ୍ଦପୁର ରାଜ୍ୟ ନବଜାମାତାଙ୍କୁ ସମର୍ପଣ କଲେ । ବୋଧ ହୁଏ ରାଜାଙ୍କର ପୁତ୍ର ସନ୍ତାନ ନ ଥିଲେ । ନଚେତ୍ ରାଜ୍ୟଟାଯାକ ଜାମାତାଙ୍କୁ ଅର୍ପଣ କରିଥାନ୍ତେ କାହିଁକି ? ଏ ବିଷୟରେ ରାଜବଂଶାବଳୀରେ କିଛି ଉଲ୍ଲେଖ ନାହିଁ । ଜନଶ୍ରୁତି ମଧ୍ୟ ନୀରବ । ବିଶ୍ୱେଶ୍ୱରଙ୍କ ପ୍ରଦତ୍ତ ବର ସଫଳ ହେଲା । ସେହି ଦିନ ବିନାୟକଙ୍କ ଭାଗ୍ୟରେ ନବଅରୁଣର ଉଦୟ ହେଲେ । ପୁଣି ସର୍ବେଶ୍ୱରଙ୍କ କୃପାରୁ ସେ ଦିବ୍ୟ କନ୍ୟା ଲାଭ କରି ନିଜକୁ ଭାଗ୍ୟଧର ମନେକଲେ । ତାଙ୍କ ଭାଗ୍ୟରେ ବାସନ୍ତୀ ଚନ୍ଦ୍ରଜ୍ୟୋତ୍ସ୍ନା ଉପରେ ଦୁର୍ଲଭ ଅମୃତ ବୃଷ୍ଟି ହେଲା । "କିଂ ନ କରୋତି ବିଧିଃ ଯଦି ରୁଷ୍ଟଃ କିଂ ନ ଦଦାତି ସ ଏବ ତୁଷ୍ଟଃ ?"

ଏହି ବିବରଣୀ ବର୍ତ୍ତମାନ ଜୟପୁର ରାଜବଂଶର ମୂଳ ଭିତ୍ତି । ଏଥିରେ ସତ୍ୟାସତ୍ୟ ଯେତେ ପରିମାଣରେ ଥାଉ ପଛକେ, ବିନାୟକ ଦେବ ଯେ ଏହି ବଂଶର ପ୍ରତିଷ୍ଠାତା ବା ଆଦି ପୁରୁଷ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଏ ସମ୍ବନ୍ଧରେ "A short account of the tour of His Ex the Govornor of Madras to Jeypore ନାମକ କ୍ଷୁଦ୍ର ଇଂରେଜୀ ପୁସ୍ତକର ମୁଖବନ୍ଧରେ ଏହିପରି ଲିଖିତ ଅଛି—୧୪୪୩ ଖ୍ରୀଷ୍ଟାବ୍ଦରେ କାଶ୍ମୀର ରାଜାଙ୍କ କନିଷ୍ଠ ସହୋଦର ବିନାୟକ ଦେବ ତୀର୍ଥ ଭ୍ରମଣ ଉଦ୍ଦେଶ୍ୟରେ କାଶୀଧାମକୁ ଯାତ୍ରା କରିଥିଲେ । ସେ ନାନା ତୀର୍ଥ ଭ୍ରମଣ କରି ଶେଷରେ ନନ୍ଦପୁରରେ ଉପସ୍ଥିତ ହେଲେ । ସେ ନନ୍ଦ-ପୁରର ତଦାନୀନ୍ତନ ରାଜାଙ୍କ କନ୍ୟାଙ୍କୁ ବିବାହ କରି ନନ୍ଦପୁର ରାଜ୍ୟରେ ରାଜା ହେଲେ । ସେହି ସମୟରେ ନନ୍ଦପୁର ରାଜ୍ୟ ପାରଳାଖେମଣ୍ଡିଠାରୁ ରାୟଗଡ଼ ସର୍ବସିଦ୍ଧି ତାଲୁକା ଏବଂ ସିହାଡୋଲଠାରୁ ଭଦ୍ରାଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସୁପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିଶାରଦ ମହାରାଜଜାମାତା ଶ୍ରୀଯୁକ୍ତ ବିଦ୍ୟାଧର ସିଂହ ଦେବ, ବି. ଏ. ଏମ. ଆର.ଏ. ଏସ. ବି, ଏଲ୍, ମହାଶୟ

ତାଙ୍କର—"Jeypore in Vizagaptam" ନାମକ ପୁସ୍ତକରେ ଏହି ବିଷୟରେ ଯଥେଷ୍ଟ ଆଲୋଚନା କରିଅଛନ୍ତି। ଜୟପୁର ରାଜବଂଶାବଳୀରେ ମଧ୍ୟ ବିନାୟକ ଦେବ ବଂଶର ପ୍ରତିଷ୍ଠାତା ବୋଲି ଲିଖିତ ଅଛି । ଏହିସବୁ ପ୍ରମାଣ ଦୃଷ୍ଟିରୁ ବିନାୟକ ଦେବ ବଂଶର ଆଦି ପୁରୁଷ ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ବିନାୟକ ବୁଦ୍ଧିମାନ୍, ଗୁଣବାନ୍ ଏବଂ ବିଶିଷ୍ଟ ବଂଶୋଦ୍ଭବ; ସୁତରାଂ ସେ ନନ୍ଦପୁର ଭୂପତିଙ୍କର କୃପାଦୃଷ୍ଟି ଆକର୍ଷଣ କରିପାରିଥିବେ, ଏହା ବିଚିତ୍ର କଥା ନୁହେ । ନନ୍ଦପୁର ରାଜକନ୍ୟାଙ୍କୁ ପାଣିଗ୍ରହଣ କରିବା ମଧ୍ୟ ଅସମ୍ଭବ ନୁହେଁ। ରାଜାଙ୍କ ମୃତ୍ୟୁ ପରେ ସେ ଜାମାତୃସୂତ୍ରରେ ରାଜଗାଦି ଲାଭ କରିଥିବେ, ଏଭଳି ଦୃଷ୍ଟାନ୍ତ ଇତିହାସରେ ବିରଳ ନୁହେଁ । ଏଥିରେ ଅସ୍ୱାଭାବିକତା କିଛି ନାହିଁ ।

ବିନାୟକ ଦେବଙ୍କ ସିଂହାସନାରୋହଣର ୩।୪ ବର୍ଷ ପରେ ରାଜ୍ୟରେ ଘୋର ପ୍ରଜା ବିଦ୍ରୋହ ଉପସ୍ଥିତ ହେଲା । ଏହି ପ୍ରଜାମେଳି ଏପରି ଭୀଷଣ ଆକାର ଧାରଣ କଲା ଯେ, ବିନାୟକ ଦେବ ବାଧ୍ୟ ହୋଇ ରାଜଧାନୀ ତ୍ୟାଗକରି ପଶ୍ଚିମାଭିମୁଖରେ ବଣେ ବଣେ ପଳାଇବାକୁ ଲାଗିଲେ । ଯାଉଁ ଯାଉଁ ଛତିଶଗଡ଼ ଇଲାକାର ଲବଣିଆ ନାମକ ଜଣେ ପରାକ୍ରମୀ ବଞ୍ଜାରା ବଣିକସର୍ଦ୍ଦାରଙ୍କ ସଙ୍ଗରେ ତାଙ୍କର ଭେଟ ହେଲା । କ୍ରମେ କ୍ରମେ ପରିଚୟରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଜାତ ହେଲା । ବଣିକ ସର୍ଦ୍ଦାର ତାଙ୍କ ଭାଗ୍ୟ ବିପର୍ଯ୍ୟୟର କଥା ଶୁଣି ତାଙ୍କ ପ୍ରତି ଯଥେଷ୍ଟ ସହାନୁଭୂତି ପ୍ରଦର୍ଶନପୂର୍ବକ ତାଙ୍କର ରାଜ୍ୟୋଦ୍ଧାର ନିମନ୍ତେ ଚେଷ୍ଟିତ ହେଲେ । ସେ ବିନାୟକ ଦେବଙ୍କୁ ଦଶହଜାର ବଳଦ ଏବଂ ଚାରି ହଜାର ଲସ୍କର ସାହାଯ୍ୟ ପ୍ରଦାନ କଲେ । ଏହି ବଳଦବ୍ୟୂହ ବୋଧ ହୁଏ ଅସ୍ତ୍ର ଶସ୍ତ୍ର, ସୈନ୍ୟ ବାହିନୀର ଖାଦ୍ୟ ଏବଂ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରଭୃତି ବହନ ସକାଶେ ଅର୍ପିତ ହୋଇଥିଲା । ବିନାୟକ ଏହି ସୈନ୍ୟବଳ ସହ ନନ୍ଦପୁରକୁ ଫେରି ଆସି ଦୁଷ୍ଟ ମେଳିଆମାନଙ୍କୁ ଦମନପୂର୍ବକ ରାଜ୍ୟ ସ୍ୱାୟତ୍ତ କଲେ । ପ୍ରବଳ ବିଦ୍ରୋହାଗ୍ନି ନିର୍ବାପିତ ହୋଇ ପୂର୍ବପରି ରାଜ୍ୟରେ ଶାନ୍ତି ପ୍ରତିଷ୍ଠିତ ହେଲା । ଭାଗ୍ୟଲକ୍ଷ୍ମୀ ରାଜାଙ୍କ ପ୍ରତି ପୁଣି ଅନୁକୂଳ ହେଲେ । ପ୍ରଜାମାନେ ସୁଖରେ ଜୀବନ ନିର୍ବାହ କରିବାକୁ ଲାଗିଲେ । ଏହି ବଣିକର ସ୍ମୃତିରକ୍ଷା ଏବଂ ବଣିକବନ୍ଧୁ ପ୍ରତି କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେହିଦିନଠାରୁ ଗୋବନ୍ଧନ ରଜ୍ଜୁ ( ଗୋରୁପଘା ବା ଗୋରୁ ପଘା) ରାଜ ସଙ୍କେତ ରୂପେ ଚଳିଆସୁଅଛି ।

ବିନାୟକ ଦେବଙ୍କ ଅମଳରେ ନନ୍ଦପୁର ରାଜ୍ୟର ସୀମା ସଂପ୍ରସାରିତ ହୋଇଥିଲା । ସେ ନିଜ ବାହୁବଳରେ ମାଡ଼ଗୁଲ, ଗୋଲକୁଣ୍ଡା, ତିପି ଏବଂ ଗୁଣୁପୁର ପ୍ରଭୃତିର ରାଜାମାନଙ୍କୁ ଜୟ କରି ସେମାନଙ୍କଠାରୁ କର ଗ୍ରହଣ କରୁଥିଲେ । ତାଙ୍କ ସମୟରେ ନନ୍ଦପୁର ରାଜ୍ୟର ସୀମା ନିମ୍ନଲିଖିତ ପ୍ରକାରରେ ବିସ୍ତୃତି ଲାଭ କରିଥିଲା । ପୂର୍ବରେ ସିଂହାଚଳ ନାଗରାଖାନା, ଦକ୍ଷିଣରେ ଭାମ୍ବାମେଣ୍ଟ, ସର୍ବସିଦ୍ଧି ରାମ୍ବାର, ପଶ୍ଚିମରେ ବସ୍ତର ରାଜ୍ୟର ଖସ୍ତର ନଦୀ, ଉତ୍ତରରେ କଳାହାଣ୍ଡି, ରେଣି ବୁଡାଲିଙ୍ଗ ବଡ଼ଖେମୁଣ୍ଡୀ ସମୀପସ୍ଥ ଫଟ୍ଟସୁଣ୍ଡା ଏବଂ ପାରଳା ଖେମୁଣ୍ଡୀ ନିକଟବର୍ତ୍ତୀ ଗୁମାଗଡ଼ । ବିନାୟକ ଦେବ ଏହି ସୁବିଶାଳ ରାଜ୍ୟର ଏକଚ୍ଛତ୍ରାଧିପତି ରାଜା ଥିଲେ । ସେ ନନ୍ଦପୁରର ସର୍ବେଶ୍ୱର ଶିବଙ୍କର "ମହାମନ୍ଦିର" ବହୁ ଧନବ୍ୟୟରେ ନିର୍ମାଣ କରିଥିଲେ । ଆହୁରି ଅନେକ ସତ୍କୀର୍ତ୍ତି ମଧ୍ୟ ସେ ଉପାର୍ଜନ କରିଥିଲେ ବୋଲି ଲୋକଙ୍କ ମୁଖରୁ ଶୁଣାଯାଏ । ଧାର୍ମିକ ବିଦ୍ୱାନ ରାଜନୀତିବିଶାରଦ ରାଜା ବିନାୟକ ଦେବ ୧୪୪୩ ଖ୍ରୀଷ୍ଟାବ୍ଦରୁ ୧୪୭୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୩୩ ବର୍ଷ ରାଜତ୍ୱ କରି ନିୟତିର ଅବ୍ୟର୍ଥ ନିମନ୍ତ୍ରଣରେ ପରଲୋକକୁ ପ୍ରୟାଣ କଲେ । ସେ ଜଣେ ପ୍ରଜାପ୍ରାଣ ରାଜା ସ୍ୱଜନିର୍ବିଶେଷରେ ପ୍ରଜା ପାଳନ କରି ନିଜକୁ ଅମର କରିଯାଇଅଛନ୍ତି । ପ୍ରଜାମାନେ ତାଙ୍କ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ପିତୃତୁଲ୍ୟ ଭକ୍ତି ଓ ସମ୍ମାନ କରୁଥିଲେ ।

ବିନାୟକ ଦେବଙ୍କ ପରେ ତାଙ୍କର ସୁଯୋଗ୍ୟ ପୁତ୍ର ବିଜୟଚନ୍ଦ୍ର ଦେବ ୧୪୭୭ ଖ୍ରୀଷ୍ଟାବ୍ଦରେ ନନ୍ଦପୁର ସିଂହାସନରେ ଅଭିଷିକ୍ତ ହେଲେ । ସେତେବେଳକୁ ତାଙ୍କର ବୟଃକ୍ରମ ୨୭ ବର୍ଷ ହୋଇଥିଲା । ବିଜୟଚନ୍ଦ୍ରଙ୍କ ଶାସନ ପାଳନରେ ପ୍ରଜାମାନେ ଶାନ୍ତି ସୁଖରେ କାଳ ଯାପନ କରୁଥିଲେ । ତାଙ୍କ ରାଜତ୍ୱ

କାଳରେ ବକ୍ଷିଣାବ୍ରୟଣ ଏବଂ କନକ ଦୁର୍ଗୀ ନନ୍ଦପୁରକୁ ଆନୀତ ହୋଇଥିଲେ । ସେ ବିବରଣ ପୂର୍ବରୁ ଲକ୍ଷିତ ହୋଇଅଛି । ସେ ୪୪ ବର୍ଷ ରାଜତ୍ୱ କରି ୧୫୧୦ ଖ୍ରୀଷ୍ଟାବ୍ଦରେ ପ୍ରାଣ ତ୍ୟାଗ କଲେ । ମୃତ୍ୟୁ ସମୟକୁ ତାଙ୍କର ବୟସ ୭୧ ବର୍ଷ ହୋଇଥିଲା । ସେ ପିତୃ ସଦ୍‌ଗୁଣର ଉପଯୁକ୍ତ ଦାୟାଦ ଥିଲେ । ସେ ଜଣେ ଧାର୍ମିକ ନରପତି, ଭଗବନ୍ନାମ ଉଚ୍ଚାରଣ କରୁଁ କରୁଁ ସଜ୍ଞାନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଅନନ୍ତର ବିଜୟଚନ୍ଦ୍ରଙ୍କ ପୁତ୍ର ଭୈରବ ଦେବ ବିଂଶ ବର୍ଷ ବୟଃକ୍ରମ ସମୟରେ ୧୫୧୦ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣ କଲେ । ସେ ଜଣେ ବୀର ପୁରୁଷ ଥିଲେ । ଧନୁର୍ବେଦ ବିଦ୍ୟାରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା । ସେ ନିଜ ରାଜ୍ୟାନ୍ତର୍ଗତ ବୋରିଗୁମା ଗଡ଼ରେ "ଭୈରବ ସାଗର" ନାମକ ସୁବୃହତ୍ ପୁଷ୍କରିଣୀ ଖୋଳାଇଥିଲେ । ରାଜା ଭୈରବ ଦେବ ୧୭ ବର୍ଷ ରାଜପଣ କରି ୧୫୨୭ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ କଲେ । ସେ ୧୪୮୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ, ୪୦ ବର୍ଷ ବୟସ ସମୟରେ ମାନବଲୀଳା ସମ୍ବରଣ କଲେ ।

ତାଙ୍କ ପରେ ତାଙ୍କର ପୁତ୍ର ବିଶ୍ୱନାଥ ଦେବ ୧୫୨୭ ଖ୍ରୀଷ୍ଟାବ୍ଦରେ ପୈତୃକ ରାଜ୍ୟରେ ଯଥାବିଧି ଅଭିଷିକ୍ତ ହେଲେ । ସେତେବେଳକୁ ତାଙ୍କର ବୟସ ୧୮ବର୍ଷ ମାତ୍ର ହୋଇଥିଲା । ଅଳ୍ପ ବୟସରେ ରଜା ହୋଇ ସୁଦ୍ଧା ସେ ପ୍ରବୀଣ ନରପତିଙ୍କ ପରି ଅତି ଦକ୍ଷତାର ସହିତ ରାଜ୍ୟଶାସନ ସୁପରିଚାଳନ କରୁଥିଲେ । ତାଙ୍କ ସମୟରେ କୌଣସି ଉଲ୍ଲେଖଯୋଗ୍ୟ ବିଶେଷ ଘଟଣା ଘଟିନଥିଲା । ସେ ୪୪ ବର୍ଷକାଳ ଶାନ୍ତିରେ ରାଜତ୍ୱ କରି ୧୫୭୧ ଖ୍ରୀଷ୍ଟାବ୍ଦରେ ସାଧୁଜନୋଚିତ ଧାମକୁ ପ୍ରସ୍ଥାନ କଲେ । ୬୨ ବର୍ଷ ସମୟରେ ତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ପୁତ୍ର ପ୍ରଥମ ବଳରାମ ଦେବ ପିତାଙ୍କ ମୃତ୍ୟୁ ପରେ ୩୧ବର୍ଷ ସମୟରେ ରାଜଗାଦିରେ ବସି ୨୬ ବର୍ଷ ରାଜତ୍ୱ କରି ୧୫୯୭ ଖ୍ରୀଷ୍ଟାବ୍ଦରେ ଦେହ ତ୍ୟାଗ କଲେ । ସେ ପିତାଙ୍କ ପରି ଶାନ୍ତିପ୍ରିୟ ରାଜା ଥିଲେ ।

ବଳରାମ ଦେବଙ୍କ ପରେ ତାଙ୍କ ପୁତ୍ର ଯଶୋବନ୍ତ ଦେବ ୧୫୯୭ ଖ୍ରୀଷ୍ଟାବ୍ଦରେ ପିତୃସିଂହାସନରେ ଅଧିରୂଢ଼ ହେଲେ । ତାହାଙ୍କ ଅମଳରେ ଏକାଦିକ୍ରମେ ତିନି ବର୍ଷ ଯାଏ ଦୁର୍ଭିକ୍ଷ ପଡ଼ିଥିଲା । ତିନି ବର୍ଷ କାଳ ରାଜ୍ୟରେ ବୃଷ୍ଟି ହେଲା ନାହିଁ । ଶସ୍ୟୋତ୍ପତ୍ତିର ସ୍ରୋତ ଏକାବେଳକେ ବନ୍ଦ ହୋଇଗଲା । ଫଳରେ ଭୀଷଣ ଦୁର୍ଭିକ୍ଷ ରାଜତ୍ୱ କଲା ସେହି ଦାରୁଣ ଦୁର୍ଭିକ୍ଷରେ ଲୋକକ୍ଷୟ କେତେ ହୋଇଥିଲା, ତାହା ଅଜ୍ଞାତ । ରାକ୍ଷସକୁ ଆହାର ମିଳିଥିଲା । ସୁତରାଂ ସେ ଅଳ୍ପରେ ତୃପ୍ତ ହୋଇ ନଥିବ । ତିନି ବର୍ଷ ଯାଏ ଅନାବୃଷ୍ଟି ଏବଂ ଦୁର୍ଭିକ୍ଷ, ଏହା ଶୁଣିଲେ ରୋମ ଟାଙ୍କୁରିଉଠେ । ରାଜା ଯଶୋବନ୍ତ ୪୦ ବର୍ଷ ରାଜତ୍ୱ କରି ୧୬୩୭ଖ୍ରୀଷ୍ଟାବ୍ଦରେ ପରଲୋକ ପ୍ରାପ୍ତ ହେଲେ । ସିଂହାସନାରୋହଣ ବେଳକୁ ତାଙ୍କର ବୟସ ଷୋଳ ବର୍ଷ ମାତ୍ର ହୋଇଥିଲା । ସେ ୫୬ ବର୍ଷ ଜୀବିତ ଥିଲେ ।

ତାଙ୍କ ପୁତ୍ର ବୀର ବିକ୍ରମ ଦେବ ୧୬୩୭ ଖ୍ରୀଷ୍ଟାବ୍ଦରେ ରାଜପଦରେ ଅଭିଷିକ୍ତ ହେଲେ । ସେତେବେଳକୁ ତାଙ୍କର ବୟସ ୨୪ ବର୍ଷ ହୋଇଥିଲା । ଜୟପୁର ରାଜବଂଶର ସେ ଜଣେ ପ୍ରସିଦ୍ଧ ରାଜା । ତାଙ୍କରି ଅମଳରେ ଗୁପ୍ତେଶ୍ୱର ଶିବ ଆବିର୍ଭୂତ ହୋଇଥିଲେ । ରାଜା ଗୁପ୍ତେଶ୍ୱରଙ୍କର ନିଷ୍ଠାପର ଭକ୍ତ ଥିଲେ । ତାଙ୍କରି କୃପାରେ ସେ ଅତୁଳ ଶ୍ରୀ, ଶୌର୍ଯ୍ୟ ଏବଂ ସୌଭାଗ୍ୟର ଅଧିକାରୀ ହୋଇଥିଲେ । କଥିତ ଅଛି—'ଗୁପ୍ତେଶ୍ୱରଙ୍କ ସ୍ୱପ୍ନାଦେଶରେ ସେ ଜୟପୁର ଦୁର୍ଗ ସଂସ୍ଥାପନ କରିଥିଲେ।' ପୁଣି କେହି କେହି କହନ୍ତି—'ବିନାୟକ ଦେବଙ୍କଠାରୁ ଷଷ୍ଠପୁରୁଷ ପର୍ଯ୍ୟନ୍ତ ରାଜାମାନଙ୍କର ଏକାଧିକ ପୁତ୍ର ସନ୍ତାନ ନ ହେବାରୁ ସପ୍ତମ ରାଜା ବୀର ବିକ୍ରମ ନନ୍ଦପୁର ଛାଡ଼ି ଜୟପୁରକୁ ରାଜଧାନୀ ଉଠାଇ ଆଣିଥିଲେ । ଯାହା ହେଉ ଏହି ବୀର ବିକ୍ରମଙ୍କ ଅମଳରେ ଯେ ଜୟପୁର ରାଜଧାନୀ ହେଲା, ଏଥିରେ କୌଣସି ସନ୍ଦେହ ନାହିଁ । ରାଜା ବୀର ବିକ୍ରମ ହାଇଦ୍ରାବାଦ ନବାବଙ୍କର ଅଧୀନ ଥିଲେ । ତାଙ୍କ ସମୟରେ ରାଜ୍ୟର ଜମାବନ୍ଦି ୨୪୦୦୦ ଟଙ୍କା ଧାର୍ଯ୍ୟ ହୋଇଥିଲା । ସେ ତାଙ୍କର ବୈମାତ୍ରେୟ ଭ୍ରାତାଙ୍କୁ ଗୁଣୁପୁର ତାଲୁକା ଜାଗିର ଦେଇ ଭ୍ରାତୃବାତ୍ସଲ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ପରଳାଖେମୁଣ୍ଡିର

ଗଜପତି ରାଜଜେମାଙ୍କର ପାଣି ଗ୍ରହଣ କରି ସେ ତାଙ୍କୁ ଦ୍ୱିତୀୟ ପଟ୍ଟମହିଷୀ ପଦରେ ପ୍ରତିଷ୍ଠିତ କରିଥିଲେ । ପୁଣି ଉଦାରତା ପ୍ରଦର୍ଶନ କରି ନିଜର ଅଧୀନସ୍ଥ ସୁମାଗଡ଼-ଠାରୁ ଜଣିଗାଁ ପର୍ଯ୍ୟନ୍ତ ଭୂଖଣ୍ଡ ପାରଳାଖେମୁଣ୍ଡିର ରାଜାଙ୍କୁ ଛାଡ଼ିଦେଇଥିଲେ । ହାଇଦ୍ରାବାଦ ନବାବଙ୍କ-ଠାରୁ ବୀର ବିକ୍ରମ ବିଶେଷ ସମ୍ମାନ ପ୍ରାପ୍ତ ହୋଇଥିଲେ । ସେ ଜଣେ ରାଜଧର୍ମୀ ରାଜା । ରାଜନ୍ୟବାଞ୍ଛିତ ସମସ୍ତ ସଦ୍‌ଗୁଣ ତାଙ୍କଠାରେ ଏକାଧାରରେ ବିଦ୍ୟମାନ ଥିଲା । ତାଙ୍କ ଅମଳରେ ପ୍ରଜାମାନେ ପରମ ସୁଖଶାନ୍ତିରେ କାଳ ଯାପନ କରୁଥିଲେ । ସେ ୩୨ ବର୍ଷ ରାଜତ୍ୱ କରି ୧୬୬୯ ଖ୍ରୀଷ୍ଟାବ୍ଦରେ ଜୀବଯଜ୍ଞ ସାଙ୍ଗ କଲେ । ଗୋଲ-କୁଣ୍ଡାର ଜଣେ ରାଜା କୌଣସି କାରଣରୁ ଜୟପୁର ଆକ୍ରମଣ କଲେ । ପରେ ମିଳାମିଶା ହୋଇଯାଇଥିଲା । ଗୋଲକୁଣ୍ଡାର ରାଜା ବୀର ବିକ୍ରମଦେବଙ୍କୁ ଖଣ୍ଡେ ତରୁଆଲ ଏବଂ ତାମ୍ରଫଳକ ଉପହାର ଦେଇଥିଲେ । ବୀର ବିକ୍ରମ ତାଙ୍କଠାରୁ ମହାରାଜ ଉପାଧି ପାଇଥିଲେ ।

ଅନନ୍ତର ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଦେବ ୩୯ ବର୍ଷ ବୟସରେ ୧୬୬୯ ଖ୍ରୀଷ୍ଟାବ୍ଦରେ ଜୟପୁର ରାଜ୍ୟର ଅଧୀଶ୍ୱର ହେଲେ । ସେ ଆଦର୍ଶ ପିତୃଭକ୍ତ, ପିତୃପଦାଙ୍କ ଅନୁସରଣପୂର୍ବକ ରାଜ୍ୟ ସୁପରିଚାଳିତ କରିବାକୁ ଲାଗିଲେ । ତାଙ୍କ ସମୟରେ କୋବଲ, ଦେଉପଲ୍ଲୀ, ରେକପଲ୍ଲୀ, ମରୁଆମୁଠା, କାଂକାମୁଠାରେ ଜମିଦାର-ମାନେ ସ୍ଥାପିତ ହେଲେ । ସେହି ସମୟରେ ସୁଖପାର୍ଶ୍ୱୀ ମହାରାଜ ଜୟପୁର ଆସି କୃଷ୍ଣଚନ୍ଦ୍ର ଦେବଙ୍କ ସହିତ ମିତ୍ରତା ବନ୍ଧନରେ ଆବଦ୍ଧ ହେଲେ । ରାଜା କୃଷ୍ଣଚନ୍ଦ୍ର ଦେବ ତାଙ୍କୁ ଯଥୋଚିତ ସମ୍ବର୍ଦ୍ଧନା କରି ବନ୍ଧୁପ୍ରୀତିର ପୂର୍ଣ୍ଣ ପରିଚୟ ଦେଇଥିଲେ । ସେ ତିନିବର୍ଷ ମାତ୍ର ରାଜତ୍ୱ କରି ୧୬୭୨ ଖ୍ରୀଷ୍ଟାବ୍ଦରେ ଅମର ଧାମକୁ ପ୍ରସ୍ଥାନ କଲେ ।

ତାଙ୍କ ପୁତ୍ର ପ୍ରଥମ ବିଶ୍ୱମ୍ଭର ଦେବ ୧୬୭୨ ଖ୍ରୀଷ୍ଟାବ୍ଦରେ ୨୪ବର୍ଷ ବୟସରେ ରାଜସିଂହାସନ ଅଲଙ୍କୃତ କଲେ । ସେ ଜଣେ ବିଶେଷ ପ୍ରଭାବଶାଳୀ ନରପତି ଥିଲେ । ତାଙ୍କ ରାଜତ୍ୱକାଳରେ ପେଦାପେଦଂ ଦେଶ, ରାମଭଦ୍ର-ପୁର, ମାଡ୍‌ଗୁଆ ତାଲୁକା, ଛତ୍ରଶ ତାଲୁକା କୁରୁପାମ, ମେରଙ୍ଗି ତାଲୁକା, ପାଲେମୁଠା, ପାଲକୋଣ୍ଡା, ବୀରକୋଟ, ପାଞ୍ଚିପେଣ୍ଡା, ପୋଗୁମୁ ତାଲୁକା, ରେଗଂବଲସା, ଅଣ୍ଡ୍ରମୁଠା, କୋଡ଼ୁରୁ ତାଲୁକା, ଗମ୍ମାମୁଚଣ୍ଡ୍ରାପଲ୍ଲୀ, କଳାହାଣ୍ଡୀ, ନୂଆଗଡ଼ ଓ ଖଣ୍ଡିଆଳର ଅଧିପତିମାନେ ଜମିଦାର ରୂପେ ରହିବାକୁ ବାଧ୍ୟ ହେଲେ । ପ୍ରଥମ ବିଶ୍ୱମ୍ଭର ଦେବ ଚାରିବର୍ଷ ମାତ୍ର ରାଜପଣ କରି ୧୬୭୬ ଖ୍ରୀଷ୍ଟାବ୍ଦରେ ଦେହ ତ୍ୟାଗକଲେ । ବୋଧହୁଏ ସେ ଅପୁତ୍ରିକ ଥିଲେ ।

ବିଶ୍ୱମ୍ଭର ଦେବଙ୍କ ପରେ ତାଙ୍କର ଦ୍ୱିତୀୟ ସହୋଦର ମଲ୍ଲିକାମର୍ଦ୍ଦନ କୃଷ୍ଣ ଦେବ ୧୬୭୬ ଖ୍ରୀଷ୍ଟାବ୍ଦରେ ଜୟପୁର ନରପତି ହେଲେ । ସେ ୧୬୫୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ରାଜା ହେବାବେଳକୁ ତାଙ୍କର ବୟସ ୨୬ ବର୍ଷ ହୋଇଥିଲା । ଏହାଙ୍କ ସମୟରେ ଫରାସୀମାନେ ଜୟପୁର ଆକ୍ରମଣ କରି ପରାସ୍ତ ହୋଇ-ଥିଲେ । ସେହି ଯୁଦ୍ଧରେ ଜୟପୁର ସୈନ୍ୟ ଫରାସୀମାନଙ୍କର ଅନେକ କମାଣ ଛଡ଼ାଇ ଆଣିଥିଲେ । ସେଥିମଧ୍ୟରୁ ଚଉଦଗୋଟି କମାଣ ଆଜି ପର୍ଯ୍ୟନ୍ତ ଅଛି । ମଲ୍ଲିକାମର୍ଦ୍ଦନ କୃଷ୍ଣଦେବ ପାଞ୍ଚବର୍ଷ ମାତ୍ର ରାଜ୍ୟ ପରିଚାଳନା କରି ୧୬୮୧ ଖ୍ରୀଷ୍ଟାବ୍ଦରେ କାଳଗ୍ରାସରେ ପତିତ ହେଲେ । ତାଙ୍କ ନାମରୁ ତାଙ୍କର ଦୁର୍ଜୟ ପ୍ରଭାବ ସୂଚିତ ହେଉଅଛି ।

ତାଙ୍କ ପରେ ତାଙ୍କ ତୃତୀୟ ସହୋଦର ହରିଦେବ ୧୬୮୧ ଖ୍ରୀଷ୍ଟାବ୍ଦରେ ସିଂହାସନରେ ଉପବେଶନ କଲେ । ସେ ତିନିବର୍ଷ ମାତ୍ର ରାଜତ୍ୱ କରି ଅଳ୍ପ ବୟସରେ ପ୍ରାଣ ତ୍ୟାଗକଲେ । ମୃତ୍ୟୁ ସମୟକୁ ତାଙ୍କର ବୟସ ୩୨ ବର୍ଷ ମାତ୍ର ହୋଇଥିଲା । ତାଙ୍କ ସମୟରେ କିଛି ବିଶେଷ ଘଟଣା ଘଟି ନାହିଁ ।

ତହୁଁ ଉତ୍ତାରୁ ତାଙ୍କ ଚତୁର୍ଥ ସହୋଦର ଦ୍ୱିତୀୟ ବଳରାମ ଦେବ ୧୬୮୪ଖ୍ରୀଷ୍ଟାବ୍ଦରେ ରାଜା ହେଲେ । ସେ ନିଜର ପିତୃବ୍ୟ ଯଶୋବନ୍ତ ଦେବଙ୍କ ପୌତ୍ର ରଘୁ-ନାଥ କୃଷ୍ଣଦେବଙ୍କୁ ପୂର୍ଣ୍ଣପୁରରୁ ଆଣି ପୋଷ୍ୟପୁତ୍ର ଗ୍ରହଣ କଲେ ଏବଂ ନିଜେ ଥାଉ ଥାଉଁ ତାଙ୍କୁ ରାଜା କରି ୧୬୮୬ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କଲେ ଏବଂ ରାଜା ହେବା ସମୟକୁ ରଘୁନାଥ କୃଷ୍ଣଦେବଙ୍କର ବୟସ

୧୭ବର୍ଷ ମାତ୍ର ହୋଇଥିଲା । ତାଙ୍କ ସମୟରେ ବସ୍ତୁକୁଟକ ଏବଂ ମେରଙ୍ଗିର ଭୂପତିଦ୍ୱୟ ଜମିଦାର ରୂପେ ରହିଲେ । ସେ ୨୨ବର୍ଷ ରାଜତ୍ୱ କରି ୧୭୦୮ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ କଲେ ।

ରଘୁନାଥଙ୍କର ପୁତ୍ର ପ୍ରଥମ ରାମଚନ୍ଦ୍ର ଦେବ ୧୭୦୮ଖ୍ରୀଷ୍ଟାବ୍ଦରେ ରାଜ୍ୟାଧିକାର ପ୍ରାପ୍ତ ହେଲେ । ତାଙ୍କ ଅମଳରେ ସାଙ୍ଗବାଲସା ଜମିଦାର ରୂପେ ସ୍ୱୀକୃତ ହେଲେ । ସେ ତିନିବର୍ଷ ମାତ୍ର ରାଜତ୍ୱ କରିଥିଲେ । ତାଙ୍କ ଭାଇ ବଳରାମ ଦେବ ନାରାୟଣପୁର ପାଟଣାରେ ତାଙ୍କ ସହିତ ଯୁଦ୍ଧ କରିଥିଲେ । ୧୭୧୧ ଖ୍ରୀଷ୍ଟାବ୍ଦରେ ରାମଚନ୍ଦ୍ର ଦେବଙ୍କର ମୃତ୍ୟୁ ଘଟିଲା । ତହୁଁ ତାଙ୍କ ଭାଇ ଦ୍ୱିତୀୟ ବଳରାମ ଦେବ ରାଜ୍ୟରେ ଅଭିଷିକ୍ତ ହେଲେ । ତାଙ୍କ ରାଜତ୍ୱର ଅବସରରେ କଲାହାଣ୍ଡି, ଖଣ୍ଡପାଲ ଓ ନୂଆଗଡ଼ର ଜମିଦାରମାନେ ସ୍ୱତନ୍ତ୍ର ହେଲେ । ସେ ଦୁଇବର୍ଷ ମାତ୍ର ରାଜ୍ୟ ପରିଚାଳନା କରି ୧୭୧୩ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗଗାମୀ ହେଲେ । ଅତି ଅଳ୍ପ ବୟସରେ ତାଙ୍କର ମୃତ୍ୟୁ ଘଟିଲା ।ସେ ତେଇଶ ବର୍ଷ ମାତ୍ର ବଞ୍ଚିଥିଲେ

ତାଙ୍କ ପରେ ତାଙ୍କ ଭାଇ ଦ୍ୱିତୀୟ ବିଶ୍ୱମ୍ଭର ଦେବ ୧୭୧୩ ଖ୍ରୀଷ୍ଟାବ୍ଦରେ ସିଂହାସନ ପ୍ରାପ୍ତ ହେଲେ । ସେ ବହୁ ବିବାହପ୍ରିୟ ଥିଲେ,ତପସ୍ୟାଦ୍ୱାରା ସେ ଭଗବତୀଙ୍କୁ ପ୍ରସନ୍ନା କରାଇଲେ । ସେହି ଦେବୀଙ୍କ ପ୍ରସାଦରୁ ଶତ୍ରୁମାନେ ତାଙ୍କୁ ଜିଣିପାରୁ ନଥିଲେ । ସେ ଉଗ୍ରତାରା ଯନ୍ତ୍ର ଏବଂ ସାନ କନକ ଦୁର୍ଗାଙ୍କୁ ପ୍ରତିଷ୍ଠା କରିଥିଲେ । ହାଇଦ୍ରାବାଦର ନିଜାମ ଆସଫଜାହ ତାଙ୍କୁ ଝାଡ଼ଖଣ୍ଡ ବାଦସାହ ଉପାଧି ପ୍ରଦାନ କରିଥିଲେ । ମରହଟ୍ଟାମାନଙ୍କ ଆକ୍ରମଣ ଦମନରେ ରାଜା ବିଶ୍ୱମ୍ଭର ଦେବ ସାହାଯ୍ୟ କରିଥିବାରୁ ଏହି ଉପାଧି ଲାଭ ଘଟିଥିଲା । ସେ ୩୯ବର୍ଷ ରାଜତ୍ୱ କରି ୧୭୫୨ଖ୍ରୀଷ୍ଟାବ୍ଦରେ ଗତାୟୁ ହେଲେ । ସେ କୂପ, ପୁଷ୍କରିଣୀ ପ୍ରଭୃତି ଅନେକ ଜଳକୀର୍ତ୍ତି କରିଥିଲେ । ତାହାଙ୍କ ଆଦେଶରେ ଝଞ୍ଜାବତୀ ନଦୀ ଉପରେ ପ୍ରକାଣ୍ଡ ପୋଲ ନିର୍ମିତ ହୋଇଥିଲା । ତାଙ୍କର ଅନେକ ରାଣୀ ଥିଲେ । ରାଣୀମାନେ ସେଇଁଠାରେ ଚିତାରୋହଣ କରି ସତୀ ହୋଇଥିଲେ,ତାହାକୁ ସତୀଗର୍ଭ ବୋଲି କହନ୍ତି । ସେହି ସତୀ ତୀର୍ଥ ପୁରୁଣା ଗଡ଼ ମଧ୍ୟରେ ଅବସ୍ଥିତ ।

ଦ୍ୱିତୀୟ ବିଶ୍ୱମ୍ଭର ଦେବଙ୍କ ପରେ ତାଙ୍କ ବୈମାତ୍ରେୟ ଭାଇ ଲାଲକୃଷ୍ଣ ଦେବ ୧୭୫୨ ଖ୍ରୀଷ୍ଟାବ୍ଦରେ ରାଜା ହେଲେ । ସେ ୪୭ ବର୍ଷ ବୟସରେ ସିଂହାସନାରୋହଣ କରିଥିଲେ । କଲ୍ୟାଣସିଂହପୁରରେ ରହି ସେ ଛ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ସେ ନିଜର ନାମାନୁସାରେ ତିପୁରୁପଲ୍ଲୀ ଇଲାକା ରଣ୍ଡିଲଡ଼ା ଶାସନରେ ଲାଲତେରୁଗୁ ନାମକ ବିଖ୍ୟାତ ପୁଷ୍କରିଣୀ ଖୋଳାଇଥିଲେ । ତାଙ୍କ ଭାଇ ପ୍ରଥମ ବିକ୍ରମ ଦେବ ରାଜ୍ୟ ଦାବୀକରି ଗୋଳମାଳ ଆରମ୍ଭ କଲେ । ବିଜୟ ନଗରର ରାଜା ବିଜୟରାମ ରାଜୁ ତାଙ୍କୁ ସାହାଯ୍ୟ କଲେ । ତହୁଁ ରାଜା କୃଷ୍ଣ ଦେବ ରାଜ୍ୟ ଛାଡ଼ି ପଳାୟନ କଲେ । ବିକ୍ରମ ଦେବ ବିଜୟ ନଗରରାଜାଙ୍କୁ ସାହାଯ୍ୟର ପ୍ରତିଦାନ ସ୍ୱରୂପ ମାଡ଼ଗୁଲ ଏବଂ ସାଲୁରର କେତେକ ଅଂଶ ପ୍ରଦାନ କରିଥିଲେ । ଲାଲକୃଷ୍ଣ ଦେବ ୧୭୫୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ତାଙ୍କ ସହୋଦର ପ୍ରଥମ ବିକ୍ରମଦେବ ୧୭୫୮ଖ୍ରୀଷ୍ଟାବ୍ଦରେ ଜୟପୁର ରାଜସିଂହାସନ ଅଳଙ୍କୃତ କରି ଦକ୍ଷତାର ସହିତ ରାଜକାର୍ଯ୍ୟ ପରିଚାଳନ କଲେ । କିଛି କାଳ ପରେ ବିଜୟରାମ ରାଜୁ ବିକ୍ରମ ଦେବଙ୍କୁ ମାଡ଼ଗୁଲ ଏବଂ ସାଲୁର ଫେରାଇଦେଲେ । ସେଥି ବାବଦକୁ ବିକ୍ରମ ଦେବ ବାର୍ଷିକ ୪୦୦୦୦ଟଙ୍କା ରାଜସ୍ୱ ଦେବାକୁ ସ୍ୱୀକୃତ ହୋଇଥିଲେ; କିନ୍ତୁ ପ୍ରକୃତରେ ବୃହିଭାଗରୁ ତିନିଥର ମାତ୍ର ଦେଇଥିଲେ । ଜଗନ୍ନାଥ ପାତ୍ର ତାଙ୍କର ସୁଦକ୍ଷ ମନ୍ତ୍ରୀ ଥିଲେ । ପ୍ରଥମ ବିକ୍ରମ ଦେବଙ୍କ ସମୟରେ ଫ୍ରେଞ୍ଚଯୁଦ୍ଧ ଏବଂ ମହାରାଷ୍ଟ୍ର ସମର ଉଲ୍ଲେଖଯୋଗ୍ୟ ପ୍ରସିଦ୍ଧ ଘଟଣା । ଦେଶର ଜମାବନ୍ଦି ନବାବଙ୍କ ପରିବର୍ତ୍ତେ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କୁ ଦିଆଗଲା । ଏହି ସମୟରେ ବସ୍ତର ରାଜ୍ୟ ସଙ୍ଗରେ ଭୟାନକ ଯୁଦ୍ଧ ହୋଇଥିଲା । ଜୟପୁର ସୈନ୍ୟ ବସ୍ତର ପତାକାକୁ ଛଡ଼ାଇ ଆଣିଥିଲେ । ଏହି ଯୁଦ୍ଧର ବିସ୍ତୃତ ବିବରଣ ପୂର୍ବରୁ ଲିଖିତ ହୋଇଅଛି । ବିକ୍ରମ ଦେବ ସ୍ୱୀୟ ପ୍ରିୟ ମନ୍ତ୍ରୀଙ୍କ ନାମରେ ଜଗନ୍ନାଥପୁର ଗ୍ରାମ ବସାଇଥିଲେ । ମୁରୁକଙ୍ଗ ଗ୍ରାମର ଅନେକ ପ୍ରଜାଙ୍କୁ ଶାଢୀ ପୁରସ୍କାର ଦିଆ ଯାଇଥିଲା । ସେ ୨୩ ବର୍ଷ ରାଜତ୍ୱ କରି

୧୭୮୧ ଖ୍ରୀଷ୍ଟାବ୍ଦରେ ଇହଲୀଳା ସମ୍ବରଣ କଲେ । ତହୁଁ ଉତ୍ତାରୁ ତାଙ୍କର ଜ୍ୟେଷ୍ଠ ପୁତ୍ର ଦ୍ୱିତୀୟ ରାମଚନ୍ଦ୍ର ଦେବ ୧୭୮୧ ଖ୍ରୀଷ୍ଟାବ୍ଦରେ ଜୟପୁର ରାଜପଦରେ ଅଭିଷିକ୍ତ ହେଲେ । ୧୭୭୯ ଖ୍ରୀଷ୍ଟାବ୍ଦରୁ ପିତାଙ୍କର ଆଦେଶ ଅନୁସାରେ ସେ ରାଜକାର୍ଯ୍ୟ ପରିଚାଳନ କରୁଥିଲେ । ପିତା ଜୀବିତାବସ୍ଥାରେ ପୁତ୍ରଙ୍କୁ ରାଜନୀତି ଶିକ୍ଷାରେ ଧୁରନ୍ଧର କରିଯାଇଥିଲେ । ଏହାଙ୍କ ଅମଳରେ ରାଜ୍ୟର ରାଜସ୍ୱ ୧୬୦୦୦ଟଙ୍କା ଧାର୍ଯ୍ୟ ହୋଇଥିଲା । ଦ୍ୱିତୀୟ ରାମଚନ୍ଦ୍ର ଦେବ ନାଗପୁର ରାଜାଙ୍କଠାରୁ ଅନେକ ହସ୍ତୀ ପୁରସ୍କାର ପାଇଥିଲେ । ଜଗନ୍ନାଥ ସାଗର ଏହାଙ୍କର ପ୍ରସିଦ୍ଧ କୀର୍ତ୍ତି । ରାଜାଦେଶରେ ମନ୍ତ୍ରୀ ଜଗନ୍ନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ସୁବୃହତ୍ ଦୀର୍ଘିକା ଖୋଳାହୋଇଥିଲା । ଏ ରାଜା ନାମ ପ୍ରୟାସୀ ନଥିଲେ; ତେଣୁ ମନ୍ତ୍ରୀଙ୍କ ନାମାନୁସାରେ ପୁଷ୍କରିଣୀର ନାମ ଜଗନ୍ନାଥ ସାଗର ଦେଇଥିଲେ । ଜଗନ୍ନାଥ ପାତ୍ରଙ୍କ ଭ୍ରାତା ନୀଳକଣ୍ଠ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଉ ଗୋଟିଏ ବୃହତ୍ ପୁଷ୍କରିଣୀ ଖୋଦିତ ହୋଇଥିଲା । ତାଙ୍କର ନାମାନୁସାରେ ତାହା ନୀଳକଣ୍ଠ ସାଗର ନାମରେ ଖ୍ୟାତ ହୋଇଅଛି । ଉଭୟ ଭ୍ରାତା ପାର୍ବତୀପୁର ନିବାସୀ ଅଟନ୍ତି । ଏହାଙ୍କ ଅବସରରେ ମେଘମାଳ କୋଠା ଓ ଅନ୍ଧାର କୋଠା ନାମରେ ଦୁଇଗୋଟି ଅତି ବୃହତ୍ ଆମ୍ରୋଦ୍ୟାନ ରୋପିତ ହୋଇଥିଲା । କୋଠାଦ୍ୱୟ ଅଦ୍ୟାବଧି ତାଙ୍କର ଉଜ୍ଜ୍ୱଳ ଅମର କୀର୍ତ୍ତି ବହନ କରି ରହିଅଛି । ମେଘମାଳ କୋଠାର ପରିଚୟ ପୂର୍ବ ପରିଚ୍ଛେଦରେ ଦ୍ରଷ୍ଟବ୍ୟ । ଜଗନ୍ନାଥପୁର ଶାସନ ଏବଂ ସାଙ୍କନାପୁର ଶାସନ ଏହି ରାଜାଙ୍କଦ୍ୱାରା ପ୍ରତିଷ୍ଠିତ । ଦ୍ୱିତୀୟ ରାମଚନ୍ଦ୍ର ଦେବ ପାଟଣାଠାରୁ କଳ୍ପବନାରାୟଣଙ୍କୁ ଏବଂ ନନ୍ଦପୁରରୁ ବଡ଼ କନକ ଦୁର୍ଗାଙ୍କୁ ଆଣି ଜୟପୁର ଦୁର୍ଗରେ ବିଜେକରାଇଥିଲେ । ଏ ରାଜା ଇଂରେଜ ଗଭର୍ଣ୍ଣମେଣ୍ଟଙ୍କଠାରୁ ସ୍ଥାୟୀ ପଟ୍ଟା ପାଇଥିଲେ । ୧୭୯୪ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କୋମ୍ପାନୀ ସହିତ ବିଜୟ ନଗରର ରାଜା ବିଜୟରାମ ରାଜୁଙ୍କର ଯୁଦ୍ଧ ସଂଘଟିତ ହୋଇଥିଲା । ଏହି ଯୁଦ୍ଧରେ ବିଜୟରାମ ରାଜୁ ନିହତ ହୋଇଥିଲେ । ଜୟପୁର ବିଜୟନଗରକୁ ସାହାଯ୍ୟ କରି ନ ଥିବାରୁ କୋମ୍ପାନୀ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କୁ ବାର୍ଷିକ ୨୫ ହଜାର ଟଙ୍କା ରାଜସ୍ୱରେ ଜୟପୁର ରାଜ୍ୟକୁ ଚିରସ୍ଥାୟୀ ସନନ୍ଦ ଦେଇଥିଲେ । ଏ ରାଜା ୪୭ବର୍ଷ ରାଜତ୍ୱ କରି ୧୮୨୫ ଖ୍ରୀଷ୍ଟାବ୍ଦରେ ଇହଲୀଳା ସାଙ୍ଗ କଲେ । ଏହାଙ୍କର ତୃତୀୟ ରାଣୀ ପତିପଦ ଅନୁଗମନ କରି ସତୀତ୍ୱର ଆଦର୍ଶ ଦେଖାଇଥିଲେ ।

ଅନନ୍ତର ତାଙ୍କ ପୁତ୍ର ଦ୍ୱିତୀୟ ବିକ୍ରମ ଦେବ ୧୮୨୫ ଖ୍ରୀଷ୍ଟାବ୍ଦରେ ରାଜମୁକୁଟ ଧାରଣ କଲେ । ତାଙ୍କ ସମୟରେ ରାମେଶ୍ୱର ମନ୍ଦିରର ଦ୍ୱାର ବୃହଦାକାର ଧାରଣ କଲା । କାଶୀକ୍ଷେତ୍ରରୁ ଆଗତ ଗାଣ୍ଡ ଶୂଳପୀଡ଼ିତ ଜଣେ ବ୍ରାହ୍ମଣ ବିକ୍ରମ ଦେବଙ୍କ ସିଦ୍ଧୋପାୟ ବଳରେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲେ । ଏଥିରୁ ବୋଧ ହୁଏ, ରାଜା ଜଣେ ସିଦ୍ଧ ସାଧକ ଥିଲେ । ପୁରୁଣା ପିଣ୍ଡାରୀ ବୀରମାନେ ଏହାଙ୍କ ଅଦ୍ଭୁତ କୌଶଳରେ ଧରାପଡ଼ିଥିଲେ । ଏହାଙ୍କ ସମୟରେ ଜୟପୁରରେ ଶ୍ରୀ ଚୈତନ୍ୟ ଦେବଙ୍କ ମୂର୍ତ୍ତି ଏବଂ ମନ୍ଦିର ପ୍ରତିଷ୍ଠିତ ହୋଇଥିଲା । ଜାମ୍ବୁମୁଣ୍ଡା ଗ୍ରାମରୁ ଶ୍ରୀ ଭଗବତୀ ଦେବୀ ଜୟପୁରକୁ ଆନୀତ ହୋଇଥିଲେ । ଦ୍ୱିତୀୟ ବିକ୍ରମ ଦେବ ଜଣେ ଉଦାର ରାଜପୁରୁଷ ଥିଲେ । ତାଙ୍କ ପଶୁଶାଳାରେ ହାତୀ ଘୋଡ଼ାଠାରୁ ଗଣ୍ଡା ଗୟଳ ପର୍ଯ୍ୟନ୍ତ ନାନା ଜାତୀୟ ପଶୁ ନାନା ସ୍ଥାନରୁ ସଂଗୃହୀତ ହୋଇ ପୋଷା ହୋଇଥିଲେ । ଚନ୍ଦନଯାତ୍ରା ଏବଂ ଦୋଳଯାତ୍ରା ଏହାଙ୍କ ଅମଳରେ ଅତି ଆଡ଼ମ୍ବରରେ ହେଉଥିଲା । ରାମଚନ୍ଦ୍ର ଦେବ ଏବଂ କୃଷ୍ଣଚନ୍ଦ୍ର ଦେବ ନାମରେ ଏହାଙ୍କର ଦୁଇ ପୁତ୍ର ଥିଲେ । ସେ ୩୫ ବର୍ଷ ରାଜତ୍ୱ କରି ୧୮୬୦ ଖ୍ରୀଷ୍ଟାବ୍ଦରେ ନଶ୍ୱର ଦେହ ପରିତ୍ୟାଗ ପୂର୍ବକ ଊର୍ଦ୍ଧ୍ୱଲୋକକୁ ପ୍ରସ୍ଥାନ କଲେ ।

ପିତାଙ୍କ ମହାପ୍ରସ୍ଥାନ ପରେ ଜ୍ୟେଷ୍ଠ କୁମାର ତୃତୀୟ ରାମଚନ୍ଦ୍ର ଦେବ ୧୮୬୦ ଖ୍ରୀଷ୍ଟାବ୍ଦରେ ଜୟପୁର ରାଜସିଂହାସନ ଅଳଙ୍କୃତ କଲେ । ସେ ଜଣେ ପ୍ରସିଦ୍ଧ ନରପତି ଥିଲେ । ତାଙ୍କର ସଜ୍ଜନପ୍ରୀତି ଏବଂ ଦାନଶୀଳତା ଅଦ୍ୟାପି ଲୋକେ ଭୁଲିପାରନ୍ତି ନାହିଁ । ଏହାଙ୍କ ରାଜତ୍ୱ କାଳରେ ମାଲକାନଗିରି ଇଲାକାର ରମ୍ପା ନାମକ ସ୍ଥାନରେ ଗୋଟିଏ ଯୁଦ୍ଧ ହୋଇଥିଲା । କାହିଁକି କାହା କାହା ମଧ୍ୟରେ ଏହି ଯୁଦ୍ଧ ଘଟିଥିଲା, ତାହା କିଛି ଉଲ୍ଲେଖ ନାହିଁ । ତୃତୀୟ ରାମଚନ୍ଦ୍ର ଦେବ ଗଭର୍ଣ୍ଣମେଣ୍ଟଙ୍କଠାରୁ

ମେଡାଲ୍ ଏବଂ ଭେଟେଭେଟ ପୁରସ୍କାର ପାଇଥିଲେ । ଏ ରାଜା ବଡ଼ ଧର୍ମପରାୟଣ । ଗୟା, ପ୍ରୟାଗ, ମଥୁରା, ବୃନ୍ଦାବନ, କାଶୀ ପ୍ରଭୃତି ବହୁ ତୀର୍ଥ ପର୍ଯ୍ୟଟନ କରି ଅନେକ ଦାନ କରିଥିଲେ । ସେ ବହୁତ ଧନ, ଧାନ୍ୟ, ରତ୍ନାଳଙ୍କାର ଏବଂ ଅନେକ ଦନ୍ତା ହାତୀ ସଂଗ୍ରହ କରି-ଥିଲେ । ଏହି ଯୋଗକନ୍ଧ୍ୟା ରାଜାଙ୍କ ସମୟରେ ନାନା ସ୍ଥାନରୁ ଅନେକ ବ୍ରାହ୍ମଣ ପଣ୍ଡିତ, ବଣିଷ୍ଟ ଗୁଣୀ ଏବଂ ଭେଟେକ ମୁସଲମାନ ଆସି ଜୟପୁରରେ ବାସ କଲେ । ରାମଚନ୍ଦ୍ରଙ୍କ ଅନୁଜ କୃଷ୍ଣଚନ୍ଦ୍ର ଦେବ ଜଣେ ଧାର୍ମିକ ଦୟାଳୁ ଏବଂ ସୁପଣ୍ଡିତ ବ୍ୟକ୍ତି । ତାଙ୍କର ଅକ୍ଷୟ କୀର୍ତ୍ତି ଦକ୍ଷିଣ ଦେଶରେ ଘୋଷିତ ହେଉଅଛି । ୧୮୬୭ ଖ୍ରୀଷ୍ଟା-ବ୍ଦରେ ଶ୍ରୀ କୂର୍ମ ଦର୍ଶନ ମାନସରେ ସେ ଶ୍ରୀକୂର୍ମକ୍ଷେତ୍ରକୁ ବିଜେ ହୋଇଥିଲେ । ସେଠାରେ ସେ ଅନେକ ଦାନ ଧର୍ମ କରିଥିଲେ । ତାଙ୍କର ସେହି ପ୍ରଶସ୍ତି ଅଦ୍ୟାପି ଶ୍ରୀ କୂର୍ମନାଥଙ୍କ ଗାଣ୍ଠି ଶିଳାମନ୍ଦିର ଗାତ୍ରରେ ଖୋଦିତ ରହି ଅଛି । ସେହି ଶିଳା ଲିପିରେ ଲେଖାଅଛି—"୧୭୮୮ ଶାଳୀବାହନ ଶକ ସମ୍ବତ୍ସରରେ କ୍ରୋଧନ ନାମ ସମ୍ବତ୍ସର ଆଶ୍ୱିନ ଶୁକ୍ଳ ପୌର୍ଣ୍ଣମୀ ବୁଧବାରେ ସ୍ୱର୍ଗୀୟ ଜୟପୁର ଜମିଦାର ବିକ୍ରମ ଦେବଙ୍କ ଦ୍ୱିତୀୟ ପୁତ୍ର ଶ୍ରୀକୃଷ୍ଣଚନ୍ଦ୍ର ଦେବ ମହାରାଜ ଶ୍ରୀ ଶ୍ରୀ ଶ୍ରୀ କୂର୍ମନାଥ ଦେବ ଶ୍ରୀଚରଣ ସନ୍ନି-ଧାନରେ ଉପସ୍ଥିତପୂର୍ବକ ସେବା କରୁ ଅଛନ୍ତି ।"

ଦ୍ୱିତୀୟ ରାମଚନ୍ଦ୍ର ଦେବ ୧୮୮୯ ଖ୍ରୀଷ୍ଟାବ୍ଦରେ ଗତାସୁ ହେଲେ । ତାଙ୍କ ପରେ ତାହାଙ୍କ ପୁତ୍ର ତୃତୀୟ ବିକ୍ରମଦେବ ନାମ ଧାରଣ କରି ରାଜ୍ୟାଭିଷିକ୍ତ ହେଲେ । ସେତେବେଳକୁ ତାଙ୍କର ବୟସ ୧୪ବର୍ଷ ମାତ୍ର ହୋଇଥିଲା । ରାଜା ନାବାଳକ ହେତୁ ଜୟପୁର ରାଜ୍ୟ କୋର୍ଟ ଅଫ୍ ୱାର୍ଡ଼ସ ଅଧୀନରେ ରହିଲା । ମହାମାନ୍ୟ ଏଇଚ ଜି. ଟେଲର ସାହେବ ମେନେଜର ରୂପେ ରାଜ୍ୟ ପରିଚାଳନା କଲେ । ଡାକ୍ତର ମାର୍ସ ସାହେବ ନାବାଳକ ରାଜାଙ୍କର ଗୃହଶିକ୍ଷକ ନିଯୁକ୍ତ ହେଲେ । ଉଭୟ ସାହେବ ନିଜ ଗୁଣରେ ଜୟପୁରବାସୀଙ୍କର ଚିରସ୍ମରଣୀୟ ହୋଇଅଛନ୍ତି । କୋର୍ଟ ଅଫ୍ ୱାର୍ଡ଼ସ ଅଧୀନରେ ରାଜ୍ୟ ସୁଶୃଙ୍ଖଳାରେ ପରିଚାଳିତ ହେଲା । ଅରଣ୍ୟ ବିଭାଗର ଆୟ ବିଶେଷ ବୃଦ୍ଧି ଲାଭ କଲା । ରାମଗିରି ନିକଟସ୍ଥ ମାତୃପାଦ ନାମକ ସ୍ଥାନରେ ଜରତ ଜଳ ସଂସ୍ଥାପିତ ହେଲା । ପ୍ରଜାମାନେ ଖଜଣା ସ୍ୱରୂପ ଧାନ ଦେଉଥିଲେ । ସେହି ଧାନ ରଖିବା ପାଇଁ ଅନେକ ଅମାର ତିଆରି ହୋଇଥିଲା । ମେନେଜର ଟେଲର ସାହେବ ଜଣେ ବିଚକ୍ଷଣ ବ୍ୟକ୍ତି । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସେ ସାଲୁରଠାରୁ ଜୟପୁର ପର୍ଯ୍ୟନ୍ତ ଘାଟି ଉପରେ ଗୋଟିଏ ପ୍ରଶସ୍ତ ସଡ଼କ ପ୍ରସ୍ତୁତ କରାଇଥିଲେ । ତାହା "ଟେଲର ଘାଟି ରୋଡ଼" ନାମରେ ଅଭିହିତ । ସେହି ଘାଟିପଥ ଜୟପୁର ବାଣିଜ୍ୟର ପ୍ରଧାନ ସହାୟ । ସେହି ସମୟରେ ଜୟ-ପୁରଠାରେ ସୂର୍ଯ୍ୟ ମହଲ ନାମକ ରମଣୀୟ ପ୍ରାସାଦ ନିର୍ମିତ ହୋଇଥିଲା । ଟେଲର ସାହେବ ସୁଶାସକ, ସୁପାଳକ ଏବଂ ସାଧାରଣର ପ୍ରୀତିଭାଜନ ଥିଲେ । ରାଜା ପ୍ରଜା ଉଭୟଙ୍କ ମଙ୍ଗଳଦୃଷ୍ଟିରେ ସେ ଚିରଭ୍ୟସ୍ତ । ମାର୍ସ ସାହେବ ମଧ୍ୟ ଲୋକପ୍ରିୟ ପ୍ରବୀଣ ବହୁଦର୍ଶୀ ଶିକ୍ଷକ । ସେ ନା-ବାଳକ ରାଜାଙ୍କର ନୈତିକ ଜୀବନ ଗଠନର ଉପଯୋଗୀ ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ରଖିଥିଲେ । ତାଙ୍କ ଶିକ୍ଷାଦାନ ଫଳରେ ତୃତୀୟ ବିକ୍ରମ ଦେବ ଜଣେ ଆଦର୍ଶ ରାଜା ହୋଇପାରିଥିଲେ । ୧୮୯୫ ଖ୍ରୀଷ୍ଟାବ୍ଦରେ ରାଜାଙ୍କର ନାବାଳକ ଅବସ୍ଥା ଶେଷ ହେଲା । ଗଭର୍ଣ୍ଣମେଣ୍ଟ ତାଙ୍କୁ ଉପଯୁକ୍ତ ମଣି ତାଙ୍କ ହସ୍ତରେ ରାଜ୍ୟ ସମର୍ପଣ କଲେ । ୧୮୯୬ସାଲରେ ଗଭର୍ଣ୍ଣମେଣ୍ଟ-ପ୍ରଦତ୍ତ ମହାସମ୍ମାନସୂଚକ "ମହାରାଜ" ଉପାଧିରେ ଅଲଙ୍କୃତ ହେଲେ । ତୃତୀୟ ବିକ୍ରମ ଦେବ ଛୋଟନାଗପୁର ଅନ୍ତର୍ଗତ ଉଦୟପୁରର ରାଜକନ୍ୟାଙ୍କୁ ବିବାହ କରିଥିଲେ । ସେ ଅନେକ ନୂତନ ଅସ୍ତ୍ର ଶସ୍ତ୍ର ଆଣାଇ ଅସ୍ତ୍ରାଗାରରେ ରଖିଥିଲେ । ସମସ୍ତ ପାଇକଙ୍କର ପୋଷାକ ଏକ ପ୍ରକାର କରିଥିଲେ । ସେ ସୁନାରୁପାର ହସ୍ତୀ ଅମାରି ପ୍ରସ୍ତୁତ କରାଇଥିଲେ । ଶାସନ କାର୍ଯ୍ୟରେ ସୁବିଧା ସକାଶେ ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରି ଜୟପୁର ଏବଂ ଗୁଣୁପୁରରେ ଆବଶ୍ୟକ କୋର୍ଟ କଚେରୀ ପ୍ରଭୃତି ସ୍ଥାପନ କଲେ । ପାଞ୍ଚପେଣ୍ଟ ରାଜା ଲେଖିଦେଇଥିବା ହିଲ୍ ଜମିଦାରୀ ବିଷୟ ଓଡ଼ିଆରେ ମୁଦ୍ରଣ କରାଇଥିଲେ । ତୃତୀୟ ବିକ୍ରମ ଦେବ ଲଣ୍ଡନ ପ୍ରିଭି କାଉନ୍‌ସିଲ ନିକଟରୁ

ଅନୁସାରେ ଭୂସ୍ୱତ୍ୱ ହୋଇ ନବରଙ୍ଗପୁର, ଖୋଷ୍ପ-କଟକ ଏବଂ ମାଡ଼ଗୁଲ ଜମିଦାରୀ ସ୍ୱାଧୀନ କରିନେଲେ । ମେରଙ୍ଗ ରାଜ୍ୟ ଏବଂ ଲକ୍ଷ୍ମୀପୁରର ଅର୍ଦ୍ଧେକ ଅଂଶ ଋଣ ପ୍ରତିବଦଳରେ ସେ ପ୍ରାପ୍ତ ହୋଇଥିଲେ । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କ ଶୁଭଗୁଣରେ ମୁଗ୍ଧ ହୋଇ ୧୯୧୬ ଖ୍ରୀଷ୍ଟାବ୍ଦରେ ତାଙ୍କୁ କେ. ସି. ଆଇ. ଇ. ଉଚ୍ଚ ପଦବୀରେ ସମ୍ମାନିତ କଲେ । ସର୍ବସୁଗୁଣଧର ରାଜାଙ୍କଦ୍ୱାରା ଉପାଧି ଅଲଙ୍କୃତ ହେଲା, କି ଉପାଧିଦ୍ୱାରା ରାଜା ଅଲଙ୍କୃତ ହେଲେ ତାହା କିଏ କହିବ । ଅବଶ୍ୟ ଉଭୟଦ୍ୱାରା ଉଭୟେ ଅଲଙ୍କୃତ—ଏହା ସହଜ କଥା । ସାଧାରଣ ଯାତାୟାତର ସୁବିଧା ସକାଶେ ପ୍ରଶଂସିତ ମହାରାଜ ମହୋଦୟ ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣାର୍ଥେ ଦେଡ଼ଲକ୍ଷ ଟଙ୍କା ଦାନ କରିଥିଲେ । ଜୟପୁରର ବାଳିକା ବିଦ୍ୟାଳୟ ପାଇଁ ରାଜକୋଷରୁ ତିନିହଜାର ଟଙ୍କା ପ୍ରଦତ୍ତ ହୋଇଥିଲା । ନିଜର ଶିକ୍ଷାଗୁରୁ ମାର୍ଶ ସାହେବଙ୍କ ସ୍ମୃତି ମନ୍ଦିର ରୂପେ ପ୍ରଶସ୍ତ ଧର୍ମଶାଳା ସ୍ଥାପନ କରି ମହାରାଜ ଗୁରୁଭକ୍ତିର ଆଦର୍ଶ ପ୍ରଦର୍ଶନ କରିଯାଇ ଅଛନ୍ତି । ସେ ପ୍ରସଙ୍ଗ ପୂର୍ବେ ଲିଖିତ ହୋଇଅଛି । ଜର୍ମାନ ଯୁଦ୍ଧ ସମୟରେ ୧୯୧୪ ଖ୍ରୀଷ୍ଟାବ୍ଦରେ ମହାରାଜ ତୃତୀୟ ବିକ୍ରମ ଦେବ ମାନ୍ଦ୍ରାଜର ସରକାରି ହସପିଟାଲକୁ ଯଥେଷ୍ଟ ଅର୍ଥ ପ୍ରଦାନ କରି ବଦାନ୍ୟତାର ପରିଚୟ ଦେଇଥିଲେ । ଜୟପୁର ନାମକ ଉଡ଼ାଜାହାଜ ନିର୍ମାଣ ପାଇଁ ସେ ଗଭର୍ଣ୍ଣମେଣ୍ଟଙ୍କୁ ୨୫ହଜାର ଟଙ୍କା ପ୍ରଦାନ କରିଥିଲେ । ତାଙ୍କର ଅକାତର ଦାନ ଦୃଷ୍ଟିରେ ତାଙ୍କୁ ଦାନଶୌଣ୍ଡ କହିଲେ ଅତିରଞ୍ଜିତ ହେବ ନାହିଁ । ୧୮୯୫ଖ୍ରୀଷ୍ଟାବ୍ଦରୁ ୧୯୨୦ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାୟ ୨୫ବର୍ଷ ରାଜତ୍ୱ କରି ଯଶସ୍ୱୀ ଧାର୍ମିକ ତୃତୀୟ ବିକ୍ରମ ଦେବ ଅମରଧାମକୁ ପ୍ରୟାଣ କଲେ । ସେ ଅଯୋଧ୍ୟା ଧାମରେ ଦେହତ୍ୟାଗ କରି ତୀର୍ଥମୃତ୍ୟୁର ସୌଭାଗ୍ୟ ଲାଭ କରିଥିଲେ । ମୃତ୍ୟୁ ସମୟକୁ ତାଙ୍କର ବୟସ ପ୍ରାୟ ୪୫ବର୍ଷ ହୋଇଥିଲା । ସଜ୍ଜନ ସ୍ୱଳ୍ପାୟୁ ଏହା ଆୟୁଶାସ୍ତ୍ରର ନିର୍ଦ୍ଦେଶ ।

ତାଙ୍କ ପରେ ତାଙ୍କର ସୁଯୋଗ୍ୟ ଗୁଣବାନ୍ ପୁତ୍ର ଚତୁର୍ଥ ରାମଚନ୍ଦ୍ର ଦେବ ୧୯୨୦ଖ୍ରୀଷ୍ଟାବ୍ଦରେ ରାଜମୁକୁଟ ପରିଧାନ କଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାହାଙ୍କର ସଦ୍‌ଗୁଣସୌରଭ ଚହଟିଉଠୁଥିଲା; କିନ୍ତୁ ନିଷ୍ଠୁର ନିୟତି ତାହା ସହିପାରିଲା ନାହିଁ; ଅଳ୍ପ ବୟସରେ ତାଙ୍କୁ ସଂସାରରୁ ଘେନିଗଲା । ମଧ୍ୟାହ୍ନରେ ସୂର୍ଯ୍ୟ ଅସ୍ତ ହୋଇଗଲେ, ଜୟପୁରର ଦଶା ପ୍ରଦୋଷ ପଙ୍କ୍ତିର ଦୁର୍ଦ୍ଦଶାକୁ ବଳିଗଲା । ମହାରାଜ ଚତୁର୍ଥ ରାମଚନ୍ଦ୍ର ଦେବ ଏକାଧିକ ଥର ଭାରତର ଅନେକ ତୀର୍ଥ ଭ୍ରମଣ କରିଥିଲେ । ଶେଷ ଥର ପବିତ୍ର ମୁକ୍ତିକ୍ଷେତ୍ର ପତିତପାବନୀ ଗଙ୍ଗା ଯମୁନାର ସଙ୍ଗମ ତୀର୍ଥ ପ୍ରୟାଗ ଧାମରେ ୧୯୩୧ ଖ୍ରୀଷ୍ଟାବ୍ଦରେ ତାଙ୍କର ତିରୋଧାନ ଘଟିଲା । ଜୟପୁର ଅଯୋଧ୍ୟା ହଠାତ୍ ରାମଶୂନ୍ୟ ହୋଇ ନିବିଡ଼ ଶୋ କା ନ୍ଧ କା ର ସ ମା ଚ୍ଛ ନ୍ନ ହେଲା । ଅଷ୍ଟପ୍ରହର ରାଜପୁରୀ ଆଜି ହାହାକାରରେ ମୁଖରିତ ହୋଇଉଠିଲା । ଘଣ୍ଟାକ ପୂର୍ବରୁ ଯେଉଁଠାରେ ସୁଖାନନ୍ଦର ଶୀତଳ କାଲ୍ଲୋଳଧାରା ମଧୁର କୁଲୁକୁଲୁ ସ୍ୱରରେ ଖେଳିବୁଲୁଥିଲା, ହାୟ, ସେହି ସ୍ଥାନକୁ ମର୍ମଦହନ ଶୋକଦୁଃଖର ଉତ୍କୂଳ ତପ୍ତ ବୈତରଣୀ ପ୍ରଚଣ୍ଡ ବନ୍ୟାପରିପ୍ଲାବିତ କରିପକାଇଲା । ହାୟ,କି ଦୁର୍ବିପାକ! ମଧ୍ୟାହ୍ନକାଳରେ ଦୁଷ୍ଟ ମୃତ୍ୟୁରାହୁ କାହିଁ ଆସି ତରୁଣ ତପନଙ୍କୁ ଚିରକାଳ ପାଇଁ ଗ୍ରାସ କରିବସିଲା । ନିୟତିର ଲେଖା ଅନିର୍ବାର୍ଯ୍ୟ ।

କିନ୍ତୁ କାହାରି ସୁଖଦୁଃଖ, ହର୍ଷବିଷାଦ ସଂସାରରେ ସ୍ଥାୟୀ ନୁହେଁ । ଅଭିନେତା ପରି ସମସ୍ତେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ନିଜ ନିଜର ଅଭିନୟ ଶେଷରେ ଅନ୍ତର୍ଦ୍ଧାନ ଭଜନ୍ତି । ଋତୁପର୍ଯ୍ୟାୟ ପରି ସୁଖ ଦୁଃଖ, ହର୍ଷ ବିଷାଦ ଜନ୍ମ ମରଣର ବିପର୍ଯ୍ୟାୟ ଅଛି । ସେମାନେ ହାତ ଧରାଧରି ହୋଇ ଚେକାଭୁଉଁସା ଖେଳରେ ସର୍ବଦା ନିଯୁକ୍ତ ଅଛନ୍ତି । ଆଲୁଅ ପରେ ଅନ୍ଧାର ଆସେ, ପୁଣି ଅନ୍ଧାର ପରେ ଆଲୁଅ ଆସେ; ଏହା ନିୟତିର ଚିରନ୍ତନ ଧାରା । ସେହି ମହାପର୍ଯ୍ୟାୟ ଜଗତକୁ ବଞ୍ଚାଇ ରଖିଅଛି । ସେହି ପର୍ଯ୍ୟାୟ ଜୟପୁର ଭାଗ୍ୟରେ ପୁଣି ପୂର୍ବ ସୁଖ, ଶାନ୍ତି ଏବଂ ଆନନ୍ଦ ଫେରାଇ ଆଣିଲା । ରାମଚନ୍ଦ୍ର ଦେବ ଅପୁତ୍ରକ ଥିଲେ । ତାଙ୍କ ପରେ ତାଙ୍କର ଜ୍ୟେଷ୍ଠ ତାତ ସାହିତ୍ୟସମ୍ରାଟ୍ ଋଷିପ୍ରତିମ ଶ୍ରୀ ଶ୍ରୀ ଶ୍ରୀ

ବିକ୍ରମ ଦେବ ବର୍ମା ଉତ୍ତରାଧିକାରୀ ନିରୁପିତ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ଜୟପୁର ସିଂହାସନାରୋହଣ କଲେ । ସୂର୍ଯ୍ୟାସ୍ତ ପରେ ବାସନ୍ତୀ-ପର୍ବ-ଶର୍ବରୀର ପୂର୍ଣ୍ଣ ଷୋଳ-କଳାରେ ଉଦିତ ହୋଇ ଜଗତକୁ ଜ୍ୟୋତିର୍ମୟ କଲେ । ଜୟପୁରର କ୍ରନ୍ଦନପାଣ୍ଡୁର ମୁଖରେ ପୁଣି ହାସ୍ୟଶ୍ରୀ ଫୁଟି-ଉଠିଲା । ସେ ମହାରାଜାଙ୍କ ବିବରଣ ସ୍ୱତନ୍ତ୍ର ପରିଚ୍ଛେଦରେ ଲିଖିତ ହେବ ।

ଉଲ୍ଲିଖିତ ରାଜବଂଶାବଳୀରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଜୟପୁର ରାଜବଂଶ ଏକ ପ୍ରାଚୀନ ରାଜବଂଶ । ଏହି ବଂଶର ଖ୍ୟାତି, ପ୍ରତିପତ୍ତି ମଧ୍ୟ ବଂଶର ଅନୁରୂପ । ଏହି ବଂଶର କୌଣସି ରାଜା କୌଣସି ଅସାଧାରଣ ଶୌର୍ଯ୍ୟ ବୀର୍ଯ୍ୟର ପରିଚୟ ପ୍ରଦାନ କରିଅଛନ୍ତି । ଏକ ସମୟରେ ଜୟପୁର ବସ୍ତରକୁ ଯୁଦ୍ଧରେ ପରାସ୍ତ କରି ତାହାର ଜାତୀୟପତାକା ଛଡ଼ାଇ ଆଣିଥିଲା । ଏ ପର୍ଯ୍ୟନ୍ତ ଦଶହରା ପର୍ବ ଉପଲକ୍ଷରେ ଉକ୍ତ ପତାକା ବ୍ୟବହୃତ ହୋଇଆସୁଅଛି । ବସ୍ତର ସେ ସମୟରେ ବଡ଼ ପ୍ରତାପଶାଳୀ ରାଜ୍ୟ ଥିଲା । ବଳଦର୍ପିତ ତାହାର ପତାକା ଛଡ଼ାଇ ଆଣିବା ଜୟପୁର ପକ୍ଷରେ ସାମାନ୍ୟ ଗୌରବର କଥା ନୁହେଁ । ଏହା ଛଡ଼ା ହାଇଦ୍ରାବାଦର ନିଜାମ ଆସଫଜାହ ଜୟପୁର ରାଜା ଦ୍ୱିତୀୟ ବିଶ୍ୱମ୍ଭର ଦେବଙ୍କ ସାହାଯ୍ୟରେ ମରହଟ୍ଟା ଆକ୍ରମଣ ବିଫଳ କରିଥିଲେ ଏବଂ ସେହି ସାହାଯ୍ୟର ପ୍ରତିଦାନ ସ୍ୱରୂପ ତାଙ୍କୁ "ଝାଡ଼ଖଣ୍ଡ ବାଦସାହ" ଉପାଧି ପ୍ରଦାନ କରିଥିଲେ । ଏ ପର୍ଯ୍ୟନ୍ତ ମଧ୍ୟ ଜୟପୁରର ରାଜାମାନେ ସେହି ଗୌରବ ଉପାଧି ବ୍ୟବହାର କରି-ଆସୁଅଛନ୍ତି । ଆଉ ଜଣେ ରାଜା ପ୍ରବଳ ଫ୍ରେଞ୍ଚବାହିନୀକୁ ପରାସ୍ତ କରି ଅନେକ କମାଣ ଛଡ଼ାଇ ଆଣିଥିଲେ । ଏହି ଜୟପୁରର ଉତ୍କଳୀୟ ବୀରଙ୍କ ପକ୍ଷରେ ବିପୁଳ ପ୍ରତିଷ୍ଠାର ବିଷୟ ନୁହେଁ କି ? ଏହି ସବୁ ଘଟଣାରୁ ଜୟପୁର ରାଜ-ବଂଶର ପ୍ରାଧାନ୍ୟର ଯଥେଷ୍ଟ ପରିଚୟ ମିଳେ । ଜଗନ୍ନାଥ ସାଗର ପରି ଅତୁଳନୀୟ କୀର୍ତ୍ତି ଯାହାଙ୍କ ପକ୍ଷରେ ସମ୍ଭବ ହୋଇଥିଲା, ତାଙ୍କର ହୃଦୟ କେଡ଼େ ଉଦାର ଏବଂ କେତେ ଗମ୍ଭୀର, ତାହା କଳନା କରିବା ଦୁରୂହ । ତାହା ଅତିମାନୁଷିକ କାର୍ଯ୍ୟ ନୁହେଁ, ମହାମାନୁଷିକ କାର୍ଯ୍ୟ । ବିଶାଳ ବିସ୍ତୃତ ଜଗନ୍ନାଥ ସାଗରକୁ ଦୈବକୃତ ନ କହି ମନୁଷ୍ୟକୃତ ବୋଲି କିଏ କହିବ ? ଜଗନ୍ନାଥ ସାଗର ବାସ୍ତବରେ ଗୋଟିଏ କ୍ଷୁଦ୍ର ସାଗର ।

ଜୟପୁର ରାଜବଂଶ ଭାରତସମ୍ରାଟଙ୍କର ଅକୃତ୍ରିମ ଭକ୍ତ । ସେମାନଙ୍କ ରାଜଭକ୍ତିରେ ଇଂରେଜ ଗଭର୍ଣ୍ଣମେଣ୍ଟ ପ୍ରୀତ ହୋଇ କାହାରି କାହାରିକୁ ଦୁର୍ଲଭ ଉଚ୍ଚ ଉପାଧିରେ ପୁରସ୍କୃତ କରିଅଛନ୍ତି । ମହାରାଜ ଏ ବଂଶର ସାଧାରଣ ଉପାଧି, ଅଧିକନ୍ତୁ ତୃତୀୟ ବିକ୍ରମଦେବ କେ. ସି. ଆଇ. ଇ. ଉପାଧି ପାଇଥିଲେ । ଉତ୍କଳୀୟ ରାଜନ୍ୟ-ମଣ୍ଡଳୀ ମଧ୍ୟରେ ବାମଣ୍ଡା ରାଜା ସୁଦଳ ଦେବ ସର୍ବ-ପ୍ରଥମେ ଏହି ଉଚ୍ଚ ସମ୍ମାନିତ ପଦବୀ ଲାଭ କରିଥିଲେ । ତାଙ୍କ ପରେ ତୃତୀୟ ବିକ୍ରମ ଦେବ ପାଇଲେ ।

କେବଳ ବଳବିକ୍ରମ ଏବଂ ରାଜଭକ୍ତିରେ ଜୟପୁରର ରାଜବଂଶ ପ୍ରସିଦ୍ଧ ନୁହେଁ, ଦୟା, ଦାନ, ଧର୍ମାଦିରେ ମଧ୍ୟ ଜୟପୁରର ରାଜାମାନେ ଅତୁଳନୀୟ କୀର୍ତ୍ତି ଉପାର୍ଜନ କରିଯାଇ ଅଛନ୍ତି । ଜୟପୁର ରାଜବଂଶର ଦାନଶୀଳତା ଏବଂ ଅତିଥିସତ୍କାର ଚିର-ପ୍ରସିଦ୍ଧ । ତାହା ଅଦ୍ୟାବଧି ଅକ୍ଷୁଣ୍ଣ ରହିଅଛି । ବର୍ତ୍ତମାନ ମହାରାଜା ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ସେହି ପ୍ରଶସ୍ତ ଦାନଶୀଳ ବଂଶର ଉପଯୁକ୍ତ ଉତ୍ତରାଧିକାରୀ ଓ ବଂଶଭୂଷଣ ।

ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟ । ଉତ୍କଳ-ସମ୍ରାଟ୍ ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ ପରେ ଫେରିଲା ବେଳେ ଜୟପୁରର ରାଜା ବିଜୟଚନ୍ଦ୍ର ଦେବ ତାଙ୍କଠାରୁ କନକ ଦୁର୍ଗା ମୂର୍ତ୍ତି ଛଡ଼ାଇ ଆଣିଥିଲେ ବୋଲି କିମ୍ବଦନ୍ତୀ ଅଛି । ମାତ୍ର ତାହା ଅସମ୍ଭବ, ଅତି ଅସମ୍ଭବ !! ଇତିହାସ ଦୃଷ୍ଟିରେ ଏ କିମ୍ବଦନ୍ତୀର ମୂଲ୍ୟ କିଛି ନାହିଁ, ଏହା ତୁଚ୍ଛା କପୋଳକଳ୍ପିତ । ମହା-ରାଜ ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା ସୁଦ୍ଧା ଏ ପ୍ରକାର ଜନରବ ପ୍ରତି ତାଚ୍ଛଲ୍ୟ ପ୍ରଦର୍ଶନ କରନ୍ତି । ତାଙ୍କ ମତରେ ଅତୁଳ ପରାକ୍ରମୀ, କାଞ୍ଚିବିଜେତା, ଉତ୍କଳ ରାଜଚକ୍ରବର୍ତ୍ତୀ, ଗଜପତିକୁଳତିଳକ ପୁରୁଷୋତ୍ତମ ଦେବଙ୍କ ସଙ୍ଗରେ ଯୁଦ୍ଧ କରିବାକୁ ନନ୍ଦପୁର ରାଜା ବିଜୟଚନ୍ଦ୍ର ଦେବ କଦାପି ଦୁଃସାହସୀ ହୋଇ ନ ଥିଲେ । ସାମାନ୍ୟ ଯେଉଁ କେତେ ଜଣ ମୂର୍ତ୍ତିର

ତନ୍ତ୍ରାବଧାରକ ଥିଲେ । ସେମାନେ କ୍ରମଶଃ ପୁରୁଷୋତ୍ତମଦେବଙ୍କ ବିଜୟ ବାହିନୀଠାରୁ ବିଚ୍ଛିନ୍ନ ହୋଇ ପଛରେ ପଡ଼ିଥିଲେ । ସମ୍ଭବତଃ ଏହି ସୁଯୋଗରେ ଜୟପୁର ଫୌଜ କନକଦୁର୍ଗାଙ୍କ ମୂର୍ତ୍ତି ନେଇ ଆସିଥିଲେ । ଅପ୍ରତ୍ୟାଶିତ ଭାବରେ ଜୟପୁର ଫୌଜଦ୍ୱାରା ଆକ୍ରାନ୍ତ ହୋଇ କେତେ ଜଣ ମାତ୍ର ମୂର୍ତ୍ତି ରକ୍ଷକ ମୂର୍ତ୍ତିକୁ ଛାଡ଼ି ଦେଇ ପଳାଇ ଯାଇଥିଲେ । ମହାରାଜ ଜାମାତା ଶ୍ରୀଯୁକ୍ତ ବିଦ୍ୟାଧର ସିଂହ ଦେବ ଏ ସମ୍ପର୍କରେ ଲେଖି ଅଛନ୍ତି,—

"Raja Vijayachandrakhaya of Jaypore captured the image of Kanaka Durga from Gajapati Purushottam Deb when he was on his way back to Orissa through this country after his success in the great expedition lead against Conjeevarm. ( Gazetteer of the Vizagapatam District, P 262 ). But this story seems to be rather incredible. As a student of history, I confess my inability to rely upon it. The prowess of Purushottam Gajapati is too well known to needany repetition. Hespread his suzerainty as far as Conjeevarm. Even the mighty Kingdom of Vijayanagar had to lay prostrate before him. Therefore, Jaypure's opposition to Purushottam and taking away the image is out of the question."

# ଷଷ୍ଠ ପରିଚ୍ଛେଦ

ଦ୍ୱିତୀୟ ବିକ୍ରମଦେବଙ୍କର ରାମଚନ୍ଦ୍ର ଦେବ ଏବଂ କୃଷ୍ଣଚନ୍ଦ୍ର ଦେବ ନାମରେ ଦୁଇ ପୁତ୍ର ଥିଲେ । ପିତାଙ୍କ ମୃତ୍ୟୁ ପରେ ଜ୍ୟେଷ୍ଠ ରାମଚନ୍ଦ୍ର ତୃତୀୟ ରାମଚନ୍ଦ୍ର ଦେବ ନାମ ଧରି ରାଜ୍ୟାଭିଷିକ୍ତ ହେଲେ । କିଛି ଦିନ ପରେ ଦୁଇ ଭାଇଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ କନିଷ୍ଠ କୃଷ୍ଣଚନ୍ଦ୍ର ଦେବ ଜୟପୁରରେ ରହିବା ନିରାପଦ ମଣିଲେ ନାହିଁ । ଅଶାନ୍ତି ଓ ଉପଦ୍ରବ ମଧ୍ୟରେ ରହି ରାଜସୁଖ ଭୋଗ କରିବା ଅପେକ୍ଷା ଅନ୍ୟତ୍ର ସାନଭାବରେ ରହି ଶାନ୍ତି ଭୋଗ କରିବା ସହସ୍ର ଗୁଣରେ ଶ୍ରେୟସ୍କର ଭାବି ସେ ଜୟପୁରରୁ ବାହାରି ଗଲେ । ଜୀବନରେ ସେ ଆଉ ଜୟପୁରକୁ ଫେରି ନାହାନ୍ତି । ଦୃଢ଼ବ୍ରତୀ,ସତ୍ୟନିଷ୍ଠ ବ୍ୟକ୍ତିମାନଙ୍କର ମନ ନଦୀସ୍ରୋତ ପରି ଅଗ୍ରମୁଖୀ; ସେ ଆଉ ପଛକୁ ଫେରେ ନାହିଁ । ପୁଷ୍ପପୁର ଏବଂ ମାଡ଼ଗୁଳ ରାଜବଂଶରେ କୃଷ୍ଣଚନ୍ଦ୍ର ଦେବଙ୍କର ବନ୍ଧୁବାନ୍ଧବମାନେ ଥିଲେ; ସୁତରାଂ ସେ ସେହି ସ୍ଥାନମାନଙ୍କୁ ଗମନ କଲେ । ତାଙ୍କର ବନ୍ଧୁମାନେ ମଧ୍ୟ ତାଙ୍କୁ ସମାଦରପୂର୍ବକ ଗ୍ରହଣ କଲେ ଏବଂ ତାଙ୍କ ସୁଖ ସୁବିଧାର ଯଥେଷ୍ଟ ସୁବ୍ୟବସ୍ଥା କରିଦେଲେ । ମାଡ଼ଗୁଳରେ ଅବସ୍ଥାନ କାଳରେ ତାଙ୍କର ପତିପ୍ରାଣା ସହଧର୍ମିଣୀ ରେଖାଦେବୀଙ୍କ ଗର୍ଭରୁ ଗୋଟିଏ କନ୍ୟା ଜନ୍ମଗ୍ରହଣ କଲେ । ଏହି କନ୍ୟାଟି ତାଙ୍କର ପ୍ରଥମ ସନ୍ତତି, ତାଙ୍କର ନାମ ସୁବର୍ଣ୍ଣ ଦେବୀ । ମାଡ଼ଗୁଳ ରାଜାଙ୍କର ଦୁଇରାଣୀ । ସୀତା ପାଟମହାଦେବୀ ଏବଂ ନୀଳମଣି ଦେବୀ କୃଷ୍ଣଚନ୍ଦ୍ର ଦେବଙ୍କର ମାଉସୀ ଥିଲେ । ସେମାନଙ୍କ ସ୍ନେହରେ ସେ ପୁତ୍ର ପରି ହୋଇ ରହିଲେ, ବିଶେଷତଃ ମାତୃସମା ବଡ଼ମାଉସୀଙ୍କ ଯତ୍ନରେ ସେ ସବୁ ଦୁଃଖ ଭୁଲିଯାଇଥିଲେ ।

ରାଜକୁମାର କୃଷ୍ଣଚନ୍ଦ୍ର ଦେବ ପୁଷ୍ପପୁର ଏବଂ ମାଡ଼ଗୁଳରେ କେତେକ କାଳ କଟାଇ ଗଞ୍ଜାମ ଜିଲ୍ଲାର ଚିକାକୋଲ ପ୍ରଗଣାସ୍ଥ ପର୍ଲାକିମେଡ଼ି ଗ୍ରାମରେ ଯାଇ ଅବସ୍ଥାନ କଲେ । ଉକ୍ତ ଗ୍ରାମଟି ପୁଣ୍ୟତୋୟା ବଂଶଧାରା


ନଦୀ କୂଳରେ ଅବସ୍ଥିତ । ତାହା ଗୋଟିଏ ତେଲୁଗୁ ବ୍ରାହ୍ମଣ ଶାସନ । ଗ୍ରାମଟି ଋଷ୍ୟାଶ୍ରମ ପରି ପବିତ୍ର ଏବଂ ମନୋହର । କୃଷ୍ଣଚନ୍ଦ୍ର ଦେବ ସେହି ଗ୍ରାମରେ ଘର ଭଡ଼ା ନେଇ ବାସକଲେ । ପ୍ରାଚୀନ କଳିଙ୍ଗ ମହାରାଜ୍ୟର ରାଜଧାନୀ ମଖଲିଙ୍ଗନଗର ସେଠାରୁ ପ୍ରାୟ ଦୁଇ ମାଇଲ ଦୂରରେ ଅବସ୍ଥିତ । ସେଠାରେ ଅନେକ ବିଦ୍ୟାନୁ ଉତ୍କଳୀୟ ବ୍ରାହ୍ମଣଙ୍କର ବସତି ଥିଲା । କୃଷ୍ଣଚନ୍ଦ୍ର ଦେବ ପୁତ୍ର ଲାଭ କାମନାରେ ସେହି ମଖଲିଙ୍ଗଠାରେ ଶିବୋପାସନାରେ ନିଯୁକ୍ତ ହେଲେ । ବିଂଶାଧିକଶିଷ୍ଟ ଏକଲକ୍ଷ ଅକ୍ଷତ ବିଲ୍ୱପତ୍ରରେ ଚନ୍ଦନଦ୍ୱାରା ଶିବପଞ୍ଚାକ୍ଷର ମନ୍ତ୍ର ଲେଖି ଶିବପୂଜା କରିବାକୁ ଲାଗିଲେ । ଭକ୍ତ ବତ୍ସଳ ଦେବାଧିଦେବ ଆଶୁତୋଷ ଭକ୍ତର ଆରାଧନାରେ ସନ୍ତୋଷ ଲଭି ପ୍ରସନ୍ନ ହେଲେ । ସେହି ତପସ୍ୟା ଫଳରେ ୧୮୬୯ ଖ୍ରୀଷ୍ଟାବ୍ଦ ଜୁନ ମାସ ୨୮ ତାରିଖ ରବିବାର ରାତ୍ର ୬ଘଣ୍ଟା ସମୟରେ କୃଷ୍ଣଚନ୍ଦ୍ର ଦେବଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲେ । ନବଜାତ ଶିଶୁର ଶରୀର ଜ୍ୟୋତିରେ କୃଷ୍ଣଚନ୍ଦ୍ର ଦେବଙ୍କର ନିବାସ ଗୃହ ଆଲୋକିତ ହୋଇଉଠିଲା । ସେହି ଶିଶୁ କି ଥିଲେ ଜୟପୁର ରାଜ୍ୟର ବର୍ତ୍ତମାନ ମହାରାଜ ଶ୍ରୀବିକ୍ରମ ଦେବ ବର୍ମା । ବିପୁଳସୀମ ଜୟପୁର ରାଜ୍ୟର ଭାବୀ ସୌଭାଗ୍ୟ ବିଧାତା, ଭାବୀ ରାଜର୍ଷି, ଭାବୀ ସାହିତ୍ୟସମ୍ରାଟ କ୍ଷୁଦ୍ର ପଲ୍ଲୀଗ୍ରାମର ଏକ ନିଭୃତ କୁଟୀରରେ ଭୂମିଷ୍ଠ ହେଲେ । ମହାତ୍ମା ଶ୍ରେଣୀୟ ବ୍ୟକ୍ତି-ମାନଙ୍କର ଜନ୍ମ ପ୍ରାୟଶଃ ଏହିଭଳି ନିଭୃତ କକ୍ଷରେ ହୋଇଥାଏ । ପ୍ରକୃତିପୂଜାରୀ କବି ପ୍ରକୃତିର କ୍ରୋଡ଼ ପଲ୍ଲୀଗ୍ରାମରେ ଅବତୀର୍ଣ୍ଣ ହେଲେ । ପ୍ରକୃତିଦେବୀ ବାଲ୍ୟ କାଳରୁ ତାଙ୍କୁ ନିଜର ମୋହନ ମଧୁର ମାତୃରୂପ ଦେଖାଇ ସାହିତ୍ୟକଳାର ଆଦ୍ୟ ମନ୍ତ୍ର ପ୍ରଦାନ କଲେ । ମହାମତି ବିକ୍ରମଦେବଙ୍କ ଜନ୍ମଦିବସ ଜୟପୁର ପକ୍ଷରେ ବିଶେଷତଃ ଆନ୍ଧ୍ରୋତ୍କଳ ପକ୍ଷରେ ସୌଭାଗ୍ୟର ଶୁଭଦିନ । ଶିଶୁର ବୟୋବୃଦ୍ଧି ସଙ୍ଗେ ସଙ୍ଗେ ପିତାମାତାଙ୍କର ଆନନ୍ଦ ବଢ଼ିବାକୁ ଲାଗିଲା । କୃଷ୍ଣଚନ୍ଦ୍ର ଦେବଙ୍କର ଅଭୀଷ୍ଟ ସିଦ୍ଧହେଲା । ଶିବପୂଜା ସାର୍ଥକ ହେଲା । ଦୁଇବର୍ଷ ଯାଏଁ ସେହି ପର୍ବତଲୀ ଗ୍ରାମର ବ୍ରାହ୍ମଣ ଶିଶୁସଖାମାନଙ୍କ ମେଳରେ ଶିଶୁ ବିକ୍ରମ ଦେବଙ୍କର ବାଲ୍ୟଲୀଳା ଚଳିବାକୁ ଲାଗିଲା । ତହୁଁ ଉତ୍ତାରୁ କୃଷ୍ଣଚନ୍ଦ୍ର ଦେବ ନଗରୀ କଟକରେ ଯାଇ ଅବସ୍ଥାନ କଲେ । ଉକ୍ତ ଗ୍ରାମ ବଂଶଧାରାର ଅପର ତୀରରେ ଅବସ୍ଥିତ । ବିକ୍ରମ ଦେବ ସେହିଠାରେ ବଢ଼ିବାକୁ ଲାଗିଲେ । ତାଙ୍କର ପ୍ରାଥମିକ ଶିକ୍ଷା ପିତାମାତାଙ୍କଠାରୁ ହୋଇଥିଲା । ତାଙ୍କର ପିତା ସେହିପରି ବିଦ୍ୱାନ, ମାତା ସେହିପରି ବିଦୁଷୀ । ସାଧାରଣତଃ ବିଦ୍ୱାନ ବିଦୁଷୀ ପିତାମାତାଙ୍କଠାରୁ ଶିଶୁ ସନ୍ତାନମାନେ ଯେଉଁପରି ଶିକ୍ଷା ପାଇଥାଆନ୍ତି, ବିକ୍ରମଦେବ ସେହିପରି ଶିକ୍ଷା ପାଇଥିଲେ । ଭବିଷ୍ୟତରେ ଯେ ବାଳକ ବିକ୍ରମ ଦେବ ଜଣେ ଅସାଧାରଣ ପ୍ରତିଭାଶାଳୀ ହେବେ, ତାହାର ସୂଚନା ତାଙ୍କ ବାଲ୍ୟଜୀବନରୁ ଜଣାପଡୁଥିଲା । ତୁଳସୀର ସୁବାସ ଦୁଇପତ୍ରରୁ ହିଁ ପ୍ରକାଶ ପାଏ । ନଗରୀ କଟକରେ ଯେଉଁ ଘରେ ବିକ୍ରମ ଦେବ ଲାଳିତ ପାଳିତ ହୋଇଥିଲେ, ଅଙ୍ଗିରସ ସମ୍ବତ୍ସରର ପ୍ରବଳ ନଦୀ ବନ୍ୟାରେ ସେ ଘର ସମୂଳରେ ନଷ୍ଟ ହୋଇଯାଇଅଛି । ଯାହାର ସ୍ଥାନରେ ସୌଧ ମହାର୍ଘ୍ୟ, ଦୁର୍ଲଭ ସାରସ୍ୱତ ମନ୍ଦିରମାନ ନିର୍ମିତ ହେବ, ଏ କ୍ଷୁଦ୍ର ମୃତ୍ତିକା କୁଟୀର ତାହାର ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଥିବ କାହିଁକି ? ବୋଧହୁଏ ଏହି ବିଚାରରେ ବଂଶଧାରା ତାକୁ ଉଦରସାତ୍ କରିଅଛି । ଅନେକ ପ୍ରବୀଣ ଜ୍ଞାନୀ ବ୍ୟକ୍ତି ଶିଶୁ ବିକ୍ରମ ଦେବଙ୍କ ଲକ୍ଷଣ ଦେଖି ତାଙ୍କର ଭବିଷ୍ୟତ ଅତି ଉଜ୍ଜ୍ୱଳ ବୋଲି ନିର୍ଦ୍ଦେଶ କରିଥିଲେ ।

ସେ ସମୟରେ ସେ ଅଞ୍ଚଳରେ ଇଂରେଜୀ ସ୍କୁଲ ବା ଓଡ଼ିଆ ପାଠଶାଳାର ନିତାନ୍ତ ଅଭାବ ଥିଲା । କେବଳ ନଗରୀ କଟକରେ ଗୋଟିଏ ତେଲୁଗୁ ଏଲିମେଣ୍ଟାରୀ ସ୍କୁଲ ଥିଲା । ତାହା ଓଡ଼ିଶାର ନିମ୍ନ ପ୍ରାଇମେରୀ ସ୍କୁଲର ସମକକ୍ଷ । ବାଳକ ବିକ୍ରମ ଦେବ ସେହି ତେଲୁଗୁ ସ୍କୁଲରେ ଅଧ୍ୟୟନ କଲେ । ଓଡ଼ିଆ ରଜାଘର ପୁଅ ତେଲୁଗୁ ଭାଷାରେ "ସିଦ୍ଧିରସ୍ତୁ" ଆରମ୍ଭ କଲେ । କିନ୍ତୁ ଘରେ ଓଡ଼ିଆ ଶିକ୍ଷା କରୁଥିଲେ । ତାଙ୍କ ପୁରୋହିତଙ୍କ ଭ୍ରାତା ରଘୁନାଥ ରଥ "କହନ୍ତି ମାଏ ଶ୍ରୀକୃଷ୍ଣ ଆଗେ", "କେଶବ କୋଇଲି" "କାନ୍ତ

ବୋଇଲ୍", "ବାରମାସୀ କୋଇଲି" ତାଳପତ୍ର ଲିଖିତ "ଗୋପୀଭାଷା", "ରାସପଞ୍ଚାଧ୍ୟାୟ", "ଦଶମ-ସ୍କନ୍ଧ ଗୋପଲୀଳା" ପ୍ରଭୃତି ପଢାଉଥିଲେ । ଗୁରୁ ସଙ୍ଗ୍ ତେଲୁଗୁ ପଢାଉଥିଲେ । ବାଳକ ବିକ୍ରମ ଦେବଙ୍କର ସ୍ମରଣଶକ୍ତି ଅତୀବ ପ୍ରଖର ଥିଲା । ସେ ଯାହା ପଢ଼ୁ-ଥିଲେ ବା ଶୁଣୁଥିଲେ ତାହା ତାଙ୍କ ସ୍ମୃତିପଟରେ ଦୃଢ଼ଭାବରେ ଅଙ୍କିତ ହୋଇଯାଉଥିଲା । ତାଙ୍କର ଅପୂର୍ବ ମେଧାଶକ୍ତିରେ ଶିକ୍ଷକମାନେ କେବେ କେବେ ମୁଗ୍ଧ ଏବଂ ବିସ୍ମିତ ହୋଇଯାଉଥିଲେ । ମେଧାବୀ ବାଳକର ଏହି ତୀକ୍ଷ୍ଣ ଧାରଣାଶକ୍ତିକୁ ସେମାନେ ପୂର୍ବ ଜନ୍ମର ସଂସ୍କାର ବୋଲି ବିଶ୍ୱାସ କରୁଥିଲେ । ପୂର୍ବ ଜନ୍ମର ସଂସ୍କାର ପାସୋରା ପାଠ ପରି ଆପେ ଆପେ ହେଜ ହୋଇଯାଏ । ମହାକବି କାଳିଦାସଙ୍କର ଅମର ସୂକ୍ତି ଅକ୍ଷରେ ଅକ୍ଷରେ ସତ୍ୟ—"ପୂର୍ବଜନ୍ମନି ଯା ବିଦ୍ୟା ଅଗ୍ରେ ଧାବତି ଧାବତି ।" ଶିଶୁ ବିକ୍ରମଦେବ ତେଲୁଗୁ ଭାଷାରେ ବାଲରାମାୟଣର ସଂସ୍କୃତ ଶ୍ଳୋକ, କୃଷ୍ଣଶତକ, ନୀତିମଞ୍ଜରୀ, ତେଲୁଗୁ ଦ୍ୱିତୀୟ ପାଠ୍ୟପୁସ୍ତକ ପଢି ଆୟତ୍ତ କରିଥିଲେ । ସଂସ୍କୃତ ଶ୍ଳୋକର ପଦ୍ୟାର ମଧ୍ୟ ଅଭ୍ୟାସ କରିଥିଲେ । ଅମରକୋଷ ଅଭିଧାନ ଆମୂଳଚୂଳ କଣ୍ଠସ୍ଥ କରିଥିଲେ । ସେହି ବିଦ୍ୟାଳୟରେ ସେ ତିନିବର୍ଷ ମାତ୍ର ଅଧ୍ୟୟନ କରିଥିଲେ । ସେଠାରେ ତେଲୁଗୁ ଭାଷା ସଙ୍ଗେ ସଙ୍ଗେ କିଛି ଇଂରେଜୀ ମଧ୍ୟ ଶିଖିଥିଲେ । ମାନ୍ଦ୍ରାଜ ଅଞ୍ଚଳରେ ପ୍ରଚଳିତ ଇଂରେଜୀ ଫାଷ୍ଟ ଏବଂ ସେକେଣ୍ଡ ରିଡ଼ର ପୁସ୍ତକ ପଢି ଶେଷ କରିଥିଲେ । ସ୍ୱର୍ଗତ ଗୋବର୍ଦ୍ଧନ ରଥଙ୍କଠାରୁ ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ କରିଥିଲେ । ତାଙ୍କ ପିତା କୃଷ୍ଣଚନ୍ଦ୍ର ଦେବ ଜ୍ୟୋତିଷ ବିଦ୍ୟାରେ ଅସାଧାରଣ ପଣ୍ଡିତ ଥିଲେ । ସେ ମଧ୍ୟ ସମୟ ସମୟରେ ପୁତ୍ରଙ୍କୁ ଜ୍ୟୋତିଷଶାସ୍ତ୍ର ଶିକ୍ଷା ଦେଉଥିଲେ । ପରବର୍ତ୍ତୀକାଳରେ ତାହା ଏପରି ବିକଶିତ ହୋଇ ଉଠିଲା ଯେ, ସେ ଜଣେ ଲବ୍ଧପ୍ରତିଷ୍ଠ ଜ୍ୟୋତିର୍ବିଦ୍ ବୋଲି ଗଣନୀୟ ହେଲେ । ପ୍ରସିଦ୍ଧ ଆନ୍ଧ୍ର ଜ୍ୟୋତିଷୀମାନେ ଜଟିଳ ବିଷୟମାନ ତାଙ୍କଠାରୁ ସମାଧାନ କରାଇ ନିଅନ୍ତି । ସେ ଅଞ୍ଚଳର ପାଞ୍ଜିକାରମାନେ ତାଙ୍କ ଉପଦେଶ ଏବଂ ନିର୍ଦ୍ଦେଶକ୍ରମେ ପାଞ୍ଜି ଗଣନା କରନ୍ତି । ଯେଉଁ ପଞ୍ଜିକାରେ ତାଙ୍କର ସମ୍ମତି ନାହିଁ, ତାହା ବିଶୁଦ୍ଧ ନୁହେଁ ବୋଲି ଉପେକ୍ଷିତ ହୁଏ । ଜ୍ୟୋତିଷ-ଶାସ୍ତ୍ରର ଅନେକ ଦୁରୂହ ଜଟିଳ ଶ୍ଳୋକ ସେ ମୁହେଁ ମୁହେଁ ସମାଧାନ କରିପାରନ୍ତି ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ବାଲ୍ୟଜୀବ-ନରେ କେବେହେଲେ ବାଳଚାପଲ୍ୟ ପରିଲକ୍ଷିତ ହୋଇ ନାହିଁ । ସେ ଦେବ-ଶିଶୁ ପରି ସବୁବେଳେ ଧୀର, ଶାନ୍ତ, ଗମ୍ଭୀର । ଶିଷ୍ଟାଚାରବିରୁଦ୍ଧ ନୀତି ତାଙ୍କ ହୃଦୟକୁ କେବେବେଳେ କଳୁଷିତ କରିପାରି ନାହିଁ । ପିଲାଦିନରୁ ସେ ଗର୍ବ ଅଭିମାନ ବର୍ଜିତ । ସହପାଠୀମାନଙ୍କ ସଙ୍ଗରେ ସେ ମଧୁର ଭ୍ରାତୃବ୍ୟବହାର କରୁଥିଲେ । ସାଧାରଣ ବାଳକ ପରି ସେ କ୍ରୀଡା କୌତୁକରେ ପ୍ରମତ୍ତ ନହୋଇ ସର୍ବଦା ଅଧ୍ୟୟନନିରତ ଥାଆନ୍ତି । ଅଧ୍ୟୟନ ବେଳେ ସେ କ୍ଷୁଧାତୃଷା ପାଶୋରି ଯାଉଥିଲେ । ଉତ୍ତର କାଳରେ ସେହି ଅଧ୍ୟୟନଶୀଳତା ବର୍ଦ୍ଧିତା ତଟିନୀ ପରି କ୍ରମଶଃ ବୃଦ୍ଧି ଦିଗକୁହିଁ ଧାବିତ ହେଉଅଛି । ଅଦ୍ୟାବଧି ୬୪ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଅଧ୍ୟୟନ ଅକ୍ଷତ ଅଛି । ସେ ଆବାଲ୍ୟ-ବାର୍ଦ୍ଧକ୍ୟ ଛାତ୍ର, ଏହା ତାଙ୍କ ଜୀବନର ଏକ ବିଶେଷତ୍ୱ । ବିନୟ ଏବଂ ସାଧୁତା ତାଙ୍କ ସ୍ୱଭାବର ଦୁର୍ଲଭ ଅଳଙ୍କାର । ସେ ସ୍ୱଳ୍ପଭାଷୀ ଏବଂ ମଧୁରଭାଷୀ । ବାଲ୍ୟଜୀବନରେ ମିଥ୍ୟା ତାଙ୍କ ପବିତ୍ର ଜିହ୍ୱାକୁ କେବେ ଅପବିତ୍ର କରିପାରି ନାହିଁ । ସ୍ପଷ୍ଟ କଥା କହିବାକୁ ସେ ଭୀତ ବା ସଙ୍କୁଚିତ ହେଉ ନଥିଲେ । ତାଙ୍କର ସ୍ପଷ୍ଟ ଭାଷା କଟୁତା ବିବର୍ଜିତ ଏବଂ ମଧୁରତାରେ ପୂର୍ଣ୍ଣ । ଉତ୍ତେଜନା କାହାକୁ କହନ୍ତି, ତାହା ସେ ଜାଣି ନଥିଲେ । ତାଙ୍କର ସୌମ୍ୟ ସହାସ୍ୟ ବଦନ ସବୁ ଶ୍ରେଣୀୟ ଲୋକଙ୍କର ସ୍ନେହ ଆକର୍ଷଣ କରୁଥିଲା । ରୋଗ, ପୀଡା, ଦୁଃଖ, ଆପଦ କେହି ତାଙ୍କ ମୁଖଶ୍ରୀକୁ ମଳିନ କରିବାର କେବେ କେହି ଦେଖି ନାହାନ୍ତି । ବାଲ୍ୟାବସ୍ଥାରେ ସୁଦ୍ଧା ସେ ପ୍ରବୀଣ ପରି ଧୈର୍ଯ୍ୟ-ବାନ୍ ଥିଲେ । ଅନ୍ୟକୁ ହତାଦର କରିବା ତାଙ୍କ ସ୍ୱଭାବର ବହିର୍ଭୂତ । ପରର ଦୁଃଖ ଦେଖିଲେ ତାଙ୍କର ହୃଦୟ ଦୟା ଏବଂ ସମବେଦନାରେ ଆର୍ଦ୍ରୀଭୂତ ହୋଇ ଉଠେ । ନିଜର ଅବସ୍ଥା ତେତେ ସ୍ୱଚ୍ଛଳ ନ ଥିଲେ ମଧ୍ୟ ଦୁଃଖୀ ରଙ୍କୀ ଅକ୍ଷମ ବ୍ୟକ୍ତିଙ୍କୁ ସେ ସ୍ୱତଃପ୍ରବୃତ୍ତ ହୋଇ

ଯଥାସାଧ୍ୟ ଜ୍ଞାନ କରୁଥିଲେ । ଶିକ୍ଷାଗୁରୁଙ୍କୁ ଭକ୍ତି କରିବା ବିଷୟରେ ସେ ସର୍ବଦା ଅନ୍ୟମନସ୍କ ନ ଥିଲେ । ସ୍କୁଲରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଆଦର୍ଶ ବାଳକର ଯେଉଁ ସମସ୍ତ ଗୁଣ ଏବଂ ଲକ୍ଷଣ ଥିବା ଉଚିତ, ତାହା ତାଙ୍କଠାରେ ପୂର୍ଣ୍ଣମାତ୍ରାରେ ଥିଲା । ଖେଳରେ ବା ବୌଦ୍ଧିକରେ ସୁଦ୍ଧା ସେ କେବେ ହେଲେ ସହପାଠୀମାନଙ୍କ ସଙ୍ଗରେ କଳହରେ ପ୍ରବୃତ୍ତ ହୋଇନାହାନ୍ତି ଏବଂ ଭ୍ରମରେ ସୁଦ୍ଧା ତାହାଙ୍କ ମନରେ କଷ୍ଟ ଦେଇନାହାନ୍ତି । ବିଧାତାଙ୍କର ଯାହାକୁ ପୂର୍ଣ୍ଣ ମାନବ କରିବାର ଇଚ୍ଛା ଥାଏ, ତାକୁ ବାଲ୍ୟକାଳରୁ ସମସ୍ତ ଶୁଭଗୁଣରେ ସେ ମଣ୍ଡିତ କରନ୍ତି । ମହାରାଜ ବିକ୍ରମ ଦେବ ବର୍ମାଙ୍କର ବାଲ୍ୟ-ଜୀବନ ବାସ୍ତବରେ ବୈଚିତ୍ର୍ୟ ଏବଂ ବୈଶିଷ୍ଟ୍ୟମୟ । ବୈଚିତ୍ର୍ୟବିହୀନ ଜୀବନ ଅସାର, ନିଷ୍ଫଳ ଏବଂ ମୂର୍ଚ୍ଛିତ । ବାଲ୍ୟଜୀବନରେ ବୈଚିତ୍ର୍ୟ ସର୍ବଦା ସୁଲଭ ନୁହେଁ । ଏହା ସ୍ୱତଃସିଦ୍ଧ କଥା । ଆକାଶରେ ଅସଂଖ୍ୟ ଜ୍ୟୋତିଷ୍କ, ଅଛନ୍ତି; ମାତ୍ର ସମସ୍ତଙ୍କର ଜ୍ୟୋତି ସୂର୍ଯ୍ୟଚନ୍ଦ୍ର ପରି ନୁହେଁ । ଉଦ୍ୟାନରେ କେତେ ଫୁଲ ଫୁଟେ; କିନ୍ତୁ ସବୁ ଫୁଲରେ ସୁବାସ, ସୌନ୍ଦର୍ଯ୍ୟ ନ ଥାଏ । ସାଧାରଣ ମାନବ ଶ୍ରେଣୀରୁ ଯେଉଁମାନଙ୍କୁ ଉଚ୍ଚକୁ ଉଠାଇବାର ବିଧାତାଙ୍କର ଅଭିପ୍ରାୟ, ସେମାନେ ସେହି ବିଶିଷ୍ଟ ବିଶେଷ କଳା ଘେନି ଜନ୍ମଲାଭ କରନ୍ତି । ନିମ୍ନରେ ସେହି କ୍ଷଣଜନ୍ମା ମହାପୁରୁଷଙ୍କର ଜନ୍ମ କୋଷ୍ଠୀ ଅଙ୍କିତ ହେଲା ।




ଗ୍ରହସ୍ଥିତିର ଫଳ:—

ମଙ୍ଗଳ—ପଞ୍ଚମ ସ୍ଥାନରେ ଥିବାରୁ ପୁତ୍ରସ୍ଥାନ ।

ସ୍ୱକ୍ଷ—କର୍କଟରେ ଅବସ୍ଥିତ । ଫଳ—ଯାନବାହନ ସୁଲଭ । କିନ୍ତୁ ଶତ୍ରୁଦୃଷ୍ଟି ହେତୁ ତରୁଣାବସ୍ଥାରେ ଦୁଃଖ ଭୋଗ ।

ବୃହସ୍ପତି—ଭାଗ୍ୟାଧିପତି ଏବଂ ବ୍ୟୟାଧିପତି । ସେ ଲଗ୍ନରେ ଥିବାରୁ ଶାରୀରିକ ସୁଖ, ବିଦ୍ୟା ଏବଂ ସମ୍ମାନ ବୃଦ୍ଧି ପ୍ରଭୃତି ଫଳ ଘଟିବ ।

ଶନି—ଦଶମାଧିପତି, ଅଷ୍ଟମସ୍ଥାନରେ ସ୍ଥିତ ଫଳ—ଦୀର୍ଘାୟୁ, ଲାଭ; କିନ୍ତୁ ବାଲ୍ୟକାଳରେ ବିଶେଷ ଦୁଃଖ ଭୋଗ ।

ବୁଧ—ତୃତୀୟାଧିପତି ଓ ଷଷ୍ଠାଧିପତି । ସେ ତୃତୀୟ ସ୍ଥାନରେ ପୁଣି ରବି ସଙ୍ଗରେ ଥିବାରୁ ସହୋଦର ଭ୍ରାତା କେହି ନ ଥିବା ସ୍ୱାଭାବିକ । ବୁଧ ସୂର୍ଯ୍ୟରେ ଥିବା ହେତୁ ବୁଧଦଶାରେ ଶୁକ୍ର ଅନ୍ତର ପୀଡ଼ା ଦେଖିବ ।

କେତୁ—ଦଶମ ସ୍ଥାନରେ ଥିବାରୁ ଅତୁଳ ଯଶ, ପ୍ରତିଷ୍ଠା ଲାଭ; କିନ୍ତୁ ଚନ୍ଦ୍ର ସଙ୍ଗରେ ଥିବାରୁ ମନସ୍ୱୀମାନେ ନିନ୍ଦା ରଟନା କରିପାରନ୍ତି ।

ଶୁକ୍ର—ଧନାଧିପତି ଓ ସପ୍ତମାଧିପତି ତୃତୀୟ ସ୍ଥାନରେ ଥିବାରୁ ପିତାର୍ଜିତ ଧନ ସମ୍ପତ୍ତିର ଅଭାବ ହେବ । କିନ୍ତୁ ସ୍ୱୋପାର୍ଜିତ ଧନର ଅଭାବ ହେବ ନାହିଁ ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ କୋଷ୍ଠୀର ଫଳ ଜ୍ୟୋତିର୍ବିଦମାନେ ଏହି ପରି ନିର୍ଣ୍ଣୟ କରିଅଛନ୍ତି । ସେଥିମଧ୍ୟରୁ ଅଧିକାଂଶର ସତ୍ୟତା ପ୍ରତିପନ୍ନ ଏବଂ ପ୍ରତ୍ୟକ୍ଷୀଭୂତ ହୋଇଅଛି । ମଙ୍ଗଳ ଗ୍ରହର ଫଳ ଅନୁସାରେ ପୁତ୍ର ନାହାନ୍ତି । ଏକମାତ୍ର କନ୍ୟା ବିଦ୍ୟ-ମାନ । ସ୍ୱକ୍ଷ ଗ୍ରହର ଗଣିତ ଫଳାନୁସାରେ କୈଶୋରା-ବସ୍ଥାରେ ସେ ପିତୃମାତୃଶୂନ୍ୟ ହୋଇଅଛନ୍ତି । ତାଙ୍କର ୯ବର୍ଷ ବୟସରେ ମାତୃଦେବୀ ଏବଂ ପନ୍ଦର ବର୍ଷ ସମୟରେ ପିତୃଦେବ ସ୍ୱର୍ଗ ଗମନ କରିଅଛନ୍ତି । ସେହି ସମୟ ମଧ୍ୟରେ ମାଡ଼ଗୁଲ ରାଜ୍ୟର ପୋଷ୍ୟ ପୁତ୍ରତ୍ୱରୁ ସେ ବଞ୍ଚିତ ହୋଇଅଛନ୍ତି । ଏହିପରି ତାଙ୍କୁ ଅନେକ ଶୋକ ଦୁଃଖ ଭୋଗ କରିବାକୁ ପଡ଼ିଅଛି । ଲଗ୍ନରେ

ବୃହସ୍ପତି ଥିବାରୁ ସେ ଅସାଧାରଣ ପଣ୍ଡିତ, ବହୁଭାଷାଭିଜ୍ଞ, ଉଚ୍ଚ ସମ୍ମାନପ୍ରାପ୍ତ କବି, ବିଶାଳ ଜୟପୁର ରାଜ୍ୟର ଏକଛତ୍ରାଧିପତି ଏବଂ ଦୀର୍ଘାୟୁ ହୋଇଅଛନ୍ତି । ଶନି ଗ୍ରହ ଫଳରେ ତାଙ୍କର ବାଲ୍ୟ ଜୀବନ ଦୁଃଖମୟ ହୋଇଥିଲା । ବୁଧ ଗ୍ରହ ଫଳରେ ତାଙ୍କର ସହୋଦର ଭାଇ ନାହାନ୍ତି । କେତୁ ଦଶମ ସ୍ଥାନରେ ଥିବାରୁ ତାଙ୍କର ଖ୍ୟାତି ବିଶେଷ ରୂପେ ବୃଦ୍ଧିପ୍ରାପ୍ତ ହେଉଅଛି ଏବଂ ଦେଶ ବିଦେଶରେ ସେ ସମାଦୃତ ହେଉଅଛନ୍ତି । ଶୁକ୍ର ଗ୍ରହ ଫଳରେ ତାଙ୍କର ପିତ୍ରାର୍ଜିତ ଧନ କିଛି ନ ଥିଲା । ତାଙ୍କର ପିତା କୃଷ୍ଣଚନ୍ଦ୍ର ଦେବ ଭାଇ ରାଜା ତୃତୀୟ ରାମଚନ୍ଦ୍ର ଦେବଙ୍କଠାରୁ ମାସିକ ପାଞ୍ଚଶତ ଟଙ୍କା ଜୀବିକା ପାଉଥିଲେ । ଏ ସାହାଯ୍ୟ ଜଣେ ରାଜଭ୍ରାତାଙ୍କ ପକ୍ଷରେ ସମୁଦ୍ରକୁ କୁଶାଗ୍ର ଜଳବିନ୍ଦୁ ତୁଲ୍ୟ । ସାମାନ୍ୟ ପାଞ୍ଚଶ ଟଙ୍କାରେ ନିଜର ମାନ ସମ୍ଭ୍ରମ ଏବଂ ବଂଶୀୟ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଚଳିବା ଜଣେ ରାଜକୁମାର ପକ୍ଷରେ କଷ୍ଟକର ନୁହେଁ କି ? କୃଷ୍ଣଚନ୍ଦ୍ର ଦେବ ଜଣେ ଦାତା ବୋଲି ପ୍ରସିଦ୍ଧି ଲାଭ କରିଥିଲେ । ସେ ବିଷୟ ପୂର୍ବରୁ ଲିଖିତ ହୋଇଅଛି । ପାଞ୍ଚଶ ଟଙ୍କା ତାଙ୍କ ଦାନକୁ ନିଅଣ୍ଟ—ଏହା ବୋଲିବା ଅତିବାଦ ନୁହେଁ । ଏପରି ଅବସ୍ଥାରେ ସେ ସଞ୍ଚୟ କରି ରଖନ୍ତେ ବା କଅଣ ? କୃଷ୍ଣଚନ୍ଦ୍ର ଦେବ ପରମ ଧାର୍ମିକ ଥିଲେ । ଧର୍ମକାର୍ଯ୍ୟରେ ସେ ମୁକ୍ତହସ୍ତ ହୋଇ ବ୍ୟୟ କରୁଥିଲେ । ଗୋଟାଏ ଗୋଟାଏ ଓଷା ପର୍ବରେ ପାଞ୍ଚଶ ଟଙ୍କା ଖର୍ଚ୍ଚ ହେବା କୌଣସି ରାଜପରିବାର ପକ୍ଷରେ ଅସମ୍ଭବ ନୁହେଁ । ତାହା ବୈଧ ଖର୍ଚ୍ଚ, ଅବୈଧ ହେଲେ ତ ହଜାର ହଜାର ମୁଦ୍ରା ଅଣ୍ଟିବ ନାହିଁ । ପିତାଙ୍କର ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ବୋଲି ବାଳକ ପୁତ୍ର ବିକ୍ରମଦେବ ଦୁଃଖିତ ହେଉ ନ ଥିଲେ । ସେ ପାଠ ପଢି ଖେଳି ପ୍ରଫୁଲ୍ଲମାନସରେ କାଳ ହରଣ କରୁଥିଲେ । ନିଜେ ପ୍ରସିଦ୍ଧ ରାଜବଂଶସମ୍ଭୂତ ବୋଲି ଇତର ସାଧାରଣଙ୍କୁ ଘୃଣା ବା ଅବଜ୍ଞା ଚକ୍ଷୁରେ ଦେଖୁ ନଥିଲେ । ପିଲାଦିନରୁ କବିତା ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । କବିତା ପୁସ୍ତକ ପଢିବାକୁ ସେ ଖୁବ୍ ଭଲ ପାଉଥିଲେ । ସେଥିରେ ସେ ଆନନ୍ଦ ଉପଭୋଗ କରୁଥିଲେ ବୋଲି ଲୋକ ମୁଖରୁ ଶୁଣାଯାଏ ।

ମାଡ଼ଗୋଳ ରାଜ୍ୟ ବହୁକାଳରୁ ଜୟପୁରର ଅନ୍ତର୍ଭୁକ୍ତ । ତେଲୁଗୁ ଭାଷାରେ "ମାଡ଼ଗୁ" ଶବ୍ଦର ଅର୍ଥ ପକ୍କା କୋଠା, "ଲୁ" ବହୁବଚନର ଚିହ୍ନ । ପୂର୍ବେ ସେଠାରେ ବହୁତ ପକ୍କା କୋଠା ଥିଲା । ସେଥିପାଇଁ ସ୍ଥାନର ନାମ "ମାଡ଼ଗୁଲୁ" ହୋଇଥିଲା । ସେହି ମାଡ଼ଗୁଲୁରୁ ମାଡ଼ଗୋଳ ହୋଇଅଛି । କଥିତ ହୁଏ ଜୟପୁରର ପ୍ରଥମ ରାଜା ବିନାୟକ ଦେବ କାଶୀରୁ ନନ୍ଦପୁର ଆସିବାବେଳେ ତାଙ୍କ ସଙ୍ଗରେ ତାଙ୍କର ଜଣେ ଭାଇ ଆସିଥିଲେ । ବିନାୟକ ଦେବ ରାଜା ହେଲା ପରେ ସେହି ଭାଇଙ୍କୁ ମାଡ଼ଗୋଳର ରାଜା କରି ଅସାଧାରଣ ଭ୍ରାତୃବାତ୍ସଲ୍ୟର ପରିଚୟ ଦେଇଥିଲେ । ସେହି ରାଜଭ୍ରାତା ଶୈଳଭୂପତି ଦେବ ନାମ ଧରି ରାଜ୍ୟ ଶାସନ କଲେ । ସେହିଦିନଠାରୁ ମାଡ଼ଗୋଳର ରାଜାମାନେ ଭୂପତି ଆଖ୍ୟାରେ ଆଖ୍ୟାୟିତ ହେଲେ । ସେମାନେ ଜୟପୁରର କରଦ ରାଜା ରୂପେ ଶାସନ ପାଳନ ନିର୍ବାହ କରନ୍ତି । ସେହି ବଂଶର ଚତୁର୍ବିଂଶ ରାଜା କୃଷ୍ଣ ଭୂପତି ଦେବ ୧୮୩୨ ଖ୍ରୀଷ୍ଟାବ୍ଦରୁ ୧୮୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ସୁଣ୍ଡୁପୁର ରାଜବଂଶରୁ ଦୁଇଟି କନ୍ୟା ବିବାହ କରିଥିଲେ । କନ୍ୟାଦ୍ୱୟ ପରସ୍ପରର ସହୋଦରା । ଜ୍ୟେଷ୍ଠା କନ୍ୟାଙ୍କର ନାମ ସୀତା ପାଟମହାଦେଈ ଏବଂ କନିଷ୍ଠାଙ୍କର ନାମ ନୀଳମଣି ଦେଈ । ସେମାନେ କୃଷ୍ଣଚନ୍ଦ୍ର ଦେବଙ୍କର ମାଉସୀ; ସୁତରାଂ ବିକ୍ରମ ଦେବ ବର୍ମାଙ୍କର ପିତାମହୀ । ରାଜା କୃଷ୍ଣ ଭୂପତି ଦେବଙ୍କର ପୁତ୍ର ସନ୍ତାନ ନ ଥିଲେ, କେବଳ ଦ୍ୱିତୀୟା ରାଣୀଙ୍କ ଗର୍ଭରୁ ଅମ୍ବୀ ଦେବୀ ନାମରେ ଗୋଟିଏ କନ୍ୟା ଜାତ ହୋଇଥିଲେ । ଔରସଜାତ ଉତ୍ତରାଧିକାରୀ ଅଭାବରୁ କୃଷ୍ଣ ଭୂପତି ଦେବ ତାଙ୍କ ରାଣୀଙ୍କର ଜାତି ସମ୍ପର୍କୀୟ ବିକ୍ରମ ଦେବ ବର୍ମାଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ବିକ୍ରମ ଦେବ ବର୍ମା ରାଜା ହେବେ ବୋଲି ଉଇଲ ମଧ୍ୟ କରିଯାଇଥିଲେ । ୧୮୭୫ ଖ୍ରୀଷ୍ଟାବ୍ଦରେ କୃଷ୍ଣ ଭୂପତି ଦେବ ସ୍ୱର୍ଗାରୋହଣ କରିବାରୁ ବିକ୍ରମ ଦେବ ମାଡ଼ଗୋଳକୁ ନୀତ ହୋଇ ସେଠାରେ ରାଜପୁତ୍ର ପଦ ପ୍ରତିପାଳିତ ହେଲେ । ସେତେବେଳକୁ ତାଙ୍କର ବୟସ

ଅଠବର୍ଷ ମାତ୍ର ହୋଇଥିଲା । ବଡ଼ ରାଣୀ ସୀତା ପାଟମହାଦେବୀ ତାଙ୍କୁ ପୁତ୍ରାଧିକ ସ୍ନେହ କରୁଥିଲେ । ବିକ୍ରମ ଦେବ ୧୮୭୭ ଖ୍ରୀଷ୍ଟାବ୍ଦରେ ପିତାମାତାଙ୍କ ସହିତ ମାଡଗୋଲ ଯାତ୍ରା କରିଥିଲେ । ଦୁଃଖର ବିଷୟ, ତିନିବର୍ଷ ପରେ ତାଙ୍କର ମାତୃଦେବୀ ସ୍ୱର୍ଗପ୍ରୟାଣ କରିବାରୁ ସେ ଏହି ଦୁଃସମ୍ବାଦ ଶୁଣି ନିଜ ପିତାଙ୍କ ପାଖକୁ ଆସିଲେ । ସେହି ସମୟରେ କୃଷ୍ଣ ଭୂପତିଙ୍କ ଦ୍ୱିତୀୟା ରାଣୀ ନୀଳମଣି ଦେବୀ ଦୁଷ୍ଟ ଲୋକଙ୍କ ପ୍ରରୋଚନାରେ ପୋଷ୍ୟପୁତ୍ର ଉଇଲ ମିଥ୍ୟା ବୋଲି ପ୍ରଚାର କଲେ ଏବଂ ଉଇଲ ରଦ୍ଦ କରିବା ପାଇଁ ୧୮୮୧ ଖ୍ରୀଷ୍ଟାବ୍ଦରେ ମୋକଦ୍ଦମା ଦାଏର କଲେ । ସେହି ମୋକଦ୍ଦମାରେ ନିମ୍ନ ଅଦାଲତରେ ରାଣୀଙ୍କର ଜୟ ହେଲା । ତହୁଁ କୃଷ୍ଣଚନ୍ଦ୍ର ଦେବ ନିମ୍ନ ଅଦାଲତର ରାୟ ବିରୁଦ୍ଧରେ ୧୮୮୨ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜ ହାଇକୋର୍ଟରେ ଅପିଲ କଲେ ଏବଂ ନିଜେ ଦ୍ୱିତୀୟ ପ୍ରତିବାଦୀ ରୂପେ ଠିଆହେଲେ । ଦୁଇ ବର୍ଷ ପର୍ଯ୍ୟନ୍ତ ମୋକଦ୍ଦମା ଚାଲିଲା । ୧୮୮୪ ଖ୍ରୀଷ୍ଟାବ୍ଦରେ ହାଇକୋର୍ଟର ରାୟ ପ୍ରକାଶିତ ହେଲା । ହାଇକୋର୍ଟ ତଳ ଅଦାଲତର ରାୟ ରଦ୍ଦକରି ରାଜା କୃଷ୍ଣ ଭୂପତି ଦେବଙ୍କ ଉଇଲ ସତ୍ୟ ବୋଲି ରାୟ ଦେଲେ ; କିନ୍ତୁ ଗଭୀର ଦୁଃଖର ବିଷୟ, ହାଇକୋର୍ଟ ରାୟ ପ୍ରକାଶ ପୂର୍ବରୁ ୧୮୮୪ ଖ୍ରୀଷ୍ଟାବ୍ଦ ଚୈତ୍ରମାସ ଶୁକ୍ଳ ଚତୁର୍ଥୀରେ କୃଷ୍ଣଚନ୍ଦ୍ର ଦେବଙ୍କର ତିରୋଧାନ ଘଟିଲା । ସେତେବେଳକୁ ବିକ୍ରମ ଦେବ ବର୍ମାଙ୍କ ବୟସ ପନ୍ଦର ବର୍ଷ ମାତ୍ର ହୋଇଥିଲା । ସେ ପୂର୍ବରୁ ମାତୃହୀନ ହୋଇଥିଲେ । ଏବେ ପିତାଙ୍କୁ ହରାଇ ନିଦାରୁଣ ଶୋକରେ ଅଭିଭୂତ ହୋଇପଡ଼ିଲେ । ଏଣିକି ସେ ସଂସାର-ମରୁଭୂମିରେ ସହାୟହୀନ ଏକୁଟିଆ ପାନ୍ଥ । ହାୟ ! କୈଶୋର ଅତିକ୍ରମ ନ କରୁଣୁ ଏ ଦୁର୍ବିର ବିପଦ ଆସି ତାଙ୍କର ଅସ୍ଥି ପଞ୍ଜର ଚୂର୍ଣ୍ଣ କରିଦେଲା । ବାଳକର କୋମଳ ହୃଦୟରେ ଏ ଶୋକ ବାସ୍ତବରେ ଅସହ୍ୟ । ଦୁଇ ବର୍ଷ ପୂର୍ବରୁ ଜ୍ୟେଷ୍ଠା ଭଗିନୀ ସୁବର୍ଣ୍ଣ ଦେବୀଙ୍କର ଅକାଳମୃତ୍ୟୁ ଘଟିଥିଲା । ସେ ଶୋକର କ୍ଷତ ଶୁଷ୍କ ନ ହେଉଣୁ ପିତୃଶୋକ ତାହା ଉପରେ ବିସ୍ଫୋଟକ ତୁଲ୍ୟ ହେଲା । ଭଗିନୀ ସୁବର୍ଣ୍ଣ ଦେବୀ ୧୮୮୧ ଖ୍ରୀଷ୍ଟାବ୍ଦରେ ପାରଳାଖେମୁଣ୍ଡିର ଗଜପତି ମହାରାଜ ଗୌରଚନ୍ଦ୍ର ଦେବଙ୍କ ସହ ପରିଣୟସୂତ୍ରରେ ଆବଦ୍ଧ ହୋଇଥିଲେ; ମାତ୍ର ଗଭୀର ଦୁଃଖର ବିଷୟ, ପ୍ରାୟ ବର୍ଷକ ପରେ ସେ ୧୮୮୨ ଖ୍ରୀଷ୍ଟାବ୍ଦ ଆଷାଢ଼ ଶୁକ୍ଳ ଦ୍ୱାଦଶୀରେ ପ୍ରାଣତ୍ୟାଗ କଲେ । ଆର୍ସେନିକ୍ ପ୍ରୟୋଗରେ ତାଙ୍କର ଅପମୃତ୍ୟୁ ଘଟିଥିଲା ବୋଲି ପ୍ରକାଶ । ସେଥିପାଇଁ ପାରଳା ରାଜପରିବାରର କେତେ ଜଣ ଦଣ୍ଡିତ ହୋଇଥିଲେ । ପାଞ୍ଚବର୍ଷ ମଧ୍ୟରେ ସ୍ନେହମୟୀ ଜନନୀ, ଜ୍ୟେଷ୍ଠା ଭଗିନୀ ଏବଂ ପିତାଙ୍କୁ ହରାଇ ବିକ୍ରମ ଦେବ କି ଭଳି ମର୍ମବେଦନା ଅନୁଭବ କରିଥିଲେ, ତାହା ଭୁକ୍ତଭୋଗୀ ବ୍ୟତୀତ ଅନ୍ୟ କିଏ ବୁଝିବ ? ଏ ମହାଶୋକର ସାନ୍ତ୍ୱନା ନାହିଁ ।

ହାଇକୋର୍ଟ ବିଚାର ଫଳରେ ବିକ୍ରମ ଦେବଙ୍କ ପୋଷ୍ୟପୁତ୍ରତ୍ୱ ବଜାୟ ରହିଲା । ତହୁଁ ସେ ପୁନଶ୍ଚ ମାଡ଼ଗୋଲରେ ଯାଇ ରହିଲେ; ମାତ୍ର ସେ ନାବାଳକ ହେତୁ ହାଇକୋର୍ଟର ଆଦେଶାନୁସାରେ ମାଡ଼ଗୋଲ ରାଜ୍ୟ କୋର୍ଟ ଅଫ୍ ୱାର୍ଡସ୍ ଅଧୀନରେ ରହିଲା । ନାବାଳକ ରାଜକୁମାର ବିକ୍ରମ ଦେବ ବର୍ମା ମିଷ୍ଟର ଜେ. ଏସ୍. ବାର୍ଡ ନାମଧେୟ ଜଣେ ସିଭିଲିଆନଙ୍କ ତତ୍ତ୍ୱାବଧାନରେ ମାଡ଼ଗୋଲରୁ ଆସି ବିଶାଖପଟ୍ଟଣରେ ଅବସ୍ଥାନ କଲେ । ସେଠାରେ ବୌଡ଼ ସାହେବ ତାଙ୍କର ଗୃହଶିକ୍ଷକ ନିଯୁକ୍ତ ହେଲେ । ତାଙ୍କଠାରୁ ସେ ଅଠର ମାସ ଇଂରେଜୀ ଶିକ୍ଷା କରିଥିଲେ । ଅନ୍ୟର ବିନା ସାହାଯ୍ୟରେ ନିଜେ ନିଜେ କିଛି ସଂସ୍କୃତ ମଧ୍ୟ ପଢ଼ିବାକୁ ଆରମ୍ଭ କରିଥିଲେ ।

କୃଷ୍ଣ ଭୂପତି ଦେବଙ୍କର ଦ୍ୱିତୀୟା ରାଣୀ ନୀଳମଣି ଦେବୀଙ୍କ କନ୍ୟା ଅମ୍ମୀ ଦେବୀ ଜୟପୁରର ତାତ୍କାଳିକ ରାଜା ତୃତୀୟ ରାମଚନ୍ଦ୍ର ଦେବଙ୍କ ଭାଇ ବିଶ୍ୱମ୍ଭର ଦେବଙ୍କର ପାଣିଗ୍ରହଣ କରିଥିଲେ । ବିକ୍ରମ ଦେବ ବର୍ମା ମାଡ଼ଗୋଲ ରାଜା ହେଉନ୍ତୁ ଏହା ମହାରାଜ ରାମଚନ୍ଦ୍ର ଦେବଙ୍କର ଇଚ୍ଛା ନୁହେଁ; ସୁତରାଂ ସେ ବିକ୍ରମ ଦେବଙ୍କ ବିରୁଦ୍ଧରେ ଷଡ଼୍‌ଯନ୍ତ୍ର ଆରମ୍ଭ କଲେ । ରାମଚନ୍ଦ୍ର ଦେବ ଏବଂ ବିଶ୍ୱମ୍ଭର ଦେବ ଉଭୟେ ହାଇକୋର୍ଟ ରାୟ ବିରୁଦ୍ଧରେ ଲଣ୍ଡନ ପ୍ରିଭି କାଉନ୍‌ସିଲରେ ଅପିଲ କରିବା ସକାଶେ ନୀଳମଣି ଦେବୀଙ୍କୁ ପ୍ରରୋଚନା ଦେବାକୁ ଲାଗିଲେ ଏବଂ ପ୍ରଭୂତ ଅର୍ଥ ସାହାଯ୍ୟ ମଧ୍ୟ କଲେ ।

ସେମାନଙ୍କ କୁପ୍ରବର୍ତ୍ତନାରେ ଉତ୍ସାହିତ ହୋଇ ନୀଳମଣି ଦେବୀ ୧୮୮୫ ଖ୍ରୀଷ୍ଟାବ୍ଦରେ ପୁଣି ପୋଷ୍ୟପୁତ୍ର ଡାଏମ ବିରୁଦ୍ଧରେ ବିଲାତ ପ୍ରିଭି କାଉନ୍‌ସିଲ୍‌ରେ ଅପିଲ୍ ମୋକଦ୍ଦମା ଦାଏର କଲେ । ଈର୍ଷା ବୋଲି ଯେଉଁ ଦୁଇଟି ଅକ୍ଷର, ତାହାର ପ୍ରଭାବ ଭଣା ନୁହେଁ । ଈର୍ଷାତୁର ଜଣକୁ ସେ ସର୍ବଦା ଭୀଷଣଫଣା ବର୍ଚ୍ଛାରେ ବିଦ୍ଧ କରୁଥାଏ । ମହାରାଜ ରାମଚନ୍ଦ୍ର ଦେବଙ୍କର ଏ କୁଚକ୍ର ସୁଦ୍ଧା ବିରୁଦ୍ଧରେ; ସୁତରାଂ ପୁତ୍ର ବିରୁଦ୍ଧରେ କହିଲେ ଅସଙ୍ଗତ ହେବ ନାହିଁ । ଜଣେ ଧର୍ମନ୍ୟାୟଦଣ୍ଡଧାରୀ ରାଜାଙ୍କ ପକ୍ଷରେ ଏହାଠାରୁ ବଳି କଳଙ୍କର କଥା କଅଣ ଅଛି ? ତାଙ୍କ ହାତରେ ପୁଣି ବିଧାତା ଲକ୍ଷ ଲକ୍ଷ ଲୋକର ଧନ, ଜୀବନର ଭାର ଅର୍ପଣ କରିଅଛନ୍ତି । ଆଉ ନୀଳମଣି ଦେବୀ ତ ଅବଳା, ତାଙ୍କ କଥା ନ କହିବା ହିଁ ପୁଣ୍ୟ ।
"ଅବଳା ଯତ୍ର ପ୍ରବଳା ଶିଶୁରବନୀଶୋ ନିରକ୍ଷରଶ୍ଚ ମନ୍ତ୍ରୀ,
ନା ବା ତତ୍ର ଧନାଶା ଜୀବନମପି ଦୁର୍ଲଭଂ ମନ୍ୟେ ।"
ନୀଳମଣି ଦେବୀ ନାତି ବିକ୍ରମ ଦେବଙ୍କୁ ଖୁବ୍ ଭଲ ପାଉଥିଲେ; ମାତ୍ର ମହାରାଜ ରାମଚନ୍ଦ୍ର ଦେବଙ୍କ ଚକ୍ରାନ୍ତରେ ଭୁଲି ଶେଷକୁ ତାଙ୍କୁ ବିଷନୟନରେ ଦେଖିଲେ । ୧୮୮୮ ଖ୍ରୀଷ୍ଟାବ୍ଦରେ ପ୍ରିଭି କାଉନସିଲର ରାୟ ପ୍ରକାଶିତ ହେଲା । ପ୍ରିଭି କାଉନସିଲ ମାନ୍ଦ୍ରାଜ ହାଇକୋର୍ଟକୁ "ଭର୍ତ୍ତାର ଅନୁଜ୍ଞାରେ ବିଶ୍ୱାସ ଅଛି କି" ବୋଲି ପ୍ରଶ୍ନ କରି ନିମ୍ନ ଅଦାଲତର ରାୟକୁ ମଞ୍ଜୁର କଲେ । ଫଳତଃ ବର୍ମାଙ୍କ ପୋଷ୍ୟପୁତ୍ର ଉଇଲ ନାମଞ୍ଜୁର ହେଲା । ବିକ୍ରମ ଦେବ ବର୍ମା ପୁଣି ବିଷମ ସଙ୍କଟରେ ପଡିଲେ ; କିନ୍ତୁ ପ୍ରିଭି କାଉନସିଲର ରାୟ ବାହାରିବା ପୂର୍ବରୁ ନୀଳମଣି ଦେବୀଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ଷଡ଼ଯନ୍ତ୍ରର ଫଳ ସେ ଭୋଗ କରିପାରିଲେ ନାହିଁ । ମନୁଷ୍ୟ ଜୀବନର ସ୍ଥାୟିତ୍ୱ ପଦ୍ମପତ୍ରସ୍ଥ ଜଳ ବିନ୍ଦୁ ପରି ସର୍ବଦା ଟଳ ଟଳ । ଏକ୍ଷଣି ଅଛି ତ ଏକ୍ଷଣି ନାହିଁ ; ତଥାପି ଅତେଇ ଦିନ ପାଇଁ ଏତେ ଈର୍ଷା, ଏତେ ଚକ୍ରାନ୍ତ, ଏହା ହିଁ ଆଶ୍ଚର୍ଯ୍ୟର ବିଷୟ । ଦେବଭକ୍ତ ସ୍ୱାମୀଙ୍କର କୀର୍ତ୍ତି ନାଶ କରି କେଉଁ ଶୁଭଫଳ ମିଳିଲା ? ପାପର ଫଳ ଅବଶ୍ୟମ୍ଭାବୀ, ଏଥିରେ ସନ୍ଦେହ କଅଣ ଅଛି ? ନୀଳମଣି ଦେବୀ ଶେଷ ଜୀବନରେ ଦୁର୍ଣ୍ଣାମର କାଳୀ ମୁହଁରେ ବୋଲି ମର୍ତ୍ତ୍ୟ ଧାମରୁ ଚିର ବିଦାୟ ଗ୍ରହଣ କଲେ । ତାଙ୍କର ଈର୍ଷା, ଦ୍ୱେଷ ମର୍ତ୍ତ୍ୟ ବାୟୁମଣ୍ଡଳରେ ମିଳାଇଗଲା । ତାହା ମଧ୍ୟ ସେ ସଙ୍ଗରେ ନେଇ ଯାଇପାରିଲେ ନାହିଁ । ଜୀବନର ପରିଣାମ ମନୁଷ୍ୟ ବୁଝୁଥିଲେ ସଂସାରରେ ଏତେ ପାପ, ପ୍ରମାଦ ଥାଆନ୍ତା ନାହିଁ । ଏ ସଂସାର ବିଷବୃକ୍ଷ ନ ହୋଇ ଅନାବିଳ ଅମୃତବୃକ୍ଷ ହୋଇ ଥାଆନ୍ତା । ମାନବସମାଜ ଜ୍ୱାଳା ଯନ୍ତ୍ରଣାଶୂନ୍ୟ ହୋଇ ଥାଆନ୍ତା । ମନୁଷ୍ୟର ଇଚ୍ଛା ଏକ ଅଡ଼େ ଯାଏ; ମାତ୍ର ବିଧାତାର ଇଚ୍ଛା ଭିନ୍ନମୁଖୀ । ଈଶ୍ୱରେଚ୍ଛା ନିରଙ୍କୁଶା, ତାହାର ଅଙ୍କୁଶ ନାହିଁ କିମ୍ବା ଗତିର ପରିବର୍ତ୍ତନ ନାହିଁ । ବିକ୍ରମ ଦେବ ବର୍ମାଙ୍କୁ ତ ବିଶାଳ ଜୟପୁର ରାଜ୍ୟର ଏକଛତ୍ରାଧିପତି କରିବାକୁ ବିଧାତାଙ୍କର ଇଚ୍ଛା; ସେଥିପାଇଁ ତାଙ୍କୁ ସେ ପ୍ରେରଣ କରିଅଛନ୍ତି । ସସି ପଦ୍ ଖଣ୍ଡେ କ୍ଷୁଦ୍ର ମାଡଗୋଲ ରାଜ୍ୟର ସେ ରାଜା ହୁଅନ୍ତେ କାହିଁକି ? ଲକ୍ଷପୋଷୀ ହସ୍ତରେ ଶତପ୍ରାଣୀ ପୋଷଣର ଭାର ଅସୁନ୍ଦର ନୁହେଁ କି ? କେତେ ସାମନ୍ତ ନୃପତିଙ୍କ ମହାର୍ଘ ରତ୍ନ-ମୁକୁଟ ଯାହାଙ୍କ ଚରଣରେ ବିଲୁଣ୍ଠିତ ହେବ, ସେ କାହିଁକି ସାମନ୍ତ ରାଜା ହୁଅନ୍ତେ ? ଭବିଷ୍ୟତର ସିଂହଦ୍ୱାର ଉନ୍ମୁକ୍ତ କରି ନିଜର ଭାଗ୍ୟ ଲିପି ଦେଖିବାର ଉପାୟ ନାହିଁ ; ସୁତରାଂ ନିଜକୁ ଚିହ୍ନି ହୁଏ ନାହିଁ ।

ବିକ୍ରମ ଦେବଙ୍କ ପୋଷ୍ୟପୁତ୍ରତ୍ୱ ପ୍ରିଭି କାଉନସିଲ ରାୟଦ୍ୱାରା ରହିତ ହେଲା ପରେ କୋର୍ଟ ଅଫ୍ ୱାର୍ଡ଼ସ ବଡ ରାଣୀ ସୀତା ପାଟମହାଦେଈଙ୍କ ହସ୍ତରେ ମାଡ଼ଗୋଲ ରାଜ୍ୟଭାର ଅର୍ପଣ କଲେ । ସୀତା ପାଟ ମହାଦେଈ ଜୀବିତ ଥିବା ପର୍ଯ୍ୟନ୍ତ ଦକ୍ଷତା ସହିତ ରାଜକାର୍ଯ୍ୟ ଚଳାଇଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦ ମେ ମାସ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଲା । ମାଡଗୋଲ ରାଜ୍ୟ ପୁଣି ଅନ୍ଧକାରାଚ୍ଛନ୍ନ ହେଲା । ଅନ୍ୟ ଉତ୍ତରାଧିକାରୀ ଅଭାବରେ ରାଜେନ୍ଦ୍ରମଣି ଦେବୀ ରାଜ୍ୟର ଅଧିକାରିଣୀ ମନୋନୀତ ହେଲେ । ରାଜେନ୍ଦ୍ରମଣି ଦେବୀ ପୂର୍ବୋକ୍ତ ଅମ୍ବୀ ଦେବୀଙ୍କର କନ୍ୟା । ଅର୍ଥାତ୍ ଜୟପୁରର ରାଜଭ୍ରାତା ବିଶ୍ୱମ୍ଭର ଦେବଙ୍କ ଦୁହିତା । ଅମ୍ବୀ ଦେବୀ ୧୮୯୫ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ରାଜେନ୍ଦ୍ରମଣି ଦେବୀ ମାଡଗୋଲ ରାଜ-ସିଂହାସନରେ ଅଧିଷ୍ଠିତା ହେଲେ । ସେ ଜଣେ ତେଜସ୍ୱିନୀ

ବୀରବାଳା । ରାଜେନ୍ଦ୍ରମଣି ବିଦୁଷୀ, ରାଜନୀତିଜ୍ଞପୂର୍ଣ୍ଣା ଏବଂ ତୀକ୍ଷ୍ଣବୁଦ୍ଧିମତୀ । ସେ ସୁନ୍ଦର ଶୃଙ୍ଖଳାରେ ରାଷ୍ଟ୍ର-ଯନ୍ତ୍ର ପରିଚାଳନା କରି ଖ୍ୟାତିମତୀ ହୋଇଥିଲେ । ପ୍ରଜାମାନେ ତାଙ୍କୁ ମାତୃତୁଲ୍ୟ ଶ୍ରଦ୍ଧା ଭକ୍ତି କରୁଥିଲେ । ସେହି ଗୁଣବତୀ ରାଣୀ ମାଡଗୁଲ ରାଜ୍ୟର କେତେକ ଉନ୍ନତି କରିଯାଇଅଛନ୍ତି । ଏହି ରାଜେନ୍ଦ୍ରମଣି ଦେବୀ ବିକ୍ରମଦେବ ବର୍ମାଙ୍କ ଖୁଡ଼ୁତା ଝିଅ ଭଉଣୀ । ଓଡ଼ିଆ ରାଜବଂଶର କନ୍ୟା ରାଜ୍ୟ ରକ୍ଷା ଏବଂ ରାଜ୍ୟ ସୁପରିଚାଳନା କରି ଯଶୋପାର୍ଜନ କରିଥିବାର ଦୃଷ୍ଟାନ୍ତ ପ୍ରାଚୀନ ଇତି-ହାସରେ ବିରଳ ନୁହେଁ । ଓଡ଼ିଆ ନାରୀମାନଙ୍କ ମଧ୍ୟରେ ବି ରାଣୀ ଦୁର୍ଗାବତୀଙ୍କ ପରି ବିଚକ୍ଷଣ ବୀରନାରୀ ଥିଲେ । ଆବଶ୍ୟକ ବେଳେ ସେମାନେ ବର୍ମାବୃତ ବେଶରେ ସଜ୍ଜିତ ହୋଇ ସମରକ୍ଷେତ୍ରରେ ଅତୁଳ ସାହସରେ ଶତ୍ରୁ ସଂହାର କରୁଥିଲେ । ଏ କାଳରେ ତାହା ଉପନ୍ୟାସର କପୋଳକଳ୍ପିତ କଥା ପରି ପ୍ରତୀୟମାନ ହେଲେ ସୁଦ୍ଧା ଏଥିରେ ମିଥ୍ୟା ବା ଅତିରଞ୍ଜିତ ନାହିଁ । ପ୍ରାୟ ୩୦୦ ବର୍ଷ ପୂର୍ବେ ଓଡ଼ିଆ ଜାତିର ବୀରତ୍ୱ ଗୌରବାବହ ଥିଲା । ଇତିହାସ ସେଥିର ସାକ୍ଷ୍ୟ ବଜ୍ରନିନାଦରେ ପ୍ରଦାନ କରୁଅଛି । ରାଜେନ୍ଦ୍ରମଣିଙ୍କ ରାଜତ୍ୱ ସମୟ ବହୁ ଦୂର-ବର୍ତ୍ତୀ ନୁହେଁ, ତାହା ଏହି ବିଂଶ ଶତାବ୍ଦୀର ପ୍ରାରମ୍ଭ କାଳର ଘଟଣା ।

ପ୍ରିଭି କାଉନ୍‌ସିଲ ରାୟ ବାହାରିଲା ପରେ ବିକ୍ରମ ଦେବଙ୍କ ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇ-ଉଠିଲା । ତାଙ୍କ ପିତା ରାଜା ରାମଚନ୍ଦ୍ର ଦେବଙ୍କଠାରୁ ମାସିକ ପାଞ୍ଚଶ ଟଙ୍କା ପାଉଥିଲେ । ତାଙ୍କ ପରେ ତାହା ବନ୍ଦ ହୋଇଯାଇଥିଲା । ନିଜେ ବିକ୍ରମ ଦେବ ମଧ୍ୟ ଜୟପୁରରୁ କିଛି ସାହାଯ୍ୟ ପାଉ ନ ଥିଲେ । ଏଣେ ମାଡ଼ଗୁଲରୁ ଏକାବେଳେକେ ସ୍ୱତ୍ୱ ଗଲା । ବର୍ତ୍ତମାନ ସେ ନିଃସ୍ୱ । ଜୀବନର ଏଡ଼େ ବଡ଼ କଠୋର ପରୀକ୍ଷାରେ ସୁଦ୍ଧା ବିକ୍ରମ ଦେବ ଅଧୀର ହେଲେ ନାହିଁ । ସେ ଯୋଗୀ ଋଷି ପରି ଧୀର, ସ୍ଥିର, ଅଟଳ । ଯେଉଁ ଅବସ୍ଥାରେ ଲୋକେ ହତଜ୍ଞାନ ହୋଇ ରାମ ପଞ୍ଚାକ୍ଷରୀ ମନ୍ତ୍ର ଜପ କରନ୍ତି, ବିକ୍ରମ ଦେବ ସେହି ଅବସ୍ଥାରେ ମହାବୀର ପରି ବିପଦ ସଙ୍ଗରେ ସମ୍ମୁଖ ସମରରେ ନିଯୁକ୍ତ ହେଲେ । କି ଅଗାଧ ଧୈର୍ଯ୍ୟ, କି ଦୁର୍ଜୟ ସାହସ, କି ଅସୀମ ବୀରତ୍ୱ ! ତାଙ୍କର ପ୍ରକୃତ କ୍ଷାତ୍ରତେଜ ଏହିଠାରେ ପ୍ରକାଶ ପାଇଲା । ସହସ୍ର ଶତ୍ରୁଜୟୀ ଜନ ବୀର ନୁହେଁ, ଅଜେୟ ଶତ୍ରୁ ବିପଦକୁ ବା ନିଜର ଅବାଧ ମନକୁ ଯେ ଜୟ କରିପାରେ ସେହି ଏକା ପ୍ରକୃତ ବୀର, ପ୍ରକୃତ ତେଜସ୍ୱୀ । ସେ ବିପଦକୁ ନ ଡରି ଛାତି ପତାଇଦିଏ, ବିପଦ ତାକୁ କରଯୋଡ଼ି ଭୟରେ ଜୁହାର କରେ । ଦୁଃଖ ମନୁଷ୍ୟର ଶତ୍ରୁ ନୁହେଁ, ପରମ ମିତ୍ର । ଦୁଃଖାଗ୍ନି-କୁଣ୍ଡରେ ଦଗ୍ଧ ହୋଇ ମନୁଷ୍ୟର ଶୁଦ୍ଧ ପୂତ ନୈତିକ ଜୀବନ ଗଠିତ ହୁଏ । ମନୁଷ୍ୟ ଆଘାତ ପାଇ ପଡ଼ିଯାଏ, ପୁଣି ଉଠେ । ସେ ଉଠିବା ପାଇଁ ଆଘାତ ପାଏ । ଆଘାତ ପାଇ ଉଠିବାକୁ ଶିଖେ । ବହୁବାର ଆଘାତ ସହ୍ୟ ନ କଲେ ଦେହ ଶକ୍ତ ହୁଏ ନାହିଁ । ଧର୍ମଭାବ ବିକ୍ରମ ଦେବଙ୍କର ସହଜାତ ବୃତ୍ତି । ଦୃଢ଼ ଧର୍ମବିଶ୍ୱାସ ବଳରେ ସେ ଏହି ବିଷମ ଆଘାତ ସହିଗଲେ । ଧର୍ମଭାବ ତାଙ୍କ ଜୀବନକୁ ବୃକ୍ଷକୁ ଲତା ଛନ୍ଦିଲା ପରି ଦୃଢ଼ଭାବରେ ଛନ୍ଦିଅଛି । ଏହି ଦାରୁଣ ଦୈନ୍ୟ ମଧ୍ୟରେ ହିଁ ତାଙ୍କର କାର୍ଯ୍ୟାରମ୍ଭ । ଦୈନ୍ୟର ଭିତ୍ତି ଉପରେ ଜୀବନର କାର୍ଯ୍ୟ ଶାଖା ପ୍ରଶାଖା ବିସ୍ତାର କରି ପ୍ରତିଷ୍ଠିତ । ସେହି ଦୈନ୍ୟ ଭିତରେହିଁ ତାଙ୍କର ସାହିତ୍ୟ ସେବା ଏବଂ ଦେଶ ସେବାର ବୀଜ ଅଙ୍କୁରିତ ହେଲା । ତାହା ତାଙ୍କର ପରବର୍ତ୍ତୀ ଜୀବନପଞ୍ଜିକାରୁ ସ୍ପଷ୍ଟ ଉପଲବ୍ଧ ହେବ । ଅସ୍ତୁ, ବିପଦର ଏହି ମହାସନ୍ଧି ସମୟରେ ସେ କାତର ବା କିଂକର୍ତ୍ତବ୍ୟବିମୂଢ଼ ନ ହୋଇ ନିଜ ହାତରେ ନିଜର ଭାବୀ ଉନ୍ନତ ଆଦର୍ଶ ଜୀବନ ଗଠନରେ ମନୋଯୋଗୀ ହେଲେ ।

୧୮୯୬ ଖ୍ରୀଷ୍ଟାବ୍ଦରେ ମାଡ଼ଗୁଲ ରାଜଧାନୀରେ ବିକ୍ରମ ଦେବଙ୍କ ବ୍ରତୋପନୟନ ସମାହିତ ହୋଇଥିଲା । ତେତେବେଳକୁ ତାଙ୍କର ପୋଷ୍ୟପୁତ୍ର ଦାବୀ ନାମଞ୍ଜୁର ହୋଇଥିବାରୁ ତାଙ୍କ ବ୍ରତ କାର୍ଯ୍ୟରେ ମାଡ଼ଗୁଲ ଷ୍ଟେଟରୁ କିଛି ସାହାଯ୍ୟ ମିଳି ନ ଥିଲା । ତଥାପି ଯଥା-ସମାରୋହରେ ବ୍ରତୋତ୍ସବ ନିର୍ବାହିତ ହୋଇଥିଲା । ଉତ୍ସବର ତାବତୀୟ ବ୍ୟୟ ମାଡ଼ଗୁଲର ଦ୍ୱିତୀୟା ରାଣୀ ନୀଳମଣି ଦେବୀଙ୍କର କନ୍ୟା ବହନ କରିଥିଲେ । ତତ୍ପୂର୍ବରୁ ୧୮୮୯ ସାଲରେ ବିକ୍ରମ ଦେବ ତାଙ୍କ ବଡ଼

ମାଆଙ୍କୁ ଦେଖିବା ପାଇଁ ଥରେ ଜୟପୁର ଯାଇଥିଲେ । ଏହା ହିଁ ତାଙ୍କର ଜୟପୁରରେ ପ୍ରଥମ ପଦାର୍ପଣ । ତାହା ଆଗରୁ ସେ କେବେ ଜୟପୁର ଦେଖିନଥିଲେ ।

୧୮୮୯ ଖ୍ରୀଷ୍ଟାବ୍ଦରେ ଜୟପୁରର ମହାରାଜ ତୃତୀୟ ରାମଚନ୍ଦ୍ର ଦେବ ମାନବଲୀଳା ସମ୍ବରଣ କଲେ । ତାଙ୍କ ଉତ୍ତାରୁ ତାଙ୍କର ନାବାଳକ ପୁତ୍ର ତୃତୀୟ ବିକ୍ରମ ଦେବ ରାଜସିଂହାସନରେ ଉପବିଷ୍ଟ ହେଲେ । ସେ ବିକ୍ରମ ଦେବ ବର୍ମାଙ୍କର ଦେଢ଼ୁତାପୁଅ ଭାଇ । ଦୁହିଁଙ୍କ ନାମ ଏକ ହେବାରୁ ଅସୁବିଧା ଘଟିବାର ସମ୍ଭାବନା । ସେଥିପାଇଁ ବିକ୍ରମ ଦେବ ନିଜ ନାମକୁ ସ୍ୱତନ୍ତ୍ର ଚିହ୍ନିତ କରିବା ସକାଶେ ନିଜ ନାମ ଶେଷରେ ବର୍ମା ଶବ୍ଦ ଯୋଗ କରି-ଅଛନ୍ତି । ରାଜପୁତ୍ର ବିକ୍ରମ ଦେବ ନାବାଳକ ହେତୁ ରାଜ୍ୟ କୋର୍ଟ ଅଫ୍ ୱାର୍ଡ଼ସ୍ ଅଧୀନରେ ରହିଲା । ସେହି କୋର୍ଟ ଅଫ୍ ୱାର୍ଡ଼ସ ବିକ୍ରମ ଦେବ ବର୍ମାଙ୍କୁ ମାସିକ ଟ୩୫୦୯ ଭତ୍ତା ପ୍ରଦାନ କଲେ । ୧୮୮୯ ଖ୍ରୀଷ୍ଟାବ୍ଦଠାରୁ ସେ ଟଙ୍କା ମିଳିଲା । ସେଥିରେ ତାଙ୍କର ଆର୍ଥିକ ସଙ୍କଟ କେତେକ ପରିମାଣରେ ନିବାରିତ ହେଲା । ଭଗବାନ୍ କାହାରିକୁ ଅବଲମ୍ବନ ଦାନରୁ ବଞ୍ଚିତ କରନ୍ତି ନାହିଁ । ତାଙ୍କ ସୃଷ୍ଟ ପ୍ରାଣୀର ଯେତେବେଳେ ଯାହା ଆବଶ୍ୟକ ବୋଲି ମଣନ୍ତି, ତେତେବେଳେ ତାହା ବଳେ ବଳେ ଆଣି ଦିଅନ୍ତି । ଏକ ରାଜାର ଦୁଇ ପୁଅ ମଧ୍ୟରୁ ଗୋଟିଏ ପୁଅ ସମ୍ପତ୍ତି ଭୋଗ କରିବ, ଆଉ ଜଣେ ଦାରିଦ୍ର୍ୟ ବରଣ କରିବ, ଏହା ତାଙ୍କର ସୃଷ୍ଟିର ନିୟମ ନୁହେଁ ।

ଜୟପୁରାନ୍ତର୍ଗତ ନବରଙ୍ଗପୁର ତାଲୁକାରେ ଚୈତନ୍ୟ ଦେବ ନାମଧାରୀ ଜଣେ ରାଜା ରାଜପଣ କରୁଥିଲେ । ସେ ଜୟପୁର ରାଜବଂଶର ଜଣେ ବଂଶଧର । ୧୮୭୬ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ଦୁଇ ଗୋଟି ରାଣୀ ଥିଲେ । ବିକ୍ରମ ଦେବ କୋର୍ଟ ଅଫ୍ ୱାର୍ଡସ୍ ହସ୍ତରୁ ରାଜ୍ୟ ଫେରିପାଇଲା ପରେ ୧୮୯୬ ଖ୍ରୀଷ୍ଟାବ୍ଦରେ ରାଣୀଦ୍ୱୟଙ୍କୁ ରାଜ୍ୟରୁ ବଞ୍ଚିତ କରି ନବରଙ୍ଗପୁରକୁ ସ୍ୱରାଜ୍ୟର ଅନ୍ତର୍ଭୁକ୍ତ କରିନେଲେ ; ମାତ୍ର ୧୯୦୦ ଖ୍ରୀଷ୍ଟାବ୍ଦରେ ରାଣୀମାନେ ଉପଯୁକ୍ତ ଅଦାଲତରେ ମୋକଦ୍ଦମା କରି ଜୟଯୁକ୍ତ ହେଲେ । ନବରଙ୍ଗପୁର ପୁଣି ରାଣୀମାନଙ୍କର ହସ୍ତଗତ ହେଲା । ସେହି କାରଣରୁ ରାଣୀମାନଙ୍କ ସଙ୍ଗରେ ରାଜା ତୃତୀୟ ବିକ୍ରମ ଦେବଙ୍କର ମନୋମାଳିନ୍ୟ ଘଟିଲା । ରାଜରୋଷ, ରାଜଦରନ୍ତ ସହଜରେ ମିଳାଇ ଯାଏ ନାହିଁ—ତୁଷାନଳ ପରି ତାହା ଭିତରେ ଭିତରେ ଜୁଳୁଜୁଥାଏ । ଏଥି ମଧ୍ୟରେ ବଡ଼ ରାଣୀଙ୍କର ତିରୋଧାନ ଘଟିଲା । ସାନ ରାଣୀ ବିକ୍ରମ ଦେବ ବର୍ମାଙ୍କ ଦୁରବସ୍ଥାରେ ବ୍ୟଥିତ ହୋଇ ତାଙ୍କୁ ସାହାଯ୍ୟ କରିବାକୁ ସ୍ୱତଃ ପ୍ରବୃତ୍ତ ହେଲେ । ସାନ ରାଣୀଙ୍କ ଭ୍ରାତୃଷ୍ପୁତ୍ର ପଞ୍ଚଣୀ ରାଜ୍ୟର ରାଜଧାନୀ ବଲାଙ୍ଗିରରେ ଥିଲେ । ତାଙ୍କର ଗୋଟିଏ ଗୁଣବତୀ ରୂପସୀ କନ୍ୟା ଥିଲେ । ସାନ ରାଣୀ ବିକ୍ରମ ଦେବ ବର୍ମାଙ୍କ ସଙ୍ଗରେ ସେହି କନ୍ୟାଙ୍କ ବିବାହ କରାଇବାର ସଂକଳ୍ପ କଲେ । ମହାରାଜ ତୃତୀୟ ବିକ୍ରମ ଦେବ ଏହା ଶୁଣି ପୂର୍ବ ବୈରତା ହେତୁ ବର୍ମାଙ୍କୁ ସେଠାରେ ବିବାହ କରିବାକୁ ନିଷେଧ କଲେ । ଏତିକରେ ରାଜରୋଷ ଶାନ୍ତ ହେଲା ନାହିଁ । ତାଙ୍କ ଆଜ୍ଞା ଅନ୍ୟଥା ହେଲେ ସେ ବର୍ମାଙ୍କର ଟ୩୫୦୯ ଭତ୍ତା କାଟିଦେବା ପାଇଁ ଭୀତି ପ୍ରଦର୍ଶନ ମଧ୍ୟ କଲେ; ମାତ୍ର ତାଙ୍କ ଆଜ୍ଞା ପାଳିତ ହେଲା ନାହିଁ । ବିଧାତାର ନିର୍ବନ୍ଧକୁ ଲଙ୍ଘିଦେବାର ଶକ୍ତି କାହାର ଅଛି ? ମହାରାଜଙ୍କର ଶତ ବାଧା ବିଘ୍ନ ସତ୍ତ୍ୱେ ନିରାପଦରେ ବିବାହ ହୋଇଗଲା । ୧୯୦୮ ଖ୍ରୀଷ୍ଟାବ୍ଦ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀରେ ନବରଙ୍ଗପୁର ରାଜପ୍ରାସାଦରେ ବିକ୍ରମ ଦେବ ବର୍ମାଙ୍କର ଶୁଭବିବାହ ରାଜୋଚିତ ଆଡ଼ମ୍ବରରେ ସୁସମ୍ପନ୍ନ ହେଲା । ବିବାହର ବିପୁଳ ବ୍ୟୟ ନବରଙ୍ଗପୁରର ଦ୍ୱିତୀୟା ମହିଷୀ ବହନ କରିଥିଲେ । ବିବାହୋତ୍ସବ ନିର୍ବିଘ୍ନରେ ସମ୍ପନ୍ନ ହେବାର ଶୁଣି ମହାରାଜ ବିକ୍ରମ ଦେବଙ୍କର କ୍ରୋଧାନଳ ଉଦ୍‌ଶିଖ ହୋଇଉଠିଲା । ସେ ବର୍ମାଙ୍କର ଭତ୍ତା କାଟିଦେଇ ପ୍ରତିଶୋଧ ଗ୍ରହଣ କଲେ । ବିବାହ ଶେଷରେ ବିକ୍ରମ ଦେବ ବର୍ମା ସସ୍ତ୍ରୀକ ବିଶାଖ-ପଟ୍ଟଣରେ ଯାଇ ବାସ କଲେ । ସର୍ବଗୁଣସମ୍ପନ୍ନ ମହାରାଜ ତୃତୀୟ ବିକ୍ରମ ଦେବ ଯେ ପ୍ରତିଶୋଧପରାୟଣ ହେଲେ, ଏହାଠାରୁ ଆଶ୍ଚର୍ଯ୍ୟର ବିଷୟ ଆଉ କଅଣ ହୋଇପାରେ ? ସେ ପ୍ରତିଶୋଧ ଅନ୍ୟ କାହାରିଠାରୁ ନୁହେଁ—ନିଜର ଭାଇଠାରୁ, ଏହା ତାଙ୍କ ନିର୍ମଳ ଚରିତ୍ରଚନ୍ଦ୍ରର କଳଙ୍କ ସିନା । ଯେଉଁ କାର୍ଯ୍ୟରେ ଧର୍ମତଃ, ନ୍ୟାୟତଃ ସହାୟତା

କରିବା ତାଙ୍କର ଅବଶ୍ୟ କର୍ତ୍ତବ୍ୟ, ସେଥି କାର୍ଯ୍ୟରେ ସେ ଅବହେଳା କଲେ, ଏହା ରାଜପ୍ରକୃତିର ଗୋଟାଏ ଦୁର୍ବଳତା । ଏରୂପ ସଜ୍ଜନ-ଗର୍ହିତ ଦୁର୍ବଳତା ତାଙ୍କ ଭଳି ମହାମନା ରାଜପୁରୁଷଙ୍କ ପକ୍ଷରେ ବଡ଼ ଅସୁନ୍ଦର । କର୍ପୂରରେ ଉଗ୍ରତା କାହିଁକି ରହିଲା, ତାହା କିଏ କହିପାରିବ ? ଗୁଣ ସଙ୍ଗେ ସଙ୍ଗେ ଦୋଷ ବି ଥାଏ, ନଚେତ୍ ସ୍ୱଚ୍ଛ-ପବିତ୍ର ଗଙ୍ଗାଜଳରେ ହାଙ୍ଗର କୁମ୍ଭୀର ବାସ କରନ୍ତେ କାହିଁକି ? ପୁଷ୍ପରେ ଖାଲି ମକରନ୍ଦ ନ ଥାଏ—କୀଟାଣୁ ବି ଥାଆନ୍ତି ।

୧୯୦୯ ଖ୍ରୀଷ୍ଟାବ୍ଦରେ ବିକ୍ରମ ଦେବ ବର୍ମାଙ୍କର ବୃତ୍ତି କଟିଗଲା । ସୁତରାଂ ସେ ସଙ୍କଟାପନ୍ନ ହେଲେ । ବିଧାତାଙ୍କ ବିଧାନର ରହସ୍ୟ କଅଣ କେଜାଣି, ସେ ନିଜର ଆଶ୍ରିତଙ୍କୁ ବାରମ୍ବାର କଠୋର ପରୀକ୍ଷାରେ ପକାନ୍ତି । ନିଃସ୍ୱ ଅବସ୍ଥାରେ ପରିବାର ପୋଷଣ ଚଳାଇବା କି ଭଳି କଷ୍ଟକର, ତାହା ବୁଝାଇବା ପାଇଁ ଟୀକା ଟିପ୍ପଣୀ ବା ବିଶଦ ବ୍ୟାଖ୍ୟା ଅନାବଶ୍ୟକ । ଏହି ବୃତ୍ତିଚ୍ଛେଦ ବିରୁଦ୍ଧରେ ବର୍ମା ମହୋଦୟ ଜୟପୁରର ସରକାରୀ ଏଜେଣ୍ଟଙ୍କ ନିକଟରେ ୧୯୦୯ ଖ୍ରୀଷ୍ଟାବ୍ଦରେ ମୋକଦ୍ଦମା ଦାଏର କଲେ । ଫଳରେ ସେହି ବର୍ଷ ଡିସେମ୍ବର ମାସରେ ଏଜେଣ୍ଟ ତାହାଙ୍କୁ ମାସିକ ଟ ୮୦୦୧ ବୃତ୍ତି ଦେବାକୁ ମଞ୍ଜୁର କଲେ । ଧର୍ମର ଜୟ ସ୍ୱାଭାବିକ, ଅସହାୟର ଧର୍ମହିଁ ସହାୟ । ଦୁର୍ବଳ ଉପରେ ପ୍ରବଳର ପୀଡ଼ନ ଧର୍ମ କଦାଚ ସହିପାରେ ନାହିଁ । ପ୍ରବଳ ବହୁବ୍ୟୟରେ ବଡ଼ ବଡ଼ ଉକିଲ ବାରିଷ୍ଟର ନିଯୁକ୍ତ କରେ; ମାତ୍ର ଦୁର୍ବଳର ଉକିଲ ବାରିଷ୍ଟର ଏକ ଧର୍ମଦେବତା । ଯାହା ହେଉ ଏ ଘଟଣା ଏତିକିରେ ଶେଷ ହେଲା ନାହିଁ । ଏଜେଣ୍ଟଙ୍କର ଏ ବ୍ୟବସ୍ଥା ମହାରାଜ ବିକ୍ରମଦେବଙ୍କ ପ୍ରତିଶୋଧାନଳର ଆହୁତି ସ୍ୱରୂପ ହେଲା । ସେ ଏଜେଣ୍ଟଙ୍କ ରାୟ ବିରୁଦ୍ଧରେ ମାନ୍ଦ୍ରାଜ ହାଇ କୋର୍ଟରେ ଅପିଲ୍ ଦାଏର କଲେ । ସ୍ୱେଚ୍ଛାଚାରୀର ଉଦ୍ଦେଶ୍ୟ ବିଫଳ ହେଲେ ସେ ଦ୍ୱିଗୁଣ ଉତ୍ସାହରେ ମାତିଉଠେ । ଗତିପଥରେ ନଦୀ ବାଧା ପାଇଲେ ଦ୍ୱିଗୁଣ ବେଗରେ ଗର୍ଜିଉଠି ବାଧା ଅତିକ୍ରମ କରିବାକୁ ଚେଷ୍ଟାକରେ । ମହାରାଜା ତୃତୀୟ ବିକ୍ରମ ଦେବଙ୍କର ବ୍ୟବହାର ସେହିପରି ହେଲା; କିନ୍ତୁ ଧର୍ମର ନାବ ପର୍ବତ ଶିଖରରେ ଚଳେ । ତାହାର ଗତି ପ୍ରତିହତ କରିବାର ଶକ୍ତି କାହାର ଅଛି ? ହାଇ କୋର୍ଟ ବିଚାରରେ ବିକ୍ରମ ଦେବ ବର୍ମା ଜୟଶ୍ରୀମଣ୍ଡିତ ହେଲେ । ହାଇ କୋର୍ଟ ଏଜେଣ୍ଟଙ୍କ ରାୟ ଅନୁମୋଦନ କଲେ । ଏହି ମୋକଦ୍ଦମାରେ ବିକ୍ରମଦେବ ବର୍ମାଙ୍କର ବହୁ ଅର୍ଥ ବ୍ୟୟିତ ହୋଇଥିଲା । ତଥାପି ରାଜା ତୃତୀୟ ବିକ୍ରମ ଦେବ ନିବୃତ୍ତ ହେଲେ ନାହିଁ । ସେ ହାଇ କୋର୍ଟ ରାୟ ବିରୁଦ୍ଧରେ ପୁଣି ବିଲାତ ପ୍ରିଭି କାଉନସିଲରେ ଅପିଲ ମୋକଦ୍ଦମା ଦାଏର କଲେ ।

ବିକ୍ରମ ଦେବ ବର୍ମା ୧୯୦୮ ଖ୍ରୀଷ୍ଟାବ୍ଦ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀରେ ବିବାହ କରିଥିଲେ । ଠିକ୍ ଦୁଇ ବର୍ଷ ପରେ ଅର୍ଥାତ୍ ୧୯୧୦ ଖ୍ରୀଷ୍ଟାବ୍ଦ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ବିଶାଖପଟ୍ଟଣରେ ତାଙ୍କର ଗୋଟିଏ କନ୍ୟା ଜାତ ହେଲେ । ସେହି କନ୍ୟାଙ୍କର ନାମ ଶ୍ରୀମତୀ ମଣି ଦେଈ । ଏହି ସମୟରେ ବିକ୍ରମ ଦେବଙ୍କ ଆର୍ଥିକ ଅବସ୍ଥା କ୍ରମଶଃ ଅସ୍ୱଚ୍ଛଳ ହୋଇଆସିଲା । ବହୁବ୍ୟୟସାଧ୍ୟ ମୋକଦ୍ଦମାର ଖର୍ଚ୍ଚ ଚଳାଇ ଗୋଟାଏ ପ୍ରସିଦ୍ଧ ସହର ଜାଗାରେ ସପରିବାର ନିଜର ମାନମହତ୍ତ୍ୱ ଅକ୍ଷତ ରଖି ଚଳିବା କି ଭଳି ବ୍ୟାପାର, ତାହା କହିବାର ଆବଶ୍ୟକତା ନାହିଁ । ନବରଙ୍ଗପୁରର ଦ୍ୱିତୀୟା ରାଣୀ ଏହି ସଙ୍କଟ ସମୟରେ ତାଙ୍କୁ ସାମୟିକ ଅର୍ଥ ସାହାଯ୍ୟ କରୁଥିଲେ । ଏହା ବ୍ୟତୀତ ମାଡ଼ଗୁଲ ରାଜ୍ୟସ୍ଥ ତାଙ୍କ ନିଜର କେତେକ ଭୂମିରୁ କିଛି କିଛି କର ଆସୁଥିଲା । ଏତିକି ମାତ୍ର ସମ୍ବଳରେ ସେ ଚଳୁଥିଲେ । ଜୟପୁର ମହାରାଜାଙ୍କ ସଙ୍ଗରେ ତାଙ୍କର ମନୋମାଳିନ୍ୟ ଥିଲା; କିନ୍ତୁ ମହାରାଜକୁମାର ଜୟପୁରର ଭାବୀ ରାଜ୍ୟଧର ରାମଚନ୍ଦ୍ର ଦେବ ତାଙ୍କୁ ଅତି ଭଲ ପାଉଥିଲେ, ଭକ୍ତି ମଧ୍ୟ କରୁଥିଲେ । ବୋଧ ହୁଏ ପିତୃରୋଷ ଭୟରେ ଉପସ୍ଥିତ ବିପଦରେ ସେ ପିତୃବ୍ୟଦେବଙ୍କୁ କିଛି ସାହାଯ୍ୟ କରିପାରୁ ନଥିଲେ । ତାଙ୍କର ପରବର୍ତ୍ତୀ ରାଜ ଜୀବନରେ ଏ ଅନୁମାନର ସତ୍ୟତା ପ୍ରତିପନ୍ନ ହୋଇଥିଲା ।

# ସପ୍ତମ ପରିଚ୍ଛେଦ

ବିଶାଖାପଟ୍ଟଣରେ ବିକ୍ରମ ଦେବ ବର୍ମା ପରିବାର ଘେନି ସୁଖେ ଦୁଃଖେ ବାସ କରିବାକୁ ଲାଗିଲେ । ସେ ଜୀବନରେ ଅନେକ ଦୁଃଖ ଭୋଗ କରିଅଛନ୍ତି । ମାତ୍ର ସେଥିପାଇଁ ସେ କାତର ବା ଅଧୀର ହୋଇ ନାହାନ୍ତି । ସଂସାରର ଦୁଃଖ ସୁଖ ଶୀତୋଷ୍ଣ ପରି ସ୍ୱାଭାବିକ । ମହାଜନମାନେ ସେଥି ପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ । ସୁଖ ଦୁଃଖ ଦୁହେଁ ସେମାନଙ୍କ ନିକଟରେ ତୁଲ୍ୟମୂଲ୍ୟ । ସେମାନେ ଜାଣନ୍ତି—ଏ ସଂସାର କର୍ମଭୂମି, କର୍ମ କରିବା ପାଇଁ ଏଠାକୁ ଆସିବାକୁ ହୋଇଅଛି । କର୍ମ କରିବାକୁ ହେଲେ ଦୁଃଖ ସହିବାକୁ ହୁଏ ; ସୁତରାଂ ମନୁଷ୍ୟ ଦୁଃଖ ଭୋଗ କରିବାକୁ ଆସିଅଛି । ଏହି ଦୁଃଖହିଁ ସଂସାରରେ ସୁଖ । ଏହି ବିଶ୍ୱାସରେ ସେମାନେ କର୍ମ ଅର୍ଥାତ୍ ଦୁଃଖକୁ ହିଁ ସାଦରେ ବରଣ କରିନିଅନ୍ତି । ସେହି ଦୁଃଖରେ ହିଁ ସେମାନେ ଆନନ୍ଦ ଉପଭୋଗ କରନ୍ତି । ନିଷ୍କ୍ରିୟ ମାନବ ସୁଖ ଭୋଗ କରେ ନାହିଁ, ବରଂ ସୁଖ ତାକୁ ଭୋଗ କରେ । ସୁଖ ନାମରେ ଯାହା ଅଭିହିତ ହୁଏ, ତାହା ଗୋଟାଏ ତୀବ୍ର ମଦିରା । ମନୁଷ୍ୟ ସେହି ମଦିରା ପାନ କରେ, ମାତ୍ର ମଦିରା ତାହାର ଆୟୁ ପାନ କରେ । ନିଷ୍କ୍ରିୟ ଜୀବନ ଅସାର; ସୁତରାଂ ନିଷ୍କ୍ରିୟତା ହିଁ ମୃତ୍ୟୁ । କର୍ମପ୍ରାଣ ବିକ୍ରମ ଦେବ ବର୍ମା ସର୍ବଦା କର୍ମନିରତ । ତାଙ୍କର କର୍ମ ତିନି ଶାଖାରେ ବିଭକ୍ତ—ଅଧ୍ୟୟନ, ଦେଶସେବା ଏବଂ ଦାନ । ଏହି ସମୟରେ ସେ ଇଂରେଜୀ, ସଂସ୍କୃତ, ତେଲୁଗୁ ଏବଂ ଓଡ଼ିଆ ଭାଷାର ବିବିଧ ପୁସ୍ତକ ପାଠ କରି ନିଜ ଜ୍ଞାନର ପରିସର ବୃଦ୍ଧି କରୁଥିଲେ । କବି ଓ ପଣ୍ଡିତମାନଙ୍କ ସଙ୍ଗରେ ସାହିତ୍ୟ ଏବଂ ଶାସ୍ତ୍ରାଲାପରେ ସେ ଅପାର ଆନନ୍ଦ ଏବଂ ତୃପ୍ତି ଭୋଗ କରୁଥିଲେ । କାବ୍ୟାମୃତ ରସାସ୍ୱାଦ ଏବଂ ସଜ୍ଜନ ସହ ସଦାଳାପ ସଂସାର ବିଷବୃକ୍ଷର ଏହି ଅମୃତ ଫଳଦ୍ୱୟ ଭୋଗ କରି ସେ ମର୍ତ୍ତ୍ୟରେ ସ୍ୱର୍ଗସୁଖ ଭୋଗର ଅଧିକାରୀ ହୋଇଥିଲେ । କଠୋର ଦୈନ୍ୟ ମଧ୍ୟରେ ସୁଦ୍ଧା ଦାନର ବିରାମ ନ ଥିଲା । ପ୍ରତ୍ୟହ ଶକ୍ତ୍ୟନୁସାରେ ଦାନ ଏବଂ ଅତିଥିସେବା ତାଙ୍କ ଜୀବନର ମହାବ୍ରତ । ଦିନେ ଦିନେ ଖାଦ୍ୟ ବନ୍ଦ ହେଉଥିଲା; ମାତ୍ର ଦାନ କେବେ ବନ୍ଦ ହେଉ ନ ଥିଲା । ବିଶେଷତଃ ନିଜର ଜାତି ଏବଂ ଭାଷାର ଦୁର୍ଦ୍ଦଶା ଦେଖି ସେ ଅତ୍ୟନ୍ତ ମର୍ମାହତ ହେଉଥିଲେ । ଏପରି କି ଜାତି ଏବଂ ଭାଷା ପାଇଁ ତାଙ୍କର ପ୍ରାଣ ସର୍ବଦା କାନ୍ଦୁଥିଲା । କିପରି ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାର ଉନ୍ନତି ହେବ, ଏହି ଚିନ୍ତାରେ ସେ ତନ୍ମୟ ଥିଲେ ।

ତାଙ୍କର ଅତିଥି ସତ୍କାର ସମ୍ବନ୍ଧରେ ଦିନକର ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ଦିନେ ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ଘରେ ଆସି ଅତିଥି ହେଲେ । ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଲା; ମାତ୍ର ସେ ବୁଲିବାକୁ ଯାଇ ଅପରାହ୍ଣ ଚାରିଘଣ୍ଟାଯାଏ ଫେରିଲେ ନାହିଁ । ପାଚକ ତାଙ୍କ ନିମିତ୍ତ ପ୍ରସ୍ତୁତ ଖାଦ୍ୟ ବିତରଣ କରିଦେଲା । ତହିଁପରେ ଅତିଥି ଆସି ଉପସ୍ଥିତ ହେଲେ । ପାଚକ କିଂକର୍ତ୍ତବ୍ୟବିମୂଢ଼ ହୋଇ ତାଙ୍କୁ କିଛି ପଇସା ଦେଇ ବିଦାୟ କରିଦେଲା । ସେତେବେଳେ ପର୍ଯ୍ୟନ୍ତ ବିକ୍ରମ ଦେବ ଭୋଜନ କରି ନ ଥିଲେ । ଦୈବାତ୍ ଏ ଘଟଣା ତାଙ୍କର କର୍ଣ୍ଣଗୋଚର ହେଲା । ତହୁଁ ସେ ଲୋକ ପଠାଇ ଅତିଥିଙ୍କୁ ଖୋଜିଆଣି ନିଜ ନିମନ୍ତେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ତାଙ୍କୁ ଦେଇ ନିଜେ ଉପବାସ ରହିଲେ । ଏଭଳି ହୃଦୟ ମନୁଷ୍ୟ ହୃଦୟ କି ଦେବ ହୃଦୟ, ତାହା ସହଜରେ ଅନୁମେୟ । ତାଙ୍କର ଗୁପ୍ତ ଦାନ ଏତେ ଗୋପନୀୟ ଥିଲା ଯେ, ଦକ୍ଷିଣ ହସ୍ତର ଦାନ ବାମ ହସ୍ତ ଜାଣିପାରେ ନାହିଁ । ଜାତିଧର୍ମ-ନିର୍ବିଶେଷରେ ଗରିବ ଛାତ୍ରମାନଙ୍କୁ ସାହାଯ୍ୟ ଦାନ ତାଙ୍କ ଜୀବନର ମହୀୟସୀ କୀର୍ତ୍ତି । ଦୁଃଖୀ, ରଙ୍କୀ, ଅନାଥ, ଅକ୍ଷମ ଲୋକଙ୍କୁ ସାଧ୍ୟାନୁସାରେ ଦାନ କରିବା ତାଙ୍କର ଗୋଟାଏ ନିତ୍ୟ କର୍ମ । ପ୍ରତ୍ୟହ କେତେ ଟଙ୍କାର ସୁକିଆ, ଦୁଇଅଣୀ ଏବଂ ପଇସା ଘେନି ସେ ଗୃହ-ପ୍ରାଙ୍ଗଣରେ ଯାଚକର ଅପେକ୍ଷାରେ ବସିଥାଆନ୍ତି । ତେଣିକି ଦାନ କରିସାରି ଭିତରକୁ ଯାଆନ୍ତି । ଇଷ୍ଟପୂଜା ଶେଷରେ ଏହା ତାଙ୍କର ପ୍ରାତ୍ୟହିକ ଦାନ । ଏହା

ବ୍ୟଷ୍ଟିଗତ ଦେଶର ମଙ୍ଗଳାନୁଷ୍ଠାନ ପାଇଁ ସେ ଯଥାସାଧ୍ୟ ଦାନ କରନ୍ତି । ଯାଚକ ତାଙ୍କ ଦ୍ୱାରରୁ ନିରାଶ ହୋଇ ଶୂନ୍ୟହସ୍ତରେ ଫେରିବାର କେବେ କେହି ଦେଖି ନାହାନ୍ତି ।

ବିଶାଖପଟ୍ଟଣ ସହରର ସଦାଶୟ ବିକ୍ରମ ଦେବ ବର୍ମାଙ୍କର ଜୀବନର ପ୍ରଧାନ କର୍ମକ୍ଷେତ୍ର । ସେଇଠାରେ ବାସ କରି ସେ ବିଶ୍ୱବିଶ୍ରୁତ ପ୍ରତିଷ୍ଠା ଏବଂ ଅସାଧାରଣ ଜ୍ଞାନୋପାର୍ଜନ କରିଅଛନ୍ତି । ବିଶାଖପଟ୍ଟଣ ସେହି ମହାମନା ମହାପୁରୁଷଙ୍କ ଆବାସ ବାଣୀତୀର୍ଥରେ ପରିଣତ ହୋଇଅଛି । ତାଙ୍କ ସାହିତ୍ୟ ସାଧନାର ସ୍ୱଚ୍ଛ ଜାହ୍ନବୀଧାରା ସେହି ହିମାଳୟର ନିଭୃତ କନ୍ଦରରୁ ନିଃସୃତ । ସେ ଜଣେ ନିରଭିମାନୀ, ନିରାଡ଼ମ୍ବର ଏବଂ ନିଃସ୍ୱାର୍ଥ କର୍ମଯୋଗୀ । ପ୍ରତିଷ୍ଠା ସେ ଖୋଜନ୍ତି ନାହିଁ; ମାତ୍ର ପ୍ରତିଷ୍ଠା ତାଙ୍କୁ ଉପଯୁକ୍ତ ପାତ୍ର ମଣି ବଳେ ବଳେ ଖୋଜି ଖୋଜି ଯାଇ ଆଶ୍ରୟ କରେ । ମହାସମୁଦ୍ର ନଦୀକୁ ଆହ୍ୱାନ ନକଲେ ମଧ୍ୟ ନଦୀ ସ୍ୱତଃପ୍ରବୃତ୍ତ ହୋଇ ତାକୁ ଖୋଜି ଖୋଜି ଯାଇ ଆଲିଙ୍ଗନ କରେ । ଏପୁସ୍ତକ ଲେଖିବା ପୂର୍ବରୁ ଲେଖକ ତାଙ୍କ ଜୀବନର ଘଟଣାବଳୀ ପଚାରିଥିଲା । ସେ ହସି ହସି ଉତ୍ତର ଦେଇଥିଲେ —"ମୁଁ ଏକ ନମ୍ବର ମୂର୍ଖ ମହାଶୟ । ମୋ ଜୀବନର ଏପରି କି ବିଶେଷ ଘଟଣା ଅଛି ଯେ, କହିବି ।" ତହୁଁ ଲେଖକ କହିଥିଲା—"ଏହା ସତ୍ୟ କି ନା ତାହାର ବିଚାର ଜଗତ କରିବ; କିନ୍ତୁ ଏକଥା ନିର୍ମଳ ସତ୍ୟ ଯେ, ନିଜକୁ ଯେ କ୍ଷୁଦ୍ର ଜ୍ଞାନକରେ ସେହି ଏକା ମହାପ୍ରାଣ । ତହୁଁ ସେ ବ୍ୟସ୍ତ ହୋଇପଡି ହସି ହସି କହିଲେ—"ନାହିଁ ମହାଶୟ, ଜଗତର ଅଧମ ତାଲିକାରେ ମୋର ନାମ ସର୍ବନିମ୍ନରେ ନିର୍ଦ୍ଦିଷ୍ଟ । ମୋ ତଳକୁ ଆଉ କାହାରି ନାମ ନାହିଁ ।" ନିଜକୁ ଦୀନହୀନ ମଣିବା ମହାପୁରୁଷଙ୍କର ସ୍ୱଭାବସିଦ୍ଧ ଧର୍ମ । ତାହା ନ ହୋଇଥିଲେ ସେମାନଙ୍କର ଆସନ ଏତେ ଉଚ୍ଚରେ ନିର୍ଦ୍ଦିଷ୍ଟ ହୋଇଥାଆନ୍ତା ନାହିଁ । ଯେଉଁମାନେ ଦୀନାତ୍ମା, ସେହିମାନେହିଁ ମହାତ୍ମାପର୍ଯ୍ୟାୟଭୁକ୍ତ । ଆତ୍ମପ୍ରତିଷ୍ଠା ପ୍ରଖ୍ୟାପନକୁ ସେମାନେ ପ୍ରାଣର ସହିତ ଘୃଣା କରନ୍ତି ।

୧୯୨୦ ଖ୍ରୀଷ୍ଟାବ୍ଦରେ ମହାରାଜା କୃଷ୍ଣସ୍ୱ ବିକ୍ରମଦେବଙ୍କ ଭାଗ୍ୟରେ ତୀର୍ଥମୃତ୍ୟୁ ଯୋଗ ଘଟିଲା । ସେ ପବିତ୍ର ପ୍ରୟାଗ କ୍ଷେତ୍ରରେ ଦେହତ୍ୟାଗ କଲେ । ଅନନ୍ତର ତାଙ୍କ ପୁତ୍ର ଚତୁର୍ଥ ରାମଚନ୍ଦ୍ର ଦେବ ଜୟପୁର ରାଜ୍ୟର ରାଜା ହେଲେ । ସେ ଜଣେ ଶାନ୍ତିପ୍ରିୟ ନ୍ୟାୟପରାୟଣ ରାଜପୁରୁଷ । ସ୍ୱଧର୍ମରେ ତାଙ୍କର ଅନୁରାଗ ବଂଶାନୁରୂପ ଥିଲା । ପିତୃବ୍ୟ ବିକ୍ରମ ଦେବ ବର୍ମାଙ୍କୁ ସେ ପିତୃତୁଲ୍ୟ ଭକ୍ତି କରୁଥିଲେ । ପୂର୍ବ ରାଜା କୃଷ୍ଣସ୍ୱ ବିକ୍ରମ ଦେବଙ୍କ ପ୍ରିଭି କାଉନସିଲ ଅପିଲ ମୋକଦ୍ଦମାର ନିଷ୍ପତ୍ତି ସେ ପର୍ଯ୍ୟନ୍ତ ହୋଇନଥିଲା । ରାମଚନ୍ଦ୍ର ଦେବ ଉକ୍ତ ମୋକଦ୍ଦମା ଆଉ ଚଳାଇବାକୁ ଇଚ୍ଛାକଲେ ନାହିଁ । ସେ ବିକ୍ରମ ଦେବ ବର୍ମାଙ୍କୁ ଜୟପୁରକୁ ନିମନ୍ତ୍ରଣ କରିନେଇ ନିଜ ନିଜ ମଧ୍ୟରେ ଉକ୍ତ ମୋକଦ୍ଦମା ମୀମାଂସା କରିନେବାକୁ ଅନୁରୋଧ କଲେ । ବିକ୍ରମ ଦେବ ବର୍ମା ପୁତ୍ରୋପମ ସ୍ନେହାସ୍ପଦ ନିଜ ଭ୍ରାତୃଷ୍ପୁତ୍ରଙ୍କର ଏକାନ୍ତ ଅନୁରୋଧ ଏଡ଼ାଇ ପାରିଲେ ନାହିଁ । ଆନନ୍ଦର ସହ ତାଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ତହୁଁ ଚତୁର୍ଥ ରାମଚନ୍ଦ୍ର ଦେବ ତାଙ୍କୁ ଯାବଜ୍ଜୀବନ ମାସିକ ଏକ ହଜାର ଟଙ୍କା ଦେବାକୁ ସ୍ୱତଃ ସ୍ୱୀକୃତ ହେଲେ । ଏତେ ମନୋମାଳିନ୍ୟ ଏତେ ମାମଲା-ମୋକଦ୍ଦମା ସାମାନ୍ୟ କଥାପଦକରେ ଛିଣ୍ଡିଗଲା । ହୃଦୟୀକୁ ହୃଦୟୀ ଏକା ଚିହ୍ନେ ସିନା ! ମନୁଷ୍ୟତାର ଏରୂପ ଉଚ୍ଚ ନିଦର୍ଶନ ବାସ୍ତବରେ ଦୁର୍ଲ୍ଲଭ । ବର୍ମା ମହୋଦୟ ଏହି ମୋକଦ୍ଦମା ଜିତିଥିଲେ ମାସିକ ବୃତ୍ତି ଏହାଠାରୁ ବହୁତ ଅଧିକ ପାଇଥାଆନ୍ତେ ଏବଂ ନବରଙ୍ଗପୁର, ଗୁଡ଼ାରି ପ୍ରଭୃତିରେ ଅନେକ ଭୂସମ୍ପତ୍ତି ମଧ୍ୟ ପ୍ରାପ୍ତ ହୋଇଥାଆନ୍ତେ; କିନ୍ତୁ ଭ୍ରାତୃଷ୍ପୁତ୍ର ମହାରାଜଙ୍କ ଅନୁରୋଧରେ ନିର୍ବିଚାରଚିତ୍ତରେ ସେ ବିପୁଳ ସ୍ୱାର୍ଥ ପରିତ୍ୟାଗ କଲେ । ଏକାଳରେ ଏ ଭଳି ଉଦାରତା କେତେ ଜଣ ଦେଖାଇ ପାରିବେ ? ଏଭଳି ଆଦର୍ଶ ଆତ୍ମୀୟତା, ଦେବଦୁର୍ଲ୍ଲଭ ସରଳତା ଏବଂ ଅଲୌକିକ ନିର୍ଲୋଭତାର ଉଦାହରଣ କେତେଜଣଙ୍କ ଜୀବନରେ ବା ପରିଦୃଷ୍ଟ ହୁଏ, ଏରୂପ ସ୍ୱାର୍ଥସମ୍ବରଣ ଯେ କରିପାରନ୍ତି, ସେହି ଏକା ମହାପ୍ରାଣ ମାନବ ।

ପିତୃବ୍ୟ, ଭ୍ରାତୃଷ୍ପୁତ୍ର ଉଭୟେ ଏକ ଗୋଷ୍ଠୀରେ ଥିଲେ। ପିତା ଯାହାଙ୍କ ପ୍ରତି ବିରକ୍ତ, ପୁତ୍ର ତାହାଙ୍କର ଭକ୍ତ। ବାସ୍ତବରେ ମହତ୍ ବ୍ୟକ୍ତିଙ୍କର ସମ୍ମାନ, ମହତ୍ ବ୍ୟକ୍ତି ହିଁ ରକ୍ଷାକରିବାକୁ ସମର୍ଥ। ଏହି କାର୍ଯ୍ୟ ପାଇଁ ଚତୁର୍ଥ ରାମଚନ୍ଦ୍ର ଦେବ ସୁଧୀମଣ୍ଡଳୀର ଅଶେଷ ଧନ୍ୟବାଦ-ଭାଜନ ହୋଇଥିଲେ। ରାଜପଦ, ପ୍ରାଧାନ୍ୟ, ଆଧିପତ୍ୟ କେହି ଚିରସ୍ଥାୟୀ ନୁହେଁ—କେବଳ ସୁକୀର୍ତ୍ତି, ସୁସ୍ୱ-ବର୍ଣ୍ଣ ହିଁ ଅମର ହୋଇ ରହେ। ରାମଚନ୍ଦ୍ର ଦେବ ବାସ୍ତବରେ ରାଜଧର୍ମୀ ମହାରାଜ। ରାଜପଦ ତାଙ୍କୁ ଆଶ୍ରୟକରି ଗୌରବବ ହୋଇଥିଲା ଏବଂ ରାଜମୁକୁଟ ମଧ୍ୟ ତାଙ୍କ ମସ୍ତକ ସ୍ପର୍ଶକରି ଧନ୍ୟ, ସାର୍ଥକ ଓ ସୁନ୍ଦର ହୋଇଥିଲା। ତାଙ୍କର ଏ ସୁକୀର୍ତ୍ତିର ସ୍ମୃତି କମ୍ପୁର ରାଜବଂଶରେ ଯୁଗେ ଯୁଗେ ରହିବ। ସେ ଯେଉଁ ମହତ୍ ଆଦର୍ଶ ରଖିଗଲେ, ସେହି ଆଦର୍ଶରେ ବଂଶୀୟ ଗୌରବ ଉଜ୍ଜ୍ୱଳତର ହେବ। ମୋକଦ୍ଦମା ଶେଷ ପର୍ଯ୍ୟନ୍ତ ଚାଲି-ଥିଲେ ରାଜକୋଷର ପ୍ରଭୂତ ଅର୍ଥ କୋଧାନଳରେ ଆହୁତି ରୂପେ ଭସ୍ମହୋଇ ଉଡ଼ିଯାଇ ଥାଆନ୍ତା। ଦୂରଦର୍ଶୀ ମହାରାଜ ତାହା ବୁଝିପାରି ତୀକ୍ଷ୍ଣବୁଦ୍ଧି ମତ୍ତାର ପରିଚୟ ଦେଇଅଛନ୍ତି। ନଈବଡି ଗୋଟାଏ କୂଳ ଖାଏ; ମାତ୍ର ମୋକଦ୍ଦମା ଦୁଇ କୂଳ ଖାଏ। ସେଥିରେ ବାଦୀ ପ୍ରତିବାଦୀ ଉଭୟେ ଭୀଷଣ କ୍ଷତିଗ୍ରସ୍ତ ହୁଅନ୍ତି। ଯେ ମାଡ଼ ଖାଏ ସେ ଅଘାତ ପାଏ, ଯେ ମାରେ ସେ ବି ଅଘାତ ପାଏ। ମୋକଦ୍ଦମାର ଅପର ନାମ ମାମଲା। ଏରୂପ ନାମକରଣ ଯେ କରିଅଛି, ସେ ବାସ୍ତବରେ ସୂକ୍ଷ୍ମଦର୍ଶୀ ଏବଂ ପ୍ରତିଭାବାନ୍। ଏହି ନାମଟି ଭିତରେ ଗଭୀର ସତ୍ୟ ନିହିତ ଅଛି। ମାମଲା ଅର୍ଥାତ୍ ମା ମଲା। ମା ମରିଗଲେ ପୁଅ ଯେପରି ହନ୍ତସନ୍ତ ଓ ହନ୍ତସନ୍ତ ହୁଏ, ମାମଲାଦ୍ୱାରା ଲୋକେ ସେହିପରି ବିପନ୍ନ ହୁଅନ୍ତି। ପ୍ରାୟ ଅଧିକାଂଶ ସ୍ଥଳରେ ଦେଖାଯାଏ—ଯେତିକି ପାଇବା ଆଶାରେ ମାମଲା କରାଯାଇଥାଏ, ସେଥିରେ ଖର୍ଚ୍ଚ ତାହାର ବହୁଗୁଣ ହୁଏ; ସୁତରାଂ ଲାଭ ସ୍ଥଳେ ପିମ୍ପୁଡ଼ି ଖାଇଯାଏ। ମୋକଦ୍ଦମାରେ ରାଜାଙ୍କର ପରାଜୟ ଘଟିଥିଲେ ବହୁ ଅର୍ଥ ଅକାରଣରେ ପାଣିରେ ପଡ଼ିଥାଆନ୍ତା। ପରାଜୟ ଘଟିବା ମଧ୍ୟ ବିଚିତ୍ର ନୁହେଁ। ମୋକଦ୍ଦମା ପାଠହୋଇ ତାହା ମୁଣ୍ଡରେ ପୁନାବଳୟ ବାନ୍ଧିବ, ତାହା କିଏ କହିପାରେ? ଯାହା ହେଉ ନବୀନ ଭୂପତି ସୁଚତୁର ରାମଚନ୍ଦ୍ର ଦେବ ଆପଣଙ୍କ ସୁବିଧାକୁ ଦୃଷ୍ଟି ଦେଇ ବୃଦ୍ଧଙ୍କ୍ୟମାନଙ୍କର ମର୍ଯ୍ୟାଦା ରକ୍ଷା କରିଅଛନ୍ତି। ଚାଣକ୍ୟ ପଣ୍ଡିତ ଗାଇଅଛନ୍ତି—"ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ।" ବାସ୍ତବରେ ଚତୁର୍ଥ ରାମଚନ୍ଦ୍ର ଦେବ ମୋକଦ୍ଦମା ମୀମାଂସା କରିଦେଇ ବିଷୟବୁଦ୍ଧିର ପରିଚୟ ପ୍ରଦର୍ଶନ କରିଅଛନ୍ତି। ଏଥିରେ "ଶ୍ୟାମ ବି ନିରାପଦ, କୂଳ ବି ନିରାପଦ।" ଏଭଳି ପ୍ରତ୍ୟୁତ୍ପନ୍ନମତି ବିରଳ ପରିଲକ୍ଷିତ ହୁଏ। ରାମଚନ୍ଦ୍ର ଦେବଙ୍କର ରାଜନୀ-ବାହ୍ନିତ ଚତୁରତା ଏବଂ ବିଚକ୍ଷଣତା ଲୋକମୁଖରେ ପ୍ରଶଂସିତ।

ମହଦାଶୟ ମହାରାଜ ଚତୁର୍ଥ ରାମଚନ୍ଦ୍ର ଦେବ ନିଜର ପ୍ରତିଶ୍ରୁତି ପାଳନ କରି ପିତୃବ୍ୟ ବନମ ଦେବ ବର୍ମାଙ୍କୁ ମାସିକ ଏକ ହଜାର ଟଙ୍କା ବୃତ୍ତି ପ୍ରଦାନ କଲେ। ତଦ୍ଦ୍ୱାରା ବର୍ମା ମହୋଦୟଙ୍କର ଆର୍ଥିକ ଅବସ୍ଥା ଅପେକ୍ଷା-କୃତ ସ୍ୱଚ୍ଛଳ ହେବାକୁ ଲାଗିଲା। ଅବାଳ୍ୟ ଦୁଃଖ ଭୋଗ ପରେ ଏତେକାଳକେ ସେ ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳ ଯାପନ କରିବାର ସୁବିଧା ପ୍ରାପ୍ତ ହେଲେ ଏବଂ ଦ୍ୱିଗୁଣ ଉତ୍ସାହରେ ଆତ୍ମୋନ୍ନତି, ଦେଶସେବା ଏବଂ ଜଣ-ସେବାରେ ଆତ୍ମନିୟୋଗ କଲେ। ବନମ ଦେବ ବର୍ମାଙ୍କ ପରି କର୍ମୀ ପୁରୁଷ ସମଗ୍ର ଉତ୍କଳରେ ବିରଳ। କର୍ମ ତାଙ୍କ ଜୀବନକୁ ଘେରି ରହିଅଛି। ସେ ମଧ୍ୟ କର୍ମସାଧନରେ ଜୀବନ ଉତ୍ସର୍ଗ କରିଅଛନ୍ତି। କର୍ମ ହିଁ ତାଙ୍କର ସୁଖ, କର୍ମହିଁ ଆନନ୍ଦ, କର୍ମ ହିଁ ଧର୍ମ ଏବଂ କର୍ମ ହିଁ ତାଙ୍କ ପ୍ରାଣର ପ୍ରାଣ। ସେ କୌଣସି ସ୍କୁଲ କଲେଜରେ ଉଚ୍ଚଶିକ୍ଷା ଲାଭକରି ଉଚ୍ଚ ଉପାଧିରେ ମଣ୍ଡିତ ହୋଇ ନ ଥିଲେ ସୁଦ୍ଧା ନିଜର ଯତ୍ନ, ଚେଷ୍ଟା, ଅସାଧାରଣ ଅଧ୍ୟବସାୟ ଏବଂ ବୁଦ୍ଧିର ପ୍ରତ୍ୟୁତ୍ପନ୍ନମତିବଳରେ ଉପାଧିବନ୍ତ ଉଚ୍ଚ ଶିକ୍ଷିତଙ୍କ ଅପେକ୍ଷା ଅଧିକ ଜ୍ଞାନ ଆହରଣ କରିଅଛନ୍ତି। ଏମନ୍ତ କି ଅନେକ ଉଚ୍ଚଶିକ୍ଷିତ ତାଙ୍କ ଆଗରେ କଥା କହିବାକୁ ଶଙ୍କିତ ହୁଅନ୍ତି। କେବଳ ବିଶ୍ୱବିଦ୍ୟାଳୟ ମନୁଷ୍ୟ ଗଢ଼ିବାର ଯନ୍ତ୍ର ନୁହେଁ। ମନୁଷ୍ୟ ଚେଷ୍ଟା କଲେ ନିଜର ବୁଦ୍ଧି ଏବଂ ପ୍ରତିଭାବଳରେ

ନିଜେ ନିଜକୁ ଗଠନ କରି ଉଚ୍ଚ ଶିକ୍ଷିତଠାରୁ ବଳିଯାଇ ପାରେ । ସେଥିର ସତ୍ୟ ଶିବ ଦୃଷ୍ଟାନ୍ତ ସେ ନିଜ ଜୀବନରେ ଉଜ୍ଜ୍ୱଳ ଭାବରେ ଦେଖାଇଦେଇ ଅଛନ୍ତି । ଅଳ୍ପମାତ୍ର ଇଂରେଜୀ ଶିକ୍ଷା କରି ସେ ଇଂରେଜୀରେ ସୁନ୍ଦର ଭାବରେ ଲେଖାପଢ଼ା କରିପାରନ୍ତି ଏବଂ ସଭାସମିତିରେ ଇଂରେଜୀ ଭାଷାରେ ପ୍ରବୀଣ ଶିକ୍ଷିତଙ୍କ ପରି ବକ୍ତୃତା ମଧ୍ୟ କରିପାରନ୍ତି । ତାଙ୍କର ଇଂରେଜୀ କଥାବାର୍ତ୍ତା ଯେ ଶୁଣିଅଛି, ସେ ନିଶ୍ଚୟ ତାଙ୍କୁ ବି. ଏ., ଏମ. ଏ. ଡିଗ୍ରୀ-ଧାରୀ ବୋଲି ଅନୁମାନ କରିବ । ତାଙ୍କର ସ୍ମୃତିଶକ୍ତି ମଧ୍ୟ ଅସାଧାରଣ । କଥା କହୁଁ କହୁଁ ନାନା ଶାସ୍ତ୍ରରୁ ଏବଂ ନାନା ଭାଷାର ଗ୍ରନ୍ଥରୁ ଉଦାହରଣ ପ୍ରୟୋଗ କରି ଶ୍ରୋତାଙ୍କୁ ମୁଗ୍‌ଧ ଏବଂ ଆଶ୍ଚର୍ଯ୍ୟାନ୍ୱିତ କରୁଅଛନ୍ତି । ସଂସ୍କୃତ, ତେଲଗୁ ଏବଂ ଓଡ଼ିଆ ଭାଷାରେ ତାଙ୍କର ପ୍ରଗାଢ଼ ପାଣ୍ଡିତ୍ୟ ବାସ୍ତବରେ ବିସ୍ମୟଜନକ । ବହୁ କାଳ ପୂର୍ବର ଘଟଣାବଳୀର ସାଲ, ମାସ, ତାରିଖ, ବାର ପର୍ଯ୍ୟନ୍ତ ସେ ଅଭ୍ୟାସ କଲପରି ନିର୍ଦ୍ଦେଶ କରିପାରନ୍ତି । ଆୟୁର୍ବେଦ ଏବଂ ଜ୍ୟୋତିର୍ବେଦ ଶାସ୍ତ୍ରରେ ମଧ୍ୟ ତାଙ୍କର ପାରଦର୍ଶିତା ସର୍ବଜନବିଦିତ । ରାଜନୀତି, ଧର୍ମନୀତି, ସମାଜନୀତି ଏବଂ ଗାର୍ହସ୍ଥ୍ୟ ନୀତି ପ୍ରଭୃତି ସକଳ ବିଷୟରେ ସେ ଅଗାଧ ପଣ୍ଡିତ । ତାଙ୍କ ଅଭ୍ୟସ୍ତ ଶ୍ଳୋକମାନ ଏକତ୍ର କଲେ ଖଣ୍ଡେ ପ୍ରକାଣ୍ଡ ଗ୍ରନ୍ଥର ଆକାର ଧାରଣ କରିବ ।

ବିକ୍ରମ ଦେବ ବର୍ମାଙ୍କ ପରିବାର ମଧ୍ୟରେ ତାଙ୍କର ସହଧର୍ମିଣୀ ଏବଂ ଏକମାତ୍ର କନ୍ୟା ବିଦ୍ୟମାନ । କନ୍ୟାଟିକୁ ନାନା ବିଷୟରେ ଶିକ୍ଷା ଦେଇ ବିଦୁଷୀ ପ୍ରସ୍ତୁତ କରାଇଅଛନ୍ତି । ସେ ଯେଉଁପରି ବୁଦ୍ଧିମତୀ ସେହିପରି ଗୁଣବତୀ । ପୁତ୍ରସନ୍ତାନ ନ ଥିବାରୁ ତାଙ୍କର ବନ୍ଧୁମାନେ ତାଙ୍କୁ ପୁନଶ୍ଚ ବିବାହ କରିବା ପାଇଁ ବିଶେଷ ଭାବରେ ଅନୁରୋଧ କରିଥିଲେ; ମାତ୍ର ସେ ସ୍ୱୀକୃତ ହେଲେ ନାହିଁ । ଏକାଧିକ ପତ୍ନୀ ଗ୍ରହଣ ତାଙ୍କର ଇଚ୍ଛା ନୁହେଁ । ଗୋଟାଏ ଗ୍ରାମ୍ୟ ପଦ୍ୟ ଅଛି—"କ୍ଷୁଦ୍ର କ୍ଷୁଦ୍ର ଋଣ ଦୁଇ ମାଇପ ଯାର, ଯମ ନେଲେ ତ ଥରେ ନିପଟ୍ଟା, ନିତି ମରଣ ତାର ।" ପୁଣି କେହି କେହି କହନ୍ତି—"ଭାତ ନ ସହିଲେ ଦୋହସ୍ତ ଘର କର, କଳି ନ ହେଲେ ଯୋଡ଼ା ମାଇପ କର ।" ବାସ୍ତବରେ ପତ୍ନୀସତ୍ତ୍ୱେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା କଳି ଏବଂ ଅଶାନ୍ତି କିଣିବା ତୁଲ୍ୟ । ଶାନ୍ତି ସୁଖମୟ ଗୃହକୁ ଅଶାନ୍ତି, ଉପଦ୍ରବରେ କଳୁଷିତ କରିବାକୁ ଯାହାଙ୍କର ଇଚ୍ଛା, ସେହିମାନେ ହିଁ ପତ୍ନୀର ବର୍ତ୍ତମାନତାରେ ପୁନଶ୍ଚ ବିବାହ କରିବାକୁ ଲାଳାୟିତ; ମାତ୍ର ଶାନ୍ତିପ୍ରିୟ ବିବେକୀ ଗୃହସ୍ଥମାନେ ସେଥିର ବିପରୀତ ଉଦାହରଣ । ବିକ୍ରମଦେବ ବର୍ମା ଜଣେ ସୂକ୍ଷ୍ମଦର୍ଶୀ, ସ୍ୱାଧୀନଚେତା, ବିଶେଷଜ୍ଞ ଗୃହସ୍ଥ । ଏଭଳି ଅନିଷ୍ଟକର ପ୍ରସ୍ତାବ ବା ଅନୁରୋଧରେ ସେ ସମ୍ମତ ହେବେ କାହିଁକି ? ସେ ତାହା ଅବଜ୍ଞା ସହିତ ଉପେକ୍ଷା କଲେ । ଏକପତ୍ନୀବ୍ରତ ଯାହାଙ୍କର ଦୃଢ଼ ପ୍ରତିଜ୍ଞା, ସେଥିରୁ ତାଙ୍କୁ ଟଳାଇବାକୁ ଚେଷ୍ଟା କରିବା ପଣ୍ଡପ୍ରୟାସ ମାତ୍ର । ବନ୍ଧୁମାନେ ତାଙ୍କୁ ଅନେକ ଉପଦେଶ ଦେଲେ, ବୁଝାଇଲେ, ଅନେକ ପ୍ରବର୍ତ୍ତନା ଦେଲେ; ମାତ୍ର ସେ କାହାରି କଥାରେ କର୍ଣ୍ଣପାତ କଲେ ନାହିଁ । ନିଜର ଯଦିସ୍ୟ ପ୍ରତିଜ୍ଞା ଅଟଳ ରଖିଲେ । "ଉଦୟତୁ ଯଦି ଭାନୁଃ ପଶ୍ଚିମେ ଦିଗ୍‌ବିଭାଗେ, ବିକଶତି ଯଦି ପଦ୍ମଂ ପର୍ବତାନାଂ ଶିଖାଗ୍ରେ; ପ୍ରଚଳତି ଯଦି ମେରୁଃ ଶୀତତାଂ ଯାତି ବହ୍ନିଃ, ନ ଟଳତି ଖଳୁ ବାକ୍ୟଂ ସଜ୍ଜନାନାଂ କଦାଚିତ୍ ।"

ବିକ୍ରମ ଦେବ ବର୍ମା ୧୮୮୫ ଖ୍ରୀଷ୍ଟାବ୍ଦରୁ ୧୯୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିଶାଖପଟ୍ଟଣରେ ବାସ କରିଥିଲେ । ଏହି ଦୀର୍ଘକାଳ ସେ କେବଳ ଆତ୍ମୋନ୍ନତିରେ କଟାଇ ନାହାନ୍ତି । ଦେଶହିତକର ତେଲୁଗୁ ଓ ଓଡ଼ିଆ ଉଭୟ ଅନୁଷ୍ଠାନରେ ଯୋଗଦେଇ ଯଥାଶକ୍ତି ସହାନୁଭୂତି ପ୍ରଦର୍ଶନ କରି ଆସିଅଛନ୍ତି । ସେ ସ୍ୱଜାତି ଓଡ଼ିଆ ଏବଂ ବିଜାତି ତେଲୁଗୁମାନଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ଏହି ସମଦର୍ଶିତା ହେତୁ ସେ ଉଭୟ ଜାତିର ବନ୍ଦନୀୟ ହୋଇଅଛନ୍ତି । ଘୋର ତେଲୁଗୁ ରାଜ୍ୟରେ ଅବସ୍ଥାନ କରି, ସର୍ବଦା ତେଲୁଗୁ ସହବାସରେ ରହି ସୁଦ୍ଧା ତାଙ୍କର ଓଡ଼ିଆ ଅଭିମାନ, ଓଡ଼ିଆ ପ୍ରୀତି ଫୁଟି ଉଠୁଥିଲା । ଅଧିକନ୍ତୁ ବିଜାତୀୟତା ମଧ୍ୟରେ ସେ ନିଜର ଜାତୀୟ ଟେକ ଅକ୍ଷତ ରଖିଥିଲେ । ବିଜାତୀୟ ବେଶ-ଭୂଷା, ଆଚାର ବ୍ୟବହାର ତାଙ୍କୁ ପ୍ରଭାବିତ କରିପାରି ନ ଥିଲା । ଦୟା, ଦାକ୍ଷିଣ୍ୟ, ପାଣ୍ଡିତ୍ୟ, ସ୍ୱଦେଶପ୍ରୀତି,

ପରୋପକାରିତା ପ୍ରଭୃତି ବରଣୀୟ ଗୁଣପୁଞ୍ଜ ତାଙ୍କ ଚରିତ୍ରର ଅଳଙ୍କାର ସ୍ୱରୂପ । ଭବିଷ୍ୟତରେ ତାଙ୍କୁ ବିଶାଳ ଜୟପୁର ରାଜ୍ୟର ଏକଚ୍ଛତ୍ରାଧିପତି କରିବା ଉଦ୍ଦେଶ୍ୟରେ ବୋଧହୁଏ ପ୍ରକୃତି ତାଙ୍କୁ ଷୋଳକଳାରେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରି ଆଣିଥିଲା । ସେ ଅନ୍ୟଠାରୁ ଶିକ୍ଷା କରି ପଣ୍ଡିତ ହୋଇ ନାହାନ୍ତି । ନିଜଠାରୁ ନିଜେ ସବୁ ଶିଖିଅଛନ୍ତି । ବାସ୍ତବରେ ସେ ଜଣେ ସ୍ୱୟଂସିଦ୍ଧ ପୁରୁଷ । ସେ ସମୟରେ ସେ ଅଞ୍ଚଳରେ ଓଡ଼ିଆ ଭାଷାର ଦୁର୍ଗତି ଦେଖି ସେ ଆନ୍ତରିକ କ୍ଷୁବ୍ଧ ହେଉଥିଲେ । ନିଜ ମାତୃଭାଷାର ଅଭିବୃଦ୍ଧି ପାଇଁ ସେ ନାନା ଚେଷ୍ଟା କରିବାକୁ ଲାଗିଲେ । ସେ ଜଣେ ବିଶିଷ୍ଟ ନାଟକାନୁରାଗୀ । ସେ ଅଞ୍ଚଳରେ ଗୋଟାଏ ରଙ୍ଗାଳୟ ସ୍ଥାପନ କରି ବିବିଧ ନାଟକର ଅଭିନୟଦ୍ୱାରା ଭାଷାର ବିଶୁଦ୍ଧତା ଆନୟନ ତାଙ୍କର ସର୍ବପ୍ରଧାନ ଏବଂ ସର୍ବପ୍ରଥମ କାର୍ଯ୍ୟ ହେଲା । ବିଶାଖପଟ୍ଟଣରେ "ଜଗନ୍ମିତ୍ର" ସମାଜ ନାମରେ ଗୋଟିଏ ଅନୁଷ୍ଠାନ ଥିଲା । ସେହି ଅନୁଷ୍ଠାନ ପାଇଁ ସେ ଗୋଟାଏ ସ୍ଥାୟୀ ରଙ୍ଗାଳୟ ପ୍ରସ୍ତୁତ କରାଇଦେଲେ । ତାହାର ନାମ ହେଲା—"ଜଗନ୍ମିତ୍ର ହଲ ।" ସେଥିରେ ପ୍ରଥମେ ପ୍ରଥମେ ତେଲଙ୍ଗୀୟ ନାଟକ ଅଭିନୀତ ହେଉଥିଲା । ବିକ୍ରମ ଦେବ ବର୍ମା ଗୋଟାଏ ଓଡ଼ିଆ ଦଳ ଗଠନ କରି ଓଡ଼ିଆ ନାଟକର ଅଭିନୟ ଆରମ୍ଭ କଲେ । ପରେ ଅନ୍ୟର ପ୍ରଣୀତ ନାଟକ ଉପରେ ନିର୍ଭର ନ କରି ନିଜେ ଓଡ଼ିଆ ଭାଷାରେ ନୂତନ ନାଟକ ଲେଖି ଅଭିନୟ କରାଇଲେ । ସେହି ସମୟରେ ସେ "ରାଧାମାଧବ ନାଟକ" ନାମରେ ଖଣ୍ଡିଏ ନାଟକ ରଚନା କଲେ । ତାହା ତାଙ୍କର ପ୍ରଥମ ନାଟକ । ସେହି ନାଟକ ଯଥୋପଯୁକ୍ତ ରୂପେ ଅଭିନୀତ ହେଲା । ସର୍ବାଙ୍ଗସୁନ୍ଦର ଅଭିନୟ ଦେଖି ସମସ୍ତେ ତାଙ୍କର ପ୍ରଶଂସା ଗାନ କଲେ । ସେଥିରେ ତାଙ୍କର ଖ୍ୟାତି, ପ୍ରତିପତ୍ତି ଦୂର ଦୂରାନ୍ତରରେ ବିସ୍ତୃତ ହେବାକୁ ଲାଗିଲା । ତାଙ୍କ ରଚିତ ତେଲୁଗୁ ନାଟକ ମଧ୍ୟ ସେହି ରଙ୍ଗମଞ୍ଚରେ ସମୟ ସମୟରେ ଅଭିନୀତ ହେଉଥିଲା । ବିଶିଷ୍ଟ ଅନ୍ଧ୍ର ଦର୍ଶକମାନେ ମଧ୍ୟ ଅଭିନୟ ଦେଖି ମୁଗ୍ଧ ହୋଇ ଉଚ୍ଚ ମନ୍ତବ୍ୟ ପ୍ରକାଶ କଲେ । ଏହି ରଙ୍ଗାଳୟ ତାଙ୍କୁ ତୈଲଙ୍ଗୀୟ ସମାଜରେ ବିଶେଷ ଭାବରେ ପରିଚିତ ଏବଂ ପ୍ରଶଂସିତ କରାଇଲା । ସେହି ରଙ୍ଗାଳୟ ନିର୍ମାଣ ଏବଂ ଉପକରଣ ସଂଗ୍ରହରେ ତାଙ୍କର ପ୍ରଭୂତ ଅର୍ଥ ବ୍ୟୟ ହୋଇଥିଲା । ସେଥିପାଇଁ ସେ ଦଶସହସ୍ରାଧିକ ଟଙ୍କା ଅକାତରରେ ଦାନ କରିଥିଲେ । ସେହି ରଙ୍ଗାଳୟ ୧୯୨୩ ଖ୍ରୀଷ୍ଟାବ୍ଦର ପ୍ରବଳ ତୋଫାନରେ ନଷ୍ଟ ହୋଇଯିବାରୁ ସେ ଅତ୍ୟନ୍ତ କ୍ଷତି-ଗ୍ରସ୍ତ ହେଲେ । ସେଥିପାଇଁ ସେ ବିଶେଷ ଦୁଃଖ ପ୍ରକାଶ କରିଥିଲେ । ଅର୍ଥନାଶ ପାଇଁ ଦୁଃଖପ୍ରକାଶ ନୁହେଁ, ସେହି ରଙ୍ଗାଳୟଟି ଅକସ୍ମାତ୍ ନଷ୍ଟ ହୋଇଯିବାରୁ ଗୋଟାଏ ସାଧୁ ଅନୁଷ୍ଠାନରେ ଆଘାତ ଲାଗିଲା, ଏହାହିଁ ଦୁଃଖର କାରଣ । ସେଠାରେ ଶ୍ରୀରାମଲୀଳା ନାମରେ ଆଉ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିଥିଲେ । ତାହା ଅଦ୍ୟାବଧି ତାଙ୍କର କୀର୍ତ୍ତି ଘୋଷଣା କରୁଅଛି । ରାମଚନ୍ଦ୍ରଙ୍କ ଜନ୍ମଠାରୁ ରାବଣର ମୃତ୍ୟୁ ପର୍ଯ୍ୟନ୍ତ ଘଟଣାବଳୀ ନାଟକାକାରରେ ଅଭିନୀତ ହୁଏ, ତାହା ହିଁ ଶ୍ରୀରାମଲୀଳା ନାମରେ ଅଭିହିତ ।

ଅତଃପର ସେ ଅଞ୍ଚଳୀୟ ଓଡ଼ିଆମାନଙ୍କର ସର୍ବାଙ୍ଗୀଣ ଉନ୍ନତିର ସହାୟତା ସକାଶେ "ଓଡ଼ିଆ ସମାଜ" ନାମରେ ଗୋଟିଏ ସମାଜ ସ୍ଥାପିତ ହେଲା । ସେହି ସମାଜଦ୍ୱାରା ସେ ଅଞ୍ଚଳରେ ଉନ୍ନତିକର ଗଠନମୂଳକ କାର୍ଯ୍ୟ ଅନେକ ପରିମାଣରେ ଅଗ୍ରସର ହୋଇଅଛି । ଓଡ଼ିଆମାନଙ୍କ ହିତାର୍ଥେ ସମାଜ ଅନେକ କାର୍ଯ୍ୟ କରିଅଛି ଏବଂ ଓଡ଼ିଆ ପ୍ରାଣରେ ନବ ଜାଗରଣର ଗୋଟାଏ ସ୍ପନ୍ଦନ ଆଣି ଦେଇଅଛି । ବିକ୍ରମ ଦେବ ବର୍ମା ସେହି ସମାଜର ପ୍ରତିଷ୍ଠାତା । ସମାଜର ସଭାପତି ରୂପେ ସେ ଓଡ଼ିଆମାନଙ୍କର ପ୍ରଭୂତ ଉପକାର ସାଧନ କରିଅଛନ୍ତି । ଓଡ଼ିଶା ଦେଶମିଶ୍ରଣ ଆନ୍ଦୋଳନରେ ଏହି ସମାଜ ଯାହା କରିଅଛି, ତାହା ଓଡ଼ିଆ ପ୍ରାଣରେ ସର୍ବଦା ମୁଦ୍ରିତ ରହିବ । ଫଳତଃ ଓଡ଼ିଆ ସମାଜ ସେ ଅଞ୍ଚଳର ତାତ୍କାଳିକ ଓଡ଼ିଆମାନଙ୍କ ପିଣ୍ଡରେ ପ୍ରାଣ ସଞ୍ଚାର କରିବାକୁ ସମର୍ଥ ହୋଇଅଛି । ଜଣେ ଆଦର୍ଶ ନେତାର ଯାହା କର୍ତ୍ତବ୍ୟ ବିକ୍ରମ ଦେବ ବର୍ମା ତାହା ଶତହସ୍ତ ହୋଇ ପାଳନ କରିଅଛନ୍ତି । ସେ ଜଣେ ନୀରବ କର୍ମଯୋଗୀ । ତାଙ୍କର କଠୋର ଯୋଗସାଧନା, ନିଷ୍ଠା ଏବଂ

ଅନ୍ତରଙ୍ଗତାରେ ସଞ୍ଚାର । ଦେଶମିଶ୍ରଣରେ ସେ ଜଣେ ପ୍ରଧାନ ଅଗ୍ରଣୀ । ସେ ସମ୍ବନ୍ଧରେ ସେ ଅନେକ କାର୍ଯ୍ୟ କରିଅଛନ୍ତି ଏବଂ କରୁଅଛନ୍ତି । ସେ ସ୍ୱହସ୍ତରୁ ଅର୍ଥ ସାହାଯ୍ୟ କରି ଗରିବ ଓଡ଼ିଆ ଛାତ୍ରମାନଙ୍କୁ ବିଦ୍ୟାଦାନ କରିବାରେ କେବେ କୃପଣତା ପ୍ରକାଶ କରି ନାହାନ୍ତି । ତାଙ୍କରି ଉତ୍ସାହ ଏବଂ ଅର୍ଥ ସାହାଯ୍ୟରେ କେତେ ଜଣ ଗରିବ ଓଡ଼ିଆ ଛାତ୍ର ଉଚ୍ଚଶିକ୍ଷା ଲାଭ କରି ନିଜ ନିଜର ଜୀବିକା ନିର୍ବାହ କରୁଅଛନ୍ତି । ଓଡ଼ିଆ ସମାଜର ସଭ୍ୟ-ପତି ରୂପେ ସେ ସେହି ଅଞ୍ଚଳର ଓଡ଼ିଆମାନଙ୍କର ଯେଉଁ ମଙ୍ଗଳ ସାଧନ କରି ଅଛନ୍ତି, ତାହା ଅସାଧାରଣ କହିଲେ ଅଣୁମାତ୍ର ଅତ୍ୟୁକ୍ତି ହେବ ନାହିଁ । ସେ ଅଞ୍ଚଳରେ ଓଡ଼ିଆମାନଙ୍କର ସରକାରି ଚାକିରି ପାଇବା ଏକାନ୍ତ ଦୁରୁହ ବ୍ୟାପାର ଥିଲା । ବିକ୍ରମ ଦେବ ବର୍ମା ମହୋଦୟ ଓଡ଼ିଆ ସମାଜର ସଭାପତି ରୂପେ ସରକାରଙ୍କୁ ଅନେକ ଲେଖାଲେଖି କରି କେତେକଙ୍କୁ ଚାକିରି କରାଇ ଦେଇଥିଲେ । ସରକାରଙ୍କ ନିକଟରେ ନିଜର ନ୍ୟାଯ୍ୟ ଜାତୀୟ ଦାବୀ ଉପସ୍ଥାପନ କରିବାକୁ ସେ କେବେ ଭୀତ ବା ପଶ୍ଚାତ୍ପଦ ହୋଇ ନାହାନ୍ତି । ସେ ଡିଷ୍ଟ୍ରିକ୍ଟ ବୋର୍ଡ଼ ମ୍ୟୁନିସିପାଲିଟିର କର୍ତ୍ତାମାନଙ୍କୁ ସ୍ଥାନୀୟ ଓଡ଼ିଆମାନଙ୍କର ଦୁଃଖ ଏବଂ ଦୁର୍ଦ୍ଦଶା ଜଣାଇ ସେଥିର ବିହିତ ପ୍ରତିକାର କଳ୍ପେ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ଏହି ପରି ସତ୍ସାହସ ଏବଂ ସଦ୍ଗୁଣ ହେତୁ ସେ ସରକାରଙ୍କର ମଧ୍ୟ ପ୍ରୀତିଭାଜନ ହୋଇଅଛନ୍ତି । ସରକାରଙ୍କ କାର୍ଯ୍ୟରେ ସହାୟତା କରି ସେ ମଧ୍ୟ ରାଜଭକ୍ତିର ପୂର୍ଣ୍ଣ ପରିଚୟ ଦେଇଅଛନ୍ତି । ଏହି ଉତ୍କଳସମାଜ ତାଙ୍କୁ ଉତ୍କଳରେ ବିଶେଷ ଭାବରେ ପରିଚିତ କରାଇଅଛି । ତାଙ୍କର ଗୁଣଗରିମାର ପରିଚୟ ପାଇ କବିବର ରାଧାନାଥ ରାୟ ବାହାଦୁର ଏବଂ ବ୍ୟାସକବି ଫକୀର-ମୋହନ ସେନାପତି ପ୍ରଭୃତି ଉତ୍କଳର ବରିଷ୍ଠ ବରେଣ୍ୟ ବ୍ୟକ୍ତିମାନେ ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ସ୍ୱର୍ଗୀୟ ଫକୀରମୋହନ ବାବୁ ତାଙ୍କ 'ଉତ୍କଳ ଭ୍ରମଣ'ରେ ବର୍ମା ମହୋଦୟଙ୍କ ସମ୍ବନ୍ଧରେ ଲେଖି ଅଛନ୍ତି—

"ଏହିପରି ଜଣେ ଯେବେ ଥାଆନ୍ତେ ଉତ୍ତରେ,
ବୁଲୁଥାନ୍ତ ମୁହିଁ ହାତ ପକାଇ ନିଶରେ ।"

ସ୍ୱର୍ଗୀୟ କବିବର ରାଧାନାଥ ରାୟ ମହେନ୍ଦ୍ରଗିରି ଦେଖିବାକୁ ଯିବା ସମୟରେ ବାଟରେ ବ୍ରହ୍ମପୁର ସହରରେ ଦିନେମାତ୍ର ଅବସ୍ଥାନ କରିଥିଲେ । ସେଠାରେ ସେ ଏହି ପୁସ୍ତକର ଲେଖକଙ୍କୁ ପଚାରିଥିଲେ—"ଜୟପୁର ରାଜଭ୍ରାତା ବିକ୍ରମ ଦେବ ବର୍ମାଙ୍କ ସହିତ ଆପଣଙ୍କର ପରିଚୟ ଅଛି କି ?" ଲେଖକ ପରିଚୟ ନାହିଁ ବୋଲି କହିବାରୁ ରାଧାନାଥ ବାବୁ କହିଲେ—"ବିକ୍ରମ ଦେବ ବର୍ମା ଜଣେ ଅଗାଧ-ପାଣ୍ଡିତ୍ୟ-ସମ୍ପନ୍ନ ଏବଂ ବିଧିପ୍ରେରିତ ମହାମାନବ । ସେ କେବଳ ଗୁଣୀ ନୁହନ୍ତି—ଗୁଣର ଉପଯୁକ୍ତ ଗ୍ରାହକ । ତାଙ୍କର ଶିଷ୍ଟାଳାପ ସୁଦ୍ଧା ଶିକ୍ଷା ଏବଂ ଉପଦେଶରେ ଉଜ୍ଜ୍ୱଳ । ବାସ୍ତବରେ ସେ ଭଳି ବିଦ୍ୱାନ୍, ବହୁଦର୍ଶୀ ଏବଂ ସର୍ବଗୁଣବିଶାରଦ ବାମଣ୍ଡା ରାଜା ବାସୁଦେବ ସୁଢଳଦେବଙ୍କ ବ୍ୟତୀତ ସମଗ୍ର ଉତ୍କଳର ରାଜସଂସାରରେ ବିରଳ । ତାଙ୍କ ସହିତରେ ଆପଣଙ୍କର ପରିଚିତ ହେବା ଉଚିତ ।" ବନ୍ଦନୀୟ ଗୁରୁଦେବଙ୍କର ଏ ମଙ୍ଗଳାଦେଶ ଶିରୋଧାର୍ଯ୍ୟ କରି ଲେଖକ ସେହିଦିନ ପତ୍ର ଲେଖି ବିକ୍ରମ ଦେବ ବର୍ମାଙ୍କ ସହିତ ପରିଚିତ ହୋଇଥିଲା । ଫୁଲର ସୁବାସ ମହକିଲେ ସବୁଆଡ଼ୁ ମଧୁପ ଦଳ ଆସି ତାକୁ ଅଭ୍ୟର୍ଥନା କରନ୍ତି । ସେହିପରି ବିକ୍ରମ ଦେବ ବର୍ମାଙ୍କର ସୁଖ୍ୟାତି-କୁସୁମର ସୌରଭରେ ଆକୃଷ୍ଟ ହୋଇ ଉତ୍କଳର ତାତ୍କାଳିକ ଅନେକ ବିଶିଷ୍ଟ ବ୍ୟକ୍ତି ସ୍ୱତଃପ୍ରବୃତ୍ତ ହୋଇ ତାଙ୍କୁ ସାକ୍ଷାତ କରି ତାଙ୍କର ଆଦର ଅଭ୍ୟର୍ଥନାରେ ମୁଗ୍ଧ ହୋଇଥିଲେ । ଯେ ତାଙ୍କ ସହିତ ଥରେ ସାକ୍ଷାତ କରିଥିବ ତାଙ୍କର ମଧୁର ଦେବ ବ୍ୟବହାର ସେ ଜୀବନରେ କଦାପି ଭୁଲି ପାରିବ ନାହିଁ ।

ବିକ୍ରମ ଦେବ ବର୍ମାଙ୍କର ରାଜଭକ୍ତି ଏବଂ ରାଜନୀତି-ଦକ୍ଷତାରେ ପ୍ରୀତ ହୋଇ ମାନ୍ଦ୍ରାଜ ସରକାର ୧୯୧୪ ଖ୍ରୀଷ୍ଟାବ୍ଦରେ ତାଙ୍କୁ ପ୍ରଥମଶ୍ରେଣୀ ବେଞ୍ଚ ମାଜିଷ୍ଟ୍ରେଟ ପଦରେ ମନୋନୀତ କଲେ । ବର୍ମା ମହୋଦୟ ପାଞ୍ଚ ବର୍ଷ କାଳ ବିଶ୍ୱାସୀ ଭାବରେ ସେହି କାର୍ଯ୍ୟ ଦକ୍ଷତାର ସହ ସୁଚାରୁରୂପେ ସମ୍ପାଦନ କରି ଲୋକସାଧାରଣ, ତଥା ସରକାରଙ୍କର ବିଶେଷ ପ୍ରଶଂସାଭାଜନ ହୋଇଥିଲେ । ପାଞ୍ଚବର୍ଷ ପରେ ପୁଣି ତାଙ୍କୁ ସେହି ପଦ ଯାଚିବାରୁ ସେ ବିନୟର ସହିତ ଅସମ୍ମତି ପ୍ରକାଶ କଲେ । ଅଭ

ଅଧିକ ଧନ ସେହି କାର୍ଯ୍ୟ କଲେ ନରକରେ ପଡ଼ିବି ବୋଲି ରହସ୍ୟରେ କହୁଥିଲେ । ପଦ, ପ୍ରାଧାନ୍ୟ, ପରମାୟୁ ଏହି ତିନିଗୋଟି ପଦାର୍ଥ ଶବ୍ଦ ସଂସାରେ ବଡ଼ ପ୍ରିୟ । ତାହା ତ୍ୟାଗ କରିବାକୁ କେହି ଇଚ୍ଛାକରେ ନାହିଁ; ବରଂ ତାହା ପାଇବା ପାଇଁ ନାନାବିଧ କୃତ୍ରିମ ଉପାୟ ଅବଲମ୍ବିତ ହୁଏ । ବର୍ତ୍ତମାନ ଯୁଗରେ ଖେଟ ଭିଖାରୀଦଳର ଅଦ୍ଭୁତ ଲୀଳା ସେଥିର ସୁସ୍ପଷ୍ଟ ପ୍ରମାଣ । ଉପାଧି ପାଇଁ ବାରଲୋକଙ୍କ ଗୋଡ଼ରେ ତୈଳ ମର୍ଦ୍ଦନ କରିବାକୁ ଅନେକ ଉପାଧିରଙ୍କ ତିଳେମାତ୍ର ଲଜ୍ଜା ବୋଧ କରନ୍ତି ନାହିଁ । ଅଧିକନ୍ତୁ ଉପାଧିଦେବତା ପାଦରେ ଆତ୍ମସମ୍ମାନକୁ ବଳି ଦିଅନ୍ତି, ସତେ ଯେପରି ତାହା ତାଙ୍କୁ ନେଇ ସ୍ୱର୍ଗର ଇନ୍ଦ୍ରାସନରେ ବସାଇଦେବ । ହାତରୁ ଘୋଡ଼ା ଆଗରେ ଦୌଡ଼ିବାକୁ ସେମାନେ ଗୋଟାଏ ପରମ ଗୌରବ ମନେକରନ୍ତି; ମାତ୍ର ବଡ଼ ବ୍ୟକ୍ତିମାନଙ୍କର ସ୍ୱଭାବ ସେଥିର ଠିକ୍ ବିପରୀତ । ସେମାନେ ଉପାଧିକୁ ବ୍ୟାଧି ତୁଲ୍ୟ ଜ୍ଞାନ କରନ୍ତି । ଏହା ବୋଲି ରାଜସେବା ଯେ ଅକର୍ତ୍ତବ୍ୟ, ତାହା କସ୍ମିନ୍ କାଳେ ନୁହେ । ରାଜସେବା ଏବଂ ଦେଶସେବା ଅବଶ୍ୟ କର୍ତ୍ତବ୍ୟ; ମାତ୍ର ଉପାଧି ପାଇଁ ମହତ୍ତ୍ୱ ହରାଇବା ବଡ଼ ଅସୁନ୍ଦର କଥା । ବିକ୍ରମ ଦେବଙ୍କ ପରି ବିନା ଯାଚଞ୍ଜାରେ ଯେ ରାଜସେବାର ସୌଭାଗ୍ୟ ପ୍ରାପ୍ତହୁଏ, ସେ ଧନ୍ୟ । ଯୋଗ୍ୟତା ପୁରସ୍କାର ଖୋଜେ ନାହିଁ; ବରଂ ପ୍ରତିଷ୍ଠା ଯୋଗ୍ୟତାକୁ ଖୋଜିବୁଲେ ଏବଂ ତାକୁ ପାଇଲେ ନିଜକୁ ଧନ୍ୟ ମଣେ । ଅପ୍ରାର୍ଥିତ ପଦଗୌରବକୁ ପ୍ରତ୍ୟାଖ୍ୟାନ କରିବା ଭଳି ହୃଦୟୀ ଜଗତରେ କେତେ ଜଣ ମିଳିପାରିବେ ? ପାନଖିଆ, ମିଠାଇଖିଆ ପ୍ରଭୃତି ପ୍ରଲୋଭନୀୟ ବସ୍ତୁରେ ଯେଉଁ ଉପାଧି କିଣାଯାଏ, ତାହା ବାସ୍ତବରେ ଗୁଣପରିଚାୟକ ଉପାଧି ନୁହେଁ—ତାହା ପବିତ୍ର ଉପାଧିର କଳଙ୍କ; ଏହା କହିବା ଦୋଷାବହ ନୁହେ । ସେ ଭଳି ଉପାଧିର କିଛି ମୂଲ୍ୟ ନାହିଁ କି ମହତ୍ତ୍ୱ ନାହିଁ । ଉପାଧିକେତାଙ୍କୁ ଟଙ୍କା ଥଳି ଧରି କାରର୍ଡ଼ଲ ଶୁଣ୍ଢୀ ପିଣ୍ଡାରେ ନସର ପସର ହେବାର ଦେଖିଲେ ବାସ୍ତବରେ ହାସ୍ୟ ସମ୍ବରଣ କରି-ହୁଏ ନାହିଁ । ଅନେକ ଅପଦାର୍ଥ ଖେଟ ଭିଖାରୀ ଖେମଟା ନାଚ ନାଚ—"ଖେଟଦିଲଦେ—ଖେଟ ଦିଲଦେ—ଖେଟ ଦିଲ ଦେ ଭୟା, ମୁହଁ ଝମାଜ କରନାହିଁ ଖାଇବି ସବ କରୁଁ ।' କରୁଣ କାକୂତିବୋଳା ସ୍ୱରରେ ଗୀତ-ଗାଉଥିଲାବେଳେ ସେ ଦୃଶ୍ୟ ଉପାଧିରସିକ ପକ୍ଷରେ ବଡ଼ ଉପଭୋଗ୍ୟ ହୋଇପାରେ; ମାତ୍ର ପ୍ରକୃତ ଦେଶ-ସେବକ ଦୃଷ୍ଟିରେ ଘୃଣା ଏବଂ କ୍ଷୋଭର ବିଷୟ । ଯେ ପ୍ରକୃତ ନିଃସ୍ୱାର୍ଥ ଦେଶକର୍ମୀ, ଯାହାଙ୍କୁ ସାଧାରଣ ଭକ୍ତି ଓ ବିଶ୍ୱାସ କରନ୍ତି, ଯେ ନିଜର ସାଧୁ କର୍ତ୍ତବ୍ୟର ନିଦର୍ଶନ ଦେଖାଇ ସମସ୍ତଙ୍କର ହୃଦୟ ଅଧିକାର କରି-ଅଛନ୍ତି, ଏରୂପ ବ୍ୟକ୍ତିଙ୍କର ନାମ ଶୁଣିଲେ ତ ସମସ୍ତେ ବଳେ ବଳେ ତାଙ୍କୁ ସମର୍ଥନ କରିବେ । ସେ କାହାର କୃପା ଭିକ୍ଷା କରିବେ କାହିଁକି ? ଏହି ଅନାହାରୀ ପଦ ପାଇଁ ବିକ୍ରମ ଦେବ ବର୍ମା ଦରଖାସ୍ତ କରିନଥିଲେ । ସ୍ୱଣରାଷ୍ଟ୍ର ଗଭର୍ଣ୍ଣମେଣ୍ଟ ତାଙ୍କୁ ଯୋଗ୍ୟ-ତମ ବିବେଚନା କରି ଗୁଣର ପୁରସ୍କାର ସ୍ୱରୂପ ଯାଚ କରି ସମ୍ମାନ ଦେଇଥିଲେ । ବର୍ମା ମହୋଦୟ ମଧ୍ୟ ନାମ ପ୍ରକାଶେ ଉକ୍ତ ପଦ ଗ୍ରହଣ କରି ନ ଥିଲେ । ରାଜାଜ୍ଞା ପାଳନ କର୍ତ୍ତବ୍ୟ ଏବଂ ଧର୍ମ୍ୟ ବୋଲି ସେ ତାହା ଅଗତ୍ୟ ସନ୍ତୁଷ୍ଟିରେ ପାଳନକରି ରାଜଭକ୍ତିର ଆଦର୍ଶ ଦେଖାଇଥିଲେ । ଡିଷ୍ଟ୍ରିକ୍ଟ ବୋର୍ଡ ଏବଂ ମ୍ୟୁନିସିପାଲିଟି ଛଡ଼ା ଆଉ ସବୁଥିରେ ସେ ଅନାହାରୀ କାର୍ଯ୍ୟ କରିଅଛନ୍ତି । ସେହି ଦୁଇ ବିଭାଗ ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା; ମାତ୍ର ସେ କହିଥିଲେ, ଡିଷ୍ଟ୍ରିକ୍ଟବୋର୍ଡରେ କାଞ୍ଜିହାଉସ ଇଜାରା ଦେବାର ପ୍ରଥା ଅଛି । ସେଥିରେ ଗରିବ ପଶୁ-କୁଳର ବଡ଼ କଷ୍ଟ ହୁଏ, ପୁଣି ମ୍ୟୁନିସିପାଲିଟିରେ ମାଂସ ଦୋକାନ ପାଇଁ ପଟ୍ଟା ଦିଆଯାଏ, ତଦ୍ଦ୍ୱାରା ନିରୀହ ପଶୁ-ହତ୍ୟାର ପ୍ରଶ୍ରୟ ଦିଆଯାଏ । ଏହି ଦୁଇଟା ନିଷ୍ଠୁର ପ୍ରଥା ଉକ୍ତ ଦୁଇ ବିଭାଗରୁ ଉଠାଇଦେଲେ ସେ ଆନନ୍ଦର ସହିତ ଉକ୍ତ ବିଭାଗରେ ଅନାହାରୀ କାର୍ଯ୍ୟ ଚଳାଇବାକୁ ସମ୍ମତ ହେବେ ।" କି ଅପୂର୍ବ ଧର୍ମାନୁରାଗ, କି ଅନୁପମ ସ୍ପଷ୍ଟବାଦ, କି ଅମୂଲ୍ୟ ଦୟା ଦାକ୍ଷିଣ୍ୟ ! ବିକ୍ରମ ଦେବ ବର୍ମାଙ୍କ ହୃଦୟ କେବଳ ମନୁଷ୍ୟ ଦୁଃଖରେ କାନ୍ଦେ ନାହିଁ, ଇତର ପ୍ରାଣୀ ପଶୁପକ୍ଷୀଙ୍କ ଦୁଃଖରେ ବି ବ୍ୟାକୁଳ ହୁଏ । ଗୋବ୍ରାହ୍ମଣ ଏବଂ ଦେବତା ପ୍ରତି ଭକ୍ତି ପ୍ରଦର୍ଶନ ସନାତନ ଆର୍ଯ୍ୟଧର୍ମର ପବିତ୍ର ଆଦେଶ । ପ୍ରକୃତ ଧାର୍ମିକ ତ ସେ

ଆଦେଶ ଅନ୍ୟଥା କରିପାରେ ? ହୋଷ୍ଟ ଦେବତା ତୁଲ୍ୟ ମହୋପକାରୀ ଗୋ-ଜାତି ପ୍ରତି ଯାହାଙ୍କ ହୃଦୟ ଦୟାରେ ସଜଳ, ସେହି ଏକା ଧାର୍ମିକ ଏବଂ ଶାସ୍ତ୍ରଜ୍ଞ । ଏହିଭଳି ନିର୍ଭୀକ ସ୍ପଷ୍ଟ ଉତ୍ତର ଦାନରେ କେତେ ଜଣ ସାହସୀ ହୁଅନ୍ତି ? "ଧର୍ମୋ ରକ୍ଷତି ଧାର୍ମିକଂ" ଏ ମହାବାଣୀର ସତ୍ୟତା ବିକ୍ରମ ଦେବବର୍ମାଙ୍କ ଜୀବନରେ ସ୍ପଷ୍ଟ ପ୍ରତିଫଳିତ ହୁଏ । ସେ ଯେପରି ଧର୍ମରକ୍ଷା କରନ୍ତି, ଧର୍ମ ସେହିପରି ତାଙ୍କୁ ରକ୍ଷାକରେ । ବର୍ତ୍ତମାନ ତାଙ୍କର ବୟସ ୭୪ବର୍ଷ । ସେ ସ୍ୱୟଂ କହୁଅଛନ୍ତି, "ମୋ ଜନ୍ମର ଦ୍ୱିତୀୟ କିମ୍ବା ତୃତୀୟ ବର୍ଷରେ ମୋ ବାମ ଜଙ୍ଘରେ ଗୋଟାଏ ଦୁଷ୍ଟ ବ୍ରଣ ବାହାରି ସାଂଘାତିକ ପୀଡ଼ା ଦେଇଥିଲା । ତାହା ଛଡ଼ା ଜଗଦୀଶ କୃପାରୁ ମୁଁ ଆଜିଯାଏଁ ସାଂଘାତିକ ରୋଗାକ୍ରାନ୍ତ ହୋଇନାହିଁ ।" ସ୍ୱାସ୍ଥ୍ୟନୀତି ପାଳନରେ ସେ କିପରି ସତର୍କ, ତାହା ତାଙ୍କ ଉପରୋକ୍ତ ଉକ୍ତିରୁ ସ୍ପଷ୍ଟ ଅନୁମେୟ । "ଶରୀରମାଦ୍ୟଂ ଖଳୁ ଧର୍ମସାଧନଂ" ଏହି ନୀତିବଚନର ମର୍ଯ୍ୟାଦା ସେ ସର୍ବଦା ରକ୍ଷା କରିଅଛନ୍ତି । ପ୍ରାତଃକାଳରୁ ଉଠି କସରତ କରିବାର ଅଭ୍ୟାସ ତାଙ୍କର ଅଦ୍ୟାବଧି ଅକ୍ଷୁଣ୍ଣ ଅଛି । ଶରୀର ସଙ୍ଗରେ ମନର ଏତେ ଦୂର ନିକଟ ସମ୍ପର୍କ ଯେ,ଶରୀର ଅସୁସ୍ଥ ହେବାମାତ୍ରେ ମନ ମଧ୍ୟ ଅସୁସ୍ଥ ହୋଇପଡ଼େ । ଅସୁସ୍ଥ ମନ କି ସାଂସାରିକ କାର୍ଯ୍ୟ,କି ଆମୋଦ ପ୍ରମୋଦ,କି ଧର୍ମଚିନ୍ତା କାହିଁରେ ଲାଗେ ନାହିଁ । ସୁତରାଂ ଶରୀର ଅସୁସ୍ଥ ହେଲେ ଧର୍ମସାଧନରେ ମଧ୍ୟ ବ୍ୟାଘାତ ଘଟେ । ଅତଏବ ସ୍ୱାସ୍ଥ୍ୟ ହିଁ ଧର୍ମ, ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ । ଧର୍ମର ଏହି ମୂଳ ତତ୍ତ୍ୱ ଯେ ବୁଝେ, ସେହି ଏକା ଜ୍ଞାନୀ, ସେହି ଏକା ପଣ୍ଡିତ । ସ୍ୱାସ୍ଥ୍ୟରକ୍ଷା ସକଳ ଧର୍ମର ମୂଳ ସୋପାନ । ବ୍ୟାୟାମ ପରେ ପ୍ରାତଃସ୍ନାନ, ତହିଁପରେ ଇଷ୍ଟମନ୍ତ୍ର ଜପ, ଏହି ସୁଅଭ୍ୟାସ ବର୍ମା ମହୋଦୟଙ୍କର ଅଦ୍ୟାବଧି ଅକ୍ଷତ ଅଛି । ଚଉଷଠି ବର୍ଷ ବୟସରେ କସରତ, ପ୍ରାତଃସ୍ନାନ, ଜପ, ପୂଜା ପ୍ରଭୃତି ସାମାନ୍ୟ ସାଧନାସାପେକ୍ଷ ନୁହେଁ । ଏହି କଠୋର ସାଧନା ହିଁ ତାଙ୍କର ବୃଦ୍ଧ ଶରୀରରେ ତରୁଣର ଶକ୍ତି ଏବଂ ସ୍ଫୂର୍ତ୍ତି ପ୍ରଦାନ କରିଅଛି । ତାଙ୍କ ଦୀର୍ଘଜୀବନ ଲାଭ ମଧ୍ୟ ଏହିପରି କେତେକ ସାଧନା ଏବଂ ନିୟମାଧୀନତାର ଶୁଭଫଳ । ଯେଉଁ ବୟସରେ ଲୋକେ ଉଠି ବସିବାକୁ ଅକ୍ଷମ, ସେହି ଜରାକ୍ରାନ୍ତ ବୃଦ୍ଧ ବୟସରେ ସେ ଆଳସ୍ୟର ବଶୀଭୂତ ହୋଇନାହାନ୍ତି । ତାଙ୍କ ଜୀବନର ଅନ୍ୟାନ୍ୟ ବିଶେଷତ୍ୱ ମଧ୍ୟରେ ଏହା ବି ଗୋଟାଏ ପ୍ରଧାନ ବିଶେଷତ୍ୱ ।

ବିକ୍ରମ ଦେବ ବର୍ମାଙ୍କ ଜ୍ଞାନ ହେବା ଆଗରୁ ସର୍ବଜୀବ ପ୍ରତି ଦୟା ଏବଂ ଧର୍ମଭାବ ତାଙ୍କ ବାଲ୍ୟ ହୃଦୟରେ ବିକଶିତ ହୋଇଥିଲା । ତାଙ୍କର ଉପନୟନୋତ୍ସବ ଖୁବ୍ ଆଡ଼ମ୍ବରରେ ହୋଇଥିବା ବିଷୟ ଏଥିପୂର୍ବେ ଲିଖିତ ହୋଇଅଛି । ତଦୁପଲକ୍ଷେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଆହାର ସକାଶେ ଅନେକ ପକ୍ଷୀ ଏବଂ ଜୀବନ୍ତ ମାଛ ସଂଗୃହୀତ ହୋଇଥିଲା । ସେ ତାହା ଜାଣିପାରି କହିଥିଲେ,"ଆଜି ମୋ ଜୀବନରେ ଗୋଟିଏ ଉତ୍ସବର ଦିନ । ଏହି ଶୁଭ ଦିନରେ ଏତେଗୁଡ଼ାଏ ନିରୀହ ଜୀବଙ୍କୁ ହତ୍ୟା କରି ମୁଁ କି ସୁଖ, କି ଆନନ୍ଦ ଭୋଗ କରିବି ? ସେମାନଙ୍କୁ ଛାଡ଼ି ନ ଦେଲେ ମୁଁ ବ୍ରତ ହେବି ନାହିଁ ।" ଏହା କହି ସେ ଦୃଢ଼ ସଙ୍କଳ୍ପ କରି ବସିଲେ । କୌଣସି ମତେ ତାଙ୍କର ପ୍ରତିଜ୍ଞା ଭଙ୍ଗ ହେଲା ନାହିଁ । ତହୁଁ ଅଗତ୍ୟା ପକ୍ଷୀ ଏବଂ ମାଛମାନଙ୍କୁ ଛାଡ଼ି ଦିଆଗଲା, ତେବେ ଯାଇ ସେ ବ୍ରତ ବେଦୀରେ ବସିଲେ । ସେ ମହୋଦୟ ବିଶାଖପଟ୍ଟଣର "ଜୀବହିଂସାନିବାରିଣୀ" ସଭାର ପ୍ରତିଷ୍ଠାତା ଏବଂ ପ୍ରଧାନ ପୃଷ୍ଠପୋଷକ ହୋଇଥିଲେ । ମ୍ୟୁନିସିପାଲିଟିର ହତା ମଧ୍ୟରୁ କାଞ୍ଜିହାଉସ ଏବଂ କଂସେଇଖାନା ଉଠାଇ ଦେବା ସକାଶେ ସେ ତୀବ୍ର ଭାବରେ ଦାବୀ କରିଥିଲେ । ସେ ଦାବୀ ସ୍ୱୀକୃତ ନ ହେବାର ଦେଖି ସେ ବାରମ୍ବାର ଘୋର ପ୍ରତିବାଦ କରି ମ୍ୟୁନିସିପାଲିଟି ସଭାର ସଭ୍ୟ ହେଲେ ନାହିଁ ।

ଶିକ୍ଷାବିସ୍ତାର ପ୍ରତି ବିକ୍ରମ ଦେବ ବର୍ମାଙ୍କର ବିଶେଷ ଶ୍ରଦ୍ଧାନୁରାଗ ଥିଲା । ଯେତେବେଳେ ତାଙ୍କର ଅବସ୍ଥା ଅସ୍ୱଚ୍ଛଳ ଥିଲା, ସେତେବେଳେ ମଧ୍ୟ ସେ ଶିକ୍ଷା ବିଷୟରେ ମୁକ୍ତହସ୍ତ ହୋଇଥିଲେ । ଅବସ୍ଥାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ତାଙ୍କର ସେହି ସତ୍କାର୍ଯ୍ୟରେ ଦାନର ମାତ୍ରା ଅଧିକ ବଢ଼ିଉଠିଲା । ଏହା ଛଡ଼ା ଗଭର୍ଣ୍ଣମେଣ୍ଟଙ୍କ ଶିକ୍ଷାନୁଷ୍ଠାନରେ ମଧ୍ୟ ତାଙ୍କର ଯଥେଷ୍ଟ ସହାୟତା ଥିଲା ଏବଂ ଅଦ୍ୟାବଧି ଅଛି । ମାନ୍ଦ୍ରାଜ ବିଶ୍ୱ-

ବିଦ୍ୟାଳୟର ତେଲୁଗୁ ପାଠ୍ୟପୁସ୍ତକ ନିର୍ବାଚନ କମିଟିର ସେ ଜଣେ ବିଶିଷ୍ଟ ସଭ୍ୟ ଥିଲେ । ସ୍ଥିର ବର୍ଷଯାଏ ସେ ଉକ୍ତ କାର୍ଯ୍ୟର ସୁଷ୍ଠୁ ସମ୍ପାଦନଦ୍ୱାରା ବିଶେଷ ପ୍ରଶଂସାଭାଜନ ହୋଇଅଛନ୍ତି । ଏଲିମେଣ୍ଟାରି ଏବଂ ସେକେଣ୍ଡାରି ଶିକ୍ଷା ସଭାର ସଭ୍ୟରୂପେ ସେ ବହୁତ କାର୍ଯ୍ୟ କରିଅଛନ୍ତି । କେବଳ ମାନ୍ଦ୍ରାଜ ନୁହେଁ ଓଡ଼ିଶାର ଶିକ୍ଷାବିଭାଗ ପ୍ରତି ମଧ୍ୟ ତାଙ୍କର ଆନ୍ତରିକ ସହାନୁଭୂତିର ଦୃଷ୍ଟାନ୍ତ ବିରଳ ନୁହେଁ । ୧୯୨୮ ଖ୍ରୀଷ୍ଟାବ୍ଦରେ ପାଟଣାଠାରେ ଓଡ଼ିଆ ଭାଷାର ଅନୁସନ୍ଧାନ କମିଟି ବସିଥିଲା । ବର୍ମା ମହୋଦୟ ଉକ୍ତ କମିଟିରେ ଯୋଗଦାନ କରି ନିଜର ଅଭିମତ ଯଥାଯଥ ରୂପେ ପ୍ରକାଶ କରିଥିଲେ । ସର୍ବୋପରି ଆନ୍ଧ୍ର-ବିଶ୍ୱବିଦ୍ୟାଳୟକୁ ବିପୁଳ ଦାନ ତାଙ୍କର ଅକ୍ଷୟ ଅମର ମହାକୀର୍ତ୍ତି । ସେହି କୀର୍ତ୍ତି ତାଙ୍କୁ ବହୁଯୁଗଯାଏ ଅମର କରି ରଖିବ । ସେ ପ୍ରସଙ୍ଗ ଯଥାସ୍ଥାନରେ ଲିଖିତ ହେବ ।

ବଡ଼ ଲୋକମାନଙ୍କର ଗୋଟିଏ ଗୋଟିଏ ପ୍ରିୟ ଆମୋଦ ଥାଏ । ସେମାନେ ସର୍ବଦା ସେଥିରେ ମାତି ଥାଆନ୍ତି । ଦେଶସେବା, ଜନସେବା ବିକ୍ରମ ଦେବ ବର୍ମାଙ୍କର ସେହିପରି ଗୋଟିଏ ଅତି ପ୍ରିୟ ଆମୋଦ । ଯେ ତାଙ୍କ କାର୍ଯ୍ୟକଳାପ ସୂକ୍ଷ୍ମ ଅନୁଭବ କରିଅଛନ୍ତି, ସେ ଏହା ମୁକ୍ତକଣ୍ଠରେ ନିଶ୍ଚୟ ସ୍ୱୀକାର କରିବେ । ଦେଶସେବା ଏବଂ ଜନସେବା ତାଙ୍କ ନିତ୍ୟକର୍ମର ଅନ୍ତର୍ଗତ । ନିଜର ଜୀବନକୁ ସେ କେବଳ ବିଶ୍ୱସେବାରେ ଉତ୍ସର୍ଗ କରିଥିଲେ । ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ସେହି ଦେଶର କାର୍ଯ୍ୟ ଆଉ ଦଶର କାର୍ଯ୍ୟ ମଧ୍ୟରେ ସାହିତ୍ୟସେବା ଏବଂ ଆତ୍ମୋନ୍ନତିର ବିସ୍ତାର ସାଧନ ତାଙ୍କର ସ୍ଥିର ଲକ୍ଷ୍ୟ ଥିଲା । ନାନା ଭାଷାର ନାନା ଶ୍ରେଣୀୟ ପୁସ୍ତକ ପାଠ ସଙ୍ଗେ ସଙ୍ଗେ ସେ ଗଦ୍ୟରେ ଏବଂ ପଦ୍ୟରେ ବିବିଧ ସନ୍ଦର୍ଭ ଏବଂ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲେ । ତାହା ସବୁ ଓଡ଼ିଆ ତେଲୁଗୁ ଉଭୟ ଭାଷାର ଲେଖା ଏବଂ ତାହାକୁ ଓଡ଼ିଆ ଓ ତେଲୁଗୁ ମାସିକ, ସାପ୍ତାହିକ ପତ୍ରିକାମାନଙ୍କରେ ପ୍ରକାଶିତ ହେଉଥିଲା । ତେଲୁଗୁ ଭାଷାଲିଖିତ ସନ୍ଦର୍ଭମାନ 'ଭାରତୀ' 'ସରସ୍ୱତୀ', 'ଗୃହଲକ୍ଷ୍ମୀ' ପ୍ରଭୃତି ଲବ୍ଧପ୍ରତିଷ୍ଠ ତେଲୁଗୁ ମାସିକ ପତ୍ରିକାମାନ ବଡ଼ ଆଗ୍ରହରେ ପ୍ରକାଶ କରୁଥିଲେ । ଓଡ଼ିଆ ପ୍ରବନ୍ଧମାନ ଉତ୍କଳସାହିତ୍ୟ, ମୁକୁର, ପ୍ରଦୀପ ପ୍ରଭୃତିରେ ସ୍ଥାନ ଲାଭ କରୁଥିଲା । ସୁଧୀସମାଜ ତାହା ପାଠ କରି ପରମ ପ୍ରୀତି ଲାଭ କରୁଥିଲେ ଏବଂ ଲେଖାର ଭୂୟସୀ ପ୍ରଶଂସା ମଧ୍ୟ କରୁଥିଲେ । ଏତଦ୍ୱାରା ତାଙ୍କର ସାହିତ୍ୟିକ ପ୍ରତିଭା ଚାରିଆଡ଼େ ବିକ୍ଷିପ୍ତ ହୋଇପଡ଼ିଲା । କ୍ରମେ ପୁସ୍ତକ ଲେଖା ଆରମ୍ଭ ହେଲା । ତାଙ୍କର ପ୍ରଥମ ଲେଖା—"ଭଗବଦ୍‌ଗୀତା ମାହାତ୍ମ୍ୟ ।" ତାହା ନବାକ୍ଷରୀ ବୃତ୍ତରେ ଭଗବଦ୍‌ଗୀତାର ଉତ୍କଳ ପଦ୍ୟାନୁବାଦ । ଧର୍ମପ୍ରାଣ କବି ପ୍ରଥମେ ଧର୍ମ ଆଡ଼ୁ କାବ୍ୟ ଲେଖା ଆରମ୍ଭ କଲେ । ଯେଉଁ କାଳରେ ବୀର, ରୌଦ୍ର ଏବଂ ଆଦି-ରସାତ୍ମକ ଲେଖା ଆଡ଼କୁ ଚିତ୍ତ ସ୍ୱଭାବତଃ ଅଧିକ ଆକୃଷ୍ଟ ହୁଏ, ସେହି ଯୌବନର ପ୍ରଖର ମଧ୍ୟାହ୍ନ କାଳରେ ତରୁଣ କବି ବିକ୍ରମ ଦେବ ବର୍ମା ଧର୍ମମୂଳକ ଶାନ୍ତରସର କାବ୍ୟ ଲେଖି ଯୁବକମାନଙ୍କ ସମ୍ମୁଖରେ ଆଦର୍ଶର ମୁକୁର ଧାରଣ ପୂର୍ବକ ସତ୍ପଥର ସଙ୍କେତ ଦେଖାଇଦେଲେ । ଦୁଃଖର ବିଷୟ ଉକ୍ତ ପୁସ୍ତକ ଆଉ ମିଳୁନାହିଁ । କବି ଯୌବନରେ ଖୁବ୍ ନାଟକପ୍ରିୟ ଥିଲେ । ତହିଁ ପରେ ସଙ୍ଗୀତ ଶ୍ରୀରାଧାମାଧବ ନାଟକ ଲିଖିତ ହେଲା । ଏହି ପୁସ୍ତକ ୧୮୯୭ ଖ୍ରୀଷ୍ଟାବ୍ଦରେ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଥିଲା । ପୁସ୍ତକ ପାଠ କରି ସେ ସମୟର ବିଶିଷ୍ଟ ପଣ୍ଡିତ ଏବଂ ସାହିତ୍ୟିକମାନେ ମୁଗ୍ଧ ହୋଇ ବିଶେଷ ଉଚ୍ଚ ମନ୍ତବ୍ୟ ପ୍ରକାଶ କରିଥିଲେ । ଜାତୀୟ ବ୍ୟାସକବି, ଖାଣ୍ଟି ଓଡ଼ିଆଭାଷାବିତ୍ ସ୍ୱର୍ଗୀୟ ଫକୀରମୋହନ ସେନାପତି ତାଙ୍କ "ଉତ୍କଳଭ୍ରମଣ" କାବ୍ୟରେ ତାଙ୍କ ପୁସ୍ତକ ସମ୍ବନ୍ଧରେ ଲେଖିଅଛନ୍ତି—

"ଧନ୍ୟ ହେ ବିକ୍ରମ ଦେବ ପଣ୍ଡିତରତନ,
ମହାରାଜ ଜୟପୁର ଉତ୍କଳଭୂଷଣ ।
ତୁମ୍ଭର କବିତ୍ୱ—ରାଧାମାଧବ ନାଟକ,
ପଢ଼ି ଜ୍ଞାନ କରେ ମୋର ଜୀବନ ସାର୍ଥକ ।"

ପୁନଶ୍ଚ ଲେଖିଅଛନ୍ତି—"ଆପଣ ବୋଲନ୍ତି ଶୁଣିଅଛି ପରସ୍ପର, ଆନ୍ଧ୍ରରୁ ଉତ୍କଳ କାବ୍ୟ ଅଟେ ଶ୍ରେଷ୍ଠତର ।" ସଂସ୍କୃତ, ତେଲୁଗୁ, ଓଡ଼ିଆ ତିନି ଭାଷାରେ ଅଗାଧ ପଣ୍ଡିତ ବିକ୍ରମଦେବ ବର୍ମା ମହୋଦୟଙ୍କର ଏହି ଧୃତ

ସତ୍ୟ ବାଣୀ ଉତ୍କଳଭାଷାର ଉତ୍କର୍ଷତାର ଅକାଟ୍ୟ ପ୍ରମାଣ । କବି ଜଣେ ଚୈତନ୍ୟ ଧର୍ମାବଲମ୍ବୀ ବୈଷ୍ଣବପ୍ରବର, ରାଧାକୃଷ୍ଣ ତାଙ୍କର ଆରାଧ୍ୟ ଇଷ୍ଟ ଦେବତା; ସୁତରାଂ ସେହି ରାଧାକୃଷ୍ଣ ଲୀଳା ବିଷୟକ କାବ୍ୟ, ନାଟକ ଅଧିକ ଲେଖିଅଛନ୍ତି । ତେଲୁଗୁ ଭାଷାରେ ତାଙ୍କର "ଶ୍ରୀନିବାସ-କଲ୍ୟାଣ ନାଟକ", "କୃଷ୍ଣାର୍ଜୁନ ଚରିତମ୍" ଏବଂ "ମାନବତୀ ଚରିତମ୍" ଏହି ତିନିଖଣ୍ଡି ପୁସ୍ତକ ଅତି ଉଚ୍ଚଭାବରେ ପ୍ରଶଂସିତ ହୋଇଅଛି । ଉପାଦେୟତା ଦୃଷ୍ଟିରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଏମ.ଏ., ବି. ଏ. ଏବଂ ଆଇ.ଏ. କ୍ଲାସର ପାଠ୍ୟ ପୁସ୍ତକ ରୂପେ ବହୁବର୍ଷଯାଏ ଚଳିଥିଲା । କେବଳ ପୁସ୍ତକ ଲେଖାରେ ତାଙ୍କର ସାହିତ୍ୟ ସେବା ପର୍ଯ୍ୟବସିତ ନୁହେଁ—ଅନ୍ୟାନ୍ୟ କବି ଲେଖକମାନଙ୍କର ପୁସ୍ତକ ସଂଶୋଧନ କରି ସେମାନଙ୍କୁ ସାହିତ୍ୟ ସେବାରେ ଉତ୍ସାହିତ କରୁଥିଲେ । ଜଣେ ପ୍ରାଚୀନ ଆନ୍ଧ୍ର କବିଙ୍କର ଖଣ୍ଡିଏ କଠିନ ନାଟକ ଗ୍ରନ୍ଥର ଟୀକା, ଟିପ୍ପଣୀ ଏବଂ ବିଶଦ ଅର୍ଥ ସେ ଲେଖି ପ୍ରକାଶ କରିଥିଲେ । ପ୍ରାଚୀନ କବିମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଭକ୍ତି ସ୍ୱାଭାବିକ । ତେଲୁଗୁ ଏବଂ ଓଡ଼ିଆ ପ୍ରାଚୀନ କବିମାନଙ୍କର ପୁସ୍ତକମାନ ସେ ଅତି ସହଜଭାବେ ଅନୁଶୀଳନ କରିଥିଲେ । ମହାକବି ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ, ଅଭିମନ୍ୟୁ, ଗୋପାଳକୃଷ୍ଣ ଏବଂ ଚମ୍ପୂ କବି ବଳଭଦ୍ର କବିସୂର୍ଯ୍ୟ ପ୍ରଭୃତିଙ୍କ ପଦାବଳୀ ପାଠକରି ସେ ପରମ ପ୍ରୀତି ଏବଂ ଗର୍ବ ଉପଭୋଗ କରନ୍ତି ଓ ପ୍ରାଚୀନ ଛାନ୍ଦ ସୁସ୍ୱରରେ ଆବୃତ୍ତି କରି ସୁନ୍ଦର ରୂପେ ଅର୍ଥ କରିପାରନ୍ତି । ଭକ୍ତ କବିମାନଙ୍କର ଅନେକ ଛାନ୍ଦ,ସଙ୍ଗୀତ ଏବଂ ଶିକ୍ଷା ଓ ଉପଦେଶଗର୍ଭକ ପଦାବଳୀ ତାଙ୍କର କଣ୍ଠସ୍ଥ ଅଛି । କବୀର, ତୁଳସୀ ଦାସ, ତୁଳସୀ ଦାସ, ରାମକୃଷ୍ଣ ପରମହଂସ ପ୍ରଭୃତି ମହାତ୍ମା-ମାନଙ୍କ ଧର୍ମବିଷୟକ ସଙ୍ଗୀତ ଭଜନ ସେ ଯଥେଷ୍ଟ ଆୟତ୍ତ କରିଅଛନ୍ତି । ସେ ଯେତେ ଲେଖନ୍ତି, ତାହାଠାରୁ ତେର ଅଧିକ ପଢନ୍ତି ଏବଂ ଅନୁଶୀଳନ କରନ୍ତି । ବିକ୍ରମ ଦେବ ବର୍ମା କେବଳ କବି, ଲେଖକ ନୁହନ୍ତି— ସେ ଜଣେ ପ୍ରବୀଣ ସମାଲୋଚକ । ତାଙ୍କର କବି ସିଂହାସନ ଶ୍ରୀଭ ବାରବାଟୀରେ ଗଢା; ମାତ୍ର ସମାଲୋଚକ ଆସନ ଦୁର୍ଲଭ ମହାର୍ଘ କୋହିନୂରରେ ରଚିତ । ତାଙ୍କ ଭଳି ନିର୍ଭୀକ, ନିଃସ୍ୱାର୍ଥପର, ସ୍ପଷ୍ଟବାଦୀ, ଗୁଣଦର୍ଶୀ ସ୍ୱାଧୀନ ସମାଲୋଚକ ସମଗ୍ର ଉତ୍କଳରେ ଦୁର୍ଲଭ । ତାଙ୍କର ବିଚାରବିଶ୍ଳେଷଣ ଶକ୍ତି ଅସାଧାରଣ । ଯେତେ ଜଟିଳ, କୁଟିଳ, କଠିନ ଲେଖା ହେଉ ପଛକେ, ସେ ତାହା ଶୁଣିଲା କ୍ଷଣି ବା ପଢିଲା କ୍ଷଣି ଅତି ସହଜରେ ସମାଧାନ କରି ପାରନ୍ତି । ସେ ଯେଉଁ ପୁସ୍ତକ-ପ୍ରକାଶ ଯୋଗ୍ୟ ମନେ କରନ୍ତି, ତାହାର ମୁଦ୍ରଣ ବ୍ୟୟ ଆଗ୍ରହରେ ଗ୍ରହଣ କରନ୍ତି । ଓଡ଼ିଆ ତେଲୁଗୁ କବି ପଣ୍ଡିତ ଏବଂ ଲେଖକମାନଙ୍କର ଅନେକ ଭଲଭଲ ପୁସ୍ତକ ତାଙ୍କ ଅର୍ଥ ସାହାଯ୍ୟରେ ମୁଦ୍ରିତ ଏବଂ ପ୍ରକାଶିତ ହୋଇଅଛି । ତାଙ୍କ ସାହାଯ୍ୟରେ ମୁଦ୍ରିତ ପୁସ୍ତକର ସଂଖ୍ୟା ପଚାରିଲେ ସେ କହନ୍ତି, ନାହିଁ । ନାମପ୍ରୟାସୀ ସିନା ନିଜର ଖ୍ୟାତିଢେଙ୍କ ନିଜ ହାତରେ ପିଟି ବୁଲେ; ମାତ୍ର ଉଦାରମନା ମହତ୍ ବ୍ୟକ୍ତିମାନେ ତାହାର ବ୍ୟତିରେକ ଦୃଷ୍ଟାନ୍ତର ସ୍ଥଳ । ବିକ୍ରମ ଦେବ ବର୍ମା କବି ପଣ୍ଡିତ ପ୍ରଭୃତି ଗୁଣିଜନମାନଙ୍କୁ ସମାଦରପୂର୍ବକ ଯଥେଷ୍ଟ ପାରିତୋଷିକ ପ୍ରଦାନ କରନ୍ତି । ୧୯[illegible] ସାଲ ଦଶହରା ସମୟରେ ଦୁଇଜଣ ଆନ୍ଧ୍ର ଅଶୁକବି ବହୁ ଦୂରରୁ ଆସିଥିଲେ । ମହାରାଜ ବିକ୍ରମ ଦେବ ବର୍ମା ସେମାନଙ୍କ ଆଶୁ କବିତାଶକ୍ତିରେ ପ୍ରୀତ ହୋଇ ପାଥେୟ ଏବଂ ଅନ୍ୟାନ୍ୟ ରାଜକୀୟ ଉପହାର ଛଡା ସେ ଦୁଇ-ଜଣଙ୍କୁ ସହସ୍ରାଧିକ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । "ଗୁଣୀ ଗୁଣଂ ବେତ୍ତି, ନ ବେତ୍ତି ନିର୍ଗୁଣଃ ।"

ବିକ୍ରମ ଦେବ ବର୍ମା ପ୍ରାଚୀନ ସାହିତ୍ୟଭକ୍ତ ବୋଲି ଯେ କେବଳ ପ୍ରାଚୀନ ହିଁ ଗ୍ରାହ୍ୟ,ନବୀନ ଅଗ୍ରାହ୍ୟ;ଏହା ତାଙ୍କର ଅଭିପ୍ରାୟ ନୁହେଁ । ସଂସ୍କାର ଯୁଗଧର୍ମ, ପରିବର୍ତ୍ତନ ଅନିବାର୍ଯ୍ୟ, ଏହା କିଏ ଅସ୍ୱୀକାର କରିବ ? ପ୍ରାଚୀନ ଏବଂ ଆଧୁନିକ ଉଭୟ ସାହିତ୍ୟ ପ୍ରତି ତାଙ୍କର ସମ୍ପୃକ୍ତ ଆସ୍ଥା ଅଛି । ପ୍ରାଚୀନକୁ ଆଦର୍ଶ କରି ନୂତନ ଗଠିତ ହେଉ, ଏହାହିଁ ତାଙ୍କର ମତ । ନବ ସାହିତ୍ୟ କାଳାୟ ଆଦର୍ଶଭ୍ରଷ୍ଟ ନ ହେବା ବିଷୟରେ ତାଙ୍କର ସର୍ବଦା ଦୃଷ୍ଟି ଥାଏ । ବ୍ୟାକରଣ ଦୋଷ ତାଙ୍କର ଚକ୍ଷୁଃ-ଶୂଳ । ତାଙ୍କର ଲେଖା ସଂସ୍କୃତ ବ୍ୟାକରଣର ନିୟମ

ଲଙ୍ଘନ କରେ ନାହିଁ । ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାଷା କ୍ଲିଷ୍ଟ, ଏହା ସର୍ବସମ୍ମତ କଥା । ଦୀର୍ଘ ସନ୍ଧି ସମାସ ଏବଂ ସଂସ୍କୃତ ଶବ୍ଦର ବାହୁଲ୍ୟତା ହେତୁ ଭାଷା ସ୍ୱଭାବତଃ କ୍ଲିଷ୍ଟ ହୋଇ ପଡ଼େ, ଏହା ଯେପରି ସତ୍ୟ, ତାହା ଯେ ଭାଷା ସାହିତ୍ୟର ଗୋଟାଏ ବିଭାଗ, ଏହା ମଧ୍ୟ ସେହିପରି ସତ୍ୟ ଏବଂ ସ୍ୱୀକାର୍ଯ୍ୟ । ପ୍ରାଚୀନ ବା ଆଧୁନିକ ଗୋଟିଏ ସାହିତ୍ୟର ଅନୁଶୀଳନରେ ସାହିତ୍ୟସେବା ପର୍ଯ୍ୟବସିତ ନୁହେଁ, ଉଭୟ ସାହିତ୍ୟର ଅନୁଶୀଳନ ଏବଂ ବିଶ୍ଳେଷଣ-ଦ୍ୱାରା ସାହିତ୍ୟସେବା ପୂର୍ଣ୍ଣତା ବା ପରିପୁଷ୍ଟି ଆଡ଼କୁ ଅଗ୍ରସର ହୁଏ—ଏହାହିଁ ବର୍ମା ମହୋଦୟଙ୍କର ଦୃଢ଼ ବିଶ୍ୱାସ ! ବାସ୍ତବରେ ତାଙ୍କର ଏହି ମତ ଅତି ମୂଲ୍ୟବାନ୍ ଏବଂ ସରଳ ସତ୍ୟ । ସାହିତ୍ୟ ସେବା ସଙ୍ଗେ ସଙ୍ଗେ ସରକାରୀ ମହଲରେ ମଧ୍ୟ ତାଙ୍କର ଉଚ୍ଚ ପ୍ରତିଷ୍ଠା ଅଛି । ଲୋକ ମୁଖରୁ ଶୁଣାଯାଏ, ସେ ମେଘଦୂତ କାବ୍ୟର ଉତ୍କଳାନୁ-ବାଦ କରିବାକୁ ଇଚ୍ଛା କରିଥିଲେ; ମାତ୍ର କାହିଁକି କେଜାଣି ସେ ଇଚ୍ଛା କାର୍ଯ୍ୟରେ ପରିଣତ ହୋଇ ନାହିଁ । ତାଙ୍କ ରାଜ୍ୟରେ ମେଘଦୂତବର୍ଣ୍ଣିତ, କୃଷ୍ଣ୍ୟାବଳୀ ରୂପ ଓ ପ୍ରାଣ ଧରି ବିରାଜିତ । ବିଶେଷତଃ ମେଘଦୂତର ନାୟକ ବିରହୀ ଯକ୍ଷର ନିବାସ ସ୍ଥଳ ରାମଗିରି ତାଙ୍କରି ରାଜ୍ୟରେ ଅବସ୍ଥିତ ବୋଲି ପଣ୍ଡିତମାନେ ନିର୍ଦ୍ଦେଶ କରନ୍ତି । ରାଜା ବିକ୍ରମ ଦେବ ବର୍ମାଙ୍କର ଆଉ ଗୋଟିଏ ଉଲ୍ଲେଖ-ଯୋଗ୍ୟ ପ୍ରଶଂସନୀୟ ବିଶିଷ୍ଟ ଗୁଣ ଏହି ଯେ, ପତ୍ରର ଉତ୍ତର ସେ ସ୍ୱହସ୍ତରେ ଲେଖନ୍ତି । ଓଡ଼ିଆ, ତେଲୁଗୁ, ଏବଂ ଇଂରେଜୀ ପତ୍ରର ପ୍ରତିପତ୍ର ସେ ଅନ୍ୟଦ୍ୱାରା ଲିଖାନ୍ତି ନାହିଁ । ଯେଉଁ ଦିନ ପତ୍ର ମିଳେ ସେହି ଦିନ ତାହାର ଉତ୍ତର ନିଜେ ଲେଖି ପଠାଇ ଦିଅନ୍ତି । ବର୍ତ୍ତମାନ ମହାରାଜା ହୋଇ ମଧ୍ୟ ସେ ସେହି ସୁରୀତି ଅଟଳ ରଖି ଅଛନ୍ତି ।

ପିତୃବ୍ୟଙ୍କର ଖ୍ୟାତି ପ୍ରତିଷ୍ଠାରେ ଭ୍ରାତୁଷ୍ପୁତ୍ର ମହାରାଜା ଚତୁର୍ଥ ରାମଚନ୍ଦ୍ର ଦେବଙ୍କ ହୃଦୟରେ ଆନନ୍ଦ ଉଦ୍‌ବେଳିତ ହୋଇ ଉଠୁଥାଏ । ବଂଶ ଗୌରବରେ କିଏ ବା ଗର୍ବ ଅନୁଭବ ନ କରେ । ସେ ପିତୃବ୍ୟଙ୍କୁ ପିତା ପରି ଭକ୍ତି କରୁଥିଲେ , ଏହା ପୂର୍ବରୁ କଥିତ ହୋଇଅଛି । ଖାଲି ଭକ୍ତି ଥାଉ ନ ଥିଲେ, ଜଟିଳ ରାଜକାର୍ଯ୍ୟରେ ପିତୃବ୍ୟଙ୍କର ସୁପରାମର୍ଶ ମଧ୍ୟ ଗ୍ରହଣ କରୁଥିଲେ । ବିକ୍ରମ ଦେବ ବର୍ମା ମହୋଦୟଙ୍କର ଏକମାତ୍ର ବିଦୁଷୀ ରୂପଗୁଣବତୀ କନ୍ୟା ଶ୍ରୀମତୀ ମଣି ଦେବୀଙ୍କୁ, ଭୟପୁର ରାଜ ନଗରରେ ରାଜୋଚିତ ଆଡ଼ମ୍ବରରେ ବିବାହ ଦେଇଥିଲେ । ଏହି ଶୁଭ ବିବାହ ୧୯୨୫ ଖ୍ରୀଷ୍ଟାବ୍ଦ ଜାନୁଆରୀ ତା ୨୯ ରିଖରେ ବରପାତ୍ର ଶ୍ରୀମାନ୍ କୁମାର ବିଦ୍ୟାଧର ସିଂହ ଦେବଙ୍କ ସହିତ ସମାହିତ ହୋଇଥିଲା । ବିବାହର ତାବତୀୟ ବ୍ୟୟ ମହାରାଜା ରାମଚନ୍ଦ୍ର ଦେବ ସ୍ୱହସ୍ତରେ ନିର୍ବାହ କରିଥିଲେ । ସେଥିରେ ପ୍ରଭୂତ ଅର୍ଥ ବ୍ୟୟିତ ହୋଇଥିଲା ।

କୁମାର ଶ୍ରୀଯୁକ୍ତ ବିଦ୍ୟାଧର ସିଂହ ଦେବ, ବି.ଏ., ବି· ଏଲ୍·, ଏମ୍, ଆର୍. ଏ. ଏସ୍. ସିଂହଭୂମ ଜିଲ୍ଲାର ଷଡ଼େଇକଳା ଷ୍ଟେଟ ଅନ୍ତର୍ଗତ ଇଚ୍ଛାଗଡ଼ ରାଜବଂଶରେ ୧୮୯୮ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଶ୍ରୀଯୁକ୍ତ ସୁରେଶ୍ୱର ସିଂହ ଦେବ । କୁମାର ବିଦ୍ୟାଧର ସିଂହ ଦେବ ତାଙ୍କର ଜ୍ୟେଷ୍ଠ ପୁତ୍ର । ସେ ବାଲ୍ୟଶିକ୍ଷା ଶେଷ କରି ସିଂହଭୂମ ଜିଲ୍ଲା ଉଚ୍ଚ ଇଂରେଜୀ ବିଦ୍ୟାଳୟରେ ଅଧ୍ୟୟନ କଲେ । ବାଲ୍ୟ କାଳରୁ ସେ ଜଣେ ମେଧାବୀ ଛାତ୍ର ବୋଲି ଖ୍ୟାତି ଲଭିଥିଲେ । ସେ ୧୯୧୭ଖ୍ରୀଷ୍ଟାବ୍ଦରେ ସ୍କୁଲଶିକ୍ଷା ଶେଷକରି ମେଟ୍ରିକ୍ୟୁ-ଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏବଂ ତତ୍‌ପରେ କଲିକତାର ବିଦ୍ୟାସାଗର କଲେଜରେ ଅଧ୍ୟୟନ କଲେ । ଇତିହାସ ଏବଂ ପ୍ରତ୍ନତତ୍ତ୍ୱକୁ ସେ ଖୁବ୍ ଭଲ ପାଉଥିଲେ ଓ ଛାତ୍ରାବସ୍ଥାରେ ସେହି ବିଷୟର ଅନୁଶୀଳନ କରି ଯଥେଷ୍ଟ ଆନନ୍ଦ ଉପଭୋଗ କରୁଥିଲେ । ସେହି-ଦିନରୁ ତାଙ୍କର ସେହି ବିଷୟରେ ପ୍ରତିଭା ବିକଶିତ ହୋଇ ଆସୁଥିଲା । ୧୯୨୨ ଖ୍ରୀଷ୍ଟାବ୍ଦରେ ସେ ବିଶ୍ୱବିଦ୍ୟାଳୟର ବି. ଏ. ଉପାଧିରେ ମଣ୍ଡିତ ହେଲେ । ଅନନ୍ତର ଏମ୍. ଏ. ଏବଂ ବି.ଏଲ୍. ଏକ ସଙ୍ଗରେ ପଢ଼ିବାକୁ ଲାଗିଲେ । ପାରିବାରିକ ଜଞ୍ଜାଳ ପ୍ରଭୃତି ପ୍ରତିବନ୍ଧକ ହେତୁ କିଛି କାଳ ତାଙ୍କୁ ଅଧ୍ୟୟନରୁ ବିରତ ହେବାକୁ ପଡ଼ିଥିଲା । ତାହା ପରେ ୧୯୨୫ ଖ୍ରୀଷ୍ଟାବ୍ଦରେ ଏମ୍. ଏ. ଛାଡ଼ି କେବଳ ବି, ଏଲ୍· ପଢ଼ିବାକୁ ଲାଗିଲେ । ଯଥାସମୟରେ ପରୀକ୍ଷାରେ ଦକ୍ଷତାର ସହିତ ଉତ୍ତୀର୍ଣ୍ଣ ହୋଇ ବି· ଏଲ୍,

ଉପାଧି ପ୍ରାପ୍ତ ହେଲେ । ବାର୍‌ରେ ଯୋଗ ଦେବାକୁ ଇଚ୍ଛା କରିଥିଲେ;ମାତ୍ର ସେହି ସମୟରେ ଜୟପୁର ରାଜ୍ୟର ଉତ୍ତରାଧିକାର ମୋକଦ୍ଦମା ଆରମ୍ଭ ହେଲା । ସେଥିରେ ଜଡିତ ଥିବାରୁ ତାଙ୍କର ସେ ଇଚ୍ଛା ସାଫଲ୍ୟମଣ୍ଡିତ ହୋଇପାରିଲା ନାହିଁ । ସେ ବିଶାଖପଟ୍ଟଣରେ ଆସି ରହିଲେ । ବିକ୍ରମ ଦେବ ବର୍ମା ସୁଣଧର ଜାମାତା ପାଇ ସ୍ୱାଭାବିକ ଦୁଃଖ ଭୁଲିଯାଇ ଅଛନ୍ତି । କନ୍ୟା ଏବଂ ପତ୍ନୀ ବ୍ୟତୀତ ତାଙ୍କ ପରିବାରରେ ଅନ୍ୟ କେହି ନ ଥିବାରୁ ସେ କନ୍ୟା ଓ ଜାମାତାଙ୍କୁ ନିଜ ଘରେ ରଖିଲେ । କୁମାର ବିଦ୍ୟାଧର ସିଂହ ଦେବ ନିତ୍ୟୋଦ୍‌ଯୋଗୀ ଉଚ୍ଚଶିକ୍ଷିତ ଯୁବକ । ସେ ବିଶାଖପଟ୍ଟଣରେ ଖାଲି ବସି ନ ରହି ଓକିଲାତି ଆରମ୍ଭ କଲେ । ଅଳ୍ପ ଦିନ ମଧ୍ୟରେ ବ୍ୟବସାୟରେ ପ୍ରତିଷ୍ଠା ମଧ୍ୟ ଲାଭ କଲେ । ଆଇନ ବିଦ୍ୟାରେ ତାଙ୍କର ଦକ୍ଷତା ଅସାଧାରଣ । ଜଟିଳ ବ୍ୟବସ୍ଥା ଶାସ୍ତ୍ରର ସୂକ୍ଷ୍ମ ଭାବ ସେ ସହଜରେ ଉଦ୍ଧାର କରି ପାରନ୍ତି । ଏହେତୁ ଅନେକ କଠିନ ମୋକଦ୍ଦମାରେ ପ୍ରବୀଣ ପ୍ରସିଦ୍ଧ ଓକିଲମାନେ ସୁଦ୍ଧା ତାଙ୍କର ପରାମର୍ଶ ଗ୍ରହଣ କରନ୍ତି । ବର୍ତ୍ତମାନ ସେ ସପରିବାର ଜୟପୁର ରାଜ ଭବନରେ ବାସ କରୁଅଛନ୍ତି । ରାଜକାର୍ଯ୍ୟ ପରିଚାଳନାରେ ସେ ଯଥେଷ୍ଟ ସାହାଯ୍ୟ କରନ୍ତି । ଉତ୍କଳର ଅନ୍ୟତମ ଇଂରେଜୀ ମାସିକ ପତ୍ରିକା "ବୈତରଣୀ"ର ସେ ସମ୍ପାଦକ ଥିଲେ । ତାଙ୍କ ସମୟରେ 'ବୈତରଣୀ' ସୁନ୍ଦର ରୂପେ ସମ୍ପାଦିତ ହେଉଥିଲା । ବିଷୟଗୌରବ ଏବଂ ଲେଖାର ପରିପାଟୀରେ ପତ୍ରିକା ସୁଖପାଠ୍ୟ ହୋଇ ଥିଲା । ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରତିଷ୍ଠା ସହିତ ଉକ୍ତ ପତ୍ରିକା ସେ ଚଳାଇଥିଲେ । ତହିଁ ପରେ ଉପଯୁକ୍ତ ଅର୍ଥର ଅଭାବରୁ ସେ ସମ୍ପାଦକତ୍ୱ ପରିତ୍ୟାଗ କଲେ । ବି. ଏ. ପଢିବା ସମୟରୁ ଇତିହାସ ଗବେଷଣାରେ ସେ ଲାଗିଅଛନ୍ତି । ଅନେକ ପ୍ରସିଦ୍ଧ ଐତିହାସିକ ତାଙ୍କ ଐତିହାସିକ ପ୍ରବନ୍ଧାବଳୀର ଭୂୟସୀ ପ୍ରଶଂସା କରିଅଛନ୍ତି , ଏହା ଉତ୍କଳର ଐତିହାସିକ ମାନେ ଅବଗତ । ତାଙ୍କ ଲିଖିତ "ତପୋବନ ରାଜ୍ୟ", "ପୁରାତନ ଭଞ୍ଜରାଜ୍ୟ" "ପୁରାତନ ଭଞ୍ଜ ବଂଶୀୟ ରାଜାଗଣ" "ସିଂହଭୂମିର ପ୍ରାଚୀନତ୍ୱ" ଏବଂ ଲୁଧ ଓ କଣ୍ଟସୁବର୍ଣ୍ଣର ଅବସ୍ଥିତି ପ୍ରଭୃତି ପ୍ରବନ୍ଧସମୂହ ବଡ ମୂଲ୍ୟବାନ୍ । ତାହା ସାଧାରଣଙ୍କର ପଠନୀୟ । ତାଙ୍କର ଫିଉଡେଟରୀ ଷ୍ଟେଟ ଏବଂ ଓଡିଶା ନାମକ ବହୁତଥ୍ୟପୂର୍ଣ୍ଣ ପ୍ରବନ୍ଧ ୧୯୩୦ଖ୍ରୀଷ୍ଟାବ୍ଦରେ କଲିକତାର ବିଖ୍ୟାତ ଇଂରେଜୀ ମାସିକପତ୍ରିକା 'ମଡର୍ଣ୍ଣରିଭିଉ'ରେ ପ୍ରକାଶିତ ହୋଇଥିଲା । "ସିଂହଭୂମିର ଲୁପ୍ତରାଜ୍ୟ ପୋଡ଼ାହାଟ" ନାମରେ ଆଉ ଗୋଟିଏ ଗଭୀର ଗବେଷଣାପୂର୍ଣ୍ଣ ପ୍ରବନ୍ଧ ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ବିଲାତର ଗୋଲ୍‌ଟେବିଲ ସମ୍ମିଳନୀରେ ଉପସ୍ଥିତ ଥିବା ଦେଶୀୟ ରାଜ୍ୟର ପ୍ରତିନିଧିମାନଙ୍କ ମଧ୍ୟରେ ଉକ୍ତ ପ୍ରବନ୍ଧ ବିଶେଷ ଚହଳ ସୃଷ୍ଟି କରିଥିଲା । ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱଜ୍ଞମାନଙ୍କ ନିକଟରେ ତାହା ମୂଲ୍ୟବାନ୍ ଏବଂ ଉପାଦେୟ ଜ୍ଞାନରେ ଆଦରପୂର୍ବକ ଗୃହୀତ ହୋଇଥିଲା ।

କୁମାର ବିଦ୍ୟାଧର ସିଂହ ଦେବ ଜଣେ ସ୍ୱଜାତିବତ୍ସଳ, ଗମ୍ଭୀର ପ୍ରକୃତିକ ପ୍ରତିଭାଶାଳୀ ଯୁବକ । ଉତ୍ସାହ, ଉଦ୍ୟମ ଦେଶହିତୈଷଣାର ଉଜ୍ଜ୍ୱଳ ମୁଦ୍ରା ତାଙ୍କ ବଦନମଣ୍ଡଳରେ ମୁଦ୍ରିତ । ଚକ୍ଷୁ ଏବଂ ମୁଖ ପ୍ରତିଭାର ଜ୍ୟୋତିରେ ପ୍ରଦୀପ୍ତ । ଜୟପୁରର ବର୍ତ୍ତମାନ ମହାରାଜ ବିକ୍ରମ ଦେବ ବର୍ମା ବିଶାଖପଟ୍ଟଣସ୍ଥ ଉତ୍କଳ ସମାଜର ସଭାପତି ପଦ ଛାଡିଦେବାରୁ କୁମାର ବିଦ୍ୟାଧର ସିଂହ ଦେବ ୧୯୩୩ ଖ୍ରୀଷ୍ଟାବ୍ଦଠାରୁ ଉକ୍ତ ସମାଜର ସଭାପତି ଆସନରେ ଅଧିଷ୍ଠିତ ହୋଇଅଛନ୍ତି । ପ୍ରାକୃତିକ ଉତ୍କଳର ଅନ୍ୟତମ ଜନନାୟକ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ପ୍ରଭୃତିଙ୍କ ସନିର୍ବନ୍ଧ ଅନୁରୋଧରେ ସେ ଉକ୍ତ ପଦ ଗ୍ରହଣ କରିଅଛନ୍ତି । ବିଶାଖପଟ୍ଟଣ ଉତ୍କଳ ସମାଜର ସଭାପତି ରୂପେ ଓଡିଶା ଦେଶମିଶ୍ରଣ ସମ୍ବନ୍ଧରେ ସେ ଯେଉଁ ପ୍ରବଳ ଆନ୍ଦୋଳନ ଚଳାଇ ଅଛନ୍ତି, ତାହା ପ୍ରତ୍ୟେକ ଓଡିଆ ପ୍ରାଣରେ ଆଶାର ସଞ୍ଚାର କରିଅଛି । ପାର୍ଲ୍ୟାମେଣ୍ଟରେ ଦାଖଲ ହୋଇଥିବା ଜୟପୁର ଦେଶମିଶ୍ରଣ ସମ୍ବନ୍ଧୀୟ ତାଙ୍କ ଲିଖିତ ମେମୋରେଣ୍ଡମ୍ ସମସ୍ତ ଉତ୍କଳରେ ଚିର ସ୍ମରଣୀୟ ହୋଇ ରହିବ । ତାହା ୧୯୩୩ ଖ୍ରୀଷ୍ଟାବ୍ଦରେ କଲିକତାର ଲ୍ୟାଣ୍ଡହୋଲ୍‌ଡରସ୍ ଜରନାଲ୍ (Land holdars jarnal) ନାମକ ମାସିକ ଇଂରେଜୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତାହା

ପୂର୍ବରୁ ଓଡ଼ିଶାବାସୀଙ୍କୁ ଜୟପୁରର ଅବସ୍ଥା ଅବଗତ କରାଇବା ଉଦ୍ଦେଶ୍ୟରେ ସେ ଖଣ୍ଡିଏ ଇଂରେଜୀ ପୁସ୍ତକ ଲେଖିଥିଲେ । ତାହାର ନାମ—Jeypore in Vizagapatam । ପୁସ୍ତକ ଖଣ୍ଡି କ୍ଷୁଦ୍ର ହେଲେହେଁ ବହୁ ଐତିହାସିକ ତଥ୍ୟରେ ପୂର୍ଣ୍ଣ । କ୍ଷୁଦ୍ର ହୀରକଖଣ୍ଡର ଜ୍ୟୋତି ଗୃହ ଆଲୋକିତ କରେ । ଇଂଲଣ୍ଡର ପାର୍ଲିଆମେଣ୍ଟ ସଭାରେ ଉତ୍କଳ ଦେଶମିଶ୍ରଣ ଆନ୍ଦୋଳନ ଚଳାଇବା ସକାଶେ ସେ ଦୁଇ ଥର ଚେଷ୍ଟା କରିଥିଲେ; ମାତ୍ର ତାଙ୍କର ଶ୍ୱଶୁର ମହାରାଜ ବିକ୍ରମଦେବ ବର୍ମାଙ୍କ ଅସମ୍ମତି ହେତୁ ତାଙ୍କର ସମୁଦ୍ରଯାତ୍ରା ପ୍ରସ୍ତାବ ରହିତ ହେଲା । ବର୍ତ୍ତମାନ ସେ ଜୟପୁର ଏଜେନ୍‌ସି ଉତ୍କଳ ସମ୍ମିଳନୀରେ କାର୍ଯ୍ୟ ନିର୍ବାହକ ସମିତିର ସଭାପତି ରୂପେ ଜୟପୁର ଦେଶମିଶ୍ରଣ ଆନ୍ଦୋଳନ ଚଳାଉଅଛନ୍ତି ।

କୁମାର ବିଦ୍ୟାଧର ସିଂହ ଦେବ ବର୍ତ୍ତମାନ ଉତ୍କଳର ଲବ୍ଧପ୍ରତିଷ୍ଠ ଐତିହାସିକ । ସେ ନିରବଚ୍ଛିନ୍ନ ଭାବରେ ଇତିହାସ ଚର୍ଚ୍ଚାରେ ମନୋନିବେଶ କରିଅଛନ୍ତି । ତାଙ୍କର ଏକନିଷ୍ଠ କଠୋର ସାଧନା ଯେ କୌଣସି ଶିକ୍ଷିତ ଯୁବକ ପକ୍ଷରେ ଅନୁକରଣୀୟ । ତାଙ୍କଦ୍ୱାରା ଉତ୍କଳର ଅନେକ ଦୁରୁହ ଜଟିଳ ଐତିହାସିକ ସମସ୍ୟାର ସମାଧାନ ହୋଇଅଛି । ବର୍ତ୍ତମାନ ତାଙ୍କ ପରି ଉତ୍କଳରେ କେହି ଧାରାବାହିକ ରୂପେ ଇତିହାସ ଅନୁଶୀଳନ କରୁନାହାନ୍ତି । ଯେଉଁ କେତେ ଜଣ ଉଦ୍‌ୟମାନ ଐତିହାସିକ ଅଛନ୍ତି, ସେମାନଙ୍କର ଗବେଷଣା ସାମୟିକ । ବୋଧହୁଏ ନିୟମିତ ରୂପେ ଚର୍ଚ୍ଚା କରିବାର ସୁବିଧା ସେମାନଙ୍କର ନାହିଁ । ଅବସ୍ଥା ଯେ ଏ ଦେଶର ଉନ୍ନତିର ପ୍ରଧାନ ଅନ୍ତରାୟ, ଏହା କୋହିବା ବାହୁଲ୍ୟମାତ୍ର । ଅର୍ଥ ହିଁ ସର୍ବବିଧ ଉନ୍ନତିର ମୂଳ, ଏହା ଅଭ୍ରାନ୍ତ ମହାସତ୍ୟ ।

କୁମାର ବିଦ୍ୟାଧର ସିଂହ ଦେବଙ୍କର ବିନୟ, ସୌଜନ୍ୟ, ଶିଷ୍ଟାଳାପ, ସଜ୍ଜନପ୍ରୀତି, ସ୍ୱଦେଶାନୁରାଗ, ଜାତୀୟ ଅଭିମାନ, ବଂଶୀୟ ସମ୍ଭ୍ରମ ପ୍ରଭୃତି ଶୁଭ ଗୁଣନିଚୟ ବିଦ୍ୱନ୍ମଣ୍ଡଳୀରେ ସୁପ୍ରଶଂସିତ । ଜୟପୁର, ପାରଳାଖେମୁଣ୍ଡୀ, ସିଂହଭୂମ ପ୍ରଭୃତି ବିଚ୍ଛିନ୍ନ ଅଞ୍ଚଳର ସମ୍ମିଶ୍ରଣ ସକାଶେ ତାଙ୍କର ହୃଦୟ ପ୍ରାଣ କିପରି ବ୍ୟାକୁଳ, ତାହା ତାଙ୍କର ଲେଖା ଏବଂ କଥାବାର୍ତ୍ତାରେ ସ୍ପଷ୍ଟ ଫୁଟି ଉଠେ । ଯେ ତାଙ୍କ ସହିତରେ ବାକ୍ୟାଳାପ କରିଅଛନ୍ତି, ସେ ତାଙ୍କର ପ୍ରାଣର ବ୍ୟଥା ବୁଝିପାରିଥିବେ । ବିଜାତୀୟ ପରିବେଷ୍ଟିତ ସୁଦୂର ସ୍ଥାନରେ ଅବସ୍ଥାନ କରି ସ୍ୱଜାତି ଓଡ଼ିଆମାନଙ୍କ ସକାଶେ ସେ ବହୁତ କାର୍ଯ୍ୟ କରୁଅଛନ୍ତି । ତାଙ୍କ କର୍ମଠତା ତାଙ୍କୁ ସମଗ୍ର ଉତ୍କଳରେ ବରେଣ୍ୟ କରିଅଛି । ଅଦୂର ଭବିଷ୍ୟତରେ ତାଙ୍କର ଆସନ ଅତି ଉଚ୍ଚରେ ସ୍ୱତନ୍ତ୍ର ପ୍ରତିଷ୍ଠିତ ହେବ, ଏହା ତାଙ୍କର କାର୍ଯ୍ୟାବଳୀରୁ ସୁସ୍ପଷ୍ଟ ପ୍ରତୀୟମାନ ହେଉଅଛି । ଯେ ତାଙ୍କୁ ଥରେ ମାତ୍ର ଦେଖିଅଛି, ସେ ସୌଜନ୍ୟ, ସାରଲ୍ୟର ସୁନ୍ଦର ସ୍ୱରୂପ ଦେଖିଅଛି । କୁମାର ବିଦ୍ୟାଧର ସିଂହ ଦେବଙ୍କର ଦୁଇଟି କୁମାର ଏବଂ ଗୋଟିଏ କୁମାରୀ ଜାତ ହୋଇଅଛନ୍ତି । ଆୟୁଷ୍ମାନ୍ ଜ୍ୟେଷ୍ଠ କୁମାର ଯେପରି ସୁଶ୍ରୀ ଓ ଲକ୍ଷଣବନ୍ତ, ସେହିପରି ଚତୁର ଏବଂ ବିଚକ୍ଷଣ ବୁଦ୍ଧିମାନ୍ । ସେହି ବାଳକ କୁମାର ବିଶାଳ ଜୟପୁର ରାଜ୍ୟର ଭାବୀ ଅଧୀଶ୍ୱର । ସେହି ଶିଶୁଟି ପ୍ରାଚୀନ ଓ ପ୍ରସିଦ୍ଧ ଜୟପୁର ରାଜବଂଶର କ୍ଷୁଦ୍ର କୁଳାଙ୍କୁର । ସମୟରେ ସେ ମହା କଳ୍ପବୃକ୍ଷରେ ପରିଣତ ହୋଇ ଯଶ, ଶ୍ରୀ ବିସ୍ତାର କରିବେ । ତାଙ୍କ ସୌଭାଗ୍ୟରେ ଦେବ ଆଶୀର୍ବାଦ ବୃଷ୍ଟି ହେଉ ।

# ଅଷ୍ଟମ ପରିଚ୍ଛେଦ

ଆଶାର୍ଯ୍ୟ ଉତ୍କଳର ଆଶାଲତା ପ୍ରସ୍ଫୁଟିତ ସୁରଭି ସୁମନ ବିକ୍ରମ ଦେବ ବର୍ମା ମହୋଦୟ ଆବାଲ୍ୟ ସାହିତ୍ୟପ୍ରୀୟ, ଏହା ପୂର୍ବେ ଅଭିବ୍ୟକ୍ତ ହୋଇଅଛି । ତାଙ୍କର ଅଖଣ୍ଡ ସାହିତ୍ୟ ସେବାର ବଶିଷ୍ଟ ସମ୍ମାନ ସ୍ୱରୂପ ଥରେ ତାଙ୍କୁ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନର ସଭାପତି ପଦରେ ବରଣ କରାଯାଇଥିଲା । ଓଡ଼ିଆ ଭାଷାର ଅପରିଚିତ ସ୍ଥାନରେ ନିଜେ ନିଜେ ଓଡ଼ିଆ ଭାଷା ଆୟତ୍ତ କରି ସେହି ଭାଷାରେ ପ୍ରତିଷ୍ଠିତ ସଭା ସମିତିରେ ଅଭିଭାଷଣ ଦେବା ଏବଂ ପୁସ୍ତକ ପ୍ରବନ୍ଧାଦି ଲେଖିବା ତାଙ୍କ ପକ୍ଷରେ ସାମାନ୍ୟ ପୌରୁଷର ବିଷୟ ନୁହେଁ। ତାଙ୍କର ଓଡ଼ିଆ ଲେଖା ବହୁଳ ସଂସ୍କୃତ-ମୂଳକ । ସଂସ୍କୃତରେ ସେ ଅସାଧାରଣ ପଣ୍ଡିତ ଏବଂ ଅଭ୍ୟାସବଶତଃ ସଂସ୍କୃତ ତାଙ୍କର ଅତି ପ୍ରିୟ । ସୁତରାଂ ସେ ଲେଖାରେ ସଂସ୍କୃତ ଶବ୍ଦ ବିଶେଷ ପରିମାଣରେ ପ୍ରୟୋଗ କରନ୍ତି । ତାହା ଉଚ୍ଚ ଧରଣର ସାହିତ୍ୟିକ ଭାଷା । ସେହିପରି ଲେଖିବାକୁ ସେ ସୁଖ ବୋଧ କରନ୍ତି । ଉତ୍କଳ ସାହିତ୍ୟ ସମାଜର ସଭାପତି ରୂପେ ସେ ଯେଉଁ ଅଭିଭାଷଣ ପାଠ କରିଥିଲେ ଦୁଃଖର ବିଷୟ ବହୁ ଅନୁସନ୍ଧାନରେ ସେ ଅଭିଭାଷଣ ମିଳିଲା ନାହିଁ । ସେଥିରେ ସାହିତ୍ୟିକ ନାନା ବିଭାଗର ବିଶେଷ ଆଲୋଚନା ହୋଇଥିଲା ।

ଶ୍ରୀ ବିକ୍ରମ ଦେବ ବର୍ମା ସାହିତ୍ୟରେ ଯେପରି ଧୁରନ୍ଧର, ଜ୍ୟୋତିର୍ବିଦ୍ୟାରେ ମଧ୍ୟ ସେହିପରି ବିଶାରଦ । ସାହିତ୍ୟ, ଜ୍ୟୋତିଷ, ଦର୍ଶନ ପ୍ରଭୃତି ବିବିଧ ସନ୍ଦର୍ଭ ଲେଖି ସେ ବହୁବାର ପତ୍ର ପତ୍ରିକାରେ ପ୍ରକାଶ କରିଅଛନ୍ତି । ୨୭ଶ ଭାଗ ଷଷ୍ଠ ସଂଖ୍ୟାର "ଉତ୍କଳ ସାହିତ୍ୟ"ରେ ତାଙ୍କର ଗ୍ରହଣ ବିଷୟରେ ଗୋଟିଏ ଉପାଦେୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ତାହା ତାଙ୍କର ଜ୍ୟୋତିଷ ଶାସ୍ତ୍ରରେ ପ୍ରଗାଢ଼ ଗବେଷଣାର ପରିଚାୟକ । ପ୍ରବନ୍ଧଟି ନିମ୍ନରେ ଉଦ୍ଧୃତ ହେଲା ।

"ଚନ୍ଦ୍ର ଏବଂ ସୂର୍ଯ୍ୟର ଗ୍ରହଣ ହେଉଥିବା କଥା ସମସ୍ତେ ଜାଣନ୍ତି; ମାତ୍ର କାରଣ ସମ୍ବନ୍ଧରେ ମତଭେଦ ଅଛି । କେତେକ ମାନଙ୍କ ମତରେ ରାହୁ କିମ୍ବା କେତୁ ଗ୍ରହ ଚନ୍ଦ୍ରଙ୍କୁ କିମ୍ବା ସୂର୍ଯ୍ୟଙ୍କୁ ଗ୍ରାସିବା ସମୟ ଗ୍ରହଣ ଅଟେ । ଆଉ କେତେକଙ୍କ ମତରେ ଚନ୍ଦ୍ରପତ୍ନୀ ଏବଂ ସୂର୍ଯ୍ୟ-ପତ୍ନୀ । ସେ ଦୁହିଁଙ୍କ କଳହ କାଳ ଗ୍ରହଣ ଅଟେ । ଏପରି ମତଭେଦ ବହୁବିଧ ହୋଇଅଛି, ସେ ସବୁ ଏଠାରେ ଲେଖିବା ଅନାବଶ୍ୟକ । କିନ୍ତୁ ଗ୍ରହଣତତ୍ତ୍ୱ ଏହି ଯେ, ଚନ୍ଦ୍ର ସୂର୍ଯ୍ୟଙ୍କ କକ୍ଷାଦ୍ୱୟ ଏକକୁ ଆରେକ ଦୁଇସ୍ଥାନରେ ଅତିକ୍ରମ କରେ । ସେ ସ୍ଥାନଦ୍ୱୟକୁ ପାତ କହନ୍ତି । ଚନ୍ଦ୍ରକକ୍ଷା, ସୂର୍ଯ୍ୟକକ୍ଷା କିବା କ୍ରାନ୍ତିମଣ୍ଡଳର ଦକ୍ଷିଣରୁ ଉତ୍ତରକୁ ଯିବାବେଳେ ଘଟିବା ସନ୍ଧିସ୍ଥାନକୁ ପ୍ରଥମ ପାତ (ରାହୁ) ଏବଂ ଉତ୍ତରରୁ ଦକ୍ଷିଣକୁ ଯିବାବେଳେ ଘଟିବା ସନ୍ଧି ସ୍ଥାନକୁ ଦ୍ୱିତୀୟ ପାତ (କେତୁ) କହନ୍ତି ।

ଚନ୍ଦ୍ର ଏବଂ ସୂର୍ଯ୍ୟ ଏକ ପାତ ସମୀପସ୍ଥ ହୋଇ ଥିବା ସମୟରେ ଭୂଚନ୍ଦ୍ରସୂର୍ଯ୍ୟଙ୍କ କେନ୍ଦ୍ରତ୍ରିତୟ ପ୍ରାୟ ଏକତ୍ରିତ ହୁଏ । ତେବେ ପୂର୍ଣ୍ଣିମା ହେଲେ ଚନ୍ଦ୍ର ଭୂଛାୟାଚ୍ଛାଦିତ ହୋଇ ସୂର୍ଯ୍ୟରଶ୍ମିରୁ ବଞ୍ଚିତ ହେବା ଦ୍ୱାରା ଚନ୍ଦ୍ରଗ୍ରହଣ ଘଟେ । ଆଉ ଅମାବାସ୍ୟା ହେଲେ ଭୂମି ଚନ୍ଦ୍ରଛାୟାଚ୍ଛାଦିତା ହୋଇ ସୂର୍ଯ୍ୟରଶ୍ମିରୁ ବଞ୍ଚିତ ହେବାଦ୍ୱାରା ସୂର୍ଯ୍ୟଗ୍ରହଣ ଘଟେ ।

ଚନ୍ଦ୍ର ସୂର୍ଯ୍ୟ କକ୍ଷାଦ୍ୱୟ ଏକତ୍ର ଥିଲେ ପ୍ରତ୍ୟେକ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୋଇପାରେ । କିନ୍ତୁ ଚନ୍ଦ୍ରକକ୍ଷା କ୍ରାନ୍ତିମଣ୍ଡଳକୁ ୫ ଅଂଶ ଡେଇଁଥିବାରୁ ସବୁ ପୂର୍ଣ୍ଣିମାରେ ଚନ୍ଦ୍ର ଭୂଛାୟାଗ୍ରସ୍ତ ନୋହି ଅଳ୍ପ ଦୂରରେ କ୍ରାନ୍ତିମଣ୍ଡଳର ଊର୍ଦ୍ଧ୍ୱସ୍ଥିତ କିମ୍ବା ଅଧଃସ୍ଥିତ ହେଉଥାଏ । ଅତଏବ ପ୍ରତ୍ୟେକ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୁଏ ନାହିଁ । ଜାଣିବା ଉଚିତ ଯେ, ଚନ୍ଦ୍ରପାତ ନିକଟସ୍ଥ ହେବା ସମୟରେ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହେଲେ ମାତ୍ର ଗ୍ରହଣ ସମ୍ଭବେ ।

ପାତଦ୍ୱୟ କ୍ରାନ୍ତିମଣ୍ଡଳର ଏବଂ ଚନ୍ଦ୍ରକକ୍ଷାର ସାମାନ୍ୟ ସ୍ଥାନ ହୋଇଥିବାରୁ ସୂର୍ଯ୍ୟ ଏକ ବର୍ଷରେ ଥରେ ଦୁଇ ପାତକୁ ଯାଇ ଗମନ କରେ । ସୂର୍ଯ୍ୟ ପ୍ରତ୍ୟେକ ପାତର ନିକଟସ୍ଥ ହେଉଥିବା କାଳରେ ଚନ୍ଦ୍ର ମଧ୍ୟ ପାତ

ସମୀପବର୍ତ୍ତୀ ହେଉଥାଏ । ଗଣିତଜ୍ଞମାନେ କହନ୍ତି ଯେ, ୩୭ ଅଂଶ ଭିତରେ ପାତର ଦୁଇପାର୍ଶ୍ୱର ଯେଉଁ ପାର୍ଶ୍ୱରେ ହେଉ ସୂର୍ଯ୍ୟଗ୍ରହଣ ଏବଂ ପାତର ୨୪ ଅଂଶ ଭିତରେ ଚନ୍ଦ୍ରଗ୍ରହଣ ହୋଇପାରେ । ସୂର୍ଯ୍ୟ ଏକ ଦିନରେ ଏକ ଅଂଶ ପୂର୍ବ ଦିଗକୁ ଗମନ କରୁଥିବାରୁ ୩୭ ଅଂଶ ଗମିବାକୁ ୩୭ ଦିନ ଲାଗେ । ଏହି ଛତିଶ ଦିନରେ ଗୋଟାଏ ଅମାବାସ୍ୟା ଥିବା ନିଶ୍ଚୟ । ଦୁଇଟି ଅମାବାସ୍ୟା ମଧ୍ୟ ଥାଇପାରେ । ଦୁଇ ଅମାବାସ୍ୟା ମଧ୍ୟରେ ଗୋଟିଏ ପୂର୍ଣ୍ଣିମା ଥିବା ସହଜ । ଅତଏବ ଏକ ପାତ ନିକଟରେ ତିନୋଟି ଗ୍ରହଣ ହେବା ସମ୍ଭବପର ।

ଚନ୍ଦ୍ରସୂର୍ଯ୍ୟଙ୍କ ଲମ୍ବନ ଏବଂ ବିମ୍ବସ୍ଫୁଟ ବ୍ୟାସ ଦୂରତ୍ୱାନୁସାରେ ପରିବର୍ତ୍ତିତ ହେଉଥିବାରୁ ଉପରି କଥିତ ନିୟମରେ ପରିବର୍ତ୍ତନ ଘଟେ । ପାତର ଉଭୟ ପାର୍ଶ୍ୱର ପରମାବଧି ୩୭ ଅଂଶରେ ଏବଂ ଅପରାବଧି ୩୧ ଅଂଶରେ ସୂର୍ଯ୍ୟଗ୍ରହଣ ଓ ପରମାବଧି ୨୪ ଅଂଶରେ ଏବଂ ଅପରାବଧି ୧୯ ଅଂଶରେ ଚନ୍ଦ୍ରଗ୍ରହଣ ହେଉଥାଏ ।

ପ୍ରତ୍ୟେକ ବର୍ଷରେ ଦୁଇଟି ସୂର୍ଯ୍ୟଗ୍ରହଣ ହୋଇ ଭୂଗୋଳର କୌଣସି ଏକ ସ୍ଥଳରେ ଦୃଶ୍ୟ ହୁଏ । କିନ୍ତୁ ଚନ୍ଦ୍ରଗ୍ରହଣ ବିରଳ ଅଟେ । ଭୂଚ୍ଛାୟାର କେନ୍ଦ୍ର ସୂର୍ଯ୍ୟକେନ୍ଦ୍ର ପରି ସଦା କ୍ରାନ୍ତିମଣ୍ଡଳରେ ଥାଏ । ସୂର୍ଯ୍ୟଗୋଲ ଭୂଗୋଲଠାରୁ ଅତି ବୃହତ୍ ହୋଇଥିବାରୁ ଭୂଚ୍ଛାୟା ପ୍ରଥମରେ ବର୍ତ୍ତୁଳ ହୋଇଥିଲେ ହେଁ କ୍ରମଶଃରେ ସରୁ ହୋଇ କୋଣାକାରକୁ ଧାରଣ କରେ । ସେ ଛାୟାର ବ୍ୟାସ ଚନ୍ଦ୍ରସ୍ଥିତ ଦୂରବର୍ତ୍ତୀ ଭୂବ୍ୟାସଠାରୁ ଅତି କ୍ଷୁଦ୍ର ହୋଇଥାଏ । ସେ ହେତୁରୁ ପୂର୍ଣ୍ଣିମାରେ ଚନ୍ଦ୍ରପାତର ଅତି ନିକଟସ୍ଥ ନୋହିଲେ ଚନ୍ଦ୍ରଗ୍ରହଣ ହୁଏ ନାହିଁ । ଅତଏବ ଚନ୍ଦ୍ରଗ୍ରହଣ ସୂର୍ଯ୍ୟଗ୍ରହଣଠାରୁ ବିରଳ ଅଟେ । କେଉଁ କେଉଁ ବର୍ଷରେ ଚନ୍ଦ୍ରଗ୍ରହଣ ଆଦୌ ହୁଏ ନାହିଁ ।

ପୂର୍ଣ୍ଣଗ୍ରହଣ, କଙ୍କଣଗ୍ରହଣ ଏବଂ ଅଳ୍ପ ଗ୍ରହଣ ଭେଦରେ ଗ୍ରହଣ ତ୍ରିବିଧ । ଚନ୍ଦ୍ରସୂର୍ଯ୍ୟଙ୍କ ସ୍ଥାନଦ୍ୱୟକୁ ଏବଂ ବିମ୍ବବ୍ୟାସର ସ୍ଫୁଟ ପରିମାଣଦ୍ୱୟକୁ ଅନୁସରି ଗ୍ରହଣ ସ୍ୱରୂପରେ ଉକ୍ତ ପ୍ରଭେଦ ଘଟେ । ସୂର୍ଯ୍ୟଗ୍ରହଣ ସମୟରେ ଚନ୍ଦ୍ରକେନ୍ଦ୍ର ସୂର୍ଯ୍ୟକେନ୍ଦ୍ର ସହିତ ଏକତ୍ରିତ ହୋଇ ଚନ୍ଦ୍ରସ୍ଫୁଟ ବ୍ୟାସ ସୂର୍ଯ୍ୟସ୍ଫୁଟ ବ୍ୟାସଠାରୁ ବଡ଼ ହୋଇ-ଥିଲେ ସୂର୍ଯ୍ୟ ସମ୍ପୂର୍ଣ୍ଣରେ ଚନ୍ଦ୍ରବିମ୍ବାଚ୍ଛାଦିତ ହୁଏ । ତାକୁ ପୂର୍ଣ୍ଣ ଗ୍ରହଣ କହନ୍ତି । ଚନ୍ଦ୍ର ସୂର୍ଯ୍ୟ କେନ୍ଦ୍ରସ୍ଥ ସରଳରେଖା ନିକଟସ୍ଥିତ ଦର୍ଶକେ ମାତ୍ର ପୂର୍ଣ୍ଣ ଗ୍ରହଣ ଦେଖିପାରନ୍ତି । ସୂର୍ଯ୍ୟଗ୍ରହଣ ସମୟରେ ଚନ୍ଦ୍ର ଭୂମିରୁ ଅତି ଦୂରରେ ଥିଲେ ଚନ୍ଦ୍ରବିମ୍ବ ସ୍ଫୁଟବ୍ୟାସ ସୂର୍ଯ୍ୟବିମ୍ବସ୍ଫୁଟ ବ୍ୟାସଠାରୁ କ୍ଷୁଦ୍ର ହୋଇଥାଏ । ସେ ହେତୁରୁ ଚନ୍ଦ୍ରବିମ୍ବ ସୂର୍ଯ୍ୟବିମ୍ବକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦି ନ ପାରି ମଧ୍ୟଭାଗକୁ ମାତ୍ର ଆଚ୍ଛାଦୁ ଥିବାରୁ ସୂର୍ଯ୍ୟବିମ୍ବ ବଳୟାକାରରେ ବଳୁଥାଏ । ତାକୁ କଙ୍କଣ-ଗ୍ରହଣ କହନ୍ତି । ସୂର୍ଯ୍ୟଗ୍ରହଣ ସମୟରେ ଚନ୍ଦ୍ର-ଭୂସୂର୍ଯ୍ୟଙ୍କ ସମସୂତ୍ରିତ ନୋହିଲେ ଚନ୍ଦ୍ରବିମ୍ବ ସୂର୍ଯ୍ୟବିମ୍ବରୁ କେତେକ ଭାଗ ମାତ୍ର ଆଚ୍ଛାଦନ କରେ । ତାକୁ ଅଳ୍ପଗ୍ରହଣ କହନ୍ତି । ଚନ୍ଦ୍ରଗ୍ରହଣ ସମୟରେ ଭୂଚ୍ଛାୟା ଚନ୍ଦ୍ରବିମ୍ବକୁ ସମ୍ପୂର୍ଣ୍ଣରୂପେ ଆଚ୍ଛାଦିଲେ ପୂର୍ଣ୍ଣଗ୍ରହଣ ଏବଂ ଅଳ୍ପ ପରିମାଣରେ ଆଚ୍ଛାଦିଲେ ଅଳ୍ପଗ୍ରହଣ ହୁଏ । ଭୂଚ୍ଛାୟାର ବ୍ୟାସ ଚନ୍ଦ୍ରବିମ୍ବ ବ୍ୟାସଠାରୁ ସର୍ବଦା ବଡ଼ ହୋଇଥିବାରୁ ଚନ୍ଦ୍ରର-କଙ୍କଣ ଗ୍ରହଣ ଅସମ୍ଭବ ।

ଭୂକକ୍ଷା ପରି ଚନ୍ଦ୍ରକକ୍ଷା ମଧ୍ୟ ଆୟତ ବୃତ୍ତ ହୋଇଥିବାରୁ ଚନ୍ଦ୍ର ଏକସମୟରେ ଭୂମିର ନିକଟସ୍ଥ ଏବଂ ଅନ୍ୟ ସମୟରେ ଭୂମିର ଦୂରସ୍ଥ ହେଉଥାଏ । ଗ୍ରହଣ ସମୟରେ ଚନ୍ଦ୍ର ଭୂମିର ନିକଟ ହୋଇଥିଲେ ଗ୍ରହଣ ବେଶିକାଳ ରହେ, ଦୂରସ୍ଥ ହୋଇଥିଲେ ଗ୍ରହଣ ଶୀଘ୍ର ମୋକ୍ଷକୁ ପାଏ ।

ସୂର୍ଯ୍ୟ କିରଣଗଣ ଭୂମ୍ୟାବୃତ୍ତ ବାୟୁମଣ୍ଡଳରେ ପ୍ରସରିବା ବେଳେ ଋଜୁମାର୍ଗଚ୍ୟୁତ ହୋଇ ଭୂଚ୍ଛାୟାରେ ଭିତ-ଭାଗରେ ପ୍ରବିଷ୍ଟ ହେଉଥିବାରୁ ଏବଂ ସେ ତେଜ କେତେକ ପରିମାଣରେ ଚନ୍ଦ୍ରବିମ୍ବ ଉପରେ ପଡୁଥିବାରୁ ପୂର୍ଣ୍ଣଚନ୍ଦ୍ର ଗ୍ରହଣ ସମୟରେ ମଧ୍ୟ ଭୂଚ୍ଛାୟାଚ୍ଛାଦିତ ଚନ୍ଦ୍ରବିମ୍ବ କେବଳ ଅଦୃଶ୍ୟ ନୋହି ଧୂମ୍ରାକାରକୁ ଧାରଣ କରି ଅଦୃଶ୍ୟ ହେଉଥାଏ ।

ସିଦ୍ଧାନ୍ତୀମାନେ କହନ୍ତି ଯେ, ''ଗ୍ରହଣଚୟ ୧୮ ବର୍ଷ ୧୧ ଦିନ ପରେ ପୂର୍ବ ରୀତିରେ ଦୃଶ୍ୟ ହୁଏ ।''

ବିକ୍ରମ ଦେବଙ୍କ ଧର୍ମଜୀବନ ମଧ୍ୟ ଖୁବ୍ ଉନ୍ନତ । ପ୍ରତ୍ୟହ ନିୟମିତଭାବରେ କେତେ ସମୟ ତାଙ୍କର ଧର୍ମଚିନ୍ତାରେ ଅତିବାହିତ ହୁଏ । ଉପଯୁକ୍ତ ପାତ୍ର ସଙ୍ଗରେ ସେ ଧର୍ମ ଆଲୋଚନାରେ ପ୍ରବୃତ୍ତ ହୁଅନ୍ତି ଏବଂ ସେଥିରେ ବିଶେଷ ଆନନ୍ଦ ଉପଭୋଗ କରନ୍ତି ।ଧର୍ମ ସମ୍ବନ୍ଧରେ ସେ କେତେ ପ୍ରବନ୍ଧ ଲେଖି ପତ୍ରିକାମାନଙ୍କରେ ପ୍ରକାଶ କରନ୍ତି । ତାଙ୍କର ଧର୍ମ ସମ୍ବନ୍ଧୀୟ ମତ ଅତି ଉଦାର ଏବଂ ଗଭୀର । ସବୁ ଧର୍ମକୁ ସେ ସମାନ ଜ୍ଞାନ କରନ୍ତି । ବାସ୍ତବରେ ଧର୍ମ ମଧ୍ୟରେ ଇତର ବିଶେଷ ନାହିଁ । ଧର୍ମ ଏକ ଏବଂ ଅଦ୍ୱିତୀୟ; କେବଳ ସମ୍ପ୍ରଦାୟ ଭେଦରେ ବହୁନାମରେ ଅଭିହିତ ହୁଏ । ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନ ପ୍ରଭୃତି ସକଳ ସମ୍ପ୍ରଦାୟର ଲକ୍ଷ୍ୟ ଏକମାତ୍ର ଈଶ୍ୱରପ୍ରାପ୍ତି । ସେମାନେ ଏକା ସେହି ନିରୀଶ୍ୱର ପରମ ବ୍ରହ୍ମଙ୍କୁ ବିଭିନ୍ନ ନାମ ଦେଇ ଉପାସନା କରନ୍ତି । କୃଷ୍ଣ, ଖ୍ରୀଷ୍ଟ, ଆଲ୍ଲା ସବୁ ସେହି ପରମ ବ୍ରହ୍ମଙ୍କର ନାମାନ୍ତର ମାତ୍ର । ସବୁଧର୍ମାବଲମ୍ବୀ ସମାନ; କେବଳ ସେମାନଙ୍କର ସାଧନା ପନ୍ଥା ଭିନ୍ନ । ସରଳଗାମିନୀ ହେଉ ବା କୁଟିଳଗାମିନୀ ହେଉ,ଏକ ସମୁଦ୍ରରେ ମିଳନ ସବୁ ନଦୀର ଲକ୍ଷ୍ୟ । ତୃତୀୟ ଭାଗ ୬ଷ୍ଠ ଓ ୭ମ ସଂଖ୍ୟା ଏକତ୍ର ପ୍ରକାଶିତ "ପ୍ରଦୀପ" ମାସିକ ପତ୍ରରେ ବର୍ମା ମହୋଦୟଙ୍କର 'ଗୁରୁ' ଶୀର୍ଷକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ସେଥିରୁ ତାଙ୍କର ଧର୍ମଜ୍ଞାନର ବିସ୍ତାର ସହଜରେ ଅନୁମେୟ । ତାଙ୍କର ଗଭୀର ଧର୍ମଜ୍ଞାନ ସେହି କ୍ଷୁଦ୍ର ପ୍ରବନ୍ଧରେ ଫୁଟିଉଠିଅଛି । ପ୍ରବନ୍ଧର ମହତ୍ତ୍ୱ ଦୃଷ୍ଟିରେ ତାହା ନିମ୍ନରେ ଉଦ୍ଧୃତ ହେଲା—

"ଉପାଧ୍ୟାୟ, ଅଧ୍ୟାପକ, ଆଚାର୍ଯ୍ୟ, ଦେଶିକ, ଶିକ୍ଷକ ଏବଂ ଗୁରୁ ଏହି ଶବ୍ଦ ସଠିକ ପର୍ଯ୍ୟାୟ ରୂପେ ବ୍ୟବହୃତ ହେଉଥିଲେ ହେଁ ତଦ୍‌ବାସ୍ତବିକ ଅର୍ଥରେ ପ୍ରଭେଦ ଅଛି । ତନ୍ମଧ୍ୟରେ ଗୁରୁ ଶବ୍ଦକୁ "ସ୍ୟାନ୍ନିଷେକାଦିକୃଦ୍‌ଗୁରୁଃ" ବୋଲି ଅମରସିଂହ କହିଥିଲେ ହେଁ ଗ୍ରନ୍ଥାନ୍ତରେ 'ଗୁକାରସ୍ତ୍ୱନ୍ଧକାରଶ୍ଚରୁକାରସ୍ତନ୍ନିରୋଧକଃ' ବୋଲି ନିରୂପିତ ହୋଇଅଛି । ଅତଏବ ମଧ୍ୟ "ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ, ଗୁରୁରେବ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ" ବୋଲି ଗୁରୁଙ୍କୁ ପରମ ବ୍ରହ୍ମ ସହିତ ସମାନ କରାଯାଇଅଛି । ତାହାର ତତ୍ତ୍ୱକୁ ମୀମାଂସା କରିବା । ଏହା ସୁବିଦିତ ଅଟେ ଯେ, ଏହି ଲୋକ ସମ୍ବନ୍ଧୀୟ ସକଳ ବିଦ୍ୟାଭ୍ୟାସ ନିମିତ୍ତ ଗୁରୁ ଥିବା ଆବଶ୍ୟକ । ଗୁରୁ ବିନା କୌଣସି ବିଦ୍ୟା ସମଞ୍ଜସରେ ଲବ୍ଧ ହୁଏ ନାହିଁ । ସ୍ୱୟଂ ପରିଶ୍ରମଦ୍ୱାରା ବିଦ୍ୟାଭ୍ୟାସ କରିବାକୁ ଯତ୍ନକଲେ ଦୁଇଦିନରେ ଲବ୍ଧ ହେବା ବିଦ୍ୟା ଦୁଇ ସପ୍ତାହରେ ଲବ୍ଧ ହୁଏ । ତାହା ମଧ୍ୟ ସମଞ୍ଜସ ନୁହେଁ । ବଳରାମ ଦାସଙ୍କ ପରି ପୂର୍ବଜନ୍ମବାସନାପ୍ରାପ୍ତ ବିଦ୍ୟ ବ୍ୟକ୍ତି ଅତ୍ୟନ୍ତ ବିରଳ । ଅତଏବ ବିଦ୍ୟାଭ୍ୟାସ ପୂର୍ବରୁ ଗୁରୁ ସମ୍ପାଦନ ସକଳ ଜନଙ୍କର କର୍ତ୍ତବ୍ୟ କର୍ମ ଅଟେ । ଐହିକ ବିଦ୍ୟାଭ୍ୟାସ ନିମିତ୍ତ ଗୁରୁର ପ୍ରୟୋଜନ ଅନିବାର୍ଯ୍ୟ ହୋଇଥିଲେ ଦୁରୁହାମୁଷ୍ମିକ ବିଦ୍ୟା ନିମିତ୍ତ ଗୁରୁର ପ୍ରୟୋଜନ ବୋଲିବା ବାହୁଲ୍ୟ ମାତ୍ର । ଆମୁଷ୍ମିକ ବିଦ୍ୟାକୁ ଆଧ୍ୟାତ୍ମିକ ବିଦ୍ୟା କିମ୍ବା ବେଦାନ୍ତ ବିଦ୍ୟା ବୋଲନ୍ତି । ସେହି ବିଦ୍ୟା ସମ୍ପାଦିବା ମାନବର ଜନ୍ମ ମାତ୍ର ସଫଳ ଅଟେ ।

ଆଜି କାଲି ମୁଦ୍ରଣାଳୟ ପ୍ରାଚୁର୍ଯ୍ୟ ପ୍ରଭାବରୁ ଆଧ୍ୟାତ୍ମିକ ଗ୍ରନ୍ଥାବଳୀ ନାନା ଲିପିରେ ପ୍ରକଟିତ ହୋଇଅଛି । ତହିଁରୁ କେତେକ ପୁସ୍ତକର କେତୋଟି ପୃଷ୍ଠାକୁ ବିନା ଗୁରୁ ଶିକ୍ଷାରେ କେତେକଜଣ ପଣ୍ଡିତଂମନ୍ୟ ବ୍ୟକ୍ତି ପଢି ତତ୍ତ୍ୱାର୍ଥକୁ ବୁଝି ନ ପାରି ସ୍ୱୀୟ ପାଣ୍ଡିତ୍ୟାନୁସାରେ ମାନସ ସମାଧାନ କରି ଘେନି ନିଜେ ବେଦାନ୍ତୀ ବୋଲାଇବାକୁ ଚେଷ୍ଟା କରନ୍ତି । ତେତିକି ମାତ୍ର ନୁହେଁ — କେତେକ ପୁସ୍ତକ ଲେଖି ପ୍ରକାଶ କରନ୍ତି । ମଧ୍ୟେ କେତେକ ରୂପେ କେଉଁଠି କେଉଁଠି ଭୁଲ ବେଦାନ୍ତ ବଚନାବଳୀ କରନ୍ତି । ଅଦ୍ୟ ପ୍ରକଟିତ ହୋଇଥିବା ପୁସ୍ତକମାନଙ୍କୁ ପଢିଲେ ଏବଂ କଥିତ ପ୍ରସ୍ତାବମାନଙ୍କୁ ଶୁଣିଲେ ଉପରି ଲିଖିତ ବିଷୟର ଯାଥାର୍ଥ୍ୟତା ଜଣାଯିବ । ସେପରି ପଣ୍ଡିତଂମନ୍ୟ ବ୍ୟକ୍ତିଙ୍କ ଆଚରଣ ପ୍ରାୟଶଃ ଖରାପ ହୋଇଥାଏ । ସେମାନେ ଜାଣନ୍ତି ନାହିଁ ଯେ, ବେଦାନ୍ତ ଶାସ୍ତ୍ର ପଢିବା କଥା ଏବଂ ବେଦାନ୍ତ ବିଷୟ କହିବା କଥା ତେଣିକି ଥାଉ, ବେଦାନ୍ତ ନାମୋଚ୍ଚାରଣରେ ସୁଦ୍ଧା ସେମାନଙ୍କର ଅଧିକାର ଆଦୌ ନାହିଁ । ଏ ବିଷୟରେ "ବେଦାନ୍ତ" ପ୍ରଥମ ସୂତ୍ରର ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ଭାଷ୍ୟ ଦ୍ରଷ୍ଟବ୍ୟ ।

ସମସ୍ତ ବିଦ୍ୟାରେ ବେଦାନ୍ତ ବିଦ୍ୟା କଷ୍ଟତମ ଅଟେ । ତାହା ପ୍ରାୟଶଃ ବୁଝାଯାଏ ନାହିଁ । ବୁଝାଗଲେ ସୁଦ୍ଧା ଅନୁଭୂତ ହୁଏ ନାହିଁ । ତାହା ଅନୁଭୂତ ହେଲେ ମୋକ୍ଷ ନିଃସନ୍ଦେହରେ କରଗତ ହୁଅନ୍ତା । ତାକୁ ଶିଖିବାକୁ ଯୋଗ୍ୟ ବ୍ୟକ୍ତି ଏକ ଅୟୁତରେ ଏକ ଜଣ, ଶିଖାଇବାକୁ ଯୋଗ୍ୟ ବ୍ୟକ୍ତି ଏକଲକ୍ଷରେ ଏକ ଜଣ ସୁଦ୍ଧା ନାହାନ୍ତି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଜିଜ୍ଞାସୁ ବ୍ୟକ୍ତି ସଦଗୁରୁଙ୍କୁ ଆଶ୍ରୟକରି ଉତ୍ତମ ଜ୍ଞାନ ସମ୍ପାଦି ସଂସାର-ସାଗରରୁ ତରିଯିବା ଉଚିତ । ଅବତାର ପୁରୁଷମାନେ ଏବଂ ମହାପୁରୁଷମାନେ ମଧ୍ୟ ସଦ୍‌ଗୁରୁଙ୍କ ଆଶ୍ରୟ ନେଇଅଛନ୍ତି ।

ବେଦ ଘୋଷଣା କରେ ଯେ—'ତମେବ ବିଦିତ୍ୱାତିମୃତ୍ୟୁମେତି,ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।' (ତାକୁ ଜାଣିଲେ ମାତ୍ର ମରଣରୁ ତରେ, ରକ୍ଷଣର ମାର୍ଗ ଆଉ ଅନ୍ୟ ନାହିଁ ।) କେତେକ ପୁସ୍ତକ ଲେଉଟାଇଲେହିଁ କଲେହେଁ ସଦଗୁରୁ କୃପା ନୋହିଲେ ତତ୍ତ୍ୱରୂପ ଜଣାଯାଏ ନାହିଁ ।

ସମ୍ପ୍ରତି ସମସ୍ତେ ଗୁରୁ, ଶିଷ୍ୟ କିଏ ନୁହେଁ । ତତ୍କାରଣ ଏହି ଯେ, କହିବା ବ୍ୟକ୍ତି ଗୁରୁ ଏବଂ କରିବା ବ୍ୟକ୍ତି ଶିଷ୍ୟ । ଅଧୁନା ଧର୍ମକୁ ସର୍ବେ କହନ୍ତି, କିଏ ଆଚରନ୍ତି ନାହିଁ । ବର୍ତ୍ତମାନ କାଳକୁ ଲକ୍ଷ୍ୟ କରି ଜଣେ ବିଜ୍ଞ ବ୍ୟକ୍ତି କହିଅଛନ୍ତି ଯେ, "ବହବୋ ଗୁରବଃ ସନ୍ତି ଶିଷ୍ୟବିତ୍ତାପହାରକାଃ ।" ଏ କାଳରେ ଗୁରୁମାନେ ମନ୍ତ୍ରୋପଦେଶ ଦେବା ଅବସରରେ ଶିଷ୍ୟଙ୍କ କାନରେ ଫୁଙ୍କି ଦେଇ ତାଙ୍କଠାରୁ ଧନ ଛଡ଼ାଇନିଅନ୍ତି । ଧନ ପ୍ରଲୋଭବଶତଃ ସେମାନେ ବିଚାରନ୍ତି ନାହିଁ ଯେ, ଅପାତ୍ରରେ ମନ୍ତ୍ରପ୍ରଦାନ ନରକ ସମ୍ପାଦନ ଅଟଇ । ସେମାନଙ୍କୁ ଗୁରୁ ବୋଲିବା ଅପେକ୍ଷା ପ୍ରତାରକ କିମ୍ବା ଠକାଇବ କହିବା ଉଚିତ । ସେମାନେ କାନରେ କହିବା ମନ୍ତ୍ର "ନମୋ ନାରାୟଣାୟ" କିମ୍ବା "ନମଃ ଶିବାୟ" କିମ୍ବା ତତ୍ସଦୃଶ ଆଉ କୌଣସି ଭଗବନ୍ନାମ ମାତ୍ର । ଭଗବନ୍ନାମର ଉପଦେଶ ନିମିତ୍ତ ପଇସାଟିଏ ଖର୍ଚ୍ଚ କରିବା ଆବଶ୍ୟକ ନାହିଁ । ତାକୁ ବେଦାଦିରୁ ଅବଗତ ହୋଇ ଆପଣାର ମନକୁ ପାଇବା ନାମକୁ ସର୍ବଦା ଜପ କରୁଥିବା ଯଥେଷ୍ଟ । ସେପରି ଜପ କରୁଥିବାଦ୍ୱାରା ଈଶ୍ୱରେ ଭକ୍ତି ଜନ୍ମେ । ସେ ଭକ୍ତି କାମାଦିବୁଦ୍ଧିରେ ଅକାମ ଭକ୍ତି କିମ୍ବା ପ୍ରପତ୍ତି କିମ୍ବା ପ୍ରେମ ଭକ୍ତି ହେଲେ ତାହା ମୁକ୍ତିପ୍ରଦା ହୁଏ । ଭକ୍ତି ଶିକ୍ଷାଦ୍ୱାରା ପ୍ରାପ୍ତ ହୁଏ ନାହିଁ । ତାହା କେବଳ ବୁଦ୍ଧି-ସାପେକ୍ଷ । ଅତଏବ ତନ୍ନିମିତ୍ତ ଗୁରୁ ଅନାବଶ୍ୟକ; କିନ୍ତୁ ଜ୍ଞାନୋପଦେଶ ନିମିତ୍ତ ଗୁରୁ ଆବଶ୍ୟକ ।

କ୍ଷୁଧାତୁରକୁ ଅନ୍ନ ଦେବା ଅଧମ ଦାନ ଅଟେ । ତାହାର କାରଣ ଏହି ଯେ,ତଦ୍ଦ୍ୱାରା ଶରୀରର ଉପକାର ମାତ୍ର ହୁଏ । ବିଦ୍ୟାହୀନକୁ ବିଦ୍ୟା ଦେବା ମଧ୍ୟମ ଦାନ ଅଟେ । ତାର କାରଣ ଏହି ଯେ, ତଦ୍ଦ୍ୱାରା ମାନସର ଉପକାର ମାତ୍ର ହୁଏ । ଜ୍ଞାନହୀନକୁ ଜ୍ଞାନ ଦେବା ଉତ୍ତମ ଦାନ ଅଟେ । ତାର କାରଣ ଏହି ଯେ, ତଦ୍ଦ୍ୱାରା ଆତ୍ମାର ଉପକାର ହୁଏ । ଗୁରୁ ଆତ୍ମାର ଉପକାର କରେ ଏବଂ ତାହାର କୃପା ବିନା ବ୍ରହ୍ମଜ୍ଞାନ ଜାତ ହୁଏ ନାହିଁ । ଅତଏବ ସେ ବ୍ରହ୍ମତୁଲ୍ୟ ଅଟଇ । ସଦ୍‌ଗୁରୁ ଉପଯୁକ୍ତ ଶିଷ୍ୟକୁ ଖୋଜୁଥାଏ । ଯୋଗ୍ୟ ଶିଷ୍ୟଟିଏ ସେ ପାଇଲେ ନିଜେ ଉପକୃତ ହେଲି ବୋଲି ଭାବେ । ଅତଏବ ସଦ୍‌ଗୁରୁ ଶିଷ୍ୟବିତ୍ତାପହାରକ ନୁହେ—ଶିଷ୍ୟ ଚିତ୍ତାପହାରକ ମାତ୍ର ହୁଏ ।

ମୂର୍ଖ ଶିଷ୍ୟଙ୍କର ଧାରଣା ଏହି ଯେ, ଗୁରୁ ଆସି ତାଙ୍କ କାନ ଫୁଙ୍କିଦେବା ମାତ୍ରେ ତାଙ୍କ ଆଗାମୀ ସଞ୍ଚିତ ପ୍ରାରବ୍ଧ ପାପକର୍ମସବୁ ନାଶ ହୋଇ ସେମାନେ ବୈକୁଣ୍ଠକୁ କିମ୍ବା କୈଳାସକୁ ଚାଲିଯିବେ । ଏହି ଭ୍ରମରୁ ସେମାନେ ଧନ ବ୍ୟୟ କରି କାନ ଫୁଙ୍କାଇ ନିଜେ କୃତାର୍ଥ ହେଲୁଁ ବୋଲି ବିଶ୍ୱାସ କରନ୍ତି । ଅଜ୍ଞାନତା ବଶତଃ ସେମାନେ ଭାବନ୍ତି ନାହିଁ ଯେ, ମୂର୍ଖ ଗୁରୁ ତାଙ୍କୁ ଶିଖାଇବ କଅଣ ଏବଂ ତାଠାରୁ ସେମାନେ ଶିଖିବେ ବା କଅଣ ? ଏପରି ଗୁରୁ ଶିଷ୍ୟମାନେ ପରମପଦକୁ ନ ଲଭି "ଅନ୍ଧାନ୍ଧଃ କୂପଂ ପ୍ରବିଶନ୍ତି"—ନ୍ୟାୟାନୁସାରେ ଅନ୍ଧତମସକୁ ମାତ୍ର ଲଭନ୍ତି ।

ପରମ ପଦର ତିନୋଟି ମାର୍ଗ—କର୍ମ, ଭକ୍ତି ଏବଂ ଜ୍ଞାନ । ନିଷ୍କାମ କର୍ମାଚରଣଦ୍ୱାରା କିମ୍ବା ନିଷ୍କପଟ ଭକ୍ତି କରଣଦ୍ୱାରା କିମ୍ବା ସଦ୍‌ଗୁରୁ କୃପାବଶତଃ ଜ୍ଞାନ ସମ୍ପାଦନଦ୍ୱାରା ପରମପଦ ପ୍ରାପ୍ତହୁଏ । ଆଉ ଚତୁର୍ଥେ -

ପାଏ ନାହିଁ । ତମୋଗୁଣାଧିକ ବ୍ୟକ୍ତି ନିଷ୍କାମ କର୍ମ, ରଜୋଗୁଣାଧିକ ବ୍ୟକ୍ତି ଭକ୍ତି ଏବଂ ସତ୍ତ୍ୱଗୁଣାଧିକ ବ୍ୟକ୍ତି ଜ୍ଞାନ ସାଧନ କରୁଥିବା ଉଚିତ ।"

କବି, ପଣ୍ଡିତ, ଦାର୍ଶନିକ ଏବଂ ବିବିଧ ସନ୍ଦର୍ଭ ଲେଖକ ବିକ୍ରମ ଦେବ ବର୍ମା ଏହିପରି ଅନେକ ପ୍ରବନ୍ଧ ନାନା ପତ୍ର ପତ୍ରିକାରେ ପ୍ରକାଶ କରିଅଛନ୍ତି । ତାହା ସବୁ ସଙ୍କଳିତ ହେଲେ ଏକାଧିକ ସ୍ୱତନ୍ତ୍ର ପୁସ୍ତକ ହେବ । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ତାହା ସବୁ ଉଦ୍ଧୃତ କରାଗଲା ନାହିଁ । ସ୍ୱତନ୍ତ୍ର ପୁସ୍ତକାକାରରେ ସମସ୍ତ ପ୍ରବନ୍ଧ ପ୍ରକାଶିତ ହେବା ବାଞ୍ଛନୀୟ । ସେଥିରୁ ତାଙ୍କର ବହୁମୁଖୀ ପ୍ରତିଭାର ଅପୂର୍ବ ନିଦର୍ଶନର ପରିଚୟ ମିଳିବ । ଅନେକ ସମୟରେ ତାଙ୍କର କୌତୁକ ପ୍ରଶ୍ନ-ମାନ ସାମୟିକ ଏବଂ ସାପ୍ତାହିକ ପତ୍ରରେ ପ୍ରକାଶିତ ହୁଏ । ସେ ଭଳି ଗୋଟିଏ ସମସ୍ୟା ନିମ୍ନରେ ପ୍ରଦର୍ଶିତ ହେଲା । ତାହା "ସହକାର" ମାସିକ ପତ୍ରର ୪ର୍ଥ ଭାଗ ତୃତୀୟ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏରୂପ କୌତୁକ ପ୍ରଶ୍ନର ସମାଧାନଦ୍ୱାରା ଚିନ୍ତାଶକ୍ତି ପ୍ରସାରିତ ହୁଏ, ଚିତ୍ତର ଏକାଗ୍ରତା ଏବଂ ଅନୁସନ୍ଧିତ୍ସା ବୃଦ୍ଧି ଲାଭ କରେ । ଚିତ୍ତ ବିନୋଦନ ସଙ୍କାଶେ ଏଭଳି ସମସ୍ୟାର ସମାଧାନଦ୍ୱାରା ଯଥେଷ୍ଟ ଆନନ୍ଦ ମଧ୍ୟ ଉପଭୋଗ କରାଯାଏ । ଅନ୍ତର୍ଲିପି, ବହିର୍ଲିପି ପରି ପ୍ରାଚୀନ ସାହିତ୍ୟର ଏହା ମଧ୍ୟ ଗୋଟିଏ ବିଭାଗ । ନିର୍ଦ୍ଦୋଷ ଆମୋଦ ଉପଭୋଗ ପକ୍ଷରେ ଏହା ଗୋଟିଏ ଉପାଦେୟ ସାମଗ୍ରୀ । ପ୍ରଶ୍ନଗୁଡିକ ନିମ୍ନରେ ଲିଖିତ ହେଲା ।

"କାଏ ବେଳି ଲୋକେ ସୁଖଦାୟକ,
କିସ ଇହ ପର ଭୋଗସାଧକ ।
କିସ ନ ଥିଲେ ବୃଥା ଏ ଜୀବନ,
କିସ ଅଟଇ ଇନ୍ଦିରା ସଦନ ।

ଉତ୍ତର ବଖାଣ—ଦ୍ୱିବର୍ଣ୍ଣେ ସବ୍ୟାପସବ୍ୟେ ସମାନ ।"୧।

"କାଏ ଦିଅଇ ଶାଶ୍ୱତ ସୁଖକୁ,
କାଏ ଘାଣ୍ଟି ଚକଟଇ ମନକୁ,
କିସ ନାରଖାର କରେ କରମ,
କିସ ରମ୍ୟ ହୋଇ କାନ୍ଧାଏ ଭ୍ରମ ।

ଉତ୍ତର ବଖାଣ—ପଞ୍ଚବର୍ଣ୍ଣେ ସବ୍ୟାସବ୍ୟେ ସମାନ ।୨।"

"ମରି ମରି ନାହିଁ ଜଗତେ କିଏ,
କାରେ କି କରୁଥିଲେ ରଣେ ଜୟେ,
କିସ ତୋଷଇ ସୀରଙ୍ଗ ମାନସ,
ଜନେ ଧର୍ମ ରକ୍ଷିବା ହେତୁ କିସ ।

ଉତ୍ତର ବଖାଣ—ସପ୍ତବର୍ଣ୍ଣେ ସବ୍ୟାସବ୍ୟେ ସମାନ ।୩।"

ଉତ୍ତର—

୧ । ନନ୍ଦନ, କନକ, ନୟନ, ନଳିନ ।

୨ । ନନ୍ଦନନ୍ଦନ, ରମାକୁମାର, ରଭସଭର, ନବଯୌବନ ।

୩ । ରମା ନନ୍ଦନ ମାର, ବରଜନନଜରବ, ନବ ନଳିନ ବନ, ଧର୍ମପତ୍ୟପର୍ଧ ।

ଏହା ଭାଷାର ଗୋଟାଏ ଶିଳ୍ପ । ଶିଳ୍ପୀ ସବୁ-ବେଳେ ଏକ ପ୍ରକାର ଶିଳ୍ପ ରଚନା କରେ ନାହିଁ । ତାହା ମନରେ ଯେତେବେଳେ ଯାହା ଉଦୟ ହୁଏ, ସେତେବେଳେ ତାହାର ମୂର୍ତ୍ତି ଗଠନ କରେ । ଭାଷା-ଶିଳ୍ପୀ ବିକ୍ରମ ଦେବ ବର୍ମାଙ୍କ ମନରେ ଯେଉଁ କଳ୍ପନା ଜାତ ହୋଇଅଛି, ସେ ତତ୍କ୍ଷଣେ ତାକୁ ରୂପଦାନ କରିଅଛନ୍ତି । ସୁଚତୁର ନିପୁଣହସ୍ତ ଭାଷାଶିଳ୍ପୀ ପକ୍ଷରେ ଏହା ସମ୍ଭବ ।

ସହକାର ମାସିକ ପତ୍ରର ଭୂତପୂର୍ବ ସମ୍ପାଦକ ଶ୍ରୀଯୁକ୍ତ ଅଲେଖପ୍ରସାଦ ଦାସ ପଞ୍ଚମ ଭାଗ ୩।୪ର୍ଥ ଏକତ୍ର ପ୍ରକାଶିତ ସହକାର ସଂଖ୍ୟାରେ ବିକ୍ରମ ଦେବ ବର୍ମାଙ୍କର ପ୍ରତିମୂର୍ତ୍ତି ସହ ଗୋଟିଏ କବିତା ପ୍ରକାଶ କରିଥିଲେ । ସେ ସମ୍ପାଦକୀୟ ମନ୍ତବ୍ୟରେ ଲେଖିଥିଲେ, "ନୂତନ ଓଡିଶା ଅର୍ଥାତ୍ ଭିଜାଗାପଟ୍ଟମ ଜିଲ୍ଲାରେ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ବାସ କରନ୍ତି । ସେ ସାହିତ୍ୟିକ ଏବଂ ଦେଶହିତୈଷୀ । ଓଡିଶା ଦେଶମିଶ୍ରଣ ସମ୍ପର୍କରେ ସେ ପ୍ରଥମେ କେତେ ଯତ୍ନ କରିଅଛନ୍ତି ଏବଂ ତାଙ୍କର ଏହି ଅବର କାର୍ଯ୍ୟ ମଧ୍ୟ ଅତି ପ୍ରଶଂସନୀୟ । ବୃଦ୍ଧ ବୟସରେ ତାଙ୍କର ଦେଶ ପ୍ରୀତି ସବୁରି ଅନୁକରଣୀୟ । ସେ ଜୟ-ପୁର ମହାରାଜଙ୍କର ପିତୃବ୍ୟ ଅଟନ୍ତି ।ଗଞ୍ଜାମ ଓ ଜୟପୁର ଓଡିଶା ସଙ୍ଗରେ ମିଶାଇବା ବିଷୟରେ ସେ ଓଡିଆ ଭାଇଙ୍କୁ କହିଥିଲେ, "ଆମ୍ଭେମାନେ ସମସ୍ତେ ଏକ ଶାସନାଧୀନ ନ ହେଲେ ଆମ୍ଭମାନଙ୍କ ସାମାଜିକ,

ମାନସିକ, ବୈଜ୍ଞାନିକ ଏବଂ ଆର୍ଥିକ ଉନ୍ନତି କଦାପି ହୋଇ ନ ପାରେ । ସମସ୍ତେ ଧନକୁ ଏବଂ ପରିଶ୍ରମକୁ ଲକ୍ଷ୍ୟ ନ କରି ଅଷ୍ଟା ଭିଡି କାର୍ଯ୍ୟ କରିବା ସମୟ ଉପସ୍ଥିତ ହୋଇଅଛି ।” ବୃଦ୍ଧ ବୟସରେ ଯଦିଓ ବୀର ଶ୍ରୀଯୁକ୍ତ ବର୍ମା ମହୋଦୟଙ୍କର ଏତାଦୃଶ ବାଣୀ କି ଉତ୍ସାହ-ପୂର୍ଣ୍ଣ !”

ବାସ୍ତବରେ ଏରୂପ ଜୀବନ୍ତ ଉତ୍ସାହବାଣୀ ଦେଶୋନ୍ନତି ଏବଂ ଆତ୍ମୋନ୍ନତିର ଶୁଭଦୀକ୍ଷା, ଦେଶକୁ ଶୁଣାଇବା ଆନ୍ତରିକ ସ୍ୱଦେଶ ପ୍ରୀତିର ଉଜ୍ଜ୍ୱଳ ନିଦର୍ଶନ । ଦେଶକର୍ମୀମାନଙ୍କୁ ଏହିପରି ସଦୁପଦେଶଦ୍ୱାରା ଉଦ୍‌ବୁଦ୍ଧ କରିବା ପ୍ରବୀଣମାନଙ୍କର କର୍ତ୍ତବ୍ୟ । କର୍ମବୀର ବର୍ମା ମହୋଦୟ ସେହି ପବିତ୍ର କର୍ତ୍ତବ୍ୟ ପ୍ରତି ସର୍ବଦା ଅବହିତ । ଯେ କାର୍ଯ୍ୟ କରେ ଏବଂ ଯେ କାର୍ଯ୍ୟ କରାଏ, ସେ ଦୁହିଁଙ୍କର ମୂଲ୍ୟ ଏକ; ମାତ୍ର ଯେ ନିଜେ କରେ ପୁଣି କରାଏ, ସେ ପୂର୍ଣ୍ଣକର୍ମୀ, ତାହାର କର୍ମ ଦୁଇଗୁଣ ମୂଲ୍ୟବାନ୍ ।

ସ୍ୱଦେଶପ୍ରାଣ ବିକ୍ରମ ଦେବ ବର୍ମା ଉତ୍କଳସମ୍ମିଳନୀର ଜଣେ ପ୍ରଧାନ ପୃଷ୍ଠପୋଷକ, ଏହା ସର୍ବଜନ ବିଦିତ । ସେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ଅନେକ ଥର ଯୋଗ ଦେଇଅଛନ୍ତି । ଅନେକ ଗଠନମୂଳକ ହିତକର ପ୍ରସ୍ତାବ ଉପସ୍ଥାପିତ କରି ସେ ସମ୍ବନ୍ଧରେ ଆଲୋଚନା ମଧ୍ୟ କରିଅଛନ୍ତି । ତାଙ୍କର ପ୍ରସ୍ତାବମାନ ଯଥାଶୀଘ୍ର [illegible] ହୋଇ ସର୍ବସମ୍ମତିକ୍ରମେ ସାଦରେ ପରିଗୃହୀତ ହୋଇଅଛି । ୧୯୦୩ ଖ୍ରୀଷ୍ଟାବ୍ଦରେ କଟକରେ ଅଧିବେଶିତ ବାର୍ଷିକ-ସମ୍ମିଳନୀରେ ଯୋଗ ଦେଇ ସେ ପ୍ରସ୍ତାବ କରିଥିଲେ, “ମଧ୍ୟପ୍ରଦେଶର ଚିଫ୍‌କମିଶନର ପଦରେ ପ୍ରତିଷ୍ଠିତ ଥିବା ସମୟରେ ବଙ୍ଗଦେଶର ବର୍ତ୍ତମାନ ଲେଫ୍‌ଟେନାଣ୍ଟ ମହୋଦୟ ସମ୍ବଲପୁରରେ ଓଡ଼ିଆ ଭାଷାକୁ ଅଦାଲତର ଭାଷାରୂପେ ପୁନଃ ପ୍ରତିଷ୍ଠିତ କରିଥିବା ଯୋଗୁଁ ଏ ସମ୍ମିଳନୀର ଆନ୍ତରିକ ଧନ୍ୟବାଦ ମହାମାନ୍ୟ ଲେଫ୍‌ଟେନାଣ୍ଟଙ୍କ ଅବଗତି ନିମିତ୍ତ ପ୍ରାଇଭେଟ ସେକ୍ରେଟେରୀଙ୍କ ନିକଟକୁ ପ୍ରେରିତ ହେଉ ।”

ଏହି ପ୍ରସ୍ତାବ ଉତ୍‌ଥାପନ କରି ସେ କହିଥିଲେ, “ଚିରକାଳରୁ ସ୍ଥାୟୀ ହୋଇଥିବା ଉତ୍କଳଭାଷା ସମ୍ବଲପୁର ଅଞ୍ଚଳ ସରକାରୀ ଅଦାଲତମାନଙ୍କରୁ ଉଠି-ଯାଇଥିଲା, ଏହା ଆପଣମାନଙ୍କୁ ଅଗୋଚର ନାହିଁ । ଯଦି ସେପରି ଘଟିଥାନ୍ତା ନିଶ୍ଚୟ ସେ ପ୍ରଦେଶରେ ଆଉ ଓଡ଼ିଆ ଭାଷା ରହନ୍ତା ନାହିଁ । କାରଣ, କେବଳ ସାହିତ୍ୟାନୁରାଗରେ କୌଣସି ଭାଷା ଗଠିତ ହେଉଥିବାର ପ୍ରାୟ ଦେଖାଯାଏ ନାହିଁ । ପ୍ରୟୋଜନ ବିନା ସର୍ବ-ସାଧାରଣ ପଠନଶ୍ରମ ସ୍ୱୀକାର କରନ୍ତି ନାହିଁ । ବର୍ତ୍ତମାନ ବିଦ୍ୟାଭିବୃଦ୍ଧି ତହିଁର ପରିସୂଚକ ଅଟେ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଦେଶ ପ୍ରଚଳିତ ଭାଷାମାନ ଅର୍ଥାତ୍ ତେଲୁଗୁ, ଦ୍ରାବିଡ଼, କର୍ଣ୍ଣାଟକ ପ୍ରଭୃତି ଭାଷାମାନ ବ୍ୟବହୃତ ହେଉଥିବାରୁ ସେଠା ଛାତ୍ରମାନେ ଉକ୍ତ ଭାଷାମାନଙ୍କୁ ନ ପଢ଼ିଲେ ଚଳେ ନାହିଁ । ଏହି କାରଣରୁ ସେ ଅଞ୍ଚଳରେ ସେହି ସେହି ଭାଷାମାନଙ୍କର ଉନ୍ନତି ହେଉଅଛି । ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପ୍ରଭୃତି ଦେଶୀୟ ଭାଷାମାନ ଉଚ୍ଚଶ୍ରେଣୀୟ ଛାତ୍ରମାନଙ୍କର ଆବଶ୍ୟକ ହେଉ ନ ଥିବାରୁ ଏଠା ବାଳକମାନେ ଦେଶୀୟଭାଷା ପଠନରେ ହେଳା କରୁଅଛନ୍ତି । ଯଦି ଓଡ଼ିଆ ଭାଷା ସମ୍ବଲପୁର କଚେରୀ-ମାନଙ୍କରୁ ଉଠିଯାଇଥାଆନ୍ତା, ପଠନ ବିଷୟ ଉଣ୍ଣର କାଣନ୍ତୁ, ଓଡ଼ିଆ ସମ୍ଭାଷଣ ସୁଦ୍ଧା ଲୋପ ହୋଇଥାଆନ୍ତା । ଏ ଦୀନ ଦୁଃଖୀ ଉତ୍କଳବାସୀଙ୍କଠାରେ କୃପା କରି ସମ୍ବଲପୁର ପ୍ରଦେଶରେ ଓଡ଼ିଆକୁ ପୁନଶ୍ଚ ସରକାରୀ ଭାଷା ସ୍ୱରୂପ ସଂସ୍ଥାପନ କରିବା ହେତୁ ମାନନୀୟ ଶ୍ରୀ ବଙ୍ଗଳା ଲେଫ୍‌ଟେନାଣ୍ଟଙ୍କୁ ଧନ୍ୟବାଦ ଦେବା ନିମିତ୍ତ ଏବଂ ଉକ୍ତ ସମ୍ବାଦ ପ୍ରାଇଭେଟ ସେକ୍ରେଟେରୀଙ୍କଦ୍ୱାରା ସେ ମହୋ-ଦୟଙ୍କୁ ଜଣାଇବା ନିମିତ୍ତ ମୁଁ ପ୍ରସ୍ତାବ କରୁଅଛି ।

୧୯୧୬ ଖ୍ରୀଷ୍ଟାବ୍ଦରେ ବ୍ରହ୍ମପୁରରେ ଅଧିବେଶିତ ଉତ୍କଳ ସମ୍ମିଳନୀରେ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ମହୋଦୟ ପ୍ରସ୍ତାବ କରିଥିଲେ, “ପ୍ରାତଃସ୍ମରଣୀୟ ଓଡ଼ିଶାର ଆଦର୍ଶ ନରପତି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଶ୍ରୀ ମୟୂରଭଞ୍ଜାଧୀଶ୍ୱର ଶ୍ରୀ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବଙ୍କର ଅକାଳ ଓ ଆକସ୍ମିକ ବିୟୋଗରେ ଉତ୍କଳୀୟମାନଙ୍କର ଯେ ଅପୂରଣୀୟ କ୍ଷତି ହୋଇଅଛି, ସେଥିପାଇଁ ଏହି ସମ୍ମିଳନୀ ଗଭୀର ଶୋକ ପ୍ରକାଶ କରୁଅଛି ।”

ଏହି ପ୍ରସ୍ତାବ ଆଗତ କରିବାବେଳେ ସେ ତାଙ୍କ ଅଭିଭାଷଣରେ କହିଥିଲେ, "ମୟୁରଭଞ୍ଜର ସ୍ୱର୍ଗୀୟ ମହାରାଜ ଶ୍ରୀ ଶ୍ରୀ ରାମଚନ୍ଦ୍ରଙ୍କ ଅକାଳ ବିୟୋଗରେ ଉତ୍କଳ ନିଦାରୁଣ ମର୍ମାହତ ହୋଇଅଛି । ମୋ ସଙ୍ଗେ ସ୍ୱର୍ଗୀୟ ମହାରାଜଙ୍କର ଯେ କେତେ ଥର ସାକ୍ଷାତ ହୋଇଥିଲା, ସେଥିରୁ ମୁଁ ବୁଝିପାରିଥିଲି ଯେ, ସେ "ରାମଚନ୍ଦ୍ର" ନାମକୁ ସାର୍ଥକ କରିଥିଲେ । ତାହାଙ୍କ ମୃତ୍ୟୁରେ ଉତ୍କଳରେ ଯେଉଁ କ୍ଷତି ହେଲା, ତାହା ଶୀଘ୍ର ପୂରଣ ହେବାର ଆଶା ନାହିଁ ।"

ନିଖିଳ ଉତ୍କଳ ସମ୍ମିଳନୀର ଦଶମ ବାର୍ଷିକ ଅଧିବେଶନ ପାରଳାଖେମୁଣ୍ଡିଠାରେ ୧୯୧୪ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ମହାମନା ବିକ୍ରମ ଦେବ ବର୍ମା ଉକ୍ତ ଅଧିବେଶନର ସଭାପତି ରୂପେ ବରିତ ହୋଇଥିଲେ । ତାଙ୍କର ସୁଚିନ୍ତିତ ଅଭିଭାଷଣ ସାରଗର୍ଭକ ଏବଂ ସମୟୋଚିତ ହୋଇଥିଲା । ସେଥିରେ ସେ ଦେଶୋନ୍ନତିର ଅନେକ ବିଷୟରେ ପ୍ରବୀଣତାର ସହିତ ଆଲୋଚନା କରିଥିଲେ । ତାଙ୍କର ସେହି ଅଭିଭାଷଣ ନିମ୍ନରେ ଅବିକଳ ଉଦ୍ଧୃତ ହେଲା—

"ସମ୍ମାନାସ୍ପଦ ରାଜନ୍ୟବୃନ୍ଦ, ପ୍ରତିନିଧିବର୍ଗ ଓ ଆଗନ୍ତୁକ ଭାଇମାନେ,

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆ ଦେଶର ମହୋଚ୍ଚ ଏବଂ ସର୍ବୋତ୍କୃଷ୍ଟ ଜାତୀୟ ଅନୁଷ୍ଠାନ । ତାହାର ସଭାପତି ରୂପେ ଆଜଯାଏ ଗଣ୍ୟ ମାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବରିତ ହୋଇ ଆସିଅଛନ୍ତି । ବିଗତ ପୁରୀ ଅଧିବେଶନରେ ଅସ୍ମମାନଙ୍କର ଗୌରବର ଆସ୍ପଦ ସ୍ୱନାମଧନ୍ୟ ମାନ୍ୟବର ମଧୁସୂଦନ ଦାସ, ସି. ଆଇ. ଇ. ସଭାପତିର ଆସନ ଅଳଙ୍କୃତ କରିଥିଲେ । ତାଙ୍କ ପରେ ମୋ ପରି ନଗଣ୍ୟ ବ୍ୟକ୍ତିର ନିର୍ବାଚନ କୌଣସି ଅଂଶରେ ସମ୍ମିଳନୀର ଗୌରବ ଓ ଗରିମା ବୃଦ୍ଧି କରିବ ନାହିଁ । ଅଧିକନ୍ତୁ ସଭାପତିଙ୍କ ଆସନ ତତ୍କାଳୀ ଲୋକଦୃଷ୍ଟିରେ ମୂଲ୍ୟହୀନ ଥିବାର ପ୍ରତିପାଦିତ ହେବ ବୋଲି ମୋହର ଆଶଙ୍କା ଜନ୍ମିଅଛି । ଏହି ଆଶଙ୍କା କରି ଏବଂ ନିଜ ଅପାରଗତା ଓ ଅନୁପଯୁକ୍ତତା ସମ୍ବନ୍ଧେ ଆତ୍ମଜ୍ଞାନ ହେବାରୁ ମୁଁ ପ୍ରଥମତଃ ଅଭ୍ୟର୍ଥନା ସମିତିର ସାଗ୍ରହ ପ୍ରାର୍ଥନା ରକ୍ଷା କରିବାକୁ ଅସମ୍ମତ ଥିଲି । ଦେଶର ଅନେକ ଯୋଗ୍ୟତର ଏବଂ ପ୍ରବୀଣ ବ୍ୟକ୍ତି ଥାଇଁ ଥାଉଁ ମତେ କାହିଁକି ନିର୍ବାଚନ କଲେ, ଏହାର କାରଣ ମନ ମଧ୍ୟରେ ଖୋଜିବାକୁ ବସିଲି । ବୁଝିଲି, ଅଭ୍ୟର୍ଥନା ସମିତି ଏ ଗୌରବ ମତେ ଦେଇ ନାହାନ୍ତି । ଯେଉଁ ଓଡ଼ିଆ ଭାଇ ଜୟପୁର ଓ ବିଶାଖପଟ୍ଟଣରେ ନିଜର ବ୍ୟକ୍ତିତ୍ୱ, ନିଜର ମାତୃଭାଷା ପର୍ଯ୍ୟନ୍ତ ଭୁଲିଯିବାକୁ କାଳ କ୍ରମେ ଏବଂ ଅବସ୍ଥାର ବିପର୍ଯ୍ୟୟରେ ବାଧ୍ୟ ହୋଇଅଛନ୍ତି, ସେମାନଙ୍କ ସଙ୍ଜ୍ଞାପ୍ରାପ୍ତି ନିମିତ୍ତ ମାତୃସ୍ତନ୍ୟ ପାନରୁ ବଞ୍ଚିତପ୍ରାୟ ମାତୃଭାଷାର ଅନବରତ ଚର୍ଚ୍ଚାରୁ ବିରତ ମୋ ପରି ତାଙ୍କର ଜଣେ ଦୁର୍ବଳ ପ୍ରତିନିଧିଙ୍କୁ ସଭାପତି ନିର୍ବାଚନ କରିଅଛନ୍ତି । ମତେ ବର୍ତ୍ତମାନ ଆପଣମାନେ ଯେଉଁ ସମ୍ମାନରେ ଗୌରବାନ୍ୱିତ କରିଅଛନ୍ତି, ତାହା ବାସ୍ତବିକ ମୋହର ବ୍ୟକ୍ତିଗତ ଗୌରବ ନୁହେଁ, ଏହା ମନେକରି ଅଭ୍ୟର୍ଥନା ସମିତିର ଆମନ୍ତ୍ରଣ ଗ୍ରହଣ କଲି । ବିଶାଖପଟ୍ଟଣର ଓଡ଼ିଆମାନଙ୍କ ପ୍ରତି ଆପଣଙ୍କ ମମତା ପ୍ରଶଂସନୀୟ । ମୋ ପକ୍ଷରୁ ଏବଂ ଜୟପୁର, ବିଶାଖପଟ୍ଟଣ ଓଡ଼ିଆମାନଙ୍କ ପକ୍ଷରୁ ମୁଁ ଏଥିପାଇଁ ଆପଣମାନଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛି । ବିଗତ ବର୍ଷ ସମ୍ମିଳନୀ ସଭାରେ ଡ. ନରସିଂହ ରାଓ ପାଠକ ନାମକ ଜଣେ ବିଶାଖପଟ୍ଟଣର ଓଡ଼ିଆ ସେହି ଅଞ୍ଚଳରେ ଓଡ଼ିଆମାନଙ୍କ ଦୁରବସ୍ଥାର ପରିବର୍ତ୍ତନ ନିମନ୍ତେ ଯେଉଁ କରୁଣ ନିବେଦନ ପ୍ରକାଶ କରିଥିଲେ, ତାହା ଫଳରେ ସମ୍ଭବତଃ ଆଜି ବିଶାଖପଟ୍ଟଣର ଓଡ଼ିଆମାନଙ୍କ ପ୍ରତି ଆପଣମାନଙ୍କର ଦୃଷ୍ଟି ପଡ଼ିଅଛି । ମୋହର [redacted] ପର କାରଣ ମୁଁ ପାଇପାରୁ ନାହିଁ । ଯାହା ହେଉ ଏହା ଆପଣମାନଙ୍କର ଗଭୀର ହୃଦୟବତ୍ତା ଓ ଉଦାରତାର ପରିଚୟ ଦେଉଅଛି ।

ଯୁଦ୍ଧ:—

ସାମ୍ରାଜ୍ୟର ଘୋର ଅସମୟରେ ପୃଥିବୀର ସର୍ବଧ୍ୱଂସକାରୀ ବିପ୍ଳବ ଓ ଦୁର୍ଘ୍ୟାତ କାଳରେ ଅସ୍ମମାନଙ୍କର ଏହି ସମ୍ମିଳନୀର ଦଶମ ଅଧିବେଶନ ହେଉଅଛି । ଇଉରୋପର ମହାଯୁଦ୍ଧ ବିଂଶତି ଶତାବ୍ଦୀର ଏକ ବିଶେଷ ଘଟଣା । ପୁନର୍ବାର କୁରୁକ୍ଷେତ୍ରର ଅବତାର ହୋଇଅଛି ।

କୁରୁକ୍ଷେତ୍ର ଫ୍ରାନ୍ସ, ବେଲଜିୟମକୁ ସ୍ଥାନାନ୍ତରିତ ହୋଇଅଛି; ମାତ୍ର ଉପସ୍ଥିତ ମହାଯୁଦ୍ଧର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ, ଜର୍ମାନୀ ନିଜର ଅନ୍ୟାୟ ଲୋଭ ଆଶାରେ ଅନ୍ୟ ରାଜାମାନଙ୍କର ସ୍ୱାଧୀନତା ନଷ୍ଟ କରି ନିଜ ରାଜ୍ୟ-ବୃଦ୍ଧି ପିପାସା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଏହି ଯୁଦ୍ଧ ଆରମ୍ଭ କରିଅଛି । ଜର୍ମାନୀ କ୍ଷୁଦ୍ର ରାଜ୍ୟସମୂହର ସ୍ୱାଧୀନତା ଓ ଅସ୍ତିତ୍ୱ ପର୍ଯ୍ୟନ୍ତ ଲୋପ କରିବାକୁ ଉଦ୍ୟମ କରିଅଛି । ଆନ୍ତର୍ଜାତୀୟ ପବିତ୍ର ସନ୍ଧି ସରତମାନ ଲଙ୍ଘନ କରି ବିଶ୍ୱାସଘାତକତାର ପରାକାଷ୍ଠା ଦେଖାଇଅଛି । ମାନବର ସଭ୍ୟତାକୁ ବହୁଦୂର ଏବଂ ବହୁବର୍ଷ ନିମନ୍ତେ ପଛକୁ ପକାଇଦେଇଅଛି । ଜଗତର ଶାନ୍ତି ଓ ସଭ୍ୟତା ପଥରେ ମହା ଅନର୍ଥ, ଘୋର ବ୍ୟାଘାତ ଘଟାଇଅଛି । ଜର୍ମାନୀ କେବଳ ଇଂଲଣ୍ଡର ଶତ୍ରୁ ନୁହେଁ, ସେ ଯେଉଁ କାଣ୍ଡସବୁ କରିଅଛି, ଯୁଦ୍ଧରେ ସେ ଯେଉଁ ଅମାନୁଷି ଅତିମାନୁଷି ଦୌରାତ୍ମ୍ୟ ଓ ବର୍ବରତାର ପନ୍ଥା ଅନୁସରଣ କରିଅଛି, ସେଥିରେ ସେ ସମସ୍ତ ମାନବଜାତିର ଶତ୍ରୁ ବୋଲି ମୁଁ କହିପାରେ । ଜର୍ମାନୀର ଏଭଳି ଦୌରାତ୍ମ୍ୟପୂର୍ଣ୍ଣ କାର୍ଯ୍ୟରେ ସଭ୍ୟ ଇଂଲଣ୍ଡର କିଂକର୍ତ୍ତବ୍ୟ ? ସେ ନୀରବ ନିଶ୍ଚଳ ରହିପାରେ କି ? ସେପରି ନୀରବ ରହିଲେ ଜଗତର ଇତିହାସରେ ସଭ୍ୟ ଇଂଲଣ୍ଡର, ଶାନ୍ତିପ୍ରିୟ ଇଂରେଜ ଜାତିର ଆଉ ଗୌରବ ରହନ୍ତା କି ? ଯେଉଁ ଜାତି ଚିରକାଳ ନ୍ୟାୟ ଓ ଶାନ୍ତି ନିମନ୍ତେ ଜଗତରେ ସୁପ୍ରସିଦ୍ଧ, ଯେଉଁ ଜାତି ଶିକ୍ଷା ଓ ସଭ୍ୟତାର ବିସ୍ତାର ତଥା ପ୍ରଗତି ନିମନ୍ତେ ସର୍ବଦା ତତ୍ପର, ଯେଉଁଠାରେ ନ୍ୟାୟ ଓ ସତ୍ୟର ଧ୍ୱଜା ନିରନ୍ତର ଉଡ଼ୁଅଛି, ସେହି ଦେଶ ଓ ସେହି ଜାତି କି ଜର୍ମାନୀର ଅନାଚାର ସହ୍ୟ କରିବ ? ସନ୍ଧିସ୍ଥାପନ ନିମନ୍ତେ ଆମ୍ଭମାନଙ୍କର ସମ୍ରାଟ୍ ପଞ୍ଚମଜର୍ଜ ପ୍ରଭୃତି ଯତ୍ନ କରିଥିଲେ; କିନ୍ତୁ ଜର୍ମାନୀର ଦୁରଭିସନ୍ଧି ସମକ୍ଷରେ ସେ ସକଳ ଉଦ୍ୟମ ବୃଥା ହେଲା । ଯେଉଁ ଜର୍ମାନୀ ଏହି ଅଶାନ୍ତିକର ଯୁଦ୍ଧ ନିମନ୍ତେ ବହୁବର୍ଷ ଆଗରୁ ଅବୈଧ ଯତ୍ନ କରୁଥିଲା, ସେ ଶାନ୍ତିର ପ୍ରସ୍ତାବ ଗ୍ରହଣ କରିବ କାହିଁକି ? ଏପରି ଅବସ୍ଥାରେ ଯୁଦ୍ଧ ଘୋଷଣା କରିବା ଛଡ଼ା ଇଂଲଣ୍ଡର ଉପାୟାନ୍ତର କଣ ? ବେଲଜିୟମର ଧ୍ୱଂସ ସ୍ୱଚକ୍ଷୁରେ ଦେଖି ନୀରବ ହୋଇ ଇଂଲଣ୍ଡ ରହିପାରନ୍ତା କି ? ଚତୁର୍ଦ୍ଦିଗରେ ପରିଖା ସମ ଜଳରାଶିରେ ପରିବେଷ୍ଟିତ ଦ୍ୱୀପ ମଧ୍ୟରେ ଔଦାସ୍ୟରେ ବସି ଆନ୍ତର୍ଜାତୀୟ ନିୟମ ଭଙ୍ଗ ହେବାର ଦେଖୁଥିଲେ ଇଂଲଣ୍ଡର ଅହଙ୍କାର, ଇଂରେଜ ଜାତିର ବିଶେଷତ୍ୱ ଆଉ ରହନ୍ତା କେଉଁଠାରେ ? ମନ୍ତ୍ରୀ ଆସ୍କୁଏଥ ସେଦିନ କହିଥିଲେ, "ଇଂଲଣ୍ଡ ଏପରି ଭୀରୁ, ନୀରବ, ଉଦାସୀନ ଭାବରେ ରହିବା ଅପେକ୍ଷା ତାହାର ନାମ ଜଗତର ଇତିହାସ ପୃଷ୍ଠାରୁ ଏକାବେଳକେ ଲୋପ ପାଇବା ବରଂ ଶ୍ରେୟସ୍କର ।" ନ୍ୟାୟ,ଧର୍ମ ଓ ଶାନ୍ତି ନିମନ୍ତେ,ସମଗ୍ର ଜଗତର ଉପକାର ନିମନ୍ତେ, ମାନବଜାତିର ସ୍ୱାଧୀନତା ଅକ୍ଷୁଣ୍ଣ, ଅପ୍ରତିହତ ରଖିବା ନିମନ୍ତେ ଇଂଲଣ୍ଡ ଅନ୍ୟ ଉପାୟ ନ ଦେଖି ଅବଶେଷରେ ଯୁଦ୍ଧ ଘୋଷଣା କରିଅଛି । "ଯତୋ ଧର୍ମ ସ୍ତତୋ ଜୟଃ" ଏହା ନିଶ୍ଚୟ । କିନ୍ତୁ କେବଳ ନୀତିବାକ୍ୟ ଘୋଷିଦେଇ ନୀରବ ରହିଲେ ଆମ୍ଭମାନଙ୍କର ଧର୍ମ ପ୍ରତି, ସତ୍ୟ ପ୍ରତି, ଶୃଙ୍ଖଳା ପ୍ରତି ବିଶେଷ ଆସ୍ଥା ଅଛି ବୋଲି କୁହାଯିବ ନାହିଁ । ନ୍ୟାୟପକ୍ଷର ଜୟକାମନା ମଧ୍ୟ ଯଥେଷ୍ଟ ନୁହେଁ । ସମାଜରେ ଶାନ୍ତି ସ୍ଥାପନ ନିମନ୍ତେ ଯେ ବ୍ୟାକୁଳ, ତାକୁ ନ୍ୟାୟ ପକ୍ଷରେ ସାହାଯ୍ୟ କରିବାକୁ ହେବ । ଭାରତ ସଦା ଶାନ୍ତିପ୍ରିୟ, ଭାରତୀୟମାନେ ସର୍ବଦା ନ୍ୟାୟର ପକ୍ଷପାତୀ । ରାଜଭକ୍ତି ଯେମାନଙ୍କ ଅସ୍ଥିମଜ୍ଜାରେ ଏକୀଭୂତ ହୋଇ ଶତ ଶତବର୍ଷ ପର୍ଯ୍ୟନ୍ତ ଅବିଚଳିତ ଭାବରେ ରହିଅଛି ; ଅତଏବ ଦେଶର ସକଳ ଶ୍ରେଣୀ, ସକଳ ସମ୍ପ୍ରଦାୟର ଲୋକେ ଯୁଦ୍ଧରେ ଇଂରେଜଙ୍କ ଜୟ କାମନା କରୁଅଛନ୍ତି । ଭାରତର ଯେଉଁ ଆଡ଼କୁ ଚାହିଁ ଯୁଦ୍ଧ ନିମନ୍ତେ ଯଥାଶକ୍ତି ସାହାଯ୍ୟ ଦେବାକୁ ସମସ୍ତେ ବ୍ୟାକୁଳ । ସମସ୍ତେ ଏହି ବିଷୟରେ ଏକ ମତ । ଏପରି ମତୈକ୍ୟ, ଏପରି ରାଜଭକ୍ତିର ସରଳ ସ୍ୱାଭାବିକ ଅଭିବ୍ୟକ୍ତି ଅନ୍ୟ କୌଣସି ଘଟଣାରେ ଦେଖାଯାଇଅଛି କି ନା ସନ୍ଦେହ । ଦାନର ପ୍ରତିଦାନ ଅଛି । ଇଂରେଜ ଜାତି ଭାରତର ଏହି ସହାନୁଭୂତି ହୃଦୟଙ୍ଗମ କରିଅଛନ୍ତି ଏବଂ ଗୋରାଙ୍କ ପାର୍ଶ୍ୱରେ କଳା ସିପାହୀ ଏକ ଲକ୍ଷ୍ୟ, ଏକ ସାମ୍ରାଜ୍ୟ ରକ୍ଷା ଚେଷ୍ଟାରେ, ଏକ ପ୍ରବଳ ଚକ୍ରବର୍ତ୍ତୀଙ୍କ ନିମନ୍ତେ ଯୁଦ୍ଧ କରୁ ଅଛନ୍ତି; ଏହାହିଁ ଭାରତର ଗୌରବ ।

**ଯୁଦ୍ଧ ଓ ଓଡ଼ିଶା :—**

ବିଚ୍ଛିନ୍ନ ହୋଇ ବିଭିନ୍ନ ଶାସନାଧୀନରେ ରହିଥିବାରୁ ଓଡ଼ିଆମାନଙ୍କର ସମୂହ ଶକ୍ତିର ବିକାଶ ପାଇପାରୁ ନାହିଁ । ଉତ୍କଳ ନାନା କାରଣରୁ ଶିକ୍ଷା ସମ୍ପର୍କରେ ପଛରେ ପଡ଼ିଅଛି । ତାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ତାହାର ପୂର୍ବ ଗୌରବ ନାହିଁ । ପୁରାତନ ଐଶ୍ୱର୍ଯ୍ୟରେ ସେ ଗର୍ବ କରିବାକୁ ଅନୁଭବ ଶିକ୍ଷା କରି ନାହିଁ । ପୂର୍ବ ଯଶ ଆଣିବାକୁ ତାହାର ଉଦ୍ୟମ ନାହିଁ । ନୋହିଲେ କି ଆଜି ଏହି ଯୁଦ୍ଧ-ବେଳେ ତାହାର ଇତିହାସପ୍ରସିଦ୍ଧ ପାଇକ ସେନାଙ୍କୁ ସେ ଯୁଦ୍ଧକୁ ପଠାଇ ନ ଥାନ୍ତା ? ଯେଉଁ କୃଷ୍ଣ ସେନା ବଳରେ ଗଙ୍ଗାଠାରୁ ଗୋଦାବରୀ ଯାଏଁ ଉତ୍କଳ ଅଖଣ୍ଡ ରାଜ୍ୟ ସଂସ୍ଥାପନ କରିଥିଲା, ଯେଉଁମାନଙ୍କର ପ୍ରବଳ ସ୍ୱାର୍ଥତ୍ୟାଗ ପ୍ରଭାବରେ ଓଡ଼ିଶା ତିନି ଶତ ବର୍ଷ ପର୍ଯ୍ୟନ୍ତ ମୁସଲମାନ୍ ସୈନ୍ୟଙ୍କ ଆକ୍ରମଣ ପ୍ରତିହତ କରିବାକୁ ସମର୍ଥ ହୋଇଥିଲା ସେମାନେ କାହାନ୍ତି ? ଆଜି ସେହି ସେନାମାନଙ୍କୁ ଉତ୍କଳ ଯୁଦ୍ଧକ୍ଷେତ୍ରକୁ ପଠାଇପାରିଥିଲେ ନିଜକୁ କୃତାର୍ଥ ମଣିଥାନ୍ତା । ସେ ଯାହା ହେଉ ତାହାର ବର୍ତ୍ତମାନ ଅବସ୍ଥାରେ ସେ ଯାହା କରିପାରେ ଉତ୍କଳ ଯୁଦ୍ଧର ସାହାଯ୍ୟାର୍ଥେ ତାହା କରିଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦେଶର ବିଭିନ୍ନ କେନ୍ଦ୍ରରେ ଯୁଦ୍ଧସମିତିମାନ ହୋଇଯାଇଅଛି । ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହ ଓଡ଼ିଆ ଇଂରେଜଙ୍କ ଜୟ କାମନା କରୁଅଛି ; କିନ୍ତୁ ଛିନ୍ନ ବିଚ୍ଛିନ୍ନ ହୋଇ ରହିଥିବାରୁ ଉତ୍କଳର ଅଂଶବିଶେଷର ସହାନୁଭୂତି ଓ ସାହାଯ୍ୟର ଫଳ ପରିସ୍ଫୁଟ ହେଉ ନାହିଁ । ବ୍ରହ୍ମପୁରଠାରେ ଜନକର ସଭାରେ ପ୍ରାୟ ୩୦୦୦୦ ଟଙ୍କା ସ୍ୱୀକୃତ ହୋଇଅଛି । ଏକା ପାରଳା ରାଜାସାହେବ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଜୟପୁର, ଗଞ୍ଜାମ, ଓଡ଼ିଶା, ସିଂହଭୂମ ସକଳ ସ୍ଥାନର କି ରାଜା କି ପ୍ରଜା ସମସ୍ତେ ଯଥାଶକ୍ତି ଚାନ୍ଦା ଦେଇଅଛନ୍ତି । ଏସବୁ ଦାନର ପରିମାଣ ଭାରତର ଅନ୍ୟାନ୍ୟ ପ୍ରବଳ ଜାତିଙ୍କ ଦାନର ସ୍ରୋତରେ ସମ୍ମିଳିତ ହେବାରୁ ଉତ୍କଳ ତାହାର ବିଶେଷତ୍ୱ ଦେଖାଇବାକୁ ସୁବିଧା ପାଇ ନାହିଁ । ଯାହା ହେଉ ମୁଁ ଆଶା କରେ ଯେ ଭାରତର ସମୂହ ରାଜଭକ୍ତି ଓ ସାହାଯ୍ୟ ଭିତରେ ଉତ୍କଳର ଅଂଶ ସରକାର ବାହାଦୁର ସ୍ଥିର କରିନେବେ । ସେ ଅଂଶ ସାମାନ୍ୟ ନୁହେଁ, ଏହା ଅନୁସନ୍ଧାନ କଲେ ସରକାର ବୁଝିପାରିବେ ବୋଲି ମୋର ବିଶ୍ୱାସ; କିନ୍ତୁ ଏ ସବୁ ଅପେକ୍ଷା ଓଡ଼ିଆମାନେ ଏକତ୍ରିତ ହୋଇ ଏକ ସ୍ୱରରେ ଏହି ସମ୍ମିଳନୀ ଯୂପ ପବନମଈରୁ ପ୍ରବଳ ପ୍ରତାପ ସମ୍ରାଟଙ୍କ ପ୍ରତି ଯେଉଁ ରାଜଭକ୍ତି ଦେଖାଇବେ, ତାହା ଅତୁଳନୀୟ । ଏହାହିଁ ଓଡ଼ିଆଙ୍କ ସମୂହ ରାଜଭକ୍ତିର ବିକାଶ ବୋଲି ଧରିବାକୁ ହେବ । ଆମ୍ଭେମାନେ ଇଂରେଜଙ୍କ ଜୟ କାମନା କରିବା ଏବଂ ତାଙ୍କ ବିଜୟ-ଗୌରବରେ ନିଜକୁ ଗୌରବାନ୍ୱିତ ମନେ କରିବା । ସମ୍ମିଳନୀ ପ୍ରତିବର୍ଷ ହେଉଅଛି; କିନ୍ତୁ ଯୁଦ୍ଧ ଯୋଗୁଁ ଏ ବର୍ଷର ଅଧିବେଶନ ସ୍ଥଗିତ ନ ହେବା ସମୀଚୀନ ହୋଇଅଛି, ଯେହେତୁ ଆମ୍ଭେମାନେ ମିଳିତ ହୋଇ ଏକତ୍ର ରାଜଭକ୍ତି ଦେଖାଇବାକୁ ସମର୍ଥ ହୋଇଥାଉଁ ଏବଂ ସମ୍ମିଳନୀ ନିମନ୍ତେ ପାରଳା ପ୍ରକୃଷ୍ଟ ସ୍ଥାନ । ଯେଉଁ ଓଡ଼ିଆ ରାଜା ଅକାତରରେ ଏକଲକ୍ଷ ଟଙ୍କା ଦାନ କଲେ, ସେହି ରାଜାଙ୍କର ରାଜ୍ୟରେ ସମ୍ମିଳନୀ ହେବା ବଡ଼ ସୁନ୍ଦର ଓ ଉପଯୁକ୍ତ ହୋଇଅଛି । (ଢରତାଣ)

ଯୁଦ୍ଧ ଏକ ମହାଦୁଃଖର କାରଣ । ରାଜା ଓ ପ୍ରଜା ଉଭୟଙ୍କ ପକ୍ଷରେ ଅଶେଷ କ୍ଷତିକାରକ । ଏହି ସାଧାରଣ କ୍ଷତି ଓ କ୍ଷୋଭର ବିଷୟ ଉଲ୍ଲେଖ କରୁଁ କରୁଁ [illegible] ଏ ବର୍ଷ ମଧ୍ୟରେ ଦୈବଦୁର୍ବିପାକରୁ ସଂଘଟିତ ହୋଇ[illegible] ତାହା ଉଲ୍ଲେଖ କରିବା ଆବଶ୍ୟକ ମନେ କରେ ।

## ସ୍ୱର୍ଗୀୟ ରାଜା ବାସୁଦେବ ରାଜମଣି ଦେବ :—

ଦୁଃଖର ବିଷୟ ପ୍ରତି ସମ୍ମିଳନୀ ସଭାର କାର୍ଯ୍ୟାବଳୀ ଭିତରେ ଆମ୍ଭମାନଙ୍କୁ ଗୋଟିଏ ଶୋକ ପ୍ରକାଶ ନିର୍ଦ୍ଧାରଣ ଗୃହୀତ କରିବାକୁ ହେଉଅଛି । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ, ଆମ୍ଭମାନଙ୍କର ମାତୃଭୂମି ଚିରଦୁଃଖିନୀ । ତାର ଶୋକୋଚ୍ଛ୍ୱାସର ବିରାମ ନାହିଁ । ବର୍ଷକୁ ବର୍ଷ ତାହାର କେହି ନା କେହି ଯୋଗ୍ୟ ସନ୍ତାନ

ତାଙ୍କୁ ଛାଡ଼ିଯାଇ ଅଛନ୍ତି । ସ୍ୱର୍ଗୀୟ ବାସୁଦେବ ରାଜମଣି ରାଜଦେବଙ୍କୁ ହରାଇ କିଏ ଶୋକବିହ୍ୱଳ ନ ହେବ ? ମଞ୍ଜୁଷାରେ ତାଙ୍କର ସୁଖ୍ୟାତି ସୀମାବଦ୍ଧ ନ ଥିଲା । ରାଜା ବାସୁଦେବ ଜଣେ ନିରଭିମାନ ରାଜପୁରୁଷ ଥିଲେ । କ୍ଷତ୍ରିୟ ଧର୍ମ ତାଙ୍କର ପ୍ରତି କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା । ସଂସ୍କୃତ, ତେଲୁଗୁ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ନିପୁଣତା ଥିଲା । ସେ ନିଜେ କୌଣସି ପୁସ୍ତକାଦି ଲେଖିଅଛନ୍ତି କି ନାହିଁ ସନ୍ଦେହ । ଯେ ଖଣ୍ଡିଏ ବହି ଲେଖିଅଛି ଏହି ଯୁଗରେ ସେ କବି ବୋଲି ମନରେ ଗର୍ବ କରୁଅଛି । ଯେଉଁ ବ୍ୟକ୍ତି ସାହିତ୍ୟ ପତ୍ରିକାରେ ଖଣ୍ଡିଏ ପ୍ରବନ୍ଧ ଲେଖିଅଛି, ସେ ଆଧୁନିକ ଜଗତରେ ସାହିତ୍ୟିକ ଓ ଲେଖକ ବୋଲି ପରିଚିତ । ଏହିପରି ସ୍ଥଳରେ ଯେଉଁ ରାଜା ଏପରି ବାହ୍ୟାଡ଼ମ୍ବରର ଅଭ୍ୟାସ କିଛି ହିଁ ଦେଖାଇ ନାହାନ୍ତି ତାଙ୍କୁ ସାହିତ୍ୟିକ ବୋଲି ଧରିବାକୁ ଆଧୁନିକ ଶିକ୍ଷିତମଣ୍ଡଳୀ କାହିଁକି ଅଗ୍ରସର ହେବେ ? କିନ୍ତୁ ରାଜା ବାସୁଦେବଙ୍କ ଚରିତ ଯେ ଜାଣିଅଛି ମୁକ୍ତ କଣ୍ଠରେ ସେ ସ୍ୱୀକାର କରିବ ଯେ ସ୍ୱର୍ଗୀୟ, ରାଜା ମହୋଦୟଙ୍କ ପକ୍ଷରେ ସାହିତ୍ୟ ଚର୍ଚ୍ଚା ଏକ ପ୍ରକାର ବ୍ୟସନ ହୋଇପଡ଼ିଥିଲା । ସେ ଦିନରେ ପ୍ରାୟ ଆଠଘଣ୍ଟା କାଳ ଗ୍ରନ୍ଥ, ଚୌପଦୀ, କାବ୍ୟ, ନାଟକ, ପଦ୍ୟ ଇତ୍ୟାଦିର ଚର୍ଚ୍ଚା କରୁଥିଲେ । ସାହିତ୍ୟ ପାଇଁ ଆମ୍ଭମାନଙ୍କ ମଧ୍ୟରୁ କେତେ ଜଣ ସେଥିର ଅଷ୍ଟମାଂଶ ସମୟ ବ୍ୟୟ କରିଥାଉଁ ? ସେ ଜଣେ ଉଚ୍ଚଧରଣର କାବ୍ୟ-ମୀମାଂ[illegible] ଅଳଙ୍କାରରେ ତାଙ୍କର ଜ୍ଞାନ ବହୁତ ଗଭୀର ଥିଲା । ଗୋଟିଏ ଗ୍ରନ୍ଥ ବା ପଦ୍ୟ ପାଠହେବା ମାତ୍ରେ ଅନ୍ୟାନ୍ୟ ଭାଷାର ସାହିତ୍ୟ ମଧ୍ୟରେ ଉକ୍ତ ଭାବର କବିତା ସେ ଆବୃତ୍ତି କରି ଏକର ସହିତ ଅନ୍ୟର ଯେ ତୁଳନା କରିପାରୁଥିଲେ, ତାହା ଅତି ଅଳ୍ପ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ । ତାଙ୍କ ସ୍ମରଣ ଶକ୍ତିର ପ୍ରଶଂସା କରି ଜଣେ ପଣ୍ଡିତ ଥରେ କହୁଥିଲେ—"ମଞ୍ଜୁଷାର ରାଜା ନିଜେ ଗୋଟିଏ ଜୀବନ୍ତ **Encyclopadea** (ବିଶ୍ୱକୋଷ) ।" ଏହିପରି ଜଣେ ବଶିଷ୍ଟ କୃତୀ ସନ୍ତାନକୁ ହରାଇ ଉତ୍କଳ ମାତାଙ୍କର ବଦନ ଅଶ୍ରୁବିଷଣ୍ଣ, ମଳିନ ହୋଇଅଛି ।

ପରିବାରରେ କୌଣସି ଦୁଃଖ ଦୁର୍ବିପାକର ଘଟଣା ଘଟିଲେ ବନ୍ଧୁବାନ୍ଧବମାନେ ସହାନୁଭୂତି ପ୍ରକାଶ କରି ସେହି ଦୁଃଖର ଲାଘବ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଓଡ଼ିଶାର ଏ ବର୍ଷ ସେ ଭାଗ୍ୟ ମଧ୍ୟ ନାହିଁ । ତାହାର ବନ୍ଧୁବର୍ଗଙ୍କ ଭିତରୁ ଶ୍ରଦ୍ଧେୟ ରେଭେନ୍‌ସା ସାହେବ ମଧ୍ୟ ଇହ ଜଗତରୁ ଅନ୍ତର୍ହିତ ହୋଇଅଛନ୍ତି । ଯେଉଁ ବିଦେଶୀୟମାନେ ଶାସକ ରୂପେ ଆମ୍ଭମାନଙ୍କ ଦେଶକୁ ଆସିଅଛନ୍ତି, ସେମାନଙ୍କ ମଧ୍ୟରୁ ଉତ୍କଳବନ୍ଧୁ ରେଭେନ୍‌ସା ସାହେବଙ୍କ ନାମ ଚିରସ୍ମରଣୀୟ । ଯେ କୌଣସି ସ୍ଥାନରେ ହେଉ ନା କାହିଁକି ଯେଉଁ ବ୍ୟକ୍ତି ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ପ୍ରତି ସଦୟ ସେ ଆମ୍ଭମାନଙ୍କ ଭକ୍ତି ଓ କୃତଜ୍ଞତାର ପାତ୍ର । ଉତ୍କଳର ଯେ କୌଣସି ଅଂଶରେ ହେଉ, ଯେଉଁମାନେ ଓଡ଼ିଆ ପ୍ରତି ଆଦର ସହାନୁଭୂତି ପ୍ରକାଶ କରୁଅଛନ୍ତି ବା କରିଅଛନ୍ତି ସେମାନେ ଓଡ଼ିଆ ଜାତିର ପ୍ରକୃତ ବନ୍ଧୁ । ପୂର୍ବେ ଜନ୍ ବିମ୍‌ସ ସାହେବ ସାହିତ୍ୟ କ୍ଷେତ୍ରରେ ଓଡ଼ିଆମାନଙ୍କ ପାଇଁ ଯାହା କରିଯାଇଥିଲେ, ଶିକ୍ଷାପ୍ରସାର ଓ ଆର୍ଥିକ ଉନ୍ନତି ନିମନ୍ତେ ତାହା ରେଭେନ୍‌ସା ସାହେବ କରିଅଛନ୍ତି । ମହାଦୁର୍ଭିକ୍ଷ ନଅଙ୍କ ସମୟରେ ରେଭେନ୍‌ସା ସାହେବ ଓଡ଼ିଶାର କମିଶନର ଥିଲେ । ୧୦ବର୍ଷ କାଳ ସେ କମିଶନର ରୂପେ କାର୍ଯ୍ୟ କରି ଓଡ଼ିଶାର ସକଳ ପ୍ରକାର ଭବିଷ୍ୟତ ଉନ୍ନତିର ମୂଳଭିତ୍ତି ସ୍ଥାପନ କରିଥିଲେ । ତାଙ୍କ ପ୍ରତିଷ୍ଠିତ ରେଭେନ୍‌ସା କଲେଜ ହେତୁ ଓଡ଼ିଶାରେ ଉଚ୍ଚ ଇଂରେଜୀ ଶିକ୍ଷାର ପ୍ରସାର । ସେତେବେଳେ ଓଡ଼ିଆ ଭାଷା ଉଠିଯାଇ ତାହା ବଦଳରେ ବଙ୍ଗାଳି ଭାଷା ପ୍ରଚଳିତ ହେବାର ପ୍ରସ୍ତାବ ହୋଇଥିଲା ରେଭେନ୍‌ସା ସାହେବ ତେତେବେଳେ ନିର୍ଭୀକ ଭାବରେ ଓଡ଼ିଆ ଭାଷାର ପକ୍ଷ ସମର୍ଥନ କରିଥିଲେ । ତାଙ୍କର ମତାନୁକୂଲ୍ୟରେ ଓଡ଼ିଶାରେ ଆମ୍ଭମାନଙ୍କ ସ୍ୱଭାଷାର ମହତ୍ତ୍ୱ ଓ ଅସ୍ତିତ୍ୱ ରହିଲା । କଟକର ପ୍ରିଣ୍ଟିଂ କୋମ୍ପାନୀ ଛାପାଖାନା ତାଙ୍କ ସାଧୁ ଉଦ୍ୟମର ଫଳ । କଟକର ବାଳିକା ବିଦ୍ୟାଳୟ ପ୍ରଭୃତି ନାନାବିଧ ଶିକ୍ଷା ଅନୁଷ୍ଠାନ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ । ସ୍ଥୂଳରେ କହିଲେ, ବର୍ତ୍ତମାନ ଓଡ଼ିଶାର

ସକଳ ପ୍ରକାର ଉନ୍ନତି ମୂଳରେ ରେଭେନ୍‌ସା ସାହେବଙ୍କ ଯତ୍ନ ଓ ଉଦ୍ୟମ ବିଦ୍ୟମାନ । ଓଡ଼ିଆମାନେ ତାଙ୍କ ଭାଷାର ଅସ୍ତିତ୍ୱ ନିମନ୍ତେ ରେଭେନ୍‌ସା ସାହେବଙ୍କଠାରେ ଋଣୀ । ଓଡ଼ିଶା ଛାଡ଼ି ଗଲେ ସୁଦ୍ଧା ଓଡ଼ିଆମାନଙ୍କର ହିତଚିନ୍ତା ତାଙ୍କ ହୃଦୟରେ ଜାଗରୂକ ଥିଲା । ଦୁଇ ତିନି ବର୍ଷ ପୂର୍ବେ ଓଡ଼ିଆଙ୍କ ଶିକ୍ଷୋନ୍ନତି ନିମନ୍ତେ ସେ ଏକ ସହସ୍ର ଟଙ୍କା ପଠାଇ-ଦେଇଥିଲେ । ଏ ଶ୍ରେଣୀର 'ମା ବାପ' ଶାସନକର୍ତ୍ତା ଆଜକାଲି କ୍ୱଚିତ୍ ଦେଖାଯାନ୍ତି । ପ୍ରଜାମାନଙ୍କ ପ୍ରତି ମାୟା ମମତା ପ୍ରକାଶ କରି ତାଙ୍କ ହୃଦୟ କିଣିନେବା ଭଳି ଶାସନ କର୍ମଚାରୀ ଖୋଜି ପାଇବା ସହଜ ନୁହେଁ । ଅନ୍ୟାନ୍ୟ ମହାପୁରୁଷଙ୍କ ପରି ରେଭେନ୍‌ସା ସାହେବ ନିଜ ସ୍ମୃତି ନିକେ ଚିଡି ଯାଇଅଛନ୍ତି । କାଳକ୍ରମେ ଉକ୍ତ ସ୍ମୃତିର ଉତ୍ତରୋତ୍ତର ବୃଦ୍ଧି ହେଉଅଛି । ରେଭେନ୍‌ସା କଲେଜ ଥିବାଯାଏ ଚିରପ୍ରିୟ ରେଭେନ୍‌ସା ସାହେବଙ୍କ ସ୍ମୃତି ଓଡ଼ିଆଙ୍କ ହୃଦୟରେ ସଦା ଜାଗରୂକ ଥିବ । ତାଙ୍କ ନିଜକୃତ ସ୍ମୃତିଚିହ୍ନ ଅପେକ୍ଷା ଓଡ଼ିଆମାନେ ଉନ୍ନତତର ସ୍ମୃତିର ବ୍ୟବସ୍ଥା କରିବା ସମ୍ଭବପର ନୁହେ । ସ୍ୱଚ୍ଛ ଏବଂ ପବିତ୍ର ହୃଦୟର ସରଳ ଭକ୍ତିବ୍ୟଞ୍ଜକ କୌଣସି ଉପାୟରେ ସମ୍ମିଳିତ ସମଗ୍ର ଓଡ଼ିଆ ଜାତି ଏକ ସମୟରେ ତାଙ୍କ ପ୍ରତି ଆନ୍ତରିକ ସ୍ନେହ ଓ କୃତଜ୍ଞତା ଦେଖାଇପାରିଲେ ଓଡ଼ିଆମାନେ ନିଜକୁ ଧନ୍ୟ ଓ କୃତାର୍ଥ ମନେ କରନ୍ତେ । ତାହାର ଅଭାବରେ ଆମ୍ଭେମାନେ ବର୍ତ୍ତମାନ ସେହି ସମୂହଭକ୍ତିର ସୂଚନା ଏହି ସମ୍ମିଳନୀରେ ଦେଖାଇବାକୁ ବସିଅଛୁ । ସମ୍ମିଳନୀରେ ରାଜନୈତିକ ଓଡ଼ିଶାର ଜଣେ ବନ୍ଧୁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରାହେଉଅଛି । ଏଥିରୁ ସ୍ପଷ୍ଟ ଜଣାହେଉଅଛି ଯେ, ଓଡ଼ିଆର ଜାତୀୟ ପ୍ରାଣ ଅଖଣ୍ଡ ଓ ଅବିଚ୍ଛିନ୍ନ । ଯେ କୌଣସି ଅଞ୍ଚଳର ସୁଖ ଦୁଃଖରେ ସମଗ୍ର ଓଡ଼ିଆ ଜାତି ସୁଖ ଦୁଃଖ ଅନୁଭବ କରୁଅଛି । ଓଡ଼ିଆ ହୃଦୟରେ ଏହି ସ୍ୱାଭାବିକ ଅନୁଭୂତି ଥିବାରୁ ଶାସନ ଭେଦ ନୀତି ସୁଦ୍ଧା ଅନ୍ତରାୟ ହୋଇ ଛିଡ଼ା ହୋଇପାରୁ ନାହିଁ, ଏହା ଚିନ୍ତି ରଖିବା ଦରକାର।

ଭାଷାସୂତ୍ରରେ ଓଡ଼ିଆମାନେ ଏକ ଶାସନାଧୀନରେ ରହିବା ବାଞ୍ଛନୀୟ, ଏହା ସେମାନେ ଅନେକ ଦିନରୁ କହି ଆସୁଅଛନ୍ତି । କୌଣସି କୃତ୍ରିମ ସୂତ୍ରରେ ଏହି ଭାଷା ମିଳନର ଅନ୍ତରାୟ ହେଲେ ତାହା ସମାଜର ହିତ-କାରକ ହୁଏ ନାହିଁ । ଏହି କଥା ଆମ୍ଭମାନଙ୍କର ମହାଶୟ ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ତାହାଙ୍କର ୨୬ ତାରିଖ ଅଗଷ୍ଟ ସନ ୧୯୧୧ର ସୁପ୍ରସିଦ୍ଧ ଉଲ୍ଲେଖରେ ପ୍ରତିପାଦନ କରି ଅଛନ୍ତି ।

ଭାଷା, ଜାତି, ପୂର୍ବପରମ୍ପରା ଇତ୍ୟାଦିରେ ଯେଉଁମାନେ ଏକ ଓ ଅବିଚ୍ଛିନ୍ନ, ସେମାନେ ଏକା ପ୍ରାଦେଶିକ ଶାସନାଧୀନ ହୋଇ ରହିବା ବାଞ୍ଛନୀୟ, ଏହି ନୀତି ଆମ୍ଭମାନଙ୍କର ସଦାଶୟ ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ଦେଖାଇଅଛନ୍ତି । ପୁଣି ଏହି ସୂତ୍ରରେ ପ୍ରତ୍ୟେକ ପ୍ରାଦେଶିକ ଶାସନର ସ୍ୱାତନ୍ତ୍ର୍ୟ ସମ୍ପାଦିତ ଓ ସଂରକ୍ଷିତ ହେବାର ସେ ସୂଚନା ଦେଇଅଛନ୍ତି । ବଙ୍ଗାଳି-ମାନଙ୍କ ଚିତ୍କାର କିମ୍ବା ରାଜନୈତିକ ଦୁର୍ବିନୀତତା ଫଳରେ ବଙ୍ଗର ପୁନର୍ମିଳନ ହୋଇ ନାହିଁ । ତାଙ୍କର ଏହି ସିଦ୍ଧାନ୍ତ ଏକ ଉନ୍ନତ ରାଜନୀତି ଉପରେ ପ୍ରତିଷ୍ଠିତ ବୋଲି ମୋହର ଆନ୍ତରିକ ଧାରଣା । ପ୍ରାଦେଶିକ ଶାସନ ସ୍ୱାତନ୍ତ୍ର୍ୟ ଭାରତବାସୀଙ୍କ ପକ୍ଷେ ପ୍ରଧାନ ଆକାଙ୍କ୍ଷାର କଥା । ଲର୍ଡ ହାର୍ଡିଞ୍ଜଙ୍କ ଶାସନରେ ସମସ୍ତ ଘଟଣାବଳୀ ସେହି ଦିଗକୁ କ୍ରମେ ଅଗ୍ରସର ହେଉଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦିଲ୍ଲୀ ବୋମା ଆଘାତ, କାନପୁର ଗୋଲମାଲ, କୋମାଗାତାମାରୁ ପ୍ରକରଣ, ଦକ୍ଷିଣ ଆଫ୍ରିକାରେ ଭାରତବାସୀଙ୍କ ସମସ୍ୟା ଇତ୍ୟାଦିରେ ଲର୍ଡ ହାର୍ଡିଞ୍ଜ ଯେଉଁ ଉଦାରତା ଓ ଉଚ୍ଚ ହୃଦୟବତ୍ତା ଦେଖାଇଅଛନ୍ତି, ତାହା [illegible] ଇତିହାସରେ ଚିରସ୍ମରଣୀୟ ହୋଇ ରହିବ । ତାଙ୍କ ଶାସନ କାଳରେ ସେ ଯେଉଁସବୁ ନୀତି ପ୍ରବର୍ତ୍ତିତ କରିଅଛନ୍ତି, ଶାସକ ଓ ଶାସିତମାନଙ୍କ ମଧ୍ୟରେ ଯେଉଁ ସହାନୁଭୂତି ସାହଚର୍ଯ୍ୟ ସଂସ୍ଥାପନର ଚେଷ୍ଟା କରୁଅଛନ୍ତି ସେ ସବୁର ଫଳ କ୍ରମେ ଭାରତରେ ଫଳିବ ଏବଂ ଦେଶବାସୀମାନେ କ୍ରମେ ଉନ୍ନତ ହେବେ । ସେ ଯେଉଁ ଶାସନ ସଂସ୍କାରର ସୂତ୍ରପାତ କରିଅଛନ୍ତି, ତାହା କାର୍ଯ୍ୟ-କାରୀ ହେବାପାଇଁ କେତେକ କାଳ ଲାଗିବ । ଅତଏବ ତାଙ୍କର ଶାସନକାଳ ବଢାଇବା ପାଇଁ କେତେକ ଦିନ

ପୂର୍ବେ ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ ଓଡ଼ିଆମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ବୋଲି ମୋହର ବିଶ୍ୱାସ । ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହ ଓଡ଼ିଆମାନେ ସାଧାରଣ ଭାବରେ ଲର୍ଡ ହାର୍ଡିଞ୍ଜଙ୍କ ଉଦାର ଶାସନର ସୁଫଳ ଭୋଗ କରୁଅଛନ୍ତି । କେବଳ ସେଥି ନିମନ୍ତେ ନୁହେଁ, ଓଡ଼ିଆମାନେ ଲର୍ଡ଼ ହାର୍ଡ଼ିଞ୍ଜଙ୍କଠାରେ କୃତଜ୍ଞ ରହିବାର ବିଶେଷ କାରଣ ଅଛି । ଏଥିପୂର୍ବେ କୌଣସି ବଡ଼ଲାଟ ଓଡ଼ିଶାର ରାଜଧାନୀରେ ପଦାର୍ପଣ କରି ନଥିଲେ । ଲର୍ଡ଼ ହାର୍ଡ଼ିଞ୍ଜଙ୍କ ସମୟରେ ଓଡ଼ିଆମାନେ ତାଙ୍କ ରାଜଧାନୀରେ ପ୍ରବଳ ପ୍ରତାପ ସମ୍ରାଟ୍ ପ୍ରତିନିଧିଙ୍କ ଅଭ୍ୟର୍ଥନା ଓ ଅଭିନନ୍ଦନ କରିବାକୁ ସମର୍ଥ ହୋଇଥିଲେ । ଏହି କାରଣରୁ ଓଡ଼ିଆମାନେ ବଡ଼ଲାଟଙ୍କଠାରେ ଚିରକୃତଜ୍ଞ । ଓଡ଼ିଆମାନେ ଆଶା କରନ୍ତି ଯେ, ବଡ଼ଲାଟ ମହୋଦୟ ତାଙ୍କ ଅଳ୍ପକାଳ ଅବସ୍ଥାନରେ ସୁଦ୍ଧା ଓଡ଼ିଆଙ୍କ ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ସମ୍ବନ୍ଧରେ କିଛି ଅନୁଭୂତି ସଂଗ୍ରହ କରିପାରିଅଛନ୍ତି । କଟକ ନଗର ପ୍ରତି ତାଙ୍କର ଶୁଭାଗମନ ଘଟଣା ଓଡ଼ିଆମାନଙ୍କ ଇତିହାସରେ ଲିଖିତ ରହିବ । ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବା ନିମନ୍ତେ ଓଡ଼ିଆମାନେ ଉଦ୍‌ବେଗପୂର୍ଣ୍ଣ ପ୍ରାଣରେ ଆଶା କରୁଅଛନ୍ତି । ଦୁଃଖର ବିଷୟ, ଏପରି ମହାନ୍ ସଦାଶୟ ବ୍ୟକ୍ତିଙ୍କର ବିମ ନ୍ୟୁରେ ଦୁଇଗୋଟି ଶୋକର ଘଟଣା ହୋଇଯାଇଅଛି । ତାଙ୍କ ପତ୍ନୀବିୟୋଗରେ ଯେଉଁ ଦୁଃଖ ହୋଇଥିଲା ତାହା ତାହା [illegible] ଭଗବାନ୍ ତାଙ୍କ ଶୋକସନ୍ତପ୍ତ ହୃଦୟରେ ଶାନ୍ତିବାରି ସେଚନ କରନ୍ତୁ । ଓଡ଼ିଆମାନେ ତାଙ୍କର ଏହି ଦୁଃଖରେ ଦୁଃଖୀ, ଏହା ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର ।

**ଦେଶ ମିଶ୍ରଣ :—**

ଏହା ଲର୍ଡ ହାର୍ଡିଞ୍ଜଙ୍କ ପରି ଉଦାର ଉନ୍ନତମନା ଶାସନକର୍ତ୍ତାଙ୍କ ସମୟରେ ସମ୍ଭବ ହୋଇପାରେ । ଓଡ଼ିଆମାନଙ୍କ ଅବସ୍ଥା ସେ ଉତ୍ତମ ରୂପେ ହୃଦୟଙ୍ଗମ କଲେ ଏବଂ ଏତାଦୃଶ ଅବସ୍ଥା ପ୍ରଜାଙ୍କ ପକ୍ଷେ ଓ ଶାସନ ପକ୍ଷେ ଶ୍ରେୟସ୍କର ନୁହେଁ ବୋଲି ସେ ଥରେ ଜାଣିପାରିଲେ କୌଣସି ପ୍ରାଦେଶିକ ଶାସନ କର୍ତ୍ତୃପକ୍ଷଙ୍କ ଅପତ୍ତି ଅଥବା ସ୍ୱାର୍ଥପର ଲୋକମାନଙ୍କ ଚିତ୍କାର ପ୍ରତି ଭ୍ରୂକ୍ଷେପ ନ କରି ତାଙ୍କ ପ୍ରବର୍ତ୍ତିତ ଭାଷାସୂତ୍ରରେ ଭ୍ରାତୃସଂଯୋଗ ନୀତି ବିଚ୍ଛିନ୍ନ ଓଡ଼ିଆମାନଙ୍କ ପ୍ରତି ପ୍ରୟୋଗ କରିବେ ବୋଲି ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଓଡ଼ିଆମାନେ ନିଜ ବ୍ୟକ୍ତିତ୍ୱ ଲୋପର ଆଶଙ୍କା କରୁଥିବାରୁ ସେମାନଙ୍କର ଉକ୍ତ ଆଶଙ୍କା ନିରାକରଣ ନିମନ୍ତେ ସେମାନଙ୍କୁ ବଙ୍ଗଳାରୁ ପୃଥକ୍ ରଖାଯିବା ଆବଶ୍ୟକ ବୋଲି ଗଭର୍ଣ୍ଣମେଣ୍ଟ ତାଙ୍କର ଏକ ଡେସ୍ପାଚରେ ଉଲ୍ଲେଖ କରିଥିଲେ । କେବଳ ବଙ୍ଗଳାରୁ ପୃଥକ୍ ରହିବାଦ୍ୱାରା ସେମାନଙ୍କ ଆଶଙ୍କା ନିରାକରଣ ହେଲା କି ? ପ୍ରବଳ ଜାତିଙ୍କ ନିଷ୍ପେଷଣ ଓ ନିର୍ଯ୍ୟାତନରେ, ଆଧିପତ୍ୟ ଓ ଆକ୍ରମଣରେ ଆଜି ଲକ୍ଷ ଲକ୍ଷ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ସଂସ୍ଥାପନ ଓ ସଂରକ୍ଷଣ ଆଶା ବହୁ ଦୂରକୁ ପଳାଇଯାଇ ନାହିଁ କି ? ତାଙ୍କର ମାତୃଭାଷା ନାନା ଭାବରେ ବିକୃତ, ଦୂଷିତ ହେଉ ନାହିଁ କି ? ଆକୃତି, ପ୍ରକୃତି, ଆଚାର, ବ୍ୟବହାର, ଭାଷା, ଭାବ ଇତ୍ୟାଦି ସକଳ ବିଷୟରେ ଭାରତର ଅନ୍ୟାନ୍ୟ ଜାତିଙ୍କଠାରୁ ଓଡ଼ିଆମାନେ ପୃଥକ୍ ବୋଲି ବଡ ବଡ଼ ଶାସନକର୍ମଚାରୀ ଏବଂ ଘଟଣା ବିଶେଷରେ ଗଭର୍ଣ୍ଣମେଣ୍ଟ ମଧ୍ୟ ଘୋଷଣା କରିଆସିଅଛନ୍ତି । ଓଡ଼ିଆଙ୍କର ଏହି ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟ ନୁହେଁ କି ? ବଙ୍ଗରୁ ବିଚ୍ଛିନ୍ନ ରହିବା ମାତ୍ରକେ ଓଡ଼ିଆମାନଙ୍କର ଏହି ସ୍ୱାତନ୍ତ୍ର୍ୟ ରକ୍ଷା ବିଧାନ ସମ୍ପୂର୍ଣ୍ଣ ହେଲା କି ? ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଆ ପ୍ରଦେଶ, କି ଜୟପୁର କି ଗଞ୍ଜାମ ଏହା ପ୍ରାକୃତିକ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଂଶ । ପ୍ରାୟ ସମସ୍ତ ଗଞ୍ଜାମ ଜିଲ୍ଲା ଓ ଜୟପୁର ଓଡ଼ିଆ ରାଜାମାନଙ୍କଦ୍ୱାରା ଅଧିକୃତ ଏବଂ ଓଡ଼ିଆ ଲୋକଙ୍କଦ୍ୱାରା ଅଧ୍ୟୁଷିତ ହେଲେ ସୁଦ୍ଧା ଦୁଃଖର ବିଷୟ କ୍ଷମତାଶାଳୀ ତେଲିଙ୍ଗମାନଙ୍କ ପ୍ରଭାବରେ ଓଡ଼ିଆ ଶକ୍ତି ଏକାବେଳେ ମ୍ରିୟମାଣ ହୋଇଅଛି । ଓଡ଼ିଆ ଆଜି ମୁଣ୍ଡ ଟେକି ପାରୁ ନାହିଁ । ବିଦ୍ୟାଳୟରେ, ଅଫିସରେ ରାଜକାର୍ଯ୍ୟରେ ଓଡ଼ିଆ ଏକପ୍ରକାର ବର୍ଜିତ । ଓଡ଼ିଆ ପିଲା, ନିଜ ଜାତୀୟ ଭାଷା ଅଧ୍ୟୟନ, ନିଜ ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ବଞ୍ଚିତ । ରାଜଦ୍ୱାରରେ ଓଡ଼ିଆ ଅଚଳିତ ଓ

ଅପମାନିତ । ସିଂହଭୂମର ଅବସ୍ଥା ତଥୈବଚ । ଓଡ଼ିଆ ଦେଶ ଆଜି ଖଣ୍ଡବିଖଣ୍ଡିତ । ଏଥିରେ ଓଡ଼ିଆ କିପରି ତାହାର ପାର୍ଥକ୍ୟ ରକ୍ଷିପାରିବ ? ପ୍ରାୟ ଦଶବର୍ଷ ହେଲି ଓଡ଼ିଆମାନେ ଏହି ବିଚ୍ଛିନ୍ନ ଉତ୍କଳ ପ୍ରଦେଶର ଏକୀକରଣ ନିମନ୍ତେ ଆନ୍ଦୋଳନ କରିଆସୁଛନ୍ତି । ସଭାସମିତି ହୋଇଯାଇଅଛି, ନିବେଦନ ଆବେଦନର ବିରାମ ନାହିଁ ; କିନ୍ତୁ ଦୁଃଖର ବିଷୟ—ସରକାର ବାହାଦୁର ନିଶ୍ଚଳ ହୋଇ ରହିଅଛନ୍ତି । ସେହିପରି ସମ୍ବଲପୁର ମଧ୍ୟ-ପ୍ରଦେଶର ଅନ୍ତର୍ଗତ ଥିବାରୁ ଯେ ଅସଂଖ୍ୟ ଅସୁବିଧା ଭୋଗ କରୁଥିଲା, ତାହା ଆପଣମାନଙ୍କର ସ୍ମୃତିର ଅତୀତ ନୁହେଁ । କେତେକ କାଳଯାଏ ସେମାନେ କିପରି ନିର୍ଯାତନା ଓ ନିଷ୍ପେଷଣ ଭୋଗ କରିଥିଲେ ତାହା ପାସୋର ହୋଇ ନାହିଁ । ଆଜିଯାଏ ମେଦିନୀପୁର ଅଞ୍ଚଳର ଓଡ଼ିଆମାନେ ବଙ୍ଗଳା ଅକ୍ଷରରେ ୰ଜଗନ୍ନାଥ ଦାସଙ୍କ ଭାଗବତ ରଖିଅଛନ୍ତି । ଉନ୍ନତ ବଙ୍ଗ ସହିତ ସଂଶ୍ଳିଷ୍ଟ ଥାଇ ମେଦିନୀପୁର ଓଡ଼ିଆଙ୍କର କିଛି ଅଭିବୃଦ୍ଧି ହୋଇପାରି ନାହିଁ । ଯେଉଁମାନେ କହନ୍ତି, ଉନ୍ନତତର ଜାତିମାନଙ୍କ ସଂସ୍ରବ ଜାତି ପକ୍ଷରେ ଶ୍ରେୟସ୍କର ସେମାନେ ଏଥିର କି ଉତ୍ତର ଦେବେ ? ଏହିପରି ଭାବରେ ପ୍ରବଳ ଜାତିଙ୍କର ଆଧିପତ୍ୟରେ ଜୀବନ ଯାପନ କଲେ ଆତ୍ମବିସ୍ମୃତି ଘଟିବ ନାହିଁ କି ? ଏହି ଆତ୍ମବିସ୍ମୃତି ରୂପ ରୋଗ ଥରେ ଆକ୍ରମଣ କଲେ ଜାତିର ଆଉ ଗତ୍ୟନ୍ତର ରହିବ ନାହିଁ । ମେଦିନୀପୁରର ଦକ୍ଷିଣ ଅଞ୍ଚଳରେ ଓଡ଼ିଆଙ୍କର ଦୁରବସ୍ଥା ଶୀଘ୍ର ନିରାକରଣ ହେବାର ନୁହେଁ । କୌଣସି ବ୍ୟକ୍ତି ବା ସମାଜ ବଳହୀନ ହେଲେ ତାହାର ଆତ୍ମବୋଧ ରହେ ନାହିଁ । ଆଜି ମେଦିନୀପୁର ଅଞ୍ଚଳସ୍ଥ ଓଡ଼ିଆମାନେ ନିର୍ବାସିତ ପ୍ରାୟ ଓଡ଼ିଆ ଦେଶର ବାହାରରେ ପଡ଼ିଅଛନ୍ତି । ଶାସନସମ୍ପର୍କ ବିଚ୍ଛେଦ ହେବା ସଙ୍ଗେ ସଙ୍ଗେ ଅନ୍ୟ ଓଡ଼ିଆଙ୍କ ସହି ସେମାନଙ୍କ ସାମାଜିକ ବନ୍ଧନ ଶିଥିଳ ହୋଇଯାଉଅଛି । ସେହି ପ୍ରଦେଶସ୍ଥ ଓଡ଼ିଆଙ୍କର କିପରି ସଂଜ୍ଞାପ୍ରାପ୍ତି ହେବ, ସେମାନେ କିପରି ନିଜ ଜାତିର ଲୋକଙ୍କୁ ଚିହ୍ନିବେ ଏବଂ ତାଙ୍କ ପିତୃପିତାମହଙ୍କ ପ୍ରତି ଗୌରବରେ ତାଙ୍କ ଇତିହାସରେ ଶ୍ରଦ୍ଧା ପ୍ରକାଶ କରିବେ, ଏହା ସମ୍ମିଳନୀର ଗୋଟିଏ ବିଶିଷ୍ଟ କାର୍ଯ୍ୟ ହେବା ଉଚିତ ବୋଲି ମୁଁ ମନେକରେ । ସେମାନଙ୍କୁ ବୁଝାଇଦେବାକୁ ହେବ, ଓଡ଼ିଆ ଜାତିର ଇତିହାସ ଅଛି, ଗୌରବ ଅଛି । ପୁରୀ, କୋଣାର୍କ, ଭୁବନେଶ୍ୱର ଯେଉଁ ଓଡ଼ିଆ ହସ୍ତର ନୈପୁଣ୍ୟ, ବୁଦ୍ଧିର ବିଚକ୍ଷଣତା, ହୃଦୟର ପ୍ରଶସ୍ତତାର ପରିଚୟ ଦେଉଅଛି, ସେ ଓଡ଼ିଆର ଶକ୍ତି, ତାହାର ବ୍ୟକ୍ତିତ୍ୱ ଲୋପ ହେଇ ନାହିଁ । ଓଡ଼ିଆ ବୋଲି ପରିଚୟ ଦେବାରେ ସେମାନଙ୍କର ଅପମାନ ଓ ଲଜ୍ଜାର କିଛି କାରଣ ନାହିଁ । ବର୍ତ୍ତମାନ ଓଡ଼ିଆ ପାଲିଙ୍କି-ବାହକ ହୋଇପାରେ; କିନ୍ତୁ ତାହାର ପୂର୍ବପୁରୁଷମାନେ ତ ପାଲିଙ୍କି ପରିବର୍ତ୍ତରେ ଦେଉଳର ଯେଉଁ ସବୁ ପ୍ରସ୍ତର ଉତ୍ତୋଳନ କରିପାରି-ଅଛନ୍ତି, ତାହା ଦେଖି ଆଧୁନିକ ବୈଜ୍ଞାନିକ ଯୁଗ ମଧ୍ୟ ଆଶ୍ଚର୍ଯ୍ୟରେ ଅବାକ ହେଉଅଛି । ସେହି ଓଡ଼ିଆଙ୍କର ବଂଶଧର ବୋଲି ପରିଚୟ ଦେବାକୁ ଲଜ୍ଜା କାହିଁକି ? ଆମ୍ଭମାନଙ୍କୁ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରସ୍ଥ ହେବା ସଙ୍ଗେ ସଙ୍ଗେ ଦେଶରେ ଦେଶମିଶ୍ରଣ ସମ୍ବନ୍ଧେ ନ୍ୟାୟସଙ୍ଗତ ଓ ଆଇନାନୁମୋଦିତ ଆନ୍ଦୋଳନ କରିବାକୁ ହେବ । ଯେଉଁମାନେ ବୁଝି ନାହାନ୍ତି ସେମାନଙ୍କୁ ବୁଝାଇବାକୁ ହେବ । ପ୍ରତିଗ୍ରାମରେ ପ୍ରତିସହରରେ ଏହି ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ । ଏହି ଆନ୍ଦୋଳନ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ନାହିଁ, ଏହା ଓଡ଼ିଆର ସରଳ ସ୍ୱାଭାବିକ ଆକାଙ୍କ୍ଷା ଏବଂ ଓଡ଼ିଆର ଘରେ ଘରେ ଦେଶମିଶ୍ରଣ ଆଶା ଉଦ୍ରେକ ହୋଇଅଛି, ଏହିକଥା ସରକାର ଜାଣନ୍ତୁ ; ପ୍ରସ୍ତୁତ ସାଇ [illegible] ; ଦେଖିବେ ଲୋକଙ୍କର ପ୍ରାର୍ଥନା ସରକାର ଅଗ୍ରାହ୍ୟ କରିବେ ନାହିଁ । ଯୁକ୍ତି ଅକାଟ୍ୟ ହେଉ ପଛକେ, ତାହାର ପଶ୍ଚାତ୍‌ଦେଶରେ ଲୋକସମୂହର ଅଭିନାଦ ସମର୍ଥନ କରିବାକୁ ନ ଥିଲେ ସେ କୌଣସି ବିଷୟ 'ଅବାଞ୍ଛନୀୟ ଓ ଅନାବଶ୍ୟକ' ବୋଲି ସରକାର କହିଦେଇପାରନ୍ତି । ସମ୍ମିଳନୀ ରାଜନୈତିକ ଅନୁଷ୍ଠାନ ନୁହେଁ । ଅତଏବ ଭିନ୍ନ ଭିନ୍ନ ଶାସନରେ ରହିଥିବାରୁ ଓଡ଼ିଆଙ୍କ ଶାସନ ସମ୍ବନ୍ଧୀୟ କି ଅଭାବ ଅଭିଯୋଗ ଅଛି ସେ ସବୁର ଆଲୋଚନା ମୁଁ ଏଠାରେ କରିବାକୁ

ପ୍ରସ୍ତୁତ ନୁହେଁ; କିନ୍ତୁ ସ୍ଥୂଳ ଭାବରେ ଏତିକି ଜଣାଇପାରେ ଯେ, ଶାସନ ସମ୍ପର୍କୀୟ ଅନେକ ତ୍ରୁଟି, ଅନେକ ପ୍ରକାର ଅସନ୍ତୋଷ ଦେଶମିଶ୍ରଣ ହେଲେ ଆଉ ରହିବା ନାହିଁ । ସରକାର ଯାହା କହନ୍ତୁ, ଗଞ୍ଜାମର ତେଲଙ୍ଗା ଭାଇମାନେ ଯାହା କହନ୍ତୁ, ରକ୍ତର ଆକର୍ଷଣ କଦାପି ଶିଥିଳ ହେବାର ନୁହେଁ । ଯେଉଁମାନଙ୍କର ପ୍ରାଣର ଆଶା, ଭରସା, ଆଚାର, ବ୍ୟବହାର, ସାମାଜିକ ରୀତିନୀତି ବହୁଶତାବ୍ଦୀର ଇତିହାସରେ ଦୃଢ ଭାବରେ ଗଠିତ ଓ ଗ୍ରଥିତ ହୋଇ-ଆସିଅଛି, ସେମାନଙ୍କୁ ବିଚ୍ଛିନ୍ନ ରଖିବା ପ୍ରକୃତିର ବିରୁଦ୍ଧାଚରଣ ମାତ୍ର । ଭାରତ ପରି ମହାଦେଶର ପ୍ରାଦେଶିକ ଜାତୀୟ ବ୍ୟକ୍ତିତ୍ୱ ଏକ ଭାଷାଭାଷୀ ଭୂମିଖଣ୍ଡରେ ସୀମାବଦ୍ଧ ନ ହେଲେ ପ୍ରାଦେଶିକ ଜାତୀୟ କଲ୍ୟାଣ ତଥା ଭବିଷ୍ୟତରେ ଭାରତୀୟ ମହାଜାତୀୟତାର ଆଶା ସୁଦୂର-ପରାହତ । ସରକାର ଯେ ଏହି କଥା ବୁଝି ନାହାନ୍ତି, ତାହା ନୁହେଁ । ଏହି ଉଦ୍ଦେଶ୍ୟରେ ପଣ୍ଡିତପ୍ରବର ଗ୍ରିଏର-ସନ ସାହେବ ଭାରତର ସମସ୍ତ ସ୍ଥାନ ନିଜେ ଦେଖି ଭାଷା ଭିତ୍ତିରେ ପ୍ରାଦେଶିକତା ସ୍ଥିର କରି ଭାରତର ଗୋଟିଏ ନୂତନ ମାନଚିତ୍ର ସୃଷ୍ଟି କରିଅଛନ୍ତି । ଓଡ଼ିଆଭାଷୀ ବୋଲି ଗ୍ରିଏରସନ ସାହେବ ଯେଉଁ ଭୂଭାଗ ନିର୍ଣ୍ଣୟ କରି-ଅଛନ୍ତି, ତାହା ଓଡ଼ିଆଙ୍କର ଅଭିପ୍ରାୟ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରୁଅଛି । ଗ୍ରିଏରସନଙ୍କ ମାନଚିତ୍ର ପାଖରେ ପକାଇ ଓଡ଼ିଆଙ୍କ ଆବେଦନ ଆଲୋଚନା କଲେ ସରକାର ଦେଖିବେ ଯେ, ତାଙ୍କ ଦାବି କୌଣସି ପ୍ରକାର ଅପ୍ରାକୃତ [illegible] ନୁହେଁ । ରାଜା ପ୍ରଜା ସମସ୍ତେ ଏହି [illegible] ଅଭିଳାଷ ଜଣାଇଅଛନ୍ତି । ପାରଳାର ସ୍ୱର୍ଗୀୟ ପଦ୍ମନାଭ ନାରାୟଣ ଦେବ ଏହି ମିଳନ ଆକାଙ୍‌କ୍ଷା ପୋଷଣ କରିଥିଲେ । ୰ବଳରାମ ମହାରଣାଙ୍କଠାରୁ ଆରମ୍ଭ କରି ୰ନରସିଂହଦାସଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମିଳନ ପାଇଁ ବ୍ୟାକୁଳ ଥିଲେ । କବି ମଧୁସୂଦନ ଏହି ମିଳନର "ଶୁଭ ଶଙ୍ଖଧ୍ୱନି" ବଜାଇଅଛନ୍ତି । ଚେଷ୍ଟା କଲେ ଏହି ମିଳନ ଯେ ଦିନେ ସମ୍ପୂର୍ଣ୍ଣ ସିଦ୍ଧ ହେବ, ଏଥିରେ ସନ୍ଦେହର କାରଣ କିଛି ନାହିଁ । ନୂତନ ଆଶାରେ ପ୍ରାଣକୁ ଉଜ୍ଜୀବିତ ରଖି କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବାକୁ ହେବ । ସମ୍ପାଦକମାନେ ଏ ବିଷୟରେ ସର୍ବଦା ଆନ୍ଦୋଳନ କରନ୍ତୁ ଏବଂ ଲୋକେ ଏହି ମିଳନ ପାଇଁ ବ୍ୟାକୁଳତା ଦେଖାନ୍ତୁ । କବି ଏହି ମିଳନ କବିତା ଲେଖନ୍ତୁ, ବକ୍ତା ଏହି ମିଳନ ବକ୍ତୃତା ଦିଅନ୍ତୁ, ଦେଖିବେ ଏହି ହୃଦୟର ଆବେଗପୂର୍ଣ୍ଣ ଆକାଙ୍‌କ୍ଷା ସରକାର ଦିନେ ପୂରଣ କରିବେ ଏବଂ ଭଗବାନ୍ ଆମ୍ଭମାନଙ୍କର ନିଶ୍ଚୟ ସହାୟ ହେବେ ।

କିନ୍ତୁ ନିଜ ନିଜ ଗୋଡରେ ଛିଡ଼ାହେବାକୁ ନ ଶିଖିଲେ ବାହାରର ଯେତେ ସାହାଯ୍ୟ ଓ ଅବଲମ୍ବନ ହେଉ ନା କାହିଁକି ତାହାଦ୍ୱାରା କିଛି ହେବ ନାହିଁ । ସ୍ୱାବଲମ୍ବନଶୀଳ ବ୍ୟକ୍ତିର ନିଜେ ଭଗବାନ୍ ସହାୟ ହୁଅନ୍ତି । ପ୍ରଥମେ କୌଣସି ବିଷୟରେ ଯୋଗ୍ୟ ନ ହେଲେ ଅପରର ଦୟାଦାକ୍ଷିଣ୍ୟ, ସାହାଯ୍ୟ ସହାନୁଭୂତି କିଛି କାର୍ଯ୍ୟକାରୀ ହେବ ନାହିଁ । ଅତଏବ ଆମ୍ଭ ଜାତି ଅନ୍ୟାନ୍ୟ ଜାତିଙ୍କ ସମାସନାସୀନ ହେବାକୁ ହେଲେ ପ୍ରଥମତଃ ସେମାନଙ୍କ ପରି ଯୋଗ୍ୟ ହେବାକୁ ହେବ । ଏହି ଯୋଗ୍ୟତା ସମ୍ପାଦନ ପାଇଁ ଯେତେଗୁଡ଼ିଏ ଉପକରଣ ଆବଶ୍ୟକ, ତନ୍ମଧ୍ୟରେ ଶିକ୍ଷା ସର୍ବପ୍ରଥମ ଓ ସର୍ବପ୍ରଧାନ ।

ଶିକ୍ଷା :—

ଶିକ୍ଷାବିହୀନ ହେଲେ ଆମ୍ଭେମାନେ ସଭ୍ୟ ହେବାର ତେଣିକି ଥାଉ କ୍ରମେ ପଶୁତ୍ୱ ପ୍ରାପ୍ତ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ଅଛି । ଓଡ଼ିଆ ଜାତି ପୂର୍ବକାଳରେ ଶିକ୍ଷା-ଦୀକ୍ଷାରେ ପ୍ରବୀଣ ଥିଲା । ହୃଦୟକୁ ଉନ୍ନତ କରିବା, ମନୁଷ୍ୟର ଦେବତା ସୁଲଭଗୁଣ ବିକାଶ କରିବା ଏବଂ ମନକୁ ସଂସ୍କାର କରିବା ଯେ କୌଣସି ଶିକ୍ଷାର ଉଦ୍ଦେଶ୍ୟ । ଯେଉଁ ଭାଷାରେ, ଯେଉଁ ଭାବରେ ଦିଆଯାଉ ଶିକ୍ଷାର ପ୍ରଧାନ ଲକ୍ଷ୍ୟ ମନୁଷ୍ୟତା ପ୍ରାପ୍ତି । ପୂର୍ବକାଳରେ ଓଡ଼ିଆ-ମାନେ ଏହି ମନୁଷ୍ୟତା ପ୍ରାପ୍ତି ନିମନ୍ତେ ଯେ ଶିକ୍ଷିତ ହେଉଥିଲେ, ଏହାର ଭୂରି ଭୂରି ପ୍ରମାଣ ମିଳୁଅଛି । କିନ୍ତୁ ଆଧୁନିକ ଯୁଗରେ ସେମାନଙ୍କ ଶିକ୍ଷାର ଅବସ୍ଥା କଅଣ ? ସେମାନେ ନବ୍ୟ ଶିକ୍ଷାର ବହୁଦୂରରେ ପଡ଼ିଅଛନ୍ତି ଏବଂ ପ୍ରାଚୀନ ଯାହା କିଛିଏ ଥିଲା, ତାହା ମଧ୍ୟ ଲୋପ ପାଇଅଛି । ଅବଧାନ ଚାହାଳୀ ଦେଖିବାକୁ ନାହିଁ କି ସ୍କୁଲ କଲେଜର ମଧ୍ୟ ଯଥେଷ୍ଟ ଅଭାବ

ନାହିଁ । ଏପରି ଜାତିଟା ନ ମରେ ନ ଘରେ ହୋଇ ପଡ଼ିଅଛି । କୌଣସି ଲୋକଙ୍କୁ ସାକ୍ଷର କରିବା ମ ନେ ଶିକ୍ଷା ଦିଆଗଲା ବୋଲି କୁହାଯିବ ନାହିଁ । ଭାରତବର୍ଷ ଭିତରୁ ଓଡ଼ିଶାରେ ଯେତେ ସାକ୍ଷର ବ୍ୟକ୍ତି ଅଛନ୍ତି, ବୋଧ ହୁଏ ଅନ୍ୟ କୌଣସି ପ୍ରଦେଶରେ ନାହାନ୍ତି । ଏହି କଥା ସରକାର ରିପୋର୍ଟମାନଙ୍କରୁ ମଧ୍ୟ ଜଣାଯାଏ । ଏହା ମଧ୍ୟ ଆଧୁନିକ ଶିକ୍ଷା ବିସ୍ତାର ଚେଷ୍ଟାର ଫଳ ବୋଲି ବୋଧ ହୁଏ ନାହିଁ । ଉତ୍କଳରେ ଯେଉଁସବୁ ଅବଧାନ ଚାଟଶାଳୀ ଚୌପାଢ଼ୀର ବ୍ୟବସ୍ଥା ଥିଲା ଏବଂ ବର୍ତ୍ତମାନ ଉଠିଯାଇଅଛି, ତାହା ଫଳରେ ଦେଶରେ ଅସ୍ପୃଶ୍ୟ ଜାତିର ଲୋକମାନେ ମଧ୍ୟ ଭାଗବତ ପଢ଼ିବା ଭଳି ସାକ୍ଷର ହୋଇଥିଲେ । କିନ୍ତୁ ବର୍ତ୍ତମାନ ଯେଉଁସବୁ ଶିକ୍ଷା ସଂସ୍କାର ପ୍ରବେଶ କଲାଣି ସେଥିରେ ଓଡ଼ିଶାର ଏହି ପୂର୍ବଶ୍ରୀ ଆଉ ଅଧିକ ଦିନ ସମ୍ଭାଶେ ରହିବ କି ନାହିଁ ସନ୍ଦେହର ବିଷୟ । ଅଧିକାଂଶ ସାକ୍ଷର ବୋଲି ଯଦି ଧରାଯାଏ, ତା'ହାହେଲେ ମଧ୍ୟ ଜାତି ଶିକ୍ଷିତ ବୋଲି କୁହାଯିବ ନାହିଁ । ବର୍ତ୍ତମାନ ଆମ୍ଭ ଦେଶରେ ଯେ ଶିକ୍ଷାନୁଷ୍ଠାନର ଅଭାବ ଅଛି, ଏଥିରେ କୌଣସି ଦ୍ୱିରୁକ୍ତି ହୋଇ ନ ପାରେ । ଜୟପୁର ବଣୀଖପଟ୍ଟଣ ଅଞ୍ଚଳର ଓଡ଼ିଆପ୍ରଧାନ ସ୍ଥଳମାନଙ୍କରେ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟର ଏକାନ୍ତ ଅଭାବ ପରିଲକ୍ଷିତ ହେଉଅଛି । ସେହିଠାରେ ଓଡ଼ିଆ ପରିବର୍ତ୍ତେ ଓଡ଼ିଆ ବାଳକମାନେ ତେଲୁଗୁ ଶିଖିବାକୁ ବାଧ୍ୟ ହେଉଅଛନ୍ତି । ଏଥିପ୍ରତି ସରକାର କିମ୍ବା ଲୋକଙ୍କର ଦୃଷ୍ଟି ଅଦ୍ୟାବଧି ପଡ଼ି ନାହିଁ । ପାଦ୍ରି ମିସନାରୀମାନେ ଯାହା କରୁଅଛନ୍ତି, ତାହା ବାଦଦେଲେ ଓଡ଼ିଆ ଶିକ୍ଷା ପ୍ରଚାର ନିମନ୍ତେ ସେହି ଅଞ୍ଚଳରେ କୌଣସି ଉତ୍ସାହ, କୌଣସି ଉଦ୍ୟମ ନାହିଁ । ଏହିପରି ଚତୁର୍ଦ୍ଦିଗରେ ଶିକ୍ଷାର ଅଭାବ ପରିଲକ୍ଷିତ ହେଉଅଛି । ଏପରି ଅବସ୍ଥାରେ କେଉଁ ପ୍ରଣାଳୀର ଶିକ୍ଷା ଦିଆଯିବା ଉଚିତ, ଏହି ବିଷୟର ଆଲୋଚନାରେ ପ୍ରବୃତ୍ତ ହେଲେ କି ଲାଭ ହେବ ? ଶିରୋନାସ୍ତି କୁତୋବ୍ୟଥା ? ଶିକ୍ଷା ତ ନାହିଁ, ସେଥିରେ ପ୍ରଣାଳୀ ନିରୂପଣ ପାଇଁ ଏତେ ବ୍ୟାକୁଳତା କାହିଁକି ? ତଥାପି କେବଳ ଶିକ୍ଷାର ପରିମାଣ ପ୍ରତି ଦୃଷ୍ଟି ଦେଲେ ଚଳିବ ନାହିଁ । କ୍ଷୁଧାରେ ପ୍ରପୀଡ଼ିତ ବୋଲି ଏଣୁ ତେଣୁ ଆହାର ଯୋଗାଇଲେ ଚଳିବ ନାହିଁ । ଖାଦ୍ୟ ଏପରି ହେବା ଉଚିତ, ଯଦ୍ୱାରା ରକ୍ତବୃଦ୍ଧି ହେବ, ଅଙ୍ଗ ସବଳ ଓ ସତେଜ ହେବ। ତାହା ନ ହେଲେ ଅଶାନ୍ତି ରୋଗରେ ଆକ୍ରାନ୍ତ ହେବା ଅସମ୍ଭବ ନୁହେଁ । ଶିକ୍ଷାର ପ୍ରକୃତି ପ୍ରତି ଦୃଷ୍ଟି ନ ଦେଲେ ତାହା ଅଶିକ୍ଷାଠାରୁ ଭୟଙ୍କର ହୋଇଉଠିବ ଏବଂ ଜାତି ମାନସିକ ଅଶାନ୍ତି ରୋଗରେ ଗ୍ରସ୍ତ ହେବା ବିଚିତ୍ର ନୁହେଁ । ଏହି କଥା ଆମ୍ଭଦେଶର ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ସାଧାରଣ ଗ୍ରାମୀୟ ବୋର୍ଡ଼ ପାଠଶାଳା ପର୍ଯ୍ୟନ୍ତ ସକଳ ସ୍ଥାନରେ ପ୍ରଯୁଜ୍ୟ ।

ସବୁ କଥା ପରି ଶିକ୍ଷାର ମଧ୍ୟ ଗୋଟିଏ ଆଦର୍ଶ ରଖିବାକୁ ହେବ । ସେ ଆଦର୍ଶ ଜାତିର ପାରିପାର୍ଶ୍ୱିକ ଅବସ୍ଥା, ଜାତିର ପୂର୍ବପରମ୍ପରାର ଅନୁକୂଳ ହେବା ଆବଶ୍ୟକ । ଏକ କଥାରେ ଆଦର୍ଶ ଏପରି ହେବା ଉଚିତ ଯେ, ତାହା ଗ୍ରହଣ କରି ତଦ୍ଦ୍ୱାରା ଅନୁପ୍ରାଣିତ ହୋଇ ଜାତି ଉପରକୁ ଉଠିପାରିବ । ବର୍ତ୍ତମାନ ଓଡ଼ିଆଙ୍କର ଭାଗ୍ୟରେ ଦୁଇଗୋଟି ବିଶ୍ୱବିଦ୍ୟାଳୟ ପଡ଼ିଅଛି । ଆଉ କେତେଦିନ ପରେ ପାଟଣା ବିଶ୍ୱବିଦ୍ୟାଳୟ ମଧ୍ୟ ସଂସ୍ଥାପିତ ହେବ । ଗୋଟିଏ ଜାତି ତିନିଗୋଟି ବିଶ୍ୱବିଦ୍ୟାଳୟରେ ବିଭକ୍ତ ହୋଇ ଶିକ୍ଷିତ ହେଲେ ଜାତିର ଗୋଟିଏ ଆଦର୍ଶ ରହିବ କି ? ଅନ୍ୟ ବିଷୟମାନଙ୍କରେ ଯେପରି ଶିକ୍ଷାରେ ମଧ୍ୟ ସେପରି ଏକ Common standrd ସମାନ ପ୍ରଣାଳୀ ଓ ଆଦର୍ଶ ରହିବା ଆବଶ୍ୟକ । ମାନ୍ଦ୍ରାଜ ଅଞ୍ଚଳରେ ବିଶ୍ୱବିଦ୍ୟାଳୟରେ [illegible] ପାଉଅଛି ତଲିକତାରେ ତାହା ନୁହେଁ । ଜଣେ କଟକର ଗ୍ରାଜୁଏଟ ଜଣେ ଗଞ୍ଜାମର ଗ୍ରାଜୁଏଟଙ୍କ ଅପେକ୍ଷା ସଂସ୍କୃତରେ ଅଧିକ ପାରଦର୍ଶୀ ଓ ମାତୃଭାଷାରେ ଅଧିକ ପ୍ରବୀଣ । ଏହିପରି ଯେ ପାର୍ଥକ୍ୟ ଅନ୍ୟନ୍ତ ଉଚ୍ଚ ନାହିଁ, ଏହା କହିବା ମୋହର ଅଭିପ୍ରେତ ନୁହେଁ । କିନ୍ତୁ ଏକ ଜାତି ନିମନ୍ତେ ଏକ ବିଶ୍ୱବିଦ୍ୟାଳୟ, ଏକ ଆଦର୍ଶ, ଏକ ଶିକ୍ଷାପ୍ରଣାଳୀ ଅଧିକତର ଉପଯୋଗୀ ଓ ସ୍ୱାସ୍ଥ୍ୟକର ବୋଲି ମୋହର ଧାରଣା । କିନ୍ତୁ ଏହା କେତେଦୂର ସମ୍ଭବ ସରକାର ଓ ବ୍ୟକ୍ତିମାନଙ୍କର ଆଲୋଚନାର

ବିଷୟ । କେତେ ଦିନ ପୂର୍ବେ ଧାରାକୋଟର ମାନ୍ୟବର ରାଜାସାହେବ ସମସ୍ତ ଓଡ଼ିଆଭାଷୀ ପ୍ରଦେଶର ଶିକ୍ଷାନୁଷ୍ଠାନ-ସମୂହ ଏକ ଶିକ୍ଷାକର୍ତ୍ତୃପକ୍ଷଙ୍କ ଅଧୀନରେ ରହିବା ବାଞ୍ଛନୀୟ ବୋଲି ବ୍ୟବସ୍ଥାପକ ସଭାରେ ଯେଉଁ ପ୍ରସ୍ତାବ ଉତ୍ଥାପନ କରିଥିଲେ, ତାହା ସ୍ୱୀକୃତ ହେଲେ ଅନେକାଂଶରେ ଶିକ୍ଷାର ଏକ ଆଦର୍ଶ ଓ ସମାନ ହୋଇପାରେ ।

ଶିକ୍ଷାର ଆଦର୍ଶ ସମ୍ବନ୍ଧେ କହୁଁ କହୁଁ ସତ୍ୟବାଦୀର ଆଦର୍ଶ ହାଇ ସ୍କୁଲ କଥା ମନେ ପଡ଼ିଲା । ସତ୍ୟବାଦୀ ସ୍କୁଲ ମୁଁ ଦେଖି ନାହିଁ; କିନ୍ତୁ ଲୋକମୁଖରେ ଓ ସମ୍ବାଦପତ୍ରାଦିଦ୍ୱାରା ତାହାର ପରିଚୟ ପାଇପାରିଅଛି । ତ୍ୟାଗର ଜ୍ୱଳନ୍ତ ଆଦର୍ଶ ଦେଖାଇ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାତାମାନେ ଏହି ନୂତନ ସ୍କୁଲ ନୂତନ ଧରଣରେ, ନୂତନ ଆଦର୍ଶରେ ଚଳାଉଅଛନ୍ତି । ଶୁଣିପାରିଅଛି, ସେଠାରେ ସେମାନେ 'ମନୁଷ୍ୟ ଗଢ଼ୁଅଛନ୍ତି' । ଶିକ୍ଷକମାନେ ପ୍ରାଚୀନ ଋଷିଗଣ କଥିତ ଆଦର୍ଶର କାର୍ଯ୍ୟ କରୁଅଛନ୍ତି । ଶିକ୍ଷକ ଆଦର୍ଶ ନ ହେଲେ, ଅର୍ଥାତ ଶିକ୍ଷା ଆଚରଣରେ ପରିଣତ ନ ହେଲେ ତାହାର ଫଳ କିଛି ହୁଏ ନାହିଁ । ମନୁଷ୍ୟତ୍ୱ ପ୍ରାପ୍ତି ନିମିତ୍ତ ସେମାନେ ଛାତ୍ରମାନଙ୍କୁ ଯେଉଁ ମାର୍ଗରେ ଚଳାଉଥିବାର ଜଣାଯାଏ, ତାହା ସର୍ବଥା ଅନୁକରଣୀୟ । ଆମ୍ଭମାନଙ୍କ ଦେଶରେ ଏହିପରି ସ୍କୁଲର ସଂଖ୍ୟା, ଏପରି ସ୍ୱାର୍ଥତ୍ୟାଗୀଙ୍କ ସଂଖ୍ୟା ବୃଦ୍ଧି ହେଉ ଏବଂ ସତ୍ୟବାଦୀର ଉଚ୍ଚ [illegible] ଆଦର୍ଶରେ ଦେଶ [illegible] ହେଉ, ଏହା ମୋହର ଆନ୍ତରିକ ଇଚ୍ଛା ଏବଂ ଭଗବାନ ଏହି ସ୍କୁଲର ଅନୁଷ୍ଠାତାମାନଙ୍କ କାର୍ଯ୍ୟରେ ସହାୟ ହୁଅନ୍ତୁ, ଏହା ମୁଁ କାମନା ।

ସିଂହଭୂମ ଅଞ୍ଚଳରେ ଓଡ଼ିଆ ଶିକ୍ଷା ପ୍ରସାରର ଯେପରି ଅଭାବ ଅଛି, ଗଞ୍ଜାମ ବିଶାଖପଟ୍ଟଣରେ ମଧ୍ୟ ତଦ୍ରୂପ । ସିଂହଭୂମରେ ଯେପରି ଓଡ଼ିଆ ଶିକ୍ଷକଙ୍କ ଅଭାବ ଅଛି, ଏହି ଅଞ୍ଚଳରେ ମଧ୍ୟ ସେହିପରି ଅଭାବ ରହିଅଛି । ଏଥି ପ୍ରତି ଗଭର୍ଣ୍ଣମେଣ୍ଟଙ୍କ ଶୁଭଦୃଷ୍ଟି ନ ପଡ଼ିଲେ ଓଡ଼ିଆଙ୍କର ଉନ୍ନତି ଆଶା ବିଡ଼ମ୍ବନା ମାତ୍ର । ତେଲୁଗୁମାନେ ଯେତେ ଶିକ୍ଷିତ ହୁଅନ୍ତୁ ସେମାନେ ଓଡ଼ିଆରେ ଶିକ୍ଷା ଦେଇପାରିବେ ନାହିଁ ଏବଂ ଓଡ଼ିଆ ଆଦର୍ଶ, ଓଡ଼ିଆର ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ତେଲୁଗୁ-ମାନେ ରକ୍ଷା କରିବେ ବା କିପରି ? ସମ୍ମିଳନୀ ଚେଷ୍ଟା କଲେ କେତେକ ଓଡ଼ିଆ ଶିକ୍ଷକ ଏ ଅଞ୍ଚଳକୁ ଆମଦାନୀ କରାଇପାରନ୍ତି । ସେଥିପାଇଁ ଗଞ୍ଜାମ ଓଡ଼ିଆ ସମାଜ ଯଥୋଚିତ ଉଦ୍ୟମ କରୁଥିବାର ଜଣାଯାଏ । ଅନ୍ୟମାନଙ୍କୁ ସେହି କାର୍ଯ୍ୟରେ ସାହାଯ୍ୟ ଦେବାକୁ ହେବ । ରସଲ-କୋଣ୍ଡାରେ ଓଡ଼ିଆ ହାଇ ସ୍କୁଲ ପ୍ରତିଷ୍ଠିତ ହୋଇଅଛି । ଏହା ଗଭର୍ଣ୍ଣମେଣ୍ଟଙ୍କ ବିଶେଷ ଅନୁକମ୍ପାର ଫଳ । ମୁଁ ସେଥିପାଇଁ ଲର୍ଡପେଣ୍ଟଲାଣ୍ଡଙ୍କ ଗଭର୍ଣ୍ଣମେଣ୍ଟକୁ ଧନ୍ୟବାଦ ଦେଉଅଛି । ପରନ୍ତୁ ଓଡ଼ିଆ ଶିକ୍ଷକ ନିଯୋଗ ପ୍ରତି ବିଶେଷ ମନୋଯୋଗ ନ ଦେଲେ ସରକାର ଯେଉଁ ଉଦ୍ଦେଶ୍ୟରେ ରସଲକୋଣ୍ଡାଠାରେ ହାଇ ସ୍କୁଲ ବସାଇ ଅଛନ୍ତି ସେହି ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିବ । ଅନ୍ୟାନ୍ୟ ଶିକ୍ଷକାଭାବ ପୂରଣ କରିବା ନିମିତ୍ତ ବ୍ରହ୍ମପୁର ଟ୍ରେନିଂ ସ୍କୁଲ ଉଚ୍ଚ ଗ୍ରେଡ଼ ସ୍କୁଲରେ ପରିଣତ ହୋଇଅଛି । ଏହା ଅବଶ୍ୟ ଆନନ୍ଦର କଥା । ଆଶା କରାଯାଏ, ସରକାର ବାହାଦୁର ଜୟପୁରର ସ୍ତ୍ରୀ ଶିକ୍ଷାର ସୁବିଧା କରିଅଛନ୍ତି । ଆମ୍ଭମାନଙ୍କର ସାହିତ୍ୟିକ ଅନୁଷ୍ଠାନସମୂହ ମଧ୍ୟ ତଦ୍ରୂପ କରିବାକୁ ହେବ । ଜ୍ଞାନର ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ଧରଣର ପୁସ୍ତକମାନ ପ୍ରକାଶ କରିବାକୁ ହେବ । ପ୍ରାଚୀନ ସାହିତ୍ୟ ପ୍ରତି ଲୋକଙ୍କର ଆଗ୍ରହ ଓ ଆସ୍ଥା ଉଦ୍ରେକ କରି ଆଧୁନିକ ସାହିତ୍ୟ ଅନୁଶୀଳନରେ ମଣିକାଞ୍ଚନ ସଂଯୋଗର ଯତ୍ନ କରିବାକୁ ହେବ । ନୂତନ ଧରଣର ନବଯୁଗର ଉପଯୋଗୀ କବିତା ରଚନାରେ ୰ରାଧାନାଥ ଯେଉଁ ମାର୍ଗ ଦେଖାଇ-ଅଛନ୍ତି, ଗଦ୍ୟ ଲେଖାରେ ୰ମଧୁସୂଦନ ଯେଉଁ ପ୍ରତିପତ୍ତି ସଂସ୍ଥାପନ କରିଅଛନ୍ତି, ନାଟକ ପ୍ରଣୟନରେ ଶ୍ରୀଯୁକ୍ତ ରାମଶଙ୍କର ରାୟ ଯେଉଁ କୃତିତ୍ୱର ପରିଚୟ ଦେଇ-ଅଛନ୍ତି, ଉପନ୍ୟାସରେ ଉତ୍କଳଜନ ଫକୀରମୋହନ ଉକ୍ତ ସାହିତ୍ୟର ଯେଉଁ ମାର୍ଗ ଦର୍ଶାଇଅଛନ୍ତି, ସେ ସମସ୍ତ ଆମ୍ଭ ଓଡ଼ିଆ ଜାତିକୁ ଏକ ପ୍ରକାର ଉଜ୍ଜୀବିତ କରି ରଖିଅଛି । ଓଡ଼ିଆ ଜାତି ବର୍ତ୍ତମାନ ଯୁଗରେ

ଏମାନଙ୍କ ଲେଖାରୁ ତାଙ୍କର ମାନସିକ ଖାଦ୍ୟ ସଂଗ୍ରହ କରୁଅଛନ୍ତି । କିନ୍ତୁ ଗୋଟିଏ ପ୍ରକାଣ୍ଡ ଜାତି ନିମନ୍ତେ ଏକ କୋଟିରୁ ଅଧିକ ଓଡ଼ିଆ ଜୀବଙ୍କ ନିମନ୍ତେ ଏହି ସୁଲେଖକଙ୍କଦ୍ୱାରା ବହୁ ଯତ୍ନରେ ସଞ୍ଚିତ ସୁମିଷ୍ଟ ଖାଦ୍ୟ ମଧ୍ୟ ଯଥେଷ୍ଟ ନୁହେଁ । ନାନା ପ୍ରକାର ଗ୍ରନ୍ଥ, ବିଭିନ୍ନ ପ୍ରକାର ଉପନ୍ୟାସ, କାବ୍ୟ ନାଟକ ଆବଶ୍ୟକ । ବର୍ତ୍ତମାନ ସବୁ ବିଷୟରେ ଅଭାବ । ଦୁଃଖର ବିଷୟ ଆଜିଯାଏଁ ଓଡ଼ିଆରେ ଖଣ୍ଡିଏ ଉଚ୍ଚ ଧରଣର ଅଭିଧାନ ସଙ୍କଳିତ ହୋଇ ନାହିଁ । ଏହି ପାରଳାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ବହୁ ପରିଶ୍ରମ କରି ଖଣ୍ଡିଏ ଅଭିଧାନ ପ୍ରଣୟନ କରିଅଛନ୍ତି । ତାହା ଅଦ୍ୟାବଧି ପ୍ରକାଶ ହୋଇପାରି ନାହିଁ । ନିଜେ ସେ ପ୍ରଭୂତ ଉଦ୍ୟମ କଲେଣି । କେଉଁଥିରେ ନ ପାରି ଉତ୍କଳ ସାହିତ୍ୟସମାଜ ହାତରେ ସେ ତାହାଟି ଦେଇଅଛନ୍ତି । ସମାଜର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଭିଧାନ ଖଣ୍ଡ ଛପାହୋଇପାରି ନାହିଁ । ଆଶା କରୁଯାଏ, ଆମ୍ଭମାନଙ୍କ ଜୀବନରେ ତାହା ଦେଖିବାକୁ ପାଇବୁଁ । ଆଜିଯାଏ ସାହିତ୍ୟ ସମାଜ କୌଣସି ଗ୍ରନ୍ଥ ପ୍ରକାଶ କରିଥିବାର ମୁଁ ଜାଣି ନାହିଁ । ଅନ୍ତତଃ ଏହି ଅଭିଧାନ ଖଣ୍ଡି ଛପାଇଲେ ସମାଜର ଗୌରବ ବଢନ୍ତା । ଆନନ୍ଦର ବିଷୟ କେତେକ ରାଜା ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ମନୋଯୋଗ ଦେଇଥିବାର ଆଭାସ ମିଳିଅଛି । ସେମାନେ ଯେ ଯାହା କ୍ଷେତ୍ରରେ କିଛି ନା କିଛି କରୁଅଛନ୍ତି, ଏହା ଅବଶ୍ୟ ଶୁଭର ଲକ୍ଷଣ ।

କରଣ, କ୍ଷତ୍ରିୟ, ବ୍ରାହ୍ମଣ ଇତ୍ୟାଦି ସମ୍ଭ୍ରାନ୍ତଙ୍କ ଘରେ ସ୍ତ୍ରୀମାନେ ଶିକ୍ଷା ପାଉଥିବାର ଶୁଣାଯାଇଥାଏ; କିନ୍ତୁ ସେମାନଙ୍କର ଅଧିକାଂଶ ସାକ୍ଷର ମାତ୍ର । ଅପର ବାଳିକାମାନେ ସେମାନେ ଯେ ଶିକ୍ଷିତାଙ୍କ ମଧ୍ୟରେ ଗଣ୍ୟ ହେବେ ତାହା ନୁହେଁ । ନାରୀଗଣଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ, ଯଦ୍ଦ୍ୱାରା ସେମାନେ ନାରୀସୁଲଭ ଦୟା, ପ୍ରୀତି, ମାୟା, ମମତା, ଶୁଶ୍ରୂଷା ଇତ୍ୟାଦି ସଦ୍‌ଗୁଣ ପ୍ରତି ସମଧିକ ଆସ୍ଥାବତୀ ହେବେ ଏବଂ ମାନବସମାଜକୁ ସମଧିକ ସୁଖ, ଶାନ୍ତି ଓ ମଙ୍ଗଳ ଆନୟନ କରିବେ । ଆମ୍ଭେମାନେ ସ୍ତ୍ରୀ ଶିକ୍ଷା ପ୍ରତି ଯେଉଁ ଉଦାସୀନତା ଦେଖାଉଅଛୁଁ ତାହା ଦେଶପକ୍ଷରେ ଘୋର ଅମଙ୍ଗଳର ଲକ୍ଷଣ । ସ୍ତ୍ରୀଶିକ୍ଷା ପ୍ରତି ଉଦାସୀନତା ଯେପରି ନିନ୍ଦନୀୟ ଏବଂ କ୍ଷତିକାରକ, ସାହିତ୍ୟ ପ୍ରତି ଆସ୍ଥାବାନ୍ ନ ହେବା ତେତିକି ଦୋଷର ବିଷୟ । ସୁଖାଦ୍ୟ ଯେପରି ଶରୀରକୁ ସବଳ ସତେଜ କରେ, ସୁସାହିତ୍ୟ ସେପରି ଜାତିର ମାନସିକ ତେଜ ବିକାଶ କରେ । ଜାତିର ମସ୍ତିଷ୍କ ସତେଜ ନ ରହିଲେ ତାହାର ମଜ୍ଜାଗତ ଶକ୍ତି କ୍ଷୀଣ ହୋଇଯାଏ ଓ ଜାତି କ୍ରମେ ଦୁର୍ବଳ ହୋଇଉଠେ । ସର୍ବଦା ସର୍ବସମୟରେ ସାହିତ୍ୟିକମାନେ, କବି ଓ ଲେଖକଗଣ ଜାତିର ନେତା ହୋଇଥାଆନ୍ତି । ଅର୍ଥାତ୍ ମନ ଯେପରି ଶରୀରକୁ ଚାଳନ କରେ ପ୍ରତିଭାଶାଳୀ ସାହିତ୍ୟିକମାନେ ସେପରି ଜାତିକୁ ଚାଳନ କରିଥାନ୍ତି । ଆମ୍ଭମାନଙ୍କର ଏହି ମାନସିକ ଉନ୍ନତି ପାଇଁ ଜାତୀୟ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ବିଶେଷଭାବରେ ଯତ୍ନ କରିବା ନିତାନ୍ତ ଆବଶ୍ୟକ ମନେକରେ । ଉନ୍ନତ ବଙ୍ଗ ଏହି କ୍ଷେତ୍ରରେ ଯାହା କରିଅଛି, ତାହା ଆମ୍ଭମାନଙ୍କର ସର୍ବତୋଭାବେ ଅନୁକରଣୀୟ । କେବଳ ବଙ୍ଗଳାରେ ସାହିତ୍ୟ ପରିଷଦ ଅଛି ବୋଲି ଆମ୍ଭେମାନେ ନାମରେ ମାତ୍ର ସାହିତ୍ୟସମାଜମାନ ସ୍ଥାପନ କଲେ ଚଳିବ ନାହିଁ । ଆନ୍ଧ୍ରମାନେ ଏହି କେତେକ ବର୍ଷମଧ୍ୟରେ ଯାହା କରୁଅଛନ୍ତି, ବର୍ତ୍ତମାନ ସେମାନଙ୍କର ଏକାଡେମୀ ଓ ସାହିତ୍ୟିକ ସଙ୍ଘମାନେ ତାହା ନିମନ୍ତେ ଏପରି କିଛି ସୁବନ୍ଦୋବସ୍ତ କରିବେ । ଗଞ୍ଜାମ ଓଡ଼ିଆମାନେ କିଛିଏ ସଂଜ୍ଞାଲାଭ କରିଅଛନ୍ତି । ସେମାନେ ନିଜ ଅଭାବ ଅସୁବିଧା କହିବାକୁ ଶିଖିଲେଣି । କିନ୍ତୁ ଜୟପୁର, ସିଂହଭୂମ ଓଡ଼ିଆଙ୍କର ତାହା ମଧ୍ୟ ନାହିଁ । ଅତଏବ ସରକାର ବାହାଦୁର ଏହି ବିଭାଗମାନଙ୍କ ପ୍ରତି ବିଶେଷ ଦୃଷ୍ଟି ନ ଦେଲେ ଉନ୍ନତି ଅସମ୍ଭବ । ଯେଉଁଠାରେ ବାଳକମାନଙ୍କ ପୂର୍ଣ୍ଣ ଶିକ୍ଷାର ଏପରି ଅବସ୍ଥା, ସେଠାରେ ସ୍ତ୍ରୀଶିକ୍ଷା ସମ୍ବନ୍ଧେ ବିଶେଷ କହିବା ନିଷ୍ପ୍ରୟୋଜନ । କିନ୍ତୁ ଯେଉଁମାନେ ମନୁଷ୍ୟର ଅର୍ଦ୍ଧାଙ୍ଗସ୍ୱରୂପ ସ୍ୱୀକୃତ ହୁଅନ୍ତି, ଯେଉଁମାନଙ୍କ ଉପରେ ଆମ୍ଭମାନଙ୍କ ପୁତ୍ରକନ୍ୟାଙ୍କ ଭାବୀ ଜୀବନର ଭାର ରହିଅଛି, ସେମାନେ ପ୍ରକୃତ ମାତା ପ୍ରକୃତ ଭଗିନୀ ଓ ପ୍ରକୃତ ପତ୍ନୀ ନ ହୋଇ ପାରିଲେ

ଦେଶର ଉନ୍ନତି କେଉଁଆଡ଼ୁ ହେବ ? ପକ୍ଷୀର ଗୋଟିଏ ଡେଣା ବାନ୍ଧିଦେଇ ତାକୁ ଉଡ଼ିବାକୁ ଦେଲେ ସେ ଉଡ଼ିପାରିବ କି ? ସେହିପରି ଜାତିର ଏତେ ସ୍ତ୍ରୀ ଏ ପ୍ରାଣୀ ଶିକ୍ଷାବିହୀନ ହୋଇ ରହିଲେ ସେହି ଜାତିର ଉନ୍ନତି ଅସମ୍ଭବ । ପୂର୍ବକାଳରେ ହିନ୍ଦୁରମଣୀମାନେ ସୁଶିକ୍ଷିତା ଥିଲେ । ସୀତା, ସାବିତ୍ରୀ, ଦମୟନ୍ତୀ ହିନ୍ଦୁ ଚରିତ୍ରର ଚରମ ଦୃଷ୍ଟାନ୍ତ । ଲୀଳାବତୀଙ୍କ ପରି ବିଦ୍ୟାବତୀଙ୍କୁ ପାଇ ଯେ କୌଣସି ଦେଶ ଗର୍ବ କରିବ । କିନ୍ତୁ ସେସବୁ ପୁରାଣର କଥା ହୋଇଯାଇଅଛି । ପ୍ରାଚୀନକାଳର ରମଣୀଗଣଙ୍କ ଚରିତ୍ରର ରମଣୀୟତା ଆଣିବାକୁ ଅନେକ କାଳ ଲାଗିବ । ପୁରାଣ କଥା ଛାଡ଼ନ୍ତୁ, ଓଡ଼ିଶାର କରଣ-କୁଳମଣ୍ଡନା ମାଧବୀଦାସୀଙ୍କ କଥା କିଏ ନ ଜାଣେ ? ଯେଉଁ ମହାତ୍ମା ଚୈତନ୍ୟ ଦେବ ନାରୀମୁଖ ସନ୍ଦର୍ଶନ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ, ସେ ମାଧବୀଙ୍କ ଶିକ୍ଷାଦୀକ୍ଷାରେ ମୁଗ୍ଧ ହୋଇ ନିୟମଭଙ୍ଗ କରି ତାଙ୍କୁ ଦର୍ଶନ ଦେଇଥିବା ଶୁଣାଯାଏ । ଆଜି ଜଣେ ଏହି ଆଧୁନିକ ଯୁଗରେ ସାହିତ୍ୟଚର୍ଚ୍ଚା କରି ସଂସ୍କୃତ ପ୍ରକୃତିରେ ନିପୁଣତାର ପରିଚୟ ଦେଇଅଛନ୍ତି । ସୁଧା ନାମ୍ନୀ ଧରିତ୍ରୀଠାରେ ଜଣେ ବ୍ରାହ୍ମଣଘରର ବିଧବା ତାଙ୍କର ସେହି ଶିକ୍ଷାର ଅଭ୍ୟାସ ବର୍ତ୍ତମାନ ସ୍ତ୍ରୀସମାଜରେ ନାହିଁ ? ସ୍କୁଲମାନ ଯଥେଷ୍ଟ ରୂପରେ ନ ହେଉ ବୋଲିବାକୁ ହେବ । ଭୋଜ ବିକ୍ରମାଦିତ୍ୟଙ୍କଠାରୁ ଆରମ୍ଭ କରି ସୁତଳ, ରାମଚନ୍ଦ୍ର ପର୍ଯ୍ୟନ୍ତ ରାଜାମାନଙ୍କଦ୍ୱାରା ଭାରତର ସଂସ୍କୃତ [illegible] ପ୍ରାଦେଶିକ ଭାଷାର ସାହିତ୍ୟ ପରି[illegible] ଓଡ଼ିଶାର ନରପତିମାନଙ୍କମଧ୍ୟରୁ କେତେକଙ୍କଠାରେ ଏହି ସାହିତ୍ୟ ଅନୁରାଗ ଦେଖାଯାଏ, ଏହା ଅତି ଆନନ୍ଦର କଥା । ରାଜା ଏବଂ ଜମିଦାରମାନେ ନିଜେ ସାହିତ୍ୟଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶକ୍ତିଶାଳୀ ସାହିତ୍ୟିକମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରେ ସାହାଯ୍ୟ ଦେଇ ସାହିତ୍ୟଚର୍ଚ୍ଚାର କ୍ଷେତ୍ର ବଢ଼ାଇଲେ ଅତ୍ୟନ୍ତ ଭଲ ହୁଅନ୍ତା ।

ସଂସ୍କାରଃ—

ଆଜିକାଲି ଆମ୍ଭମାନଙ୍କ ଦେଶରେ ସଂସ୍କାର କରିବାକୁ କେତେକଙ୍କର ପ୍ରୟାସ ଦେଖାଯାଉଅଛି । କିନ୍ତୁ କାହିଁକି ଯେ ସଂସ୍କାର ଆବଶ୍ୟକ, ତାହା କେହି ସ୍ଥିର କରିପାରି ଜଣାଯାଏ ନାହିଁ । ଦେଶର ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ଆଚାର, ବ୍ୟବହାର, ସାମାଜିକ ରୀତିନୀତିରେ କୌଣସି ପରିବର୍ତ୍ତନ ଘଟାଇବା ସମୀଚୀନ ନୁହେଁ । ବରଂ ପୂର୍ବକାଳ ପ୍ରତି ପ୍ରାଚୀନ ସାମାଜିକ ରୀତିନୀତି ପ୍ରତି ଲୋକଙ୍କର ଆସ୍ଥା ଓ ଆଗ୍ରହ ବଢ଼ାଇବା ଆବଶ୍ୟକ ବୋଲି ମୁଁ ମନେ କରେ । ଜାତିର ଯାହା ସମ୍ବଳ, ତାହା ଛାଡ଼ିଦେଇ କେବଳ ଅନୁକରଣର ପଶ୍ଚାଦ୍ଧାବନ କଲେ କିଛି ଫଳ ହେବ ନାହିଁ । ଏହାଦ୍ୱାରା ମୁଁ ପ୍ରକାଶ କରୁ ନାହିଁ ଯେ, ଆମ୍ଭମାନଙ୍କ ସମାଜରେ କୌଣସି ତ୍ରୁଟି ବା ଦୋଷ ନାହିଁ । କେଉଁ ସମାଜରେ ବା ତାହା ନାହିଁ ? ଆମ୍ଭମାନଙ୍କ ସମାଜ ପରି ପ୍ରାଚୀନ ସମାଜ ନାନା ଅବସ୍ଥା ଅତିକ୍ରମ କରି ଆସିଥିବାରୁ କାଳକ୍ରମେ ତହିଁରେ ସେପରି ଅନେକ ତ୍ରୁଟି ବା କୁସଂସ୍କାର ପ୍ରବେଶ କରିବା ସ୍ୱାଭାବିକ । ସେସବୁର ନିରାକରଣ ସର୍ବଥା ବାଞ୍ଛନୀୟ; କିନ୍ତୁ ତାହା କରିବାବେଳେ "ଶନୈଃ ପନ୍ଥା ଶନୈଃ କନ୍ଥା ଶନୈଃ ପର୍ବତଲଙ୍ଘନଂ" ନୀତି ଅବଲମ୍ବନ କରିବା ଶ୍ରେୟସ୍କର ।

ଉପସଂହାରଃ—

ଏପରି ଦେଶର ଉନ୍ନତି ବିଧାୟକ ଅନ୍ୟାନ୍ୟ ବିଷୟ ଅର୍ଥାତ୍ କୃଷି, ଶିଳ୍ପ, ବାଣିଜ୍ୟ ସମ୍ବନ୍ଧରେ ପୂର୍ବବର୍ତ୍ତୀ ସମ୍ମିଳନୀର ସଭାପତିମାନେ ବିଶେଷ ଭାବରେ କହିଦେଇଯାଇଅଛନ୍ତି । ସେ ସମସ୍ତର ଆଲୋଚନା ବର୍ତ୍ତମାନ ନିଷ୍ପ୍ରୟୋଜନ । ଗୋଟିଏ ଜାତିକୁ ଉନ୍ନତି ପଥରେ ଅଗ୍ରସର କରାଇବାକୁ ହେଲେ ତାହାର ଏହି ସମସ୍ତ ବିଷୟର ଉତ୍କର୍ଷ ସମ୍ପାଦନ କରିବାକୁ ହେବ । କିନ୍ତୁ ଏହିସବୁ କାର୍ଯ୍ୟ ବର୍ଷକରେ ବା ଦଶ ବର୍ଷରେ ହେଲା ନାହିଁ ବୋଲି କ୍ଷୋଭ ପ୍ରକାଶ କରି କାର୍ଯ୍ୟକ୍ଷେତ୍ରରୁ ନିବୃତ୍ତ ହେଲେ ଚଳିବ ନାହିଁ । ଶତବର୍ଷ-ବ୍ୟାପୀ ଉଦ୍ୟମ, ଆନ୍ଦୋଳନ ଆବଶ୍ୟକ । କଠୋର ସ୍ୱାର୍ଥତ୍ୟାଗ, ପ୍ରତିଭାଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ ଆବଶ୍ୟକ ।

ଉତ୍କଳର ସ୍ଥାନେ ସ୍ଥାନେ କୌଣସି କୌଣସି ବ୍ୟକ୍ତିବିଶେଷଙ୍କ କାର୍ଯ୍ୟରେ ଏହି ଜାତୀୟ କଲ୍ୟାଣ

ନିମନ୍ତେ ଯେତେ ସାମାନ୍ୟ ହେଉ ପଛକେ, ଉତ୍ସାହ ଏବଂ ଆତ୍ମୋତ୍ସର୍ଗ ସମ୍ପୃକ୍ତ ଦେଖାଯିବା ବିଶେଷ ଆଶାପ୍ରଦ। ଲୋକଙ୍କ ମଧ୍ୟରେ ସମ୍ମିଳନୀ ଯେ ଏ ପ୍ରବୃତ୍ତି ଜାଗରଣ କରାଇ ନାହିଁ, ଏହା କୁହାଯାଇ ନ ପାରେ । ସମ୍ମିଳନୀ ଦିନ କାର୍ଯ୍ୟ କଲ ବୋଲି ସମ୍ମିଳନୀ ଅଧିବେଶନ ପରେ ପରବର୍ତ୍ତୀ କିମ୍ବା ବର୍ଷକ ପରେ ଅନ୍ୟ ଅଧି-ବେଶନ ସମୟରେ ସେ ସମ୍ବନ୍ଧେ କେତେଗୁଡ଼ିଏ ନିରାଶା ବାଣୀ କହି ଶାନ୍ତଶିଷ୍ଟ ହେବା ବିଶ୍ୱାସୀ ମାନଙ୍କର କର୍ତ୍ତବ୍ୟ ନୁହେଁ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

| | |
|---|---|
| ପାରଳାଖେମୁଣ୍ଡି<br>୨୭।୧୨।୧୯୧୪ | ଶ୍ରୀ ବିକ୍ରମ ଦେବ ବର୍ମା<br>ସଭାପତି—ଉତ୍କଳ ସମ୍ମିଳନୀ<br>( ଦଶମ ଅଧିବେଶନ ) |

ସମ୍ମିଳନୀର କାର୍ଯ୍ୟ ଶେଷ ହେଲା ପରେ ପାରଳା-ଖେମୁଣ୍ଡିର ସ୍ୱନାମଧନ୍ୟ ଗଜପତି ମହାରାଜ ମହୋଦୟ ସଭାପତି ଶ୍ରୀ ବିକ୍ରମ ଦେବ ବର୍ମାଙ୍କୁ ଧନ୍ୟବାଦ ଦେବା ପ୍ରସଙ୍ଗରେ କହିଥିଲେ—"ସଭାପତି ମହୋଦୟଙ୍କ ସଦ୍‌ଗୁଣାବଳୀ ଆପଣମାନଙ୍କର ଅବିଦିତ ନୁହେଁ । ସେ ଏହି ମହାସଭାର କାର୍ଯ୍ୟାବଳୀ ଯେପରି ଦକ୍ଷତା ସହକାରେ ଚଳାଇଅଛନ୍ତି । ସେଥିରୁ ତାହାଙ୍କ କାର୍ଯ୍ୟ-କାରିତାର ପରିଚୟ ମିଳୁଅଛି । ନାନାବିଧ ବୈଷୟିକ କାର୍ଯ୍ୟରେ ବ୍ୟସ୍ତ ଥିଲେ ସୁଦ୍ଧା ଆମ୍ଭମାନଙ୍କର ଅନୁରୋଧ ରକ୍ଷାକରି ଏହି ସମ୍ମିଳନୀର ଦାୟିତ୍ୱପୂର୍ଣ୍ଣ ସଭାପତି ଆସନ ଗ୍ରହଣ କରିଥିବାରୁ ତାହାଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି ।

ସମ୍ମିଳନୀ ସମୟରେ ଦିନେ ରାତିରେ ସ୍ଥାନୀୟ ପଦ୍ମନାଭ ରଙ୍ଗାଳୟର ନେତାମାନେ "ବାଣଦର୍ପ-ଦଳନ" ଏବଂ "ବିଜୟ ବସନ୍ତ" ନାଟକର ଅଭିନୟ ଦେଖାଇଥିଲେ । "ବାଣଦର୍ପ-ଦଳନ" ସ୍ୱର୍ଗୀୟ କ୍ଷୀରୋଦ ରାଜକୁମାର ପ୍ରଖ୍ୟାତନାମା ପଦ୍ମନାଭ ଗଜପତି ନାରାୟଣ ଦେବଙ୍କଦ୍ୱାରା ଏବଂ "ବିଜୟ ବସନ୍ତ" ଉକ୍ତ ରଙ୍ଗାଳୟର ସୁଯୋଗ୍ୟ ମେନେଜର ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡାଙ୍କଦ୍ୱାରା ରଚିତ । ବର୍ମା ମହୋଦୟ ଉଭୟ ନାଟକର ଅଭିନୟ ଦର୍ଶନରେ ମୁଗ୍ଧ ହୋଇ ନାଟକ ଦଳକୁ ଗୋଟିଏ ସୁବର୍ଣ୍ଣପଦକ ପୁରସ୍କାର ପ୍ରଦାନଦ୍ୱାରା ସେମାନଙ୍କୁ ଉତ୍ସାହିତ ଏବଂ ଗୌରବିତ କରିଥିଲେ ।

ସେହି ସମୟରେ ପାରଳାଖେମୁଣ୍ଡିରେ ଆହୁରି କେତେକ ସଭା ସମିତିର ଅଧିବେଶନ ହୋଇଥିଲା । ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ସଭାପତିତ୍ୱରେ ସମ୍ମିଳନୀ ମଣ୍ଡପରେ "କେନ୍ଦ୍ରୀକ ଉତ୍କଳ ଯୁବକ ସମ୍ମିଳନୀ"ର ପ୍ରଥମ ବାର୍ଷିକ ଅଧିବେଶନ ହୋଇଥିଲା । ଉକ୍ତ ସମିତିର ବାର୍ଷିକ ଅଧିବେଶନ ଉତ୍କଳ ସମ୍ମିଳନୀ ମଣ୍ଡପ ଉପରେ ପ୍ରତିବର୍ଷ ହେବାର ଧାର୍ଯ୍ୟ ହୋଇଥିଲା । ସେହି ଅଧିବେଶନରେ ସଭାପତି ବର୍ମା ମହୋଦୟ ବହୁ ଦୃଷ୍ଟାନ୍ତ ପ୍ରଦର୍ଶନ-ଦ୍ୱାରା ନାନା ସଦୁପଦେଶ ପ୍ରଦାନ ପୂର୍ବକ ଯୁବକମାନଙ୍କୁ ବିଶେଷ ଉତ୍ସାହିତ କରିଥିଲେ ।

ତହିଁ ପର ଦିନ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୈଷ୍ଣବ-ପ୍ରବର ବର୍ମା ମହୋଦୟ ଧର୍ମ-ଯୋଗ, କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ ସମ୍ବନ୍ଧରେ ପ୍ରଗାଢ ପାଣ୍ଡିତ୍ୟପୂର୍ଣ୍ଣ, ସ୍ୱକପ୍ରାଣ ବକ୍ତୃତା ପ୍ରଦାନ କରି ଶ୍ରୋତୃମଣ୍ଡଳୀଙ୍କୁ ମୁଗ୍ଧ କରି ଦେଇଥିଲେ । ସେହି ସଭାରେ ବିକ୍ରମ ଦେବ ବର୍ମାଙ୍କର ଗୋଟିଏ ସଂସ୍କାର ସଙ୍ଗୀତ ଗୀତ ହୋଇଥିଲା, ତାହା ଶୁଣି ରକ୍ଷଣଶୀଳ ଦଳ କିଞ୍ଚିତ୍ ବିଚଳିତ ହୋଇପଡ଼ିଥିଲେ । ସଙ୍ଗୀତଟି ବଡ଼ କୌତୁକପୂର୍ଣ୍ଣ । ତାହା ନିମ୍ନରେ ଉଦ୍ଧାର କରାଗଲା—

"[illegible]

ପ୍ରାତଃ ସମୟରେ          କାକର ପାଣିରେ
ପାଣିକୁଅ ପରି ବୁଡ଼ିଲେ ହେବେ । ୧ ।
ପଡ଼ ଶେ ଧୂସର          ହୋଇ ବୃଦ୍ଧ ଖର—
ସ୍ୱାନ୍ତରେ ଚମରେ ଗଣ୍ଡିଲେ ହେବେ । ୨ ।
ନାମରେ ଲେଖିଲୁ,          ଛାପରେ ଦେହକୁ
ମଣ୍ଡି ବାଘ ପରି ବସିଲେ ହେବେ । ୩ ।
ଜଟାକୁ ମୁଣ୍ଡରେ,          ଦାଢ଼ିକି ଥୋଡ଼ରେ
ପୋଷି ଛେଳି ପରି ବୁଲିଲେ ହେବେ । ୪
ଗୋଟି ଗୋଟି ଧରି,          ମାଳି ଲେଖା କରି
ଗୋମୁଖେ ଝୋଲିରେ ଜପିଲେ ହେବେ । ୫ ।

ହୋଇ ଜ୍ଞାନସୃତ, ବିକ୍ରମ ଭକତ—
ହରିରେ ଶରଣାପନ୍ନ ନୋହୁଲେ ।୭।"

ଏହି ସଙ୍ଗୀତଟି କବି ବିକ୍ରମ ଦେବ ବର୍ମାଙ୍କ ବିରଚିତ "ଭକ୍ତିରତ୍ନମାଳା" ନାମକ ମୁଦ୍ରିତ ପୁସ୍ତକର ୩୦ ପୃଷ୍ଠାରେ ସ୍ଥାନ ପାଇଅଛି । ଏହା କବିଙ୍କ କବିତା-ନନ୍ଦନ-କାନନର ପାରିଜାତ ଫୁଲ ।

ଦଶମ ବାର୍ଷିକ ଉତ୍କଳ ସମ୍ମିଳନୀର ବିବରଣ ପୁସ୍ତକରେ ସଭାପତିଙ୍କର ପରିଚୟ ଏହିପରି ଦିଆଯାଇଅଛି—"ଦକ୍ଷିଣ ଓଡ଼ିଶା ଅଞ୍ଚଳ ଅନ୍ତର୍ଗତ ବିଶାଖପଟ୍ଟଣ ନଗର ନିବାସୀ ପ୍ରଖ୍ୟାତନାମା ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ ଆଲୋଚିତ ସମ୍ମିଳନୀରେ ସଭାପତି ଆସନ ଅଳଙ୍କୃତ କରିଥିଲେ । ଏ ମହାତ୍ମା ବର୍ତ୍ତିମାନ ଜୟପୁର ମହାରାଜାଙ୍କ ସ୍ୱକୀୟ ଭ୍ରାତା ଅଟନ୍ତି । ଇଂରେଜୀ ସଂସ୍କୃତ ଆନ୍ଧ୍ର ଓ ଉତ୍କଳ ପ୍ରଭୃତି ଭାଷାମାନଙ୍କରେ ଏବଂ ଜ୍ୟୋତିଷ ଶାସ୍ତ୍ରରେ ଏହାଙ୍କର ଅଭିଜ୍ଞତା ଅନେକଙ୍କର ଅବିଦିତ ନୁହେ । ଏହାଙ୍କ ସମ୍ବନ୍ଧେ ସବିଶେଷ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ଚତୁର୍ଦ୍ଦିଗରେ ଆନ୍ଧ୍ର ପରିବେଷ୍ଟିତ ଅଞ୍ଚଳରେ ଥାଇ ସୁଦ୍ଧା ଏହଙ୍କ ଉତ୍କଳଭାଷାପ୍ରବୀଣତା ଓ ସକଳ ବିଷୟକ ଉତ୍କଳପ୍ରିୟତା ଅତୀବ ପ୍ରଶଂସନୀୟ ଅଟେ । ଓଡ଼ିଆ ଭାଷାରେ ଏହାଙ୍କ ବିରଚିତ ଅନେକାନେକ ପଦ୍ୟ ପ୍ରବନ୍ଧ ଓ ପୁସ୍ତକାଦି ମଧ୍ୟରୁ "ଭଗବଦ୍‌ଗୀତା ମାହାତ୍ମ୍ୟ" ଓ "ଶ୍ରୀ ରାଧାମାଧବ ନାଟକ" ଅନେକ ଦିନରୁ ପ୍ରକାଶିତ ହୋଇଅଛି ଏବଂ ଏ ମହୋଦୟ ଅନ୍ୟ [illegible] ଭଳି ଅନେକ ପ୍ରବନ୍ଧ, ନାଟକ ଓ କାବ୍ୟାଦି ରଚନା କରିଅଛନ୍ତି, ତନ୍ମଧ୍ୟରୁ 'ଶ୍ରୀନିବାସ କଲ୍ୟାଣ ନାଟକ' 'ମାଳବିକା ଚରିତ ନାଟକ' 'କୃଷ୍ଣାର୍ଜ୍ଜୁନ ଚରିତର ବ୍ୟାଖ୍ୟା' ପ୍ରଭୃତି ପ୍ରକାଶିତ ହୋଇ ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଫ୍. ଏ., ବି. ଏ. ଓ ଏମ୍. ଏ. ଶ୍ରେଣୀମାନଙ୍କର ପାଠ୍ୟପୁସ୍ତକ ସ୍ୱରୂପ ଧାର୍ଯ୍ୟ ହୋଇ-ଅଛିଥିବା ତାହାଙ୍କ ପକ୍ଷେ ତଥା ଉତ୍କଳ ପକ୍ଷେ ଅତ୍ୟନ୍ତ ଶ୍ଳାଘନୀୟ ବିଷୟ ଅଟେ । ସେ ଜଣେ ପରମ ବୈଷ୍ଣବ ଅଟନ୍ତି ଓ ବୈଦିକ ଧର୍ମଚର୍ଚ୍ଚା ପ୍ରତି ତାହାଙ୍କର ସବିଶେଷ ଅନୁରାଗ ପରିଲକ୍ଷିତ ହୁଏ ।

ସେ ସ୍ୱୀୟ ଅଞ୍ଚଳସ୍ଥ ପ୍ରତ୍ୟେକ ସଭା ସମିତି ଓ ସାଧାରଣ ଅନୁଷ୍ଠାନ ଆଦିରେ ଜଣେ ଅଗ୍ରଣୀ ସ୍ୱରୂପ କାର୍ଯ୍ୟ କରିଥାନ୍ତି ଏବଂ ରାଜନୈତିକ ଆନ୍ଦୋଳନାଦିରେ ସୁଦ୍ଧା ସେ ତତ୍ ପ୍ରଦେଶବାସୀଙ୍କର ଜଣେ ସୁପ୍ରଧାନ ନେତା ସ୍ୱରୂପ କାର୍ଯ୍ୟ କରିଥାନ୍ତି । ପ୍ରାଦେଶିକ ଗଭର୍ଣ୍ଣ-ମେଣ୍ଟଙ୍କ ନିକଟରେ ତାହାଙ୍କର ସବିଶେଷ ପ୍ରତିପତ୍ତି ଅଛି ଏବଂ ଏ କ୍ଷମତାପନ୍ନ ଅନରେରି ମାଜିଷ୍ଟ୍ରେଟ (Hony-Magistrate 1st. Class) ସ୍ୱରୂପ ମନୋନୀତ ହୋଇ ଅଛନ୍ତି ।

ପାରଳାଖେମୁଣ୍ଡି ଅଧିବେଶନର ଦୁଇ ବର୍ଷ ପରେ ଶ୍ରୀ ବିକ୍ରମ ଦେବ ବର୍ମା ୧୯୧୬ ଖ୍ରୀଷ୍ଟାବ୍ଦରେ ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନରେ ବାଲେଶ୍ୱରରେ ଯୋଗ ଦେଇ ପ୍ରସ୍ତାବ କରିଥିଲେ—"ବିଶାଖପଟ୍ଟଣ ଜିଲ୍ଲାସ୍ଥିତ କରଣମାନେ ଓଡ଼ିଆ ହୋଇଥିଲେ ସୁଦ୍ଧା ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କୁ ଓଡ଼ିଆ ବୋଲି ଗ୍ରହଣ କରୁ ନ ଥିବା ଅତି ଶୋଚନୀୟ ବିଷୟ ବୋଲି ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ଏହି ପ୍ରସ୍ତାବ ଆଗତ କରି ସେ କହିଥିଲେ—'ଏହି ପ୍ରସ୍ତାବ ଆଗତ କରି ଆପଣମାନେ ବିଶାଖପଟ୍ଟଣ ଓଡ଼ିଆମାନଙ୍କ ପ୍ରତି ସମ୍ପୂର୍ଣ୍ଣ ସହାନୁଭୂତି ଦେଖାଇ ଅଛନ୍ତି, କାରଣ ସେଠାକାର ଭାଇମାନେ ସମ୍ପୂର୍ଣ୍ଣ ଓଡ଼ିଆ । ସେମାନଙ୍କ ମାତୃଭାଷା ଓଡ଼ିଆ ଓ ସେମାନଙ୍କର ଉପାଧି ବେହେରା, ମହାନ୍ତି ଇତ୍ୟାଦି । ଜନଗଣନାରେ ସେମାନେ ଓଡ଼ିଆ ବୋଲି ସ୍ୱୀକୃତ; କିନ୍ତୁ ସରକାର ବାହାଦୁର କହନ୍ତି ଯେ, 'ତୁମ୍ଭେମାନେ ଓଡ଼ିଆ ନୁହଁ ।' ଏହାଦ୍ୱାରା ଓଡ଼ିଆ ଜାତିର ଗୋଟିଏ ବିଶେଷ କ୍ଷତି କରାହେଉଅଛି । ସମ୍ମିଳନୀ ପକ୍ଷରୁ ଗଭର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରାଯାଉ ଯେ, ସେମାନଙ୍କୁ ସରକାର ଓଡ଼ିଆ ବୋଲି ଗ୍ରହଣ କରନ୍ତୁ ।

ଯେଉଁ ବୟସରେ ଲୋକେ ଘରୁ ବାହାରିବାକୁ ସାହସୀ ହୁଅନ୍ତି ନାହିଁ, ସେହି ବୃଦ୍ଧ ବୟସରେ ଦେଶକର୍ମୀ ଶ୍ରୀ ବିକ୍ରମ ଦେବ ବର୍ମା ଅଦ୍ଭୁତ ମନୋବଳରେ ସୁଦୂର ବିଶାଖପଟ୍ଟଣରୁ ବାଲେଶ୍ୱର ଯାଏ ଦେଶମାତୃକାର ଆହ୍ୱାନରେ ମାତୃପୂଜା ପାଇଁ ଆସିବାକୁ ତିଳେ ମାତ୍ର କୁଣ୍ଠିତ ହୋଇନଥିଲେ । ସେ ମାତୃପୂଜାର ପବିତ୍ର

ସଞ୍ଚଦେବୀରେ ଉପସ୍ଥିତ ହୋଇ ନିଜକୁ ଧନ୍ୟ ମଣିଥିଲେ। ମନ ବଳରେ ଲୋକ ସାଗର ସନ୍ତରଣ କରିପାରେ । ମାତୃପାଦରେ ଅଚଳା ଭକ୍ତି ଥିଲେ ଏବଂ ସେହି ଭକ୍ତି ଅନୁରାଗ ଏବଂ ଆନ୍ତରିକତାରେ ଅନୁପ୍ରାଣିତ ହୋଇ ଥିଲେ ସେହି ମାତୃଭକ୍ତର ଆକର୍ଷଣ ପୂଜାପୀଠକୁ ଆପେ ଟାଣି ଆଣେ । ବର୍ମା ମହୋଦୟଙ୍କର ପ୍ରତ୍ୟେକ କାର୍ଯ୍ୟରେ ଦୃଢ ନିଷ୍ଠା ଏବଂ ଅପୂର୍ବ ଆନ୍ତରିକତା ପରିଲକ୍ଷିତ ହୁଏ ।

---

# ନବମ ପରିଚ୍ଛେଦ

ସାହିତ୍ୟପ୍ରେମୀ, କାବ୍ୟାମୋଦୀ, କବି ଲେଖକ, ଗ୍ରନ୍ଥକାର ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମାଙ୍କ ବିରଚିତ ପୁସ୍ତକାବଳୀର ବିବରଣ ନିମ୍ନରେ ପ୍ରଦର୍ଶିତ ହେଲା ।

## ତେଲୁଗୁ ପୁସ୍ତକ

"ଶ୍ରୀନିବାସ କଲ୍ୟାଣ ନାଟକ"—ଏହା କର୍ଣ୍ଣାଟୀ ଭାଷାର ତେଲୁଗୁ ଅନୁବାଦ । କୌଣସି କାରଣରୁ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କର ବିଚ୍ଛେଦ ଘଟିଲା । ଉଭୟେ ବିଭିନ୍ନ ସ୍ଥାନରେ ରହିଲେ । କିଛି କାଳ ପରେ ବିଷ୍ଣୁ ଶ୍ରୀନିବାସ ନାମରେ ଏବଂ ଲକ୍ଷ୍ମୀ ପଦ୍ମାବତୀ ନାମରେ ଜନ୍ମଗ୍ରହଣ କଲେ । ବିବାହସୂତ୍ରରେ ଦୁହିଙ୍କର ପୁନର୍ମିଳନ ହେଲା । ଏହା ହିଁ ନାଟକର ମୂଳ ଆଖ୍ୟାନ । ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ହୋଇଅଛି । ପୁସ୍ତକ ସମ୍ବନ୍ଧରେ ପ୍ରସିଦ୍ଧ ଆନ୍ଧ୍ର କବି ଓ ପଣ୍ଡିତମାନେ ଭୂୟସୀ ପ୍ରଶଂସା କରି ଅଛନ୍ତି ।

"କୃଷ୍ଣାର୍ଜୁନ ଚରିତମ୍" ଏହା ଖଣ୍ଡିଏ ଉଚ୍ଚ ଧରଣର ତେଲୁଗୁ କାବ୍ୟ । ମାଢ଼ଗୋଳ ରାଜ୍ୟର ରାଜା କୃଷ୍ଣ ଭୂପତି ଦେବଙ୍କର ପ୍ରଧାନ ସଭା ପଣ୍ଡିତ ମନ୍ତ୍ରୀ ଜଗନ୍ନାଥ ସୂର୍ଯ୍ୟପ୍ରକାଶ କବି ଏହି କାବ୍ୟର ରଚକ । ତାଙ୍କ ପୌତ୍ରଙ୍କଠାରୁ ବର୍ମା ମହୋଦୟ ଏହାର ପାଣ୍ଡୁଲିପି ସଂଗ୍ରହ କରି ପ୍ରକାଶ କରିଥିଲେ । କାବ୍ୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କର ସଖ୍ୟଭାବ ଏବଂ କାର୍ଯ୍ୟକଳାପ ବର୍ଣ୍ଣିତ ହୋଇ ଅଛି । କାବ୍ୟର ଭାଷା ଅତି କଠିନ ଏବଂ ଦୁଇ ଅର୍ଥ-ବୋଧକ । ବର୍ମା ମହୋଦୟ ସରଳ ଅର୍ଥ, ଭାବାର୍ଥ ଏବଂ ବିଶଦ ବ୍ୟାଖ୍ୟା ସହ ତାହାକୁ ସୁବୋଧ୍ୟ କରି ପ୍ରକାଶ କରିଅଛନ୍ତି । ଏହି କାବ୍ୟ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ବି. ଏ. କ୍ଲାସରେ ୧୯୦୮ ଖ୍ରୀଷ୍ଟାବ୍ଦରେ ପାଠ୍ୟ ନିର୍ବାଚିତ ହୋଇଥିଲା । ତହିଁପରେ ୧୯୧୪ ଖ୍ରୀଷ୍ଟାବ୍ଦରେ ଏମ୍. ଏ. କ୍ଲାସର ପାଠ୍ୟ ହେଲା । ଏହି ପୁସ୍ତକ ପ୍ରକାଶଦ୍ୱାରା ଆନ୍ଧ୍ର ସାହିତ୍ୟରେ ବିକ୍ରମ ଦେବ ବର୍ମାଙ୍କର ଆସନ ଅତି ଉଚ୍ଚରେ ନିର୍ଦ୍ଦିଷ୍ଟ ହେଲା ।

"ମାନବତୀ ଚରିତମ୍"—ଏହା ଖଣ୍ଡିଏ ତେଲୁଗୁ ନାଟକ । ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଅଛି । ୧୯୦୮ ଖ୍ରୀଷ୍ଟାବ୍ଦରେ ଏହି ପୁସ୍ତକ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଆଇ. ଏ. କ୍ଲାସର ପାଠ୍ୟ ନିରୂପିତ ହୋଇ-ଥିଲା । ଏହା ପ୍ରଥମ ଶ୍ରେଣୀର ତେଲୁଗୁ ସାହିତ୍ୟ ଏବଂ ସାଧାରଣର ବିଶେଷ ଆଦୃତ । କଳିଙ୍ଗରାଜ ମାଧବ ବର୍ମାଙ୍କ କୁମାର ଗୋପାଳ ବର୍ମା ପ୍ରତିଜ୍ଞା କରିଥିଲେ— "ଯେଉଁ ରାଜକନ୍ୟା ତାଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେବେ, ସେ ତାଙ୍କୁ ନିଜର ପତ୍ନୀରୂପେ ବରଣ କରିବେ । ଅନେକ ରାଜକନ୍ୟା ଏ ବିଦ୍ୟା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଲେ ନାହିଁ । ପରିଶେଷରେ କୁମାର କର୍ଣ୍ଣାଟ ଦେଶର ରାଜା କେଶବ ବର୍ମାଙ୍କ ବିଦୁଷୀ କନ୍ୟା ମାନବତୀଙ୍କ ମନୋନୀତ କରି ବିବାହ କରିଥିଲେ । ପରେ ମାନବତୀ [illegible] ହେଲେ, ମାତ୍ର ନିଜର ଅସାଧାରଣ ପ୍ରତିଭା ତେଜରେ ଅପୂର୍ବ ବୁଦ୍ଧି ଏବଂ ସାହାସଦ୍ୱାରା ଦୁଷ୍ଟ ତସ୍କରଙ୍କୁ ଦଣ୍ଡିତ କରି ନିଜ ସ୍ୱାମୀଙ୍କ ସଙ୍ଗରେ ମିଳିତ ହୋଇଥିଲେ । ଏହା ହିଁ ନାଟକର ସ୍ଥୂଳ ବୃତ୍ତାନ୍ତ । ମାନବତୀର ଚରିତ୍ର ଚିତ୍ରଣରେ କବି ଅନିର୍ବଚନୀୟ ପ୍ରତିଭାର ପରିଚୟ ଦେଇଅଛନ୍ତି । ତାଙ୍କର କବି ଆଖ୍ୟା ସାର୍ଥକ ହୋଇଅଛି ।

"ନୀତିଗୀତିଚିନ୍ତା" — ଏଥିରେ କେତେଗୁଡ଼ିଏ ନୀତି କବିତା ଅଛି । ତାହା ସୁଚିନ୍ତିତ ଏବଂ ଶିକ୍ଷୋପଦେଶ-ପୂର୍ଣ୍ଣ । ଏହି ପୁସ୍ତକ ଖଣ୍ଡି ତେଲୁଗୁ ଭାଷାର ବ୍ୟାକରଣ ଆଖ୍ୟା

ଲାଭର ଉପଯୁକ୍ତ । ଏ ପୁସ୍ତକ ମଧ୍ୟ ମାନ୍ଦ୍ରାଜ ଅଞ୍ଚଳରେ ସ୍କୁଲପାଠ୍ୟ ରୂପେ ନିର୍ବାଚିତ ।

"ଗୋବିନ୍ଦମଞ୍ଜରିକାବଳୀ"—ଏହା ଶଙ୍କରାଚାର୍ଯ୍ୟଙ୍କ "ମୋହମୁଦ୍‌ଗର"ର ତେଲୁଗୁ ଅନୁବାଦ । ମୂଳ ସଂସ୍କୃତ ଛନ୍ଦରେ ଲିଖିତ । ଏହାର ଦୁଇଗୋଟି ସଂସ୍କରଣ ହୋଇଯାଇଅଛି ।

ଏତଦ୍‌ବ୍ୟତୀତ "ଶ୍ରୀକୃଷ୍ଣ ଗୀତରତ୍ନ" ନାମରେ ଆଉ ଖଣ୍ଡିଏ ତେଲୁଗୁ ପୁସ୍ତକ ବର୍ମା ମହୋଦୟଙ୍କ ସାରସ୍ୱତ ଲେଖନୀରୁ ଉଦ୍ଭୂତ ହୋଇଅଛି । ତାଙ୍କର ପ୍ରାୟ ଅଧିକାଂଶ ଲେଖା ଧର୍ମମୂଳକ ଏବଂ ଶାନ୍ତରସାଶ୍ରିତ ।

## ଓଡ଼ିଆ ପୁସ୍ତକ

"ଭଗବଦ୍‌ଗୀତାମାହାତ୍ମ୍ୟ"—ଏହା ନବାକ୍ଷରୀ ଭାଗବତ ଛନ୍ଦରେ ଶ୍ରୀମଦ୍‌ଭଗବଦ୍‌ଗୀତାର ଉତ୍କଳାନୁବାଦ । ବର୍ମା ମହୋଦୟଙ୍କର ଏହା ପ୍ରଥମ ପ୍ରକାଶିତ ପୁସ୍ତକ ।

"ସଙ୍ଗୀତ ଶ୍ରୀରାଧାମାଧବନାଟକ" —ଏଥିରେ ରାଧିକାଙ୍କର ମାନଭଞ୍ଜନ ବୃତ୍ତାନ୍ତ ନାଟକାକାରରେ ବର୍ଣ୍ଣିତ ହୋଇଛି । ପାତ୍ରପାତ୍ରୀଙ୍କର ସଂସ୍କୃତଭାଷାରେ କଥୋପକଥନ ଏ ନାଟକର ବିଶେଷତ୍ୱ ଏବଂ ନୂତନତ୍ୱ । କବି ଯମକ, ଅନୁପ୍ରାସର ଭଣ୍ଡାର ଲୁଣ୍ଠନ କରିଅଛନ୍ତି । ସଙ୍ଗୀତବୋଲଗୁଡ଼ିକ ଅତିସୁନ୍ଦର ଏବଂ ସମୀଚୀନ । ଏହି ନାଟକଖଣ୍ଡି ରଙ୍ଗମଞ୍ଚରେ ଅନେକ ଥର ଅଭିନୀତ ହୋଇ ସୁପ୍ରତିଷ୍ଠା ଅର୍ଜନ କରିଅଛି । ଏହା ସମ୍ବନ୍ଧରେ ସ୍ୱର୍ଗୀୟ [illegible] ସେନାପତି କହିଅଛନ୍ତି, "ତୁମ୍ଭର ଲିଖିତ ରାଧାମାଧବ ନାଟକ ପଢ଼ି ଆନନ୍ଦରେ ମୋର ଜୀବନ ସାର୍ଥକ ।" କବିସମ୍ରାଟ ରାଧାନାଥ ରାୟ ମଧ୍ୟ ଏ ନାଟକର ଯଥେଷ୍ଟ ପ୍ରଶଂସା କରିଅଛନ୍ତି । ଏହାର ଅନେକ ସ୍ଥାନର ସୂକ୍ତି ସେ ମୁଖେ ମୁଖେ ଆବୃତ୍ତି କରୁଥିଲେ ।

"ଶ୍ରୀଗୋବିନ୍ଦ ମଞ୍ଜରିକାବଳୀ"—ଏହା ମୋହମୁଦ୍‌ଗରର ଉତ୍କଳାନୁବାଦ । କବିତାଗୁଡ଼ିକ ମୂଳ ସଂସ୍କୃତ ଶ୍ଳୋକର ଛନ୍ଦରେ ଲିଖିତ । ଏମନ୍ତ କି ଭାଷାଶ୍ଳୋକରେ ସଂସ୍କୃତଶ୍ଳୋକର ଶବ୍ଦାବଳୀ ଅବିକଳ ଉଦ୍ଧାର କରି ସଂସ୍କୃତର ଗାମ୍ଭୀର୍ଯ୍ୟ ରକ୍ଷା କରାଯାଇଅଛି । ଏହା ଦୁର୍ବଳତା ନୁହେଁ, କବିଙ୍କର ସାଧୁତା । ଏ ଖଣ୍ଡିକର ମଧ୍ୟ ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଅଛି ।

"ଯଜୁର୍ବେଦୀୟ ସନ୍ଧ୍ୟାପ୍ରୟୋଗ"—ଏହା ବିଦ୍ୟାର୍ଥୀ ବ୍ରାହ୍ମଣମାନଙ୍କର ଅବଶ୍ୟ ପଠିତବ୍ୟ । ଏଥିରେ ଶୁକ୍ଳ ଯଜୁର୍ବେଦୀୟ ସନ୍ଧ୍ୟାବନ୍ଦନାଦି ବିଶଦ ଭାବରେ ବ୍ୟାଖ୍ୟାତ ହୋଇଅଛି । ବିକ୍ରମ ଦେବ ବର୍ମା ମହୋଦୟ କ୍ଷତ୍ରିୟ ହେଲେ ସୁଦ୍ଧା ବ୍ରାହ୍ମଣଭାବାପନ୍ନ । ତାଙ୍କର ଶୌଚ, ସଦାଚାର ଏବଂ କ୍ରିୟାନିଷ୍ଠତା ଅନେକ ବ୍ରାହ୍ମଣ ପକ୍ଷରେ ଅନୁକରଣୀୟ ।

"ଦ୍ୱିଜାଚମନ ବିଧାନ"—ଏ ଖଣ୍ଡି ମଧ୍ୟ ଉପରୋକ୍ତ ଶ୍ରେଣୀୟ ପୁସ୍ତକ । ପ୍ରତ୍ୟେକ ଶ୍ଳୋକର ଓଡ଼ିଆ ଅନୁବାଦ ଦିଆଯାଇ ଥିବାରୁ ବିଷୟ ସୁବୋଧ ହୋଇଅଛି । ତ୍ରିବିଧ ଆଚମନର ବିଧିବିଧାନ ଏଥିରେ ବ୍ୟକ୍ତ ହୋଇଅଛି । ଆନନ୍ଦର ବିକ୍ରମ ଦେବ ବର୍ମା ପୁରୋହିତଦ୍ୱାରା କ୍ରିୟାକର୍ମ କରାଇ ତୃପ୍ତ ହୁଅନ୍ତି ନାହିଁ । ନିଜେ ମଧ୍ୟ ମନ୍ତ୍ର ପଢ଼ି ଶାସ୍ତ୍ର ନିର୍ଦ୍ଦେଶ ମତେ କର୍ମାଦି କରନ୍ତି । ପୁରୋହିତବର୍ଗ୍ୟରେ କୌଣସି ଭଣ୍ଡ ବିଚକ୍ଷଣ ପୁରୋହିତ ତାଙ୍କଠାରୁ ବଳିଯାଇ ପାରିବେ ନାହିଁ । ବୋଧ ହୁଏ ସେ ପୂର୍ବ ଜନ୍ମରେ ସୁବ୍ରାହ୍ମଣ ଥିଲେ । ପଇତା କେତେ ଖିଅ ବ୍ରାହ୍ମଣର ଚିହ୍ନ ନୁହେଁ—ସେ ବ୍ରହ୍ମଜ୍ଞାନରେ ନିପୁଣ ସେହି ଏକା ବ୍ରାହ୍ମଣପଦବାଚ୍ୟ । ଶମ, ଦମ, ଆର୍ଜବ, ତିତିକ୍ଷା ପ୍ରକୃତ ବ୍ରାହ୍ମଣର ଭୂଷଣ । ପ୍ରକୃତ ବ୍ରାହ୍ମଣ ଜଳଠାରୁ ଶୀତଳ ଏବଂ ଅଗ୍ନିଠାରୁ ତେଜସ୍ୱୀ । ଶୁଆପକ୍ଷୀ ପରି ଅନର୍ଗଳ ମନ୍ତ୍ର ଆବୃତ୍ତି କରିପାରିଲେ କେହି ପୁରୋହିତ ନାମର ଯୋଗ୍ୟ ହୁଏ ନାହିଁ । ମନ୍ତ୍ରର ଅର୍ଥ ବୁଝିବା ଶକ୍ତି ଧାରଣା କରିବା ସହଜ କଥା ନୁହେଁ । ଅଶୁଦ୍ଧ କିମ୍ବା ବିକଳାଙ୍ଗ ଭାବରେ ମନ୍ତ୍ର ଉଚ୍ଚାରଣ କରିବା ମହା ପାପ, ଏ କଥା ଅନେକ ତଥାକଥିତ ପୁରୋହିତ ଗୋସାଇଁ ଜାଣନ୍ତି କି ନାହିଁ ସନ୍ଦେହ । ଏ କାଳରେ ପୁରୋହିତର ବସ୍ତ୍ରଜ୍ଞାନହୀନ ମୂର୍ଖ ପୁତ୍ର କି ପୁରୋହିତ ହୁଏ, ଏହା ଧର୍ମ କର୍ମ ପକ୍ଷରେ ଅତିମାରାତ୍ମକ ।

"କାଦମ୍ବରୀ କଥାସାର"—ଏହା ମହାକବି ବାଣଭଟ୍ଟଙ୍କ ବିରଚିତ ସଂସ୍କୃତ କାଦମ୍ବରୀ କାବ୍ୟର ଓଡ଼ିଆ ଗଦ୍ୟାନୁବାଦ । ଲେଖା କଠିନ; ମାତ୍ର କବିତ୍ୱପୂର୍ଣ୍ଣ । ଏହା ଗଦ୍ୟ ହେଲେ ହେଁ କବିତାମୟ । ଏହାକୁ ଗଦ୍ୟ-କାବ୍ୟ କହିଲେ ଅସଙ୍ଗତ ହେବ ନାହିଁ । କବି ବିକ୍ରମ ଦେବଙ୍କ ଭାଷାରେ କହିବାକୁ ଗଲେ—"ଗଦ୍ୟପଦ୍ୟମୟଂ କାବ୍ୟଂ" । ବର୍ମା ମହୋଦୟ ବାକ୍ୟକୁ ଲମ୍ବା ଚୌଡ଼ା ପଦବିନ୍ୟାସଦ୍ୱାରା ଯେପରି ବଢ଼ାଇପାରନ୍ତି, ସେହିପରି ଛୋଟ ମଧ୍ୟ କରିପାରନ୍ତି । ଅଳ୍ପ କଥାରେ ଉଚ୍ଚ ଏବଂ ଗମ୍ଭୀର ଭାବ ପ୍ରକାଶ କରିବା ତାଙ୍କର ବିଶେଷତ୍ୱ । କାଦମ୍ବରୀ କାବ୍ୟର ବିଷୟାବଳୀକୁ ସେ ସାମାନ୍ୟ ୨୭ ପୃଷ୍ଠାବିଶିଷ୍ଟ ପୁସ୍ତକରେ ସମାପ୍ତ କରିଛନ୍ତି । ଅଳଙ୍କାରର ବୈଚିତ୍ର୍ୟ, ରଚନାର ପାରିପାଟ୍ୟ ବାସ୍ତବରେ ଉପଭୋଗ୍ୟ । ଏ ପୁସ୍ତକରେ ପ୍ରଥମ ସଂସ୍କରଣ ଶେଷ ହୋଇଯିବାରୁ "ଆଶା" ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଶଶିଭୂଷଣ ରଥ ଗ୍ରନ୍ଥକାରଙ୍କର ଅନୁମତି ନେଇ ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଅଛନ୍ତି ।

"ଶ୍ରୀ ତୁଳସୀ ବିକ୍ରମ ରାମାୟଣ"—ଭକ୍ତଶିରୋମଣି ସାଧକପ୍ରବର ମହାତ୍ମା ତୁଳସୀ ଦାସଙ୍କ ହିନ୍ଦୀ ରାମାୟଣର ଏହା ଉତ୍କଳଭାଷାନୁବାଦ । ଏ ପୁସ୍ତକ ଚତୁର୍ଦ୍ଦଶାକ୍ଷରୀ କବିତା ଛନ୍ଦରେ ରଚିତ । ପ୍ରକାଣ୍ଡ ମୂଳପୁସ୍ତକର କେତେକାଂଶ ଅନୂଦିତ ହେଲାପରେ ଅନ୍ୟର ଅନୁବାଦିତ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ପ୍ରକାଶିତ ହେଲା । ସେହି ହେତୁ ବର୍ମା ମହୋଦୟ ଆଉ ଅନୁବାଦ ନକରି କ୍ଷାନ୍ତ ହେଲେ । ସେହି ଆଂଶିକ ଅନୁବାଦରୁ ମଧ୍ୟ କେତେକ ନଷ୍ଟ ହୋଇଗଲା । ଅବଶିଷ୍ଟ ଆଦିକାଣ୍ଡଟି ମାତ୍ର ଖଣ୍ଡ-କାବ୍ୟାକାରରେ ପ୍ରକାଶିତ ହୋଇଅଛି । ପୁସ୍ତକର ମୂଳ ନାମରେ ନିଜର ନାମ ଯୋଗ କରି ଶ୍ରୀ ତୁଳସୀ ବିକ୍ରମ ରାମାୟଣ ବୋଲି ଅନୁବାଦ ପୁସ୍ତକର ନାମକରଣ ହୋଇଅଛି । ଏ ପୁସ୍ତକ ମଧ୍ୟ ମାନ୍ଦ୍ରାଜ ଶିକ୍ଷାବିଭାଗର ସ୍କୁଲ ସମୂହରେ ପାଠ୍ୟ ନିର୍ଦ୍ଧାରିତ ହୋଇଅଛି ।

"ସରସ ଗୀତାବଳୀ"—ଶ୍ରୀ ବିକ୍ରମ ଦେବ ବର୍ମା ଅବସର ସମୟରେ ଅନେକ ଖଣ୍ଡ କବିତା, ଧର୍ମସଙ୍ଗୀତ, ସ୍ତବ, ଜଣାଣ, ଚୌପଦୀ, ଭଗବତମାଳୀ ଏବଂ ଧନ୍ଦା ପ୍ରଭୃତି ଲେଖିଥିଲେ । ସେଥିରୁ ଅଧିକାଂଶ ଅଯତ୍ନରେ ନଷ୍ଟ ହୋଇଯାଇଅଛି । ଅବଶିଷ୍ଟ ଯାହା ଥିଲା ତାହା ସଂଗ୍ରହ କରି ତାଙ୍କ ସୁସ୍ନେହିତ ପାରଳା-ଖେମୁଣ୍ଡିନିବାସୀ ପଣ୍ଡିତ ନୀଳମଣି ରଥଶର୍ମା ପୁସ୍ତକାକାରରେ ପ୍ରକାଶ କରିଅଛନ୍ତି । ଏହି କବିତା-ଗୁଡ଼ିକ ମଧ୍ୟରୁ କେତେକ ସାମୟିକ ପତ୍ରପତ୍ରିକାମାନ-ଙ୍କରେ ପ୍ରକାଶିତ ହୋଇଥିଲା । ପୁସ୍ତକରେ ମୋଟ ୩୫ ଗୋଟି କ୍ଷୁଦ୍ର କବିତା ଅଛି । ବର୍ମା ମହୋଦୟ ସେଥିରୁ କେତେକ ନିଜ ନାମରେ ଏବଂ କେତେକ ତାଙ୍କର ପରମାତ୍ମୀୟା ରାଜେନ୍ଦ୍ରମଣି ଦେବୀ ଏବଂ ଆତ୍ମିଦେବୀଙ୍କ ନାମରେ ଭଣିତ କରିଅଛନ୍ତି । ବର୍ମା ମହୋଦୟ ଜଣେ ପ୍ରସିଦ୍ଧ ସଙ୍ଗୀତବିଶାରଦ । ତାଙ୍କ ଲିଖିତ ସଙ୍ଗୀତରେ ତାନ୍, ମାନ, ଲୟ ପ୍ରଭୃତିର ବ୍ୟତିକ୍ରମ ଦେଖାଯାଏ ନାହିଁ ।

"ଭକ୍ତରତ୍ନମାଳିକା"—ଏହା ଖଣ୍ଡିଏ ଶ୍ଳୋକ ଏବଂ କବିତା ପୁସ୍ତକ । ଉପର୍ଯ୍ୟୁକ୍ତ ସୁସ୍ନେହିତ ପଣ୍ଡିତ ଶ୍ରୀଯୁକ୍ତ ନୀଳମଣି ରଥଶର୍ମାଙ୍କ ଦ୍ୱାରା ସଂଗୃହୀତ ଏବଂ ପ୍ରକାଶିତ । ଏଥିରେ ନାନା ଦେବଦେବୀଙ୍କର ସ୍ତବ, ସ୍ତୋତ୍ର, କବଚ, ଚୌତିଶା, ଚୌପଦୀ, ସଙ୍ଗୀତ ପ୍ରଭୃତି ୭୮ ଗୋଟି ସଂସ୍କୃତ ଏବଂ ଓଡ଼ିଆ କବିତା ଅଛି । କବିତାଗୁଡ଼ିକ ଧର୍ମଭାବବ୍ୟଞ୍ଜକ । ଏ ପୁସ୍ତକ ଖଣ୍ଡି ଭକ୍ତି-ରସାଶ୍ରିତ ଖଣ୍ଡିଏ ଖଣ୍ଡକାବ୍ୟ । ଏହାର ପ୍ରତ୍ୟେକ ପୃଷ୍ଠା ପବିତ୍ର ପ୍ରେମଜ୍ୟୋତିରେ ସମୁଜ୍ଜ୍ୱଳ । ଧର୍ମକାମୀ ପକ୍ଷରେ [illegible] ପୂଜା କୋଥଳି ପରି ପବିତ୍ର ଉପାଦାନରେ ପୂର୍ଣ୍ଣ । [illegible]ରେ ଯାହା ଅଛି ଦେବ ନିର୍ମାଲ୍ୟ ପରି ସବୁ ପବିତ୍ର, ସବୁ ମଧୁର । ସଂସ୍କୃତ ରଚନାଗୁଡ଼ିକ ଅସାଧାରଣ ପାଣ୍ଡିତ୍ୟ-ପୂର୍ଣ୍ଣ ଏବଂ କବିଙ୍କର ଅଗାଧ ସଂସ୍କୃତ ଜ୍ଞାନର ପରିଚାୟକ । ସୁସ୍ନେହିତ ପଣ୍ଡିତ ନୀଳମଣି ରଥ-ଶର୍ମା ମହାଶୟ ଏ ପୁସ୍ତକ ଖଣ୍ଡି ପ୍ରକାଶ କରି ନିଜର ନାମ ଧନ୍ୟ କରିଅଛନ୍ତି । ରଚକ ଅପେକ୍ଷା ପ୍ରକାଶକର ଦାୟିତ୍ୱ ଅଧିକ, ଏହା ବୋଲିବା ଅତିବାଦମାତ୍ର । ସେ ଏହା ସଂଗ୍ରହ କରି ପ୍ରକାଶ କରି ନ ଥିଲେ ଉତ୍କଳ ଦେଶ ଏ କବିତ୍ୱ ଅମୃତ ପାନରୁ ବଞ୍ଚିତ ହୋଇଥାଆନ୍ତା । ସେ

ଜଣେ ପ୍ରବୀଣ ଜହ୍ନରୀ, ଏ ମହାର୍ଘ ରତ୍ନକଣିକାଗୁଡ଼ିକର ମୂଲ୍ୟ ବୁଝିପାରି ଇତସ୍ତତଃ ବିକ୍ଷିପ୍ତ ମହାରତ୍ନରାଜି ସଂଗ୍ରହ କରି ମାତୃସାହିତ୍ୟ ଭଣ୍ଡାରରେ ସାଇତି ରଖିବାର ବ୍ୟବସ୍ଥା କରିଅଛନ୍ତି । ଏ ହେତୁ ସେ ନମସ୍ୟ ଏବଂ କୃତଜ୍ଞତାଭାଜନ ।

"ଲୋକ କିତାବ"ର ଆଦର୍ଶ ସ୍ୱପ୍ନବାଦଗୁଡ଼ିକ ଅତି ମୂଲ୍ୟବାନ୍ । ଓଡ଼ିଆ ଭାଷାର ପ୍ରାଣ ଏବଂ ମହତ୍ତ୍ୱ ତାହାରି ଭିତରେ ଅନୁସନ୍ଧେୟ । ସେଗୁଡ଼ିକ ବୈଚିତ୍ର୍ୟ-କଣିକା ତୁଲ୍ୟ ପବିତ୍ର ଏବଂ ଦୁର୍ଲଭ ।

"ଭକ୍ତିବର୍ଦ୍ଧନ"—ପୁସ୍ତକ କ୍ଷୁଦ୍ର ହେଲେହେଁ ମହତ୍ତ୍ୱରେ ହିମାଳୟଠାରୁ ବଡ଼ । ଉତ୍କଳ ସାହିତ୍ୟ ଭଣ୍ଡାରରେ ତାହା ଖଣ୍ଡିଏ ହୀରକଖଣ୍ଡ । ତାହାର ବିମଳ ଜ୍ୟୋତିରେ ସାହିତ୍ୟ-ମନ୍ଦିର ଆଲୋକିତ ।

ଯେଉଁ ପୁସ୍ତକମାନ ବିଶ୍ୱବିଦ୍ୟାଳୟର ଉଚ୍ଚ ଶ୍ରେଣୀର ପାଠ୍ୟ ନିର୍ବାଚିତ ହୋଇଅଛି ଏବଂ ଯାହାର ଉପାଦେୟତା ସମ୍ବନ୍ଧରେ ଅନେକ ଲବ୍ଧପ୍ରତିଷ୍ଠ କବି ଏବଂ ପଣ୍ଡିତମଣ୍ଡଳୀ ମୁକ୍ତକଣ୍ଠରେ ଉଚ୍ଚ ମନ୍ତବ୍ୟ ପ୍ରକାଶ କରିଅଛନ୍ତି, ସେ ପୁସ୍ତକର ସମାଲୋଚନା କରିବା ଧୃଷ୍ଟତା ମାତ୍ର । ସୁତରାଂ ସଂକ୍ଷେପରେ ପୁସ୍ତକଗୁଡ଼ିକର ପରିଚୟ ମାତ୍ର ଦିଆଗଲା । ଦୋଷ ତ୍ରୁଟିର ବିଚାର ନିଷ୍ପ୍ରୟୋଜନ । ପୃଥିବୀ ଜୀବ ବା ସୃଷ୍ଟିରେ ଦୋଷଶୂନ୍ୟ । ସବୁ ନିର୍ଦ୍ଦୋଷ ହୋଇଥିଲେ ଦୋଷ ଶବ୍ଦ ଅଭିଧାନରେ ସ୍ଥାନ ପାଇ-
ଥାଆନ୍ତା [illegible] ଆକାର-
ଆନନ୍ଦ ରଜନୀ-ପ୍ରଦୀପ ଚନ୍ଦ୍ରର ମଧ୍ୟ ଦୋଷ ଅଛି; ଅନ୍ୟ କଥା ବା କିଏ ପଚାରେ । ସେହି ଦୋଷ ହେତୁ ଚନ୍ଦ୍ରର ନାମ ଶଶାଙ୍କ ହୋଇଅଛି । ସର୍ବତ୍ର ଦୋଷଗୁଣର ସମାବେଶ ପରିଲକ୍ଷିତ ହୁଏ । ଗୁଣ ଗ୍ରହଣୀୟ ଏବଂ ଦୋଷ ପରିତ୍ୟାଜ୍ୟ । ଅସାର ପଦାର୍ଥ ସାଙ୍ଗ ଯୁକ୍ତିଦେଲେ ମଧ୍ୟ କେହି ଗ୍ରହଣ କରନ୍ତି ନାହିଁ । ରସ ଏବଂ ଚୋପା ଉଭୟ ଇକ୍ଷୁଦଣ୍ଡର ଉପାଦାନ; ମାତ୍ର ସମସ୍ତେ ରସ ଆସ୍ୱାଦନ କରି ଅସାର ଚୋପାକୁ ଫୋପାଡ଼ି ଦିଅନ୍ତି । ମନୁଷ୍ୟର ମଧୁପ୍ରବୃତ୍ତି ଧରିବା ଉଚିତ; ମକ୍ଷିକା ବୃତ୍ତି ନିନ୍ଦନୀୟ । ରଚିତ ପୁସ୍ତକାବଳୀରେ କେଉଁଠି ସାମାନ୍ୟ ଦୋଷ, ତ୍ରୁଟି ବା ଭ୍ରମ ଥାଇପାରେ । ତାହା ଥାଉ ପଛକେ ବହୁଳ ଗୁଣ ଦୃଷ୍ଟିରେ ଉପେକ୍ଷଣୀୟ ।

ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମ ୧୮୮୫ ଖ୍ରୀଷ୍ଟାବ୍ଦରୁ ୧୯୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୪୭ ବର୍ଷ କାଳ ବିଶାଖ-ପଟ୍ଟଣରେ ଅବସ୍ଥାନ କରି ଯେତେ ଯେତେ କାର୍ଯ୍ୟ କରିଅଛନ୍ତି, ତାହା ଜଣକର ସାଧ୍ୟ ନୁହେଁ । ସେ ବହୁ ରୂପରେ, ବହୁ ହସ୍ତରେ କାର୍ଯ୍ୟଲିପ୍ତ ଥିଲେ । ନିଜର ଜେତେ କିଛି କାର୍ଯ୍ୟ ନ ଥାଏ; ସୁତରାଂ ସବୁବେଳେ ସାଧାରଣ କାର୍ଯ୍ୟ ତାଙ୍କର ବ୍ରତ ହୋଇଥାଏ । ଜାତୀୟ ଅଭ୍ୟୁତ୍ଥାନ ଚିନ୍ତା ସର୍ବଦା ତାଙ୍କ ହୃଦୟରେ ଜାଗରୁକ ଥାଏ, ବର୍ତ୍ତମାନ ମଧ୍ୟ ଅଛି । ସ୍ଥାନୀୟ ଓଡ଼ିଆମାନଙ୍କର ଅଭାବ,ଅସୁବିଧା ସରକାରଙ୍କୁ ଜଣାଇ ସେଥିର ପ୍ରତିକାର ପ୍ରତି ରାଜପୁରୁଷମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ଜେଣେ ରାଜକାର୍ଯ୍ୟର ସହାୟତା କରୁଥିଲେ, ଏଣେ ଦେଶ କାର୍ଯ୍ୟରେ ଆତ୍ମସମର୍ପଣ କରିଥିଲେ । ତାଙ୍କର କର୍ମମୟ ଜୀବନ ସଂସାର କର୍ମକ୍ଷେତ୍ରରେ ତାଙ୍କୁ କର୍ମରେ ହିଁ ଆବଦ୍ଧ ରଖିଥିଲା । ସେନାପତି ବ୍ୟାସକବି ଯଥାର୍ଥ ଗାଇଅଛନ୍ତି—"ଏହିପରି ଜଣେ ଯେବେ ଥାଆନ୍ତେ ଉତ୍କଳରେ, ଦୁଃଖ ଥାନ୍ତା ମୁହଁ ହାତ ପକାଇ କପାଳରେ ।" ବାସ୍ତବରେ ଏହିପରି ଅନ୍ତତଃ ଦଶଜଣ କର୍ମପ୍ରାଣ ପୁରୁଷ ଥିଲେ ଦେଶର ଏବଂ ଜାତିର ଅବସ୍ଥା ଭିନ୍ନ ଆକାର ଧାରଣ କରିଥାନ୍ତା । ନିଜର ଆର୍ଥିକ ଅବସ୍ଥା ଉନ୍ନତ ନ ଥିଲେ ମଧ୍ୟ ସେ ଦୀନ, ଦୁଃଖୀ, ଅଭାବଗ୍ରସ୍ତ, ଛାତ୍ର, କବି ଓ ପଣ୍ଡିତମାନଙ୍କୁ ଯେତେ ଦାନ କରିଅଛନ୍ତି, ତାହା ତାହାଙ୍କୁ ହିଁ ଏକା ପଟାନ୍ତର । ତାଙ୍କର କାର୍ଯ୍ୟ ତାଙ୍କୁ ସ୍ଥାନୀୟ ଲୋକଙ୍କ ହୃଦୟ-ସିଂହାସନରେ ବସାଇ ଦେଇ ତୁଲ୍ୟ ପୂଜା ପ୍ରଦାନ କରୁଥିବ । ସେ ରାଜା ନଥିଲେ ମଧ୍ୟ ଅବାଳସାଧାରଣ ତାଙ୍କୁ ରାଜସମ୍ମାନରୁ ବଳି ସମ୍ମାନ କରୁଥିଲେ । ତାଙ୍କର ଆବାଲ୍ୟ ଅଧ୍ୟୟନ, ଅଦମ୍ୟ ଅଧ୍ୟବସାୟ, ଅତୃପ୍ତ ଜ୍ଞାନ-ପିପାସା, ସାହିତ୍ୟସେବା, ଦେଶସେବା ଯେ କୌଣସି ଦେଶର ଯେ କୌଣସି ଯୁବକ ପକ୍ଷରେ ଶ୍ରେଷ୍ଠ ଆଦର୍ଶ ଏବଂ ସର୍ବଥା ଅନୁକରଣୀୟ । ଉତ୍କଳ ଦେଶମିଶ୍ରଣ ଆନ୍ଦୋଳନ ତୀବ୍ର ନିଶା ପରି ତାଙ୍କ ପ୍ରାଣକୁ ଘାରିଥିଲା । କେତେବେଳେ ଜୟପୁର ପକ୍ଷ

ଗୋଟାଏ ସ୍ୱଜ୍ୟ ତାଙ୍କ ହାତରେ ଥିଲେ ଦେଶ ମିଶ୍ରଣ ଆନ୍ଦୋଳନ ଅଧିକ ପ୍ରବଳଭାବରେ ଅଗ୍ରସର ହୋଇ ପାରି ଥାଆନ୍ତା । ଦକ୍ଷିଣୋତ୍କଳର ଓଡ଼ିଆମାନଙ୍କ ହୃଦୟରେ ଜାତୀୟତାର ଅଙ୍କୁର ବୀଜ ସେହି ଏକା ସର୍ବପ୍ରଥମେ ବପନ କରିଅଛନ୍ତି । ସେ ଅଞ୍ଚଳରେ ଉତ୍କଳ ଜାତୀୟ ଜାଗରଣ ତାଙ୍କରି ଯୋଗୁ ସମ୍ଭବ ହୋଇଅଛି ।

ବର୍ମା ମହୋଦୟଙ୍କର ନୈତିକ ସାହସ ଅସାଧାରଣ । ସ୍ପଷ୍ଟ କଥା କହିବାକୁ ସେ ବାସ୍ତବରେ ବିକ୍ରମଦେବଙ୍କ ପରି ତେଜସ୍ୱୀ । ପଞ୍ଚାଗ୍ନି ଅଣ୍ଣନାରାୟଣ ଶାସ୍ତ୍ରୀ ନାମକ ଜଣେ ଆନ୍ଧ୍ର ପଣ୍ଡିତ "ବାତ୍ସାୟନ କାମସୂତ୍ର" ଆଖ୍ୟାତ ଖଣ୍ଡିଏ ପ୍ରାଚୀନ ସଂସ୍କୃତ ଗ୍ରନ୍ଥର ତେଲୁଗୁ ଅନୁବାଦ ପୁସ୍ତକାକାରରେ ପ୍ରକାଶ କରିଥିଲେ । ପୁସ୍ତକର ଆକାର ପ୍ରକାଣ୍ଡ, ମୂଲ୍ୟ ଦଶଟଙ୍କା । ମାନ୍ଦ୍ରାଜ ସରକାର ସେହି ପୁସ୍ତକକୁ ଅଶ୍ଳୀଳ ପୁସ୍ତକ ଜ୍ଞାନରେ ବାଜ୍ୟାପ୍ତ କଲେ ଏବଂ ଅନୁବାଦକ ପଣ୍ଡିତଙ୍କୁ ଦଣ୍ଡିତ କରିବାକୁ ଉଦ୍ୟତ ହେଲେ । ବର୍ମା ମହୋଦୟ ସମ୍ବାଦପତ୍ରରେ ଉକ୍ତ ବିଷୟ ପାଠକରି ସରକାରୀ ଆଦେଶର ତୀବ୍ର ପ୍ରତିବାଦ କଲେ ଏବଂ ସମାଲୋଚନା ଦ୍ୱାରା ପୁସ୍ତକ ଅଶ୍ଳୀଳତାବର୍ଜିତ ବୋଲି ଉପଯୁକ୍ତ ଯୁକ୍ତି ପ୍ରମାଣ ବଳରେ ସରକାରଙ୍କ ମତ ଖଣ୍ଡନ କଲେ । ତେତେବେଳେ ସରକାର ନିଜର ଭ୍ରମ ବୁଝିପାରି ପଣ୍ଡିତଙ୍କୁ ନିର୍ଦ୍ଦୋଷ ବୋଲି ସ୍ୱୀକାର କଲେ । ବାଜ୍ୟାପ୍ତ ଗ୍ରନ୍ଥ ପଣ୍ଡିତଙ୍କୁ ଫେରାଇ ଦିଆଗଲା, ପୁସ୍ତକ ଖଣ୍ଡି ମଧ୍ୟ କଳଙ୍କମୁକ୍ତ ହେଲା । ଏହି ଅଯାଚିତ ଉପକାରର ପ୍ରତିଦାନ ସ୍ୱରୂପ କୃତଜ୍ଞ ଆନ୍ଧ୍ର ପଣ୍ଡିତ ସୁଦୂର ମାନ୍ଦ୍ରାଜରୁ ବିଶାଖପଟ୍ଟଣ ଆସି ବିକ୍ରମ ଦେବ ବର୍ମାଙ୍କ ନିକଟରେ ପ୍ରାଣର କୃତଜ୍ଞତା ପ୍ରକାଶ କରିଥିଲେ । ଅଯଥା ରାଜଦଣ୍ଡରୁ ମୁକ୍ତି ଲାଭ କରି ସେ ନବଜୀବନ ଲାଭ ତୁଲ୍ୟ ମଣିଥିବେ । ଏଭଳି ନିର୍ଭୀକ ସତ୍ୟପ୍ରିୟତା ଏବଂ ଅଯାଚିତ ଉପକାରର ଦୃଷ୍ଟାନ୍ତ କେତେଜଣ ଦେଖାଇବାକୁ ସାହସୀ ହୁଅନ୍ତି ?

ଧର୍ମବୀର ବର୍ମା ମହୋଦୟଙ୍କର ଆଉ ଗୋଟିଏ ସତ୍ସାହସ ବିଶେଷ ଉଲ୍ଲେଖଯୋଗ୍ୟ । ବିଶାଖପଟ୍ଟଣ ଅଞ୍ଚଳରେ ଥରେ ଘୋର ଦୁର୍ଭିକ୍ଷ ଉପସ୍ଥିତ ହେଲା । ଖାଦ୍ୟ ଶସ୍ୟ ଅଭାବରୁ ଲୋକେ ପ୍ରମାଦ ଗଣିଲେ । ସେ ସମୟରେ ଗିଲ୍ କଲେକ୍ଟର ମାଲ ପ୍ରଦେଶ ମାଲକାନଗିରିରେ ଥିଲେ । ବିକ୍ରମ ଦେବ ବର୍ମା ଦୁର୍ଭିକ୍ଷର ନଗ୍ନ କରାଳ ମୂର୍ତ୍ତି ଦେଖି ଭୀତ, କାତର ହୋଇପଡ଼ିଲେ । ଅନନ୍ୟୋପାୟ ହୋଇ ସେ ମାନ୍ଦ୍ରାଜ ଲାଟ ସାହେବଙ୍କୁ ତାରଦ୍ୱାରା ଦୁର୍ଭିକ୍ଷର ପ୍ରାଦୁର୍ଭାବ ଜଣାଇଲେ । ଗଭର୍ଣ୍ଣର ସେହି ତାର ପାଇ କଲେକ୍ଟରଙ୍କୁ ଯଥାଶୀଘ୍ର ବିଶାଖପଟ୍ଟଣ ଯିବାକୁ ଆଦେଶ ଦେଲେ । ତହୁଁ କଲେକ୍ଟର ରେଲରେ ବିଶାଖପଟ୍ଟଣ ଆସିଲେ । ପୂର୍ବରୁ ବର୍ମା ମହୋଦୟ ରେଲଷ୍ଟେସନରେ ତାଙ୍କ ପ୍ରତୀକ୍ଷାରେ ଉପସ୍ଥିତ ଥିଲେ । କଲେକ୍ଟର ସାହେବ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଦେଖି କହିଲେ—"ଦୁର୍ଭିକ୍ଷ କାହିଁ, ଆପଣ ତ ଏଠାରେ ଅଛନ୍ତି । ଅନ୍ୟାନ୍ୟ ଲୋକେ ସୁଖରେ ଆନନ୍ଦରେ ଥିଲା ପରି ବୋଧ ହେଉଅଛି, ଆଉ ଦୁର୍ଭିକ୍ଷ ପୁଣି କେଉଁଠି ରହୁଛି ?" କବି ବର୍ମା ମହୋଦୟ ଏହି ଛଳୋକ୍ତି ଶୁଣି ବିନୟବୋଳା ଦୃଢ଼ ସ୍ୱରରେ ଉତ୍ତର ଦେଲେ—"ଆପଣ ଏ ଷ୍ଟେସନରେ ଦୁର୍ଭିକ୍ଷର ସାକ୍ଷାତ ପାଇ ପାରିବେ ନାହିଁ । କାଲି ଆପଣଙ୍କ ବଙ୍ଗଳାଠାରେ ଦୁର୍ଭିକ୍ଷର ସ୍ୱରୂପ ସ୍ପଷ୍ଟ ଦେଖି ପାରିବେ ।" ଏହା କହି ସାହେବଙ୍କଠାରୁ ବିଦାୟ ନେଇ ଘରକୁ ଆସିଲେ । ତହିଁ ପରଦିନ ପ୍ରାୟ ୨୦ ହଜାର ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ନେଇ ସାହେବଙ୍କୁ ଦୁର୍ଭିକ୍ଷର ପ୍ରେତମୂର୍ତ୍ତି ଦେଖାଇଦେଲେ । ସାହେବ ସ୍ୱଚକ୍ଷୁର ସମ୍ମୁଖରେ ଦୁର୍ଭିକ୍ଷ-ରାକ୍ଷସର ଭୀଷଣ ମୂର୍ତ୍ତି ଦେଖି ଚମକି ପଡ଼ିଲେ । ତାଙ୍କର ହୃଦୟ ଦୟା ଓ ସମବେଦନାରେ ସଜଳ ହୋଇଉଠିଲା । ତହୁଁ ସେ ତତ୍‌କ୍ଷଣାତ୍ [illegible] ଏତ ବସ୍ତା ଚାଉଳ ବାଣ୍ଟିବା ପାଇଁ ମଞ୍ଜୁର କଲେ । ପରେ ଦୁର୍ଭିକ୍ଷ ଦମନର ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ହୋଇଥିଲା । ବିକ୍ରମ ଦେବ ବର୍ମା ଏହି କାର୍ଯ୍ୟ ପାଇଁ ଅଭିବାଦନୀୟ ହୋଇଥିଲେ । ଏହି ପରି ସଙ୍କଟ ସମୟରେ ସହାୟତା କରି ସେ ରାଜା ପ୍ରଜା ଉଭୟର ପ୍ରୀତିଭାଜନ ହୋଇଅଛନ୍ତି । ଭାରତ ସରକାର ତାଙ୍କ ଗୁଣ ଏବଂ କାର୍ଯ୍ୟରେ ମୁଗ୍ଧ ହୋଇ ୧୯୧୧ ଖ୍ରୀଷ୍ଟାବ୍ଦରେ ତାଙ୍କୁ ଖଣ୍ଡିଏ ମାନପତ୍ର ପ୍ରଦାନ କରିଥିଲେ । ସରକାର ତାଙ୍କୁ କି ଭଳି ଶ୍ରଦ୍ଧା ଏବଂ ଆଦର ଚକ୍ଷୁରେ ଦେଖନ୍ତି, ସେହି

ପ୍ରଶଂସାପତ୍ରଖଣ୍ଡି ସେଥିର ଉଜ୍ଜ୍ୱଳ ନିଦର୍ଶନ । ଯୋଗ୍ୟ ପାତ୍ରରେ ଅର୍ପିତ ହେଲେ ସ୍ୱକାବତ୍ତ ଉପାଧିର ଗୌରବ ବଢ଼େ । ସେହି ସାର୍ଟିଫିକେଟ ଖଣ୍ଡି ନିମ୍ନରେ ଉଦ୍ଧୃତ ହେଲା ।

### ସାର୍ଟିଫିକେଟ

Madras

12th December 1911.

By command of His Excellency the Viceroy and Governor General in Council, this certificate is presented in the name of his most Gracious Majesty, King George V. Emperor of India on the occasion of His Majesty's coronation darbar at Delhi.

To

M. R. Ry. Shri Vikram Deo Varma Garu, son of Shri Krishna Deo Garu in recognition of his charities and encouragement of scholarship.

Sd. A. Stewart.

*Ag. Chief Secretary to the Government of Madras.*

ଆନ୍ଧ୍ର ସମାଜରେ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ମହୋଦୟଙ୍କ ସଂସ୍କୃତି ସମ୍ବନ୍ଧରେ ପ୍ରଚୁର ଖ୍ୟାତି । ସନ୍ଦର୍ଭ ସମଧିକ । ଆନ୍ଧ୍ର ସମ୍ପ୍ରଦାୟ ମଧ୍ୟରେ ପ୍ରସିଦ୍ଧ ବେଦଜ୍ଞ ପଣ୍ଡିତ ଅନେକ ଅଛନ୍ତି । ସେମାନଙ୍କର ସଂସ୍କୃତ ଉଚ୍ଚାରଣ ବିଶୁଦ୍ଧ ଏବଂ ସୁସ୍ପଷ୍ଟ । ସେମାନଙ୍କ ବେଦଶ୍ଳୋକର ଆବୃତ୍ତି ବାସ୍ତବରେ ଉପଭୋଗ୍ୟ । ନିରକ୍ଷର ଗଉଡ଼ ମୂର୍ଖ ସୁଦ୍ଧା ସ୍ୱରମୁଗ୍ଧ ମୃଗ ପରି କାନ ଡେରି ତନ୍ମୟ ହୋଇ ସେ ସ୍ୱର ଶୁଣିବାର ଦେଖାଯାଏ । ସେ ସ୍ୱର ଭଙ୍ଗୀର ଗୋଟାଏ ଏପରି ମୋହିନୀ ଶକ୍ତି ଅଛି ଯେ, ଶ୍ଳୋକର ଅର୍ଥ ବୁଝି ନ ପାରିଲେ ସୁଦ୍ଧା ସ୍ୱର ଶ୍ରବଣର ଲୋଭ ସମ୍ବରଣ କରିହୁଏ ନାହିଁ । ପ୍ରାଚୀନ ଆଧୁନିକ-ଉଭୟ ଶ୍ରେଣୀର କବି ପଣ୍ଡିତ ଏବଂ ଶିକ୍ଷିତ ସାଧାରଣ ବର୍ମାଙ୍କ ଗୁଣ ଏବଂ ପାଣ୍ଡିତ୍ୟରେ ମୁଗ୍ଧ ଓ ଅଭିଭୂତ । ତାଙ୍କର ତେଲୁଗୁ ଭାଷା ଶୁଣି ଅନେକ ଆନ୍ଧ୍ର ବ୍ୟକ୍ତି ତାଙ୍କୁ ତେଲୁଗୁ ବୋଲି ଜାଣନ୍ତି । ଭାଷା, ସାହିତ୍ୟ ଏବଂ ଦେଶୋନ୍ନତି ପ୍ରଭୃତି ସକଳ ପ୍ରକାର ସଭାସମିତିରେ ବିକ୍ରମଦେବ ବର୍ମାଙ୍କର ଯୋଗଦାନକୁ ଆନ୍ଧ୍ରମାନେ ବାଞ୍ଛନୀୟ ମଣନ୍ତି । ସେ ମଧ୍ୟ ପ୍ରତ୍ୟେକ ଅନୁଷ୍ଠାନରେ ଯୋଗଦେଇ ଯଥାଶକ୍ତି ସାହାଯ୍ୟ, ସହାନୁଭୂତି ପ୍ରଦାନ କରିବାକୁ କେବେହେଲେ କୁଣ୍ଠିତ ହୁଅନ୍ତି ନାହିଁ । ସାମାଜିକ ସଭାସମିତିରେ ମଧ୍ୟ ତାଙ୍କର ମତ ଆନ୍ଧ୍ର ସମାଜରେ ଆଦର ପରିଗୃହୀତ ହୁଏ । ଆନ୍ଧ୍ରମାନଙ୍କ ମଧ୍ୟରେ ଯଥେଷ୍ଟ ଗୁଣଗ୍ରାହୀ ଅଛନ୍ତି । ଆନ୍ଧ୍ର ପଣ୍ଡିତମାନେ ସାରଗ୍ରାହୀ ଏବଂ ମିତବ୍ୟୟୀ । ସ୍ତୁତିଗାନ ଖରଚୁଣ୍ଟାର ବି ଅଭାବ ନାହିଁ । ସେପରି ଲୋକ ସବୁ ସମ୍ପ୍ରଦାୟରେ ମଧ୍ୟ ଅଛନ୍ତି । ସେମାନଙ୍କ କଥା ସ୍ୱତନ୍ତ୍ର । ୧୯୦୩ ଖ୍ରୀଷ୍ଟାବ୍ଦରେ ଆନ୍ଧ୍ର ଜାତି ସମ୍ମିଳନୀର ପ୍ରଥମ ଅଧିବେଶନ ବିଶାଖପଟ୍ଟଣରେ ହୋଇଥିଲା । ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ ସେହି ସମ୍ମିଳନୀର କାର୍ଯ୍ୟନିର୍ବାହକ ସମିତିର ସଭାପତି ପଦରେ ବରିତ ହୋଇ ବିଶେଷ ଯୋଗ୍ୟତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ପୁଣି ୧୯୧୭ ଖ୍ରୀଷ୍ଟାବ୍ଦରେ ହୋଇଥିବା ବିଶେଷ ଜାତି ସମ୍ମିଳନୀର କାର୍ଯ୍ୟନିର୍ବାହକ ସମିତିରେ ସଭାପତି ନିର୍ବାଚିତ ହୋଇଥିଲେ । ତାଙ୍କର ବକ୍ତୃତା ସାଧାରଣ ହୃଦୟସ୍ପର୍ଶୀ ସାରଗର୍ଭକ ହୋଇଥିଲା । ସେଥିରେ ଦେଶପ୍ରେମ ଏବଂ ଦେଶାତ୍ମବୋଧ ଉଜ୍ଜ୍ୱଳ ରୂପେ ପ୍ରସ୍ଫୁଟିତ ହୋଇଥିଲା । ଅନେକ ବିଶିଷ୍ଟ ବ୍ୟକ୍ତି ସେହି ଅଭିଭାଷଣର ଭୂରି ପ୍ରଶଂସା କରିଥିଲେ । ସ୍ଥାନାଭାବରୁ ସମସ୍ତ ବକ୍ତୃତା ଉଦ୍ଧାର କରାଯାଇ ପାରିଲା ନାହିଁ; ଅଂଶ ବିଶେଷ ମାତ୍ର ନିମ୍ନରେ ଉଦ୍ଧୃତ ହେଲା । ଏହାପରି ଆନ୍ଧ୍ର ଜାତୀୟ ସଭା, ସମ୍ମିଳନୀରେ ସେ ବହୁବାର ସଭାପତି ଆସନ ଅଳଂକୃତ କରିଅଛନ୍ତି ।

"ବ୍ରିଟିଶ ସାମ୍ରାଜ୍ୟର ଅଧିବାସୀ ସ୍ୱରୂପ ଏବଂ ମହାମୂଲ୍ୟବାନ ଐତିହାସିକ ସଭ୍ୟତାର ଉତ୍ତରାଧିକାରୀ ରୂପେ ଏବଂ ବ୍ରିଟିଶ ପ୍ରଜାପୁଞ୍ଜଙ୍କ ସହିତ ବ୍ରିଟିଶ ସାମ୍ରାଜ୍ୟର ଖ୍ୟାତି ଓ ଦାୟିତ୍ୱର ସମାନ ଓ ସମ୍ପୂର୍ଣ୍ଣ ଅଂଶୀଦାର ସ୍ୱରୂପ ଆମ୍ଭମାନଙ୍କର ଦାବୀ ଏହି ଯେ, ଆମ୍ଭମାନଙ୍କର

ମାତୃଭୂମି ତାର ବର୍ତ୍ତମାନ ପରାଧୀନ ଅବସ୍ଥାରୁ ଉନ୍ନୀତ ହୋଇ ସାମ୍ରାଜ୍ୟର ସ୍ୱାୟତ୍ତଶାସନଶ୍ରେଣୀ ଅନ୍ୟାନ୍ୟ ଅଂଶ ପରି ସମାନ ଅଧିକାର ପାଇବା ଉଚିତ । ଏପରି ସମାନ ଅଧିକାର ପାଇଁ ସେ ସର୍ବଥା ଉପଯୁକ୍ତ । ଯଦି ଭାରତବର୍ଷକୁ ଆଶୁ ଦାୟିତ୍ୱପୂର୍ଣ୍ଣ ସ୍ୱାୟତ୍ତଶାସନ ପ୍ରଦାନ କରାଯାଏ, ତେବେ ବ୍ରିଟିଶ ସାମ୍ରାଜ୍ୟ ମଧ୍ୟରେ ଅନ୍ୟାନ୍ୟ ସ୍ୱାୟତ୍ତଶାସନ ଶ୍ରେଣୀ ଅଞ୍ଚଳ ସହିତ ଭାରତବର୍ଷ ସମକକ୍ଷ ହୋଇପାରିବ ଓ ଏହି ସମାନ ଅଧିକାର ତା ପକ୍ଷରେ ସମ୍ମାନଜନକ ହେବ, ନଚେତ୍ ତାହା ଅସମ୍ଭବ ।"

୧୯୨୩ ଖ୍ରୀଷ୍ଟାବ୍ଦରେ ଗୋଦାବରୀ ଜିଲ୍ଲାନ୍ତଃପାତୀ "ତନି" ଗ୍ରାମରେ "ଆନ୍ଧ୍ରସାହିତ୍ୟ ପରିଷଦ"ର ଦ୍ୱାଦଶ ବାର୍ଷିକ ଅଧିବେଶନ ହୋଇଥିଲା । ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ମହୋଦୟ ଉକ୍ତ ଅଧିବେଶନର ସଭାପତି ଆସନ ଗ୍ରହଣ କରି ସୁଚିନ୍ତିତ ବକ୍ତୃତା ପ୍ରଦାନପୂର୍ବକ ଉପସ୍ଥିତ ସଭ୍ୟ ଏବଂ କର୍ମୀମାନଙ୍କୁ ପ୍ରବୁଦ୍ଧ ଓ ମୁଗ୍ଧ କରି-ଦେଇଥିଲେ । ୧୯୨୮ ସାଲରେ ପାରଳାଖେମଣ୍ଡିର ନିକଟବର୍ତ୍ତୀ ଇତିହାସ ପ୍ରସିଦ୍ଧ ମୁଖଲିଙ୍ଗଠାରେ ଐତିହାସିକ ସଭାର ଅଧିବେଶନ ହୋଇଥିଲା । ସେହି ସଭାର କାର୍ଯ୍ୟନିର୍ବାହକ ସମିତିର ସଭାପତି ରୂପେ ବର୍ମା ମହୋଦୟ ନିର୍ବାଚିତ ହୋଇଥିଲେ । ତାଙ୍କର ଅଭିଭାଷଣ ଐତିହାସିକ ଗବେଷଣାପୂର୍ଣ୍ଣ ଏବଂ ଅତି ମୂଲ୍ୟବାନ୍ ବୋଲି ବିବେଚିତ ହୋଇଥିଲା । ସମସ୍ତ ବକ୍ତୃତା ଏହି କ୍ଷୁଦ୍ର ପୁସ୍ତକରେ ପ୍ରକାଶ କରିବା ସମ୍ଭବ ନୁହେଁ; ସୁତରାଂ ଅଗତ୍ୟା ଉପେକ୍ଷିତ ହେଲା । ତାଙ୍କର ବକ୍ତୃତାମାନ ଅନୁଧ୍ୟାନ କଲେ ଜଣାଯାଏ, ସ୍ତ୍ରୀଶିକ୍ଷା ପ୍ରକାଶେ ସେ ଅନେକ ଥର ବ୍ୟାକୁଳତା ପ୍ରକାଶ କରି-ଅଛନ୍ତି । ଏକାଧିକ ଥର ସେ ବିଷୟର ଆଲୋଚନା ଏବଂ ପ୍ରସ୍ତାବ ମଧ୍ୟ କରିଅଛନ୍ତି । ବାସ୍ତବରେ ସ୍ତ୍ରୀ ପୁରୁଷ ସମାଜର ଦୁଇଟି ଡେଣା, ଗୋଟିଏ ଦୁର୍ବଳ ହେଲେ ପକ୍ଷୀ ଉଡିପାରେ ନାହିଁ । ସଭ୍ୟ ଉନ୍ନତ ଦେଶର ସ୍ତ୍ରୀମାନେ ଯୁଦ୍ଧକ୍ଷେତ୍ରର ସେନାପତି ଏବଂ ସାମ୍ରାଜ୍ୟର ମନ୍ତ୍ରିପଦ ଲାଭ ପର୍ଯ୍ୟନ୍ତ ଉନ୍ନତି କଲେଣି; ମାତ୍ର ଏ ଦେଶର ସ୍ତ୍ରୀମାନେ ବର୍ତ୍ତମାନ ଜଡଅଣ୍ଟା ଲାଗିଲେ କବାଟ କିଳି ଘର କୋଣରେ ଲୁଚି ଥାଆନ୍ତି । ସ୍ତ୍ରୀଶିକ୍ଷାର ଅଭାବ ଏହି ବୈଷମ୍ୟର ମୁଖ୍ୟ କାରଣ । ଯେଉଁ ଦେଶରେ ଶିକ୍ଷିତ ସ୍ତ୍ରୀସଂଖ୍ୟା ମୁଷ୍ଟିମେୟ, ସେ ଦେଶରେ ସ୍ତ୍ରୀଶିକ୍ଷାର ଅଭାବ ନ କହି, ଏକାନ୍ତ ଅଭାବ କହିଲେ ବି ଅସଙ୍ଗତ ହେବ ନାହିଁ । ଏହି ଅଭାବଟି ଦେଶର ଗୁରୁତମ ଅଭାବ । ବର୍ମା ମହୋଦୟ ସ୍ତ୍ରୀଶିକ୍ଷାର ଉନ୍ନତି କାମନାରେ ବହୁତ ଧନ ମଧ୍ୟ ବ୍ୟୟ କରିଅଛନ୍ତି । ସେ ଖାଲି ସଭା ସମିତିରେ ବକ୍ତୃତା କରି କର୍ତ୍ତବ୍ୟ ଶେଷ ହେଲା ବୋଲି ଭାବନ୍ତି ନାହିଁ । ନିଜର ପ୍ରସ୍ତାବକୁ ନିଜେ ରୂପଦାନ କରିବା ପ୍ରକାଶେ ସାଧ୍ୟାନୁସାରେ ଚେଷ୍ଟା କରନ୍ତି । ସେ ଜଣେ ପ୍ରଧାନ ସଂସ୍କାରକ । ସର୍ବବିଧ ଆବଶ୍ୟକ ସଂସ୍କାର ପ୍ରତି ତାଙ୍କର ଆନୁକୂଲ୍ୟ ଅଛି । ଯେଉଁମାନେ ତାଙ୍କୁ ଅତି ରକ୍ଷଣଶୀଳ ବୋଲି କହନ୍ତି, ସେମାନେ ଭୁଲ କରନ୍ତି ଏବଂ ତାଙ୍କର ପ୍ରକୃତ ମନୋଭାବ ବୁଝି ନାହାନ୍ତି । ସର୍ବ-ବିଧ ସଂସ୍କାରରେ ତାଙ୍କର ଏକ ମାତ୍ର ମତ ଏହି ଯେ, "ପ୍ରାଚୀନ ଆଦର୍ଶର ସାର ନେଇ ନୂତନ ଗଠିତହେଉ।" ଯାହା ଦେଶକାଳପାତ୍ରର ଉପଯୋଗୀ ନୁହେଁ, ସେ ଭଳି ଉଗ୍ର ବା ଉଚ୍ଛୃଙ୍ଖଳ ସଂସ୍କାରର ସେ ପକ୍ଷପାତୀ ନୁହନ୍ତି । ଯେଉଁ ସଂସ୍କାର ଏ ଦେଶର ଜଳ, ବାୟୁ, ମୃତ୍ତିକାରେ ଉଧେଇ ପାରିବ ନାହିଁ, ସେ ସଂସ୍କାର ଯେତେ ଉତ୍କୃଷ୍ଟ ହେଉ ପଛକେ ତାହା ଗ୍ରହଣୀୟ ନୁହେଁ । ଅନେକ କୁସଂସ୍କାର ଆପେ ଆପେ ମରିଯାଉଅଛି । ତାକୁ ମାରିବା ପାଇଁ କୌଣସି ଯତ୍ନର ଆବଶ୍ୟକ ମଧ୍ୟ ହୋଇ ନାହିଁ । ଯାହାକୁ ଲୋକେ ମନ୍ଦ ବୋଲି ଜାଣିବେ, ତାକୁ ବଳେ ବଳେ ସମାଜରେ ତ୍ୟାଗ କରୁଛନ୍ତି । ବଳ ପ୍ରୟୋଗ ବା ବାଧ୍ୟ ବାଧକତାରେ ସଂସ୍କାର ଚଳାଇବା ଉଚିତ ନୁହେଁ, ତାହା ମଧ୍ୟ ସ୍ଥାୟୀ ହୁଏ ନାହିଁ ।

ଧର୍ମପ୍ରାଣ ବିକ୍ରମ ଦେବ ଭାରତବର୍ଷର ବହୁତୀର୍ଥ ପର୍ଯ୍ୟଟନ କରିଅଛନ୍ତି ଏବଂ ତୀର୍ଥାଟନସୁଲଭ ବହୁ ଅଭିଜ୍ଞତା ମଧ୍ୟ ଉପାର୍ଜନ କରିଅଛନ୍ତି । ଉତ୍ତର ଦିଗରେ ସିଂହାଚଳ, ଶ୍ରୀକୂର୍ମ, ମୁଖଲିଙ୍ଗ, ପୁରୀ, ଭୁବନେଶ୍ୱର, କଲିକତା କାଳୀକ୍ଷେତ୍ର, ବୈଦ୍ୟନାଥ, କାଶୀ, ଗୟା, ପ୍ରୟାଗ ଏବଂ ଦକ୍ଷିଣ ଦିଗରେ କୋଟିଫଳି, କାଞ୍ଚି, ଶ୍ରୀକାଳହସ୍ତୀଶ୍ୱର, କମ୍ଭକେଶ୍ୱର, ଅରୁଣାଚଳ, ଚିଦମ୍ବରମ୍, ଶ୍ରୀରଙ୍ଗମ୍, ମଧୁରା, ଏବଂ ରାମେଶ୍ୱର ପ୍ରଭୃତି ପ୍ରସିଦ୍ଧ

ତୀର୍ଥ ଭ୍ରମଣ କରି ବହୁ ସ୍ଥାନର ବହୁ ବିବରଣ ଅବଗତ ହୋଇଅଛନ୍ତି । ମହାତୀର୍ଥ ଗୋଦାବରୀର ପ୍ରିୟ ସଖୀ ଇନ୍ଦ୍ରାବତୀ ତାଙ୍କ ରାଜ୍ୟର ତୀର୍ଥ ପ୍ରଜା ।

ବିକ୍ରମ ଦେବଙ୍କ ଓଡ଼ିଆ ସମାଜ କେବଳ ସ୍ଥାନୀୟ ଓଡ଼ିଆମାନଙ୍କ ହିତ ସକାଶେ ସ୍ଥାପିତ ନୁହେଁ । ତାଙ୍କର ଉଦ୍ଦେଶ୍ୟ ଏତେ କ୍ଷୁଦ୍ର ସୀମାରେ ଆବଦ୍ଧ ନୁହେଁ । ସେ ଉଦ୍ଦେଶ୍ୟର ଲକ୍ଷ୍ୟ, ଅତି ବିରାଟ ଏବଂ ଅତି ମହତ୍ । ସମଗ୍ର ଓଡ଼ିଆ ଜାତିର ଶିକ୍ଷା, ସଭ୍ୟତାର ସର୍ବବିଧ ଉନ୍ନତିର ବିକାଶ ବିଷୟରେ ସମାଜର ଚେଷ୍ଟା ଉଲ୍ଲେଖଯୋଗ୍ୟ । ଉନ୍ନତିର ଏହି ଶୁଭ ଯୁଗରେ ଓଡ଼ିଆ ଜାତି କିପରି ଏକତାସୂତ୍ରରେ ଆବଦ୍ଧ ହୋଇ ମୁଣ୍ଡ ଟେକି ଠିଆହେବ, ଓଡ଼ିଆଜାତିର ଦେଶ ମିଶ୍ରଣର ପ୍ରବଳ ଦାବୀ ସରକାରରେ କିପରି ସାଫଲ୍ୟ ଲାଭ କରିବ, ଏହାହିଁ ସମାଜର ମୁଖ୍ୟ ଆଲୋଚ୍ୟ ବିଷୟ । ସମାଜର ଏହି ଉଦ୍ଦେଶ୍ୟ ଅଦ୍ୟାବଧି ଅକ୍ଷତ ଅଛି । ସେ ଜାତୀୟତାର ଛିନ୍ନ ସୂତ୍ରରେ ଗଣ୍ଠି ଦେବାକୁ ଚେଷ୍ଟା କରୁଅଛି । ସେହି ସମାଜ ବିଭିନ୍ନ ଶାସନାଧୀନସ୍ଥ ବିଚ୍ଛିନ୍ନ ଓଡ଼ିଆ ଭାଇମାନଙ୍କୁ ବର୍ତ୍ତମାନ ରାଜନୈତିକ ଓଡ଼ିଶାବାସୀଙ୍କ ସହିତ ପରିଚୟ କରାଇଦେଇଅଛି । ପରସ୍ପର ପରସ୍ପରକୁ ନିଜର ଭାଇ ବୋଲି ଚିହ୍ନିପାରି ଅଛନ୍ତି; ଏହା କି ସାମାନ୍ୟ ଲାଭ ନୁହେ । ବର୍ମା ମହୋଦୟଙ୍କର ଏହି କୀର୍ତ୍ତି ତାଙ୍କୁ ଯୁଗେ ଯୁଗେ ସ୍ମରଣୀୟ କରି ରଖିବ । ଉତ୍କଳର ଭାବୀ ବଂଶଧରମାନେ ତାଙ୍କର ମଣିମୟ ମୂର୍ତ୍ତି ସ୍ୱର୍ଣ୍ଣ-ଦେଉଳରେ ସ୍ଥାପନ କରି ତାଙ୍କ ଚରଣରେ ଭକ୍ତି-ପୁଷ୍ପାଞ୍ଜଳି ଅର୍ପଣପୂର୍ବକ ପୂଜା କରୁଥିବେ ।

ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା କେବଳ ଦେଶୀୟ ସଭାସମିତିରେ ଯୋଗଦାନ କରି ନିଶ୍ଚିନ୍ତ ନ ଥିଲେ, ସରକାର ପ୍ରତିଷ୍ଠିତ ଅନେକ କମିଶନଙ୍କ ଆଗରେ ଉପସ୍ଥିତ ହୋଇ ଓଡ଼ିଆ ଜାତିର ଜୀବନ ମରଣ ସମସ୍ୟାର କଥା ବିଶଦ ଭାବରେ ବୁଝାଉଥିଲେ । ଓଡ଼ିଶା ଦେଶ ମିଶ୍ରଣ ସମ୍ବନ୍ଧରେ ସରକାର ୧୯୨୪ ଖ୍ରୀଷ୍ଟାବ୍ଦରେ "ଫିଲିପ-ଡଫ୍ କମିଶନ" ବସାଇଥିଲେ । ଉକ୍ତ କମିଶନ ଗଞ୍ଜାମ ଏବଂ ବିଶାଖାପାଟଣା ଜିଲ୍ଲାସ୍ଥ ଓଡ଼ିଆ ଅଧିବାସୀମାନଙ୍କର ମତ ସଂଗ୍ରହ କରୁଥିଲେ । ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ବିଶାଖ-ପାଟଣା ଓଡ଼ିଆସମାଜ ପକ୍ଷରୁ ସେହି କମିଶନ ନିକଟରେ ଦୃଢ଼ଭାବରେ ଦେଶମିଶ୍ରଣ ସପକ୍ଷରେ ମତ ବ୍ୟକ୍ତ କରି-ଥିଲେ ଏବଂ ଜିଲ୍ଲାସ୍ଥ ବିଶିଷ୍ଟ ଓଡ଼ିଆମାନଙ୍କୁ ନେଇ କମି-ଶନ ନିକଟରେ ଗୋଟିଏ ଡେପୁଟେସନ ନେଇଥିଲେ । ଉକ୍ତ ଡେପୁଟେସନ ଖୁବ୍ ଶକ୍ତିଶାଳୀ ଭାବରେ ଗଠିତ ହୋଇଥିଲା । ମତଦାତାମାନେ ଦୃଢ଼ ଭାବରେ ଦେଶ ମିଶ୍ରଣର ଦାବୀ ପରିବ୍ୟକ୍ତ କରିଥିଲେ ।

ବାଲ୍ୟବିବାହ ନିରୋଧ ଆଇନ ବା ସାରଦା ଆଇନ ଜାରିହେବା ପୂର୍ବରୁ ସେ ସମ୍ବନ୍ଧରେ ମତ ସଂଗ୍ରହ ସକାଶେ ସରକାର ଗୋଟିଏ କମିଟି ନିଯୁକ୍ତ କରିଥିଲେ । ଏହା ୧୯୨୯ ଖ୍ରୀଷ୍ଟାବ୍ଦର ଘଟଣା । ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ସେହି କମିଟିରେ ବାଲ୍ୟବିବାହ ସପକ୍ଷରେ ମତ ଦେଇଥିଲେ । ଭିନ୍ନ ଧର୍ମାବଲମ୍ବୀ ବିଜାତୀୟ ସରକାରଦ୍ୱାରା ହିନ୍ଦୁ ସମ୍ପ୍ରଦାୟର ସମାଜ ସଂସ୍କାର ତାଙ୍କର ବାଞ୍ଛନୀୟ ନୁହେ । ବିଶେଷତଃ ଆଇନ ବଳରେ ଧର୍ମରେ ହସ୍ତକ୍ଷେପକୁ ସେ ପସନ୍ଦ କରନ୍ତି ନାହିଁ । ତାଙ୍କ ମତରେ କନ୍ୟାମାନଙ୍କୁ ୧୦ ବର୍ଷ ଠାରୁ ୧୨ ବର୍ଷ ବୟସରେ ବିବାହ ଦେବା ଉଚିତ । ୧୪ ଠାରୁ ୧୫ ବର୍ଷ ବୟସରେ ସେମାନେ ସ୍ୱାମୀ ସହବାସର ଯୋଗ୍ୟ ହୋଇପାରନ୍ତି ।

୧୯୨୧ ଖ୍ରୀଷ୍ଟାବ୍ଦରେ ଭାରତ ସରକାର କୃଷି କମିଶନ ବସାଇଥିଲେ । ଦେଶୀୟ କୃଷକ କୁଳର ଉନ୍ନତି ଏହି କମିଶନର ଲକ୍ଷ୍ୟ । ମାନନୀୟ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ସେଥିରେ ମଧ୍ୟ ସାକ୍ଷ୍ୟ ଦେଇଥିଲେ । ଏଦେଶରୁ ବିଦେଶକୁ କୁଲି ଚାଲାଣ ବରାବର ଲାଗିଅଛି । କୁଲି ସଂଗ୍ରହ ପାଇଁ ସ୍ଥାନେ ସ୍ଥାନେ ଡିପୋ ସ୍ଥାପିତ ହୋଇଅଛି । କୋରାପୁଟ, ପାର୍ବତୀପୁର ଏବଂ ପାରଳା-ଖେମୁଣ୍ଡିରେ ଏହିପରି ଡିପୋ ଅଛି । ଜୟପୁର ଏବଂ ଗଞ୍ଜାମର ମାଳ ଅଞ୍ଚଳରୁ ଏହି ଡିପୋ ଦ୍ୱାରା ବହୁସଂଖ୍ୟକ ଆଦିମବାସୀ ଏବଂ ଅନ୍ୟ ଜାତି କୁଲି ଆସାମ ଓ ଅନ୍ୟାନ୍ୟ ଚା ବଗିଚା ପ୍ରଭୃତିକୁ ପ୍ରେରିତ ହୁଅନ୍ତି । ଏ ବିଷୟରେ ଭାରତ ସରକାର ଗୋରା ବଗିଚା ମାଲିକମାନଙ୍କୁ ସାହାଯ୍ୟ କରୁଥିବାର ଜାଣି ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ତହିଁର ପ୍ରତିବାଦ କରିଥିଲେ । ବର୍ଷକୁ ବର୍ଷ ଏତେ ଲୋକ ବିଦେଶକୁ ଚାଲିଯିବାରୁ ଏ ଦେଶର ଲୋକସଂଖ୍ୟା ଉଣା

ହୋଇଯାଇଅଛି । ସେ ଏ ବିଷୟ ସରକାରଙ୍କୁ ଜଣାଇ ପ୍ରତିକାର ପ୍ରାର୍ଥୀ ହୋଇଥିଲେ ।

ଯଥାସମୟରେ ଫିଲିପ୍ ଡଫ୍ କମିଶନଙ୍କର ରିପୋର୍ଟ ପ୍ରକାଶିତ ହେଲା । କମିଶନ ଉତ୍କଳ ଦେଶ-ମିଶ୍ରଣ ସମ୍ବନ୍ଧରେ ଅନୁକୂଳ ମତ ପ୍ରକାଶ କରିଥିଲେ; ତଥାପି ସରକାର ତୃପ୍ତ ନ ହୋଇ ପୁଣି ସାଇମନ କମିଶନ ( Simon Commission ) ବସାଇଲେ; ମାତ୍ର ଜାତିର ଦୁଃଖ ଏବଂ ଦୁର୍ଦ୍ଦଶାର ବିଷୟ—ସାଇମନ କମିଶନ ଭିନ୍ନ ପନ୍ଥା ଧରିଲେ । ସେ ଓଡ଼ିଆମାନଙ୍କ ଦାବୀର ସମ୍ପୂର୍ଣ୍ଣ ସପକ୍ଷରେ ମତ ଦେଲେ ନାହିଁ । ତାଙ୍କ ରିପୋର୍ଟ ପଢ଼ି ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ଯେଉଁ ମତ ପ୍ରକାଶ କରିଥିଲେ, ତାହା ନିମ୍ନରେ ଉଦ୍ଧୃତ ହେଲା—

## MADRAS ORIYAS AND THE SIMON COMMISSION

The recommendation for a boundary Commission along with a few words of sympathy in the Report of the Simon Commission seems to have caught the imagination of some of our friends. The readers have to realise that the problem of the Oriyas is quite distinct and separate from the larger one of a federation of India on the basis of linguistic provinces. The object though desirable can not be one for immediate realisation. In this first place a language like Malayalam may not require a province unless the question of the inclusion of her States like Cochin and Travancore also in the federation is solved The Assamese, after the amalgamation of the Bengalee population in the Burma valley in Assam may not be able to stand for a province. Sindh has to be eternally spoon-fed by the Federal Government. Orissa with her $1\frac{1}{2}$ crores of people can not be kept waiting till the proposed Commission sits and decides the general question, no one knows when. Again political leaders in India may not welcome such a commission before the basic political relations between India and England are decided. The proposal to constitute a commission is thus uncalled for under the present conditions and circumstances.

## STILL RECOMMENDATIONS !

We have long passed the stage of recommendations. The readers of Blue Books from 1902 to 1905 will see that the Government of Lord Curzon made their recommendations after a long and elaborate enquiry. The coronation despatches of 1911 speak of the grave injustice done to Orissa and resulted only in creating confusion worse confounded by adding the present political Orissa Division to the newly created Province of Bihar and Orissa. The Montford Report made a special recommen-

dation to the reformed Government to take early action regarding Orissa and Bihar as an urgent and immediate case for their consideration. Agitation from the people has been continuous, persistent. vigorous and spread all over the Oriya speaking tracts. Public opinion on this question was so strong that the Government of India was obliged to appoint the Phillip—Duff Commission for a detailed enquiry. The Government of Orissa deputed a special officer for the collection of further materials. The Simon Commission appointed a sub-committee to make detailed proposals on this question. Why then a fresh enquiry and the question made a part of the general one of the creation of provinces in India on a language basis ? This, to say the least, is only an attempt to hood-wink public opinion on the pleae of an enquiry.

FOR THE ENQUIRY.

The Sub-committee of Simon Commission seems to have tackled the question neither properly nor fairly so far as their recommendations relate to the Oriya speaking tracts of Madras. No reason was assigned why the Vizag. Agency as also the Taluks of Sompeta, Parlakimidi and Tekkali in Ganjam are to be excluded from the proposed Oriya Province. From a reply given to Sriman Biswanath Das Mahasay to a series of his interpellations, the Government of Madras admitted that figures of Vizagapatam Agency have not been called for, by the Commission and that they had to furnish only such information as was required by them. These prove beyond doubt that the Sub-Committee has not at all considered the necessity of the inclusion of Vizag. Agency in the new Oriya Province. In my article published in the "East coast" as also in the Dailies of Madras, I have clearly shown from official reports how the Vizag. Agency is predominantly Oriya – a fact recognised by the Government in all its reports and publications. Oriyas form the majority of the population in the Agency. Oriya has been the court language and the language taught to the Khonds ever since the British occupation of the Agency Again Khonds have all their kinsmen in the adjoining Oriya tributary States and British areas of Orissa. I have quotted

Mr. Macpherson and other special officers deputed to the Khond area with thier findings that the Oriyas even in the fiftees of the last century had as close and intimate a relation with the Khonds as they have today. Some military authorities were also quotted in my letter showing the stratagic importance of this proposal. Regrettable therefore, that the inclusion of this extensive and important area should have altogether been omitted by a set of gentlemen who called themselves responsible and earnest.

## IMPORTANCE OF THE AREA AND VIEW OF THE ANDHRAS.

The oriya portion of Vizaga patam Agency consists of about 12000 ( twelve thousand ) square miles surrounded on three sides by the Oriya speaking tracts of the Orissa Division, the Oriya Agency tracts of Ganjam and the Tributary States of Orissa. This vast area is being connected with the Railway system connecting the Central Provinces with the sea board at Vizagapatam. The agency with its vast area of forests, fertile plains and the mineral wealth is bound to play an important part in the economic history of any province to which it may be attached. If this vast area is to be added to the Andhra Province to be you not only decide the entire Khand and Savera population between two provinces, but also undo all the work done during a period of 100 years of British rules and leave a big discontented minority community of Oriyas in the Andhra country, which will neither add to their peaceful growth nor be conducive to a peaceful administration. With this view the Andhra leaders never claimed the Vizag. Agency for inclusion in the proposed Andhra Province. This is seen from the pamphlet published by the Andhra Provincial Committee as also from the written and oral evidence of the Andhra representatives before the Joint Select committee of both Houses of Parliament on the Government of India Bill of 1919. Let not any one, therefore, be deceived by the recommendation of the Simon Commission so far as Orissa is concerned. We can not allow scattered limbs of Orissa to be torn asunder in the way proposed by a commission which never waited to

solve the problem. The proper course for the Oriyas, therefore, is not to accept the recommendations, unless the Oriya speaking tracts of the Vezagapatam Agency are included in the proposed Oriya Province.

Vizagapatam } Sree Vikrama Deo
15-1-30 } Varma

## ଦଶମ ପରିଚ୍ଛେଦ

ସ୍ୱାଧୀନଚେତା ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ମହୋଦୟ ଅର୍ଥଯୁକ୍ତ ଆପେକ୍ଷା ଉପାଧି ଲାଭ ଆକାଂକ୍ଷାର ଛାୟା ସୁଦ୍ଧା ମାଡ଼ି ନାହାନ୍ତି । ସେହି ହେତୁରୁ ସେ କୌଣସି କାଉନ୍‌ସିଲ ଅଥବା ଆସେମ୍ବ୍ଲିର ମେମ୍ବର ପଦରେ ମଣ୍ଡିତ ହୋଇ ନାହାନ୍ତି । କିଣା ବିକା ଉପାଧିକୁ ସେ ଅନ୍ତରର ସହିତ ଘୃଣା କରନ୍ତି । ସ୍ୱତଃ ପ୍ରବୃତ୍ତ ହୋଇ କୌଣସି ଉପାଧି ପାଇଁ ପ୍ରାର୍ଥୀ ହେବା ତାଙ୍କର ପ୍ରକୃତି ବିରୁଦ୍ଧ । ଗଭର୍ଣ୍ଣମେଣ୍ଟ ଏବଂ ଦେଶବାସୀମାନେ ତାଙ୍କ ଗୁଣରେ ମୁଗ୍ଧ ହୋଇ ଅନରାରି ମାଜିଷ୍ଟ୍ରେଟ ଏବଂ ସଭ୍ୟସମିତିର ଅଧିନାୟକତ୍ୱ ବଳେ ବଳେ ଯାଚିକରି ଦେଇଥିବାରୁ ସେ ତାହା ଗ୍ରହଣ କରିଥିଲେ । ମନ ଅନୁରୂପ ଧନ ଏବଂ ଶକ୍ତି ଅନୁରୂପ ସ୍ନେହ ପାଇଥିଲେ । ତାଙ୍କର ନାମ ସରକାରଙ୍କ ବିଶ୍ୱାସଭାଜନ ଖ୍ୟାତନାମା ବ୍ୟକ୍ତି ଏବଂ ବଡ଼ ବଡ଼ ରାଜା ମହାରାଜମାନଙ୍କ ନାମ ତାଲିକାରେ ଶୀର୍ଷସ୍ଥାନ ଅଧିକାର କରିଥାଆନ୍ତା ଏବଂ ଇଂରେଜୀ ବର୍ଣ୍ଣମାଳାର ଅଧିକାଂଶ ଅକ୍ଷର ତାଙ୍କ ନାମ ସଙ୍ଗରେ ଯୋଡ଼ାହୋଇଥାଆନ୍ତା । ମାତ୍ର ତାହା ନ ହେଉ ପଛକେ, ସେ ଯାହା କରିଅଛନ୍ତି, ଅନେକ ବଡ଼ ବଡ଼ ରାଜା ମହାରାଜ ତାହା କରିନାହାନ୍ତି ।

୧୯୩୧ ଖ୍ରୀଷ୍ଟାବ୍ଦର ଫେବୃୟାରୀ ୨୦ ତାରିଖ ଦିନଟା ଜୟପୁର ପକ୍ଷରେ ବଡ଼ ଦୁର୍ଦ୍ଦିନ ଥିଲା । ସେହି ଦିନ ତାହା ହୃଦୟରେ ଅକସ୍ମାତ୍ ବଜ୍ରପାତ ହେଲା । ମହାରାଜ ୪ର୍ଥ ରାମଚନ୍ଦ୍ର ଦେବ ତୀର୍ଥ ଭ୍ରମଣ କରିବାକୁ ଯାଇଥିଲେ । ପବିତ୍ର ପ୍ରୟାଗ ଧାମରେ ଶୀର୍ଷାଙ୍କିତ ଦିବସରେ ତାହାଙ୍କର ଦେହତ୍ୟାଗ ଘଟିଲା । ଏ ଦୁଃସମ୍ବାଦ ପହଞ୍ଚିଲା କ୍ଷଣି ଚିରହାସ୍ୟମୟୀ ଜୟପୁର ନଗରୀ ଚନ୍ଦ୍ରକୁ ରାହୁ ଗ୍ରାସିଲା ପରି ମଳିନ ଏବଂ ଶ୍ରୀହୀନ ହୋଇଗଲା । ତାହାର ପ୍ରଫୁଲ୍ଲ ମୁଖକମଳ ପ୍ରଦୋଷ ପଦ୍ମର ଦଶା ଭଜିଲା । ଆଜି ହାହାକାରରେ ସ୍ୱକୀୟ ବାୟୁମଣ୍ଡଳ ଭରି ହୋଇଉଠିଲା । ରାଜପରିବାର ଏବଂ ପ୍ରଜାମଣ୍ଡଳୀ ନେତ୍ରରୁ ଧାରାଶ୍ରାବଣ ପରି ଶୋକାଶ୍ରୁ ଧାରା ପ୍ରବାହିତ ହେଲା । ହୃଦୟୀ ବିକ୍ରମ ଦେବ ବର୍ମା ପ୍ରାଣ-ପ୍ରତିମ ଭ୍ରାତୃଷ୍ପୁତ୍ରଙ୍କର ଅକାଳ ବିୟୋଗ ଶୋକରେ ଅଧୀର ହୋଇପଡ଼ିଲେ । ଶୋକର ପ୍ରଖର ଉତ୍ତାପରେ ନେତ୍ରର ଅଶ୍ରୁଝର ଶୁଷ୍କ ହୋଇଗଲା । ବାସ୍ତବରେ ନିରଶ୍ରୁ ଶୋକ ବଡ଼ ଭୀଷଣ ଏବଂ ଦୁର୍ବିସହ । ସେ ଦାରୁଣ ଶୋକର ପ୍ରାଣଦାହୀ ଯନ୍ତ୍ରଣା ଲେଖନୀମୁଖରେ ବର୍ଣ୍ଣନାତୀତ । ଅଶ୍ରୁହିଁ ମହାଶୋକର ସାନ୍ତ୍ୱନା ସିନା । ଶୋକର କ୍ଳେଦ ଅଶ୍ରୁରୂପରେ ଢଳଢଳ ବାହାରିଯାଏ । ଅଶ୍ରୁହୀନ ଶୋକ ପାଟଳି ବଥ ପରି ପିଣ୍ଡି ପିଣ୍ଡି ହୋଇ ଅନିର୍ବଚନୀୟ ଯନ୍ତ୍ରଣା ପ୍ରଦାନ କରେ ; ସୁତରାଂ ନିରଶ୍ରୁ ଶୋକ ଶତ ଯମଦୂତଠାରୁ ଭୟାବହ । ବର୍ମା ମହୋଦୟ ବିନା ମେଘରେ ବଜ୍ରପାତ ବେଦନା ଅନୁଭବ କଲେ । ତାଙ୍କ ପ୍ରାଣରେ ଯେଉଁ ନିଦାରୁଣ ଆଘାତ ଲାଗିଲା, ସେ ଆଘାତର କ୍ଷତ ଅବଧି ଶୁଷ୍କ ହୋଇନାହିଁ । ସେ ଯାହାଙ୍କୁ ପୁତ୍ରାଧିକ ସ୍ନେହ କରୁଥିଲେ ଏବଂ ଯାହାଙ୍କଠାରୁ ଭକ୍ତି ପୂଜା ପାଉଥିଲେ; ଏକମାତ୍ର ସେହି ବଂଶର କୁଳାଙ୍କୁର ସ୍ନେହ ପ୍ରତିମାଙ୍କ ବିୟୋଗବ୍ୟଥା ତାଙ୍କ ପ୍ରାଣକୁ କପରି ବାଧିଥିବ, ତାହା ବୁଝାଇବାକୁ ଭାଷା ସର୍ବଥା ଅକ୍ଷମ ।

ଚତୁର୍ଥ ରାମଚନ୍ଦ୍ର ଦେବ ନିଃସନ୍ତାନ ଥିଲେ । ତାଙ୍କର ମୃତ୍ୟୁ ପରେ କିଏ ତାହାଙ୍କର ଉତ୍ତରାଧିକାରୀ ରାଜା ହେବେ, ସରକାର ତାହା ଆଲୋଚନା କରି ୧୯୩୧ ଖ୍ରୀଷ୍ଟାବ୍ଦ ଜୁନ ମାସ ୫ ତାରିଖରେ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ମହୋଦୟଙ୍କୁ ପ୍ରକୃତ ଉପଯୁକ୍ତ ଉତ୍ତରାଧିକାରୀ ନିର୍ବାଚନ ପୂର୍ବକ ଜୟପୁର ରାଜସିଂହାସନ ଆରୋହଣ ନିମନ୍ତେ ଆଦେଶ ପ୍ରଦାନ କଲେ । ଏହି ଶୁଭ ସମ୍ବାଦ ଶୁଣିଲା କ୍ଷଣି ସମଗ୍ର ଉତ୍କଳରେ ଆନନ୍ଦର ମହା କୋଳାହଳ ଖେଳିଗଲା । ବାସ୍ତବରେ ଉକ୍ତ ଦିବସଟି ଉତ୍କଳ ପକ୍ଷରେ, ବିଶେଷତଃ ଉତ୍କଳ ସାହିତ୍ୟ ପକ୍ଷରେ ସୌଭାଗ୍ୟର ସ୍ମରଣୀୟ ମହାଶୁଭ ଦିବସ । ଜୟପୁର ସୂର୍ଯ୍ୟ ଅସ୍ତ ହେଲା ପରେ ବାସନ୍ତୀ ପୂର୍ଣ୍ଣଚନ୍ଦ୍ର ଉଦିତ ହୋଇ ସ୍ୱଚ୍ଛ ସ୍ନିଗ୍ଧ, ସମୁଜ୍ଜ୍ୱଳ ଜ୍ୟୋତ୍ସ୍ନାରେ ଦିଗ୍‌ଦିଗନ୍ତ ଜ୍ୟୋତିର୍ମୟ ହୋଇଉଠିଲା ; ସୁତରାଂ ଶୋକାନ୍ଧକାର ଜୟପୁରରେ ପଶିବାକୁ ବହୁକ୍ଷଣ ଅବସର ପାଇଲା ନାହିଁ । ପ୍ରଜା, ପରିଜନ, ରାଜକର୍ମଚାରୀ ସମସ୍ତେ ପୂର୍ବରୁ ତାଙ୍କ ପ୍ରତି ଅନୁରକ୍ତ ଥିଲେ । ବର୍ତ୍ତମାନ ତାଙ୍କୁ ନିଜର ଭାଗ୍ୟବିଧାତା ରାଜା ରୂପେ ପାଇ ନିଜ ନିଜର ଭାଗ୍ୟକୁ ଧନ୍ୟ ମଣିଲେ ।

ମହାରାଜ ବିକ୍ରମ ଦେବ ବର୍ମାଙ୍କର ରାଜପଦ ପ୍ରତି ଆକାଙ୍କ୍ଷା ନ ଥିଲା ; ମାତ୍ର ସୌଭାଗ୍ୟଦାତ୍ରୀ ନିୟତି ଦେବୀ ତାଙ୍କୁ ଯୋଗ୍ୟ ପାତ୍ର ମଣି ଧରିଆଣି ରାଜସିଂହାସନରେ ବସାଇଦେଲେ । ନିୟତି ଦେବୀ କର୍ମର ପୁରସ୍କାର ବଳେ ବଳେ ଆଣି ଯାଚକର ହାତରେ ଗୁଞ୍ଜିଦିଅନ୍ତି । ରାଜା ହେବାର ବହୁ ପୂର୍ବରୁ ଜଣେ ପ୍ରଧାନ ଜ୍ୟୋତିର୍ବିଦ୍ ତାଙ୍କ କୋଷ୍ଠୀ ଗଣନା କରି ତାଙ୍କ ଭାଗ୍ୟରେ ରାଜଯୋଗ ଘଟିବ ବୋଲି କହିଥିଲେ; ମାତ୍ର ବର୍ମା ମହୋଦୟ ସେ କଥାକୁ ହସରେ ଉଡାଇଦେଇଥିଲେ ; ଅଧିକନ୍ତୁ ପରିହାସ କରି କହିଥିଲେ, "ସେପରି ଯୋଗ ଯାହାର ଥାଏ, ସେ ଲୋକଟା ଶୀଘ୍ର ମରେ ।" ପୁଣି ରାଜା ହେବା ପରେ ରାଜପଦକୁ ସେ "ପୋଷାକର ଭାର ବାହକ" ବୋଲି କହିଥିଲେ । ଯେଉଁ ରାଜପଦ ପାଇଁ ଲୋକେ ଲାଳାୟିତ, ଯାହାକୁ ପାଇ ଇନ୍ଦ୍ର ଚନ୍ଦ୍ରଠାରୁ ସୌଭାଗ୍ୟବାନ୍ ମନେ କରନ୍ତି, ସେହି ସର୍ବବାଞ୍ଛିତ ରାଜପଦକୁ ଯେ ପୋଷାକର ଭାରବାହକ ଆଖ୍ୟା ଦାନ କରନ୍ତି, ତାଙ୍କର ହୃଦୟ କେଡ଼େ ଉଚ୍ଚ ଏବଂ ବିବେକଶକ୍ତି କେଡ଼େ ପରିପକ୍ୱ, ତାହା ଅଧିକ କହିବା ବାହୁଲ୍ୟ ମାତ୍ର ।

୧୯୩୧ ଖ୍ରୀଷ୍ଟାବ୍ଦ ଜୁନ ୫ ତାରିଖରେ ବର୍ମା ମହୋଦୟ ବିଶାଖପଟ୍ଟଣରୁ ଜୟପୁର ବିଜେ କଲେ । ଆସିବାବେଳେ ପଥରେ ଅନେକ ସ୍ଥାନରେ ଅଭ୍ୟର୍ଥିତ ହୋଇଥିଲେ । ଜୟପୁର ଦୁର୍ଗର ଉପକଣ୍ଠବର୍ତ୍ତୀ ନୂଆ କନ୍ଧ କୋଠାରେ ରାଜ୍ୟର ପ୍ରଜା, ରାଜକର୍ମଚାରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ନୂତନ ମହାରାଜଙ୍କୁ ଅତୁଳ ଭକ୍ତି ପ୍ରଦର୍ଶନପୂର୍ବକ ଅଭ୍ୟର୍ଥନା କରିଥିଲେ । ତଦୁପଲକ୍ଷେ ମଣ୍ଡପ ନିର୍ମିତ ହୋଇ ରାଜୋଚିତ ଆଡମ୍ବରରେ ସଜ୍ଜିତ ହୋଇଥିଲା । ଗଡ଼ଠାରୁ ଅଭ୍ୟର୍ଥନା ମଣ୍ଡପ ପର୍ଯ୍ୟନ୍ତ ଜନଗହଳରେ ପୂର୍ଣ୍ଣ ହୋଇଯାଇଥିଲା । ମହାରାଜଙ୍କ ଜୟଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠୁଥିଲା । ପୁଷ୍କଳ ବାଦ୍ୟ ସ୍ୱରରେ ଦିଗ୍‌ମଣ୍ଡଳ ପ୍ରତିଧ୍ୱନିତ ହେଉଥିଲା । ନିକଟବର୍ତ୍ତୀ ଗିରିମାଳାରୁ ସେ ଧ୍ୱନିର ଶତପ୍ରତିଧ୍ୱନି ଉଠୁଥିଲା । ସତେ ଯେପରି ପର୍ବତମାନେ ସମ ସ୍ୱରରେ ଜୟଗୀତି ଗାନ କରି, ନବୀନ ମହାରାଜଙ୍କୁ ପ୍ରାଣର ଅଭିନନ୍ଦନ ଏବଂ ଅଭିବାଦନ କୃତଜ୍ଞାନ୍ତଃକରଣରେ ଜ୍ଞାପନ କରୁଥିଲେ । ଆଗ୍ନେୟ ବାଣରାଜି ସେହି ଶୁଭ ସମାଚାରକୁ ସୁଗମ୍ଭୀର ସ୍ୱରରେ ଦୂରଦୂରାନ୍ତକୁ ପ୍ରେରଣ କରୁଥିଲା । ଢୋଲ, କାହାଳୀ, ଛତ୍ର, ଚାମର, ଆଡାଣି ଇତ୍ୟାଦି ପ୍ରଭୃତି ରାଜୋପଚାର ସହ ସମବେତ ବିରାଟ ଜନତା ମହା ଆଡମ୍ବରରେ ମହାରାଜ ମହୋଦୟଙ୍କୁ ରାଜଦୁର୍ଗ ପର୍ଯ୍ୟନ୍ତ ପାଛୋଟି ନେଇଯାଇଥିଲେ । ବିଭିନ୍ନ ପ୍ରକାର ନୃତ୍ୟ, ଗୀତ, ଯାତ୍ରା, ତାମାସାର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଜୟପୁରବାସୀଙ୍କର ରାଜଭକ୍ତି ସେଦିନ ରୂପ ଧରି ନାଚି ଖେଳିବୁଲୁଥିଲା । ଶଙ୍ଖ, ହୁଳହୁଳୀ ପ୍ରଭୃତି ମଧୁର ମଙ୍ଗଳଧ୍ୱନି କର୍ଣ୍ଣରେ ଅମୃତ ବର୍ଷଣ କରୁଥିଲା । ସେ ଦିନ ଦୁଃଖୀ ଦୁଃଖ ଭୁଲିଯାଇଥିଲା, ରୋଗୀ ରୋଗଯନ୍ତ୍ରଣା ଭୁଲିଯାଇଥିଲା, ଶୋକାତୁର ଶୋକ ଭୁଲିଯାଇଥିଲା ଏବଂ କ୍ଷୁତ୍ପିପାସୁ କ୍ଷୁଧାତୃଷା ପାସୋରି ପକାଇଥିଲା । ଜୟପୁର ପକ୍ଷରେ ସେ ଦିନ

ତୁର୍ଣ୍ଣିର ଆନନ୍ଦମୟ ଦିନ । ଆବାଳବୃଦ୍ଧ କେବଳ ଆନନ୍ଦଗଙ୍ଗାରେ ନିମଗ୍ନ । ଜୟପୁରରେ ସେଦିନ ନିରାନନ୍ଦର ପ୍ରବେଶାଧିକାର ନ ଥିଲା । ସେଦିନ ମାହେନ୍ଦ୍ର ମଙ୍ଗଳ ମୁହୂର୍ତ୍ତରେ ନବୀନ ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ଯଥାବିଧି ବିଶାଳ ଜୟପୁର ରାଜ୍ୟର ରାଜସିଂହାସନରେ ଅଭିଷିକ୍ତ ହେଲେ । ଦେବାଳୟମାନଙ୍କରେ ଷୋଡଶୋପଚାରରେ ଦେବାର୍ଚ୍ଚନା ଲାଗିଲା । ସେଦିନ ଜୟପୁର ନଗରୀ ସ୍ୱପ୍ନସ୍ୱର୍ଗର ଅପୂର୍ବ ଅପ୍ସରା ସୁଷମା ଧାରଣ କରିଥିଲା । ଶୂନ୍ୟ ରାଜସିଂହାସନ ନବୀନ ମହାରାଜାଙ୍କଦ୍ୱାରା ଅଳଂକୃତ ହୋଇ ଅନୁପମ ଶ୍ରୀ ଧାରଣ କଲା । ସେଦିନ ଜୟପୁର ଭାଗ୍ୟରେ ବିଧାତାର ଦାନ ।

ତହିଁ ପରଦିନ ଅର୍ଥାତ୍ ଜନ୍ ୬ତାରିଖରେ ଦରବାର ହେଲା । ବିସ୍ତୃତ ଦରବାର ହର୍ମ୍ୟ ଇନ୍ଦ୍ରପୁରକୁ ଉପହାସ କରୁଥିଲା । ସ୍ୱଦେଶୀ ବିଦେଶୀ ନାନା ଶ୍ରେଣୀର ଲୋକେ ସମବେତ ହୋଇଥିଲେ । ଜନତା ଏତେ ବଢିଥିଲା ଯେ, ଜୟପୁର ରାଜଧାନୀ ସେଦିନ ଜନସମୁଦ୍ରରେ ପରିଣତ ହେଲା ପ୍ରାୟ ବୋଧ ହେଉଥିଲା । ଅଶ୍ୱ, ହସ୍ତିବୃନ୍ଦ ଅମୂଲ୍ୟ ସାଜସଜ୍ଜାରେ ମଣ୍ଡିତ ହୋଇ ଉତ୍ସବର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲେ । ନିମନ୍ତ୍ରିତ, ଅନିମନ୍ତ୍ରିତ, ସରକାରୀ ଉଚ୍ଚପଦସ୍ଥ ହାକିମ, ଅମଲା, ବିଶିଷ୍ଟ ଭଦ୍ରବ୍ୟକ୍ତି ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ସମାଗମ ହୋଇଥିଲା । ଦରବାର ସ୍ଥଳ ସମୁଦ୍ର ପରି ଗର୍ଜି ଉଠୁଥିଲା । ଦରବାରରେ ସାନ୍ଧ୍ୟ ସବୁ ହେବାର ବିଧି ତାହା ଯଥାବିଧି ସୁରୁରୁ ରୁପେ ସମ୍ପାଦିତ ହୋଇଥିଲା । ସମ୍ବର୍ଦ୍ଧନା, ଅଭିନନ୍ଦନ ପତ୍ର, ଟେଲିଗ୍ରାମ ଏତେ ଆସିଥିଲା ଯେ, ସେଗୁଡିକ ଏକାଠି କଲେ ଖଣ୍ଡିଏ ବିରାଟ ପୁସ୍ତକର ଆକାର ଧାରଣ କରିବ । ପ୍ରଜା, ରାଜକର୍ମଚାରୀ, କବି, ପଣ୍ଡିତ ଏବଂ ଅନ୍ୟାନ୍ୟ ଗୁଣୀ ବ୍ୟକ୍ତିମାନେ ଯଥାଯୋଗ୍ୟ ସମ୍ମାନିତ ଏବଂ ପୁରସ୍କୃତ ହୋଇଥିଲେ । ବିବିଧ ଦାନ ଏବଂ ଜନସେବାରେ ବହୁସହସ୍ର ମୁଦ୍ରା ବ୍ୟୟିତ ହୋଇଥିଲା । ଅବଶ୍ୟକ ରାଜକର୍ମଚାରୀ ଗ୍ରହଣବେଳେ ରାଜ୍ୟର ଶିକ୍ଷିତ ଓଡିଆ ପ୍ରଜାଙ୍କ ବିଷୟ ପ୍ରଥମେ ବିଚାର କରିବେ ବୋଲି ମାନନୀୟ ମହାରାଜ ମହୋଦୟ ଏହି ଦରବାରରେ ଘୋଷଣା କରିଥିଲେ । ଏହି ଆଶାବାଣୀରେ ମୁଗ୍ଧ ହୋଇ ସ୍ଥାନୀୟ ଓଡିଆମାନେ ମହାରାଜଙ୍କର ଦୀର୍ଘ ଜୀବନ କାମନା କରି, ଜୟ ଜୟକାର ଉଚ୍ଚାରଣ କରିଥିଲେ । 'ତୁଳସୀ ଦୁଇପତ୍ରରୁ ବାସେ', ଏହି ସଦୁକ୍ତିର ଶୁଭଦୃଷ୍ଟାନ୍ତ ମହାରାଜ ମହୋଦୟ ତାଙ୍କ ରାଜତ୍ୱର ପ୍ରାରମ୍ଭରେ ପ୍ରଦର୍ଶନ କଲେ । ଏହା ତାଙ୍କର ଜାତୀୟ ପ୍ରୀତି ଏବଂ ମହା ମହତ୍ତ୍ୱର ସଜୀବ ନିଦର୍ଶନ । ମହାରାଜଙ୍କର ମହାବାଣୀ ବେଦବାକ୍ୟ ପରି ସତ୍ୟ ଏବଂ ସାର୍ଥକ । ମହାରାଜଙ୍କର ଏହି ଶୁଭ ଘୋଷଣା ବାସ୍ତବରେ ମହାମନା ମହାରାଜୋଚିତ, ଏହା ବୋଲିବା ଦ୍ୱିରୁକ୍ତି ମାତ୍ର । ଏହି ଆଶ୍ୱାସବାଣୀରେ ଏକା ଜୟପୁରବାସୀ ଓଡିଆ କାହିଁକି, ସମଗ୍ର ଓଡିଆଜାତି ଆଶ୍ୱସ୍ତ ଏବଂ ଆଶାନ୍ୱିତ ହୋଇଅଛନ୍ତି । ଜାତୀୟ ଦୁର୍ଦ୍ଦଶାରେ ମହାରାଜଙ୍କ ହୃଦୟ ଚିରବ୍ୟଥିତ; ତେଣୁ ସେ ପ୍ରଥମେ ନିଜ ଜାତିର ନାମ ଉଚ୍ଚାରଣ କରିଅଛନ୍ତି । ଏହା ଓଡିଆ ଜାତି ପକ୍ଷରେ ଭାବୀ ମଙ୍ଗଳର ସୂଚନା । ସେହି ହେତୁରୁ ଆଜି ଦୀନ ଓଡିଆ ଜାତି ବାହୁ ଉତ୍ତୋଳନ ପୂର୍ବକ ତାଙ୍କର ଜୟ ଘୋଷଣା କରୁଅଛି ଏବଂ ଏ ଭଳି ଜଣେ ଗୁଣବାନ୍ ହୃଦୟୀ ରାଜାଙ୍କୁ ପାଇ ଗର୍ବ ଅନୁଭବ କରୁଅଛି । ମହାରାଜ ମହୋଦୟ ଶତାୟୁ ହୋଇ ଓଡିଆ ଜାତିର ଆଶା ଆକାଙ୍କ୍ଷା ପୂରଣରେ ସହାୟ ହେଉନ୍ତୁ ଏହା ସମଗ୍ର ଓଡିଆଜାତିର ଏକାନ୍ତ କାମନା ।

ମହାରାଜ ବିକ୍ରମ ଦେବ ବର୍ମା ସିଂହାସନାରୋହଣ କରି ସର୍ବ ପ୍ରଥମେ ରାଜ୍ୟର ଏବଂ ପ୍ରଜାପୁଞ୍ଜର ଅଭାବ ଅସୁବିଧା ପ୍ରତି ଦୃଷ୍ଟି ନିକ୍ଷେପ କଲେ । କେତେକ ବିଭାଗର ସଂସ୍କାର ସାଧିତ ହେଲା, କେତେ ରାଜକାର୍ଯ୍ୟର ପରିବର୍ତ୍ତନ ଘଟିଲା, କଠୋର ବ୍ୟବସ୍ଥାମାନ ସଂଯତ ହେଲା, ଅନିୟନ୍ତ୍ରିତ କାର୍ଯ୍ୟ ନିୟନ୍ତ୍ରିତ ହେଲା, ପ୍ରଜାପୀଡାଦାୟକ କେତେକ ବିଧାନ ଏକାବେଳକେ ଉଠିଗଲା, କେତେ ବିଧିବିଧାନ ଉଦ୍ଭାବିତ ହେଲା, ଏହିପରି ଗୋଟାଏ ଖଣ୍ଡ ସଂସ୍କାର ହୋଇଗଲା । ପୂର୍ବ ରାଜାମାନଙ୍କ ଅମଳରେ ପ୍ରଜାମାନେ ରାଜଦର୍ଶନକୁ ଆସିଲେ କମ୍ବା ହାତୀ ଫେରାରୀ, ଅଶ୍ୱ, ଅଭିଯୋଗ

ଜଣାଇବାକୁ ଆସିଲେ ଭେଟି ସ୍ୱରୂପ ଅର୍ଥ ଦେବାକୁ ପଡ଼ୁଥିଲା; ମାତ୍ର ମହାରାଜ ବିକ୍ରମ ଦେବ ବର୍ମା ସେ ପ୍ରଥା ଉଠାଇଦେଲେ । ଏହି କାର୍ଯ୍ୟଦ୍ୱାରା ସେ ପ୍ରଜାମାନଙ୍କ ପ୍ରାଣର ଭକ୍ତି ଆକର୍ଷଣରେ କ୍ଷମ ହୋଇଅଛନ୍ତି । ଏହା ତାଙ୍କର ପ୍ରଥମ ପ୍ରଜାପ୍ରୀତିର ଉଜ୍ଜ୍ୱଳ ନିଦର୍ଶନ । ବିଶାଳ ଜୟପୁର ରାଜ୍ୟରୁ ଏହିପରି ଭେଟି, ସଲାମିଦ୍ୱାରା ଅଳ୍ପ ଟଙ୍କା ଆଦାୟ ହେଉ ନ ଥିବ । ଏହାଦ୍ୱାରା ରାଜକୋଷର ଅବଶ୍ୟ କ୍ଷତି ହେଲା ସତ୍ୟ; ମାତ୍ର ପ୍ରଜାମାନେ ଅନାବଶ୍ୟକ ଅତିରିକ୍ତ ଭାରରୁ ରକ୍ଷା ପାଇଲେ । ପ୍ରଜାଙ୍କ ସୁଖ ସୁବିଧା ଦୃଷ୍ଟିରେ ଏଭଳି କ୍ଷତି କ୍ଷତି ହିଁ ନୁହେଁ । ଅସଦୁପାୟରେ ପ୍ରଜାର ରକ୍ତ ଶୋଷଣ କରି ରାଜକୋଷ ପରିପୁଷ୍ଟ କରିବା ପ୍ରକୃତ ରାଜଧର୍ମୀ ସୁରାଜାଙ୍କର ଧର୍ମ ନୁହେଁ । ଏହି କଲ୍ୟାଣକର ବିଧାନଦ୍ୱାରା ରାଜଦ୍ୱାରର କଣ୍ଟକ ଅପସାରିତ ହେଲା । ଏଣିକି ପ୍ରଜାମାନେ ଅବାଧରେ ଆସି ରାଜଦର୍ଶନ କରୁଅଛନ୍ତି ଏବଂ ଅଭାବ, ଅଭିଯୋଗ ମଧ୍ୟ ଜଣାଉଅଛନ୍ତି । କେତେ କାଳର ଅନୁଷ୍ଠିତ ପ୍ରଥା ମୁହୂର୍ତ୍ତକରେ ତିରୋହିତ ହେଲା । ଏହିପରି କାର୍ଯ୍ୟଦ୍ୱାରା ସିନା ରାଜାଙ୍କର ପ୍ରଜାପିତା ଆଖ୍ୟା ସାର୍ଥକ ହୁଏ । ଯେଉଁ ରାଜ୍ୟର ରାଜା ଏଭଳି ସୁବିବେଚକ ଏବଂ ଦୟାଳୁ, ସେ ରାଜ୍ୟ ଧନ୍ୟ ଏବଂ ସେ ରାଜ୍ୟର ପ୍ରଜା ଭାଗ୍ୟଧର । ପ୍ରଜା ତାହାର ଭଲମନ୍ଦ ଗୁହାରି କରିବାକୁ ଆସିବ, ସେଥିପାଇଁ ତାକୁ ଟାକ୍ସ ଦେବାକୁ ହେବ, ଏ ପ୍ରଥା ନ୍ୟାୟାନୁମୋଦିତ ନୁହେଁ । ଏ ପ୍ରତିବନ୍ଧକରୁ ମୁକ୍ତି ପାଇ ଜୟପୁର ପ୍ରଜା କି ରୂପ ସନ୍ତୋଷ ଏବଂ ଆନନ୍ଦ ଉପଭୋଗ କରୁଥିବେ, ତାହା ସେହିମାନେ ଜାଣନ୍ତି । ମହାରାଜ ବିକ୍ରମ ଦେବ ତାହାଙ୍କଠାରୁ ଦର୍ଶନୀ ଟ୍ୟାକ୍ସ ଆଦାୟ କରନ୍ତି ନାହିଁ । ଭକ୍ତିରେ କେହି ଫଳ ଫୁଲ ଆଣି ଦେଲେ ତାହା ଗ୍ରହଣ କରନ୍ତି; ମାତ୍ର ତାହା କିଣି ଆଣିଥିଲେ ଫେରାଇ-ଦିଅନ୍ତି । ତାଙ୍କ ଅମଳରେ ଜୟପୁର ରାମରାଜ୍ୟରେ ପରିଣତ ହୋଇଅଛି ।

ଲେଖକର ଗୋଟିଏ ସୁଯୋଗ ଅନୁଭୂତି ଏଠାରେ ଲକ୍ଷିତ ହେଲା । ଜୟପୁରରେ ମଧୁପାର୍ବଣ ଉତ୍ସବ ମହା-ସମାରୋହରେ ପାଳିତ ହୁଏ । ପ୍ରାୟ ପ୍ରତି ଗ୍ରାମରେ ଘମୁଣ୍ଡିଆ ପ୍ରସ୍ତୁତ ହୋଇ ନାନା ପ୍ରକାର ସାଜସଜ୍ଜାରେ ମଣ୍ଡିତ ହୁଏ । ସେଥିରେ ରାମଚରିତ ଅଭିନୀତ ହୁଏ । ତାହା ଗୋଟିଏ ଦର୍ଶନ ଯୋଗ୍ୟ ବିଷୟ । ସେହି ଉତ୍ସବ ଉପଲକ୍ଷେ ପ୍ରଜାମାନେ ମହାରାଜଙ୍କ ନିକଟରୁ ବନ୍ଦୁଆ ମାଗିବାକୁ ଆସିଲେ । ସେମାନେ କିଛି ଦର୍ଶନୀ ଆଣିଥିଲେ । ମହାରାଜ ତାହା ଗ୍ରହଣ କରିବାକୁ ନାହିଁ କରିବାରୁ ସେମାନେ ଗୋଟାଏ ପ୍ରକାଣ୍ଡ ଡାଲାରେ ଗୁଡ଼ାଏ ପାନ ଏବଂ ସୁକସ୍ୱାଦ ଅଳେଇଚ ପ୍ରଭୃତି ମସଲା ଆଣି ଥୋଇ ଦେଲେ । ତାହା ବାଡି ଫଳ ନୁହେଁ; ଅବଶ୍ୟ ସେମାନେ କିଣିଆଣିଥିବେ । ତାହା ଗ୍ରହଣ ନ କଲେ ପ୍ରଜାମାନଙ୍କ ମନରେ ଦୁଃଖ ହେବ ବୋଲି ମହାରାଜ ସ୍ୱହସ୍ତରେ ସେଥିରୁ ଗୋଟାଏ ପାନ ଏବଂ ଗୋଟାଏ ଗୁଜରାତି ଉଠାଇନେଇ ଆଉ ସବୁ ଫେରାଇ ନେଇଯିବାକୁ ଆଦେଶ ଦେଲେ । ପରେ ଭାରପ୍ରାପ୍ତ କର୍ମଚାରୀଙ୍କୁ ଡକାଇ ପ୍ରଜା-ମାନଙ୍କୁ ସେମାନଙ୍କ ପ୍ରାର୍ଥିତ ବନ୍ଦୁଆ ଦେବା ପାଇଁ ବନ୍ଦୋବସ୍ତ କରିଦେଲେ । କହିବାକୁ ଭୁଲିଯାଇଅଛି ପ୍ରଜାମାନଙ୍କର ଡାଲି ଦେଖି କହିଥିଲେ ତୁମ୍ଭେମାନେ ତ ଦେବତାଙ୍କ ପାଖେ ବନ୍ଦୁଆ ମାଗିବାକୁ ଆସିଛ, ଏହା ସବୁ କାହିଁକି ଆଣିଲ ? ପ୍ରଜାମାନେ କହିଲେ, 'ଶୁଖ ହାତରେ ମହାପ୍ରଭୁଙ୍କ ଦର୍ଶନକୁ କିମିତି ଆସନ୍ତୁ ଆଜ୍ଞା?' ଟଙ୍କା ବୋଲି ଯେଉଁ ମୋହନ ମୂର୍ତ୍ତି ମର୍ତ୍ତ୍ୟ ଚନ୍ଦ୍ର ତାହା ପ୍ରତି ପର୍ଣ୍ଣକୁଟୀର-ବାସୀ ଦୀନ ଦରିଦ୍ରଠାରୁ ମଣିମୟ ହର୍ମ୍ୟବିଳାସୀ ରାଜା, ମହାରାଜ, ଧନୀ, ସନ୍ନ୍ୟାସୀ ପର୍ଯ୍ୟନ୍ତ କାହାର ଲୋଭ ନାହିଁ ? ପ୍ରଣି ତାହା ପାଖକୁ ଆସି ଫେରିଯିବା ତ ଅଦ୍ଭୁତ ବ୍ୟାପାର କଥା । ଏପରି ଲୋଭ ସମ୍ବରଣ କେତେ ଜଣ କରିପାରନ୍ତି ଏବଂ ଏଭଳି ପ୍ରଜାବାତ୍ସଲ୍ୟ ପୁତ୍ରବାତ୍ସଲ୍ୟ ବା କେତେ ଜଣ ଦେଖାଇପାରନ୍ତି । ଯେ ପାରନ୍ତି ତାଙ୍କର ହୃଦୟ କେଡ଼େ ସରସ ତାହା କଳ୍ପନାର ଅତୀତ । ନିଜର କ୍ଷତି ହେଉ ପଛେ ପ୍ରଜା ସୁଖରେ ରହନ୍ତୁ ଏ ଭାବ ଯେଉଁ ରାଜାଙ୍କ ମନରେ ରାଜପଣ କରେ, ସେ ବିଧିପ୍ରେରିତ ପୁରୁଷ । ରାଜା ଟଙ୍କା ନ ନେଲେ ବୋଲି ପ୍ରଜାଏ ଖୁସି ହେଲେ, ସେହି ଆନନ୍ଦ ଭକ୍ତିରେ ପରିଣତ ହେଲା; ତହିଁ ସାମାନ୍ୟ କିଛି ଭେଟି ଦ୍ରବ୍ୟ ଦେବାକୁ ସେହି ଭକ୍ତି ତାଙ୍କୁ ପ୍ରେରଣା ଦେଲା । ଏ ଭଳି ରାଜକରୁଣା ଏବଂ ପ୍ରଜାଭକ୍ତି

ସାଧାରଣରେ ବିରଳ ରୂପେ ପରିଲକ୍ଷିତ ହୁଏ । ରାଜା ପ୍ରଜା ପରସ୍ପର ପରସ୍ପରକୁ ତୁଷ୍ଟ କରିବା ଦୃଶ୍ୟ ବାସ୍ତବରେ ଦୁର୍ଲ୍ଲଭ ।

ନବୀନ ଭୂପତି ରାଜଧାନୀର ଯେଉଁଠାରେ ଯାହା ଅଭାବ ଦେଖିଲେ, ତାହା ପୂର୍ଣ୍ଣ କରିବାକୁ ତତ୍ପର ହେଲେ । ନଅର ମଧ୍ୟରେ କେତେ ଘରର ସଂସ୍କାର କରାଗଲା । ଆବଶ୍ୟକ ମତେ କେତେ ନୂତନ ଗୃହ ପ୍ରସ୍ତୁତ ହେଲା । ଧର୍ମରେ ଏକାଗ୍ରନିଷ୍ଠା ଏବଂ ଦେବଭକ୍ତି ତାଙ୍କ ଚରିତ୍ରର ଅଳଙ୍କାର ସ୍ୱରୂପ; ସୁତରାଂ ସେ ଦିଗକୁ ତାଙ୍କର ଦୃଷ୍ଟି ସମଧିକ । ନଅର ସଂସ୍କାର ସଙ୍ଗେ ସଙ୍ଗେ କେତେକ ଦେଉଳ ନିର୍ମିତ ହେଲା । ତାହା ପରେ ଗୋଶାଳା ଘୋଡ଼ାଶାଳା ହାତୀଶାଳା ଫାକ୍ଟେରୀ ଗୃହ, ଦେବାନ ସାହେବଙ୍କର ବଙ୍ଗଳା ପ୍ରଭୃତି ପ୍ରସ୍ତୁତ ହେଲା । ରାଜା ହେବା ପୂର୍ବରୁ ତାଙ୍କର ଯେଉଁ ସବୁ କାର୍ଯ୍ୟ ସାମାନ୍ୟ ଭାବରେ ବା ସୀମାବଦ୍ଧ ଭାବରେ ଚାଲୁଥିଲା, ତାହା ସବୁ ବିସ୍ତୃତ ହୋଇଉଠିଲା । ଶାସ୍ତ୍ର-ଚର୍ଚ୍ଚା, ପଣ୍ଡିତପ୍ରୀତି, ସାଧାରଣ ଦାନ, ଦେଶସେବା, ପରୋପକାର, ଦୀନଛାତ୍ରଙ୍କ ଶିକ୍ଷା ବିଷୟରେ ସହାୟତା, ସାହିତ୍ୟାଲୋଚନା ଏବଂ ସତ୍ସାହିତ୍ୟ ପ୍ରକାଶରେ ଉତ୍ସାହଦାନ ପ୍ରଭୃତି ତାଙ୍କ ସହଜାତ ଗୁଣସମୂହ ବହୁଗୁଣ ବଢ଼ିଉଠିଲା । ଅର୍ଥାଭାବରୁ ଯେଉଁ ସତ୍ସଙ୍କଳ୍ପମଣ୍ଡଳ ହୃଦୟରେ ସୁପ୍ତ ହୋଇଥିଲା, ଉପଯୁକ୍ତ କ୍ଷେତ୍ର ପାଇ ତାହା ଜାଗ୍ରତ ହୋଇଉଠିଲା । ତାଙ୍କ ରାଜସଭା ଯେ ଦେଖିଅଛି, ତାହା ରାଜସଭା କି ପଣ୍ଡିତ ସଭା କି [illegible] ସ୍ଥଳ ସେହି ଜାଣେ । ତାହା ଦେବୀ ବୀଣାପାଣୀଙ୍କର ଚିର ଦରବାର । ସେ ସଭା କେତେବେଳେ କବି, ପଣ୍ଡିତ, ଜ୍ୟୋତିର୍ବିଦ୍‌ଶୂନ୍ୟ ହୁଏ ନାହିଁ । ସଭାର ବିବିଧ ବିଷୟିଣୀ ଆଲୋଚନା ଅତି ଉପାଦେୟ ଏବଂ ଉପଭୋଗ୍ୟ ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ଗୋଟାଏ ସୁବିଶାଳ ରାଜ୍ୟର ଅଧିପତି ହୋଇ ସୁଦ୍ଧା ନିଜକୁ ବଡ଼ ଜ୍ଞାନ କରନ୍ତି ନାହିଁ । ସେହି ହେତୁରୁ ବିଧାତା ତାଙ୍କୁ ଏତେ ବଡ଼ କରିଅଛନ୍ତି । ମହାରାଜସୁଲଭ ଗର୍ବର ସମାନ ତାଙ୍କୁ ଆଦୌ ସ୍ପର୍ଶ କରି ନାହିଁ । ସେ ବାଳକ, ପ୍ରୌଢ଼, ବୃଦ୍ଧ ସମସ୍ତଙ୍କ ସଙ୍ଗରେ ସମାନ ଭାବରେ ମିଶନ୍ତି ଏବଂ ସମସ୍ତଙ୍କୁ ଯଥାଯୋଗ୍ୟ ସ୍ନେହାଦର ପ୍ରଦାନ କରନ୍ତି । ଜଗତରେ ଯେ ନିଜକୁ ଯେତିକି ସାନ ଜ୍ଞାନ କରେ, ବାସ୍ତବରେ ସେ ସେତିକି ବଡ଼, ପୂଜ୍ୟ ଏବଂ ବରେଣ୍ୟ । ବେଶଭୂଷା କଥା ତେଣେ ଥାଉ, ପୋଷାକ ପରିଚ୍ଛଦରେ ମଧ୍ୟ ଆଡ଼ମ୍ବର ନାହିଁ । ଖଣ୍ଡିଏ ପିନ୍ଧା, ଖଣ୍ଡିଏ ଚାଦର, ଏହାହିଁ ସାଧାରଣ ପରିଧେୟ । କଦାଚିତ୍ ଖଣ୍ଡେ ସାଧାରଣ ପଞ୍ଜାବୀ ପରିଚ୍ଛଦ ରୂପେ ରାଜଶରୀର ଆବରଣର ସୌଭାଗ୍ୟ ଲାଭ କରେ । ହାତରେ ଗୋଟାଏ ସାଦା ସୁନା ମୁଦି । ଗୋଡ଼ରେ ହୁଏତ ଜୟପୁର ନିର୍ମିତ ମରହଟ୍ଟୀ ଜୋତା । ବସିବା ଚୌକିଖଣ୍ଡି ମଧ୍ୟ ନିରାଡ଼ମ୍ବର । ସ୍ୱଭାବ ଯେଉଁପରି ସରଳ, ବେଶଭୂଷା ମଧ୍ୟ ସେହିପରି ସରଳ । ବାସ୍ତବରେ ତାଙ୍କର ଋଷିମୂର୍ତ୍ତି ଏବଂ ସାଧୁ ସରଳ ବ୍ୟବହାର ଦେଖିଲେ ଦ୍ୱାପର ଯୁଗର ମହାଭାରତ ବର୍ଣ୍ଣିତ ଧର୍ମରାଜ ଯୁଧିଷ୍ଠିରଙ୍କ କଥା ସ୍ୱତଃ ମନରେ ଉଦିତ ହୁଏ । ଆଉ କେହି ଏତେ ବଡ଼ ରାଜ୍ୟର ଅଧୀଶ୍ୱର ହୋଇଥିଲେ ମଣିମାଣିକ୍ୟରେ ଦେହ ଢାଙ୍କି ହୋଇଯାଇଥାଆନ୍ତା । ମହାର୍ଘ ଦୁର୍ଲ୍ଲଭ ରତ୍ନଖଚିତ ରାଜପରିଚ୍ଛଦରେ ଗୃହ ଜ୍ୟୋତିର୍ମୟ ହୋଇଉଠୁଥାଆନ୍ତା ଏବଂ ସାତ ଦରିଆ ସେପାରିରୁ ମହାମୂଲ୍ୟବାନ୍ ବୁଟ ଜୋତା ଆସି ରାଜ-ପାଦପଦ୍ମର ଶରଣ ନେଇଥାଆନ୍ତା । ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କର ରାଜତନୁ ପାର୍ଥିବ ଭଙ୍ଗୁର ରତ୍ନରେ ଜ୍ୟୋତିର୍ମୟ ନ ହେଲେ ସୁଦ୍ଧା ଚିରସ୍ଥାୟୀ ନୈସର୍ଗିକ ଗୁଣ ମହାରତ୍ନର ସ୍ୱଚ୍ଛ ବିମଳ ଜ୍ୟୋତିରେ ସତତ ଜ୍ୟୋତିର୍ମୟ ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କର ନ୍ୟାୟ ବିଚାର ନିକଟରେ ଓଜନ କଲଭଙ୍ଗ ହୁଏ । ସେଥିର ଗୋଟିଏ ପ୍ରତ୍ୟକ୍ଷୀଭୂତ ଦୃଷ୍ଟାନ୍ତ ଏଠାରେ ଲିଖିତ ହେଲା । ଦେଶର ଆଦର୍ଶ ପୁରୁଷମାନଙ୍କ ଜୀବନ ବୃତ୍ତାନ୍ତ ଲେଖିବାକୁ ହେଲେ ଜୀବନର ପ୍ରତ୍ୟେକ ବିଭାଗ ଆଲୋଚନା କରିବାକୁ ହୁଏ । ବିଚାର ରାଜକୀୟ କର୍ତ୍ତବ୍ୟର ସର୍ବଶ୍ରେଷ୍ଠ ଦାୟିତ୍ୱ ବିଭାଗ । ସେ ବିଷୟର ଆଲୋଚନା ସର୍ବାଦୌ ଉଚିତ । ଘଟଣା ଏହି ଯେ,

ଜଣେ ବଧବା ସ୍ତ୍ରୀହାର୍‌ କଲା, ତାହାର ସ୍ୱାମୀ ଗ୍ରାମର ବେହେରା ବା ନାୟକ କପଣ ଥିଲା । ସେହି ପଦର ଚିହ୍ନ ସ୍ୱରୂପ ତାହା ପାଖରେ ଗୋଟେ ଖଣ୍ଡା ଥାଏ । ବଧବାର ଦୁଇଟି ପୁଅ ଅଛନ୍ତି । ପିତାର ମୃତ୍ୟୁ ପରେ ସେମାନଙ୍କର ନାୟକ ବା ବେହେରା ପଦ ପାଇବା ଉଚିତ; ମାତ୍ର ତାହା ନ ହୋଇ ଅନ୍ୟ ଲୋକଙ୍କୁ ସେହି ପଦରେ ରଖାଯାଇ ତାଙ୍କୁ ଖଣ୍ଡା ଦେବା ସକାଶେ ବଧବା ପ୍ରତି ଆଦେଶ ହୋଇଅଛି । ମହାରାଜ ଏହା ଶୁଣି ଆଦେଶ କଲେ, "ବଧବାର ପୁତ୍ରଦ୍ୱୟ ମଧ୍ୟରେ ଯେ ଉପଯୁକ୍ତ, ସେ ପିତୃପଦ ପାଇବ ।" କିଏ ଉପଯୁକ୍ତ ତାହା ଆଗେ ଦେଖିବା ଉଚିତ । ଯଦି ସେଭଳି ଯୋଗ୍ୟତା କାହାରି ନ ଥାଏ, ତେବେ ଅନ୍ୟ ଉପଯୁକ୍ତ ଲୋକଙ୍କୁ ଦିଆଯାଇ ପାରେ । ବାସ୍ତବରେ ଏହା ଉପଯୁକ୍ତ ବିଚାର । ପ୍ରାର୍ଥୀଠାରୁ ରାଜକୋଷକୁ କିଛି ଆସିବାର ସମ୍ଭାବନା ଥିଲା, ତାହା ଯାଉ ପଛେ ନ୍ୟାୟର ଗୌରବ ରକ୍ଷିତ ହେଲା, ଏହା ହିଁ ଯଥେଷ୍ଟ ଲାଭ । ସ୍ୱାର୍ଥ ପଛକେ ଯାଉ; ମାତ୍ର ନ୍ୟାୟର ମହତ୍ତ୍ୱ ଅକ୍ଷତ ଥାଉ, ଏହା ଯେଉଁ ରାଜପୁରୁଷଙ୍କ ବିଚାରବ୍ରତ, ସେହିମାନେ ହିଁ ପ୍ରକୃତ ଦାୟିତ୍ୱମୟ ରାଜପଦର ଯୋଗ୍ୟ ।

ଆଉ ଗୋଟିଏ ବିଚାର-ରହସ୍ୟ ଉଲ୍ଲେଖ ଯୋଗ୍ୟ । ଦିନେ ମହାରାଜ ମହୋଦୟଙ୍କର ଶିଶୁ ଦୌହିତ୍ର ଆସି କହିଲେ, "ଅଜା ! ମାଷ୍ଟର ମୋତେ ମାଇଲେ ।" ତହୁଁ ମାତାମହ ମହାରାଜ କହିଲେ, "ତୁ ପଢି ନ ଥିବୁ, ନ ହେଲେ କିଛି ଦୁଷ୍ଟାମି କରିଥିବୁ ମାଷ୍ଟର ମାଇଲେ, ତହିଁ କି ମୁଁ କଅଣ କରିବି ?" ଅଜାନାତିଙ୍କର ଏ ରହସ୍ୟ ଦେଖି ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ବେଶ୍ କୌତୁକ ଉପଭୋଗ କରିଥିଲେ । ସେମାନଙ୍କ ମଧ୍ୟରେ ଲେଖକ ମଧ୍ୟ ଜଣେ । ପୂର୍ବେ ରାଜକୁମାରମାନଙ୍କୁ ପଢାଇବାବେଳେ ଗୁରୁ ମହାଶୟ କହୁଥିଲେ, "ଶ୍ରୀମୁଖରୁ "କ" ବୋଲି କହିବାକୁ ଆଜ୍ଞା ହେଉ ମଣିମା ।" ସୌଭାଗ୍ୟବଶତଃ ମଣିମାଙ୍କ ଶ୍ରୀମୁଖରୁ କ ବୋଲି ଆଜ୍ଞା ହେଲା ଯଦି ପାଖଲୋକେ ଧାଇଁଆସି "ହଁ ହଁ" ଅଭ୍ୟାସ ହୋଇଗଲା, ଶ୍ରୀଅଙ୍ଗକୁ ଅଭ୍ୟାସ ହୋଇଗଲା, ଆଜି ତେତିକି ଥାଉ ଅବଧାନେ ।" ବୋଲି କହୁ କେହି ପଙ୍ଖା ଧରି ବିଞ୍ଚିପକାଏ । ଝାଳ ବୋହୁ ନ ଥିଲେ ସୁଦ୍ଧା କେହି ଝାଳ ପୋଛିଦିଏ, କେହି ବା ଗମ୍ଭୀର ଦେଉଙ୍କୁ ଗମ୍ଭୀରି ଭିତରକୁ ନେଇ ପଳାଏ । କିନ୍ତୁ ସେ କାଳ ଆଉ ନାହିଁ । ମହାରାଜ ଦୌହିତ୍ର ବିଶାଳ ଜୟପୁର ରାଜ୍ୟର ଭାବୀ ଭାଗ୍ୟବିଧାତା ଏ କାଳରେ ମାଷ୍ଟରଠାରୁ ମାଡ଼ ଖାଇଲେଣି । ପୁଣି ବିଚାରକ ସେଥି ପାଇଁ ମାଷ୍ଟରଙ୍କୁ ଡିଗ୍ରୀ ଦେଉଅଛନ୍ତି । ସେ କାଳ ଥିଲେ ଗୁରୁ ମହାଶୟ ମାରଣା ଘୋଡ଼ାର ସୌଭାଗ୍ୟ ଲାଭ କରି ହୁଏ ତ ଇହଲୀଳା ସମ୍ବରଣ କରିଥାଆନ୍ତେ ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ସରସ୍ୱତୀଙ୍କର ବରପୁତ୍ର ପୁଣି କମଳା ମାତାଙ୍କର ଅଙ୍କ ମଣ୍ଡନ କରିଅଛନ୍ତି । ଉଭୟ ମାତାଙ୍କଠାରୁ ସେ ଦୁଇଟି ରାଜ୍ୟ ପ୍ରାପ୍ତ ହୋଇଅଛନ୍ତି । ଗୋଟିଏ ଜୟପୁର ରାଜ୍ୟ, ଅନ୍ୟଟି ସାରସ୍ୱତ ରାଜ୍ୟ । ଗୋଟିଏ ପାର୍ଥିବ, ଅନ୍ୟଟି ଜ୍ୟୋତିର୍ମୟ ଶାଶ୍ୱତ ରାଜ୍ୟ । ତାଙ୍କର ମୃତ୍ତିକା ରାଜ୍ୟ ପରି ସାରସ୍ୱତ ରାଜ୍ୟ ମଧ୍ୟ ବିପୁଳ ବିସ୍ତୃତ । ସାହିତ୍ୟ ସାଧନାର କ୍ଷେତ୍ର ସୀମାଙ୍କିତ ନ ହେଲେ ହେଁ ବିସ୍ତୃତ । ଦୁଇ ମାତାଙ୍କଠାରୁ ସମାନ ଭାବରେ ସ୍ନେହ ଲାଭ କରି ସେ ଲକ୍ଷ୍ମୀ ସରସ୍ୱତୀଙ୍କ ବିରୋଧ ଅପବାଦର ବ୍ୟର୍ଥତା, ସପ୍ରମାଣ କରିଅଛନ୍ତି । ସେ ଉତ୍କଳର ବିକ୍ରମାଦିତ୍ୟ, ତାଙ୍କର ଯଶଃ ସୁଖ, ପ୍ରତିଭାର ସୌରଭରେ ଆକୃଷ୍ଟ ହୋଇ ସ୍ୱଦେଶୀ, ବିଦେଶୀ ଅନେକ କବି, ପଣ୍ଡିତ, କଳାବିତ ପ୍ରଭୃତି ଜୟପୁରରେ ସମାଗତ ହେଲେ । ଜୟପୁର ଉଜ୍ଜୟିନୀର ସୌଭାଗ୍ୟ ଲାଭ କଲା । ରାଜା ହେବା ପରେ ତାଙ୍କର ସାହିତ୍ୟସେବା ଅପେକ୍ଷାକୃତ ବିସ୍ତୃତ ହୋଇଉଠିଲା । ରାଜ୍ୟପାଳନର ଗୁରୁ ଦାୟିତ୍ୱପୂର୍ଣ୍ଣ କର୍ମଭାର ବହନସତ୍ତ୍ୱେ ସେ ଦୁଇଖଣ୍ଡ ପୁସ୍ତକ ପ୍ରକାଶ କରିଅଛନ୍ତି । ତାଙ୍କର "ବୁଦ୍ଧଚରିତ" ଆଗେ ପ୍ରକାଶିତ ହେଲା । ପୁସ୍ତକର ବିଷୟ ନାମରୁ ସ୍ପଷ୍ଟ ସୂଚିତ ହେଉଅଛି । ରାଜକବି ବିକ୍ରମ ଦେବ ପବିତ୍ର ବୁଦ୍ଧ ଚରିତକୁ ନାଟକାକାରରେ ବର୍ଣ୍ଣନା କରିଅଛନ୍ତି । ଚରିତ୍ର ଚିତ୍ରଣଗୁଡ଼ିକ ଅତି ସ୍ପଷ୍ଟ ଏବଂ ଆଦର୍ଶ ପାତ୍ର ପାତ୍ରୀର ଉପଯୁକ୍ତ । ଲେଖାର ଭଙ୍ଗୀ ମଧ୍ୟ ଚମତ୍କାର ।

ପୁସ୍ତକରେ ସଂସ୍କୃତ ଶବ୍ଦ ସଙ୍ଗେ ସଙ୍ଗେ ଦେଶୀୟ ଶବ୍ଦର ମଧ୍ୟ ପ୍ରୟୋଗ ଦେଖାଯାଏ । ସଂସ୍କୃତ ସଙ୍ଗରେ ଖାଣ୍ଟି ଓଡ଼ିଆ ଶବ୍ଦ ଅଭିନବ ସୌନ୍ଦର୍ଯ୍ୟ ସୃଷ୍ଟି କରିଅଛି । ପୁସ୍ତକର ଉପାଦେୟ ପଙ୍କ୍ତିମାନ ଉଦ୍ଧାର କରିବାକୁ ଗଲେ ପୁସ୍ତକର ଅଧିକାଂଶ ପୃଷ୍ଠା ଉଦ୍ଧାର କରିବାକୁ ପଡ଼ିବ । ଗ୍ରନ୍ଥର କଳେବର ବାହୁଲ୍ୟ ଭୟରେ ସେଥିରୁ ନିରସ୍ତ ହେବାକୁ ହେଲା । ପୁସ୍ତକଖଣ୍ଡି ବହୁ ସାହିତ୍ୟାନୁରାଗୀ ସୁଧୀବର୍ଗଙ୍କ ଦୃଷ୍ଟିରେ ବିଶିଷ୍ଟ ପ୍ରଶଂସାଭାଜନ ହୋଇଅଛି ।

ବୁଦ୍ଧ ଚରିତ ପରେ ରାଜକବିଙ୍କର "ଉତ୍କଳ କୁନ୍ଦମାଳା" ପ୍ରକାଶିତ ହେଲା । ଏହା ଗ୍ରନ୍ଥ ନୁହେଁ, ଜ୍ୟୋତିର୍ମୟ ରତ୍ନମୁଣ୍ଡା । କେତେ କାଳର ପୁରୁଣା ତାଳପତ୍ର ଲିଖିତ କୀଟଦଷ୍ଟ ପୋଥିରୁ ଏହି ରତ୍ନ ଉଦ୍ଧାର କରି ରାଜକବି ଉତ୍କଳ ସାହିତ୍ୟଭଣ୍ଡାରକୁ ସମୃଦ୍ଧ କରିଛନ୍ତି । "କୁନ୍ଦମାଳା" ଖଣ୍ଡିଏ ସଂସ୍କୃତ କାବ୍ୟ । ରାମାୟଣ ଘଟଣା ବିଶେଷ ସେଥିର ବର୍ଣ୍ଣନୀୟ ବିଷୟ । ସଂସ୍କୃତରେ ଏପରି ଖଣ୍ଡିଏ କାବ୍ୟ ଅଛି ବୋଲି ବୋଧ ହୁଏ ଅତି ଅଳ୍ପଲୋକ ଜାଣିଥିବେ । କେଉଁ ଅନ୍ଧାରଘର କୋଣରୁ ତାକୁ ଆବିଷ୍କାର କରି ଉପାଦେୟ ଜ୍ଞାନରେ ତାହା ଆଣି ଲୋକ ଲୋଚନର ଗୋଚରୀଭୂତ କରିବା ଅଳ୍ପ ପ୍ରୟାସ ଏବଂ ବାହାଦୁରିର କଥା ନୁହେଁ । ଏ ରୂପ ନୀରବ ଅନୁସନ୍ଧିତ୍ସୁ କେତେ ଜଣ ମିଳିବେ ? ପୁଣି କେବଳ ଆବିଷ୍କାର କରି ନିଶ୍ଚିନ୍ତ ହୋଇ ନାହାନ୍ତି । ସେହି ଦୁରୂହ ସଂସ୍କୃତ ଗ୍ରନ୍ଥର ସରଳ ପ୍ରାଞ୍ଜଳ ଭାଷାନୁବାଦ କରି ... ସାହିତ୍ୟକୁ ଦାନ କରିଅଛନ୍ତି । ଅନୁଦିତ ଗ୍ରନ୍ଥ ହେଲେ ମଧ୍ୟ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଏବଂ ବୈଚିତ୍ର୍ୟରେ ମୂଳ ଗ୍ରନ୍ଥ ପରି ବୋଧ ହେଉଅଛି । ସୂକ୍ଷ୍ମ କାବ୍ୟ କାରୁକଳାର ମଧ୍ୟ ଅଭାବ ନାହିଁ । ଯମକ,ଅନୁପ୍ରାସ ପ୍ରଭୃତି ଅଳଙ୍କାର କବିଙ୍କ ଲେଖାବଳୀରେ ସର୍ବତ୍ର ସୁଲଭ । ଏ ଗ୍ରନ୍ଥରେ ବା କାହିଁକି ଅପ୍ରଚୁରତା ଘଟିବ । ସର୍ବୋପରି ଉଚ୍ଚ ଏବଂ ନୂତନ ଭାବର କନକପ୍ରଭାରେ କାବ୍ୟର ପ୍ରତି ପୃଷ୍ଠା ଆଲୋକିତ । ବୋଲିବା ବାହୁଲ୍ୟ, କାବ୍ୟଖଣ୍ଡି ଅଳଙ୍କାରରେ ଭାରାକ୍ରାନ୍ତ ନୁହେଁ—ସୁସଜ୍ଜିତ । ଅଳଙ୍କାରରେ ମୂର୍ତ୍ତି ଢାଙ୍କି ହୋଇନାହିଁ, ଅଧିକନ୍ତୁ ସୁନ୍ଦର ହୋଇଅଛି ।

ରାଜକବିଙ୍କର ଖଣ୍ଡିଏ ଖଣ୍ଡିଏ ପତ୍ର ସୁଦ୍ଧା କାବ୍ୟକଳାମଣ୍ଡିତ । ସେ ସ୍ୱହସ୍ତରେ ପତ୍ର ଲେଖନ୍ତି, ତାହା ଏଥିପୂର୍ବରୁ ବ୍ୟକ୍ତ ହୋଇଅଛି । ଅନ୍ୟଦ୍ୱାରା ଲେଖିବାକୁ ସେ ସୁଖ ମଣନ୍ତି ନାହିଁ । ପ୍ରତ୍ୟହ ତାଙ୍କୁ ଅନେକ ପତ୍ର ଲେଖିବାକୁ ହୁଏ । ଉତ୍କଳର ଅନେକ ମହାରାଜଙ୍କୁ ପତ୍ର ଲେଖିଲେ ଉତ୍ତର ମିଳେ ନାହିଁ । କଦାଚିତ୍ କାହାର ଭାଗ୍ୟ ପ୍ରସନ୍ନ ଥିଲେ,ସେ ଦୁଇ ତିନିମାସପରେ ପ୍ରାଇଭେଟ ସେକ୍ରେଟେରୀଙ୍କଠାରୁ ଖଣ୍ଡେ ଉତ୍ତର ପାଏ । ମହାରାଜ ଶ୍ରୀ ବୀରମ ଦେବଙ୍କ ବ୍ୟବହାରରୁ ସେମାନଙ୍କର ଶିଖିବାର ବିଷୟ ଯଥେଷ୍ଟ ଅଛି । ଅନ୍ୟଦ୍ୱାରା ଲେଖାଇବା ଏବଂ ନିଜେ ଲେଖିବା ମଧ୍ୟରେ ଅନେକ ପ୍ରଭେଦ ଅଛି । ସ୍ୱହସ୍ତରେ ଲେଖିବା ଅଗୌରବ ନୁହେଁ, ପ୍ରତ୍ୟୁତଃ ତାହା ମହତ୍ତ୍ୱର ପରିଚାୟକ । ସେଥିରେ ଆପଣାର ଉଦାରତା ପ୍ରକାଶ ପାଏ । ଲେଖାପଢ଼ା କାର୍ଯ୍ୟ ଖାଇବା ପିଇବା ପରି, ତାହା ନିଜ ହାତରେ ଯେପରି ସୁଖ ସନ୍ତୋଷ କର ହୁଏ, ଅନ୍ୟ ହାତରେ ସେପରି କଦାଚ ହୋଇପାରେ ନାହିଁ । ଲେଖାପଢ଼ାର ଅଭ୍ୟାସ ଅମୀରଠାରୁ ଫକୀର ପର୍ଯ୍ୟନ୍ତ ସମସ୍ତଙ୍କର ଥିବା ଶ୍ରେୟସ୍କର । ରାଜା, ମହାରାଜଙ୍କ କଥା ସ୍ୱତନ୍ତ୍ର; ମାତ୍ର ଅନେକ ଶିକ୍ଷିତ ସାଧାରଣ ବ୍ୟକ୍ତି ମଧ୍ୟ ନିଜେ ଲେଖିବାକୁ ବଡ଼ ସଙ୍କୁଚିତ । ଏହା ନିପଟ ନିଖଟ୍ଟ ପଣିଆ ଛଡ଼ା ଆଉ କଅଣ ? ପୁସ୍ତକ, ପତ୍ର ଲେଖା ବ୍ୟତୀତ ରାଜକବି ଶ୍ରୀ ବୀରମ ଦେବ ମହୋଦୟ ନାନାବିଧ ସନ୍ଦର୍ଭପୂର୍ଣ୍ଣ ଗଦ୍ୟ ପଦ୍ୟ ଗଳ୍ପ ପ୍ରବନ୍ଧ ଲେଖି ମାସିକ ସାପ୍ତାହିକ ଦୈନିକ ପତ୍ରିକାରେ ପ୍ରକାଶ କରୁଅଛନ୍ତି । ସେ ସବୁ ପ୍ରବନ୍ଧ ଉତ୍କଳ-ସାହିତ୍ୟ, ସହକାର, ରସଚକ୍ର, ନବଭାରତ ଶିଶିର, ନବୀନ, ଦୈନିକ ଆଶା, ଇଂରେଜୀ ଦୈନିକ ନିଉ ଓଡ଼ିଶା ପ୍ରଭୃତି ଉତ୍କଳର ପ୍ରସିଦ୍ଧ ପତ୍ର ପତ୍ରିକାରେ ପ୍ରକାଶିତ ହେଉଅଛି । ଉତ୍କଳର ବର୍ତ୍ତମାନ ପ୍ରଚଳିତ ପତ୍ରିକାମାନଙ୍କ ମଧ୍ୟରେ ଖଣ୍ଡିଏ ଦୁଇଖଣ୍ଡି ବ୍ୟତୀତ ଆଉ ସମସ୍ତେ ତାଙ୍କର ସାମୟିକ ଅର୍ଥସାହାଯ୍ୟ ପାଇଅଛନ୍ତି ଏବଂ କେହି କେହି ପାଉଅଛନ୍ତି । ତାଙ୍କର ଅସାଧାରଣ ସାହିତ୍ୟିକ ପ୍ରତିଭା ଏବଂ ପାଣ୍ଡିତ୍ୟରେ ମୁଗ୍ଧ ହୋଇ "ଅନ୍ଧ୍ର ଭାରତୀତୀର୍ଥସମାଜ" ୧୯୩

ଖ୍ରୀଷ୍ଟାବ୍ଦରେ ତାହାଙ୍କୁ "ସାହିତ୍ୟ-ସମ୍ରାଟ୍" ଉପାଧିରେ ଅଳଙ୍କୃତ କରିଅଛି । ଅଦ୍ୟାବଧି କୌଣସି ଓଡ଼ିଆ ଭାଗ୍ୟରେ ଏହି ଉଚ୍ଚ ସମ୍ମାନଜନକ ଉପାଧି ଘଟି ନ ଥିଲା । ଏହି ଉପାଧିଦ୍ୱାରା ସେ ନିଜର ମୁଖ ଉଜ୍ଜ୍ୱଳ କରି ମାତୃସମା ମାତୃଭୂମିର ମୁଖ ସମୁଜ୍ଜ୍ୱଳ କରିଅଛନ୍ତି । ତାଙ୍କର ଏହି ସମ୍ମାନରେ ଓଡ଼ିଆ ଜାତି ସମ୍ମାନିତ ଏବଂ ଗର୍ବିତ । ତାଙ୍କର ମହିମିତ ଜୀବନ ବ୍ୟକ୍ତିଗତ ଜୀବନ ନୁହେଁ, ତାହା ବିଶାଳ ଉତ୍କଳର ଜାତୀୟ ମହାଜୀବନ ।

ବିଶାଖପଟ୍ଟଣରେ "ଆନ୍ଧ୍ର ଭାରତୀତୀର୍ଥ" ନାମରେ ଗୋଟିଏ ସମାଜ ଅଛି । ସମାଜର ନାମାଦ୍ୟରେ ଆନ୍ଧ୍ର ପଦ ଯୋଗ ସଂକୀର୍ଣ୍ଣତା ନୁହେଁ—ତାହା ଆନ୍ଧ୍ରମାନଙ୍କ-ଦ୍ୱାରା ପ୍ରତିଷ୍ଠିତ ହେତୁ "ଆନ୍ଧ୍ର" ପଦ ସଂଯୋଗ କରାଯାଇଅଛି । ସଭାର କ୍ଷେତ୍ର ବିଶାଳବିସ୍ତୃତ । ସେଥିରେ ଆନ୍ଧ୍ର, ଉତ୍କଳୀ, ହିନ୍ଦୁସ୍ଥାନୀ, ଇଂରେଜ, ଜର୍ମାନୀ, ଇଟାଲୀ ପ୍ରଭୃତି ବହୁ ଦେଶ ବିଦେଶର ବିଶିଷ୍ଟ ପଣ୍ଡିତମାନେ ସମାଜର କର୍ମକର୍ତ୍ତା । ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ ସେହି ସମାଜର କୁଳପତି ବା ଚାନ୍‌ସେଲର । ସଭାର ପ୍ରତି ବାର୍ଷିକ ଉତ୍ସବ ସମୟରେ ପଣ୍ଡିତମାନଙ୍କୁ ପରୀକ୍ଷା କରାଯାଇ ଉପଯୁକ୍ତ ଉପାଧି ପ୍ରଦତ୍ତ ହୁଏ । ସେଥି ପାଇଁ କାହାରିଠାରୁ କିଛି ଅର୍ଥ ଗ୍ରହଣ କରାଯାଏ ନାହିଁ । ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ "ସାହିତ୍ୟ-ସମ୍ରାଟ୍" ଉପାଧି ସେହି ମହାସଭା ପ୍ରଦତ୍ତ । ଉପାଧିର ସନନ୍ଦ ନିମ୍ନରେ ଉଦ୍ଧୃତ ହେଲା ।

The Andhra (Bharati Tirtha) Research University is pleased to grant this Diploma of Lord of Letters Sahitya Samrat Homatis Causa in the faculty of Sahitya to Rajah Shri Shri Shri Vikram Deb Varma Moharaja of Jeypore as a mark of recognition, by this University corporation of duly attested attainments in Sanskrit. Telugu, Oriya and Hindi Literatures and distinguished services to this University as Kulapathi (chancellar) in promotion of our ideals and educational and cultural programmes and researches.

Given under our pands and the seal of the University this day the sixth of the month of May of the year 1933.

Chanceller—Genral.

ଏହା କିଣା ବିକା ବା ମଗାଯାଇଥିବା ଉପାଧି ନୁହେଁ । ଏହିଭଳି ଉପାଧିର ମୂଲ୍ୟ ଖୁବ୍ ଅଧିକ । "ଆନ୍ଧ୍ର ଭାରତୀ-ତୀର୍ଥ ସମାଜ" ଉପଯୁକ୍ତ ପାତ୍ରରେ ଉପଯୁକ୍ତ ସମ୍ମାନ ପ୍ରଦାନ କରି ସ୍ୱୀୟ ଗୁଣଗ୍ରାହିତା ଏବଂ ବିଚକ୍ଷଣତାର ପରିଚୟ ଦେଇଅଛନ୍ତି । ଏହାଦ୍ୱାରା ସମାଜର ମହତ୍ତ୍ୱ ବର୍ଦ୍ଧିତ ହୋଇଅଛି । ସମାଜର ଏ ହିତକର ସଦନ୍ଧ ବ୍ରତ ଆଦର୍ଶ ସ୍ଥାନୀୟ । ମହାରାଜ ମହୋଦୟ ଯେଉଁ ଦିନ ଏ ଉପାଧି ପ୍ରାପ୍ତ ହେଲେ, ସେ ଦିନ ମଧ୍ୟ ସାରା ଉତ୍କଳରେ ଉଲ୍ଲାସର ଉତ୍ତୁଙ୍ଗ ଲହରୀ ଖେଳି ଯାଇଥିଲା । ପୂଜ୍ୟପୂଜାର ଆଦର୍ଶ ଦେଖିଲେ କିଏ ବା ଉତ୍ଫୁଲ୍ଲ ନ ହୁଏ ? ମହାରାଜଙ୍କର ଅବାଳ୍ୟ ସାହିତ୍ୟ ସେବାର ଏହା କଳ୍ପିତ ପୁରସ୍କାର; ମାତ୍ର ତାଙ୍କର ପ୍ରାପ୍ୟ ଏହାଠାରୁ ଅନେକ ଅଧିକ । ଦିନେ ଦେଶ ତାହା ତାଙ୍କୁ ପ୍ରଦାନ କରିବ ।

ଶିକ୍ଷା ଏବଂ ସାହିତ୍ୟର ଉନ୍ନତି ସକାଶେ ତାଙ୍କର ବିପୁଳ ଦାନ ସମଗ୍ର ଉତ୍କଳରେ ଦୁର୍ଲ୍ଲଭ ଆଦର୍ଶ । ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଏକଲକ୍ଷ ଟଙ୍କା ଦାନ ତାଙ୍କୁ ଯୁଗେ ଯୁଗେ ଅମର କରି ରଖିବ । ଏ ମହାଦାନ ଜାତି, ଧର୍ମ ବା ସମ୍ପ୍ରଦାୟ ବିଶେଷରେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନୁହେଁ । ସାର୍ବଜନୀନ ଶିକ୍ଷା ଉଦ୍ଦେଶ୍ୟରେ ଏହିଭଳି ବିରାଟ ଦାନର ଶୁଭଦର୍ଶ କେବେ କେହି ଦେଖାଇ

ପାର୍ ନାହାନ୍ତି । ସୂର୍ଯ୍ୟ ଚନ୍ଦ୍ରଙ୍କର କିରଣ ଦାନ ସମସ୍ତ ଜଗତ ସକାଶେ ଯିନା, ସେଥିରୁ କୌଣସି ପ୍ରାଣୀ ବଞ୍ଚିତ ହୁଏ ନାହିଁ । ଏଭଳି ମହୋଦାର ସମଦର୍ଶିତା ମାନବକୁ ଦେବତ୍ୱ ଆଡକୁ ଅଗ୍ରସର କରାଏ । ସେଥିରେ ଓଡିଆ ଜାତି ସକାଶେ ମଧ୍ୟ ସୁବିଧା ରଖାଯାଇଛି । ହୃଦୟ କେତେ ସରସ, କେତେ ଅମାୟିକ ହେଲେ ଏଭଳି ଅସାଧାରଣ ଦାନ ସମ୍ଭବ ହୁଏ, ସଂକୀର୍ଣ୍ଣ ହୃଦୟରେ ତାହାର ବିକାଶ ପାଇଁ ସ୍ଥାନ ନାହିଁ । ଜୟପୁର ମହାରାଜ ଶ୍ରୀ ବିକ୍ରମଦେବ ବର୍ମାଙ୍କର ଏହି ଦାନ ସାମୟିକ ବା ଏକକାଳୀନ ଦାନ ନୁହେଁ। ଏହା ଚିରସ୍ଥାୟୀ ଦାନ । ଆନ୍ଧ୍ର ଇଉନିଭରସିଟି ଯାବତ ଥିବାଯାଏ ପ୍ରତିବର୍ଷ ଜୟପୁର ରାଜକୋଷରୁ ଲକ୍ଷେ ଟଙ୍କା ଲେଖାଏଁ ପାଉଥିବ । ପୌରାଣିକ ଓଡିଆ ମହାଜାତି ଭାଗ୍ୟବିପର୍ଯ୍ୟୟ ହେତୁ ବର୍ତ୍ତମାନ ଯେତେ ହୀନ ହେଉ ପଛେ ସେ ଯେ ହୃଦୟୀ ଦାନବତ୍ସଳ ଜାତି, ମହାରାଜ ମହୋଦୟ ତାହା ଜଗତକୁ ଦେଖାଇଦେଇଅଛନ୍ତି । ଏହି ଦାନ ପାଇଁ ଓଡିଆ ଜାତି, ବିଶେଷତଃ ଜୟପୁରର ଭାବୀ ରାଜବଂଶଧରମାନେ ଛାତି ଫୁଲାଇ ଗର୍ବ ଅନୁଭବ କରିବେ । ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ଆନ୍ଧ୍ର ଇଉନିଭରସିଟିର ସିନେଟ ମେମ୍ବର । ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ସେହି ପଦର ଅଧିକାରୀ ହେବେ ବୋଲି ଚୁକ୍ତି ହୋଇ ରହିଅଛି । ମହାରାଜଙ୍କ ପ୍ରତିନିଧିରୂପେ ତାଙ୍କର ଦେୱାନ ବର୍ତ୍ତମାନ ସିନେଟ ମେମ୍ବର ହୋଇଅଛନ୍ତି । ଆଗାମୀ କନ୍‌ଭୋକେସନ୍ ସମୟରେ ଉକ୍ତ ଆନ୍ଧ୍ର ଇଉନିଭରସିଟି ତରଫରୁ ମହାରାଜ ମହୋଦୟଙ୍କୁ ଗୋଟିଏ ଉଚ୍ଚ ଉପାଧି ପ୍ରଦତ୍ତ ହେବ ବୋଲି ୨୮।୭।୩୪ତାରିଖର ଦୈନିକ ନବଓଡିଶାରେ ପ୍ରକାଶିତ ହୋଇଅଛି । ଆନ୍ଧ୍ର ଇଉନିଭରସିଟି କି ଉପାଧି ମନୋନୀତ କରିଅଛନ୍ତି କେଜାଣି; ମାତ୍ର 'ଉତ୍କଳ ବିକ୍ରମାଦିତ୍ୟ' ଉପାଧି ତାଙ୍କ ସମ୍ମାନର ସର୍ବଥା ଉପଯୁକ୍ତ ହୁଅନ୍ତା ଏବଂ ତଦ୍ୱାରା ଉତ୍କଳର ଗୌରବ ମଧ୍ୟ ବଢନ୍ତା । ଜୟପୁରର ସ୍ୱନାମଧନ୍ୟ ମହାରାଜ ବିକ୍ରମ ଦେବ ବର୍ମା ବାର୍ଷିକ ଏକଲକ୍ଷ ଟଙ୍କା ଦାନ କରି ଆନ୍ଧ୍ର ଇଉନିଭରସିଟି ପ୍ରତି ଯେଉଁ ଆନୁକୂଲ୍ୟ ପ୍ରଦର୍ଶନ କଲେ, ଉତ୍କଳ ସାହିତ୍ୟ ସମାଜ ପ୍ରତି ଯେହିପରି ଆନୁକୂଲ୍ୟ କେହି ଦେଖାଇଲେ ଅଚିରେ ଉତ୍କଳ ସାହିତ୍ୟ ମୁଣ୍ଡ ଟେକି ଉଠନ୍ତା ଏବଂ ଏକ-ଶତାବ୍ଦୀର ଉନ୍ନତି ଏକବର୍ଷରେ ସାଧିତ ହୁଅନ୍ତା । ସେଭଳି ଧନୀ ପ୍ରାକୃତିକ ଉତ୍କଳରେ ଅଧିକ ନ ଥିଲେହେଁ ବିରଳ ନାହାନ୍ତି । କେବଳ ଏ କ୍ଷେତ୍ରରେ ମନର ଅଭାବ ପରିଲକ୍ଷିତ ହୁଏ । ଅନ୍ୟର ରଚିତ ପୁସ୍ତକ କିଣି ନେଇ ନିଜ ନାମରେ ପ୍ରକାଶ ପୂର୍ବକ ପାଣ୍ଡିତ୍ୟ ଦେଖାଇବା ଭଳି ଧନୀ ଯଥେଷ୍ଟ ଅଛନ୍ତି; ମାତ୍ର ନିଃସ୍ୱାର୍ଥ ଦାନବତ୍ସଳ ଧନୀ କେତେ ଜଣ ମିଳିବେ ? ଅପ୍‌ସରା ନୃତ୍ୟରେ ଲକ୍ଷ ଲକ୍ଷ ଟଙ୍କା ଉଡିଯାଏ, ଶିକାର ଆମୋଦରେ ହଜାର ହଜାର ଟଙ୍କା ବ୍ୟୟିତ ହୋଇଥାଏ; ମାତ୍ର ସତ୍କାର୍ଯ୍ୟ ନିମନ୍ତେ ଅନେକଙ୍କ ପକେଟରେ ଧନାଭାବର ଦୁହାଇ ପ୍ରଦର୍ଶିତ ହୁଏ, ଏହା ଉତ୍କଳର ଦୁର୍ଭାଗ୍ୟ । ବଡ-ଲୋକଙ୍କର ତ ସବୁ ବଡ, ଛଳନାଟା ବଡ ନ ହେବ ବା କାହିଁକି ? ଏହି ଶ୍ରେଣୀର ବଡଲୋକଙ୍କ ନାମରେ ପୁଣି ସମ୍ବାଦଗାରୀମାନେ ଦାତା, ମହାଦାତା, ଅତିଦାତା ବୋଲି ଉଚ୍ଚରେ ଡେଙ୍ଗୁରା ପିଟନ୍ତି । ଆଜି କାଲିର ସମୟ ହୋଇଥିଲେ ଏହାହିଁ ଆଶ୍ଚର୍ଯ୍ୟ ବୋଲି ଯୁଧିଷ୍ଠିର ଧର୍ମବକ ପ୍ରଶ୍ନର ଉତ୍ତର ନିର୍ଦ୍ଦେଶ କରିଥାଆନ୍ତେ । ଏ କାଳରେ ଏତିକି କୁହାଯାଇପାରେ ଯେ, ପୃଥିବୀରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟ ବସ୍ତୁ ଆଠଗୋଟି ଥିଲା । ତାହା ସଙ୍ଗରେ ଏହି ଛଳନାଟି ମିଶି ନଅଟି ହେଲା । ଏ କାଳରେ "ବସୁଧୈବ କୁଟୁମ୍ବକଂ" ନୀତି ନିନ୍ଦିତ ବିବେଚିତ ହୁଏ । ଆଜ ଯେ ପରସ୍ୱ କିଣି ଆଣି ଦେହରେ ସେହି ରଙ୍ଗ ବୋଳିହୋଇ ସ୍ୱର୍ଣ୍ଣ ମଣ୍ଡନ-ଅନୁଷ୍ଠାନ କରେ, ପ୍ରଶଂସାର ସୁନା କଳସ ତାହାର ମୁଣ୍ଡରେ ଅଜାଡି ଦିଆଯାଏ । କୌଣସି ଜାତି ପ୍ରତିବେଶୀ ଜାତି ସଙ୍ଗରେ ଆତ୍ମୀୟତା ନ ରଖି ନିଜ ହାତରେ ଚଉଦପା ହୋଇପାରେ ନାହିଁ, ଏହା ଅନେକ ଭୁଲି ଯାଆନ୍ତି । ମହାରାଜ ବିକ୍ରମ ଦେବ ବର୍ମା ଆନ୍ଧ୍ର ଇଉନିଭରସିଟିକୁ ଲକ୍ଷେ ଟଙ୍କା ଦାନର ପ୍ରତିଶ୍ରୁତି ଦେଲା ବେଳେ କେହି କେହି ମୁହଁ ଭୁରୁଙ୍ଗା କରିଥିଲେ । ବନ୍ୟା ଦୁର୍ଭିକ୍ଷବେଳେ ଓଡିଶାକୁ ଲକ୍ଷ ଲକ୍ଷ ଟଙ୍କା ବିଦେଶରୁ ସାହାଯ୍ୟ ଆସିଲା, ତାହା ନିଜ ଦେଶରେ ଖର୍ଚ୍ଚ ନ କରି

ଓଡ଼ଶାକୁ ଦେଲେ ବୋଲି କେହି ମନ ଊଣା କରିଥିଲେ କି ? ଅନ୍ୟ ଜାତିଠାରୁ ଖାଇବାଟା ଧର୍ମ; ମାତ୍ର ଅନ୍ୟ ଜାତିକୁ ଦେବା ମହାପାପ ପରି ! ମନୁଷ୍ୟମାନେ ମନୁଷ୍ୟକୁ ସାହାଯ୍ୟ ସହାନୁଭୂତି କରିବ, ଏହାହିଁ ମାନବ ଧର୍ମ; ମାତ୍ର ପରଶ୍ରୀକାତରତାର ଯେ ପବିତ୍ର ଧର୍ମ ମଧ୍ୟରେ ସ୍ଥାନ ନାହିଁ, ତାହା ପଶୁଧର୍ମ ।

# ଏକାଦଶ ପରିଚ୍ଛେଦ

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ରାଜସଭା ସତତ ସାହିତ୍ୟାଲୋଚନାରେ ମୁଖର । ତାହାରି ମଧ୍ୟରେ ରାଜକୀୟ କାର୍ଯ୍ୟ ମଧ୍ୟ ହୋଇ ଯାଉଥାଏ । ମହାରାଜ କେତେବେଳେ ବହୁ ଅବଧାନୀ । ଏଣେ ଉପସ୍ଥିତ ବିଦ୍ୱନ୍ମଣ୍ଡଳୀ ସହ ସାହିତ୍ୟାଲୋଚନା ଲାଗିଅଛି, କର୍ମଚାରୀମାନେ ରାଜ୍ୟ ସମ୍ପର୍କୀୟ କାଗଜପତ୍ର ଧରି ଆସିଲେ ତତ୍କ୍ଷଣାତ୍ ସେଥିରେ ଆଦେଶ ଲେଖି ଦିଆଯାଉଅଛି କିମ୍ବା ମୌଖିକ ଆଦେଶ ପ୍ରଦାନ ହେଉଅଛି, ତେଣେ ଏହି ଅବସରରେ ସଭ୍ୟ ସଦସ୍ୟମାନେ କିଏ କଅଣ କହୁଅଛନ୍ତି ସେଥି ପ୍ରତି ଲକ୍ଷ୍ୟ ଅଛି । ଏହିପରି ଏକ ସମୟରେ ଅନେକ କାର୍ଯ୍ୟ ହୋଇ ଯାଉଅଛି । କେତେବେଳେ ସାହିତ୍ୟସମ୍ରାଟଙ୍କର ଭାବଗମ୍ଭୀର ସରଳ ସୁନ୍ଦର ମୂର୍ତ୍ତି, ସହାସ୍ୟ ମୁଖ ଏବଂ ପ୍ରତିଭାପ୍ରଦୀପ୍ତ ଚକ୍ଷୁ ଦେଖିଲେ ସ୍ୱତଃ ଭକ୍ତି ଜାତ ହୁଏ । ଯେ ତାଙ୍କ ସହ ବାକ୍ୟାଳାପର ସୁବିଧା ପାଇଅଛି, ସେ ତାଙ୍କ ବହୁଦର୍ଶିତା ଏବଂ ବହୁମୁଖୀ ପ୍ରତିଭାର ପରିଚୟ ଉପଲବ୍ଧି କରି ପାରିଥିବ । ଏଣିକି ତାଙ୍କ ଲେଖାର ବିଶେଷ [illegible]ଅଛି । ଭାଷା ମଧ୍ୟ ଅପେକ୍ଷାକୃତ ସରଳ ହେଉଅଛି । ଅଳ୍ପଦିନ ମଧ୍ୟରେ ତାଙ୍କର ଯେଉଁ ଗଳ୍ପ, କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଅଛି, ସେଥିରୁ କେତେ ଗୋଟି ନିମ୍ନରେ ଉଦ୍ଧୃତ ହେଲା । ଲେଖାର ବିକାଶ ସେହିଥିରୁ ଅନୁମେୟ । ପୁଣି ଲେଖାର ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ଏଣିକି ସେ ଉପାନ୍ତ୍ୟସ୍ୱର ମିଳାଇ କବିତା ଲେଖୁଅଛନ୍ତି । କବିତାର ତାହା ଗୋଟାଏ ସୌନ୍ଦର୍ଯ୍ୟ । ଉପାନ୍ତ୍ୟ ସ୍ୱରର ସମତା ନ ଥିଲେ ପୂର୍ଣ୍ଣମିତାକ୍ଷର ହୁଏନାହିଁ, ତାହା ଅପୂର୍ଣ୍ଣମିତାକ୍ଷର । ସାଧାରଣତଃ ଅପୂର୍ଣ୍ଣମିତାକ୍ଷର ଅପେକ୍ଷା ପୂର୍ଣ୍ଣମିତାକ୍ଷର ଅଧିକ ଶ୍ରୁତିମଧୁର । ଦୁଃଖର ବିଷୟ— ଆଧୁନିକ ଅନେକ କବି, ଲେଖକ ଉପଧା ନିୟମ ମାନୁ ନାହାନ୍ତି । ତଦ୍ୱାରା କବିତାର ଗୋଟାଏ ପ୍ରଧାନ ଶିଳ୍ପ ଅନାଦୃତ ଏବଂ ଉପେକ୍ଷିତ ହେଉଅଛି । ଅନେକେ ସେଥିରେ ଭାବ ଭଙ୍ଗର ଆଶଙ୍କା କରନ୍ତି; ମାତ୍ର ତାହା ଦୁର୍ବଳ ଆଶଙ୍କା । କବିଗୁରୁ ରାଧାନାଥ ବାବୁ ଏତେ କାବ୍ୟ, କବିତା ଲେଖିଗଲେ, କାହିଁ କେଉଁଠାରେ ତ ତାଙ୍କର ଭାବ-ଦୁର୍ବଳତା ଘଟି ନାହିଁ । ପୁଣି କେହି କେହି କହନ୍ତି— ଉପଧା ରଖି କବିତା ଲେଖିବା କଠିନ ବ୍ୟାପାର, ଏହା ମଧ୍ୟ ହାସ୍ୟକର ଉକ୍ତି । ଯେଉଁ ଦେଶର କବିମାନେ ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତ ଯମକ, ଆଦ୍ୟ-ମଧ୍ୟ ପ୍ରାନ୍ତଯମକ, ଯୋଡ଼ଯମକ, ମାଳଯମକ, ସର୍ବଯମକ ପ୍ରଭୃତି ସାହିତ୍ୟ କାରୁକଳାରେ ମଣ୍ଡିତ କରି ପ୍ରକାଣ୍ଡ ପ୍ରକାଣ୍ଡ କାବ୍ୟ ଲେଖିଯାଇଅଛନ୍ତି, ସେହି ଦେଶର କବିଙ୍କ ପକ୍ଷରେ ଉପଧା ମେଳ ରଖି କବିତା ଲେଖିବା କଠିନ ବ୍ୟାପାର ନୁହେଁ; ବରଂ ଏଭଳି ଉକ୍ତି ଉତ୍କଳ କବିଙ୍କ ପକ୍ଷରେ ଅପମାନକର । ଛନ୍ଦ ଏବଂ ଯତିର ବିକୃତିରେ କେତେ କବିତା ଅପାଠ୍ୟ ହୋଇ ଯାଉଅଛି । ପୁଣି କେହି କେହି କାରକ ବିଭକ୍ତିରେ, ଅପେକ୍ଷିତ ଅବ୍ୟୟ ପଦରେ ମିତାକ୍ଷର ମିଳାଇ ଦେଉଅଛନ୍ତି । ସେଥିରେ କବିତା ଦୁର୍ବଳ ହୋଇପଡ଼େ । କାରକ ବିଭକ୍ତିରେ ମିତାକ୍ଷର ମିଳାଇବାକୁ ହେଲେ ଉପାନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣର ସମତା ରଖି ତତ୍ପୂର୍ବବର୍ତ୍ତୀ ବ୍ୟଞ୍ଜନ ବର୍ଣ୍ଣର ସ୍ୱର ସମାନ ରଖିବାକୁ ହେବ । ଯେପରି 'ଲତିରେ' 'ବଥିରେ' ଏଠାରେ କାରକ ବିଭକ୍ତି 'ରେ'କୁ ଛାଡ଼ିଦେଲେ ସୁଦ୍ଧା 'ଲତି' ଏବଂ 'ବଥି'ରେ ମିତାକ୍ଷର

ଏବଂ ଉପାନ୍ତ୍ୟ ସ୍ୱରର ମେଳ ରହିଲା; ସୁତରାଂ ପୁଷ୍ଟ ମିତ୍ରାକ୍ଷର ହେଲା । 'ଯଥା' 'ତଥା' ଏବଂ 'ଯେବେ' 'ତେବେ' ଅପେକ୍ଷିତ ଶବ୍ଦରେ ମିତ୍ରାକ୍ଷର ମିଳାଇଲେ ତାହା ମିତ୍ରାକ୍ଷରରେ ଦୁର୍ବିଷ ପଙ୍କ୍ତି ପରି ହେବ । ତାହା ଦୁର୍ବଳ ତ ହେବ, ଅଧିକନ୍ତୁ ଶ୍ରୁତିକଟୁ ଦୋଷରେ ଦୁଷ୍ଟ ହେବ । ଆଧୁନିକ କବିତାରେ ଏହିପରି ଅନେକ ନିୟମ ଭଙ୍ଗ ଦେଖାଯାଉଅଛି । ତାହା ସବୁ ଦେଖିଲେ ମନେହୁଏ—ଓଡ଼ିଆ କବିତା ପିତୃମାତୃହୀନ ଏବଂ ଅନାଥ । ଭଦ୍ରକୁ ଭଦର କରିବା ଯାହା, ଦଉଁ ଗଢୁ ଗଢୁ ମାଙ୍କଡ଼ ଗଢିବା ତାହା । କଠିନ ଶବ୍ଦକୁ କୋମଳ ମଧୁର କରିବା ସକାଶେ ଶବ୍ଦକୁ କାଟି, ଛାଟି, ମାଠି, ଭାଙ୍ଗି ଗଢିବାର ଅଧିକାର କବି, ଲେଖକମାନଙ୍କର ଅଛି; ତାକୁ "ପଦ୍ୟସ୍ୱାତନ୍ତ୍ର୍ୟ" କହନ୍ତି । ମାତ୍ର ଭଦ୍ରକୁ ଭଦର କଲେ ତାହା ମୂଳଶବ୍ଦଠାରୁ ଅଧିକ ଶ୍ରୁତିକଟୁ ହେଲା ପୁଣି ଦୁର୍ବୋଧ ହୋଇଉଠିଲା । ଏରୂପ ଶବ୍ଦଗଠନ ଆଦୌ ବାଞ୍ଛନୀୟ ନୁହେଁ । ସାହିତ୍ୟସମ୍ରାଟଙ୍କ ଆଧୁନିକ କବିତା ମଧ୍ୟରୁ ଦ୍ୱିତୀୟ ତୃତୀୟ ଯୁଗ୍ମ ସଂଖ୍ୟା ପ୍ରକାଶିତ ୩୮ଶ ଭାଗ 'ଉତ୍କଳ-ସାହିତ୍ୟ'ରୁ 'ହେମନ୍ତ ସମୟ' ଶୀର୍ଷକ କବିତାଟି ଏଠାରେ ପ୍ରଦର୍ଶିତ ହେଲା ।

### ହେମନ୍ତ ସମୟ

କୃତାନ୍ତ ଦନ୍ତ ସମାନ ହେମନ୍ତ ସମୟ,
ଉପଗତ ଭବ ପ୍ରାଣିଶ୍ରେଣୀ ଚିତ୍ତେ ଭୟ ।
ଛବିରୂପ ଶୂନ୍ୟ ଶୂନ୍ୟ ହୋଇଛି ଧୋବଲା,
ପୁଷ୍କରିଣୀ ପରିଶୁଷ୍କ ସୁଶୀତଳଜଳା ।
ନିର୍ଜୀବ ପ୍ରତିମା ମଧ ଜାଡ ଡରକୁଳା,
ଘୋଡ଼ି ଲୁଗି ହୋଇ ବସି ସେବନେ ଆକୁଳା ।
ରଜା ପରଜା ସମସ୍ତେ ଶୀତରେ କମ୍ପିତ,
ଦେହୁଁ ଖଣ୍ଡ କାଢିବାକୁ ନିତାନ୍ତ କୁଣ୍ଠିତ ।
ସୌଧେ, ମନ୍ଦିରେ, କୁଟୀରେ ହସନ୍ତୀ ସଜାଇ,
ସକଳ ଜନ ମାନସ ଉଷ୍ମକୁ ବାଞ୍ଛଇ ।
ପାବକ, ଦିନନାୟକ ହେଲେ ପ୍ରାଣପ୍ରିୟ,
ଅତ୍ୟନ୍ତ ଶୀତଳ ହେଲା ରଜନୀବଲ୍ଲଭ ।
ଲୋକଙ୍କର ପ୍ରିୟ ହେଲେ ଇନ, ହୁତାଶନ,
ଅପ୍ରିୟ ହୋଇଲେ ହିମକିରଣ, ପବନ ।
ଅହୋ ଦେଶ କାଳ କର୍ମ ପରିବର୍ତ୍ତନରେ,
ପ୍ରିୟ ଅପ୍ରିୟ, ଅପ୍ରିୟ ପ୍ରିୟ ଜଗତରେ ।
ନର ଶରୀର ଖଦଡା, କାକାଙ୍ଗ ଛକ୍‌କଣ,
ନିଶାରେ ପ୍ରକଟେ ଗ୍ରାମପ୍ରାନ୍ତେ ଶିବାସ୍ୱନ ।
ପତ୍ରମାନ, ପନ୍ହୀ ବଢ଼ ରହିବା ନିଳୟ,
ପସ୍ୱ ଦିନ ହ୍ରାସ, ରାତ୍ରି ଅଯୁତ ସମୟ ।
ଫଳି ଅଛନ୍ତି ଅନୁପ୍ୟ ଫଳ ବର୍ମରଙ୍ଗ,
ନେଉଆ, ବଦରୀ, ଲେମ୍ବୁ, କମଳା, ନାରଙ୍ଗ ।
ସବୁ କୁହୁଡ଼ରେ ସବୁଅତ ଆଚ୍ଛାଦିତ,
ସେବତୀ, ଗୋଲାପ, କୁବଳୟ କୁସୁମିତ ।
ଦିବା ଖରାରେ ନିଶାରେ ଜାନୁ ଧରି କୋଳେ,
ଦୀନହୀନ ଜନ କାଟେ ଏ କାଳ ନିରୋଳେ ।
କମ୍ବଳ ଉପରେ ଭଦ୍ର ପାଳ ପାଞ୍ଚ ତଳେ,
ଖେତରେ ଶୟନ କରେ କର୍ଷକ ନିଷ୍ଟଳେ ।
ଅଧିକ ମୂଲ୍ୟ ରେଶମୀୟ ବିବିଧ ବସନ,
ପିଧାନରେ ଧନୀ କରେ ସମୟ ଯାପନ ।
ଯେତେ ବଡ଼ ଲୋକ ହେଲେ ନିତ ଶୟନରେ,
ଶିକାରୀ ବାସୁଡ଼ା ଭଳି ଲଭେ ଅଧିକରେ ।
ଶୀତବାଧା ସହି ମୃଗ ମାରିବା ଆଶାରେ,
ମୃଗୟୁ ବନେ ପଲ୍ଲରେ ବସଇ ନିଶାରେ ।
ଆଶା ଦେବୀର କଙ୍କର କଷ୍ଟକୁ ସହଇ,
ନିଶ୍ଚିନ୍ତ ନୋହି କୁତ୍ସିତ କର୍ମକୁ କରଇ ।
ଶସ୍ୟଭରିତ କ୍ଷେତକୁ ବିଲୋକି କୃଷି[illegible]
ନିର୍ବିଘ୍ନାନନ୍ଦ ଲଭଇ ଚିନ୍ତୁଁ ତେଜି ଦକ ।
ଶ୍ରୀ କେଶବ ନାରାୟଣ ପାଳିତ ସମୟ,
ଲୋକଭୟଙ୍କର ହେବା ଦୁଃଖର ବିଷୟ ।

ଏ କବିତାଟି ସରଳ ସ୍ୱଭାବୋକ୍ତି ଅଳଙ୍କାରରେ ଅତି ସୁନ୍ଦର ହୋଇଅଛି । ଧୋବଲା, ଡରକୁଳା, ଲୁଗିହୋଇ, ଖଦଡ଼ା, ବାସୁଡ଼ା ପ୍ରଭୃତି କେତେଗୁଡ଼ିଏ ଖାଣ୍ଟି ଓଡ଼ିଆ ଶବ୍ଦ କବିତାର ଉପାଦେୟତା ବଢାଇଅଛି । "ଲୋକଙ୍କର ପ୍ରିୟ ହେଲେ ଇନ ହୁତାଶନ, ଅପ୍ରିୟ ହୋଇଲେ ହିମକିରଣ ପବନ । ଅହୋ ଦେଶ କାଳ କର୍ମ ପରିବର୍ତ୍ତ-

ନରେ, ପ୍ରିୟ ଅପ୍ରିୟ ଅପ୍ରିୟ ପ୍ରିୟ ଜଗତରେ" ଏ ପଙ୍‌କ୍ତିଚତୁଷ୍ଟୟ ବାସ୍ତବତାରେ ଅନୁପ୍ରାଣିତ । ସମୟର ପରିବର୍ତ୍ତନଦ୍ୱାରା ପ୍ରିୟ ଅପ୍ରିୟ ହୁଏ, ଅପ୍ରିୟ ମଧ୍ୟ ପ୍ରିୟ ହୁଏ । ଶୀତକାଳରେ ଯେଉଁ ସୂର୍ଯ୍ୟ ଏବଂ ଅଗ୍ନି ପ୍ରିୟ ହୋଇଥାଏ, ଗ୍ରୀଷ୍ମକାଳରେ ତାହା ପୁଣି ବିପରୀତ ଅପ୍ରିୟ ହୁଏ । ଶୀତକାଳରେ ଚନ୍ଦ୍ର ଏବଂ ପବନ ଅପ୍ରିୟ ହେଲେ ହେଁ ଗ୍ରୀଷ୍ମକାଳରେ ତାହା ବାଞ୍ଛିତ ଏବଂ ସମାଦୃତ ହୁଏ, ଏହା ନିର୍ମଳ ସତ୍ୟୋକ୍ତି । କାଳ ସମସ୍ତଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣେ; ସୁତରାଂ କାଳ ସର୍ବଜୟୀ, କାଳର ଅସାଧ୍ୟ କିଛି ନାହିଁ । କି ଗମ୍ଭୀର ଭାବ ! ବାସ୍ତବରେ କବିତାଟି ମୌଳିକତାରେ ପୂର୍ଣ୍ଣ । ପୁଣି ସାହିତ୍ୟସମ୍ରାଟ, ଯାଜପୁର ମହୋଦୟ ଗୋଟିଏ ସୁନ୍ଦର ଉପମାର ଅବତାରଣା କରିଅଛନ୍ତି— "ପତି ସାନ ପତ୍ନୀ ବଡ଼ ରହିବା ନିଳୟ, ଯଥା ଦିନ ହ୍ରାସ ରାତ୍ରି ଆବୃତ ସମୟ ।" ଉପମାଟି ନୂତନ ଏବଂ କବିଙ୍କର ନିଜସ୍ୱ । ଶୀତ ଋତୁରେ ରାତ୍ରି ବଡ଼ ହୁଏ ଏବଂ ଦିନ ସାନ ହୁଏ । କବି ରାତ୍ରିକୁ ପତ୍ନୀ ଏବଂ ଦିନକୁ ପତି କଳ୍ପନା କରିଅଛନ୍ତି । ବର୍ଷୀୟସୀ ପତ୍ନୀ ସଙ୍ଗରେ ଅଳ୍ପ-ବୟସ୍କ ପାତ୍ରର ବିବାହ ଦେଇ ସେ ପ୍ରକୃତ କବିସୁଲଭ ଅପୂର୍ବ କୌତୁକର ସୃଷ୍ଟି କରିଅଛନ୍ତି । ଏହି ପଙ୍‌କ୍ତିଦ୍ୱୟ ସମଗ୍ର କବିତାଟିକୁ ଆଲୋକିତ କରୁଅଛି । କବିତାଟି ସୁଧୀବର୍ଗର ଉପଭୋଗ୍ୟ । କବିର ସୃଷ୍ଟି ସ୍ୱତନ୍ତ୍ର, ସେ କଳ୍ପନା ବଳରେ ଅସମ୍ଭବକୁ ସମ୍ଭବ କରିପାରେ— ଏହାହିଁ କବିତାର ବୈଚିତ୍ର୍ୟ । ଏଥିରୁ ହେମନ୍ତ ଋତୁର [illegible] ଏବଂ ଜ୍ୟୋତିଷରେ ଅଳି ଭିଳ । ଯେଉଁ ପରି ସରଳ, ସେହିପରି ଭାବ ସମ୍ପଦରେ ସମୃଦ୍ଧ । ସାହିତ୍ୟସମ୍ରାଟଙ୍କର ଆଉ ଗୋଟିଏ ଖଣ୍ଡ-କବିତା ନିମ୍ନରେ ଅବିକଳ ଉଦ୍ଧୃତ ହେଲା:—

## ବର୍ଷା ସମୟ

ବିଦେଶୀ ବିଯୋଗୀ ଖେଦପ୍ରଦ ବର୍ଷାକାଳ,
ଆଗତ ସେ ଜଳକଣ୍ଠ—କୁଳ-କଣ୍ଟକାଳ ।
ନଭେ ନୀଳ ମେଘ ଘୋଟି ଆଚ୍ଛାଦେ ଭୂମିକି,
କରେ ଦୁର୍ଦ୍ଦିନ ଦିନକୁ,ଅନ୍ଧାର ସଞ୍ଚକି ।
କ୍ଷଣେ ଚନ୍ଦ୍ରଶୂନ୍ୟ, ନିଶା—କାଳେ ରବିଶୂନ୍ୟ—
ହୋଇ ମରୁଭୂମି ପରି ଅସୁନ୍ଦର ଶୂନ୍ୟ ।
ଶମ୍ପା ପ୍ରକାଶି ମୁଦାଏ ମନୁଜ ଆଖିକି,
ସ୍ତନିତ ଘନେ ପ୍ରକଟି କମ୍ପାଏ ଯୁବତୀକି ।
ପୁରାଣ ବର୍ଣ୍ଣିତ ଯଥା ପାର୍ଥ ବାଣଗଣ,
ବୃଷ୍ଟିପରି ଜଳବୃଷ୍ଟି ହୁଏ ଅନୁକ୍ଷଣ ।
ନଈ ନାଳ ବନ୍ଧ ବିଲ ପାଣିରେ ପୂରିତ,
ମାତ୍ର ଜଳ ସ୍ୱଚ୍ଛ ନୋହି ପଙ୍କ-କଳୁଷିତ ।
ପୂର୍ବ ଦିଗରୁ ବହିଲା ପ୍ରବଳ ପବନ,
କୁହୁଡ଼ି ଛୁଟିଲା, ରଜ ଉଡ଼ିଲା ନାଶନ ।
ଘନ ବୋଲାଏ ଜୀମୂତ କରି ନୀରଦାନ,
କଣ୍ଟକ କର୍କଟୀ ଜମ୍ବୁ-ଫଳ ବିଦ୍ୟମାନ ।
ମାଳତୀ ଯଥା ବିକଶି ଭୃଙ୍ଗପ୍ରକରକୁ,
ଆକର୍ଷଣ କରି ନିଏ ନିଜ ନିକଟକୁ ।
ନିର୍ଜ୍ଜୀବ ପ୍ରାୟ ବନକୁ ପୁଣି ସଞ୍ଜୀବନ,
କରିବାରୁ ସିନା ଜଳ ବୋଲାଏ ଜୀବନ ।
ବୁଧସ୍ଥାନ ସ୍ଥାନେ ମୂର୍ଖେ ପଣ୍ଡିତ ହୁଅନ୍ତି,
ତେମନ୍ତେ ତାରସ୍ଥାନ କାଳେ ଖଦ୍ୟୋତେ ଉଡ଼ନ୍ତି ।
ଝିଲ୍ଲିକା ମଣ୍ଡୂକଗଣ ରବ ପ୍ରକାଶିଲା,
କୃଷକ ହୃଦ ସନ୍ତୋଷ ଭରିତ ହୋଇଲା ।
ଚନ୍ଦନଙ୍କ କୁମ୍ଭାରଙ୍କ ଦୁଃଖ କହି ନୁହେ,
କିଏ ସନ୍ତୋଷୀ ହୋଇଲେ କିଏ ଦୁଃଖୀ ହୁଏ ।
ଗୃହୀଏ କୁଳାୟେ ତିଷ୍ଠି ଆଦର କରନ୍ତି ।
ଧନିକେ ସୌଧାନ୍ତରାଳେ ସୁଖରେ ରହନ୍ତି ।
ନ୍ୟୂନାଧିକ ନୋହି ଏବେ ଉଷ୍ଣଶୀତ ସମ,
ବାହାରର ଧରସ୍ଥଳ କଳିତ କର୍ଦ୍ଦମ ।
ପାଟଳ ଓ ଉଦଣ୍ଡ ନୀଳ ଲୋହିତ ଧୂମଳ,
ଆଉରି କପିଳ ପୀତ ହରିତ ଶ୍ୟାମଳ ।
ବର୍ଣ୍ଣସପ୍ତକ ପ୍ରାପ୍ତ ହୋଇ କଦା ଗଗନରେ,
ଦେଖାଦେଇ ଲୋକଙ୍କର ଆଖି ସୁଖ କରେ ।
ବାଞ୍ଛା ଶାଦ୍ୱଳ ହୋଇଲା କେଦାର ପ୍ରକର,
ମରକତ ବିଭୂଷିତ ପରି ମନୋହର ।
ଶିଳୀନ୍ଧ୍ର ଭୂମିଦେବୀର ଛତ୍ର ସ୍ୱରୂପରେ ।
ସ୍ୱଜିବାରୁ ପରା ଖ୍ୟାତ ଛତାକ ନାମରେ ।

ଖେଦ ମୋଦହୀନ ଜ୍ଞାନୀ ମାନସ ପରାଏ,
କଣ୍ଠ କାର୍ଶ ଗୀଷ୍ମେ ବୃଦ୍ଧି ବୃଷ୍ଟିରେ ନ ପାଏ । *
ଶ୍ରୀଧର ହୃଷୀକେଶ ପ୍ରପାଳିତ କାଳରେ,
ଦୁର୍ଦ୍ଦିନ ଘୋଷିବା ଶୋଚ୍ୟ ଅଟେ ନଷ୍ଟଯୁଗରେ ।
( "ରସଚକ୍ର" ଦ୍ୱିତୀୟଭାଗ ୫ମ ୬ଷ୍ଠ ଯୁଗ୍ମ
ସଂଖ୍ୟାରେ ପ୍ରକାଶିତ)

ଉପରୋକ୍ତ କବିତାଟି ଅତି ସରଳ ହୋଇଅଛି । ବହୁ ସମାସଯୁକ୍ତ ଦୀର୍ଘପଦ ସ୍ଥାନେ ସ୍ଥାନେ ବ୍ୟବହୃତ ହୋଇଥିଲେହେଁ ଅର୍ଥ ସ୍ପଷ୍ଟ ପ୍ରତୀତ ହେଉଅଛି । ସ୍ଥାନେ ଦୁଇ ସ୍ଥାନରେ ଅନ୍ତର୍ଯତି ଏବଂ ବିରାମ ଯତିର ଭଙ୍ଗ ଘଟିଅଛି, ତାହା ଧର୍ତ୍ତବ୍ୟ ନୁହେଁ । କବିତାଟି ପଢୁ ପଢୁଁ ବର୍ଷାକାଳର ଚିତ୍ର ଆଖିଆଗରେ ଅଙ୍କିତ ହୋଇ-ଗଲାପରି ବୋଧ ହୁଏ । କବିତାଟି ପ୍ରସାଦ ଗୁଣବିଶିଷ୍ଟ ଏବଂ ସ୍ୱଭାବୋକ୍ତିରେ ଅଳଙ୍କୃତ । "ବୁଧହୀନ ସ୍ଥାନେ ମୂର୍ଖେ ପଣ୍ଡିତ ହୁଅନ୍ତି, ତେଲ୍ହେ ତାରହୀନକାଳେ ଖଦ୍ୟୋତେ ଉଦ୍ଧନ୍ତି ।" ଉପମା ସାର୍ଥକ ହୋଇଅଛି । ଏ କବିତା ପଦକ ଗୋଟିଏ ଭାବପ୍ରାଣ ଦୃଷ୍ଟାନ୍ତ ଶ୍ଳୋକ । ସ୍ୱଭାବକବିଙ୍କର ଆଉ ଗୋଟିଏ ସୁନ୍ଦର ଋତୁଚିତ୍ର ନିମ୍ନରେ ସନ୍ନିବେଶିତ ହେଲା ।

## ନିଦାଘ ସମୟ

ଅହୋ ସ୍ରଷ୍ଟ ଗ୍ରୀଷ୍ମ ଋତୁ ମଧ୍ୟାହ୍ନ ସମୟ,
ପ୍ରଚଣ୍ଡ ପ୍ରଚଣ୍ଡ ଚଣ୍ଡକର କରମୟ ।
ସୁରକର କରଘାତ ଲଭି ଜନ୍ତୁମାନେ,
ଉଦ୍ବେଳ ବିକଳ ହୋଇ ଛିତ ଅଣ୍ଡା ଥାନେ
ଘର ଭିତରେ ଉତ୍ତାପ ଦାଣ୍ଡେ ଝାଞ୍ଜି ବାତ,
ଯେସନେ ଆଗରେ କୂପ ପଛଆଡ଼େ ଖାତ ।
ବର୍ଷାକାଳେ ପ୍ରଭବିବା ତରୁଲତା ପାଇଁ,
ପ୍ରଦେଶ ଯୋଗାଇବାକୁ ନିଜ ଛନ୍ଦେ ଧାଇଁ ।
ପର ହିତକର ତୃଣ କଣ୍ଟକ କାନନ,
ଦାବାନଳରେ କରଇ ଆତ୍ମ ବିସର୍ଜନ ,
ମାତ୍ର ଜନ୍ତୁଙ୍କ କଷ୍ଟ ସେ ମନେ ନ ଭାବଇ,
ମମକାର ତ ଜଗତେ ପ୍ରବଳ ଅଟଇ ।

ପ୍ରଭଞ୍ଜନ ପଶ୍ଚିମରୁ ପ୍ରଖରରେ ବହି,
ନିଜ ବଳ ମହିମାକୁ ଲୋକେ ପ୍ରକଟଇ ।
ଶୀତଳତା ବର୍ଣ୍ଣୁ କୂଅପାଣି କଟଇ,
କୃତୀ ହେଲେ ମାନବଙ୍କ ପ୍ରଶଂସାକୁ ପାଇ ।
ଜଳ ସଂଗ୍ରହ କରଣେ ମୃତ୍ତିକାର ପାତ୍ର,
ହୈମ ରୌପ୍ୟ ପାତ୍ରଠାରୁ ଅତ୍ୟାଦର ପାତ୍ର ।
ତପନ ଆପଣା କରେ ଗ୍ରୀଷ୍ମ ପ୍ରଭାବରୁ,
ଜଳପାନ କରେ ଜଳ ସ୍ଥାନମାନଙ୍କରୁ ।
ସଲିଳ ବିହୀନ ହେଲେ ତଟିନୀ ତଡ଼ାଗ,
ଅତି ଦୁଃଖୀ ବାଟେ ଯାଉଥିବା ଲୋକସାକ ।
ଖରାରେ ଥିବା ମନୁଜେ ଛାୟାକୁ ଛାୟାରେ—
ଥିବା ଲୋକ କୁଡ଼ିଆକୁ ସାନ କୁଡ଼ିଆରେ—
ବାସ କରୁଥିବା ଜନେ ସୁନ୍ଦର ସୌଧକୁ,
ସୌଧସ୍ଥ ନରେ ବାଞ୍ଛନ୍ତି ହିମ ପର୍ବତକୁ ।
ସବୁଙ୍କର ଅନ୍ତ ଅଛି ନଶ୍ୱର ଜଗତେ;
ମାତ୍ର ମାନବ ବାଞ୍ଛାର ଅନ୍ତ ନାହିଁ ସତେ ।
କୁଟୀରନିବାସୀ ସୁଖେ ନିଦ୍ରିତ ସୌଧରେ,
ଚନ୍ଦନଚର୍ଚ୍ଚିତ ବ୍ୟକ୍ତ କୋମଳ ତଳ୍ପରେ—
କଙ୍କରସେବିତ ହୋଇ କରେ ଜାଗରଣ,
ବୋଧ ହୁଏ ତୃପ୍ତି ମାତ୍ର ତାହାର କାରଣ ।
ଅକର୍ମୀ କର୍ମୀ ସକଳେ ଝାଳେ ଜର୍ଜ୍ଜରିତ,
ଘର୍ମରଶ୍ମିତେ ଅଙ୍ଗ ହୁଅଇ ପୂରିତ ।
ଅପେକ୍ଷା ଦୁର୍ବଳ, ଭେକ୍ଷା ପୀଡ଼ିତ ଶୋଷରେ,
ମୃଗତୃଷ୍ଣା ପ୍ରସରଇ ମରୁ ପ୍ରଦେଶରେ ।
ଝିଙ୍କିକୁରେ ଜିଭ ଲମ୍ବାଇ [illegible]-
ପଣ୍ଡିରହି ଧଇଁ ସଇଁ ହୁଅନ୍ତି ବିକଳେ ।
ଶିରୀଷ କେତକ ହେମ ପୁଷ୍ପକ ପୁଷ୍ପିତ,
ଆମ୍ର ଜମ୍ବୁ ପନସାଦି ଫଳ କବଳିତ ।
କୃଷକେ କର୍ମନିବୃତ, କାରୁକର୍ମିଗଣ,
ପେଟ ପାଇଁ କାର୍ଯ୍ୟ କରି ସହଇ କଷଣ ।
ଶୀତଳ ଜଳ ପ୍ରଭୃତି ସାମାନ୍ୟ ପଦାର୍ଥ,
ପଥିକଙ୍କୁ ଦେଇ ଜନେ ହୁଅନ୍ତି କୃତାର୍ଥ ।

* କଣ୍ଠ— ସମୁଦ୍ର

ଦୁଃଖଦ ଦିନ ବୃଦ୍ଧି, ସୁଖଦ କ୍ଷପା କ୍ଷୟ,
"ପାପୀ ଚିରାୟୁ, ସୁକୃତୀ ଗତାୟୁ ନିଶ୍ଚୟ ।"
ପାବକ ସୁବକ, ଉତ୍‌କୀତ ପଳାତକ,
ଶୀତମୟୂଖ ମାଟିଆ ଦୀପେ ତେଜ ଝଡ ।
ହିଂସକମ ବାମନାଧିପତ୍ୟ ଉଦ୍ଭବର,
ଲୋକ ଖେଦପ୍ରଦ ହେବା ମହିମା କାଳର ।

ଏହି କବିତାଟି ପ୍ରଥମ ଖଣ୍ଡ ତୃତୀୟ ସଂଖ୍ୟା "ନବଭାରତ"ରେ ପ୍ରକାଶିତ ହୋଇଥିଲା ।

ଉପର୍ଯ୍ୟୁକ୍ତ କବିତାଟି ସ୍ୱତନ୍ତ୍ର ଧରଣର । ଗଦ୍ୟ ପରି ପଢିଲେ ଏହାର ମାଧୁର୍ଯ୍ୟ ଉପଲବ୍ଧ ହେବ । ପ୍ରଥମ ହେତେ ଧାଡିରେ ରୌଦ୍ର ରସ ଖୁବ୍ ଫୁଟିଅଛି । "ତହଳ ବିକଳ" ଶବ୍ଦଟି ନିଖୋଳ ଓଡିଆ ଶବ୍ଦ ଏବଂ ଓଡିଆ ଭାଷାର ପ୍ରକୃତି ଅନୁସାରେ ଗଠିତ । ଏ ଶବ୍ଦ ପ୍ରୟୋଗଦ୍ୱାରା ଗୋଟିଏ ସୁନ୍ଦର ଲୁପ୍ତ ଶବ୍ଦର ଉଦ୍ଧାର ସାଧନ କରାଯାଇଅଛି । ଏହିପରି ଯେତେ ସୁନ୍ଦର ଶବ୍ଦ ଉଦ୍ଧାର କରାଯାଇପାରେ ଭାଷାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଭାବ ପ୍ରକାଶ ସେତେ ସରଳ ହୋଇଆସିବ । "ସ୍ଥାନେ" ପରିବର୍ତ୍ତରେ "ଥାନେ" ବ୍ୟବହାର ଅନ୍ତର୍ଦ୍ଦୃଷ୍ଟିର ପରିଚାୟକ । ତାହା କୋମଳ ଏବଂ ମଧୁର । ଶବ୍ଦକୁ ଶ୍ରୁତିସୁଖକର କରିବା ପାଇଁ ଏଭଳି କାଟଛାଣ୍ଟ କରିବାର ଅଧିକାର କବି ଲେଖକର ଅଛି, ଏହା ପୂର୍ବରୁ ଉକ୍ତ ହୋଇଅଛି । "ଦୁଃଖଦ ଦିନ ବୃଦ୍ଧି, ସୁଖଦ କ୍ଷପାକ୍ଷୟ । ପାପୀ ଚିରାୟୁ, ସୁକୃତୀ ଗତାୟୁ ନିଶ୍ଚୟ" ଏହି ଦୁଇ ଧାଡି ସୂକ୍ତି ସଦୃଶ ମହାମୂଲ୍ୟବାନ୍ । [illegible] ନବୀନ ଉଭୟ ସଙ୍ଗର ସୁନ୍ଦର, ମଧୁର ସମାବେଶ । ଏହା ସାହିତ୍ୟିକଙ୍କ ଲେଖାର ଅପୂର୍ବ ବିକାଶ ।

ବ୍ୟାକରଣରେ ସାହିତ୍ୟ-ସମ୍ରାଟଙ୍କର ପାଣ୍ଡିତ୍ୟ ଅସାଧାରଣ; ତେଣୁ ବ୍ୟାକରଣ ତାଙ୍କର ଅତି ପ୍ରିୟ । ସମୟ ସମୟରେ ସେ ବ୍ୟାକରଣ ସମ୍ବନ୍ଧୀୟ ପ୍ରବନ୍ଧ ଲେଖି ପତ୍ରପତ୍ରିକାରେ ପ୍ରକାଶ କରନ୍ତି । ତାଙ୍କର ବ୍ୟାକରଣୀୟ ସମାଧାନ ସଂସ୍କୃତ ବ୍ୟାକରଣର ସୂତ୍ରାନୁସାରେ ହୁଏ । ୫।୭।୧୯୩୪ ତାରିଖରେ ପ୍ରକାଶିତ ସାପ୍ତାହିକ "ନବୀନ"ରେ ତାଙ୍କର "ନବରସ" ନାମରେ ଗୋଟିଏ କବିତା ମୁଦ୍ରିତ ହୋଇଥିଲା । ତାହା ଏଠାରେ ଉଦ୍ଧୃତ ହେଲା । ସେଥିରୁ ତାଙ୍କର ବ୍ୟାକରଣ-ଜ୍ଞାନ ସୁସ୍ପଷ୍ଟ ଅନୁମେୟ ।

### ନବ ରସ

ଶୃଙ୍ଗାର ବୀର କରୁଣ ରୌଦ୍ର ଭୟାନକ,
ଅଦ୍ଭୁତ ବୀଭତ୍ସ ହାସ୍ୟ ଶାନ୍ତ ଏ ନବକ,
ରସ ବୋଲି ଖ୍ୟାତ, ଏଥି ପ୍ରଧାନ ଶୃଙ୍ଗାର,
ମୋଦଦ, ପ୍ରେମୋତ୍ପାଦକ ସୃଷ୍ଟି ସ୍ଥିତ୍ୟାଧାର ।
ସାତ୍ତ୍ୱିକ ଶୃଙ୍ଗାର ପ୍ରେମ ଭକ୍ତି ପରିଣାମ,
ସେହି ପୁଣି ଆଧ୍ୟାତ୍ମିକ ଅତ୍ୟନ୍ତାଭିରାମ ।
ରାଜସ ତାମସ ଯୁକ୍ତ ଶୃଙ୍ଗାର ବିଷୟ—
ସକ୍ତ କାମ ମୋହ ପରିଣାମଟି ନିଶ୍ଚୟ ।
ଆବର ଆଧିଭୌତିକ ଅତି ଭୟଙ୍କର,
ହିଂସା ଶୋକାଦି ଦୁର୍ଗୁଣମାନଙ୍କ ଆକର ।
ନିଜ ଗୁଣାନୁରୂପରେ ଶୃଙ୍ଗାରକୁ ନରେ,
ଅନୁଭବ କରି ତୃପ୍ତି ଲଭନ୍ତି ମନରେ ।
ଶ୍ରୀକୃଷ୍ଣ ରାସ ବିଳାସ ଯେପରି ମୋଦଦ,
ରୁଦ୍ର ପ୍ରଳୟ ତାଣ୍ଡବ ସେପରି ତୋଷଦ ।
ପ୍ରେମୈକବୀଜ ଅଟଇ ସେ ଶୃଙ୍ଗାର ରସ,
କ୍ରୋଧୈକବୀଜ ରୂପରେ ଶୋଭେ ବୀର ରସ ।
ଆନନ୍ଦୈକବୀଜ ଶାନ୍ତ ରସ ଏ ଜଗତରେ,
ସୃଷ୍ଟି ସ୍ଥିତି ଲୟ ତିନି ବହିଛନ୍ତି ବଳରେ ।
ସୁଷୁପ୍ତିରେ ସମାଧିରେ ନର ଶାନ୍ତ ରସ,
ଉପଲବ୍ଧି କରି ଚିତ୍ତେ ଲଭଇ ହରଷ ।
ପ୍ରବର୍ତ୍ତି ହିଂସୈକବୀଜ ହୋଇ ରୌଦ୍ର ରସ;
ଦ୍ୱେଷୈକବୀଜ ସ୍ୱରୂପ ସେ ବୀଭତ୍ସ ରସ ।
ବିଷାଦୈକବୀଜ ରୂପ କରୁଣ ଅଟଇ,
ଅଜ୍ଞାନୈକବୀଜାକାର ଅଦ୍ଭୁତ ହୁଅଇ ।
ଭୟୈକବୀଜ ଅଟଇ ଭୟାନକ ରସ,
କୌତୁକୈକବୀଜ ହୋଇ ରାଜେ ହାସ୍ୟ ରସ ।
ଏ ନବ ରସଙ୍କୁ କବିବରେ କାବ୍ୟରେ,
ବିସ୍ତାରି ବର୍ଣ୍ଣନ କରିଛନ୍ତି ଉଚିତରେ ।
ଶୃଙ୍ଗାର ବୀର ରସକୁ ମାତ୍ର ଅଙ୍ଗୀ କରି,
ଇତର ରସମାନଙ୍କୁ ଅଙ୍ଗ ରୂପେ ଭରି ।

ଦୃଶ୍ୟ କାବ୍ୟନଚୟକୁ ପୂର୍ବ କବିବରେ,
ସଂସ୍କୃତ ଭାଷାରେ ରଚିଛନ୍ତି ମଞ୍ଜୁଳରେ ।
କାବ୍ୟର ଜୀବନ ରସ, କାବ୍ୟ ତାହା ବିନା,
ଅତି ଶୁଷ୍କ ତୃଣ ପରି ଅନାଦୃତ ସିନା ।
ରସ ପୋଷଣରେ ହୁଏ ପାଠକଙ୍କ ତୋଷଣ,
ତେବେ କାବ୍ୟ କରେ ଜନ ମାନସାକର୍ଷଣ ।
ରସାତ୍ମକ କାବ୍ୟକଳି ଆପଣାର ମନେ,
ରସାଧିପତ୍ୟକୁ ଭୁକ୍ତ ପରକାରେ ମଣେ ।
ସରସ ହୃଦୟ କବି ମାତ୍ର ରସମୟ,
କାବ୍ୟ ରଚି ସ୍ଥିର ଯଶ ଲଭେ ଏ ନିଶ୍ଚୟ ।

ନବରସ ଏବଂ ତାହାର ରୂପ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି । ସାହିତ୍ୟସମ୍ରାଟ୍ ଆଦି ରସକୁ ଉଚ୍ଚ ସ୍ଥାନ ଦେଇଅଛନ୍ତି; ଦେବାହିଁ ଉଚିତ । ରସ ମଧ୍ୟରେ ସେ ପ୍ରଧାନ ବୋଲି ତାହାର ନାମ ଆଦି ରସ ହୋଇଅଛି । ଆଦି ରସହିଁ ଜଗତର ସୃଷ୍ଟି ଏବଂ ବୃଦ୍ଧିର ମୂଳ ଉପାଦାନ । ତାହା ଦୁଇ ପ୍ରକାର—ଦୈବିକ ଆଦି ରସ ଏବଂ ପାଶବିକ ଆଦି ରସ । ପ୍ରଥମଟି ଦେବତା ଦ୍ୱିତୀୟଟି ପିଶାଚ । ଗୋଟିଏ ସ୍ୱର୍ଗର ଅମୃତ, ଅପରଟି ନରକର ପୂତିଗନ୍ଧମୟ ପୂଯରକ୍ତ । ଗୋଟିଏ ରମଣୀୟ, ଆରଟି ଘୃଣ୍ୟ । ଦୈବିକ ଆଦି ରସର ପ୍ରାଣ ପ୍ରେମ ଏବଂ ଭକ୍ତି; ମାତ୍ର ପାଶବିକ ଆଦି ରସର ପ୍ରାଣ ପାପ ଏବଂ ମୃତ୍ୟୁ । ସ୍ୱୈରିତା ଆଦି ରସ ନୁହେଁ, ତାହା କୁତ୍ସିତ ରସ । ଦୈହିକ ମିଳନ ତାହାର ଧର୍ମ; ମାତ୍ର ଦୈବିକ ବା ଶୁଦ୍ଧ ଆଦି ରସ ଆତ୍ମାର ପବିତ୍ର ନିବିଡ଼ ମିଳନର ଘଟକ ସ୍ୱରୂପ ।

ଆଦି ରସ ବିନା କାବ୍ୟ ହୋଇପାରେ ନାହିଁ । ସୂକ୍ଷ୍ମଭାବରେ ଆଲୋଚନା କଲେ ଏହି କଥାର ମର୍ମ ସୁବୋଧ୍ୟ । ଭାଷା ଏବଂ ଭାବର ମିଳନରେ କାବ୍ୟ, କବିତା, ପ୍ରବନ୍ଧ ପ୍ରଭୃତିର ଉତ୍ପତ୍ତି । ଭାଷାକୁ ଛାଡ଼ି ଭାବ ତିଷ୍ଠିପାରିବ ନାହିଁ କିମ୍ବା ଭାବକୁ ଛାଡ଼ି ଭାଷା ତିଷ୍ଠି-ପାରିବ ନାହିଁ । ସୁତରାଂ ପ୍ରତ୍ୟେକ କାବ୍ୟ କବିତାରେ ଆଦି ରସ ବିଦ୍ୟମାନ । ସବୁଥିରେ ଭାଷା ଓ ଭାବର ପବିତ୍ର ବିବାହ ଲାଗିରହିଅଛି । ଆଦି ରସ ଆବଶ୍ୟକ; ମାତ୍ର ବୀଭତ୍ସ ଆଦି ରସ ଆଦରର ପାତ୍ର ନୁହେଁ । ବିଶ୍ୱ ବ୍ରହ୍ମାଣ୍ଡ ଆଦି ରସରେ ପୂର୍ଣ୍ଣ; ମାତ୍ର ଏହା ବୋଲି କୁକ୍‌କୁଟ କୁକ୍‌କୁଟୀ ପରି ସବୁବେଳେ ସେଥିରେ ଲିପ୍ତ ହେବା ଶ୍ରେୟସ୍କର ନୁହେଁ । ସବୁ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ସୀମା ଅଛି । ସେହି ସୀମା ଅତିକ୍ରମ କଲେ ବିପଦ ଅବଶ୍ୟମ୍ଭାବୀ । ପ୍ରାଣଘାତୀ ବିଷ ବି ଔଷଧରେ ବ୍ୟବହୃତ ହୁଏ; ମାତ୍ର ତାହାର ମାତ୍ରା ବଳିପଡ଼ିଲେ ହିତ ପରିବର୍ତ୍ତେ ବିପରୀତ ହୁଏ । ଅତି ଶବ୍ଦଟି ବଡ଼ ବିଷମ, ଏହି ହେତୁରୁ "ଅତି ସର୍ବତ୍ର ବର୍ଜୟେତ୍" ବୋଲି ମହାଜନମାନେ କହିଯାଇଅଛନ୍ତି ।

ପଦ୍ୟ ପରି ଗଦ୍ୟ ରଚନାରେ ମଧ୍ୟ ସ୍ୱର୍ଗତ କବି ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟଙ୍କର ଶକ୍ତିର ବିଶେଷ ବିକାଶ ଘଟିଅଛି । ଉଦାହରଣ ସ୍ୱରୂପ ତାଙ୍କ ଲିଖିତ ଗୋଟିଏ ଗଳ୍ପ ଏଠାରେ ପ୍ରଦର୍ଶିତ ହେଲା ।

## ଗୁଣବତୀ ପତ୍ନୀ

ନିପଟ ନିଦାଘ ସମୟ । ଜଗତ ଆତପାନଳର ଆହୁତି ହୁଏ । ଦିନ ଦଶଘଣ୍ଟା ପୂର୍ବରୁ ପଶୁପକ୍ଷୀଚୟ ତରୁ-ଛାୟାଶ୍ରିତ, ଭୋଗିଗଣ ବଲ୍ମୀକ ଗର୍ଭ-ସ୍ଥିତ, ଭୋଗିଜନ କର୍ପୂର ମିଶ୍ରିତ ଚନ୍ଦନ ଚର୍ଚ୍ଚିତ; କିନ୍ତୁ ରନ୍ଧନାଦି ଗୃହକୃତ୍ୟ କାରିଣୀ ଗୃହିଣୀର ମାତ୍ର ବିଶ୍ରାନ୍ତି କିମ୍ବା ଶୈତ୍ୟୋପଲବ୍ଧି ଘଟେ ନାହିଁ । କୋର୍ଟ ଏବଂ ସ୍କୁଲ ବନ୍ଦ । ଧନାଢ୍ୟମାନେ ଉଦକମଣ୍ଡଳାଦି ସ୍ଥାନ-ମାନଙ୍କରେ ବାସ କରନ୍ତି । ଧନହୀନ କୋଠାରେ ବସି ବ୍ୟଞ୍ଜନ ସ୍ୱଳ୍ପ ସ୍ୱଳ୍ପ ଅର୍ଦ୍ଧଦଗ୍ଧା ଗୃହିଣୀକୃତ ରନ୍ଧନର ସମାଲୋଚନା କରେ ।

ଏମନ୍ତ ସମୟରେ ଆପଣାର ଏକମାତ୍ର ପୁତ୍ର ପୂର୍ଣ୍ଣଚନ୍ଦ୍ର [illegible]ର୍ଣ୍ଣ ସହିତ ବାଲେଶ୍ୱର ପ୍ରତୀକ୍ଷାରେ ପାସ କରି ଘରକୁ ବାହୁଡ଼ିଆସୁଥିଲା ସମ୍ବାଦ ଜାଣି ନାରାୟଣ ନାୟକର ଗୃହିଣୀ କମଳା ଚୁଲ୍ଲୀ ମୁହଁରେ ବସି ପିଠା ଛାଣୁଥିଲା । ପୁଅଠାରେ ଥିବା ପ୍ରେମ ବଶରୁ ସେ କଷ୍ଟ ପାଉଥିଲା । ତତ୍ପୂର୍ବ ଦିନ ତାର ପୁତ୍ରବଧୂ ସ୍ୱର୍ଣ୍ଣମଣି ମାଈ ଘରରୁ ଆଣୀତା ହୋଇଥିଲା । ସେ ଶାଶୁ ପାଖେ ବସି ପିଠା ଗଢୁଥିଲା । କମଳା ସରଳା ଏବଂ କୋମଳା । ସେ ବୋହୂକୁ ଅତ୍ୟନ୍ତ ଲାଳନ କରେ ।

ନାରାୟଣ କେବଳ ନାୟକୋପାଧିଧାରକ ମାତ୍ର ନୁହେଁ, ସେ ଲକ୍ଷ୍ମୀପୁର ଗ୍ରାମର ଅଧିକାରୀ । ବିଶାଖ-

ପତ୍ତଣ ମଣ୍ଡଳର ଗ୍ରାମାଧିକାରୀ ନାୟକ ବୋଲାଏ । ନାରାୟଣ ଗୃହବାସ, ହଳବଳଦ, ହଳଅମଲିଆ ରଖି ଏବଂ କିଛି ମହାଜନୀ କରି କେତେ ସହସ୍ର ଟଙ୍କାର ଅଧିକାରୀ ମଧ୍ୟ ହୋଇଥିଲା । ସେ ଲୋଭୀ ହୋଇଥିଲେ ହେଁ, ନିଜ ତନୁଜଙ୍କୁ ବଡ କରିବା ଉଦ୍ଦେଶ୍ୟରେ ଅଙ୍ଗ୍ଲ ଶିକ୍ଷା ପଠନ ପାଇଁ ଜୟପୁରର ହାଇ ସ୍କୁଲକୁ ପଠାଇଲା । ପୂର୍ଣ୍ଣଚନ୍ଦ୍ରର କୁଶାଗ୍ରବୁଦ୍ଧି, ସେ କେଉଁ କ୍ଲାସରେ ଫେଲ ନୋହି ମାଟ୍ରିକୁଲେସନ ପାସ କରି ବିଜୟ ନଗର କଲେଜରେ ଦୁଇବର୍ଷ ପଢି ବି. ଏ. ଉପାଧି ସମ୍ପାଦିଲା । ତେବେ ନାରାୟଣ ପୁତ୍ରକୁ ପଢା ଛଡାଇ ରେଭେନ୍ୟୁ ଡିପାର୍ଟମେଣ୍ଟରେ ପ୍ରବେଶ କରାଇବାକୁ ଉଦ୍ୟତ ହେଲା । ସେ ବିଭାଗରେ ପ୍ରବେଶିଲେ କାଳେ ପୁଅ ମେଜିଷ୍ଟ୍ରେଟ୍ ହେବ ବୋଲି ତାର ଆଶା । କିନ୍ତୁ ପୂର୍ଣ୍ଣଚନ୍ଦ୍ର ସ୍ୱୀକାର କରିବାକୁ ଅସମ୍ମତ ହୋଇ ଆଇନ ପଢିବା ପାଇଁ ଜିଗର କଲା । ସେ ସବୁଠି ପୁଅର ପଢା ପାଇଁ ବେଶି ଧନ ବ୍ୟୟିତ ହୋଇଥିଲା କାରଣରୁ ତାହା ବନ୍ଦ କରାଇବାକୁ ବାପ ବହୁବିଧ ଯତ୍ନ କଲା । କିନ୍ତୁ ପୁଅର ଜିଗର ବଶୁଁ ଏବଂ ମା ଉପର ଅନୁରୋଧ ବଶୁଁ ସେ ପୁଅକୁ ମାନ୍ଦ୍ରାଜର ଲ କଲେଜରେ ପଢାଇବାକୁ ମଙ୍ଗିଲା । କମଳା ସର୍ବଦା ପୁତ୍ରପକ୍ଷପାତିନୀ । ଜନନୀ ସର୍ବଦା ସନ୍ତାନପକ୍ଷପାତିନୀ ସିନା ।

ପୂର୍ଣ୍ଣଚନ୍ଦ୍ର ବିଜୟ ନଗରରେ ପଢୁଥିଲା ସମୟରୁ ଇଉରୋପ ଗମନୋଦ୍ଦେଶ ନିଜ ହୃଦୟରେ ପୋଷଣ କରୁଥିଲା ହେତୁରୁ ସେ ବୋଇଲା—"ଦେଖୁଛ [illegible] ମାନ୍ଦ୍ରାଜରେ ଆଇନ ପଢି ପାସ କଲେ ଓକିଲ ହୋଇ ମକ୍କେଲଙ୍କ ଏବଂ ଅଧିକାରୀଙ୍କ ଖୁସାମତ କରୁ କରୁ ମୋ ଜୀବନ ଅନ୍ତ ହେବ । ସ୍ୱକରର ପ୍ରାୟଶଃ ଏକ ମାତ୍ର ପ୍ରଭୁ; କିନ୍ତୁ ଓକିଲର ସମଗ୍ର ଜଗତଯାକ ପ୍ରଭୁ । ଅତଏବ ମୁଁ ଓକିଲ ହେବି ନାହିଁ, ଲଣ୍ଡନରେ ଆଇନ ପଢି ବାରିଷ୍ଟର ହେବି । ବାରିଷ୍ଟର ହେବାର କେତେକ ସମୟରେ ଜିଲ୍ଲା ଜଜ୍ କାର୍ଯ୍ୟ ପାଇବି ।"

ଏତେକ ଶୁଣିଲା ମାତ୍ରେ କମଳା ଆନନ୍ଦାବ୍ଧିରେ ଭାସିଲା । ନାରାୟଣ ବୋଇଲା—"ଏବେ ଏ ଦେଶରେ ଯେତେ ଲୋକ ବାରିଷ୍ଟର ହୋଇଅଛନ୍ତି, ସେମାନେ ସମସ୍ତେ ତ ଜଜ୍ ହୋଇ ନାହାନ୍ତି, ତୁ ଆଜି ବିଲାତ ଯାଇ କାଲିକି ବାରିଷ୍ଟର ହୋଇ ପରଦିନ ଆସିବା ମାତ୍ରେ ଜଜ୍ କାର୍ଯ୍ୟ ପାଇପାରିବୁ, ବୋଲିଯାଇ ନ ପାରେ । ତୁ ବିଲାତରେ ତିନି ବର୍ଷ ରହି ଜାତିକି ଏବଂ ସମ୍ପତ୍ତିକି ମାଟି କରିବୁ ମାତ୍ର । ତୁ ବିଲାତରେ ଆଇନ ପଢିବା ପାଇ ଯେତେ ଧନ ଖର୍ଚ୍ଚ କରିବୁ, ସେତେ ଧନ ଏଠାରେ ଋଣ ଦେଲେ ତାର କାଳାନ୍ତରରେ ତୁହି ଏବଂ ତୋ କୁଟୁମ୍ବ କୌଣସି କାର୍ଯ୍ୟ ନ କରି ସୁଦ୍ଧା ସୁଖରେ ବଞ୍ଚିପାରିବ । ମଧ୍ୟ ସେତେ ଧନ ତୋତେ ଦେବାକୁ ମୋଠାରେ ନାହିଁ । ଅତଏବ ଦୁରାଶା ଛାଡି କାର୍ଯ୍ୟ ପାଇ ଯତ୍ନ କର, ନଚେତ୍ ବିଲାତ ନ ଯାଇ ମାନ୍ଦ୍ରାଜରେ ଆଇନ ପଢ ।"

ଏହା ଶୁଣି ପୁତ୍ର ପ୍ରତ୍ୟୁତ୍ତର ଦେଲା—"ଏବେ ଯେଉଁ ଜନେ ବାରିଷ୍ଟର ହୋଇଅଛନ୍ତି, ତାଙ୍କର ସ୍ୱୀକାର କରିବା ସ୍ପୃହା ନ ଥିବ କିମ୍ବା ସେମାନେ କୌଶଳହୀନ ହୋଇଥିବେ । ମୁଁ ବାରିଷ୍ଟର ହେଲେ ମୋ କୌଶଳ ବଳରେ ଜଜ୍ କାର୍ଯ୍ୟ ନିଶ୍ଚେ ଲଭିବି । ବିଲାତ ଗଲେ ଜାତି ଯାଏ ବୋଲିବା ଧାରଣା ନିହାତି ଭ୍ରାନ୍ତ । ଆଜିକାଲି ବିଲାତ ହୋଇଛି ପରମ ପବିତ୍ର ତୀର୍ଥସ୍ଥାନ; ବିଲାତଫେରା ବ୍ୟକ୍ତି ହେଉଛି ସଭ୍ୟବର ।"

ତେବେ କମଳା ନିଜ ପତିଙ୍କି ଉଦ୍ଦେଶି ବୋଇଲା—"ଆହେ, ତୁମେ ଧନ ଲୋଭରୁ ଗୋଟିଏ ଲେଖାଏ ପୁଅକୁ ଭଲ ପାଠ ପଢାଇ ବଡ କରିବାକୁ ମଙ୍ଗ ନାହିଁ । ଧନ ଅରଜି ରଖି ଭଲ କାମରେ ଖରଚ ନ କଲେ ସେ ତ ସଙ୍ଗରେ ଯାଏ ନାହିଁ । ଭଲ କାମରେ ଖରଚ ହେବ କି ହେଉ । ତା ପାଇଁ ଭାବନା କାହିଁକି ? କାଲିକି ପୁଅ ଜଜ୍ ହେଲେ, ସେ କଣ ଧନ ଅରଜିବ ନାହିଁ ? ଜନ ଧନକୁ ଅରଜେ, ନା ଧନ ଜନକୁ ଅରଜେ ? ଏଣୁ ତୁମେ ଅବଶ୍ୟ ଧନ ଦେବାକୁ ହେବ, ପୁଅ ବିଲାତ ଯିବାକୁ ହେବ ।"

ମା ଉପର ଜିଗରରେ ଏବଂ ପୁଅର ଅଳିରେ ବାଧ୍ୟ ହୋଇ ସେ ବାପୁଡା ପାଞ୍ଚ ହଜାର ଟଙ୍କା ପୁଅ ହାତରେ ଦେଲା । କମଳା ନିଜ ପତିର ଅଜାଣାରେ

ଅଳଙ୍କାର ବନ୍ଧକ ଦେଇ ଏକ ହଜାର ଟଙ୍କା କରଜ କରିଆଣି ପୁଅକୁ ଦେଇ ବୋଇଲା—'ଏବେ ଏତିକି ଟଙ୍କା ନେଇଯାଅ । ଲୋଡ଼ାବେଳେ ଆହୁରି ପଠାଇବି ।'

ପୂର୍ଣ୍ଣଚନ୍ଦ୍ର ଲଣ୍ଡନ ଯାଇ ମିଡ଼ିଲ ଟେମ୍ପିଲରେ ପୂର୍ଣ୍ଣଚନ୍ଦ୍ର ଗୁର୍ତ୍ତ ବୋଲି ନିଜ ନାମ ଲେଖାଇ ପ୍ରବେଶିଲା । ଅତଏବ ସେ ସେଠାରେ ପି. ସି. ଗୁର୍ତ୍ତ ନାମରେ ବ୍ୟବହୃତ । ଏଣିକି ଆମ୍ଭେମାନେ ମଧ ସେହି ନାମ ବ୍ୟବହାର କରିବା । ବିଲାତରେ ଦୁଷ୍ଟ ସହବାସ ବଶୁଁ ଗୁର୍ତ୍ତର ଆଚରଣ ପରିବର୍ତ୍ତିତ ହେଲା । ସେ ସିଗାରେଟ ପୋଡ଼ାଏ, ମଦ ପିଏ, ବ୍ୟଭିଚାରିଣୀଙ୍କ ସ୍ନେହ ସମ୍ଭୋଗେ, ପ୍ରାୟଶଃ ପ୍ରତ୍ୟେକ ନିଶା ଶିନେମା କିମ୍ବା ନାଟକ ଦେଖିବାକୁ ଯାଏ, ଛୁଟି ଦିନମାନଙ୍କରେ ଦେଶ-ଭ୍ରମଣ କରେ । ଅତଏବ ସେ ବାରଂବାର ଧନ ପ୍ରେରଣ ନିମିତ୍ତ ବାପଠାକୁ ପତ୍ର ପଠାଏ । ବାପ ଆଖିବୁଜି କୁହେଁ—ଲହୁ ଗଢ଼ାଇ କରଜ କରି ଧନ ପଠାଉଥାଏ । ବର୍ଷତ୍ରୟରେ ତାର ସକଳ ଚର ସମ୍ପତ୍ତି ନିଲାମ ପାଇ ସ୍ଥିର ସମ୍ପତ୍ତି ବନ୍ଧକ କରାଗଲା । କିପରି ହେଉ ପୁଅ ବାରିଷ୍ଟର ହୋଇ ଫେରିଆସୁଥିଲା ସମ୍ବାଦ ଅବଗତ ହୋଇ ତାର ମନ ଥୋଡ଼ା ଖୁସିହୋଇ-ଥିଲା । ସେ ପୁତ୍ରପ୍ରେମବଶ ହୋଇ ସାଲୁର ରେଲ୍-ଷ୍ଟେସନରେ ନିର୍ଦ୍ଦିଷ୍ଟ ସମୟେ ହାଜର ହୋଇଥାନ୍ତେ, ମେଲ ଗାଡ଼ି ଆସି ପହଞ୍ଚିଲା । ନାରାୟଣ ଇଣ୍ଟର କ୍ଲାସ ଗାଡ଼ିରେ ଏବଂ ସେକେଣ୍ଡ କ୍ଲାସ ଗାଡ଼ିରେ ଖୋଜି ନିଜ ତନୁଜକୁ ନ ଦେଖି ଚିନ୍ତାନ୍ୱିତ ହୋଇ ଠିଆହୋଇ ଥାଆନ୍ତେ, ପଦେ ବୁଟ, ଅଙ୍ଗେ ଓଭର କୋଟ, ଶିରେ ହ୍ୟାଟ ଧାରଣ କରିଥିବା ଏକ ବ୍ୟକ୍ତି ଫାଷ୍ଟକ୍ଲାସ ଗାଡ଼ିରୁ ଓହ୍ଲାଇ ପ୍ଲାଟ ଫାରମରେ ତାର ପୂର୍ବ ପରିଚିତ ଜନୈକ ବ୍ୟକ୍ତି ତୁଲେ କର ଧାରଣ କରି ଆଙ୍ଗ୍ଲ ଭାଷାରେ ସମ୍ଭାଷଣ କରୁଥିଲା ସମୟରେ ପୋର୍ଟର ଗାଡ଼ିଭିତରୁ ସୁଟକେଶଟିଏ ଆଣି ସେଠାରେ ରଖି ଆପଣାର ହକ ପାଉଣା ପାଇ ସଲାମ କରିଗଲା । ନାରାୟଣ ମଧ୍ୟ ସାହେବ ବୋଲିବା ଶଙ୍କାରେ କିଛି ଦୂରେ ଘୁଞ୍ଚିଲା । କଥୋପକଥନ କରୁଥିବା ବ୍ୟକ୍ତିଦ୍ୱୟରେ ପୂର୍ବକଥିତ ବ୍ୟକ୍ତି ଅପର ବ୍ୟକ୍ତିକୁ ଉଦ୍ଦେଶି "ଗୁଡ୍‌ବାଇ ପୂର୍ଣ୍ଣଚନ୍ଦ୍ର" ବୋଲି ଯାଆନ୍ତେ ଅପର ବ୍ୟକ୍ତି ନିଜାତ୍ମଜ ବୋଲି ତେବେ ଜାଣି ତା ନିକଟକୁ ନାରାୟଣ ଯାଇ ସୁଟ୍‌କେଶ ବହନ କଲା । ମୋଟର ବସରେ ଯିବାକୁ ଗୁର୍ତ୍ତ ଅନିଚ୍ଛୁକ ହେଲା ହେତୁରୁ ଗୋଟାଏ ଭଡ଼ା ମୋଟର କାରରେ ବାପ ଏବଂ ପୁଅ ବସି ସ୍ୱଗ୍ରାମରେ ପହଞ୍ଚିଲେ ।

ଭାରତ ପ୍ରଥା ଏବଂ ପାଶ୍ଚାତ୍ୟ ପ୍ରଥା ମଧ୍ୟରେ ଅନ୍ତର ବହୁତ । ପ୍ରାୟଶଃ ବିଂଶତି ବର୍ଷ ଅଭ୍ୟସ୍ତ ହୋଇଥିଲା ହାଲ ସ୍ୱଳ୍ପ ତିନିବର୍ଷ ବ୍ୟବଧାନରେ ଗୁର୍ତ୍ତଠାରୁ ଦୂର ହୋଇଯାଇ ତାକୁ ପାଶ୍ଚାତ୍ୟ ସାଜ ସମ୍ପୂର୍ଣ୍ଣ ନୂତନ କରିଦେଲା । ଭାରତୀୟ ଭଙ୍ଗୀରେ ଶାଢ଼ୀ ଏବଂ ଖଣ୍ଡ ପିନ୍ଧିଥିଲା କାରଣରୁ ପରା ସେ ନିଜ ଜନନୀ ଏବଂ ଜନକ ସହିତରେ ଭଲେ କଥୋପକଥନ କଲା ନାହିଁ । ସ୍ୱର୍ଣ୍ଣମଣିର କଣ୍ଠ ସୁବର୍ଣ୍ଣଖଣ୍ଡ ପରି ନୋହି କେତକ ପରି ଏବଂ କେଶ ସୁନା, ରୁପା କିମ୍ବା ତମ୍ବା ପରି ନୋହି ନୀଳମଣି ପରି ଦିଶୁଥିଲା, ତା ଦେହରୁ ସାବୁନ ବାସନା ନ ବାସି ହାରିଦ୍ର ଗନ୍ଧ ପ୍ରସରୁଥିଲା । ତାର ଶିରରେ ଓଢ଼ଣି, ନାସାରେ ବସଣି, ଭାଲରେ ସିନ୍ଦୂର ବିନ୍ଦୁ, ହାତରେ ଶଙ୍ଖା, ପାଦରେ ନୂପୁର, ଅପଘନ ପେଟୀ କୋଟ-ବର୍ଜ୍ଜିତ ହୋଇ ଶାଢ଼ୀରେ ଆବୃତ । ଅଧିକନ୍ତୁ ସେ ଲଜ୍ଜାନ୍ୱିତା । ଅତଏବ ସେ ଗୁର୍ତ୍ତର ମନକୁ ଟାଣିଆଣିପାରିଲା ନାହିଁ । ଗୁର୍ତ୍ତ ମୁଣ୍ଡକୁଁ ମାଇପ ମୁହଁକୁ ଚାହିଁଲା ନାହିଁ । କାନ୍ଥ ମାଟି, ଛପର ଛଣ, ଘର କୁଟୀର, ପୁଣି ଅପରିଚ୍ଛନ୍ନ, ଗ୍ରାମ ପଡ଼ା, ଗ୍ରାମ-ବାସୀ ଅସ୍ପୃଶ୍ୟ ; ଅତଏବ ଜନନ ସ୍ଥାନ ହୋଇଥିଲେ ହେଁ, ସେଠାରେ [illegible] ମାନ୍ଦ୍ରାଜରେ ବାସ କରି ଓକିଲାତି କରିବାକୁ ଉଦ୍ୟତ ହେଲା ; କିନ୍ତୁ ବାଞ୍ଛିତ ଧନ ଜନକ ଯୋଗାଇ ନ ପାରିଲା ହେତୁରୁ କେତେ କାଳ ବିଶାଖପଟ୍ଟଣରେ ଓକାଲତି କରି ପରେ ମାନ୍ଦ୍ରାଜ ଯିବା ସ୍ଥିର କରି ଘରରୁ ବାହାରି ବିଶାଖପଟ୍ଟଣ ଯାଇ ସମୁଦ୍ର ତୀରର ଗୋଟିଏ ବଙ୍ଗଳାର ଅଗ୍ରରେ "ମି. ପି. ସି. ଗୁର୍ତ୍ତ, ବାରିଷ୍ଟର" ବୋଲି ଲିଖିତ ହୋଇଥିଲା ଗୋଟିଏ ପଟା ଲମ୍ବାଇ ତହିଁ ବାସ କଲା । ସେ ବଙ୍ଗଳାର ମାସିକ ଭଡ଼ା ପଞ୍ଚାଶ ଟଙ୍କା । ଗୁର୍ତ୍ତର ଓକାଲତି ନୂଆ ହୋଇଥିଲେ ହେଁ ଉପାଧି ବଶୁଁ

ପଣ୍ୟ ଉପାର୍ଜନ ମନ୍ଦ ନୋହି ଆଶାଜନକ ହୋଇଥିଲା । ସେ ଘରକୁ ଚିଠି ପଠାଏ ନାହିଁ କିମ୍ବା ଘରୁ ପ୍ରେରିତ ହେଲେ ପତ୍ରର ପ୍ରତ୍ୟୁତ୍ତର ଲେଖେ ନାହିଁ ।

ତେଣେ ମହାଜନେ ନାରାୟଣର ସକଳ ଚର ସ୍ଥିର ସମ୍ପତ୍ତି ବିକାଇ ନିଜ ଋଣ ଧନ ଅସୁଲ କରିନେଲେ। ସେ ସମସ୍ତ ସମାଚାର ଅବଗତ ହୋଇ ସୁଦ୍ଧା ସ୍ୱର୍ଣ୍ଣ ଏକ ପଇସାଟିଏ ହେଲେ ଘରକୁ ପଠାଇଲା ନାହିଁ । ଅଭିମାନୀ ନାରାୟଣ ଗ୍ରାମବାସୀମାନଙ୍କ ହୋଇ ତାମ ବଳୁଥିଲା ଗ୍ରାମରେ ବାରୁ ବଳିବା ଅନୁଚିତ ବୋଲି ଭାବି ଲକ୍ଷ୍ମୀପୁର ତେଜି ତେଲୁଙ୍ଗୁ ଦେଶକୁ ଯାଇ ଏକ ଗ୍ରାମୋପାନ୍ତରେ ଗୋଟିଏ ପତ୍ରକୁଡିଆ ତୋଳି ତହିଁ ଜାୟା ଏବଂ ପୁତ୍ରବଧୂ ସହିତରେ ରହି ଭୁଲି ହୋଇ ଜୀବନ ଯାପନ କଲା । ପୁଅଠାରେ ଆଶା ଭରସା ସ୍ଥାପିଥିଲା। କମଳା ତାର ଉପେକ୍ଷାରୁ, ଘଇତାର ଗଞ୍ଜଣାରୁ ଏବଂ ଦାରିଦ୍ର୍ୟତାରୁ ଖିନ୍ନା ହେଲା । ସୀତାମଣିର ଦୁଃଖ କଥନାତୀତ, ଅନୁଭବୈକବେଦ୍ୟ ମାତ୍ର । କଷ୍ଟୀ ସୁଖୀ ହେବା ସତ୍ୟ; କିନ୍ତୁ ସୁଖୀ କଷ୍ଟୀ ହେବା ଦୁଃସହ ।

ଏକ ଦିନେ କମଳା ସୀତାମଣିକି କଣ୍ଠରେ ବସାଇ କହିଲା, "ମା, ତୋ ଭାଲରେ ପତିସୁଖ ଲାଭ ତ ଲେଖାଯାଇ ନାହିଁ, ତୁ ନିଜେ ଦାରିଦ୍ର୍ୟ କଷ୍ଟ ମଧ୍ୟ ଭୁଞ୍ଜୁଛୁ କାହିଁକି ? ମୋ କଥା ଶୁଣେ । ମା ଘରକୁ ଯା । ସେଠାରେ ଭାତମୁଣ୍ଡାଏ ଏବଂ ଖଦ ଖଣ୍ଡିଏ ହେଲେ ପାଇବୁ ।"

ଏତେ ଶୁଣି ସୀତାମଣି ଶୋକାକୁଳା ହୋଇ ଶାଶୂଙ୍କ ପାଦଯୁଗ ଧରି କହିଲା—"ମା, ମୋ [illegible] ତୁମ [illegible] ଥିଲାବେଳେ ମୁଁ ମାଆ ଘରେ ତିନି ବର୍ଷକାଳ କାଟିଲି । ତାହା ନିତାନ୍ତ ନିନ୍ଦ୍ୟ । ମାଆ ଘରେ ସଧବାର ସ୍ଥାନ ନାହିଁ । ମୋ କପାଳରେ ପତି-ସେବା କରିବା ଲେଖାଯାଇ ନାହିଁ । ତାହା ବୋଲି ଗୁରୁଜନ ସେବନ ଛାଡିବି କାହିଁକି ? ମୋର ମାଆ ଘରର କ୍ଷୀରି ଖେଚଡିଠାରୁ ଶାଶୁଘରର କାଞ୍ଜି ପେଜ ବଡ ମଧୁର, ସେଠା ପାଟପତନୀଠାରୁ ଏଠା ଛିଣ୍ଡା ଲେଙ୍ଗୁଡା ବେଶି ସୁନ୍ଦର । ମାଆ ଘରେ ରହି ନିନ୍ଦିତା ହୋଇପାରିବି ନାହିଁ । ମା,ମୋତେ ତୁମ ପାଖରେ ମାତ୍ର ରଖ, ତୁମ ବେନିଙ୍କ ସେବା କରି ଦିନ ନେବି, ସେତିକି ମୋତେ ଅଣ୍ଟଇ ।"

ତାହା ଶୁଣି କମଳା ଶୋକଭରେ ବୋହୂକୁ କୁଣ୍ଢେଇ କହିଲା—'ମା, ତୋ କଷ୍ଟ ଦେଖି ନ ପାରି ସେପରି ବୋଇଲି । ପୁଅ ବୋଇଲେ ତୁ, ବୋହୂ ବୋଇଲେ ତୁ । ତୋତେ ଛାଡି ପାରିବି ନାହିଁ । ତୁ ଆମ ପାଖେ ଏକା ଥା ।' ପାଠକେ, ସୀତାମଣିର ଗୃହଚଳଣି ପୂର୍ବେ ସ୍ୱକାନ୍ତ୍ୱା ହୋଇ ସୁଦ୍ଧା ବନବାସ କ୍ଳେଶ ଭୁଞ୍ଜି ଶାଶୁଶ୍ୱଶୁରଙ୍କ ସେବା କରୁଥିଲା ସାଧ୍ୱୀ ଚରିତକୁ ସ୍ମାପନ କରାଏ ନାହିଁ କି ?

ଅନ୍ୟ ଏକ ଦିନେ କମଳା ନିଜ ନାଥକୁ ଉଦ୍ଦେଶି ବୋଇଲା—'ଆହେ, ତୁମେ ସିନା ଅଭିମାନୀ ହୋଇ ପୁତ୍ରଠାକୁ ଯାଉନାହଁ । ମୋର ତ ଅଭିମାନ ନାହିଁ, ମୁ ଥରେ ଯାଇ ତାକୁ ଦେଖିଆସିବି । ସେ ସିନା ଏବେ ପାରଗ ହୋଇ ମୋତେ ଦୂର କଲା,ପାଇଲା ପେଟ ତାକୁ ଦୂର କରିପାରିବ କି ? ଏଣୁ ମୋତେ ଅନୁମତି ଦିଅ ।'

ଏତିକି ଶୁଣିଲା ମାତ୍ର କ୍ରୋଧାରୁଣିତଲୋଚନ ହୋଇ ନାରାୟଣ ଉଚ୍ଚେ କହିଲା—'କିସ, ସେ କୁଳାଙ୍ଗାରକୁ ଦେଖିବାକୁ ଯିବୁ? ତୋତେ ଲାଜ ମାଡୁ ନାହିଁ ? ମୋ ପ୍ରାଣ ଖାଇ ସର୍ବସ୍ୱ ସେ ଦ୍ରୋହୀ ପାଇଁ ଧ୍ୱଂସ କରାଇଲୁ କୁଳଆଣୀ ହେଲୁ । କୋଡରେ ଥିବା ସାଏ ପୁତ୍ର, ଥୋଡ ବାଢିଲେ ସେ ଅମିତ୍ର । ଏହି ଲୋକୋକ୍ତି ଅନୁଭବ ଜଣାଯାଇ ନାହିଁ କି ? ସେ ତୋତେ ପାସୋରି ଦେଇ ଥିଲେହେଁ ତୁ ତାକୁ ଯାଇ ହାତ ପାତିବାକୁ ଯାଉ । ମୁଁ ଦାରିଦ୍ର୍ୟକଷ୍ଟକୁ ସହିଲି; କିନ୍ତୁ ଅପମାନକୁ ସହିପାରିବି ନାହିଁ । ଯିବୁ ତ ଯା ସେ ବିଶ୍ୱାସଘାତକ ତୋତେ ଆଦର କଲେ ହେଲେ ଦେଲେ ଆଣି ଖା ; ମାତ୍ର ତାହାଦ୍ୱାରା ତିରସ୍କୃତା ହୋଇ ଆସିଲେ, ତୋର ଏଠାରେ ଆଉ ସ୍ଥାନ ଥିବ ନାହିଁ । ଖବରଦାର !'

ପୁଅଠାରେ ଥିଲା ମମତାରୁ ଏବଂ ଭରସାରୁ କମଳା ଗିରସ୍ତର ଗିର ଠେଲିଦେଇ ବିଶାଖପଟ୍ଟଣ ଯାଇ ସ୍ୱର୍ଣ୍ଣର ଗୃହଦ୍ୱାରରେ ହାଜର ହୋଇ ଦ୍ୱାରପାଳଦ୍ୱାରା ନିଜାଗମନବାର୍ତ୍ତା ଭିତରକୁ ପଠାଇଲା । ଦାସୀ ଫେରି ଆସି

'ବାବୁ କାର୍ଯ୍ୟରେ ବ୍ୟସ୍ତ ହୋଇଅଛନ୍ତି, ତୁମେ କିଛି କାଳ ଏଠାରେ ବସି ଥାଅ' ବୋଲି କହନ୍ତେ ସେ ମର୍ଦ୍ଦିତପୁଚ୍ଛ ଫଣିନୀ ପରି କ୍ରୁଦ୍ଧା ହୋଇ, "କସ, ତାର ଆଖି ଫୁଟିଛି ଏବେ ତାକୁ ଚଢ଼ିଲା ! ମାଆକୁ ଦାଣ୍ଡେ ବସାଇ ଘରେ କାର୍ଯ୍ୟ କରୁଛି ? ଏହାର କାରଣ ମାନେ କ'ଣ ?" ବୋଲି ଜବରଦସ୍ତରେ ଭିତରେ ପଶି ପୁଅର ଆଗରେ ଉପସ୍ଥିତ ହୋଇ ବୋଇଲା—"ପୂର୍ଣ୍ଣ, ତୁ ଏବେ କେଡ଼େ ବଡ଼ ହେଲୁ ରେ !!"

ଏତକ ଶୁଣି ଗର୍ଗ ଦୁଇ ଆଖି ତରାଟି ମୁହଁ ବୋଇଲା—"ପୂର୍ଣ୍ଣଚନ୍ଦ୍ର ଗର୍ଗ ମହାଶୟ" କିମ୍ବା 'ପୂର୍ଣ୍ଣ-ଚନ୍ଦ୍ର' ବାବୁ ବୋଲିପାରୁ ନାହୁଁ ? ବାରିଷ୍ଟର ମହାଶୟଙ୍କୁ 'ପୂର୍ଣ୍ଣ' ବୋଲି ଡାକୁଛୁ ? ଅନ୍ଧା କାନା ଭିତରକୁ ଆସିଛୁ ?"

ଏତକ ଶୁଣିଲା ମାତ୍ର କମଳା କୁପିତା ହୋଇ ଉଚ୍ଚ ସ୍ୱରରେ ବୋଇଲା—"ଆରେ ମୂର୍ଖ, ତୁ ଆନ-ଜନଙ୍କର 'ମହାଶୟ' 'ବାବୁ' ଆଉ 'ବାରିଷ୍ଟର'; କିନ୍ତୁ ମାବାପଙ୍କର ନୋହୁ । ତୁ ମଦାନ୍ଧ ହୋଇ ଭଲ ମନ୍ଦ ଜାଣିପାରୁ ନାହୁଁ । ତୋତେ ପଇ ପାଳି ତୋ ପାଇଁ ସବୁ ସମ୍ପତ୍ତି ହରାଇ କଷ୍ଟ ସହି ତୋତେ ମଣିଷ କଲା ମାବାପଙ୍କୁ ପାସୋରିଲୁ । ହାତ ଧରି ବାହାହେଲା ମାଇପକୁ ଗଣିଲୁ ! ତୁ ମୋ ପୁଅ ନୋହୁ, ବିଶ୍ୱାସଘାତକ । ତୋଠାରୁ କୁକୁର ଅଧିକ । ଧର୍ମ ଯଦି ଥାଏ, ତୋ ଗରବ ଚୂର୍ଣ୍ଣ ହେବ, ପାପ ଫଳ ଅବଶ୍ୟ ଭୁଞ୍ଜିବୁ । ଛି, ତୋ ମୁହଁ ଆଉ ଦେଖିବି ନାହିଁ । ଗିରସ୍ତଙ୍କ ଘର ନ ମାନି ଏଠାକୁ ଆସି କେଡ଼େ ଖୁସିହେଲି, ତାର ଶାସ୍ତି ପାଇଲି ।" ଏତେ ବୋଲି ସେ ସେଠାରୁ ବାହାରିଗଲା; ମାତ୍ର ସ୍ୱଗୃହକୁ ଯାଇ ନାହିଁ । ସେ କେଉଁଠାକୁ ଗଲା କିମ୍ବା କ'ଣ ହେଲା, ସେ ସମ୍ବାଦ ଜଗତ ଆଜଯାଏ ଜାଣିପାରି ନାହିଁ । ଗର୍ଗ ଜନନୀ ବଚନ ଶୁଣି ମନେ ହସି ନିଜ କାର୍ଯ୍ୟରେ ରତ ହେଲା ।

ପ୍ରପଞ୍ଚର ପ୍ରତ୍ୟେକ ପଦାର୍ଥ ବଦଳୁଥିବା ପରି ମାନବର ଦଶା ମଧ୍ୟ ବଦଳଇ । ଦୁର୍ଦ୍ଦଶା ଘଟିବା କାଳରେ ସୁଧୀର ମଧ୍ୟ ବୁଦ୍ଧିଭ୍ରଂଶ ଘଟେ । ଦଶାନନ ପରଦାରାସକ୍ତ, ନଳ ଏବଂ ଧର୍ମଜ ଦ୍ୟୂତାସକ୍ତ, ଦଶରଥ ଏବଂ ପରୀକ୍ଷିତ ମୃଗୟାଭିଳାଷୀ, ଶିଶୁପାଳ ଦୁର୍ଭାଷାଭାଷୀ, ଯାଦବେ ମଦ୍ୟପାନରତ, ଦୁର୍ଯ୍ୟୋଧନ ଦାୟପ୍ରଲୁବ୍ଧ । ତେବେ ବୟସ୍ୟ ନିମିତ୍ତ କେତୋଟି ମୋଟରକାର ବିଶାଖପଟ୍ଟଣକୁ ଆନୀତ । ତାବତ୍କାଳଯାଏ ମୋଟର ବାଇସିକଲରେ ଗମନାଗମନ କରୁଥିଲା ଗର୍ଗ ଧାର କରି ମୋଟର କାରଟିଏ କିଣିଲା । ମନୁଷ୍ୟ ସମାଜ ନୂତନ ପଦାର୍ଥପ୍ରିୟ ସିନା । ସେ ବେଶ୍ୟା ସହବାସ କଲା, ମଦ୍ୟପାନ ବଢ଼ାଇଲା, କାଳକ୍ଷେପ ନିମିତ୍ତ ଜୁଆ ଖେଳକୁ ଅବଲମ୍ବିଲା । କଥିତ କର୍ମାସକ୍ତିବଶରୁ ତାର କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ଘଟି ଆୟ କମିଲା ଏବଂ ବ୍ୟୟ ବଢ଼ିଲା । ଅତଏବ ସେ କୃତ୍ରିମ ଲେଖନାଦି କୁତ୍ସିତ କର୍ମମାନ କରିବାକୁ ବାଧ୍ୟ ହେଲା । ପାପ ସର୍ବଦା ଲୁଚି-ରହେ ନାହିଁ । ତାର ପାପାଚରଣ ପ୍ରକଟିତ ହୁଅନ୍ତେ ସେ କେତେ କାଳଯାଏ ନ୍ୟାୟ ସ୍ଥାନ ପ୍ରବେଶ ସ୍ୱତ୍ୱରୁ ଚ୍ୟୁତ ହେଲା; ମଧ୍ୟ ନିଃସ୍ୱ ହୋଇ ଦେଉଳିଆ ହେଲା । ଦୁରବସ୍ଥା ଏକଲା ଆସେ ନାହିଁ । ଗର୍ଗ ଆଧିବ୍ୟାଧିଗ୍ରସ୍ତ ହୋଇ ଜେନେରାଲ ହାସ୍ପିଟାଲର ଦରିଦ୍ର ରୋଗୀଙ୍କ ପାର୍ଶ୍ୱରେ ଏକାକୀ ପଡ଼ିରହିଲା । ତୃଷା କଲେ ତା ତୁଣ୍ଡକୁ ପାଣି ଟୋପାଏ ମଧ୍ୟ ମିଳେ ନାହିଁ । ଜନନୀର ଲାଳନ ପାଳନ ଏବଂ ନିଜର ତିରସ୍କରଣ ସ୍ମୃତ ହୁଅନ୍ତେ, ତା ଚିତ୍ତରେ ପ୍ରଜ୍ୱଳିତ ପଶ୍ଚାତ୍ତାପ ଆଧିବ୍ୟାଧି ସଙ୍ଗରେ ମିଶି ପୀଡ଼ା ବଢ଼ାଇଲା ।

ଅନ୍ୟୂନ ଏକ ବର୍ଷ ଅତିକ୍ରମ କଲେହେଁ ଶାଶୁର ଖବର ଅଗୋଚର ହେଲା ହେତୁରୁ ସ୍ୱର୍ଣ୍ଣମଣି ଦୁଃଖିନୀ ହୋଇ [illegible] ଅନୁରୋଧ କରନ୍ତେ ନାରାୟଣ ବାଧ୍ୟ ହୋଇ ବୋହୂ ସଙ୍ଗରେ ବିଶାଖାପଟ୍ଟଣରେ ପ୍ରବେଶିଲା । ସେଠାରେ ଯେତେ ଭଙ୍ଗୀରେ ଅନ୍ୱେଷଣ କଲେହେଁ, କମଳାର ବୃତ୍ତାନ୍ତ ବିଦିତ ହେଲା ନାହିଁ; କିନ୍ତୁ ଗର୍ଗର ଅବସ୍ଥା ଜଣାଗଲା । ତାକୁ ଜାଣିଲା କ୍ଷଣି ସ୍ୱର୍ଣ୍ଣମଣି ଅଧୀରା ହୋଇ ସହସା ହାସ୍ପିଟାଲକୁ ଯିବା ପାଇଁ ଶ୍ୱଶୁରଙ୍କୁ ଅନୁରୋଧ କଲା । ତଥାପି ନାରାୟଣ ନନ୍ଦନବଦନ ବିଲୋକନ କରିବାକୁ ଅସମ୍ମତ ହେଲା; ମାତ୍ର ଯିବା ପାଇଁ ବଧୂକୁ ଅନୁମତି ଦେଲା । ସ୍ୱର୍ଣ୍ଣମଣି ହାସ୍ପିଟାଲକୁ ଯାଇ ବହୁଦିନ ଯତ୍ନ କରି ଗର୍ଗର ଖଟ

ନିକଟରେ ଉପସ୍ଥିତା ହୋଇ ସୁଦ୍ଧା କଙ୍କାଳାକୃତି ଧାରଣ କରିଥିଲା କାରଣରୁ ତାକୁ ଚିହ୍ନିପାରିଲା ନାହିଁ ; କିନ୍ତୁ ସର୍ତ୍ତ ନିଜ ଭାର୍ଯ୍ୟାକୁ ଚିହ୍ନି କ୍ରନ୍ଦନ କରି କହିଲା—"ଏ ଦୋଷୀର ଦୋଷ କ୍ଷମା କରିବ କି ? ଏ କୃତଘ୍ନଠାରେ ତୋ କୃପା ପ୍ରସରିବ କି ?"

ତାହା ଶୁଣି ସାଶ୍ରୁନୟନା ହୀରାମଣି ପତିପଦ ଯୁଗ ଧରି ବୋଇଲା—"ତୁମେ ବ୍ୟଥିତ ହେବା ଅନୁଚିତ । ତୁମର ଦୋଷ କିଛି ହିଁ ନାହିଁ । କଳି ପ୍ରଭାବରୁ ନଳଙ୍କ ମତି ବଦଳି ଯାଇଥିଲା ପରି ଦୁର୍ଦ୍ଦଶା-ବଶୁଁ ତୁମ ବୁଦ୍ଧି ବଦଳି ଥିଲା । ଭଲେ ଭାବିଲେ ମଣିଷ ସ୍ୱତନ୍ତ୍ର ନୁହେଁ । ପ୍ରଳୟର ମଧ୍ୟ ଅନ୍ତ ଅଛି । ଜଗଦୀଶ କୃପାରୁ ଆମ୍ଭ ଦୁର୍ଦ୍ଦଶା ଦୂର ହେବ । ବିଷାଦକୁ ତେଜ, ପ୍ରମୋଦକୁ ଭଜ ।" ତା ପରେ ସର୍ତ୍ତ ପତ୍ନୀମୁଖରୁ ନିଜ ଜନକ ଜନନୀଙ୍କ ଗତି ସ୍ଥିତି ଅବଗତ କରି ଦୁଃଖିତ ହେଲା ।

ହୀରାମଣିର ଶୁଶ୍ରୂଷାବଶୁଁ ଏବଂ ଡାକ୍ତରଙ୍କ ଚିକିତ୍ସାବଶୁଁ ସର୍ତ୍ତ କ୍ରମକ୍ରମରେ ଆରୋଗ୍ୟ ଲାଭ କରି ହସ୍ପିଟାଲରୁ ମୁକ୍ତ ହୋଇଯାଇ ପିତାର ପାଦେ ପଡି କ୍ଷମା ପ୍ରାର୍ଥନା କଲା । ସଜଳ ଲୋଚନ ନାରାୟଣ ନନ୍ଦନକୁ ଆଲିଙ୍ଗନ କରି ପ୍ରବୋଧିଲା । ସର୍ତ୍ତ ପୂର୍ବାଭ୍ୟସ୍ତ ସମସ୍ତ ଦୁର୍ଗୁଣ ପରିତ୍ୟାଗ କରି ପୁନଶ୍ଚ ଆଇନ ବ୍ୟବସାୟ ଆରମ୍ଭିଲା । ତାହା କ୍ରମେ ବର୍ଦ୍ଧିତ ହେଲା । ସର୍ତ୍ତର କମଳାକାନ୍ତ ନାମକ ବାଳକଟିଏ ଜନମି ଜନନୀ ଜନକଙ୍କୁ ଏବଂ ପିତାମହଙ୍କୁ ଆନନ୍ଦାବଧିରେ [illegible] ମାର୍ଜିତ ହେବା ସମୟରେ ମାନ ତାର ଆନନ୍ଦ ଉଚ୍ଛ୍ୱଳିତ ହୁଏ ।

ଗଳ୍ପର "ଗୁଣବତୀ ପତ୍ନୀ" ନାମ ସାର୍ଥକ ହୋଇଅଛି । ଏହା ଖାଲି ଗଳ୍ପ ନୁହେଁ—ଆଧୁନିକ ସମୟର ଖଣ୍ଡିଏ ଚିତ୍ର । ଭାଷାଶୈଳୀ ଗଳ୍ପକାର ନିପୁଣ ହସ୍ତରେ ଗୋଟିଏ ମଧ୍ୟବିତ୍ତ ଗୃହସ୍ଥର ଚିତ୍ର ସୁନ୍ଦର ରୂପେ ଅଙ୍କନ କରିଅଛନ୍ତି । ଗଳ୍ପଟି ସୁଚିନ୍ତିତ ଏବଂ ସୁସଜ୍ଜିତ । ଏଥିରେ ସୁଖ, ଦୁଃଖ, ବିଚ୍ଛେଦ, ମିଳନ, ଅନୁତାପ, କ୍ଷମା, ଭ୍ରମ, ସଂଶୋଧନ, ଶିକ୍ଷା, ସଂସ୍କାର, ଅଭିମାନ, ଉପଦେଶ, ପତନ, ଉତ୍ଥାନ ସବୁ ଏକାଧାରରେ ବିଦ୍ୟମାନ । ଯାହା ମୁଖରୁ ଯେଉଁ ପରି କଥା ବାହାରିବା ସ୍ୱାଭାବିକ, ଲେଖକ ତାହା ମୁଖରୁ ଠିକ୍ ସେହିଭଳି କଥା ବାହାର କରିଅଛନ୍ତି । ସାଧାରଣତଃ ପୁରୁଷର ଭାଷା କଠୋର ଏବଂ ସ୍ତ୍ରୀର ଭାଷା କୋମଳ । ଗଳ୍ପରେ ସେହି ସ୍ୱାଭାବିକତା ଅକ୍ଷୁଣ୍ଣ ରହିଅଛି । "ସ୍ୱକରର ପ୍ରାୟଶଃ ଏକମାତ୍ର ପ୍ରଭୁ; କିନ୍ତୁ ଓକିଲର ସମଗ୍ର ଜଗତସାରା ପ୍ରଭୁ । ଅତଏବ ମୁଁ ଓକିଲ ହେବି ନାହିଁ, ଲଣ୍ଡନରେ ଆଇନ ପଢି ବାରିଷ୍ଟର ହେବି । ବାରିଷ୍ଟର ହେବା କେତେକ ସମୟ ପରେ ଜଜ୍ କାର୍ଯ୍ୟ ପାଇବି ।" ଏହି ଆଶା ସ୍ୱପ୍ନ ହେଲେହେଁ ପାଠ ପଢୁଁ ପଢୁଁ ଓଡିଆ ଯୁବକର ଏଭଳି ଭବିଷ୍ୟତ ଉଚ୍ଚାକାଙ୍କ୍ଷା ବାସ୍ତବ ର ଯୁବକଜନୋଚିତ ନୁହେଁ କି ? ଉଚ୍ଚଲକ୍ଷ୍ୟ, ଉଚ୍ଚାଦର୍ଶ ଯେଉଁ ଜୀବନରେ ନ ଥାଏ, ସେ ଜୀବନ ଅସାର ଜୀବନ । ପୁତ୍ରର ଏ କଥା ଶୁଣି ପିତା କହିଲେ, "ଏବେ ଏ ଦେଶରେ ଯେତେ ଲୋକ ବାରିଷ୍ଟର ହୋଇଅଛନ୍ତି, ସେମାନେ ସମସ୍ତେ ତ ଜଜ୍ ହୋଇ ନାହାନ୍ତି । ତୁ ଆଉ ବିଲାତ ଯାଇ କାହିଁକି ବାରିଷ୍ଟର ହୋଇ ପଅରିଦିନ ଆସି ବା ମାନେ ଜଜ୍ କାର୍ଯ୍ୟ ପାଇପାରିବୁ ବୋଲି କୋଲଯାଇ ନ ପାରେ ।" ଅଳ୍ପ ଶିକ୍ଷିତ ପିତାର ଏ ଉକ୍ତି କହିଁକି ବିଦ୍ରୂପାତ୍ମକ ହେଲେ ସୁଦ୍ଧା ଦେଶକାଳର ଉପଯୋଗୀ । ଗୃହିଣୀ କମଳା ସ୍ୱାମୀଙ୍କୁ କହିଲେ, "ଆହେ, ତୁମେ ଧନଲୋଭରୁ ଗୋଟିଏ ମାତ୍ର ପୁଅକୁ ଭଲ ପାଠ ପଢାଇ ବଡ଼ କରିବାକୁ ମଙ୍ଗୁ ନାହଁ । ଧନ ଅରଜିରଖି ଭଲ କାମରେ ଖରଚ ନ କଲେ ସେ ତ ସଙ୍ଗରେ ଯାଏ ନାହିଁ । ଭଲ କାମରେ ଖରଚ ହେବ ତ ହେଉ, ତା ପାଇ ଭାବନା କାହିଁକି । ଝାଲିକି ପୁଅ ଜଜ ହେଲେ ସେ କଅଣ ଧନ ଅରଜିବ ନାହିଁ । ଜନ ଧନକୁ ଅରଜେ, ନା ଧନ ଜନକୁ ଅରଜେ ?" ଯେଉଁ ସ୍ତ୍ରୀ ସ୍ୱାମୀକୁ ଏଭଳି ସଦୁପଦେଶ ଦେଇପାରେ, ସେ ପାଠ ପଢି ନ ଥିଲେ ସୁଦ୍ଧା ଶିକ୍ଷିତାର ସ୍ପର୍ଦ୍ଧାଶ୍ରେଣୀୟା । ବିଶେଷତଃ କମଳାର ଶେଷ କଥାଟି ଝୁର୍ ଉଚ୍ଚ ହୃଦୟର କଥା । ସ୍ତ୍ରୀସୁଲଭ ସରଳ ପ୍ରାଣର ଏ ସରଳ ଉକ୍ତି ମଧ୍ୟରେ

ଗୋଟାଏ ଗଭୀର ସତ୍ୟ ନିହିତ ଅଛି । ନାଟ୍ୟକାର ପ୍ରଥମେ କମଳାର ଚରିତ୍ରକୁ ଏହିପରି ଦୃଷ୍ଟାନ୍ତରେ ଅଳଙ୍କୃତ କରିଅଛନ୍ତି । ନାରୀ ଚରିତ୍ରକୁ ଯେଉଁ ପରି ଭାବରେ ଚିତ୍ର କଲେ ସୁନ୍ଦର ହେବ, ସେ ଠିକ୍ ସେହିପରି ଭାବରେ ଚିତ୍ର କରିଅଛନ୍ତି—ଏହା ସାମାନ୍ୟ ଦକ୍ଷତାର ପରିଚାୟକ ନୁହେଁ ।

ପୁତ୍ରବଧୂ ସ୍ୱର୍ଣ୍ଣମଣିର ଚରିତ୍ରକୁ ମଧ୍ୟ ଲେଖକ ସ୍ୱର୍ଣ୍ଣ ମଣିରେ ମଣ୍ଡିତ କରିଅଛନ୍ତି । ପୁତ୍ର ପୂର୍ଣ୍ଣଚନ୍ଦ୍ର ବାରିଷ୍ଟରୀ ପାସ କରି ବିଲାତରୁ ଫେରିଆସି ମିଷ୍ଟର ପି: ସି: ସ୍ୱର୍ଣ୍ଣ ବାରିଷ୍ଟର ସାଇନ୍‌ବୋର୍ଡ଼ ବାନ୍ଧି ବ୍ୟବସାୟ ଆରମ୍ଭ କଲା । ସେ ଉକ୍ତ ଉପାଧିରେ ମଣ୍ଡିତ ହୋଇ ଉକ୍ତ ହୃଦୟର ପରିଚୟ ମଧ୍ୟ ଦେଲା । ଘୃଣାରେ ବୃଦ୍ଧ ପିତାମାତା ଓ ସ୍ତ୍ରୀକୁ ପରିତ୍ୟାଗ କରି ସେ ସ୍ୱତନ୍ତ୍ର ଜୀବ ହୋଇ ରହିଲା । ବୃଦ୍ଧପିତାମାତା ଏବଂ ବଧୂ ସ୍ୱର୍ଣ୍ଣମଣିର ଦୁଃଖ ଗାଆଣ ଖାଇଲେ ସରିଲା ନାହିଁ । ଶାଶୁ ସ୍ୱର୍ଣ୍ଣମଣିକୁ ବାପ ଘରକୁ ଯାଇ ସେଠାରେ ସୁଖରେ ରହିବା ପାଇଁ କହିବାରୁ ସ୍ୱର୍ଣ୍ଣମଣି ବ୍ୟଥିତ ହୋଇ ସଜଳନେତ୍ରରେ କହିଲା—“ମା, ସେପରି କହ ନାହିଁ । × × × × ମାଆ ଘରର ଛିଣ୍ଡା ଖେଚଡ଼ୀଠାରୁ ଶାଶୁ ଘରର ଜାଉ ପେଜ ବଡ଼ ମଧୁର । ସେଠା ପାଟ ପଟମୀଠାରୁ ଏଠା ଚିରିଲେଙ୍ଗଡ଼ା ବେଶି ସୁନ୍ଦର । ମାଆ ଘରେ ରହି ନିନ୍ଦିତା ହୋଇପାରିବି ନାହିଁ । ମାଆ, ମୋତେ ତୁମ ପାଖରେ ରଖ ମାତ୍ର, ତୁମ ଦୁହିଁଙ୍କ ସେବା କରି ଜୀବନ ନେବି ।” ସ୍ୱର୍ଣ୍ଣମଣିର ଏ ଉକ୍ତି ସାଧ୍ୱୀ ହିନ୍ଦୁକୁଳବଧୂର ଉପଯୁକ୍ତ । ଏଭଳି ସ୍ୱାର୍ଥତ୍ୟାଗ, ଗୁରୁଜନସେବାରେ ଆତ୍ମଦାନବ୍ରତ କେବଳ ଜଣେ ତରୁଣୀ ଧାରଣ କରି ଦାରିଦ୍ର୍ୟ, ଦୁଃଖ ସ୍ୱ ଇଚ୍ଛାରେ ବରଣ କରିବାକୁ ସମର୍ଥ ହେବେ । ଆଉ କେହି ନ ହେଉ ପଛେ; ମାତ୍ର ସ୍ୱର୍ଣ୍ଣମଣି ହୋଇପାରେ । ଯେହେତୁ ସେ ଯେ ସ୍ୱର୍ଣ୍ଣମଣି, ତାହାର ଏ ନାମ ସାର୍ଥକ ।

ବାରିଷ୍ଟର ମିଷ୍ଟର ପି: ସି: ସ୍ୱର୍ଣ୍ଣଙ୍କର ରୋଜଗାର ବୃଦ୍ଧି ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ବଢ଼ି-ଚାଲିଲା । ସେ ପଞ୍ଚ ମକାରର ଉପାସକ ହେଲେ । ତାଙ୍କର ଅଖାଦ୍ୟ ଅପେୟ ଏବଂ ଅକରଣୀ କିଛି ରହିଲା ନାହିଁ । ସେହି ପୁଣ୍ୟ ଫଳରେ ସେ ହାସ୍‌ପିଟାଲର ରୋଗ-ଶଯ୍ୟାରେ ଯାଇ ଶୋଇଲେ । ପତିପ୍ରାଣା ସ୍ୱର୍ଣ୍ଣମଣି ସେଠାରେ ଉପସ୍ଥିତ ହୋଇ ତାଙ୍କର ସେବା ଶୁଶ୍ରୂଷା କରିବାକୁ ଲାଗିଲା । ଗୁଣଧର ସ୍ୱାମୀଙ୍କ ହୃଦୟରେ ସେତେବେଳେ ଅନୁତାପ ସଞ୍ଚାର ହେଉଥିଲା । ସେ କରୁଣ ସ୍ୱରରେ ଗଦ୍‌ଗଦ୍ କଣ୍ଠରେ କହିଲେ—“ଏ ଦୋଷୀର ଦୋଷ କ୍ଷମା କରୁ କି ? ଏ କୃତଘ୍ନଠାରେ ତୋ କୃପା ପ୍ରସରିବ କି ?” ଏ ଉକ୍ତି ତାଙ୍କ ସଞ୍ଚିତ ପାପର କାଞ୍ଚିକ ପ୍ରାୟଶ୍ଚିତ୍ତ । ବାସ୍ତବରେ ଅନୁତାପ ହିଁ ସର୍ବବିଧ ପାପର ସର୍ବଶ୍ରେଷ୍ଠ ପ୍ରାୟଶ୍ଚିତ୍ତ ଥିଲା । ସ୍ୱର୍ଣ୍ଣ ପର୍ବତ ଦାନରେ ଯେଉଁ ପାପ କ୍ଷୟ ହୁଏ ନାହିଁ, ଏକା ଅନୁତାପରେ ତାହା କ୍ଷୟ ହୁଏ । ଖାଲି ଅନୁତାପ କଲେ ଫଳ ହୁଏ ନାହିଁ, ତହିଁ ସଙ୍ଗେ ସଙ୍ଗେ ପାପ-ନିବୃତ୍ତିର ଦୃଢ଼ସଂକଳ୍ପ କରି ପ୍ରାଣପଣରେ ତାହା ପାଳନ କରିବା ଉଚିତ । ବାରିଷ୍ଟରଙ୍କର ପରବର୍ତ୍ତୀ ଜୀବନରେ ସେହିପରି ଦୃଢ଼ ସଂକଳ୍ପର ପ୍ରମାଣ ମିଳେ ।

ଏହା ଶୁଣି ନାରୀସ୍ୱର୍ଗ ସ୍ୱର୍ଣ୍ଣମଣି ପତିପାଦ ଧରି ସାଶ୍ରୁନେତ୍ରରେ ତାଙ୍କୁ ଯେଉଁ ଆଶ୍ୱାସନା ଦେଇଥିଲା, ସେଥିରୁ ତାହାର ଧର୍ମ ବିଶ୍ୱାସର ଦୃଢ଼ତା ସୁନ୍ଦର ରୂପେ ଫୁଟିଉଠିଅଛି । ସେ କହିଲା—“ତୁମ୍ଭେ ବ୍ୟଥିତ ହେବା ଅନୁଚିତ । ତୁମ୍ଭର ଦୋଷ କିଛିହିଁ ନାହିଁ । କଳି ପ୍ରଭାବରୁ ନଳଙ୍କ ମତି ବଦଳିଯାଇଥିଲା ପରି ଦୁର୍ଦ୍ଦଶା ବଶୁଁ ତୁମ ବୁଦ୍ଧି ବଦଳିଥିଲା । ଭଲେ ଲୋକରେ ମଣିଷ ସ୍ୱତନ୍ତ୍ର ନୁହେଁ । ପ୍ରଳୟର ମଧ୍ୟ ଅନ୍ତ ଅଛି । ଜଗଦୀଶ କୃପାରୁ [illegible] ଦୁର୍ଦ୍ଦଶା ଦୂର ହେବ । ବିଷାଦକୁ ତେଜ, ପ୍ରମୋଦକୁ ଭଜ । [illegible]-ପାରେ, ସହଧର୍ମିଣୀ ଅଖ୍ୟା ତାହାରିଠାରେ ସାର୍ଥକ । ସେ ପ୍ରକୃତ ହିତୈଷିଣୀ, ପ୍ରକୃତ ମନ୍ତ୍ରୀ । ପୂର୍ଣ୍ଣ-ଚନ୍ଦ୍ର ରୋଗମୁକ୍ତ ହୋଇ ପିତାଙ୍କ ପାଦ ଧରି କାନ୍ଦି କ୍ଷମା ଭିକ୍ଷା କଲା । ପିତୃହୃଦୟ କ୍ଷମାରେ ଗଢ଼ା । ସେ ପୁତ୍ରକୁ ସଜଳନେତ୍ରରେ ଆଲିଙ୍ଗନ କରି କ୍ଷମାର ନିଦର୍ଶନ ଦେଖାଇଲେ । ବିଚ୍ଛେଦ ପରେ ପିତା, ପୁତ୍ର ଓ ପୁତ୍ରବଧୂର ମିଳନାନନ୍ଦ ବଡ଼ ମଧୁର ହୋଇଅଛି । କମଳା ସେଠାରେ ଉପସ୍ଥିତ ଥିଲେ, ତାହା ଅଧିକ ମଧୁମୟ ହୋଇ-ଥାଆନ୍ତା । କମଳା ପୂର୍ବରୁ ନିରୁଦ୍ଦେଶ ହୋଇଥିଲା ।

ଗଳ୍ପଟିରେ ମୌଳିକତା ଅଛି, ବିଶେଷତ୍ୱ ଅଛି, ଲକ୍ଷ୍ୟ ଭୂତ ଏବଂ ସୁନ୍ଦର । ସାଧାରଣ ବୋଧଗମ୍ୟ କରିବା ପାଇଁ ଗଳ୍ପଟିକୁ ସରଳ କରାଯାଇଅଛି । "ଛାଗର, ମଙ୍ଗୁଳି, ଷ୍ଟାମ୍ପ, ନିଷ୍ଠା, ଘଇତା, ମାଇପ, ବାପୁଡା, ଥୋଡ଼ା ଭଳି ପ୍ରଚଳିତ ଅନେକ ଗ୍ରାମ୍ୟ ଶବ୍ଦ ବ୍ୟବହୃତ ହୋଇ ଭାଷାକୁ ଅଧିକ ସରଳ ଏବଂ ସୁଖପାଠ୍ୟ କରିଅଛି । ସ୍ଥାନ ବିଶେଷରେ "ବୁଟ, ଓଭର କୋଟ, ହ୍ୟାଟ, ସୋଫ୍ଟ ର, ସୁଟକେଶ୍ ପ୍ରଭୃତି ଇଂରେଜୀ ଶବ୍ଦ ବ୍ୟବହୃତ ହୋଇଅଛି ; ମାତ୍ର ତାହା ଓଡ଼ିଆ ଅକ୍ଷରରେ ବ୍ୟବହୃତ ହୋଇଥିବାରୁ ପଠନର ଅସୁବିଧା ଦୂର ହୋଇଅଛି । "କଷ୍ଟୀ ସୁଖୀ ହେବା ସହଜ; କିନ୍ତୁ ସୁଖୀ କଷ୍ଟୀ ହେବା ଦୁଃସହ," "କୋଡ଼ରେ ଥିବାଯାଏ ପୁଅ, ଥୋଡ଼ ବଢ଼ିଲେ ସେ ଅମିକ" ଏହିପରି କେତେ ଗୁଡ଼ିଏ ସୁବଚନ ଗଳ୍ପର କଳେବର ଅଲଙ୍କୃତ କରିଅଛି ।

କେବଳ ସତ୍ସାହିତ୍ୟ ସୃଷ୍ଟିରେ ସାହାଯ୍ୟଦାନ ଏବଂ ପୁସ୍ତକ ପ୍ରବନ୍ଧାଦି ଲେଖାରେ ସାହିତ୍ୟ ସମ୍ରାଟଙ୍କର ସାହିତ୍ୟ ସେବା ପର୍ଯ୍ୟବସିତ ନୁହେଁ । ସାହିତ୍ୟୋନ୍ନତିର ବିଭିନ୍ନ ଶାଖା ପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ବହୁମୁଖୀ । ପାଠାଗାର ସାହିତ୍ୟପ୍ରସାରର ଗୋଟିଏ ବାହନ । ସେଥି ପାଇଁ ସେ ଅନେକ ପାଠାଗାରକୁ ଅର୍ଥ, ପୁସ୍ତକ ସାହାଯ୍ୟ କରିଅଛନ୍ତି ଏବଂ କରୁଅଛନ୍ତି । ନବରଙ୍ଗପୁର ପାଠାଗାର ନିର୍ମାଣ ସକାଶେ ସେ ଏକ ହଜାର ଟଙ୍କା ଦାନ କରି ଅଛନ୍ତି, ଅବଶିଷ୍ଟ ଦେବାକୁ ମଧ୍ୟ ସ୍ୱୀକୃତ ହୋଇଅଛନ୍ତି । ସଚିତ୍ର [illegible] ପତ୍ରିକା [illegible] ତାଙ୍କରି ଦାନରେ ପ୍ରତିଷ୍ଠିତ । ଉକ୍ତ ପତ୍ରର ପରିଚାଳନା ପାଇଁ ସେ ପାଞ୍ଚ ହଜାର ଟଙ୍କା ଦାନ କରିଅଛନ୍ତି । ହାକ୍ସର ମୁଣ୍ଡେଙ୍କ ହିନ୍ଦୁ ସୈନିକ ଶିକ୍ଷାଶାଳା ପାଇଁ ତିନି ହଜାର ଏବଂ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଶାନ୍ତିନିକେତନକୁ ପାଞ୍ଚ ହଜାର ଟଙ୍କା ଦାନ କରିଅଛନ୍ତି । ଅନେକ ସ୍କୁଲକୁ ସେ ଅର୍ଥ ସାହାଯ୍ୟ କରନ୍ତି । ଓଡ଼ିଶାବାସୀ ତାଙ୍କ ପ୍ରତି ଏରୂପ ଭକ୍ତିପ୍ରବଣ ଯେ, ତାଙ୍କ ଶୁଭନାମରେ ବିଦ୍ୟାଳୟ ସ୍ଥାପନ କରି କୃତଜ୍ଞତା ପ୍ରଦର୍ଶନ କରୁଅଛନ୍ତି । ଅଳ୍ପଦିନ ପୂର୍ବରେ ସେ ବାଣପୁର ହାଇସ୍କୁଲକୁ ଦୁଇ ହଜାର ଟଙ୍କା ଦାନ କରି ଦେଶରେ ଆଦର୍ଶର ଦୃଷ୍ଟାନ୍ତ ଖେଳାଇଦେଇଅଛନ୍ତି । ତାଙ୍କର ଏହିପରି ସାନ ବଡ଼ ଦାନର ପରିମାଣ ଅସଂଖ୍ୟ । ତାହା ସବୁ ସଂଗ୍ରହ କରି ଲେଖିବା ସହଜ ନୁହେଁ । ଦେଶର ଯେ କୌଣସି ଶୁଭାନୁଷ୍ଠାନ ସକାଶେ ତାଙ୍କ ନିକଟରେ ପ୍ରାର୍ଥୀ ହେଲେ ସେ କାହାକୁ ଶୂନ୍ୟହସ୍ତରେ ଫେରାନ୍ତି ନାହିଁ । ସେଥିପାଇଁ ତାଙ୍କ ରାଜକୋଷ ଚିରମୁକ୍ତ ।

ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ "ପ୍ରସ୍ତାବିତ ଓଡ଼ିଆ ଭାଷାକୋଷର ପଞ୍ଚମ ଖଣ୍ଡର ମୁଦ୍ରଣ ସକାଶେ ଦଶ ହଜାର ଟଙ୍କା ଦାନ କରିଅଛନ୍ତି । ଏହା ତାଙ୍କର ଏକ ବିଶିଷ୍ଟ ଦାନ । ଏହି ଦାନ ହେତୁ ସେ ଗୋଟାଏ ବିପୁଳ କୀର୍ତ୍ତିରେ ଅଳଙ୍କୃତ ହୋଇଅଛନ୍ତି । ସେ ସମ୍ବନ୍ଧରେ ୫ମ ଭାଗ ୧୮ଶ ସଂଖ୍ୟାର "ସତ୍ୟ ସମାଚାର" ଲେଖିଅଛନ୍ତି—

"ଜୟପୁରର ମାନନୀୟ ରାଜା ଶ୍ରୀ ବିକ୍ରମ ଦେବ ବର୍ମା ସାହିତ୍ୟସମ୍ରାଟ " ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ଜଣେ ବିଶିଷ୍ଟ ପୃଷ୍ଠପୋଷକ ଅଟନ୍ତି । ଜୟପୁର ରାଜଗାଦି ଅଧିକାର କରିବା ପୂର୍ବରୁ ଭାଷାକୋଷ ପ୍ରତି ବାହାର-ଓଡ଼ିଶା ସରକାରଙ୍କ ଦୃଷ୍ଟି ରାଜା ସାହେବ ପ୍ରଥମେ ଆକର୍ଷଣ କରିଥିଲେ । ଜୟପୁର ଅଞ୍ଚଳ ପ୍ରଚଳିତ ବହୁଶତ ଓଡ଼ିଆ ପ୍ରାଦେଶିକ ଶବ୍ଦ ରାଜା ସାହେବ ନିଜେ ସଂଗ୍ରାହକଙ୍କୁ ଯୋଗାଇଅଛନ୍ତି । ଭାଷାକୋଷର ବିଶିଷ୍ଟ ପୃଷ୍ଠପୋଷକ ରୂପେ ତାଙ୍କର ପ୍ରତିକୃତି ପ୍ରଥମ ଖଣ୍ଡରେ ପ୍ରକାଶିତ ହୋଇଥିଲା ଓ ୪ର୍ଥ ଖଣ୍ଡ ତାଙ୍କ ନାମରେ ଉତ୍ସୃଷ୍ଟ ହୋଇଅଛି । ଭାଷାକୋଷର ପଞ୍ଚମ ଖଣ୍ଡର ମୁଦ୍ରଣାଦି ବ୍ୟୟ ନିର୍ବାହାର୍ଥେ ସେ ବିଶିଷ୍ଟ ଭାବରେ ଅର୍ଥ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତ ହୋଇଥିଲେ । ଆନନ୍ଦର ବିଷୟ ଯେ, ରାଜା ସାହେବ ଉକ୍ତ ପ୍ରତିଶ୍ରୁତି ରକ୍ଷା କରି ଭାଷାକୋଷର ପଞ୍ଚମ ଖଣ୍ଡର ପ୍ରକାଶାର୍ଥ ବର୍ତ୍ତମାନ ଛଅ ହଜାର ଟଙ୍କା ନଗଦ ଦେଇଅଛନ୍ତି ଓ ଭାଷାକୋଷର ପରବର୍ତ୍ତୀ ଖଣ୍ଡମାନଙ୍କ ସମାପ୍ତ ପୂର୍ବରୁ ଆଉ ୪ ହଜାର ଟଙ୍କା ସାହାଯ୍ୟ କରିବାକୁ ଆଶା ଦେଇଅଛନ୍ତି । ଜୟପୁର ରାଜା ସାହେବଙ୍କର ଏହି ଉଦାର ଦାନ ପାଇଁ ଆମ୍ଭେମାନେ ତାଙ୍କୁ କୃତଜ୍ଞତା ଅର୍ପଣ କରୁଅଛୁ । ରାଜା

ସାହେବ ମୁକ୍ତହସ୍ତ ହୋଇ ନ ଥିଲେ ଭାଷାକୋଷ ପଞ୍ଚମ ଖଣ୍ଡର ମୁଦ୍ରଣ କର୍ମ ଡେର ପଡ଼ିଥାନ୍ତା ।"

ପୁନଶ୍ଚ ସେହି ସଂଖ୍ୟାରେ ସମ୍ପାଦକ ଲେଖିଅଛନ୍ତି—"× × × × × × × × ତେଲୁଗୁ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ରାଜାସାହେବଙ୍କର ଅଗାଧ ପାଣ୍ଡିତ୍ୟ ଅଛି । ଓଡ଼ିଆରେ ଓ ତେଲୁଗୁରେ ରାଜା ସାହେବ ଅନେକଗୁଡ଼ିଏ କାବ୍ୟ ନାଟକାଦି ରଚନା କରିଅଛନ୍ତି ଓ ତହିଁ ମଧ୍ୟରୁ କେତେଗୁଡ଼ିଏ ଗ୍ରନ୍ଥ ମାନ୍ଦ୍ରାଜ ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଉଚ୍ଚଶ୍ରେଣୀମାନଙ୍କରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଅଛି । ରାଜାସାହେବ ପ୍ରତିଭାନ ପଣ୍ଡିତମାନଙ୍କ ସହ ସଂସ୍କୃତ ତେଲୁଗୁ ଓ ଓଡ଼ିଆ ସାହିତ୍ୟ ଏବଂ ଧର୍ମାଲୋଚନାରେ ଦୀର୍ଘ ଘଣ୍ଟା ଅତିବାହିତ କରନ୍ତି ।"

ବିରାଟକାୟ ଅଭିଧାନ "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ"ର ଚତୁର୍ଥଖଣ୍ଡ ମହାରାଜ ବିକ୍ରମ ଦେବ ବର୍ମଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶିତ । ଭାଷାକୋଷର ସଂଗ୍ରାହକ ସୁପ୍ରସିଦ୍ଧ ସାହିତ୍ୟିକ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ୍. ମହୋଦୟ ତାଙ୍କ ଉପହାର ପତ୍ରରେ ଲେଖିଅଛନ୍ତି—

"The fourth of the Purnachandra Oriya Vasakosa is dedicated with kind permission to Sahitya Samrat Raja Sri Sri Sri Vikrama Deva Varma, Raja Saheb, Jeypore estate, district Vizag. who is rightly looked upon as the Vikramaditya of Utkal, whose burning patriotism has impelled him to devote himself to life-long service in the cause of the Oriya nation with a rare tenacity of purpose, who has during the last forty years identified himself with the movement for the unification of the Oriya-speaking tracts, whose catholic munificence in the cause of education and fo the all round progress of the Oriya nation has made him the pride and glory of ten millions of Oriyas, who is himself a great poet and author of renown and who has been a staunch and active supporter of this lexicon.

| | | |
|---|---|---|
| CUTTACK | } | In grateful regard<br>BY<br>his humble admirer, |
| June 1934. | } | The compiler." |

"ଯେଉଁ ଉଦାରଚେତା ମହାମନୀଷୀ ଉତ୍କଳ-ସାହିତ୍ୟାକାଶରେ ସମ୍ପୂର୍ଣ୍ଣ ଶାରଦ ସୁଧାଂଶୁ ରୂପେ ବିରାଜିତ ରହି ଉତ୍କଳ କବିକୁମୁଦକୈରବକୁଳକୁ ବିକଶିତ କରିଅଛନ୍ତି, ଖଣ୍ଡବିଖଣ୍ଡ ମାତୃଭୂମିର ଏକୀକରଣ କଳ୍ପନାରେ ଯେ ଗତ ୪୦ ବର୍ଷ ହେଲା ଆତ୍ମପ୍ରାଣ ନିଯୋଗ କରିଅଛନ୍ତି, ଯାହାଙ୍କର ଉଦାର ହୃଦୟ ଓ ପ୍ରଶସ୍ତ ଦାନର ପୁଣ୍ୟ ନିଦର୍ଶନ ସମସାମୟିକ ଉତ୍କଳର ଜାତୀୟ ଇତିହାସରେ ସ୍ୱର୍ଣ୍ଣବର୍ଣ୍ଣାବଳୀରେ ରଞ୍ଜିତ ହୋଇ ରହିବ, ଯାହାଙ୍କଠାରୁ ରାଜଶ୍ରୀଲାଭ ପୂର୍ବେ ଅକିଞ୍ଚନ ସଂଗ୍ରାହକ ଏହି ଭାଷାକୋଷର ସଙ୍କଳନ ପାଇଁ ଯଥେଷ୍ଟ ଉତ୍ସାହ ଲାଭ କରି ଧନ୍ୟଂମନ୍ୟ ହୋଇଅଛି, ଭାରତବିଖ୍ୟାତକୀର୍ତ୍ତି ବିକ୍ରମାଦିତ୍ୟକଳ୍ପ ଉତ୍କଳସାହିତ୍ୟ-ସମ୍ରାଟ ବିଶାଖପତ୍ତନ ଅନ୍ତର୍ଗତ ଜୟପୁର ରାଜ୍ୟାଧୀଶ୍ୱର ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟଙ୍କ ମହାନୁ [illegible] ସାହାଯ୍ୟ ଅନୁମତି ସହ ଭାଷାକୋଷର ଚତୁର୍ଥ ଖଣ୍ଡ ଅର୍ପିତ ହେଲା ।"

ସାହିତ୍ୟସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟଙ୍କର ସାହିତ୍ୟ ସାଧନାର ପୂର୍ଣ୍ଣ ବିକାଶ ଘଟିଅଛି । ତାଙ୍କର ବର୍ତ୍ତମାନ ସମୟର ଲେଖା ପରିପକ୍ୱ ଏବଂ ଭାବସମ୍ପଦରେ ସମୃଦ୍ଧ । ବର୍ତ୍ତମାନ ତାଙ୍କର ବୟସ ୭୪ବର୍ଷ । ଏ ବୃଦ୍ଧାବସ୍ଥାରେ ସୁଦ୍ଧା ତାଙ୍କର ସାହିତ୍ୟସେବା ଶିଥିଳ ହୋଇ ନାହିଁ । ମନୋବଳରେ ଯୁବକ ମଧ୍ୟ ତାଙ୍କଠାରେ ପରାସ୍ତ । ତାଙ୍କର ମନୋବଳ · ପ୍ରବଳ

ଅସ୍ତଗତରେ ଲୁଚିଅଛି । ବର୍ତ୍ତମାନ ସେ ଷଷ୍ଠଖଣ୍ଡ ବିରାଟ ଗ୍ରନ୍ଥ ଲେଖିଅଛନ୍ତି । ଷଷ୍ଠଖଣ୍ଡିଯାକ ଆଧ୍ୟାତ୍ମିକ ଗ୍ରନ୍ଥ । "ପୁରନ୍ଦର ଦାସଙ୍କ ଚରିତ" ନାମରେ ହରିକଥା ଲିଖିତ ହୋଇଅଛି । ତାହା ଗଦ୍ୟ, ପଦ୍ୟ ଏବଂ ସଙ୍ଗୀତ ବିଶିଷ୍ଟ । ତେଲୁଗୁ ଭାଷାରେ "କଲାପୂର୍ଣ୍ଣୋଦୟମ୍" ନାମରେ ଖଣ୍ଡିଏ ଉତ୍କୃଷ୍ଟ ଗ୍ରନ୍ଥ ଅଛି, ତାହାର ଓଡ଼ିଆ ଗଦ୍ୟାନୁବାଦ ହୋଇଅଛି । ପୁଣି ମହାତ୍ମା ତୁଳସୀଦାସ ବିରଚିତ 'ବିନୟ ପତ୍ରିକାର' ଅନୁବାଦ ପଦ୍ୟାକାରରେ ଲିଖିତ ହୋଇଅଛି । ଏହି ଷଷ୍ଠଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେଲେ ତାହା ଉତ୍କଳ ସାହିତ୍ୟଭଣ୍ଡାରରେ ସ୍ଥାୟୀ ରତ୍ନ ହୋଇ ରହିବ । ତାଙ୍କର ଏ ଦାନ ଓଡ଼ିଆ ଜାତି ପାସୋରିପାରିବ ନାହିଁ । ଜରାଜୀର୍ଣ୍ଣଶୀର୍ଣ୍ଣ କଳେବରରେ ଯେ ଏଭଳି ବିରାଟ ଗ୍ରନ୍ଥ ଲେଖିବାକୁ ସାହସୀ ହୁଅନ୍ତି, ତାଙ୍କର ଅସୀମ ସାହସର କଥା ଚିନ୍ତାକଲେ ମସ୍ତକ ବିଘୂର୍ଣ୍ଣିତ ହୋଇଉଠେ । ଏ ଭଳି ନିଷ୍ଠାପର ସାହିତ୍ୟ-ଯୋଗୀ ଉତ୍କଳରେ ଅଛନ୍ତି, ଏହା ଦେଶ ଏବଂ ଜାତି ପକ୍ଷରେ ଗର୍ବର କାରଣ ନୁହେଁ କି ? ସାହିତ୍ୟସେବା ବଡ଼ ସହଜ ବ୍ୟାପାର ନୁହେଁ । କୃଷକ ମାଟି ସଙ୍ଗରେ ମାଟି ହେବା ପରି ସାହିତ୍ୟସେବକଙ୍କୁ ଜୀବନଯାକ ଚିନ୍ତାରେ ମିଶି ଚିନ୍ତା ହୋଇ ରହିବାକୁ ହୁଏ । ଥରେ ସାହିତ୍ୟସମ୍ରାଟ କଥା ପ୍ରସଙ୍ଗରେ କହିଥିଲେ—"ମନୋ-ଭାବକୁ କବିତାକାରରେ ପ୍ରକାଶ କଲାବେଳେ ସ୍ଥାନେ ସ୍ଥାନେ ବଡ଼ ହରବର ହେବାକୁ ହୁଏ । ଭାବପ୍ରକାଶର ଉପଯୁକ୍ତ ଶବ୍ଦ ନ ମିଳିଲେ ବାଛି ବାଛି [illegible] ପରି ଯନ୍ତ୍ରଣାରେ ଛଟପଟ ହେବାକୁ ହୁଏ ; ମାତ୍ର ତାହା ପ୍ରଶମ ହୋଇଗଲେ ଅର୍ଥାତ୍ ଭାବପ୍ରକାଶ ଭଳି ଉପଯୁକ୍ତ ଶବ୍ଦ ମିଳିଗଲେ ଠିକ୍ ପୁତ୍ରଲାଭ ପରି ସୁଖ ଏବଂ ଆନନ୍ଦ ଅନୁଭୂତ ହୁଏ ।" ଏ ଉକ୍ତିରୁ ତାଙ୍କର ସାଧନାର କ୍ଷେତ୍ର କିପରି ବିସ୍ତୃତ, ସାହିତ୍ୟସେବା କି ରୂପ ନିୟମିତ ଏବଂ ଅବିଚ୍ଛିନ୍ନ, ଚିନ୍ତାଶକ୍ତି କେତେ ଗଭୀର, କଳ୍ପନା କେତେ ଉଚ୍ଚ ଏବଂ ଅନୁଭୂତି କେତେ ପରିପକ୍ୱ, ତାହା ଭୁକ୍ତଭୋଗୀ ମାନେ ସହଜରେ ବୁଝିପାରିବେ । ବାସ୍ତବରେ ଗୋଟାଏ ମନୋନୀତ ଭାବ ବା ଶବ୍ଦ ସକାଶେ ସେ ପୁତ୍ର ପ୍ରାପ୍ତ ଭଳି ଏତେ ବଡ଼ ଆନନ୍ଦ ଏବଂ ତୃପ୍ତି ଉପଭୋଗ କରିପାରନ୍ତି । ସେହି ଏକା ପ୍ରକୃତ ଭାବୁକ ଏବଂ ପ୍ରକୃତ କବି । ସାରସ୍ୱତ ରାଜ୍ୟର ରତ୍ନସିଂହାସନ ତାଙ୍କରି ପାଇଁ ନିର୍ଦ୍ଦିଷ୍ଟ, ତାଙ୍କ ସ୍ପର୍ଶରେ ଜଡ଼ ଆଖ୍ୟା ଧନ୍ୟ ହୁଏ ।

ରାଜକବିଙ୍କ ସଙ୍ଗରେ କଥାବାର୍ତ୍ତା ହେଲେ ଅନେକ ବିଷୟ ଶିକ୍ଷା ହୁଏ । ହାସ୍ୟ କୌତୁକ ଆମୋଦ ପ୍ରମୋଦରେ ସୁଦ୍ଧା ସେ ଊଣା ନୁହନ୍ତି । ସମୟ ସମୟରେ ଅନେକ ଦୃଷ୍ଟାନ୍ତମୂଳକ ପ୍ରବାଦ, ଢଗ ପ୍ରଭୃତି କଥା-ଛଳରେ ଆବୃତ୍ତି କରନ୍ତି । ତେଲୁଗୁ ପ୍ରବାଦର ଉଦାହରଣ ସେ ଅଧିକ ଦିଅନ୍ତି । ତାହା ତେଲୁଗୁ ପୁସ୍ତକର ବିଶେଷ ଅନୁଶୀଳନର ଫଳ । ଥରେ କଥା ପ୍ରସଙ୍ଗରେ କହିଥିଲେ—"ତେଲୁଗୁରେ ଗୋଟାଏ ପ୍ରବାଦ ଅଛି, ବଳଦ ବେଇଲେ ପାଞ୍ଚମାଣ ଦୁଧ ଦେବ ।" (ମାଣକ ଚାରିସେର୍; ଅର୍ଥାତ କୋଡ଼ିଏସେର ବା ଅଧ ମହଣେ ଏହା ଅସ୍ୱାଭାବିକତା ବ୍ୟଞ୍ଜକ ଉକ୍ତି । ବଳଦ ବେଇବା ଯେପରି ଅସମ୍ଭବ, ଅଧ ମହଣେ ଦୁଧ ଦେବା ମଧ୍ୟ ତହୁଁ ବଳି ଅସମ୍ଭବ । ଆଉ ଥରେ କହିଥିଲେ,—"କାଣି ଘୋଡ଼ାର ଶିଙ୍ଗ ନାହିଁ, ଶିଙ୍ଗ ଥିଲେ ଘୋଡ଼ା ରଖନ୍ତା ନାହିଁ ।" ଦୁର୍ଜନ ସ୍ୱଭାବତଃ ଦୁଷ୍କରଣୀରତ, ତହିଁ ଉପରେ ପୁଣି ସେ ମନୋମତ କ୍ଷମତା ପାଇଲେ ଆଉ କି ରକ୍ଷାରକ୍ଷଣ ଅଛି । ରାଜକବିଙ୍କ ଖୋସିଗପଗୁଡ଼ିକ ଖୁବ୍ ଚମତ୍କାର । ଗପ କହିବାର ଭଙ୍ଗୀମଧ୍ୟ କୌତୁକପ୍ରଦ । ଯେତେ ଶୁଣୁଥିଲେ ଶ୍ରୋତାର ଇଚ୍ଛା ତେତେ ପ୍ରବଳ ହେଉଥାଏ । ଫୁଲାଇ, ଫେଣାଇ, ନକ୍ସାଇ, ଖେଳାଇ ସେ କଥାକୁ ଅଯଥା ଭାରାକ୍ରାନ୍ତ ବା ମୋଟ କରନ୍ତି ନାହିଁ । ସରଳ ଭାଷାରେ ସଂକ୍ଷେପରେ ବ୍ୟକ୍ତ କରନ୍ତି । ଖାଲି ଏଣ୍ଡୁ ତେଣୁ ଗୁଡ଼ାଏ କହିବା ତାଙ୍କର ପ୍ରକୃତିବିରୁଦ୍ଧ । ଯେଉଁ ଗଳ୍ପ କହନ୍ତି, ତାହା ନାନା ଶିକ୍ଷା ଏବଂ ଉପଦେଶରେ ପୂର୍ଣ୍ଣ । ଗଳ୍ପର ବାହାର ରୂପ, ଭିତର ରୂପ ସବୁ ସୁନ୍ଦର ଏବଂ ଚିତ୍ତହର ।

ନୈସର୍ଗିକ କବି ସାହିତ୍ୟସମ୍ରାଟଙ୍କର କବିସୁଲଭ ରସିକତା ବଡ଼ ମଧୁର, ବଡ଼ ଉପଭୋଗ୍ୟ । ତାଙ୍କ ମୁଖରୁ କେତୋଟି ଗଳ୍ପ ବା ରୂପକଥା ଶୁଣିବାର ସୁଯୋଗ ଲେଖକଭାଗ୍ୟରେ ଘଟିଥିଲା । ସେଥି ମଧ୍ୟରୁ

ନୀତି ଏବଂ ଶିକ୍ଷାମୂଳକ ଦୁଇଟି କଥା ଏଠାରେ ଲକ୍ଷିତ ହେଲା । ତାଙ୍କ ଗଠିତ ଗଳ୍ପର ମୂର୍ତ୍ତି ମଠା ବା ପାଲିସ କରା ନୁହେ କିମ୍ବା ସେଥିରେ ଆସମାନୀ ରଙ୍ଗର ଚାକଚକ୍ୟ ନାହିଁ । ତନ୍ମଧ୍ୟର ସରଳ ସ୍ୱାଭାବିକ ସୁଷମା ମାଧୁର୍ଯ୍ୟ ଚିତ୍ତକୁ ଆକର୍ଷଣ କରିନିଏ । ଗଳ୍ପଟି ଜଣେ ବଚନ-ବୁଦ୍ଧି ଗୁରୁଙ୍କର ବଚନ ଶିକ୍ଷାଦାନର ହାସ୍ୟକର କାହାଣୀ ।

ପୂର୍ବେ ଜଣେ ଗୁରୁ ଥିଲେ, ସେ ଶିଷ୍ୟଙ୍କୁ ସ୍ୱର ରାଗିଣୀ ଶିକ୍ଷା ଦେଉଥିଲେ । ସେହି ଉଚ୍ଚାଭିଳାଷୀ ଗୁରୁ ମହାଶୟ ଶିଷ୍ୟକୁ କହିଥିଲେ 'ତୁମେ ତ ଯେତେବେଳେ ଯାହା କହିବୁ, ତାହା କଥା କହିଲା ପରି କହିବୁ ନାହିଁ; ସ୍ୱରରାଗିଣୀ ଦେଇ ଗୀତ ଗାଇଲା ପରି କହିବୁ ।' ଗୁରୁଭକ୍ତ ଶିଷ୍ୟଟି ଗୁରୁଙ୍କର ଏହି କଠୋର ଆଜ୍ଞା ଶିରୋଧାର୍ଯ୍ୟ କରି ଚଳୁଥାଏ । ସେ ଗୁରୁଙ୍କୁ ଡାକିଲେ କହେ—"ହେ-ଏ-ଏ-ଗୁ-ଉ-ଉ-ରୁ-ଉ-ଉ ।" ଏହିପରି ସଙ୍ଗୀତ ସ୍ୱରରେ ସେ ଗୁରୁଙ୍କୁ ସମ୍ଭାଷଣ କରେ । ଦିନେ ଗୁରୁଙ୍କ ଘରେ ନିଆଁ ଲାଗିଲା । ବିଚକ୍ଷଣ ଶିଷ୍ୟ ଗୁରୁଙ୍କୁ ଏହି ସମ୍ବାଦ ଶୀଘ୍ର ଜଣାଇବାକୁ ଯାଇ ଖୁବ୍ ରାଗିଣୀ ଟେକି ସ୍ୱରକୁ ନଚାଇ, ଖେଳାଇ, ଉଠାଇ, ପକାଇ, ଦୋହରାଇ, ତେହରାଇ, ଚଢ଼ାଇ କହିଲା—"ଗୁରୁ ହେ, ଆପଣଙ୍କ ଘର ପୋଡ଼ି ଯାଉଛି ।" ଏହି ସ୍ୱରରାଗିଣୀ ଆଡ଼ମ୍ବରପୂର୍ଣ୍ଣ ସଙ୍ଗୀତମୟ ସମ୍ବାଦ ଶୁଣୁ ଶୁଣୁ ସଙ୍ଗୀତରସିକ ଗୁରୁଦେବଙ୍କର କୁଣ୍ଡଆଖିଣ୍ଟି ଅଗ୍ନିଦେବତା ଗର୍ଭସାତ୍ କରିଦେଲେ । ଗୁରୁଙ୍କ ସଙ୍ଗୀତପ୍ରିୟତାର ଚୂଡ଼ାନ୍ତ ପୁରସ୍କାର ସ୍ୱରୂପ କାଳ ମୁଣ୍ଡ ଆଉଁସିବାକୁ ଲାଗିଲେ । ସେ ଶିଷ୍ୟକୁ ସ୍ୱର-ରାଗିଣୀ ବିଶାରଦ କରି ତୁମ୍ବୁରୁ ଗନ୍ଧର୍ବ ପରି ସ୍ୱର-ରାଗିଣୀରେ ମିଶାଇ ଦେବାକୁ ଇଚ୍ଛା କରିଥିଲେ; ମାତ୍ର ଦୈବଯୋଗରୁ "କ୍ରୋଡୋପାଶୀବ ବାନର" ଦଶା ପ୍ରାପ୍ତ ହେଲେ । ଗୁରୁ ଶିଷ୍ୟ ଉଭୟେ ସମାନ ବୁଦ୍ଧିମାନ୍, କେହି କାହାକୁ ଊଣା ନୁହେଁ । ବୋଧ ହୁଏ ବିଧାତା ଗର୍ଭିଭ ଗଢ଼ୁଁ ଗଢ଼ୁଁ ଭୁଲରେ ଗୁରୁ ଗଢ଼ି ପକାଇଥିଲେ । ଏହିପରି ଆମୋଦପ୍ରଦ ଗଳ୍ପ ରାଜକବି ଅନେକ କହନ୍ତି । ତାଙ୍କ ପାଖରେ ଥିବା ପର୍ଯ୍ୟନ୍ତ କିଛି କହିବାକୁ ଇଚ୍ଛା ହୁଏ ନାହିଁ, କେବଳ ନୀରବରେ ବସି ତାଙ୍କ କଥା ଶୁଣିବାକୁ ବିଶେଷ ଆଗ୍ରହ ଜାତ ହୁଏ । ତାଙ୍କ ଜିହ୍ୱାରେ କି ମଧୁ ଅଛି କେଜାଣି, ସେ ଯାହା କହନ୍ତି ତାହା ମଧୁର । ନିତାନ୍ତ ନୀରସ, ସାମାନ୍ୟ କଥା ବି ତାଙ୍କ ତୁଣ୍ଡରୁ ମଧୁମୟ ରୂପ ଧରି ବାହାରିଆସେ ।

ଆଉ ଦିନେ ଶଙ୍କରସ୍ୱାମୀ, ତୁଳସୀ ଦାସ, କବୀର ପ୍ରଭୃତି ମହାପୁରୁଷମାନଙ୍କର ପଦାବଳୀ ଆଲୋଚନା କରୁ କରୁ କହିଥିଲେ—"କବୀର ମରିବା ପୂର୍ବରୁ ତାଙ୍କ ପିଣ୍ଡ ସତ୍କାର ସମ୍ବନ୍ଧରେ କହିଥିଲେ—'ଗାଡ଼ୋ ମତ୍ ଜାଲୋ' । ବାକ୍ୟଟି ଦୁଇ ଅର୍ଥବୋଧକ । ତାଙ୍କ ମୃତ୍ୟୁ ପରେ ତାଙ୍କର ହିନ୍ଦୁ ମୁସଲମାନ ଉଭୟ ସମ୍ପ୍ରଦାୟର ଶିଷ୍ୟମାନେ ଏହି କଥା ନେଇ ବିବାଦ ଆରମ୍ଭ କଲେ । ଦୁଇଦଳ ଦୁଇ ଅର୍ଥ କରି ନିଜ ନିଜର ମତ ରକ୍ଷା ସକାଶେ ଦୃଢ଼ ବ୍ରତୀ ହୋଇ ବସିଲେ । ହିନ୍ଦୁମାନେ ଅର୍ଥ କଲେ—'ଗାଡ଼ୋ ମତ୍—ଜାଲୋ ।' ଅର୍ଥାତ୍ ପୋତ ନାହିଁ—ପୋଡ଼ । ମୁସଲମାନମାନେ ଅର୍ଥ କଲେ—"ଗାଡ଼ୋ, ମତ ଜାଲୋ ।" ଅର୍ଥାତ ପୋତ ପୋଡ଼ ନାହିଁ । ଏ ବିରୋଧାର୍ଥ ଘେନି ଦୁଇଦଳଯାକ ବିଷମ ସମସ୍ୟାରେ ପଡ଼ିଲେ । ପରିଶେଷରେ ଦେଖାଗଲା, ଯୋଗସିଦ୍ଧ ସାଧୁ ମହାତ୍ମା ଫୁଲ ପାଲଟିଯାଇଅଛନ୍ତି ।" ଅତୀତର ଧର୍ମବୀରମାନଙ୍କ ସମ୍ବନ୍ଧରେ ରାଜକବି ଏହିପରି ଅନେକ କଥା କହନ୍ତି । ତାଙ୍କର ଭୂୟୋଦର୍ଶନ ଶକ୍ତି ଅତି ଚମତ୍କାର । ତାଙ୍କ ପରିପକ୍ୱ ଜ୍ଞାନ, ଅସାଧାରଣ ବିଚକ୍ଷଣତା ଦେଖିଲେ ଆଶ୍ଚର୍ଯ୍ୟରେ ସ୍ତମ୍ଭୀଭୂତ ହେବାକୁ ହୁଏ । [illegible] ଚଳେଇବା ଯୁକ୍ତି କରିବାକୁ କାହାରି ସାହସ କୁଳାଏ ନାହିଁ । ମୁହେଁ ମୁହେଁ ସଂସ୍କୃତରେ ବାକ୍ୟ ରଚନା କରିବା ବିଷୟରେ ତାଙ୍କ ପରି ଧୁରନ୍ଧର ବ୍ୟକ୍ତି ବିରଳ ଲକ୍ଷିତ ହୁଅନ୍ତି । ଅନେକ ବଡ଼ ବଡ଼ ଉପାଧିଧାରୀ ପଣ୍ଡିତ ଆଶୁ ଶ୍ଳୋକ ରଚନା ବିଷୟରେ ତାଙ୍କର ସମକକ୍ଷ ହୋଇପାରନ୍ତି ନାହିଁ । ଗୁଣଗ୍ରାହକବର୍ଗ ତାଙ୍କଠାରେ ପରାଜିତ ହୋଇ କ୍ଷୁବ୍ଧ ହୁଅନ୍ତି ନାହିଁ । ପ୍ରତ୍ୟୁତଃ ଅନେକଙ୍କୁ ମୁଗ୍ଧ ହେବାର ଦେଖାଯାଏ । "ମହାଶୟ" ଶବ୍ଦର ଅପବ୍ୟୟ ସେ ଯେତେ କରନ୍ତି, ଅନ୍ୟ କେହି ଏତେ କରନ୍ତି କି

ନାହିଁ ସନ୍ଦେହ । ମାନ୍ୟଗଣ୍ୟଠାରୁ ସାଧାରଣ ପର୍ଯ୍ୟନ୍ତ ସମସ୍ତଙ୍କୁ "ମହାଶୟ" ସମ୍ବୋଧନ କରିବା ତାଙ୍କର ଚିର ଅଭ୍ୟାସ । ଶ୍ରୀମନ୍ତ, ମହିମା, ମହାପ୍ରଭୁ, ନ କହି, କେହି ଆଜ୍ଞା ଅର୍ପଣ କହିଲେ ତାହାଙ୍କ ଭ୍ରୂକ୍ଷେପ ନ ଥାଏ । ଏହାଠାରୁ ବଳି ନିରଭିମାନତାର ପରିଚୟ ଆଉ କଅଣ ହୋଇପାରେ ? ଯେ ପରଠାରୁ ସମ୍ମାନ ପ୍ରାପ୍ତିର ଆଶା ନ କରି ପରକୁ ସମ୍ମାନ ଦାନରେ ମୁକ୍ତହସ୍ତ, ତାଙ୍କର ଚରିତ୍ର ସ୍ୱର୍ଗୀୟ ଉପାଦାନରେ ଗଠିତ । ଯେଉଁମାନେ ତାଙ୍କୁ ଚିହ୍ନନ୍ତି, ସେମାନେ ଏ କଥାକୁ ରଙ୍ଗିଆ ବା ଅତ୍ୟୁକ୍ତି ମଣିବେ ନାହିଁ ।

ସାହିତ୍ୟସମ୍ରାଟ ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ ମୂର୍ତ୍ତିମାନ୍ ସୌଜନ୍ୟ ଦେବତା । ତାଙ୍କର ଚରିତ୍ର ସବୁବେଳେ ସରଳ ଏବଂ ସଦାସ୍ମିତ । କୁଟିଳତା ସେ ଦେବଚରିତ୍ରକୁ ସ୍ପର୍ଶ କରିବାକୁ କେବେ ଦୁଃସାହସୀ ହୁଏ ନାହିଁ । ସାନ ବଡ଼ ପ୍ରତ୍ୟେକ ଆଲୋଚନା ଭିତରେ ସରଳଭାବରେ ପ୍ରବେଶ କରି ତାହା ସମାଧାନ କରନ୍ତି । ଚରିତ୍ର ହିଁ ତାଙ୍କର ଅସାଧାରଣ ଉନ୍ନତିର ମୂଳ ଭିତ୍ତି । ମହାଭାରତୀୟ ଯୁଗର ଚକ୍ରବର୍ତ୍ତୀ ଧର୍ମରାଜ ଯୁଧିଷ୍ଠିରଙ୍କ ପରି ସେ ସଂସାରର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି । ବାସ୍ତବରେ ସେ ଜଣେ ଆଦର୍ଶ ସଂସାରୀ ଏବଂ ଆଦର୍ଶ ରାଜଯୋଗୀ । ସେ ଲକ୍ଷଲକ୍ଷ ପ୍ରଜାର ଶାସକ ହୋଇ ମଧ୍ୟ ନିଜକୁ ଶାସକ ନ ମଣି ଶାସିତ ମଣନ୍ତି । ଯେ ନିଜଦ୍ୱାରା ନିଜେ ଶାସିତ ନୁହେଁ, ସେ ଅନ୍ୟକୁ ଶାସନ କରିପାରେ ନାହିଁ । ସେ ସବୁବେଳେ ଆସିଛ [illegible] ଧର୍ମର [illegible] ନିଃସ୍ୱାର୍ଥରେ ପାଳନ କରି ଚଳନ୍ତି । ୭୪ ବର୍ଷ ବୟସରେ ମଧ୍ୟ ତାଙ୍କର ଜପ,ତପ ଏବଂ ନିୟମିତ ବ୍ୟାୟାମର ଅଭ୍ୟାସ ଅକ୍ଷତ ଅଛି । ଅଦ୍ୟାବଧି ସେ ଚୁରୁଟ କିମ୍ବା ଏ କାଳର ଆବାଳବୃଦ୍ଧଙ୍କ ମୋହନମୂରଲୀ ସିଗାରେଟ ସ୍ପର୍ଶ ସୁଦ୍ଧା କରି ନାହାନ୍ତି । ସନାତନ ଆର୍ଯ୍ୟ ଧର୍ମର ଆଚାର ନିଷ୍ଠା ପାଳନରେ ବାସ୍ତବରେ ସେ ଜଣେ ଋଷିସତ୍ତମ ବ୍ୟକ୍ତି । ତାଙ୍କୁ ଦେଖିଲେ ସେ କାଳର ପୁରାଣବର୍ଣ୍ଣିତ ଋଷିମୂର୍ତ୍ତି ସ୍ମୃତି ପଟ୍ଟରେ ଅଙ୍କିତ ହୋଇଯାଏ । ବିଧାତା ତାଙ୍କୁ ସର୍ବଜନବାଞ୍ଛିତ ସକଳ କଳାରେ ଅଳଙ୍କୃତ କରି ପଠାଇଅଛନ୍ତି । କେବେ ତାଙ୍କୁ ଅହଂକାର ଦେଖାଯାଏ ନାହିଁ । ଏପରି ଅଜାତକ୍ରୋଧ ସାଧାରଣତଃ ଦୁର୍ଲ୍ଲଭ । ଏହି ଗୁଣଟି ତାଙ୍କ ଚରିତ୍ରର ଅଳଙ୍କାରର ଜ୍ୟୋତିର୍ମୟ ଅଳଙ୍କାର ସ୍ୱରୂପ । ତାଙ୍କର ଅତିଥିସତ୍କାର ଜଗତ୍‌ପ୍ରସିଦ୍ଧ । ବିଶାଖପଟ୍ଟଣରେ ଥିଲାବେଳେ ରାଜା ମହାରାଜମାନେ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ଯାହାଙ୍କ ଘରେ ଦଳେ ଦଳେ ଆସି ଅତିଥି ହେଉଥିଲେ , ତାଙ୍କର ଅତିଥିସତ୍କାର ଅଧିକ ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ଯେ ବିଶାଖପଟ୍ଟଣ କିମ୍ବା ଜୟପୁରରେ ଥରେ ମାତ୍ର ଅତିଥି ହୋଇଅଛି, ସେ ବହୁ ମୁଖରେ ତାଙ୍କର ଅତିଥିସେବାର ପ୍ରଶଂସା ନ କରି ନୀରବ ରହିପାରିବ ନାହିଁ-- ଏହା ଦୃଢ଼ଭାବରେ ବୋଲିଯାଇ ପାରେ ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ଅମଳରେ ପ୍ରଜାମାନେ ସୁଖରେ ଶାନ୍ତିରେ କାଳଯାପନ କରୁଅଛନ୍ତି । ସେମାନଙ୍କ ଅଭାବ ଅଭିଯୋଗର ଯଥାସମ୍ଭବ ପ୍ରତିକାର ହେଉଅଛି । ଦାବୀ ଦାୱାର ସୁବିଚାର ହେଉଅଛି । ସତ୍ୟ, ନ୍ୟାୟ, ଧର୍ମରେ ରାଜ୍ୟ ପରିଚାଳିତ ହେଉଅଛି । ମହାରାଜଙ୍କ ନ୍ୟାୟ ବିଚାରରେ ପ୍ରଜା, ରାଜକର୍ମଚାରୀ ସମସ୍ତେ ପରିତୁଷ୍ଟ । ସେ ଧର୍ମଦଣ୍ଡ ଧରି ମହାରାଜ ହରିଶ୍ଚନ୍ଦ୍ରଙ୍କ ପରି ରାଜ୍ୟ ଶାସନ କରୁଅଛନ୍ତି । ତାଙ୍କ ଅମଳରେ ବେଠି ପ୍ରଥା ଅଭିନବ ଧରଣର । ଏ ସମ୍ବନ୍ଧରେ ଗୋଟିଏ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖ ଯୋଗ୍ୟ । ଆଗନ୍ତୁକମାନଙ୍କ ଚର୍ଚ୍ଚା ପାଇଁ କେତେଜଣ ବେଠିଆ ନିଯୁକ୍ତ ହୁଅନ୍ତି । ସେମାନଙ୍କୁ ରାଜସରକାରରୁ ଚାଉଳ ଲୁଣ ପ୍ରଭୃତି ଦିଆଯାଏ, ସେମାନେ ରାନ୍ଧି ଖାଆନ୍ତି । ଖୋରାକି ପରେ ପ୍ରତି ବେଠିଆ ପ୍ରତିଦିନ ଦୁଇଅଣା ଖର୍ଚ୍ଚ ପାଆନ୍ତି । ବେଠିଆମାନେ ଯାହା ପାଆନ୍ତି, ତାହା ତାଙ୍କର ଦୈନିକ ମଜୁରି ସଙ୍ଗେ ପ୍ରାୟ ସମାନ । ସେମାନେ ଏକାଦିକ୍ରମେ ଅଧିକ ଦିନ ରହନ୍ତି ନାହିଁ । ଦୁଇଦିନ ପରେ ପରିବର୍ତ୍ତନ ଘଟେ । ଦଳକର ବେଠି ଶେଷ ହୁଏ, ଆଉ ଦଳେ ଆସି ତାଙ୍କ ସ୍ଥାନ ପୂରଣ କରନ୍ତି । ପ୍ରଜାପ୍ରୀତିର ଦୃଷ୍ଟାନ୍ତ ଏହିଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ପ୍ରଜାର ପ୍ରାଣ ମଧ୍ୟରେ ପଶି କେଉଁଠାରେ କାହାର ବ୍ୟଥା ପ୍ରବଳ ରହିଅଛି, ତାହା ଜାଣିପାରି ସେ ଉଚିତ ପ୍ରତିକାର କରନ୍ତି, ସେହି

ଏହା "ପ୍ରକୃତିରଞ୍ଜନ" ପବନ୍ଧ ପଦବୀର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ । ଜୟପୁରର ପ୍ରଜା ଏବଂ କର୍ମଚାରୀମାନେ ବର୍ତ୍ତମାନ ମହାରାଜାଙ୍କର ବ୍ୟବହାରରେ ଖୁସି । ସେମାନେ ଆଗନ୍ତୁକ ଆଗରେ ମହାରାଜାଙ୍କର ଦୟା ଦାକ୍ଷିଣ୍ୟାଦି ସଦ୍‌ଗୁଣାବଳୀ ବ୍ୟାଖ୍ୟାନ କରି ମନରେ ଗର୍ବ ଅନୁଭବ କରନ୍ତି । ତାଙ୍କର ଶାସନ ବସନ୍ତ ଋତୁ ପରି ନାହିଁ ଉଷ୍ମ, ନାହିଁ ଶୀତଳ ଏବଂ ମଧୁର ସୌରଭମୟ । ପ୍ରଜାମାନଙ୍କର ଅବସ୍ଥା କିପରି ଉନ୍ନତ ହେବ, ପ୍ରଜାକୁଳ କିପରି ଶିକ୍ଷା ପ୍ରତି ଆକୃଷ୍ଟ ହେବେ, ସେ ବିଷୟରେ ତାଙ୍କର ଦୃଷ୍ଟି ସମଧିକ । ତାଙ୍କର ରାଜଦଣ୍ଡ ଦୁର୍ବଳ-ଦଳନ ସକାଶେ ନୁହେଁ, ଦୁର୍ବଳର ସହାୟତା ପାଇଁ ସେ ତାହା ଧରିଅଛନ୍ତି ।

ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ବହୁମୂର୍ତ୍ତିଧାରୀ, ସେ କେତେବେଳେ ସଂସାରୀ, କେତେବେଳେ ଯୋଗୀ, କେତେବେଳେ ପଣ୍ଡିତ; କେତେବେଳେ କବି, କେବେ ଐତିହାସିକ, କେବେ ଜ୍ୟୋତିର୍ବିଦ୍, କେବେ ସମାଲୋଚକ, କେବେ ସଂସ୍କାରକ, କେବେ ପୌରାଣିକ, କେବେ ଆଳଙ୍କାରିକ, କେବେ ବୈଦାନ୍ତିକ, କେବେ ବା ନୈୟାୟିକ । ଏକାଧାରରେ ଏତେ ଗୁଣର ସମାବେଶ ସାଧାରଣତଃ ଦୁର୍ଲଭ । ପ୍ରତିଭାର ଏରୂପ ବହୁମୁଖୀ ବିକାଶ ସଂସାରରେ ଅତିଅଳ୍ପ ଲୋକଙ୍କ ଭାଗ୍ୟରେ ଘଟେ । ସେ ଆଧୁନିକ ଉଚ୍ଚଶିକ୍ଷିତ ନୁହନ୍ତି; ମାତ୍ର ଉଚ୍ଚଶିକ୍ଷାର ସମସ୍ତ ଶୁଭଫଳ ତାଙ୍କର କରଗତ । ସେ ନିଜେ ନିଜର ମନ୍ତ୍ରୀ ଏବଂ ଉପଦେଷ୍ଟା । ସେ ନିଜକୁ ବି ନିଜର ପ୍ରଜା-ଜ୍ଞାନ କରନ୍ତି । ସେ ମହାରାଜ ହେଲେ ହେଁ ଦୀନାତ୍ମା, ଏହା ତାଙ୍କର ଜ୍ଞାନ ପରିପକ୍ୱତାର ଫଳ । ଅନ୍ୟର ଭ୍ରମ, ତ୍ରୁଟି ସେ ସ୍ୱୀୟ ସହଜ ଉଦାର ଗୁଣରେ ଉପେକ୍ଷା କରନ୍ତି; କିନ୍ତୁ ନିଜକାର୍ଯ୍ୟ ମଧ୍ୟରେ ନିଜର ଦୋଷ ସର୍ବଦା ଖୋଜିବୁଲନ୍ତି । ସେଥି ପାଇଁ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ପ୍ରାୟଶଃ ନିର୍ଦ୍ଦୋଷ ଏବଂ ନିର୍ଭୁଲ ହୁଏ । ଆତ୍ମଶୁଦ୍ଧି ତାଙ୍କର ସ୍ୱାଭାବିକ ଧାରା । ସେ ନିଜର ଅବମାନନା କ୍ଷମାବୋଳା ହାସ୍ୟ ମୁଖରେ ସହିପାରନ୍ତି; ମାତ୍ର ଜାତି ଏବଂ ଧର୍ମର ଅବମାନନା ତାଙ୍କ ପ୍ରାଣରେ ସର୍ବଥା ଅସହ୍ୟ । ତାଙ୍କ ପରି ରାଜସିଂହାସନରେ ବସି ଯୋଗୀ ଜୀବନ ଯାପନ କରିବାର ଶୁଭ ଦୃଷ୍ଟାନ୍ତ ଅତି ବିରଳ କହିଲେ ଅସଙ୍ଗତ ହେବ ନାହିଁ । କେହି ତାଙ୍କର କଣିକାଏ ମାତ୍ର ତ୍ରୁଟି ବା ସ୍ଖଳନ ଦେଖାଇପାରିଲେ ଗୋଟାଏ ନୂଆ ରାଜ୍ୟ ପାଇଲା ପ୍ରାୟ ସେ ଆନନ୍ଦ ଉପ-ଭୋଗ କରନ୍ତି । ତାଙ୍କର ଏହି ଗୁଣଟି ସମଗ୍ର ଉତ୍କଳର ରାଜସମାଜ କାହିଁକି ସାଧାରଣ ଶିକ୍ଷିତ ସମାଜରେ ସୁଦ୍ଧା ବିରଳ ଅଟଇ । ମହାରାଜ ବିକ୍ରମ ଦେବ ବର୍ମା ନିଜର ମତ ଭୁଲ ବୋଲି ବୁଝିପାରିଲା ମାତ୍ରେ, ତାହା ସ୍ୱୀକାର କରି ଭ୍ରମ ସଂଶୋଧନ କରିନିଅନ୍ତି । ସେଥିପାଇଁ ଲଜ୍ଜା ବା କୁଣ୍ଠା ଅନୁଭବ କରିବା ତାଙ୍କର ସ୍ୱଭାବ ବିରୁଦ୍ଧ । ଜଗତରେ ଯେଉଁମାନେ ମହାମାନବ ନାମରେ ଅଭିହିତ, ସେମାନଙ୍କ ବ୍ୟବହାର ଏହିପରି ସ୍ୱତନ୍ତ୍ର । ସେମାନେ ଗର୍ବରେ ସ୍ଫୀତ ହୁଅନ୍ତି ନାହିଁ, ବିନୟରେ ନତ ହୁଅନ୍ତି । ନିଜର ତ୍ରୁଟି ବିଚ୍ୟୁତି ପାଇଁ ନିଜକୁ ଦଣ୍ଡିତ ମଧ୍ୟ କରନ୍ତି । ମହାତ୍ମା ଗାନ୍ଧୀଙ୍କର ଉପବାସ ସେଥିର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ । ଜାତି ବା ସମାଜର ଦୋଷକୁ ବି ସେ ନିଜର ପାପ ବୋଲି ବିଶ୍ୱାସ କରନ୍ତି ।

ସାହିତ୍ୟସମ୍ରାଟ, ରାଜକବି ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ରାଜତ୍ୱର ତୃତୀୟ ବର୍ଷ ବର୍ତ୍ତମାନ ଚାଲୁଅଛି । ଏହି ଅତ୍ୟଳ୍ପ ସମୟ ମଧ୍ୟରେ ସେ ଯାହା କରିଅଛନ୍ତି, ତାଙ୍କ ପୂର୍ବବର୍ତ୍ତୀ ରାଜାଙ୍କ ମଧ୍ୟରେ ଅନେକେ ବହୁ ବର୍ଷରେ ତାହା କରିପାରି ନାହାନ୍ତି । ରାଜ୍ୟ ଯେପରି ବିଶାଳ ବିସ୍ତୃତ, ତାହାର ସବୁ ବିଭାଗ ତନ୍ନ ତନ୍ନ କରି ଦେଖି ଅଭାବ ଅସୁବିଧାର ପ୍ରତିକାର କରିବା ମଧ୍ୟ [illegible] ଦୃଷ୍ଟି କ୍ରମଶଃ ଅଗ୍ରସର ହେଉଅଛି । ମଙ୍ଗଳ ବିଧାତା ପରମେଶ୍ୱର ମହାରାଜ ବିକ୍ରମ ଦେବ ବର୍ମାଙ୍କୁ ଶତାୟୁ କଲେ ତାଙ୍କଦ୍ୱାରା ଜୟପୁରର ବିଶେଷତଃ ସମଗ୍ର ଉତ୍କଳର ଅନେକ ଆଶା ଏବଂ ମହତ୍ ଅଭାବ ପୂର୍ଣ୍ଣ ହୋଇପାରିବ । ଅନନ୍ତ କରୁଣାମୟ, ମର୍ତ୍ତ୍ୟବୈକୁଣ୍ଠ-ବାସୀ ମହାପ୍ରଭୁ ଜଗନ୍ନାଥ ତାହାହିଁ କରନ୍ତୁ । ତାଙ୍କ ଦୟା ସକଳ ଶ୍ରୀପଦସରୋଜରେ ଉତ୍କଳର ଏହି ଇଚ୍ଛା, ଏହି ଅଳି । ଶ୍ରୀ ଶୁଭମସ୍ତୁ । ସାହିତ୍ୟସମ୍ରାଟ, ରାଜକବି ମହାରାଜ ବିକ୍ରମ ଦେବଙ୍କ ଭଳି ଜଣେ ସର୍ବଗୁଣଧର,

ବୈଷ୍ଣବ ଶ୍ରେଣୀ ଆଦର୍ଶ ରାଜପୁରୁଷଙ୍କର ପବିତ୍ର ଜୀବନ-ଚିତ୍ର ଅଙ୍କନ କରି ଲେଖକ ନିଜକୁ କୃତାର୍ଥ ମଣୁଅଛି । ଏହି ପୁସ୍ତକ ଖଣ୍ଡି ଲେଖକଙ୍କର ଜୀବନ-ସାୟାହ୍ନର ସ୍ମୃତିନିଦର୍ଶନ ସ୍ୱରୂପ । ଏହା ରାଜଜୀବନର ଚିତ୍ର ନୁହେଁ ଋଷି ଜୀବନର ଆଧ୍ୟାତ୍ମିକ ଚିତ୍ର ।

ମହାଜନମାନଙ୍କ ଜୀବନର ଅନେକ ମୂଲ୍ୟବାନ୍ କଥା ପ୍ରଚ୍ଛନ୍ନରେ ରହିଯାଏ, କାଳ ତାହା ପ୍ରକାଶ କରିଦିଏ ନାହିଁ । କାହିଁକି ଦିଏ ନାହିଁ, ତାହା ସ୍ୱୟଂ ସେହି କାଳ ସୁଦ୍ଧା ଜାଣେ କି ନାହିଁ ସନ୍ଦେହ । କାଳର ଲୀଳା ରହସ୍ୟ ତାହାର ନିଜ ସୃଷ୍ଟି ନୁହେଁ, ତାହା ଅନ୍ୟର ଆଦେଶ ପାଳନ ମାତ୍ର । ମହାଜନ ଜୀବନର ଯେଉଁ ଘଟଣାଗୁଡ଼ିକ ଲୋକସମୂହର ଗୋଚରୀଭୂତ, ତାହାକୁ ନେଇ ଜୀବନୀ ଗଠିତ ହୁଏ । ସମୟର ବହୁଳ ସ୍ତରରେ ଯାହା ନିବିଡ଼ ଭାବରେ ପୋତିହୋଇପଡ଼ିଅଛି, ତାହାର ଉଦ୍ଧାର ଅସମ୍ଭବ । ମନୁଷ୍ୟ ଜୀବନରେ କର୍ମ-ଚିକୀର୍ଷା ଅନେକ ଆସେ; ମାତ୍ର ରହେ କେତେଟା ? ଗଛରେ ଅନେକ ଫଳ ଫଳେ; କିନ୍ତୁ ସବୁ ରହେ ନାହିଁ । କେତେଗୁଡ଼ିଏ ଝଡ଼ିପଡ଼େ—କାହିଁକି ଝଡ଼ିପଡ଼େ ତାହା କିଏ କହିବ ? ମହାରାଜ ବିକ୍ରମ ଦେବ ବର୍ମାଙ୍କ ଜୀବନରେ ଏରୂପ କେତେ କର୍ମଚିକୀର୍ଷା ଯେ ବିସ୍ମୃତି ଗର୍ଭରେ ଲୁକ୍କାୟିତ ନାହିଁ ତାହା କଦାଚ ସମ୍ଭବପର ନୁହେଁ । ଅତୀତର କୃଷ୍ଣ ଯବନିକା ଅନ୍ତରାଳରେ କେତେ ମୂଲ୍ୟବାନ ମୋତି-ମାଣିକ୍ୟ ଯେ ଲୁଚିପଡ଼ି ନ ଥିବ; ତାହା [illegible] ହୋଇଅଛି ତାହାହିଁ ସମ୍ବଳ । ତାହା ଛଡ଼ା ଆହୁରି ଅନେକ ଥାଇ-ପାରେ । ମନୁଷ୍ୟର ଅଜ୍ଞାତରେ ସୁଦ୍ଧା ଅନେକ କାର୍ଯ୍ୟ ହୋଇଯାଏ । ମନୁଷ୍ୟ ଅଜ୍ଞାତରେ ଅନେକ ପାପ କରେ, ସେହିପରି ଅଜ୍ଞାତରେ ଅନେକ ପୁଣ୍ୟ ମଧ୍ୟ କରେ । ସେ ଅଭ୍ୟାସ ଯୋଗରେ ନିମଗ୍ନ ହୋଇ କାର୍ଯ୍ୟ କରି-ଯାଏ, ସେହି କାର୍ଯ୍ୟ ମଧ୍ୟରେ ତାହାର ପାପ ସଞ୍ଚୟ ହେଉଥାଏ, ପୁଣ୍ୟ ବି ସଞ୍ଚୟ ହେଉଥାଏ; ମାତ୍ର ସେ ତାହା କିଛି ଜାଣିପାରେ ନାହିଁ । ସେଥିତକୁ ତାହାର ନିଘା ବି ନ ଥାଏ । ମାନବର ଅଲକ୍ଷ୍ୟରେ ପ୍ରକୃତି ତାହା-ଦ୍ୱାରା କେତେ କାର୍ଯ୍ୟ କରାଇନିଏ । ଏହି ସୂତ୍ରରେ ବେଳେ ବେଳେ ମନୁଷ୍ୟ କେଉଁ ମହତ୍ କାର୍ଯ୍ୟ କରି ଯାଏ, ତାହା ଜାଣିବାର ଉପାୟ କିଛି ନାହିଁ । ଶାସ୍ତ୍ର ପୁରାଣରେ ସୁଦ୍ଧା ଏ ରୂପ ଦୃଷ୍ଟାନ୍ତ ବିରଳ ନୁହେଁ । ଜଣେ ଖାଇବାକୁ ନ ପାଇ ରାତିରେ ଉପାସ ରହିଲା; ମାତ୍ର ସେ ଦିନ ଏକାଦଶୀ ବ୍ରତ ଥିବାରୁ ସେ ବ୍ରତର ଫଳ ପାଇଲା । ଜଣେ ଶୋଇବା ପାଇଁ ଦେବାଳୟ ପରିଷ୍କାର କଲା; କିନ୍ତୁ ଦେବାଳୟ ମାର୍ଜନର ପୁଣ୍ୟଫଳ ଦେହାନ୍ତରେ ଭୋଗ କଲା । ଖୋଜିଲେ ଏ ଭଳି ଦୃଷ୍ଟାନ୍ତ ପ୍ରଚୁର ମିଳିବ, ମହାଜନମାନେ ଜୀବନର ଘଟଣାବଳୀ ନିଜ ମୁଖରେ ପ୍ରକାଶ କରନ୍ତି ନାହିଁ, ସେଥିରେ ଆତ୍ମଶ୍ଳାଘା ହୁଏ ବୋଲି ବୋଧ ହୁଏ ସେମାନଙ୍କର ଧାରଣା । ତାହା ହେଉ ପଛେ; ମାତ୍ର ତାଙ୍କ ଜୀବନୀରୁ ସାଧାରଣ ଯେଉଁ ଶିକ୍ଷା ଉପଦେଶ ଲାଭ କରିବେ, ସେଥିରୁ ତାଙ୍କୁ ବଞ୍ଚିତ କରିବା ଉଚିତ ନୁହେଁ । ମହାଜନର କାର୍ଯ୍ୟକଳାପ ଇତର ସାଧାରଣ ପକ୍ଷରେ ପରମ ଆଦର୍ଶ । ସେହି ଆଦର୍ଶକୁ ଲୁଚାଇରଖିବା ସମାଜ ପକ୍ଷରେ କ୍ଷତିର ବିଷୟ । ଏକ ଆଡ଼େ ସେମାନେ ଆତ୍ମପ୍ରତିଷ୍ଠା ଚାହିଁବାକୁ ଯାଇ ଅନ୍ୟ ଆଡ଼େ ଲୋକଙ୍କୁ ମହାରତ୍ନଦାନରୁ ନିରାଶ କରିବା ପରି ହୁଏ । ଏହି ସବୁ ବିଷୟ ଗଭୀର ଭାବରେ ଚିନ୍ତା କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, କେହି କାହାରି ଜୀବନୀ ପୂର୍ଣ୍ଣାଙ୍ଗରୂପେ ପ୍ରକାଶ କରିପାରେ ନାହିଁ । ଜୀବନର ଅନେକ ଘଟଣା ପ୍ରଚ୍ଛନ୍ନରେ ରହିଯାଏ । ବିଶେଷତଃ ମହାଜନଜୀବନୀ ମହାସମୁଦ୍ର ତୁଲ୍ୟ ଅଗାଧ ଅନନ୍ତ । ସେଥିରୁ ସମସ୍ତ ରତ୍ନ ସଂଗ୍ରହ କରି ମାଳ ଗୁନ୍ଥିବା ଅସମ୍ଭବ ।

ଜୟପୁରାଧୀଶ୍ୱରୀ ମହାରାଣୀ ଶ୍ରୀଯୁକ୍ତା ଶ୍ରୀବ ଦେବୀ ପଟ୍ଟମହାଦେବୀ ମହାରାଜ ବିକ୍ରମ ଦେବ ବର୍ମାଙ୍କର ଉପଯୁକ୍ତ ସହଧର୍ମିଣୀ । ଉଭୟଙ୍କର ମିଳନ ଶିବଦୁର୍ଗାଙ୍କର ମଙ୍ଗଳମିଳନ ପରି ଶୁଭପ୍ରଦ । ବିଧାତା ଯୋଗ୍ୟ ସଙ୍ଗରେ ଯୋଗ୍ୟର ମିଳନ ଘଟାଇଅଛନ୍ତି । ପତି ଯେଉଁପରି ତପସ୍ୱୀ, ପତ୍ନୀ ସେହିପରି ତପସ୍ୱିନୀ । ବାସ୍ତବରେ ଏ ମିଳନ ପ୍ରେମ ଭକ୍ତିର ପବିତ୍ର ମିଳନ ବା ସତ୍ୟ ସହ ସୁନ୍ଦରର ମଧୁର ମିଳନ । ମହାରାଣୀ ମହୋଦୟା

ଧର୍ମାନୁଷ୍ଠାନରେ ସ୍ୱାମୀଙ୍କର ଉତ୍ତର-ସାଧିକା । ଓଷା, ବାର, ପୂନେଇ, ପର୍ବରେ ଅଧିକାଂଶ ଦିନ ତାଙ୍କର ଉପବାସରେ ବିତିତ ହୁଏ । ସେ ରାଜରାଣୀ ହୋଇ ସୁଦ୍ଧା ସ୍ୱାମୀଙ୍କର ସେବାଦାସୀ ପରି ନିଜକୁ ମଣନ୍ତି । ତା ନ ହେବ ବା କାହିଁକି ? ଯେଉଁ ରାଜମହିଷୀ କୁଳରେ ପ୍ରାତସ୍ମୃତା ସୀତା, ସାବିତ୍ରୀ, ଦମୟନ୍ତୀ ପ୍ରଭୃତି ଜାତ ହୋଇ ନାରୀଧର୍ମର ଉଚ୍ଚାଦର୍ଶ ପ୍ରଦର୍ଶନଦ୍ୱାରା ଜଗତକୁ ସ୍ତବ୍ଧ ମୁଗ୍ଧ କରିଯାଇଅଛନ୍ତି, ସେହି କୁଳରେ ଏ ମହାରାଣୀ ଶ୍ରୀର ଦେବୀ ଜନ୍ମଲାଭ କରିଅଛନ୍ତି । ପଦ୍ମରାଗ ଖଣିରୁ ପଦ୍ମରାଗର ହିଁ ସମ୍ଭବ ସିନା ! ଏ କାଳରେ ସ୍ୱାମୀ ପଚାଶ ଟଙ୍କାର ଚାକିରି କଲେ ଅନେକ ଗୃହିଣୀ ରାଣୀ ପାଲଟିଯାଉଅଛନ୍ତି । ପୁଣି ସ୍ୱାମୀ ସେବାକୁ ମାନହାନିକର ବୋଧ କରୁଅଛନ୍ତି; କିନ୍ତୁ ପାଟମହାଦେବୀ ଶ୍ରୀର ଦେବୀ ମହାରାଣୀ ହୋଇ ସୁଦ୍ଧା ବହୁ ଦାସଦାସୀ ସତ୍ତ୍ୱେ ନିଜ ହାତରେ ସ୍ୱାମୀସେବା ନ କଲେ ତୃପ୍ତ ହୁଅନ୍ତି ନାହିଁ । ତାଙ୍କୁ ସ୍ୱହସ୍ତରେ ଅନେକ ଦେବଦେବୀଙ୍କର ପୂଜା ମଧ କରିବାକୁ ହୁଏ । ମହାରାଣୀ ଦୟାର ଅବତାର, ଦୁଃଖୀର ଦୁଃଖ ଦେଖିଲେ ସମବେଦନାରେ ତାଙ୍କର ନେତ୍ର ଅଶ୍ରୁପ୍ଳାବିତ ହୋଇଉଠେ । ଅନାଥ ଅକ୍ଷମକୁ ଅନ୍ନପୂର୍ଣ୍ଣା ରୂପରେ ଅନ୍ନ ବିତରଣ ସନ୍ତୋଷ ବୋଧ ହୁଏ ସେ ବର୍ଷପ୍ରେରିତା । ଦାସ ଦାସୀମାନଙ୍କୁ ସେ ପୁତ୍ର କନ୍ୟା ପରି ସ୍ନେହ କରନ୍ତି । ସେମାନଙ୍କୁ ହେୟ ବା ଇତର ମଣିବା ଦୂରେ ଥାଉ ସେମାନଙ୍କ ପ୍ରତି ପଦେ କଟୁ କଥା ବି ପ୍ରୟୋଗ କରନ୍ତି ନାହିଁ । ଜପ, ଧ୍ୟାନ, ପୂଜା ପ୍ରଭୃତିରେ ତାଙ୍କର ଅଧିକାଂଶ ସମୟ ଅତିବାହିତ ହୁଏ । ଦେବୀ ଆଖ୍ୟା ତାଙ୍କଠାରେ ବର୍ଣ୍ଣେ ବର୍ଣ୍ଣେ ସତ୍ୟ ଏବଂ ସାର୍ଥକ ।

ଜୟପୁରାଧୀଶ୍ୱରୀ ମହାରାଣୀ ଶ୍ରୀର ଦେବୀ ପଟ୍ଟମହାଦେବୀ ସ୍ୱହସ୍ତରେ ପ୍ରତ୍ୟହ ମହାଲକ୍ଷ୍ମୀ ଏବଂ ଦୁର୍ଗାଦେବୀଙ୍କର ପୂଜା କରନ୍ତି । ଅନ୍ୟଦ୍ୱାରା କରାଇଲେ ତାଙ୍କର ତୃପ୍ତି ହୁଏ ନାହିଁ । ତାଙ୍କର ମନୋମତ ପୂଜା ମଧ କେହି କରିପାରିବେ ନାହିଁ । ମାଆ ନିଜ ହାତରେ ପୁତ୍ରକନ୍ୟାମାନଙ୍କୁ ନ ଖୁଆଇଲେ ତାହାର ମନ ବୋଧ ହୁଏ ନାହିଁ କି ଶିଶୁ ସନ୍ତାନଙ୍କର ମନ ବୋଧ ହୁଏ ନାହିଁ । ମହାରାଣୀଙ୍କର ଦେବଦେବୀ ପୂଜାମୂଳରେ ଏହି ବିଶ୍ୱାସ ଦୃଢ଼ୀଭୂତ । ଯାହାଙ୍କର ଜ୍ଞାନ, ଭକ୍ତି ଏବଂ ଗଭୀର ତାଙ୍କର ଧର୍ମସାଧନା କିରୂପ ପରିପକ୍ୱ ଏବଂ ଉଚ୍ଚସ୍ତରରେ ଅଧିରୂଢ଼, ତାହା ସୁବୁଦ୍ଧ ମାନେ ଉପଲବ୍ଧି କରିପାରିବେ । ଯେ ଧର୍ମକୁ ପ୍ରାଣରେ ମିଶାଇନେଇ-ଥାଏ, ଏପରି ଉଚ୍ଚ ଜ୍ଞାନ କେବଳ ତାହାର ହୋଇପାରେ । ସେହି ଏକା ଧର୍ମର ଗଭୀର ମର୍ମ ଏବଂ ସୂକ୍ଷ୍ମ ଅର୍ଥର ସ୍ୱରୂପ ଅବଗତ । ମନ୍ତ୍ର ଆବୃତ୍ତି କରି ଗତାନୁଗତିକ ରୂପେ ପୂଜାକଲେ ପ୍ରକୃତ ପୂଜା ହୁଏ ନାହିଁ । ଭାବନାରେ ଭୋଳ ହୋଇ ଯେ ସ୍ୱପ୍ନ ଦେଖିଲା ପରି ପୂଜା କରେ ତାହାରି ପୂଜା ଦେବତା ଗ୍ରହଣ କରନ୍ତି । ପ୍ରତି ରବିବାରରେ ମହାରାଣୀ ସୂର୍ଯ୍ୟପୂଜା କରନ୍ତି । ସେ ଦିନ ହବିଷ୍ୟାନ୍ନ ଭୋଜନ ଥରେ ମାତ୍ର ହୁଏ । ସେ ଶିକ୍ଷିତା, ଓଡ଼ିଆ ଓ ତେଲୁଗୁ ଭାଷା ଭଲ ରୂପେ ଲେଖି ପଢ଼ିପାରନ୍ତି । ପୁରାଣ ଓ ଧର୍ମଗ୍ରନ୍ଥମାନ ନିଜେ ନିତ୍ୟ ପାଠ କରନ୍ତି । ସେ ଆଦର୍ଶ ଗୃହିଣୀ ଏବଂ ଆଦର୍ଶ ତପସ୍ୱିନୀ । "ଯାଥାକ୍ଷଲେ କାନ୍ତ ତଥା ଗରସ୍ୱଃ" ଏ ମହାବାଣୀ ତାଙ୍କଠାରେ ସଫଳ ଓ ସାର୍ଥକ ହୋଇଅଛି ।

ମହାରାଣୀ ଶ୍ରୀର ଦେବୀ ପ୍ରସିଦ୍ଧ ଚୌହାଣ ରାଜବଂଶଜା । ତାଙ୍କ ପିତାଙ୍କର ନାମ ୰ ନରହର ସିଂହ ଦେବ । ସେ ବଲାଙ୍ଗୀରପାଟଣା ରାଜ୍ୟର ତାତ୍କାଳିକ ମହାରାଜଙ୍କର ପିତୃବ୍ୟପୁତ୍ର । ଚୌହାଣ ରାଜବଂଶ ବିଶେଷ ଗୋତ୍ରୀୟ କୁଳୀନ କ୍ଷତ୍ରିୟ । ଜୟପୁର ରାଜବଂଶ ସୂର୍ଯ୍ୟବଂଶୀୟ ବିଶୁଦ୍ଧ କ୍ଷତ୍ରିୟ । ସେମାନଙ୍କର ଭରଦ୍ୱାଜଗୋତ୍ର । ମହାରାଜ [illegible] ଚୌହାଣ ବଂଶର ଅସି ଭୂଷଣ ସୂର୍ଯ୍ୟବଂଶ ଆଲୋକିତ କରିଅଛନ୍ତି । ତାଙ୍କ ଯୋଗୁଁ ଉଭୟ ମହାବଂଶର ମଙ୍ଗଳମିଳନ ସମ୍ଭବ ହୋଇଅଛି । ତାଙ୍କର ପିତୃକୁଳ, ପତିକୁଳ ଉଭୟ ପବିତ୍ର ଏବଂ ପ୍ରାଚୀନ । ଏ ଦୁଇଟି ପ୍ରସିଦ୍ଧ ବଂଶର ମିଳନ ମଣିକାଞ୍ଚନ ଅଥବା ଗଙ୍ଗା-ଯମୁନାର ସଂଯୋଗ ତୁଲ୍ୟ । ଗୁଣଧନ୍ୟା ଜୟପୁରାଧୀଶ୍ୱରୀ ନିଜଗୁଣରେ ପିତୃକୁଳ ପତିକୁଳ ଉଭୟ କୁଳ ଧନ୍ୟ କରିଅଛନ୍ତି । ସେ ମୂର୍ତ୍ତିମତୀ କରୁଣା ପରି ଜୟପୁରର ରାଜସିଂହାସନରେ ଅଧିଷ୍ଠିତା । କାହାରି ଦୁଃଖ ବିପଦ ଶୁଣିଲେ ତାଙ୍କର କୋମଳ ପ୍ରାଣରେ ଆଘାତ ଲାଗେ ।

ସେ ସ୍ୱତଃପ୍ରବୃତ୍ତ ହୋଇ ବିପନ୍ନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରନ୍ତି । ଅନେକେ ତାଙ୍କର ଅଯାଚିତ ଦାନରେ ଋଣୀ । ଶୁଦ୍ଧଚିତ୍ତ ନିଃସ୍ୱାର୍ଥ ଦାନ ତାଙ୍କ ଦେବୀମହିମାର ବିଶେଷତ୍ୱ । ବାସବାସୀମାନଙ୍କର କୌଣସି ରୋଗ ପୀଡ଼ା ହେଲେ ସେ ଗର୍ଭଧାରିଣୀ ଜନନୀ ପରି ଅତ୍ୟନ୍ତ ଉଦ୍‌ବିଗ୍ନା ହୋଇପଡ଼ନ୍ତି ଏବଂ ତତ୍‌କ୍ଷଣାତ୍ ସେଥିର ପ୍ରତିକାର କରନ୍ତି । ନିଜେ ରୋଗୀର ଶଯ୍ୟାରେ ବସି ବିବିଧ ସାନ୍ତ୍ୱନାଦ୍ୱାରା ତାହାର ରୋଗଯନ୍ତ୍ରଣା ଅଧେ ହରଣ କରିନିଅନ୍ତି । ଔଷଧଠାରୁ ସାନ୍ତ୍ୱନାଦ୍ୱାରା ରୋଗର ଅନେକ ଉପଶମ ହୁଏ, ଏହା ବୋଲିବା ଅତ୍ୟୁକ୍ତି ନୁହେଁ । ରୋଗୀର ଆତୁର ପ୍ରାଣ ଯେତେବେଳେ ସାନ୍ତ୍ୱନା ଖୋଜେ, ସେତେବେଳେ ସାନ୍ତ୍ୱନା ତା ପକ୍ଷରେ ମହୌଷଧିର କାର୍ଯ୍ୟ କରେ । ମହାରାଜାଙ୍କର ଅତିଥି-ସତ୍କାରରେ ମହାରାଣୀଙ୍କର ସହାୟତା ଯଥେଷ୍ଟ ପରିଲକ୍ଷିତ ହୁଏ । ଅତିଥି ପାଇଁ ମହାରାଜାଙ୍କର ସ୍ୱତନ୍ତ୍ର ସୁବ୍ୟବସ୍ଥା ଅଛି । ସେ ବ୍ୟବସ୍ଥାରେ ଅତିଥି ମଧ୍ୟ ରାଜସୁଖ ଉପଭୋଗ କରେ; ତଥାପି ନଅରରୁ ଖଜା, ପିଠା, ନାନା ପ୍ରକାର ବଢ଼ି ଏବଂ ଆହୁରି ପ୍ରଚୁର ଅତିଥି ନିମନ୍ତେ ପ୍ରେରିତ ହୁଏ; ସୁତରାଂ ଅତିଥି ଦ୍ୱିଗୁଣ ସତ୍କାର ଲାଭ କରେ । ଜଣେ ଅତିଥି ପାଇଁ ଯେଉଁ ସବୁ ସାମଗ୍ରୀ ଆସେ, ତାହା ଦଶଜଣର ଉପଯୁକ୍ତ । ରାଜପ୍ରାସାଦ ଏହି ପରି ଆଡ଼ମ୍ବରଶୂନ୍ୟ । ରାଜହୃଦୟ ଏହି ପରି ଉଦାର ଏବଂ ମହତ୍ । ଯେ ଜୟପୁରରେ ଅତିଥି ହୋଇଥିବ ସେ ଏହା ନିଶ୍ଚୟ ଅନୁଭବ କରିଥିବ । ମହାରାଣୀ ଚବିଶ ଏକାଦଶୀ ବ୍ରତ ପାଳନ କରନ୍ତି ଏବଂ ଅନେକ ଅନାଥା ବିଧବାଙ୍କୁ ସ୍ୱହସ୍ତରୁ ଉପବାସର ଯାବତୀୟ ଖର୍ଚ୍ଚ ପ୍ରଦାନ କରନ୍ତି । ନିଜେ କରିବା ଅପେକ୍ଷା ଅନ୍ୟକୁ ପ୍ରବର୍ତ୍ତାଇବାର ମୂଲ୍ୟ ଅଧିକ । ଧର୍ମ କର୍ମରେ ଯେ ପ୍ରେରଣା ଦିଅନ୍ତି ତାଙ୍କର ପୁଣ୍ୟ ଅଧିକ ହୁଏ । ଯେ ନିଜେ କରନ୍ତି, ପୁଣି ଅନ୍ୟକୁ କରାନ୍ତି ସେ ଦ୍ୱିଗୁଣ ଫଳଲାଭର ଅଧିକାରୀ ହୁଅନ୍ତି । ପ୍ରତ୍ୟେକ ରାଜଦମ୍ପତି ପ୍ରଜାପୁଞ୍ଜର ଧର୍ମଶିକ୍ଷକ ଏବଂ ଧର୍ମ ପ୍ରବର୍ତ୍ତକ । ତାଙ୍କର ଧର୍ମକାର୍ଯ୍ୟ ପ୍ରଜାଙ୍କର ଅନୁକରଣୀୟ ହୁଏ । ଜୟପୁର ଅବସ୍ଥାନ କାଳରେ ମହାରାଣୀଙ୍କର ଏହିସବୁ ସଦ୍‌ଗୁଣାବଳୀର କଳନାଦ ଲେଖକର ଶ୍ରୁତିଗୋଚର ହୋଇଥିଲା ।

## ଦ୍ୱାଦଶ ପରିଚ୍ଛେଦ

ଜୟପୁର ପ୍ରଥମେ ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା । ପାର୍ଶ୍ୱବର୍ତ୍ତୀ ରାଜ୍ୟମାନ ଜୟ କରି କ୍ରମେ ବସ୍ତ ଉଦନ୍ତ୍ର [illegible] କ୍ରମେ ରାଜ୍ୟରେ ରାଜଧାନୀ ରାଜ୍ୟର କେନ୍ଦ୍ରସ୍ଥଳକୁ ଉଠାଇ ନେବାର ଆବଶ୍ୟକ ହେଲା । ଏହି ସୂତ୍ରରେ ପ୍ରଥମେ ନନ୍ଦପୁର, ପରେ ନାରାୟଣପୁର ପାଟଣା ଏବଂ ଶେଷରେ ଜୟପୁର ରାଜଧାନୀ ହେଲା । ଅନେକ ରାଜ୍ୟ ଜୟ କରିବାଦ୍ୱାରା ତାହା ବିପୁଳ ବସ୍ତୁ ଆକାର ଧାରଣ କଲା । ବୋଧ ହୁଏ ସେଥିପାଇଁ ଜୟର ସ୍ମୃତି ସ୍ୱରୂପ ରାଜ୍ୟ ଏବଂ ରାଜଧାନୀର ନାମ ଜୟପୁର ହୋଇଥିବ । ଜୈନ ନଗରର ନାମାନୁସାରେ ଜୟପୁର ହୋଇଅଛି ବୋଲି ପୂର୍ବରେ ଲିଖିତ ହୋଇଅଛି; ମାତ୍ର ତାହା ପ୍ରାମାଣିକ ବୋଲି ବିଶ୍ୱାସ ହୁଏ ନାହିଁ । ଜୈନ ନଗର ଗୋଟିଏ ପଲ୍ଲୀଗ୍ରାମ ମାତ୍ର । ନିକଟରେ ବଡ଼ ବଡ଼ ପର୍ବତ, ଜଳ ପ୍ରପାତ ପ୍ରଭୃତି ପ୍ରକୃତିର ମହାଶକ୍ତି ବିଦ୍ୟମାନ ଥାଉଁ ଥାଉଁ ବରାଟ ରାଜ୍ୟର ରାଜଧାନୀର ନାମକରଣ ଗୋଟାଏ କ୍ଷୁଦ୍ର ପଲ୍ଲୀର ନାମାନୁସାରେ ହେବା ଅସମ୍ଭବ ବୋଧ ହୁଏ । ଜୈନ ନଗରରୁ ଜୈ-ନଗର ବା ଜୟନଗର ହେବା ସମୀଚୀନ ହୋଇପାରେ; ମାତ୍ର ଜୟପୁର ହେବା ସମୀଚୀନ ନୁହେଁ । ନଗରର ଅପଭ୍ରଂଶ ନଗର ବା ନଅର ହୁଏ; ମାତ୍ର ପୁର ହେବା ଅସ୍ୱାଭାବିକ । କିମ୍ବା ଜୟପୁର ନାମର ଅନ୍ୟ କୌଣସି କାରଣ ଥିଲେ, ତାହା ଐତିହାସିକ ବା ପ୍ରତ୍ନତତ୍ତ୍ୱଜ୍ଞମାନଙ୍କର ଅନୁସନ୍ଧେୟ । ଜୟପୁର ରାଜ୍ୟର ପରିମାଣ ତେର ହଜାର

ବର୍ଗମାଇଲ ଏବଂ ଲୋକସଂଖ୍ୟା ଦଶଲକ୍ଷରୁ ଅଧିକ। ସେଥି ମଧ୍ୟରେ ଓଡ଼ିଆ ଓ ଓଡ଼ିଆଭାଷୀ ଆଦିମଜାତିର ସଂଖ୍ୟା ଶତକଡ଼ା ୯୭ ଜଣ । ଏହି ଆଦିମ ଜାତିମାନେ ଖାଲି ଓଡ଼ିଆରେ କଥା କହନ୍ତି ନାହିଁ, ଓଡ଼ିଆ ଜାତିର ଆଚାର ବ୍ୟବହାରରେ ମଧ୍ୟ ସେମାନେ ସମ୍ପୂର୍ଣ୍ଣ ଅଭ୍ୟସ୍ତ । ବିଶେଷତଃ ସେମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଗର୍ବ ଗୌରବ ଅନୁଭବ କରନ୍ତି । ତେଲୁଗୁ, ମୁସଲମାନ ପ୍ରଭୃତି ଜାତିର ସଂଖ୍ୟା ଶତକଡ଼ା ସ୍ୱଳ୍ପଜଣ ମାତ୍ର । ସେମାନେ ଚାକିରି ଏବଂ ବ୍ୟବସାୟ ସୂତ୍ରରେ ଆସି ରହିଯାଇଅଛନ୍ତି । ଜୟପୁର ରାଜ୍ୟର ଆୟ ପ୍ରାୟ ୬° ଲକ୍ଷ। ଜରିବ ବନ୍ଦୋବସ୍ତ ହୋଇ ନଥିବାରୁ ଭୂମିକର ଖୁବ୍ ଅଳ୍ପ ଆଦାୟ ହୁଏ । ପ୍ରଜା ତାହାର ଉତ୍ପନ୍ନ ଶସ୍ୟରୁ ଅତି ଅଳ୍ପ ଅଂଶ ମାତ୍ର ରାଜକର ରୂପେ ପ୍ରଦାନ କରେ ; ମାତ୍ର ବନ୍ୟ ବିଭାଗରୁ ଅଧିକ ଆୟ ହୁଏ। ଉପଯୁକ୍ତ ବ୍ୟବସ୍ଥା ହେଲେ ରାଜ୍ୟର ଆୟ ଅଙ୍କର ଅନେକ ପରିମାଣରେ ବଢିଉଠିବ, ଏଥିରେ ସନ୍ଦେହ ନାହିଁ । ପ୍ରଜାମାନଙ୍କଠାରୁ ଯେଉଁ ନାମ ମାତ୍ର ଭୂମିକର ଆଦାୟ ହୁଏ, ତାହା ରାଜ୍ୟର ବିଶାଳତା ତୁଳନାରେ ସମୁଦ୍ରରୁ ଶଙ୍ଖେ ମାତ୍ର । ରୀତିମତ ମାପହୋଇ ବନ୍ଦୋବସ୍ତ ହେଲେ ତାହା ମଧ୍ୟ ବିଶେଷ ବଢିଉଠିବ ।

ଜୟପୁର ଇତିହାସପ୍ରସିଦ୍ଧ ଓଡ଼ିଆ ରାଜ୍ୟ । ଜୟପୁର ଅନ୍ତର୍ଗତ କୋଠପାଡ ସହରରେ ଓଡ୍ର ରାଜାଙ୍କ ଦୁର୍ଗର ଭଗ୍ନାବଶେଷ ଦେଖାଯାଏ । କୋଠ-ପାଡ଼ର ପ୍ରକାଣ୍ଡ ଦମୟନ୍ତୀ ଜଳାଶୟ କୌଣସି ଓଡ଼ିଆ ରାଜାଙ୍କର କୀର୍ତ୍ତି ବୋଲି ଅଦ୍ୟାପି ଲୋକ ମୁଖରେ ଘୋଷିତ ହେଉଅଛି । ଏହି ସବୁ ପ୍ରମାଣରୁ ବୁଝାଯାଏ, କୋଟପାଡ଼ ଓଡ୍ର ରାଜ୍ୟର ରାଜଧାନୀ ଥିଲା । ଉତ୍କଳର ସ୍ୱନାମ ପ୍ରସିଦ୍ଧ ଐତିହାସିକ ଶ୍ରୀଯୁକ୍ତ ବ୍ରଜବନ୍ଧୁଦାସ, ବି.ଏ., ବି. ଏଲ୍. ମହୋଦୟଙ୍କର "ଓଡ୍ରଜାତିର ପ୍ରସାର" ଶୀର୍ଷକ ପ୍ରବନ୍ଧ ୧୯ଶ ଭାଗ ଅଷ୍ଟମ ସଂଖ୍ୟାର "ମୁକୁର" ମାସିକପତ୍ରିକାରେ ପ୍ରକାଶିତ ହୋଇଥିଲା ।ଏ ପ୍ରବନ୍ଧରେ ବ୍ରଜବନ୍ଧୁ ବାବୁ ଯେଉଁ ସବୁ ପ୍ରମାଣ ଦେଖାଇଅଛନ୍ତି, ସେଥିରୁ ସ୍ପଷ୍ଟ ଅନୁମିତ ହୁଏ—ସମୟରେ କୋଟପାଡ଼ ଓଡ୍ର ସାମ୍ରାଜ୍ୟର ରାଜଧାନୀ ଥିଲା । ଦ୍ୱିତୀୟବର୍ଷର ଅଷ୍ଟମସଂଖ୍ୟକ "ଋତୁଚକ୍ର"ରେ "ପ୍ରାଚୀନ ଉତ୍କଳର ରାଜା ବଂଶ" ଶୀର୍ଷକ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ଲେଖକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର, ବି. ଏ. ଲେଖିଅଛନ୍ତି—"ମୟୂରବଂଶ, ଶୈଳବଂଶ ରାଜାମାନଙ୍କ ତାମ୍ର ଶାସନରୁ ନିଃସନ୍ଦେହରେ ପ୍ରମାଣିତ ହୁଏ, ବସ୍ତରର କେତେକାଂଶ ଜୟପୁର ରାଜ୍ୟ ଓ କଳାହାଣ୍ଡୀ ପ୍ରଭୃତି ଓଡ୍ରଦେଶ ନାମରେ ବହୁଦିନ ପର୍ଯ୍ୟନ୍ତ ଖ୍ୟାତି ଲାଭ କରିଥିଲା । ଜୟପୁରକୁ "ଆଟବ୍ୟାଡ୍ର ।" ବୋଲି କୁହାଯାଏ । ଏହା କୋଶଳ ରାଜ୍ୟର ଦକ୍ଷିଣପଶ୍ଚିମରେ ଅବସ୍ଥିତ ଥିଲା । ଜୟପୁରର କୋଟପାଡ଼ବାଡ଼ ଏହାର ରାଜଧାନୀ ଥିଲା । ଏଠାରେ ମେଡ଼,ମଣ୍ଡପ, ଇଟଭିଡ଼,ଦୁର୍ଗ, ମନ୍ଦିର ପ୍ରଭୃତିର ଭଗ୍ନାବଶେଷ ଅଛି । ଶୈଳବଂଶର ରାଜାମାନେ କୋଙ୍ଗୋଦରୁ ବିତାଡ଼ିତ ହୋଇ ଓଡ୍ର ଦେଶରେ ନମୁଣ୍ଡ ପାହାଡ଼ ନିକଟରେ ରାଜଧାନୀ ସ୍ଥାପନ କରିଥିଲେ । ସେମାନେ ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ଜୟପୁର ଅଞ୍ଚଳରେ ରାଜତ୍ୱ କରୁଥିଲେ । ସୋନପୁର, ପାଟଣା ପ୍ରଭୃତି ରାଜ୍ୟରେ ଥିବା ଓଡ଼ିଆମାନେ ଜୟପୁର ନିଜର ବାସସ୍ଥାନ ବୋଲି ପରିଚୟ ଦେଇଥାନ୍ତି ।

ଜୟପୁର ଯେ ବିଶୁଦ୍ଧ ଓଡ଼ିଆ ରାଜ୍ୟ, ସେ ବିଷୟରେ ଅଧିକ ବାକ୍ୟବ୍ୟୟ ଅନାବଶ୍ୟକ । ସେଥିର ଜ୍ୱଳନ୍ତ ପ୍ରମାଣ ଉତ୍କଳର ପ୍ରାଚୀନ ମୂର୍ତ୍ତି ଉଜ୍ଜ୍ୱଳ କରୁଅଛି । ଜୟପୁରର ରାଜା ଓଡ଼ିଆ, ପ୍ରଜା ଓଡ଼ିଆ, ରାଜ୍ୟର ନାମ ମଧ୍ୟ ଓଡ଼ିଆ ଭାଷାର ପ୍ରାଣ, ପ୍ରକୃତି ଅନୁସାରେ ଗଠିତ; ମାତ୍ର ଦୁଃଖର ବିଷୟ ସେଠାର ଓଡ଼ିଆ [illegible] । ପ୍ରତିବେଶୀ ତେଲୁଗୁ ଜାତିର ପ୍ରବଳ ପ୍ରଭାବରେ ଜୟପୁରର ଓଡ଼ିଆ ମୁଣ୍ଡ ଟେକିପାରୁ ନାହିଁ । କାଳକ୍ରମେ ଜୟପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଆନ୍ଧ୍ର ପ୍ରଦେଶର ଶାସନାଧୀନ ହୋଇ-ଅଛି । ସେହି ହେତୁ ଆନ୍ଧ୍ରମାନେ ଜୟପୁରକୁ ଆନ୍ଧ୍ର ପ୍ରଦେଶ ବୋଲି ଦାବୀ କରୁଅଛନ୍ତି ଏବଂ ବଳପୂର୍ବକ ମାଡିବସି-ଅଛନ୍ତି । ସେମାନଙ୍କ ପ୍ରବଳ ପୀଡ଼ନରେ ଜୟପୁର ଓଡ଼ିଆର ଶ୍ୱାସ ରୁଦ୍ଧ ହୋଇ ଆସୁଅଛି । ଲତା ଆସି ବୃକ୍ଷକୁ ଆଲିଙ୍ଗନ କଲାବେଳେ ତାହାର କୋମଳ ସ୍ପର୍ଶ ବୃକ୍ଷକୁ ବଡ଼ ମଧୁର ବୋଧ ହୁଏ; ମାତ୍ର ଲତା ଯେତେବେଳେ

ଶାଖା ପ୍ରଶାଖା ବିସ୍ତାର କରି ତାକୁ କଠୋର ବନ୍ଧ ବେଷ୍ଟନରେ ଯାକି ଧରେ, ସେତେବେଳେ ସେ ତାହା ମଧ୍ୟ ସୂଚନା ସ୍ମରଣପୂର୍ବକ ଅତି କଷ୍ଟରେ ଲତାଚ୍ଛାଦନ ଛିଦ୍ରପଥରେ ଗୋଟିଏ ଗୋଟିଏ ପତ୍ର ବାହାର କରି ଜୀବନ୍ମୃତ ଅବସ୍ଥାରେ କେବଳ ବଞ୍ଚିରହିବାକୁ ବାଧ ହୁଏ । ଜୟପୁର ଓଡ଼ିଆଙ୍କର ଦୁର୍ଗତି ଠିକ୍ ସେହିପରି ହୋଇଅଛି ।

ବର୍ତ୍ତମାନ ରାଜନୈତିକ ଓଡ଼ିଶାର ପରିମାଣ ଯେତେ, ଜୟପୁର ପ୍ରାୟ ସେତେ । ଏତେ ବଡ଼ ବିଶାଳ ରାଜ୍ୟ ଓଡ଼ିଶାରୁ ବିଚ୍ଛିନ୍ନ ହୋଇରହିଅଛି । ସେଥିରେ ଓଡ଼ିଶାର ଅଧେ ଶକ୍ତି, ବଳ ଏବଂ ପ୍ରଭାବ କ୍ଷୁଣ୍ଣ ହୋଇ-ଯାଉଅଛି । ଏତେ ବଡ଼ ବିଶାଳ ରାଜ୍ୟର ଅଧିବାସୀ ହୋଇ ଓଡ଼ିଆମାନେ ସେହି ପାଉ ନାହାନ୍ତି, ଏ କ୍ଷୋଭ ରଖିବାର ସ୍ଥାନ ନାହିଁ । ଜୟପୁରକୁ ପାଇବା ପାଇଁ ଓଡ଼ିଶା ଆତୁର, ଓଡ଼ିଶାରେ ମିଶିବା ପାଇଁ ଜୟପୁର ତତୋଽଧିକ ବ୍ୟାକୁଳ; ତଥାପି ଏ ସମସ୍ୟାର ସମାଧାନ ହେଉ ନାହିଁ । ତ୍ରିଂଶବର୍ଷାଧିକ କାଳ ହେଲା ଉତ୍କଳର ଜାତୀୟ ଶକ୍ତି ଉତ୍କଳ ସମ୍ମିଳନୀ ଜୟପୁର ପ୍ରଭୃତିକୁ ଓଡ଼ିଶାରେ ମିଶାଇବା ସକାଶେ ରାଜଦ୍ୱାରରେ ବାରମ୍ବାର ଆବେଦନ ନିବେଦନ, ପ୍ରାର୍ଥନା ଏବଂ ଦାବୀ କରିଆସୁ-ଅଛି; ମାତ୍ର ପ୍ରତିବେଶୀ ପ୍ରବଳ ଜାତିର ପ୍ରବଳ ପ୍ରତି-ବନ୍ଧକ ହେତୁ ତାହା କାର୍ଯ୍ୟରେ ପରିଣତ ହୋଇପାରୁ ନାହିଁ । ପ୍ରତିବେଶୀ ପ୍ରତିବେଶୀ ଭାଇକୁ ସାହାଯ୍ୟ କରିବା ସିନା ଧର୍ମ; ମାତ୍ର ନିଜର ସ୍ୱାର୍ଥ ମୋଟ କରିବା ପାଇଁ ଭାଇର ସ୍ୱାର୍ଥ [illegible] କୌଣସି ସଭ୍ୟ ଶିକ୍ଷିତ ଜାତି ପକ୍ଷରେ ନୈତିକ ଆଦର୍ଶର ପରିଚାୟକ ନୁହେଁ । ଜୟପୁର, ପାରଳା, ସିଂହଭୂମ ପ୍ରଭୃତି ଓଡ଼ିଶାରେ ମିଶିଲେ କେବଳ ଓଡ଼ିଆମାନେ ଏକଶାସନାଧୀନ ହେବେ ନାହିଁ, କନ୍ଧ, ସାନ୍ତାଳ ପ୍ରଭୃତି ଆଦିମ ଜାତିମାନଙ୍କର ସୁଦ୍ଧା ଜାତୀୟ ମିଳନ ଘଟିବ । ସେଥିରେ ସେମାନଙ୍କର ଜାତୀୟ ଶକ୍ତି ପୁଷ୍ଟ ହେବ ଏବଂ ସେମାନେ କ୍ରମେ ଉନ୍ନତ ହୋଇଉଠିବେ ।

ଜୟପୁର ଓଡ଼ିଶା ମିଶ୍ରଣ ବିରୁଦ୍ଧରେ ତେଲୁଗୁ-ମାନଙ୍କର ଆପତ୍ତି ନିତାନ୍ତ ମୂଲ୍ୟହୀନ । ଜୟପୁର ଓଡ଼ିଶାରେ ମିଶିଲେ ନୂତନ ପ୍ରଦେଶର ଅର୍ଥ-ସଙ୍କଟ ବଢ଼ିଉଠିବ ବୋଲି ସେମାନଙ୍କର ଧାରଣା । "ଜୟ-ପୁର ଉତ୍କଳ ଏଜେନ୍‌ସି ସମ୍ମିଳନୀର" ଦ୍ୱିତୀୟ ଅଧି-ବେଶନର ଅଭ୍ୟର୍ଥନା ସମିତିର ସଭାପତି ତାଙ୍କ ଅଭିଭାଷଣରେ ତେଲଙ୍ଗାମାନଙ୍କର ଏହି ଧାରଣା ଅତି ସୁନ୍ଦର ଭାବରେ ଖଣ୍ଡନ କରିଅଛନ୍ତି । ସେ କହିଅଛନ୍ତି— "ଜୟପୁର ନାନାବିଧ ଖଣିରେ ପୂର୍ଣ୍ଣ । ସେ ସବୁ ଉପ-ଯୁକ୍ତ ମତେ କାର୍ଯ୍ୟକାରୀ କରିପାରିଲେ ଜୟପୁର ନିଜର ରକ୍ଷଣାବେକ୍ଷଣ ଏବଂ ଉନ୍ନତି ନିମନ୍ତେ, ବ୍ୟୟ ଧନ ଛଡ଼ା ନୂତନ ଓଡ଼ିଶା ପ୍ରଦେଶର ଅର୍ଥାଭାବ ମୋଚନ କରିବା ନିମନ୍ତେ ମଧ୍ୟ ଅନେକ ପରିମାଣରେ ସହାୟ ହେବ ।" କେହି କେହି ଜୟପୁର ଶାସନ ସମ୍ବନ୍ଧରେ ପଥର ଅସୁବିଧା ଉଲ୍ଲେଖ କରନ୍ତି । ଏହା କେବଳ କଳ୍ପନାବିଳାସ ମାତ୍ର । ଜୟପୁରକୁ ରେଲ୍ ସୁବିଧାରେ ଆସିପାରେ, ଏହା ପୂର୍ବରୁ ବୋଲାଯାଇ-ଅଛି । ତାହା ଛଡ଼ା ରାୟଗଡ଼ରୁ ମଧ୍ୟ ଜୟପୁରକୁ ଅଳ୍ପ ବ୍ୟୟରେ ରେଲ୍ ବାଟ ପିଟିପାରେ । ଜୟପୁର ଓଡ଼ିଶାରେ ମିଶିଲେ ଓଡ଼ିଶା ସରକାର ଅବଶ୍ୟ ପଥର ବ୍ୟବସ୍ଥା କରିଦେବ । ଆଉ ଗୋଟିଏ ହାସ୍ୟକର ଆପତ୍ତି ଏହି ଯେ, ଓଡ଼ିଶାରେ ମିଶିଲେ ଜୟପୁରର ବଣସବୁ କଟା ହୋଇଯିବ । ସୁତରାଂ ଆନ୍ଧ୍ର ଦେଶରେ ବୃଷ୍ଟିର ଅଭାବ ହେବ । କିନ୍ତୁ ଏହା ଗୋଟିଏ ବିଫଳ ସ୍ୱପ୍ନ । ଆଜିଯାଏ ମାନ୍ଦ୍ରାଜ ଅଧୀନରେ ରହି ଜଙ୍ଗଲ କଟା-ହୋଇନାହିଁ । ଓଡ଼ିଶାରେ ମିଶିଲେ ଓଡ଼ିଶା ସରକାର ଜଙ୍ଗଲ କାଟିପକାଇବେ ପୁଣି ଇନ୍ଦ୍ର ଦେବତାଙ୍କର କୋପଦୃଷ୍ଟି ଆନ୍ଧ୍ରଦେଶ ଉପରେ ପଡ଼ିବ ଏହା ବାଳକର କଳ୍ପନା ଛଡ଼ା ଆଉ କଅଣ ହୋଇ-ପାରେ ? ଯେଉଁମାନେ ଏରୂପ ଆଶଙ୍କା ପୋଷଣ କରନ୍ତି ସେମାନେ ଧୈର୍ଯ୍ୟ ଧରି ଆଶ୍ୱସ୍ତ ହେଉନ୍ତୁ, ଓଡ଼ିଶା ସରକାର ଆନ୍ଧ୍ରଦେଶ ସଙ୍ଗରେ ଏପରି ସଉତୁଣୀସୁଲଭ ହଠ କଦାପି ଲଗାଇବେ ନାହିଁ । ଓଡ଼ିଶା ସରକାର ବଣ କାଟିବେ; ମାତ୍ର ଇନ୍ଦ୍ର ଆନ୍ଧ୍ରଦେଶକୁ ସେଥିପାଇଁ ଦଣ୍ଡିବେ, ଏହା ଷଣ୍ଢ ଧାନ ଖାଇବା ଭଇଁସୀ ବନ୍ଧା ପଡ଼ିବା ନ୍ୟାୟ । ନଈ ନ ଦେଖୁଣୁ ପିନ୍ଧିବା ଲୁଗା ମୁଣ୍ଡରେ

ଭାଙ୍ଗିବା ବଡ଼ କୌତୁକର କଥା । ଏହିସବୁ ଯୁକ୍ତିକୁ ପଠାନ୍ତର ନାହିଁ । ମାନ୍ଦ୍ରାଜ ସରକାର କହନ୍ତି "ଜୟପୁରର ଆଦିମ ଜାତି ମେଳକଲେ ଓଡ଼ିଶା ସରକାର ତାହା ଦମନ କରିପାରିବେ ନାହିଁ ।" କାହିଁକି ପାରିବେ ନାହିଁ, ସେଥିର କିଛି କାରଣ ମଧ୍ୟ ମିଳୁ ନାହିଁ । କୋରାପୁଟରେ ରିଜର୍ଭ ପୋଲିସ ଅଛନ୍ତି, ପୁଣି କଟକ, ପୁରୀ ବ୍ରହ୍ମପୁରରୁ ରେଲରେ ସୈନ୍ୟ ଆସିପାରିବାର ସୁବିଧା ମଧ୍ୟ ଅଛି, ଓଡ଼ିଶା ସରକାର ସହଜରେ ବିଦ୍ରୋହ ଦମନ କରିପାରିବେ । ମୟୂରଭଞ୍ଜ, କେନ୍ଦୁଝର ଏବଂ ଦଶପଲ୍ଲା ବିଦ୍ରୋହ ଦମନ ସକାଶେ ମାନ୍ଦ୍ରାଜରୁ ସୈନ୍ୟ ପଠ ଇଚ୍ଛାର ଆବଶ୍ୟକ ହୋଇ ନାହିଁ । ଏହିପରି ଯେଉଁ ଯୁକ୍ତି ବା ଆପତ୍ତିମାନ ପ୍ରଦର୍ଶିତ ହେଉଅଛି, ସେଥିମଧ୍ୟରୁ କୌଣସି ଯୁକ୍ତି ଉପଯୁକ୍ତ ବୋଧ ହୁଏ ନାହିଁ । ତେଲଙ୍ଗୀୟ କର୍ମଚାରୀମାନେ ଏଜେନ୍‌ସି ଚାକିରିରୁ ବଞ୍ଚିତ ହେବ, ଏହାହିଁ ମୌଳିକ ଆଶଙ୍କା ହୋଇପାରେ; ମାତ୍ର ତାହା ହେଉ, ବର୍ତ୍ତମାନ ଓଡ଼ିଆମାନେ ନିଜ ସ୍ୱତ୍ୱରେ ନିଜେ ବଞ୍ଚିତ ହୋଇ ରହିଅଛନ୍ତି । ତାହାର ତ ପୁଣି ସୁବିଚାର ଆବଶ୍ୟକ । ୧୯୬୧ ସାଲଠାରୁ ମାଳ ଅଞ୍ଚଳର କଚେରୀ ଭାଷା ଓଡ଼ିଆ ହେବ ବୋଲି ସରକାର ଇସ୍ତାହାର ପ୍ରକାଶ କରିଥିଲେ; ମାତ୍ର ଅଦ୍ୟାବଧି ତାହା କାର୍ଯ୍ୟରେ ପରିଣତ ହୋଇ ନାହିଁ, ତାହା ତେଲୁଗୁ ପ୍ରଭାବର ଫଳ ନୁହେଁ କି ? ଏହି ସୁଦୀର୍ଘ ତେରବର୍ଷ ମଧ୍ୟରେ କେତେଜଣ ଓଡ଼ିଆ ଏଜେନ୍‌ସି ଚାକିରି ପାଇଅଛନ୍ତି ? ଅଧିକସଂଖ୍ୟାରେ ଓଡ଼ିଆ କର୍ମଚାରୀ ନିଯୁକ୍ତ ନ ହେଲେ ମାଳ ଅଞ୍ଚଳର କଚେରୀ ଭାଷା ଓଡ଼ିଆ ହେବ କିପରି ? ଅନ୍ୟ ଜାତିର ସ୍ୱାର୍ଥରକ୍ଷା ପାଇଁ ଗୋଟାଏ ଜାତିକୁ ତାହାର ସ୍ୱାର୍ଥ ଏବଂ ସ୍ୱତ୍ୱରୁ ବଞ୍ଚିତ କରିବା କଦାପି ଉଚିତ ନୁହେଁ । ଏଥିର ଫଳ ଏହାହିଁ ହେଉଅଛି ଯେ, ଜଣକର ଭାତହାଣ୍ଡି ଅନ୍ୟ ଜଣେ ଖାଉଛି, ଆଉ ଯାହାର ଭାତହାଣ୍ଡି ସେ ଉପାସରେ ଶୁଖୁଛି । ଏଥିପାଇଁ ସମଗ୍ର ଓଡ଼ିଆ ଜାତି ଦେଶମିଶ୍ରଣ ସକାଶେ ଉଦ୍‌ବିଗ୍ନ । ଓଡ଼ିଆମାନଙ୍କର ଦୁରବସ୍ଥା ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରି ଭାରତ ସରକାର ପ୍ରତିଷ୍ଠିତ ଓଡ଼ିନେଲ କମିଟି ଯଥାର୍ଥ କହିଅଛନ୍ତି—"ତେଲୁଗୁମାନଙ୍କର ପ୍ରତିବାଦ ନ୍ୟାଯୁତ ଗ୍ରହଣଯୋଗ୍ୟ ନୁହେ ।" ବାସ୍ତବରେ ସେମାନଙ୍କର ପ୍ରତିବାଦ ନିତାନ୍ତ ନଗଣ୍ୟ । ଏହା ସତ୍ୟର ଭୂମିରେ ସଦର୍ପରେ ଠିଆହୋଇ ବଜ୍ରକଣ୍ଠରେ ଘୋଷଣା କରାଯାଇପାରେ । ଉତ୍କଳ ଦେଶମିଶ୍ରଣ ସମସ୍ୟାର ସମାଧାନ ପାଇଁ ଭାରତ ସରକାର ୧୯୨୪ ସାଲରେ "ଫିଲିପଡଫ୍" କମିସନ ନିଯୁକ୍ତ କରିଥିଲେ । ଉକ୍ତ କମିସନ ତାଙ୍କ ସୁଚିନ୍ତିତ ରିପୋର୍ଟରେ ଏହି ମର୍ମରେ ଲେଖିଅଛନ୍ତି ଯେ—"ଆମ୍ଭମାନଙ୍କ ଅନୁସନ୍ଧାନରେ ଏହା ପ୍ରଦର୍ଶିତ ହୋଇଅଛି ଯେ, ମାନ୍ଦ୍ରାଜର ଓଡ଼ିଆଭାଷୀ ଶିକ୍ଷିତ ଲୋକମାନେ ବହୁଦିବସାବଧି ହୃଦୟରେ ଗୋଟିଏ ପ୍ରକୃତ ବାସନା ପୋଷଣ କରିଆସୁଅଛନ୍ତି ଯେ—ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଆଭାଷୀ ଖଣ୍ଡମାନ ଓଡ଼ିଶା ସହିତ ମିଳିତ ହୋଇ ଏକ ଶାସନାଧୀନରେ ରହୁ । ଏହା ନିଃସନ୍ଦେହରେ ବୋଲାଯାଇପାରେ ଯେ, ଏହି ଦେଶମିଶ୍ରଣ ସମ୍ବନ୍ଧରେ ଅଭିଜ୍ଞ ଓଡ଼ିଶାର ରଯ୍ୟତମାନେ ଏ ବିଷୟର ପୃଷ୍ଠପୋଷକ ।" ସରକାରଙ୍କର ନିଯୁକ୍ତ କମିଟିମାନ ଉତ୍କଳ ଦେଶମିଶ୍ରଣ ସମ୍ବନ୍ଧରେ ବାରମ୍ବାର ଏହିପରି ଅନୁକୂଳ ମତ ପ୍ରକାଶ କରିଥିବା ସ୍ଥଳେ ସେଥିର ସନ୍ତୋଷଜନକ ମୀମାଂସା ଅଦ୍ୟାବଧି ହୋଇ ନ ଥିବା ଓଡ଼ିଶା ତଥା ସମଗ୍ର ଓଡ଼ିଆ ଜାତିର ଦୁର୍ଭାଗ୍ୟ ବୋଲିବାକୁ ହେବ । ଏହି କମିସନମାନେ ଦେଶମିଶ୍ରଣ ସମ୍ବନ୍ଧରେ ଭାଷା, ଜାତି, ଇତିହାସ ଆର୍ଥିକ ଅବସ୍ଥା, ଉପକୂଳ ଓ ପାର୍ବତ୍ୟ ଅଞ୍ଚଳର ସମ୍ପର୍କ, ଆର୍ଥିକ ସମସ୍ୟା, ଯାତାୟାତରେ ସୁବିଧା ଏବଂ ଜନମ[illegible]ସମ୍ପର୍କ ଦୃଷ୍ଟି ରଖି ଦେଶଗଠନ ଧାର୍ଯ୍ୟ କରିଅଛନ୍ତି । ସେହି ଦୃଷ୍ଟିରେ ଜୟପୁର ଓଡ଼ିଶା ସଙ୍ଗେ ମିଶିବା ଏକାନ୍ତ ବାଞ୍ଛନୀୟ । ଜୟପୁରର ପୂର୍ବ ରାଜା କେ.ସି. ଆଇ.ଇ. ବିକ୍ରମ ଦେବ ଏବଂ ତତ୍‌ପୁତ୍ର ରାମଚନ୍ଦ୍ର ଦେବ ତେଲଙ୍ଗୀୟ ପ୍ରରୋଚନାରେ ପ୍ରଭାବିତ ହୋଇ ଦେଶମିଶ୍ରଣରେ ସପକ୍ଷତା ପ୍ରଦର୍ଶନ କରି ନ ଥିଲେ; ମାତ୍ର ବର୍ତ୍ତମାନ ଜାତିପ୍ରେମୀ ମହାରାଜ ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ଦେଶମିଶ୍ରଣର ପୂର୍ଣ୍ଣ ପକ୍ଷପାତୀ ଏବଂ କର୍ଣ୍ଣଧାର । ଦେଶମିଶ୍ରଣ ଆନ୍ଦୋଳନ ରୂପ ମାତୃପୂଜାଯଜ୍ଞରେ

ସେ ପତ୍ରପୁସ୍ତୋଧା ରୂପରେ କାର୍ଯ୍ୟ ମଧ୍ୟ କରୁ ଅଛନ୍ତି । ସେ ବିଷୟରେ ତାଙ୍କର ଆକାଂକ୍ଷାସର୍ବୋଦୌ ଉଲ୍ଲେଖଯୋଗ୍ୟ। ଜୟପୁର ଓଡ଼ିଶାର ଜାତୀୟ ଜୀବନର ପୁଣ୍ୟପୀଠ । ଜୟପୁର ଓଡ଼ିଶାର ମହତ୍ତ୍ୱ, ଉତ୍କଳର ପ୍ରଚ୍ଛନ୍ନ ସମ୍ପଦ ଜୟପୁରରେ, ଉତ୍କଳ ପ୍ରକୃତିର ବିରାଟ ଶକ୍ତି ଦୁନ୍ଦୁମା ଜଳପ୍ରପାତ ଜୟପୁରରେ, ଉତ୍କଳର ନିରବଳ ଉତ୍କଳତ୍ୱ ସେହି ଜୟପୁରରେ । ଜୟପୁର ଉତ୍କଳର ଅର୍ଦ୍ଧାଙ୍ଗ; ସୁତରାଂ ଜୟପୁର ବିହୀନ ଉତ୍କଳ ସର୍ବଥା ଅସମ୍ପୂର୍ଣ୍ଣ, ଅଶକ୍ତ ଏବଂ ଦୁର୍ବଳ—ଏହା ସତ୍ୟ, ଅତି ସତ୍ୟ, ଏବଂ ମହାସତ୍ୟ । ସୁତରାଂ ଜୟପୁରର ମଙ୍ଗଳମିଶ୍ରଣକୁ ପ୍ରତ୍ୟେକ ଉତ୍କଳବାସୀ ଅଧୀର ବ୍ୟଗ୍ର ନୟନରେ ଚାହିଁ ରହିଅଛନ୍ତି ।

ସରକାର ଏବଂ ସରକାରଙ୍କ ନିଯୁକ୍ତ କମିଟିମାନ ଜୟପୁରକୁ ଓଡ଼ିଶା ସଙ୍ଗେ ମିଶାଇବା ସକାଶେ ଥରକୁ ଥର ସୁପାରିସ କରିଆସୁଅଛନ୍ତି ; ମାତ୍ର ଦୁର୍ଭାଗ୍ୟର ବିଷୟ,ତଥାପି ଶ୍ୱେତପତ୍ରରେ ଜୟପୁରକୁ ନୂତନ ଉତ୍କଳ ପ୍ରଦେଶର ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସେଥି ପାଇଁ ଜୟପୁର ଏବଂ ଓଡ଼ିଶାରେ ବିଶେଷ ବୈଶିଲ୍ୟର ସୃଷ୍ଟି ହୋଇ ଅଛି । ଜୟପୁରବାସୀଙ୍କ ହୃଦୟରେ ଶ୍ୱେତପତ୍ର ଗଭୀର ବ୍ୟଥା ଏବଂ ଅସନ୍ତୋଷ ଜାତ କରିଅଛି । ତଥାପି ସେମାନେ ହତାଶ ହୋଇ ନାହାନ୍ତି । ସେମାନେ ଦୁଇ ଥର ଜୟପୁର ଏକେଳାସ୍ ଉତ୍କଳ ସମ୍ମିଳନୀର ଅଧିବେଶନଦ୍ୱାରା ଜାତୀୟ ଆନ୍ଦୋଳନକୁ ତୀବ୍ରତର କରି ବହୁଦୂର ଅଗ୍ରସର କରାଇଅଛନ୍ତି । ବୀର କୋଷ୍ଟୀରେ ପୃଷ୍ଠଭଙ୍ଗ ନାହିଁ । ସେ ବାଧା ପାଇଲେ ବିପୁଳ ଉତ୍ସାହରେ ଅଗ୍ରସର ହୁଏ । ସେଠାର ଜାତୀୟ କର୍ମବୀରମାନେ ସେଥିର ଜୀବନ୍ତ ପ୍ରମାଣ ଦେଖାଇଅଛନ୍ତି । ଏହି ସମ୍ମିଳନୀ ସେ ଅଞ୍ଚଳର ଉତ୍ସାହ ଏବଂ ଜାତୀୟ ଜାଗରଣକୁ ବହୁ ଗୁଣିତ କରିଦେଇଅଛି । ସମ୍ମିଳନୀ ପ୍ରତି ଜୟପୁରର ବର୍ତ୍ତମାନ ମହାରାଜ ବିକ୍ରମ ଦେବ ବର୍ମାଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ତାଙ୍କ ରାଜ୍ୟ ଓଡ଼ିଶାରେ ମିଶାଇବାପାଇଁ ସେ ଆତୁର । ମହାରାଜ ଜାମାତା ରାଦ୍ଧାଧର ସିଂହ ଦେବ ସମ୍ମିଳନୀର ଜଣେ ପ୍ରଧାନ କର୍ମୀ । ଗତ ମେ ମାସରେ ଏହି ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ବିରାଟ ଆଡ଼ମ୍ବରରେ ହୋଇଥିଲା ।

ଉତ୍କଳର ସମଗ୍ର ଅଞ୍ଚଳର ବିଶିଷ୍ଟ ଜାତୀୟ ପ୍ରତିନିଧି-ମାନେ ଏହି ଅଧିବେଶନରେ ଯୋଗ ଦେଇଥିଲେ । ଜାତୀୟ ପ୍ରେରଣା ବହ୍ନିମୂର୍ତ୍ତିରେ ଖେଳ ବୁଲୁଥିଲା । ଏହି ସମ୍ମିଳନୀ ଜୟପୁର ଦେହରେ ଗୋଟାଏ ଶକ୍ତିଶାଳୀ ଦ୍ୱିତୀୟ ଜୀବନ ଆଣି ପ୍ରବେଶ କରାଇ ଦେଇଅଛି । ଶ୍ୱେତପତ୍ର ଜୟପୁର ପ୍ରାଣରେ ଯେଉଁ କୃଷ୍ଣରେଖାର ଛାୟାପାତ କରିଥିଲା, ଏହି ସମ୍ମିଳନୀର ଜ୍ୟୋତିରେ ତାହା ମିଳେଇ ଯାଇଅଛି । ଜାତୀୟ ଶକ୍ତିର ପ୍ରଖରତା ବନ୍ୟା ସ୍ରୋତ ପରି ଉଚ୍ଛୁଳା ହୋଇଉଠିଅଛି । ଏହି ସମ୍ମିଳନୀ ଜୟପୁରବାସୀ ଶିକ୍ଷିତ ଦେଶପ୍ରାଣ ଓଡ଼ିଆ-ମାନଙ୍କର ମୁକ୍ତି ଚାହାଁର ବଳିଷ୍ଠ ଦୃଢ଼ତା । ଶୈଶବରେ ସେ ଯେଉଁ ପ୍ରଭାବ ଦେଖାଇଅଛି, ସେଥିରୁ ବିଶ୍ୱାସ ହୁଏ, ତାହାର ଭବିଷ୍ୟତ ଅତି ଉଜ୍ଜ୍ୱଳ । ଏ ସମ୍ମିଳନୀ ପାଇଁ ଜୟପୁର ବହୁ ଅର୍ଥବ୍ୟୟ କରିଅଛି । ସମ୍ମିଳନୀ ପ୍ରତି ଜୟପୁରବାସୀଙ୍କର ଆଗ୍ରହ ବଚନାତୀତ । ହଜାର ହଜାର ଜୟପୁରବାସୀ ସମ୍ମିଳନୀରେ ଯୋଗ ଦେଇ ପ୍ରାଣର ଆକାଂକ୍ଷା ବ୍ୟକ୍ତ କରିଥିଲେ । ସମ୍ମିଳନୀରେ ଜୟପୁରକୁ ଉତ୍କଳରେ ମିଶାଇବାର ଯୁକ୍ତି ଦୃଢ଼ ରୂପରେ ପ୍ରଦର୍ଶିତ ହୋଇ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା । ବକ୍ତାମାନେ ବହୁବିଧ ଯୁକ୍ତି, ପ୍ରମାଣ ଦେଖାଇ ଜୟପୁରକୁ ଓଡ଼ିଶା ସଙ୍ଗରେ ମିଶାଇବା ପାଇଁ ପ୍ରବଳ ଦାବୀ କରି-ଥିଲେ । ବହୁ ଲକ୍ଷ ଓଡ଼ିଆଙ୍କର ଜାତୀୟତାକୁ ଧ୍ୱଂସମୁଖରୁ ରକ୍ଷା କରି ଜୟପୁରକୁ ଓଡ଼ିଶାର ସୀମାଭୁକ୍ତ କରିବା ସକାଶେ ବିଲାତସ୍ଥ ମହାମାନ୍ୟ ଭାରତସଚିବ ଏବଂ ବଡ଼ଲାଟଙ୍କ ସମୀପକୁ ସମ୍ମିଳନୀ ପକ୍ଷରୁ ସର୍ବସମ୍ମତିକ୍ରମେ ଆବେଦନ ପଠାଯାଇଅଛି । ନୂତନ ଉତ୍କଳ ପ୍ରଦେଶର ସୀମା ସମ୍ବନ୍ଧରେ ସରକାରଙ୍କର ଶେଷ ନିଷ୍ପତ୍ତି ଶୀଘ୍ର ପ୍ରକାଶିତ ହେବ । ଜୟପୁର ତଥା ଓଡ଼ିଶାବାସୀମାନେ ସେହି ନିଷ୍ପତ୍ତିକୁ ଆଶାୟୀ ନୟନରେ ଚାହିଁ ରହିଅଛନ୍ତି । ନ୍ୟାୟପରାୟଣ ଇଂରେଜ ଗଭର୍ଣ୍ଣମେଣ୍ଟ ସେମାନଙ୍କର ଉଦ୍ଦେଶ୍ୟ ସଫଳ କରିବେ, ଏ ଭରସା ଏବଂ ବିଶ୍ୱାସ ମଧ୍ୟ ସମସ୍ତଙ୍କର ଅଛି । ଯାହାଙ୍କର ପଣ୍ଡିତ ଉଦ୍ଧାରଣ ବାଣୀ ଅର୍ଦ୍ଧ ଜଗତରେ ସଦମ୍ଭରେ ଉଦ୍ଭୁ ଅଛି, ସ୍ୱାଧୀନତା ଦାନ ଯାହାଙ୍କର ସହଜାତ ଧର୍ମ, ପଣ୍ଡିତ ଓଡ଼ିଆ ଜାତି ତାଙ୍କର

ଶରଣାପନ୍ନ । ସ୍ୱାସ୍ଥ୍ୟ ଦୁଇ କୋଟି ଓଡ଼ିଆଙ୍କ ପ୍ରାଣର ଆନ୍ତରିକ ବନ୍ଦନ ତାଙ୍କ ଉଦାର ସମଦର୍ଶୀ ହୃଦୟକୁ ଅବଶ୍ୟ ସ୍ପର୍ଶ କରିବ, ଏହା ନିଃସଂଶୟରେ ବୋଲିଯାଇ ପାରେ । ଖଣ୍ଡବିଖଣ୍ଡିତ ଓଡ଼ିଶା ପ୍ରଦେଶର ଏକତ୍ରୀକରଣ ଓଡ଼ିଆ ଜାତିର ନ୍ୟାଯ୍ୟ ପ୍ରାର୍ଥନା । ସମୟରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ ବିସ୍ତୃତ ହୋଇଥିଲା । ଓଡ଼ିଆମାନେ ବର୍ତ୍ତମାନ ତାହା ଦାବୀ କରୁନାହାନ୍ତି କିମ୍ବା ଅନ୍ୟ ପ୍ରଦେଶରୁ ଖଣ୍ଡେ ଟାଣି-ଆଣି ତାହା ଗର୍ଭସାତ୍ କରି ନିଜ ପ୍ରଦେଶ ମୋଟ କରିବାକୁ ଇଚ୍ଛା କରୁ ନାହାନ୍ତି । ଧର୍ମତଃ, ନ୍ୟାୟତଃ ଯାହା ତାଙ୍କର ପ୍ରାପ୍ୟ, ସେହି ବିଚ୍ଛିନ୍ନ ଓଡ଼ିଆ-ଭାଷୀ ଅଞ୍ଚଳମାନ ଦାବୀ କରୁଅଛନ୍ତି । ଏରୂପ ଦାବୀରେ ପ୍ରତ୍ୟେକ ଜାତିର ଜନ୍ମଗତ ଅଧିକାର ଅଛି । ଜୟପୁର ଓଡ଼ିଶାର ମିଳନ, ପ୍ରାଣ ସଙ୍ଗେ ଚେତନାର ମିଳନ । ଜୟପୁରକୁ ଛାଡ଼ିଦେଲେ ଓଡ଼ିଆ ଜାତି ଗୋଟାଏ ନିଶ୍ଚେତ, ଅସାଡ଼ ପ୍ରଦେଶ ନେଇ କଅଣ କରିବ ? ଏହି ସବୁ ଆଡ଼କୁ ଦୃଷ୍ଟି ଦେଇ ଦୟାମୟ ଇଂରେଜ ସରକାର ନିଶ୍ଚୟ ସୁବିଚାର କରିବେ,ଏ ଧାରଣା ସମୀଚୀନ । ଜୟ-ପୁର ପ୍ରଭୃତି ବିଭିନ୍ନ ଓଡ଼ିଆ ଅଞ୍ଚଳକୁ ମିଶାଇଦେଇ ସରକାର ଏକ ଶାସନାଧୀନରେ ରଖିଲେ ଦୁଇ କୋଟି ଓଡ଼ିଆ ତାଙ୍କୁ ହୃଦୟର ଭକ୍ତ୍ୟର୍ଘ୍ୟ ପ୍ରଦାନ କରି ପ୍ରାଣର କୃତଜ୍ଞଭାଷାରେ ଉଚ୍ଚକଣ୍ଠରେ ତାଙ୍କର ଜୟ ଜୟକାର ଘୋଷଣା କରିବେ । କେବଳ ଏତିକି ନୁହେଁ, ଭାରତସମ୍ରାଟ ମହାମହିମ ହୋର୍ ସାହେବ ଏବଂ ସ୍ୱନାମ-ଧନ୍ୟ ବଡ଼ଲାଟ ଲର୍ଡ ୱିଲିଂଡନଙ୍କୁ ହୃଦୟର ରତ୍ନ ସିଂହାସନରେ ବସାଇ ଦେବତାଜ୍ଞାନରେ ଷୋଡ଼ଶୋ-ପଚାରରେ ପୂଜା କରିବେ । ଉତ୍କଳର ଭାବୀ ବଂଶଧର-ମାନେ ମଧ୍ୟ ପୁରୁଷାନୁକ୍ରମେ ଉକ୍ତ ମହାତ୍ମାଦ୍ୱୟଙ୍କ ଉଦ୍ଦେଶ୍ୟରେ ସର୍ବଦା ପୁଷ୍ପାଞ୍ଜଳି ପ୍ରଦାନ କରୁଥିବେ । ଓଡ଼ିଶାର ସୌଭାଗ୍ୟବିଧାତା ବୋଲି ତାଙ୍କର ପବିତ୍ର ଅମର କୀର୍ତ୍ତି ସର୍ବତ୍ର ଘୋଷିତ ହେଉଥିବ । ଓଡ଼ିଆ ଜାତିର ଅସ୍ତିତ୍ୱ ଥିବାଯାଏ ଏହି ମହତୀ କୀର୍ତ୍ତି ତାଙ୍କୁ ଯୁଗେ ଯୁଗେ ଅମର କରି ରଖିବ । "କୀର୍ତ୍ତିର୍ଯସ୍ୟ ସ ଜୀବତି ।"

ଉତ୍ଥାନ, ପତନ ନିୟତିର ଅଖଣ୍ଡ ନିୟମ । ଉତ୍ଥାନ ପରେ ପତନ ଏବଂ ପତନ ପରେ ଉତ୍ଥାନ ଏ ଦୁହେଁ ଚକ୍ରନେମୀ ପରି ପର୍ଯ୍ୟାୟକ୍ରମେ ଘୂରୁଅଛନ୍ତି । ସମସ୍ତଙ୍କ ଭାଗ୍ୟରେ ଉତ୍ଥାନ ପତନ ସ୍ୱାଭାବିକ । ଏହି ଦେବ ଭୂମି ଉତ୍କଳ ଭାଗ୍ୟରେ କେତେଥର ଉତ୍ଥାନ ପତନ ଘଟିଥିବ ଏବଂ ଭବିଷ୍ୟରେ ଘଟିବ, ତାହା ଏକା ଅମର ଐତିହାସିକ ମହାକାଳର ଗୋଚରୀଭୂତ । ଯେଉଁ କାଳ ଉତ୍କଳଭାଗ୍ୟରେ ପତନ ଘଟାଇଅଛି, ସେହି ପୁଣି ଉତ୍ଥାନ ଆଣି ଦେବ । ଉତ୍କଳଭରସା ଜଗଦ୍‌ଗୁରୁ ପ୍ରଭୁ ଜଗନ୍ନାଥଙ୍କ କରୁଣାରେ ଉତ୍କଳ ମହିମିତ । ସେ ସ୍ୱୟଂ ବଳେହୋଇ ସୁଦୂର କର୍ଣ୍ଣାଟ ମଣ୍ଡଳର କାଞ୍ଚି ସମରରେ ତାଙ୍କର ପ୍ରିୟଧାମ ଉତ୍କଳର ମାନରକ୍ଷା କରିଅଛନ୍ତି । ସେହି ଅନନ୍ତ ମହିମାଧର କାଳିଆ ସାଆନ୍ତ ତାଙ୍କ ଆଦରିଣୀ କନ୍ୟା ଉତ୍କଳ ଧରଣୀର ପୂର୍ବ ଗୌରବ ଫେରାଇଆଣନ୍ତୁ, ଜୟପୁର ଉତ୍କଳ ପ୍ରଦେଶରେ ମିଶି ମହାନନ୍ଦରେ ସାଫଲ୍ୟର ହାସ ବିସ୍ତାର କରୁ—ଏହାହିଁ ତାଙ୍କ ମଙ୍ଗଳପ୍ରଦ ପାଦପଦ୍ମରେ ନତମସ୍ତକରେ ଏକାନ୍ତ ବିନୀତ ଅନୁନୟ । ଜୟପୁର ଉତ୍କଳ ମିଳନର ଚିରସ୍ମରଣୀୟ ଶୁଭ ଦିବସ ପର୍ବ ଦିବସ ପରି ଉଲ୍ଲାସ ବହନ କରି ଶୀଘ୍ର ଉପସ୍ଥିତ ହେଉ, ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା କନକଦୁର୍ଗାଙ୍କ ନିକଟରେ ଏହି ଭିକ୍ଷା ମାଗି ଲେଖାର ଉପସଂହାର କରାଗଲା । ଜୟ ଜଗଦମ୍ବେ ଦୁର୍ଗେ, ଶୁଭସ୍ୟ ଶୀଘ୍ରମ୍ । ସ୍ୱସ୍ତି, ସ୍ୱସ୍ତି, ସ୍ୱସ୍ତି ।

*    *

ଅତ୍ୟନ୍ତ ଆନନ୍ଦର ବିଷୟ—ଏ ପୁସ୍ତକର ଲେଖା ସମାପ୍ତ ହେଲା ପରେ ୧୯୩୪ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସ ୨୨ ତାରିଖ ଦିନ ଜଏଣ୍ଟ ପାର୍ଲ୍ୟାମେଣ୍ଟାରୀ କମିଟିର ରିପୋର୍ଟ ପ୍ରକାଶିତ ହେଲା । ସେହି ଦିନଟି ଉତ୍କଳ ଭାଗ୍ୟରେ ଗୋଟିଏ ସ୍ମରଣୀୟ ମହାଶୁଭ ଦିବସ । ଏଣିକି ସେ ପ୍ରତିବର୍ଷ ସର୍ବଶ୍ରେଷ୍ଠ ପର୍ବ ଦିବସ ରୂପେ ମହୋଲ୍ଲାସରେ ପୂଜିତ ହେବ । ଜୟପୁର ଉତ୍କଳରେ ମିଶିଲା, ଏହି ଶୁଭ ସମ୍ବାଦ ଉକ୍ତ ରିପୋର୍ଟରେ ପ୍ରକାଶିତ ହୋଇଅଛି । ବିଚ୍ଛିନ୍ନ ଉତ୍କଳର ଜାତିର ବନ୍ଦନାରେ ଉତ୍କଳ-

ଉରଷା ଜଗନ୍ନାଥ ମହାପ୍ରଭୁଙ୍କର କୃପା ସିଂହାସନ ବହୁକାଳ ପରେ ଟଳିଲା, ସେ ତାହାର ହୃତ ନିଧି ପାଇ ଅଶ୍ରୁସ୍ତ ହେଲା । ତାହାର ଶୋକାଶ୍ରୁ ଆନନ୍ଦାଶ୍ରୁରେ ପରିଣତ ହେଲା । ଏହି ଶୁଭସମ୍ବାଦ ଉତ୍କଳର ହତାଶ ପ୍ରାଣରେ ଅମୃତଧାରା ଢାଳିଦେଲା । ସେ ଜୟପୁରକୁ ପାଇ ଜୟଶବ୍ଦ ଉଚ୍ଚାରଣ କରି ନାଚି-ଉଠିଲା । ଏହି ମଙ୍ଗଳ ମିଳନ ପିଣ୍ଡ ସଙ୍ଗରେ ପ୍ରାଣର ମିଳନ ତୁଲ୍ୟ ଅଥବା ଶକ୍ତି ସଙ୍ଗରେ ପୌରୁଷର ମିଳନ ତୁଲ୍ୟ ଦୁର୍ଲଭ ମହାମିଳନ । ସାଧନାରେ ସାଫଲ୍ୟ ମିଶିଲେ ସେ ଆନନ୍ଦ ହୃଦୟରେ ଧରେ ନାହିଁ, ହୃଦୟ ପୂର୍ଣ୍ଣ ହୋଇ ଉଚ୍ଛୁଳିପଡ଼େ । ସେ ଆନନ୍ଦ କଳନା କରି-ବାକୁ ଯେ କୌଣସି ଭାଷା ସର୍ବଥା ଅକ୍ଷମ । ଏହି ଅପୂର୍ବ ମିଳନ ପ୍ରତ୍ୟେକ ଉତ୍କଳୀୟ ହୃଦୟରେ ଅମୃତ ମହୋତ୍ସବ ସୃଷ୍ଟି କରିଅଛି, ଏହା କୋଲିବା ବାହୁଲ୍ୟ ମାତ୍ର । ମଣିକାଞ୍ଚନର ମିଳନ, କ୍ଷୀରାମୃତର ମିଳନ ପ୍ରଭୃତି ବହୁ ଉତ୍କୃଷ୍ଟ ମିଳନର ପ୍ରୟୋଗ ପରମ୍ପରା ଚଳିଆସୁଅଛି; ମାତ୍ର ଏ ମିଳନ ତହୁଁ ବଳି ଶ୍ରେଷ୍ଠରେ ମହତ୍ତ୍ୱର ମିଳନ ପରି ଅତି ମଧୁର ଓ ଅତି ଉପାଦେୟ । ମହାରାଜ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟ ବିଂଶବର୍ଷା-ଧିକ କାଳ ହେଲା ଏହି ମିଳନ ସକାଶେ ନାନା ପ୍ରକାର ଚେଷ୍ଟା କରିଆସୁଥିଲେ । ତାଙ୍କର ଅକ୍ଳାନ୍ତ ସାଧନା ସାଫଲ୍ୟର ମୂର୍ତ୍ତି ଧାରଣ କଲା । ସେ ସିଂହାସନରେ ବସିଲେ, ଜୟପୁର ଓଡ଼ିଶାରେ ମିଶିଲା । ତାଙ୍କର ଏ ଅମର ସୁଖ୍ୟାତି ଉତ୍କଳ ଇତିହାସରେ ଉଜ୍ଜ୍ୱଳ ସ୍ୱର୍ଣ୍ଣାକ୍ଷରରେ ମୁଦ୍ରିତ ରହିବ । ତାଙ୍କୁ ଅର୍ଦ୍ଧାଂଶ ରୂପରେ ପାଇବା ଜୟପୁର ପକ୍ଷରେ ବିଶେଷତଃ ଉତ୍କଳ ପକ୍ଷରେ ପରମ ସୌଭାଗ୍ୟର ବିଷୟ । ସାହିତ୍ୟ-ସମ୍ରାଟ୍ ରାଜାଙ୍କର ଦେଶମିଶ୍ରଣ ତପସ୍ୟା ସାର୍ଥକ ହୋଇଅଛି । ଏହି ଉପଲକ୍ଷରେ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଯେଉଁ ପ୍ରୀତ୍ୟଭିନନ୍ଦନ ପ୍ରଦାନ କରିଥିଲେ, ସେଗୁଡ଼ିକର ପ୍ରତିଲିପି ନିମ୍ନରେ ପ୍ରଦତ୍ତ ହେଲା । ସେଥିରୁ ସେ ସମସ୍ତଙ୍କ ହୃଦୟରେ କି ଉଚ୍ଚ ଉଚ୍ଚାସନ ଲାଭ କରିଅଛନ୍ତି, ତାହା ସହଜରେ ଅନୁମେୟ ।

ପାଟଣା
ତା ୨୨।୧୧।୩୪

ଶ୍ରୀମନ ମହାରାଜ,

ଜୟପୁର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଅଛି । ଜୟପୁର ଯେ ଓଡ଼ିଆ ରାଜ୍ୟ, ସେ କଥା ଆମ୍ଭମାନଙ୍କୁ ଭୁଲିବାକୁ ଚେଷ୍ଟା କରିବାକୁ ପଡ଼ୁଥିଲା । କିନ୍ତୁ ବର୍ତ୍ତମାନ ସତ୍ୟର ଜୟ ଘଟିଅଛି ।

ଭଗବାନ୍ ଆପଣଙ୍କ ସ୍ୱାସ୍ଥ୍ୟ ସହିତ ଦୀର୍ଘଜୀବନ ଦିଅନ୍ତୁ । ତାହା ହେଲେ ଆପ ଉତ୍କଳରାଜ୍ୟର ଭାଗ୍ୟ ନିଜ ହାତରେ ଗଠନ କରିବାରେ କୃତକାର୍ଯ୍ୟ ହୋଇ-ପାରିବେ ।

ମୁଁ କାର୍ଯ୍ୟ ଉପଲକ୍ଷରେ ଏଠାକୁ ଆସିଛି । ଶୀଘ୍ର ଏଠାରୁ କାଶୀପୁର ଫେରିବି । ଆପଣଙ୍କର କୁଶଳ ଆଶା କରେଁ ।

ଆପଣଙ୍କର ସ୍ନେହାଧୀନ
ଗୋଦାବରୀଶ ମିଶ୍ର

---

To

The

Maharaja of Jeypore (Vizag.)

Joint Committee report recommends inclusion of Jeypore, delighted, hearty congratulation.

Shreekrishna Mahapatra,
Great Indian Hotel.

To

The

Maharaja of Jeypore, (Vizag).

Heartiest congratulations on Jeypore's inclusion in Orissa.

Nilakantha Das.

To

Raja Saheb, Jeypore.

Congratulations for Jeypore inclusion.

Madan Mohan Rath.

To
Raja Saheb. Jeypore (Vizag).
Hearty congratulations
Anantaram Rath.

To
Maharaja Saheb Jeypore, (Vizag).
Happy Jeypore Parlakemundi included Orissa Province.
Dinabandhu Panda.

To
Maharaja Saheb, Jeypore (Vizag)
Hearty congratulations for inclusion Jeypore, Orissa.
New Orissa.

To
Maharaja Saheb Jeypore (Vizag).
Heart leaps with joy at announcement.
Editor, Jubaka fund Oriya.

To
Kumar Bidyadhar Singh,
Jeypore, Vizag.
Please accept congratulation, your efforts crowned success
Pyari Mohan Panigrahi.

To
Maharaja Jeypore, Vizag.
Hearty congratulations, pray co-operation guide.
Madhusudan Panigrahi.

To
Raja Saheb Jeypore, Vizag.
Jeypore inclusion news in Orissa received with joy,
Raja of Dharakote.

To
Maharaja, Jeypore, Vizag.
Welcome, Jeypore, Orissa Province,
Balakrishna Rath.

To
Raja Saheb, Jeypore, Vizag.
Thank God Utkal gets her Vikramarka restored to her.
Praharaja.

To
Maharaja, Jeypore
Orissa rejoices to secure jeypore in new province. Jeypore will be brightest jewel of Orissa Province. Felicitations.
B. Das.

To
Maharaja, Jeypore
Tikkali Oriyas heartily congratulate Jeypore inclusion.
Tikkali Oriyas

To
Raja Saheb, Jeypore (Vizag.)
Utkal Sahitya Samaj hails your entry Orissa.
Secretary,
Utkal Sahitya Samaj

To
His Highness the Maharaja of Jeypore.
May it please your Highness.
Please accept our heartfelt thanks for kind help rendered in Orissa amalgamation.
We beg to remain.
May it please your Highness
Your Highness's most obedient Servants,
Inhabitants of
Gosaninowgam
25·11 34

—※—

କଟକ
୨୪।୧୧।୩୪

ପ୍ରିୟ ଶ୍ରୀ ମହାଶୟ,

ଆପଣଙ୍କ ସ୍ନେହମୟ ପତ୍ର ପାଇଅଛି । ଜୟପୁରକୁ ଓ ତହିଁ ସଙ୍ଗେ ଆମ ବିକ୍ରମ ଦେବଙ୍କୁ ପାଇଲୁଁ, ଏହି ସମ୍ବାଦରେ ପ୍ରତ୍ୟେକ ଓଡ଼ିଆ ପୁଅର ମନ କୁଣ୍ଢେ ମୋଟ ହୋଇଯାଇଅଛି । ବର୍ଷକ ପୂର୍ବେ ଗୋଟାଏ ଉଡ଼ା ଖବର ଶୁଣି ମୁଁ ଜୟପୁର ଓଡ଼ିଶାରେ ମିଶିବା ଯୋଗୁଁ ଆନନ୍ଦ ପ୍ରକାଶ କରି ଆପଣଙ୍କଠାକୁ ଟେଲିଗ୍ରାମ କରିଦେଲି । ପରେ ଏ ଖବରର ମୂଳରେ କୌଣସି ସରକାରୀ ନିଦର୍ଶନ ନ ଥିବାର ଜାଣି ବ୍ୟଥିତ ହୋଇଥିଲି, ପ୍ରଭୁଙ୍କ କୃପାରୁ ମୋର ବର୍ଷକ ପୂର୍ବର ସେହି ଟେଲିଗ୍ରାମର ଶୁଭବାରନ ଆଜି ସଫଳ ହେଲା । ଈଶ୍ୱର କୋଟିଏ ଓଡ଼ିଆଙ୍କ ସୁହାସ ଶୁଣିଲେ ଓ ଜୟପୁରବାସୀ ଦଶଲକ୍ଷ ଓଡ଼ିଆଙ୍କ ପ୍ରାଣ ରଖିଲେ । ଶ୍ରୀ ବିକ୍ରମ ଦେବ ଜୟପୁର ଗାଦୀରେ ବସି ନଥିଲେ ଜୟପୁର ଓଡ଼ିଶାରେ ମିଶିବା କଥା କେବଳ କଥାରେହିଁ ପର୍ଯ୍ୟବସିତ ହୋଇ ଥାଆନ୍ତା ।

ଆଜି ଓଡ଼ିଶା ପ୍ରଦେଶର ରାଜା ମହାରାଜାଙ୍କ ମଣ୍ଡଳମଣି ରୂପେ ଉତ୍କଳର ବିକ୍ରମାଦିତ୍ୟ ଶ୍ରୀବିକ୍ରମ ଦେବ ବସିଲେ । ବାଲ୍ୟରୁ ପାରଳା ରାଜାସାହେବ ଆପଣଙ୍କଠାକୁ ଯେଉଁ ଆଶ୍ୱାସନା ବାଣୀ ଲେଖିଥିଲେ, ତାହା ବି ସଫଳ ହେଲା ।

ଆପଣଙ୍କର ସ୍ନେହବଦ୍ଧ
ଗୋପାଳଚନ୍ଦ୍ର ପ୍ରହରାଜ

---

ଖରସୁଆଁ, ସିଂହଭୂମ
୨୦।୧୧।୧୯୩୪

ଓଁ ତତ୍‌ସତ୍

ସ୍ୱସ୍ତି ଶ୍ରୀ ପ୍ରବଳପ୍ରତାପୋଦ୍ଦାମପ୍ରତାପଦାନ ସମ୍ପନ୍ନ ଶ୍ରୀମାନ୍ ମହାରାଜାଧିରାଜ ଉତ୍କଳ ଜାତୀୟ ଜୀବନ ସମ୍ରାଟ୍ କବିବର ଶ୍ରୀମାନ୍ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମ୍ମ ମହାଶୟ ଜୟପୁରାଧୀଶ୍ୱରେଷୁ—

ଶୁଭାଶିଷାଂମାଳା ବିଲସନ୍ତୁତମାମ୍

ଶ୍ରୀମନ୍ ମହାରାଜାଧିରାଜ,

ଶ୍ରୀ ଶ୍ରୀମୁଙ୍କ ଅକ୍ଲାନ୍ତ ଯତ୍ନ ବଦାନ୍ୟତା ଓ ଜ୍ଞାନ-କର୍ମବୀରତାତ ହେତୁ ଉତ୍କଳର ଆଜ ସରକାରଙ୍କ ସିଲେକ୍‌ଟ କମିଟି ରିପୋର୍ଟ ଘୋଷଣାରୁ ଅନେକ ଅଂଶେ ଯୋଡ଼ାଯାଇଅଛି । ଉତ୍କଳର ବର୍ତ୍ତମାନ କ୍ଷେତ୍ରସୀମା ଜୟପୁର ରାଜ୍ୟର ଶ୍ରୀଶ୍ରୀମୁ ଅଧୀଶ୍ୱର ଥିବାରୁ ଯେ ଦକ୍ଷିଣ ସୀମା ଉତ୍କଳ ସହିତ ଯୋଡ଼ାଗଲା । ଏଥି ସକାଶେ ଶ୍ରୀଶ୍ରୀମୁଙ୍କୁ ମୁଁ ଉତ୍କଳର ଉତ୍ତରାଂଶ ସିଂହଭୂମ ତରଫରୁ ହୃଦୟର ସହିତ ଅଭିନନ୍ଦିତ କରୁଅଛି ।

ଶ୍ରୀଶ୍ରୀମୁ ସେଉଁ ସିଂହଭୂମକୁ ହୃଦୟ ସହିତ ସ୍ନେହ ଓ ଦୟା ଦୃଷ୍ଟିରେ ଦେଖିଆସୁଅଛନ୍ତି ସେହି ସିଂହଭୂମର ଉଦ୍ଧାର ସାଧନ ଶ୍ରୀଶ୍ରୀମୁଙ୍କ କରୁଣା ଦୃଷ୍ଟି ଉପରେ ନିର୍ଭର କରୁଅଛି ।

ସିଂହଭୂମ କ୍ଷତ୍ରିୟ ଇତିହାସ ବହୁ ଖଣ୍ଡରେ ଲେଖିଅଛି । ଉଦୀୟମାନ କୁମାର ଶ୍ରୀମାନ୍ ଗଦାଧର ସିଂହ ଦେବ B. L. ଏହାର ଭୂମିକା ଲେଖିଅଛନ୍ତି । ବହୁଖଣ୍ଡିକ ବର୍ତ୍ତମାନ ମୁଦ୍ରିତ ହେଉଅଛି । ମୁଦ୍ରଣ ଶେଷ ହେବା ମାତ୍ରକେ ଶ୍ରୀଶ୍ରୀମୁଙ୍କ କରକମଳରେ ଅର୍ପଣ କରି ନିଜକୁ ମୁଁ ଧନ୍ୟ ମଣିବି ବୋଲି ଆଶା କରେ । ପ୍ରଭୁକୃପାରୁ ଏପରି ସୁ-ଅବସର ଆସି ଉପସ୍ଥିତ ହେଉ, ଯହିଁରେ ଶ୍ରୀଶ୍ରୀମୁଙ୍କ ସୌମ୍ୟ ମୂର୍ତ୍ତି ଦର୍ଶନ କରି ସିଂହଭୂମି ନିଜକୁ ଧନ୍ୟ ମଣିବ ଓ ସିଂହର ଭୂମି ବୋଲି ଜଗତରେ ଗୌରବାନ୍ୱିତ ହେବ । ପ୍ରଭୁଙ୍କ ଅଶେଷ କୃପାରୁ ଶ୍ରୀଶ୍ରୀମୁ ସୁସ୍ଥ ସହି ଦୀର୍ଘଜୀବୀ ହୁଅନ୍ତୁ । ଇତି ।

ଶ୍ରୀମତଃ ଶୁଭକାଙ୍କ୍ଷୀ
ପଣ୍ଡିତ କୃଷ୍ଣଚନ୍ଦ୍ର ଅଗ୍ରୱାଲ୍

---

The Utkal Sahitya Samaj, Cuttack
P.O. Cuttack
24-11-1934.

To
The Raja Saheb of Jeypore.

SIR,

Pray accept our hearty expressions at the news of Jeypore

coming into the ken of new Orissa. Sir, your labours in the past and your constant and silent labours for the cause of Oriya amalgamation are too great for words. Our breasts are rising with a warmth of joy and happiness ever-expanding with the thought that through your blessings and good will, the cause of Orissa and specially Oria literature will thrive with ever increasing amplitude and move on right lines. Your presence will ever be felt as a source of illumination to the Oriya race through literature which really gives tongue to the mute.

With sincerest love & gratitude,
yours sincerely
Lakshmi Narayan Sahu.
Secretary.

---

ଆନନ୍ଦ ଉପରେ ପୁଣି ଆନନ୍ଦ—ସୁଖ ଉପରେ ବାସନ୍ତୀ ପୌର୍ଣ୍ଣମାସୀ ଜ୍ୟୋତ୍ସ୍ନାର ହାସ୍ୟରେଖା ସଂଯୋଗ । ଗତ ଡିସେମ୍ବର ମାସ ୧୯ ତାରିଖରେ ବିଶାଖପଟ୍ଟଣଠାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ଅଧିବେଶନ ହୋଇଥିଲା । ମାନ୍ଦ୍ରାଜର ଲାଟସାହେବ ମହୋଦୟ ସଭାପତିର ଆସନ ଅଳଙ୍କୃତ କରିଥିଲେ । ବିଶ୍ୱବିଦ୍ୟାଳୟ ସଭା ସାହିତ୍ୟସମ୍ରାଟ୍ ମହାରାଜ ବିକ୍ରମ ଦେବ ବର୍ମା ମହୋଦୟଙ୍କୁ "ଡକ୍ଟର ଅଫ୍ ଲିଟରେଚର" "Doctor of Literature" ଉପାଧିରେ ମଣ୍ଡିତ କରିଅଛନ୍ତି । ଏଥିପୂର୍ବେ ପ୍ରାକୃତିକ ଉତ୍କଳର କେହି ରାଜା, ମହାରାଜା କୌଣସି ବିଶିଷ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ସାହିତ୍ୟ ସମ୍ବନ୍ଧୀୟ ଏ ଭଳି ଗୌରବଗତ ଉଚ୍ଚତମ ଉପାଧି ଲାଭ କରି ନ ଥିଲେ । ବର୍ମା ମହୋଦୟ ଉତ୍କଳର ରାଜା, ତାଙ୍କର ଏ ଉପାଧି ଓଡ଼ିଆ ଜାତିର ଦୁର୍ଲଭ ସମ୍ମାନ । ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ଛାତି ଫୁଲାଇ ଗର୍ବ ଅନୁଭବ କରିବ । ବିଶ୍ୱ ପଣ୍ଡିତଗଣ ପ୍ରଦତ୍ତ ଉପାଧି ବିଶ୍ୱରେ ମହା ମୂଲ୍ୟବାନ୍ ପୁଣି ସାହିତ୍ୟସମ୍ରାଟଙ୍କ ସ୍ପର୍ଶରେ ସେହି ଉପାଧିର ମୂଲ୍ୟ ବହୁଗୁଣିତ ହୋଇଅଛି । ଜ୍ୟୋତ୍ସ୍ନା ସ୍ପର୍ଶରେ ଚନ୍ଦ୍ରକାନ୍ତ ମଣି ଅଧିକ ଜ୍ୟୋତିର୍ମୟ ହୁଏ ପରା । ଏହି ଉପାଧି ଉପଲକ୍ଷେ ମହାରାଜ ମହୋଦୟଙ୍କୁ ଉତ୍କଳର ବିଭିନ୍ନ ଅଞ୍ଚଳରୁ ଅନେକ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ପ୍ରଦାନ କରିଥିଲେ । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ତାହା ପ୍ରକାଶ କରିବାର ସୁବିଧା ହେଲା ନାହିଁ । ନବ-ଲବ୍ଧ ସାରସ୍ୱତ ମହାମୁକୁଟ ସାହିତ୍ୟସମ୍ରାଟଙ୍କ ମସ୍ତକରେ ଶତବର୍ଷ ବିରାଜିତ ଥାଉ—ଏହାହିଁ ନବ ଉତ୍କଳର କାମନା ।

# ଲାଞ୍ଜିଗଡ଼ ଭ୍ରମଣ

# ଲାଞ୍ଜିଗଡ଼-ଭ୍ରମଣ

କଳାହାଣ୍ଡି ପର୍ଯ୍ୟନ୍ତ ଆସି ମୋର ସାହିତ୍ୟ-ସେବାର ଚିର ପୃଷ୍ଠପୋଷକ ଲାଞ୍ଜିଗଡ଼ ରାଜା ମହୋଦୟଙ୍କୁ ସାକ୍ଷାତ ନ କରି ଗଲେ ଘୋର ଅକୃତଜ୍ଞତା ହେବବୋଲି ଭାବି ମୁଁ ଭବାନୀପାଟଣାରୁ ତାଙ୍କୁ ମୋର ଆଗମନ ସମ୍ବାଦ ପତ୍ରଦ୍ୱାରା ଜଣାଇଥିଲି । ଫେରିବାବେଳେ ଲାଞ୍ଜିଗଡ଼ ରୋଡ ଷ୍ଟେସନ୍‌ରେ ଓହ୍ଲାଇବା ପାଇଁ ପ୍ରତିପତ୍ରରେ ସେ ମୋତେ ଲେଖିଥିଲେ ଏବଂ ଷ୍ଟେସନକୁ ମୋଟର ପଠାଇବାକୁ ମଧ୍ୟ ସ୍ୱୀକୃତ ହୋଇଥିଲେ । ରାତି ଦୁଇଟା ସମୟରେ ଆମ୍ଭେମାନେ ଲାଞ୍ଜିଗଡ଼ରୋଡ ଷ୍ଟେସନରେ ଓହ୍ଲାଇଲା ମାତ୍ରେ ରାଜାସାହେବଙ୍କର ଜଣେ ଫରେଷ୍ଟ ଗାର୍ଡ ଓ ତେତେଜଣ କୁଲି ଆସି ଉପସ୍ଥିତ ହେଲେ । ଫରେଷ୍ଟ ଗାର୍ଡ କହିଲା, ଏ ଶୀତରେ ଅଠର ମାଇଲ ବାଟ ମୋଟରରେ ଗଲେ ଆପଣଙ୍କୁ ବଡ଼ କଷ୍ଟ ହେବ । ରାଜାସାହେବଙ୍କ ଆଦେଶାନୁସାରେ ମୁଁ ଏଠାରେ ଗୋଟିଏ ଘର ଠିକ୍ କରି ରଖିଛି, ଆପଣ ସ୍ୱଇଲୁ ସେଠାରେ ରାତି କଟାଇବେ । ରାଜାସାହେବ କହିଅଛନ୍ତି, ସେ କାଲି ସକାଳ ୮ଟା ବେଳେ ମୋଟର ଆଣି ଆପଣଙ୍କୁ ନେଇଯିବେ । ଆମ୍ଭେମାନେ ଆସି ନିର୍ଦ୍ଦିଷ୍ଟ ଘରେ ପହଞ୍ଚିଲୁ । ସେ ଘରେ ଦୁଇଖଣ୍ଡ ଖଟିଆ ଆମ୍ଭମାନଙ୍କ ଅପେକ୍ଷାରେ ଥିଲା । ଖଣ୍ଡିଏ ମୁଁ ଅଧିକାର କଲି, ଅପର ଖଣ୍ଡିକ ସୋମନାଥର ବ୍ୟବହାରରେ ଲାଗିଲା । ସ୍ୱକରୁଟି ରେଜେଇଖଣ୍ଡିକରେ ବସ୍ତାବନ୍ଧ ହୋଇ ଭଲେ ଶୋଇଲି । ପାଇକଟି କଲଣିଆ ବ୍ୟବସ୍ଥାରେ ଲାଗିଲା; ମାତ୍ର ମୁଁ ମଜା କରିବାରୁ ନିରସ୍ତ ହେଲା । ଯଥେଷ୍ଟ ଘୋଡ଼ହେବାଲୁଗା ଥିଲେ ମଧ୍ୟ ଦାରୁଣ ଶୀତରେ ଦେହ ଅବସନ୍ନ ହୋଇଆସିଲା । କୁଲିମାନେ କାଠ ଆଣି ଜାଳିଲେ; ମାତ୍ର ନିଆଁ ମଧ୍ୟ ଶୀତଳ ବୋଧ ହେଲା । ପାହାଡ଼ିଆ ହାଡ଼ଭଙ୍ଗା ଶୀତରେ ସ୍ୱୟଂ ଅଗ୍ନିଦେବଙ୍କର ପ୍ରଚଣ୍ଡ ତେଜ ସୁଦ୍ଧା କ୍ଳୀବତ୍ୱ ପ୍ରାପ୍ତ ହୋଇଯାଇଥିଲା । ନିଦ୍ରାଦେବୀ ଶୁଭାଗମନ କଲେନାହିଁ । ବୋଧ ହୁଏ ସେ ପ୍ରବଳ ଶୀତରେ ମୂର୍ଚ୍ଛିତ ହୋଇ କେଉଁ କୋଣରେ ପଡ଼ିରହିଥିଲେ, କିମ୍ବା ତାଙ୍କୁ ପାର୍ବତ୍ୟ ଭଲ୍ଲୁକର ଆକ୍ରମଣ କରିଥିଲା । ଭୁଇଁରୁ ଗୋଟାଏ କରପବୋଲା ଥଣ୍ଡା ବାହାରୁଥିଲା ପରି ଜଣାଯାଉଥାଏ । ମୁଁ ବସି ମନେ ମନେ ଭବିଷ୍ୟତଚିତ୍ର ଅଙ୍କିତ କରି ରଙ୍ଗ ଚଢ଼ାଉଥାଏ । ମୋର ସାହିତ୍ୟ ସାଧନାର ପରମ ସହାୟ ରାଜା-ସାହେବଙ୍କୁ ମୁଁ ଅବଧି ଦେଖି ନାହିଁ । ମୋର ଶେଷ ଜୀବନରେ ତାଙ୍କୁ ଥରେ ଦେଖି ମୋର ଚିରପୋଷିତ ଆକାଂକ୍ଷା ପୂର୍ଣ୍ଣ କରିବି, ପ୍ରକୃତିର ମହାଶକ୍ତି ଉଜ୍ଜ୍ୱଳ ହିମାଳୟ ନିୟାମଗିରିର ରୁଦ୍ରସୁନ୍ଦର ମୂର୍ତ୍ତି ଅବଲୋକନ କରି ନେତ୍ର ସାର୍ଥକ କରିବି, ଏହିପରି ନାନା ସୁଖସ୍ୱପ୍ନରେ ମୁଁ ନିଜକୁ ମିଶାଇ ଦେଉଥାଏଁ । ମନ ଥରେ ଥରେ ଯାଇ ସଙ୍କଳ୍ପରେ ଉଭୟଙ୍କୁ ଭେଟିଆସୁଥାଏ । ଏହିପରି କ୍ରମରେ ରାତି ପାହି ଆସିଲା । ପାର୍ବତ୍ୟ ପକ୍ଷୀମାନଙ୍କର ପ୍ରଭାତୀ ସଙ୍ଗୀତର ମଧୁର ମୂର୍ଚ୍ଛନା ପ୍ରାତଃ ସମୀରଣ ବହିଆଣି କର୍ଣ୍ଣରେ ମଧୁବୃଷ୍ଟି କରିବାକୁ ଲାଗିଲା । କିମ୍ବା କାନନ ନାଟଶାଳୀର ନଟମାନେ ପାଠଘୋଷାରେ ଲାଗିଲେ । ମୁଁ ପ୍ରାତଃକୃତ୍ୟ ସାରି ଟିକିଏ

ଉପାସନା କଲି । ଆଜି ମୋର ପ୍ରାତଃସ୍ନାନ ବନ୍ଦ । ସ୍ୱଭାବତ ଏ ଶୀତରେ ଗାଧୋଇବାକୁ ହୋଇଅଛି, ତାହା ଉପରେ ପୁଣି ଗାଧୋଇବାକୁ ଜଳସ୍ନାନ ଶରୀର ସଜ୍ଜ ହେଲା ନାହିଁ । ଲଞ୍ଜିଗଡ଼ରେ ପହୁଞ୍ଚି ଗାଧୋଇବି ବୋଲି ସ୍ଥିର କଲି । ଯାଇକମାନେ ଘେରରୁ ଉଠି ଦୁଧ ସଂଗ୍ରହ କରି ଆଣିଲେ । ତାହା ଆଉଟା ହେଲାପରେ ଉଦର ଦେବତାଙ୍କ ବାଲଭୋଗରେ ଲାଗିଲା । ଦେବତା ସନ୍ତୁଷ୍ଟ ହେଲେ । ଅଳ୍ପ ଅଳ୍ପ ଖରା ଦେଖାଗଲା । ପର୍ବତ ଚୂଡ଼ାରେ ବାଲସୂର୍ଯ୍ୟ କିରଣ ସୁବର୍ଣ୍ଣ ମୁକୁଟ ପିନ୍ଧାଇ ଦେଲା । ବୃକ୍ଷଲତାମାନେ ବି ସୁବର୍ଣ୍ଣ ଅଳଙ୍କାରରେ ଝଲମଲ ଦିଶିଲେ । ସୁପ୍ତା ପାର୍ବତ୍ୟପ୍ରକୃତି ଚହଟହ ହୋଇ ହସିଉଠିଲେ । କାନନଲକ୍ଷ୍ମୀ ସେ ହାସ୍ୟରେ ନିଜର ହାସ୍ୟ ମିଶାଇଦେଲେ । ଚାରିଆଡ଼େ ନୀରବ ହାସ୍ୟର ଅପୂର୍ବ ମହୋତ୍ସବ ମେଳା ବସିଗଲା । ମୁଁ ଖଣ୍ଡିଏ ଖଟିଆରେ ଖରା ପିଠିଆ ହୋଇ ବସି ସେ ଉତ୍ସବ ମାଧୁରୀ ଉପଭୋଗ କରିବାକୁ ଲାଗିଲି । ସେଠାରେ ସ୍ଲିପର କାଠର ମାଲ୍ୟପାହାଡ଼ ସୃଷ୍ଟି ହୋଇଥାଏ । ସେ ସମସ୍ତ କାଠ ଲଞ୍ଜିଗଡ଼ ଏବଂ କଳାହାଣ୍ଡି ବଣରୁ ଆସିଥିବାର ଶୁଣିଲି । ଏ ସ୍ଥାନ ଲଞ୍ଜିଗଡ଼ ରାଜ୍ୟର ଅନ୍ତଗତ । ଚାରିଆଡ଼େ ପର୍ବତମାଳା ମର୍କତ ବେଷ୍ଟିତ ପ୍ରାୟ ମୁଣ୍ଡ ଟେକି ଉଭାହୋଇଅଛନ୍ତି । ମହାକବି ଉପେନ୍ଦ୍ରଭଞ୍ଜଙ୍କ ଭାଷାର କିଞ୍ଚିତ ପରିବର୍ତ୍ତନ କରି କହିବାକୁ ହେଲେ ତାହା ପ୍ରକୃତିଲକ୍ଷ୍ମୀଙ୍କର ଇନ୍ଦ୍ରନୀଲବଳୟ । ସେହିପରି ଅଉ ପଟିଏ ବଳା ନ ଥିବାରୁ ଦେବୀ ତାହା କରମଣ୍ଡନ କରୁ ନାହାନ୍ତି । ସ୍ଥାନଟି ଅତି ସୁନ୍ଦର, ସେଠାରେ ମୁକ୍ତ ପ୍ରକୃତିର ଅପୂର୍ବ ବୈଚିତ୍ର୍ୟ ଅବାଧରେ ଉପଭୋଗ କରି ହୁଏ । ପୂର୍ବାହ୍ଣ ଆଠଘଣ୍ଟା ସମୟରେ ମାନନୀୟ ରାଜା ମହୋଦୟ ମୋଟରରେ ସେଠି ଉପସ୍ଥିତ ହେଲେ । ସେ ଯେଉଁ ବେଶରେ ଆସିଲେ ସେଥିରେ ତାଙ୍କୁ ରାଜା ବୋଲି ଚିହ୍ନିବାର ଉପାୟ ନାହିଁ । କେବଳ ଶରୀରର ରାଜଲକ୍ଷଣ ଏବଂ ନେତ୍ରର ଉଜ୍ଜ୍ୱଳ ଜ୍ୟୋତି ତାଙ୍କୁ ରାଜା ବୋଲି ଚିହ୍ନାଇଦେଉଥାଏ । ଲଞ୍ଜିଗଡ଼ର ପୋଲିସ ସବ୍‌ଇନ୍‌ସ୍‌ପେକ୍‌ଟର ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ଦାସ ତାଙ୍କ ସଙ୍ଗରେ ଆସିଥିଲେ । ସାକ୍ଷାତ ହେଲା କ୍ଷଣି ଶିଷ୍ଟସମ୍ଭାଷଣ ଶାରୀରିକ କୁଶଳ ପ୍ରଶ୍ନ ପ୍ରଭୃତିର ଆଦାନ ପ୍ରଦାନ ଯଥାରୀତି ସମ୍ପନ୍ନ ହେଲା । ଆମ୍ଭେମାନେ ଯାଇ ମୋଟରରେ ବସିଲୁଁ । ରାଜଯାନଶକ୍ତି ଲଞ୍ଜିଗଡ଼ ରାଜଧାନୀ ଅଭିମୁଖରେ ଧାବିତ ହେଲା । ଖଣ୍ଡେ ଦୂର ପରେ ବନ ଆରମ୍ଭ ହେଲା । କ୍ରମେ ଗଭୀରରୁ ଗଭୀରତର ଜଙ୍ଗଲ ଭେଦ କରି ଯାନ ଅଗ୍ରସର ହେବାକୁ ଲାଗିଲା । ନିବିଡ଼ ଅରଣ୍ୟାନୀ, ଶିଶୁକିଶୋରବୃଦ୍ଧ ଶାଳବୃକ୍ଷ ଶ୍ରେଣୀ ବନ ପ୍ରକୃତିର ସଜ୍ଜା ବୃଦ୍ଧିକରିଅଛି । ଦୁଇ ପାଖରେ ନିରନ୍ଧ୍ର କାନ୍ତାର, ମଧ୍ୟରେ ସରଳ ସୁନ୍ଦର ରାଜପଥ, ଗର୍ବ ଅହଙ୍କାର ମଧ୍ୟରେ ସୌଜନ୍ୟ ବନ୍ଦୀ ହେଲା ପ୍ରାୟ ବିଦ୍ୟମାନ । ପାର୍ବତ୍ୟ ପ୍ରଦେଶରେ ରାସ୍ତା, ସଡ଼କମାନ ପ୍ରତିବର୍ଷ ବର୍ଷା କାଳରେ ଧୋଇଯାଏ, ବର୍ଷା ପରେ ପୁନର୍ନିର୍ମିତ ହୁଏ । ଗୋଟାଏ ସ୍ଥାନ ମୋତେ ଘୁମୁସରର ଖୋଲପାଣ୍ଡ୍ରେସ ବଣ ପରି ଅତିଭୀଷଣ ବୋଧ ହେଲା । ଚାରିଆଡ଼େ ପର୍ବତ, ମଧ୍ୟରେ ଅରଣ୍ୟମୟ ବିସ୍ତୃତ ଖାଲ । କାନନ-କମଳାଙ୍କର ନିଭୃତ ଶୟନାଗାର ପ୍ରାୟ ଘୋର ନିସ୍ତବ୍ଧ । ରାଜା ମହୋଦୟ ଏବଂ ଅଚ୍ୟୁତ ବାବୁ ବାଟେ ବାଟେ ମୋତେ ପର୍ବତମାନ ଚିହ୍ନାଇଦେଉଥାଆନ୍ତି । ଦୁଇପାଖର ରଥ୍ୟାବୃକ୍ଷଶ୍ରେଣୀ ରାଜକୀୟ କାଳୀନ ପ୍ରହରୀପଙ୍କ୍ତି ପରି ଶୋଭା ଧାରଣ କରିଥାଆନ୍ତି । ମୁଁ ରାଜା ନହୋଇ ସୁଦ୍ଧା ରାଜସୁଖ ଅନୁଭବ କରୁଥାଏ । ରାଜଗହଣରେ ଥିବାରୁ ମୋର ଏ ସୌଭାଗ୍ୟ । ପଥ ସଂସ୍କାରକ କୁଲିମାନେ ଯୁକ୍ତକର ଦଣ୍ଡବତଦ୍ୱାରା ନିଜର ରାଜ୍ୟ ବଧାତାଙ୍କୁ ରାଜଭକ୍ତି ଜଣାଉଥାଆନ୍ତି । ସେଥିରୁ କେତେଟା ମୋ ଆଡ଼କୁ ଛିଟିକି ଆସୁଥାଏ । କିଛି ଦୂର ପରେ ନିୟାମଗିରି ଦେଖାଗଲା । ରାଜା ସାହେବ ହସ୍ତ ସଙ୍କେତଦ୍ୱାରା ତାହା ମୋତେ ଚିହ୍ନାଇଦେଲେ । ପର୍ବତଟି ରାଜପାଟହସ୍ତୀ ପରି ସଗର୍ବଠାଣିରେ ଠିଆ-ହୋଇଛି । ମହାଶୈଳଧର ଶିଶୁ ହିମାଳୟକୁ ମୁଁ ଦୂରରୁ ହାତଯୋଡ଼ି ନମସ୍କାର କଲି । ଆଶାକରେଁ ସେ ମୋର କ୍ଷୁଦ୍ର ଭକ୍ତିକଣିକାଟି ଉଦାର ହୃଦୟରେ ଗ୍ରହଣ କରିଥିବ; ଯେହେତୁ ଉଦାରତା ସମୀପରେ କ୍ଷୁଦ୍ରତାର ମହତ୍ତ୍ୱ ଅସୀମ । ୧୦ଟା ସମୟରେ ଦୁର୍ଗର ଉପକଣ୍ଠରେ ମୋଟର ଆସି ରହିଲା । ସେଠାରେ ରାଜା ସାହେବଙ୍କର

ଗୋଟିଏ ବୃହତ ସୁନ୍ଦର ବଙ୍ଗଳା ଅଛି । ଆମ୍ଭମାନଙ୍କୁ ସେହିଠାରେ ଓହ୍ଲାଇଦେଇ ମୋଟର ପ୍ରସ୍ଥାନ କଲା । ମୋର ଅବସ୍ଥାନ ସକାଶେ ପୂର୍ବରୁ ସେହିସ୍ଥାନ ନିରୂପିତ ହୋଇଥିଲା । ବଙ୍ଗଳାଟି ତରୁରାଜିଶୋଭିତ ପ୍ରଶସ୍ତ ନିର୍ଜ୍ଜନ ସ୍ଥାନରେ ନିୟାମଗିରିର ପାଦମୂଳରେ ଶୈଳ ତଳେ ପାଦପୀଠିକା ପ୍ରାୟ ଅବସ୍ଥିତ । ତାହା ଯୋଗାଶ୍ରମ ପରି ନିର୍ମଳ ଏବଂ ପବିତ୍ର । ସେଠାରେ ମନ ପ୍ରସନ୍ନତାରେ ମଗ୍ନ ହୋଇଯାଏ । ତୋରଣ ଦେଶରେ ତରୁଣ ଜାମୁଗଛଗୁଡ଼ିଏ ଦ୍ୱାରରକ୍ଷୀ ସେନାପ୍ରାୟ ଦଣ୍ଡାୟମାନ । ଗୃହପାଖ ପକ୍କାପ୍ରାଚୀରଦ୍ୱାରା ବେଷ୍ଟିତ । ସେହି ବେଷ୍ଟନୀ ମଧ୍ୟରେ ରନ୍ଧନଗୃହ, ମୋଟରଶାଳା ଏବଂ ପାଇଖାନା ପ୍ରଭୃତି ଅଛି । ବଙ୍ଗଳାରେ ଦୁଇଟି ପ୍ରକୋଷ୍ଠ, ତାହା ଖଟ ଚୌକି ଟେବଲ ଆଲମାରୀ ପ୍ରଭୃତି ଉପଯୁକ୍ତ ଉପକରଣରେ ସଜ୍ଜିତ । ବଙ୍ଗଳା ସଂଲଗ୍ନରେ ସ୍ନାନାଗାର । ଆଗନ୍ତୁକର କୌଣସି ଅସୁବିଧା ନାହିଁ । ସମ୍ମୁଖରେ ପ୍ରଶସ୍ତ ରାଜପଥ ଏବଂ ପଶ୍ଚାଦ୍ଦେଶରେ ନିୟାମଗିରିର ପାଦମୂଳଯାଏଁ ସୁପ୍ରଶସ୍ତ ଶସ୍ୟକ୍ଷେତ୍ର ବିସ୍ତୃତ । ସେଥିରେ ଧାନ, ମୁଗ, ସୋରିଷ ପ୍ରଭୃତି ନାନା ପ୍ରକାର ଶସ୍ୟ କମଳାକୋଠଭଣ୍ଡାର ପ୍ରାୟ ସୃଷ୍ଟି ହୋଇରହିଅଛି । ମଧ୍ୟରେ ଗୋଟିଏ କ୍ଷୁଦ୍ର ଗିରି ନିର୍ଝରିଣୀ ଶିକ୍ଷୟିତ୍ରୀ ନାଗୁଣୀ ପରି କୁଟିଳଗତିରେ ପ୍ରବାହିତ ହେଉଅଛି । ବୃକ୍ଷଛାୟାଚ୍ଛନ୍ନ ରାଜପଥଟି କୁଞ୍ଜଗଳିପରି ଅତିମନୋହର ଶ୍ରୀ ଧାରଣ କରିଅଛି । ସେଥିରେ ଖରା ପଡ଼ିବାର ଉପାୟ ନାହିଁ । ସୂର୍ଯ୍ୟକିରଣ ପତ୍ର ସନ୍ଧିରେ ଅତି କଷ୍ଟରେ ଗଳି ଆତ୍ମପ୍ରକାଶ କରି ସଡ଼କରେ ଛିଟବସ୍ତ୍ର ବିଛାଇଦିଏ । ଚନ୍ଦ୍ରକିରଣ ମଧ୍ୟ ସ୍ଥାନରେ ବିଚିତ୍ର ମୃଗଛାଲ ଶଯ୍ୟାର ସୃଷ୍ଟି କରେ । ବଙ୍ଗଳାର ଗୋଟିଏ ପ୍ରକୋଷ୍ଠରେ ମୁଁ ଆଶ୍ରୟ ନେଲି, ଅପର ପ୍ରକୋଷ୍ଠରେ ସୋମନାଥ ରହିଲା ।

ଆମ୍ଭମାନଙ୍କ ପହଞ୍ଚିବାର ଅର୍ଦ୍ଧଘଣ୍ଟା ମଧ୍ୟରେ ରୋଷାଇ ସରଞ୍ଜାମର ବିପୁଳ ସମ୍ଭାର ଏବଂ ବାସନ ପ୍ରଭୃତି ଧରି ପାଚକ ଏବଂ ଚାକର ଆସି ଉପସ୍ଥିତ ହେଲେ । ସଙ୍ଗେ ସଙ୍ଗେ ପାଣି ଗରମ ହୋଇଗଲା । ଆମ୍ଭେମାନେ ସ୍ନାନ ସମାପନ କଲୁଁ । ପାଚକଟି ଖୁବ୍ ପ୍ରବୀଣ ଏବଂ ଶୀଘ୍ରହସ୍ତ । ସେ ଅଳ୍ପ ମଧ୍ୟରେ ବହୁବ୍ୟଞ୍ଜନ ସହ ଅନ୍ନପ୍ରସ୍ତୁତ କରିପାରିଥିଲା । ଭିନ୍ନପ୍ରକାର ମୃଦୁ ଶୁଭ୍ର, ସୁବାସିତ, ସରୁଅନ୍ନ, ଉପାଦେୟ ବ୍ୟଞ୍ଜନରେ ଆତ୍ମା ପ୍ରଚୁର ପରିତୃପ୍ତି ଲାଭ କଲେ । ଗତରାତ୍ରିରେ ଶୋଇବାର ସୁବିଧା ହୋଇ ନାହିଁ, ଭୋଜନାନ୍ତେ ମୁଁ ଟିକିଏ ଶୋଇବାକୁ ଚେଷ୍ଟା କଲି କିନ୍ତୁ କାହିଁକି କେଜାଣି ନିଦ୍ରାଦେବୀ ଅନୁଗ୍ରହରୁ ବଞ୍ଚିତ କଲେ । ସ୍ୱପ୍ନରେ ମୁଁ ତାଙ୍କର ଆରାଧନା କରି ନାହିଁ, ବୋଧ ହୁଏ ସେହି କ୍ରୋଧରେ ଏ ଶାସ୍ତି ବିଧାନ କଲେ । ବଙ୍ଗଳାହତାକୁ ଲାଗି ପୋଲିସ ଷ୍ଟେସନ । ସବ୍‌ଇନସ୍‌ପେକ୍ଟର ବାବୁ ଆସି ଉପସ୍ଥିତ ହେଲେ । ବାରଣ୍ଡାରେ ବସି ତାଙ୍କ ସଙ୍ଗରେ ନାନା ବିଷୟର କଥାବାର୍ତ୍ତା ଆରମ୍ଭ ହେଲା । ସେ ଜଣେ ଗଳ୍ପସାଗର, ଏ ଅଞ୍ଚଳର ସବୁକଥା ଜାଣନ୍ତି । ସନ୍ଧ୍ୟା ପୂର୍ବରୁ ସେ ବିଦାୟ ନେଲେ, ମୁଁ ଭିତରକୁ ଯାଇ ସାନ୍ଧ୍ୟୋପାସନାରେ ନିଯୁକ୍ତ ହେଲି ।

ସୁଧର୍ମା ସଭା ଆଗରେ ନନ୍ଦନ କାନନ ପରି ବଙ୍ଗଳାର ସମ୍ମୁଖରେ ଗୋଟିଏ ସୁରମ୍ୟ ଉଦ୍ୟାନ ଅଛି । ପରଦିନ ପ୍ରଭାତରେ ସେହି ଉଦ୍ୟାନ ଦେଖିବାକୁ ଗଲି । ଉଦ୍ୟାନରେ ବିବିଧ ଫୁଲ ଏବଂ ଫଳ ବୃକ୍ଷ ସୁପ୍ରଣାଳୀରେ ରୋପିତ ହୋଇଅଛି । ଫାଟକ ପାରହୋଇ ଦେଖିଲି ଗୋଟିଏ କ୍ଷୁଦ୍ର ମଣ୍ଡପ ଉପରେ ଗୋଟିଏ ସିଂହର ମୂର୍ତ୍ତି ନିର୍ମିତ ହୋଇଅଛି । ନିର୍ମାଣ କୌଶଳ ଅତିସୁନ୍ଦର । ତାହା ଠିକ୍ ଜୀବନ୍ତ ସିଂହ ପରି ଦେଖାଯାଉଅଛି । ପାଟଳ ବର୍ଣ୍ଣର ମସୃଣ କେଶରଗୁଚ୍ଛ ଝଲଝଲ ଦିଶୁଅଛି । ଉଦ୍ୟାନର ଦ୍ୱାରପାଳ ରୂପେ ହରିରାଜ ସର୍ବଦା ଠାଣିରେ ଠିଆହୋଇଅଛି । ତାହା ନିକଟରେ ଖଣ୍ଡିଏ କ୍ଷୁଦ୍ର କୃତ୍ରିମ ବନ ମଧ୍ୟରେ ଗୋଟିଏ କ୍ଷୁଦ୍ର ମଣ୍ଡପ । ତାହା ଉପରେ ଗୋଟିଏ ମହାବଳ ବାଘ ଶିକାର ଠାଣିରେ ଲୁଚିରହିଅଛି । ଏସବୁ କଳ୍ପନାଟି ସ୍ୱାଭାବିକ ପରି ହୋଇଅଛି । ହଠାତ୍ ଦୃଷ୍ଟିରେ କୃତ୍ରିମ ବୋଲି ବାରିହେଉ ନାହିଁ । ଉଦ୍ୟାନ ମଧ୍ୟରେ ଅନେକ କିଆରି, ପ୍ରତ୍ୟେକ କିଆରିରେ ପୁଷ୍ପ ବୃକ୍ଷ ଧାଡ଼ି ଧାଡ଼ି ହୋଇ ରୋପିତ ହୋଇଅଛି । ମଧ୍ୟ ସ୍ଥଳରେ ଗୋଟିଏ ଗୋଟିଏ ସୁନ୍ଦର ମଣ୍ଡପ ନିର୍ମିତ ହୋଇଅଛି । ଉଦ୍ୟାନ ମଧ୍ୟରେ ଜାଲି

ବଙ୍କହେଲାପରି ମନୋହର ପଥ ରହିଅଛି । ଶ୍ୱେତ, ରକ୍ତ, ପାଟଳବର୍ଣ୍ଣର ଗୋଲାପଗଛରେ ଅସଂଖ୍ୟ ଫୁଲ ଫୁଟିଅଛି । ସେଥିରୁ ଶିଶିରକଣିକା ଝରିପଡ଼ୁଅଛି । ସତେ ଯେପରି ଗୋଲାପ ସୁନ୍ଦରୀର ମଧୁର ହାସରୁ ମଧୁ ଝରିପଡ଼ୁଅଛି । କାବ୍ୟରସିକ ରାଜା ମହୋଦୟ ଖଣ୍ଡିଏ କାବ୍ୟପରି ଉଦ୍ୟାନଟି ରଚନା କରିଅଛନ୍ତି । କିଆରିଗୁଡ଼ିକ ସେ କାବ୍ୟର ସର୍ଗ, ପଥଛନ୍ଦ ବୃକ୍ଷପନ୍ତି କବିତା, ଉଦ୍ୟାନସ୍ଥ ବାର୍ମି ରସ, ମଣ୍ଡପ ଯତି, ଫୁଲ ଅଳଙ୍କାର, ସୌରଭ ଭାବ, ଏକ ପଙ୍କ୍ତି ମଧ୍ୟରେ ଏକ ଜାତୀୟ ବୃକ୍ଷ ବାରମ୍ବାର ରୋପିତ ହୋଇଅଛି, ସେଗୁଡ଼ିକ ଅନୁପ୍ରାସ, ରୋପଣ ପ୍ରଣାଳୀ ଏପରି କୌଶଳରେ ହୋଇଅଛି ଯେ, ସେଥିରେ ଆଦ୍ୟଯମକ, ଯୋଡ଼ଯମକ, ମାଳଯମକ, ମଧ୍ୟଯମକ ପ୍ରାନ୍ତ ଯମକ, ଆଦ୍ୟ ପ୍ରାନ୍ତଯମକ, ସର୍ବାଯମକ, ଶୃଙ୍ଖଳା ଯମକ, ମେଷଯୁଦ୍ଧ, ବ୍ୟାଘ୍ରଗତି, ସିଂହାବଲୋକନ ପ୍ରଭୃତି କାବ୍ୟ କଳାର ସମସ୍ତ ଉପାଦାନ ବିଦ୍ୟମାନ । ରୂପକର ମଧ୍ୟ ଅଭାବ ନାହିଁ । ଉପମା ସେଠାରେ ଲକ୍ଷିତ; ଯେହେତୁ ଉଦ୍ୟାନଟି ଉପମାର ଉପମା । "ବିଭ୍ରାନ୍ତିତ ଭୃଙ୍ଗ ଭୃଙ୍ଗ ଭୃଙ୍ଗକରେ କେଳି; ବନି ବନି ବନିତାଙ୍କ ମୁଖ ହାସେ ଝଳି' ଭଞ୍ଜ ମହାକବିଙ୍କର ଏହି ମାଳଯମକର ଜୀବନ୍ତ ଦୃଷ୍ଟାନ୍ତ ସେଠାରେ ଦେଖି ମୁଁ ମୁଗ୍ଧ ଏବଂ ଆତ୍ମବିସ୍ମୃତ ହୋଇଗଲି । ଭୃଙ୍ଗରାଜ ଗଛ, ଗୁଡ଼ହାଲ୍ ଗଛ ତ ସେଠାରେ ସୁଲଭ; ଅଧିକନ୍ତୁ ଭ୍ରମରର ସୁଦ୍ଧା ଅଭାବ ନାହିଁ । ଯୁଇ ଗଛରେ ଝଙ୍କା ଝଙ୍କା ଫୁଲ ଫୁଟିଅଛି । ସେ ଶୋଭାପାଶୋରି ଉଦ୍ୟାନରୁ ମୁଁ ପ୍ରତ୍ୟହ ଜୁଇ ଫୁଲ ଆଣି ପୂଜା କରୁଥିଲି । ଉଦ୍ୟାନରେ ଯେତେ ବୃକ୍ଷ ଲତା, ଗୁଳ୍ମ ଅଛି ତାହା କହି ହେବ ନାହିଁ । ପ୍ରବନ୍ଧ ବାହୁଲ୍ୟ ଭୟରେ ସେଥି ମଧ୍ୟରୁ କେତେଗୁଡ଼ିକର ନାମ ଏଠାରେ ଲିଖିତ ହେଲା । ଯଥା—ଗୋଲାପ, କରବୀର, କୁନ୍ଦ, ମଲ୍ଲି, ଚମ୍ପା, ଜାଇ, ଜୁଇ, ଟଗର, ଇଠଲା, ତରାଟ, ଗନ୍ଧରାଜ, ଅଶୋକ, ବକୁଳ, କାମିନୀ, ନଣ ନିଆଳୀ, ମାଳତୀ, ମାଧବୀ, ଶିମିଳୀ, ଶିରୀଷ, ସିନ୍ଦୁର, ଡାଳିମ୍ବ, ସପୁରି, ଅଳୁ, ପଣସ, ଆମ୍ବ, କଦଳୀ, କରମଙ୍ଗା, ଅମୃତଭଣ୍ଡା, ନଡ଼ିଆ, ଯାଗୁଆନ, ଅଳାଇଚ, ଗୁଜୁରାତ, ଗୁଆଲୁଚ୍, ତେଜପତର, ଗୁଗୁଳ, ଇରତ ବାଟୁଳୀ, ଲିଚୁ, ବଡ଼ଗୁଞ୍ଜ, କ୍ଷୀରକୋଳି, ସୁନାରୀ, ଶିଶୁପା, ହେଙ୍ଗୁ, ରବର, ଲଙ୍କାଆମ୍ବ ପ୍ରଭୃତି । ସ୍ଥୂଳରେ ଉଦ୍ୟାନଟି ଶୋଭାଲକ୍ଷ୍ମୀ ଏବଂ ପ୍ରକୃତି ଲକ୍ଷ୍ମୀଙ୍କର ଅକ୍ଷୟ ରତ୍ନଭଣ୍ଡାର । ଉଦ୍ୟାନ ମଧ୍ୟରେ ଗୋଟିଏ ମାଟି ବଙ୍ଗଳା ଅଛି, ତାହା ତପୋବନ ମଧ୍ୟରେ ଋଷି ଆଶ୍ରମ ପରି ଦିଶେ । ଉଦ୍ୟାନଟି ରୁଚିର ଉଚ୍ଚ ଆଦର୍ଶ ଏବଂ ସୌନ୍ଦର୍ଯ୍ୟର ଉଚ୍ଚ ପରିକଳ୍ପନା ବକ୍ଷରେ ଧାରଣ କରି ଲଞ୍ଜିଗଡ଼ ରାଜଧାନୀର ଗୌରବ ଶତଗୁଣିତ କରିଅଛି । ବୃକ୍ଷଗୁଡ଼ିକ ଫଳପୁଷ୍ପ ଭାରରେ ଆନତ ହୋଇ ଗୁଣୀର ଉପମା ଧାରଣ କରିଅଛି । ଗୁଣହୀନା ସୁନ୍ଦରୀ ଉପମାର ମଧ୍ୟ ଅଭାବ ନାହିଁ । ଇଠଲା ଏବଂ ସହଚରୀ (କୁରୁବକ) ସେହି ଶ୍ରେଣୀୟା । କବିତା ରଚନା ପରି ଉଦ୍ୟାନ ରଚନା ଗଭୀର ଚିନ୍ତାଶୀଳତାସାପେକ୍ଷ । କେଉଁ ଶବ୍ଦ ପାଖରେ କେଉଁ ଶବ୍ଦ ଶ୍ରୁତିମଧୁର ହେବ, ତାହା ବାଛି କବି ଶବ୍ଦଯୋଜନା କରେ । ସେହିପରି କେଉଁ ଫୁଲପାଖରୁ କେଉଁ ଫୁଲ ସୁନ୍ଦର ଦିଶିବ ତାହା କଳ୍ପନା କରି ଉଦ୍ୟାନରଚକ ବୃକ୍ଷରୋପଣ କରେ । ବିଶୃଙ୍ଖଳତାରେ ସ୍ୱଭାବ ସୌନ୍ଦର୍ଯ୍ୟ ଥାଏ; ମାତ୍ର ଶୃଙ୍ଖଳା ସେହି ସୌନ୍ଦର୍ଯ୍ୟର ମୂଲ୍ୟ ଏବଂ ଗୌରବ ବଢ଼ାଇଦିଏ । ସ୍ୱାଭାବିକତା ସଙ୍ଗେ କୃତ୍ରିମତା ନ ମିଶିଲେ ସୌନ୍ଦର୍ଯ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ । ସ୍ୱର୍ଣ୍ଣପିଣ୍ଡ ସୁନ୍ଦର; ମାତ୍ର ସେଥିରେ ଅଳଙ୍କାର ଗଢ଼ା ହେଲେ ଅଧିକ ସୁନ୍ଦର ହୁଏ । ଉଦ୍ୟାନରଚନା ସହଜ କାର୍ଯ୍ୟ ନୁହେଁ, ସେଥିରେ ବହୁଚିନ୍ତା, ବହୁ କଳ୍ପନା ଆବଶ୍ୟକ । ବହୁ ସୌନ୍ଦର୍ଯ୍ୟର ସମାବେଶରେ ବୈଚିତ୍ର୍ୟର ସୃଷ୍ଟି ହୁଏ । ସୌନ୍ଦର୍ଯ୍ୟ ଅପେକ୍ଷା ବୈଚିତ୍ର୍ୟ ମାନବପ୍ରାଣକୁ ଅଧିକ ଆକର୍ଷଣ କରେ । ତାହା ଦର୍ଶକହୃଦୟରେ ଆନନ୍ଦର ସ୍ପନ୍ଦନଢେଉ ଖେଳାଇଦିଏ । କବିତା ପରି ଫୁଲ ବଗିଚାରେ ସୁଦ୍ଧା ସୌନ୍ଦର୍ଯ୍ୟ ଏବଂ ବୈଚିତ୍ର୍ୟ ଉଭୟ ଆବଶ୍ୟକ । ଭାବ ଯେପରି କବିତାର ପ୍ରାଣ, ବୈଚିତ୍ର୍ୟ ସେହିପରି ସୌନ୍ଦର୍ଯ୍ୟର ଜୀବନ । ବୈଚିତ୍ର୍ୟ ବିହୀନ ସୌନ୍ଦର୍ଯ୍ୟ ରତ୍ନହୀନ ଅଳଙ୍କାର ତୁଲ୍ୟ । ଏ ଉଦ୍ୟାନରେ ସୌନ୍ଦର୍ଯ୍ୟ ଅଛି, ବୈଚିତ୍ର୍ୟ ମଧ୍ୟ ଅଛି; ସୁତରାଂ ତାହା ଦର୍ଶନୀୟ ଏବଂ ଉପଭୋଗ୍ୟ । ସେ ଉପଭୋଗ, ଲାଳସାର

ଅବସାଦ ଆଣେ ନାହିଁ ପ୍ରତ୍ୟୁତ ତୃପ୍ତି ଆନୟନ କରେ । ଅର୍ଥାତ୍ ଯେତେ ଉପଭୋଗ କଲେ ଉପଭୋଗ ଲାଳସା ତେତେ ବଢ଼ୁଥାଏ । ଏ ଭଳି ଦୃଶ୍ୟ ଛାଡ଼ି-ଆସିଲେ ମନ ଉପରେ ନିବିଡ଼ ହୋଇପଡ଼େ । ତାହା ଭୁକ୍ତଭୋଗୀ ବ୍ୟତୀତ ଅନ୍ୟ କେହି ବୁଝିପାରିବେ ନାହିଁ ।

ଏ ଅଞ୍ଚଳରେ ଭେରୁ ଫଳକୁ ଭରତ ବାଠୁଲି କହନ୍ତି । ନାମକରଣ ଉପଯୁକ୍ତ ହୋଇଅଛି । ଉଦ୍ୟାନରେ ଅଳେଇଚ ଏବଂ ସ୍ୱଜବନ୍ତ ଗଛ ଖୁବ୍ ପରିପୁଷ୍ଟ ହୋଇ ବଢ଼ୁଥିବାର ଦେଖିଲି; ମାତ୍ର ଶୁଣିଲି ସେଥିରେ ଫଳ ହୁଏ ନାହିଁ, ଫୁଲ ଫୁଟି ଝଡ଼ିପଡ଼େ । ଅଳେଇଚ ଲତା ବୋଲି ଶୁଣିଥିଲି; ମାତ୍ର ଏଠାରେ ଦେଖିଲି ତାହା ଲତା ନୁହେଁ—ଗୁଳ୍ମ । କିମ୍ବା ଲତାଗୁଳ୍ମ ଉଭୟ ପ୍ରକାର ଥାଇ ପାରେ । ସେହିପରି ଲବଙ୍ଗ ଲତା ବୋଲି ବର୍ଣ୍ଣନା ଅଛି; ମାତ୍ର ଲାଞ୍ଜିଗଡ଼ ନଅର ମଧ୍ୟରେ ଲବଙ୍ଗ ଗଛ ଦେଖିଲି, ତାହାର ପତ୍ର ଦଳିଦେଲେ ଅବିକଳ ଲବଙ୍ଗ ପରି ବାସେ । ଗଛରେ ଲବଙ୍ଗ ହୁଏ ନାହିଁ । ରାଜା ସାହେବଙ୍କୁ ପଚାରିଲି, ସେ କହିଲେ ଲବଙ୍ଗର ଗଛ ଲତା ଉଭୟ ହୁଏ । ମୁଁ ଲତାଆମ୍ବ, ଲତାଅଞ୍ଚ, ଲତା ପଳାଶ ଦେଖିଅଛି, ଏହା ସେହିପରି ହୋଇଥିବ । ପ୍ରକୃତିର ରହସ୍ୟ କିଏ ବୁଝିବ ? ଉଦ୍ୟାନରେ ବୁଲି ବୁଲି ୧୦ଘଣ୍ଟା ସମୟରେ ଫେରିଆସିଲି । ଦୁଇଟି ଅଳେଇଚ, ସ୍ୱଜବନ୍ତ ଗଛ ଆଣିଥିଲି, ତାହା ମୋର ଫୁଲ ବଗିଚାରେ ଲଗାଇଅଛି । ଗଛ ଦୁଇଟି ଜୀବିତ ରହି ବଢ଼ୁଅଛି, ତାହା ଲାଞ୍ଜିଗଡ଼ର ସ୍ମୃତି ।

ବଙ୍ଗଳାକୁ ଫେରିଆସି ଶୁଣିଲି, ଆଜି ମାଛି ଅନ୍ଧାର ବେଳେ ପର୍ବତ ତଳ ମୁଗ କିଆରିରେ ରାଜା-ଘର ଗୋଟାଏ ବଳଦ ଚରୁଥିଲା । ବାଘ ତାକୁ ଦର-ମରା କରି ପକାଇଦେଇଯାଇଅଛି । ସେ ସ୍ଥାନ ବଙ୍ଗଳାର ଅଳ୍ପଦୂରରେ, ପଛପାଖ ବାରନ୍ଦାରୁ ଦେଖା-ଯାଏ । ଦେଖିଲି ଅନେକ ଲୋକ ସେଠାକୁ ଧାଇଁ-ଅଛନ୍ତି । ସୁକରଟିର ମନ ବାଘ ଦେଖିବା ପାଇଁ ଠାକୁ ଠାକୁ ହେବାରୁ ସେ କହିଲା, ମୁଁ ଯାଇ ଦେଖିଆସେଁ ବାଘ କଣ ଗୋଡ଼ାଇଆସିବ । ମୁଁ କହିଲି—ନା, ମାମୁ ପରି ଖେଳକର କାଖେଇ ନେଇଯାଇ ତୋତେ ଦୁଧଭାତ ଖୁଆଇବ । ଏ ପରିହାସ ଶୁଣି ସେ ଆଉ ଯିବାକୁ ସାହସୀ ହେଲାନାହିଁ । ପୂଜାରୀ, ଲହିଆ ଦୁହେଁ ଏଣେ ବାଘ ମାରିବା ଇତିହାସ ଆରମ୍ଭ କଲେ । ସେମାନେ କହିଲେ ବାଘ ଶିକାରକୁ ମାରି ତଣ୍ଟି ଫୁଟାଇ ରକ୍ତ ଶୋଷି ପିଇଦିଏ । ଇଚ୍ଛା ହେଲେ ମାଉଁସିଆ ଯାଗାରୁ ଦୁଇଚାରି ପୁଳାଏ ଖାଏ ନଚେତ୍ ନାହିଁ । ଶବଟାକୁ ସେହିଠାରେ ଛାଡ଼ି ଚାଲିଯାଏ । ଶବ ପଡ଼ିଥିବା ସ୍ଥାନରେ ମଞ୍ଚା ବା ଖଣ୍ଡ ପ୍ରସ୍ତୁତ କରି ବ୍ୟାଘ୍ର ଶିକାର କରାଯାଏ । ଦ୍ୱିତୀୟରେ ମଞ୍ଚା ପ୍ରସ୍ତୁତ କରିବାର ସୁବିଧା ସୁଯୋଗ ନ ଥିଲେ ହକ୍କା ବା ଖେଦାଦ୍ୱାରା ବ୍ୟାଘ୍ର ଶିକାର କରାଯାଇଥାଏ । ତୃତୀୟତଃ ମଞ୍ଚା କିମ୍ବା ହକ୍କା-ଦ୍ୱାରା ବ୍ୟାଘ୍ର ବଧ କରିବା ଅସମ୍ଭବ ହେଲେ ବାଘକୁ ମାରିବା ପାଇଁ ନିମ୍ନଲିଖିତ କୌଶଳ ଅବଲମ୍ବନ କରା-ଯାଇଥାଏ ; ମାତ୍ର ତାହା କ୍ୱଚିତ୍ । ପୂର୍ବୋକ୍ତ ଦୁଇ ପ୍ରକାରରେ ବ୍ୟାଘ୍ର ନିପାତ ସାଧାରଣତଃ କରାଯାଇ-ଥାଏ । ଶବକୁ ଦୃଢ଼ରୂପେ ବାନ୍ଧିରଖି କିଛିଦୂର ଅନ୍ତରରେ ତାହାର ଦୁଇଆଡ଼େ ଦୁଇଟା ବନ୍ଧୁକ ବସାଇବାକୁ ହୁଏ । ବନ୍ଧୁକରେ ସୂତା ବାନ୍ଧି ଶବଦେହରେ ଲଗାଇ ବାନ୍ଧି ଦିଆଯାଏ । ସୁବିଧା ସ୍ଥାନ ଦେଖି ଗୋଟାଏ ମଞ୍ଚା ବନ୍ଧାଯାଏ । ଜଣେ ଶିକାରୀ ବନ୍ଧୁକ ଘେନି ସେଥିରେ ଗୋପନରେ ବସେ । ବାଘ ଆସି ଶବକୁ ଟାଣିଲେ ଦୁଇ ଆଡ଼ର ବନ୍ଧୁକ ଫୁଟିଯାଏ, ଗୁଳି ଆସି ବାଘର ଦୁଇ ଖୁଆଡ଼ିଲେ ବଧ ହୁଏ । ସଙ୍ଗେ ସଙ୍ଗେ ବାଘ ପଡ଼ିଯାଇ ମରିଯାଏ । ଲକ୍ଷ୍ୟ ବ୍ୟର୍ଥ ହେଲେ ଶିକାରୀ ମଞ୍ଚା ଉପରୁ ଗୁଳି କରି ବାଘକୁ ମାରିଦିଏ ।

ଆମ ରାଜା ଖୁବ୍ ଶିକାରୀ, ସେ ଅନେକ ବାଘ ମାରିଲେଣି । କଅଣ କହିବୁଁ ବାବୁ, ବାଘକୁ ସେ ଭୁଆଁ ବିରାଡ଼ି ଜ୍ଞାନ କରନ୍ତି । ବିରାହକୁ ବାଘ ସହଜରେ ମାରି-ପାରେ ନାହିଁ, ସେ ଆଗ ଦୁଇଗୋଡ଼ ଟେକି ବାଘ ସାଙ୍ଗରେ ଯୁଦ୍ଧ କରେ । ଦାଉ ପଡ଼ିଲେ ବାଘକୁ ଦାନ୍ତରେ ଚିରି ମାରିପକାଏ । ଏହିସବୁ କଥା ଶୁଣି ମୋ ସୁକରଟି ଭୟରେ ଥରିଲା । ତାହା ଦେହରେ ଏପରି ଗୋଟାଏ ଛନିଆ ପଶିଗଲା ଯେ ସେ ପ୍ରତ୍ୟହ କହିଲା "ଏଠାରୁ

ଶୀଘ୍ର ବାହାରିଯିବା ଭଲ ।" ସେହିଦିନଠାରୁ ଖବର ନ ଆସିବା ପର୍ଯ୍ୟନ୍ତ ସେ ଘରୁ ବାହାରେ ନାହିଁ । ଭୟରେ ସେ ଏଭଳି ଅସ୍ଥିର ହୋଇଥିଲା ଯେ ଉଦ୍ରଣ ଆସି କେତେଦିନ ଯାଏ ରାତିରେ ବାଘ ସ୍ୱପ୍ନ ଦେଖି ଆଖି ଚିତ୍କାର କରିଉଠେ । ବଙ୍ଗଳାରେ ଭୟର କାରଣ କିଛି ଥିଲା ନାହିଁ । କାଳେ ଆମ୍ଭେମାନେ ଭୟ କରିବୁ, ସେଥି ପାଇଁ ରାଜାସାହେବଙ୍କ ଆଦେଶରେ ସବୁକ୍ଷଣ ଜଣ ଅସି ଗାଡ଼ିରେ ବଙ୍ଗଳା ବାହାରେ ଜଗିରହୁଥିଲେ । ଏଭଳି ବ୍ୟବସ୍ଥା ସତ୍ତ୍ୱେ ସୁକରଷ୍ଟି ଭୟରେ ଅସ୍ଥିର ହେଉଥାଏ । ମୁଁ ମନେ ମନେ ଭାବୁଥାଏ, ଏ ଥର ସୁରୁଷଷ୍ଟିଙ୍କୁ ସଙ୍ଗରେ ଆଣିବା ବାସ୍ତବରେ ଭୁଲ ହୋଇଛି । କନ୍ଧମାନେ ନିଆଁ ଜାଳି ଗଛମୂଳରେ ଶୁଅନ୍ତି । ସେମାନେ ଏଭଳି ଅପୂର୍ବ ଜୀବ ଯେ, ଭୀଷଣ ଶୀତରେ ପଦାରେ ପଡ଼ିରହନ୍ତି, ଘରକୁ ଡାକିଲେ ଆସନ୍ତି ନାହିଁ । ଭୟ ଯାହାଙ୍କୁ ଭୟରେ ଦୂରରୁ ଜୁହାର କରେ, ତାଙ୍କର କାହାକୁ ବା ଭୟ ?

ଅପରାହ୍ଣରେ ଆଉ କୁଆଡେ ଯିବାକୁ ହେଲା ନାହିଁ । ଚିଠି ଲେଖାରେ ସେ ସମୟ ଅତିବାହିତ ହେଲା । ସବ୍‌ଇନ୍‌ସପେକ୍ଟର ବାବୁ ୪ଟାବେଳେ ଆସିଥିଲେ । ସେ ଜଣେ ସୁଚତୁର ବ୍ୟକ୍ତି, ପୋଲିସ ବିଭାଗର ଉପଯୁକ୍ତ । ତାଙ୍କଠାରୁ ମୁଁ ଯଥେଷ୍ଟ ଆନୁକୂଲ୍ୟ ଅଯାଚିତ ଭାବରେ ପାଇଅଛି ।

ଆଜି ଶୁକ୍ରବାର, ମୋ ରାଶିର ଘାତ ବାର । ଅପରାହ୍ଣରେ ନିୟାମଗିରି ପର୍ବତକୁ ଯିବାକୁ ହେବ । କି ଆଘାତ ଭାଗ୍ୟରେ ଅଛି କେଜାଣି । ଅମଙ୍ଗଳ ମଧ୍ୟରେ ବି ତ ମଙ୍ଗଳ ଥାଏ । ଜ୍ୟୋତିର୍ବିଦ ମତରେ 'ବସ୍ତିମୁକ୍ତ ଶୁଭପ୍ରଦ'' ସାପ ଦେଖିବା ଅମଙ୍ଗଳ; ମାତ୍ର ସାପର ଲାଞ୍ଜ ଦେଖିବା ମଙ୍ଗଳ । ଦିନର ଶେଷ ଭାଗରେ ଯିବାକୁ ହେବ; ସୁତରାଂ ଅମଙ୍ଗଳ କଟିଯାଇଥିବ । ଏହି ଯୁକ୍ତି ମନରେ ଶାନ୍ତି ଦେଲା । ପ୍ରାୟ ତିନିଟାବେଳେ ଅଚ୍ୟୁତାନନ୍ଦ ବାବୁ ମୋଟର ଘେନି ପହଞ୍ଚିଲେ । ରାଜା ମହୋଦୟ ସେ ଦିନ ବିଶେଷ କାର୍ଯ୍ୟବ୍ୟସ୍ତ ଥିବାରୁ ତାଙ୍କର ଯିବାର ସୁବିଧା ହେଲା ନାହିଁ । ପୋଲିସ ସବ୍‌ଇନ୍‌ସପେକ୍ଟର ବାବୁ ପଥ ପ୍ରଦର୍ଶକ ହେବେ । ସଙ୍ଗରେ ପୋଲିସ ଥିଲେ ଆଉ ଭୟ ବା କଣ ? ମୋଟରରେ ବସି ପର୍ବତ ଅଭିମୁଖରେ ଯାତ୍ରା କରିବାକୁ ହେଲା । ପଥପାର୍ଶ୍ୱରେ ନୀଳକଣ୍ଠେଶ୍ୱରଙ୍କ ଦେଉଳ ଦେଖିଲି । ରାଜାସାହେବ ଏହି ନୂତନ ଦେଉଳ ନିର୍ମାଣ କରାଇଅଛନ୍ତି । ଦେଉଳଟି କାରୁକଳାରେ ଅଳଙ୍କୃତ । ଏହି ଯୋଗେଶ୍ୱର ହର ଲକ୍ଷ୍ମୀଗଡ଼ର କ୍ଷେତ୍ରପାଳ ରୂପେ ବିରାଜମାନ । ମହାକାଳଭୈରବ ଏବଂ ମହାକାଳଭୈରବୀ ଗ୍ରାମ୍ୟ ଦେବଦେବୀ ଅଟନ୍ତି । ମୋଟର କେତେଦୂର ଯାଏ ଗଲା, ତେଣିକି ଆଉ ଯିବାର ଉପାୟ ନାହିଁ । ଝିଙ୍କ ଗ୍ରାମ ଖଳାରେ ମୋଟର ରହିଲା । ଦେଉଳମାଳ ପରି ଖଳାରେ ଧାନଗଦାମାନ ବସିଅଛି । ସେଠାରୁ ମୋଟରରୁ ଓହ୍ଲାଇ କନ୍ଧବାହନଯୁକ୍ତ ଦୋଳାଯାନରେ ବସି ମୁଁ ଅଗ୍ରସର ହେଲି । ଆଉ ସମସ୍ତେ ଚାଲି ଚାଲି ସଙ୍ଗରେ ଗଲେ । ଦୁଇଜଣ କନ୍ଧ ଦୋଳା କାନ୍ଧେଇଲେ, ଆଉ ଦୁଇଜଣ କାନ୍ଧ ବଦଳାଇବା ପାଇଁ ପଛେ ପଛେ ଚାଲିଥାଆନ୍ତି । ଜଣେ ପଥଦର୍ଶକ ଏବଂ ଜଣେ ପଥ ସଂସ୍କାରକ ଟାଙ୍ଗି ହସ୍ତରେ ଆଗେ ଆଗେ ଚାଲିଲେ । ପୋଲିସ ସବ୍‌ଇନସ୍‌ପେକ୍ଟର ବାବୁ, ସୋମନାଥ, ଡ୍ରାଇଭର ଏବଂ ଜଣେ ପାଇକ ଏହିପରି ଗୋଟିଏ କ୍ଷୁଦ୍ର ଦଳ ଘେନି ମୋର ପାର୍ବତ୍ୟଯାତ୍ରା ଆରମ୍ଭ ହେଲା । ଖଣ୍ଡେ ନୂତନ ପଥ ପ୍ରସ୍ତୁତ ହୋଇଅଛି, ମାଟି ହିଙ୍ଗୁଳପରି ଲାଲବର୍ଣ୍ଣ ପଥଟି ପଦ୍ମରାଗ ନିର୍ମିତ ପରି ବଡ଼ ସୁନ୍ଦର ଦିଶୁଥାଏ, ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ ଭେଦ କରି ଯିବାକୁ ହେଲା । ବଦାନ୍ୟ ହୃଦୟରେ ଦୟାର ଧାରା ପ୍ରାୟ ପ୍ରତି କିଆରିର ପାଖେ ପାଖେ ଝରଜଳଧାରା କୁଳୁ କୁଳୁ ଶବ୍ଦରେ ଚାଲିଥାଏ, ପୟଃପ୍ରଣାଳୀଗୁଡ଼ିକ ଏରୂପ ଭାବରେ ପ୍ରସ୍ତୁତ ହୋଇଅଛି ଯେ, ଜଳ ଆପେ ଆପେ ଶସ୍ୟକ୍ଷେତରେ ମାଡ଼ିଯିବ । କିଛିକ୍ଷଣ ପରେ ବଣ ଆରମ୍ଭ ହେଲା । ମୁଁ ମନେମନେ "ନରସିଂହ" ସ୍ମରଣପୂର୍ବକ ସାହସଯୁକ୍ତ ହୋଇ ଦୋଳା ମଧ୍ୟରେ ବସିଲି । ସ୍ଥାନେ ସ୍ଥାନେ ଘନତୃଣକ୍ଷେତରେ ଏକପ୍ରକାର ରକ୍ତବର୍ଣ୍ଣର ଫୁଲ ଫୁଟି ମରକତପାତ୍ରରେ ପଦ୍ମରାଗ ମଣି ଥୁଆ ହେଲାପରି ସୁନ୍ଦର ଦିଶୁଥାଏ । ବର୍ଷାକାଳରେ ବୃକ୍ଷଲତାର ଆଚ୍ଛାଦନରେ ପଥସଙ୍କୋଚ ହୋଇଯାଇଥିଲା ।

ବଣ କାଟି କାଟି ପଥ କରିନେବାକୁ ହେଉଥାଏ । ବନରେ ହିଂସ୍ରଜନ୍ତୁ ଥାଆନ୍ତି, ଯୋଗୀ ଋଷି ବି ଥାଆନ୍ତି । ତାହା ଚିରକାଳ ଦୁଷ୍ଟ ଶିଷ୍ଟରେ ପୂର୍ଣ୍ଣ । ତରୁଲତା ମଧ୍ୟରେ ଦୁଷ୍ଟଶିଷ୍ଟ ଉଭୟ ଅଛନ୍ତି । ଗଡପଥରେ ଶିଷ୍ଟ ତରୁଗୁଡିକ ମୋତେ ବୃଦ୍ଧ ଅକ୍ଷମ ଜାଣି ଯୋଗୀ ଋଷି ପରି ମୋ ମସ୍ତକରେ ଶାଖାଙ୍କର ଅର୍ପଣ କରି ଆଶୀର୍ବାଦ କରୁଥାଆନ୍ତି । ଦୁଷ୍ଟ ତରୁଲତାମାନେ ଚାବୁକ ପ୍ରହାର କରୁଥାଆନ୍ତି କେହି ଲୁଗା ଟାଣିଧରୁଥାଏ , କେହି ଆଖିରେ ଅଙ୍ଗୁଳି ଖୁଞ୍ଚିଦେଉଥାଏ, ରାଜାଙ୍କ ପୋଲିସ ସଙ୍ଗରେ ଥାଉଁ ଥାଉଁ ସେମାନଙ୍କର ଏ ଅତ୍ୟାଚାର; ବୋଧ ହୁଏ ପୋଲିସ ପ୍ରତାପ ସେଠାରେ କ୍ଳୀବ । ସମସ୍ତେ ସମ୍ମୁଖଭାଗରେ ଆକ୍ରମଣ କରୁଥାଆନ୍ତି, ତାହାହିଁ ବୀରର ଲକ୍ଷଣ, ସେମାନଙ୍କ ପ୍ରତାପରେ ଚକ୍ଷୁ ଦୁଇଟି ନଷ୍ଟ ହେବା ଭୟରେ ମୁଁ ଆଖି ବୁଜି ଦୋଳାରେ ବସିଥାଏ । ପ୍ରାଣ ଭିତରେ କିଏ କହୁଥାଏ:—

ମନ୍ଦବୁଦ୍ଧି କରି କନ୍ଧବାହନରେ
ଅନ୍ଧ ହୋଇ ଚାଲ ଗଡ
ଲତା ଫାନ୍ଦଣୀରେ ଗୋଡ ଛନ୍ଦାଗଲା
ବନ୍ଦୀ ହେଲ ଗିରି କଡ ।

ବନ୍ୟପକ୍ଷୀକୁଳ ଉଚ୍ଚସ୍ୱରରେ ଘନ ଘନ ଚିତ୍କାର କରୁଥାଆନ୍ତି । ଆମ୍ଭମାନଙ୍କ ନବାଗନ୍ତୁକ ଦେଖି ସ୍ୱାଗତ ସମ୍ଭାଷଣ କରୁଥାଆନ୍ତି କିମ୍ବା ସେମାନଙ୍କ ଅବାଧ ଅଧିକାରରେ ପଶିବାରୁ ତୀବ୍ର ତିରସ୍କାର ବର୍ଷଣ କରୁଥାଆନ୍ତି, ତାହା ସେହିମାନେ ଜାଣନ୍ତି । ପକ୍ଷୀଭାଷା ମନୁଷ୍ୟର ଅଗୋଚର, ସେ କଅଣ ବୁଝିପାରିବ ? ଗଡ ପଥରେ ଖଣ୍ଡେ ତୃଣପ୍ରାନ୍ତର ପଡିଲା । ମଣଷେ ଉଚ୍ଚରେ ଘାସ ବଢି ରହିଅଛି । ସମସ୍ତେ ତୃଣ ସାଗରରେ ବୁଡିଗଲୁଁ । ଏକପ୍ରକାର ଗୁଳ୍ମର କଣ୍ଟା ଦେହରେ ଲୁଗାରେ ସିଇଁ ହୋଇଗଲା । ଛଡାଇଲେ ସୁଦ୍ଧା ଛାଡିଲା ନାହିଁ । ଭାବିଲି ଏ ମୋର ପାରିଧି କ୍ଳେଶ । ଅଗତ୍ୟା ସେହି କଣ୍ଟାଗୁଡିକୁ ଅଳଙ୍କାର ତୁଲ୍ୟ ବହିବାକୁ ହେଲା । କେତେ ମୟୂରମୟୂରୀ ବୁଲୁଥିବାର ଦେଖିଲି । ସେମାନଙ୍କ କଣ୍ଠ ଓ ପୁଚ୍ଛରେ ସୂର୍ଯ୍ୟ କିରଣ ପଡି ଅପୂର୍ବ ସୁଷମା ସୃଷ୍ଟି କରୁଥାଏ । ବଂଶବନରେ ଇନ୍ଦ୍ରଧନୁ ଶୋଭିଲା ପରି ବର୍ଣ୍ଣ ପୁଚ୍ଛ ଝୁଲିପଡିଥାଏ । ପର୍ବତ ତଳେ ଏବଂ କଟୀରେ ରାଜାଙ୍କର ବିସ୍ତୃତ କମଳାତୋଟା ଅଛି; ମାତ୍ର ଦୁର୍ଭାଗ୍ୟବଶତଃ କମଳାସୁନ୍ଦରୀଙ୍କର ସାକ୍ଷାତ ମିଳିଲା ନାହିଁ । ଚିରକାଳ ତ ସେ ମୋପ୍ରତି ପ୍ରତିକୂଳା, ସପତ୍ନୀସୁତର ମୁଖ ଦେଖିବାକୁ କେଉଁ ବିମାତା ଅବା ସୁଖ ମଣେ ? ଏବଧ ଅନାମଧେୟ ପୁଷ୍ପଶୋଭିତ ଗଭୀର ଅରଣ୍ୟ ମଧ୍ୟରେ ଝରଣାସ୍ରୋତ ମଧୁର କୁଳାକୁଳ ଦେଇ ବହିଯାଉଅଛି । ଏ ଅମଙ୍ଗଳ ସ୍ଥାନରେ ମଙ୍ଗଳ ଶବ୍ଦ ଶୁଣି ଚିତ୍ତ ପୁଲକିତ ହୋଇଉଠିଲା । ସେ ମଧୁର ଶବ୍ଦ ଶ୍ରାନ୍ତ ପଥିକର ପଥକ୍ଳେଶ ହରଣ କରିନିଏ ।

“ରଘୁନନ୍ଦନ” ସ୍ମରଣ କରି ପର୍ବତକୁ ଉଠିବାକୁ ହେଲା । ଗଡ ପଥରେ କଦଳୀଝାଡ ବଢୁଥିବାର ଦେଖିଲି । କିଞ୍ଚିତ ଦୂରରେ ବଂଶଧାରୀଝର ବହି ଯାଉ-ଥାଏ । ଦୁହେଁ ଅଲେଲ ବାଳକ ପ୍ରାୟ ପିତୃଅଙ୍କରେ ଅତି ଆନନ୍ଦରେ ଖେଳିବୁଲୁଅଛନ୍ତି । ନିସ୍ତ୍ରାମ ଗିରି ଲଞ୍ଜିଗଡ ଏବଂ ଜୟପୁର ରାଜ୍ୟର ସୀମାସ୍ତମ୍ଭ । ଜୟପୁର ପାଖରେ ଅନେକ ଝରଣା ଥିବାରୁ କନ୍ଧମାନେ ତାକୁ ପର୍ବତ ପେଟ ଏବଂ ଲଞ୍ଜିଗଡ ପାଖକୁ ପିଠି ବୋଲି କହନ୍ତି । ଜୟପୁର ପାଖ ପର୍ବତ ଉପରେ ବିସ୍ତର କଦଳୀ ଏବଂ କମଳାବନ ଅଛି । ଆମ୍ବ ପଣସତୋଟା ମଧ୍ୟ ପ୍ରଚୁର ଅଛି । ପର୍ବତ ଉପରେ ଉଭୟ ରାଜ୍ୟର ସୀମାସୂଚକ ପ୍ରସ୍ତର ବନ୍ଧା ଅଛି । ତଳୁ ଚାହିଁଲେ ଗିରିଶିରରେ ଅଜଗର ଶୋଇଲା ଭଳି ଦେଖାଯାଏ ; କିମ୍ବା ଗିରିରୂପ ଶିବକଣ୍ଠରେ କାଳାନାଗର ଶୋଭା ଧାରଣ କଲା ପ୍ରାୟ ଦିଶେ । ଏ ପର୍ବତରେ ଅନେକ କନ୍ଧପଲ୍ଲୀ ଅଛି । ଗିରି ସେମାନଙ୍କର ସଂସାର ଏବଂ ଗମ୍ଭାଘର ।

ପର୍ବତ ଉପରକୁ ଉଠିବା ବେଳେ ଦୁଇପାଖରେ ଅନେକ ଶେଫାଳିକା ଗଛ ଦେଖିଲି । ଶରତ ସୁନ୍ଦରୀ ବସନ୍ତ ମୁଖରେ ଉଦ୍ଭବ ହୋଇଛନ୍ତି । ତାଙ୍କର ସମ୍ପଦକାଳ ସରିଯାଇଅଛି । ଏବେ ସେମାନେ କାଙ୍ଗାଳୁଣୀ ବେଶ ଧରିଅଛନ୍ତି । ସମ୍ପଦ ତ ଏହିପରି ଅସ୍ଥାୟୀ; ତେବେ ସେଥିପାଇଁ ଦୁଃଖ କାହିଁକି ? ସୌଭାଗ୍ୟ ବାରମ୍ବାର ଆସେ ଏବଂ ଯାଏ, ସେ ଯିବାଲାଗି ଆସେ ପୁଣି ଆସିବା ଲାଗି ଯାଏ । ଏଠାରେ ରାଜା ବିସ୍ତର କଲମୀ

କମଳା ଗଛ ଲଗାଇଅଛନ୍ତି । ପୁରୁଣା କମଳାତୋଟାରେ ଅଧିକାଂଶ ଗଛ ବୁଢ଼ା ହୋଇଗଲଣି, ସେଥିରେ ପୂର୍ବ ପରି ଫଳ ହେଉ ନାହିଁ । ନୂଆ ତୋଟା ଫଳିବାକୁ ଆରମ୍ଭ କରିଅଛି । ନୂଆ କମଳା ତୋଟାମାନଙ୍କରେ ଝରପାଣି ମାଡ଼ିବାର ବ୍ୟବସ୍ଥା କରାଯାଇଅଛି । ଝରର ଶକ୍ତି ବୃଥାରେ ମିଳାଇଯାଉ ନାହିଁ, ତାକୁ ଧରି ତାହାଦ୍ୱାରା କାର୍ଯ୍ୟ କରାଯାଉଅଛି । ପ୍ରକୃତିର ଶକ୍ତିକୁ କାର୍ଯ୍ୟରେ ଖଟାଇପାରିଲେ କାର୍ଯ୍ୟ ଅନାୟାସସାଧ୍ୟ ହୁଏ । କମଳାତୋଟା ପାର୍ଶ୍ୱରେ ମୁଁ ଦୋଳାରୁ ଓହ୍ଲାଇଲି । ସେଠାରେ ଝର ତୀରରେ ଅନେକ ପ୍ରକାଣ୍ଡ ପୁଷ୍ପିତ ଚମ୍ପାଗଛ ଅଛି । ଏଭଳି ବୃହତ୍ ଚମ୍ପା ଗଛ ମୁଁ କେଉଁଠି ଦେଖି ନ ଥିଲି । ଫୁଲଥିବା ସମୟରେ ସୁରଭି ସମ୍ଭାରରେ ଏ ସ୍ଥାନ ନନ୍ଦନକାନନକୁ ଧିକ୍କାର କରୁଥିବ । ଏଠାରେ କସ୍ତୁରି ଅମ୍ବଗଛ ଅଛି । ତାହାର ଶାଖାମାନ ଗୋଟାଏ ବୃହତ ଗଛ ପରି ମୋଟ । ନାରଙ୍ଗ ଗଛରେ ପକ୍ୱଫଳ ସ୍ତୂପ ହୋଇରହିଅଛି ; ସତେ ଯେପରି ବନଦେବୀ ପଦ୍ମରାଗ ହାରରେ ବେଶ ରଚନା କରି ବସି ହୋଇଅଛନ୍ତି । ଗୋଟାଏ ଗୋଟାଏ କାଗଜିଲେମ୍ବୁ ଗଛମୂଳରେ ଝର ଝର ପାଚିଲା ଲେମ୍ବୁ ଝଡ଼ିପଡ଼ିଅଛି । ଅଗ୍ରାହ୍ୟ ଦେଶରେ ପଣ୍ଡିତ ପ୍ରତିଭା ପ୍ରାୟ ତାହା ପଡ଼ି ନଷ୍ଟ ହୋଇଯାଉଅଛି । ପର୍ବତ ଉପରେ ବହୁଳରେ କୁରଡ଼ଗଛ ରହି ତଳକୁ ବଡ଼ ସୁନ୍ଦର ଦିଶୁଅଛି । ଶ୍ୱେତବର୍ଣ୍ଣ ପୁଷ୍ପସ୍ତବକ ବନଭୂମିକୁ ଆଲୋକିତ କରିଅଛି । ତାହା ପାଖରେ କଦଳୀବଣ ରାହୁଙ୍ଗା ହୁଲଇ ଚିରି ଅଧିକାଂଶ ସାକାସାହେବଙ୍କର ଜୟଧ୍ୱଜା ଉଡ଼ାଉଅଛି । କେଉଁଠାରେ ପର୍ବତର ରକ୍ଷୀ ସେନା ପ୍ରାୟ ପ୍ରକାଣ୍ଡ ଶାଳବଣ ବ୍ୟୂହରଚନା କରିଅଛି । କେଉଁଠାରେ ସପୁରୀ, ପଣସ, କେଉଁଠାରେ ବା ଇଠଳା ସୁନ୍ଦରୀ ଫୁଲରେ ଗନ୍ଧ ମଣ୍ଡନ କରି ହସୁଅଛି । କେଉଁଠି ଧାତୁକୀ ପ୍ରବାଳମାଳରେ ମଣ୍ଡିତ ହୋଇ ଗର୍ବରେ ନଇଁ-ପଡ଼ିଅଛି । କେଉଁଠି ବା ତପସ୍ୱିନୀ ଧାନ୍ଦୀ ଜପାମାଳି ଧରି ଧ୍ୟାନରେ ନିମଗ୍ନ ଅଛି । ଅନେକ ସ୍ଥାନରେ ବସ୍ତି ପ୍ରାନ୍ତରେ ଭୂମିକର୍ଷଣ କରାଯାଇଅଛି । କୁଲି ନାମରେ ଏକପ୍ରକାର ଗଛ ଅଛି, ତାହାର ପତ୍ରକୁ ଶାଗ କରି ଖାଆନ୍ତି ।

ଆମ୍ବଗଛ ପରି ବୃହତ୍ ପଣସଗଛ ଏ ପର୍ବତରେ ପ୍ରଚୁର ଦେଖାଯାଏ । ସୁଗନ୍ଧି ଲତା, ଶତାବରୀ ପ୍ରଭୃତି ଔଷଧ ଲତା ପ୍ରାୟ ସର୍ବତ୍ର ଦେଖାଯାଏ । ଶତାବରୀକୁ ଏ ଅଞ୍ଚଳରେ ମୂଷୀମାଳ କହନ୍ତି । ଏ ଅଂଶରେ କୁରରୀ ଏବଂ ମୟୂରର ଶବ୍ଦ ଅଧିକ ହୁଏ । ଭୃଙ୍ଗରାଜ ନାମକ ପକ୍ଷୀର ସ୍ୱର କଟୁମିଶା ମଧୁର । ସ୍ୱରର ପ୍ରଥମାଂଶ କଟୁ, ଶେଷାଂଶ ମଧୁର ଶୁଣାଯାଏ ।

ସମୁଦ୍ର ଯେପରି ବସୁଧାର ଅଳଙ୍କାର, ବନ ମଧ୍ୟ ସେହିପରି । ସମୁଦ୍ର ଅନନ୍ତ, ବନ ମଧ୍ୟ ଅନନ୍ତ । ତାହାର ହିଂସ୍ରଜନ୍ତୁ—ମକର କୁମ୍ଭୀର, ପତ୍ରର ସଞ୍ଚାଳନ—ଲହରୀ, ଫୁଲ—ଫେନରାଶି; ପକ୍ଷୀଝଙ୍କାର—ସମୁଦ୍ରଗର୍ଜନ, ଶିଶିର-ବିନ୍ଦୁ—ମୁକ୍ତା ଏବଂ ଗୁଞ୍ଜା—ପ୍ରବାଳ । ସମୁଦ୍ର ପରି ବନ ଅତଳ । ତାହା ଗର୍ଭରେ କେତେ ବୃକ୍ଷ, ଲତା, ଗୁଳ୍ମ, ତୃଣ, ଶୈବାଳ ପ୍ରଭୃତି ଅଛି, ତାହା କିଏ କଳିପାରିବ ? ବନ ଥାଉଁ ଥାଉଁ ସେଠାରେ ମୁହିଁସଞ୍ଜ ପରି ବୋଧ ହେଲା । ଭୟଙ୍କର ସ୍ଥାନରେ ଆଉ ରହିବା ଉଚିତ ନୁହେଁ ଭାବି ଶୀଘ୍ର ଫେରି ଆସିବାକୁ ହେଲା । ଜୟ୍ୟାମ-ଟିରର ନାମ ଦୂରରେ ଥାଇ ଶୁଣିଥିଲି । ଏବେ ତାହାର ପୁଣ୍ୟ ସ୍ପର୍ଶସୁଖ ଲାଭ କରି ନିଜକୁ ପବିତ୍ର ମଣିଲି । ପାର୍ବତୀୟ ବାୟୁରେ ଶରୀର ସ୍ନିଗ୍ଧ ବୋଧ ହେଲା । ବିଚିତ୍ର ଦୃଶ୍ୟ ଦର୍ଶନରେ ମନ ମଧ୍ୟ ଉଲ୍ଲାସରେ ପୂରିଉଠିଲା । ମୋର ବହୁଦିନର ଆକାଂକ୍ଷା ପୂର୍ଣ୍ଣତା ଲାଭ କଲା । ମହାଯୋଗୀ ତୁଲ୍ୟ ମହାଗିରିକୁ ପ୍ରଣାମ କରି, ହୃଦୟର ଭକ୍ତି ଏବଂ ପ୍ରାଣର କୃତଜ୍ଞତା ଜଣାଇ ତାହାଠାରୁ ବିଦାୟ ଗ୍ରହଣ କଲି । ଏ ବିଦାୟ କେବଳ ଦେହର ବିଦାୟ, ମନର ବିଦାୟ ନୁହେଁ । ଗିରିପ୍ରକୃତି ଯେପରି ଭୟର ଆଗାର, ସେହିପରି ଶାନ୍ତିର ଆଧାର, ଆନନ୍ଦର ସ୍ୱର୍ଗ ଏବଂ ସୌନ୍ଦର୍ଯ୍ୟର ଗନ୍ତାଘର । ପର୍ବତ ଜ୍ଞାନର ଭଣ୍ଡାର, ତାହାର ଦେବମୋହନ, ମୁନିମୋହନ ବେଶ ଦର୍ଶନ ଜଗତରେ ଦୁର୍ଲଭ । ତାହା ସର୍ବଜାତ୍ୟାର ବିଶ୍ୱବିଦ୍ୟାଳୟ । ଧର୍ମ, ନୀତି, ସଭ୍ୟତା ଏବଂ ଉନ୍ନତିର ସମନ୍ୱୟ ସ୍ଥଳ । ତାହା ତୀର୍ଥ ପରି ପବିତ୍ର, ଦେବତା ତୁଲ୍ୟ ପୂଜ୍ୟ, ବରେଣ୍ୟ ଏବଂ ନିତ୍ୟ ନମସ୍ୟ । ଯୋଗୀ ଋଷିମାନେ ଯେଉଁ ଅଦ୍ଭୁତ ଆଦର୍ଶ ଦେଖାଇ ଜଗତକୁ

ପ୍ରବୁଦ୍ଧ, ମୁଗ୍ଧ କରିଯାଇଅଛନ୍ତି, ସେହି ମହାନ୍ ଆଦର୍ଶ ଏହିଠାରୁ ଜାତ ହୋଇଅଛି । ତାଙ୍କର ସକଳ ପ୍ରକାର ଶିକ୍ଷା, ଗବେଷଣା ଏବଂ ଉଦ୍ଭାବନର ଆଦ୍ୟ ଅନୁଭବଶାଳା ଏହି ବିଜନ ଗିରିଗୁହା । ତାଙ୍କର ଧର୍ମ, ବିଜ୍ଞାନ, ଦର୍ଶନ, ଜ୍ୟୋତିଷ, ଆୟୁର୍ବେଦ ପ୍ରଭୃତି ସକଳ ସାଧନା ଏହିଠାରେ ପରିପକ୍ୱ ହୋଇଅଛି । ଏ ମହିମିତ ସ୍ଥାନପ୍ରଭାବରେ ପାପୀ ଧାର୍ମିକ ହୁଏ, ମୂର୍ଖ ପଣ୍ଡିତ ହୁଏ, ଅଜୀବ ଜୀବ ହୁଏ ଏବଂ ମାନବ ଦେବତା ହୁଏ । ଏହାର ପ୍ରତି ପ୍ରସ୍ତରଖଣ୍ଡ ମଧ୍ୟରେ, ପ୍ରତି ପରମାଣୁରେ ଜଗତର କୋଟି ଇତିହାସ ଲୁଚି-ରହିଅଛି । ପର୍ବତ ନାନାଭାବରେ ଜଗତର ମହୋପକାର ସାଧନ କରୁଅଛି । ମାନବଜୀବନରେ ଏହାର ପ୍ରଭାବ ଅସୀମ । ସେଥିପାଇଁ ପୂର୍ଣ୍ଣମାନବ ଅବତାର ଶ୍ରୀକୃଷ୍ଣ ଦେବପୂଜା ଛାଡ଼ି ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା ପାଇଁ ନିଜର ପିତା ନନ୍ଦରାଜାଙ୍କୁ ଉପଦେଶ ଦେଇଥିଲେ । ଗିରିର ମହିମା ଦେବମହିମାଠାରୁ ବଳେ । ତାହାର ପ୍ରତ୍ୟେକ ରେଣୁ କୈବଲ୍ୟ କଣିକା ପରି ଶିରୋଧାର୍ଯ୍ୟ । ନିୟାମଗିରି, ତୋର ସତ୍ୟ ଶିବ ସୁନ୍ଦର ମହାମୂର୍ତ୍ତି ଦର୍ଶନ କରି ମୋର ମାନବ ନେତ୍ର ସାର୍ଥକ ହେଲା, ଧନ୍ୟ ହେଲା । ତୋର ଏ ରୂପ ଦର୍ଶନ ମୋ ଜୀବନରେ ପ୍ରଥମ ଦର୍ଶନ ଏବଂ ଶେଷ ଦର୍ଶନ । ତୁ ଯୁଗେ ଯୁଗେ ଅଛୁ ଓ ରହିବୁ; ମାତ୍ର ମୁଁ ଦୁଇଦିନେ ମିଳେଇଯିବି । ମୋର କ୍ଷୁଦ୍ର ଜୀବନ ବାତ୍ୟାଗର୍ଭସ୍ଥ ତୈଳଶୂନ୍ୟ ଦୀପଶିଖା ପରି ଏହି କ୍ଷଣି ଅଛି—ଏହି କ୍ଷଣି ନାହିଁ । ତୋର ଉଲ୍ଲାସବୋଳା ମଧୁର ମୋହନ ମୂର୍ତ୍ତି ଆଉ ମୋ ନେତ୍ରର ଅତିଥି ହେବ ନାହିଁ । ପ୍ରତ୍ୟହ ଯେ ତୋର ଦର୍ଶନ ପାଉଛନ୍ତି ସେ ମହାଭାଗ୍ୟଧର । ତୋ ବକ୍ଷରେ ମୁଁ ସ୍ୱପ୍ନସ୍ୱର୍ଗର ସୁଖାନନ୍ଦ ଉପଭୋଗ କରୁଥିଲି । ଏତିକିରେ ତାହା ଶେଷ ହେଲା । ଏବେ ଦଗ୍ଧ ସଂସାରକୁ ଫେରିଯିବି । ତୁମର ଶରୀର କଠୋର ହେଲେ ସୁଦ୍ଧା ଅନ୍ତସ୍ଥଳ ଦୟାରେ ସଜଳ । ଦୟାବହି ମନେ ରଖିଥିବ ଗିରିରାଜ, ଏବେ ବିଦାୟ ନେଲି । ସ୍ୱସ୍ତି, ସ୍ୱସ୍ତି, ସ୍ୱସ୍ତି । ତୁମର ପବିତ୍ର ଦେବ ଶରୀରରେ ମୁଁ ମୂର୍ଖପଣରେ ପଦାଘାତ କରିଅଛି, ସେଥିପାଇଁ ମୁଁ ଦୁଃଖର ସହିତ ତୁମ୍ଭ ଚରଣରେ କ୍ଷମାପ୍ରାର୍ଥୀ, ମୋତେ କ୍ଷମାପାତ୍ର ମଣି କ୍ଷମାକର, କ୍ଷମାମୟ ! ମୁଁ ଜାଣୁ ଜାଣୁ ଅପରାଧ କରିଅଛି, ସେଥିପାଇଁ ମୁଁ ଏକାନ୍ତ ଅନୁତପ୍ତ । ଆଶୀର୍ବାଦ କର, ବର୍ଷାବାରିଧାରରେ ତୁମର ମଳିନତା ଧୋଇଗଲା ପରି ତୁମ୍ଭ ଆଶୀର୍ବାଦଗଙ୍ଗାଜଳରେ ମୋର ପାପ, ତାପ ଧୋଇଯାଉ । ତୁମ୍ଭ ପୁଷ୍ପଫୁଲ ପରି ମୋତେ ନିର୍ମଳ ସୁନ୍ଦର ଏବଂ ପବିତ୍ର କରିଦିଅ, ମୋର ଏତିକି ଶେଷ ଭିକ୍ଷା ।

ଆସିବାବେଳେ ଭଇଲ ଘାସବଣ ଭିତରେ ପଶିବାକୁ ହେଲା । ଭଇଲ ଘାସ ଖୁବ୍ ଲମ୍ବ । ସୁନ୍ଦରଙ୍କ ପତ୍ର ଫୁଲ କି ଫଳ କଅଣଗୁଡ଼ାଏ ତାହା ଦେହରେ ଲୁଚି ହୋଇଥାଏ । ତାହା ଫୁଲ କି ଫଳ ଜାଣିହେବା ଦୁରୂହ । ତାହାର ସେହି ପ୍ରିୟ ଅଳଙ୍କାର ଗୁଡ଼ିକ ସେ ମୋ ଦେହରେ ପିନ୍ଧାଇଦେଲା । ଲାଚାର ହୋଇ ଅଯାଚିତ ଦାନ ଗ୍ରହଣ କରିବାକୁ ହେଲା । ଲୁଗାରୁ ସେହି ଅଳଙ୍କାର ଗୁଡ଼ିକ ଛଡ଼ାଇବାକୁ ମୋର ଚାକରକୁ ଅନେକ ସମୟ ଲାଗିଥିଲା । ଘାସବଣଭିତରେ ସୁକଣ୍ଟବଣ୍ଟୀ କେଉଁଠି ନାଲ ଫୁଲ ବଡ଼ ବାହାର ଦିଶୁଥାଏ । ବଣ ପାର ହୋଇ ଆମ୍ଭେମାନେ ପୂର୍ବୋକ୍ତ ଝିଙ୍କଗ୍ରାମ ନିକଟରେ ଉପସ୍ଥିତ ହେଲୁଁ । ଏହିଠାରୁ ନରବାହାନ ଦୋଳା ଛାଡ଼ିବାକୁ ହେଲା । ଆମ୍ଭେମାନେ ମୋଟରରେ ବସି ଜଗନ୍ନାଥଙ୍କ ଖମାରକୁ ଆସିଲୁଁ । ଏହାର ଅପର ନାମ ଡୁଙ୍ଗରଗଡ଼ ଖମାର । ନିୟାମଗିରି ଏବଂ ଦେବତା ଡୁଙ୍ଗର ମଧ୍ୟରେ ଖମାରଟି ଅବସ୍ଥିତ, ଯେପରି ଶୀତ ଗ୍ରୀଷ୍ମ ଦୁଇ ଋତୁ ମଧ୍ୟରେ ବାସନ୍ତୀଲକ୍ଷ୍ମୀ ବିରାଜିତା, ଜାମ୍ବା ସତ୍ୟ, ଧର୍ମ ମଧ୍ୟରେ ନୀତିଦେବୀ ସମାସୀନା । ଏ ଖମାରଟି ଗୋଟିଏ ଆଦର୍ଶ କୃଷିକ୍ଷେତ୍ର । ଏଠାରେ ରାଜାଙ୍କର ପରି କୋଠା ବଙ୍ଗଳା ପ୍ରଭୃତି ଅଛି । ଏହା ଲଞ୍ଜିଗଡ଼ର ଦାର୍ଜିଲିଙ୍ଗ । ସ୍ୱଚ୍ଛନିର୍ଝରଣୀ ଉପକଣ୍ଠରେ ଗଡ଼ଖାଇର ତୁଳନା ଧାରଣ କରିଅଛି । ରାଜାସାହେବ ଏଠାରେ ସମସ୍ତ ସମୟରେ ରହନ୍ତି । ଏଠାରେ କେତେକ ବଡ଼ ବଡ଼ ଅମାର ଏବଂ ଅମଲାମାନଙ୍କର ବସାଘର ଅଛି । ଗୋଟିଏ

ଖମାରରେ କେବଳ ଧାନର ବିହନ ରଖାଯାଇଅଛି । ଧାନ ବୃକ୍ଷର ବର୍ଦ୍ଧିତ ପରିମାଣ ଏହିଥିରୁ ଅନୁମେୟ । ଖମାରରେ ସମସ୍ତ ପ୍ରକାର ଶସ୍ୟ, ଦେଶୀ ବିଦେଶୀ ପନିପରିବା, ଆଖୁ, କପା, ପାନ ପ୍ରଭୃତିର ଚାଷ ହୁଏ । ଆଖୁ ବର୍ଦ୍ଧିତ ଭାବରେ ହୁଏ, ଗୁଡ଼ ମଧ୍ୟ ପ୍ରସ୍ତୁତ ହୁଏ । ଆଖୁ କ୍ଷେତ୍ର ସୈନ୍ୟବ୍ୟୂହ ପରି ଦିଶେ । ଗଛମାନ ବୀରପୁରୁଷ ପରି ଅସିପତ୍ର ସଞ୍ଚାଳନ କରି ଅସିପତ୍ରାନାମ ସାର୍ଥକ କରିଅଛି । କଲମୀ ଆମ୍ବର ବିସ୍ତୃତ ବଗିଚା ବାଳକାବିଦ୍ୟାଳୟ ପରି ଛୋଟ ଛୋଟ ଗଛ ଗୁଡ଼ିକର ସାଧନା ଆଶ୍ରମ ହୋଇଅଛି । ସାଧନା ପରିପକ୍ୱ ହେଲେ ସେମାନେ ତପଃ ଫଳ ରୂପ ଆମ୍ରଫଳ ପ୍ରାପ୍ତ ହେବେ । ଏଭଳି ଖମାର ପ୍ରତିଷ୍ଠା ରାଜ୍ୟର ଶ୍ରୀବୃଦ୍ଧିର ଲକ୍ଷଣ । ଏହାଦ୍ୱାରା ରାଜ୍ୟର ଆୟ ବୃଦ୍ଧି ହୁଏ ପୁଣି ଶ୍ରମିକମାନଙ୍କୁ କର୍ମଯୋଗାଇବା ସୁବିଧା ଜନକ । ବିଶେଷତଃ ସାଧାରଣ ପ୍ରଜାବର୍ଗର ଏହା କୃଷିଶିକ୍ଷାର ଶିକ୍ଷାକ୍ଷେତ୍ର । ଖମାର ଘରପାଖରେ ପାନବରଜ, ସେଥିରେ ଖୁବ୍ ବଡ଼ ମହୁଡ଼ିପାନ ଏବଂ କ୍ଷୁଦ୍ର କର୍ପୂରପାନ ଉଭୟ ହୁଏ । ଏଠାର ମାଟିରେ ଖୁବ ବଡ଼ ବିଲାତିଆଳୁ ଉତ୍ପନ୍ନ ହେଉଥିଲା । ବର୍ଷା, ଝଡ଼ ପ୍ରଭୃତିର ଉପଦ୍ରବ ହେତୁ ଆଳୁଫସଲ ଭଲହେଲା ନାହିଁ । ଖମାର ଘର ପାଖରେ ସୁନ୍ଦରଫୁଲ ବଗିଚା ଅଛି । ଗୋଲାପସୁନ୍ଦରୀ ନଗରରୁ ନିର୍ବାସିତ ହୋଇ ଏଠାରେ ମ୍ଳାନମୁଖରେ ଅବସ୍ଥାନ କରୁଅଛନ୍ତି; କିନ୍ତୁ ସେ ତ ରାଜଦର୍ଶନରୁ ବଞ୍ଚିତ ହେଉ ନାହିଁ, ଏହା ଅପେକ୍ଷା ଅଧିକ କି ନାଗରିକ ସୁଖ ଉପଭୋଗ ତାହାର ବାଞ୍ଛନୀୟ, ତାହା ସେହି ଏକା ଜାଣେ । ଶସ୍ୟଧ୍ୱଂସୀ ପଶୁପକ୍ଷୀମାନଙ୍କୁ ଘଉଡ଼ିବାପାଇଁ ରକ୍ଷିବୃନ୍ଦ ଠକା ବଜାନ୍ତି । ରାତିରେ ଠକାଯନ୍ତ୍ରର ଠକ ଠକ ଶବ୍ଦରେ ଚାରିଆଡ଼ ନିନାଦିତ ହୁଏ । ଲକ୍ଷ୍ମୀଗଡ଼ରେ ଚାରିଗୋଟି ଖମାର ଅଛି — ଜଗନ୍ନାଥପୁର, ମହୁଲପଡ଼ା, ହରିହରପୁର ଏବଂ ବଳଭଦ୍ରପୁର । ଜଗନ୍ନାଥପୁର ଖମାର ଦେଖିସାରି ଆମ୍ଭେମାନେ ମହୁଲପଡ଼ା ଖମାର ଦେଖିବାକୁ ଗଲୁଁ । ସେଠାରେ ପ୍ରଚୁର ପରିମାଣରେ ଆଖୁଚାଷ ହୁଏ । ସେଠାରେ କର୍ମଚାରୀ ନିବାସ, ଗୁହାଳଘର, ଧାନଘର, ଚାଷଯନ୍ତ୍ରଘର ପ୍ରଭୃତି ଅଛି । ଘର ଗୁଡ଼ିକ ମୃତ୍ତିକା ନିର୍ମିତ । ରାଜା ମହୋଦୟ ସେଠାରେ ଗୋଟିଏ ସୁନ୍ଦର ପୁଷ୍କରିଣୀ ନୂତନ ଖୋଳାଇଅଛନ୍ତି । ସେଥିରେ ମାଛ ପୋଷା ହୋଇଅଛନ୍ତି । ଉକ୍ତ ଖମାରରେ ଝରଜଳ ମାଡ଼ିବାର ସୁବ୍ୟବସ୍ଥା ହୋଇଅଛି । ମହୁଲପଡ଼ାରେ ଠକାର ଶବ୍ଦ ଶୁଣିଥିଲି । ବିବେକର ହୁଙ୍କାରରେ ପାପ ଛାଡ଼ିପଳାଇଲାପରି ଧାନବିଲରୁ ଦଳେ ଦଳେ ଶସ୍ୟଭକ୍ଷୀ ପକ୍ଷୀ ସେହି ଶବ୍ଦରେ ନ୍ୟସ୍ତବ୍ୟସ୍ତ ହୋଇ ଇତସ୍ତତଃ ଉଡ଼ି ପଳାଇଯାଆନ୍ତି ।

ରାଜା ମହୋଦୟ ଯେଉଁପରି କୃଷିପ୍ରିୟ, ସେହିପରି କୃଷିପଣ୍ଡିତ । କୃଷି କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଅସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ନାନା ପ୍ରକାର ବିଦେଶୀୟ କଲମି ଗଛ ଆଣି ରୋପଣ କରିଅଛନ୍ତି । ନିୟମିତ ରୂପେ ସେ ସମସ୍ତ ଖମାର ପରିଦର୍ଶନ କରନ୍ତି, ତାହା ତାଙ୍କର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ । ରାଜନ୍ୟସମାଜରେ ତାଙ୍କ ପରି ନିରଳସ ରାଜପୁରୁଷ ପ୍ରାୟଶଃ ଦୁର୍ଲଭ । ଖରା, ବର୍ଷା, ଶୀତ କିଛିହିଁ ନ ମାନି ପଦବ୍ରଜରେ କୃଷିକ୍ଷେତ୍ରରେ ବୁଲି ସେ ସମସ୍ତ ପ୍ରକାର କୃଷିକାର୍ଯ୍ୟ ପୁଙ୍ଖାନୁପୁଙ୍ଖ ରୂପେ ତତ୍ତ୍ୱାବଧାନ କରନ୍ତି । ତାଙ୍କ ଉଦ୍ୟାନରେ ଫୁଲକୋବି, ବନ୍ଧାକୋବି, ବିଲାତିବାଇଗଣ ପ୍ରଭୃତି ବିଦେଶୀୟ ଫସଲ ଦର୍ଶନୀୟ ପଦାର୍ଥ ପରି ଖୁବ୍ ବଡ଼ ହୁଏ ଏବଂ ଅପେକ୍ଷାକୃତ ଅତିଶୀଘ୍ର ହୁଏ । କୃଷିକାର୍ଯ୍ୟ ରାଜାଙ୍କର ଗୋଟିଏ ଆମୋଦ ! କେତେ ପ୍ରକାର ଉତ୍କୃଷ୍ଟ ସାର ତାଙ୍କଦ୍ୱାରା ଉଦ୍ଭାବିତ ହୋଇ ବିଶେଷ ଫଳ ଦର୍ଶାଇଅଛି । ମହୁଲମଦର ଖଦା କମଳାକ୍ଷେତ୍ରରେ ପ୍ରୟୋଗ କରି ଆଶାତୀତ ଫଳ ମିଳିଅଛି । ଏହିଠାରେ ସୂର୍ଯ୍ୟାସ୍ତ ହେଲା । ପାର୍ବତ୍ୟପ୍ରଦେଶର ସୂର୍ଯ୍ୟାସ୍ତ ଦୃଶ୍ୟ ଇନ୍ଦ୍ରଜାଲ ବିଦ୍ୟା ପରି ଯେଉଁଭଳି ବିସ୍ମୟୋତ୍ପାଦକ, ସେହିଭଳି ଆନନ୍ଦଦାୟକ । ସୂର୍ଯ୍ୟାସ୍ତ ସମୟରେ ବିପରୀତ ଦିଗସ୍ଥ ପର୍ବତ ସ୍ୱର୍ଣ୍ଣବର୍ଣ୍ଣରେ ରଞ୍ଜିତ ହୁଏ । ଅସ୍ତୋନ୍ମୁଖ ସୂର୍ଯ୍ୟଦେବ କ୍ରମେ ତଳକୁ ଯିବା ସମୟରେ ସେହି ସ୍ୱର୍ଣ୍ଣାଭ ପର୍ବତ ତଳୁ ଛାଡ଼ି ଛାଡ଼ି ଯାଉଥାଏ । ତାହା ସ୍ଥାନରେ ମୟୂରକଣ୍ଠିଆ ବର୍ଣ୍ଣ କାହୁଁ ଆସି ଅକସ୍ମାତ ଉଦିତ ହୋଇ କ୍ରମଶଃ ଉପରକୁ ମାଡ଼ିଚାଲିଥାଏ । ସୂର୍ଯ୍ୟକିରଣ ଶିଖରଚୂଡ଼ାରେ ଥିବାବେଳେ

ଏକ ଅପୂର୍ବ ଦୃଶ୍ୟ ଆତ୍ମପ୍ରକାଶ କରେ । ସତେ ଯେପରି ପର୍ବତ ଆସମାନୀ ରଙ୍ଗର ପରିଚ୍ଛଦ ଏବଂ ସ୍ୱର୍ଣ୍ଣମୁକୁଟ ପିନ୍ଧି ରାଜବେଶ ଧରିଅଛି । ସତେ ଅବା କେଉଁ ଚିତ୍ରକର ଚିରସ୍ମରଣୀ ବିଦ୍ୟାବଳରେ ଅଦୃଶ୍ୟରେ ଥାଇ ଏଭଳି ଅ-ଚର ଅଙ୍କିତ କଳ୍ପନାତୀତ ରମ୍ୟ ମାୟାଚିତ୍ର ଅଙ୍କିଯାଉଅଛି । ଦେଖୁଁ ଦେଖୁଁ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡର ଏକମାତ୍ର ସ୍ୱର୍ଣ୍ଣଦୀପ ଦପ୍ କରି ଲିଭିଗଲା । ପ୍ରକୃତିର ଆଖି ଫୁଟିଗଲା । ସଙ୍ଗେ ସଙ୍ଗେ ସେ ମାୟାଦୃଶ୍ୟ କେଉଁଆଡ଼େ ଉଭେଇଗଲା । ପର୍ବତ ରାଜବେଶ ଛାଡ଼ି ଧୂସର ବିଭୂତିବୋଳା ଯୋଗିବେଶ ଧାରଣକଲା । କ୍ଷଣକେ ଭୋଗୀ, କ୍ଷଣକେ ଯୋଗୀ ଏ କୌତୁକ ବିଷମ ସମସ୍ୟାମୟ । ପରକ୍ଷଣରେ ପୁଣି କୃଷ୍ଣବର୍ଣ୍ଣର କୁହୁଡ଼ି ମାଡ଼ିଯାଇ ପର୍ବତକୁ ଅସ୍ପଷ୍ଟ କରିଦେଲା । ତାହା କଳା କୁହୁଡ଼ି ନୁହେଁ, ବୋଧ ହୁଏ ଦିବାଦେବୀ ଏବଂ ପଦ୍ମିନୀ ସୁନ୍ଦରୀ ଦୁଇ ସପତ୍ନୀଙ୍କର ଶୋକଦୋଳା ବିରହଶ୍ୱାସ । ଶେଷରେ ଚରାଚର ସୃଷ୍ଟି ଅନ୍ଧକାରସାଗରରେ ବୁଡ଼ିଗଲା । ପର୍ବତ ଅନ୍ଧାରଗଦା ପରି ଦେଖାଯାଇ କ୍ରମେ ଅଦୃଶ୍ୟ ହୋଇ ବସିଲା । ବୋଧ ହୁଏ କାବ୍ୟଭାଷା ଅଳକମୀ ରଜନୀରାଣୀ କୃଷ୍ଣବସ୍ତ୍ରରେ ଆପାଦମସ୍ତକ ଆବୃତା ହୋଇ ସେହି ଅନ୍ଧାର ଗଦାକୁ ଖେଳାଇଦେଇ, ବିଶ୍ୱସାରା ମେଲାଇଦେଲେ । ପଥ ନ ଦିଶିବାରୁ ଆମ୍ଭମାନଙ୍କର ମୋଟରଯାନ କ୍ରୁଦ୍ଧ ଦାନବ ପରି ଅଗ୍ନିବର୍ଷୀ ରକ୍ତନେତ୍ରରେ ଗୁହାଁରିବାକୁ ଲାଗିଲା । ସେହି ଆଲୋକରେ ଆମ୍ଭେମାନେ ଆସି ବସାରେ ପହଞ୍ଚିଲୁଁ । ପୁଷ୍ପକ ରଥର ସାରଥି ରଥ ଫେରାଇନେଇଗଲା ।

ତହିଁ ପରଦିନ ଅପରାହ୍ଣରେ ରାଜାଙ୍କର ମୋଟର ଆସିଲା । ମୁଁ ରାଜବାଟୀ ଅଭିମୁଖରେ ଗମନ କଲି, ସଙ୍ଗରେ ସୋମନାଥ ଗଲା । ପ୍ରଥମେ ପୋଲିସ ଥାନା ପଡ଼ିଲା, ସବ୍‌ଇନ୍‌ସପେକ୍ଟର ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ଦାସ ଥାନାର ପ୍ରଧାନ କର୍ମଚାରୀ । ସେ ଜଣେ ଯୋଗ୍ୟବ୍ୟକ୍ତି, ଯେଉଁପରି ଚତୁର, ସେହିପରି କର୍ମଠ, ଲଞ୍ଜିଗଡ଼ରେ ଜେଲ୍‌ଖାନା ନାହିଁ, ଥାନାର ଗାରଦହିଁ ଜେଲଖାନା । ସେଠାରେ କଏଦୀମାନେ ସାତଦିନ ରହିବାର ନିୟମ ଅଛି । ଅଧିକ କାଳ ଜେଲଦଣ୍ଡ ପ୍ରାପ୍ତ କଏଦୀମାନେ ଭବାନୀପାଟଣା ଜେଲଖାନାକୁ ପ୍ରେରିତ ହୁଅନ୍ତି । ଥାନା ନିକଟରେ ଗୋଟିଏ ଅପରପ୍ରାଇମେରୀ ସ୍କୁଲ୍ ଅଛି । ସେଠାରେ ବାଳକ ବାଳିକା ଉଭୟ ପଢ଼ନ୍ତି । ସ୍କୁଲର ଛାତ୍ର ଛାତ୍ରୀ ସଂଖ୍ୟା ୧୨୩ । ସେଥିମଧ୍ୟରୁ ବାଳକ ୮୭ ଏବଂ ବାଳିକା ୩୬ । ଅତୀବ ଆନନ୍ଦର ବିଷୟ ସ୍କୁଲରେ ନୀଚଜାତୀୟା ବାଳିକା ୩୨ ଜଣ ଅଧ୍ୟୟନ କରନ୍ତି । ଦୁଇଜଣ ଶିକ୍ଷକଙ୍କଦ୍ୱାରା ଶିକ୍ଷା କାର୍ଯ୍ୟ ପରିଚାଳିତ ହୁଏ । ସ୍କୁଲଟି କ୍ରମେ ଉନ୍ନତି ଆଡ଼କୁ ଅଗ୍ରସର ହେଉଅଛି । ପୂର୍ବେ ମାଟିଘରରେ ସ୍କୁଲ ହେଉଥିଲା । ରାଜା ମହୋଦୟ ସ୍କୁଲ ପାଇଁ ଗୋଟିଏ ସୁନ୍ଦର ପ୍ରଶସ୍ତ ପକ୍କାଘର ନିର୍ମାଣ କରାଇଦେଇଅଛନ୍ତି । ଦୁଇଦିନ ପୂର୍ବରୁ ଘରଟି ପ୍ରତିଷ୍ଠା ହେବାର ଦେଖିଥିଲି । ତଦୁପଲକ୍ଷେ ସମସ୍ତ ଛାତ୍ର ଛାତ୍ରୀ-ମାନଙ୍କୁ ଭୂରି ମିଷ୍ଟାନ୍ନ ଭୋଜନ କରାଯାଇଥିଲା । ସ୍ୱୟଂ ରାଜାସାହେବ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଶୃଙ୍ଖଳାରେ ସମ୍ପାଦନ କରିଥିଲେ । ସ୍କୁଲ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିବା ବିଷୟ ଶିକ୍ଷକମାନଙ୍କଠାରୁ ଶୁଣିଥିଲି । ସ୍କୁଲଲାଇବ୍ରେରୀକୁ ସେ ଅନେକ ପୁସ୍ତକ ଦାନ କରି-ଅଛନ୍ତି । ଲାଇବ୍ରେରୀରେ ଯେତେ ପୁସ୍ତକ ଅଛି, ଗୋଟିଏ ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲରେ ତେତେ ପୁସ୍ତକ ଥିବାର ଅନୁମାନ କରାଯାଏ ନାହିଁ । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅଭିଧାନ ସ୍କୁଲଲାଇବ୍ରେରୀରେ ଦେଖି ଆନନ୍ଦିତ ହେଲି । ସ୍କୁଲ ପରେ ଡାକ୍ତରଖାନା । ଜଣେ ସବ୍‌ଏସିଷ୍ଟାଣ୍ଟ ସର୍ଜନ ରୋଗୀମାନଙ୍କୁ ଚିକିତ୍ସା କରନ୍ତି । ଡାକ୍ତରବାବୁଙ୍କର ଚିକିତ୍ସା ଏବଂ ବ୍ୟବହାରର ସୁଖ୍ୟାତି ଅନେକ ଲୋକଙ୍କ ମୁଖରୁ ମୁଁ ଶୁଣିଅଛି । ଡାକ୍ତରଖାନା ପରେ ଗୋଟିଏ ବଜାର, ସେଠାରେ ପ୍ରତିଶନିବାର ଦିନ ହାଟ ବସେ । ହାଟରେ ବିକାହେଉ-ଥିବା କାକୁଡ଼ି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଅଛି । କାକୁଡ଼ି ଗୁଡ଼ାକ କାଠଗଡ଼ ପରି ମୋଟ । ଦେଖିଲେ ଦର୍ଶନୀୟ ପଦାର୍ଥ ରୂପେ କିଣିବାକୁ ଇଚ୍ଛା ହୁଏ । ତାହା ପୁଣି ଖୁବ୍ ଶସ୍ତା । ପଇସାରେ ଦୁଇଟା । ମୋଗଲବନ୍ଦୀର ଯେ କୌଣସି ସ୍ଥାନରେ ସେ ଦୁଇଟାର ମୂଲ୍ୟ ଦୁଇଅଣାରୁ ଅଧିକ ହେବ । ବଜାରଟି କ୍ଷୁଦ୍ର; ମାତ୍ର ସୁନ୍ଦର ଏବଂ ପରିଷ୍କାର ପରିଚ୍ଛନ୍ନ । ରାଜଧାନୀ ଦେଖି ଦେଖି ଅଗ୍ରସର ହେଲି । ରାଜାସାହେବ

ତାଙ୍କୁ ଗୋଟିଏ କ୍ଷୁଦ୍ର ସହର ପରି ସୁନ୍ଦର ଏବଂ ସଜ୍ଜିତ କରିଅଛନ୍ତି । ଏଠାରେ ଦୁଇଜଣ ମାରବାଡ଼ି ବ୍ୟବସାୟୀ ଅଛନ୍ତି । ସାହସ, ଅଧ୍ୟବସାୟ ଏବଂ କଷ୍ଟସହିଷ୍ଣୁତା ହେତୁ ସେ ଜାତି ବଡ ହୋଇଅଛି । "ବାଣିଜ୍ୟେ ବସତେ ଲକ୍ଷ୍ମୀଃ" ଏ ଉକ୍ତିକୁ ସେହିମାନେ ହିଁ ସାର୍ଥକ କରିଅଛନ୍ତି । ସେମାନଙ୍କ ଆଦର୍ଶ ଦେଖି ସୁଦ୍ଧା ଆମ୍ଭମାନଙ୍କର ଚେତନା ହେଉ ନାହିଁ, ଏହାକୁ ଦୁର୍ଭାଗ୍ୟର ବିଷୟ ନ କହି ଆଉ କଣ କୁହାଯିବ । ବାଣିଜ୍ୟକୁ ଅନେକେ ଘୃଣା ଚକ୍ଷୁରେ ଦେଖନ୍ତି, ଏହା ମଧ୍ୟ ଗୋଟାଏ ମାରାତ୍ମକ କୁସଂସ୍କାର । ବାଣିଜ୍ୟ ଯଦି ବୈଶ୍ୟବୃତ୍ତି, ତାହା ହୀନବୃତ୍ତି ନୁହେଁ । ଯେଉଁ ବୃତ୍ତି ଦରିଦ୍ରକୁ ଲକ୍ଷପତି, କୋଟିପତି କରିପାରେ, ତାହାକୁ ଘୃଣ୍ୟ ମଣିବା ନିରାଟ ମୂର୍ଖତା ନୁହେଁ କି ? କୃଷି, ଶିଳ୍ପ, ବାଣିଜ୍ୟ ଦେଶର ଜୀବନ, ତାକୁ ଯେ ଇତର ମଣେ ସେହି ଏକା ମହା ଇତର ।

ଆମ୍ଭେମାନେ ଯାଇ ଗଡ଼ଖାଇ ପାଖରେ ପହଞ୍ଚିଲୁଁ । ଚାରି ପାଖରେ ବିସ୍ତୀର୍ଣ୍ଣ ଜଳପ୍ରାଚୀର, ମଧ୍ୟରେ ରାଜହର୍ମ୍ୟ; ତାହା ଘନପରିଧି ବେଷ୍ଟିତ ପୂର୍ଣ୍ଣଚନ୍ଦ୍ରର ଉପମା ଧାରଣ କରିଅଛି । ଖାଇ ଖୁବ୍ ଗଭୀର, ସ୍ଥାନେ ସ୍ଥାନେ ୧୦।୧୨ ହାତ ପାଣି ଅଛି । ସ୍ଥଳ ବିଶେଷରେ କୁମୁଦ କହ୍ଲାର ପ୍ରଭୃତି ଜଳପୁଷ୍ପ ପ୍ରସ୍ଫୁଟିତ ହୋଇ ଜଳକୁ ତାରକିତ କରିଅଛି । ଖାଇ ଭିତରକୁ ନଈଜଳ ଆସିବାର ବାଟ ଅଛି ଏବଂ ଜଳ ଅଧିକ ହେଲେ ବାହାରିଯିବାର ବାଟ ମଧ୍ୟ ଅଛି । ଖାଇଟି ନଗରରାଣୀଙ୍କର କଟିମେଖଳା ପ୍ରାୟ ମନୋରମ ଦିଶୁଅଛି । ଖାଇର ଦୁଇ ତୀରରେ କଦଳୀ, କମଳା ପ୍ରଭୃତି ତରୁଶ୍ରେଣୀ ଜଳ ମଧ୍ୟରେ ନିଜ ରୂପର ପ୍ରତିବିମ୍ବ ଦେଖି ମୁଗ୍ଧ ହେଉଅଛନ୍ତି । ସୋରିଷକ୍ଷେତ ସ୍ୱର୍ଣ୍ଣପୁଷ୍ପରେ ମଣ୍ଡିତ ହୋଇ ନଗରସ୍ୱଲକ୍ଷ୍ମୀଙ୍କର ପୀତ ଦୁକୂଳ ଶୁଖିଲା ପରି ପ୍ରତୀତ ହୁଏ । ବେଳେ ବେଳେ ପାର୍ବତ୍ୟବାୟୁ ବହିଆସି ଜଳଦେବୀଙ୍କର ଚରଣ ଚୁମ୍ବନ କରିଯାଉଅଛି । ପବନ ସ୍ପର୍ଶରେ କ୍ଷୁଦ୍ର ହିଲ୍ଲୋଳ ସଞ୍ଚାରିତ ହୋଇ ଅସଂଖ୍ୟ କୁଞ୍ଚିତ ବେଣୀ ସୃଷ୍ଟି କରୁଅଛି । ତେତେବେଳର ସେ ଶୋଭାର ପଠାନ୍ତର ନାହିଁ । ସତେ ଯେପରି ରାଜପୁରୀ ସ୍ନାନାନ୍ତେ କୁଞ୍ଚିତ କେଶରାଶି ମୁକୁଳାଇ ରୌଦ୍ରରେ ବସି ତାହା ଶୁଖାଉଅଛନ୍ତି । ଅଳ୍ପକ୍ଷଣପରେ ମୋଟର ଯାଇ ରାଜସିଂହଦ୍ୱାର ସମ୍ମୁଖରେ ଉପନୀତ ହେଲା ।

ରାଜା ମହୋଦୟ ସିଂହଦ୍ୱାର ଆଗରେ ବୁଲୁଥିଲେ । ଚିନ୍ତାଶୀଳ ମୂର୍ତ୍ତି, ବୋଧ ହୁଏ ତାଙ୍କର ମନ କୌଣସି କାର୍ଯ୍ୟ କରୁଥିଲା । ରାଜମନ ତ ସବୁବେଳେ ଚିନ୍ତାଗ୍ରସ୍ତ । ସମସ୍ତେ ନିଜର ଗୋଟାଏ ଜୀବନ ପାଇଁ ଚିନ୍ତା କରନ୍ତି; କିନ୍ତୁ ରାଜଚିନ୍ତା କୋଟିଏ ଜୀବନ ପାଇଁ । ରାଜା ଦୁର୍ବହ ଭାର ବହନ କରନ୍ତି, ଏହାହିଁ ରାଜସୁଖ । ତେବେ କଣ ରାଜପଦରେ ସୁଖ ନାହିଁ ? ଏହାର ଉତ୍ତରରେ ବୋଲାଯାଇପାରେ ଯେ, ହିଁ, ଅବଶ୍ୟ ଅଛି । ସେହି ଦୁର୍ବହଭାର ବହିବା ଭଳି ଶକ୍ତି ତାଙ୍କୁ ବିଧାତା ଦେଇଅଛନ୍ତି । ବିଧିଦତ୍ତ ଏହି ମହାଦାନ ହିଁ ରାଜାଙ୍କର ସୁଖ । ରାଜା ମହୋଦୟ ଆମ୍ଭମାନଙ୍କୁ ନେଇ ସିଂହଦ୍ୱାର ଅପରପାର୍ଶ୍ୱସ୍ଥ ଗୋଟିଏ ଅସ୍ଥାୟୀ ବୈଠକଖାନାରେ ବସିବାକୁ ଆଦେଶ କଲେ ଏବଂ ନିଜେ ମଧ୍ୟ ବସିଲେ । ସିଂହଦ୍ୱାରର ସିଂହଦ୍ୱୟ ଯାଇ ଅଧାସ୍ୱର୍ଗରେ ଅଛନ୍ତି । ବନପଶ୍ୱିନ୍ୟୁର ମହତ୍ତ୍ୱ ବୁଝି ରାଜପଶ୍ୱିନ୍ୟୁ ତାଙ୍କୁ ଉଚ୍ଚାସନରେ ବସାଇଅଛନ୍ତି । ସିଂହଦ୍ୱୟ ଦ୍ୱାର ଉପରସ୍ଥ କୋଠା ଉପରେ ଦ୍ୱାରପାଳ ରୂପେ ବିଦ୍ୟମାନ ଅଛନ୍ତି । ସିଂହଦ୍ୱାରରେ କବାଟ ନାହିଁ । ସେଥିରେ ବିଶେଷତ୍ୱ ଅଛି, ରାଜଦ୍ୱାର ସଦା ଅବାରିତ, ଏହାହିଁ ପ୍ରକାଶ ପାଉଅଛି । ପୁରୁଣା ନଅର ଭଙ୍ଗା ହୋଇ ନୂତନ ନଅର ନିର୍ମିତ ହେଉଅଛି । ସେଥିପାଇଁ ରାଜାସାହେବ ଏହି ଅସ୍ଥାୟୀ ଘରଟିକୁ ସଂକ୍ଷିପ୍ତ ବୈଠକଖାନା କରିଅଛନ୍ତି । ବୈଠକଖାନାର ତିନି ପାଖରେ ଖଟଣୀ ସେବକ ପରି ଶତବର୍ଗ ତରୁ ସ୍ୱଚ୍ଛନ୍ଦ, ସ୍ୱଚ୍ଛ ଆଲଟ ଧରି ଉଭା ହୋଇଅଛନ୍ତି । ଅଦୂରର ନାନା ପ୍ରକାର ଫୁଲ ମଧ୍ୟ ଫୁଟି ରାଜସେବାରେ ନିଯୁକ୍ତ ଅଛନ୍ତି । ଘର ମଧ୍ୟରେ ଗୋଟିଏ ପଦ୍ମପୁଷ୍ପସୁସଜ୍ଜିତ ଟେବୁଲ ଏବଂ କେତେକଟି ଚୌକୀ ପଡିଅଛି । ଟେବୁଲ ଉପରେ ରାଶି ରାଶି ପୁସ୍ତକ ସଜ୍ଜିତ । ରାଜା ମହୋଦୟ ନିୟମିତ ପୁସ୍ତକ ପାଠକ । ତାଙ୍କ ବିଶାଳ ଲାଇବ୍ରେରୀରେ ଓଡ଼ିଆ, ବଙ୍ଗଳା, ଇଂରେଜୀ ଏବଂ ହିନ୍ଦୀ ପୁସ୍ତକମାନ ସ୍ତରେ ସ୍ତରେ ସଜ୍ଜିତ ହୋଇ ରହିଅଛି ।

ସେଥି ମଧ୍ୟରେ ଅନେକ ଦୁର୍ଲଭ ଏବଂ ମୂଲ୍ୟବାନ୍ ପ୍ରାଚୀନ ପୁସ୍ତକ ମଧ୍ୟ ଅଛି । ଓଡ଼ିଆ ଭାଷାରେ ଖଣ୍ଡିଏ ନୂତନ ପୁସ୍ତକ ପ୍ରକାଶିତ ହେଲା ମାତ୍ରେ, ତାହା ଆଣି ପାଠାଗାରରେ ରଖାଯାଉଅଛି । ରାଜା ସାହେବଙ୍କ ସହ ଅନେକ କଥାବାର୍ତ୍ତା ହେଲା । ସାହିତ୍ୟ ଏବଂ ଶିକାର ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । କଥା ପ୍ରସଙ୍ଗରେ ଗତ ଦିନର ବାଘ ବଳଦମାରିବା କଥା ପଡ଼ିଲା । ରାଜା ମହୋଦୟ କହିଲେ—ବଳଦଟା ସେଠାରେ ମରିଯାଇଥିଲେ ମୁଁ ଭଲ ବାଘ ମାରିବାକୁ ଯାଇଥାଆନ୍ତି; ମାତ୍ର ବଳଦକୁ ବରମରାକରି ବାଘ ପଳାଇ ଯାଇଥିଲା । ସନ୍ଧ୍ୟାବେଳେ ପୁଣି ଆସି ସେଠାକୁ ଟାଣିଓଟାରି ଖାଆନ୍ତା । ଧର୍ମବିରୁଦ୍ଧ, ନିଷ୍ଠୁର ଦୃଶ୍ୟ ଆଖି ଆଗରେ ଦେଖିବା ଅସହ୍ୟ; ସୁତରାଂ ମୁମୂର୍ଷୁ ବଳଦକୁ ସେଠାରୁ ଆଣି ଯଥେଷ୍ଟ ଚିକିତ୍ସା କରାଗଲା; ମାତ୍ର ବାଘ ତା'ର ତଣ୍ଟି ଫୁଟାଇଦେଇଥିବାରୁ ସେ ବଞ୍ଚିଲା ନାହିଁ । କାଲି ଶିକାରକୁ ଯାଇଥିଲେ ଆପଣଙ୍କୁ ସଙ୍ଗରେ ନେଇଯାଇଥାଆନ୍ତି—ଆପଣ ବାଘ ଶିକାର ଦେଖିଥାଆନ୍ତେ ।' ମୁଁ କହିଲି—'ଭାରତବର୍ଷ ମାସିକ ପତ୍ରିକାରେ ଆକ୍ଷେଟିକ ଆଖ୍ୟାଧାରୀ ଜଣେ ପ୍ରସିଦ୍ଧ ଶିକାରୀର ବ୍ୟାଘ୍ର ଶିକାର କାହାଣୀ ପଢ଼ିଥିଲି । ବ୍ୟାଘ୍ର ଶିକାର ବଡ଼ ସଙ୍କଟ ବ୍ୟାପାର । ରାଜା ସାହେବ କହିଲେ ଶିକାରୀଙ୍କୁ ଏହିକଳାହାଣ୍ଡିବଣରେବାଘ ମାରିଥିଲା । ତାହା ସମ୍ବାଦ ପତ୍ରମାନଙ୍କରେ ପ୍ରକାଶିତ ମଧ୍ୟ ହୋଇଥିଲା । ମୁଁ କହିଲି—ମୁଁ ତାହା ପଢ଼ିଥିଲି; ମାତ୍ର ବିସ୍ମୟର ବିଷୟ ଯେ, କେତେ କେତେ ବଡ଼ ବଡ଼ ମହାବଳ ବାଘକୁ ମାରି ବହୁ ସୁଖ୍ୟାତି ଅର୍ଜନ କରିଥିଲେ, ସେହି ସିଦ୍ଧଲକ୍ଷ୍ୟ ପ୍ରବୀଣ ଶିକାରୀଙ୍କୁ ବାଘ କପରି ମାରିଲା । ରାଜା କହିଲେ—"ସେ ବାଘ ମାରିବା ପାଇଁ ପାଲରେ ଜଗି ବସିଥିଲେ । ବାଘ ଆସିବାରୁ ଗୁଳି କଲେ । ସେ ଗୁଳି ବାଘ ଦେହରେ ପୂରି ଯାଇଥିଲେ ବାଘ ସେହିକ୍ଷଣି ମରିଯାଇଥାଆନ୍ତା; ମାତ୍ର ଗୁଳି ବାଘ ଖୁଆ ତଳେ ଘଷିହୋଇ ବାହାରିଗଲା । ସେ ଗୁଳିର ଚୋଟରେ ବାଘ ଛନାଆହୋଇ ମୂର୍ଚ୍ଛିତ ହେଲା । ଶିକାରୀ ତାକୁ ମୃତ ଜ୍ଞାନ କରି ପାଲରୁ ଓହ୍ଲାଇ ଆସିଲେ । ଏଣେ ତେତିକିବେଳେ ବାଘର ମୂର୍ଚ୍ଛା ଭାଙ୍ଗିଗଲା । ସେ ହଠାତ୍ ଉଠିପଡ଼ି ଶିକାରୀର ମୁଣ୍ଡ ମୋଡ଼ିଦେଇ ତାଙ୍କୁ ଖଣ୍ଡେ ଦୂରକୁ ଫିଙ୍ଗିଦେଇ ବାହାରିଗଲା । ମୃତ ଶିକାରୀଙ୍କର ନାମ—କାଉସ୍ତୁର କୁମୁଦନାଥ ଚୌଧୁରୀ ।" ଏହି ଭୀଷଣ ଘଟଣା ଶୁଣି ଭୟରେ ମୋର ଦେହ ଥରିଉଠିଲା । ଭାବିଲି, ମନୁଷ୍ୟ ଜାଣୁ ଜାଣୁ ଅବ୍ୟାପାରରେ ବ୍ୟାପାର କରିବାକୁ ଯାଏ କାହିଁକି ? କ୍ଲୀବତା କାପୁରୁଷର ଲକ୍ଷଣ; ସୁତରାଂ ସାହସ ଆବଶ୍ୟକ ? ମାତ୍ର ଅତି ସାହସ ଅଶ୍ରେୟସ୍କର, ତାହା ବାଞ୍ଛନୀୟ ନୁହେଁ । ନିୟତିଃ କେନ ବାଧ୍ୟତେ । ମିନିଟିଏ କି ଦୁଇମିନିଟ ଅପେକ୍ଷା କରିଥିଲେ ବାଘର ମୂର୍ଚ୍ଛା ଭଙ୍ଗପରେ ସେ ତାକୁ ଅକ୍ଲେଶରେ ମାରିପାରିଥାଆନ୍ତେ; ମାତ୍ର ସେ ଉଲ୍ଲାସରେ ହତଜ୍ଞାନ ହୋଇ ଶୀଘ୍ର ପାଲରୁ ଓହ୍ଲାଇପଡ଼ିବାରୁ ଶିକାରର ଶିକାର ହୋଇ ପ୍ରାଣ ହରାଇଲେ ।

ରାଜା ମହୋଦୟଙ୍କୁ ମୁଁ ପଚାରିଲି—'ବଳଦକୁ ଦରମରା କରିଥିବା ବାଘଟା ବୋଧ ହୁଏ ସାନ ବାଘ କିମ୍ବା ସେ ମହାବଳ ବାଘ ନୁହେଁ, ଅନ୍ୟ କ୍ଷୁଦ୍ର ଜାତିର ବାଘ ହୋଇଥିବ ।' ରାଜା ମହୋଦୟ ତହୁଁ କହିଲେ 'ନା, ସେ ବୃହତ୍ ମହାବଳ ବାଘ । ବଳଦକୁ ସେଠାରୁ ଆଣିବା ଲୋକେ କହୁଥିଲେ, ମୂଗ କିଆରିରେ ବାଘର ପଞ୍ଝା ସାନହାଣ୍ଡି ପାତ୍ର ପରି ପଡ଼ିଥିଲା । ସେଥିରୁ ବୋଧ ହୁଏ, ବାଘଟା ଖୁବ୍ ବଡ଼ । ବଳଦଟା କଣା, ତାହାର ଗୋଟାଏ ଆଖିକୁ ଦିଶେ ନାହିଁ । ସେ ବାଘକୁ ଦେଖିଥିଲେ ପଳାଇଆସିପାରିଥାଆନ୍ତା । ସକାଳ ହୋଇଗଲା, ଲୋକେ ବଳବାଣ୍ଡକୁ ଗଲେ । ସେଥିପାଇଁ ବାଘ ଭୟରେ ପର୍ବତକୁ ଉଠିଗଲା; ନଚେତ୍ ବଳଦକୁ ନ ମାରି ଦରମରା କରି ଛାଡ଼ିଯାଇ ନଥାନ୍ତା ।' ଏହିପରି ନାନା କଥାବାର୍ତ୍ତାରେ ସନ୍ଧ୍ୟା ହୋଇଗଲା । ଆମ୍ଭେମାନେ ରାଜା ମହୋଦୟଙ୍କଠାରୁ ବିଦାୟ ନେଇ ବସାକୁ ଆସିଲୁଁ ।

ପରଦିନ ସକାଳେ ରାଜା ମହୋଦୟ ମୋଟର ଆଣି ଆମ୍ଭମାନଙ୍କୁ ନେଇଗଲେ । ରାଜାସାହେବ ନିଜେ ରଥୀ, ନିଜେ ସାରଥି । ତାଙ୍କୁ ସ୍ୱୟଂ ଆସିବାର ଦେଖି ମୁଁ ଅତି ବିସ୍ମିତ ହେଲି । ମୋ ଭଳି ଦୀନ ହୀନ ପ୍ରତି ତାଙ୍କର ଏ ସ୍ନେହ ମୋର ପରମସୌଭାଗ୍ୟର ବିଷୟ

ହେଲେ ହେଁ, ମୋତେ ଟିକିଏ ସଙ୍କୋଚ ବୋଧ ହେଲା, ମୁଁ ମନେ ମନେ ଲଜ୍ଜିତ ମଧ୍ୟ ହେଲି । ଭାବିଲି—ଯେ ପ୍ରକୃତରେ ବଡ଼, ସେ ବାସ୍ତବରେ ଅଭିମାନଶୂନ୍ୟ; ମାତ୍ର ଯେ ବାସ୍ତବରେ ସାନ, ସେହି ଏକା ଅଭିମାନର ହିମାଳୟ ପର୍ବତ । ଜଣେ ରାଜପୁରୁଷଙ୍କର ଏଭଳି ବ୍ୟବହାର, ନିଶ୍ଚୟ ତାଙ୍କ ଦେବଚରିତର ଅଳଙ୍କାର ଏହା ବୋଲିବା ପୁନରୁକ୍ତି ମାତ୍ର । ସିଂହଦ୍ୱାର ସମ୍ମୁଖରେ ଓହ୍ଲାଇ ରାଜକଚେରି ଦେଖିବାକୁ ଗଲି । ବିଚାରାସନ ଏବଂ ଅର୍ଥୀ ପ୍ରତ୍ୟର୍ଥୀ ସାକ୍ଷୀମାନଙ୍କର ସ୍ଥାନ ଠିକ୍ ଗଭର୍ଣ୍ଣମେଣ୍ଟ କଚେରୀରେ ନିର୍ମିତ । ରାଜାସାହେବଙ୍କର ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ଅଛି । ସେ ଜେଲ୍ ଜୋରିମାନା ଉଭୟ ଦଣ୍ଡବିଧାନ କରିପାରନ୍ତି । ନିକଟରେ ଟ୍ରେଜେରୀ । ସେଠାରେ ସଶସ୍ତ୍ର ପ୍ରହରୀ ପ୍ରହରାରେ ନିଯୁକ୍ତ । ରାଜବଂଶର ଇଷ୍ଟଦେବୀ ଦକ୍ଷିଣକାଳୀଙ୍କର ଦେଉଳ ନଅର ମଧ୍ୟରେ ଅବସ୍ଥିତ । ଅଧିଷ୍ଠାତା ଗୋପୀନାଥଙ୍କର ରାଜବାଟୀ ସମ୍ମୁଖରେ ଗୋଟିଏ ନୂତନ ଦେଉଳ ନିର୍ମିତ ହୋଇଅଛି । ଉପର କାମ ଶେଷ ହୋଇ ତଳ କାମ ଅଳ୍ପ ବାକୀ ଅଛି । ତାହା ମଧ୍ୟ ଶୀଘ୍ର ଶେଷ ହୋଇଯିବ । ବର୍ତ୍ତମାନ ତଳେ ମର୍ମର ପ୍ରସ୍ତର ବାନ୍ଧିହେଉଅଛି । ଦେଉଳଟି ଖୁବ ଉଚ୍ଚ, ଛବି ବହୁଳତା ତାହାର ବିଶେଷତ୍ୱ; କିନ୍ତୁ ଅଶ୍ଳୀଳ ଛବି ଆଦୌ ନାହିଁ । ସବୁ ଦେବଦେବୀ ବିଷୟକ ପୌରାଣିକ ଛବି । ପ୍ରସ୍ତରଖୋଦିତ ପ୍ରତିମୂର୍ତ୍ତିମାନ ସତ୍ୟକି ସୁନ୍ଦର ଭାବୋଦ୍ଦୀପକ । କାଷ୍ଠଶିଳ୍ପର ସୂକ୍ଷ୍ମତା ମଧ୍ୟ ଅତି ଚମତ୍କାର । କବାଟ, ଦେହଳୀ ଏବଂ ଗବାକ୍ଷର ଶିଳ୍ପକଳା ସୁନ୍ଦର କୌଶଳପୂର୍ଣ୍ଣ । ଏ ଯୁଗରେ ଏଭଳି କାରୁକଳା ବାସ୍ତବରେ ଦୁର୍ଲଭ । ଲତା, ପତ୍ର, ପୁଷ୍ପ, ପଶୁ,ପକ୍ଷୀ, ମନୁଷ୍ୟ ପ୍ରଭୃତିର ଅବିକଳ ପ୍ରତିକୃତି ମନକୁ ଅତୀତ ଯୁଗକୁ ଘେନିଯାଏ । ତାହା ଦେଖିଲେ ହୃଦୟରେ ଗର୍ବ ଉଚ୍ଛୁଳିପଡ଼େ । ଏ କାଳରେ ତ ଏଭଳି ଉତ୍କଳର ଶିଳ୍ପକାର ଅଛନ୍ତି! ଧନ୍ୟ ଉତ୍କଳ, ତାହାର ଉତ୍କଳ ଆଖ୍ୟା ଚିରକାଳ ସାର୍ଥକ । ଝରକାରେ କବାଟ ନାହିଁ । ବୃହତ୍ ପ୍ରସ୍ତର ଫଳକରେ ମୂର୍ତ୍ତି ଖୋଳାଯାଇ ଜାଲି ଫୁଟାଯାଇଅଛି । ତଦ୍ଦ୍ୱାରା ଅନୁକରଣରେ ସୁଦ୍ଧା ସ୍ୱଭାବସୁନ୍ଦର ମୂର୍ତ୍ତି ସ୍ପଷ୍ଟ ଫୁଟିଉଠିଅଛି ଏବଂ ଜାଲି ଫାଙ୍କ ଦେଇ ଦେଉଳ ମଧ୍ୟକୁ ବାୟୁ ଏବଂ ଆଲୋକ ପ୍ରବେଶ କରୁଅଛି । ଜଣେ ସ୍ଥାନୀୟ ଅଶିକ୍ଷିତ ଶିଳ୍ପୀ ଏହି ସମସ୍ତ ନିର୍ମାଣ କରିଥିବାର ଶୁଣିଲି । କୌଣସି ଶିଳ୍ପ ବିଦ୍ୟାଳୟରେ ପଢ଼ି ଆଧୁନିକ ଯନ୍ତ୍ର ବ୍ୟବହାର ଜାଣିଥିଲେ ସେ ଅଦ୍ଭୁତ ଉନ୍ନତି ଲାଭ କରିଥାଆନ୍ତା, ଏଥିରେ ସନ୍ଦେହ ନାହିଁ । ପୂର୍ବଜନ୍ମର ସଂସ୍କାର ଏବଂ ପ୍ରତିଭା, ଏ ଜନ୍ମରେ ତାହା ଶକ୍ତି ଉପରେ ପ୍ରଭାବ ବିସ୍ତାର କରିଅଛି । ସେହି ସଂସ୍କାର ପାଶୋରି ପାଠ ପରି ତାହାର ସ୍ମୃତିପଟରେ ଆପେ ଆସି-ଚିତ୍ରିତ ହୋଇଯାଉଅଛି । ଦେଉଳ ସିଂହଦ୍ୱାରର ସଙ୍ଗୀନଧାରୀ ପ୍ରହରିଦ୍ୱୟର ମୂର୍ତ୍ତି ସ୍ୱାଭାବିକତାକୁ ବଳିଯାଇଅଛି । ବ୍ରହ୍ମାଣୀ ଏବଂ ଭୃଙ୍ଗୀ ଜୀବନ୍ତର ଅନୁରୂପ । ଦେଉଳ ଚାରି ପାଖରେ ପକ୍କା ପ୍ରାଚୀର ଏବଂ ପ୍ରାଚୀରର ଆଗପଛରେ ଦୁଇଟି ଦ୍ୱାର । ଏ ପାଖରୁ ଚାହିଁଲେ ଦୁଇଟି ବର୍ଗବନ୍ଧନୀ ମଧ୍ୟରେ ଗୋଟିଏ ଯୁକ୍ତାକ୍ଷର ବନ୍ଦୀ ହେଲାପରି ଦିଶେ । ମୂଳଦେଉଳଟି ଅକ୍ଷର ଏବଂ ତତ୍‌ସଂଲଗ୍ନ ମଣ୍ଡପ, ରେଖ ଦେଉଳଦ୍ୱୟ ତାହାର ମାତ୍ରା । ଯୋଗିଭଣ୍ଟରେ ରୁଦ୍ରାକ୍ଷମାଳା ପ୍ରାୟ ଦେଉଳର ଅଁଳାସାରଟି ବେଶ ସୁନ୍ଦର ଦିଶୁଅଛି । ଦେଉଳର ସମ୍ମୁଖଭାଗରେ ଦୁଇଟି ବୃହତ୍ ବକୁଳବୃକ୍ଷ ଗୋପୀନାଥଙ୍କ ଖଟଣି ସେବା ପ୍ରତୀକ୍ଷାରେ ଠିଆହୋଇଅଛନ୍ତି । ପାର୍ଶ୍ୱଭାଗରେ ନଡ଼ିଆଗଛ ଚାମର ବ୍ୟଜନର ଅଭ୍ୟାସ ପରିପକ୍ୱ କରୁଅଛି । ନଡ଼ିଆଗଛର ଆଳବାଳ ମଧ୍ୟରେ ଏକ ପ୍ରକାର ନୀଳବର୍ଣ୍ଣର ମସୃଣ ତୃଣ କି ଶୈବାଳ ଆଚ୍ଛନ୍ନ ହୋଇରହିଅଛି । ସେଥିରେ ବିଚିତ୍ର ଅଙ୍କିତ ହୋଇଅଛି । ସ୍ଥୂଳତଃ ଏ ଅଂଶଟି ଚୀନରାଜ୍ୟ ପରି ବୋଧ ହୁଏ ।

ଅତଃପର ମୋଟରଘର ଭିତରକୁ ଗଲି । ସେଠାରେ ଖଣ୍ଡିଏ ଲରୀ ଏବଂ ଖଣ୍ଡିଏ ଟାକ୍‌ସି ପ୍ରଭୁଙ୍କ ଆଜ୍ଞା ପ୍ରତୀକ୍ଷାରେ ଥିବାର ଦେଖିଲି । ଆଉ ଖଣ୍ଡିଏ ମୋଟର ପନ୍ଦର ହଜାର ଟଙ୍କା ମୂଲ୍ୟରେ ନୂତନ କିଣା-ହୋଇ ଆସିଅଛି, ତାହା ବ୍ୟବହୃତ ହୋଇ ନାହିଁ । ବର୍ତ୍ତମାନ ସେ ସେବା ଗ୍ରହଣ କରୁଅଛି, ପଛକୁ ସେବାରେ ଲାଗିବ । ନୂତନ ପଦାର୍ଥର ସଦ୍ୟ ସୌନ୍ଦର୍ଯ୍ୟ ଏହିପରି ହୋଇଥାଏ । ସେଖଣ୍ଡିକ ଅତିସୁନ୍ଦର ଭାବରେ ନିର୍ମିତ ।

ସେଠାରୁ ରାଜା ସାହେବଙ୍କ ଅଫିସ ଘରକୁ ଆସିଲି ତାହା ସୁକୌଶଳ ଭାବରେ ସଜ୍ଜିତ । ଶିଶୁକାଠ ନିର୍ମିତ

ଚୌକୀଗୁଡ଼ିକର ଦୃଶ୍ୟ ଅତି ମନୋହର । ଚୌକୀର ହାତରେ ଗୋଟିଏ ଗୋଟିଏ ସିଂହମସ୍ତକ ନିର୍ମିତ ହୋଇ ଅଛି । ତାହା ଏପରି ପାଲିସ ହୋଇଅଛି ଯେ, ସେଥିରେ ପ୍ରତିବିମ୍ବ ପଡ଼ୁଅଛି । ତାହା କାଷ୍ଠନିର୍ମିତ ପରି ଜଣା-ଯାଉ ନାହିଁ । ଠିକ ଯେପରି ଶିଙ୍ଗକୁ ତରଳାଇ ଛାଞ୍ଚରେ ଢାଳି ନିର୍ମାଣ କରାଯାଇଅଛି, ସେହିପରି ବୋଧ ହେଉଅଛି । ଚୌକୀର ପୃଷ୍ଠଭାଗରେ ଦୁଇଟି ଲେଖାଏଁ ମାଛ ଅଙ୍କିତ ହୋଇଅଛି । ତାହା ଅବିକଳ କାଳବାଇଁସି ମାଛ ପରି ସୁନ୍ଦର ଏବଂ ଉଜ୍ଜ୍ୱଳ ଦିଶୁଅଛି । ସିଂହର ଆଖି କାନ, ନାକ, ପାଟି, ଦାନ୍ତ ପ୍ରଭୃତି ନିର୍ମାଣରେ ଶିଳ୍ପୀ ବୋଧ ହୁଏ ଛୁଞ୍ଚିଠାରୁ ସୂକ୍ଷ୍ମ ଅସ୍ତ୍ର ବ୍ୟବହାର କରିଅଛି । ତାହା ଏରୂପ ସ୍ପଷ୍ଟ ଯେ, ଖଣ୍ଡେ ଦୂରରୁ ଭଲରୂପେ ଦେଖାଯାଉଅଛି । କଣ୍ଟା ମୂନପରି ସୂକ୍ଷ୍ମ ଦାନ୍ତଗୁଡ଼ିକର ଶୁକ୍ଳତା ସୁସ୍ପଷ୍ଟରୂପେ ଆଭାସି ଉଠିଅଛି, ସେ ଦୃଶ୍ୟର ଲିଖିତ ବର୍ଣ୍ଣନା ଅସମ୍ଭବ, ପ୍ରତ୍ୟକ୍ଷ ଦର୍ଶନରେ ତାହା ଉପଭୋଗ୍ୟ । ଶୁଣିଲି, ଏହି ସମସ୍ତ ଉପକରଣ ପୂର୍ବୋକ୍ତ ଶିଳ୍ପୀଦ୍ୱାରା ନିର୍ମିତ ହୋଇଅଛି । ସେ ଜଣେ ତନ୍ୟ-ଜାତିର ଲୋକ । ଦୁଃଖର ବିଷୟ ଶିଳ୍ପୀପ୍ରବରକୁ ଦେଖିପାରିଲି ନାହିଁ । ଦେଖିଥିଲେ ପ୍ରାଣର ଧନ୍ୟବାଦ ଜଣାଇ ଆତ୍ମଶ୍ଲାଘା ଉପଭୋଗ କରିଥାଆନ୍ତି । ଅଚିହ୍ନିତ ହେଉପଡ଼େ, ଓଡ଼ିଆ ଜାତିର ସେ ଗୌରବ ଗଣ୍ଠିଧନ ।

ସେଠାରୁ ନବନିର୍ମିତ ରାଜହର୍ମ୍ୟ ଦେଖିବାକୁ ଗଲି । ନୂତନ ନଅର ନିର୍ମାଣକାର୍ଯ୍ୟ ଲାଗିଅଛି । ତଳ କାର୍ଯ୍ୟ ଶେଷ ହୋଇଅଛି, ଉପରମହଲା କାର୍ଯ୍ୟ ଅଳ୍ପମାତ୍ର ଅବ-ଶିଷ୍ଟ ଅଛି । ପ୍ରକାଣ୍ଡ ହର୍ମ୍ୟ, ବାହାରୁ ଦେଖିଲେ ବିସ୍ତୃତିର ପରିମାଣ କଳନହେଉ ନାହିଁ । ରାଜା ସାହେବ ଜଣେ ପ୍ରବୀଣ ଇଞ୍ଜିନିଅର । ସ୍ଥାପତ୍ୟ ବିଦ୍ୟାରେ ତାଙ୍କର ବହୁଦର୍ଶିତା ଅସାଧାରଣ କହିଲେ ଅତିରଞ୍ଜିତ ହେବ ନାହିଁ । କେବଳ ତେତିକି ନୁହେଁ, ରାଜ୍ୟର ପ୍ରତ୍ୟେକ ବିଭାଗର ଉନ୍ନତି ପ୍ରତି ସେ ସତତ ସଚେଷ୍ଟ । ତାଙ୍କର ରାଜନ୍ୟବାଞ୍ଛିତ ସର୍ବଗୁଣବିଚକ୍ଷଣତା ଦେଖି ଭୂତପୂର୍ବ ପୋଲିଟିକେଲ ଏଜେଣ୍ଟ ମହାମାନ୍ୟ ରମସେ ସାହେବ ତାଙ୍କୁ ଦ୍ୱିତୀୟ ସୁତଳ ଦେବ ବୋଲି କହୁଥିଲେ ଏବଂ ତାଙ୍କର ପ୍ରତିଭାର ପ୍ରଶଂସା ମଧ୍ୟ ନାନା ସ୍ଥାନରେ ପ୍ରକାଶ କରୁଥିଲେ । ନବ ହର୍ମ୍ୟର ପରିକଳ୍ପନା ତାଙ୍କ ପ୍ରତିଭାର ଅନୁରୂପ ହୋଇଅଛି । ତଳ ମହଲା ଦେଖିସାରି ଉପର ମହଲାକୁ ଗଲି । ଛାତ ନିର୍ମାଣର ଅପୂର୍ବ କୌଶଳ ବାସ୍ତବରେ ଦର୍ଶନୀୟ । ଛାତରେ ଆଦୌ କଡ଼ି ବିଆଯାଇ ନାହିଁ । ଦୁଇଟି କାନ୍ଥ ଉପରେ ସିମେଣ୍ଟଚୂନରେ ଖିଲାଣ ହୋଇ ଛାତ ପିଟାହୋଇଅଛି । ଛାତ ଯେଉଁପରି ଦୃଢ଼, ସେହିପରି ସୁନ୍ଦର ହୋଇଅଛି । ଟାଇଲବନ୍ଧା ଛାତ ବହୁ ସମୟ ଏବଂ ଅପେକ୍ଷାକୃତ ବ୍ୟୟସାପେକ୍ଷ; ମାତ୍ର ଏ କୌଶଳ ତାହାଠାରୁ ଖୁବ ସହଜ । ଖିଲାଣର ଉଚ୍ଚତା ଏତେ ଊଣା ଯେ, ତଳୁ ଚାହିଁଲେ ଟାଇଲବନ୍ଧା ଛାତପରି ସମତଳ ବୋଧ ହୁଏ । ଘରଗୁଡ଼ିକର ଗଠନପ୍ରଣାଳୀ ଖୁବ ସୁନ୍ଦର ଏବଂ ଚମତ୍କାର । ସେଥିରେ ବୈଚିତ୍ର୍ୟ ଓ ବିଶେଷତ୍ୱ ଉଭୟ ଅଛି । କୋଠା ଉପରୁ ଚାହିଁଲେ ଝାଉନର ଦୃଶ୍ୟ ଅତି ମନୋହର ଦିଶେ । କଲମପଲ୍ଲୀଗୁଡ଼ିକ ଧାଡ଼ି ଧାଡ଼ି ହୋଇ ଋଷିଆଶ୍ରମ ପରି ବୋଧହୁଏ । କୋଠା ତଳେ ଗୋଟିଏ କମଳାଗଛ ଫଳରେ ଭାରାକ୍ରାନ୍ତ, କେତେଗୁଡ଼ିଏ ଫଳ ପାଚିଅଛି । ଗଛରେ ରହି ଫଳଥିବା ପରି ତାହା ବିସ୍ମୟପ୍ରଦ ଦୃଶ୍ୟ । ସତେ ଯେପରି ଏକ ଗଛରେ ପଦ୍ମରାଗ, ମର୍କତ ଉଭୟମିଶି ଫଳିଅଛି । ମଙ୍ଗଳ ବୁଧ ଏକ ରାଶିରେ ରହିଲା ପରି ଗୋଟିଏ ଡେମ୍ପରେ ପକ୍ୱ ଅପକ୍ୱ ଦୁଇଟି ଫଳ ଫଳିଅଛି କିମ୍ବା ଏକ ଶବ୍ଦ ଦୁଇ ବିଭିନ୍ନ ଅର୍ଥ ଧାରଣ କରିଅଛି । ହର୍ମ୍ୟ ସମୀପରେ ପ୍ରଭୁ ଆଗରେ ଭୃତ୍ୟ କରଯୋଡ଼ି ଉଭା ହେଲା ପରି ଗୋଟିଏ କିଶୋରବୟସ୍କ ଲବଙ୍ଗ ବୃକ୍ଷ ଠିଆ ହୋଇଅଛି । ବୈଚିତ୍ର୍ୟମୟୀ କାନନକୁନ୍ତଳା ଭୂମି ଲାଞ୍ଜିଗଡ଼ ରାଜ୍ୟର କମନୀୟ ଦୃଶ୍ୟ ବର୍ଣ୍ଣନା କରୁଥିଲେ ସମ୍ଭବ ନାହିଁ । ସୁନ୍ଦରମୟୀ ପ୍ରକୃତି ଯାହାକୁ ବହୁହସ୍ତରେ ସଜ୍ଜିତ କରୁଅଛି, ତାହାର ପଟାନ୍ତର ବା କଅଣ ଅଛି । ବିଶେଷତଃ ଗିରିରାଜ ନିୟାମଗିରି ଯାହାର ଶୋଭା ସମ୍ପଦର ଅଧ୍ୟକ୍ଷ ଗନ୍ଧାଧର, ସୁଷମାଲକ୍ଷ୍ମୀ ଯେଉଁଠାରେ ନିତ୍ୟ ନବବୈଚିତ୍ର୍ୟର ଦରବାର ବସାଇଅଛନ୍ତି, ତାହାର ଯୋଗ୍ୟ ଉପମା ସେହି ଏକା ସିନା । ଲାଞ୍ଜିଗଡ଼ ଦୃଶ୍ୟ-ବହୁଳ ରାଜ୍ୟ, ସେ ଦୃଶ୍ୟ ଭୟବେଷ୍ଟିତ ହେଲେହେଁ ଅଦମ୍ୟ ଦିଦୃକ୍ଷା ସେ ଭୟକୁ ଖାତିର କରେ ନାହିଁ ।

ଭୟକୁ ଯେ ନ ଡରେ ଭୟ ତାହା ପାଦତଳେ ଭୟରେ ଶରଣ ପଶେ । ଗିରିକାନନପ୍ରକୃତି ଯେଉଁଠାରେ, ଇନ୍ଦ୍ରଙ୍କର ନନ୍ଦନବନ ସେଇଠାରେ, ବରୁଣଙ୍କ ଚୈତ୍ରରଥ ଏବଂ କୁବେରଙ୍କ ମୈତ୍ରେୟକାନନ ବି ସେଇଠାରେ । ଗିରିଦେବୀ, ବନଦେବୀ, ଶୋଭାଦେବୀଙ୍କର ତାହା ଚିର ମିଳନମନ୍ଦିର । ଭୀଷଣତା ମଧ୍ୟରେ ଯେଉଁ ସୌନ୍ଦର୍ଯ୍ୟର ନିବାସ ସେ ସୌନ୍ଦର୍ଯ୍ୟ ନୂପଳାନ ପ୍ରାଣବାନ୍, ସେ କଥା କହେ । ଏ ଅରଣ୍ୟସଙ୍କୁଳସ୍ଥ ନଗରେ ମଶାଉପଦ୍ରବ ନାହିଁ; ଅଥଚ ମେଲେରିଆ ପ୍ରବଳ—ଏହା ଅଦ୍ଭୁତ ବିଷୟ । ଡାକ୍ତରମାନେ କହନ୍ତି—'ମଶା ମେଲେରିଆର ଜନକ । ତାହା ଅଭାବରେ ମେଲେରିଆ ଠାକୁରାଣୀ ଏଠାରେ ପିତୃଶୂନ୍ୟ ହୋଇଛନ୍ତି ।'

ନବ ହର୍ମ୍ମ୍ୟ ଦେଖିସାରି ପ୍ରଶସ୍ତ ପ୍ରାଙ୍ଗଣ ମଧ୍ୟ ଦେଇ ପୂର୍ବୋକ୍ତ ବୈଠକଖାନାରେ ଆସି ବସିଲୁ । ସେଠୁ ରାଜବଂଶର ଅଧିଷ୍ଠାତ୍ରୀଦେବୀ ଦକ୍ଷିଣକାଳୀଙ୍କ ଦେଉଳ ଦେଖାଯାଏ । ଦେଉଳଟି ପ୍ରାଚୀନ । ଦେବୀଙ୍କର ରୌପ୍ୟ ମୂର୍ତ୍ତି ରୌପ୍ୟ ସିଂହାସନରେ ଅଧିଷ୍ଠିତ ଏବଂ ରୌପ୍ୟ-ଛତ୍ର ରୌପ୍ୟ ଚାମର ଶୋଭିତ । ସେଦିନ ସୋନପୁରରୁ ପତ୍ର ଆସିଥିଲା—ରାଜା ସାହେବଙ୍କର ଦୌହିତ୍ର ଗୋଟାଏ ବୃହତ୍ ବ୍ୟାଘ୍ର ଶିକାର କରିଥିଲେ । ପତ୍ରଖଣ୍ଡି ସେହି ଆନନ୍ଦ ସମ୍ବାଦ ବହନ କରି ଆଣିଥିଲା । ଦ୍ୱାଦଶବର୍ଷୀୟ କୁମାରଙ୍କ ପକ୍ଷରେ ବ୍ୟାଘ୍ର ଶିକାର ଅତି ଆଶ୍ଚର୍ଯ୍ୟର ବିଷୟ । ମୃଗୟାକୁଶଳବନ୍ଦିତ, ଶାର୍ଦ୍ଦୂଳ ମର୍ଦ୍ଦନ ମାତାମହଙ୍କର ବୀରତ୍ୱ ପ୍ରଖର ଦୌହିତ୍ରଙ୍କ ଶକ୍ତିକୁ ପ୍ରଭାବିତ କରିଅଛି । ଶିକାର ସମ୍ବନ୍ଧରେ କେତେ କଥା ରାଜା ସାହେବଙ୍କଠାରୁ ଶୁଣିଲୁ । ମୋର ପାରିଧି ଦେଖିବା ଇଚ୍ଛାକୁ ସେ ଏହି ଖବରରେ ପୂର୍ଣ୍ଣ କଲେ । ମୋତେ ମଧ୍ୟ ଅଗତ୍ୟା ସେହି ଶୋଭିବାଇଗଣରେ ସନ୍ତୁଷ୍ଟ ହେବାକୁ ହେଲା । ଗୋଟିଏ ଚମ୍ପୂ ସଙ୍ଗୀତର ନୂତନ ରେକର୍ଡ ରାଜା ମହୋଦୟ ଆଣାଇଥିଲେ; ସେହି ସଙ୍ଗୀତଟି ଗ୍ରାମୋଫୋନଯନ୍ତ୍ର ଗାନ କଲା । ଏକେତ ଲଳିତ ମଧୁର ପଦଯୋଜନା, ତାହା ଉପରେ ପୁଣି କିନ୍ନର କଣ୍ଠଗାୟକ ଗ୍ରାମୋଫୋନ ଯନ୍ତ୍ରର ସୁଧୁର ସ୍ୱର, ମଧୁର ମୂର୍ଚ୍ଛନା ମଧୁ ଉପରେ ମଧୁ ବୃଷ୍ଟି ହେଲାପରି ବୋଧ ହେଲା । ବିଜ୍ଞାନର କି ଅଦ୍ଭୁତ ଶକ୍ତି ! ନିର୍ଜୀବ ଯନ୍ତ୍ରକୁ ସେ ସଜୀବ କରି-ଦେଇଅଛି । ଯୋଗଶକ୍ତି ପ୍ରଭାବରେ ଅସାଧ୍ୟ ସୁସାଧ୍ୟ ହୁଏ । ଏହି ବିଜ୍ଞାନହିଁ ସେହି ଯୋଗ ମହାବିଦ୍ୟା । ତାହାର ଅଘଟନଘଟନପଟୀୟସୀ ଶକ୍ତି ଅନନ୍ତ ଅକଳିତ । ସିଂହଦ୍ୱାରସ୍ଥ ଘଣ୍ଟରେ ଏଗାରଟା ବାଜିଗଲା । ସଙ୍ଗୀତସୁଧାପାନ ଶେଷରେ ରାଜା ମହୋଦୟଙ୍କଠାରୁ ବିଦାୟ ନେଇ ଆମ୍ଭେମାନେ ବସାକୁ ଫେରିଆସିଲୁ । ଆସିବାବେଳେ ହାତୀଶାଳ ଦେଖିଆସିଲୁ । ଗଜଦମ୍ପତି ତେତେବେଳେ ଡାଲ ଭୋଜନରେ ନିଯୁକ୍ତ ଥିଲେ । କି ତପସ୍ୟା ଫଳରେ କେଜାଣି, ସେମାନେ ଗିରିଗହ୍ୱରର ତୁଲ୍ୟ ଉଦରଟିମାନ ଲାଭ କରିଅଛନ୍ତି । ଗୋଟିଏ ମହାକୁମ୍ଭର ଡାଲ ତାଙ୍କ ବାଲଭୋଗକୁ ନିଅଣ୍ଟ ।

ଲଞ୍ଜିଗଡ଼ ରାଜ୍ୟର ପରିମାଣ ୨୫୨ ବର୍ଗମାଇଲ । ଲୋକସଂଖ୍ୟା ୧୪୫୮୦ । ରାଜଧାନୀର ଗୃହସଂଖ୍ୟା ୨୮୭ ଏବଂ ଲୋକସଂଖ୍ୟା ୧୧୪୨ । ରାଜଧାନୀରେ ଗୋଟିଏ ପୋଲିସ ଥାନା ଏବଂ ଶିଉରକୁପାରେ ଗୋଟିଏ ଆଉଟ ପୋଷ୍ଟ ଅଛି । ଅପରପ୍ରାଇମେରୀ ସ୍କୁଲ ଦୁଇ ଗୋଟି ମଧ୍ୟରୁ ରାଜଧାନୀରେ ଗୋଟିଏ ଏବଂ କମଠାରେ ଗୋଟିଏ ଅଛି ।

ଏ ରାଜ୍ୟରେ ବହୁତ ଗଉଡ଼ ଅଛନ୍ତି । ସେମାନେ ଦୁଇ ଶ୍ରେଣୀର—ଗୋଲ ଖୁଣ୍ଟିଆ ଏବଂ ମଗଧା । ଗୋଲଖୁଣ୍ଟିଆମାନେ ସବାରି ବାହାନ୍ତି ନାହିଁ । ପାଇକ ପ୍ରାୟ ୫୦ ଘର ଅଛନ୍ତି । ବ୍ରାହ୍ମଣ କରଣ ଆଦି ଉଚ୍ଚ ଜାତି ମଧ୍ୟ ଅଛନ୍ତି । ବନ୍ୟ ଜାତି ମଧ୍ୟରେ କନ୍ଧ, ଡମ ପ୍ରଭୃତି ପ୍ରଧାନ । କମାର ଏବଂ ଭଣ୍ଡାରୀ ଅଳ୍ପ ଅଛନ୍ତି । ଏଠାର ଧୋବାମାନେ ଜଳଛୁପେ ଲୁଗା ସଫା କରିଜାଣନ୍ତି ।

ଲଞ୍ଜିଗଡ଼ରେ ରେତ ଏବଂ ବଂଶଧାରା ନାମରେ ଦୁଇଟି ନଦୀ ପ୍ରବାହିତ ହୁଏ । ରେତ ସୁଣ୍ଡିଡୁଙ୍ଗରରୁ ଏବଂ ବଂଶଧାରା ନିୟାମଗିରିରୁ ନିର୍ଗତ ହୋଇଅଛି । ନିୟାମଗିରିରୁ ଅଖଣ୍ଡ ସ୍ୱଳ୍ପ ଧାରା ପରି ଦୁଇଟି ଝରଣା ଅନବରତ ବହୁଅଛି । ରଘୁ ମହାରାଜ ଇନ୍ଦ୍ରଙ୍କୁ କୃଷି କ୍ଷେତ୍ରରେ ଖଟାଇଲା ପ୍ରାୟ ଲଞ୍ଜିଗଡ଼ ରାଜା ଉକ୍ତ ଝରଣା-ଦ୍ୱୟଙ୍କୁ କୃଷିକ୍ଷେତ୍ର ଏବଂ କଲମି ଆମ୍ବ, କମଳା ଉଦ୍ୟାନ ସେବାରେ ଖଟାଇଅଛନ୍ତି ।

ରାଜଧାନୀର ପଶ୍ଚିମ ପାର୍ଶ୍ୱସ୍ଥ ଭୈରବଡୁଙ୍ଗର ପର୍ବତରେ ଭୈରବ ଭୈରବୀ ଦେବଦେବୀଦ୍ୱୟ ଅଛନ୍ତି ।

ସେଠାରେ ପୂଜା ଏବଂ ବୋଦା ବଳିପଡ଼େ । ଭାଦ୍ର ଶୁକ୍ଳ ଅଷ୍ଟମୀରେ ଝାମିଯାତ୍ରା ହୁଏ । ଏହା ଏ ଅଞ୍ଚଳର ପ୍ରଧାନ ଉତ୍ସବ ବା ମେଳା । ଏହି ଉତ୍ସବ ୯ ଦିନ ପର୍ଯ୍ୟନ୍ତ ହୁଏ । ଶେଷଦିନ କାଳିସିମାନେ ନିଆଁ ଉପରେ ଚାଲନ୍ତି । ଏହାକୁ ବାଲିଯାତ୍ରା ମଧ୍ୟ କହନ୍ତି । ୧୪ ହାତ ଲମ୍ବ, ୫ ହାତ ଓସାର ଏବଂ ଦେଢ଼ହାତ ଗଭୀରରେ କୁଣ୍ଡ ଖୋଳାଯାଏ । ସେଥିରେ ୧୦।୧୫ ସଗଡ଼ କାଠ ଜଳାଯାଏ । ନିଆଁ ହୁହୁ ହୋଇ ଜଳୁଥିବା ବେଳେ କାଳିସିମାନେ ଗୋଡ଼ରେ ଝଟଲାଫୁଲମାଳ ବାନ୍ଧି ନିଆଁ ଭିତରେ କୁଣ୍ଡର ଏ ପାଖରୁ ସେ ପାଖଯାଏଁ ଚାଲିଯାଆନ୍ତି । ଗୋଡ଼ ପୋଡ଼ିଯିବା ଦୂରେ ଥାଉ, ଗୋଡରେ ବାନ୍ଧିଥିବା ଝଟଲାଫୁଲ ସୁଦ୍ଧା ମଉଳେ ନାହିଁ । କାଳିସିମାନେ କଣ୍ଟାଦୋଳାରେ ଝୁଲନ୍ତି । ଦେହରେ କଣ୍ଟା ଫୋଡ଼ିଯାଏ ନାହିଁ; ବରଂ କଣ୍ଟାର ମୂନ ବଙ୍କା ହୋଇଯାଏ । ଏହା ଦେବତାଙ୍କ ପ୍ରଭାବ ବୋଲି ଲୋକଙ୍କର ବିଶ୍ୱାସ । ଏହି ଅଦ୍ଭୁତ ଦୃଶ୍ୟ ଦେଖିବା ପାଇଁ ବହୁ ସହସ୍ର ଲୋକ ରୁଣ୍ଡ ହୁଅନ୍ତି । ମାନସିକ କରି ମଧ୍ୟ ବହୁତ ଲୋକ ଆସନ୍ତି । ସତୀତ୍ୱର ପରୀକ୍ଷା ଦେବା ପାଇଁ ସୀତା ଅଗ୍ନିକୁଣ୍ଡରେ ପଶିଥିଲେ; କିନ୍ତୁ କାଳିସିମାନେ ଅଗ୍ନିକୁଣ୍ଡ ଭିତରେ ଚାଲି କି ବିଷୟରେ ପରୀକ୍ଷା ଦିଅନ୍ତି, ତାହା କିଏ କହିବ । ଯାହା ହେଉ, ଏଭଳି ଆଶ୍ଚର୍ଯ୍ୟ ବ୍ୟାପାର ବାସ୍ତବରେ ଦ୍ରଷ୍ଟବ୍ୟ ।

ନିୟାମଗିରିରେ ଅନେକ ପ୍ରକାର ଜୀବଜନ୍ତୁ ବାସ କରନ୍ତି । ସେଥି ମଧ୍ୟରେ ବାଘ, ଭାଲୁ, ବରାହ, ଚିତଲ, କୁଟୁରା (ଛେଳିପରି ଆକୃତିବିଶିଷ୍ଟ), ଖୁଦୁର (ଶଶା), କେଉଟା (ଶଶାଜାତୀୟ; କିନ୍ତୁ ଟିକିଏ ବଡ) ଶମ୍ବର, ଗଧୂଳ, ବଣକୁକୁଡ଼ା, ଧୂମା (ଘୋଡ଼ ପରି ଦେଖାଯାଏ, ଏହାର ବର୍ଣ୍ଣ କଳା । ନିମ୍ନ ଜାତୀୟ ଲୋକେ ଏ ଜନ୍ତୁର ମାଂସ ଖାଆନ୍ତି ) ଶାରୀ, ଶୁଆ, ଭୃଙ୍ଗରାଜପକ୍ଷୀ ପ୍ରଭୃତି ପ୍ରଧାନ । ଭୃଙ୍ଗରାଜ ପକ୍ଷୀର ଲାଞ୍ଜ ଖୁବ୍ ଲମ୍ବା, ଏମାନେ ଶୁକ ଶାରୀ ପରି କଥା କହିପାରନ୍ତି । ଏ ପକ୍ଷୀ ପୋଷମାନେ, ଏହା ବ୍ୟତୀତ କ୍ଷୁଦ୍ର ଜାତୀୟ ପଶୁପକ୍ଷୀର କଳନା ନାହିଁ । ନିୟାମଗିରିର ଉଚ୍ଚତା ୪୭୭୭ ଫୁଟ । ପର୍ବତ ତଳେ ଏବଂ ଉପରେ ଅନେକ କନ୍ଧପଲ୍ଲୀ ଅଛି । କନ୍ଧମାନେ କୃଷିଜୀବୀ, ମୃଗୟା ମଧ୍ୟ କରନ୍ତି ।

ନିୟାମଗିରିର କଟି ଦେଶରେ ପୁରାତନ ନଅରର ଭଗ୍ନାବଶେଷ ଦୃଷ୍ଟିଗୋଚର ହୁଏ । ମୃତ୍ତିକା ନିର୍ମିତ ପ୍ରାଚୀର, ମଣ୍ଡପ, ଗୃହ ପ୍ରଭୃତି ଦେଖିବାକୁ ମିଳୁଅଛି । କେଉଁ ସମୟରେ କେଉଁ ରାଜାଙ୍କ ରାଜତ୍ୱ କାଳରେ ସେଠାରେ ନଅର ନିର୍ମିତ ହୋଇଥିଲା, ତାହା ଜାଣିବାର ଉପାୟ ନାହିଁ; ମାତ୍ର ସେଠାରେ ନଅର ନିର୍ମିତ ହୋଇ ପୂର୍ବତନ କେହି ରାଜା ଯେ ଅବସ୍ଥାନ କରୁଥିଲେ ଏହା ଅଭ୍ରାନ୍ତ ସତ୍ୟ, ଏଥିରେ ମତଦ୍ୱୈଧ ହୋଇ ନ ପାରେ । କାରଣ ଜରାଜୀର୍ଣ୍ଣ ନଅରର ଭଗ୍ନାବଶେଷ ମୂକସାକ୍ଷୀରୂପେ ବିରାଜମାନ । ନଅରର ଧ୍ୱଂସାବଶେଷ ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର ଗବେଷଣାର ବିଷୟ । ବର୍ତ୍ତମାନ ସେ ସ୍ଥାନ ନିବିଡ଼ ଅରଣ୍ୟାନୀସଙ୍କୁଳ । ପୂର୍ବର ସେ ବିଭବ ନାହିଁ, ଗଗନପବନରେ ସେ ପୂର୍ବ ବୈଭବର ସତ୍ତା ମାତ୍ର ଭାସିବୁଲୁଅଛି ।

ଏ ରାଜ୍ୟରେ ଧାନ, ମାଣ୍ଡିଆ, ଶୁଆଁ, ଜନା, କୁଶଲା, ମୁଗ, ବିରି, ହରଡ଼, ଘାଣ୍ଟିଆ, ସୋରିଷ, ଚଣା, ଝୁଡ଼ୁଙ୍ଗ (ବରଗୁଡି ଜାତୀୟ) ରାଶି, କୋଦୁ ପ୍ରଭୃତି ନାନାଜାତୀୟ ଶସ୍ୟ ଉତ୍ପନ୍ନ ହୁଏ । କପା, ଧୂଆଁପତ୍ର ଆଖୁ, କନ୍ଦମୂଳ, ମୂଳା ପ୍ରଭୃତିର ଚାଷ ମଧ୍ୟ ଅନେକ ସ୍ଥାନରେ ହୁଏ । ଖଣିଜ ପଦାର୍ଥ ମଧ୍ୟରେ ଅଭ୍ର ପ୍ରଧାନ । ମୃତ୍ତିକା କଳାହାଣ୍ଡି ପରି ଉର୍ବର । ବନଜାତ ଦ୍ରବ୍ୟ ମଧ୍ୟରେ ନାନା ପ୍ରକାର ଉତ୍କୃଷ୍ଟ କାଠ, ଶିଙ୍ଗ, ମହୁ, ମହମ, ମହୁଲମଦ ପ୍ରଭୃତି ପ୍ରଚୁର ମିଳେ ।

ଲାଞ୍ଜିଗଡ଼ ରାଜ୍ୟରୁ ଦୁଇଟି ଗ୍ରାମ ଜଗନ୍ନାଥ ମହାପ୍ରଭୁଙ୍କୁ ଦିଆଯାଇଅଛି । ସେଥିର ଆୟ ପ୍ରତିବର୍ଷ ପୁରୀକୁ ପଠାଯାଏ । କମଳା ସମୟରେ ସୁପକ୍ୱ କମଳା ମଧ୍ୟ ପଠାଯାଏ । ଲାଞ୍ଜିଗଡର କମଳା ଖୁବ୍ ଉତ୍କୃଷ୍ଟ ବୋଲି ତାହାର ପ୍ରଶଂସା ଅଛି । ତାହା ଖୁବ୍ ବଡ଼ ଏବଂ ମଧୁର । ଏଠାର ଦୁଧ, ଘିଅ, ତେଲ ଶସ୍ତା । ମଇଁଷି ଦୁଧ ଅଧିକ ମିଳେ ।

ପୂର୍ବେ ରାଜାମାନେ ପାଇକଶ୍ରେଣୀୟ ଯୋଗ୍ୟ ଲୋକମାନଙ୍କୁ କାଣ୍ଡି କନ୍ଧମାନଙ୍କର ଶାସକ ନିଯୁକ୍ତ କରୁଥିଲେ । ସେମାନଙ୍କର ଉପାଧି ପାତ୍ର । ସେମାନଙ୍କୁ ଖଣ୍ଡିଏ ଲେଖାଏଁ ଗ୍ରାମ ଦିଆଯାଏ । ପାପତହାଣ୍ଡିରୁ

ବାରଭୁଇଁ ପାଞ୍ଚ ସପ୍ତାହଭିତରରେ ଲାଞ୍ଜିଗଡ଼ ଆଡ଼କୁ ଆସିଲେ । ବାଟରେ ଗୋଟିଏ ଶମ୍ବର ଦେଖି କାଣ୍ଡ ବାଣ୍ଡିଲେ । ଶମ୍ବର ମଲା ନାହିଁ, ଖଣ୍ଡିଆ ହୋଇ ପଳାଇଲା । ଶିକାରୀମାନେ ତାହାର ରକ୍ତଚିହ୍ନ ଅନୁସରଣ କରି ଅଗ୍ରସର ହେଲେ । ରାତି ହୋଇଯିବାରୁ ତେଲପଡ଼ିଆରେ ସମସ୍ତେ ଶୋଇଲେ । କେବଳ ବଡ଼ଭୁଇଁ ଜାଗ୍ରତ ରହିଲେ । ଅର୍ଦ୍ଧରାତ୍ରରେ ଭୈରବ ଦେବତା ମନୁଷ୍ୟ ରୂପରେ ଆସି ତାଙ୍କୁ କହିଲେ— 'ମୁଁ ତୋ ପ୍ରତି ସୁପ୍ରସନ୍ନ ହୋଇଅଛି, ତୁ କୋଡ଼ିକାଙ୍କରେ ଖୋଳି ମୋତେ ବାହାର କର । ଖଣ୍ଡିଆ ଶମ୍ବରକୁ ତୁ ଆଉ ପାଇବୁ ନାହିଁ, କାଲି ସକାଳେ ଆଉ ଗୋଟାଏ ଶମ୍ବର ଦେଖିବୁ । ତାହାର ଗୋଟାଏ ଶିଙ୍ଗ ଉପରେ, ଆଉ ଗୋଟାଏ ତଳେ, ତାକୁ ମାରିପକାଇବୁ ।' ଏହା କହି ଭୈରବ ଦେବତା ଅନ୍ତର୍ହିତ ହେଲେ । ପରଦିନ ତାର ବାରଭୁଇଁଙ୍କୁ ଏକଥା କହି ଦେବତାଙ୍କ ଆଦେଶ ପାଳନ କଲା । ପୂର୍ବୋକ୍ତ ଶମ୍ବର ମଧ୍ୟ ଆସିବା, ସେ କାଣ୍ଡ ବିନ୍ଧି ତାକୁ ମାରିପକାଇଲେ । କନ୍ଧମାନେ ପୂର୍ବେ ବାଟରେ ଯାହାକୁ ଦେଖୁଥିଲେ ତାକୁ ମାରିଦେଉଥିଲେ, କେବଳ ଯେଉଁମାନେ ଲୁଣ, ଧୂଆଁପତ୍ର ବିକିବାକୁ ଆଣୁଥିଲେ, ସେମାନଙ୍କୁ ମାରୁ ନଥିଲେ । ବାରଭୁଇଁ କନ୍ଧମାନଙ୍କୁ ଡାକିଲେ, ଶତାଧିକ କନ୍ଧ ଆସି ପହଞ୍ଚିଲେ । ବାରଭୁଇଁ ସେମାନଙ୍କୁ କହିଲେ—"ତୁମ୍ଭେମାନେ ଆମ୍ଭମାନଙ୍କୁ ମାନିକରି ରହିବ ।" କନ୍ଧମାନେ କେତେ ଚାଉଳ ଏବଂ ଗୋଟାଏ ଲୁହା ଶାବଳ ଆଣି କହିଲେ—'ତୁମ୍ଭେମାନେ ବଡ଼ ଲୋକ କି ଛୋଟ ଲୋକ ଆମେ ଜାଣୁ ନାହିଁ, ତୁମକୁ କିପରି ମାନିବୁଁ ? ତୁମ୍ଭେ ଏ ଚାଉଳ ଖାଇ ଯେବେ ହୁକୁମ କରିବ ତେବେ ତୁମକୁ ମାନିବୁଁ ନାହିଁ, ଶାବଳ ଖାଇ ହୁକୁମ କଲେ ମାନିବୁ ।' ତହୁଁ ବଡ଼ଭୁଇଁ ଦେବତା-ସ୍ମରଣପୂର୍ବକ ଶାବଳକୁ ଅଗ୍ନିପରି ତେତାଇ ଖାଇଦେଲା । ତାହା ଦେଖି କନ୍ଧମାନେ ତାଙ୍କୁ ଭୟ କଲେ ଏବଂ ତାଙ୍କୁ ମାନିବେ ବୋଲି ବାଘ ଛାଲଛୁଇଁ ଶପଥ କଲେ । ବାଘଛାଲ ଛୁଇଁ ମିଛ କହିଲେ ବାଘ ଖାଇଯିବ ବୋଲି କନ୍ଧମାନଙ୍କର ଦୃଢ଼ ବିଶ୍ୱାସ । ସେ ବିଶ୍ୱାସ ଅଦ୍ୟାବଧି ଅକ୍ଷତ ଅଛି । ବାଘଗୁଡ଼ାକ ବୋଧହୁଏ ଧାର୍ମିକତା ପ୍ରତି ସର୍ବଜ୍ଞ ହୋଇଅଛନ୍ତି । ସେ ମିଛ କହୁଥାଏ, ବାଛି କରି ତାହାକୁ ଖାଆନ୍ତି । ବଡ଼ଭୁଇଁର ନାମ ଯଶୋବନ୍ତମାଝି । ପରେ କଳାହାଣ୍ଡି ରାଜା ତାଙ୍କୁ ପାତ୍ର ଉପାଧି ପ୍ରଦାନ କଲେ । କସୁରାଢ଼ ପାଟଣାରେ ରାଜଗାଦି ସ୍ଥାପନ କରି ବଡ଼ଭୁଇଁ ରାଜା ହେଲା, ଅନ୍ୟ ଭୁଇଁମାନଙ୍କୁ ପାଟଣାତୀ ଦେଲା ।

କେତେକାଳ ପରେ କଳାହାଣ୍ଡିର ପଞ୍ଚବଂଶ ରାଜା ଶ୍ରୀ ଶ୍ରୀ ଶ୍ରୀ ପୁରୁଷୋତ୍ତମ ଦେବଙ୍କର ଦ୍ୱିତୀୟ କୁମାର ଶ୍ରୀ ଶ୍ରୀ ବିଶ୍ୱନାଥ ଦେବ ଲାଞ୍ଜିଗଡ଼ରେ ଉପସ୍ଥିତ ହୋଇ ରାଜଧାନୀ ସ୍ଥାପନପୂର୍ବକ ପାହିବଂଶୀୟମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରି ଲାଞ୍ଜିଗଡ଼ ରାଜ୍ୟ ଶାସନ କରିବାକୁ ଲାଗିଲେ । ସେ ଜଣେ ଅସାଧାରଣ ବୀର ପୁରୁଷ ଥିଲେ । ଚଳଲକ୍ଷ୍ୟ ଭେଦରେ ସେ ସିଦ୍ଧହସ୍ତ । ଦ୍ରୁତଗାମୀ ଘୋଡ଼ାକୁ ଉପରେ ଆରୋହଣ କରି ସେ ଅବଲୀଳାକ୍ରମେ ହିଂସ୍ରଜନ୍ତୁ ନିପାତ କରିପାରୁଥିଲେ । ଏକଦା ସେହି ବୀରପୁଙ୍ଗବ ରାୟପୁରର ଜନୈକ ଶ୍ୱେତାଙ୍ଗ ଶାସନକର୍ତ୍ତାଙ୍କ ସମଭିବ୍ୟାହାରରେ ପାରିଧିରେ ବାହେ ହୋଇ ଯେଉଁ ଅମାନୁଷିକ ବୀରତ୍ୱର ପରିଚୟ ପ୍ରଦାନ କରିଥିଲେ ତାହା ବାସ୍ତବରେ ଆଦର୍ଶ ବୀରତ୍ୱର ପରାକାଷ୍ଠା । ସେ ବୀରତ୍ୱକାହାଣୀ ଶୁଣିଲେ ଶରୀର ରୋମାଞ୍ଚିତ ହୁଏ । ଅନ୍ତରାତ୍ମା ଭୟରେ ଥରି ଉଠେ । ସାହେବ ଗୋଟିଏ ମହାବଳ ବ୍ୟାଘ୍ରକୁ ଲକ୍ଷ୍ୟ କରି ଗୁଳି ନିକ୍ଷେପ କଲେ ; ମାତ୍ର ଗୁଳିବିଦ୍ଧ ବ୍ୟାଘ୍ର କ୍ଷିପ୍ରଗତିରେ ସାହେବଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବା ସମୟରେ ରାଜା ବିଶ୍ୱନାଥ ଦେବ ଅଶ୍ୱପୃଷ୍ଠରେ ବିଦ୍ୟୁତଗତିରେ ଅତର୍କିତ ଭାବରେ ସେଠାରେ ଉପସ୍ଥିତ ହୋଇ ତରବାରିଦ୍ୱାରା ବ୍ୟାଘ୍ରକୁ ବଧ କରିଥିଲେ । ଏହି ସଙ୍କଟାବସ୍ଥାରେ ବ୍ୟାଘ୍ର ବଧ କରି ଆସନ୍ନ ବିପଦରୁ ସାହେବଙ୍କୁ ଉଦ୍ଧାର କରିଥିବାରୁ ସେ ବିଶେଷ ତୃପ୍ତ ହୋଇ କୃତଜ୍ଞତାର ପୁରସ୍କାର ସ୍ୱରୂପ ଅଯାଚିତ ଭାବରେ ରାଜା ବିଶ୍ୱନାଥ ଦେବଙ୍କୁ ସାତଖଣ୍ଡ ଗ୍ରାମ ପ୍ରଦାନ କରିଥିଲେ । ଲାଞ୍ଜିଗଡ଼ କୋର୍ଟ ଅଫ୍ ଓ୍ୱାର୍ଡ୍ସ ଥିବା ସମୟରେ ତାହା ବନ୍ଦ ହୋଇଗଲା । ରାଜା ବିଶ୍ୱନାଥ ଦେବଙ୍କର ଛତ୍ରପତି ଦେବ ଏବଂ ରଘୁରାଜ ଦେବ ନାମରେ

ଦୁଇ ଗୋଟି ପୁତ୍ର ଥିଲେ । ଉଭୟ ଭ୍ରାତାଙ୍କ ମଧ୍ୟରେ ଖୁବ୍ ସଦ୍‌ଭାବ ଥିଲା । ସେମାନେ ରାମଲକ୍ଷ୍ମଣଙ୍କ ପରି ରହି ଥିଲେ । ଉଭୟ ଭ୍ରାତା ଉଭୟର ପ୍ରାଣ ସମ ପ୍ରିୟ ଥିଲେ । ଯେମନ୍ତ କି ଏକବୃନ୍ତରେ ଦୁଇଟି ଫଳ କିମ୍ବା ଏକ ଆତ୍ମାର ଦୁଇଟି ଦେହ । ଅଥବା ଏକ ଶବ୍ଦର ଦୁଇଟି ପ୍ରତିଶବ୍ଦ । ଅନୁଜ ଅଗ୍ରଜଙ୍କୁ ବିଶେଷ ଭକ୍ତି କରୁଥିଲେ, ଅଗ୍ରଜ ମଧ୍ୟ ଅନୁଜ ପ୍ରତି ଆନ୍ତରିକ ସ୍ନେହ-ପ୍ରବଣ ଥିଲେ । ବିଶ୍ୱନାଥ ଦେବଙ୍କ ପରେ ଛତ୍ରପତି ଦେବ ସିଂହାସନାରୋହଣ କଲେ । ରଘୁ ରାଜ ଦେବ ରାଜ କାର୍ଯ୍ୟରେ ଅଗ୍ରଜଙ୍କର ପରମ ବିଶ୍ୱାସୀ ଭାବରେ ସହାୟତା କରିବାକୁ ଲାଗିଲେ; କିନ୍ତୁ କେତେବର୍ଷ ପରେ ଛତ୍ରପତି ଦେବ ମାନବଲୀଳା ସମ୍ବରଣ କରିବାରୁ ରଘୁରାଜ ଦେବ ରାଜପଦରେ ଅଭିଷିକ୍ତ ହେଲେ । ସେ ଦୟାଳୁ, ଧାର୍ମିକ, ଦାତା ଏବଂ ପ୍ରଜାହିତୈଷୀ ନରପତି ଥିଲେ । ତାଙ୍କ ରାଜତ୍ୱ ସମୟରେ ପ୍ରଜାବର୍ଗ ସୁଖ ଶାନ୍ତିରେ କାଳ ଯାପନ କରୁଥିଲେ । ନିଃସନ୍ତାନ ଅବସ୍ଥାରେ ସେ ପରଲୋକ ପ୍ରାପ୍ତ ହେଲେ । ତହୁଁ ରାଣୀ ମହୋଦୟା ନାଗବଂଶୀୟ ଶ୍ରୀଯୁକ୍ତ ମାହେଶ୍ୱରୀପ୍ରସାଦ ଦେବଙ୍କୁ ପୋଷ୍ୟପୁତ୍ର ଗ୍ରହଣ କଲେ । ସେ କୁମାରଙ୍କୁ ଅତ୍ୟନ୍ତ ସ୍ନେହଚକ୍ଷୁରେ ଦେଖୁଥିଲେ ଏବଂ ନିଜ ଗର୍ଭଜାତ ସନ୍ତାନ ପରି ମଣୁଥିଲେ । ବୃଦ୍ଧାବସ୍ଥାରେ ରାଣୀ ତୀର୍ଥଯାତ୍ରାରେ ବହିର୍ଗତ ହେଲେ । ସ୍ନେହବଶତଃ ନେହପିତୁଲୀ ପୁତ୍ରଙ୍କୁ ମଧ୍ୟ ସଙ୍ଗରେ ନେଇଗଲେ; ମାତ୍ର ଦୈବଦୁର୍ବିପାକରୁ ବୈଦ୍ୟନାଥ ଧାମରେ ଧାର୍ମିକା ବୃଦ୍ଧା ରାଣୀଙ୍କର ତିରୋଧାନ ଘଟିଲା । ରାଜକୁମାର ରାଜ୍ୟକୁ ଫେରି ଆସି ଦେଖିଲେ ନଅରର ସର୍ବସ୍ୱ ଅପହୃତ ହୋଇଅଛି । ନଅର ଶୂନ୍ୟ ହୋଇ ପଡ଼ିଅଛି । ମାତୃଶୋକାକୁଳ ବାଳକ ରାଜକୁମାରଙ୍କୁ ଏକ ବିଷମ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଲା । ଏ ସମୟରେ ତାଙ୍କର ମନର ଅବସ୍ଥା କିପରି ହୋଇଥିବ, ତାହା ବର୍ଣ୍ଣନାତୀତ; ମାତ୍ର ସେ ଅଧୈର୍ଯ୍ୟ ନ ହୋଇ ଶିକ୍ଷାଲାଭ ସକାଶେ ସମ୍ବଲପୁର ହାଇସ୍କୁଲକୁ ଗମନ କଲେ । ଅସାଧାରଣ ପ୍ରତ୍ୟୁତ୍ପନ୍ନମତି ଏବଂ ପ୍ରଖର ପ୍ରତିଭା ବଳରେ ସେ ଅଳ୍ପ ସମୟ ମଧ୍ୟରେ ସାଧାରଣ ଶିକ୍ଷା ଏବଂ ରାଜନୀତି ଶିକ୍ଷା ସମାପନ କରି ଫେରିଆସି ରାଜ୍ୟଭାର ଗ୍ରହଣ କଲେ । ତାଙ୍କର ଆତ୍ମନିର୍ଭରଶୀଳତା ଅଲୌକିକ । ଅତୀବ ନିଃସ୍ୱ ଅବସ୍ଥାରୁ ତାଙ୍କୁ ଉଠିବାକୁ ହୋଇଅଛି । ନୈରାଶ୍ୟ ତାଙ୍କୁ ଛୁଇଁବାକୁ ସାହସୀ ହୋଇ ନାହିଁ । ପୌରୁଷ ନିକଟରେ ନୈରାଶ୍ୟର ପ୍ରଭାବ ମ୍ଳାନତ୍ୱ ପ୍ରାପ୍ତ ହୋଇଅଛି । ସତ୍‌ସାହସୀ ବ୍ୟକ୍ତିଙ୍କର ଦୈବ ଅନୁକୂଳ ହୁଏ । ସ୍ୱୀୟ କର୍ମଦ୍ୱାରା ସେ ଅଦୃଷ୍ଟ ଗଠନ କରିଅଛନ୍ତି । "ରାଜା ରାଜ୍ୟାଶ୍ରମ ଋଷି" ଏ ମହାବାଣୀ ତାଙ୍କଠାରେ ସାର୍ଥକ ହୋଇଅଛି । ବାସ୍ତବରେ ସେ ଜଣେ ଉଚ୍ଚ ଯୋଗୀ ପୁରୁଷସିଂହ । ଭବିଷ୍ୟତରେ କୀର୍ତ୍ତିଧ୍ୱଜା ଉଡ୍ଡୀନ କରିବା ଯାହାଙ୍କର ବିଧିଲିଖିତ ଭାଗ୍ୟଲିପି ଛର ନୈରାଶ୍ୟ ତାଙ୍କ ପଥରେ ନୀଚ କଣ୍ଟକଠାରୁ ହୀନତର । ବିଧାତା ଯାହାଙ୍କୁ ଦୁର୍ଲଭ ଯଶଃଶ୍ରୀମଣ୍ଡନ କରିବାକୁ ଇଚ୍ଛା କରନ୍ତି, ସକଳ ଶୁଭଗୁଣ ଏବଂ ବିଦ୍ୟା ତାଙ୍କ ସଙ୍ଗରେ ଦେଇ ପ୍ରେରଣ କରିଥାଆନ୍ତି । ସକଳ ପ୍ରକାର ଉନ୍ନତି ତାଙ୍କର ସହଜାତ ଶକ୍ତିରେ ସାଧିତ ହୁଏ ।

ରାଜ୍ୟଭାର ଗ୍ରହଣ କରି ନବ ନୃପତି ପ୍ରଜାକୁଳର ଉନ୍ନତି ଏବଂ ନ୍ୟାଯ୍ୟ ଉପାୟରେ ଅର୍ଥାଗମ ପ୍ରତି ଯତ୍ନଶୀଳ ହେଲେ । କୃଷିର ଉନ୍ନତି ପ୍ରତି ତାଙ୍କର ଦୃଷ୍ଟି ପଡ଼ିଲା । ସେ ଜଣେ ବିଶେଷ କୃଷିପ୍ରିୟ ବ୍ୟକ୍ତି । ବୃହତ୍ ଖମାର ସ୍ଥାପନ କରି ସେଥିରେ ନାନା ପ୍ରକାର କୃଷିର ବ୍ୟବସ୍ଥା କଲେ । ତାହା ଗୋଟିଏ ଗୋଟିଏ ବିସ୍ତୃତ ଆଦର୍ଶ କୃଷିକ୍ଷେତ୍ର । ପ୍ରଜାମାନେ ଖମାରରେ କାମ କରି ମୂଲ ପାଇଲେ ଏବଂ ଉନ୍ନତଧରଣର କୃଷିକାର୍ଯ୍ୟ ଶିଖିଲେ । ନିଜେ ନିଜେ ସେହିପରି କୃଷି କରି ସେମାନେ ଲାଭବାନ୍ ହେଲେ । ରାଜକୋଷ ମଧ୍ୟ ପୁଷ୍ଟ ହେବାକୁ ଲାଗିଲା । ଚତୁର ନୃପତି ନାନା ସଦୁପାୟରେ ଅର୍ଥାଗମର ପନ୍ଥା ଉଦ୍ଭାବନ କରିନେଲେ । ଲାଞ୍ଜିଗଡ଼ରେ ପକ୍କା ଘର ନ ଥିଲା । ରାଜବାଟୀ ଝିଙ୍କର ଘର ଥିଲା । କ୍ରମେ କ୍ରମେ କୋଠା ବଙ୍ଗଳା, ଦେଉଳ, ମଣ୍ଡପାଦି ନିର୍ମିତ ହେଲା । ରାଜା ମାହେଶ୍ୱରୀପ୍ରସାଦ ଦେବ ବର୍ତ୍ତମାନ ରାଜଧାନୀକୁ ଗୋଟିଏ ସୁନ୍ଦର, ସଜ୍ଜିତ କ୍ଷୁଦ୍ର ସହରରେ ପରିଣତ କରିଅଛନ୍ତି । ଅଳ୍ପ ଆୟରେ

ଅଳ୍ପ ସମୟ ମଧ୍ୟରେ ନିଜର କୌଳିକ ରାଜମର୍ଯ୍ୟାଦା ରକ୍ଷା କରି ସେ ଯାହା କରିଅଛନ୍ତି, ଅନ୍ୟ ପକ୍ଷରେ ତାହା ଶତାବ୍ଦୀକାଳ ମଧ୍ୟରେ ସମ୍ଭବପର ନୁହେଁ । ସେ ଜଣେ ଯୋଗଜନ୍ମା ରାଜା । ଗୋଟାଏ ବୃହତ୍ ରାଜ୍ୟ ପାଇଥିଲେ ସେ ତାଙ୍କର ରାଜମହତ୍ତ୍ୱର ଆଦର୍ଶ ଦେଖାଇ ଜଗତକୁ ଚମତ୍କୃତ କରିପାରିଥାନ୍ତେ । ତାଙ୍କର ପ୍ରତିଭାର ବିଶେଷତ୍ୱ ସେ ସାମାନ୍ୟ ଆୟରେ ଯଥେଷ୍ଟ ଦେଖାଇଅଛନ୍ତି । ଅନ୍ୟବିଧ ଉନ୍ନତିର କଥା ମୁଁ ଆଲୋଚନା କରୁନାହିଁ । ମୁଁ ଜଣେ ଦୀନ ସାହିତ୍ୟସେବକ, ସାହିତ୍ୟ ହିଁ ମୋର ଲକ୍ଷ୍ୟ । ସେହି ଭାବରେ କହିଲେ ରାଜା ମହୋଦୟ ଲକ୍ଷପତି କି କୋଟିପତି ହୋଇଥିଲେ ମାତୃସାହିତ୍ୟର ପରିପୁଷ୍ଟି ସେହି କେବଳ କରିପାରିଥାଆନ୍ତେ । ସାହିତ୍ୟରେ ସେ ଯାହା କରିଅଛନ୍ତି, ଅନେକ ବଡ଼ ବଡ଼ ରାଜା, ମହାରାଜା ତାହା କରିପାରି ନାହାନ୍ତି । ସାହିତ୍ୟର ଉନ୍ନତି ସକଳ ଉନ୍ନତିର ଜନନୀ, ଏହା ସେ ଭଲରୂପେ ଜାଣନ୍ତି ।

ରାଜାସାହେବ ଜଣେ ସାହିତ୍ୟିକ । ସାହିତ୍ୟାଲୋଚନା ତାଙ୍କର ଗୋଟିଏ ନିତ୍ୟ ନିୟମିତ କର୍ତ୍ତବ୍ୟ । ଯେ ସାହିତ୍ୟର ଆଲୋଚନା କରନ୍ତି, ଯେଥିରେ ପ୍ରୀତିଲାଭ କରନ୍ତି; ପୁଣି ସତ୍‌ସାହିତ୍ୟର ପ୍ରବୃଦ୍ଧି ଓ ପ୍ରକାଶରେ ସହାୟତା କରନ୍ତି, ତାଙ୍କଠାରୁ ବଳି ସାହିତ୍ୟିକ କିଏ ? ସାହିତ୍ୟ ଲେଖକ ଅପେକ୍ଷା ସାହିତ୍ୟପ୍ରକାଶକର ଗୌରବ ଅଧିକ । ରାଜା ମାହେଶ୍ୱରୀପ୍ରସାଦଙ୍କର ତୀକ୍ଷ୍ଣ ସ୍ମରଣ ଶକ୍ତି ଦେଖି ମୁଁ ବାସ୍ତବରେ ମୁଗ୍‌ଧ ସ୍ତମ୍ଭିତ ହୋଇଅଛି । କେଉଁ ପୁସ୍ତକର କେଉଁ ଅଂଶରେ କି ବିଷୟ ଆଲୋଚିତ ହୋଇଅଛି, ତାହା ସବୁ ତାଙ୍କ ନଖ ଦର୍ପଣରେ ପ୍ରତି-ବିମ୍ବିତ ଅଛି । ମୋର ଅନେକ ବଡ ବଡ ପୁସ୍ତକ ସେ ବହୁ ଅର୍ଥ ବ୍ୟୟରେ ପ୍ରକାଶ କରିଅଛନ୍ତି । କେତେ ପୁସ୍ତକ ରଚିତ କରି ଲେଖାଇନେଇ ମଧ୍ୟ ପ୍ରକାଶ କରିଅଛନ୍ତି । କେବଳ ଏତିକି ନୁହେଁ, ପ୍ରାୟ ଦଶବର୍ଷକାଳ ସେ ମୋତେ ମାସିକ କୋଡିଏ ଟଙ୍କା ଲେଖାଏଁ ସାହାଯ୍ୟ ଦାନ କରିଥିଲେ, ଅଦ୍ୟାବଧି ମଧ୍ୟ ସାମୟିକ ଅର୍ଥସାହାଯ୍ୟ କରୁଅଛନ୍ତି । ରାଜା ମହୋଦୟଙ୍କ ଅର୍ଥସାହାଯ୍ୟରେ ମୋର ଗ୍ରନ୍ଥାବଳୀ ମୁଦ୍ରିତ ହେଉଅଛି । ଗ୍ରନ୍ଥାବଳୀ ପ୍ରକାଶର ପ୍ରଧାନ ଉତ୍ସାହଦାତା ମଧ୍ୟ ସେହି । ତାଙ୍କଠାରୁ ସାହାଯ୍ୟ ସହାନୁଭୂତି ପାଇ ନ ଥିଲେ ମୁଁ ଗ୍ରନ୍ଥାବଳୀ ପ୍ରକାଶ କରିବାକୁ କଦାଚ ସାହସୀ ହୋଇ ନ ଥାନ୍ତି । ତାଙ୍କରି ଜୀବନ୍ତ ଉତ୍ସାହ ଜରାଜୀର୍ଣ୍ଣ ଅବସ୍ଥାରେ ଅଦ୍ୟାପି ମୋତେ କର୍ତ୍ତବ୍ୟପଥରେ ଅଗ୍ରସର କରି ରଖିଅଛି । ମନୁଷ୍ୟ ଜାତିସ୍ମର ହୋଇଥିଲେ ମୁଁ ଭାବୀ ଜନ୍ମରେ ମୁଦ୍ଧା ତାଙ୍କର ଏ ମହୋପକାର ସ୍ମରଣ କରି, ଉଦ୍ଦେଶ୍ୟରେ ତାଙ୍କୁ ପୂଜାର ଅର୍ଘ୍ୟ ଏବଂ ଭକ୍ତିର ପୁଷ୍ପାଞ୍ଜଳି ଅର୍ପଣ କରି, ନିଜକୁ ଧନ୍ୟ ମନେ କରନ୍ତି । ରାଜା ମହୋଦୟ ସବୁବେଳେ କାର୍ଯ୍ୟବ୍ୟସ୍ତ, ତହିଁ ଉପରେ ପୁଣି ସମ୍ବାଦପତ୍ର ଏବଂ ସାମୟିକ ପତ୍ର ଗୋଛ ଗୋଛ ପଢ଼ାହୁଏ । ରାଜାସାହେବଙ୍କର ଉତ୍କଳୀୟ ସମସ୍ତ ପତ୍ରପତ୍ରିକା ଆସେ । ଲେଖକ ବୃଦ୍ଧି କାମନାରେ ପ୍ରବନ୍ଧ ନିର୍ବାଚନ କରି ସମୟ ସମୟରେ ସେ ପୁରସ୍କାର ଘୋଷଣା କରନ୍ତି । ସାହିତ୍ୟକ୍ଷେତ୍ରରେ ଏରୂପ ପ୍ରତି-ଯୋଗିତା ବାଞ୍ଛନୀୟ । ତଦ୍ଦ୍ୱାରା ଲେଖକମାନଙ୍କର ଉତ୍ସାହ ବଢେ ।

ଉତ୍କଳୀୟ ସମସ୍ତ ପତ୍ରପତ୍ରିକା ବ୍ୟତୀତ ବଙ୍ଗଳାର ପ୍ରସିଦ୍ଧ ମାସିକ ପତ୍ରିକା, ଅନେକ ଇଂରେଜୀ ଏବଂ ହିନ୍ଦୀ ପତ୍ରିକା ରାଜା ସାହେବ ନିୟମିତ ରୂପେ ପାଠ କରିଥାଆନ୍ତି । ଖାଲି ପାଠ କରନ୍ତି ନାହିଁ—ଘଟଣା ପରମ୍ପରା ଏପରି ସ୍ମରଣ ରଖିଥାଆନ୍ତି, ତାହା ଯେ ରାଜା ସାହେବଙ୍କ ସହ କଥୋପକଥନର ସୁଯୋଗ ପାଇଛି ସେ ବେଶ ହୃଦୟଙ୍ଗମ କରିପାରିବ । ସାଧାରଣ ପତ୍ରପତ୍ରିକା ପାଠକମାନେ ଏପରି ସ୍ମରଣ ରଖିବାର ଶୁଣାଯାଏ ନାହିଁ; ବିଶେଷତଃ ରାଜନ୍ୟ ସମାଜରେ ଏପରି ପତ୍ରିକାପଠନସ୍ପୃହା ଖୁବ କମ୍ ରାଜପୁରୁଷଙ୍କର ଥାଇ-ପାରେ । ସେ ରୀତିମତ ପତ୍ରିକାପାଠକ ଯୋଗୁଁ ଦେଶର ହାଲଚାଲ, ଦୁନିଆର ପରିସ୍ଥିତି, ରାଜନୀତି, ଅର୍ଥନୀତି, ସମାଜନୀତି ପ୍ରଭୃତି ସମ୍ୟକ୍ ଅବଗତ ଥାଆନ୍ତି । ତାଙ୍କର ପ୍ରଖର ସ୍ମରଣଶକ୍ତି ଦେଖି ଅବାକ ହେବାକୁ ହୁଏ । ଏତ ଗଲା ପତ୍ରିକାପାଠ କଥା, ଏପରି କୌଣସି ପ୍ରକାଶିତ ଓଡ଼ିଆ ପୁସ୍ତକ ନାହିଁ, ଯାହା କି ରାଜାସାହେବ ଅଧ୍ୟୟନ କରି ନାହାନ୍ତି । ଓଡ଼ିଆପତ୍ରିକାରେ କୌଣସି ନୂତନ ପୁସ୍ତକ ପ୍ରକାଶିତ ହୋଇଥିବାର ଅବଗତ ହେଲକ୍ଷଣି ସେ ତାହା

କରି ପଡନ୍ତି । ଲଞ୍ଜିଗଡ଼ରାଜା ଶ୍ରୀ ଶ୍ରୀ ଶ୍ରୀ ମାହେଶ୍ୱରୀ-ପ୍ରସାଦ ଦେବଙ୍କୁ ଭେଟିଦେଲେ ଏ ସୁରାଜ୍ତ କେବଳ ଜୟପୁର ମହାରାଜ ସାହିତ୍ୟସମ୍ରାଟ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟଙ୍କଠାରେ ଦୃଷ୍ଟ ହୁଏ । ରାଜା ମାହେଶ୍ୱରୀ-ପ୍ରସାଦଙ୍କର ଓଡ଼ିଆ ସାହିତ୍ୟପ୍ରୀତି ଅସାଧାରଣ କହିଲେ ଅତିରଞ୍ଜିତ ହେବ ନାହିଁ । ସେ ମହୋଦୟ ଉତ୍କଳ ସାହିତ୍ୟର ଜୀବନ୍ତ ଉତ୍ସାହଦାତା ,ତାଙ୍କର ପୃଷ୍ଠପୋଷକତାରେ ଅନେକ ସଦ୍‌ଗ୍ରନ୍ଥ ପ୍ରକାଶିତ ହୋଇ ଦୀନ ଉତ୍କଳ ସାହିତ୍ୟକୁ ପରିପୁଷ୍ଟ କରିଅଛି । ସେଥିପାଇଁ ପ୍ରାକୃତିକ ଉତ୍କଳର ଲେଖକ ଲେଖିକାମାନେ ନିଜ ନିଜ ରଚନା ମୁଦ୍ରଣ କରିବାପାଇଁ ସାହାଯ୍ୟପ୍ରାର୍ଥୀ ହୋଇଥାନ୍ତି । ଯେଉଁ ପୁସ୍ତକ ମୁଦ୍ରିତ ହେଲେ ଦେଶର ତଥା ମାତୃସାହିତ୍ୟର ଶ୍ରୀବୃଦ୍ଧି ସାଧିତ ହେବବୋଲି ରାଜା ସାହେବଙ୍କର ଧାରଣା ହୁଏ, ସେ ସେହି ପୁସ୍ତକ ଅକୁଣ୍ଠିତ ଚିତ୍ତରେ ଛପାଇଦେବାକୁ ଅନୁମତି ପ୍ରଦାନ କରିଥାନ୍ତି କିମ୍ବା ତାହାକୁ କିଛି ପୁରସ୍କାର ଦେଇ ପାଣ୍ଡୁଲିପି ଫେରାଇ ଦିଅନ୍ତି । ଅଳ୍ପଦିନ ପୂର୍ବେ ପ୍ରବୀଣ ସାହିତ୍ୟିକ ରାୟବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ରଭାଷାକୋଷର ମୁଦ୍ରଣ ସାହାଯ୍ୟାର୍ଥେ ଉଦାର ଚିତ୍ତରେ ପାଞ୍ଚଶତ ଟଙ୍କା ସାହାଯ୍ୟପ୍ରଦାନ କରିଅଛନ୍ତି । ତାଙ୍କଭଳି କ୍ଷୁଦ୍ର ରାଜ୍ୟର ରାଜାଙ୍କ ପକ୍ଷେ ପାଞ୍ଚଶ ଟଙ୍କା କମ ନୁହେଁ । ସେଥିପାଇଁ ମୁଁ ରାଜା ସାହେବଙ୍କୁ ଅନ୍ତରର ସାଧୁବାଦ ଜ୍ଞାପନ ନ କରି ରହିପାରୁ ନାହିଁ । ଏତଦ୍‌ବ୍ୟତୀତ ଦେଶର ସାଧାରଣ ଅନୁଷ୍ଠାନମାନଙ୍କୁ ମଧ ଶକ୍ତି ସାମର୍ଥ୍ୟ ଅନୁସାରେ ସାହାଯ୍ୟ ପ୍ରଦାନ କରିଥାଆନ୍ତି । ସେଦିନ ମହାମାନ୍ୟ ବଡ଼ଲାଟ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କ ପ୍ରତିଷ୍ଠିତ ଯକ୍ଷ୍ମାନିବାରଣୀପାଣ୍ଠିକୁ ସାଢେ ଛ ଶତ ଟଙ୍କା ସାହାଯ୍ୟ ପ୍ରଦାନ କରି ମହାନୁଭବତା ଏବଂ ଉଚ୍ଚ ଆଦର୍ଶ ହୃଦୟବତ୍ତାର ପରିଚୟ ପ୍ରଦାନ କରିଅଛନ୍ତି ।

ରାଜା ମହୋଦୟ କୃଷିପ୍ରିୟ, ଏହା ପୂର୍ବରୁ କହିଅଛି । କୃଷିବିଦ୍ୟାରେ ତାଙ୍କର ଗବେଷଣା କୃଷି କଲେଜରେ ପଢି ଆସିଥିବା ବ୍ୟକ୍ତିମାନଙ୍କଠାରୁ ଅଧିକ ହୋଇପାରେ; ମାତ୍ର ଭଣା ନୁହେଁ । ମନୁଷ୍ୟ କର୍ମ କରିବା ପାଇଁ ଏ ସଂସାର କର୍ମକ୍ଷେତ୍ରକୁ ଆସିଅଛି— ବସିରହିବା ପାଇଁ କିମ୍ବା ବିଳାସ କୌତୁକରେ ମାତିବା ପାଇ ଆସି ନାହିଁ । କର୍ମହିଁ ଜୀବନର ପ୍ରଧାନ ଯୋଗ । କର୍ମଯୋଗୀଏକା କର୍ମର ତପସ୍ୟା କରିଜାଣେ । ଯେ କର୍ମର ସେବକ ହୁଏ, କର୍ମ ବି ତାହାର ସେବକ ହୁଏ । କର୍ମ ପ୍ରତ୍ୟକ୍ଷ, ସଦ୍ୟ ଫଳଦାତା । କର୍ମ ମନୁଷ୍ୟକୁ ବଞ୍ଚାଇରଖେ ଏବଂ ବଢାଏ । କର୍ମ ହିଁ ଜୀବନର ପୁଷ୍ଟିକର ଖାଦ୍ୟ । ଯେ ଆଳସ୍ୟର ଦାସ, ଆଳସ୍ୟ ତାକୁ ଖାଇଦିଏ । କର୍ମରେ ଯେଉଁ ସୁଖ ଏବଂ ଆନନ୍ଦ ଥାଏ ତାହା ସଂସାରରେ ଦୁର୍ଲ୍ଲଭ ।

ପାରିଧି ରାଜିଙ୍କର କେବଳ ବ୍ୟସନ ନୁହେଁ, ତାହା ଗୋଟାଏ କର୍ତ୍ତବ୍ୟ ମଧ୍ୟରେ ପରିଗଣିତ । ଶସ୍ୟ-ନଷ୍ଟକାରୀ ଏବଂ ଜନହନ୍ତା ଦୁଷ୍ଟ ପଶୁମାନଙ୍କୁ ମାରିବା ରାଜ୍ୟରକ୍ଷା ସକାଶେ ଆବଶ୍ୟକ । ରାଜା ମହୋଦୟ ପାରିଧିରେ ସିଦ୍ଧହସ୍ତ । ପିତାମହ ବିଶ୍ୱନାଥ ଦେବଙ୍କର ଶୌର୍ଯ୍ୟ ଏବଂ ସାହସିକତା ପୌତ୍ରଙ୍କୁ ଆଶ୍ରୟ କରିଅଛି । ରାଜା ମାହେଶ୍ୱରୀପ୍ରସାଦ ଦେବ ଅନେକ ବାଘ, ଭାଲୁ, କସ୍ତୁରୀ ପ୍ରଭୃତି ହିଂସ୍ର ଜନ୍ତୁ ବଧ କରିଅଛନ୍ତି ।

ରାଜା ସାହେବଙ୍କର ବେଶ, ଭୂଷା, ବ୍ୟବହାର ଓ କଥୋପକଥନ ଏପରି ନିରାଡମ୍ବର ସରଳ ଉଦାର ଯେ, ତାଙ୍କୁ କେହି ନବାଗନ୍ତୁକ ପ୍ରଥମ ଦୃଷ୍ଟିରେ ରାଜପୁରୁଷ ବୋଲି ସହଜରେ ଠଉରାଇପାରିବ ନାହିଁ । ରାଜା ମହୋଦୟ ପ୍ରାୟ ପ୍ରତ୍ୟହ ଖମାରଠାକୁ ଯାଇ ଦୈନିକ କାର୍ଯ୍ୟକ୍ରମର ତନ୍ନ ତନ୍ନ ଖବର ନିଅନ୍ତି । ପରଦିନ କି କି କାର୍ଯ୍ୟ କରିବାକୁ ପଡିବ, ସେଥିର ବରାଦ ମଧ୍ୟ କରିଆସନ୍ତି । ଏତଦ୍‌ବ୍ୟତୀତ ଯେଉଁଠାରେ ଯେଉଁ କାର୍ଯ୍ୟ ଚାଲିଥାଏ, ସେଠାକୁ ଯାଇ ସେଥିର ତତ୍ତ୍ୱ ମଧ୍ୟ ନିଅନ୍ତି । ରାଜା ସାହେବ ସାରାଦିନ ସର୍ବଦା କର୍ମତତ୍ପର ଥିବାର ଦେଖାଯାଆନ୍ତି । ଆଳସ୍ୟ ଭୟରେ ଯେମିତି ତାଙ୍କ ପାଖ ପଶିପାରେ ନାହିଁ । ରାଜା ସାହେବଙ୍କର ଆଳସ୍ୟ ବର୍ଜନ ଦେଖି ସ୍ୱତଃ ମନରେ ଉଦିତ ହୁଏ—

ଆସୁଥିଲେ ପ୍ରଚ୍ଛନ୍ନରେ ଆଳସ୍ୟ ବିଳାସ<br>
ଆକ୍ରମିବେ ବୋଲି ତାଙ୍କୁ; ମାତ୍ର ତାହାଙ୍କର<br>
ଦୃଷ୍ଟିର ପ୍ରଖର ତେଜେ ଅନ୍ଧ ହୋଇ ଦୁହେଁ<br>
ପଳାଇଲେ ପଛ ଉଠି ଅସମ୍ଭାଳ ଭୟେ ।

ଦିବା ନିଦ୍ରା ରାଜା ସାହେବଙ୍କ କୋଷ୍ଠୀରେ ନାହିଁ । ଯେ କର୍ତ୍ତବ୍ୟବିମୁଖ, ଆଳସ୍ୟର କ୍ରୀଡ଼ାପୁତ୍ତଳି ସେ ଦିନା

ତତ୍ତ୍ୱାନଦ୍ରାଙ୍କୁ ପରମାତ୍ମୀୟ ଜ୍ଞାନ କରେ, ଅନ୍ୟଥା କର୍ତ୍ତବ୍ୟବତ୍ପର ମନୀଷୀଙ୍କ ନିକଟରେ ସେ ଘୋର ଶତ୍ରୁ । ଏ ସଂସାର କର୍ମକ୍ଷେତ୍ର, କର୍ମ କରିବା ପାଇଁ ମନୁଷ୍ୟ ସଂସାରକୁ ଆସିଛି । ଯେ ସର୍ବଦା କର୍ମରେ ବ୍ୟାପୃତ ଥାଏ ବିଧିକୃପା ତାହା ମସ୍ତକ ଉପରେ ଅଲକ୍ଷ୍ୟରେ ବର୍ଷିତ ହୁଏ । ବାସ୍ତବରେ ଯେ କର୍ମହୀନ ବା କର୍ମବିମୁଖ ସେ ସଂସାରର ମଳାଙ୍ଗ ସଦୃଶ । ରାଜା ସାହେବଙ୍କୁ ସର୍ବଦା କର୍ମତତ୍ପର ଦେଖି ଆପଣାକୁ ଲଜ୍ଜା ବୋଧହୁଏ । ସେଦିନ ଉଆସ ଅଗଣାରେ ନିଜର ବ୍ୟବହାରାର୍ଥେ ଖଇର ପ୍ରସ୍ତୁତ ହେଉଥିବାର ଦେଖି ମୁଁ ଅନିର୍ବଚନୀୟ ଆନନ୍ଦ ଅନୁଭବ କଲି । ଖଇର ଗଛକୁ ଖଣ୍ଡ ଖଣ୍ଡ କରି କାଟି ବଡ ବଡ ମୃତ୍ତିକା ପାତ୍ରରେ ସିଦ୍ଧ କରି ଖଇର ପ୍ରସ୍ତୁତ ହେଉଥାଏ । ମୁଁ ଉତ୍କଣ୍ଠା ସମ୍ବରଣ କରି ନ ପାରି ପ୍ରସ୍ତୁତପ୍ରଣାଳୀ ଦେଖିଲି । ଏ ପ୍ରାକୃତିକ ଉତ୍କଳରେ ସାନ ବଡ଼ ଅନେକ ରାଜା ମହାରାଜା ଅଛନ୍ତି , ସେମାନଙ୍କ ରାଜ୍ୟରେ ଖଇର ଗଛ ଅପର୍ଯ୍ୟାପ୍ତ ପରିମାଣରେ ଅଛି । ସେମାନେ ପ୍ରତିବର୍ଷ ନିଲାମ ଦେଇ ସେଥିରୁ ପ୍ରଚୁର ଆୟ ମଧ୍ୟ କରନ୍ତି; ମାତ୍ର ରାଜପରିବାରର ବ୍ୟବହାର ପାଇଁ ବଜାରରୁ ଖଇର କ୍ରୟ କରାଯାଇଥାଏ । କେହି କେବେ ଖଇର ଆପଣା ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଇବାର ଶୁଣାଯାଏ ନାହିଁ । ଏ କଥା ଅବଶ୍ୟ ଅନେକଙ୍କୁ କୁତ୍ସିତର ବୋଧ ହୋଇ ନ ପାରେ;ମାତ୍ର ଏହା ନିଃସନ୍ଦେହ ଖାଣ୍ଟି ସତ୍ୟ ଯେ, ଆପଣାର ଅଭାବ ଆପେ ପୂରଣ କରିବା ପୌରୁଷର କାର୍ଯ୍ୟ । ତାହା କଦାପି ହୀନ ଜଘନ୍ୟ ବୃତ୍ତି ନୁହେଁ । ଆଜିକାଲିକାର ଏ ପଠନ-ମୂଳକ ସଭ୍ୟତାରେ ଯେ ଆପଣାର ଅଭାବ ଆପେ ଆପେ ତୁଲାଇପାରୁଛି ସେ ବାହାଦୁରି ନେଉଛି । ଯେ ଅଭାବ ସହିତ ସଂଗ୍ରାମ କରି ତାହା ପୂର୍ଣ୍ଣ କରି ଯଶଶ୍ରୀମଣ୍ଡିତ ହେଉଛି, ସେ ସୁଖ ଶାନ୍ତିରେ କାଳ କଟାଇପାରୁଛି ।

ରାଜା ମହୋଦୟଙ୍କର ଦୁଇ ରାଣୀ ବର୍ତ୍ତମାନ, ଉଭୟେ ତାଙ୍କର ଉପଯୁକ୍ତ ସହଧର୍ମିଣୀ । ଦୀନ ଦୁଃଖୀ ପକ୍ଷରେ ସେମାନେ ସାକ୍ଷାତ ଅନ୍ନପୂର୍ଣ୍ଣା ଦେବୀ । ରାଜାଙ୍କର ଏକମାତ୍ର ଆୟୁଷ୍ମତୀ କନ୍ୟା ବିଶାଳ ସୋନପୁର ରାଜ୍ୟର ଯୁବରାଜ୍ଞୀ । ତାଙ୍କର ଗୋଟିଏ କୁମାର ଏବଂ ଦୁଇଗୋଟି କେମା । କୁମାରଙ୍କ ଦ୍ୟୁଘ ଶିକାର ବର୍ଣ୍ଣନା ଯଥାସ୍ଥଳରେ ଲିଖିତ ହୋଇଅଛି ।

ଲକ୍ଷ୍ମୀଗଡ଼ରେ ମୁଁ ପାଞ୍ଚ ଦିନ ମାତ୍ର ଥିଲି । ରାଜା ମହୋଦୟଙ୍କ ସୌଜନ୍ୟ, ଶିଷ୍ଟାଚାର ଏବଂ ସ୍ନେହ ବ୍ୟବହାରରେ ମୁଁ ଯତ୍ପରୋନାସ୍ତି ପ୍ରୀତ ହୋଇଅଛି । ରାଜପ୍ରାଣରେ ଦେବତ୍ୱ ମୁଁ ତାଙ୍କଠାରେ ସୁଲଭ ଦେଖିଲି । ତାଙ୍କର ସାରଲ୍ୟ ଏବଂ ରଶ୍ମିପ୍ରଦୀପ୍ତ ଶାନ୍ତ ମୂର୍ତ୍ତି ଦେଖିଲାକ୍ଷଣି ହୃଦୟରେ ସ୍ୱତଃ ଭକ୍ତି ଜାତ ହୁଏ । ପ୍ରଥମାଷ୍ଟମୀ ଦିନ ମୁଁ ରାଜାଙ୍କଠାରୁ ବିଦାୟ ନେଇ ଆସିଲି । ଆମ୍ଭେମାନେ ଅରଣ୍ୟ ପଥରେ ମୋଟର ଯାନରେ ବସି ଅମ୍ବାଦୋଲା ଷ୍ଟେସନକୁ ଆସିଲୁ । ଯେଉଁ ପଥରେ ଲଞ୍ଜିଗଡ଼ ଯାଇଥିଲି , ଏ ପଥ ତାହାଠାରୁ ଭୀଷଣ । ମୋର ଅନୁଜ ଏବଂ ପୁତ୍ର ଏହି ପଥରେ ରାତିରେ [illegible] ଫିରା-ବେଳେ ଯେଉଁଠାରେ ବାଘ ଦେଖିଥିଲେ, ସୋମନାଥ ମୋତେ ସେହି ସ୍ଥାନ ଦେଖାଇଦେଲା । ବାସ୍ତବରେ ତାହା ଶାର୍ଦ୍ଦୂଳଙ୍କର ଦୁର୍ଭେଦ୍ୟ ଦୁର୍ଗର ଉପଯୁକ୍ତ ସ୍ଥାନ । ରାତି [illegible]ବେଳେ ରେଲରେ ବସି ପରଦିନ ସକାଳ । ଟାରେଟେଲ ଆସି ବିଜୟ ନଗରରେ ଓହ୍ଲାଇବାକୁ ହେଲା । ସେଠାରେ ଅପରାହ୍ଣ ପାଞ୍ଚଟାପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା । ପାଞ୍ଚଟାବେଳେ ଡାକଗାଡ଼ି ଆସିଲା, ସେଥିରେ ଆମ୍ଭେମାନେ ଭଦ୍ରକ ଆସିଲୁ । ରାତି ଗୋଟାକବେଳେ ରେଳ ଭଦ୍ରକ ଷ୍ଟେସନରେ ପହଞ୍ଚିଲା । ଆମ୍ଭେମାନେ ଓହ୍ଲାଇ ଷ୍ଟେସନ [illegible] ଆସିଲୁଁ । ସେଦିନ ଉତ୍କଳ [illegible]ଦେଶର ପ୍ରଥମ [illegible] ମହାମନ୍ତ୍ରୀ ସାର ଜନ୍ [illegible] ମହୋଦୟ [illegible] କଟକ ଫେରିଯାଇଥିଲେ । ତାଙ୍କର [illegible] ଆଗମନର ଶୁଭସୂଚକ ସୁନ୍ଦର ତୋରଣ ଷ୍ଟେସନ ପାଖରେ ଦେଖିଲି । ସେଠାରୁ ସୁର[illegible]ଜନସୋଭିତ ସ୍ୱଚ୍ଛ ରଥରେ ବସି ର[illegible] ଭୈରବୀରାଗିଣୀ ଶୁଣି ଶୁଣି ଓ ରଥର ବିକଟ ନୃତ୍ୟ ଉପଭୋଗ କରି କରି ଅଢେଇଟାବେଳେ ଆସି ଆମ୍ଭେମାନେ ଘରେ ପହଞ୍ଚିଲୁଁ ।

Printed by B. K. Kar, B. A. at the Saraswata Press Cuttack –1935